# ପ୍ରସ୍ତାବନା

ନୂତନ ନିୟମର ଏହି ଭାଷାନ୍ତର ବିଶେଷଭାବରେ ସାଧାରଣ ଲୋକ, ପିଲାମାନଙ୍କ ପାଇଁ ଓ ଯେଉଁମାନେ ପଢ଼ିବା ଆରମ୍ଭ କରିଛନ୍ତି; ସେହିମାନଙ୍କୁ ଲକ୍ଷ୍ୟରେ ରଖି କରାଯାଇଛି। ଆମ୍ଭେମାନେ ମୁଖରେ କହିବା ଓ ଶୁଣିବା ଦ୍ୱାରା ଭାଷା ଶିଖୁ। ଏହି କଥାକୁ ମନରେ ରଖି ଅନୁବାଦକମାନେ ସରଳ ଓ ଛୋଟଛୋଟ ବାକ୍ୟର ବ୍ୟବହାର କରିଛନ୍ତି। ଏହି ଅନୁବାଦ କଲାବେଳେ ଶାସ୍ତ୍ର ଗୁଡ଼ିକର ଠିକ ଠିକ ଅର୍ଥ ଲୋକଙ୍କ ପାଖରେ ପରିବେଷିତ ହେଉ, ଏହି ଭାବନାଟି ମନରେ ଅଛି। ଭଲ ଅନୁବାଦ ଅର୍ଥ, ଭାବର ଭଲ ପରିବେଷଣ। ଅନୁବାଦକମାନଙ୍କର ସବୁବେଳେ ଲକ୍ଷ୍ୟ ରହିଲା ଯେ, ବାଇବଲର ମୂଳ ଲେଖକମାନେ ନିଜ ସମୟର ଲୋକଙ୍କୁ ଯେପରି ସ୍ୱାଭାବିକ ଭାବରେ ବୁଝାଇ ପାରିଥିଲେ, ଠିକ ସେହିପରି ବାଇବଲର ବାକ୍ୟକୁ, ଆଜିର ପାଠକମାନଙ୍କୁ ପରିବେଷିତ କରାଯାଉ। ନିଷ୍ଠାପର ଅନୁବାଦ କେବଳ ଶବ୍ଦକୋଷର ଶବ୍ଦ ଗୁଡ଼ିକୁ ମୂଳ ସହିତ ମିଶାଇ ତାହାର ପ୍ରତିଶବ୍ଦ ଅନ୍ୟ ଭାଷାରେ ରଖିବା ନୁହେଁ। ବରଂ ମୂଳ ସନ୍ଦେଶକୁ ଅନୂଦିତ ଭାଷାରେ ସମାନ ଅର୍ଥ ପ୍ରଦାନ କରୁଥିବା ଶବ୍ଦରେ ବ୍ୟକ୍ତ କରିବା ଅନୁବାଦର ପଦ୍ଧତି ଅଟେ। ଏହାଛଡ଼ା ଆଜିକୁ ହଜାର ହଜାର ବର୍ଷ ପୂର୍ବରେ ଯେପରି ଏହାର ପ୍ରଭାବ ପଡ଼ିଥିଲା, ସେହିଭଳି ଅନୁବାଦ ଠିକ ହୋଇଥିବା, ସମାନଭାବରେ ଆକର୍ଷକ ହୋଇଥିବା ଓ ଆଜିର ସମାଜରେ ତାହାର ପ୍ରଭାବ ଠିକ ସେହିଭଳି ପଡ଼ିବା ମଧ୍ୟ ଦରକାର।

ଅତଏବ ଏହି ଶାସ୍ତ୍ରର ଅନୁବାଦକମାନଙ୍କ ପାଇଁ ସବୁଠାରୁ ମହତ୍ତ୍ୱର କଥା ହେଲା ପ୍ରଭାବ ପଡିଲା ଭଳି ଉତ୍ତମରୂପେ ଭାବର ବିନିମୟ କରିବା। ଉତ୍ତମ ରୂପେ ଭାବର ବିନିମୟ କରିବା ଇଚ୍ଛା, ନିର୍ଭୁଲ ହେବା ବିଷୟକୁ ଆଦୌ କମ୍ ମହତ୍ତ୍ୱ ପ୍ରଦାନ କରି ନ ଥିଲା। କିନ୍ତୁ ନିର୍ଭୁଲର ଅର୍ଥ ବିଶ୍ୱସ୍ତଭାବେ ଭାବର ଅଭିବ୍ୟକ୍ତ ବୋଲି ଧରା ହେଲା, କେବଳ ଭାଷାଗତ ଓ ତଥାକଥିତ ସାମଞ୍ଜସ୍ୟ ଆଣିବା ନୁହେଁ।

ଶାସ୍ତ୍ରର ମୂଳ ଲେଖକଗଣ, ବିଶେଷ ଭାବରେ ନୂତନ ନିୟମ ରଚନା କରିଥିବା ଲେଖକମାନେ, ନିଜର ଭାଷାଗତ ଶୈଳୀ ଦ୍ୱାରା ପ୍ରତିପାଦିତ କଲେ ଯେ ସେମାନେ ଭଲ ଭାବେ ଭାବର ବିନିମୟ କରିବାରେ ରୁଚି ନେଇଛନ୍ତି। ଏହି ଓଡ଼ିଆ ଅନୁବାଦର ଅନୁବାଦକଗଣ ମଧ୍ୟ ଉକ୍ତ କଥାଟି ମନେ ରଖି ଅନୁବାଦ କରିଛନ୍ତି। ତେଣୁ ସେମାନେ ସେମାନଙ୍କର ବିଶେଷ ଓଡ଼ିଆ ପାଠକ ବା ଶ୍ରୋତାମାନଙ୍କୁ ବାଇବଲର ମୂଳ ଅର୍ଥ ସରଳ ଓ ସ୍ୱାଭାବିକ ଭାବରେ ଭାବର ବିନିମୟ କରିବା ପାଇଁ ଅନୁବାଦ କରିଛନ୍ତି। ସେମାନେ ଏପରି ଭାଷାର ବ୍ୟବହାର କରିଛନ୍ତି ଯେ ଓଡ଼ିଆ କହୁଥିବା ଲୋକଙ୍କ ପାଇଁ ଭାଷା, ଅର୍ଥ ବୁଝିବାରେ ପ୍ରତିବନ୍ଧକ ନ ହେଉ ଓ ଏହା ଶାସ୍ତ୍ରର ମୂଳ ସତ୍ୟର ଉଦ୍‌ଘାଟନ କରୁ।

ଏହି ଅନୁବାଦରେ ଅର୍ଥ ବୁଝିବାରେ ସହାୟକ ହେବ ବୋଲି କେତେକ ବିଶେଷ ବିଷୟ ଗୁଡ଼ିକର ବ୍ୟବହାର କରାଯାଇଛି। ଯଥା: ସଂକ୍ଷିପ୍ତ ବ୍ୟାଖ୍ୟା ବା ସମାନାର୍ଥୀ ଶବ୍ଦ (ମୂଳ ଲେଖାରେ ଥିବା କଠିଣ ଓ ଅସ୍ପଷ୍ଟ ଶବ୍ଦ ଗୁଡ଼ିକର ବଦଳରେ ବ୍ୟବହାର କରାଯାଇଛି)। କେତେକ ଜାଗାରେ ଏଗୁଡ଼ିକୁ ବନ୍ଧନୀ ଭିତରେ ରଖାଯାଇଛି। ଯେଉଁ ଶବ୍ଦଗୁଡ଼ିକର ଅଧିକ ବ୍ୟାଖ୍ୟା ଦରକାର, ସେଗୁଡ଼ିକ ତାରାଙ୍କିତ ବା ଅନ୍ୟ ପ୍ରକାରର ଚିହ୍ନରେ ଚିହ୍ନିତ କରି ସେହି ପୃଷ୍ଠାର ପଦଟିପ୍ପଣୀରେ ସେଗୁଡ଼ିକର ଅର୍ଥକୁ ଅଧିକ ସ୍ପଷ୍ଟ କରାଯାଇଛି। ଏହାଛଡ଼ା ଶାସ୍ତ୍ରୀୟ ବାକ୍ୟ ଗୁଡ଼ିକର ଉଦ୍ଧୃତାଂଶ ବା ତାହାର ପରିବର୍ତ୍ତିତ ପଠନଗୁଡ଼ିକ କେଉଁ ମୂଳ ଜାଗାରୁ ଆସିଛି, ସେଗୁଡ଼ିକୁ ମଧ୍ୟ କେତେବେଳେ ସେହିଠାରେ ବା ବେଳେ ବେଳେ ପଦଟିପ୍ପଣୀରେ ନିର୍ଦ୍ଦେଶ କରିଦିଆଯାଇଛି।

# ଭୂମିକା

ଗ୍ରୀକ୍ ଭାଷାରେ 'ବାଇବଲ' ଶବ୍ଦଟି "ପୁସ୍ତକଗୁଡ଼ିକ" ଅର୍ଥରେ ବ୍ୟବହାର ହୁଏ । ପ୍ରକୃତରେ ବାଇବଲରେ ଦୁଇ ପ୍ରକାରର ପୁସ୍ତକ ସଂଗୃହୀତ ହୋଇଛି । ସେଗୁଡ଼ିକୁ 'ପୁରାତନ ନିୟମ' ଓ 'ନୂତନ ନିୟମ' ବୋଲି କୁହାଯାଏ । ଅନୂଦିତ ଶବ୍ଦ 'ନିୟମ'ର ବ୍ୟବହାର 'ପ୍ରତିଜ୍ଞା' ବା 'ଚୁକ୍ତି' ଅର୍ଥରେ ହୁଏ । ଏହି ଶବ୍ଦଟି ପରମେଶ୍ୱର ତାହାଙ୍କ ନିଜ ଲୋକଙ୍କ ପ୍ରତି କରିଥିବା ଆଶୀର୍ବାଦର ପ୍ରତିଜ୍ଞାକୁ ବହନ କରେ । ପରମେଶ୍ୱର ମୋଶାଙ୍କ ସମୟରେ ଯିହୂଦୀ ଲୋକମାନଙ୍କ ସହିତ ଯେଉଁ 'ଚୁକ୍ତି' କରିଥିଲେ, 'ପୁରାତନ ନିୟମ, ସେହି ଲେଖା ଗୁଡ଼ିକର ସଂକଳନ ଅଟେ । ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରୁଥିବା ସମସ୍ତ ଲୋକଙ୍କ ସହିତ ପରମେଶ୍ୱର ଯେଉଁ 'ଚୁକ୍ତି' କରିଥିଲେ, 'ନୂତନ ନିୟମ' ସେହି ଲେଖା ଗୁଡ଼ିକର ସଂକଳନ ଅଟେ ।

'ପୁରାତନ ନିୟମ'ର ଲେଖାଗୁଡ଼ିକ ଯିହୂଦୀ ଲୋକମାନଙ୍କ ସହିତ ପରମେଶ୍ୱରଙ୍କ ବ୍ୟବହାର ଓ ପରମେଶ୍ୱରଙ୍କ ସେହି ମହାନ୍ କାର୍ଯ୍ୟଗୁଡ଼ିକର ବିବରଣୀ ଅଟେ, ଯେଉଁ ଯୋଜନା ମାଧ୍ୟମରେ ପରମେଶ୍ୱର ଏହି ଲୋକମାନଙ୍କ ଦ୍ୱାରା ସମଗ୍ର ସଂସାର ପାଇଁ ନିଜ ଆଶୀର୍ବାଦ ଆଣିବା ପାଇଁ ଚେଷ୍ଟା କରିଥିଲେ । ଏହି ଲେଖାଗୁଡ଼ିକ, ଭବିଷ୍ୟତରେ ଆସିବାକୁ ଥିବା ମୁକ୍ତିଦାତାଙ୍କ (ମଶୀହ) ଆଡ଼କୁ ନିଜର ଯୋଜନା ପୂରଣ କରିବା ପାଇଁ ନିର୍ଦ୍ଦେଶ କରନ୍ତି । 'ନୂତନ ନିୟମ'ର ଲେଖା 'ପୁରାତନ ନିୟମ'ର କଥା ଗୁଡ଼ିକର ପରିଣାମ ମାତ୍ର । ସେଗୁଡ଼ିକ ମୁକ୍ତିଦାତା (ଯୀଶୁ ଖ୍ରୀଷ୍ଟ)ଙ୍କ ଆସିବା ଓ ସମଗ୍ର ମାନବଜାତି ପାଇଁ ତାହାଙ୍କର ଆସିବାର ମହତ୍ତ୍ୱ ପ୍ରତିପାଦିତ କରନ୍ତି । 'ନୂତନ ନିୟମ'ର ପୁସ୍ତକଗୁଡ଼ିକ ବୁଝିବା ପାଇଁ 'ପୁରାତନ ନିୟମ' ଗୁଡ଼ିକ ବୁଝିବା ମହତ୍ତ୍ୱପୂର୍ଣ୍ଣ ଅଟେ, କାରଣ 'ପୁରାତନ ନିୟମ' ଆବଶ୍ୟକ ପୃଷ୍ଠଭୂମି ନିର୍ମାଣ କରିଥାଏ । 'ନୂତନ ନିୟମ' ପରିତ୍ରାଣର ସେହି କାହାଣୀକୁ ସଂମ୍ପୂର୍ଣ୍ଣ କରେ, ଯାହା 'ପୁରାତନ ନିୟମ'ରେ ଆରମ୍ଭ ହୋଇଥିଲା ।

## ପୁରାତନ ନିୟମ

ପୁରାତନ ନିୟମର ଲେଖାଗୁଡ଼ିକ ଅଣଚାଳିଶି (୩୯)ଟି ପୁସ୍ତକର ସଂଗ୍ରହ ଅଟେ । ଏଗୁଡ଼ିକ ବିଭିନ୍ନ ଲେଖକମାନଙ୍କ ଦ୍ୱାରା ଲିଖିତ । ସେଗୁଡ଼ିକ ମୂଳତଃ ପ୍ରାଚୀନ ଇସ୍ରାୟେଲର ଏବ୍ରୀ ଭାଷାରେ ଲେଖା ହୋଇଥିଲା । କେତେକ ଅଂଶ (ଖଣ୍ଡ) ବାବିଲୋନ ରାଜ୍ୟର ସରକାରୀ ଭାଷା 'ଅରାମୀକ'ରେ ମଧ୍ୟ ଲେଖାଯାଇଛି । 'ପୁରାତନ ନିୟମ'ର ପୁସ୍ତକ ଗୁଡ଼ିକ ୩୫୦୦ ବର୍ଷ ଭିତରେ ଲେଖା ଯାଇଥିଲା । ଏହାର ପ୍ରଥମପୁସ୍ତକ ଓ ଶେଷପୁସ୍ତକ ମଝିରେ ୧୦୦୦ ବର୍ଷରୁ ଅଧିକ ସମୟ ଅତିବାହିତ ହୋଇଯାଇଛି । ଏହି ସଂଗ୍ରହରେ ବ୍ୟବସ୍ଥା, ଇତିହାସ, ଗଦ୍ୟ, ଗୀତ, ପଦ୍ୟ (କବିତା) ଓ ଜ୍ଞାନୀ ପୁରୁଷମାନଙ୍କର ଶିକ୍ଷା (ଉପଦେଶ) ସମ୍ମିଳିତ ରହିଛି ।

'ପୁରାତନ ନିୟମ'କୁ ସାଧାରଣ ଭାବରେ ତିନୋଟି ମୁଖ୍ୟ ବିଭାଗରେ ବିଭାଜିତ କରାଯାଇଥାଏ:- ବ୍ୟବସ୍ଥା, ଭବିଷ୍ୟଦ୍‌ବକ୍ତା ଓ ପବିତ୍ରଲେଖା । 'ବ୍ୟବସ୍ଥା'ରେ ପାଞ୍ଚୋଟି ପୁସ୍ତକ ସନ୍ନିହିତ, ଏଗୁଡ଼ିକୁ "ମୋଶାଙ୍କ ପାଞ୍ଚଟି ପୁସ୍ତକ" ବୋଲି କୁହାଯାଏ । ପ୍ରଥମ ପୁସ୍ତକଟି ହେଲା ଆଦି ପୁସ୍ତକ ।। ଏହା ଆମ ପୃଥିବୀର ଆରମ୍ଭ ବିଷୟରେ ଅଟେ-ପ୍ରଥମ ପୁରୁଷ ଓ ସ୍ତ୍ରୀ (ଆଦମ ଓ ହବା): ସେମାନଙ୍କର ପରମେଶ୍ୱରଙ୍କ ବିରୁଦ୍ଧରେ କରିଥିବା ପ୍ରଥମ ପାପର ବିବରଣ । 'ମହାଜଳପ୍ରଳୟ' ଓ ସେଥିରୁ ପରମେଶ୍ୱରଙ୍କ ଦ୍ୱାରା ଗୋଟିଏ ପରିବାରର ରକ୍ଷା, ଇସ୍ରାୟେଲଜାତି (ରାଷ୍ଟ୍ର)ର ଆରମ୍ଭ, ଓ ପରମେଶ୍ୱର ଗୋଟିଏ ବିଶେଷ ଉଦ୍ଦେଶ୍ୟସାଧନ ପାଇଁ କେତେକ ଲୋକଙ୍କୁ ବାଛିବା ବିଷୟରେ ଏହି ପୁସ୍ତକରେ ବିବରଣୀମାନ ଅଛି ।

## ଅବ୍ରାହାମଙ୍କ କାହାଣୀ

ପରମେଶ୍ୱର ଅବ୍ରାହାମଙ୍କ ସହିତ ଗୋଟିଏ ଚୁକ୍ତି କଲେ । ସେ ଜଣେ ମହାନ୍ ବିଶ୍ୱାସୀ ଲୋକ । ସେହି ଚୁକ୍ତିରେ ପରମେଶ୍ୱର ଅବ୍ରାହାମଙ୍କୁ ଗୋଟିଏ ମହାନ୍ ଗୋଷ୍ଠୀର ପିତା କରିବା ଓ ତାହାଙ୍କୁ ଓ ତାହାଙ୍କ ବଂଶଜମାନଙ୍କୁ କିଣାନ ଦେଶ ଦେବା କଥା କହିଥିଲେ । ଏହି ଚୁକ୍ତିକୁ ଗ୍ରହଣ କଲେ ବୋଲି ଅବ୍ରାହାମଙ୍କୁ ସୁନ୍ନତ କରାହେଲା । ସେହି ସମୟଠାରୁ ସୁନ୍ନତ, ପରମେଶ୍ୱର ଏବଂ ତାହାଙ୍କ ଲୋକଙ୍କ ଭିତରେ ଏକ ଚୁକ୍ତିର ପ୍ରମାଣ ହୋଇରହିଲା । ଅବ୍ରାହାମ ଜାଣି ପାରିଲେ ନାହିଁ ଯେ, ପରମେଶ୍ୱର ତାହାଙ୍କର ପ୍ରତିଜ୍ଞାଗୁଡ଼ିକୁ କିପରି ପୂରଣ କରିବେ, କିନ୍ତୁ ଅବ୍ରାହାମ ପରମେଶ୍ୱରଙ୍କୁ ପୂର୍ଣ୍ଣ ରୂପରେ ବିଶ୍ୱାସ କରୁଥିଲେ । ଏହାଦ୍ୱାରା ପରମେଶ୍ୱର ଅତି ଆନନ୍ଦିତ ହେଲେ ।

ପରମେଶ୍ୱର ଅବ୍ରାହାମଙ୍କୁ ମେସୋପଟାମିଆର ଏବ୍ରୀୟମାନଙ୍କ ମଧ୍ୟରୁ ନିଜର ଘର ଛାଡ଼ି ଆସିବାକୁ କହିଲେ ଓ ପ୍ରତିଜ୍ଞା ଦେଇଥିବା କିଣାନ (ପାଲେଷ୍ଟାଇନ ମଧ୍ୟ କୁହାଯାଏ) ଦେଶ ଆଡ଼କୁ ନେଇଗଲେ। ବୃଦ୍ଧାବସ୍ଥାରେ ଅବ୍ରାହାମଙ୍କର ଯିସ୍‌ହାକ ନାମକ ପୁତ୍ରଟିଏ ଜାତ ହେଲା। ଯିସ୍‌ହାକଙ୍କର ଯାକୁବ ନାମରେ ପୁତ୍ରଟିଏ ହେଲା। ଯାକୁବ (ଇସ୍ରାୟେଲ ମଧ୍ୟ କୁହାଯାଏ)ଙ୍କର ବାରଜଣ ପୁତ୍ର ଓ ଗୋଟିଏ ପୁତ୍ରୀ ଥିଲେ। ଏହି ପରିବାରଟି ଇସ୍ରାୟେଲ ଜାତି ହେଲା, କିନ୍ତୁ କେବେହେଲେ ନିଜର ଜନଜାତି ମୂଳକଥା ଏମାନେ ଭୁଲିଲେ ନାହିଁ। ନିଜକୁ ଏମାନେ ଇସ୍ରାୟେଲର ବାରଟି ଗୋଷ୍ଠୀ (ବା ପରିବାର ଦଳ) ବୋଲି କହୁଥିଲେ। ଏହି ଗୋଷ୍ଠୀଗୁଡ଼ିକ ଯାକୁବର ବାରଜଣ ପୁତ୍ରଙ୍କର ବଂଶଜ ଥିଲେ। ସେହି ବାରଜଣ ପୁତ୍ର ଥିଲେ ରୂବେନ, ଶିମିୟୋନ, ଲେବୀ, ଯିହୂଦା, ମନଃଶେହ, ନପ୍ତାଲୀ, ଗାଦ, ଆଶେର, ଯିସାଖାର, ସେବୂଲୂନ, ଯୋସେଫ ଓ ବିନ୍ୟାମୀନ। ଅବ୍ରାହାମ, ଯିସ୍‌ହାକ ଓ ଯାକୁବ (ଇସ୍ରାୟେଲ), ଇସ୍ରାୟେଲର ପୂର୍ବଜ ବା ମୁଖିଆଗଣ ହିସାବରେ ଜଣାଶୁଣା।

ଅବ୍ରାହାମ ଆଉ ଗୋଟିଏ ଦୃଷ୍ଟିରୁ ମଧ୍ୟ 'ପିତା' ଅଟନ୍ତି। ପ୍ରାଚୀନ ଇସ୍ରାୟେଲରେ ପରମେଶ୍ୱର କେତେକ ବିଶେଷ ଲୋକଙ୍କୁ ନିଜର ପ୍ରବକ୍ତା ହିସାବରେ ବାଛିଥିଲେ। ଏହି ପ୍ରବକ୍ତାଗଣ ବା ଭବିଷ୍ୟଦ୍‌ବକ୍ତା, ଲୋକମାନଙ୍କ ପାଖରେ ପରମେଶ୍ୱରଙ୍କ ପ୍ରତିନିଧି ଥିଲେ। ଏହି ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ପରମେଶ୍ୱର ଇସ୍ରାୟେଲର ଲୋକମାନଙ୍କୁ ପ୍ରତିଜ୍ଞା, ଚେତାବନୀ, ବ୍ୟବସ୍ଥା, ଶିକ୍ଷା (ଉପଦେଶ), ଅନୁଭବ ଆଧାରିତ ଶିକ୍ଷା (ଉପଦେଶ), ଓ ଭବିଷ୍ୟତ ଘଟଣାଗୁଡ଼ିକର କଥା, ଇତ୍ୟାଦି ଦେଇଥିଲେ। ଶାସ୍ତ୍ରରେ ଲିଖିତ ଯେ ଅବ୍ରାହାମ ହେଉଛନ୍ତି ପ୍ରଥମ "ଏବ୍ରୀ" ଭବିଷ୍ୟଦ୍‌ବକ୍ତା।

## ଦାସତ୍ୱରୁ ଇସ୍ରାୟେଲର ମୁକ୍ତି

ଯାକୁବ (ଇସ୍ରାୟେଲ)ର ପରିବାର ବଢ଼ି ଚାଲିଲା, ସେଥିରେ ପ୍ରାୟଃ ୭୦ଟି ଯାକୁବଙ୍କର ନିଜ ବଂଶ ସାମିଲ ହୋଇ ରହିଥିଲେ। ତାହାଙ୍କର ଜଣେ ପୁତ୍ରର ନାମ ଥିଲା ଯୋସେଫ। ସେ ମିସରଦେଶର ଜଣେ ଉଚ୍ଚ ପଦାଧିକାରୀ ଥିଲେ। କଠିନ ସମୟ ଥିବାରୁ ଯାକୁବ ଓ ତାହାଙ୍କର ପରିବାର ମିସର ଦେଶକୁ ଚାଲିଗଲେ, କାରଣ ସେଠାରେ ଖାଇବାପିଇବା ପାଇଁ ଯଥେଷ୍ଟ ଥିଲା ଓ ଜୀବନ ଅଧିକ ସୁବିଧାପୂର୍ଣ୍ଣ ଥିଲା। ଏବ୍ରୀୟମାନଙ୍କର ଏହି ଗୋଷ୍ଠୀଟି, ଗୋଟିଏ ଛୋଟ ଜାତି (ରାଷ୍ଟ୍ର) ରୂପରେ ବିକଶିତ ହେଲା। ଫାରୋ (ମିସରର ଦେଶର ରାଜା) ଏମାନଙ୍କୁ ଦାସ କରି ନେଲେ। 'ଯାତ୍ରା ପୁସ୍ତକ' ରେ ବିବରଣ ଅଛି ଯେ, କପରି ଦୀର୍ଘ ୪୦୦ ବର୍ଷ ପରେ ପରମେଶ୍ୱର ଭବିଷ୍ୟଦ୍‌ବକ୍ତା ମୋଶାଙ୍କୁ ପଠାଇ ଇସ୍ରାୟେଲର ଲୋକମାନଙ୍କୁ ଦାସତ୍ୱରୁ ମୁକ୍ତ କଲେ ଓ ମୋଶା ସେମାନଙ୍କୁ ପାଲେଷ୍ଟାଇନକୁ ଫେରାଇ ଆଣିଲେ। ଏହି ମୁକ୍ତିର ମୂଲ୍ୟ ଅତି ଅଧିକ ଥିଲା, କିନ୍ତୁ ତାହା ମିସର ଦେଶର ଲୋକମାନଙ୍କୁ ଦେବାକୁ ପଡ଼ିଲା। ଫାରୋ ଓ ମିସର ଦେଶର ପ୍ରତ୍ୟେକ ପରିବାର ସେମାନଙ୍କର ପ୍ରଥମ ଜାତ ପୁତ୍ରକୁ ହରେଇଲେ, ଶେଷରେ ଫାରୋ ଇସ୍ରାୟେଲର ଲୋକମାନଙ୍କୁ ମୁକ୍ତ କରିବା ପାଇଁ ରାଜି ହେଲେ। ଏହି ଲୋକମାନେ ମୁକ୍ତ ହେବେ ବୋଲି ପ୍ରଥମଜାତ ସନ୍ତାନମାନଙ୍କୁ ମରିବାକୁ ହେଲା। ପରେ ଇସ୍ରାୟେଲର ଲୋକେ ନିଜର ଉପାସନା ଓ ବଳିପ୍ରଥାରେ ଉକ୍ତ ଘଟଣାକୁ ନାନା ଭାବରେ ସ୍ମରଣ ରଖିଚାଲିଲେ।

ଇସ୍ରାୟେଲର ଲୋକେ ନିଜର ମୁକ୍ତିଯାତ୍ରା ପାଇଁ ପ୍ରସ୍ତୁତ ଥିଲେ। ସେମାନେ ବସ୍ତ୍ର ପିନ୍ଧି ମିସର ଦେଶରୁ ପଳାଇ ଯିବା ଲାଗି ପ୍ରସ୍ତୁତ ହୋଇଥିଲେ। ପ୍ରତ୍ୟେକ ପରିବାର ଗୋଟିଏ ମେଷଶାବକକୁ କାଟି ତାହାକୁ ପୋଡ଼ିଲେ। ପ୍ରତ୍ୟେକ ପରିବାର ପରମେଶ୍ୱରଙ୍କ ପାଇଁ ଗୋଟିଏ ବିଶେଷ ଚିହ୍ନ ରୂପରେ, ନିଜ ଘର ଦ୍ୱାର-ବନ୍ଧରେ ମେଷଶାବକର ରକ୍ତ ଲଗାଇଲେ। ଶୀଘ୍ର ଶୀଘ୍ର ସେମାନେ ଖମୀର ଦିଆ ହୋଇନଥିବା ରୋଟୀ ତିଆରି କଲେ ଓ ଖାଇଲେ। ସେହି ଦିନ ରାତିରେ ପରମେଶ୍ୱରଙ୍କ ସ୍ୱର୍ଗଦୂତ ସେହି ଦେଶ ଦେଇ ଗଲେ ଓ ଯେଉଁ ଘରର ଦ୍ୱାର-ବନ୍ଧରେ ମେଷଶାବକର ରକ୍ତ ଲାଗି ନଥିଲା, ସେହି ପରିବାରର ପ୍ରଥମଜାତ ପୁତ୍ରର ମୃତ୍ୟୁ ହେଲା। ଇସ୍ରାୟେଲର ଲୋକଙ୍କୁ ମୁକ୍ତି ମିଳିଲା, କିନ୍ତୁ ସେହି ଦାସମାନେ ମିସର ଦେଶ ଛାଡ଼ିବାକୁ ଯିବାବେଳେ, ଫାରୋଙ୍କ ମନ ବଦଳିଗଲା। ସେ ସେମାନଙ୍କୁ ଧରି ଫେରାଇ ଆଣିବା ଲାଗି ନିଜର ସୈନ୍ୟ ପ୍ରେରଣ କଲେ, କିନ୍ତୁ ପରମେଶ୍ୱର ନିଜ ଲୋକଙ୍କୁ ରକ୍ଷା କଲେ। ପରମେଶ୍ୱର ଲୋହିତ ସାଗରକୁ ଦୁଇଭାଗ କରି, ନିଜ ଲୋକଙ୍କୁ ମୁକ୍ତ କରିବା ପାଇଁ ଆର କୂଳକୁ ନେଇ ଗଲେ, ଓ ଅନୁଗମନ କରୁଥିବା ମିସର ଦେଶର ସୈନ୍ୟସାମନ୍ତଙ୍କୁ ସେହିଠାରେ ସମାପ୍ତ କଲେ। ତାହା ପରେ ଆରବ ଉପଦ୍ୱୀପର କୌଣସି ଏକ ଜାଗାରେ, ସୀନୟ ମରୁଭୂମିରେ ସ୍ଥିତ ପର୍ବତଠାରେ, ପରମେଶ୍ୱର ସେହି ଲୋକମାନଙ୍କ ସହିତ ଏକ ବିଶେଷ ଚୁକ୍ତି କଲେ।

## ମୋଶାଙ୍କ ବ୍ୟବସ୍ଥା

ଇସ୍ରାୟେଲର ଲୋକମାନଙ୍କୁ ପରମେଶ୍ୱର ରକ୍ଷା କରିବା ଦ୍ୱାରା ଓ ସୀନୟଠାରେ ହୋଇଥିବା ଚୁକ୍ତି ଦ୍ୱାରା ଏହି ଜାତିଟି ଅନ୍ୟମାନଙ୍କ ଠାରୁ ଭିନ୍ନ ହୋଇଗଲା। ଏହି ଚୁକ୍ତିରେ ଇସ୍ରାୟେଲର ଲୋକଙ୍କ ଲାଗି ପ୍ରତିଜ୍ଞା ଓ ବ୍ୟବସ୍ଥାଗୁଡ଼ିକ ରହିଥିଲା। ଚୁକ୍ତିର ଗୋଟିଏ ଅଂଶକୁ 'ଦଶଆଜ୍ଞା' କୁହାଯାଏ। ପରମେଶ୍ୱରଙ୍କ ଦ୍ୱାରା ଦୁଇଟି ପଥର-ପଟାରେ ଲେଖା ହୋଇ ଏହି ଆଜ୍ଞାଗୁଡ଼ିକ ଲୋକମାନଙ୍କୁ ଦିଆଯାଇଥିଲା। ଏହି ଆଜ୍ଞାଗୁଡ଼ିକରେ ଇସ୍ରାୟେଲର ଲୋକମାନେ ଯେଉଁ ମୌଳିକ ସିଦ୍ଧାନ୍ତ

ଅନୁସାରେ ଜୀବନଯାପନ କରିବେ ଓ ନିଜ ପରିବାର ଓ ସମାଜରେ ବସବାସ କରୁଥିବା ଅନ୍ୟ ଲୋକମାନଙ୍କ ସହିତ ଆଗ୍ରହର ବ୍ୟବହାର (କର୍ତ୍ତବ୍ୟ ପାଳନ) କରିବେ, ସେଗୁଡ଼ିକ ଲେଖାଥିଲା।

ପରବର୍ତ୍ତୀ କାଳରେ ସୀନୟ ପର୍ବତଠାରେ ଦିଆଯାଇଥିବା ଏହି ଆଜ୍ଞାଗୁଡ଼ିକ ଓ ଆଗ୍ରହର ବ୍ୟବହାରର ଅନ୍ୟ ନିୟମଗୁଡ଼ିକ 'ମୋଶାଙ୍କ ନିୟମ' ନାମରେ ବା କେବଳ 'ବ୍ୟବସ୍ଥା' (ନିୟମ) ନାମରେ ପ୍ରସିଦ୍ଧ ହେଲା। ଅନେକ ସମୟରେ ଏହି ଶବ୍ଦଗୁଡ଼ିକ ଶାସ୍ତ୍ରର ପ୍ରଥମ ପାଞ୍ଚୋଟି ପୁସ୍ତକ ଓ ପ୍ରାୟ ସମ୍ପୂର୍ଣ୍ଣ 'ପୁରାତନ ନିୟମ' ପାଇଁ ମଧ୍ୟ ବ୍ୟବହାର ହୁଏ।

ଦଶ ଆଜ୍ଞା ଓ ଆଚରଣର ଅନ୍ୟ ନିୟମଗୁଡ଼ିକ ବ୍ୟତୀତ 'ମୋଶାଙ୍କ ବ୍ୟବସ୍ଥା'ରେ ଯାଜକମାନଙ୍କ ପାଇଁ ବଳିଦାନ, ଉପାସନା ଓ ପବିତ୍ର ଦିନମାନଙ୍କ ବିଷୟରେ ନିୟମମାନ ରହିଛି। ଏହି ନିୟମଗୁଡ଼ିକ 'ଲେବୀୟ ପୁସ୍ତକ'ରେ ମିଳେ। ମୋଶାଙ୍କ ବ୍ୟବସ୍ଥା ଅନୁସାରେ ସବୁ ଯାଜକ ଓ ତାହାଙ୍କର ସାହାଯ୍ୟକାରୀ 'ଲେବୀ' ଗୋଷ୍ଠୀର ଥିଲେ। ସେମାନଙ୍କୁ 'ଲେବୀୟ' ବୋଲି କୁହାଯାଉଥିଲା। ସମସ୍ତଙ୍କ ଠାରୁ ମୁଖ୍ୟ ଓ ମହତ୍ତ୍ୱପୂର୍ଣ୍ଣ ଯାଜକଙ୍କୁ ମହାଯାଜକ କୁହାଯାଉଥିଲା।

ଏହି ବ୍ୟବସ୍ଥାରେ ପବିତ୍ର ତମ୍ବୁ ବା ସମାଗମ ତମ୍ବୁ ନିର୍ମାଣ ବିଷୟରେ ଓ ଇସ୍ରାୟେଲର ଲୋକଙ୍କ ଦ୍ୱାରା ପରମେଶ୍ୱରଙ୍କ ଉପାସନା ସ୍ଥଳ ବିଷୟରେ ନିୟମମାନ ସମ୍ମିଳିତ। ପରମେଶ୍ୱରଙ୍କ ଉପାସନା କାମରେ ଲାଗୁଥିବା ବିଷୟଗୁଡ଼ିକୁ ପ୍ରସ୍ତୁତ କରିବା ନିମନ୍ତେ ନିୟମମାନ ମଧ୍ୟ ଏଥିରେ ଉଲ୍ଲେଖ ଅଛି। ଏହି ବ୍ୟବସ୍ଥା ଇସ୍ରାୟେଲର ଲୋକଙ୍କୁ ଯିରୁଶାଲମର ସିୟୋନ ପର୍ବତଠାରେ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତ କଲା। ପରେ ପରମେଶ୍ୱରଙ୍କ ଉପାସନା ପାଇଁ ଲୋକେ ସେଠାକୁ ଯିବେ। ବଳି ଓ ଉପାସନାର ନିୟମଗୁଡ଼ିକ ଇସ୍ରାୟେଲବାସୀମାନେ ଜାଣିବା ପାଇଁ ଏହା ବାଧ୍ୟ କଲା ଯେ ସେମାନେ ପରସ୍ପର ଓ ପରମେଶ୍ୱରଙ୍କ ପ୍ରତି ପାପ କରୁଛନ୍ତି। କିନ୍ତୁ ଉକ୍ତ ନିୟମଗୁଡ଼ିକ ଲୋକମାନଙ୍କୁ କ୍ଷମା ପାଇବା ପାଇଁ ଉପାୟ ଓ ପରସ୍ପର ଏକାଠିକେ ସହିତ ଓ ପରମେଶ୍ୱରଙ୍କ ସହିତ ପୁନଃ ମିଳିଯିବାର ଉପାୟ ମଧ୍ୟ ପ୍ରଦାନ କରେ। ଏହି ବଳିଗୁଡ଼ିକ ଦ୍ୱାରା ପରମେଶ୍ୱର ସମଗ୍ରଜାତି ଲାଗି ଯେଉଁ ବଳି ଭବିଷ୍ୟତରେ ପ୍ରସ୍ତୁତ କରିବାକୁ ଯାଉଥିଲେ, ତାହାକୁ ମଧ୍ୟ ଠିକ୍ ଭାବରେ ବୁଝିବା ପାଇଁ ସୁଯୋଗ ପ୍ରଦାନ କଲେ।

ଏହି ବ୍ୟବସ୍ଥାରେ ପବିତ୍ର ଦିନଗୁଡ଼ିକ ଓ ପର୍ବଗୁଡ଼ିକ ପାଳନ ବିଷୟକ ନିୟମାବଳୀ ଅନ୍ତର୍ଭୁକ୍ତ ଥିଲା। ପ୍ରତ୍ୟେକ ପର୍ବର କିଛି ବିଶେଷ ମହତ୍ତ୍ୱ ଥିଲା। କେତେକ ଉତ୍ସବ (ପର୍ବ) ବର୍ଷ ପରେ ବର୍ଷ ଉଲ୍ଲାସର ଦିନ ଭାବେ ପାଳିତ ହେବା ପାଇଁ ଥିଲା। ଉଦାହରଣ ସ୍ୱରୂପ ପ୍ରଥମ ଫସଲ ଆମଦାନୀର ପର୍ବ, 'ସବ୍‌ତ' (ପେଣ୍ଟିକଷ୍ଟ ବା ସପ୍ତାହଗୁଡ଼ିକର ପର୍ବ) ଓ 'ସୁକୋଥ' (କୁଟୀର ବାସର ପର୍ବ)।

କେତେକ ପର୍ବ ଏପରି ଥିଲା, ଯେଉଁଗୁଡ଼ିକୁ ପରମେଶ୍ୱରଙ୍କ ଦ୍ୱାରା କରାଯାଇଥିବା ଆଶ୍ଚର୍ଯ୍ୟ କାମର ସ୍ମରଣ ପାଇଁ ପାଳନ କରାଯାଉଥିଲା। 'ନିସ୍ତାର ଭୋଜି'ର ପର୍ବ ଏହିପରି ଗୋଟିଏ ପର୍ବ ଥିଲା। ପ୍ରତ୍ୟେକ ପରିବାର ମିସର ଦେଶରୁ ରକ୍ଷା (ମୁକ୍ତି) ପାଇବା ଘଟଣାକୁ ପୁଣି ଥରେ ମନେ ପକାଇବାକୁ ଏହି ପର୍ବ ପାଳନ କରୁଥିଲେ। ଏଥିରେ ଲୋକେ ପରମେଶ୍ୱରଙ୍କ ସ୍ତୁତି ଗାନ କରନ୍ତି। ଗୋଟିଏ ମେଷଶାବକକୁ ମାରି ଭୋଜନ ପ୍ରସ୍ତୁତ କରାଯାଏ। ଦ୍ରାକ୍ଷାରସ ଓ ଭୋଜନର ପ୍ରତ୍ୟେକ ଅଂଶ ଲୋକମାନଙ୍କୁ ମନେ ପକାଇ ଦିଏ ଯେ, କିପରି ପରମେଶ୍ୱର ସେମାନଙ୍କୁ ଦୁଃଖ ଓ କଷ୍ଟର ଜୀବନରୁ ମୁକ୍ତି ପ୍ରଦାନ କରିଥିଲେ।

ଅନ୍ୟ କେତେକ ପର୍ବ ଅତି ଗଭୀର ଭାବରେ ପାଳନ କରାଯାଉଥିଲା। ପ୍ରତି ବର୍ଷ 'ପ୍ରାୟଶ୍ଚିତ୍ତ ଦିନ'ରେ ଲୋକେ ନିଜ ଦ୍ୱାରା ଅନ୍ୟମାନଙ୍କ ଓ ପରମେଶ୍ୱରଙ୍କ ପ୍ରତି କରାଯାଇଥିବା ମନ୍ଦକର୍ମଗୁଡ଼ିକୁ ମନେ ପକାଉଥିଲେ। ଏହି ଦିନଟି ଦୁଃଖର ଦିନ ଥିଲା ଓ ଲୋକେ କିଛି ଖାଉ ନ ଥିଲେ। ମହାଯାଜକ ସେମାନଙ୍କର ସମସ୍ତ ପାପଗୁଡ଼ିକୁ କ୍ଷମା କରିବା ବା ପ୍ରାୟଶ୍ଚିତ୍ତ କରିବା ପାଇଁ ବିଶେଷ ବଳି ପ୍ରଦାନ କରୁଥିଲେ।

'ପୁରାତନ ନିୟମ'ର ଲେଖକମାନଙ୍କ ପାଇଁ ପରମେଶ୍ୱର ଓ ଇସ୍ରାୟେଲବାସୀଙ୍କ ଭିତରେ ହୋଇଥିବା ଚୁକ୍ତିର ବହୁତ ମହତ୍ତ୍ୱ ରହିଥିଲା। ଭବିଷ୍ୟଦ୍‌ବକ୍ତାମାନଙ୍କର ସମସ୍ତ ପୁସ୍ତକ ଓ ପବିତ୍ର ଲେଖାମାନ ଏହି ତଥ୍ୟ ଉପରେ ଆଶ୍ରିତ ଯେ ଇସ୍ରାୟେଲ ଜାତି (ରାଷ୍ଟ୍ର) ଓ ଇସ୍ରାୟେଲର ପ୍ରତ୍ୟେକ ନାଗରିକ ନିଜ ପରମେଶ୍ୱରଙ୍କ ସହିତ ଅତି ବିଶିଷ୍ଟ ଚୁକ୍ତି କରିଥିଲା। ଏହାକୁ ସେମାନେ 'ପରମେଶ୍ୱରଙ୍କ ଚୁକ୍ତି' ବା କେବଳ 'ଚୁକ୍ତି' ବୋଲି କହୁଥିଲେ। ସେମାନଙ୍କର ଇତିହାସର ପୁସ୍ତକଗୁଡ଼ିକ ଏହି 'ଚୁକ୍ତି'ର ପ୍ରକାଶରେ ଘଟଣାଗୁଡ଼ିକର ଅର୍ଥ ଗ୍ରହଣ କରେ। ଯଦି ବ୍ୟକ୍ତି ଅଥବା ଜାତି (ରାଷ୍ଟ୍ର) ପରମେଶ୍ୱରଙ୍କ ଚୁକ୍ତି ପ୍ରତି ବିଶ୍ୱାସୀ, ତା'ହେଲେ ପରମେଶ୍ୱର ସେମାନଙ୍କୁ ପୁରସ୍କୃତ କରୁଥିଲେ। ଯଦି ଲୋକେ ଚୁକ୍ତିର ଖିଲାପ କରୁଥିଲେ, ତାହାହେଲେ ପରମେଶ୍ୱର ସେମାନଙ୍କୁ ଦଣ୍ଡ ଦେଉଥିଲେ। ପରମେଶ୍ୱରଙ୍କ ସହିତ ହୋଇଥିବା ଚୁକ୍ତିକୁ ମନେ ପକାଇଦେବାଲାଗି ସେ ନିଜର ଭବିଷ୍ୟଦ୍‌ବକ୍ତାମାନଙ୍କୁ ପଠାଉଥିଲେ। ଇସ୍ରାୟେଲର କବିଗଣ, ପରମେଶ୍ୱରଙ୍କ ଦ୍ୱାରା ନିଜର

ଆଜ୍ଞାକାରୀ ଲୋକମାନଙ୍କ ପାଇଁ କରାଯାଇ ଥିବା ଆଶ୍ଚର୍ଯ୍ୟ କାର୍ଯ୍ୟଗୁଡ଼ିକର ଗୀତ ଗାଇଲେ ଓ ଯେଉଁମାନେ ପରମେଶ୍ୱରଙ୍କୁ ମାନିଲେ ନାହିଁ, ସେମାନଙ୍କ ଦଣ୍ଡ ଓ କଷ୍ଟ ପାଇଁ ଶୋକଗୀତ ଗାଇଲେ। 'ଚୁକ୍ତି'ର ଶିକ୍ଷା ଅନୁସାରେ ଏହି ଲେଖକମାନେ ଉଚିତ ଓ ଅନୁଚିତ ବିଷୟରେ ନିଜର ଧାରଣା ଆଧାରିତ କଲେ। ଯେତେବେଳେ ସରଳ (ଧାର୍ମିକ) ହୃଦୟ ଲୋକେ କଷ୍ଟ (ଯାତନା) ଭୋଗ କରୁ ଥିଲେ, ସେତେବେଳେ କବିଗଣ ବୁଝିବାକୁ ଯତ୍ନ କରୁଥିଲେ ଯେ ଏପରି କାହିଁକି ହେଲା?

## ଇସ୍ରାୟେଲର ରାଜ୍ୟ

ପ୍ରାଚୀନ ଇସ୍ରାୟେଲର କଥା ହେଲା: ଲୋକମାନଙ୍କର ପରମେଶ୍ୱରଙ୍କୁ ପରିତ୍ୟାଗ କରିବା, ପରମେଶ୍ୱରଙ୍କ ଦ୍ୱାରା ସେମାନଙ୍କୁ ରକ୍ଷା (ମୁକ୍ତ) କରିବା, ସେମାନଙ୍କର ପରମେଶ୍ୱରଙ୍କ ଆଡ଼କୁ ଫେରିବା ଓ ପୁନଃ ସେମାନଙ୍କର ପରମେଶ୍ୱରଙ୍କୁ ଭୁଲିଯିବାର କାହାଣୀ। ଲୋକମାନଙ୍କ ଦ୍ୱାରା ପରମେଶ୍ୱରଙ୍କ ଚୁକ୍ତି ସ୍ୱୀକାର କରିବା ଠିକ୍ ପରେ ପରେ ଏହି କଥାଚକ୍ର ଆରମ୍ଭ ହୋଇଯାଇଥିଲା ଓ ଏହା ବାରମ୍ବାର ଘଟୁଥିଲା। ସିନୟ ପର୍ବତଠାରେ ଇସ୍ରାୟେଲର ଲୋକେ ପରମେଶ୍ୱରଙ୍କୁ ଅନୁସରଣ କରିବା ପାଇଁ ସ୍ୱୀକାର କରିଥିଲେ, ତା' ପରେ ସେମାନେ ପରମେଶ୍ୱରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ, ଏହାର ଫଳ ସ୍ୱରୂପେ ସେମାନଙ୍କୁ ମରୁଭୂମିରେ ୪୦ ବର୍ଷ ଧରି ବୁଲିବାକୁ ପଡ଼ିଥିଲା। ଶେଷରେ ମୋଶାଙ୍କ ସାହାଯ୍ୟକାରୀ ଯିହୋଶୂୟ, ଲୋକମାନଙ୍କୁ ପ୍ରତିଜ୍ଞା କରିଥିବା ଭୂଭାଗ ଆଡ଼କୁ ଆଗେଇ ନେଲେ। ଏହା ଏକ ଆଂଶିକ ବିଜୟ ଥିଲା। ଇସ୍ରାୟେଲକୁ ଆଂଶିକ ଭାବରେ ବସତି କରାଯାଇଥିଲା। ଏହି ବସତିସ୍ଥାପନ ପରେ, ପ୍ରଥମ କେତେକ ଶତାବ୍ଦୀ ଧରି, ଲୋକମାନେ 'ବିଚାରକର୍ତ୍ତା' ନାମରେ ସ୍ଥାନୀୟ ନେତାମାନଙ୍କ ଦ୍ୱାରା ଶାସିତ ହୋଇଥିଲେ।

ପରବର୍ତ୍ତୀକାଳରେ ଏପରି ସମୟ ଆସିଲା ଯେ, ଲୋକେ ଜଣେ ରାଜା ଚାହିଁଲେ। ଶାଉଲ ପ୍ରଥମ ରାଜା ଥିଲେ । ଶାଉଲ ପରମେଶ୍ୱରଙ୍କୁ ମାନିଲେ ନାହିଁ। ଅତଏବ ପରମେଶ୍ୱର ଦାଉଦ ନାମକ ଜଣେ ମେଷପାଳକ ବାଳକକୁ ରାଜା ହେବା ପାଇଁ ବାଛିଲେ। ଭବିଷ୍ୟଦ୍‌ବକ୍ତା ଶାମୁୟେଲ ଆସି, ତା ମୁଣ୍ଡ ଉପରେ ତେଲ ଢାଳି, ଇସ୍ରାୟେଲର ରାଜା ଭାବରେ ତାହାକୁ ଅଭିଷେକ କଲେ। ପରମେଶ୍ୱର ଦାଉଦଙ୍କୁ ପ୍ରତିଜ୍ଞା ଦେଲେ ଯେ ଯିହୂଦା ଜାତିର ବଂଶର ଲୋକେ, ଭବିଷ୍ୟତରେ ଇସ୍ରାୟେଲର ରାଜା ହେବେ। ଦାଉଦ ଯିରୁଶାଲମ ନଗରକୁ ଜୟ କଲେ, ତାହାକୁ ନିଜର ରାଜଧାନୀ କଲେ ଏବଂ ଭବିଷ୍ୟତରେ ମନ୍ଦିର ନିର୍ମାଣ ପାଇଁ ସ୍ଥାନ ଭାବରେ ସ୍ଥିର କଲେ। ସେ ମନ୍ଦିରର ସେବା ଓ ଉପାସନା ପାଇଁ ଯାଜକ, ଭବିଷ୍ୟଦ୍‌ବକ୍ତା, ଗୀତ-ଲେଖକ, ସଙ୍ଗୀତକାର ଓ ଗାୟକମାନଙ୍କୁ ସଂଗଠିତ କଲେ। ଦାଉଦ ନିଜେ ମଧ୍ୟ ଅନେକଗୁଡ଼ିଏ ଗୀତ (ବା ଭଜନ) ଲେଖିଲେ, କିନ୍ତୁ ପରମେଶ୍ୱର ତାହାଙ୍କୁ ମନ୍ଦିର ନିର୍ମାଣ କରିବା ପାଇଁ ସୁଯୋଗ ଦେଲେ ନାହିଁ।

ଦାଉଦ ଯେତେବେଳେ ବୃଦ୍ଧ ହେଲେ, ଓ ମୃତ୍ୟୁବରଣ କରିବାକୁ ଯାଉଥିଲେ, ସେ ନିଜର ପୁଅ ଶଲୋମନକୁ ଇସ୍ରାୟେଲର ରାଜା କଲେ। ଦାଉଦ ନିଜ ପୁଅକୁ ତାଗିଦ୍ କଲେ ଯେ, ସେ ଯେପରି ସର୍ବଦା ପରମେଶ୍ୱରଙ୍କୁ ଅନୁସରଣ କରିବ ଓ ଚୁକ୍ତି (ପ୍ରତିଜ୍ଞା)ର ପାଳନ କରୁଥିବ। ରାଜା ହେଲା ପରେ ଶଲୋମନ ମନ୍ଦିର ନିର୍ମାଣ କଲେ ଓ ଇସ୍ରାୟେଲ ସୀମାର ବିସ୍ତାର କଲେ। ସେହି ସମୟରେ ଇସ୍ରାୟେଲ ଉନ୍ନତି ଓ ବୈଭବର ଚରମ ସୀମାରେ ପହଞ୍ଚି ଯାଇଥିଲା। ଶଲୋମନ ପ୍ରସିଦ୍ଧ ହେଲେ। ଇସ୍ରାୟେଲ ଖୁବ୍ ଶକ୍ତିଶାଳୀ ହେଲା।

## ଯିହୂଦା ଓ ଇସ୍ରାୟେଲ-ବିଭାଜିତ ରାଜ୍ୟ

ଶଲୋମନର ମୃତ୍ୟୁ ପରେ ସେଠାରେ ଗୃହ ବିବାଦ ଲାଗିଲା ଓ ଜାତି (ରାଷ୍ଟ୍ର) ବିଭାଜିତ ହୋଇଗଲା। ଉତ୍ତରର ଦଶଟି ଗୋଷ୍ଠୀ ନିଜକୁ ଇସ୍ରାୟେଲ କହିଲେ। ଦକ୍ଷିଣର ଗୋଷ୍ଠୀ ନିଜକୁ ଯିହୂଦା କହିଲେ। (ଆଜିର 'ଯିହୂଦୀ' ଶବ୍ଦ ଏହି ନାମରୁ ଜନ୍ମ ନେଇଛି।) ଯିହୂଦା 'ଚୁକ୍ତି' ପ୍ରତି ନିଷ୍ଠାବାନ ରହିଲା ଓ ଦାଉଦର ବଂଶ (ରାଜାମାନଙ୍କର ପରିବାର) ଯିରୁଶାଲମଠାରେ, ଯିହୂଦାର ପରାଜୟ ହେବା ଓ ସେମାନଙ୍କୁ ବାବିଲୋନର ଲୋକମାନେ ଦେଶରୁ ତଡ଼ି ଦେବା ପର୍ଯ୍ୟନ୍ତ ଶାସନ କଲା।

ଚୁକ୍ତିର ପାଳନ କରୁନଥିବାରୁ (ଉତ୍ତରର ରାଜ୍ୟ ଇସ୍ରାୟେଲଠାରେ ଅନେକଗୁଡ଼ିଏ ରାଜବଂଶ ଆସିଲେ ଓ ଚାଲିଗଲେ) ଭିନ୍ନ ଭିନ୍ନ ସମୟରେ ଇସ୍ରାୟେଲର ରାଜାମାନେ ଅନେକଗୁଡ଼ିଏ ନଗରରେ ନିଜର ରାଜଧାନୀ ସ୍ଥାପନ କଲେ। ଏଗୁଡ଼ିକ ମଧ୍ୟରୁ ଶେଷ ରାଜଧାନୀ ଥିଲା ଶମରିଆ। ଇସ୍ରାୟେଲର ରାଜାଗଣ ପ୍ରଜାମାନଙ୍କୁ ନିୟନ୍ତ୍ରଣରେ ରଖିବା ଲାଗି ପରମେଶ୍ୱରଙ୍କ ଉପାସନାର ଢଙ୍ଗ ପରିବର୍ତ୍ତିତ କରି ଦେଇଥିଲେ, ସେମାନେ ନୂତନ ଯାଜକମାନଙ୍କୁ ବାଛିଲେ ଓ ଦୁଇଟି ନୂତନ ମନ୍ଦିରର ନିର୍ମାଣ କରିଥିଲେ: ଗୋଟିଏ ଇସ୍ରାୟେଲର ଉତ୍ତର ସୀମା ଦାନଠାରେ ଓ ଅନ୍ୟଟି ଇସ୍ରାୟେଲ ଓ ଯିହୂଦାର ସୀମା ବେଥେଲଠାରେ। ଇସ୍ରାୟେଲ ଓ ଯିହୂଦା ମଧ୍ୟରେ ଅନେକଗୁଡ଼ିଏ ଯୁଦ୍ଧ ହୋଇଥିଲା।

ଗୃହ ଯୁଦ୍ଧ ଓ ଅଶାନ୍ତି କାଳରେ ପରମେଶ୍ୱର ଅନେକ ଭବିଷ୍ୟଦ୍‌ବକ୍ତାଙ୍କୁ ଯିହୂଦା ଓ ଇସ୍ରାୟେଲକୁ ପଠାଇଥିଲେ। ସେମାନଙ୍କ ଭିତରୁ କେତେକ ଭବିଷ୍ୟଦ୍‌ବକ୍ତା ଯାଜକ, କେତେକ ରୂଷୀ, କେତେକ ରାଜାଙ୍କର ପରାମର୍ଶଦାତା ଓ କେତେକ ଅତ୍ୟନ୍ତ ସାଧାରଣ ଜୀବନଯାପନ କରୁଥିବା ଲୋକ ଥିଲେ। କେତେଜଣ ଭବିଷ୍ୟଦ୍‌ବକ୍ତା ନିଜର ଶିକ୍ଷା ଓ ଭବିଷ୍ୟଦ୍‌ବାଣୀଗୁଡ଼ିକୁ

ଲେଖିଛନ୍ତି ଓ ଅନେକ ଲେଖି ନାହାଁନ୍ତି। କିନ୍ତୁ ସମସ୍ତ ଭବିଷ୍ୟଦ୍‌ବକ୍ତା ନ୍ୟାୟ ଓ ସତ୍ୟର ଶିକ୍ଷା ଦେଇଛନ୍ତି ଓ ସାହାଯ୍ୟ ପାଇଁ ପରମେଶ୍ୱରଙ୍କ ଉପରେ ନିର୍ଭର ରହିବା କଥା କହିଛନ୍ତି।

ଅନେକ ଭବିଷ୍ୟଦ୍‌ବକ୍ତା ଚେତାବନୀ କରି ଦେଇଥିଲେ ଯେ, ଯଦି ଲୋକେ ପରମେଶ୍ୱରଙ୍କ ଆଡ଼କୁ ଫେରି ନ ଯିବେ, ତା'ହେଲେ ପରାଜିତ ହୋଇ ଛିନ୍ନ ଭିନ୍ନ ହୋଇଯିବେ। ଏହି ଭବିଷ୍ୟଦ୍‌ବକ୍ତା ଭିତରୁ କେତେଜଣ ଭବିଷ୍ୟତର ଗୌରବ ଓ ଭବିଷ୍ୟତର ଦଣ୍ଡଗୁଡ଼ିକର ଦିବ୍ୟଦର୍ଶନ ମଧ୍ୟ କରିଥିଲେ। ସେମାନଙ୍କ ଭିତରୁ ଅନେକ ଜଣ ଭବିଷ୍ୟଦ୍‌ବକ୍ତା ରାଜ୍ୟର ଶାସନ କରିବା ପାଇଁ ଜଣେ ନୂତନ ରାଜା ଭବିଷ୍ୟତରେ ଆସୁଥିବା ବିଷୟର ପୂର୍ବ ଦର୍ଶନ ମଧ୍ୟ କରିଥିଲେ। କେତେଜଣ ଦେଖିଲେ ଯେ, ସେହି ରାଜା ଦାଉଦର ବଂଶଜ ହେବ ଓ ପରମେଶ୍ୱରଙ୍କ ଲୋକମାନଙ୍କୁ ଏକ ନୂତନ ସ୍ୱର୍ଣ୍ଣମୟଯୁଗ ଆଡ଼କୁ କଢ଼େଇ ନେବେ। କେତେକ କହିଲେ ଯେ, ଏହି ରାଜା ଅନନ୍ତ ରାଜ୍ୟ ଉପରେ ସଦାକାଳ ଲାଗି ଶାସନ (ରାଜ୍ୟ) କରିବ, ଓ ଅନ୍ୟ କେତେକ ତାହାଙ୍କୁ ଜଣେ ସେବକ ରୂପରେ ଦେଖିଲେ ଯେ, ସେହି ସେବକ ଜଣକ ନିଜ ଲୋକମାନଙ୍କୁ ପରମେଶ୍ୱରଙ୍କ ଆଡ଼କୁ ଫେରାଇ ନେବା ପାଇଁ ଅନେକ ପ୍ରକାରର ଯାତନା ସହିବେ। କିନ୍ତୁ ସମସ୍ତେ ତାଙ୍କୁ ମଶୀହ ରୂପରେ ଦେଖିଲେ। ସେ ପରମେଶ୍ୱରଙ୍କ ଦ୍ୱାରା ଅଭିଷିକ୍ତ ଓ ନୂତନ ଯୁଗ ଆଣିବେ।

## ଇଶ୍ରାୟେଲ ଓ ଯିହୂଦାର ବିନାଶ

ଇଶ୍ରାୟେଲର ଲୋକେ ପରମେଶ୍ୱରଙ୍କ ସତର୍କତା ନ ଶୁଣିବା ଯୋଗୁଁ ୭୨୨/୭୨୧ ଖ୍ରୀଷ୍ଟ ପୂର୍ବରେ ଆକ୍ରମଣକାରୀ ଅଶୂରୀୟମାନଙ୍କ ଦ୍ୱାରା ଶମରିଆ ପରାଜିତ ହେଲା। ଇଶ୍ରାୟେଲର ଲୋକମାନଙ୍କୁ ସେମାନଙ୍କର ଘରୁ କାଢ଼ି ନିଆ ଯାଇ ସମଗ୍ର ଅଶୂରୀୟ ରାଜ୍ୟରେ ଖେଳେଇ ଦିଆହେଲା, ଯିହୂଦାରେ ନିଜର ଭାଇ ଓ ଭଉଣୀମାନଙ୍କ ଠାରୁ ସେମାନେ ସଦାସର୍ବଦା ପାଇଁ ଦୂର ହୋଇଗଲେ। ପରେ ଅନ୍ୟ ଦେଶରୁ ଲୋକମାନଙ୍କୁ ଆଣି, ଇଶ୍ରାୟେଲର ଭୂମିରୁ ଅଶୂରୀୟମାନେ ପୁନଃ ବାସ କଲେ। ଏହି ଲୋକମାନଙ୍କୁ ଯିହୂଦା ଓ ଇଶ୍ରାୟେଲର ଧର୍ମର ଶିକ୍ଷା ଦିଆ ହେଲା ଓ ସେମାନଙ୍କ ଭିତରୁ ଅନେକ ଲୋକ 'ଚୁକ୍ତି'ର ଅନୁସରଣ କରିବା ପାଇଁ ଚେଷ୍ଟା କଲେ। ଏହି ଲୋକମାନଙ୍କୁ ଶମିରୋଣୀୟ ନାମରେ ଅଭିହିତ କରା ହେଲା। ଅଶୂରୀୟ ଲୋକେ ଯିହୂଦା ଉପରେ ଆକ୍ରମଣ କରିବା ପାଇଁ ଚେଷ୍ଟା କଲେ। ଅନେକ ନଗରୀ ଆକ୍ରମଣକାରୀଙ୍କ ଆଗରେ ହାରି ଗଲେ କିନ୍ତୁ ଯିରୁଶାଲମକୁ ପରମେଶ୍ୱର ରକ୍ଷା କଲେ। ଅଶୂରୀୟର ପରାଜିତ ରାଜା ନିଜ ମାତୃଭୂମିକୁ ଫେରିଗଲା ଓ ସେଠାରେ ତାର ଦୁଇ ପୁତ୍ର ତାହାକୁ ମାରି ଦେଲେ। ଏହିପରି ଯିହୂଦା ରକ୍ଷା ପାଇଲା।

ଅଳ୍ପ ସମୟ ପାଇଁ ଯିହୂଦାର ଲୋକେ ମନ ପରିବର୍ତ୍ତନ କଲେ। ସେମାନେ ଅଳ୍ପ ସମୟ ପାଇଁ ପରମେଶ୍ୱରଙ୍କ ଆଜ୍ଞା ମାନିଲେ, କିନ୍ତୁ ଶେଷରେ ସେମାନେ ମଧ୍ୟ ହାରିଗଲେ ଓ ଛିନ୍ନ ଭିନ୍ନ ହୋଇଗଲେ। ବାବିଲୋନର ଶକ୍ତି ବଢ଼ିଲା ଓ ସେମାନେ ଯିହୂଦା ଉପରେ ଆକ୍ରମଣ କଲେ। ପ୍ରାରମ୍ଭରେ ସେମାନେ ଅଳ୍ପ କେତେକ ମହତ ଲୋକଙ୍କୁ ବନ୍ଦୀରୂପରେ ନେଇଗଲେ। କିନ୍ତୁ କେତେ ବର୍ଷ ପରେ ୫୮୭/୫୮୬ ଖ୍ରୀଷ୍ଟପୂର୍ବରେ, ସେମାନେ ଯିରୁଶାଲମ ଓ ମନ୍ଦିରକୁ ନଷ୍ଟ କରିବାପାଇଁ ପୁନଃ ଫେରିଲେ। କେତେଲୋକ ମିସରକୁ ପଳାଇଲେ, କିନ୍ତୁ ଅଧିକ ସଂଖ୍ୟକ ଲୋକଙ୍କୁ ବନ୍ଦୀ ରୂପରେ ବାବିଲୋନକୁ ନିଆ ଗଲା। ପୁଣି ପରମେଶ୍ୱର ଲୋକମାନଙ୍କ ପାଖକୁ ଭବିଷ୍ୟଦ୍‌ବକ୍ତାମାନଙ୍କୁ ପଠାଇଲେ, ଓ ଲୋକମାନେ ଶୁଣିବାରେ ମନ ଦେଲେ। ଜଣା ପଡ଼ିଲା ଯେ ମନ୍ଦିର ଓ ଯିରୁଶାଲମର ବିନାଶ ଏବଂ ବାବିଲୋନରେ (ଲୋକମାନଙ୍କ) ନିର୍ବାସନ ଦ୍ୱାରା, ଲୋକମାନଙ୍କ ଭିତରେ ପ୍ରକୃତ ପରିବର୍ତ୍ତନ ଆସିଲା। ଭବିଷ୍ୟଦ୍‌ବକ୍ତାମାନେ ନୂତନ ରାଜା ଓ ତାହାଙ୍କର ରାଜ୍ୟ ବିଷୟରେ କହିବା ଆରମ୍ଭ କଲେ। ସେମାନଙ୍କ ଭିତରେ ଜଣେ ଭବିଷ୍ୟଦ୍‌ବକ୍ତା ଯିରିମିୟ ଗୋଟିଏ ନୂତନ ଚୁକ୍ତି ବିଷୟରେ ମଧ୍ୟ କହିଲେ। ଏହି ନୂତନ ଚୁକ୍ତି ପଥରପଟ୍ଟା ଉପରେ ଲେଖା ନ ଯାଇ ପରମେଶ୍ୱରଙ୍କର ଲୋକଙ୍କ ହୃଦୟରେ ଲେଖାଯାଇଥିଲା।

## ପାଲେଷ୍ଟାଇନକୁ ଯିହୂଦୀମାନଙ୍କର ପ୍ରତ୍ୟାବର୍ତ୍ତନ

ଏହି ଭିତରେ କୋରସ ମାଦୀୟ-ପାରସିକ ସମ୍ରାଟ ହେଲେ ଓ ବାବିଲୋନକୁ ଜୟ କଲେ। ଲୋକମାନଙ୍କୁ ନିଜର ଗୃହଭୂମିକୁ ଫେରିଯିବା ଲାଗି ସେ ଅନୁମତି ଦେଲେ। ଅତଏବ ପ୍ରାୟଃ ୭୦ ବର୍ଷର ନିର୍ବାସନ ପରେ ଯିହୁଦାର ଅଧିକ ସଂଖ୍ୟକ ଲୋକେ ନିଜ ଘରକୁ ଫେରିଲେ। ଲୋକେ ନିଜ ଜାତି (ରାଷ୍ଟ୍ର)କୁ ପୁନଃ ନିର୍ମାଣ କରିବା ପାଇଁ ଚେଷ୍ଟା କଲେ କିନ୍ତୁ ଯିହୁଦା ଛୋଟ ଓ ନିର୍ମଳ ହୋଇରହିଲା। ଲୋକମାନେ ମନ୍ଦିରକୁ ପୁନଃ ନିର୍ମାଣ କଲେ କିନ୍ତୁ ଏହି ମନ୍ଦିରଟି ଶଲୋମନ ଦ୍ୱାରା ନିର୍ମିତ ମନ୍ଦିର ପରି ସୁନ୍ଦର ହୋଇ ପାରିଲା ନାହିଁ। ଅନେକ ଲୋକ ପ୍ରକୃତ ଭାବରେ ପରମେଶ୍ୱରଙ୍କ ପ୍ରତି ମନ ଦେଲେ ଏବଂ ବ୍ୟବସ୍ଥା, ଭବିଷ୍ୟଦ୍‌ବକ୍ତାମାନଙ୍କର ଲେଖା ଓ ଅନ୍ୟାନ୍ୟ ପବିତ୍ର ଲେଖାଗୁଡ଼ିକର ଅଧ୍ୟୟନ କରିବାକୁ ଲାଗିଲେ। ଅନେକ ଲୋକ ଶାସ୍ତ୍ରଗୁଡ଼ିକର ପ୍ରତିଲିପି ତିଆରି କରି ଶାସ୍ତ୍ରୀ (ବିଶେଷ ବିଦ୍ୱାନ) ହୋଇଗଲେ। ପରବର୍ତ୍ତୀ କାଳରେ ଏହି ଲୋକମାନେ ଶାସ୍ତ୍ରଗୁଡ଼ିକର ଅଧ୍ୟୟନ ଲାଗି ପାଠଶାଳାର ସ୍ଥାପନା କଲେ। ଲୋକେ ବିଶ୍ରାମଦିନ (ଶନିବାର)ରେ ଅଧ୍ୟୟନ, ପ୍ରାର୍ଥନା ଓ ଏକତ୍ର ମିଶି ପରମେଶ୍ୱରଙ୍କ ଆରାଧନା ପାଇଁ ଏକତ୍ର ହେବାକୁ ଲାଗିଲେ। ନିଜର

ପ୍ରାର୍ଥନାସଭା ଗୃହରେ ସେମାନେ ଶାସ୍ତ୍ରଗୁଡ଼ିକର ଅଧ୍ୟୟନ କରିବାକୁ ଲାଗିଲେ ଓ ଅନେକ ଲୋକ ଭବିଷ୍ୟତରେ ଖ୍ରୀଷ୍ଟ (ମଶୀହ) ଆସିବେ ବୋଲି ଅପେକ୍ଷାରେ ରହିଲେ।

ପଶ୍ଚିମରେ ସିକନ୍ଦର (ଆଲେକ୍‌ଜାଣ୍ଡର) ମହାନ୍ ଗ୍ରୀସ୍‌ଠାରେ ଶାସନ ସ୍ଥାପିତ କରିସାରିଥିଲେ। ସେ ଶୀଘ୍ର ବିଶ୍ୱରେ ବିଜୟଲାଭ କଲେ। ସେ ଦୁନିଆର ଅନେକ ଅଞ୍ଚଳରେ ଗ୍ରୀକ୍‌ର ଭାଷା, ରୀତି-ନୀତି ଓ ସଂସ୍କୃତିର ପ୍ରଚାର କଲେ। କିନ୍ତୁ ସେ ମୃତ୍ୟୁ ବରଣ କଲା ପରେ ତାହାଙ୍କ ରାଜ୍ୟ ବିଭାଜିତ ହୋଇଗଲା, ଓ ବିଶ୍ୱର ଅଧିକାଂଶ ଅଞ୍ଚଳରେ ଅନ୍ୟ ଏକ ସାମ୍ରାଜ୍ୟ ବୃଦ୍ଧି ପାଇଲା। ଏଥିରେ ପାଲେଷ୍ଟାଇନ୍ ମଧ୍ୟ ଥିଲା। ଏଠାରେ ଯିହୂଦୀଲୋକେ ରହୁଥିଲେ। ଏହି ନୂତନ ରୋମୀୟଶାସକମାନେ ପ୍ରାୟଃ ବହୁତ କ୍ରୁର ଓ ଅତ୍ୟାଚାରୀ ଥିଲେ ଓ ଯିହୂଦୀମାନେ ଅଭିମାନୀ ଏବଂ ସ୍ୱଭାବରେ ବିଦ୍ରୋହୀ ଥିଲେ। ଏହି କଷ୍ଟ (ଅଶାନ୍ତ) କାଳରେ ଅନେକ ଯିହୂଦୀ ସେମାନଙ୍କ ଜୀବନକାଳରେ ଖ୍ରୀଷ୍ଟ (ମଶୀହ)ଙ୍କର ଆଗମନ ପ୍ରତୀକ୍ଷାରେ ରହିଥିଲେ। ଯିହୂଦୀମାନେ ପରମେଶ୍ୱର ଓ ତାହାଙ୍କ ଦ୍ୱାରା ପ୍ରେରିତ ଖ୍ରୀଷ୍ଟ (ମଶୀହ)ଙ୍କ ଦ୍ୱାରା ଶାସିତ ହେବାକୁ ଇଚ୍ଛା କରୁଥିଲେ। ଏହି ଖ୍ରୀଷ୍ଟ (ମଶୀହ)ଙ୍କୁ ପରମେଶ୍ୱର ପଠାଇବେ ବୋଲି ପ୍ରତିଜ୍ଞା ଦେଇଥିଲେ। ସେମାନେ ବୁଝି ନଥିଲେ ଯେ, ପରମେଶ୍ୱର ଖ୍ରୀଷ୍ଟଙ୍କ (ମଶୀହ) ଦ୍ୱାରା ସମଗ୍ର ସଂସାରକୁ ରକ୍ଷା କରିବା ପାଇଁ ଯୋଜନା କରିଛନ୍ତି। ସେମାନେ ଭାବିଲେ ଯେ ପରମେଶ୍ୱରଙ୍କ ଯୋଜନା ସଂସାରଠାରୁ କେବଳ ଯିହୂଦୀମାନଙ୍କୁ ରକ୍ଷା କରିବା ଅଟେ। କେତେଜଣ ଯିହୂଦୀ ପରମେଶ୍ୱରଙ୍କ ଦ୍ୱାରା ପ୍ରେରିତ ଖ୍ରୀଷ୍ଟ (ମଶୀହ)ଙ୍କର ପ୍ରତୀକ୍ଷା କରିବାରେ ହିଁ ସନ୍ତୁଷ୍ଟ ଥିଲେ, କିନ୍ତୁ ଅନ୍ୟମାନେ ନୂତନ ରାଜ୍ୟର ସ୍ଥାପନାରେ ପରମେଶ୍ୱରଙ୍କୁ 'ସାହାଯ୍ୟ' କରିବା ପାଇଁ ମନସ୍ଥ କଲେ। ଏହି ଯିହୂଦୀମାନଙ୍କୁ 'ଜିଲଟ'(ଉଦ୍‌ଯୋଗୀ) କୁହାଗଲା। ଜିଲଟମାନେ ରୋମୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଚେଷ୍ଟା କଲେ ଓ ରୋମୀୟମାନଙ୍କ ସହିତ ଯେଉଁ ଯିହୂଦୀମାନଙ୍କର ସହଯୋଗ ଥିଲା, ସେମାନଙ୍କୁ ହତ୍ୟା କଲେ।

## ଯିହୂଦୀ ଧାର୍ମିକ ଦଳଗୁଡ଼ିକ

ପ୍ରଥମ ଶତାବ୍ଦୀ ଖ୍ରୀଷ୍ଟପୂର୍ବ ସୁଦ୍ଧା ମୋଶାଙ୍କ ବ୍ୟବସ୍ଥା ଯିହୂଦୀମାନଙ୍କ ଲାଗି ଅତି ମହତ୍ତ୍ୱପୂର୍ଣ୍ଣ ହୋଇଯାଇଥିଲା। ଲୋକମାନେ ଏହି ବ୍ୟବସ୍ଥାର ଅଧ୍ୟୟନ କରିଥିଲେ ଓ ବାଦାନୁବାଦ ମଧ୍ୟ କରିଥିଲେ। ଲୋକେ ଏହି ବ୍ୟବସ୍ଥାକୁ ଅନେକ ଢଙ୍ଗରେ ବୁଝିଥିଲେ କିନ୍ତୁ ଅନେକ ଯିହୂଦୀ ଏହି ବ୍ୟବସ୍ଥା ପାଇଁ ମରିବାକୁ ମଧ୍ୟ ପ୍ରସ୍ତୁତ ଥିଲେ। ଯିହୂଦୀମାନଙ୍କ ଭିତରେ ତିନୋଟି ମୁଖ୍ୟ ଧାର୍ମିକଦଳ ଥିଲେ ଓ ପ୍ରତ୍ୟେକ ଦଳର ନିଜର ଶାସ୍ତ୍ରୀ (ବିଧିଜ୍ଞାତା ବା ବିଦ୍ୱାନ) ଥିଲେ।

## ସାଦ୍ଦୁକୀ

ଗୋଟିଏ ଦଳର ନାମ ଥିଲା 'ସାଦ୍ଦୁକୀ'। ଏହି ନାମଟି ସମ୍ଭବତଃ 'ଜାଦୋକ'ରୁ ଆସିଛି। ରାଜା ଦାଉଦଙ୍କ କାଳରେ ମହାଯାଜକ ଜାଦୋକ ଥିଲେ। ଅନେକ ଯାଜକ ଓ ଅଧିକାରୀଗଣ ସାଦ୍ଦୁକୀ ଥିଲେ। ଏମାନେ କେବଳ ବ୍ୟବସ୍ଥା (ମୋଶାଙ୍କ ପାଞ୍ଚଟି ପୁସ୍ତକ)କୁ ଧାର୍ମିକ ବିଷୟର ପ୍ରମାଣ ରୂପରେ ସ୍ୱୀକାର କରୁଥିଲେ। ମୋଶାଙ୍କ ବ୍ୟବସ୍ଥା ଯାଜକତ୍ୱ ଓ ବଳି ବିଷୟରେ ବହୁତ କଥା ଶିକ୍ଷା ଦିଏ। କିନ୍ତୁ ମୃତ୍ୟୁ ପରବର୍ତ୍ତୀ କାଳରେ ଜୀବନ ବିଷୟରେ ଏହା କିଛି ଶିକ୍ଷା ଦିଏନାହିଁ, ଅତଏବ ସାଦ୍ଦୁକୀମାନେ ମୃତ୍ୟୁରୁ ପୁନର୍ଜୀବିତ ହେବା କଥାରେ ବିଶ୍ୱାସ କରନ୍ତି ନାହିଁ।

## ଫାରୂଶୀ

ଅନ୍ୟ ଗୋଟିଏ ଦଳର ନାମ ଥିଲା 'ଫାରୂଶୀ'। ଏହି ଶବ୍ଦଟି ଗୋଟିଏ ଏବ୍ରୀୟ ଶବ୍ଦରୁ ଆସିଛି। ତାର ଅର୍ଥ ହେଲା "ଅର୍ଥ କରିବା" (ବ୍ୟାଖ୍ୟା କରିବା) ବା "ଅଲଗା କରିବା।" ଏହି ଲୋକମାନେ ମୋଶାଙ୍କ ବ୍ୟବସ୍ଥାକୁ ସାଧାରଣ ଲୋକମାନଙ୍କ ନିକଟରେ ଶିକ୍ଷା ଦେଉଥିଲେ। ଫାରୁଶୀମାନେ ବିଶ୍ୱାସ କରୁଥିଲେ ଯେ, ମୋଶାଙ୍କ ସମୟ ସୁଦ୍ଧା ଗୋଟିଏ ମୌଖିକ ପରମ୍ପରା ଚାଲିଆସିଛି। ସେମାନଙ୍କର ବିଶ୍ୱାସଥିଲା ଯେ, ପ୍ରତ୍ୟେକ ଯୁଗର ଲୋକମାନେ ମୋଶାଙ୍କ ବ୍ୟବସ୍ଥାର ନିଜ ଆବଶ୍ୟକତାନୁସାରେ ଅର୍ଥ ବାହାର କରି ପ୍ରୟୋଗ କରିବାରେ ସ୍ୱାଧୀନ। ଏହାର ଅର୍ଥ ଯେ, ଫାରୂଶୀମାନେ କେବଳ ମୋଶାଙ୍କର ବ୍ୟବସ୍ଥା ନୁହେଁ ବରଂ ତା'ସହିତ ଭବିଷ୍ୟଦ୍‌ବକ୍ତା, ପବିତ୍ରଲେଖା ଓ ନିଜର ପରମ୍ପରାଗୁଡ଼ିକୁ ମଧ୍ୟ ଅଧିକୃତ ଆଚରଣ ଭାବରେ ମାନୁଥିଲେ। ଏହି ଲୋକମାନେ ବ୍ୟବସ୍ଥା ଓ ନିଜର ପରମ୍ପରାଗୁଡ଼ିକୁ ଅତି କଠୋର ଭାବରେ ପାଳନ କରିବାପାଇଁ ଚେଷ୍ଟା କରୁଥିଲେ। ସେଥିପାଇଁ ସେମାନେ କଣ ଖାଉଛନ୍ତି, ଏହା ପ୍ରତି ଅତି ସାବଧାନ ଥିଲେ। ସେମାନେ ହାତ ଧୋଇବା ଓ ସ୍ନାନ କରିବା ପାଇଁ ମଧ୍ୟ ଅତି ମାତ୍ରାରେ ଧ୍ୟାନ ଦେଉଥିଲେ। ଭବିଷ୍ୟଦ୍‌ବକ୍ତାମାନେ କହିଛନ୍ତି ଯେ, ଲୋକେ ମୃତ୍ୟୁରୁ ବଞ୍ଚି ଉଠିବେ, ତେଣୁ, ପୁନରୁତ୍ଥାନରେ ମଧ୍ୟ ସେମାନେ ବିଶ୍ୱାସ କରୁଥିଲେ।

## ଏସୀନ୍‌ସ୍

ତୃତୀୟ ମୁଖ୍ୟ ଦଳଟିର ନାମ ଥିଲା 'ଏସୀନସ୍'। ଯିରୁଶାଲମର ଅଧିକ ସଂଖ୍ୟକ ଯାଜକ, ପରମେଶ୍ୱରଙ୍କ ଇଚ୍ଛାନୁସାରେ ଜୀବନଯାପନ କରୁ ନଥିଲେ। ରୋମୀୟମାନେ ମଧ୍ୟ କେତେକ ମହାଯାଜକଙ୍କୁ ନିଯୁକ୍ତ ଦେଇଥିଲେ। ଏମାନଙ୍କ ଭିତରୁ କେତେଜଣ ମୋଶାଙ୍କ ବ୍ୟବସ୍ଥା ଅନୁସାରେ ଯାଜକ ହେବାପାଇଁ ଯୋଗ୍ୟ ମଧ୍ୟ ନଥିଲେ। ଅତଏବ ଏସୀନ୍‌ସ୍ ଦଳର

ଲୋକେ ଯିରୁଶାଲମଠାରେ ଉପାସନା ଓ ବଳି ଉଚିତ ଭାବରେ ପାଳିତ ହେଉଛି ବୋଲି ବିଶ୍ୱାସ କରୁ ନଥିଲେ। ସେଥିପାଇଁ ଇସୀନ୍ସ୍ ଦଳର ଲୋକେ ଯିହୂଦୀୟ ମରୁଭୂମିରେ ବସବାସ କରିବା ପାଇଁ ଚାଲି ଯାଇଥିଲେ। ସେମାନେ ନିଜର ଗୋଟିଏ ଅଲଗା ସମାଜ ଗଠନ କଲେ। ଏଥିରେ କେବଳ ଏସୀନ୍ସ୍ ଲୋକେ ହିଁ ଆସି ରହି ପାରୁଥିଲେ। ଏସୀନସ୍ ଲୋକେ ଉପବାସ କରୁଥିଲେ, ପ୍ରାର୍ଥନା କରୁଥିଲେ ଓ ପରମେଶ୍ୱର ଖ୍ରୀଷ୍ଟ (ମଶୀହ)ଙ୍କୁ ପଠାଇବେ ତଥା ମନ୍ଦିର ଓ ଯାଜକତ୍ୱକୁ ପବିତ୍ର କରିବେ ବୋଲି ପ୍ରତୀକ୍ଷା କରୁଥିଲେ। କେତେଜଣ ବିଦ୍ୱାନ ବିଶ୍ୱାସ କରନ୍ତି ଯେ, ଏସୀନସ୍ମାନଙ୍କର ସମ୍ପର୍କ କେତେକ ସନ୍ଦର୍ଭରେ କୁମ୍ରାନ୍ ସଂପ୍ରଦାୟ ସହିତ ଓ ଯିହୂଦୀୟ ମରୁଭୂମି ଓ କୁମ୍ରାନର ଅନ୍ୟସ୍ଥଳରେ ପ୍ରାପ୍ତ ଅନେକପ୍ରାଚୀନ ଲେଖାସହିତ ମଧ୍ୟ ଅଛି।

## ନୂତନ ନିୟମ

ପରମେଶ୍ୱର ନିଜର ଯୋଜନା କାର୍ଯ୍ୟକାରୀ କଲେ। ସେ ଗୋଟିଏ ବିଶେଷ ଜାତି (ରାଷ୍ଟ୍ର)କୁ ବାଛିଲେ। ସେହି ଲୋକମାନଙ୍କ ସହିତ ସେ ଗୋଟିଏ 'ଚୁକ୍ତି' କଲେ, ଯାହାଦ୍ୱାରା ସେମାନେ ପରମେଶ୍ୱରଙ୍କର ନ୍ୟାୟ ଓ ଉଦାରଭାବକୁ ବୁଝିବାପାଇଁ ପ୍ରସ୍ତୁତ ରହିପାରିବେ। ଗୋଟିଏ ନୂତନ ଓ ଉନ୍ନତ ଚୁକ୍ତି ଆଧାରିତ ପୂର୍ଣ୍ଣ ଆଧାତ୍ମିକ 'ରାଜ୍ୟ'ର ସ୍ଥାପନ ଦ୍ୱାରା ସଂସାରକୁ ଆଶୀର୍ବାଦ ପ୍ରଦାନ କରିବା ଯୋଜନାକୁ, ପରମେଶ୍ୱର ଭବିଷ୍ୟଦ୍‌ବକ୍ତା ଓ କବିମାନଙ୍କ ମାଧ୍ୟମରେ ପ୍ରକାଶ କଲେ। ଏହି ଯୋଜନାଟି ପ୍ରତିଶ୍ରୁତ ଖ୍ରୀଷ୍ଟ (ମଶୀହ)ଙ୍କୁ ଆଗମନ ସହିତ ଆରମ୍ଭ ହେବାକଥା ଥିଲା। ଭବିଷ୍ୟଦ୍‌ବକ୍ତାମାନେ ଏହି ଆଗମନ ବିଷୟରେ ଅତି ବିସ୍ତାରପୂର୍ବକ କହିଥିଲେ। ସେମାନେ କହିଥିଲେ ଯେ, ଯୀଶୁ (ମଶୀହ)ଙ୍କର ଜନ୍ମ କେଉଁଠାରେ ହେବ, ସେ କି ପ୍ରକାର ଲୋକ ହେବେ ଓ ତାହାଙ୍କୁ କି କି ପ୍ରକାରର କାମ କରିବାକୁ ହେବ। ଖ୍ରୀଷ୍ଟ (ମଶୀହ) ଆସିବା ଓ 'ନୂତନଚୁକ୍ତି' ଆରମ୍ଭ କରିବା ସମୟ ଏବେ ହୋଇ ଯାଇଥିଲା।

'ନୂତନ ନିୟମ'ର ଲେଖାଗୁଡ଼ିକରେ ପରମେଶ୍ୱରଙ୍କ 'ନୂତନଚୁକ୍ତି' କିପରି ପ୍ରକାଶିତ ହେଲା ଓ ଯୀଶୁଙ୍କ ଦ୍ୱାରା କିପରି କାର୍ଯ୍ୟାନ୍ୱିତ ହେଲା ସେହି ବିଷୟରେ ବର୍ଣ୍ଣନା ମିଳେ। ଯୀଶୁ ହିଁ ହେଉଛନ୍ତି ଖ୍ରୀଷ୍ଟ ଅର୍ଥାତ୍ ("ଅଭିଷିକ୍ତ" ମଶୀହ) ସେମାନେ ଶିକ୍ଷା ଦିଅନ୍ତି ଯେ, ଏହି ନୂତନ ଚୁକ୍ତିଟି ସମସ୍ତଙ୍କ ପାଇଁ ଅଟେ। ଏଥିରେ ଏହା ମଧ୍ୟ ବର୍ଣ୍ଣିତ ଯେ, କିପରି ପ୍ରଥମ ଶତାବ୍ଦୀର ଲୋକେ ପରମେଶ୍ୱରଙ୍କର ଏହି ଅନୁଗ୍ରହ ମୂଳକ ପ୍ରେମ ଉପହାରକୁ ଗ୍ରହଣକଲେ ଓ ନୂତନ ଚୁକ୍ତିର ଅଂଶୀଦାର ହୋଇଗଲେ। ସେହି ଲେଖାଗୁଡ଼ିକ ଏହା ମଧ୍ୟ ବର୍ଣ୍ଣନା କରେ ଯେ, ପରମେଶ୍ୱର ନିଜର ପ୍ରତିଜ୍ଞା ଅନୁସାରେ ନିଜ ଲୋକମାନଙ୍କୁ କିପରି ଆଶୀର୍ବାଦ କରିଥିଲେ, ଯାହା ଦ୍ୱାରା ସେମାନେ ସମ୍ପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ ଜୀବନ ସଂସାରରେ ଯାପନ କରିପାରିବେ ଓ ମୃତ୍ୟୁ ପରେ ତାହାଙ୍କ ସହିତ ଜୀବନଯାପନ କରିବେ।

'ନୂତନ ନିୟମ'ରେ ଅନ୍ତତଃ ଆଠ ଜଣ ବିଭିନ୍ନ ଲେଖକ ମାନଙ୍କର ୨୭ଟି ବିଭିନ୍ନ ପୁସ୍ତକ ସମ୍ମିଳିତ। ସେହି ଲେଖକମାନେ ଗ୍ରୀକ୍ ଭାଷାରେ ଲେଖିଛନ୍ତି। ଏହି ଭାଷା ପ୍ରଥମ ଶତାବ୍ଦୀବେଳକୁ ବିଶ୍ୱରେ ବ୍ୟାପକ ଭାବରେ ପ୍ରଚଳିତ ଥିଲା। ମୋଟ ଲେଖାର ଅଧାରୁ ଅଧିକ ଲେଖା ମାତ୍ର ଚାରି ଜଣ "ପ୍ରେରିତ" ଲେଖିଛନ୍ତି। ଏହି ପ୍ରେରିତମାନେ ଯୀଶୁଙ୍କ ଦ୍ୱାରା ସେମାନଙ୍କର ବିଶେଷ ସାହାଯ୍ୟକାରୀ ଭାବରେ ବଛା ଯାଇଥିଲେ। ପୃଥିବୀରେ ଜୀବିତ ଥିବାବେଳେ ଯୀଶୁଙ୍କ ସହିତ ଅତି ନିବିଡ଼ ଭାବେ ଘନିଷ୍ଠଥିବା ବାରଜଣ ଶିଷ୍ୟମାନଙ୍କ ଭିତରୁ ମାଥିଉ, ଯୋହନ ଓ ପିତର ତିନିଜଣ ଥିଲେ। ଅନ୍ୟ ଜଣେ ଲେଖକ ଥିଲେ ପାଉଲ। ଯୀଶୁ ଚମତ୍କାର ଭାବେ ତାହାଙ୍କୁ ଦର୍ଶନ ଦେଇଥିଲେ। ସେ ପରେ ଯୀଶୁଙ୍କର 'ପ୍ରେରିତ'ଭାବେ ବଛା ହୋଇଥିଲେ।

ପ୍ରଥମ ଚାରୋଟି ପୁସ୍ତକକୁ "ସୁସମାଚାର" ବୋଲି କୁହାଯାଏ। ଏଗୁଡ଼ିକରେ ଯୀଶୁଙ୍କର ଜୀବନ ଓ ମୃତ୍ୟୁ ବିଷୟରେ ଭିନ୍ନ ଭିନ୍ନ ବିବରଣୀ ପ୍ରଦତ୍ତ ହୋଇଛି। ଉକ୍ତ ପୁସ୍ତକଗୁଡ଼ିକ ଯୀଶୁଙ୍କର କେବଳ ଐତିହାସିକ ତଥ୍ୟ ଉପରେ ଗୁରୁତ୍ୱ ନ ଦେଇ ଯୀଶୁଙ୍କର ଉପଦେଶ, ପୃଥିବୀରେ ତାହାଙ୍କର ପ୍ରକାଶିତ ହେବାର ପ୍ରୟୋଜନ ଓ ତାହାଙ୍କର କ୍ରୁଶରେ ମୃତ୍ୟୁର ମହତ୍ତ୍ୱ ପ୍ରତିପାଦନ କରନ୍ତି। ଯୋହନଙ୍କର (ଚତୁର୍ଥ) ସୁସମାଚାରର ପୁସ୍ତକରେ ଉକ୍ତ କଥାଟି ଅଧିକ ସଠିକଭାବେ ପ୍ରତିଫଳିତ। ପ୍ରଥମ ତିନୋଟି ସୁସମାଚାର ବିଷୟ ଦୃଷ୍ଟିରୁ ପରସ୍ପର (ଅଧିକ) ସମାନ। ପ୍ରକୃତରେ ଗୋଟିଏ ପୁସ୍ତକରେ ଅଧିକାଂଶ ବିଷୟ ବସ୍ତୁ ଅନ୍ୟ ଦୁଇଟି ପୁସ୍ତକରେ ମଧ୍ୟ ସମାନ ଭାବରେ ଏକାଭଳି ମିଳେ। ପ୍ରତ୍ୟେକ ଲେଖକ ଭିନ୍ନ ପ୍ରକାରର ପାଠକଙ୍କୁ ଲକ୍ଷ୍ୟରେ ରଖି ଲେଖିଛନ୍ତି ଓ ଜଣାପଡ଼େ ଯେ ପ୍ରତ୍ୟେକ ଲେଖକର ଦୃଷ୍ଟିରେ ଲକ୍ଷ୍ୟଟି ଭିନ୍ନ ଅଟେ।

ଉକ୍ତ ଚାରୋଟି ସୁସମାଚାର ପୁସ୍ତକ ପରେ 'ପ୍ରେରିତମାନଙ୍କର କାର୍ଯ୍ୟ' ନାମକ ପୁସ୍ତକଟି ଅଛି। ଏଥିରେ ଯୀଶୁଙ୍କ ମୃତ୍ୟୁ ପରବର୍ତ୍ତୀଘଟଣା ଗୁଡ଼ିକର ଇତିହାସ ଉଲ୍ଲିଖିତ। ଏଥିରେ ବର୍ଣ୍ଣିତ ଅଛି ଯେ, ଯୀଶୁଙ୍କ ଶିଷ୍ୟମାନଙ୍କ ଦ୍ୱାରା ସମସ୍ତଙ୍କପାଇଁ ଉଦ୍ଦିଷ୍ଟ ପରମେଶ୍ୱରଙ୍କ ପ୍ରେମଉପହାର କିପରି ସମଗ୍ର ସଂସାରରେ ଘୋଷିତ କରାହେଲା। ଏହା କୁହେ ଯେ, କିପରି ଏହି 'ସୁସମାଚାର'ର ଘୋଷଣା ଦ୍ୱାରା, ପାଲେଷ୍ଟାଇନ ଓ ରୋମୀୟ ଜଗତରେ ଖ୍ରୀଷ୍ଟୀୟ ଧର୍ମ (ବିଶ୍ୱାସ)କୁ ବ୍ୟାପକ ଭାବେ ଗ୍ରହଣ କରାଗଲା। 'ପ୍ରେରିତମାନଙ୍କର କାର୍ଯ୍ୟ' ନାମରେ ଏହି ପୁସ୍ତକଟି ଲୂକ ଲେଖିଥିଲେ। ସେଥିରେ ଯାହା କିଛି ବା ସେ ଲେଖିଛନ୍ତି ସେଗୁଡ଼ିକର ଅଧିକାଂଶ ଘଟଣାର ସେ ହେଉଛନ୍ତି ନିଜେ ପ୍ରତ୍ୟକ୍ଷଦର୍ଶୀ। ଲୂକ ତୃତୀୟ ସୁସମାଚାରର ମଧ୍ୟ

ଲେଖକ ଥିଲେ। ତାହାଙ୍କର ଦୁଇଟି ଯାକ ବହିରେ ତର୍କପୂର୍ଣ୍ଣ ସଙ୍ଗତି ମିଳେ। କାରଣ 'ପ୍ରେରିତମାନଙ୍କର କାର୍ଯ୍ୟ' ଯୀଶୁଙ୍କ ଜୀବନ ବୃତ୍ତାନ୍ତର ସହଜ ପରିଣତି ଅଟେ। 'ପ୍ରେରିତମାନଙ୍କ କାର୍ଯ୍ୟ' ପରେ ପତ୍ରଗୁଡ଼ିକର ଗୋଟିଏ ସଂକଳନ ଅଛି। ଏଗୁଡ଼ିକ ବ୍ୟକ୍ତିବିଶେଷଙ୍କୁ ବା ଖ୍ରୀଷ୍ଟିୟାନ ଦଳଗୁଡ଼ିକୁ ଲେଖାଯାଇଛି। ଏହି ପତ୍ରଗୁଡ଼ିକ ଖ୍ରୀଷ୍ଟଙ୍କ ପ୍ରେରିତ ପିତର ଓ ପାଉଲଙ୍କ ଭଳି ଖ୍ରୀଷ୍ଟିୟାନ ନେତାମାନଙ୍କଠାରୁ ପଠାଯାଇଥିଲା। ସେ ସମୟର ଲୋକମାନେ ଯେଉଁ ସମସ୍ୟାମାନଙ୍କର ସମ୍ମୁଖୀନ ହେଉଥିଲେ, ସେଗୁଡ଼ିକୁ ସମାଧାନ କରିବାରେ ସାହାଯ୍ୟ କରିବାପାଇଁ ଏହି ପତ୍ରଗୁଡ଼ିକ ଲେଖାଯାଇଥିଲା। ଏହି ପତ୍ରଗୁଡ଼ିକ ସେହିଲୋକମାନଙ୍କୁ କେବଳ ଯେ ତଥ୍ୟ ଯୋଗାଇବା, ସଂଶୋଧନ କରିବା, ଶିକ୍ଷାଦେବା, ଓ ଉତ୍ସାହିତ କରିବାପାଇଁ ଲେଖା ଯାଇଥିଲା ତା ନୁହେଁ, ବରଂ ସମସ୍ତ ଖ୍ରୀଷ୍ଟିୟ ଲୋକମାନଙ୍କୁ ସେମାନଙ୍କର ବିଶ୍ୱାସ, ପାରସ୍ପରିକ ଜୀବନ ଓ ସଂସାରିକ ଜୀବନରେ ସାହାଯ୍ୟ କରିବା ପାଇଁ ମଧ୍ଯ ଲେଖା ଯାଇଥିଲା।

'ନୂତନ ନିୟମ'ର ଶେଷ ପୁସ୍ତକଟି 'ପ୍ରକାଶିତ ବାକ୍ୟ' ଅଟେ। ଏହି ପୁସ୍ତକଟି ଅନ୍ୟ ସବୁ ପୁସ୍ତକଗୁଡ଼ିକ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ପ୍ରେରିତ 'ଯୋହନ'ଙ୍କ ଦ୍ୱାରା ନିଜ ଦିବ୍ୟଦର୍ଶନର ଉଲ୍ଲେଖ ଅତ୍ୟନ୍ତ ରୂପକ ବା ସାଙ୍କେତିକ ଭାଷାରେ ମିଳେ। ଏହାର ଅନେକଗୁଡ଼ିଏ ଅଳଂକାର ଓ ଚିତ୍ର 'ପୁରାତନ ନିୟମ'ରୁ ଗୃହୀତ। ଓ ସେଗୁଡ଼ିକ 'ପୁରାତନ ନିୟମ'ର ପୁସ୍ତକଗୁଡ଼ିକ ସହିତ ତୁଳନା କରି ସାରିଲା ପରେ ହିଁ ଭଲ ଭାବରେ ବୁଝି ହୁଏ। ଏହି ଶେଷ ପୁସ୍ତକଟି ପରମେଶ୍ୱରଙ୍କ ପ୍ରତି ବିଶ୍ୱାସୀ ଖ୍ରୀଷ୍ଟିୟାନମାନଙ୍କୁ ଆଶ୍ୱସ୍ତ କରେ ଯେ; ପରମେଶ୍ୱର ଓ ଯୀଶୁଖ୍ରୀଷ୍ଟ (ଯିଏ ସେମାନଙ୍କର ବିଶ୍ୱାସର ନେତା ଓ ସାହାଯ୍ୟକାରୀ)ଙ୍କ ଶକ୍ତି ସାହାଯ୍ୟରେ, ସେମାନଙ୍କର ମନ୍ଦ ଶକ୍ତିଗୁଡ଼ିକ ଉପରେ ଅନ୍ତିମ ବିଜୟ ହାସଲହେବ।

## ନୂତନ ନିୟମର ପୁସ୍ତକ ଗୁଡ଼ିକ ବିଷୟରେ

ନୂତନ ନିୟମର ପୁସ୍ତକଗୁଡ଼ିକ ସମ୍ପର୍କରେ ନିମ୍ନଲିଖିତ ବର୍ଣ୍ଣନା ପ୍ରତ୍ୟେକ ପୁସ୍ତକକୁ ପାଠ କରିବା ପାଇଁ ପ୍ରସ୍ତୁତି କରିବାରେ ସହାୟକ ହେବ।

**ମାଥିଉ:** ଯୀଶୁଙ୍କର ବାରଜଣ ଶିଷ୍ୟମାନଙ୍କ ଭିତରୁ ମାଥିଉ ଜଣେ। ସେ ଯିହୂଦୀୟ କର ଆଦାୟକାରୀ ରୂପରେ କାମ କରୁଥିଲେ। ସେ କାମ କରୁଥିବା ବେଳେ ଯୀଶୁ ତାହାଙ୍କୁ ପ୍ରେରିତଭାବରେ ବାଛିଥିଲେ। ମାଥିଉଙ୍କର ଲେଖାରେ ତାହାଙ୍କର ଯିହୂଦୀୟ ପୃଷ୍ଠଭୂମି ଓ ସେଥିପ୍ରତି ତାହାଙ୍କର ଅଭିରୁଚି ଦର୍ଶାଇଥାଏ। 'ପୁରାତନ ନିୟମ'ର ଭବିଷ୍ୟଦ୍‌ବାଣୀଗୁଡ଼ିକ କିପରି ଯୀଶୁଙ୍କ ଜୀବନରେ ସଫଳ ହେଲା, ସେଗୁଡ଼ିକ ଉଲ୍ଲେଖ କରିବାରେ ମାଥିଉ ବିଶେଷ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରକୃତରେ ମାଥିଉଙ୍କର ପୁସ୍ତକ ଯୀଶୁଙ୍କର ଉପଦେଶଗୁଡ଼ିକୁ କେନ୍ଦ୍ର କରି ଲେଖାଯାଇଛି।

**ମାର୍କ:** ମାର୍କ ଜଣେ ଯୁବକ ଥିଲେ। ସେ ପ୍ରେରିତମାନଙ୍କର ସାହାଯ୍ୟକାରୀ ଥିଲେ। ତାହାଙ୍କର ଲେଖିବା ଶୈଳୀ ସଂକ୍ଷିପ୍ତ। ତାହା ଗତିଶୀଳ ମଧ୍ଯ। ମାଥିଉ ଓ ଲୂକ ଭଳି, ସେ ଯୀଶୁଙ୍କର ଉପଦେଶ ପ୍ରତି ଏତେ ଆଗ୍ରହୀ ନୁହଁନ୍ତି। ମାର୍କଙ୍କର ଲେଖିବା ଉଦ୍ଦେଶ୍ୟ ଥିଲା ଯେ ସେ ଅଣଯିହୂଦୀ ଓ ରୋମୀୟ ବିଦ୍ୱାନମାନଙ୍କ ହୃଦୟ ଜିଣିବେ। ଅତଏବ ସେ ଯୀଶୁଙ୍କୁ ପରମେଶ୍ୱରଙ୍କ ପୁତ୍ର ବୋଲି ପ୍ରମାଣିତ କରୁଥିବା କାର୍ଯ୍ୟଗୁଡ଼ିକୁ ଦେଖାଇ ଅଛନ୍ତି। ମାର୍କଙ୍କର ଇଚ୍ଛା ଯେ ଲୋକେ ଜାଣନ୍ତୁ ଯେ, ଯୀଶୁ ଆମ୍ଭମାନଙ୍କୁ ପାପର ପରିଣାମରୁ ରକ୍ଷା କରିବାପାଇଁ ଏହି ପୃଥିବୀକୁ ଆସିଥିଲେ।

**ଲୂକ:** ଏହି ପୁସ୍ତକଟି ପ୍ରେରିତ ପାଉଲଙ୍କ ଯାତ୍ରାର ସହଯାତ୍ରୀ ଲୂକଙ୍କ ଦ୍ୱାରା ଲେଖା ଯାଇଥିବା ଦୁଇଟି ପୁସ୍ତକରୁ ଗୋଟିଏ। ଲୂକ ଜଣେ ଶିକ୍ଷିତ ଡାକ୍ତର ଓ ପ୍ରତିଭାଶାଳୀ ଲେଖକ ଥିଲେ। ଜଣା ପଡ଼େ ଯେ, ସେ, ମାଥିଉ ଓ ମାର୍କଙ୍କର ପୁସ୍ତକଗୁଡ଼ିକ ସହିତ ଅଧିକ ସୁପରିଚିତ ଥିଲେ। କିନ୍ତୁ ସେ ନିଜ ପୁସ୍ତକରେ ଅଣଯିହୂଦୀମାନଙ୍କୁ ରୁଚିକର ହେବା ଭଳି ଅଂଶଗୁଡ଼ିକୁ ହିଁ ସେମାନଙ୍କ ପୁସ୍ତକଗୁଡ଼ିକରୁ ଗ୍ରହଣ କରିଛନ୍ତି। ଅନ୍ୟ 'ସୁସମାଚାର' ଲେଖକମାନଙ୍କ ତୁଳନାରେ ଲୂକ ଯୀଶୁଙ୍କ ଜୀବନର ବିବରଣୀକୁ କ୍ରମବଦ୍ଧ ଓ ଐତିହାସିକ ବାସ୍ତବ ଘଟଣା ଭାବରେ ବର୍ଣ୍ଣିତ। କିନ୍ତୁ ଏପରି କଲାବେଳେ ସେ ଯୀଶୁଙ୍କ ଜୀବନର ଘଟଣାଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରିଅଛନ୍ତି। ସେ ଯୀଶୁଙ୍କୁ ପ୍ରେମମୟ ଓ ମନଯୋଗୀ ଭାବରେ ଚିତ୍ରିତ କରିଛନ୍ତି। ଯୀଶୁ ନିଜ ଲୋକମାନଙ୍କୁ ଜୀବନର ପ୍ରକୃତ ଅର୍ଥ ବୁଝାଇ ଦିଅନ୍ତି ଓ ସେ ସମସ୍ତଙ୍କ ଆବଶ୍ୟକତା ବେଳେ ସେମାନଙ୍କ ପାଖରେ ପହଁଞ୍ଚି ପାରନ୍ତି। ସେ ସମ୍ପୂର୍ଣ୍ଣ ସାମର୍ଥ୍ୟରେ ସେମାନଙ୍କୁ ସାହାଯ୍ୟ କରିପାରିବେ ଓ ସେମାନଙ୍କୁ ରକ୍ଷା କରିବା କ୍ଷମତାରେ ସେ ପରିପୂର୍ଣ୍ଣ ଅଟନ୍ତି।

**ଯୋହନ:** ଏହି ସୁସମାଚାରଟି ଅନ୍ୟ ତିନୋଟି ସୁସମାଚାର ଠାରୁ ଅତ୍ୟନ୍ତ ଭିନ୍ନ ଅଟେ। ଏହାର ସୁନ୍ଦର ଓ ଗଭୀର ଭୂମିକାରୁ ଆମ୍ଭେ ଏହାର ପ୍ରମାଣ ପାଉ। ଯୋହନ ନିଜ ସୁସମାଚାରରେ, ଅନ୍ୟ ସୁସମାଚାର ଗୁଡ଼ିକରେ ନ ଥିବା ବିଷୟଗୁଡ଼ିକ ଉଲ୍ଲେଖ କରିଛନ୍ତି। ସେ ଯୀଶୁଙ୍କୁ ଏହି 'ପୃଥିବୀର ମଶୀହ', 'ସ୍ୱର୍ଗରୁ ଆସିଥିବା ପରମେଶ୍ୱରଙ୍କ ପୁତ୍ର' ଓ 'ମୁକ୍ତିଦାତା' ଭାବରେ ପ୍ରମାଣିତ କରିବା ପାଇଁ ମୁଖ୍ୟତଃ ଆଗ୍ରହ ପ୍ରକାଶ କରିଛନ୍ତି।

**ପ୍ରେରିତମାନଙ୍କର କାର୍ଯ୍ୟ:** ଲୂକ ଦ୍ୱାରା ରଚିତ ଏହି ପୁସ୍ତକର ବିଷୟ ତାହାଙ୍କର ପ୍ରଥମ ପୁସ୍ତକର ଶେଷ ପରେ ଆରମ୍ଭ ହୁଏ । ପ୍ରାରମ୍ଭରେ ଯୀଶୁ ନିଜ ଶିଷ୍ୟମାନଙ୍କୁ ଆଦେଶ ଦେଇଛନ୍ତି ଯେ ସେମାନେ ପରମେଶ୍ୱରଙ୍କ ଆମ ପ୍ରତି ଥିବା ଅସୀମ ପ୍ରେମ ବିଷୟକ 'ସୁସମାଚାର'ର ବାକ୍ୟ ସମଗ୍ର ସଂସାରରେ ପ୍ରଚାର କରନ୍ତୁ । ଯୀଶୁ ଚାହିଁଥିଲେ ଯେ, ଲୋକମାନଙ୍କୁ ପାପର ପରିଣାମରୁ ରକ୍ଷା କରିବା ପାଇଁ ଥିବା ତାହାଙ୍କର ଦିବ୍ୟ ସନ୍ଦେଶଗୁଡ଼ିକୁ ଶିଷ୍ୟମାନେ ନିଜର ଜ୍ଞାନ ବଳରେ ଅନ୍ୟମାନଙ୍କ ପାଇଁ ପ୍ରସାରିତ କରନ୍ତୁ । ପିତର ଓ ପାଉଲ ଏହି ଦୁଇ ଜଣ ମୁଖ୍ୟ ଲୋକଙ୍କ ଦ୍ୱାରା ଏହି କାର୍ଯ୍ୟ କିପରି ପୂର୍ଣ୍ଣ ହେଲା ତାହାର ଚିତ୍ତାକର୍ଷକ ବିବରଣୀ ଲୂକ ଦେଇଛନ୍ତି । ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଖ୍ରୀଷ୍ଟଧର୍ମ ଯିରୁଶାଲମରୁ ଲଘୁ ଭାବରେ ଆରମ୍ଭ ହୋଇ କିପରି ଅତି ଶୀଘ୍ର ଯିହୂଦା,ଶମିରୋଣର ନିକଟବର୍ତ୍ତୀ ଅଞ୍ଚଳ ହୋଇ ଶେଷରେ ରୋମ ରାଜ୍ୟ ସୁଦ୍ଧା ବ୍ୟାପି ଯାଇ ଥିଲା!

ପାଉଲ ଓ ଅନ୍ୟ ପ୍ରେରିତମାନଙ୍କର ପତ୍ର ପରବର୍ତ୍ତୀ ଭାଗରେ ସନ୍ନିହିତ । ପାଉଲଙ୍କ ପତ୍ରଗୁଡ଼ିକ ପ୍ରଥମରେ ଅଛି । ପ୍ରେରିତ ପାଉଲ (ପୂର୍ବରୁ ଶାଉଲ ନାମରେ ଖ୍ୟାତ) ଜଣେ ସୁଶିକ୍ଷିତ ଯିହୂଦୀ ଥିଲେ । ସିଲିସିଆର ତାର୍ଷଶରୁ ସେ ଆସିଥିଲେ । ପାଉଲଙ୍କର ଶିକ୍ଷା ଯିରୁଶାଲମ ଠାରେ ହୋଇଥିଲା, ସେ ଫାରୁଶୀମାନଙ୍କର ନେତା ଥିଲେ ଓ ଆରମ୍ଭରେ ଖ୍ରୀଷ୍ଟଧର୍ମ ବିସ୍ତାରର ଘୋର ବିରୋଧୀ ମଧ୍ୟ ଥିଲେ । ଯୀଶୁ ତାହାଙ୍କୁ ଦର୍ଶନ ଦେଇଥିଲେ । ତା'ପରେ ତାହାଙ୍କର ଜୀବନର ଦିଗ ବଦଳି ଯାଇ ଥିଲା । ଦଶବର୍ଷ ପରେ ସେ କେତେଗୁଡ଼ିଏ ଯାତ୍ରା ମାଧ୍ୟମରେ ମଶୀହଙ୍କର (ଖ୍ରୀଷ୍ଟଙ୍କର) ସୁସମାଚାର ପ୍ରଚାର କଲେ । ଏହି କାଳ ଭିତରେ ସେ ମଣ୍ଡଳୀଗୁଡ଼ିକୁ (ଖ୍ରୀଷ୍ଟ ଦଳ) ଓ ଅନ୍ୟ ବ୍ୟକ୍ତିମାନଙ୍କୁ ଅନେକ ପତ୍ର ଲେଖିଥିଲେ । ସେ ମୋଟ ତେରଟି ପତ୍ର ନୂତନ ନିୟମରେ ଲେଖିଛନ୍ତି । ଏହି ପତ୍ର ଗୁଡ଼ିକର ପରିଚୟ ନିମ୍ନରେ ଦିଆଯାଉଛି:

**ରୋମୀୟ :**ରୋମୀୟମାନଙ୍କୁ ଲେଖାହୋଇଥିବା ପାଉଲଙ୍କର ଏହି ପତ୍ରଟି ତାହାଙ୍କ ଦ୍ୱାରା ସବୁଠାରୁ ଲମ୍ବା ଓ ସଂମ୍ପୂର୍ଣ୍ଣ ଅଟେ । ଅଧିକ ସଂଖ୍ୟାରେ ଏହି ପତ୍ରଗୁଡ଼ିକ, ଯୀଶୁ ଯେଉଁ ସହରଗୁଡ଼ିକରେ ପ୍ରଚାର କରିଥିଲେ ଓ ମଣ୍ଡଳୀ ସଙ୍ଗଠନ କରିଥିଲେ, ସେହି ସହରର ଖ୍ରୀଷ୍ଟିୟାନମାନଙ୍କପାଇଁ ଉଦ୍ଦିଷ୍ଟ । ରୋମୀୟମାନଙ୍କ ନାମରେ ପତ୍ର ଲେଖିଲା ବେଳେ ସୁଦ୍ଧା ପାଉଲ ରୋମ ଯାଇ ନ ଥିଲେ । ୫୮ ଖ୍ରୀଷ୍ଟାବ୍ଦରେ ସେ ଗ୍ରୀସ୍‌ରେ ଥିଲେ ଓ ରୋମ ଯିବାପାଇଁ ଅସମର୍ଥ ଥିଲେ, ଅତଏବ ନିଜର ଉପଦେଶଗୁଡ଼ିକୁ ପତ୍ରରେ ଲେଖି ପଠାଇଥିଲେ । ଏହି ପତ୍ର ଖ୍ରୀଷ୍ଟଧର୍ମର ସିଦ୍ଧାନ୍ତ ଓ ସତ୍ୟକୁ ଖୁବ୍ ସତର୍କତା ପୂର୍ବକ ଲେଖାଯାଇଛି ।

**ପ୍ରଥମ କରିନ୍ଥୀୟ ଓ ଦ୍ୱିତୀୟ କରିନ୍ଥୀୟ** :ଗ୍ରୀସ୍‌ର ଗୋଟିଏ ପୁରାତନ ସହର କରିନ୍ଥୀର ଖ୍ରୀଷ୍ଟିୟାନମାନଙ୍କ ନାମରେ ପାଉଲଙ୍କ ଦ୍ୱାରା ଏହି ପତ୍ର ଦ୍ୱୟ ଲିଖିତ । ଦୁଇଟିଯାକ ପତ୍ରର ଆରମ୍ଭରେ ପାଉଲ ସେଠାକାର ଖ୍ରୀଷ୍ଟିୟାନଲୋକମାନଙ୍କ ମଧ୍ୟରେ ଉପୁଜି ଥିବା କେତେକ ସମସ୍ୟା ଓ ସେମାନଙ୍କ ଦ୍ୱାରା ଉପସ୍ଥାପିତ କେତେକ ପ୍ରଶ୍ନର ଉତ୍ତର ଦେଇଛନ୍ତି । ଯେପରି ଖ୍ରୀଷ୍ଟିୟ ଏକତା, ବିବାହ, ଯୌନ ପାପ, ଛାଡ଼ପତ୍ର ଓ ଯିହୂଦୀ ରୀତି ନୀତି । ଏଥିରେ ତ୍ରୟୋଦଶ ଅଧ୍ୟାୟଟି ବିଶେଷ ମହତ୍ତ୍ୱପୂର୍ଣ୍ଣ । ଏଥିରେ କୁହାଯାଇଛି ଯେ ସମସ୍ତ ସମସ୍ୟାଗୁଡ଼ିକର ସମାଧାନ ହେଉଛି 'ପ୍ରେମ' । ପ୍ରେମ ସିଦ୍ଧ ଅଟେ । କରିନ୍ଥୀମାନଙ୍କୁ ଲେଖିଥିବା ଦ୍ୱିତୀୟ ପତ୍ରଟିରେ, ପ୍ରଥମ ପତ୍ରଟି ପାଇଲା ପରେ କରିନ୍ଥୀୟମାନେ ଯେଉଁ ଉତ୍ତର ଦେଇଥିଲେ, ସେ ବିଷୟରେ ପାଉଲ ପରବର୍ତ୍ତୀ ଆଲୋଚନା କରିଛନ୍ତି ।

**ଗାଲାତୀୟ :** ଗାଲାତୀୟମାନଙ୍କ ନାମରେ ଲିଖିତ ପାଉଲଙ୍କର ଏହିପତ୍ରଟି ଗାଲାତୀୟର ଖ୍ରୀଷ୍ଟିୟାନମାନଙ୍କର ଗୋଟିଏ ଭିନ୍ନ ପ୍ରକାରର ସମସ୍ୟା ସହିତ ଜଡ଼ିତ । ପାଉଲ ସେଠାରେ ଖ୍ରୀଷ୍ଟଙ୍କ ସୁସମାଚାର ଘୋଷଣା କଲେ ଓ କେତେଗୁଡ଼ିଏ ମଣ୍ଡଳୀ ସ୍ଥାପନ ମଧ୍ୟ କଲେ । ପରେ ସେଠାରେ ଯିହୂଦୀ ଉପଦେଶକମାନଙ୍କର ଗୋଟିଏ ଦଳ କେତେକ ଏପରି କଥାର ପ୍ରଚାର କଲେ, ଯାହା ଯୀଶୁଙ୍କ ପ୍ରକୃତ ଉପଦେଶ ନୁହେଁ । ଏହା ଦ୍ୱାରା ଗୋଟିଏ ଗଭୀର ସମସ୍ୟା ଠିଆ ହେଲା, କାରଣ ଜଣେ ଲୋକର ପରମେଶ୍ୱରଙ୍କ ସହିତ ପରସ୍ପର ସମ୍ବନ୍ଧ କ'ଣ, ତା ସହିତ ଏହାର ସମ୍ପର୍କ ଥିଲା । ଗାଲାତୀୟ ସୁଦ୍ଧା ଯାତ୍ରା କରି ନ ପାରି ପାଉଲ ଏହି ପତ୍ର ମାଧ୍ୟମରେ ନିଜର ବିଚାର ଦୃଢ଼ ଭାବରେ ଉପସ୍ଥାପିତ କଲେ । ପାଉଲଙ୍କ ଦ୍ୱାରା ରୋମୀୟମାନଙ୍କୁ ଲେଖାଯାଇଥିବା ପତ୍ର ଭଳି, ଏହି ପତ୍ରଟି ମଧ୍ୟ ଖ୍ରୀଷ୍ଟଧର୍ମର ମୂଳଦୁଆ ସହିତ ସମ୍ବନ୍ଧ ରଖିଥିବାରୁ ଅନ୍ୟ ପତ୍ରଗୁଡ଼ିକ ଠାରୁ ଭିନ୍ନ ଅଟେ ।

**ଏଫିସୀୟ :**ପାଉଲ ଏହି ପତ୍ରଟି କାରାଗାରରୁ ଲେଖିଥିଲେ । କିନ୍ତୁ ଆମେ ଜାଣୁନା ଯେ ସେ କେଉଁଠାରୁ ଓ କେବେ ଲେଖିଲେ । ଏହି ପତ୍ରର ବିଷୟବସ୍ତୁ ପୃଥିବୀର ସମସ୍ତ ଲୋକେ ଖ୍ରୀଷ୍ଟ (ମଶୀହ)ଙ୍କ ରାଜ୍ୟରେ ସମ୍ମିଳିତ ହୋଇଯିବେ ବୋଲି ପରମେଶ୍ୱରଙ୍କ ଯୋଜନା ସହିତ ସମ୍ବନ୍ଧିତ । ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କୁ ପାଉଲ ଶିକ୍ଷା ଦେଇଛନ୍ତି ଯେ ସେମାନେ ଭ୍ରାତୃଭାବ ନେଇ ରୁହନ୍ତୁ ଓ ସେମାନେ ନିଜ ଲୋକଙ୍କ ଲାଗି ତଥା ପରମେଶ୍ୱରଙ୍କ ଉଦ୍ଦେଶ୍ୟ ପ୍ରତି ପୂର୍ଣ୍ଣଭାବରେ ସମର୍ପିତ ହୁଅନ୍ତୁ ।

**ଫିଲପ୍ପୀୟ :** ଫିଲପ୍ପୀୟଙ୍କୁ ମଧ ପାଉଲ ଏହ ପତ୍ରଟି କାରାଗାରରୁ ଲେଖିଥିଲେ। ସମ୍ଭବତଃ ଏହ ପତ୍ରଟି ରୋମରୁ ଲେଖାଯାଇଛ। ସେହ ସମୟରେ ପାଉଲ କେତେଗୁଡ଼ଏ ସମସ୍ୟାର ସମ୍ମୁଖୀନ ହୋଇଥିଲେ। କନ୍ତୁ ଏହ ପତ୍ରର ଆନନ୍ଦ ଓ ସାନ୍ତ୍ୱନା ପ୍ରଦାନରେ ପରମେଶ୍ୱରଙ୍କ ପ୍ରତି ତାହାଙ୍କର ଅଖଣ୍ଡ ବଶ୍ୱାସ ପରଲକ୍ଷିତ ହୁଏ। ଫିଲପ୍ପୀୟ ଖ୍ରୀଷ୍ଟୀୟାନମାନଙ୍କୁ ପ୍ରୋତ୍ସାହନ ଦେବା ଓ ସେମାନଙ୍କ ଦ୍ୱାରା ପ୍ରଦତ୍ତ ଆର୍ଥିକ ସାହାଯ୍ୟଲାଗି ସେମାନଙ୍କୁ ଧନ୍ୟବାଦ ପ୍ରଦାନକରବା ଉଦ୍ଦେଶ୍ୟରେ ଏହ ପତ୍ରଟି ଲେଖା ଯାଇଥିଲା।

**କଲସୀୟ :** କଲସୀୟମାନଙ୍କୁ ଲଖିତ ପାଉଲଙ୍କ ଏହ ପତ୍ରଟି, ଏସିଆ ମାଇନର (ତୁର୍କୀ)ର ସହର କଲସୀର, କେତେକ ଅସତ୍ୟ ଉପଦେଶ ପାଇଁ ଅସ୍ତବ୍ୟସ୍ତରେ ପଡ଼ଥିବା ମଣ୍ଡଳୀ ପାଇଁ ଉଦ୍ଦିଷ୍ଟ। ଏହପତ୍ରର କେତେକ ଅଂଶ ଏଫିସୀୟମାନଙ୍କୁ ଲେଖାଯାଇଥିବା ପତ୍ର ସହତ ସାମଞ୍ଜସ୍ୟ ରହଛ। ଏହ ପତ୍ରରେ ପାଉଲ ବ୍ୟବହାରକ ଉପଦେଶ ପ୍ରଦାନ କରଛନ୍ତ ଯେ ଜଣେ ଖ୍ରୀଷ୍ଟଧର୍ମାବଲମ୍ବୀକୁ କପର ଜୀବନ ଯାପନ କରବା ଉଚତ।

**ପ୍ରଥମ ଥେସଲନୀକୀ ଓ ଦ୍ୱିତୀୟ ଥେସଲନୀକୀ :** ଏପର ଜଣା ପଡ଼େ ଯେ ଏହପତ୍ର ଦୁଇଟି ପାଉଲଙ୍କର ପ୍ରଥମ କାଳର ପତ୍ର। ମାକଦନଆ (ଉତ୍ତର ଗ୍ରୀସ୍)ରେ ପାଉଲଙ୍କର ପ୍ରଥମ ଯାତ୍ରାବେଳେ ସେ ଥେସଲନୀକୀୟମାନଙ୍କୁ ପ୍ରଭୁଙ୍କର ସୁସମାଚାର ପ୍ରଦାନ କରଥିଲେ। କେତେଜଣ ବଶ୍ୱାସ କଲେ ସତ୍ୟ, କନ୍ତୁ ପାଉଲଙ୍କୁ ସେ ସ୍ଥାନ ଛାଡ଼ବାକୁ ହେଲା। ଲୋକମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ନୂତନ ଧର୍ମକୁ ଉତ୍ସାହତ କରବା ଉଦ୍ଦେଶ୍ୟରେ ପାଉଲ ଏହପତ୍ରଟି ଲେଖିଥିଲେ। ଯେଉଁ କେତେକ କଥା (ଯୀଶୁଙ୍କ ଫେର ଆସିବା) ଲୋକେ ବୁଝି ପାରୁ ନ ଥିଲେ, ସେ ବଷୟରେ ପାଉଲ ବର୍ଣ୍ଣନା କରଥିଲେ। ଦ୍ୱିତୀୟ ପତ୍ରଟି ମଧ ଉକ୍ତ ବଷୟଟିକୁ ଆହୁର ପ୍ରାଞ୍ଜଳ ଭାବରେ ବ୍ୟାଖ୍ୟା କରେ।

**ପ୍ରଥମ ତୀମଥି ଓ ଦ୍ୱିତୀୟ ତୀମଥି ଏବଂ ତିତସ :** ନଜ ଜୀବନର ଶେଷ କାଳରେ, ପାଉଲ ନଜର ଦୁଇଜଣ ଅନ୍ତରଙ୍ଗ ସହଯୋଗୀମାନଙ୍କୁ ଏହ ପତ୍ରମାନ ଲେଖିଥିଲେ। ପାଉଲ, ତୀମଥିଙ୍କୁ ଏଫିସୀଠାରେ ଓ ତିତସଙ୍କୁ କ୍ରୀଟିଠାରେ ମଣ୍ଡଳୀ କାର୍ଯ୍ୟ ଓ ଆନୁଷ୍ଠାନକ ସମସ୍ୟାଗୁଡ଼କରେ ସାହାଯ୍ୟ କରବା ପାଇଁ ଛାଡ଼ ଆସିଥିଲେ। ସେମାନେ ସେଠାରେ ମଣ୍ଡଳୀକୁ ସ୍ୱାଧୀନ ନେତୃତ୍ୱ ନେବା ଓ କାମ କରବା ବଷୟରେ ଦୃଢ଼ କରବା କଥା। ପ୍ରଥମ ତୀମଥି ଓ ତୀତସକୁ ଲେଖିଥିବା ପତ୍ରଗୁଡ଼କରେ ପାଉଲ ପ୍ରାଚୀନମାନଙ୍କୁ ବାଛବା ଓ ସମସ୍ୟାଗୁଡ଼କୁ ସମାଧାନ କରବା ବଷୟରେ ପରାମର୍ଶ ଦେଇଛନ୍ତ। ତୀମଥିଙ୍କୁ ଲେଖିଥିବା ଦ୍ୱିତୀୟ ପତ୍ରଟି ସେହ ସମୟରେ ଲେଖାଯାଇଛ, ଯେତେବେଳେ ପାଉଲ କାରାଗାରରେ ଥିଲେ ଓ ଅନୁଭବ କରୁଥିଲେ ଯେ, ଏହା ତାହାଙ୍କ ଜୀବନର ଶେଷ ସମୟ। ଅତଏବ ଏହ ପତ୍ରଟି ବ୍ୟକ୍ତିଗତ ଅଟେ ଓ ନାନା ପରାମର୍ଶ ଓ ଉତ୍ସାହରେ ପରପୂର୍ଣ୍ଣ ମଧ। ପାଉଲ ତୀମଥିଙ୍କୁ ବଶ୍ୱାସ, ଆଶ୍ୱାସନା ଓ ସହନଶୀଳତା ଗୁଣ ପ୍ରତି ନଜର ଉଦାହରଣ ପ୍ରସ୍ତୁତ କର ପ୍ରେରଣା ଦେଇଛନ୍ତ।

**ଫିଲୀମୋନ :** ଏହ ପତ୍ରଟି ସଂକ୍ଷିପ୍ତ। କଲସୀୟମାନଙ୍କୁ ଯେତେବେଳେ ପତ୍ର ଲେଖା ଯାଇଥିଲା, ସେହ ସମୟରେ ଏହ ପତ୍ରଟି ମଧ ଲେଖା ଯାଇଛ। ଫିଲୀମୋନ ହେଉଛନ୍ତ କଲସୀ ନଗରର ଜଣେ ଖ୍ରୀଷ୍ଟିୟାନ। ସେ ଅନୀସିମ ନାମକ ଜଣେ ପଳାତକ କ୍ରୀତଦାସର ମାଲକ। ଫିଲୀମୋନ ପାଉଲଙ୍କ ଦ୍ୱାରା ପ୍ରଭାବତ ହୋଇ ଖ୍ରୀଷ୍ଟଧର୍ମ ଗ୍ରହଣ କରଥିଲେ। ଏହ ପତ୍ରରେ ପାଉଲ ଫିଲୀମୋନଙ୍କୁ କହଛନ୍ତ ଯେ, ସେ ଅନୀସିମକୁ କ୍ଷମା କରନ୍ତୁ ଓ ପୁନଃ ତାହାକୁ ସ୍ୱାଗତ ଜଣାନ୍ତୁ।

## ଅନ୍ୟ ଶିଷ୍ୟମାନଙ୍କର ଆଠଟି ପତ୍ର

**ଏବ୍ରୀୟ :** ଏହ ପତ୍ରର ଲେଖକଙ୍କର ନାମ ଅଜ୍ଞାତ ଅଟେ। ଏହା କନ୍ତୁ ସ୍ପଷ୍ଟ ଯେ ଏହ ପତ୍ରଟି ଯୀଶୁଙ୍କଠାରେ ବଶ୍ୱାସ ରଖିଥିବା ଯିହୂଦୀମାନଙ୍କ ନାମରେ ଲେଖା ଯାଇଛ। ଯୀଶୁଙ୍କ ପ୍ରତି ବଶ୍ୱାସୀ ଲୋକମାନଙ୍କର ବଶ୍ୱାସକୁ ଖଣ୍ଡିତ କରବା ବେଳରେ, ତାହାଙ୍କର ବଶ୍ୱାସକୁ ଦୃଢ଼ ଓ ଉତ୍ସାହତ କରବା ଲାଗି ଏହ ପତ୍ରଟି ଲେଖା ଯାଇଥିଲା। ଲେଖକ ସମଗ୍ର ସଂସାରରେ ଯୀଶୁଙ୍କ ମହତ୍ତ୍ୱ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରଛନ୍ତ। ଲେଖକଙ୍କର ଶିକ୍ଷା ଏହ ଯେ, ଯୀଶୁଖ୍ରୀଷ୍ଟଙ୍କର ଅମର ଯାଜକତ୍ୱ ଓ 'ଉନ୍ନତ ଚୁକ୍ତି'; ପୁରାତନ ନୟମର ଯାଜକତ୍ୱ ଓ "ପ୍ରଥମ ଚୁକ୍ତି" ତୁଳନାରେ ଅଧିକ ଉତ୍ତମ ଅଟେ। ଶେଷରେ ଲେଖକ ପରମେଶ୍ୱରଙ୍କୁ ବଶ୍ୱାସ କରବା ଓ ତାହାଙ୍କ ନାମରେ ଜୀବନଯାପନ କରବା ପାଇଁ ଲୋକମାନଙ୍କୁ ଉତ୍ସାହତ କରଛନ୍ତ।

**ଯାକୁବ :** ଯାକୁବଙ୍କର ପତ୍ରରେ ସବୁବେଳେ "ବ୍ୟବହାରକ" ଶବ୍ଦର ବ୍ୟବହାର କରାଯାଇଛ। କେତେକ ଲୋକଙ୍କର ବଶ୍ୱାସ ଯେ ଲେଖକ ହେଉଛନ୍ତ ଯୀଶୁଖ୍ରୀଷ୍ଟଙ୍କର ଭାଇ ଯାକୁବ। ନ୍ୟାୟ, ନର୍ପେକ୍ଷିତ, ଗରବଙ୍କୁ ସାହାଯ୍ୟ କରବା, ସଂସାର ସହତ ମୈତ୍ରୀ, ବୁଦ୍ଧି, ଆତ୍ମନୟନ୍ତ୍ରଣ, ପରୀକ୍ଷଣ କରବା, ଶୁଣିବା, ଧର୍ମ ଓ କାର୍ଯ୍ୟ ଇତ୍ୟାଦ ବଷୟରେ ଯେତେବେଳେ ସେ କୁହନ୍ତ, ସେଥିରୁ ସେ ଯିହୂଦୀ ପରବେଶର ଲୋକବୋଲ ସ୍ପଷ୍ଟ ଭାବରେ ଜଣାପଡ଼ନ୍ତ। ସେ ଲୋକମାନଙ୍କୁ ଧୈର୍ଯ୍ୟ ରଖିବାପାଇଁ ଓ ପ୍ରାର୍ଥନା କରବାପାଇଁ ଉତ୍ସାହତ କରଛନ୍ତ।

**ପ୍ରଥମ ପିତର ଓ ଦ୍ୱିତୀୟ ପିତର :** ପ୍ରେରିତ ପିତରଙ୍କ ଦ୍ୱାରା ଏହି ପତ୍ରଦୁଇଟି ବିଭିନ୍ନ ସ୍ଥାନରେ ରହୁଥିବା ଖ୍ରୀଷ୍ଟିୟାନମାନଙ୍କ ଲାଗି ଲେଖାଯାଇଥିଲା। ସେ ଏହି ଲୋକମାନଙ୍କୁ ଜୀବନ୍ତ ଭରସା ଓ ସ୍ୱର୍ଗରେ ସେମାନଙ୍କର ପ୍ରକୃତ ଘର ଥିବା ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ। ସେମାନେ ଯେଉଁ କଷ୍ଟରେ କାଳାତିପାତ କରୁଥିଲେ, ପିତର ସେମାନଙ୍କୁ ଆଶ୍ୱାସନା ଦେଲେ ଯେ, ପରମେଶ୍ୱର ସେମାନଙ୍କୁ ଭୁଲି ପାରିବେ ନାହିଁ ଓ ଏହି କଷ୍ଟ ସେମାନଙ୍କୁ ଭଲ ଆଡ଼କୁ ନେଇଯିବ। ସେମାନଙ୍କୁ ପିତର ମନେ ପକାଇ ଦେଲେ ଯେ, ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କରିଛନ୍ତି ଓ ସେମାନଙ୍କର ପାପଗୁଡ଼ିକୁ ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ ସେ କ୍ଷମା କରି ଦେଇଛନ୍ତି। ଏହା ପ୍ରତିବଦଳରେ ସେମାନେ ପ୍ରକୃତ (ଠିକ) ଜୀବନଯାପନ କରିବା ଉଚିତ। ଦ୍ୱିତୀୟ ପିତରରେ ଲେଖକ ଭଣ୍ଡଶିକ୍ଷକମାନଙ୍କୁ ମୁକାବିଲା କରିଛନ୍ତି ଓ ପ୍ରକୃତ ଜ୍ଞାନ ଓ ଖ୍ରୀଷ୍ଟଙ୍କ ପୁନାଗମନର ଶିକ୍ଷା ପ୍ରଦାନ କରିଛନ୍ତି।

**ପ୍ରଥମ ଯୋହନ, ଦ୍ୱିତୀୟ ଯୋହନ ଓ ତୃତୀୟ ଯୋହନ :** ଏହି ପତ୍ର ତିନୋଟି, ପ୍ରେରିତ ଯୋହନଙ୍କ ଦ୍ୱାରା ଲିଖିତ। ପ୍ରେମ ଭାବରେ ପରିପୂର୍ଣ୍ଣ ଏହି ପତ୍ରଗୁଡ଼ିକ ବିଶ୍ୱାସୀମାନଙ୍କୁ ଆଶ୍ୱାସନା ପ୍ରଦାନ କରନ୍ତି ଯେ, ପରମେଶ୍ୱର ସର୍ବଦା ସେମାନଙ୍କୁ ସ୍ୱୀକାର କରିବେ। ଏହି ପତ୍ରଗୁଡ଼ିକ ଶିକ୍ଷା ପ୍ରଦାନ କରନ୍ତି ଯେ, ନିଜ ପରିବେଶରେ ରହୁଥିବା ଲୋକମାନଙ୍କ ପ୍ରତି ପ୍ରେମଭାବ ରଖିବା ଓ ପରମେଶ୍ୱର ଗ୍ରହଣ ଥିବା କାର୍ଯ୍ୟମାନ କରିବା ଦ୍ୱାରା ଆମ୍ଭେ ପରମେଶ୍ୱରଙ୍କ ପ୍ରତି ନିଜର ପ୍ରେମ ପ୍ରଦର୍ଶିତ କରିପାରିବା। ଦ୍ୱିତୀୟ ଓ ତୃତୀୟ ପତ୍ରରେ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ପରସ୍ପର ପ୍ରେମଭାବ ରଖିବା ଓ ଅପବିତ୍ର ଆଚରଣ ତଥା ଭଣ୍ଡଶିକ୍ଷକମାନଙ୍କ ପ୍ରତି ସାବଧାନ ରହିବାପାଇଁ ଯୋହନ ନିଜର ଇଚ୍ଛା ବ୍ୟକ୍ତ କରିଛନ୍ତି।

**ଯିହୁଦା :** ଏହି ପତ୍ରର ଲେଖକଙ୍କ ସମ୍ଭବତଃ ଯାକୁବ (ଜେମ୍ସ)ର ଭାଇ ବା କଦାଚିତ୍ ଯୀଶୁଙ୍କର ଭାଇ। ଏହି ପତ୍ର ନିଷ୍ଠାକୁ ଉତ୍ସାହିତ କରେ ଓ ଗଣ୍ଡଗୋଳକାରୀ ତଥା ଭଣ୍ଡଶିକ୍ଷକମାନଙ୍କ ବିଷୟରେ ସୂଚନା ପ୍ରଦାନ କରେ।

**ପ୍ରକାଶିତ ବାକ୍ୟ :** ପ୍ରେରିତ ଯୋହନଙ୍କର ଏହି ପୁସ୍ତକଟି ଅନ୍ୟ ସମସ୍ତ ପୁସ୍ତକଗୁଡ଼ିକ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ। ଏହି ପୁସ୍ତକରେ ଯୋହନଙ୍କର ଦିବ୍ୟଦର୍ଶନର ଅନୁଭୂତିଗୁଡ଼ିକୁ ଅତ୍ୟନ୍ତ ଆଳଂକାରିକ ଭାଷାରେ ପ୍ରସ୍ତୁତ କରାଯାଇଛି। କେତେକ ଚିତ୍ର 'ପୁରାତନ ନିୟମ'ରୁ ଗ୍ରହଣ କରାଯାଇଛି। ସେଗୁଡ଼ିକୁ ବୁଝିବାକୁ ହେଲେ, ସେଗୁଡ଼ିକର ତୁଳନା 'ପୁରାତନ ନିୟମ'ର ଲେଖାସହିତ କରିବାକୁ ହେବ। ଏହି ପୁସ୍ତକଦ୍ୱାରା ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କଠାରେ ବିଶ୍ୱାସ ଜାଗ୍ରତ କରାଯାଏ ଯେ ପରିଶେଷରେ ପରମେଶ୍ୱର ଓ ଯୀଶୁଖ୍ରୀଷ୍ଟଙ୍କର ବିଜୟ ହେବ। ଯୀଶୁଖ୍ରୀଷ୍ଟ ହେଉଛନ୍ତି ସେମାନଙ୍କର ବିଶ୍ୱାସରନେତା ଓ ସାହାଯ୍ୟକାରୀ।

## ବାଇବଲ ଓ ଆଜିର ପାଠକ

ଆଜିର ବାଇବଲର ପାଠକକୁ ମନେ ରଖିବାକୁ ହେବ ଯେ ଏହି ପୁସ୍ତକଗୁଡ଼ିକ ଆଜିଠାରୁ ହଜାର ହଜାର ବର୍ଷ ପୂର୍ବରୁ, ଆମଠାରୁ ବହୁତ ଭିନ୍ନ ପ୍ରକାରର ସଂସ୍କୃତିରେ ରହିଥିବା ଲୋକମାନଙ୍କଲାଗି ଲେଖାହୋଇଥିଲା। ସାଧାରଣତଃ ଏହି ଲେଖାଗୁଡ଼ିକ ବିଶ୍ୱରେ ସାର୍ବଜନୀନ ସତ୍ୟ ଜୀବନ ମୂଲ୍ୟଗୁଡ଼ିକୁ ମହତ୍ତ୍ୱ ଦିଅନ୍ତି, କିନ୍ତୁ ଅନେକଗୁଡ଼ିଏ ଐତିହାସିକ ବିବରଣ, ଉଦାହରଣ ଓ ସର୍ତ୍ତ ଯାହା ସବୁ ଏଗୁଡ଼ିକରେ ବ୍ୟବହୃତ, ସେଗୁଡ଼ିକୁ, କେବଳ ସେମାନଙ୍କର ସଂସ୍କୃତି ଓ ସମୟ ବିଷୟରେ ଜ୍ଞାନ ଥିଲେହେଁ ବୁଝି ହେବ। ଉଦାହରଣ ସ୍ୱରୂପ, ଯୀଶୁ ଜଣେ ଲୋକର କାହାଣୀ କହିଛନ୍ତି ଯିଏ ଭିନ୍ନ ପ୍ରକାର ଅବସ୍ଥା ଥିବା ଜମିରେ ବୀଜ ବୁଣୁଛି। ସେହି ଜମିର କିପ୍ରକାରର ଅବସ୍ଥା ଥିଲା, ଆଜିର ଲୋକ ତାହା ଜାଣି ନ ପାରନ୍ତି। କିନ୍ତୁ ଏହି ଉଦାହରଣ ଦ୍ୱାରା ଯୀଶୁ ଯେଉଁ ଶିକ୍ଷା ପ୍ରଦାନ କରନ୍ତି, ତାହା ପ୍ରତ୍ୟେକ ଦେଶ ଓ କାଳର ଲୋକମାନଙ୍କ ପାଇଁ ସମାନ ଭାବରେ ଘଟିଥାଏ।

ବାଇବଲର ଜଗତକୁ ଆଜିର ପାଠକ ଅତି ବିଚିତ୍ର ବୋଲି ଭାବିପାରେ। ସେ ସମୟର ରୀତି ନୀତି, ପ୍ରବୃତ୍ତି, ଲୋକମାନଙ୍କର କଥା କହିବା ଶୈଳୀ ଆମକୁ ଅପରିଚିତ ଲାଗିବ। ପ୍ରକୃତରେ ତର୍କସଙ୍ଗତ ବିଷୟ ଏହା ଯେ, ଉକ୍ତ କଥାଗୁଡ଼ିକୁ ସେହି ସମୟ ଓ ସ୍ଥାନ (ପରିବେଶ)ର ସନ୍ଦର୍ଭରେ ଓ ମାନଦଣ୍ଡରେ ମୂଲ୍ୟ ନିର୍ଦ୍ଧାରଣ କରାଯିବା ଉଚିତ। ଏ କଥା ମଧ୍ୟ ଧ୍ୟାନ ରଖିବାକୁ ହେବ ଯେ, ବାଇବଲଟି ବିଜ୍ଞାନ ପୁସ୍ତକ ହିସାବରେ ଲେଖାଯାଇ ନାହିଁ। ଐତିହାସିକ ଘଟଣାଗୁଡ଼ିକର ବର୍ଣ୍ଣନା ପାଇଁ, ମାନବ ସମାଜ ପାଇଁ, ସେହି ଘଟଣା ଗୁଡ଼ିକର ମହତ୍ତ୍ୱର ପ୍ରତିପାଦନ ପାଇଁ ବାଇବଲ୍ ଲେଖାଯାଇଥିଲା। ଏହାର ଶିକ୍ଷାରେ ସାର୍ବଜନୀନ ସତ୍ୟ ଅଛି, ଏହା ବିଜ୍ଞାନର ସୀମାର ବହୁତ ଦୂରରେ। ଆଜିର ଏହି ଯୁଗରେ ମଧ୍ୟ ବାଇବଲର ସମ୍ପୂର୍ଣ୍ଣ ପ୍ରାସଙ୍ଗିକତା ରହିଛି, କାରଣ ଏହା, ସର୍ବଦା ଅପରିବର୍ତ୍ତନଶୀଳ ମନୁଷ୍ୟର ମୌଳିକ ଆଧ୍ୟାତ୍ମିକ ଆବଶ୍ୟକତା ସହିତ ସମ୍ପୃକ୍ତ ଅଟେ।

ବାଇବଲର କୌଣସି ନିରପେକ୍ଷ ପାଠକକୁ ମଧ୍ୟ ଅନେକଗୁଡ଼ିଏ ଲାଭ ମିଳି ପାରେ। ସେ ପ୍ରାଚୀନତମ ସଂସାରର ସଭ୍ୟତା (ସଂସ୍କୃତି) ଓ ଇତିହାସର ଜ୍ଞାନ ପାଇପାରେ; ଯୀଶୁଖ୍ରୀଷ୍ଟଙ୍କ ଜୀବନ ଓ ଶିକ୍ଷାର ଜ୍ଞାନ ପାଇପାରେ ଓ ତାହାଙ୍କର (ଯୀଶୁଙ୍କର) ଶିଷ୍ୟ ହେବାର ଅର୍ଥ କ'ଣ ଏହା ମଧ୍ୟ ଜାଣିପାରେ। ସେ ମୌଳିକ ଆଧ୍ୟାତ୍ମିକ ଅନ୍ତଦୃଷ୍ଟି ପାଇ ପାରେ ଓ ତା' ସହିତ

କର୍ମକୁଶଳ ଆନନ୍ଦପୂର୍ଣ୍ଣ ଜୀବନ ଯାପନ ପାଇଁ ବ୍ୟବହାରିକ ଜ୍ଞାନ ଶିକ୍ଷା କରିପାରେ। ଜୀବନର ଅତ୍ୟନ୍ତ ଗୂଢ଼ ପ୍ରଶ୍ନଗୁଡ଼ିକର ଉତ୍ତର ଏଥିରେ ସେ ସହଜରେ ପାଇ ପାରେ। ଅତଏବ ଏହି ପୁସ୍ତକ ପଢ଼ିବା ପାଇଁ ଅନେକ କିଛି ଉତ୍ତମ କାରଣ ରହିଛି। ଯେଉଁ ଲୋକ ଖୋଲା ମନରେ ଓ ଜିଜ୍ଞାସା ସହିତ ଏହି ବାଇବଲ ପଢ଼ିବ, ସେ ତା'ର ଜୀବନରେ ପରମେଶ୍ୱରଙ୍କ ଉଦ୍ଦେଶ୍ୟ କ'ଣ, ତାହା ଖୋଜି ପାଇପାରିବ।

# License Agreement for Bible Texts

***World Bible Translation Center***
***Last Updated: September 21, 2006***

Copyright © 2006 by World Bible Translation Center
All rights reserved.

**These Scriptures:**

- Are copyrighted by World Bible Translation Center.
- Are not public domain.
- May not be altered or modified in any form.
- May not be sold or offered for sale in any form.
- May not be used for commercial purposes (including, but not limited to, use in advertising or Web banners used for the purpose of selling online add space).
- May be distributed without modification in electronic form for non-commercial use. However, they may not be hosted on any kind of server (including a Web or ftp server) without written permission. A copy of this license (without modification) must also be included.
- May be quoted for any purpose, up to 1,000 verses, without written permission. However, the extent of quotation must not comprise a complete book nor should it amount to more than 50% of the work in which it is quoted. A copyright notice must appear on the title or copyright page using this pattern: "Taken from the HOLY BIBLE: EASY-TO-READ VERSION™ © 2006 by World Bible Translation Center, Inc. and used by permission." If the text quoted is from one of WBTC's non-English versions, the printed title of the actual text quoted will be substituted for "HOLY BIBLE: EASY-TO-READ VERSION™." The copyright notice must appear in English or be translated into another language. When quotations from WBTC's text are used in non-saleable media, such as church bulletins, orders of service, posters, transparencies or similar media, a complete copyright notice is not required, but the initials of the version (such as "ERV" for the Easy-to-Read Version™ in English) must appear at the end of each quotation.

Any use of these Scriptures other than those listed above is prohibited. For additional rights and permission for usage, such as the use of WBTC's text on a Web site, or for clarification of any of the above, please contact World Bible Translation Center in writing or by email at distribution@wbtc.com.

World Bible Translation Center
P.O. Box 820648
Fort Worth, Texas 76182, USA
Telephone: 1-817-595-1664
Toll-Free in US: 1-888-54-BIBLE
E-mail: info@wbtc.com

**WBTC's web site –** World Bible Translation Center's web site: http://www.wbtc.org

**Order online –** To order a copy of our texts online, go to: http://www.wbtc.org

**Current license agreement –** *This license is subject to change without notice. The current license can be found at:* http://www.wbtc.org/downloads/biblelicense.htm

**Trouble viewing this file –** If the text in this document does not display correctly, use Adobe Acrobat Reader 5.0 or higher. Download Adobe Acrobat Reader from: http://www.adobe.com/products/acrobat/readstep2.html

**Viewing Chinese or Korean PDFs –** To view the Chinese or Korean PDFs, it may be necessary to download the Chinese Simplified or Korean font pack from Adobe. Download the font packs from: http://www.adobe.com/products/acrobat/acrrasianfontpack.html

# ଆଦିପୁସ୍ତକ

## ପୃଥିବୀର ଆରମ୍ଭ

### ପ୍ରଥମ ଦିନ—ଆଲୋକ

1 ଆରମ୍ଭରେ ପରମେଶ୍ୱର ଆକାଶ ଓ ପୃଥିବୀକୁ ସୃଷ୍ଟିକଲେ।
2ପୃଥିବୀ ସେତେବେଳେ ସଂପୂର୍ଣ୍ଣଭାବେ ଶୂନ୍ୟ ଓ କିଛି
ନଥିଲା। ଜଳଭାଗ ଉପରେ ଅନ୍ଧକାର ଘୋଡେଇ ରଖିଥିଲା
ଏବଂ ପରମେଶ୍ୱରଙ୍କର ଆତ୍ମା ଜଳଭାଗ ଉପରେ ବ୍ୟାପ୍ତ
ଥିଲେ।
3ଏହାପରେ ପରମେଶ୍ୱର କହିଲେ, "ଆଲୋକିତ ହେଉ!"
ତହିଁରେ ଆଲୋକିତ ହେଲା। 4ପରମେଶ୍ୱର ଆଲୋକକୁ
ଦେଖିଲେ, ଏବଂ ସେ ଜାଣିଲେ, ତାହା ଉତ୍ତମ, ଏହାପରେ
ପରମେଶ୍ୱର ଆଲୋକକୁ ଅନ୍ଧକାରରୁ ଅଲଗା କଲେ। 5ପରମେଶ୍ୱର
ସେହି ଆଲୋକର ନାମ ଦେଲେ "ଦିନ" ଏବଂ ଅନ୍ଧକାରର
ନାମ ଦେଲେ "ରାତ୍ରି।"
ତହିଁ ସନ୍ଧ୍ୟା ଓ ପ୍ରାତଃକାଳ ହେଲା। ଏହା ପ୍ରଥମ ଦିନ
ଥିଲା।

### ଦ୍ୱିତୀୟ ଦିନ—ଆକାଶ

6ଏହାପରେ ପରମେଶ୍ୱର କହିଲେ, "ଜଳ ମଧ୍ୟରେ ବୃହତ୍
ଗମ୍ବୁଜ ଜାତ ହୋଇ ଜଳକୁ ଦୁଇଭାଗ କରୁ!" 7ଏହିପରି
ପରମେଶ୍ୱର ତୋରଣ ନିର୍ମାଣ କଲେ, ଏବଂ ତୋରଣ ଉପର
ଜଳଠାରୁ ତୋରଣ ତଳ ଜଳକୁ ଅଲଗା କଲେ।
ତହିଁରେ ସେହିପରି ହେଲା। 8ପରମେଶ୍ୱର ସେହି ତୋରଣ
ନାମ ଦେଲେ "ଆକାଶ।" ତା'ପରେ ସେଠାରେ ପ୍ରଭାତ
ଏବଂ ସେଠାରେ ସୂର୍ଯ୍ୟାସ୍ତ ହେଲା। ଏବଂ ଏହା ଦ୍ୱିତୀୟ
ଦିନ ଥିଲା।

### ତୃତୀୟ ଦିନ—ସ୍ଥଳ ଭାଗ ଓ ବୃକ୍ଷଲତା

9ଏହାପରେ ପରମେଶ୍ୱର କହିଲେ, "ଆକାଶମଣ୍ଡଳ ଅଧଃସ୍ଥ
ସମଗ୍ର ଜଳ ଏକ ସ୍ଥାନରେ ସଂଗୃହିତ ହେଉ। ଯଦ୍ୱାରା ଭୂମି
ଶୁଖିଲା ଦେଖାଯିବ।" ଏବଂ ଏହିପରି ହେଲା। 10ପରମେଶ୍ୱର
ଶୁଖିଲା ଭୂମିର ନାମ "ପୃଥିବୀ" ଦେଲେ। ଏବଂ ଜଳସମୂହ
ଭାଗର ନାମ ଦେଲେ, "ସମୁଦ୍ର।" ଏହା ପରମେଶ୍ୱରଙ୍କ
ଦୃଷ୍ଟିରେ ଅତି ଉତ୍ତମ ଦିଶିଥିଲା।
11ପରମେଶ୍ୱର କହିଲେ, "ପୃଥିବୀ ତୃଣ ଓ ସଜୀବ
ଶାକ, ବୀଜ ସମ୍ବଳିତ ନିଜନିଜ ଜାତି ଅନୁଯାୟୀ ଫଳ ଉତ୍ପନ୍ନ
କରୁ," ଏହିପରି ହେଲା। 12ପୃଥିବୀ ତୃଣ ଓ ନିଜନିଜ ଜାତି
ଅନୁସାରେ ବୀଜ ଉତ୍ପାଦକ ଶାକ ଓ ନିଜନିଜ ଜାତି
ଅନୁସାରେ ସଜୀବ ଫଳ ଉତ୍ପାଦକ ବୃକ୍ଷ ଉତ୍ପନ୍ନ କଲା, ଏହା
ପରମେଶ୍ୱରଙ୍କ ଦୃଷ୍ଟିରେ ଅତି ଉତ୍ତମ ଦିଶିଥିଲା।
13ତହିଁରେ ସନ୍ଧ୍ୟା ଓ ପ୍ରାତଃକାଳ ହୋଇ ତୃତୀୟ ଦିବସ
ହେଲା।

### ଚତୁର୍ଥ ଦିନ—ସୂର୍ଯ୍ୟ, ଚନ୍ଦ୍ର ଓ ତାରା ସମୂହ

14ଏହାପରେ ପରମେଶ୍ୱର କହିଲେ, "ଆକାଶର ତୋରଣରେ
ଜ୍ୟୋତିଗଣ ଉତ୍ପନ୍ନ ହୁଅନ୍ତୁ। ସେହି ଜ୍ୟୋତିଗଣ ରାତ୍ରରୁ
ଦିନକୁ ପୃଥକ୍ କରିବେ। ସେହି ଜ୍ୟୋତିଗଣ ଋତୁ, ଦିନ ଓ
ବର୍ଷଗୁଡ଼ିକର ସମୟକାଳ ଦେଖାଇବା ପାଇଁ ଚିହ୍ନ ରୂପେ
ବ୍ୟବହୃତ ହେବ। 15ସେହି ଜ୍ୟୋତିଗଣ ପୃଥିବୀରେ ଆଲୋକ
ଦେବା ପାଇଁ ସେମାନେ ତୋରଣ ମଧ୍ୟରେ ଥାଆନ୍ତୁ।" ଏବଂ
ଏହିପରି ହେଲା।
16ତେଣୁ ପରମେଶ୍ୱର ଦୁଇଟି ମହାଜ୍ୟୋତି ସୃଷ୍ଟି କଲେ।
ପରମେଶ୍ୱର ଦିନରେ କର୍ତ୍ତୃତ୍ୱ କରିବା ପାଇଁ ବଡ ଜ୍ୟୋତି ଓ
ରାତ୍ରିରେ କର୍ତ୍ତୃତ୍ୱ କରିବା ପାଇଁ ସାନ ଜ୍ୟୋତି ନିର୍ମାଣ କଲେ।
ପରମେଶ୍ୱର ତାରାଗଣଙ୍କୁ ମଧ୍ୟ ସୃଷ୍ଟି କଲେ। 17ପରମେଶ୍ୱର
ପୃଥିବୀକୁ ଆଲୋକିତ କରିବା ପାଇଁ ଆକାଶର ତୋରଣର
ତାରାଗଣଙ୍କୁ ମଧ୍ୟ ସୃଷ୍ଟି କଲେ। 18ପରମେଶ୍ୱର ଦୀପ୍ତିଗଣଙ୍କୁ
ଆକାଶ ମଣ୍ଡଳରେ ଦିନ ଓ ରାତ୍ରିକୁ କର୍ତ୍ତୃତ୍ୱ କରିବା ପାଇଁ
ସ୍ଥାପନ କଲେ। ଏହି ଜ୍ୟୋତିଗଣ ଅନ୍ଧକାରରୁ ଆଲୋକକୁ
ପୃଥକ୍ କଲେ। ଏହା ପରମେଶ୍ୱରଙ୍କ ଦୃଷ୍ଟିରେ ଅତି ଉତ୍ତମ
ଦିଶିଥିଲା। 19ଏହାପରେ ସନ୍ଧ୍ୟା ଏବଂ ସକାଳ ହେଲା। ଏହା
ଚତୁର୍ଥ ଦିବସ ଥିଲା।

### ପଞ୍ଚମ ଦିନ—ମାଛ ଏବଂ ପକ୍ଷୀଗଣ

20ଏହାପରେ ପରମେଶ୍ୱର କହିଲେ, "ଜଳ ଜୀବିତ
ପ୍ରାଣୀରେ ପୂର୍ଣ୍ଣ ହେଉ ଏବଂ ପକ୍ଷୀମାନେ ପୃଥିବୀ ଉପରେ ଓ
ଆକାଶ ତୋରଣ ତଳେ ଉଡନ୍ତୁ।" 21ତେଣୁ ପରମେଶ୍ୱର
ନିଜ ନିଜ ଜାତି ପ୍ରକାରେ ସୃଷ୍ଟି କଲେ, ବୃହତ୍ ସାମୁଦ୍ରିକ
ଜୀବ ଓ ଅନ୍ୟ ଜୀବ ଯେଉଁମାନେ ସମୁଦ୍ରରେ ରହନ୍ତି।
ପରମେଶ୍ୱର ଆକାଶରେ ଉଡୁଥିବା ବିଭିନ୍ନ ପ୍ରକାର ପକ୍ଷୀଗଣ
ସୃଷ୍ଟି କଲେ। ଏହା ପରମେଶ୍ୱର ଦୃଷ୍ଟିରେ ଅତି ଉତ୍ତମ
ଦିଶିଥିଲା।
22ପରମେଶ୍ୱର ପ୍ରାଣୀମାନଙ୍କୁ ଆଶୀର୍ବାଦ କଲେ। ପରମେଶ୍ୱର
ସେମାନଙ୍କୁ କହିଲେ, ବହୁବଂଶ ହୋଇ ସମୁଦ୍ର ଜଳକୁ
ପରିପୂର୍ଣ୍ଣ କର। ପୃଥିବୀରେ ପକ୍ଷୀଗଣ ବହୁସଂଖ୍ୟକ ହୁଅନ୍ତୁ।
23ସନ୍ଧ୍ୟା ହେଲା, ଏହା ପରେ ସକାଳ ହେଲା, ଏବଂ
ଏହା ପଞ୍ଚମ ଦିନ ଥିଲା।

### ଷଷ୍ଠଦିନ—ସ୍ଥଳଚର ପ୍ରାଣୀ ଓ ମନୁଷ୍ୟ

24ଏହାପରେ ପରମେଶ୍ୱର କହିଲେ, "ନିଜ ଜାତି ଅନୁସାରେ

ପୃଥିବୀ ଜୀବିତ ପ୍ରାଣୀ ଉତ୍ପାଦନ କରୁ। ଜାତି ଶ୍ରେଣୀ ଅନୁସାରେ ବନ୍ୟଜନ୍ତୁଗଣ ଉତ୍ପନ୍ନ ହୁଅନ୍ତୁ।” ଏହାପରେ ସେହିପରି ହେଲା।

**25**ଏହିପରି ପରମେଶ୍ୱର ବିଭିନ୍ନ ପ୍ରକାର ଜୀବିତ ପ୍ରାଣୀ ସୃଷ୍ଟିକଲେ। ପରମେଶ୍ୱର ସମସ୍ତ ଜିବିତ ପ୍ରଣୀଙ୍କୁ ସୃଷ୍ଟି କଲେ, ବିଭିନ୍ନ ପ୍ରକାରର ବୃହତ୍ ପ୍ରାଣୀ ଏବଂ ପ୍ରତ୍ୟେକ ସରୀସୃପ ପ୍ରାଣୀ ଆପଣା ଜାତି ଅନୁସାରେ ପୃଥିବୀ ଉପରେ ଗୁରୁଣ୍ଡୁଥିଲେ। ଏହା ପରମେଶ୍ୱରଙ୍କ ଦୃଷ୍ଟିରେ ଅତି ଉତ୍ତମ ଦିଶିଥିଲା।

**26**ଏହାପରେ ପରମେଶ୍ୱର କହିଲେ, “ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ। ସେମାନେ ଜଳଚର ମତ୍ସ୍ୟଗଣ ଓ ଆକାଶର ପକ୍ଷୀଗଣ, ପଶୁଗଣ ଓ ସମସ୍ତ ପୃଥିବୀ ଓ ଭୂମିରେ ଗମନଶୀଳ ସବୁ ଉରୋଗାମୀ ଜନ୍ତୁ ଉପରେ କର୍ତ୍ତୃତ୍ୱ କରିବେ। ଏବଂ ପ୍ରତ୍ୟେକ ଭୂଚର ପ୍ରାଣୀ ପୃଥିବୀ ଉପରେ ଗମନ କରୁଥିଲା।”

**27**ତେଣୁ ପରମେଶ୍ୱର, ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟଙ୍କୁ ସୃଷ୍ଟି କଲେ। ପରମେଶ୍ୱର ସେମାନଙ୍କୁ ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟି କଲେ। **28**ସେଥିପାଇଁ ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କଲେ ଏବଂ କହିଲେ, “ବହୁତ ସନ୍ତାନ-ସନ୍ତତି ସହ ଆଶୀର୍ବାଦ ପ୍ରାପ୍ତ ହୁଅ। ପୃଥିବୀରେ ଶାସନ କର ପୃଥିବୀକୁ ପରିପୂର୍ଣ୍ଣ କର। ଆଉ ଜଳରେ ଥିବା ମତ୍ସ୍ୟଗଣ ଉପରେ ଏବଂ ବୃହତ୍ ପ୍ରାଣୀଗଣ ଉପରେ ଏବଂ ପୃଥିବୀ ଉପରେ ଗମନକାରୀ ଭୂଚର ପ୍ରାଣୀଗଣ ଉପରେ ଶାସନ କର।”

**29**ପରମେଶ୍ୱର କହିଲେ, “ମୁଁ ତୁମ୍ଭମାନଙ୍କୁ ସମସ୍ତ ପ୍ରକାର ବୀଜ ଉତ୍ପାଦକ ଗଛ ଦେଉଛି ଏବଂ ପ୍ରତ୍ୟେକ ଗଛ ଯାହାର ଫଳ ମଧ୍ୟରେ ବୀଜ ଅଛି ତାହା ତୁମ୍ଭର ଖାଦ୍ୟ ହେବ। **30**ସମସ୍ତ ଘାସ ଗଛ ଜୀବିତ ପ୍ରାଣୀଙ୍କର ଖାଦ୍ୟ ପାଇଁ ଦେଲି, ଆକାଶରେ ଉଡୁଥିବା, ପ୍ରତ୍ୟେକ ପକ୍ଷୀ, ପ୍ରତ୍ୟେକ ଭୂଚର ପ୍ରାଣୀ ଏବଂ ପ୍ରତ୍ୟେକ ଜୀବନ୍ତ ଏବଂ ନିଶ୍ୱାସ ନେଉଥିବା ପ୍ରାଣୀ ମୁଁ ତୁମ୍ଭଙ୍କୁ ଦେଲି।” ଏବଂ ଏହିପରି ହେଲା।

**31**ପରମେଶ୍ୱର ଆପଣା ନିର୍ମିତ ସମସ୍ତ ବସ୍ତୁ ପ୍ରତି ଦୃଷ୍ଟି ଦେଲେ। ଏହା ପରମେଶ୍ୱରଙ୍କ ଦୃଷ୍ଟିରେ ଅତି ଉତ୍ତମ ଦିଶିଥିଲା। ଏହାପରେ ସନ୍ଧ୍ୟା ଓ ତା’ପରେ ସକାଳ ହେଲା। ଏହା ଷଷ୍ଠଦିବସ ଥିଲା।

## ସପ୍ତମ ଦିନ—ବିଶ୍ରାମ

**2** ଏହିପରି ଭାବରେ, ପରମେଶ୍ୱର ଆକାଶମଣ୍ଡଳରେ ଓ ପୃଥିବୀ ମଧ୍ୟରେ ଥିବା ସମସ୍ତ ବସ୍ତୁର ସୃଷ୍ଟି ସମାପ୍ତ କଲେ। **2**ସପ୍ତମ ଦିନରେ, ପରମେଶ୍ୱର ସୃଷ୍ଟିର ପ୍ରତ୍ୟେକ କାର୍ଯ୍ୟ ଜିନିଷକୁ ସମାପ୍ତ କଲେ। ସେଥିପାଇଁ ସପ୍ତମ ଦିନରେ ପରମେଶ୍ୱର ଆପଣାର ସମସ୍ତ କାର୍ଯ୍ୟରୁ ବିଶ୍ରାମ ନେଲେ। **3**ତା’ପରେ ପରମେଶ୍ୱର ଏହି ଦିନଟିକୁ ଆଶୀର୍ବାଦ କଲେ ଏବଂ ଏହାକୁ ଏକ ପବିତ୍ର ଦିନ କଲେ। କାରଣ ପରମେଶ୍ୱର ସମସ୍ତ ଜିନିଷ ସୃଷ୍ଟି କରିସାରିଲା ପରେ ବିଶ୍ରାମ ନେଲେ।

## ମନୁଷ୍ୟର ସୃଷ୍ଟି

**4**ଏହାହେଲା ପୃଥିବୀ ଓ ଆକାଶର ଇତିହାସ। ଯେଉଁ ସମୟରେ ପରମେଶ୍ୱର ଆକାଶମଣ୍ଡଳ ଓ ପୃଥିବୀ ନିର୍ମାଣ କଲେ, ଏହା ସେହି ସମୟର ଇତିହାସ। **5**ସେହି ସମୟରେ କୌଣସି ବୁଦା ବା ଘାସ ବଢିନଥିଲା, ସଦାପ୍ରଭୁ ପୃଥିବୀରେ ବର୍ଷା କରାଇ ନଥିଲେ। କାରଣ ପୃଥିବୀର ଯତ୍ନ ନେବାପାଇଁ କେହି ନଥିଲେ। **6**ଭୂମିରେ କାକର ପଡି ସମସ୍ତ ପୃଥିବୀକୁ ସନ୍ତସନ୍ତିଆ କଲା।

**7**ଏହାପରେ ସଦାପ୍ରଭୁ ପରମେଶ୍ୱର ଭୂମିରୁ ଧୂଳି ନେଇ ମନୁଷ୍ୟ ସୃଷ୍ଟି କଲେ। ସଦାପ୍ରଭୁ ତା’ର ନାସିକା ରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣ ବାୟୁ ପ୍ରବେଶ କରାଇଲେ। ତହିଁରେ ମନୁଷ୍ୟ ଜୀବିତପ୍ରାଣୀ ହେଲା। **8**ଏହାପରେ ସଦାପ୍ରଭୁ ପରମେଶ୍ୱର, ଏଦନ୍‌ର ପୂର୍ବ ଦିଗରେ ଏକ ଉଦ୍ୟାନ ରୋପଣ କଲେ, ଏବଂ ସେଠାରେ ସେ ସୃଷ୍ଟି କରିଥିବା ମନୁଷ୍ୟକୁ ରଖିଲେ। **9**ସଦାପ୍ରଭୁ ପରମେଶ୍ୱର ପ୍ରତ୍ୟେକ ପ୍ରକାର ବୃକ୍ଷ ଯାହା ଦେଖିବାକୁ ସୁନ୍ଦର ଏବଂ ଖାଦ୍ୟ ପାଇଁ ଭଲ, ପୃଥିବୀରେ ସୃଷ୍ଟି କଲେ। ସେହି ଭାବରେ ଉଦ୍ୟାନରେ ମଧ୍ୟଭାଗରେ ଜୀବନ ଦାୟକ ବୃକ୍ଷ ଓ ଭଲ ଓ ମନ୍ଦ ବିଷୟରେ ଜ୍ଞାନ ଦେବା ବୃକ୍ଷ ମଧ୍ୟ ଉତ୍ପନ୍ନ କଲେ।

**10**ଗୋଟିଏ ନଦୀ ଏଦନରୁ ପ୍ରବାହିତ ହୋଇ ଉଦ୍ୟାନକୁ ଜଳ ଦିଏ। ଏହାପରେ ସେହି ନଦୀ ଚାରି ଭାଗରେ ବିଭକ୍ତ ହେଲା। **11**ପ୍ରଥମ ନଦୀର ନାମ ପିଶୋନ୍ ଥିଲା। ତାହା ସମସ୍ତ ହବିଲା ଦେଶ ଚତୁପାର୍ଶ୍ୱ ଦେଇ ବହିଗଲା, ଯେଉଁ ସ୍ଥାନରେ ସୁବର୍ଣ୍ଣ ଅଛି। **12**ସେହି ଦେଶରେ ଚିତ୍ତାକର୍ଷକ ସୁବର୍ଣ୍ଣ, ମୁକ୍ତା ଓ ଗୋମେଦକମଣି ଅଛି। **13**ଦ୍ୱିତୀୟ ନଦୀର ନାମ ଗୀହୋନ୍ ଥିଲା। ଏହା ସମସ୍ତ କୁଶ ଦେଶକୁ ବ୍ୟାପିଥିଲା। **14**ତୃତୀୟ ନଦୀର ନାମ ହିଦ୍ଦେକଲ୍ ଥିଲା, ଏହା ଅଶୂରୀୟ ଦେଶର ସମ୍ମୁଖ ଦେଇ ଗମନ କରେ। ଏବଂ ଚତୁର୍ଥ ନଦୀର ନାମ ଫରାତ୍ ଥିଲା।

**15**ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ନେଇ ଏଦନ ଉଦ୍ୟାନରେ କୃଷିକର୍ମ ଓ ତାହାର ଯତ୍ନ ନେବା ପାଇଁ ନିଯୁକ୍ତ କଲେ। **16**ସଦାପ୍ରଭୁ ପରମେଶ୍ୱର ମନୁଷ୍ୟକୁ ଏହି ନିର୍ଦ୍ଦେଶ ଦେଲେ ଏବଂ କହିଲେ, “ତୁମ୍ଭେ ଉଦ୍ୟାନର ଯେକୌଣସି ଗଛର ଫଳ ଖାଇପାରିବ। **17**କିନ୍ତୁ ସତ୍ ଓ ଅସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ। ଯଦି ତୁମ୍ଭେ ସେହି ବୃକ୍ଷର ଫଳ ଖାଇବ ତୁମ୍ଭେ ସେହି ଦିନ ମରିବ!”

## ପ୍ରଥମ ନାରୀ

**18**ଏହାପରେ ସଦାପ୍ରଭୁ ପରମେଶ୍ୱର କହିଲେ, “ମୁଁ ଦେଖିପାରୁଛି ଯେ ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ, ମୁଁ ଆଉ ଜଣେ ଉପଯୁକ୍ତ ସହକାରିଣୀ ନିର୍ମାଣ କରିବି।”

**19**ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳିରୁ ସମସ୍ତ ପଶୁ ଓ ଆକାଶରେ ସମସ୍ତ ପକ୍ଷୀଗଣର ସୃଷ୍ଟି କଲେ। ପରମେଶ୍ୱର ସମସ୍ତଙ୍କୁ ମନୁଷ୍ୟ ନିକଟକୁ ଦେଖାଇବାକୁ ଆଣିଲେ ସେହି ମନୁଷ୍ୟ ସେମାନଙ୍କୁ କଣ କହି ଡାକିବ, ଏହା ଜାଣିବା ପାଇଁ। ସେହି ସୃଷ୍ଟି ପ୍ରାଣୀଙ୍କୁ ସେ ଯାହା କହି ଡାକିଲା, ତାହା ସେମାନଙ୍କର ନାମ ହେଲା। **20**ମନୁଷ୍ୟ ବଡ ପ୍ରାଣୀମାନଙ୍କର ନାମ, ଆକାଶରେ ଉଡୁଥିବା ପକ୍ଷୀ ଏବଂ ପ୍ରତ୍ୟେକ ଜୀବିତ ପ୍ରାଣୀଙ୍କର ନାମ ରଖିଲା। କିନ୍ତୁ ତା’ଭିତରୁ କାହାକୁ ତାଙ୍କର

ଅନୁରୂପ ସହକାରିଣୀ ଭାବେ ବାଛି ପାରି ନ ଥିଲେ।
21ତା'ପରେ ସଦାପ୍ରଭୁ ପରମେଶ୍ୱର ମନୁଷ୍ୟକୁ ଘୋର ନିଦ୍ରାରେ
ଶୁଆଇଦେଲେ। ସେ ତା'ର ଶରୀରରୁ ଖଣ୍ଡେ ପଞ୍ଜରା ନେଲେ
ଏବଂ ସେହି କ୍ଷତ ବନ୍ଦ କରିଦେଲେ। 22ସଦାପ୍ରଭୁ ପରମେଶ୍ୱର
ମନୁଷ୍ୟର ପଞ୍ଜରା ହାଡ଼ରୁ ଏକ ସ୍ତ୍ରୀ ନିର୍ମାଣ କଲେ। ଏବଂ
ମନୁଷ୍ୟ ନିକଟକୁ ତାହାକୁ ଆଣିଲେ। 23ସେହି ମନୁଷ୍ୟ
କହିଲେ,

"ସେ ମୋ ପରି, ତା'ର ହାଡ ମୋର ହାଡରୁ ଆସିଛି।
ତା'ର ଶରୀର ମୋର ଶରୀରରୁ ଆସିଛି। ଯେହେତୁ ସେ
ନରଠାରୁ ଆସିଛି, ତାହାର ନାମ ନାରୀ।"

24ମନୁଷ୍ୟ ପିତା ମାତାଙ୍କୁ ଛାଡ଼ି ସ୍ତ୍ରୀ ସହିତ ଏକତ୍ରିତ
ହେବ। ଯେପରି ସେମାନେ ଏକ ବ୍ୟକ୍ତି, ଏହା ଏପରି
ଭାବରେ ହେବ।

25ମନୁଷ୍ୟ ଓ ତାଙ୍କର ସ୍ତ୍ରୀ ଉଲଗ୍ନ ଥିଲେ, କିନ୍ତୁ
ସେମାନେ ଲଜ୍ଜାବୋଧ କରୁନଥିଲେ।

## ପାପର ଆରମ୍ଭ

3 ସଦାପ୍ରଭୁ ପରମେଶ୍ୱରଙ୍କର ସୃଷ୍ଟି କରିଥିବା ପ୍ରାଣୀମାନଙ୍କ
ମଧ୍ୟରେ ସର୍ପ ସମସ୍ତଙ୍କଠାରୁ ଚତୁର ଥିଲା। ସର୍ପଟି ସ୍ତ୍ରୀ
ଲୋକଟିକୁ କହିଲା, "ଏହା କ'ଣ ସତ୍ୟ ଯେ ପରମେଶ୍ୱର
ଉଦ୍ୟାନର କୌଣସି ବୃକ୍ଷର ଫଳ ନଖାଇବା ପାଇଁ ତୁମ୍ଭଙ୍କୁ
କହିଲେ?"

2ସ୍ତ୍ରୀ ଲୋକଟି କହିଲା, "ଆମେ ବୃକ୍ଷଗୁଡ଼ିକର ଫଳ
ଖାଇପାରିବୁ। 3କିନ୍ତୁ ଉଦ୍ୟାନ ମଧ୍ୟସ୍ଥ ଗୋଟିଏ ବୃକ୍ଷରୁ ଫଳ
ଖାଇବାକୁ ମନା! ପରମେଶ୍ୱର ଆମ୍ଭମାନଙ୍କୁ କହିଲେ, 'ତୁମ୍ଭେ
ଉଦ୍ୟାନ ମଝିରେ ଥିବା ବୃକ୍ଷରୁ ଫଳ ଖାଇବ ନାହିଁ। ଏପରିକି
ତୁମ୍ଭେ ସେ ବୃକ୍ଷକୁ ଛୁଇଁବ ନାହିଁ। ଯଦି ଏପରି କର ତେବେ
ମରିବ।'"

4କିନ୍ତୁ ସର୍ପ ସ୍ତ୍ରୀ ଲୋକଟିକୁ କହିଲା, "ତୁମ୍ଭେ ମରିବ
ନାହିଁ। 5ପରମେଶ୍ୱର ଜାଣନ୍ତି ଯେ, ଯେତେବେଳେ ତୁମ୍ଭେ
ସେହି ବୃକ୍ଷରୁ ଫଳ ଖାଇବ ତେବେ ତୁମ୍ଭମାନଙ୍କର ଚକ୍ଷୁ
ଖୋଲିଯିବ ଏବଂ ତୁମ୍ଭେ ପରମେଶ୍ୱରଙ୍କ ପରି ହେବ, କାରଣ
ତୁମ୍ଭେ ଜାଣିବ କଣ ଭଲ ଏବଂ କଣ ମନ୍ଦ ଅଟେ।"

6ସେହି ସ୍ତ୍ରୀ ଲୋକଟି ଦେଖିଲା ଯେ, ସେହି ବୃକ୍ଷଟି
ଦେଖିବାକୁ ସୁନ୍ଦର ଏବଂ ଖାଦ୍ୟ ପାଇଁ ଭଲ। ସେ ଜ୍ଞାନ ଲାଭ
କରିବାକୁ ଇଚ୍ଛା କଲା। ତେଣୁ ସେ ସେହି ବୃକ୍ଷରୁ ଫଳ
ତୋଳିଲା ଏବଂ ଖାଇଲା। ପୁଣି ଆପଣାର ସ୍ୱାମୀକୁ ଖାଇବାକୁ
ଦେଲା ଏବଂ ସେ ମଧ୍ୟ ତାହାକୁ ଖାଇଲା।

7ସେମାନଙ୍କର ଚକ୍ଷୁ ପ୍ରସନ୍ନ ହେଲା, ଏବଂ ସେମାନେ
ଜାଣିପାରିଲେ ଯେ, ସେମାନେ ଉଲଗ୍ନ। ତେଣୁ ସେମାନେ କିଛି
ଡିମିରି ବୃକ୍ଷର ପତ୍ର ସଂଗ୍ରହ କରି ତାକୁ ସିଇଁ ତାହାକୁ ବସ୍ତ୍ର
ଭାବରେ ଗ୍ରହଣ କଲେ।

8ସନ୍ଧ୍ୟା ସମୟରେ ସଦାପ୍ରଭୁ ପରମେଶ୍ୱର ଉଦ୍ୟାନ
ମଧ୍ୟରେ ଭ୍ରମଣ କରୁଥିଲେ। ନର ଓ ନାରୀ ଏକଥା ଶୁଣିବାକୁ
ପାଇଲେ, ଏବଂ ସେମାନେ ପରମେଶ୍ୱରଙ୍କ ଠାରୁ ନିଜ ନିଜକୁ
ବୃକ୍ଷ ଆଡୁଆଳରେ ଲୁଚାଇ ରଖିଲେ। 9ସଦାପ୍ରଭୁ ପରମେଶ୍ୱର
ମନୁଷ୍ୟକୁ ଡାକିଲେ, "ତୁମ୍ଭେ କେଉଁଠାରେ?"

10ମନୁଷ୍ୟ ଉତ୍ତର ଦେଲେ, "ମୁଁ ତୁମ୍ଭେ ଉଦ୍ୟାନରେ
ଚାଲିବାର ଶୁଣିଲି। ମୁଁ ଭୟକଲି, ମୁଁ ଉଲଗ୍ନ ଥିଲି ତେଣୁ ମୁଁ
ଲୁଚିଲି।"

11ସଦାପ୍ରଭୁ ପରମେଶ୍ୱର ଆଦମକୁ କହିଲେ, "ତୁମ୍ଭଙ୍କୁ
କିଏ କହିଲା ଯେ, ତୁମ୍ଭେ ଉଲଗ୍ନ? ତୁମ୍ଭେ କଣ ଉଦ୍ୟାନର
ସେହି ବୃକ୍ଷର ଫଳ ଖାଇଲ, ଯାହା ଖାଇବା ପାଇଁ ମୁଁ ମନା
କରିଥିଲି!"

12ମନୁଷ୍ୟ ଉତ୍ତର ଦେଲା, "ତୁମ୍ଭେ ମୋ ପାଇଁ ଯେଉଁ
ସ୍ତ୍ରୀ ତିଆରି କରିଥିଲ, ସେ ମୋତେ ସେହି ଫଳ ଖାଇବାକୁ
ଦେଲା। ତେଣୁ ମୁଁ ତାହା ଖାଇଲି।"

13ଏହାପରେ ସଦାପ୍ରଭୁ ପରମେଶ୍ୱର ସେହି ସ୍ତ୍ରୀ ଲୋକକୁ
କହିଲେ, "ଏପରି ତୁମ୍ଭେ କାହିଁକି କଲ?" ସ୍ତ୍ରୀ ଲୋକଟି
ଉତ୍ତର ଦେଲା, "ସର୍ପ ମୋତେ ଭୁଲାଇ ଦେଲା, ତହିଁରେ ମୁଁ
ତାକୁ ଖାଇଲି।"

14ସେଥିପାଇଁ ସଦାପ୍ରଭୁ ପରମେଶ୍ୱର ସର୍ପକୁ କହିଲେ,

"କାରଣ ତୁମ୍ଭେ ଏହା କରିଅଛ, ତୁମ୍ଭେ ଅନ୍ୟ ପ୍ରାଣୀମାନଙ୍କଠାରୁ
ଅଧିକ କଷ୍ଟ ଭୋଗିବ, ତୁମ୍ଭେ ତୁମ୍ଭର ପେଟରେ ଜୀବନସାରା
ଘୁଷୁରିବ ଓ ତୁମ୍ଭେ ଧୂଳି ଖାଇବ।

15ମୁଁ ତୁମ୍ଭଙ୍କୁ ନାରୀର ଶତ୍ରୁ କରିବି। ମୁଁ ତୁମ୍ଭର
ପିଲାମାନଙ୍କୁ ଓ ତାହାର ପିଲାମାନଙ୍କ ମଧ୍ୟରେ ଶତ୍ରୁତା କରିବି।
ତୁମ୍ଭେ ତା'ର ପିଲାର ଗୋଇଠିକୁ କାମୁଡ଼ିବ, କିନ୍ତୁ ସେ ତୁମ୍ଭର
ମସ୍ତକଙ୍କୁ ଆଘାତ କରି ଚୂର୍ଣ୍ଣ କରିବ।"

16ଏହାପରେ ସଦାପ୍ରଭୁ ପରମେଶ୍ୱର ସେହି ସ୍ତ୍ରୀ ଲୋକଟିକୁ
କହିଲେ, "ମୁଁ ତୁମ୍ଭର କାର୍ଯ୍ୟଭାର ଏବଂ ତୁମ୍ଭର ଗର୍ଭ ବେଦନା
ମଧ୍ୟ ବଢ଼ାଇବି। ତୁମ୍ଭେ ବ୍ୟଥାରେ ସନ୍ତାନ ପ୍ରସବ କରିବ।
ପୁଣି ସ୍ୱାମୀ ପ୍ରତି ତୁମ୍ଭର ବାସନା ରହିବ*। ସେ ତୁମ୍ଭ
ଉପରେ କର୍ତ୍ତୃତ୍ୱ କରିବ।"

17ଏହାପରେ ସଦାପ୍ରଭୁ ପରମେଶ୍ୱର ମନୁଷ୍ୟକୁ କହିଲେ,
"ମୁଁ ତୁମ୍ଭକୁ ସେହି ବୃକ୍ଷର ଫଳ ନ ଖାଇବା ପାଇଁ ନିର୍ଦ୍ଦେଶ
ଦେଇଥିଲି କିନ୍ତୁ ତୁମ୍ଭେ ତୁମ୍ଭର ସ୍ତ୍ରୀଙ୍କ କଥା ଶୁଣିଲ ଏବଂ
ସେହି ଫଳ ଖାଇଲ। ତେଣୁ ତୁମ୍ଭ ଯୋଗୁଁ ଭୂମି ଶାପଗ୍ରସ୍ତ
ହେଲା, ତୁମ୍ଭେ ତୁମ୍ଭର ଯାବଜ୍ଜୀବନ କ୍ଲେଶରେ ତହିଁରୁ ଭକ୍ଷ
କରିବ।

18ଭୂମିରେ କଣ୍ଟା ବୁଦା ଜନ୍ମିବ। ତୁମ୍ଭେ କ୍ଷେତ୍ରର ଉତ୍ପାଦନ
ଭୋଜନ କରିବ।

19ତୁମ୍ଭେ ମରିବା ପର୍ଯ୍ୟନ୍ତ ମୁଖର ଝାଳରେ ଆହାର
କରିବ, ତୁମ୍ଭେ ଖାଦ୍ୟ ପାଇବା ପାଇଁ କଠିନ ପରିଶ୍ରମ କରିବ।
ତୁମ୍ଭେ ଧୂଳିରୁ ନିଆଯାଇଛ, ଏଣୁ ଧୂଳିରେ ଫେରିଯିବ।"

20ମନୁଷ୍ୟ ତା'ର ସ୍ତ୍ରୀର ନାମ ଦେଲା, ହବା। ଆଦମ
ତାଙ୍କର ଏପରି ନାମକରଣ କରିଥିଲେ, କାରଣ ସେଥିଲେ
ଜୀବିତ ପ୍ରାଣୀମାନଙ୍କ ସକଳର ମାତା।

21ସଦାପ୍ରଭୁ ପରମେଶ୍ୱର ତାଙ୍କ ପାଇଁ ଚମଡ଼ାର ବସ୍ତ୍ର
ତିଆରି କରି ତାଙ୍କୁ ପିନ୍ଧାଇଲେ।

22ସଦାପ୍ରଭୁ ପରମେଶ୍ୱର କହିଲେ, "ଦେଖ ମନୁଷ୍ୟ ଭଲ
ଓ ମନ୍ଦର ବୋଧପ୍ରାପ୍ତ ହୋଇ ଆମ୍ଭମାନଙ୍କ ପରି ଜଣେ

---

**ପୁଣି … ରହିବ** କିମ୍ବା ତୁମ୍ଭେ ତୁମ୍ଭର ସ୍ୱାମୀଙ୍କୁ ନିୟନ୍ତ୍ରଣ
କରିବା ପାଇଁ ଚାହିଁବ। ଏହା ଉତ୍ପତ୍ତି 4:7 ପରି।

ହୋଇଅଛି। ଆଉ ଏବେ ସେ ଯେପରି ହାତବଢାଇ ଅମୃତ
ବୃକ୍ଷର ଫଳ ମଧ୍ୟ ଖାଇବା ଉଚିତ୍ ନୁହେଁ। ଯଦି ସେ ଏହା
ଖାଇଥାନ୍ତା, ସେ ଅମର ହୋଇଥାନ୍ତା।"
23ତେଣୁ ସଦାପ୍ରଭୁ ପରମେଶ୍ୱର, ଏଦନ ଉଦ୍ୟାନରୁ ତାଙ୍କୁ
ବାହାର କରିଦେଲେ। ଓ ସେ ଯେଉଁ ମୃତ୍ତିକାରୁ ସୃଷ୍ଟି
ହୋଇଥିଲେ, ତହିଁରେ କୃଷି କର୍ମ କରିବାକୁ ନିଯୁକ୍ତ କଲେ।
24ସଦାପ୍ରଭୁ ପରମେଶ୍ୱର ଏହିପରି ମନୁଷ୍ୟକୁ ତଡି ଦେଲେ।
ପୁଣି ଅମୃତ ବୃକ୍ଷର ପଥ ପହରା ଦେବାପାଇଁ ସେ କିରୂବଦୂତମାନଙ୍କୁ
ଏବଂ ଗୋଟିଏ ଘୂର୍ଣ୍ଣାୟମାନ ଖଡ୍ଗ ଏଦୋନ ଉଦ୍ୟାନର ପ୍ରବେଶ
ସ୍ଥାନରେ ରଖିଲେ।

## ପ୍ରଥମ ପରିବାର

4 ଯେତେବେଳେ ସେହି ମନୁଷ୍ୟ ତାଙ୍କର ସ୍ତ୍ରୀ ହବାଙ୍କ
ସହିତ ସହବାସ କଲେ, ସେ ଗର୍ଭବତୀ ହେଲେ ଏବଂ
ଏକ ପୁତ୍ରକୁ ଜନ୍ମ ଦେଲେ, ଯାହାକୁ ସେ କୟିନ କହିଲେ।
ହବା କହିଲେ, "ସଦାପ୍ରଭୁଙ୍କ ସହାୟତାରେ ମୁଁ ଏକ ମନୁଷ୍ୟ
ଜନ୍ମ କରିଛି।" 2ଏହାପରେ ହବା କୟିନର ଭାଇ ଏବଲଙ୍କୁ
ଜନ୍ମ କଲେ। ଏବଲ ମେଷପାଳକ ଓ କୟିନ କୃଷକ
ହେଲେ।

## ପ୍ରଥମ ହତ୍ୟା

3-4କିଛି ସମୟପରେ, କୟିନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଭୂଉତ୍ପନ୍ନ ଫଳ ଆଣି ଉତ୍ସର୍ଗ କଲେ ଏବଂ ଏବଲ ନିଜର
ପ୍ରଥମଜାତ ମେଷ ଆଣିଲେ ଏବଂ ସେମାନଙ୍କର ସର୍ବୋତ୍ତମ
ଅଂଶ ପରମେଶ୍ୱରଙ୍କୁ ଉତ୍ସର୍ଗ କଲେ।
ସଦାପ୍ରଭୁ ହେବଲଙ୍କୁ ଓ ତାଙ୍କର ନୈବେଦ୍ୟକୁ ଗ୍ରହଣ
କଲେ। 5କିନ୍ତୁ ସଦାପ୍ରଭୁ କୟିନଙ୍କୁ ଓ ତାଙ୍କର ନୈବେଦ୍ୟକୁ
ଗ୍ରହଣ କଲେ ନାହିଁ। ଏଣୁ କୟିନ ବହୁତ କ୍ରୋଧ ଏବଂ
ଦୁଃଖ କଲା। 6ସଦାପ୍ରଭୁ କୟିନକୁ ପଚାରିଲେ, "କାହିଁକି
ତୁମ୍ଭେ କ୍ରୋଧ କରିଅଛ? ତୁମ୍ଭେ କାହିଁକି ଦୁଃଖ କରୁଛ?
7ତୁମ୍ଭେ ଯଦି ଠିକ୍ ବିଷୟ କରିବ, ତେବେ ମୁଁ ତୁମ୍ଭକୁ ଗ୍ରହଣ
କରିବି। ଯଦି ତୁମ୍ଭେ ଭୁଲ କର ତେବେ ତାହା ପାପ ହେବ।
ପାପ ଏକ ପ୍ରାଣୀପରି, ତୁମ୍ଭ ଦ୍ୱାର ସମ୍ମୁଖରେ ନଇଁ କରି ତୁମ୍ଭ
ଉପରେ ଝାମ୍ପମାରି ଧରିବାକୁ ଅପେକ୍ଷା କରିଅଛି। ତୁମ୍ଭେ
ନିଶ୍ଚୟ ତା' ଉପରେ ରାଜତ୍ୱ କରିବ।"
8କୟିନ ତା'ର ଭାଇ ହେବଲକୁ କହିଲା, "ଚାଲ କ୍ଷେତକୁ
ଯିବା।" ତେଣୁ କୟିନ ଏବଂ ହେବଲ କ୍ଷେତକୁ ବାହାରି
ଗଲେ। ଏହାପରେ କୟିନ ହେବଲକୁ ଆକ୍ରମଣ କରି ହତ୍ୟା
କଲେ।
9ଏହାପରେ ସଦାପ୍ରଭୁ କୟିନଙ୍କୁ କହିଲେ, "ତୁମ୍ଭର ଭାଇ
ହେବଲ କେଉଁଠି?"
କୟିନ ଉତ୍ତର ଦେଲେ, "ମୁଁ ଜାଣେ ନାହିଁ। ଏହା କ'ଣ
ମୋର କାମ ଯେ ମୋର ଭାଇର ମୁଁ ଯତ୍ନ ନେବି ଓ ଜଗି
ରହିବି?"
10ଏହାପରେ ସଦାପ୍ରଭୁ କହିଲେ, "ତୁମ୍ଭେ କ'ଣ କଲ?
ତୁମ୍ଭ ଭାଇର ରକ୍ତ ଭୂମିରୁ ଆମ୍ଭ ପ୍ରତି ଡାକ ପକାଉଛି।
11ଭୂମିରେ ତୁମ୍ଭ ଭାଇର ରକ୍ତ ଢାଳିଲ। ସେଥିପାଇଁ ତୁମ୍ଭେ
ଅଭିଶପ୍ତ ହେଲ ଏବଂ ତୁମ୍ଭକୁ ଭୂମିରୁ ବାହାର କରିଯିବ।
12ଅତୀତରେ ଭୂମିରେ କୃଷିକର୍ମ କଲେ ହେଁ ତାହା ଆପଣା
ଶକ୍ତି ଦେଇ ଆଉ ତୁମ୍ଭର ସେବା କରିବ ନାହିଁ। ତୁମ୍ଭେ
ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ବୁଲୁଥିବ, ପୃଥିବୀରେ
ତୁମ୍ଭର ଗୃହ ରହିବ ନାହିଁ।"
13ଏହାପରେ କୟିନ କହିଲା, "ମୋର ଦଣ୍ଡ ଅସହ୍ୟ!
14ଆଜି ତୁମ୍ଭେ ମୋତେ ଏହି ଭୂମିରୁ ତଡ଼ି ଦେଲ, ତହିଁରେ
ମୁଁ ତୁମ୍ଭଠାରୁ ଲୁକାୟିତ ହେବି। ମୁଁ ଏକ ପଳାତକ ଓ
ପୃଥିବୀରେ ଭ୍ରମଣକାରୀ ହେବି। ଏପରି ହେବ ଯେ କୌଣସି
ଲୋକ ମୋତେ ପାଇଲେ ବଧ କରିବ।"
15ଏହାପରେ ସଦାପ୍ରଭୁ କୟିନକୁ କହିଲେ, "ମୁଁ ଏପରି
ଘଟିବାକୁ ଦେବି ନାହିଁ! ଯଦି କୌଣସି ଲୋକ ତୁମ୍ଭକୁ ହତ୍ୟା
କରେ ତେବେ ମୁଁ ତାକୁ ଅଧିକରୁ ଅଧିକ ଦଣ୍ଡ ବିଧାନ
କରିବି।" ଏହାପରେ ସଦାପ୍ରଭୁ ପରମେଶ୍ୱର କୟିନଙ୍କୁ ଏକ
ଚିହ୍ନଟ ଦେଲେ। ଚିହ୍ନଟି ଦର୍ଶାଇଲା ଯେ, କେହି ତାକୁ ମାରିବା
ଉଚିତ୍ ନୁହେଁ।

## କୟିନର ପରିବାର

16ଏହାପରେ କୟିନ ସଦାପ୍ରଭୁଙ୍କର ସମ୍ମୁଖରୁ
ପ୍ରସ୍ଥାନକରି ଏଦନର ପୂର୍ବଦିଗସ୍ଥ ନୋଦ ନାମକ ଦେଶରେ
ବାସ କଲେ।
17କୟିନ ତା'ର ସ୍ତ୍ରୀ ସହିତ ସହବାସ କଲା। ଏହାପରେ
ସେ ଗର୍ଭବତୀ ହୋଇ ଏକ ସନ୍ତାନ ଜନ୍ମ କଲା
ଯାହାର ନାମ ଥିଲା ହନୋକ। କୟିନ ତା'ର ପୁତ୍ର ନାମ
ଅନୁସାରେ ଏକ ନଗର ନିର୍ମାଣ କଲା ଓ ତା'ର ନାମ ଦେଲା
"ହନୋକ।"
18ହନୋକର ଏକ ପୁତ୍ର ଥିଲା ଯାହାର ନାମ ଇରଦ।
ଇରଦର ଏକ ପୁତ୍ର ଥିଲା ଯାହାର ନାମ ମହୂୟାୟେଲ।
ମହୂୟାୟେଲର ଏକ ପୁତ୍ର ଥିଲା ଯାହାର ନାମ ମଥୂଶାୟେଲ୍
ଓ ମଥୂଶାୟେଲର ଏକ ପୁତ୍ର ଥିଲା ଯାହାର ନାମ ଲେମକ।
19ଲେମକ ଦୁଇଟି ସ୍ତ୍ରୀ ବିବାହ କଲେ, ଜଣଙ୍କର ନାମ
ଆଦା ଓ ଅନ୍ୟ ଜଣଙ୍କର ନାମ ଥିଲା ସିଲ୍ଲା। 20ଆଦା
ଯାବଲକୁ ଜନ୍ମ ଦେଲା, ସେ ତମ୍ବୁ ନିବାସୀ ପଶୁପାଳମାନଙ୍କର
ଆଦିପୁରୁଷ ଥିଲା ଓ ସେମାନେ ଗୋରୁଗାଇ ଚରାଇ ଜୀବିକା
ନିର୍ବାହ କରୁଥିଲେ। 21ଯାବଲ ଭାଇର ନାମ ଥିଲା ଯୁବଲ।
ସେ ବୀଣା ଓ ବଂଶୀବାଦକମାନଙ୍କର ଆଦିପୁରୁଷ ଥିଲା।
22ସିଲ୍ଲାର ଗର୍ଭରୁ ତୁବଲ-କୟିନ ଜନ୍ମ ହେଲା। ସେ ପିତ୍ତଳ
ଓ ଲୌହର ନାନାପ୍ରକାର ଅସ୍ତ୍ର ନିର୍ମାଣକାରୀ ଥିଲା। ତୁବଲ-କୟିନର
ନୟମା ନାମ୍ନୀ ଏକ ଭଉଣୀ ଥିଲା।
23ଲେମକ ତା'ର ସ୍ତ୍ରୀକୁ କହିଲା, "ହେ ଆଦା ଓ ସିଲ୍ଲା,
ମୋ କଥା ଶୁଣ! ହେ ଲେମକର ସ୍ତ୍ରୀଗଣ ତୁମ୍ଭେମାନେ ମୋ
କଥା ଶୁଣ ଜଣେ ଲୋକ ମୋତେ ଆଘାତ ଦେଲା ତେଣୁ ମୁଁ
ତାକୁ ମାରିଦେଲି। ଜଣେ ଶିଶୁ ମୋତେ ପ୍ରହାର କଲା ତେଣୁ
ମୁଁ ତାକୁ ମାରିଦେଲି।
24ଯେବେ କୟିନର ହତ୍ୟାର ପ୍ରତିଶୋଧ ବହୁତ ହେବ।
ତେବେ ମୋତେ ହତ୍ୟା କରିବାର ଦଣ୍ଡ ତା'ଠାରୁ ଅନେକ
ଗୁଣରେ କଠୋର ହେବ।"

### ଆଦମ ଏବଂ ହବାଙ୍କର ଅନ୍ୟ ଏକ ପୁତ୍ର

25ଆଦମ ପୁନର୍ବାର ତା'ର ସ୍ତ୍ରୀ ହବା ସହିତ ସହବାସ
କଲା ଏବଂ ପୁଣି ସେ ଅନ୍ୟ ଏକ ପୁତ୍ର ସନ୍ତାନ ପ୍ରସବ କଲା,
ଏବଂ ତାକୁ ଶେଥ ବୋଲି ଡାକିଲା। ହବା କହିଲେ,
"ପରମେଶ୍ୱର ହେବଲର ପ୍ରତି ବଦଳରେ ଆଉ ଗୋଟିଏ ପୁତ୍ର
ଦେଇଛନ୍ତି, କାରଣ କୟିନ ତାହାଙ୍କୁ ହତ୍ୟା କଲା।" 26ଶେଥର
ଏକ ପୁତ୍ର ଥିଲା, ସେ ତା'ର ନାମ ଦେଇଥିଲେ, ଇନୋଶ।
ଏହି ସମୟରେ ମନୁଷ୍ୟମାନେ ସଦାପ୍ରଭୁଙ୍କର ପ୍ରାର୍ଥନା କରିବାକୁ
ଆରମ୍ଭ କଲେ।

### ଆଦମର ବଂଶାବଳୀର ଇତିହାସ

5 ଏହା ହେଉଛି ଆଦମଙ୍କର ବଂଶାବଳୀର ଇତିହାସ।
ପରମେଶ୍ୱର ତାଙ୍କ ସାଦୃଶ୍ୟରେ ମନୁଷ୍ୟକୁ ସୃଷ୍ଟି କଲେ।
2ପରମେଶ୍ୱର ସେମାନଙ୍କୁ ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟି କଲେ
ଏବଂ ସେହିଦିନ ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ ଦେଲେ
ଏବଂ ସେମାନଙ୍କର ନାମ "ମନୁଷ୍ୟ*" ଦେଲେ।
3ଆଦମକୁ 130 ବର୍ଷ ପହଞ୍ଚିବା ପରେ ତାଙ୍କର ଆଉ
ଏକ ପୁତ୍ର ସନ୍ତାନ ଜନ୍ମ ହେଲା। ସେ ଠିକ୍ ଆଦମଙ୍କର ପରି
ଦେଖିବାକୁ ଥିଲା। ଆଦମ ତାଙ୍କର ନାମ ଦେଇଥିଲେ ଶେଥ।
4ଶେଥର ଜନ୍ମ ପରେ ଆଦମ 800 ବର୍ଷ ବଞ୍ଚିଲେ। ସେହି
ସମୟରେ ଆଉ ପୁତ୍ର କନ୍ୟାମାନଙ୍କୁ ଜନ୍ମ କଲେ। 5ଏହିପରି
ଆଦମ ମୋଟ୍ 930 ବର୍ଷ ବଞ୍ଚି ମୃତ୍ୟୁବରଣ କଲେ।
6ଶେଥ 105 ବର୍ଷ ସମୟରେ ଏକ ପୁତ୍ର ଜନ୍ମ କଲେ,
ଯାହାର ନାମ ଇନୋଶ। 7ଇନୋଶର ଜନ୍ମ ପରେ ଶେଥ
807 ବର୍ଷ ବଞ୍ଚିଲେ। ସେହି ସମୟ ମଧ୍ୟରେ ଶେଥଙ୍କର
ଅନ୍ୟ ପୁତ୍ର ଓ କନ୍ୟାମାନେ ଜନ୍ମ ହେଲେ। 8ଏହାପରେ
ଶେଥ ମୋଟରେ 912 ବର୍ଷ ବଞ୍ଚିବା ପରେ ମୃତ୍ୟୁବରଣ
କଲେ।
9ଇନୋଶକୁ ନବେ ବର୍ଷ ବୟସରେ ତାଙ୍କର ଏକ ପୁତ୍ର
ଜନ୍ମିଥିଲା। ତାଙ୍କର ନାମ ଥିଲା କୟିନାନ୍। 10କୟିନାନ୍‌ର
ଜନ୍ମପରେ ଇନୋଶ 815 ବର୍ଷ ବଞ୍ଚିଲେ। ସେହି ସମୟ
ମଧ୍ୟରେ ତାଙ୍କର ଅନ୍ୟ ପୁତ୍ରକନ୍ୟାମାନ ଜନ୍ମ ହେଲେ।
11ଏହିପରି ଇନୋଶ ମୋଟ୍ 905 ବର୍ଷ ବଞ୍ଚିଲାପରେ
ମୃତ୍ୟୁବରଣ କଲେ।
12କୟିନାନ ସତୁରି ବର୍ଷ ବୟସରେ ତାଙ୍କର ଏକ ପୁତ୍ର
ଜନ୍ମ କଲେ, ତାହାର ନାମ ମହଲଲେଲ। 13ମହଲଲେଲ
ଜନ୍ମ ନେବାପରେ କୟିନାନ 840 ବର୍ଷ ବଞ୍ଚିଲେ। ସେହି
ସମୟ ମଧ୍ୟରେ କୟିନାନଙ୍କର ଅନ୍ୟ ପୁତ୍ର ଓ କନ୍ୟାଗଣ
ଜନ୍ମ ହେଲେ। 14ଏହିପରି ଭାବରେ କୟିନାନ୍ 910 ବର୍ଷ
ବଞ୍ଚିଲା ପରେ ମୃତ୍ୟୁବରଣ କଲେ।
15ମହଲଲେଲ ପଞ୍ଚଷଠି ବର୍ଷ ବୟସରେ ଯେରଦ ନାମକ
ଏକ ପୁତ୍ର ସନ୍ତାନ ଜନ୍ମ କଲେ। 16ଯେରଦ ଜନ୍ମ ହେଲାପରେ
ମହଲଲେଲ 830 ବର୍ଷ ବଞ୍ଚିଲେ ଏବଂ ସେହି ସମୟରେ
ସେ ଅନ୍ୟ ପୁତ୍ର ଓ କନ୍ୟାମାନଙ୍କୁ ଜନ୍ମ କଲେ। 17ଏହିପରି
ଭାବରେ ମହଲଲେଲ 895 ବର୍ଷ ବଞ୍ଚିଲା ପରେ ମୃତ୍ୟୁବରଣ
କଲେ। 18ଯେରଦଙ୍କୁ ଯେତେବେଳେ 162 ବର୍ଷ ବୟସ
ହୋଇଥିଲା ସେ ସମୟରେ ତାଙ୍କର ଏକପୁତ୍ର ଜନ୍ମ ହେଲେ,
ତାହାର ନାମ ହନୋକ। 19ହନୋକ ଜନ୍ମ ହେଲା ପରେ,
ଯେରଦ 800 ବର୍ଷ ବଞ୍ଚିଲେ। ସେହି ସମୟ ମଧ୍ୟରେ ସେ
ଅନ୍ୟ ପୁତ୍ର ଏବଂ କନ୍ୟାମାନଙ୍କୁ ଜନ୍ମ କଲେ। 20ଏହିପରି
ଭାବରେ ଯେରଦ 962 ବର୍ଷ ବଞ୍ଚି ମୃତ୍ୟୁବରଣ କଲେ।
21ହନୋକ 65 ବର୍ଷ ବୟସରେ ତାଙ୍କର ଏକ ପୁତ୍ର ଜନ୍ମ
କଲେ, ଯାହାର ନାମ ମଥୂଶେଲହ। 22ମଥୂଶେଲହ ଜନ୍ମ
ନେବାପରେ ହନୋକ 300 ବର୍ଷ ପର୍ଯ୍ୟନ୍ତ ପରମେଶ୍ୱରଙ୍କୁ
ଅନୁସରଣ* କଲେ। ଆହୁରି ମଧ୍ୟ ଅନ୍ୟ ପୁତ୍ର ଏବଂ
କନ୍ୟାଗଣ ତାଙ୍କଠାରୁ ଜନ୍ମ ନେଲେ। 23ଏହିପରି ଭାବରେ
ହନୋକ 365 ବର୍ଷ ବଞ୍ଚିଲେ। 24ଦିନେ, ଯେତେବେଳେ
ହନୋକ ପରମେଶ୍ୱରଙ୍କୁ ଅନୁସରଣ କରୁଥିଲେ, ସେ ଅନ୍ତର୍ଧ୍ୟାନ
ହେଲେ, ଯେହେତୁ ତାଙ୍କୁ ପରମେଶ୍ୱର ନେଇଗଲେ।
25ମଥୂଶେଲହ 187 ବର୍ଷ ବୟସରେ ତାଙ୍କର ଏକ ପୁତ୍ର
ଜନ୍ମ କଲେ। ତାହାର ନାମ ଲେମକ। 26ଲେମକର ଜନ୍ମପରେ
ମଥୂଶେଲହ 782 ବର୍ଷ ବଞ୍ଚିଲେ ଏବଂ ସେ ଆହୁରି ଅନେକ
ପୁତ୍ର କନ୍ୟାମାନଙ୍କୁ ଜନ୍ମ ଦେଇଥିଲେ। 27ମଥୂଶେଲହ ମୋଟ
969 ବର୍ଷ ବଞ୍ଚିଲା ପରେ ମୃତ୍ୟୁବରଣ କଲେ।
28ଯେତେବେଳେ ଲେମକଙ୍କୁ 182 ବର୍ଷ ବୟସ ହୋଇଥିଲା,
ତାଙ୍କର ଗୋଟିଏ ପୁତ୍ର ଜନ୍ମ ହେଲା। 29ଲେମକ ତା'ର ନାମ
ରଖିଲେ ନୋହ। ସେ କହିଲେ, "ପରମେଶ୍ୱରଙ୍କ ଦ୍ୱାରା
ଅଭିଶପ୍ତ ଭୂମିରେ ଆମ୍ଭର କଠିନ ପରିଶ୍ରମକୁ ଲାଘବ କରିବା
ପାଇଁ, ସେ ଆମ୍ଭମାନଙ୍କୁ ସାନ୍ତ୍ୱନା ଦେବ।"
30ନୋହ ଜନ୍ମ ହେବାପରେ ଲେମକ 595 ବର୍ଷ
ବଞ୍ଚିଲେ ଏବଂ ଅନ୍ୟ ପୁତ୍ର ଏବଂ କନ୍ୟାମାନଙ୍କୁ ଜନ୍ମ
ଦେଇଥିଲେ। 31ସେ ମୋଟ୍ 777 ବର୍ଷ ବଞ୍ଚି ମୃତ୍ୟୁବରଣ
କଲେ।
32ଏହାପରେ ନୋହଙ୍କୁ ଯେତେବେଳେ 500 ବର୍ଷ ବୟସ
ସେ ତାଙ୍କର ପୁତ୍ରମାନଙ୍କୁ ଜନ୍ମଦେଲେ। ତାଙ୍କର ନାମଥିଲା:
ଶେମ, ହାମ ଓ ଯେଫତ୍।

### ଲୋକମାନେ ଦୁଷ୍ଟ ପ୍ରକୃତିର ହେଲେ

6 ପୃଥିବୀରେ ମନୁଷ୍ୟମାନଙ୍କର ସଂଖ୍ୟା ବଢ଼ିବାକୁ
ଲାଗିଲା। ମନୁଷ୍ୟମାନଙ୍କର ଅନେକ କନ୍ୟାଜାତ ହେଲେ।
2-4ପରମେଶ୍ୱରଙ୍କର ପୁତ୍ରଗଣ ଦେଖିଲେ, ସେହି କନ୍ୟାମାନେ
ଦେଖିବାକୁ ବହୁତ ସୁନ୍ଦରୀ। ତେଣୁ ପରମେଶ୍ୱରଙ୍କର
ପୁତ୍ରଗଣ ସେମାନଙ୍କ ପସନ୍ଦ ଅନୁସାରେ ସେମାନଙ୍କୁ ବିବାହ
କଲେ।
ସେହି ସ୍ତ୍ରୀମାନେ ପିଲାମାନଙ୍କୁ ଜନ୍ମ ଦେଲେ। ସେହି
ସମୟରେ ଓ ପରେ ମଧ୍ୟ ପୃଥିବୀରେ ଦୈତ୍ୟମାନେ ଥିଲେ।
ସେମାନେ ପୂର୍ବ ସମୟର ପ୍ରସିଦ୍ଧ ଯୋଦ୍ଧା ଥିଲେ।
ଏହାପରେ ସଦାପ୍ରଭୁ କହିଲେ, "ଲୋକମାନେ ମନୁଷ୍ୟ
ମାତ୍ର, ଆମ୍ଭର ଆତ୍ମା ମନୁଷ୍ୟ ମଧ୍ୟରେ ସର୍ବଦା ଅଧିଷ୍ଠାନ

---

**ମନୁଷ୍ୟ** ଏହି ନାମର ଅର୍ଥ "ଆଦମ" କିମ୍ବା "ଲୋକମାନେ"। ଏହା ଶାବ୍ଦିକ ଅର୍ଥ "ଭୂମି" କିମ୍ବା "ଲାଲ ମାଟି"।

**ଅନୁସରଣ କଲେ** ଆକ୍ଷରୀକ ଭାବରେ "ପରମେଶ୍ୱରଙ୍କ ସହିତ ଚାଲିବା" ଯାହାର ଅର୍ଥ ସେ ପରମେଶ୍ୱରଙ୍କ ଇଚ୍ଛାନୁସାରେ ବାସ କଲା।

କରିବ ନାହିଁ, କାରଣ ସେମାନେ କେବଳ ଶାରୀରିକ ଅଟନ୍ତି।
ଏଥିପାଇଁ ସେମାନଙ୍କର ପରମାୟୁ 120 ବର୍ଷ ହେବ।”
5ସଦାପ୍ରଭୁ ଦେଖିଲେ ପୃଥିବୀର ଲୋକମାନେ ବହୁତ ମନ୍ଦ
ଥିଲେ। ସଦାପ୍ରଭୁ ଦେଖିଲେ ଯେ, ଲୋକମାନେ ସର୍ବଦା
କେବଳ ମନ୍ଦ ବିଷୟ ଚିନ୍ତା କରୁଛନ୍ତି। 6ମନୁଷ୍ୟମାନଙ୍କୁ ଜନ୍ମ
ଦେଇଥିବାରୁ, ସଦାପ୍ରଭୁ ଅନୁତାପ କଲେ। ଏହା ସଦାପ୍ରଭୁଙ୍କ
ହୃଦୟକୁ ଯନ୍ତ୍ରଣା ଦେଲା। 7ତେଣୁ ସଦାପ୍ରଭୁ କହିଲେ, “ମୁଁ
ସମସ୍ତ ମନୁଷ୍ୟକୁ ଧ୍ୱଂସ କରିଦେବି ଯାହା ମୁଁ ସୃଷ୍ଟି କରିଛି।
ମୁଁ ସମସ୍ତ ମନୁଷ୍ୟ, ପଶୁ, ଏବଂ ପ୍ରତ୍ୟେକ ଖେଚର ପ୍ରାଣୀମାନଙ୍କୁ
ଧ୍ୱଂସ କରିଦେବି। ଏବଂ ଆକାଶର ସମସ୍ତ ପକ୍ଷୀ କୂଳକୁ ମଧ୍ୟ
ଧ୍ୱଂସ କରିଦେବି। କାହିଁକି? କାରଣ ଏମାନଙ୍କୁ ସୃଷ୍ଟି କରି ମୁଁ
ଦୁଃଖିତ।”
8କିନ୍ତୁ ନୋହ ସଦାପ୍ରଭୁଙ୍କ ଦୃଷ୍ଟିରେ ଅନୁଗ୍ରହର ପାତ୍ର
ଥିଲେ।

## ନୋହ ଏବଂ ପ୍ରଳୟଙ୍କାରୀ ବନ୍ୟା

9ଏହା ନୋହର ବଂଶାବଳୀ ଅଟେ। ନୋହ ଜଣେ
ଧାର୍ମିକଲୋକ ଥିଲେ ଏବଂ ସର୍ବଦା ପରମେଶ୍ୱରଙ୍କୁ ଅନୁସରଣ
କରୁଥିଲେ। 10ନୋହଙ୍କର ତିନୋଟି ପୁତ୍ର ଥିଲେ। ସେମାନେ
ହେଲେ ଶେମ, ହାମ ଓ ଯେଫତ୍।
11-12ପରମେଶ୍ୱର ପୃଥିବୀକୁ ନିରୀକ୍ଷଣ କଲେ ଓ ଦେଖିଲେ
ଯେ, ପୃଥିବୀ ଭ୍ରଷ୍ଟାଚାରିତା ହୋଇଅଛି। ସମସ୍ତ ସ୍ଥାନରେ
ଅତ୍ୟାଚାର ଥିଲା, ଲୋକମାନେ ସବୁ ମନ୍ଦ ଓ ନିଷ୍ଠୁର
ହୋଇଛନ୍ତି। ପୃଥିବୀ ପୁରା ଦୌରାତ୍ମ୍ୟରେ ପରିପୂର୍ଣ୍ଣ ହୋଇଛି।
13ତେଣୁ ପରମେଶ୍ୱର ନୋହକୁ କହିଲେ, “ସମସ୍ତଲୋକ
ପୃଥିବୀକୁ କ୍ରୋଧ ଓ ହିଂସାରେ ଛାରଖାର କରିଦେଲେଣି।
ତେଣୁ ଆମ୍ଭେ ପୃଥିବୀ ସହିତ ସେମାନଙ୍କୁ ବିନଷ୍ଟ କରିବା।
14ତୁମ୍ଭେ ଗୋଫର କାଠର ଗୋଟିଏ ଜାହାଜ ନିର୍ମାଣ କର।
ତା’ ମଧ୍ୟରେ ନାନା କୋଠରୀ ବନାଇ ତହିଁର ଭିତର ଓ
ବାହାର ଝୁଣାଦ୍ୱାରା ଲେପନ କର।
15“ସେହି ଜାହାଜଟିକୁ ଏହିପରି ନିର୍ମାଣ କର ଯେ,
ଏହାର ଲମ୍ବ ଯେପରି 300 ହାତ, ପ୍ରସ୍ଥ ପଚାଶ ହାତ, ଏବଂ
ତାହାର ଉଚ୍ଚତା ତିରିଶ ହାତ ହେବ। 16ଉପରୁ ଏକ ହାତ
ଛାଡ଼ି ଝରକା କରିବ। ସେହି ଜାହାଜର ପାର୍ଶ୍ୱରେ ଗୋଟିଏ
ଦ୍ୱାର ରହିବ। ଆଉ ତହିଁର ପ୍ରଥମ, ଦ୍ୱିତୀୟ ଓ ତୃତୀୟ
ଚଟାଣ ବନାଇବ।
17“ମୁଁ ଏକ ପ୍ରଳୟଙ୍କାରୀ ବନ୍ୟା ପୃଥିବୀ ଉପରେ
ଆଣିବି। ଆକାଶ ତଳେ ଥିବା ସମସ୍ତ ଜୀବସତ୍ତାକୁ ଧ୍ୱଂସ
କରିବି। ପୃଥିବୀର ସମସ୍ତ ପ୍ରାଣୀ ମରିବେ। 18ମୁଁ ତୁମ୍ଭ ସହିତ
ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି କରିବି। ଏବଂ ତୁମ୍ଭେ, ତୁମ୍ଭର ସ୍ତ୍ରୀ
ତୁମ୍ଭର ପୁତ୍ରମାନେ ଏବଂ ତୁମ୍ଭର ପୁତ୍ରମାନଙ୍କର ସ୍ତ୍ରୀମାନେ
ସମସ୍ତେ ଜାହାଜକୁ ଯିବେ। 19ପ୍ରାଣରକ୍ଷାର୍ଥେ ସର୍ବପ୍ରକାର
ଜୀବଜନ୍ତୁର ଏକ ଏକ ଦମ୍ପତି ଆପଣା ସଂଗରେ ଧରି
ଜାହାଜରେ ପ୍ରବେଶ କରିବ। 20ସବୁପ୍ରକାର ପକ୍ଷୀ, ସର୍ବପ୍ରକାର
ପଶୁ, ଓ ସର୍ବପ୍ରକାର ଉରୋଗାମୀ ଜନ୍ତୁ ପ୍ରତ୍ୟେକ ଜାତିରୁ
ଗୋଟିଏ ଗୋଟିଏ ଦମ୍ପତି ଜୀବନ ରକ୍ଷା ପାଇଁ ତୁମ୍ଭ ନିକଟକୁ
ଆସିବେ। 21ଆଉ ତୁମ୍ଭେ ଆପଣାର ଓ ସେମାନଙ୍କର ଆହାର
ନିମନ୍ତେ ସବୁପ୍ରକାର ଖାଦ୍ୟ ସାମଗ୍ରୀ ଆଣି ଆପଣା ନିକଟରେ
ସଂଚୟ କରିବ।”
22ତହିଁରେ ନୋହ ସେହିପରି କଲେ। ନୋହ ପରମେଶ୍ୱରଙ୍କ
ଆଜ୍ଞା ପାଳନ କଲେ।

## ବନ୍ୟାର ଆରମ୍ଭ

7 ଏହାପରେ ସଦାପ୍ରଭୁ ନୋହଙ୍କୁ କହିଲେ, “ମୁଁ ଦେଖିଛି
ତୁମ୍ଭେ ଜଣେ ଧାର୍ମିକ ଲୋକ, ଏହି କାଳର ଦୁଷ୍ଟ
ଲୋକମାନଙ୍କ ମଧ୍ୟରେ। ତେଣୁ ତୁମ୍ଭର ପରିବାର ଏକତ୍ରିତ
ହୋଇ ଜାହାଜରେ ପ୍ରବେଶ କର। 2ତୁମ୍ଭେ ତୁମ୍ଭ ସହିତ ସାତ
ଯୋଡ଼ି ଶୁଚି ପଶୁ ଓ ଏକ ଯୋଡ଼ି ଅଶୁଚି ପଶୁ ନେଇ
ଆସିବ। ପ୍ରତ୍ୟେକ ଯୋଡ଼ିରେ ଗୋଟିଏ ପୁରୁଷ ଓ ଗୋଟିଏ
ସ୍ତ୍ରୀ ନିଶ୍ଚୟ ରହିବ। 3ପ୍ରତ୍ୟେକ ପକ୍ଷୀ ଜାତିର ପୁରୁଷ ଓ ସ୍ତ୍ରୀ
ସାତ ସାତ ଯୋଡ଼ି ସଂଗରେ ନିଅ, ବଂଶ ରକ୍ଷା କରିବା
ପାଇଁ। 4ସାତଦିନ ପରେ ମୁଁ ଚାଳିଶ ଦିବାରାତ୍ର ପୃଥିବୀରେ
ବୃଷ୍ଟି କରାଇବି। ପୃଥିବୀର ସମସ୍ତ ଜୀବିତ ପ୍ରାଣୀ ଓ
ସେଠାକାର ସମସ୍ତ ଜିନିଷ ଧ୍ୱଂସ କରିଦେବି, ଯାହା ମୁଁ ସୃଷ୍ଟି
କରିଥିଲି।” 5ନୋହ ସଦାପ୍ରଭୁଙ୍କ ବାକ୍ୟାନୁସାରେ ସମସ୍ତ କାର୍ଯ୍ୟ
କଲେ।
6ବନ୍ୟା ଆସିବା ସମୟରେ ନୋହଙ୍କୁ 600 ବର୍ଷ ବୟସ
ହୋଇଥିଲା। 7ନୋହ ଏବଂ ତା’ର ପରିବାର ବନ୍ୟାରୁ ରକ୍ଷାପାଇବା
ନିମିତ୍ତ ଜାହାଜ ମଧ୍ୟକୁ ଗଲେ। ଜାହାଜରେ ନୋହ, ତା’ର
ସ୍ତ୍ରୀ, ପୁତ୍ର ଓ ପୁତ୍ରବଧୂମାନେ ଥିଲେ। 8ସମସ୍ତ ପଶୁଗୁଡ଼ିକ
ଶୁଚି ଓ ଅଶୁଚି ଓ ପଶୁପକ୍ଷୀବର୍ଗ ଓ ଭୂଚର ଉରୋଗାମୀ
ଜନ୍ତୁବର୍ଗ ନୋହଙ୍କ ନିକଟକୁ ଯାଇ ଭିତରକୁ ଗଲେ।
9ସେମାନେ ଯୋଡ଼ି ଯୋଡ଼ି କରି ପୁରୁଷ ଓ ସ୍ତ୍ରୀ, ଠିକ୍
ପରମେଶ୍ୱରଙ୍କ ଆଜ୍ଞାନୁସାରେ ନୋହଙ୍କ ନିକଟକୁ ଯାଇ ଜାହାଜରେ
ପ୍ରବେଶ କଲେ। 10ସାତଦିନ ପରେ ବନ୍ୟାର ପାଣି ପୃଥିବୀ
ଉପରରେ ଆରମ୍ଭ ହେଲା।
11-13ଦ୍ୱିତୀୟ ମାସର ସତର ଦିବସ ଯେତେବେଳେ
ନୋହଙ୍କୁ 600 ବର୍ଷ ବୟସ ହୋଇଥିଲା। ମହା ସମୁଦ୍ରର
ସମଗ୍ର ଜଳାଧାର ଭାଙ୍ଗିଗଲା। ପୁଣି ଆକାଶସ୍ଥ ଦ୍ୱାର ସବୁ ମୁକ୍ତ
ହେଲା। ତହିଁରେ ଚାଳିଶ ଦିବାରାତ୍ର ବୃଷ୍ଟି ହେଲା। ସେହି
ଦିନରେ ନୋହ, ଶେମ, ହାମ ଓ ଯେଫତ୍ ନୋହଙ୍କର
ପୁତ୍ରମାନେ ଆଉ ସେମାନଙ୍କର ସ୍ତ୍ରୀ ଓ ନୋହର ସ୍ତ୍ରୀ
ଜାହାଜରେ ପ୍ରବେଶ କଲେ। 14ସେହି ଲୋକମାନେ ଏବଂ
ପ୍ରତ୍ୟେକ ପ୍ରକାରର ପଶୁ, ସେହି ଜାହାଜକୁ ପ୍ରବେଶ କଲେ।
ସବୁପ୍ରକାରର ଗୃହପାଳିତ ପଶୁ, ସବୁପ୍ରକାର ଉରୋଗାମୀ
ସବୁଜାତିୟ ଭୂଚର ଓ ଖେଚର ପକ୍ଷୀ ସମସ୍ତେ ଜାହାଜ ମଧ୍ୟକୁ
ପ୍ରବେଶ କଲେ। 15ନୋହଙ୍କ ସହିତ ଏହି ସମସ୍ତ ଜୀବ
ଜାହାଜ ମଧ୍ୟରେ ରହିଲେ। ସମସ୍ତ ଜୀବିତ ପ୍ରାଣୀ ଯୋଡ଼ା
ଯୋଡ଼ା ହୋଇ ଆସିଲେ। 16ପରମେଶ୍ୱରଙ୍କର ଆଜ୍ଞାନୁସାରେ
ଏକ ପୁରୁଷ ଏବଂ ଏକ ସ୍ତ୍ରୀ ପ୍ରତ୍ୟେକ ପ୍ରକାରର ଜାହାଜ
ମଧ୍ୟକୁ ପ୍ରବେଶ କଲେ, ଏହାପରେ ସଦାପ୍ରଭୁ ଜାହାଜର ଦ୍ୱାର
ବନ୍ଦ କରିଦେଲେ।
17ଚାଳିଶ ଦିନ ପୃଥିବୀରେ ଜଳପ୍ଲାବନ ହେଲା, ପୁଣି ଜଳ
ବଢ଼ିବାରୁ ଜାହାଜ ଭୂମିକୁ ଛାଡ଼ି ଭାସିବାକୁ ଲାଗିଲା। 18ପୃଥିବୀରେ

କ୍ରମାନ୍ୱୟରେ ଜଳରାଶି ବଢ଼ିବାକୁ ଲାଗିଲା, ଓ ସେଥିରେ
ଜାହାଜ ଭାସିବାକୁ ଆରମ୍ଭ କଲା। 19ପୃଥିବୀ ଉପରେ ଜଳ
ଅତିଶୟ ବଢ଼ି ଆକାଶ ତଳସ୍ଥ ସମସ୍ତ ଉଚ୍ଚ ପର୍ବତ ମଗ୍ନ
କଲା। 20ଜଳରାଶିର ପତନ ବଢ଼ିବାକୁ ଲାଗିଲା, ଏପରିକି ଉଚ୍ଚ
ପର୍ବତ ଉପରେ ପନ୍ଦର ହାତ ପାଣି ଚଢ଼ି ରହିଲା।

21-22ପୃଥିବୀପୃଷ୍ଠରୁ ପ୍ରତ୍ୟେକ ସଜୀବ ପ୍ରାଣୀ ମୃତ୍ୟୁବରଣ
କଲେ। ପ୍ରତ୍ୟେକ ପୁରୁଷ ଓ ସ୍ତ୍ରୀ, ପ୍ରତ୍ୟେକ ପ୍ରକାର ପକ୍ଷୀ ଓ
ପଶୁ ପୃଥିବୀପୃଷ୍ଠରୁ ମଲେ। ସମସ୍ତ ଭୂଚର, ଓ ସମସ୍ତ
ଉରୋଗାମି ଜୀବ ପୃଥିବୀପୃଷ୍ଠରୁ ଲୋପ ପାଇଗଲେ। 23ଏହି
ପ୍ରକାରେ ପରମେଶ୍ୱର ପୃଥିବୀରେ ବାସ କରୁଥିବା ସମସ୍ତ
ଜୀବିତ ପ୍ରାଣୀଙ୍କୁ ନିଶ୍ଚିହ୍ନ କଲେ। ସମସ୍ତ ମନୁଷ୍ୟ, ପଶୁ,
ସରୀସୃପ ପ୍ରାଣୀ, ଖେଚର ପକ୍ଷୀ, ପୃଥିବୀରେ ମୃତ୍ୟୁବରଣ
କଲେ। କେବଳ ନୋହ ଓ ଜାହାଜରେ ଥିବା ଲୋକମାନେ
ଏବଂ ପଶୁଗଣ ରକ୍ଷାପାଇ ଗଲେ। 24ଏହିପରି ଭାବରେ ପୃଥିବୀ
150 ଦିନ ଜଳ ମଗ୍ନ ହୋଇ ରହିଲା।

## ବନ୍ୟା ଶେଷରେ

8 ପରମେଶ୍ୱର ନୋହ ଏବଂ ତାଙ୍କ ସହିତ ଜାହାଜରେ
ଥିବା ସମସ୍ତ ଜୀବିତ ପ୍ରାଣୀଙ୍କୁ ମନେ ପକାଇଲେ।
ପରମେଶ୍ୱର ପୃଥିବୀ ଉପରେ ପବନ ବୁହାଇଲେ ଏବଂ ବନ୍ୟା
ଜଳ କମିଗଲା।

2ଆକାଶରୁ ବର୍ଷା ପଡ଼ିବା ବନ୍ଦ ହୋଇଗଲା ଏବଂ ଧରିତ୍ରୀ
ତଳେ ଜଳସ୍ରୋତ ବନ୍ଦ ହୋଇଗଲା। ଆକାଶସ୍ଥ ଦ୍ୱାର ସକଳ
ବନ୍ଦ ହୋଇଗଲା। 3-4ପୃଥିବୀକୁ ଆଚ୍ଛାଦନ କରିଥିବା ପାଣି
ତଳକୁ ତଳକୁ ଚାଲିଗଲା ଏବଂ 150 ଦିନପରେ ଜଳ ପତନ
ଧୀରେ ଧୀରେ କମିଗଲା। ଏହାପରେ ସପ୍ତଦଶ ମାସର ସପ୍ତଦଶ
ଦିନରେ ଆରାରାଟ ପର୍ବତ ଉପରେ ଜାହାଜ ଲାଗି ରହିଲା।
5ଏହିପରି ଦଶମମାସ ପର୍ଯ୍ୟନ୍ତ ଜଳ କ୍ରମଶଃ କମିଲା। ସେହି
ଦଶମ ମାସର ପ୍ରଥମ ଦିନରେ ପର୍ବତଗଣର ଶୃଙ୍ଗ ଦେଖାଗଲା।

6ଏହାପରେ ଆହୁରି ଚାଳିଶ ଦିନ ଯିବାପରେ ନୋହ
ଜାହାଜର ଝରକା ଫିଟାଇ ଦେଲେ। 7ତା'ପରେ ନୋହ ଏକ
କାଉକୁ ଆକାଶ ଉପରେ ଉଡ଼ାଇ ଦେଲେ। ସେହି କାଉଟି
ପାଣି ଛାଡ଼ି ଭୂମି ଶୁଖିବା ପର୍ଯ୍ୟନ୍ତ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ
ଉଡ଼ିଲା। 8ପୁନଶ୍ଚ ନୋହ ଏକ କପୋତକୁ ଛାଡ଼ିଲେ, ଜାଣିବା
ପାଇଁ ସବୁ ଜଳ ପୃଥିବୀରୁ ଶୁଖି ଗଲାଣି କି ନାହିଁ।

9ସେହି କପୋତଟି କୌଣସିଠାରେ ବିଶ୍ରାମ ନେବାକୁ ସ୍ଥାନ
ନପାଇ ଫେରିଆସିଲା। କାରଣ ସେ ପର୍ଯ୍ୟନ୍ତ ପୃଥିବୀ ଉପରେ
ଜଳରାଶି ବୁଡ଼ି କରିଥିଲା। ନୋହ ହାତ ବଢ଼ାଇ କପୋତକୁ
ଧରି ଜାହାଜ ମଧ୍ୟକୁ ନେଲେ।

10ସାତଦିନ ପରେ, ନୋହ ଜାହାଜରୁ ପୁନର୍ବାର କପୋତକୁ
ପଠାଇଲେ। 11ସେହି ଦିନ ସନ୍ଧ୍ୟା ସମୟରେ ସେହି କପୋତଟି
ତା'ର ଥଣ୍ଟରେ ଏକ ତାଜା ଜୀତ ଅଲିଭ୍ ଗଛର ପତ୍ର ଧରି
ଆସିଥିଲା। ନୋହ ଏଥିରୁ ଜାଣିଲେ ଯେ ପୃଥିବୀ ଉପରୁ ଜଳ
କ୍ରମଶଃ ଛାଡ଼ି ଯାଇଅଛି। 12ସାତଦିନ ଗଲାପରେ ନୋହ
ଜାହାଜରୁ ପୁନର୍ବାର କପୋତକୁ ପଠାଇଲେ। କିନ୍ତୁ କପୋତ
ଆଉ ଫେରିଲା ନାହିଁ।

13ଏହାପରେ, ନୋହ ଜାହାଜର ଦ୍ୱାର ଖୋଲିଲେ। ନୋହ
ଦେଖିଲେ ଯେ ଭୂମି ପୁରା ଶୁଖି ଯାଇଛି। ଏହାଥିଲା ପ୍ରଥମ
ମାସର ପ୍ରଥମ ଦିବସ। ନୋହଙ୍କୁ ସେତେବେଳେ 601 ବର୍ଷ
ହୋଇଥିଲା। 14ଦ୍ୱିତୀୟ ମାସର ସତାଇଶ ଦିନ ବେଳକୁ ଭୂମି
ପୁରା ଶୁଖି ଯାଇଥିଲା।

15ଏହାପରେ ପରମେଶ୍ୱର ନୋହଙ୍କୁ କହିଲେ, 16"ଜାହାଜକୁ
ପରିତ୍ୟାଗ କର, ତୁମ୍ଭେ, ତୁମ୍ଭର ସ୍ତ୍ରୀ, ତୁମ୍ଭର ପୁତ୍ର ଓ
ପୁତ୍ରବଧୂମାନଙ୍କୁ ବାହାରି ଆସିବାକୁ କୁହ। 17ତୁମ୍ଭ ସହିତ
ସମସ୍ତ ପଶୁଗୁଡ଼ିକୁ ବାହାର କରି ଆଣ। ସମସ୍ତ ପଶୁ ସମସ୍ତ
ପକ୍ଷୀ, ସମସ୍ତ ଭୂଚର ପ୍ରାଣୀ ସେମାନେ ପୃଥିବୀକୁ ପରିପୂର୍ଣ୍ଣ
କରନ୍ତୁ। ପୁଣି ପୃଥିବୀ ଫଳବନ୍ତ ହେଉ।"

18ତେଣୁ ନୋହ ତା'ର ସ୍ତ୍ରୀ ଓ ତା'ର ପୁତ୍ର ଓ
ପୁତ୍ରବଧୂମାନଙ୍କ ସହିତ ବାହାରକୁ ପଳାଇ ଆସିଲେ। 19ସମସ୍ତ
ପଶୁ ଏବଂ ସମସ୍ତ ଭୂମିରେ ଗୁରୁଣ୍ଡୁଥିବା ଜୀବିତ ପ୍ରାଣୀମାନେ
ଏବଂ ସମସ୍ତ ପକ୍ଷୀ ତାଙ୍କର ପରିବାର ସହିତ ଜାହାଜରୁ
ବାହାରି ଆସିଲେ।

20ଏହାପରେ ନୋହ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ
ଯଜ୍ଞବେଦୀ ସ୍ଥାପନ କଲେ। ନୋହ ସେଥିରେ
ଶୁଚିପଶୁ ଓ ପକ୍ଷୀମାନଙ୍କୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ
ଦେଲେ।

21ତହିଁରେ ସଦାପ୍ରଭୁ ସେମାନଙ୍କର ବଳିଦାନକୁ ଆଘ୍ରାଣ
କଲେ ଏବଂ ନିଜେ ମନେ ମନେ ଚିନ୍ତା କଲେ, "ପୃଥିବୀକି
ଅଭିଶାପ ଦେବା ନାହିଁ। ଯଦିଓ ବାଲ୍ୟାକାଳରୁ ମନୁଷ୍ୟର
ମନର ଅଭିପ୍ରାୟ ଓ ପ୍ରବଣତା ମନ୍ଦ, ତଥାପି ଆଉ କେବେହେଲେ
ସମସ୍ତ ଜୀବଙ୍କୁ ବିନଷ୍ଟ କରିବି ନାହିଁ, ଯେପରି ମୁଁ ପୂର୍ବରୁ
କଲି। 22ଯେ ପର୍ଯ୍ୟନ୍ତ ପୃଥିବୀ ରହିଛି, ସେପର୍ଯ୍ୟନ୍ତ ବୁଣିବାର
ସମୟ ଓ ଅମଳ କରିବାର ସମୟ, ଥଣ୍ଡା ଓ ଗରମ, ପୁଣି
ଗ୍ରୀଷ୍ମ ଓ ଶୀତକାଳ, ଦିବସ ଓ ରାତ୍ରି ଏସବୁ ପୃଥିବୀରେ
ଚାଲିଥିବ।"

## ନୂତନର ଆରମ୍ଭ

9 ପରମେଶ୍ୱର ନୋହ ଏବଂ ତାଙ୍କର ପୁତ୍ରମାନଙ୍କୁ ଆଶୀର୍ବାଦ
କଲେ। ପରମେଶ୍ୱର ସେମାନଙ୍କୁ କହିଲେ, "ବହୁ
ସନ୍ତାନ ଜନ୍ମ କର, ଲୋକ ଦ୍ୱାରା ପୃଥିବୀକୁ ପୂର୍ଣ୍ଣ କର।
2ପୃଥିବୀରେ ସମସ୍ତ ପଶୁ, ଆକାଶର ସମସ୍ତ ପକ୍ଷୀ ଭୂଚର
ସମସ୍ତ ପ୍ରାଣୀ, ଏବଂ ସମୁଦ୍ର ମଧ୍ୟରେ ଥିବା ସମସ୍ତ ମତ୍ସ୍ୟ
ତୁମ୍ଭମାନଙ୍କୁ ଭୟ କରିବେ। ସମସ୍ତ ଜୀବ ତୁମ୍ଭ ନିୟନ୍ତ୍ରଣରେ
ରହିବେ। 3ମୁଁ ତୁମ୍ଭକୁ ସବୁଜ ବୃକ୍ଷ ପରି ଦେଇଥିଲି।
ବର୍ତ୍ତମାନ ପ୍ରତ୍ୟେକ ପଶୁ ତୁମ୍ଭର ଖାଦ୍ୟ ହେବ। ମୁଁ ଯାହାସବୁ
ପୃଥିବୀରେ ଦେଇଛି ତାହାସବୁ ତୁମ୍ଭର। 4କିନ୍ତୁ, ମୁଁ ତୁମ୍ଭମାନଙ୍କୁ
ଏକ ନିର୍ଦ୍ଦେଶ ଦେବି। ତୁମ୍ଭେ କୌଣସି ପ୍ରାଣୀର ସରକ୍ତ ମାଂସ
ଖାଇବ ନାହିଁ। କାରଣ ରକ୍ତରେ ଜୀବନ ଅଛି। 5ମୁଁ ରକ୍ତ
ପାତ, ରକ୍ତପାତ ଦ୍ୱାରା ଦଣ୍ଡିତ କରିବି, ତାହା ପ୍ରାଣୀ ଦ୍ୱାରା
ହେଉ ବା ଲୋକମାନଙ୍କ ଦ୍ୱାରା। ଯଦି ଲୋକମାନେ ପରସ୍ପରକୁ
ହତ୍ୟା କରନ୍ତି, ମୁଁ ରକ୍ତପାତ ଦ୍ୱାରା ଦଣ୍ଡିତ କରିବି।

6"ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ତିଆରି
କରିଛନ୍ତି। ତେଣୁ ଯେ କେହି ମନୁଷ୍ୟକୁ ହତ୍ୟା କରିବ ସେ
ନିଶ୍ଚିତ ଅନ୍ୟ ମନୁଷ୍ୟଦ୍ୱାରା ମରିଯିବ।

7"ନୋହ, ତୁମ୍ଭର ଓ ତୁମ୍ଭ ପିଲାମାନଙ୍କର ନିଶ୍ଚୟ ବହୁତ ପିଲାପିଲି ହେବେ। ତୁମ୍ଭେମାନେ ପୃଥିବୀକୁ ମନୁଷ୍ୟରେ ପରିପୂର୍ଣ୍ଣ କରିବ।"

8ଏହାପରେ ପରମେଶ୍ୱର ନୋହ ଏବଂ ତାଙ୍କର ପୁତ୍ରମାନଙ୍କୁ କହିଲେ, 9"ମୁଁ ବର୍ତ୍ତମାନ ତୁମ୍ଭ ପାଇଁ ଏବଂ ତୁମ୍ଭ ପରେ ରହୁଥିବା ଲୋକମାନଙ୍କ ପାଇଁ ପ୍ରତିଜ୍ଞା କରୁଛି। 10ଆମ୍ଭେ ଆମ୍ଭର ପ୍ରତିଜ୍ଞା କରିବା ସମସ୍ତ ପକ୍ଷୀ, ସମଗ୍ର ଗୃହପାଳିତ ପଶୁ, ଏବଂ ସମସ୍ତ ପଶୁମାନେ ଯେଉଁ ସବୁ ତୁମ୍ଭ ସହିତ ଜାହାଜରୁ ବାହାରି ଥିଲେ। ଆମ୍ଭେ ଆମ୍ଭର ପ୍ରତିଜ୍ଞା ସମସ୍ତ ପୃଥିବୀସ୍ଥ ଜୀବନ୍ତ ପ୍ରାଣୀଙ୍କ ପାଇଁ କରିବା। 11ଏହା ମୋର ତୁମ୍ଭମାନଙ୍କ ପାଇଁ ପ୍ରତିଜ୍ଞା, ସମସ୍ତ ଜୀବନ ପୃଥିବୀ ଉପରିସ୍ଥ ବନ୍ୟାରେ ଧ୍ୱଂସ ପାଇଥିଲା। କିନ୍ତୁ ଏପରି ପ୍ରଳୟ ଆଉ ପୁନରାୟ ହେବ ନାହିଁ। ଏପରି ବନ୍ୟା ଦ୍ୱାରା ଆଉ କଦାପି ପୃଥିବୀରୁ ଜୀବନସତ୍ତା ବିନାଶ ହେବ ନାହିଁ।"

12ଏବଂ ପରମେଶ୍ୱର କହିଲେ, "ମୁଁ ତୁମ୍ଭମାନଙ୍କୁ କିଛି ପ୍ରମାଣ ଦେବ ଯେ ମୁଁ ତୁମ୍ଭମାନଙ୍କ ସହିତ ପ୍ରତିଜ୍ଞା କରିଅଛି। ଏହି ଚିହ୍ନ ତୁମ୍ଭକୁ ଦେଖାଇବ ଯେ ମୁଁ ତୁମ୍ଭମାନଙ୍କ ସହିତ ଏବଂ ପ୍ରତ୍ୟେକ ଜୀବନ୍ତ ପ୍ରାଣୀମାନଙ୍କ ସହିତ ନିୟମ କରିଅଛି। ଏହି ନିୟମ ସବୁଦିନ ପାଇଁ ସ୍ଥାୟୀ ହେବ। ଏହାହିଁ ତୋରଣ ପ୍ରମାଣ। 13ମୁଁ ମୋହର ଇନ୍ଦ୍ରଧନୁ ମେଘରେ ସ୍ଥାପନ କରିଅଛି। ତାହା ପୃଥିବୀ ସହିତ ମୋର ଚୁକ୍ତିରେ ଚିହ୍ନ ହେବ। 14ଯେତେବେଳେ ମୁଁ ପୃଥିବୀ ଉପରେ ମେଘ ସଂଗ୍ରହ କରିବ, ସେତେବେଳେ ସେହି ଇନ୍ଦ୍ରଧନୁ ମେଘରେ ଦେଖାଯିବ। 15ମୁଁ ଯେତେବେଳେ ଇନ୍ଦ୍ରଧନୁକୁ ଦେଖେ ସେତେବେଳେ ମୁଁ ତୁମ୍ଭ ସହିତ ଓ ଅନ୍ୟାନ୍ୟ ସଜୀବ ପ୍ରାଣୀମାନଙ୍କ ସହିତ ହୋଇଥିବା ଚୁକ୍ତିକୁ ମନେ ପକାଇବ। ସେହି ଚୁକ୍ତି କହେ ଯେ, ଭବିଷ୍ୟତରେ ଏପରି ବନ୍ୟାରେ ସମସ୍ତେ ବିନାଶ ହେବେ ନାହିଁ। 16ପୁଣି ଇନ୍ଦ୍ରଧନୁ ହେଲେ, ଆମ୍ଭେ ତାହା ପ୍ରତି ଦୃଷ୍ଟିପାତ କରିବା। ତହିଁରେ ପୃଥିବୀସ୍ଥ ସମସ୍ତ ସଜୀବ ପ୍ରାଣୀ ସହିତ ପରମେଶ୍ୱରଙ୍କର ଯେଉଁ ଅନନ୍ତକାଳସ୍ଥାୟୀ ନିୟମ ଅଛି, ତାହା ମୁଁ ସ୍ମରଣ କରିବ।"

17ତେଣୁ ସଦାପ୍ରଭୁ ନୋହକୁ କହିଲେ, "ପୃଥିବୀସ୍ଥ ମାଂସ ବିଶିଷ୍ଟ ସମସ୍ତ ପ୍ରାଣୀ ସହିତ ଆମ୍ଭେ ଯେଉଁ ଚୁକ୍ତି ସ୍ଥିର କରିଅଛୁ, ତହିଁର ଇନ୍ଦ୍ରଧନୁ ଏହି ଚିହ୍ନ ହେବ।"

## ପୁଣି ସମସ୍ୟାମାନ ଦେଖାଗଲା

18ନୋହର ପୁତ୍ରମାନେ ତାଙ୍କୁ ଧରି ଜାହାଜରୁ ବାହାରିଲେ। ସେମାନଙ୍କର ନାମ, ଶେମ, ହାମ ଓ ଯେଫତ୍ (ହାମଥିଲେ କିଣାନର ପିତା।) 19ସେହି ତିନିଜଣ ଯାକ ନୋହର ପୁତ୍ର ଥିଲେ। ଏବଂ ପୃଥିବୀର ସମସ୍ତ ଲୋକ ଏହି ତିନିଜଣଙ୍କଠାରୁ ଜନ୍ମ ନେଲେ।

20ନୋହ କୃଷକ ହେଲେ। ସେ କ୍ଷେତ୍ରରେ ଦ୍ରାକ୍ଷା ବୃକ୍ଷ ରୋପଣ କଲେ। 21ନୋହ ତହିଁରୁ ଦ୍ରାକ୍ଷାରସ ପ୍ରସ୍ତୁତି କରି ପାନ କଲେ। ସେ ଦ୍ରାକ୍ଷାରସ ପାନ କରି ମତ୍ତ ହୋଇ ତାଙ୍କର ଲୁଗାପଟା ଖୋଲିଦେଇ ତାଙ୍କର ତମ୍ବୁରେ ପଡି ରହିଲେ। ସେ କୌଣସି ବସ୍ତ୍ର ପରିଧାନ କରି ନଥିଲେ। 22କିଣାନର ପିତା ହାମ ଆପଣା ପିତାଙ୍କର ଉଲଗ୍ନତା ଦେଖି ବାହାରେ ଆପଣା ଦୁଇଭାଇଙ୍କୁ ସମାଚାର ଦେଲେ। 23ସେତେବେଳେ ଶେମ ଓ ଯେଫତ୍ କାନ୍ଧରେ ବସ୍ତ୍ର ଘେନି ପଶ୍ଚାତ୍ ଗତି କରି ଆପଣାମାନଙ୍କ ପିତାଙ୍କର ଉଲଗ୍ନତା ଆଚ୍ଛାଦନ କଲେ। ସେମାନେ ପଛ କରି ଯାଇଥିବାରୁ ପିତାଙ୍କର ଉଲଗ୍ନତା ଦେଖି ପାରିଲେ ନାହିଁ।

24ଏହାପରେ, ନୋହ ଉଠିଲା (ସେ ମଦ୍ୟ ପାନକରି ଶୋଇଥିଲେ)। ସେ ଜାଣିଲେ ଯେ ତାଙ୍କର ସାନପୁଅ ତାଙ୍କ ପାଇଁ କ'ଣ କରିଛନ୍ତି।

25ତେଣୁ ନୋହ କହିଲେ, "କିଣାନ ଶାପଗ୍ରସ୍ତ ହେଉ! ସେ ଆପଣା ଭ୍ରାତୃଗଣର ଦାସାନୁଦାସ ହେବ।"

26ନୋହ ମଧ୍ୟ ଏପରି କହିଲେ, "ଶେମ ଆଶୀର୍ବାଦ ପ୍ରାପ୍ତ ସଦାପ୍ରଭୁ ପରମେଶ୍ୱରଙ୍କ ଦ୍ୱାରା କିଣାନ ଶେମର ଦାସ ହେଉ।

27ପରମେଶ୍ୱର ଯେଫତ୍‌କୁ ବହୁତ ଜମି ଦିଅନ୍ତୁ। ସେ ଶେମର ତମ୍ବୁରେ ବାସକରୁ। କିଣାନ ତାହାର ଦାସ ହେଉ।"

28ବନ୍ୟାପରେ ନୋହ ତିନିଶହ ପଚାଶ ବର୍ଷ ବଞ୍ଚିଲେ। 29ଏହିପରି ନୋହ ମୋଟରେ 950 ବର୍ଷ ବଞ୍ଚିଲେ। ଏହାପରେ ମୃତ୍ୟୁବରଣ କଲେ।

## ଜାତିମାନଙ୍କର ବୃଦ୍ଧି ଓ ବିସ୍ତାର ହେଲା

10 ନୋହର ପୁତ୍ରମାନେ ଥିଲେ, ଶେମ, ହାମ ଏବଂ ଯେଫତ୍। ବନ୍ୟାପରେ ଏହି ତିନିଜଣ ସେମାନଙ୍କର ସନ୍ତାନ ସନ୍ତତି ଜନ୍ମ ନେଇଥିଲେ।

## ଯେଫତଙ୍କର ବଂଶାବଳୀ

2ଯେଫତ୍‌ଙ୍କର ପୁତ୍ରମାନେ ହେଲେ, ଗୋମର, ମାଗୋଗ୍, ମାଦୟ, ଯୁବଲ, ଯବନ, ମେଶକ ଓ ତିରସ।

3ଅସ୍କିନସ୍, ରୀଫତ୍ ଓ ତୋଗର୍ମ, ଏମାନେ ଥିଲେ ଗୋମରର ସନ୍ତାନ।

4ପୁଣି ଇଲୀଶା, ତର୍ଶୀଶ, କିତ୍ତୀମ, ଓ ଦୋଦାନୀମ ଏମାନେ ଯବନର ସନ୍ତାନ ଥିଲେ।

5ଏମାନଙ୍କଠାରୁ ଅନ୍ୟଦେଶୀୟମାନଙ୍କର ଦ୍ୱୀପ ନିବାସୀଗଣ ଆପଣାମାନଙ୍କ ପାଇଁ ଦେଶ ବିଦେଶରେ ନିଜ ନିଜ ଭାଷାନୁଯାୟୀ ବ୍ୟାପ୍ତ ହୋଇ ନିଜ ନିଜ ବଂଶ ଓ ଗୋଷ୍ଠୀ ଅନୁସାରେ ବିଭକ୍ତ ହେଲେ!

## ହାମର ବଂଶାବଳୀ

6ହାମର ସନ୍ତାନଗଣ ଥିଲେ। କୂଶ୍, ମିଶର, ପୂଟ୍ ଓ କିଣାନ।

7ସବା, ହବୀଲା, ସପ୍ତା, ରୟମା ଓ ସପ୍ତକା ଏମାନେଥିଲେ କୂଶର ସନ୍ତାନ। ଶିବା ଓ ଦଦାନ ଏମାନେ ରୟମାର ସନ୍ତାନ।

8ନିମ୍ରୋଦ୍ କୂଶର ପୁତ୍ର। ସେ ପୃଥିବୀ ମଧ୍ୟରେ ପରାକ୍ରମି ହେବାକୁ ଲାଗିଲା। 9ସେ ସଦାପ୍ରଭୁଙ୍କ ସାକ୍ଷାତରେ ପରାକ୍ରାନ୍ତ ବ୍ୟାଧ ହେଲା। ସଦାପ୍ରଭୁଙ୍କ ସାକ୍ଷାତରେ, ପରାକ୍ରାନ୍ତ ବ୍ୟାଧ ନିମ୍ରୋଦ ତୁଲ୍ୟ ଥିଲେ ବୋଲି ଲୋକମାନେ କହୁଥିଲେ, "ସେ ବ୍ୟକ୍ତି ନିମ୍ରୋଦ ସଦୃଶ ସଦାପ୍ରଭୁଙ୍କ ସମ୍ମୁଖରେ ଗୋଟିଏ ପରାକ୍ରାନ୍ତ ବ୍ୟାଧ।"

10ଶିନୟ଼ର ଦେଶରେ ବାବଲ୍, ଏରକ୍, ଏକ୍କଦ, ଓ
କଲନୀ ଏହିସବୁ ନଗର ତାହାର ପ୍ରଥମ ରାଜ୍ୟ ହେଲା।
11ସେହି ଦେଶରୁ ଅଶ୍ଶୂର ବାହାରି ନୀନବୀ ରହୋବୋତ୍
ପୁରୀ ଓ କେଲହ 12ଏବଂ ନୀନବୀ ଓ କେଲହର ମଧ୍ୟସ୍ଥିତ
ରେଷନ ନଗର ସ୍ଥାପନ କଲା। (ରେଷନ ଏକ ପ୍ରଧାନ ନଗର
ଥିଲା)।

13ମିଶରୀୟ଼ମ ଲୂଦୀୟ଼, ଅନାମୀୟ଼, ଲହାବୀୟ଼ ଓ ନପ୍ତୁହୀୟ଼
ଲୋକମାନଙ୍କର ପିତା ଥିଲେ। 14ପଥ୍ରୋଷୀୟ଼, କସ୍ଲୁହୀୟ଼ ଓ
କପ୍ତୋରୀୟ଼ (ଏହି ପଲେଷ୍ଟୀୟ଼ ଲୋକମାନେ କସ୍ଲୁହୀୟ଼ରୁ
ଆସିଲେ।)

15ସୀଦୋନର ପିତାଥିଲେ, କଣାନ, ସୀଦୋନ ଥିଲା କଣାନର
ପ୍ରଥମ ପୁତ୍ର। କଣାନ ମଧ୍ୟ ହେତ୍‌ର ପିତାଥିଲେ। ହେତ୍
ହେଲେ ହିତ୍ତୀୟ଼ମାନଙ୍କର ପିତା। 16କଣାନ ମଧ୍ୟ ଯିବୂଷୀୟ଼,
ଇମୋରୀୟ଼ ଓ ଗିର୍ଗାଶୀୟ଼ ପିତା ଥିଲେ। 17ହିବ୍ବୀୟ଼, ଅର୍କୀୟ଼
ଓ ସୀନୀୟ଼ 18ଅର୍ବଦୀୟ଼, ସାମରୀୟ଼ ଓ ହମାତୀୟ଼, ଏହାପରେ
କଣାନୀୟ଼ମାନଙ୍କର ବଂଶ ବ୍ୟାପିଲା।

19ତହିଁରେ ସୀଦୋନଠାରୁ ଗରାରେ ଦିଗକୁ ହସା
ପର୍ଯ୍ୟନ୍ତ ପୁଣି ସଦୋମ୍, ହମୋରା ଓ ଅଦ୍ମା, ସବୋୟ଼ୀମ
ଦିଗରେ ଲେଶା ପର୍ଯ୍ୟନ୍ତ କଣାନୀୟ଼ମାନଙ୍କ ବସତିର ସୀମା
ଥିଲା।

20ନିଜ ନିଜ ଦେଶ ଓ ଗୋଷ୍ଠୀରେ ସେମାନଙ୍କ ବଂଶ ଓ
ଭାଷାନୁସାରେ ଏ ସମସ୍ତ ହାମର ସନ୍ତାନ।

## ଶେମର ବଂଶାବଳୀ

21ଯେଫତର ବଡଭାଇ ଶେମଙ୍କର ମଧ୍ୟ ସନ୍ତାନ ସନ୍ତତି
ଥିଲେ, ସେହି ଏବର ଯେଫତର ବଡଭାଇ ହିବ୍ରୁ ବଂଶଧରମାନଙ୍କ
ଆଦିପୁରୁଷ ଥିଲା।

22ଶେମର ଏହିସବୁ ସନ୍ତାନ: ଏଲମ୍ ଓ ଅଶୂର ଓ
ଅର୍ଫକ୍‌ଷଦ ଓ ଲୂଦ୍ ଓ ଅରାମ୍।

23ଏହି ଅରାମର ସନ୍ତାନ ଉଷ୍ ଓ ହୂଲ, ଗେଥର, ଓ
ମଶ୍।

24ଏବଂ ଅର୍ଫକ୍‌ଷଦର ସନ୍ତାନ ଶେଲହ ଓ ଶେଲହର
ସନ୍ତାନ ଏବର। 25ଏହି ଏବରର ଦୁଇ ପୁତ୍ର, ପ୍ରଥମର ନାମ
ପେଲଗ୍ କାରଣ ସେହି ସମୟ଼ରେ ପୃଥିବୀ ବିଭକ୍ତ ହେଲା।
ତାହାର ଭ୍ରାତାର ନାମ ଯକ୍ତନ୍।

26ଏବଂ ଯକ୍ତନର ପୁତ୍ର ଅଲମୋଦଦ୍ ଓ ଶେଲଫ୍,
ହତସର୍ମାବତ ଓ ଯେରହ। 27ହଦୋରାମ ଓ ଉଷଲ ଓ
ଦିକ୍ଳ। 28ଓବଲ ଓ ଅବୀମାୟ଼େଲ୍ ଓ ଶବା। 29ଓଫୀର,
ହବୀଲା, ଓ ଯୋବବ୍, ଏହି ସମସ୍ତ ଯକ୍ତନର ସନ୍ତାନ।
30ମେଷା ଅବଧି ପୂର୍ବ ଦିଗର ସଫାର ପର୍ବତ ପର୍ଯ୍ୟନ୍ତ
ସେମାନଙ୍କର ବସତି ଥିଲା।

31ଆପଣା ଦେଶରେ ସେମାନଙ୍କ ବଂଶ ଓ ଭାଷା ଓ
ଗୋଷ୍ଠୀ ଅନୁସାରେ ଏ ସମସ୍ତେ ଶେମର ସନ୍ତାନ।

32ନିଜ ନିଜ ଗୋଷ୍ଠୀରେ ସେମାନଙ୍କ ବଂଶାବଳୀ ଅନୁସାରେ
ଏମାନେ ନୋହଙ୍କର ସନ୍ତାନଗଣର ବଂଶ ଥିଲେ। ପୁଣି
ଜଳପ୍ଲାବନ ପରେ ଏମାନଙ୍କଠାରୁ ଉତ୍ପନ୍ନ ନାନା ଗୋଷ୍ଠୀ
ପୃଥିବୀରେ ବିଭକ୍ତ ହେଲେ।

## ପୃଥିବୀ ଭାଗ ଭାଗ ହେଲା

11 ବନ୍ୟାପରେ ପୃଥିବୀରେ ଏକ ପ୍ରକାର ଭାଷା କହୁଥିଲେ।
ସମସ୍ତ ଲୋକ ଏକ ପ୍ରକାର ଶବ୍ଦ ବ୍ୟବହାର
କରୁଥିଲେ। 2ଲୋକମାନେ ପୂର୍ବ ଦିଗରେ ଭ୍ରମଣ କରୁ କରୁ
ସେମାନେ ଶିନୟ଼ର ଦେଶରେ ଏକ ସମତଳ ଭୂମି ପାଇଲେ।
ଲୋକମାନେ ସେଠାରେ ବସତି ଆରମ୍ଭ କଲେ।

3ଲୋକମାନେ କହିଲେ, “ଆସ ଆମେ ଇଟା ପୋଡ଼ି
ଟାଣ କରିବା।” ତେଣୁ ଲୋକମାନେ ପଥର ବ୍ୟବହାର ନ
କରି ଇଟାକୁ ଘର କରିବା ପାଇଁ ବ୍ୟବହାର କଲେ। ଏବଂ
ସେମାନେ ମାଟିଆ ତେଲକୁ ଚୂନ ସ୍ୱରୂପ ବ୍ୟବହାର କଲେ।

4ଏହାପରେ ଲୋକମାନେ କହିଲେ, “ଆସ ଆମ୍ଭ ପାଇଁ
ଏକ ନଗର ଓ ଏକ ନଭଶ୍ଚୁମ୍ବୀ ଅଟ୍ଟାଳିକା ନିର୍ମାଣ କରିବା।
ଆମ୍ଭେମାନେ ଅତି ଜଣାଶୁଣା ହେବା। ତାହେଲେ ଆମ୍ଭେମାନେ
ପୃଥିବୀର ଗୃହଆଡେ ବିକ୍ଷିପ୍ତ ହେବା ନାହିଁ।”

5ସଦାପ୍ରଭୁ ଲୋକମାନଙ୍କ ଦ୍ୱାରା ତିଆରି ହେଉଥିବା ନଗର
ଏବଂ ଦୂର୍ଗ ଦେଖିବା ପାଇଁ ଓହ୍ଲାଇ ଆସିଲେ। 6ସଦାପ୍ରଭୁ
କହିଲେ, “ଏହି ସମସ୍ତ ଲୋକ ଏକ ଓ ସେମାନଙ୍କର ଭାଷା
ଏକ, ସେମାନେ ଏହି କାମ କରିବାକୁ ଏକତ୍ରିତ ହୋଇଛନ୍ତି।
ଏହା ତାଙ୍କର ଆରମ୍ଭ ମାତ୍ର। ସେମାନେ ଯେତେବେଳେ ଯାହା
ଗ୍ଭହିଁବେ ତାହା କରିବେ। 7ତେଣୁ ଆସ ତଳକୁ ଯିବା ଏବଂ
ସେମାନଙ୍କ ମଧ୍ୟରେ ବିଭିନ୍ନ ଭାଷା* ତିଆରି କରିବା। ତେଣୁ
ସେମାନେ ପରସ୍ପର ଭାଷା ବୁଝିପାରିବେ ନାହିଁ।”

8ଏହିପରି ଭାବରେ ସଦାପ୍ରଭୁ ପୃଥିବୀର ଲୋକମାନଙ୍କୁ
ଛିନ୍ନ ବିଛିନ୍ନ କରି ପକାଇଲେ। ତେଣୁ ସେହି ଲୋକମାନେ
ନଗର ନିର୍ମାଣ ଶେଷ କରିପାରିଲେ ନାହିଁ। 9ସେହି ସ୍ଥାନର
ନାମ ବାବଲ୍ ହେଲା। ଯେହେତୁ ସଦାପ୍ରଭୁ ସେସ୍ଥାନରେ ସମସ୍ତ
ପୃଥିବୀର ଭାଷାରେ ଭେଦ ଜନ୍ମାଇଲେ ଏବଂ ସେସ୍ଥାନରୁ
ଲୋକମାନଙ୍କୁ ଛିନ୍ନ ବିଛିନ୍ନ କରାଇଲେ।

## ଶେମର ବଂଶାବଳୀ

10ଏହା ହେଉଛି ଶେମ ପରିବାରର ବିବରଣୀ, ଯେତେବେଳେ
ଶେମକୁ ଏକଶହ ବର୍ଷ ହୋଇଥିଲା ଏବଂ ବନ୍ୟାର ଦୁଇବର୍ଷ
ପରେ ସେ ଅର୍ଫକଷଦର ପିତା ହେଲେ। 11ଏହାପରେ
ଅର୍ଫକଷଦର ଜନ୍ମ ପରେ ଶେମ 500 ବର୍ଷ ବଞ୍ଚିଲେ ଓ
ପୁତ୍ର ଏବଂ କନ୍ୟାଗଣର ପିତା ହେଲେ।

12ଆର୍ଫକଷଦ ପଞ୍ଚତିରିଶ ବର୍ଷ ବୟ଼ସରେ ଶେଲହର
ପିତା ହେଲେ। 13ଶେଲହର ପିତା ହେଲାପରେ,
ଆର୍ଫକ୍‌ଷଦ 403 ବର୍ଷ ବଞ୍ଚିଲେ ଏବଂ ପୁତ୍ର ଓ କନ୍ୟାଗଣ
ଲାଭ କଲେ।

14ଶେଲହକୁ ତିରିଶ ବର୍ଷ ବୟ଼ସରେ ସେ ଏବରର ପିତା
ହେଲେ। 15ଏବର ଜନ୍ମ ହେବାପରେ ଶେଲହ 403 ବର୍ଷ
ବଞ୍ଚିଲା। ସେହି ସମୟ଼ ମଧ୍ୟରେ ସେ ପୁତ୍ର କନ୍ୟାଙ୍କୁ ଜନ୍ମ
ଦେଲେ।

16ଏବରକୁ 34 ବର୍ଷପରେ ତାଙ୍କର ଏକ ପୁତ୍ର ଜନ୍ମିଲା

---

**ଭାଷା** ଆକ୍ଷରୀକ ଭାବରେ “ସେମାନଙ୍କର ଭାଷାକୁ ଦ୍ୱନ୍ଦରେ
ପକେଇ ଦିଅ।”

ଯାହାର ନାମ ପେଲଗ। 17ପେଲଗର ଜନ୍ମପରେ, ଏବର
430 ବର୍ଷ ବଞ୍ଚିଲା। ସେହି ସମୟ ମଧ୍ୟରେ ତାଙ୍କର ଅନ୍ୟ
ସନ୍ତାନ ସନ୍ତତିମାନେ ଜନ୍ମ ନେଲେ।

18ପେଲଗଙ୍କୁ ତିରିଶ ବର୍ଷ ବୟସରେ ରିୟୂ ନାମକ ଏକ
ପୁତ୍ରକୁ ଜନ୍ମ ଦେଲେ। 19ରିୟୂର ଜନ୍ମପରେ ପେଲଗ 209
ବର୍ଷ ବଞ୍ଚିଲେ। ସେହି ସମୟରେ ତାଙ୍କର ଅନ୍ୟପୁତ୍ର ଓ
କନ୍ୟାମାନ ଜନ୍ମ ନେଲେ।

20ରିୟୂଙ୍କୁ ବତିଶ ବର୍ଷ ବୟସରେ ତାଙ୍କ ଠାରୁ ସରୁଗ
ଜନ୍ମ କଲେ। 21ସରୁଗର ଜନ୍ମ ପରେ ରିୟୂ 207 ବର୍ଷ
ବଞ୍ଚିଲା। ସେହି ସମୟ ମଧ୍ୟରେ ତାଙ୍କଠାରୁ ଆହୁରି ପୁତ୍ର ଓ
କନ୍ୟାଗଣ ଜନ୍ମ ନେଇଥିଲେ।

22ସରୁଗ ତିରିଶ ବର୍ଷ ବୟସରେ ନାହୋରର ପିତା
ହେଲେ। 23ନାହୋରର ଜନ୍ମ ପରେ ସରୁଗ 200 ବର୍ଷ
ଅଧିକ ବଞ୍ଚିଲେ। ସେହି ସମୟ ମଧ୍ୟରେ ତାଙ୍କଠାରୁ ଅନ୍ୟ
ପୁତ୍ର କନ୍ୟାମାନ ଜନ୍ମ ନେଲେ।

24ନାହୋରଙ୍କୁ ଅଣତିରିଶ ବର୍ଷ ବୟସରେ ତେରହଙ୍କୁ
ଜନ୍ମ ଦେଲେ। 25ତେରହର ଜନ୍ମ ପରେ ନାହୋର 119
ବର୍ଷ ବଞ୍ଚିଲେ। ସେହି ସମୟରେ ତାଙ୍କଠାରୁ ଅନ୍ୟ ପୁତ୍ରକନ୍ୟାମାନ
ଜନ୍ମ କଲେ।

26ତେରହଙ୍କୁ ସତୁରିବର୍ଷ ବୟସରେ ତାଙ୍କର ପୁତ୍ର ଅବ୍ରାମ,
ନାହୋର ଓ ହାରଣ ଜନ୍ମ କଲେ।

## ତେରହର ବଂଶାବଳୀ

27ଏହା ଅଟେ ତେରହର ବଂଶାବଳୀ। ତେରହ ଥିଲେ
ଅବ୍ରାମ, ନାହୋର ଓ ହାରୋଣର ପିତା। ହାରୋଣ ଲୋଟଙ୍କୁ
ଜନ୍ମ କଲା। 28ହାରୋଣ ଆପଣା ପିତା ତେରହର ସାକ୍ଷାତରେ
କଲଦୀୟମାନଙ୍କ ଊର୍ ନାମକ ଆପଣା ଜନ୍ମ ଦେଶରେ ମଲା।
29ଏହାପରେ ଅବ୍ରାମ ଓ ନାହୋର ଉଭୟ ବିବାହ କଲେ।
ଅବ୍ରାମ ସ୍ତ୍ରୀର ନାମ ସାରୀ ଏବଂ ନାହୋରର ସ୍ତ୍ରୀ ମିଲ୍କା,
ହାରୋଣର କନ୍ୟା। ହାରୋଣର ଅନ୍ୟ ଝିଅର ନାମ ଯିସ୍କା।
30ସାରୀ ବନ୍ଧ୍ୟା ଥିଲେ। ତାଙ୍କର କୌଣସି ସନ୍ତାନ ନ ଥିଲେ।

31ତେରହ ଆପଣା ପୁତ୍ର ଅବ୍ରାମଙ୍କୁ ଓ ହାରଣର ପୁତ୍ର
ଲୋଟ ନାମକ ପୌତ୍ରକୁ ଏବଂ ଅବ୍ରାମଙ୍କ ସ୍ତ୍ରୀ ସାରୀ
ପୁତ୍ରବଧୂଙ୍କୁ ସଂଗରେ ନେଲା। ଏବଂ ସେ ସମସ୍ତ କଲଦୀୟମାନଙ୍କ
ଊରଠାରୁ କିଣାନ ଦେଶ ଉଦ୍ଦେଶ୍ୟରେ ଯାତ୍ରା କରି ହାରଣ
ନଗରରେ ବସତି ସ୍ଥାପନ କଲେ। 32ତେରହ ହାରଣ
ନଗରରେ ଥାଇ 205 ବର୍ଷରେ ମଲେ।

## ଅବ୍ରାମଙ୍କୁ ପରମେଶ୍ୱରଙ୍କର ଡାକରା

12 ସଦାପ୍ରଭୁ ଅବ୍ରାମଙ୍କୁ କହିଲେ, "ତୁମ୍ଭର ଦେଶ ଓ
ତୁମ୍ଭର ଲୋକମାନଙ୍କୁ ପରିତ୍ୟାଗ କର। ତୁମ୍ଭର
ପିତାଙ୍କ ପରିବାର ଛାଡ଼। ମୁଁ ତୁମ୍ଭକୁ ଯେଉଁ ଦେଶ ଦେଖାଇବି
ସେହି ଦେଶକୁ ଯାଅ।

2ମୁଁ ତୁମ୍ଭଠାରୁ ଏକ ମହାନ ଗୋଷ୍ଠୀ ଉତ୍ପନ୍ନ କରିବି। ମୁଁ
ତୁମ୍ଭକୁ ଆଶୀର୍ବାଦ କରିବି ଓ ତୁମ୍ଭକୁ ମହାନ କରିବି ଏବଂ
ତୁମ୍ଭେ ଆଶୀର୍ବାଦର ସଂକେତ ହେବ।

3ଯେଉଁମାନେ ତୁମ୍ଭକୁ ଆଶୀର୍ବାଦ କରନ୍ତି ମୁଁ ସେମାନଙ୍କୁ
ଆଶୀର୍ବାଦ କରିବି। ଏବଂ ଯିଏ ତୁମ୍ଭକୁ ଅଭିଶାପ ଦେବ ମୁଁ
ସେମାନଙ୍କୁ ଅଭିଶାପ ଦେବି। ତୁମ୍ଭ ଠାରୁ ପୃଥିବୀର ସବୁବଂଶ
ଆଶୀର୍ବାଦ ପାଇବେ।"

## ଅବ୍ରାମଙ୍କର କିଣାନ ଯାତ୍ରା

4ସଦାପ୍ରଭୁଙ୍କର ବାକ୍ୟାନୁସାରେ ଅବ୍ରାମ ହାରୋଣକୁ ପରିତ୍ୟାଗ
କଲେ, ଏବଂ ଲୋଟ ମଧ୍ୟ ତାଙ୍କ ସଙ୍ଗରେ ଗଲେ। ହାରୋଣଠାରୁ
ପ୍ରସ୍ଥାନ କରିବା ସମୟରେ ଅବ୍ରାମଙ୍କର ବୟସ ପଞ୍ଚସ୍ତରି ବର୍ଷ
ହୋଇଥିଲା। 5ଅବ୍ରାମ ତାଙ୍କର ସ୍ତ୍ରୀ ସାରୀକୁ, ଭ୍ରାତୃପୁତ୍ର ଲୋଟଙ୍କୁ
ଓ ହାରଣଠାରେ ଆପଣାମାନଙ୍କ ସଂଚିତ ଧନ ଏବଂ ଲବ୍ଧ
ପ୍ରାଣୀମାନଙ୍କୁ ଘେନି କିଣାନ ଦେଶକୁ ଯାତ୍ରା କଲେ। 6ଅବ୍ରାମ
ସେହି ଦେଶ ମଧ୍ୟ ଦେଇ ଗଲେ, ଶିଖିମରେ ପହଞ୍ଚିବା
ପର୍ଯ୍ୟନ୍ତ, ମୋରିର ଆଲୋନ୍ ବୃକ୍ଷମୂଳରେ ରହିଲେ। ସେହି
ସମୟରେ କିଣାନୀୟମାନେ ସେହି ସ୍ଥାନରେ ବାସ କଲେ।

7ସଦାପ୍ରଭୁ ଅବ୍ରାମଙ୍କୁ ଦର୍ଶନ ଦେଲେ ଏବଂ କହିଲେ, "ମୁଁ
ତୁମ୍ଭ ବଂଶଧରଙ୍କୁ ଏହି ଦେଶ ଦେବି।"

ସଦାପ୍ରଭୁ ଅବ୍ରାମଙ୍କୁ ଯେଉଁ ସ୍ଥାନରେ ଦର୍ଶନ ଦେଇଥିଲେ।
ଅବ୍ରାମ ସେହିଠାରେ ସଦାପ୍ରଭୁଙ୍କର ଉପାସନା ପାଇଁ ଏକ
ଯଜ୍ଞବେଦୀ ସ୍ଥାପନ କଲେ। 8ଏହାପରେ ଅବ୍ରାମ ସେହି ସ୍ଥାନ
ଛାଡ଼ି ବୈଥେଲର ପୂର୍ବ ଆଡ଼େ ପର୍ବତକୁ ଯାଇ ନିଜର ତମ୍ବୁ
ସ୍ଥାପନ କଲେ। ସେଠାରେ ପଶ୍ଚିମରେ ବୈଥେଲ୍ ଓ ପୂର୍ବ
ଦିଗରେ ଅୟ ନଗର ଥିଲା। ଏବଂ ସେହିଠାରେ ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ଏକ ଯଜ୍ଞବେଦୀ ନିର୍ମାଣ କରି ସଦାପ୍ରଭୁଙ୍କ
ନାମରେ ପ୍ରାର୍ଥନା କଲେ। 9ଏହାପରେ ଅବ୍ରାମ ଭ୍ରମଣ
କରୁକରୁ ଦକ୍ଷିଣ ଦିଗକୁ ଗଲେ।

## ମିଶରରେ ଅବ୍ରାମ

10ସେହି ସମୟରେ ସେହି ଦେଶର ଭୟଙ୍କର ଦୁର୍ଭିକ୍ଷ
ପଡ଼ିଲା। ତେଣୁ ଅବ୍ରାମ ବାସ କରିବା ପାଇଁ ମିଶରଦେଶକୁ
ଯାତ୍ରା କଲେ। 11ସେ ଯେତେବେଳେ ମିଶର ଦେଶର
ନିକଟବର୍ତ୍ତୀ ହେଲେ ଅବ୍ରାମ ନିଜର ସ୍ତ୍ରୀ ସାରୀଙ୍କୁ କହିଲେ,
"ମୁଁ ଜାଣେ ତୁମ୍ଭେ ଦେଖିବାକୁ ବହୁତ ସୁନ୍ଦରୀ। 12ମିଶରୀୟମାନେ
ତୁମ୍ଭକୁ ଦେଖିବେ ଏବଂ ଜାଣିବେ ଯେ, 'ତୁମ୍ଭେ ମୋର ସ୍ତ୍ରୀ'।
ତେଣୁ ସେମାନେ ମୋତେ ମାରିଦେବେ ଏବଂ ତୁମ୍ଭକୁ ଦୂରରେ
ନେଇଯିବେ। 13ତେଣୁ ତୁମ୍ଭେ ଲୋକମାନଙ୍କୁ କହିବ, ତୁମ୍ଭେ
ମୋର ଭଉଣୀ ବୋଲି। ସେଥିପାଇଁ ସେମାନେ ମୋତେ ଦୟା
ଦେଖାଇବେ। ଏହି ପ୍ରକାରେ ତୁମ୍ଭେ ମୋର ପ୍ରାଣକୁ ରକ୍ଷା
କରିପାରିବ।"

14ଯେତେବେଳେ ଅବ୍ରାମ ମିଶରକୁ ପ୍ରବେଶ କଲେ,
ମିଶରୀୟମାନେ ସେହି ସୁନ୍ଦରୀ ସ୍ତ୍ରୀଲୋକ ସାରୀଙ୍କୁ ଦେଖିଲେ।
15ଏହାପରେ ଫାରୋଙ୍କର ଅଧିପତିମାନେ ତାଙ୍କୁ ଦେଖି ଫାରୋଙ୍କ
ଛାମୁରେ ତାଙ୍କର ପ୍ରଶଂସା କଲେ। ଏହାପରେ ସେହି ସ୍ତ୍ରୀଲୋକଟିକୁ
ଫାରୋଙ୍କ ଗୃହକୁ ଅଣାଗଲା। 16ଫାରୋ ତାଙ୍କ ଲାଗି ଅବ୍ରାମଙ୍କୁ
ଦୟା ଦେଖାଇଲେ, ଏବଂ ତାଙ୍କୁ ଗୋରୁ, ଗର୍ଦ୍ଦଭ, ଦାସଦାସୀ,
ଓ ଗର୍ଦ୍ଦଭୀ ଓ ଓଟ ଦେଲେ।

17ମାତ୍ର ସଦପ୍ରଭୁ ଫାରୋ ଏବଂ ତାଙ୍କ ପରିବାର ପ୍ରତି
ଭୟଙ୍କର ମହାମାରୀ ଦ୍ୱାରା ଶାସ୍ତି ବିଧାନ କଲେ, ଅବ୍ରାମଙ୍କ

ସ୍ତ୍ରୀ ସାରୀଙ୍କ କାରଣରୁ। **18**ତେଣୁ ଫାରୋ ଅବ୍ରାମଙ୍କୁ ଡ଼ାକି
କହିଲେ, "ତୁମ୍ଭେ କାହିଁକି ମୋ ପ୍ରତି ଏପରି ମନ୍ଦ ଆଚରଣ
କଲ? ସାରୀ ତୁମ୍ଭର ସ୍ତ୍ରୀ ବୋଲି ତୁମ୍ଭେ କହି ନ ଥିଲ!
କାହିଁକି? **19**ତୁମ୍ଭେ କହିଲ ଯେ, 'ସେ ତୁମ୍ଭର ଭଉଣୀ ଥିଲା।'
ତୁମ୍ଭେ ଏପରି କାହିଁକି କଲ? ମୁଁ ତାଙ୍କୁ ମୋର ସ୍ତ୍ରୀ କରି
ବିବାହ କରିବାକୁ ଆଣିଲି। କିନ୍ତୁ ମୁଁ ବର୍ତ୍ତମାନ ତାଙ୍କୁ
ଫେରାଇ ଦେଉଛି। ତାଙ୍କୁ ଗ୍ରହଣ କର ଓ ଏଠାରୁ ଫେରିଯାଅ।"
**20**ଫାରୋ ତାଙ୍କର ଲୋକମାନଙ୍କୁ ମିଶରରୁ ତଡ଼ି ଦେବା ପାଇଁ
ଅବ୍ରାମଙ୍କୁ ନିର୍ଦ୍ଦେଶ ଦେଲେ। ତେଣୁ ଅବ୍ରାମ ଓ ତାଙ୍କର ସ୍ତ୍ରୀ
ଏବଂ ସମସ୍ତ ଦ୍ରବ୍ୟ ଧରି ସେହି ସ୍ଥାନ ପରିତ୍ୟାଗ କଲେ।

### ଅବ୍ରାମଙ୍କର କିଣାନକୁ ପ୍ରତ୍ୟାବର୍ତ୍ତନ

**13** ତେଣୁ ଅବ୍ରାମ ମିଶର ପରିତ୍ୟାଗ କଲେ। ସେ
ତାଙ୍କର ସ୍ତ୍ରୀ ଓ ତାଙ୍କର ସବୁ ନିଜର ସମସ୍ତ
ଜିନିଷଧରି ଲୋଟ ସହିତ ନେଗେଭକୁ ଯାତ୍ରା କଲେ। **2**ଅବ୍ରାମ
ପଶୁ ଓ ସୁନାରୂପାରେ ଅତି ଧନବାନ ଥିଲେ।
**3**ଅବ୍ରାମ ତାଙ୍କର ଯାତ୍ରା ଜାରି ରଖିଥିଲେ। ସେ ଦକ୍ଷିଣରୁ
ବୈଥେଲ ଆଡ଼କୁ ଗଲେ। ସେ ବୈଥେଲ ଓ ଅୟ୍ର
ମଧ୍ୟବର୍ତ୍ତୀ ଯେଉଁ ସ୍ଥାନରେ ପୂର୍ବେ ତାଙ୍କର ତମ୍ବୁ ସ୍ଥାପନ
ହୋଇଥିଲା ସେହିଠାକୁ ଗଲେ। **4**ସେହି ସ୍ଥାନରେ ପୂର୍ବରୁ
ଅବ୍ରାମ ଏକ ଯଜ୍ଞବେଦୀ ନିର୍ମାଣ କରିଥିଲେ। ତେଣୁ ସେଠାରେ
ଅବ୍ରାମ ସଦାପ୍ରଭୁଙ୍କର ଉପାସନା କଲେ।

### ଅବ୍ରାମ ଓ ଲୋଟଙ୍କର ବିଚ୍ଛିନ୍ନ

**5**ସେହି ସମୟରେ ଲୋଟ ମଧ୍ୟ ଅବ୍ରାମଙ୍କ ସହିତ ଯାତ୍ରା
କରୁଥିଲେ। ଲୋଟଙ୍କର ମଧ୍ୟ ମେଷ, ପଶୁପଲ ଓ ତମ୍ବୁ
ଥିଲା। **6**ଅବ୍ରାମ ଓ ଲୋଟଙ୍କର ବହୁତ ପଶୁ ଓ ତମ୍ବୁମାନ
ଥିବାରୁ ସେମାନେ ସେଠାରେ ଆଉ ଏକତ୍ର ବାସକରିବା
ଉପଯୋଗୀ ହେଲାନାହିଁ। **7**ସେହି ସମୟରେ ସେଠାରେ କିଣାନୀୟ
ଓ ପିରିଜୀୟ ଲୋକମାନେ ସେଠାରେ ବାସକରୁଥିଲେ। ଅବ୍ରାମଙ୍କର
ଓ ଲୋଟଙ୍କର ମେଷପାଳକମାନଙ୍କ ମଧ୍ୟରେ ଝଗଡା ହେଲା।
**8**ତେଣୁ ଅବ୍ରାମ ଲୋଟଙ୍କୁ କହିଲେ, "ତୁମ୍ଭ ଆମ୍ଭ ମଧ୍ୟରେ
କଳହ ହେବା ଉଚିତ ନୁହେଁ। ତୁମ୍ଭର ଲୋକ ଓ ମୋ
ଲୋକ ମଧ୍ୟରେ କଳହ ହେବା ଠିକ୍ ନୁହେଁ କାରଣ
ଆମ୍ଭେମାନେ ପରସ୍ପର ଭାଇ। **9**ଏହା ଉତ୍ତମ ଯେ, ଆମ୍ଭେ
ଅଲଗା ଭାବରେ ବାସ କରିବା ଉଚିତ୍। ତୁମ୍ଭର ଇଚ୍ଛା
ଅନୁସାରେ ତୁମ୍ଭେ ସ୍ଥାନ ବାଛ। ତୁମ୍ଭେ ଯଦି ଉତ୍ତରକୁ ଯିବ
ତେବେ ମୁଁ ଦକ୍ଷିଣକୁ ଯିବି। ତୁମ୍ଭେ ଯଦି ଦକ୍ଷିଣକୁ ଯିବ
ତେବେ ମୁଁ ଉତ୍ତରକୁ ଯିବି।"
**10**ଲୋଟ ଯର୍ଦ୍ଦନ ନଦୀର ଉପତ୍ୟକା ଆଡ଼େ ନିରୀକ୍ଷଣ
କଲେ। ଲୋଟ ଦେଖିଲେ ସେଠାରେ ବହୁତ ଜଳ ଥିଲା।
ସଦାପ୍ରଭୁ ସଦୋମ ଓ ହମୋରାକୁ ଧ୍ୱଂସ କରିବା ପୂର୍ବରୁ
ଏହାଥିଲା। ସେହି ସମୟରେ ଯର୍ଦ୍ଦନ ଉପତ୍ୟକା ସୋୟର
ପର୍ଯ୍ୟନ୍ତ ସମସ୍ତ ପ୍ରାନ୍ତର ସଦାପ୍ରଭୁଙ୍କ ଉଦ୍ୟାନପରି ସଜଳ ଓ
ମିଶର ଦେଶ ତୁଲ୍ୟ ଥିଲା। **11**ତେଣୁ ଲୋଟ ଯର୍ଦ୍ଦନ
ଉପତ୍ୟକାକୁ ବାଛିଲେ। ଏହି ଦୁଇଲୋକ ଅଲଗା ହୋଇଗଲେ
ଓ ଲୋଟ ପୂର୍ବଦିଗକୁ ଯାତ୍ରା କଲେ। **12**ଅବ୍ରାମ କିଣାନୀୟଙ୍କ
ଦେଶରେ ରହିଲେ ଏବଂ ଲୋଟ ଉପତ୍ୟକା ନଗରୀରେ
ବାସକଲେ। ଲୋଟ ଅଧିକରୁ ଅଧିକ ସଦୋମ ପାଖକୁ
ତାଙ୍କର ଛାଉଣୀକୁ ନେଇଗଲେ। **13**ସଦୋମର ଲୋକମାନେ
ମନ୍ଦ ଓ ସଦାପ୍ରଭୁଙ୍କ ଦୃଷ୍ଟିରେ ଅତି ପାପିଷ୍ଠ ଥିଲେ।
**14**ଲୋଟ ଗଲାପରେ, ସଦାପ୍ରଭୁ ଅବ୍ରାମଙ୍କୁ କହିଲେ,
"ତୁମ୍ଭର ଚତୁପାର୍ଶ୍ୱକୁ ଦେଖ, ପୂର୍ବ, ପଶ୍ଚିମ, ଉତ୍ତର ଓ
ଦକ୍ଷିଣକୁ ଦେଖ। **15**ଯେଉଁ ସମସ୍ତ ଭୂମି ତୁମ୍ଭ ସମ୍ମୁଖରେ
ତୁମ୍ଭେ ଚିରଦିନ ଦେଖୁଛ, ମୁଁ ତାହା ତୁମ୍ଭଙ୍କୁ ଓ ତୁମ୍ଭର
ବଂଶଧରଙ୍କୁ ଦେବି। **16**ପୃଥିବୀରେ ଧୂଳିପରି ମୁଁ ତୁମ୍ଭର ବଂଶ
ବୃଦ୍ଧି କରାଇବି। ଯଦି କେହି ପୃଥିବୀର ଧୂଳି ଗଣିପାରେ
ତେବେ ସେ ତୁମ୍ଭର ବଂଶର ଲୋକମାନଙ୍କୁ ଗଣିପାରିବ।
**17**ତେଣୁ ତୁମ୍ଭେମାନେ ଯାଅ ଏବଂ ସମସ୍ତ ଦେଶରେ ଭ୍ରମଣ
କର। ବର୍ତ୍ତମାନ ମୁଁ ଏହା ତୁମ୍ଭକୁ ଦେଲି।"
**18**ତେଣୁ ଅବ୍ରାମ ତାଙ୍କର ତମ୍ବୁକୁ ସ୍ଥାନାନ୍ତର କଲେ। ସେ
ହିବ୍ରୋଣ ନିକଟସ୍ଥ ମମ୍ରିର ଆଲୋନ୍ ବୃକ୍ଷମୂଳକୁ ଯାଇ ସେଠାରେ
ବାସ କଲେ। ସେହି ସ୍ଥାନରେ ଅବ୍ରାମ ସଦାପ୍ରଭୁଙ୍କର ଉପାସନା
ପାଇଁ, ଗୋଟିଏ ଯଜ୍ଞବେଦୀ ସ୍ଥାପନ କଲେ।

### ଲୋଟ ବନ୍ଦୀ ହେଲେ

**14** ଶିନୀୟରର ଅମ୍ରାଫଲ୍ ରାଜା ଓ ଇଲ୍ଲାସରର ଅରିୟୋକ
ରାଜା ଥିଲେ। କଦର୍ଲାୟୋମର ଏଲମର ରାଜା ଥିଲେ
ଓ ଗୋୟିମର ତିଦିୟଲର ରାଜା ଥିଲେ। **2**ଏହି ସମସ୍ତ
ରାଜାଗଣ ମିଳିତଭାବେ ସଦୋମର ରାଜା ବିରା, ହମୋରାର
ରାଜା ବିର୍ଶା, ଅଦ୍ମାର ରାଜା ଶିନାବ୍ ଓ ସବୋୟିମର ରାଜା
ଶିମେବର ଓ ବଲାର, ସୋୟରର ରାଜାଙ୍କ ସହିତ ଯୁଦ୍ଧ
କଲେ।
**3**ଏହି ସମସ୍ତ ରାଜାମାନେ ସେମାନଙ୍କର ସୈନ୍ୟମାନଙ୍କୁ
ସିଦ୍ଦୀମ ଉପତ୍ୟକାରେ ଉପସ୍ଥିତ କରାଇଲେ। ସେହି ସିଦ୍ଦୀମ
ଉପତ୍ୟକା ବର୍ତ୍ତମାନ ଲବଣ ସମୁଦ୍ର। **4**ଏହି ରାଜାମାନେ
ବାରବର୍ଷ ପର୍ଯ୍ୟନ୍ତ କଦର୍ଲାୟୋମର ରାଜାଙ୍କର ବଶୀଭୂତ ରହି
ତ୍ରୟୋଦଶ ବର୍ଷରେ ତାଙ୍କର ବିଦ୍ରୋହ ହୋଇଥିଲେ। **5**ଏହିପରି
ଚତୁର୍ଦ୍ଦଶ ବର୍ଷରେ କଦର୍ଲାୟୋମର ରାଜା ଓ ଯେଉଁ ରାଜାମାନେ
ତାଙ୍କ ସହିତ ଥିଲେ ଆସି ଅସ୍ତରୋତ୍‌କର୍ଣ୍ଣୟିମରେ ରଫାୟୀମ
ଲୋକମାନଙ୍କୁ ଏବଂ ହମରେ ସୁଷୀୟ ଲୋକମାନଙ୍କୁ ପରାସ୍ତ
କଲେ। ଶାବିକିରିୟାଥୟିମରେ ଏମୀୟ ଲୋକମାନଙ୍କୁ ପରାସ୍ତ
କଲେ। **6**ପ୍ରାନ୍ତର ନିକଟସ୍ଥ ଏଲ୍‌ପାରଣ ପର୍ଯ୍ୟନ୍ତ ସେୟୀର
ପର୍ବତ ନିବାସୀ ହୋରୀୟ ଲୋକମାନଙ୍କୁ ଜୟ କଲେ।
**7**ଏହାପରେ ରାଜା କଦର୍ଲାୟୋମର ସେଠାରୁ ଫେରି ଐନ୍‌ମିସ୍‌ପଟ୍,
ଅର୍ଥାତ୍ କାଦେଶକୁ ଯାଇ ଅମାଲେକୀୟ ଲୋକମାନଙ୍କର
ସମସ୍ତ ଦେଶ ଏବଂ ହତ୍-ସସୋନ୍ ତାମର ନିବାସୀ ଇମୋରୀୟ
ଲୋକମାନଙ୍କୁ ପରାସ୍ତ କଲେ।
**8**ସେହି ସମୟରେ ସଦୋମର ରାଜା, ହମୋରାର ରାଜା
ଅଦ୍ମାର ରାଜା, ସବୋୟିମର ରାଜା ଓ ବଲାର ଅର୍ଥାତ୍ ସୋୟର
ରାଜା ଏହି ପାଞ୍ଚ ରାଜା ଏବଂ ତାଙ୍କର ସୈନ୍ୟଗଣ ଏକତ୍ରିତ
ହେଲେ। ସେମାନେ ସିଦ୍ଦୀମ ଉପତ୍ୟକାକୁ ଯୁଦ୍ଧ କରିବାକୁ
ଗଲେ। **9**ସେମାନେ ଏଲମର ରାଜା କଦର୍ଲାୟୋମର ଓ
ଗୋୟିମର ତିଦିୟଲର ରାଜା ଓ ଶିନୀୟରର ଅମ୍ରାଫଲ୍‌ର ରାଜା

ଓ ଇଲ୍ଲାସରର ରାଜା। ଏହି ଚାରି ଜଣ ରାଜା ପାଞ୍ଚଙ୍କ
ବିରୁଦ୍ଧରେ।

10ସେହି ସିଦ୍ଦୀମ ପଦାରେ ମାଟିଆତେଲର ଅନେକ ଗାତ
ଥିଲା ଏବଂ ସଦୋମର ରାଜା ଓ ଗମୋରାର ରାଜା ପଳାୟନ
କଲେ ଓ ସେଠାରେ ପଡ଼ିଗଲେ ଏବଂ ଅବଶିଷ୍ଟ ସୈନ୍ୟମାନେ
ପର୍ବତକୁ ପଳାଇ ଗଲେ।

11ଏଥିପାଇଁ ସେମାନେ ସଦୋମ ଓ ହମୋରାର ସମସ୍ତ
ସମ୍ପତ୍ତି ଏବଂ ଭକ୍ଷ ଲୁଟିନେଇ ପଳାଇଗଲେ। 12ଅବ୍ରାମର ଭ୍ରାତୃ
ପୁତ୍ର ଲୋଟ ସଦୋମରେ ବାସ କରୁଥିଲା ଏବଂ ଶତ୍ରୁମାନେ
ତାହାକୁ ବନ୍ଦୀ କଲେ। ଏବଂ ଶତ୍ରୁଗଣ ତାଙ୍କର ସମସ୍ତ ସମ୍ପତ୍ତି
ଲୁଟିନେଲେ। 13ସେତେବେଳେ ଜଣେ ପଳାତକ ଏବ୍ରୀୟ
ଅବ୍ରାମଙ୍କୁ ସମାଚାର ଦେଲା। ସେହି ସମୟରେ ଅବ୍ରାମ
ଇଷ୍କୋଲର ଓ ଆନେରର ଭ୍ରାତା ଇମୋରୀୟ ମମ୍ରିର ଆଲୋନ
ବୃକ୍ଷମୂଳେ ବାସ କରୁଥିଲେ। ସେମାନେ ମଧ୍ୟ ଅବ୍ରାମଙ୍କର
ସହାୟ ଥିଲେ।

## ଅବ୍ରାମ ଲୋଟଙ୍କୁ ଉଦ୍ଧାର କଲେ

14ଯେତେବେଳେ ଅବ୍ରାମ ନିଜର ଜ୍ଞାତି ଧରା ହୋଇ
ଯିବାର ସମାଚାର ଶୁଣିଲେ। ଅବ୍ରାମ ତା'ର ସମସ୍ତ ପରିବାରକୁ
ଏକତ୍ରିତ କଲେ। ସେଠାରେ 318 ଜଣ ତାଲିମପ୍ରାପ୍ତ ସୈନିକ
ଥିଲେ। ଅବ୍ରାମ ସେ ଶତ୍ରୁମାନଙ୍କ ପଛେ ପଛେ ଗୋଡେଇ
ଗୋଡେଇ ଦାନ ନଗର ପର୍ଯ୍ୟନ୍ତ ଗଲେ। 15ସେହି ରାତ୍ରିରେ
ସିଏ ଓ ତାଙ୍କର ସୈନ୍ୟମାନେ ସମସ୍ତେ ମିଶି ତାଙ୍କର
ଶତ୍ରୁମାନଙ୍କ ବିରୁଦ୍ଧରେ ଅତର୍କିତ ଆକ୍ରମଣ କଲେ। ସେମାନେ
ତାଙ୍କୁ ପରାସ୍ତ କରି ତାଙ୍କୁ ଗୋଡ଼େଇ ଗୋଡ଼େଇ, ଦମ୍ମେସକର
ଉତ୍ତର ସ୍ଥିତ ହୋବା ପର୍ଯ୍ୟନ୍ତ ଗୋଡ଼ାଇଲେ। 16ଏହାପରେ
ସେ ତାଙ୍କର ଭ୍ରାତୃ ପୁତ୍ର ଲୋଟ ତାଙ୍କର ସମ୍ପତ୍ତି ପୁଣି ସ୍ତ୍ରୀଗଣ
ଏବଂ ସୈନ୍ୟଗଣଙ୍କୁ ବାହୁଡ଼ାଇ ଆଣିଲେ।

17ତା'ପରେ ଅବ୍ରାମ କଦର୍ଲାୟୋମରକୁ ଓ ତାଙ୍କର ସହାୟ
ରାଜଗଣଙ୍କୁ ଜୟକରି ବାହୁଡ଼ିବା ପରେ ସଦୋମର ରାଜା ତାଙ୍କ
ସହିତ ସାକ୍ଷାତ କରିବାକୁ ଶାବୀ ପଦା, ଅର୍ଥାତ୍ ରାଜାର
ପଦାକୁ ଗମନ କଲେ।

## ମଲ୍‌କୀଷେଦକ

18ଶାଲମର ରାଜା ମଲ୍‌କୀଷେଦକ ଅବ୍ରାହାମଙ୍କୁ ସାକ୍ଷାତ
କରିବା ପାଇଁ ଗଲେ। ସେ ସର୍ବୋପରିସ୍ଥ ପରମେଶ୍ୱରଙ୍କର
ଯାଜକ। ମଲକୀଷେଦକ ରୋଟୀ ଓ ଦ୍ରାକ୍ଷାରସ ଘେନି
ଆସିଲେ।

19ସେ ଅବ୍ରାମଙ୍କୁ ଆଶୀର୍ବାଦ କରି କହିଲେ, "ଅବ୍ରାମ
ସ୍ୱର୍ଗ ଓ ପୃଥିବୀର ଅଧିକାରୀ ସର୍ବୋପରିସ୍ଥ ପରମେଶ୍ୱରଙ୍କର
ଆଶୀର୍ବାଦ ପ୍ରାପ୍ତ ହୁଅନ୍ତୁ।

20ସର୍ବୋପରିସ୍ଥ ପରମେଶ୍ୱର ଧନ୍ୟ ହୁଅନ୍ତୁ ଯିଏ ତୁମ୍ଭର
ଶତ୍ରୁଗଣଙ୍କୁ ତୁମ୍ଭ ହସ୍ତରେ ଦେଲେ।"

ଏବଂ ଅବ୍ରାମ ଯୁଦ୍ଧରୁ ନେଇଥିବା ସବୁ ଦ୍ରବ୍ୟର ଏକ
ଦଶମାଂଶ ତାଙ୍କୁ ଦେଲେ। 21ଏହାପରେ ସଦୋମର ରାଜା
ଅବ୍ରାମଙ୍କୁ କହିଲେ, "ତୁମ୍ଭେ ସମସ୍ତ ସମ୍ପତ୍ତି ନିଅ ମାତ୍ର
ମନୁଷ୍ୟସକଳ ଆମ୍ଭକୁ ଦିଅ।"

22କିନ୍ତୁ ଅବ୍ରାମ ସଦୋମର ରାଜାଙ୍କୁ ଉତ୍ତର ଦେଇ
କହିଲେ, "ମୁଁ ସ୍ୱର୍ଗ ଓ ପୃଥିବୀର ଅଧିକାରୀ ସଦାପ୍ରଭୁ
ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ହସ୍ତ ଉଠାଇ କହୁଅଛି ଯେ,
23ମୁଁ ପ୍ରତିଜ୍ଞା କରୁଛି ଯେ ମୁଁ ତୁମ୍ଭର କିଛି ରଖିବି ନାହିଁ।
ଏପରିକି ତୁମ୍ଭ ପାଖରେ ଥିବା ସୂତା କିମ୍ବା ଜୋତାର ବନ୍ଧନୀ
ମଧ୍ୟ ନେବି ନାହିଁ। ମୁଁ ତୁମ୍ଭକୁ କହିବାକୁ ଚାହେଁ ନାହିଁ, 'ମୁଁ
ଅବ୍ରାମଙ୍କୁ ଧନୀ କରିଛି।' 24କେବଳ ମୋର ଯୁବକମାନେ
ଯାହା ଭୋଜନ କରି ଅଛନ୍ତି ତାହା ନେବି। ପୁଣି ମୋହର
ଯେଉଁ ସହାୟକଗଣ ସଙ୍ଗରେ ଯାଇଥିଲେ ସେମାନେ ଅର୍ଥାତ୍
ଆନେର ଇଷ୍କୋଲ ଓ ମମ୍ରି ଆପଣା ଆପଣା ପ୍ରାପ୍ୟ ଗ୍ରହଣ
କରନ୍ତୁ।"

## ପରମେଶ୍ୱରଙ୍କର ଅବ୍ରାମଙ୍କ ସହିତ ଚୁକ୍ତି

15 ଏହି ସବୁ ଘଟିଯିବା ପରେ ସଦାପ୍ରଭୁଙ୍କର ବାକ୍ୟ
ଦର୍ଶନରେ ଅବ୍ରାମ ନିକଟକୁ ଆସିଲା, ଏହା କହି,
"ହେ ଅବ୍ରାମ ଭୟ କର ନାହିଁ। ମୁଁ ତୁମ୍ଭର ଢାଲ। ମୁଁ
ତୁମ୍ଭକୁ ମହାପୁରସ୍କାର ଦେବି।"

2କିନ୍ତୁ ଅବ୍ରାମ କହିଲେ, "ସଦାପ୍ରଭୁ ପରମେଶ୍ୱର, ମୋତେ
ପୁରସ୍କାର ଦେଇ କଣ ଭଲ ହେବ? ମୁଁ ସନ୍ତାନ ବିନା
ମରିବାକୁ ଯାଉଛି। ସେଥିପାଇଁ ଦମ୍ମେସକର ମୋର ମୁଖ୍ୟ
ସେବକ ଇଲୀୟେଜର ମୋର ସମ୍ପତ୍ତି ଅଧିକାର କରିବ।"
3ପୁଣି ଅବ୍ରାମ କହିଲେ, "ତୁମ୍ଭେ ମୋତେ ସନ୍ତାନ ଦେଲ
ନାହିଁ। ସେଥିପାଇଁ ମୋ ଗୃହର ଜଣେ ସଦସ୍ୟ ମୋର
ଉତ୍ତରାଧିକାରୀ ହେବ।"

4ତା'ପରେ ସଦାପ୍ରଭୁ ଅବ୍ରାମଙ୍କୁ କହିଲେ, "ଦେଖ ସେହି
ଦାସଟି ତୁମ୍ଭର ଉତ୍ତରାଧିକାରୀ ହେବ ନାହିଁ। ମାତ୍ର ଯେ ତୁମ୍ଭ
ଔରସରେ ଜାତ ହେବ, ସେହି ତୁମ୍ଭର ଉତ୍ତରାଧିକାରୀ
ହେବ।"

5ଏହାପରେ ପରମେଶ୍ୱର ତାଙ୍କୁ ବାହାରକୁ ନେଲେ ଓ
କହିଲେ, "ଉର୍ଦ୍ଧ୍ୱରେ ଆକାଶକୁ ଦେଖ ଏବଂ ତାରାଗଣ ଗଣନା
କର, ତୁମ୍ଭେ ଯଦି ତାକୁ ଗଣନା କରିପାରିବ।" ଏବଂ ସେ
ମଧ୍ୟ କହିଲେ, "ତୁମ୍ଭର ବଂଶଧର ତାରାଗଣ ପରି ବହୁସଂଖ୍ୟକ
ହେବେ।"

6ଅବ୍ରାମ ସଦାପ୍ରଭୁଙ୍କୁ ବିଶ୍ୱାସ କଲେ ଏବଂ ପରମେଶ୍ୱର
ତା'ର ବିଶ୍ୱାସକୁ ଧାର୍ମିକତା କାର୍ଯ୍ୟ ବୋଲି ବିବେଚନା କଲେ।
7ସଦାପ୍ରଭୁ ଅବ୍ରାମଙ୍କୁ କହିଲେ, "ମୁଁ ସେହି ସଦାପ୍ରଭୁ, ଯିଏ
ତୁମ୍ଭମାନଙ୍କୁ କଲଦୀୟମାନଙ୍କର ଊରଠାରୁ ଏହି ଦେଶ ତୁମ୍ଭକୁ
ଦେବାପାଇଁ ବାହାର କରି ଆଣିଲି।"

8କିନ୍ତୁ ଅବ୍ରାମ କହିଲେ, "ହେ ସଦାପ୍ରଭୁ, ମୋର ପ୍ରଭୁ
ମୁଁ ଯେ ଏ ଦେଶର ଅଧିକାରୀ ହେବି, ତାହା ମୁଁ କିପରି
ଜାଣିବି?"

9ସଦାପ୍ରଭୁ ଉତ୍ତର ଦେଲେ, "ତୁମ୍ଭେ ଏକ ତିନି ବର୍ଷର
ବାଛୁରୀ, ଗୋଟିଏ ତିନି ବର୍ଷର ମାଈ ଛେଳି, ଗୋଟିଏ ତିନି
ବର୍ଷର ମେଣ୍ଢା, ଗୋଟିଏ କପୋତ ଏବଂ ଗୋଟିଏ ଯୁବା
କପୋତ ମୋ ନିକଟକୁ ଆଣ।"

10ସେ ସେସବୁକୁ ସେ ପରମେଶ୍ୱରଙ୍କ ନିକଟକୁ ଆଣିଲେ
ଏବଂ ଦୁଇ ଖଣ୍ଡ କରି କାଟିଲେ, ଏବଂ ସେଗୁଡିକ ଦୁଇ

ଧାଡରେ ରଖି, ପ୍ରତ୍ୟେକ ଅଧାର ଉପରେ ଆଉ ଅଧା ଯୁକ୍ତ
ଚହ୍ନ ଭାବରେ ରଖିଲେ। କନ୍ତୁ ସେ ପକ୍ଷୀମାନଙ୍କୁ ଦୁଇ ଖଣ୍ଡ
କଲେ ନାହିଁ। 11ଏହାପରେ, ଅନ୍ୟ ବନ୍ୟ ପକ୍ଷୀ ସେହ ମୃତ
ପ୍ରାଣୀଙ୍କ ଉପରେ ଝାମ୍ପ ମାରଲେ ଏବଂ ଅବ୍ରାମ ସେମାନଙ୍କୁ
ଘଉଡାଇ ଦେଲେ।
12ଯେତେବେଳେ ସୂର୍ଯ୍ୟାସ୍ତ ହେଉଥିଲା ଅବ୍ରାମ ଘୋର
ନଦ୍ରାରେ ଶୋଇ ପଡଲେ, ଏବଂ ହଠାତ୍ ତାଙ୍କ ଉପରକୁ ଏକ
ଭୟଙ୍କର ଅନ୍ଧକାର ଆସିଲା ଓ ସେ ଆତଙ୍କିତ ହୋଇଗଲେ।
13ତା'ପରେ ସଦାପ୍ରଭୁ ଅବ୍ରାମଙ୍କୁ କହଲେ, "ତୁମ୍ଭେ ଏ
ବଷୟରେ ନଶ୍ଚିତ ହୋଇପାରବ, ତୁମ୍ଭର ବଂଶଧର ବଦେଶରେ
ପ୍ରବାସୀ ହେବେ ଏବଂ କ୍ରୀତଦାସ ହେବେ ଏବଂ କ୍ଲେଶ ଭୋଗ
କରବେ 400 ବର୍ଷ ପର୍ଯ୍ୟନ୍ତ। 14କନ୍ତୁ ଯେଉଁ ଜାତମାନେ
ସେମାନଙ୍କୁ କ୍ରୀତଦାସ କଲେ ସେମାନଙ୍କର ମୁଁ ବଚାର କରବ
ଏବଂ ତାହାପରେ ପ୍ରଚୁର ଧନ ସହତ ସେମାନେ ସ୍ୱାଧୀନ
ହେବେ।
15"ତଥାପି ତୁମ୍ଭ ନମନ୍ତେ, ତୁମ୍ଭେ ଶାନ୍ତରେ ମରବ ଏବଂ
ତୁମ୍ଭର ପୂର୍ବପୁରୁଷଙ୍କ ସହତ ମିଳତ ହେବ ଏବଂ ତୁମ୍ଭେ ବହୁତ
ବୃଦ୍ଧ ବୟସରେ କବର ପ୍ରାପ୍ତ ହେବ। 16ପୁଣି ଏହ ଦେଶକୁ
ତୁମ୍ଭ ବଂଶର ଚତୁର୍ଥ ପୁରୁଷ ଫେରବେ। କାରଣ ଯେଉଁ
ଇମୋରୀୟମାନେ ଏଠାରେ ବାସ କରନ୍ତ, ସେମାନଙ୍କର ପାପ
ଏପର୍ଯ୍ୟନ୍ତ ଶେଷ ହୋଇନାହିଁ।"
17ସୂର୍ଯ୍ୟାସ୍ତ ପରେ, ଯେତେବେଳେ ଏହା ଘୋର ଅନ୍ଧକାର
ହେଲା, ଏକ ଧୂଆଁ ବାହାରୁଥିବା ପାତ୍ର ଏବଂ ଜ୍ୱଳନ୍ତ ମଶାଲ
ହଠାତ୍ ଦେଖାଗଲା ଏବଂ ତାହା ଦୁଇ ଧାଡରେ ଥିବା ମୃତ
ପଶୁଗୁଡକର ଖଣ୍ଡସବୁ ମଧ ଦେଇ ଗଲା।
18ସେହଦନ ସଦାପ୍ରଭୁ ଅବ୍ରାମଙ୍କ ସହତ ଏକ ଚୁକ୍ତ
କଲେ। ସେ କହଲେ, "ମୁଁ ଏହ ଦେଶ ତୁମ୍ଭର ବଂଶଧରଙ୍କୁ
ଦେଲ। ମିଶରୀୟ ନଦୀଠାରୁ ମହାନ ନଦୀ ଫରାତ୍ ପର୍ଯ୍ୟନ୍ତ
ଏହ ଦେଶ ତୁମ୍ଭର ପରବାରକୁ ମୁଁ ଦେଲ। 19କେନୀୟମାନଙ୍କର,
କନଜୀୟମାନଙ୍କର ଓ କଦ୍ମୋନୀୟମାନଙ୍କର ଭୂମି ଏହସବୁ।
20ହିତ୍ତୀୟମାନଙ୍କର, ପରଜୀୟମାନଙ୍କର ଓ ରଫାୟୀୟମାନଙ୍କର
21ଇମୋରୀୟମାନଙ୍କର, କଣାନୀୟମାଙ୍କର, ଓ ଗିର୍ଗାଶୀୟମାନଙ୍କର
ଓ ଯିବୁଶୀୟମାନଙ୍କର ଦେଶ ତୁମ୍ଭକୁ ଦେଲ।"

## ହାଗାର, ଦାସୀବାଳକା

16 ଅବ୍ରାମଙ୍କର ସ୍ତ୍ରୀ ସାରୀ ନଃସନ୍ତାନ ଥିଲେ। ତାଙ୍କର
ଗୋଟିଏ ହାଗାର ନାମ୍ନୀ ମିଶର ଦେଶୀୟ ଦାସୀ
ଥିଲା। 2ସାରୀ ଅବ୍ରାମକୁ କହଲା, "ସଦାପ୍ରଭୁ ମୋତେ ସନ୍ତାନ
ସନ୍ତତରୁ ବଞ୍ଚିତ କରଅଛନ୍ତ। ତେଣୁ ହାଗାର ସହତ ସହବାସ
କର। ପ୍ରାୟ ତା' ମାଧମରେ ମୁଁ ଏକ ପୁତ୍ର ପାଇ ପାରବ।"
ଅବ୍ରାମ ତାଙ୍କ ସ୍ତ୍ରୀଙ୍କର କଥା ଗ୍ରହଣ କଲେ। 3ଅବ୍ରାମ
କଣାନ ଦେଶରେ ଦଶ ବର୍ଷ କଟାଇଲାପରେ ଏହପର
ହୋଇଥିଲା ଯେ, ତାଙ୍କର ସ୍ତ୍ରୀ ସାରୀ ତାହାଙ୍କ ମିଶରୀୟ ଦାସୀ
ହାଗାରକୁ ତାଙ୍କ ସ୍ୱାମୀ ଅବ୍ରାମଙ୍କ ସହତ ବବାହ ଦେଲେ,
ଯାହାଫଳରେ ସେ ତା' ସହତ ସହବାସ କରପାରବ।
4ହାଗାର ଅବ୍ରାମଙ୍କ ଦ୍ୱାରା ଗର୍ଭବତୀ ହେଲା। ଯେତେବେଳେ
ହାଗାର ଏପର ଜାଣିଲା ତା'ର ମାଲକାଣୀଙ୍କୁ ସେ ବେଶି
ସମ୍ମାନ ଦେଲା ନାହିଁ। 5କନ୍ତୁ ସାରୀ ଅବ୍ରାମଙ୍କୁ କହଲା,
"ଏହା ତୁମ୍ଭର ଭୁଲ ଯେ ମୋର ଦାସୀ ମୋତେ ଖରାପ
ବ୍ୟବହାର କରୁଛ। ମୁଁ ତାକୁ ତୁମ୍ଭକୁ ଦେଇଥିଲ, ତା'ପରେ
ସେ ଗର୍ଭବତୀ ହେଲା ଏବଂ ଏହାପରେ ସେ ମୋତେ ଯେତିକ
ସମ୍ମାନ ଦେବା ଉଚତ୍ ସେତିକ ସମ୍ମାନ ଦେଉ ନାହିଁ। ମୁଁ
ଚାହୁଁଛ ସଦାପ୍ରଭୁ ତୁମ୍ଭ ଓ ମୋର ବଚାର କରନ୍ତୁ।"
6କନ୍ତୁ ଅବ୍ରାମ ସାରୀକୁ କହଲେ, "ହାଗାର ତୁମ୍ଭର
ଦାସୀ। ତୁମ୍ଭେ ତା'ପ୍ରତି ଯାହା ଚାହିଁ ତାହା କରପାର।" ତେଣୁ
ସାରୀ ତା'ପ୍ରତି କଠିନ ବ୍ୟବହାର କରନ୍ତେ, ହାଗାର ଛାଡ
ପଳାଇଲା।

## ହାଗାରର ପୁତ୍ର ଇଶ୍ମାୟେଲ

7ସଦାପ୍ରଭୁଙ୍କର ଦୂତ ତାହାଙ୍କୁ ଏକ ମରୁଭୂମିର ଝରଣା
ନକଟରେ ଦେଖିଲେ। ସେହ ଝରଣାଟି, ଶୂରକୁ ଯାଉଥିବା
ରାସ୍ତାର ପାଖରେ ଥିଲା। 8ସଦାପ୍ରଭୁଙ୍କର ଦୂତ କହଲେ,
"ହାଗାର, ସାରୀର ଦାସୀ, ତୁମ୍ଭେ କେଉଁଠାରୁ ଆସିଛ ଓ
ତୁମ୍ଭେ କେଉଁଠାକୁ ଯାଉଛ?"
ହାଗାର ଉତ୍ତର ଦେଲା, "ମୁଁ ମୋର ମାଲକାଣୀ ସାରୀ
ପାଖରୁ ଦୌଡ ପଳାଇ ଯାଉଛ।"
9ସଦାପ୍ରଭୁଙ୍କର ଦୂତ ହାଗାରକୁ କହଲେ, "ତୁମ୍ଭର ମାଲକାଣୀ
ପାଖକୁ ଫେରଯାଅ ଓ ନଜକୁ ତା'ର ପାଖରେ ସମର୍ପଣ
କର।" 10ସଦାପ୍ରଭୁଙ୍କର ଦୂତ ହାଗାରକୁ ମଧ କହଲେ,
"ତୁମ୍ଭର ଅନେକ ବଂଶଧର ଜନ୍ମ ହେବେ। ସେମାନଙ୍କୁ ଗଣି
ହେବ ନାହିଁ।"
11ସଦାପ୍ରଭୁଙ୍କର ଦୂତ ମଧ ଏପର କହଲେ, "ହାଗାର
ତୁମ୍ଭେ ବର୍ତ୍ତମାନ ଗର୍ଭବତୀ। ତୁମ୍ଭଠାରୁ ଏକ ପୁତ୍ର ସନ୍ତାନ
ଜନ୍ମିବ। ତୁମ୍ଭେ ତା'ର ନାମ ଇଶ୍ମାୟେଲ ଦେବ କାରଣ
ସଦାପ୍ରଭୁ ଶୁଣିଛନ୍ତ, ତୁମ୍ଭେ ଯେତେବେଳେ ଦୁଃଖ ପାଉଥିଲ।
12ତୁମ୍ଭର ପୁତ୍ର ବନ୍ୟ ଗର୍ଦ୍ଦଭ ଭଳ ଜୀବନଯାପନ
କରବ। ତା'ର ହସ୍ତ ସମସ୍ତଙ୍କ ବରୁଦ୍ଧରେ, ଓ ସମସ୍ତଙ୍କର
ହସ୍ତ ତା'ର ବରୁଦ୍ଧରେ ଥିବ। ଏବଂ ସେ ତା'ର ଭାଇମାନଙ୍କ
ସମ୍ମୁଖରେ ବାସ କରବ।"
13ଏହାପରେ ହାଗାର ସଦାପ୍ରଭୁଙ୍କର ଏହ ନାମ ରଖିଲା
ଯଥା, "ଯେଉଁ ପରମେଶ୍ୱର ମୋତେ ଦେଖନ୍ତ*।" ସେ (ସ୍ତ୍ରୀ)
ଏହା କହଲା, "କାରଣ ସେ ଚନ୍ତା କଲା, "ମୁଁ କଣ
ପ୍ରକୃତରେ ତାଙ୍କୁ ଏଠାରେ ଦେଖିଲ ଯିଏ ମତେ ଦେଖନ୍ତ?"
14ତେଣୁ ସେହ କୂପର ନାମ ବେରଲହୟ-ରୋୟୀ ରଖିଲା।
ସେହ କୂପ କାଦେଶ ଓ ବେରଦ ମଧରେ ଅଛ। 15ହାଗାର
ଅବ୍ରାମର ପୁତ୍ରକୁ ଜନ୍ମ ଦେଲା ଏବଂ ଅବ୍ରାମ ତା'ର ନାମ
ଇଶ୍ମାୟେଲ ଦେଲେ। 16ଅବ୍ରାମ ଛୟାଅଶି ବର୍ଷ ହୋଇଥିଲେ,
ଯେତେବେଳେ ଇଶ୍ମାୟେଲ ହାଗାର ଠାରୁ ଜନ୍ମଲାଭ କଲା।

## ସୁନ୍ନତ୍-ଚୁକ୍ତର ପ୍ରମାଣ

17 ଯେତେବେଳେ ଅବ୍ରାମକୁ ଅନେଶ୍ୱତ ବର୍ଷ ସେତେବେଳେ
ସଦାପ୍ରଭୁ ତାଙ୍କୁ ଦର୍ଶନ ଦେଲେ ଏବଂ କହଲେ, "ମୁଁ

**ଯେଉଁ ... ଦେଖନ୍ତ** ହବ୍ରୁରେ, ଏଲର।

ସର୍ବଶକ୍ତିମାନ ପରମେଶ୍ୱର। ଉତ୍ତମ କାର୍ଯ୍ୟମାନ କର। ମୋତେ
ମାନ ଏବଂ ନିଷ୍ଠାପର ଜୀବନଯାପନ କର। 2ଯଦି ତୁମ୍ଭେ
ଏପରି କର, ମୁଁ ତୁମ୍ଭ ସହିତ ଏକ ଚୁକ୍ତି କରିବାକୁ ପ୍ରସ୍ତୁତ
ଅଛି। ମୁଁ ପ୍ରତିଜ୍ଞା କରୁଛି ତୁମ୍ଭର ଲୋକମାନଙ୍କୁ ନେଇ ମୁଁ
ଏକ ବରିଷ୍ଠ ଜାତି ସୃଷ୍ଟି କରିବି।"

3ତହିଁରେ ଅବ୍ରାମ ପରମେଶ୍ୱରଙ୍କଠାରେ ମଥାନତ କଲେ।
ପରମେଶ୍ୱର ତାଙ୍କୁ କହିଲେ, 4"ଏହା ହେଉଛି ତୁମ ସହିତ
ମୋର ଚୁକ୍ତିର ଏକ ଅଂଶ। ମୁଁ ତୁମ୍ଭକୁ ବହୁଜାତିର ପିତା
କରିବି। 5ମୁଁ ତୁମ୍ଭର ନାମ ପରିବର୍ତ୍ତନ କରିଦେବି। ତୁମ୍ଭର
ନାମ ଅବ୍ରାମ ରହିବ ନାହିଁ। ତୁମ୍ଭର ନାମ ଅବ୍ରହାମ ରହିବ।
ମୁଁ ତୁମ୍ଭକୁ ଏପରି ନାମ ଦେବି କାରଣ ମୁଁ ତୁମ୍ଭକୁ ଅନେକ
ଜାତିଗଣର ଜନକ କରିବି। 6ଆମ୍ଭେ ତୁମ୍ଭକୁ ବହୁତ ବଂଶଧର
କରିବୁ। ନୂଆ ଜାତି ଓ ନୂତନ ରାଜା ତୁମ୍ଭଠାରୁ ସୃଷ୍ଟି
ହେବେ। 7ମୁଁ ତୁମ୍ଭ ସହିତ ଏକ ଚୁକ୍ତି କରିବି। ସେହି ଚୁକ୍ତି
ମଧ୍ୟ ତୁମ୍ଭର ବଂଶଧରମାନଙ୍କ ପାଇଁ ହେବ। ଏହି ଚୁକ୍ତି
ଅନନ୍ତକାଳସ୍ଥାୟୀ ହେବ। ତହିଁରେ ମୁଁ ତୁମ୍ଭର ଓ ତୁମ୍ଭ
ଭବିଷ୍ୟଦ୍ ବଂଶଧରମାନଙ୍କର ପରମେଶ୍ୱର ହେବି। 8ବର୍ତ୍ତମାନ
ତୁମ୍ଭେ ଯେଉଁ ଦେଶରେ ଅସ୍ଥାୟୀ ଭାବରେ ବାସ କରୁଅଛ
ତାହା ଚିରଦିନ ପାଇଁ ତୁମ୍ଭର ହେବ। ମୁଁ ତୁମ୍ଭକୁ ଏବଂ ତୁମ୍ଭ
ଭବିଷ୍ୟତ ବଂଶଧରମାନଙ୍କୁ କିଣାନର ସମଗ୍ର ଦେଶ ଚିରକାଳ
ପାଇଁ ଦେବି ଏବଂ ମୁଁ ସେମାନଙ୍କର ପରମେଶ୍ୱର ହେବି।"

9ଏବଂ ପରମେଶ୍ୱର ଅବ୍ରହାମଙ୍କୁ କହିଲେ, "ବର୍ତ୍ତମାନ
ଏହା ତୁମ୍ଭର ଚୁକ୍ତିର ଏକ ଅଂଶ। ତୁମ୍ଭେ ତୁମ୍ଭର ବଂଶ ଆମ୍ଭର
ଚୁକ୍ତିକୁ ମାନି ଚଳିବ। 10ଏହି ଚୁକ୍ତିକୁ ତୁମ୍ଭେମାନେ ନିଶ୍ଚୟ
ପାଳନ କରିବ। ଏହା ହେଉଛି ତୁମ୍ଭ ଓ ମୋ ମଧ୍ୟରେ ଚୁକ୍ତି
ଏବଂ ଏହା ମଧ୍ୟ ତୁମ୍ଭର ବଂଶଧରମାନଙ୍କ ପାଇଁ। ତାହା ଏହି
ପ୍ରତ୍ୟେକ ଜନ୍ମ ହେବା ପୁରୁଷକୁ ନିଶ୍ଚୟ ସୁନ୍ନତ କରାଯିବା।
11ତୁମ୍ଭେମାନେ ନିଶ୍ଚୟ ସୁନ୍ନତ* ହେବ। ଏହା ତୁମ୍ଭମାନଙ୍କର
ନିୟମର ଚିହ୍ନ ହେବ। 12ତୁମ୍ଭର ପୁତ୍ରମାନଙ୍କୁ ଯେତେବେଳେ
ଆଠଦିନ ହେବ, ତୁମ୍ଭେ ସେତେବେଳେ ସେମାନଙ୍କୁ ସୁନ୍ନତ
କରିବ। ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ଦାସମାନଙ୍କର, ତୁମ୍ଭର
ଘରେ ଯେଉଁମାନେ ଜନ୍ମ ହୋଇଛନ୍ତି, ଯେଉଁମାନେ ବିଦେଶରୁ
କିଣା ଯାଇଅଛନ୍ତି, ସମସ୍ତ ପୁତ୍ରଗଣଙ୍କୁ ସୁନ୍ନତ କରାଯିବ।
13ସେଥିପାଇଁ ତୁମ୍ଭର ସମସ୍ତ ପୁରୁଷ ସେବକଗଣ ନିଶ୍ଚୟ
ସୁନ୍ନତ ହେବେ ଓ ତୁମ୍ଭମାନଙ୍କର ଶରୀରରେ, ଚୁକ୍ତି ହିସାବରେ
ମୋର ଚିରନ୍ତନ ଚିହ୍ନ ରହିବ। 14ଯେଉଁ ମନୁଷ୍ୟମାନଙ୍କର
ସୁନ୍ନତ ହୋଇନାହିଁ, ସେମାନଙ୍କୁ ତା'ର ଲୋକମାନଙ୍କଠାରୁ
ବାସନ୍ଦ କରାଯିବ। କାହିଁକି? କାରଣ ସେ ମୋର ଚୁକ୍ତି ଭଙ୍ଗ
କରିଛି।"

## ଇସ୍ହାକ-ପ୍ରତିଜ୍ଞାର ପୁତ୍ର

15ପରମେଶ୍ୱର ଅବ୍ରହାମଙ୍କୁ କହିଲେ, "ମୁଁ ତୁମ୍ଭ ସ୍ତ୍ରୀ
ସାରୀର ଏକ ନୂତନ ନାମକରଣ କରିବି। ତାଙ୍କର ନୂତନ
ନାମ ସାରା ହେବ। 16ମୁଁ ତାଙ୍କୁ ଆଶୀର୍ବାଦ କରିବି। ମୁଁ
ତାଙ୍କ କୋଳରେ ଏକ ପୁତ୍ର ଦେବି। ଏବଂ ତୁମ୍ଭେ ତା'ର ପିତା
ହେବ। ସେ ବହୁ ଜାତିର ଆଦିମାତା ହେବ। ଜାତିଗଣର
ରାଜାମାନେ ତାଙ୍କଠାରୁ ଜନ୍ମ ନେବେ।"

17ଅବ୍ରାମ ମୁହଁ ତଳକୁ କରି ଭୂମିରେ ପଡିଲେ ଓ
ହସିଲେ। ସେ ନିଜକୁ କହିଲେ, "କଣ ଜଣେ 100 ବର୍ଷର
ଲୋକ କୌଣସି ସ୍ତ୍ରୀକୁ ଗର୍ଭବତୀ କରାଇପାରିବ? କ'ଣ ସାରା
ନବେ ବର୍ଷରେ ପିଲା ଧାରଣ କରିପାରିବ?"

18ଏହାପରେ ଅବ୍ରହାମ ପରମେଶ୍ୱରଙ୍କୁ କହିଲେ, "ମୁଁ
ଇଚ୍ଛାକରୁଛି ଯେ, ତୁମ୍ଭେ ଇଶ୍ମାୟେଲକୁ ଅନୁଗ୍ରହ କରିବ।"

19ପରମେଶ୍ୱର କହିଲେ, "ନାଁ ମୁଁ କହିଲି, ତୁମ୍ଭର ସ୍ତ୍ରୀ
ସାରା, ପୁତ୍ର ଜନ୍ମ କରିବ। ତୁମ୍ଭେ ତା'ର ନାମ ଇସ୍ହାକ
ରଖିବ। ମୁଁ ତାଙ୍କ ସହିତ ଚୁକ୍ତି କରିବି। ସେହି ଚୁକ୍ତି ତୁମ୍ଭର
ବଂଶଧରମାନଙ୍କ ପାଇଁ ଚିରକାଳସ୍ଥାୟୀ ହେବ।

20"ମୁଁ ଇଶ୍ମାୟେଲ ବିଷୟରେ ତୁମ୍ଭର ଅନୁରୋଧ ଶୁଣିଛି।
ମୁଁ ତାଙ୍କୁ ଆଶୀର୍ବାଦ କରିବି। ତା'ର ବହୁସନ୍ତାନ ଜନ୍ମ
ହେବେ। ତାହାଠାରୁ ବାରଜଣ ଅଧିପତି ଜନ୍ମ ନେବେ ତାଙ୍କର
ପରିବାର ଏକ ବରିଷ୍ଠ ଜାତି ହେବ। 21କିନ୍ତୁ ମୋର ଚୁକ୍ତି
ଇସ୍ହାକ ସହିତ ହେବ। ସାରା ଇସ୍ହାକକୁ ଜନ୍ମ ଦେବ।
ଆସନ୍ତା ବର୍ଷ ଏହି ସମୟରେ ଇସ୍ହାକ ଜନ୍ମ ନେବ।"

22ପରମେଶ୍ୱର ଅବ୍ରହାମଙ୍କ ସହିତ କଥା ହୋଇ
ସାରିବାପରେ ସ୍ୱର୍ଗକୁ ଚାଲି ଗଲେ। 23ତା'ପରେ ଠିକ୍
ସେହିଦିନ ଅବ୍ରହାମ ଇଶ୍ମାୟେଲ ଓ ତାଙ୍କର ସମସ୍ତ ସେବକଗଣଙ୍କୁ
ଏବଂ ଦାସଗଣଙ୍କୁ ଏକତ୍ରିତ କଲେ। ଅବ୍ରହାମ ମଧ୍ୟ
କ୍ରିତଦାସମାନଙ୍କୁ ଏକତ୍ରିତ କଲେ। ଅବ୍ରହାମ ପରିବାରର ସମସ୍ତ
ପୁରୁଷଗଣ ଏକତ୍ରିତ ହେଲେ। ଏବଂ ସମସ୍ତେ ସୁନ୍ନତ ହେଲେ।
ପରମେଶ୍ୱରଙ୍କ ବାକ୍ୟାନୁସାରେ ଅବ୍ରହାମ ସେମାନଙ୍କୁ ସୁନ୍ନତ
କରାଇଲେ।

24ଅବ୍ରହାମ ଅନେଶ୍ୱତ ବର୍ଷ ବୟସରେ ସୁନ୍ନତ ହେଲେ।
25ଇଶ୍ମାୟେଲଙ୍କୁ ଯେତେବେଳେ ତେର ବର୍ଷ ବୟସ ହୋଇଥିଲା
ସେତେବେଳେ ସେ ସୁନ୍ନତ ହେଲେ। 26ଅବ୍ରହାମ ଏବଂ
ତାଙ୍କର ପୁତ୍ର ଇଶ୍ମାୟେଲ ସେହି ଗୋଟିଏ ଦିନରେ ସୁନ୍ନତ
ହେଲେ। 27ଯଦିଓ ଅବ୍ରହାମ ପରିବାର ସମସ୍ତ ଲୋକ
ସେଦିନ ସୁନ୍ନତ ହେଲେ। ସମସ୍ତ ଦାସ ଏବଂ କ୍ରିତଦାସମାନେ
ମଧ୍ୟ ସୁନ୍ନତ ହେଲେ।

## ତିନି ପରିଦର୍ଶକ

18 ଏହାପରେ, ପୁନର୍ବାର ସଦାପ୍ରଭୁ ଅବ୍ରହାମଙ୍କୁ ମମ୍ରିର
ଆଲୋନ ବୃକ୍ଷ ନିକଟରେ ଦେଖାଦେଲେ। ମଧ୍ୟାହ୍ନ
ସମୟରେ ଅବ୍ରହାମ ତାଙ୍କର ତମ୍ବୁର ଦ୍ୱାର ଦେଶରେ
ବସିଥିଲେ। 2ଅବ୍ରହାମ ଦେଖିଲେ ତିନିଜଣ ଲୋକ ତାଙ୍କ
ସମ୍ମୁଖରେ ଛିଡ଼ା ହୋଇଥିଲେ। ଅବ୍ରହାମ ଏହା ଦେଖିବାପରେ
ସେମାନଙ୍କ ପାଖକୁ ଧାଇଁଗଲେ ଓ ଭୂମିଷ୍ଠ ହୋଇ। 3ଅବ୍ରହାମ
କହିଲେ, "ମହାଶୟଗଣ, ଯଦି ତୁମ୍ଭେମାନେ ମୋ ଉପରେ
ସନ୍ତୁଷ୍ଟ ଦୟାକରି ତୁମ୍ଭର ଦାସ ନିକଟରେ କିଛି କ୍ଷଣ ରୁହ।
4ମୁଁ କିଛି ଜଳରେ ଆପଣମାନଙ୍କୁ ପଦଧୌତ କରିବି ଓ
ଆପଣମାନେ ଏହି ବୃକ୍ଷ ମୂଳରେ ଟିକେ ବିଶ୍ରାମ କରନ୍ତୁ। 5ମୁଁ
ତୁମ୍ଭକୁ ତୃପ୍ତ କରିବା ପାଇଁ କିଛି ଖାଦ୍ୟ ଦେବି। ତା'ପରେ
ତୁମ୍ଭେ ତୁମ୍ଭର ଯାତ୍ରା କରିବ।"

**ସୁନ୍ନତ** ଲିଙ୍ଗାଗ୍ର ଚର୍ମ ଛେଦନ କରିବା।

ସେହି ତିନି ଜଣ କହିଲେ, "ତାହା ଉତ୍ତମ, ଯାହା କହିଲ ତାହା କର।"

6ଅବ୍ରହାମ ଶିଘ୍ର ତମ୍ବୁ ଭିତରକୁ ପ୍ରବେଶ କରି ସାରାକୁ କହିଲେ, "ତିନି ସେର ଉତ୍ତମ ମଇଦା ନେଇ ଛାଣି ଶିଘ୍ର ରୋଟି ପ୍ରସ୍ତୁତ କର।" 7ଏହାପରେ ଅବ୍ରହାମ ଗୁହାଳକୁ ଦୌଡ଼ିଗଲା। ଅବ୍ରହାମ ତାଙ୍କର ଏକ ସୁନ୍ଦର ବାଛୁରି ଆଣିଲେ। ଓ ତାଙ୍କର ଦାସକୁ ନିର୍ଦ୍ଦେଶ ଦେଲେ, ଶିଘ୍ର ଏହାକୁ ଖାଦ୍ୟ ପ୍ରସ୍ତୁତ କର। 8ଅବ୍ରହାମ କିଛି ରନ୍ଧା ମାଂସ, କିଛି ରୋଟି, ଦୁଗ୍ଧ, କିଛି ଛେନା ଆଣି ସେହି ତିନି ଲୋକଙ୍କ ସମ୍ମୁଖରେ ରଖିଲେ। ଅବ୍ରହାମ ତାଙ୍କ ନିକଟରେ ଛିଡ଼ାହୋଇ ଖାଇବାକୁ ନିବେଦନ କଲେ। ସେମାନେ ସେହି ବୃକ୍ଷ ମୂଳେ ତାହା ଭୋଜନ କଲେ।

9ଏହାପରେ ସେହି ଲୋକମାନେ ପଚାରିଲେ, "ତୁମ୍ଭର ସ୍ତ୍ରୀ ସାରା କେଉଁଠାରେ?"

ଅବ୍ରହାମ ଉତ୍ତର ଦେଲା, "ସେ ଏହି ତମ୍ବୁରେ ଅଛି।"

10ତହୁଁ ସେ କହିଲେ, "ବସନ୍ତ ସମୟରେ ଆମ୍ଭେ ପୁନର୍ବାର ତୁମ୍ଭ ତମ୍ବୁକୁ ଆସିବୁ। ଏହି ସମୟରେ ତୁମ୍ଭ ସ୍ତ୍ରୀ ଏକ ପୁତ୍ର ସନ୍ତାନ ଜନ୍ମ ଦେବ।"

ସାରା ତମ୍ବୁରେ ରହି ଏହିକଥା ଶୁଣୁଥିଲେ। 11ବର୍ତ୍ତମାନ ଅବ୍ରହାମ ଓ ସାରା ବହୁତ ବୃଦ୍ଧ ହେଲେ। ସାରାର ପିଲାଜନ୍ମ କରିବା ବୟସ ଅତିକ୍ରମ ହୋଇଥିଲା। 12ତେଣୁ ସାରା ଶୁଣିଥିବା କଥାକୁ ବିଶ୍ୱାସ କରିପାରିଲା ନାହିଁ। ସେ ନିଜକୁ ନିଜେ ହସିଲା ଏବଂ କହିଲେ, "ମୁଁ ଏବଂ ମୋର ସ୍ୱାମୀ ବାର୍ଦ୍ଧକ୍ୟରେ ଉପନୀତ। ପିଲା ଜନ୍ମ କରିବା ପାଇଁ, ଆମ୍ଭେ ବହୁତ ବୁଢା ବୁଢ଼ି ହୋଇଯାଇଛୁ।"

13ଏହାପରେ ସଦାପ୍ରଭୁ ଅବ୍ରହାମଙ୍କୁ କହିଲେ, "ସାରା ହସି କହୁଛି ସେ ପିଲା ଜନ୍ମ କରିବା ପାଇଁ ବେଶି ବୁଢ଼ି ହୋଇଯାଇଛି। 14ସଦାପ୍ରଭୁଙ୍କ ପାଇଁ କ'ଣ କିଛି କଷ୍ଟସାଧ୍ୟ? ନାଁ! ମୁଁ ନିଶ୍ଚିତ ଏହି ବସନ୍ତରେ ପୁନର୍ବାର ଏଠାକୁ ଆସିବି, ମୁଁ କହୁଛି ପୁନର୍ବାର ଆସିବି। ଏବଂ ତୁମ୍ଭର ସ୍ତ୍ରୀ ସାରା ଏକ ପୁତ୍ରସନ୍ତାନ ଜନ୍ମ ଦେବ।"

15କିନ୍ତୁ ସାରା ଅସ୍ୱୀକାର କରି କହିଲା, "ମୁଁ ହସି ନ ଥିଲି!" ସେହିପରି ଭୟରେ କହିଥିଲି।

କିନ୍ତୁ ସଦାପ୍ରଭୁ କହିଲେ, "ମୁଁ ଜାଣେ ଏହା ସତ୍ୟ ନୁହେଁ। ତୁମ୍ଭେ ହସିଥିଲ!"

16ଏହାପରେ ସେହି ତିନିଜଣ ଯିବା ପାଇଁ ଉଠିଲେ, ସେମାନେ ସଦୋମ ଆଡ଼େ ମୁହାଁଇଲେ। ଏବଂ ସେମାନେ ସେହି ବାଟେ ଯିବାକୁ ଆରମ୍ଭ କଲେ। ଅବ୍ରହାମ ତାଙ୍କୁ ବାଟେଇ ଦେଲେ।

## ଅବ୍ରହାମଙ୍କ ମୂଲଚୂଲ

17ସଦାପ୍ରଭୁ ନିଜକୁ ନିଜେ କହିଲେ, "ମୁଁ ଯାହା କରିବାକୁ ଉଦ୍ୟତ ଅଛେ, ତାହା କ'ଣ ଅବ୍ରହାମକୁ କହିବି? 18ଅବ୍ରହାମଠାରୁ ଏକ ମହାନ ଓ ବଳଶାଳୀ ଗୋଷ୍ଠୀ ଉତ୍ପନ୍ନ ହେବ ଓ ପୃଥିବୀର ଯାବତୀୟ ଗୋଷ୍ଠୀ ତାହାଠାରୁ ଆଶୀର୍ବାଦ ପ୍ରାପ୍ତ ହେବେ। 19ମୁଁ ତାଙ୍କୁ ମନୋନୀତ କରିଛି। ମୁଁ ଏପରି କଲି, ସେଥିପାଇଁ ସେ ତାଙ୍କର ପିଲାମାନଙ୍କୁ ଓ ବଂଶଧରଙ୍କୁ ନିର୍ଦ୍ଦେଶ ଦେବେ, ଯେଉଁପରି ଭାବରେ ମୁଁ ସେମାନଙ୍କୁ ଜୀବନଧାରଣ କରିବାକୁ ଏବଂ ଯାହା ନ୍ୟାଯ୍ୟ ଓ ଯଥାର୍ଥ ତାହା କରିବାକୁ ଚାହେଁ। ତା'ପରେ ମୁଁ ସଦାପ୍ରଭୁ, ଯାହା ମୁଁ ପ୍ରତିଜ୍ଞା କଲି ତାହା ମୁଁ କରିବି।"

20ଏହାପରେ ସଦାପ୍ରଭୁ କହିଲେ, "ମୁଁ ଅନେକ ଅଭିଯୋଗ ଶୁଣିଅଛି, ସଦୋମ ଓ ଗୋମରର ଲୋକମାନଙ୍କ ବିରୁଦ୍ଧରେ, ସେମାନେ ବହୁତ ପାପ କରିଛନ୍ତି। 21ତେଣୁ ମୁଁ ସେଠାକୁ ଯିବି ଏବଂ ଦେଖିବି, ଯଦି ସେମାନେ ସେପରି କରିଅଛନ୍ତି, ଯାହା ମୁଁ ଶୁଣିଛି। ଯଦି ନାହିଁ, ମୁଁ ଜାଣିବାକୁ ଚାହେଁ।"

22ଦୁଇ ଜଣ ଲୋକ ସଦୋମ ଆଡ଼କୁ ଗଲେ, ଯେତେବେଳେ ସଦାପ୍ରଭୁ ଅବ୍ରାହମଙ୍କ ସହିତ ରହିଲେ। 23ଏହାପରେ ଅବ୍ରହାମ ସଦାପ୍ରଭୁଙ୍କର ନିକଟବର୍ତ୍ତୀ ହେଲେ ଏବଂ କହିଲେ, "ହେ ସଦାପ୍ରଭୁ, ଆପଣ କ'ଣ ନିରୀହ ଲୋକମାନଙ୍କୁ ଦୁଷ୍ଟ ଲୋକଙ୍କ ସହିତ ଧ୍ୱଂସ କରିବା ପାଇଁ ଯୋଜନା କରିଅଛନ୍ତି?" 24ଯଦି ପଚାଶ ଜଣ ଧାର୍ମିକଲୋକ ସେହି ନଗରରେ ଥାନ୍ତି, ତୁମ୍ଭେ କ'ଣ କରିବ? ତୁମ୍ଭେ କ'ଣ ସମ୍ପୂର୍ଣ୍ଣ ରୂପେ ସେହି ଦେଶକୁ ଧ୍ୱଂସ କରିବ? ପଚାଶ ଜଣ ଧାର୍ମିକଙ୍କ ସକାଶେ କି ସେହି ସ୍ଥାନ ରକ୍ଷା ନକରି ସଂହାର କରିବେ? 25ନିଶ୍ଚୟ ତୁମ୍ଭେ ଭଲ ଲୋକଙ୍କୁ ଦୁଷ୍ଟ ଲୋକଙ୍କ ସହିତ ଧ୍ୱଂସ କରିବ ନାହିଁ। ଯଦି ଏହା ହୁଏ, ତେବେ ଦୁଷ୍ଟ ଓ ଧାର୍ମିକ ଲୋକ ସମାନ ଭାବରେ ଗଣାଯିବେ। କି ସାରା ପୃଥିବୀର ବିଚାରକର୍ତ୍ତା ଯାହା ନ୍ୟାଯ୍ୟ, ତାହା କରିବେ ନାହିଁ।"

26ଏହାପରେ ସଦାପ୍ରଭୁ କହିଲେ, "ମୁଁ ଯଦି ପଚାଶ ଜଣ ଭଲ ବ୍ୟକ୍ତି ସଦୋମରେ ଦେଖିବି, ମୁଁ ସେହି ସହରକୁ ଧ୍ୱଂସ କରିବ ନାହିଁ।"

27ଏହାପରେ ଅବ୍ରହାମ କହିଲେ, "ସଦାପ୍ରଭୁ ତୁମ୍ଭ ତୁଳନାରେ ମୁଁ କେବଳ ଧୂଳି ଓ ପାଉଁଶ। କିନ୍ତୁ ମୋତେ କ୍ଷମା କର ମୁଁ ଏତେ ସାହାସୀ ହୋଇ ଆଉ ଏକ ପ୍ରଶ୍ନ ପଚାରୁଅଛି। 28ହୋଇପାରେ ସେହି ପଚାଶ ଜଣଙ୍କ ମଧ୍ୟରୁ ପାଞ୍ଚଜଣ ଉଣା ହୋଇପାରନ୍ତି, ତୁମ୍ଭେ କ'ଣ ଏହି ପାଞ୍ଚଜଣଙ୍କ କାରଣରୁ ସେହି ସହରକୁ ଧ୍ୱଂସ କରିବେ କି?"

ସଦାପ୍ରଭୁ କହିଲେ, "ଯଦି ମୁଁ ସେଠାରେ ପଇଁଚାଳିଶ ଜଣ ଧାର୍ମିକଲୋକ ଦେଖେ ତେବେ ସେ ନଗରକୁ ଧ୍ୱଂସ କରିବ ନାହିଁ।"

29ଅବ୍ରହାମ ପୁଣି କହିଲେ, "ତୁମ୍ଭେ ଯଦି ସେଠାରେ ଚାଳିଶ ଜଣ ଉତ୍ତମ ଲୋକ ଦେଖ ତେବେ କ'ଣ ତୁମ୍ଭେ ନଗରଟିକୁ ଧ୍ୱଂସ କରିବ?"

ସଦାପ୍ରଭୁ ଉତ୍ତର ଦେଲେ, "ଯଦି ମୁଁ ସେଠାରେ ଚାଳିଶ ଜଣ ଧାର୍ମିକଲୋକ ଦେଖେ ତେବେ ମୁଁ ସେହି ନଗରକୁ ଧ୍ୱଂସ କରିବ ନାହିଁ।"

30ଏହାପରେ ଅବ୍ରହାମ କହିଲେ, "ହେ ସଦାପ୍ରଭୁ ମୋ ପ୍ରତି କ୍ରୋଧ କରନ୍ତୁ ନାହିଁ। ତୁମ୍ଭକୁ ଏହି କଥା ପଚାରିବାକୁ ଦିଅ। ଯଦି ତିରିଶ ଜଣ ଧାର୍ମିକଲୋକ ଥାନ୍ତି ତେବେ କ'ଣ ସେହି ନଗର ଧ୍ୱଂସ କରିବେ?"

ସଦାପ୍ରଭୁ ଉତ୍ତର ଦେଲେ, "ଯଦି ମୁଁ ତିରିଶଜଣ ଧାର୍ମିକଲୋକ ପାଏ। ତେବେ ମୁଁ ସେହି ନଗର ଧ୍ୱଂସ କରିବ ନାହିଁ।"

31ଏହାପରେ ଅବ୍ରହାମ କହିଲେ, "ମୁଁ ତୁମ୍ଭଙ୍କୁ କଷ୍ଟ
ଦେଇ ପୁନର୍ବାର ପଚାରିବି କି। ଯଦି କୋଡ଼ିଏ ଜଣ ଧାର୍ମିକ
ଲୋକ ଥାନ୍ତି। ତେବେ କ'ଣ ତୁମ୍ଭେ ନଗରକୁ ଧ୍ୱଂସ
କରିବ?"

ସଦାପ୍ରଭୁ ଉତ୍ତର ଦେଲେ, "ଯଦି କୋଡ଼ିଏ ଜଣ ଧାର୍ମିକଲୋକ
ଥାନ୍ତି ତେବେ ମୁଁ ନଗରକୁ ଧ୍ୱଂସ କରିବି ନାହିଁ।"

32ଏହାପରେ ଅବ୍ରହାମ କହିଲେ, "ସଦାପ୍ରଭୁ ମୋ ଉପରେ
କ୍ରୋଧ କରନ୍ତୁ ନାହିଁ। ମୋତେ ଶେଷ ଥର ପାଇଁ ଅନୁମତି
ମିଳୁ। ଯଦି ତୁମ୍ଭେ ସେଠାରେ ଦଶଜଣ ଉତ୍ତମ ଲୋକ ଦେଖ
ତେବେ କ'ଣ ତୁମ୍ଭେ ଏପରି କରିବ?"

ସଦାପ୍ରଭୁ କହିଲେ, "ଯଦି ଦଶଜଣ ଉତ୍ତମ ଲୋକଥାନ୍ତି
ତେବେ ସେହି ସହରକୁ ବିନଷ୍ଟ କରିବି ନାହିଁ।"

33ସଦାପ୍ରଭୁ ଅବ୍ରହାମଙ୍କ ସହିତ କଥା ଶେଷ କଲାପରେ,
ସଦାପ୍ରଭୁ ସେଠାରୁ ବିଦାୟ ନେଲେ ଓ ଏହାପରେ ଅବ୍ରହାମ
ତାଙ୍କ ତମ୍ବୁକୁ ଫେରିଲେ।

## ଲୋଟର ପରିଦର୍ଶକମାନେ

19 ସେହି ସଂଧ୍ୟାରେ ଦୁଇଜଣ ସ୍ୱର୍ଗଦୂତ ସଦୋମରେ
ଉପସ୍ଥିତ ହେଲେ। ସେହି ସମୟରେ ଲୋଟ ନଗରଦ୍ୱାର
ଫାଟକ ନିକଟରେ ବସିଥିଲେ। ସେ ଯେତେବେଳେ ସ୍ୱର୍ଗଦୂତଙ୍କୁ
ଦେଖିଲେ, ସେ ଉଠିଲେ ଏବଂ ତାଙ୍କୁ ସାକ୍ଷାତ କରିବାକୁ
ଗଲେ। ସେ ଭକ୍ତିଭାବରେ ସେମାନଙ୍କୁ ପ୍ରଣାମ କଲେ।
2ଲୋଟ ସେମାନଙ୍କୁ କହିଲେ, "ହେ ମହାଶୟଗଣ ମୋର
ଗୃହକୁ ଆସିବା ହେଉ ଏବଂ ମୁଁ ତୁମ୍ଭମାନଙ୍କର ସେବା କରିବି।
ଆପଣମାନେ ପାଦ ଧୋଇ ମୋର ଗୃହକୁ ଆସନ୍ତୁ ଏବଂ
ଏହିଠାରେ ରାତ୍ରିଯାପନ କରନ୍ତୁ। ଏହାପରେ ଆସନ୍ତାକାଲି
ତୁମ୍ଭେମାନେ ଶିଘ୍ର ଉଠିବ ଏବଂ ତୁମ୍ଭ ଯାତ୍ରା ଚାଲୁ ରଖିବ।"

ସ୍ୱର୍ଗଦୂତମାନେ ଉତ୍ତର ଦେଲେ, "ନାଁ, ଆମ୍ଭେମାନେ ଏହି
ନଗର ଚୌରାହାରେ ସମସ୍ତ ରାତ୍ରି ଯାପନ କରିବୁ।"

3କିନ୍ତୁ ଲୋଟ ସେମାନଙ୍କୁ ତାଙ୍କର ଗୃହକୁ ଯିବା ପାଇଁ
ବାରମ୍ବାର ଅନୁରୋଧ କଲେ। ତେଣୁ ସ୍ୱର୍ଗଦୂତଗଣ ତାଙ୍କ
ଗୃହକୁ ଯିବା ପାଇଁ ରାଜି ହେଲେ। ଲୋଟ ସେମାନଙ୍କୁ କିଛି
ଦ୍ରାକ୍ଷାରସ ପିଇବାକୁ ଦେଲେ। ଲୋଟ ସେମାନଙ୍କ ପାଇଁ କିଛି
ଖମୀର ଶୂନ୍ୟ ରୋଟୀ ପ୍ରସ୍ତୁତ କଲେ ଓ ସେମାନେ ତାହା
ଗ୍ରହଣ କଲେ।

4ସେହି ଦୁଇଜଣ ଅତିଥି ବିଛଣାକୁ ଯିବା ପୂର୍ବରୁ, ସଦୋମର
ସମସ୍ତ ଲୋକ ଯୁବା ଏବଂ ବୃଦ୍ଧ, ପ୍ରତ୍ୟେକ ଜଣ କୌଣସି
ବ୍ୟତିକ୍ରମ ନଥାଇ ଆସିଲେ ଏବଂ ଲୋଟଙ୍କ ଘରକୁ ଘେରିଗଲେ।
ତା'ପରେ ସେମାନେ ଲୋଟଙ୍କୁ ଚିତ୍କାର କରି କହିଲେ,
5"ଆଜି ରାତ୍ରରେ ଯେଉଁ ଦୁଇଜଣ ମନୁଷ୍ୟ ତୁମ୍ଭଘରକୁ
ଆସିଥିଲେ ସେମାନେ କାହାନ୍ତି? ସେମାନଙ୍କୁ ବାହାରକୁ ଆଣ
ଆମ୍ଭେମାନେ ତାଙ୍କ ସହିତ ଯୌନ ସମ୍ପର୍କ କରିବା।"

6ଲୋଟ ବାହାରକୁ ଗଲା ଓ ଦ୍ୱାର ବନ୍ଦ କରି ଦେଲା।
7ଲୋଟ ସେମାନଙ୍କୁ କହିଲା, "ନା! ଭାଇମାନେ ମୁଁ ତୁମ୍ଭଙ୍କୁ
ବିନୟ କରୁଅଛି, ଏପରି କୁକାର୍ଯ୍ୟ କର ନାହିଁ। 8ଦେଖ,
ମୋର ଦୁଇଟି କୁମାରୀ କନ୍ୟା ଅଛନ୍ତି। ମୁଁ ସେମାନଙ୍କୁ ତୁମ୍ଭ
ସମ୍ମୁଖକୁ ଆଣୁଛି। ତୁମ୍ଭେମାନେ ଯାହା ଇଚ୍ଛା ସେମାନଙ୍କ ପ୍ରତି
କର। କିନ୍ତୁ ସେହି ଲୋକମାନଙ୍କୁ କିଛି କର ନାହିଁ।
ସେମାନେ ମୋ ଗୃହରେ ଅତିଥି ଥିବାରୁ ମୁଁ ସେମାନଙ୍କୁ
ସୁରକ୍ଷା ଦେବି।"

9ଘରକୁ ଘେରି ରହିଥିବା ଲୋକମାନେ ଲୋଟଙ୍କୁ କହିଲେ,
"ଏହିଠାରୁ ଆସ!" ଏହାପରେ ପରସ୍ପରକୁ କହିଲେ, "ଏହି
ଲୋଟ, ଆମ ସହରରେ ଏକ ଭ୍ରମଣକାରୀ। ବର୍ତ୍ତମାନ ସେ
ଆମ୍ଭର ଜୀବନ ଶୈଳୀକୁ ସମାଲୋଚନା କରିବାକୁ ସାହାସ
କରୁଛି!" ତା'ପରେ ସେହି ଲୋକମାନେ ସେମାନଙ୍କର ଲୋଟକୁ
କହିଲେ, "ଆମ୍ଭେମାନେ ସେମାନଙ୍କୁ ଯେତିକି ଆଘାତ କରିବା
ପାଇଁ ଯୋଜନା କରିଛୁ ତା' ଅପେକ୍ଷା ଆମ୍ଭେ ତୁମ୍ଭକୁ ଅଧିକ
ଆଘାତ କରିବୁ। ସେମାନେ ସେମାନଙ୍କର କଥାରେ ତା'
ଉପରେ ଚାପ ପକାଇଲେ।" ଏହାପରେ ସେମାନେ ଅତି
ନିକଟତର ହେବାକୁ ଲାଗିଲେ ଓ କବାଟ ଭାଙ୍ଗିବାକୁ ଉଦ୍ୟତ
ହେଲେ।

10ମାତ୍ର ସେହି ଦୁଇଜଣ ଲୋକ ହାତ ବଢ଼ାଇ ଲୋଟକୁ
ଭିତରକୁ ନେଇ କବାଟ ବନ୍ଦ କରିଦେଲେ। 11ତା'ପରେ
ବାହାରେ ଥିବା ସମସ୍ତ ଲୋକ ବୃଦ୍ଧ ଓ ଯୁବା ଅନ୍ଧ
ହୋଇଗଲେ। ତେଣୁ ସେଇ ଲୋକମାନେ ଘରର ଫାଟକ
ପାଇଲେ ନାହିଁ।

## ସେମାନେ ସଦୋମରୁ ପଳାୟନ କଲେ

12ସେହି ଦୁଇ ଜଣ ଲୋଟଙ୍କୁ କହିଲେ, "ତୁମ୍ଭ ପରିବାରର
ଅନ୍ୟ କୌଣସି ଲୋକ ଏହି ସହରରେ ବାସ କରୁଛନ୍ତି କି?
ତୁମ୍ଭର ଆଉ ପୁଅ, ଝିଅ, ଜ୍ୱାଇଁ ଅଛନ୍ତି କି? ତେବେ ଶିଘ୍ର ଏ
ସ୍ଥାନ ପରିତ୍ୟାଗ କରିବା ପାଇଁ ତାଙ୍କୁ କୁହନ୍ତୁ। 13ଆମ୍ଭେ
ବର୍ତ୍ତମାନ ଏହି ସହରକୁ ଧ୍ୱଂସ କରିବାକୁ ଯାଉଛୁ। ସଦାପ୍ରଭୁ
ପରମେଶ୍ୱର ଜାଣନ୍ତି ଏହି ଦେଶ କେତେ ଖରାପ ଏବଂ ଏହି
ନଗର ଧ୍ୱଂସ କରିବା ପାଇଁ ଆମ୍ଭକୁ ପଠାଇଛନ୍ତି।"

14ତେଣୁ ଲୋଟ ବାହାରକୁ ଯାଇ ତାଙ୍କର ଜ୍ୱାଇଁଙ୍କୁ
କହିଲା, "ଶିଘ୍ର ଏ ସହର ପରିତ୍ୟାଗ କର! ପରମେଶ୍ୱର
ଖୁବଶିଘ୍ର ଏହି ସହର ଧ୍ୱଂସ କରିବେ।" କିନ୍ତୁ ସେହି
ଲୋକମାନେ ଭାବିଲେ ଲୋଟ ସେମାନଙ୍କ ସହିତ ଥଟ୍ଟା
ହେଉଛନ୍ତି।

15ତା'ପରଦିନ ସୂର୍ଯ୍ୟୋଦୟ ପୂର୍ବରୁ ଦୂତମାନେ ଲୋଟଙ୍କୁ
ତତ୍ପର କରାଇ କହିଲେ, "ଯାଅ, ତୁମ୍ଭର ସ୍ତ୍ରୀ ଏବଂ ଦୁଇ ଝିଅ
ସହିତ ଏସ୍ଥାନ ପରିତ୍ୟାଗ କର, ଯେଉଁମାନେ ତୁମ୍ଭ ସହିତ
ରହୁଛନ୍ତି। ତାହାଲେ ତୁମ୍ଭେ ଧ୍ୱଂସ ପାଇବ ନାହିଁ, ଯେତେବେଳେ
ଏହି ନଗର ଦଣ୍ଡିତ ହେବ।"

16କିନ୍ତୁ ଲୋଟ ତାଙ୍କର ସମୟ ନେଲେ ଏବଂ ଛାଡିବାକୁ
ତତ୍ପର ହେଲେ ନାହିଁ ଧିର ଥିଲେ, ତେଣୁ ସେହି ସ୍ୱର୍ଗଦୂତଗଣ
ଲୋଟ, ତାଙ୍କ ସ୍ତ୍ରୀ ଏବଂ ତାଙ୍କର ଦୁଇ କନ୍ୟାଙ୍କର ହାତ ଧରି
ନିରାପଦସ୍ଥାନକୁ ଆଗେଇ ନେଲେ। ସଦାପ୍ରଭୁ ସେମାନଙ୍କ ପ୍ରତି
ସଦୟ ଥିଲେ। ତେଣୁ ସେହି ଦୁଇଜଣ ସ୍ୱର୍ଗଦୂତ ଲୋଟର
ପରିବାରଙ୍କୁ ନଗର ବାହାରକୁ ନେଇଗଲେ। 17ସେମାନେ
ନଗର ବାହାରକୁ ଆସିବା ମାତ୍ରେ ଜଣେ ସ୍ୱର୍ଗଦୂତ ସେମାନଙ୍କୁ
କହିଲେ, "ବର୍ତ୍ତମାନ ତୁମ୍ଭର ଜୀବନ ରକ୍ଷା ପାଇଁ ପଛକୁ ନ
ଅନାଇଁ ଶିଘ୍ର ଦୌଡ଼। ଏହି ଉପତ୍ୟକାର କୌଣସି ଜାଗାରେ

ରୁହ ନାହିଁ। ତୁମ୍ଭେ ପର୍ବତରେ ପହଞ୍ଚିବା ପର୍ଯ୍ୟନ୍ତ ଦୌଡ଼।
ଯଦି ତୁମ୍ଭେ ଅଟକି ଯାଅ ତେବେ ଏହି ନଗର ସହିତ ତୁମ୍ଭେ
ଧ୍ୱଂସ ପାଇଯିବ।"

**18**କିନ୍ତୁ ଲୋଟ ସେହି ଦୁଇଜଣ ସ୍ୱର୍ଗଦୂତଙ୍କୁ କହିଲେ,
"ହେ ମହାଶୟଗଣ, ଏପରି ନହେଉ।" **19**ତୁମ୍ଭେ ମୋତେ
ମୋର ଜୀବନକୁ ରକ୍ଷାକରି, କିଛି ସମୟ ପୂର୍ବରୁ ଆମ୍ଭଙ୍କୁ
ଅତ୍ୟନ୍ତ ଦୟା ଓ ଅନୁଗ୍ରହ ଦେଖାଇଛ। କିନ୍ତୁ ମୁଁ ପର୍ବତକୁ
ପଳାଇ ଯାଇ ନ ପାରେ। ଏହି ବିପତ୍ତି ହୁଏତ ମୋତେ ଧରି
ପକାଇବ ଓ ମାରିଦେବ। **20**ଦେଖ ଏହି ସ୍ଥାନ ନିକଟରେ
ଏକ ଛୋଟ ସହର ଅଛି। ତୁମ୍ଭେ ମୋତେ ସେହି ସ୍ଥାନକୁ
ଦୌଡ଼ି ଯିବାକୁ ଅନୁମତି ଦିଅ। ମୁଁ ସେଠାରେ ନିରାପଦରେ
ବାସ କରି ପାରିବି। ତାହା ଗୋଟିଏ ଛୋଟ ସହର ମାତ୍ର।"

**21**ସ୍ୱର୍ଗଦୂତ ଲୋଟଙ୍କୁ କହିଲେ, "ଉତ୍ତମ ଆମ୍ଭେ ତୁମ୍ଭକୁ
ଅନୁମତି ଦେଲୁ। ମୁଁ ସେହି ସହରକୁ ଧ୍ୱଂସ କରିବି ନାହିଁ।
**22**କିନ୍ତୁ ଶିଘ୍ର ସେଠାକୁ ଦୌଡ଼ିଯାଅ। କାରଣ ଯେ ପର୍ଯ୍ୟନ୍ତ
ତୁମ୍ଭେମାନେ ନିରାପଦରେ ନ ପହଞ୍ଚିଛ, ମୁଁ ସଦୋମକୁ ଧ୍ୱଂସ
କରିପାରିବି ନାହିଁ।" ସେହି ସହରର ନାମ ଥିଲା ସୋୟର
କାରଣ ଏହା ଅତି କ୍ଷୁଦ୍ର ଥିଲା।

## ସଦୋମ ଓ ହମୋରା ଧ୍ୱଂସ ହେଲା

**23**ସୂର୍ଯ୍ୟୋଦୟ ହୁଅନ୍ତେ ଲୋଟ ସୋୟରରେ ପହଞ୍ଚିଗଲେ।
**24**ଠିକ୍ ସେହି ସମୟରେ, ସଦାପ୍ରଭୁ ସଦୋମ ଏବଂ ହମୋରାକୁ
ଧ୍ୱଂସ କଲେ। ସଦାପ୍ରଭୁ ଆକାଶରୁ ସଦୋମ ଓ ହମୋରା
ଉପରେ ଗନ୍ଧକ ଓ ଅଗ୍ନି ବୃଷ୍ଟି କଲେ। **25**ସେହି ନଗରଗୁଡ଼ିକୁ,
ସମୁଦାୟ ଉପତ୍ୟକା କ୍ଷେତ୍ରଗୁଡ଼ିକ ଓ ତନ୍ମଧ୍ୟସ୍ଥ ସମସ୍ତ ଲୋକ
ଓ ସମସ୍ତ ବୃକ୍ଷଲତା ଧ୍ୱଂସ ହୋଇଗଲା।

**26**ସେହି ସମୟରେ ଲୋଟର ସ୍ତ୍ରୀ ପଛଆଡ଼କୁ ଅନାଇବାରୁ
ସେ ଲବଣ ସ୍ତମ୍ଭ ହେଲେ।

**27**ସେହିଦିନ ପ୍ରତ୍ୟୁଷରେ, ଅବ୍ରହାମ ପୂର୍ବେ ଯେଉଁ ସ୍ଥାନରେ
ଠିଆ ହୋଇ ସଦାପ୍ରଭୁଙ୍କ ସହିତ କଥା ହୋଇଥିଲେ, ସେହି
ସ୍ଥାନକୁ ଗଲେ ଓ ଦେଖିଲେ ଯେ, **28**ସଦୋମ ଓ ହମୋରା
ଓ ପ୍ରାନ୍ତରସ୍ଥ ସମସ୍ତ ଅଞ୍ଚଳକୁ ଅନାନ୍ତେ ସେହି ଦେଶରୁ
ଭାଟୀର ଧୂମତୁଲ୍ୟ ଧୂମ ଉଠିବାର ଦେଖିଲେ।

**29**ଏହିରୂପେ ସେହି ପ୍ରାନ୍ତର ସ୍ଥିତ ସମସ୍ତ ନଗରର ବିନାଶ
ସମୟରେ ପରମେଶ୍ୱର ଅବ୍ରହାମଙ୍କୁ ମନେ କଲେ। ପୁଣି
ଲୋଟ ଯେଉଁ ଯେଉଁ ନଗରରେ ବାସ କରିଥିଲେ। ସେହି
ନଗରରେ ଉତ୍ପାଟନ ସମୟରେ ସେ ଲୋଟଙ୍କୁ ତନ୍ମଧ୍ୟରୁ
ବାହାର କରୁଥିଲେ।

## ଲୋଟ ଏବଂ ତାଙ୍କର ଝିଅମାନେ

**30**ଲୋଟ ସୋୟରରେ ରହିବାକୁ ଭୟ କଲା। ତେଣୁ ସେ
ଏବଂ ତାଙ୍କର କନ୍ୟା ରହିବା ପାଇଁ ପର୍ବତକୁ ପଳାଇଲେ,
ସେମାନେ ସେଠାରେ ଏକ ଗୁମ୍ଫାରେ ବାସ କଲେ। **31**ଦିନେ
ବଡ଼ ଭଉଣୀ ତାଙ୍କର ସାନ ଭଉଣୀକୁ କହିଲା, "ଆମର ପିତା
ବୃଦ୍ଧ, ସାଧାରଣ ଭାବେ ଆମକୁ ବିବାହ କରିବା ପାଇଁ କେହି
ଜଣେ ହେଲେ ନାହାନ୍ତି। **32**ତେଣୁ ଆସ ଆମ୍ଭେ ଆମର
ପିତାଙ୍କୁ ମଦ୍ୟପାନ କରାଇବା ତାହାପରେ ଆମ୍ଭେ ତାଙ୍କ ସହିତ
ସହବାସ କରିବା, ଏହି ଉପାୟରେ ଆମ୍ଭେ ଆମର ବଂଶ ରକ୍ଷା
କରିପାରିବା।"

**33**ସେହି ରାତ୍ରିରେ ସେହି ଦୁଇଝିଅ ତାଙ୍କ ପିତାଙ୍କ
ନିକଟକୁ ଗଲେ ଏବଂ ତାଙ୍କର ପିତାଙ୍କୁ ମଦ ପିଆଇଲେ।
ଏହାପରେ ତାଙ୍କର ବଡ଼ଝିଅ ତାଙ୍କ ପିତାଙ୍କ ଶୟନ କକ୍ଷକୁ
ଗଲା ଏବଂ ତାଙ୍କ ସହିତ ସହବାସ କଲା। ଲୋଟ ପୁରାପୁରି
ମାତାଲ୍ ଥିଲା ଏବଂ ଜାଣିପାରିଲା ନାହିଁ ଯେ, ସେ କେତେବେଳେ
ତା'ର ବିଛଣାକୁ ଆସିଥିଲା ଏବଂ ସେ କେତେବେଳେ ଉଠି
କୋଠରୀରୁ ପରିତ୍ୟାଗ କଲା।

**34**ତା'ପରି ଦିନ ବଡ଼ଝିଅ ସାନ ଝିଅକୁ କହିଲା, "ଗତ
ରାତିରେ ମୁଁ ପିତାଙ୍କ ନିକଟରେ ଶୟନ କରିଥିଲି। ଆସ ତାଙ୍କୁ
ପୁଣି ଆଜି ମଦ୍ୟପାନ କରାଇବା, ତା'ପରେ ତୁ ତାଙ୍କ
ସାଙ୍ଗରେ ଯାଇ ସହବାସ କର। ଏହି ଉପାୟରେ ଆମ୍ଭେ
ଆମ୍ଭର ସନ୍ତାନମାନଙ୍କୁ ଜନ୍ମ କରିବା। ଆଉ ଆମ୍ଭେ ଆମ୍ଭର
ପିତାଙ୍କ ମାଧ୍ୟମରେ ଆମ୍ଭର ପରିବାର ନଷ୍ଟ ହେବାରୁ ରକ୍ଷା
କରିପାରିବା।" **35**ତେଣୁ ସେହି ରାତିରେ ସେ ଦୁହେଁ ମିଶି
ତାଙ୍କର ପିତାଙ୍କୁ ମଦ୍ୟପାନ କରାଇଲେ। ତା'ପରେ ତାଙ୍କର
ସାନଝିଅ ଯାଇ ତାଙ୍କ ସହିତ ସହାବାସ କଲା। ଆଉଥରେ
ଲୋଟ ଅତ୍ୟଧିକ ମଦ୍ୟପାନ କରିଥିବାରୁ ତାଙ୍କ ଝିଅ କେତେବେଳେ
ଆସି କେତେବେଳେ ସହବାସ କରି ଯାଇଛି ସେ ଜାଣିପାରି
ନ ଥିଲେ। **36**ଲୋଟଙ୍କର ଦୁଇ ଝିଅ ଏହିପରି ଭାବରେ
ଗର୍ଭବତୀ ହେଲେ। **37**ବଡ଼ଝିଅ ଏକ ପୁତ୍ରକୁ ଜନ୍ମ କଲା।
ତାହାର ନାମ ସେ ମୋୟାବୀୟ ରଖିଲା। ମୋୟାବୀୟ ହେଲେ
ବର୍ତ୍ତମାନ ମୋୟାବୀୟ ଲୋକମାନଙ୍କର ଆଦିପିତା। **38**ସାନଝିଅ
ଯେଉଁ ପୁତ୍ର ଜନ୍ମ କଲା ତା'ର ନାମ ସେ ଦେଲେ ବିନ-ଅମ୍ମି।
ସେ ବର୍ତ୍ତମାନ କାଳର ଅମ୍ମୋନୀୟ ଲୋକମାନଙ୍କର ଆଦିପିତା
ଅଟନ୍ତି।

## ଅବ୍ରହାମ ଗରାରକୁ ଗଲେ

**20** ଏହାପରେ ଅବ୍ରହାମ ସେଠାରୁ ଦକ୍ଷିଣ ଦେଶକୁ
ଯାତ୍ରାକରି କାଦେଶ ଓ ଶୁରରେ ମଧ୍ୟସ୍ଥାନରେ ଥାଇ
ଗରାରରେ ବାସକଲେ। **2**ଯେତେବେଳେ ଗରାରରେ ଥିଲେ,
ଅବ୍ରହାମ ଲୋକମାନଙ୍କୁ କହିଲେ, ସାରା ହେଉଛି ତାଙ୍କର
ଭଉଣୀ, ଗରାର ରାଜା ଅବିମେଲକ୍ ଏକଥା ଶୁଣିଲେ।
ଅବିମେଲକ ସାରାଙ୍କୁ ଚାହୁଁଥିଲେ। ତେଣୁ ସେ ତାଙ୍କୁ ଆଣିବା
ପାଇଁ କେତେକ ଦାସଙ୍କୁ ପଠାଇଲେ। **3**କିନ୍ତୁ ଏକ ରାତିରେ,
ପରମେଶ୍ୱର ଅବିମେଲକଙ୍କୁ ସ୍ୱପ୍ନରେ କହିଲେ, "ତୁମ୍ଭେ ମରିବ,
ତୁମ୍ଭେ ଯେଉଁ ସ୍ତ୍ରୀ ଲୋକକୁ ଆଣିଛ ସେ ବିବାହିତା।"

**4**କିନ୍ତୁ ସେ ପର୍ଯ୍ୟନ୍ତ ଅବିମେଲକ ସାରା ସହିତ ସହବାସ
କରି ନଥିଲେ। ତେଣୁ ଅବିମେଲକ କହିଲେ, "ତୁମ୍ଭେ କ'ଣ
ଏକ ନିର୍ଦ୍ଦୋଷ ବ୍ୟକ୍ତିକୁ ହତ୍ୟା କରିବ? **5**ଅବ୍ରହାମ ନିଜେ
ମୋତେ କହିଲେ, 'ଏହି ସ୍ତ୍ରୀ ମୋର ଭଉଣୀ' ଏବଂ ସେହି
ସ୍ତ୍ରୀ ମଧ୍ୟ କହିଲା, 'ଆବ୍ରାହମ ମୋର ଭାଇ', ମୁଁ ନିର୍ଦ୍ଦୋଷ, ମୁଁ
ଜାଣି ନଥିଲି। ନିର୍ଦ୍ଦୋଷିତାରେ ମୁଁ ଏହି କାର୍ଯ୍ୟ କରିଛି।"

**6**ଏହାପରେ ପରମେଶ୍ୱର ଅବିମେଲକଙ୍କୁ ସ୍ୱପ୍ନରେ କହିଲେ,
"ହଁ ମୁଁ ଜାଣେ ତୁମ୍ଭେ ନିର୍ଦ୍ଦୋଷ। ତେଣୁ ମୁଁ ତୁମ୍ଭକୁ ରକ୍ଷା
କଲି। ମୁଁ ତୁମ୍ଭକୁ ମୋ ବିରୁଦ୍ଧରେ ପାପ କରିବାକୁ ଦେବି

ନାହିଁ। ମୁଁ ତୁମ୍ଭକୁ ତାଙ୍କ ସହିତ ସହବାସ କରିବାକୁ ଦେଇ ନ ଥିଲି। 7ତେଣୁ ତୁମ୍ଭେ ଅବ୍ରହାମଙ୍କୁ ପୁନରାୟ ତାଙ୍କ ସ୍ତ୍ରୀଙ୍କୁ ତାଙ୍କୁ ଫେରାଇଦିଅ। ଅବ୍ରହାମ ଜଣେ ଭବିଷ୍ୟଦ୍‌ବକ୍ତା। ସେ ତୁମ୍ଭ ପାଇଁ ପ୍ରାର୍ଥନା କରିବ। ତୁମ୍ଭେ ବଞ୍ଚି ରହିବ। ତୁମ୍ଭେ ଯଦି ସାରାକୁ ଅବ୍ରହାମଙ୍କୁ ନ ଫେରାଅ ତେବେ ମୁଁ ତୁମ୍ଭକୁ ପ୍ରତିଜ୍ଞା କରି କହୁଛି ତୁମ୍ଭେ ମରିବ। ଏବଂ ତୁମ୍ଭର ପରିବାର ତୁମ୍ଭ ସହିତ ମୃତ୍ୟୁବରଣ କରିବେ।"

8ତେଣୁ ତା'ପରଦିନ ପ୍ରଭାତରୁ ଅବିମେଲକ ତାଙ୍କର ଦାସମାନଙ୍କୁ ଡାକିଲେ, ଏବଂ ତାଙ୍କର ସ୍ୱପ୍ନ ବିଷୟରେ କହିଲେ। ଦାସମାନେ ଭୟରେ ଥରିଲେ। 9ଏହାପରେ ଅବିମେଲକ ଅବ୍ରହାମଙ୍କୁ ଡ଼ାକି କହିଲେ, "ତୁମ୍ଭେ କାହିଁକି ଆମ୍ଭପ୍ରତି ଏପରି କଲ? ମୁଁ ତୁମ୍ଭର ତ କିଛି ଦୋଷ କରି ନାହିଁ? ମୁଁ ତୁମ୍ଭ ପ୍ରତି କ'ଣ କରିଛି ଯେ, ମୋ ଦେଶ ପ୍ରତି ବିପଦ ଆଣିବାକୁ ତୁମ୍ଭେ ଇଚ୍ଛା କଲ? ତୁମ୍ଭର ମୋ ପ୍ରତି ଏପରି କରିବାର ନ ଥିଲା। 10କାହିଁକି ତୁମ୍ଭେ ମୋ ପ୍ରତି ଏପରି ବ୍ୟବହାର କଲ?"

11ଏହାପରେ ଅବ୍ରହାମ କହିଲା, "ଏଠାରେ କେହି ପରମେଶ୍ୱରଙ୍କୁ ଭୟ କରୁନାହିଁ ବୋଲି ପ୍ରାୟ ମୁଁ ଭାବିଲି। ମୁଁ ଭାବିଲି ଏଠାରେ କାଳେ କିଏ ମୋତେ ହତ୍ୟାକରି ସାରାକୁ ମୋଠାରୁ ନେଇଯିବ। 12ସେ ମୋର ସ୍ତ୍ରୀ, କିନ୍ତୁ ସେ ମଧ୍ୟ ମୋର ଭଉଣୀ। ସେ ହେଉଛନ୍ତି ମୋ ବାପାଙ୍କର ଏକ ଝିଅ। କିନ୍ତୁ ସେ ମୋ ମାର ଝିଅ ନୁହେଁ। 13ପରମେଶ୍ୱର ମୋତେ ମୋର ପିତାଙ୍କ ଗୃହରୁ ଦୂରକୁ ଆଗେଇ ନେଲେ। ପରମେଶ୍ୱର ମୋତେ ଏକ ସ୍ଥାନରୁ ଅନ୍ୟସ୍ଥାନକୁ ବୁଲାଇଲେ। ଏପରି ଯେତେବେଳେ ହେଲା ମୁଁ ସାରାକୁ କହିଲି, 'ଦୟାକରି ମୋ ପାଇଁ ଏହା କର! ଆମ୍ଭେ ଯେଉଁଠାକୁ ଯିବା, ତୁମ୍ଭେ ଲୋକମାନଙ୍କୁ କହିବ ମୁଁ ତୁମ୍ଭର ଭାଇ।'"

14ତେଣୁ ଅବିମେଲକ ସାରାକୁ ଅବ୍ରହାମଙ୍କୁ ଫେରାଇ ଦେଲେ। ଅବିମେଲକ ମଧ୍ୟ ତାଙ୍କୁ କିଛି ମେଷ, ଗାଈ, ଗୋରୁ ଏବଂ କିଛି ସେବକ ଓ ସେବିକାଗଣଙ୍କୁ ଦେଲେ। 15ଏବଂ ଅବିମେଲକ କହିଲେ, "ତୁମ୍ଭ ଚତୁପାର୍ଶ୍ୱକୁ ଚାହିଁ ଏହା ମୋର ଭୂମି, ତୁମ୍ଭେ ଯେଉଁଠାରେ ଚାହିଁ ସେଠାରେ ରହିପାର।"

16ଅବିମେଲକ ସାରାକୁ କହିଲା, "ମୁଁ ତୁମ୍ଭର ଭାଇକୁ ସହସ୍ର ରୂପା ଖଣ୍ଡ ଦେଉଛି। ମୁଁ ଏପରି କରୁଛି କାରଣ ମୁଁ ଅନୁତପ୍ତ ଯେ ଯାହା କରିଛି ଭୁଲ କରିଛି। ମୁଁ ଚାହେଁ ପ୍ରତ୍ୟେକ ଦେଖନ୍ତୁ ଓ ହୃଦ୍‌ବୋଧ କରନ୍ତୁ ଯେ, ମୁଁ ଠିକ୍ କରୁଛି ବୋଲି।"

17-18ସଦାପ୍ରଭୁ ଅବିମେଲକଙ୍କର ସମସ୍ତ ସ୍ତ୍ରୀଙ୍କୁ ବନ୍ଧ୍ୟା କଲେ। ପରମେଶ୍ୱର ଏପରି କଲେ କାରଣ ଅବିମେଲକ ଅବ୍ରାହାମଙ୍କ ସ୍ତ୍ରୀ ସାରାଙ୍କୁ ନେଇଥିଲେ। କିନ୍ତୁ ଅବ୍ରହାମ ପରମେଶ୍ୱରଙ୍କୁ ପ୍ରାର୍ଥନା କଲେ ଏବଂ ପରମେଶ୍ୱର ଅବିମେଲକ ତାଙ୍କର ସମସ୍ତ ସ୍ତ୍ରୀଗଣଙ୍କୁ ଓ ଦାସୀଗଣଙ୍କୁ ଆରୋଗ୍ୟ କଲେ। ଏବଂ ସେମାନଙ୍କର ସନ୍ତାନ ସନ୍ତତି ଜାତ ହେଲେ।

## ଶେଷରେ ସାରା ଏକ ଶିଶୁକୁ ଜନ୍ମ ଦେଲା

21 ସଦାପ୍ରଭୁ ସାରାଙ୍କଠାରେ କରିଥିବା ତାଙ୍କର ପ୍ରତିଜ୍ଞା ରକ୍ଷା କଲେ। ସେ ସାରାକୁ ଯାହା ପ୍ରତିଜ୍ଞା କରିଥିଲେ ତାଙ୍କ ପାଇଁ ସେପରି କଲେ। 2ସାରା ଗର୍ଭବତୀ ହୋଇ ଅବ୍ରହାମଙ୍କ ବାର୍ଦ୍ଧକ୍ୟ ଅବସ୍ଥାରେ ଏକ ଶିଶୁକୁ ଜନ୍ମ ଦେଲେ। ଏସବୁ ପରମେଶ୍ୱରଙ୍କ ନିରୂପିତ ସମୟରେ ଘଟିଲା। 3ସାରା ଏକ ପୁତ୍ର ସନ୍ତାନ ଜନ୍ମ ଦେଲା, ଏବଂ ଅବ୍ରହାମ ତାଙ୍କର ନାମକରଣ କରି ତା'ର ନାମ ଦେଲେ ଇସ୍‌ହାକ, 4ଅବ୍ରହାମ ପରମେଶ୍ୱରଙ୍କ ନିର୍ଦ୍ଦେଶ ଅନୁସାରେ ଇସ୍‌ହାକକୁ ଠିକ୍ ଆଠଦିନପରେ ସୁନ୍ନତ କଲେ।

5ଇସ୍‌ହାକ ଜନ୍ମ ବେଳକୁ ଅବ୍ରହାମଙ୍କୁ ଏକଶହ ବର୍ଷ ବୟସ ହୋଇଥିଲା। 6ଏବଂ ସାରା କହିଲା, "ପରମେଶ୍ୱର ମୋ ନିମନ୍ତେ ହସ କଲେ ଏବଂ ଯେ ଏହା ଶୁଣିବ ସେ ମଧ୍ୟ ହସିବ। 7କୌଣସି ଲୋକ ଚିନ୍ତା କରିନାହିଁ ଯେ, ମୁଁ ଅବ୍ରହାମଠାରୁ ପିଲାକୁ ଜନ୍ମ ଦେବି। କିନ୍ତୁ ମୁଁ ତାଙ୍କୁ ବୃଦ୍ଧବସ୍ଥାରେ ଏକ ପୁତ୍ର ଦେଲି।"

## ଗୃହରେ ବିବାଦ ଦେଖା ଦେଲା

8ଯେତେବେଳେ ଇସ୍‌ହାକ ଯଥେଷ୍ଟ ବଡ ହେଲେ ଖାଦ୍ୟ ଖାଇବା ଆରମ୍ଭ କଲେ। ତେଣୁ ଅବ୍ରହାମ ଏକ ବିରାଟ ଭୋଜିର ଆୟୋଜନ କଲେ। 9ହାଗାର ପୁଅ ଖେଳୁଥିବାର*, ସାରା ଦେଖିଲା। ଯାହା ହାଗାର ମିଶରୀୟ ଏହି ପୁତ୍ର ଅବ୍ରହମଙ୍କ ଦ୍ୱାରା ହୋଇଥିଲା। 10ସାରା ଅବ୍ରହାମଙ୍କୁ କହିଲା, "ସେହି ଦାସୀ ଓ ତା'ର ପୁତ୍ରକୁ ଦୂରସ୍ଥାନକୁ ତଡ଼ିଦିଅ। ଯେତେବେଳେ ଆମ୍ଭେ ମରିଯିବା ମୋର ପୁତ୍ର ଇସ୍‌ହାକ ଆମ୍ଭର ଉତ୍ତରାଧିକାରୀ ହେବ। ମୁଁ ସେହି ଦାସୀର ପୁତ୍ର, ଇସ୍‌ହାକ ସହିତ ଅଂଶ ଅଧିକାର ପାଉବୋଲି ଚାହେଁ ନାହିଁ।"

11ଏହି ଦୁଃଖ ଅବ୍ରହାମଙ୍କୁ ଘାରିଲା, ସେ ତାଙ୍କର ପୁତ୍ର ଇଶ୍ମାୟେଲ ବିଷୟରେ ବହୁତ ଭାବିଲେ। 12କିନ୍ତୁ ପରମେଶ୍ୱର ଅବ୍ରହାମଙ୍କୁ କହିଲେ, "ତୁମ୍ଭର ସେହି ଦାସୀ ଏବଂ ତାଙ୍କର ପୁତ୍ର ପାଇଁ ବ୍ୟସ୍ତ ହେବାର ନାହିଁ। ସାରା ଯେପରି ଚାହୁଁଛି ସେପରି କର। ଇସ୍‌ହାକ ତୁମ୍ଭର ପରିବାରର ନାମ ରଖିବ। 13କିନ୍ତୁ ମୁଁ ତୁମ୍ଭର ଦାସୀର ପୁତ୍ରଠାରୁ ମଧ୍ୟ ଏକ ମହାନ ଜାତି ନିର୍ମାଣ କରିବ। କାରଣ ସେ ତୁମ୍ଭର ପୁତ୍ର।"

14ତା'ପର ଦିନ ପ୍ରତ୍ୟୁଷରୁ ଅବ୍ରହାମ କିଛି ଖାଦ୍ୟ ଓ ପାଣିଥଳି ଆଣିଲା। ଅବ୍ରହାମ ତାହା ହାଗାରକୁ ଦେଲେ। ଅବ୍ରାହାମ ହାଗାର ଓ ତା'ର ପୁତ୍ରକୁ ପଠାଇଦେଲେ ସେହି ଜିନିଷ ସହିତ। ହାଗାର ସେ ସ୍ଥାନ ଛାଡ଼ି ବେରଶେବା ମରୁଭୂମିରେ ଭ୍ରମଣ କଲେ।

15ଯେତେବେଳେ ସମସ୍ତ ପାଣି ଶେଷ ହୋଇଗଲା ହାଗାର ତା'ର ପୁତ୍ରକୁ ଏକ ବୁଦା ତଳେ ରଖିଲା। 16ହାଗାର ସେଠାରୁ କିଛି ଦୂରକୁ ଗଲା, ସେତେ ଦୂର ଯେତେ ଦୂର ଗୋଟିଏ ଧନୁରୁ ଶର ମାରିଲେ ଯାଏ। ସେଠାରେ ସେ ଯାଇ ବସି ପଡ଼ିଲା। ହାଗାର ତା'ର ପିଲାଟି ମୃତ୍ୟୁବରଣ କରୁଥିବାର ଦେଖିବାକୁ ଚାହିଁଲା ନାହିଁ। ତେଣୁ ସେ ସେଠାରେ କ୍ରନ୍ଦନ କଲା।

17ପରମେଶ୍ୱର ସେହି ବାଳକର କ୍ରନ୍ଦନ ଶୁଣିପାରିଲେ ଏବଂ ପରମେଶ୍ୱରଙ୍କର ଦୂତ ସ୍ୱର୍ଗରୁ ହାଗାରକୁ କହିଲେ,

---

**ଖେଳୁଥିବାର** କେତେକ ଅନୁବାଦକ କହନ୍ତି, ଖେଳୁଥିବାର ପରିବର୍ତ୍ତେ "ଚିଡେଇବା" କିମ୍ବା "ପରିହାସ କରିବା।"

"କ'ଣ ହେଲା ହାଗାର? ଭୟ କର ନାହିଁ! ସଦାପ୍ରଭୁ ସେହି
ସ୍ଥାନରୁ ସେ ପିଲାର କ୍ରନ୍ଦନ ଶୁଣି ପାରୁଛନ୍ତି। 18ଯାଅ ଏବଂ
ବାଳକକୁ ସାହାଯ୍ୟ କର। ତା'ର ହାତଧରି ତାକୁ ଆଗେଇ
ନିଅ। ମୁଁ ତାଙ୍କୁ ବହୁ ସନ୍ତାନର ପିତା କରିବି।"

19ଏହାପରେ ପରମେଶ୍ୱର ହାଗାରକୁ ଏକ କୂପ ଦେଖାଇଲେ।
ତେଣୁ ହାଗାର ସେହି କୂପ ପାଖକୁ ଯାଇ ତାଙ୍କର ଥଳିରେ
ପାଣି ଭର୍ତ୍ତିକଲେ। ଏହାପରେ ତାଙ୍କ ପୁତ୍ରକୁ ସେଥିରୁ ପାଣି
ପିଇବାକୁ ଦେଲେ।

20ପରମେଶ୍ୱରଙ୍କର ଦୟାରୁ ସେହି ବାଳକ ବଡ଼ ହେଲା।
ଇଶ୍ମାୟେଲ ମରୁଭୂମିରେ ବାସକଲା ଏବଂ ଏକ ଶିକାରୀ
ହେଲା। ସେ ଧନୁ ମାରିବା ନିପୁଣଭାବରେ ଶିକ୍ଷା କଲା।
21ତାଙ୍କର ମା ତାଙ୍କ ପାଇଁ ଏକ ସ୍ତ୍ରୀ ମିଶରରେ ଠିକ୍ କଲେ।
ସେମାନେ ପାରଣ ନାମକ ମରୁଭୂମିରେ ବାସ କଲେ।

## ଅବିମେଲକ ସହିତ ଅବ୍ରହାମଙ୍କର ମୂଲଚୁକ୍ତି

22ଏହାପରେ ଅବିମେଲକ ଏବଂ ଫୀଖୋଲ୍ ନାମକ
ଅବ୍ରାହାମଙ୍କର ସେନାପତି ଅବ୍ରହାମଙ୍କୁ କହିଲେ, "ପରମେଶ୍ୱର
ତୁମ୍ଭର ପ୍ରତ୍ୟେକ କାର୍ଯ୍ୟରେ ସହାୟ ଅଛନ୍ତି। 23ତେଣୁ ତୁମ୍ଭେ
ମୋଠାରେ ପରମେଶ୍ୱରଙ୍କ ଆଗରେ ପ୍ରତିଜ୍ଞା କର। ତୁମ୍ଭେ
ଏହି ପ୍ରତିଜ୍ଞା କର ଯେ ତୁମ୍ଭେ ମୋପ୍ରତି ଓ ମୋର
ସନ୍ତାନମାନଙ୍କ ପ୍ରତି ବିଶ୍ୱାସଘାତ କରିବ ନାହିଁ। ପ୍ରତିଜ୍ଞା କର
ତୁମ୍ଭେ ମୋପ୍ରତି ଦୟା ଦେଖାଇବ ଏବଂ ମୋର ଦେଶ
ଯେଉଁଠାରେ ତୁମ୍ଭେ ଏକ ବିଦେଶୀ ପରି ବାସ କରୁଛ।
ପ୍ରତିଜ୍ଞା କର ତୁମ୍ଭେ ମୋପ୍ରତି ଦୟା କରିବ। ମୁଁ ଯେପରି
ତୁମ୍ଭକୁ ଦୟା ଦେଖାଇଛି।"

24ଏବଂ ଅବ୍ରହାମ କହିଲେ, "ମୁଁ ପ୍ରତିଜ୍ଞା କରୁଛି।"
25ଏହାପରେ ଅବ୍ରହାମ ଅବିମେଲକଠାରେ ଅଭିଯୋଗ କଲେ।
କାରଣ ଅବିମେଲକର ଦାସମାନେ ଏକ କୂଅକୁ କବ୍ଜାରେ
କରି ନେଇଛନ୍ତି।

26କିନ୍ତୁ ଅବିମେଲକ କହିଲେ, "ମୁଁ ଜାଣେ ନାହିଁ କିଏ
ଏହା କରିଛି। ତୁମ୍ଭେ ଆଗରୁ ମୋତେ ଏବିଷୟରେ କିଛି
କହିଲ ନାହିଁ। ମୁଁ ଆଜି ଏ ବିଷୟରେ ଶୁଣିବାକୁ ପାଇଲି।"

27ତେଣୁ ଅବ୍ରହାମ ଓ ଅବିମେଲକ ମଧ୍ୟରେ ଏକ ଚୁକ୍ତି
ହେଲା। ଅବ୍ରହାମ ଅବିମେଲକକୁ ଚୁକ୍ତିରେ ପ୍ରମାଣ ସ୍ୱରୂପ
କିଛି ମେଷ ଓ ଗୋରୁ ଦେଲେ। 28ଅବ୍ରହାମ ମଧ୍ୟ
ମେଷପଲରୁ ସାତଟି ମେଷବତ୍ସା ଅଲଗା କରି ରଖିଲେ।

29ଅବିମେଲକ ଅବ୍ରହାମଙ୍କୁ ପଚାରିଲେ, "କାହିଁକି ତୁମ୍ଭେ
ଏହି ସାତଟି ମେଷକୁ ଅଲଗା କଲ?"

30ଅବ୍ରହାମ ଉତ୍ତର ଦେଲା, "ମୁଁ ଯେ ଏହି କୂପ
ଖୋଳିଅଛି ତହିଁର ପ୍ରମାଣ ନିମନ୍ତେ ମୋଠାରୁ ଏହି ସାତଟି
ମେଷ ବତ୍ସା ନେବାକୁ ହେବ।"

31ଏଣୁ ସେହି ସ୍ଥାନର ନାମ ବେରଶେବା ହେଲା, ସେ
ସେହି କୂପର ନାମ ଏପରି ଦେଲେ, କାରଣ ସେହି
ସ୍ଥାନରେ ଉଭୟ ପ୍ରତିଜ୍ଞା କରିଥିଲେ।

32ତେଣୁ ଅବ୍ରହାମ ଏବଂ ଅବିମେଲକ ବେରଶେବାଠାରେ
ଏକ ଚୁକ୍ତି କଲେ। ଏହାପରେ ଅବିମେଲକ ଏବଂ ତାଙ୍କର
ସେନାପତି ପଲେଷ୍ଟୀୟ ଦେଶକୁ ଫେରିଗଲେ।

33ଅବ୍ରହାମ ଏକ ବିଶେଷ ଗଛ ସେଠାରେ ରୋପଣ
କଲେ। ସେହି ସ୍ଥାନରେ ଅବ୍ରହାମ ଅନାଦି ଅନନ୍ତ ପରମେଶ୍ୱରଙ୍କୁ
ପ୍ରାର୍ଥନା କଲେ। 34ଏବଂ ଅବ୍ରହାମ ପଲେଷ୍ଟୀୟମାନଙ୍କ ଦେଶରେ
ବହୁଦିନ ବାସକଲେ।

## ଅବ୍ରହାମ ତୁମ୍ଭର ପୁତ୍ରକୁ ହତ୍ୟାକର

22 ଏହିସବୁ ଘଟଣା ଘଟିବାପରେ, ପରମେଶ୍ୱର ଅବ୍ରହାମଙ୍କ
ବିଶ୍ୱାସକୁ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଲେ।
ପରମେଶ୍ୱର ତାଙ୍କୁ କହିଲେ, "ଅବ୍ରହାମ!"

ଏବଂ ଅବ୍ରହାମ କହିଲେ "ହଁ!"

2ଏହାପରେ ପରମେଶ୍ୱର କହିଲେ, "ତୁମ୍ଭର ପୁତ୍ରକୁ
ମୋରିୟାକୁ ନିଅ। ମୋରିୟାରେ ତୁମ୍ଭର ଏକ ମାତ୍ର ସ୍ନେହର
ପୁତ୍ର ଇସ୍ହାକକୁ ମୋ ନିମନ୍ତେ ହୋମାର୍ଥେ ବଳିଦାନ କର।
ମୁଁ ଯେଉଁ ପର୍ବତକୁ କହିବି ସେହି ପର୍ବତକୁ ନେଇ ସେଠାରେ
ହୋମବଳି କର।"

3ପ୍ରଭାତରେ ଅବ୍ରହାମ ଉଠିଲା ଏବଂ ତାଙ୍କର ଗଧକୁ
ସଜାଇଲେ। ଅବ୍ରହାମ ତାଙ୍କର ପୁତ୍ର ଇସ୍ହାକ ଏବଂ ଦୁଇଜଣ
ଦାସଙ୍କୁ ତାଙ୍କ ସହିତରେ ନେଲେ। ଅବ୍ରହାମ ହୋମବଳି
ନିମନ୍ତେ କାଠ କାଟି ପରମେଶ୍ୱର କହିଥିବା ସ୍ଥାନକୁ ନେଇଗଲେ।
4ତୃତୀୟ ଦିନରେ ଯାତ୍ରାପରେ ଅବ୍ରହାମ ନିରୀକ୍ଷଣ କଲା ଓ
ଦୂରସ୍ଥାନକୁ ଦେଖିଲା, ଯେଉଁଠାକୁ ସେ ଯାଉଥିଲା। 5ଏହାପରେ
ଅବ୍ରହାମ ତାଙ୍କର ଦାସମାନଙ୍କୁ କହିଲେ, "ତୁମ୍ଭେମାନେ ଗଧ
ସହ ଏଠାରେ ଅପେକ୍ଷା କର। ମୁଁ ମୋର ପୁତ୍ରକୁ ନେଇ
ସେହି ସ୍ଥାନକୁ ଉପାସନା ପାଇଁ ଯାଉଛି। କିଛି ସମୟପରେ
ଆମ୍ଭେ ତୁମ୍ଭ ନିକଟକୁ ଫେରି ଆସିବୁ।"

6ଅବ୍ରହାମ ତାଙ୍କ ପୁତ୍ରର କାନ୍ଧରେ ହୋମବଳି ନିମନ୍ତେ
କାଠ ରଖିଲେ ଏବଂ ନିଜେ ଏକ ସ୍ୱତନ୍ତ୍ର ଛୁରି ଏବଂ ନିଆଁ
ନେଇ ଗଲେ। ଏହାପରେ ଦୁଇଜଣ ଏକତ୍ର ହୋଇଗଲେ।

7ଇସ୍ହାକ ତାଙ୍କର ପିତା ଅବ୍ରହାମଙ୍କୁ କହିଲେ, "ପିତା!"

ଅବ୍ରହାମ ଉତ୍ତର ଦେଲେ, "ହଁ ମୋର ପୁତ୍ର।"

ଇସ୍ହାକ କହିଲେ, "ଆମ୍ଭର ହୋମବଳି ନିମନ୍ତେ କାଠ
ଓ ନିଆଁ ଅଛି, କିନ୍ତୁ ଯେଉଁ ମେଷକୁ ଉତ୍ସର୍ଗ କରାଯିବ ତାହା
କେଉଁଠାରେ?"

8ଅବ୍ରହାମ ଉତ୍ତର ଦେଲେ, "ହେ ମୋର ପୁତ୍ର, ପରମେଶ୍ୱର
ନିଜେ ଉତ୍ସର୍ଗ ପାଇଁ ସେହି ମେଷ ଯୋଗାଇବେ।"

## ଇସ୍ହାକ ରକ୍ଷା ପାଇଲା

ତେଣୁ ଇସ୍ହାକ ଓ ଅବ୍ରହାମ ଏକତ୍ର ସେଇ ସ୍ଥାନକୁ
ଚାଲିଲେ। 9ପରମେଶ୍ୱର କହିଥିବା ସ୍ଥାନକୁ ସେମାନେ ଆସିଲେ।
ସେଠାରେ ଅବ୍ରହାମ ଏକ ଯଜ୍ଞବେଦୀ ସ୍ଥାପନ କଲେ ଏବଂ
ଏହା ଉପରେ କାଠ ସଜାଇଲେ। ଏହାପରେ ଅବ୍ରହାମ
ଇସ୍ହାକକୁ ବାନ୍ଧି ଯଜ୍ଞବେଦୀର କାଠ ଉପରେ ଶୁଆଇ
ଦେଲେ। 10ଏହାପରେ ଅବ୍ରହାମ ତାଙ୍କର ଛୁରି ଆଣିଲେ ଏବଂ
ଇସ୍ହାକକୁ ହତ୍ୟା କରିବା ପାଇଁ ପ୍ରସ୍ତୁତ ହେଲେ।

11କିନ୍ତୁ ଏହାପରେ ସଦାପ୍ରଭୁଙ୍କର ଦୂତ ସ୍ୱର୍ଗରୁ ଅବ୍ରହାମକୁ
ଡ଼ାକି କହିଲେ, "ହେ ଅବ୍ରହାମ, ହେ ଅବ୍ରହାମ!"

ଅବ୍ରହାମ ଉତ୍ତର ଦେଲେ, "ହଁ ପ୍ରଭୁ!"

12ସଦାପ୍ରଭୁଙ୍କର ଦୂତ ଅବ୍ରହାମକୁ କହିଲେ, "ତୁମ୍ଭର
ପୁତ୍ରକୁ ହତ୍ୟା କର ନାହିଁ କି କିଛି ଆଘାତ କର ନାହିଁ।
ବର୍ତ୍ତମାନ ମୁଁ ଦେଖି ପାରୁଛି ଯେ, ତୁମ୍ଭେ ପରମେଶ୍ୱରଙ୍କୁ
ସମ୍ମାନ କରୁଛ ଏବଂ ତାଙ୍କର ଆଜ୍ଞା ମାନି ଚଳୁଛ। କାରଣ
ତୁମ୍ଭେ ତୁମ୍ଭର ଏକମାତ୍ର ପୁତ୍ରକୁ ମୋ ସକାଶେ ଉତ୍ସର୍ଗ
କରିବାକୁ କୁଣ୍ଠାବୋଧ କରିନାହଁ।"
13ଏହାପରେ ଅବ୍ରହାମ ଏକ ନିରୀକ୍ଷଣ କଲେ ଓ ଏକ
ଅଣ୍ଡିରା ମେଷ ଦେଖିଲେ, ତା'ର ଶିଙ୍ଗ ବୁଦାରେ ବନ୍ଧା
ହୋଇଥିଲା। ତେଣୁ ଅବ୍ରହାମ ସେହି ଅଣ୍ଡିରା ମେଷକୁ ଆଣି
ହତ୍ୟାକଲେ ଓ ତାହାକୁ ନିଜ ପୁତ୍ର ବଦଳରେ ହୋମବଳିରେ
ଉତ୍ସର୍ଗ କଲେ। 14ତେଣୁ ଅବ୍ରହାମ ସେହି ସ୍ଥାନର ନାମ
ଦେଲେ, "ଯିହୋବା-ଯିରି*।" ଏପରିକି ଆଜି ମଧ୍ୟ ଲୋକମାନେ
କୁହନ୍ତି, "ପର୍ବତରେ ସଦାପ୍ରଭୁ ପ୍ରଦାନ କରନ୍ତି।"
15ସଦାପ୍ରଭୁଙ୍କର ଦୂତ ଦ୍ୱିତୀୟଥର ଅବ୍ରହାମଙ୍କୁ ସ୍ୱର୍ଗରୁ
ଡାକିଲେ। 16ସଦାପ୍ରଭୁଙ୍କର ଦୂତ କହିଲେ, "ତୁମ୍ଭର ଏକମାତ୍ର
ପୁତ୍ର ଆମ୍ଭକୁ ଦେବାକୁ ସମ୍ମତ ହେଲ, ତୁମ୍ଭେ ଏପରି କଲ
କାରଣ ମୋର ପାଇଁ। ମୁଁ ତୁମ୍ଭକୁ ଏହି ପ୍ରତିଜ୍ଞା କରାଇଥିଲି।
ମୁଁ ସେହି ସଦାପ୍ରଭୁ ପ୍ରତିଜ୍ଞା କରିଥିଲି ଯେ 17ମୁଁ ତୁମ୍ଭକୁ
ଆଶୀର୍ବାଦ କରିବ। ଆକାଶର ତାରାତୁଲ୍ୟ ଓ ସମୁଦ୍ର କୂଳର
ଅସଂଖ୍ୟ ବାଲିତୁଲ୍ୟ ତୁମ୍ଭର ବଂଶଧର ବଢ଼ାଇବ। ଏବଂ ତୁମ୍ଭର
ଲୋକମାନେ ଯେଉଁ ସହର ଅଧିକାର କରିଛନ୍ତି ସେହି
ସହରରେ ବାସକରିବ। 18ପୃଥିବୀର ସମସ୍ତ ଜାତି ତୁମ୍ଭର
ବଂଶଧରମାନଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେବେ। ଆମ୍ଭେ
ଏପରି କରିବୁ କାରଣ ତୁମ୍ଭେ ମୋର ବାକ୍ୟ ମାନିଅଛ।"
19ଏହାପରେ ଅବ୍ରହାମ ତାଙ୍କର ଦାସଗଣ ନିକଟକୁ
ଫେରିଗଲେ। ଏହାପରେ ସେମାନେ ସମସ୍ତେ ବେରଶେବାକୁ
ଫେରିଗଲେ। ଏବଂ ଅବ୍ରହାମ ସେଠାରେ ବାସକଲେ।
20ଏହିସବୁ ଘଟଣା ଘଟିଯିବା ପରେ, ଅବ୍ରହାମକୁ ଏକ
ବାର୍ତ୍ତା ପଠାଗଲା। ବାର୍ତ୍ତାଟି ଏହିପରି ଥିଲା, "ତୁମ୍ଭର ଭାଇ
ନାହୋର ଏବଂ ତାଙ୍କର ସ୍ତ୍ରୀ ମିଲ୍କା ସନ୍ତାନ ପ୍ରସବ କରିଅଛି।
21ତାହାର ଜ୍ୟେଷ୍ଠପୁତ୍ର ଊଷ, ତାହାର ଭାଇ ବୂଷ ଓ ଅରାମର
ପିତା କମୂୟେଲ। 22ଏହାପରେ କେଷଦ୍, ହସୋ, ପିଲଦଶ୍,
ଯିଦ୍ଲଫ୍ ଓ ବଥୂୟେଲ।" 23ସେହି ବଥୂୟେଲର କନ୍ୟା
ରିବିକା। ମିଲ୍କା ଏହି ଆଠ ଜଣଙ୍କୁ ଅବ୍ରହାମଙ୍କର ଭ୍ରାତା
ନାହୋର ନିମନ୍ତେ ଜନ୍ମ କଲା। 24ଏବଂ ନାହୋରର ରୂମା
ନାମ୍ନୀ ଦାସୀଠାରୁ ଟେବହ, ଗହମ୍, ତହଶ୍ ଓ ମାଖା ଏମାନେ
ଜନ୍ମ ନେଲେ।

## ସାରାର ମୃତ୍ୟୁ

23 ସାରା 127 ବର୍ଷ ବଞ୍ଚିଲେ। 2ସାରା କିଣାନ ଦେଶସ୍ଥ
କିରିୟଥ ଅର୍ବ ହିବ୍ରୋଣରେ ମଲେ। ଅବ୍ରହାମ
ଏଥିପାଇଁ ମନ ଦୁଃଖ କଲେ ଓ କ୍ରନ୍ଦନ କଲେ। 3ଏହାପରେ
ଅବ୍ରହାମ ସେହି ମୃତ ଦେହକୁ ଛାଡ଼ି ହେତରମାନଙ୍କୁ କହିଲେ।
ସେ ସେମାନଙ୍କୁ କହିଲେ, 4"ମୁଁ ତୁମ୍ଭମାନଙ୍କ ଦେଶରେ ଏକା
ବିଦେଶୀ ଅଟେ। ମୋର ସ୍ତ୍ରୀକୁ କବର ଦେବାପାଇଁ ସ୍ଥାନ
ମୋର ନାହିଁ। ଦୟାକରି ମୋତେ ମୋର ସ୍ତ୍ରୀ ପାଇଁ କବର
ସ୍ଥାନରେ ଅଧିକାର ଦିଅନ୍ତୁ।"
5ହେତର ଲୋକମାନେ ଅବ୍ରହାମକୁ ଉତ୍ତର ଦେଲେ,
6"ହେ ପ୍ରଭୋ, ତୁମ୍ଭେ ଆମ୍ଭମାନଙ୍କ ମଧ୍ୟରେ ପରମେଶ୍ୱରଙ୍କର
ଏକମାତ୍ର ପରାକ୍ରାନ୍ତ। ତୁମ୍ଭେ ଆମ୍ଭମାନଙ୍କ କବର ସ୍ଥାନରେ ଯେ
କୌଣସି ସ୍ଥାନରେ କବର ଦେଇପାରିବ। ତୁମ୍ଭର ସ୍ତ୍ରୀଙ୍କ କବର
ପାଇଁ ଆମ୍ଭେ କେହି ଅଟକାଇବୁ ନାହିଁ।"
7ଅବ୍ରହାମ ଉଠି ସେହି ଲୋକମାନଙ୍କୁ ପ୍ରଣାମ କଲେ।
8ଅବ୍ରହାମ ସେମାନଙ୍କୁ କହିଲେ, "ଯଦି ତୁମ୍ଭେମାନେ ମୋର
ସ୍ତ୍ରୀ କବର ଦେବାପାଇଁ ସାହାଯ୍ୟ କରିବାକୁ ଚାହୁଁଥାଅ। ତେବେ
ତୁମ୍ଭେମାନେ ସୋହରର ପୁତ୍ର ଇଫ୍ରୋଣ ନିକଟରେ ନିବେଦନ
କର। 9ସେ ହୁଏତ ମକ୍ପେଲାର ଗୁମ୍ଫା ଉଚିତ୍ ମୂଲ୍ୟରେ
ମୋତେ ବିକି ଦେବେ, ଯାହା ତାଙ୍କର ଅଛି, ତାଙ୍କର କ୍ଷେତର
ଶେଷ ଭାଗରେ ଯାହା ଅଛି। ମୁଁ ଚାହେଁ ତୁମ୍ଭେମାନେ ସମସ୍ତେ
ଏହି ଦିଆନିଆର ସାକ୍ଷୀ ହୁଅ। ମୁଁ ଏହାକୁ କବର ସ୍ଥାନ
ରୂପେ ବ୍ୟବହାର କରିବା ପାଇଁ କ୍ରୟ କରୁଛି।"
10ସେହି ସମୟରେ ଇଫ୍ରୋଣ ସେହି ଲୋକମାନଙ୍କ
ମଧ୍ୟରେ ବସିଥିଲା। ତେଣୁ ହେତର ଇଫ୍ରୋଣ ଆପଣା ନଗର
ବହି ଦ୍ୱାର ପ୍ରବେଶକାରୀ ହେତର ସନ୍ତାନ ସମସ୍ତଙ୍କ ସାକ୍ଷାତରେ
ଅବ୍ରହାମଙ୍କୁ ଉତ୍ତର ଦେଲା। 11"ନା ମୁନିବ, ସେପରି ହେବ
ନାହିଁ। ମୋ କଥା ଶୁଣନ୍ତୁ ମୁଁ ଆପଣଙ୍କୁ ସେହି ସ୍ଥାନ ଓ
ତନ୍ମଧ୍ୟସ୍ଥିତ ଗୁହା ଦେଲି। ମୁଁ ସ୍ୱବଂଶୀୟ ସନ୍ତାନମାନଙ୍କ
ସାକ୍ଷାତରେ ତାହା ଆପଣଙ୍କୁ ଦେଲି। ଆପଣ ନିଜ ସ୍ତ୍ରୀର ମୃତ
ଦେହକୁ କବର ଦିଅନ୍ତୁ।"
12ଅବ୍ରହାମ ହେତର ଲୋକମାନଙ୍କୁ ପ୍ରଣାମ କଲେ।
13ଅବ୍ରହାମ ଇଫ୍ରୋଣକୁ ସମସ୍ତଙ୍କ ଆଗରେ କହିଲେ, "କିନ୍ତୁ
ମୁଁ ତୁମ୍ଭକୁ ସେହି ସ୍ଥାନରେ ସମସ୍ତ ପଇସା ଦେବାକୁ ଚାହୁଁ
ଅଛି। ମୋର ଅର୍ଥକୁ ଗ୍ରହଣ କରନ୍ତୁ। ଏବଂ ମୁଁ ମୋର
ସ୍ତ୍ରୀର ମୃତ ଦେହକୁ କବର ଦେବି।"
14ଇଫ୍ରୋଣ ଅବ୍ରହାମଙ୍କୁ ଉତ୍ତର ଦେଇ କହିଲେ,
15"ମହାଶୟ, ମୋର କଥା ଶୁଣନ୍ତୁ। ଭୂମି ଖଣ୍ଡକର ମୂଲ୍ୟ
ତ ଚାରିଶହ ସେକଲ ରୂପା ତୁମ୍ଭ, ମୋପାଇଁ କିଛି ନୁହେଁ।
ଭୂମି ଗ୍ରହଣ କରନ୍ତୁ ଏବଂ ଆପଣଙ୍କର ମୃତ ସ୍ତ୍ରୀକୁ କବର
ଦିଅନ୍ତୁ।"
16ଅବ୍ରହାମ ବୁଝି ପାରିଲେ ଯେ ଇଫ୍ରୋଣ ଜମିର ମୂଲ୍ୟ
ବିଷୟରେ କଥା କହୁଛନ୍ତି। ତେଣୁ ଅବ୍ରହାମ ତାଙ୍କୁ ଜମିର
ମୂଲ୍ୟ ଦେଲେ। ଯାହା ହେତୀୟମାନଙ୍କର ଥିଲା। ଅବ୍ରହାମ
ଅଢେଇ ପାଉଣ୍ଡ ରୂପା ଏବଂ ସମସ୍ତଙ୍କ ସମ୍ମୁଖରେ ଇଫ୍ରୋଣକୁ
ଦେଲେ।
17-18ଏଣୁ ଇଫ୍ରୋଣ ସେହି ଭୂମିର ମାଲିକାନା ବଦଳାଇଲେ।
ମାମ୍ରି ପାଖରେ ଯେଉଁ ଜମି ମକ୍ପେଲାରେ ଥିଲା ଗୁହା ପାର୍ଶ୍ୱ
ଏବଂ ଚତୁଃପାର୍ଶ୍ୱରେ ଥିବା ବୃକ୍ଷଗୁଡିକ ଅବ୍ରହାମଙ୍କୁ ବିକାଗଲା।
ଏହି ଚୁକ୍ତି ନଗର ଫାଟକରେ ହେତର ଲୋକମାନଙ୍କ
ଆଗରେ କରାଗଲା। 19ଏହାପରେ ଅବ୍ରହାମ ମକ୍ପେଲା କ୍ଷେତ୍ରସ୍ଥିତ
ଗୁହାରେ ମମ୍ରିର ପାର୍ଶ୍ୱରେ ହେବ୍ରୋଣ ମଧ୍ୟରେ କିଣାନ
ଦେଶରେ ନିଜର ସ୍ତ୍ରୀ ସାରାକୁ କବର ଦେଲେ। ସେହିସ୍ଥାନ
କିଣାନ ଦେଶସ୍ଥ ଥିଲା। 20ଏହିପ୍ରକାରେ ଅବ୍ରାହାମ

---

**ଯିହୋବା ଯିରି** ଏହାର ଅର୍ଥ ସଦାପ୍ରଭୁ ଦେଖନ୍ତି ଅଥବା ସଦାପ୍ରଭୁ ପ୍ରଦାନ କରିବେ।

ହେତରମାନଙ୍କଠାରୁ କ୍ଷେତ ଏବଂ ସେଥିରେ ଥିବା ଗୁମ୍ଫା
କିଣିଲେ। ସେ ଏହାକୁ କବର ସ୍ଥାନ ରୂପେ ବ୍ୟବହାର
କଲେ।

## ଇସ୍‌ହାକଙ୍କ ପାଇଁ ଏକ ସ୍ତ୍ରୀ

24 ଅବ୍ରହାମ ବାର୍ଦ୍ଧକ୍ୟ ଅବସ୍ଥାରେ ବଞ୍ଚିଥିଲେ। ସଦାପ୍ରଭୁ
ଅବ୍ରହାମଙ୍କୁ ସମସ୍ତ ଗତିରେ ଆଶୀର୍ବାଦ କରଥିଲେ।
2ଅବ୍ରହାମଙ୍କର ପୁରୁଣା ଗୃକର ଅବ୍ରହାମଙ୍କର ପ୍ରତ୍ୟେକ ଦ୍ରବ୍ୟର
ଦାୟିତ୍ୱରେ ଥିଲା। ଅବ୍ରହାମ ତାଙ୍କୁ ଡାକଲେ ଏବଂ କହଲେ,
“ମୋର ଜଙ୍ଘତଳେ ତୁମ୍ଭର ହସ୍ତ ଦଅ ଏବଂ ପ୍ରତିଜ୍ଞା କର।
3ତୁମ୍ଭେ ବର୍ତ୍ତମାନ ସଦାପ୍ରଭୁ ପରମେଶ୍ୱରଙ୍କର ନାମରେ ପ୍ରତିଜ୍ଞା
କର, ଯିଏ ପୃଥିବୀ ଓ ଆକାଶର ନର୍ମାଣକାରୀ, ଯେ
ତୁମ୍ଭମାନେ ମୋର ପୁତ୍ରର ବବାହ କଣାନୀୟମାନଙ୍କର କନ୍ୟାଗଣ
ସହତ କରାଇବ ନାହିଁ, ଯେଉଁମାନଙ୍କ ସହତ ମୁଁ ବାସ
କରୁଅଛି। 4ମୋର ଜନ୍ମସ୍ଥାନକୁ ଯାଅ ଇସ୍‌ହାକ ପାଇଁ ଏକ
ପତ୍ନୀ ଧର ଆସ।”

5ଦାସ ତାଙ୍କୁ କହଲେ, “ଏହା ସମ୍ଭବ ହୋଇପାରେ ଯେ,
ଯେବେ କୌଣସି କନ୍ୟା ମୋ ସହତ ଏହ ଭୂମିକୁ ଆସି
ନପାରନ୍ତି, ତେବେ ମୁଁ ତୁମ୍ଭର ପୁତ୍ରକୁ ମୋ ସହତ ତୁମ୍ଭର
ଜନ୍ମ ସ୍ଥାନକୁ ନେବା ଉଚତ୍ କି?”

6ଅବ୍ରହାମ ତାଙ୍କୁ କହଲେ, “ନା ମୋର ପୁତ୍ରକୁ ସେଠାକୁ
ନେବ ନାହିଁ। 7ସଦାପ୍ରଭୁ ସ୍ୱର୍ଗର ପରମେଶ୍ୱର ମୋତେ ମୋର
ଜନ୍ମ ସ୍ଥାନରୁ ମୋ ପିତାଙ୍କ ପରବାର ଏଠାକୁ ଆଣିଛନ୍ତି।
ସେହ ସ୍ଥାନ ମୋର ପରବାରମାନଙ୍କ ପାଇଁ ମୋର ପିତା।
କନ୍ତୁ ସଦାପ୍ରଭୁ ପ୍ରତିଜ୍ଞା କରଛନ୍ତି, ଏହ ଭୂମି ମୋର
ପରବାର ପାଇଁ ହେବ। ସଦାପ୍ରଭୁ ଜଣେ ତାଙ୍କ ଦୂତଙ୍କୁ ତୁମ୍ଭ
ସହତ ପଠାଇପାରନ୍ତି। ମୋର ପୁଅ ପାଇଁ ଏକ ସ୍ତ୍ରୀ ଖୋଜି
ଆଣିବା ନମନ୍ତେ। 8କନ୍ତୁ ଯଦ ସେହ ଝିଅ ତୁମ୍ଭ ସହତ
ଆସିବା ପାଇଁ ମନା କରେ, ତେବେ ତୁମ୍ଭେ ତୁମ୍ଭର ପ୍ରତିଜ୍ଞାରୁ
ମୁକ୍ତ ହେବ। କନ୍ତୁ ତୁମ୍ଭେ ମୋର ପୁତ୍ରକୁ ସେହ ସ୍ଥାନକୁ
ନଅ ନାହିଁ।”

9ତେଣୁ ସେହ ଦାସ ତାଙ୍କର ମୁନବଙ୍କ ଜଙ୍ଘ ଛୁଇଁ ଶପଥ
କଲା।

## ଖୋଜା ଆରମ୍ଭ ହେଲା

10ସେହ ଦାସ ଅବ୍ରହାମଙ୍କର ଦଶଟା ଓଟ ନେଇ
ସେହସ୍ଥାନ ପରତ୍ୟାଗ କଲା। ସମସ୍ତ ପ୍ରକାରର ସୁନ୍ଦର
ଉପହାରଗୁଡକ ବହନ କର ନେଲେ। ସେହ ଦାସ ନାହୋର
ଅରାମନହରୟିମର ନଗରକୁ ଯାତ୍ରା କଲା। 11ଏହାପରେ ସେ
ନଗର ବାହାରେ ଥିବା ସେହସ୍ଥାନ ଗଲେ, ଯେଉଁଠାକୁ
କନ୍ୟାମାନେ ଜଳ ପାଇଁ କୂପ ନକଟକୁ ଆସନ୍ତି। ନଗର
ବାହାରେ ସେହ କୂପ ନକଟରେ ଓଟମାନଙ୍କୁ ଆଣୁଥାଇ
ବସାଇଲେ।

12ଦାସ ପ୍ରାର୍ଥନା କଲେ ଏବଂ କହଲେ, “ହେ ସଦାପ୍ରଭୁ!,
ତୁମ୍ଭେ ମୋର ପ୍ରଭୁଙ୍କର ପରମେଶ୍ୱର। ମୋର ଜୀବନର ଲକ୍ଷ୍ୟ
ସଫଳ କରାଇ, ମୋହର କର୍ତ୍ତା ଅବ୍ରାହାମଙ୍କୁ ଦୟାକର
ଅନୁଗ୍ରହ କର। 13ଏହଠାରେ ମୁଁ କୂପ ନକଟରେ ଛିଡ଼ା
ହୋଇ ଅଛି। ଏବଂ ନଗରରୁ କନ୍ୟାମାନେ ପାଣି ନେବାକୁ
ଏଠାକୁ ଆସୁଛନ୍ତି। 14ମୁଁ ଅପେକ୍ଷା କଲ ତୁମ୍ଭର ଚହ୍ନ ପାଇଁ
କଏ ଇସ୍‌ହାକର ସ୍ତ୍ରୀ ହେବ। ମୁଁ ସେହ ଝିଅକୁ କହବ
‘ଦୟାକର ତୁମ୍ଭର ପାତ୍ର ମୋ ଆଡ଼କୁ ତଳମୁହାଁ କର। ତେଣୁ
ମୁଁ ପାଣି ପିଇ ପାରବ।’ ମୁଁ ଜାଣିପାରବ ସେହ ହେଉଛ
ଉପଯୁକ୍ତ ପାତ୍ରୀ ଯିଏ କହବ, ‘ପାଣି ପିଅ ଏବଂ ମୁଁ ତୁମ୍ଭର
ଓଟମାନଙ୍କୁ ମଧ୍ୟ ପାଣିଦେବ।’ ଯଦି ଏହପର ହୁଏ। ତେବେ
ମୁଁ ଜାଣିବ ସେ ହେଉଛ ଇସ୍‌ହାକ ପାଇଁ ଉପଯୁକ୍ତ କନ୍ୟା।
ଏବଂ ମୁଁ ଜାଣିବ ତୁମ୍ଭେ ମୋର ମୁନବଙ୍କ ଉପରେ ଦୟା
କଲ।”

## ଗୋଟିଏ ସ୍ତ୍ରୀ ବଛାଗଲେ

15ଏହାପରେ ଦାସଟର ପ୍ରାର୍ଥନା ସରବା ପୂର୍ବରୁ ଜଣେ
ଯୁବତୀ ରବକା କୂଅ ନକଟକୁ ଆସିଲେ। ରବକା ଥିଲେ,
ବଥୂୟେଲର ଝିଅ। ବଥୂୟେଲ ମିଲ୍କାର ପୁତ୍ର ଥିଲେ, ଯିଏକ
ଅବ୍ରାହାମଙ୍କର ଭାଇ ନାହୋର ସହତ ବବାହ କରଥିଲେ।
ରବକା ପାଣିପାତ୍ର କାନ୍ଧରେ ଥୋଇ କୁଅ ନକଟକୁ ଆସିଲେ।
16ସେ ବହୁତ ସୁନ୍ଦରୀ ଥିଲେ। ସେ ମଧ୍ୟ ଅବବାହତା’
ଥିଲେ। ସେ ଜଣେ କୁମାରୀ। ସେ କୁଅ ନକଟକୁ ଗଲା ଓ
ତା’ର ପାତ୍ରରେ ପାଣି ଭର୍ତ୍ତି କଲା। 17ଏହାପରେ ସେହ
ଦାସଜଣକ ତାଙ୍କ ପାଖକୁ ଗଲା ଏବଂ କହଲା, “ଦୟାକର
ତୁମ୍ଭ ପାତ୍ରରୁ ମୋତେ କଛ ଜଳପାନ କରବାକୁ ଦଅ।”

18ରବକା ତତ୍‌କ୍ଷଣାତ୍ ତାଙ୍କ କାନ୍ଧରୁ ପାତ୍ରଟିକୁ ଓହ୍ଲାଇ
ତାଙ୍କୁ ପିଇବାକୁ ଦେଲେ। ରବକା କହଲେ, “ହେ ମହାଶୟ,
ପାନ କର।” 19ସେ କଛ ଜଳପାନ କରବାକୁ ଦେଇ
ରବକା କହଲା, “ମୁଁ ମଧ୍ୟ ତୁମ୍ଭ ଓଟମାନଙ୍କୁ ଜଳପାନ
କରାଇବ।” 20ଏହାପରେ ରବକା କୂଅରୁ ପାଣିକାଢ଼ି କୁଣ୍ଡରେ
ଢାଳଲେ ଓ ପୁନର୍ବାର ପାଣି କାଢ଼ିବା ପାଇଁ କୂଅ ନକଟକୁ
ଗଲେ। ଏବଂ ସେ ଏହପର ସମସ୍ତ ଓଟମାନଙ୍କୁ ପାଣି
ପିଆଇଲେ।

21ତା’ପରେ ସେ କନ୍ୟାକୁ ଅତି ପାଖରେ ଏବଂ ଶାନ୍ତଭାବରେ
ଦେଖିଲେ, ସେ ନଶ୍ଚିତ ହେବାପର ଏବଂ ଯାଣିଲେ ସଦାପ୍ରଭୁ
ତାଙ୍କର ଯାତ୍ରା ସଫଳ କରଥିଲେ। 22ଓଟମାନେ ପାଣି
ପିଇସାରବା ପରେ। ସେହ ଦାସ ଜଣଙ୍କ ରବକାକୁ ଏକ
ସୁନା ନଥ ପ୍ରଦାନ କଲେ ଯାହାର ଓଜନ ଅଧଭର ଥିଲା।
ଏବଂ ତା’ର ହାତ ପାଇଁ ଦୁଇଟି ବଳା ଯାହାର ଓଜନ
ଦଶଭର ଥିଲା। 23ସେହ ଦାସଜଣଙ୍କ ପଚାରଲେ, “ତୁମ୍ଭ
ବାପାଙ୍କର ନାମ କ’ଣ? ତୁମ୍ଭ ପିତାଙ୍କ ଗୃହରେ ଆମ୍ଭମାନଙ୍କର
ରହବା ପାଇଁ ସ୍ଥାନ ଅଛ କି?”

24ରବକା ଉତ୍ତର ଦେଲା, “ମୋର ପିତା ବଥୂୟେଲ,
ନାହୋରର ଓ ମିଲ୍କାର ଜନ୍ମ ପୁତ୍ର।” 25ଏହାପରେ ସେ ମଧ୍ୟ
କହଲେ, “ଆଜ୍ଞା ହଁ ତୁମ୍ଭ ଓଟମାନଙ୍କ ଖାଇବା ପାଇଁ ଆମ୍ଭର
ନଡାଅଛ ଓ ତୁମ୍ଭର ବଶ୍ରାମ ପାଇଁ ଆମ୍ଭର ସ୍ଥାନ ଅଛ।”

26ସେହ ଦାସଜଣଙ୍କ ସଦାପ୍ରଭୁଙ୍କୁ ପ୍ରଣାମ କର ତାଙ୍କର
ଉପାସନା କଲେ। 27ସେହ ଦାସଜଣଙ୍କ କହଲା, “ମୋର
କର୍ତ୍ତା ଅବ୍ରହାମଙ୍କର ସଦାପ୍ରଭୁ ପରମେଶ୍ୱର ଧନ୍ୟ ହୁଅନ୍ତୁ।
ଯେହେତୁ ସଦାପ୍ରଭୁ ମୋର କର୍ତ୍ତାଙ୍କ ପ୍ରତି ଅନୁଗ୍ରହ ଓ

ସତ୍ୟାଚରଣ କରିବାରୁ ନିବୃତ୍ତ ହୋଇ ନାହାଁନ୍ତି। ସଦାପ୍ରଭୁ
ମୋ କର୍ତ୍ତାଙ୍କର ସମ୍ବନ୍ଧୀୟଙ୍କ ଗୃହକୁ କଢ଼ାଇ ନେଲେ।”
**28**ଏହାପରେ ରିବିକା ଦୌଡ଼ିଯାଇ ତାଙ୍କ ପରିବାରରେ
ଏହି କଥା ଜଣାଇଲା। **29-30**ରିବିକାର ଏକ ଭାଇ ଥିଲେ।
ତାଙ୍କର ନାମ ଲାବନ। ରିବିକା ତାଙ୍କୁ ସବୁକଥା ଜଣାଇଲେ।
ଲାବନ ଏହିକଥା ଶୁଣିବା ସମୟରେ ତାହାର ହସ୍ତରେ
ଯେତେବେଳେ ବଳା ଦେଖିଲେ। ସେ କୂଅ ପାଖକୁ ଦୌଡ଼ିଗଲା।
ଏବଂ ସେହିଠାରେ ସେହିଲୋକ ଜଣକ ସେହି ଓଟମାନଙ୍କୁ
ଧରି ସେହି କୂପ ପାଖରେ ଠିଆ ହୋଇଥିଲା। **31**ଲାବନ
କହିଲା, “ଭିତରକୁ ଆସ, ସଦାପ୍ରଭୁ ତୁମ୍ଭଙ୍କୁ ଆଶୀର୍ବାଦ
କରିଛନ୍ତି। ତୁମ୍ଭର ବାହାରେ ଠିଆହେବା ଦରକାର ନାହିଁ। ମୁଁ
ତୁମ୍ଭ ପାଇଁ ଏବଂ ତୁମ୍ଭର ଓଟପାଇଁ ଗୋଟିଏ ସ୍ଥାନ ପ୍ରସ୍ତୁତ
କରିଅଛି।”
**32**ତେଣୁ ଅବ୍ରହାମର ଦାସ ଗୃହକୁ ଗଲା। ଲାବନ
ଓଟମାନଙ୍କର ସାଜ ଓହ୍ଲାଇବା ପାଇଁ ସାହାଯ୍ୟ କଲେ ଏବଂ
ସେମାନଙ୍କ ପାଇଁ ଖାଇବାକୁ ନଡ଼ା ଦେଲେ। ସେ ଭୃତ୍ୟମାନଙ୍କୁ
ତାଙ୍କ ସହିତ ଥିବା ଅନ୍ୟ ଲୋକମାନଙ୍କୁ ପାଣି ଦେଲେ।
ଯଦ୍ୱାରା କି ସେମାନେ ପାଦ ଧୋଇବେ। **33**ଏହାପରେ ଲାବନ
ତାଙ୍କୁ ଖାଦ୍ୟ ଖାଇବାକୁ ଦେଲେ, କିନ୍ତୁ ସେହି ଦାସ
ଖାଇବାକୁ ମନା କଲେ। ସେ କହିଲେ, “ମୁଁ ଆସିବାର
ଉଦ୍ଦେଶ୍ୟ ନକହିବା ପର୍ଯ୍ୟନ୍ତ ତୁମ୍ଭ ଘରେ ଖାଇବି ନାହିଁ।”
ତେଣୁ ଲାବନ କହିଲେ, “ତେବେ କୁହନ୍ତୁ।”

## ରିବିକାର ହାତ ମାଗିବାକୁ

**34**ସେହିଦାସ ଜଣଙ୍କ କହିଲେ, “ମୁଁ ହେଉଛି ଅବ୍ରହାମଙ୍କର
ଦାସ। **35**ସଦାପ୍ରଭୁ ମୋର ପ୍ରଭୁଙ୍କୁ ସବୁ କ୍ଷେତ୍ରରେ ଅତିଶୟ
ଆଶୀର୍ବାଦ କରିଛନ୍ତି। ତେଣୁ ସେ ବଡ଼ଲୋକ ହୋଇଛନ୍ତି।
ଆଉ ସଦାପ୍ରଭୁ ତାହାଙ୍କୁ ପଲ ପଲ ଗୋରୁ, ମେଷ, ସୁନା,
ରୂପା, ଦାସଦାସୀ, ଓଟ ଓ ଗଧ ଦେଇଛନ୍ତି। **36**ସାରା ମୋର
କର୍ତ୍ତାଙ୍କର ସ୍ତ୍ରୀ, ସେ ବୁଢ଼ା ବୟସରେ ଏକ ପୁତ୍ର ସନ୍ତାନ ଜନ୍ମ
ଦେଲେ। ସେ ସମସ୍ତ ସମ୍ପତ୍ତି ମୋ କର୍ତ୍ତାଙ୍କର ପ୍ରାପ୍ତ ହେବ।
**37**ମୋର କର୍ତ୍ତା ମୋତେ ପ୍ରତିଜ୍ଞା କରାଇ କହିଲେ, ‘ମୋର
ପୁତ୍ରଙ୍କୁ କିଣାନୀୟ ସଙ୍ଗେ ବିବାହ ଦେବ ନାହିଁ। ଯେହେତୁ
ଆମ୍ଭେ ସେମାନଙ୍କ ଦେଶରେ ବାସ କରୁଅଛୁ। **38**ତେଣୁ ସେ
ମୋତେ ପ୍ରତିଜ୍ଞା କରି ତାଙ୍କ ସମ୍ବନ୍ଧୀୟଙ୍କ ନିକଟକୁ ପଠାଇଲେ
ଏବଂ କହିଲେ, ‘ଯାଅ ଓ ମୋ ପୁତ୍ର ପାଇଁ ଏକ ପୁତ୍ରବଧୂ
ଧରିଆସ।’ **39**ମୁଁ ମୋର କର୍ତ୍ତାଙ୍କୁ କହିଲି, ‘ଏପରିକି ସେ ସ୍ତ୍ରୀ
ମୋ ସହିତ ଏଠାକୁ ଆସିନପାରେ।’ **40**କିନ୍ତୁ ମୋର ପ୍ରଭୁ
ମୋତେ କହିଲେ, ‘ମୁଁ ସଦାପ୍ରଭୁଙ୍କର ସେବା କରେ ଏବଂ
ସଦାପ୍ରଭୁ ତାଙ୍କ ଦୂତଙ୍କୁ ପଠାଇବେ ତୁମ୍ଭକୁ ସାହାଯ୍ୟ କରିବାପାଇଁ
ଏବଂ ତୁମ୍ଭର ଯାତ୍ରା ସଫଳ କରିବେ ତୁମ୍ଭେ ଯାଅ। ମୋର
ପିତାଙ୍କ ବଂଶରୁ ମୋର ପୁଅ ନିମନ୍ତେ କନ୍ୟା ଆଣିବ।
**41**କିନ୍ତୁ ତୁମ୍ଭେ ଯଦି ଯାଅ ମୋର ବନ୍ଧୁବାନ୍ଧବମାନଙ୍କ ପାଖକୁ
ଯାଅ, ଆଉ ସେମାନେ ଯଦି ମନା କରିବେ ମୋ ପୁତ୍ର ପାଇଁ
କନ୍ୟା ଦେବାପାଇଁ, ତେବେ ତୁମ୍ଭେ ତୁମ୍ଭ ପ୍ରତିଜ୍ଞାରୁ ମୁକ୍ତ
ହେବ।’
**42**“ଆଜି ଏହି କୂପ ନିକଟକୁ ଆସିଲି, ଏବଂ କହିଲି,
‘ସଦାପ୍ରଭୁ ପରମେଶ୍ୱର ମୋର ପ୍ରଭୁ ଅବ୍ରହାମଙ୍କର ପରମେଶ୍ୱର,
ଦୟାକରି ମୋର ଯାତ୍ରା ସଫଳ କରାଅ। **43**ମୁଁ ସେହି କୂପ
ନିକଟରେ ଠିଆ ହେଲି ଏବଂ ଜଣେ ନିରୁପିତ କନ୍ୟାକୁ
ଅପେକ୍ଷା କଲି, ଯିଏ ଏଠାକୁ ପାଣି ପାଇଁ ଆସିବ। ଏହାପରେ
ମୁଁ କହିଲି, “ଦୟାକରି ମୋତେ ତୁମ୍ଭ ପାତ୍ରରୁ ଜଳପାନ
କରିବାକୁ ଦିଅ।” **44**ସେହି କନ୍ୟାଟି ମତେ ସ୍ୱତନ୍ତ୍ର ଧରଣର
ଉତ୍ତର ଦେଇ କହିବ, “ପାଣି ପିଅନ୍ତୁ। ଏବଂ ମୁଁ ମଧ୍ୟ ତୁମ୍ଭ
ଓଟମାନଙ୍କୁ ଜଳପାନ କରାଇବି।” ଏହି ଉପାୟରେ ମୁଁ ଜାଣିବି
ଯେ ସେହି ଝିଅଟି ସଦାପ୍ରଭୁ ମୋର ପ୍ରଭୁଙ୍କର ପୁତ୍ର ପାଇଁ
ବାଛି ଅଛନ୍ତି।’
**45**“ମୋର ମନରେ ପ୍ରାର୍ଥନା ସରିବା ପୂର୍ବରୁ ରିବିକା
କାନ୍ଧରେ ଜଳପାତ୍ର ଧରି କୂଅମୂଳକୁ ଆସିଲେ। ସେ ଜଳପାତ୍ର
କୁଅଁ ଭିତରକୁ ପକାଇଲେ ଏବଂ କିଛି ଜଳ କାଢ଼ିଲେ।
**46**ଏବଂ ସେ ସଙ୍ଗେ ସଙ୍ଗେ ତା’ର ପାତ୍ର କାନ୍ଧରୁ କାଢ଼ି ମୋ
ହାତରେ ପାଣି ଢାଳିଲା। ଏହାପରେ ସେ କହିଲା, ‘ତୁମ୍ଭେ ଏହି
ଜଳପାନ କର। ମୁଁ ଓଟମାନଙ୍କୁ ଜଳପାନ କରାଉଛି।’ ତେଣୁ
ମୁଁ ଜଳପାନ କଲି ଏବଂ ସେ ମଧ୍ୟ ମୋର ଓଟମାନଙ୍କୁ
ଜଳପାନ କରାଇଲା। **47**ତା’ପରେ ମୁଁ ପଚାରିଲି, ‘ତୁମ୍ଭର ପିତା
କିଏ?’ ସେ ଉତ୍ତର ଦେଲା, ‘ବଥୂୟେଲ ମୋର ପିତା।’
ଏହାପରେ ମୁଁ ତାଙ୍କୁ ବଳା ଓ ନଥ ଦେଲି। **48**ମୁଁ ମୁଣ୍ଡ
ନୁଆଁଇ ସଦାପ୍ରଭୁଙ୍କର ଧନ୍ୟବାଦ କଲି। ସେ ମୋର କର୍ତ୍ତାଙ୍କର
ପୁତ୍ର ନିମନ୍ତେ ତାଙ୍କ ଭ୍ରାତୃ ପୁତ୍ରଙ୍କ କନ୍ୟା ଗ୍ରହଣ କରିବାକୁ
ମୋତେ ପ୍ରକୃତ ପଥରେ କଢ଼ାଇ ଆଣିଲେ। ମୋର କର୍ତ୍ତା
ଅବ୍ରହାମର ସେହି ସଦାପ୍ରଭୁ। ପରମେଶ୍ୱରଙ୍କର ଧନ୍ୟବାଦ
କଲି। **49**ବର୍ତ୍ତମାନ ମୋତେ କୁହ, ତୁମ୍ଭେ କ’ଣ ମୋର
କର୍ତ୍ତାଙ୍କ ପ୍ରତି ଅନୁଗ୍ରହ ହୋଇ ତୁମ୍ଭର କନ୍ୟାକୁ ଦେବ? କିମ୍ବା
ତୁମ୍ଭେ କ’ଣ ଫେରାଇଦେବ? ମୋତେ କୁହ ତେବେ ମୁଁ
ଜାଣିବି କ’ଣ କରିବା ଉଚିତ।”
**50**ଏହାପରେ ଲାବନ୍ ଏବଂ ବଥୂୟେଲ ଉତ୍ତର କଲେ,
“ଆମ୍ଭେ ଦେଖୁଛୁ ଏହା ସଦାପ୍ରଭୁଙ୍କ ଆଡୁ, ଆମ୍ଭେ ଏହାକୁ
ପରିବର୍ତ୍ତନ କରିପାରିବୁ ନାହିଁ। **51**ଦେଖ, ରିବିକା ତୁମ୍ଭ
ସମ୍ମୁଖରେ ଅଛି, ତାକୁ ନେଇ ପ୍ରସ୍ଥାନ କର। ସଦାପ୍ରଭୁଙ୍କ
ଇଚ୍ଛାନୁସାରେ ତାକୁ ତୁମ୍ଭ କର୍ତ୍ତାଙ୍କର ପୁତ୍ରଙ୍କୁ ବିବାହ ଦିଅ।”
**52**ଯେତେବେଳେ ଅବ୍ରହାମଙ୍କର ଦାସ ଏହା ଶୁଣିଲେ।
ସଦାପ୍ରଭୁଙ୍କଠାରେ ମୁଣ୍ଡ ନୁଆଇଁ ପ୍ରଣାମ କଲେ। **53**ଏହାପରେ
ରିବିକା ପାଇଁ ଆଣିଥିବା ସବୁ ଉପହାର ତାଙ୍କୁ ଦେଲେ। ସେ
ମଧ୍ୟ ତାଙ୍କୁ ସୁନ୍ଦର ବସ୍ତ୍ର ଓ ସୁନାରୂପା ଅଳଙ୍କାର ତାଙ୍କୁ
ଦେଲେ। ସେ ମଧ୍ୟ ବହୁ ଦାମିକା ଉପହାର ତାଙ୍କ ମା ଓ
ଭାଇକୁ ଦେଲେ। **54**ଏହାପରେ ସେ ଏବଂ ତାଙ୍କର ଲୋକମାନେ
ଖାଇପିଇ ବିଶ୍ରାମ ନେଲେ। ତା’ପରି ଦିନ ପ୍ରଭାତରୁ ସେମାନେ
ଉଠି କହିଲେ, “ବର୍ତ୍ତମାନ ଆମ୍ଭେ ଆମ୍ଭ କର୍ତ୍ତାଙ୍କ ପାଖକୁ
ଫେରିଯିବୁ।”
**55**ରିବିକାର ମା ଓ ଭାଇ କହିଲେ, “ରିବିକାକୁ ଆମ
ସହିତ କିଛି ଦିନ ରହିବାକୁ ଦିଅ। ତାଙ୍କୁ ଆମ ସହିତ ଆଉ
ଦଶଦିନ ରହିବାକୁ ଦିଅ। ଏହାପରେ ସେ ଯାଇପାରିବ।”
**56**କିନ୍ତୁ ତାଙ୍କର ଦାସ କହିଲେ, “ମୋତେ ଅପେକ୍ଷା
କରିବାକୁ କୁହ ନାହିଁ। ସଦାପ୍ରଭୁ ମୋର ଯାତ୍ରା ସଫଳ

କରିଅଛନ୍ତି। ବର୍ତ୍ତମାନ ମୋତେ ମୋର କର୍ତ୍ତାଙ୍କ ଗୃହକୁ
ଫେରିବାକୁ ଦିଅ।”
57ରିବିକାର ଭାଇ ଓ ମା କହିଲେ, “ଆମ୍ଭେ ରିବିକାକୁ
ପଚାରିବା।” 58ସେମାନେ ରିବିକାକୁ ଡ଼ାକି ପଚାରିଲେ, “ତୁମ୍ଭେ
ଏହି ଲୋକ ସହିତ ବର୍ତ୍ତମାନ ଯିବାକୁ ଚାହଁ କି?”
ରିବିକା ଉତ୍ତର ଦେଲା “ହଁ ମୁଁ ଯିବି।”
59ତେଣୁ ସେମାନେ ଅବ୍ରାହାମଙ୍କର ଭୃତ୍ୟ ଏବଂ ତାଙ୍କ
ସହିତ ଥିବା ଅନ୍ୟ ଲୋକମାନଙ୍କ ସହିତ ରିବିକାକୁ ପଠାଇ
ଦେଲେ। ରିବିକାର ସେବୀକା ମଧ୍ଯ ତାଙ୍କ ସହିତ ଗଲା।
60ଯେତେବେଳେ ରିବିକା ସେହି ସ୍ଥାନ ଛାଡ଼ିଲା ସେମାନେ
ତାଙ୍କୁ ଆଶୀର୍ବାଦ କରି କହିଲେ,
“ଆମ୍ଭର ଭଉଣୀ, ତୁମ୍ଭେ ସହସ୍ର ସହସ୍ର ଲୋକଙ୍କର ମାତା
ହୁଅ। ଏବଂ ତୁମ୍ଭର ବଂଶଧରମାନେ ତାଙ୍କର ଶତ୍ରୁମାନଙ୍କୁ
ପରାସ୍ତ କରି ତାଙ୍କର ନଗର ଅଧିକାର କରନ୍ତୁ।”
61ଏହାପରେ ରିବିକା ଓ ତାଙ୍କର ସେବୀକା ଓଟଗୁଡିକ
ଉପରେ ଚଢ଼ି ସେହି ମନୁଷ୍ୟର ପଛେ ଯାତ୍ରା କଲେ। ସେହି
ଦାସ ରିବିକାକୁ ଘେନି ପ୍ରସ୍ଥାନ କଲା।
62ଇସ୍ହାକ ଦକ୍ଷିଣ ଦେଶରେ ବାସ କରିବାରୁ ବେର-
ଲହୟ୍-ରୋୟୀ ନାମକ ସ୍ଥାନକୁ ଯାଇ ଫେରି ଆସିଲେ।
63ପୁଣି ସନ୍ଧ୍ୟା ସମୟରେ ଧ୍ଯାନ କରିବାକୁ କ୍ଷେତ୍ରକୁ ଯାଇଥିଲେ।
ଇସ୍ହାକ ଉପରକୁ ଚାହିଁଲା ଦେଖିଲା ଦୂରରୁ ଓଟମାନେ
ଆସୁଛନ୍ତି।
64ରିବିକା ଅନାଇ ଇସ୍ହାକକୁ ଦେଖିଲା, ତା'ପରେ ସେ
ଓଟରୁ ଓହ୍ଲାଇ ପଡ଼ିଲା। 65ରିବିକା ଦାସକୁ କହିଲା, “ଆମ୍ଭମାନଙ୍କୁ
ଦେଖି ସାକ୍ଷାତ କରିବାକୁ ଆସୁଥିବା ଯୁବକ କିଏ?”
ଦାସଟି ଉତ୍ତର ଦେଲା, “ସେ ହେଉଛନ୍ତି ମୋର କର୍ତ୍ତା।”
ତେଣୁ ରିବିକା ତା'ର ମୁହଁକୁ ତା'ର ଓଢଣାରେ ଆଚ୍ଛାଦନ
କଲେ।
66ଦାସଟି ଯାହାସବୁ ଘଟିଥିଲା ତାହା ଇସ୍ହାକକୁ କହିଲା।
67ଏହାପରେ ଇସ୍ହାକ ସେହି କନ୍ୟାକୁ ତା'ର ମା'ର ତମ୍ବୁକୁ
ଆଣିଲେ। ସେହିଦିନ ରିବିକା ଇସ୍ହାକର ସ୍ତ୍ରୀ ହେଲା।
ଇସ୍ହାକ ତାଙ୍କୁ ବହୁତ ପ୍ରେମ କଲା। ତେଣୁ ଇସ୍ହାକ
ତାଙ୍କର ମାଙ୍କର ମୃତ୍ୟୁପରେ ସାନ୍ତ୍ୱନା ପାଇଲେ।

## ଅବ୍ରହାମଙ୍କର ବଂଶ

25 ଅବ୍ରହାମ ପୁନର୍ବାର ବିବାହ କଲେ, ତାଙ୍କର ନୂତନ
ସ୍ତ୍ରୀର ନାମ ଥିଲା କଟୂରା। 2କଟୂରା ସିମ୍ରଣ, ଯକ୍ଷନ୍,
ମଦାନ୍, ମିଦିୟନ, ଯିଶ୍ବକ୍ ଓ ଶୂହ ଏହିମାନଙ୍କୁ ଜନ୍ମ
ଦେଲା। 3ସେ ଯକ୍ଷନ୍ ଶିବା ଓ ଦଦାନକୁ ଜନ୍ମ ଦେଲା।
ଦଦାନ ପୁତ୍ରମାନେ ଥିଲେ, ଅଶୂରୀୟ, ଲଟୂଶୀୟ ଓ ଲୟମ୍ମୀୟ।
4ମିଦିୟନର ସନ୍ତାନ ଐଫା ଓ ଏଫର ଓ ହନୋକ ଅବୀଦ
ଓ ଇଲଦାୟା ଏହି ସମସ୍ତେ କଟୂରାର ସନ୍ତାନ। 5ଅବ୍ରହାମ
ମରିବା ପୂର୍ବରୁ ସେ ତାଙ୍କର ଦାସୀ ପୁତ୍ରମାନଙ୍କୁ କିଛି
ଉପହାର ଦେଲେ ଏବଂ ପୂର୍ବ ଦିଗକୁ ପଠାଇଲେ। 6ଅବ୍ରହାମ
ମୃତ୍ୟୁ ପୂର୍ବରୁ, ସେ ଦାସୀମାନଙ୍କ ପୁତ୍ରଗଣଙ୍କୁ କିଛି ଉପହାର
ଦେଲେ ଓ ସେହି ପୁତ୍ରଗଣଙ୍କୁ ପୂର୍ବଦିଗସ୍ଥ ଦେଶରେ ରହିବାକୁ
ବିଦାୟ କଲେ। ସେ ସେମାନଙ୍କୁ ଇସ୍ହାକଠାରୁ ଦୂରକୁ
ପଠାଇଲେ। ତା'ପରେ ଅବ୍ରହମ ତାଙ୍କର ସମସ୍ତ ସମ୍ପତ୍ତି
ଇସ୍ହାକକୁ ଦେଲେ।
7ଅବ୍ରହାମ 175 ବର୍ଷ ବଞ୍ଚିଲେ। 8ଏହାପରେ ଅବ୍ରହାମ
ଦୁର୍ବଳ ହେଲେ ଓ ମୃତ୍ୟୁବରଣ କଲେ। ସେ ଅନେକ ବର୍ଷ
ପର୍ଯ୍ୟନ୍ତ ବଞ୍ଚିଲେ। ସେ ଆପଣା ଲୋକମାନଙ୍କ ସହିତ କବର
ପାଇଲେ। 9ତାଙ୍କର ପୁତ୍ର ଇସ୍ହାକ ଓ ଇଶ୍ମାୟେଲ ମମ୍ରି
ନିକଟରେ ହେତ୍ତୀୟ ସୋହରର ପୁତ୍ର ଇଫ୍ରୋଣର କ୍ଷେତ୍ରସ୍ଥିତ
ମକ୍ପେଲା ନାମକ ଗୁହାରେ ତାହାଙ୍କୁ କବର ଦେଲେ।
10ଯେହେତୁ ଅବ୍ରହାମ ହେତ୍ତୀୟ ସନ୍ତାନମାନଙ୍କ ନିକଟରୁ
ସେହି କ୍ଷେତ୍ର କ୍ରୟ କରିଥିଲେ। ସେହି ସ୍ଥାନରେ ଅବ୍ରହାମଙ୍କୁ
ତାଙ୍କ ସ୍ତ୍ରୀ ସାରାଙ୍କ ସହିତ କବର ଦିଆଗଲା। 11ଅବ୍ରହାମଙ୍କ
ମୃତ୍ୟୁପରେ ପରମେଶ୍ୱର ତାଙ୍କର ପୁତ୍ର ଇସ୍ହାକଙ୍କୁ ଆଶୀର୍ବାଦ
କଲେ। ଏବଂ ଇସ୍ହାକ ବେର-ଲହୟରୋୟୀ ନାମକ ସ୍ଥାନରେ
ବସତି କଲେ।
12ଏହା ସାରାର ମିଶରୀୟା ଦାସୀ ହାଗାରର ପୁତ୍ର,
ଇଶ୍ମାୟେଲଙ୍କର ପରିବାରର ତାଲିକା ଅଟେ। 13ପ୍ରତ୍ୟେକ
ବିଧିପୂର୍ବକ ତାଲିକା ଅନୁସାରେ ନାମ: ଇଶ୍ମାୟେଲର ଜ୍ୟେଷ୍ଠପୁତ୍ର
ନବାୟୋତ୍ ତାହା ଉତ୍ତାରେ କେଦର ଓ ଅଦ୍ବେଲ ଓ
ମିବ୍ସମ୍। 14ମିଶ୍ମ ଓ ଦୂମା ଓ ମସା। 15ହଦଦ୍, ତେମା,
ଯିଟୁର ଓ ନାଫୀଶ୍ ଓ କେଦମା 16ଏହି ସମସ୍ତେ ଇଶ୍ମାୟେଲର
ସନ୍ତାନ, ସେମାନଙ୍କର ଗ୍ରାମ ଓ ଛାଉଣୀ ସ୍ଥାନ ଥିଲା। ସେହି
ବାରଜଣ ତାଙ୍କ ଗୋତ୍ରର ରାଜକୁମାର ଥିଲେ। 17ଇଶ୍ମାୟେଲର
ଆୟୁ 137 ବର୍ଷ ବଞ୍ଚିଲେ। ଏହାପରେ ସେ ପ୍ରାଣ ତ୍ୟାଗ
କଲେ। ସେ ତାଙ୍କ ପୂର୍ବପୁରୁଷଙ୍କ ସହିତ କବର ପ୍ରାପ୍ତ
ହେଲେ। 18ଏହାପରେ ତାହାର ବଂଶଧରମାନେ ହବୀଲାରୁ
ମିଶରର ପାଖରେ ଶୂରକୁ ଅଶୂରିୟା ଦିଗରେ ବସତି କଲେ।
ସେମାନେ ନିଜ ନିଜ ପାଖରେ ବାସ କଲେ ଏବଂ ଇଶ୍ମାୟେଲ
ଆପଣଙ୍କର ବଂଶଧରମାନେ ଭାଇମାନଙ୍କ ସମ୍ମୁଖରେ ବସତି
କଲେ।

## ଇସ୍ହାକଙ୍କର ବଂଶ

19ଅବ୍ରହାମଙ୍କର ପୁତ୍ର ଇସ୍ହାକଙ୍କର ବଂଶାବଳୀ ଏହି।
ଅବ୍ରହାମ ଇସ୍ହାକଙ୍କୁ ଜନ୍ମ କଲେ। 20ଯେତେବେଳେ ଇସ୍ହାକ
ରିବିକାକୁ ବିବାହ କଲେ, ସେ ଚାଳିଶ ବର୍ଷ ଥିଲେ। ଯିଏକି
ବଥୂୟେଲର କନ୍ୟା, ଅରାମୀୟ ପଦନ-ଅରାମର ଏବଂ ଅରାମୀୟ
ଲାବନର ଭଗିନୀ। 21ଇସ୍ହାକଙ୍କର ସେହି ସ୍ତ୍ରୀ ବନ୍ଧ୍ୟା
ହେବାରୁ ସେ ତାହା ନିମନ୍ତେ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା
କଲେ। ତହିଁରେ ସଦାପ୍ରଭୁ ପ୍ରାର୍ଥନା ଶୁଣନ୍ତେ ତାଙ୍କର ସ୍ତ୍ରୀ
ରିବିକା ଗର୍ଭବତୀ ହେଲା।
22ଯେତେବେଳେ ରିବିକା ଗର୍ଭବତୀ ହେଲା, ନିଜ ନିଜ
ଭିତରେ ଶିଶୁମାନେ ଛନ୍ଦାଛନ୍ଦି ହେଲେ। ରିବିକା ସଦାପ୍ରଭୁଙ୍କୁ
ପ୍ରାର୍ଥନା କରି କହିଲା, “ମୋ ପ୍ରତି ଏପରି କାହିଁକି ଘଟିଲା?”
23ସଦାପ୍ରଭୁ ତାହାଙ୍କୁ କହିଲେ, “ତୁମ୍ଭ ଗର୍ଭରେ ଦୁଇ ଗୋଷ୍ଠୀ
ଅଛନ୍ତି ଓ ଦୁଇ ଗୋତ୍ର ତୁମ୍ଭ ଉଦରରୁ ବିଭିନ୍ନ ହେବେ। ଏକ
ଗୋତ୍ର ଅନ୍ୟ ଗୋତ୍ରଠାରୁ ବଳବାନ ହେବ। ପୁଣି ଜ୍ୟେଷ୍ଠ
କନିଷ୍ଠର ସେବା କରିବ।” 24ଉପଯୁକ୍ତ ସମୟରେ ରିବିକା
ଯାଆଁଳା ପୁତ୍ର ଜନ୍ମ ଦେଲେ। 25ଜ୍ୟେଷ୍ଠ ବାହାରି ଆସିଲା

ରକ୍ତବର୍ଣ୍ଣ ଦେଖାଯାଉଥିଲା, ତାଙ୍କର ଚର୍ମ ଲୋମଶ ବସ୍ତ୍ରପର
ଥିଲା। ଏଣୁ ଏହାର ନାମ ଏଷୌ ଦଆଗଲା। **26**ତା’ପରେ,
ତାହାର ଭ୍ରାତା ଏଷୌର ଗୋଇଠି ଧର ଜନ୍ମ ହେଲା। ଏଣୁକର
ତାହାର ନାମ ଯାକୁବ ଦଆଗଲା। ଇସ୍ହାକଙ୍କର ଷାଠିଏ ବର୍ଷ
ବୟସରେ ଏହ ଯାଆଁଳା ପୁତ୍ର ଜନ୍ମ ହେଲେ।

**27**ଏହାପରେ ବାଳକମାନେ ବଢିଲେ ଏବଂ ଏଷୌ ମୃଗୟାରେ
ଜଣେ ନପୁଣ ଓ ବନବହାରୀ ହେଲା। ଯାକୁବ ଜଣେ ମୃଦୁ
ମନୁଷ୍ୟ ବକ୍ତ ତମ୍ବୁରେ ବାସ କଲା। **28**ଇସ୍ହାକ ମୃଗୟା
ମାଂସ ଅତି ସୁସ୍ୱାଦୁ ବୋଧ କରିବାରୁ ଏଷୌକୁ ଭଲ
ପାଇଲେ। ମାତ୍ର ରିବକା ଯାକୁବକୁ ଭଲ ପାଇଲେ।

**29**ସେହ ସମୟରେ ଏଷୌ ବହୁତ କ୍ଳାନ୍ତ ହୋଇ କ୍ଷେତ୍ରରୁ
ଆସିଲା। **30**ତହୁଁ ସେ ଯାକୁବକୁ କହଲା, “ମୁଁ ବହୁତ ଥକ
ଯାଇଛ ମତେ ଦୟାକର ସେହ ଲାଲ ପଦାର୍ଥରୁ କଛ
ଦଅ। ଏହ ନମନ୍ତେ ତା’ର ନାମ ଇଦୋମ ନାମରେ ଖ୍ୟାତ
ହେଲେ।”

**31**କନ୍ତୁ ଯାକୁବ କହଲା, “ଆଜି ତୁମ୍ଭେ ମତେ ଆପଣାର
ପ୍ରଥମଜାତ ପୁତ୍ର ଅଧିକାର ବକ୍ରୟ କର।” **32**ଏଷୌ ଉତ୍ତର
ଦେଲା, “ଦେଖ ମୁଁ ମଲା ପରି, ଜ୍ୟେଷ୍ଠାଧିକାରରେ ମୋର କ
ଲାଭ? ତେଣୁ ମୁଁ ଏହା ତୁମ୍ଭକୁ ଦେବ।”

**33**କନ୍ତୁ ଯାକୁବ କହଲା, “ପ୍ରଥମେ ତୁମ୍ଭେ ମୋତେ
ଦେବା ପାଇଁ ପ୍ରତିଜ୍ଞା କର।” ତେଣୁ ସେ ପ୍ରତିଜ୍ଞା କଲା।
ଏବଂ ତାଙ୍କର ଜ୍ୟେଷ୍ଠତା ତାଙ୍କୁ ଦେଲା। **34**ଏହାପରେ ଯାକୁବ
ଏଷୌକୁ ରୋଟି ଏବଂ ମସୁରଡାଲ ରାନ୍ଧି ଖାଇବାକୁ ଦେଲା ଓ
ସେ ସ୍ଥାନ ପରିତ୍ୟାଗ କଲା। ଏହପରେ ଏଷୌ ନଜର ଜୈଷ୍ଠ
ଭ୍ରାତାର ଅଧିକାର ବଷୟରେ ପୁନର୍ବାର ଭାବଲା ନାହିଁ।

## ଇସ୍ହାକ ଅବମେଲକକୁ ମିଛ କହଲେ

26 ଥରେ ଅବ୍ରହାମଙ୍କର ସମୟରେ ଦୁର୍ଭିକ୍ଷ ହୋଇଥିଲା।
ସେହ ଦେଶରେ ଆଉ ସେହଭଳି ଏକ ଦୁର୍ଭିକ୍ଷ
ଦେଖାଦେବାରୁ ଇସ୍ହାକ ଗରାରରେ ପଲେଷ୍ଟୀୟମାନଙ୍କ ରାଜା
ଅବମେଲକ ନକଟକୁ ଗଲେ। **2**ସେତେବେଳେ ସଦାପ୍ରଭୁ
ଇସ୍ହାକକୁ କହଲେ, “ତୁମ୍ଭେ ମିଶର ଦେଶକୁ ଯାଅ ନାହିଁ।
ଆମ୍ଭେ ତୁମ୍ଭକୁ ଯେଉଁ ଦେଶ କହବା, ସେଠାରେ ବାସକର।
**3**ତୁମ୍ଭେ ଏହ ଦେଶରେ ପ୍ରବାସ କର। ତହିଁରେ ମୁଁ ତୁମ୍ଭକୁ
ସାହାଯ୍ୟ ଓ ଆଶୀର୍ବାଦ କରିବ। ପୁଣି ମୁଁ ତୁମ୍ଭକୁ ଓ ତୁମ୍ଭ
ବଂଶକୁ ଏହ ସମସ୍ତ ଭୂମି ଦେବ। ତୁମ୍ଭ ପିତା ଅବ୍ରାହାମଙ୍କ
ନକଟରେ କରିଥିବା ଶପଥ ମୁଁ ସଫଳ କରିବ। **4**ଆମ୍ଭେ
ଆକାଶର ତାରାଗଣ ପରି ତୁମ୍ଭର ବଂଶ ବୃଦ୍ଧିକରି ସେମାନଙ୍କୁ
ଏହସବୁ ଦେଶ ଦେବା ଓ ତୁମ୍ଭ ବଂଶଧର, ପୃଥିବୀସ୍ଥ ସମସ୍ତ
ଜାତି ଆଶୀର୍ବାଦ ପ୍ରାପ୍ତ ହେବେ। **5**ମୁଁ ଏହା କରିବ, କାରଣ
ତୁମ୍ଭର ପିତା ଅବ୍ରହାମ ମୋର କଥା ମାନଥିଲେ ଓ ମୁଁ ଯାହା
କହଥିଲ ତାହା କରିଥିଲେ। ଅବ୍ରହାମ ମୋର ଆଦେଶ,
ନୟମ ଓ ବଧିସବୁ ମାନଲେ।”

**6**ତହିଁରେ ଇସ୍ହାକ ଗରାରଠାରେ ବାସକଲେ। **7**ତହିଁରେ
ସେହ ସ୍ଥାନର ଲୋକମାନେ ତାଙ୍କର ସ୍ତ୍ରୀ ବଷୟରେ ପଚାରନ୍ତେ
ସେ କହଲେ, “ସେ ମୋର ଭଉଣୀ” ସେ ଏହା କହଲେ,
କାରଣ ସେ ରିବକା ଲାଗି ଭୟ କରୁଥିଲେ। ସେଠିକାର
ଲୋକମାନେ ତାଙ୍କୁ ବଧ କରିଥାଆନ୍ତେ, କାରଣ ସେ ବହୁତ
ସୁନ୍ଦରୀ ଥିଲେ।

**8**ଇସ୍ହାକ ସେଠାରେ ବହୁଦନ ବାସ କଲାପରେ ଦନେ
ପଲେଷ୍ଟୀୟ ରାଜା ଅବମେଲକ ଝରକା ଦେଇ ଇସ୍ହାକ ଓ
ତା’ର ସ୍ତ୍ରୀକୁ କୌତୁକ କରିବାର ଦେଖିଲେ। **9**ଅବମେଲକ
ଇସ୍ହାକଙ୍କୁ ଡାକ କହଲେ, “ସେହ ସ୍ତ୍ରୀଲୋକ ଜଣଙ୍କ ତୁମ୍ଭର
ସ୍ତ୍ରୀ। ସେ ତୁମ୍ଭର ଭଉଣୀ ବୋଲି ତୁମ୍ଭେ କାହିଁକ କହଲ?”

ଇସ୍ହାକ ତାଙ୍କୁ କହଲେ, “ମୁଁ ଭୟକରି ଗଲ। ମୁଁ
ଭାବଲ, ତୁମ୍ଭେ ମୋତେ ହତ୍ୟାକରି ମୋର ସ୍ତ୍ରୀକୁ ନେଇଯିବ।”

**10**ଅବମେଲକ କହଲା, “ତୁମ୍ଭେ ଆମକୁ ଖରାପ ବ୍ୟବହାର
କଲ। ଯଦ କୌଣସି ଲୋକ ତୁମ୍ଭ ସ୍ତ୍ରୀ ସଂଗରେ ଅନ୍ୟାୟାସରେ
ଶୟନ କରି ଥାଆନ୍ତା। ତାହାହେଲେ ସେ ପାପରେ ଭାଗିଦାର
ହୋଇଥାନ୍ତା।” **11**ତେଣୁ ଅବମେଲକ ସମସ୍ତ ଲୋକଙ୍କୁ ଚେତାବନ
ଦେଇ କହଲେ, ସେ କହଲେ, “କୌଣସି ଲୋକ ସେହ
ଲୋକ ଓ ତାଙ୍କର ସ୍ତ୍ରୀଙ୍କୁ ଛୁଇଁବ ନାହିଁ। ଯଦ କୌଣସି
ଲୋକ ଏପରି କରେ ତେବେ ତାକୁ ମୃତ୍ୟୁ ଦଣ୍ଡ ଦଆଯିବ।”

## ଇସ୍ହାକ ଧନୀ ହେଲେ

**12**ଏହାପରେ ଇସ୍ହାକ ସେହ ଦେଶରେ କୃଷି କର୍ମ କରି
ସେହ ବର୍ଷ ଯାହା ଲଗାଇଥିଲେ, ସବୁ ଅମଳ କଲେ। କାରଣ
ସଦାପ୍ରଭୁ ତାଙ୍କୁ ଆଶୀର୍ବାଦ କଲେ। **13**ଇସ୍ହାକ ପାଇବାକୁ
ଲାଗିଲେ। ଅଧିକରୁ ଅଧିକ ଧନୀ ହେଲେ ଯେ ପର୍ଯ୍ୟନ୍ତ ସେ
ଅଧିକ ଧନଶାଳୀ ହେଲେ। **14**ତାଙ୍କର ପଲପଲ ମେଷ,
ପଶୁପଲ ଏବଂ ଦାସ ଥିଲେ। ତେଣୁ ପଲେଷ୍ଟୀୟ ଲୋକମାନେ
ତାଙ୍କ ପ୍ରତି ଇର୍ଷା କରିବାକୁ ଲାଗିଲେ। **15**ଏଣୁ ଇସ୍ହାକଙ୍କର
ପିତା ଅବ୍ରହାମ ଇସ୍ହାକଙ୍କର ପିତାଙ୍କର ଦାସମାନେ ସେସମୟରେ
ଯେଉଁ ସବୁ କୂପ ଖୋଳଥିଲେ ପଲେଷ୍ଟୀୟ ଲୋକମାନେ ମାଟି
ଦ୍ୱାରା ସେ ସବୁ ପୋତି ପକାଇଲେ। **16**ଏହାପରେ ଅବମେଲକ
ଇସ୍ହାକଙ୍କୁ କହଲେ, “ତୁମ୍ଭେ ଆମ୍ଭମାନଙ୍କ ନକଟରୁ ପ୍ରସ୍ଥାନ
କର। ଯେହେତୁ ତୁମ୍ଭେ ଆମ୍ଭମାନଙ୍କଠାରୁ ବଳବାନ ହୋଇଅଛ।”

**17**ତେଣୁ ସେହ ସ୍ଥାନ ପରିତ୍ୟାଗ କରି ଗରାର ଛୋଟ
ନଦୀ ନକଟରେ ଛାଉଣୀ ପକାଇଲେ। ଇସ୍ହାକ ସେହଠାରେ
ରହ ବାସ କଲେ। **18**ଇସ୍ହାକ ପୁନର୍ବାର ସେହ କୂପମାନ
ଖୋଳାଇଲେ, ଯାହା ପଲେଷ୍ଟୀୟଙ୍କ ଦ୍ୱାରା ପୋତା ଯାଇଥିଲା।
ଯେଉଁ କୂପଗୁଡକ ତାଙ୍କ ପିତା ବଞ୍ଚିଥିଲା ବେଳେ ଖୋଳା
ଯାଇଥିଲା। ସେ ସେହ ନାମ ବ୍ୟବହାର କଲେ, ଯାହା ତାଙ୍କ
ପିତା ବ୍ୟବହାର କରିଥିଲେ। **19**ଆଉ ଇସ୍ହାକଙ୍କର ଦାସମାନେ
ସେହ ଉପତ୍ୟକା ଖୋଳ ସ୍ରୋତାବାହ କୂପ ପାଇଲେ।
**20**ତହିଁରେ ଗରାର ଦେଶୀୟ ପଶୁପାଳକମାନେ ଇସ୍ହାକଙ୍କ
ପଶୁପାଳକମାନଙ୍କ ସହତ ବବାଦ କରି କହଲେ, “ଏହ ଜଳ
ଆମ୍ଭମାନଙ୍କର” ଏଣୁ ସେମାନେ ସେହ କୂପର ନାମ ଏଷକ
ରଖିଲେ। ଯେହେତୁ ତାଙ୍କ ସହତ ସେମାନେ ବବାଦ କଲେ।

**21**ଏହାପରେ ଇସ୍ହାକର ଦାସମାନେ ଆଉ ଏକ କୂପ
ଖୋଳନ୍ତେ ସେଠାକାର ଲୋକମାନେ ତା’ ପାଇଁ ମଧ ବବାଦ
କଲେ। ତହିଁରେ ଇସ୍ହାକ ତହିଁର ନାମ ସିଟ୍ନା ରଖିଲେ।

**22**ପୁଣି ସେ ସେଠାରୁ ପ୍ରସ୍ଥାନକରି ଅନ୍ୟଏକ କୂପ
ଖୋଳଲେ। ତହିଁ ନମିତ୍ତ ସେମାନେ ବବାଦ ନକରିବାରୁ

ତହିଁର ନାମ ରହୋବୋତ୍ ରଖିଲେ। "ସଦାପ୍ରଭୁ ଆମ୍ଭଙ୍କୁ
ରହିବା ପାଇଁ ଯଥେଷ୍ଟ ସ୍ଥାନ ଦେଇଛନ୍ତି। ଆମ୍ଭେ ଏହି
ଦେଶରେ ବୃଦ୍ଧି ପାଇବା।"
**23**ସେହି ସ୍ଥାନରୁ ଇସ୍ହାକ ବେରଶେବାକୁ ଗଲେ। **24**ସେହି
ରାତ୍ରିରେ ସଦାପ୍ରଭୁ ଇସ୍ହାକଙ୍କୁ କହିଲେ, "ମୁଁ ତୁମ୍ଭର ପିତା
ଅବ୍ରହାମର ପରମେଶ୍ୱର। ଭୟ କର ନାହିଁ, ମୁଁ ତୁମ୍ଭ ସହିତ
ଅଛି। ତୁମ୍ଭକୁ ଆଶୀର୍ବାଦ କରି ତୁମ୍ଭର ବଂଶ ବୃଦ୍ଧି କରିବା।"
**25**ତେଣୁ ଇସ୍ହାକ୍ ଏକ ଯଜ୍ଞବେଦୀ ସ୍ଥାପନ କରି ସଦାପ୍ରଭୁଙ୍କର
ଉପାସନା କଲେ। ଇସ୍ହାକ୍ ସେଠାରେ ତାଙ୍କର ତମ୍ବୁ
ପକାଇଲେ। ଏବଂ ତାଙ୍କର ଦାସମାନେ ସେଠାରେ ଏକ କୂପ
ଖନନ କଲେ।
**26**ଅବିମେଲକ ଇସ୍ହାକ୍‌ଙ୍କୁ ସାକ୍ଷାତ କରିବା ପାଇଁ ଗରାରକୁ
ଆସିଲେ। ଅବିମେଲକ ତାଙ୍କ ସହିତ ଅହୁଷତ୍ ଯେ ତାଙ୍କର
ଉପଦେଷ୍ଟା ଏବଂ ଫୀଖୋଲ ତାଙ୍କ ସୈନ୍ୟଗଣର ଅଧକ୍ଷ।
**27**ଇସ୍ହାକ୍ ପଚାରିଲେ, "ମୋତେ ଦେଖିବାକୁ କାହିଁକି
ଆସିଛ? ପୂର୍ବରୁ ମୋ ସହିତ ବନ୍ଧୁତା ରଖି ନ ଥିଲେ।
ଏପରିକି ତୁମ୍ଭେ ମୋତେ ତୁମ୍ଭ ଦେଶରୁ ଜୋରକରି ବିଦା
କରିଥିଲ।"
**28**ସେମାନେ ଉତ୍ତର ଦେଲେ, "ବର୍ତ୍ତମାନ ଆମ୍ଭେ ଜାଣିଲୁ
ସଦାପ୍ରଭୁ ତୁମ୍ଭ ସହିତ ଅଛନ୍ତି। ଆମ୍ଭେ ଭାବିଲୁ ତୁମ୍ଭ ସହିତ
ଏକ ଚୁକ୍ତି କରିବା। ଆମ୍ଭେ ଚାହୁଁଛୁ ତୁମ୍ଭେ ଆମ୍ଭ ନିକଟରେ
ପ୍ରତିଜ୍ଞା କର। **29**ଆମ୍ଭେ ତୁମ୍ଭକୁ ଆଘାତ କରି ନ ଥିଲୁ,
ତୁମ୍ଭେ ବର୍ତ୍ତମାନ ପ୍ରତିଜ୍ଞା କର ଆମ୍ଭମାନଙ୍କୁ ତୁମ୍ଭେ ଆଘାତ
କରିବ ନାହିଁ। ତୁମ୍ଭକୁ ଶାନ୍ତିରେ ଆମ୍ଭେ ବିଦା କରିଅଛୁ।
ସେହିପରି ତୁମ୍ଭେ ହିଂସା କରିବ ନାହିଁ। ତୁମ୍ଭେ ତ ସଦାପ୍ରଭୁଙ୍କର
ଆଶୀର୍ବାଦର ପାତ୍ର।"
**30**ତେଣୁ ଇସ୍ହାକ୍ ତାଙ୍କୁ ଏକ ଭୋଜି ଦେଲେ।
ସେମାନେ ସମସ୍ତେ ଖାଇଲେ ଓ ପିଇଲେ। **31**ପରଦିନ
ପ୍ରତ୍ୟୁଷରୁ ପ୍ରତ୍ୟେକ ଲୋକ ଶପଥ ଓ ପ୍ରତିଜ୍ଞା କଲେ।
ଏହାପରେ ସେମାନେ ଶାନ୍ତିରେ ଫେରିଲେ।
**32**ସେହିଦିନ ଇସ୍ହାକ୍‌ର ଦାସମାନେ ଆସି କହିଲେ ଯେ
ସେମାନେ ଏକ କୂପ ଖନନ କରିଛନ୍ତି। ଦାସମାନେ କହିଲେ,
"ଆମ୍ଭେ ସେ କୂଅରୁ ପାଣି ବାହାର କରିଅଛୁ।" **33**ତେଣୁ
ଇସ୍ହାକ ସେହି କୂପର ନାମ ଦେଲେ, ଶେବା। ପୁଣି
ଆଜିଯାଏ ସେହି ସ୍ଥାନର ନାମ ବେରଶେବା ନାମରେ ଖ୍ୟାତ
ଅଟେ।

## ଏଷୌର ସ୍ତ୍ରୀମାନେ

**34**ଏହାପରେ ଏଷୌ ଚାଳିଶ ବର୍ଷ ବୟସରେ ହିତ୍ତୀୟ
ବେରିର ଯିହୁଦୀତ୍ ନାମ୍ନୀ କନ୍ୟାକୁ ଓ ହିତ୍ତୀୟ ଏଲୋନର
ବାସମତ୍ ନାମ୍ନୀ କନ୍ୟାକୁ ବିବାହ କଲେ। **35**ଏହି ବିବାହ
ଇସ୍ହାକ ରିବିକାଙ୍କୁ ବହୁତ ବିବ୍ରତ କଲା।

## ଉତ୍ତରାଧିକାର ଅସୁବିଧା

**27** ଇସ୍ହାକ ବୃଦ୍ଧ ହେଲାପରେ ତାଙ୍କ ଆଖିକୁ ଭଲ
ଦେଖା ଗଲା ନାହିଁ। ଦିନେ ସେ ତାଙ୍କର ବଡ଼ପୁତ୍ର
ଏଷୌକୁ ପାଖକୁ ଡ଼ାକି ଇସ୍ହାକ କହିଲେ, "ହେ ପୁତ୍ର"
ଏଷୌ! ସେ ଉତ୍ତର ଦେଲେ, "ମୁଁ ଏହିଠାରେ,"
**2**ଇସ୍ହାକ କହିଲେ, "ମୁଁ ବୃଦ୍ଧ। ମୁଁ ଜାଣିନି, କେବେ ମୁଁ
ମରିବି। **3**ତେଣୁ ତୁମ୍ଭେ ତୁମ୍ଭର ଧନୁ ଏବଂ ଶର ନେଇ
ଶିକାର କରିବାକୁ ଯାଅ। ମୋ ଖାଦ୍ୟ ପାଇଁ ଏକ ମୃଗ
ଶିକାର କର। **4**ମୁଁ ଯେଉଁ ପରି ଖାଦ୍ୟକୁ ଭଲପାଏ ସେହିପରି
ଖାଦ୍ୟ ପ୍ରସ୍ତୁତ କରି ଭୋଜନ ନିମନ୍ତେ ମୋ ପାଇଁ ଆଣ।
ତହିଁରେ ମୋର ମୃତ୍ୟୁ ପୂର୍ବରୁ ତୁମ୍ଭକୁ ଆଶୀର୍ବାଦ କରିବି।"
**5**ତେଣୁ ଏଷୌ ଶିକାରକୁ ଗଲା।

## ଇସ୍ହାକଙ୍କୁ ଯାକୁବର ପ୍ରବଞ୍ଚନା

ରିବିକା ଏହିକଥା ଶୁଣୁଥିଲେ। ଯେତେବେଳେ ଇସ୍ହାକ
ତା'ର ବଡ଼ପୁଅ ଏଷୌକୁ କହୁଥିଲେ। **6**ରିବିକା ତା'ର ପୁତ୍ର
ଯାକୁବକୁ କହିଲେ, "ଶୁଣ, ତୁମ୍ଭର ପିତା ଏଷୌକୁ କହିବାର
କଥା ମୁଁ ଶୁଣିଛି। **7**ତୁମ୍ଭର ପିତା କହିଲେ, 'ମୋ ପାଇଁ
ମୃଗୟା ମାଂସ ରାନ୍ଧି କରି ମୋତେ ଖୁଆଅ। ମୋ ପାଇଁ
ଖାଦ୍ୟ ପ୍ରସ୍ତୁତ କରିଆଣ ମୁଁ ତାହା ଖାଇ ମରିବା ପୂର୍ବରୁ
ତୁମ୍ଭକୁ ଆଶୀର୍ବାଦ କରିବି।'
**8**ତେଣୁ ପୁତ୍ର, ମୋର କଥା ଶୁଣ। ମୁଁ ଯେପରି କହୁଛି
ସେହିପରି କର। **9**ଆମ୍ଭର ଗୋଠରୁ ଦୁଇଟି ଯୁବା ଛେଳି
ଆଣ। ତୁମ୍ଭର ପିତାଙ୍କର ରୁଚି ମୁତାବକ ଖାଦ୍ୟ ମୁଁ ପ୍ରସ୍ତୁତ
କରିଦେବି। **10**ଏହାପରେ ତୁମ୍ଭେ ତୁମ୍ଭ ପିତାଙ୍କ ନିକଟକୁ
ଖାଦ୍ୟ ନେଇ ଯିବ। ଏବଂ ସେ ମରିବା ପୂର୍ବରୁ ତୁମ୍ଭକୁ
ଆଶୀର୍ବାଦ ଦେବେ।" **11**କିନ୍ତୁ ଯାକୁବ ତା'ର ମାତା ରିବିକାକୁ
କହିଲେ, "ମୋର ଭାଇ ଏଷୌ ଲୋମଶ ଶରୀର। ମୁଁ ତାଙ୍କ
ପରି ଲୋମଶ ନୁହେଁ। **12**ଯଦି ମୋର ପିତା ମୋତେ ସ୍ପର୍ଶ
କରନ୍ତି। ସେ ଜାଣିପାରିବେ ଯେ ମୁଁ ଏଷୌ ନୁହେଁ। ତା'ପରେ
ସେ ମୋତେ ଆଶୀର୍ବାଦ କରିବା ପରିବର୍ତ୍ତେ ଅଭିଶାପ
ଦେବେ। କାରଣ ମୁଁ ତାଙ୍କୁ ପ୍ରବଞ୍ଚନା କରିବାକୁ ଚେଷ୍ଟା
କରୁଛି।"
**13**ତେଣୁ ରିବିକା ତାଙ୍କୁ କହିଲେ, "ଯଦି କିଛି ସମସ୍ୟା
ଆସେ ତେବେ ମୁଁ ସହିନେବି। ମୁଁ ଯାହା କହୁଛି ତୁମ୍ଭେ
ସେହିପରି କର। ଯାଅ ମୋ ପାଇଁ ଛେଳି ଧରି ଆସ।"
**14**ତେଣୁ ଯାକୁବ ଯାଇ ଦୁଇଟି ଛେଳି ଆଣି ତା'ର ମା'କୁ
ଦେଲା। ଏହାପରେ ତାଙ୍କର ମା' ତାଙ୍କ ପିତାଙ୍କର ରୁଚି
ଅନୁସାରେ ଖାଦ୍ୟ ପ୍ରସ୍ତୁତ କଲେ। **15**ରିବିକା ତା'ର ବଡ଼ପୁଅର
ପୋଷାକ, ଯାହା ଘରେ ତାଙ୍କ ନିକଟରେ ଥିଲା, ନେଇ ଆଣି
ତା'ର ସାନ ପୁଅ ଯାକୁବକୁ ସେହି ବସ୍ତ୍ର ପିନ୍ଧାଇ ଦେଲା।
**16**ରିବିକା ଛେଳି ଚମଡ଼ା ଆଣି ଯାକୁବର ହାତରେ ଏବଂ
ତାଙ୍କ ଗଳାଦେଶରେ ଗୁଡ଼ାଇ ଦେଲା। **17**ଏହାପରେ ରିବିକା
ପ୍ରସ୍ତୁତ ଖାଦ୍ୟକୁ ଆଣି ଯାକୁବକୁ ଦେଲା।
**18**ଯାକୁବ ତାଙ୍କର ପିତାଙ୍କ ନିକଟକୁ ଯାଇ କହିଲା,
"ପିତା"।
ତାଙ୍କର ପିତା କହିଲେ, "ହଁ ପୁତ୍ର, ତୁମ୍ଭେ କିଏ?"
**19**ଯାକୁବ ତାଙ୍କର ପିତାଙ୍କୁ କହିଲା, "ମୁଁ ଏଷୌ ତୁମ୍ଭର
ପ୍ରଥମ ସନ୍ତାନ ଅଟେ। ତୁମ୍ଭର ବାକ୍ୟ ଅନୁସାରେ ମୁଁ କରିଛି।
ଏବଂ ବର୍ତ୍ତମାନ ବସି ଶିକାର ମାଂସ ଭୋଜନ କରି ମୋତେ
ଆଶୀର୍ବାଦ କର।"

**20**କିନ୍ତୁ ଇସ୍‌ହାକ ତାଙ୍କର ପୁତ୍ରଙ୍କୁ କହିଲେ, "ତୁମ୍ଭେ
ଏତେ ଶିଘ୍ର ଶିକାରରୁ କିପରି ଫେରିଲ?"
ଯାକୁବ ଉତ୍ତର ଦେଲା, "କାରଣ ସଦାପ୍ରଭୁ ତୁମ୍ଭର
ପରମେଶ୍ୱର ମୋତେ ତାହା ଶିଘ୍ର ଭେଟାଇ ଦେଲେ।"
**21**ଏହାପରେ ଇସ୍‌ହାକ ଯାକୁବଙ୍କୁ କହିଲେ, "ପୁତ୍ର ମୋର
ପାଖକୁ ଆସ ତେବେ ମୁଁ ଜାଣି ପାରିବି। ଯଦି ମୁଁ ତୁମ୍ଭକୁ
ସ୍ପର୍ଶ କରେ ତେବେ ମୁଁ ଜାଣି ପାରିବି ଯେ ତୁମ୍ଭେ ମୋର
ପୁତ୍ର ଏଷୌ କି ନୁହେଁ।"
**22**ତେଣୁ ଯାକୁବ ତାଙ୍କର ପିତାଙ୍କ ନିକଟକୁ ଗଲା।
ଇସ୍‌ହାକ ସ୍ପର୍ଶ କରି କହିଲା, "ତୁମ୍ଭର ସ୍ୱର ଯାକୁବର
ସ୍ୱରପରି କିନ୍ତୁ ତୁମ୍ଭର ହାତ ଲୋମଶ ଠିକ୍ ଏଷୌର ହାତ
ପରି।" **23**ଇସ୍‌ହାକ ତାଙ୍କୁ ଚିହ୍ନିପାରିଲେ ନାହିଁ, କାରଣ ତା'ର
ହାତଗୁଡ଼ିକ ଏଷୌର ଲୋମଶ ହାତ ପରି। ତେଣୁ ସେ ତାଙ୍କୁ
ଆଶୀର୍ବାଦ କଲେ।
**24**ଇସ୍‌ହାକ କହିଲେ, "ତୁମ୍ଭେ କ'ଣ ମୋର ପୁତ୍ର
ଏଷୌ?"
ଯାକୁବ ଉତ୍ତର ଦେଲା, "ହଁ ମୁଁ ଏଷୌ।"

## ଯାକୁବଙ୍କପାଇଁ ଆଶୀର୍ବାଦ

**25**ଏହାପରେ ଇସ୍‌ହାକ କହିଲେ, "ସେହି ଖାଦ୍ୟ ମୋ
ପାଇଁ ଆଣ। ମୁଁ ତାହାକୁ ଖାଇ ତୁମ୍ଭକୁ ଆଶୀର୍ବାଦ ଦେବି।"
ତେଣୁ ଯାକୁବ ତାଙ୍କୁ ଖାଦ୍ୟ ଦେଲେ ଏବଂ ସେ ତାକୁ
ଖାଇଲେ। ଏବଂ ଯାକୁବ ତାଙ୍କୁ ଦ୍ରାକ୍ଷାରସ ଦେଲେ। ସେ ତାକୁ
ପିଇଲେ।
**26**ଏହାପରେ ଇସ୍‌ହାକ ତାଙ୍କୁ କହିଲେ, "ମୋର ପୁତ୍ର
ମୋ ପାଖକୁ ଆସ ମୋତେ ଚୁମ୍ବନ ଦିଅ।" **27**ଯାକୁବ
ତାଙ୍କର ପିତାଙ୍କ ନିକଟକୁ ଗଲା ଓ ତାଙ୍କୁ ଚୁମ୍ବନ ଦେଲା।
ଇସ୍‌ହାକ ତାଙ୍କର ଗନ୍ଧ ବାରି ପାରିଲେ। ତାହା ଏଷୌର
ପୋଷାକର ଗନ୍ଧ ଥିଲା। ଏବଂ ଇସ୍‌ହାକ ତାଙ୍କୁ ଆଶୀର୍ବାଦ
ଦେଲେ।
ଇସ୍‌ହାକ ତାଙ୍କୁ କହିଲେ, "ସଦାପ୍ରଭୁଙ୍କର ଆଶୀର୍ବାଦପ୍ରାପ୍ତ
କ୍ଷେତ୍ରର ସୁଗନ୍ଧି ତୁଲ୍ୟ ମୋ ପୁତ୍ରର ସୁଗନ୍ଧି।
**28**ସଦାପ୍ରଭୁ ତୁମ୍ଭକୁ ଯଥେଷ୍ଟ ବର୍ଷା ଦିଅନ୍ତୁ। ତେଣୁ
ତୁମ୍ଭେ ବହୁତ ଫସଲ ଓ ଦ୍ରାକ୍ଷାରସ ପାଇବ।
**29**ସବୁ ଲୋକ ତୁମ୍ଭର ସେବା କରନ୍ତୁ। ସବୁଜାତି ତୁମ୍ଭ
ନିକଟରେ ମସ୍ତକ ଅବନତ କରନ୍ତୁ। ତୁମ୍ଭର ଭାଇ ଉପରେ
ତୁମ୍ଭେ ଶାସନ କର। ତୁମ୍ଭର ମା'ର ସନ୍ତାନ ତୁମ୍ଭକୁ ମାନୁ।
ଯେ ତୁମ୍ଭକୁ ଅଭିଶାପ ଦିଏ ସେ ଅଭିଶପ୍ତ ହେଉ। ଯେ
ତୁମ୍ଭକୁ ଆଶୀର୍ବାଦ କରେ ସେ ଆଶୀର୍ବାଦ ପ୍ରାପ୍ତ ହେଉ।"

## ଏଷୌ ତାଙ୍କ ପିତାଙ୍କର "ଆଶୀର୍ବାଦ" ଚାହେଁ

**30**ଇସ୍‌ହାକ ଯାକୁବକୁ ଆଶୀର୍ବାଦ ଦେଇ ସାରିଲେ।
ଏହାପରେ ସେ ସେହି ସ୍ଥାନ ପରିତ୍ୟାଗ କଲେ। ଏହି
ସମୟରେ ଏଷୌ ଶିକାରରୁ ଫେରିଲେ। **31**ତାଙ୍କର ପିତାଙ୍କ
ରୁଚି ଅନୁସାରେ ସେ ଖାଦ୍ୟ ପ୍ରସ୍ତୁତ କଲେ। ଏବଂ ତାହା
ତାଙ୍କ ପିତାଙ୍କ ନିକଟକୁ ଆଣିଲେ। ସେ ତାଙ୍କ ପିତାଙ୍କୁ
କହିଲେ, "ପିତା, ମୁଁ ତୁମ୍ଭର ପୁତ୍ର, ଉଠ ଏବଂ ମାଂସ ଖାଅ
ମୁଁ ତାହା ତୁମ୍ଭ ପାଇଁ ରାନ୍ଧି ଆଣିଛି। ତା'ପରେ ତୁମ୍ଭେ
ମୋତେ ଆଶୀର୍ବାଦ କରିବ।"
**32**କିନ୍ତୁ ଇସ୍‌ହାକ ତାଙ୍କୁ କହିଲେ, "ତୁମ୍ଭେ କିଏ?"
ସେ ଉତ୍ତର ଦେଲା, "ମୁଁ ତୁମ୍ଭର ପ୍ରଥମ ପୁତ୍ର ଏଷୌ
ଅଟେ।"
**33**ଏହାପରେ ଇସ୍‌ହାକ ବହୁତ ବ୍ୟସ୍ତ ହେଲେ ଏବଂ
କହିଲେ, "ତେବେ ସିଏ କିଏ ଥିଲା। ଯେ ପ୍ରଥମେ ତୁମ୍ଭ
ପୂର୍ବରୁ ରନ୍ଧାମାଂସ ଧରି ଆସିଥିଲା? ମୁଁ ତାହା ଖାଇ ତାଙ୍କୁ
ଆଶୀର୍ବାଦ କଲି। ବର୍ତ୍ତମାନ ମୋର ଆଶୀର୍ବାଦ ଫେରାଇବା
ପାଇଁ ଡେରି ହୋଇଛି।"
**34**ଏଷୌ ପିତାଙ୍କର କଥା ଶୁଣିଲା! ସେ ବହୁତ ରାଗିଗଲା
ଏବଂ ଚିତ୍କାର କଲା। ସେ ତାଙ୍କ ପିତାଙ୍କୁ କହିଲା, "ତେବେ
ମୋତେ ଆଶୀର୍ବାଦ କରନ୍ତୁ ପିତା"
**35**ଇସ୍‌ହାକ କହିଲେ, "ତୁମ୍ଭର ଭାଇ ମୋତେ ପ୍ରବଞ୍ଚନା
କଲା। ସେ ଆସି ତୁମ୍ଭର ଆଶୀର୍ବାଦ ନେଇଗଲା।"
**36**ଏଷୌ କହିଲା, "ତା'ର ନାମ ହେଲା ଯାକୁବ ତାହା
କ'ଣ ଯଥାର୍ଥ ନୁହେଁ। ସେ ମୋତେ ଦୁଇଥର ପ୍ରବଞ୍ଚନା
କଲା। ସେ ମୋର ଜ୍ୟେଷ୍ଠ ଅଧିକାର ଛଡ଼ାଇ ନେଲା। ଏବଂ
ମୋର ଆଶୀର୍ବାଦ ନେଇଗଲା।" ଏହାପରେ ଏଷୌ କହିଲା,
"ମୋ ପାଇଁ କିଛି ଆଶୀର୍ବାଦ ରଖିଛନ୍ତି କି?"
**37**ଇସ୍‌ହାକ ଉତ୍ତର ଦେଲେ, "ହୋଇଗଲା, ତୁମ୍ଭକୁ
ଶାସନ କରିବା ପାଇଁ, ମୁଁ ଯାକୁବକୁ କ୍ଷମତା ଦେଲି। ଏବଂ ମୁଁ
ତାଙ୍କୁ କହିଲି ତୁମ୍ଭର ସମସ୍ତ ଭାଇ ତୁମ୍ଭର ସେବା କରିବେ।
ଏବଂ ମୁଁ ତାଙ୍କୁ ପ୍ରବଳ ଫସଲ ଓ ପ୍ରଚୁର ଦ୍ରାକ୍ଷାରସ ଜାତ
ହେବା ପାଇଁ ଆଶୀର୍ବାଦ କରିସାରିଛି। କଣ ମୁଁ କରିପାରିବି,
ମୋ ପୁତ୍ର।"
**38**କିନ୍ତୁ ଏଷୌ କହିଲା, "ମୋ ପିତା, ତୁମ୍ଭର କଣ
ଗୋଟିଏ ଆଶୀର୍ବାଦ ଅଛି? ଆଶୀର୍ବାଦ କର ମୋତେ ମଧ୍ୟ,
ପିତା।" ଏବଂ ଏହା କହି ଏଷୌ ଜୋରରେ କାନ୍ଦିଲା।

**39**ତା'ପରେ ଇସ୍‌ହାକ ତାଙ୍କୁ କହିଲେ, "ତୁମ୍ଭେ ବାହାରେ
ବର୍ଷାରେ ରହିବ ଏବଂ ଯାହା ଭୂମି ଉତ୍ପାଦନ କରିବ ଛାଡ଼ି
ଦେବ।
**40**ତୁମ୍ଭେ ଖଡ୍ଗଜୀବି ଓ ଆପଣା ଭ୍ରାତାର ଦାସ ହେବ।
କିନ୍ତୁ ତୁମ୍ଭେ ଯେତେବେଳେ ପ୍ରସ୍ତୁତ, ତୁମ୍ଭ କାନ୍ଧରୁ ଜୁଆଳି
କାଢ଼ି ଦେବ, ତେବେ ତୁମ୍ଭେ ମୁକ୍ତ ପାଇବ।"
**41**ଏହିପ୍ରକାରେ ଯାକୁବ ଆପଣା ପିତାଠାରୁ ଆଶୀର୍ବାଦ
ପାଇବା ହେତୁରୁ ଏଷୌ ତାହା ପ୍ରତି ଈର୍ଷାଭାବ ବହି ଏବଂ
ସେ ସ୍ଥିର କଲା "ମୁଁ ଅପେକ୍ଷା କରିବ ମୋର ପିତାଙ୍କର
ଶୋକର ସମୟ ବିତିବା ଯାଏ। ଏହାପରେ ମୁଁ ଆପଣା ଭ୍ରାତା
ଯାକୁବକୁ ବଧ କରିବ।"
**42**କିନ୍ତୁ ସେହି ବାକ୍ୟଗୁଡ଼ିକ ରିବିକାକୁ ଶୁଣା ଯାଇଥିଲା।
ଏଷୌ ଯାକୁବକୁ ହତ୍ୟା କରିବାର ଯୋଜନା କରିଅଛି। ସେ
ଯାକୁବକୁ ଡ଼ାକି କହିଲା, "ଶୁଣ ତୁମ୍ଭର ଭାଇ ଏଷୌ ତୁମ୍ଭକୁ
ମାରିବା ପାଇଁ ଯୋଜନା କରିଛି। **43**ତେଣୁ ହେ ମୋର ପୁତ୍ର
ମୁଁ ଯେମନ୍ତ କହୁଛି ସେହିପରି କର। ମୋର ଭ୍ରାତା ଲାବନ
ହାରଣରେ ବାସ କରୁଛି। ତୁମ୍ଭେ ତା' ପାଖରେ ଯାଇ ଲୁଚ।

44ତାଙ୍କ ପାଖରେ ଅଳ୍ପ ସମୟ ପାଇଁ ରୁହ। ତୁମ୍ଭ ଭାଇର
ରାଗ ଶାନ୍ତ ହେବା ପର୍ଯ୍ୟନ୍ତ ତୁମ୍ଭେ ସେଠାରେ ରୁହ। 45କିଛି
ସମୟପରେ ତୁମ୍ଭ ଭାଇ ଭୁଲିଯିବେ ତୁମ୍ଭେ ତାଙ୍କ ପ୍ରତି କ'ଣ
କରିଥିଲ। ତା'ପରେ ମୁଁ ଚାକର ପଠାଇ ତୁମ୍ଭକୁ ନେଇ
ଆସିବି। ମୁଁ ଏକାଦିନେ ଦୁଇ ଜଣକୁ ହରାଇବାକୁ ଚାହୁଁ
ନାହିଁ।"

46ଏହାପରେ ରିବିକା ଇସ୍ହାକକୁ କହିଲେ, "ତୁମ୍ଭର ପୁତ୍ର
ଏଷୌ ହିତ୍ତୀୟ କନ୍ୟାକୁ ବିବାହ କଲା, ଏହା ମୋର ପ୍ରାଣକୁ
କଷ୍ଟ ଦେଉଅଛି। କାହିଁକି? କାରଣ ସେମାନେ ଆମ୍ଭର ଲୋକ
ନୁହନ୍ତି। ଯଦି ଯାକୁବ ଏହି ଦେଶର କନ୍ୟାକୁ ବିବାହ କରେ
ତେବେ ମୁଁ ମରିଯିବି।"

## ଯାକୁବ ତାଙ୍କ ପାଇଁ ସ୍ତ୍ରୀ ଖୋଜିଲେ

28 ଇସ୍ହାକ ଯାକୁବକୁ ଡ଼ାକି ଆଶିର୍ବାଦ ଦେଲେ। ଏହି
ଆଜ୍ଞାଦେଇ ତାଙ୍କୁ କହିଲେ, "ତୁମ୍ଭେ କିଣାନୀୟ
କନ୍ୟାକୁ ବିବାହ କରିବ ନାହିଁ। 2ତେଣୁ ତୁମ୍ଭେ ଏସ୍ଥାନ ଛାଡ଼ି
ପଦ୍ଦନ ଅରାମକୁ ଯାଅ। ନିଜ ମାତାର ପରିବାରକୁ ଯାଇ
ବଥୂୟେଲର ଗୃହକୁ ଯାଇ ସେଠାରେ ନିଜର ମାମୁଁ ଲାବନର
କୌଣସି କନ୍ୟାକୁ ବିବାହ କର। 3ସର୍ବଶକ୍ତିମାନ ପରମେଶ୍ୱର
ଆଶୀର୍ବାଦ କରି ଅନେକ ଜନସମାଜ ହେବା ପାଇଁ ଯଥେଷ୍ଟ
ବଂଶଧର କରନ୍ତୁ। 4ପରମେଶ୍ୱର ଅବ୍ରହାମଙ୍କୁ ସେ ଆଶୀର୍ବାଦ
କଲା ପରି ତୁମ୍ଭଠାରେ ଓ ତୁମ୍ଭ ବଂଶକୁ ଆଶୀର୍ବାଦ ଦେଉ।
ତହିଁରେ ପରମେଶ୍ୱର ତୁମ୍ଭର ପ୍ରବାସ ସ୍ଥାନ ଯେଉଁଠାରେ
ତୁମ୍ଭେ ବାସ କରୁଛ ବର୍ତ୍ତମାନ, ତାହା ପରମେଶ୍ୱର ଅବ୍ରାହାମଙ୍କୁ
ଦେଇଥିଲେ।"

5ଏହାପରେ ଇସ୍ହାକ ଯାକୁବକୁ ବିଦାୟ କରନ୍ତେ ସେ
ପଦ୍ଦନ ଅରାମରେ ଲାବନକୁ ବଥୁୟେଲର ପୁତ୍ର ଅରାମୀୟ
ଅର୍ଥାତ୍ ଯାକୁବ ଓ ଏଷୌର ମାତା ରିବିକାର ଭ୍ରାତା ନିକଟକୁ
ଯାତ୍ରା କଲେ। ରିବିକା ଯାକୁବ ଏବଂ ଏଷୌର ମାତା ଥିଲେ।

6ଏଷୌ ଏହା ଜାଣିଲେ ଯେ ତାଙ୍କର ପିତା ଇସ୍ହାକ
ଯାକୁବକୁ ଆଶୀର୍ବାଦ ଦେଲେ। ଏବଂ ଏଷୌ ଜାଣିଲେ ଯେ
ଇସ୍ହାକ ଯାକୁବକୁ ସ୍ତ୍ରୀ ଖୋଜିବା ପାଇଁ ପଦ୍ଦନ ଅରାମକୁ
ପଠାଇଛନ୍ତି। ଏଷୌ ଜାଣିଲେ ଯେ, ଯାକୁବକୁ କିଣାନ ଦେଶର
କନ୍ୟାକୁ ବିବାହ ନ ହେବା ପାଇଁ, ତାଙ୍କର ପିତା ନିର୍ଦ୍ଦେଶ
ଦେଇଛନ୍ତି। 7ଏବଂ ଏଷୌ ଜାଣିଲେ ଯେ ଯାକୁବ ତାଙ୍କର
ପିତା ମାତାଙ୍କର କଥା ମାନି ପଦ୍ଦନ ଅରାମକୁ ପଳାଇଛି।
8ଏଷୌ ଏକଥା ଜାଣିଲେ ଯେ ତାଙ୍କର ପିତା ଚାହୁଁ ନାହାଁନ୍ତି
ତାଙ୍କର ପୁତ୍ର କିଣାନୀୟ କନ୍ୟାକୁ ବିବାହ କରନ୍ତୁ। 9ଏଷୌର
ଦୁଇଟି କିଣାନୀୟ ସ୍ତ୍ରୀ ଥିଲା। କିନ୍ତୁ ଏହାପରେ ସେ
ଇଶ୍ମାୟେଲକୁ ଗଲେ ଓ ଆଉ ଏକ ସ୍ତ୍ରୀକୁ ବିବାହ କଲେ।
ସେ ମହଲତ୍କୁ ବିବାହ କଲେ। ଇଶ୍ମାୟେଲର କନ୍ୟା।
ଇଶ୍ମାୟେଲ ଅବ୍ରାହମର ପୁତ୍ର। ମହଲତ୍ ନବାୟୋତର ଭଉଣୀ।

## ପରମେଶ୍ୱରଙ୍କ ଗୃହ – ବୈଥେଲ

10ଯାକୁବ ବେରଶେବା ଛାଡ଼ି ହାରଣକୁ ଗଲେ। 11ଯାକୁବ
ଯାତ୍ରା କରୁଥିବା ସମୟରେ ସୂର୍ଯ୍ୟାସ୍ତ ହେଲା। ତେଣୁ ଯାକୁବ
ରାତ୍ରି ଯାପନ କରିବା ପାଇଁ ଏକ ସ୍ଥାନକୁ ଗଲେ। ଯାକୁବ
ଏକ ପଥରଖଣ୍ଡ ପାଇଲେ, ସେହି ସ୍ଥାନରେ ପଥର ଉପରେ
ମୁଣ୍ଡ ଦେଇ ସେ ଶୋଇ ପଡ଼ିଲେ। 12ଯାକୁବ ଏକ ସ୍ୱପ୍ନ
ଦେଖିଲେ। ସେ ସ୍ୱପ୍ନରେ ଦେଖିଲେ ଯେ ଏକ ସିଡ଼ି ଭୂମିରୁ
ସ୍ୱର୍ଗକୁ ଲାଗିଛି।। ଯାକୁବ ଦେଖିଲେ ପରମେଶ୍ୱରଙ୍କର ଦୂତଗଣ
ସେହି ସିଡ଼ିଦେଇ ଚଢୁଛନ୍ତି ଓ ଓହ୍ଲାଉଛନ୍ତି। 13ଏବଂ ଯାକୁବ
ଦେଖିଲେ ସଦାପ୍ରଭୁ ସେହି ସିଡ଼ି ପାଖରେ ଛିଡ଼ା ହୋଇଛନ୍ତି।
ସଦାପ୍ରଭୁ କହୁଥିଲେ, "ଆମ୍ଭେ ସଦାପ୍ରଭୁ ତୁମ୍ଭ ପୂର୍ବପୁରୁଷ
ଅବ୍ରହାମଙ୍କର ପରମେଶ୍ୱର, ମଧ୍ୟ ଇସ୍ହାକର ପରମେଶ୍ୱର।
ତୁମ୍ଭେ ଶୋଇଥିବା ଭୂମି ଆମ୍ଭେ ତୁମ୍ଭକୁ ଦେବା। ଆମ୍ଭେ ଏହି
ଜମି ତୁମ୍ଭକୁ ଓ ତୁମ୍ଭ ସନ୍ତାନମାନଙ୍କୁ ତାହା ଦେବା। 14ତୁମ୍ଭର
ବହୁତ ବଂଶ ହେବେ। ତାହା ପୃଥିବୀର ଧୂଳିପରି ଅସଂଖ୍ୟ
ହେବେ। ସେମାନେ ପୂର୍ବ ପଶ୍ଚିମ, ଉତ୍ତର ଓ ଦକ୍ଷିଣକୁ
ବ୍ୟାପିବେ। ପୃଥିବୀର ସମସ୍ତ ପରିବାର ତୁମ୍ଭ ବଂଶଧରମାନଙ୍କ
ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେବେ।

15"ମୁଁ ତୁମ୍ଭ ସହିତ ଅଛି। ମୁଁ ତୁମ୍ଭକୁ ସବୁଠାରେ ସୁରକ୍ଷା
ଦେବି। ପୁଣି ଆମ୍ଭେ ତୁମ୍ଭକୁ ଏହି ଭୂମିକୁ ଫେରାଇ ଆଣିବୁ।
ଆମ୍ଭର ପ୍ରତିଜ୍ଞା ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଆମ୍ଭେ ତୁମ୍ଭକୁ ଛାଡୁ
ନାହୁଁ।"

16ଏହାପରେ ଯାକୁବ ନିଦ୍ରାରୁ ଉଠିଲା, ଏବଂ କହିଲା, "ମୁଁ
ଜାଣେ ଯେ ସଦାପ୍ରଭୁ ଏହିଠାରେ ଅଛନ୍ତି। କିନ୍ତୁ ମୁଁ ସଦାପ୍ରଭୁ
ଏଠାରେ ଥିଲେ ବୋଲି ଜାଣି ନଥିଲି।"

17ଯାକୁବ ଭୟ କଲେ ଓ ସେ କହିଲେ, "ଏହିସ୍ଥାନ
ଭୟାନକ ଅଟେ। ଏହା ପରମେଶ୍ୱରଙ୍କର ପବିତ୍ର ଗୃହ ଅଟେ।
ଏହି ସ୍ଥାନ ହେଉଛି ସ୍ୱର୍ଗର ଦ୍ୱାର।"

18ଯାକୁବ ପ୍ରତ୍ୟୁଷରୁ ଉଠିଲେ। ଯେଉଁ ପ୍ରସ୍ତର ମୁଣ୍ଡତଳେ
ଦେଇ ଥିଲେ, ତାହା ନେଇ ସ୍ତମ୍ଭରୂପେ ସ୍ଥାପନ କଲେ।
ଏହାପରେ ସେ ତା' ଉପରେ ତୈଳ ଢ଼ାଳିଲେ। 19ସେହି
ସ୍ଥାନର ନାମ ଥିଲା "ଲୂସ୍" କିନ୍ତୁ ଯାକୁବ ସେହି ସ୍ଥାନର
ନାମ ଦେଲେ ବୈଥେଲ।

20ଏହାପରେ ଯାକୁବ ଏକ ପ୍ରତିଜ୍ଞା କଲେ, ସେ କହିଲେ,
"ଯଦି ପରମେଶ୍ୱର ମୋ ସହିତ ରହିବେ, ଯଦି ଏହି
ଯାତ୍ରାରେ ପରମେଶ୍ୱର ମୋର ସହାୟ ହେବେ, ଯଦି ପରମେଶ୍ୱର
ମୋତେ ଖାଦ୍ୟ ବସ୍ତ୍ର ଯୋଗାଇବେ। 21ଯଦି ପରମେଶ୍ୱର
ମୋତେ ନିରାପଦରେ ମୋ ଗୃହକୁ ଫେରାଇ ଆଣନ୍ତି। ତେବେ
ସଦାପ୍ରଭୁ ମୋର ପରମେଶ୍ୱର ହେବେ। 22ମୁଁ ଏହି ପଥରଖଣ୍ଡକୁ
ଏକ ସ୍ମରଣାର୍ଥକ ପ୍ରସ୍ତର ସ୍ଥାପନ କରିବି। ଏହା ପରମେଶ୍ୱରଙ୍କର
ଏକ ପବିତ୍ରସ୍ଥାନ ହେବ। ଆଉ ତୁମ୍ଭେ ଯାହା ସବୁ ମୋତେ
ଦେବ, ତହିଁର ଦଶମାଂଶ ମୁଁ ତୁମ୍ଭକୁ ଅବଶ୍ୟ ଦେବି।"

## ଯାକୁବ ରାହେଲଙ୍କୁ ସାକ୍ଷାତ କଲେ

29 ଏହାପରେ ଯାକୁବ ତାଙ୍କର ଯାତ୍ରା ଚାଲୁ ରଖିଲେ,
ସେ ପୂର୍ବଦିଗସ୍ଥ ଦେଶକୁ ଗଲେ। 2ଯାକୁବ ଦେଖିଲେ,
ସେହି ଭୂମିରେ ଏକ କୂପ। ସେହି ମେଷମାନେ, ସେହି କୂପ
ନିକଟରେ ବିଶ୍ରାମ ନେଉଥିଲେ। ଏହା ହେଉଛି ସେହି ସ୍ଥାନ,
ମେଷମାନେ ଜଳପାନ କରୁଥିଲେ। ଗୋଟିଏ ବଡ଼ ଶିଳାଖଣ୍ଡ
କୂପର ମୁହଁ ଘୋଡ଼ାଇ ରଖିଥିଲା। 3ଯେତେବେଳେ ସବୁ
ମେଷପଲ ସେହି କୂପ ନିକଟରେ ଉପସ୍ଥିତ ହୁଅନ୍ତି ସେତେବେଳେ

ମେଷପାଳକମାନେ ଏହି ଶିଳାକୁ କୂପର ସମ୍ମୁଖରୁ କାଢ଼ିଦିଅନ୍ତି।
ମେଷମାନେ ପାଣି ପିଇ ସାରିବା ପରେ ସେମାନେ କୂପର
ମୁହଁକୁ ପଥର ସହିତ ଆଚ୍ଛାଦନ କଲେ।
**4**ଯାକୁବ ସେଠାରେ ସେହି ମେଷପାଳକମାନଙ୍କୁ କହିଲେ,
"ହେ ଭାଇମାନେ ତୁମ୍ଭର ଘର କେଉଁଠି?"
ସେମାନେ ଉତ୍ତର ଦେଇ କହିଲେ, "ଆମ୍ଭ ଘର ହାରଣରେ।"
**5**ଏହାପରେ ଯାକୁବ କହିଲେ, "ତୁମ୍ଭେମାନେ ଲାବନଙ୍କୁ
ଜାଣିଛକି, ଯେ କି ନାହୋରର ପୁତ୍ର?"
ମେଷପାଳକମାନେ କହିଲେ, "ହଁ ଆମ୍ଭେମାନେ ତାଙ୍କୁ
ଜାଣିଛୁ।"
**6**ଏହାପରେ ଯାକୁବ ତାଙ୍କୁ ପଚାରିଲେ, "ସେ କିପରି
ଅଛନ୍ତି।"
ସେମାନେ ଉତ୍ତର ଦେଲେ, "ସେ ଭଲ ଅଛନ୍ତି, ତାଙ୍କର
ସମସ୍ତ କୁଶଳ। ଦେଖ ତାଙ୍କର କନ୍ୟା ରାହେଲ ତାଙ୍କ
ମେଷପଲ ସହିତ ଆସୁଛନ୍ତି।"
**7**ଯାକୁବ କହିଲେ, "ଦେଖ ଏବେ ବହୁତ ବେଳ ଅଛି।
ମେଷପଲ ଏକତ୍ର କରିବାର ସମୟ ହୋଇ ନାହିଁ। ତୁମ୍ଭେମାନେ
ମେଷଗଣଙ୍କୁ ଜଳପାନ କରାଇ ପୁନର୍ବାର ଚରାଇବାକୁ ନେଇଯାଅ।"
**8**କିନ୍ତୁ ମେଷପାଳକ କହିଲେ, "ଯେପର୍ଯ୍ୟନ୍ତ ସମସ୍ତ
ମେଷ ଏକତ୍ର ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଆମ୍ଭେ ଏହା
କରିପାରିବୁ ନାହିଁ। ସମସ୍ତ ଏକତ୍ର ହେବାପରେ ଆମ୍ଭେ କୂପ
ସମ୍ମୁଖରୁ ପଥର କାଢ଼ିବୁ ଏବଂ ସମସ୍ତ ମେଷମାନେ ପାଣି
ପିଇପାରିବେ।"
**9**ଯେତେବେଳେ ଯାକୁବ ମେଷପାଳକମାନଙ୍କ ସହିତ କଥା
ହେଉଥିଲେ ସେହି ସମୟରେ ରାହେଲ ତାଙ୍କ ପିତାଙ୍କର
ମେଷପଲ ସହିତ ଉପସ୍ଥିତ ହେଲେ। ନିଜ ପିତାଙ୍କ ମେଷମାନଙ୍କର
ଯତ୍ନ ନେବା ଏହା ରାହେଲଙ୍କର କାର୍ଯ୍ୟ ଥିଲା। **10**ରାହେଲ
ଥିଲା ଲାବନ୍‌ର ଝିଅ। ଲାବନ ଥିଲେ ଯାକୁବର ମା' ରିବିକାର
ଭାଇ। ଯାକୁବ ଯେତେବେଳେ ମାତୁଳ ଲାବନର କନ୍ୟା ମେଷ
ସହିତ ରାହେଲଙ୍କୁ ଦେଖିଲା, ସେ ଯାଇ ପଥର ଘୁଞ୍ଚାଇଲେ ଓ
ତାଙ୍କର ମେଷମାନେ ଜଳପାନ କଲେ। **11**ଏହାପରେ ଯାକୁବ
ତାଙ୍କୁ ଚୁମ୍ବନ ଦେଲା ଏବଂ କାନ୍ଦିଲା। **12**ଯାକୁବ ରାହେଲଙ୍କୁ
କହିଲେ, "ଯେ ସେ ହେଉଛନ୍ତି ରିବିକାର ପୁତ୍ର। ତେଣୁ
ରାହେଲ ଘରକୁ ଦୌଡ଼ିଯାଇ ତାଙ୍କ ପିତାଙ୍କୁ କହିଲେ।
**13**ଲାବନ ତାଙ୍କ ଭଉଣୀର ପୁତ୍ର ଯାକୁବ ସମସ୍ତ ବିଷୟରେ
ଶୁଣିଲେ। ତେଣୁ ଲାବନ ତାଙ୍କୁ ଦେଖିବା ପାଇଁ ଦୌଡ଼ିଗଲେ,
ଲାବନ ତାଙ୍କୁ ଆଲିଙ୍ଗନ କଲେ ଓ ଚୁମ୍ବନ ଦେଲେ।। ଏବଂ
ତାଙ୍କୁ ତାଙ୍କ ସହିତ ତାଙ୍କ ଗୃହକୁ ଆଣିଲେ। ଯାକୁବ ଲାବନଙ୍କୁ
ସବୁକିଛି କହିଲା।
**14**ଏହାପରେ ଲାବନ କହିଲେ, "ଏହା ଆଶ୍ଚର୍ଯ୍ୟ! ତୁମ୍ଭେ
ମୋ ବଂଶଧର।" ତେଣୁ ଯାକୁବ ଲାବନଙ୍କ ଘରେ ଏକ ମାସ
ରହିଲେ।

## ଲାବନ ଯାକୁବକୁ ଫାନ୍ଦରେ ପକାଇଲେ

**15**ଦିନେ ଲାବନ ଯାକୁବକୁ କହିଲେ, "ତୁମ୍ଭେ ମୋର
କୁଟୁମ୍ବ ବୋଲି କ'ଣ ବିନା ବର୍ତ୍ତନରେ ମୋର ଦାସକର୍ମ
କରିବ? ଏଣୁ କି ବର୍ତ୍ତନ ନେବ? ତାହା କୁହ।"
**16**ଲାବନର ଦୁଇଟି ଝିଅ ଥିଲେ। ବଡ଼ ଝିଅ ନାମ ଲେୟା
ଓ ସାନ ଝିଅର ନାମ ରାହେଲ।
**17**ରାହେଲ ବହୁତ ସୁନ୍ଦରୀ, ରୂପବତି ଥିଲେ ଏବଂ
ଲେୟାର କୋମଳ ଦୁର୍ବଳ ଥିଲା*। **18**ଯାକୁବ ରାହେଲଙ୍କୁ
ପ୍ରେମ କଲେ। ଯାକୁବ ଲାବନଙ୍କୁ କହିଲେ, "ମୁଁ ତୁମ୍ଭ ପାଇଁ
ସାତବର୍ଷ କାମ କରିବି ଯଦି ତୁମ୍ଭେ ମୋତେ ତୁମ୍ଭର ସାନ
ଝିଅ ରାହେଲ ସହିତ ବିବାହ ଦିଅ।"
**19**ଲାବନ କହିଲା, "ଅନ୍ୟକୁ ବିବାହ କରିବା ଅପେକ୍ଷା
ସେ ତୁମ୍ଭକୁ ବିବାହ କଲେ ନିଶ୍ଚିତ ଭଲ ହେବ। ତେଣୁ
ତୁମ୍ଭେ ମୋ ସହିତ ରୁହ।"
**20**ତେଣୁ ଯାକୁବ ତାଙ୍କ ସହ ସେଠାରେ ସାତବର୍ଷ ରହି
କାମ କଲେ। କିନ୍ତୁ ଏହା ତାଙ୍କୁ ଖୁବ କମ ସମୟ ଜଣାଗଲା
କାରଣ ସେ ରାହେଲଙ୍କୁ ବହୁତ ଭଲ ପାଉଥିଲେ।
**21**ସାତବର୍ଷ ପରେ ଯାକୁବ ଲାବନଙ୍କୁ କହିଲେ, "ମୋତେ
ରାହେଲଙ୍କୁ ଦିଅ ମୁଁ ତାଙ୍କୁ ବିବାହ କରିବି। ତୁମ୍ଭ ପାଇଁ
ମୋର କାମ କରିବା ସମୟ ସରିଯାଇଛି।"
**22**ତେଣୁ ଲାବନ ସେଠାକାର ସମସ୍ତ ଲୋକମାନଙ୍କୁ ଏକ
ଭୋଜି ଦେଲେ। **23**ସେହିଦିନ ରାତିରେ ଲାବନ ଯାକୁବଙ୍କ
ପାଇଁ ତାଙ୍କର ଝିଅ ଲେୟାକୁ ଆଣିଲେ। ଯାକୁବ ଏବଂ ଲେୟା
ଉଭୟ ସହବାସ କଲେ। **24**ଆଉ ଲାବନ ଆପଣା କନ୍ୟା
ଲେୟାର ଦାସୀ ହେବା ନିମନ୍ତେ ସିଲ୍ପା ନାମ୍ନୀ ଆପଣା ଦାସୀକୁ
ଦେଲା। **25**ତା' ପରଦିନ ପ୍ରଭାତରେ ଯାକୁବ ଦେଖିଲା ସେ
ଯାହା ସହିତ ରାତି ବିତାଇଛି ସେ ଲେୟା ଥିଲା। ଯାକୁବ
ଲାବନଙ୍କୁ କହିଲା, "ତୁମ୍ଭେ ମୋତେ ଠକିଛ। ମୁଁ ତୁମ୍ଭ ପାଇଁ
କଠିନ ପରିଶ୍ରମ କଲି, ଯଦ୍ୱାରା ମୁଁ ରାହେଲଙ୍କୁ ବିବାହ କରି
ପାରିବି। ତୁମ୍ଭେ କାହିଁକି ମୋତେ ଠକିଲ।"
**26**ଲାବନ କହିଲା, "ଆମ୍ଭ ଦେଶରେ ଅଛି ଯେ ବଡ଼
ବିବାହ କରିବା ପୂର୍ବରୁ ସାନ ବିବାହ କରିପାରିବ ନାହିଁ।
**27**କିନ୍ତୁ ତୁମ୍ଭେ ଏଠାରେ ବିବାହ ଉତ୍ସବ ସାତଦିନ ଧରି
ପାଳନ କର ତା'ପରେ ମୁଁ ତୁମ୍ଭକୁ ରାହେଲ ସହିତ ବିବାହ
ଦେବି। କିନ୍ତୁ ତୁମ୍ଭକୁ ମୋ ପାଇଁ ଆଉ ସାତବର୍ଷ ପରିଶ୍ରମ
କରିବାକୁ ପଡ଼ିବ।"
**28**ତେଣୁ ଯାକୁବ ଏହିପରି କଲେ, ଏବଂ ଏକ ସପ୍ତାହ
ବିତାଇଲେ। ଏହାପରେ ଲାବନ ରାହେଲଙ୍କୁ ତା'ର ସ୍ତ୍ରୀ ଭାବେ
ତାଙ୍କୁ ଦେଲେ। **29**ଲାବନ ରାହେଲର ଦାସୀ ନିମନ୍ତେ ସେ
ଆପଣାର ବିଲହା ନାମ୍ନୀ ଦାସୀକି ଦେଲା। **30**ତେଣୁ ଯାକୁବ
ରାହେଲ ସହିତ ସହବାସ କଲେ, ଏବଂ ଯାକୁବ ଲେୟା
ଅପେକ୍ଷା ରାହେଲଙ୍କୁ ଅଧିକ ଭଲ ପାଇଲେ। ଯାକୁବ ଲାବନ
ପାଇଁ ଆଉ ସାତବର୍ଷ କାମ କଲେ।

## ଯାକୁବର ପରିବାର ବଢ଼ିଲେ

**31**ସଦାପ୍ରଭୁ ଦେଖିଲେ ଲେୟା ଘୃଣିତ ହେଉଛି, ସେଥିପାଇଁ
ସଦାପ୍ରଭୁ ଲେୟାକୁ ଗର୍ଭବତୀ କରାଇଲେ। ରାହେଲର କୌଣସି
ସନ୍ତାନ ଜନ୍ମ ହେଲା ନାହିଁ।

---

**ଲେୟା ... କୋମଳଥିଲା** ଲେୟା ସୁନ୍ଦରୀ ନଥିଲା ବୋଲି
ବିବସ୍ତୁଭାବରେ କହିବାର ଏହା ଅର୍ଥ ହୋଇପାରେ।

32ଲେୟା ଏକ ପୁତ୍ର ସନ୍ତାନ ଜନ୍ମ ଦେଲେ। ସେ
ତାହାର ନାମ ରୁବେନ୍ ଦେଲେ। ଲେୟା ତାଙ୍କର ଏପରି ନାମ
ଦେଲେ କାରଣ ସେ କହିଲେ, "ସଦାପ୍ରଭୁ ମୋର ଦୁଃଖ
ଦେଖି ଅଛନ୍ତି। ମୋର ସ୍ୱାମୀ ମୋତେ ଭଲ ପାଇବେ।"
33ଲେୟା ପୁନର୍ବାର ଗର୍ଭବତୀ ହୋଇ ଅନ୍ୟ ଏକ ପୁତ୍ର
ସନ୍ତାନ ଜନ୍ମ ଦେଲା। ସେ ତାଙ୍କର ନାମ ଦେଲା ଶିମିୟୋନ,
ସେ ଶୁଣି ପାରିଲା। ଲେୟା କହିଲା, "ସଦାପ୍ରଭୁ ଶୁଣିଲେ ଯେ
ମୋ ସ୍ୱାମୀ ମୋତେ ଘୃଣା କରନ୍ତି। ତେଣୁ ସେ ମୋ
କୋଳରେ ଏହି ସନ୍ତାନ ଦେଇଛନ୍ତି।"
34ଲେୟା ପୁଣି ଗର୍ଭବତୀ ହେଲା, ଏବଂ ଅନ୍ୟ ଏକ
ସନ୍ତାନକୁ ଜନ୍ମ ଦେଲା। ସେ ସେହି ପିଲାର ନାମ ଦେଲେ
ଲେବୀ। ଲେୟା କହିଲା, "ଏବେ ମୋ ସ୍ୱାମୀ ମୋତେ
ମୋଠାରେ ଆସକ୍ତ ହେବେ। ଯେହେତୁ ମୁଁ ତାଙ୍କୁ ତିନୋଟି
ପୁତ୍ର ଦେଇଅଛି।"
35ଏହାପରେ ଲେୟା ଅନ୍ୟ ଏକ ସନ୍ତାନ ଜନ୍ମ ଦେଲେ।
ସେ ତାହାର ନାମ ଦେଲା ଯିହୁଦା, ସେ କହିଲେ, "ବର୍ତ୍ତମାନ
ମୁଁ ସଦାପ୍ରଭୁଙ୍କର ପ୍ରଶଂସା କରିବି।" ଏହାପରେ ଲେୟା ପିଲା
ଜନ୍ମ କରିବା ବନ୍ଦ କରିଦେଲେ।

30 ରାହେଲ ଦେଖିଲା ଯେ, ସେ କୌଣସି ପିଲା ଜନ୍ମ
କରିପାରୁ ନାହିଁ। ରାହେଲ ତା'ର ଭଉଣୀ ଲେୟା
ପ୍ରତି ଈର୍ଷାନ୍ୱିତ ହେଲା। ତେଣୁ ରାହେଲ ଯାକୁବଙ୍କୁ କହିଲା,
"ମୋତେ ପିଲାଦିଅ ନ ହେଲେ ମୁଁ ମରିବି।"
2ଯାକୁବ ରାହେଲ ଉପରେ କ୍ରୋଧ କଲେ। ସେ କହିଲେ,
"ମୁଁ ପରମେଶ୍ୱର ନୁହେଁ। କେବଳ ପରମେଶ୍ୱର, ହିଁ ତୁମ୍ଭକୁ
ସନ୍ତାନ ଦେଇ ପାରିବେ।"
3ଏହାପରେ ରାହେଲ କହିଲେ, "ମୋର ଦାସୀ ବିଲହା
ଅଛି ତାହା ସହିତ ସହବାସ କର। ସେ ପିଲା ଜନ୍ମ କଲେ
ମୁଁ ମା ହୋଇ ପାରିବି।"
4ତେଣୁ ରାହେଲ ବିଲହାକୁ ଆଣି ଯାକୁବଙ୍କୁ ଦେଲା,
ଯାକୁବ ତାହା ସହିତ ସହବାସ କଲେ। 5ଏହାପରେ ବିଲହା
ଗର୍ଭବତୀ ହୋଇ ପିଲାଜନ୍ମ କଲା।
6ରାହେଲ କହିଲା, "ପରମେଶ୍ୱର ମୋର ପ୍ରାର୍ଥନା ଗ୍ରହଣ
କରିଛନ୍ତି, ମୋତେ ଏକ ପୁତ୍ର ସନ୍ତାନ ଦେବା ପାଇଁ ସେ
ନିଷ୍ପତ୍ତି ନେଲେ।" ତେଣୁ ରାହେଲ ତା'ର ନାମ ରଖିଲେ
ଦାନ।
7ରାହେଲର ଦାସୀ ବିଲହା ଆଉଥରେ ଗର୍ଭବତୀ ହେଲା
ଏବଂ ସେ ଯାକୁବଙ୍କ ପାଇଁ ଦ୍ୱିତୀୟ ପୁତ୍ର ଜନ୍ମ କଲା।
8ରାହେଲ କହିଲା, "ମୁଁ ମୋର ଭଉଣୀ ସହିତ ସଂଘର୍ଷ କରି
ଜୟକଲି।" ଏଣୁ କରି ସେ ତାଙ୍କର ନାମ ନପ୍ତାଲି ରଖିଲେ।
9ଲେୟା ଦେଖିଲା ସେ ଆଉ ପିଲା ଜନ୍ମ କରିପାରିବ
ନାହିଁ। ତେଣୁ ସେ ଆପଣା ଦାସୀ ସିଲ୍ପାକୁ ଆଣି ଯାକୁବଙ୍କୁ
ଦେଲା। 10ଏହାପରେ ସିଲ୍ପା ଏକ ପିଲା ଜନ୍ମ କଲା। 11ଲେୟା
କହିଲା, "ମୁଁ ଭାଗ୍ୟବତୀ" ତେଣୁ ସେ ତା'ର ନାମ ଦେଲା
ଗାଦ୍। 12ଲେୟାର ଦାସୀ ସିଲ୍ପା ଦ୍ୱିତୀୟ ପୁତ୍ର ଯାକୁବ ପାଇଁ
ଜନ୍ମ କଲା। 13ଲେୟା କହିଲା, "ମୁଁ ବହୁତ ଖୁସି! ଯୁବତୀଗଣ
ମୋତେ ଆନନ୍ଦୀନି ବୋଲିବେ।" ଏଣୁ ସେ ତା'ର ନାମ
ଆଶେର ଦେଲା।
14ଅନନ୍ତର ଗହମ କଟା ସମୟରେ ରୁବେନ୍ ବାହାରେ
ଯାଇ କ୍ଷେତରୁ ଦୂଦାଫଳ ପାଇଆଣି ଆପଣା ମାତା ଲେୟାକୁ
ଦେଲା। ତହୁଁ ରାହେଲ ଲେୟାକୁ କହିଲା, "ଦୟାକରି ତୁମ୍ଭ
ପୁତ୍ର ଆଣିଥିବା ଦୂଦାଫଳ କିଛି ମୋତେ ଦିଅ।"
15ଲେୟା ଉତ୍ତର ଦେଲା, "ତୁମ୍ଭେ ମୋ ସ୍ୱାମୀକୁ ହରଣ
କରିଛ, ତୁମ୍ଭେ ମୋର ପୁତ୍ରର ଦୂଦାଫଳ ହରଣ କରିବାକୁ
ଚେଷ୍ଟା କରୁଛ।"
କିନ୍ତୁ ରାହେଲ କହିଲା, "ଯଦି ତୁମ୍ଭେ ମୋତେ ତୁମ୍ଭ
ପୁତ୍ରର ଦୂଦାଫଳ ଦିଅ ତେବେ ତୁମ୍ଭେ ଆଜି ରାତ୍ରିରେ ଯାକୁବ
ସହିତ ଶୟନ କରିପାରିବ।"
16ସେଦିନ ସନ୍ଧ୍ୟାରେ ଯାକୁବ କ୍ଷେତରୁ ଫେରିବାପରେ
ଲେୟା ବାହାରକୁ ଗଲା ତାଙ୍କୁ ସାକ୍ଷାତ କରିବାକୁ ଏବଂ
କହିଲା, "ତୁମ୍ଭେ ଆଜି ରାତିରେ ମୋ ପାଖରେ ଶୟନ
କରିବ। କାରଣ ମୁଁ ତୁମ୍ଭ ସହିତ ଶୟନ କରିଥିବାରୁ
ଦୂଦାଫଳ ଦେଇ ତା'ର ବଦଳରେ ତୁମ୍ଭକୁ ପାଇଛି।" ତେଣୁ
ସେହି ରାତ୍ରୀ ସେ ତା' ସହିତ ଶୋଇଲା।
17ଏହାପରେ ପରମେଶ୍ୱର ଲେୟାର ପାର୍ଥନା ଶୁଣିଲେ
ଏବଂ ସେ ଗର୍ଭବତୀ ହେଲା। ସେ ପଞ୍ଚମ ପୁତ୍ରକୁ ଜନ୍ମ
ଦେଲା। 18ଲେୟା କହିଲା, "ମୁଁ ସ୍ୱାମୀ ପାଇଁ ଆପଣା ଦାସୀକୁ
ଦେଇଥିଲି, ପରମେଶ୍ୱର ତାହାର ବର୍ତ୍ତନ ମୋତେ ଦେଇଛନ୍ତି।"
ଏଥିପାଇଁ ସେ ତାହାର ନାମ ଇଷାଖର ରଖିଲା।
19ଲେୟା ପୁନର୍ବାର ଗର୍ଭବତୀ ହୋଇ ଷଷ୍ଠ ସନ୍ତାନକୁ
ଜନ୍ମ ଦେଲା। 20ଲେୟା କହିଲା, "ପରମେଶ୍ୱର ମୋତେ ଏକ
ସୁନ୍ଦର ଉପହାର ଦେଲେ। ବର୍ତ୍ତମାନ ଯାକୁବ ମୋତେ
ସମାଦାର କରିବେ। କାରଣ ମୁଁ ତାଙ୍କୁ ଛଅଟି ପୁତ୍ର ଦେଇଅଛି।"
ତେଣୁ ଲେୟା ତାହାର ନାମ ସବୂଲୂନ୍ ଦେଲା।
21ଏହାପରେ ଲେୟା ଏକ କନ୍ୟାସନ୍ତାନ ଜନ୍ମ କଲେ।
ସେ ତା'ର ନାମ ଦେଲେ ଦୀଣା।
22ଏହାପରେ ପରମେଶ୍ୱର ରାହେଲର ପ୍ରାର୍ଥନା ଗ୍ରହଣ
କଲେ, ପରମେଶ୍ୱର ରାହେଲକୁ ମାତୃତ୍ୱ ଦେଲେ। 23ରାହେଲ
ଗର୍ଭବତୀ ହୋଇ ଏବଂ ଏକ ପୁତ୍ର ସନ୍ତାନ ଜନ୍ମ ଦେଲା।
ରାହେଲ କହିଲା, "ପରମେଶ୍ୱର ମୋର ଲଜ୍ଜ୍ୟା ନେଇଯାଇଛନ୍ତି।
24ସେ ମଧ କହିଲା, ପରମେଶ୍ୱର ମୋତେ ଆଉ ଗୋଟିଏ
ପୁତ୍ର ଅଧିକ ଦିଅନ୍ତୁ।" ସେଥିପାଇଁ ରାହେଲ ତା'ର ନାମ
ଯୋଷେଫ ରଖିଲା।

## ଯାକୁବ ଲାବନକୁ ଫାନ୍ଦରେ ପକାଇଲେ

25ରାହେଲ ଯୋଷେଫଙ୍କୁ ଜନ୍ମ ଦେବା ପରେ, ଯାକୁବ
ଲାବନକୁ କହିଲେ, "ଏବେ ମୋତେ ମୋର ନିଜ ଦେଶ
ଯିବାକୁ ଦିଅ। 26ମୋର ସ୍ତ୍ରୀ ଏବଂ ପିଲାମାନଙ୍କ ପାଇଁ ମୁଁ ତୁମ୍ଭ
ପାଖରେ କାମ କରିଛି। ଏବଂ ତୁମ୍ଭେ ଜାଣ ମୁଁ ଭଲଭାବରେ
ତୁମ୍ଭର ସେବା କରିଛି।"
27ଲାବନ ତାଙ୍କୁ କହିଲା, "ମୋତେ କିଛି କହିବାକୁ ଦିଅ।
ମୁଁ ଗୁଣି ବିଦ୍ୟା କରି ଜାଣି ପାରିଛି ଯେ, ସଦାପ୍ରଭୁ ତୁମ୍ଭ
ପାଇଁ ମୋତେ ଆଶୀର୍ବାଦ କରିଛନ୍ତି। 28ମୋତେ କହିବାକୁ
ଦିଅ, ମୋତେ ତୁମ୍ଭକୁ କ'ଣ ଦେବା ଉଚିତ। ଏବଂ ତାହା ମୁଁ
ତୁମ୍ଭକୁ ଦେବି।"

29ଯାକୁବ ଉତ୍ତର ଦେଲା, "ତୁମ୍ଭେ ଜାଣ ମୁଁ ତୁମ୍ଭ ପାଇଁ
କଠିନ ପରିଶ୍ରମ କରିଛି। ମୁଁ ତୁମ୍ଭର ପଶୁଗଣକୁ ବୃଦ୍ଧି
କରିଅଛି। ଏବଂ ତାଙ୍କର ବହୁ ଯତ୍ନ ନେଇଅଛି। 30ଯେତେବେଳେ
ମୁଁ ଆସିଲି ତୁମ୍ଭର ଖୁବ କମ ସମ୍ପତ୍ତି ଥିଲା। ବର୍ତ୍ତମାନ ବହୁତ
ବୃଦ୍ଧି ପାଇଛି, ସଦାପ୍ରଭୁ ମୋ କାରଣରୁ ତୁମ୍ଭକୁ ଆଶୀର୍ବାଦ
କରିଛନ୍ତି। ବର୍ତ୍ତମାନ ମୋର ନିଜ ପରିବାରକୁ ଯୋଗାଇବା
ପାଇଁ ସମୟ ଆସିଛି।"

31ଲାବନ କହିଲା, "ତେବେ ମୋତେ ତୁମ୍ଭକୁ କ'ଣ
ଦେବା ଉଚିତ୍?"

ଯାକୁବ ଉତ୍ତର ଦେଲା, "ତୁମ୍ଭେ ମୋତେ କିଛି ଦିଅ
ନାହିଁ। ଯେବେ ତୁମ୍ଭେ ମୋ ପାଇଁ ଗୋଟିଏ କାମ କରିବ,
ତେବେ ମୁଁ ତୁମ୍ଭର ପଶୁମାନଙ୍କୁ ପୁନର୍ବାର ଚରାଇ ପ୍ରତିପାଳନ
କରିବି। 32ଆଜି ମୁଁ ତୁମ୍ଭର ସକଳ ପଲ ମଧ୍ୟଦେଇ ଯାଇ
ମେଷଗଣ ମଧ୍ୟରୁ ଚିତ୍ର ବିଚିତ୍ର ଓ ବିନ୍ଦୁ ଚିହ୍ନିତ ଓ କୃଷ୍ଣବର୍ଣ୍ଣ
ମେଷମାନଙ୍କୁ ପୁଣି ଛାଗଳଗଣ ମଧ୍ୟରୁ ବିନ୍ଦୁ ଚିହ୍ନିତ ଓ ଚିତ୍ର
ବିଚିତ୍ର ଛାଗଳମାନଙ୍କୁ ପୃଥକ କରିବି। ସେହିସବୁ ମୋର
ବର୍ତ୍ତନ ସ୍ୱରୂପ ହେବ। 33ଭବିଷ୍ୟତରେ ଯେତେବେଳେ ମୁଁ
ସଚ୍ଚୋଟ ବୋଲି ତୁମ୍ଭେ ଜାଣିପାରିବ। ଯଦି ତୁମ୍ଭେ ମୋର
ମେଷପଲ ଦେଖିବାକୁ ଆସିପାରିବ। ତୁମ୍ଭେ ମୋର ପଲକୁ
ଦେଖିପାର। ଅର୍ଥାତ୍ ଛାଗଳମାନଙ୍କ ମଧ୍ୟରେ ଚିତ୍ର ବିଚିତ୍ର ଓ
ବିନ୍ଦୁ ଚିହ୍ନିତ ଛାଗଳ ଛଡା ଓ ମେଷଗଣ ମଧ୍ୟରେ କୃଷ୍ଣ ବର୍ଣ୍ଣ
ମେଷ ବ୍ୟତୀତ ଯେତେ ଥିବେ ତାହା ମୋହର ଚୌର୍ଯ୍ୟରୂପେ
ଗଣ୍ୟ ହେବ।"

34ଲାବନ ଉତ୍ତର ଦେଲା, "ତୁମ୍ଭେ ଯାହା କହିଲ ଆମ୍ଭେ
ତାହା କରିବା ପାଇଁ ମୁଁ ତୁମ୍ଭ ସହିତ ଏକମତ।" 35ସେହିଦିନ
ଲାବନ ବିନ୍ଦୁ ଚିହ୍ନିତ ଛାଗଳମାନଙ୍କୁ ଲୁଚାଇ ଦେଲା। ଏବଂ ଚିତ୍ର
ବିଚିତ୍ର ଛାଗ ସବୁକୁ ଲୁଚାଇ ଦେଲା। ଲାବନ ସମସ୍ତ ମାଟିଆ
ବର୍ଣ୍ଣ ମେଷଗଣକୁ ସେ ତା'ର ପୁତ୍ରମାନଙ୍କୁ ଯତ୍ନ ନେବାକୁ
ଦେଲା। 36ସେଥିପାଇଁ ତାଙ୍କର ପୁଅମାନେ ସମସ୍ତ ଚିତ୍ରିତ
ପଶୁଗଣକୁ ତିନିଦିନ ରାସ୍ତା ଦୂରର ଏକ ସ୍ଥାନକୁ ନେଇଗଲେ।
ଯାକୁବ ଅନ୍ୟ ସମସ୍ତ ଛାଡି ଯାଇଥିବା ପଶୁମାନଙ୍କର ଯତ୍ନ
ନେଲେ।

37ଯାକୁବ ଲିବ୍ନୀ, ଲୁସ୍ ଓ ଅର୍ମୋନ୍ ବୃକ୍ଷର ନୂତନ
ଶାଖା କାଟି ତହିଁରୁ ବଲ୍କଳ କାଢ଼ି କାଠରେ ଶୁକ୍ଳ ରେଖା
ବାହାର କଲା। 38ଏହାପରେ ଯେଉଁ ସ୍ଥାନକୁ ପଶୁମାନେ
ଜଳପାନ କରିବାକୁ ଆସନ୍ତି। ସେହି ସ୍ଥାନରେ ସେମାନଙ୍କ
ସମ୍ମୁଖସ୍ଥ ଜଳକୁଣ୍ଡ ମଧ୍ୟରେ ସେହି ବଲ୍କଳଶୂନ୍ୟ ଶାଖାସବୁ
ଉଚ୍ଚକରି ରଖିଲା। ତେଣୁ ଜଳ ପାନ କରିବା ସମୟରେ
ସେମାନେ ଫଳବତୀ ହେଲେ। 39ପୁଣି ସେହି ଶାଖା ନିକଟରେ
ସେମାନଙ୍କର ସଂଗମ ହେବାରୁ ପଶୁମାନେ ରେଖାଙ୍କିତ, ଚିତ୍ର
ବିଚିତ୍ର ଓ ବିନ୍ଦୁଚିହ୍ନିତ ମେଷ ଛୁଆମାନ ଜନ୍ମ କଲେ।

40ଯାକୁବ ସେହି ଚିତ୍ର ବିଚିତ୍ର ଛୁଆମାନଙ୍କୁ ଅନ୍ୟ ପାଖରୁ
ଭିନ୍ନ ଭିନ୍ନ କଲା। ପୁଣି ଲାବନ ରେଖାଙ୍କିତ ଓ କୃଷ୍ଣବର୍ଣ୍ଣ ସବୁ
ମେଷ ପ୍ରତି ମେଷୀମାନଙ୍କର ଦୃଷ୍ଟି ରଖାଇଲା। ଏହିପ୍ରକାରେ
ସେ ଲାବନର ପଲ ସହିତ ଆପଣା ପଲ ତନିଖି ପୃଥକ
କଲା। 41ଯେତେବେଳେ ବଳିଷ୍ଠ ପଶୁଗଣ ସହକର୍ମୀ କରନ୍ତି,
ସେ ଜଳକୁଣ୍ଡ ମଧ୍ୟରେ ସେମାନଙ୍କର ଆଖିର ସମ୍ମୁଖରେ
ସେହି ଶାଖାଗୁଡିକ ରଖିଲା। କିନ୍ତୁ ସେ ଦୁର୍ବଳ ପଶୁମାନଙ୍କ
ସମ୍ମୁଖରେ ରଖିଲା ନାହିଁ। 42କିନ୍ତୁ ଦୁର୍ବଳ ପଶୁଗଣ ଲାବନର
ଓ ବଳିଷ୍ଠ ପଶୁଗଣ ଯାକୁବର ହେଲେ। 43ଏହିପରି ଯାକୁବ
ଅତିଶୟ ଧନୀ ହେଲା। ଏବଂ ତା'ର ପଶୁ, ଦାସ ଦାସୀ, ଓଟ
ଓ ଗର୍ଦ୍ଦଭ ଯଥେଷ୍ଟ ହେଲେ।

### ଛାଡ଼ିବା ସମୟରେ ଯାକୁବ ଦୌଡ଼ି ପଳାଇଲା

31 ଦିନେ ଯାକୁବ, ଲାବନର ଓ ତା'ର ପୁତ୍ରମାନେ
କଥାବାର୍ତ୍ତା ହେଉଥିବାର ଶୁଣିଲେ। ସେମାନେ କହିଲେ,
"ଯାକୁବ ସବୁକିଛି ନେଇ ଯାଇଛି ଯାହା ତାଙ୍କର ପିତାଙ୍କର
ଥିଲା। ଆମ୍ଭମାନଙ୍କ ପିତାଙ୍କଠାରୁ ସବୁ ନେଇ ସେ ଧନୀ
ହୋଇଛି।" 2ଏହାପରେ ଯାକୁବ ଜାଣି ପାରିଲା ଯେ ଲାବନ
ପୂର୍ବପରି ତା' ସହିତ ବ୍ୟବହାର କରୁ ନାହିଁ। 3ସଦାପ୍ରଭୁ
ଯାକୁବକୁ କହିଲେ, "ତୁମ୍ଭେ ଆପଣା ନିଜ ଦେଶରେ
ପୂର୍ବପୁରୁଷମାନଙ୍କ ନିକଟକୁ ଫେରିଯାଅ। ମୁଁ ତୁମ୍ଭ ସହିତ
ରହିବି।"

4ତେଣୁ ଯାକୁବ ପଶୁପଲ ନିକଟକୁ ଯାଇ ତାଙ୍କୁ ଦେଖା
କରିବାକୁ ଲେୟା ଓ ରାହେଲକୁ କହିଲେ। 5ଯାକୁବ ରାହେଲ
ଓ ଲେୟାକୁ କହିଲା, "ମୁଁ ଦେଖୁଛି ଯେ, ତୁମ୍ଭର ପିତା
ମୋତେ ଯେପରି ବ୍ୟବହାର କରୁଥିଲେ ସେପରି କରୁନାହାନ୍ତି।
କିନ୍ତୁ ମୋ ପିତାଙ୍କର ପରମେଶ୍ୱର ମୋ ସହିତ ଅଛନ୍ତି।
6ତୁମ୍ଭେ ଉଭୟ ଜାଣ ମୁଁ ତୁମ୍ଭ ପିତାଙ୍କ ପାଇଁ ପାରୁପର୍ଯ୍ୟନ୍ତ
ଖଟିଛି। 7ତୁମ୍ଭର ପିତା ମୋତେ ପ୍ରତାରଣା କଲେ। ତୁମ୍ଭର
ପିତା ମୋର ବେତନ ଦଶଥର ବଦଳାଇଛନ୍ତି। କିନ୍ତୁ
ସଦାପ୍ରଭୁ ମୋତେ ରକ୍ଷା କଲେ। ସେ ଲାବନକୁ ମୋର କ୍ଷତି
କରିବାକୁ ଦେଲେ ନାହିଁ।

8"ଥରେ ଲାବନ କହିଲେ, 'ତୁମ୍ଭେ ସମସ୍ତ ଛିଟିଛିଟିକା
ଦାଗଥିବା ପଶୁମାନଙ୍କୁ ରଖ ତାହା ତୁମ୍ଭର ବର୍ତ୍ତନ ହେବ।'
ସେ ଏହା କହି ସାରିବାପରେ ସମସ୍ତ ପଶୁମାନେ ଛିଟିଛିଟିଆ
ଦାଗଥିବା ଛୁଆ ଜନ୍ମ କଲେ। ତେଣୁ ସେ ସବୁ ମୋର
ହେଲା। କିନ୍ତୁ ଏହାପରେ ଲାବନ କହିଲା, 'ଗାର ଗାର
ପଡ଼ିଥିବା ପଶୁଗୁଡ଼ିକ ତୁମ୍ଭର। ସେ ଏହା କହିସାରିବା ପରେ,
ସେହିସବୁ ତୁମ୍ଭର ବର୍ତ୍ତନ ହେବ।' ସମସ୍ତ ପଶୁମାନେ ରେଖାଙ୍କିତ
ପଶୁମାନଙ୍କୁ ଜନ୍ମ ଦେଲେ। 9ତେଣୁ ପରମେଶ୍ୱର ତୁମ୍ଭ
ପିତାଙ୍କଠାରୁ ପଶୁମାନଙ୍କୁ ଆଣି ମୋତେ ଦେଲେ।

10"ସେହି ସମୟରେ ମୁଁ ଏକ ସ୍ୱପ୍ନ ଦେଖିଥିଲି, ଯେଉଁ
ପୁଂଛାଗ ମାଈ ଛାଗ ସହିତ ସଂଗମ କଲେ। ସେମାନେ
ରେଖାଯୁକ୍ତ ଛିଟିଛିଟିକା ଏବଂ ଦାଗଦାଗ ହୋଇଥିଲେ ଏବଂ
ବିନ୍ଦୁ ଚିହ୍ନିତ। 11ସେତେବେଳେ ପରମେଶ୍ୱରଙ୍କର ଦୂତ ସ୍ୱପ୍ନରେ
ମୋତେ 'ଯାକୁବ' ବୋଲି ଡ଼ାକନ୍ତେ!

"ମୁଁ କହିଲି, 'ହଁ ମହାଶୟ, ମୁଁ ଏହିଠାରେ ଅଛି।'

12"ପରମେଶ୍ୱରଙ୍କ ଦୂତ କହିଲେ, 'ଏବେ ଅନାଇ ଦେଖ
ମାଈ ଛାଗଗୁଡିକ ସହିତ ସଂଗମ କରୁଥିବା ପ୍ରତ୍ୟେକ ପୁଂ
ଛାଗଗୁଡିକ ଗାରଗାର, ଛିଟିଛିଟିକା ଓ ଦାଗଦାଗ ହୋଇଗଲେ।
ମୁଁ ଏହା ହେବାକୁ ଦେଉଛି କାରଣ ଲାବନ ତୁମ୍ଭ ସହିତ
ଯେଉଁ ପ୍ରକାର ବ୍ୟବହାର କଲା ମୁଁ ଦେଖିଲି। 13ମୁଁ
ବେଥେଲର ସେହି ପରମେଶ୍ୱର। ଯେଉଁଠାରେ ତୁମ୍ଭେ ଗୋଟିଏ

ସ୍ତମ୍ଭ ଠିଆ କରିଥିଲ ଏବଂ ମୋ ପାଖରେ ଏକ ଶପଥ
କରିଥିଲ। ବର୍ତ୍ତମାନ ଉଠ ଏବଂ ଏହି ଭୂମି ପରିତ୍ୟାଗ କର
ଏବଂ ତୁମ୍ଭର ଗୃହକୁ ଯାଅ।’”
**14**ରାହେଲ ଓ ଲେୟା ଉତ୍ତର ଦେଲେ, “ପିତାଙ୍କ
ସମ୍ପତ୍ତିକୁ ପାଇବା ପାଇଁ କିଛି ବାକି ନାହିଁ। **15**ଆମ୍ଭେ ତାଙ୍କ
ଆଖିରେ ବିଦେଶୀନି ତୁଲ୍ୟ। ସେ କେବଳ ଆମ୍ଭକୁ
ତୁମ୍ଭଠାରେ ବିକ୍ରୟ କରି ନାହାନ୍ତି।” ସେ ସମସ୍ତ ଟଙ୍କା ଖର୍ଚ୍ଚ
କରିଦେଇଛନ୍ତି, ଯାହା ଆମ୍ଭମାନଙ୍କର ହେବାର ଥିଲା। **16**ଏଣୁ
ପରମେଶ୍ୱର ଆମ୍ଭମାନଙ୍କ ପିତାଙ୍କଠାରୁ ଯେଉଁ ସବୁ ଧନ
ନେଇଅଛନ୍ତି, ସେହିସବୁ ଆମ୍ଭମାନଙ୍କର ଓ ଆମ୍ଭମାନଙ୍କ ସନ୍ତାନ
ଗଣର। ଏଣୁ ପରମେଶ୍ୱର ଯାହା କହିଲେ, ତୁମ୍ଭେ ତାହା
କର।”
**17**ତେଣୁ ଯାକୁବ ଫେରିଯିବା ପାଇଁ ପ୍ରସ୍ତୁତ ହେଲେ।
ତେଣୁ ସେ ତାଙ୍କର ପୁତ୍ରମାନଙ୍କୁ ଓ ସ୍ତ୍ରୀମାନଙ୍କୁ ଓଟରେ
ବସାଇଲେ। **18**ତେଣୁ ସେମାନେ ଯାହା ପ୍ରାପ୍ତ ହୋଇଥିଲେ
ପଦ୍ଦନ ଅରାମରେ ସମସ୍ତ ଜୀବନ୍ତ ବସ୍ତୁ ଓ ସମ୍ପତ୍ତି ନେଲେ
ଏବଂ ଚାଲିଗଲେ। ସେମାନେ ପ୍ରସ୍ଥାନ କଲେ ଯାକୁବଙ୍କ ପିତା
ଇସ୍‌ହାକଙ୍କ ଦେଶ କିଣାନୀୟକୁ।
**19**ଏହି ସମୟରେ ଲାବନ ମେଷପଲରୁ ଲୋମ ଛେଦନ
କରିବାକୁ ଯାଇଥିଲା। ଯେତେବେଳେ ସେ ଯାଇଥିଲେ, ରାହେଲ
ଆପଣା ପିତାଙ୍କର ଘରର ଦେବତାମାନଙ୍କୁ ଚୋରି କଲା।
**20**ଏବଂ ଯାକୁବ ନଜଣାଇ ଦୂରକୁ ଯିବା ପାଇଁ ଲାବନଙ୍କୁ
ଠକି ଦେଲା। **21**ଯାକୁବ ତାଙ୍କର ପରିବାର ଓ ସମସ୍ତ ସମ୍ପତ୍ତି
ଧରି ଶିଘ୍ର ସେ ସ୍ଥାନ ଛାଡ଼ିଲା। ସେ ଫରାତ୍ ନଦୀ ପାର
ହୋଇ ଗିଲୀୟଦ ପର୍ବତ ଅଞ୍ଚଳ ଆଡ଼େ ଚାଲିଲା।
**22**ତିନିଦିନ ଯିବାପରେ, ଲାବନକୁ କୁହାଗଲା, ଯାକୁବ
ପଳାୟନ କରିଛି। **23**ତେଣୁ ଲାବନ ତା’ର ଲୋକମାନଙ୍କୁ
ଏକତ୍ରିତ କରି ଯାକୁବକୁ ଧରିବାପାଇଁ ତା’ପଛରେ ଗୋଡ଼ାଇଲା।
ସାତଦିନ ପରେ ଲାବନ ଯାକୁବକୁ ଗିଲୀୟଦର ପର୍ବତମୟ
ଦେଶରେ ଭେଟିଲେ। **24**ସେହି ରାତିରେ ପରମେଶ୍ୱର ଲାବନଙ୍କୁ
ସ୍ୱପ୍ନରେ ଦର୍ଶନ ଦେଲେ। ପରମେଶ୍ୱର କହିଲେ, “ସାବଧାନ
ହୁଅ! ଯାକୁବ କହିଥିବା ପ୍ରତ୍ୟେକ କଥାପାଇଁ ସାବଧାନ
ହୁଅ।”

## ଚୋରିହୋଇଥିବା ଦେବତାଗଣର ଅନୁସନ୍ଧାନ।

**25**ତା’ ପରଦିନ ଲାବନ ଯାକୁବକୁ ଧରିଲେ। ଯାକୁବ
ପର୍ବତ ଉପରେ ତାଙ୍କର ତମ୍ବୁ ପକାଇଲେ। ତେଣୁ ଲାବନ
ଏବଂ ତାଙ୍କର ସମସ୍ତ ଲୋକମାନେ ପର୍ବତମୟ ଦେଶ ଗିଲୀୟଦରେ
ଛାଉଣୀ ପକାଇଲେ।
**26**ଲାବନ ଯାକୁବକୁ କହିଲେ, “ତୁମ୍ଭେ କାହିଁକି ମୋତେ
ପ୍ରତାରଣା କଲ? ତୁମ୍ଭେ କାହିଁକି ମୋର ଝିଅମାନଙ୍କୁ ଯୁଦ୍ଧ
ବନ୍ଦୀପରି ନେଇଗଲ? **27**ମୋତେ ନ ଜଣାଇ ତୁମ୍ଭେ ପଳାଇ
ଆସିଲ କାହିଁକି? ମୋତେ ତୁମ୍ଭେ ଜଣାଇ ଆସିଥିଲେ, ମୁଁ
ତୁମ୍ଭକୁ ଆହ୍ଲାଦ ଓ ଗାୟନ ପୁଣି ତବଲା ଓ ବୀଣାବାଦ୍ୟ
ସହିତ ବିଦାୟ କରିଥାନ୍ତି। **28**ତୁମ୍ଭେ ମୋର ନାତି ଓ
କନ୍ୟାଗଣଙ୍କୁ ବିଦାୟ କାଳିନ ଚୁମ୍ବନ କରିବାକୁ ଦେଲନାହିଁ।
ଏପରି ତୁମ୍ଭେ ଅଜ୍ଞାନ କର୍ମ କାହିଁକି କଲ! **29**ତୁମ୍ଭକୁ ଆଘାତ
କରିବା ପାଇଁ ମୋର ଶକ୍ତି ଅଛି। କିନ୍ତୁ ଗତ ରାତିରେ ତୁମ୍ଭ
ପିତାଙ୍କର ପରମେଶ୍ୱର ସ୍ୱପ୍ନରେ ମୋତେ ସତର୍କ କରାଇଦେଲେ,
ତୁମ୍ଭଙ୍କୁ ଉତ୍ସାହିତ ବା ହତୋତ୍ସାହିତ ନକରିବାକୁ। **30**ମୁଁ ଜାଣେ
ଯେ ତୁମ୍ଭେ ସ୍ୱଗୃହକୁ ଯିବାକୁ ଚାହୁଁଥିଲ। ଯେଉଁଥି ପାଇଁ ତୁମ୍ଭେ
ସେ ସ୍ଥାନ ଛାଡ଼ିଲ। କିନ୍ତୁ ତୁମ୍ଭେ କାହିଁକି ମୋର ଦେବତାଗଣଙ୍କୁ
ଚୋରାଇ ଆଣିଲ?”
**31**ଯାକୁବ ଉତ୍ତର ଦେଲେ, “ମୁଁ ତୁମ୍ଭକୁ ନ କହି ପଳାଇ
ଆସିଲି କାରଣ ମୁଁ ତୁମ୍ଭକୁ ଭୟ କରୁଥିଲି। ମୁଁ ଭାବିଲି ତୁମ୍ଭେ
ତୁମ୍ଭର କନ୍ୟାମାନଙ୍କୁ ମୋଠାରୁ ଦୂରେଇ ନେବ। **32**କିନ୍ତୁ ମୁଁ
ତୁମ୍ଭର ଦେବତାଗଣଙ୍କୁ ଚୋରାଇ ଆଣି ନାହିଁ। ମାତ୍ର ତୁମ୍ଭେ
ଯାହା ନିକଟରୁ ତାହା ପାଇବ। ତାକୁ ହତ୍ୟା କରାଯିବ।
ତୁମ୍ଭର ଲୋକମାନେ ମୋର ସାକ୍ଷୀ ରହିଲେ। ତୁମ୍ଭର ଏଠାରେ
ଯାହାସବୁ ଅଛି ତୁମ୍ଭେ ତୁମ୍ଭର ଦେବତାଗଣଙ୍କୁ ଖୋଜି ପାରିବ।
ତୁମ୍ଭର ଯାହା ଅଛି ତୁମ୍ଭେ ନେଇ ପାରିବ।” ରାହେଲ ତାହା
ଚୋରି କରିଛନ୍ତି ବୋଲି, ଯାକୁବ ଜାଣି ନ ଥିଲେ।
**33**ତେଣୁ ଲାବନ ଯାକୁବର ଛାଉଣୀରେ ଖୋଜିଲେ।
ତା’ପରେ ସେ ଲେୟାର ତମ୍ବୁରେ ଖୋଜିଲେ। ଏହାପରେ
ସେ ଆସି ତାଙ୍କର ଦୁଇ ଦାସୀଙ୍କର ତମ୍ବୁରେ ଖୋଜିଲେ।
କିନ୍ତୁ ସେଠାରେ ମଧ୍ୟ ସେମାନେ ପାଇଲେ ନାହିଁ। ଏହାପରେ
ଲାବନ ରାହେଲର ତମ୍ବୁକୁ ଗଲେ। **34**ରାହେଲ ସେହି
ଦେବତାଗଣଙ୍କୁ ତାଙ୍କର ଓଟର ହାଉଦା ଭିତରେ ରଖି ତହିଁ
ଉପରେ ବସିଥିଲା। ଲାବନ ସମସ୍ତ ତମ୍ବୁକୁ ଖୋଜିଲେ କିନ୍ତୁ
କେଉଁଠାରୁ ପାଇଲେ ନାହିଁ।
**35**ଏବଂ ରାହେଲ ତାଙ୍କର ପିତାଙ୍କୁ କହିଲେ, “ମୋ
ଉପରେ କ୍ରୋଧ କର ନାହିଁ। ମୁଁ ତୁମ୍ଭ ସମ୍ମୁଖରେ ଠିଆ
ହେବାକୁ ଅସମର୍ଥ, କାରଣ ମୋର ମାସିକ ଋତୁସ୍ରାବ ହେଉଛି।”
ତେଣୁ ଲାବନ ସବୁଆଡ଼େ ଖୋଜିଲେ କିନ୍ତୁ କେଉଁଠାରେ
ତାଙ୍କର ମୂର୍ତ୍ତିଗୁଡ଼ିକୁ ପାଇଲେ ନାହିଁ।
**36**ଏହାପରେ ଯାକୁବ ବହୁତ କ୍ରୋଧ କଲେ। ଯାକୁବ
କହିଲେ, “ମୋର କି ଦୋଷ ଅଛି? ମୁଁ କିପରି ତୁମ୍ଭକୁ
ଅପମାନିତ କଲି? କାହିଁକି ତୁମ୍ଭେ ମୋତେ ଗୋଡ଼ାଇଲ ଏବଂ
ମୋତେ ଅଟକାଇଲ? **37**ମୋର ସମସ୍ତ ଦ୍ରବ୍ୟ ତୁମ୍ଭେ ଖୋଜିଲ
କିନ୍ତୁ ତୁମ୍ଭର ଦେବତାଗଣଙ୍କୁ ପାଇଲ ନାହିଁ। ଯଦି ତୁମ୍ଭେ
ତାହା ପାଇଛ ତେବେ ତୁମ୍ଭେ ତାହା ଦେଖାଅ, ଆମ୍ଭର ସମସ୍ତ
ଲୋକ ତାହା ଦେଖିବେ। କେଉଁଟି ଠିକ୍ ତାହା ଲୋକମାନଙ୍କୁ
ନିଷ୍ପତ୍ତି କରିବାକୁ ଦିଅ। **38**ମୁଁ ତୁମ୍ଭପାଇଁ କୋଡ଼ିଏ ବର୍ଷ
କଠିନ ପରିଶ୍ରମ କରିଅଛି। ସେହି ସମସ୍ତ ସମୟରେ ତୁମ୍ଭର
ମେଷ ଓ ଛେଳିଗୁଡ଼ିକ ଗର୍ଭପାତ ହୋଇ ନାହିଁ, କିମ୍ବା ମୁଁ
ସେଗୁଡ଼ିକୁ ଖାଇଯାଇ ନାହିଁ। **39**ଯେତେବେଳେ ତୁମ୍ଭର ମେଷ
ଓ ଛେଳି ହିଂସ୍ର ଜନ୍ତୁମାନଙ୍କ ଦ୍ୱାରା ଖଣ୍ଡିଆ ଖାବରା ହେଲେ,
ମୁଁ ତୁମ୍ଭର କ୍ଷତି କରି ଛାଡି ଦେଲି ନାହିଁ। କିନ୍ତୁ ମୋର
ନିଜର ମେଷ ବା ଛେଳି ତା’ ସ୍ଥାନରେ ରଖିଲି। ଯଦି କିଛି
ରାତି ବା ଦିନରେ ଚୋରୀ ହେଉଥିଲା ମୋର ନିଜର ପଶୁ
ତା’ ସ୍ଥାନରେ ଯୋଗାଇଲି। **40**ଦିନର ଖରା ଏବଂ ରାତିର
ଥଣ୍ଡାରେ ମୁଁ କାର୍ଯ୍ୟ କରିଛି। ମୁଁ ନ ଶୋଇ ଏହି ପ୍ରକାରେ
ମୁଁ ତୁମ୍ଭର ସେବା କଲି। **41**ମୁଁ କୋଡ଼ିଏ ବର୍ଷକାଳ ତୁମ୍ଭ
ନିକଟରେ ରହିଲି, ତୁମ୍ଭର ଦୁଇ ଝିଅ ନିମନ୍ତେ ଚଉଦ ବର୍ଷ

ଓ ପଶୁମାନଙ୍କ ନିମନ୍ତେ ଛଅବର୍ଷ କର୍ମ କଲି। ଏଥି ମଧ୍ୟରେ
ତୁମ୍ଭେ ଦଶଥର ମୋହର ବର୍ତ୍ତନ ପରିବର୍ତ୍ତନ କରିଅଛ।
42ମୋହର ପୂର୍ବପୁରୁଷଙ୍କ ପରମେଶ୍ୱର ଅବ୍ରହାମଙ୍କ ପରମେଶ୍ୱର
ଓ ଇସ୍ହାକର ଭୟନାଶକ ପରମେଶ୍ୱର ଯେବେ ମୋ ସହିତ
ନ ଥାନ୍ତେ, ତେବେ ଅବଶ୍ୟ ଏବେ ତୁମ୍ଭେ ମୋତେ ତୁଚ୍ଛା
ହାତରେ ବିଦାୟ କରିଥାନ୍ତ। ପରମେଶ୍ୱର ମୋର ଦୁଃଖ ଓ
ହସ୍ତର ପରିଶ୍ରମ ଦେଖି ଅଛନ୍ତି। ଏଣୁ ଗତ ରାତ୍ରିରେ ତୁମ୍ଭକୁ
ଧମକାଇଲେ।"

## ଯାକୁବ ଏବଂ ଲାବନର ଚୁକ୍ତି

43ଲାବନ ଯାକୁବକୁ କହିଲେ, "ତୁମ୍ଭ ସ୍ତ୍ରୀମାନେ ମୋର
କନ୍ୟା ଏବଂ ଏହି ପିଲାମାନେ ମଧ୍ୟ ମୋର। ଏବଂ ଏସମସ୍ତ
ପଶୁମାନେ ମଧ୍ୟ ମୋର। ଏଠାରେ ଯେତେ ସବୁ ଦେଖୁଛ
ତାହା ସବୁ ମୋର। ଏଣୁ ମୋର ଏହି କନ୍ୟାମାନଙ୍କୁ ଓ
ଏମାନଙ୍କ ଜନ୍ମିତ ସନ୍ତାନମାନଙ୍କୁ ମୁଁ କ'ଣ କରିବି? 44ତେଣୁ
ଆମ୍ଭେ ଦୁହେଁ ଚୁକ୍ତି ସ୍ଥିର କରିବା, ତାହା ଆମ୍ଭମାନଙ୍କର ସାକ୍ଷୀ
ହେବ।" 45ଯେତେବେଳେ ଯାକୁବ ଖଣ୍ଡିଏ ପ୍ରସ୍ତର ଘେନି ସ୍ତମ୍ଭ
ରୂପେ ସ୍ଥାପନ କଲା। 46ପୁଣି ଯାକୁବ ଆପଣା ନିଜ
ଲୋକମାନଙ୍କୁ କହିଲା, ତୁମ୍ଭେମାନେ ପ୍ରସ୍ତର ସଂଗ୍ରହ କର।
ତହିଁରେ ସେମାନେ ପ୍ରସ୍ତର ଆଣି ଗୋଟିଏ ଗଦା କରନ୍ତେ
ସମସ୍ତେ ସେହି ସ୍ଥାନରେ ସେହି ପଥରଗଦା ଉପରେ
ଭୋଜନ କଲେ। 47ଲାବନ ସେହି ସ୍ଥାନର ନାମ ଦେଲା
ଯିଗର୍-ସାହଦୂଥା* କିନ୍ତୁ ଯାକୁବ ସେହି ସ୍ଥାନର ନାମ
ରଖିଲେ, ଗଲ-ୟିଦ।

48ଲାବନ ଯାକୁବକୁ କହିଲା, "ଏହି ଗଦା ଆଜି ତୁମ୍ଭ
ଆମ୍ଭର ସାକ୍ଷୀ ହୋଇ ରହିଲା।" ଯେଉଁଥି ପାଇଁ ତାହାର ନାମ
ଗଲ୍ୟିଦ ଓ ମିସ୍ପା ରଖିଲା।

49ଏହାପରେ ଲାବନ କହିଲେ, "ସଦାପ୍ରଭୁ ଆମ୍ଭର
ପର୍ଯ୍ୟବେକ୍ଷଣ କରନ୍ତୁ ଏବଂ ଆମ୍ଭର ମଧ୍ୟସ୍ଥ ହୁଅନ୍ତୁ।" ଯେତେବେଳେ
ଆମ୍ଭେମାନେ ପରସ୍ପରଠାରୁ ଦୂରରେ ରହିବୁ। ତା'ପରେ ସେ
ଏହାକୁ ମଧ୍ୟ ଡାକିଲେ: ମିସପା।

50ଏହାପରେ ଲାବନ କହିଲେ, "ଯଦି ତୁମ୍ଭେ ମୋର
କନ୍ୟାମାନଙ୍କୁ ଆଘାତ କର ତେବେ ପରମେଶ୍ୱର ତୁମ୍ଭକୁ
ଆଘାତ ଦେବେ। ଯଦି ତୁମ୍ଭେ ଅନ୍ୟ ସ୍ତ୍ରୀକୁ ବିବାହ କର
ମନେରଖ ପରମେଶ୍ୱର ଦେଖୁଛନ୍ତି। 51ଏହିଠାରେ ଯେଉଁ ଗଦା
ପୋତା ଯାଇଅଛି ପୁଣି ଆମ୍ଭ ଦୁହିଁଙ୍କର ମଧ୍ୟବର୍ତ୍ତୀ ସ୍ଥାପିତ ଏହି
ସ୍ତମ୍ଭ ଦେଖ ଯାହାକି ଆମ୍ଭେ ଚୁକ୍ତି କରିଛୁ। 52ମୁଁ ଅହିତ
କରିବା ପାଇଁ ଏହି ଗଦା ପାର ହୋଇ ତୁମ୍ଭ ନିକଟକୁ ଯିବି
ନାହିଁ। ତୁମ୍ଭେ ମଧ୍ୟ ଏହାକୁ ପାର ହୋଇ ମୋ ନିକଟକୁ
ଆସିବ ନାହିଁ। ଏଥିର ସାକ୍ଷୀ ଏହି ଗଦା ଓ ଏଥିର ସାକ୍ଷୀ
ଏହି ସ୍ତମ୍ଭ। 53ଅବ୍ରହାମର ପରମେଶ୍ୱର, ନାହୋରର ପରମେଶ୍ୱର,
ଓ ସେମାନଙ୍କର ପୂର୍ବପୁରୁଷଙ୍କ ପରମେଶ୍ୱର ଆମ୍ଭ ଓ ତୁମ୍ଭ
ମଧ୍ୟରେ ବିଚାର କରିବେ।"

ସେତେବେଳେ ଯାକୁବ ପରମେଶ୍ୱରଙ୍କଠାରେ ଶପଥ କଲା
ଯାହା ତା'ର ପିତା ଇସ୍ହାକର "ଭୟବୋଲି କହୁଥିଲେ"।
54ଏହାପରେ ସେ ସେହି ପର୍ବତରେ ବଳିଦାନ କରି ଆହାର
କରିବା ନିମନ୍ତେ ଆପଣା ନିଜ ଲୋକଙ୍କୁ ଡ଼ାକିଲା। ତହିଁରେ
ସେମାନେ ଭୋଜନ କରି ପର୍ବତରେ ରାତ୍ରିସାରା ରହିଲେ।
55ଏହାପରେ ଲାବନ ପ୍ରଭାତରେ ଉଠି ଆପଣା କନ୍ୟାଙ୍କୁ ଓ
ବାଳକମାନଙ୍କୁ ଚୁମ୍ବନ କରି ଆଶୀର୍ବାଦ କଲା। ଏହିରୂପେ
ଲାବନ ସ୍ୱସ୍ଥାନକୁ ଫେରିଗଲା।

## ଏଷୌଙ୍କ ସହିତ ପୁନର୍ମିଳନ

32 ଏଣୁ ଯାକୁବ ସେହିସ୍ଥାନ ଛାଡ଼ିଲେ। ସେ ଯିବା
ବାଟରେ ପରମେଶ୍ୱରଙ୍କ ଦୂତମାନେ ତାଙ୍କୁ ଭେଟିଲେ।
2ଯେତେବେଳେ ଯାକୁବ ସେମାନଙ୍କୁ ଦେଖିଲେ, ସେ କହିଲେ,
"ଏହା ହେଉଛି ପରମେଶ୍ୱରଙ୍କର ଛାଉଣୀ" ତେଣୁ ଯାକୁବ
ସେହି ସ୍ଥାନର ନାମ ମହନୟିମ୍ ରଖିଲେ।

3ଯାକୁବ ଭାଇ ଏଷୌ ସେୟୀର ଅଞ୍ଚଳରେ ବାସ କରୁଥିଲେ।
ସେ ଅଞ୍ଚଳ ଥିଲା ଇଦୋମର ପର୍ବତମୟ ଦେଶ। ଯାକୁବ
ଏଷୌ ନିକଟକୁ ଦୂତ ପଠାଇଲେ। 4ଯାକୁବ ଦୂତମାନଙ୍କୁ
କହିଲେ, "ଏହି କଥା ମୋର ଜ୍ୟେଷ୍ଠ ଭ୍ରାତା ଏଷୌଙ୍କୁ କୁହ:
'ତୁମ୍ଭର ଦାସ ଯାକୁବ କହିଲା, ଏହି ଦିନଗୁଡ଼ିକ ମୁଁ ଲାବନ
ସହିତ ବାସ କରିଛି। 5ମୋର ଗାଇଗୁଡିକ, ଗର୍ଦ୍ଦଭଗୁଡିକ,
ପଶୁଗଣ, ମନୁଷ୍ୟଗଣ, ସେବକ ଓ ସେବୀକାଗଣ ଅଛନ୍ତି।
ମୁନିବ ମୁଁ ଅନୁଗ୍ରହ ପାଇବା ନିମନ୍ତେ ଏହି ଦୂତଗଣଙ୍କୁ
ପଠାଉଛି। ଦୟାକରି ସେମାନଙ୍କୁ ଗ୍ରହଣ କର।'"

6ଦୂତଗଣ ଯାକୁବ ପାଖକୁ ଯାଇ କହିଲେ, "ଆମ୍ଭେ
ତୁମ୍ଭର ଭାଇ ଏଷୌ ନିକଟକୁ ଗଲୁ। ସେ ତୁମ୍ଭକୁ ଭେଟିବାକୁ
ଆସୁଛନ୍ତି ଓ ତାଙ୍କ ସହିତ 400 ଲୋକ ଅଛନ୍ତି।।"

7ସେହି ବାର୍ତ୍ତା ଯାକୁବକୁ ଭୟଭୀତ କଲା। ସେ ତାଙ୍କ
ସହିତ ଥିବା ଲୋକମାନଙ୍କୁ ଦୁଇ ଦଳରେ ବିଭକ୍ତ କଲେ।
ଗୋମେଷାଦି ଆଦି ସମସ୍ତ ପଲ ଓ ଓଟମାନଙ୍କୁ ଭିନ୍ନ ଭିନ୍ନ
ଦୁଇ ଦଳ କଲା। 8ଯାକୁବ ଚିନ୍ତା କଲା, "ଯଦି ଏଷୌ ଆସି
ଗୋଟିଏ ଦଳକୁ ବିନାଶ କରେ, ତେବେ ଅନ୍ୟ ଦଳ
ଦୌଡ଼ିଯାଇ ଜୀବନ ରକ୍ଷା କରିବେ।"

9ସେତେବେଳେ ଯାକୁବ କହିଲା, "ହେ ମୋର ପିତା
ଅବ୍ରହାମଙ୍କର ପରମେଶ୍ୱର! ମୋର ପିତା ଇସ୍ହାକର ପରମେଶ୍ୱର!
ହେ ସଦାପ୍ରଭୁ ତୁମ୍ଭେ ମୋତେ କହିଲ, ମୋର ଜନ୍ମିତ ସ୍ଥାନକୁ
ଫେରିଯିବା ପାଇଁ। ତୁମ୍ଭେ ମୋର ସହାୟ ହେବ। 10ତୁମ୍ଭେ
ମୋତେ ଦୟା ଦେଖାଇ ଆସିଅଛ। ତୁମ୍ଭେ ମୋର ବହୁତ
ମଙ୍ଗଳ କରିଅଛ। ମୁଁ ସେ କୌଣସି ବିଷୟ ପାଇଁ ଯୋଗ୍ୟ
ନୁହେଁ। ମୁଁ ଯେତେବେଳେ ପ୍ରଥମଥର ଯର୍ଦ୍ଦନ ନଦୀ ପାର
ହେଲି, କେବଳ ଏ ବାଡ଼ି ଛଡ଼ା ମୋର କିଛି ନ ଥିଲା। କିନ୍ତୁ
ବର୍ତ୍ତମାନ ମୋର ପରିବାର, ଜୀବଜନ୍ତୁ ଏତେ ବେଶୀ ଯେ
ଦୁଇଟା ଶିବିର ହୋଇପାରିବ। 11ମୁଁ ବିନତି କରୁଅଛି
କୃପାକରି ମୋତେ ମୋର ଭାଇଠାରୁ ରକ୍ଷା କର। ମୋତେ
ଏଷୌଠାରୁ ରକ୍ଷା କର। ମୁଁ ତାଙ୍କୁ ଭୟ କରୁଛି। ମୁଁ ଭୟ
କରୁଛି ଯେ ସେ ଆମ ସମସ୍ତଙ୍କୁ ହତ୍ୟା କରିବ। ଏପରିକି
ମା' ଓ ତାଙ୍କ ପିଲାମାନଙ୍କୁ ମଧ୍ୟ। 12ହେ ସଦାପ୍ରଭୁ, ତୁମ୍ଭେ

---

**ଯିଗର-ସାହଦୂଥା** ଅରାମୀୟ ଶବ୍ଦ ତା'ର ଅର୍ଥ "ଚୁକ୍ତିର ପଥର ଗଦା।"

ମୋତେ କହଲ, 'ମୁଁ ତୁମ୍ଭଙ୍କୁ ସାହାଯ୍ୟ କରବ। ମୁଁ ତୁମ୍ଭର
ପରବାରକୁ ସମୁଦ୍ରର ବାଲ ପର ବୃଦ୍ଧି କରବ, ଯାହାକୁ କେହ
ଗଣିପାରବେ ନାହିଁ।'"

13ଯାକୁବ ରାତିରେ ସେହ ସ୍ଥାନରେ ରହଲା, ତା'ର ଭାଇ
ଏଷୌକୁ କଛ ଉପହାର ଦେବାପାଇଁ ଯାକୁବ ପ୍ରସ୍ତୁତ ହେଲା।
14ଯାକୁବ ଦୁଇଶହ ମାଇଛେଳ କୋଡ଼ଏଟି ଛେଳ, ଦୁଇଶହ
ମାଇ ମେଣ୍ଢା ଓ କୋଡ଼ିଏଟି ଅଣ୍ଡିରା ମେଣ୍ଢା ଦେବାକୁ ସ୍ଥିର
କଲା। 15ଯାକୁବ ସବତ୍ସା ଦୁଗ୍ଧବତୀ ତିରଶ ମାଇଓଟ, ଚାଳଶ
ଗାଈ, ଦଶ ବୃଷ, କୋଡ଼ିଏ ଗଧ ଓ ଦଶଟି ବାଛୁରୀ ପ୍ରସ୍ତୁତ
କଲା। 16ଯାକୁବ ପଲସବୁ ପୃଥକ କର ଆପଣା ଦାସମାନଙ୍କ
ହସ୍ତରେ ଏକ ପଲ ସମର୍ପଣ କର ସେମାନଙ୍କୁ ଆଜ୍ଞା ଦେଲା,
"ତୁମ୍ଭେମାନେ ମୋର ଆଗେ ଆଗେ ଯାଅ। ପୁଣି ମଝିରେ
ମଝିରେ ସ୍ଥାନ ରଖି ପ୍ରତ୍ୟେକ ପଲକୁ ପୃଥକ କର।"
17ଯାକୁବ ଏହ ଆଦେଶ ତାଙ୍କର ଦାସମାନଙ୍କୁ ଦେଲେ।
ପ୍ରଥମ ଦଳର ଦାସକୁ ଯାକୁବ କହଲେ, "ଯେତେବେଳେ
ଏଷୌ ମୋର ଭାଇ ତୁମ୍ଭ ପାଖକୁ ଆସି ପଚାରେ, 'ତୁମ୍ଭେ
କାହାର ଦାସ? ତୁମ୍ଭେ କେଉଁଠାକୁ ଯାଉଛ? ଏହ ପଶୁଗୁଡ଼କ
କାହାର?' 18ତା'ପରେ ତୁମ୍ଭେ ଉତ୍ତର ଦେବ, 'ଏହ ପଶୁଗୁଡ଼କ
ତୁମ୍ଭ ଦାସ ଯାକୁବର, ମୋର ମୁନବ ଯାକୁବ ତୁମ୍ଭକୁ ଏହା
ଉପହାର ଦେଇଛନ୍ତ। ଏବଂ ଯାକୁବ ମଧ ଆମ ପଛେପଛେ
ଆସୁଛନ୍ତ।'"

19ଯାକୁବ ଏହପର କହବାକୁ ତାଙ୍କର ଦ୍ୱିତୀୟ ଦଳର
ଦାସ ଓ ତୃତୀୟ ଦଳର ଦାସ ଏବଂ ସମସ୍ତ ଦାସଙ୍କୁ ଏହପର
କହଲେ। ସେ କହଲେ, "ତୁମ୍ଭେ ସମସ୍ତେ ଏହପର କହବ
ଯେତେବେଳେ ଏଷୌକୁ ତୁମ୍ଭେମାନେ ଭେଟିବ। 20ତୁମ୍ଭେମାନେ
କହବ, 'ଏହସବୁ ତୁମ୍ଭପାଇଁ ଉପହାର ଅଟେ। ଏବଂ ତୁମ୍ଭର
ଦାସ ଯାକୁବ ତୁମ୍ଭ ପଛରେ ଆସୁଛ।'"

ଯାକୁବ ଭାବଲା, "ଯଦ ମୁଁ ଏହ ଲୋକମାନଙ୍କୁ ଉପହାର
ଦେଇ ଆଗରେ ପଠାଇ ଦଏ, ହୋଇପାରେ ଏଷୌ ମୋତେ
କ୍ଷମା ଦେଇପାରେ, ଏବଂ ମୋତେ ଗ୍ରହଣ କରପାରେ।"
21ତେଣୁ ଯାକୁବ ଉପହାରଗୁଡ଼କ ଏଷୌ ନକଟକୁ ପଠାଇ
ଦେଲେ। କନ୍ତୁ ଯାକୁବ ରାତ୍ରିରେ ସେହ ଛାଉଣୀରେ ରହଲେ।

22ସେହ ରାତ୍ରିରେ ଯାକୁବ ଉଠି ସେହ ସ୍ଥାନ ଛାଡ଼ଲା।
ଯାକୁବ ତା'ର ଦୁଇ ସ୍ତ୍ରୀ, ଏଗାର ଜଣ ପିଲାମାନଙ୍କୁ, ଏବଂ
ତା'ର ଦାସୀକୁ ନେଇ ଗଲେ। ଯାକୁବ ଯବ୍ବୋକ ପାର
କରାଇବା ପାଇଁ ସଙ୍ଗରେ ନେଲେ। 23ଯାକୁବ ତାଙ୍କର
ପରବାରକୁ ଏବଂ ତାଙ୍କର ସମସ୍ତ ଦ୍ରବ୍ୟକୁ ନଦୀ ପାର
କରାଇଲେ।

### ଜଣଙ୍କ ସହତ ଅନ୍ୟଜଣଙ୍କ ଯୁଦ୍ଧ

24ଯାକୁବ ଏକୁଟିଆ ରହଗଲେ ଏବଂ ଜଣେ ମନୁଷ୍ୟ
ତାଙ୍କ ସହତ ସକାଳ ପର୍ଯ୍ୟନ୍ତ ମଲ୍ଲ ଯୁଦ୍ଧ କଲେ। 25ସେହ
ଲୋକଟି ଦେଖିଲା ସେ ଯାକୁବକୁ ପରାସ୍ତ କରପାରବ ନାହିଁ।
ତେଣୁ ସେ ଯାକୁବର ଗୋଡ଼କୁ ଟାଣି ଦେବାରୁ ତା'ର ଗୋଡ଼
ଖଞ୍ଜାରୁ ଛାଡ଼ଗଲା।

26ଆଉ ସେହ ଲୋକଟି ଯାକୁବକୁ କହଲା, "ମୋତେ
ଯିବାକୁ ଦଅ କାରଣ ପ୍ରଭାତ ହୋଇଗଲା।"

କନ୍ତୁ ଯାକୁବ କହଲା, "ମୁଁ ତୁମ୍ଭକୁ ଯିବାକୁ ଦେବ ନାହିଁ,
ଯେ ପର୍ଯ୍ୟନ୍ତ ତୁମ୍ଭେ ମୋତେ ଆଶୀର୍ବାଦ ନ କରଛ।"

27ଏବଂ ସେହ ଲୋକଟି ତାଙ୍କୁ କହଲା, "ତୁମ୍ଭର ନାମ
କ'ଣ?"

ଏବଂ ଯାକୁବ ଉତ୍ତର ଦେଲେ, "ମୋର ନାମ ଯାକୁବ
ଅଟେ।"

28ଏହାପରେ ସେହ ମନୁଷ୍ୟଟି କହଲା, "ଆଉ ତୁମ୍ଭର
ନାମ ଯାକୁବ ହେବ ନାହିଁ। ତୁମ୍ଭର ନାମ ଇସ୍ରାୟେଲ ହେବ
ଏବଂ ତୁମ୍ଭେ ସେହ ନାମରେ ପରଚତ ହେବ କାରଣ ତୁମ୍ଭେ
ପରମେଶ୍ୱରଙ୍କ ସହତ ଏବଂ ଲୋକମାନଙ୍କ ସହତ ଯୁଦ୍ଧ କର
ଜୟଲାଭ କଲ।"

29ଏହାପରେ ଯାକୁବ ତାଙ୍କୁ ପଚାରଲା, "ଦୟାକର ତୁମ୍ଭର
ନାମ କୁହ।"

କନ୍ତୁ ସେହ ଲୋକଟି କହଲା, "ତୁମ୍ଭେ କାହିଁକି ଆମ୍ଭର
ନାମ ପଚାରୁ ଅଛ?" ଏହ ସମୟରେ ସେହ ଲୋକଟି
ଯାକୁବକୁ ଆଶୀର୍ବାଦ କଲେ।

30ତେଣୁ ଯାକୁବ ସେହ ସ୍ଥାନର ନାମ ପନୂୟେଲ
ଦେଲେ। ତା'ପରେ ସେ କହଲେ, "ମୁଁ ପରମେଶ୍ୱରଙ୍କୁ ମୁହାଁମୁହିଁ
ଦେଖିଲେ ବ ମୋର ଜୀବନ ବଞ୍ଚି ରହଲା।" 31ଏହାପରେ
ସୂର୍ଯ୍ୟୋଦୟ ବେଳକୁ ସେ ପନୂୟେଲ ପାର ହେଲେ। ମାତ୍ର
ତା'ର ଗୋଡ଼ ଯୋଗୁ ଛୋଟାଇ ଚାଲଲେ। 32ତେଣୁ ଆଜି
ପର୍ଯ୍ୟନ୍ତ ଇସ୍ରାୟେଲର ସନ୍ତାନମାନେ ଉପରସ୍ଥ ସନ୍ଧିଶିରା ବା ଏ
ସନ୍ଧିଶିରାର ମାଂସ ଭୋଜନ କରନ୍ତ ନାହିଁ। କାରଣ ସନ୍ଧିଶିରାରେ
ଯାକୁବଙ୍କୁ ଆଘାତ ଲାଗିଥିଲା।

### ଯାକୁବ ତାଙ୍କର ସାହାସିକତା ଦେଖାଇଲେ

33 ଅନନ୍ତର ଯାକୁବ ଏଷୌ ଆସୁଥିବାର ଦେଖିଲେ।
ଏଷୌ ତାଙ୍କ ସହତ ଚାରଶହ ଲୋକଙ୍କୁ ଧର
ଆସୁଥିଲେ। ଯାକୁବ ତା'ର ପରବାରକୁ ଚାର ଭାଗରେ ବଭକ୍ତ
କଲେ। ଲେୟା ଏବଂ ତା'ର ପିଲାମାନେ ଗୋଟିଏ ଦଳରେ
ରହଲେ। ରାହେଲ ଓ ଯୋଷେଫ ଗୋଟିଏ ଦଳରେ ରହଲେ।
ଦୁଇ ଦାସୀ ଏବଂ ତାଙ୍କର ପିଲାମାନେ ଦୁଇ ଗୋଟି ଦଳରେ
ରହଲେ। 2ଯାକୁବ, ଆଗେ ଦୁଇ ଦାସୀ ଓ ସେମାନଙ୍କର
ସନ୍ତନଗଣଙ୍କୁ ତା' ପଛେ ଲେୟା ଓ ତା'ର ସନ୍ତାନଗଣ, ସବା
ଶେଷରେ ରାହେଲ ଓ ଯୋଷେଫଙ୍କୁ ରଖିଲେ।

3ସେମାନଙ୍କ ଆଗରେ ଯାକୁବ ଗଲା, ସେ ଯେତେବେଳେ
ଭାଇର ନକଟବର୍ତ୍ତୀ ହେଲା। ଭକ୍ତ ଦେଖାଇବା ପାଇଁ ଯାକୁବ
ସାତଥର ଭୂମିଷ୍ଠ ପ୍ରଣାମ କଲା।

4ଯେତେବେଳେ ଏଷୌ ଯାକୁବକୁ ଦେଖିଲେ ସେ ତାଙ୍କୁ
ଭେଟିବା ପାଇଁ ଦୌଡଗଲେ। ଏହାପରେ ସେ ତା'ର ଗଳାଧର
ଆଲଙ୍ଗନ ଓ ଚୁମ୍ବନ କଲେ, ପୁଣି ଦୁହେଁ କାନ୍ଦିବାକୁ
ଲାଗିଲେ। 5ଏଷୌ ସ୍ତ୍ରୀ ଓ ପିଲାମାନଙ୍କୁ ଦେଖିଲେ, ସେ
ପଚାରଲେ, "ତୁମ୍ଭ ସହତ ଏହ ଲୋକମାନେ କଏ?"

ଯାକୁବ ଉତ୍ତର ଦେଲେ, "ପରମେଶ୍ୱର ମୋତେ ଦୟା
କର ଏ ସମସ୍ତ ସନ୍ତାନ ଦେଇଛନ୍ତ।"

6ଏହାପରେ ଦୁଇଦାସୀ ଓ ତାହାର ପିଲାମାନେ ଏଷୌ
ନକଟକୁ ଗଲେ। ସେମାନେ ଏଷୌକୁ ଭୂମିଷ୍ଠ ପ୍ରଣାମ କଲେ।

7ଏହାପରେ ଲେୟା ଏବଂ ତାଙ୍କର ସନ୍ତାନଗଣ ଏଷୌଙ୍କୁ
ପ୍ରଣାମ କଲେ। ଏବଂ ଏହାପରେ ରାହେଲ ଓ ଯୋଷେଫ
ଏଷୌ ନିକଟକୁ ଯାଇ ପ୍ରଣାମ କଲେ।
8ଏଷୌ କହିଲେ, "ମୁଁ ଆସିବା ସମୟରେ ଯେଉଁମାନଙ୍କୁ
ଦେଖିଲି ସେମାନେ କିଏ? ସେ ପଶୁଗୁଡ଼ିକ କାହା ନିମନ୍ତେ
ନେଉଛନ୍ତି।"
ଯାକୁବ ଉତ୍ତର ଦେଲେ, "ସେଗୁଡ଼ିକୁ ମୁଁ ଆପଣଙ୍କ
ଦୃଷ୍ଟିରେ ଅନୁଗ୍ରହ ପାଇବା ନିମନ୍ତେ ଉପହାର ଦେଇଛି। ତେଣୁ
ମୋତେ ଗ୍ରହଣ କର।"
9କିନ୍ତୁ ଏଷୌ କହିଲେ, "ତୁମ୍ଭର ମୋତେ କିଛି ଉପହାର
ଦେବା ଦରକାର ନାହିଁ, ଭାଇ ମୋ ପାଇଁ ବହୁତ ଅଛି।"
10ଯାକୁବ କହିଲେ, "ନାଁ ଭାଇ, ମୁଁ ତୁମ୍ଭକୁ ଅନୁରୋଧ
କରୁଛି। ଯଦି ତୁମ୍ଭେ ମୋତେ ବାସ୍ତବରେ ଗ୍ରହଣ କରୁଛ
ତେବେ ମୋର ଉପହାର ଗୁଡ଼ିକ ଗ୍ରହଣ କର, ଯାହା ମୁଁ
ତୁମ୍ଭକୁ ଦେଇଅଛି। ମୁଁ ତୁମ୍ଭକୁ ପାଇ ବହୁତ ଖୁସି। ମୋତେ
ପରମେଶ୍ୱରଙ୍କର ଦର୍ଶନ ପରି ଲାଗୁଛି। ଆଗ୍ରହର ସହକାରେ
ତୁମ୍ଭେ ମୋତେ ଗ୍ରହଣ କରୁଥିବାରୁ, ମୁଁ ଖୁସି। 11ତେଣୁ ମୁଁ
ବିନତୀ କରୁଛି ତୁମ୍ଭେ ମୋର ଉପହାର* ଗ୍ରହଣ କର।
ପରମେଶ୍ୱର ମୋ ପ୍ରତି ସଦୟ ହୋଇଛନ୍ତି। ମୋର
ଆବଶ୍ୟକତାଠାରୁ ଅଧିକ ପାଇଛି।" ଯାକୁବ ଏଷୌଙ୍କୁ
ଉପହାରଗୁଡ଼ିକ ଗ୍ରହଣ କରିବା ପାଇଁ ପ୍ରବର୍ତ୍ତାଇଲେ। ତେଣୁ
ସେ ସେଗୁଡିକୁ ଗ୍ରହଣ କଲେ।
12ଏହାପରେ ଏଷୌ କହିଲେ, "ତୁମ୍ଭେ ତୁମ୍ଭର ଯାତ୍ରା
ଚାଲୁ ରଖ। ମୁଁ ମଧ୍ୟ ତୁମ୍ଭ ସହିତ ଯିବି।"
13କିନ୍ତୁ ଯାକୁବ ତାଙ୍କୁ କହିଲେ, "ତୁମ୍ଭେ ଜାଣ ମୋର
ସନ୍ତାନଗଣ ଛୋଟ ଏବଂ ମୁଁ ମୋର ପଶୁଗଣଙ୍କର ଓ ତାଙ୍କର
ଛୁଆମାନଙ୍କ ପ୍ରତି ଯତ୍ନବାନ୍ ହେବାକୁ ପଡ଼ିବ। ମୁଁ ଯଦି ତାଙ୍କୁ
ବଳପୂର୍ବକ ଗୋଟିଏ ଦିନରେ ବହୁତ ବାଟ ନେଇଯାଏ ତେବେ
ସମସ୍ତ ପଶୁ ମରିଯିବେ। 14ତେଣୁ ମୋର ପ୍ରଭୁ ତୁମ୍ଭେ ଆମ୍ଭ
ଆଗରେ ଚାଲ, ମୁଁ ତୁମ୍ଭକୁ ଧିରେ ଧିରେ ଅନୁସରଣ କରିବି,
ପଶୁମାନଙ୍କର ନିରାପଦ ପାଇଁ। ମୁଁ ଏଥିପାଇଁ ଧିରେ ଯିବି
କାରଣ ମୋର ପିଲାମାନେ କ୍ଲାନ୍ତ ହୋଇ ପଡ଼ିବେ। ମୁଁ ତୁମ୍ଭକୁ
ସେୟୀରରେ ସାକ୍ଷାତ କରିବି।"
15ତେଣୁ ଏଷୌ କହିଲେ, "ତୁମ୍ଭର ସାହାଯ୍ୟ ପାଇଁ ମୁଁ
ମୋର କିଛି ଲୋକଙ୍କୁ ଛାଡ଼ି ଯାଉଛି।"
କିନ୍ତୁ ଯାକୁବ କହିଲେ, "ଏହା ତୁମ୍ଭର ଦୟା ହେବ।
କିନ୍ତୁ ଏସବୁ କରିବାର କିଛି ଆବଶ୍ୟକ ନାହିଁ।" ମାତ୍ର
ପ୍ରଭୁଙ୍କର ଅନୁଗ୍ରହ ଥାଉ। 16ତେଣୁ ସେହିଦିନ ଏଷୌ
ସେୟୀରକୁ ଫେରିବା ଯାତ୍ରା ଆରମ୍ଭ କଲେ। 17କିନ୍ତୁ
ଯାକୁବ ସୁକ୍କୋତକୁ ଗଲେ। ସେହି ସ୍ଥାନରେ ସେ ଆପଣା
ପାଇଁ ଏକ ଗୃହ ତିଆରି କଲେ ଓ ପଶୁମାନଙ୍କ ପାଇଁ
କୁଡ଼ିଆ ତିଆରି କଲେ। ତେଣୁ ସେହି ସ୍ଥାନର ନାମ ସୁକ୍କୋତ
ହେଲା।
18ଏହି ପ୍ରକାରେ ଯାକୁବ ପଦ୍ଦନ୍ ଅରାମଠାରୁ ବାହାରି
କୁଶଳରେ କିଣାନ ଦେଶସ୍ଥ ଶିଖିମର ଏକ ନଗରରେ
ଉପସ୍ଥିତ ହୋଇ ନଗରର ବାହାରେ ତମ୍ବୁ ସ୍ଥାପନ କଲେ।
19ଏହାପରେ ଶିଖିମର ପିତା ହମୋରର ସନ୍ତାନମାନଙ୍କୁ
ଏକଶହ କସୀତା ନାମକ ରୌପ୍ୟ ମୁଦ୍ରାଦେଇ ସେହି ତମ୍ବୁ
ସ୍ଥାନଟିକୁ କିଣିଲେ। 20ପୁଣି ଯାକୁବ ସେଠାରେ ପରମେଶ୍ୱରଙ୍କର
ଉପାସନା ପାଇଁ ଏକ ଯଜ୍ଞବେଦୀ ସ୍ଥାପନ କଲେ।
ଯାକୁବ ସେହି ସ୍ଥାନର ନାମ ଦେଲେ, "ଏଲ ଇଶ୍ରାୟେଲର
ପରମେଶ୍ୱର।"

## ଦୀଣାର ଧର୍ଷଣ

34 ଲେୟା ଓ ଯାକୁବର କନ୍ୟା ଥିଲା ଦୀଣା। ଦିନେ
ଦୀଣା ସେହିସ୍ଥାନର ସ୍ତ୍ରୀ ଲୋକମାନଙ୍କୁ ଭେଟିବାକୁ
ଗଲା। 2ସେହି ଦେଶର ରାଜାଥିଲେ ହମୋର। ତାଙ୍କର ପୁତ୍ର
ଶିଖିମ ଦୀଣାକୁ ଦେଖିଲା। ଶିଖିମ ଦୀଣାକୁ ବଳପୂର୍ବକ
ନେଇଗଲା ଏବଂ ତାକୁ ଧର୍ଷଣ କଲା। 3ଏହାପରେ ଶିଖିମ
ଦୀଣାର ପ୍ରେମରେ ପଡ଼ିଗଲା ଓ ତାକୁ ବିବାହ କରିବାକୁ
ଚାହିଁଲା। 4ଶିଖିମ ତା'ର ପିତା ହମୋରକୁ କହିଲା, "ଦୟାକରି
ଏହି ଝିଅ ସହିତ ମୋର ବିବାହର ବନ୍ଦୋବସ୍ତ କର।"
5ଯାକୁବ ଜାଣିବାକୁ ପାଇଲା ଯେ, ସେହି ଯୁବକ ଦୀଣା
ଉପରେ ଅପମାନ ଆଣିଛି। କିନ୍ତୁ ଯାକୁବର ସମସ୍ତ ପୁଅମାନେ
କ୍ଷେତ୍ରରେ ପଶୁପଲଙ୍କ ସହିତ ଥିଲେ। ସେ କିଛି କଲା ନାହିଁ,
ତା'ର ପୁତ୍ରମାନେ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କଲା। 6ସେହି
ସମୟରେ, ଶିଖିମର ପିତା ହମୋର ଯାକୁବ ସହିତ କଥା
ହେବାକୁ ବାହାରି ଗଲା।
7ଯେତେବେଳେ ସେମାନେ କ୍ଷେତରୁ ଫେରିଲେ, ତା'ର
ସମସ୍ତ ଭାଇମାନେ ଏହି କଥା ଶୁଣିଲେ, ସେମାନେ ଭୟଙ୍କର
ଭାବରେ ରାଗିଗଲେ କାରଣ ଶିଖିମ ଇଶ୍ରାୟେଲରେ ଏପରି
ଅପମାନଜନକ କାର୍ଯ୍ୟ କଲେ। ସେ ଯାକୁବର କନ୍ୟାକୁ
ଧର୍ଷଣ କରିବା ଉଚିତ୍ ନଥିଲା।
8କିନ୍ତୁ ହମୋର ଭାଇମାନଙ୍କୁ କହିଲେ, "ମୋର ପୁତ୍ର
ଶିଖିମ ଦୀଣାକୁ ବିଭା ହେବାକୁ ଚାହେଁ। ଦୟାକରି ତାଙ୍କୁ
ତାହା ସହିତ ବିବାହ ଦିଅ। 9ଏହି ବିବାହ ଆମ ମଧ୍ୟରେ
ଏକ ଚୁକ୍ତି ହେବ। ଏହାପରେ ଆମ୍ଭର ଲୋକମାନେ ତୁମ୍ଭର
କନ୍ୟାମାନଙ୍କୁ ଏବଂ ତୁମ୍ଭର ଲୋକମାନେ ଆମ୍ଭର କନ୍ୟାମାନଙ୍କୁ
ବିବାହ କରିପାରିବେ। 10ତୁମ୍ଭେମାନେ ଆମ୍ଭମାନଙ୍କ ସହିତ ଏହି
ଦେଶରେ ବାସ କରିବ, ବାଣିଜ୍ୟ କରିବ ଓ ଭୂମି ଗ୍ରହଣ
କରିପାରିବ।"
11ଶିଖିମ ମଧ୍ୟ ଯାକୁବ ଓ ତାଙ୍କର ଭାଇମାନଙ୍କ ସହିତ
କଥା ହେଲେ। ଶିଖିମ କହିଲେ, "ଦୟାକରି ମୋତେ ଗ୍ରହଣ
କର। ତୁମ୍ଭେ ଯାହା କହିବ ମୁଁ ତାହା କରିବାକୁ ପ୍ରସ୍ତୁତ।
12ମୁଁ ତୁମ୍ଭକୁ ସବୁକିଛି ଉପହାର ଦେବି ଏବଂ ସବୁ ଟଙ୍କା
ଦେବି, ଯାହା ତୁମ୍ଭେ ମାଗୁଛ। ମାତ୍ର ଏହି କନ୍ୟାକୁ ମୋତେ
ବିବାହ ଦିଅ।"
13ଯାକୁବର ପୁତ୍ରମାନେ ଶିଖିମକୁ ଓ ତା'ର ପିତାଙ୍କୁ ମଧ୍ୟ
ମିଥ୍ୟା କହିବା ପାଇଁ ନିଷ୍ପତ୍ତି ନେଲେ। ତା'ର ଭାଇମାନେ
ସେତେବେଳେ ପାଗଳ ପ୍ରାୟ ଥିଲେ କାରଣ ଦୀଣାକୁ ଶିଖିମ
ଭ୍ରଷ୍ଟା କରି ଥିଲା। 14ତେଣୁ ଭାଇମାନେ ତାଙ୍କୁ କହିଲେ,
"ଆମ୍ଭେମାନେ ତୁମ୍ଭ ସହିତ ଆମର ଭଉଣୀକୁ ବିବାହ ଦେଇପାରିବୁ

---

**ମୋର ଉପହାର** ଆକ୍ଷରିକଭାବରେ ମୋର ଆଶୀର୍ବାଦ।

ନାହିଁ। କାରଣ ତୁମ୍ଭେମାନେ ଏପର୍ଯ୍ୟନ୍ତ ସୁନ୍ନତ ହୋଇ ନାହିଁ।
ଆମ ଭଉଣୀ ସହିତ ବିବାହ କରିବା ଏହା ବହୁତ ଭୁଲ
ହେବ। 15କିନ୍ତୁ ଆମ୍ଭେ ଆମ ଭଉଣୀ ସହିତ ତୁମ୍ଭକୁ ବିବାହ
ଦେବୁ ଯଦି ତୁମ୍ଭେ ଓ ତୁମ୍ଭ ସହରର ପ୍ରତ୍ୟେକ ଲୋକ
ଆମ୍ଭମାନଙ୍କ ପରି ସୁନ୍ନତ ହେବ। 16ଏହାପରେ ତୁମ୍ଭର
ଲୋକମାନେ ଆମ୍ଭର କନ୍ୟାମାନଙ୍କୁ ବିବାହ କରିପାରିବେ।
ଏବଂ ଆମ୍ଭର ପୁରୁଷମାନେ ତୁମ୍ଭର କନ୍ୟାମାନଙ୍କୁ ବିବାହ
କରିପାରିବେ। ଏହାପରେ ଆମ୍ଭେମାନେ ଏକା ସଙ୍ଗେ ବାସ
କରି ଏକାପରି ହୋଇପାରିବା। 17ଯଦି ତୁମ୍ଭେ ସୁନ୍ନତ
ହେବାପାଇଁ ମନାକର ତେବେ ଆମ୍ଭେ ଆମ୍ଭର ଭଉଣୀ ଦୀଣାକୁ
ନେଇଯିବୁ।”

18ଏହି ଚୁକ୍ତି ହମୋର ଓ ଶିଖିମକୁ ଖୁସି କରାଇଲା।
19ଦୀଣାର ଭାଇମାନଙ୍କର କଥାନୁସାରେ ସୁନ୍ନତ ହେବାକୁ
ଖୁସିରେ ଗ୍ରହଣ କଲେ।

## ପ୍ରତିଶୋଧ

ଶିଖିମ ତାଙ୍କ ବଂଶରେ ବହୁ ସମ୍ମାନନୀୟ ବ୍ୟକ୍ତି ଥିଲା।
20ହମୋର ଓ ଶିଖିମ ତାଙ୍କ ସହରର ସଭାସ୍ଥଳକୁ ଗଲା।
ସେମାନେ ସେହି ସହରର ଲୋକମାନଙ୍କୁ କହିଲେ, 21“ଏହି
ଲୋକମାନେ ଆମ ସହିତ ବନ୍ଧୁତା କରିବାକୁ ଚାହୁଁଛନ୍ତି।
ଆମ୍ଭେମାନେ ଆମ୍ଭ ଦେଶରେ ତାଙ୍କୁ ଶାନ୍ତିରେ ବାସ କରିବାକୁ
ଦେବା। ଆମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପାଇଁ ଯଥେଷ୍ଟ ଭୂମି
ଅଛି। ଆମ୍ଭେମାନେ ତାଙ୍କ କନ୍ୟାମାନଙ୍କୁ ବିବାହ କରିପାରିବା।
ଆମ୍ଭେମାନେ ମଧ୍ୟ ଆମ୍ଭମାନଙ୍କର କନ୍ୟାମାନଙ୍କୁ ତାଙ୍କ ସହିତ
ବିବାହ ଦେଇ ପାରିବା। 22ସେମାନେ ଆମ୍ଭମାନଙ୍କୁ ଗ୍ରହଣ
କରିବା ପାଇଁ ଏବଂ ଆମ୍ଭମାନଙ୍କ ମଧ୍ୟରେ ବାସ କରିବା ପାଇଁ
ଗୋଟିଏ କଥା ଆମ୍ଭ ସମସ୍ତଙ୍କୁ କରିବାକୁ ହେବ। ସେମାନଙ୍କ
ପରି ଆମ୍ଭମାନଙ୍କର ପୁରୁଷମାନଙ୍କୁ ସୁନ୍ନତ ହେବାକୁ ପଡ଼ିବ।
23ଯଦି ଆମ୍ଭେ ଏପରି କରିବା, ତେବେ ତାଙ୍କର ପଶୁମାନଙ୍କ
ଦ୍ୱାରା ଆମ୍ଭେ ଧନୀ ହୋଇପାରିବା। ତେଣୁ ଆମ୍ଭେ ସେମାନଙ୍କ
ସହିତ ଚୁକ୍ତି କରିବା ଉଚିତ। ଏବଂ ସେମାନେ ଏହିଠାରେ
ଆମ୍ଭମାନଙ୍କ ସହିତ ବାସ କରିବେ।” 24ସଭାସ୍ଥଳରେ ସମସ୍ତ
ଲୋକ ଏହି କଥା ଶୁଣି ରାଜି ହୋଇଗଲେ। ହମୋର ଓ
ଶିଖିମ କଥାରେ। ଏବଂ ଏକା ସମୟରେ ସମସ୍ତେ ସୁନ୍ନତ
ହେଲେ।

25ତିନିଦିନ ପରେ, ସେଇ ସ୍ଥାନର ଲୋକମାନେ ସୁନ୍ନତ
ଯୋଗୁଁ କଷ୍ଟରେ ଥିଲେ। ଯାକୁବର ଦୁଇପୁତ୍ର ଶିମିୟୋନ ଓ
ଲେବୀ, ତାଙ୍କର ଖଡ୍ଗ ନେଲେ ଏବଂ ସେହି ନଗରର
ନିର୍ଭୟରେ ପ୍ରତ୍ୟେକ ପୁରୁଷମାନଙ୍କୁ ମାରିଦେଲେ। 26ଦୀଣାର
ଭାଇ ଶିମିୟୋନ ଓ ଲେବୀ, ଶିଖିମ ଓ ହମୋରକୁ ହତ୍ୟା
କଲେ। ଏହାପରେ ସେମାନେ ଦୀଣାକୁ ଶିଖିମର ଘରୁ
ନେଇଗଲେ। 27ଯାକୁବର ପୁତ୍ରମାନେ ସେହି ନଗରକୁ ଗଲେ,
ଯେଉଁଠାରେ ତାଙ୍କ ଭଉଣୀ କଳୁଷିତ ହୋଇଥିଲା, ଏବଂ
ପ୍ରତ୍ୟେକ ଦ୍ରବ୍ୟ ହରଣ କଲେ। 28ସେଥିପାଇଁ ତା'ର
ଭାଇମାନେ ସେହି ସହରରୁ ଓ କ୍ଷେତରୁ ସମସ୍ତ ପଶୁପଲ,
ମେଷ, ଛେଳି ଏବଂ ଗଧ ନେଇଗଲେ। 29ସେହି ଲୋକମାନଙ୍କର
ଯାହା ସବୁ ଥିଲା ସମସ୍ତ ଏମାନେ ନେଇ ଆସିଲେ। ତା'ର
ଭାଇମାନେ ଏପରିକି ତାଙ୍କର ସ୍ତ୍ରୀ ଓ ପିଲାମାନଙ୍କୁ ବନ୍ଦୀକରି
ନେଇ ଆସିଲେ।

30କିନ୍ତୁ ଯାକୁବ ଶିମିୟୋନ ଓ ଲେବୀକୁ କହିଲେ,
“ତୁମ୍ଭେମାନେ ମୋତେ ବହୁ ଅସୁବିଧାରେ ପକାଇଲଣି। ଏଠାକାର
ସମସ୍ତ ଲୋକେ ମୋତେ ଘୃଣା କରିବେ। ସମସ୍ତ କିଣାନୀୟ,
ସମସ୍ତ ପିରିଜୀୟ, ସମସ୍ତ ଲୋକେ ମୋର ବିରୁଦ୍ଧାଚରଣ
କରିବେ। ଆମ୍ଭମାନଙ୍କର ବହୁତ କମ୍ ଲୋକ। ଯଦି ଏହି
ସ୍ଥାନର ଲୋକମାନେ ଆମ ସହ ଯୁଦ୍ଧ କରିବା ପାଇଁ ଏକତ୍ରିତ
ହେବେ। ତେବେ ଆମେ ଧ୍ୱଂସ ପାଇଯିବା। ଏବଂ ଆମ୍ଭର
ସମସ୍ତ ଲୋକେ ମୋ ସହିତ ଶେଷ ହୋଇଯିବେ।”

31କିନ୍ତୁ ଭାଇମାନେ କହିଲେ, “ସେହି ଲୋକମାନେ ଆମ
ଭଉଣୀ ପ୍ରତି ଏକ ବେଶ୍ୟା ଭଳି ବ୍ୟବହାର କରି ଠିକ୍ କରି
ନାହାଁନ୍ତି।”

## ଯାକୁବ ବୈଥେଲରେ

35 ପରମେଶ୍ୱର ଯାକୁବକୁ କହିଲେ, “ବୈଥେଲକୁ ଯାଅ,
ସେଠାରେ ବାସକର ଏବଂ ସେଠାରେ ପରମେଶ୍ୱରଙ୍କ
ଉଦ୍ଦେଶ୍ୟରେ ବଳି ଉତ୍ସର୍ଗ କରିବା ପାଇଁ ଏକ ଯଜ୍ଞବେଦୀ
ସ୍ଥାପନ କର। ଯିଏ ତୁମ୍ଭ ଭାଇ ଏଷୌଠାରୁ ତୁମ୍ଭର ପଳାୟନ
ବେଳେ ଆବିର୍ଭାବ ହୋଇଥିଲେ।”

2ତେଣୁ ଯାକୁବ ତା'ର ପରିବାର ଓ ତା'ର ଦାସମାନଙ୍କୁ
କହିଲେ, “ତୁମ୍ଭମାନଙ୍କ ନିକଟରେ ଯେ ସବୁ ବିଦେଶୀୟ
ଦେବତାଗଣ ଅଛନ୍ତି ସେମାନଙ୍କୁ ଦୂରକର, ନିଜ ନିଜକୁ
ଶୁଚିକର ଏବଂ ବସ୍ତ୍ର ପରି ପରିବର୍ତ୍ତନ କର। 3ଆମ୍ଭେମାନେ
ଏହି ସ୍ଥାନ ପରିତ୍ୟାଗ କରି ବୈଥେଲକୁ ଯିବା। ମୁଁ ସେଠାରେ
ଏକ ଯଜ୍ଞବେଦୀ ନିର୍ମାଣ କରିବି ଏବଂ ତାହା ପରମେଶ୍ୱରଙ୍କୁ
ଉତ୍ସର୍ଗ କରିବି ଯିଏ ମୋର ଅସୁବିଧା ସମୟରେ ମୋତେ
ଦୟା କରିଛନ୍ତି, ଯେଉଁଠାକୁ ମୁଁ ଗଲି ପରମେଶ୍ୱର ମୋ
ସହିତ ରହି ଆସିଛନ୍ତି।”

4ତେଣୁ ସମସ୍ତ ଲୋକେ ସେମାନଙ୍କର ମୂର୍ତ୍ତିଗୁଡ଼ିକୁ ଯାକୁବକୁ
ଦେଲେ। ସେମାନେ ମଧ୍ୟ ତାଙ୍କର କର୍ଣ୍ଣକୁଣ୍ଡଳ ସମସ୍ତ ଯାକୁବକୁ
ଦେଲେ। ଯାକୁବ ସେଗୁଡିକ ନେଇ ଶିଖିମ ନିକଟବର୍ତ୍ତୀ
ଆଲୋନ ବୃକ୍ଷ ମୂଳେ ପୋତିଦେଲେ।

5ଯାକୁବ ଏବଂ ତାଙ୍କର ପରିବାର ସେହି ସ୍ଥାନ ପରିତ୍ୟାଗ
କଲେ। ସେହି ନଗରର ଚତୁଃପାର୍ଶ୍ୱର ଲୋକମାନେ ସେମାନଙ୍କୁ
ବହୁତ ଭୟ କରୁଥିଲେ। ସେହି ଯେଉଁ ଲୋକମାନେ ତାଙ୍କର
ପୁତ୍ରମାନଙ୍କୁ ଅନୁସରଣ ଏବଂ ହତ୍ୟା କରିବାକୁ ଅପେକ୍ଷା
କରିଥିଲେ, ଏଥିରୁ କ୍ଷାନ୍ତ ହେଲେ। 6ତେଣୁ ଯାକୁବ ଏବଂ
ତାଙ୍କର ଲୋକମାନେ ଯାଇ ଲୁସ୍‌ରେ ପହଞ୍ଚିଲେ। ଲୁସ୍
ଯାହାର ବର୍ତ୍ତମାନର ନାମ ବୈଥେଲ। ଏହା କିଣାନ ଦେଶରେ
ଅବସ୍ଥିତ। 7ଯାକୁବ ଯଜ୍ଞବେଦୀ ନିର୍ମାଣ କଲେ। ଯାକୁବ ସେହି
ସ୍ଥାନର ନାମ ଦେଲେ, “ଏଲ୍-ବୈଥେଲ୍।” ଯାକୁବ ଏପରି
ନାମ ସ୍ଥିର କଲେ କାରଣ ସେହି ସ୍ଥାନରେ ପରମେଶ୍ୱର ତାଙ୍କୁ
ପ୍ରଥମେ ଦେଖା ଦେଇଥିଲେ। ଯେତେବେଳେ ସେ ତାଙ୍କ
ଭାଇଙ୍କ ନିକଟରୁ ଦୌଡ଼ି ପଳାଉଥିଲେ।

8ସେହି ସ୍ଥାନରେ ରିବିକାର ଦବୋରା ନାମ୍ନୀ ଧାତ୍ରୀର
ମୃତ୍ୟୁ ହେଲା ଏବଂ ତାକୁ ବୈଥେଲର ଅଧଃସ୍ଥିତ ଆଲୋନ

ବୃକ୍ଷମୂଳେ କବର ଦିଆଗଲା। ତେଣୁ ସେହି ସ୍ଥାନର ନାମ ଆଲୋନ-ବାଖୁତ୍* ହେଲା।

### ଯାକୁବଙ୍କର ନୂତନ ନାମ

9ଯେତେବେଳେ ଯାକୁବ ପଦ୍ଦନ୍-ଅରାମକୁ ଫେରିଲେ ପରମେଶ୍ୱର ତାଙ୍କୁ ପୁନର୍ବାର ଦେଖା ଦେଲେ। ପରମେଶ୍ୱର ଯାକୁବଙ୍କୁ ଆଶୀର୍ବାଦ କଲେ। 10ପରମେଶ୍ୱର ଯାକୁବଙ୍କୁ କହିଲେ, "ତୁମ୍ଭର ନାମ ଯାକୁବ କିନ୍ତୁ ଆମ୍ଭେ ସେହି ନାମକୁ ପରିବର୍ତ୍ତନ କରିବା। ତୁମ୍ଭକୁ ଯାକୁବ ଡ଼କା ଯିବ ନାହିଁ। ତୁମ୍ଭର ନୂତନ ନାମ ଇଶ୍ରାୟେଲ ହେବ।" ଆଉ ସେ ତାଙ୍କର ନାମ ଇଶ୍ରାୟେଲ ରଖିଲେ।

11ପରମେଶ୍ୱର ତାଙ୍କୁ କହିଲେ, "ଆମ୍ଭେ ସର୍ବଶକ୍ତିମାନ ପରମେଶ୍ୱର, ତୁମ୍ଭର ପରିବାର ବହୁତ ବଡ ହେବ। ତୁମ୍ଭର ପରିବାରରୁ ଅନେକ ଜାତିଗଣ ହେବ। ରାଜାମାନେ ତୁମ୍ଭ ଶରୀରରୁ ଆସିବେ। 12ଆମ୍ଭେ ଅବ୍ରହାମ ଓ ଇସ୍ହାକକୁ ଯେଉଁ ଦେଶ ଦାନ କରିଅଛୁ। ସେହି ଦେଶ ତୁମ୍ଭକୁ ଓ ତୁମ୍ଭର ଭବିଷ୍ୟଦ ବଂଶଧରକୁ ଦେବା।" 13ଏହାପରେ ପରମେଶ୍ୱର ସେହି ସ୍ଥାନ ଛାଡ଼ିଲେ। 14ଯାକୁବ ସେଠାରେ ଏକ ସ୍ମରଣାର୍ଥକ ପ୍ରସ୍ତର ସ୍ଥାପନ କଲେ। ଯାକୁବ ସେଠାରେ ପେୟ ନୈବେଦ୍ୟ ଓ ତୈଳ ଢ଼ାଳିଲେ। 15ସେ ସେହି ସ୍ଥାନର ନାମ ବୈଥେଲ ରଖିଲେ। କାରଣ ଏହି ସ୍ଥାନରେ ପରମେଶ୍ୱର ତାଙ୍କ ସହିତ କଥା ହୋଇଥିଲା।

### ରାହେଲ ଛୁଆ ଜନ୍ମ କରି ମଲା

16ଯାକୁବ ଏବଂ ତାଙ୍କର ଦଳ ବୈଥେଲ ଛାଡ଼ିଲେ, ସେମାନେ ଇଫ୍ରାଥାରେ ଉପସ୍ଥିତ ହେବାପାଇଁ ଅଳ୍ପ ବାଟ ଥିଲା ରାହେଲର ପ୍ରସବ ବେଦନା ହେଲା ଏବଂ ତା'ର ପ୍ରସବ କରିବାରେ ଅତିଶୟ କଷ୍ଟ ହେଲା। 17ପ୍ରସବ ବେଦନା ଅତିଶୟ କଷ୍ଟ ହେବାରୁ ଧାତ୍ରୀ ତାହାକୁ କହିଲେ, "ଭୟ କରନାହିଁ, ତୁମ୍ଭେ ଏଥର ହିଁ ପୁତ୍ର ପ୍ରସବ କରିବ।"

18ରାହେଲ ପୁତ୍ର ସନ୍ତାନ ଜନ୍ମ ଦେଇ ମଲା। ମଲା ପୂର୍ବରୁ ରାହେଲ ସେହି ସନ୍ତାନର ନାମ ଦେଇଥିଲେ, ବିନୋନୀ। କିନ୍ତୁ ଯାକୁବ ତାକୁ ଡାକିଲେ ବିନ୍ୟାମୀନ୍।

19ଇଫ୍ରାଥା ଯିବା ପରେ ତାହା ବୈଥେଲହେମ ନିକଟରେ ରାହେଲକୁ କବର ଦିଆ ଗଲା। 20ରାହେଲର କବରସ୍ଥାନରେ ଯାକୁବ ଏକ ସ୍ତମ୍ଭ ସ୍ଥାପନ କଲେ। ସେହି ସ୍ତମ୍ଭ ଆଜିପର୍ଯ୍ୟନ୍ତ ରାହେଲ କବରକୁ ଚିହ୍ନାଏ। 21ଏହାପରେ ଇଶ୍ରାୟେଲ ସେଠାରୁ ଯାତ୍ରା କଲେ। ସେ ଏଦର ଗଡ ପାରହୋଇ ତହିଁ ନିକଟରେ ଛାଉଣୀ ପକାଇଲେ।

22ଇଶ୍ରାୟେଲ ଯେତେବେଳେ ସେଠାରେ ରହୁଥିଲେ, ରୁବେନ୍ ଯାଇ ଏବଂ ବିଲହା ସହିତ ଶୟନ କଲା। ଯିଏ ଇଶ୍ରାୟେଲର ଉପପତ୍ନୀ ଥିଲା। ଏହି ବିଷୟରେ ଇଶ୍ରାୟେଲ ଜାଣିବାକୁ ପାଇଲେ।

### ଇଶ୍ରାୟେଲର ପରିବାର

ଇଶ୍ରାୟେଲର ବାରଟି ପୁତ୍ର ଥିଲେ।

23ସେମାନଙ୍କ ମଧ୍ୟରେ ରୁବେନ୍ ଯାକୁବଙ୍କର ଜ୍ୟେଷ୍ଠ ପୁତ୍ର। ଶିମିୟୋନ, ଲେବୀ, ଯିହୁଦା, ଇଷାଖର ଓ ସବୂଲୂନ ଏମାନେ ଲେୟାର ସନ୍ତାନ।

24ଯୋଷେଫ୍ ଓ ବିନ୍ୟାମିନ୍ ରାହେଲର ସନ୍ତାନ।

25ଦାନ ଓ ନପ୍ତାଲି ରାହେଲର ଦାସୀ ବିଲ୍ହାର ସନ୍ତାନ।

26ଗାଦ୍ ଓ ଆଶେର ଲେୟାର ଦାସୀ ସିଲ୍ପାର ପୁତ୍ରଗଣ।

ଯାକୁବଙ୍କର ଏହି ସମସ୍ତ ପୁତ୍ର ପଦ୍ଦନ ଅରାମଠାରେ ଜନ୍ମିଥିଲେ।

27ଏହାପରେ ସେ କିରୟତ୍ଥର୍ବ ଅର୍ଥାତ୍ ହିବ୍ରୋଣ ନଗରର ନିକଟବର୍ତ୍ତୀ ମମ୍ରି ନାମକ ଯେଉଁ ସ୍ଥାନରେ ଅବ୍ରହାମ ଓ ଇସ୍ହାକ୍ ପ୍ରବାସ କରିଥିଲେ, ସେହି ସ୍ଥାନରେ ଯାକୁବ ଆପଣା ପିତା ଇସ୍ହାକ୍ ନିକଟରେ ଉପସ୍ଥିତ ହେଲେ। 28ଇସ୍ହାକ 180 ବର୍ଷ ବଞ୍ଚିଲେ। 29ଏହାପରେ ଇସ୍ହାକ ଦୁର୍ବଳ ହୋଇ ମୃତ୍ୟୁବରଣ କଲେ। ଇସ୍ହାକ ପୂର୍ଣ୍ଣାୟୁ ହୋଇ ପ୍ରାଣତ୍ୟାଗ କଲେ ଏବଂ ତାଙ୍କ ପୂର୍ବପୁରୁଷଙ୍କ ସହିତ କବର ପ୍ରାପ୍ତ ହେଲେ। ତାଙ୍କର ପୁତ୍ର ଏଷୌ ଓ ଯାକୁବ ତାଙ୍କର ପିତାଙ୍କ ନିକଟରେ କବର ଦେଲେ।

### ଏଷୌର ପରିବାର

36 ଏହା ଏଷୌଙ୍କ ପରିବାରର ଇତିହାସ ତାଙ୍କର ଅନ୍ୟନାମ (ଇଦୋମ)। 2ଏଷୌ କିଣାନୀୟମାନଙ୍କର ଦୁଇ କନ୍ୟାକୁ ବିବାହ କରିଥିଲେ। ସେମାନେ ହେଲେ ହିତ୍ତୀୟ ଏଲୋନର କନ୍ୟା ଆଦାକୁ ଓ ଅନାର କନ୍ୟା ହିବୀୟ ସିବୟୋନର ପୌତ୍ରୀ ଅହଲୀବାମାକୁ। 3ନବାୟୋତର ଭଉଣୀ, ଇଶ୍ମାୟେଲର କନ୍ୟା ବାସମତକୁ ବିବାହ କରିଥିଲେ। 4ଏହାପରେ ଏଷୌର ଔରସରେ ଆଦା ଇଲୀଫସକୁ ଓ ବାସମତ୍ ରୁୟେଲକୁ ଜନ୍ମ କଲେ। 5ଏବଂ ଅହଲୀବାମାର ତିନି ପୁତ୍ର ଥିଲେ। ସେମାନେ ହେଲେ, ଯିୟୂଶ, ଯାଲମ, ଓ କୋରହ। ଏମାନେ ସମସ୍ତେ କିଣାନ ଦେଶରେ ଜନ୍ମ ହୋଇଥିଲେ।

6-7ଯାକୁବ ଓ ଏଷୌର ପରିବାର ବହୁତ ବଢ଼ିଯିବାରୁ ସେମାନେ କିଣାନରେ ବାସ କରିପାରିଲେ ନାହିଁ। ତେଣୁ ଏଷୌ ଯାକୁବଠାରୁ ଦୂରକୁ ଚାଲିଗଲେ। ଏଷୌ ତା'ର ସ୍ତ୍ରୀମାନଙ୍କୁ, ପୁତ୍ରମାନଙ୍କୁ, ଝିଅମାନଙ୍କୁ, ସମସ୍ତ ଦାସଦାସୀମାନଙ୍କୁ, ଗାଈ ଏବଂ ସମସ୍ତ ପଶୁମାନଙ୍କୁ ଏବଂ ତା'ର ଧନ ସମ୍ପତ୍ତି ଥିଲା ତାକୁ ଧରି ସେୟୀର ପର୍ବତରେ ବାସ କଲେ। 8ଏଷୌ ମଧ୍ୟ ଇଦୋମ ନାମରେ ଡକା ଯାଉଥିଲା। ଏବଂ ଏହିନାମ ସେୟୀରରେ ରହିଲା।

9ସେୟୀର ପର୍ବତସ୍ଥ ଇଦୋମୀୟମାନଙ୍କର ପୂର୍ବପୁରୁଷ ଏଷୌର ବଂଶାବଳୀ।

10ଏଷୌର ଆଦା ନାମ୍ନୀ ସ୍ତ୍ରୀର ପୁତ୍ର ଇଲୀଫସ୍ ଓ ବାସମତ୍ ନାମ୍ନୀ ସ୍ତ୍ରୀର ପୁତ୍ର ରୁୟେଲ।

11ଇଲୀଫସର ପାଞ୍ଚ ପୁତ୍ର ଥିଲେ, ତୈମନ୍, ଓମାର, ସଫୋ, ଗୟିତମ୍ ଓ କନସ୍। 12ଏଷୌର ପୁତ୍ର ଇଲୀଫସର ତିମ୍ନା ନାମ୍ନୀ ଏକ ଉପପତ୍ନୀ ଥିଲା। ସେ ଇଲୀଫସର

---

**ଆଲୋନ-ବାଖୁତ୍** ଏହାର ଅର୍ଥ ହେଉଛି "ଦୁଃଖ ଏବଂ କ୍ରନ୍ଦନର ବୃକ୍ଷ ଆଲୋନ।"

ଅମାଲେକକୁ ଜନ୍ମ କଲା। ଏମାନେ ଏଷୌର ପତ୍ନୀ ଆଦାର
ସନ୍ତାନ।
**13**ଏହିମାନେ ରୁୟେଲର ପୁତ୍ର ଥିଲେ, ନହତ୍, ସେରହ,
ଶମ୍ମ ଓ ମିସା।
ଏମାନେ ଏଷୌର ସ୍ତ୍ରୀ ବାସମତ୍ର ସନ୍ତାନ।
**14**ସିବୟୋନର ପୌତ୍ରୀ ଅନାର କନ୍ୟା ଯେ ଅହଲୀବାମା,
ଏଷୌର ସ୍ତ୍ରୀ ଥିଲା। ତାହାର ସନ୍ତାନ ଯିୟୂଶ୍, ଯାଲମ୍ ଓ
କୋରହ।
**15**ଏଷୌର ସନ୍ତାନମାନଙ୍କ ପରିବାରବର୍ଗ।
ଏଷୌର ଜ୍ୟେଷ୍ଠ ପୁତ୍ର ଯେ ଇଲୀଫସ୍ ତାହାର ମୁଖ୍ୟ
ତୈମନ୍, ମୁଖ୍ୟ ଓମାର, ମୁଖ୍ୟ ସଫୋ ଓ ମୁଖ୍ୟ କନସ୍।
**16**ମୁଖ୍ୟ କୋରହ, ମୁଖ୍ୟ ଗୟିତମ୍ ଓ ମୁଖ୍ୟ ଆମାଲେକ୍।
ଇଦୋମ ଦେଶରେ ଇଲୀଫସ୍ ପରିବାରବର୍ଗୀୟ ଏହି
ରାଜଗଣ ଆଦାର ସନ୍ତାନ ଥିଲେ।
**17**ଏଷୌର ପୁତ୍ର ରୂୟେଲର ସନ୍ତାନ ମୁଖ୍ୟ ନହତ୍ ଓ
ମୁଖ୍ୟ ସେରହ, ମୁଖ୍ୟ ଶମ୍ମ ଓ ମୁଖ୍ୟ ମିସା।
ଇଦୋମ ଦେଶରେ ରୂୟେଲ ବଂଶୀୟ ଏହି ରାଜାମାନେ
ଏଷୌର ସ୍ତ୍ରୀ ବାସମତର ସନ୍ତାନ ଥିଲେ।
**18**ଆଉ ଏଷୌର ସ୍ତ୍ରୀ ଅହଲୀବାମାର ପୁତ୍ରଗଣ ଏହିମାନେ
ଥିଲେ, ମୁଖ୍ୟ ଯିୟୂଶ, ମୁଖ୍ୟ ଯାଲମ୍ ଓ ମୁଖ୍ୟ କୋରହ।
ଏମାନେ ସେମାନଙ୍କର ପିତୃ ଥିଲେ ଯେଉଁମାନେ ଏଷୌର ସ୍ତ୍ରୀ,
ଅନାର କନ୍ୟା ଅହଲୀବାମାଠାରୁ ଆସିଲେ। ଅନାର ଅହଲୀବାମା
ଏଷୌର ସ୍ତ୍ରୀ ଥିଲା, ଏମାନେ ତାହାର ପିତୃଗଣ ଥିଲେ।
**19**ଏମାନେ ଏଷୌର ଅର୍ଥାତ୍ ଇଦୋମର ସନ୍ତାନ ଓ ଏମାନେ
ସେମାନଙ୍କର ପରିବାରର ମୁଖ୍ୟ।
**20**ସେୟୀରର ଜଣେ ହୋରୀୟ ଇଦୋମରେ ଦେଶରେ
ବାସ କରୁଥିଲେ। ଏଷୌ ପୂର୍ବରୁ ସେହି ସେୟୀରର ପୁତ୍ରମାନେ
ହେଲେ, ଲୋଟନ୍, ଶୋବଲ୍, ସିବୟୋନ ଅନା। **21**ଦିଶୋନ୍,
ଏତ୍ସର, ଦୀଶନ୍, ଏହି ପୁତ୍ରମାନେ ଥିଲେ। ହୋରୀୟ ମୁଖ୍ୟ
ବଂଶର ରାଜା। ଇଦୋମ ସେୟୀରର ରାଜା।
**22**ଲୋଟନ୍ ଥିଲେ ହୋରିର ପିତା ଏବଂ ହେମସ ପୁଣି
ଲୋଟନର ତିମ୍ନା ନାମ୍ନୀ ଜଣେ ଭଉଣୀ ଥିଲେ।
**23**ଶୋବଲ୍ ଥିଲେ ଅବଲନ୍ର ପିତା, ମାନହତ୍, ଏବଲ
ଶଫୋ ଏବଂ ଓନମ୍।
**24**ସିବୟୋନଙ୍କର ଦୁଇଜଣ ପୁତ୍ର ଥିଲେ, ଅୟା ଓ ଅନା।
ଅନା ନିଜର ପିତା ସିବୟୋନଙ୍କର ଗଧ ଚରାଇବା ସମୟରେ
ପ୍ରାନ୍ତରରେ ଉଷ୍ମ ଜଳର ଝର ଆବିଷ୍କାର କରିଥିଲେ।
**25**ଅନାର ପୁତ୍ର ଦିଶୋନ୍ ଓ ଅହଲୀବାମା ନାମ୍ନୀ ଜଣେ
କନ୍ୟା ଥିଲେ।
**26**ଦିଶୋନଙ୍କର ଚାରୋଟି ପୁତ୍ର ଥିଲେ, ସେମାନେ ହେଲେ,
ହିମ୍ଦନ୍, ଇଶ୍ବନ୍, ଯିତ୍ରନ୍ ଓ କରାନ୍।
**27**ଏତ୍ସରଙ୍କର ତିନୋଟି ପୁତ୍ର ଥିଲେ, ସେମାନେ ହେଲେ
ବିଲହନ୍, ସାବନ୍ ଓ ଯାକନ୍।
**28**ଦୀଶନଙ୍କର ଦୁଇଟି ପୁତ୍ର ଥିଲେ, ସେମାନେ ହେଲେ,
ଉଷ୍ ଓ ଅରାନ୍।
**29**ହୋରୀୟ ବଂଶର ରାଜାମାନେ ହେଲେ, ରାଜା ଲୋଟନ୍,
ରାଜା ଶୋବଲ, ରାଜା ସିବୟୋନ୍ ଓ ରାଜା ଅନା। **30**ଦିଶୋନ୍,
ଏତ୍ସର୍ ଓ ଦୀଶନ୍, ଏମାନେ ଥିଲେ ଏଦୋମର ସେୟୀର
ଦେଶର ହୋରୀୟ ବଂଶଜ ରାଜା। **31**ଇସ୍ରାୟେଲୀୟ ସନ୍ତାନମାନଙ୍କ
ଉପରେ କୌଣସି ରାଜତ୍ୱ କରିବା ପୂର୍ବରୁ, ସେହି ସମୟରେ
ଇଦୋମରେ ରାଜାମାନେ ଥିଲେ।
**32**ବୟୋରର ବେଲା ନାମକ ପୁତ୍ର ଇଦୋମ ଦେଶରେ
ରାଜତ୍ୱ କଲେ। ତାହାର ରାଜଧାନୀର ନାମ ଥିଲା ଦିନ-ହାବା।
**33**ଏବଂ ଯେତେବେଳେ ବେଲା ମରିଗଲା, ଯୋବବ୍ ଏବଂ
ସେରହର ପୁତ୍ର, ତାଙ୍କ ପରେ ବସ୍ରାରେ ରାଜତ୍ୱ କଲେ।
**34**ଯେତେବେଳେ ଯୋବବର ମୃତ୍ୟୁ ହେଲା। ତା'ପରେ ତୈମନ
ଦେଶୀୟ ହୂଶମ୍ ସେହି ପଦରେ ରାଜତ୍ୱ କଲେ। **35**ଯେତେବେଳେ
ହୂଶମ ମୃତ୍ୟୁବରଣ କଲେ, ସେଠାରେ ହଦଦ୍ ରାଜତ୍ୱ କଲେ।
ହଦଦ୍ ଥିଲେ ବଦଦର ପୁତ୍ର ହଦଦ୍ ମୋୟାବଠାରେ ମିଦୀୟନକୁ
ଜୟ କଲେ। ହଦଦ୍ର ରାଜଧାନୀ ଥିଲା ଅବୀତ୍। **36**ହଦଦ୍
ମୃତ୍ୟୁପରେ ମସ୍ରେକା ନିବାସୀ ସମ୍ଳ ତାହା ପଦରେ ରାଜତ୍ୱ
କଲେ। **37**ଏହାପରେ ସମ୍ଳର ମୃତ୍ୟୁ ପରେ ଫରାତ୍ ନଦୀ
ନିକଟସ୍ଥ ରହୋବତ୍ ନିବାସୀ ଶୌଲ ତାହା ପଦରେ ରାଜତ୍ୱ
କଲେ। **38**ଶୌଲର ମୃତ୍ୟୁପରେ ଅକ୍ବୋରର ପୁତ୍ର ବାଲ୍ହାନନ୍
ତାହା ପଦରେ ରାଜତ୍ୱ କଲେ। **39**ଏହାପରେ ଅକ୍ବୋରର
ପୁତ୍ର ବାଲହାନନ୍ର ମୃତ୍ୟୁ ପରେ ହଦର ତାହା ପଦରେ
ରାଜତ୍ୱ କଲେ। ତାଙ୍କର ରାଜଧାନୀର ନାମ ପାଉ ଓ ତା'ର
ସ୍ତ୍ରୀର ନାମ ମହେଟବେଲ୍ ଥିଲା। ସେ ଥିଲେ ମଟ୍ରେଦର ପୁତ୍ରୀ
ଓ ମେଷାହବର ପୌତ୍ରୀ।
**40**ଏଷୌ ଠାରୁ ଉତ୍ପନ୍ନ ପୁଣି ଗୋଷ୍ଠୀ, ସ୍ଥାନ ଓ ନାମ
ଭେଦାନୁସାରେ ଯେଉଁ ରାଜାମାନେ ଥିଲେ, ସେମାନେ ହେଲେ।
ମୁଖ୍ୟ ତିମ୍ନ, ମୁଖ୍ୟ ଅଲ୍ବା ଓ **41**ମୁଖ୍ୟ ଯିଥେତ୍, ମୁଖ୍ୟ
ଅହଲୀବାମା, ମୁଖ୍ୟ ଏଲା, **42**ମୁଖ୍ୟ ପୀନୋନ୍, ମୁଖ୍ୟ କନସ୍,
ମୁଖ୍ୟ ତୈମନ୍, **43**ମୁଖ୍ୟ ମିବ୍ସର୍, ମୁଖ୍ୟ ମଗ୍ଦୀୟେଲ୍, ମୁଖ୍ୟ
ଇରମ୍, ଏମାନେ ନିଜ ନିଜ ଅଧିକୃତ ଦେଶରେ ବସତି
ସ୍ଥାନାନୁସାରେ ଇଦୋମର ମୁଖ୍ୟ ଗଣ ତାଲିକା ଅନୁସାରେ
ଥିଲେ। ଇଦୋମୀୟମାନଙ୍କ ଆଦିପୁରୁଷ ଏଷୌର ବଂଶ ଏହିପରି।

## ସ୍ୱପ୍ନ ବିଳାସୀ ଯୋଷେଫ

**37** ଯାକୁବ କିଣାନ ଦେଶରେ ବାସ କଲେ। ଯେଉଁ
ସ୍ଥାନରେ ତାଙ୍କର ପିତା ବାସ କରିଥିଲେ। **2**ଏହା
ହେଉଛି ଯାକୁବ ପରିବାରର ଇତିହାସ।
ଯୋଷେଫଙ୍କୁ ଯେତେବେଳେ ସତରବର୍ଷ ହୋଇଥିଲା। ସେ
ମେଣ୍ଢା ଓ ଛେଳି ଚରାଉଥିଲା। ଯୋଷେଫ ଏହି କାର୍ଯ୍ୟ ତାଙ୍କ
ଭାଇମାନଙ୍କ ସହିତ କରୁଥିଲା। ସେ ତାଙ୍କ ପିତାଙ୍କ ସ୍ତ୍ରୀ ବିଲ୍ହା
ଓ ସିଲ୍ପାର ପୁତ୍ରମାନଙ୍କର ସାହାଯ୍ୟକାରୀ ଥିଲେ। ଯୋଷେଫ
ତା'ର ପିତାଙ୍କୁ ତାଙ୍କ ଭାଇମାନଙ୍କର କୁକର୍ମ ବିଷୟରେ ସବୁ
ଜଣାଉଥିଲା। **3**ଯୋଷେଫ ତାଙ୍କ ପିତା ଯାକୁବଙ୍କର ବାର୍ଦ୍ଧକ୍ୟ
ସମୟରେ ଜନ୍ମ ହୋଇଥିଲେ। ତେଣୁ ଯାକୁବ ଯୋଷେଫଙ୍କୁ
ଅନ୍ୟ ପୁତ୍ରମାନଙ୍କଠାରୁ ଅଧିକ ଭଲ ପାଉଥିଲେ। ଯାକୁବ
ଯୋଷେଫଙ୍କୁ ଏକ ବିଶେଷ କୋଟ୍ ବା ଅଙ୍ଗରଖା ଦେଇଥିଲେ।
ଯାହା ନାନା ରଙ୍ଗରେ ବର୍ଣ୍ଣିତ ଥିଲା। **4**ଯୋଷେଫର ଭାଇମାନେ
ଦେଖିଲେ ତାଙ୍କର ପିତା ସେମାନଙ୍କଠାରୁ ସେମାନଙ୍କର ଭାଇ
ଯୋଷେଫଙ୍କୁ ଅଧିକ ଭଲ ପାଉଛନ୍ତି। ତେଣୁ ସେମାନେ

ଯୋଷେଫଙ୍କୁ ଘୃଣା କଲେ। ତେଣୁ ତାପ୍ରତି ସେମାନେ ଭଲଭାବରେ କଥାବାର୍ତ୍ତା କଲେ ନାହିଁ। 5ଥରେ ଯୋଷେଫ ଏକ ସ୍ୱପ୍ନ ଦେଖି ତାଙ୍କ ଭାଇମାନଙ୍କୁ କହିଲେ। ଏଥିରେ ସେମାନେ ଯୋଷେଫଙ୍କୁ ଅଧିକ ଘୃଣା କଲେ।

6ଯୋଷେଫ କହିଲେ, "ମୁଁ ଦେଖିଥିବା ସ୍ୱପ୍ନଟି ଏହା ଏବଂ ଏ ବିଷୟରେ ଶୁଣ। 7ଆମ୍ଭେ ସମସ୍ତେ କ୍ଷେତରେ କାର୍ଯ୍ୟ କରୁଥିଲୁ। ଆମ୍ଭେ କ୍ଷେତରେ ବିଡ଼ା ବାନ୍ଧୁଥିଲୁ। ତହିଁରେ ମୁଁ ଦେଖିଲି ମୋର ବିଡ଼ା ଉଠି ଛିଡ଼ା ହେଲା। ତୁମ୍ଭମାନଙ୍କର ବିଡ଼ା ସବୁ ମୋ ବିଡ଼ାକୁ ଚାରିଆଡ଼େ ଘେରି ପ୍ରଣାମ କଲେ।"

8ତା'ର ଭାଇମାନେ ତାଙ୍କୁ କହିଲେ, "ତୁ କ'ଣ ଭାବୁଛୁ, ରାଜା ହୋଇ ଆମ୍ଭମାନଙ୍କୁ ଶାସନ କରିବୁ?" ତା'ର ଭାଇମାନେ ଏହି ସ୍ୱପ୍ନର କଥା ଶୁଣି ତାଙ୍କୁ ଅଧିକ ଘୃଣା କଲେ।

9ଏହାପରେ ଯୋଷେଫ ଅନ୍ୟ ଏକ ସ୍ୱପ୍ନ ଦେଖିଲା ଏବଂ ସେ ତା'ର ଭାଇମାନଙ୍କୁ ଏହି ସ୍ୱପ୍ନ ବିଷୟରେ କହିଲା। ଯୋଷେଫ କହିଲେ, "ସୂର୍ଯ୍ୟ, ଚନ୍ଦ୍ର ଏବଂ ଏଗାରଟି ତାରା ମୋ ସମ୍ମୁଖରେ ନତ ହେଲେ।"

10ଯୋଷେଫ ତାଙ୍କର ସେହି ସ୍ୱପ୍ନର କଥା ତାଙ୍କ ପିତାଙ୍କୁ ମଧ୍ୟ ଜଣାଇଲେ। କିନ୍ତୁ ତାଙ୍କର ପିତା ତାଙ୍କୁ ଗାଳି ଦେଲେ। ତାଙ୍କର ପିତା ତାଙ୍କୁ କହିଲେ, "ଏ କି ପ୍ରକାର ସ୍ୱପ୍ନ? ତୁ କ'ଣ ଭାବୁଛୁ ମୁଁ ତୋର ମା ଏବଂ ତୋର ଭାଇମାନେ ତୋତେ ପ୍ରଣାମ କରିବାକୁ ଆସିବୁ?" 11ଯୋଷେଫର ଭାଇମାନେ ତାଙ୍କପ୍ରତି ବହୁତ ଇର୍ଷାପରାୟଣ ହେଲେ। କିନ୍ତୁ ଯୋଷେଫର ପିତା ଏକଥାକୁ ଗଭୀର ଭାବରେ ଚିନ୍ତା କଲେ, ଏହାର ଅର୍ଥ କ'ଣ ହୋଇପାରେ।

12ଦିନେ ଯୋଷେଫର ଭାଇମାନେ ଶିଖିମକୁ ତାଙ୍କର ପିତାଙ୍କର ପଶୁ ପଲ ଚରାଇବାକୁ ଗଲେ। 13ଇସ୍ରାଏଲ ଯୋଷେଫଙ୍କୁ କହିଲେ, "ଶିଖିମକୁ ଯାଅ। ତୁମ୍ଭର ଭାଇମାନେ ସେଠାରେ ମେଣ୍ଢା ରଖୁଛନ୍ତି।"

ଯୋଷେଫ ଉତ୍ତର ଦେଲେ, "ମୁଁ ସେଠାକୁ ଯିବି।"

14ଯୋଷେଫର ପିତା କହିଲେ, "ଯାଇ ଦେଖ ତୁମ୍ଭର ଭାଇମାନେ ଏବଂ ପଲସବୁ କିପରି ଅଛନ୍ତି।" ତା' ହେଲେ ଫେରିଆସ ଏବଂ ମୋତେ କୁହ। ତେଣୁ ଯୋଷେଫର ପିତା ତାଙ୍କୁ ହିବ୍ରୋଣର ଶିଖିମ ଉପତ୍ୟକାକୁ ପଠାଇଲେ।

15ଶିଖିମଠାରେ ଯୋଷେଫ ଏଣେ ତେଣେ କ୍ଷେତ୍ର ମଧ୍ୟରେ ବୁଲୁ ଥିବାର ଜଣେ ବ୍ୟକ୍ତି ଦେଖିଲେ। ସେହି ଲୋକଟି ପଚାରିଲା, "ତୁମ୍ଭେ ଏଠାରେ କଣ ଖୋଜୁଛ?"

16ଯୋଷେଫ ଉତ୍ତର ଦେଲା, "ମୁଁ ମୋର ଭାଇମାନଙ୍କୁ ଖୋଜୁଛି। ଦୟାକରି କହିବେ କି ସେମାନେ ପଶୁପଲଙ୍କ ସହିତ କେଉଁଠାରେ ଅଛନ୍ତି।"

17ଏହାପରେ ସେହି ଲୋକଟି କହିଲା, "ସେମାନେ ଏଠାରୁ ଚାଲି ଗଲେଣି। ସେମାନେ କହୁଥିବାର ମୁଁ ଶୁଣିଛି, ଆସ ଦୋଥନକୁ ଯିବା।" ତେଣୁ ଯୋଷେଫ ତାଙ୍କର ଭାଇମାନଙ୍କୁ ଅନୁସରଣ କରି ଦୋଥନରେ ଯାଇ ସେମାନଙ୍କୁ ସାକ୍ଷାତ କଲେ।

## ଯୋଷେଫଙ୍କୁ କ୍ରିତଦାସରୂପେ ବିକ୍ରୀ

18ଯୋଷେଫର ଭାଇମାନେ ଦୂରରୁ ଦେଖିଲେ ଯେ ସେ ଆସୁଛି। ଏବଂ ସେ ପହଞ୍ଚିଲା ପୂର୍ବରୁ ସେମାନେ ତାଙ୍କୁ ହତ୍ୟା କରିବାକୁ ଯୋଜନା କଲେ। 19ଭାଇମାନେ ପରସ୍ପର କୁହାକୁହି ହେଲେ, "ହେଇ ଦେଖ, ସ୍ୱପ୍ନ ଦର୍ଶକ ଯୋଷେଫ ଆସୁଛି। 20ଆସ ତାକୁ ହତ୍ୟାକରିବା ଏବଂ ଶୁଷ୍କ କୂଅରେ ପକାଇ ଦେବା। ଆମ୍ଭେ ଆମ୍ଭର ପିତାଙ୍କୁ କହିବା ଯେ ତାକୁ ଏକ ହିଂସ୍ର ଜନ୍ତୁ ଖାଇ ଗଲା। ତା'ପରେ ଦେଖିବା ତା'ର ସ୍ୱପ୍ନର କ'ଣ ହେବ।"

21କିନ୍ତୁ ରୂବେନ ଏହା ଶୁଣିଲେ ସେ ଯୋଷେଫଙ୍କୁ ସେମାନଙ୍କଠାରୁ ରକ୍ଷା କରିବାକୁ ଚାହିଁଲେ। ରୁବେନ କହିଲେ, "ତାକୁ ମାର ନାହିଁ। 22କୌଣସି ରକ୍ତପାତ କର ନାହିଁ! ତାକୁ ଏକ ଜଙ୍ଗଲର ଶୁଷ୍କ କୂଅରେ ଫିଙ୍ଗି ଦିଅ, କିନ୍ତୁ ତୁମ୍ଭମାନେ ନିଜେ ତାକୁ ଆଘାତ କରନାହିଁ।" କାରଣ ତାକୁ ନମାରି ପିତାଙ୍କ ନିକଟକୁ ପଠାଇ ଦେବା ପାଇଁ, ରୂବେନର ଏହି ଯୋଜନା ଥିଲା। 23ଯୋଷେଫ ତାଙ୍କ ଭାଇମାନଙ୍କ ପାଖକୁ ଆସିଲେ। ଏହାପରେ ତା'ର ଭାଇମାନେ ତାଙ୍କୁ ଆକ୍ରମଣ କରି ତା'ର ସେହି ଲମ୍ବା ସୁନ୍ଦର ରଙ୍ଗ ବେରଙ୍ଗର ପୋଷାକକୁ ଚିରି ପକାଇଲେ। 24ଏହାପରେ ତାକୁ ଏକ ଶୁଖିଲା କୂଅ ମଧ୍ୟରେ ପକାଇ ଦେଲେ।

25ଯେତେବେଳେ ଯୋଷେଫ କୂପ ମଧ୍ୟରେ ଥିଲେ। ତା'ର ଭାଇମାନେ ଖାଇବାକୁ ବସିଲେ। ଏହାପରେ ସେମାନେ ଦେଖିଲେ, ଏକ ବଣିକ ଦଳ ଗିଲୟଦରୁ ଇଶ୍ମାୟେଲୀୟ ପଥିକ ଓଟ ଉପରେ ସୁଗନ୍ଧି ଦ୍ରବ୍ୟ ଓ ଗୁଗ୍ଗୁଳ ଓ ଗନ୍ଧରସ ଘେନି ମିଶର ଦେଶକୁ ଯାଉଛନ୍ତି। 26ତେଣୁ ଯିହୁଦା ତା'ର ଭାଇମାନଙ୍କୁ କହିଲେ, "ଯଦି ଆମ୍ଭେ ଆମର ଭାଇକୁ ହତ୍ୟାକରି ଓ ତା'ର ମୃତ୍ୟୁକୁ ଲୁଚାଇଲେ ଆମର ଲାଭ କ'ଣ? 27ଆସ ଏହିସବୁ ବଣିକମାନଙ୍କୁ ଆମ୍ଭେ ବିକ୍ରିକରି ଦେବା। ଯାହା ହେଉ ସେ ଆମ୍ଭର ଭାଇ, ଆମ୍ଭର ନିଜର ରକ୍ତ ମାଂସ।" ତା'ର ଭାଇମାନେ ଏଥିରେ ରାଜି ହୋଇଗଲେ। 28ଯେତେବେଳେ ମିଦିୟନୀୟ ବଣିକମାନେ ସେମାନଙ୍କର ନିକଟକୁ ଆସିଲେ, ଭାଇମାନେ ଯୋଷେଫଙ୍କୁ କୂଅ ଭିତରୁ ବାହାର କରି ଆଣିଲେ ଏବଂ କୋଡ଼ିଏ ରୌପ୍ୟ ମୁଦ୍ରାରେ ବିକ୍ରି କରିଦେଲେ। ସେହି ବଣିକମାନେ ତାକୁ ମିଶରକୁ ନେଇଗଲେ।

29ରୁବେନ୍ ତା'ର ଭାଇମାନଙ୍କ ସହିତ ନଥିଲା, ଯେତେବେଳେ ସେମାନେ ଯୋଷେଫଙ୍କୁ ବଣିକମାନଙ୍କ ମଧ୍ୟରେ ବିକ୍ରି କରିଥିଲେ। ଯେତେବେଳେ ରୁବେନ ଆସିଲା ଓ ଦେଖିଲା ଯେ ତା'ର ଭାଇ ଯୋଷେଫ ସେହି କୂପ ମଧ୍ୟରେ ନଥିଲା। ସେ ଏତେ ବ୍ୟତିବ୍ୟସ୍ତ ହୋଇ ପଡିଲା ଯେ, ତା'ର ପୋଷାକ ସବୁ ଚିରି ପକାଇଲା। 30ରୁବେନ ତା'ର ଭାଇମାନଙ୍କୁ ଯାଇ କହିଲେ, "ଯୋଷେଫ ଆଉ କୂଅ ମଧ୍ୟରେ ନାହିଁ। ମୁଁ କ'ଣ କରିବି?" 31ତା'ର ଭାଇମାନେ ଏକ ଛେଳି ମାରି ତା'ର ରକ୍ତରେ ଯୋଷେଫର କୋଟକୁ ବୁଡ଼ାଇ ଦେଲେ। 32ଏହାପରେ ସେମାନେ ସେହି କୋଟ୍‌ଟିକୁ ତାଙ୍କର ପିତାଙ୍କ ନିକଟକୁ ଏହି ବାର୍ତ୍ତା କହି ପଠାଇଲେ, "ଆମ୍ଭେ ଏହି କୋଟ୍‌ଟି ପାଇଲୁ। ଏହା କ'ଣ ଯୋଷେଫର କୋଟ୍?"

33ତାଙ୍କ ପିତା ସେହି କୋଟ୍ ଦେଖି ତାହା ଯୋଷେଫର ବୋଲି ଜାଣିଲେ। ସେମାନଙ୍କର ପିତା କହିଲେ, "ହଁ ଏହା ଯୋଷେଫର କୋଟ୍ ଅଟେ। ପ୍ରାୟ ଏକ ବଣୁଆ ଜନ୍ତୁ ତାକୁ

ମାରି ଖାଇ ପକାଇଛି। ଗୋଟିଏ ବନ୍ୟ ପଶୁ ମୋର ପୁତ୍ର
ଯୋଷେଫଙ୍କୁ ଚିରି ପକାଇଲା।” 34ଏହା ଶୁଣି ଯାକୁବ ତାଙ୍କ
ଲୁଗା ଚିରି, ବିଶେଷ ଶୋକ ବସ୍ତ୍ର ପିନ୍ଧି ତାଙ୍କର ଶୋକ
ପ୍ରକାଶ କଲେ। ଯାକୁବ ବହୁ ଦିନ ପର୍ଯ୍ୟନ୍ତ ପୁତ୍ର ପାଇଁ
ଶୋକ କଲେ। 35ଯାକୁବର ପୁତ୍ର କନ୍ୟାଗଣ ତାଙ୍କୁ ଆରାମ
ଦେବାକୁ ଚେଷ୍ଟା କଲେ। କିନ୍ତୁ ଯାକୁବ ସାନ୍ତ୍ୱନା ପାଇବାକୁ
ମନାକଲେ। ଯାକୁବ କହିଲେ, “ମୋର ମୃତ୍ୟୁ* ପର୍ଯ୍ୟନ୍ତ
ମୋର ପୁତ୍ର ପାଇଁ ମୁଁ ଦୁଃଖ କରିବି।” ତେଣୁ ଯାକୁବଙ୍କର
ଦୁଃଖ ଲାଗି ରହିଲା।

36ମିଦିୟନୀୟ ବଣିକମାନେ ଯୋଷେଫଙ୍କୁ ମିଶରରେ ବିକ୍ରି
କଲେ। ସେମାନେ ତାଙ୍କୁ ପୋଟିଫର ନାମକ ଫାରୋର
ଅଧିକାରୀ ଅର୍ଥାତ୍ ରକ୍ଷକ ସେନାପତିଙ୍କଠାରେ ଯୋଷେଫଙ୍କୁ
ବିକ୍ରୟ କଲେ।

## ଯିହୂଦା ଓ ତାମର

38 ସେହି ସମୟରେ ଯିହୂଦା ତା'ର ଭାଇମାନଙ୍କୁ ଛାଡ଼ି
ହୀରା ନାମକ ଏକ ଅଦୁଲ୍ଲମୀୟ ସହିତ ରହିବାକୁ
ଗଲା। 2ସେଠାରେ ଯିହୂଦା ଏକ ସ୍ତ୍ରୀଲୋକକୁ ଦେଖିଲା ଏବଂ
ବିବାହ କଲା। ତା'ର ପିତା ଜଣେ କିଣାନୀୟ ଥିଲେ। ତାଙ୍କର
ନାମ ଥିଲା ଶୂୟ୍। 3ସେହି ସ୍ତ୍ରୀ ଏକ ସନ୍ତାନକୁ ଜନ୍ମ ଦେଲା।
ସେ ତା'ର ନାମ ଦେଲେ ଏର। 4ଏହାପରେ ସେ ଆଉ ଏକ
ପୁତ୍ର ଜନ୍ମ ଦେଲେ। ଏବଂ ତା'ର ନାମ ରଖିଲେ ଓନନ୍।
5ଏହାପରେ ସେ ଆଉ ଏକ ପୁତ୍ରକୁ ଜନ୍ମ ଦେଲେ ଏବଂ
ତା'ର ନାମ ଦେଲେ ଶେଲା। ଯିହୂଦାର ତୃତୀୟ ପୁତ୍ର ଜନ୍ମ
ସମୟରେ ସେ କଷୀବରେ ଥିଲା।

6ଯିହୂଦା ତା'ର ପ୍ରଥମ ପୁତ୍ରକୁ ବିବାହ ଦେବାପାଇଁ ଏକ
ସ୍ତ୍ରୀ ପାଇଲେ। ଯାହାର ନାମ ତାମର ଥିଲା। 7କିନ୍ତୁ ସଦାପ୍ରଭୁ
ଦେଖିଲେ ଯେ, ଯିହୂଦାର ପ୍ରଥମଜାତ ଏର ଦୁଷ୍ଟ ଥିଲା। ତେଣୁ
ସେ ତାଙ୍କୁ ବିନାଶ କଲେ। 8ଏହାପରେ ଯିହୂଦା ଏରର ଭାଇ
ଓନନକୁ କହିଲେ, “ତୁମ୍ଭେ ତୁମ୍ଭର ଭାଇର ସ୍ତ୍ରୀ ସହିତ
ସହବାସ କର*। ଯଦି ସେ ପିଲା ଜନ୍ମ କରେ, ସେହି ପୁତ୍ର
ତୁମ୍ଭ ଭାଇର ସନ୍ତାନ ବୋଲି ଜଣାଯିବ।”

9ଓନନ ଜାଣିଥିଲା ଯେ ସେ ସନ୍ତାନ ତା'ର ବଂଶ ହେବ
ନାହିଁ, ତେଣୁ ସେ ସହବାସ ସମୟରେ ଭୂମିରେ ରେତଃପାତ
କଲା। 10ଏଥିରେ ସଦାପ୍ରଭୁ କ୍ରୋଧିତ ହେଲେ ଓ ଓନନକୁ
ମାରି ଦେଲେ। 11ଏହାପରେ ଯିହୂଦା ତା'ର ପୁତ୍ର ବଧୂ
ତାମରକୁ କହିଲେ, “ତୁମ୍ଭେ ତୁମ୍ଭର ପିତୃ ଗୃହକୁ ଯାଅ। ଏବଂ
ମୋର କନିଷ୍ଠ ପୁତ୍ର ଶେଲା ଯୁବକ ନ ହେବା ପର୍ଯ୍ୟନ୍ତ ବିବାହ
କର ନାହିଁ।” ଯିହୂଦା ଭୟ କଲେ ଯେ ଯଦି ତା'ର
ଭାଇମାନଙ୍କ ପରି ଶେଲା ହିଁ ମରିଯିବ। ଏଣୁ ତାମର ତା'
ପିତୃ ଗୃହକୁ ଯାଇ ବାସକଲା।

12ଅନେକ ସମୟ ପରେ ଶୂୟର କନ୍ୟା, ଯିହୂଦାର ସ୍ତ୍ରୀ
ମୃତ୍ୟୁ ବରଣ କଲା। ଯେତେବେଳେ ଶୋକ ସମୟ ଅତିକ୍ରାନ୍ତ
ହେଲା, ଯିହୂଦା ମେଷମାନଙ୍କ ବାଳକାଟିବା ପାଇଁ ତା'ର ବନ୍ଧୁ
ହୀରା ସହିତ ଗଲେ। 13ତାମର ଯିହୂଦାଠାରୁ ଜାଣିଲା, ଯେ
ତା'ର ଶଶୁର ମେଷମାନଙ୍କର ଲୋମ କାଟିବାକୁ ତିମ୍ନାଥା
ଯାଉଛନ୍ତି। 14ତାମର ସର୍ବଦା ବିଧବା ବସ୍ତ୍ର ପିନ୍ଧୁଥିଲା। ତେଣୁ
ସେ କିଛି ଅନ୍ୟ ପୋଷାକ ପିନ୍ଧି ତା'ର ମୁହଁକୁ ଲୁଚାଇ
ତିମ୍ନାତା'ର ପଥ ପାର୍ଶ୍ୱସ୍ଥିତ ଐନମର ପ୍ରବେଶ ସ୍ଥାନରେ ବସି
ରହିଲା। କାରଣ ସେ ଦେଖିଲା ଶେଲା ବଡ଼ ହେଲେ ହେଁ
ତାକୁ ବିବାହ କଲାନାହିଁ।

15ଯିହୂଦା ସେହି ବାଟ ଦେଇ ଗଲା ବେଳେ ତାଙ୍କୁ
ଦେଖିଲା। କିନ୍ତୁ ସେ ଭାବିଲା ସେ ଜଣେ ବେଶ୍ୟା କାରଣ
ସେ ତାଙ୍କର ମୁହଁ ଲୁଚାଇ ରଖିଥିଲା। 16ତେଣୁ ଯିହୂଦା ତାଙ୍କ
ପାଖକୁ ଗଲେ ଏବଂ କହିଲେ, “ତୁମ୍ଭ ସହିତ ମୋତେ
ସହବାସ କରିବାକୁ ଦିଅ।” ସେ ତାଙ୍କର ପୁତ୍ରବଧୂ ବୋଲି
ଯିହୂଦା ଜାଣି ନଥିଲେ।

ସେ କହିଲା, “ତୁମ୍ଭେ ମୋତେ କ'ଣ ଦେବ?”

17ଯିହୂଦା ଉତ୍ତର ଦେଲା, “ମୁଁ ମୋର ପଲ ମଧ୍ୟରୁ ଏକ
ଯୁବା ଛେଳି ପଠାଇ ଦେବି।”

ସେ ଉତ୍ତର ଦେଲା, “ମୁଁ ଏଥିରେ ରାଜି। କିନ୍ତୁ ପ୍ରଥମେ
ଯୁବା ଛେଳି ଆସିବା ପର୍ଯ୍ୟନ୍ତ ଜାମିନ ଦିଅ।”

18ଯିହୂଦା ପଚାରିଲା, “ତୁମ୍ଭେ ମୋତେ କ'ଣ ଦେବା ପାଇଁ
ଚାହୁଁଛ?”

ତାମର କହିଲା, “ତୁମ୍ଭର ଏହି ମୋହର, ସୂତ୍ର ଆଉ ହସ୍ତ
ଯଷ୍ଟି।” ଯିହୂଦା ତାହା ସବୁ ତାମରକୁ ଦେଲେ। ଏହାପରେ
ଯିହୂଦା ଓ ତାମର ମଧ୍ୟରେ ଦୈହିକ ସମ୍ପର୍କରୁ ତାମର
ଗର୍ଭବତୀ ହେଲା। 19ଏହାପରେ ତାମର ଗୃହକୁ ଗଲା ଓ
ତା'ର ମୁହଁ ସର୍ବଦା ଲୁଚାଇ ରଖିଲା ଏବଂ ଏହାପରେ ସେ
ପୁନର୍ବାର ବିଧବା ବସ୍ତ୍ର ପରିଧାନ କଲା।

20ଏହାପରେ ଯିହୂଦା ସେହି ସ୍ତ୍ରୀଠାରୁ ବନ୍ଧକ ଦ୍ରବ୍ୟ
ନେବା ପାଇଁ ଆପଣା ଅଦୁଲ୍ଲମୀୟ ବନ୍ଧୁ ଦ୍ୱାରା ଛେଳିଛୁଆ
ଦେଇ ପଠାଇଲା। ମାତ୍ର ସେ ତା'ର ଦେଖା ପାଇଲା ନାହିଁ।
21ତେଣୁ ସେ ସେଠାକାର ଲୋକମାନଙ୍କୁ ପଚାରିଲା “ଐନମ
ପଥ ପାର୍ଶ୍ୱରେ ଯେଉଁ ବେଶ୍ୟା ଥିଲା ସେ କାହିଁ?”

ଲୋକମାନେ ଉତ୍ତର ଦେଲେ, “ଏଠାରେ କୌଣସି ବେଶ୍ୟା
ରହେ ନାହିଁ।”

22ତେଣୁ ଯିହୂଦାର ବନ୍ଧୁ ଯିହୂଦା ନିକଟକୁ ଫେରିଯାଇ
କହିଲା, “ମୁଁ ସେହି ସ୍ତ୍ରୀଲୋକକୁ ପାଇଲି ନାହିଁ ଏବଂ
ସେଠାକାର ଲୋକମାନଙ୍କୁ ପଚାରିବାରୁ ସେ କହିଲେ ଏଠାରେ
କୌଣସି ବେଶ୍ୟା ରହନ୍ତି ନାହିଁ।”

23ତେଣୁ ଯିହୂଦା କହିଲା, “ସେ ଯେଉଁ ଜିନିଷ ରଖିଛି
ତାହା ସେ ରଖୁ। ଆମ୍ଭେ କାହିଁକି ଲଜ୍ଜାସ୍ପଦ ହେବା। ଆମ୍ଭେ
ଚାହୁଁ ଥିଲୁ ତାକୁ ଏକ ଛେଳି ଛୁଆ ଦେବା ପାଇଁ କିନ୍ତୁ
ତାକୁ ପାଇଲୁ ନାହିଁ। ଏତିକି ଯଥେଷ୍ଟ।”

## ତାମରଙ୍କ ଗର୍ଭଧାରଣ

24ପ୍ରାୟ ତିନିମାସ ଯିବା ପରେ, କେହି ଲୋକ ଯିହୂଦାକୁ

---

**ମୋର ମୃତ୍ୟୁ … କରିବି** ମୁଁ ଦୁଃଖରେ ଶିୟୋଲରେ ମୋର ପୁତ୍ର ପାଖକୁ ଯିବି (ମୃତ୍ୟୁର ସ୍ଥାନ)

**ତୁମ୍ଭେ … କର** ଇଶ୍ରାୟେଲରେ ଯଦି ଜଣେ ପୁରୁଷ ସନ୍ତାନହୀନ ହୋଇ ମୃତ୍ୟୁବରଣ କରେ ତା'ର ଭାଇମାନଙ୍କ ମଧ୍ୟରୁ ଜଣେ ତାକୁ ଗ୍ରହଣ କରେ। ଯଦି ଏକ ପିଲା ଜନ୍ମ ହୁଏ, ତେବେ ତାହା ମୃତ ବ୍ୟକ୍ତିର ପିଲା ବୋଲି ବିବେଚନା କରାଯିବ।

କହିଲେ, "ତୁମ୍ଭର ପୁତ୍ରବଧୂ ତାମର ବେଶ୍ୟା ପରି ଗର୍ଭଧାରଣ
କରିଛି।"
ଏହାପରେ ଯିହୁଦା କହିଲା, "ତାକୁ ବାହାରକୁ ଆଣି
ଅଗ୍ନିରେ ଦଗ୍ଧ କର।"
25ଲୋକମାନେ ତାମରକୁ ମାରିବାକୁ ଗଲେ, କିନ୍ତୁ ସେ
ତାଙ୍କ ଶ୍ୱଶୁରଙ୍କ ନିକଟକୁ ବାର୍ତ୍ତା ପଠାଇ କହିଲେ, "ଏହି
ସମସ୍ତ ବସ୍ତ୍ର ଯାହାର ସେ ମୋତେ ଗର୍ଭବତୀ କରାଇଛି। ଏହି
ମୋହର, ସୂତ୍ର ଓ ଯଷ୍ଟି କାହାର, ତାହା ଚିହ୍ନି ଦେଖ?"
26ଯିହୁଦା ସେ ସମସ୍ତ ବସ୍ତ୍ରକୁ ଦେଖିଲା ଏବଂ କହିଲା,
"ସେ ଠିକ ଅଛି। ମୁଁ ଭୁଲ କରିଥିଲି। ମୁଁ ପ୍ରତିଜ୍ଞା କରିଥିଲି
ଶେଲାକୁ ଦେବା ପାଇଁ କିନ୍ତୁ ତାହା କରି ନ ଥିଲି।" ଏବଂ
ଯିହୁଦା ଆଉ ତାଙ୍କ ସହିତ ଦୈହିକ ସଂପର୍କ ରଖିଲେ ନାହିଁ।
27ତାମରର ଜନ୍ମ କରିବା ସମୟ ଆସିଲା, ସେମାନେ
ଦେଖିଲେ ସେ ଯାଆଁଳା ଜନ୍ମ କରିବ। 28ସେ ଯେତେବେଳେ
ଜନ୍ମ କଲା, ସେ ସମୟରେ ଏକ ବାଳକର ହସ୍ତ ବାହାର
ହେଲା, ତହିଁରେ ଧାତ୍ରୀ ତାହାର ସେହି ହସ୍ତରେ ସିନ୍ଦୁର ବର୍ଣ୍ଣ
ସୂତ୍ର ବାନ୍ଧି କହିଲା "ଏ ଜ୍ୟେଷ୍ଠ।" 29ମାତ୍ର ସେ ଆପଣା ହସ୍ତ
ଟାଣି ନିଅନ୍ତେ, ଦେଖ ତାହାର ଭ୍ରାତା ଭୂମିଷ୍ଠ ହେଲା, ତହିଁରେ
ଧାତ୍ରୀ କହିଲା, "ତୁମ୍ଭେ ଜୋର କରି ଭେଦ କରିଅଛ।"
ତେଣୁ ତା'ର ନାମ ପେରସ୍। 30ଏହାପରେ ଅନ୍ୟ ପିଲାଟି
ଜନ୍ମ ନେଲା, ଏହି ପିଲାଟିର ହସ୍ତରେ ସିନ୍ଦୁର ବର୍ଣ୍ଣ ତା'ର
ହାତରେ ଥିଲା, ସେ ତା'ର ନାମ ସେରହ ଦେଲେ।

### ମିଶରରେ ଯୋଷେଫ ପୋଟୀଫରକୁ ବିକ୍ରି ହେଲେ

39 ଯୋଷେଫ ମିଶର ଦେଶକୁ ଅଣା ଯାନ୍ତେ ଫାରୋଙ୍କର
ଜଣେ ଭୃତ୍ୟ ଅର୍ଥାତ୍, ମିସ୍ରୀୟ ପୋଟୀଫର ନାମକ
ରକ୍ଷକ ସେନାପତି ତାଙ୍କର ଅନୟନକାରୀ ଇଶ୍ମାୟେଲୀୟମାନଙ୍କଠାରୁ
ଯୋଷେଫଙ୍କୁ କିଣିଲା। 2କିନ୍ତୁ ସଦାପ୍ରଭୁ ଯୋଷେଫଙ୍କୁ ସହାୟ
ହେଲେ ଓ ଯୋଷେଫ ଜଣେ ଭାଗ୍ୟବାନ ପୁରୁଷ ହେଲେ।
ଆଉ ସେ ଆପଣା ମିସ୍ରୀୟ କର୍ତ୍ତାର ଗୃହରେ ବାସ କଲେ।
3ପୋଟୀଫର ଦେଖିଲା ଯେ ସଦାପ୍ରଭୁ ଯୋଷେଫଙ୍କୁ ସହାୟ
ଅଟନ୍ତି। ପୋଟୀଫର ଦେଖିଲା ସଦାପ୍ରଭୁଙ୍କର ସହାୟ ଯୋଗୁ
ସେ ଯେଉଁ କାର୍ଯ୍ୟ କରୁଛି ତାହା ସୁଚାରୁ ରୂପେ କରି
ପାରୁଛି। 4ପୋଟୀଫର ଯୋଷେଫଙ୍କୁ ପାଇ ବହୁତ ଖୁସି
ହେଲେ। ସେ ଯୋଷେଫଙ୍କୁ ଆପଣାର ଗୃହାଧ୍ୟକ୍ଷ କରି
ତାଙ୍କର ହସ୍ତରେ ସର୍ବସ୍ୱ ସମର୍ପଣ କଲେ। 5ଏହି ପ୍ରକାରେ
ସେ ଯୋଷେଫଙ୍କୁ ଆପଣା ଗୃହ ଓ ସର୍ବସ୍ୱର ଅଧକ୍ଷ କରିବା
ଦିନଠାରୁ ସଦାପ୍ରଭୁ ଯୋଷେଫଙ୍କ ଲାଗି ସେହି ମିସ୍ରୀୟ
ଲୋକର ଗୃହ ଉପରେ ଆଶୀର୍ବାଦ କଲେ। ଗୃହ ଓ
କ୍ଷେତ୍ରସ୍ଥିତ ସମସ୍ତ ସମ୍ପଦ ପ୍ରତି ସଦାପ୍ରଭୁଙ୍କର ଆଶୀର୍ବାଦ
ବର୍ତ୍ତିଲା। 6ପୋଟୀଫର ଯୋଷେଫଙ୍କୁ ସବୁ ଦାୟିତ୍ୱ ଦେଇ ସେ
ଆଉ ତାଙ୍କର ଖାଇବା ବିନା କୌଣସି ପାଇଁ ବ୍ୟସ୍ତ ହେଲେ
ନାହିଁ।

### ଯୋଷେଫ ପୋଟୀଫରର ସ୍ତ୍ରୀକୁ ଅସ୍ୱୀକାର କଲେ

ଯୋଷେଫ ଦେଖିବାକୁ ବହୁତ ସୁନ୍ଦର ଥିଲେ। 7କିଛି ଦିନ
ପରେ ଯୋଷେଫର ମୁନିବର ସ୍ତ୍ରୀ ଯୋଷେଫଙ୍କୁ ନଜର
ପକେଇବାକୁ ଲାଗିଲେ। ଦିନେ ସେହି ସ୍ତ୍ରୀ ଯୋଷେଫଙ୍କୁ
ଅନୁରୋଧ କଲେ, "ମୋ ସହିତ ଶୟନ କର।"
8କିନ୍ତୁ ଯୋଷେଫ ମନା କଲେ। ସେ କହିଲେ, "ଦେଖ
ଏ ଗୃହରେ ଯାହା ଅଛି ମୋ ମୁନିବ ତହିଁର ତତ୍ତ୍ୱ ନିଅନ୍ତି
ନାହିଁ। ସେ ମୋ ହସ୍ତରେ ଆପଣାର ସର୍ବସ୍ୱ ସମର୍ପଣ
କରିଛନ୍ତି। 9ଏହି ଗୃହରେ ସେ ମୋତେ ତାଙ୍କ ସହିତ ସମାନ
କରିଛନ୍ତି। ମୁଁ ତାଙ୍କ ସ୍ତ୍ରୀ ସହିତ ଶୟନ କରି ପାରିବି ନାହିଁ।
ଏହା ଭୁଲ ଅଟେ, ଏହା ପରମେଶ୍ୱରଙ୍କ ବିରୁଦ୍ଧରେ ପାପ
ତୁଲ୍ୟ।" 10ସେହି ସ୍ତ୍ରୀ ଲୋକଟି ସର୍ବଦା ତାହାଙ୍କ ସହିତ
କଥା ହୁଏ। କିନ୍ତୁ ସେ ତାଙ୍କ ସହ ଶୟନ କରିବା ପାଇଁ,
ସର୍ବଦା ମନା କରନ୍ତି। 11ଦିନେ ଯୋଷେଫ ଘରକୁ ତାଙ୍କର
କିଛି କାର୍ଯ୍ୟ କରିବାକୁ ଗଲେ। ସେହି ସମୟରେ ସେ ଏକା
ସେହି ଘରେ ଥିଲେ। 12ତା'ର ମୁନିବଙ୍କର ସ୍ତ୍ରୀ ତାଙ୍କର
କୋଟ୍‌କୁ ଧରି ଟାଣି କହିଲେ, "ମୋ ପାଖରେ ଶୟନ
କର।" କିନ୍ତୁ ଯୋଷେଫ ସେ ଘରୁ ଖସି ଦୌଡ଼ି ପଳାଇ
ଆସିଲେ କିନ୍ତୁ ତା'ର ହାତରେ ତାହାର କୋଟ୍‌ଟି ରହିଗଲା।
13ସ୍ତ୍ରୀ ଲୋକଟି ଦେଖିଲା ତା' ହାତରେ ଯୋଷେଫର
କୋଟ୍ ରହିଗଲା ଏବଂ ସେ ଦୌଡ଼ି ପଳାଇଲା। 14ସେ ଗୃହର
ବାହାର ଲୋକମାନଙ୍କୁ ଡ଼ାକି ସେ କହିଲା, "ଦେଖ ସେ
ଆମ୍ଭମାନଙ୍କ ସଙ୍ଗରେ ପରିହାସ କରିବା ନିମନ୍ତେ ଜଣେ
ଏବ୍ରୀୟକୁ ଆଣିଛନ୍ତି। ସେ ଭିତରକୁ ପଶି ମୋ ସହିତ ଶୟନ
କରିବାକୁ କହିଲା। ମୁଁ ବଡ଼ ପାଟିରେ ଡାକ ପକାଇଲି।
15ମୋର ବଡ଼ ପାଟିରେ ଡ଼ାକିବାର ଶୁଣି ସେ ତା'ର କୋଟ୍
ମୋ ପାଖରେ ଛାଡ଼ି ଦୌଡ଼ି ପଳାଇ ଆସିଲା।" 16ଏହାପରେ
ସେ ସେହି କୋଟ୍‌ଟି ତାଙ୍କର ସ୍ୱାମୀ ଆସିବା ପର୍ଯ୍ୟନ୍ତ ତାଙ୍କ
ପାଖରେ ରଖିଲେ। 17ସେ ତାଙ୍କ ସ୍ୱାମୀକୁ ସେହି ସବୁ
କଥାମାନ କହିଲା। ସେ କହିଲା, "ତୁମ୍ଭେ ଯେଉଁ ଏବ୍ରୀୟ
ଦାସକୁ ଆଣିଅଛ ସେ ମୋତେ ପରିହାସ କରିବାକୁ ମୋ
ପାଖକୁ ଆସିଲା। 18କିନ୍ତୁ ସେ ଯେତେବେଳେ ମୋ ପାଖକୁ
ଆସିଲା ମୁଁ ବଡ଼ ପାଟି କରିବାରୁ ସେ ତା'ର କୋଟ୍‌ଟି ଛାଡ଼ି
ବାହାରକୁ ଦୌଡ଼ି ପଳାଇଗଲା।"

### ଯୋଷେଫ କାରାଗାରରେ ରହିଲେ

19ଯୋଷେଫର ମୁନିବ ତାଙ୍କର ସ୍ତ୍ରୀଙ୍କଠାରୁ ଏ ସମସ୍ତ
ଶୁଣିଲେ। ଏବଂ ସେ ବହୁତ କ୍ରୋଧ ହେଲେ। 20ସେଠାରେ
ଏକ କାରାଗାର ଥିଲା ଯେଉଁଠାରେ ରାଜାଙ୍କର ଶତ୍ରୁମାନେ
ରହୁଥିଲେ। ତେଣୁ ପୋଟୀଫର ଯୋଷେଫଙ୍କୁ ସେହି କାରାଗୃହରେ
ରଖିଲା। ଏବଂ ଯୋଷେଫ ସେହିଠାରେ ରହିଲେ।
21କିନ୍ତୁ ସଦାପ୍ରଭୁ ଯୋଷେଫର ସହାୟ ଥିଲେ। ସଦାପ୍ରଭୁ
ତାହାପ୍ରତି କୃପା ପ୍ରକାଶ କରି କାରାଗାର ରକ୍ଷକଙ୍କର ଦୃଷ୍ଟିରେ
ତାଙ୍କୁ ଅନୁଗ୍ରହର ପାତ୍ର କଲେ। 22ତହିଁରେ ସେହି କାରା
ରକ୍ଷକ ବନ୍ଦୀଶାଳାସ୍ଥିତ ସମସ୍ତ ବନ୍ଦୀ ଲୋକଙ୍କର ଭାର ଯୋଷେଫଙ୍କ
ହସ୍ତରେ ସମର୍ପଣ କଲେ। ପୁଣି ସେମାନେ ଯାହା କଲେ
ସେହି ସକଳର କର୍ତ୍ତା ସେହି ହେଲେ। 23କାରା ରକ୍ଷକ
ଯୋଷେଫଙ୍କର ହସ୍ତଗତ କୌଣସି ବିଷୟରେ ଦୃଷ୍ଟିପାତ କଲେ
ନାହିଁ। କାରଣ ସଦାପ୍ରଭୁ ତାଙ୍କର ସହବର୍ତ୍ତୀ ଥିଲେ। ପୁଣି ସେ
ଯାହା କଲେ ସଦାପ୍ରଭୁ ତାହା ସିଦ୍ଧ କଲେ।

### ଯୋଷେଫ ତାଙ୍କର ଦୁଇଟି ସ୍ୱପ୍ନକୁ ବାଖ୍ୟା କଲେ

40 କିଛି ଦିନପରେ ମିଶ୍ରୀୟ ରାଜାଙ୍କର ପାନପାତ୍ର ବାହକ
ଓ ସୂପକାର ଆପଣାମାନଙ୍କର ମୂନିବ ମିଶ୍ରୀୟ
ରାଜାଙ୍କୁ ଅସନ୍ତୁଷ୍ଟ କଲେ। 2ତହିଁରେ ଫାରୋ ଏହି ଦୁଇଟି
ସେବକଙ୍କ ପ୍ରତି କ୍ରୋଧିତ ଥିଲେ, ରାଜାଙ୍କର ମୁଖ୍ୟ ପାନପାତ୍ର
ବାହାକ ଓ ମୁଖ୍ୟ ସୂପକାର। 3ରକ୍ଷକ ସୈନ୍ୟାଧିପତିର ଯେଉଁ
ବନ୍ଦୀ ଗୃହରେ ଯୋଷେଫ ବନ୍ଦୀ ଥିଲେ। ସେହିଠାରେ
ସେମାନଙ୍କୁ ବନ୍ଦୀ କରି ରଖିଲେ। 4ଯେତେବେଳେ
ପ୍ରହରୀମାନଙ୍କର ଅଧିନାୟକ ଯୋଷେଫଙ୍କ ତତ୍ତ୍ୱାବଧାନରେ
ରଖିଲେ, ଯୋଷେଫ ସେମାନଙ୍କର ତତ୍ତ୍ୱାବଧାନ କଲେ ଓ
ଯୋଗ ଦେଲେ। ଏହି ପ୍ରକାରେ ସେମାନେ ବହୁଦିନ କାରାଗାରରେ
ରହିଲେ। 5ଏକ ରାତିରେ ଉଭୟ ବନ୍ଦୀ ଦୁଇଜଣ ସ୍ୱପ୍ନ
ଦେଖିଲେ। ସହି ଦୁଇଜଣ ବନ୍ଦୀ ମିଶରର ରାଜାଙ୍କର
ପାନପାତ୍ର ବାହକ ଓ ସ୍ୱପକାର। ପ୍ରତ୍ୟେକ ଏକ ସ୍ୱପ୍ନ
ଦେଖିଲେ ଓ ପ୍ରତ୍ୟେକ ସ୍ୱପ୍ନର ଅର୍ଥଭିନ୍ନ ଥିଲା। 6ଯୋଷେଫ
ପ୍ରଭାତରେ ତାଙ୍କ ନିକଟକୁ ଯାନ୍ତେ, ଯୋଷେଫ ଦେଖିଲେ
ସେହି ଦୁଇ ବନ୍ଦୀ ଭାରି ବ୍ୟସ୍ତ ଅଛନ୍ତି। 7ଯେଉଁମାନେ
କାରାଗାରରେ ଥିଲେ, ଯୋଷେଫ ଫାରୋଙ୍କର ସେବକମାନଙ୍କୁ
ପଚାରିଲେ, "ତୁମ୍ଭେମାନେ କାହିଁକି ଆଜି ଭାରି ଚିନ୍ତିତ
ଦେଖାଯାଉଛ?"

8ସେହି ଦୁଇ ବନ୍ଦୀ ଉତ୍ତର ଦେଲେ, "ଆମ୍ଭେ କାଲି
ରାତିରେ ସ୍ୱପ୍ନ ଦେଖିଲୁ। କିନ୍ତୁ ତାହା ବୁଝି ପାରୁନାହୁଁ। ସେହି
ସ୍ୱପ୍ନର ବ୍ୟାଖ୍ୟା କରିବାକୁ କେହି ନାହିଁ।"

ତେବେ ଯୋଷେଫ ସେମାନଙ୍କୁ କହିଲେ, "ପରମେଶ୍ୱର
ଜଣେ ଯେ କି ସ୍ୱପ୍ନବି ବୁଝିପାରନ୍ତି ଏବଂ ବାଖ୍ୟା କରି
ପାରନ୍ତି। ତେଣୁ ମୁଁ ତୁମ୍ଭକୁ ଅନୁରୋଧ କରୁଛି ସେହି ସ୍ୱପ୍ନ
ବିଷୟରେ ଆମ୍ଭକୁ କୁହ।"

### ଦ୍ରାକ୍ଷାରସ ଦେଉଥିବା ଲୋକର ସ୍ୱପ୍ନ

9ତେଣୁ ରାଜାଙ୍କର ମୁଖ୍ୟ ପାନପାତ୍ର ବାହକ ଯୋଷେଫଙ୍କୁ
ତାଙ୍କର ସ୍ୱପ୍ନ ବିଷୟରେ କହିଲା, "ଦେଖ ଗୋଟିଏ ଦ୍ରାକ୍ଷାଲତା
ମୋ ସମ୍ମୁଖରେ ଥିଲା। 10ସେହି ଦ୍ରାକ୍ଷାଲତାରେ ତିନି ଶାଖା
ଥିଲା। ତାହା ପଲ୍ଲବିତ ହେଲା ଓ ତହିଁରେ ଫୁଲ ଫୁଟିଲା।
ଆଉ ତା'ର ପେଣ୍ଡାରେ ପେଣ୍ଟା ପେଣ୍ଟା ଅଙ୍ଗୁର ପାଚିଲା।
11ସେତେବେଳେ ମୋ ହସ୍ତରେ ଫାରୋଙ୍କର ପାନପାତ୍ର ଥିବାରୁ
ସେହି ପାତ୍ରରେ ମୁଁ ସେହି ଦ୍ରାକ୍ଷାଫଳ ଘେନି ଚିପୁଡ଼ି
ଫାରୋଙ୍କର ହସ୍ତରେ ସେହି ପାତ୍ର ଦେଲି।"

12ତହିଁରେ ଯୋଷେଫ ତାଙ୍କୁ କହିଲେ, "ଏହାର ଅର୍ଥ
ଏହି, ସେହି ତିନି ଶାଖାରେ ତିନିଦିନ ବୁଝାଏ। 13ତିନିଦିନ
ମଧ୍ୟରେ ଫାରୋ ତୁମ୍ଭର ମସ୍ତକ ଉଠାଇ ତୁମ୍ଭକୁ ନିଜ ପଦରେ
ପୁନର୍ବାର ନିଯୁକ୍ତ ଦେବେ। ତହିଁରେ ତୁମ୍ଭେ ପୂର୍ବପରି ପାନପାତ୍ର
ବାହକ ହୋଇ ପୁନର୍ବାର ଫାରୋଙ୍କ ହସ୍ତରେ ପାନପାତ୍ର
ଦେବ। 14କିନ୍ତୁ ତୁମ୍ଭର ମଙ୍ଗଳ ହେଲେ ମୋତେ ସ୍ମରଣ
କରିବ। ପୁଣି ମୋ ପ୍ରତି ଦୟାକରି ଫାରୋଙ୍କ ଛାମୁରେ ମୋ
ବିଷୟ କହି ମୋତେ ଏହି କାରାଗାରରୁ ମୁକ୍ତ କରିବ।
15କାରଣ ଏବ୍ରୀୟମାନଙ୍କ ଦେଶରୁ ଲୋକମାନେ ମୋତେ
ବଳପୂର୍ବକ ଅପହରଣ କରିଛନ୍ତି। ପୁଣି ଏ ସ୍ଥାନରେ ମଧ୍ୟ ମୁଁ
କିଛି ଭଲ କରିନାହିଁ। ତଥାପି ସେମାନେ ମୋତେ ଏହି
ମୋତେ ଗହ୍ୱରରେ ପକାଇଲେ।"

### ସୂପକାର ସ୍ୱପ୍ନ

16ପ୍ରଧାନ ରୋଟୀ ବନେଇବା ବ୍ୟକ୍ତି ଦେଖିଲା ଅନ୍ୟ
ଭୃତ୍ୟର ସ୍ୱପ୍ନର ଉତ୍ତମ ଅର୍ଥ ଥିଲା। ତେଣୁ ସୂପକାର
ଯୋଷେଫଙ୍କୁ କହିଲା, "ମୁଁ ମଧ୍ୟ ଏକ ସ୍ୱପ୍ନ ଦେଖିଲି। ମୋର
ସ୍ୱପ୍ନରେ ମୋ ମସ୍ତକ ଉପରେ ତିନୋଟି ଶୀଷା ଡ଼ାଲା ଥିଲା।
17ସ୍ୱର୍ଗ ଉପରେ ଡାଲାରେ ଫାରୋଙ୍କର ଭୋଜନ ନିମନ୍ତେ
ନାନା ପ୍ରକାର ସେକା ହେବା ଜିନିଷ ଥିଲା। ଆଉ ପକ୍ଷୀଗଣ
ଆସି ମୋ ମସ୍ତକର ଡ଼ାଲାରୁ ତାହା ଖାଇଲେ।"

18ଯୋଷେଫ ଉତ୍ତର କଲେ, "ଏହି ତିନି ଡ଼ାଲାର ଅର୍ଥ
ତିନିଦିନ। 19ତିନିଦିନ ମଧ୍ୟରେ ଫାରୋ ତୁମ୍ଭ ଗାତ୍ରରୁ ତୁମ୍ଭ
ମସ୍ତକ ଉଠାଇ ତୁମ୍ଭକୁ ବୃକ୍ଷ ଉପରେ ଟଙ୍ଗାଇବେ। ପୁଣି
ପକ୍ଷୀଗଣ ଆସି ତୁମ୍ଭ ଗାତ୍ରରୁ ତୁମ୍ଭ ମାଂସ ଖାଇବେ।"

### ଯୋଷେଫଙ୍କୁ ଭୁଲିଗଲେ

20ଏହାପରେ ତୃତୀୟ ଦିନରେ ଫାରୋଙ୍କର ଜନ୍ମ ଦିନ
ଉପସ୍ଥିତ ହେବାରୁ ସେ ଆପଣା ସମସ୍ତ ଦାସଙ୍କ ନିମନ୍ତେ
ଭୋଜନ ପ୍ରସ୍ତୁତ କଲେ। ତହିଁରେ ସେ ଆପଣା ସମସ୍ତ
ଦାସଙ୍କ ସାକ୍ଷାତରେ ପ୍ରଧାନ ପାନପାତ୍ର ବାହକର ଓ ପ୍ରଧାନ
ସୂପକାରର ମସ୍ତକ ଉଠାଇଲେ। 21ଠିକ୍ ସେହିପରି ଯୋଷେଫ
ତା'ର ସ୍ୱପ୍ନର ଅର୍ଥ ବିଷୟରେ ଫାରୋ ମୂଖ୍ୟ ପାନପାତ୍ର
ବାହକଙ୍କୁ ତାହାର ନିଜ ପଦରେ ପୁନର୍ବାର ନିଯୁକ୍ତ କଲେ।
ତହିଁରେ ସେ ଫାରୋଙ୍କର ହସ୍ତରେ ପାନପାତ୍ର ଦେବାକୁ
ଲାଗିଲେ। 22ମାତ୍ର ସେ ପ୍ରଧାନ ସୂପକାରକୁ ବୃକ୍ଷରେ ଟଙ୍ଗାଇଲେ।
23ତଥାପି ପ୍ରଧାନ ପାନପାତ୍ର ବାହକ ଯୋଷେଫଙ୍କୁ ସ୍ମରଣ
କଲା ନାହିଁ। ସେ ଯୋଷେଫଙ୍କ କଥା ଭୁଲି ଯାଇଥିଲା।

### ଫାରୋଙ୍କର ସ୍ୱପ୍ନ

41 ଦୁଇ ବର୍ଷ ପରେ ଫାରୋ ଏକ ସ୍ୱପ୍ନ ଦେଖିଲେ।
ସେ ସ୍ୱପ୍ନରେ ଦେଖିଲେ ଯେ ସେ ନୀଳ ନଦୀ
କୂଳରେ ଛିଡ଼ା ହୋଇଛନ୍ତି। 2ସେହି ସ୍ୱପ୍ନରେ ସାତଟି ଗାଈ
ନଦୀ ମଧ୍ୟରୁ ବାହାରିଲେ ଏବଂ ସେଠାରେ ଘାସ ଚରିଲେ।
ସେମାନେ ଦେଖିବାକୁ ହୃଷ୍ଟ ପୁଷ୍ଟ ଓ ସୁନ୍ଦର ଥିଲେ। 3ପୁଣି
ସାତଟି ଦୁର୍ବଳ, ରୁଗ୍ଣ ଦେଖାଯାଉଥିବା ଗାଈ ନଦୀ ମଧ୍ୟରୁ
ବାହାରିଲେ। ଏବଂ ନଦୀ କୂଳରେ ସେହି ସ୍ୱାସ୍ଥ୍ୟବାନ ଗାଈମାନଙ୍କ
ପାଖରେ ଛିଡ଼ା ହେଲେ। କିନ୍ତୁ ସେହି ଗାଈଗୁଡ଼ିକ ଦୁର୍ବଳ ଓ
ରୋଗିଣା ଥିଲେ। 4ସେହି ସାତଟି ଦୁର୍ବଳ ଓ ରୁଗ୍ଣ ଦେଖାଯାଉଥିବା
ଗାଈଗୁଡିକ ସେହି ସାତଟି ସ୍ୱାସ୍ଥବାନ ଗାଈକୁ ଖାଇଗଲେ।
ସେତେବେଳେ ଫାରୋ ନିଦରୁ ଉଠି ପଡ଼ିଲେ।

5ଫାରୋ ପୁନର୍ବାର ଶୟନ କଲେ ଓ ପୁନର୍ବାର ସ୍ୱପ୍ନ
ଦେଖିଲେ। ଗୋଟିଏ ଶଣ୍ଢାରେ ସାତଟି ପରିପୁଷ୍ଟ ଓ ଉତ୍ତମ
ଶୀଷା ବାହାରିଲା। 6ସେମାନଙ୍କ ପରେ, ସାତ ଧାନର ମୁଣ୍ଡ
ବାହାରି ଆସିଲା। କିନ୍ତୁ ଏହା କ୍ଷୀଣ ଥିଲା ଏବଂ ପୂର୍ବ ବାୟୁରେ
ଶୁଖି ଗଲାପରି ଦେଖା ଯାଉଥିଲା। 7ପୁଣି ସେହି ସାତଟି
ପରିପୁଷ୍ଟ ଶୀଷାକୁ ଏହି ସାତଟି କ୍ଷୀଣ ଶୀଷାକୁ ଗିଳି

ପକାଇଲେ। ଏହି ସମୟରେ ଫାରୋଙ୍କର ନିଦ୍ରା ଭଙ୍ଗ
ହୁଅନ୍ତେ ସ୍ୱପ୍ନ ମାତ୍ର ଜ୍ଞାନ ହେଲା। **8**ଏହାପରେ ପ୍ରଭାତରେ
ତାଙ୍କର ମନ ଉଦ୍‌ବିଗ୍ନ ହେଲା। ତେଣୁ ସେ ଲୋକ ପଠାଇ
ମିଶର ଦେଶୀୟ ପ୍ରତ୍ୟେକ ମନ୍ତ୍ରଜ୍ଞ ଓ ଜ୍ଞାନୀ ଲୋକମାନଙ୍କୁ
ଡ଼କାଇଲେ। ମାତ୍ର ଫାରୋ ସେମାନଙ୍କ ନିକଟରେ ଆପଣା
ସ୍ୱପ୍ନର କଥା କୁହନ୍ତେ ସେମାନଙ୍କ ମଧ୍ୟରୁ କେହି ତା'ର ଅର୍ଥ
କହି ପାରିଲେ ନାହିଁ।

### ଦାସଜଣଙ୍କ ଫାରୋଙ୍କୁ ଯୋଷେଫଙ୍କ ବିଷୟରେ କହିଲେ

**9**ସେତେବେଳେ ମୁଖ୍ୟ ପାନପାତ୍ର ବାହକ ଫାରୋଙ୍କୁ
ନିବେଦନ କଲା। ସେ କହିଲା, "ମୁଁ ଆଜି ସ୍ମରଣ କରୁଛି
ଏକ ଅପରାଧ ମୁଁ କରିଥିଲି।" **10**ଆପଣ ମୋ ପ୍ରତି କ୍ରୋଧିତ
ହୋଇ ଏବଂ ପ୍ରଧାନ ରୋଟୀବାଲା ଓ ଆମ୍ଭମାନଙ୍କୁ କାରାବାସ
କରିଥିଲେ। **11**ଏହାପରେ ସେହି ରାତ୍ରିରେ ଆମ୍ଭେମାନେ ପ୍ରତ୍ୟେକ
ଏକ ଏକ ସ୍ୱପ୍ନ ଦେଖିଲୁ ଏବଂ ଦୁହିଁଙ୍କ ସ୍ୱପ୍ନର ଅର୍ଥ ଥିଲା।
**12**ସେଠାରେ ଜଣେ ଏବ୍ରୀୟ ଲୋକ ଯେ କି ଆମ୍ଭମାନଙ୍କ
ସହିତ ବନ୍ଦୀଶାଳାରେ ଥିଲେ। ସେ ହେଉଛନ୍ତି ରକ୍ଷକ
ସୈନ୍ୟାଧିପତିର ଦାସ। ଆମ୍ଭେ ଆମ୍ଭମାନଙ୍କର ସ୍ୱପ୍ନ ବିଷୟରେ
ତାଙ୍କୁ କହିଲୁ। ଏବଂ ସେ ଆମ୍ଭକୁ ତାହା ସବୁ ବୁଝାଇ
ଦେଲେ। ସେ ଆମ୍ଭ ଦୁଇଜଣଙ୍କର ସ୍ୱପ୍ନର ଅର୍ଥ ବୁଝାଇ
ଦେଲେ। **13**ସେ ଆମ୍ଭମାନଙ୍କୁ ଯାହା ସବୁ କହିଥିଲେ ତାହା
ସତ୍ୟ ହେଲା। ସେ କହିଥଲେ ମୁଁ ମୁକ୍ତ ହେବି ଏବଂ ମୋର
କର୍ମରେ ନିଯୁକ୍ତ ହେବି। ଏବଂ ସେହିପରି ହେଲା। ସେ
କହିଥିଲେ ସୂପକାର ମରିବ। ସେ ମଧ୍ୟ ମଲା।"

### ଯୋଷେଫଙ୍କୁ ଡ଼କା ହେଲା ସ୍ୱପ୍ନର ଅର୍ଥ ବ୍ୟାଖ୍ୟା କରିବାକୁ

**14**ତେଣୁ ଫାରୋ ଯୋଷେଫଙ୍କୁ ବନ୍ଦୀଶାଳାରୁ ଡ଼କାଇଲେ।
କାରାରକ୍ଷୀ ଯୋଷେଫଙ୍କୁ ଶୀଘ୍ର ବନ୍ଦୀଶାଳାରୁ ବାହାର କଲେ।
ଯୋଷେଫ କ୍ଷୌର ହୋଇ ଉତ୍ତମ ବସ୍ତ୍ର ପରିଧାନ କଲେ।
ଏହାପରେ ସେ ଫାରୋଙ୍କୁ ଦେଖା କରିବାକୁ ଗଲେ। **15**ଫାରୋ
ଯୋଷେଫଙ୍କୁ ପଚାରିଲେ, "ମୁଁ ଏକ ସ୍ୱପ୍ନ ଦେଖିଲି। କିନ୍ତୁ
କୌଣସି ଲୋକ ଏହି ସ୍ୱପ୍ନର ଅର୍ଥ କରିପାରୁ ନାହାଁନ୍ତି। ମୁଁ
ଶୁଣିଲି ଯେ ତୁମ୍ଭେ ସ୍ୱପ୍ନର ଅର୍ଥ କରିପାରୁଛ। ଯଦି କେହି
ତୁମ୍ଭକୁ ସ୍ୱପ୍ନ ବିଷୟରେ କୁହେ।"
**16**ଯୋଷେଫ ଉତ୍ତର ଦେଲି, "ମୁଁ ପାରିବି ନାହିଁ। କିନ୍ତୁ
ହୋଇପାରେ ପରମେଶ୍ୱର ଏହାର ଅର୍ଥ କରିପାରନ୍ତି।"
**17**ଏହାପରେ ଫାରୋ ଯୋଷେଫଙ୍କୁ କହିଲେ, "ମୁଁ ସ୍ୱପ୍ନରେ
ଦେଖିଲି ମୁଁ ନୀଳ ନଦୀ କୂଳରେ ଛିଡ଼ା ହୋଇଥିଲି।
**18**ଏହାପରେ ସାତୋଟି ଗାଈ ନଦୀରୁ ବାହାରି ଘାସ ଖାଇଲେ।
ସେମାନେ ଦେଖିବାକୁ ସୁସ୍ଥ ସବଳ ଓ ସୁନ୍ଦର ଥିଲେ।
**19**ଏହାପରେ ମୁଁ ଦେଖିଲି ଆଉ ସାତଟି ଦୁର୍ବଳ, ରୁଗ୍ଣ ଓ
କୁତ୍ସିତ ଦେଖାଯାଉଥିବା ଗାଈଗୁଡ଼ିକ ନଦୀ ମଧ୍ୟରୁ ଉଠିଲେ,
ଯେଉଁମାନେ କି ଦୁର୍ବଳ ଓ ରୁଗ୍ଣ ଦେଖା ଯାଉଥିଲେ।
ସେମାନଙ୍କପରି କୁତ୍ସିତ ଗାଈ ମୁଁ ସମୁଦାୟ ମିଶରରେ ଆଦୌ
ଦେଖି ନ ଥିଲି! **20**ଏହାପରେ ସେହି ଦୁର୍ବଳ କୁତ୍ସିତ
ଗାଈଗୁଡ଼ିକ ସେହି ସୁସ୍ଥବାନ ଗାଈଗୁଡ଼ିକୁ ଖାଇଗଲେ! **21**କିନ୍ତୁ
ସେମାନେ ସେହିପରି ଦୁର୍ବଳ ଓ କୁତ୍ସିତ ଦେଖା ଯାଉଥାନ୍ତି।
ସେମାନେ ଖାଇ ସାରିବାପରେ ନ ଖାଇଲା ପରି ଦେଖା
ଯାଉଥିଲେ। ଏହି ସମୟରେ ମୋର ନିଦ୍ରା ଭାଙ୍ଗିଗଲା।
**22**"ପୁଣିଥରେ ସ୍ୱପ୍ନରେ ମୁଁ ଦେଖିଲି, ଗୋଟିଏ ଗଣ୍ଡାରେ
ସାତଟି ପୂର୍ଣ୍ଣ ଓ ଉତ୍ତମ ଶୀଷା ବାହାରିଲା। **23**ଏହାପରେ
ସାତଟା ମୁଣ୍ଡ ବାହାରି ଆସିଲା ଶୀଷା ଉତ୍ପନ୍ନ ହେଲା। କିନ୍ତୁ
ସେହିଗୁଡ଼ିକ କ୍ଷୀଣ ପୂର୍ବ ବାୟୁରେ ଶୁଖି ଯାଇଥିବା ପରି
ଦେଖା ଯାଉଥିଲା। **24**ପୁଣି ସେହି କ୍ଷୀଣ ଶୀଷାଗୁଡ଼ିକ ସେହି
ଉତ୍ତମ ସାତଟି ଶୀଷାକୁ ଗିଳି ପକାଇଲା।
"ଏହି ସ୍ୱପ୍ନ ମୁଁ ମୋର ମନ୍ତ୍ରଜ୍ଞମାନଙ୍କୁ କହିଲି ମାତ୍ର
କେହି ଏହାର ଅର୍ଥ ଆମ୍ଭକୁ କହି ପାରିଲେ ନାହିଁ।"

### ଯୋଷେଫ ସେହି ସ୍ୱପ୍ନର ଅର୍ଥ ବ୍ୟାଖ୍ୟା କଲେ

**25**ଏହାପରେ ଯୋଷେଫ ଫାରୋଙ୍କୁ କହିଲେ, "ସେହି
ଦୁଇଟି ସ୍ୱପ୍ନ ଏକା ପ୍ରକାର। ଯାହା ଶିଘ୍ର ଘଟିବାକୁ ଯାଉଛି
ତାହା ପରମେଶ୍ୱର ତୁମ୍ଭକୁ କହୁଛନ୍ତି। **26**ଉଭୟ ସ୍ୱପ୍ନର ଅର୍ଥ
ପ୍ରାୟ ସମାନ। ସାତଟି ସ୍ୱାସ୍ଥ୍ୟଗାଈ, ସାତଟି ଉତ୍ତମ ଶୀଷା
ସାତବର୍ଷ ଉତ୍ତମସ୍ୱରୂପ ଅଟନ୍ତି। **27**ଆଉ ସେହି ସାତୋଟି
ଦୁର୍ବଳ, ରୁଗ୍ଣ ଦେଖାଯାଉଥିବା ଗାଈଗୁଡ଼ିକ ଓ ସେହି ସାତଟି
କୃଶ କୁତ୍ସିତ ଗୋରୁ ସାତବର୍ଷ ସ୍ୱରୂପ। ଆଉ ପୂର୍ବୀୟ
ବାୟୁରେ ଶୁଷ୍କ ସାତଟା ଶୀଷା ମଧ୍ୟ ଦୁର୍ଭିକ୍ଷର ସାତ ବର୍ଷ
ସ୍ୱରୂପ। **28**ପରମେଶ୍ୱର ଯାହା କରିବାକୁ ଉଦ୍ୟତ ତାହା
ଫାରୋଙ୍କୁ ଦେଖାଇ ଅଛନ୍ତି। **29**ଦେଖନ୍ତୁ ସମସ୍ତ ଦେଶରେ
ସାତବର୍ଷ ମହା ସୁଭିକ୍ଷା ଆସୁଅଛି। **30**କିନ୍ତୁ ତା'ପଛେ
ସାତବର୍ଷ ଦୁର୍ଭିକ୍ଷ ପଡ଼ିବ। ସମସ୍ତ ସୁଭିକ୍ଷ ମିଶର ଦେଶରୁ
ବିସ୍ମୃତ ହେବ। ଦୁର୍ଭିକ୍ଷ ଦେଶକୁ ଧ୍ୱଂସ କରିବ। **31**ଲୋକମାନେ
ଭୂଲିଯିବେ, କ'ଣ ତା' ପୂର୍ବରୁ ମିଶରରେ ସୁଭିକ୍ଷ ଥିଲା।
ପ୍ରଚୁର ପରିମାଣରେ ଖାଦ୍ୟ ମିଳୁଥିଲା ବୋଲି।
**32**"ଫାରୋ, ତୁମ୍ଭେ ଏକା ପ୍ରକାର ଦୁଇଟି ସ୍ୱପ୍ନ ଦେଖିବାର
କାରଣ କ'ଣ ଜାଣ? ପରମେଶ୍ୱର ଦେଖାଇବାକୁ ଚାହାଁନ୍ତି ଯେ
ତାହା ଖୁବ୍ ଶିଘ୍ର ଘଟିବାକୁ ଯାଉଛି। **33**ସେଥିପାଇଁ ଫାରୋ
ଏକ ବୁଦ୍ଧିମାନ, ଜ୍ଞାନୀ ଲୋକଙ୍କୁ ମିଶରର ଦାୟିତ୍ୱ ଦେବା
ପାଇଁ ମନୋନୀତ କରିବେ। **34**ଏହାପରେ ତୁମ୍ଭେ ଆଉ କିଛି
ଲୋକଙ୍କୁ ବାଛ ଯେ କି ଲୋକମାନଙ୍କଠାରୁ ଖାଦ୍ୟ ସଂଗ୍ରହ
କରନ୍ତୁ। ଏହି ସବୁ ସୁଭିକ୍ଷ ସମୟରେ, ଲୋକମାନେ ତାଙ୍କ
ଶସ୍ୟର ଏକ ପଞ୍ଚମାଂଶ ଖାଦ୍ୟ ଦେବେ। **35**ଏହି ପ୍ରକାରରେ
ଲୋକମାନେ ସେ ଉତ୍ତମ ସାତବର୍ଷ ମଧ୍ୟରେ ଏହି ଖାଦ୍ୟ
ସଂଗ୍ରହ କରି ରଖିବ। ଏହି ପ୍ରକାର ଖାଦ୍ୟ ସଂଗ୍ରହ କରି ତୁମ୍ଭ
ନିୟନ୍ତ୍ରଣରେ ରଖ। **36**ଦୁର୍ଭିକ୍ଷ ସାତବର୍ଷ ସମୟରେ ସମସ୍ତ
ମିଶରକୁ ତୁମ୍ଭେ ଖାଦ୍ୟ ଯୋଗାଇ ପାରିବ। ତେଣୁ ମିଶର
ଦୁର୍ଭିକ୍ଷ ଯୋଗୁ ଧ୍ୱଂସ ହେବ ନାହିଁ।"
**37**ସେତେବେଳେ ରାଜା ଫାରୋ ଏବଂ ତାଙ୍କର ଦାସମାନଙ୍କ
ଦୃଷ୍ଟିରେ ଏହା ଉତ୍ତମ ଜ୍ଞାନ ବୋଧ ହେଲା। **38**ସେତେବେଳେ
ଫାରୋ ସେମାନଙ୍କୁ କହିଲେ, "ମୁଁ ଭାବୁଛି ଆମ୍ଭେ ଏହି କାର୍ଯ୍ୟ
ପାଇଁ ଯୋଷେଫଙ୍କଠାରୁ ଆଉ ଉତ୍ତମ ଲୋକ ପାଇପାରିବା
ନାହିଁ। ପରମେଶ୍ୱରଙ୍କ ଆତ୍ମା ତା' ମଧ୍ୟରେ ଅଛନ୍ତି।"
**39**ତେଣୁ ଫାରୋ ଯୋଷେଫଙ୍କୁ କହିଲେ, "ପରମେଶ୍ୱର
ତୁମ୍ଭକୁ ଏହି ସବୁ ଦେଖାଇ ଥିବାରୁ ତୁମ୍ଭେ ଆମ୍ଭମାନଙ୍କ

ଅପେକ୍ଷା ଅଧିକ ଜ୍ଞାନୀ। 40ମୁଁ ମୋର ଦେଶର ଦାୟିତ୍ୱ
ଭୁମ୍ଭକୁ ଦେଲ, ଏବଂ ସମସ୍ତ ଲୋକ ଭୁମ୍ଭର ଆଦେଶ
ମାନବେ। କେବଳ ମୁଁ ଭୁମ୍ଭଠାରୁ ବଡ ହେବ।"
41ଫାରୋ ଯୋଷେଫଙ୍କୁ କହଲେ, "ମୁଁ ଭୁମ୍ଭକୁ ସମଗ୍ର
ମିଶର ଦେଶ ଉପରେ ମୁଖ୍ୟଭାବେ ନଯୁକ୍ତ କଲ।" 42ଏହାପରେ
ଫାରୋ ଡାଙ୍କୁ ଏକ ବଶେଷ ମୁଦ୍ରିକା ଦେଲେ। ଡାଙ୍କୁ ସୂକ୍ଷ୍ମ
ବସ୍ତ୍ର ପିନ୍ଧାଇ ଡାହାଙ୍କ ଗଳାରେ ସୁବର୍ଣ୍ଣହାର ଦେଲେ। 43ଫାରୋ
ଯୋଷେଫଙ୍କୁ ଆପଣା ଦ୍ୱିତୀୟ ରଥରେ ଆରୋହଣ କଗ୍ରଇଲେ।
ଆଉ ଲୋକମାନେ ଡାଙ୍କର ଆଗେ ଆଗେ, "ଯୋଷେଫଙ୍କୁ
ପ୍ରଣାମ କର" ବୋଲ ଫାରୋ ଲୋକମାନଙ୍କୁ କହଲେ।
ଡେଣୁ ଯୋଷେଫ ସମଗ୍ର ମିଶରରେ ମୁଖ୍ୟ ଭାବେ ନଯୁକ୍ତ
ହେଲେ। 44ଫାରୋ ଯୋଷେଫଙ୍କୁ କହଲେ, "ମୁଁ ଫାରୋ,
କନ୍ତୁ ଭୁମ୍ଭର ଆଜ୍ଞା ବନା ମିଶରରେ କେହ କଛ କରପାରବେ
ନାହିଁ।"

45ଫାରୋ ଯୋଷେଫଙ୍କୁ ଏକ ଅନ୍ୟ ନାମରେ ନାମିତ
କଲେ, "ସାଫନତ୍-ପାନେହ"*। ଫାରୋ ଯୋଷେଫଙ୍କୁ ଓନ
ନଗର ନବାସୀ ପୋଟୀଫେର ନାମକ ଯାଜକର ଆସନ୍ନତ୍
ନାମ୍ନୀ କନ୍ୟା ସହତ ବବାହ ଦେଲେ। ଯୋଷେଫ ସମସ୍ତ
ମିଶର ଦେଶ ମଧ ଦେଇ ଗଲେ।
46ଯୋଷେଫ ତିରଶ ବର୍ଷ ବୟସରେ ମିସ୍ରୀୟ ଗ୍ରଜା
ଫାରୋଙ୍କ ଛାମୁରେ ଛିଡ଼ା ହୋଇଥିଲେ। ଏହାପରେ ଯୋଷେଫ
ଫାରୋଙ୍କ ନକଟରୁ ପ୍ରସ୍ଥାନ କର ମିଶର ଦେଶର ସର୍ବତ୍ର
ଭ୍ରମଣ କଲେ। 47ସେହ ସୁଭିକ୍ଷ ସାତବର୍ଷ ମଧ ପ୍ରଚୁର
ପରମାଣରେ ଫସଲ ଉତ୍ପନ୍ନ ହେଲା। 48ଯୋଷେଫ ସେହ
ସାତ ବର୍ଷରେ ମିଶର ଦେଶରେ ଉତ୍ପନ୍ନ ଶସ୍ୟ ସଂଗ୍ରହ କର
ପ୍ରତି ନଗରରେ ସଂଗ୍ରହ କଲେ। ଯେଉଁ ନଗରର ଗ୍ଚରଆଡ
ଭୂମିରେ ଯେତେ ଶସ୍ୟ ଉତ୍ପନ୍ନ ହେଲା, ଡାହା ସବୁ ସେହ
ନଗରରେ ସଂଗ୍ରହ ହେଲା। 49ଏହ ପ୍ରକାରେ ଯୋଷେଫ
ସମୁଦ୍ରର ବାଲପର ଏତେ ବହୁଳ ଶସ୍ୟ ସଂଗ୍ରହ କଲେ ଯେ
ଡାହା ଆଉ ମାପିଲେ ନାହିଁ। କାରଣ ଡାହା ମାପି ହେଲା
ନାହିଁ।
50ଯୋଷେଫଙ୍କର ସ୍ତ୍ରୀ ଆସନତ୍। ସେ ଓନ୍ ନଗର
ନବାସୀ ପୋଟୀଫେର ଯାଜକର ଝିଅ ଥିଲେ। ଦୁର୍ଭିକ୍ଷ ଆସିବାର
ପୂର୍ବରୁ ଯୋଷେଫ ଏବଂ ଆସନତ୍ ଦୁଇଟି ପୁତ୍ର ଥିଲେ।
51ପ୍ରଥମ ପୁତ୍ରର ନାମ ଦେଲେ ମନଃଶି। ଯୋଷେଫ ଡାଙ୍କର
ନାମ ଏହପର ଦେଲେ କାରଣ ଯୋଷେଫ କହଲେ, "ପରମେଶ୍ୱର
ମୋହର ସମସ୍ତ କ୍ଲେଶର ଓ ନଜ ପିତୃଗୃହର ବିସ୍ମୃତି
ଜନ୍ମାଇଛନ୍ତ।" 52ଯୋଷେଫ ଡାଙ୍କର ଦ୍ୱିତୀୟ ପୁତ୍ରର ନାମ
ଦେଲେ ଇଫ୍ରୟିମ କାରଣ ସେ କହଲେ, "ମୋହର ଦୁଃଖ
ଭୋଗର ଦେଶରେ ପରମେଶ୍ୱର ମୋତେ ଫଳବାନ କର
ଅଛନ୍ତ।"

## ଦୁର୍ଭିକ୍ଷର ସମୟ ଆରମ୍ଭ

53ମିଶରରେ ସାତବର୍ଷ ସୁଭିକ୍ଷର ଶେଷ ହେଲା। 54ଏବଂ
ଏହାପରେ ସାତବର୍ଷର ଦୁର୍ଭିକ୍ଷ ଆରମ୍ଭ ହେଲା। ଯେଉଁପର
ଭାବେ ଯୋଷେଫ ଆଗରୁ କହଥିଲେ। ଫସଲ ଉତ୍ପନ୍ନ ହେଲା
ନାହିଁ। କୌଣସି ସ୍ଥାନ ମିଶରରେ ଅବା ଅନ୍ୟ କୌଣସି
ଦେଶରେ। କନ୍ତୁ ମିଶରରେ ଖାଦ୍ୟ ଥିଲା। 55ଦୁର୍ଭିକ୍ଷ ଆରମ୍ଭରେ
ଲୋକମାନେ ଖାଦ୍ୟ ପାଇଁ ଫାରୋଙ୍କୁ ଭିକ୍ଷା ମାଗିଲେ। ଫାରୋ
ଉତ୍ତର ଦେଲେ, "ଯୋଷେଫଙ୍କ ପାଖକୁ ଯାଅ ଆଉ ଯାହା
ସେ କରବାକୁ କହନ୍ତ କର।"
56ସବୁଆଡ଼େ ଦୁର୍ଭିକ୍ଷ ପଡ଼ିଥିଲା। ଡେଣୁ ଯୋଷେଫ ସବୁ
ସ୍ଥାନର ଗୋଲା ଫିଟାଇ ମିସ୍ରୀୟମାନଙ୍କୁ ଶସ୍ୟ ବକବାକୁ
ଲାଗିଲେ। ତଥାପି ମିଶରରେ ଦୁର୍ଭିକ୍ଷ ପ୍ରବଳ ହେଲା।
57ସର୍ବଦେଶୀୟ ଲୋକମାନେ ମିଶର ଦେଶରେ ଶସ୍ୟ କଣିବା
ପାଇଁ ଯୋଷେଫଙ୍କ ନକଟକୁ ଆସିଲେ। ଯେହେତୁ ସବୁ
ଦେଶରେ ଦୁର୍ଭିକ୍ଷ ପ୍ରବଳ ଥିଲା।

## ସ୍ୱପ୍ନଗୁଡ଼କ ସତ୍ୟ ହେଲା

42 ଯାକୁବ ଶୁଣିଲେ ଯେ, ମିଶରରେ ପ୍ରଚୁର ଖାଦ୍ୟ
ଶସ୍ୟ ମହଜୁଦ ଅଛ। ଡେଣୁ ଯାକୁବ ଡାଙ୍କ
ପୁତ୍ରମାନଙ୍କୁ କହଲେ, "କଛ ନକର କାହିଁକ ଭୁମ୍ଭେ ଅଳସୁଆ
ହୋଇ ବସୁଛ? 2ମୁଁ ଶୁଣିଛ ଯେ ମିଶରରେ ଖାଦ୍ୟଶସ୍ୟ
ବକ୍ରୟ କଗ୍ରଯାଉ ଅଛ। ଡେଣୁ ଭୁମ୍ଭେ ଯାଇ ଆମ୍ଭମାନଙ୍କ
ପାଇଁ ଖାଦ୍ୟ ଶସ୍ୟ କଣିଆଣ। ତହିଁରେ ଆମ୍ଭେମାନେ ମର ନ
ଯାଇ ବଞ୍ଚି ପାରବା।"
3ଡେଣୁ ଯୋଷେଫର ଦଶଭାଇ ମିଶରକୁ ଗଲେ ଖାଦ୍ୟ
ଶଷ୍ୟ କଣିବା ପାଇଁ। 4କନ୍ତୁ ଯାକୁବ ବନ୍ୟାମୀନକୁ ପଠାଇଲେ
ନାହିଁ। ବନ୍ୟାମୀନ ଥିଲା ଯୋଷେଫର ଏକ ମାତାର ଭାଇ
ଯାକୁବ ଭୟ କଲା ଯେ ସେଠାରେ ମଧ ବନ୍ୟାମୀନ ପାଇଁ
କଛ ଅଘଟଣା ଘଟିପାରେ।
5କଣାନୀୟ ଦେଶରେ ଦୁର୍ଭିକ୍ଷ ଭୟଙ୍କର ଥିଲା। ଡେଣୁ
କଣାନୀୟ ଦେଶରୁ ବହୁତ ଲୋକ ମିଶରକୁ ଖାଦ୍ୟଶଷ୍ୟ
କଣିବାକୁ ଗଲେ। ସେମାନଙ୍କ ମଧ୍ୟରେ ଯାକୁବର ପୁତ୍ରମାନେ
ମଧ ଥିଲେ।
6ସେହ ସମୟରେ ମିଶରରେ ଯୋଷେଫ ଅଧକ୍ଷ୍ୟ ଥିଲେ।
ଯେଉଁମାନେ ମିଶରରୁ ଖାଦ୍ୟ ଶସ୍ୟ କ୍ରୟ କରୁଥିଲେ ସେମାନଙ୍କୁ
ଯୋଷେଫ ଖାଦ୍ୟ ବକ୍ରୀ କରୁଥିଲେ। ଡେଣୁ ଯୋଷେଫର
ଭାଇମାନେ ଆସିଲେ ଏବଂ ସେମାନଙ୍କର ମୁଖ ଭୂମି ଆଡକୁ
କର ଯୋଷେଫଙ୍କୁ ପ୍ରଣାମ କଲେ। 7ଯୋଷେଫ ସେମାନଙ୍କର
ଭାଇମାନଙ୍କୁ ଦେଖିଲେ। ଯୋଷେଫ ସେମାନଙ୍କୁ ଚହ୍ନି ପାରଲେ
ନାହିଁ। କନ୍ତୁ ସେମାନଙ୍କୁ ନ ଚହ୍ନିଲାପର ଅଭିନୟ କଲେ।
ଯୋଷେଫ ସେମାନଙ୍କୁ ମଧ ରୁକ୍ଷ ବ୍ୟବହାର କଲେ। ଯୋଷେଫ
ସେମାନଙ୍କୁ ପଗ୍ଚରଲେ, "ଭୁମ୍ଭେମାନେ କେଉଁଠାରୁ ଆସିଛ?"
ତା'ର ଭାଇମାନେ ଉତ୍ତର ଦେଲେ, "ଆମ୍ଭେମାନେ
କଣାନୀୟମାନଙ୍କ ଦେଶରୁ ଆସିଛୁ। ଆମ୍ଭେ ଏଠାକୁ କଛ
ଖାଦ୍ୟ ଶଷ୍ୟ କଣିବାକୁ ଆସିଛୁ।"
8ଯୋଷେଫ ଜାଣିଥିଲେ ଯେ ସେମାନେ ଡାଙ୍କର ଭାଇ।
କନ୍ତୁ ସେମାନେ ଯୋଷେଫଙ୍କୁ ଚହ୍ନି ପାରଲେ ନାହିଁ। 9ଏବଂ
ଯୋଷେଫ ପୂର୍ବରୁ ସେମାନଙ୍କର ଭାଇମାନଙ୍କ ବଷୟରେ ଯେଉଁ
ସ୍ୱପ୍ନ ଦେଖିଥିଲେ ଡାହା ମନେ କଲେ।

---

**ସାଫନତ୍-ପାନେହ** ଏହ ମିଶରୀୟ ନାମର ଅର୍ଥ ଏହ, "ଜୀବନ ଧାରଣକାରୀ", କନ୍ତୁ ଏହା ହବ୍ରୁ ଶବ୍ଦ ପର ଅର୍ଥ, "ଯେଉଁ ମନୁଷ୍ୟ ଗୁପ୍ତ ବଷୟର ଅର୍ଥ ବୁଝାଏ।"

### ଯୋଷେଫ ତାଙ୍କର ଭାଇମାନଙ୍କୁ ଗୁପ୍ତଚର କହିଲେ

ଯୋଷେଫ ସେମାନଙ୍କର ଭାଇମାନଙ୍କୁ କହିଲେ, "ତୁମ୍ଭେମାନେ
ଏଠାକୁ ଖାଦ୍ୟ ଶଷ୍ୟ କ୍ରୟ କରିବାକୁ ଆସି ନାହଁ। ତୁମ୍ଭେମାନେ
ଗୁପ୍ତଚର। ଆମ୍ଭେ କେଉଁଥିରେ ଦୁର୍ବଳ ସେ ବିଷୟରେ ତଥ୍ୟ
ସଂଗ୍ରହ କରିବାକୁ ଆସିଛ।"
10କିନ୍ତୁ ସେମାନଙ୍କର ଭାଇମାନେ ତାଙ୍କୁ କହିଲେ, "ନା
ମହାଶୟ, ଆମ୍ଭେମାନେ ତୁମ୍ଭର ଦାସତୁଲ୍ୟ ଆସିଅଛୁ। ଆମ୍ଭେ
କେବଳ ଖାଦ୍ୟ ସଂଗ୍ରହ କରିବାକୁ ଆସିଅଛୁ। 11ଆମ୍ଭେ
ସମସ୍ତେ ଭାଇ, ଆମ୍ଭମାନଙ୍କର ପିତା ଗୋଟିଏ। ଆମ୍ଭେ ସଚ୍ଚୋଟ୍
ଲୋକ ଅଟୁ। ଆମ୍ଭେ ଆପଣଙ୍କ ଦାସ, ଆମ୍ଭେ ଗୁପ୍ତଚର
ନୋହୁଁ।"
12ତା'ପରେ ଯୋଷେଫ ସେମାନଙ୍କୁ କହିଲେ, "ତୁମ୍ଭେମାନେ
ଆମ୍ଭର ଦୁର୍ବଳତା ଜାଣିବା ପାଇଁ ଏଠାକୁ ଆସିଅଛ।"
13ଏବଂ ଭାଇମାନେ କହିଲେ, "ନା! ଆମ୍ଭେ ସମସ୍ତେ ଭାଇ
ଆମ୍ଭ ପରିବାରର ଆମ୍ଭେ ବାରଜଣ ଭାଇ ଅଟୁ। ଆମ୍ଭ
ସମସ୍ତଙ୍କର ପିତା ଏକ୍। ଆମ୍ଭର ସାନଭାଇ ଆମ୍ଭର ଗୃହରେ
ପିତାଙ୍କ ନିକଟରେ ଅଛି। ଆଉ ଏକ ଭାଇ ବହୁତ ପୂର୍ବରୁ
ମରିଯାଇଛି। ଆମ୍ଭେମାନେ ତୁମ୍ଭ ନିକଟରେ ଦାସତୁଲ୍ୟ।
ଆମ୍ଭେମାନେ କିଣାନୀୟ ଦେଶରୁ ଆସିଅଛୁ।"
14କିନ୍ତୁ ଯୋଷେଫ ସେମାନଙ୍କୁ କହିଲେ, "ନା ମୁଁ ଜାଣି
ପାରୁଛି ତୁମ୍ଭେମାନେ ଚର। 15କିନ୍ତୁ ମୁଁ ତୁମ୍ଭକୁ କହୁଛି ଯେ
ତୁମ୍ଭର ସତ୍ୟତାର ପ୍ରମାଣ ଦେଖାଅ। ଫାରୋଙ୍କ ନାମରେ ମୁଁ
ଶପଥ କରୁଛି ଯେ, ତୁମ୍ଭର ସାନଭାଇ ଏଠାକୁ ନ ଆସିବା
ପର୍ଯ୍ୟନ୍ତ ମୁଁ ତୁମ୍ଭମାନଙ୍କୁ ଯିବାକୁ ଦେବ ନାହିଁ। 16ମୁଁ
ତୁମ୍ଭମାନଙ୍କ ମଧ୍ୟରୁ ଜଣକୁ ଛାଡ଼ିବି ସେ ଯାଇ ତୁମ୍ଭର ସାନ
ଭାଇକୁ ଏଠାକୁ ନେଇ ଆସିବ। ସେ ଆସିବା ପର୍ଯ୍ୟନ୍ତ
ତୁମ୍ଭେମାନେ ବନ୍ଦୀଶାଳାରେ ରହିବ। ମୁଁ ଦେଖିବି ତୁମ୍ଭେମାନେ
ସତ କହୁଛ ନା ତୁମ୍ଭେମାନେ ଚର, ଆମ୍ଭେ ଫାରୋଙ୍କ ଜୀବନ
ଦେଇ ଶପଥ କରୁଛୁ।"
17ତେଣୁ ଯୋଷେଫ ସେମାନଙ୍କୁ ତିନିଦିନ ପାଇଁ ବନ୍ଦୀଶାଳାରେ
ରଖିଲେ।

### ସିମିୟୋନଙ୍କୁ କର୍ତ୍ତୃତ୍ୱାଧୀନରେ ରଖିଲେ

18ତିନିଦିନପରେ, ଯୋଷେଫ ସେମାନଙ୍କୁ କହିଲେ, "ମୁଁ
ପରମେଶ୍ୱରଙ୍କୁ ଭୟ କରେ। ଏଣୁ ଏହି କର୍ମ କର ଓ
ତହିଁରେ ତୁମ୍ଭେ ବଞ୍ଚିପାରିବ। 19ଯଦି ତୁମ୍ଭେମାନେ ବାସ୍ତବରେ
ବିଶ୍ୱାସ୍ୟ ଲୋକ, ତେବେ ତୁମ୍ଭ ଭାଇମାନଙ୍କ ମଧ୍ୟରୁ କେହି
ଜଣେ କାରାଗାରରେ ରହୁ। ଏବଂ ଅନ୍ୟ ସମସ୍ତେ ଶସ୍ୟ
ନେଇ ତୁମ୍ଭ ଲୋକମାନଙ୍କ ପାଇଁ ନେଇ ଯାଇପାର। 20କିନ୍ତୁ
ତୁମ୍ଭେ ତୁମ୍ଭର ସାନଭାଇକୁ ମୋ ପାଖକୁ ନେଇ ଆସିବ।
ତେବେ ମୁଁ ଜାଣିବି ତୁମ୍ଭେମାନେ ସତ କହୁଛ ଏବଂ
ତୁମ୍ଭେମାନେ ଆଉ ମରିବ ନାହିଁ।"
ଭାଇମାନେ ଏହି କଥାକୁ ଗ୍ରହଣ କଲେ। 21ସେମାନଙ୍କ
ମଧ୍ୟରେ କଥାବାର୍ତ୍ତା ହେଲେ, "ଆମ୍ଭେମାନେ ଆମ୍ଭର ସାନ
ଭାଇ ଯୋଷେଫକୁ ହତ୍ୟା କରିଥିବାରୁ ଆମ୍ଭେମାନେ ଦଣ୍ଡ
ଭୋଗୁଅଛୁ। ଆମ୍ଭେମାନେ ଦେଖିଥିଲୁ ସେ କି କଷ୍ଟ ପାଉଥିଲା।
ତାକୁ ରକ୍ଷା କରିବାକୁ ସେ କେତେ ଅନୁରୋଧ କରିଥିଲା।
କିନ୍ତୁ ଆମ୍ଭେ ତା'ପ୍ରତି କର୍ଣ୍ଣପାତ କରି ନ ଥିଲୁ। ତେଣୁ
ବର୍ତ୍ତମାନ ଆମ୍ଭେ ବିପଦରେ ପଡ଼ିଅଛୁ।"
22ରୁବେନ୍ ସେମାନଙ୍କୁ କହିଲା, "ମୁଁ କହିଥିଲି ତୁମ୍ଭେ
ତା'ର କିଛି କ୍ଷତି କର ନାହିଁ। କିନ୍ତୁ ତୁମ୍ଭେମାନେ ସେତେବେଳେ
ମୋ କଥା ଶୁଣିଲ ନାହିଁ। ତେଣୁ ସେଥିପାଇଁ ଆମ୍ଭେମାନେ
ଦଣ୍ଡ ଭୋଗୁଅଛୁ।"
23ଯୋଷେଫ ସେମାନଙ୍କ ସହିତ ବ୍ୟାଖ୍ୟାକାରୀ ମାଧ୍ୟମରେ
କଥାବାର୍ତ୍ତା କରୁଥିଲେ। ଯୋଷେଫ ସେମାନଙ୍କ କଥା ବୁଝି
ପାରୁଥିଲା ବୋଲି ସେମାନେ ଜାଣି ପାରି ନଥିଲେ। 24ତେଣୁ
ଯୋଷେଫ ସେମାନଙ୍କଠାରୁ ଦୂରକୁ ଯାଇ କାନ୍ଦିଲେ। କିଛି
ସମୟ ପରେ ଯୋଷେଫ ସେମାନଙ୍କ ପାଖକୁ ଗଲେ। ତା'ର
ଭାଇମାନଙ୍କ ମଧ୍ୟରୁ ଜଣକୁ ଅର୍ଥାତ୍ ଶିମିୟୋନକୁ ନେଇ ତାଙ୍କ
ଭାଇମାନଙ୍କ ସମ୍ମୁଖରେ ବାନ୍ଧି ପକାଇଲେ। 25ଯୋଷେଫ
ତାଙ୍କର ଦାସମାନଙ୍କୁ ନିର୍ଦ୍ଦେଶ ଦେଲେ, ସେମାନଙ୍କର ବ୍ୟାଗଗୁଡ଼ିକୁ
ଶସ୍ୟରେ ଭରପୂର କରିବା ପାଇଁ। ତା'ର ଭାଇମାନେ ସେହି
ଶସ୍ୟପାଇଁ ତାଙ୍କୁ ଅର୍ଥ ଦେଲେ। କିନ୍ତୁ ଯୋଷେଫ ସେହି
ଅର୍ଥ ନେଲେ ନାହିଁ। ସେ ସେମାନଙ୍କର ଅର୍ଥ ସେହି ବ୍ୟାଗ
ମଧ୍ୟରେ ପୁରାଇ ଦେଲେ। ଏହାପରେ ଯୋଷେଫ ତାଙ୍କର
ଫେରିବା ପାଇଁ ବ୍ୟବହାର ଦ୍ରବ୍ୟ ମଧ୍ୟ ତାଙ୍କୁ ଦେଲେ।
26ତେଣୁ ତା'ର ଭାଇମାନେ ସେହି ଗଧମାନଙ୍କ ପିଠିରେ
ଶସ୍ୟ ଲଦି ସେହି ସ୍ଥାନ ପରିତ୍ୟାଗ କଲେ। 27ସେହି
ରାତ୍ରିରେ ତା'ର ଭାଇମାନେ ଏକ ସ୍ଥାନରେ ରାତ୍ରି ଯାପନ
କରିବା ପାଇଁ ରହିଲେ। ଭାଇମାନଙ୍କ ମଧ୍ୟରୁ ଜଣେ ଗଧକୁ
ଆହାର ଦେବା ନିମନ୍ତେ ପିଟ ଫିଟାନ୍ତେ ସେ ତା'ର ଟଙ୍କା
ସବୁ ଦେଖିଲା! 28ସେ ତା'ର ଅନ୍ୟ ଭାଇମାନଙ୍କୁ ସେ ସବୁ
କହିଲା, "ଦେଖ ମୁଁ ଯେଉଁ ଅର୍ଥ ଶସ୍ୟ ପାଇଁ ଦେଇଥିଲି,
ତାହା ଏଠାରେ ଅଛି। କେହି ଲୋକ ମୋ ପିଟରେ
(ଥଳିରେ) ସେହି ଅର୍ଥ ପୁରାଇ ଦେଇଛି।" ତା'ର ସମସ୍ତ
ଭାଇମାନେ ଭୟ କରିଗଲେ। ସେମାନେ ପରସ୍ପର କୁହା କୁହି
ହେଲେ, "ପରମେଶ୍ୱର ଆମ୍ଭମାନଙ୍କ ପାଇଁ କ'ଣ କରୁଛନ୍ତି?"

### ଭାଇମାନେ ଏହିସବୁ କଥା ଯାକୁବଙ୍କୁ ଜଣାଇଲେ

29ଭାଇମାନେ ସେମାନଙ୍କର ପିତା ଯାକୁବଙ୍କ ନିକଟକୁ
କିଣାନୀୟ ଦେଶକୁ ଫେରିଗଲେ। ସେମାନେ ଯାକୁବଙ୍କୁ, ଯେକି
ତାଙ୍କର ପିତା, ତାଙ୍କୁ ସମସ୍ତ ବିଷୟ ଅବଗତ କରାଇଲେ।
30ସେମାନେ କହିଲେ, "ସେ ଦେଶର କର୍ତ୍ତା ଆମ୍ଭମାନଙ୍କ
ଉପରେ ରୁକ୍ଷ ବ୍ୟବହାର କଲେ। ସେ ଭାବିଲେ ଆମ୍ଭେମାନେ
ଚର। 31କିନ୍ତୁ ଆମ୍ଭେ କହିଲୁ ଆମ୍ଭେ ଗୁପ୍ତଚର ନୋହୁଁ।
ଆମ୍ଭେ ସାଧୁଲୋକ ଅଟୁ। 32ଆମ୍ଭେ ତାଙ୍କୁ କହିଲୁ ଯେ ଆମ୍ଭେ
ବାର ଜଣ ଭାଇ ଅଟୁ। ଆମ୍ଭେ ତାଙ୍କୁ କହିଲୁ, ଆମ୍ଭ
ସମସ୍ତଙ୍କର ଗୋଟିଏ ପିତା, ଆମ୍ଭର ଗୋଟେ ଭାଇ ଯିଏ କି
ମରିଯାଇଛି ଏବଂ ଆମର ସାନଭାଇ ଯେକି ବର୍ତ୍ତମାନ କିଣାନୀୟ
ଦେଶରେ ଅଛି।
33"ଏହାପରେ ସେ ଦେଶର କର୍ତ୍ତା ଆମ୍ଭମାନଙ୍କୁ କହିଲେ,
'ତୁମ୍ଭର ସାଧୁତାର ପ୍ରମାଣ ଦେବା ପାଇଁ ଏହା ଏକ ବାଟ।
ତୁମ୍ଭର ଜଣେ ଭାଇକୁ ଏହିଠାରେ ମୋ ପାଖରେ ଛାଡ଼ି
ଦେଇଯାଅ। ଏହି ଶସ୍ୟ ତୁମ୍ଭର ପରିବାର ପାଇଁ ନେଇଯାଅ।

34ଏହାପରେ ତୁମ୍ଭର ସାନଭାଇକୁ ମୋ ପାଖକୁ ଆଣ, ତେବେ
ମୁଁ ଜାଣିବି ଯେ ତୁମ୍ଭେମାନେ ସାଧୁଲୋକ। ଯଦି ତୁମ୍ଭେମାନେ
ସତ୍ୟ କହୁଥାଅ ତେବେ ମୁଁ ତୁମ୍ଭର ଭାଇକୁ ତୁମ୍ଭମାନଙ୍କୁ
ଫେରାଇ ଦେବି। ମୁଁ ତୁମ୍ଭକୁ ତୁମ୍ଭର ଭାଇ ଦେବି ଓ
ତୁମ୍ଭମାନଙ୍କୁ ମୋ ଦେଶରୁ ଶସ୍ୟ କ୍ରୟ ପାଇଁ ମୁକ୍ତ କରିଦେବି।'"

35ଏହାପରେ ଭାଇମାନେ ସେମାନଙ୍କ ଶସ୍ୟ ବୋହିବାକୁ
ଲାଗିଲେ। ଏବଂ ସମସ୍ତ ଭାଇମାନେ ସେମାନଙ୍କର ବ୍ୟାଗରୁ
ସମସ୍ତ ଅର୍ଥମୁଣା ପାଇଲେ। ସମସ୍ତ ଭାଇ ଓ ସେମାନଙ୍କର
ପିତା ଏହି ଟଙ୍କା ଦେଖି ଭୟରେ ଥରିବାକୁ ଲାଗିଲେ।

36ଯାକୁବ ସେମାନଙ୍କୁ କହିଲେ, "ତୁମ୍ଭେ କ'ଣ ଭାବୁଛ ମୁଁ
ମୋର ସମସ୍ତ ପିଲାମାନଙ୍କୁ ହରାଇବି? ଯୋଷେଫ ଗଲା,
ଶିମିୟୋନ ଗଲା ଏବଂ ତୁମ୍ଭେ ବର୍ତ୍ତମାନ ବିନ୍ୟାମୀନକୁ ନେବା
ପାଇଁ ଚାହୁଁଛ।"

37କିନ୍ତୁ ରୁବେନ୍ ତା'ର ପିତାଙ୍କୁ କହିଲା, "ପିତା, ମୁଁ
ଯେବେ ତୁମ୍ଭ ପାଖକୁ ତାକୁ ନ ଆଣେ, ତେବେ ତୁମ୍ଭେ
ମୋର ଦୁଇ ପୁଅକୁ ବଧ କରିବ। ମୋ ହସ୍ତରେ ତାକୁ
ସମର୍ପଣ କର। ମୁଁ ତାକୁ ପୁନର୍ବାର ତୁମ୍ଭ ପାଖରେ ଆଣି
ଦେବି।"

38କିନ୍ତୁ ଯାକୁବ ତାଙ୍କୁ କହିଲେ, "ମୁଁ ବିନ୍ୟାମୀନକୁ ତୁମ୍ଭ
ସହିତ ଛାଡ଼ିବି ନାହିଁ। ତା'ର ଭାଇ ମରିଯାଇଛି। ସେ ଜଣେ
କେବଳ ରହିଯାଇଛି। ଯଦି ସେ ତୁମ୍ଭ ସହିତ ମିଶରକୁ ଯାଏ
ଏବଂ ରାସ୍ତାରେ କିଛି ଗୋଟିଏ ହୋଇଯାଏ, ତେବେ ତୁମ୍ଭେ
ମୋତେ ଶୋକରେ ମୋର ଏହି ପକ୍ୱ କେଶରେ କବରକୁ
ପଠେଇଦେବ।"

## ଯାକୁବ ବିନ୍ୟାମୀନକୁ ମିଶରକୁ ଯିବାକୁ ଅନୁମତି ଦେଲେ

43 ଏହି ସମୟରେ ସେ ଦେଶରେ ଦୁର୍ଭିକ୍ଷ ଅତି
ଭୟଙ୍କର ଥିଲା। 2ଯାକୁବର ପରିବାର ମିଶରରୁ
ଆଣିଥିବା ସମସ୍ତ ଖାଦ୍ୟ ଦ୍ରବ୍ୟ ଖାଇଦେଲେ। ଯେତେବେଳେ
ସେହି ଶସ୍ୟସବୁ ସରିଗଲା। ଯାକୁବ ତା'ର ପୁତ୍ରମାନଙ୍କୁ
କହିଲେ, "ମିଶରକୁ ଯାଇ ଆମ୍ଭମାନଙ୍କ ପାଇଁ ଆଉ କିଛି
ଶସ୍ୟ ଖାଇବା ପାଇଁ ଆଣ।"

3କିନ୍ତୁ ଯିହୁଦା ଯାକୁବଙ୍କୁ କହିଲେ, "ସେ ଦେଶର କର୍ତ୍ତା
ଆମ୍ଭକୁ ସତର୍କ କରାଇ ଦେଇ କହିଥିଲେ, 'ଯଦି ତୁମ୍ଭେ
ତୁମ୍ଭର ଭାଇକୁ ମୋ ପାଖକୁ ନ ଆଣ ତେବେ ତୁମ୍ଭ ସହିତ
କଥାବାର୍ତ୍ତା ହେବ ନାହିଁ।' 4ଯଦି ତୁମ୍ଭେ ବିନ୍ୟାମୀନକୁ ଆମ
ସହିତ ପଠାଅ। ତେବେ ଆମ୍ଭେ ଯାଇ ଶସ୍ୟ କ୍ରୟ କରିପାରିବୁ।
5ଯଦି ତୁମ୍ଭେ ବିନ୍ୟାମୀନଙ୍କୁ ଆମ ସହିତ ନ ପଠାଅ। ତେବେ
ଆମ୍ଭେ ଆଉ ସେଠାକୁ ଯିବୁ ନାହିଁ। ସେ ଲୋକ ଆମ୍ଭକୁ
ସତର୍କ କରାଇ ଦେଇଛି ଯେ ତୁମ୍ଭର ସାନଭାଇକୁ ନ ଆଣି
ଏଠାକୁ ଆସିବ ନାହିଁ।"

6ଯାକୁବ କହିଲା, "ତୁମ୍ଭେମାନେ କାହିଁକି କହିଲ ଯେ
ତୁମ୍ଭର ଆଉ ଏକ ଭାଇ ଅଛି ବୋଲି? ତୁମ୍ଭେମାନେ ମୋ
ପାଇଁ ଏକ ଖରାପ କାର୍ଯ୍ୟ କାହିଁକି କଲ?"

7ଭାଇମାନେ ଉତ୍ତର ଦେଲେ, "ସେ ଲୋକ ଆମ୍ଭମାନଙ୍କୁ
ବହୁତ ଗୁଡ଼ିଏ ପ୍ରଶ୍ନ ପଚାରିଲା। ସେ ଆମ୍ଭ ବିଷୟରେ ଓ ଆମ୍ଭ
ପରିବାର ବିଷୟରେ ସବୁ ଜାଣିବାକୁ ଚାହିଁଲା। ସେ ଆମ୍ଭମାନଙ୍କୁ
ପଚାରିଲା, 'ତୁମ୍ଭର ପିତା କ'ଣ ଏବେବି ଜୀବିତ? ତୁମ୍ଭର ଆଉ
କୌଣସି ଭାଇ ଗୃହରେ ଅଛି କି?' ଆମ୍ଭେ କେବଳ ଏହି
ପ୍ରଶ୍ନ ଗୁଡ଼ିକର ଉତ୍ତର ଦେଇଛୁ। ଆମ୍ଭେ ଜାଣି ନ ଥିଲୁ ସେ
ଆମକୁ କହିବ ଯେ ତୁମ୍ଭର ଭାଇକୁ ଏଠାକୁ ଆଣ।"

8ଏହାପରେ ଯିହୁଦା ତାଙ୍କର ପିତାଙ୍କୁ କହିଲେ, "ବିନ୍ୟାମୀନକୁ
ମୋ ସହିତ ଯିବାକୁ ଦିଅ। ମୁଁ ତା'ର ଯତ୍ନ ନେବି।
ଆମ୍ଭମାନଙ୍କୁ ମିଶର ଯାଇ ଖାଦ୍ୟ ଆଣିବାକୁ ଅଛି। ଯଦି
ଆମ୍ଭେ ନ ଯାଉ ତେବେ ଆମ୍ଭେ ସମସ୍ତେ ମରିବା, ଏପରିକି
ଆମ୍ଭର ପିଲାମାନେ ମଧ୍ୟ ମରିବେ। 9ମୁଁ ତୁମ୍ଭକୁ ପ୍ରତିଶୃତି
ଦେଉଛି ଯେ ସେ ନିରାପଦ ରହିବ। ମୁଁ ତା' ପାଇଁ ଦାୟି
ରହିବି। ଯଦି ମୁଁ ତାକୁ ତୁମ୍ଭ ନିକଟକୁ ଫେରାଇ ନ ଆଣେ
ତେବେ ତୁମ୍ଭେ ମୋତେ ଜୀବନ ସାରା ଦୋଷ ଦେବ। 10ଯଦି
ତୁମ୍ଭେ ଆମ୍ଭମାନଙ୍କୁ ଆଗରୁ ଯିବାକୁ ଦେଇଥାନ୍ତ, ଆମ୍ଭେ
ସେଠାରେ ପହଞ୍ଚି ସାରି ଦୁଇଥର ଫେରି ଆସିଥାଆନ୍ତୁ।"

11ଏହାପରେ ତାଙ୍କର ପିତା ଇଶ୍ରାୟେଲ କହିଲେ, "ଯଦି
ଏହା ସତ୍ୟ ତେବେ ବିନ୍ୟାମୀନକୁ ତୁମ୍ଭ ସହିତ ନେଇଯାଅ।
କିନ୍ତୁ ତାଙ୍କର କର୍ତ୍ତାଙ୍କ ପାଇଁ କିଛି ଉପହାର ନେଇଯାଅ।
ତାଙ୍କ ନିକଟକୁ କିଛି ମହୁ ପେସ୍ତାବାଦମ, ଗୁଗ୍ଗୁଳ ଓ ଗନ୍ଧରସ
ନେଇ ଯାଅ। 12ତୁମ୍ଭେମାନେ ଗତଥର ଯେତେ ଟଙ୍କା
ନେଇଥିଲ ତା'ର ଦୁଇଗୁଣ ନିଅ। ଗତଥର ତୁମ୍ଭକୁ ଯେଉଁ
ଟଙ୍କା ଫେରାଇ ଦେଇଥିଲେ ତାହାବି ନେଇଯାଅ କାରଣ ସେ
ଏହା ଭୁଲରେ ତୁମ୍ଭମାନଙ୍କୁ ଫେରାଇ ଦେଇଥିବେ। 13ବିନ୍ୟାମୀନକୁ
ନେଇ ତାଙ୍କ ପାଖକୁ ଯାଅ। 14ମୁଁ ସେହି ସର୍ବଶକ୍ତିମାନ
ପରମେଶ୍ୱରଙ୍କୁ ପ୍ରାର୍ଥନା କରିବି, ସେ ରାଜ୍ୟପାଳଙ୍କୁ ଏପରି
କରିଦେବେ ଯେ, ସେ ତୁମ୍ଭଙ୍କୁ ଦୟା କରିବେ। ମୁଁ ପ୍ରାର୍ଥନା
କରିବି ସେ ଶିମିୟୋନ ଓ ବିନ୍ୟାମୀନଙ୍କୁ ନିରାପଦରେ
ଫେରାଇ ଦେବେ। ଯଦି ନ ଫେରାନ୍ତି, ତେବେ ମୋତେ ପୁଣି
ପୁତ୍ର ପାଇଁ ଶୋକ କରିବାକୁ ପଡ଼ିବ।"

15ତେଣୁ ସେହି ଭାଇମାନେ ସେହି ଉପହାର ଦେଇ
ସେହି କର୍ତ୍ତାଙ୍କ ନିକଟକୁ ଗଲେ। ଏବଂ ସେମାନଙ୍କ ସହିତ
ତାଙ୍କ ଟଙ୍କାର ଦୁଇଗୁଣ ନେଇଗଲେ। ଏଥର ତାଙ୍କ ସହିତ
ବିନ୍ୟାମୀନ ମଧ୍ୟ ମିଶରକୁ ଗଲେ। ସେମାନେ ଯେତେବେଳେ
ସେଠାରେ ପହଞ୍ଚିଲେ, ସେମାନେ ଯୋଷେଫଙ୍କୁ ଦେଖିବାକୁ
ଗଲେ।

## ଭାଇମାନେ ଯୋଷେଫଙ୍କ ଗୃହକୁ ନିମନ୍ତ୍ରିତ ହେଲେ

16ଯୋଷେଫ ସେମାନଙ୍କ ସହିତ ବିନ୍ୟାମୀନକୁ ଦେଖିଲେ।
ଯୋଷେଫ ତାଙ୍କର ଦାସକୁ ନିର୍ଦ୍ଦେଶ ଦେଲେ, "ସେହି
ଲୋକମାନଙ୍କୁ ମୋର ଗୃହକୁ ପାଛୋଟି ଆଣ। ଏବଂ ଏକ
ପଶୁମାରି ତାହାକୁ ରାନ୍ଧ। ସେହି ଲୋକମାନେ ଆଜି ମୋ
ସହିତ ମଧ୍ୟାହ୍ନ ଭୋଜନ କରିବେ।" 17ଦାସକୁ ଯେପରି କୁହା
ଯାଇଥିଲା ସେ ଠିକ୍ ସେହିପରି କଲା। ସେ ସେହି ଲୋକମାନଙ୍କୁ
ଯୋଷେଫଙ୍କ ଗୃହକୁ ପାଛୋଟି ନେଲା।

18ସେହି ଲୋକମାନେ ଭୟଭିତ ହୋଇ ଗଲେ ଯେତେବେଳେ
ସେମାନେ ଯୋଷେଫଙ୍କ ଗୃହକୁ ଗଲେ। ସେମାନେ କହିଲେ,
"ଆମ୍ଭମାନଙ୍କୁ ଏଥର ଏଠାକୁ ଅଣା ଯିବାର କାରଣ ହେଉଛି
ଗତଥର ଆମ୍ଭେମାନେ ଶସ୍ୟ ଅଖା ସହିତ ସେହି ଟଙ୍କା

ନେଇ ଯାଇଥିଲୁ। ଆମ୍ଭ ବରୁଦ୍ଧରେ ଏହା ତାଙ୍କର ଏକ
ପ୍ରମାଣ। ତେଣୁ ସେ ଏଥର ଆମର ସମସ୍ତ ଗଧକୁ ନେଇଯିବେ
ଏବଂ ଆମ୍ଭମାନଙ୍କୁ ତାଙ୍କର ଦାସ କର ରଖିବେ।"
**19**ଯେତେବେଳେ ଯୋଷେଫଙ୍କ ଭାଇମାନେ ଯୋଷେଫଙ୍କ
ଦାସଙ୍କୁ ଭେଟିଲେ, ସେମାନେ ତାଙ୍କ ସହତ ଯୋଷେଫଙ୍କ
ଘରର ଦ୍ୱାର ସମ୍ମୁଖରେ କଥା ହେଲେ। **20**ସେମାନେ
କହଲେ, "ମହାଶୟ, ଆମ୍ଭେ ପ୍ରତିଜ୍ଞା କରୁଛୁ ଯେ, ଆମ୍ଭେ
ତୁମ୍ଭକୁ ଯାହା କହୁଛୁ ଏହା ସତ୍ୟ ଅଟେ। ଗତଥର
ଆମ୍ଭମାନେ ଏଠାକୁ ଖାଦ୍ୟ କ୍ରୟ କରବାକୁ ଆସିଥିଲୁ।
**21-22**ଯିବା ବାଟରେ ଆମ୍ଭେ ଆମ୍ଭର ପଟ ଫିଟାଇ ଦେଖିଲୁ
ବେଳକୁ ଆମ୍ଭମାନଙ୍କର ଟଙ୍କା ପ୍ରତ୍ୟେକଙ୍କ ପଟ ମଧ୍ୟରେ
ଥିଲା। ଆମ୍ଭେ ଜାଣି ନାହୁଁ ତାହା ସେଠାକୁ କପର ଗଲା।
କନ୍ତୁ ଆମ୍ଭେମାନେ ସେହ ଅର୍ଥ ତୁମ୍ଭକୁ ଦେବା ପାଇଁ
ଫେରାଇ ଆଣିଛୁ। କଛି ଖାଦ୍ୟ ନେଇଯିବା ପାଇଁ ଆଉ କଛି
ଅର୍ଥ ଆଣିଛୁ।"
**23**କନ୍ତୁ ଦାସ ଉତ୍ତର ଦେଲେ, "ଭୟ କର ନାହିଁ।
ମୋତେ ବଶ୍ୱାସ କର। ତୁମ୍ଭର ପରମେଶ୍ୱର ତୁମ୍ଭ ପିତାଙ୍କର
ପରମେଶ୍ୱର ଉପହାର ସ୍ୱରୂପ ତୁମ୍ଭ ପଟରେ ପୁର ଯାଇଥିଲା।
ମୋର ମନେ ଅଛି ତୁମ୍ଭେ ସେହ ଟଙ୍କା ଗତ ଥର ମୋତେ
ଶସ୍ୟ କଣିବା ସମୟରେ ଦେଇଥିଲ।"
ଏହାପରେ ସେହ ଦାସଜଣକ ଶିମିୟୋନକୁ କାରାଗାରରୁ
ବାହାର କଲେ। **24**ସେହ ଦାସ ଏମାନଙ୍କୁ ଯୋଷେଫଙ୍କ
ଗୃହକୁ ନେଇଗଲେ। ସେ ତାଙ୍କୁ ତାଙ୍କର ପାଦ ଧୋଇବା
ପାଇଁ କଛି ପାଣି ଦେଲେ। ଏହାପରେ ତାଙ୍କର ଗଧମାନଙ୍କୁ
ଖାଇବା ପାଇଁ ଖାଦ୍ୟ ଦିଆଗଲା।
**25**ଭାଇମାନେ ଶୁଣିବାକୁ ପାଇଲେ ଯେ ସେମାନେ ଯୋଷେଫଙ୍କ
ସହତ ଖାଇବାକୁ ଯାଉଛନ୍ତି। ତେଣୁ ସେମାନେ ତାଙ୍କର
ଉପହାର ଗୁଡ଼କୁ ପ୍ରସ୍ତୁତ କରବାକୁ ଲାଗିଲେ।
**26**ଯୋଷେଫ ଗୃହକୁ ପ୍ରବେଶ କଲେ, ଭାଇମାନେ ଆଣିଥିବା
ଉପହାର ସବୁ ତାଙ୍କୁ ଦେଲେ। ଏହାପରେ ସେମାନେ
ଯୋଷେଫଙ୍କୁ ଆଣ୍ଠୁମାଡ଼ି ଭୂମିଷ୍ଠ ପ୍ରଣାମ କଲେ।
**27**ଯୋଷେଫ ସେମାନଙ୍କୁ ସେମାନଙ୍କର ଭଲମନ୍ଦ ବଷୟରେ
ପଚାରଲେ। ତା'ପରେ ଯୋଷେଫ କହଲେ, "ତୁମ୍ଭର ବୃଦ୍ଧ
ପିତା କପର ଅଛନ୍ତି? ସେ ଏବେ ଭଲରେ ବଞ୍ଚିଛନ୍ତି ତ?"
**28**ଭାଇମାନେ ଉତ୍ତର ଦେଲେ, "ହଁ, ମହାଶୟ, ଆମ୍ଭର
ପିତା ଏବେ ଜୀବିତ।" ଏବଂ ସେମାନେ ପୁନର୍ବାର ଯୋଷେଫଙ୍କୁ
ପ୍ରଣାମ କଲେ।

### ଯୋଷେଫ ତାଙ୍କର ଭାଇ ବନ୍ୟାମୀନକୁ ଦେଖିଲେ

**29**ଯେତେବେଳେ ଯୋଷେଫ ତାଙ୍କର ଭାଇ ବନ୍ୟାମୀନକୁ
ଦେଖିଲେ। ବନ୍ୟାମୀନ ଓ ଯୋଷେଫ ଗୋଟିଏ ମାଆର ସନ୍ତାନ।
ଯୋଷେଫ କହଲେ, "ଏହ କ'ଣ ତୁମ୍ଭର ସାନଭାଇ, ଯାହା
ବଷୟରେ ତୁମ୍ଭେ ମୋତେ କହୁଥିଲ?" ଏହାପରେ ଯୋଷେଫ
ବନ୍ୟାମୀନଙ୍କୁ କହଲେ, "ହେ ଆମ୍ଭର ପୁତ୍ର, ପରମେଶ୍ୱର
ତୁମ୍ଭକୁ ଆଶୀର୍ବାଦ କରନ୍ତୁ।"
**30**ତା'ପରେ ଯୋଷେଫ ଆଉ ଅଧିକ ସମୟ ନଜର
ଦୟା ତାଙ୍କ ଭାଇମାନଙ୍କ ପ୍ରତି ସମ୍ଭାଳି ପାରଲେ ନାହିଁ। ସେ
ଶୀଘ୍ର ସେମାନଙ୍କ ପାଖରୁ ଆଉ ଗୋଟିଏ କୋଠରୀକୁ ଗଲେ
ଏବଂ କାନ୍ଦିଲେ। **31**ତା'ପରେ ସେ ନଜକୁ ନୟନ୍ତ୍ରଣରେ
ରଖିଲେ ଓ ମୁହଁ ଧୋଇ ବାହାରକୁ ଆସିଲେ ଓ ତା'ପରେ
କହଲେ, "ବର୍ତ୍ତମାନ ଖାଇବାର ସମୟ।"
**32**ଯୋଷେଫର ଦାସମାନେ ଯୋଷେଫଙ୍କ ପାଇଁ ଏକ
ଟେବୁଲ, ଏକ ଟେବୁଲ ତାଙ୍କ ଭାଇମାନଙ୍କ ପାଇଁ ଏବଂ ଆଉ
ଏକ ଟେବୁଲ ମିଶ୍ରୀୟମମାନଙ୍କ ପାଇଁ ଯେଉଁମାନେ ସେମାନଙ୍କ
ସହତ ବସି ଖାଇଲେ। କାରଣ ଏବ୍ରୀୟମାନଙ୍କ ସହତ
ଭୋଜନ କରବା ମିଶ୍ରୀୟମାନଙ୍କର ପ୍ରଥା ନ ଥିଲା। ମିଶ୍ରୀୟମାନେ
ଏବ୍ରୀୟମାନଙ୍କ ସହତ ଖାଇବା ମସ୍ତବଡ ଅନୁଚତ ବୋଲ
ବବେଚତ ହୁଏ। **33**ଯୋଷେଫର ଭାଇମାନେ ଯୋଷେଫର
ଆଗ ଟେବୁଲରେ ଖାଇ ବସିଲେ। ତା'ର ଭାଇମାନେ ବଡ଼ରୁ
ସାନ କ୍ରମରେ ବସିଥିଲେ। ସମସ୍ତେ ସମସ୍ତଙ୍କୁ ଚାହୁଁଥାନ୍ତି।
କ'ଣ ସବୁ ଘଟୁଛି ସେମାନେ ଆଶ୍ଚର୍ଯ୍ୟ ହେଉଥାନ୍ତି। **34**ଦାସମାନେ
ଯୋଷେଫଙ୍କ ଟେବୁଲରୁ ଖାଦ୍ୟ ଆଣି ଅନ୍ୟ ଭାଇମାନଙ୍କୁ
ପରଷୁଥାନ୍ତି। କନ୍ତୁ ଦାସମାନେ ଅନ୍ୟ ଭାଇ ଅପେକ୍ଷା ବନ୍ୟାମୀନକୁ
ଅଧିକ ପାଞ୍ଚଥର ପରଷୁଥାନ୍ତି। ସେମାନେ ସମସ୍ତେ ଖାଇ ପିଇ
ଆନନ୍ଦ କଲେ।

### ଯୋଷେଫ ଏକ ଫାନ୍ଦ ପ୍ରସ୍ତୁତ କଲେ

**44** ଯୋଷେଫ ତାଙ୍କର ଦାସଙ୍କୁ ନର୍ଦ୍ଦେଶ ଦେଇ କହଲେ,
"ସେହ ଲୋକମାନଙ୍କର ପଟରେ ସେମାନେ ଯେତେ
ନେଇପାରବେ ସେତେ ଶସ୍ୟ ଭର୍ତ୍ତିକର ଏବଂ ସେମାନଙ୍କ
ପଇସା ମଧ୍ୟ ତାଙ୍କ ଥଳ ଉପରେ ରଖି ଦିଅ। **2**ସାନ ଭାଇର
ପଟରେ ତା'ର ଟଙ୍କା ତକ ଭର୍ତ୍ତିକର। କନ୍ତୁ ତା'ର ପଟରେ
ମୋର ରୂପାତାଟିଆ ରଖ।" ଯୋଷେଫ ସେମାନଙ୍କୁ ଯେପର
କହଲେ ଦାସମାନେ ଠିକ୍ ସେହପର କଲେ। **3**ତା' ପରଦନ
ପ୍ରତ୍ୟୁଷରୁ, ଭାଇମାନଙ୍କୁ ଓ ତାଙ୍କର ଗଧମାନଙ୍କୁ ତାଙ୍କ ଦେଶକୁ
ପଠାଇ ଦିଆଗଲା। **4**ସେମାନେ ନଗର ଛାଡ଼ିବା ପରେ,
ଯୋଷେଫ ତାଙ୍କର ଦାସଙ୍କୁ କହଲେ, "ସେହ ଲୋକମାନଙ୍କୁ
ଅନୁସରଣ କର। ସେମାନଙ୍କୁ ଅଟକାଇ କୁହ, 'ଆମ୍ଭେ
ତୁମ୍ଭମାନଙ୍କ ପ୍ରତି ଉତ୍ତମ ବ୍ୟବହାର କଲୁ କନ୍ତୁ ତୁମ୍ଭେମାନେ
କାହିଁକ ଏପର ମନ୍ଦ ଆଚରଣ କଲ? କାହିଁକ ତୁମ୍ଭେମାନେ
ଆମ ମହାଶୟଙ୍କର ରୂପା ପାତ୍ର ଚୋର କଲ? **5**ମୋର
ମହାଶୟ ସେହ କପରୁ ପାନକରସାରବା ପରେ
ଗୁପ୍ତକଥାଗୁଡ଼କ ଅଲୌକକ ଶକ୍ତ ଜରଆରେ ଜାଣିବାକୁ ଏହା
ବ୍ୟବହାର କରନ୍ତ। କାହିଁକ ତୁମ୍ଭେମାନେ ଏହ ମନ୍ଦକାର୍ଯ୍ୟ
କଲ?'"
**6**ତେଣୁ ଦାସମାନେ ତାଙ୍କର କଥାମାନ ଏବଂ ସେମାନେ
ଘୋଡ଼ା ଚଢ଼ ତାଙ୍କୁ ଅନୁସରଣ କଲେ। ସେହ ଦାସମାନେ
ସେମାନଙ୍କୁ ଯୋଷେଫଙ୍କ କଥା କହଲେ।
**7**କନ୍ତୁ ଭାଇମାନେ ସେହ ଦାସକୁ କହଲେ, "ତୁମ୍ଭର
କର୍ତ୍ତା ଏପର କାହିଁକ କହଲେ? ଆମ୍ଭେ ଏପର କଛି କାର୍ଯ୍ୟ
କରନାହୁଁ। **8**ଆମ୍ଭମାନେ କଣାନ ଦେଶରୁ ଫେର ଆସିଛୁ।
ଆମ୍ଭ ପଟ ମଧ୍ୟରେ ଥିବା ଟଙ୍କା ଫେରାଇବାକୁ। ତେଣୁ ଆମ୍ଭେ
କାହିଁକ କୌଣସି ଜିନଷ ପ୍ରଭୁଙ୍କ ଗୃହରୁ ଚୋରୀ କରବୁ।
**9**ଯଦ ତୁମ୍ଭେ କୌଣସି ଲୋକର ଥଳଆରୁ ରୂପା କପ୍

ପାଇବ, ତୁମ୍ଭେ ତାଙ୍କୁ ହତ୍ୟା କରିପାରିବ ଏବଂ ଆମ୍ଭେ
ଅବଶିଷ୍ଟାଂଶ ତୁମ୍ଭ ମୁନିବଙ୍କର ସେବକଗଣ ହେବୁ।"

10ଦାସ କହିଲେ, "ତୁମ୍ଭେ ଯାହା କହିବ ଆମ୍ଭେ ସେହିପରି
କରିବୁ କିନ୍ତୁ ଆମ୍ଭେ ସେ ଲୋକକୁ ହତ୍ୟା କରିବୁ ନାହିଁ।
ଆମ୍ଭେ ଯଦି ସେହି ରୂପାପାତ୍ର ପାଇ ତେବେ ସେ ଲୋକ
ଆମ୍ଭର ଦାସ ହେବ। ଏବଂ ଅନ୍ୟମାନେ ମୁକ୍ତ ହେବେ।"

## ଫାନ୍ଦ ଲମ୍ବାଇ ବିନ୍ୟାମୀନକୁ ଧରିଲେ

11ଏହାପରେ ସମସ୍ତ ଭାଇମାନେ ତାଙ୍କ ପିଠି ଭୂମିରେ
ରଖିଲେ ଏବଂ ତାକୁସବୁ ଖୋଲିଲେ। 12ଯୋଷେଫଙ୍କ ଦାସ
ସେହି ପିଠିଗୁଡ଼ିକୁ ଦେଖିଲେ। ସେ ବଡ଼ ଭାଇର ପିଠି ପ୍ରଥମେ
ଦେଖିଲେ, ଏହିପରି କ୍ରମାନ୍ୱୟରେ ସାନର ପିଠି ଦେଖିଲେ।
ଶେଷରେ ବିନ୍ୟାମୀନର ପିଠିରୁ ସେହି ପାତ୍ରଟିକୁ ପାଇଲେ।
13ଭାଇମାନେ ଭାରି ଦୁଃଖ ପ୍ରକାଶ କଲେ। ସେମାନେ
ଦୁଃଖରେ ସେମାନଙ୍କର ପୋଷାକ ଚିରି ପକାଇଲେ। ସେମାନେ
ସେମାନଙ୍କର ପିଠିଗୁଡ଼ିକ ଗଧ ପିଠିରେ ପକାଇ ନଗରକୁ
ଫେରିଲେ।

14ଯିହୁଦା ଏବଂ ତା'ର ଭାଇମାନେ ଯୋଷେଫଙ୍କ ଗୃହକୁ
ଗଲେ। ଯୋଷେଫ ସେହିଠାରେ ଥିଲେ। ଭାଇମାନେ ତାଙ୍କର
ପାଦତଳେ ଲୋଟି ଗଲେ। 15ଯୋଷେଫ ସେମାନଙ୍କୁ କହିଲେ,
"ତୁମ୍ଭେ କାହିଁକି ଏପରି କଲ? ତୁମ୍ଭେ କ'ଣ ଜାଣି ପାରିଲ
ନାହିଁ। ମୁଁ ସମସ୍ତ ଗୁପ୍ତକଥା ଜାଣିପାରେ। ମୋଠାରୁ ଅନ୍ୟ
କୌଣସି ଲୋକ ଏପରି ଭୁଲ କରିପାରିବ ନାହିଁ।"

16ଯିହୁଦା କହିଲେ, "ହେ ମହାଶୟ, ଆମ୍ଭର ଆଉ କିଛି
କହିବାର ନାହିଁ। ଆମ୍ଭର ସଫେଇ ଦେବାର ଆଉ କିଛି
ନାହିଁ। ଆମ୍ଭେ ପ୍ରମାଣ କରିପାରିବୁ ନାହିଁ ଯେ ଆମ୍ଭେ
ନିର୍ଦ୍ଦୋଷ। ପରମେଶ୍ୱରଙ୍କ ବିଚାରରେ ଆମ୍ଭେ କରିଥିବା କାର୍ଯ୍ୟ
ଦୋଷାବହ। ସେଥିପାଇଁ ଆମ୍ଭେ ସମସ୍ତେ ତୁମ୍ଭର ଦାସ ହୋଇ
ରହିବୁ, ତାହା ସହିତ ଯାହାର ପିଠିରୁ ତୁମ୍ଭର ପାତ୍ର ମିଳିଲା।"

17କିନ୍ତୁ ଯୋଷେଫ କହିଲେ, "ପରମେଶ୍ୱର ଏପରି
କରନ୍ତୁ ଯେ, ମୁଁ ତୁମ୍ଭ ସମସ୍ତଙ୍କୁ ଦାସ କରି ରଖିବି! କେବଳ
ଯେ ମୋର ପାତ୍ର ଚୋରି କରିଛି, ସେ ମୋର ଦାସ ହେବ।
ଅନ୍ୟମାନେ ଶାନ୍ତିରେ ତୁମ୍ଭର ପିତାଙ୍କ ନିକଟକୁ ଫେରିଯାଅ।"

## ଯିହୁଦା ବିନ୍ୟାମୀନ ପାଇଁ ଯୁକ୍ତି କଲେ

18ଏହାପରେ ଯିହୁଦା ଯୋଷେଫଙ୍କ ନିକଟକୁ ଯାଇ କହିଲେ,
"ହେ ମହାଶୟ, ମୋତେ ଟିକେ କହିବାକୁ ଦିଅନ୍ତୁ। ଦୟାକରି
ମୋ ଉପରେ କ୍ରୋଧ କର ନାହିଁ। ମୁଁ ଜାଣେ ଆପଣ
ଫାରୋଙ୍କ ତୁଲ୍ୟ। 19ପୂର୍ବରୁ ଆପଣ ଆମ୍ଭକୁ ପଚାରି ଥିଲେ,
'ତୁମ୍ଭମାନଙ୍କର ଭାଇ ଓ ପିତା ଅଛନ୍ତି କି?' 20ଆମ୍ଭେ ତୁମ୍ଭକୁ
ଉତ୍ତର କରିଥିଲୁ, 'ହଁ, ଆମ୍ଭର ଏକ ପିତା ଅଛନ୍ତି। ସେ
ବାର୍ଦ୍ଧକ୍ୟ। ଏବଂ ଆମ୍ଭର ଗୋଟିଏ ସାନ ଭାଇ ଥିଲା ଯାହାକୁ
ଆମ୍ଭର ପିତା ଅତ୍ୟନ୍ତ ପ୍ରେମ କରୁଥିଲେ କାରଣ ସେ
ପିତାଙ୍କର ବାର୍ଦ୍ଧକ୍ୟ କାଳରେ ଜନ୍ମ ନେଇଥିଲେ। ସେହି କନିଷ୍ଠ
ମାତ୍ର ତାହାର ସହୋଦର ମରିଅଛି। ତେଣୁ ବିନ୍ୟାମୀନ
ହେଉଛି ସେହି ଭାଇ ଯାହା ଏକା ମାଆର ସନ୍ତାନ। ଆମ୍ଭର
ପିତା ମଧ୍ୟ ତାଙ୍କୁ ଅତ୍ୟନ୍ତ ଭଲପାନ୍ତି।' 21ତା'ପରେ ତୁମ୍ଭେ
ଆମ୍ଭକୁ କହିଲ, 'ତେବେ ସେହି ସାନଭାଇକୁ ଏଠାକୁ ଆଣ ମୁଁ
ଦେଖିବାକୁ ଚାହେଁ।' 22ଆମ୍ଭେ କହିଲୁ, 'ଆମ୍ଭର ସାନ ଭାଇ
ଆସିପାରିବ ନାହିଁ। ସେ ପିତାଙ୍କୁ ଛାଡ଼ି ଆସିବ ନାହିଁ। ଯଦି
ପିତା ତାକୁ ହରାନ୍ତି ତେବେ ପିତା ଦୁଃଖରେ ପ୍ରାଣ ତ୍ୟାଗ
କରିବେ।' 23କିନ୍ତୁ ଆପଣ ଆମ୍ଭମାନଙ୍କୁ କହିଲ, 'ତୁମ୍ଭେ ଯଦି
ତୁମ୍ଭର ସାନଭାଇକୁ ନ ଆଣ, ତୁମ୍ଭେ ମୋତେ କେବେ
ଦେଖିବ ନାହିଁ।' 24ତେଣୁ ଆମ୍ଭେ ପିତାଙ୍କ ନିକଟକୁ ଫେରି
ଗଲୁ ଓ ତୁମ୍ଭେ ଯାହା କହିଥିଲ, ତାଙ୍କୁ କହିଲୁ।

25"ଏହାପରେ, ଆମ୍ଭର ପିତା କହିଲେ, 'ତୁମ୍ଭେମାନେ
ଯାଇ କିଛି ଖାଦ୍ୟ ଆମ୍ଭମାନଙ୍କ ପାଇଁ ଆଣ।' 26ଏବଂ
ଆମ୍ଭେମାନେ ପିତାଙ୍କୁ କହିଲୁ, 'ଆମ୍ଭେ ଆମ୍ଭର ସାନ ଭାଇ
ବିନା ଯାଇ ପାରିବୁ ନାହିଁ। ଯଦି ଆମ୍ଭର ଭାଇ ଆମ୍ଭମାନଙ୍କ
ସହିତ ନଯାଏ, ତାହାହେଲେ ସେହି ବ୍ୟକ୍ତିର ମୁଖ ଦେଖି
ପାରିବୁ ନାହିଁ।' 27ଏହାପରେ ଆମ୍ଭର ପିତା ଆମ୍ଭକୁ କହିଲେ,
'ତୁମ୍ଭେ ଜାଣ ମୋର ସ୍ତ୍ରୀ ରାହେଲଠାରୁ ମାତ୍ର ଦୁଇଟି ପୁତ୍ର
ଜନ୍ମ ନେଇଥିଲେ। 28ଗୋଟିଏ ପୁତ୍ର ମୋଠାରୁ ଦୂରକୁ
ଚାଲିଗଲା। ସେହି ଦିନଠାରୁ ମୁଁ ତାକୁ ଦେଖି ନାହିଁ। ମୁଁ
ବିଶ୍ୱାସ କରେ ସେ ହିଂସ୍ର ଜନ୍ତୁଙ୍କ ଦ୍ୱାରା ଗ୍ରାସିତ ହୋଇଯାଇଛି।
29ଯଦି ତୁମ୍ଭେ ମୋର ଆର ପୁତ୍ରକୁ ମୋ ଠାରୁ ଦୂରେଇ
ନିଅ। ଏବଂ ଯଦି ତା'ର କିଛି ହୁଏ, ତେବେ ମୁଁ ଦୁଃଖରେ
ମରିଯିବି।' 30ବର୍ତ୍ତମାନ ଚିନ୍ତା କରନ୍ତୁ, କ'ଣ ହେବ।
ଯେତେବେଳେ ଆମ୍ଭେ ଆମ୍ଭର ସାନ ଭାଇ ବିନା ଘରକୁ
ଫେରିବୁ। ସେହି ବାଳକ ଆମ୍ଭ ପିତାଙ୍କର ଅମୂଲ୍ୟ ସମ୍ପଦ।
31ଆମ୍ଭର ପିତା ଏକ ଦୁଃଖି ବୃଦ୍ଧ ଲୋକ, ସେ ଯେତେବେଳେ
ଦେଖିବେ ବିନ୍ୟାମୀନ ଆମ୍ଭ ସହିତ ନାହିଁ। ଏବଂ ଏହା ଆମ୍ଭର
ଦୋଷ ହେବ। ଆମ୍ଭ ଯୋଗୁଁ ସେ ଦୁଃଖି ମଣିଷପରି
ମୃତ୍ୟୁବରଣ କରିବେ। 32ମୁଁ ଏହି ଭାଇ ପାଇଁ ଦାୟିତ୍ୱ
ନେଇଛି। ମୁଁ ମୋର ପିତାଙ୍କୁ କହିଥିଲି, 'ଯଦି ମୁଁ ବିନ୍ୟାମୀନଙ୍କୁ
ସାଙ୍ଗରେ ନ ନିଏ ତେବେ ସେ ମୋତେ ଜୀବନ ସାରା
ଦୋଷ ବହନ କରିବ।' 33ତେଣୁ ମୁଁ ଆପଣଙ୍କୁ ଭିକ୍ଷା
ମାଗୁଛି। ଦୟାକରି ତାଙ୍କୁ ଆମ୍ଭର ଭାଇମାନଙ୍କ ସହିତ ଯିବାକୁ
ଦିଅ। ଏବଂ ମୁଁ ତୁମ୍ଭର ଦାସ ହୋଇ ରହିବ। 34ମୁଁ ମୋର
ପିତାଙ୍କ ନିକଟକୁ ଫେରିଯାଇପାରିବ ନାହିଁ। ଯଦି ବିନ୍ୟାମୀନ
ମୋ ସହିତ ନ ଯାଏ। ମୋତେ ଡ଼ର ଲାଗୁଛି ମୋର
ପିତାଙ୍କର କ'ଣ ହେବ।"

## ଯୋଷେଫ ତାଙ୍କୁ ତାଙ୍କର ପରିଚୟ ଦେଲେ

45 ଯୋଷେଫ ନିଜକୁ ବେଶି ଦିନ ନିୟନ୍ତ୍ରଣରେ ରଖିପାରି
ନ ଥିଲେ। ଯୋଷେଫ ସମସ୍ତ ଲୋକଙ୍କୁ ସମ୍ମୁଖରେ
ଡାକି କହିଲେ, "ସମସ୍ତେ ଏଠାରୁ ଚାଲିଯାଅ।" ତେଣୁ କେହି
ନଥିଲାବେଳେ ଯୋଷେଫ ନିଜକୁ ଭାଇମାନଙ୍କ ସମ୍ମୁଖରେ
ପରିଚିତ କରାଇଲେ। 2ଯୋଷେଫ କ୍ରନ୍ଦନ କରିବା ସମସ୍ତ
ମିଶରୀୟମାନେ ଶୁଣିଲେ। ଯେଉଁମାନେ ଫାରୋଙ୍କ ଗୃହରେ
ଥିଲେ। 3ଯୋଷେଫ ତାଙ୍କର ଭାଇମାନଙ୍କୁ କହିଲେ, "ମୁଁ
ତୁମ୍ଭର ଭାଇ ଯୋଷେଫ ଅଟେ। ମୋର ପିତା କୁଶଳରେ
ତି?" କିନ୍ତୁ ତାଙ୍କ ଭାଇମାନେ କିଛି ଉତ୍ତର ଦେଲେ ନାହିଁ,
କାରଣ ସେମାନେ ଭୟ କରୁଥିଲେ।

4ତେଣୁ ଯୋଷେଫ ତାଙ୍କର ଭାଇମାନଙ୍କୁ କହଲେ, "ମୋ
ନକଟକୁ ଆସ, ମୁଁ ନବେଦନ କରୁଛ ମୋ ନକଟକୁ ଆସ।"
ତେଣୁ ତାଙ୍କର ଭାଇ ତାଙ୍କ ନକଟକୁ ଗଲେ। ତେଣୁ
ଯୋଷେଫ ସେମାନଙ୍କୁ କହଲେ, "ମୁଁ ତୁମ୍ଭର ଭାଇ ଯୋଷେଫ,
ମୁଁ ହେଉଛ ସେହ ଭାଇ ଯାହାକୁ ତୁମ୍ଭେମାନେ ବକ୍ରିକଲ
କ୍ରିତଦାସପର କ୍ରେତାମାନଙ୍କୁ, ଯେଉଁମାନେ ସେମାନଙ୍କର ମିଶରୀୟ
ରାସ୍ତାରେ ଥିଲେ। 5ବର୍ତ୍ତମାନ ତୁମ୍ଭେ ବ୍ୟସ୍ତ ହୁଅ ନାହିଁ।
ମୋତେ ଗୋଟିଏ କ୍ରୀତଦାସପର ବକ୍ରି କରଥିବାରୁ ତୁମ୍ଭେ ନଜ
ଉପରେ ରାଗ ନାହିଁ। ତୁମ୍ଭ ସମ୍ମୁଖରେ ଜୀବନ ରକ୍ଷା କରବା
ପାଇଁ ପରମେଶ୍ୱର ମୋତେ ଏଠାକୁ ପଠାଇଲେ। 6ଦୁର୍ଭିକ୍ଷ
ବର୍ତ୍ତମାନ ଦୁଇବର୍ଷ ଧର ଚାଲଛ। ଆହୁର ଏହପର ପାଞ୍ଚବର୍ଷ
ହେବ। ଶଷ୍ୟ କଅଁଳବ ନାହିଁ। 7ତେଣୁ ପରମେଶ୍ୱର ମୋତେ
ଏଠାକୁ ପଠାଇଛନ୍ତ ତୁମ୍ଭକୁ ଆଗେଇ ନେବା ପାଇଁ। ତେଣୁ ମୁଁ
ଏଠାରେ ତୁମ୍ଭ ଦେଶର ଲୋକମାନଙ୍କୁ ରକ୍ଷା କରପାରବ। 8ମୁଁ
ଏଠାକୁ ତୁମ୍ଭ ଦୋଷରୁ ଆସି ନାହିଁ। ଏହା ପରମେଶ୍ୱରଙ୍କ
ଯୋଜନା। ପରମେଶ୍ୱର ମୋତେ ଫାରୋଙ୍କର ପିତା ଓ
ତାଙ୍କର କର୍ତ୍ତା କରଛନ୍ତ ଏବଂ ସମସ୍ତ ମିଶର ଉପରେ କର୍ତ୍ତା
କରଛନ୍ତ।"

## ଇଶ୍ରାୟେଲ ମିଶରକୁ ନମନ୍ତ୍ରିତ ହେଲେ

9ଯୋଷେଫ କହଲେ, "ଶିଘ୍ର ମୋର ପିତାଙ୍କ ନକଟକୁ
ଯାଅ। ତାଙ୍କୁ କୁହ ତୁମ୍ଭର ପୁତ୍ର ଯୋଷେଫ ଏହ ବାର୍ତ୍ତା
ଦେଇଛନ୍ତ।"

ପରମେଶ୍ୱର ମୋତେ ମିଶରର ରାଜ୍ୟପାଳ କରଛନ୍ତ।
ତେଣୁ ମୋ ପାଖକୁ ଆସ ଅପେକ୍ଷା କର ନାହିଁ। ଶିଘ୍ର
ଆସ। 10ତୁମ୍ଭେ ପୁତ୍ର, ପୌତ୍ର ଓ ଗୋମେଷାଦ ସର୍ବସ୍ୱ
ସହତ ଗୋଶନ ପ୍ରଦେଶରେ ବାସକର ମୋର ନକଟବର୍ତ୍ତୀ
ହେବ। 11ମୁଁ ତୁମ୍ଭମାନଙ୍କର ଆଗ ପାଞ୍ଚବର୍ଷ ପାଇଁ
ଯତ୍ନ ନେବ। ନ ହେଲେ ତୁମ୍ଭର ଏବଂ ତୁମ୍ଭ
ପରବାରର ଦରଦ୍ର ଦଶା ଘଟିବ।

12ଯୋଷେଫ ତାଙ୍କର ଭାଇମାନଙ୍କୁ ଏକଥା କହଲେ, "ମୁଁ
ଯୋଷେଫ ବୋଲ, ତୁମ୍ଭେ ନଶ୍ଚିତରେ ଜାଣିଥିବ। ଏପରକ
ମୋର ଭାଇ ବନ୍ୟାମୀନ ଜାଣୁ ଯେ ମୁଁ ଯୋଷେଫ, ତୁମ୍ଭର
ଭାଇ କହୁଅଛ। 13ତେଣୁ ତୁମ୍ଭେମାନେ ମୋର ଏଠାରେ
ଐଶ୍ୱର୍ଯ୍ୟାଦ ଯାହା ଦେଖୁଛ ତାହା ମୋ ପିତାଙ୍କୁ ଜଣାଅ।
ମୋର ଏଠାରେ ଯାହା ଦେଖୁଛ ତାହା ସବୁ ମୋର ପିତାଙ୍କୁ
ଯାଇ କୁହ। ବର୍ତ୍ତମାନ ତୁମ୍ଭେ ଶିଘ୍ର ଯାଇ ମୋର ପିତାଙ୍କୁ
ଏଠାକୁ ଆଣ।" 14ଏହାପରେ ଯୋଷେଫ ବନ୍ୟାମୀନଙ୍କୁ ଆଲଙ୍ଗନ
କଲେ ଓ ଉଭୟ ଭାଇ ମିଶି କ୍ରନ୍ଦନ କଲେ। 15ପୁଣି
ଯୋଷେଫ ତାଙ୍କ ଅନ୍ୟ ସମସ୍ତ ଭାଇମାନଙ୍କୁ ଚୁମ୍ବନ କଲେ ଓ
ସେମାନଙ୍କୁ ଧର ରୋଦନ କଲେ। ଏହାପରେ ତାଙ୍କର
ଭାଇମାନେ ତାଙ୍କ ସହତ କଥା କହଲେ।

16ଯୋଷେଫଙ୍କ ଭାଇମାନେ ଆସିଛନ୍ତ। ଏହ ଜନରବ
ଫାରୋ ମଧ ଜାଣି ପାରଲେ। ଏଥିରେ ଫାରୋ ଓ ତାଙ୍କର
ଦାସ ସମୂହ ସମସ୍ତେ ଆନନ୍ଦିତ ହେଲେ। 17ଫାରୋ ଯୋଷେଫଙ୍କୁ
କହଲେ, "ତୁମ୍ଭର ଭାଇମାନଙ୍କୁ କୁହ ତାଙ୍କର ପଶୁମାନଙ୍କୁ
ଖାଦ୍ୟ ଶସ୍ୟରେ ଲଦ ଦଅନ୍ତୁ ଏବଂ କଣାନ ଦେଶକୁ
ଚାଲଯାଆନ୍ତୁ। 18ତାଙ୍କୁ କୁହ ତୁମ୍ଭର ପିତା ଏବଂ ତାଙ୍କର
ପରବାର ଧର ଏଠାକୁ ଆସନ୍ତୁ। ମୁଁ ସେମାନଙ୍କୁ ମିଶରର
ସବୁଠାରୁ ଉତ୍ତମ ଭୂମିଦେବ ଏବଂ ସେମାନେ ଏଠାରେ ଥିବା
ଆମ୍ଭର ଖାଦ୍ୟ ଖାଇବେ।" 19ଏହାପରେ ଫାରୋ କହଲେ,
"ତୁମ୍ଭର ଭାଇମାନେ ମିଶରର ସର୍ବୋତ୍ତମ ଶକଟ ଦ୍ୱାରା
ସେମାନଙ୍କର ଭୂମିକୁ ଯାତ୍ରା କରନ୍ତୁ ଏବଂ ସେମାନଙ୍କର ପିତା,
ସେମାନଙ୍କର ସ୍ତ୍ରୀମାନଙ୍କୁ ଏନଂ ସେମାନଙ୍କର ପିଲାମାନଙ୍କୁ
ଆଣନ୍ତୁ। 20ସମସ୍ତ ମିଶର ଦେଶର ଉତ୍ତମ ଦ୍ରବ୍ୟ ତୁମ୍ଭମାନଙ୍କର
ଅଟେ। ତୁମ୍ଭର ସମ୍ପତ୍ତିକୁ ତୁମ୍ଭର ଜନ୍ମଭୂମିରେ ପରତ୍ୟାଗ
କରବା ବଷୟରେ ଦୁଃଖ କରନାହିଁ।"

21ତେଣୁ ଇଶ୍ରାୟେଲର ପୁତ୍ରମାନେ ସେହପର କଲେ।
ଫାରୋ କହବା ଅନୁସାରେ ଯୋଷେଫ ସେମାନଙ୍କୁ ଉତ୍ତମ
ଶକଟମାନ ଦେଲେ। ତାଙ୍କର ଯାତ୍ରାପାଇଁ ଆବଶ୍ୟକ ଦ୍ରବ୍ୟମାନ
ମଧ ଦେଲେ। 22ଯୋଷେଫ ତାଙ୍କର ପ୍ରତ୍ୟେକ ଭାଇମାନଙ୍କୁ
ଗୋଟିଏ ଯୋଡା ଉତ୍ତମ ବସ୍ତ୍ର ଦେଲେ। ମାତ୍ର ବନ୍ୟାମୀନଙ୍କୁ
300 ରୌପ୍ୟ ମୁଦ୍ରା ଓ ପାଞ୍ଚ ଯୋଡା ସୂକ୍ଷ୍ମ ବସ୍ତ୍ର ଦେଲେ।
23ପୁଣି ଯୋଷେଫ ତାଙ୍କର ପିତାଙ୍କ ନମନ୍ତେ ମିଶର ଦେଶର
ଉତ୍ତମ ଦ୍ରବ୍ୟରେ ନଦା ଦଶଗଧ ଓ ପିତାଙ୍କ ପାଥେୟ
ନମନ୍ତେ ଶସ୍ୟ ଓ ରୋଟି ଆଦ ଭକ୍ଷ୍ୟ ଦ୍ରବ୍ୟରେ ନଦା ଦଶ
ଗର୍ଦ୍ଦଭୀ ପଠାଇଲେ। 24ଏହାପରେ ଯୋଷେଫ ତାଙ୍କର ଭାଇମାନଙ୍କୁ
କହଲେ, ସେମାନଙ୍କର ଘର ରାସ୍ତାରେ ଯିବାକୁ ଏବଂ ସେମାନଙ୍କୁ
ସାବଧାନ କରାଇ କହଲେ, "ସିଧା ଘରକୁ ଯାଅ। ବାଟରେ
ଝଗଡା କର ନାହିଁ।"

25ଏହପର ଭାବରେ ଯୋଷେଫର ଭାଇମାନେ ମିଶର
ଛାଡ଼ କଣାନ ଦେଶକୁ ଗଲେ। ତା'ପରେ ସେମାନେ ସେମାନଙ୍କର
ପିତା ଯାକୁବଙ୍କ ଆଗକୁ ଆସିଲେ। 26ଭାଇମାନେ ତାଙ୍କ
ପିତାଙ୍କୁ କହଲେ, "ପିତା, ଯୋଷେଫ ଏବେ ମଧ ବଞ୍ଚିଛନ୍ତ।
ଏବଂ ସେ ବର୍ତ୍ତମାନ ସମସ୍ତ ମିଶର ଉପରେ କର୍ତ୍ତା ଅଟନ୍ତ।"

ତାଙ୍କର ପିତା କଛ ଭାବ ପାରଲେ ନାହିଁ। ପ୍ରଥମେ ସେ
ସେମାନଙ୍କୁ ବଶ୍ୱାସ କଲେ ନାହିଁ। 27ତା'ପରେ ଯୋଷେଫଙ୍କ
କଥା ସେମାନେ ତାଙ୍କୁ ସମସ୍ତ କହଲେ। ଏବଂ ଯାକୁବ ତାଙ୍କ
ପାଇଁ ପଠାଇଥିବା ଶକଟ ମାନ ଦେଖିଲେ। ଏହାପରେ ଯାକୁବ
ଅତ୍ୟନ୍ତ ଆନନ୍ଦିତ ହେଲେ। 28ଯାକୁବ କହଲେ, "ଏହା
ଯଥେଷ୍ଟ! ଆଉ ତୁମ୍ଭର ଅଧିକ କଛ କହବା ଦରକାର ନାହିଁ।
ମୋର ପୁତ୍ର ଯୋଷେଫ ଏବେବ ଜୀବତ। ମୁଁ ମଲା ପୂର୍ବରୁ
ତାକୁ ଦେଖିବାକୁ ଯିବ।"

## ପରମେଶ୍ୱର ଇଶ୍ରାୟେଲକୁ ସାନ୍ତ୍ୱନା ଦେଲେ

46 ତେଣୁ ଇଶ୍ରାୟେଲ ମିଶରକୁ ଯାତ୍ରା କଲେ। ପ୍ରଥମେ
ଇଶ୍ରାୟେଲ ବେରଶେବାକୁ ଗଲେ। ସେଠାରେ ସେ
ପରମେଶ୍ୱରଙ୍କ ଉପାସନା କଲେ। ତାଙ୍କର ପିତା ଇସ୍ହାକଙ୍କ
ପରମେଶ୍ୱରଙ୍କୁ। ଏବଂ ସେ ସେଠାରେ ହୋମବଳ ଦେଲେ।
2ରାତ୍ରରେ ପରମେଶ୍ୱର ଇଶ୍ରାୟେଲକୁ ସ୍ୱପ୍ନରେ କହିଲେ,
"ଯାକୁବ, ଯାକୁବ।"

ଏବଂ ଇଶ୍ରାୟେଲ ଉତ୍ତର ଦେଲେ, "ମୁଁ ଏହଠାରେ।"

**3**ଏହାପରେ ପରମେଶ୍ୱର କହିଲେ, "ଆମ୍ଭେ ପରମେଶ୍ୱର
ତୁମ୍ଭ ପିତାଙ୍କର ପରମେଶ୍ୱର। ମିଶରକୁ ଯିବାକୁ ଭୟ କର
ନାହିଁ। ମିଶରରେ ଆମ୍ଭେ ତୁମ୍ଭର ଏକ ବଡ଼ ବଂଶ କରିବା।
**4**ମୁଁ ତୁମ୍ଭ ସହିତ ମିଶରକୁ ଯିବି। ଏବଂ ଆମ୍ଭେ ତୁମ୍ଭକୁ
ପୁନର୍ବାର ମିଶରରୁ ଆଣିବା। ତୁମ୍ଭେ ମିଶରରେ ଦେହତ୍ୟାଗ
କରିବ। ତୁମ୍ଭେ ଦେହ ତ୍ୟାଗ କରିବା ସମୟରେ ଯୋଷେଫ
ତୁମ୍ଭ ପାଖରେ ଥିବ।"

## ଇସ୍ରାୟେଲ ମିଶରକୁ ଗଲେ

**5**ଏହାପରେ ଯାକୁବ ବେରଶେବା ଛାଡ଼ି ମିଶରକୁ ଯାତ୍ରା
କଲେ। ଇସ୍ରାୟେଲଙ୍କ ପୁତ୍ରମାନେ ତାଙ୍କ ପିତା ଯାକୁବଙ୍କୁ,
ତାଙ୍କ ପିଲାମାନଙ୍କୁ ଏବଂ ତାଙ୍କ ସ୍ତ୍ରୀମାନେ ଫାରୋଙ୍କ ଦ୍ୱାରା
ପ୍ରେରିତ ଶକଟରେ ଆସିଲେ। **6**ସେମାନେ ମଧ୍ୟ ସେମାନଙ୍କର
ଥିବା ସମସ୍ତ ପଶୁ ଏବଂ ସେମାନେ ଯାହା ଜିନିଷ କିଣାନ
ଦେଶରେ ଅର୍ଜନ କରିଥିଲେ ଏବଂ ତାହାସବୁ ମିଶର ଦେଶକୁ
ନେଲେ, ଯାକୁବଙ୍କର ସମସ୍ତ ବଂଶଧରଙ୍କର ସହିତ। **7**ତାଙ୍କ
ସହିତ ତାଙ୍କର ପୁଅ, ଝିଅ, ନାତି ଓ ନାତୁଣି ସମସ୍ତେ
ମିଶରକୁ ଗଲେ।

## ଯାକୁବଙ୍କ ପରିବାର

**8**ମିଶର ଦେଶକୁ ଆଗତ ଇସ୍ରାୟେଲ ବଂଶ ଅର୍ଥାତ୍
ଯାକୁବ ଓ ତାଙ୍କର ସନ୍ତାନମାନଙ୍କର ନାମ।
ଯାକୁବଙ୍କର ପ୍ରଥମଜାତ ରୁବେନ ଥିଲା। **9**ରୂବେନଙ୍କର
ପୁତ୍ରମାନେ ହେଲେ: ହନୋକ୍, ପଲ୍ଲୁ, ହିଷ୍ରୋନ୍ ଓ କର୍ମି।
**10**ଶିମିୟୋନର ପୁତ୍ର ଯିମୁଏଲ, ଯାମୀନ୍ ଓହଦ୍, ଯାଖୀନ୍,
ସୋହର ଓ ତାହାର କିଣାନୀୟା ସ୍ତ୍ରୀଠାରୁ ଜାତ ପୁତ୍ର ଶୌଲ।
**11**ଲେବୀର ପୁତ୍ର ଗେର୍ଶୋନ୍, କହାତ୍ ଓ ମରାରି।
**12**ଯିହୁଦାର ପୁତ୍ର ଏର, ଓନନ୍, ଶେଲା, ପେରସ୍ ଓ
ସେରହ। କିନ୍ତୁ ଏର, ଓନନ୍ କିଣାନ ଦେଶରେ ମରିଥିଲେ,
ପେରସର ପୁତ୍ର ହିଷ୍ରୋନ୍ ଓ ହାମୂଲ ଥିଲେ।
**13**ଇଷାଖର ପୁତ୍ର: ତୋଲୟ, ପୂୟ, ଯୋବ ଓ ଶିମ୍ରୋନ୍।
**14**ସବୂଲୂନର ପୁତ୍ର ସେରଦ, ଏଲୋନ୍ ଓ ଯହଲେଲ।
**15**ରୂବେନ୍, ସିମିୟୋନ, ଲେବୀ, ଯିହୁଦା, ଇସାଖର ଏବଂ
ସେବୂଲୂନ୍ ଯାକୁବ ଓ ଲେୟାର ସନ୍ତାନ ଥିଲେ। ଲେୟା
ସେମାନଙ୍କୁ ପଦନ ଅରାମରେ ଜନ୍ମ କରିଥିଲେ। ତାଙ୍କର ମଧ୍ୟ
ଏକ କନ୍ୟାଥିଲା। ତା'ର ନାମ ଥିଲା ଦୀଣା। ଏହିପରି ତାଙ୍କର
ପରିବାର ତେତିଶ ଜଣ ଥିଲେ।
**16**ଗାଦ୍‌ର ପୁତ୍ରମାନେ ଥିଲେ, ସିଫୋନ୍, ହଗି, ଶୂନୀ ଓ
ଇଷବୋନ୍ ଓ ଏରି ଅରୋଦୀ ଅରେଲୀ।
**17**ଆଶେରର ପୁତ୍ରମାନେ ଥିଲେ, ଯିମ୍ନା, ଯିଶ୍ୱା, ଯିଶ୍ୱି,
ବରୀୟ ଓ ସେମାନଙ୍କର ଭଉଣୀ, ସେରହ ଏବଂ ବରୀୟର
ପୁତ୍ର ହେବର ଓ ମଲ୍‌କୀୟେଲ ଥିଲେ।
**18**ଏମାନେ ସିଲ୍ପାର ପୁତ୍ରଗୁଡିକ ଥିଲେ। ଲାବନ ତାଙ୍କର
କନ୍ୟା ଲେୟାକୁ, ସିଲ୍ପାକୁ ସେବିକା ଭାବରେ ଦେଲା। ସେଥିପାଇଁ
ଯାକୁବଙ୍କର ଷୋହଳଜଣ ବଂଶଧର ସିଲ୍ପାଠାରୁ ଜନ୍ମ ହୋଇଥିଲେ।
**19**ଯାକୁବଙ୍କ ସ୍ତ୍ରୀ ରାହେଲର ପୁତ୍ର, ଯୋଷେଫ ଏବଂ
ବିନ୍ୟାମୀନ।
**20**ମିଶରରେ ଯୋଷେଫଙ୍କର ଦୁଇ ପୁତ୍ର ଥିଲେ। ମନଃଶି
ଓ ଇଫ୍ରୟିମ। ଯୋଷେଫଙ୍କ ସ୍ତ୍ରୀ ଆସନତ, ସେମାନଙ୍କୁ ଜନ୍ମ
କରିଥିଲେ। ଯିଏ ଓନ୍ ନଗରସ୍ଥ ପୋଟୀଫେର ଯାଜକର
କନ୍ୟା ଥିଲେ।
**21**ବିନ୍ୟାମୀନର ପୁତ୍ରମାନେ ଥିଲେ ବେଲା, ବେଖର,
ଅସବେଲ, ଗେରା, ନାମନ, ଏହି, ରୋଶ, ମୁପ୍‌ପୀମ, ହୁପ୍‌ପୀମ
ଓ ଅର୍ଦ୍ଦ।
**22**ଏହି ଚଉଦ ଜଣ ଯାକୁବଙ୍କଠାରୁ ଜାତ ରାହେଲ
ସନ୍ତାନ ଥିଲେ।
**23**ଦାନ୍‌ର ପୁତ୍ର ହୂଶୀମ ଥିଲେ।
**24**ନପ୍ତାଲିର ପୁତ୍ର ଯହସିୟେଲ, ଗୂନି, ୟେତ୍ସର ଓ
ଶିଲେମ ଥିଲେ।
**25**ଏମାନେ ବିଲହାର ପୁତ୍ରଗଣ ଥିଲେ। ଲାବନ ବିଲହାକୁ
ସେବକାରୂପେ ତା'ର କନ୍ୟା ରାହେଲକୁ ଦେଲେ। ତେଣୁ
ଯାକୁବଙ୍କର ସାତଜଣ ବଂଶଧର ବିଲହାଠାରୁ ଜନ୍ମ ହୋଇଥିଲେ।
**26**ଯାକୁବଙ୍କ ବଂଶଧର, ଯେଉଁଲୋକ ତାଙ୍କ ସଙ୍ଗରେ
ମିଶରରେ ଉପସ୍ଥିତ ହେଲେ। ସେମାନେ 66 ଜଣ ଥିଲେ।
(ଯାକୁବଙ୍କ ପୁତ୍ରବଧୂ ବିନା) **27**ଯୋଷେଫଙ୍କର ଦୁଇଟି ପୁତ୍ର
ମିଶରରେ ଜନ୍ମ ଗ୍ରହଣ କରିଥିଲେ। ତେଣୁ ଏହିପରି ଭାବରେ
ମୋଟ୍ ସତୁରି ଜଣ ଯାକୁବଙ୍କ ପରିବାର ମିଶରରେ ବାସ
କରୁଥିଲେ।

## ଇସ୍ରାୟେଲ ମିଶରକୁ ପ୍ରବେଶ କଲେ

**28**ଯାକୁବ ଯୋଷେଫଙ୍କ ପାଖକୁ ଏହି ଖବର ଦେବା
ପାଇଁ ଯିହୁଦାଙ୍କୁ ଆଗରେ ପଠାଇଲେ। ଯିହୁଦା ଯୋଷେଫଙ୍କ
ପାଖକୁ ଗଲେ। କାରଣ ସେ ତାଙ୍କୁ ଗୋଶନ ପ୍ରଦେଶକୁ
ଯିବାକୁ ବାଟ ଦେଖାଇବେ। **29**ଯୋଷେଫ ଜାଣିଲେ ଯେ
ତାଙ୍କର ପିତା ଇସ୍ରାୟେଲ ଆସୁଛନ୍ତି। ତେଣୁ ଗୋଶନକୁ ଯାଇ
ତାଙ୍କର ପିତାଙ୍କୁ ଦେଖା କରିବା ପାଇଁ ଯୋଷେଫ ତାଙ୍କର
ରଥ ସଜାଡ଼ିଲେ। ଯେତେବେଳେ ଯୋଷେଫ ତାଙ୍କର ପିତାଙ୍କୁ
ଦେଖିଲେ ସେ ତାହାଙ୍କ ଗଳାଧରି ବହୁ ସମୟ ରୋଦନ
କଲେ।
**30**ଏହାପରେ ଇସ୍ରାୟେଲ ଯୋଷେଫଙ୍କୁ କହିଲେ, "ଏବେ
ମୁଁ ଶାନ୍ତିରେ ମରି ପାରିବି। ମୁଁ ତୁମ୍ଭର ଦର୍ଶନ ପାଇଲି ଏବଂ
ଜାଣିଲି ଯେ ତୁମ୍ଭେ ଜୀବିତ।"
**31**ଯୋଷେଫ ତାଙ୍କର ଭାଇମାନଙ୍କୁ କହିଲେ, ଏବଂ ତାଙ୍କ
ପିତାଙ୍କର ପରିବାରବର୍ଗଙ୍କୁ, "ମୁଁ ଯାଇ ଫାରୋଙ୍କୁ କହିବି ଯେ
ତୁମ୍ଭେମାନେ ଏଠାରେ ଅଛ। ମୁଁ ଫାରୋଙ୍କୁ କହିବି, 'ମୋର
ଭାଇମାନେ ଓ ମୋର ପିତାଙ୍କର ଅନ୍ୟ ପରିବାରବର୍ଗ କିଣାନ
ଦେଶ ଛାଡ଼ି ଏବେ ମୋ ପାଖରେ ଏହିଠାରେ ଅଛନ୍ତି।
**32**ସେମାନେ ମେଷପାଳକ, ମନୁଷ୍ୟମାନେ ଯେଉଁମାନେ ଜୀବନ୍ତ
ପ୍ରାଣୀର ଯତ୍ନ ନିଅନ୍ତି। ଏଣୁ ସେମାନେ ଆପଣାମାନଙ୍କ
ଗୋମେଷାଦି ପଲ ପ୍ରଭୃତି ସର୍ବସ୍ୱ ଆଣିଛନ୍ତି।' **33**ତହିଁରେ
ଫାରୋ ତୁମ୍ଭମାନଙ୍କୁ ଡକାଇ 'ତୁମ୍ଭର ବ୍ୟବସାୟ ବିଷୟରେ
ପଚାରିବେ।' **34**ତୁମ୍ଭେ ତାଙ୍କୁ କହିବ, 'ଆମ୍ଭେ ମେଷପାଳକ
ଅଟୁ, ଆମ୍ଭ ପରିବାର ସମସ୍ତେ ମେଷପାଳକ ଓ ଆମ୍ଭ ପୂର୍ବରୁ
ଯେତେବେଳେ ଆମ୍ଭେ ଯୁବା ଥିଲୁ, ଜୀବନ୍ତ ପ୍ରାଣୀମାନଙ୍କର

ଯତ୍ନ ନେଉଥିଲୁ।' ଏହାପରେ ଫାରୋ ତୁମ୍ଭମାନଙ୍କୁ ଗୋଶନରେ
ରହିବାକୁ ଅନୁମତି ଦେବେ। କାରଣ ମିଶରର ଲୋକମାନେ
ମେଷପାଳକଙ୍କୁ ସେମାନଙ୍କର ଅଞ୍ଚଳ ପାଖରେ ରଖିବାକୁ
ପସନ୍ଦ କରନ୍ତି ନାହିଁ।"

## ଇଶ୍ରାୟେଲ ଗୋଶନରେ ବସତି ସ୍ଥାପନ କଲେ

47 ଯୋଷେଫ ଫାରୋଙ୍କ ନିକଟକୁ ଯାଇ କହିଲେ,
"ମୋର ପିତା, ଭାଇମାନେ ଓ ସେମାନଙ୍କର ସମସ୍ତ
ପରିବାର ଏବେ ସେମାନେ କିଣାନ ଦେଶରୁ ଆସି। ସେମାନଙ୍କର
ସର୍ବସ୍ୱ ଓ ପଶୁପଲ ସହ ସେମାନେ ଏହିଠାରେ ଅଛନ୍ତି।
ସେମାନେ ବର୍ତ୍ତମାନ ଗୋଶନ ପ୍ରଦେଶରେ ଅଛନ୍ତି।" 2ଯୋଷେଫ
ତାଙ୍କର ଭାଇମାନଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କୁ ନେଇ ଫାରୋଙ୍କ
ସହିତ ସାକ୍ଷାତ କରାଇଲେ।
3ଫାରୋ ତାଙ୍କର ଭାଇମାନଙ୍କୁ ପଚାରିଲେ, "ତୁମ୍ଭେ କି
କାର୍ଯ୍ୟ କରୁଅଛ?"
ଭାଇମାନେ ଫାରୋଙ୍କୁ ଉତ୍ତର ଦେଲେ, "ହେ ଆମର
ମହାଶୟ, ଆମ୍ଭେମାନେ ମେଷପାଳକ ଅଟୁ। ଏବଂ ଆମ୍ଭର
ପୂର୍ବପୁରୁଷମାନେ ପୂର୍ବରୁ ମେଷପାଳକ ଥିଲେ।" 4ସେମାନେ
ଫାରୋଙ୍କୁ କହିଲେ, "କିଣାନର ଦୁର୍ଭିକ୍ଷ ବହୁତ ଖରାପ ଅଛି।
ଆମ୍ଭମାନଙ୍କର ପଶୁମାନଙ୍କ ପାଇଁ ସେଠାରେ କୌଣସି ଭୂମିରେ
ଘାସ କଅଁଳୁ ନାହିଁ। ତେଣୁ ଆମ୍ଭେମାନେ ଏହିଠାକୁ ବାସ
କରିବାକୁ ଆସିଅଛୁ। ଆମ୍ଭେ ଦୟାକରି ଗୋଷନ ଦେଶରେ
ରହି ପାରିବୁ କି?"
5ଏହାପରେ ଫାରୋ ଯୋଷେଫଙ୍କୁ କହିଲେ, "ତୁମ୍ଭର
ପିତା ଓ ତୁମ୍ଭର ଭାଇମାନେ ତୁମ୍ଭ ନିକଟକୁ ଆସି ଅଛନ୍ତି।
6ତୁମ୍ଭେ ସେମାନଙ୍କୁ ମିଶରରେ ଯେ କୌଣସି ସ୍ଥାନରେ
ଆମ୍ଭମାନଙ୍କର ଭୂମିର ଅଂଶରୁ ନିଜର ରୁଚି ଅନୁସାରେ
ଦେଇପାର। ମିଶରର ସବୁଠାରୁ ଭଲ ଭୂମି ତୁମ୍ଭର ପିତା ଓ
ତୁମ୍ଭର ଭାଇମାନଙ୍କୁ ଦିଅ। ସେମାନେ ଗୋଷନ ଦେଶରେ
ରୁହନ୍ତୁ। ରହିବା ପାଇଁ ସେମାନଙ୍କୁ ଗୋଶନ ପ୍ରଦେଶ ଦିଅ।
ଏବଂ ସେମାନେ ଯଦି ପାରଙ୍ଗମ ତେବେ ସେମାନଙ୍କୁ ମୋର
ପଶୁପଲଗୁଡ଼ିକର ଅଧ୍ୟକ୍ଷ ଭାବରେ ନିଯୁକ୍ତ କର।"
7ଏହାପରେ ଯୋଷେଫ ତାଙ୍କର ପିତା ଯାକୁବଙ୍କୁ ଫାରୋଙ୍କ
ସହିତ ସାକ୍ଷାତ କରାଇଲେ। ଯାକୁବ ଫାରୋଙ୍କୁ ଆଶୀର୍ବାଦ
କଲେ। 8ଏବଂ ଫାରୋ ତାଙ୍କୁ ପଚାରିଲେ, "ତୁମ୍ଭର ବୟସ
କେତେ?"
9ଯାକୁବ ଫାରୋଙ୍କୁ କହିଲେ, "ମୋର ପ୍ରବାସ କାଳର
ଦିନ 130 ବର୍ଷ, ମୋର ପରମାୟୁର ଦିନ ଅଳ୍ପ ଓ
ଆପଦଜନକ। ପୁଣି ମୋହର ପୂର୍ବପୁରୁଷମାନଙ୍କର ପ୍ରବାସ
କାଳୀନ ଆୟୁର ଦିନ ତୁଲ୍ୟ ନୁହେଁ।"
10ଏହାପରେ ଯାକୁବ ଫାରୋଙ୍କୁ ଆଶୀର୍ବାଦ କଲେ। ତାଙ୍କ
ଛାମୁରେ ବିଦାୟ ନେଲେ।11ଯୋଷେଫ ଫାରୋ ଯେପରି
ଆଜ୍ଞା ଦେଲେ ସେପରି କଲେ ଓ ଭାଇମାନଙ୍କୁ ଭୂମି
ଦେଲେ। ସେହି ଭୂମି ମିଶରରେ ସବୁଠାରୁ ଉତ୍ତମ ଭୂମି
ଥିଲା। ରାମିଷେଷ୍ ଅଞ୍ଚଳ ତାଙ୍କ ଅଧିକାରରେ ଦେଲେ।
12ଯୋଷେଫ ତାଙ୍କର ପିତା, ଭାଇମାନଙ୍କୁ ଏବଂ ସେମାନଙ୍କ
ପରିବାରକୁ ଆବଶ୍ୟକ ପରିମାଣରେ ଖାଦ୍ୟ ଦେଲେ।

## ଯୋଷେଫ ଫାରୋଙ୍କ ପାଇଁ ଜମି କିଣିଲେ

13ସେହି ସମୟରେ ଅତିଶୟ ଦୁର୍ଭିକ୍ଷ ହେବାରୁ ସର୍ବଦେଶରେ
ଖାଦ୍ୟଦ୍ରବ୍ୟର ଅଭାବ ହେଲା। ତହିଁରେ ମିଶର ଦେଶୀୟ ଓ
କିଣାନ ଦେଶୀୟ ଲୋକମାନେ ଦୁର୍ଭିକ୍ଷ ହେତୁ ପ୍ରାୟ ମୂର୍ଚ୍ଛାଗତ
ହେବାକୁ ଲାଗିଲେ। 14ଆଉ ମିଶର ଦେଶରେ ଓ କିଣାନଦେଶରେ
ଯେତେ ରୂପା ଥିଲା। ଲୋକମାନେ ତାହା ଦେଇ ଶସ୍ୟ
କିଣିବାରୁ ଯୋଷେଫ ସେ ସବୁ ରୂପା ସଂଗ୍ରହ କରି ଫାରୋଙ୍କର
ଗୃହକୁ ଆଣିଲେ। 15ଏହାପରେ ମିଶର ଦେଶରେ ଓ କିଣାନ
ଦେଶରେ ରୂପାର ଅଭାବ ହୁଅନ୍ତେ ମିଶ୍ରୀୟ ଲୋକ ସମସ୍ତେ
ଯୋଷେଫଙ୍କ ନିକଟକୁ ଆସିଲେ ଏବଂ କହିଲେ, "ଆମ୍ଭମାନଙ୍କୁ
ଖାଦ୍ୟ ସାମଗ୍ରି ଦିଅନ୍ତୁ। ଆମ୍ଭେ କାହିଁକି ତୁମ୍ଭ ସମ୍ମୁଖରେ
ମରିବୁ। କାରଣ ଆମ୍ଭର ଆଉ ଅଧିକ ରୂପା ନାହିଁ।"
16କିନ୍ତୁ ଯୋଷେଫ ଉତ୍ତର ଦେଲେ, "ତୁମ୍ଭର ପଇସା
ସବୁ ଶେଷ ହେବାରୁ ତୁମ୍ଭର ପଶୁମାନଙ୍କୁ ମୋତେ ଦିଅ ଓ
ମୁଁ ତୁମ୍ଭମାନଙ୍କୁ ଖାଦ୍ୟ ଦେବି।" 17ତେଣୁ ଲୋକମାନେ
ତାଙ୍କର ଜୀବନ୍ତପଶୁ ସବୁ ଯୋଷେଫଙ୍କ ନିକଟକୁ ଆଣିଲେ।
ସେ ତାଙ୍କୁ ଅଶ୍ୱ, ମେଷ ଏବଂ ଛେଳି ପଶୁପଲ ଏବଂ ଗଧ
ବଦଳରେ ଖାଦ୍ୟ ଦ୍ରବ୍ୟ ଦେଲେ। ସେ ବର୍ଷ ଯୋଷେଫ
ସେମାନଙ୍କର ଖାଦ୍ୟ ବଦଳରେ ସମସ୍ତ ଜୀବନ୍ତ ପଶୁ ନେଲେ।
18କିନ୍ତୁ ତା'ପର ବର୍ଷ, ସେମାନଙ୍କ ଦେଇ ଖାଦ୍ୟ ସଂଗ୍ରହ
କରିବା ପାଇଁ, ଲୋକମାନଙ୍କ ନିକଟରେ ଆଉ ପଶୁ ନ ଥିଲା।
ତେଣୁ ଲୋକମାନେ ଯୋଷେଫଙ୍କ ନିକଟକୁ ଯାଇ କହିଲେ,
"ତୁମ୍ଭେ ଜାଣ ଯେ ଆମ୍ଭ ନିକଟରେ ଆଉ ରୂପା ନାହିଁ। ଏବଂ
ଆମ୍ଭମାନଙ୍କର ସମସ୍ତ ପଶୁ ସମ୍ପଦ ମଧ୍ୟ ମହାଶୟଙ୍କର
ହୋଇଅଛି। ଏବେ ମହାଶୟଙ୍କ ସାକ୍ଷାତରେ ଆମ୍ଭମାନଙ୍କର
ଦେହ ଓ ଭୂମି ବିନା ଆଉ କିଛି ଆମ୍ଭ ନିକଟରେ ନାହିଁ।
19ନିଶ୍ଚିତରେ ଆମ୍ଭେମାନେ ତୁମ୍ଭ ସମ୍ମୁଖରେ ନିଶ୍ଚିତ ମରିବୁ।
କିନ୍ତୁ ଯଦି ତୁମ୍ଭେ ଆମ୍ଭକୁ ଖାଦ୍ୟ ଦିଅ ତେବେ ଆମ୍ଭେ
ଆମ୍ଭର ଭୂମି ଫାରୋଙ୍କୁ ଦେବୁ। ଏବଂ ଆମେ ତାଙ୍କର ଦାସ
ହେବୁ। ଆମ୍ଭକୁ କିଛି ବିହନ ମଧ୍ୟ ଦିଅନ୍ତୁ। ଆମ୍ଭେ ଗଛ
କରି ପାରିବୁ। ଏଥିରେ ଆମ୍ଭେ ମରି ନ ଯାଇ ବଞ୍ଚିବୁ। ଏବଂ
ଭୂମି ମଧ୍ୟ ଆମ୍ଭମାନଙ୍କ ପାଇଁ ଖାଦ୍ୟ ଯୋଗାଇବ।"
20ତେଣୁ ଯୋଷେଫ ଫାରୋଙ୍କ ନିମନ୍ତେ ସମସ୍ତ ଭୂମି
ମିଶରରେ କ୍ରୟ କଲେ। ମିଶରରେ ସମସ୍ତ ଲୋକ ସେମାନଙ୍କର
ସମସ୍ତ ଭୂମି ସବୁ ବିକ୍ରୟ କଲେ। ସେମାନେ ଭୋକରେ
ଥିବାରୁ ଏହିପରି କଲେ। 21ଏବଂ ଏହିପରି ଭାବରେ ସମସ୍ତ
ଲୋକ ଫାରୋଙ୍କର ଦାସ ହେଲେ। ମିଶରରେ ଚାରିଆଡ଼େ
ଲୋକମାନେ ଫାରୋଙ୍କର ଦାସ ହେଲେ। 22ସେ କେବଳ
ଯାଜକମାନଙ୍କର ଭୂମି କ୍ରୟ କଲେ ନାହିଁ। କାରଣ ଫାରୋ
ସେମାନଙ୍କୁ ବୃତ୍ତି ଯୋଗାଇଲେ। ଏଣୁ ଫାରୋଙ୍କର ଦ୍ୱାରା ଦିଆ
ଯାଇଥିବା ବୃତ୍ତିରେ ସେମାନେ ବଞ୍ଚୁଥିଲେ। ସେମାନେ ଆପଣା
ଭୂମି ବିକ୍ରୟ କଲେ ନାହିଁ।
23ଏହାପରେ ଯୋଷେଫ ପ୍ରଜାମାନଙ୍କୁ କହିଲେ, "ଆଜି
ପର୍ଯ୍ୟନ୍ତ ମୁଁ ଫାରୋଙ୍କ ନିମନ୍ତେ ତୁମ୍ଭମାନଙ୍କୁ ଓ ତୁମ୍ଭମାନଙ୍କ
ଭୂମି ସବୁ କିଣିଲି। ଏବେ ଏହି ବିହନ ନେଇ ଭୂମିରେ ବୁଣ।
24ତହିଁରୁ ଯାହା ଉତ୍ପନ୍ନ ହେବ। ତାହାର ପଞ୍ଚମାଂଶ ଫାରୋଙ୍କୁ
ଦେବ। ପୁଣି ଅନ୍ୟ ଚାରିଅଂଶ ଭୂମିର ବିହନପାଇଁ ଓ ତୁମ୍ଭେ

ତୁମ୍ଭର ପରିଜନ ଏବଂ ତୁମ୍ଭର ପିଲାମାନଙ୍କ ପାଇଁ ଖାଦ୍ୟ
ରହିବ।”
**25**ଲୋକମାନେ କହିଲେ, “ଆପଣ ଆମ୍ଭମାନଙ୍କ ପ୍ରାଣ
ରକ୍ଷା କଲେ। ଆପଣଙ୍କ କୃପା ଦୃଷ୍ଟି ହେଲେ ଆମ୍ଭେମାନେ
ଫାରୋଙ୍କର ଦାସ ହେବୁ।”
**26**ପଞ୍ଚମାଂଶ ଫାରୋ ପାଇବେ। ମିଶରର ସମସ୍ତ ଭୂମି
ବିଷୟରେ ଯୋଷେଫଙ୍କର ସ୍ଥାପିତ ଏହି ନିୟମ ଆଜି ପର୍ଯ୍ୟନ୍ତ
ଚଳୁଅଛି। କେବଳ ଯାଜକମାନଙ୍କର ଭୂମି ଫାରୋଙ୍କର ହେଲା
ନାହିଁ।

### “ମୋର ଶବ ମିଶରରେ କବର ଦେବ ନାହିଁ”

**27**ସେ ସମୟରେ ଇଶ୍ରାୟେଲ (ଯାକୁବ) ମିଶରରେ
ଗୋଶନ ପ୍ରଦେଶରେ ବାସ କଲେ। ସେଠାରେ ଇଶ୍ରାୟେଲମାନେ
ସଫଳ ହେଲେ ଏବଂ ସେମାନଙ୍କର ପରିବାରସବୁ ବୃଦ୍ଧି
ପାଇଲା।
**28**ଯାକୁବ ମିଶର ଦେଶରେ ସତର ବର୍ଷ କାଳକ୍ଷେପଣ
କଲେ ଏବଂ ତାଙ୍କର ପରମାୟୁ 147 ବର୍ଷ ଥିଲା। **29**ଇଶ୍ରାୟେଲଙ୍କର
ମରଣ ଦିନ ପାଖେଇ ଆସିବାରୁ ସେ ଆପଣା ପୁତ୍ର
ଯୋଷେଫଙ୍କୁ ଡ଼ାକି କହିଲେ, “ମୁଁ ଯେବେ ତୁମ୍ଭ ସାକ୍ଷାତରେ
ଅନୁଗ୍ରହ ପାଇଲି, ତେବେ ବିନୟ କରୁଅଛି, ତୁମ୍ଭେ ମୋ
ଜଙ୍ଘରେ ହସ୍ତ ଦିଅ। ପୁଣି ମୋ ପ୍ରତି ଦୟା ଓ ସତ୍ୟ
ବ୍ୟବହାର କରି ମୋତେ ଏହି ମିଶର ଦେଶରେ କବର ଦିଅ
ନାହିଁ। **30**ମୁଁ ମୋର ଆପଣା ପୂର୍ବପୁରୁଷମାନଙ୍କ ସହିତ ଶୟନ
କଲେ ତୁମ୍ଭେ ମୋତେ ଏହି ମିଶର ଦେଶରୁ ନେଇଯାଇ
ସେମାନଙ୍କର କବର ସ୍ଥାନରେ କବରଶାୟୀ କରିଅ।”
ଯୋଷେଫ କହିଲେ, “ମୁଁ ପ୍ରତିଜ୍ଞା କରୁଅଛି ତୁମ୍ଭର
ଇଚ୍ଛାନୁସାରେ କରିବି।”
**31**ଏହାପରେ ଯାକୁବ କହିଲେ, “ତୁମ୍ଭେ ଶପଥ କର।”
ଏବଂ ଯୋଷେଫ ତାଙ୍କ ସମ୍ମୁଖରେ ଶପଥ କଲେ। ଏହାପରେ
ଇଶ୍ରାୟେଲ ଶଯ୍ୟାରେ ମୁଣ୍ଡ ଆଡ଼େ ପ୍ରଣାମ କଲେ।

### ମନଃଶି ଓ ଇଫ୍ରୟିମଙ୍କୁ ଆଶୀର୍ବାଦ

**48** ପରେ, ଯୋଷେଫ ଜାଣିବାକୁ ପାଇଲେ ଯେ ତାଙ୍କର
ପିତା ବହୁତ ଅସୁସ୍ଥ ହୋଇ ପଡ଼ିଛନ୍ତି। ତେଣୁ
ଯୋଷେଫ ତାଙ୍କର ଦୁଇ ପୁତ୍ର ମନଃଶି ଓ ଇଫ୍ରୟିମଙ୍କୁ ନେଇ
ତାଙ୍କର ପିତାଙ୍କ ନିକଟକୁ ଗଲେ। **2**ଯେତେବେଳେ ଯୋଷେଫ
ସେଠାରେ ପହଞ୍ଚିଲେ ସେତେବେଳେ କେହିଜଣେ ଯାକୁବଙ୍କୁ
କହିଲେ, “ତୁମ୍ଭର ପୁତ୍ର ଯୋଷେଫ ତୁମ୍ଭକୁ ଦେଖିବାକୁ
ଆସିଛନ୍ତି।” ଇଶ୍ରାୟେଲ ବହୁତ ଦୁର୍ବଳ ହୋଇ ପଡ଼ିଥିଲେ।
କିନ୍ତୁ ସେ ବହୁତ ଚେଷ୍ଟା କଲେ ଏବଂ ବିଛଣାରେ ବସିଲେ।
**3**ଏହାପରେ ଇଶ୍ରାୟେଲ ଯୋଷେଫଙ୍କୁ କହିଲେ,
“ସର୍ବଶକ୍ତିମାନ ପରମେଶ୍ୱର କିଣାନ ଦେଶର ଲୁସ୍ ନାମକ
ସ୍ଥାନରେ ମୋତେ ଦର୍ଶନ ଦେଲେ, ପରମେଶ୍ୱର ସେଠାରେ
ମୋତେ ଆଶୀର୍ବାଦ କଲେ। **4**ପରମେଶ୍ୱର ମୋତେ କହିଲେ,
‘ଦେଖ ମୁଁ ତୁମ୍ଭର ପରିବାରକୁ ବୃଦ୍ଧି କରିବି ଓ ତୁମ୍ଭଠାରୁ
ନାନା ଜନସମାଜ ସୃଷ୍ଟି କରିବି। ତୁମ୍ଭର ବଂଶଧରକୁ ଅନନ୍ତକାଳୀନ
ଅଧିକାର ନିମନ୍ତେ ଏହି ଦେଶ ଦେବି।’ **5**ଏବଂ ବର୍ତ୍ତମାନ
ତୁମ୍ଭର ଦୁଇ ପୁତ୍ର ଅଛନ୍ତି। ଏହି ଦୁଇ ପୁତ୍ର ମିଶରରେ ମୋର
ଆସିବା ପୂର୍ବରୁ ଜନ୍ମିଛନ୍ତି। ତୁମ୍ଭର ଦୁଇ ପୁତ୍ର ଇଫ୍ରୟିମ ଓ
ମନଃଶି ମୋ ନିଜର ପୁତ୍ର ପରି। ସେମାନେ ରୁବେନ ଓ
ଶିମିୟୋନଙ୍କ ପରି ମୋ ପାଇଁ ଅଟନ୍ତି। **6**ଏମାନଙ୍କ ପରେ
ତୁମ୍ଭର ଯେଉଁ ସନ୍ତାନ ଜନ୍ମ ନେବେ। ସେମାନେ ତୁମ୍ଭର
ହେବେ ଏବଂ ତାଙ୍କର ଭାଇମାନଙ୍କ ସହିତ ସେମାନେ ସମ୍ପତ୍ତି
ପାଇବେ। **7**ପଦ୍ଦନ ଅରାମଠାରୁ କିଣାନ ଦେଶକୁ ମୋହର
ଆଗମନ କାଳରେ ରାହେଲ, ଇଫ୍ରାତାର ରାସ୍ତାରେ ମରିଗଲା।
ସେଥି ନିମନ୍ତେ ମୁଁ ତାକୁ ଇଫ୍ରାଥାରେ (ବୈଥିଲେହମରେ)
କବର ଦେଲି।”
**8**ଏହାପରେ ଇଶ୍ରାୟେଲ ଯୋଷେଫଙ୍କର ପୁତ୍ରମାନଙ୍କୁ ଦେଖି
ପଚାରିଲେ, “ଏମାନେ କିଏ?”
**9**ଯୋଷେଫ ଆପଣା ପିତାଙ୍କୁ କହିଲେ, “ଏମାନେ ମୋହର
ପୁତ୍ର, ପରମେଶ୍ୱର ଏମାନଙ୍କୁ ଏହି ଦେଶରେ ମୋତେ
ଦେଇଅଛନ୍ତି।”
ତେବେ ଇଶ୍ରାୟେଲ କହିଲେ, “ବିନୟ କରୁଅଛି, ଏମାନଙ୍କୁ
ମୋ ନିକଟକୁ ଆଣ। ମୁଁ ଏମାନଙ୍କୁ ଆଶୀର୍ବାଦ କରିବି।”
**10**ଇଶ୍ରାୟେଲ ବହୁତ ବୃଦ୍ଧ ହୋଇଥିବାରୁ ତାଙ୍କୁ ଭଲ
ଦେଖା ଯାଉ ନ ଥିଲା। ତେଣୁ ଯୋଷେଫ ତାଙ୍କର ପୁତ୍ରମାନଙ୍କୁ
ଇଶ୍ରାୟେଲଙ୍କ ନିକଟକୁ ନେଲେ। ଇଶ୍ରାୟେଲ ସେମାନଙ୍କୁ
ଚୁମ୍ବନ ଦେଲେ ଓ କୋଳାଇ ନେଲେ। **11**ଏହାପରେ ଇଶ୍ରାୟେଲ,
ଯୋଷେଫଙ୍କୁ କହିଲା, “ମୁଁ କେବେ ବି ଭାବି ନଥିଲି ମୁଁ
ତୁମ୍ଭକୁ ଆଉ ଦେଖିପାରିବି। କିନ୍ତୁ ଦେଖ! ପରମେଶ୍ୱର
ତୁମ୍ଭକୁ ଓ ତୁମ୍ଭର ସନ୍ତାନମାନଙ୍କୁ ଦେଖାଇଲେ।”
**12**ଏହାପରେ ଯୋଷେଫ ପିତାଙ୍କର କୋଳରୁ ସେମାନଙ୍କୁ
ନେଇ ଆପେ ଭୂମିଷ୍ଠ ପ୍ରଣାମ କଲେ। **13**ଯୋଷେଫ ସେ
ଦୁହିଁଙ୍କୁ ନେଇ ଆପଣା ଦକ୍ଷିଣ ହସ୍ତରେ ଇଫ୍ରୟିମକୁ ଧରି
ଇଶ୍ରାୟେଲଙ୍କ ବାମ ଭାଗରେ ଓ ବାମ ହସ୍ତରେ ମନଃଶିକୁ
ଧରି ଇଶ୍ରାୟେଲଙ୍କ ଦକ୍ଷିଣ ଭାଗରେ ଉପସ୍ଥିତ କରାଇଲେ।
**14**ଇଶ୍ରାୟେଲ ନିଜର ଦକ୍ଷିଣ ହସ୍ତ ବଢ଼ାଇ କନିଷ୍ଠ ଇଫ୍ରୟିମର
ମୁଣ୍ଡରେ ତାଙ୍କର ବାମ ହସ୍ତ ରଖିଲେ। ଏହାପରେ ଇଶ୍ରାୟେଲ
ତାଙ୍କର ବାମହସ୍ତ ମନଃଶିର ମସ୍ତକ ଉପରେ ରଖିଲେ ଯିଏକି
ପ୍ରଥମେ ଜନ୍ମ ହୋଇଥିଲା। **15**ଅନନ୍ତର ଇଶ୍ରାୟେଲ ଯୋଷେଫଙ୍କୁ
ଆଶୀର୍ବାଦ କରି କହିଲେ,
“ଯେଉଁ ପରମେଶ୍ୱରଙ୍କ ସାକ୍ଷାତରେ ମୋର ପୂର୍ବପୁରୁଷ
ଅବ୍ରାହମ ଓ ଇସ୍ହାକ୍ ଗମନାଗମନ କରିଥିଲେ। ଯେଉଁ
ପରମେଶ୍ୱର ଜନ୍ମାବଧି ଆଜି ପର୍ଯ୍ୟନ୍ତ ମୋତେ ପ୍ରତିପାଳନ
କରି ଅଛନ୍ତି।
**16**ସେ ଦୂତ ଥିଲେ ଯିଏ ମୋତେ ବିପଦରୁ ଉଦ୍ଧାର
କରିଛନ୍ତି। ମୁଁ ପ୍ରାର୍ଥନା କରୁଛି ସେ ଏହି ବାଳକମାନଙ୍କୁ
ଆଶୀର୍ବାଦ କରନ୍ତୁ। ସେମାନେ ମୋ ନାମରେ ଓ ମୋହର
ପୂର୍ବପୁରୁଷ ଅବ୍ରହାମ ଓ ଇସ୍ହାକ୍ଙ୍କ ନାମ ବହନ କରିବେ।
ମୁଁ ପାର୍ଥନା କରୁଛି, ସେମାନେ ବୃଦ୍ଧି ପାଇବେ ଏବଂ ଦେଶ
ସେମାନଙ୍କର ପରିବାର ଦ୍ୱାରା ଜନପୂର୍ଣ୍ଣ ହୋଇଯିବ।”
**17**ଯୋଷେଫ ଦେଖିଲେ, ତାଙ୍କର ପିତା ତାଙ୍କର ପୁତ୍ର
ଇଫ୍ରୟିମଙ୍କ ମୁଣ୍ଡରେ ଦକ୍ଷିଣ ହସ୍ତ ରଖିଥିଲେ। ଏହା ଯୋଷେଫଙ୍କୁ
ଖୁସି କରି ନ ଥିଲା। ଯୋଷେଫ ତାଙ୍କର ହସ୍ତକୁ ଧରି

ଇଫ୍ରୟିମଙ୍କ ମୁଣ୍ଡରୁ ତାଙ୍କର ହାତ କାଢ଼ିଲେ ଏବଂ ସେହି
ହସ୍ତକୁ ମନଃଶିର ମୁଣ୍ଡରେ ଥୋଇଲେ। **18**ଯୋଷେଫ ତାଙ୍କର
ପିତାଙ୍କୁ କହିଲେ, "ଆପଣ ଆପଣଙ୍କର ଦକ୍ଷିଣହସ୍ତ ଭୁଲରେ
ରଖି ଅଛନ୍ତି। ମନଃଶି ପ୍ରଥମଜାତ ସନ୍ତାନ। ଆପଣ ଆପଣଙ୍କର
ଦକ୍ଷିଣ ହସ୍ତ ମନଃଶିର ମସ୍ତକରେ ରଖନ୍ତୁ।"
**19**କିନ୍ତୁ ତାଙ୍କର ପିତା ଅସମ୍ମତ ହୋଇ କହିଲେ, "ହେ
ପୁତ୍ର, ମୁଁ ତାହା ଜାଣେ। ମୁଁ ମଧ୍ୟ ଜାଣେ ସେ ମଧ୍ୟ ଏକ
ଗୋଷ୍ଠୀ ହେବ ଓ ସେ ମହାନ ହେବ। ମାତ୍ର ତୁମ୍ଭର କନିଷ୍ଠ
ପୁତ୍ର ତା'ଠାରୁ ଅଧିକ ମହାନ ହେବ ଓ ତାହାର ବଂଶ ବହୁ
ଗୋଷ୍ଠୀ ହେବ।"
**20**ତେଣୁ ଇଶ୍ରାୟେଲ ସେ ଉଭୟଙ୍କୁ ଆଶୀର୍ବାଦ କରି
କହିଲେ, "ଯେତେବେଳେ ଇଶ୍ରାୟେଲର ଲୋକମାନେ ଅନ୍ୟମାନଙ୍କୁ
ଆଶୀର୍ବାଦ କରିବେ ସେମାନେ ତୁମ୍ଭର ନାମ ନେବେ।
ସେମାନେ କହିବେ, "ଇଫ୍ରୟିମ ଓ ମନଃଶି ପରି ପରମେଶ୍ୱର
ତୁମ୍ଭଙ୍କୁ କରନ୍ତୁ।"
ଏହି ପ୍ରକାରରେ ଇଶ୍ରାୟେଲ ମନଃଶିଠାରୁ ଇଫ୍ରୟିମଙ୍କୁ
ମହାନ କଲେ।
**21**ଏହାପରେ ଇଶ୍ରାୟେଲ ଯୋଷେଫଙ୍କୁ କହିଲେ, "ମୋର
ମୃତ୍ୟୁ ସମୟ ପ୍ରାୟ ସନ୍ନିକଟ। ପରମେଶ୍ୱର ତୁମ୍ଭକୁ ସଦୟ
ହୁଅନ୍ତୁ। ସେ ତୁମ୍ଭକୁ ପୁନର୍ବାର ତୁମ୍ଭର ପୂର୍ବପୁରୁଷଙ୍କ ଦେଶକୁ
ନେଇ ଯିବେ। **22**ମୁଁ ତୁମ୍ଭକୁ କିଛି ଦେଲି ଯାହା ତୁମ୍ଭ
ଭାଇମାନଙ୍କୁ ଦେଇନଥିଲି, ମୁଁ ଆପଣା ଖଡ୍ଗ ଓ ଧନୁଦ୍ୱାରା
ଇମୋରୀୟମାନଙ୍କ ହସ୍ତରୁ ଯେଉଁ ଅଂଶ ପାଇଅଛି, ତୁମ୍ଭ
ଭ୍ରାତୃଗଣ ଅପେକ୍ଷା ସେହି ଅଧିକ ଅଂଶ ତୁମ୍ଭକୁ ଦେଲି।"

### ଯାକୁବ ତାଙ୍କର ପୁତ୍ରମାନଙ୍କୁ ଆଶୀର୍ବାଦ କଲେ

**49** ଏହାପରେ ଯାକୁବ ତାଙ୍କର ପୁତ୍ରମାନଙ୍କୁ ଆପଣା
ନିକଟକୁ ଡ଼ାକାଇଲେ। ସେ କହିଲେ, "ହେ ମୋର
ପୁତ୍ରଗଣ, ମୋ ନିକଟକୁ ଆସ। ଭବିଷ୍ୟତ କଥା ମୁଁ ତୁମ୍ଭକୁ
କହିବି।
**2**"ହେ ଯାକୁବର ପୁତ୍ରଗଣ ଏକତ୍ର ହୋଇ ମୋ କଥା
ଶୁଣ। ତୁମ୍ଭେ ତୁମ୍ଭର ପିତା, ଇଶ୍ରାୟେଲଙ୍କ କଥା ଶୁଣ।"

### ରୁବେନ୍

**3**"ହେ ମୋର ପ୍ରଥମ ପୁତ୍ର ରୁବେନ୍, ତୁମ୍ଭେ ମୋର
ପ୍ରଥମଜାତ ପୁତ୍ର। ତୁମ୍ଭେ ମୋର ବଳ ଓ ଶକ୍ତିର ପ୍ରଥମ
ଫଳ ଏବଂ ପୁଣି ମୋର ପୁତ୍ରମାନଙ୍କ ମଧ୍ୟରେ ତୁମ୍ଭେ ସବୁଠୁଁ
ସମ୍ମାନିତ ଏବଂ ଶକ୍ତିଶାଳୀ ଥିଲ।
**4**କିନ୍ତୁ ତୁମ୍ଭର ଆବେଗ ବନ୍ୟା ତୁଲ୍ୟ ଥିଲା, ତୁମ୍ଭେ
ନିୟନ୍ତ୍ରଣ କରିପାରିଲ ନାହିଁ। ତୁମ୍ଭର ପ୍ରଧାନତା ରହିବ ନାହିଁ।
କାରଣ ତୁମ୍ଭେ ଆପଣା ପିତୃଶଯ୍ୟାକୁ ଗମନ କଲ। ତେବେ
ତାହା ଅଶୁଚି କଲ।"

### ଶିମିୟୋନ ଓ ଲେବି

**5**"ଶିମିୟୋନ ଓ ଲେବୀ ଦୁଇ ସହୋଦର, ସେମାନଙ୍କର
ଖଡ୍ଗ ଦୌରାତ୍ମ୍ୟର ଅସ୍ତ୍ର।
**6**ସେମାନେ ଗୁପ୍ତରେ ମନ୍ଦ ଯୋଜନା କରନ୍ତି। ହେ ମୋର
ପ୍ରାଣ ସେମାନଙ୍କର ଗୁପ୍ତମନ୍ତ୍ରଣାରେ ପ୍ରବେଶ କର ନାହିଁ।
ସେମାନଙ୍କ ସଭାରେ ମିଳିତ ହୁଅ ନାହିଁ, କାରଣ ସେମାନେ
କ୍ରୋଧିତ ଥିଲାବେଳେ ମନୁଷ୍ୟମାନଙ୍କୁ ହତ୍ୟା ଏବଂ ସେମାନଙ୍କ
ଆନନ୍ଦ ପାଇଁ ବଳଦଗୁଡ଼ିକୁ ହତ୍ୟା କଲେ।
**7**ସେମାନଙ୍କ କ୍ରୋଧ ଅଭିଶପ୍ତ ହେଉ। କାରଣ ତାହା
ପ୍ରଚଣ୍ଡ ଥିଲା। ସେମାନଙ୍କ କୋପ ଅଭିଶପ୍ତ ହେଉ କାରଣ
ତାହା ନିଷ୍ଠୁର ଥିଲା। ମୁଁ ଯାକୁବ ମଧ୍ୟରେ ସେମାନଙ୍କୁ ବିଭାଗ
କରିବି। ଏବଂ ଇଶ୍ରାୟେଲ ମଧ୍ୟରେ ଛିନ୍ନ ଭିନ୍ନ କରିବି।"

### ଯିହୁଦା

**8**"ଯିହୁଦା, ତୁମ୍ଭର ଭାଇମାନେ ତୁମ୍ଭର ପ୍ରଶଂସା କରିବେ।
ତୁମ୍ଭେ ତୁମ୍ଭର ଶତ୍ରୁମାନଙ୍କୁ ପରାସ୍ତ କରିବ। ତୁମ୍ଭର ଭାଇମାନେ
ତୁମ୍ଭକୁ ପ୍ରଣାମ କରିବେ।
**9**ଯିହୁଦା ଏକ ସିଂହ ପରି ଅଟେ। ହେ ମୋହର ପୁତ୍ର,
ତୁମ୍ଭେ ତୁମ୍ଭର ଶିକାରକୁ ବଧ କରିଛ। ସେ ବିଶ୍ରାମ ନେବା
ପାଇଁ ଗଡ଼ପଡ଼େ। ସେ ସିଂହ ଓ ସିଂହୀର ନ୍ୟାୟ ଶୟନ
କଲା। କେହି ତାହାକୁ ଉଠାଇ ପାରିବ ନାହିଁ।
**10**ଶୀଲୋର ଆଗମନ ପର୍ଯ୍ୟନ୍ତ ଯିହୁଦାଠାରୁ ରାଜଦଣ୍ଡ ଓ
ତା'ର ଚରଣ ଦ୍ୱୟ ମଧ୍ୟରୁ ବିଚାରକର୍ତ୍ତାର ଯଷ୍ଟି ଯିବ ନାହିଁ।
ତାହାଙ୍କ ନିକଟରେ ଲୋକମାନେ ଅଧିନତା ସ୍ୱୀକାର କରିବେ।
**11**ସେ ଦ୍ରାକ୍ଷାଲତା ନିକଟରେ ଆପଣା ଗଧକୁ ବାନ୍ଧିଲେ।
ସେ ଉତ୍ତମ ଦ୍ରାକ୍ଷାଲତା ନିକଟରେ ଆପଣା ଗଧର ଛୁଆକୁ
ବାନ୍ଧିବ। ସେ ଦ୍ରାକ୍ଷାରସରେ ଆପଣା ଉତ୍ତରୀୟ ବସ୍ତ୍ର ଓ
ଆପଣା ପରିଧେୟ ବସ୍ତ୍ର ଧୋଇବେ।
**12**ତା'ର ଚକ୍ଷୁ ଅଙ୍ଗୁର ରସଠାରୁ ଅଧିକ ଲାଲ ଏବଂ
ତା'ର ଦାନ୍ତ ଦୁଧଠାରୁ ଅଧିକ ଧବଳ ହେବ।"

### ସବୂଲୂନ୍

**13**"ସବୂଲୂନ୍ ସମୁଦ୍ର କୂଳରେ ବାସ କରିବ। ସେ
ଜାହାଜର ଆଶ୍ରିତ ବନ୍ଦର ହେବ। ପୁଣି ସୀଦୋନ ପର୍ଯ୍ୟନ୍ତ
ତାହାର ଅଧିକାର ସୀମା ହେବ।"

### ଇଷାଖର

**14**"ସେ ଗୋଟିଏ ଗଧ ପରି କଠିନ ପରିଶ୍ରମ କରିବ।
ଭାର ବୋଝ ବହିଲା ପରେ ସେ ଶୁଏ।
**15**ସେ ବିଶ୍ରାମ ସ୍ଥାନକୁ ଉତ୍ତମ ଓ ଦେଶକୁ ସୁରମ୍ୟ
ଦେଖିବ। ଏହାପରେ ସେ ଭାର ଭାର ବୋହିବା ପାଇଁ ରାଜି
ହେବ। ସେ ବେଠିକାମ କରିବାକୁ ରାଜି ହେବ।"

### ଦାନ

**16**"ଦାନ, ଇଶ୍ରାୟେଲର ଅନ୍ୟାନ୍ୟ ବଂଶ ତୁଲ୍ୟ ହୋଇ
ଆପଣା ଆପଣା ଲୋକମାନଙ୍କର ବିଚାର କରିବ।
**17**ଦାନ ପଥସ୍ଥିତ ସର୍ପତୁଲ୍ୟ ଓ ମାର୍ଗସ୍ଥିତ ବିଷଧର
ସାପତୁଲ୍ୟ। ଯେ କି ଘୋଡ଼ାମାନଙ୍କର ପାଦକୁ ଦଂଶନ କଲେ
ଯେଉଁଥିରେ ଅଶ୍ୱାରୋହୀମାନେ ଭୂମିରେ ଲୋଟନ୍ତି।
**18**"ହେ ସଦାପ୍ରଭୁ, ମୁଁ ତୁମ୍ଭଦ୍ୱାରା ପରିତ୍ରାଣର ଅପେକ୍ଷାରେ
ଅଛି।"

### ଗାଦ

19"ସୈନ୍ୟଦଳ ଗାଦକୁ ଆକ୍ରମଣ କରିବେ। କିନ୍ତୁ ଗାଦ
ସେମାନଙ୍କୁ ପଛରୁ ଆକ୍ରମଣ କରିବ।"

### ଆଶେର

20"ଆଶେର ଉତ୍ତମ ଖାଦ୍ୟ ଉତ୍ପନ୍ନ କରିବ। ସେ ରାଜାଙ୍କୁ
ରାଜକୀୟ ଭକ୍ଷ ଯୋଗାଇବ।"

### ନପ୍ତାଲି

21"ନପ୍ତାଲି ମନୋହର ଏକ ହରିଣୀ ସ୍ୱରୂପ, ସେ
ଆନନ୍ଦଦାୟକ ବାକ୍ୟ କହିବ।"

### ଯୋଷେଫ

22"ଯୋଷେଫ ଫଳଦାୟୀ ବୃକ୍ଷର ପଲ୍ଲବ। ସେ ନିର୍ଝର
ଫଳଦାୟୀ ବୃକ୍ଷର ପଲ୍ଲବ ସ୍ୱରୂପ। ତା'ର ଶାଖା ସକଳ
ପ୍ରାଚୀର ଉପରେ ଚଢ଼ିବ।
23ଧନୁର୍ଦ୍ଧରମାନେ ତାଙ୍କୁ ଅତିଶୟ କ୍ଲେଶ ଦେଇଛନ୍ତି। ପୁଣି
ତାକୁ ବାଣ ବିନ୍ଧି ତାକୁ ତାଡନା କରିଛନ୍ତି।
24କିନ୍ତୁ ତାହାର ଧନୁ ଦୃଢ ଥିଲା ଏବଂ ତାହାର ବାହୁ
ଯାକୁବର ଶକ୍ତିଶାଳି ପରମେଶ୍ୱର ଇଶ୍ରାୟେଲର ମେଷପାଳକଠାରୁ
କୌଶଳ ପ୍ରାପ୍ତ ହୋଇଥିଲା।
25ପୈତୃକ ପରମେଶ୍ୱର, ସାହାଯ୍ୟ କରିବେ ଏବଂ ସର୍ବଶକ୍ତିମାନ
ପରମେଶ୍ୱର ସ୍ୱର୍ଗରୁ ତୁମ୍ଭଙ୍କୁ ଆଶୀର୍ବାଦ ଦେବେ। ଆକାଶରୁ
ମଙ୍ଗଳ ଓ ଗଭୀର ସାଗର ଗର୍ଭାଶୟ ବାରିଧିରୁ ମଙ୍ଗଳ
ତୁମ୍ଭକୁ ଆଶୀର୍ବାଦ କରିବେ।
26ତୁମ୍ଭର ପିତାଙ୍କ ଆଶୀର୍ବାଦ ଅଧିକ ପ୍ରାଚୀନ ପର୍ବତଠାରୁ
ଏବଂ ଭଲ ବିଷୟ ଚିରସ୍ଥାୟୀ ପର୍ବତର ସୀମା ପର୍ଯ୍ୟନ୍ତ ହେବ।
ଯୋଷେଫ ଯିଏକି ତାଙ୍କ ଭାଇମାନଙ୍କଠାରୁ ଭିନ୍ନ ସେହି
ଆଶୀର୍ବାଦ ସମସ୍ତ ଭୋଗକରୁ।"

### ବିନ୍ୟାମୀନ

27"ବିନ୍ୟାମୀନ ଏକ ଭୋକିଲା ଗଧିଆ ତୁଲ୍ୟ। ପ୍ରଭାତରେ
ସେ ଶୀକାର କରି ଖାଏ। ଅବଶିଷ୍ଟାଂଶ ସନ୍ଧ୍ୟାରେ ସେ ଦୁହେଁ
ଭାଗ କରନ୍ତି।"
28ଏମାନେ ଇଶ୍ରାୟେଲର ଦ୍ୱାଦଶ ଗୋଷ୍ଠୀ। ଏମାନଙ୍କ
ପିତା ଆଶୀର୍ବାଦ କରିବା ବେଳେ ଏହିକଥା କହି, ଏମାନଙ୍କର
ପ୍ରତି ଜଣକୁ ବିଶେଷ ଆଶୀର୍ବାଦ କଲେ। 29ଏହାପରେ
ଇଶ୍ରାୟେଲ ତାଙ୍କୁ ନିର୍ଦ୍ଦେଶ ଦେଇ କହିଲେ, "ମୁଁ ଯେତେବେଳେ
ମରିବି, ମୋର ପୂର୍ବପୁରୁଷମାନଙ୍କ ସହିତ ମୋତେ ଇଫ୍ରୋଣର
ହେତୀୟ କ୍ଷେତରେ କବର ଦିଅ। 30ଏଣୁ ଅବ୍ରହାମ କବର
ସ୍ଥାନର ଅଧିକାର ନିମନ୍ତେ କିଣାନ ଦେଶରେ ମମ୍ରିର ସମ୍ମୁଖସ୍ଥ
ଯେଉଁ ମକ୍ପେଲାର କ୍ଷେତ୍ର ହେତୀୟ, ଇଫ୍ରୋଣଠାରୁ କିଣିଥିଲେ,
ସେହି ହେତୀୟ ଇଫ୍ରୋଣର କ୍ଷେତ୍ରସ୍ଥିତ ଗୁହାରେ ମୋର
ପୂର୍ବପୁରୁଷମାନଙ୍କ ନିକଟରେ ମୋତେ କବର ଦେବ। 31ଅବ୍ରାହାମ
ଏବଂ ତାଙ୍କ ସ୍ତ୍ରୀ ସାରା ସେଠାରେ କବର ପ୍ରାପ୍ତ ହୋଇଛନ୍ତି।
ଇସ୍ହାକ୍ ଓ ତା'ର ସ୍ତ୍ରୀ ରିବିକା ସେହିଠାରେ କବର
ନେଇଛନ୍ତି। ମୁଁ ସେହି ସ୍ଥାନରେ ଲେୟାକୁ କବର ଦେଇଛି।
32ସେହି କ୍ଷେତ୍ର ଓ ତନ୍ମଧ୍ୟସ୍ଥ ଗୁହା ହେତୀୟ ସନ୍ତାନମାନଙ୍କଠାରୁ
କିଣା ହୋଇଅଛି।" 33ଯାକୁବ ତାଙ୍କର ପିଲାମାନଙ୍କ ସହିତ
କଥାବାର୍ତ୍ତା କଲାପରେ ସେ ଶଯ୍ୟାରେ ଦୁଇପାଦ ଏକତ୍ର
ବିଛଣା ଭିତରକୁ କରି ପ୍ରାଣତ୍ୟାଗ କଲେ।

### ଯାକୁବଙ୍କର ସମାଧି

50 ଇଶ୍ରାୟେଲ ମରିଯିବା ପରେ, ଯୋଷେଫ ବହୁତ
ଦୁଃଖ କଲେ ଏବଂ ସେ ରୋଦନ କଲେ ଓ
ପିତାଙ୍କୁ ଚୁମ୍ବନ କଲେ। 2ଯୋଷେଫ ତାଙ୍କର ବୈଦ୍ୟମାନଙ୍କୁ
ତାଙ୍କ ପିତାଙ୍କର ଶରୀରକୁ ସଂସ୍କାର ନିମନ୍ତେ ପ୍ରସ୍ତୁତ କରିବାକୁ
ନିର୍ଦ୍ଦେଶ ଦେଲେ। ସେମାନେ ଶରୀରକୁ ମିଶରୀୟ ପଦ୍ଧତିରେ
ପ୍ରସ୍ତୁତ କଲେ। 3ମିଶରୀୟ ଲୋକମାନେ ତାଙ୍କ ପାଇଁ ସତୁରି
ଦିନଯାଏ ଶୋକ କଲେ। ଶରୀର ସଂସ୍କାର ନିମନ୍ତେ ପ୍ରସ୍ତୁତ
ଚାଳିଶ ଦିନରେ ଶେଷ ହେଲା। ସଂପୂର୍ଣ୍ଣ ଶୋକପରେ ଯୋଷେଫ
ଫାରୋଙ୍କ ନିକଟକୁ ଗଲେ।
4ଏହି ସତୁରି ଦିନ ପରେ ଶୋକ ଦିନ ଶେଷ ହେଲା।
ତେଣୁ ଯୋଷେଫ ଫାରୋଙ୍କର ପରିଜନଙ୍କୁ କହିଲେ, "ତୁମ୍ଭେ
ଯଦି ମୋର ମଙ୍ଗଳ ଭାବୁଛ, ଦୟାକରି ଫାରୋଙ୍କୁ କୁହ।
5'ମୋର ପିତାଙ୍କ ମୃତ୍ୟୁ ପୂର୍ବରୁ ମୁଁ ତାଙ୍କଠାରେ ଶପଥ
କରିଥିଲି ଯେ ତାଙ୍କର ମୃତ୍ୟୁପରେ କିଣାନ ଦେଶରେ ସେ
ଆପଣା ନିମନ୍ତେ ଯେଉଁ କବର ଖନନ କରିଥିଲେ ତହିଁରେ
ତାହାଙ୍କୁ କବର ଦେବି। ତେଣୁ ଏବେ ମୋତେ ଯିବାକୁ
ଦିଅନ୍ତୁ। ମୁଁ ପିତାଙ୍କୁ କବର ଦେଇ ପୁନର୍ବାର ଆସିବି।'"
6ଫାରୋ କହିଲେ, "ତୁମ୍ଭର ପ୍ରତିଜ୍ଞା ରକ୍ଷା କରିଯାଅ।
ଯାଅ ପିତାଙ୍କୁ କବର ଦିଅ।"
7ତେଣୁ ଯୋଷେଫ ତାଙ୍କର ପିତାଙ୍କୁ କବର ଦେବାକୁ
ଗଲେ। ଫାରୋଙ୍କର ସମସ୍ତ ପ୍ରାଚୀନଗଣ ତାଙ୍କ ଗୃହର ପ୍ରଧାନ
ଲୋକ ଏବଂ ମିଶର ଦେଶର ପ୍ରଧାନ ଲୋକମାନେ ଯୋଷେଫଙ୍କ
ସହିତ ଗଲେ। 8ଯୋଷେଫଙ୍କ ପରିବାର ସମସ୍ତ ଲୋକ,
ତାଙ୍କର ଭାଇମାନେ ଏବଂ ତାଙ୍କ ପିତାଙ୍କର ସମସ୍ତ ବଂଶ ତାଙ୍କ
ସହିତ ଗଲେ। ଗୋଶନରେ କେବଳ ପଶୁ ଓ ପିଲାମାନେ
ରହିଲେ। 9ତାଙ୍କ ସହ ଏକ ବିରାଟ ସମାରୋହ ଗଲା।
ଏପରିକି ତାଙ୍କ ସହିତ ଅଶ୍ୱାରୋହି ସୈନ୍ୟ ଓ ରଥାରୋହି
ସୈନ୍ୟମାନେ ମଧ୍ୟ ଗଲେ।
10ଏହାପରେ ସେମାନେ ଯର୍ଦ୍ଦନପାରସ୍ଥ ଆଟଦର ଖଳାରେ
ଉପସ୍ଥିତ ହୁଅନ୍ତେ ସେଠାରେ ମହାବିଳାପ କରି ରୋଦନ
କଲେ। ସେମାନେ ସେଠାରେ ଯୋଷେଫଙ୍କ ପିତାଙ୍କ ପାଇଁ
ସାତଦିନ ଶୋକ କଲେ। 11ସେହି ଦେଶ ନିବାସୀ କିଣାନୀୟ
ଲୋକମାନେ ଆଟଦର ଖଳାରେ ସେମାନଙ୍କର ଏରୂପ ଶୋକ
ଦେଖି କହିଲେ, "ମିସ୍ରୀୟମାନଙ୍କ ପ୍ରତି ଏହା ଦାରୁଣ ଦୁଃଖ।"
ସେହିସ୍ଥାନ ଆବେଲ-ମିଶର ନାମରେ ବିଖ୍ୟାତ ହେଲା। ଏହା
ଯର୍ଦ୍ଦନ ପାରସ୍ଥରେ।
12ତା'ପରେ ଯାକୁବଙ୍କ ପୁତ୍ରମାନେ ଯାକୁବଙ୍କୁ ଯେପରି
ଆଜ୍ଞା ଦେଇଥିଲେ ସେମାନେ ତଦନୁସାରେ ସେହିପରି କଲେ।
13ଯାକୁବର ପୁତ୍ରମାନେ ତାହାଙ୍କୁ କିଣାନ ଦେଶକୁ ନେଇ
ମକ୍ପେଲା କ୍ଷେତ୍ରର ଗୁହାରେ କବର ଦେଲେ। ମମ୍ରି ନିକଟସ୍ଥ
ସେହି ଗୁହାକ୍ଷେତ୍ର ସମାଧି ଭୂମିରୂପେ ଇଫ୍ରୋଣ ଓ ହେତୀୟଠାରୁ

ଅବ୍ରହାମଙ୍କ ଦ୍ୱାରା କିଣା ଯାଇଥିଲା। 14ଯୋଷେଫ ଆପଣା ପିତାଙ୍କୁ କବର ଦେଇସାରିବା ପରେ ସେ, ତାଙ୍କ ଭାଇମାନେ ଏବଂ ତାଙ୍କ ସହିତ ଯାଇଥିବା ସମସ୍ତ ଲୋକ ମିଶରକୁ ଫେରିଗଲେ।

### ଭାଇମାନେ ଯୋଷେଫଙ୍କୁ ତଥାପି ଭୟ କରୁଥିଲେ

15ଯାକୁବଙ୍କର ମୃତ୍ୟୁପରେ, ଯୋଷେଫର ଭାଇମାନେ ବ୍ୟସ୍ତହୋଇ ପଡ଼ିଲେ। ସେମାନେ ଭୟ କଲେ ଯେ ପୂର୍ବରୁ ଆମ୍ଭେ ଯୋଷେଫଙ୍କୁ ଯେପରି କରିଥିଲୁ। ସେମାନେ କହିଲେ, "ଯୋଷେଫ ଆମକୁ ଘୃଣା କରିବ ଓ ତା'ର ପ୍ରତିଫଳ ଆମ୍ଭକୁ ଦେବ।" 16ତେଣୁ ତା'ର ଭାଇମାନେ ଯୋଷେଫଙ୍କ ନିକଟକୁ ବାର୍ତ୍ତା ପଠାଇଲେ:

ତୁମ୍ଭ ପିତା ମୃତ୍ୟୁ ପୂର୍ବରୁ କହିଥିଲେ, ତୁମ୍ଭେମାନେ ଯୋଷେଫଙ୍କୁ ଏହି କଥା କହିବ। 17'ଯୋଷେଫଙ୍କୁ କୁହ ତୁମ୍ଭର ଭାଇମାନେ ତୁମ୍ଭ ଉପରେ ମନ୍ଦ କରି ଅଛନ୍ତି। ମାତ୍ର ତୁମ୍ଭେ ଅନୁଗ୍ରହ କରି ସେମାନଙ୍କର ସେହି ଅଧର୍ମ ଓ ପାପ ମାର୍ଜନା କରିବ।' ଏଣୁକରି ଆମ୍ଭେମାନେ ବିନୟ କରୁଅଛୁ, ତୁମ୍ଭେ ପୈତୃକ ପରମେଶ୍ୱରଙ୍କ ଦାସଗଣର ଅଧର୍ମ ମାର୍ଜନା କର।

ସେମାନେ ଏହା କହିବା ବେଳେ ଯୋଷେଫ କାନ୍ଦିବାକୁ ଲାଗିଲେ। 18ତା'ର ଭାଇମାନେ ତାଙ୍କ ନିକଟକୁ ଗଲେ, ଏବଂ ତାଙ୍କୁ ପ୍ରଣାମ କଲେ। ସେମାନେ ତାଙ୍କୁ କହିଲେ, "ଆମ୍ଭେମାନେ ତୁମ୍ଭର ଦାସ ହେବୁ।"

19ଏହାପରେ ଯୋଷେଫ ସେମାନଙ୍କୁ କହିଲେ, "ଭୟ କର ନାହିଁ। ମୁଁ ପରମେଶ୍ୱର ନୁହେଁ। ମୋର ଦଣ୍ଡ ଦେବାର ଅଧିକାର ନାହିଁ। 20ଏହା ସତ୍ୟ ଯେ ତୁମ୍ଭେମାନେ ମୋ ବିରୁଦ୍ଧରେ ମନ୍ଦ ଯୋଜନା କରିଥିଲ। କିନ୍ତୁ ବାସ୍ତବରେ ପରମେଶ୍ୱରଙ୍କର ଯୋଜନା ଥିଲା ଉତ୍ତମ। ପରମେଶ୍ୱରଙ୍କର ଯୋଜନା ଥିଲା, ଯେ ସେ ମୋ ଦ୍ୱାରା ବହୁତ ଜୀବନ ରକ୍ଷା କରିବେ। ଏବଂ ଯେଉଁଥି ପାଇଁ ଏସବୁ ହେଲା। 21ତେଣୁ ଭୟଙ୍କର ନାହିଁ। ମୁଁ ତୁମ୍ଭର ଓ ତୁମ୍ଭ ସନ୍ତାନମାନଙ୍କର ଯତ୍ନ ନେବି।" ଏହି ପ୍ରକାରରେ ଯୋଷେଫ ତାଙ୍କର ଭାଇମାନଙ୍କୁ ମଧୁର ବଚନରେ ତୋଷିଲେ। ଏହିପରି କଥାରେ ସେ ତାଙ୍କର ଭାଇମାନଙ୍କୁ ସାନ୍ତ୍ୱନା ଦେଲେ।

22ଯୋଷେଫ ତାଙ୍କର ପିତାଙ୍କ ପରିବାର ସହିତ ମିଶରରେ ରହିଲେ। ଯୋଷେଫଙ୍କୁ ଯେତେବେଳେ 110 ବର୍ଷ ହେଲା, ସେ ମୃତ୍ୟୁ ବରଣ କଲେ। 23ଯୋଷେଫ ଇଫ୍ରାୟିମ୍ର ତୃତୀୟ ପୁରୁଷ ପର୍ଯ୍ୟନ୍ତ ସନ୍ତାନ ସନ୍ତତି ଦେଖିଲେ। ଯୋଷେଫ ମନଃଶିର, ମାଖୀର୍ ନାମକ ପୁତ୍ରର ଶିଶୁ ସନ୍ତାନମାନଙ୍କୁ କୋଳ କଲେ।

### ଯୋଷେଫଙ୍କର ମୃତ୍ୟୁ

24ଏହାପରେ ଯୋଷେଫ ତାଙ୍କର ସମ୍ପର୍କୀୟମାନଙ୍କୁ କହିଲେ, "ମୁଁ ମରୁଅଛି ମାତ୍ର ପରମେଶ୍ୱର ଅବଶ୍ୟ ତୁମ୍ଭମାନଙ୍କର ଯତ୍ନ ନେବେ। ତାପରେ ଏହି ଦେଶରୁ ତୁମ୍ଭମାନଙ୍କୁ ବାହାର କରି ନେବେ ଏବଂ ଯେଉଁ ଦେଶ ଦେବା ପାଇଁ ସେ ଅବ୍ରାହାମ, ଇସ୍ହାକ ଓ ଯାକୁବଙ୍କ ନିକଟରେ ଶପଥ କରି ଅଛନ୍ତି, ସେଠାକୁ ତୁମ୍ଭମାନଙ୍କୁ ଆଗେଇ ନେବେ।"

25ଆଉ ଯୋଷେଫ ଇଶ୍ରାୟେଲଙ୍କର ବଂଶଧରମାନଙ୍କୁ ତାଙ୍କଠାରେ ପ୍ରତିଜ୍ଞା କରାଇଲେ। ସେ କହିଲେ, "ପରମେଶ୍ୱର ନିଶ୍ଚିତ ଭାବରେ ତୁମ୍ଭମାନଙ୍କର ଯତ୍ନ ନେବେ। ସେ ତୁମ୍ଭକୁ ତୁମ୍ଭର ଦେଶକୁ ଆଗେଇ ନେବେ। ସେହି ସମୟରେ ମୋର ଅସ୍ଥି ତୁମ୍ଭେମାନେ ନେଇଯିବ।"

26ଏହିପ୍ରକାରରେ ଯୋଷେଫ 110 ବୟସରେ ମଲେ। ସେମାନେ ଶରୀରକୁ ସଂସ୍କାର ନିମନ୍ତେ ପ୍ରସ୍ତୁତ କଲେ ଏବଂ ତାକୁ ମିଶରରେ ଏକ ସିନ୍ଦୁକ ମଧ୍ୟରେ ରଖିଲେ।

# ମଲାଖି ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

1 ଇଶ୍ରାୟେଲ ପ୍ରତି ସଦାପ୍ରଭୁଙ୍କର ଏହି ବାର୍ତ୍ତା ଥିଲା। ଏହି
ବାର୍ତ୍ତା ପ୍ରଚାର କରିବାକୁ ପରମେଶ୍ୱର ମଲାଖିକୁ ନିଯୁକ୍ତ
କରିଥିଲେ।

### ପରମେଶ୍ୱର ଇଶ୍ରାୟେଲକୁ ପ୍ରେମ କରନ୍ତି

2ସଦାପ୍ରଭୁ କହିଲେ, "ଆମ୍ଭେ ତୁମ୍ଭ ସମସ୍ତଙ୍କୁ ପ୍ରେମ
କରିଅଛୁ।"

ମାତ୍ର ତୁମ୍ଭେମାନେ କହିଲ, "ତୁମ୍ଭେ କିପରି ଆମ୍ଭଙ୍କୁ
ତୁମ୍ଭର ପ୍ରେମ ଦେଖାଇଛ?"

ସଦାପ୍ରଭୁ କହିଲେ, "ଏଷୌ କ'ଣ ଯାକୁବର ଭାଇ
ନୁହେଁ? ତଥାପି ଆମ୍ଭେ ଯାକୁବକୁ ପ୍ରେମ କଲୁ। 3ଆମ୍ଭେ
ଏଷୌକୁ ଘୃଣା କଲୁ। ଆମ୍ଭେ ଏଷୌର ପର୍ବତଗୁଡ଼ିକୁ ଧ୍ୱଂସ
କଲୁ। ଏଷୌର ମାତୃଭୂମି ଧ୍ୱଂସ ପାଇଲା ଏବଂ ସେଠାରେ
କେବଳ ଶୃଗାଳ ବାସ କରିଲେ।"

4ଇଦୋମର ଲୋକମାନେ କହିବେ, "ଆମ୍ଭେମାନେ ନିପାତିତ
ହୋଇଥିଲୁ ମାତ୍ର ଆମ୍ଭେମାନେ ଆମ୍ଭର ବିଧ୍ୱସ୍ତ ନଗରୀକୁ
ପୁନଃନିର୍ମାଣ କରିବୁ।"

ମାତ୍ର ସର୍ବଶକ୍ତିମାନ୍ ସଦାପ୍ରଭୁ କୁହନ୍ତି, "ଯଦି ସେମାନେ
ସେହି ନଗରୀଗୁଡ଼ିକୁ ପୁଣି ନିର୍ମାଣ କରିବେ, ଆମ୍ଭେ ପୁଣି
ତାକୁ ଧ୍ୱଂସ କରିବା।" ସେଥିପାଇଁ ଲୋକେ କୁହନ୍ତି, ଇଦୋମ
ଏକ ଦୁଷ୍ଟ ଦେଶ, ଯାହାର ଲୋକମାନଙ୍କୁ ସଦାପ୍ରଭୁ ଚିରକାଳ
ପାଇଁ ଅଭିଶାପ ଦେଇଛନ୍ତି।

5ତୁମ୍ଭେମାନେ ଏହିସବୁ ଦେଖିବ ଓ କହିବ, "ସଦାପ୍ରଭୁ
ଇଶ୍ରାୟେଲର ବାହାରେ ମଧ୍ୟ ମହିମାନ୍ୱିତ ହୁଅନ୍ତୁ।"

### ଲୋକମାନେ ପରମେଶ୍ୱରଙ୍କୁ ସମ୍ମାନ କରନ୍ତି ନାହିଁ

6ସର୍ବଶକ୍ତିମାନ୍ ସଦାପ୍ରଭୁ କହିଲେ, "ପିଲାମାନେ ସେମାନଙ୍କର
ପିତାଙ୍କୁ ସମ୍ମାନ କରନ୍ତି, ଚାକରମାନେ ସେମାନଙ୍କର ମୁନିବଙ୍କୁ
ସମ୍ମାନ କରନ୍ତି, ତେଣୁ ଆମ୍ଭେ ତୁମ୍ଭମାନଙ୍କର ପିତା, ତୁମ୍ଭେମାନେ
ଆମ୍ଭକୁ କାହିଁକି ଭୟ ଓ ସମ୍ମାନ କରୁ ନାହିଁ? ଆମ୍ଭେ
ତୁମ୍ଭମାନଙ୍କର ମୁନିବ, ତୁମ୍ଭେମାନେ ଆମ୍ଭକୁ କାହିଁକି ଭୟ ଏବଂ
ସମ୍ମାନ କରୁନାହିଁ? ତୁମ୍ଭେ ଯାଜକଗଣ ଆମ୍ଭର ନାମ ପ୍ରତି
ତାଚ୍ଛଲ୍ୟ ମନୋଭାବ ଦେଖାଉଛ।"

କିନ୍ତୁ ତୁମ୍ଭେମାନେ ପଚାର, "ଆମ୍ଭେମାନେ କିପରି ତୁମ୍ଭର
ନାମକୁ ତାଚ୍ଛଲ୍ୟ ମନୋଭାବ ଦେଖାଇଛୁ?"

7ସଦାପ୍ରଭୁ କହିଲେ, "ତୁମ୍ଭେମାନେ ଆମ୍ଭର ଯଜ୍ଞବେଦୀ
ଉପରେ ଅଶୁଚି ଖାଦ୍ୟ ଉତ୍ସର୍ଗ କରୁଅଛ।"

ତଥାପି ତୁମ୍ଭେମାନେ କହୁଛ, "କ'ଣ ଖାଦ୍ୟକୁ ଅଶୁଚି
କରୁଛୁ?"

ସଦାପ୍ରଭୁ ଉତ୍ତର ଦେଲେ, "ତୁମ୍ଭେମାନେ ଆମ୍ଭର ଯଜ୍ଞବେଦୀକୁ
ଅସମ୍ମାନ କରୁଛ। 8ତୁମ୍ଭେମାନେ ଯଜ୍ଞବେଦୀ ନିମନ୍ତେ ଅନ୍ଧ
ପଶୁ ବଳିଦାନ କରୁଛ, ଏହା କ'ଣ ଭୁଲ୍ ନୁହେଁ? ତୁମ୍ଭେମାନେ
ଯେଉଁ ଛୋଟା ଓ ରୋଗୀ ପଶୁଗୁଡ଼ିକୁ ଉତ୍ସର୍ଗ କରୁଛ ତାହା
ମଧ୍ୟ ଭୁଲ୍ ନୁହେଁ କି? ତୁମ୍ଭେମାନେ ଯଦି ସେହି ଭେଟି
ତୁମ୍ଭମାନଙ୍କର ଶାସକକୁ ଦିଅ, ସେ କ'ଣ ସନ୍ତୁଷ୍ଟ ହେବେ?
ନା, ସେ କେବେହେଲେ ସେ ଭେଟି ଗ୍ରହଣ କରିବେ
ନାହିଁ।" ସର୍ବଶକ୍ତିମାନ ସଦାପ୍ରଭୁ ଏହି ସବୁ କହିଥିଲେ।

9"ହେ ଯାଜକଗଣ, ସଦାପ୍ରଭୁଙ୍କୁ ପ୍ରାର୍ଥନା କର ଯେପରି
ଆମ ପ୍ରତି ଦୟାଳୁ ହେବେ। ଏହା ତୁମ୍ଭର ଭୁଲ୍ ଯୋଗୁଁ
ହୋଇଛି। ସେ କାହିଁକି ତୁମ୍ଭମାନଙ୍କ ମଧ୍ୟରୁ କାହାକୁ ଗ୍ରହଣ
କରିବେ?" ସର୍ବଶକ୍ତିମାନ ସଦାପ୍ରଭୁ ଏହା କହିଥିଲେ।

10"ଆମ୍ଭେ ଇଚ୍ଛାକରୁ, ତୁମ୍ଭର କେହି ଯାଜକ ଦ୍ୱାର ବନ୍ଦ
କରିଦିଅନ୍ତୁ। ତା'ହେଲେ ତୁମ୍ଭେ ମୋର ବେଦୀରେ ଅନୁପଯୋଗୀ
ଅଗ୍ନି ଜଳାଇ ପାରିବ ନାହିଁ। ଆମ୍ଭେ କିନ୍ତୁ ତୁମ୍ଭଠାରେ ସନ୍ତୁଷ୍ଟ
ନୁହିଁ। ଆମ୍ଭେ ତୁମ୍ଭର ନୈବେଦ୍ୟ ଗ୍ରହଣ କରିବୁ ନାହିଁ।"
ସର୍ବଶକ୍ତିମାନ୍ ସଦାପ୍ରଭୁ ଏହିସବୁ କହିଥିଲେ। 11ସମସ୍ତ ଦେଶର
ଲୋକମାନେ ଆପଣା ନାମର ମହତ୍ତ୍ୱ ଗାନ କରୁଛନ୍ତି।
ଲୋକମାନେ ସମସ୍ତ ସ୍ଥାନରେ ପବିତ୍ର ନୈବେଦ୍ୟ ଓ ଧୂପ
ଉତ୍ସର୍ଗ କରୁଛନ୍ତି, କାରଣ ଆମ୍ଭର ନାମ ସମଗ୍ର ଦେଶରେ
ମହାନ୍ ଅଟେ।" ସର୍ବଶକ୍ତିମାନ ସଦାପ୍ରଭୁ ଏସବୁ କହିଥିଲେ।

12"ମାତ୍ର, ତୁମ୍ଭେମାନେ ଆମ୍ଭର ନାମର ଅସମ୍ମାନ କରୁଛ।
ତୁମ୍ଭେମାନେ କହୁଛ ସଦାପ୍ରଭୁଙ୍କର ଯଜ୍ଞବେଦୀ ଅପବିତ୍ର।
13ତୁମ୍ଭେ କହୁଛ ଯେ, ତୁମ୍ଭେ ବିବ୍ରତ ହେବ ନାହିଁ ଏବଂ
ତୁମ୍ଭେ ଯଜ୍ଞବେଦୀରେ ଥିବା ଖାଦ୍ୟ ପ୍ରତି ତାଚ୍ଛଲ୍ୟ ପ୍ରକାଶ
କରିଛ ଏବଂ ତୁମ୍ଭେ ନ ଖାଇ ପରିତ୍ୟାଗ କରୁଛ, ଆଉ ମଧ୍ୟ
ମନ୍ଦ ବୋଲି କହୁଛ। ମାତ୍ର ଏହା ସତ୍ୟ ନୁହେଁ। ତା'ପରେ
ତୁମ୍ଭେମାନେ ଆହତ, ଛୋଟା ଓ ରୁଗ୍ଣ ପଶୁମାନଙ୍କୁ ଆମ୍ଭ
ନିକଟରେ ବଳିଦାନ ପାଇଁ ଆଣୁଛ। ମାତ୍ର ସେହି ରୁଗ୍ଣ
ପଶୁଗୁଡ଼ିକୁ ଆମ୍ଭେ ଗ୍ରହଣ କରିବା ନାହିଁ। ସର୍ବଶକ୍ତିମାନ
ସଦାପ୍ରଭୁ ଏହା କହିଲେ। 14କେତେକ ଲୋକ ଅଛନ୍ତି
ଯେଉଁମାନେ ଶପଥ ନିଅନ୍ତି, ଭଲ ସୁସ୍ଥ ପଶୁକୁ ବଳି ଦେବା
ପାଇଁ, କିନ୍ତୁ ଶେଷରେ ସେମାନେ ରୁଗ୍ଣ ପଶୁକୁ ସଦାପ୍ରଭୁଙ୍କୁ
ଉତ୍ସର୍ଗ କରନ୍ତି। ସେଥିପାଇଁ ସେମାନେ ଅଭିଶପ୍ତ ହେବେ।
ଆମ୍ଭେ ଜଣେ ମହାନ୍ ରାଜା ଅଟୁ। ଆମ୍ଭୁ ତୁମ୍ଭେମାନେ ସମ୍ମାନ
କରିବା ଉଚିତ ଓ ସମଗ୍ର ବିଶ୍ୱ ଆମ୍ଭକୁ ଭୟ ଓ ସମ୍ମାନ
କରିବା ଉଚିତ୍।" ସର୍ବଶକ୍ତିମାନ ସଦାପ୍ରଭୁ ଏହିସବୁ କହିଥିଲେ।

### ଯାଜକମାନଙ୍କ ପାଇଁ ବିଧିମାନ

2 "ହେ ଯାଜକଗଣ, ଏହି ବିଧି ତୁମ୍ଭମାନଙ୍କ ପାଇଁ। 2ଯଦି
ତୁମ୍ଭେମାନେ ଧ୍ୟାନ ନ ଦିଅ ଏବଂ ଆମ୍ଭ ନାମକୁ

ଗୌରବ ଦେବା ପାଇଁ, ଗୁରୁତ୍ୱ ନ ଦିଅ ତେବେ ତୁମ୍ଭମାନଙ୍କର
ଆଶୀର୍ବାଦଗୁଡ଼ିକ ଅଭିଶାପରେ ପରିଣତ କରିବା। ଆମ୍ଭେ
ତୁମ୍ଭମାନଙ୍କର ଅମଙ୍ଗଳ ଘଟାଇବା କାରଣ ତୁମ୍ଭେମାନେ ଆମ୍ଭର
ନାମକୁ ଗୌରବ ଦେବା ବିଷୟରେ ଗମ୍ଭୀର ନୁହଁ।” ସର୍ବଶକ୍ତିମାନ
ସଦାପ୍ରଭୁ ଏହି ବାଣୀସବୁ କହିଥିଲେ।

3“ଦେଖ, ଆମ୍ଭେ ତୁମ୍ଭମାନଙ୍କର ବଂଶଧରମାନଙ୍କୁ ଦଣ୍ଡ
ଦେବା। ଛୁଟିଦିନମାନଙ୍କରେ ତୁମ୍ଭମାନଙ୍କର ଯାଜକଗଣ ଆମ୍ଭକୁ
ବଳିଦାନ ଅର୍ପଣ କରିବେ। ମାତ୍ର ତୁମ୍ଭେମାନେ ମୃତ ପ୍ରାଣୀମାନଙ୍କର
ଯେଉଁ ଗୋବର ବାହାରକୁ ଫିଙ୍ଗି ଦିଅ, ଆମ୍ଭେ ସେହି
ଗୋବରକୁ ନେଇ ତୁମ୍ଭମାନଙ୍କ ମୁହଁରେ ପକାଇବା ଓ
ତୁମ୍ଭମାନଙ୍କୁ ସେହି ଗୋବର ସହିତ ଫିଙ୍ଗି ଦେବା। 4ତାହାହେଲେ
ତୁମ୍ଭେମାନେ ଜାଣିବ ଯେ, ଆମ୍ଭେ ଏହି ଆଜ୍ଞା ତୁମ୍ଭମାନଙ୍କୁ
ପଠାଇଲୁ। ଆମ୍ଭେ ଏହା କଲୁ ଯାହାଦ୍ୱାରା ଲେବୀମାନଙ୍କ ସହିତ
ଆମ୍ଭର ନିୟମ ଚାଲୁ ରହିବ।” ସର୍ବଶକ୍ତିମାନ୍ ସଦାପ୍ରଭୁ
ଏହିସବୁ କହିଥିଲେ।

5“ଆମ୍ଭେ ଲେବୀ ସହିତ ଚୁକ୍ତି କରିଥିଲୁ ତାକୁ ଜୀବନ
ଓ ଶାନ୍ତି ଦେବାପାଇଁ ଏବଂ ଆମ୍ଭେ ଆପଣା ଶପଥ ରଖିଥିଲୁ।
ସେ ଆମ୍ଭକୁ ସମ୍ମାନ ଓ ଭୟ କରୁଥିଲା ଏବଂ ଆମ୍ଭ ନାମକୁ
ଭକ୍ତି କରୁଥିଲା। 6ଲେବୀ ସତ୍ୟବାଣୀ ପ୍ରଚାର କରୁଥିଲା ଏବଂ
ସେ ମିଥ୍ୟା ଶିକ୍ଷା ଦେଉନଥିଲା। ସେ ଧାର୍ମିକ ଏବଂ ବିଶ୍ୱସ୍ତତାର
ସମ୍ବନ୍ଧ ଆମ୍ଭ ସହିତ ରଖୁଥିଲା। ସେ ବହୁତ ଲୋକମାନଙ୍କୁ
ସେମାନଙ୍କ ଜୀବନର ପାପପୂର୍ଣ୍ଣ ପଥରୁ ବିମୁଖ କରୁଥିଲା।
7ଜଣେ ଯାଜକ ପରମେଶ୍ୱରଙ୍କ ଶିକ୍ଷାସମୂହ ଜାଣିବା ଉଚିତ୍।
ଲୋକମାନେ ଯାଜକମାନଙ୍କ ନିକଟକୁ ଯାଇ ପରମେଶ୍ୱରଙ୍କ
ଶିକ୍ଷାସମୂହ ଗ୍ରହଣ କରିବା ଉଚିତ୍। କାରଣ ଜଣେ ଯାଜକ
ସର୍ବଶକ୍ତିମାନ୍ ସଦାପ୍ରଭୁଙ୍କର ଦୂତ ଅଟେ।”

8“ମାତ୍ର ତୁମ୍ଭେ ଯାଜକଗଣ ଆମ୍ଭ ପଥରୁ ବିମୁଖ ହୋଇଛ
ଏବଂ ତୁମ୍ଭମାନେ ବହୁତ ଲୋକମାନଙ୍କୁ ଭୁଲ୍ ପଥରେ ଯିବା
ପାଇଁ ଶିଖାଇଲ। ତୁମ୍ଭେମାନେ ଲେବୀଙ୍କ ସହିତ ହୋଇଥିବା
ଚୁକ୍ତିକୁ ଲଙ୍ଘନ କଲ।” ସର୍ବଶକ୍ତିମାନ ସଦାପ୍ରଭୁ ଏହିକଥା
କହିଥିଲେ। 9“ତୁମ୍ଭେମାନେ ଆମ୍ଭର ପଥ ଅନୁସରଣ କରିନାହଁ।
ତୁମ୍ଭେ ଆମ୍ଭର ଶିକ୍ଷାଦ୍ୱାରା ପକ୍ଷପାତିତା ଦେଖାଇଛ। ତେଣୁ
ସମସ୍ତ ଲୋକମାନଙ୍କ ଆଗରେ ଆମ୍ଭେ ତୁମ୍ଭମାନଙ୍କୁ ଘୃଣିତ ଓ
ଅପମାନିତ କରାଇବା।”

## ଯିହୁଦା ପରମେଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ନଥିଲା

10ପରମେଶ୍ୱର ଆମ୍ଭ ସମସ୍ତଙ୍କର ପିତା ଓ ଆମ୍ଭ ସମସ୍ତଙ୍କର
ସୃଷ୍ଟିକର୍ତ୍ତା। ତେଣୁ କାହିଁକି ଆମ ମଧ୍ୟରୁ କେହି ଜଣେ ଅନ୍ୟ
ଜଣକୁ ପ୍ରତାରଣା କରୁଛି? କାହିଁକି ଆମ୍ଭେମାନେ ଜଣେ ଅନ୍ୟ
ଜଣ ପ୍ରତି ଅବିଶ୍ୱସ୍ତ? କାହିଁକି ପରମେଶ୍ୱର ଯେଉଁ ଚୁକ୍ତି ଆମ୍ଭ
ପୂର୍ବପୁରୁଷଙ୍କ ସହିତ କରିଥିଲେ, ଆମ୍ଭମାନେ ତାହା ଭାଙ୍ଗୁଛୁ?
11ଯିହୁଦାର ଲୋକମାନେ ଅବିଶ୍ୱସ୍ତ ଥିଲେ। ଯିରୁଶାଲମ ଓ
ଇଶ୍ରାୟେଲର ଲୋକମାନେ ବହୁତ ଘୃଣିତ କାର୍ଯ୍ୟ କରିଛନ୍ତି।
ପରମେଶ୍ୱର ତାଙ୍କର ମନ୍ଦିରକୁ ଭଲପାଆନ୍ତି, ମାତ୍ର ଯିହୁଦାର
ଲୋକମାନେ ସଦାପ୍ରଭୁଙ୍କ ମନ୍ଦିରକୁ ଅପବିତ୍ର କରିଛନ୍ତି। ସେମାନେ
ବିଦେଶୀ ଦେବତାର କନ୍ୟାକୁ ବିବାହ କଲେ। 12ସଦାପ୍ରଭୁ
ଯାକୁବ ପରିବାରରୁ ସେହି ଲୋକମାନଙ୍କୁ ବିତାଡ଼ିତ କରିବେ।
ସେହି ଲୋକମାନେ ଯଦିଓ ସଦାପ୍ରଭୁଙ୍କୁ ଭେଟି ଅର୍ପଣ କରନ୍ତି,
ତାହା କିଛି ଫଳ ଦେବନାହିଁ ଏବଂ ସଦାପ୍ରଭୁ କେବେହେଲେ
ସନ୍ତୁଷ୍ଟ ହେବେ ନାହିଁ। 13ଏପରିକି ଯଦି ତୁମ୍ଭେମାନେ ପୁଣି
ଯଜ୍ଞବେଦୀ ତୁମ୍ଭ ଲୁହରେ ବୁଡାଇ ଦେବାକୁ ଚେଷ୍ଟାକର, ସେ
ତୁମ୍ଭମାନଙ୍କର ଉପହାର ଗ୍ରହଣ କରିବେ ନାହିଁ। ତୁମ୍ଭେ
ଆଣିଥିବା ଜିନିଷରେ ସେ ଖୁସି ହେବେ ନାହିଁ।

14ତୁମ୍ଭେମାନେ ପଚାରିବ, “କାହିଁକି ଆମ୍ଭମାନଙ୍କର ଏହି
ଭେଟି ଗୃହୀତ ହେବ ନାହିଁ?” କାରଣ ସଦାପ୍ରଭୁ ତୁମ୍ଭମାନଙ୍କ
ବିରୁଦ୍ଧରେ ପ୍ରତ୍ୟକ୍ଷ ସାକ୍ଷୀ। ସେ ଦେଖିଲେ ତୁମ୍ଭେ ତୁମ୍ଭର
ସ୍ତ୍ରୀକୁ ପ୍ରତାରଣା କରୁଛ, ଯାହାକୁ ତୁମ୍ଭେ ଯୁବକାବସ୍ଥାରେ
ବିବାହ କରିଛ। ସେ ତୁମ୍ଭର ସାଥି ଏବଂ ତୁମ୍ଭେ ଶପଥ କରି
ତାକୁ ସ୍ତ୍ରୀ ରୂପରେ ଗ୍ରହଣ କରିଛ। ମାତ୍ର ତୁମ୍ଭେ ତାକୁ
ପ୍ରତାରଣା କରିଛ। 15ପରମେଶ୍ୱର ଉଭୟ ସ୍ୱାମୀ ଓ ସ୍ତ୍ରୀ ସୃଷ୍ଟି
କରିଛନ୍ତି, ସେମାନଙ୍କୁ ଶରୀର ଓ ଆତ୍ମାରେ ଏକ ହେବା ପାଇଁ
ନିର୍ଦ୍ଦିଷ୍ଟ କରିଛନ୍ତି। ପରମେଶ୍ୱର ଧର୍ମପରାୟଣ ସନ୍ତାନ ସନ୍ତତି
ଚାହାଁନ୍ତି। ତେଣୁ ନିଜକୁ ଜଗ ଏବଂ ତୁମ୍ଭ ସ୍ତ୍ରୀ ପ୍ରତି ଅବିଶ୍ୱସ୍ତ
ହୁଅ ନାହିଁ, ଯାହାକୁ ତୁମ୍ଭେ ଯୁବାବସ୍ଥାରେ ବିବାହ କରିଛ।

16ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର କୁହନ୍ତି! “ଆମ୍ଭେ
ଛାଡ଼ପତ୍ରକୁ ଘୃଣା କରୁ। ଏବଂ ଆମ୍ଭେ ମଧ୍ୟ ଲୋକମାନେ
କରୁଥିବା ନିଷ୍ଠୁର କାର୍ଯ୍ୟକୁ ଘୃଣା କରୁ। ତେଣୁ ତୁମ୍ଭେ ଜାଗ୍ରତ
ହୁଅ ଓ ଅବିଶ୍ୱସ୍ତ ହୁଅ ନାହିଁ।”

## ବିଚାରର ସ୍ୱତନ୍ତ୍ର ଦିନ

17ତୁମ୍ଭେମାନେ ଭ୍ରାନ୍ତ ଶିକ୍ଷା ପ୍ରଚାର କରୁଛ ଏବଂ ସେ
ଭ୍ରାନ୍ତଜନକ ଶିକ୍ଷାସମୂହ ସଦାପ୍ରଭୁଙ୍କୁ ଦୁଃଖିତ କରିଅଛି। ତୁମ୍ଭେମାନେ
ଶିକ୍ଷା ଦେଲ ଯେ ମନ୍ଦକଥା କରୁଥିବା ବ୍ୟକ୍ତିଙ୍କୁ ପରମେଶ୍ୱର
ଆଦର କରନ୍ତି। ଆଉ ମଧ୍ୟ କହିଲ ପରମେଶ୍ୱର ସେହି
ଲୋକଙ୍କୁ ଉତ୍ତମ ଲୋକ ବୋଲି ବିବେଚନା କରନ୍ତି।
ଆଉମଧ୍ୟ ତୁମ୍ଭେ ପ୍ରଶ୍ନ କରିଲ ପରମେଶ୍ୱରଙ୍କର ନ୍ୟାୟ
କେଉଁଠାରେ ଅଛି।

3 ସର୍ବଶକ୍ତିମାନ ସଦାପ୍ରଭୁ କୁହନ୍ତି, “ଆମ୍ଭର ପଥ ପରିଷ୍କାର
କରିବା ପାଇଁ ଆମ୍ଭେ ଆପଣା ଦୂତକୁ ପ୍ରେରଣ କରିବା।
ଆଉ ଦେଖ ତୁମ୍ଭେମାନେ ଯେଉଁ ପ୍ରଭୁଙ୍କୁ ଅନ୍ୱେଷଣ କରୁଛ
ସେ ହଠାତ୍ ତାଙ୍କ ମନ୍ଦିରକୁ ଆସିବ। ନିଶ୍ଚୟ ଚୁକ୍ତିର
ବାର୍ତ୍ତାବାହକ ତୁମ୍ଭେ ଯାହା ବିଷୟରେ ସନ୍ତୁଷ୍ଟ ସେ ଆସୁଛନ୍ତି।

2“ମାତ୍ର ସେହି ସମୟ ପାଇଁ କୌଣସି ବ୍ୟକ୍ତି ପ୍ରସ୍ତୁତ
ହୋଇପାରିବ ନାହିଁ। ସେ ଯେତେବେଳେ ଆସିବେ କେହି
ରକ୍ଷା ପାଇବେ ନାହିଁ। ସେ ଏକ ମାର୍ଜିତ ଅଗ୍ନି ସଦୃଶ
ହେବେ, ଆଉ ମଧ୍ୟ ପରିଷ୍କାରକାରୀ ରଜକର କ୍ଷାର ସ୍ୱରୂପ
ହେବ। 3ଅଗ୍ନିରେ ରୂପା ବିଶୁଦ୍ଧ ହେଲାପରି ସେ ଲେବୀୟମାନଙ୍କୁ
ପବିତ୍ର କରିବ। ସେ ସ୍ୱର୍ଣ୍ଣ ଓ ରୌପ୍ୟ ସଦୃଶ ସେମାନଙ୍କୁ
ଶୁଦ୍ଧ କରିବ। ତା'ପରେ ସେମାନେ ସଦାପ୍ରଭୁଙ୍କ ପାଇଁ
ଉପଯୁକ୍ତ ନୈବେଦ୍ୟ ଆଣିବେ। 4ତା'ପରେ ସଦାପ୍ରଭୁ ଯିରୁଶାଲମ
ଓ ଯିହୁଦା ନିକଟରୁ ଭେଟି ଗ୍ରହଣ କରିବେ, ସେ ଯେପରି
ପ୍ରାଚୀନ କାଳରେ କରିଥିଲେ। 5ତା'ପରେ ଆମ୍ଭେ ତୁମ୍ଭ
ନିକଟକୁ ଆସିବ ଓ ଉଚିତ୍ ବିଚାର କରିବା। ଆମ୍ଭେ ଅତି
ଶୀଘ୍ର ସାକ୍ଷ୍ୟ ଦେବା ସେମାନଙ୍କ ବିରୁଦ୍ଧରେ, ଯେଉଁମାନେ

ମାୟାବୀ, ବ୍ୟଭିଚାରୀ, ମିଥ୍ୟାବାଦୀ ଏବଂ ଯେଉଁମାନେ କାମ
କରିବା ଲୋକଙ୍କୁ ଠକନ୍ତି। ଯେଉଁମାନେ ବିଧବା ଓ ଅନାଥମାନଙ୍କୁ
ଅତ୍ୟାଚାର କରନ୍ତି, ବିଦେଶୀମାନଙ୍କୁ ତଡ଼ି ଦିଅନ୍ତି। ସେହିପରି
ଲୋକମାନେ ଆମ୍ଭକୁ ଭୟ ଓ ସମ୍ମାନ କରନ୍ତି ନାହିଁ।"
ସର୍ବଶକ୍ତିମାନ ସଦାପ୍ରଭୁ ଏହି କଥା କହିଥିଲେ।

## ପରମେଶ୍ୱରଙ୍କଠାରୁ ଚୋରି

6"ଆମ୍ଭେ ସଦାପ୍ରଭୁ ଏବଂ ଆମ୍ଭେ ପରିବର୍ତ୍ତନ ହେବା
ନାହିଁ। ସେଥିପାଇଁ ତୁମ୍ଭେ ଯାକୁବର ବଂଶଧର ବିନାଶ ହୋଇନାହିଁ।
7ମାତ୍ର ତୁମ୍ଭେମାନେ ମୋର ବ୍ୟବସ୍ଥା ପାଳନ କଲନାହିଁ, ଠିକ୍
ଯେପରି ତୁମ୍ଭର ପୂର୍ବପୁରୁଷଗଣ ମଧ୍ୟ ଆମ୍ଭକୁ ଅବଜ୍ଞା କଲେ।
ତୁମ୍ଭେମାନେ ଆମ୍ଭ ନିକଟକୁ ଫେରିଆସ, ତାହାହେଲେ ଆମ୍ଭେ
ତୁମ୍ଭମାନଙ୍କ ନିକଟକୁ ଫେରିଯିବା," ସର୍ବଶକ୍ତିମାନ୍ ସଦାପ୍ରଭୁ
ଏହିକଥା କହିଥିଲେ।

"ତୁମ୍ଭେମାନେ ପଚାରୁଛ, 'ଆମ୍ଭେମାନେ କିପରି ଫେରିଯାଇ
ପାରିବୁ?'

8ଉତ୍ତରରେ ସର୍ବଶକ୍ତିମାନ୍ ସଦାପ୍ରଭୁ କହିଲେ, "ତୁମ୍ଭେମାନେ
ପରମେଶ୍ୱରଙ୍କ ଦ୍ରବ୍ୟ ଚୋରି କରିବା ବନ୍ଦ କର। ପରମେଶ୍ୱରଙ୍କ
ଦ୍ରବ୍ୟ ଚୋରିକରିବା ଉଚିତ ନୁହେଁ। ମାତ୍ର ତୁମ୍ଭେମାନେ ଆମ୍ଭର
ଦ୍ରବ୍ୟ ଚୋରିକଲ।

"ତୁମ୍ଭେମାନେ ପୁଣି ପ୍ରଶ୍ନ କଲ, 'ଆମ୍ଭେମାନେ ତୁମ୍ଭଠାରୁ
କ'ଣ ଚୋରି କଲୁ?'

ଉତ୍ତରରେ ସଦାପ୍ରଭୁ କହିଲେ, "ତୁମ୍ଭେମାନେ ତୁମ୍ଭ ଦ୍ରବ୍ୟର
ଏକ ଦଶମାଂଶ ଦେବା କଥା। ମୋତେ ଏକ ସ୍ୱତନ୍ତ୍ର ଭେଟି
ଦେବା କଥା। ମାତ୍ର ସେ ସବୁ ତୁମ୍ଭେମାନେ ମୋତେ
ଦେଇନାହଁ। 9ଏହିପରି ଭାବରେ, ସମଗ୍ର ଗୋଷ୍ଠୀ ମୋର ଦ୍ରବ୍ୟ
ଚୋରି କରିଛ। ତୁମ୍ଭେମାନେ ସଂପୂର୍ଣ୍ଣ ଅଭିଶପ୍ତ।"

10ସର୍ବଶକ୍ତିମାନ୍ ସଦାପ୍ରଭୁ କୁହନ୍ତି, "ତୁମ୍ଭମାନଙ୍କ ଦ୍ରବ୍ୟର
ଏକ ଦଶମାଂଶ ଆମ୍ଭ ଭଣ୍ଡାରକୁ ଆଣ ଯଦ୍ଦ୍ୱାରା କି ତୁମ୍ଭର
ଗୃହରେ ଯଥେଷ୍ଟ ଖାଦ୍ୟ ରହିବ। ଆମ୍ଭକୁ ପରୀକ୍ଷା କର। ଯଦି
ତୁମ୍ଭେମାନେ ଏହି କାର୍ଯ୍ୟ କର, ଆମ୍ଭେ ଆକାଶର ଝରକାସବୁ
ଖୋଲିଦେବା ଏବଂ ତୁମ୍ଭେ ଉପରେ ଆଶୀର୍ବାଦ ବୃଷ୍ଟି କରିବା।
ପ୍ରତ୍ୟେକ ଦିଗରୁ ତୁମ୍ଭମାନଙ୍କର ଦରକାରଠାରୁ ଅଧିକ ତୁମ୍ଭେମାନେ
ଲାଭ କରିବ। 11ଆମ୍ଭେ ତୁମ୍ଭର ଶସ୍ୟକୁ ନଷ୍ଟ କରିବା ପାଇଁ
କୀଟ ପଠାଇବା ନାହିଁ। ତୁମ୍ଭମାନଙ୍କର ଦ୍ରାକ୍ଷାଲତାସବୁ ଫଳ
ଧାରଣ କରିବ।" ସର୍ବଶକ୍ତିମାନ୍ ସଦାପ୍ରଭୁ ଏହା କହିଥିଲେ।

12"ଅନ୍ୟ ଦେଶର ଲୋକମାନେ ତୁମ୍ଭମାନଙ୍କୁ ସୁଖୀ
ବୋଲି କହିବେ। ତୁମ୍ଭର ଦେଶ ଉତ୍ତମ ଓ ମନୋହର
ହେବ।" ଏହା ସର୍ବଶକ୍ତିମାନ୍ ସଦାପ୍ରଭୁ କହିଥିଲେ।

## ବିଚାରର ସ୍ୱତନ୍ତ୍ର ଦିନ

13ସଦାପ୍ରଭୁ କୁହନ୍ତି, "ତୁମ୍ଭେମାନେ ଆମ୍ଭ ବିରୁଦ୍ଧରେ
କଟୁବାକ୍ୟ ପ୍ରୟୋଗ କରୁଛ।"

ତଥାପି ତୁମ୍ଭେ କହୁଛ, "ଆମ୍ଭେମାନେ ଆପଣଙ୍କ ବିରୁଦ୍ଧରେ
କ'ଣ କହିଅଛୁ?"

14ତୁମ୍ଭେମାନେ କହିଲ, "ପରମେଶ୍ୱରଙ୍କୁ ଉପାସନା କରିବା
ନିରର୍ଥକ। ଆମ୍ଭେମାନେ ସଦାପ୍ରଭୁଙ୍କ ବାକ୍ୟ ପାଳନ କରିଥିଲୁ
ମାତ୍ର ଆମ୍ଭେମାନେ କିଛି ଉପକୃତ ହେଲୁନାହିଁ। ଆମ୍ଭେମାନେ
ଆମ୍ଭମାନଙ୍କର ପାପ ପାଇଁ ଡାକିଲୁ, ମାତ୍ର ତା'ର ଫଳ କିଛି
ହେଲା ନାହିଁ। 15ଆମ୍ଭେମାନେ ଚିନ୍ତା କରୁଛୁ ଗର୍ବୀ ଲୋକମାନେ
ସୁଖୀ। ଦୁଷ୍ଟାଚାରୀମାନେ କୃତକାର୍ଯ୍ୟ ହୁଅନ୍ତି। ସେମାନେ
ପରମେଶ୍ୱରଙ୍କ ଧୈର୍ଯ୍ୟ ପରୀକ୍ଷା କରିବାକୁ ମନ୍ଦ କାର୍ଯ୍ୟ କରି
ଚାଲନ୍ତି ଏବଂ ସେମାନେ କିଛି ଦଣ୍ଡ ପାଆନ୍ତି ନାହିଁ।"

16ଯେଉଁମାନେ ପରମେଶ୍ୱରଙ୍କୁ ଭୟ କରନ୍ତି ନିଜନିଜ
ମଧ୍ୟରେ କଥାବାର୍ତ୍ତା ହେଲେ ଏବଂ ସଦାପ୍ରଭୁ ସେମାନଙ୍କ
କଥାବାର୍ତ୍ତା ଶୁଣିଲେ। ସେ ଗୋଟିଏ ପୁସ୍ତକରେ ସେହିମାନଙ୍କର
ନାମ ଲେଖିଲେ, ଯେଉଁମାନେ ପରମେଶ୍ୱରଙ୍କୁ ଭୟ ଓ ସମ୍ମାନ
କରନ୍ତି। ଏବଂ ସେହି ଲୋକମାନଙ୍କର ଯେଉଁମାନେ ସଦାପ୍ରଭୁଙ୍କର
ନାମକୁ ଭକ୍ତି କରନ୍ତି।

17ସଦାପ୍ରଭୁ କହିଲେ, "ସେମାନେ ଆମ୍ଭ ନିଜ ଲୋକ,
ଯେଉଁ ଦିନ ମୁଁ କାର୍ଯ୍ୟ କରିବାକୁ ସ୍ଥିର କରିଥାଏ ନ୍ୟାୟ
ଦେବା ପାଇଁ। ମୁଁ ମୋ ଅନ୍ୱେଷଣକାରୀମାନଙ୍କୁ ସ୍ନେହ କରିବ
ଯେପରି ଜଣେ ବାପା ତା'ର ଆଜ୍ଞାଧିନ ପୁତ୍ରକୁ ସ୍ନେହ
କରେ। 18ତେଣୁ ତୁମ୍ଭେମାନେ ମୋ ନିକଟକୁ ଫେରିଆସିବ
ଏବଂ ତୁମ୍ଭେମାନେ ଉତ୍ତମ ବ୍ୟକ୍ତି ଓ ମନ୍ଦ ବ୍ୟକ୍ତି ମଧ୍ୟରେ
ପ୍ରଭେଦ ଜାଣି ପାରିବ। ପରମେଶ୍ୱରଙ୍କ ଅନୁସରଣକାରୀ ଓ
ପରମେଶ୍ୱରଙ୍କ ଅନୁସରଣ କରୁନଥିବା ବ୍ୟକ୍ତିମାନଙ୍କୁ ତୁମ୍ଭମାନେ
ବାରି ପାରିବ।

4 "ସେହିଦିନ ଆସୁଅଛି ଯାହାକି ଉହ୍ନେଇ ପରି ଜଳିବ।
ସେହି ସମସ୍ତ ଅହଙ୍କାରୀ ଲୋକମାନେ ଏବଂ ମନ୍ଦ
କାର୍ଯ୍ୟ କରୁଥିବା ଲୋକମାନେ ନଡ଼ାପରି ଜଳିଯିବେ। ସେହି
ଅଗ୍ନି ଗୋଟିଏ ଶାଖା କି ମୂଳ ମଧ୍ୟ ଛାଡ଼ିବ ନାହିଁ।"
ସର୍ବଶକ୍ତିମାନ ସଦାପ୍ରଭୁ ଏହି କଥା କହିଥିଲେ।

2"ତଥାପି ଯେଉଁମାନେ ଆମ୍ଭକୁ ଭୟ ଓ ସମ୍ମାନ କରନ୍ତି,
ଉଦୟକାଳୀନ ସୂର୍ଯ୍ୟର ରଶ୍ମି ତୁଲ୍ୟ ଉତ୍ତମତା ତୁମ୍ଭମାନଙ୍କ
ଉପରେ ଝକ୍‌ମକ୍ କରିବ। ଏହା ସୂର୍ଯ୍ୟକିରଣ ପରି ଆରୋଗ୍ୟ
ଶକ୍ତି ଆଣିବ। ତୁମ୍ଭେମାନେ ବାଛୁରୀ ସଦୃଶ ଗୁହାଳରୁ ବାହାରି
ସ୍ୱାଧୀନ ଓ ସୁଖୀ ହେବ। 3ତା'ପରେ ତୁମ୍ଭେମାନେ ସେହି
ଦୁଷ୍ଟାଚାରୀଙ୍କ ଉପରେ ବିଚରଣ କରିବ। ସେମାନେ ତୁମ୍ଭ
ପାଦତଳେ ଭସ୍ମ ସଦୃଶ ହେବେ। ଏହିସବୁ ଘଟିବ ଯେଉଁଦିନ
ଆମ୍ଭେ ସୃଷ୍ଟି କରୁଛୁ।" ସର୍ବଶକ୍ତିମାନ୍ ସଦାପ୍ରଭୁ ଏହା କହିଥିଲେ।

4"ମୋଶାଙ୍କର ବ୍ୟବସ୍ଥାକୁ ମନେ ପକାଅ ଓ ପାଳନ
କର। ସେ ଆମ୍ଭର ଅନୁଚର। ଆମ୍ଭେ ହୋରେବ ପର୍ବତରେ
ଏହି ବ୍ୟବସ୍ଥା ଓ ନିୟମମାନ ତାଙ୍କୁ ଦେଇଥିଲୁ। ସେହି
ବ୍ୟବସ୍ଥା ଇଶ୍ରାୟେଲର ସମସ୍ତ ଲୋକଙ୍କ ପାଇଁ ଥିଲା।"

5ସଦାପ୍ରଭୁ କହିଲେ, "ଦେଖ, ଭବିଷ୍ୟଦ୍‌ବକ୍ତା ଏଲୀୟଙ୍କୁ
ଆମ୍ଭେ ତୁମ୍ଭ ନିକଟକୁ ପଠାଇବା। ସଦାପ୍ରଭୁଙ୍କଠାରୁ ମହାନ୍ ଓ
ଭୟଙ୍କର ବିଚାର ଦିନ ଆସିବା ପୂର୍ବରୁ ସେ ଆସିବେ। 6ସେ
ପିତାମାତାଙ୍କୁ ପିଲାମାନଙ୍କ ସହିତ ଓ ପିଲାମାନଙ୍କୁ ସେମାନଙ୍କର
ପିତା-ମାତା ସହିତ ପୁନର୍ମିଳନ କରାଇବେ। ଏହା ନିଶ୍ଚିତ
ଘଟିବ। ନଚେତ୍ ଆମ୍ଭେ ପରମେଶ୍ୱର ଆସିବା ଓ ସମ୍ପୂର୍ଣ୍ଣ
ଦେଶକୁ ଧ୍ୱଂସ କରିବା।"

# ଯିଖରିୟ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

### ସଦାପ୍ରଭୁ ଆପଣା ଲୋକର ପ୍ରତ୍ୟାବର୍ତ୍ତନ ଇଚ୍ଛା କରନ୍ତି

1 ସଦାପ୍ରଭୁ ବେରିଖିୟଙ୍କ ପୁତ୍ର ଭବିଷ୍ୟଦ୍‌ବକ୍ତା ଯିଖରିୟଙ୍କୁ
ଏହି ବାର୍ତ୍ତା ପଠାଇଲେ। ପାରସ୍ୟର ରାଜା ଦାରିୟାବସଙ୍କ
ଦ୍ୱିତୀୟ ବର୍ଷର ଅଷ୍ଟମ ମାସରେ ଏହା ଘଟିଥିଲା।
ଯିଖରିୟ ବେରିଖିୟଙ୍କ ପୁତ୍ର ଥିଲେ। ବେରିଖିୟ ଇଦ୍ଦୋଙ୍କ
ପୁତ୍ର ଥିଲେ।
2ସଦାପ୍ରଭୁ ତୁମ୍ଭ ପୂର୍ବପୁରୁଷଙ୍କ ଉପରେ ଅତ୍ୟନ୍ତ କ୍ରୋଧାନ୍ୱିତ
ହୋଇଥିଲେ। 3ତେଣୁ, ତୁମ୍ଭର ଲୋକମାନଙ୍କୁ ଏହି କଥା
କୁହ, ସର୍ବଶକ୍ତିମାନ ସଦାପ୍ରଭୁ କୁହନ୍ତି, "ତୁମ୍ଭେମାନେ ମୋ
ନିକଟକୁ ଫେରିଆସ ଏବଂ ମୁଁ ତୁମ୍ଭ ନିକଟକୁ ଫେରିଯିବି।"
ସଦାପ୍ରଭୁ ସର୍ବଶକ୍ତିମାନ ଏହା କହିଥିଲେ।
4ସଦାପ୍ରଭୁ ପୁଣି କହିଲେ, "ତୁମ୍ଭେମାନେ ତୁମ୍ଭ ପୂର୍ବପୁରୁଷଗଣଙ୍କ
ପରି ବ୍ୟବହାର କର ନାହିଁ। ପୂର୍ବ ଭବିଷ୍ୟଦ୍‌ବକ୍ତାଗଣ
ସେମାନଙ୍କୁ କହିଛନ୍ତି, 'ସର୍ବଶକ୍ତିମାନ ସଦାପ୍ରଭୁ ଇଚ୍ଛା କରନ୍ତି
ତୁମ୍ଭେମାନେ ଜୀବନଧାରଣର କୁପଥ ବଦଳାଅ ଓ କୁକର୍ମରୁ
ନିବୃତ୍ତ ହୁଅ।' କିନ୍ତୁ ତୁମ୍ଭର ସେହି ପୂର୍ବପୁରୁଷଗଣ ଆମ୍ଭେ
ବାକ୍ୟ ଶୁଣିଲେ ନାହିଁ।" ସଦାପ୍ରଭୁ ଏହିସବୁ କହନ୍ତି।
5ପରମେଶ୍ୱର କହିଲେ, "ତେଣୁ, ତୁମ୍ଭର ସେହି ପୂର୍ବପୁରୁଷଗଣ
ବର୍ତ୍ତମାନ କାହାନ୍ତି? ସେହି ଭବିଷ୍ୟଦ୍‌ବକ୍ତାଗଣ କଣ ଏପର୍ଯ୍ୟନ୍ତ
ବଞ୍ଚିଛନ୍ତି? 6ଆମ୍ଭେ ଆପଣା ଭବିଷ୍ୟଦ୍‌ବକ୍ତାଗଣଙ୍କୁ, ଆମ୍ଭର
ଆଜ୍ଞା ଓ ଶିକ୍ଷା ସମୂହ ବିଷୟରେ ପ୍ରଚାର କରିବାକୁ ଆଦେଶ
ଦେଇଥିଲି। ଏବଂ ତୁମ୍ଭର ପୂର୍ବପୁରୁଷଗଣ ଏହି ଆଦେଶ
ଭାଙ୍ଗିବାରୁ ଶେଷରେ ଦଣ୍ଡ ଦିଆଯାଇଥିଲା, କ'ଣ ସେମାନଙ୍କୁ
ଦିଆଯାଇନଥିଲା? ତେଣୁ ତୁମ୍ଭର ପୂର୍ବପୁରୁଷଗଣ କହିଲେ,
'ସର୍ବଶକ୍ତିମାନ୍ ସଦାପ୍ରଭୁ ଆମ୍ଭଙ୍କୁ ଆମ୍ଭର କୁପଥ ଏବଂ କୁକର୍ମ
ପାଇଁ ଦଣ୍ଡ ଦେଇଥିଲେ।' ତେଣୁ ସେମାନେ ପରମେଶ୍ୱରଙ୍କ
ନିକଟକୁ ଫେରିଆସିଲେ।"

### ଚାରି ଘୋଟକ

7ଦାରିୟାବସଙ୍କ ଶାସନର ଦ୍ୱିତୀୟ ବର୍ଷର ଏକାଦଶ ମାସର
ଏହା ହେଉଛି ଶବାଟ ମାସର ଚତୁର୍ବିଂଶ ଦିନ, ସଦାପ୍ରଭୁ
ତାଙ୍କର ଭବିଷ୍ୟଦ୍‌ବକ୍ତା ଯିଖରିୟଙ୍କ ନିକଟକୁ ବାର୍ତ୍ତା ପଠାଇଲେ।
ଭବିଷ୍ୟଦ୍‌ବକ୍ତା ଯିଖରିୟ ବେରିଖିୟଙ୍କ ପୁତ୍ର ଥିଲେ, ବେରିଖିୟ
ଇଦ୍ଦୋଙ୍କ ପୁତ୍ର ଥିଲେ।
8ରାତିରେ ମୁଁ ନାଲ୍ ଅଶ୍ୱ ଉପରେ ଏକ ବ୍ୟକ୍ତିକୁ
ଦେଖିଲି। ଏହା ଉପତ୍ୟକାର ମେହେନ୍ଦି ବୁଦା ମଝିରେ ଛିଡ଼ା
ହୋଇଥିଲା। ତାଙ୍କ ପଛରେ ନାଲ୍, ଧୂସର ଏବଂ ଧଳା
ଅଶ୍ୱଗୁଡ଼ିକ ଥିଲେ। 9ମୁଁ ପଚାରିଲି, "ହେ ମୋର ସଦାପ୍ରଭୁ
ଏଗୁଡ଼ିକ କ'ଣ ପାଇଁ?"
ତା'ପରେ ସେହି ସ୍ୱର୍ଗଦୂତ ଯିଏ ମୋ ସଂଗରେ କଥା
କହୁଥିଲେ, ଉତ୍ତର ଦେଲେ, "କ'ଣ ପାଇଁ ଏହି ଅଶ୍ୱଗୁଡ଼ିକ,
ତାହା ତୁମ୍ଭକୁ ଜଣାଇବି।"
10ତା'ପରେ ମେହେନ୍ଦି ବୁଦା ମଧ୍ୟରେ ଛିଡ଼ା ହୋଇଥିବା
ବ୍ୟକ୍ତି ଜଣଙ୍କୁ କହିଲେ, "ପୃଥିବୀରେ ଏଣେ ତେଣେ ଭ୍ରମଣ
କରିବା ପାଇଁ ସଦାପ୍ରଭୁ ଏହି ଅଶ୍ୱଗୁଡ଼ିକୁ ପ୍ରେରଣ
କରିଛନ୍ତି।"
11ତା'ପରେ ସେହି ଅଶ୍ୱଗୁଡ଼ିକ ମେହେନ୍ଦି ବୁଦା ମଧ୍ୟରେ
ଛିଡ଼ା ହୋଇଥିବା ସଦାପ୍ରଭୁଙ୍କ ସ୍ୱର୍ଗଦୂତଙ୍କୁ କହିଲେ, "ଦେଖ
ଆମ୍ଭେମାନେ ସାରା ପୃଥିବୀରେ ଭ୍ରମଣ କରିଛୁ ଏବଂ ସମଗ୍ର
ପୃଥିବୀ ସୁସ୍ଥିର ଓ ଶାନ୍ତ ଅଛି।"
12ତା'ପରେ ସଦାପ୍ରଭୁଙ୍କ ସ୍ୱର୍ଗଦୂତ କହିଲେ, "ହେ
ସର୍ବଶକ୍ତିମାନ ସଦାପ୍ରଭୁ କେତେକାଳ ତୁମ୍ଭେ ତୁମ୍ଭର ଦୟାରୁ
ଯିରୁଶାଲମ ଏବଂ ଯିହୁଦା ନଗରକୁ ଦୂରେଇ ରଖିବ? ସତୁରି
ବର୍ଷ ଧରି ଏହି ନଗରଗୁଡ଼ିକ ଉପରେ ତୁମ୍ଭର କ୍ରୋଧ ପ୍ରକାଶ
କରିଛ।"
13ମୋ ସହିତ କଥା ହେଉଥିବା ସ୍ୱର୍ଗଦୂତଙ୍କୁ ସଦାପ୍ରଭୁ
ଉତ୍ତର ଦେଲେ। ସେ ମଙ୍ଗଳ ଓ ସାନ୍ତ୍ୱନାମୂଳକ କଥା
କହିଲେ। 14ତା'ପରେ ସ୍ୱର୍ଗଦୂତ ଯିଏ ମୋ ସଙ୍ଗରେ
କଥା କହୁଥିଲେ, କହିଲେ, ମୋର ଏହି ବାକ୍ୟ ଘୋଷଣା
କର।
ସର୍ବଶକ୍ତିମାନ ସଦାପ୍ରଭୁ ପୁଣି କୁହନ୍ତି, "ଆମ୍ଭର ଯିରୁଶାଲମ
ଓ ସିୟୋନ ପ୍ରତି ପ୍ରଗାଢ଼ ଅନୁରାଗ ଅଛି।
15ନିଜକୁ ନିରାପଦ ମନେ କରୁଥିବା ଦେଶ ପ୍ରତି ଆମ୍ଭେ
ଅତ୍ୟନ୍ତ କ୍ଷୁବ୍ଧ ଥିଲୁ। କାରଣ ସେମାନେ ବିପର୍ଯ୍ୟୟକୁ ସର୍ବା
ଆମନ୍ତ୍ରଣ କରୁଥିଲେ।"
16ତେଣୁ ସଦାପ୍ରଭୁ ପରମେଶ୍ୱର କୁହନ୍ତି, "ଆମ୍ଭେ ପୁଣି
ଯିରୁଶାଲମ ଫେରି ଆସିବା ଓ ଆମ୍ଭର ନିଜ ଲୋକମାନଙ୍କ
ପ୍ରତି ଦୟା ଦେଖାଇବା।" ସର୍ବଶକ୍ତିମାନ ସଦାପ୍ରଭୁ ପୁଣି
କୁହନ୍ତି, "ଆମ୍ଭର ଘର ସେହି ସ୍ଥାନରେ ନିର୍ମିତ ହେବ ଏବଂ
ସମଗ୍ର ଯିରୁଶାଲମରେ ପୁନଃନିର୍ମାଣର ଲକ୍ଷଣ ଦେଖାଯିବ।"
17ସେହି ସ୍ୱର୍ଗଦୂତ ମଧ୍ୟ କହିଲେ, "ସର୍ବଶକ୍ତିମାନ୍ ସଦାପ୍ରଭୁ
କହନ୍ତି, 'ଆମ୍ଭର ନଗରଗୁଡ଼ିକ ଉତ୍ତମ ସାମଗ୍ରୀରେ ଉଚ୍ଛୁଳିବ।
ଆମ୍ଭର ସିୟୋନ ପ୍ରତି ଦୟା ରହିବ। ଆମ୍ଭେ ପୁନର୍ବାର
ଯିରୁଶାଲମକୁ ଆପଣା ବିଶେଷ ନଗର ରୂପେ ମନୋନୀତ
କରିବା।'"

### ଚାରିଟି ଶିଙ୍ଗ ଓ ଚାରିଜଣ କର୍ମୀ

18ଏହାପରେ ମୁଁ ଉର୍ଦ୍ଧ୍ୱକୁ ଚାହିଁଲି ଏବଂ ଚାରିଟି ଶିଙ୍ଗ
ଦେଖିଲି। 19ତା'ପରେ ମୁଁ ଯେଉଁ ସ୍ୱର୍ଗଦୂତ ସହ କଥାବାର୍ତ୍ତା
ହେଉଥିଲି ତାଙ୍କୁ ପଚାରିଲି, "ଏହି ଶିଙ୍ଗଗୁଡ଼ିକ କ'ଣ?"

ସେ ଉତ୍ତର ଦେଲେ, “ଏହି ଶିଙ୍ଗଗୁଡ଼ିକ ଇଶ୍ରାୟେଲ,
ଯିହୁଦା ଓ ଯିରୁଶାଲମର ଲୋକମାନଙ୍କୁ ଛିନ୍ନଛତ୍ର କରି
ଦେଇଛନ୍ତି।”
**20**ସଦାପ୍ରଭୁ ମୋତେ ଚାରିଜଣ କର୍ମୀଙ୍କୁ ଦେଖାଇଲେ।
**21**ମୁଁ ପଚାରିଲି, “ଏହି ଚାରିଜଣ ବଢେଇ କ’ଣ କରିବାକୁ
ଆସିଛନ୍ତି?”
ସେ ଉତ୍ତର ଦେଲେ, “ଏହି ଶିଙ୍ଗଗୁଡ଼ିକ ଯିହୁଦାର
ଲୋକମାନଙ୍କୁ ଆକ୍ରମଣ କରି ବିଦେଶକୁ ‘ତଡ଼ି’ ଦେଲେ।
ସେମାନେ ଏତେ ସହଜରେ ସେମାନଙ୍କୁ ହରାଇଦେଲେ ଯେ,
କାହାରି ମୁଣ୍ଡ ଟେକିବା ପାଇଁ ଶକ୍ତି ନଥିଲା। ତେଣୁ ଏହି
ଚାରିଜଣ ବଢେଇ ସେ ଶିଙ୍ଗଗୁଡ଼ିକୁ ଭୟଭୀତ କରିବାକୁ ଓ
ଭାଙ୍ଗି ପକାଇବାକୁ ଆସିଛନ୍ତି।”

## ପରିମିତ ଯିରୁଶାଲମ

**2** ତା’ପରେ ଉପରକୁ ଚାହିଁଲି, ଏବଂ ହସ୍ତରେ ପରିମାପକ
ରଜ୍ଜୁ ଧରିଥିବା ଏକ ବ୍ୟକ୍ତିଙ୍କୁ ଦେଖିଲି। **2**ମୁଁ ତାଙ୍କୁ
ପଚାରିଲି, “ତୁମ୍ଭେ କେଉଁଆଡ଼େ ଯାଉଅଛ?”
ସେ ଉତ୍ତର ଦେଲେ, “ମୁଁ ଯିରୁଶାଲମର ଦୈର୍ଘ୍ୟ ପ୍ରସ୍ଥ
ମାପିବାକୁ ଯାଉଅଛି।”
**3**ତା’ପରେ ମୋ ସହିତ ଆଳାପ କରୁଥିବା ସ୍ୱର୍ଗଦୂତ
ବାହାରି ଆସିଲେ ଏବଂ ଅନ୍ୟ ଜଣେ ସ୍ୱର୍ଗଦୂତ ବାହାରି ତାଙ୍କ
ସହିତ କଥା ହେଲେ। **4**ସେ ତାଙ୍କୁ କହିଲେ, “ଦୌଡ଼ିକରି
ଯାଅ ଏବଂ ସେହି ଯୁବକଙ୍କୁ କୁହ!
‘ଯିରୁଶାଲମ ଏକ ପ୍ରାଚୀର ବିହୀନ ନଗରୀ ହେବ।
କାରଣ ସେଠାରେ ବହୁ ସଂଖ୍ୟାରେ ଲୋକ ଓ ପଶୁମାନେ
ମଧ୍ୟ ସ୍ଥାନରେ ବାସ କରିବେ।’
**5**ସଦାପ୍ରଭୁ କୁହନ୍ତି, ‘ଆମ୍ଭେ ତା’ର ଚତୁର୍ଦ୍ଦିଗରେ ତା’ର
ସୁରକ୍ଷା ପାଇଁ ଅଗ୍ନିର ପ୍ରାଚୀର ତୁଲ୍ୟ ହେବା। ଆମ୍ଭେ ତାକୁ
ଆମ୍ଭର ମହିମାରେ ପୂର୍ଣ୍ଣ କରିବା।’”

## ପରମେଶ୍ୱର ଆପଣା ସନ୍ତାନମାନଙ୍କୁ ଗୃହକୁ ଡ଼ାକନ୍ତି

**6**ସଦାପ୍ରଭୁ କୁହନ୍ତି, “ଉତ୍ତର ଦେଶରୁ ପଳାୟନ କର।
ହଁ ଏହା ସତ୍ୟ ଯେ ଆମ୍ଭେ ତୁମ୍ଭର ଲୋକମାନଙ୍କ ଆକାଶର
ଚତୁର୍ଦ୍ଦିଗ ବାୟୁ ତୁଲ୍ୟ ବିସ୍ତୃତ କରିଅଛୁ।
**7**ବର୍ତ୍ତମାନ ବାବିଲର ବାସ କରୁଥିବା ତୁମ୍ଭେ ସିୟୋନର
ଲୋକମାନେ, ତୁମ୍ଭମାନଙ୍କର ମୁକ୍ତି ପାଇଁ ଦୌଡ। ସେହି
ନଗରୀରୁ ଶୀଘ୍ର ଦୂରକୁ ଚାଲିଯାଅ।” ସର୍ବଶକ୍ତିମାନ ସଦାପ୍ରଭୁ
ଏହାହିଁ କୁହନ୍ତି। **8**“ସେ ଆମ୍ଭକୁ ସେହି ଦେଶମାନଙ୍କଠାରୁ
ତୁମ୍ଭମାନଙ୍କୁ ଫେରାଇ ଆଣିବା ପାଇଁ ପଠାଇଲେ, ଯେଉଁମାନେ
ତୁମ୍ଭକୁ ଲୁଟିଥିଲେ। ତୁମ୍ଭେମାନେ ତାଙ୍କର ଗୌରବ।
କାରଣ ଯିଏ ତୁମ୍ଭର କ୍ଷତି କରୁଛି ସେ ସେହି ଲୋକପାଇଁ
କ୍ଷତି କରୁଛି ଯିଏ ପରମେଶ୍ୱରଙ୍କ ପାଇଁ ମୂଲ୍ୟବାନ।
**9**ବାବିଲର ଲୋକମାନେ ଆମ୍ଭ ଲୋକମାନଙ୍କୁ କ୍ରୀତଦାସ
କଲେ। କିନ୍ତୁ ଆମ୍ଭେ ଆମ୍ଭର ହସ୍ତ ସେମାନଙ୍କ ବିରୁଦ୍ଧରେ
ଉଠାଇବା ଏବଂ ସେହି ଲୋକମାନେ ଆମ୍ଭ ଲୋକମାନଙ୍କ
ଦ୍ୱାରା ଲୁଟିତ ହେବେ। ତା’ପରେ ତୁମ୍ଭେ ଜାଣିବ ସଦାପ୍ରଭୁ
ସର୍ବଶକ୍ତିମାନ ମୋତେ ପଠାଇଥିଲେ।”
**10**ସଦାପ୍ରଭୁ କୁହନ୍ତି, “ହେ ସିୟୋନର କନ୍ୟା, ଆନନ୍ଦରେ
ଚିତ୍କାର କର ଏବଂ ଖୁସି ହୁଅ। କାରଣ ତୁମ୍ଭ ସହିତ
ନଗରରେ ବାସ କରିବା ପାଇଁ ଆମ୍ଭେ ଆସୁଛୁ।
**11**ସେହି ଦିନରେ, ଅନେକ ଦେଶର ଲୋକମାନେ
ପରମେଶ୍ୱରଙ୍କ ନିକଟକୁ ଆସିବେ। ସେମାନେ ଆମ୍ଭର ଲୋକ
ହେବେ। ଆଉ ଆମ୍ଭେ ତୁମ୍ଭମାନଙ୍କ ମଧ୍ୟରେ ବାସ କରିବା।”
ସେତେବେଳେ ତୁମ୍ଭେ ଜାଣିବ ସର୍ବଶକ୍ତିମାନ ସଦାପ୍ରଭୁ ମୋତେ
ତୁମ୍ଭ ନିକଟକୁ ପ୍ରେରଣ କରିଛନ୍ତି।
**12**ସେହି ପବିତ୍ର ଭୂମିରେ ଯିହୁଦା ପରମେଶ୍ୱରଙ୍କର ଅଂଶ
ହେବ। ସଦାପ୍ରଭୁ ପୁନର୍ବାର ଯିରୁଶାଲମକୁ ତାଙ୍କର ସ୍ୱତନ୍ତ୍ର
ନଗରରୂପେ ବାଛିବେ।
**13**ସମସ୍ତ ଲୋକମାନେ, ନୀରବ ହୁଅ। ସଦାପ୍ରଭୁ ତାଙ୍କର
ପବିତ୍ର ଗୃହରୁ ଆସୁଛନ୍ତି।

## ମହାଯାଜକ

**3** ସଦାପ୍ରଭୁ ସ୍ୱର୍ଗଦୂତ ମହାଯାଜକ ଯିହୋଶୂୟଙ୍କୁ ମୋତେ
ଦେଖାଇଲେ। ଯିହୋଶୂୟ ସଦାପ୍ରଭୁଙ୍କ ସ୍ୱର୍ଗଦୂତଙ୍କ ସମ୍ମୁଖରେ
ଓ ଶଇତାନ ଯିହୋଶୂୟଙ୍କ ଦକ୍ଷିଣ ପାର୍ଶ୍ୱରେ ଛିଡ଼ା ହୋଇଥିଲେ।
ତାଙ୍କୁ ଦୋଷ ଦେବାକୁ ଶୟତାନ ସେଠାରେ ଉପସ୍ଥିତ ଥିଲେ।
**2**ତା’ପରେ ସଦାପ୍ରଭୁ କହିଲେ, “ସଦାପ୍ରଭୁ ତୁମ୍ଭକୁ ଭର୍ତ୍ସନା
କରିବେ, ହେ ଶଇତାନ, ସେ ତୁମ୍ଭକୁ ସମାଲୋଚନା କରି
ଚାଲିଥିବେ। ସଦାପ୍ରଭୁ ଯିରୁଶାଲମକୁ ତାଙ୍କ ସ୍ୱତନ୍ତ୍ର ନଗରରୂପେ
ମନୋନୀତ କରିଛନ୍ତି। ଗୋଟିଏ ଜଳନ୍ତା କାଠଗଣ୍ଡି ନିଆଁରୁ
ଟାଣି ଆଣିବାପରି, ସେ ସେହି ନଗରକୁ ରକ୍ଷା କରିଥିଲେ।”
**3**ଯିହୋଶୂୟ ସ୍ୱର୍ଗଦୂତଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ
ଏବଂ ସେ ଏକ ମଇଳା ବସ୍ତ୍ର ପରିଧାନ କରିଥିଲେ।
**4**ତା’ପରେ ସେହି ସ୍ୱର୍ଗଦୂତ ତାଙ୍କ ନିକଟରେ ଛିଡ଼ା ହୋଇଥିବା
ଅନ୍ୟ ସ୍ୱର୍ଗଦୂତଙ୍କୁ କହିଲେ, “ଯିହୋଶୂୟଙ୍କ ଶରୀରରୁ ସେହି
ମଇଳା ବସ୍ତ୍ର ଗୁଡ଼ିକୁ କାଢ଼ିନିଅ।” ତା’ପରେ ସ୍ୱର୍ଗଦୂତ ଯିହୋଶୂୟଙ୍କୁ
କହିଲେ, “ବର୍ତ୍ତମାନ, ମୁଁ ତୁମ୍ଭର ଅପରାଧ କାଢ଼ିନେଇଛି ଏବଂ
ମୁଁ ତୁମ୍ଭଙ୍କୁ ନୂଆ ମୂଲ୍ୟବାନ ବସ୍ତ୍ରରେ ଆଚ୍ଛାଦିତ କରୁଛି।”
**5**ତା’ପରେ ମୁଁ କହିଲି, “ତା’ର ମସ୍ତକରେ ଏକ ନିର୍ମଳ
ପଗଡି ବାନ୍ଧି ଦିଅନ୍ତୁ।” ତେଣୁ ସେମାନେ ତାଙ୍କର ମସ୍ତକରେ
ନିର୍ମଳ ପଗଡି ବାନ୍ଧି ଦେଲେ। ସେମାନେ ତାଙ୍କୁ ପୁଣି ବସ୍ତ୍ର
ପିନ୍ଧାଇଲାବେଳେ ସଦାପ୍ରଭୁଙ୍କର ଦୂତ ପାଖରେ ଠିଆ ହୋଇଥିଲେ।
**6**ତା’ପରେ ସଦାପ୍ରଭୁଙ୍କ ଦୂତ ଯିହୋଶୂୟଙ୍କୁ ଏହା କହି ସତର୍କ
କରାଇଲେ:
**7**ସର୍ବଶକ୍ତିମାନ୍ ସଦାପ୍ରଭୁ କହନ୍ତି, “ଆମ୍ଭେ ଯେପରି ନିର୍ଦ୍ଦେଶ
ଦିଏ ତୁମ୍ଭେ ସେପରି ପରିଚାଳିତ ହୁଅ ଏବଂ ଯତ୍ନ ସହକାରେ
କର ଯାହା ଆମ୍ଭେ ଚାହୁଁ। ତେବେ ତୁମ୍ଭେ ଆମ୍ଭର ଗୃହରେ
ବିଚାର କରିବ ଏବଂ ଆମ୍ଭର ମନ୍ଦିର ଅଗଣାର ରକ୍ଷକ ହେବ।
ଆମ୍ଭେ ତୁମ୍ଭକୁ ପ୍ରବେଶ କରାଇବା ସେହିମାନଙ୍କ ମଧ୍ୟରେ,
ଯେଉଁମାନେ କି ଏଠାରେ ଛିଡା ହେଉଛନ୍ତି।
**8**ହେ ମହାଯାଜକ ଯିହୋଶୂୟ ଓ ତୁମ୍ଭ ସମ୍ମୁଖରେ
ବସିଥିବା ସହ ଯାଜକ ଆମ୍ଭ କଥା ଶୁଣ। ଯେତେବେଳେ
ଆମ୍ଭେ ଆପଣା ସ୍ୱତନ୍ତ୍ର ଅନୁଚର ଆଣିବା ସେତେବେଳେ ଏହି
ଲୋକମାନେ ଯିଏ କି କ’ଣ ଘଟିବ ବୋଲି ଦେଖାଇବେ

ଉଦାହରଣ ହେବେ। ଯେଉଁ ଅନୁଚରକୁ ଆମ୍ଭେ ଆଣିବା ତାଙ୍କୁ
ଶାଖା କୁହାଯିବ।
9ଯିହୋଶୂୟଙ୍କ ସମ୍ମୁଖରେ ଆମ୍ଭେ ଯେଉଁ ସ୍ୱତନ୍ତ୍ର ପ୍ରସ୍ତର
ସ୍ଥାପନ କରୁଛି ତାକୁ ଦେଖ। ସେହି ପ୍ରସ୍ତରରେ ସାତଟି ଚକ୍ଷୁ
ଅଛି। ସେହି ସ୍ୱତନ୍ତ୍ର ପ୍ରସ୍ତର ଉପରେ ଆମ୍ଭେ ବାର୍ତ୍ତା ଖୋଦନ
କରିବା। ସଦାପ୍ରଭୁ କୁହନ୍ତି ଆମ୍ଭେ ସେ ଦେଶରୁ ଅଧର୍ମ ଦୂର
କରିବା, ଏହା ସେ ପ୍ରସ୍ତର ଦିନେ ଦେଖାଇବ।”
10ସଦାପ୍ରଭୁ ସର୍ବଶକ୍ତିମାନ କୁହନ୍ତି, “ସେତେବେଳେ
ଲୋକମାନେ ଏକତ୍ର ବସିବେ ଓ ସେମାନଙ୍କର ବନ୍ଧୁ ଓ
ପଡ଼ୋଶୀଙ୍କ ସହିତ ଆଳାପ କରିବେ। ସେମାନେ ଡ଼ିମ୍ବିରି
ବୃକ୍ଷତଳେ ଓ ଦ୍ରାକ୍ଷାଲତା ତଳେ ବସିବାକୁ ପରସ୍ପରକୁ ନିମନ୍ତ୍ରଣ
କରିବେ।”

## ଦୀପରୁଖା ଓ ଦୁଇ ଅଲିଭ ବୃକ୍ଷ

4 ତା’ପରେ ମୋ ସହିତ ଆଳାପ କରୁଥିବା ସେହି
ସ୍ୱର୍ଗଦୂତ ମୋ ନିକଟକୁ ଫେରିଆସିଲେ ଓ ମୋତେ
ଜାଗ୍ରତ କରାଇଲେ। ମୁଁ ନିଦ୍ରାରୁ ଉଠିଲା ଲୋକ ପରି ଉଠିଲି।
2ତାହାପରେ ସେହି ସ୍ୱର୍ଗଦୂତ ମୋତେ ପଚାରିଲେ, “ତୁମ୍ଭେ
କ’ଣ ଦେଖୁଛ?”
ମୁଁ କହିଲି, “ମୁଁ ସମ୍ପୂର୍ଣ୍ଣ ସ୍ୱର୍ଣ୍ଣର ଦୀପାଧାର ଦେଖୁଛି।
ତାହାର ଉପରେ ଗୋଟିଏ ମାଠିଆ ଅଛି ଏବଂ ତା’ ଉପରେ
ସାତୋଟି ପ୍ରଦୀପ ଅଛି, ଆଉ ମଧ୍ୟ ସେଠାରେ ଗୋଟିଏ ପାତ୍ର
ଅଛି। ପ୍ରତ୍ୟେକ ପ୍ରଦୀପର ମୁଖନଳ ଅଛି ଓ ସେହି ନଳ
ଦେଇ ପ୍ରଦୀପକୁ ତୈଳ ଆସୁଛି। 3ସେହି ପାତ୍ରର ଦକ୍ଷିଣ ଓ
ବାମ ପାର୍ଶ୍ୱରେ ଗୋଟିଏ ଗୋଟିଏ ଅଲିଭ ବୃକ୍ଷ ଅଛି।” 4ମୋ
ସହିତ ଆଳାପ କରୁଥିବା ସ୍ୱର୍ଗଦୂତଙ୍କୁ ମୁଁ ପଚାରିଲି, “ମୋର
ମହାଶୟ, ଏଗୁଡ଼ିକ ସବୁ କଣ?”
5ମୋ ସହିତ ଆଳାପ କରୁଥିବା ସ୍ୱର୍ଗଦୂତ ଉତ୍ତର କଲେ,
“ତୁମ୍ଭେ କ’ଣ ଜାଣ ନାହିଁ ଏଗୁଡ଼ିକ ସବୁ କ’ଣ?”
ମୁଁ କହିଲି “ନାଁ, ମୋର ମହାଶୟ।”
6ସେ କହିଲେ, “ଏହା ଯିରୁବ୍ବାବିଲଙ୍କ ପ୍ରତି ସଦାପ୍ରଭୁଙ୍କ
ବାର୍ତ୍ତା, ‘ଏହା ପରାକ୍ରମ କି ବଳଦ୍ୱାରା ନୁହେଁ, ଆମ୍ଭର ଆତ୍ମାରୁ
ଆସିବ।’ ସର୍ବଶକ୍ତିମାନ୍ ସଦାପ୍ରଭୁ ଏହା କୁହନ୍ତି। 7ହେ ମହାନ୍
ପର୍ବତ! ତୁମ୍ଭେ କିଏ? ଯିରୁବ୍ବାବିଲ ସମ୍ମୁଖରେ ତୁମ୍ଭେ ଗୋଟିଏ
ସମତଳଭୂମି ପରି। ‘ପରମେଶ୍ୱରଙ୍କର ଏହା ଉପରେ କୃପା
ହେଉ! ଧ୍ୱନି ମଧ୍ୟରେ ସେ କୋଣର ପ୍ରସ୍ତର ଆଣିବ।’”
8ସଦାପ୍ରଭୁ ଏହି ବାର୍ତ୍ତା ମୋତେ ପଠାଇଲେ। 9“ଯିରୁବ୍ବାବିଲ
ଆମ୍ଭ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିଛି ଓ ସେ ମନ୍ଦିର
ନିର୍ମାଣର କାର୍ଯ୍ୟ ଶେଷ କରିବ। ତା’ପରେ ତୁମ୍ଭେମାନେ
ଜାଣିବ ସର୍ବଶକ୍ତିମାନ୍ ସଦାପ୍ରଭୁ ମୋତେ ତୁମ୍ଭମାନଙ୍କ ନିକଟକୁ
ପଠାଇଛନ୍ତି। 10ଯେଉଁମାନେ କି ଛୋଟ ଜିନିଷଗୁଡ଼ିକୁ ଘୃଣା
କରନ୍ତି, ସେମାନେ ଆନନ୍ଦ କରିବେ, ଯେତେବେଳେ ସେମାନେ
ଯିରୁବ୍ବାବିଲଙ୍କ ହାତରେ ଓଳମ ଦେଖିବେ। ବର୍ତ୍ତମାନ ଏହି
ସାତଟି ପାର୍ଶ୍ୱ ସଦାପ୍ରଭୁଙ୍କର ଚକ୍ଷୁ, ଯାହା ସମଗ୍ର ପୃଥିବୀକୁ
ଦେଖେ।”
11ତା’ପରେ ମୁଁ ତାଙ୍କୁ କହିଲି, “ଦୀପରୁଖା ବାମ ଓ
ଡାହାଣ ପଟେ ଦୁଇ ଦୁଇଟି ଅଲିଭ୍ ବୃକ୍ଷର ଅର୍ଥ କ’ଣ?”
12ମୁଁ ମଧ୍ୟ ତାଙ୍କୁ ପଚାରିଲି, “ମୁଁ ଏହି ଯେଉଁ ଦୁଇ ଅଲିଭ୍
ଶାଖାଗୁଡ଼ିକରୁ ଅଲିଭ୍ ତୈଳ ସ୍ୱର୍ଣ୍ଣ ନଳ ଦୁଇଟିକୁ ଢାଳୁଥିବାର
ଦେଖୁଛି, ଏହାର ଅର୍ଥ କ’ଣ?”
13ତା’ପରେ ସେହି ସ୍ୱର୍ଗଦୂତ ଉତ୍ତର କଲେ, “ତୁମ୍ଭେ
ଏଗୁଡ଼ିକର ଅର୍ଥ କ’ଣ ଜାଣ ନାହିଁ?”
ମୁଁ ଉତ୍ତର ଦେଲି, “ନା, ମୋର ମହାଶୟ!”
14ତେଣୁ ସେ ଉତ୍ତର ଦେଲେ, “ଏହି ଅଭିଷିକ୍ତ ଦୁଇଜଣ
ଯିଏ ଠିଆ ହୁଅନ୍ତି ସମଗ୍ର ପୃଥିବୀ ପାଇଁ ସଦାପ୍ରଭୁଙ୍କର
ପ୍ରତିନିଧି ଅଟନ୍ତି।”

## ଉଡ଼ନ୍ତା ନଳାକାର ପୁସ୍ତକ

5 ମୁଁ ପୁଣି ଊର୍ଦ୍ଧ୍ୱକୁ ଦୃଷ୍ଟି କଲି ଓ ଏକ ଉଡ଼ନ୍ତା ନଳାକାର
ପୁସ୍ତକ ଦେଖିଲି। 2ସେହି ସ୍ୱର୍ଗଦୂତ ମୋତେ ପ୍ରଶ୍ନ
କଲେ, “ତୁମ୍ଭେ କ’ଣ ଦେଖୁଛ?”
ମୁଁ କହିଲି, “ମୁଁ ଏକ ଉଡ଼ନ୍ତା ନଳାକାର ପୁସ୍ତକ
ଦେଖୁଛି। ସେହି ନଳାକାର ପୁସ୍ତକର ଦୈର୍ଘ୍ୟ କୋଡ଼ିଏ ହାତ
ଓ ପ୍ରସ୍ଥ ଦଶ ହାତ।”
3ତା’ପରେ ସେହି ସ୍ୱର୍ଗଦୂତ କହିଲେ, “ଏହି ନଳାକାର
ପୁସ୍ତକରେ ଅଭିଶାପ ଅଛି, ଯାହା ସାରା ପୃଥିବୀ ବିରୁଦ୍ଧରେ
ଯାଉଛି। ଏହା ଚୋର ଏବଂ ମିଥ୍ୟାଶପଥକାରୀ ଦୁଇଜଣଙ୍କୁ
ଅଭିଶାପ ଦିଏ, ଯେଉଁମାନେ ଦଣ୍ଡିତ ନହୋଇ ଖସି ଯାଇଛନ୍ତି।
4ସର୍ବଶକ୍ତିମାନ ସଦାପ୍ରଭୁ କୁହନ୍ତି, ମୁଁ ସେହି ନଳାକାର
ପୁସ୍ତକକୁ ଚୋରମାନଙ୍କର ଗୃହକୁ ପଠାଇବି ଏବଂ ସେହିମାନଙ୍କ
ଘରକୁ, ଯେଉଁମାନେ ମୋର ନାମ ବ୍ୟବହାର କରି ମିଥ୍ୟା
ଶପଥ ନେଇଛନ୍ତି। ସେହି ନଳାକାର ପୁସ୍ତକ ପ୍ରତ୍ୟେକ
ଗୃହରେ ରହିବ ଏବଂ ଧ୍ୱଂସକାରୀ, କଡ଼ି କାଠ ତଳେ ଓ
ପ୍ରସ୍ତର ତଳେ ରହିବ। ଏପରିକି ପ୍ରସ୍ତର ତଥା କାଷ୍ଠର
ସ୍ତମ୍ଭଗୁଡ଼ିକ ମଧ୍ୟ ବିନଷ୍ଟ ହେବ।”

## ସ୍ତ୍ରୀ ଓ ଐଫା ପାତ୍ର

5ମୋ ସହିତ ଆଳାପ କରୁଥିବା ସ୍ୱର୍ଗଦୂତ ବାହାରକୁ
ଆସିଲେ। ମୋତେ କହିଲେ, “ଦେଖ, କ’ଣ ଆସୁଥିବାର
ଦେଖୁଛ?”
6ମୁଁ ଉତ୍ତର କଲି, “ଏହା କ’ଣ?”
ସେ କହିଲେ, “ତାହା ଏକ ମାପ କରିବା ଟୋକେଇ”
ଏବଂ “ତାହା ଦେଶର ଲୋକମାନଙ୍କର ପାପକୁ ମାପିପାରିବ।”
7ଗୋଟିଏ ସୀସାର ନିର୍ମିତ ଘୋଡ଼ଣୀ ଟୋକେଇରୁ କାଢ଼ାଗଲା।
ସେହି ମାପିବାର ଟୋକେଇ ମଧ୍ୟରେ ଗୋଟିଏ ସ୍ତ୍ରୀଲୋକ
ଥିଲା। 8ସ୍ୱର୍ଗଦୂତ କହିଲେ, “ଏହି ନାରୀ ଦୁଷ୍ଟପଣିଆର
ପ୍ରତିନିଧି ସ୍ୱରୂପ।” ତା’ପରେ ସେ ସ୍ୱର୍ଗଦୂତ ସେହି ନାରୀକୁ
ମାପ ଟୋକେଇ ଭିତରକୁ ଠେଲିଦେଇ ତାହାର ସୀସା
ଘୋଡ଼ଣୀ ବନ୍ଦ କରିଦେଲେ। 9ତା’ପରେ ମୁଁ ଊର୍ଦ୍ଧ୍ୱକୁ ଦୃଷ୍ଟି
କଲି ଏବଂ ସାରସ ପକ୍ଷୀ ପରି ପକ୍ଷଥିବା ଦୁଇଟି ନାରୀ
ଦେଖିଲି। ସେମାନେ ଉଡ଼ି ଆସିଲେ ଏବଂ ସେମାନଙ୍କ ପକ୍ଷରେ
ପବନ ଥିଲା। ସେମାନେ ସେ ମାପିବାର ଟୋକେଇକୁ
ଉଠାଇଲେ ପୃଥିବୀ ଓ ସ୍ୱର୍ଗ ମଧ୍ୟରେ ବୋହି ନେଲେ।
10ତା’ପରେ ମୁଁ ମୋ ସହିତ ଆଳାପ କରୁଥିବା ସ୍ୱର୍ଗଦୂତଙ୍କୁ

ପଚାରିଲି, "ସେମାନେ ସେହି ମାପିବାର ଟୋକେଇଟିକୁ କେଉଁଠାକୁ
ନେଉଛନ୍ତି।"
11ସ୍ୱର୍ଗଦୂତ ମୋତେ ଉତ୍ତର କଲେ, "ସେମାନେ ଶିନିଅର
ଦେଶରେ ଗୋଟିଏ ଗୃହ ନିର୍ମାଣ କରିବାକୁ ଯାଉଛନ୍ତି। ଗୃହ
ପ୍ରସ୍ତୁତ ହେଲାପରେ ଏହା ଯଥା ସ୍ଥାନରେ ସ୍ଥାପିତ ହେବ।"

## ଚାରିରଥ

6 ତା'ପରେ ମୁଁ ପୁନର୍ବାର ଅନାଇଲି ଓ ଦେଖିଲି, ଦୁଇଟି
ତମ୍ବା ପର୍ବତ ମଧ୍ୟରୁ ଚାରିଗୋଟି ରଥ ନିର୍ଗତ ହେଲା।
2ରକ୍ତବର୍ଣ୍ଣର ଅଶ୍ୱଗୁଡ଼ିକ ପ୍ରଥମ ରଥକୁ ଟାଣୁଥିଲା ବେଳେ
କଳାରଙ୍ଗର ଅଶ୍ୱଗଣ ଦ୍ୱିତୀୟ ରଥକୁ ଟାଣୁଥିଲେ। 3ଧଳା
ଅଶ୍ୱଗୁଡ଼ିକ ତୃତୀୟ ରଥକୁ ଓ ଚିତ୍ରବିଚିତ୍ର ଅଶ୍ୱଗୁଡିକ ଚତୁର୍ଥ
ରଥକୁ ଟାଣୁଥିଲେ। ସେଗୁଡିକ ଶକ୍ତିଶାଳୀ ଅଶ୍ୱ ଥିଲେ। 4ମୋ
ସହିତ ଆଳାପ କରୁଥିବା ସ୍ୱର୍ଗଦୂତଙ୍କୁ ମୁଁ ପଚାରିଲି, "ମୋର
ମହାଶୟ, ଏଗୁଡ଼ିକର ଅର୍ଥ କ'ଣ?"
5ସେହି ସ୍ୱର୍ଗଦୂତ ଉତ୍ତର ଦେଲେ, "ଏଗୁଡ଼ିକ ସ୍ୱର୍ଗର
ଚାରି ବାୟୁ। ସେମାନେ ସଦାପ୍ରଭୁଙ୍କର ନିକଟରୁ ବାହାରି
ସମଗ୍ର ପୃଥିବୀକୁ ଯାଆନ୍ତି। 6କୃଷ୍ଣବର୍ଣ୍ଣ ଅଶ୍ୱଗୁଡ଼ିକ ଦ୍ୱାରା
ଟଣାଯାଉଥିବା ରଥ ଉତ୍ତର ଦିଗର ଦେଶ ଆଡ଼କୁ ଯିବେ,
ଲାଲ ଅଶ୍ୱଗୁଡ଼ିକ ଦ୍ୱାରା ଟଣାଯାଉଥିବା ରଥ ପୂର୍ବ ଦିଗର
ଦେଶ ଆଡ଼େ, ଧଳା ଘୋଡ଼ାଗୁଡ଼ିକ ଦ୍ୱାରା ଟଣାଯାଉଥିବା
ପଶ୍ଚିମ ଦିଗର ଦେଶଆଡ଼େ ଓ ପାଣ୍ଡୁର ଅଶ୍ୱଗୁଡ଼ିକ ଦ୍ୱାରା
ଟଣାଯାଉଥିବା ରଥ ଦକ୍ଷିଣ ଦିଗର ଦେଶଆଡ଼େ ଯିବେ।"
7ସେହି ଶକ୍ତିଶାଳୀ ଅଶ୍ୱଗୁଡିକ ପୃଥିବୀର ଏଣେତେଣେ
ବିଚରଣ କରିବାକୁ ଆଗ୍ରହ ପ୍ରକାଶ କଲେ। ତେଣୁ ସେହି
ସ୍ୱର୍ଗଦୂତ ସେମାନଙ୍କୁ କହିଲେ, "ଯାଅ ପୃଥିବୀର ଚାରିଆଡ଼େ
ବିଚରଣ କର।" ତେଣୁ ସେମାନେ ଗଲେ।
8ତା'ପରେ ସଦାପ୍ରଭୁ ପାଟିକରି ମୋତେ କହିଲେ, "ଦେଖ,
ସେହି ଅଶ୍ୱଗୁଡ଼ିକ ଯେଉଁମାନେ ଉତ୍ତର ଦେଶଆଡକୁ ଯାଇଛନ୍ତି
ଆମ୍ଭ ଆତ୍ମାକୁ ସେମାନେ ଉତ୍ତର ଦେଶରେ ସୁସ୍ଥିର କରିଅଛନ୍ତି।"

## ଯାଜକ ଯିହୋଶୂୟଙ୍କ ମୁକୁଟ ଲାଭ

9ତା'ପରେ ସଦାପ୍ରଭୁ ଏହି ବାର୍ତ୍ତା ପଠାଇଲେ, 10"ହିଲ୍ଦୟ,
ଟୋବିୟ ଓ ଯିଦାୟ ବାବିଲରୁ ଆସିଥିବା ସେହି ନିର୍ବାସିତଙ୍କ
ମଧ୍ୟରୁ ଅଟନ୍ତି। ସୁନା ଓ ରୂପା ସେମାନଙ୍କଠାରୁ ନିଅ ଏବଂ
ସିଫନୀୟର ପୁତ୍ର ଯୋଶିୟର ଗୃହକୁ ଯାଅ। 11ସେହି ରୌପ୍ୟ
ଓ ସୁବର୍ଣ୍ଣରେ ମୁକୁଟ ନିର୍ମାଣ କର ଓ ସେହି ମୁକୁଟକୁ
ମହାଯାଜକ ଯିହୋଷାଦଙ୍କ ପୁତ୍ର ଯିହୋଶୂୟ ମସ୍ତକରେ ରଖ।
ଯିହୋଶୂୟ ଜଣେ ମହାଯାଜକ ଓ ସେ ଯିହୋଷାଦକଙ୍କ ପୁତ୍ର
ଥିଲେ। ତା'ପରେ ଏହିସବୁ ତାଙ୍କୁ କୁହ:
12ତା'ପରେ ତାଙ୍କୁ କୁହ, ସର୍ବଶକ୍ତିମାନ ସଦାପ୍ରଭୁ କୁହନ୍ତି,
'ଜଣେ ବ୍ୟକ୍ତି ଅଛନ୍ତି, ତାଙ୍କ ନାମ ଶାଖା, ସେ ତାଙ୍କ ସ୍ଥାନରୁ
ଅଙ୍କୁରିତ ହେବେ ଏବଂ ସେ ସଦାପ୍ରଭୁଙ୍କର ମନ୍ଦିର ନିର୍ମାଣ
କରିବେ।
13ସେ ନିଶ୍ଚିତ ଭାବରେ ସଦାପ୍ରଭୁଙ୍କ ମନ୍ଦିର ନିର୍ମାଣ
କରିବେ ଓ ମହିମା ପ୍ରାପ୍ତ ହେବେ। ସେ ମଧ୍ୟ ଆପଣା
ସିଂହାସନରେ ବସିବେ ଓ ରାଜତ୍ୱ କରିବେ। ଆଉ ମଧ୍ୟ ଜଣେ
ଯାଜକ ତାଙ୍କ ସିଂହାସନରେ ବସି ଯାଜକ ହେବେ। ସେହି
ଦୁଇଜଣ ମଧ୍ୟରେ ଶାନ୍ତିର ନେତୃତ୍ୱ ହେବ।'
14"ସେହି ମୁକୁଟଗୁଡିକ ସଦାପ୍ରଭୁଙ୍କର ମନ୍ଦିରରେ ସ୍ମାରକପତ୍ର
ସ୍ୱରୂପ ହିଲ୍ଦୟ, ଟୋବିୟ ଯିଦାୟ ଏବଂ ସିଫନୀୟରଙ୍କ ପୁତ୍ର
ଯୋଶିୟଙ୍କ ସ୍ମରଣାର୍ଥେ ରହିବ। 15ଯେଉଁମାନେ ଦୂରରେ
ଅଛନ୍ତି ଆସିବେ ଏବଂ ସଦାପ୍ରଭୁଙ୍କର ମନ୍ଦିର ନିର୍ମାଣ କରିବେ।
ତା'ପରେ ତୁମ୍ଭେମାନେ ଜାଣିବ ଯେ ସଦାପ୍ରଭୁ ମୋତେ
ତୁମ୍ଭମାନଙ୍କ ନିକଟକୁ ପ୍ରେରଣ କରିଛନ୍ତି। ଏହି ସବୁ ଘଟିବ
ଯଦି ତୁମ୍ଭେ ମନଯୋଗ ସହକାରେ ସଦାପ୍ରଭୁ ତୁମ୍ଭମାନଙ୍କ
ପରମେଶ୍ୱରଙ୍କର ଆଜ୍ଞା ପାଳନ କରିବ।"

## ସଦାପ୍ରଭୁ ଦୟା ଓ କରୁଣା ଚାହାଁନ୍ତି

7 ରାଜା ଦାରୟାବସଙ୍କ ରାଜତ୍ୱର ଚତୁର୍ଥ ବର୍ଷରେ ସଦାପ୍ରଭୁ
ଏହି ବାର୍ତ୍ତା ଯିଖରିୟଙ୍କୁ ପଠାଇଲେ। ଏହା ତାଙ୍କ
ରାଜତ୍ୱର ଚତୁର୍ଥ ବର୍ଷର କିଷ୍ଲେବ ନାମକ ନବମ ମାସର
ଚତୁର୍ଥ ଦିବସ ଥିଲା। 2ବୈଥେଲସ୍ଥ ଲୋକମାନେ ଶରେତ୍ସର,
ରେଗମ୍ମେଲକ ଓ ତାଙ୍କ ଲୋକଙ୍କୁ ସଦାପ୍ରଭୁଙ୍କର ଅନୁଗ୍ରହ
ଦେଖିବା ପାଇଁ ପ୍ରେରଣ କଲେ। 3ସର୍ବଶକ୍ତିମାନ୍ ସଦାପ୍ରଭୁଙ୍କର
ମନ୍ଦିରର ଯାଜକମାନଙ୍କୁ ଓ ଭବିଷ୍ୟଦ୍‌ବକ୍ତାମାନଙ୍କୁ ପଚାରିବାକୁ
ସେମାନେ ପଠାଇଲେ, "ଆମ୍ଭେ କ'ଣ ପଞ୍ଚମ ମାସରେ ବିଳାପ
ଓ ଉପବାସ ଚାଲୁ ରଖିବା, ଯେପରିକି ଅନେକ ବର୍ଷ ଧରି
କରିଆସିଅଛୁ? ପଞ୍ଚମ ମାସରେ ଆମ୍ଭେମାନେ ବିଶେଷ ବିଳାପ
ଓ ଉପବାସ ପାଳନ କରୁ। ଆମ୍ଭେ ଏହି ପାଳନ କରିବା
କାର୍ଯ୍ୟ ଚାଲୁ ରଖିବା ଉଚିତ୍ କି?"
4ସର୍ବଶକ୍ତିମାନ୍ ସଦାପ୍ରଭୁ ତାଙ୍କର ବାର୍ତ୍ତା ମୋତେ ପଠାଇଲେ,
5"ଦେଶର ଲୋକମାନଙ୍କୁ ଏବଂ ଯାଜକମାନଙ୍କୁ ଏହି କଥା
କୁହ, ତୁମ୍ଭେ ଯେତେବେଳେ ପଞ୍ଚମ ଓ ସପ୍ତମ ମାସରେ
ଉପବାସ ଓ ବିଳାପ କଲ, ସେହି ସତୁରି ବର୍ଷରେ ସତରେ
କ'ଣ ତୁମ୍ଭେ ଆମ୍ଭ ପାଇଁ ଉପବାସ କରିଥିଲ? 6ଏବଂ ତୁମ୍ଭେ
ସମସ୍ତେ ଯେତେବେଳେ ଖାଅ ଓ ପିଅ, ତୁମ୍ଭେ କ'ଣ ନିଜ
ପାଇଁ ଖାଅ ଓ ପିଅ ନାହିଁ? 7ଏହିଗୁଡିକ କ'ଣ ସେହି
ବାକ୍ୟଗୁଡିକ ନୁହେଁ? ଯାହା ସଦାପ୍ରଭୁ ପୂର୍ବ ଭବିଷ୍ୟତ୍
ବକ୍ତାମାନଙ୍କ ମାଧ୍ୟମରେ କହିଥିଲେ? ସେ ଏକଥା କହିଥିଲେ
ଯେତେବେଳେ ଯିରୁଶାଲମ ବସତି ବହୁଳ ଓ ସମୃଦ୍ଧିଶାଳୀ
ଥିଲା। ଏବଂ ତା'ର ଚତୁର୍ଦ୍ଦିଗର ନଗରଗୁଡିକ ନେଗେଭ ଏବଂ
ସିଫେଲା ବସତି ବହୁଳ ଥିଲା।"
8ଏହାପରେ ସଦାପ୍ରଭୁ ତାଙ୍କ ବାର୍ତ୍ତା ଯିଖରିୟଙ୍କ ନିକଟକୁ
ପଠାଇଲେ।
9ସର୍ବଶକ୍ତିମାନ୍ ସଦାପ୍ରଭୁ ଏହିସବୁ କଥା କହିଲେ, "ଯଥାର୍ଥ
ନ୍ୟାୟ ଆଚରଣ କର, ନିଜ ନିଜ ଭ୍ରାତୃଗଣଙ୍କ ପ୍ରତି ଦୟା ଓ
କରୁଣା ପ୍ରକାଶ କର।
10ବିଧବା, ଅନାଥ, ବିଦେଶୀ ଓ ଦରିଦ୍ରମାନଙ୍କୁ ପ୍ରତାରିତ
କରନାହିଁ। ତୁମ୍ଭ ଭାଇ ବିରୁଦ୍ଧରେ ନିଜ ହୃଦୟରେ ଷଡଯନ୍ତ୍ର
କରନାହିଁ।"
11କିନ୍ତୁ ସେହି ଲୋକମାନେ ଆମ୍ଭ କଥା ଶୁଣିବାକୁ ମନା
କଲେ। ସେମାନେ ଜିଦ୍‌ଖୋର ହୋଇ ତାଙ୍କ ମୁହଁ ଫେରାଇଲେ
ଏବଂ ତାଙ୍କ କାନ ଘୋଡାଇ ପକାଇଲେ।

12ସେମାନେ ଜିଦ୍‌ଖୋର ଏବଂ ସର୍ବଶକ୍ତିମାନ ସଦାପ୍ରଭୁ
ତାଙ୍କ ପୂର୍ବରୁ ଭବିଷ୍ୟଦ୍‌ବକ୍ତାଙ୍କ ମାଧ୍ୟମରେ ପଠାଇଥିବା ନିର୍ଦ୍ଦେଶ
ମାନିବାକୁ ମନା କଲେ। ତେଣୁ ସର୍ବଶକ୍ତିମାନ ସଦାପ୍ରଭୁ
ବିଶେଷ କ୍ରୋଧାନ୍ୱିତ ହେଲେ।
13ଯେତେବେଳେ ସେମାନଙ୍କୁ ସେ ଡାକଲେ, "ସେମାନେ
ଶୁଣିଲେ ନାହିଁ। ସେଥିପାଇଁ ସେମାନେ ଯେତେବେଳେ ଆମ୍ଭକୁ
ଡାକିବେ ଆମ୍ଭେ ମଧ୍ୟ ଶୁଣିବା ନାହିଁ। ସର୍ବଶକ୍ତିମାନ୍ ସଦାପ୍ରଭୁ
ଏହିକଥା କହନ୍ତି।
14ସେଥିପାଇଁ ସେମାନଙ୍କୁ ସମଗ୍ର ଦେଶମାନଙ୍କରେ ଛିନ୍ନଭିନ୍ନ
କଲି, ଯେଉଁଠାକୁ ସେମାନେ କେବେ ଯାଇ ନାହାନ୍ତି। ସେହି
ଦେଶ ବିନା କାର୍ଯ୍ୟକଳାପରେ ଏକ ଉଚ୍ଛନ୍ନ ଦେଶରେ ପରିଣତ
ହେଲା। ସେମାନେ ଏକ ଆକାଂକ୍ଷିତ ଦେଶକୁ ଏକ ଉଚ୍ଛନ୍ନ
ଦେଶରେ ପରିଣତ କଲେ।"

## ସଦାପ୍ରଭୁ ଯିରୂଶାଲମ ପ୍ରତି ଅନୁଗ୍ରହ କରିବାକୁ ଶପଥ କରନ୍ତି

8 ସର୍ବଶକ୍ତିମାନ୍ ସଦାପ୍ରଭୁ ଏହି ବାର୍ତ୍ତା ପଠାଇଲେ।
2ସର୍ବଶକ୍ତିମାନ ସଦାପ୍ରଭୁ କୁହନ୍ତି, "ଆମ୍ଭେ ସିୟୋନ
ପାଇଁ ଅତ୍ୟାସକ୍ତ ଏବଂ ପ୍ରଗାଢ ଅନୁରାଗ ସହିତ ଆମ୍ଭେ ତା'
ପାଇଁ କ୍ରୋଧାନ୍ୱିତ।" 3ସଦାପ୍ରଭୁ ପୁଣି କୁହନ୍ତି, "ଆମ୍ଭେ
ସିୟୋନକୁ ଫେରି ଆସିଛୁ ଏବଂ ଯିରୂଶାଲମ ମଧ୍ୟରେ ବାସ
କରିବା। ଯିରୂଶାଲମ 'ସତ୍ୟର ନଗରୀ' ବୋଲି କୁହାଯିବ।
ସର୍ବଶକ୍ତିମାନ୍ ସଦାପ୍ରଭୁଙ୍କର ପର୍ବତକୁ ପବିତ୍ର ପର୍ବତ ବୋଲି
କୁହାଯିବ।"
4ସର୍ବଶକ୍ତିମାନ୍ ସଦାପ୍ରଭୁ କୁହନ୍ତି, "ବୃଦ୍ଧ ଓ ବୃଦ୍ଧାମାନେ
ପୁନର୍ବାର ଯିରୂଶାଲମର ଖୋଲା ସ୍ଥାନରେ ବସି। ପ୍ରତ୍ୟେକଙ୍କ
ହାତରେ ଏକ ଆଶାବାଡ଼ି ରହିବ କାରଣ ସେମାନଙ୍କର
ବୃଦ୍ଧାବସ୍ଥା ପାଇଁ। 5ଆଉ ମଧ୍ୟ ନଗରର ଖୋଲାସ୍ଥାନରେ
କ୍ରୀଡ଼ାରତ ପୁଅ ଓ ଝିଅଙ୍କ ଦ୍ୱାରା ପରିପୂର୍ଣ୍ଣ ହେବ। 6ସର୍ବଶକ୍ତିମାନ୍
ସଦାପ୍ରଭୁ କହନ୍ତି, ଯଦିଓ ଏହି ଅବଶିଷ୍ଟାଂଶ ଲୋକମାନଙ୍କ
ପାଇଁ କଷ୍ଟ କର ଜଣାପଡେ, ଏହା ସେମାନଙ୍କ ପ୍ରତି ମଧ୍ୟ
ବିସ୍ମୟଜନକ ହେବ।"
7ସର୍ବଶକ୍ତିମାନ୍ ସଦାପ୍ରଭୁ କୁହନ୍ତି, "ଦେଖ, ଆମ୍ଭେ ପୂର୍ବ
ଓ ପଶ୍ଚିମ ଦେଶରୁ ଆମ୍ଭର ଲୋକମାନଙ୍କୁ ମୁକ୍ତ କରିବା।
8ଆମ୍ଭେ ସେମାନଙ୍କୁ ଏଠାକୁ ଫେରାଇ ଆଣିବା ଏବଂ ସେମାନେ
ଯିରୂଶାଲମ ମଧ୍ୟରେ ବାସ କରିବେ। ସେମାନେ ଆମ୍ଭର
ଲୋକ ହେବେ ଏବଂ ଆମ୍ଭେ ସେମାନଙ୍କର ବିଶ୍ୱସ୍ତ ଏବଂ
ନ୍ୟାୟବାନ୍ ପରମେଶ୍ୱର ହେବା।"
9ସର୍ବଶକ୍ତିମାନ୍ ସଦାପ୍ରଭୁ କୁହନ୍ତି, "ଶକ୍ତିଶାଳୀ ହୁଅ!
ତୁମ୍ଭେମାନଙ୍କୁ ମଧ୍ୟ ଏହି ଦିନଗୁଡିକରେ ସେହି ବାକ୍ୟଗୁଡିକ
ଭବିଷ୍ୟତବକ୍ତାମାନଙ୍କଠାରୁ ଶୁଣୁଅଛ। ଯେତେବେଳେ ସର୍ବଶକ୍ତିମାନ୍
ସଦାପ୍ରଭୁଙ୍କର ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା, ଯାହାପାଇଁ
ମନ୍ଦିର ନିର୍ମାଣ ହୋଇ ପାରିଥିଲା। 10ସେହିଦିନ ପୂର୍ବରୁ
ମନୁଷ୍ୟ ପାଇଁ ବେତନ ନଥିଲା, ପଶୁ ପାଇଁ ଆୟ ନଥିଲା,
ବାହାରକୁ ଯିବା ଓ ଭିତରକୁ ଆସିବା ଲୋକମାନଙ୍କ ପାଇଁ
ଶତ୍ରୁମାନଙ୍କଠାରୁ କୌଣସି ନିରାପତ୍ତା ନଥିଲା, କାରଣ ଆମ୍ଭେ
ପ୍ରତ୍ୟେକ ଲୋକଙ୍କୁ ତାଙ୍କ ପଡ଼ୋଶୀଙ୍କ ବିପକ୍ଷ କରାଇଥିଲୁ।
11ଆମ୍ଭେ ପୂର୍ବରୁ ଯେପରି କରିଥିଲୁ ସେହି ଅବଶିଷ୍ଟାଂଶଙ୍କ
ସହିତ ସେପରି ବ୍ୟବହାର କରିବା ନାହିଁ।" ଏହା ସର୍ବଶକ୍ତିମାନ
ସଦାପ୍ରଭୁ କୁହନ୍ତି।
12"ଏହି ଲୋକମାନେ ଶାନ୍ତିରେ ବୃକ୍ଷରୋପଣ କରିବେ।
ଦ୍ରାକ୍ଷାଲତା ଫଳଧାରଣ କରିବ। ଭୂମି ଉତ୍ତମ ଶସ୍ୟ ପ୍ରଦାନ
କରିବ ଓ ଆକାଶ ଶିଶିର ପ୍ରଦାନ କରିବ। ଏହି ସମସ୍ତ
ବିଷୟ ଆମ୍ଭେ ଅବଶିଷ୍ଟାଂଶ ଲୋକଙ୍କୁ ପ୍ରଦାନ କରିବା।
ଯେପରି ତୁମ୍ଭେମାନେ ଦେଶସବୁ ସମ୍ମୁଖରେ ଅଭିଶପ୍ତ ଥିଲ।
13ହେ ଯିହୁଦା ଓ ଇଶ୍ରାୟେଲ, ଠିକ୍ ଯେପରି ତୁମ୍ଭେମାନେ
ଦେଶ ମଧ୍ୟରେ ଏକ ଅଭିଶାପ ଥିଲ ଆମ୍ଭେ ମଧ୍ୟ ତୁମ୍ଭମାନଙ୍କୁ
ଆଶୀର୍ବାଦ କରିବା। ସେଥିପାଇଁ ଭୟଭୀତ ହୁଅ ନାହିଁ! ସବଳ
ହୁଅ।"
14ସର୍ବଶକ୍ତିମାନ୍ ସଦାପ୍ରଭୁ କୁହନ୍ତି, "ତୁମ୍ଭର ପୂର୍ବପୁରୁଷଗଣ
ଆମ୍ଭର କ୍ରୋଧାନ୍ୱିତ କରିଥିଲେ। ତେଣୁକରି ଆମ୍ଭେ ସଂକଳ୍ପ
ସହିତ ତୁମ୍ଭମାନଙ୍କୁ ଦଣ୍ଡ ଦେବାକୁ ନିଷ୍ପତ୍ତି ନେଇଥିଲୁ।" ଏହା
ସର୍ବଶକ୍ତିମାନ ସଦାପ୍ରଭୁ କହିଲେ। 15"କିନ୍ତୁ ଏହି ଦିନଗୁଡିକରେ,
ଆମ୍ଭେ ଆପଣା ମନକୁ ପରିବର୍ତ୍ତନ କରିଅଛୁ। ଆମ୍ଭେ ସ୍ଥିର
କରିଛୁ ଯିରୂଶାଲମ ଓ ଯିହୁଦାର ଲୋକଙ୍କର ମଙ୍ଗଳ କରିବା।
ସେଥିପାଇଁ ଭୟ କର ନାହିଁ। 16ତୁମ୍ଭେମାନେ ଏହିସବୁ ନିଶ୍ଚୟ
କରିବ, "ତୁମ୍ଭର ପଡ଼ୋଶୀମାନଙ୍କୁ ସତ୍ୟ କୁହ। ତୁମ୍ଭେମାନେ
ତୁମ୍ଭମାନଙ୍କର ନଗରମାନଙ୍କରେ ସତ୍ୟତା ଏବଂ ନ୍ୟାୟପୂର୍ଣ୍ଣ
ବିଗ୍ଭର କର। 17ତୁମ୍ଭର ପ୍ରତିବେଶୀର କ୍ଷତି କରିବାକୁ ତୁମ୍ଭ
ହୃଦୟରେ କୌଣସି ମନ୍ତ୍ରଣା କର ନାହିଁ। ମିଥ୍ୟା ଶପଥ
କରିବାକୁ ଭଲ ପାଅ ନାହିଁ। କାରଣ ଆମ୍ଭେ ସେହି ସବୁକୁ
ଘୃଣା କରୁ।" ସଦାପ୍ରଭୁ ଏହିସବୁ କହିଲେ।
18ସର୍ବଶକ୍ତିମାନ୍ ସଦାପ୍ରଭୁ ଏହି ବାର୍ତ୍ତା ମୋ ନିକଟକୁ
ପଠାଇଲେ। 19ସର୍ବଶକ୍ତିମାନ୍ ସଦାପ୍ରଭୁ କୁହନ୍ତି, "ତୁମ୍ଭମାନଙ୍କର
ଚତୁର୍ଥ ମାସ, ପଞ୍ଚମ ମାସ, ସପ୍ତମ ମାସ ଓ ଦଶମ ମାସର
ଦୁଃଖ ଓ ଉପବାସର ଯିହୁଦାର ଘର ପାଇଁ ଆନନ୍ଦମୟ ଦିନ
ହେବ। ତାହା ବିଜୟ ଉଲ୍ଲସିତର ଦିନ ଏବଂ ଉଲ୍ଲାସର
ସମାରୋହ ହେବ। ସେଥିପାଇଁ ତୁମ୍ଭେମାନେ ନିଶ୍ଚୟ ସତ୍ୟ ଓ
ଶାନ୍ତିକୁ ପ୍ରେମ କରିବ।"
20ସର୍ବଶକ୍ତିମାନ୍ ସଦାପ୍ରଭୁ କୁହନ୍ତି, "ଭବିଷ୍ୟତରେ ଅନେକ
ସହରରେ ବାସ କରୁଥିବା ଲୋକମାନେ ଆସିବେ।
21ଗୋଟିଏ ନଗରର ଲୋକମାନେ ଆଉ ଗୋଟିଏ
ନଗରକୁ ଯିବେ ଏବଂ କହିବେ, 'ଆସ ସଦାପ୍ରଭୁଙ୍କଠାରୁ
ଅନୁଗ୍ରହ ପାଇବା ପାଇଁ ପ୍ରାର୍ଥନା କରିବା।' ଆସ ଯିବା
ସର୍ବଶକ୍ତିମାନ୍ ସଦାପ୍ରଭୁଙ୍କର ଉପାସନା କରିବା। 'ମୁଁ ନିଜେ
ମଧ୍ୟ ଯାଉଛି।'"
22ବହୁଲୋକ ଓ ଶକ୍ତିଶାଳୀ ଗୋଷ୍ଠୀ ସର୍ବଶକ୍ତିମାନ୍
ସଦାପ୍ରଭୁଙ୍କର ଅନୁସରଣ କରିବା ପାଇଁ ଏବଂ ତାଙ୍କ ଅନୁଗ୍ରହ
ପାଇବା ପାଇଁ ଯିରୂଶାଲମକୁ ଆସିବେ। 23ସର୍ବଶକ୍ତିମାନ୍ ସଦାପ୍ରଭୁ
କୁହନ୍ତି, "ସେହି ଦିନମାନଙ୍କରେ ଏପରି ଘଟିବ ଯେ ସର୍ବ
ଭାଷାବାଦୀ ଗୋଷ୍ଠୀଗଣ ମଧ୍ୟରୁ ଦଶଜଣ ଲୋକ, ଜଣେ
ଯିହୁଦୀ ଲୋକର ବସ୍ତ୍ରାଞ୍ଚଳ ଧରି କହିବେ, 'ତୁମ୍ଭ ସହିତ
ଆମ୍ଭେ ଯିବୁ। ଆମ୍ଭେ ଶୁଣିଛୁ ଯେ, ପରମେଶ୍ୱର ତୁମ୍ଭ ମଧ୍ୟରେ
ଅଛନ୍ତି।'"

### ଅନ୍ୟ ଗୋଷ୍ଠୀ ବିପକ୍ଷରେ ବିଚାର

9 ଏକ ସ୍ୱର୍ଗୀୟ ବାଣୀ, ସଦାପ୍ରଭୁଙ୍କର ବାର୍ତ୍ତା, ହଦ୍ରକ ଦେଶ
ଏବଂ ଏହାର ରାଜଧାନୀ ଦମ୍ମେଶକ ବିଷୟରେ। ସମସ୍ତ
ଲୋକ ପରମେଶ୍ୱରଙ୍କୁ ଅନାଉଛନ୍ତି, “ଯେପରି ଇଶ୍ରାୟେଲ
ଗୋଟିଏ ପରିବାରବର୍ଗ। 2ଏହା ମଧ୍ୟ ସତ୍ୟ ଯେ, ହମାତ୍,
ସୋର ଓ ସୀଦୋନ ସୀମାରେ ଅବସ୍ଥିତ ଅଟେ। କାରଣ
ସେମାନେ ଅତି ବୁଦ୍ଧିମାନ। ସୋର ନିଜ ପାଇଁ ଦୁର୍ଗ ନିର୍ମାଣ
କଲା। 3ସୋର ନିଜ ପାଇଁ ଗମ୍ବୁଜ ନିର୍ମାଣ କଲା। ସେ
ରୂପାକୁ ଧୂଳିପରି ଓ ସୁନାକୁ କାଦୁଅପରି ରାସ୍ତାରେ ଗଦା
କଲା। 4ମାତ୍ର ସଦାପ୍ରଭୁ ଏହାକୁ ନେଇଯିବେ। ସେ ତା'ର
ଧନ ସମୁଦ୍ରରେ ଫୋପାଡି ଦେବେ ଏବଂ ନଗରଟି ନିଆଁରେ
ଜଳିଯିବ।

5“ଅସ୍କିଲୋନ ତାହା ଦେଖି ଭୟଭୀତ ହେବ ଓ ଘସାର
ଲୋକମାନେ ଭୟରେ ଥରିବେ। ଇକ୍ରୋଣ ଲୋକମାନେ
ସମସ୍ତ ଭରସା ହରାଇବେ। ଘସାରେ ଆଉ ରାଜା ରହିବେ
ନାହିଁ। ଆଉ ମଧ୍ୟ ଅସ୍କିଲୋନ ଜନଶୂନ୍ୟ ହେବ। 6ପୁଣି
ଅସ୍ଦୋଦକୁ ଏକ ଜାରଜ ଶାସନ କରିବ। ମୁଁ ସମ୍ପୂର୍ଣ୍ଣ
ଭାବରେ ପଲେଷ୍ଟୀୟମାନଙ୍କର ଦର୍ପ ଚୂର୍ଣ୍ଣ କରିବି। 7ସେମାନେ
ଆଉ ରକ୍ତ ସହିତ ମାଂସ ଭୋଜନ କରିବେ ନାହିଁ ଅଥବା
ଅନ୍ୟ ଘୃଣ୍ୟ ଖାଦ୍ୟ ଖାଇବେ ନାହିଁ। ଯେଉଁ ପଲେଷ୍ଟୀୟମାନେ
ବଞ୍ଚିବେ ସେମାନେ ମଧ୍ୟ ମୋ ଲୋକମାନଙ୍କର ଅଂଶ
ହେବେ, ଏହା ଯିହୁଦାର ଏକ ବଂଶ ହେବ। ଇକ୍ରୋଣର
ଲୋକମାନେ ମୋ ଲୋକମାନଙ୍କର ଅଂଶୀଦାର ହେବେ,
ଯେପରି ଯିବୂଷୀୟମାନେ କରିଥିଲେ। 8ଆମ୍ଭେ ନିଜ ଦେଶରେ
ଛାଉଣୀ ସ୍ଥାପନ କରିବା, ପ୍ରହରୀ ହେବା ଶତ୍ରୁମାନଙ୍କ
ବିରୁଦ୍ଧରେ। କୌଣସି ଅତ୍ୟାଚାରୀ ପୁନର୍ବାର ତାଙ୍କୁ ଦଳିତ
କରିବ ନାହିଁ, କାରଣ ବର୍ତ୍ତମାନ ମୁଁ ମୋର ସ୍ୱଚକ୍ଷୁରେ
ଦେଖୁଛି। ମୋ ସ୍ୱଚକ୍ଷୁରେ ମୋର ଲୋକମାନଙ୍କର ଯନ୍ତ୍ରଣା
ଦେଖୁଅଛି।”

### ଭବିଷ୍ୟତ ରାଜା

9ହେ ସିୟୋନର କନ୍ୟା ଆନନ୍ଦ କର! ହେ ଯିରୁଶାଲମର
କନ୍ୟା, ଚିତ୍କାର କର! ଦେଖ, ତୁମ୍ଭର ରାଜା ତୁମ୍ଭମାନଙ୍କ
ନିକଟକୁ ଆସୁଛନ୍ତି। ସେ ଧାର୍ମିକ ରାଜା ଓ ସେ ଜୟଲାଭ
କରିଛନ୍ତି। ସେ ଅତ୍ୟନ୍ତ ନମ୍ର। ସେ ଏକ ଯୁବ ଗଧ ଉପରେ
ବସି ଆସୁଛନ୍ତି।
10“ଆମ୍ଭେ ଇଫ୍ରୟିମଠାରୁ ରଥକୁ କାଢି ନେବ, ଯିରୁଶାଲମଠାରୁ
ଅଶ୍ୱ ଯୁଦ୍ଧରେ ବ୍ୟବହୃତ ଧନୁ କାଢ଼ ନିଆଯିବ।” ସେହି ରାଜା
ଗୋଷ୍ଠୀଗଣଙ୍କ ନିକଟକୁ ଶାନ୍ତିର ସନ୍ଦେଶ ଆଣିବେ। ତାଙ୍କର
ରାଜ୍ୟ ଏକ ସମୁଦ୍ରଠାରୁ ଅନ୍ୟ ସମୁଦ୍ର ପର୍ଯ୍ୟନ୍ତ ଓ ଫରାତ୍
ନଦୀଠାରୁ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ହେବ।

### ସଦାପ୍ରଭୁ ଆପଣା ଲୋକଙ୍କୁ ରକ୍ଷା କରିବେ

11ହେ ଯିରୁଶାଲମ, କାରଣ ରକ୍ତ ଦ୍ୱାରା ତୁମ୍ଭର ଚୁକ୍ତି
ଆମ୍ଭ ସହିତ ମୋହରାଙ୍କିତ ହୋଇଛି। ଆମ୍ଭେ ତୁମ୍ଭର ବନ୍ଦୀମାନଙ୍କୁ
ପାଣି ନଥିବା ପାଣି କୁଣ୍ଡରୁ ମୁକ୍ତ କରିଛୁ।
12ହେ ବନ୍ଦୀଗଣ, ତୁମ୍ଭମାନଙ୍କର ଦୁର୍ଗକୁ ଫେରିଯାଅ।
ବର୍ତ୍ତମାନ ତୁମ୍ଭର ଭରସା ଅଛି। ଆଜି ଆମ୍ଭେ ଘୋଷଣା
କରୁଛୁ ଯେ, ଆମ୍ଭେ ତୁମ୍ଭଙ୍କୁ ଦ୍ୱିଗୁଣ ଫେରାଇ ଦେବା।
13ଆମ୍ଭେ ଯିହୁଦାକୁ ଆପଣା ଧନୁରୂପେ ବ୍ୟବହାର କରିବା।
ଇଫ୍ରୟିମକୁ ଆମ୍ଭର ଶର ରୂପେ ବ୍ୟବହାର କରିବା। ଆଉ
ହେ ସିୟୋନ, ଆମ୍ଭେ ତୁମ୍ଭର ପୁତ୍ରମାନଙ୍କୁ ଜାଗରିତ କରିବା,
ହେ ଗ୍ରୀସ, ତୁମ୍ଭ ପୁତ୍ରମାନଙ୍କ ବିରୁଦ୍ଧରେ ଉତ୍ତେଜିତ କରିବା
ଓ ଆମ୍ଭେ ତୁମ୍ଭଙ୍କୁ ଏକ ଶକ୍ତିଶାଳୀ ଖଣ୍ଡା ପରି କରିଦେବା।
14ସଦାପ୍ରଭୁ ତାଙ୍କ ସମ୍ମୁଖରେ ଉପସ୍ଥିତ ହେବେ। ବିଦ୍ୟୁତ
ସଦୃଶ ତାଙ୍କର ଶର ଯିବ। ସଦାପ୍ରଭୁ ପରମେଶ୍ୱର ତୂରୀ
ବଜାଇବେ ଏବଂ ସେ ଦକ୍ଷିଣ ଆଡୁ ଝଡପରି ଅଗ୍ରସର
ହେବେ।

15ସର୍ବଶକ୍ତିମାନ୍ ସଦାପ୍ରଭୁ ସେମାନଙ୍କୁ ସୁରକ୍ଷା ଦେବେ।
ସେମାନେ ଧ୍ୱଂସ ହେବେ, ସେମାନେ ସେମାନଙ୍କର ଶତ୍ରୁମାନଙ୍କୁ
ବାଟୁଳି ଦ୍ୱାରା ପରାସ୍ତ କରିବେ। ସେମାନେ ଦ୍ରାକ୍ଷାରସ ପାନ
କରିବେ ଓ ଦୁର୍ଦ୍ଦାନ୍ତ ହେବେ, ସେମାନେ ଯଜ୍ଞବେଦୀର
କୋଣରେ ଥିବା ପାତ୍ର ଯେପରି ସେହିପରି ପୂର୍ଣ୍ଣ ହେବେ।
16ସଦାପ୍ରଭୁ ସେମାନଙ୍କର ପରମେଶ୍ୱର ସେମାନଙ୍କୁ ରକ୍ଷା
କରିବେ, ସେହିଦିନ ତାଙ୍କର ଲୋକମାନେ ମେଷପରି ହେବେ।
ସେମାନେ ତାଙ୍କ ଦେଶରେ ମୁକୁଟର ରତ୍ନ ସ୍ୱରୂପ ଝକ୍‌ମକ
କରିବେ।

17ପ୍ରତ୍ୟେକ ଜିନିଷ ଉତ୍ତମ ଓ ସୁନ୍ଦର ହେବ। ଶସ୍ୟ
ଏବଂ ନୂତନ ଦ୍ରାକ୍ଷାରସ ଯୁବକ ଯୁବତୀଙ୍କର ବଳ ବଢାଇବ।

### ସଦାପ୍ରଭୁଙ୍କ ପ୍ରତିଜ୍ଞା

10 ବସନ୍ତ ଋତୁରେ ବର୍ଷା ହେବାପାଇଁ ମୁଁ ସଦାପ୍ରଭୁଙ୍କୁ
ପ୍ରାର୍ଥନା କରେ। ସଦାପ୍ରଭୁ ହିଁ କେବଳ ବିଦ୍ୟୁତ୍
ପ୍ରେରଣ କରନ୍ତି ଏବଂ ବର୍ଷା ଢାଳନ୍ତି ଓ ପ୍ରତ୍ୟେକଙ୍କୁ କ୍ଷେତର
ଘାସ ପ୍ରଦାନ କରନ୍ତି।
2କାରଣ ମୂର୍ତ୍ତିଗୁଡିକ ପ୍ରବଞ୍ଚନା ପୂର୍ଣ୍ଣ ବାକ୍ୟ କହିଥିଲେ
ଏବଂ ଭବିଷ୍ୟଦ୍‌ବକ୍ତାମାନେ ମିଥ୍ୟା ଦର୍ଶନ ଦେଖିଥିଲେ। ସେମାନେ
ମୂଲ୍ୟହୀନ ସ୍ୱପ୍ନ ଏବଂ ସେମାନେ ମିଥ୍ୟା ସାନ୍ତ୍ୱନା ଦେଲେ।
ସେଥିପାଇଁ ସେମାନେ ମେଷ ତୁଲ୍ୟ ବୁଲିବେ, ଆଉ କଷ୍ଟ
ଭୋଗିବେ କାରଣ ସେମାନଙ୍କର କୌଣସି ମେଷପାଳକ ନାହାନ୍ତି।
3“ଆମ୍ଭେ ବିଶେଷଭାବରେ ପାଳକମାନଙ୍କ ଉପରେ
କ୍ରୋଧାନ୍ୱିତ। ଆମ୍ଭେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟ କରିବା
ଯେଉଁମାନେ ମେଷପଲର ଯତ୍ନ ନିଅନ୍ତି।” କାରଣ ସର୍ବଶକ୍ତିମାନ
ସଦାପ୍ରଭୁ ପ୍ରକୃତରେ ତାଙ୍କ ପଲର ଯତ୍ନ ନିଅନ୍ତି, ଯିହୁଦାର
ଘର। ସେ ସେମାନଙ୍କୁ ଏକ ଯୋଦ୍ଧା ଅଶ୍ୱ ପରି ତିଆରି
କରିବେ।

4“କୋଣ ପ୍ରସ୍ତର, ତାଙ୍କଠାରୁ ତମ୍ବୁର କଳା, ଯୁଦ୍ଧର ଧନୁ
ଏବଂ ସମସ୍ତ ସୈନ୍ୟାଧିପତି, ଏକତ୍ର ଯିହୁଦାରୁ ଆସିବେ।
5ସେମାନେ ବୀରପରି ତାଙ୍କର ପାଦତଳେ କାଦୁଅ ରାସ୍ତାକୁ
ଦଳିଦେବେ। ସେମାନେ ଯୁଦ୍ଧ କରି ଶତ୍ରୁପକ୍ଷର ଅଶ୍ୱାରୋହୀମାନଙ୍କୁ
ମଧ୍ୟ ପରାସ୍ତ କରିବେ। କାରଣ ସଦାପ୍ରଭୁ ତାଙ୍କ ସହବର୍ତ୍ତୀ
ଅଟନ୍ତି। 6ଆମ୍ଭେ ଯିହୁଦାର ଗୃହକୁ ଶକ୍ତିଶାଳୀ କରାଇବା ଆଉ
ମଧ୍ୟ ଆମ୍ଭେ ଯୋଷେଫର ଗୃହକୁ ରକ୍ଷା କରିବା। ଆମ୍ଭେ
ସେମାନଙ୍କୁ ପୁନଃସ୍ଥାପନ କରିବା କାରଣ ସେମାନଙ୍କ ପ୍ରତି

ଆମ୍ଭର ଦୟା ଅଛି। ଏହା ଏପରି ହେବ ଯେପରିକି ଆମ୍ଭେ
ସେମାନଙ୍କୁ କେବେ ପ୍ରତ୍ୟାଖ୍ୟାନ କରିନାହୁଁ। ଆମ୍ଭେ ସଦାପ୍ରଭୁ
ସେମାନଙ୍କର ପରମେଶ୍ୱର ଏବଂ ଆମ୍ଭେ ସେମାନଙ୍କର ପ୍ରାର୍ଥନା
ଶୁଣିବା। 7ଇଫ୍ରୟିମର ଲୋକମାନେ ଦ୍ରାକ୍ଷାରସ ପାନ କରିଥିବା
ସୈନ୍ୟଟି ପରି ଖୁସି ହେବେ। ସେମାନଙ୍କର ପିଲାମାନେ
ଦେଖିବେ ଓ ଆନନ୍ଦ କରିବେ। ସେମାନଙ୍କର ହୃଦୟ
ସଦାପ୍ରଭୁଙ୍କଠାରେ ଉଲ୍ଲସିତ ହେବ।

8"ଆମ୍ଭେ ତୂରୀ ବଜାଇବା ଏବଂ ସେମାନଙ୍କୁ ଏକତ୍ରିତ
କରାଇବା। ଆମ୍ଭେ ସେମାନଙ୍କୁ ଦାସତ୍ୱରୁ ମୁକ୍ତ କରିଅଛୁ ଓ
ସେମାନେ ଯେପରି ବହୁ ସଂଖ୍ୟାରେ ଥିଲେ ସେହିପରି ବହୁ
ସଂଖ୍ୟାରେ ପୂର୍ଣ୍ଣ ହେବେ। 9ଯଦିଓ ଆମ୍ଭେ ଦେଶଗୁଡ଼ିକ
ମଧ୍ୟରେ ସେମାନଙ୍କୁ ବିଛାଡ଼ି ଦେଇଛୁ, ସେମାନେ ସେହି ଦୂର
ସ୍ଥାନରେ ଆମ୍ଭକୁ ମନେ ପକାଇବେ। ସେମାନେ ସନ୍ତାନଗଣଙ୍କୁ
ପାଳନ କରିବେ ଏବଂ ସେମାନେ ଫେରିବେ। 10ଆମ୍ଭେ
ସେମାନଙ୍କୁ ମିଶରରୁ ଫେରାଇ ଆଣିବା ଏବଂ ଅଶୂରରୁ
ଏକତ୍ରିତ କରିବା। ଆମ୍ଭେ ସେମାନଙ୍କୁ ଗିଲୟଦରୁ ଏବଂ
ଲିବାନୋନ୍‌ରୁ ଫେରାଇ ଆଣିବା ଏବଂ ସେମାନଙ୍କ ପାଇଁ
ଯଥେଷ୍ଟ ସ୍ଥାନ ନଥିବ।" 11ସେମାନେ ଦାରୁଣ ବ୍ୟଥାର ସମୁଦ୍ର
ମଧ୍ୟଦେଇ ପାରହେବେ ଏବଂ ସମୁଦ୍ରର ଢେଉକୁ ଆଘାତ
କରିବେ। ନୀଳ ନଦୀର ଗଭୀରତାର ପାଣି ସବୁ ଶୁଖିଯିବ।
ଅଶୂରର ଗର୍ବ ନତ ହେବ ଏବଂ ମିଶରର ରାଜଦଣ୍ଡ ଚାଲିଯିବ।
12ସଦାପ୍ରଭୁ ତାଙ୍କର ନିଜର ଲୋକମାନଙ୍କୁ ବଳବାନ୍ କରିବେ।
ତାଙ୍କ ନାମରେ, ସେମାନେ ସବୁସ୍ଥାନକୁ ଯିବେ। ଏହା ସଦାପ୍ରଭୁ
କହିଥିଲେ।

## ପରମେଶ୍ୱର ଅନ୍ୟରାଷ୍ଟ୍ରକୁ ଦଣ୍ଡ ଦେବେ

11 ହେ ଲିବାନୋନ୍, ତୁମ୍ଭେ ତୁମ୍ଭର ସମସ୍ତ ଦ୍ୱାର
ଖୋଲିଦିଅ ଯେପରି ଅଗ୍ନି ତୁମ୍ଭର ସମସ୍ତ ଦେବଦାରୁ
ବୃକ୍ଷଗୁଡ଼ିକୁ ପୋଡ଼ି ପକାଇବେ।

2ତୁମ୍ଭେ ଦେବଦାରୁ ଜାତୀୟ ବୃକ୍ଷ ଶୋକ କର କାରଣ
ଦେବଦାରୁ ପଡ଼ିଯାଇଛି। ଶକ୍ତିଶାଳୀମାନେ ଧ୍ୱଂସ ହୋଇଛନ୍ତି।
ଶୋକ କର, ହେ ବାଶନର ଆଲୋନ୍ ବୃକ୍ଷ ସେହି ଦୁର୍ଗମ
ବନ କଟାଗଲା।

3ମେଷପାଳକମାନଙ୍କର ବିଳାପ ଶୁଣ। କାରଣ ସେମାନଙ୍କର
ଶକ୍ତିଶାଳୀ ନେତାମାନେ ଧ୍ୱଂସ ହେଲେ। ଯୁବା ସିଂହମାନଙ୍କର
ରବ ଶୁଣ। କାରଣ ଯିହୁଦା ଗର୍ବ ଧ୍ୱଂସ ହୋଇଛି।

4ସଦାପ୍ରଭୁ ମୋର ପରମେଶ୍ୱର କହନ୍ତି, "ଏହି ବଧ
ହେବାକୁ ଥିବା ମେଷପଲର ଯତ୍ନ ନିଅ। 5ଯେଉଁମାନେ
ସେଗୁଡ଼ିକୁ କିଣନ୍ତି ସେମାନେ ସେଗୁଡ଼ିକୁ ହତ୍ୟା କଲେ, ଆଉ
ସେମାନେ ଦୋଷୀ ସାବ୍ୟସ୍ତ ହେବେ ନାହିଁ। ଯେଉଁମାନେ
ସେଗୁଡ଼ିକୁ ବିକ୍ରୀ କରନ୍ତି, କହିବେ, 'ସଦାପ୍ରଭୁଙ୍କର ପ୍ରଶଂସା
କର, କାରଣ ମୁଁ ଧନୀ ହୋଇଅଛି।' ଏବଂ ସେମାନଙ୍କର
ମେଷପାଳକମାନଙ୍କର ସେମାନଙ୍କର ମେଷ ଦଳର ଉପରେ
ଦୟା ନଥିବ। 6ସଦାପ୍ରଭୁ ଏହିକଥା କହିଲେ, ଏହି ଦେଶ
ନିବାସୀ ପାଇଁ ଆମ୍ଭେ ପୂନର୍ବାର ଦୟା ଦେଖାଇବା ନାହିଁ।"
"ମାତ୍ର ଦେଖ, ଆମ୍ଭେ ପ୍ରତ୍ୟେକ ଲୋକଙ୍କୁ ତାଙ୍କର ପ୍ରତିବେଶୀ
ଓ ତାଙ୍କ ରାଜାଙ୍କ ହସ୍ତରେ ହସ୍ତାନ୍ତର କରିବା। ସେମାନେ
ତାଙ୍କର ଦେଶକୁ ଧ୍ୱଂସ କରିବେ। ଆମ୍ଭେ ସେମାନଙ୍କୁ ସେମାନଙ୍କ
ଶକ୍ତିରୁ ରକ୍ଷା କରିବା ନାହିଁ।"

7ତେଣୁ ବଧର ଯୋଗ୍ୟ ସେହି ମେଷପଲର ଆମ୍ଭେ ଯତ୍ନ
ନେଲୁ, ଯେଉଁ ନିରୀହ ମେଷ ମରି ହେବାକୁ ଯାଉଥିଲେ,
ଆମ୍ଭେ ଦୁଇଟି ଯଷ୍ଟି ନେଲୁ। ଜଣକୁ ଡାକିଲୁ ଶୋଭା ଓ
ଅନ୍ୟଟିର ନାମ ବନ୍ଧନୀ ଦେଲୁ। ଏହିପରି ଆମ୍ଭେ ମେଷପଲର
ଯତ୍ନ ନେଲୁ। 8ଆମ୍ଭେ ଏକମାସ ମଧ୍ୟରେ ତିନିଜଣ ମେଷପାଳକଙ୍କୁ
ଧ୍ୱଂସ କଲୁ। ଆମ୍ଭେ ସେମାନଙ୍କ ଉପରେ ଅଧୈର୍ଯ୍ୟ ଥିଲୁ ଏବଂ
ସେମାନେ ଆମ୍ଭକୁ ଘୃଣା କଲେ। 9ତା'ପରେ ଆମ୍ଭେ କହିଲୁ,
"ଆମ୍ଭେ ତୁମ୍ଭର ମେଷପାଳକ ହେବା ନାହିଁ। ଯେଉଁମାନଙ୍କର
ମରିବାର ଅଛି ସେମାନେ ମରନ୍ତୁ ଓ ଯେଉଁମାନଙ୍କର ଉଚ୍ଛନ୍ନ
ହେବାର ଅଛି ସେମାନେ ଉଚ୍ଛନ୍ନ ହୁଅନ୍ତୁ। ଯେଉଁ ଅବଶିଷ୍ଟ
ରହିବେ ସେମାନେ ପରସ୍ପରକୁ ଧ୍ୱସ୍ତ ବିଧ୍ୱସ୍ତ କରନ୍ତୁ।"
10ତା'ପରେ ଆମ୍ଭେ ଶୋଭା ନାମକ ଯଷ୍ଟିକୁ ନେଲୁ ଏବଂ ତାକୁ
ଭାଙ୍ଗି ଦେଲୁ। ଆମ୍ଭେ ଏହା କଲୁ, ଆମ୍ଭର ଚୁକ୍ତିକୁ ଧ୍ୱଂସ
କରିବା ପାଇଁ ଯାହା ଏହି ଲୋକମାନଙ୍କ ସହିତ କରିଥିଲୁ।
11ସେହିଦିନ ସେ ଚୁକ୍ତି ଭଗ୍ନ ହେଲା। ତା'ପରେ ସେହି
ନୀରିହ ମେଷଗୁଡ଼ିକ ଯେଉଁମାନେ ଆମ୍ଭଙ୍କୁ ଦେଖୁଥିଲେ, ଜାଣିଲେ
ଯେ ଏହା ସଦାପ୍ରଭୁଙ୍କର ବାକ୍ୟ ଥିଲା।

12ତା'ପରେ ମୁଁ କହିଲି, "ଯଦି ତୁମ୍ଭେମାନେ ମୋତେ
ମୋର ବେତନ ଦେବାକୁ ଇଚ୍ଛା କରୁଛ ତେବେ ଦିଅ,
ନଚେତ୍ ସେଥିରୁ ନିବୃତ୍ତ ହୁଅ।" ତେଣୁ ସେମାନେ ମୋର
ମଜୁରି ତିରିଶ ରୌପ୍ୟ ମୁଦ୍ରା ଦେଲେ। 13ତା'ପରେ ସଦାପ୍ରଭୁ
ମୋତେ କହିଲେ, "ସେହି ମହତ ମୂଲ୍ୟକୁ ଫୋପାଡ଼ି ଦିଅ,
କାରଣ ସେମାନେ ଆମ୍ଭର ମୂଲ୍ୟ ରାଜକୋଷ ମଧ୍ୟରୁ ନିରୂପଣ
କଲେ।" ତେଣୁ ମୁଁ ସେହି ତିରିଶଟି ରୌପ୍ୟ ମୁଦ୍ରା ନେଇ
ସଦାପ୍ରଭୁଙ୍କ ମନ୍ଦିରର କୋଷାଗାରରେ ପକାଇ ଦେଲି। 14ତା'ପରେ
ମୁଁ ବନ୍ଧନୀ ନାମକ ଯଷ୍ଟିକୁ ଦୁଇଖଣ୍ଡ କଲି। ଏହା କଲି,
ଯିହୁଦା ଓ ଇଶ୍ରାୟେଲର ଏକତା ନଷ୍ଟ କରିବା ପାଇଁ।

15ତା'ପରେ ସଦାପ୍ରଭୁ ମୋତେ କହିଲେ, "ପୁନର୍ବାର
ସେହି ନିର୍ବୋଧ ମେଷପାଳକର ସାଜ ଦିଅ। 16କାରଣ ଏହି
ଦେଶରେ ଆମ୍ଭେ ଏକ ମେଷପାଳକ ଉତ୍ଥାପିତ କରୁଛୁ। ସେ
ହଜିଯାଇଥିବା ମେଷଗୁଡ଼ିକ ନିମନ୍ତେ ଯତ୍ନ ନେବ ନାହିଁ।
ବିପଥଗାମୀମାନଙ୍କୁ ସେ ଖୋଜିବ ନାହିଁ। ସେ କ୍ଷତିଗ୍ରସ୍ତ
ଲୋକଙ୍କୁ ସୁସ୍ଥ କରିବ ନାହିଁ। ଯେଉଁମାନେ ଜୀବନ୍ତ ଅଛନ୍ତି,
ସେମାନଙ୍କୁ ସେ ଖୁଆଇବ ନାହିଁ। ସେ ସେଗୁଡ଼ିକର ଖୁରାକୁ
ଛିଣ୍ଡାଇ ହୃଷ୍ଟପୁଷ୍ଟ ମେଷମାନଙ୍କୁ ଭକ୍ଷଣ କରିବ।"

17ଯେ ଅଯୋଗ୍ୟ ମେଷପାଳକ, ସେ ପଲକୁ ତ୍ୟାଗ
କରେ। ତାକୁ ଧିକ୍! ଖଡ୍ଗ ତା'ର ବାହୁକୁ ଏବଂ ତାଙ୍କ ଦକ୍ଷିଣ
ଚକ୍ଷୁକୁ ଆଘାତ କରୁ। ତାହାର ବାହୁ ନିଶ୍ଚୟ ଶୁଷ୍କ ହେବ
ଏବଂ ତାହାର ଦକ୍ଷିଣ ଚକ୍ଷୁ ନିଶ୍ଚୟ ଅନ୍ଧ ହୋଇଯିବ।

## ଯିହୁଦାର ଚତୁଃପାର୍ଶ୍ୱରେ ଥିବା ଦେଶଗୁଡ଼ିକ ବିଷୟରେ ଦର୍ଶନ ସମୂହ

12 ଏକ ସ୍ୱର୍ଗୀୟ ବାଣୀ, ଇସ୍ରାୟେଲ ବିଷୟରେ
ସଦାପ୍ରଭୁଙ୍କର ଏହି ବାର୍ତ୍ତା। ଏହା ହେଉଛି ସଦାପ୍ରଭୁଙ୍କର
ବାର୍ତ୍ତା ଯିଏକି ସ୍ୱର୍ଗକୁ ବିସ୍ତାର କରିଅଛନ୍ତି ଏବଂ ପୃଥିବୀକୁ

ସ୍ଥାପନ କରଅଛନ୍ତ। ସେ ହେଉଛନ୍ତ ଜଣେ ଯିଏକ ମନୁଷ୍ୟମାନଙ୍କ
ମଧ୍ୟରେ ନଶ୍ୱାସ ପ୍ରଶ୍ୱାସ ସ୍ଥାପନ କରଅଛନ୍ତ। **2**"ଦେଖ,
ଦେଶସମୂହ ପ୍ରତି ଯିରୁଶାଲମକୁ ଏକ ପାନପାତ୍ର ସଦୃଶ ଆମ୍ଭେ
ନର୍ମାଣ କରବା। ଯିହୁଦା ଓ ଯିରୁଶାଲମ ଅବରୋଧ ହୋଇ
ରହବ। **3**କନ୍ତୁ ଆମ୍ଭେ ଯିରୁଶାଲମକୁ ସମସ୍ତ ଦେଶ ପାଇଁ
ଏକ ଭାର ପଥର କରବା। ଯେଉଁମାନେ ତାକୁ ଉଠାଇବେ,
ସେମାନେ ଆଘାତପ୍ରାପ୍ତ ହେବେ। ସେହ ଲୋକମାନେ ପ୍ରକୃତରେ
କ୍ଷତବକ୍ଷତ ହେବେ। କାରଣ ପୃଥିବୀର ସମଗ୍ର ଗୋଷ୍ଠୀ
ଯିରୁଶାଲମ ବରୁଦ୍ଧରେ ଏକତ୍ରୀତ ହେବେ। **4**ସଦାପ୍ରଭୁ କୁହନ୍ତ,
ସେଦନ ଆମ୍ଭେ ପ୍ରତ୍ୟେକ ଅଶ୍ୱକୁ ଭୟଭୀତ କରାଇବା ଏବଂ
ଅଶ୍ୱାରୋହୀର ମତଭ୍ରମ ହେବ। ଆମ୍ଭେ ଦେଶମାନଙ୍କର ସମସ୍ତ
ଅଶ୍ୱକୁ ଅନ୍ଧ କରଦେବ, ମାତ୍ର ମୋର ଚକ୍ଷୁ ଖୋଲା ରହବ
ଏବଂ ଯିହୁଦା ଉପରେ ମୋର ସତର୍କ ଦୃଷ୍ଟି ରହବ।
**5**ଯିହୁଦାର ପରବାରର ନେତାଗଣ ଲୋକମାନଙ୍କୁ ଉତ୍ସାହତ
କରବେ। ସେମାନେ କହବେ, 'ଯିରୁଶାଲମର ଲୋକମାନେ
ସର୍ବଶକ୍ତିମାନ ସଦାପ୍ରଭୁ ପରମେଶ୍ୱରଙ୍କଠାରେ ଆସ୍ଥା ରଖନ୍ତ।'
**6**ସେହଦନ ଯିହୁଦା ପରବାରର ନେତାଗଣଙ୍କୁ ଆମ୍ଭେ ଗଛ
ମଧ୍ୟରେ ଜଳନ୍ତା ପାତ୍ର ପର କରବ ଏବଂ କଞ୍ଚା ହୋଇଥିବା
ନୂତନ ଶସ୍ୟ ମଧ୍ୟରେ ଏକ ଜଳନ୍ତା ମଶାଲ ସଦୃଶ କରବା।
ସେମାନେ ତାଙ୍କ ବାମ ଓ ଦକ୍ଷିଣରେ ଥିବା ଲୋକମାନଙ୍କୁ
ଧ୍ୱଂସ କରବେ କନ୍ତୁ ଯିରୁଶାଲମ ତା'ର ସ୍ଥାନରେ ଅକ୍ଷତ
ରହବ।"

**7**ସଦାପ୍ରଭୁ ସର୍ବପ୍ରଥମେ ଯିହୁଦାର ତମ୍ବୁଗୁଡ଼କୁ ରକ୍ଷା
କରବେ। ସେ ଏପର କରବେ ଯଦ୍ୱାରା ଦାଉଦଙ୍କ ଗୃହର
ସମ୍ମାନ ଏବଂ ଯିରୁଶାଲମର ପରାକ୍ରମ ଯିହୁଦାର ଗୌରବଠାରୁ
ଅଧିକ ହେବ ନାହିଁ। **8**ସେହଦନ ସଦାପ୍ରଭୁ ପୁନର୍ବାର ଯିରୁଶାଲମର
ଲୋକମାନଙ୍କୁ ସୁରକ୍ଷା ଦେବେ। ଏପରକ ସବୁଠାରୁ ଦୁର୍ବଳ
ବ୍ୟକ୍ତି ମଧ୍ୟ ସେହଦନ ଦାଉଦଙ୍କ ପର ହେବ। ସେହଦନ
ଆଉ ମଧ୍ୟ ଦାଉଦଙ୍କ ପରବାର ଲୋକ ଦେବତାଗଣଙ୍କ ପର
ଓ ସଦାପ୍ରଭୁଙ୍କ ଦୂତପର ତାଙ୍କ ସମ୍ମୁଖରେ ହେବେ।

**9**ସଦାପ୍ରଭୁ କୁହନ୍ତ, "ସେହଦନ ଯେଉଁ ଦେଶ ଯିରୁଶାଲମ
ବରୁଦ୍ଧରେ ଆସିବ ଆମ୍ଭେ ତାକୁ ଧ୍ୱଂସ କରବା। **10**ଆମ୍ଭେ
ଦାଉଦ ପରବାର ଓ ଯିରୁଶାଲମ ନବାସୀଙ୍କ ଉପରେ ଦୟା ଓ
ବନତୀର ଆତ୍ମା ବୃଷ୍ଟି କରବା। ସେମାନେ ଆମ୍ଭକୁ ଦେଖିବେ,
ଯାହାକୁ ସେମାନେ ବନ୍ଧ କଲେ। ଏବଂ ସେମାନେ ଶୋକ
କରବେ। ସେମାନେ ଏପର ଶୋକ କରବେ ଯେ, ନଜର
ଏକମାତ୍ର ପୁତ୍ରର ମୃତ୍ୟୁରେ ଜଣେ ଯେପର ଶୋକ କରେ।
ସେମାନେ ବ୍ୟାକୁଳ ହୋଇ କାନ୍ଦିବେ, ଯେପର ଜଣେ
ଜ୍ୟେଷ୍ଠପୁତ୍ରର ମୃତ୍ୟୁରେ କାନ୍ଦନ୍ତ। **11**ସେହଦନ, ଯିରୁଶାଲମରେ
ଶୋକ ହେବ, ଏପର ମହାନ୍ ଶୋକ ଯେପରକ ହଦଦ୍-ରିମ୍ମୋଣ
ମଗିଦ୍ଦୋନର ଉପତ୍ୟକାରେ ହୋଇଥିଲା। **12**ସମଗ୍ର ଦେଶ
ଶୋକ କରବ, ପ୍ରତ୍ୟେକ ପରବାର ନଜେ ନଜେ ଶୋକ
କରବେ। ଦାଉଦ ପରବାରର ଲୋକମାନେ ନଜେ ନଜେ
ଏବଂ ସେମାନଙ୍କର ସ୍ତ୍ରୀମାନେ ନଜେ ନଜେ, ନାଥନ୍ ବଂଶର
ଲୋକମାନେ ନଜେ ନଜେ ଏବଂ ସେମାନଙ୍କର ସ୍ତ୍ରୀମାନେ
ନଜେନଜେ ଶୋକ କରବେ। **13**ଲେବୀ ପରବାରର ନଜେ
ନଜେ ଏବଂ ସେମାନଙ୍କର ସ୍ତ୍ରୀଲୋକମାନେ ନଜେ ନଜେ,
ଶିମିୟିର ପରବାରମାନେ ନଜେ ନଜେ ଶୋକ କରବେ ଏବଂ
ତାଙ୍କର ସ୍ତ୍ରୀମାନେ ନଜେ ନଜେ ଶୋକ କରବେ। **14**ଏବଂ
ଅନ୍ୟ ସମସ୍ତ ବଞ୍ଚିତ ପରବାର ନଜେ ନଜେ, ପ୍ରତ୍ୟେକ
ପରବାରବର୍ଗ ଏକା ଏବଂ ସେମାନଙ୍କର ସ୍ତ୍ରୀମାନେ ନଜେ ନଜେ
ଶୋକ କରବେ।"

**13** ମାତ୍ର ସେତେବେଳେ, ଏକ ନର୍ଝର ଦାଉଦର ପରବାର
ଓ ଯିରୁଶାଲମ ନବାସୀ ପାଇଁ ଖୋଲା ହେବ। ସେହ
ଝରଣା ସେମାନଙ୍କର ପାପସବୁ ଓ ଅପବତ୍ରତାକୁ ଧୋଇଦେବ।

### ମିଥ୍ୟା ଭବଷ୍ୟଦ୍‌ବକ୍ତା ଆଉ ହେବେନାହିଁ

**2**ସର୍ବଶକ୍ତିମାନ୍ ସଦାପ୍ରଭୁ କୁହନ୍ତ, "ଆମ୍ଭେ ଦେଶରୁ ମୂର୍ତ୍ତି
ବନଷ୍ଟ କରଦେବା। ଏପରକ ଲୋକମାନେ ସେମାନଙ୍କର
ନାମକୁ ସ୍ମରଣ କରବେ ନାହିଁ। ଆଉ ମଧ୍ୟ ଆମ୍ଭେ ସମସ୍ତ
ଭବଷ୍ୟଦ୍‌ବକ୍ତାଗଣ ଓ ଅପବତ୍ର ଆତ୍ମାଗୁଡ଼କୁ ପୃଥିବୀରୁ ବଲୋପ
କରବା। **3**ଯଦ କେହ ଭବଷ୍ୟଦ୍‌ବାଣୀ କରୁଛ ତା'ର ପିତାମାତା
ତାକୁ କହବେ, 'ତୁମ୍ଭେ ବଞ୍ଚିବ ନାହିଁ କାରଣ ତୁମ୍ଭେ
ସଦାପ୍ରଭୁଙ୍କ ନାମରେ ମିଥ୍ୟା ବାକ୍ୟ କହଛ।' ତା'ର ପିତା
ଏବଂ ମାତା ଯିଏ ତାକୁ ଧାରଣ କରଛନ୍ତ ସେ ଯେତେବେଳେ
ଭବଷ୍ୟବାଣୀ କରବ ତାକୁ ଖଡ୍ଗରେ ବନାଶ କରବେ।
**4**ସେଦନ ପ୍ରତ୍ୟେକ ଭବଷ୍ୟତ-ବକ୍ତା ନଜର କଳ୍ପିତ ଦର୍ଶନ
ପାଇଁ ଲଜ୍ଜିତ ହେବେ। ସେମାନେ ଭବଷ୍ୟଦ୍‌ବକ୍ତାପର ପ୍ରତାରତ
କରବା ପାଇଁ ଲୋମଶ ବସ୍ତ୍ର ପରଧାନ କରବେ ନାହିଁ।
**5**ସେହ ଲୋକମାନେ କହବେ, 'ମୁଁ ଜଣେ ଭବଷ୍ୟଦ୍‌ବକ୍ତା
ନୁହେଁ, ମୁଁ ଜଣେ କୃଷକ। ଏହ ଭୂମି ମୋର ବାଲ୍ୟକାଳରୁ
ମୋର ଅଧିକାରରେ ଅଛ।' **6**କନ୍ତୁ ଅନ୍ୟଲୋକମାନେ କହବେ,
'ତୁମ୍ଭର ହାତରେ ଏହ କ୍ଷତଗୁଡ଼କ କ'ଣ?' ସେ ଉତ୍ତର
ଦେବେ, 'ମୁଁ ମୋ ବନ୍ଧୁମାନଙ୍କ ଗୃହରେ କ୍ଷତ ବକ୍ଷତ
ହୋଇଥିଲ।'"

**7**ସର୍ବଶକ୍ତିମାନ୍ ସଦାପ୍ରଭୁ କୁହନ୍ତ, "ହେ ଖଡ୍ଗ, ଯାଅ!
ଏବଂ ମେଷପାଳକ ଆମ୍ଭର ଘନଷ୍ଠ ବନ୍ଧୁଙ୍କୁ ଆଘାତ କର।
ମେଷପାଳକଙ୍କୁ ଆଘାତ କର, ଯେପର ମେଷପଲ ପଳାୟନ
କରବେ। ଆମ୍ଭେ ଆପଣା ହସ୍ତ ସେହ କ୍ଷୁଦ୍ରମାନଙ୍କ ବରୁଦ୍ଧରେ
ଉଠାଇବା।" **8**ଦେଶର ଦୁଇତୃତୀୟାଂଶ ଲୋକ ଛେଦନ ହେବେ
ଓ ମୃତ୍ୟୁବରଣ କରବେ। ମାତ୍ର ଏକ ତୃତୀୟାଂଶ ଜୀବତ
ରହବେ। **9**ତା'ପରେ ଆମ୍ଭେ ସେହ ଏକ ତୃତୀୟାଂଶ ଲୋକଙ୍କୁ
ଅଗ୍ନିରେ ପରୀକ୍ଷା କରବା। ଆମ୍ଭେ ସେମାନଙ୍କୁ ରୂପା ଯେପର
ନର୍ମଳ ହୁଏ ସେହପର ବଶୁଦ୍ଧ କରବା। ସୁବର୍ଣ୍ଣକୁ ପରୀକ୍ଷା
କଲାପର ଆମ୍ଭେ ସେହ ଲୋକଙ୍କୁ ପରୀକ୍ଷା କରବା। ଆମ୍ଭ
ନାମ ଧର ଆମ୍ଭକୁ ସେମାନେ ଡାକବେ ଏବଂ ଆମ୍ଭେ
ସେମାନଙ୍କୁ ଉତ୍ତର ଦେବା, 'ଏମାନେ ଆମ୍ଭର ଲୋକ', ଆଉ
ସେମାନେ କହବେ, 'ସଦାପ୍ରଭୁ ଆମ୍ଭର ପରମେଶ୍ୱର ଅଟନ୍ତ।'"

### ସୁବଚାରର ଦନ

**14** ଦେଖ, ସଦାପ୍ରଭୁଙ୍କର ପାଇଁ ଏକ ବଶେଷଦନ
ଆସୁଛ। ତୁମ୍ଭେମାନେ ଯେଉଁ ସମ୍ପତ୍ତି ନେଇଛ ତାହା
ତୁମ୍ଭମାନଙ୍କ ମଧ୍ୟରେ ଭାଗ କରାଯିବ। **2**ଆମ୍ଭେ ସମସ୍ତ
ଗୋଷ୍ଠୀକୁ ଯିରୁଶାଲମ ବରୁଦ୍ଧରେ ଲଢ଼ବାକୁ ଏକତ୍ରୀତ କରବା।

ନଗରଟି ପରାଜିତ ହେବ ଓ ଗୃହଗୁଡିକ ଲୁଣ୍ଠିତ ହେବ।
ସ୍ତ୍ରୀମାନେ ଧର୍ଷିତ ହେବେ ଏବଂ ଦେଶର ଅର୍ଦ୍ଧେକ ଲୋକ
ନିର୍ବାସିତ ହେବେ। ଅବଶିଷ୍ଟ ଲୋକମାନେ ନଗରୀରୁ ନଆସିବେ
ନାହିଁ। **3**ସେତେବେଳେ ସଦାପ୍ରଭୁ ବାହାରି ସେ ଦେଶମାନଙ୍କ
ବିରୁଦ୍ଧରେ ଯୁଦ୍ଧ କରିବେ, ସେ ଏପରି କରିବେ ଯେପରି ସେ
ସଂଗ୍ରାମ ସମୟରେ କରନ୍ତି। **4**ସେତେବେଳେ ସଦାପ୍ରଭୁଙ୍କର
ଦୁଇ ପାଦ ଯିରୁଶାଲମର ପୂର୍ବ ଦିଗରେ ଥିବା ଅଲିଭ ପର୍ବତ
ଉପରେ ଠିଆହେବ। ସେହି ଅଲିଭ୍ ପର୍ବତ ବିଦୀର୍ଣ୍ଣ ହେବ ଓ
ଏହାର ଗୋଟିଏ ଅଂଶ ଉତ୍ତର ଦିଗକୁ ଓ ଅନ୍ୟ ଅଂଶଟି
ଦକ୍ଷିଣ ଦିଗକୁ ଗତି କରିବ। ଗୋଟିଏ ଗଭୀର ଉପତ୍ୟକା
ପୂର୍ବ ପଶ୍ଚିମ ହୋଇ ବିସ୍ତୃତ ହେବ। **5**ସେହି ପାର୍ବତ୍ୟ
ଉପତ୍ୟକା ଯେତେବେଳେ ତୁମ୍ଭମାନଙ୍କର ନିକଟତର ହେବ
ତୁମ୍ଭେମାନେ ଖସିଯିବାକୁ ଚେଷ୍ଟା କରିବ। ଯିହୁଦାର ରାଜା
ଉଷିୟଙ୍କ ସମୟରେ ହୋଇଥିବା ଭୂମିକମ୍ପବେଳେ ଯେଉଁପରି
ଭାବରେ ଲୋକମାନେ ପଳାୟନ କରୁଥିଲେ ସେହିପରି ତୁମ୍ଭେମାନେ
ଦୌଡ଼ିବ। ମାତ୍ର ସଦାପ୍ରଭୁ ମୋର ପରମେଶ୍ୱର ଆସିବେ ଏବଂ
ତୁମ୍ଭ ସହିତ ସମସ୍ତ ପବିତ୍ର ପ୍ରାଣୀ ଥିବେ।

**6-7**ସେହିଦିନ ଆଲୋକ ରହିବ ନାହିଁ, ଶୀତଳତା କି
ତୁଷାର ହେବ ନାହିଁ। ଗୋଟିଏ ବିଶେଷଦିନ କେବଳ ସଦାପ୍ରଭୁଙ୍କୁ
ଜଣା, କୌଣସି ଦିନ ବା ରାତ୍ରି ହେବ ନାହିଁ। ସନ୍ଧ୍ୟା
ସମୟରେ ଆଲୋକ ଥିବ। **8**ସେଦିନ, ଯିରୁଶାଲମରୁ ସ୍ୱଚ୍ଛ
ଜଳ ପ୍ରବାହିତ ହେବ। ସେ ଅଧା ପ୍ରବାହିତ ହେବ ସମୁଦ୍ର
ଆଡକୁ ପୂର୍ବ ଦିଗକୁ ଓ ଅନ୍ୟ ଅଧା ପଶ୍ଚିମ ଦିଗ ସମୁଦ୍ର
ଆଡକୁ। ଏହା ଉଭୟ ଗ୍ରୀଷ୍ମକାଳ ଓ ଶୀତକାଳରେ ହେବ।
**9**ସେହିଦିନ ସଦାପ୍ରଭୁ ସମଗ୍ର ପୃଥିବୀ ଉପରେ ରାଜା ହେବେ।
କେବଳ ସେଠାରେ ଜଣେ ସଦାପ୍ରଭୁ ଓ ତାଙ୍କର ଗୋଟିଏ
ମାତ୍ର ନାମ ରହିବ। **10**ଆଉ ମଧ୍ୟ ସେହି ସମୟରେ, ସମସ୍ତ
ଦେଶ ଯିରୁଶାଲମର ଦକ୍ଷିଣ ଗେବାଠାରୁ ରିମ୍ମୋନ ପର୍ଯ୍ୟନ୍ତ
ଭୂମି ସମତଳ ଭୂମିରେ ପରିଣତ ହେବ। କିନ୍ତୁ ଯିରୁଶାଲମ
ତା' ସ୍ଥାନରୁ ଉଚ୍ଚରେ ଠିଆ ହେବ। ଏହା ବିନ୍ୟାମୀନ
ଫାଟକଠାରୁ ପ୍ରଥମ ଫାଟକ ପର୍ଯ୍ୟନ୍ତ ହନନେଲର କୋଣ
ଫାଟକଠାରୁ ରାଜାଙ୍କର ଦ୍ରାକ୍ଷାକ୍ଷେତ୍ର ପର୍ଯ୍ୟନ୍ତ ବିସ୍ତୃତ ହେବ।
**11**ଲୋକମାନେ ଯିବେ ଓ ସେଠାରେ ବାସ କରିବେ।
ପୁନର୍ବାର ଯିରୁଶାଲମ ସମ୍ପୂର୍ଣ୍ଣ ଧ୍ୱଂସ ହେବ ନାହିଁ। ଯିରୁଶାଲମ
ନିରାପଦ ହେବ।

**12**ଏହା ହେଉଛି ମହାମାରୀର ବିବରଣୀ। ସଦାପ୍ରଭୁ ଏହା
ପଠାଇବେ, ସେହିମାନଙ୍କ ବିରୁଦ୍ଧରେ ଯେଉଁମାନେ ଯିରୁଶାଲମ
ବିରୁଦ୍ଧରେ ଲଢୁଥିଲେ। ଲୋକମାନେ ଛିଡା ହୋଇ ଥିବାବେଳେ
ସେମାନଙ୍କର ଚର୍ମ ପଚିଯିବ। ସେମାନଙ୍କର ଚକ୍ଷୁ କୋଟରର
ମଧ୍ୟରେ ପଚିଯିବ ଓ ଜିହ୍ୱା ପାଟି ମଧ୍ୟରେ ପଚିଯିବ।
**13-15**ସେହି ଭୟଙ୍କର ବ୍ୟାଧି ସେହି ଶିବିରରେ ରହିବ। ଆଉ
ମଧ୍ୟ ସେମାନଙ୍କର ଅଶ୍ୱ, ଖଚର, ଓଟ ଓ ଗର୍ଦ୍ଦଭ ସେହି
ଭୟଙ୍କର ବ୍ୟାଧିରେ ଆକ୍ରାନ୍ତ ହେବେ।

ସେହିଦିନ ସଦାପ୍ରଭୁଙ୍କ ଦ୍ୱାରା ପ୍ରେରିତ ଭୟଙ୍କର ଆତଙ୍କ
ଆତଙ୍କିତ ରୂପେ ସେମାନଙ୍କୁ ଧରିବ। ପ୍ରତ୍ୟେକ ଲୋକ
ତାଙ୍କର ପ୍ରତିବେଶୀର ହସ୍ତକୁ ଧରିବେ ଓ ସେମାନେ ପରସ୍ପର
ମଧ୍ୟରେ ଯୁଦ୍ଧରେ ବ୍ୟାପୃତ ହେବେ। ଏପରିକି ଯିହୁଦା
ଯିରୁଶାଲମ ବିପକ୍ଷରେ ଲଢ଼ିବ। ସମଗ୍ର ଗୋଷ୍ଠୀର ଧନସମ୍ପଦ
ନଗରୀର ଚତୁର୍ଦ୍ଦିଗରେ ଏକତ୍ର ଠୁଳ ହେବ। ସେଠାରେ
ସ୍ୱର୍ଣ୍ଣ, ରୌପ୍ୟ ଓ ବସ୍ତ୍ର ବହୁତ ପରିମାଣରେ ସଂଗୃହିତ
ହେବ। **16**ପ୍ରତ୍ୟେକ ବ୍ୟକ୍ତି ଯିଏ ଦେଶ ଛାଡି ଯିରୁଶାଲମ
ବିରୁଦ୍ଧରେ ଆସିଛନ୍ତି, ପ୍ରତ୍ୟେକ ବର୍ଷ ଉପାସନା କରିବା ପାଇଁ
ଆସିବେ। ପ୍ରତିବର୍ଷ ସେମାନଙ୍କର ରାଜା ସର୍ବଶକ୍ତିମାନ୍ ସଦାପ୍ରଭୁଙ୍କୁ
ଉପାସନା କରିବାକୁ ଏବଂ ପତ୍ରକୁଟୀର ପର୍ବ ପାଳନ କରିବାକୁ
ଆସିବେ। **17**ଯଦି କୌଣସି ଦେଶର ପରିବାର ସର୍ବଶକ୍ତିମାନ
ସଦାପ୍ରଭୁଙ୍କୁ ଉପାସନା କରିବା ପାଇଁ ଆସିବେ ନାହିଁ, ବର୍ଷା
ସେମାନଙ୍କ ଉପରେ ପଡିବ ନାହିଁ। **18**ଯଦି ମିଶରର ପରିବାର
ନ ଆସିନ୍ତି, ବର୍ଷା ସେମାନଙ୍କ ଉପରେ ଆସିବ ନାହିଁ। ତା'
ବଦଳରେ ସଦାପ୍ରଭୁ ମହାମାରୀ ପଠାଇବେ ଯାହା ସେ
ଦେଶସବୁ ବିରୁଦ୍ଧରେ ପଠାଇଥିଲେ ଏବଂ ଯେଉଁମାନେ ପତ୍ରକୁଟୀର
ପର୍ବ ପାଳନ କରିବା ପାଇଁ ଯାଇ ନଥିଲେ। **19**ତାହା ମିଶରର
ପାପ ହେବ ଏବଂ ପ୍ରତ୍ୟେକ ଦେଶର ପାପ ଯେଉଁମାନେ
ଯାଆନ୍ତି ନାହିଁ ଓ ପତ୍ରକୁଟୀର ପର୍ବ ପାଳନ କରନ୍ତି ନାହିଁ।

**20**ସେହିଦିନ 'ସଦାପ୍ରଭୁଙ୍କ ପବିତ୍ର' ଏପରିକି ଅଶ୍ୱଗଣର
ଘଣ୍ଟିରେ ମଧ୍ୟ ଲେଖାଯିବ। ଆଉ ମଧ୍ୟ ସଦାପ୍ରଭୁଙ୍କ ମନ୍ଦିରରେ
ବ୍ୟବହୃତ ସମସ୍ତ ପାତ୍ର ଯଜ୍ଞବେଦୀର ଜଳପାତ୍ର ତୁଲ୍ୟ ହେବ।
**21**ସମସ୍ତ ଜଳପାତ୍ର ଯିରୁଶାଲମ ଓ ଯିହୁଦାରେ "ସର୍ବଶକ୍ତିମାନ
ସଦାପ୍ରଭୁଙ୍କ ପାଇଁ ପବିତ୍ର ହେବ।" ନୈବେଦ୍ୟ ବଳିଦାନ
ପ୍ରଦାନ କରୁଥିବା ସମସ୍ତ ଲୋକ ଆସିବେ ଏବଂ ସେମାନଙ୍କଠାରୁ
ଜଳପାତ୍ର ନେବେ ଏବଂ ବଳିଦାନର ମାଂସ ରନ୍ଧନ କରିବେ।

ସେହିଦିନ ସର୍ବଶକ୍ତିମାନ ସଦାପ୍ରଭୁଙ୍କ ମନ୍ଦିରରେ ଆଉ
ବ୍ୟବସାୟୀ ନଥିବେ।

# ହାଗୟ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

### ଏହା ମନ୍ଦିର ନିର୍ମାଣର ସମୟ

1 ପାରସ୍ୟ ରାଜା ଦାରିୟାବସଙ୍କର ରାଜତ୍ୱର ଦ୍ୱିତୀୟ ବର୍ଷର
ଛଅମାସର ପ୍ରଥମ ଦିବସରେ ହାଗୟ ପରମେଶ୍ୱରଙ୍କଠାରୁ
ଏହି ବାର୍ତ୍ତା ପାଇଲେ। ଏହି ବାର୍ତ୍ତା ଶଲ୍ଟୀୟେଲଙ୍କ ପୁତ୍ର
ଯିରୁବ୍ବାବିଲ ଓ ଯିହୋଷାଦଙ୍କ ପୁତ୍ର ଯିହୋଶୂୟଙ୍କ ପାଇଁ ଥିଲା।
ଯିରୁବ୍ବାବିଲ ଯିହୁଦାର ଦେଶାଧ୍ୟକ୍ଷ ଓ ଯିହୋଶୂୟ ଜଣେ ମହାନ୍
ଯାଜକ ଥିଲେ। ଭବିଷ୍ୟଦ୍‌ବକ୍ତା ହାଗୟଙ୍କ ଦ୍ୱାରା କୁହାଯାଇଥିବା
ବାର୍ତ୍ତା ଏହାହିଁ ଅଟେ। 2ସର୍ବଶକ୍ତିମାନ ସଦାପ୍ରଭୁ ଏହା କହନ୍ତି:
"ଲୋକେ କହୁଛନ୍ତି ସଦାପ୍ରଭୁଙ୍କ ମନ୍ଦିର ନିର୍ମାଣ କରିବାର
ଏପର୍ଯ୍ୟନ୍ତ ପ୍ରକୃଷ୍ଟ ସମୟ ହୋଇନାହିଁ।"

3ପୁନର୍ବାର ହାଗୟ ଆଉ ଏକ ବାର୍ତ୍ତା ସଦାପ୍ରଭୁଙ୍କଠାରୁ
ଗ୍ରହଣ କଲେ। ହାଗୟ ବାର୍ତ୍ତାଟି କହିଲେ: 4"ତୁମ୍ଭେମାନେ
ଭାବୁଛ ଯେ ସୁନ୍ଦର ଘରେ ବାସ କରିବାକୁ ଠିକ୍ ସମୟ
ଆସିଯାଇଛି। ସୁନ୍ଦର କାନ୍ଥରେ କାଠ ଫଳକ ଲାଗିଥିବା ଘରେ
ବାସ କରୁଛ। କିନ୍ତୁ ସଦାପ୍ରଭୁଙ୍କର ଗୃହ ତଥାପି ଭଗ୍ନ
ଅବସ୍ଥାରେ ଅଛି। 5ବର୍ତ୍ତମାନ ସର୍ବଶକ୍ତିମାନ ସଦାପ୍ରଭୁ କୁହନ୍ତି,
'କ'ଣ ଘଟୁଛି ଚିନ୍ତା କର। 6ତୁମ୍ଭେ ବହୁ ମଞ୍ଜି ବୁଣୁଛ କିନ୍ତୁ
ଅଳ୍ପ ଶସ୍ୟ ଅମଳ କରୁଛ। ତୁମ୍ଭର ଖାଇବାକୁ ଖାଦ୍ୟ ଅଛି
କିନ୍ତୁ ପେଟ ପୁରିବାକୁ ପ୍ରଚୁର ନାହିଁ। ତୁମ୍ଭର ପାନୀୟ ପାଇଁ
ଅଳ୍ପ ଦ୍ରାକ୍ଷାରସ ଅଛି। କିନ୍ତୁ ତାହା ତୁମ୍ଭର ଚାହିଦା ପୂରଣ
ପାଇଁ ଯଥେଷ୍ଟ ନୁହେଁ। ତୁମ୍ଭର ଯଦିଓ କିଛି ବସ୍ତ୍ର ପିନ୍ଧିବାକୁ
ଅଛି ତାହା ତୁମ୍ଭମାନଙ୍କୁ ଉଷୁମ ରଖିବାକୁ ଯଥେଷ୍ଟ ନୁହେଁ।
ତୁମ୍ଭେମାନେ ଧନ ଅର୍ଜ୍ଜନ କରୁଛ କିନ୍ତୁ ତାହା କୁଆଡ଼େ ଚାଲି
ଯାଉଛି ତୁମ୍ଭେ ଜାଣିପାରୁନାହଁ, ଯେପରିକି ତୁମ୍ଭ ପକେଟରେ
ଥିବା କଣା ବାଟେ ସେସବୁ ଚାଲି ଯାଉଛି।"

7ସର୍ବଶକ୍ତିମାନ ସଦାପ୍ରଭୁ କୁହନ୍ତି, "ତୁମ୍ଭେମାନେ ଯାହା
କରୁଛ, ସେ ବିଷୟରେ ଚିନ୍ତା କର। 8ପର୍ବତ ଉପରକୁ ଯାଅ
ଓ କାଠ ନେଇ ସଦାପ୍ରଭୁଙ୍କ ମନ୍ଦିର ନିର୍ମାଣ କର। ତା'ପରେ
ଆମ୍ଭେ ଏହି ଗୃହ ନିମନ୍ତେ ଆନନ୍ଦିତ ହେବା ଓ ଗୌରବାନ୍ୱିତ
ହେବା।" ସଦାପ୍ରଭୁ ଏହିସବୁ କହିଲେ।

9ସର୍ବଶକ୍ତିମାନ ସଦାପ୍ରଭୁ କୁହନ୍ତି, "ତୁମ୍ଭେମାନେ ପ୍ରଚୁର
ଶସ୍ୟ ଅମଳ କରିବାକୁ ଖୋଜୁଛ, କିନ୍ତୁ ଯେତେବେଳେ ଶସ୍ୟ
ସଂଗ୍ରହ କରିବାକୁ ଯାଉଛ ସେଠାରେ ଅତି ଅଳ୍ପ ଶସ୍ୟ
ଦେଖୁଛ। ତୁମ୍ଭେମାନେ ସେ ଶସ୍ୟ ଘରକୁ ଆଣୁଛ, ତା'ପରେ
ଆମ୍ଭେ ପବନକୁ ପଠାଇ ସେ ସମସ୍ତକୁ ଉଡ଼ାଇଦେଉ। ଏହା
କାହିଁକି ଘଟୁଛି? କାରଣ ତୁମ୍ଭେ ପ୍ରତ୍ୟେକ ଯେତେବେଳେ
ନିଜ ନିଜ ଘରର ଯତ୍ନ ନେବାକୁ ତତ୍ପର ହେଉଛ
ସେତେବେଳେ ଆମ୍ଭ ଗୃହ ଧ୍ୱଂସ ହେଉଛି। 10ସେଥିସକାଶେ
ଆକାଶ ବର୍ଷା ଫେରାଇ ନେଉଛି ଓ ପୃଥିବୀ ଆଉ ଶସ୍ୟ
ଦେଉନାହିଁ।"

11ସଦାପ୍ରଭୁ କୁହନ୍ତି, "ପର୍ବତ ଓ ପୃଥିବୀ ଶୁଷ୍କ ହେବାକୁ
ଆମ୍ଭେ ଆଦେଶ ଦେଲୁ। ଶସ୍ୟ, ସଦ୍ୟ ଦ୍ରାକ୍ଷାରସ, ଅଲିଭ
ତେଲ ଏବଂ ପୃଥିବୀ ଉତ୍ପାଦନ କରୁଥିବା ସମସ୍ତ ଜିନିଷ ଶୁଷ୍କ
ହୋଇଯିବ। ଏହି ମରୁଡ଼ି ମଧ୍ୟ ପ୍ରତ୍ୟେକ ପଶୁ, ମନୁଷ୍ୟ ଓ
ତୁମ୍ଭର ଶ୍ରମିକ ଉପରେ ପ୍ରଭାବ ପକାଇବ।"

### ସଦାପ୍ରଭୁଙ୍କ ନୂତନ ମନ୍ଦିରରେ କାର୍ଯ୍ୟ ଆରମ୍ଭ ହୁଏ

12ଶଲ୍ଟୀୟଲଙ୍କ ପୁତ୍ର ଯିରୁବ୍ବାବିଲଙ୍କୁ ଓ ଯିହୋଷାଦକଙ୍କ
ପୁତ୍ର ମହାଯାଜକ ଯିହୋଶୂୟଙ୍କୁ କହିବାକୁ ସଦାପ୍ରଭୁ ପରମେଶ୍ୱର
ହାଗୟଙ୍କୁ ପ୍ରେରଣ କଲେ। ତେଣୁ ଏହି ଲୋକମାନେ ଓ
ଅନ୍ୟସବୁ ଲୋକମାନେ ଭବିଷ୍ୟଦ୍-ବକ୍ତା ହାଗୟଙ୍କଠାରୁ ସଦାପ୍ରଭୁ
ଦେଇଥିବା ବାର୍ତ୍ତା ଶୁଣିଲେ। ସେମାନେ ସେମାନଙ୍କର ଭୟ ଓ
ସମ୍ମାନ ସଦାପ୍ରଭୁ ପରମେଶ୍ୱରଙ୍କୁ ଜଣାଇଲେ।

13ହାଗୟ ସଦାପ୍ରଭୁ ପରମେଶ୍ୱରଙ୍କ ଜଣେ ଦୂତ ଥିଲେ,
ଯାହା ମାଧ୍ୟମରେ ସେ ଏହି ବାର୍ତ୍ତା ଲୋକମାନଙ୍କ ପାଖକୁ
ପଠାଇଥିଲେ। ସଦାପ୍ରଭୁ କୁହନ୍ତି, "ଆମ୍ଭେ ତୁମ୍ଭମାନଙ୍କ ସହିତ
ଅଛୁ।"

14ତା'ପରେ ସଦାପ୍ରଭୁ ତାଙ୍କର ମନ୍ଦିର ନିର୍ମାଣ ବିଷୟରେ
ଲୋକମାନଙ୍କୁ ଉତ୍ତେଜିତ କଲେ। ଯିହୁଦାର ଶାସକ ଶଲ୍ଟୀୟଲଙ୍କ
ପୁତ୍ର ଯିରୁବ୍ବାବିଲଙ୍କୁ ଓ ମହାଯାଜକ ଯିହୋଷାଦକଙ୍କ ପୁତ୍ର
ଯିହୋଶୂୟଙ୍କୁ ମଧ୍ୟ ସଦାପ୍ରଭୁ ଉତ୍ତେଜିତ କଲେ। ତାଙ୍କର
ମନ୍ଦିର ନିର୍ମାଣ କରିବା ବିଷୟରେ ସଦାପ୍ରଭୁ ସବୁଲୋକଙ୍କୁ
ଉତ୍ତେଜିତ କଲେ। ସେମାନେ ସର୍ବଶକ୍ତିମାନ ସଦାପ୍ରଭୁଙ୍କ
ମନ୍ଦିର ନିର୍ମାଣ କାମ ଆରମ୍ଭ କଲେ। 15ପାରସ୍ୟର ରାଜାଙ୍କର
ରାଜତ୍ୱର ଦ୍ୱିତୀୟ ବର୍ଷରେ ଏବଂ ଦାରିୟାବସଙ୍କ ଶାସନର
ଛଅମାସ ପୂର୍ତ୍ତିରେ ଚତୁର୍ବିଂଶ ଦିବସରେ ସେମାନେ କାର୍ଯ୍ୟ
ଆରମ୍ଭ କଲେ।

### ସଦାପ୍ରଭୁ ଲୋକମାନଙ୍କୁ ଉତ୍ସାହିତ କରନ୍ତି

2 ସପ୍ତମ ମାସର ଏକବିଂଶ ଦିବସରେ ସଦାପ୍ରଭୁଙ୍କଠାରୁ
ଏହି ବାର୍ତ୍ତା ହାଗୟଙ୍କ ନିକଟକୁ ଆସିଲା। 2ଏହି ବାର୍ତ୍ତା
ଯିହୁଦାର ଦେଶାଧ୍ୟକ୍ଷ ଶଲ୍ଟୀୟେଲଙ୍କ ପୁତ୍ର ଯିରୁବ୍ବାବିଲଙ୍କୁ ଓ
ମହାଯାଜକ ଯିହୋଷାଦକଙ୍କ ପୁତ୍ର ଯିହୋଶୂୟଙ୍କୁ ଏବଂ ସମସ୍ତ
ଲୋକଙ୍କୁ କୁହ। 3"ତୁମ୍ଭମାନଙ୍କ ମଧ୍ୟରୁ କିଏ ଏହି ମନ୍ଦିରର
ପୂର୍ବ ମହିମା ଦେଖିଲ? ଧ୍ୱଂସ ହୋଇ ଯାଇଥିବା ସୁନ୍ଦର ଗୃହ
ସହିତ ତୁମ୍ଭେମାନେ ଏହାକୁ ତୁଳନା କରିଛ। ଯଦି ଏହି
ଗୃହକୁ ପ୍ରଥମ ଗୃହ ସହିତ ତୁଳନା କର ତେବେ ତୁମ୍ଭର
ଦୃଷ୍ଟିରେ ଏହା କିଛି ନୁହେଁ। 4କିନ୍ତୁ ବର୍ତ୍ତମାନ ସଦାପ୍ରଭୁ
କୁହନ୍ତି, 'ଯିରୁବ୍ବାବିଲ ସାହସ ଜଗାଅ' ଯିହୋଷାଦକଙ୍କ ପୁତ୍ର
ଯିହୋଶୂୟ, ତୁମ୍ଭେ ଜଣେ ମହାଯାଜକ 'ସାହସ ଜଗାଅ' ଏବଂ

ତୁମ୍ଭେ ସବୁଲୋକ ସାହସ କରିଥାଅ। ସଦାପ୍ରଭୁ କୁହନ୍ତି, 'ଏହି
କାର୍ଯ୍ୟ ଚାଲୁ ରଖ, କାରଣ ଆମ୍ଭେ ତୁମ୍ଭମାନଙ୍କ ସହିତ ଅଛୁ।'
ସର୍ବଶକ୍ତିମାନ୍ ସଦାପ୍ରଭୁ ଏହିସବୁ କଥା କହିଲେ।"
**5**ସଦାପ୍ରଭୁ କୁହନ୍ତି, "ତୁମ୍ଭେମାନେ ମିଶର ପରିତ୍ୟାଗ
କଲାବେଳେ ଆମ୍ଭେ ତୁମ୍ଭମାନଙ୍କ ସହିତ ଏକ ଚୁକ୍ତି କରିଥିଲୁ।
ଆମ୍ଭେ ଆପଣା ପ୍ରତିଜ୍ଞା ରକ୍ଷା କରିଅଛୁ। ଆମ୍ଭର ଆତ୍ମା
ତୁମ୍ଭମାନଙ୍କ ମଧ୍ୟରେ ଅଛି। ତେଣୁ ଭୟ କରନାହିଁ। **6**କାହିଁକି?
କାରଣ ସର୍ବଶକ୍ତିମାନ ସଦାପ୍ରଭୁ ଏହିକଥା କହିଛନ୍ତି। ଅଳ୍ପ
ସମୟ ପରେ ଆମ୍ଭେ ପୁନର୍ବାର କମ୍ପନ ସୃଷ୍ଟି କରିବା। ସ୍ୱର୍ଗ,
ମର୍ତ୍ତ୍ୟ, ଜଳ ଓ ସ୍ଥଳରେ କମ୍ପନ ଆଣିବା। **7**ଆମ୍ଭେ ସମସ୍ତ
ଦେଶକୁ ଥରାଇ ଦେବା ଏବଂ ସେମାନେ ଧନସମ୍ପଦ ଧରି
ତୁମ୍ଭ ନିକଟକୁ ଆସିବେ। ତା'ପରେ ଆମ୍ଭେ ଏହି ମନ୍ଦିରକୁ
ମହିମାରେ ପୂର୍ଣ୍ଣ କରିବା। ସର୍ବଶକ୍ତିମାନ୍ ସଦାପ୍ରଭୁ ଏହା
କହିଛନ୍ତି। **8**ସେମାନଙ୍କର ସମସ୍ତ ରୂପାର ଅଧିକାରୀ ଆମ୍ଭେ
ଏବଂ ସମସ୍ତ ସ୍ୱର୍ଣ୍ଣ ମଧ୍ୟ ଆମ୍ଭର। ସର୍ବଶକ୍ତିମାନ ସଦାପ୍ରଭୁ
ଏହାହିଁ କହୁଛନ୍ତି। **9**ସର୍ବଶକ୍ତିମାନ୍ ସଦାପ୍ରଭୁ କହନ୍ତି, ଏହି
ମନ୍ଦିରଟିର ସମ୍ମାନ ପ୍ରଥମ ମନ୍ଦିର ସମ୍ମାନ ଅପେକ୍ଷା ଅଧିକ
ହେବ ଏବଂ ଆମ୍ଭେ ଏହି ସ୍ଥାନକୁ ଶାନ୍ତି ପ୍ରଦାନ କରିବା,
ସର୍ବଶକ୍ତିମାନ୍ ସଦାପ୍ରଭୁ ଏହା କହନ୍ତି।"

## କାର୍ଯ୍ୟ ଆରମ୍ଭ ହୋଇଛି-ଆଶୀର୍ବାଦ ଆସିବ

**10**ପାରସ୍ୟ ରାଜା ଦାରୟାବସଙ୍କର ରାଜତ୍ୱର ଦ୍ୱିତୀୟ
ବର୍ଷର ନବମ ମାସର ଚତୁର୍ବିଂଶ ଦିବସରେ ଭବିଷ୍ୟଦ୍‌-ବକ୍ତା
ହାଗୟ ସଦାପ୍ରଭୁଙ୍କର ଏହି ବାର୍ତ୍ତା ପାଇଲେ। **11**ଏହି ଜିନିଷଗୁଡ଼ିକ
ବିଷୟରେ ବ୍ୟବସ୍ଥା କ'ଣ କୁହେ, ଯାଜକମାନଙ୍କୁ ପଚାରିବାକୁ
ସର୍ବଶକ୍ତିମାନ ସଦାପ୍ରଭୁ ଆଦେଶ ଦିଅନ୍ତି। **12**"ମନେକର
ଜଣେ ମନୁଷ୍ୟ କିଛି ମାଂସ ତା'ର ପୋଷାକର ଭାଙ୍ଗରେ ନିଏ।
ଏହା ପବିତ୍ର ହେବ କାରଣ ଏହି ମାଂସ ବଳିଦାନର ଏକ
ଅଂଶ ବିଶେଷ। କ'ଣ ସେହି ସବୁ ବସ୍ତ୍ର ଯଦି ରୋଟୀ, ରନ୍ଧା
ଖାଦ୍ୟ, ତେଲ କି ଅନ୍ୟ କୌଣସି ଖାଦ୍ୟ ପଦାର୍ଥକୁ ସ୍ପର୍ଶ
କରେ ତେବେ ସେ ସବୁ କ'ଣ ପବିତ୍ର ହୋଇଯିବ?"
ଯାଜକ ଉତ୍ତର ଦେଲେ, "ନାଁ," ତାହା ହୋଇପାରିବ
ନାହିଁ।
**13**ତା'ପରେ ହାଗୟ କହିଲେ, "ଯଦି ଜଣେ ବ୍ୟକ୍ତି
ଗୋଟିଏ ଶବକୁ ଛୁଏଁ ତେବେ ସେ କ'ଣ ଅପବିତ୍ର ହେବ?
ବର୍ତ୍ତମାନ ସେ ଯଦି ଅନ୍ୟ ଜିନିଷଗୁଡ଼ିକୁ ଛୁଏଁ ସେଗୁଡ଼ିକ
କ'ଣ ଅପବିତ୍ର ହୋଇଯିବ?"
ଯାଜକ ଉତ୍ତର ଦେଲେ, "ହଁ, ସେହି ଜିନିଷ ଅପବିତ୍ର
ହେବ।"
**14**ତା'ପରେ ହାଗୟ କହିଲେ, "ସଦାପ୍ରଭୁ ପରମେଶ୍ୱର
ଏହିସବୁ କହନ୍ତି, 'ଦେଶର ଲୋକମାନଙ୍କ ବିଷୟରେ ଏହା
ସତ୍ୟ ଅଟେ। ସେହି ଲୋକମାନେ ଆମ୍ଭ ସମ୍ମୁଖରେ ଶୁଦ୍ଧ ଓ
ପବିତ୍ର ନଥିଲେ। ତେଣୁ ଯେ କୌଣସି ଜିନିଷକୁ ସେମାନେ
ଛୁଉଁଥିଲେ ଏବଂ ଯେ କୌଣସି ଜିନିଷକୁ ସେମାନେ
ଯଜ୍ଞବେଦୀ ଉପରକୁ ଆଣୁଥିଲେ ସେଗୁଡ଼ିକ ସବୁ ଅଶୁଦ୍ଧ
ହେଉଥିଲା।
**15**ଆଜି ଦିନର ପୂର୍ବରୁ ଯାହାସବୁ ଘଟିଲା ସେ ବିଷୟରେ
ଚିନ୍ତା କର। ସଦାପ୍ରଭୁଙ୍କ ମନ୍ଦିରରେ କାର୍ଯ୍ୟ ଆରମ୍ଭ କରିବାର
ପୂର୍ବ ସମୟ ବିଷୟରେ ଚିନ୍ତା କର। **16**ଲୋକମାନେ କୋଡ଼ିଏ
ଓଜନ ମାପର ଶସ୍ୟ ଚାହୁଁଥିଲେ କିନ୍ତୁ ଶସ୍ୟ ସ୍ତୁପରେ ମାତ୍ର
ଦଶ ଓଜନ ମାପର ଶସ୍ୟ ଥିଲା। ଲୋକମାନେ ଦ୍ରାକ୍ଷାରସ
କୁଣ୍ଡରୁ ପଚାଶ ମାଠିଆ ଦ୍ରାକ୍ଷାରସ ଚାହୁଁଥିଲେ। କିନ୍ତୁ ସେଥିରେ
ମାତ୍ର କୋଡ଼ିଏ ମାଠିଆ ଦ୍ରାକ୍ଷାରସ ଥିଲା। **17**କାହିଁକି ଏହା
ହେଲା? କାରଣ ଆମ୍ଭେ ତୁମ୍ଭମାନଙ୍କୁ ଦଣ୍ଡ ଦେଲୁ। ଗଛଗୁଡ଼ିକ
ମାରିଦେବାକୁ ଆମ୍ଭେ ରୋଗ ପଠାଇଥିଲୁ। ତୁମ୍ଭ ହାତରେ
ପ୍ରସ୍ତୁତ କରିଥିବା ଶସ୍ୟକୁ ଆମ୍ଭେ କୁଆପଥର ପକାଇ ନଷ୍ଟ
କରିଥିଲୁ। ଆମ୍ଭେ ଏସବୁ କଲାପରେ ମଧ୍ୟ ସେମାନେ ଆମ୍ଭ
ପାଖକୁ ଆସିଲେ ନାହିଁ।' ସଦାପ୍ରଭୁ ଏହିସବୁ କହିଲେ।"
**18**ସଦାପ୍ରଭୁ କହିଲେ, "ଆଜି ନବମ ମାସର ଚତୁର୍ବିଂଶ
ଦିବସ। ତୁମ୍ଭେମାନେ ସଦାପ୍ରଭୁଙ୍କ ମନ୍ଦିରରେ ଭିତ୍ତିପ୍ରସ୍ତର
ସ୍ଥାପନ କାର୍ଯ୍ୟ ଶେଷ କରିଛ। ତେଣୁ ଏହାପରେ କ'ଣ ସବୁ
ଘଟୁଛି ଆଗକୁ ଲକ୍ଷ୍ୟ କର। **19**ଖଳାରେ ଆଉ ଶସ୍ୟ ଅଛି
କି? ନାଁ, କୌଣସି ଶସ୍ୟ ଖଳାରେ ନାହିଁ। ଦ୍ରାକ୍ଷାଲତାକୁ,
ଡ଼ିମିରି ଗଛକୁ, ଡ଼ାଳିମ୍ବ ବୃକ୍ଷକୁ ଏବଂ ଅଲିଭ୍ ଗଛକୁ ଲକ୍ଷ୍ୟ
କର। ସେମାନେ ଫଳ ଧାରଣ କରୁଛନ୍ତି କି? ନାଁ, ସେ ସବୁ
ଧାରଣ କରୁନାହାଁନ୍ତି। କିନ୍ତୁ ଆଜିଠାରୁ ଦେଖ, ସେଗୁଡ଼ିକ
ଉତ୍ତମ ଫଳ ଧାରଣ କରିବେ, କାରଣ ଆମ୍ଭେ ଆଶୀର୍ବାଦ
କରିବା।"
**20**ମାସର ଚତୁର୍ବିଂଶ ଦିବସରେ ଆଉ ଏକ ବାର୍ତ୍ତା
ସଦାପ୍ରଭୁଙ୍କଠାରୁ ହାଗୟ ନିକଟକୁ ଆସିଲା। ବାର୍ତ୍ତାଟି ହେଉଛି।
**21**"ଯିହୁଦାର ଶାସକ ଯିରୁବ୍ବାବିଲଙ୍କ ନିକଟକୁ ଯାଅ। ଆମ୍ଭେ
ପୃଥିବୀ ଓ ସ୍ୱର୍ଗକୁ ଥରାଇ ଦେବା। **22**ଆମ୍ଭେ ବହୁ ରାଜ୍ୟ ଓ
ରାଜାଙ୍କୁ ଓଲଟାଇ ଦେବା, ଆମ୍ଭେ ରାଜ୍ୟର ଅନ୍ୟ ଲୋକମାନଙ୍କର
କ୍ଷମତାକୁ ଲୋପ କରିବା, ସେମାନଙ୍କର ରଥ ଓ ଆରୋହୀଙ୍କୁ
ଧ୍ୱଂସ କରିବା। ଆମ୍ଭେ ସେମାନଙ୍କର ଯୁଦ୍ଧ ଅଶ୍ୱ ଓ ଆରୋହୀଙ୍କୁ
ପରାସ୍ତ କରିବା। ସେ ସୈନିକମାନେ ବର୍ତ୍ତମାନ ପରସ୍ପର
ବନ୍ଧୁଭାବରେ ଅଛନ୍ତି। କିନ୍ତୁ ସେମାନେ ପରସ୍ପର ବିରୁଦ୍ଧରେ
ଯିବେ ଏବଂ ପରସ୍ପର ଖଣ୍ଡାରେ ହଣାହଣି ହୋଇ ମରିବେ।
**23**ସର୍ବଶକ୍ତିମାନ୍ ସଦାପ୍ରଭୁ ଏହିସବୁ କହୁଛନ୍ତି। ଶଲ୍ଟୀୟେଲଙ୍କ
ପୁତ୍ର ଯିରୁବ୍ବାବିଲ, ତୁମ୍ଭେ ଆମ୍ଭର ଭୃତ୍ୟ। ଆମ୍ଭେ ତୁମ୍ଭକୁ
ବାଛିଅଛୁ, ସେହି ସମୟରେ ଆମ୍ଭେ ତୁମ୍ଭକୁ ଏକ ମୋହର
ଥିବା ମୁଦି କରିବା। ଆମ୍ଭେ ଏସବୁ କରିଛୁ ବୋଲି ତୁମ୍ଭେ
ଏହାର ପ୍ରମାଣ ହେବ।"
ସର୍ବଶକ୍ତିମାନ ସଦାପ୍ରଭୁ ଏହିସବୁ ବାକ୍ୟ କହିଲେ।

# ସିଫନୀୟ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

1 ଏହି ବାର୍ତ୍ତା ସଦାପ୍ରଭୁ ସିଫନୀୟଙ୍କୁ ପ୍ରଦାନ କରିଥିଲେ।
ଯିହୁଦାର ରାଜା ଆମୋନଙ୍କ ପୁତ୍ର ଯୋଶିୟଙ୍କ ସମୟରେ
ସେ ଏହି ବାର୍ତ୍ତା ଗ୍ରହଣ କଲେ। ସିଫନୀୟ କୂଶିଙ୍କ ପୁତ୍ର,
କୂଶି ଗଦଲିୟଙ୍କ ପୁତ୍ର, ଗଦଲିୟ ଅମରିୟଙ୍କ ପୁତ୍ର ଓ
ଅମରିୟ ହିଜକିୟଙ୍କ ପୁତ୍ର ଥିଲେ।

### ଲୋକଙ୍କ ବିଚାରପାଇଁ ସଦାପ୍ରଭୁଙ୍କର ଦିନ

2ସଦାପ୍ରଭୁ କହନ୍ତି, "ପୃଥିବୀର ସମସ୍ତ ଜିନିଷ ଆମ୍ଭେ
ଧ୍ୱଂସ କରିବା।" 3ଆମ୍ଭେ ସମସ୍ତ ପ୍ରାଣୀ ଓ ସମସ୍ତ ମାନବମାନଙ୍କୁ
ବିନଷ୍ଟ କରିବା। ଆକାଶର ପକ୍ଷୀ ଓ ସମୁଦ୍ରର ମାଛଗୁଡ଼ିକୁ
ବିନାଶ କରିବା। ସମସ୍ତ ମନ୍ଦ ଲୋକ ଓ ସମସ୍ତ ଜିନିଷ
ଯେଉଁଗୁଡ଼ିକ ସେମାନଙ୍କୁ ପାପ କରାଉଛି ସେହି ସବୁକୁ ଧ୍ୱଂସ
କରିବା। ସବୁ ଲୋକଙ୍କୁ ପୃଥିବୀରୁ ବିତାଡ଼ିତ କରିବା।"
ଏହିସବୁ କଥା ସଦାପ୍ରଭୁ କହିଲେ।

4ସଦାପ୍ରଭୁ କହିଲେ, "ଆମ୍ଭେ ଯିହୁଦା ଓ ଯିରୁଶାଲମ
ବାସିନ୍ଦାଙ୍କୁ ଦଣ୍ଡ ଦେବା। ଆମ୍ଭେ ସେହି ସ୍ଥାନରୁ ମୂର୍ତ୍ତି ପୂଜକ
ଯାଜକଙ୍କୁ ହଟାଇଦେବା। ଆମ୍ଭେ ବାଲର ଶେଷ ସଙ୍କେତକୁ
ହଟାଇ ଦେବା। ସମସ୍ତ ଲୋକ 5ଯେଉଁମାନେ କି ଛାତ
ଉପରକୁ ଯାଇ ତାରାମାନଙ୍କୁ ପୂଜା କରନ୍ତି ଆମ୍ଭେ ସେ
ସମସ୍ତଙ୍କୁ ତଡ଼ି ଦେବା। କେତେଜଣ ଲୋକ ଉଭୟ ସଦାପ୍ରଭୁ
ଏବଂ ମିଥ୍ୟାପ୍ରଭୁ ମାଲକମଙ୍କୁ ମଧ୍ୟ ପୂଜା କରୁଛନ୍ତି। ତେଣୁ
ଆମ୍ଭେ ସେହି ଲୋକମାନଙ୍କୁ ସେହି ସ୍ଥାନରୁ ତଡ଼ିଦେବା।
6କେତେକ ଲୋକ ସଦାପ୍ରଭୁଙ୍କୁ ଅନୁସରଣ କରିବା ବନ୍ଦ
କଲେ। ସେମାନେ ସଦାପ୍ରଭୁଙ୍କୁ ପ୍ରାର୍ଥନା କରିବା ବନ୍ଦ କରିଦେଲେ।
ତେଣୁ ସେ ଲୋକମାନଙ୍କୁ ସେହି ସ୍ଥାନରୁ ତଡ଼ି ଦେବା।"

7ସଦାପ୍ରଭୁ ମୋର ପ୍ରଭୁଙ୍କ ସମ୍ମୁଖରେ ନୀରବ ହୁଅ
କାରଣ ଲୋକମାନଙ୍କୁ ଶାସ୍ତି ଦେବାପାଇଁ ସଦାପ୍ରଭୁଙ୍କ ବିଶେଷଦିନ
ଶୀଘ୍ର ଆସୁଅଛି। ସଦାପ୍ରଭୁ ତାଙ୍କର ବଳିଦାନ ପ୍ରସ୍ତୁତ କରି
ସାରିଛନ୍ତି ଏବଂ ତାଙ୍କର ନିମନ୍ତ୍ରିତ ଅତିଥିମାନଙ୍କୁ ଅଲଗା
କରିଛନ୍ତି। 8ସଦାପ୍ରଭୁ କହିଲେ, "ସଦାପ୍ରଭୁଙ୍କର ଉତ୍ସର୍ଗ ଦିନରେ,
ଆମ୍ଭେ ରାଜାର ପୁତ୍ରମାନଙ୍କୁ ଓ ଅନ୍ୟ ନେତାମାନଙ୍କୁ ଦଣ୍ଡ
ଦେବା। ବିଦେଶୀ ବସ୍ତ୍ର ପରିଧାନ କରିଥିବା ସମସ୍ତ ଲୋକଙ୍କୁ
ଆମ୍ଭେ ଦଣ୍ଡ ଦେବା। 9ସେହି ସମୟରେ ପ୍ରବେଶଦ୍ୱାରକୁ
ଡ଼େଇଁ ଯାଉଥିବା ଲୋକମାନଙ୍କୁ ଆମ୍ଭେ ଦଣ୍ଡ ଦେବା। ଯେଉଁମାନେ
ତାଙ୍କ ମିଥ୍ୟା ପ୍ରଭୁଙ୍କର ଗୃହକୁ ମିଥ୍ୟା ଓ ହିଂସାରେ ପୂର୍ଣ୍ଣ
କରିଛନ୍ତି ସେମାନଙ୍କୁ ମଧ୍ୟ ଦଣ୍ଡ ଦେବା।"

10ସଦାପ୍ରଭୁ ମଧ୍ୟ କହିଲେ, "ସେହି ସମୟରେ ଯିରୁଶାଲମର
ମତ୍ସ୍ୟ ଦ୍ୱାରଠାରେ ସାହାଯ୍ୟ ପାଇଁ ଡ଼ାକୁଥିବେ। ଲୋକମାନେ
ସହରର ଅନ୍ୟ ପାର୍ଶ୍ୱରେ ମଧ୍ୟ ସାହାଯ୍ୟ ପାଇଁ ଚିତ୍କାର
କରୁଥିବେ। ସେମାନେ ମଧ୍ୟ ପାହାଡମାନଙ୍କରୁ ଖୁବ୍ ଜୋର୍‌ରେ
ଶବ୍ଦ ଶୁଣିବେ। 11ସହରର ନିମ୍ନ ଅଂଶରେ ବାସ କରୁଥିବା
ତୁମ୍ଭ ଲୋକମାନେ ଚିତ୍କାର କରିବେ। କାରଣ ସମସ୍ତ ବ୍ୟବସାୟୀ
ଓ ଧନୀ ବଣିକମାନେ ଧ୍ୱଂସ ହୋଇଯିବେ।

12"ସେହିଦିନ ଆମ୍ଭେ ଗୋଟିଏ ପ୍ରଦୀପ ନେଇ ଯିରୁଶାଲମ
ମଧ୍ୟରେ ଖୋଜିବା। ଓ ସେହି ଆତ୍ମତୃପ୍ତ ଲୋକମାନଙ୍କୁ
ବାଛିବା ଯେଉଁମାନେ ସେମାନଙ୍କ ଶୈଳୀରେ ଜୀବନ ଧାରଣ
କରିବା ପାଇଁ ସନ୍ତୁଷ୍ଟ। ସେହି ଲୋକମାନେ କୁହନ୍ତି, 'ସଦାପ୍ରଭୁ
କାହାରିକୁ ସାହାଯ୍ୟ କରନ୍ତି ନାହିଁ କି କାହାରିକୁ ଆଘାତ
କରନ୍ତି ନାହିଁ।' ଆମ୍ଭେ ସେମାନଙ୍କୁ ଖୋଜି ବାହାର କରିବ ଓ
ଦଣ୍ଡ ଦେବା। 13ତା'ପରେ ଅନ୍ୟ ଲୋକମାନେ ସେମାନଙ୍କର
ଧନସମ୍ପଦ ଲୁଣ୍ଠନ କରିବେ ଓ ସେମାନଙ୍କର ଘରଗୁଡ଼ିକୁ ଧ୍ୱଂସ
କରିବେ। ସେହି ସମୟରେ ସେମାନେ ନିର୍ମାଣ କରିଥିବା
ଘରେ ଲୋକମାନେ ରହିବେ ନାହିଁ ଏବଂ ସେମାନେ ବଢ଼ାଇଥିବା
ଅଙ୍ଗୁରରୁ ପ୍ରସ୍ତୁତ ଦ୍ରାକ୍ଷାରସ ପିଇବେ ନାହିଁ।"

14ସଦାପ୍ରଭୁଙ୍କର ସେହି ବିଶେଷ ଦିବସ ଖୁବ୍ ଶୀଘ୍ର
ଆସୁଛି। ସେହିଦିନ ଅତି ସନ୍ନିକଟ। ବିଚାରର ସେହି ବିଶେଷ
ଦିବସରେ ଲୋକମାନେ ଏକ ଅତି ଦୁଃଖପୂର୍ଣ୍ଣ ଶବ୍ଦ ଶୁଣିବେ।
ଏପରିକି ଶକ୍ତିଶାଳୀ ସୈନ୍ୟମାନେ ଚିତ୍କାର କରି ଉଠିବେ।
15ସେହି ଦିନ ପରମେଶ୍ୱର ତାଙ୍କର କ୍ରୋଧ ଦେଖାଇବେ।
ଏହା ଅତି ଭୟଙ୍କର ଦୁଃଖ ଓ ଧ୍ୱଂସର ସମୟ ହେବ। ଏହା
ଏକ ଧ୍ୱଂସ ବିଧ୍ୱସ୍ତର ଦିନ ହେବ। ଏହା ଏକ ଅନ୍ଧକାର ଓ
ଖେଦର ଦିନ ହେବ। ଏହି ଦିନଟି ମେଘ ଓ ଅନ୍ଧକାରର
ଦିନ ହେବ। 16ଏହା ଯୁଦ୍ଧ ସମୟ ପରି ଏକ ସମୟ ହେବ,
ଯେତେବେଳେ ଲୋକମାନେ ପ୍ରତିରକ୍ଷା ଦୁର୍ଗ ଓ ସୁରକ୍ଷିତ
ନଗରୀରେ ତୂରୀର ଓ ଯୁଦ୍ଧର କାନ୍ଦଣା ଶୁଣିବେ।

17ସଦାପ୍ରଭୁ କହିଲେ, "ସେହି ସମୟରେ ଆମ୍ଭେ
ଲୋକମାନଙ୍କୁ ସମସ୍ୟା ଘଟାଇବା। ଲୋକମାନେ ଅନ୍ଧଭଳି
ଚାଲିବେ, ଏହା କାହିଁକି ଘଟିବ? କାରଣ ସେହି ଲୋକମାନେ
ସଦାପ୍ରଭୁଙ୍କ ବିରୁଦ୍ଧରେ ପାପ କରିଛନ୍ତି। ସେମାନଙ୍କର ରକ୍ତ
ଭୂମିକୁ ରଞ୍ଜିତ କରିବ। ସେମାନଙ୍କର ମୃତ ଶରୀର ଭୂମି
ଉପରେ ଗୋବର ପରି ପଡ଼ି ରହିବ। 18ସେମାନଙ୍କର
ସୁନାରୂପା ସେମାନଙ୍କୁ ରକ୍ଷା କରିପାରିବ ନାହିଁ। ସେହି
ସମୟରେ ସଦାପ୍ରଭୁ ଅତ୍ୟନ୍ତ ବିବ୍ରତ ଓ କ୍ରୋଧୀ ହୋଇ
ପଡ଼ିବେ। ସଦାପ୍ରଭୁ ସମଗ୍ର ବିଶ୍ୱକୁ ଧ୍ୱଂସ କରିବେ। ସଦାପ୍ରଭୁ
ସମ୍ପୂର୍ଣ୍ଣ ଭାବରେ ବିଶ୍ୱରେ ସମସ୍ତଙ୍କୁ ବିନାଶ କରିବେ।"

### ପରମେଶ୍ୱର ଲୋକମାନଙ୍କୁ ସେମାନଙ୍କର ଜୀବନ ବଦଳାଇବାକୁ କୁହନ୍ତି

2 ହେ ନିର୍ଲ୍ଲଜ ଲୋକମାନେ, ତୁମ୍ଭେମାନେ ଏକତ୍ରୀତ ହୁଅ।
2ତୁମ୍ଭ ଉପରେ ବିଚାର ଆସିବା ପୂର୍ବରୁ, ତୁଷ ପରି

ସୁଯୋଗ ହରାଇବା ପୂର୍ବରୁ, ସଦାପ୍ରଭୁଙ୍କର କ୍ରୋଧ ତୁମ୍ଭ
ଉପରେ ଆସିବା ପୂର୍ବରୁ, ସଦାପ୍ରଭୁଙ୍କର ଭୟଙ୍କର କ୍ରୋଧର
ଶେଷଦିନ ଆସିବା ପୂର୍ବରୁ, ତୁମ୍ଭେମାନେ ଏକତ୍ରିତ ହୁଅ।
**3**ସବୁ ବିନୟୀ ଲୋକମାନେ ସଦାପ୍ରଭୁଙ୍କ ନିକଟକୁ ଆସ!
ତାଙ୍କ ବ୍ୟବସ୍ଥାକୁ ମାନ। ଧର୍ମର ଅନ୍ୱେଷଣ କର, ନମ୍ରତାର
ଅନ୍ୱେଷଣ କର, ହୁଏତ ସଦାପ୍ରଭୁ ତାଙ୍କର କ୍ରୋଧ
ଦେଖାଇଲାବେଳେ ତୁମ୍ଭେମାନେ ନିରାପଦ ହେବ।

## ସଦାପ୍ରଭୁ ଇସ୍ରାୟେଲ ପଡ଼ୋଶୀଙ୍କୁ ଦଣ୍ଡ ଦେବେ

**4**ଘସାରେ କାହାରିକୁ ଛଡ଼ାଯିବ ନାହିଁ। ଅସ୍କିଲୋନ ଧ୍ୱଂସ
ହେବ, ମଧ୍ୟାହ୍ନ ସୁଦ୍ଧା ଲୋକମାନଙ୍କୁ ଅସଦୋଦ୍ ଛାଡ଼ିବାକୁ
ବାଧ୍ୟ କରାଯିବ। ଇକ୍ରୋଣ ଶୂନ୍ୟ ହୋଇଯିବ। **5**ତୁମ୍ଭେ
କରେଥୀୟର ଲୋକମାନେ, ତୁମ୍ଭେମାନେ ସମୁଦ୍ର ନିକଟରେ
ରହୁଛ, ସଦାପ୍ରଭୁଙ୍କଠାରୁ ତୁମ୍ଭମାନଙ୍କ ବିଷୟରେ ଏହି ବାର୍ତ୍ତା
ଅଛି। ହେ କାନାନ, ହେ ପଲେଷ୍ଟୀୟ, ତୁମ୍ଭେମାନେ ସମସ୍ତେ
ଧ୍ୱଂସ ହେବ। ତୁମ୍ଭମାନଙ୍କ ମଧ୍ୟରୁ କେହି ବଞ୍ଚିବେ ନାହିଁ।
**6**ସମୁଦ୍ର ନିକଟରେ ଥିବା ଭୂମି ମେଷପାଳକ ଓ ସେମାନଙ୍କର
ମେଷମାନଙ୍କ ପାଇଁ ଶୂନ୍ୟ ହୋଇଯିବ। **7**ତା'ପରେ ସେହି
ରାଜ୍ୟ ଯିହୁଦାର ରକ୍ଷାକର୍ତ୍ତାଙ୍କ ଅଧିକାରକୁ ଆସିବ। ସଦାପ୍ରଭୁ
ଯିହୁଦାର ସେହି ଲୋକମାନଙ୍କୁ ସ୍ମରଣ କରିବେ। ସେହି
ଲୋକମାନେ ବିଦେଶରେ ବନ୍ଦୀ। କିନ୍ତୁ ସଦାପ୍ରଭୁ ସେମାନଙ୍କୁ
ଫେରାଇ ଆଣିବେ। ତା'ପରେ ଯିହୁଦାର ଲୋକମାନେ ସେମାନଙ୍କର
ମେଷଗୁଡ଼ିକୁ ସେହି ପଡ଼ିଆରେ ଚରିବାକୁ ଦେବେ। ସନ୍ଧ୍ୟାବେଳେ
ଅସ୍କିଲୋନର ଶୂନ୍ୟ ଗୃହରେ ସେମାନେ ପଡ଼ି ରହିବେ।

**8**ସଦାପ୍ରଭୁ କୁହନ୍ତି, "ଆମ୍ଭେ ଶୁଣିଛୁ ମୋୟାବ ଓ
ଅମ୍ମୋନର ଲୋକମାନେ କ'ଣ କହିଲେ। ସେହି ଲୋକମାନେ
ଆମ୍ଭ ଲୋକମାନଙ୍କୁ ଅପମାନିତ କଲେ। ସେମାନେ ନିଜର
ରାଜ୍ୟକୁ ବଢ଼ାଇବା ପାଇଁ ସେମାନଙ୍କର ଜମି ସବୁ ଅକ୍ତିଆର
କଲେ। **9**ତେଣୁ ଆମ୍ଭେ ପ୍ରତିଜ୍ଞା କରୁଛୁ, ମୋୟାବ ଓ
ଅମ୍ମୋନର ଲୋକମାନେ ସଦୋମ ଓ ହମୋରା ପରି ଧ୍ୱଂସ
ହେବେ। ଆମ୍ଭେ ସର୍ବଶକ୍ତିମାନ ସଦାପ୍ରଭୁ ଇସ୍ରାୟେଲର
ପରମେଶ୍ୱର ପ୍ରତିଜ୍ଞା କରୁଅଛୁ ଚିରକାଳ ପାଇଁ ସେମାନଙ୍କର
ଭୂମି ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ହେବ। ସେମାନଙ୍କର ଭୂମିରେ
ଅନାବନା ଗଛ ବ୍ୟାପିଯିବ। ମରୁସାଗର ପରି ସେମାନଙ୍କର
ଭୂମି ଲବଣାକ୍ତ ହେବ। ଆମ୍ଭର ବଞ୍ଚିତ ଲୋକମାନେ
ତାଙ୍କ ଦେଶ ଅଧିକାର କରିବେ ଓ ତାଙ୍କର ସମ୍ପତ୍ତି
ଫେରିପାଇବେ।"

**10**ମୋୟାବ ଓ ଅମ୍ମୋନର ଲୋକମାନଙ୍କ ପାଇଁ ଏହିସବୁ
ଘଟିବ କାରଣ ସେମାନେ ସର୍ବଶକ୍ତିମାନ ସଦାପ୍ରଭୁଙ୍କ ଲୋକମାନଙ୍କ
ପ୍ରତି ଗର୍ବୀ ଓ ନିଷ୍ଠୁର ହୋଇଥିଲେ ଏବଂ ସେମାନଙ୍କୁ
ଅପମାନିତ କରିଥିଲେ। **11**ସେହି ଲୋକମାନେ ସଦାପ୍ରଭୁଙ୍କୁ
ଭୟ କରିବେ, କାରଣ ସଦାପ୍ରଭୁ ଧ୍ୱଂସ କରିବେ। ତା'ପରେ
ସବୁ ଦେଶରେ ଲୋକମାନେ ସଦାପ୍ରଭୁଙ୍କୁ ଉପାସନା କରିବେ।
**12**ଏପରିକି ଇଥିଓପିଆର ଲୋକମାନଙ୍କୁ ମଧ୍ୟ ସଦାପ୍ରଭୁଙ୍କର
ଖଡ୍ଗ ବିନାଶ କରିବ। **13**ସଦାପ୍ରଭୁ ଉତ୍ତରକୁ ଯିବେ ଏବଂ
ଅଶୂରକୁ ଦଣ୍ଡ ଦେବେ। ନୀନିବୀ ଗୋଟିଏ ଶୂନ୍ୟ ଶୁଷ୍କ
ମରୁଭୂମିରେ ପରିଣତ ହେବ। **14**ତା'ପରେ କେବଳ ମେଷମାନେ
ଓ ହିଂସ୍ର ପଶୁ ସେହି ଧ୍ୱଂସ ନଗରୀରେ ବାସ କରିବେ।
ପେଚା ଓ କାଉମାନେ ପରିତ୍ୟକ୍ତ ସ୍ତମ୍ଭମାନଙ୍କରେ ବସିବେ।
ସେମାନଙ୍କର ରାବ ଝରକା ବାଟେ ଶୁଣାଯିବ। କାଉଗୁଡ଼ିକ
ଦ୍ୱାର ପାହାଚ ଉପରେ ବସିବେ। ପ୍ରବେଶପଥ ଧ୍ୱଂସ ଏବଂ
ନିର୍ଜ୍ଜନ ହେବ। ଏରସ କଡକାଠ ଖୋଲା ଦିଆଯିବ। **15**ନୀନିବୀ
ବର୍ତ୍ତମାନ ଗର୍ବିତ ଅଛି। ଲୋକମାନେ ନିଜକୁ ଅତି ନିରାପଦ
ମନେ କରନ୍ତି। ସେମାନେ ଭାବନ୍ତି ନୀନିବୀ ପୃଥିବୀରେ
ସବୁଠାରୁ ମହାନ୍ ସ୍ଥାନ। କିନ୍ତୁ ସେହି ନଗରୀ ମଧ୍ୟ ଧ୍ୱଂସ
ହେବ। ଏହା ଏକ ଶୂନ୍ୟସ୍ଥାନ ହେବ ଯେଉଁଠାରେ କେବଳ
ବନ୍ୟପ୍ରାଣୀମାନେ ବିଶ୍ରାମ କରିବେ। ସେହି ବାଟ ଦେଇ
ଯାଉଥିବା ଲୋକମାନେ ଶୁଗୁରି ବଜାଇବେ, ମୁଣ୍ଡ ହଲାଇବେ
ଯେତେବେଳେ ସେମାନେ ସେହି ନଗରୀଟିକୁ ଅତି ଶୋଚନୀୟ
ଭାବରେ ଧ୍ୱଂସ ହେବାର ଦେଖିବେ।

## ଯିରୁଶାଲମର ଭବିଷ୍ୟତ

**3** ହେ ଯିରୁଶାଲମ, ତୁମ୍ଭ ଲୋକମାନେ ପରମେଶ୍ୱରଙ୍କ
ବିରୁଦ୍ଧରେ ସଂଗ୍ରାମ କଲେ। ସେମାନେ ଅନ୍ୟମାନଙ୍କୁ
ଆଘାତ କଲେ ଏବଂ ସେମାନେ ପାପରେ କଳୁଷିତ ହୋଇଗଲେ।
**2**ତୁମ୍ଭର ଲୋକମାନେ ଆମ୍ଭକୁ ମାନିଲେ ନାହିଁ। ସେମାନେ
ଆମ୍ଭ ଶିକ୍ଷା ଗ୍ରହଣ କଲେ ନାହିଁ। ଯିରୁଶାଲମ ସଦାପ୍ରଭୁଙ୍କଠାରେ
ବିଶ୍ୱାସ ରଖିଲା ନାହିଁ। ସେମାନେ ତାଙ୍କ ପରମେଶ୍ୱରଙ୍କ
ସନ୍ନିକଟକୁ ଗଲେ ନାହିଁ। **3**ଯିରୁଶାଲମର ନେତାମାନେ ଗର୍ଜିଲା
ସିଂହ ପରି ଓ ତା'ର ବିଚାରକମାନେ ସମତଳ ଭୂମିର
ଭୋକିଲା ଗଧିଆ ପରି। ସେମାନେ ସକାଳକୁ କିଛି ରଖନ୍ତି
ନାହିଁ। **4**ସେମାନଙ୍କର ଭବିଷ୍ୟଦ୍-ବକ୍ତାମାନେ ନଗଣ୍ୟ ଓ
ସେମାନେ ବିଶ୍ୱାସଘାତକ ଅଟନ୍ତି। ସେମାନଙ୍କର ଯାଜକମାନେ
ପବିତ୍ର ବସ୍ତୁକୁ ଅପବିତ୍ର କରନ୍ତି। ସେମାନେ ପରମେଶ୍ୱରଙ୍କ
ଶିକ୍ଷା ବିରୁଦ୍ଧରେ କାର୍ଯ୍ୟ କରିଛନ୍ତି। **5**ତଥାପି ପରମେଶ୍ୱର
ସେହି ନଗର ପ୍ରତି ଧାର୍ମିକ ଅଟନ୍ତି। ସେ କୌଣସି ଭୁଲ୍
କରନ୍ତି ନାହିଁ। ସକାଳ ପରେ ସକାଳ, ସେ ତାଙ୍କ ନ୍ୟାୟ
ବିଚାର କରନ୍ତି। ପ୍ରାତଃକାଳରେ ସେ ତାହା ନିଶ୍ଚୟ କରନ୍ତି।
କିନ୍ତୁ ସେହି ମନ୍ଦ ପ୍ରକୃତିର ଲୋକମାନେ ନିଜର କରିଥିବା
ମନ୍ଦ କାର୍ଯ୍ୟ ପାଇଁ ଲଜ୍ଜିତ ହୁଅନ୍ତି ନାହିଁ।

**6**ପରମେଶ୍ୱର କହନ୍ତି, "ଆମ୍ଭେ ସମଗ୍ର ଜାତିକୁ ଧ୍ୱଂସ
କରିଅଛୁ। ଆମ୍ଭେ ସେମାନଙ୍କର ପ୍ରତିରକ୍ଷା ପ୍ରାଚୀରକୁ ଧ୍ୱଂସ
କଲୁ। ସେମାନଙ୍କର ରାସ୍ତାକୁ ଏପରି ଧ୍ୱଂସ କଲୁ ଯେ ଆଉ
କେହି ସେଠାକୁ ଏଣିକି ଯାଇପାରିବେ ନାହିଁ। ଆମ୍ଭେ ସେମାନଙ୍କର
ନଗରଗୁଡ଼ିକ ଶୂନ୍ୟ କରି ଦେଲୁ, ତେଣୁ ସେଠାରେ ଆଉ
କେହି ବାସ କରିପାରିବେ ନାହିଁ। **7**ଆମ୍ଭେ କହିଲୁ, ତୁମ୍ଭେ
ନିଶ୍ଚୟ ଆମ୍ଭକୁ ଭୟ କରିବ ଏବଂ ଆମ୍ଭ ନିୟମ ଶିଖିବ।
ତୁମ୍ଭେ ଯଦି ଏହା କରିବ, ତେବେ ତୁମ୍ଭର ଘର କେବେ
ବିନଷ୍ଟ ହେବନାହିଁ। ତୁମ୍ଭେ ଯଦି ଏହା କରିବ, ତେବେ
ଆମ୍ଭର ଯୋଜନା ଅନୁସାରେ ଆମ୍ଭେ ତୁମ୍ଭକୁ ଦଣ୍ଡ ଦେବା
ନାହିଁ।" କିନ୍ତୁ ସେହି ମନ୍ଦ ଲୋକମାନେ ଶୀଘ୍ର ଉଠି ତାଙ୍କର
ଦୁଷ୍କର୍ମ କଲେ।

**8**ସଦାପ୍ରଭୁ କହିଲେ, "ଆମ୍ଭେ ଲୁଟିବା ପାଇଁ ଉଠିବାଦିନ
ପର୍ଯ୍ୟନ୍ତ ତୁମ୍ଭମାନେ ଆମ୍ଭର ଅପେକ୍ଷାରେ ଥାଅ, ଆମ୍ଭେ ଜାତି

ସମୂହ ଓ ରାଜ୍ୟଗଣକୁ ଏକତ୍ରୀତ କରିବା। ଆମ୍ଭେ ଆପଣା
କ୍ରୋଧ ସେମାନଙ୍କ ଉପରେ ଢାଳି ଦେବା। ଆମ୍ଭେ ଆପଣା
ପ୍ରଚଣ୍ତ କ୍ରୋଧ ଦେଖାଇବା। ଆମ୍ଭର କ୍ରୋଧରେ ସମଗ୍ର ପୃଥିବୀ
ଧ୍ୱଂସ ହେବ। **9**ତା'ପରେ ଆମ୍ଭେ ଅନ୍ୟ ଦେଶର ଲୋକମାନଙ୍କୁ
ଏପରି ପରିବର୍ତ୍ତନ କରିବା ଯେ ସେମାନେ ସ୍ପଷ୍ଟ ଭାବରେ
ସଦାପ୍ରଭୁଙ୍କର ନାମ ଉଚ୍ଚାରଣ କରିବେ। ସେମାନେ ସମସ୍ତେ
ଏକତ୍ରୀତ ହୋଇ ଆମ୍ଭକୁ ଉପାସନା କରିବେ। **10**ଇଥିଓପିଆରୁ
ନଦୀ ପାରି ହୋଇ ସମସ୍ତ ଲୋକେ ଆମ୍ଭକୁ ଉପାସନା
କରିବାକୁ ଆସିବେ। ଆମ୍ଭର ଛିନ୍ନ ବିଛିନ୍ନ ଲୋକମାନେ ଆମ୍ଭ
ନିକଟକୁ ଆସିବେ। ସେମାନେ ଉପହାର ନେଇ ଆମ୍ଭ
ନିକଟକୁ ଆସିବେ। **11**ତା'ପରେ ହେ ଯିରୁଶାଲମ, ତୁମ୍ଭର
ଲୋକମାନେ ଆମ୍ଭ ବିରୁଦ୍ଧରେ କରିଥିବା ଅପରାଧ ଲାଗି ଆଉ
ଲଜ୍ଜିତ ହେବେ ନାହିଁ। ଏହି କାରଣ ବଶତଃ ଆମ୍ଭେ ସମସ୍ତ
ଅନ୍ୟଥା ଲୋକଙ୍କୁ ଯିରୁଶାଲମରୁ ତଡି ଦେଇଛୁ। ଆମ୍ଭର
ପବିତ୍ର ପର୍ବତରେ ଆଉ କୌଣସି ଦାମ୍ଭିକ ଲୋକ କେବେହେଲେ
ରହିବେ ନାହିଁ। **12**ଆମ୍ଭେ କେବଳ ନମ୍ର ଓ ଦରିଦ୍ର
ଲୋକମାନଙ୍କୁ ଯିରୁଶାଲମରେ ରହିବାକୁ ଦେବା। ସେମାନେ
ସଦାପ୍ରଭୁଙ୍କଠାରେ ଆଶ୍ରୟ ପାଇବେ। **13**ଇଶ୍ରାୟେଲର ବଞ୍ଚି
ରହିଥିବା ଲୋକମାନେ ଖରାପ କାର୍ଯ୍ୟ କରିବେ ନାହିଁ।
ସେମାନେ ମିଥ୍ୟା କହିବେ ନାହିଁ। ସେମାନଙ୍କ ମଧ୍ୟରେ
କୌଣସି ମିଥ୍ୟାବାଦୀ ରହିବେ ନାହିଁ। ସେମାନେ ମେଣ୍ଢାମାନଙ୍କ
ପରି ଖାଇବେ ପିଇବେ ଓ ଶାନ୍ତିରେ ଶୋଇବେ। କେହି
ସେମାନଙ୍କୁ ବ୍ୟସ୍ତ କରିବେ ନାହିଁ।"

## ଗୋଟିଏ ସୁଖ ସଙ୍ଗୀତ

**14**ହେ ଯିରୁଶାଲମ, ଗୀତ ଗାଅ ଓ ସୁଖୀ ହୁଅ।
ଇଶ୍ରାୟେଲ ମଧ୍ଯ ଆନନ୍ଦ କରିବ। ଯିରୁଶାଲମ ମଧ୍ଯ ସୁଖୀ
ହେବ। **15**କାହିଁକି? କାରଣ ସଦାପ୍ରଭୁ ତୁମ୍ଭମାନଙ୍କୁ ଦଣ୍ତ
ଦେଲେ ନାହିଁ। ସେ ତୁମ୍ଭର ଶତ୍ରୁମାନଙ୍କୁ ବିନାଶ କଲେ।
ଇଶ୍ରାୟେଲର ରାଜା, ସ୍ୱୟଂ ସଦାପ୍ରଭୁ ତୁମ୍ଭମାନଙ୍କ ସହିତ
ଅଛନ୍ତି। ତୁମ୍ଭେ ମନ୍ଦ ବିଷୟ ପାଇଁ ଆଉ ଭୟଭୀତ ହେବ
ନାହିଁ।

**16**ସେତେବେଳେ ଯିରୁଶାଲମକୁ କୁହାଯିବ, "ଭୟ କରନାହିଁ,
ତୁମ୍ଭର ହସ୍ତ ଦୁର୍ବଳ ହେବନାହିଁ।

**17**ଜଣେ ଶକ୍ତିଶାଳୀ ସୈନିକ ସଦୃଶ ତୁମ୍ଭର ସଦାପ୍ରଭୁ
ତୁମ୍ଭ ସହିତ ଅଛନ୍ତି। ସେ ତୁମ୍ଭକୁ ରକ୍ଷା କରିବେ। ସେ
ତୁମ୍ଭକୁ କେତେ ଭଲ ପାଆନ୍ତି ଦେଖାଇବେ। ଆଉ ମଧ୍ୟ ସେ
ଦେଖାଇ ଦେବେ, ସେ ତୁମ୍ଭମାନଙ୍କ ସହିତ ରହି କେତେ
ସୁଖୀ। ସେ ତୁମ୍ଭମାନଙ୍କ ସହିତ ରହି ହସିବେ ଓ ଆନନ୍ଦିତ
ହେବେ, ଭୋଜିରେ ଆନନ୍ଦ କଲାପରି ହେବେ।"

**18**ସଦାପ୍ରଭୁ କହିଲେ, "ମୁଁ ତୁମ୍ଭମାନଙ୍କର ଲଜ୍ଜା ଅପମାନ
ନେଇଯିବି। ସେହି ଲୋକମାନେ ତୁମ୍ଭକୁ ଆଘାତ କରିବା ବନ୍ଦ
କରିବେ।

**19**ସେତେବେଳେ ତୁମ୍ଭକୁ ଆଘାତ କରୁଥିବା ଲୋକଙ୍କୁ
ଆମ୍ଭେ ଦଣ୍ତ ଦେବା, ଆମ୍ଭର ଆଘାତପ୍ରାପ୍ତ ଲୋକମାନଙ୍କୁ ରକ୍ଷା
କରିବା। ପଳାତକମାନଙ୍କୁ ଆମ୍ଭେ ପୁନର୍ବାର ଫେରାଇ ଆଣିବା।
ସେମାନଙ୍କୁ ଆମ୍ଭେ ଏପରି ବିଖ୍ୟାତ କରାଇବା ସବୁଲୋକ
ସେମାନଙ୍କୁ ପ୍ରଶଂସା କରିବେ।

**20**ସେତେବେଳେ ଆମ୍ଭେ ତୁମ୍ଭ ସମସ୍ତଙ୍କୁ ଏକତ୍ର ଫେରାଇ
ଆଣିବା। ଆମ୍ଭେ ତୁମ୍ଭମାନଙ୍କୁ ଏପରି ସୁନାମଶାଳୀ କରାଇବା
ଯାହା ଫଳରେ ସବୁଲୋକ ତୁମ୍ଭମାନଙ୍କର ପ୍ରଶଂସା କରିବେ।
ତାହା ଘଟିବ ଯେତେବେଳେ ଆମ୍ଭେ ସମସ୍ତ ବନ୍ଦୀମାନଙ୍କୁ ତୁମ୍ଭ
ସମ୍ମୁଖକୁ ଆଣି ମୁକ୍ତ କରିବା," ସଦାପ୍ରଭୁ ଏହି ସମସ୍ତ
କହିଥିଲେ।

# ହବକ୍‌କୂକ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

### ହବକ୍‌କୂକଙ୍କର ପରମେଶ୍ୱରଙ୍କଠାରେ ଅଭିଯୋଗ

1 ଏହି ବାର୍ତ୍ତାଟି ଭବିଷ୍ୟଦ୍‌ବକ୍ତା ହବକ୍‌କୂକଙ୍କୁ ପ୍ରଦାନ
କରାଯାଇଥିଲା। ହବକ୍‌କୂକଙ୍କର ପରମେଶ୍ୱରଙ୍କଠାରେ
ଅଭିଯୋଗ

2ହେ ସଦାପ୍ରଭୁ, କେତେକାଳ ପର୍ଯ୍ୟନ୍ତ ମୁଁ ସାହାଯ୍ୟ ପାଇଁ
ତୁମ୍ଭକୁ ଡ଼ାକିବି? କେତେବେଳେ ତୁମ୍ଭେ ମୋର ଡ଼ାକ ଶୁଣିବ?
ଏହି ଗୋଳମାଳ ବିଷୟରେ ମୁଁ ତୁମ୍ଭକୁ ଆହ୍ୱାନ କଲି କିନ୍ତୁ
ତୁମ୍ଭେ କିଛି କଲନାହିଁ। 3ଲୋକମାନେ ଜିନିଷ ଧ୍ୱଂସ କରୁଛନ୍ତି
ଓ ଅନ୍ୟକୁ ଆଘାତ କରୁଛନ୍ତି। ସେମାନେ ଯୁକ୍ତି କରୁଛନ୍ତି ଓ
ଲଢୁଛନ୍ତି। ଏହି ଅନ୍ୟାୟ ସବୁ ମୁଁ କାହିଁକି ଦେଖିବି? ଏହି
ଖରାପ ଦ୍ରବ୍ୟ ମୁଁ କାହିଁକି ଦେଖିବି? 4ଏଠାରେ ବ୍ୟବସ୍ଥା ଅତି
କୋହଳ ଏବଂ ନ୍ୟାୟ ବିଚାର କରାଯାଏ ନାହିଁ। ମନ୍ଦଲୋକମାନେ
ଭଲ ଲୋକଙ୍କ ଉପରେ ଜୟଲାଭ କରୁଛନ୍ତି। ତେଣୁ ନ୍ୟାୟ
ହେଉ ନାହିଁ।

### ହବକ୍‌କୂକଙ୍କୁ ପରମେଶ୍ୱରଙ୍କ ଉତ୍ତର

5ସଦାପ୍ରଭୁ ଉତ୍ତର ଦେଲେ, "ଅନ୍ୟ ଗୋଷ୍ଠୀଗୁଡିକୁ ଚାହଁ।
ସେମାନଙ୍କୁ ଲକ୍ଷ୍ୟ କର ଏବଂ ତୁମ୍ଭେ ଆଶ୍ଚର୍ଯ୍ୟାନ୍ୱିତ ହେବ।
ତୁମ୍ଭର ଜୀବନକାଳ ମଧ୍ୟରେ ଆମ୍ଭେ ଯାହା କରିବା ତାହା
ତୁମ୍ଭକୁ ଆଶ୍ଚର୍ଯ୍ୟାନ୍ୱିତ କରିବ। ଯଦି କେହି ତୁମ୍ଭକୁ କହେ,
କ'ଣ ହେବାକୁ ଯାଉଥିଲା, ତୁମ୍ଭେ କେବେ ବିଶ୍ୱାସ କରି
ନଥାନ୍ତ। 6ଆମ୍ଭେ ବାବିଲୋନୀୟମାନଙ୍କୁ ଗୋଟିଏ ଶକ୍ତିଶାଳୀ
ଗୋଷ୍ଠୀରେ ପରିଣତ କରିବା। ସେହି ଲୋକମାନେ ଦୁଷ୍ଟ ଓ
କ୍ଷିପ୍ର ଯୋଦ୍ଧା। ସେମାନେ ସମଗ୍ର ପୃଥିବୀରେ ମାଡିଯିବେ।
ସେମାନେ ଅନ୍ୟ ଲୋକମାନଙ୍କର ଗୃହ ଓ ନଗରଗୁଡିକୁ
ଅଧିକାର କରିବେ। 7ବାବିଲୀୟମାନେ ଅନ୍ୟ ଲୋକମାନଙ୍କୁ
ଭୟଭୀତ କରାଇବେ। ସେମାନେ ନିଜ ପାଇଁ ଆଇନ୍ ତିଆରି
କରିବେ ଏବଂ ନିଜ ପାଇଁ ବ୍ୟବହାର କରିବେ। 8ସେମାନଙ୍କର
ଘୋଡ଼ାଗୁଡ଼ିକ ଚିତାବାଘଠାରୁ ଦ୍ରୁତଗାମୀ ହେବେ ଏବଂ ଗଧିଆଠାରୁ
ଦ୍ରୁତଗାମୀ ସମସ୍ଥଳରେ ହେବେ। ସେମାନଙ୍କର ସୈନ୍ୟମାନେ
ଘୋଡା ଚଢି ବହୁଦୂରରୁ ଆସିବେ। ଗୋଟିଏ ଭୋକିଲା ଚିଲ
ପକ୍ଷୀ ଆକାଶରୁ ଶିକାର ଉପରେ ଝାମ୍ପ ମାରିଲା ପରି
ସେମାନେ ଦ୍ରୁତ ବେଗରେ ଶତ୍ରୁଙ୍କୁ ଆକ୍ରମଣ କରିବେ।
9ସେମାନେ କେବଳ ଯୁଦ୍ଧ କରିବାକୁ ଚାହାଁନ୍ତି। ସେମାନଙ୍କର
ସୈନ୍ୟମାନେ ବନ୍ଦୀମାନଙ୍କୁ ବାଲିପରି ଆଣିବା ପାଇଁ ସଂକଳ୍ପର
ସହିତ ଯାଉଛନ୍ତି।

10"ବାବିଲ ସୈନ୍ୟମାନେ ଅନ୍ୟ ଦେଶର ରାଜାମାନଙ୍କୁ
ଉପହାସ କରିବେ। ବିଦେଶୀ ଶାସକମାନେ ସେମାନଙ୍କ ପାଇଁ
ଉପହାସର ପାତ୍ର ହେବେ। ସେମାନେ ସୁଦୃଢ଼ ଉଚ୍ଚ ପ୍ରାଚୀର
ବିଶିଷ୍ଟ ନଗରକୁ ଦେଖି ହସିବେ। ସେମାନେ ତ୍ରିଭୁଜାକାର
ଚଟାଣ ତିଆରି କରିବେ ଏବଂ ସେହିସବୁ ନଗରକୁ କରାୟତ୍ତ
କରିବେ। 11ତା'ପରେ ସେମାନେ ପବନ ପରି ଗତିରେ
ଯିବେ। ସେମାନେ ଦୋଷୀ ଅଟନ୍ତି ଯେ, ସେମାନେ ତାଙ୍କର
ନିଜର ଶକ୍ତିକୁ ପୂଜା କରନ୍ତି।"

### ହବକ୍‌କୂକର ଦ୍ୱିତୀୟ ଅଭିଯୋଗ

12ତା'ପରେ ହବକ୍‌କୂକ କହିଲେ, "ହେ ସଦାପ୍ରଭୁ, ତୁମ୍ଭେ
ପୁରାତନ କାଳର ସଦାପ୍ରଭୁ ଅଟ। ତୁମ୍ଭେ ଜଣେ ପବିତ୍ର ଅଟ,
ଯିଏ କେବେ ଅନ୍ତର୍ହିତ କରିବ ନାହିଁ। ହେ ସଦାପ୍ରଭୁ, ତୁମ୍ଭେ
ସେମାନଙ୍କୁ ବିଚାର କରିବା ପାଇଁ ନିଯୁକ୍ତ କଲି କି? ହେ
ଶୈଳ, ଲୋକମାନଙ୍କୁ ଦଣ୍ଡ ଦେବା ପାଇଁ ତୁମ୍ଭେ ସେମାନଙ୍କୁ
ପଠାଇଲି କି?

13ତୁମ୍ଭର ଚକ୍ଷୁଗୁଡିକ ଏତେ ଶୁଦ୍ଧ ଯେ, ତୁମ୍ଭେ ଦୁଷ୍କର୍ମ
ଦେଖିପାରିବ ନାହିଁ। ଲୋକମାନେ ଦୁଷ୍କର୍ମ କରୁଥିବାର ଦେଖି
ତୁମ୍ଭେ ସହ୍ୟ କରିପାରିବ ନାହିଁ। ତେଣୁ କିପରି ସେହି ମନ୍ଦ
ଲୋକମାନେ ଜୟ କରିବାର ତୁମ୍ଭେ ଦେଖିପାରିବ? କାହିଁକି
ତୁମ୍ଭେ ପ୍ରତିକ୍ରିୟା କରୁନାହିଁ, ଯେତେବେଳେ ଦୁଷ୍ଟ ଲୋକମାନେ
ଧାର୍ମିକ ଲୋକମାନଙ୍କୁ ପରାସ୍ତ କରିବାର ଦେଖୁଛ?

14"ତୁମ୍ଭେ ସମୁଦ୍ରର ମାଛ ସଦୃଶ ଲୋକମାନଙ୍କୁ ତିଆରି
କରିଛ ସେମାନେ ବିନା ନେତାରେ ସମୁଦ୍ରର ଛୋଟ ପ୍ରାଣୀ
ସଦୃଶ।

15ଶତ୍ରୁ ଅଙ୍କୁଡ଼ି ଓ ଜାଲ ସାହାଯ୍ୟରେ ସେମାନଙ୍କୁ
ଧରେ। ସେମାନେ ସେମାନଙ୍କୁ ଜାଲରେ ଧରି ଖୁସି ହୁଅନ୍ତି।

16ତା'ର ଜାଲ ତାକୁ ଧନୀଲୋକ ପରି ଚଳିବାରେ
ସାହାଯ୍ୟ କରେ ଏବଂ ଉତ୍ତମ ଖାଦ୍ୟ ଯୋଗାଏ। ତେଣୁ ଶତ୍ରୁ
ତା'ର ଜାଲକୁ ପୂଜା କରେ। ସେ ତା'ର ଜାଲକୁ ସମ୍ମାନ
ଦେବାକୁ ବଳିଦାନ ଓ ଧୂପ ଦିଏ।

17ଏ ନିମନ୍ତେ ସେ କି ଆପଣା ଜାଲ ଖାଲି କରୁଥିବ ଓ
ସେ କ'ଣ ରାଜ୍ୟକୁ ଦୟା ନ ଦେଖାଇ ଧ୍ୱଂସ ସାଧନ କରି
ଚାଲିବ?

2 "ମୁଁ ଜଣେ ରକ୍ଷୀ ପରି ଛିଡ଼ା ହେବି। ମୁଁ ନଗର
ପ୍ରାଚୀରରେ ଜଗିବି। ସଦାପ୍ରଭୁ ମୋତେ କ'ଣ କହିବେ,
ମୁଁ ତାହା ଦେଖିବାକୁ ଅପେକ୍ଷା କରିବି। ସେ ମୋର ପ୍ରଶ୍ନର
ଉତ୍ତର କିପରି କରୁଛନ୍ତି, ମୁଁ ତାହା ଶିକ୍ଷା କରିବାକୁ ଅପେକ୍ଷା
କରିବି।"

### ପରମେଶ୍ୱର ହବକ୍‌କୂକଙ୍କୁ ଉତ୍ତର ଦିଅନ୍ତି

2ସଦାପ୍ରଭୁ ମୋତେ ଉତ୍ତର ଦେଲେ, "ଆମ୍ଭେ ତୁମ୍ଭକୁ
ଯେଉଁ ଦର୍ଶନ ଦେଖାଉଛୁ ତାହା ଗୋଟିଏ ଫଳକ ଉପରେ
ସ୍ପଷ୍ଟ ଭାବରେ ଲେଖ ଯେପରିକି ସବୁଲୋକ ସହଜରେ ପଢ଼ି

ପାରିବେ। 3ଏହି ଦର୍ଶନ ନିର୍ଦ୍ଦିଷ୍ଟ ସମୟର ସାକ୍ଷୀ ଅଟେ। ଏହା
ଶେଷ ବାର୍ତ୍ତା ସମ୍ବନ୍ଧରେ ସାକ୍ଷୀ ଦିଏ ଏବଂ ଏହା ମିଥ୍ୟା ହୁଏ
ନାହିଁ। ଯେପରି ଜଣାଯିବ ଏହି ସମୟ କେବେ ଆସିବ ନାହିଁ।
କିନ୍ତୁ ଧୈର୍ଯ୍ୟ ଧରି ଅପେକ୍ଷା କର, ସେ ସମୟ ନିଶ୍ଚୟ
ଆସିବ। ଏହା ଅଧିକ ବିଳମ୍ବ ହେବନାହିଁ। 4ଅହଂକାରୀ
ବ୍ୟକ୍ତିର ଆତ୍ମା ସନ୍ତୋଷ ନୁହେଁ। ସେପରି ଅହଂକାରୀ ଲୋକ
ଫୁତ୍କାରରେ ଉଡିଯାଏ। କିନ୍ତୁ ଧାର୍ମିକଲୋକମାନେ ସେମାନଙ୍କର
ବିଶ୍ୱାସ ବଳରେ ହିଁ ବଞ୍ଚିବେ।”

5ପରମେଶ୍ୱର କହିଲେ, “ଧନ ଗୋଟିଏ ବଳବାନ୍ ବ୍ୟକ୍ତିକୁ
ପ୍ରତାରଣା କରିପାରିବ। ସେ କେବେ ସଫଳ ହୋଇପାରିବ
ନାହିଁ। କବର ପରି ସେ ସର୍ବଦା ଅଧିକରୁ ଅଧିକ ପାଇବାକୁ
ଇଚ୍ଛା କରିବ। କିନ୍ତୁ ମୃତ୍ୟୁ ପରି ସେ କେବେ ସନ୍ତୁଷ୍ଟ
ହେବନାହିଁ। ସେ ଅନ୍ୟସବୁ ଦେଶକୁ ପରାସ୍ତ କରି ଗିଳିବ।
ସେ ସେହି ଲୋକମାନଙ୍କୁ ବନ୍ଦୀ କରି ଗିଳିବ। 6କିନ୍ତୁ ଖୁବ୍
ଶୀଘ୍ର ସେହି ଲୋକମାନେ ତାକୁ ଉପହାସ କରିବେ। ସେମାନେ
ତା’ର ପରାଜୟ ବିଷୟରେ ଗପ କରିବେ। ସେମାନେ ତାକୁ
ପରିହାସ କରି କହିବେ, ‘ତାକୁ ଧିକ୍, ଯିଏ ଅନ୍ୟ ଲୋକମାନଙ୍କର
ଧନସମ୍ପତ୍ତିକୁ ନେଇଯାଏ। ଆଉ କେତେଦିନ ପର୍ଯ୍ୟନ୍ତ ସେ
ଋଣ ସଂଗ୍ରହ ଦ୍ୱାରା ଧନୀ ହେବ? ସର୍ବଶେଷରେ ତା’ର
ସମ୍ପଦସବୁ ତା’ ଉପରେ ବୋଝ ହେବ।’

7“ତୁମ୍ଭମାନଙ୍କର ଋଣକର୍ତ୍ତାମାନେ ହଠାତ୍ ତୁମ୍ଭ ବିରୁଦ୍ଧରେ
ଛିଡା ହେବେ। ତା’ପରେ ସେମାନେ ତୁମ୍ଭଠାରୁ ଚୋରି
କରିବେ। ତୁମ୍ଭେ ଅତି ଭୟଭୀତ ହୋଇ ପଡ଼ିବ। 8ତୁମ୍ଭେ
ବହୁ ଦେଶରୁ ଧନ ଅପହରଣ କରିଛ। ତେଣୁ ସେହି
ଲୋକମାନେ ତୁମ୍ଭଠାରୁ ଅଧିକ ନେଇଯିବେ। ତୁମ୍ଭେ ବହୁ
ଲୋକଙ୍କୁ ହତ୍ୟା କରିଛ। ବହୁଦେଶ ଓ ନଗର ଧ୍ୱଂସ କରିଛ।
ସବୁ ଲୋକଙ୍କୁ ସେଠାରେ ହତ୍ୟା କରିଛ। 9ତାକୁ ଧିକ୍, ଯିଏ
ଦୋଷ କରି ଧନୀ ହୋଇଛି। ସେ ଗୋଟିଏ ନିରାପଦ
ସ୍ଥାନରେ ବାସ କରିବାକୁ ଏହିସବୁ କରେ। ସେ ଭାବେ ଯେ,
ସେ କୌଣସି ଅନିଷ୍ଟରୁ ନିଜକୁ ରକ୍ଷା କରିପାରିବ।

10“ତୁମ୍ଭେ ବହୁତ ଲୋକଙ୍କୁ ଧ୍ୱଂସ କରିଅଛ। କିନ୍ତୁ ତୁମ୍ଭେ
ନିଜ ଘରକୁ ଲଜ୍ଜା ଆଣିଥିଲ। ତୁମ୍ଭେ ନିଜ ଜୀବନ ବିପକ୍ଷରେ
ତୁମ୍ଭେ ପାପ କରିଅଛ। 11ତୁମ୍ଭ କାନ୍ଥରେ ଲାଗିଥିବା
ପଥର ତୁମ୍ଭ ବିରୁଦ୍ଧରେ କହିବ। ଏପରିକି ତୁମ୍ଭ ଛାତରେ
ଲାଗିଥିବା କାଠର ବର୍ଗାଗୁଡ଼ିକ ତୁମ୍ଭେ ଭୁଲ୍ ବୋଲି ରାଜି
ହେବ।

12“ଧିକ୍ ତୁମ୍ଭମାନଙ୍କୁ, ଯେଉଁମାନେ ଲୋକମାନଙ୍କୁ ମାରି
ନଗର ନିର୍ମାଣ କରିଛ ଏବଂ ଦୁଷ୍ଟତାରେ ସହର ପ୍ରତିଷ୍ଠା
କରିଛ। 13ସର୍ବଶକ୍ତିମାନ ସଦାପ୍ରଭୁ ସ୍ଥିର କରିଛନ୍ତି ଯେ ଅଗ୍ନି
ସବୁ ଜିନିଷକୁ ପୋଡ଼ିଦେବ ଯାହାସବୁ ଲୋକମାନେ ନିର୍ମାଣ
କରିଥିଲେ। ସେମାନଙ୍କର ସେହି ସବୁ କାର୍ଯ୍ୟ ନିଷ୍ଫଳ ହେବ।
14ତା’ପରେ ଲୋକମାନେ ସବୁଆଡେ ସଦାପ୍ରଭୁଙ୍କର ମହିମା
ଜାଣିବେ। ସମୁଦ୍ରରେ ଜଳ ବ୍ୟାପିଲା ପରି ଏହି ଖବର
ଚାରିଆଡ଼େ ବ୍ୟାପିଯିବ। 15ତୁମ୍ଭକୁ ଧିକ୍, ଯେଉଁମାନେ
ପଡୋଶୀମାନଙ୍କୁ ଦ୍ରାକ୍ଷାରସ ପିଆଉଛ, ତାଙ୍କୁ ମାତାଲ କରିବା
ପାଇଁ ସେହି ଦ୍ରାକ୍ଷାରସରେ କିଛି ବିଷାକ୍ତ ଉପାଦନ ମିଶାଉଛ,
ଯାହା ପାଇଁ ତୁମ୍ଭେ ତାଙ୍କର ଉଲଗ୍ନତା ଦେଖିପାରିବ।

16“କିନ୍ତୁ ସଦାପ୍ରଭୁଙ୍କ ଦକ୍ଷିଣ ହସ୍ତସ୍ଥିତ ପାତ୍ର ତୁମ୍ଭ
ଆଡକୁ ଆସିବ। ତୁମ୍ଭେ ସମ୍ମାନ ବଦଳରେ ଅପମାନରେ
ପରିପୂର୍ଣ୍ଣ ହେବ।

“ତୁମ୍ଭକୁ ଦ୍ରାକ୍ଷାରସ ପିଆଇ ଦିଆଯିବ ଏବଂ ଉଲଗ୍ନ
କରାଯିବ। ତୁମ୍ଭର ସମ୍ମାନ ବଦଳରେ ଅପମାନ ଆସିବ।
17ତୁମ୍ଭେ ଲିବାନୋନ୍‌ରେ କରିଥିବା ରକ୍ତପାତ ତୁମ୍ଭକୁ ଆଚ୍ଛନ୍ନ
କରିବ। ତୁମ୍ଭେ ସେଠାରୁ ବହୁ ପଶୁ ଚୋରି କଲ। ତେଣୁ
ସେହି ମୃତବ୍ୟକ୍ତିଙ୍କ ପାଇଁ ଏବଂ ସେହି ଦେଶରେ କରିଥିବା
ରକ୍ତପାତ ପାଇଁ ଏବଂ ସେଠାରେ ବାସ କରୁଥିବା ପ୍ରତ୍ୟେକ
ପାଇଁ ତୁମ୍ଭେ ଭୟଭୀତ ହେବ।”

## ପ୍ରତିମାଗୁଡ଼ିକ ବିଷୟରେ ବାର୍ତ୍ତା

18ଖୋଦିତ ପ୍ରତିମାରେ କି ଲାଭ ଯେ, ଏହା ଜଣେ
ଲୋକ ନିର୍ମାଣ କଲା ଏବଂ ଏହାକୁ ଖୋଦନ କଲା। ଧାତୁର
ମୂର୍ତ୍ତିରେ କଣ ଲାଭ ଅଛି? ଏହା ମିଥ୍ୟା ଶିକ୍ଷା ଦିଏ। ତେଣୁ
ନିର୍ମାଣକାରୀ କାହିଁକି ଏଥିରେ ବିଶ୍ୱାସ କରିବ? ଏପରିକି ସେ
ମୂର୍ତ୍ତି କଥା କହିପାରିବ ନାହିଁ। 19ସେମାନଙ୍କୁ ଧିକ୍, ଯେଉଁ
ଲୋକ କାଠକୁ କୁହେ, ଜାଗ୍ରତ ହୁଅ! ମୁକ୍ତ ପ୍ରସ୍ତରକୁ କୁହେ
“ଉଠ୍”! ଏହି ଭଣ୍ଡ ଦେବତାମାନେ ନିର୍ଦ୍ଦେଶ ଦେଇ ପାରିବେ
କି? ସେହି ମୂର୍ତ୍ତି ସୁନା ଓ ରୂପାରେ ଆବୃତ ହୋଇ ପାରିବ,
କିନ୍ତୁ ସେ ନିର୍ଜୀବ।

20ସଦାପ୍ରଭୁ ତାଙ୍କର ପବିତ୍ର ମନ୍ଦିରରେ ଅଛନ୍ତି। ତେଣୁ
ସମଗ୍ର ପୃଥିବୀ ନୀରବ ହେବ ଓ ସଦାପ୍ରଭୁଙ୍କୁ ସମ୍ମାନ
ଜଣାଇବ।

## ହବକ୍କୂକଙ୍କ ପ୍ରାର୍ଥନା

3 ଭବିଷ୍ୟଦ୍‌ବକ୍ତା ହବକ୍କୂକଙ୍କର ଶିଗିୟୋନତ୍ ପ୍ରାର୍ଥନା:
2ହେ ସଦାପ୍ରଭୁ, ମୁଁ ତୁମ୍ଭ ପ୍ରସିଦ୍ଧ ବିଷୟରେ ଶୁଣିଛି
ଏବଂ ମୁଁ ପରମେଶ୍ୱରଙ୍କ ଭୟରେ ପରିପୂର୍ଣ୍ଣ ହୋଇ। ହେ
ସଦାପ୍ରଭୁ, ଅତୀତରେ ଯେଉଁସବୁ ଶକ୍ତିଶାଳୀ କାର୍ଯ୍ୟ କରିଛ,
ସେଥିରେ ମୁଁ ଆଶ୍ଚର୍ଯ୍ୟାନ୍ୱିତ। ବର୍ତ୍ତମାନ ମୁଁ ପ୍ରାର୍ଥନା କରୁଛି
ତୁମ୍ଭେ ଆମ୍ଭ ବିଷୟରେ ଅନେକ ବଡ଼ କାର୍ଯ୍ୟ କରିବ। ଆମ୍ଭ
ସମୟରେ ଏହିସବୁ ଘଟୁ ତୁମ୍ଭେ ଦୟାପୂର୍ବକ କର। ତୁମ୍ଭର
ସେହି କ୍ରୋଧିତ ଅବସ୍ଥାରେ ଆମ୍ଭପ୍ରତି ଦୟା କର।

3ପରମେଶ୍ୱର ତୈମନରୁ ଆସୁଛନ୍ତି। ସେହି ପବିତ୍ର ପୁରୁଷ
ପାରଣ ପର୍ବତରୁ ଓହ୍ଲାଇ ଆସୁଛନ୍ତି। ସଦାପ୍ରଭୁଙ୍କ ମହିମା
ସ୍ୱର୍ଗକୁ ଆବୃତ କରେ। ତାଙ୍କର ପ୍ରଶଂସା ପୃଥିବୀକୁ ପୂର୍ଣ୍ଣ
କରେ।

4ଆଲୋକରଶ୍ମି ସଦାପ୍ରଭୁଙ୍କ ହସ୍ତରୁ ଆସି ଉଜ୍ଜ୍ୱଳ ଆଲୋକ
ପ୍ରଦାନ କରେ। ତାଙ୍କର ଶକ୍ତି ସେଠାରେ ଲୁଚିଅଛି।

5ରୋଗଗୁଡିକ ତାଙ୍କ ଆଗେ ଆଗେ ଚାଲିଲେ ଏବଂ
ଧ୍ୱଂସକାରୀ ଶକ୍ତି ତାଙ୍କୁ ଅନୁସରଣ କଲେ।

6ସଦାପ୍ରଭୁ ଦଣ୍ଡାୟମାନ ହେଲେ ଓ ପୃଥିବୀର ବିଗ୍ଭର
କଲେ। ସେ ଦୃଷ୍ଟିପାତ କରି ଗୋଷ୍ଠୀଗଣଙ୍କୁ ଭିନ୍ନଭିନ୍ନ କରି
ତଡି ଦେଲେ। ଯେଉଁ ପର୍ବତଗୁଡ଼ିକ ବହୁବର୍ଷ ପର୍ଯ୍ୟନ୍ତ ଛିଡ଼ା
ହୋଇଥିଲେ ସେଗୁଡ଼ିକ ଧ୍ୱଂସ ହେଲେ। ପୁରାତନ ପାହାଡ଼ଗୁଡ଼ିକର
ମଧ୍ୟ ପତନ ହେଲା। କିନ୍ତୁ ପରମେଶ୍ୱର ଅନନ୍ତକାଳସ୍ଥାୟୀ।

7ମୁଁ ଦେଖିଲି କୂଶନର ନଗରଗୁଡ଼ିକ ଅସୁବିଧାରେ ଥିଲେ। ମିଦିୟନର ଗୃହଗୁଡ଼ିକ ଭୟରେ ଥରିଲେ।

8ହେ ସଦାପ୍ରଭୁ, ତୁମ୍ଭେ କ'ଣ ନଦୀ, ଝରଣା, ସମୁଦ୍ର ଉପରେ କ୍ରୋଧାନ୍ୱିତ ହୋଇଥିଲ? ସେଥିପାଇଁ କ'ଣ ତୁମ୍ଭେ ତୁମ୍ଭର ଅଶ୍ୱ ଏବଂ ରଥକୁ ଆରୋହଣ କଲ?

9ତା'ପରେ ତୁମ୍ଭେ ଧନୁ କାଢ଼ିଲ। ଶପଥ ପୂର୍ବକ ତୀରଗୁଡ଼ିକୁ ନିକ୍ଷେପ କଲ। ତୁମ୍ଭେ ପୃଥିବୀକୁ ନଦୀମାନଙ୍କ ଦ୍ୱାରା ଭାଗ କଲ।

10ପର୍ବତଗୁଡ଼ିକ ତୁମ୍ଭକୁ ଦେଖି ଥରିଲେ। ପ୍ରଚଣ୍ଡ ଜଳ ଭୂମିରେ ପ୍ରବାହିତ ହେଲା। ସମୁଦ୍ର ଭୟଙ୍କର ଗର୍ଜ୍ଜନ କଲା, ଢେଉଗୁଡ଼ିକ ଉପରକୁ ଉଠିଲା।

11ସୂର୍ଯ୍ୟ ଚନ୍ଦ୍ର ତାଙ୍କର କକ୍ଷରେ ଛିଡ଼ା ହେଲେ। ଯେତେବେଳେ ସେମାନେ ତୁମ୍ଭର ବିଦ୍ୟୁତ୍‌ର ଉଜ୍ଜ୍ୱଳ ଝଲକ ଦେଖିଲେ ସେମାନେ ଆଲୋକ ଦେବା ବନ୍ଦ କଲେ। ସେହି ବିଦ୍ୟୁତ୍ ପବନରେ ବର୍ଚ୍ଛା ଓ ତୀର ଗତି କଲାପରି କ୍ଷିପ୍ର ଥିଲା।

12କ୍ରୋଧରେ ତୁମ୍ଭେ ପୃଥିବୀ ଉପରେ ଚାଲିଲ ଏବଂ ଦେଶଗୁଡ଼ିକୁ ଦଣ୍ଡ ଦେଲ।

13ତୁମ୍ଭେ ଆପଣା ଲୋକଙ୍କୁ ପରିତ୍ରାଣ କରିବାକୁ ଆସିଲ। ତୁମ୍ଭେ ଆପଣା ମନୋନୀତ ରାଜାଙ୍କୁ ରକ୍ଷା କରିବାକୁ ଆସିଲ। ପ୍ରତି ମନ୍ଦ ଗୃହରେ ଥିବା ମୁଖ୍ୟଙ୍କୁ ହତ୍ୟା କଲ। ତୁମ୍ଭେ ତାକୁ ଆପାଦମସ୍ତକ ଚାବୁକରେ ପ୍ରହାର କଲ।

14ତୁମ୍ଭେ ତା'ର ନିଜ ବର୍ଚ୍ଛାରେ ତା'ର ମୁଣ୍ଡକୁ ଗଣ୍ଡିରୁ ଅଲଗା କଲ। ସେହି ସୈନ୍ୟମାନେ ଶକ୍ତିଶାଳୀ ଝଡ଼ ଭଳି ଆମ୍ଭ ବିରୁଦ୍ଧରେ ଲଢ଼ିବାକୁ ଆସିଥିଲେ। ଗୋଟିଏ ଗରିବ ଲୋକକୁ ଗୋପନରେ ଲୁଣ୍ଠନ କଲାପରି ସେମାନେ କଲେ।

15କିନ୍ତୁ ତୁମ୍ଭେ ସେହି କାଦୁଅ ଓ ପ୍ରବଳ ଜଳସ୍ରୋତ ମଧ୍ୟଦେଇ ଘୋଡ଼ାକୁ ଝପଟାଇ ଦେଲ।

16ମୁଁ ଯେତେବେଳେ ଏହି ଗପଟି ଶୁଣିଲି ମୋର ସମସ୍ତ ଶରୀର ଥରି ଉଠିଲା। ସେହି ଶବ୍ଦରେ ମୋ ଓଷ୍ଠରେ କମ୍ପନ ହେଲା। ମୋର ଅସ୍ଥିମଜ୍ଜାରେ ମୁଁ ଦୁର୍ବଳ ହୋଇ ପଡ଼ିଲି। ମୁଁ ସେହି କମ୍ପନ ଅବସ୍ଥାରେ ଥରିବାକୁ ଲାଗିଲି। ଯେତେବେଳେ ସେମାନେ ଲୋକମାନଙ୍କୁ ଆକ୍ରମଣ କରିବାକୁ ଆସିବେ, ମୁଁ ସେହି ଆକ୍ରମଣ ଓ ଧ୍ୱଂସର ଦିନଗୁଡ଼ିକ ଆସିବା ପାଇଁ ଧୈର୍ଯ୍ୟ ଧରି ଅପେକ୍ଷା କରିବି।

## ସର୍ବଦା ସଦାପ୍ରଭୁଙ୍କଠାରେ ଆନନ୍ଦ କର

17ଡ଼ିମିରି ଗଛରେ ଡ଼ିମିରି ଫଳ ନପାରେ, ଦ୍ରାକ୍ଷାଲତାରେ ଅଙ୍ଗୁର ଫଳ ନପାରେ, ଅଲିଭ ଗଛରେ ଅଲିଭ୍ ଉତ୍ପନ୍ନ ନହୋଇପାରେ, କ୍ଷେତରେ ଖାଦ୍ୟଶସ୍ୟ ନହୋଇପାରେ, ମେଣ୍ଢାଶାଳରେ ମେଣ୍ଢା ନରହି ପାରନ୍ତି ଓ ଶସ୍ୟଖଳାରେ ଗୋରୁପଲ ନଥାଇ ପାରନ୍ତି।

18କିନ୍ତୁ ମୁଁ ତଥାପି ସଦାପ୍ରଭୁଙ୍କଠାରେ ଆନନ୍ଦ କରିବି ଏବଂ ପରମେଶ୍ୱରଙ୍କୁ ମୋର ତ୍ରାଣକର୍ତ୍ତା ଭାବି ଖୁସି ହେବି।

19ସଦାପ୍ରଭୁ ମୋର ପ୍ରଭୁ, ମୋତେ ଶକ୍ତି ଦିଅନ୍ତି, ମୁଁ ହରିଣ ପରି ଦ୍ରୁତଗତିରେ ଦୌଡ଼ିବାରେ ମୋତେ ସାହାଯ୍ୟ କରନ୍ତି। ସଙ୍ଗୀତ ନିର୍ଦ୍ଦେଶକ ପରି ମୋର ସ୍ୱରିତ ବାଦ୍ୟଯନ୍ତ୍ରରେ ସେ ପର୍ବତ ଉପରକୁ ମୋତେ ନିରାପଦରେ ଆଗେଇ ନିଅନ୍ତି।

# ନାହୂମ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

1 ଏହି ପୁସ୍ତକ ଇଲକୋଶୀୟ ନାହୂମଙ୍କର ଦର୍ଶନ ଅଟେ। ଏହା ନୀନିବୀ ନଗର ସମ୍ବନ୍ଧରେ ଏକ ଦୁଃଖବାର୍ତ୍ତା ଅଟେ।

## ନୀନିବୀ ଉପରେ ସଦାପ୍ରଭୁ କ୍ରୋଧାନ୍ୱିତ

**2**ସଦାପ୍ରଭୁ ଈର୍ଷାପରାୟଣ ଏବଂ ପ୍ରତିଶୋଧ ପରାୟଣ। ସେ କ୍ରୋଧାନ୍ୱିତ ହୋଇ ପ୍ରତିଶୋଧ ନିଅନ୍ତି। ତାଙ୍କର ବିରୁଦ୍ଧାଚରଣ କରୁଥିବା ଲୋକମାନଙ୍କ ଉପରେ ସେ ପ୍ରତିଶୋଧ ନିଅନ୍ତି। ସେ ତାଙ୍କର ଶତ୍ରୁମାନଙ୍କ ଉପରେ ରାଗନ୍ତି।

**3**ସଦାପ୍ରଭୁ କଦାପି ଶୀଘ୍ର ରାଗନ୍ତି ନାହିଁ। ସଦାପ୍ରଭୁ ଅତି ଶକ୍ତିଶାଳୀ। ସେ ଦୋଷୀକୁ ଦଣ୍ଡ ନଦେଇ କେବେ ଛାଡ଼ିବେ ନାହିଁ। ସେ ଯେଉଁଠାକୁ ଯାଆନ୍ତି ସେଠାରେ ଘୂର୍ଣ୍ଣିବାତ୍ୟା ଓ ଝଡ଼ ସୃଷ୍ଟି ହୁଏ। ସଦାପ୍ରଭୁ ଗତି କଲାବେଳେ ତାଙ୍କ ପାଦରେ ମେଘଗୁଡ଼ିକ ଧୂଳି ସ୍ୱରୂପ ଉଠେ।

**4**ସଦାପ୍ରଭୁ ଅତି କର୍କଶ ଭାବରେ ସମୁଦ୍ରକୁ ଗାଳି ଦେବେ ଏବଂ ସମୁଦ୍ର ଶୁଖିଯିବ। ସେ ନଦୀଗୁଡ଼ିକୁ ମଧ୍ୟ ଶୁଖାଇ ଦିଅନ୍ତି। ବାଶନ୍ ଓ କର୍ମିଲ ଶୁଷ୍କ ପଡ଼ିବ। ଏବଂ ଲିବାନୋନର ଫୁଲଗୁଡ଼ିକ ମଉଳି ଯିବେ।

**5**ସଦାପ୍ରଭୁ ଆସିବେ ଏବଂ ପର୍ବତଗୁଡ଼ିକ ଭୟରେ ଥରିବେ ଏବଂ ପାହାଡ଼ଗୁଡ଼ିକ ତରଳି ଯିବେ। ସଦାପ୍ରଭୁଙ୍କ ଆଗମନରେ ପୃଥିବୀ ମଧ୍ୟ ଭୟରେ ଥରିବ। ବିଶ୍ୱର ସମସ୍ତ ବ୍ୟକ୍ତି ଭୟରେ ଥରିବେ।

**6**ସଦାପ୍ରଭୁଙ୍କ କ୍ରୋଧ ବିରୁଦ୍ଧରେ କେହି ତିଷ୍ଠି ପାରିବେ ନାହିଁ। ତାଙ୍କର ଭୟଙ୍କର କ୍ରୋଧକୁ କେହି ସହ୍ୟ କରିପାରିବେ ନାହିଁ। ତାଙ୍କର କ୍ରୋଧ ଅଗ୍ନି ସଦୃଶ ଜଳି ଉଠିବ। ତାଙ୍କର ଆଗମନରେ ପଥରଗୁଡ଼ିକ ଖଣ୍ଡ ଖଣ୍ଡ ହୋଇଯିବ।

**7**ସଦାପ୍ରଭୁ ସର୍ବମଙ୍ଗଳମୟ। ଦୁଃଖ ସମୟରେ ଯିବାପାଇଁ ସେ ହେଉଛନ୍ତି ଏକ ନିରାପଦ ସ୍ଥାନ। ଯିଏ ତାଙ୍କଠାରେ ଆଶ୍ରୟ ନିଏ ସେ ତା'ର ଯତ୍ନ ନିଅନ୍ତି।

**8**କିନ୍ତୁ ସେ ତାଙ୍କର ଶତ୍ରୁମାନଙ୍କୁ ସମ୍ପୂର୍ଣ୍ଣ ରୂପେ ବିନାଶ କରିବେ। ବନ୍ୟାଜଳ ପରି ସେମାନେ ଧୋଇ ହୋଇଯିବେ। ସେ ଅନ୍ଧକାରରେ ଶତ୍ରୁମାନଙ୍କୁ ଗୋଡ଼ାଇବେ।

**9**ତୁମ୍ଭେ ସଦାପ୍ରଭୁଙ୍କ ବିରୁଦ୍ଧରେ କାହିଁକି ଷଡ଼ଯନ୍ତ୍ର କରୁଛ? ସେ ସମ୍ପୂର୍ଣ୍ଣ ରୂପେ ତୁମ୍ଭକୁ ଧ୍ୱଂସ କରିବେ, ତେଣୁ ତୁମ୍ଭେ ପୁନର୍ବାର ଏହା କରିବ ନାହିଁ।

**10**ତୁମ୍ଭେମାନେ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ହୋଇଯିବ, ଏକ ଛନ୍ଦାଛନ୍ଦି ହୋଇଥିବା କଣ୍ଟାବୁଦା ପରି ଯାହା ଶୀଘ୍ର ପୋଡ଼ିଯାଏ। ତୁମ୍ଭେମାନେ ମଦ୍ୟପମାନଙ୍କ ପରି ହେବ। ତୁମ୍ଭେମାନେ ଶୁଖିଲା କଟା ଘାସର ଖୁଣ୍ଟା ତୁଲ୍ୟ ଗ୍ରାସିତ ହେବ।

**11**ଜଣେ ଯିଏ କି ସଦାପ୍ରଭୁଙ୍କ ବିରୁଦ୍ଧରେ ମନ୍ଦ ଯୋଜନା କରିବାକୁ ଉପଦେଶ ଦେବ, ସେପରି ଲୋକ ତୁମ୍ଭମାନଙ୍କ ମଧ୍ୟରୁ ବାହାରି ଯାଇଛି।

**12**ସଦାପ୍ରଭୁ ଯିହୁଦାକୁ ଏହିସବୁ କଥା କହିଲେ, "ଅଶୂରୀୟର ଲୋକମାନେ ଅତି ବଳଶାଳୀ, ସେମାନଙ୍କର ବହୁ ସୈନ୍ୟ ଅଛନ୍ତି। କିନ୍ତୁ ସେମାନେ ସମସ୍ତେ ନିହତ ହୋଇ ଶେଷ ହେବେ। ହେ ମୋର ଲୋକମାନେ, ଆମ୍ଭେ ତୁମ୍ଭମାନଙ୍କୁ ଦୁଃଖ ଦେଲୁ କିନ୍ତୁ ଆଉ ଅଧିକ ଦୁଃଖ ଦେବାନାହିଁ।

**13**ଆମ୍ଭେ ତୁମ୍ଭମାନଙ୍କର ବେକରେ ଥିବା ଅଶୂରୀୟର ଯୁଆଳୀକୁ କାଢ଼ିନେବା, ଏବଂ ଆମ୍ଭେ ତୁମ୍ଭର ଶିକୁଳିକୁ ଛିଣ୍ଡାଇ ଦେବା।"

**14**ହେ ଅଶୂରର ରାଜା, ସଦାପ୍ରଭୁ ତୁମ୍ଭମାନଙ୍କ ବିଷୟରେ ଏହି ଆଦେଶ ଦେଲେ। "ତୁମ୍ଭର ନାମ ରଖିବା ପାଇଁ ତୁମ୍ଭମାନଙ୍କର କେହି ବଂଶଧର ରହିବେ ନାହିଁ। ତୁମ୍ଭମାନଙ୍କ କାରୁକାର୍ଯ୍ୟ ପିତୁଳାଗୁଡ଼ିକ ଓ ଧାତୁର ମୂର୍ତ୍ତିଗୁଡ଼ିକ ଯାହା କି ତୁମ୍ଭ ଦେବତାଙ୍କ ମନ୍ଦିରରେ ଅଛି ସେହି ସବୁକୁ ଆମ୍ଭେ ଧ୍ୱଂସ କରିବା। ଆମ୍ଭେ ତୁମ୍ଭମାନଙ୍କ ପାଇଁ କବର ପ୍ରସ୍ତୁତ କରୁଛୁ କାରଣ ତୁମ୍ଭେମାନେ ଭ୍ରଷ୍ଟ ହୋଇଛ।

**15**ହେ ଯିହୁଦା ଚାହଁ! ପର୍ବତ ଆଡ଼କୁ ଚାହଁ। ଜଣେ ଦୂତ ଉତ୍ତମ ସନ୍ଦେଶ ଆଣି ଆସୁଛନ୍ତି। ସେ କୁହନ୍ତି, ଶାନ୍ତି ଆସିଛି। ହେ ଯିହୁଦା, ତୁମ୍ଭର ଉତ୍ସବ ପାଳନ କର। ତୁମ୍ଭର ଶପଥ ପୂର୍ଣ୍ଣ କର। ସେହି ମନ୍ଦ ଲୋକ ଆଉ ଆସିବେ ନାହିଁ। ସେମାନେ ତୁମ୍ଭମାନଙ୍କୁ ପୁନର୍ବାର ଆକ୍ରମଣ କରିପାରିବେ ନାହିଁ। କାହିଁକି ସେମାନେ ଆକ୍ରମଣ କରିପାରିବେ ନାହିଁ? କାରଣ ସେହି ମନ୍ଦ ଲୋକମାନେ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ପାଇଛନ୍ତି।

## ନୀନିବୀ ଧ୍ୱଂସ ହେବ

2 କେହି ଜଣେ ତୁମ୍ଭମାନଙ୍କୁ ଛିନ୍ନଛତ୍ର କରିବାକୁ ଆସୁଛି। ତେଣୁ ତୁମ୍ଭ ସୁଦୃଢ଼ ସ୍ଥାନଗୁଡ଼ିକୁ ଜଗ। ରାସ୍ତାଗୁଡ଼ିକ ଉପରେ ଦୃଷ୍ଟି ରଖ। ଯୁଦ୍ଧ ପାଇଁ ସଜ ହୁଅ ଏବଂ ନିଜର ପାରୁ ପର୍ଯ୍ୟନ୍ତ ନିଜକୁ ସଜାଗ ରଖ।

**2**ସଦାପ୍ରଭୁ ଯାକୁବର ଶୋଭା ପୂର୍ଣ୍ଣ ପ୍ରତିଷ୍ଠା କରିଛନ୍ତି, ଯାହାକି ଇସ୍ରାୟେଲର ଶୋଭା ସଦୃଶ। ଶତ୍ରୁ ସେମାନଙ୍କୁ ଧ୍ୱଂସ କଲେ ଓ ସେମାନଙ୍କର ଦ୍ରାକ୍ଷାଲତା ସବୁ ନଷ୍ଟ କଲେ।

**3**ସେହି ସୈନ୍ୟମାନଙ୍କର ମୋହରଗୁଡ଼ିକ ଲାଲ। ସେମାନଙ୍କର ପୋଷାକ ଅତି ଲାଲ। ସେମାନଙ୍କର ରଥଗୁଡ଼ିକ ଯୁଦ୍ଧ ପାଇଁ ଧାଡ଼ିରେ ପ୍ରସ୍ତୁତ ହୋଇ ରହିଛି, ସେଗୁଡ଼ିକ ଅଗ୍ନିଶିଖା ପରି ଉଜ୍ଜ୍ୱଳ ଦେଖା ଯାଉଛି। ସେମାନଙ୍କର ବର୍ଚ୍ଛାସବୁ ଉତ୍ତୋଳିତ।

4ଅଶ୍ୱଚାଳିତ ରଥଗୁଡ଼ିକ ରାସ୍ତାରେ ଧାଉଁଛନ୍ତି। ସେମାନେ
ଖୋଲାଛକରେ ଏଣେତେଣେ ଭିଡ଼ କରୁଛନ୍ତି। ସେଗୁଡ଼ିକ
ମଶାଲପରି ଓ ବିଜୁଳି ପରି ଦେଖାଯାଉଛି।
5ସେ ତାଙ୍କର ଅଧିକାରୀମାନଙ୍କୁ ଆଦେଶ ଦିଅନ୍ତି।
ଯେତେବେଳେ ସେମାନେ ଆଗକୁ ଗତି କରନ୍ତି, ସେମାନେ
ଝୁଣ୍ଟି ପଡନ୍ତି। ସେମାନେ କାନ୍ଥ ନିକଟକୁ ଯାଆନ୍ତି ଏବଂ
ସେମାନଙ୍କର ଢାଲଗୁଡ଼ିକ ଠିକ୍ କରନ୍ତି।
6ନଦୀର ଫାଟକଗୁଡ଼ିକ ଖୋଲା ଅଛି ଏବଂ ରାଜପ୍ରାସାଦ
ଭାସି ଯାଉଛି,
7ରାଣୀ ଶତ୍ରୁମାନଙ୍କ ଦ୍ୱାରା ଧରା ପଡ଼ିଛନ୍ତି ଓ ଦୂରକୁ ନିଆ
ହୋଇଛନ୍ତି। ଏବଂ ତାଙ୍କର ଦାସୀମାନେ ଦୁଃଖରେ କପୋତ
ପରି କ୍ରନ୍ଦନ କରୁଛନ୍ତି। ସେମାନେ ସେମାନଙ୍କର ଦୁଃଖ
ଜଣାଇବାକୁ ଛାତିକୁ ପ୍ରହାର କରୁଛନ୍ତି।
8ନୀନିବୀ ଏକ ପୁଷ୍କରିଣୀ ସଦୃଶ ଯାହାର ଜଳ ବାହାରି
ଯାଉଛି। ଲୋକମାନେ, "ଦୌଡୁଛନ୍ତି ଏବଂ ତାହା ବନ୍ଦ
କରିବାକୁ ଚିତ୍କାର କରୁଛନ୍ତି!" କିନ୍ତୁ କେହି ମଧ୍ୟ ସେମାନଙ୍କର
କ୍ରନ୍ଦନକୁ ଧ୍ୟାନ ଦେଉ ନାହାନ୍ତି।
9ତାଙ୍କ ପାଖରେ ବହୁ ଧନସମ୍ପତ୍ତି ନେବାକୁ ଅଛି। ତାଙ୍କର
ରୂପା ଓ ସୁନା ନିଅ।
10ବର୍ତ୍ତମାନ ନୀନିବୀ ଶୂନ୍ୟ ହୋଇ ଯାଉଛି। ସମସ୍ତ
ଜିନିଷ ଲୁଣ୍ଠିତ ଓ ନଗରୀଟି ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ହୋଇଛି।
ଲୋକମାନେ ସେମାନଙ୍କର ସାହସ ହରାଇଛନ୍ତି। ସେମାନଙ୍କର
ହୃଦୟ ଭୟରେ ବିଚଳିତ। ସେମାନଙ୍କର ଆଣ୍ଠୁ ଓ ଶରୀର
ଥରୁଛି। ସେମାନଙ୍କର ମୁଖମଣ୍ଡଳ ଭୟରେ ମଳିନ ହୋଇଯାଇଛି।
11ସେହି ସିଂହଗୁମ୍ଫା ନୀନିବୀ କେଉଁଠି? ସିଂହ ଏବଂ ସିଂହୀ
ସେଠାରେ ବାସ କରୁଥିଲେ। ସେମାନଙ୍କର ସିଂହ ଶାବକଗୁଡ଼ିକୁ
ସେଠାରେ ଖାଉଥିଲେ ଏବଂ ଭୟଭୀତ ନଥିଲେ।
12ସିଂହ ନୀନିବୀର ରାଜା ତା'ର ଶାବକମାନଙ୍କୁ ଖୁଆଇବା
ପାଇଁ ବହୁତ ଶିକାର କଲା ଏବଂ ସିହୀ ପାଇଁ ଶିକାର କଲା।
ସେ ତା'ର ନୀନିବୀ ଗୁମ୍ଫାକୁ ଶିକାରରେ ପରିପୂର୍ଣ୍ଣ କଲା! ସେ
ତା'ର ଗୁମ୍ଫାକୁ ମାଂସରେ ପୂର୍ଣ୍ଣ କଲା।
13ସର୍ବଶକ୍ତିମାନ୍ ସଦାପ୍ରଭୁ ପରମେଶ୍ୱର କୁହନ୍ତି, "ନୀନିବୀ
ଆମ୍ଭେ ତୁମ୍ଭ ବିରୁଦ୍ଧରେ ଅଛୁ। ଆମ୍ଭେ ତୁମ୍ଭର ରଥକୁ
ଜାଳିଦେବା ଓ ତୁମ୍ଭର 'ଯୁବକ ସିଂହମାନଙ୍କୁ' ଖଣ୍ଡାରେ ହତ୍ୟା
କରିବା। ଆମ୍ଭେ ତୁମ୍ଭମାନଙ୍କର ଶିକାରକୁ ପୃଥିବୀରୁ ଲୋପ
କରିଦେବା। ଲୋକମାନେ ଆଉ କେବେ ମନ୍ଦ ଖବର ତୁମ୍ଭ
ଦୂତଠାରୁ ଶୁଣିବେ ନାହିଁ।"

## ନୀନିବୀ ପାଇଁ ଦୁଃସମ୍ବାଦ

3 ଘାତକମାନଙ୍କର ନଗରୀକୁ ଧିକ୍। ନୀନିବୀ ଏକ ମିଥ୍ୟା
ନଗରୀ, ଚୋର ଓ ମୃତ୍ୟୁ ଯନ୍ତ୍ରଣାରେ ପରିପୂର୍ଣ୍ଣ ଅଟେ।
2ତୁମ୍ଭେ ଚାବୁକ ପ୍ରହାରର ଶବ୍ଦ, ଚକ୍ର ଘୂରିବା ଶବ୍ଦ,
ଘୋଡ଼ାର ଟାପୁ ଶବ୍ଦ ଏବଂ ରଥର ଗର୍ଜନ ଶବ୍ଦ ଶୁଣି
ପାରିବ।
3ସୈନ୍ୟମାନେ ଅଶ୍ୱପୃଷ୍ଠରେ ଆକ୍ରମଣ କରୁଛନ୍ତି। ସେମାନଙ୍କର
ଖଣ୍ଡାଗୁଡ଼ିକ ଚକ୍ଚକ୍ କରୁଛି ଏବଂ ସେମାନଙ୍କର ବର୍ଚ୍ଛାଗୁଡ଼ିକ
ଉଜ୍ଜ୍ୱଳ ଦେଖା ଯାଉଛି। ତେଣୁ ବହୁ ମୃତ ଶରୀର ରହିଛି
ଯାହାକୁ ଗଣିହେବ ନାହିଁ। ଲୋକମାନେ ସେହି ମୃତ ଶରୀର
ଉପରେ ଝୁଣ୍ଟି ପଡୁଛନ୍ତି।
4ନୀନିବୀରେ ଅତ୍ୟନ୍ତ ଗଣିକା କର୍ମ ପାଇଁ ଏସବୁ ଘଟିଲା।
ସେ ଏକ କୁପଥର ଉତ୍ସ ଯିଏ କି ତା'ର ଗଣିକା କାର୍ଯ୍ୟ
ପାଇଁ ରାଜ୍ୟକୁ କ୍ରୀତଦାସ କଲା। ସେ ତା'ର ଯାଦୁ ବଳରେ
ଲୋକମାନଙ୍କୁ ତା'ର କ୍ରୀତଦାସ କରିଛନ୍ତି।
5ସର୍ବଶକ୍ତିମାନ୍ ସଦାପ୍ରଭୁ ପରମେଶ୍ୱର କୁହନ୍ତି, "ହେ
ନୀନିବୀ, ଆମ୍ଭେ ତୁମ୍ଭ ବିରୁଦ୍ଧରେ ଅଛୁ। ଆମ୍ଭେ ମୁଖମଣ୍ଡଳରୁ
ତୁମ୍ଭର ପୋଷାକ ଉଠେଇ ନେବା। ସମସ୍ତ ଦେଶ ତୁମ୍ଭର
ଉଲଗ୍ନ ଶରୀର ଦେଖିବେ। ସେହି ରାଜ୍ୟଗୁଡ଼ିକ ତୁମ୍ଭର
ଲଜ୍ଜିତରୂପ ଦେଖିବେ।
6ଆମ୍ଭେ କୁତ୍ସିତ ପଦାର୍ଥ ତୁମ୍ଭ ଉପରକୁ ପକାଇବା, ତୁମ୍ଭକୁ
ଘୃଣାପୂର୍ଣ୍ଣ ଭାବେ ଆମ୍ଭେ ବ୍ୟବହାର କରିବା। ତୁମ୍ଭକୁ ଲୋକମାନେ
ଦେଖି ଉପହାସ କରିବେ।
7ଯେଉଁମାନେ ତୁମ୍ଭର ଅବସ୍ଥାକୁ ଦେଖିବେ, ସମସ୍ତେ
ମର୍ମାହତ ହେବେ ଓ ତୁମ୍ଭଠାରୁ ଦୂରେଇ ଯିବେ। ସେମାନେ
କହିବେ, 'ନୀନିବୀ ଧ୍ୱଂସ ହେଉଛି। କିଏ ତା' ପାଇଁ କାନ୍ଦିବ?'
ଆମ୍ଭେ ତୁମ୍ଭକୁ ସାନ୍ତ୍ୱନା ଦେବା ପାଇଁ ଜଣଙ୍କୁ କେଉଁଠାରୁ
ପାଇବା?"
8ହେ ନୀନିବୀ, ତୁମ୍ଭେ କ'ଣ ନୀଳନଦୀ ଉପରେ ଅବସ୍ଥିତ
ନୋ-ଆମୋନ ଠାରୁ ଭଲରେ ଅଛ? ନା, ତୁମ୍ଭେ ତା'ଠାରୁ
ଭଲରେ ନାହିଁ। ନୋ-ଆମୋନ ଗିରିପାଖରେ ଜଳ ଥିଲା।
ନୋ-ଆମୋନ ନିଜକୁ ରକ୍ଷା କରିବାକୁ ସେହି ଜଳକୁ ବ୍ୟବହାର
କରୁଥିଲା। ସେ ତାକୁ ପ୍ରାଚୀର ସଦୃଶ ବ୍ୟବହାର କରୁଥିଲା।
9ଇଥିଓପିଆ ଓ ମିଶର ନୋ-ଆମୋନକୁ ବହୁ ଶକ୍ତି ଦେଉଥିଲେ।
ପୂଟୀୟ ଓ ଲୂବୀୟ ତାକୁ ସମର୍ଥନ କରୁଥିଲେ। 10କିନ୍ତୁ
ନୋ-ଆମୋନ ପରାଜିତ ହେଲା। ତା'ର ଲୋକମାନେ ବନ୍ଦୀଭାବରେ
ଗୋଟିଏ ବିଦେଶକୁ ନିଆଗଲେ। ସୈନ୍ୟମାନେ ରାସ୍ତାର ପ୍ରତ୍ୟେକ
କୋଣରେ ତା'ର ଛୋଟ ପିଲାମାନଙ୍କୁ ପିଟି ପିଟି ମାରି
ଦେଲେ। ଏବଂ ସେମାନେ ତାଙ୍କର ମାନ୍ୟ ପୁରୁଷମାନଙ୍କ
ନିମନ୍ତେ ଗୁଳାବାଣ୍ଟ କଲେ, ତାଙ୍କର ବଡ ଲୋକ ସମସ୍ତେ
ଶୃଙ୍ଖଳରେ ବନ୍ଧା ହେଲେ।
11ହେ ନୀନିବୀ, ତୁମ୍ଭେବି ଜଣେ ମଦ୍ୟପ ପରି ମଧ୍ୟ ପଡ଼ି
ରହିବ। ତୁମ୍ଭେ ଲୁଚିବାକୁ ଚେଷ୍ଟା କରିବ। ତୁମ୍ଭେ ଶତ୍ରୁଠାରୁ
ରକ୍ଷା ପାଇବାକୁ ଗୋଟିଏ ନିରାପଦ ସ୍ଥାନ ଖୋଜିବ। 12କିନ୍ତୁ
ନୀନିବୀ, ତୁମ୍ଭର ସମସ୍ତ ସୁଦୃଢ଼ ସ୍ଥାନଗୁଡ଼ିକ ଡ଼ିମିରି ଗଛ
ସଦୃଶ ହେବ। ନୂଆ ଡ଼ିମିରି ପାଚିବ। ଜଣେ ଲୋକ ଆସିବ
ଏବଂ ଗଛକୁ ହଲାଇବ ଏବଂ ଡ଼ିମିରି ଫଳ ତା'ର ପାଟିରେ
ପଡିବ।
13ନୀନିବୀ, ତୁମ୍ଭର ଲୋକମାନେ ସ୍ତ୍ରୀଲୋକ ସଦୃଶ। ତୁମ୍ଭ
ଦେଶର ଫାଟକଗୁଡ଼ିକ ଶତ୍ରୁସୈନ୍ୟ ପ୍ରବେଶ କରିବାକୁ ସମ୍ପୂର୍ଣ୍ଣ
ଉନ୍ମୁକ୍ତ। ଫାଟକଗୁଡ଼ିକରେ ଲାଗିଥିବା କାଠର ଦଣ୍ଡଗୁଡ଼ିକ ଅଗ୍ନି
ପୋଡ଼ି ଦେଇଛି।
14ଅବରୋଧ ସମୟ ନିମନ୍ତେ ପାଣି କାଢି ଆଣ। ଇଟା
ତିଆରି କରିବାକୁ ମାଟି ରଖ, ସେଥିରେ ଚୂନ ମିଶାଅ, ଇଟା
ତିଆରି ପାଇଁ ସେହି କାଦୁଅକୁ ନିଅ। ତୁମ୍ଭମାନଙ୍କର ଦୁର୍ଗଗୁଡ଼ିକ
ଶକ୍ତିଶାଳୀ କର। 15ତୁମ୍ଭେ ସେହି ସବୁ କାମ କରିପାରିବ।

କିନ୍ତୁ ଅଗ୍ନି ତଥାପି ତୁମ୍ଭକୁ ସମ୍ପୂର୍ଣ୍ଣଭାବେ ଧ୍ୱଂସ କରିବ। ଖଣ୍ଡା
ତୁମ୍ଭକୁ ହତ୍ୟା କରିବ, ତୁମ୍ଭର ଜମିରେ ଦଳେ ପଙ୍ଗପାଳ
ସଦୃଶ ଦେଖାଯିବେ ଯିଏକି ଆସିବ ଏବଂ ସବୁ ଖାଇଦେବ।
ନୀନବୀ, ତୁମ୍ଭେ ବଢ଼ି ଚାଲିଲ। ତୁମ୍ଭେ ପଲେ ପଙ୍ଗପାଳ
ସଦୃଶ ହେଲ। **16**ତୁମ୍ଭର ବହୁ ବ୍ୟବସାୟୀ ଅଛନ୍ତି। ସେମାନେ
ଆକାଶ ତାରା ସଦୃଶ ଅଗଣିତ ଏବଂ ସେମାନେ ପଙ୍ଗପାଳ
ସଦୃଶ। ସେମାନେ ସବୁ ଶେଷ ହେବା ପର୍ଯ୍ୟନ୍ତ ଖାଆନ୍ତି ଏବଂ
ପରେ ସେମାନେ ସେହି ସ୍ଥାନ ଛାଡ଼ନ୍ତି। **17**ତୁମ୍ଭର ସରକାରୀ
କର୍ମଚାରୀମାନେ ମଧ ପଙ୍ଗପାଳ ସଦୃଶ। ତୁମ୍ଭମାନଙ୍କର
ରାଜପୁତ୍ରମାନେ ଝିଣ୍ଟିକା ପରି। ସେମାନେ ଶୀତଦିନରେ କାନ୍ଥରେ
ବାସ କରନ୍ତି। କିନ୍ତୁ ଯେତେବେଳେ ସୂର୍ଯ୍ୟ ଉପରକୁ ଉଠନ୍ତି
ଏବଂ ପଥର ଉଷ୍ମ ହୁଏ, ସେହି ପଙ୍ଗପାଳମାନେ ଉଡ଼ି
ପଳାନ୍ତି। ଏବଂ କେହି ଜାଣନ୍ତି ନାହିଁ ସେମାନେ କେଉଁ ଆଡ଼କୁ
ଯାଇଛନ୍ତି।

**18**ହେ ଅଶୂରର ରାଜା, ତୁମ୍ଭର ମେଷପାଳକମାନେ ଶୋଇ
ପଡ଼ିଲେ। ସେହି ଶକ୍ତିଶାଳୀ ଲୋକମାନେ ଶୋଇଛନ୍ତି। ବର୍ତ୍ତମାନ
ତୁମ୍ଭ ଲୋକମାନେ ପର୍ବତ ଉପରେ ବିଛେଇ ହୋଇ ଯାଇଛନ୍ତି।
ସେଠାରେ ସେମାନଙ୍କୁ ଫେରାଇ ଆଣିବାକୁ କେହି ଲୋକ
ନାହାଁନ୍ତି। **19**ହେ ନୀନବୀ, ତୁମ୍ଭେ ଭୟଙ୍କର ଭାବରେ କ୍ଷତ
ବିକ୍ଷତ ହୋଇଛ। କିଛି ତୁମ୍ଭର କ୍ଷତକୁ ଆରୋଗ୍ୟ କରିପାରିବ
ନାହିଁ। ଯେ କେହି ତୁମ୍ଭ ବିଷୟରେ ସଂବାଦ ଶୁଣେ ସେମାନେ
ତାଳି ମାରନ୍ତି। ସେମାନେ ସମସ୍ତେ ଖୁସି ହୁଅନ୍ତି କାରଣ
ସେମାନେ ସମସ୍ତେ ତୁମ୍ଭମାନଙ୍କର ଭୂଲ ଯୋଗୁ ସର୍ବଦା ପିଡୀତ
ହେଉଛନ୍ତି।

# ମୀଖା ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

### ଶମରୟା ଓ ଇସ୍ରାୟେଲ ଦଣ୍ଡିତ ହେବେ

1 ସଦାପ୍ରଭୁଙ୍କ ବାଣୀ ମୀଖାଙ୍କ ନିକଟକୁ ଆସିଥିଲା। ଯୋଥମ,
ଆହସ ଓ ହିଜକିୟ ରାଜାମାନଙ୍କ ସମୟରେ ଏହି ବାଣୀ
ଆସିଥିଲା। ଏମାନେ ସବୁ ଯିହୁଦାର ରାଜା ଥିଲେ ଓ ମୀଖା
ଥିଲେ ମୋରେଷ୍ଟୀୟ। ସେ ଶମରୟା ଓ ଯିରୁଶାଲମ ବିଷୟରେ
ଏହି ଦର୍ଶନ ଲାଭ କଲେ।
2ହେ ସମସ୍ତ ଲୋକେ, ଶୁଣ! ହେ ପୃଥିବୀ ଓ ତନ୍ମଧ୍ୟସ୍ଥ
ସମସ୍ତେ ଶୁଣ। ମୋର ପ୍ରଭୁ ସଦାପ୍ରଭୁ ତାଙ୍କର ପବିତ୍ର
ମନ୍ଦିରରୁ ଆସିବେ। ତୁମ୍ଭମାନଙ୍କ ବିରୁଦ୍ଧରେ ସେ ସାକ୍ଷ୍ୟ ସ୍ୱରୂପ
ଆସିବେ।
3ଦେଖ, ସଦାପ୍ରଭୁ ତାଙ୍କ ସ୍ଥାନରୁ ବାହାର ଆସୁଛନ୍ତି। ସେ
ଏହି ଭୂମିର ଉଚ୍ଚସ୍ଥାନମାନଙ୍କରେ ବିଚରଣ କରିବାକୁ ଓହ୍ଲାଇ
ଆସୁଛନ୍ତି।
4ତାଙ୍କର ଆଗମନରେ ପର୍ବତଗୁଡ଼ିକ ଅଗ୍ନି ନିକଟରେ
ମହମ ତରଳିଲା ପରି ତରଳି ଯିବ। ଉପତ୍ୟକାଗୁଡ଼ିକ ବିଦୀର୍ଣ୍ଣ
ହେବ ଏବଂ ଜଳ ଗଡ଼ାଣିରେ ବହିଲା ପରି ନିମ୍ନକୁ ଗଡ଼ି
ଆସିବ।
5କାରଣ ଯାକୁବ ଓ ଇସ୍ରାୟେଲ ବଂଶର ପାପ ଯୋଗୁଁ
ଏହା ଘଟି ଅଛି।

### ଶମରୟା - ପାପର କାରଣ

ଶମରୟା ଯାକୁବର ପାପର କାରଣ ଥିଲା। ଯିହୁଦାର
ଉଚ୍ଚସ୍ଥଳୀ ଯିରୁଶାଲମ ଥିଲା।
6ତେଣୁ ଆମ୍ଭେ ଶମରୟାକୁ ଧ୍ୱଂସ କରିବ ଓ ଏହା
ଦ୍ରାକ୍ଷାଲତା ରୋପଣର କ୍ଷେତ୍ରରେ ପରିଣତ କରିବା। କେବଳ
ତା'ର ମୂଳଦୁଆକୁ ଛାଡ଼ି ଆମ୍ଭେ ଶମରୟାର ସମସ୍ତ ପଥରଗୁଡିକୁ
ଉପତ୍ୟକା ଭିତରକୁ ଫିଙ୍ଗିବା।
7ଏହି, ତା'ର ସମସ୍ତ ମୂର୍ତ୍ତି ଖଣ୍ଡ ବିଖଣ୍ଡିତ ହେବ।
ଶମରୟାର ସମସ୍ତ ଧନ ଅଗ୍ନିରେ ଦଗ୍ଧ କରାଯିବ। ସେହି
ଭଣ୍ଡଦେବତାର ମୂର୍ତ୍ତିଗୁଡ଼ିକୁ ଧ୍ୱଂସ କରାଯିବ। କାରଣ ଶମରୟା
ତା'ର ସମସ୍ତ ଧନ ଆତ୍ମ ପ୍ରତି ଅବିଶ୍ୱସ୍ତ ହୋଇ ଅର୍ଜ୍ଜନ
କରିଛି। ସେଥିପାଇଁ ଶମରୟାର ଧନସମ୍ପଦସବୁ ବାହାର କରି
ନିଆଯିବ ଏବଂ ପୁଣି ବେଶ୍ୟାମାନଙ୍କର ମଜୁରି ରୂପେ ତାହା
ବ୍ୟବହାର କରାଯିବ।

### ମୀଖାର ଘୋର ଦୁଃଖ

8ଯାହାସବୁ ଘଟିବ ମୁଁ ସେଥିପାଇଁ ଦୁଃଖିତ ହେବି। ମୁଁ
ବିବସ୍ତ୍ର ହୋଇ ଖାଲି ପାଦରେ ବୁଲିବି। ମୁଁ ଗୋଟିଏ ଶୃଗାଳ
ପରି ବିଳାପ କରିବି ଓ ଓଟପକ୍ଷୀ ପରି ଶୋକ କରିବି।
9ଶମରୟାର କ୍ଷତ କେବେ ପୂରଣ ହେବ ନାହିଁ। ତା'ର
ପାପ ଯିହୁଦା ପର୍ଯ୍ୟନ୍ତ ବ୍ୟାପି ଅଛି। ଆଉ ମଧ୍ୟ ତାହା ମୋ
ଲୋକମାନଙ୍କର ନଗରଦ୍ୱାର ଯିରୁଶାଲମ ପର୍ଯ୍ୟନ୍ତ ବ୍ୟାପିଅଛି।
10ଗାଥ ନଗରରେ ଏହା ଜଣାଅ ନାହିଁ। ଆଦୌ ବିଳାପ
କରନାହିଁ। ବୈଥ୍-ଲି-ଅଫ୍ରାରେ ନିଜେ ଧୂଳିରେ ଗଡ଼।
11ହେ ଶାଫୀର ନିବାସୀଗଣ, ଉଲଗ୍ନ ଓ ଲଜ୍ଜିତ ହୋଇ
ତୁମ୍ଭେମାନଙ୍କର ରାସ୍ତା ଅତିକ୍ରମ କର। ହେ ସାନନ ନିବାସୀଗଣ,
ତୁମ୍ଭେମାନେ ବାହାରକୁ ବାହାରିବ ନାହିଁ। ହେ ବୈଥେଲ୍‌ସଲର
ନିବାସୀଗଣ, ତୁମ୍ଭମାନଙ୍କଠାରୁ ତୁମ୍ଭମାନଙ୍କର ସୁରକ୍ଷା କାଢ଼ି
ନିଆହେବା ପରି ତୁମ୍ଭେମାନେ ଶୋକ କରିବ।
12ମାରୋତ୍ ନିବାସୀ ସୁସମ୍ବାଦକୁ ଅପେକ୍ଷା କରି ବିବ୍ରତ
ହୁଅନ୍ତି। କାରଣ ଯିରୁଶାଲମର ଦ୍ୱାରଦେଶ ପର୍ଯ୍ୟନ୍ତ ସଦାପ୍ରଭୁଙ୍କଠାରୁ
ଦୁଃଖ ଆସିଅଛି।
13ହେ ଲାଖୀଶର ନିବାସୀଗଣ, ଦ୍ରୁତଗାମୀ ଅଶ୍ୱକୁ ନେଇ
ରଥରେ ବାନ୍ଧ। ସିୟୋନର ପାପ ଲାଖୀଶରେ ଆରମ୍ଭ ହେଲା,
କାରଣ ତୁମ୍ଭେମାନେ ଇସ୍ରାୟେଲର ପାପକୁ ଅନୁସରଣ
କଲ।
14ତେଣୁ ତୁମ୍ଭେ ଗାଥ୍‌ରେ ମୋରେଷତ୍‌କୁ ବିଦାୟକାଳୀନ
ଦାନ ଦେବ। ଅକ୍‌ଷୀବର ଗୃହଗୁଡ଼ିକ ଇସ୍ରାୟେଲର ରାଜାମାନଙ୍କ
ପ୍ରତି ପ୍ରବଞ୍ଚନା ତୁଲ୍ୟ ହେବ।
15ହେ ମାରେଶା ନିବାସୀ, ତୁମ୍ଭମାନଙ୍କ ବିରୁଦ୍ଧରେ ଏକ
ବ୍ୟକ୍ତି ଆଣିବି, ଯିଏକି ତୁମ୍ଭମାନଙ୍କର ସମସ୍ତ ଅଧିକାର କରିବ।
ଇସ୍ରାୟେଲର ଗୌରବ ଅଦୁଲ୍ଲମକୁ ଆସିବ।
16ଏଥିପାଇଁ ତୁମ୍ଭେମାନେ ତୁମ୍ଭର ମସ୍ତକ ଲଣ୍ଡା କର।
ତୁମ୍ଭର ପ୍ରିୟ ସନ୍ତାନମାନଙ୍କ ପାଇଁ ବିଳାପ କର, ଶାଗୁଣା
ପକ୍ଷୀପରି ମସ୍ତକ ମୁଣ୍ଡନ କରି ତୁମ୍ଭର ଦୁଃଖ ଭାବକୁ ଦେଖାଅ
କାରଣ ତୁମ୍ଭର ସନ୍ତାନମାନଙ୍କୁ ତୁମ୍ଭଠାରୁ କାଢ଼ି ନିଆଯିବ।

### ଲୋକମାନଙ୍କର ମନ୍ଦ ଯୋଜନା

2 ଯେଉଁମାନେ ପାପ ଚିନ୍ତା କରନ୍ତି, ଦୁଃଖ ଦୁର୍ଦ୍ଦଶା
ସେମାନଙ୍କ ନିକଟକୁ ଆସେ। ସେହି ଲୋକମାନେ ନିଜ
ନିଜ ଶଯ୍ୟା ଉପରେ ପଡ଼ିରହି ମନ୍ଦ କଥା ଚିନ୍ତା କରନ୍ତି।
ଯେତେବେଳେ ପ୍ରଭାତ ହୁଏ, ପାଞ୍ଚିଥିବା ମନ୍ଦ କଥାକୁ କାର୍ଯ୍ୟକାରୀ
କରନ୍ତି। କାରଣ ସହଜରେ ସେ କାର୍ଯ୍ୟ କରିବାକୁ ତାଙ୍କର
ସେ ଶକ୍ତି ଥାଏ।
2ସେମାନେ କ୍ଷେତ ଚାହାଁନ୍ତି, ତାହା ଅନ୍ୟମାନଙ୍କଠାରୁ
ହରଣ କରନ୍ତି। ସେମାନେ ଗୃହ ଚାହାଁନ୍ତି, ଅନ୍ୟଠାରୁ ଛଡ଼ାଇ
ନିଅନ୍ତି। ସେମାନେ ମଧ୍ୟ ଅନ୍ୟର ଗୃହ ଅପହରଣ କରିବାକୁ
ଲୋକମାନଙ୍କୁ ଠକନ୍ତି। ଆଉ ମଧ୍ୟ ସେମାନେ ଲୋକମାନଙ୍କୁ
ପ୍ରତାରଣା କରି ସେମାନଙ୍କର ଭୂମି ଅପହରଣ କରନ୍ତି।

### ଲୋକମାନଙ୍କୁ ଶାସ୍ତି ଦେବାକୁ ସଦାପ୍ରଭୁଙ୍କ ଯୋଜନା

3ଏଥିପାଇଁ ସଦାପ୍ରଭୁ କୁହନ୍ତି, "ଦେଖ, ଏହି ପରିବାର ବିରୁଦ୍ଧରେ ମୁଁ ଅମଙ୍ଗଳ ଚିନ୍ତା କରୁଛି। ତୁମ୍ଭେମାନେ ନିଜକୁ ରକ୍ଷା କରିବାକୁ ସମର୍ଥ ହେବ ନାହିଁ। ତୁମ୍ଭେମାନେ ଗର୍ବର ସହିତ ବହୁ ଦୂର ଚାଲିଯାଇପାରିବ ନାହିଁ। କାରଣ, ଦୁଃସମୟ ଆସୁଅଛି।

4ତା'ପରେ ଲୋକମାନେ ତୁମ୍ଭ ବିରୁଦ୍ଧରେ ଗୀତ ଗାଇବେ। ତାହା ଏକ ଦୁଃଖର ସଙ୍ଗୀତ ହେବ। ସେମାନେ ବିଳାପ କରି କହିବେ, 'ଆମ୍ଭେମାନେ ଧ୍ୱଂସ ହୋଇଗଲୁ, ସଦାପ୍ରଭୁ ଆମ୍ଭର ଭୂମି ନେଇଗଲେ ଏବଂ ଅନ୍ୟ ଲୋକକୁ ତାହା ଦେଲେ। ଆମ୍ଭର ଭୂମିକୁ ଭାଗଭାଗ କରି ଶତ୍ରୁମାନଙ୍କୁ ବାଣ୍ଟି ଦେଲେ।

5ତେଣୁ ଆମ୍ଭେମାନେ ଜମିସବୁ ମାପିବାକୁ କ୍ଷମ ହେବୁ ନାହିଁ ଏବଂ ସଦାପ୍ରଭୁଙ୍କ ଲୋକମାନଙ୍କ ମଧ୍ୟରେ ବାଣ୍ଟି ପାରିବୁ ନାହିଁ।'"

### ମୀଖାଙ୍କୁ ପ୍ରଭୁଙ୍କ ବାଣୀ ପ୍ରଚାର ନକରିବାକୁ କୁହାଯାଏ

6ଲୋକେ କୁହନ୍ତି, "ତୁମ୍ଭେ ସଦାପ୍ରଭୁଙ୍କ ବାକ୍ୟ ପ୍ରଚାର କର ନାହିଁ। ଆମ୍ଭମାନଙ୍କୁ ସେ ଅମଙ୍ଗଳ ବାକ୍ୟ କୁହ ନାହିଁ। ଆମ୍ଭମାନଙ୍କର କୌଣସି ଅମଙ୍ଗଳ ଘଟିବ ନାହିଁ।"

7ହେ ଯାକୁବ ବଂଶ, ଆମ୍ଭେ ଏହିସବୁ ନିଶ୍ଚୟ କହିବା। କାରଣ ତୁମ୍ଭେମାନେ ଯେଉଁ ମନ୍ଦକାର୍ଯ୍ୟ କରିଛ, ସେଥିପାଇଁ ସଦାପ୍ରଭୁ ତାଙ୍କର ଧୈର୍ଯ୍ୟ ହରାଇଛନ୍ତି। ତୁମ୍ଭେ ଯଦି ଉଚିତ କର୍ମ କରିବ, ଆମ୍ଭର ବାକ୍ୟ ତୁମ୍ଭ ପାଇଁ ମଙ୍ଗଳକର ହେବ।

8କିନ୍ତୁ ତୁମ୍ଭେମାନେ ଆମ୍ଭର ଲୋକମାନଙ୍କ ପ୍ରତି ଶତ୍ରୁ ତୁଲ୍ୟ ହୋଇଛ। ପଥଚାରୀମାନଙ୍କର ଉତ୍ତରୀୟ ବସ୍ତ୍ର ତୁମ୍ଭେମାନେ ଛଡ଼ାଇ ନେଇଛ। ସେହି ଲୋକମାନେ ନିରାପଦ ବୋଲି ଚିନ୍ତା କରନ୍ତି। କିନ୍ତୁ ତୁମ୍ଭେମାନେ ଯୁଦ୍ଧ ବନ୍ଦୀ ସଦୃଶ ସେମାନଙ୍କଠାରୁ ସମସ୍ତ ଛଡ଼ାଇ ନିଅ।

9ଆମ୍ଭ ଲୋକମାନଙ୍କର ନାରୀଗଣଙ୍କୁ ସେମାନଙ୍କର ରମଣୀୟ ଗୃହଗୁଡ଼ିକରୁ ତୁମ୍ଭେ ଅପହରଣ କରିଛ। ଆଉ ମଧ୍ୟ ତୁମ୍ଭେ ସେମାନଙ୍କର ଛୋଟ ସନ୍ତାନମାନଙ୍କଠାରୁ ମୋର ଗୌରବ ଚିରଦିନ ପାଇଁ କାଢ଼ି ନେଇଛ।

10ତୁମ୍ଭେମାନେ ଉଠ ଏବଂ ଏସ୍ଥାନକୁ ପରିତ୍ୟାଗ କର। ଏସ୍ଥାନ ତୁମ୍ଭର ବିଶ୍ରାମଗୃହ ନୁହେଁ। କାରଣ ତୁମ୍ଭେମାନେ ଏହାର ପ୍ରତିଦ୍ୱନ୍ଦ୍ୱୀ ହୋଇଛ। ତୁମ୍ଭେ ମଧ୍ୟ ଏହାକୁ କଳୁଷିତ କରିଛ। ତେଣୁ ଏହି ସ୍ଥାନ ଶୋଚନୀୟ ଭାବରେ ବିଚ୍ଛିନ୍ନ ହେବ।

11ଯଦି କିଏ ଜଣେ ମିଥ୍ୟା ପ୍ରଚାର କରେ ତେବେ ଲୋକମାନେ ତାକୁ ଗ୍ରହଣ କରିବେ। ଯଦି ସେ ଆସି କହେ, "ଭବିଷ୍ୟତରେ ପ୍ରଚୁର ଦ୍ରାକ୍ଷାରସ ଓ କଡ଼ା ସୁରା ମିଳିବ" ତେବେ ଏହି ଲୋକମାନେ ମିଥ୍ୟା ଭବିଷ୍ୟତବାଣୀକୁ ଗ୍ରହଣ କରିବେ।

### ସଦାପ୍ରଭୁ ତାଙ୍କର ସନ୍ତାନଗଣଙ୍କୁ ଏକତ୍ରିତ କରନ୍ତି

12ହେ ଯାକୁବର ଲୋକମାନେ, ଆମ୍ଭେ ତୁମ୍ଭର ସମସ୍ତ ଲୋକମାନଙ୍କୁ ଏକତ୍ରିତ କରିବା। ଆଉ ମଧ୍ୟ ଇସ୍ରାୟେଲର ଅବଶିଷ୍ଟ ଲୋକମାନଙ୍କୁ ଏକାଠି କରିବା। ପଶୁମାନଙ୍କୁ ଖୁଆଡରେ ଓ ଚାରଣ ଭୂମିରେ ମେଷମାନଙ୍କୁ ଏକତ୍ରିତ କଲାପରି ସେମାନଙ୍କୁ ସମବେତ କରାଇବା। ସେତେବେଳେ ସେ ସ୍ଥାନଟି ଲୋକ ଗହଳରେ ମୁଖରିତ ଓ କୋଳାହଳପୂର୍ଣ୍ଣ ହେବ।

13ତା'ପରେ "ଭଗ୍ନକାରୀଦଳ*" ଲୋକମାନଙ୍କର ନେତୃତ୍ୱ ନେବେ। ସେମାନେ ପ୍ରବେଶପଥକୁ ଭାଙ୍ଗି ସେହି ନଗରୀକୁ ପରିତ୍ୟାଗ କରିଛନ୍ତି। ସେମାନଙ୍କର ରାଜା ସେମାନଙ୍କର ଅଗ୍ରଗାମୀ ଓ ତାଙ୍କ ଲୋକମାନଙ୍କର ସମ୍ମୁଖରେ ସଦାପ୍ରଭୁ ମଧ୍ୟ ଥିବେ।

### ଇସ୍ରାୟେଲର ନେତାଗଣ ଅମଙ୍ଗଳ ପାଇଁ ଦୋଷୀ

3 ତା'ପରେ ମୁଁ କହିଲି, "ହେ ଯାକୁବର ପ୍ରାଚୀନଗଣ ଓ ଇସ୍ରାୟେଲ ବଂଶର ଶାସକଗଣ, ମୋ କଥା ଶୁଣ, ତୁମ୍ଭେମାନେ ନ୍ୟାୟ କ'ଣ ଜାଣିବା ଉଚିତ।

2କିନ୍ତୁ ତୁମ୍ଭେମାନେ ସୁକର୍ମକୁ ଘୃଣାକରି ଦୁଷ୍କର୍ମକୁ ଭଲ ପାଉଛ। ଆଉ ମଧ୍ୟ ଲୋକମାନଙ୍କ ଶରୀରରୁ ଚର୍ମ ବିଦୀର୍ଣ୍ଣ କରିଛ ଏବଂ ସେମାନଙ୍କର ଅସ୍ଥିରୁ ମାଂସ କାଢ଼ି ନେଇଛ।

3ତୁମ୍ଭେମାନେ ମୋ ସନ୍ତାନମାନଙ୍କୁ ଧ୍ୱଂସ କରିଛ। ତୁମ୍ଭେ ସେମାନଙ୍କର ଚର୍ମ କାଢ଼ି ନେଇଛ ଓ ସେମାନଙ୍କର ଅସ୍ଥିକୁ ଭାଙ୍ଗି ଦେଇଛ। ପାତ୍ରରେ ରନ୍ଧନ ପାଇଁ ମାଂସକୁ ଖଣ୍ଡ କଲାପରି ସେମାନଙ୍କ ଅସ୍ଥି ଓ ମାଂସକୁ ତୁମ୍ଭେ ଖଣ୍ଡ ଖଣ୍ଡ କରିଛ।

4ତେଣୁ ତୁମ୍ଭେମାନେ ଯେତେବେଳେ ସଦାପ୍ରଭୁଙ୍କୁ ନିବେଦନ କରିବ, କିନ୍ତୁ ସେ କୌଣସି ଉତ୍ତର ଦେବେ ନାହିଁ। ଆଉ ମଧ୍ୟ ତୁମ୍ଭେମାନେ ଦୁଷ୍କର୍ମ କରିଥିବାରୁ ସଦାପ୍ରଭୁ ତୁମ୍ଭମାନଙ୍କୁ ତାଙ୍କର ମୁହଁ ଲୁଚାଇବେ।"

### ମିଥ୍ୟା ଭବିଷ୍ୟତବକ୍ତାଗଣ

5କେତେକ ଭବିଷ୍ୟତ୍‌ବକ୍ତା ସଦାପ୍ରଭୁଙ୍କ ଲୋକଙ୍କୁ ମିଥ୍ୟା ବାକ୍ୟ କୁହନ୍ତି। ସଦାପ୍ରଭୁ ସେହି ଭବିଷ୍ୟତ୍‌ବକ୍ତାମାନଙ୍କ ସମ୍ବନ୍ଧରେ ଏହି କଥା କୁହନ୍ତି,

"ଏହି ଭବିଷ୍ୟତ୍‌ବକ୍ତାଗଣ ନିଜର ଉଦର ଦ୍ୱାରା ପରିଚାଳିତ ହୁଅନ୍ତି। ଯେଉଁ ଲୋକମାନେ ସେମାନଙ୍କୁ ଖାଦ୍ୟ ଦିଅନ୍ତି ସେହି ଲୋକମାନଙ୍କୁ ଶାନ୍ତି ପ୍ରଦାନ ପାଇଁ ସେମାନେ ପ୍ରତିଜ୍ଞା କରନ୍ତି। କିନ୍ତୁ ଯେଉଁମାନେ ସେମାନଙ୍କୁ ଖାଦ୍ୟ ଦିଅନ୍ତି ନାହିଁ ସେମାନେ ସେହି ଲୋକମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରନ୍ତି।"

6ଏଥିପାଇଁ ତୁମ୍ଭେମାନେ ଦର୍ଶନ ପାଇବ ନାହିଁ, ତୁମ୍ଭମାନଙ୍କ ପାଇଁ ତାହା ରାତ୍ରି ହେବ। ଭବିଷ୍ୟତ୍‌ରେ କ'ଣ ଘଟିବ ତୁମ୍ଭେମାନେ ତାହା ଦେଖିପାରିବ ନାହିଁ। ତେଣୁ ତାହା ତୁମ୍ଭମାନଙ୍କ ପାଇଁ ଅନ୍ଧକାର ହେବ। ସୂର୍ଯ୍ୟ ସେହି ଭବିଷ୍ୟତ୍‌ବକ୍ତାଗଣଙ୍କ ଉପରେ ଅସ୍ତମିତ ହେବେ, ତେଣୁ ସେମାନଙ୍କ ପାଇଁ ଦିବସ ଅନ୍ଧକାର ତୁଲ୍ୟ ହେବ।

7ଆଉ ସେହି ଦର୍ଶକମାନେ ଲଜ୍ଜିତ ହେବେ ଏବଂ ମନ୍ତ୍ରଜ୍ଞମାନେ ଉଦ୍‌ବିଗ୍ନ ହେବେ। ସେମାନେ କିଛି କହି ପାରିବେ ନାହିଁ କାରଣ ପରମେଶ୍ୱର ତାଙ୍କୁ କୌଣସି ଉତ୍ତର ଦେବେ ନାହିଁ।

---

**ଭଗ୍ନକାରୀଦଳ** ଭଗ୍ନକାରୀଦଳ ନେତା ଅଟନ୍ତି କି ମୋକ୍ଷକ।

### ମୀଖା ପରମେଶ୍ୱରଙ୍କର ଏକ ସାଧୁ ଭବିଷ୍ୟତବକ୍ତା

8କିନ୍ତୁ ସଦାପ୍ରଭୁଙ୍କର ଆତ୍ମା ଦ୍ୱାରା ଶକ୍ତିରେ, ନ୍ୟାୟ
ବିଚାରରେ ଓ ପରାକ୍ରମରେ ମୁଁ ଏପରି ପରିପୂର୍ଣ୍ଣ ହେବି ଯେ
ଯାକୁବର ଅପରାଧ ଓ ଇଶ୍ରାୟେଲର ପାପ ବିଷୟରେ ମୁଁ
ସେମାନଙ୍କୁ ଅବଗତ କରାଇବି।"

### ଇଶ୍ରାୟେଲର ପ୍ରାଚୀନଗଣ ନିନ୍ଦିତ ହୁଅନ୍ତି

9ହେ ଯାକୁବର ବୃଦ୍ଧଗଣ ଓ ଇଶ୍ରାୟେଲର ଶାସକଗଣ
ମୋ କଥା ଶୁଣ! ତୁମ୍ଭେମାନେ ନ୍ୟାୟ ବିଚାର ଚଳଣିକୁ ଘୃଣା
କରୁଛ। ଯାହାସବୁ ନ୍ୟାୟ ଓ ଯଥାର୍ଥ ତୁମ୍ଭେମାନେ ସେ
ସମସ୍ତକୁ ମିଥ୍ୟା କରୁଛ।
10ଲୋକମାନଙ୍କ ରକ୍ତରେ ସିୟୋନକୁ ତୁମ୍ଭେ ଗଢିଛ ଓ
ଅଧର୍ମ ଦ୍ୱାରା ଯିରୁଶାଲମକୁ ନିର୍ମାଣ କରିଛ।
11ଯିରୁଶାଲମର ବିଚାରପତିଗଣ ଲାଞ୍ଚ ନେଇ ବିଚାର
କରନ୍ତି। ଆଉ ସେ ସ୍ଥାନର ଯାଜକଗଣ ଅର୍ଥ ନେଇ ଶିକ୍ଷା
ଦିଅନ୍ତି ଓ ଭବିଷ୍ୟତ୍‌ବକ୍ତାଗଣ ଭବିଷ୍ୟବାଣୀ ପାଇଁ ଅର୍ଥ
ନିଅନ୍ତି। ତଥାପି ସେ ସ୍ଥାନର ବୃଦ୍ଧଗଣ ସଦାପ୍ରଭୁଙ୍କ ସାହାଯ୍ୟ
ପାଇଁ ଆଶା କରନ୍ତି। ସେମାନେ ମଧ୍ୟ କୁହନ୍ତି, "ସଦାପ୍ରଭୁ
ଆମ୍ଭମାନଙ୍କ ସହିତ ଏଠାରେ ଅଛନ୍ତି।" ତେଣୁ କୌଣସି
ଅମଙ୍ଗଳ ଆମ୍ଭମାନଙ୍କର ଘଟିବ ନାହିଁ।
12ହେ ପ୍ରାଚୀନଗଣ, ତୁମ୍ଭମାନଙ୍କ ପାଇଁ ସିୟୋନ ଧ୍ୱଂସ
ହେବ। ଏହା ଚାଷ ଭୂମିରେ ପରିଣତ ହେବ। ଯିରୁଶାଲମ
ମଧ୍ୟ ପ୍ରସ୍ତର ସ୍ତୁପରେ ପରିଣତ ହେବ। ମନ୍ଦିରର ପର୍ବତ
ଶୂନ୍ୟ ପାହାଡ଼ ହୋଇ ବଣବୁଦାରେ ଆବୃତ୍ତ ହେବ।

### ଯିରୁଶାଲମରୁ ଆଇନ ପ୍ରଣୀତ ହେବ

4 ଭବିଷ୍ୟତରେ ସଦାପ୍ରଭୁଙ୍କ ଗୃହ, ପର୍ବତର ଉଚ୍ଚତମ
ପର୍ବତ ଶିଖର ଉପରେ ସ୍ଥାପିତ ହେବ। ଏହା ସମସ୍ତ
ପର୍ବତଗୁଡିକ ଅପେକ୍ଷା ଉଚ୍ଚତର ହେବ। ଲଗାତାର ଗୋଷ୍ଠୀଗଣ
ସ୍ରୋତ ପରି ସେଠାକୁ ଯାଉଥିବେ।
2ବିଭିନ୍ନ ଗୋଷ୍ଠୀରୁ ଲୋକମାନେ ସେଠାକୁ ଯିବେ ଏବଂ
କହିବେ,
"ଆସ ସଦାପ୍ରଭୁଙ୍କ ପର୍ବତକୁ ଯିବା। ଚାଲ ଯାକୁବଙ୍କ
ପରମେଶ୍ୱରଙ୍କ ମନ୍ଦିରକୁ ଯିବା। ସେତେବେଳେ ପରମେଶ୍ୱର
ତାଙ୍କ ପଥ ବିଷୟରେ ଆମ୍ଭମାନଙ୍କୁ ଶିକ୍ଷା ଦେବେ ଏବଂ
ଆମ୍ଭେମାନେ ସେହି ସବୁକୁ ଅନୁସରଣ କରିବା।"
ପରମେଶ୍ୱରଙ୍କଠାରୁ ଶିକ୍ଷା ସଦାପ୍ରଭୁଙ୍କ ବାର୍ତ୍ତା ଯିରୁଶାଲମର
ସିୟୋନ ପର୍ବତରୁ ଆରମ୍ଭ ହେବ ଏବଂ ତାହା ସମଗ୍ର
ପୃଥିବୀରେ ପ୍ରସାରିତ ହେବ।
3ତା'ପରେ ଅନେକ ଗୋଷ୍ଠୀର ଲୋକମାନଙ୍କ ପାଇଁ
ପରମେଶ୍ୱର ବିଚାରକ ହେବେ ଓ ଦୂରଦେଶୀୟ ଅନେକ
ଲୋକମାନଙ୍କୁ ତାଙ୍କର ଶେଷ ନିଷ୍ପତ୍ତି ଜଣାଇବେ। ସେହି
ଲୋକମାନେ ଯୁଦ୍ଧ ପାଇଁ ସେମାନଙ୍କର ଅସ୍ତ୍ର ତ୍ୟାଗ କରିବେ।
ସେମାନେ ସେମାନଙ୍କର ଖଡ୍ଗରେ ଲଙ୍ଗଳ ତିଆରି କରିବେ
ଏବଂ ବର୍ଚ୍ଛାକୁ ଭାଙ୍ଗି ଶସ୍ୟ କାଟିବାକୁ ଦାଆ ନିର୍ମାଣ କରିବେ।
ଲୋକମାନେ ଅନ୍ୟ ସହିତ ଯୁଦ୍ଧ କରିବା ବନ୍ଦ କରିବେ।
ଆଉ ଯୁଦ୍ଧ ପାଇଁ ତାଲିମ ମଧ୍ୟ କେବେ ନେବେ ନାହିଁ।
4ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଦ୍ରାକ୍ଷାଲତା ଓ ଡ଼ିମିରି ବୃକ୍ଷ
ତଳେ ବସିବେ ଓ କେହି ସେମାନଙ୍କୁ ଭୟଭୀତ କରାଇବେ
ନାହିଁ। କାରଣ ସର୍ବଶକ୍ତିମାନ ସଦାପ୍ରଭୁ ଏହାହିଁ ଘଟିବ ବୋଲି
କହିଲେ।
5ଅନ୍ୟ ଗୋଷ୍ଠୀର ଲୋକମାନେ ସେମାନଙ୍କର ନିଜର
ଦେବତାମାନଙ୍କୁ ଅନୁସରଣ କରିବେ। କିନ୍ତୁ ଆମ୍ଭେମାନେ
ଚିରକାଳ ସଦାପ୍ରଭୁ ପରମେଶ୍ୱରଙ୍କର ଅନୁଗାମୀ ହେବା।

### ରାଜ୍ୟର ପୁନରାଗମନ

6ସଦାପ୍ରଭୁ କୁହନ୍ତି, "ଆଘାତପ୍ରାପ୍ତ, ପଙ୍ଗୁ, ବିତାଡ଼ିତ ଓ
ଦଣ୍ଡିତ ଯିରୁଶାଲମକୁ ଆମ୍ଭେ ପୁନର୍ବାର ଫେରାଇ ଆଣିବା।
7ଆମ୍ଭେ ସେହି ନଗରର 'ପଙ୍ଗୁ' ଲୋକମାନଙ୍କୁ ଅବଶିଷ୍ଟାଂଶ
ରୂପେ ରଖିବା ଓ ବିତାଡ଼ିତ ହୋଇଥିବା ସେହି ଲୋକମାନଙ୍କୁ
ପୁଣି ଶକ୍ତିଶାଳୀ ଗୋଷ୍ଠୀରେ ପରିଣତ କରିବା। ସଦାପ୍ରଭୁ
ସେମାନଙ୍କର ରାଜା ହେବେ ଏବଂ ସେ ସିୟୋନ ପର୍ବତ
ଉପରେ ଏବେଠାରୁ ଚିରକାଳ ପର୍ଯ୍ୟନ୍ତ ସେମାନଙ୍କ ଉପରେ
ଶାସନ କରିବେ।
8ପୁଣି ହେ ପଲର ଦୁର୍ଗ, ତୁମ୍ଭର ସମୟ ଆସିବ।
ସିୟୋନ କନ୍ୟା, ପର୍ବତରେ ତୁମ୍ଭେ ପୁନର୍ବାର ଶାସନ ଗାଦିରେ
ରହିବ। ଆଉ ଅତୀତ ପରି ଯିରୁଶାଲମ ଗୋଟିଏ ଶକ୍ତିଶାଳୀ
ରାଜ୍ୟ ହେବ।"

### ଇଶ୍ରାୟେଲୀୟମାନେ କାହିଁକି ବାବିଲୋନ ଯିବେ

9ବର୍ତ୍ତମାନ ତୁମ୍ଭେ କାହିଁକି ଉଚ୍ଚ ସ୍ୱରରେ ବିଳାପ କରୁଛ?
ତୁମ୍ଭର ରାଜା କ'ଣ ଚାଲିଯାଇଛନ୍ତି? ତୁମ୍ଭେ କ'ଣ ତୁମ୍ଭର
ମନ୍ତ୍ରୀଙ୍କୁ ହରାଇଛ? ପ୍ରସବକାଳୀନ ରମଣୀଙ୍କ ପରି ତୁମ୍ଭେ
ବେଦନା ପାଉଛ।
10ହେ ସିୟୋନର କନ୍ୟା, ତୁମ୍ଭେ ପ୍ରସବ ବେଦନା
ଅନୁଭବ କର "ସନ୍ତାନ" ଜନ୍ମ ଦିଅ। ତୁମ୍ଭେ ନଗରର
ବାହାରକୁ ଯାଅ ଏବଂ କ୍ଷେତ୍ରରେ ବାସ କର। ତୁମ୍ଭେ
ବାବିଲୋନ ଯିବ। କିନ୍ତୁ ସେ ସ୍ଥାନରେ ତୁମ୍ଭେ ସୁରକ୍ଷିତ
ହେବ। ଆଉ ମଧ୍ୟ ସଦାପ୍ରଭୁ ସେଠାକୁ ଯିବେ ଓ ତୁମ୍ଭକୁ
ରକ୍ଷା କରିବେ। ସେ ତୁମ୍ଭମାନଙ୍କୁ ଶତ୍ରୁମାନଙ୍କଠାରୁ ଦୂରେଇ
ନେବେ।

### ଅନ୍ୟ ଗୋଷ୍ଠୀ ସମୂହକୁ ସଦାପ୍ରଭୁ ଧ୍ୱଂସ କରିବେ

11ତୁମ୍ଭ ବିରୁଦ୍ଧରେ ବହୁଗୋଷ୍ଠୀ ଲଢ଼ିବାକୁ ଆସିଛନ୍ତି।
ସେମାନେ କୁହନ୍ତି, "ଦେଖ, ସେ ହେଉଛି ସିୟୋନ, ଆମ୍ଭେ
ତାକୁ ସଂପୂର୍ଣ୍ଣ ନଷ୍ଟ କରିଦେବୁ।"
12ସେହି ଲୋକମାନଙ୍କର ନିଜର ମନ୍ତ୍ରଣା ଅଛି। କିନ୍ତୁ
ସେମାନେ ସଦାପ୍ରଭୁଙ୍କର ମନ୍ତ୍ରଣା ଜାଣନ୍ତି ନାହିଁ। ସଦାପ୍ରଭୁ
ସେମାନଙ୍କୁ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟରେ ଏଠାକୁ ଆଣିଛନ୍ତି,
ସେମାନଙ୍କୁ ଶସ୍ୟ ଖଳାରେ ଶସ୍ୟ ପେଟିଲା ପରି ଦଳି
ଦେବେ।

### ଇଶ୍ରାୟେଲ ତା'ର ଶତ୍ରୁକୁ ପରାସ୍ତ କରିବ

13"ସିୟୋନର କନ୍ୟା, ଉଠ ଓ ଏହି ଲୋକଙ୍କୁ ଦଳି

ଦିଅ। କାରଣ ଆମ୍ଭେ ତୁମ୍ଭକୁ ଶକ୍ତିଶାଳୀ କରିବା। ଆମ୍ଭେ
ବଳଦପରି ତୁମ୍ଭର ଶିଙ୍ଗକୁ ଲୌହ ସଦୃଶ ଓ ଖୁରାକୁ ପିତ୍ତଳ
ସଦୃଶ କରିବା। ତୁମ୍ଭେ ତାହାର ସାହାଯ୍ୟରେ ଅନେକ
ଗୋଷ୍ଠୀକୁ ଚୂର୍ଣ୍ଣ କରିବ। ସେମାନଙ୍କର ଧନସମ୍ପତ୍ତି ତୁମ୍ଭେ
ସଦାପ୍ରଭୁଙ୍କୁ ଅର୍ପଣ କରିବ ଏବଂ ସେମାନଙ୍କର ଧନଭଣ୍ଡାର
ସମୁଦାୟ ଭୂମଣ୍ଡଳର ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ
କରିବ।"

5 ବର୍ତ୍ତମାନ, ହେ ଶକ୍ତିଶାଳୀ ନଗରୀ, ତୁମ୍ଭର ସୈନ୍ୟଦଳକୁ
ଏକତ୍ରିତ କର। ସେମାନେ ଆକ୍ରମଣ କରିବାକୁ ଆମ୍ଭମାନଙ୍କୁ
ଘେରି ରହନ୍ତୁ। ସେମାନେ ମଧ୍ୟ ଇଶ୍ରାୟେଲର ବିଚାରକଙ୍କୁ
ତାଙ୍କ ଗାଲରେ ବାଡ଼ି ସାହାଯ୍ୟରେ ଆଘାତ କରିବେ।

### ମସିହା ବୈତ୍‌ଲେହମ ଜନ୍ମ ନେବେ

2କିନ୍ତୁ ହେ ବୈତ୍‌ଲେହମ୍-ଇଫ୍ରାଥା, ତୁମ୍ଭେ ଯିହୁଦାର
ଗୋଟିଏ କ୍ଷୁଦ୍ରତମ ସହର ଅଟ। କିନ୍ତୁ ତୁମ୍ଭ ମଧ୍ୟରୁ
"ଇଶ୍ରାୟେଲର ଶାସନକର୍ତ୍ତା" ହେବା ନିମନ୍ତେ ଜଣେ ବ୍ୟକ୍ତି
ଆମ୍ଭ ଉଦ୍ଦେଶ୍ୟରେ ଜନ୍ମ ହେବେ। ତାଙ୍କର ଉତ୍ପତ୍ତି ପୁରାତନ
ତଥା ଅନାଦିକାଳରୁ ହୋଇଅଛି।
3ସେଥିପାଇଁ ସଦାପ୍ରଭୁ ତାଙ୍କର ସନ୍ତାନମାନଙ୍କୁ ତ୍ୟାଗ
କରିବେ, ଯେପର୍ଯ୍ୟନ୍ତ ସ୍ତ୍ରୀଲୋକ ତା'ର ସନ୍ତାନ ପ୍ରସବ ନ
କରିଛି। ତାହାପରେ ଅବଶିଷ୍ଟ ଭ୍ରାତୃଗଣ ଇଶ୍ରାୟେଲର ଲୋକଙ୍କ
ନିକଟକୁ ଫେରି ଆସିବେ।
4ତା'ପରେ ଇଶ୍ରାୟେଲର ଶାସକ ସଦାପ୍ରଭୁଙ୍କ ଶକ୍ତିରେ ଓ
ତାଙ୍କ ସଦାପ୍ରଭୁ ପରମେଶ୍ୱରଙ୍କ ଅପୂର୍ବ ମହିମାରେ ଦଣ୍ଡାୟମାନ
ହୋଇ ତାଙ୍କ ପଲଙ୍କୁ ଚରାଇବେ। ସେମାନେ ଶାନ୍ତିରେ ବାସ
କରିବେ କାରଣ ସେ ସମୟରେ ତାଙ୍କର ମହାନତା ପୃଥିବୀର
ଶେଷ ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ହେବ।
5ସେଠାରେ ଶାନ୍ତି ବିରାଜିତ ହେବ। ଯଦି ଅଶୂରୀୟ
ଗୋଷ୍ଠୀ ଆମ୍ଭ ଦେଶକୁ ଆସିବେ ଏବଂ ଆମ୍ଭ ରାଜ୍ୟକୁ
ଆକ୍ରମଣ କରିବେ, ତେବେ ଆମ୍ଭେ ଇଶ୍ରାୟେଲର
ସାତଜଣ ମେଷପାଳକ ଓ ଆଠଜଣ ପ୍ରଧାନ ଲୋକଙ୍କୁ
ନିର୍ବାଚନ କରିବୁ।
6ସେମାନେ ସେମାନଙ୍କର ଖଡ୍ଗ ବ୍ୟବହାର କରିବେ ଓ
ଅଶୂରୀୟମାନଙ୍କୁ ଶାସନ କରିବେ। ସେମାନେ ମଧ୍ୟ ନିମ୍ରୋଦ
ଦେଶର ଲୋକମାନଙ୍କୁ ହସ୍ତରେ ଖଡ୍ଗ ଧାରଣ କରି ଶାସନ
କରିବେ। କିନ୍ତୁ ଇଶ୍ରାୟେଲର ଶାସକ ଯେଉଁ ଅଶୂରୀୟମାନେ
ଆମ୍ଭ ଦେଶକୁ ଆସିବେ ଓ ଆମ୍ଭ ସୀମା ମଧ୍ୟରେ ପ୍ରବେଶ
କରିବେ ସେମାନଙ୍କଠାରୁ ଆମ୍ଭମାନଙ୍କୁ ଉଦ୍ଧାର କରିବେ।
7କିନ୍ତୁ ଯାକୁବର ଅବଶିଷ୍ଟାଂଶ, ବହୁ ଜାତି ମଧ୍ୟରେ
ସଦାପ୍ରଭୁଙ୍କର ସକାଳର କାକରପରି ବିକ୍ଷିପ୍ତ ହେବେ, ଏବଂ
କେବେ ମନୁଷ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବେ ନାହିଁ।
ଆଉ ମଧ୍ୟ ସେମାନେ ତୃଣ ଉପରେ ବୃଷ୍ଟି ସଦୃଶ ହେବେ
ଏବଂ ମନୁଷ୍ୟମାନଙ୍କ ଉପରେ ଭରସା ରଖିବେ ନାହିଁ।
8ବହୁ ଗୋଷ୍ଠୀ ମଧ୍ୟରେ ବିକ୍ଷିପ୍ତ ହୋଇଥିବା ଯାକୁବର
ଅବଶିଷ୍ଟାଂଶ ଜଙ୍ଗଲର ପ୍ରାଣୀମାନଙ୍କ ମଧ୍ୟରେ ସିଂହ ସଦୃଶ
ବସବାସ କରିବେ। ଆଉ ମଧ୍ୟ ସେମାନେ ମେଷ ପଲରେ
ଯୁବା ସିଂହ ସଦୃଶ ଲୋକମାନଙ୍କୁ ଦଳି ପକାଇବେ। ସିଂହ
ଜଙ୍ଗଲ ମଧ୍ୟରେ ନିଜ ଇଚ୍ଛା ଅନୁସାରେ ଗତି କରେ ଓ
ଯେଉଁ ପ୍ରାଣୀକୁ ଆକ୍ରମଣ କରେ, ତାକୁ କେହି ରକ୍ଷା କରି
ପାରିବେ ନାହିଁ।
9ତୁମ୍ଭେ ତୁମ୍ଭର ଶତ୍ରୁଗଣ ଉପରେ ହସ୍ତ ଉତ୍ତୋଳନ
କରିବ ଓ ସେମାନଙ୍କୁ ଧ୍ୱଂସ କରିବ।

### ଲୋକମାନେ ପରମେଶ୍ୱରଙ୍କ ଉପରେ ନିର୍ଭର କରିବେ

10ସଦାପ୍ରଭୁ କୁହନ୍ତି, "ସେତେବେଳେ ଆମ୍ଭେ ତୁମ୍ଭର
ଘୋଡ଼ାଗୁଡ଼ିକୁ ନେଇଯିବା ଏବଂ ତୁମ୍ଭର ରଥଗୁଡ଼ିକୁ ଧ୍ୱଂସ
କରିବା।
11ତୁମ୍ଭ ରାଜ୍ୟର ନଗରଗୁଡ଼ିକୁ ଧ୍ୱଂସ କରିବା ଏବଂ ତୁମ୍ଭର
ଦୁର୍ଗ ସଦୃଶ ଅଟ୍ଟାଳିକାଗୁଡ଼ିକୁ ଭାଙ୍ଗି ପକାଇବା।
12ତୁମ୍ଭେମାନେ ଆଉ କୁହୁକ ବିଦ୍ୟା ଦେଖାଇ ପାରିବ
ନାହିଁ କି ଜ୍ୟୋତିଷ ପରି ଭବିଷ୍ୟତବାଣୀ ଶୁଣାଇ ପାରିବ
ନାହିଁ।
13ଆମ୍ଭେ ସେହି ମିଥ୍ୟା ପ୍ରଭୁର ମୂର୍ତ୍ତିଗୁଡ଼ିକୁ ଭାଙ୍ଗି
ପକାଇବା। ଆଉ ମଧ୍ୟ ସେହି ମୂର୍ତ୍ତି ଦେବତାଙ୍କର ପବିତ୍ର
ସ୍ତମ୍ଭଗୁଡ଼ିକୁ ଧ୍ୱଂସ କରିଦେବ। ତୁମ୍ଭେ ହାତରେ ତିଆରି
କରିଥିବା ସେହି ମୂର୍ତ୍ତିଗୁଡ଼ିକୁ ଆଉ ପୂଜା କରିପାରିବ
ନାହିଁ।
14ଆଉ ମଧ୍ୟ ଆମ୍ଭେ ସେହି ଆଶେରା ସ୍ତମ୍ଭକୁ ଭାଙ୍ଗି
ପକାଇବା ଏବଂ ତୁମ୍ଭର ନଗରଗୁଡ଼ିକୁ ଧ୍ୱଂସ କରିଦେବା।
15କେତେକ ଲୋକ ଆମ୍ଭ କଥା ଶୁଣିବେ ନାହିଁ। କିନ୍ତୁ
ଆମ୍ଭେ ଆପଣା କ୍ରୋଧ ପ୍ରକାଶ କରିବା ଏବଂ ସେହି
ଲୋକମାନଙ୍କ ଉପରେ ପ୍ରତିଶୋଧ ନେବା।"

### ସଦାପ୍ରଭୁଙ୍କର ଅଭିଯୋଗ

6 ଶୁଣ ସଦାପ୍ରଭୁ ଯାହା କହନ୍ତି, ଉଠ ଏବଂ ତୁମ୍ଭର
ଅଭିଯୋଗ ପର୍ବତମାନଙ୍କ ସମ୍ମୁଖରେ ଓ ସେହି ପାହାଡଗୁଡ଼ିକ
ସମ୍ମୁଖରେ ପ୍ରକାଶ କର, ଯେଉଁ ପାହାଡ଼ଗୁଡ଼ିକ ତୁମ୍ଭର କଥା
ଶୁଣନ୍ତି।
2ସଦାପ୍ରଭୁଙ୍କର ଏକ ଅଭିଯୋଗ ଲୋକମାନଙ୍କ ବିରୁଦ୍ଧରେ
ଅଛି। ତେଣୁ ହେ ପର୍ବତଗଣ ଓ ପୃଥିବୀର ସମସ୍ତ ମୂଳଦୁଆ,
ସଦାପ୍ରଭୁଙ୍କର ଅଭିଯୋଗ ଶୁଣ, ଇଶ୍ରାୟେଲ ଭୁଲ୍ ବୋଲି
ପ୍ରମାଣିତ ହେବ।
3ସଦାପ୍ରଭୁ ପୁଣି କୁହନ୍ତି, "ହେ ଆମ୍ଭର ଲୋକମାନେ,
ତୁମ୍ଭେମାନେ କୁହ ଆମ୍ଭେ ତୁମ୍ଭମାନଙ୍କ ବିପକ୍ଷରେ କି କାର୍ଯ୍ୟ
କରିଅଛୁ। ତୁମ୍ଭମାନଙ୍କର ଜୀବନକୁ କଠିନତର କରିଛି ବୋଲି
ସାକ୍ଷ୍ୟ ଦିଅ।
4ଆମ୍ଭେ କ'ଣ କରିଅଛୁ ତୁମ୍ଭମାନଙ୍କୁ କହିବା। ଆମ୍ଭେ
ମୋଶା, ହାରୋଣ ଓ ମରୀୟମକୁ ତୁମ୍ଭମାନଙ୍କ ନିକଟକୁ
ପଠାଇଅଛୁ। ମିଶରରୁ ତୁମ୍ଭମାନଙ୍କୁ ଆଣିଅଛି ଓ ତୁମ୍ଭମାନଙ୍କୁ
ଦାସତ୍ୱରୁ ମୁକ୍ତ କରିଛି।
5ହେ ଆମ୍ଭର ଲୋକମାନେ, ମୋୟାବର ରାଜା ବାଲାକ୍
କିପ୍ରକାର ମନ୍ଦ ଯୋଜନା କରିଥିଲେ, ସ୍ମରଣ କର। ଆଉ
ବିୟୋରର ପୁତ୍ର ବିଲୀୟମ୍ ତାଙ୍କୁ କି ଉତ୍ତର ଦେଇଥିଲେ,
ତାକୁ ସ୍ମରଣ କର। ଶିଟୀମ୍‌ଠାରୁ ଗିଲ୍‌ଗଲ୍ ପର୍ଯ୍ୟନ୍ତ ଯାହାସବୁ

ଘଟିଯାଇଛି, ତାକୁ ମଧ୍ଯ ମନେ ପକାଅ। ତାହାହେଲେ ସଦାପ୍ରଭୁଙ୍କର ନ୍ୟାଯ୍ କର୍ମ ବିଷଯ଼ରେ ତୁମ୍ଭେମାନେ ଜାଣି ପାରିବ।"

### ପରମେଶ୍ବର ଆମ୍ଭମାନଙ୍କଠାରୁ କ'ଣ ଗ୍ଭହାଁନ୍ତି

6ଆମ୍ଭେମାନେ କ'ଣ ଆଣି ସଦାପ୍ରଭୁଙ୍କୁ ଭେଟିବା? କ'ଣ କରି ଆମ୍ଭେ ଉର୍ଦ୍ଧ୍ବସ୍ଥ ପରମେଶ୍ୱରଙ୍କୁ ପ୍ରଣାମ କରିବା? କ'ଣ ହୋମବଳି ଓ ଏକବର୍ଷୀଯ଼ ଗୋବତ୍ସ ନେଇ ଆମ୍ଭେ ସଦାପ୍ରଭୁଙ୍କୁ ଭେଟି ଦେବା?

7ହଜାର ହଜାର ମେଷରେ କି ଅୟୁତ ଅୟୁତ ତୈଳର ନଦୀରେ ସଦାପ୍ରଭୁ କ'ଣ ଆନନ୍ଦିତ ହେବେ? ମୋର ଅପରାଧ ପାଇଁ କ'ଣ ମୋର ପ୍ରଥମ ସନ୍ତାନକୁ ପ୍ରତିଦାନ ସ୍ୱରୂପ ଦେବି? ମୋର ଶରୀରର ଫଳ ସ୍ୱରୂପ ସନ୍ତାନକୁ ମୋର ପାପ ପାଇଁ କ'ଣ ପରିଶୋଧ କରିବି?

8ହେ ମାନବ, ଯାହା ଉତ୍ତମ ତାହା ସଦାପ୍ରଭୁ ତୁମ୍ଭକୁ ଜଣାଇଛନ୍ତି। ଏହାହିଁ ସଦାପ୍ରଭୁ ତୁମ୍ଭଠାରୁ ଇଚ୍ଛା କରନ୍ତି। ଅନ୍ୟମାନଙ୍କ ପ୍ରତି ଭଲହୁଅ, ବଦାନ୍ୟତା ଓ କରୁଣାକୁ ଭଲ ପାଅ, ପରମେଶ୍ୱରଙ୍କ ସହିତ ନମ୍ରତାର ସହିତ ବାସ କର।

### ଇଶ୍ରାୟେଲୀୟମାନେ କ'ଣ କରୁଥିଲେ

9ସଦାପ୍ରଭୁଙ୍କର ସ୍ୱର ନଗରକୁ ଆହ୍ୱାନ କରୁଛି। ସଦାପ୍ରଭୁଙ୍କ ନାମକୁ ସମ୍ମାନ ଦେବା ବିଜ୍ଞତାର ପରିଚଯ଼କ ଅଟେ। ତେଣୁ ନଗରର ଲୋକ ଏବଂ ନିବାସୀମାନେ ଶୁଣ।

10ମନ୍ଦାଗ୍ଭରୀଗଣ କ'ଣ ଏବେ ସୁଦ୍ଧା ଗ୍ଭେରି ଧନସମ୍ପତ୍ତିକୁ ଲୁଗ୍ଭଇ ରଖିଛନ୍ତି? ସେହି ମନ୍ଦାଗ୍ଭରୀଗଣ ଏବେ କ'ଣ ଛୋଟ ଐଫାରେ ଲୋକମାନଙ୍କୁ ପ୍ରତାରଣା କରୁଛନ୍ତି? ହଁ, ଏହିସବୁ ଘଟଣା ଏବେ ମଧ୍ଯ ଘଟୁଅଛି।

11ବର୍ତ୍ତମାନ ଆମ୍ଭେ ଭୁଲ୍ ମାପକାଠି ଏବଂ ଅସାଧୁ ଓଜନ ସହ୍ୟ କରିବା ଉଚିତ୍ କି? ନା!

12ସେହି ନଗରୀର ଧନୀ ଲୋକମାନେ ନିଷ୍ଠୁର ଅଟନ୍ତି। ସେହି ସ୍ଥାନର ଲୋକେ ତଥାପି ମିଥ୍ୟା କହୁଛନ୍ତି। ହଁ, ସେହି ଲୋକମାନେ ପ୍ରବଞ୍ଚକ।

13ତେଣୁ ଆମ୍ଭେ ତୁମ୍ଭକୁ ଶାସ୍ତି ଦେବା ଆରମ୍ଭ କରିଅଛୁ। ତୁମ୍ଭର ପାପ ଯୋଗୁଁ ମୁଁ ତୁମ୍ଭକୁ ବିନଷ୍ଟ କରିବା।

14ତୁମ୍ଭେ ଭୋଜନ କରିବ ମାତ୍ର ତୃପ୍ତ ହେବନାହିଁ। ତୁମ୍ଭେ ତଥାପି ଭୋକିଲା ଓ ଶୂନ୍ୟ ରହିବ। ତୁମ୍ଭେ ଲୋକମାନଙ୍କୁ ନିରାପଦ ସ୍ଥାନକୁ ଆଣିବାକୁ ଚେଷ୍ଟା କରିବ ମାତ୍ର ତୁମ୍ଭ ସୁରକ୍ଷିତ ଲୋକମାନେ ଖଡ୍ଗରେ ନିହତ ହେବେ।

15ତୁମ୍ଭେ ଯଦିଓ ଶସ୍ୟ ବୁଣିବ କିନ୍ତୁ ଫସଲ ଅମଳ କରିବ ନାହିଁ। ତୁମ୍ଭେ ଅଲିଭ ଫଳ ପେଷିବ ମାତ୍ର ତୈଳ ମର୍ଦ୍ଦନ ପାଇଁ ପାଇବ ନାହିଁ। ଯଦିଓ ଦ୍ରାକ୍ଷାଫଳ ପେଷିବ, ଦ୍ରାକ୍ଷାରସ ପାନୀଯ଼ ପାଇଁ ପାଇବ ନାହିଁ।

16କାହିଁକି ଏସବୁ ଘଟିବ? କାରଣ ତୁମ୍ଭେ ଅମ୍ରିଙ୍କ ବ୍ୟବସ୍ଥା ପାଳନ କରୁଛ ଏବଂ ଆହାବ ବଂଶର ପାଳିତ ସମସ୍ତ ଅବିଧିକୁ ଅନୁସରଣ କରୁଛ। ଯେହେତୁ ସେମାନଙ୍କ ପରାମର୍ଶ ଗ୍ରହଣ କରିଛ, ତେଣୁ ଆମ୍ଭେ ତୁମ୍ଭକୁ ବିନାଶ କରିବା। ଯେତେବେଳେ ସେମାନେ ତୁମ୍ଭର ବିଧ୍ୱସ୍ତ ନଗର ଦେଖିବେ ସେମାନେ ବିସ୍ମଯ଼ରେ ସିଁଟି ବଜାଇବେ। ଅନ୍ୟ ଗୋଷ୍ଠୀର ଲଜ୍ଜା ଅପମାନ ତୁମ୍ଭେ ବହନ କରିବ।

### ମୀଖା ମନ୍ଦଲୋକଙ୍କ କାର୍ଯ୍ୟରେ ବିବ୍ରତ ହେବେ

7 ମୁଁ ବିବ୍ରତ, କାରଣ ଫଳ ତୋଳିଲା ପରେ ଫଳ ବଗିଗ୍ଭ ଶ୍ରୀହୀନ ହେଲାପରି ମୁଁ ହୋଇଅଛି ଏବଂ ଦ୍ରାକ୍ଷାଲତାରୁ ଦ୍ରାକ୍ଷାଫଳ ତୋଳା ସରିଗଲା ପରି ମୁଁ ହୋଇଅଛି। ଗୋଟିଏ ହେଲେ ଫଳ ଦ୍ରାକ୍ଷାଲତାରେ ଖାଇବାକୁ ନାହିଁ କି ମୋର ପ୍ରିଯ଼ ପ୍ରଥମ ପକ୍ୱ ଡ଼ିମିରି ଫଳ ନାହିଁ।

2ମୁଁ ବୁଝୁଛି, ଦେଶରୁ ସମସ୍ତ ବିଶ୍ୱସ୍ତ ଓ ଉତ୍ତମ ଲୋକ ଗ୍ଭଲି ଯାଇଛନ୍ତି। ପ୍ରତ୍ୟେକ ଅନ୍ୟକୁ ମାରିବାକୁ ଅପେକ୍ଷା କରି ରହିଛନ୍ତି। ପ୍ରତ୍ୟେକ ନିଜର ଭାଇକୁ ମଧ୍ଯ ଜାଲରେ ପକାଇବାକୁ ଚେଷ୍ଟା କରୁଛନ୍ତି।

3ଲୋକମାନେ ଦୁଇ ହାତରେ ମନ୍ଦକାର୍ଯ୍ୟ କରିବାକୁ ଯତ୍ନଶୀଳ ହେଉଛନ୍ତି, କର୍ମଗ୍ଭରୀଗଣ ଲାଞ୍ଚ ନେଉଛନ୍ତି ଓ ବିଗ୍ଭରକ ବିଗ୍ଭରାଳଯ଼ରେ ସେମାନଙ୍କର ସିଦ୍ଧାନ୍ତ ବଦଳାଇବାକୁ ଅର୍ଥ ନେଉଛନ୍ତି। "ପ୍ରଧାନ ବ୍ୟକ୍ତିମାନେ" ଉତ୍ତମ ଓ ନ୍ୟାଯ଼ ବିଗ୍ଭର କରୁ ନାହାଁନ୍ତି। ସେମାନେ ନିଜ ଇଚ୍ଛା ଯାହା ତାହା କରୁଛନ୍ତି।

4ଏପରିକି ସେମାନଙ୍କ ମଧ୍ଯରେ ଯେ ସର୍ବୋତ୍ତମ ସେ ବୁଦାରେ କଣ୍ଟକ ସଦୃଶ। ଆଉ ସବୁଠାରୁ ସରଳ ବ୍ୟକ୍ତି ଅଧିକ ଜଟିଳ ଓ କଣ୍ଟାବାଡ଼ରେ କଣ୍ଟକ ସଦୃଶ ଅଟେ।

### ଶାସ୍ତିବିଧାନର ଦିନ ଆସୁଛି

ତୁମ୍ଭର ଭବିଷ୍ୟତବକ୍ତା କହିଲେ ତୁମ୍ଭ ପ୍ରହରୀମାନଙ୍କ ଦଣ୍ଡ ପାଇବା ଦିନ ଆସିଛି। ବର୍ତ୍ତମାନ ତୁମ୍ଭେମାନେ ଦଣ୍ଡିତ ହେବ ଓ ବ୍ୟାକୁଳ ହେବ।

5ତୁମ୍ଭର ପ୍ରତିବେଶୀ କି ମିତ୍ରଙ୍କୁ ବିଶ୍ୱାସ କରନାହିଁ। ଏପରିକି ତୁମ୍ଭ ସହିତ ଶୋଉଥିବା ସ୍ତ୍ରୀ ପାଖରେ ମୁଖ ଖୋଲ ନାହିଁ।

6ତୁମ୍ଭ ନିଜ ପରିବାରର ଲୋକେ ତୁମ୍ଭର ଶତ୍ରୁ ପାଲଟିବେ। ପୁଅ ତାଙ୍କର ବାପାଙ୍କୁ ଅସମ୍ମାନ କରିବ, କନ୍ୟା ମାଆର ବିରୁଦ୍ଧରେ ଯିବ ଓ ବୋହୂ ଶାଶୁର ବିରୁଦ୍ଧରେ କାର୍ଯ୍ୟ କରିବ।

### ସଦାପ୍ରଭୁ ତ୍ରାଣକର୍ତ୍ତା

7ତେଣୁ ମୁଁ ସାହାଯ୍ୟ ପାଇଁ ସଦାପ୍ରଭୁଙ୍କ ପ୍ରତି ଦୃଷ୍ଟି ରଖିବି। ମୋ ପରିତ୍ରାଣ ପାଇଁ ପରମେଶ୍ୱରଙ୍କୁ ଅପେକ୍ଷା କରିବି। ମୋର ପରମେଶ୍ୱର ମୋ କଥା ଶୁଣିବେ।

8ହେ ମୋର ଶତ୍ରୁ ମୋର ପତନରେ ପରିହାସ କରନାହିଁ। ମୁଁ ପୁନର୍ବାର ଉଠିବି। ମୁଁ ଅନ୍ଧକାରରେ ଥିଲେ ମଧ୍ଯ ସଦାପ୍ରଭୁ ମୋ ପାଇଁ ଆଲୋକ ହେବେ।

### ସଦାପ୍ରଭୁ କ୍ଷମାଶୀଳ

9ମୁଁ ସଦାପ୍ରଭୁଙ୍କ ସମ୍ମୁଖରେ ପାପ କରିଥିଲି, ତେଣୁ ସଦାପ୍ରଭୁ ମୋ ଉପରେ କ୍ରୋଧାନ୍ୱିତ ହୋଇଥିଲେ। ମାତ୍ର ସେ ମୋ ପାଇଁ ଯୁକ୍ତି ବାଢ଼ିବେ ଏବଂ ମୋ ପାଇଁ ନ୍ୟାଯ଼ ବିଗ୍ଭର

କରିବେ। ସେ ମୋତେ ଆଲୋକକୁ ଆଣିବେ ଓ ମୁଁ ତାଙ୍କର ଧାର୍ମିକତା ଦେଖିବି।

10ମୋର ଶତ୍ରୁ କହୁଥିଲେ, "ତୁମ୍ଭର ସଦାପ୍ରଭୁ ପରମେଶ୍ୱର କେଉଁଠାରେ ଅଛନ୍ତି?" ମାତ୍ର ଯେତେବେଳେ ସେ ଏହା ଦେଖିବ ସେ ଲଜ୍ଜିତ ହେବ। ସେତେବେଳେ ମୁଁ ଶତ୍ରୁକୁ ଉପହାସ କରିବି। ଲୋକମାନେ ପଥର କାଦୁଅ ପରି ତାକୁ ଦଳିବେ।

### ଇହୁଦୀଙ୍କ ପ୍ରତ୍ୟାଗମନ

11ସମୟ ଆସିବ ଯେତେବେଳେ ତୁମ୍ଭର କାନ୍ଥ ପୁଣି ନିର୍ମିତ ହେବ। ସେତେବେଳେ ତୁମ୍ଭ ରାଜ୍ୟ ଉନ୍ନତି କରିବ।

12ତୁମ୍ଭ ଲୋକମାନେ ତୁମ୍ଭ ସ୍ଥାନକୁ ଫେରି ଆସିବେ। ସେମାନେ ଅଶୂରୀୟ ଓ ମିଶରର ନଗରମାନଙ୍କରୁ ଫେରି ଆସିବେ। ତୁମ୍ଭର ଲୋକ ମିଶର ତଥା ଫରାତ୍ ନଦୀର ଆର ପାଖରୁ ଆସିବେ। ଆଉ ମଧ୍ୟ ସେମାନେ ପଶ୍ଚିମସ୍ଥ ସମୁଦ୍ର ଓ ପୂର୍ବସ୍ଥ ପର୍ବତମାନଙ୍କରୁ ଚାଲି ଆସିବେ।

13ତଥାପି ବାସକରୁଥିବା ସେହି ଲୋକ ଓ ତାଙ୍କର କର୍ମ ଯୋଗୁଁ ଦେଶ ଧ୍ୱଂସ ପାଇଲା।

14ତେଣୁ ଅଧିକାର ଦ୍ୱାରା ତୁମ୍ଭର ଲୋକମାନଙ୍କୁ ଶାସନ କର। ତୁମ୍ଭ ରାଜ୍ୟର ଯତ୍ନ ନିଅ। ସେହି ଜାତି ଏକାକୀ ଜଙ୍ଗଲ ଓ କର୍ମିଲ ପର୍ବତ ଉପରେ ବାସ କରିବେ। ସେମାନେ ପୂର୍ବପରି ବାଶନ ଓ ଗିଲୟଦରୁ ଶସ୍ୟ ଉତ୍ପାଦନ କରି ଭୋଜନ କରିବେ।

### ଇଶ୍ରାୟେଲ ତା'ର ଶତ୍ରୁକୁ ଦମନ କରିବ

15ଆମ୍ଭେ ତୁମ୍ଭକୁ ମିଶର ଦେଶରୁ ବାହାର କଲାପରି ବହୁ ଆଶ୍ଚର୍ଯ୍ୟ କର୍ମ କରିବା ଏବଂ ତୁମ୍ଭମାନଙ୍କୁ ଆଶ୍ଚର୍ଯ୍ୟ କାର୍ଯ୍ୟ ଦେଖାଇବା।

16ଗୋଷ୍ଠୀସକଳ ସେହି ସମସ୍ତ ଆଶ୍ଚର୍ଯ୍ୟ କର୍ମ ଦେଖି ଲଜ୍ଜିତ ହେବେ। ସେମାନଙ୍କର "ପରାକ୍ରମ" ଆମ୍ଭ ତୁଳନାରେ କିଛି ନୁହେଁ ବୋଲି ସେମାନେ ଅନୁଭବ କରିବେ। ସେମାନେ ଚକିତ ହୋଇ ନିଜନିଜ ମୁଖରେ ହସ୍ତ ଦେବେ ଓ କର୍ଣ୍ଣକୁ ଆବୃତ କରିବେ, ଶୁଣିବାରୁ ନିବୃତ ହେବେ।

17ସେମାନେ ସର୍ପ ପରି ଧୂଳି ଚାଟିବେ। ସେମାନେ ଭୟରେ କମ୍ପିତ ହେବେ। ଆଉ ସେମାନେ କୀଟମାନଙ୍କ ପରି ସେମାନଙ୍କର ଗର୍ତ୍ତରୁ ବାହାରି ଗୁରୁଣ୍ଡି ଗୁରୁଣ୍ଡି ଚାଲିବେ। ଶେଷରେ ସଦାପ୍ରଭୁ ଆମ୍ଭର ପରମେଶ୍ୱରଙ୍କ ନିକଟକୁ ଆସିବେ ଏବଂ ଭୟର ସହିତ ସମ୍ମାନ ଜଣାଇବେ।

### ସଦାପ୍ରଭୁଙ୍କ ପ୍ରଶଂସା

18ତୁମ୍ଭପରି ପରମେଶ୍ୱର ଆଉ ସେଠାରେ କେହି ନାହିଁ। ତୁମ୍ଭେ ଲୋକମାନଙ୍କର ଦୋଷ କ୍ଷମା କର। ଅବଶିଷ୍ଟ ଲୋକମାନଙ୍କୁ ତୁମ୍ଭେ ମଧ୍ୟ କ୍ଷମା ଦିଅ। ତୁମ୍ଭେ ସର୍ବଦା କ୍ରୋଧିତ ହେବ ନାହିଁ କାରଣ ତୁମ୍ଭେ ସ୍ନେହ ଚାହଁ।

19ସେ ପୁନର୍ବାର ଫେରିବେ ଓ ଆମ୍ଭମାନଙ୍କୁ କୃପା କରିବେ। ସେ ଆମ୍ଭମାନଙ୍କର ସମସ୍ତ ଅପରାଧକୁ ପଦରେ ଦଳି ଦେବେ ଓ ସମସ୍ତ ପାପକୁ ଅତଳ ସମୁଦ୍ରରେ ନେଇ ନିକ୍ଷେପ କରିବେ।

20ହେ ପରମେଶ୍ୱର, ଯାକୁବ ପ୍ରତି ସତ୍ୟ ଓ ଅବ୍ରହାମ ପ୍ରତି ଦୟା ଓ ବିଶ୍ୱସ୍ତତା ପ୍ରଦାନ କରି, ଯାହା ତୁମ୍ଭେ ବହୁବର୍ଷ ପୂର୍ବେ ଆମ୍ଭ ପୂର୍ବପୁରୁଷମାନଙ୍କଠାରେ ଶପଥ କରିଥିଲ।

# ଯୂନସ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

### ପରମେଶ୍ୱର ଡ଼ାକନ୍ତି ଏବଂ ଯୂନସ ଘୁରେଇ ଯାଆନ୍ତି

1 ଅମିତ୍ତାୟଙ୍କ ପୁତ୍ର ଯୂନସଙ୍କୁ ସଦାପ୍ରଭୁ କହିଲେ। 2ସଦାପ୍ରଭୁ
କହିଲେ, "ନୀନିବୀ ଗୋଟିଏ ବିରାଟ ନଗରୀ। ସେଠାରେ
ଲୋକମାନେ ବହୁ ମନ୍ଦକାର୍ଯ୍ୟ କରୁଛନ୍ତି ବୋଲି ଆମ୍ଭେ
ଶୁଣିଲୁ। ଉଠ ଓ ସେହି ନଗରୀକୁ ଯାଅ ଏବଂ ତାହା
ବିରୁଦ୍ଧରେ ଆମ୍ଭ ବିଚାରଧାରା ଘୋଷଣା କର।"
3ଯୂନସ ପରମେଶ୍ୱର କଥା ମାନିବାକୁ ଚାହିଁଲା ନାହିଁ।
ତେଣୁ ସେ ସଦାପ୍ରଭୁଙ୍କଠାରୁ ଦୂରେଇ ଯିବାକୁ ଚେଷ୍ଟା କଲା।
ସେ ଯାଫୋକୁ ଚାଲିଗଲା। ସେ ଦେଖିଲା ଗୋଟିଏ ନୌକା
ସୁଦୂର ତର୍ଶୀଶ ନଗରୀକୁ ଯାଉଥିଲା। ସେ ଅର୍ଥ ଦେଇ ସେହି
ନୌକାରେ ଯାତ୍ରା କଲା। ସେ ତର୍ଶୀଶ ଯାଉଥିବା ଲୋକମାନଙ୍କ
ସହିତ ଭ୍ରମଣ କରିବାକୁ ଇଚ୍ଛା କଲା ଏବଂ ସଦାପ୍ରଭୁଙ୍କଠାରୁ
ଦୂରେଇ ଗଲା।

### ଗୋଟିଏ ପ୍ରକାଣ୍ଡ ଝଡ଼

4କିନ୍ତୁ ସଦାପ୍ରଭୁ ଗୋଟିଏ ପ୍ରକାଣ୍ଡ ଝଡ଼ ସେହି ସମୁଦ୍ରକୁ
ପ୍ରେରଣ କଲେ। ସେହି ବାତ୍ୟା ସମୁଦ୍ରକୁ ଅଶାନ୍ତ କରିଦେଲା।
ସେହି ଝଡ଼ ଅତି ଶକ୍ତିଶାଳୀ ଥିଲା ଏବଂ ନୌକାଟି ଭାଙ୍ଗି ଖଣ୍ଡ
ଖଣ୍ଡ ହେବାକୁ ବସିଲା। 5ଲୋକମାନେ ବୁଡ଼ି ଯାଉଥିବା
ନୌକାକୁ ହାଲୁକା କରିବାକୁ ଇଚ୍ଛା କଲେ। ସେମାନେ
ନୌକାରେ ବୋଝେଇ ହୋଇଥିବା ମାଲକୁ ସମୁଦ୍ରକୁ ଫିଙ୍ଗିବା
ଆରମ୍ଭ କଲେ। ନାବିକମାନେ ଭୟଭୀତ ହୋଇ ପଡ଼ିଲେ।
ସମସ୍ତେ ନିଜ ନିଜ ଈଶ୍ୱରଙ୍କୁ ଡ଼ାକିବା ଆରମ୍ଭ କଲେ।
ଯୂନସ ଜାହାଜର ନିମ୍ନ ଭାଗରେ ଶୋଇ ପଡ଼ିଲା। 6ଯୂନସ
ଜାହାଜରେ ଶୋଇଥିବାର ଦେଖି ଜାହାଜର କାପ୍ତାନ କହିଲେ,
"ଉଠ, ଜାଗ୍ରତ ହୁଅ। ଶୋଇଛ କାହିଁକି? ତୁମ୍ଭର ଈଶ୍ୱରଙ୍କୁ
ପ୍ରାର୍ଥନା କର। ତୁମ୍ଭର ପ୍ରଭୁ ହୁଏତ ତୁମ୍ଭର ପ୍ରାର୍ଥନା ଶୁଣିବେ
ଓ ଆମ୍ଭମାନଙ୍କୁ ରକ୍ଷା କରିବେ।"

### ଏହି ଝଡ଼ର କାରଣ କ'ଣ ଥିଲା

7ତା'ପରେ ନାବିକମାନେ ପରସ୍ପର କୁହାକୁହି ହେଲେ,
"ଆମ୍ଭେମାନେ ଗୁଳାବାଣ୍ଟ ଫିଙ୍ଗି ଜାଣିବା, କାହିଁକି ଏ ଦୁଃଖ
ଆମ୍ଭମାନଙ୍କ ଉପରେ ଘଟୁଛି।"
ତେଣୁ ସେମାନେ ଗୁଳାବାଣ୍ଟ ଫିଙ୍ଗିଲେ। ଏହି ଗୁଳାବାଣ୍ଟ
ଫିଙ୍ଗାରୁ ଜଣାଗଲା ଯୂନସ ଯୋଗୁଁ ଏ ଦୁଃଖ ଘଟିଲା।
8ତା'ପରେ ଲୋକମାନେ ଯୂନସଙ୍କୁ କହିଲେ, "ଏହା ହେଉଛି
ତୁମ୍ଭର ଦୋଷ, ଯାହା ଯୋଗୁଁ ଆମ୍ଭମାନଙ୍କର ଏହି ଭୟଙ୍କର
ଦୁଃଖ ଘଟୁଛି। ତେଣୁ ତୁମ୍ଭେ କ'ଣ କରିଛ ଆମ୍ଭମାନଙ୍କୁ କୁହ।
ତୁମ୍ଭର କାମ କ'ଣ? ତୁମ୍ଭେ କେଉଁଠାରୁ ଆସିଛ ଓ ତୁମ୍ଭର
ଘର କେଉଁଠି? ତୁମ୍ଭର ଲୋକ କିଏ?"
9ଯୂନସ ସେହି ନାବିକମାନଙ୍କୁ କହିଲେ, "ମୁଁ ଜଣେ ହିବ୍ରୁ
ଏବଂ ସଦାପ୍ରଭୁଙ୍କୁ ଉପାସନା କରେ ଯିଏକି ସ୍ୱର୍ଗର ପରମେଶ୍ୱର।
ସେହି ହେଉଛନ୍ତି ପରମେଶ୍ୱର ଯିଏକି ସମୁଦ୍ର ଓ ଦେଶର
ସୃଷ୍ଟିକର୍ତ୍ତା।"
10ଯୂନସ ସଦାପ୍ରଭୁଙ୍କଠାରୁ ଦୂରେଇ ଯାଉଥିଲା ବୋଲି
ସେହି ନାବିକମାନଙ୍କୁ କହିଲା। ଯେତେବେଳେ ସେମାନେ
ଏକଥା ଜାଣିଲେ, ସେମାନେ ଭୟଭୀତ ହୋଇ ପଡ଼ିଲେ।
ସେମାନେ ଯୂନସଙ୍କୁ ପଚାରିଲେ, "ତୁମ୍ଭେ କି ଭୟଙ୍କର କାର୍ଯ୍ୟ
ପରମେଶ୍ୱରଙ୍କ ବିରୁଦ୍ଧରେ କଲ?"
11ପବନ ଓ ଢ଼େଉ ସମୁଦ୍ରରେ ଅଧିକ ଶକ୍ତିଶାଳୀ ହୋଇ
ବଢ଼ିବାକୁ ଲାଗିଲା। ତେଣୁ ଲୋକମାନେ ଯୂନସଙ୍କୁ କହିଲେ,
"ଆମ୍ଭେମାନେ ଆମ୍ଭମାନଙ୍କୁ ରକ୍ଷା କରିବାକୁ କ'ଣ କରିବୁ?
ତୁମ୍ଭ ପ୍ରତି କ'ଣ କଲେ ସମୁଦ୍ର ଶାନ୍ତ ହେବ?"
12ଯୂନସ ସେହି ନାବିକମାନଙ୍କୁ କହିଲେ, "ମୁଁ ଜାଣେ, ମୁଁ
ଭୁଲ୍ କରିଛି, ସେଥିପାଇଁ ସମୁଦ୍ରରେ ଝଡ଼ ଆସିଲା। ତେଣୁ
ତୁମ୍ଭେମାନେ ମୋତେ ସମୁଦ୍ରକୁ ଫିଙ୍ଗି ଦିଅ, ତହିଁରେ ସମୁଦ୍ର
ଶାନ୍ତ ହୋଇଯିବ।"
13କିନ୍ତୁ ସେହି ନାବିକମାନେ ଯୂନସଙ୍କୁ ସମୁଦ୍ରକୁ ଫିଙ୍ଗିବାକୁ
ଇଚ୍ଛା କରି ନଥିଲେ। ସେମାନେ ଜାହାଜକୁ କୂଳକୁ ନେବାକୁ
ବହୁ ଚେଷ୍ଟା କଲେ, କିନ୍ତୁ କୂଳକୁ ନେବାକୁ ସକ୍ଷମ ହେଲେ
ନାହିଁ। ପବନ ଓ ତରଙ୍ଗ ଅଧିକ ଶକ୍ତିଶାଳୀ ହୋଇ
ସେମାନଙ୍କ ବିରୁଦ୍ଧରେ ବହିବାକୁ ଲାଗିଲା।

### ଯୂନସର ଶାସ୍ତି

14ତେଣୁ ସେହି ନାବିକମାନେ ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ,
"ହେ ପ୍ରଭୁ, ଆମ୍ଭେମାନେ ଯୂନସଙ୍କୁ ସମୁଦ୍ର ମଧ୍ୟକୁ ପକାଉଛୁ
କାରଣ ସେ ବହୁ ମନ୍ଦକାର୍ଯ୍ୟ କରିଛି। ଏଥିପାଇଁ ଆମ୍ଭକୁ
ଦୋଷୀ କର ନାହିଁ, ସତେ ଯେପରି ଆମ୍ଭେ ଏକ ନିରୀହ
ବ୍ୟକ୍ତିକୁ ବଧ କରୁଅଛୁ। ପୁଣି ନିରୀହ ବ୍ୟକ୍ତିର ରକ୍ତପାତ
ଦୋଷ ଆମ୍ଭମାନଙ୍କ ଉପରେ ବର୍ତ୍ତାଅ ନାହିଁ। ଆମ୍ଭେମାନେ
ଜାଣୁ ତୁମ୍ଭେ ସଦାପ୍ରଭୁ ଅଟ ଏବଂ ତୁମ୍ଭେ ଯାହା ଚାହିଁବ ତାହା
କରିବ। କିନ୍ତୁ ଆମ୍ଭମାନଙ୍କ ପ୍ରତି ସଦୟ ହୁଅ।"
15ତେଣୁ ସେହି ନାବିକମାନେ ଯୂନସଙ୍କୁ ସମୁଦ୍ରରେ ଫିଙ୍ଗି
ଦେଲେ। ଝଡ଼ ବନ୍ଦ ହେଲା ଓ ସମୁଦ୍ର ଶାନ୍ତ ହେଲା।
16ଯେତେବେଳେ ଲୋକମାନେ ଏହା ଦେଖିଲେ ସେମାନେ
ଭୟଭୀତ ହୋଇ ପଡ଼ିଲେ ଏବଂ ସଦାପ୍ରଭୁଙ୍କୁ ଉପାସନା
କଲେ। ସେମାନେ ସଦାପ୍ରଭୁଙ୍କୁ ବଳି ଦେଲେ ଏବଂ ସଦାପ୍ରଭୁଙ୍କ
ନିକଟରେ ମାନସିକ କରି ଶପଥ କଲେ।
17ଯେତେବେଳେ ଯୂନସ ସମୁଦ୍ରରେ ପଡ଼ିଲା,
ସେତେବେଳେ ସଦାପ୍ରଭୁ ଏକ ବିରାଟ ମାଛ ଯୂନସଙ୍କୁ ଗିଳିବାକୁ

ପଠାଇଲେ। ଯୂନସ ସେହି ମାଛ ଗର୍ଭରେ ତିନିଦିନ ଓ
ତିନିରାତି ରହିଲା।

2 ଯେତେବେଳେ ଯୂନସ ମାଛର ପାକସ୍ଥଳୀରେ ଥିଲା, ସେ
ସେତେବେଳେ ତାଙ୍କର ସଦାପ୍ରଭୁଙ୍କୁ ପ୍ରାର୍ଥନା କରି
ଡ଼ାକିଲା।

2ଯୂନସ କହିଲେ, "ମୁଁ ଅତି ଦୁଃଖରେ ଥିଲି। ମୁଁ
ସଦାପ୍ରଭୁଙ୍କୁ ସାହାଯ୍ୟ ଭିକ୍ଷା ପାଇଁ ଡ଼ାକିଲି ଏବଂ ସେ ମୋତେ
ଉତ୍ତର ଦେଲେ। ମୁଁ କବରର ବହୁ ଗଭୀରତମ ସ୍ଥାନରେ
ଥାଇ ସଦାପ୍ରଭୁଙ୍କୁ ଡ଼ାକିଲି ଏବଂ ପ୍ରଭୁ ମୋର ସ୍ୱର ଶୁଣିଲେ।
3"ତୁମ୍ଭେ ମୋତେ ସମୁଦ୍ରରେ ଫିଙ୍ଗି ଦେଲି ଏବଂ ମୋ
ଉପରେ ଶକ୍ତିଶାଳୀ ଢ଼େଉ ଭାଙ୍ଗିଲା। ମୁଁ ସମୁଦ୍ରର ନିମ୍ନତମ
ସ୍ଥାନକୁ ଚାଲିଗଲି ଏବଂ ମୋର ଚତୁର୍ଦ୍ଦିଗରେ କେବଳ ପାଣି
ରହିଲା।

4ତା'ପରେ ମୁଁ ଭାବିଲି, 'ବର୍ତ୍ତମାନ ନିଶ୍ଚୟ ମୋତେ ତୁମ୍ଭ
ଦୃଷ୍ଟିପାତରୁ ଦୂରେଇ ଦିଆଯାଇଛି।' କିନ୍ତୁ ମୁଁ ପୁଣିଥରେ
ତୁମ୍ଭର ପବିତ୍ର ମନ୍ଦିର ଦେଖିବାକୁ ଚାହେଁ।

5"ସମୁଦ୍ର ଜଳ ମୋ ଉପରି ଦେଇ ପ୍ରବାହିତ ହେଲା।
ସମୁଦ୍ର ପାଣି ମୋର ପାଟି ଉପରି ଦେଇ ପ୍ରବାହିତ ହେଲା
ଯାହା ଫଳରେ ମୁଁ ନିଃଶ୍ୱାସ ନେଇ ପାରୁନଥିଲି। ମୁଁ ସମୁଦ୍ରର
ଗଭୀରତମ ସ୍ଥାନକୁ ଗଲି, ସମୁଦ୍ର ପାଣି ମୋତେ ଆବୃତ
କଲା। ସମୁଦ୍ର ତଳେ ଥିବା ଉଦ୍ଭିଦ ମୋର ମୁଣ୍ଡ ଚାରିପଟେ
ଆବୃତ ହେଲା।

6ମୁଁ ସମୁଦ୍ରର ତଳ ଦେଶରେ ଥିଲି ଯେଉଁଠାରୁ ପର୍ବତ
ଆରମ୍ଭ ହୋଇଛି। ମୁଁ ଭାବିଲି ମୁଁ ଚିରଦିନ ପାଇଁ ସେହି
ବନ୍ଦୀଶାଳାରେ ତାଲା ପଡ଼ି ରହିଲି। କିନ୍ତୁ ମୋର ସଦାପ୍ରଭୁ
ମୋତେ କବରରୁ ବାହାରକୁ ଆଣିଲେ। ହେ ପରମେଶ୍ୱର,
ତୁମ୍ଭେ ମୋତେ ପୁନର୍ବାର ଜୀବନ ଦେଲ।

7"ମୁଁ ଜୀବନର ସବୁ ଆଶା ଛାଡ଼ିଥିଲି କିନ୍ତୁ ତା'ପରେ
ମୁଁ ସଦାପ୍ରଭୁଙ୍କୁ ସ୍ମରଣ କଲି। ହେ ସଦାପ୍ରଭୁ, ମୁଁ ତୁମ୍ଭକୁ
ପ୍ରାର୍ଥନା କଲି ଏବଂ ତୁମ୍ଭେ ତୁମ୍ଭ ପବିତ୍ର ମନ୍ଦିରରେ ମୋର
ପ୍ରାର୍ଥନା ଶୁଣିଲ।

8"କେତେକ ଲୋକ ମୂଲ୍ୟହୀନ ପିତୁଳା ପୂଜା କରନ୍ତି
କିନ୍ତୁ ସେହି ପିତୁଳା ସେମାନଙ୍କୁ କେବେ ସାହାଯ୍ୟ କରନ୍ତି
ନାହିଁ।

9ପରିତ୍ରାଣ କେବଳ ସଦାପ୍ରଭୁଙ୍କ ନିକଟରୁ ଆସେ। "ହେ
ସଦାପ୍ରଭୁ, ମୁଁ ବଳିଦାନ ଦେବାକୁ ପ୍ରସ୍ତୁତ ଏବଂ ମୁଁ ତୁମ୍ଭକୁ
ପ୍ରଶଂସା ଓ ଧନ୍ୟବାଦ ଜଣାଇବି। ମୁଁ କରିଥିବା ସମସ୍ତ ଶପଥ
ରକ୍ଷା କରିବି।"

10ତା'ପରେ ସଦାପ୍ରଭୁ ସେ ମାଛକୁ କହିଲେ ଏବଂ ମାଛଟି
ବାନ୍ତି କଲା ଏବଂ ଯୂନସ ତା'ର ପାକସ୍ଥଳୀରୁ ବାହାରି ଭୂମିରେ
ପଡ଼ିଲା।

## ପରମେଶ୍ୱର କୁହନ୍ତି ଓ ଯୂନସ ପାଳନ କରେ

3 ତା'ପରେ ସଦାପ୍ରଭୁ ଯୂନସଙ୍କୁ ପୁନର୍ବାର କହିଲେ। 2ପ୍ରଭୁ
କହିଲେ, "ବୃହତ୍ ନଗର ନୀନିବୀକୁ ଯାଅ ଏବଂ ଆମ୍ଭେ
ଯାହା କହୁଛୁ ତାକୁ ଲୋକମାନଙ୍କ ମଧ୍ୟରେ ପ୍ରଚାର
କର।"

3ଯୂନସ ସଦାପ୍ରଭୁଙ୍କ ବାକ୍ୟକୁ ପାଳନ କରି ନୀନିବୀକୁ
ଗଲା। ଏହା ଏକ ବିରାଟ ନଗର ଥିଲା। ଜଣେ ଲୋକକୁ
ସମଗ୍ର ସହରରେ ବୁଲି ଆସିବାକୁ ତିନିଦିନ ସମୟ ଲାଗୁଥିଲା।
4ଯୂନସ ନଗରର କେନ୍ଦ୍ରସ୍ଥଳୀକୁ ଯାଇ ତା'ର ପ୍ରଚାର
ଲୋକମାନଙ୍କ ମଧ୍ୟରେ ଆରମ୍ଭ କଲା। ଯୂନସ କହିଲା,
"ଚାଳିଶ ଦିନ ପରେ ନୀନିବୀ ଧ୍ୱଂସ ହେବ।"

5ନୀନିବୀର ଲୋକମାନେ ପରମେଶ୍ୱରଙ୍କର ଏହି ବାର୍ତ୍ତାକୁ
ବିଶ୍ୱାସ କଲେ। କିଛିଦିନ ଉପବାସ କରିବାକୁ ସ୍ଥିର କଲେ।
ସେମାନେ ଚଟ ବସ୍ତ୍ର ପରିଧାନ କଲେ ଏବଂ ଅନୁତାପ
କଲେ। ସାନ ବଡ଼ ସମସ୍ତ ଲୋକେ ଏହି କାର୍ଯ୍ୟ କଲେ।

6ନୀନିବୀର ରାଜା ଏ ବିଷୟରେ ଶୁଣିଲେ ଏବଂ ସେ ମଧ୍ୟ
ମନ୍ଦ କାର୍ଯ୍ୟ କରିଥିବା ଯୋଗୁଁ ଅନୁତାପ କଲେ। ରାଜା
ସିଂହାସନ, ଛାଡିଦେଲେ। ସେ ତାଙ୍କର ଦୁଃଖ ପ୍ରକାଶ କରିବାକୁ
ଯାଇ ରାଜକୀୟ ପୋଷାକ ପରିତ୍ୟାଗ କଲେ ଏବଂ ସାଧାରଣ
ପୋଷାକ ପରିଧାନ କଲେ। ଅନୁତପ୍ତ ରାଜା ଧୂଳି ଉପରେ
ବସି ପଡ଼ିଲେ। 7ରାଜା ଏକ ସ୍ୱତନ୍ତ୍ର ବାର୍ତ୍ତା ଲେଖି ନଗରକୁ
ପଠାଇଲେ।

ଏହି ବାର୍ତ୍ତା ରାଜା ଓ ତାଙ୍କର ମୁଖ୍ୟ ଶାସକମାନଙ୍କର
ଥିଲା।

ସେହି ବାର୍ତ୍ତାରେ ଥିଲା କୌଣସି ମନୁଷ୍ୟ ବା
ପ୍ରାଣୀ କିଛି ସମୟ ପାଇଁ କିଛି ଖାଇବେ ନାହିଁ।
କୌଣସି ଗୋରୁପଲ କି ମେଷପଲ ପଡ଼ିଆରେ ଚରିବେ
ନାହିଁ। ନୀନିବୀର କୌଣସି ଜୀବନ୍ତ ପ୍ରାଣୀ କିଛି
ଖାଇବେ ନାହିଁ କି ପିଇବେ ନାହିଁ। 8କିନ୍ତୁ ସମସ୍ତ
ମନୁଷ୍ୟ ଓ ପ୍ରାଣୀ ମୋଟା ବସ୍ତ୍ର ପରିଧାନ କରିବେ
ଏବଂ ସେମାନେ ଦୁଃଖ ପ୍ରକାଶ କରିବେ। ସେମାନେ
ଉଚ୍ଚ ସ୍ୱରରେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବେ।
ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ଜୀବନଧାରା ବଦଳାଇବେ
ଓ ମନ୍ଦକାର୍ଯ୍ୟ କରିବା ବନ୍ଦ କରିବେ। 9ତାହାହେଲେ
ପରମେଶ୍ୱର ହୁଏତ ତାଙ୍କର ମନ ପରିବର୍ତ୍ତନ କରିବେ
ଓ ଯୋଜନା କରିଥିବା କାର୍ଯ୍ୟ କରିବେ ନାହିଁ। ସେ
ହୁଏତ ବଦଳି ଯିବେ ଓ କ୍ରୋଧ ହେବେ ନାହିଁ।
ତା'ପରେ ସେ ହୁଏତ ଦଣ୍ଡ ଦେବେ ନାହିଁ।

10ଲୋକମାନେ ଯାହା କଲେ ପରମେଶ୍ୱର ସବୁ ଦେଖିଲେ।
ସେମାନେ ମନ୍ଦ କାର୍ଯ୍ୟ ବନ୍ଦ କରିବା ପରମେଶ୍ୱର ଦେଖିଲେ।
ତେଣୁ ସେ ତାଙ୍କର ମନ ବଦଳାଇଲେ ଏବଂ ଯାହା ଯୋଜନା
କରିଥିଲେ ତାହା କଲେ ନାହିଁ। ସେ ଲୋକମାନଙ୍କୁ ଆଉ
ଦଣ୍ଡ ଦେଲେ ନାହିଁ।

## ପରମେଶ୍ୱରଙ୍କ ଦୟା ଯୂନସକୁ କ୍ରୋଧାନ୍ୱିତ କଲା

4 ପରମେଶ୍ୱର ସେ ନଗରକୁ ରକ୍ଷା କରିବାରୁ ଯୂନସ ଖୁସି
ହେଲେ ନାହିଁ। ସେ ଏଥିରେ କ୍ରୋଧାନ୍ୱିତ ହେଲେ।
2ଯୂନସ ସଦାପ୍ରଭୁଙ୍କ ନିକଟରେ ଅଭିଯୋଗ କରି କହିଲା, "ମୁଁ
ଜାଣିଥିଲି ଏହାହିଁ ଘଟିବ। ମୁଁ ମୋ ନିଜ ଦେଶରେ ଥିଲାବେଳେ
ତୁମ୍ଭେ ମୋତେ ସେଠାକୁ ଡ଼ାକିଥିଲ। ସେତେବେଳେ ମୁଁ
ଜାଣିଥିଲି ଯେ ତୁମ୍ଭେ ସେହି କୁନଗରୀର ଲୋକମାନଙ୍କୁ କ୍ଷମା

ଦେବ। ତେଣୁ ମୁଁ ତର୍ଶୀଶକୁ ଚ୍ଲଲ ଯିବାକୁ ସ୍ଥିର କଲ। ମୁଁ
ଜାଣିଥିଲ ତୁମ୍ଭେ ଜଣେ ଦୟାଳୁ ପ୍ରଭୁ। ମୁଁ ଜାଣିଥିଲ ତୁମ୍ଭେ
ଦୟା ଦେଖାଇ ଲୋକମାନଙ୍କୁ ଦଣ୍ଡ ଦେବ ନାହିଁ। ମୁଁ
ଜାଣିଥିଲ ତୁମ୍ଭେ ଦୟାରେ ପରପୂର୍ଣ୍ଣ। ଯଦ ଏହ ଲୋକମାନେ
ପାପ କରବା ବନ୍ଦ କରନ୍ତ ତେବେ ତୁମ୍ଭେ ଧ୍ୱଂସ କରବ ନାହିଁ
ବୋଲ ମୁଁ ଜାଣିଥିଲ। 3ତେଣୁ ମୁଁ ବର୍ତ୍ତମାନ ପ୍ରାର୍ଥନା କରୁଛ,
"ହେ ସଦାପ୍ରଭୁ, ମୋତେ ବରଂ ମାର ଦଅ। ବଞ୍ଚିବା ଅପେକ୍ଷା
ବରଂ ମୋର ମରବା ଭଲ ହେବ।"

4ତା'ପରେ ସଦାପ୍ରଭୁ କହଲେ, "ତୁମ୍ଭେ କ'ଣ ଭାବୁଛ,
ତୁମ୍ଭେ ରାଗି ଠିକ୍ କରୁଛ, କାରଣ ଆମ୍ଭେ ସେମାନଙ୍କୁ ବନାଶ
କଲୁ ନାହିଁ?"

5ତଥାପି ଯୂନସ ଏ ବଷୟରେ କ୍ରୋଧାନ୍ୱିତ ଥିଲା। ତେଣୁ
ସେ ନଗର ବାହାରକୁ ଚ୍ଲଲଗଲା। ନଗର ନିକଟରେ ଥିବା
ପୂର୍ବ ଦଗରେ ଏକ ସ୍ଥାନକୁ ସେ ଗଲା। ସେ ସେଠାରେ ଏକ
କୁଟୀର ନର୍ମାଣ କର ତାର ଛାୟାରେ ବସି ରହଲା।
ନଗରରେ କ'ଣ ଘଟିବ ଦେଖିବାକୁ ଅପେକ୍ଷା କର ରହଲା।

### ଲାଉ ଗଛ ଓ କୀଟ

6ସଦାପ୍ରଭୁ ଗୋଟିଏ ଲାଉଗଛ ସୃଷ୍ଟି କଲେ ଯାହା ଯୂନସ
ଉପରେ ଶୀଘ୍ର ମାଡ଼ଯାଇ ତା'ର ବସିବା ସ୍ଥାନରେ ଛାୟା ଓ
ଶୀତଳତା ପ୍ରଦାନ କଲା। ତାହା ଯୂନସକୁ ଆରାମ ଦେବାରେ
ଏତେ ସାହାଯ୍ୟ କଲା ଯେ ଯୂନସ ଗଛ ପାଇଁ ଭାର ଖୁସି
ହେଲେ।

7ପରଦନ ପ୍ରଭାତରେ ପରମେଶ୍ୱର ସେହ ଗଛକୁ ଖାଇଦେବାକୁ
ଗୋଟିଏ କୀଟ ପଠାଇଲେ। ସେହ କୀଟ ଗଛଟିକୁ ଖାଇଲା ଓ
ଗଛ ମରଗଲା।

8ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲା ପରେ ପରମେଶ୍ୱର
ଉତ୍ତପ୍ତ ପୁନେଇ ପବନ ବହବାକୁ ନର୍ଦ୍ଦେଶ ଦେଲେ। ସୂର୍ଯ୍ୟଙ୍କର
ପ୍ରଖର କରଣ ଯୂନସର ମୁଣ୍ଡ ଉପରେ ପଡ଼ ଯୂନସକୁ ଅତି
ଦୁର୍ବଳ କରଦେଲା। ଯୂନସ ପରମେଶ୍ୱରଙ୍କୁ ପ୍ରାର୍ଥନା କର
କହଲେ, "ହେ ପ୍ରଭୁ, ମୋର ବଞ୍ଚିବା ଅପେକ୍ଷା ବରଂ ମରବା
ଭଲ।"

9କନ୍ତୁ ପରମେଶ୍ୱର ଯୂନସକୁ କହଲେ, "ତୁମ୍ଭେ କ'ଣ
ଭାବୁଛ, ଏହ ଗଛ ସକାଶୁ ତୁମ୍ଭେ ରାଗିବା ଠିକ୍ କରଛ?"

ଯୂନସ ଉତ୍ତର ଦେଲେ, "ହିଁ ପ୍ରଭୁ, ମୁଁ ରାଗି ଠିକ୍
କରଛି। ମୁଁ ମରବାକୁ ଅଧିକ ଚାହୁଁଛ।"

10ସଦାପ୍ରଭୁ କହଲେ, "ତୁମ୍ଭେ ସେ ଗଛ ପାଇଁ କଛ
କର ନଥିଲ। ସେ ଗଛ ବଢ଼ିବା ପାଇଁ ତୁମ୍ଭେ କଛ କର
ନଥିଲ। ଏହା ରାତ୍ରିରେ ବଢ଼ିଲା ଓ ପରଦନ ମଲା। କନ୍ତୁ
ତୁମ୍ଭେ ସେ ଗଛ ପାଇଁ ଦୁଃଖିତ। 11ତୁମ୍ଭେ ଯଦ ସାମାନ୍ୟ
ଗୋଟିଏ ଗଛ ପାଇଁ ଦୁଃଖିତ, ମୁଁ ନଶ୍ଚିତ ଭାବରେ ନୀନବୀ
ପର ଗୋଟିଏ ବଡ଼ ନଗର ପାଇଁ ଦୁଃଖିତ ହେବ ନାହିଁ
କ? ସେହ ନଗରୀରେ ବହୁ ଲୋକ ଓ ପ୍ରାଣୀ ଅଛନ୍ତ।
ସେହ ନଗରରେ 1,20,000 ରୁ ଅଧିକ ଲୋକ ଅଛନ୍ତ,
ଯେଉଁମାନେ କ ଭୂଲ୍ କରୁଛନ୍ତ ବୋଲ ଜାଣି ନଥିଲେ।"
କ'ଣ ଆମ୍ଭେ ତାଙ୍କ ପ୍ରତି ଦୟା ନକରବା।

# ଓବଦୀୟ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

### ଇଦୋମ ଦଣ୍ଡିତ ହେବେ

ଏହା ଓବଦୀୟଙ୍କର ଦର୍ଶନ ଅଟେ। ମୋର ପ୍ରଭୁ ସଦାପ୍ରଭୁ
ଇଦୋମଙ୍କ ବିଷୟରେ ଯାହା କହନ୍ତି।

ମୁଁ ସଦାପ୍ରଭୁ ପରମେଶ୍ୱରଙ୍କଠାରୁ ଏକ ବିବରଣୀ ଶୁଣିଛି।
ଜଣେ ବାର୍ତ୍ତାବହ ସେହି ରାଜ୍ୟକୁ ପ୍ରେରିତ ହେଲେ। ସେ
କହିଲେ,

"ଆସ, ଇଦୋମଙ୍କ ବିରୁଦ୍ଧରେ ସଂଗ୍ରାମ କରିବା।"

### ସଦାପ୍ରଭୁ ଇଦୋମଙ୍କୁ କୁହନ୍ତି

2"ଇଦୋମ, ଆମ୍ଭେ ତୁମ୍ଭକୁ ଏକ କ୍ଷୁଦ୍ରତମ ରାଜ୍ୟ କରିବି।
ପ୍ରତ୍ୟେକ ତୁମ୍ଭକୁ ଅତ୍ୟଧିକ ଘୃଣା କରିବେ।

3ତୁମ୍ଭର ଗର୍ବ ତୁମ୍ଭକୁ ପ୍ରତାରଣା କରିଛି। ତୁମ୍ଭେ ପର୍ବତର
ସେହି ଗୁମ୍ଫା ଗୁଡ଼ିକରେ ବାସ କର। ତୁମ୍ଭେ ସେହି ଉଚ୍ଚ
ସ୍ଥାନରେ ରୁହ। ତେଣୁ ତୁମ୍ଭେ ନିଜକୁ କୁହିଥାଅ, 'ମୋତେ
କେହି ଭୂମି ଉପରକୁ ଆଣି ପାରିବେ ନାହିଁ।'"

### ଇଦୋମ ନିମ୍ନକୁ ଆନୀତ ହେବେ

4ସଦାପ୍ରଭୁ ଏହା କୁହନ୍ତି, "ଏପରିକି ତୁମ୍ଭେ ଯଦିଓ ଚିଲ
ପକ୍ଷୀ ପରି ଉଚ୍ଚରେ ଉଡ଼ ଏବଂ ତାରକା ଗହଳରେ ବସା
ରଖ ତଥାପି ଆମ୍ଭେ ତୁମ୍ଭକୁ ସେଠାରୁ ନିମ୍ନକୁ ନେଇ ଆସିବା।

5ତୁମ୍ଭେ ପ୍ରକୃତରେ ଧ୍ୱଂସ ହେବ। ଚୋରମାନେ ତୁମ୍ଭ
ନିକଟକୁ ଆସିବେ, ଡକାୟତମାନେ ରାତ୍ରିରେ ଆସିବେ ଏବଂ
ସେହି ଚୋରମାନେ ଯାହାସବୁ ଇଚ୍ଛା କରିବେ ତାହାସବୁ
ନେଇଯିବେ। ଯେତେବେଳେ ଶ୍ରମିକମାନେ ତୁମ୍ଭ କ୍ଷେତରେ
ଦ୍ରାକ୍ଷାଫଳ ସଂଗ୍ରହ କରନ୍ତି, ସେମାନେ ଅଳ୍ପ କିଛି ଅଙ୍ଗୁର
ପଛରେ ଛାଡଥାନ୍ତି।

6କିନ୍ତୁ ଶତ୍ରୁ ଏଷୌଙ୍କର ଗୁପ୍ତଭଣ୍ଡାରକୁ ତନ୍ନ ତନ୍ନ କରି
ଅନ୍ୱେଷଣ କରିବେ ଏବଂ ସେହି ସମସ୍ତ ସେମାନେ
ପାଇଯିବେ।

7ସେହି ସମସ୍ତେ, ଯେଉଁମାନେ କି ତୁମ୍ଭର ପ୍ରକୃତ ବନ୍ଧୁ,
ତୁମ୍ଭକୁ ବଳପୂର୍ବକ ତୁମ୍ଭର ଭୂମିରୁ ତଡ଼ି ଦେବେ। ତୁମ୍ଭର ବନ୍ଧୁ
ତୁମ୍ଭକୁ ପ୍ରଲୋଭନ ଦେଖାଇବେ ଏବଂ ତୁମ୍ଭକୁ ଭୁଲ୍ କାର୍ଯ୍ୟ
କରିବାକୁ ବାଧ କରିବେ। ତୁମ୍ଭର ବନ୍ଧୁ ଯେଉଁମାନଙ୍କ ସହିତ
ମିଶି ସଂଗ୍ରାମ କରିଛ ଓ ଯେଉଁମାନଙ୍କ ସହିତ ମିଶି ଖାଅ,
ସେମାନେ ତୁମ୍ଭ ପାଦତଳେ ଏକ ଫାଶ ବସାଇବା ପାଇଁ
ଯୋଜନା କରନ୍ତି। ସେମାନେ କୁହା କୁହି ହୁଅନ୍ତି, 'ସେ
କୌଣସି ବସ୍ତୁକୁ ସନ୍ଦେହ କରନ୍ତି ନାହିଁ।'"

8ସଦାପ୍ରଭୁ କୁହନ୍ତି, "ସେହିଦିନ ଆମ୍ଭେ ଇଦୋମରୁ ଜ୍ଞାନୀ
ଲୋକମାନଙ୍କୁ ଧ୍ୱଂସ କରିବା। ଆମ୍ଭେ ଏଷୌ ପର୍ବତରେ
ବୁଦ୍ଧିମାନ ଲୋକମାନଙ୍କୁ ଧ୍ୱଂସ କରିବା।

9ତୈମନ, ତୁମ୍ଭର ଶକ୍ତିଶାଳୀ ଲୋକମାନେ ଭୟଭୀତ
ହେବେ। ଏଷୌ ପର୍ବତର ସମସ୍ତ ଲୋକ ଧ୍ୱଂସ ପାଇବେ।
ଅନେକ ଲୋକ ନିହତ ହେବେ।

10ତୁମ୍ଭେ ଲଜ୍ଜିତ ହେବ ଓ ଚିରଦିନ ପାଇଁ ଧ୍ୱଂସ ହେବ।
କାରଣ, ତୁମ୍ଭେ ତୁମ୍ଭର ଭାଇ ଯାକୁବ ପ୍ରତି ଅତି ନିଷ୍ଠୁର
ଥିଲ।

11ତୁମ୍ଭେ ଇଶ୍ରାୟେଲର ଶତ୍ରୁମାନଙ୍କ ସହିତ ମିଶିଲ।
ଅଜଣା ଲୋକ ଇଶ୍ରାୟେଲ ଧନ ସମ୍ପତ୍ତି ଅଧିକାର କଲେ।
ବିଦେଶୀମାନେ ଯିରୁଶାଲମ ନଗରଦ୍ୱାର ଦେଇ ପ୍ରବେଶ କଲେ।
ସେହି ବିଦେଶୀମାନେ ଯିରୁଶାଲମର କେଉଁ ଅଂଶ ପାଇବେ
ବୋଲି ବିହୁ ପଥର ଫିଙ୍ଗିଲେ ତୁମ୍ଭେ ସେମାନଙ୍କ ମଧ୍ୟରୁ
ଜଣେ ହେଲ।

12ତୁମ୍ଭେ ତୁମ୍ଭର ଭାଇର ଦୁଃଖରେ ହସିଥିଲ। ତୁମ୍ଭେ
ତାହା କରିବା ଉଚିତ ନଥିଲା। ଯେତେବେଳେ ଯିହୁଦା ଧ୍ୱଂସ
ହେଲା, ତୁମ୍ଭେ ଖୁସି ହେଲ। ତାହା ମଧ୍ୟ ତୁମ୍ଭର କରିବା
ଉଚିତ୍ ନଥିଲା। ତୁମ୍ଭେ ସେମାନଙ୍କ ଦୁଃଖରେ ଯେଉଁ ବଡ଼ିମା
ଦେଖାଇଲ ତାହା ତୁମ୍ଭର କରିବା ଉଚିତ୍ ନଥିଲା।

13ତୁମ୍ଭେ ଆମ୍ଭ ଲୋକମାନଙ୍କର ନଗରଦ୍ୱାର ଦେଇ ପ୍ରବେଶ
କଲ ଏବଂ ଆମ୍ଭ ଲୋକମାନଙ୍କର ସମସ୍ୟାରେ ଉପହାସ କଲ,
ଯାହାକି କରିବା ତୁମ୍ଭର ଅନୁଚିତ ଥିଲା। ସେମାନଙ୍କର ଦୁଃଖ
ସମୟରେ ତୁମ୍ଭେ ସେମାନଙ୍କର ଧନସମ୍ପଦ ନେଲ, ଯାହାକି
କରିବା ତୁମ୍ଭର ଅନୁଚିତ ଥିଲା।

14ତୁମ୍ଭେ ରାସ୍ତାର ଛକମାନଙ୍କରେ ଦଣ୍ଡାୟମାନ ହୋଇଥିଲ
ଏବଂ ନିର୍ବାସିତମାନଙ୍କୁ ଧ୍ୱଂସ କରୁଥିଲ। ଜୀବନ ରକ୍ଷା ପାଇଁ
ପଳାୟନ କରୁଥିବା ନିର୍ବାସିତମାନଙ୍କୁ ତୁମ୍ଭେ ସେମାନଙ୍କର
ଅନୁଧାବନକାରୀମାନଙ୍କୁ ହସ୍ତଗତ କରିଦେଲ। ଯାହାକି ତୁମ୍ଭ
ପକ୍ଷେ ଠିକ୍ ନଥିଲା।

15ସବୁଦେଶ ପ୍ରତି ସଦାପ୍ରଭୁଙ୍କ ଦିନ ଆସି ଯାଉଛି।
ତୁମ୍ଭେମାନେ ଯେଉଁସବୁ ମନ୍ଦକାର୍ଯ୍ୟ କରିଥିଲ, ତାହା ତୁମ୍ଭମାନଙ୍କ
ପକ୍ଷରେ ଘଟିବ। ସେହି ଏକା ପ୍ରକାର ମନ୍ଦ ଜିନିଷ ତୁମ୍ଭମାନଙ୍କ
ମୁଣ୍ଡ ଉପରକୁ ଫେରି ଆସିବ।

16କାହିଁକି ତାହା ଘଟିବ? କାରଣ ତୁମ୍ଭେ ଆମ୍ଭ ପବିତ୍ର
ପର୍ବତ ଉପରେ ରକ୍ତ ପାନ କରିଥିଲ। ତେଣୁ ସମସ୍ତ ଦେଶ
ତୁମ୍ଭର ରକ୍ତ ପାନ କରିବ। ତୁମ୍ଭର ସମାପ୍ତି ଘଟିବ ଯେପରି
ତୁମ୍ଭର କୌଣସି ସତ୍ତା ରହିବ ନାହିଁ।

17କିନ୍ତୁ ଆମ୍ଭର ଲୋକମାନଙ୍କ ମଧ୍ୟରୁ ବଞ୍ଚିଥିବା ଲୋକମାନଙ୍କୁ
ଏକତ୍ରୀତ କରିବା ଏବଂ ସିୟୋନ ପର୍ବତକୁ ଫେରାଇ ଆଣିବା।
ସେମାନେ ସିୟୋନ ପର୍ବତରେ ଚିରଦିନ ବାସ କରିବେ।
ଯାକୁବ ତାଙ୍କର ରାଜ୍ୟ ଫେରି ପାଇବେ।

18ଯାକୁବଙ୍କ ପରିବାର ଅଗ୍ନି ସଦୃଶ ହେବ ଓ ଯୋଷେଫଙ୍କ

ରାଜ୍ୟ ଅଗ୍ନି ଶିଖା ସଦୃଶ ହେବ। କିନ୍ତୁ ଏଷୌଙ୍କ ରାଜ୍ୟ ପାଉଁଶ ହୋଇଯିବ, ଯିହୁଦାର ଲୋକେ ଇଦୋମଙ୍କୁ ଜାଳି ଦେବେ। ଯିହୁଦା ଲୋକେ ଇଦୋମଙ୍କୁ ଧ୍ୱଂସ କରିଦେବେ। ତା’ପରେ ଏଷୌ ରାଜ୍ୟରେ କେହି ତିଷ୍ଠି ରହିବେ ନାହିଁ।” କାହିଁକି ରହିବେ ନାହିଁ? କାରଣ ସଦାପ୍ରଭୁ ପରମେଶ୍ୱର ଏହା କହିଛନ୍ତି।

**19**ଦକ୍ଷିଣର ଲୋକେ ଏଷୌର ପର୍ବତ ଉପରେ ବଞ୍ଚି ରହିବେ। ପାହାଡ଼ର ପାଦ ଦେଶରେ ଥିବା ଲୋକେ ପଲେଷ୍ଟୀୟ ରାଜ୍ୟ ଦଖଲ କରିବେ। ସେହି ଲୋକମାନେ ଇଫ୍ରୟିମ ଓ ଶମରୟାର ରାଜ୍ୟରେ ବାସ କରିବେ। ବିନ୍ୟାମୀନ ଗିଲୟଦ ଅଧିକାର କରିବେ।

**20**ଇଶ୍ରାୟେଲର ଲୋକମାନେ ସେମାନଙ୍କର ଗୃହ ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ସେହି ଲୋକମାନେ ସାରିଫତ୍‌ର ବାଟରେ ଥିବା କିନାନୀୟ ରାଜ୍ୟକୁ ଅଧିକାର କରିବେ। ଯିହୁଦାର ଲୋକମାନେ ଯିରୁଶାଲମ ଛାଡ଼ିବାକୁ ବାଧ୍ୟ ହୋଇଥିଲେ ଏବଂ ସଫାରଦରେ ବାସ କଲେ। କିନ୍ତୁ ସେମାନେ ଦକ୍ଷିଣର ନଗରଗୁଡ଼ିକୁ ଅଧିକାର କରିବେ।

**21**ବିଜେତାକାରୀମାନେ ସିୟୋନ ପର୍ବତ ଉପରକୁ ଯିବେ ଏବଂ ଏଷୌ ପର୍ବତ ଉପରେ ବାସ କରୁଥିବା ଲୋକମାନଙ୍କୁ ଶାସନ କରିବେ ଏବଂ ସେହି ରାଜ୍ୟ ସଦାପ୍ରଭୁଙ୍କର ଅଧିକୃତ ହେବ।

# ଆମୋଷ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

### ଉପକ୍ରମ

1 ଆମୋଷଙ୍କ ବାର୍ତ୍ତା: ତକୋୟ୍ ନଗରର ମେଷପାଳକମାନଙ୍କ
ମଧ୍ୟରୁ ଆମୋଷ ଥିଲେ ଅନ୍ୟତମ। ଯେତେବେଳେ
ଯିହୁଦାର ରାଜା ଉଷିୟ୍ ଥିଲେ, ଯୋୟାଶଙ୍କ ପୁତ୍ର ଯାରବୟାମ୍
ଇଶ୍ରାୟେଲ ରାଜା ଥିଲେ। ସେହି ସମୟରେ ଆମୋଷଙ୍କର
ଇଶ୍ରାୟେଲ ବିଷୟରେ ଏକ ଦର୍ଶନ ଥିଲା। ଏହା ଥିଲା
ଭୂମିକମ୍ପ ଦୁଇ ବର୍ଷର ପୂର୍ବ ଘଟଣା।

### ଅରାମ ପାଇଁ ଦଣ୍ଡ

2ଆମୋଷ କହିଲେ: ସିୟୋନରେ ସଦାପ୍ରଭୁ ସିଂହ ପରି
ଗର୍ଜ୍ଜନ କରିବେ। ତାଙ୍କର ଉଚ୍ଚସ୍ୱର ଯିରୁଶାଲେମରୁ ଗର୍ଜି
ଉଠିବ। ଫଳରେ, ସବୁଜ ଚାରଣ ଭୂମି ମଳିନ ଦେଖାଯିବ
ଏବଂ ଶୁଖିଯିବ। ଏପରିକି କର୍ମିଲ ଶୃଙ୍ଗର ଶିଖର ଦେଶ ଶୁଷ୍କ
ହେବ।
3ସଦାପ୍ରଭୁ ଏହି କଥା କୁହନ୍ତି: "ଦମ୍ମେଶକର ଲୋକମାନେ
କରିଥିବା ଦୋଷାବହ କାର୍ଯ୍ୟ ପାଇଁ ଆମ୍ଭେ ନିଶ୍ଚିତ ଭାବରେ
ସେମାନଙ୍କୁ ଦଣ୍ଡ ଦେବା। କାରଣ ସେମାନେ ଶସ୍ୟ ଦଳନ
ଲୌହ ଯନ୍ତ୍ରରେ ଗିଲୟଦର ଲୋକମାନଙ୍କୁ ଦଳନ କରିଥିଲେ।
4ତେଣୁ ଆମ୍ଭେ ହସାୟେଲଙ୍କ ଗୃହ ନିକଟକୁ ଅଗ୍ନି ପ୍ରେରଣ
କରିବା। ଏବଂ ସେହି ଅଗ୍ନି ବିନହଦଦଙ୍କ ବିରାଟ ଅଟ୍ଟାଳିକାକୁ
ଧ୍ୱଂସ କରିବ।
5"ଆମ୍ଭେ ମଧ୍ୟ ଦମ୍ମେଶକର ସମସ୍ତ ଫାଟକକୁ ଭାଙ୍ଗି
ଦେବା। ଆବନର ଉପତ୍ୟକାର ସିଂହାସନ ଉପରେ ବସିଥିବା
ବ୍ୟକ୍ତିକୁ ବିତାଡ଼ିତ କରିବା। ଏଦନ ବଂଶରୁ ସମସ୍ତ କ୍ଷମତାର
ସଙ୍କେତକୁ ମଧ୍ୟ ନିଶ୍ଚିହ୍ନ କରିଦେବା। ଆଉ ମଧ୍ୟ ଅରାମର
ଲୋକମାନେ ପରାଜିତ ହେବେ ଓ କୀରକୁ ଯିବେ। ସଦାପ୍ରଭୁ
ଏହାହିଁ କହନ୍ତି।"

### ଫିଲିଷ୍ଟାଇନ୍ ପାଇଁ ଦଣ୍ଡ

6ସଦାପ୍ରଭୁ ଏହାହିଁ କୁହନ୍ତି: "ଘସାର ଲୋକମାନଙ୍କୁ ଆମ୍ଭେ
ସେମାନଙ୍କର ବହୁ ଅପରାଧ ପାଇଁ ନିଶ୍ଚୟ ଦଣ୍ଡ ଦେବ,
କାରଣ ସେମାନେ ସମଗ୍ର ଜାତିମାନଙ୍କୁ ନେଇଯାଇ ଇଦୋମକୁ
କ୍ରୀତଦାସରୂପେ ଦେଇଥିଲେ। 7ତେଣୁ ଆମ୍ଭେ ଘସାର କାନ୍ଥ
ନିକଟକୁ ଅଗ୍ନି ପ୍ରେରଣ କରିବା। ସେହି ଅଗ୍ନି ଘସାର ଉଚ୍ଚ
ଅଟ୍ଟାଳିକାକୁ ଧ୍ୱଂସ କରିବ। 8ଆଉ ମଧ୍ୟ ଅସ୍‌ଦୋଦର
ସିଂହାସନରେ ବସିଥିବା ଲୋକଟିକୁ ଧ୍ୱଂସ କରିବା। ଆମ୍ଭେ
ଅସ୍କିଲୋନର ରାଜଦଣ୍ଡଧାରୀକୁ ମଧ୍ୟ ବିନାଶ କରିବା। ଇକ୍ରୋଣ୍‌ର
ଲୋକମାନଙ୍କୁ ମଧ୍ୟ ଆମ୍ଭେ ଦଣ୍ଡ ଦେବା। ତା'ପରେ ଯେଉଁ
ପଲେଷ୍ଟୀୟମାନେ ବଞ୍ଚିଥିବେ, ସେମାନେ ମଧ୍ୟ ମୃତ୍ୟୁବରଣ
କରିବେ।" ସଦାପ୍ରଭୁ ପରମେଶ୍ୱର ଏହିସବୁ କହିଥିଲେ।

### ଫୋୟେନସିଆ ପାଇଁ ଶାସ୍ତି

9ସଦାପ୍ରଭୁ ଏହିକଥା କୁହନ୍ତି: "ଆମ୍ଭେ ନିଶ୍ଚିତ ସୋରର
ଲୋକମାନଙ୍କୁ ଦଣ୍ଡ ଦେବା କାରଣ ସେମାନେ ବହୁ ଅପରାଧ
କରିଥିଲେ। ଆଉ ମଧ୍ୟ ସେମାନେ ସମଗ୍ର ଜାତିକୁ ନେଇଗଲେ
ଏବଂ ସେମାନଙ୍କୁ କ୍ରୀତଦାସ ରୂପେ ଇଦୋମକୁ ପ୍ରେରଣ
କରିଥିଲେ। ସେମାନେ ଇଶ୍ରାୟେଲୀୟମାନଙ୍କ ସହିତ ବନ୍ଧୁତ୍ୱ
ଚୁକ୍ତିକୁ ମନେ ପକାଇ ନଥିଲେ। 10ତେଣୁ ଆମ୍ଭେ ସୋରର
ଅଟ୍ଟାଳିକା ନିକଟକୁ ଅଗ୍ନି ପ୍ରେରଣ କରିବା। ସେହି ଅଗ୍ନି
ସୋରର ଉଚ୍ଚ ଅଟ୍ଟାଳିକାଗୁଡ଼ିକୁ ଧ୍ୱଂସ କରିଦେବ।"

### ଇଦୋମର ଲୋକମାନଙ୍କ ପାଇଁ ଶାସ୍ତି

11ସଦାପ୍ରଭୁ ଏହିକଥା କୁହନ୍ତି: "ଆମ୍ଭେ ଇଦୋମର
ଲୋକମାନଙ୍କୁ ନିଶ୍ଚିତ ଦଣ୍ଡ ଦେବା କାରଣ ସେମାନେ ବହୁ
ଅପରାଧରେ ଲିପ୍ତ ଥିଲେ। ସେମାନେ ମଧ୍ୟ ସେମାନଙ୍କର
ଭାଇମାନଙ୍କୁ ଖଡ୍ଗ ଧରି ଗୋଡ଼ାଇଲେ। ଏବଂ ଟିକିଏ ହେଲେ
ଦୟା ଦେଖାଇ ନଥିଲେ। ଇଦୋମ ନିଜର କ୍ରୋଧ ଚିରଦିନ
ପାଇଁ ରଖିଲେ ଏବଂ ନିଜର କ୍ରୋଧ ବନ୍ଦ କଲେ ନାହିଁ।
ଇଶ୍ରାୟେଲୀୟମାନଙ୍କୁ ସେମାନେ ବନ୍ୟପ୍ରାଣୀ ସଦୃଶ ବିଦୀର୍ଣ୍ଣ
କଲେ। 12ତେଣୁ ଆମ୍ଭେ ତୈମନ୍ ଉପରେ ଅଗ୍ନି ବୃଷ୍ଟି
କରିବା। ସେହି ଅଗ୍ନି ବର୍ଷାର ଉଚ୍ଚ ଅଟ୍ଟାଳିକା ଧ୍ୱଂସ କରି
ପକାଇବ।"

### ଅମୋନର ଅଧିବାସୀଙ୍କ ପାଇଁ ଦଣ୍ଡ

13ସଦାପ୍ରଭୁ ଏହିକଥା କୁହନ୍ତି: "ଆମ୍ଭେ ଅମ୍ମୋନର
ଲୋକମାନଙ୍କୁ ଦଣ୍ଡ ଦେବା, ଯେଉଁମାନେ ଅନେକ ଅପରାଧ
କରିଛନ୍ତି, କାହିଁକି? କାରଣ ସେମାନେ ଗିଲୟଦରେ ଗର୍ଭବତୀ
ନାରୀମାନଙ୍କୁ ହତ୍ୟା କରିଅଛନ୍ତି। ଅମ୍ମୋନର ଲୋକମାନେ
ଏହିପରି କାର୍ଯ୍ୟ କଲେ, ଯେଟରୁ ସେମାନଙ୍କର ସୀମା ଅଧିକ
ଜାଗା ବଢ଼ାଇବାକୁ। 14କିନ୍ତୁ ଆମ୍ଭେ ରବ୍ବାର ପ୍ରାଚୀର ଉପରେ
ଅଗ୍ନି ପକାଇବା ଏବଂ ଏହା ସେଠାକାର ସମସ୍ତ ପ୍ରାସାଦ ଓ
ସେହି ଅଗ୍ନି ଦେଶକୁ ଧ୍ୱଂସ କରିଦେବ ଏବଂ ସେଠାରେ ଯୁଦ୍ଧ
ବିଭୀଷିକା ଘୂର୍ଣ୍ଣିବାୟୁ ଆସିବ। 15ତା'ପରେ ସେମାନଙ୍କର ରାଜା
ଓ ପ୍ରାଚୀନମାନେ ଏବଂ ସେମାନେ ସମସ୍ତେ ନିର୍ବାସିତ ହେବେ।"
ସଦାପ୍ରଭୁ ଏହି ବାକ୍ୟ କହିଥିଲେ।

### ମୋୟାବ ପାଇଁ ଶାସ୍ତି

2 ସଦାପ୍ରଭୁ ଏହାହିଁ କହନ୍ତି: "ବହୁ ଅପରାଧ କରିଥିବା
ମୋୟାବର ଲୋକମାନଙ୍କୁ ଆମ୍ଭେ ନିଶ୍ଚୟ ଦଣ୍ଡ ଦେବା।
କାରଣ ମୋୟାବ ଇଦୋମର ରାଜାଙ୍କର ଅସ୍ଥିକୁ ପୋଡ଼ି
ଚୂର୍ଣ୍ଣରେ ପରିଣତ କରିଥିଲେ। 2ତେଣୁ ଆମ୍ଭେ ମୋୟାବରେ

ଅଗ୍ନି ସଂଯୋଗ କରିବା। ସେହି ଅଗ୍ନି ଶିଖା କରିୟୋଥର
ପ୍ରାସାଦଗୁଡ଼ିକ ଧ୍ୱଂସ କରିଦେବ। ସେଠାରେ କୋଳାହଳ ଓ
ତୂରୀର ଶବ୍ଦ ହେବ ଏବଂ ମୋୟାବ ଧ୍ୱଂସ ହେବ। 3ମାତ୍ର
ଆମ୍ଭେ ମୋୟାବର ରାଜାମାନଙ୍କୁ ହତ୍ୟା କରିବା ଏବଂ ମୋୟାବର
ସମସ୍ତ ନେତାମାନଙ୍କର ଧ୍ୱଂସ କରି ପତନ ଘଟାଇବା।"
ସଦାପ୍ରଭୁ ଏହାହିଁ କହନ୍ତି।

## ଯିହୁଦା ପାଇଁ ଶାସ୍ତି

4ସଦାପ୍ରଭୁ ଏହା କୁହନ୍ତି: "ଆମ୍ଭେ ବହୁ ଅପରାଧ କରିଥିବା
ଯିହୁଦା ନିବାସୀମାନଙ୍କୁ ଦଣ୍ଡ ଦେବା। କାରଣ ସେମାନେ
ସଦାପ୍ରଭୁଙ୍କର ଆଦେଶକୁ ମାନିବାକୁ ମନା କଲେ। ସେମାନେ
ତାଙ୍କର ଆଦେଶ ରଖିଲେ ନାହିଁ। ସେମାନଙ୍କର ପୂର୍ବପୁରୁଷଗଣ
ଯେଉଁ ମିଥ୍ୟାକୁ ବିଶ୍ୱାସ କରୁଥିଲେ, ସେମାନେ ମଧ୍ୟ ତାହା
ବିଶ୍ୱାସ କଲେ। 5ତେଣୁ ଆମ୍ଭେ ଯିହୁଦାରେ ଅଗ୍ନି ସଂଯୋଗ
କରିବା ଏବଂ ସେହି ଅଗ୍ନି ଯିରୁଶାଲମର ସମସ୍ତ ଉଚ୍ଚ
ଅଟ୍ଟାଳିକା ଧ୍ୱଂସ କରିଦେବ।"

## ଇଶ୍ରାୟେଲ ପାଇଁ ଦଣ୍ଡବିଧାନ

6ସଦାପ୍ରଭୁ ଏହା କୁହନ୍ତି: "ଆମ୍ଭେ ବହୁ ଅପରାଧ କରିଥିବା
ଇଶ୍ରାୟେଲ ଲୋକଙ୍କୁ ଦଣ୍ଡ ଦେବା। କାରଣ ସେମାନେ
ରୌପ୍ୟ ବଦଳରେ ଉତ୍ତମ ଓ ନିରୀହ ଲୋକଙ୍କୁ ବିକ୍ରି
କରିଥିଲେ। ସେମାନେ ଏକହଳ ଯୋତା ପାଇଁ ଦରିଦ୍ର
ଲୋକଙ୍କୁ ବିକ୍ରି କରିଥିଲେ। 7ସେମାନେ ଦରିଦ୍ର ଲୋକମାନଙ୍କର
ମୁଖମଣ୍ଡଳକୁ ଭୂମିରେ ମାଡ଼ି ଦଣ୍ଡ ଦେଉଥିଲେ ଓ ସେମାନଙ୍କୁ
ପଦାଘାତ କରୁଥିଲେ। ସେମାନେ ଅସହାୟ ଲୋକମାନଙ୍କର
ଦୁଃଖ ଓ ଦୁର୍ଦ୍ଦଶା ଶୁଣୁ ନଥିଲେ। ମୋର ପବିତ୍ର ନାମକୁ
କଳୁଷିତ କରିବାକୁ ଯାଇ ଜଣେ ବ୍ୟକ୍ତି ଓ ତା'ର ପିତା,
ଜଣେ ରମଣୀ ସହି ଯୌନ ସଂପର୍କ ରଖିଥିଲେ। 8ସେମାନେ
ଦରିଦ୍ର ଲୋକମାନଙ୍କର ବସ୍ତ୍ର ନିଅନ୍ତି ଏବଂ ସେହି ବସ୍ତ୍ର
ଉପରେ ବସି ଯଜ୍ଞବେଦୀ ନିକଟରେ ପୂଜା କରନ୍ତି। ସେମାନେ
ଦରିଦ୍ର ଲୋକମାନଙ୍କୁ ଅର୍ଥ ଋଣ ଆକାରରେ ଧାର ଦିଅନ୍ତି
ଏବଂ ଆନୁଷଙ୍ଗିକ ପରି ସେମାନେ ବସ୍ତ୍ରଗୁଡ଼ିକ ନେଇଯାଆନ୍ତି।
ସେମାନେ ସେହି ଦରିଦ୍ରମାନଙ୍କ ଉପରେ ଅର୍ଥ ଦଣ୍ଡ କରନ୍ତି
ଏବଂ ସେହି ଅର୍ଥରେ ଦ୍ରାକ୍ଷାରସ କିଣି ସେମାନଙ୍କର ପରମେଶ୍ୱରଙ୍କ
ମନ୍ଦିରରେ ସେବନ କରନ୍ତି।

9"କିନ୍ତୁ ଆମ୍ଭେ ଯିଏକି ଜଣେ ଥିଲୁ, ଇମୋରୀୟକୁ
ସେମାନଙ୍କ ସମ୍ମୁଖରେ ଧ୍ୱଂସ କଲୁ। ଇମୋରୀୟ ଏରସ ବୃକ୍ଷ
ସଦୃଶ ଉଚ୍ଚ ଓ ଆଲୋନ ଗଛ ସଦୃଶ ଶକ୍ତ ଥିଲା। ଆମ୍ଭେ
ସେମାନଙ୍କର ଉର୍ଦ୍ଧ୍ୱ ଭାଗରେ ଥିବା ଫଳ ଓ ନିମ୍ନ ଭାଗରେ
ଥିବା ମୂଳକୁ ନଷ୍ଟ କଲୁ।

10"ଆମ୍ଭେ ତୁମ୍ଭମାନଙ୍କୁ ମିଶରରୁ ଆଣିଲୁ ଏବଂ ଚାଳିଶବର୍ଷ
ପର୍ଯ୍ୟନ୍ତ ମରୁଭୂମିରେ ଆଗେଇ ନେଲୁ। ଆମ୍ଭେ ମଧ୍ୟ
ଇମୋରୀୟମାନଙ୍କର ଭୂମିକୁ ଅଧିକାର କରିବାକୁ ତୁମ୍ଭମାନଙ୍କୁ
ସାହାଯ୍ୟ କଲୁ। 11ତୁମ୍ଭମାନଙ୍କର ପୁତ୍ରମାନଙ୍କ ମଧ୍ୟରୁ କେତେକଙ୍କୁ
ଭବିଷ୍ୟଦବକ୍ତା କରାଇଲୁ ଏବଂ ତୁମ୍ଭର କେତେକ ଯୁବକ
ପୁରୁଷମାନଙ୍କୁ ନାସରୀୟ କରାଇଲୁ। ହେ ଇଶ୍ରାୟେଲୀୟ, ଏହା
ସତ୍ୟ" ଏବଂ ସଦାପ୍ରଭୁ ଏହାହିଁ କହିଥିଲେ। 12କିନ୍ତୁ ତୁମ୍ଭେମାନେ
ନାସରୀୟ ଲୋକମାନଙ୍କୁ ଦ୍ରାକ୍ଷାରସ ସେବନ କରାଇଲ। ତୁମ୍ଭେ
ସେହି ଭବିଷ୍ୟଦ୍‌ବକ୍ତାମାନଙ୍କୁ ଭବିଷ୍ୟତବାକ୍ୟ ପ୍ରଚାର ନକରିବାକୁ
କହିଲ। 13ତୁମ୍ଭେମାନେ ଆମ୍ଭ ପାଇଁ ଭୟଙ୍କର ଗଡ଼ ସଦୃଶ।
ଆମ୍ଭେ ତୁମ୍ଭକୁ ତଳକୁ ଚାପି ଦେବା। ଆମ୍ଭେ ତୁମ୍ଭକୁ ନଡ଼ାରେ
ବୋଝେଇ ଶଗଡ଼ ପରି ବଙ୍କା କରିଦେବା। 14କୌଣସି
ଲୋକ ରକ୍ଷା ପାଇବ ନାହିଁ, ଏପରିକି ଦ୍ରୁତତମ ଦୌଡ଼ାଳି ମଧ୍ୟ
ରକ୍ଷା ପାଇବ ନାହିଁ। ଶକ୍ତିଶାଳୀ ଲୋକର ମଧ୍ୟ ବଳ ନଥିବ।
ସୈନ୍ୟମାନେ ନିଜକୁ ରକ୍ଷା କରିପାରିବେ ନାହିଁ। 15ଧନୁର୍ଦ୍ଧାରୀମାନେ
ମଧ୍ୟ ଆପଣାକୁ ରକ୍ଷା କରିପାରିବେ ନାହିଁ। ଦ୍ରୁତତମ ଦୌଡ଼ାଳି
ମଧ୍ୟ ଆପଣାକୁ ରକ୍ଷା କରିପାରିବେ ନାହିଁ। ଅଶ୍ୱାରୋହୀମାନେ
ନିଜ ନିଜକୁ ରକ୍ଷା କରିପାରିବେ ନାହିଁ। ସେହି ସମୟରେ
ସାହସୀ ସୈନ୍ୟମାନେ ଉଲଗ୍ନ ହୋଇ ଦୌଡ଼ି ପଳାଇବେ।"
ସଦାପ୍ରଭୁ ଏହି କଥା କହନ୍ତି।

## ଇଶ୍ରାୟେଲକୁ ସତର୍କ ଘଣ୍ଟି

3 ହେ ଇଶ୍ରାୟେଲର ଲୋକମାନେ, ଏହି ବାର୍ତ୍ତା ଶୁଣ।
ଇଶ୍ରାୟେଲ ବିଷୟରେ ସଦାପ୍ରଭୁ ଏହି କଥା କହିଲେ।
ମିଶରରୁ ଅଣାଇଥିବା ସମସ୍ତ ଇଶ୍ରାୟେଲୀୟ ପରିବାର ବିଷୟରେ
ଏହି ବାର୍ତ୍ତା ଥିଲା। 2"ଏହି ପୃଥିବୀରେ ବହୁ ପରିବାର ଅଛନ୍ତି।
କିନ୍ତୁ ତୁମ୍ଭେମାନେ ଏପରି ଏକ ଗୋଷ୍ଠୀ ସ୍ୱତନ୍ତ୍ର ଭାବରେ
ଜାଣିବାକୁ ତୁମ୍ଭମାନଙ୍କୁ ବାଛିଥିଲୁ। ମାତ୍ର ତୁମ୍ଭେମାନେ ଆମ୍ଭ
ବିରୁଦ୍ଧରେ ଗଲ। ତେଣୁ ତୁମ୍ଭମାନଙ୍କର ପାପ ପାଇଁ ଆମ୍ଭେ
ତୁମ୍ଭମାନଙ୍କୁ ଦଣ୍ଡ ଦେବା।"

## ଇଶ୍ରାୟେଲର ଦଣ୍ଡର କାରଣ

3ଏକମତ ନହେଲେ ଦୁଇଜଣ ଏକତ୍ର ଗମନ କରିବେ
ନାହିଁ। 4ସିଂହଟି ଗର୍ଜ୍ଜନ କରେ ଯଦି ତାକୁ ଶିକାର ଦୃଶ୍ୟମାନ
ହୁଏ। ଯଦି ଗୋଟିଏ ଯୁବା ସିଂହ ତା'ର ଗୁମ୍ଫାରେ ଗର୍ଜ୍ଜନ
କରୁଛି ତେବେ ଜାଣିବ ସେ କିଛି ଗୋଟିଏ ଶିକାର ଧରିଛି।
5ଯଦି ଫାଶରେ କିଛି ଖାଦ୍ୟ ନାହିଁ, ତେବେ ପକ୍ଷୀଟିଏ ତା'
ମଧ୍ୟକୁ ପ୍ରବେଶ କରିବ ନାହିଁ। ପକ୍ଷୀକୁ କବଳିତ କରିବା
ପାଇଁ ଫାଶ ଭିତରେ ଥୋପ ନଥିଲେ ଫାଶ ବସାଯାଏ ନାହିଁ।
6ଯଦି ନଗରରେ ତୂରୀ ବାଜି ଉଠିବ ତେବେ ଲୋକମାନେ
ଭୟରେ ଥରହର ହେବେ। ସଦାପ୍ରଭୁ ନ ଚାହିଁଲା ପର୍ଯ୍ୟନ୍ତ
ନଗର ମଧ୍ୟରେ କୌଣସି ଅସୁବିଧା ଘଟିବ ନାହିଁ। 7ସଦାପ୍ରଭୁ
ମୋର ପ୍ରଭୁ, କୌଣସି ଯୋଜନା ତାଙ୍କର ସେବକର ଅଗୋଚରରେ
କରନ୍ତି ନାହିଁ। 8ଯଦି ସିଂହ ଗର୍ଜ୍ଜନ କରେ, ତେବେ
ଲୋକମାନେ ଭୟଭୀତ ହେବେ। ଯଦି ସଦାପ୍ରଭୁ କହନ୍ତି,
ଭବିଷ୍ୟତବାଣୀ ପ୍ରଚାର କରିବାକୁ, କିଏ ସେହି ଭବିଷ୍ୟବାଣୀ
ପ୍ରଚାର ନ କରିବ।

9ତୁମ୍ଭେ ଅସ୍‌ଦୋଦର ଓ ମିଶର ରାଜପ୍ରାସାଦରେ ଏହି
ବାର୍ତ୍ତା ଘୋଷଣା କର, "ଶମରିୟାର ପର୍ବତମାଳା ଶିଖରକୁ
ଆସ ଏବଂ ସେଠାକାର କୋଳାହଳ ଓ ଦଙ୍ଗାକୁ ଦେଖ।
ସେମାନେ ଅନ୍ୟ ଲୋକମାନଙ୍କ ପ୍ରତି ବହୁତ ନିଷ୍ଠୁର ଅଟନ୍ତି।
10ଲୋକମାନେ ସେଠାରେ କିପରି ସାଧୁତ୍ୱଭାବରେ ଜୀବନଧାରଣ
କରିବାକୁ ହୁଏ, ଜାଣନ୍ତି ନାହିଁ। କାରଣ ସେମାନଙ୍କର ଗୋଦାମ
ଘର ଯୁଦ୍ଧରୁ ଲୁଟିଥିବା ସମ୍ପତ୍ତିରେ ପୁରିଯାଇଛି।"

11ତେଣୁ ସଦାପ୍ରଭୁ ମୋର ପ୍ରଭୁ କୁହନ୍ତି: "ଜଣେ ଶତ୍ରୁ
ତୁମ୍ଭ ଭୂମିକୁ ବେଷ୍ଟନ କରିବ। ସେ ତୁମ୍ଭର ସମସ୍ତ ଶକ୍ତି
ଅପହରଣ କରିବ। ତୁମ୍ଭେ ଯେଉଁସବୁ ଜିନିଷକୁ ପ୍ରାସାଦରେ
ଲୁଚାଇଛ, ସବୁତକ ତାଙ୍କ ଦ୍ୱାରା ଲୁଣ୍ଠିତ ହେବ।"

12ସଦାପ୍ରଭୁ ଏହା କୁହନ୍ତି: "ଯେତେବେଳେ ଗୋଟିଏ ସିଂହ
ମେଣ୍ଢା ଛୁଆକୁ ଆକ୍ରମଣ କରେ ଏବଂ ତା'ପରେ ଯଦି
ମେଷପାଳକ ମେଣ୍ଢା ଛୁଆକୁ ରକ୍ଷା କରିବାକୁ ଯାଏ, ସେ
କେବଳ ସିଂହ ମୁହଁରୁ ଦୁଇଟି ଗୋଡ କି କାନର କିଛି ଅଂଶ
ପାଇବାକୁ ସକ୍ଷମ ହୋଇପାରେ। ସେହିପରି, ଆମ୍ଭେ
ଇଶ୍ରାୟେଲୀୟମାନଙ୍କୁ ରକ୍ଷା କରିବା, ଯେଉଁମାନେ ଶମରୟାରେ
ବସବାସ କରନ୍ତି ଏବଂ ସେମାନଙ୍କର ବିଛଣାର ଏକ କୋଣରେ
କି ପଲଙ୍କର ସୋଫାରେ ବସିବାକୁ ଭଲପାଆନ୍ତି"

13ମୋର ପ୍ରଭୁ ସଦାପ୍ରଭୁ ପରମେଶ୍ୱର ସର୍ବଶକ୍ତିମାନ ସେ
ଏହିକଥା କୁହନ୍ତି: "ଯାକୁବ ପରିବାର ଲୋକଙ୍କୁ ସତର୍କ
କରିଦିଅ। 14ଇଶ୍ରାୟେଲ ପାପ କରିଛି ଏବଂ ସେ ପାପ ଲାଗି
ଆମ୍ଭେ ସେମାନଙ୍କୁ ଦଣ୍ଡ ଦେବା। ସେହିଦିନ ଆମ୍ଭେ ମଧ୍ୟ
ବୈଥେଲର ସମସ୍ତ ଯଜ୍ଞବେଦୀକୁ ଧ୍ୱଂସ କରିବା। ସେହି
ଯଜ୍ଞବେଦୀର ଚୂଡ଼ାସବୁ ଖଣ୍ଡ ଖଣ୍ଡ ହେବ ଓ ଭୂମିରେ
ପକାଯିବ। 15ଆମ୍ଭେ ଆମ୍ଭ ଶୀତକାଳୀନ ଗୃହ ଓ ଗ୍ରୀଷ୍ମକାଳୀନ
ଗୃହକୁ ଧ୍ୱଂସ କରିବା। ହାତୀ ଦାନ୍ତରେ ନିର୍ମିତ ଗୃହ ମଧ୍ୟ
ଧ୍ୱଂସ ପାଇବ। ବହୁ ଘର ଏହିପରି ଧ୍ୱଂସ ଲାଭ କରିବ।"
ସଦାପ୍ରଭୁ ଏହିସବୁ କୁହନ୍ତି।

## ସ୍ତ୍ରୀ ଲୋକମାନେ ଆନନ୍ଦକୁ ଭଲ ପାଆନ୍ତି

4 ହେ ଶମରୟାର ପର୍ବତବାସିନୀ, ବାଶନର ରମଣୀମାନେ,
ତୁମ୍ଭେମାନେ ମୋର ଏହି ବାକ୍ୟ ଶୁଣ। ତୁମ୍ଭେମାନେ
ଦରିଦ୍ର ଲୋକଙ୍କୁ ଆଘାତ ଦେଇ ଦରିଦ୍ରମାନଙ୍କୁ ଦଳି ଦେଇଛ
ଆଉ ମଧ୍ୟ ତୁମ୍ଭର ସ୍ୱାମୀମାନଙ୍କୁ କହୁଛ, "ଆମ୍ଭମାନଙ୍କୁ କିଛି
ପାନ କରିବାକୁ ଦିଅ।"

2ମୋର ପ୍ରଭୁ ସଦାପ୍ରଭୁ, ତାଙ୍କର ପବିତ୍ରତା ଦ୍ୱାରା ଶପଥ
ନେଲେ ଏବଂ କହିଲେ, ଭବିଷ୍ୟତରେ ଲୋକମାନେ ତେଣ୍ଟା
ବ୍ୟବହାର କରିବେ ଏବଂ ତୁମ୍ଭମାନଙ୍କୁ ବନ୍ଦୀ ପରି ନେଇଯିବେ।
ସେମାନେ ବଡ଼ିଶ୍ କଣ୍ଟା ବ୍ୟବହାର କରି ତୁମ୍ଭମାନଙ୍କ ମଧ୍ୟରୁ
ପ୍ରତ୍ୟକକୁ ନେଇଯିବେ। 3ସ୍ତ୍ରୀ ଲୋକମାନେ କାନ୍ଥଗୁଡିକ ଭାଙ୍ଗି
ବାହାରି ଆସିବେ ଏବଂ ସେମାନେ ହର୍ମୋଣ ଭିତରକୁ ନିକ୍ଷେପ
ହେବେ।

4"ବୈଥେଲକୁ ଯାଅ ଏବଂ ସେଠାରେ ପାପ କର।
ଗିଲ୍ଗଲ୍କୁ ଯାଅ ସେଠାରେ ଅଧିକ ପାପ କର। ପ୍ରଭାତରେ
ତୁମ୍ଭର ବଳିଦାନ ଉତ୍ସର୍ଗ କର। ତିନି ଦିନରେ ଥରେ ଏକ
ଦଶମାଂଶ ଶସ୍ୟ ଆଣ। 5ଆଉ ମଧ୍ୟ ଦ୍ରାକ୍ଷାରସର ଫେଣର
ନୈବେଦ୍ୟ ପାଇଁ ଧନ୍ୟବାଦ ଦିଅ। ଏହି ସ୍ୱେଚ୍ଛାଦତ୍ତ ନୈବେଦ୍ୟ
ବିଷୟରେ ପ୍ରତ୍ୟେକଙ୍କୁ ଜଣାଅ। ହେ ଇଶ୍ରାୟେଲୀୟ, ତୁମ୍ଭେ
ଏହିସବୁ କାର୍ଯ୍ୟ କରିବାକୁ ଭଲ ପାଉଛ।" ସଦାପ୍ରଭୁ ଏହାହିଁ
କହିଲେ।

6ଏଗୁଡିକ କରିବା ଦ୍ୱାରା ଆମ୍ଭେ ତୁମ୍ଭମାନଙ୍କୁ ବାରଣ କରି
ଆମ୍ଭ ପାଖକୁ ଫେରାଇ ଆଣିବାକୁ ଚେଷ୍ଟା କଲୁ। "ଆମ୍ଭେ
ତୁମ୍ଭମାନଙ୍କୁ କୌଣସି ଖାଦ୍ୟ ଖାଇବାକୁ ଦେଲୁ
ନାହିଁ। ତୁମ୍ଭର ନଗରୀଗୁଡିକରେ କୌଣସି ଖାଦ୍ୟ ନଥିଲା।
ତଥାପି ତୁମ୍ଭେମାନେ ଆମ୍ଭ ନିକଟକୁ ଆସିଲ ନାହିଁ।" ସଦାପ୍ରଭୁ
ଏହା କହନ୍ତି।

7"ଆମ୍ଭେ ଶସ୍ୟ ଅମଳର ତିନିମାସ ପୂର୍ବରୁ ବର୍ଷା ବନ୍ଦ
କଲୁ। ଆମ୍ଭେ ଗୋଟିଏ ନଗରରେ ବର୍ଷା କରାଇଲୁ କିନ୍ତୁ
ଅନ୍ୟ ଏକ ନଗରରେ ବର୍ଷା ହେଲା ନାହିଁ। ଦେଶର ଗୋଟିଏ
ଅଂଶରେ ଓଦା ହେଉଥିଲା ବେଳେ ଅନ୍ୟ ଅଂଶ ଶୁଷ୍କ
ରହିଥିଲା। 8ତେଣୁ ଅନାବୃଷ୍ଟି ଯୋଗୁ ଦୁଇ ତିନିଟି ନଗରର
ଲୋକ ବୃଷ୍ଟି ବହୁଳ ଅଞ୍ଚଳକୁ ଜଳପାନ କରିବାକୁ ଧାଇଁଲେ।
କିନ୍ତୁ ସେଠାରେ ସବୁ ଲୋକଙ୍କ ପାଇଁ ପ୍ରଚୁର ଜଳ ନଥିଲା।
ତଥାପି ତୁମ୍ଭେମାନେ ଆମ୍ଭ ନିକଟକୁ ଆସିଲ ନାହିଁ।" ସଦାପ୍ରଭୁ
ଏହାହିଁ କହିଲେ।

9"ଉତ୍ତାପ ଓ ରୋଗରେ ତୁମ୍ଭର ଶସ୍ୟସବୁ ନଷ୍ଟ କଲୁ।
ଆମ୍ଭେ ତୁମ୍ଭର ବଗିଚା ଓ ଦ୍ରାକ୍ଷା କ୍ଷେତକୁ ଧ୍ୱଂସ କଲୁ।
ପଙ୍ଗପାଳ ତୁମ୍ଭର ଡିମିରି ଓ ଅଲିଭ ବୃକ୍ଷକୁ ଖାଇ ଧ୍ୱଂସ
କଲେ। ତଥାପି ତୁମ୍ଭେମାନେ ଆମ୍ଭ ନିକଟକୁ ସାହାଯ୍ୟ ପାଇଁ
ଆସିଲ ନାହିଁ।" ସଦାପ୍ରଭୁ ଏହିସବୁ କହିଥିଲେ।

10"ମିଶରରେ କଲାପରି ଆମ୍ଭେ ତୁମ୍ଭମାନଙ୍କ ବିରୁଦ୍ଧରେ
ରୋଗଗୁଡ଼ିକୁ ପ୍ରେରଣ କଲୁ। ଖଡ୍ଗରେ ଆମ୍ଭେ ତୁମ୍ଭର ଯୁବକମାନଙ୍କୁ
ହତ୍ୟା କଲୁ। ତୁମ୍ଭମାନଙ୍କର ଘୋଡ଼ାଗୁଡ଼ିକୁ ନେଇଗଲୁ। ତୁମ୍ଭର
ଶିବିରଗୁଡ଼ିକୁ ମୃତଶବର ଦୁର୍ଗନ୍ଧରେ ପରିପୂର୍ଣ୍ଣ କଲୁ। ତଥାପି
ତୁମ୍ଭେମାନେ ଆମ୍ଭ ସାହାଯ୍ୟ ଭିକ୍ଷା ପାଇଁ ଆସିଲ ନାହିଁ।"
ସଦାପ୍ରଭୁ ଏହିସବୁ କହିଥିଲେ।

11"ସଦୋମ ଓ ହମୋରା ସହରଗୁଡିକ ଧ୍ୱଂସ କଲାପରି
ଆମ୍ଭେ ତୁମ୍ଭମାନଙ୍କୁ ଧ୍ୱଂସ କଲୁ। ସେହି ନଗରଗୁଡ଼ିକ ସମ୍ପୂର୍ଣ୍ଣ
ନଷ୍ଟ ହୋଇଥିଲା। ତୁମ୍ଭେମାନେ ଗୋଟିଏ ପୋଡା ବାଡ ଅଗ୍ନିରୁ
ଟାଣିହେଲା ସଦୃଶ ଥିଲ। ତଥାପି ତୁମ୍ଭେମାନେ ଆମ୍ଭ
ପାଖକୁ ଫେରି ଆସିଲ ନାହିଁ।" ସଦାପ୍ରଭୁ ଏହିସବୁ
କହିଥିଲେ।

12"ତେଣୁ ହେ ଇଶ୍ରାୟେଲୀୟ, ଆମ୍ଭେ ତୁମ୍ଭକୁ ଏହି
ଜିନିଷଗୁଡିକ କରିବ। ହେ ଇଶ୍ରାୟେଲୀୟ! ତୁମ୍ଭେ ପରମେଶ୍ୱରଙ୍କ
ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହୁଅ। 13ଆମ୍ଭେ କିଏ? ଆମ୍ଭେ
ହେଉଛି ପର୍ବତର ନିର୍ମାଣକର୍ତ୍ତା, ଆମ୍ଭେ ତୁମ୍ଭ ମନର ସୃଷ୍ଟିକର୍ତ୍ତା।
ଆମ୍ଭେ ଲୋକମାନଙ୍କୁ କଥା କହିବା ଶିଖାଇ ଥିଲୁ। ଆଉ ମଧ୍ୟ
ଅନ୍ଧକାରକୁ ସକାଳରେ ପରିଣତ କରିଥିଲୁ। ଆମ୍ଭେ ପର୍ବତ ଓ
ପୃଥିବୀ ଉପରେ ଯାତାୟାତ କରୁ। ତାହାହେଲେ ଆମ୍ଭେ କିଏ?
ଆମ୍ଭେ ହେଉଛୁ ସେହି ସଦାପ୍ରଭୁ ସୈନ୍ୟାଧିପତି, ସ୍ୱୟଂମ୍ଭୁ
ପରମେଶ୍ୱର ଆମ୍ଭର ନାମ।"

## ଇଶ୍ରାୟେଲ ପାଇଁ ଦୁଃଖ ସଙ୍ଗୀତ

5 ହେ ଇଶ୍ରାୟେଲୀୟବାସୀ, ଏହି ବାର୍ତ୍ତା ଶୁଣ। ତୁମ୍ଭମାନଙ୍କ
ବିଷୟରେ ଏହା ହେଉଛି ବିଳାପର ସଙ୍ଗୀତ।

2ଇଶ୍ରାୟେଲର କୁମାରୀ ପଡିଯାଇଛି ଏବଂ ସେ ଆଉ
ଉଠିପାରିବ ନାହିଁ। ସେ ଏକାକିନୀ ପଡ଼ି ରହିଛି। ସେହି
ମଇଳାରୁ ତାକୁ ଉଠାଇବାକୁ କେହି ନାହିଁ।

3ସଦାପ୍ରଭୁ ମୋର ପ୍ରଭୁ ଏହି ବାକ୍ୟ କୁହନ୍ତି: "ସହରରୁ
ବାହାରକୁ ଯାଇଥିବା ଏକ ହଜାର ମଧ୍ୟରୁ ଏକଶହ ଅବଶିଷ୍ଟ

ରହିବେ, ଏବଂ ଏକଶହ ବାହାରିଥିବା ମଧ୍ୟରୁ ମାତ୍ର ଦଶଜଣ
ପ୍ରତ୍ୟାବର୍ତ୍ତନ କରିବେ।

### ସଦାପ୍ରଭୁ ଇସ୍ରାଏଲକୁ ଫେରିବାକୁ ଉତ୍ସାହିତ କରନ୍ତି

4ଇସ୍ରାଏଲକୁ ସଦାପ୍ରଭୁ ଏହାହିଁ କୁହନ୍ତି: "ଆସ, ଆମ୍ଭର
ଅନୁସନ୍ଧାନ କର ଏବଂ ବଞ୍ଚ।
5ମାତ୍ର ବୈଥେଲକୁ ଖୋଜ ନାହିଁ। ଗିଲ୍ଗଲ୍କୁ ଯାଅ ନାହିଁ।
ସୀମା ଅତିକ୍ରମ କରି ବେର୍ଶେବାକୁ ଯାଅ ନାହିଁ। ଗିଲ୍ଗଲ୍ର
ଲୋକମାନଙ୍କୁ ବନ୍ଦୀରୂପେ ନିଆଯିବ ଏବଂ ବୈଥେଲ ଧ୍ୱଂସ
ହେବ।
6ସଦାପ୍ରଭୁଙ୍କ ଅନ୍ୱେଷଣ କର ଓ ବଞ୍ଚି ରୁହ। ତୁମ୍ଭେ ଯଦି
ସଦାପ୍ରଭୁଙ୍କ ନିକଟକୁ ନ ଯିବ ତାହାହେଲେ ଗୋଟିଏ ଅଗ୍ନି
ସଞ୍ଚାର ହେବ ଏବଂ ସେହି ଅଗ୍ନି ଯୋଷେଫଙ୍କ ଗୃହକୁ ଧ୍ୱଂସ
କରିବ ଏବଂ କୌଣସି ବ୍ୟକ୍ତି ବୈଥେଲରେ ସେ ଅଗ୍ନିକୁ
ଲିଭାଇ କରିପାରିବେ ନାହିଁ।
7-9ପରମେଶ୍ୱର କୃତ୍ତିକାକାର ଓ ମୃଗଶୀର୍ଷ ସୃଷ୍ଟି କଲେ।
ସେ ଅନ୍ଧକାରକୁ ପ୍ରଭାତ ଆଲୋକରେ ପରିଣତ କଲେ। ସେ
ମଧ୍ୟ ଦିନକୁ ରାତ୍ରିରେ ପରିଣତ କଲେ। ସେ ସାଗର ଜଳକୁ
ଆହ୍ୱାନ କରନ୍ତି ଓ ପୃଥିବୀ ଉପରେ ଢ଼ାଳନ୍ତି। ତାଙ୍କର ନାମ
ଯିହୋବାଃ। ସେ କୌଣସି ଶକ୍ତିଶାଳୀ ନଗରକୁ ବା ଦୁର୍ଗକୁ
ଧ୍ୱଂସ କରି ପାରନ୍ତି।"

### ଇସ୍ରାଏଲୀୟମାନେ ମନ୍ଦ କାର୍ଯ୍ୟସବୁ କଲେ

ତୁମ୍ଭେମାନେ ଅମୃତକୁ ବିଷରେ ପରିଣତ କରିଛ। ଧାର୍ମିକତାର
ଅଧଃପତନ ପାଇଁ ତୁମ୍ଭେମାନେ ଦାୟୀ।
10ସହରର ଫାଟକରେ ତୁମ୍ଭେ ଭବିଷ୍ୟତବକ୍ତା ଦ୍ୱାରା
ଉଚ୍ଛନ୍ନ ହେବାକୁ ଘୃଣା କର। ତୁମ୍ଭେ ସଚ୍ଚୋଟ ବାକ୍ୟକୁ ମଧ୍ୟ
ଘୃଣା କର।
11ତୁମ୍ଭେମାନେ ଦରିଦ୍ରମାନଙ୍କଠାରୁ ଅସାଧୁ ଉପାୟରେ
କର ନେଉଅଛ ଏବଂ ସେମାନଙ୍କର ଗହମ ବଳପୂର୍ବକ
ନେଉଅଛ। ତୁମ୍ଭେମାନେ କାରୁକାର୍ଯ୍ୟ ପଥରରେ ସୁନ୍ଦର ଘର
ନିର୍ମାଣ କରିଛ, କିନ୍ତୁ ତୁମ୍ଭେମାନେ ସେହି ଘରେ ରହିପାରିବ
ନାହିଁ। ତୁମ୍ଭେମାନେ ସୁନ୍ଦର ଦ୍ରାକ୍ଷାଗଛ କ୍ଷେତ୍ରରେ ଲଗାଇଛ
କିନ୍ତୁ ସେ ଦ୍ରାକ୍ଷାରସ ପାନ କରିପାରିବ ନାହିଁ।
12ଆମ୍ଭେ ତୁମ୍ଭମାନଙ୍କର ଅନେକ ଜଘନ୍ୟ ପାପ ଜାଣୁ।
ତୁମ୍ଭେମାନେ ଧାର୍ମିକ ଲୋକଙ୍କୁ କଷ୍ଟ ଦେଲ। ତୁମ୍ଭେ ଲାଞ୍ଚ
ନେଇଛ ଏବଂ ଦରିଦ୍ର ଲୋକଙ୍କ ପ୍ରତି ନ୍ୟାୟାଳୟରେ ଅନ୍ୟାୟ
ଆଚରଣ କରିଅଛ।
13ସେତେବେଳେ ଜ୍ଞାନୀ ବ୍ୟକ୍ତିମାନେ ନୀରବ ରହିବେ
କାରଣ ସମୟ ଅତି ମନ୍ଦ ଅଟେ।
14ତୁମ୍ଭେ କୁହ, ପରମେଶ୍ୱର ତୁମ୍ଭମାନଙ୍କ ସହିତ ଅଛନ୍ତି।
ତେଣୁ ତୁମ୍ଭେ ଉତ୍ତମ କାର୍ଯ୍ୟ କର। ମନ୍ଦଠାରୁ ଦୂରେଇ ରୁହ।
ତାହା ହେଲେ ସଦାପ୍ରଭୁ ପରମେଶ୍ୱର ସର୍ବଶକ୍ତିମାନ ପ୍ରକୃତରେ
ତୁମ୍ଭର ସହବର୍ତ୍ତୀ ହେବେ।
15ମନ୍ଦକୁ ଘୃଣା କର, ଭଲକୁ ଆଦର କର। ନ୍ୟାୟ
ବିଚାର କର। ସଦାପ୍ରଭୁ ପରମେଶ୍ୱର ସର୍ବଶକ୍ତିମାନ ହୁଏତ
ଯୋଷେଫଙ୍କ ଅବଶିଷ୍ଟାଂଶ ପରିବାର ପ୍ରତି କୃପାମୟ ହୋଇପାରନ୍ତି।

### ଅତି ଦୁଃଖର ସମୟ ଆସୁଛି

16ମୋର ପ୍ରଭୁ ସର୍ବଶକ୍ତିମାନ ସଦାପ୍ରଭୁ ପରମେଶ୍ୱର
କୁହନ୍ତି, "ଲୋକମାନେ ସର୍ବସାଧାରଣ ସ୍ଥାନରେ କ୍ରନ୍ଦନ କରିବେ।
ପ୍ରତ୍ୟେକ ରାସ୍ତାରେ ସେମାନେ କହିବେ ହାୟ! ହାୟ! ସେମାନେ
କୃଷକମାନଙ୍କୁ ଶୋକରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିବେ
ଓ ପେଷାଦାର ଶୋକକାରୀମାନଙ୍କୁ ଶୋକ କରିବାକୁ ଉଡ଼ାରେ
ଆଣିବେ।
17ସଦାପ୍ରଭୁ ଏହା ମଧ୍ୟ କହନ୍ତି: ଲୋକମାନେ ଦ୍ରାକ୍ଷାକ୍ଷେତ୍ରରେ
କ୍ରନ୍ଦନ କରିବେ। ଯେତେବେଳେ ଆମ୍ଭେ ତୁମ୍ଭମାନଙ୍କ ମଧ୍ୟଦେଇ
ଅତିକ୍ରମ କରିବା ଏବଂ ତୁମ୍ଭଙ୍କୁ ଦଣ୍ଡ ଦେବା।"
18ତୁମ୍ଭମାନଙ୍କ ମଧ୍ୟରୁ କେତେକ ସଦାପ୍ରଭୁଙ୍କର ବିଶେଷଦିନ
ପାଇଁ ଅପେକ୍ଷା କରିଛ। କିନ୍ତୁ ତୁମ୍ଭେ ଅପେକ୍ଷା କରିବା
ଉଚିତ୍ ନୁହଁ। ସଦାପ୍ରଭୁଙ୍କର ସେହି ବିଶେଷଦିବସଟି କେବଳ
ଚାରିଆଡୁ ଅନ୍ଧକାର ଆଣିବ, ତୁମ୍ଭେ ଆଶା କରିଥିବା ଆଲୋକକୁ
ନୁହେଁ।
19ସଦାପ୍ରଭୁଙ୍କର ଦିନଟି ଏପରି ସମୟ ହେବ, ଯେତେବେଳେ
ଜଣେ ବ୍ୟକ୍ତି ସିଂହ ମୁହଁରୁ ରକ୍ଷା ପାଇ ଭାଲୁ ଦ୍ୱାରା ଆକ୍ରମିତ
ହୁଏ କି ନିଜ ଘରର କାନ୍ଥରେ ହାତ ରଖି ବିଶ୍ରାମ ନେବା
ସମୟରେ ଦନ୍ତାଘାତ ହୁଏ।
20ସଦାପ୍ରଭୁଙ୍କର ବିଶେଷଦିନଟି ଆନନ୍ଦର ଦିନ ନହୋଇ
ଦୁଃଖମୟ ହେବ। ଏହା ଆଲୋକିତ ନହୋଇ ଅନ୍ଧକାର ପୂର୍ଣ୍ଣ
ହେବ।

### ସଦାପ୍ରଭୁ ଇସ୍ରାଏଲୀୟଙ୍କ ଉପାସନାକୁ ପ୍ରତ୍ୟାଖ୍ୟାନ କଲେ

21"ଆମ୍ଭେ ତୁମ୍ଭମାନଙ୍କର ପର୍ବ ଦିନକୁ ଘୃଣା କରୁ।
ଆମ୍ଭେ ମଧ୍ୟ ତୁମ୍ଭମାନଙ୍କ ଧାର୍ମିକ ମହାସଭାକୁ ଗ୍ରହଣ କରୁ
ନାହୁଁ।
22ଏପରିକି ତୁମ୍ଭେ ହୋମବଳି ଓ ଭୈକ୍ଷ୍ୟ ନୈବେଦ୍ୟ
ଅର୍ପଣ କଲେ ହେଁ ଆମ୍ଭେ ସେଗୁଡ଼ିକୁ ଗ୍ରହଣ କରିବା ନାହିଁ।
ଆଉ ମଧ୍ୟ ମଙ୍ଗଳ ବିଧାନ ପାଇଁ ବଳି ଯୋଗ୍ୟ ପୁଷ୍ଟ ପଶୁଗଣ
ପ୍ରତି ଆମ୍ଭେ ଦୃଷ୍ଟି ଦେବା ନାହିଁ।
23ତୁମ୍ଭମାନଙ୍କର ସେହି ଉଚ୍ଚସ୍ୱର ସଙ୍ଗୀତ ବନ୍ଦ କର।
କାରଣ ଆମ୍ଭେ ସେଗୁଡ଼ିକୁ ଶୁଣିବାକୁ ଚାହୁଁ ନାହୁଁ ଓ ତୁମ୍ଭର
ବୀଣାବାଦନଗୁଡ଼ିକ ଦୂର କର।
24ତୁମ୍ଭର ନ୍ୟାୟ ବିଚାରଧାରା ପ୍ରବାହିତ ଜଳ ସଦୃଶ
ହେବା ଉଚିତ୍ ଏବଂ ଧାର୍ମିକତା ଗୋଟିଏ ଝରଣା ପରି ହେବା
ଉଚିତ୍। ଯାହା କେବେ ଶୁଖେ ନାହିଁ।
25ହେ ଇସ୍ରାଏଲୀୟମାନେ, ତୁମ୍ଭେମାନେ ଦୀର୍ଘ ଚାଳିଶ
ବର୍ଷ ମରୁଭୂମିରେ ଥିଲାବେଳେ ତୁମ୍ଭର ସେବା ଓ ବଳିଦାନ
ଆମ୍ଭକୁ ଦେଇଥିଲ କି?
26ତୁମ୍ଭେ ସିକୂତକୁ ତୁମ୍ଭର ରାଜା ରୂପେ ଏବଂ କୀୟୂନଙ୍କୁ
ତୁମ୍ଭର 'ତାରକା ସଦାପ୍ରଭୁ' ରୂପେ ତୁମ୍ଭେ ନିଜେ ତିଆରି
କରିଛ।
27ତେଣୁ ଆମ୍ଭେ ତୁମ୍ଭମାନଙ୍କୁ ଦମ୍ମେଶକ ସହରର ବହୁତ
ଦୂରକୁ ବନ୍ଦୀକରି ନିର୍ବାସିତ କରାଇବା।" ସର୍ବଶକ୍ତିମାନ ପରମେଶ୍ୱର
ଏହି କଥା କହିଲେ।

### ଇସ୍ରାୟେଲରୁ ସ୍ପନ୍ଦନ କାଢ଼ି ନଆଯିବ

6 ହେ ସିୟୋନର ଲୋକମାନେ, ଯେଉଁମାନେ ତୁମ୍ଭର
ଦୁଃଖ ନାହିଁ ବୋଲି କହୁଛ ଏବଂ ଶମରୟା ପର୍ବତ
ଉପରେ ଥିବା ନିବାସୀ ଯେଉଁମାନେ ନିଜକୁ ନିରାପଦ ମନେ
କରୁଛ, ତୁମ୍ଭମାନଙ୍କ ପାଇଁ ଏହା ଅତି ମନ୍ଦ ହେବ।
ତୁମ୍ଭେମାନେ ମହାନ୍ ଦେଶର "ପ୍ରଧାନ" ଗଣ। "ଇସ୍ରାୟେଲର
ଗୃହ" ତୁମ୍ଭମାନଙ୍କର ଉପଦେଶ ପାଇଁ ତୁମ୍ଭମାନଙ୍କ ପାଖକୁ
ଆସୁଛି।

2ଯାଅ କଲନୀକୁ ଦେଖ, ସେହି ସ୍ଥାନରୁ ମହାନ୍ ନଗର
ହମାତକୁ ଯାଅ। ତା'ପରେ ପଲେଷ୍ଟୀୟମାନଙ୍କର ଗାଥ୍ ନଗରକୁ
ଯାଅ। ସେହିସବୁ କି ଏହି ରାଜ୍ୟଗୁଡ଼ିକ ଅପେକ୍ଷା
ଭଲ? ଅବା ସେମାନଙ୍କର ସୀମା କି ତୁମ୍ଭମାନଙ୍କର ରାଜ୍ୟ
ଅପେକ୍ଷା ବଡ଼।

3ତୁମ୍ଭେମାନେ ଭାବୁଛ ଦଣ୍ଡ ପାଇବାର ଦିନ ବହୁତ
ଦୂରରେ ଅଛି, ସେଥିପାଇଁ ତୁମ୍ଭେ ହିଂସାର ସହିତ ଶାସନ
କରୁଛ।

4ତୁମ୍ଭେ ଗଜଦନ୍ତ ଶଯ୍ୟା ଉପରେ ଶୟନ କରୁଛ ଓ ଖଟ
ଉପରେ ନିଜର ଶରୀରକୁ ଲମ୍ବାଇ ଦେଉଛ। ତୁମ୍ଭେମାନେ
ତୁମ୍ଭର ମେଷ ପଲରୁ ମେଷଶାବକର କୋମଳ ମାଂସ ଖାଉଛ
ଏବଂ ସେମାନଙ୍କ ଗୁହାଳରୁ ବାଛୁରୀମାନଙ୍କୁ ଆଣୁଛ ଏବଂ
ସେମାନଙ୍କୁ ଖାଉଛ। ଏହା ତୁମ୍ଭମାନଙ୍କ ପାଇଁ ବହୁତ ଖରାପ
ହେବ।

5ତୁମ୍ଭେ ବୀଣାବାଦନ କରୁଛ ଏବଂ ଦାଉଦଙ୍କ ପରି ତୁମ୍ଭର
ବାଦ୍ୟଯନ୍ତ୍ରଗୁଡ଼ିକରେ ଅଭ୍ୟାସ କରୁଛ।

6ତୁମ୍ଭେ ଦ୍ରାକ୍ଷାରସ ସୁନ୍ଦର ପାତ୍ରରେ ପାନ କରୁଛ। ଆଉ
ମଧ୍ୟ ସୁନ୍ଦର ସୁବାସିତ ପଦାର୍ଥ ବ୍ୟବହାର କରୁଛ। କିନ୍ତୁ
ଯୋଷେଫର ପରିବାର ଧ୍ୱଂସ ପାଉଛନ୍ତି ସେଥିପାଇଁ ଟିକିଏ
ହେଲେ ଦୁଃଖ କରୁନାହଁ।

7ସେହି ଲୋକମାନେ ସେମାନଙ୍କର ଖଟ ଉପରେ ଲମ୍ବି
ଶୋଇଛନ୍ତି। କିନ୍ତୁ ସେମାନଙ୍କର ସୁଖର ଦିନ ଶେଷ ହୋଇଛି।
ସେମାନଙ୍କୁ ଅନ୍ୟ ରାଜ୍ୟକୁ ବନ୍ଦୀରୂପେ ନିଆଯିବ। ସେମାନେ
ବନ୍ଦୀହୋଇ ଯିବାର ପ୍ରଥମ ବ୍ୟକ୍ତି ହେବେ। 8ମୋର ପ୍ରଭୁ
ସଦାପ୍ରଭୁ ନିଜର ପବିତ୍ର ନାମକୁ ବ୍ୟବହାର କଲେ ଓ ଶପଥ
ନେଲେ। ସଦାପ୍ରଭୁ ସର୍ବଶକ୍ତିମାନ ପରମେଶ୍ୱର ଏହି ପ୍ରତିଜ୍ଞା
କଲେ,

"ଆମ୍ଭେ ଯାକୁବର ଗର୍ବକୁ ଘୃଣା କରୁ। ତା'ର
ସୁଦୃଢ଼ ଅଟ୍ଟାଳିକାକୁ ମଧ୍ୟ ଘୃଣା କରୁ। ତେଣୁ ଆମ୍ଭେ ସେହି
ନଗରକୁ ଓ ତା'ର ସମସ୍ତ ଜିନିଷକୁ ଶତ୍ରୁ ହସ୍ତରେ ଅର୍ପଣ
କରିବା।"

### ଅଳ୍ପ କେତେକ ଇସ୍ରାୟେଲୀୟ ରକ୍ଷା ପାଇବେ

9ସେହି ସମୟରେ ଯଦି ଗୋଟିଏ ଘରେ କେବଳ
ଦଶଜଣ ଅଛନ୍ତି, ସେମାନେ ସମସ୍ତେ ମରିବେ। 10ଯେତେବେଳେ
ଜଣେ ଲୋକ ମରିବ, ଜଣେ ସମ୍ପର୍କୀୟ ମୃତ ଶରୀରକୁ
ନେଇ ଦାହ ଦେବା ପାଇଁ ଆସିବ। ଏବଂ "ସେ ଘର
ମଧ୍ୟରେ ଅନ୍ୟ କିଏ ଅଛି ବୋଲି ପଚାରିବ।" ଘର ଭିତରେ
ଥିବା ଲୋକଟି ଉତ୍ତର କରିବ, "ନା", ...
ତା'ପରେ ସେହି ବ୍ୟକ୍ତି ତୁନି ହୁଅ ବୋଲି କହିବ।
କାରଣ "ଆମ୍ଭେମାନେ ସଦାପ୍ରଭୁଙ୍କର ନାମ ଉଚ୍ଚାରଣ କରିବାର
ନୁହେଁ।"

11ସଦାପ୍ରଭୁ ପରମେଶ୍ୱର ଆଦେଶ ଦେବେ, ଦେଖ ବଡ଼
ଗୃହଗୁଡ଼ିକ ଖଣ୍ଡ ବିଖଣ୍ଡିତ ହେବ ଏବଂ କ୍ଷୁଦ୍ର ଗୃହଗୁଡ଼ିକ
ଛୋଟ ଛୋଟ ଖଣ୍ଡରେ ପରିଣତ ହେବ।

12ଅଶ୍ୱମାନେ ଢେଲା ପଥରଗୁଡିକ ଉପରେ ଦୌଡ଼ିବେ
କି? ଆଉ ମଧ୍ୟ କୌଣସି ଲୋକ ବଳଦମାନଙ୍କୁ ସମୁଦ୍ରରେ
ହଳ କରିବାରେ ବ୍ୟବହାର କରନ୍ତି? କିନ୍ତୁ ତୁମ୍ଭେ ସବୁ
ଜିନିଷ ତଳ ଉପର ପରିବର୍ତ୍ତନ କରିଛ। ତୁମ୍ଭେ ଧାର୍ମିକକୁ
ନାଗ ବିଷରେ ପରିଣତ କରିଛ ଏବଂ ଆଉ ଅତି ଉତ୍ତମ
ନ୍ୟାୟକୁ ତୀବ୍ର ହଳାହଳରେ ପରିଣତ କରିଛ।

13ତୁମ୍ଭେମାନେ ଲୁଛାରେ ଆନନ୍ଦ କରୁଛ। ଆଉ ତୁମ୍ଭେମାନେ
କହୁଛ, "ଆମ୍ଭେ ନିଜ ବଳରେ ଶିଙ୍ଗ ଲାଭ କରିଅଛୁ।"

14"କିନ୍ତୁ ହେ ଇସ୍ରାୟେଲବାସୀ, ତୁମ୍ଭ ଦେଶ ବିରୁଦ୍ଧରେ
ଆମ୍ଭେ ଗୋଟିଏ ଗୋଷ୍ଠୀ ଜାଗ୍ରତ କରିବା। ସେହି ଗୋଷ୍ଠୀ ତୁମ୍ଭ
ସମଗ୍ର ରାଜ୍ୟ ଉପରେ ଦୁଃଖ କ୍ଲେଶ ଆଣିବ। ଏହି କ୍ଲେଶ
ହମାତଠାରୁ ଅରାବା ମାର୍ଗ ପର୍ଯ୍ୟନ୍ତ ଲାଗି ରହିବ।" ସଦାପ୍ରଭୁ
ସର୍ବଶକ୍ତିମାନ ପରମେଶ୍ୱର ଏହା କୁହନ୍ତି।

### ପଙ୍ଗପାଳଙ୍କର ଦର୍ଶନ

7 ସଦାପ୍ରଭୁ ମୋତେ ଏହା ଦେଖାଇଲେ। ଦ୍ୱିତୀୟବାର
ଶସ୍ୟ ଉତ୍ପାଦନ ଆରମ୍ଭ ହେବା ସମୟରେ ସେ
ପଙ୍ଗପାଳ ସୃଷ୍ଟି କଲେ। ରାଜା ପ୍ରଥମବାର ଶସ୍ୟ ଅମଳ
କଲାପରେ ଏହା ଦ୍ୱିତୀୟବାର ଶସ୍ୟ ଥିଲା। 2ପଙ୍ଗପାଳ ଦଳ
ରାଜ୍ୟର ସମସ୍ତ ତୃଣ ଖାଇଗଲେ। ତା'ପରେ ମୁଁ କହିଲି,
"ହେ ମୋର ପ୍ରଭୁ ସଦାପ୍ରଭୁ, ମୁଁ ତୁମ୍ଭକୁ ପ୍ରାର୍ଥନା କରୁଛି।
ଆମ୍ଭମାନଙ୍କୁ କ୍ଷମା କର। ଯାକୁବ କେବେ ତିଷ୍ଠିବ ନାହିଁ।
କାରଣ ସେ ଅତି କ୍ଷୁଦ୍ର।"

3ତା'ପରେ ସଦାପ୍ରଭୁ ତାଙ୍କର ମନ ପରିବର୍ତ୍ତନ କଲେ
ଏବଂ କହିଲେ, "ଏହା ଘଟିବ ନାହିଁ।"

### ଅଗ୍ନିର ଦର୍ଶନ

4ମୋର ପ୍ରଭୁ ସଦାପ୍ରଭୁ ମୋତେ ଏହିସବୁ ଦେଖାଇଲେ।
ମୁଁ ଦେଖିଲି ପ୍ରଭୁ ସଦାପ୍ରଭୁ ବିଚାର ପାଇଁ ଅଗ୍ନିକୁ
ଡ଼ାକାଇଲେ। ସେହି ଅଗ୍ନି ମହାସାଗରକୁ ଧ୍ୱଂସ କଲା। ସେ
ପୃଥିବୀକୁ ମଧ୍ୟ ଶେଷ କରିବାକୁ ଆରମ୍ଭ କଲା। 5କିନ୍ତୁ ମୁଁ
ପ୍ରାର୍ଥନା କଲି ଓ କହିଲି, "ହେ ମୋର ସଦାପ୍ରଭୁ ପରମେଶ୍ୱର,
ମୁଁ ପ୍ରାର୍ଥନା କରୁଛି ବନ୍ଦ କର। ଯାକୁବ ବଞ୍ଚିବ ନାହିଁ। ସେ
ଅତି କ୍ଷୁଦ୍ର।"

6ତା'ପରେ ସଦାପ୍ରଭୁ ଏବିଷୟରେ ତାଙ୍କର ମନ ପରିବର୍ତ୍ତନ
କଲେ। ସଦାପ୍ରଭୁ ପରମେଶ୍ୱର କହିଲେ, "ତାହା ଘଟିବ
ନାହିଁ।"

### ଓଳମର ଦର୍ଶନ

7ସଦାପ୍ରଭୁ ଏହି ଜିନିଷ ମୋତେ ଦେଖାଇଲେ: ସଦାପ୍ରଭୁ
ଗୋଟିଏ କାନ୍ଥ ନିକଟରେ ଓଳମ ଧରି ଛିଡ଼ା ହେଲେ। କାନ୍ଥ

ଓଳମ ଦ୍ୱାରା ସଳଖ କରାଯାଏ। 8ସଦାପ୍ରଭୁ ମୋତେ କହିଲେ,
"ହେ ଆମୋଷ କ'ଣ ଦେଖୁଛ?"
ମୁଁ ଉତ୍ତରରେ କହିଲି, "ତାହା ଏକ ଓଳମ।"
ତା'ପରେ ମୋର ପ୍ରଭୁ କହିଲେ, "ଦେଖ, ଆମ୍ଭେ
ଇଶ୍ରାୟେଲର ଆପଣା ଲୋକମାନଙ୍କ ମଧ୍ୟରେ ଏକ ଓଳମ
ରଖିବା। ଆମ୍ଭେ ସେମାନଙ୍କର 'କୁକର୍ମ ସବୁକୁ' ହେୟଜ୍ଞାନ
କରିବା ନାହିଁ। 9ଇସ୍‌ହାକର ଉଚ୍ଚସ୍ଥାନ ଧ୍ୱଂସ ହେବ। ଇଶ୍ରାୟେଲର
ପବିତ୍ର ସ୍ଥାନଗୁଡ଼ିକ ପଥରରେ ପରିଣତ ହେବ। ଆମ୍ଭେ ଖଡ୍ଗ
ଦ୍ୱାରା ଯାରବିୟାମର ପରିବାରକୁ ଆକ୍ରମଣ କରିବା ଏବଂ
ସେମାନଙ୍କୁ ହତ୍ୟା କରିବା।"

### ଅମତ୍‌ସିୟ ଆମୋଷଙ୍କୁ ନିବୃତ୍ତ କରିବାକୁ ଚେଷ୍ଟା କରନ୍ତି

10ବୈଥେଲର ଯାଜକ ଅମତ୍‌ସିୟ ଏହି ବାର୍ତ୍ତା ଇଶ୍ରାୟେଲର
ରାଜା ଯାରବିୟାମଙ୍କୁ ପଠାଇଲେ, "ଆମୋଷ ତୁମ୍ଭ ବିରୁଦ୍ଧରେ
ଇଶ୍ରାୟେଲୀୟମାନଙ୍କ ମଧ୍ୟରେ ଚକ୍ରାନ୍ତ କରୁଛନ୍ତି। ସେ ଏତେ
ଅଧିକ କହୁଛନ୍ତି ଯେ ଦେଶ ତାହା ସହି ପାରୁନାହିଁ।
11ଆମୋଷ କହୁଛନ୍ତି, 'ଯାରବିୟାମ୍ ଖଡ୍ଗରେ ନିହତ ହେବେ
ଏବଂ ଇଶ୍ରାୟେଲର ଲୋକମାନଙ୍କୁ ଦେଶ ବାହାରକୁ ବନ୍ଦୀରୂପେ
ନିଆଯିବ।'"
12ଅମତ୍‌ସିୟ ମଧ୍ୟ ଆମୋଷଙ୍କୁ କହିଥିଲେ, "ହେ ଦର୍ଶକ,
ଯିହୁଦାକୁ ଯାଅ ଓ ସେଠାରେ ରୋଟୀ ଉପାର୍ଜନ କର ଏବଂ
ତୁମ୍ଭର ଉପଦେଶ ପ୍ରଚାର କର। 13କିନ୍ତୁ ଆଉ ବୈଥେଲରେ
ପ୍ରଚାର କରିନାହିଁ। ଏହା ଯାରବିୟାମ୍‌ଙ୍କ ପବିତ୍ର ସ୍ଥାନ। ଏହା
ଇଶ୍ରାୟେଲର ମନ୍ଦିର।"
14ତା'ପରେ ଆମୋଷ ଅମତ୍‌ସିୟଙ୍କୁ ଉତ୍ତର ଦେଲେ, "ମୁଁ
ଜଣେ ପେଷାଦାର ଭବିଷ୍ୟତବକ୍ତା ନୁହେଁ। ଆଉ ମଧ୍ୟ ମୁଁ
ଭବିଷ୍ୟତବକ୍ତାର ପରିବାରରୁ ଆସିନାହିଁ। ମୁଁ କେବଳ ମେଷପାଳନ
କରେ ଓ ଡ଼ିମିରି ବୃକ୍ଷର ଯତ୍ନ ନିଏ। 15ମୁଁ ଜଣେ
ମେଷପାଳକ ଥିଲି ଓ ସଦାପ୍ରଭୁ ମୋତେ ଆଣି କହିଲେ,
'ଯାଅ ଓ ଇଶ୍ରାୟେଲର ଲୋକମାନଙ୍କ ମଧ୍ୟରେ ଭବିଷ୍ୟତବାଣୀ
ପ୍ରଚାର କର।' 16ତେଣୁ ସଦାପ୍ରଭୁଙ୍କ ବାର୍ତ୍ତା ଶୁଣ। ତୁମ୍ଭେ
ମୋତେ କହୁଛ, 'ଇଶ୍ରାୟେଲ ବିରୁଦ୍ଧରେ ଭବିଷ୍ୟତ ବାକ୍ୟ
ପ୍ରଚାର କରିନାହିଁ। ଇସ୍‌ହାକ ପରିବାର ବିରୁଦ୍ଧରେ ମଧ୍ୟ ପ୍ରଚାର
କରିନାହିଁ।' 17କିନ୍ତୁ ସଦାପ୍ରଭୁ କୁହନ୍ତି, 'ତୁମ୍ଭର ସ୍ତ୍ରୀ ନଗର
ମଧ୍ୟରେ ଜଣେ ଗଣିକା ହେବ। ତୁମ୍ଭର ପୁତ୍ରକନ୍ୟାଗଣ
ଖଡ୍ଗରେ ନିହତ ହେବେ। ଅନ୍ୟ ଲୋକମାନଙ୍କୁ ତୁମ୍ଭ ରାଜ୍ୟରୁ
ନିଆଯିବ ଏବଂ ସେମାନଙ୍କ ନିଜ ନିଜ ମଧ୍ୟରେ ବିଭାଗ
କରାଯିବ। ଆଉ ମଧ୍ୟ ତୁମ୍ଭେ ବିଦେଶରେ ମୃତ୍ୟୁବରଣ କରିବ।
ଇଶ୍ରାୟେଲର ଲୋକମାନେ ନିଶ୍ଚିତ ଏଦେଶରୁ ବନ୍ଦୀରୂପେ
ବିତାଡ଼ିତ ହେବେ।'"

### ପକ୍ୱଫଳର ଦର୍ଶନ

8 ସଦାପ୍ରଭୁ ମୋତେ ଏହା ଦେଖାଇଲେ, ମୁଁ ଏକଡ଼ାଲା
ଗ୍ରୀଷ୍ମକାଳୀନ ଫଳ ଦେଖିଲି। 2ସଦାପ୍ରଭୁ ମୋତେ
ପଚାରିଲେ, "ହେ ଆମୋଷ, ତୁମ୍ଭେ କ'ଣ ଦେଖୁଛ?"
ମୁଁ କହିଲି, "ଏକଡ଼ାଲା ଗ୍ରୀଷ୍ମକାଳୀନ ଫଳ ଦେଖୁଛି।"
ତା'ପରେ ସଦାପ୍ରଭୁ କହିଲେ, "ଆମ୍ଭର ଇଶ୍ରାୟେଲ
ଲୋକମାନଙ୍କ ପାଇଁ ଶେଷ ସମୟରେ ଆସିଛି। ଆମ୍ଭେ ଏଣିକି
ସେମାନଙ୍କର ପାପଗୁଡ଼ିକ ଦେଖିପାରିବା ନାହିଁ। 3ପୁଣି ମନ୍ଦିର
ଗୀତ ଦୁଃଖପୂର୍ଣ୍ଣ ମୃତ୍ୟୁକାଳୀନ ସଙ୍ଗୀତରେ ପରିଣତ ହେବ।
ସଦାପ୍ରଭୁ, ମୋର ପ୍ରଭୁ ଏହା କହିଲେ: ସବୁ ସ୍ଥାନରେ ମୃତ
ଶରୀର ପଡ଼ିରହିବ। ନୀରବରେ ଲୋକମାନେ ସେହି ଶବଗୁଡ଼ିକୁ
ନେଇ ଏକ ସ୍ଥାନରେ ପକାଇବେ।"

### ଇଶ୍ରାୟେଲର ବ୍ୟବସାୟୀଗଣ କେବଳ ଅର୍ଥ ଉପାର୍ଜନରେ ଆଗ୍ରହୀ

4ମୋ କଥା ଶୁଣ! ହେ ଦେଶର ଦରିଦ୍ରମାନଙ୍କୁ ବିନଷ୍ଟ
କରୁଥିବା ଓ ଅସହାୟମାନଙ୍କୁ ଦଳି ଦେଉଥିବା ଲୋକମାନେ,
5ତୁମ୍ଭେ ବ୍ୟବସାୟୀଗଣ କହୁଛ, "କେତେବେଳେ ଅମାବାସ୍ୟା
ଗତ ହେବ ଓ ଆମ୍ଭେମାନେ ଆମ୍ଭର ଶସ୍ୟ ବିକ୍ରି କରିବୁ?
ପୁଣି କେତେବେଳେ ବିଶ୍ରାମଦିନ ଗତ ହେବ, ଆମ୍ଭେ ଆମ୍ଭର
ଗହମ ବିକ୍ରିପାଇଁ ଆଣିବୁ? ଆମ୍ଭେମାନେ ଓଜନର ମାପ
କମାଇବୁ ଏବଂ ଜିନିଷର ମୂଲ୍ୟ ବୃଦ୍ଧି କରିବୁ। ଆମ୍ଭେମାନେ
ତରାଜୁକୁ କମ୍ ବେଶୀକରି ଲୋକମାନଙ୍କୁ ଠକିବୁ।
6ଆଉ ଦରିଦ୍ର ଲୋକମାନେ ସେମାନଙ୍କର ଋଣ ପରିଶୋଧ
କରିପାରିବେ ନାହିଁ, ତେଣୁ ଆମ୍ଭେ ସେମାନଙ୍କୁ କ୍ରୀତଦାସ
ରୂପେ କିଣିବୁ। ସେହି ଅସହାୟ ଲୋକମାନଙ୍କୁ ଏକହଳ
ପାଦୁକା ବଦଳରେ କିଣି ପାରିବୁ। ହାୟ! ପରିତ୍ୟକ୍ତ ଗହମ
ପରି ସେହି ଦରିଦ୍ର ବ୍ୟକ୍ତିମାନଙ୍କୁ ବିକ୍ରି କରିବୁ।"
7ସଦାପ୍ରଭୁ ଯାକୁବର ଗର୍ବକୁ ନେଇ ଶପଥ କରି କହିଲେ,
"ସେହି ଲୋକମାନେ ଯାହା କଲେ ଆମ୍ଭେ କେବେ ତାହା
ପାଶୋରି ପାରିବା ନାହିଁ।
8ସେହି ଯୋଗୁ ସମଗ୍ରଦେଶ ଥରିବ। ସେହି ରାଜ୍ୟରେ
ବାସ କରୁଥିବା ପ୍ରତ୍ୟେକ ଲୋକ ମୃତ ଲୋକଙ୍କ ପାଇଁ
ବିଳାପ କରିବେ। ମିଶର ନୀଳନଦୀ ପରି ସମଗ୍ର ଦେଶଟିର
ଉତ୍‌ଥାନ ପତନ ଘଟିବ। ଆଉ ଦେଶଟି ଆନ୍ଦୋଳିତ
ହେବ।"
9ସଦାପ୍ରଭୁ ଏହା କହିଥିଲେ: "ସେଦିନ ମଧ୍ୟାହ୍ନରେ ସୂର୍ଯ୍ୟଙ୍କୁ
ଅସ୍ତ କରାଇବା ଓ ଏକ ନିର୍ମଳ ଦିନରେ ପୃଥିବୀକୁ ଅନ୍ଧକାରମୟ
କରାଇବା।
10ତୁମ୍ଭର ଅବସର ଦିନକୁ ମୃତ ଲୋକର ଶୋକ
ଦିବସରେ ପରିଣତ କରାଇବା ଏବଂ ତୁମ୍ଭର ସମସ୍ତ ସଙ୍ଗୀତ
ମୃତ ଲୋକଙ୍କ ବିଳାପରେ ପରିଣତ ହେବ। ଆମ୍ଭେ ସମସ୍ତଙ୍କୁ
ଦୁଃଖ ବସ୍ତ୍ର ପରିଧାନ କରାଇବା ଓ ସମସ୍ତଙ୍କର ମସ୍ତକକୁ
ଲଣ୍ଡା କରାଇବା। ଗୋଟିଏ ଲୋକର ଏକମାତ୍ର ସନ୍ତାନର
ମୃତ୍ୟୁରେ ଯେପରି ଆକୁଳ କ୍ରନ୍ଦନ କରାଯାଏ ସେହିପରି କରୁଣ
ବିଳାପ କରାଇବା। ଏହା ଅତି ଦୁଃଖର ଅନ୍ତିମ ପରିଣତି
ହେବ।"

### ପରମେଶ୍ୱରଙ୍କ ବାକ୍ୟ ପାଇଁ କ୍ଷୁଧାର ଏକ ଭୟଙ୍କର ସମୟ ଆସୁଛି

11ସଦାପ୍ରଭୁ କୁହନ୍ତି:
"ଦେଖ, ସେହିଦିନ ଆସୁଛି, ଯେଉଁଦିନ ଆମ୍ଭେ ଏ
ଦେଶକୁ ଦୁର୍ଭିକ୍ଷ ପ୍ରେରଣ କରିବା। ତାହା କ୍ଷୁଧା ଓ ତୃଷ୍ଣାର

ଦୁର୍ଭିକ୍ଷ ନୁହେଁ। ମାତ୍ର ତାହା ସଦାପ୍ରଭୁଙ୍କର ବାକ୍ୟର ଦୁର୍ଭିକ୍ଷ ହେବ।

12ଲୋକମାନେ ଗୋଟିଏ ସମୁଦ୍ରରୁ ଅନ୍ୟ ଗୋଟିଏ ସମୁଦ୍ର ପର୍ଯ୍ୟନ୍ତ ଏବଂ ଉତ୍ତର ଦଗରୁ ପୂର୍ବ ଦଗକୁ ଭ୍ରମଣ କରବେ। ସେମାନେ ସଦାପ୍ରଭୁଙ୍କର ବାର୍ତ୍ତା ଏଣେତେଣେ ଖୋଜି ବୁଲବେ, ମାତ୍ର ତାହା ପାଇବେ ନାହିଁ।

13ସେତେବେଳେ ସୁନ୍ଦର ଯୁବକଗଣ ଓ ସୁନ୍ଦରୀ ରମଣୀମାନେ ତୃଷାରେ ଦୁର୍ବଳ ହୋଇ ପଡ଼ବେ। ଶମରୟାର ପାପ ପାଇଁ ସେମାନେ ଶପଥ ନେଇ କହବେ, 'ହେ ଦାନ୍, ଯେପର ତୁମ୍ଭର ପରମେଶ୍ୱର ନଶ୍ଚିତ ଜୀବତ' ଓ 'ବେର୍‌ଶେବାର ପ୍ରଭୁ ନଶ୍ଚିତ ଜୀବତ,' ସେମାନଙ୍କର ନଶ୍ଚିତ ପତନ ଘଟିବ ଓ ସେମାନେ କେବେ ଉଠି ପାରବେ ନାହିଁ।"

## ସଦାପ୍ରଭୁଙ୍କର ଦର୍ଶନବେଦୀରେ ଦଣ୍ଡାୟମାନ

9 ସେ କହଲେ, ମୁଁ ମୋର ପ୍ରଭୁଙ୍କୁ ଯଜ୍ଞବେଦୀ ଉପରେ ଦଣ୍ଡାୟମାନ ହେବାର ଦେଖିଲ। ସେ କହଲେ, "ସ୍ତମ୍ଭର ଅଗ୍ରଭାଗକୁ ଆଘାତ କର ଯେପରକ ଅଟ୍ଟାଳକାର ଦ୍ୱାର ଦେଶ ଥର ଉଠିବ। ସ୍ତମ୍ଭଟିକୁ ଲୋକମାନଙ୍କ ମୁଣ୍ଡ ଉପରେ ପକାଅ। ଯଦ ଏଥିରୁ କେହ ବଞ୍ଚିବ ଆମ୍ଭେ ତାକୁ ଖଡ୍ଗରେ ଛେଦନ କରବା। ଦୌଡ଼ ଯାଉଥିବା ଲୋକ ମଧ ରକ୍ଷା ପାଇବ ନାହିଁ। ଜଣେ ହେଲେ ବଞ୍ଚିବେ ନାହିଁ।

2ଯଦ ସେମାନେ ଭୂମି ଖୋଳ ପାତାଳକୁ ଯିବେ, ସେଠାରୁ ମଧ ଆମ୍ଭେ ସେମାନଙ୍କୁ ଟାଣି ଆଣିବା। ଯଦ ସେମାନେ ସ୍ୱର୍ଗକୁ ଯାଆନ୍ତ, ଆମ୍ଭେ ସେମାନଙ୍କୁ ସେହ ସ୍ଥାନରୁ ମଧ ତଳକୁ ଖସାଇ ଆଣିବା।

3ଯଦ ସେମାନେ ନଜକୁ କର୍ମିଲ ଶୃଙ୍ଗରେ ଲୁଚାନ୍ତ, ଆମ୍ଭେ ସେମାନଙ୍କୁ ଖୋଜି ସେଠାରୁ ମଧ ଧର ଆଣିବା। ଯଦ ସେମାନେ ସମୁଦ୍ରର ନମ୍ନ ଭାଗରେ ଲୁଚ ରହନ୍ତ, ତେବେ ଆମ୍ଭେ ସର୍ପକୁ ଆଦେଶ ଦେବା ଓ ସେହ ସର୍ପ ସେମାନଙ୍କୁ ଦଂଶନ କରବ।

4ଯଦ ସେମାନେ ଧରାହୋଇ ଶତ୍ରୁମାନଙ୍କ ଦ୍ୱାରା ବନ୍ଦୀ ହେବେ ତଥାପି ଖଡ୍ଗକୁ ଆଦେଶ ଦେବା, ସେ ସେମାନଙ୍କୁ ହତ୍ୟା କରବ। ଆମ୍ଭେ ସେମାନଙ୍କ ଉପରେ ଦୃଷ୍ଟି ରଖିବା କନ୍ତୁ ଆମ୍ଭେ ସେମାନଙ୍କୁ ଦୁଃଖ ଦେବା ପାଇଁ ଲକ୍ଷ୍ୟ ରଖିବା। ସେମାନଙ୍କୁ ଉତ୍ତମ ଜନଷ ଦେବାପାଇଁ ଲକ୍ଷ୍ୟ ରଖିବା ନାହିଁ।"

## ଦଣ୍ଡ ଲୋକମାନଙ୍କୁ ବନାଶ କରବ

5ମୋର ପ୍ରଭୁ ସଦାପ୍ରଭୁ ସର୍ବଶକ୍ତିମାନ ପୃଥିବୀକୁ ସ୍ପର୍ଶ କରବେ ଏବଂ ତାହା ତରଳ ଯିବ। ତତ୍ପରେ ସେଠାରେ ବାସ କରୁଥିବା ସମସ୍ତ ଲୋକ ମୃତ ଲୋକଙ୍କ ପାଇଁ ବଳାପ କରବେ। ମିଶରର ନୀଳନଦୀ ପର ସେହ ଭୂମିର ଉତ୍‌ଥାନ ପତନ ଘଟିବ।

6ସଦାପ୍ରଭୁ ଆକାଶର ଉର୍ଦ୍ଧ୍ୱରେ ତାଙ୍କର ପ୍ରାସାଦ ନର୍ମାଣ କରଛନ୍ତ। ସେ ପୃଥିବୀ ଉପରେ ଗୋଦାମ ଘର ନର୍ମାଣ କରଛନ୍ତ। ସେ ସମୁଦ୍ରକୁ ଡାକନ୍ତ ଏବଂ ପାଣି ପୃଥିବୀ ଉପରେ ଢ଼ାଳନ୍ତ। ତାଙ୍କର ନାମ ଯିହୋବାଃ।

## ସଦାପ୍ରଭୁ ଇଶ୍ରାୟେଲର ଧ୍ୱଂସପାଇଁ ପ୍ରତିଜ୍ଞା କରନ୍ତ

7ସଦାପ୍ରଭୁ ଏହା କୁହନ୍ତ, "ହେ ଇଶ୍ରାୟେଲ ସନ୍ତାନମାନେ, ତୁମ୍ଭେମାନେ ଆମ୍ଭ ନକଟରେ କୂଶୀୟ ସନ୍ତାନମାନଙ୍କ ତୁଲ୍ୟ। ଆମ୍ଭେ ମିଶରରୁ ଇଶ୍ରାୟେଲକୁ, କପ୍ତୋରରୁ ପଲେଷ୍ଟୀୟକୁ ଓ କୀରଦେଶରୁ ଅରାମୀୟମାନଙ୍କୁ ଆଣିଅଛୁ।"

8ସଦାପ୍ରଭୁ, ମୋର ପ୍ରଭୁ ପାପପୂର୍ଣ୍ଣ ରାଜ୍ୟ ଇଶ୍ରାୟେଲ ଉପରେ ଦୃଷ୍ଟି ରଖିଛନ୍ତ। ସଦାପ୍ରଭୁ କହଲେ, "ଆମ୍ଭେ ପୃଥିବୀରୁ ଇଶ୍ରାୟେଲକୁ ମୂଳପୋଛ କରଦେବା। କନ୍ତୁ କେବେ ଯାକୁବ ପରବାରକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରବା ନାହିଁ।

9ଆମ୍ଭେ ଇଶ୍ରାୟେଲର ଧ୍ୱଂସ ପାଇଁ ଆଦେଶ ଦେବା। ଆମ୍ଭେ ଇଶ୍ରାୟେଲବାସୀଙ୍କୁ ସମଗ୍ର ଦେଶଗୁଡ଼କରେ ବକ୍ଷିପ୍ତ ଭାବରେ ବଛୁରତ କରବା। ଏହା ଚାଲୁଣିରେ ଅଟା ଚାଲଲା ପର ହେବ। ଫସଲର ଏକ କଣିକା ଧରତ୍ରୀ ଉପରେ ପଡବ ନାହିଁ। ଯାକୁବଙ୍କର ପରବାର ସେହପର ଭାବରେ ସେବା କରବେ।

10ଆମ୍ଭ ଲୋକମାନଙ୍କ ମଧରେ ପାପୀଗଣ କହବେ, 'ଆମ୍ଭ ପ୍ରତି କଛ ମନ୍ଦ ଘଟିବ ନାହିଁ।' କନ୍ତୁ ସେ ସମସ୍ତ ଲୋକ ଖଡ୍ଗରେ ନହତ ହେବେ।"

## ପରମେଶ୍ୱର ରାଜ୍ୟ ପୁନଃନର୍ମାଣ ପାଇଁ ପ୍ରତିଜ୍ଞା କରନ୍ତ

11"ଦାଉଦଙ୍କର ପତିତ ତମ୍ବୁକୁ ଆମ୍ଭେ ପୁନର୍ବାର ଉଠାଇବା। ଆମ୍ଭେ କାନ୍ଥରେ ଥିବା କଣାସବୁ ବନ୍ଦ କରବା। ଆମ୍ଭେ ବଧ୍ୱସ୍ତ ହୋଇଥିବା ଅଟ୍ଟାଳକାଗୁଡ଼କୁ ପୁନର୍ବାର ନର୍ମାଣ କରବା ଓ ସେ ଗୁଡ଼କ ପୂର୍ବପର ତମ୍ବୁ ନର୍ମିତ ହେବ।

12ତା'ପରେ ଇଦୋମର ଯାହାସବୁ ଛଡା ହୋଇଥିବ, ଆମ୍ଭ ଲୋକମାନେ ଅଧିକାର କରବେ ଏବଂ ସମସ୍ତ ଜାତିଗୁଡକ ଆମ୍ଭ ନାମ ନେବେ।" ସଦାପ୍ରଭୁ ଏହା କହବେ ଓ ସେହ ସମସ୍ତ ଘଟାଇବେ।

13ସଦାପ୍ରଭୁ ପୁଣି କୁହନ୍ତ, "ସମୟ ଆସୁଛ ଯେତେବେଳେ ପ୍ରଚୁର ଅମଳ ହେବ ଏବଂ ତାହା ଶସ୍ୟ ଲଗାଇବା ସମୟ ପର୍ଯ୍ୟନ୍ତ ମଧ କ୍ଷେତ୍ରରେ ଥିବ। ଏତେ ଦ୍ରାକ୍ଷାଫଳ ହେବ ଯେ, ନୂତନ ଦ୍ରାକ୍ଷାଲତା ଲଗାଇବା ସମୟ ପୂର୍ବରୁ ତଥାପି ଦ୍ରାକ୍ଷାରସ ପ୍ରସ୍ତୁତ ହୋଇ ପାରବ ନାହିଁ। ଏବଂ ମଧୁର ଦ୍ରାକ୍ଷାରସ ପର୍ବତରୁ ବହବ।

14ଆମ୍ଭେ ଇଶ୍ରାୟେଲକୁ ବନ୍ଦୀରୁ ମୁକ୍ତ କରବା ଏବଂ ସେମାନଙ୍କୁ ସେମାନଙ୍କର ଭୂମିକୁ ଫେରାଇ ଆଣିବା। ସେମାନେ ଧ୍ୱଂସ ବଧ୍ୱଂସ ନଗରଗୁଡ଼କୁ ପୁନଃନର୍ମାଣ କରବେ ଏବଂ ସେହ ନଗରୀରେ ବାସ କରବେ। ସେମାନେ ଦ୍ରାକ୍ଷାବୃକ୍ଷ କ୍ଷେତରେ ରୋପଣ କରବେ ଏବଂ ଦ୍ରାକ୍ଷାରସ ପିଇବେ, ଯାହା ସେଠାକାର ଦ୍ରାକ୍ଷାଫଳରୁ ପ୍ରସ୍ତୁତ ହୁଏ। ସେମାନେ ମଧ ଗୃଷ କରବେ ଓ ଉତ୍ପାଦତ ଶସ୍ୟକୁ ଭକ୍ଷଣ କରବେ।

15ଆମ୍ଭେ ଆପଣା ଲୋକମାନଙ୍କୁ ତାଙ୍କ ନଜ ଭୂମିରେ ସ୍ଥାପନ କରବା। ଆମ୍ଭେ ଯେଉଁ ଭୂମି ସେମାନଙ୍କୁ ଦେଇଛୁ, ସେମାନେ ଯେପର ତାଙ୍କ ଭୂମିରୁ କେବେ ବତାଡ଼ତ ହେବେ ନାହିଁ।" ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଏହା କୁହନ୍ତ।

# ଯୋୟେଲ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

### ପଙ୍ଗପାଳ ଶସ୍ୟର ଧ୍ୱଂସ ସାଧନ କରିବେ

1 ପଥୂୟେଲଙ୍କ ପୁତ୍ର ଯୋୟେଲ ସଦାପ୍ରଭୁଙ୍କଠାରୁ ଏହି
ବାର୍ତ୍ତା ଲାଭ କଲେ।
2ହେ ପ୍ରାଚୀନଗଣ, ତୁମ୍ଭେମାନେ ମୋର ଏହି ବାର୍ତ୍ତା
ଶୁଣ। ହେ ସମସ୍ତ ଦେଶବାସୀ, ମୋର କଥା ପ୍ରତି କର୍ଣ୍ଣପାତ
କର। ତୁମ୍ଭ ସମୟରେ କି ତୁମ୍ଭ ପିତୃପୁରୁଷଙ୍କ ସମୟରେ
ଏପରି କିଛି ଘଟିଅଛି? ନା, ଏହା ଘଟି ନାହିଁ କି ଘଟି
ନଥିଲା।
3ଏହି ସମ୍ବାଦ ତୁମ୍ଭେ ତୁମ୍ଭ ପିଲାମାନଙ୍କୁ ଜଣାଅ। ତୁମ୍ଭର
ପିଲାମାନେ ସେମାନଙ୍କର ସନ୍ତାନମାନଙ୍କୁ ଜଣାନ୍ତୁ ଓ ତୁମ୍ଭର
ନାତିମାନେ ସେମାନଙ୍କର ପରବର୍ତ୍ତୀ ବଂଶଧରଙ୍କୁ ଜଣାନ୍ତୁ।
4ଯାହା ଶୂକ କୀଟ ଛାଡ଼ିଛନ୍ତି ତାକୁ ପଙ୍ଗପାଳ ଖାଇଛନ୍ତି।
ଯାହା ପଙ୍ଗପାଳ ଛାଡ଼ିଛନ୍ତି ତାକୁ ପତଙ୍ଗ ଶେଷ କରିଛନ୍ତି
ଏବଂ ଯାହା ପତଙ୍ଗ ଛାଡ଼ିଛନ୍ତି ତାକୁ ଘୁର୍ଘୁରିଆ ନଷ୍ଟ କରିଛନ୍ତି।

### ପଙ୍ଗପାଳଙ୍କର ପ୍ରବେଶ

5ହେ ମଦ୍ୟପଗଣ, ଉଠ ଓ ରୋଦନ କର। ତୁମ୍ଭେ
ସମସ୍ତେ ଯେଉଁମାନେ ମଦ୍ୟପାନ କରିଛ, କ୍ରନ୍ଦନ କର।
କାରଣ ତୁମ୍ଭର ସେହି ମଧୁର ଦ୍ରାକ୍ଷାରସ ଶେଷ ହୋଇଛି।
ତୁମ୍ଭେମାନେ ଆଉ ତା'ର ସ୍ୱାଦ ପାଇବ ନାହିଁ।
6ଆମ୍ଭ ଦେଶକୁ ଆକ୍ରମଣ କରିବାକୁ, ଏକ ବିରାଟ
ଶକ୍ତିଶାଳୀ ଜାତି ଆସିଲା। ସେମାନଙ୍କର ସଂଖ୍ୟା ଅଗଣିତ
ଥିଲା। ସେମାନଙ୍କର ଦାନ୍ତଗୁଡ଼ିକ ସିଂହର ଦନ୍ତଠାରୁ ତୀକ୍ଷ୍ଣ ଥିଲା
ଏବଂ ସେମାନଙ୍କର କଳଦନ୍ତ ଏକ ବୃହତ୍ ସିଂହର କଳଦନ୍ତ
ତୁଲ୍ୟ।
7ସେମାନେ ଆମ୍ଭର ଦ୍ରାକ୍ଷାଲତାକୁ ନଷ୍ଟ କରିଛନ୍ତି, ଏହାର
ସୁନ୍ଦର ଦ୍ରାକ୍ଷାଗୁଡ଼ିକ ଶୁଖି ନଷ୍ଟ ହୋଇଯାଇଛି। ସେମାନେ
ମୋର ଡ଼ିମିରି ବୃକ୍ଷର ବକ୍କଳ ଛଡ଼ାଇ ଫିଙ୍ଗି ଦେଇଛନ୍ତି।

### ଲୋକମାନେ ବିଳାପ କରନ୍ତୁ

8ଗୋଟିଏ କୁଆଁରୀକନ୍ୟା ପରି କାନ୍ଦ ଏବଂ ଦୁଃଖ କର
ଯେପରି ତା'ର ବର ମରିଛି। ସେ ତା'ର ବିବାହ ପୋଷାକ
ଖୋଲି ଦେଉ ଏବଂ ଶୋକରେ ଚଟ ବସ୍ତ୍ର ପରିଧାନ କରୁ।
9ସଦାପ୍ରଭୁଙ୍କର ଯାଜକ ଓ ପରିଚାଳକଗଣ ରୋଦନ କର।
କାରଣ ସଦାପ୍ରଭୁଙ୍କ ମନ୍ଦିରର ଶସ୍ୟ ନୈବେଦ୍ୟ ଓ ପେୟ
ନୈବେଦ୍ୟ ଆଉ ରହିବ ନାହିଁ।
10ଶସ୍ୟ କ୍ଷେତ୍ର ଧ୍ୱଂସ ହୋଇଛି, ଏପରିକି ଭୂମି ମଧ୍ୟ
କାନ୍ଦୁଛି। କାରଣ ଶସ୍ୟସବୁ ନଷ୍ଟ ହୋଇଛି ଏବଂ ନୂତନ
ଦ୍ରାକ୍ଷାଲତା ଶୁଖି ଯାଇଛି। ଅଲିଭ ତେଲ ଶେଷ ହୋଇଯାଇଛି।
11ହେ କୃଷକଗଣ, ଦୁଃଖ କର। ଉଚ୍ଚ ସ୍ୱରରେ କ୍ରନ୍ଦନ
କର। ଦ୍ରାକ୍ଷା କୃଷିକାରୀଗଣ, ତୁମ୍ଭେମାନେ ମଧ୍ୟ ରୋଦନ
କର। କାରଣ ତୁମ୍ଭର କ୍ଷେତରେ ଗହମ ଓ ବାର୍ଲି ଅମଳ
ସମ୍ପୂର୍ଣ୍ଣ ଧ୍ୱଂସ ହୋଇଛି।
12ଦ୍ରାକ୍ଷାଲତାଗୁଡ଼ିକ ଶୁଷ୍କ ହୋଇଛନ୍ତି ଓ ଡ଼ିମିରି ବୃକ୍ଷ ମରି
ଯାଇଛି। ସମସ୍ତ ଡ଼ାଳିମ୍ବ, ତାଳ ଓ ସେଓ ବୃକ୍ଷଗୁଡ଼ିକ ଶୁଖି
ଯାଇଛି। ଲୋକମାନଙ୍କର ସମସ୍ତ ସୁଖ ମରିଯାଇଛି।
13ହେ ଯାଜକଗଣ, ଚଟ ବସ୍ତ୍ର ପରିଧାନ କରି ଉଚ୍ଚ
ସ୍ୱରରେ ବିଳାପ କର। ହେ ଯଜ୍ଞବେଦୀର ପରିଚାଳକ ଗଣ,
ତୁମ୍ଭେମାନେ ଚଟ ବସ୍ତ୍ର ପରିଧାନ କରି ରାତ୍ରିଯାପନ କର।
କାରଣ ପରମେଶ୍ୱରଙ୍କ ମନ୍ଦିରରେ ଶସ୍ୟ ନୈବେଦ୍ୟ ଓ ପେୟ
ନୈବେଦ୍ୟ ମିଳିବ ନାହିଁ।

### ପଙ୍ଗପାଳମାନଙ୍କର ଭୟଙ୍କର ବିନାଶ

14ଲୋକମାନଙ୍କୁ କୁହ ଯେ ଉପବାସ ପାଇଁ ଗୋଟିଏ
ସ୍ୱତନ୍ତ୍ର ସମୟ ହେବ। ସମସ୍ତ ଲୋକଙ୍କୁ ଏକ ସ୍ୱତନ୍ତ୍ର ସଭାକୁ
ଆହ୍ୱାନ କର। ପ୍ରାଚୀନ ଲୋକମାନଙ୍କୁ ଓ ନାଗରିକମାନଙ୍କୁ
ଏକତ୍ରିତ କର। ସେମାନଙ୍କୁ ସଦାପ୍ରଭୁଙ୍କ ମନ୍ଦିରକୁ ଆଣି
ସାରିଲା ପରେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବାକୁ ସେମାନଙ୍କୁ
କୁହ।
15ଦୁଃଖ କର, କାରଣ ସଦାପ୍ରଭୁଙ୍କ ସମୟ ଅତି ନିକଟ।
ସେହି ସମୟରେ ସର୍ବଶକ୍ତିମାନ ପରମେଶ୍ୱରଙ୍କ ନିକଟରୁ ଦଣ୍ଡ
ପ୍ରଳୟ ତୁଲ୍ୟ ଆସିବ। 16ଆମ୍ଭମାନଙ୍କର ଖାଦ୍ୟ ଓ ଆନନ୍ଦ
ଉଲ୍ଲାସ ପରମେଶ୍ୱରଙ୍କ ମନ୍ଦିରରୁ ଚାଲି ଯାଇଛି। 17ଆମ୍ଭେମାନେ
ଯେଉଁ ମଞ୍ଜି ଭୂମିରେ ରୋପଣ କରିଥିଲୁ ସେଗୁଡ଼ିକ ମାଟିରେ
ଶୁଖି ମରିଯାଇଛି। ଆମ୍ଭମାନଙ୍କର ରୋପିତ ବୃକ୍ଷ ଶୁଷ୍କ ଓ
ମୃତ। ଆମ୍ଭର ଶସ୍ୟ ଅମାର ଶୂନ୍ୟ ଓ ଭଗ୍ନ ପ୍ରାୟ।
18ପଶୁଗଣ କ୍ଷୁଧାରେ ବିଳାପ କରୁଛନ୍ତି। ଗୋରୁପଲ
ଏଣେତେଣେ ବିଚରଣ କରୁଛନ୍ତି, ଘାସ ନପାଇ ବ୍ୟାକୁଳ
ହେଉଛନ୍ତି। ମେଷପଲ ମଧ୍ୟ ଯନ୍ତ୍ରଣା ଭୋଗ କରୁଛନ୍ତି।
19ହେ ସଦାପ୍ରଭୁ, ମୁଁ ତୁମ୍ଭ ନିକଟରେ ସାହାଯ୍ୟ ପାଇଁ ପ୍ରାର୍ଥନା
କରୁଛି। ଅଗ୍ନି ସବୁଜ ପ୍ରାନ୍ତରକୁ ମରୁଭୂମିରେ ପରିଣତ କରି
ଦେଇଛି। ସେହି ଅଗ୍ନି ଶିଖା ପ୍ରାନ୍ତରର ସମସ୍ତ ବୃକ୍ଷକୁ ପୋଡ଼ି
ଜାଳି ଦେଇଛି। 20ବନ୍ୟ ପ୍ରାଣୀମାନେ ମଧ୍ୟ ତୁମ୍ଭର ସାହାଯ୍ୟ
ଭିକ୍ଷା କରୁଛନ୍ତି। ଝରଣାଗୁଡ଼ିକ ଜଳଶୂନ୍ୟ ଓ ଶୁଷ୍କ। ଅଗ୍ନି
ଆମ୍ଭର ସବୁଜ ପ୍ରାନ୍ତରକୁ ମରୁଭୂମିରେ ପରିଣତ କରିଛି।

### ସଦାପ୍ରଭୁଙ୍କ ଆଗମନ ଦିବସ

2 ତୁମ୍ଭେମାନେ ସିୟୋନରେ ତୂରୀ ବଜାଅ। ଆମ୍ଭର ପବିତ୍ର
ପର୍ବତ ଉପରେ ଗୋଟିଏ ବିପଦ ସଂକେତ କରି ପାଟି

କର। ସମଗ୍ର ଦେଶବାସୀ ଭୟରେ କମ୍ପିତ ହେବ। ସଦାପ୍ରଭୁଙ୍କର
ବିଶେଷ ଦିନ ଆସୁଛି। ସେହି ବିଶେଷ ଦିନଟି ଅତି ସନ୍ନିକଟ।
2ତାହା ଏକ ଅନ୍ଧକାର ଓ ତମସାଚ୍ଛନ୍ନ ଦିନ, ତାହା
ନିବିଡ଼ ଅନ୍ଧକାର ଓ ମେଘାଚ୍ଛନ୍ନ ଦିନ ହେବ। ସୂର୍ଯ୍ୟୋଦୟରେ
ପର୍ବତ ଉପରେ ସୈନ୍ୟମାନେ ଘେରି ଯାଇଥିବାର ତୁମ୍ଭେ
ଦେଖିବ। ସେମାନେ ମହାନ୍ ଶକ୍ତିଶାଳୀ ସୈନ୍ୟବାହିନୀ ହେବେ।
ପୂର୍ବରୁ ଏପରି କେବେ ହୋଇନାହିଁ, ଆଉ ମଧ୍ୟ ଏହା
ପୁନର୍ବାର କେବେ ହେବ ନାହିଁ।
3ଜ୍ୱଳନ୍ତ ଅଗ୍ନି ସଦୃଶ ସେହି ସୈନ୍ୟବାହିନୀ ଦେଶକୁ
ଧ୍ୱଂସ କରିଦେବେ। ସେମାନଙ୍କ ସମ୍ମୁଖରେ ଦେଶ ଏଦନ୍‌ର
ବଗିଚା ସଦୃଶ ହେବ। ପଶ୍ଚାତ୍‌ଭାଗରେ ଦେଶଟି ଏକ ଶୂନ୍ୟ
ମରୁଭୂମି ସଦୃଶ ହେବ। ସେମାନଙ୍କଠାରୁ କିଛି ରକ୍ଷା ପାଇବ
ନାହିଁ।
4ସେମାନେ ଅଶ୍ୱ ସଦୃଶ ଦେଖାଯାଆନ୍ତି। ଯୁଦ୍ଧ ଅଶ୍ୱ ପରି
ସେମାନେ ଦୌଡ଼ିବେ।
5ସେମାନଙ୍କ ଶବ୍ଦ ପର୍ବତ ଉପରେ ନାଚୁଥିବା ରଥ ପରି,
ନଡାକୁ ଅଗ୍ନି ଜାଳିଲା ପରି, ଯୁଦ୍ଧ ପାଇଁ ପ୍ରସ୍ତୁତ ବଳବାନ୍
ଲୋକ ପରି ହେବ।
6ଲୋକମାନେ ସେହି ସୈନ୍ୟ ସମ୍ମୁଖରେ ଭୟରେ ଥରିବେ।
ସେମାନଙ୍କର ମୁଖମଣ୍ଡଳ ଭୟରେ ମଳିନ ହୋଇଯିବ।
7ସେମାନେ ସୈନ୍ୟ ତୁଲ୍ୟ ଦ୍ରୁତଗତିରେ ଦୌଡ଼ନ୍ତି। ସେମାନେ
କାନ୍ଥ ଉପରେ ଚଢ଼ନ୍ତି। ପ୍ରତ୍ୟେକ ସୈନ୍ୟ ସଦୃଶ ସିଧା
ସମ୍ମୁଖରେ ଅଗ୍ରସର ହୁଅନ୍ତି। ସେମାନେ ନିଜ ପଥରୁ ବିଚ୍ୟୁତ
ହୁଅନ୍ତି ନାହିଁ।
8ସେମାନେ ପରସ୍ପରକୁ ଠେଲନ୍ତି ନାହିଁ। ପ୍ରତ୍ୟେକ ନିଜ
ପଥରେ ଅଗ୍ରସର ହୁଅନ୍ତି। ଯଦି ଜଣେ ଅନ୍ୟ ଜଣଙ୍କୁ ଆଘାତ
କରେ ଓ ସେ ଖସିପଡ଼େ, ତେବେ ଅନ୍ୟ ଜଣକ ସେହି
ପଥରେ ଅଗ୍ରସର ହୁଏ।
9ସେମାନେ ନଗର ଆଡ଼କୁ ଦୌଡ଼ନ୍ତି। ସେମାନେ ଦ୍ରୁତଗତିରେ
କାନ୍ଥଗୁଡ଼ିକ ଆରୋହଣ କରନ୍ତି। ଘରଗୁଡ଼ିକରେ ଆରୋହଣ
କରନ୍ତି। ଚୋର ପରି ଝରକାବାଟେ ପ୍ରବେଶ କରନ୍ତି।
10ସେମାନଙ୍କ ସମ୍ମୁଖରେ ପୃଥିବୀ ଓ ଆକାଶ ଥରିଉଠେ।
ସୂର୍ଯ୍ୟ ଚନ୍ଦ୍ର ଅନ୍ଧକାରମୟ ହୁଅନ୍ତି। ତାରକାଗଣ ନିଜର ତେଜ
ହରାନ୍ତି।
11ସଦାପ୍ରଭୁ ଉଚ୍ଚ ସ୍ୱରରେ ତାଙ୍କର ସୈନ୍ୟବାହିନୀକୁ
ଆହ୍ୱାନ କରନ୍ତି। ତାଙ୍କର ଶିବିର ଅତି ବିରାଟ। ସେହି
ସୈନ୍ୟଗଣ ତାଙ୍କର ଆଦେଶକୁ ପାଳନ କରନ୍ତି। ସେମାନେ
ଅତି ଶକ୍ତିଶାଳୀ। ସଦାପ୍ରଭୁଙ୍କର ସେହି ଦିନଟି ଅତି ମହାନ୍
ଓ ଭୟଙ୍କର। କେହି ତାକୁ ଅଟକାଇ ପାରିବେ ନାହିଁ।

### ସଦାପ୍ରଭୁ ଲୋକମାନଙ୍କୁ ପରିବର୍ତ୍ତନ ହେବାକୁ କୁହନ୍ତି

12ଏହା ସଦାପ୍ରଭୁଙ୍କର ବାର୍ତ୍ତା: “ବର୍ତ୍ତମାନ ତୁମ୍ଭେମାନେ
ସର୍ବାନ୍ତକରଣରେ ଆମ୍ଭ ନିକଟକୁ ଫେରିଆସ। ମନ୍ଦ କର୍ମ
କରିଥିଲ ବୋଲି ବିଳାପ କର। ସେଥିପାଇଁ ଉପବାସ କରି
ପ୍ରାର୍ଥନା କର।
13ନିଜର ବସ୍ତ୍ରକୁ ନଫୋପାଡ଼ ହୃଦୟକୁ ଚିର।” ତୁମ୍ଭର
ପ୍ରିୟ ସଦାପ୍ରଭୁ ପରମେଶ୍ୱରଙ୍କ ନିକଟକୁ ଫେରିଆସ। ସେ
ଅତି ଦୟାଳୁ ଓ କରୁଣାମୟ। ସେ ହଠାତ୍ ରାଗନ୍ତି ନାହିଁ।
ତାଙ୍କର ଅନନ୍ତ ପ୍ରେମ ଅଛି। ସେ ହୁଏତ ତାଙ୍କର ମନକୁ
ବଦଳାଇ ପାରନ୍ତି। ଯେଉଁ କଠୋର ଦଣ୍ଡ ଦେବାକୁ ଯୋଜନା
କରିଥିଲେ ହୁଏତ ତାହା ଦେଇ ନପାରନ୍ତି।
14କିଏ ଜାଣେ ସଦାପ୍ରଭୁ ତାଙ୍କର ହୃଦୟ ପରିବର୍ତ୍ତନ
କରିବେ, ଏବଂ ତୁମ୍ଭମାନଙ୍କ ପାଇଁ ଆଶୀର୍ବାଦ
ରଖିଯିବେ। ତା'ପରେ ତୁମ୍ଭେମାନେ ତୁମ୍ଭ ପ୍ରିୟ ସଦାପ୍ରଭୁ
ପରମେଶ୍ୱରଙ୍କୁ ଭକ୍ଷ୍ୟ ନୈବେଦ୍ୟ ଓ ପେୟ ନୈବେଦ୍ୟ ଦେଇ
ପାରିବ।

### ସଦାପ୍ରଭୁଙ୍କୁ ପ୍ରାର୍ଥନା କର

15ସିୟୋନରେ ତୂରୀ ବଜାଅ। ମହାସଭା ପାଇଁ ଆହ୍ୱାନ
କର। ପ୍ରଭୁଙ୍କ ପାଇଁ ଉପବାସ କରିବାକୁ ଆହ୍ୱାନ କର।
16ସବୁ ଲୋକଙ୍କୁ ଏକତ୍ରିତ କର। ସ୍ୱତନ୍ତ୍ର ସଭାର
ଆୟୋଜନ କର। ବୃଦ୍ଧ, ପିଲା, ଶିଶୁ ଓ ଦୁଗ୍ଧପୋଷ୍ୟ
ଶିଶୁମାନଙ୍କୁ ଏକତ୍ରିତ କର। ନବ ବିବାହିତ ବର କନ୍ୟା ନିଜ
ଶୟନକକ୍ଷରୁ ବାହାରକୁ ଆସନ୍ତୁ।
17ସଦାପ୍ରଭୁଙ୍କର ସେବକଗଣ, ଯାଜକମାନେ ମଣ୍ଡପ ଓ
ଯଜ୍ଞବେଦୀରେ ନିଶ୍ଚିତ କାନ୍ଦିବେ ଓ ଆକୁଳରେ ସଦାପ୍ରଭୁଙ୍କୁ
ନିବେଦନ କରିବେ, “ହେ ସଦାପ୍ରଭୁ, ଆପଣଙ୍କର ଲୋକମାନଙ୍କୁ
ଦୟାକର, ଏବଂ ଆପଣଙ୍କର ଲୋକମାନଙ୍କୁ ଲଜ୍ଜିତ କରାଅ
ନାହିଁ। ଅନ୍ୟମାନଙ୍କ ଦ୍ୱାରା ନିଜର ଲୋକଙ୍କୁ ପରିହାସ
କରିବାକୁ ଦିଅ ନାହିଁ ଏବଂ ଅନ୍ୟ ଦେଶର ଲୋକମାନଙ୍କ
ଦ୍ୱାରା ଆପଣାର ଲୋକଙ୍କୁ ଶାସନ କରିବାକୁ ଦିଅନାହିଁ ଏବଂ
ସେମାନଙ୍କୁ କହିବାକୁ ସୁଯୋଗ ଦିଅ ନାହିଁ ଯେ, ‘ତୁମ୍ଭର
ସଦାପ୍ରଭୁ କାହାନ୍ତି।’”

### ସଦାପ୍ରଭୁ ଆପଣାର ଦେଶକୁ ପୁନରୁଦ୍ଧାର କରିବେ

18ତା'ପରେ ସଦାପ୍ରଭୁ ନିଜ ଭୂମି ପାଇଁ ଈର୍ଷାପରାୟଣ
ହେଲେ। ସେ ତାଙ୍କର ଲୋକମାନଙ୍କ ଉପରେ ଦୟା ଦେଖାଇଲେ।
19ସଦାପ୍ରଭୁ ତାଙ୍କ ନିଜ ଲୋକଙ୍କୁ କହିଲେ, “ଆମ୍ଭେ
ତୁମ୍ଭମାନଙ୍କୁ ଶସ୍ୟ, ଦ୍ରାକ୍ଷାରସ ଓ ତୈଳ ପ୍ରଚୁର ପରିମାଣରେ
ଦେବା ଓ ତୁମ୍ଭେମାନେ ସେଥିରେ ତୃପ୍ତ ହେବ। ଆଉ ଏଣିକି
ତୁମ୍ଭମାନଙ୍କୁ ଅନ୍ୟ ଦେଶର ଲୋକମାନଙ୍କ ଦ୍ୱାରା ନିନ୍ଦିତ
କରିବା ନାହିଁ।
20ଆମ୍ଭେ ସେହି ଲୋକମାନଙ୍କୁ ତୁମ୍ଭର ରାଜ୍ୟ ଛାଡ଼ି
ଯିବାକୁ ଉତ୍ତର ଦିଗକୁ ବିତାଡ଼ିତ କରିବା। ସେମାନଙ୍କୁ ଏକ
ଶୁଷ୍କ, ଶୂନ୍ୟ ସ୍ଥାନକୁ ତଡ଼ିଦେବା। ସେମାନଙ୍କ ମଧ୍ୟରୁ କେତେକ
ପୂର୍ବ ସମୁଦ୍ର ଆଡ଼େ ଯିବେ ଓ ଆଉ କେତେକ ପଶ୍ଚିମ ସମୁଦ୍ର
ଆଡ଼େ ଯିବେ। ସେମାନେ ଏପରି ଭୟଙ୍କର କାର୍ଯ୍ୟ କରିଛନ୍ତି,
ସେମାନେ ମୃତ ପ୍ରାୟ ହେବେ, ପଚିଯିବେ ଓ ସେଠାରୁ ଦୁର୍ଗନ୍ଧ
ନିର୍ଗତ ହେବ।”

### ପୁନର୍ବାର ନୂତନ ରାଜ୍ୟ ନିର୍ମିତ ହେବ

21ହେ ଦେଶ, ଭୟ କରନାହିଁ। ସୁଖୀ ହୁଅ, ଆନନ୍ଦ
କର କାରଣ ସଦାପ୍ରଭୁ ତୁମ୍ଭମାନଙ୍କ ପାଇଁ ମହାନ୍ କାର୍ଯ୍ୟ
କରିବେ।

22ହେ କ୍ଷେତ୍ରସ୍ଥ ପଶୁଗଣ, ଭୟଭୀତ ହୁଅନାହିଁ। ମରୁପ୍ରାୟ
ଚାରଣ ଭୂମି ତୃଣାଚ୍ଛାଦିତ ହେବ। ବୃକ୍ଷଗୁଡ଼ିକ ଫଳ ଧାରଣ
କରିବେ। ଡ଼ିମ୍ବିରି ବୃକ୍ଷ ଓ ଦ୍ରାକ୍ଷାଲତା ପ୍ରଚୁର ଫଳ ଧାରଣ
କରିବ।
23ତେଣୁ ହେ ସିୟୋନର ସନ୍ତାନଗଣ, ତୁମ୍ଭେମାନେ ସୁଖ
କର, ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କ ନିକଟରେ
ଆନନ୍ଦ ଉଲ୍ଲାସ କର। ସେ ମଙ୍ଗଳମୟ ଏବଂ ତୁମ୍ଭମାନଙ୍କୁ
ବୃଷ୍ଟି ଦେବେ। ସେ ତୁମ୍ଭକୁ ଆଦ୍ୟ ବୃଷ୍ଟି ଓ ଶେଷ ବୃଷ୍ଟି
ପୂର୍ବପରି ଦେବେ।
24ତୁମ୍ଭମାନଙ୍କର ଖଳାସବୁ ଗହମରେ ପରିପୂର୍ଣ୍ଣ ହେବ
ଏବଂ ତୁମ୍ଭମାନଙ୍କର କୁଣ୍ଡଗୁଡ଼ିକ ଦ୍ରାକ୍ଷାରସ ଓ ତୈଳରେ
ଉଛୁଳି ପଡ଼ିବ।
25"ଆମ୍ଭେ ସଦାପ୍ରଭୁ, ତୁମ୍ଭମାନଙ୍କ ମଧ୍ୟକୁ ଆପଣାଯେଉଁ
ମହା ସୈନ୍ୟଦଳ ଅର୍ଥାତ ପଙ୍ଗପାଳ, ଶୂକ ଘୁର୍ଘୁରିୟା ଓ
ପରିପକ୍ୱ ତୁମ୍ଭମାନଙ୍କ ବିରୁଦ୍ଧରେ ପଠାଇଲୁ। ସେମାନେ
ତୁମ୍ଭମାନଙ୍କର ଯେଉଁ ସମସ୍ତ ଖାଦ୍ୟ ଖାଇଦେଲେ। ଆମ୍ଭେ
ତାହା ତୁମ୍ଭମାନଙ୍କୁ ଫେରାଇ ଦେବା, ଯାହା ବର୍ଷଧରି
ଖାଇଯାଇଛନ୍ତି।
26ତତ୍ପରେ ତୁମ୍ଭେ ପ୍ରଚୁର ଖାଇବାକୁ ପାଇବ। ତୁମ୍ଭର
ସବୁ ପରିପୂର୍ଣ୍ଣ ହେବ। ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭର
ପରମେଶ୍ୱରଙ୍କର ପ୍ରଶଂସାଗାନ କରିବ। କାରଣ ସେ ତୁମ୍ଭମାନଙ୍କ
ପାଇଁ ଆଶ୍ଚର୍ଯ୍ୟ କାର୍ଯ୍ୟମାନ କରିଛନ୍ତି। ସେ ଆପଣାର ଲୋକମାନଙ୍କୁ
ଆଉ ଲଜ୍ଜିତ କରିବାକୁ ଦେବେ ନାହିଁ।
27ଏହାଦ୍ୱାରା ତୁମ୍ଭେମାନେ ଜାଣିବ ଯେ ଆମ୍ଭେ ଇଶ୍ରାୟେଲ
ସହିତ ଅଛୁ। ଆଉ ମଧ୍ୟ ତୁମ୍ଭେମାନେ ଜାଣିବ ଆମ୍ଭେ
ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର, ତୁମ୍ଭର ଅନ୍ୟ କେହି
ପରମେଶ୍ୱର ନାହାଁନ୍ତି। ଆମ୍ଭର ଲୋକମାନେ ଆଉ କେବେ
ଲଜ୍ଜିତ ହେବେ ନାହିଁ।"

## ପରମେଶ୍ୱର ତାଙ୍କର ଆତ୍ମା ସବୁ ଲୋକଙ୍କୁ ପ୍ରଦାନ କରିବେ

28"ଏହାପରେ ସବୁପ୍ରକାର ଲୋକଙ୍କ ଉପରେ ଆମ୍ଭର
ଆତ୍ମା ପ୍ରଦାନ କରିବା। ତହିଁରେ ତୁମ୍ଭର ପୁତ୍ର ଓ କନ୍ୟାଗଣ
ସଦାପ୍ରଭୁଙ୍କର ଭବିଷ୍ୟତବାର୍ତ୍ତା ଗ୍ରହଣ କରି ଲୋକମାନଙ୍କ
ମଧ୍ୟରେ ପ୍ରଚାର କରିବେ। ତୁମ୍ଭର ବୃଦ୍ଧ ଲୋକମାନେ ସ୍ୱପ୍ନ
ଦେଖିବେ ଓ ତୁମ୍ଭର ଯୁବକଗଣ ଦର୍ଶନ ଲାଭ କରିବେ।
29ସେହି ସମୟରେ ଆମ୍ଭେ ମଧ୍ୟ ଆପଣା ଦାସ ଓ
ଦାସୀଙ୍କ ଉପରେ ଆମ୍ଭର ଆତ୍ମା ଢ଼ାଳିବା।
30ସେହି ସମୟରେ ଆମ୍ଭେ ଆକାଶ ଓ ପୃଥିବୀରେ
ଅଲୌକିକ ଦୃଶ୍ୟ ଦେଖାଇବା। ରକ୍ତ, ଅଗ୍ନି ଓ ଧୂମ ସ୍ତମ୍ଭସବୁ
ଦେଖାଯିବ।
31ସଦାପ୍ରଭୁଙ୍କର ସେହି ମହାନ୍ ଓ ଅଦ୍ଭୁତ ଦିନର
ଆଗମନରେ ସୂର୍ଯ୍ୟ ଅନ୍ଧକାରମୟ ଓ ଚନ୍ଦ୍ର ରକ୍ତବର୍ଣ୍ଣ
ହୋଇଯିବେ।
32ସେହି ସମୟରେ, ଯେ କେହି ସଦାପ୍ରଭୁଙ୍କ ନାମକୁ
ଡାକ ପକାଇବ, ସେ ହିଁ ଉଦ୍ଧାର ପାଇବ। କାରଣ ଶରଣାର୍ଥୀ
ଲୋକମାନେ ଯିରୁଶାଲମର ଓ ସିୟୋନ୍ ପର୍ବତ ଉପରେ
ରକ୍ଷାପ୍ରାପ୍ତ ଲୋକମାନେ ଏକତ୍ର ହେବେ, ଯାହାକି ସଦାପ୍ରଭୁ
କହିଛନ୍ତି ଏବଂ ସେମାନେ ବଞ୍ଚିଥିବା ଲୋକମାନଙ୍କ ସହିତ
ଥିବେ, ଯେଉଁମାନଙ୍କୁ ସଦାପ୍ରଭୁ ଆହ୍ୱାନ କରୁଛନ୍ତି।

## ଯିହୁଦାର ଶତ୍ରୁମାନେ ଦଣ୍ଡିତ ହେବେ

3 "ହିଁ ଦେଖ, ସେହି ସମୟରେ ଯିହୁଦା ଓ ଯିରୁଶାଲମର
ଲୋକମାନଙ୍କୁ ଆମ୍ଭେ ବନ୍ଦୀ ଅବସ୍ଥାରୁ ଉଦ୍ଧାର କରିବା।
2ଆମ୍ଭେ ମଧ୍ୟ ସମସ୍ତ ରାଜ୍ୟକୁ ଏକତ୍ରିତ କରିବା। ସେହି
ସମୟରେ, ଆମ୍ଭେ ସବୁ ରାଜ୍ୟକୁ ଯିହୋଶାଫଟ ଉପତ୍ୟକାକୁ
ଓହ୍ଲାଇ ଆଣିବା। ସେଠାରେ ଆମ୍ଭେ ସେମାନଙ୍କର ବିଚାର
କରିବା। ସେହି ଗୋଷ୍ଠୀଗୁଡ଼ିକ ଆମ୍ଭ ଇଶ୍ରାୟେଲର ଲୋକମାନଙ୍କୁ
ଛିନ୍ନଭିନ୍ନ କରିଛନ୍ତି। ସେମାନେ ଆମ୍ଭର ଲୋକମାନଙ୍କୁ ଅନ୍ୟ
ସ୍ଥାନକୁ ଯୋର କରି ନିର୍ବାସିତ କରି ଦେଇଛନ୍ତି। ସେମାନେ
ଆମ୍ଭର ଭୂମିଓ ସେମାନଙ୍କ ମଧ୍ୟରେ ଭାଗ କରିଛନ୍ତି। ତେଣୁ
ଆମ୍ଭେ ସେମାନଙ୍କୁ ଦଣ୍ଡ ଦେବା। 3ସେମାନେ ଆମ୍ଭ ଲୋକମାନଙ୍କର
ଭାଗ୍ୟ ନିର୍ଦ୍ଧାରଣ କରିବାକୁ ଗୁଳାବାଣ୍ଟ କରିଛନ୍ତି। ଗୋଟିଏ
ବେଶ୍ୟା ପାଇଁ ସେମାନେ ଗୋଟିଏ ବାଳକ ବିକ୍ରୀ କରିଛନ୍ତି ଓ
ସେମାନେ ଦ୍ରାକ୍ଷାରସ ପାନ କରିବା ପାଇଁ ଗୋଟିଏ ବାଳିକା
ବିକ୍ରୀ କରିଛନ୍ତି।
4"ଏପରିକି, ହେ ସୋର, ସୀଦୋନ ଓ ପଲେଷ୍ଟୀୟର
ସକଳ ଅଞ୍ଚଳ, ତୁମ୍ଭେମାନେ ଆମ୍ଭ ପ୍ରତି କିଛି ନୁହଁ। ଆମ୍ଭେ
କିଛି କଲେ ତୁମ୍ଭେମାନେ ଆମ୍ଭଙ୍କୁ ଦଣ୍ଡ ଦେଇ ପାରିବ କି?
କିନ୍ତୁ ଆମ୍ଭେ ଖୁବ୍ ଶୀଘ୍ର ତୁମ୍ଭମାନଙ୍କୁ ଦଣ୍ଡ ଦେବା।
5ତୁମ୍ଭେମାନେ ଆମ୍ଭର ସମସ୍ତ ରୂପା ଓ ସୁନା ଅପହରଣ
କରିଅଛ। ଆମ୍ଭର ମୂଲ୍ୟବାନ ଭଣ୍ଡାରକୁ ଖାଲି କରି ତୁମ୍ଭ
ମନ୍ଦିରରେ ରଖିଅଛ।
6"ତୁମ୍ଭେମାନେ ଯିହୁଦା ଓ ଯିରୁଶାଲମର ସନ୍ତାନଗଣଙ୍କୁ
ଗ୍ରୀସ୍‌ରେ ବିକ୍ରୀ କରିଛ ଏବଂ ସେମାନଙ୍କୁ ସେମାନଙ୍କର
ସୀମାରୁ ବହୁଦୂରକୁ ନେଇଯାଇଛ। 7ତୁମ୍ଭେମାନେ ଆମ୍ଭର
ସନ୍ତାନମାନଙ୍କୁ ବହୁଦୂରକୁ ପଠାଇ ଦେଇଛ। କିନ୍ତୁ ଆମ୍ଭେ
ସେମାନଙ୍କୁ ଫେରାଇ ଆଣିବା। ଆଉ ମଧ୍ୟ ତୁମ୍ଭର ଏହି କର୍ମ
ଲାଗି ତୁମ୍ଭମାନଙ୍କୁ ଦଣ୍ଡ ଦେବା। 8ତୁମ୍ଭମାନଙ୍କର ପୁତ୍ର
କନ୍ୟାମାନଙ୍କୁ ଯିହୁଦାର ଲୋକମାନଙ୍କୁ ବିକ୍ରୀ କରିବା। ତେଣୁ
ସେମାନେ ସେହି ସନ୍ତାନମାନଙ୍କୁ ଦୂର ଦେଶୀୟ ଶିବାୟୀୟ
ଲୋକମାନଙ୍କୁ ବିକ୍ରୀ କରିବେ," କାରଣ ସଦାପ୍ରଭୁ ଏହା
କହିଛନ୍ତି।

## ଯୁଦ୍ଧପାଇଁ ପ୍ରସ୍ତୁତ ହୁଅ

9ତୁମ୍ଭମାନଙ୍କ ରାଜ୍ୟ ମଧ୍ୟରେ ଏହା ଘୋଷଣା କର। ଯୁଦ୍ଧ
ପାଇଁ ପ୍ରସ୍ତୁତ ହୁଅ। ସମସ୍ତ ଯୋଦ୍ଧାମାନେ ଜାଗ୍ରତ ହୁଅ।
ଯୁଦ୍ଧର ସମସ୍ତ ଲୋକମାନଙ୍କୁ ଜାଗ୍ରତ ହେବାକୁ ଡ଼ାକ ଏବଂ
ଯୁଦ୍ଧ ଭୂମିରେ ସମ୍ମୁଖୀନ ହୁଅ।
10ତୁମ୍ଭର ଲଙ୍ଗଳର ଲୁହାକୁ ଭାଙ୍ଗି ଖଡ୍ଗ ତିଆରି କର।
ନିଜ ନିଜର ଦାଆକୁ ଭାଙ୍ଗି ବର୍ଚ୍ଛା ତିଆରି କର। ଦୁର୍ବଳ
ଲୋକ କହୁ, "ମୁଁ ବଳବାନ।"
11ହେ ସବୁ ରାଜ୍ୟ! ଚଞ୍ଚଳ ହୁଅ। ଗୋଟିଏ ସ୍ଥାନରେ
ଏକତ୍ରିତ ହୁଅ। ହେ! ପରମେଶ୍ୱର! ଆପଣଙ୍କର ଶକ୍ତିଶାଳୀ
ବୀରମାନଙ୍କୁ ନେଇ ଆସନ୍ତୁ।

12ହେ, ରାଜ୍ୟବାସୀ! ଜାଗ୍ରତ ହୁଅ, ଯିହୋଶାଫଟର
ଉପତ୍ୟକାକୁ ଆସ କାରଣ ସେହି ସ୍ଥାନରେ ଆମ୍ଭେ ଇଶ୍ରାୟେଲର
ଚତୁଃପାର୍ଶ୍ୱରେ ଥିବା ରାଜ୍ୟମାନଙ୍କର ବିଚାର କରିବା ପାଇଁ
ଫେରି ଆସିବା।
13ଦାଆ ଆଣ କାରଣ ଶସ୍ୟ ପାଚିଅଛି। ଆସ, ଅଙ୍ଗୁର
ଲତା ଉପରେ ଚାଲ। କାରଣ ଦ୍ରାକ୍ଷାରସ ପରିପୂର୍ଣ୍ଣ ହୋଇଅଛି।
କୁଣ୍ଡଗୁଡ଼ିକ ଉଚ୍ଛୁଳି ପଡୁଛି, କାରଣ ସେମାନଙ୍କର ମନ୍ଦ କର୍ମ
ବହୁତ ଅଧିକ।
14ଦଣ୍ଡ ବିଚାର ଉପତ୍ୟକାରେ ଲୋକାରଣ୍ୟ। ସଦାପ୍ରଭୁଙ୍କର
ବିଶେଷ ବିଚାରଦିନ ନିକଟବର୍ତ୍ତୀ।
15ସୂର୍ଯ୍ୟ ଚନ୍ଦ୍ର ଅନ୍ଧକାରମୟ ହେବେ ଏବଂ ତାରକାଗଣ
କିରଣ ଦେବା ବନ୍ଦ କରିଦେବେ।
16ପୁଣି ସଦାପ୍ରଭୁ ପରମେଶ୍ୱର ସିୟୋନରୁ ଚିତ୍କାର କରିବେ,
ସେ ଯିରୁଶାଲମରୁ ମଧ୍ୟ ଚିତ୍କାର କରିବେ। ସେହି ଚିତ୍କାରରେ
ଆକାଶ ଓ ପୃଥିବୀ ଥରି ଉଠିବ। ମାତ୍ର ସଦାପ୍ରଭୁ ପରମେଶ୍ୱର
ତାଙ୍କ ସନ୍ତାନଗଣଙ୍କ ପାଇଁ ନିରାପଦ ସ୍ଥାନ ହେବ। ସେ ମଧ୍ୟ
ଇଶ୍ରାୟେଲର ଲୋକମାନଙ୍କ ପାଇଁ ନିରାପଦ ସ୍ଥାନ ହେବେ।
17"ତା'ପରେ ତୁମ୍ଭେମାନେ ଜାଣିବ ଯେ, ଆମ୍ଭେ ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱର। ଆମ୍ଭେ ପବିତ୍ର ପର୍ବତ ସିୟୋନରେ
ବାସ କରିବା। ଯିରୁଶାଲମ ଗୋଟିଏ ପବିତ୍ର ସ୍ଥାନରେ ପରିଣତ
ହେବ। ବିଦେଶୀୟମାନେ ଆଉ ଏହି ନଗରରେ ପ୍ରବେଶ
କରିପାରିବେ ନାହିଁ।"

## ଯିହୁଦା ପାଇଁ ଗୋଟିଏ ନୂତନ ଜୀବନର ପ୍ରତିଜ୍ଞା

18"ସେହିଦିନ ପର୍ବତଗୁଡ଼ିକ ମଧୁର ଦ୍ରାକ୍ଷାରସ କ୍ଷରଣ
କରିବେ। ପାହାଡ଼ଗୁଡ଼ିକରୁ ଦୁଗ୍ଧ ପ୍ରବାହିତ ହେବ। ଯିହୁଦାର
ସମସ୍ତ ଶୁଷ୍କ ନଦୀଗୁଡ଼ିକ ଜଳପୂର୍ଣ୍ଣ ହେବେ। ସଦାପ୍ରଭୁଙ୍କ
ମନ୍ଦିରରୁ ଏକ ଝରଣା ନିର୍ଗତ ହେବ। ତାହା ଶିଟୀମର
ଉପତ୍ୟକାକୁ ଜଳମୟ କରିବ।
19ମିଶର ଗୋଟିଏ ନିର୍ଜନ ସ୍ଥାନ ହେବ ଏବଂ ଶୂନ୍ୟ
ମରୁଭୂମି ହେବ। କାରଣ ସେମାନେ ଯିହୁଦାର ଲୋକମାନଙ୍କ
ପ୍ରତି ନିଷ୍ଠୁର ହୋଇଥିଲେ। ସେମାନେ ସେହି ଦେଶର
ନିରୀହ ଲୋକମାନଙ୍କୁ ହତ୍ୟା କରିଥିଲେ।
20କିନ୍ତୁ ଯିହୁଦା ଓ ଯିରୁଶାଲମରେ ଲୋକମାନେ
ପୁରୁଷାନୁକ୍ରମେ ଚିରକାଳ ବାସ କରିବେ।
21କିନ୍ତୁ ଯେଉଁ ଲୋକମାନେ ଆମ୍ଭ ସନ୍ତାନଗଣଙ୍କୁ ହତ୍ୟା
କରିଛନ୍ତି ଆମ୍ଭେ ପ୍ରକୃତରେ ସେମାନଙ୍କୁ ଶାସ୍ତି ଦେବା।"
କାରଣ ସଦାପ୍ରଭୁ ପରମେଶ୍ୱର ସିୟୋନରେ ବାସ କରନ୍ତି।

# ହୋଶେୟ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

### ହୋଶେୟଙ୍କ ଜରିଆରେ ସଦାପ୍ରଭୁ ପରମେଶ୍ୱରଙ୍କ ବାର୍ତ୍ତା

1 ବେରିଙ୍କ ପୁତ୍ର ହୋଶେୟଙ୍କ ନିକଟକୁ ସଦାପ୍ରଭୁଙ୍କ ଏହି
ବାର୍ତ୍ତା ଆସିଲା। ଏହି ବାର୍ତ୍ତା ଯିହୁଦାର ରାଜା ଉଷିୟ,
ଯୋଥମ, ଆହସ ଓ ହିଜକୀୟଙ୍କ ରାଜତ୍ୱ କାଳରେ ଓ
ଇଶ୍ରାୟେଲର ରାଜା ଯୋୟାସଙ୍କ ପୁତ୍ର ଯାରବୟାମଙ୍କ ସମୟରେ
ଆସିଥିଲା।
2ସଦାପ୍ରଭୁଙ୍କର ହୋଶେୟ ପ୍ରତି ଏହା ଥିଲା ପ୍ରଥମ
ବାର୍ତ୍ତା। ସଦାପ୍ରଭୁ କହିଲେ, "ଯାଅ, ଏକ ଗଣିକାକୁ ବିବାହ
କର, ଯାହାଫଳରେ ବେଶ୍ୟା ପୁତ୍ର ଜନ୍ମ ହେବ। କାହିଁକି?
କାରଣ ଏହି ଦେଶର ଲୋକମାନେ ଗଣିକା ପରି କାର୍ଯ୍ୟ
କରିଛନ୍ତି। ସଦାପ୍ରଭୁଙ୍କଠାରେ ଅବିଶ୍ୱସ୍ତ ହୋଇଛନ୍ତି।"

### ଯିଷ୍ରିୟେଲଙ୍କ ଜନ୍ମ

3ତେଣୁ ହୋଶେୟ ଦିବ୍ଲାଇମଙ୍କ କନ୍ୟା ଗୋମରଙ୍କୁ
ବିବାହ କଲେ। ଗୋମର ଗର୍ଭବତୀ ହେଲେ ଏବଂ ହୋଶେୟଙ୍କ
ପାଇଁ ଏକ ପୁତ୍ର ସନ୍ତାନ ଜନ୍ମ କଲେ। 4ସଦାପ୍ରଭୁ ହୋଶେୟଙ୍କୁ
କହିଲେ, "ତା'ର ନାମ ଯିଷ୍ରିୟେଲ ଦିଅ। କାହିଁକି? କାରଣ
ଅଳ୍ପ ସମୟ ପରେ ମୁଁ ଯେହୂର ପରିବାରକୁ ଦଣ୍ଡ ଦେବି।
କାରଣ ସେ ଯିଷ୍ରିୟେଲ ଉପତ୍ୟକାରେ ରକ୍ତପାତ କରିଥିଲେ।
ତା'ପରେ ମୁଁ ଇଶ୍ରାୟେଲ ସାମ୍ରାଜ୍ୟର ପତନ ଘଟାଇବି। 5ମୁଁ
ଇଶ୍ରାୟେଲର ଧନୁକୁ ସେହି ଯିଷ୍ରିୟେଲ ଉପତ୍ୟକାରେ ଭାଙ୍ଗିବି।"

### ଲୋ-ରୁହାମାଙ୍କ ଜନ୍ମ

6ତା'ପରେ ଗୋମର ପୁନର୍ବାର ଗର୍ଭବତୀ ହେଲେ ଓ ଏକ
କନ୍ୟା ସନ୍ତାନ ଜନ୍ମ ଦେଲେ। ସଦାପ୍ରଭୁ ହୋଶେୟଙ୍କୁ
କହିଲେ, "ତା'ର ନାମ ଲୋ-ରୁହାମା ଦିଅ। କାହିଁକି? କାରଣ
ଆମ୍ଭେ ଏଣିକି ଇଶ୍ରାୟେଲ ଜାତିକୁ ଆଉ ଦୟା ଦେଖାଇବା
ନାହିଁ। ଆମ୍ଭେ ସେମାନଙ୍କୁ କ୍ଷମା ଦେବା ନାହିଁ। 7କିନ୍ତୁ ଆମ୍ଭେ
ଯିହୁଦାର ଲୋକଙ୍କୁ ଦୟା ଦେଖାଇବା। ଆମ୍ଭେ ଯିହୁଦା
ଦେଶକୁ ରକ୍ଷା କରିବା। ଆମ୍ଭେ ସେମାନଙ୍କୁ ରକ୍ଷା କରିବାକୁ
ଖଣ୍ଡା କି ଧନୁ ବ୍ୟବାହର କରିବା ନାହିଁ। ଆମ୍ଭେ ସେମାନଙ୍କୁ
ରକ୍ଷା କରିବାକୁ ଯୁଦ୍ଧରେ ଅଶ୍ୱ କି ସୈନ୍ୟ ବ୍ୟବହାର କରିବା
ନାହିଁ। ଆମ୍ଭେ ସେମାନଙ୍କୁ ଆମ୍ଭ ନିଜ ଶକ୍ତି ବଳରେ ରକ୍ଷା
କରିବା।"

### ଲୋ-ଆମ୍ମୀଙ୍କ ଜନ୍ମ

8ଗୋମର ଲୋ-ରୁହାମାଙ୍କ ସେବା ଶେଷ କଲାପରେ ସେ
ପୁନର୍ବାର ଗର୍ଭବତୀ ହେଲେ। ସେ ଗୋଟିଏ ପୁତ୍ର ସନ୍ତାନ
ଜନ୍ମ ଦେଲେ। 9ତା'ପରେ ସଦାପ୍ରଭୁ କହିଲେ, "ତା'ର ନାମ
ଲୋ-ଆମ୍ମୀ ଦିଅ। କାରଣ, ତୁମ୍ଭେମାନେ ଆମ୍ଭର ଲୋକ ନୁହଁ
କି ଆମ୍ଭେ ତୁମ୍ଭର ପରମେଶ୍ୱର ନୁହଁ।"

### ବହୁ ଇଶ୍ରାୟେଲୀୟ ହେବାକୁ ସଦାପ୍ରଭୁ ପରମେଶ୍ୱର ଶପଥ ନିଅନ୍ତି

10"ସମୁଦ୍ରର ବାଲୁକା ସଦୃଶ ଇଶ୍ରାୟେଲ ସନ୍ତାନଗଣର
ସଂଖ୍ୟା ଭବିଷ୍ୟତରେ ବୃଦ୍ଧି ପାଇବ। ତୁମ୍ଭେ ସମୁଦ୍ରର ବାଲିକୁ
ମାପି ପାରିବ ନାହିଁ କି ଗଣି ପାରିବ ନାହିଁ। ଯେଉଁ ସ୍ଥାନରେ
ସେମାନଙ୍କୁ କୁହାଯାଇଥିଲା, ସେହି ସ୍ଥାନରେ ଏହା ଘଟିବ।
ସେମାନଙ୍କୁ ମଧ୍ୟ କୁହାଯିବ, 'ତୁମ୍ଭେମାନେ ମୋ ଲୋକ ନୁହଁ।'
'ତୁମ୍ଭେ ଜୀବନ୍ତ ପରମେଶ୍ୱରଙ୍କର ସନ୍ତାନ ଅଟ।'
11"ତା'ପରେ ଯିହୁଦା ଓ ଇଶ୍ରାୟେଲର ଲୋକମାନେ
ଏକତ୍ରିତ ହେବେ। ସେମାନେ ସେମାନଙ୍କ ପାଇଁ ଜଣେ ରାଜା
ବାଛିବେ ଏବଂ ସେମାନଙ୍କର ଦେଶ ସବୁଠାରୁ ବଡ଼ ହେବ।
ଯିଷ୍ରିୟେଲର ସମୟ ପ୍ରକୃତ ବଡ଼ ହେବ।"
2 "ତା'ପରେ ତୁମ୍ଭେ ତୁମ୍ଭର ଭାଇମାନଙ୍କୁ କହିବ, 'ତୁମ୍ଭେମାନେ
ଆମ୍ଭର ଲୋକ।' ତୁମ୍ଭେ ତୁମ୍ଭର ଭଉଣୀମାନଙ୍କୁ କହିବ,
'ସେ ତୁମ୍ଭମାନଙ୍କୁ ଦୟା ଦେଖାଇଛନ୍ତି।'"

### ଇଶ୍ରାୟେଲ ଅଧିବାସୀଙ୍କୁ ସଦାପ୍ରଭୁ କୁହନ୍ତି

2"ମା'ଙ୍କ ସହିତ ଯୁକ୍ତି କର। କାରଣ ସେ ଆମ୍ଭର ସ୍ତ୍ରୀ
ନୁହେଁ କି ଆମ୍ଭେ ତା'ର ସ୍ୱାମୀ ନୁହଁ। ବେଶ୍ୟା ପରି ନ
ହେବାକୁ ତାଙ୍କୁ କୁହ। ତାଙ୍କୁ କୁହ ଯେଉଁ ପ୍ରେମିକମାନଙ୍କୁ
ହୃଦୟରେ ସ୍ଥାନ ଦେଇଛନ୍ତି ସେମାନଙ୍କୁ ଦୂରେଇ ଦିଅନ୍ତୁ।
3ଯଦି ସେ ତା'ର ବ୍ୟଭିଚାରିତା ବନ୍ଦ ନକରେ, ତେବେ
ଆମ୍ଭେ ତାକୁ ଉଲଗ୍ନ କରିବା, ସେ ଯେପରି ଜନ୍ମ ହେଲା
ସମୟରେ ନଗ୍ନ ଥିଲା। ଆମ୍ଭେ ତା'ର ସମସ୍ତ ଲୋକମାନଙ୍କୁ
ନେଇଯିବା ଏବଂ ସେ ମରୁଭୂମି ପରି ଶୂନ୍ୟ ହୋଇଯିବ।
ଆମ୍ଭେ ତାକୁ ଶୋଷରେ ମାରିବା। 4ତା'ର ପିଲାମାନଙ୍କ
ଉପରେ ଆମ୍ଭର ଦୟା ନାହିଁ କାରଣ ସେମାନେ ଜାରଜ
ସନ୍ତାନ। 5ସେମାନଙ୍କର ମାଆ ବେଶ୍ୟାପରି କାମ କରିଅଛି।
ସେମାନଙ୍କର ମାଆଙ୍କ କୃତକର୍ମ ପାଇଁ ଲଜ୍ଜିତ ହେବା ଉଚିତ।
ସେ କହିଲା, 'ମୁଁ ମୋର ପ୍ରେମିକମାନଙ୍କ ପାଖକୁ ଯିବି।
ମୋର ପ୍ରେମିକମାନେ ମୋତେ ଖାଦ୍ୟ ଓ ପାଣି ଦେବେ।
ସେମାନେ ମୋତେ ପଶମ ଓ ଲାଇଲନ୍ ଦେବେ। ସେମାନେ
ମୋତେ ଦ୍ରାକ୍ଷାରସ ଓ ଅଲିଭ୍ ତେଲ ଦେବେ।'
6"ତେଣୁ ଆମ୍ଭେ ସଦାପ୍ରଭୁ ତୁମ୍ଭର ପଥ କଣ୍ଟା ଦ୍ୱାରା
ଅବରୋଧ କରିବା। ତା'ର ଚତୁର୍ଦ୍ଦିଗରେ ପ୍ରାଚୀର ନିର୍ମାଣ
କରିବା, ଯାହା ଫଳରେ ସେ ଆଉ ପଥ ପାଇବ ନାହିଁ।
7ସେ ତା'ର ପ୍ରିୟ ପ୍ରେମିକ ପଛରେ ଧାଇଁବ, କିନ୍ତୁ ସେ

ସେମାନଙ୍କୁ ମଧ୍ୟ ଧରିପାରିବ ନାହିଁ। ସେ ସେମାନଙ୍କୁ ବହୁତ ଖୋଜିବ କିନ୍ତୁ ପାଇପାରିବ ନାହିଁ। ତା'ପରେ ସେ କହିବ, 'ମୁଁ ମୋର ପ୍ରଥମ ପ୍ରେମିକ, ପରମେଶ୍ୱରଙ୍କ ନିକଟକୁ ଫେରିଯିବି। ତାଙ୍କ ପାଖରେ ଥିଲାବେଳେ ମୋର ଜୀବନ, ବର୍ତ୍ତମାନ ଅପେକ୍ଷା ଅଧିକ ଭଲ ଥିଲା।'

8"ସେ ଜାଣି ନ ଥିଲା ଆମ୍ଭେ ଯିଏକି ତା'କୁ ଶସ୍ୟ,
ଦ୍ରାକ୍ଷାରସ ଓ ତୈଳ ଦେଉଥିଲୁ। ଆମ୍ଭେ ଅଧିକରୁ ଅଧିକ
ସୁନା ରୂପା ତାକୁ ଦେଇ ଚାଲିଥିଲୁ। କିନ୍ତୁ ଇସ୍ରାୟେଲୀୟମାନେ
ସେହି ସୁନା ଓ ରୂପାକୁ ବାଲ୍‌ଙ୍କ ମୂର୍ତ୍ତି ତିଆରିରେ ବ୍ୟବହାର
କଲେ। 9ତେଣୁ ଆମ୍ଭେ ଫେରି ଆସିବା। ଆମ୍ଭେ ଆମ୍ଭର
ସେହି ସମୟରେ ଅମଳ ହେଉଥିବା ଶସ୍ୟ ଫେରାଇ ନେବା।
ଅଙ୍ଗୁର ଦ୍ରାକ୍ଷାରସ ପାଇଁ ପ୍ରସ୍ତୁତ ଥିଲାବେଳେ ଆମ୍ଭେ ତାକୁ
ଫେରାଇ ନେବା। ଆମ୍ଭର ପଶମ ଓ କାର୍ପାସ ବସ୍ତ୍ର ଫେରାଇ
ନେବା। ଆମ୍ଭେ ସେଗୁଡ଼ିକୁ ତା'ର ଶରୀର ଆବୃତ୍ତ କରିବାକୁ
ଦେଇଥିଲୁ। 10ବର୍ତ୍ତମାନ ଆମ୍ଭେ ତାକୁ ଉଲଗ୍ନ କରିଦେବା।
ତା'ର ଉଲଗ୍ନ ଶରୀର ତା'ର ପ୍ରେମିକ ଲୋକମାନେ ଦେଖିବେ।
ଆମ୍ଭ କବଳରୁ ତା'କୁ କେହି ରକ୍ଷା କରିପାରିବେ ନାହିଁ।
11ଆମ୍ଭେ, ସଦାପ୍ରଭୁ ତା'ର ସମସ୍ତ ଆନନ୍ଦ, ଉତ୍ସବ, ଅମାବାସ୍ୟା,
ବିଶ୍ରାମଦିନ ସମସ୍ତ ଭୋଜିକୁ ବନ୍ଦ କରିଦେବା। 12ଆମ୍ଭେ
ତା'ର ଦ୍ରାକ୍ଷାଲତାଗୁଡ଼ିକୁ ଓ ଡ଼ିମିରି ଗଛଗୁଡ଼ିକୁ ନଷ୍ଟ କରିଦେବା।
ସେ କହିଲା, 'ମୋର ପ୍ରେମିକମାନେ ମୋତେ ଏସବୁ ଜିନିଷ
ଦେଇଥିଲେ।' କିନ୍ତୁ ଆମ୍ଭେ ତା'ର ବଗିଚାକୁ ବଦଳାଇ
ଅନାବନା ଗଛରେ ଜଙ୍ଗଲ କରିଦେବା। ବନ୍ୟପଶୁମାନେ ଆସି
ସେହି ଗଛରୁ ଖାଇବେ।

13"ସେ ବାଲ୍‌ଙ୍କୁ ସେବା କରୁଥିଲା। ତେଣୁ ଆମ୍ଭେ ତାକୁ
ଦଣ୍ଡ ଦେବା। ସେ ବାଲଙ୍କୁ ଧୂପ ଦେଉଥିଲା। ସେ ଭଲ
ପୋଷାକ ପରିଧାନ କରୁଥିଲା ଓ ତା'ର ଅଳଙ୍କାର, ନାକରେ
ଗହଣା ପିନ୍ଧି ସେହି ମିଥ୍ୟା ପ୍ରେମିକମାନଙ୍କ ନିକଟକୁ ଯାଉଥିଲା
ଏବଂ ଆମ୍ଭଙ୍କୁ ଭୁଲିଯାଇଥିଲା।" ସଦାପ୍ରଭୁ ଏହା କହିଲେ।

14"ତେଣୁ ଆମ୍ଭେ ତାକୁ ପ୍ରେମବାଣୀ କହିବା। ଆମ୍ଭେ
ତାକୁ ନିର୍ଜ୍ଜନ ମରୁଭୂମିକୁ ନେଇ କୋମଳ କଥା କହିବା।
15ସେଠାରେ ଆମ୍ଭେ ତାକୁ ଦ୍ରାକ୍ଷାକ୍ଷେତ୍ର ଦେବା। ଆମ୍ଭେ ତାକୁ
ଆଶାର ଦ୍ୱାର ସ୍ୱରୂପ ଆଖୋର ଉପତ୍ୟକା ଦେବା। ତା'ପରେ
ସେ ମିଶର ଦେଶରୁ ଆସିଲା ସମୟ ପରି ଉତ୍ତର କରିବ।"
16ସଦାପ୍ରଭୁ ଏହା କୁହନ୍ତି,

"ସେ ସମୟରେ ତୁମ୍ଭେ ଆମ୍ଭକୁ 'ଆମ୍ଭ ସ୍ୱାମୀ' ବୋଲି
ଡ଼ାକିବ। ମାତ୍ର ତୁମ୍ଭେ ଆମ୍ଭକୁ 'ଆମ୍ଭ ମୁନିବ' ବୋଲି ଡ଼ାକିବ
ନାହିଁ। 17ଆମ୍ଭେ ତା'ର ମୁଖରୁ ବାଲ୍ ଡ଼ାକ କାଢ଼ିଦେବା।
ତା'ପରେ ଲୋକେ ବାଲ୍‌ଙ୍କ ନାମ ଆଉ ପୁନର୍ବାର ବ୍ୟବହାର
କରିବେ ନାହିଁ।

18"ସେତେବେଳେ ଆମ୍ଭେ ସ୍ଥଳଚର ପ୍ରାଣୀ, ଆକାଶର
ପକ୍ଷୀ, ଓ ସରୀସୃପମାନଙ୍କ ସହିତ ଗୋଟିଏ ଚୁକ୍ତି କରିବା।
ଆମ୍ଭେ ଧନୁ, ଖଣ୍ଡା ଓ ସମସ୍ତ ଯୁଦ୍ଧ ଅସ୍ତ୍ରଗୁଡ଼ିକୁ ଭାଙ୍ଗି ଦେବା
ଏବଂ ଆମ୍ଭେ ସେମାନଙ୍କୁ ନିରାପଦରେ ଶୟନ କରିବାକୁ
ଦେବା। 19ଏବଂ ଆମ୍ଭେ ତୁମ୍ଭକୁ ସବୁଦିନ ପାଇଁ ଆମ୍ଭର ସ୍ତ୍ରୀ
କରିବା। ଆମ୍ଭେ ତୁମ୍ଭକୁ ପ୍ରେମ, ସାଧୁତା, ନ୍ୟାୟ ଓ ଦୟାର
ସହିତ ଆମ୍ଭର ସ୍ତ୍ରୀ କରିବା। 20ତୁମ୍ଭକୁ ଆମ୍ଭର ବିଶ୍ୱସ୍ତ ପତ୍ନୀ
କରିବା। ସେତେବେଳେ ତୁମ୍ଭେ ପ୍ରକୃତ ସଦାପ୍ରଭୁଙ୍କୁ ଜାଣିବ।
21ସେତେବେଳେ ଆମ୍ଭେ ଉତ୍ତର ଦେବା।" ସଦାପ୍ରଭୁ ଏହା
କୁହନ୍ତି।

"ଆମ୍ଭେ ଆକାଶକୁ କହିବା ଏବଂ ସେ ପୃଥିବୀକୁ ବର୍ଷା
ଦେବେ।

22ପୃଥିବୀ ଶସ୍ୟ, ଦ୍ରାକ୍ଷାରସ ଓ ତୈଳ ଉତ୍ପାଦନ କରିବ
ଏବଂ ସେ ସବୁ ଯିଷ୍ରିୟେଲର ଗୃହିଦା ପୂରଣ କରିବ।

23ଆମ୍ଭେ ଇସ୍ରାୟେଲ ଭୂମିରେ ବହୁତ ମଞ୍ଜି ବୁଣିବା।
ଲୋ-ରୁହାମାଙ୍କୁ ଆମ୍ଭେ ଦୟା କରିବା। ଲୋ-ଆମୀକୁ କହିବା,
'ତୁମ୍ଭେ ଆମ୍ଭ ଲୋକ' ଏବଂ ସେମାନେ ମୋତେ କହିବେ,
'ତୁମ୍ଭେ ଆମ୍ଭର ପରମେଶ୍ୱର।'"

## ହୋଶେୟ ଗୋମରଙ୍କୁ କ୍ରୀତଦାସ ରୂପେ ପୁନର୍ବାର କିଣନ୍ତି

3 ତା'ପରେ ସଦାପ୍ରଭୁ ପୁନର୍ବାର ମୋତେ କହିଲେ, "ଗୋମରର
ଅନେକ ପ୍ରେମିକ ଅଛନ୍ତି। କିନ୍ତୁ ତୁମ୍ଭେ ତାଙ୍କୁ ନିଶ୍ଚିତ
ଭଲପାଇ ଚାଲ। କାହିଁକି? କାରଣ ତାହା ସଦାପ୍ରଭୁଙ୍କ ପରି।
ସଦାପ୍ରଭୁ ଇସ୍ରାୟେଲ ଲୋକମାନଙ୍କୁ ଭଲ ପାଇ ଚାଲନ୍ତି।
କିନ୍ତୁ ସେମାନେ ଅନ୍ୟ ଦେବତାଙ୍କୁ ପୂଜାକରି ଚାଲନ୍ତି।"

2ଏହି କାରଣ ପାଇଁ ମୁଁ ଗୋମରଙ୍କୁ ପନ୍ଦର ଖଣ୍ଡ ରୌପ୍ୟ
ଓ ଏକ ହୋମର* ବାର୍ଲି ଦେଇ କିଣିଲି। 3ତା'ପରେ ମୁଁ
ତାକୁ କହିଲି, "ତୁମ୍ଭେ ମୋ ସହିତ ଗୃହରେ ବହୁଦିନ
ପର୍ଯ୍ୟନ୍ତ ରହିବ। ତୁମ୍ଭେ ବ୍ୟଭିଚାରିଣୀ ପରି ହେବନାହିଁ। ତୁମ୍ଭେ
ଅନ୍ୟ ସହିତ ରହିବ ନାହିଁ ଏବଂ ମୁଁ ତୁମ୍ଭର ସ୍ୱାମୀ ହେବି।"

4ସେହିପରି ଭାବରେ ଇସ୍ରାୟେଲର ଲୋକମାନେ ବିନା
ରାଜା ଓ ନେତାରେ ଦୀର୍ଘଦିନ ଚଳିବେ। ସେମାନେ ବଳିଦାନ
କି ସ୍ମରଣାର୍ଥକ ପଥର ବିନା ରହିବେ। ସେମାନେ ଯାଜକୀୟ
ବସ୍ତ୍ର ବିନା ଓ ଗୃହ ମୂର୍ତ୍ତି ବିନା ରହିବେ। 5ତା'ପରେ
ଇସ୍ରାୟେଲର ଲୋକମାନେ ଫେରି ଆସିବେ। ତା'ପରେ ସେମାନେ
ସଦାପ୍ରଭୁ ସେମାନଙ୍କର ପରମେଶ୍ୱର ଓ ରାଜା ଦାଉଦଙ୍କୁ
ଖୋଜିବେ। ଶେଷଦିବସରେ, ସେମାନେ ସଦାପ୍ରଭୁଙ୍କୁ ଓ ତାଙ୍କର
ଧାର୍ମିକତାକୁ ସମ୍ମାନ ଦେବାକୁ ଆସିବେ।

## ସଦାପ୍ରଭୁ ଇସ୍ରାୟେଲ ବିରୋଧରେ କ୍ରୋଧାନ୍ୱିତ

4 ଇସ୍ରାୟେଲର ଲୋକମାନେ ସଦାପ୍ରଭୁଙ୍କର ବାର୍ତ୍ତା ଶୁଣ।
ଏହି ରାଜ୍ୟର ଲୋକମାନଙ୍କ ବିରୁଦ୍ଧରେ ସଦାପ୍ରଭୁ ତାଙ୍କର
ଆରୋପ ଦର୍ଶାଇବେ। "ଏହି ଦେଶର ଲୋକମାନେ ପ୍ରକୃତରେ
ପରମେଶ୍ୱରଙ୍କୁ ଜାଣନ୍ତି ନାହିଁ। ଏହି ଲୋକମାନେ ପ୍ରକୃତରେ
ପରମେଶ୍ୱରଙ୍କ ପ୍ରତି ସତ୍ ଓ ବିଶ୍ୱସ୍ତ ନୁହଁନ୍ତି। 2ଏହି
ଲୋକମାନେ ଶପଥ, ମିଥ୍ୟା, ହତ୍ୟା ଓ ଚୋରି କରନ୍ତି।
ସେମାନେ ବ୍ୟଭିଚାରିତାର ପାପ ଦ୍ୱାରା ସନ୍ତାନ ଲାଭ କରନ୍ତି।
ସେମାନେ ବାରମ୍ବାର ନରହତ୍ୟା କରନ୍ତି। 3ତେଣୁ ଦେଶଟି
ବ୍ୟକ୍ତି ପରି ମୃତ୍ୟୁରେ କାନ୍ଦେ ଓ ତା'ର ଲୋକମାନେ ଦୁର୍ବଳ
ହୋଇପଡ଼ନ୍ତି। ଏପରିକି ସ୍ଥଳଭାଗର ପ୍ରାଣୀ, ଆକାଶର ପକ୍ଷୀ ଓ
ସାମୁଦ୍ରିକ ମତ୍ସ୍ୟ ମୃତ୍ୟୁବରଣ କରନ୍ତି। 4କୌଣସି ବ୍ୟକ୍ତି ଅନ୍ୟ
ସହିତ ଯୁକ୍ତି କି ଅନ୍ୟକୁ ଦୋଷ ଦେବା ଉଚିତ୍ ନୁହେଁ।

---

**ବାସ୍ତର ଗ୍ୟାଲୋନ:** **9** ବୁଶେଲ ଅଥବା ଦେଢ଼ ହୋମର।

ଯାଜକ, ଆମ୍ଭ ଯୁକ୍ତି ତୁମ୍ଭ ସହିତ ଅଛି। 5ତୁମ୍ଭ ଯାଜକମାନଙ୍କର
ଦିନରେ ସ୍ଖଳନ ଘଟିବ ଓ ରାତ୍ରିରେ ଭବିଷ୍ୟଦ୍‌ବକ୍ତାମାନଙ୍କର
ମଧ୍ୟ ତୁମ୍ଭ ସହିତ ସ୍ଖଳନ ଘଟିବ ଏବଂ ଆମ୍ଭେ ତୁମ୍ଭମାନଙ୍କର
ମାଆଙ୍କୁ ବିନାଶ କରିବା।

6"ଜ୍ଞାନ ଅଭାବ ଯୋଗୁ ଆମ୍ଭର ଲୋକମାନେ ବିନଷ୍ଟ
ହୁଅନ୍ତି। କାରଣ ତୁମ୍ଭେମାନେ ଜ୍ଞାନରୁ ବିମୁଖ ହୋଇଛ।
ତେଣୁ ଆମ୍ଭେ ତୁମ୍ଭମାନଙ୍କୁ ଆମ୍ଭ ପାଇଁ ଯାଜକ ହେବାକୁ
ବାରଣ କରିବା। ତୁମ୍ଭେମାନେ ତୁମ୍ଭ ପରମେଶ୍ୱରଙ୍କ ନିୟମକୁ
ଭୁଲିଯାଇଛ, ତେଣୁ ଆମ୍ଭେ ତୁମ୍ଭ ପିଲାମାନଙ୍କୁ ଭୁଲିଯିବା।
7ସେମାନଙ୍କର ସଂଖ୍ୟା ଓ ଶକ୍ତି ଯେତେ ଯେତେ ବଢେ,
ସେମାନେ ସେତେ ଅଧିକ ଆମ୍ଭ ବିରୁଦ୍ଧରେ ପାପ କରନ୍ତି।
ତେଣୁ ସେମାନଙ୍କର ଗୌରବକୁ ଆମ୍ଭେ ଲଜ୍ଜାରେ ପରିଣତ
କରିବା।

8"ଆମ୍ଭର ଲୋକମାନଙ୍କ ପାପଗୁଡ଼ିକରୁ ଯାଜକମାନେ ଲାଭବାନ
ହୁଅନ୍ତି। ସେମାନେ ଲୋକମାନଙ୍କର ଦୁଷ୍ଟପଣିଆରୁ ଫାଇଦା
ଉଠାଇବାରେ ଲୋଭୀ। 9ତେଣୁ ଯାଜକମାନେ ଜୀବନ ଶୈଳୀରେ
ସେହି ଲୋକମାନଙ୍କ ପରି ହେଲେ। ଆମ୍ଭେ ସେମାନଙ୍କୁ ଦଣ୍ଡ
ଦେବା। ସେମାନଙ୍କର ମନ୍ଦକାର୍ଯ୍ୟ ଲାଗି ଆମ୍ଭେ ସେମାନଙ୍କୁ
ଫଳ ଦେବା। 10ସେମାନେ ଯଦିଓ ଖାଇବେ କିନ୍ତୁ ସନ୍ତୁଷ୍ଟ
ହେବେ ନାହିଁ। ସେମାନେ ଯୌନ ଭୋଗ ପାପ କରିବେ
କିନ୍ତୁ ସନ୍ତାନ ଲାଭ କରିବେ ନାହିଁ। କାହିଁକି? କାରଣ
ସେମାନେ ସଦାପ୍ରଭୁଙ୍କୁ ପରିତ୍ୟାଗ କରିଥିଲେ ଓ ଗଣିକା ପରି
ହୋଇଥିଲେ।

11"ଯୌନଭୋଗ ପାପ, ଅତ୍ୟଧିକ ଦ୍ରାକ୍ଷାରସ ପାନ ଗୋଟିଏ
ବ୍ୟକ୍ତିର ସ୍ୱାଧୀନ ଚିନ୍ତା କରିବାର ଦକ୍ଷତାକୁ ଧ୍ୱଂସ କରେ।
12ଆମ୍ଭର ଲୋକମାନେ କାଠଖଣ୍ଡକୁ ଉପଦେଶ ଲାଗି ପଚାରନ୍ତି।
ସେମାନେ ଭାବନ୍ତି ସେହି କାଠଖଣ୍ଡଗୁଡ଼ିକ ସେମାନଙ୍କୁ ଉତ୍ତର
ଦେବ। କାରଣ, ସେମାନେ ଗଣିକାମାନଙ୍କପରି ମିଥ୍ୟାପ୍ରତିମାଙ୍କ
ପଛରେ ଅନୁଧାବନ କରିଛନ୍ତି। ସେମାନେ ପରମେଶ୍ୱରଙ୍କୁ
ବଳିଦାନ କରିଥିଲେ ଓ ଗଣିକା ହୋଇଯାଇଥିଲେ। 13ସେମାନେ
ପର୍ବତର ଅଗ୍ରଭାଗରେ ବଳି ଦିଅନ୍ତି ଓ ପାହାଡ଼ ଉପରେ ଥିବା
ଆଲୋନ, ଲିବ୍‌ନା ଓ ଏଲା ଗଛ ତଳେ ଧୂପ ଦିଅନ୍ତି।
କାରଣ ସେହି ଗଛଗୁଡ଼ିକର ଛାୟା ତରୁଣ ଦେଖାଯାଏ। ତେଣୁ
ତୁମ୍ଭର କନ୍ୟାମାନେ ଗଣିକା ପରି ସେହି ଗଛତଳେ ପଡ଼ି
ରହନ୍ତି। ଏବଂ ତୁମ୍ଭର ବୋହୂମାନେ ଯୌନଭୋଗ ପାପ
କରନ୍ତି।

14"ଆମ୍ଭେ ତୁମ୍ଭର ସେହି ଗଣିକା କନ୍ୟାମାନଙ୍କୁ କି
ଯୌନଭୋଗୀ ପାପିଣୀ ବୋହୂମାନଙ୍କୁ ଦୋଷ ଦେଇ ପାରୁନାହୁଁ।
ଲୋକମାନେ ଯାଇ ଗଣିକାମାନଙ୍କ ସହିତ ଶୟନ କରନ୍ତି।
ସେମାନେ ସେହି ମନ୍ଦିରର ଗଣିକାମାନଙ୍କ ସହିତ ମନ୍ଦିରରେ
ବଳିଦାନ ଉତ୍ସର୍ଗ କରନ୍ତି। ତେଣୁ ସେ ନିର୍ବୋଧମାନେ ନିଜେ
ନିଜକୁ ନଷ୍ଟ କରୁଛନ୍ତି।

### ଇସ୍ରାଏଲ ଲଜ୍ଜାଜନକ ପାପ

15"ଇସ୍ରାଏଲ, ଯଦି ତୁମ୍ଭେ ନିହାତି ଗଣିକା ପରି କାର୍ଯ୍ୟ
କର, ତୁମ୍ଭ ଅପରାଧ ପାଇଁ ଯିହୁଦାକୁ ଦୋଷୀ କର ନାହିଁ।
ଗିଲ୍‌ଗଲ୍ କି ବୈଥ୍-ଆବନକୁ ଯାଅ ନାହିଁ। ସଦାପ୍ରଭୁଙ୍କ
ନାମରେ ଶପଥ କରନାହିଁ। 'ଯେହେତୁ ସଦାପ୍ରଭୁ ବାସ କରନ୍ତି
ଏପରି କୁହ ନାହିଁ।' 16ଇସ୍ରାଏଲ ଏକ ଜିଦ୍‌ଖୋର ବାଛୁରୀ
ତୁଲ୍ୟ ବିଦ୍ରୋହ କରେ। ତେଣୁ ସଦାପ୍ରଭୁ ତାକୁ ଖୋଲା
ପଡିଆରେ ଥିବା ଗୋଟିଏ ମେଣ୍ଢାଛୁଆ ପରି ଚାରଣ ଭୂମିକୁ
ନେଇ ଗଲେ। 17ଇଫ୍ରୟିମ ପ୍ରତିମା ପୂଜାରେ ଯୋଗ ଦେଇଛନ୍ତି।
ତେଣୁ ତାକୁ ଏକୁଟିଆ ପ୍ରଭୁ ଛାଡ଼ନ୍ତି।

18"ମାତାଲ ହୋଇଗଲା ପରେ ସେମାନେ ବ୍ୟଭିଚାରିଣୀ
ପରି ବ୍ୟବହାର କରନ୍ତି। ସେମାନେ ଲାଜକୁ ଭଲ ପାଆନ୍ତି ଓ
ଏହା ମାଗନ୍ତି। ସେମାନଙ୍କର ଶାସକଗଣ ସେମାନଙ୍କର
ଲୋକମାନଙ୍କ ଉପରକୁ ଲଜ୍ଜା ଆଣନ୍ତି। 19ଘୂର୍ଣ୍ଣିବାୟୁ ଦ୍ୱାରା
ସେମାନେ ପତିତ ହୋଇଛନ୍ତି। ସେମାନେ ଆପଣା ମୂର୍ତ୍ତି
ନିକଟରେ ବଳି କାରଣରୁ ଲଜ୍ଜିତ ହେବେ।"

### ନେତାମାନେ ଇସ୍ରାଏଲ ଓ ଯିହୁଦାର ପାପର କାରଣ ହୁଅନ୍ତି

5 "ପୁରୋହିତଗଣ, ଇସ୍ରାଏଲ ଅଧିବାସୀଗଣ ଓ
ରାଜପରିବାରର ଲୋକମାନେ ମୋ କଥା ଶୁଣ। ତୁମ୍ଭେମାନେ
ଦୋଷୀ ବୋଲି ବିଚାରିତ ହୋଇଛ।

"ତୁମ୍ଭେମାନେ ମିସ୍ପା ପର୍ବତର ଯନ୍ତା ଓ ତାବୋର ପର୍ବତର
ପାଦଦେଶରେ ବିଛାଯାଇଥିବା ଜାଲ ସଦୃଶ ଥିଲ। 2ତୁମ୍ଭେମାନେ
ବହୁ ମନ୍ଦ କାର୍ଯ୍ୟ କରିଛ। ତେଣୁ ଆମ୍ଭେ ତୁମ୍ଭମାନଙ୍କୁ ଦଣ୍ଡ
ଦେବା। 3ଆମ୍ଭେ ଇଫ୍ରୟିମକୁ ଜାଣୁ ଓ ଇସ୍ରାଏଲ ଯାହାସବୁ
କରିଛି ତାହା ମଧ୍ୟ ଜାଣୁ। ହେ ଇଫ୍ରୟିମ, ତୁମ୍ଭେ ବର୍ତ୍ତମାନଠାରୁ
ତୁମ୍ଭେ ଗଣିକାପରି କାର୍ଯ୍ୟ କରୁଛ। ଇସ୍ରାଏଲ ପାପରେ
କଳୁଷିତ। 4ଇସ୍ରାଏଲର ଲୋକମାନେ ବହୁ ମନ୍ଦ କାର୍ଯ୍ୟ
କରିଛନ୍ତି ଏବଂ ସେହିସବୁ ମନ୍ଦ କାର୍ଯ୍ୟ ସେମାନଙ୍କୁ ପରମେଶ୍ୱରଙ୍କ
ନିକଟକୁ ଫେରିବାଠାରୁ ଦୂରେଇ ଦେଇଛି। ସେମାନେ ସର୍ବଦା
ପ୍ରତିମାଙ୍କ ପଛରେ ଧାଇଁବାକୁ ଚିନ୍ତା କରୁଛନ୍ତି। ସେମାନେ
ପ୍ରକୃତ ସଦାପ୍ରଭୁଙ୍କୁ ଜାଣୁ ନାହାଁନ୍ତି। 5ଇସ୍ରାଏଲର ଗର୍ବ
ସେମାନଙ୍କ ବିରୁଦ୍ଧରେ ସାକ୍ଷୀ ଦେବ। ତେଣୁ ଇସ୍ରାଏଲ ଓ
ଇଫ୍ରୟିମ ସେମାନଙ୍କ ପାପ ଯୋଗୁଁ ପତିତ ହେବେ। ଯିହୁଦାର
ମଧ୍ୟ ସେମାନଙ୍କର ସହିତ ପତନ ହେବ।

6"ସେହି ଲୋକମାନଙ୍କର ନେତାମାନେ ସଦାପ୍ରଭୁଙ୍କ
ଅନ୍ୱେଷଣରେ ଗଲେ। ସେମାନେ ସେମାନଙ୍କ ସହିତ 'ମେଷ'
ଓ 'ଗାଈମାନଙ୍କୁ' ନେଲେ। କିନ୍ତୁ ସଦାପ୍ରଭୁଙ୍କୁ ସେମାନେ
ପାଇଲେ ନାହିଁ। କାହିଁକି ପାଇଲେ ନାହିଁ? କାରଣ ସଦାପ୍ରଭୁ
ସେମାନଙ୍କୁ ପରିତ୍ୟାଗ କରିଥିଲେ। 7ସେମାନେ ସଦାପ୍ରଭୁଙ୍କ
ପ୍ରତି ଅବିଶ୍ୱସ୍ତ ହୋଇଛନ୍ତି। ସେମାନେ ଅବୈଧ ସନ୍ତାନଙ୍କୁ ଜନ୍ମ
ଦେଇଛନ୍ତି। ଏବଂ ବର୍ତ୍ତମାନ ସେମାନେ ଓ ସେମାନଙ୍କର
ଦେଶଗୁଡିକୁ ଆସନ୍ତା ମାସରେ ଧ୍ୱଂସ କରାଯିବ।"

### ଇସ୍ରାଏଲ ଧ୍ୱଂସର ଏକ ଭବିଷ୍ୟତବାଣୀ

8"ଗିବିୟାରେ ଶିଙ୍ଗା ବଜାଅ। ରାମାରେ ତୂରୀ ବଜାଅ।
ବୈଥ୍-ଆବନରେ ସତର୍କ କରିଦିଅ। ହେ ବିନ୍ୟାମୀନ, ତୁମ୍ଭର
ପଛରେ ଶତ୍ରୁଗଣ ଅଛନ୍ତି।

9ଦଣ୍ଡ ଦେବା ସମୟରେ ଇଫ୍ରୟିମ ସର୍ବହରା ହୋଇଯିବ।
ଆମ୍ଭେ ଇସ୍ରାଏଲ ପରିବାରମାନଙ୍କୁ ସତର୍କ କରି ଦେଉଛୁ ଯେ
ସେସବୁ ପ୍ରକୃତରେ ଘଟିବ।

10ଯିହୁଦାର ନେତୃବୃନ୍ଦ ଚୋରପରି ଅନ୍ୟମାନଙ୍କର
ସମ୍ପତ୍ତି ଚୋରି କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଆମ୍ଭେ
ସେମାନଙ୍କ ଉପରେ ଆମ୍ଭର କ୍ରୋଧକୁ ଜଳ ସଦୃଶ ଢ଼ାଳି
ଦେବା।
11ଇଫ୍ରୟିମ ଦଣ୍ଡିତ ହେବ। ସେ ଦ୍ରାକ୍ଷାଫଳ ପରି ଦଳି
ଚକଟି ହୋଇଯିବ। କାହିଁକି? କାରଣ ସେ କଳୁଷିତ ପଛରେ
ଅନୁସରଣ କରିବାକୁ ସ୍ଥିର କରିଛି।
12କୀଟ ବସ୍ତ୍ରକୁ ନଷ୍ଟ କଲାପରି ଆମ୍ଭେ ଇଫ୍ରୟିମକୁ ଧ୍ୱଂସ
କରିବା। ଆମ୍ଭେ ଯିହୁଦାକୁ ସଢ଼ାଇ ଦେବା।
13ଇଫ୍ରୟିମ ତା'ର ପୀଡ଼ିତାବସ୍ଥା ଦେଖିଲା ଓ ଯିହୁଦା
ତା'ର କ୍ଷତକୁ ଦେଖିଲା। ଏହି କାରଣରୁ ଇଫ୍ରୟିମ ଅଶୂରକୁ
ସାହାଯ୍ୟ ପାଇଁ ଗଲା। ସେମାନେ ସେହି ମହାରାଜାଙ୍କୁ ସେମାନଙ୍କର
ସମସ୍ୟା ଜଣାଇଲେ। କିନ୍ତୁ ରାଜା ସେମାନଙ୍କୁ ଆରୋଗ୍ୟ
କରିବାକୁ ଅସମର୍ଥ, ସେ ସେମାନଙ୍କର କ୍ଷତଗୁଡ଼ିକୁ ଆରୋଗ୍ୟ
କରିପାରିବେ ନାହିଁ।
14କାହିଁକି ସେ ଏହା ପାରିବେ ନାହିଁ? କାରଣ ଆମ୍ଭେ
ସିଂହ ସଦୃଶ ଇଫ୍ରୟିମଙ୍କୁ ଆକ୍ରମଣ କରିବା। ଯୁବାସିଂହ ସଦୃଶ
ଆମ୍ଭେ ଯିହୁଦା ରାଜ୍ୟକୁ ଆକ୍ରମଣ କରିବା। ହଁ ଆମ୍ଭେ
ସଦାପ୍ରଭୁ, ସେମାନଙ୍କୁ ଖଣ୍ଡ ଖଣ୍ଡ କରି ଚିରିଦେବା। ଆମ୍ଭେ
ସେମାନଙ୍କୁ ବହୁଦୂରକୁ ନେଇଯିବା ଏବଂ କେହି ସେମାନଙ୍କୁ
ରକ୍ଷା କରିପାରିବେ ନାହିଁ।
15ଆମ୍ଭେ ଆମ୍ଭର ଗୃହକୁ ଫେରିବା ଯେତେବେଳେ
ଲୋକମାନେ ସେମାନଙ୍କର ଦୋଷ ସ୍ୱୀକାର କରିବେ ଏବଂ
ଆମ୍ଭଙ୍କୁ କ୍ଷମା ମାଗିବେ। ହଁ, ସେମାନେ ଦୁଃଖରେ ଆମ୍ଭଙ୍କୁ
ପାଇବାକୁ କଠୋର ଚେଷ୍ଟା କରିବେ।"

## ସଦାପ୍ରଭୁଙ୍କ ନିକଟକୁ ଫେରିବାର ପୁରସ୍କାର

6 "ଆସ, ସଦାପ୍ରଭୁଙ୍କ ପାଖକୁ ଫେରିଯିବା। ସେ ଆମ୍ଭକୁ
ଆଘାତ କଲେ ଓ ସେ ମଧ୍ୟ ଆମ୍ଭକୁ ସୁସ୍ଥ କରିବେ।
ସେ ଆମ୍ଭକୁ କ୍ଷତ ବିକ୍ଷତ କରିଛନ୍ତି ଏବଂ ସେ ଆମ୍ଭର
କ୍ଷତରେ ପଟି ବାନ୍ଧିଦେବେ।
2ଦୁଇ ଦିନ ପରେ ସେ ଆମ୍ଭମାନଙ୍କୁ ପୁନର୍ଜୀବନ ଦେବେ।
ତିନି ଦିନ ପରେ ସେ ଆମ୍ଭକୁ ଛିଡ଼ା କରାଇବେ। ତା'ପରେ
ଆମ୍ଭେ ତାଙ୍କ ନିକଟରେ ବଞ୍ଚି ଉଠିବା।
3ଆସ, ସଦାପ୍ରଭୁଙ୍କ ସମ୍ବନ୍ଧରେ ଅଧ୍ୟୟନ କରିବା। ତାଙ୍କ
ସମ୍ବନ୍ଧରେ ଅଧିକ ଜାଣିବା ପାଇଁ କଠୋର ଅଧ୍ୟବସାୟ
କରିବା। ପ୍ରଭାତ ଆସିଲା ପରି ସଦାପ୍ରଭୁ ଆସୁଛନ୍ତି ବୋଲି
ଆମ୍ଭେ ଜାଣୁଛୁ। ବର୍ଷା ଓ ବସନ୍ତବର୍ଷା ଭୂମିକୁ ଜଳମୟ କଲା
ପରି ପରମେଶ୍ୱର ଆମ୍ଭମାନଙ୍କ ନିକଟକୁ ଆସିବେ।"

## ଲୋକମାନେ ବିଶ୍ୱସ୍ତ ନୁହଁନ୍ତି

4"ହେ ଇଫ୍ରୟିମ, ହେ ଯିହୁଦା, ଆମ୍ଭେ ତୁମ୍ଭମାନଙ୍କ ପ୍ରତି
କିପରି ବ୍ୟବହାର କରିବୁ? ତୁମ୍ଭମାନଙ୍କର ବିଶ୍ୱସ୍ତତା ସକାଳର
କୁହୁଡ଼ି ଓ କାକର ପରି ଅଟେ ଯେ କି ଅତି ପ୍ରତ୍ୟୁଷରେ
ଉଭେଇ ଯାଏ।
5ଆମ୍ଭେ ସେମାନଙ୍କୁ ନିପାତ କରିବା ପାଇଁ
ଭବିଷ୍ୟଦ୍‌ବକ୍ତାମାନଙ୍କୁ ନିଯୁକ୍ତ କଲୁ ଓ ଆମ୍ଭେ ଆପଣା
ଆଦେଶରେ ଲୋକମାନଙ୍କୁ ମୃତ୍ୟୁ ଦେଲୁ। କିନ୍ତୁ ସେହି
ନିର୍ଣ୍ଣୟରୁ ନ୍ୟାୟ ସଦୃଶ ଆଲୋକ ଆସିବ।
6କାହିଁକି? କାରଣ ଆମ୍ଭେ ବିଶ୍ୱସ୍ତ ପ୍ରେମ ଚାହୁଁ, ବଳିଦାନ
ନୁହେଁ। ଲୋକମାନେ ପରମେଶ୍ୱରଙ୍କୁ ଜାଣନ୍ତୁ ବୋଲି ଆମ୍ଭେ
ଚାହୁଁ, କିନ୍ତୁ ହୋମବଳି ଆଣନ୍ତୁ ବୋଲି ନୁହେଁ।
7କିନ୍ତୁ ଠିକ୍ ଆଦମ ପରି ସେମାନେ ଚୁକ୍ତି ଭଙ୍ଗ
କଲେ। ସେମାନେ ନିଜ ଭୂମିରେ ଆମ୍ଭ ସହିତ ପ୍ରତାରଣା
କଲେ।
8ଗିଲୟଦ ଗୋଟିଏ ସହର ଯେ କି ମନ୍ଦ କାର୍ଯ୍ୟ
କରୁଥିବା ଲୋକମାନଙ୍କରେ ପରିପୂର୍ଣ୍ଣ, ହତ୍ୟାକାରୀମାନଙ୍କର
ରକ୍ତାକ୍ତ ପାଦ ଚିହ୍ନରେ ରଂଜିତ।
9ଡ଼କାୟତମାନଙ୍କ ପରି ସେମାନେ ଲୋକମାନଙ୍କୁ ଆକ୍ରମଣ
କରିବାକୁ ଅପେକ୍ଷା କରନ୍ତି। ସେହିପରି, ଯାଜକଙ୍କ ଦଳ
ଶିଖିମକୁ ଯାଉଥିବା ଲୋକମାନଙ୍କୁ ରାସ୍ତାରେ ଅପେକ୍ଷା କରନ୍ତି
ଓ ସେମାନଙ୍କୁ ଆକ୍ରମଣ କରନ୍ତି। ସେମାନେ ଏକତ୍ରିତ ହୋଇ
ମନ୍ଦ କାର୍ଯ୍ୟ କରିବାକୁ ଯୋଜନା କରନ୍ତି।
10ଆମ୍ଭେ ଇସ୍ରାୟେଲ ରାଜ୍ୟରେ ଗୋଟିଏ ଭୟଙ୍କର ଜିନିଷ
ଦେଖିଛୁ। ଇଫ୍ରୟିମ ପରମେଶ୍ୱରଙ୍କ ପ୍ରତି ଅବିଶ୍ୱସ୍ତ ଥିଲେ।
ଇସ୍ରାୟେଲ ପାପରେ କଳୁଷିତ।
11ହେ ଯିହୁଦା, ତୁମ୍ଭପାଇଁ ଅମଳର ସମୟ ଅଛି। ଏହା
ହିଁ ଘଟିବ। ଏକ ସମୟରେ ଆମ୍ଭେ ଆମ୍ଭର ଲୋକମାନଙ୍କୁ
ବନ୍ଦୀ ଅବସ୍ଥାରୁ ମୁକ୍ତ କରିବା।"

7 "ଆମ୍ଭେ ଇସ୍ରାୟେଲକୁ ସୁସ୍ଥ କରିବା। ତା'ପରେ ଲୋକମାନେ
ଜାଣିବେ ଯେ ଇଫ୍ରୟିମ ପାପ କରିଥିଲା। ଶମରିୟାର
ପାପ ଆଚରଣ ବିଷୟରେ ଲୋକମାନେ ଜାଣିବେ। ସେହି
ସହରରେ ଚୋରମାନେ ଯାତାୟତ କରୁଛନ୍ତି ଲୋକମାନେ
ଜାଣିବେ।
2ସେମାନଙ୍କର ଦୋଷକୁ ଆମ୍ଭେ ସ୍ମରଣ କରିବା ସେହି
ଲୋକମାନେ ବିଶ୍ୱାସ କରନ୍ତି ନାହିଁ। ସେମାନେ ଯେଉଁ ମନ୍ଦ
କାର୍ଯ୍ୟ ସବୁ ଚାରିଆଡ଼େ କରିଥିଲେ ଆମ୍ଭେ ସ୍ପଷ୍ଟ ଭାବରେ
ଦେଖି ପାରୁଛି।
3ସେମାନଙ୍କର ମନ୍ଦ କାର୍ଯ୍ୟ ସେମାନଙ୍କର ରାଜାଙ୍କୁ ଖୁସୀ
କରେ। ସେମାନଙ୍କର ମିଥ୍ୟା ସେମାନଙ୍କର ନେତାଙ୍କୁ ଆନନ୍ଦ
ପ୍ରଦାନ କରେ।
4ସମସ୍ତ ଲୋକମାନେ ବ୍ୟଭିଚାରୀ ଅଟନ୍ତି। ସେମାନେ
ରୋଟୀ ପ୍ରସ୍ତୁତକାରୀ ତନ୍ଦୁରର ଉତ୍ତପ୍ତଠାରୁ ଅଧିକ ଉତ୍ତପ୍ତ
ଥିବା ତନ୍ଦୁର ଚାରିପଟେ ଜ୍ୱଳନ୍ତି। ରୋଟୀ ପ୍ରସ୍ତୁତକାରୀ ଅଟା
ଦଳୁଥାଏ, ଯେଉଁ ପର୍ଯ୍ୟନ୍ତ ରୋଟୀ ଫୁଲି ପ୍ରସ୍ତୁତ ହୁଏ, ସେ
ଅଗ୍ନିକୁ ଉତ୍ତେଜିତ କରେ ନାହିଁ। କିନ୍ତୁ ଲୋକମାନେ ନିଜ
ମନୋଭାବକୁ ଗରମ ରଖିଛନ୍ତି।
5ଆମ୍ଭ ରାଜାଙ୍କ ରାଜତ୍ୱକାଳରେ ସେମାନେ ନିଆଁକୁ ଉତ୍ତପ୍ତ
କରି ଜ୍ୱଳନ୍ତି। ସେମାନେ ଭୋଜିରେ ପାନୀୟ ଦିଅନ୍ତି।
ଦ୍ରାକ୍ଷାରସର ଉତ୍ତାପରେ ନେତୃମଣ୍ଡଳୀ ଅସୁସ୍ଥ ହୋଇପଡ଼ନ୍ତି।
ତେଣୁ ରାଜା ପରମେଶ୍ୱରଙ୍କୁ ଉପହାସ କରୁଥିବା ଲୋକମାନଙ୍କ
ସହିତ ହାତ ମିଳାନ୍ତି।
6କୋଇଲାକୁ ଚୁଲ୍ଲୀରେ ଦେବାପରି ସେମାନେ ତାଙ୍କର
ହୃଦୟକୁ ମନ୍ଦ ଯୋଜନା କରିବା ପାଇଁ ଏକତ୍ରିତ କରନ୍ତି।

ରାତ୍ରିସାରା ସେମାନଙ୍କ ଉତ୍କଣ୍ଠା କୁହୁଳୁ ଥାଏ ଏବଂ ଏହା
ପ୍ରଭାତରେ ଜ୍ୱଳନ୍ତ ଅଗ୍ନିପରି ହୁଏ।
7ସେମାନେ ଉତ୍ତପ୍ତ ଚୁଲ୍ଲୀପରି ହୁଅନ୍ତି। ସେମାନେ ସେମାନଙ୍କର
ଶାସକଙ୍କୁ ଧ୍ୱଂସ କଲେ। ସମସ୍ତ ରାଜାଙ୍କର ପତନ ହେଲା।
କୌଣସି ଜଣେ ବ୍ୟକ୍ତି ମୋତେ ସାହାଯ୍ୟ ଭିକ୍ଷା କରି ନ
ଥିଲେ।"

### ଇସ୍ରାୟେଲ ଧ୍ୱଂସ ହେବ ତାହା ସେ ଜାଣେ ନାହିଁ

8"ଇଫ୍ରୟିମ ଗୋଷ୍ଠୀଗଣ ସହିତ ମିଶେ। ସେ ସେହି ପିଠା
ସଦୃଶ ଯାହାର ଉଭୟ ପାଖ ସେକା ହୋଇନାହିଁ।
9ଇଫ୍ରୟିମ, ଜାଣେ ନାହିଁ ତା'ର ଶକ୍ତି ବିଦେଶୀମାନଙ୍କ
ଦ୍ୱାରା ନିସ୍ତେଜ ହୋଇଯାଇଛି। ତା'ର ବୃଦ୍ଧାବସ୍ଥା ଆସୁଛି ବୋଲି
ସେ ଜାଣେ ନାହିଁ।
10ଇଫ୍ରୟିମର ଗର୍ବ ତା' ବିରୁଦ୍ଧରେ ସାକ୍ଷୀ ଦିଏ। ଯଦିଓ
ଲୋକମାନଙ୍କର ଅନେକଗୁଡ଼ିଏ ଦୁଃଖ ଥିଲା, ତଥାପି ସେମାନେ
ସଦାପ୍ରଭୁଙ୍କ ନିକଟକୁ ଫେରି ନଥିଲେ କି ସଦାପ୍ରଭୁଙ୍କର
ସାହାଯ୍ୟ ମାଗି ନ ଥିଲେ।
11ତେଣୁ ଇଫ୍ରୟିମ ବିଚାର ଶକ୍ତିହୀନ ନିର୍ବୋଧ କପୋତ
ପାଲଟି ଯାଇଛି। ତା'ର ଲୋକମାନେ ମିଶରକୁ ସାହାଯ୍ୟ ଭିକ୍ଷା
କଲେ ଓ ଅଶୂରକୁ ସାହାଯ୍ୟ ପାଇଁ ଗଲେ।
12ସେମାନେ ଯେଉଁ ଯେଉଁ ଦେଶକୁ ସାହାଯ୍ୟ ପାଇଁ
ଯିବେ ଆମ୍ଭେ ସେମାନଙ୍କ ଉପରେ ଆମ୍ଭର ଜାଲ ବିଛାଇ
ଦେବା ଏବଂ ଆକାଶର ପକ୍ଷୀକୁ ତଳକୁ ଆଣିଲା ପରି ତଳକୁ
ଘେନି ଆସିବା। ସେମାନଙ୍କର ଚୁକ୍ତି ପାଇଁ ସେମାନଙ୍କୁ
ଦଣ୍ଡଦେବା।
13ସେମାନଙ୍କ ପାଇଁ ଏହା ଅତି ମନ୍ଦ ହେବ। ସେମାନେ
ଆମ୍ଭଙ୍କୁ ପରିତ୍ୟାଗ କରିଥିଲେ ଏବଂ ଅମାନ୍ୟ କରିଥିଲେ।
ତେଣୁ ସେମାନେ ବିନଷ୍ଟ ହେବେ। ଆମ୍ଭେ ସେମାନଙ୍କୁ ରକ୍ଷା
କରିଥିଲୁ କିନ୍ତୁ ସେମାନେ ଆମ୍ଭ ବିରୁଦ୍ଧରେ ମିଥ୍ୟା କହୁଛନ୍ତି।
14ସେମାନେ କେବେ ଆନ୍ତରିକତା ସହ ଆମ୍ଭଙ୍କୁ ଡ଼ାକନ୍ତି
ନାହିଁ। ସେମାନେ ସେମାନଙ୍କ ବିଛଣାରେ କ୍ରନ୍ଦନ କରନ୍ତି।
ଯେତେବେଳେ ସେମାନେ ମୂର୍ତ୍ତିଗୁଡିକୁ ଖାଦ୍ୟ ଓ ଦ୍ରାକ୍ଷାରସ
ପାଇଁ ପୂଜା କରନ୍ତି। ସେମାନେ ନିଜେ ନିଜକୁ ହତ୍ୟା
କରନ୍ତି। କିନ୍ତୁ ସେମାନଙ୍କ ଅନ୍ତରସବୁ ମୋଠାରୁ ଦୂରେଇ
ଯାଇଛି।
15ଯଦିଓ ଆମ୍ଭେ ସେମାନଙ୍କୁ ତାଲିମ ଦେଇ ଶୃଙ୍ଖଳିତ
କଲୁ ଓ ସେମାନଙ୍କର ବାହୁକୁ ଶକ୍ତିଶାଳୀ କରାଇଲୁ, ତଥାପି
ସେମାନେ ଆମ୍ଭ ବିରୁଦ୍ଧରେ ମନ୍ଦ ଯୋଜନା କଲେ।
16କିନ୍ତୁ ସେମାନେ ଆମ୍ଭ ନିକଟକୁ ଫେରି ଆସିଲେ
ନାହିଁ। ସେମାନେ ଗୋଟିଏ ତ୍ରୁଟିପୂର୍ଣ୍ଣ ବୁମେରାଂ ପରି ବ୍ୟବହାର
କଲେ। ସେମାନଙ୍କର ନେତାମାନେ ସେମାନଙ୍କର ଶକ୍ତି ଉପରେ
ବୃଥା ବଡ଼ିମା ଦେଖାଉଥିଲେ କିନ୍ତୁ ସେମାନେ ଖଣ୍ଡାରେ ନିହତ
ହେବେ ଏବଂ ମିଶରବାସୀଙ୍କ ଦ୍ୱାରା ଉପହାସର ପାତ୍ର ହେବେ।

### ପ୍ରତିମାପୂଜା ଧ୍ୱଂସାଭିମୁଖୀ

8 "ତୂରୀ ବାଦନ କରି ଲୋକମାନଙ୍କୁ ସତର୍କ କରିଦିଅ।
ସଦାପ୍ରଭୁଙ୍କ ଗୃହ ଉପରେ ବାଜପକ୍ଷୀ ପରି ଜଗି ରୁହ।
ଇସ୍ରାୟେଲ ଅଧିବାସୀଗଣ ଆମ୍ଭ ଚୁକ୍ତି ଭଙ୍ଗ କରିଛନ୍ତି।
ସେମାନେ ଆମ୍ଭ ବ୍ୟବସ୍ଥା ବିଷୟକୁ ଅମାନ୍ୟ କରିଛନ୍ତି।
2ସେମାନେ ଆମ୍ଭଙ୍କୁ ଚିତ୍କାର କରି କହନ୍ତି, 'ହେ ପରମେଶ୍ୱର
ଆମ୍ଭେ ଇସ୍ରାୟେଲବାସୀ ତୁମ୍ଭଙ୍କୁ ଜାଣୁ।' 3କିନ୍ତୁ ଇସ୍ରାୟେଲ
ଭଲ ଜିନିଷ ଗ୍ରହଣ କରି ନଥିଲା। ତେଣୁ ଶତ୍ରୁମାନେ ତାକୁ
ଆକ୍ରମଣ କରୁଛନ୍ତି। 4ଇସ୍ରାୟେଲୀୟମାନେ ତାଙ୍କର ରାଜା
ବାଛିଲେ କିନ୍ତୁ ସେମାନେ ଆମ୍ଭ ଉପଦେଶ ମାନି ନ ଥିଲେ।
ଇସ୍ରାୟେଲୀୟମାନେ ସେମାନଙ୍କର ନେତା ବାଛିଲେ କିନ୍ତୁ
ସେମାନେ ଆମ୍ଭେ ଜାଣିଥିବା ଲୋକଙ୍କୁ ବାଛି ନଥିଲେ।
ସେମାନେ ସୁନା ରୁପା ବ୍ୟବହାର କରି ସେମାନଙ୍କ ପାଇଁ
ପ୍ରତିମା ଗଢ଼ିଲେ। ତେଣୁ ସେମାନେ ଧ୍ୱଂସ ହେବେ। 5-6ହେ
ଶମରୟା, ସଦାପ୍ରଭୁ ତୁମ୍ଭ ଦ୍ୱାରା ପୂଜିତ ହେଉଥିବା ବାଛୁରୀ
ମୂର୍ତ୍ତିକୁ ପ୍ରତ୍ୟାଖ୍ୟାନ କଲେ। ପରମେଶ୍ୱର କହନ୍ତି, 'ଆମ୍ଭେ
ଇସ୍ରାୟେଲୀୟମାନଙ୍କ ଉପରେ ଅତ୍ୟନ୍ତ କ୍ରୋଧାନ୍ୱିତ।' ସେମାନେ
ସେମାନଙ୍କର ପାପ ପାଇଁ ଦଣ୍ଡିତ ହେବେ। କେତେକ ଶ୍ରମିକ
ସେହି ମୂର୍ତ୍ତି ନିର୍ମାଣ କରିଥିଲେ। ସେମାନେ କିନ୍ତୁ ଈଶ୍ୱର
ନୁହଁନ୍ତି। ଶମରୟାର ବାଛୁରୀ ମୂର୍ତ୍ତିଗୁଡ଼ିକ ଖଣ୍ଡ ବିଖଣ୍ଡ ହୋଇ
ଭାଙ୍ଗିଯିବ। 7ଇସ୍ରାୟେଲୀୟମାନେ ଗୋଟିଏ ନିର୍ବୋଧ କାମ
କଲେ। ସେମାନେ ବାୟୁରେ ଗଛ ଲଗାଇବାକୁ ଚେଷ୍ଟା
କରୁଥିଲେ। ସେମାନେ କେବଳ ହିଁ ଦୁଃଖ ପାଇବେ। ସେମାନେ
ଘୂର୍ଣ୍ଣିବାତ୍ୟାକୁ ନିମନ୍ତ୍ରଣ କଲେ। ଜମିରେ ଉତ୍ପନ୍ନ ହେଉଥିବା
ଶସ୍ୟ ଖାଦ୍ୟ ଯୋଗାଇବ ନାହିଁ। ଏପରି ଯଦି କିଛି ଉତ୍ପନ୍ନ
ହେଲା ତେବେ ତାକୁ ଅଜଣା ଲୋକ ଭକ୍ଷଣ କରିବେ।
8ଇସ୍ରାୟେଲ ଧ୍ୱଂସ ହୋଇଯାଇଛି। କେହି ବ୍ୟବହାର
କରିବାକୁ ଚାହୁଁନଥିବା ଅଦରକାରୀ ଯନ୍ତ୍ର ପରି ଇସ୍ରାୟେଲର
ଲୋକମାନେ ଦେଶର ଚାରିଆଡ଼େ ବିଛାଡ଼ି ହୋଇଗଲେ।
9ଗୋଟିଏ ବନ୍ୟ ଗଧ ନିଜ ସାଥି ଖୋଜିବାକୁ ଗଲାପରି,
ଇଫ୍ରୟିମ ଅଶୂରକୁ ଯାଇଛନ୍ତି। ସେମାନେ ନିଜ ପାଇଁ
'ପ୍ରେମିକମାନଙ୍କୁ' ଭଡାରେ ଆଣିଛନ୍ତି।
10ଯଦ୍ୟପି ଇସ୍ରାୟେଲ ଅନ୍ୟ ରାଷ୍ଟ୍ରମାନଙ୍କରୁ 'ପ୍ରେମିକମାନଙ୍କୁ'
ଭଡାରେ ଆଣିଲେ। ଆମ୍ଭେ ତାକୁ ବିଚାର ପାଇଁ ଏକତ୍ରୀତ
କରିବା। ସେମାନେ ରାଜାମାନଙ୍କ ଓ ରାଜକୁମାରମାନଙ୍କଠାରୁ
ଖୁବ୍ ଶୀଘ୍ର ହଇରାଣ ଓ ଅତ୍ୟାଚାରିତ ହେବେ।

### ଇସ୍ରାୟେଲ ପରମେଶ୍ୱରଙ୍କୁ ଭୁଲି ପ୍ରତିମାପୂଜା କରେ

11ଇଫ୍ରୟିମ ପାପପୂର୍ଣ୍ଣ ମୂର୍ତ୍ତି ପୂଜା କରିବା ପାଇଁ ଅଧିକରୁ
ଅଧିକ ଯଜ୍ଞବେଦୀ ନିର୍ମାଣ କଲା। ତା' ପାଇଁ ଏଗୁଡିକ ପାପ
କରିବାର ଯଜ୍ଞବେଦୀ ହୋଇଛି।
12ଏପରିକି ଆମ୍ଭେ ଇଫ୍ରୟିମ ପାଇଁ 10,000 ନିୟମ
ଲେଖିଲେ ମଧ୍ୟ ସେ ସେଗୁଡ଼ିକ ଅଜଣା ଦ୍ରବ୍ୟ ପରି
ବିବେଚନା କରିବ।
13ଇସ୍ରାୟେଲୀୟମାନେ ବଳିଦାନକୁ ଭଲ ପାଆନ୍ତି। ସେ
ମାଂସ ଅର୍ପଣ କରି ତାକୁ ଭକ୍ଷଣ କରନ୍ତି। ସଦାପ୍ରଭୁ
ସେମାନଙ୍କର ବଳିଦାନକୁ ଗ୍ରହଣ କରନ୍ତି ନାହିଁ। ସେ ସେମାନଙ୍କର
ପାପକୁ ମନେ ରଖନ୍ତି। ଏଥିପାଇଁ ସେ ସେମାନଙ୍କୁ ଦଣ୍ଡ
ଦେବେ ଏବଂ ସେମାନେ ବନ୍ଦୀ ଭାବରେ ମିଶରକୁ ପ୍ରେରିତ
ହେବେ।

14ଇଶ୍ରାୟେଲ ରାଜାଙ୍କର ଅଟ୍ଟାଳିକା ନିର୍ମାଣ କଲେ କିନ୍ତୁ
ସୃଷ୍ଟିକର୍ତ୍ତାଙ୍କୁ ଭୁଲିଗଲେ। ବର୍ତ୍ତମାନ ଯିହୁଦା ସୁଦୃଢ଼ ଦୁର୍ଗ
ନିର୍ମାଣ କରିବ ଯାହାକୁ ଆମ୍ଭେ ଅଗ୍ନି ପଠାଇ ସେହି ସୁଦୃଢ଼
ଦୁର୍ଗକୁ ପୋଡ଼ି ଧ୍ୱଂସ କରିବା।"

### ନିର୍ବାସିତମାନଙ୍କର ଦୁଃଖ

9 ହେ ଇଶ୍ରାୟେଲ, କୌଣସି ଉତ୍ସବ ପାଳନ କର ନାହିଁ।
ଅନ୍ୟ ଦେଶପରି ଖୁସି ହୁଅ ନାହିଁ। ତୁମ୍ଭେ ଜଣେ
ଗଣିକା ପରି ବ୍ୟବହାର କଲ ଓ ପରମେଶ୍ୱରଙ୍କୁ ଭୁଲିଗଲ।
ତୁମ୍ଭେମାନେ ପ୍ରତି ଶସ୍ୟଖଳାରେ ଯୌନ ଅପରାଧମୂଳକ ପାପ
କଲ। 2କିନ୍ତୁ ସେହି ଖଳାର ଶସ୍ୟ ଇଶ୍ରାୟେଲକୁ ପ୍ରଚୁର
ଖାଦ୍ୟ ଦେବ ନାହିଁ। ସେଠାରେ ମଧ ପ୍ରଚୁର ଦ୍ରାକ୍ଷାରସ
ଇଶ୍ରାୟେଲ ପାଇଁ ହେବ ନାହିଁ।

3ଇଶ୍ରାୟେଲୀୟମାନେ ସଦାପ୍ରଭୁଙ୍କ ରାଜ୍ୟରେ ରହିପାରିବେ
ନାହିଁ। ଇଫ୍ରୟିମ ମିଶରକୁ ଫେରିବ। ଅଶୂରର ଯେଉଁ ଖାଦ୍ୟ
ଖାଇବାକୁ ମନା ସେହି ଖାଦ୍ୟ ସେମାନେ ଖାଇବେ।

4ଇଶ୍ରାୟେଲୀୟମାନେ ସଦାପ୍ରଭୁଙ୍କୁ ଦ୍ରାକ୍ଷାରସ ନୈବେଦ୍ୟ
ଉତ୍ସର୍ଗ କରିବେ ନାହିଁ। ସେମାନେ ତାଙ୍କୁ ବଳିଦାନ ଉତ୍ସର୍ଗ
କରିବେ ନାହିଁ। ସେମାନଙ୍କର ବଳିଦାନ ଉତ୍ସର୍ଗ ଶ୍ରାଦ୍ଧରେ
ଖାଦ୍ୟ ଭକ୍ଷଣ ପରିହେବ। ଯେ ଏହାକୁ ଭକ୍ଷଣ କରିବ ସେ
ଅପବିତ୍ର ହେବ। ସେମାନଙ୍କର ରୋଟୀ ସଦାପ୍ରଭୁଙ୍କ
ମନ୍ଦିରକୁ ଯିବ ନାହିଁ। ସେମାନେ ନିଜେ ସେହି ରୋଟୀକୁ
ଭକ୍ଷଣ କରିବେ। 5ସେମାନେ ସଦାପ୍ରଭୁଙ୍କ ନିମନ୍ତେ କୌଣସି
ପର୍ବ ବା ଉତ୍ସବ ପାଳନ କରିବାକୁ କ୍ଷମ ହେବେ ନାହିଁ।
6ଇଶ୍ରାୟେଲର ଲୋକମାନେ ଛାଡି ଚାଲିଗଲେ କାରଣ ଶତ୍ରୁ
ସେମାନଙ୍କଠାରୁ ସବୁକିଛି ନେଇଗଲା। ମେମ୍ଫିସ ସେମାନଙ୍କୁ
ସମାଧି ଦେବ। ସେମାନଙ୍କର ରୌପ୍ୟ ଭଣ୍ଡାରରେ ଅନାବନା
ଘାସ ବଢିବ। ଇଶ୍ରାୟେଲୀୟର ବାସସ୍ଥଳରେ କଣ୍ଟା ଉତ୍ପନ୍ନ
ହେବ।

### ପ୍ରକୃତ ଭବିଷ୍ୟଦ୍‌ବକ୍ତାଙ୍କୁ ଇଶ୍ରାୟେଲ ପ୍ରତ୍ୟାଖ୍ୟାନ କଲା

7ଭବିଷ୍ୟଦ୍‌ବକ୍ତା କହନ୍ତି, "ଇଶ୍ରାୟେଲ ଏହି ନୀତିଗୁଡ଼ିକ
ଶିକ୍ଷା କର। ଦଣ୍ଡ ପାଇବା ସମୟ ଆସିଯାଇଛି। ତୁମ୍ଭେ ଯେଉଁ
ମନ୍ଦ କାର୍ଯ୍ୟ କରିଥିଲ ତା'ର ଫଳ ପାଇବା ସମୟ ଆସି
ଯାଇଛି।" କିନ୍ତୁ ଇଶ୍ରାୟେଲର ଲୋକେ କହନ୍ତି, "ଭବିଷ୍ୟଦ୍‌ବକ୍ତା
ଜଣେ ନିର୍ବୋଧ। ପରମେଶ୍ୱରଙ୍କ ଆତ୍ମା ସହିତ ଏହି ବ୍ୟକ୍ତି
ପାଗଳ।" ଭବିଷ୍ୟଦ୍‌ବକ୍ତା କହନ୍ତି, "ତୁମ୍ଭେମାନେ ତୁମ୍ଭମାନଙ୍କ
ଜଘନ୍ୟ ପାପ ଲାଗି ଦଣ୍ଡିତ ହେବ। ତୁମ୍ଭମାନଙ୍କ ଘୃଣା ଭାବ
ଯୋଗୁଁ ଦଣ୍ଡିତ ହେବ।" 8ଭବିଷ୍ୟଦ୍‌ବକ୍ତା ଇଫ୍ରୟିମ, ମୋର
ପରମେଶ୍ୱରଙ୍କ ଲୋକ ଉପରେ ଜଗୁଆଳି ଅଟେ। କିନ୍ତୁ ପଥ
ମଧରେ ଅନେକ ଫାନ୍ଦ ଅଛି ଏବଂ ଲୋକମାନେ ଭବିଷ୍ୟଦ୍‌ବକ୍ତାଙ୍କୁ
ଘୃଣା କରନ୍ତି। ଏପରିକି ତାଙ୍କ ପରମେଶ୍ୱରଙ୍କ ଘରେ ମଧ
ଶତ୍ରୁତା ରହିଛି।

9ଗିବୟାର ସମୟ ପରି ଇଶ୍ରାୟେଲୀୟମାନେ ଧ୍ୱଂସର
ଗଭୀରତମ ସ୍ଥାନକୁ ଚାଲି ଯାଇଛନ୍ତି। ସଦାପ୍ରଭୁ ସେମାନଙ୍କର
ପାପକୁ ସ୍ମରଣ କରିବେ। ସେ ସେମାନଙ୍କୁ ପାପ ଲାଗି ଦଣ୍ଡ
ଦେବେ।

### ପ୍ରତିମାପୂଜା ଲାଗି ଇଶ୍ରାୟେଲ ଧ୍ୱଂସ ହୁଏ

10ସେହି ସମୟରେ ଆମ୍ଭେ ଇଶ୍ରାୟେଲକୁ ପାଇଲୁ, ସେମାନେ
ମରୁଭୂମିରେ ସତେଜ ଦ୍ରାକ୍ଷାଲତା ସଦୃଶ ଥିଲେ। ସେମାନେ
ଡ଼ିମିରି ଗଛର ପ୍ରଥମ ଫଳ ସଦୃଶ ଥିଲେ। କିନ୍ତୁ ସେମାନେ
ଯେତେବେଳେ ବାଲ-ପିୟୋର ନିକଟକୁ ଆସିଲେ ସେମାନେ
ଲଜ୍ଜାସ୍ପଦ ମୂର୍ତ୍ତିଗୁଡିକୁ ଭକ୍ତି କଲେ। ତା'ପରେ ସେମାନେ ଭଲ
ପାଉଥିବା ଜିନିଷଗୁଡିକ ଘୃଣ୍ୟ ହେଲା।

### ଇଶ୍ରାୟେଲୀୟମାନେ ନିଃସନ୍ତାନ ହେବେ

11ଇଫ୍ରୟିମ୍‌ର ଗୌରବ ପକ୍ଷୀ ସଦୃଶ ଉଡ଼ିଯିବ। ଅଧିକ
ଗର୍ଭଧାରଣ ହେବନାହିଁ, ଅଧିକ ଶିଶୁ ଜନ୍ମ ହେବେନାହିଁ।
12ଯଦିଓ ଇଶ୍ରାୟେଲୀୟମାନେ ଅଧିକ ସନ୍ତାନ ଇଚ୍ଛା କରିବେ
ଏହା ସେମାନଙ୍କୁ ସାହାଯ୍ୟ କରିବ ନାହିଁ। ଆମ୍ଭେ ସେମାନଙ୍କଠାରୁ
ସେମାନଙ୍କର ପିଲାମାନଙ୍କୁ ନେଇଯିବା। ଆମ୍ଭେ ସେମାନଙ୍କୁ
ପରିତ୍ୟାଗ କରିବା। ଫଳରେ ସେମାନଙ୍କର ଦୁଃଖ ବ୍ୟତୀତ
ଆଉ କିଛି ରହିବ ନାହିଁ।

13ଆମ୍ଭେ ଦେଖିପାରୁଛି ଇଫ୍ରୟିମ ତା'ର ପିଲାମାନଙ୍କୁ ଯନ୍ତା
ମଧ୍ୟକୁ ନେଉଛି। ଇଫ୍ରୟିମ ତା'ର ପିଲାମାନଙ୍କୁ ଘାତକ
ନିକଟକୁ ଆଣୁଛି। 14ସଦାପ୍ରଭୁ, ତୁମ୍ଭେ ଯାହା ଚାହିଁ ତାହା
ସେମାନଙ୍କୁ ଦିଅ। ଶିଶୁହରା ଗର୍ଭାଶୟ ସେମାନଙ୍କୁ ଦିଅ, କ୍ଷୀର
ବାହାରୁନଥିବା ସ୍ତନ ସେମାନଙ୍କୁ ଦିଅ।

15ସେମାନଙ୍କର ସମସ୍ତ ମନ୍ଦ କାର୍ଯ୍ୟ ଗିଲ୍‌ଗଲ୍‌ରେ ଅଛି।
ଆମ୍ଭେ ସେମାନଙ୍କୁ ସେଠାରେ ଘୃଣା କରିବା ଆରମ୍ଭ କଲୁ।
ଆମ୍ଭର ଗୃହ ପରିତ୍ୟାଗ କରିବାକୁ ଆମ୍ଭେ ସେମାନଙ୍କୁ ବାଧ୍ୟ
କରିବା, କାରଣ ସେମାନେ ମନ୍ଦ କାର୍ଯ୍ୟ କରନ୍ତି। ଆମ୍ଭେ
ସେମାନଙ୍କୁ ଆଉ ଭଲ ପାଇବା ନାହିଁ। ସେମାନଙ୍କର ନେତାମାନେ
ବିଦ୍ରୋହୀ, ସେମାନେ ଆମ୍ଭର ବିରୁଦ୍ଧରେ ଯାଇଛନ୍ତି।

16ଇଫ୍ରୟିମ ଦଣ୍ଡିତ ହେବ। ସେମାନଙ୍କର ମୂଳ ମରିଯାଇଛି।
ସେମାନଙ୍କର ଆଉ ଅଧିକ ସନ୍ତାନ ହେବେ ନାହିଁ। ସେମାନେ
ସନ୍ତାନ ଜନ୍ମ କରି ପାରନ୍ତି। କିନ୍ତୁ ସେମାନଙ୍କର ମହାନ୍
ସନ୍ତାନଙ୍କୁ ଆମ୍ଭେ ହତ୍ୟା କରିବା।

17ଏହି ଲୋକମାନେ ମୋର ପରମେଶ୍ୱରଙ୍କ କଥା ଶୁଣିଲେ
ନାହିଁ, ତେଣୁ ପ୍ରଭୁ ସେମାନଙ୍କ କଥା ଶୁଣିବେ ନାହିଁ।
ସେମାନେ ବାସହରା ହୋଇ ଯାଯାବର ପରି ଏଣେତେଣେ
ଦେଶର ସବୁଆଡେ ବୁଲିବେ।

### ଇଶ୍ରାୟେଲର ଧନସମ୍ପଦ ପ୍ରତିମାପୂଜାର ଅଗ୍ରଗାମୀ

10 ଇଶ୍ରାୟେଲ ଦ୍ରାକ୍ଷାଲତା ସଦୃଶ ପ୍ରଚୁର ଫଳ ଧାରଣ
କରେ। କିନ୍ତୁ ଯେତେବେଳେ ଇଶ୍ରାୟେଲ ଅଧିକ
ଜିନିଷ ଲାଭକଲେ ସେତେବେଳେ ସେ ଭଣ୍ଡଦେବତାଙ୍କ ପୂଜା
ପାଇଁ ଅଧିକ ଯଜ୍ଞବେଦୀ ନିର୍ମାଣ କଲେ। ତାଙ୍କର ରାଜ୍ୟ
ଅଧିକ ଭଲ ହେଲା। ତେଣୁ ସେ ଭଣ୍ଡଦେବତାଙ୍କ ପୂଜାଲାଗି
ଅତିସୁନ୍ଦର ପଥରମାନ ସ୍ଥାପନ କଲେ।

2ଇଶ୍ରାୟେଲର ଲୋକମାନେ ପରମେଶ୍ୱରଙ୍କୁ ଠକିବାକୁ
ଚେଷ୍ଟା କଲେ କିନ୍ତୁ ବର୍ତ୍ତମାନ ସେମାନେ ସେମାନଙ୍କର
ଦୋଷ ସ୍ୱୀକାର କରିବେ। ସଦାପ୍ରଭୁ ସେମାନଙ୍କର ଯଜ୍ଞବେଦୀକୁ
ଭାଙ୍ଗିଦେବେ। ସେ ସେମାନଙ୍କର ସ୍ମୃତିସ୍ତମ୍ଭକୁ ଧ୍ୱଂସ କରିଦେବେ।

### ଇସ୍ରାୟେଲୀୟମାନଙ୍କ ମନ୍ଦ ନିଷ୍ପତ୍ତି

3ବର୍ତ୍ତମାନ ଇସ୍ରାୟେଲୀୟମାନେ କୁହନ୍ତି, "ଆମ୍ଭମାନଙ୍କର
ରାଜା ନାହାନ୍ତି। ଆମ୍ଭେ ସଦାପ୍ରଭୁଙ୍କୁ ସମ୍ମାନ କରୁନାହୁଁ ଏବଂ
ତାଙ୍କର ରାଜା ଆମ୍ଭମାନଙ୍କର କିଛି କରିପାରିବେ ନାହିଁ।"
4ସେମାନେ ଶପଥ ନିଅନ୍ତି କିନ୍ତୁ ସେମାନେ କେବଳ
ମିଥ୍ୟା କୁହନ୍ତି। ସେମାନେ ସେମାନଙ୍କର ଶପଥ ରକ୍ଷା କରନ୍ତି
ନାହିଁ। ସେମାନେ ଚୁକ୍ତି କରନ୍ତି। ସେଥିପାଇଁ ନ୍ୟାୟ କୃଷିକ୍ଷେତ୍ରରେ
ବିଷାକ୍ତ ଅନାବନା ଘାସ ପରି ବଢେ।
5ଶମରିୟର ଲୋକମାନେ ବୈଥ୍-ଆବନର ବାଛୁରୀମାନଙ୍କୁ
ପୂଜା କରନ୍ତି। ସେହି ଲୋକମାନେ ପ୍ରକୃତରେ କାନ୍ଦିବେ।
ଯାଜକମାନେ ମଧ୍ୟ ପ୍ରକୃତରେ କାନ୍ଦିବେ। କାହିଁକି? କାରଣ
ସେମାନଙ୍କର ସୁନ୍ଦର ପ୍ରତିମା ଚାଲିଗଲା। ତାକୁ ଦୂରେଇ
ନିଆଗଲା। 6ଅଶୂରକୁ ମହାନ୍ ରାଜାଙ୍କ ଉପହାର ସ୍ୱରୂପ
ଏହାକୁ ନିଆଗଲା। ସେ ଇଫ୍ରୟିମଙ୍କର ଲଜ୍ଜାଜନକ ପ୍ରତିମା
ରଖିବ। ଇସ୍ରାୟେଲ ତା'ର ମୂର୍ତ୍ତି ପାଇଁ ଲଜ୍ଜିତ ହେବ।
7ପାଣିରେ ଗୋଟିଏ କାଠଖଣ୍ଡ ଭାସି ଗଲାପରି, ଶମରିୟାର
ରାଜା ଧ୍ୱଂସ ହେବେ।
8ଇସ୍ରାୟେଲ ବହୁତ ପାପ କଲା ଏବଂ ବହୁତ ଉଚ୍ଚସ୍ଥାନ
ନିର୍ମାଣ କଲା। ଆବେନ୍‌ର ଉଚ୍ଚସ୍ଥାନଗୁଡ଼ିକ ଧ୍ୱଂସ ହେବ।
ସେମାନଙ୍କର ଯଜ୍ଞବେଦୀ ଉପରେ କଣ୍ଟା ଓ ଅନାବନା ଘାସ
ଜନ୍ମିବ। ତା'ପରେ ସେମାନେ ପର୍ବତଗୁଡ଼ିକୁ କହିବେ, "ଆମ୍ଭମାନଙ୍କୁ
ଆବୃତ୍ତ କର" ଏବଂ ପାହାଡ଼ଗୁଡ଼ିକୁ କହିବେ, "ଆମ୍ଭମାନଙ୍କ
ଉପରେ ପଡ଼ଯାଅ।"

### ଇସ୍ରାୟେଲ ପାପ ପାଇଁ ପରିଶୋଧ କରିବ

9ଇସ୍ରାୟେଲ, ତୁମ୍ଭେ ଗିବୀୟାଙ୍କ ସମୟରୁ ପାପ କରି
ଚାଲିଛ ଏବଂ ତୁମ୍ଭ ଲୋକମାନେ ସେଠାରେ ଲଗାତାର ପାପ
କରି ଚାଲିଛନ୍ତି। ଯୁଦ୍ଧ ପ୍ରକୃତରେ ସେହି ମନ୍ଦ ଲୋକମାନଙ୍କୁ
ଗିବୀୟାରେ ଧରିବ। 10ମୁଁ ସେମାନଙ୍କୁ ଦଣ୍ଡ ଦେବାକୁ ଆସିବି।
ଦେଶଗୁଡ଼ିକ ମିଳିତ ଭାବରେ ସେମାନଙ୍କ ବିରୁଦ୍ଧରେ ଯିବେ।
ସେମାନେ ଇସ୍ରାୟେଲ ଅଧିବାସୀଙ୍କୁ ସେମାନଙ୍କର ଦୁଇଗୁଣା
ପାପ ପାଇଁ ଦଣ୍ଡ ଦେବେ।
11ଇଫ୍ରୟିମ ତାଲିମପ୍ରାପ୍ତ ଗାଈ ପରି ଖଳାରେ ଶସ୍ୟ
ଉପରେ ବିଚରଣ କରିବାକୁ ଭଲପାଏ। ଆମ୍ଭେ ଗୋଟିଏ ଭଲ
ଯୁଆଳି ତା' କାନ୍ଧରେ ପକାଇବା। ଆମ୍ଭେ ତାକୁ ଦଉଡ଼ିରେ
ବାନ୍ଧିବା। ତା'ପରେ ଯିହୁଦା ହଳ ଆରମ୍ଭ କରିବ। ଯାକୁବ
ନିଜେ ଭୂମିକୁ ଫଟାଇବ। 12ତୁମ୍ଭେ ଯଦି ଭଲପଣିଆ ବୁଣିବ
ତେବେ ପ୍ରକୃତ ପ୍ରେମ ଅମଳ କରିବ। ଭୂମିକୁ ହଳ କରିବ
ଏବଂ ସଦାପ୍ରଭୁଙ୍କ ସହିତ ଅମଳ କରିବ। ପ୍ରଭୁ ଆସିବେ ଏବଂ
ତୁମ୍ଭମାନଙ୍କ ଉପରେ ଭଲ ଜିନିଷ ବର୍ଷା ପରି ପକାଇବେ।
13କିନ୍ତୁ ତୁମ୍ଭେମାନେ ମନ୍ଦ ଜିନିଷ ଲଗାଇଲ ଏବଂ
ତୁମ୍ଭେମାନେ ଦୁଃଖ ଅମଳ କଲ। ତୁମ୍ଭ ମିଥ୍ୟାର ଫଳ ତୁମ୍ଭେ
ଭକ୍ଷଣ କଲ। କାହିଁକି? କାରଣ ତୁମ୍ଭେମାନେ ତୁମ୍ଭ ଶକ୍ତି ଓ
ସୈନ୍ୟବାହିନୀ ଉପରେ ବିଶ୍ୱାସ ରଖିଛ। 14ତେଣୁ ତୁମ୍ଭମାନଙ୍କର
ସୈନ୍ୟବାହିନୀ ଯୁଦ୍ଧର ଶବ୍ଦ ଶୁଣିବେ ଏବଂ ତୁମ୍ଭମାନଙ୍କର
ସମସ୍ତ ଦୁର୍ଗ ଧ୍ୱଂସ ପାଇବ। ଶଲମନ ବୈଥ୍-ଅରବେଲକୁ
ଧ୍ୱଂସ କଲାପରି ଏହା ଘଟିବ। ଯୁଦ୍ଧ ସମୟରେ ମାଆମାନଙ୍କୁ
ସେମାନଙ୍କର ପିଲାମାନଙ୍କ ସହିତ ହତ୍ୟା କରାଗଲା। 15ବୈଥେଲ
ତୁମ୍ଭର ଦୁଷ୍ଟାମୀ ଯୋଗୁଁ ତୁମ୍ଭର ଏହିପରି ହେବ। ଯେତେବେଳେ
ସକାଳ ହେବ ଇସ୍ରାୟେଲର ରାଜା ସମ୍ପୂର୍ଣ୍ଣ ଧ୍ୱଂସ ହେବେ।"

### ଇସ୍ରାୟେଲ ସଦାପ୍ରଭୁଙ୍କୁ ଭୁଲିଛି

11 ସଦାପ୍ରଭୁ କହିଲେ, "ଇସ୍ରାୟେଲ ବାଲ୍ୟ ଥିଲାବେଳେ
ଆମ୍ଭେ ତା'କୁ ଭଲ ପାଉଥିଲୁ। ଆମ୍ଭେ ମିଶରରୁ
ପୁଅ ବୋଲି ଡ଼ାକୁଥିଲୁ।
2କିନ୍ତୁ ଇସ୍ରାୟେଲକୁ ଯେତେ ଅଧିକ ନିଜର କଲୁ
ଇସ୍ରାୟେଲ ସେତେ ଅଧିକ ଆମ୍ଭଠାରୁ ଦୂରେଇଗଲା।
ଇସ୍ରାୟେଲୀୟମାନେ ବାଲ୍‌ଦେବଗଣଙ୍କ ଉଦ୍ଦେଶ୍ୟରେ ବଳି ଦେଲେ।
ସେମାନେ ପ୍ରତିମା ନିକଟରେ ଧୂପ ଦେଲେ।
3"ଆମ୍ଭେ ଇଫ୍ରୟିମକୁ ଚାଲିବା ଶିଖାଇଲୁ। ଆମ୍ଭେ
ଇସ୍ରାୟେଲୀୟଙ୍କୁ ଆମ୍ଭର ବାହୁରେ ନେଇଥିଲୁ। ଆମ୍ଭେ ସେମାନଙ୍କୁ
ସୁସ୍ଥ କଲୁ। କିନ୍ତୁ ସେମାନେ ତାହା ଅନୁଭବ କଲେ ନାହିଁ।
4ଆମ୍ଭେ ସେମାନଙ୍କୁ ରଜ୍ଜୁରେ ବାନ୍ଧିଥିଲୁ, କିନ୍ତୁ ତାହା
ଥିଲା ପ୍ରେମର ରଜ୍ଜୁ। ଆମ୍ଭେ ଜଣେ ବ୍ୟକ୍ତିପରି ସେମାନଙ୍କୁ
ମୁକ୍ତ କଲୁ। ଆମ୍ଭେ ନମ୍ର ହେଲୁ ଓ ସେମାନଙ୍କୁ ଖୁଆଇଲୁ।
5"ଇସ୍ରାୟେଲୀୟମାନେ ପରମେଶ୍ୱରଙ୍କ ନିକଟକୁ ଫେରିବାକୁ
ମନା କଲେ। ତେଣୁ ସେଥିପାଇଁ ସେମାନେ ମିଶର ଯିବେ।
ଅଶୂରର ରାଜା ସେମାନଙ୍କର ରାଜା ହେବେ। 6ଖଣ୍ଡା ସେମାନଙ୍କ
ନଗର ବିରୁଦ୍ଧରେ ଝୁଲିବ। ଏହା ସେମାନଙ୍କର ଶକ୍ତିଶାଳୀ
ଲୋକଙ୍କୁ ହତ୍ୟା କରିବ। ଏହା ସେମାନଙ୍କର ନେତାମାନଙ୍କୁ
ଧ୍ୱଂସ କରିବ।
7"ଆମ୍ଭର ଲୋକମାନେ ଆମ୍ଭ ନିକଟକୁ ଫେରିବାକୁ ଆଶା
କରନ୍ତି। ସେମାନେ ଉର୍ଦ୍ଧ୍ୱକୁ ଡ଼ାକିବେ। କିନ୍ତୁ କେହି ସେମାନଙ୍କୁ
ସାହାଯ୍ୟ କରିବେ ନାହିଁ।"

### ସଦାପ୍ରଭୁ ଇସ୍ରାୟେଲକୁ ଧ୍ୱଂସ କରିବାକୁ ଚାହାଁନ୍ତି ନାହିଁ

8"ଇଫ୍ରୟିମ, ଆମ୍ଭେ ତୁମ୍ଭକୁ ପରିତ୍ୟାଗ କରିବାକୁ ଚାହୁଁ
ନାହୁଁ। ଇସ୍ରାୟେଲ, ଆମ୍ଭେ ତୁମ୍ଭର ସୁରକ୍ଷା ଚାହୁଁ। ଅଦ୍ମାର ଓ
ସବୋୟିମ୍ ପରି ତୁମ୍ଭକୁ ହେବାକୁ ଆମ୍ଭେ ଚାହୁଁ ନାହୁଁ। ଆମ୍ଭର
ମନକୁ ପରିବର୍ତ୍ତନ କରିଛୁ। ଆମ୍ଭର ପ୍ରେମ ତୁମ୍ଭ ପାଇଁ ଅତି
ଶକ୍ତିଶାଳୀ ଅଟେ।
9ଆମ୍ଭେ ଆପଣା ଭୟଙ୍କର କ୍ରୋଧଭାବକୁ ପ୍ରକାଶ କରିବା
ନାହିଁ। ଇଫ୍ରୟିମକୁ ପୁନର୍ବାର ଧ୍ୱଂସ କରିବା ନାହିଁ। ଆମ୍ଭେ
ପରମେଶ୍ୱର, ମାନବ ନୁହେଁ। ଆମ୍ଭେ ତୁମ୍ଭର ମଧ୍ୟବର୍ତ୍ତୀ
ଧର୍ମସ୍ୱରୂପ ଅଟୁ। ଆମ୍ଭର କ୍ରୋଧ ଦେଖାଇବା ନାହିଁ।
10ଆମ୍ଭେ ଗୋଟିଏ ସିଂହ ସଦୃଶ ଗର୍ଜ୍ଜନ କରିବା। ଆମ୍ଭର
ପିଲାମାନେ ଆସିବେ ଓ ଆମ୍ଭଙ୍କୁ ଅନୁସରଣ କରିବେ। ଏହି
ପିଲାମାନେ ଭୟରେ ଥରଥର ପଶ୍ଚିମରୁ ଆସିବେ।
11ସେମାନେ ମିଶରରୁ ପକ୍ଷୀ ସଦୃଶ ଥରଥର ଆସିବେ।
ଅଶୂରୀୟରୁ କପୋତ ପରି ଥରଥର ଆସିବେ। ଏବଂ ଆମ୍ଭେ
ସେମାନଙ୍କୁ ଗୃହକୁ ଫେରାଇ ନେବା ବୋଲି ସଦାପ୍ରଭୁ
କହିଲେ।"
12"ଇଫ୍ରୟିମ ମିଥ୍ୟାରେ ଆମ୍ଭର ଚାରିପାଖରେ ଘେରିଗଲା।
ଇସ୍ରାୟେଲର ପରିବାର ଆମ୍ଭ ପ୍ରତି ବିଶ୍ୱାସଘାତକତା କରିଛନ୍ତି।

କିନ୍ତୁ ଯିହୁଦା ପରମେଶ୍ୱରଙ୍କ ସହିତ ଅଛି ଏବଂ ଧର୍ମସ୍ୱରୂପଙ୍କ
ସହିତ ବିଶ୍ୱସ୍ତ ଅଛି।"

## ସଦାପ୍ରଭୁ ଇଶ୍ରାୟେଲ ବିରୁଦ୍ଧରେ

12 ଇଫ୍ରୟିମ ପବନ ଏକତ୍ର କରୁଛନ୍ତି। ଇଶ୍ରାୟେଲ
ଦିନସାରା "ପବନକୁ ଅନୁସରଣ" କରେ। ଲୋକମାନେ
ଅଧିକରୁ ଅଧିକ ମିଥ୍ୟା କୁହନ୍ତି। ଅଧିକ ଚୋରି କରନ୍ତି।
ସେମାନେ ଅଶୂର ସହିତ ଚୁକ୍ତି କରିଛନ୍ତି ଏବଂ ସେମାନେ
ମିଶରକୁ ଅଲିଭ ତେଲ ଆଣୁଛନ୍ତି।

2ସଦାପ୍ରଭୁ କୁହନ୍ତି, "ଆମ୍ଭର ଯିହୁଦା ବିପକ୍ଷରେ ଏକ
ଯୁକ୍ତି ଅଛି। ଯାକୁବ ତା'ର କୁପଥଗୁଡ଼ିକ ପାଇଁ ନିଶ୍ଚିତ
ଭାବରେ ଦଣ୍ଡ ପାଇବ। ସେ ମନ୍ଦ କାର୍ଯ୍ୟ ପାଇଁ ସେ ନିଶ୍ଚିତ
ଭାବରେ ଦଣ୍ଡିତ ହେବ। 3ଯାକୁବ ମାତୃଗର୍ଭରେ ଥିଲା ଏବଂ
ତା'ର ଭାଇ ସହିତ କୌଶଳ କରିଥିଲା। ସେ ଗୋଟିଏ
ଶକ୍ତିଶାଳୀ ଯୁବକ ଥିଲା ଏବଂ ସେତେବେଳେ ସେ ପରମେଶ୍ୱରଙ୍କ
ସହିତ ଲଢୁଥିଲା। 4ଯାକୁବ ପରମେଶ୍ୱରଙ୍କ ଦୂତ ସହିତ
ମଲ୍ଲଯୁଦ୍ଧ କରୁଥିଲା ଏବଂ ଜିତୁଥିଲା। ସେ ଚିତ୍କାର କରି
ପ୍ରଭୁକୃପା ମାଗୁଥିଲା। ଏହା ବୈଥେଲ୍‌ରେ ଘଟିଥିଲା। ସେହିସ୍ଥାନରେ
ସେ ପରମେଶ୍ୱରଙ୍କୁ ପାଇଲା ଓ ତାଙ୍କ ସହିତ କଥା ହେଲା।
5ହଁ, ସଦାପ୍ରଭୁ ସୈନ୍ୟବାହିନୀର ପରମେଶ୍ୱର ଅଟନ୍ତି। ତାଙ୍କର
ନାମ ସଦାପ୍ରଭୁ। 6ତେଣୁ ତୁମ୍ଭେମାନେ ସେହି ପରମେଶ୍ୱରଙ୍କ
ନିକଟକୁ ଫେରିଆସ। ତାଙ୍କ ପ୍ରତି ବିଶ୍ୱସ୍ତ ହୁଅ। ଠିକ୍ କାର୍ଯ୍ୟ
କର। ସର୍ବଦା ପରମେଶ୍ୱରଙ୍କଠାରେ ବିଶ୍ୱାସ ରଖ।

7"ଯାକୁବ ଜଣେ ପ୍ରକୃତ ବ୍ୟବସାୟୀ। ସେ ଏପରିକି
ତା'ର ବନ୍ଧୁଙ୍କୁ ମଧ୍ୟ ଠକେ। ଏପରିକି ତାଙ୍କ ନିକିତି ମଧ୍ୟ
ମିଛ କହେ। 8ଇଫ୍ରୟିମ କହିଲେ, 'ମୁଁ ଧନୀ, ମୁଁ ପ୍ରକୃତ
ଧନ ଲାଭ କରିଛି। କୌଣସି ବ୍ୟକ୍ତି ମୋର ଅପରାଧ ଜାଣିବ
ନାହିଁ। କେହି ମଧ୍ୟ ମୋର ପାପ ଜାଣିପାରିବ ନାହିଁ।'

9"ମିଶରରେ ଥିଲା ସମୟରୁ ଆମ୍ଭେ ତୁମ୍ଭମାନଙ୍କର ପରମେଶ୍ୱର
ଅଟୁ। ତୁମ୍ଭେମାନେ ଉତ୍ସବ ଦିନରେ କଲାପରି ଆମ୍ଭେ ତୁମ୍ଭମାନଙ୍କୁ
ତମ୍ବୁରେ ରଖିବା। 10ଆମ୍ଭେ ଭବିଷ୍ୟଦ୍‌ବକ୍ତାମାନଙ୍କ ମାଧ୍ୟମରେ
ତୁମ୍ଭମାନଙ୍କୁ ଏବଂ ସେମାନଙ୍କୁ ବହୁ ଦର୍ଶନ ଦେଲୁ। ଆମ୍ଭେ
ଭବିଷ୍ୟଦ୍‌ବକ୍ତାମାନଙ୍କ ମାଧ୍ୟମରେ ତୁମ୍ଭକୁ ଦୃଷ୍ଟାନ୍ତ କଥା ଦେଲୁ।
11ଯେହେତୁ ଗିଲୀୟଦରେ ସେମାନେ ବହୁତ ଦୁଷ୍ଟ, ସେମାନେ
କିଛି ହୋଇପାରିବେ ନାହିଁ। କାରଣ ଗିଲ୍‌ଗଲ୍‌ରେ ସେମାନେ
ଷଣ୍ଢକୁ ବଳିଦାନ ଦିଅନ୍ତି। ଖୋଲା ପଡିଆର ପଥର ଗଦା ପରି
ସେମାନଙ୍କର ଯଜ୍ଞବେଦୀଗୁଡ଼ିକ ହେବ।

12"ଯାକୁବ ଅରାମ ରାଜ୍ୟକୁ ପଳାଇଲେ। ସେହି ସ୍ଥାନରେ
ଇଶ୍ରାୟେଲ ଗୋଟିଏ ସ୍ତ୍ରୀ ପାଇଁ କାର୍ଯ୍ୟ କରୁଥିଲେ। ସେ ଅନ୍ୟ
ସ୍ତ୍ରୀ ପାଇବାକୁ ମେଷ ରଖିଲେ। 13କିନ୍ତୁ ସଦାପ୍ରଭୁ ଜଣେ
ଭବିଷ୍ୟଦ୍‌ବକ୍ତାଙ୍କୁ ରଖିଲେ ଏବଂ ମିଶରରୁ ଇଶ୍ରାୟେଲକୁ ନେଇ
ଆସିଲେ। ସଦାପ୍ରଭୁ ସେହି ଭବିଷ୍ୟଦ୍‌ବକ୍ତାଙ୍କୁ ଲଗାଇ ଇଶ୍ରାୟେଲକୁ
ନିରାପଦ ରଖିଲେ। 14କିନ୍ତୁ ଇଫ୍ରୟିମ ସଦାପ୍ରଭୁଙ୍କୁ ରାଗାଇବାର
କାରଣ ହେଲା। ଇଫ୍ରୟିମ ବହୁ ଲୋକଙ୍କୁ ହତ୍ୟା କଲା।
ତେଣୁ ସେ ତା'ର ଦୋଷ ପାଇଁ ଦଣ୍ଡିତ ହେବ। ସେମାନଙ୍କର
ମୁନିବ ପରମେଶ୍ୱର ସେହି ଅପମାନ ସେମାନଙ୍କୁ ସହ୍ୟ
କରାଇବେ।"

## ଇଶ୍ରାୟେଲ ନିଜକୁ ନିଜେ ଧ୍ୱଂସ କରିଛି

13 "ଇଫ୍ରୟିମ ଇଶ୍ରାୟେଲରେ ନିଜକୁ ମହାନ୍ କରିଦେଲା।
ସେ କହିଲାବେଳେ ଲୋକେ ଭୟରେ ଥରିଲେ।
କିନ୍ତୁ ସେ ବାଲ ଦେବତାଙ୍କୁ ପୂଜାକରି ଦୋଷୀ ହେଲେ ଏବଂ
ମୃତ୍ୟୁବରଣ କଲେ। 2ବର୍ତ୍ତମାନ ଇଶ୍ରାୟେଲ ଲୋକମାନେ
ଅଧିକରୁ ଅଧିକ ପାପ କଲେ। ସେମାନେ ନିଜ ନିଜ ପାଇଁ
ପ୍ରତିମା ତିଆରି କରନ୍ତି। କାରିଗରମାନେ ସୁନ୍ଦର ମୂର୍ତ୍ତି
ରୂପାରେ ତିଆରି କରନ୍ତି ଏବଂ ସେହି ଲୋକମାନେ ସେହି
ପ୍ରତିମାମାନଙ୍କ ସହିତ କଥା ହୁଅନ୍ତି। ସେମାନେ ସେ ମୂର୍ତ୍ତିମାନଙ୍କୁ
ବଳିଦାନ ଦିଅନ୍ତି। ସେହି ସୁବର୍ଣ୍ଣ ନିର୍ମିତ ବାଛୁରୀଗୁଡ଼ିକୁ ଚୁମ୍ବନ
କରନ୍ତି। 3ସେଥିପାଇଁ ସେହି ଲୋକମାନେ ଶୀଘ୍ର ଅଦୃଶ୍ୟ
ହେବେ। ସେମାନେ ସକାଳର କୁହୁଡ଼ି ସଦୃଶ ଶୀଘ୍ର ଦେଖାଦେବେ
ଓ ଶୀଘ୍ର ଅଦୃଶ୍ୟ ହୋଇଯିବେ। ଇଶ୍ରାୟେଲୀୟମାନେ
ଅଗାଡ଼ି ଖଳାରୁ ଉଡ଼ିଗଲା ପରି ଉଡ଼ିଯିବେ। ଚିମିନିରୁ ଧୂଆଁ
ବାହାରି ଅଦୃଶ୍ୟ ହେଲାପରି ସେମାନେ ଅଦୃଶ୍ୟ
ହୋଇଯିବେ।

4"ମିଶରରେ ତୁମ୍ଭେମାନେ ବାସ କରିବା ଦିନଠାରୁ ଆମ୍ଭେ
ତୁମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱର ହୋଇ ଆସିଛୁ। ତୁମ୍ଭେମାନେ
ଆମ୍ଭ ବ୍ୟତୀତ ଅନ୍ୟ କୌଣସି ପ୍ରଭୁଙ୍କୁ ଜାଣି ନଥିଲ। ଆମ୍ଭେ
ଏକମାତ୍ର ବ୍ୟକ୍ତି ଯେ କି ତୁମ୍ଭମାନଙ୍କୁ ରକ୍ଷା କରୁଥିଲୁ।
5ଆମ୍ଭେ ତୁମ୍ଭମାନଙ୍କୁ ମରୁଭୂମିରେ ଜାଣିଥିଲୁ – ଶୁଷ୍କ ଭୂମିରେ
ତୁମ୍ଭମାନଙ୍କୁ ଜାଣିଥିଲୁ। 6ସେହି ଇଶ୍ରାୟେଲୀୟମାନଙ୍କୁ ଆମ୍ଭେ
ଖାଦ୍ୟ ଦେଲୁ। ସେମାନେ ସେହି ଖାଦ୍ୟ ଖାଇଲେ। ସେମାନେ
ସମ୍ପୂର୍ଣ୍ଣ ସୁସ୍ଥ ଓ ସନ୍ତୁଷ୍ଟ ହେଲେ। ସେମାନେ ଗର୍ବୀ
ହୋଇଗଲେ ଏବଂ ମୋତେ ଭୁଲିଗଲେ।

7"ସେଥିପାଇଁ ଆମ୍ଭେ ସିଂହ ଓ ବ୍ୟାଘ୍ର ସଦୃଶ ହୋଇ
ରାସ୍ତାକଡ଼ରେ ସେମାନଙ୍କୁ ଅପେକ୍ଷା କରିବା। 8ଭାଲୁ ପାଖରୁ
ତା' ଛୁଆକୁ ଅପହରଣ କଲେ ସେ ଯେପରି ହିଂସ୍ର ହୁଏ,
ଆମ୍ଭେ ସେହିପରି ହିଂସ୍ର ହୋଇ ସେମାନଙ୍କୁ ଆକ୍ରମଣ କରିବା।
ଆମ୍ଭେ ସେମାନଙ୍କୁ ଆକ୍ରମଣ କରି ସେମାନଙ୍କର ବକ୍ଷକୁ
ବିଦାରଣ କରିବା। ସିଂହ ଓ ଅନ୍ୟ ବନ୍ୟ ପ୍ରାଣୀ ଶିକାରକୁ
ଚିରି ଖାଇଲା ପରି ଆମ୍ଭେ ସେମାନଙ୍କୁ ସେହିପରି ଖଣ୍ଡ
ବିଖଣ୍ଡିତ କରିବା।"

## ଇଶ୍ରାୟେଲକୁ ପରମେଶ୍ୱରଙ୍କ କ୍ରୋଧରୁ କେହି ରକ୍ଷା କରିପାରିବେ ନାହିଁ

9"ହେ ଇଶ୍ରାୟେଲ, ଆମ୍ଭେ ତୁମ୍ଭକୁ ସାହାଯ୍ୟ କଲୁ କିନ୍ତୁ
ତୁମ୍ଭେ ଆମ୍ଭର ବିରୁଦ୍ଧରେ ଗଲ। ତେଣୁ ଆମ୍ଭେ ତୁମ୍ଭକୁ ଧ୍ୱଂସ
କରିବା। 10ତୁମ୍ଭର ରାଜା କେଉଁଠି? ତୁମ୍ଭର ସମସ୍ତ ନଗରରେ
ସେ ତୁମ୍ଭମାନଙ୍କୁ ରକ୍ଷା କରିପାରିବେ ନାହିଁ। ତୁମ୍ଭର ବିଚାରକମାନେ
କାହାନ୍ତି? ତୁମ୍ଭେମାନେ ସେମାନଙ୍କୁ ଏହା କହି ମାଗିଥିଲ,
'ଆମ୍ଭକୁ ଜଣେ ରାଜା ଓ ନେତୃମଣ୍ଡଳୀ ଦିଅ।' 11ଆମ୍ଭେ
କ୍ରୋଧିତ ହେଲୁ ଓ ତୁମ୍ଭମାନଙ୍କର ଜଣେ ରାଜା ହେଲୁ।
ଯେତେବେଳେ ଅତି କ୍ରୋଧିତ ହେଲୁ ତାଙ୍କୁ ଦୂରକୁ
ନେଇଗଲୁ।

12"ଇଫ୍ରୟିମର ପାପସବୁ ଗୋଟିଏ ବିଡାରେ ବନ୍ଧା ହୋଇଛି।
ସେଗୁଡ଼ିକ ନିରାପଦ ଜାଗାରେ ରଖାଯାଇଛି।

13ସ୍ତ୍ରୀଲୋକର ପ୍ରସବ ବେଦନା ସଦୃଶ ତା'ର ଦଣ୍ଡ
କଷ୍ଟଦାୟକ ହେବ। ସେ ଜଣେ ଜ୍ଞାନୀ ପୁତ୍ର ହେବ ନାହିଁ।
ଏପରି ଏକ ସମୟ ଆସିବ ସେ ଆଉ ତିଷ୍ଠିବ ନାହିଁ।
14"ଆମ୍ଭେ ସେମାନଙ୍କୁ ମୃତ୍ୟୁଠାରୁ ରକ୍ଷା କରିବା ଉଚିତ୍
କି? ଆମ୍ଭେ ସେମାନଙ୍କୁ ମହାମାରୀଠାରୁ ରକ୍ଷା କରିବା ଉଚିତ୍
କି? ହେ ମୃତ କେଉଁଠାରେ ତୁମ୍ଭର ମହାମାରୀ ଅଛି? ହେ
କବର, ତୁମ୍ଭର ଶକ୍ତି କେଉଁଠାରେ ଅଛି? ଦୟା ଆମ୍ଭଠାରୁ
ଗୁପ୍ତ ରହିବ।
15ଇସ୍ରାୟେଲ ତା'ର ଭାଇମାନଙ୍କ ସହିତ ବଢ଼େ। କିନ୍ତୁ
ଏକ ଶକ୍ତିଶାଳୀ ପୂର୍ବେଇ ପବନ ଆସିବ, ଏହା ସଦାପ୍ରଭୁ
ପ୍ରେରିତ ବାୟୁ ମରୁଭୂମିରୁ ପ୍ରବାହିତ ହେବ। ତା'ପରେ
ଇସ୍ରାୟେଲର କୂଅ ଶୁଖିଯିବ। ଜଳପୂର୍ଣ୍ଣ ଝରଣାଗୁଡ଼ିକ ଶୁଖିଯିବ।
ସେହି ପବନ ସମସ୍ତ ମୂଲ୍ୟବାନ ବସ୍ତୁ ଇସ୍ରାୟେଲର ଭଣ୍ଡାରରୁ
ଉଡାଇ ନେଇଯିବ।
16ଶମରୀୟା ନିଶ୍ଚିତ ଦଣ୍ଡିତ ହେବ। କାରଣ ସେ ପରମେଶ୍ୱରଙ୍କ
ବିରୁଦ୍ଧରେ ଯାଇଥିଲା। ଇସ୍ରାୟେଲୀୟମାନେ ଖଡ୍ଗରେ ନିହତ
ହେବେ। ସେମାନଙ୍କର ପିଲାମାନେ ବିଦୀର୍ଣ୍ଣ ହେବେ। ସେମାନଙ୍କର
ଗର୍ଭବତୀ ନାରୀମାନେ ମଧ୍ୟ ବିଦୀର୍ଣ୍ଣ ହେବେ।"

### ସଦାପ୍ରଭୁଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ

14 ଇସ୍ରାୟେଲ, ତୁମ୍ଭର ପତନ ହେଲା ଏବଂ ତୁମ୍ଭେ
ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କଲ। ତେଣୁ ତୁମ୍ଭର
ପ୍ରିୟ ସଦାପ୍ରଭୁ ପରମେଶ୍ୱରଙ୍କ ନିକଟକୁ ଫେରିଆସ। 2କ'ଣ
କହିବ ସେ ବିଷୟରେ ଚିନ୍ତା କର ଏବଂ ସଦାପ୍ରଭୁଙ୍କ ପାଖକୁ
ଫେରିଆସ। ତାଙ୍କୁ କୁହ,
"ଆମ୍ଭର ପାପକୁ ନେଇଯାଅ। ଆମ୍ଭେ କରିଥିବା ଉତ୍ତମ
କର୍ମକୁ ଗ୍ରହଣ କର। ଆମ୍ଭେ ଆମ୍ଭର ଓଷ୍ଠାଧରରେ ତୁମ୍ଭର
ପ୍ରଶଂସା କରୁଛୁ।
3"ଅଶୂର ଆମ୍ଭକୁ ରକ୍ଷା କରିବ ନାହିଁ। ଆମ୍ଭେମାନେ ଯୁଦ୍ଧ
ଅଶ୍ୱରେ ଆରୋହଣ କରିବୁ ନାହିଁ। ଆମ୍ଭର ହସ୍ତ ନିର୍ମିତ
ମୂର୍ତ୍ତିଗୁଡିକୁ 'ଆମ୍ଭର ପରମେଶ୍ୱର' ବୋଲି ଆମ୍ଭେ ପୁଣି କହିବୁ
ନାହିଁ। କାରଣ ତୁମ୍ଭେ ହେଉଛ ସେହି ପରମେଶ୍ୱର
ଯିଏକି ଅନାଥକୁ ଦୟା ଦେଖାଅ ଏବଂ ଆମ୍ଭମାନଙ୍କୁ ଦୟା
କରିବ।"

### ସଦାପ୍ରଭୁ ଇସ୍ରାୟେଲକୁ କ୍ଷମା ଦେବେ

4ସଦାପ୍ରଭୁ କହନ୍ତି, "ଆମ୍ଭେ ସେମାନଙ୍କୁ ପୁରାତନ ମାର୍ଗରୁ
ସୁସ୍ଥ କରିବା। ଆମ୍ଭେ ସେମାନଙ୍କୁ ସ୍ୱାଧୀନ ଭାବରେ
ଭଲ ପାଇବା, କାରଣ ଆମ୍ଭେ ଆମ୍ଭର କ୍ରୋଧଭାବ ତ୍ୟାଗ
କରିଛୁ।
5ଇସ୍ରାୟେଲ ପାଇଁ ଆମ୍ଭେ କୁହୁଡି ପରି ହେବା। ଇସ୍ରାୟେଲ
କଇଁଫୁଲ ପରି ଫୁଟିବ। ସେ ଲିବାନୋନର ଦେବଦାରୁ
ଗଛପରି ବଢ଼ିବ।
6ଇସ୍ରାୟେଲ ଶାଖାଗୁଡ଼ିକ ବଢ଼ିବେ ଓ ସେ ଗୋଟିଏ
ସୁନ୍ଦର ଅଲିଭ୍ ଗଛ ଭଳି ହେବ। ଲିବାନୋନର ଦେବଦାରୁ
ଗଛଗୁଡ଼ିକ ସୁବାସ ବିତରଣ କଲାପରି ସେ ହେବ।
7ଇସ୍ରାୟେଲ ଲୋକମାନେ ପୁନର୍ବାର ମୋର ସୁରକ୍ଷାରେ
ବଞ୍ଚିବେ। ସେମାନେ ଶସ୍ୟ ସଦୃଶ ବଢ଼ିବେ, ସେମାନେ
ଦ୍ରାକ୍ଷାଲତା ପରି ଫଳ ଧାରଣ କରିବେ। ସେମାନେ ଲିବାନୋନର
ଦ୍ରାକ୍ଷାରସ ପରି ସମୃଦ୍ଧ ହେବେ।"

### ପ୍ରତିମା ବିଷୟରେ ଇସ୍ରାୟେଲକୁ ସଦାପ୍ରଭୁଙ୍କର ସତର୍କବାଣୀ

8"ଇଫ୍ରୟିମ କହିବ, ପ୍ରତିମାଗୁଡ଼ିକରେ ମୋର କିଛି କରିବାର
ନାହିଁ। ଆମ୍ଭେ ଉତ୍ତର ଦେବା, ଆମ୍ଭେ ସେହି ପ୍ରଭୁ ତୁମ୍ଭର
ପ୍ରାର୍ଥନା ଶୁଣୁ ଓ ତୁମ୍ଭମାନଙ୍କ ଉପରେ ଦୃଷ୍ଟି ରଖୁ। ଆମ୍ଭେ
ଗୋଟିଏ ଦେବଦାରୁ ଗଛପରି ଚିର ସବୁଜ। ତୁମ୍ଭର ଫଳ
ଆମ୍ଭଠାରୁ ଆସେ।"

### ଶେଷ ଉପଦେଶ

9ଜଣେ ଜ୍ଞାନୀ ବ୍ୟକ୍ତି ଏହି ଜିନିଷଗୁଡ଼ିକୁ ବୁଝେ। ଜଣେ
କର୍ମଠ ବ୍ୟକ୍ତି ଏହିସବୁ ଜିନିଷଗୁଡ଼ିକୁ ଶିକ୍ଷା କରିବା ଉଚିତ।
ସଦାପ୍ରଭୁଙ୍କ ମାର୍ଗ ସର୍ବଦା ଠିକ୍। ଉତ୍ତମଲୋକ ସେହି ମାର୍ଗ
ଦ୍ୱାରା ବଞ୍ଚିବେ ଓ ପାପୀମାନେ ତା' ଦ୍ୱାରା ମୃତ୍ୟୁବରଣ
କରିବେ।

# ଦାନିୟେଲଙ୍କ ପୁସ୍ତକ

### ଦାନିୟେଲଙ୍କୁ ବାବିଲକୁ ନିଆଗଲା

**1** ଯିହୁଦାର ରାଜା ଯିହୋୟାକୀମର ରାଜତ୍ୱର ତୃତୀୟ ବର୍ଷରେ ବାବିଲର ରାଜା ନବୂଖଦନିତ୍ସର ସୈନ୍ୟବାହିନୀ ସହ ଆସି ଯିରୂଶାଲମକୁ ଅବରୋଧ କଲା। **2**ବର୍ତ୍ତମାନ ସଦାପ୍ରଭୁ ଯିହୋୟାକୀମ୍‌କୁ ପରାସ୍ତ କରିବା ପାଇଁ ନବୂଖଦ୍‌ନିତ୍ସରଙ୍କୁ ଅନୁମତି ଦେଲେ ଏବଂ ସେ କିଛି ପାତ୍ର ପରମେଶ୍ୱରଙ୍କ ମନ୍ଦିରରୁ ନେଇଗଲେ। ସେ ଶିନିୟରର ଭୂମିକୁ ସବୁଗୁଡ଼ିକୁ ବହନ କରି ନେଲେ ଏବଂ ଆପଣା ଦେବତାମାନଙ୍କ ମନ୍ଦିର ଭଣ୍ଡାରଗୃହରେ ସେସବୁ ରଖିଦେଲେ।

**3**ତା'ପରେ ରାଜା ନବୂଖଦ୍‌ନିତ୍ସର ଅସ୍ପିନସ୍‌କୁ ଏକ ଆଦେଶ ଦେଲେ। ଅସ୍ପିନସ୍ ସେବାରେ ଜଣେ ନପୁଂସକାଧିପତି ଥିଲେ। ରାଜା କେତେକ ଇସ୍ରାୟେଲର ସନ୍ତାନମାନଙ୍କୁ ରାଜପ୍ରାସାଦକୁ ଆଣିବା ପାଇଁ କହିଲେ। ନବୂଖଦ୍‌ନିତ୍ସର କେବଳ ମହତ୍ତ୍ୱପୂର୍ଣ୍ଣ ପରିବାରରୁ ଯିହୁଦି ଲୋକମାନଙ୍କୁ ଓ ଇସ୍ରାୟେଲ ବଂଶରୁ ରାଜାମାନଙ୍କୁ ଚାହିଁଲେ। **4**ରାଜା ଯିହୋୟାକୀମ୍ ଚାହିଁଲେ ସ୍ୱାସ୍ଥ୍ୟବାନ୍, ସୁନ୍ଦର, ଯୋଗ୍ୟ ଏବଂ ଜ୍ଞାନୀ ଯିହୁଦି ବାଳକମାନେ ଯେଉଁମାନେ ରାଜକୀୟ ସ୍ଥାନରେ ଠିଆ ହେବାକୁ ଯୋଗ୍ୟ ଥିଲେ ଏବଂ ଅସ୍ପିନସ୍ ନପୁଂସକାଧିପତି ଭାଷା ଏବଂ କଲଦୀୟ ଲୋକମାନଙ୍କର ଲେଖା ଶିଖାଇବାକୁ ପଚାରିଲେ।

**5**ଏବଂ ରାଜା ସେହିସବୁ ଯୁବକମାନଙ୍କୁ ରାଜକୀୟ ଖାଦ୍ୟ ଓ ପାନୀୟ ଦେଲେ। ସେ ତିନି ବର୍ଷ ଯାଏଁ ସେମାନଙ୍କୁ ଖାଦ୍ୟ ଦେବା ସହିତ ଯତ୍ନ ନେଲେ ଓ ରାଜାଙ୍କୁ ସେବା କରିବା ପାଇଁ ସେମାନଙ୍କୁ ତାଲିମ ପ୍ରାପ୍ତ ହେବାକୁ ଚାହିଁଲେ। **6**ଏହି ଯୁବକମାନଙ୍କ ମଧ୍ୟରେ ଯିହୁଦା ପରିବାରବର୍ଗୀୟ ଦାନିୟେଲ, ହନାନିୟ, ମୀଶାୟେଲ ଓ ଅସରିୟ ଥିଲେ।

**7**ପୁଣି ସେହି ନପୁଂସକାଧିପତି ଅସ୍ପିନସ୍ ଯିହୁଦାର ଯୁବକମାନଙ୍କୁ ନୂଆ ବାବିଲୀୟ ନାମ ଦେଲେ। ସେ ଦାନିୟେଲଙ୍କୁ ବେଲ୍ଟଶତ୍ସର, ହନାନିୟଙ୍କୁ ଶଦ୍ରକ୍, ମୀଶାୟେଲଙ୍କୁ ମୈଶକ ଓ ଅସରିୟଙ୍କୁ ଅବେଦ୍-ନଗୋ ନାମ ଦେଲେ।

**8**ମାତ୍ର ଦାନିୟେଲ ସେହି ରାଜକୀୟ ଖାଦ୍ୟ ଖାଇ ଓ ଦ୍ରାକ୍ଷାରସ ପାନ କରି ନିଜକୁ ଅଶୁଚି କରିବାକୁ ଇଚ୍ଛା କଲେ ନାହିଁ। ଏଣୁ ସେ ନପୁଂସକାଧିପତିକୁ ନିବେଦନ କଲେ ଓ ସେ ଅନ୍ୟାନ୍ୟ ଖାଦ୍ୟ ଖାଇ ପାରିବେ କି ବୋଲି ପଚାରିଲେ, ଯାହାଫଳରେ ସେ ଅଶୁଚି ହେବେ ନାହିଁ।

**9**ସେତେବେଳେ ପରମେଶ୍ୱର ସେହି ନପୁଂସକାଧିପତିର ଦୃଷ୍ଟିରେ ଦାନିୟେଲଙ୍କୁ ଅନୁଗ୍ରହ ଓ ଦୟାର ପାତ୍ର କଲେ। **10**କିନ୍ତୁ ସେହି ନପୁଂସକାଧିପତି ଦାନିୟେଲଙ୍କୁ କହିଲା, "ମୁଁ ମୋର ମୁନିବ ରାଜାଙ୍କୁ ଭୟ କରେ। ଯଦି ତୁମ୍ଭେମାନେ ସେ ଆଦେଶ କରିଥିବା ଖାଦ୍ୟ ଓ ପାନୀୟ ଗ୍ରହଣ ନକର, ତୁମ୍ଭେମାନେ ରୁଗ୍ଣ ଦେଖାଯିବ ଓ ଦୁର୍ବଳ ଅନୁଭବ କରିବ। ଯଦି ତୁମ୍ଭେମାନେ ଅନ୍ୟମାନଙ୍କଠାରୁ ଶୁଖିଲା ଦେଖାଯାଅ, ରାଜା ମୋ ଉପରେ ରାଗିବେ ଏବଂ ମୋର ମୁଣ୍ଡ କାଟି କରିବେ। ତା'ପରେ ତୁମ୍ଭେମାନେ ଏହି ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହେବ।"

**11**ତା'ପରେ ଦାନିୟେଲ, ଗୃହରକ୍ଷୀମାନଙ୍କୁ କହିଲେ, କେଉଁମାନଙ୍କୁ ନପୁଂସକାଧିପତି, ଦାନିୟେଲ, ହନାନିୟ, ମୀଶାୟେଲ ଓ ଅସରିୟ ଉପରେ ଦୃଷ୍ଟି ରଖିବାକୁ ନିଯୁକ୍ତ କରାଯାଇଥିଲା। **12**ସେ କହିଲେ, "ଦୟାକରି ଆମ୍ଭମାନଙ୍କୁ ଦଶଦିନ ପାଇଁ ପରୀକ୍ଷା କରନ୍ତୁ। ଆମ୍ଭମାନଙ୍କୁ ଭୋଜନ ନିମନ୍ତେ ପନିପରିବା ଓ ପିଇବା ନିମନ୍ତେ ଜଳ ଦିଅନ୍ତୁ। **13**ପୁଣି ଦଶଦିନ ପରେ ଆମ୍ଭମାନଙ୍କୁ ସେହି ରାଜକୀୟ ଭକ୍ଷ୍ୟ ଓ ପାନୀୟ ଗ୍ରହଣ କରୁଥିବା ଯୁବକମାନଙ୍କ ସହିତ ତୁଳନା କରାଯାଉ, ଆଉ କିଏ ଅଧିକ ସ୍ୱାସ୍ଥ୍ୟବାନ୍ ଦେଖାଯିବ। ତା'ପରେ ତୁମ୍ଭେ ବିଚାର କରି ଏହି ଦାସମାନଙ୍କ ପ୍ରତି ବ୍ୟବହାର କରିବା ହେବେ।"

**14**ତେଣୁ ଗୃହରକ୍ଷୀ ଏ ବିଷୟରେ ଏକମତ ହୋଇ, ଦାନିୟେଲ, ହନାନିୟ, ମୀଶାୟେଲ ଏବଂ ଅସରିୟଙ୍କୁ ଦଶଦିନ ପର୍ଯ୍ୟନ୍ତ ପରୀକ୍ଷା କଲେ। **15**ଆଉ ଦଶଦିନ ପରେ ଦେଖାଗଲା ସେମାନେ ରାଜକୀୟ ଭକ୍ଷଣକାରୀଙ୍କଠାରୁ ଅଧିକ ସୁସ୍ଥସବଳ ଓ ହୃଷ୍ଟପୁଷ୍ଟ ଦେଖାଗଲେ। **16**ଏଥିରେ ଗୃହରକ୍ଷୀ ସେମାନଙ୍କର ସେହି ରାଜକୀୟ ଭକ୍ଷ୍ୟ ଓ ଦ୍ରାକ୍ଷାରସ ପାନୀୟ ବନ୍ଦ କରି ସେମାନଙ୍କୁ ପୂର୍ବପରି ଶାକାହାର ଦେଲେ।

**17**ଆଉ ପରମେଶ୍ୱର ସେହି ଚାରି ଯୁବକଙ୍କୁ ଜ୍ଞାନ ଏବଂ ବିଭିନ୍ନ ଲେଖନ ଓ ବିଜ୍ଞାନ ଶିକ୍ଷା ପାଇଁ ଯୋଗ୍ୟତା ପ୍ରଦାନ କଲେ। ପୁଣି ଦାନିୟେଲ ସମସ୍ତ ଦର୍ଶନ ଓ ସ୍ୱପ୍ନ ବିଷୟରେ ବୁଦ୍ଧିମାନ ହେଲେ। **18**ରାଜା ତିନିବର୍ଷରେ ସେମାନେ ତାଲିମପ୍ରାପ୍ତ ହେବେ ବୋଲି ଇଚ୍ଛା କରିଥିଲେ। ତାହା ଶେଷ ହେଲାପରେ ନପୁଂସକାଧିପତି ସେମାନଙ୍କୁ ନବୂଖଦ୍‌ନିତ୍ସର ସମ୍ମୁଖକୁ ଆଣିଲା। **19**ରାଜା ସେମାନଙ୍କ ସହିତ ଆଳାପ କଲେ। ଆଉ ସେ ସମସ୍ତଙ୍କ ମଧ୍ୟରେ ଦାନିୟେଲ, ହନାନିୟ, ମୀଶାୟେଲ ଓ ଅସରିୟ ଅଧିକ ଦକ୍ଷ ଜଣା ଗଲେ। ତେଣୁ ସେମାନେ ରାଜାଙ୍କର ଦାସ ହେଲେ। **20**ଆଉ ଜ୍ଞାନ ଓ ବୁଦ୍ଧି ସମ୍ବନ୍ଧୀୟ ଯେ କୌଣସି ବିଷୟରେ ରାଜା ସେହି ଚାରି ଯୁବକଙ୍କୁ ପଚାରୁଥିଲେ, ସେମାନେ ବିଜ୍ଞ ଉତ୍ତର ଦେଉଥିଲେ। ରାଜା ସମଗ୍ର ରାଜ୍ୟରେ ସମସ୍ତ ମନ୍ତ୍ରଜ୍ଞ ଓ ଗଣକମାନଙ୍କ ଅପେକ୍ଷା ସେମାନେ ଦଶଗୁଣ ଅଧିକ ଜ୍ଞାନୀ ବୋଲି ଜାଣିଲେ। **21**ପୁଣି ଦାନିୟେଲ କୋରସ ରାଜାର ପ୍ରଥମବର୍ଷ ପର୍ଯ୍ୟନ୍ତ ରହିଲେ।

### ନବୂଖଦ୍‌ନିତ୍ସରଙ୍କ ସ୍ୱପ୍ନ

**2** ଅନନ୍ତର ନବୂଖଦ୍‌ନିତ୍ସର ରାଜତ୍ୱର ଦ୍ୱିତୀୟ ବର୍ଷରେ କେତେକ ସ୍ୱପ୍ନ ଦେଖିଲେ। ଏଥିରେ ତାହାର ଆତ୍ମା

ଉଦ୍‌ବିଗ୍ନ ହେଲା ଓ ସେ ଶୋଇ ପାରିଲେ ନାହିଁ। 2ତେଣୁ
ରାଜା ତାଙ୍କର ସ୍ୱପ୍ନ ଜଣାଇବା ନିମନ୍ତେ ମନ୍ତ୍ରୀଗଣ, ଗଣକ,
ମାୟାବୀ ଓ କଲଦୀୟମାନଙ୍କୁ ଡ଼ାକିବା ପାଇଁ ଆଜ୍ଞା ଦେଲେ।
ଏଥିରେ ସେମାନେ ଆସି ରାଜାଙ୍କ ସମ୍ମୁଖରେ ଠିଆ ହେଲେ।
3ରାଜା ସେମାନଙ୍କୁ କହିଲେ, "ମୁଁ ଗୋଟିଏ ସ୍ୱପ୍ନ ଦେଖିଅଛି,
ଆଉ ସେହି ସ୍ୱପ୍ନ ବୁଝିବା ପାଇଁ ମୋର ଆତ୍ମା ଉଦ୍‌ବିଗ୍ନ
ହେଉଅଛି।"
4ତା'ପରେ କଲଦୀୟମାନେ ଅରାମୀୟ ଭାଷାରେ ରାଜାଙ୍କୁ
କହିଲେ, "ହେ ମହାରାଜ, ଚିରଜୀବି ହୁଅନ୍ତୁ, ଆପଣ ଏ
ଦାସମାନଙ୍କୁ ସ୍ୱପ୍ନଟି କୁହନ୍ତୁ। ଆମ୍ଭେ ତାହାର ଅର୍ଥ ପ୍ରକାଶ
କରିବୁ।"
5ରାଜା କଲଦୀୟମାନଙ୍କୁ କହିଲେ, "ମୁଁ ଯାହା ସପ୍ନ
ଦେଖିଥିଲି, ସେ ବିଷୟରେ ତୁମ୍ଭେମାନେ ମୋତେ କହିବା
ଉଚିତ୍। ଏବଂ ତା'ପରେ ତୁମ୍ଭେମାନେ ମୋତେ ଏହାର ଅର୍ଥ
କହିବା ଉଚିତ୍। ଯଦି ତୁମ୍ଭେମାନେ ସ୍ୱପ୍ନ ବିଷୟରେ ବା
ଏହାର ଅର୍ଥ ମୋତେ ନକୁହ, ମୁଁ ତୁମ୍ଭମାନଙ୍କୁ ହତ୍ୟା
କରିବାକୁ ଆଦେଶ ଦେବି। ଏବଂ ତୁମ୍ଭର ଗୃହସବୁ ଧୂଳିସାତ
କରି ଖତରେ ପରିଣତ କରାଯିବ। 6ଆଉ ଯେବେ ତୁମ୍ଭେମାନେ
ସ୍ୱପ୍ନ ଓ ତାହାର ଅର୍ଥ ପ୍ରକାଶ କର, ତେବେ ତୁମ୍ଭେମାନେ
ମୋଠାରୁ ଉପହାର, ପୁରସ୍କାର ଓ ସମ୍ମାନ ପାଇବ। ଏଣୁ
ସେହି ସ୍ୱପ୍ନ ଓ ତାହାର ଅର୍ଥ ମୋତେ କୁହ।"
7ପୁନର୍ବାର ବିଜ୍ଞ ବ୍ୟକ୍ତିମାନେ ରାଜାଙ୍କୁ କହିଲେ, "ମହାରାଜ,
ଆପଣ ଦାସମାନଙ୍କୁ ସ୍ୱପ୍ନଟି ଜଣାନ୍ତୁ। ତାହାହେଲେ ଆମ୍ଭେମାନେ
ତାହାର ଅର୍ଥ ପ୍ରକାଶ କରିବୁ।"
8ରାଜା ଉତ୍ତର ଦେଇ କହିଲେ, "ମୁଁ ନିଶ୍ଚିତ ଜାଣେ ଯେ,
ତୁମ୍ଭେମାନେ ଇଚ୍ଛା କରି କାଳବିଳମ୍ବ କରୁଛ କାରଣ ତୁମ୍ଭେମାନେ
ତାହା ଦେଖ ଯେ, ପୂର୍ବରୁ ଆଦେଶ ହୋଇଯାଇଛି। 9ମାତ୍ର
ତୁମ୍ଭେମାନେ ଯଦି ମୋତେ ସେହି ସ୍ୱପ୍ନ ବିଷୟରେ ନ ଜଣାଅ
ତେବେ ତୁମ୍ଭେମାନେ ନିଶ୍ଚିତ ଦଣ୍ଡ ପାଇବ। କାରଣ ସମୟ
ଗଡ଼ାଇବା ପାଇଁ ତୁମ୍ଭେମାନେ ମୋ ସମ୍ମୁଖରେ ମିଥ୍ୟା ଓ
ପ୍ରବଞ୍ଚନା ବାକ୍ୟ କହିବା ପାଇଁ ପ୍ରସ୍ତୁତ ହୋଇଅଛ। ଏଣୁ
ତୁମ୍ଭେମାନେ ସ୍ୱପ୍ନଟି ମୋତେ କୁହ, ତାହାହେଲେ ତୁମ୍ଭେମାନେ
ଯେ ତହିଁର ଅର୍ଥ ମୋ ନିକଟରେ ପ୍ରକାଶ କରି ପାରିବ,
ଏହା ମୁଁ ଜାଣିବି।"
10କଲଦୀୟମାନେ ଉତ୍ତର ଦେଇ କହିଲେ, "ପୃଥିବୀରେ
ଏପରି କୌଣସି ମନୁଷ୍ୟ ନାହିଁ ଯେ କି ଆମ୍ଭମାନଙ୍କୁ
ମହାରାଜାଙ୍କ ସ୍ୱପ୍ନ ବିଷୟ ପ୍ରକାଶ କରିପାରିବ? କାରଣ
କୌଣସି ରାଜା, ପ୍ରଭୁ କିମ୍ବା ଶାସନକର୍ତ୍ତା କୌଣସି ମନ୍ତ୍ରୀଙ୍କୁ,
ଗଣକଙ୍କୁ ଅଥବା କଲଦୀୟଙ୍କୁ ଏପରି କଥା ପଚାରିନାହାଁନ୍ତି।
11ଏବଂ ମହାରାଜ ଏକ ଅସାଧାରଣ ପ୍ରଶ୍ନ କରିଛନ୍ତି। କେବଳ
ଦେବତାମାନେ ସେହି ପ୍ରଶ୍ନର ଉତ୍ତର ଦେଇ ପାରିବେ। କିନ୍ତୁ
ଦେବତାମାନେ ଲୋକମାନଙ୍କ ସହିତ ବାସ କରନ୍ତି
ନାହିଁ।"
12ଏହି କାରଣରୁ ରାଜା କ୍ରୋଧିତ ଓ କୋପାନ୍ୱିତ ହୋଇ
ବାବିଲର ସକଳ ବିଦ୍ୱାନ ଲୋକଙ୍କୁ ବଧ କରିବାକୁ ଆଜ୍ଞା
ଦେଲେ। 13ରାଜାଜ୍ଞା ଘୋଷଣା କରାଗଲା ଯେ, ବିଦ୍ୱାନ
ଲୋକମାନେ ହତ ହେବେ। ଆଉ ରାଜାଙ୍କ ଲୋକମାନେ
ଦାନିୟେଲ ଓ ତା'ର ସାଥୀମାନଙ୍କୁ ବଧ କରିବାକୁ ଅନ୍ୱେଷଣ
କଲେ।
14ଅରିୟୋକ୍ ନାମକ ଜଣେ ରାଜ ସେନାପତି
ରାଜରକ୍ଷୀମାନଙ୍କର ନେତୃତ୍ୱ ନେଲେ। ସେ ଯେତେବେଳେ
ବାବିଲୀୟ ବିଦ୍ୱାନମାନଙ୍କୁ ବଧ କରିବାକୁ ବାହାରିଲେ,
ସେତେବେଳେ ଦାନିୟେଲ ତାଙ୍କୁ ଜ୍ଞାନରେ ଓ ସୁବିବେଚନାରେ
ଉତ୍ତର ଦେଲେ। 15ଦାନିୟେଲ ଅରିୟୋକ୍‌କୁ କହିଲେ,
"ରାଜଦଣ୍ଡ ଏତେ କଠୋର କାହିଁକି?"
ତେଣୁ ଅରିୟୋକ ରାଜାଙ୍କ ସ୍ୱପ୍ନ ବୃତ୍ତାନ୍ତ ଦାନିୟେଲଙ୍କୁ
ବୁଝାଇ ଦେଲେ। 16ଏଥିରେ ଦାନିୟେଲ ରାଜାଙ୍କ ନିକଟକୁ
ଯାଇ ଆଉ କିଛି ଅଧିକ ସମୟ ଦେବାକୁ ନିବେଦନ କଲେ।
ତାହାହେଲେ ସେ ରାଜାଙ୍କର ସ୍ୱପ୍ନର ଅର୍ଥ ତାଙ୍କ ନିକଟରେ
ପ୍ରକାଶ କରିବେ।
17ତା'ପରେ ଦାନିୟେଲ ସ୍ୱଗୃହକୁ ଯାଇ ତା'ର ସାଙ୍ଗ
ହନାନୀୟ, ମୀଶାୟେଲ ଓ ଅସରିୟଙ୍କୁ ରାଜାଜ୍ଞା ବିଷୟରେ
ସକଳ ବୃତ୍ତାନ୍ତ ଜଣାଇଲେ। 18ଦାନିୟେଲ ତା'ର ସାଙ୍ଗମାନଙ୍କୁ
ପରମେଶ୍ୱରଙ୍କ ଅନୁଗ୍ରହ ଲାଭ କରିବା ନିମନ୍ତେ ପ୍ରାର୍ଥନା
କରିବାକୁ କହିଲେ। ସ୍ୱର୍ଗସ୍ଥ ପରମେଶ୍ୱର ନିଗୂଢ଼ ତଥ୍ୟ
ଜଣାଇଲେ, ସେ ଓ ତା'ର ସାଙ୍ଗମାନେ ମୃତ୍ୟୁମୁଖରୁ ରକ୍ଷା
ପାଇବେ।
19ଏହାପରେ ପରମେଶ୍ୱର ଦାନିୟେଲଙ୍କୁ ଦର୍ଶନ ଦେଇ
ଗୁପ୍ତ ବିଷୟରେ ଜଣାଇଲେ। ତହୁଁ ଦାନିୟେଲ ସ୍ୱର୍ଗସ୍ଥ
ପରମେଶ୍ୱରଙ୍କୁ ଧନ୍ୟବାଦ କଲେ। 20ଦାନିୟେଲ ପ୍ରଶଂସା କରି
କହିଲେ,
"ପରମେଶ୍ୱରଙ୍କର ନାମ ସଦାସର୍ବଦା ଧନ୍ୟ ହେଉ; କାରଣ
ସମସ୍ତ ଜ୍ଞାନ ଓ ପରାକ୍ରମ ତାଙ୍କର।
21ସେ ସମୟ ଓ ଋତୁ ପରିବର୍ତ୍ତନ କରନ୍ତି। ସେ
ରାଜାମାନଙ୍କୁ ପଦଚ୍ୟୁତ କରନ୍ତି ଓ ରାଜାମାନଙ୍କୁ ରାଜପଦ
ଦିଅନ୍ତି। ସେ ଜ୍ଞାନୀମାନଙ୍କୁ ଜ୍ଞାନ ଓ ବୁଦ୍ଧିମନ୍ତମାନଙ୍କୁ ସୁବିବେଚନା
ଦିଅନ୍ତି।
22ସେ ଗଭୀର ଓ ଗୁପ୍ତ ବିଷୟ ସବୁ ପ୍ରକାଶ କରିପାରନ୍ତି।
ଯେହେତୁ ଜ୍ୟୋତି ତାଙ୍କ ନିକଟରେ ବାସ କରେ। ଅନ୍ଧକାରରେ
ଯାହା ଅଛି ସେ ଜାଣନ୍ତି।
23ହେ ମୋର ପୂର୍ବପୁରୁଷଗଣର ପରମେଶ୍ୱର, ମୁଁ
ତୁମ୍ଭର ଧନ୍ୟବାଦ ଓ ପ୍ରଶଂସା କରୁଅଛି। ତୁମ୍ଭେ ମୋତେ
ଜ୍ଞାନ ଓ ସାମର୍ଥ୍ୟ ଦେଇଅଛ। ତୁମ୍ଭକୁ ମୁଁ ଯାହା ନିବେଦନ
କରିଅଛି, ତାହା ସମସ୍ତ ବିଷୟରେ ତୁମ୍ଭେ ମୋତେ ଜଣାଇ
ଅଛ। ତୁମ୍ଭେ ରାଜାଙ୍କ ବିଷୟରେ ଆମ୍ଭମାନଙ୍କୁ ସବୁକିଛି
ଜଣାଇଛ।"

## ଦାନିୟେଲ ସ୍ୱପ୍ନର ଅର୍ଥ ପ୍ରକାଶ କରନ୍ତି

24ଦାନିୟେଲ ଅରିୟୋକ୍‌କୁ ଅନୁରୋଧ କଲେ ଯିଏ କି
ବାବିଲୀୟ ବିଦ୍ୱାନଗଣଙ୍କୁ ବିନାଶ କରିବା ନିମନ୍ତେ ନିଯୁକ୍ତ
ହୋଇଥିଲେ, "ଦୟାକରି ବାବିଲୀୟ ବିଦ୍ୱାନମାନଙ୍କୁ ହତ୍ୟା
କରନାହିଁ। ମୋତେ ରାଜାଙ୍କ ଛାମୁକୁ ନେଇ ଚାଲ। ମୁଁ
ରାଜାଙ୍କର ସ୍ୱପ୍ନ ବିଷୟରେ କହିବି ଓ ତାହାର ଅର୍ଥ ମଧ୍ୟ
ପ୍ରକାଶ କରିବି।"

25ତେଣୁ ଅରୟୋକ ଦାନିୟେଲଙ୍କୁ ଶୀଘ୍ର ରାଜା ଛାମୁକୁ
ନେଇ ଏବଂ କହିଲା, "ଯିହୁଦାର ନିର୍ବାସିତ ସନ୍ତାନଗଣଙ୍କ
ମଧ୍ୟରେ ମୁଁ ଜଣେ ବ୍ୟକ୍ତିଙ୍କୁ ପାଇଅଛି, ସେ ମହାରାଜାଙ୍କୁ
ତାଙ୍କର ସ୍ୱପ୍ନର ଅର୍ଥ ଜଣାଇବେ।"
26ରାଜା ସେହି ଦାନିୟେଲଙ୍କୁ ପ୍ରଶ୍ନ କଲେ, "ମୁଁ ଯେଉଁ
ସ୍ୱପ୍ନ ଦେଖିଅଛି, ତୁମ୍ଭେ କ'ଣ ସେହି ସ୍ୱପ୍ନ ଓ ତାହାର ଅର୍ଥ
ମୋତେ ଜଣାଇପାରିବ?"
27ଦାନିୟେଲ ରାଜାଙ୍କୁ ଉତ୍ତର ଦେଇ କହିଲା, "ମହାରାଜ,
ଆପଣ ଯେଉଁ ନିଗୂଢ଼ କଥା ପଚାରୁ ଅଛନ୍ତି, ତାହା ବିଦ୍ୱାନ୍
ଲୋକ କିଅବା ଗଣକ ଅବା ମନ୍ତ୍ରଜ୍ଞ ଅଥବା ଶୁଭାଶୁଭବାଦୀମାନେ
ମହାରାଜାଙ୍କ ଛାମୁରେ ପ୍ରକାଶ କରି ପାରନ୍ତି ନାହିଁ। 28ମାତ୍ର
ସ୍ୱର୍ଗସ୍ଥ ପରମେଶ୍ୱର ହିଁ କେବଳ ନିଗୂଢ଼ ବିଷୟମାନ ପ୍ରକାଶ
କରି ପାରିବେ। ଆଉ ପରବର୍ତ୍ତୀ ସମୟରେ ଯାହା ଯାହା
ଘଟିବ ତାହା ମଧ୍ୟ ପରମେଶ୍ୱର ନବୂଖଦ୍‌ନିତ୍ସରଙ୍କୁ ଜଣାଇ
ଅଛନ୍ତି। ଏହିସବୁ ଆପଣଙ୍କ ସ୍ୱପ୍ନ ଥିଲା ଏବଂ ଏହି ଗୁଡ଼ିକୁ
ଆପଣ ବିଛଣାରେ ଶୋଇଥିଲା ବେଳେ ଦେଖିଲେ। 29ହେ
ମହାରାଜ, ଶଯ୍ୟା ଉପରେ ଆପଣ ଶୋଇଥିଲା ବେଳେ
ଭବିଷ୍ୟତରେ କ'ଣ ଘଟିବ ବୋଲି ଚିନ୍ତା କଲେ। ଆଉ ଯେ
ନିଗୂଢ଼ ବିଷୟମାନ ପ୍ରକାଶ କରନ୍ତି, ସେହି ପରମେଶ୍ୱର ଯାହା
ଭବିଷ୍ୟତରେ ଘଟିବ ତାହା ଦର୍ଶନରେ ପ୍ରକାଶ କଲେ।
30ମାତ୍ର କୌଣସି ଜୀବିତ ଲୋକର ଜ୍ଞାନ ଅପେକ୍ଷା ମୋର
ଜ୍ଞାନ ଅଧିକ ଅଛି ବୋଲି ଯେ ଏହି ନିଗୂଢ଼ ବିଷୟ
ପରମେଶ୍ୱର ମୋ ନିକଟରେ ପ୍ରକାଶ କଲେ, ତାହା ନୁହେଁ,
ମାତ୍ର ମହାରାଜାଙ୍କୁ ଯେପରି ଅର୍ଥ ଜ୍ଞାତ କରାଯିବ ଓ ଆପଣ
ଯେପରି ନିଜ ମନର ଚିନ୍ତା ଜାଣିବେ, ଏଥିପାଇଁ ତାହା ମୋ
ପ୍ରତି ପ୍ରକାଶିତ ହୋଇଅଛି।
31"ହେ ମହାରାଜ, ଆପଣ ସ୍ୱପ୍ନରେ ଏକ ପ୍ରକାଣ୍ଡ ପ୍ରତିମା
ଦେଖିଲେ। ଏହା ଅତି ପରାକ୍ରମଶାଳୀ ଓ ଅତିଶୟ ତେଜୋବନ୍ତ।
ସେହି ପ୍ରତିମା ଆପଣଙ୍କ ସମ୍ମୁଖରେ ଠିଆ ହେଲା ଓ ତହିଁର
ଦୃଶ୍ୟ ଭୟଙ୍କର ଥିଲା। 32ସେହି ପ୍ରତିମାର ମସ୍ତକ ଶୁଦ୍ଧ
ସ୍ୱର୍ଣ୍ଣମୟ, ତାହାର ବକ୍ଷ ଓ ବାହୁ ରୌପ୍ୟମୟ ଓ ତାହାର
ଉଦର ଓ ଜଙ୍ଘ ପିତ୍ତଳମୟ ଥିଲା। 33ତାହାର ଗୋଡ଼ଗୁଡ଼ିକ
ଲୌହରେ ନିର୍ମିତ ହୋଇଥିଲା ଓ ପାଦର କିଛି ଅଂଶ
ଲୌହରେ ଓ କିଛି ଅଂଶ ମୃତ୍ତିକାରେ ତିଆରି ହୋଇଥିଲା।
34ଆପଣ ପ୍ରତିମାଟିକୁ ନିରୀକ୍ଷଣ କରୁଥିବା ସମୟରେ କର୍ତ୍ତିତ
ହୋଇନଥିବା ଏକ ପ୍ରସ୍ତର ଶୂନ୍ୟରେ ଉଡ଼ିଆସି ସେହି ପ୍ରତିମାର
ଲୌହ ଓ ମୃତ୍ତିକାମୟ ପାଦକୁ ଆଘାତ କରି ଖଣ୍ଡ ବିଖଣ୍ଡିତ
କଲା। 35ତା'ପରେ ସଂଗେ ସଂଗେ ଲୌହ, ମୃତ୍ତିକା, ପିତ୍ତଳ,
ରୂପା ଓ ସୁନା ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଗଲା। ଆଉ ସେ
ସବୁ ଗ୍ରୀଷ୍ମକାଳୀନ ଖଳାର ତୁଷପରି ହେଲା। ବାୟୁ ସେସବୁକୁ
ଉଡ଼ାଇ ନେଇଗଲା ଓ ତା'ର କିଛି ରହିଲା ନାହିଁ। ଆଉ
ସେହି ପ୍ରତିମାକୁ ଆଘାତ କରିଥିବା ପ୍ରସ୍ତର ଏକ ପର୍ବତ ପରି
ବଢ଼ିଲା ଓ ତାହା ସମୁଦାୟ ପୃଥିବୀକୁ ପରିପୂର୍ଣ୍ଣ କଲା।
36"ସ୍ୱପ୍ନଟି ଏହି, ବର୍ତ୍ତମାନ ଆମ୍ଭେମାନେ ମହାରାଜାଙ୍କୁ
ତା'ର ଅର୍ଥ ଜଣାଇବୁ। 37ହେ ମହାରାଜ, ଆପଣ ଜଣେ
ମହାନ୍ ରାଜା। ସ୍ୱର୍ଗସ୍ଥ ପରମେଶ୍ୱର ଆପଣଙ୍କୁ ରାଜ୍ୟ, ପରାକ୍ରମ,
କ୍ଷମତା ଓ ମହିମା ଦେଇଅଛନ୍ତି। 38ପୃଥିବୀସ୍ଥ ମନୁଷ୍ୟ,
ତନ୍ମଧ୍ୟସ୍ଥ ଭୂଚର ପଶୁଗଣ ଓ ଆକାଶର ପକ୍ଷୀଗଣ ପରମେଶ୍ୱରଙ୍କ
ଶକ୍ତିଦ୍ୱାରା ତୁମ୍ଭର ଶାସନାଧୀନ ଅଟନ୍ତି। ଆଉ ସେମାନଙ୍କ
ଉପରେ ଆପଣଙ୍କୁ କର୍ତ୍ତୃତ୍ୱ ଦେଇଅଛନ୍ତି। ଆପଣ ହିଁ ସେହି
ପ୍ରତିମାର ସ୍ୱର୍ଣ୍ଣମୟ ମସ୍ତକ ଅଟନ୍ତି।
39"ପୁଣି ଆପଣଙ୍କ ପରେ ଆପଣଙ୍କଠାରୁ ଏକ ନ୍ୟୂନ
ରାଜ୍ୟ ଉଠିବ ଓ ତାହା ହେଉଛି ରୌପ୍ୟମୟ ଅଂଶ ଓ
ତାହାପରେ ପିତ୍ତଳମୟ ତୃତୀୟ ଏକ ରାଜ୍ୟ ଉଠିବ, ତାହା
ସମଗ୍ର ପୃଥିବୀ ଉପରେ କର୍ତ୍ତୃତ୍ୱ କରିବ। 40ପୁଣି ତାହାପରେ
ଚତୁର୍ଥରାଜ୍ୟ ଲୌହପରି ଶକ୍ତିଶାଳୀ ହେବ। ଲୌହ ଯେପରି
ସମସ୍ତ ଦ୍ରବ୍ୟକୁ ଖଣ୍ଡ ଖଣ୍ଡ କରି ଚୂର୍ଣ୍ଣ କରେ, ସେହିପରି ସେ
ରାଜ୍ୟ ଅନ୍ୟ ସମସ୍ତ ରାଜ୍ୟକୁ ଖଣ୍ଡ ଖଣ୍ଡ କରି ଧୂଳିସାତ୍
କରିବ।
41"ଆପଣ ଯେପରି ଦେଖିଲେ ସେ ପାଦ ଓ ପାଦର
ଅଙ୍ଗୁଳି ଆଂଶିକ ଲୌହମୟ ଓ ଆଂଶିକ ମୃତ୍ତିକାମୟ ଥିଲା।
ସେହିପରି ସେ ରାଜ୍ୟ ବିଭକ୍ତ ହେବ। ମାତ୍ର ତହିଁରେ
ଲୌହର ଦୃଢ଼ତା ରହିବ କାରଣ କର୍ଦ୍ଦମରେ ଲୌହ ମିଶ୍ରିତ
ଥିବାର ଆପଣ ଦେଖିଲେ। 42ଯେପରି ପାଦର ଅଙ୍ଗୁଳିସବୁ
କିଛି ଲୌହମୟ ଓ କିଛି ମୃତ୍ତିକାମୟ ଥିଲା, ସେହିପରି
ରାଜ୍ୟର ଏକ ଅଂଶ ସୁଦୃଢ଼ ଓ ଅନ୍ୟ ଅଂଶ ଦୁର୍ବଳ ହେବ।
43କିନ୍ତୁ ଲୌହ ଯେପରି ମୃତ୍ତିକାରେ ସମ୍ପୂର୍ଣ୍ଣ ଭାବରେ ମିଶ୍ରିତ
ହୁଏ ନାହିଁ, ସେହିପରି ରାଜ୍ୟଗୁଡ଼ିକର ଲୋକମାନେ ମିଶି
ଯିବେ ମାତ୍ର ଏକତ୍ରୀତ ହୋଇପାରିବେ ନାହିଁ।
44"ଚତୁର୍ଥ ରାଜ୍ୟର ରାଜତ୍ୱ ସମୟରେ ସ୍ୱର୍ଗସ୍ଥ ପରମେଶ୍ୱର
ଗୋଟିଏ ରାଜ୍ୟ ସ୍ଥାପନ କରିବେ। ସେହି ରାଜ୍ୟ ଅନନ୍ତକାଳସ୍ଥାୟୀ
ହୋଇ ରହିବ। ଆଉ ମଧ୍ୟ ତାହା ଅନ୍ୟ ହାତକୁ ଯିବ ନାହିଁ।
ଆଉ ଏହା ଅନ୍ୟ ସମସ୍ତ ରାଜ୍ୟଗୁଡ଼ିକୁ ଧ୍ୱଂସ କରି ଦେବ।
45"ଏବଂ ଆପଣ ସ୍ୱପ୍ନରେ ଦେଖିଲେ କୌଣସି ଲୋକଦ୍ୱାରା
ଛେଦିତ ହୋଇ ନଥିବା ଏକ ପ୍ରସ୍ତର ପର୍ବତରୁ ଆସିଲା ଓ
ସେହି ପ୍ରସ୍ତର ଲୌହ, ପିତ୍ତଳ, ମୃତ୍ତିକା, ରୂପା ଓ ସୁନାକୁ
ଚୂର୍ଣ୍ଣ କଲା। ତେଣୁ ଯାହା ଏହାପରେ ଘଟିବ ତାହା ମହାନ୍
ପରମେଶ୍ୱର ଆପଣଙ୍କୁ ଜଣାଇଲେ। ଆଉ ଏହି ସ୍ୱପ୍ନ ନିଶ୍ଚିତ
ଓ ତାହାର ଅର୍ଥ ସତ୍ୟ।"
46ସେତେବେଳେ ରାଜା ନବୂଖଦ୍‌ନିତ୍ସର ମୁହଁ ମାଡ଼ି ପଡ଼ି
ଦାନିୟେଲଙ୍କୁ ପ୍ରଣାମ କଲା ଓ ଲୋକମାନଙ୍କୁ ଦାନିୟେଲ
ଉଦ୍ଦେଶ୍ୟରେ ନୈବେଦ୍ୟ ଓ ସୁଗନ୍ଧି ଧୂପ ଉତ୍ସର୍ଗ କରିବାକୁ
ଆଦେଶ କଲା। 47ତତ୍ପରେ ଦାନିୟେଲଙ୍କୁ ରାଜା କହିଲେ,
"ମୁଁ ଜାଣେ ତୁମ୍ଭର ପରମେଶ୍ୱର ସମସ୍ତ ଈଶ୍ୱରଗଣର ପରମେଶ୍ୱର
ଓ ରାଜଗଣର ସଦାପ୍ରଭୁ ଓ ଯେ ଗୁପ୍ତ ବିଷୟଗୁଡ଼ିକର
ପ୍ରକାଶକ ଅଟନ୍ତି। କାରଣ ତୁମ୍ଭେ ମୋତେ ଏହି ନିଗୂଢ଼ କଥା
ପ୍ରକାଶ କରିବାକୁ ସମର୍ଥ ଅଟ।"
48ତା'ପରେ ରାଜା ଦାନିୟେଲଙ୍କୁ ତାଙ୍କ ରାଜ୍ୟରେ ଏକ
ମହାନ୍ କାର୍ଯ୍ୟରେ ନିଯୁକ୍ତ କଲେ ଓ ତାଙ୍କୁ ବହୁମୂଲ୍ୟ
ଉପହାରମାନ ଦେଲେ। ଆଉ ବାବିଲ ପ୍ରଦେଶ ଉପରେ ତାଙ୍କୁ
ସମସ୍ତ କର୍ତ୍ତୃତ୍ୱ ପଦ ଦେଇ ବାବିଲସ୍ଥ ସବୁ ବିଦ୍ୱାନ ଲୋକଙ୍କ
ଉପରେ ତାଙ୍କୁ ପ୍ରଧାନ ଅଧିପତି କଲେ। 49ପୁଣି ଦାନିୟେଲଙ୍କ
ଆବେଦନ କ୍ରମେ ରାଜା ଶଦ୍ରକ୍, ମୈଶକ୍ ଓ ଅବେଦ୍‌ନଗୋଙ୍କୁ
ବାବିଲ ପ୍ରଦେଶର କେତେକ ମୁଖ୍ୟ କର୍ମଚାରୀରୂପେ ନିଯୁକ୍ତ

କଲେ। ମାତ୍ର ଦାନିୟେଲ ଜଣେ ପ୍ରଧାନ ଅଧିପତି ହୋଇ
ରାଜ ଦ୍ୱାରରେ ରହିଲେ।

## ସ୍ୱର୍ଣ୍ଣ ପ୍ରତିମା ଓ ଉତ୍ତପ୍ତ ଅଗ୍ନିକୁଣ୍ଡ

**3** ରାଜା ନବୂଖଦ୍‌ନିତ୍ସର ଷାଠିଏ ହାତ ଉଚ୍ଚ ଓ ଛଅହାତ
ପ୍ରସ୍ଥ ଏକ ସ୍ୱର୍ଣ୍ଣମୟ ପ୍ରତିମା ନିର୍ମାଣ କଲା। ସେ
ପ୍ରତିମାଟିକୁ ବାବିଲ ପ୍ରଦେଶର ଦୂରା ନାମକ ପଦାରେ ସ୍ଥାପନ
କଲା। **2**ସେହି ପ୍ରତିମା ସ୍ଥାପନର ପ୍ରତିଷ୍ଠା ନିମନ୍ତେ ଆସିବାକୁ
ରାଜା ସମସ୍ତ କ୍ଷିତିପାଳ, ରାଜପ୍ରତିନିଧି, ଦେଶାଧକ୍ଷ ବିଗ୍ରହକର୍ତ୍ତା,
କୋଷାଧକ୍ଷ, ବ୍ୟବସ୍ଥାପକ, ବିଚାରକର୍ତ୍ତା ଓ ପ୍ରାଦେଶିକ ଶାସକଙ୍କୁ
ଏକତ୍ର କରିବା ନିମନ୍ତେ ଲୋକ ପ୍ରେରଣ କଲା।

**3**ତେଣୁ ସେମାନେ ରାଜାଙ୍କ ଆହ୍ୱାନରେ ସମସ୍ତେ ଆସିଲେ
ଓ ସ୍ଥାପିତ ପ୍ରତିମାର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଲେ।
ଆଉ ସେମାନେ ସେହି ସ୍ଥାପିତ ପ୍ରତିମାର ସମ୍ମୁଖରେ ଠିଆ
ହେଲେ। **4**ତା'ପରେ ରାଜାଙ୍କର ଜଣେ ଘୋଷକ ଉଚ୍ଚ
ସ୍ୱରରେ କହିଲା, "ହେ ଲୋକବୃନ୍ଦ, ଗୋଷ୍ଠୀବର୍ଗ ଓ ବିଭିନ୍ନ
ଭାଷାବାଦୀଦଳ, ତୁମ୍ଭମାନଙ୍କୁ ଏହି ଆଜ୍ଞା ଦିଆଗଲା। **5**ଯେତେବେଳେ
ତୁମ୍ଭେମାନେ ସମସ୍ତେ ଶିଙ୍ଗା, ବଂଶୀ, ବୀଣା, ଚତ୍ତୁସ୍ତନ୍ତ୍ରୀ,
ନେବଲ ମୃଦଙ୍ଗ ଓ ସବୁପ୍ରକାର ବାଦ୍ୟ ଶୁଣିବ, ସେତେବେଳେ
ତୁମ୍ଭେମାନେ ରାଜା ନବୂଖଦ୍‌ନିତ୍ସରଙ୍କ ଦ୍ୱାରା ସ୍ଥାପିତ ସ୍ୱର୍ଣ୍ଣ
ପ୍ରତିମାକୁ ନିଶ୍ଚୟ ପୂଜା କରିବ। **6**ପୁଣି ଯେ କେହି ମୁଣ୍ଡ
ନୁଆଁଇ ପ୍ରଣାମ ନ କରିବ, ସେ ସେହି ମୁହୂର୍ତ୍ତରେ ଜ୍ୱଳନ୍ତ
ଅଗ୍ନିକୁଣ୍ଡରେ ନିକ୍ଷିପ୍ତ ହେବ।"

**7**ଏଣୁ ଯେତେବେଳେ ସମସ୍ତ ଲୋକ ଶିଙ୍ଗା, ବଂଶୀ,
ବୀଣା, ଚତ୍ତୁସ୍ତନ୍ତ୍ରୀ, ବେବଲ ଓ ସବୁପ୍ରକାର ବାଦ୍ୟ ଶୁଣିଲେ
ସେତେବେଳେ ସମସ୍ତ ଲୋକ, ଗୋଷ୍ଠୀବର୍ଗ ଓ ଭାଷାବାଦୀମାନେ
ରାଜା ନବୂଖଦ୍‌ନିତ୍ସରଙ୍କ ସ୍ଥାପିତ ପ୍ରତିମା ସମ୍ମୁଖରେ ମୁଣ୍ଡ
ନୁଆଁଇ ପ୍ରଣାମ କଲେ।

**8**ସେହି ସମୟରେ କେତେକ କଲଦୀୟ ଲୋକ ରାଜାଙ୍କ
ନିକଟକୁ ଆସି ଯିହୁଦୀୟ ଲୋକମାନଙ୍କ ବିରୁଦ୍ଧରେ ଅପବାଦ
ଆଣିଲେ। **9**ସେମାନେ ନବୂଖଦ୍‌ନିତ୍ସରଙ୍କୁ ଆଶୀର୍ବାଦ କରି
କହିଲେ, "ହେ ମହାରାଜ, ଚିରଜୀବି ହୁଅନ୍ତୁ। **10**ହେ ମହାରାଜ,
ଆପଣ ଆଜ୍ଞା କରିଛନ୍ତି ଯେ କେହି ଶିଙ୍ଗା, ବଂଶୀ, ବୀଣା,
ଚତ୍ତୁସ୍ତନ୍ତ୍ରୀ, ନେବଲ, ମୃଦଙ୍ଗ ଓ ସବୁପ୍ରକାର ବାଦ୍ୟ ଶୁଣିବ,
ସେ ମୁଣ୍ଡ ନୁଆଁଇ ସ୍ୱର୍ଣ୍ଣ ପ୍ରତିମାକୁ ପ୍ରଣାମ କରିବ। **11**ପୁଣି
ଯେ କୌଣସି ଲୋକ ମୁଣ୍ଡ ନୁଆଁଇ ପ୍ରଣାମ ନକରିବ ସେ
ଜ୍ୱଳନ୍ତ ଅଗ୍ନିକୁଣ୍ଡରେ ନିକ୍ଷିପ୍ତ ହେବ। **12**ଆଉ ଆପଣ ବାବିଲ
ପ୍ରଦେଶର ରାଜ କର୍ମରେ ନିଯୁକ୍ତ କରିଥିବା କେତେକ ଯିହୁଦୀ
ଲୋକ, ଶଦ୍ରକ, ମୈଶକ୍ ଓ ଅବେଦ୍‌ନଗୋ ଯେଉଁମାନେ କି
ଆପଣଙ୍କ ଆଜ୍ଞା ପାଳନ କରି ନାହାନ୍ତି। ସେମାନେ ଆପଣଙ୍କ
ଦେବଗଣର ସେବା କରନ୍ତି ନାହିଁ କି ଆପଣଙ୍କ ସ୍ଥାପିତ
ସ୍ୱର୍ଣ୍ଣ ପ୍ରତିମାକୁ ପୂଜା କରନ୍ତି ନାହିଁ।"

**13**ଏହି ସମ୍ବାଦ ଶୁଣି ନବୂଖଦ୍‌ନିତ୍ସର କ୍ରୋଧାନ୍ୱିତ ହୋଇ
ତାଙ୍କର ଲୋକମାନଙ୍କୁ ଶଦ୍ରକ୍, ମୈଶକ୍ ଓ ଅବେଦ୍-ନଗୋକୁ
ଆଣିବା ପାଇଁ ପଠାଇଲେ। ତେଣୁ ତାଙ୍କର ଲୋକମାନେ
ସେମାନଙ୍କୁ ରାଜାଙ୍କର ବିଗ୍ରହାଳୟକୁ ଛାମୁକୁ ଆଣିଲେ। **14**ଆଉ
ନବୂଖଦ୍‌ନିତ୍ସର ସେମାନଙ୍କୁ ପଚାରିଲେ, "ହେ ଶଦ୍ରକ, ମୈଶକ୍
ଓ ଅବେଦ୍-ନଗୋ, ଏହା କଣ ସତ୍ୟ, ତୁମ୍ଭେମାନେ ମୋର
ଦେବତାଗଣର ପୂଜା କରୁନାହିଁ ଓ ମୋର ସ୍ଥାପିତ ସ୍ୱର୍ଣ୍ଣମୟ
ପ୍ରତିମାକୁ ପ୍ରଣାମ କରୁନାହିଁ। **15**ଯେତେବେଳେ ଶିଙ୍ଗା, ବଂଶୀ,
ବୀଣା, ଚତ୍ତୁସ୍ତନ୍ତ୍ରୀ, ନେବଲ, ମୃଦଙ୍ଗ ଓ ସବୁପ୍ରକାର ବାଦ୍ୟ
ଶୁଣ, ତୁମ୍ଭେମାନେ ସ୍ୱର୍ଣ୍ଣ ପ୍ରତିମାକୁ ମୁଣ୍ଡ ନୁଆଁଇ ପ୍ରଣାମ
କରିବ। ଯଦି ତୁମ୍ଭେମାନେ ପୂଜା ନକରି ତେବେ ତୁମ୍ଭେମାନଙ୍କୁ
ଜ୍ୱଳନ୍ତ ଅଗ୍ନି କୁଣ୍ଡରେ ଫିଙ୍ଗା ଯିବ। ଆଉ ଏପରି କୌଣସି
ଦେବତା ନାହାଁନ୍ତି ଯେ କି ମୋଠାରୁ ତୁମ୍ଭମାନଙ୍କୁ ଉଦ୍ଧାର
କରିବ।"

**16**ଶଦ୍ରକ, ମୈଶକ ଓ ଅବେଦ୍-ନଗୋ ରାଜାଙ୍କୁ ଉତ୍ତର
କଲେ, "ହେ ନବୂଖଦ୍‌ନିତ୍ସର, ଏ ବିଷୟରେ ଆପଣଙ୍କୁ ଉତ୍ତର
ଦେବାର ଆମ୍ଭମାନଙ୍କର ପ୍ରୟୋଜନ ନାହିଁ। **17**ଯଦି ଆପଣ
ଆମ୍ଭମାନଙ୍କୁ ଜ୍ୱଳନ୍ତ ଅଗ୍ନିକୁଣ୍ଡରେ ନିକ୍ଷେପ କରନ୍ତି ତେବେ
ଯାହାଙ୍କୁ ଆମ୍ଭେମାନେ ସେବା କରୁଅଛୁ ସେହି ପରମେଶ୍ୱର
ଆମ୍ଭମାନଙ୍କୁ ରକ୍ଷା କରିବାକୁ ସମର୍ଥ ଅଟନ୍ତି, ଆଉ ହେ
ମହାରାଜ, ସେ ଆପଣଙ୍କ ହସ୍ତରୁ ଆମ୍ଭମାନଙ୍କୁ ଉଦ୍ଧାର
କରିବେ। **18**ଆଉ ଏପରିକି ପରମେଶ୍ୱର ଯଦି ଆମ୍ଭମାନଙ୍କୁ
ରକ୍ଷା କରିବାକୁ ନଆସନ୍ତି ତଥାପି ଆମ୍ଭେମାନେ ଆପଣଙ୍କ
ଦେବତାଗଣର ପୂଜା କରିବୁ ନାହିଁ କି ଆପଣଙ୍କ ସ୍ୱର୍ଣ୍ଣ
ପ୍ରତିମାକୁ ପ୍ରଣାମ କରିବୁ ନାହିଁ।"

**19**ଏଥିରେ ନବୂଖଦ୍‌ନିତ୍ସର ଅତ୍ୟନ୍ତ କ୍ରୋଧାନ୍ୱିତ ହେଲା।
ଶଦ୍ରକ୍, ମୈଶକ୍ ଓ ଅବେଦ୍-ନଗୋର ପ୍ରତିକୂଳରେ ତା'ର
ମୁଖ ବିକଟାକାର ହେଲା। ତେଣୁ ସେ ଅଗ୍ନିକୁଣ୍ଡକୁ ସାଧାରଣ
ଉତ୍ତାପଠାରୁ ସାତଗୁଣ ଉତ୍ତପ୍ତ କରିବାକୁ ଆଜ୍ଞା ଦେଲା।
**20**ତା'ପରେ ନବୂଖଦ୍‌ନିତ୍ସର ଆପଣା ସୈନ୍ୟବାହିନୀ ମଧ୍ୟରୁ
କେତେକ ବଳବାନ ସୈନ୍ୟଙ୍କୁ ଶଦ୍ରକ, ମୈଶକ୍ ଓ ଅବେଦ୍-
ନଗୋକୁ ବାନ୍ଧି ଜ୍ୱଳନ୍ତ ଅଗ୍ନିକୁଣ୍ଡରେ ପକାଇବାକୁ ଆଜ୍ଞା
ଦେଲେ।

**21**ତେଣୁ ଶଦ୍ରକ, ମୈଶକ୍ ଓ ଅବେଦ୍-ନଗୋକୁ ବାନ୍ଧି
ପ୍ରଜ୍ୱଳିତ ଅଗ୍ନିକୁଣ୍ଡକୁ ଫିଙ୍ଗା ଗଲା। ସେତେବେଳେ ସେମାନେ
ସେମାନଙ୍କର ପ୍ୟାଣ୍ଟ, ସାର୍ଟ, ଉତ୍ତରୀୟ ଓ ଅନ୍ୟାନ୍ୟ ବସ୍ତ୍ର
ପରିଧାନ କରିଥିଲେ। **22**ରାଜା ଆଜ୍ଞା କଲାବେଳେ ଅତ୍ୟନ୍ତ
କ୍ରୋଧିତ ଥିଲେ ଓ ଅଗ୍ନିକୁଣ୍ଡକୁ ଅତିଶୟ ଉତ୍ତପ୍ତ କରା
ଯାଇଥିଲା। ତେଣୁ ଶଦ୍ରକ, ମୈଶକ୍ ଏବଂ ଅବେଦ୍-ନଗୋରେ
ଫିଙ୍ଗିବାକୁ ଯାଇଥିବା ସୈନ୍ୟମାନେ ଅଗ୍ନି ଶିଖା ଦ୍ୱାରା ପୋଡି
ମଲେ। **23**ଶଦ୍ରକ୍, ମୈଶକ୍ ଓ ଅବେଦ୍-ନଗୋ ଜ୍ୱଳନ୍ତ
ଅଗ୍ନିକୁଣ୍ଡରେ ପଡ଼ିଲେ। ସେମାନଙ୍କୁ ଦୃଢ଼ଭାବରେ ବନ୍ଧା ଯାଇଥିଲା।

**24**ଏଥିରେ ରାଜା ନବୂଖଦ୍‌ନିତ୍ସର ଚମତ୍କୃତ ହୋଇ ଶୀଘ୍ର
ଉଠିଲେ। ସେ ଆପଣା ମନ୍ତ୍ରୀମାନଙ୍କୁ ପଚାରିଲେ, "ଆମ୍ଭେ
ତିନିଲୋକଙ୍କୁ ବାନ୍ଧି ଅଗ୍ନିକୁଣ୍ଡରେ ପକାଇ ନଥିଲୁ?"

ମନ୍ତ୍ରୀମାନେ ଉତ୍ତର କଲେ, "ଏହା ସତ୍ୟ ମହାରାଜ।"

**25**ରାଜା ଉତ୍ତର କରି କହିଲେ, "ଦେଖ, ମୁଁ ଅଗ୍ନି
କୁଣ୍ଡରେ ଚାରିଜଣ ମୁକ୍ତ ଲୋକ ବିଚରଣ କରୁଥିବାର ଦେଖୁଛି।
ଆଉ ସେମାନେ ଦଗ୍ଧିଭୂତ ହୋଇ ନାହାଁନ୍ତି ଓ ଚତୁର୍ଥ
ଲୋକଟି ଦେବପୁତ୍ର ସଦୃଶ।"

**26**ତା'ପରେ ନବୂଖଦ୍‌ନିତ୍ସର ପ୍ରଜ୍ୱଳିତ ଅଗ୍ନିକୁଣ୍ଡ ଆଡକୁ
ଯାଇ କହିଲା, "ହେ ସର୍ବୋପରିସ୍ଥ ପରମେଶ୍ୱରଙ୍କ ଦାସ,

ଶଦ୍ରକ୍, ମୈଶକ୍ ଓ ଅବେଦ୍-ନଗୋ, ତୁମ୍ଭେମାନେ ଅଗ୍ନିକୁଣ୍ଡରୁ
ବାହାରି ଆସ।"

ତା'ପରେ ଶଦ୍ରକ, ମୈଶକ୍ ଓ ଅବେଦ୍-ନଗୋ ଅଗ୍ନିମଧ୍ୟରୁ
ବାହାରି ଆସିଲେ। 27ପୁଣି କ୍ଷିତିପାଳ, ରାଜ ପ୍ରତିନିଧି, ଦେଶାଧ୍ୟକ୍ଷ
ଓ ରାଜମନ୍ତ୍ରୀମାନେ ଏକତ୍ରିତ ହୋଇ ସେହି ତିନିଜଣଙ୍କୁ
ଦେଖିଲେ ଯେ ଅଗ୍ନି ସେମାନଙ୍କର ଶରୀରରେ କୌଣସି ଅଂଶ
ଦଗ୍ଧ କରିନାହିଁ। ସେମାନଙ୍କ ମସ୍ତକର କେଶ କି ସେମାନଙ୍କର
ପାଇଜାମା ଦଗ୍ଧ ହୋଇନାହିଁ କି ସେମାନଙ୍କର ଶରୀରରେ
ଅଗ୍ନିର ଗନ୍ଧ ନାହିଁ।

28ତା'ପରେ ନବୂଖଦ୍ନିତ୍ସର କହିଲା, "ଶଦ୍ରକ୍, ମୈଶକ୍ ଓ
ଅବେଦ୍-ନଗୋର ପରମେଶ୍ୱର ଧନ୍ୟ, ଯେହେତୁ ସେ ଆପଣା
ଦୂତ ପଠାଇଲେ ଓ ଆପଣା ଦାସମାନଙ୍କୁ ଅଗ୍ନିରୁ ଉଦ୍ଧାର
କଲେ। ଆଉ ଏହି ତିନିଜଣ ଆପଣା ପରମେଶ୍ୱରଙ୍କଠାରେ
ବିଶ୍ୱାସ ରଖିଲେ ଓ ତାଙ୍କ ଭିନ୍ନ ଅନ୍ୟ କୌଣସି ଦେବତାଙ୍କର
ପୂଜା କଲେ ନାହିଁ କି ପ୍ରଣାମ କଲେ ନାହିଁ। ଆଉ ମଧ୍ୟ
ରାଜବାକ୍ୟ ଅମାନ୍ୟ କରି ଆପଣା ପରମେଶ୍ୱରଙ୍କ ସେବା
କଲେ। 29ତେଣୁ ମୁଁ ବର୍ତ୍ତମାନଠାରୁ ତାହା ଆଜ୍ଞା କରୁଅଛି
ଯଦି କୌଣସି ଲୋକ ଜାତି ଓ ଭାଷାବାଦୀଦଳ, ଶଦ୍ରକ,
ମୈଶକ୍ ଓ ଅବେଦ୍-ନଗୋର ପରମେଶ୍ୱରଙ୍କ ପ୍ରତିକୂଳରେ
ଭ୍ରାନ୍ତିଜନକ କଥା କହିବେ, ସେମାନେ ଖଣ୍ଡ ଖଣ୍ଡ ହୋଇ
କଟାଯିବେ ଓ ସେମାନଙ୍କର ଗୃହସବୁ ଭଂଗା ହେବ ଓ
ଧୂଳିସାତ୍ ହେବ। କାରଣ ଏହିପରି ଭାବରେ କୌଣସି
ଦେବତା ତାଙ୍କର ଦାସମାନଙ୍କୁ ଉଦ୍ଧାର କରିପାରିବେ ନାହିଁ।"
30ଏହାପରେ ରାଜା ଶଦ୍ରକ୍, ମୈଶକ୍ ଓ ଅବେଦ୍-ନଗୋଙ୍କୁ
ବାବିଲ ପ୍ରଦେଶରେ ପ୍ରଧାନ ପଦରେ ନିଯୁକ୍ତ କଲେ।

## ନବୂଖଦ୍ନିତ୍ସରଙ୍କ ବୃକ୍ଷ ବିଷୟରେ ସ୍ୱପ୍ନ

4 ସମୁଦାୟ ପୃଥିବୀ ନିବାସୀ ଯାବତୀୟ ଗୋଷ୍ଠୀ, ଦେଶୀୟ
ଓ ଭାଷାବାଦୀ ଲୋକମାନଙ୍କ ପ୍ରତି ନବୂଖଦ୍ନିତ୍ସର ରାଜାଙ୍କର
ବିଜ୍ଞାପନ, ତୁମ୍ଭମାନଙ୍କର ବାହୁଲ୍ୟରୂପେ ଶାନ୍ତି ହେଉ।

2ସର୍ବୋପରିସ୍ଥ ପରମେଶ୍ୱର ମୋ ପାଇଁ ଯେଉଁ
ଆଶ୍ଚର୍ଯ୍ୟ କ୍ରିୟା ସାଧନ କରିଅଛନ୍ତି, ତାହା ସବୁ ପ୍ରଚାର
କରିବାକୁ ମୁଁ ସୁଖ ବୋଧ କଲି।

3ପରମେଶ୍ୱରଙ୍କ ଚମତ୍କାରସବୁ ଶକ୍ତିଶାଳୀ, ଅଦ୍ଭୁତ
ଅଟେ। ସେ ଅନନ୍ତକାଳ ପାଇଁ ଶାସନ କରିବେ ଓ
ତାଙ୍କର ରାଜ୍ୟ କେବେ ସମାପ୍ତ ହେବ ନାହିଁ।

4ମୁଁ ନବୂଖଦ୍ନିତ୍ସର ମୋର ନିଜ ପ୍ରାସାଦରେ
ଶାନ୍ତି ଓ ଶକ୍ତିଶାଳୀ ଥିଲି। 5ମୁଁ ଗୋଟିଏ ସ୍ୱପ୍ନ
ଦେଖିଲି ଓ ତାହା ମୋତେ ଭୟଭୀତ କଲା। ଆଉ
ମୁଁ ଶଯ୍ୟା ଉପରେ ଥିଲାବେଳେ ମୋର ଚିନ୍ତା ଓ
ମନର ଦର୍ଶନ ମୋତେ ଉଦ୍‌ବିଗ୍ନ କଲା। 6ତେଣୁ
ସ୍ୱପ୍ନର ଅର୍ଥ ଜଣାଇବା ନିମନ୍ତେ ମୁଁ ବାବିଲର ସମସ୍ତ
ବିଦ୍ୱାନ ଲୋକଙ୍କୁ ମୋ ନିକଟକୁ ଆଣିବା ପାଇଁ ଆଜ୍ଞା
କଲି। 7ଯେତେବେଳେ ମନ୍ତ୍ରଜ୍ଞ ଗଣକ କଲଦୀୟ ଓ
ଶୁଭାଶୁଭବାଦୀମାନେ ମୋ ନିକଟକୁ ଆସିଲେ, ମୁଁ
ସେମାନଙ୍କୁ ସ୍ୱପ୍ନ ବିଷୟରେ ଜଣାଇଲି, ମାତ୍ର ସେମାନେ
ତାହାର ଅର୍ଥ ମୋତେ କହି ପାରିଲେ ନାହିଁ।
8ଅବଶେଷରେ ମୋ ଦେବତାର ନାମାନୁସାରେ
ବେଲ୍ଟଶତ୍ସର ନାମ ବିଶିଷ୍ଟ ଦାନିୟେଲ ମୋ ନିକଟକୁ
ଆସିଲେ, ତାହାଙ୍କ ଅନ୍ତରରେ ପବିତ୍ର ପରମେଶ୍ୱରଙ୍କ
ଆତ୍ମା ଅଛନ୍ତି, ମୁଁ ତାଙ୍କୁ ସ୍ୱପ୍ନ ବିଷୟରେ ଜଣାଇଲି।

9"ମୁଁ କହିଲି, ହେ ମନ୍ତ୍ରଜ୍ଞଗଣଙ୍କ ଅଧ୍ୟକ୍ଷ
ବେଲ୍ଟଶତ୍ସର, ମୁଁ ଜାଣେ, ପବିତ୍ର ଦେବଗଣର ଆତ୍ମା
ତୁମ୍ଭ ଅନ୍ତରରେ ଅଛନ୍ତି ଓ କୌଣସି ନିଗୂଢ଼ ବାକ୍ୟ
ବୁଝିବା ତୁମ୍ଭପାଇଁ କଷ୍ଟକର ନୁହେଁ, ଏଣୁ ଦୟାକରି
ମୋତେ ମୋର ସ୍ୱପ୍ନ କଥା ଓ ତାହାର ଅର୍ଥ କୁହନ୍ତୁ।
10ମୁଁ ଶଯ୍ୟାରେ ଶୋଇଥିଲା ବେଳେ ମୋ ମନର
ଦର୍ଶନ ଏହିପରି ଥିଲା। ମୁଁ ଅନାଇଲି ଓ ଦେଖିଲି
ଭୂମଣ୍ଡଳରେ ମଧ୍ୟସ୍ଥଳରେ ଏକ ବୃକ୍ଷ ଥିଲା ଓ ତାହା
ଅତି ଉଚ୍ଚ ଥିଲା। 11ସେ ବୃକ୍ଷ ବଢ଼ିଲା ଓ ଦୃଢ଼
ହେଲା। ଉଚ୍ଚତାରେ ତାହା ଆକାଶକୁ ସ୍ପର୍ଶ କଲା।
ପୁଣି ପୃଥିବୀର ସବୁ ସ୍ଥାନରେ ତାହା ଦୃଶ୍ୟମାନ
ହେଲା। 12ତହିଁର ପତ୍ରମାନ ସୁନ୍ଦର ଓ ତହିଁର ଫଳ
ଅନେକ ଥିଲା, ଆଉ ସେ ଗଛରେ ସମସ୍ତଙ୍କ ପାଇଁ
ଖାଦ୍ୟ ଥିଲା। କ୍ଷେତ୍ରସ୍ଥ ପଶୁଗଣ ସେହି ବୃକ୍ଷତଳେ
ଛାୟା ପାଇଲେ ଓ ଆକାଶସ୍ଥ ପକ୍ଷୀମାନେ ତାହାର
ଶାଖାମାନଙ୍କରେ ବାସ କଲେ। ସମସ୍ତ ପ୍ରାଣୀ ସେଥିରୁ
ଖାଦ୍ୟ ପାଇଲେ।

13"ମୁଁ ଶଯ୍ୟା ଉପରେ ଥିଲା ବେଳେ ଦର୍ଶନ
ପାଇଲି। ଏକ ପବିତ୍ର ସ୍ୱର୍ଗଦୂତ ସ୍ୱର୍ଗରୁ ଓହ୍ଲାଇ
ଆସିଲେ। 14ସେ ଉଚ୍ଚସ୍ୱରରେ କହିଲେ, 'ଏହି ବୃକ୍ଷକୁ
ଛେଦନ କର। ତହିଁରେ ଶାଖା ସବୁ କାଟି ପକାଅ,
ତହିଁର ପତ୍ରସବୁ ଝାଡ଼ି ଦିଅ ଓ ଫଳଗୁଡ଼ିକୁ ବିଞ୍ଚି
ଦିଅ। ତାହାର ତଳେଥିବା ପଶୁମାନେ ଓ ଶାଖାରେ
ଥିବା ପକ୍ଷୀମାନେ ପଳାଇ ଯାଆନ୍ତୁ। 15ତାହାର ମୂଳ
ଲୌହ ଓ ପିତ୍ତଳମୟ ବେଡ଼ିରେ ବାନ୍ଧି କ୍ଷେତ୍ରସ୍ଥ
ତୃଣରେ ରଖ ଓ ତାହା ଆକାଶର କାକରରେ ତିନ୍ତୁ।
ଆଉ ପଶୁମାନଙ୍କ ସଙ୍ଗେ ପୃଥିବୀର ତୃଣରେ ତାହାର
ଅଂଶ ହେଉ। 16ତାହା ମାନବ ହୃଦୟ ନହେଉ ଓ
ସେ ପଶୁ ହୃଦୟ ପ୍ରାପ୍ତ ହେଉ। ଆଉ ତାହା ଉପରେ
ସାତବର୍ଷ ଅତିବାହିତ ହୋଇ ଯାଉ।'

17"ଜଣେ ପବିତ୍ର ସ୍ୱର୍ଗଦୂତ ଏହି ଦଣ୍ଡ ଘୋଷଣା
କଲେ। ସମସ୍ତ ଲୋକ ଏହା ଜାଣିବେ ଯେ, ମନୁଷ୍ୟମାନଙ୍କ
ଉପରେ ସର୍ବୋପରିସ୍ଥ ପରମେଶ୍ୱର ଶାସନ କରନ୍ତି,
ଯାହାକୁ ତାହାଙ୍କର ଇଚ୍ଛା, ତାହାକୁ ସେ ତାହା
ଦିଅନ୍ତି। ପରମେଶ୍ୱର ବିନୟୀ ଲୋକକୁ ରାଜ୍ୟ ଶାସନ
ପାଇଁ ନିଯୁକ୍ତ କରନ୍ତି। ତେଣୁ ପୃଥିବୀର ଜୀବିତ
ଲୋକମାନେ ତାଙ୍କର ଏ ମହିମା ଜାଣିବେ।

18"ମୁଁ, ରାଜା ନବୂଖଦ୍ନିତ୍ସର, ଏହି ସ୍ୱପ୍ନ ଦେଖିଥିଲି।
ବର୍ତ୍ତମାନ ହେ ବେଲ୍ଟଶତ୍ସର ଏହାର ଅର୍ଥ ବ୍ୟାଖ୍ୟା
କର। ମୋ ରାଜ୍ୟର ସମସ୍ତ ବିଦ୍ୱାନ ଲୋକମାନେ
ଏହାର ଅର୍ଥ ବ୍ୟାଖ୍ୟା କରିବାକୁ ଅକ୍ଷମ ଅଟନ୍ତି। ମାତ୍ର
ତୁମ୍ଭେ କେବଳ ଜଣେ, ଯିଏକି ଏହା କରିପାରିବ।

କାରଣ ଏହା ତୁମ୍ଭ ଅନ୍ତରରେ ପବିତ୍ର ପରମେଶ୍ୱରଙ୍କର
ଆତ୍ମା ବିରାଜିତ ଅଛେ।"

19ତହୁଁରେ ବେଲ୍ଟଶତ୍ସର ନାମକ ଦାନିୟେଲ କିଛିକ୍ଷଣ
ଅବାକ୍ ହୋଇ ରହିଲେ। ତାଙ୍କର ଭାବନା ତାଙ୍କୁ ବ୍ୟାକୁଳିତ
କଲା। ରାଜା ଉତ୍ତର କରି କହିଲା, "ହେ ବେଲ୍ଟଶତ୍ସର
ସେହି ସ୍ୱପ୍ନ କିମ୍ବା ତାହାର ଅର୍ଥ ତୁମ୍ଭକୁ ବ୍ୟାକୁଳିତ ନକରୁ।"
ବେଲ୍ଟଶତ୍ସର ଉତ୍ତର କରି କହିଲେ, "ହେ ମୋର
ମହାଶୟ, ଯେଉଁମାନେ ଆପଣଙ୍କୁ ଘୃଣା କରନ୍ତି ସେମାନଙ୍କ
ପାଇଁ ଏହି ସ୍ୱପ୍ନ ହେଉ ଓ ଆପଣଙ୍କ ବିପକ୍ଷମାନଙ୍କ ପ୍ରତି
ତାହାର ଅର୍ଥ ଘଟୁ। 20-21ଆପଣ ଯେଉଁ ବୃକ୍ଷ ଦେଖିଲେ,
ତାହା ଶକ୍ତିଶାଳୀ ହୋଇ ବଢ଼ିଲା ଓ ଉଚ୍ଚତାରେ ଗଗନସ୍ପର୍ଶୀ
ହେଲା। ତାହା ସମୁଦାୟ ପୃଥିବୀରେ ଦୃଶ୍ୟମାନ ହେଲା।
ତାହାର ପତ୍ରସବୁ ସୁନ୍ଦର ହେଲା ଓ ସେଥିରେ ପ୍ରଚୁର ଫଳ
ହେଲା। ସେଥିରେ ସମସ୍ତଙ୍କ ପାଇଁ ଖାଦ୍ୟ ଥିଲା। ଆଉ
ତାହାର ତଳେ କ୍ଷେତ୍ରସ୍ଥ ପଶୁମାନେ ବାସ କଲେ ଓ ତାହାର
ଶାଖାଗୁଡ଼ିକ ଉପରେ ଆକାଶର ପକ୍ଷୀମାନେ ବସତି କଲେ।
22ହେ ମହାରାଜ, ସେହି ବୃକ୍ଷ ଆପଣ ଅଟନ୍ତି। ଆପଣ ବୃଦ୍ଧି
ପାଇ ବଳବାନ୍ ହୋଇଅଛନ୍ତି। କାରଣ ଆପଣଙ୍କର ମହତ୍ତ୍ୱ
ବୃଦ୍ଧି ପାଇଅଛି ଓ ତାହା ଗଗନ ସ୍ପର୍ଶ କରୁଅଛି।
ଆଉ ଆପଣଙ୍କର କର୍ତ୍ତୃତ୍ୱ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ
ବ୍ୟାପିଅଛି।

23"ଏବଂ ଆପଣ ମଧ୍ୟ ଦେଖିଲେ ଯେ, ସ୍ୱର୍ଗରୁ ପବିତ୍ର
ସ୍ୱର୍ଗଦୂତ ଓହ୍ଲାଇ ଆସି କହିଲେ, 'ଏ ବୃକ୍ଷକୁ ବିନଷ୍ଟ କରି
ଛେଦନ କର। କିନ୍ତୁ ଏହା ମୂଳକୁ ଲୌହ ଓ ପିତ୍ତଳ
ବେଡ଼ିରେ ବାନ୍ଧି କ୍ଷେତ୍ରସ୍ଥ କୋମଳ ତୃଣ ମଧ୍ୟରେ ରଖ। ଆଉ
ତାହା ଆକାଶର କାକରରେ ତିନ୍ତୁ ଓ ତାହା ଉପରେ
ସାତବର୍ଷ ଅତିକ୍ରମ କରିବା ପର୍ଯ୍ୟନ୍ତ କ୍ଷେତ୍ରସ୍ଥ ପଶୁଗଣ ସହିତ
ତାହାର ଅଂଶ ହେଉ।'

24"ହେ ମହାରାଜ, ଏଥିର ଅର୍ଥ ଏହି। ଆଉ ସର୍ବୋପରିସ୍ଥ
ମୋର ସଦାପ୍ରଭୁ ମହାରାଜାଙ୍କ ପ୍ରତି ଏହା ଘଟିବ ବୋଲି
ନିରୂପଣ କରିଛନ୍ତି। 25ତୁମ୍ଭେ ମନୁଷ୍ୟମାନଙ୍କ ସଙ୍ଗ ମଧ୍ୟରୁ
ବିତାଡ଼ିତ ହେବ ଓ କ୍ଷେତ୍ରସ୍ଥ ପଶୁମାନଙ୍କ ସହିତ ବାସ କରିବ
ଏବଂ ଆଉ ତୁମ୍ଭେ ଗୋରୁମାନଙ୍କ ପରି ତୃଣ ଭୋଜନ କରି
ବଞ୍ଚିବ ଓ ଆକାଶର କାକରରେ ତିନ୍ତିବ। ଏହିରୂପେ ତୁମ୍ଭ
ଉପରେ ସାତବର୍ଷ ଅତିକ୍ରମ କରିବ। ଶେଷରେ ତୁମ୍ଭେ
ଅନୁଭବ କରିବ ଯେ, ସେ ସର୍ବୋପରିସ୍ଥ ପରମେଶ୍ୱର ଯାହାକୁ
ଇଚ୍ଛା କରନ୍ତି, ତାକୁ ରାଜ୍ୟ ଦାନ କରନ୍ତି।

26"ଆଉ ବୃକ୍ଷର ମୂଳ, ଗଣ୍ଡି ଛାଡ଼ିବାକୁ ଆଜ୍ଞା ଦିଆଯିବାର
ଅର୍ଥ ଏହି ଯେ, ତୁମ୍ଭେ ପୁଣି ତୁମ୍ଭର ରାଜ୍ୟ ଫେରି ପାଇବ,
କିନ୍ତୁ ତୁମ୍ଭେ ନିଶ୍ଚିତ ଅନୁଭବ କରିବା ଉଚିତ୍ ଯେ,
ସର୍ବୋପୋରିସ୍ଥ ପରମେଶ୍ୱର ରାଜ୍ୟରେ ଶାସନ କରନ୍ତି। 27ତେଣୁ
ହେ ମହାରାଜ, ଆପଣ ମୋର ଉପଦେଶ ଗ୍ରହଣ କରନ୍ତୁ।
ଆପଣ ଧାର୍ମିକତା ବଳରେ ପାପରାଶି ଦୂର କରନ୍ତୁ ଓ
ଦରିଦ୍ରମାନଙ୍କୁ ଦୟା ଦେଖାଇ ଆପଣା ଅଧର୍ମ ସକଳ ଦୂର
କରନ୍ତୁ। ତାହାହେଲେ ଆପଣଙ୍କର ସଫଳତା ଓ ଶାନ୍ତିର କାଳ
ବୃଦ୍ଧି ପାଇବ।"

28ରାଜା ନବୂଖଦ୍ନିତ୍ସରଙ୍କ ପ୍ରତି ଏ ସମସ୍ତ ଘଟିଲା।
29-30ସ୍ୱପ୍ନର ବର୍ଷକ ପରେ ରାଜା ନବୂଖଦ୍ନିତ୍ସର ବାବିଲର
ନିଜ ପ୍ରାସାଦ ଉପରେ ବୁଲୁଥିଲା ବେଳେ, ରାଜା କହିଲା,
"ଏହି ବାବିଲକୁ ଦେଖ! ମୁଁ ମୋର ପ୍ରତାପରେ ଏହି ମହାନ୍
ନଗର ନିର୍ମାଣ କରିଛି ଓ ମୋର ବଳର ପ୍ରଭାବରେ
ରାଜଧାନୀ ପ୍ରାସାଦ ନିର୍ମାଣ କରିଛି। ମୁଁ କେଡ଼େ ମହାନ୍।"

31ରାଜାଙ୍କ ମୁଖରୁ କଥା ଶେଷ ନ ହେଉଣୁ, ଏହି
ସ୍ୱର୍ଗୀୟବାଣୀ ହେଲା, "ହେ ରାଜା ନବୂଖଦ୍ନିତ୍ସର, ତୁମ୍ଭକୁ
ଏହିକଥା କୁହାଯାଉଅଛି ଯେ ତୁମ୍ଭଠାରୁ ରାଜ୍ୟ କାଢ଼ି ନିଆଗଲା।
32ଏବଂ ତୁମ୍ଭେ ମନୁଷ୍ୟମାନଙ୍କ ମଧ୍ୟରୁ ବିତାଡ଼ିତ ହେବ।
କ୍ଷେତ୍ରସ୍ଥ ପଶୁମାନଙ୍କ ମଧ୍ୟରେ ତୁମ୍ଭେ ବାସ କରିବ ଓ ଗୋରୁ
ପରି ତୃଣ ଭୋଜନ କରିବ। ଏହିରୂପେ ତୁମ୍ଭ ଉପରେ
ସାତବର୍ଷ ଅତିକ୍ରମ କରିଯିବ। ଶେଷରେ ଯେ ସର୍ବୋପରିସ୍ଥ
ପରମେଶ୍ୱର ସମଗ୍ର ମନୁଷ୍ୟ ଉପରେ ପ୍ରଭୁତ୍ୱ କରନ୍ତି ଓ
ଯାହାକୁ ଯାହା ଇଚ୍ଛା ତାକୁ ସେ ତାହା ଦିଅନ୍ତି, ଏହା ତୁମ୍ଭେ
ଜାଣିବ।"

33ସେହି ସବୁ ଦଣ୍ଡ ତତ୍କ୍ଷଣାତ୍ ନବୂଖଦ୍ନିତ୍ସରଙ୍କ ପ୍ରତି
ଘଟିଲା। ସେ ମନୁଷ୍ୟମାନଙ୍କ ମଧ୍ୟରୁ ବିତାଡ଼ିତ ହୋଇ
ଗୋରୁପରି ତୃଣ ଭକ୍ଷଣ କଲେ। ଆଉ ସେ ଆକାଶର
କାକରରେ ତିନ୍ତିଲେ। ଶେଷରେ ତାହାର କେଶ ଉତ୍କ୍ରୋଶ
ପକ୍ଷୀର ପର ତୁଲ୍ୟ ଓ ତାହାର ନଖ ପକ୍ଷୀର ନଖ ତୁଲ୍ୟ
ବଢ଼ିଲା।

34ଅନନ୍ତର ସେହି ସମୟର ଶେଷରେ ମୁଁ ନବୂଖଦ୍ନିତ୍ସର,
ସ୍ୱର୍ଗଆଡ଼େ ଊର୍ଦ୍ଧ୍ୱଦୃଷ୍ଟି କଲି। ସେତେବେଳେ ମୋର ମନ ଠିକ୍
ବାଟକୁ ଆସିଗଲା। ତା'ପରେ ମୁଁ ସର୍ବୋପରିସ୍ଥ ପରମେଶ୍ୱରଙ୍କର
ପ୍ରଶଂସା କଲି। ସେହି ଅନନ୍ତ ଜୀବୀଙ୍କୁ ଧନ୍ୟବାଦ ଜଣାଇ
ସମାଦର କଲି। କାରଣ ତାଙ୍କର କର୍ତ୍ତୃତ୍ୱ ଅନନ୍ତକାଳୀନ ଓ
ତାଙ୍କର ରାଜ୍ୟ ପୁରୁଷାନୁକ୍ରମେ ଥାଏ।

35ପୁଣି ପୃଥିବୀ ନିବାସୀ ସମସ୍ତେ ତୁଚ୍ଛ ବସ୍ତୁ ସଦୃଶ।
ଆଉ ସ୍ୱର୍ଗୀୟ ଶକ୍ତି ବଳରେ ପରମେଶ୍ୱର ନିଜ ଇଚ୍ଛାନୁସାରେ
ପୃଥିବୀ ନିବାସୀମାନଙ୍କ ମଧ୍ୟରେ କାର୍ଯ୍ୟ କରନ୍ତି। କେହି
ତାଙ୍କର ଶକ୍ତିଶାଳୀ ହସ୍ତ ବନ୍ଦ କରି ନପାରେ ଓ କେହି ତାଙ୍କୁ
କିଛି ପ୍ରଶ୍ନ କରି ନପାରେ।

36ଆଉ ସେହି ସମୟରେ ପରମେଶ୍ୱର ମୋର ଉତ୍ତମ
ବୁଦ୍ଧି ମୋତେ ଫେରାଇ ଦେଲେ। ମୋ ରାଜ୍ୟର ଗୌରବ
ନିମନ୍ତେ ମୋର ତେଜ ଓ ପ୍ରତାପ ମୋ ପାଖକୁ ଫେରି
ଆସିଲା। ମୋର ମନ୍ତ୍ରୀ ଓ ଅମାତ୍ୟମାନେ ପୁନର୍ବାର ମୋର
ପରାମର୍ଶ ଲୋଡ଼ିଲେ। ମୁଁ ପୁନର୍ବାର ରାଜା ହେଲି ଓ ମୋର
ମହିମା ପୂର୍ବାପେକ୍ଷା ଅଧିକ ବୃଦ୍ଧି ପାଇଲା। 37ଏଣୁ ମୁଁ
ନବୂଖଦ୍ନିତ୍ସର ସେହି ସ୍ୱର୍ଗସ୍ଥ ରାଜାଙ୍କର ପ୍ରଶଂସା, ପ୍ରତିଷ୍ଠା ଓ
ସମାଦର କରୁଅଛି। କାରଣ ତାଙ୍କର ସମସ୍ତ କ୍ରିୟା ସତ୍ୟ ଓ
ତାଙ୍କର ପଥସବୁ ନ୍ୟାର୍ଯ୍ୟ। ଆଉ ସେ ଗର୍ବୀମାନଙ୍କୁ ବିନୟୀ
କରନ୍ତି।

## କାନ୍ଥ ଉପରେ ଲେଖା

5 ରାଜା ବେଲ୍ଶତ୍ସର ନିଜର ସହସ୍ର ଅମାତ୍ୟବର୍ଗଙ୍କ ନିମନ୍ତେ
ଏକ ମହାଭୋଜି ପ୍ରସ୍ତୁତ କଲେ। ଆଉ ସେ ସହସ୍ରଙ୍କ

ମଧ୍ୟରେ ରାଜା ଦ୍ରାକ୍ଷାରସ ପାନ କଲେ। 2ବେଲ୍ଶତ୍ସର
ଦ୍ରାକ୍ଷାରସ ପାନ କରୁଥିବା ବେଳେ ତାଙ୍କର ପିତା ନବୂଖଦ୍ନତ୍ସର
ଯିରୁଶାଲମସ୍ଥ ମନ୍ଦିରରୁ ଅପହରଣ କରି ଆଣିଥିବା ସୁନା ଓ
ରୂପାରେ ପାତ୍ରଗୁଡ଼ିକୁ ଆଣିବାକୁ ତାଙ୍କ ଲୋକମାନଙ୍କୁ ଆଦେଶ
କଲେ। ସେ ଚାହୁଁଥିଲେ ସେଥିରେ ସେ, ତାଙ୍କର ଅମାତ୍ୟଗଣ,
ତାଙ୍କର ପତ୍ନୀଗଣ ଓ ଉପପତ୍ନୀଗଣ ଯେପରି ପାନ କରିବେ।
3ତାଙ୍କର ଲୋକମାନେ ଯିରୁଶାଲମସ୍ଥ ମନ୍ଦିରରୁ ଅର୍ଥାତ୍
ପରମେଶ୍ୱରଙ୍କ ମନ୍ଦିରରୁ ଯେଉଁସବୁ ସ୍ୱର୍ଣ୍ଣ ପାତ୍ର ଅପହୃତ
ହୋଇଥିଲା, ତାହା ଲୋକମାନେ ଆଣିଲେ। ପୁଣି ରାଜା
ତାଙ୍କର ଅମାତ୍ୟ ଗଣ, ତାଙ୍କର ପତ୍ନୀଗଣ ଓ ଉପପତ୍ନୀଗଣ
ସେହି ପାତ୍ରରେ ପାନ କଲେ। 4ସେମାନେ ଦ୍ରାକ୍ଷାରସ ପାନ
କରୁଥିଲାବେଳେ ସୁନା, ରୂପା, ପିତ୍ତଳ, ଲୁହା, କାଠ ଓ ପ୍ରସ୍ତର
ନିର୍ମିତ ମୂର୍ତ୍ତିରୂପକ ଦେବଗଣର ପ୍ରଶଂସା କଲେ।

5ସେହି ସମୟରେ ହଠାତ୍ ମନୁଷ୍ୟର ଏକ ହସ୍ତ ଦୃଶ୍ୟମାନ
ହେଲା ଓ ରାଜପ୍ରାସାଦର କାନ୍ଥର ଲେପନ ଉପରେ ଅଙ୍ଗୁଳିରେ
ଲେଖିଲା। ସେହି ହସ୍ତ ଦୀପ ରୁଖା ନିକଟସ୍ଥ ରାଜପ୍ରାସାଦ
କାନ୍ଥରେ ଲେଖୁଥିଲା। ଆଉ ରାଜା ଲେଖୁଥିବା ସି ହସ୍ତର ଅଂଶ
ଦେଖୁଥିଲେ।

6ତହିଁରେ ରାଜା ଭୟଭୀତ ହେଲେ ଓ ତାଙ୍କର ମୁଖ
ବିବର୍ଣ୍ଣ ହେଲା। ତାଙ୍କର ଆଣ୍ଠୁ ଥରିଲା ଓ ଆଣ୍ଠୁକୁ ଆଣ୍ଠୁ
ବାଜିଲା। ତାଙ୍କର ଗୋଡ଼ ଏତେ ଦୁର୍ବଳ ହେଲା ଯେ ସେ
ଛିଡ଼ା ହୋଇ ପାରିଲେ ନାହିଁ। 7ଗଣକ, କଲଦୀୟ ଓ
ଶୁଭାଶୁଭବାଦୀମାନଙ୍କୁ ତାଙ୍କ ସମ୍ମୁଖକୁ ରାଜା ଡ଼ାକାଇଲେ। ସେ
ବାବିଲୋନୀୟ ବିଦ୍ୱାନମାନଙ୍କୁ କହିଲେ, "ଯେ କେହି ଏହି
ଲେଖା ପଢ଼ିପାରିବ ଓ ତାହାର ଅର୍ଥ ବାହାର କରିପାରିବ,
ତାଙ୍କୁ ମୁଁ ବାଇଗଣିଆ ରଙ୍ଗର ବସ୍ତ୍ର ଉପହାର ଦେବି ଓ
ତାଙ୍କ କଣ୍ଠରେ ସ୍ୱର୍ଣ୍ଣର ହାର ପିନ୍ଧାଇ ଦେବି। ଆଉ ସେ
ରାଜ୍ୟର ତୃତୀୟ ସର୍ବୋଚ୍ଚ ଶାସନ କର୍ତ୍ତା ହେବ।"

8ତେଣୁ ରାଜାଙ୍କର ସମସ୍ତ ବିଦ୍ୱାନଲୋକ ଭିତରକୁ ଯଦିଓ
ଆସିଲେ, ସେମାନେ ଲେଖା ପଢ଼ି ପାରିଲେ ନାହିଁ କି ତାହାର
ଅର୍ଥ ବୁଝିଲେ ନାହିଁ। 9ରାଜା ବେଲ୍ଶତ୍ସରଙ୍କ ଅମାତ୍ୟଗଣ
ଦ୍ୱନ୍ଦ୍ୱରେ ପଡ଼ିଲେ। ଆଉ ରାଜା ଅଧିକ ଉଦ୍ବିଗ୍ନ ହେଲେ ଓ
ତାଙ୍କର ମୁଖ ବିବର୍ଣ୍ଣ ହେଲା।

10ତା'ପରେ ରାଣୀ ଭୋଜନାଗାରକୁ ଆସିଲେ। ସେ ରାଜା
ଓ ତାଙ୍କର ଅଧିକାରୀଗଣଙ୍କ କଥା ଶୁଣିଥିଲେ। ସେ କହିଲେ,
"ହେ ରାଜା, ଦୀର୍ଘଜୀବୀ ହୁଅ, ତୁମ୍ଭର ଭାବନା ତୁମ୍ଭକୁ ଉଦ୍ବିଗ୍ନ
ନକରୁ କି ତୁମ୍ଭର ମୁଖମଣ୍ଡଳ ବିବର୍ଣ୍ଣ ନହେଉ। 11ତୁମ୍ଭ
ରାଜ୍ୟରେ ଜଣେ ଲୋକ ଅଛନ୍ତି, ଯାହାଙ୍କ ଅନ୍ତରରେ
ପବିତ୍ର ଦେବଗଣ ଆତ୍ମା ବିରାଜିତ। ପୁଣି ତୁମ୍ଭ ପିତାଙ୍କ
ସମୟରେ ଦେବଗଣର ଜ୍ଞାନତୁଲ୍ୟ ବୁଦ୍ଧି ଓ ଜ୍ଞାନଦୀପ୍ତି
ତାଙ୍କଠାରେ ପ୍ରକାଶିତ ହୋଇଥିଲା। ଆଉ ତୁମ୍ଭର ପିତା ରାଜା
ନବୂଖଦ୍ନତ୍ସର ତାଙ୍କୁ ମନ୍ତ୍ରଜ୍ଞ, ଗଣକ କଲଦୀୟ ଓ
ଶୁଭାଶୁଭବାଦୀମାନଙ୍କ ଉପରେ ପ୍ରଧାନ କରି ନିଯୁକ୍ତ କରିଥିଲେ।
12ମୁଁ ଯେଉଁ ବ୍ୟକ୍ତି ବିଷୟରେ କହୁଛି, ସେ ଦାନିୟେଲ।
ରାଜା ତାଙ୍କୁ ବେଲ୍ଟଶତ୍ସର ନାମ ଦେଇଥିଲେ। ସେହି
ବେଲ୍ଟଶତ୍ସର ମହାନ ଥିଲେ। ସେ ଜ୍ଞାନୀ, ବୁଦ୍ଧିମାନ ଓ
ସ୍ୱପ୍ନଦ୍ରଷ୍ଟା ଅଟନ୍ତି ଓ ସେ ନିଗୂଢ଼ ତଥ୍ୟ ପ୍ରକାଶ କରିପାରନ୍ତି।
ତାଙ୍କୁ ଡକାଅ। ସେ କେବଳ ଏ ଲେଖାର ଅର୍ଥ ବୁଝାଇ
ଦେବେ।"

13ତହୁଁ ଦାନିୟେଲଙ୍କୁ ରାଜାଙ୍କ ଛାମୁକୁ ଅଣାଗଲା। ରାଜା
ଦାନିୟେଲଙ୍କୁ କହିଲା, "ମୋର ପିତା ମହାରାଜ ଯିହୁଦା
ଦେଶରୁ ଯେଉଁ ନିର୍ବାସିତ ଯିହୁଦୀମାନଙ୍କୁ ଆଣିଥିଲେ ସେମାନଙ୍କ
ମଧ୍ୟରେ ତୁମ୍ଭେ ଦାନିୟେଲ ଅନ୍ୟତମ ଅଟକି? 14ମୁଁ ତୁମ୍ଭ
ବିଷୟରେ ଶୁଣିଅଛି ଯେ ତୁମ୍ଭ ଅନ୍ତରରେ ଦେବଗଣର ଆତ୍ମା
ଅଛନ୍ତି ଓ ଜ୍ଞାନ, ଦୀପ୍ତି, ବୁଦ୍ଧି ଓ ଶ୍ରେଷ୍ଠ ମହିମା ତୁମ୍ଭଠାରେ
ଦେଖାଯାଏ। 15ମୋର ରାଜ୍ୟର ଜ୍ଞାନୀ ଲୋକମାନେ ମୋ
ପାଖକୁ ଆସିଥିଲେ। କିନ୍ତୁ ସେମାନେ କାନ୍ଥରେ ଲେଖା
ହୋଇଥିବା ଅର୍ଥ ପ୍ରକାଶ କରି ପାରିଲେ ନାହିଁ। 16ମୁଁ ତୁମ୍ଭ
ବିଷୟରେ ଶୁଣିଅଛି ଯେ ତୁମ୍ଭେ ଅର୍ଥ ପ୍ରକାଶ ଓ ସନ୍ଦେହ
ଭଞ୍ଜନ କରିପାର। ଏବେ ତୁମ୍ଭେ ଯଦି ଏହି ଲେଖା ପାଠ
କରି ତହିଁର ଅର୍ଥ ମୋତେ ଜଣାଇ ପାର, ତେବେ ମୁଁ ତୁମ୍ଭକୁ
ବାଇଗଣିଆ ବସ୍ତ୍ର ଉପହାର ଦେବି ଓ ତୁମ୍ଭ କଣ୍ଠରେ ସ୍ୱର୍ଣ୍ଣ
ହାର ଲମ୍ବାଇବି। ଆଉ ତୁମ୍ଭେ ମୋ ରାଜ୍ୟରେ ତୃତୀୟ
ସର୍ବୋଚ୍ଚ ଶାସନକର୍ତ୍ତା ହେବ।"

17ତା'ପରେ ଦାନିୟେଲ ରାଜାଙ୍କୁ ଉତ୍ତର କରି କହିଲେ,
"ହେ ରାଜା ବେଲ୍ଟଶତ୍ସର, ଆପଣଙ୍କର ଦାନ ଆପଣଙ୍କ
ପାଖରେ ଥାଉ ଓ ଆପଣଙ୍କର ପୁରସ୍କାର ଅନ୍ୟକୁ ଦିଅନ୍ତୁ।
ମାତ୍ର ମୁଁ ମହାରାଜାଙ୍କ ଛାମୁରେ ଏହି ଲେଖା ପଢ଼ିବି ଓ
ଏହାର ଅର୍ଥ ଆପଣଙ୍କୁ ଜଣାଇବି।

18"ହେ ମହାରାଜ, ସର୍ବୋପରିସ୍ଥ ପରମେଶ୍ୱର ଆପଣଙ୍କ
ପିତା ନବୂଖଦ୍ନତ୍ସରଙ୍କୁ ରାଜ୍ୟ, ମହିମା, ଗୌରବ ଓ ପ୍ରତାପ
ଦେଲେ। 19ପରମେଶ୍ୱର ତାଙ୍କୁ ଏପରି ମହିମାନ୍ୱିତ କଲେ ଯେ
ସକଳ ଗୋଷ୍ଠୀ, ନାନା ଦେଶୀୟ ଓ ବିଭିନ୍ନ ଭାଷାବାଦୀ
ଲୋକମାନେ ତାଙ୍କ ଛାମୁରେ କମ୍ପିତ ହୋଇ ଭୟ କଲେ।
ସେ ଯାହାକୁ ମାରିବାକୁ ଚାହିଁଲେ ତାକୁ ବଧ କଲେ। ପୁଣି
ଯାହାକୁ ବଞ୍ଚିବାକୁ ଚାହିଁଲେ, ସେ ଜୀବିତ ରହିଲା। ତାଙ୍କର
ଇଚ୍ଛାନୁସାରେ ଜଣେ ଉନ୍ନତ ହେଲା ଓ ତାଙ୍କର ଇଚ୍ଛାନୁସାରେ
ଜଣେ ଅବନତ ହେଲା।

20"କିନ୍ତୁ ନବୂଖଦ୍ନତ୍ସର ଗର୍ବୀ ଏବଂ ଜିଦ୍ଖୋର ହେଲେ।
ତେଣୁ ତାଙ୍କର ରାଜ୍ୟ ତାଙ୍କଠାରୁ ନିଆଗଲା। ତା'ପରେ ତାଙ୍କୁ
ଲୋକମାନଙ୍କ ଗହଣରୁ ତଡ଼ି ଦିଆଗଲା। 21ତାଙ୍କର ମନ
ପଶୁତୁଲ୍ୟ ହେଲା ଓ ସେ ବନ୍ୟ ଗର୍ଦ୍ଦଭ ସହିତ ବାସ
କଲେ। ଆଉ ସେ ଗୋରୁଗାଈ ପରି ତୃଣ ଭୋଜନ କଲେ
ଓ ତାଙ୍କର ଶରୀର କାକରରେ ଭିଜିଲା। ତା'ପରେ ସେ
ହୃଦ୍ବୋଧ କଲେ ଯେ, ସର୍ବୋପରିସ୍ଥ ପରମେଶ୍ୱର ମନୁଷ୍ୟମାନଙ୍କ
ଉପରେ କର୍ତ୍ତୃତ୍ୱ କରନ୍ତି। ଏବଂ ପରମେଶ୍ୱର ଯାହାକୁ ଚାହାଁନ୍ତି
ତାକୁ ସେ ରାଜ୍ୟରେ ନିଯୁକ୍ତ କରିପାରନ୍ତି।

22"କିନ୍ତୁ ବେଲ୍ଟଶତ୍ସର, ଆପଣ ତାଙ୍କର ପୁତ୍ର। ଆପଣ
ଏସବୁ ଜାଣିଲେ ମଧ୍ୟ ଆପଣଙ୍କ ଅନ୍ତଃକରଣକୁ ନମ୍ର କରିନାହାଁନ୍ତି।
23ଆପଣ ନମ୍ର ହେବା ପରିବର୍ତ୍ତେ ସ୍ୱର୍ଗସ୍ଥ ସଦାପ୍ରଭୁଙ୍କ
ବିରୁଦ୍ଧରେ ନିଜକୁ ଉନ୍ନତ କରିଅଛନ୍ତି। ସଦାପ୍ରଭୁଙ୍କ ମନ୍ଦିରର
ସ୍ୱର୍ଣ୍ଣ ଓ ରୌପ୍ୟ ପାତ୍ରରେ ଆପଣ, ଆପଣଙ୍କ ଅମାତ୍ୟଗଣ
ଆପଣଙ୍କର ପତ୍ନୀଗଣ ଓ ଆପଣଙ୍କ ଉପପତ୍ନୀଗଣ ଦ୍ରାକ୍ଷାରସ
ପାନ କରିଅଛନ୍ତି। ପୁଣି ସୁନା, ରୂପା, ପିତ୍ତଳ, ଲୌହ, କାଠ

ଓ ପଥର ନିର୍ମିତ ପ୍ରତିମାରେ ଦେବଗଣ, ଯେଉଁମାନେ କି
ଦେଖନ୍ତି ନାହିଁ, ଜାଣନ୍ତି ନାହିଁ କି ଶୁଣନ୍ତି ନାହିଁ! ସେମାନଙ୍କର
ପ୍ରଶଂସା ଆପଣ କରିଅଛନ୍ତି। ଆଉ ଆପଣଙ୍କର ଜୀବନ
ଯାହାଙ୍କର ହସ୍ତଗତ ଓ ଆପଣଙ୍କର ସକଳ ପଥ ଯାହାଙ୍କର
ଅଧୀନ, ଆପଣ ସେହି ପରମେଶ୍ୱରଙ୍କର ଗୌରବ କରିନାହାଁନ୍ତି।
24ତେଣୁ ସେହି କାରଣରୁ ପରମେଶ୍ୱରଙ୍କର ହସ୍ତ ପ୍ରେରିତ
ହେଲା ଓ ଏହି ଲେଖା ଲିଖିତ ହେଲା। 25କାନ୍ଥରେ ଲିଖିତ
ହୋଇଥିବା ଶବ୍ଦଗୁଡ଼ିକ ହେଲା ଏହି:

ମିନେ, ମିନେ, ତକେଲ୍, ଉପାରସୀନ।
26 "ମିନେ ର ଅର୍ଥ ହେଉଛି, ପରମେଶ୍ୱର ଆପଣଙ୍କ
ରାଜ୍ୟର ଗଣନା କରି ଅଛନ୍ତି ଓ ତାହା ଶେଷ
କରି ଅଛନ୍ତି।
27 ତକେଲର ଅର୍ଥ, ଆପଣ ନିକତିରେ ତୌଲା ଯାଇ
ଅଛନ୍ତି ଓ ଊଣା ଦେଖା ଯାଇଅଛନ୍ତି।
28 ଉପାରସୀନର ଅର୍ଥ, ଆପଣଙ୍କ ରାଜ୍ୟ ବିଭକ୍ତ
ହୋଇଅଛି ଆଉ ମାଦୀୟ ଓ ପାରସିକମାନଙ୍କୁ ଦତ୍ତ
ହୋଇଅଛି।"

29ବେଲଶତ୍ସରର ଆଜ୍ଞାରେ ଲୋକମାନେ ଦାନିୟେଲଙ୍କୁ
ବାଇଗଣିଆ ବସ୍ତ୍ର ପିନ୍ଧାଇଲେ ଓ ତାଙ୍କ କଣ୍ଠରେ ସୁବର୍ଣ୍ଣର
ହାର ଦେଲେ। ଆଉ ସେ ରାଜ୍ୟର ତୃତୀୟ ସର୍ବୋଚ୍ଚ
ଶାସନକର୍ତ୍ତା ହେବେ ବୋଲି ଘୋଷଣା କଲେ। 30ସେହି
ରାତ୍ରିରେ କଲଦୀୟମାନଙ୍କର ରାଜା ବେଲଶତ୍ସରଙ୍କୁ ବଧ କରାଗଲା।
31ପୁଣି ମାଦୀୟ ଦାରୟାବସ ରାଜ୍ୟ ପ୍ରାପ୍ତ ହେଲା। ସେ
ସମୟରେ ତାହାର ବୟସ ବାଷଠି ବର୍ଷ ହୋଇଥିଲା।

## ଦାନିୟେଲ ଓ ସିଂହଗଣ

6 ଦାରୟାବସ ଚିନ୍ତାକଲେ ସମୁଦାୟ ରାଜ୍ୟରେ ଶାସନ
କରିବାକୁ 120 କ୍ଷିତିପାଳ ନିଯୁକ୍ତ କଲେ ଭଲ ହେବ।
2ସେହି ରାଜା ତିନିଜଣ ତଦାରଖକାରୀଙ୍କୁ ସୁବେଦାର ଉପରେ
ନିଯୁକ୍ତ କଲେ, ଯେପରି ସେମାନେ ରାଜାଙ୍କୁ ଠକି ନପାରିବେ
ଓ କ୍ଷତି ସହି ପାରିବେ। ଏହି ତିନିଜଣ ନିରୀକ୍ଷକ ମଧ୍ୟରେ
ଦାନିୟେଲ ଥିଲେ ଅନ୍ୟତମ। 3ଦାନିୟେଲଙ୍କ ଅନ୍ତରରେ
ଶ୍ରେଷ୍ଠ ଆତ୍ମା ଥିବାରୁ ସେ ଅଧ୍ୟକ୍ଷଗଣ ଓ କ୍ଷିତିପାଳମାନଙ୍କ
ମଧ୍ୟରେ ବିଖ୍ୟାତ ହୋଇଥିଲେ। ତେଣୁ ରାଜା ତାଙ୍କୁ ସମୁଦାୟ
ରାଜ୍ୟ ଉପରେ ଶାସକ ଭାବରେ ନିଯୁକ୍ତ କରିବାକୁ ମନସ୍ଥ
କଲେ। 4ଏଥିରେ ଅନ୍ୟ ଅଧ୍ୟକ୍ଷ ଓ କ୍ଷିତିପାଳମାନେ ଦାନିୟେଲଙ୍କ
ପ୍ରତି ଇର୍ଷାନ୍ୱିତ ହେଲେ ଓ ଦାନିୟେଲଙ୍କର ରାଜକର୍ମ ବିଷୟ
ଦୋଷ ଅନୁସନ୍ଧାନ କଲେ। ମାତ୍ର ସେମାନେ କୌଣସି ଦୋଷ
ବା ଅପରାଧ ପାଇ ପାରିଲେ ନାହିଁ। କାରଣ ସେ ବିଶ୍ୱସ୍ତ
ଥିଲେ ଓ ତାଙ୍କଠାରେ କୌଣସି ଭ୍ରାନ୍ତି ବା ଅପରାଧ ନଥିଲା।
ସେ ରାଜାଙ୍କୁ ଠକୁ ନଥିଲେ ଓ କଠିନ ପରିଶ୍ରମ କରୁଥିଲେ।
5ଶେଷରେ ସେହି ଲୋକମାନେ କହିଲେ, "ଆମ୍ଭେମାନେ
ଦାନିୟେଲଙ୍କ ବିଷୟରେ କୌଣସି ଦୋଷ ପାଇବା ନାହିଁ।
ତେଣୁ ତାଙ୍କ ପରମେଶ୍ୱର ବ୍ୟବସ୍ଥା ସମ୍ବନ୍ଧରେ ଦୋଷ ଦେଖିବା।"
6ତେଣୁ ଏହି ଲୋକମାନେ ରାଜାଙ୍କ ନିକଟକୁ ଗଲେ ଏବଂ
କହିଲେ, "ହେ ରାଜା ଦାରୟାବସ, ଆପଣ ଚିରଜୀବି ହୁଅନ୍ତୁ।
7ତଦାରଖକାରୀଗଣ, ରାଜପ୍ରତିନିଧିଗଣ, ସୁବେଦାରଗଣ ଓ ମନ୍ତ୍ରୀଗଣ
ସମସ୍ତେ ଅଜଣା ଭାବରେ ରାଜି ହେଲେ ଯେ, ଏକ ରାଜକୀୟ
ଘୋଷଣା ପତ୍ର ହେବା ଉଚିତ୍। ଯଦି କେହି ତିରିଶ ଦିନ
ପର୍ଯ୍ୟନ୍ତ ମହାରାଜାଙ୍କ ବିନା କୌଣସି ଦେବତା ବା ମନୁଷ୍ୟ
ନିକଟରେ ପ୍ରାର୍ଥନା କରିବ, ତେବେ ତାକୁ ସିଂହର ଗୁମ୍ଫାକୁ
ଫିଙ୍ଗାଯିବ। 8ଏବେ ହେ ମହାରାଜ, ମାଦୀୟ ଓ ପାରସିକମାନଙ୍କର
ଅଟଳ ବ୍ୟବସ୍ଥାନୁସାରେ ଏହି ନିଷେଧ ବିଧି ଯେପରି ପରିବର୍ତ୍ତିତ
ନହୁଏ, ଏଥିପାଇଁ ତାହା ସ୍ଥିର କରନ୍ତୁ ଓ ଏହି ଲେଖାରେ
ସ୍ୱାକ୍ଷର କରନ୍ତୁ।" 9ତେଣୁ ରାଜା ଦାରୟାବସ ସେହି ଲେଖା
ଓ ନିଷେଧ ବିଧିରେ ସ୍ୱାକ୍ଷର କଲା।

10ଦାନିୟେଲ ସର୍ବଦା ପ୍ରତିଦିନ ତିନିଥର ପରମେଶ୍ୱରଙ୍କୁ
ପ୍ରାର୍ଥନା କରୁଥିଲେ। ଯେତେବେଳେ ନୂତନ ବିଧି ବିଷୟରେ
ଲେଖା ସ୍ୱାକ୍ଷରିତ ହୋଇଅଛି ବୋଲି ଦାନିୟେଲ ଜାଣିଲେ ସେ
ଆପଣା ଗୃହକୁ ଆସିଲେ। ତାହାଙ୍କ କୋଠରୀର ଝରକା
ଯିରୁଶାଲମ ଆଡ଼େ ମେଲା ଥିଲା। ସେ ପୂର୍ବପରି ଆଣ୍ଠୁମାଡ଼ି
ଦିନ ମଧ୍ୟରେ ତିନିଥର ପ୍ରାର୍ଥନା କଲେ ଓ ଆପଣା ପରମେଶ୍ୱରଙ୍କୁ
ଧନ୍ୟବାଦ ପ୍ରଦାନ କଲେ।

11ତା'ପରେ ସେହି ଲୋକମାନେ ଏକତ୍ରିତ ହୋଇ ଦାନିୟେଲ
ନିକଟକୁ ଗଲେ ଓ ତାଙ୍କୁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା
ଓ ନିବେଦନ କରୁଥିବାର ଦେଖିଲେ। 12ତେଣୁ ସେମାନେ
ରାଜାଙ୍କ ପାଖକୁ ଗଲେ ଓ ରାଜକୀୟ ବିଧି ବିଷୟରେ ତାଙ୍କୁ
ମନେ ପକାଇ ଦେଲେ। ସେମାନେ କହିଲେ, "ହେ ମହାରାଜ,
ଯେ କୌଣସି ଲୋକ ତିରିଶ ଦିନ ମଧ୍ୟରେ ଆପଣଙ୍କ ବିନା
କୌଣସି ଦେବତା କି ମନୁଷ୍ୟ ନିକଟରେ ପ୍ରାର୍ଥନା କରିବ,
ସେ ସିଂହମାନଙ୍କ ଗର୍ତ୍ତରେ ନିକ୍ଷିପ୍ତ ହେବ। ଏପରି ଏକ
ନିଷେଧ ପତ୍ରରେ ଆପଣ ସ୍ୱାକ୍ଷର କରିନାହାନ୍ତି କି?"

ରାଜା କହିଲେ, "ହଁ, ମୁଁ ସେ ନିଷେଧ ପତ୍ରରେ ସ୍ୱାକ୍ଷର
କରିଛି।' ଆଉ ମାଦୀୟ ଓ ପାରସିକମାନଙ୍କର ଅଟଳ
ବ୍ୟବସ୍ଥାନୁସାରେ ତାହା ସ୍ଥିର ହୋଇଅଛି।"

13ତା'ପରେ ସେମାନେ ରାଜାଙ୍କୁ ଉତ୍ତର ଦେଲେ, "ହେ
ମହାରାଜ, ନିର୍ବାସିତ ଯିହୁଦି ସନ୍ତାନଗଣ ମଧ୍ୟରେ ଜଣେ ବ୍ୟକ୍ତି
ଦାନିୟେଲ, ସେ ଆପଣଙ୍କୁ କି ଆପଣଙ୍କ ସ୍ୱାକ୍ଷରିତ ନିଷେଧ
ପତ୍ରକୁ ମାନ୍ୟ କରେ ନାହିଁ। ସେ ଏବେ ମଧ୍ୟ ଦିନରେ
ତିନିଥର ତା'ର ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଛି।"

14ତହୁଁ ରାଜା ଦୁଃଖିତ ଓ ବିବ୍ରତ ହୋଇ ପଡ଼ିଲା। ସେ
ଦାନିୟେଲଙ୍କୁ ଉଦ୍ଧାର କରିବା ପାଇଁ ସ୍ଥିର କଲା। ଆଉ
ତାହାଙ୍କୁ ରକ୍ଷା କରିବା ପାଇଁ ସନ୍ଧ୍ୟା ପର୍ଯ୍ୟନ୍ତ ଉପାୟ ଚିନ୍ତା
କଲା। 15ତା'ପରେ ସେହି ଲୋକମାନେ ଏକତ୍ରିତ ହୋଇ
ରାଜାଙ୍କୁ କହିଲେ, "ହେ ମହାରାଜ, ଆପଣ ଜାଣନ୍ତୁ, ମାଦୀୟ
ଓ ପାରସିକମାନଙ୍କର ଏପରି ଏକ ବ୍ୟବସ୍ଥା ଅଛି, ରାଜା
କୌଣସି ନିଷେଧାଜ୍ଞା ବା ବିଧି ସ୍ଥାପନ କଲେ ତାହା କେବେ
ପରିବର୍ତ୍ତିତ ହୁଏ ନାହିଁ।"

16ତହୁଁ ରାଜାଙ୍କ ଆଦେଶରେ ସେମାନେ ଦାନିୟେଲଙ୍କୁ
ଆଣି ସିଂହମାନଙ୍କ ଗର୍ତ୍ତରେ ନିକ୍ଷେପ କଲେ। କିନ୍ତୁ ରାଜା
ଦାନିୟେଲଙ୍କୁ କହିଲେ, "ତୁମ୍ଭେ ଯେଉଁ ପରମେଶ୍ୱରଙ୍କର
ଉପାସନା କରୁଛ, ସେ ତୁମ୍ଭକୁ ଉଦ୍ଧାର କରିବେ।" 17ପୁଣି

ଏକ ବଡ଼ ପଥର ଅଣାଯାଇ ଗର୍ତ୍ତ ମୁଖରେ ରଖାଗଲା। ପୁଣି
ରାଜା ନିଜର ମୁଦ୍ରାରେ ଓ ନିଜ ଅମାତ୍ୟଗଣଙ୍କ ମୁଦ୍ରାରେ
ତାହା ଅଙ୍କିତ କଲା। ଏହା କରାଗଲା କାରଣ କେହି
ଦାନିୟେଲଙ୍କୁ ଗର୍ତ୍ତରୁ ବାହାର କରିବାକୁ ପଥର ଘୁଞ୍ଚାଇବେ
ନାହିଁ। **18**ତା'ପରେ ରାଜା ଆପଣା ପ୍ରାସାଦକୁ ଯାଇ ଉପବାସରେ
ରାତ୍ରି ଯାପନ କଲେ। ଆଉ ବାଦ୍ୟ ଯନ୍ତ୍ର ବଜାଇ ତାଙ୍କ
ଆଗକୁ ଆସିବାକୁ କାହାରିକୁ ଅନୁମତି ମିଳିଲା ନାହିଁ। ରାତ୍ରିସାରା
ସେ ଉଜାଗର ରହିଲେ।

**19**ପରଦିନ ପ୍ରଭାତରେ ରାଜା ସିଂହମାନଙ୍କ ଗୁମ୍ଫା ନିକଟରେ
ତରବର ହୋଇ ପହଞ୍ଚିଲେ। **20**ଚିନ୍ତିତ ରାଜା ଦାନିୟେଲଙ୍କୁ
ବିଳାପ ସ୍ୱରରେ ଡ଼ାକିଲା, "ହେ ଜୀବିତ ପରମେଶ୍ୱରଙ୍କ
ସେବକ ଦାନିୟେଲ, ତୁମ୍ଭେ ପ୍ରତିଦିନ ଯେଉଁ ପରମେଶ୍ୱରଙ୍କୁ
ସେବା କରୁଅଛ, ସେହି ପରମେଶ୍ୱର ତୁମ୍ଭକୁ ସିଂହମାନଙ୍କଠାରୁ
ଉଦ୍ଧାର କରିଛନ୍ତି କି?"

**21**ଦାନିୟେଲ ଉତ୍ତର କଲେ, "ହେ ରାଜା, ଚିରଜୀବୀ
ହୁଅନ୍ତୁ। **22**ମୋର ପରମେଶ୍ୱର ଆପଣା ଦୂତ ପଠାଇ ସିଂହମାନଙ୍କର
ମୁଖ ବନ୍ଦ କରିଅଛନ୍ତି ଓ ସେମାନେ ମୋର କ୍ଷତି କରି
ନାହାଁନ୍ତି। କାରଣ ମୋର ପ୍ରଭୁ ଜାଣନ୍ତି ମୁଁ ନିର୍ଦ୍ଦୋଷ। ଆଉ
ମୁଁ ମହାରାଜାଙ୍କର କୌଣସି କ୍ଷତି କରିନାହିଁ।"

**23**ରାଜା ଦାରିୟାବସ ଅତ୍ୟନ୍ତ ଆନନ୍ଦିତ ହୋଇ ଦାନିୟେଲଙ୍କୁ
ଗର୍ତ୍ତରୁ ଉଠାଇ ଆଣିବାକୁ ଆଦେଶ ଦେଲା। ଆଉ ଦାନିୟେଲ
ଯେତେବେଳେ ଗର୍ତ୍ତରୁ ଆସିଲେ, ତାଙ୍କ ଦେହରେ କୌଣସି
କ୍ଷତ ଚିହ୍ନ ନଥିଲା। କାରଣ ସେ ଆପଣା ପରମେଶ୍ୱରଙ୍କଠାରେ
ବିଶ୍ୱାସ ରଖିଥିଲେ।

**24**ତା'ପରେ ରାଜା ଦାନିୟେଲଙ୍କ ବିରୁଦ୍ଧରେ ଅଭିଯୋଗକାରୀଙ୍କୁ
ଆଣିବାକୁ ଆଜ୍ଞା କଲା। ତେଣୁ ସେମାନଙ୍କର ସ୍ତ୍ରୀମାନଙ୍କୁ ଓ
ପିଲାମାନଙ୍କ ସହିତ ସମସ୍ତଙ୍କୁ ଆଣି ସିଂହମାନଙ୍କ ଗୁମ୍ଫାରେ
ନିକ୍ଷେପ କଲେ। ତଳେ ନପଡୁଣୁ ସିଂହମାନେ ସେମାନଙ୍କୁ
ଭକ୍ଷଣ କରି ସେମାନଙ୍କର ଅସ୍ଥିଗୁଡ଼ିକୁ ଚର୍ବଣ କଲେ।

**25**ସେତେବେଳେ ଦାରିୟାବସ ସମଗ୍ର ପୃଥିବୀବାସୀ, ସମସ୍ତ
ଗୋଷ୍ଠୀ, ଦେଶବାସୀ ଓ ଭାଷାବାଦୀମାନଙ୍କୁ ପତ୍ର ଲେଖିଲା।
ତୁମ୍ଭମାନଙ୍କ ପ୍ରତି ବାହୁଲ୍ୟରୂପରେ ଶାନ୍ତି ହେଉ।

**26**"ମୁଁ ଆଦେଶ ଦେଲି ଯେ, ମୋର ରାଜ୍ୟସ୍ଥ
ସମୁଦାୟ ପ୍ରଦେଶର ସମସ୍ତ ଲୋକମାନେ ଦାନିୟେଲଙ୍କ
ପରମେଶ୍ୱରଙ୍କୁ ଭୟ ଓ ଭକ୍ତି କରିବା ଉଚିତ୍।
ସେ ଜୀବିତ ପରମେଶ୍ୱର ଓ ନିତ୍ୟସ୍ଥାୟୀ ଅଟନ୍ତି।
ତାଙ୍କର ରାଜ୍ୟ ଅବିନାଶୀ ଓ ତାଙ୍କର ପ୍ରଭୁତ୍ୱର ଅନ୍ତ
ନାହିଁ।
**27**ସେ ଲୋକମାନଙ୍କୁ ଉଦ୍ଧାର କରନ୍ତି ଓ ରକ୍ଷା
କରନ୍ତି। ସେ ସ୍ୱର୍ଗରେ ଓ ପୃଥିବୀରେ ଅଦ୍ଭୁତ ଓ
ଅଲୌକିକ କାର୍ଯ୍ୟ ସମ୍ପାଦନ କରନ୍ତି। ସେ ଦାନିୟେଲଙ୍କୁ
ସିଂହମାନଙ୍କଠାରୁ ଉଦ୍ଧାର କରି ଅଛନ୍ତି।"

**28**ଏହିରୂପେ ଦାନିୟେଲ ଦାରିୟାବସର ରାଜତ୍ୱ କାଳରେ
ଓ ପାରସିକ କୋରସର ରାଜତ୍ୱକାଳରେ ସଫଳକାମୀ
ହେଲେ।

## ଚାରିପଶୁଙ୍କ ବିଷୟରେ ଦାନିୟେଲଙ୍କ ସ୍ୱପ୍ନ

**7** ବାବିଲର ରାଜା ବେଲ୍‌ଶତ୍ସରଙ୍କ ରାଜତ୍ୱର ପ୍ରଥମ
ବର୍ଷରେ ଦାନିୟେଲ ଆପଣା ଶଯ୍ୟା ଉପରେ ସ୍ୱପ୍ନ ଓ
ମାନସିକ ଦର୍ଶନ ପ୍ରାପ୍ତ ହେଲେ। ସେ ସେହି ସ୍ୱପ୍ନରେ
ସାରକଥା ଲେଖି ରଖିଲେ। **2**ଦାନିୟେଲ କହିଲେ, "ମୁଁ
ରାତ୍ରିକାଳରେ ମୋର ଦର୍ଶନ ପାଇଲି ଯେ ମହାସମୁଦ୍ର ଉପରେ
ଆକାଶର ଚତୁର୍ଦ୍ଦିଗରୁ ବାୟୁ ପ୍ରଚଣ୍ଡ ବେଗରେ ବହିଲା, ସେହି
ବାୟୁ ସମୁଦ୍ରକୁ ଅଶାନ୍ତ କଲା। **3**ପୁଣି ମୁଁ ଦେଖିଲି, ଚାରି ଭିନ୍ନ
ପ୍ରକାରର ବୃହତ୍ ପଶୁ ସମୁଦ୍ରରୁ ଉଠି ଆସିଲେ।

**4**"ପ୍ରଥମ ପଶୁଟି ସିଂହ ସଦୃଶ ଓ ଉତ୍କ୍ରୋଷ ପକ୍ଷୀର
ଡେଣାପରି ତା'ର ଡେଣା ଥିଲା। ମୁଁ ନିରୀକ୍ଷଣ କରି ଦେଖିଲି,
ତା'ର ଡେଣା ଉପୁଡ଼ାଗଲା। ଆଉ ସେ ପୃଥିବୀରୁ ଉଠାଗଲା।
ମନୁଷ୍ୟପରି ଦୁଇ ପାଦରେ ତାକୁ ଠିଆ କରାଗଲା ଓ ତାକୁ
ମନୁଷ୍ୟର ଅନ୍ତଃକରଣ ଦିଆଗଲା।

**5**"ଆଉ ତତ୍ପରେ ମୋ ସମ୍ମୁଖରେ ଦ୍ୱିତୀୟ ପଶୁକୁ
ଦେଖିଲି ଯେ କି ଏକ ଭଲ୍ଲୁକ ସଦୃଶ ଥିଲା। ସେ ଏକ
ପାର୍ଶ୍ୱରେ ଉଠାଗଲା ଓ ତାହାର ମୁଖରେ ଦନ୍ତ ମଧ୍ୟରେ
ତିନିଖଣ୍ଡ ପଞ୍ଜରା ଥିଲା। ତାହାକୁ ଏହି କଥା କୁହାଗଲା, 'ଉଠ,
ଇଚ୍ଛା ଅନୁସାରେ ମାଂସ ଭକ୍ଷଣ କର।'

**6**"ଏହାପରେ ମୁଁ ତୃତୀୟ ପଶୁକୁ ଦେଖିଲି, ସେ ଚିତାବାଘ
ସଦୃଶ ଥିଲା। ତା'ର ପୃଷ୍ଠ ଭାଗରେ ପକ୍ଷୀର ଚାରିଡ଼େଣା ଥିଲା।
ଆଉ ମଧ୍ୟ ତାହାର ଚାରି ମସ୍ତକ ଥିଲା ଓ ତାକୁ ଶାସନ
କରିବାକୁ ଅଧିକାର ଦିଆଗଲା।

**7**"ଏହାପରେ ମୁଁ ରାତ୍ରିକାଳର ଦର୍ଶନରେ ଦେଖିଲି, ମୋର
ସମ୍ମୁଖରେ ଚତୁର୍ଥ ପଶୁ ଥିଲା। ସେ ଅତି ଭୟଙ୍କର,
କ୍ଷମତାସମ୍ପନ୍ନ ଓ ଅତିଶୟ ବଳବାନ୍ ଥିଲା ଓ ତାହାର ବଡ଼
ବଡ଼ ଲୌହର ଦାନ୍ତ ଥିଲା। ସେ ଦୋଷୀମାନଙ୍କୁ ଗ୍ରାସ କଲା
ଓ ଭାଙ୍ଗି ଚୂର୍ଣ୍ଣ କଲା। ଆଉ ଅବଶିଷ୍ଟ ଯାହା ରହିଲା ତାହା
ପଦତଳେ ଦଳିତ କଲା। ସେ ପୂର୍ବବର୍ତ୍ତୀ ସବୁ ପଶୁମାନଙ୍କଠାରୁ
ଭିନ୍ନ ଥିଲା ଓ ତାହାର ଦଶଟି ଶିଙ୍ଗ ଥିଲା।

**8**"ସେହି ଶିଙ୍ଗଗୁଡ଼ିକ ବିଷୟରେ ଚିନ୍ତା କରୁଥିବା ବେଳେ,
ମୁଁ ଅନ୍ୟ ଏକ ଶିଙ୍ଗ ଉଠିବାର ଦେଖିଲି। ତାହା କ୍ଷୁଦ୍ର ଥିଲା
ଓ ଏହା ସମ୍ମୁଖରେ ପ୍ରଥମ ଶିଙ୍ଗମାନଙ୍କ ମଧ୍ୟରୁ ତିନିଗୋଟି
ଶିଙ୍ଗକୁ ସମୂଳେ ଉତ୍ପାଟିତ କଲା। ଏହାର ମନୁଷ୍ୟର ଚକ୍ଷୁତୁଲ୍ୟ
ଚକ୍ଷୁ ଥିଲା ଓ କ୍ଷୁଦ୍ର ଶିଙ୍ଗରେ ଏକ ପାଟି ଥିଲା। ସେହି
ପାଟିଟି ଅହଂକାରପୂର୍ଣ୍ଣ କଥା କହୁଥିଲା।

## ଚତୁର୍ଥ ପଶୁର ବିଚାର

**9**"ମୁଁ ଗୋଟିଏ ସିଂହାସନ ସ୍ଥାପିତ ହେଉଥିବାର
ଦେଖିଲି। ଅତି ବୃଦ୍ଧାଲୋକ ସେହି ଉପରେ ବସିଲେ। ତାଙ୍କର
ବସ୍ତ୍ର ହିମତୁଲ୍ୟ ଶୁକ୍ଳବର୍ଣ୍ଣ ଓ ତାଙ୍କର ମସ୍ତକର କେଶ
ମେଷଲୋମ ସଦୃଶ ଶୁଭ୍ର ଥିଲା। ତାଙ୍କର ସିଂହାସନ
ଅଗ୍ନିମୟପରି ଓ ସିଂହାସନର ଚକସବୁ ଜ୍ୱଳନ୍ତ ଅଗ୍ନି ଶିଖା,
ସଦୃଶ ଥିଲା।

**10**ତାଙ୍କ ସମ୍ମୁଖରୁ ଅଗ୍ନିସ୍ରୋତ ନିର୍ଗତ ହୋଇ ବହିଲା ଓ
ସହସ୍ର ସହସ୍ର ଲୋକ ତାଙ୍କର ଚାରିପଟେ ଛିଡା ହେଲେ।
ବିଚାର ସଭା ବସିଲା ଓ ପୁସ୍ତକମାନ ଖୋଲାଗଲା।

11"ମୁଁ ଦେଖିବାରେ ଲାଗିଲି, ସେହି ଛୋଟ ଶିଙ୍ଗର କଣ
ହେବ। ଯେଉଁଟାକି ବହୁତ ଅହଂକାର କରୁଥିଲା। ଚତୁର୍ଥ
ପଶୁଟି ମଲା ପର୍ଯ୍ୟନ୍ତ ଏବଂ ତାହାର ଶରୀର ଧ୍ୱଂସ କରି ଅଗ୍ନି
ମଧ୍ୟକୁ ଫିଙ୍ଗି ପାଉଁଶ କରି ଦିଆଗଲା। 12ପୁଣି ଅନ୍ୟ
ପଶୁମାନଙ୍କଠାରୁ ଅଧିକାର ଓ କର୍ତ୍ତୃତ୍ୱ କାଢି ନିଆଗଲା। ମାତ୍ର
କିଛି କାଳ ଏକ ନିର୍ଦ୍ଦିଷ୍ଟ ସମୟ ବଞ୍ଚି ରହିବାକୁ ସେମାନଙ୍କୁ
ଅନୁମତି ଦିଆଗଲା।

13"ଆଉ ମୁଁ ରାତ୍ରିରେ ଦର୍ଶନରେ ଦେଖିଲି, ମନୁଷ୍ୟ
ସଦୃଶ କେହି ଆକାଶର ମେଘରେ ଆସିଲେ। ଏବଂ ସେ
ଆକାଶର ମେଘଖଣ୍ଡ ଉପରେ ସେହି ବୃଦ୍ଧଙ୍କ ନିକଟକୁ
ଆସିଲେ ଓ ସେମାନେ ତାଙ୍କୁ ତାହାଙ୍କ ଛାମୁକୁ ଆଣିଲେ।

14"ତାହାଙ୍କୁ କର୍ତ୍ତୃତ୍ୱ, ମହିମା ଓ ରାଜ୍ୟ ପ୍ରଦତ୍ତ ହେଲା।
ତେଣୁ ସମୁଦାୟ ଗୋଷ୍ଠୀ, ଦେଶବାସୀ ଓ ଭାଷାବାଦୀମାନେ
ତାଙ୍କର ଉପାସନା କରିବେ। ତାଙ୍କର ବିଧି ଅନନ୍ତକାଳୀନ ଓ
ତାହା ଲୁପ୍ତ ହେବନାହିଁ। ଆଉ ତାଙ୍କର ରାଜ୍ୟ ଅବିନାଶୀ
ହେବ।

## ଚତୁର୍ଥ ପଶୁ ସମ୍ବନ୍ଧରେ ସ୍ୱପ୍ନର ଅର୍ଥପ୍ରକାଶ

15"ମୁଁ ଦାନିୟେଲ ଦ୍ୱନ୍ଦ୍ୱରେ ପଡ଼ିଲି ଓ ବ୍ୟସ୍ତ ହୋଇଗଲି।
ଆଉ ମୋର ମାନସିକ ଦର୍ଶନ ମୋତେ ଉଦ୍‌ବିଗ୍ନ କଲା।
16ସେଠାରେ ଛିଡ଼ା ହୋଇଥିବା ଲୋକମାନଙ୍କ ମଧ୍ୟରୁ ଜଣକ
ନିକଟକୁ ଯାଇ ଏସବୁ ତଥ୍ୟ ପଚାରିଲି। ତେଣୁ ସେ ମୋତେ
ସେ ସବୁର ଅର୍ଥ ବୁଝାଇ କହିଲେ। 17'ସେହି ଚାରି ବୃହତ୍
ପଶୁ ଚାରି ରାଜା ଅଟନ୍ତି। ଆଉ ସେମାନେ ଏହି ପୃଥିବୀରୁ
ଉତ୍ପନ୍ନ ହେବେ। 18ମାତ୍ର ପରମେଶ୍ୱରଙ୍କ ପବିତ୍ର ଲୋକମାନେ
ରାଜ୍ୟ ପ୍ରାପ୍ତ ହେବେ ଓ ଅନନ୍ତକାଳ ପର୍ଯ୍ୟନ୍ତ ରାଜ୍ୟ ଭୋଗ
କରିବେ।'

19"ତା'ପରେ ମୁଁ ଚତୁର୍ଥ ପଶୁ ସମ୍ବନ୍ଧରେ ସମସ୍ତ ତଥ୍ୟ
ଜାଣିବାକୁ ଇଚ୍ଛା କଲି। ଏହା ଅତି ଭୟଙ୍କର ଥିଲା ଓ ଏହାର
ଲୁହାର ଦାନ୍ତ ଓ ପିତ୍ତଳ ନଖସବୁ ଥିଲା। ସେ ସବୁକିଛି ଭାଙ୍ଗି
ଚୂର୍ଣ୍ଣ କଲା ଓ ଗ୍ରାସ କଲା ଓ ଅବଶିଷ୍ଟ ସବୁ ପାଦରେ ଦଳି
ଦେଲା। 20ସେହି ଚତୁର୍ଥ ପଶୁର ମସ୍ତକରେ ଯେଉଁ ଦଶ ଶିଙ୍ଗ
ଥିଲା, ଅନ୍ୟ ଯେଉଁ କ୍ଷୁଦ୍ର ଶିଙ୍ଗ ଉଠିଲା ଓ ଯାହା ସାକ୍ଷାତରେ
ଦଶଶିଙ୍ଗ ମଧ୍ୟରୁ ତିନିଶିଙ୍ଗ ପଡ଼ିଗଲା, ଯେଉଁ ଶିଙ୍ଗର ଚକ୍ଷୁ ଓ
ଅହଙ୍କାର ବାକ୍ୟବାଦ ମୁଖ ଥିଲା ଓ ଯାହାର ଆକାର
ଅନ୍ୟମାନଙ୍କଠାରୁ ଦାମ୍ଭିକ ଥିଲା, ତାହାର ତଥ୍ୟ ଜାଣିବାକୁ ମୁଁ
ଇଚ୍ଛା କଲି। 21ଆଉ ମୁଁ ଦେଖିଲି ସେହି ଶିଙ୍ଗ ପରମେଶ୍ୱରଙ୍କ
ପବିତ୍ର ଲୋକଙ୍କୁ ଆକ୍ରମଣ କଲା ଓ ସେମାନଙ୍କୁ ବଧ କଲା।
22ତା'ପରେ ସେହି ବୃଦ୍ଧ ଲୋକଟି ଆସିଲେ ଓ ପରମେଶ୍ୱରଙ୍କ
ପବିତ୍ର ଲୋକମାନଙ୍କ ସପକ୍ଷରେ ଏବଂ ଶିଙ୍ଗ ବିପକ୍ଷରେ ନ୍ୟାୟ
ହେଲା। ଆଉ ପରମେଶ୍ୱର ସେହି ପବିତ୍ର ଲୋକମାନଙ୍କର
ରାଜତ୍ୱ କରିବାର ସମୟ ଉପସ୍ଥିତ ହେଲା।

23"ଆଉ ସେ ମୋତେ ବୁଝାଇ କହିଲେ, 'ଚତୁର୍ଥ ପଶୁ
ପୃଥିବୀର ଚତୁର୍ଥ ରାଜ୍ୟ ହେବ, ତାହା ଅନ୍ୟ ସମସ୍ତ
ରାଜ୍ୟଠାରୁ ଭିନ୍ନ ହେବ ଓ ସମୁଦାୟ ପୃଥିବୀକୁ ଗ୍ରାସ କରିବ।
ଆଉ ପାଦରେ ଦଳି ଖଣ୍ଡ ଖଣ୍ଡ କରି ତାହା ଭାଙ୍ଗି ପକାଇବ।
24ପୁଣି ସେହି ଦଶ ଶିଙ୍ଗର ତାତ୍ପର୍ଯ୍ୟ ହେଉଛି ଯେ ସେହି
ରାଜ୍ୟରୁ ଦଶ ରାଜା ଉତ୍ପନ୍ନ ହେବେ। ସେମାନଙ୍କ ପରେ ଆଉ
ଜଣେ ଉତ୍ପନ୍ନ ହେବ ଓ ସେ ତାଙ୍କର ପୂର୍ବବର୍ତ୍ତୀମାନଙ୍କଠାରୁ
ଭିନ୍ନ ହେବ ଓ ସେ ତିନି ରାଜାଙ୍କୁ ଦମନ କରିବ। 25ଏବଂ
ସେ ସର୍ବୋପରିସ୍ଥ ପରମେଶ୍ୱରଙ୍କ ବିରୁଦ୍ଧରେ କଥା କହିବ ଓ
ପରମେଶ୍ୱରଙ୍କର ପବିତ୍ର ଲୋକମାନଙ୍କୁ ବଧ କରିବ। ଆଉ
ସେ ସମୟ ଓ ଆଜ୍ଞାର ପରିବର୍ତ୍ତନ କରିବାକୁ ଚିନ୍ତା କରିବ।
ସାଢେ ତିନିବର୍ଷ ପାଇଁ ସେମାନେ ତା' ହସ୍ତରେ ସମର୍ପିତ
ହେବେ।

26"'ମାତ୍ର ବିଚାର ସଭା ବସିବ ଓ ରାଜାଙ୍କର କର୍ତ୍ତୃତ୍ୱ
କାଢ଼ି ନିଆଯିବ ଓ ରାଜ୍ୟ ସମ୍ପୂର୍ଣ୍ଣ ଭାବରେ ବିନାଶ ହେବ।
27ଆଉ ରାଜତ୍ୱ, କର୍ତ୍ତୃତ୍ୱ ଓ ରାଜ୍ୟ ସମୂହର ମହିମା
ସର୍ବୋପରିସ୍ଥ ପରମେଶ୍ୱରଙ୍କର ପବିତ୍ର ଲୋକମାନଙ୍କୁ ଦତ୍ତ
ହେବ। ତାଙ୍କର ରାଜ୍ୟ ଅନନ୍ତକାଳ ପାଇଁ ସ୍ଥାୟୀ ହେବ ଓ
ଅନ୍ୟ ସମସ୍ତ ଶାସକ ଗୋଷ୍ଠୀ ତାଙ୍କର ସେବା କରିବେ ଓ
ତାଙ୍କର ଆଜ୍ଞାବହ ହେବେ।'

28"ଏହିଠାରେ ମୋର ସ୍ୱପ୍ନ ଶେଷ ହେଲା। ମୁଁ ଦାନିୟେଲ
ମୋର ଭାବନା ମୋତେ ଉଦ୍‌ବିଗ୍ନ କଲା ଓ ମୋର ମୁଖ
ବିବର୍ଣ୍ଣ ହେଲା। ମାତ୍ର ମୁଁ ସେ କଥା ଅନ୍ୟ ଆଗରେ କହି
ପାରିଲି ନାହିଁ।"

## ଗୋଟିଏ ମେଷ ଓ ଛାଗ ବିଷୟରେ ଦାନିୟେଲଙ୍କ ଦର୍ଶନ

8 ରାଜା ବେଲ୍‌ଶତ୍ସରଙ୍କ ରାଜତ୍ୱର ତୃତୀୟ ବର୍ଷରେ ମୁଁ
ଆଉ ଏକ ଦର୍ଶନ ପାଇଲି। 2ଯେତେବେଳେ ମୁଁ
ଏଲମର ରାଜଧାନୀ ଶୂଶନରେ ଥିଲି, ଏବଂ ଉଲୟ ନଦୀ
ନିକଟରେ ଛିଡ଼ା ହେଉଥିଲି। ମୁଁ ଏହି ଦର୍ଶନ ପାଇଲି। 3ଆଉ
ମୁଁ ଦେଖିଲି ଯେ, ନଦୀର ଗୋଟିଏ ପାର୍ଶ୍ୱରେ ଏକ ଅଣ୍ଡିରା
ମେଷ ଠିଆ ହୋଇଅଛି। ତାହାର ଦୁଇଟି ଲମ୍ବା ଶିଙ୍ଗ ଓ
ଗୋଟିଏ ଅନ୍ୟଠାରୁ ଅଧିକ ଲମ୍ବା। ଆଉ ଲମ୍ବା ଶିଙ୍ଗଟି ଅନ୍ୟ
ଶିଙ୍ଗ ଅପେକ୍ଷା ପଛକୁ ଥିଲା। 4ମୁଁ ଲକ୍ଷ୍ୟ କଲି ସେହି ମେଷ
ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦିଗକୁ ପେଲି ମାଡ଼ି ଯାଉଛି।
ଆଉ କୌଣସି ପଶୁ ତାହା ସମ୍ମୁଖରେ ଠିଆ ହୋଇପାରୁ
ନଥିଲେ ଏବଂ ଆଉ କେହି ତା'ଠାରୁ ରକ୍ଷା ପାଇ ପାରିଲେ
ନାହିଁ। ତେଣୁ ସେ ନିଜ ଇଚ୍ଛାନୁସାରେ କର୍ମ କରି ନିଜର
ବଡ଼ିମା ପ୍ରକାଶ କରି ଶକ୍ତିଶାଳୀ ହେଲା।

5ମୁଁ ସେ ଅଣ୍ଡିରା ମେଷ ବିଷୟରେ ଚିନ୍ତା କରୁଥିଲା
ବେଳେ ଦେଖିଲି ଗୋଟିଏ ଛାଗ ପଶ୍ଚିମ ଦିଗରୁ ଆସୁଛି।
ଆଉ ସେହି ଛାଗର ଦୁଇ ଚକ୍ଷୁ ମଧ୍ୟରେ ଗୋଟିଏ ବଡ ଶିଙ୍ଗ
ଥିଲା ଓ ତାହା ଧାନାକର୍ଷଣୀୟ ଥିଲା। ସେ ଛାଗ ଏତେ
ଦ୍ରୁତଗତିରେ ଦୌଡୁଥିଲା ଯେ ତା'ର ପାଦ ଭୂମିକୁ ସ୍ପର୍ଶ
କରୁନଥିଲା।

6ସେହି ଛାଗ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଉଲୟ ନଦୀ
ନିକଟରେ ଛିଡା ହୋଇଥିବା ଦୁଇ ଶିଙ୍ଗ ବିଶିଷ୍ଟ ଅଣ୍ଡିରା ମେଷ
ଆଡ଼କୁ ଧାଇଁଲା। 7ଏବଂ ମୁଁ ଦେଖିଲି ଯେ ସେହି ଛାଗ
ପ୍ରଚଣ୍ଡ କ୍ରୋଧରେ ସେହି ମେଷ ନିକଟକୁ ଆସିଲା ଓ
ଉତ୍ତେଜିତ ହୋଇ ମେଷକୁ ଆଘାତ କଲା ଓ ତାହାର ଦୁଇ
ଶିଙ୍ଗ ଭାଙ୍ଗି ପକାଇଲା। ତେଣୁ ଅଣ୍ଡିରା ମେଷ, ସେହି ଛାଗର
ସମ୍ମୁଖୀନ ହୋଇ ପାରିଲା ନାହିଁ। ତା'ର ଠିଆ ହେବାକୁ ଶକ୍ତି

ପାଇଲା ନାହିଁ। ସେହି ଛାଗ ତାକୁ ଭୂମିଶାୟୀ କରି ପାଦରେ
ଦଳିଲା, ଆଉ ସେହି ଛାଗଠାରୁ ମେଷକୁ ରକ୍ଷା କରିବାକୁ
କେହି ନଥିଲେ।

8ସେହି ଛାଗ ଅତ୍ୟନ୍ତ ଶକ୍ତିଶାଳୀ ହୋଇ ନିଜର ପ୍ରତାପ
ଦେଖାଉଥିଲା ବେଳେ ତା'ର ବୃହତ୍ ଶିଙ୍ଗ ଭାଙ୍ଗି ଗଲା ଓ
ସେହି ସ୍ଥାନରେ ଚାରି ଦିଗକୁ ଚାରିଟି ବିଲକ୍ଷଣ ଶିଙ୍ଗ ଉତ୍ପନ୍ନ
ହେଲା।

9ତା'ପରେ ସେହି ଶିଙ୍ଗଗୁଡ଼ିକ ମଧ୍ୟରୁ କ୍ଷୁଦ୍ର ଶିଙ୍ଗଟି
ଦକ୍ଷିଣ, ପୂର୍ବ ଓ ରମ୍ୟଦେଶ ଆଡ଼କୁ ବଢ଼ିଲା। 10ସେହି ଛୋଟ
ଶିଙ୍ଗଟି ଆକାଶ ପର୍ଯ୍ୟନ୍ତ ବଢିଲା। ଏହା ଆକାଶର କେତେକ
ତାରାଙ୍କୁ ଭୂମିରେ ଖସାଇ ପକାଇଲା ଓ ସେମାନଙ୍କୁ ପାଦରେ
ଦଳିଲା। 11ଆଉ ସେହି ଶିଙ୍ଗଟି ଅତି ବଳିଷ୍ଠ ହୋଇ
ପରମେଶ୍ୱରଙ୍କ ସ୍ୱର୍ଗୀୟ ସୈନ୍ୟମାନଙ୍କ ଦଳପତି ବିରୁଦ୍ଧରେ
ଗଲା, ଏହା ତାଙ୍କଠାରୁ ଦୈନ୍ୟନ୍ଦିନ ହୋମାର୍ଥକ ବଳି ଛଡେଇ
ନେଲା ଓ ମନ୍ଦିରକୁ ଧ୍ୱଂସ କଲା। 12ତା'ପରେ ନିତ୍ୟ
ହୋମବଳି ବିରୁଦ୍ଧରେ ଦୋଷ କରିବାକୁ ଗୋଟିଏ ବାହିନୀ
ତାଙ୍କୁ ସମର୍ପିତ କଲେ। ଏହା ସତ୍ୟକୁ ତଳେ ପକାଇ ଦେଲା,
ଯାହା ଇଚ୍ଛା ତାହା କଲା।

13ତା'ପରେ ଏକ ପବିତ୍ର ସ୍ୱର୍ଗଦୂତ କହିବାର ମୁଁ ଶୁଣିଲି।
ତା'ପରେ ଅନ୍ୟ ଏକ ପବିତ୍ର ସ୍ୱର୍ଗଦୂତ ଏହି ଦୂତକୁ
ପଚାରିଲେ, "କେତେଦିନ ପର୍ଯ୍ୟନ୍ତ ନିତ୍ୟ ହୋମବଳି ବିରୁଦ୍ଧରେ
ଏହି ଦର୍ଶନ ରହିବ ଏବଂ କେତେକାଳ ପର୍ଯ୍ୟନ୍ତ ଏହି
ଲୋମହର୍ଷକ ଦୋଷ ଚାଲିବ ଯେ, ମନ୍ଦିର ଏହିପରି ଭାବରେ
ପଦଦଳିତ ହେବାକୁ ଅନୁମତି ହୋଇଛି?"

14ଅନ୍ୟ ପବିତ୍ର ବ୍ୟକ୍ତି ଉତ୍ତର କଲେ, "ଏହା 2,300
ଦିନ ପର୍ଯ୍ୟନ୍ତ ଚାଲିବ। ତା'ପରେ ଧର୍ମଧାମ ପ୍ରତିଷ୍ଠିତ ହେବ।"

### ଦାନିୟେଲଙ୍କୁ ଦର୍ଶନ ବ୍ୟାଖ୍ୟା କରାଗଲା

15ଅନନ୍ତର ମୁଁ ଦାନିୟେଲ, ଏହି ଦର୍ଶନ ପାଇଲା ପରେ
ତାହା ବୁଝିବା ପାଇଁ ଚେଷ୍ଟା କଲି। ଏବଂ ଜଣେ ମନୁଷ୍ୟ ପରି
ଦେଖାଯାଉଥିବା ପ୍ରାଣୀ ମୋ ସମ୍ମୁଖରେ ଆର୍ବିଭାବ ହେଲା।
16ପୁଣି ଉଲୟ ନଦୀ ମଧ୍ୟରୁ ମୁଁ ଏକ ମନୁଷ୍ୟର ସ୍ୱର
ଶୁଣିଲି। ସେ ଡ଼ାକି କହିଲା, "ହେ ଗାବ୍ରିୟେଲ, ଏହି
ମନୁଷ୍ୟକୁ ଦର୍ଶନର ତାତ୍ପର୍ଯ୍ୟ ବୁଝାଇ ଦିଅ।"

17ମନୁଷ୍ୟାକୃତି ସ୍ୱର୍ଗଦୂତ ଗାବ୍ରିୟେଲ ମୋ ନିକଟକୁ
ଆସିଲେ। ମୁଁ ଭୟଭୀତ ହୋଇ ତାଙ୍କ ପାଦତଳେ ପଡ଼ିଗଲି।
ମାତ୍ର ସେ ମୋତେ କହିଲେ, "ହେ ମନୁଷ୍ୟ ପୁତ୍ର, ବୁଝ, ଏହି
ଦର୍ଶନ ଶେଷକାଳ ବିଷୟକ ଅଟେ।"

18ସେ ମୋତେ କହିଲାବେଳେ ମୁଁ ଭୂମିରେ ମୁହଁ ମାଡ଼ି
ଗଭୀର ନିଦ୍ରାରେ ଶୋଇଗଲି, ମାତ୍ର ସେ ମୋତେ ସ୍ପର୍ଶ କରି
ଠିଆ କରାଇଲେ। 19ଗାବ୍ରିୟେଲ କହିଲେ, "ମୁଁ ତୁମ୍ଭକୁ ଦର୍ଶନ
ସମ୍ବନ୍ଧରେ ବୁଝାଇବି, ଭବିଷ୍ୟତରେ କ'ଣ ଘଟିବ ଓ ତୁମ୍ଭର
ଏହି ଦର୍ଶନ ନିରୂପିତ ଶେଷକାଳର କଥା ବୋଲି ଜଣାଇବି।

20"ତୁମ୍ଭେ ମେଷର ଯେଉଁ ଦୁଇ ଶିଙ୍ଗ ଦେଖିଲ ସେଥିରୁ
ଜଣେ ମାଦୀୟ ଓ ଅନ୍ୟ ଜଣେ ପାରସିକ ରାଜା। 21ଆଉ
ସେ ଛାଗ ହେଉଛି ଯବନ ଦେଶର ରାଜା। ସେହି ଛାଗର
ଦୁଇ ଚକ୍ଷୁ ମଧ୍ୟରେ ଥିବା ବୃହତ୍ ଶିଙ୍ଗଟି ପ୍ରଥମ ରାଜା।
22ଆଉ ଯେଉଁ ଶିଙ୍ଗ ଭଗ୍ନ ହୋଇ ସେ ସ୍ଥାନରେ ଚାରିଶିଙ୍ଗ
ଉତ୍ପନ୍ନ ହେଲା, ଏଥିରୁ ସେହି ଦେଶୀୟମାନଙ୍କ ମଧ୍ୟରୁ ଚାରି
ରାଜ୍ୟ ଉତ୍ପନ୍ନ ହେବାର ଜାଣିବ, ମାତ୍ର ସେଗୁଡ଼ିକ ପ୍ରଥମ ପରି
ଶକ୍ତିଶାଳୀ ହେବେ ନାହିଁ।

23"ଯେତେବେଳେ ସେହି ରାଜ୍ୟଗୁଡ଼ିକର ଶେଷ ସମୟ
ଆସିବ ସେତେବେଳେ ଜଣେ ଅତି ସାହସୀ ଓ ନିଷ୍ଠୁର ରାଜା
ଜନ୍ମ ହେବେ। ଆଉ ସେ ରାଜା ଅତି କୌଶଳୀ ହେବେ
ମାତ୍ର ସେତେବେଳେ ବହୁ ପାପୀଷ୍ଠ ବ୍ୟକ୍ତି ଜନ୍ମ ନେଇଥିବେ।
24ସେ ବଳରେ ଅତି ପରାକ୍ରମୀ ହେବ। ମାତ୍ର ତାହାର ନିଜ
ବଳରେ ନୁହେଁ। ସେ ଭୟଙ୍କର ବିନାଶର କାରଣ ହେବ ଓ
ଶକ୍ତିଶାଳୀ ହୋଇ ସ୍ୱେଚ୍ଛାଚାରୀ ଭାବରେ କାର୍ଯ୍ୟ କରିବ। ଆଉ
ସେ ପରାକ୍ରମୀ ଓ ପବିତ୍ର ଲୋକମାନଙ୍କୁ ବିନାଶ କରିବ।

25"ପୁଣି ସେ ନିଜର କୌଶଳ, ଛଳ, ଜ୍ଞାନ ଓ ମିଥ୍ୟା
ବଳରେ ସଫଳକାମୀ ହେବ। ସେ ନିଜ ଅନ୍ତଃକରଣରେ
ନିଜକୁ ବଡ ମନେ କରିବ ଓ ନିରାପଦ ସମୟରେ ଅନେକଙ୍କୁ
ବିନାଶ କରିବ। ଆଉ ଅଧିପତିଙ୍କର ଅଧିପତିଙ୍କ ପ୍ରତିକୂଳରେ
ଠିଆ ହେବ। ମାତ୍ର ସେ ମଣିଷ ହସ୍ତରେ ବିନାଶ ହେବ
ନାହିଁ।

26"ସେ ସମୟରେ ଦର୍ଶନ ବିଷୟରେ ମୁଁ ଯାହା କହିଲି
ସେସବୁ ସତ୍ୟ, ମାତ୍ର ତୁମ୍ଭେ ସେହି ଦର୍ଶନ ମୁଦ୍ରାଙ୍କିତ କର।
କାରଣ ତାହା ଆଗାମୀ ବହୁଦିନ ପର୍ଯ୍ୟନ୍ତ ଘଟିବ ନାହିଁ।"

27ମୁଁ ଦାନିୟେଲ ଏହାପରେ ବିଶେଷ କ୍ଳାନ୍ତ ହୋଇ
ପଡ଼ିଲି। ସେହି ଦର୍ଶନ ପରେ ଅନେକ ଦିନ ପର୍ଯ୍ୟନ୍ତ ପୀଡ଼ିତ
ହେଲି। ତା'ପରେ ମୁଁ ଉଠି ରାଜକାର୍ଯ୍ୟ କଲି। କିନ୍ତୁ ସେ
ଦର୍ଶନରେ ବିବ୍ରତ ହୋଇ ପଡ଼ିଲି କାରଣ ସେ ଦର୍ଶନର ଅର୍ଥ
କିଛି ବୁଝିଲି ନାହିଁ।

### ଦାନିୟେଲଙ୍କ ପ୍ରାର୍ଥନା

9 ଦାରୟାବସଙ୍କ ରାଜତ୍ୱର ପ୍ରଥମ ବର୍ଷରେ ଏହିସବୁ ଘଟଣାମାନ
ଘଟିଲା। ଦାରୟାବସ୍ ମାଦୀୟ ବଂଶର ଉତ୍ତରାଧିକାରୀ
ଥିଲେ। ତାଙ୍କର ପିତା ଅକ୍ଷଶ୍ୱେରସର ଥିଲେ। ସେ କଲଦୀୟର
ରାଜା ପଦରେ ଉପଯୋଗୀ ହେଲେ। 2ଦାରୟାବସଙ୍କ ରାଜତ୍ୱର
ପ୍ରଥମ ବର୍ଷରେ ମୁଁ ଦାନିୟେଲ, କେତେକ ଗ୍ରନ୍ଥ ପାଠକରି
ଜାଣିଲି ଯେ, ଯିରିମିୟ ଭବିଷ୍ୟଦ୍‌ବକ୍ତା ସଦାପ୍ରଭୁଙ୍କଠାରୁ ବୁଝିଲେ
ଯିରୁଶାଲମର ପୁନଃନିର୍ମାଣ ପ୍ରଳୟର ସତୁରି ବର୍ଷ ପରେ
ଘଟିଥିଲା।

3ଏଣୁ ମୁଁ ଉପବାସ, ଚଟବସ୍ତ୍ର ପରିଧାନ ଓ ଭସ୍ମ ଲେପନ
କରି ପ୍ରାର୍ଥନା ଓ ବୀନତି ଦ୍ୱାରା ପ୍ରଭୁ ପରମେଶ୍ୱରଙ୍କର
ଅନ୍ୱେଷଣ କରିବା ପାଇଁ ତାଙ୍କ ପ୍ରତି ଦୃଷ୍ଟି ଦେଲି। 4ପୁଣି ମୁଁ
ମୋର ପରମେଶ୍ୱର ସଦାପ୍ରଭୁଙ୍କୁ ପ୍ରାର୍ଥନା କଲି ଓ ମୋର
ପାପ ସ୍ୱୀକାର କରି କହିଲି, "ହେ ସଦାପ୍ରଭୁ, ତୁମ୍ଭେ ମହାନ୍
ଓ ଭୟାନକ ପରମେଶ୍ୱର। ଯେଉଁମାନେ ତୁମ୍ଭକୁ ପ୍ରେମ
କରନ୍ତି ଓ ତୁମ୍ଭର ଚୁକ୍ତି ପାଳନ କରନ୍ତି, ତୁମ୍ଭେ ସେମାନଙ୍କ
ପ୍ରତି ଦୟା ଓ ନିୟମ କରିଥାଅ।

5"ମାତ୍ର, ହେ ସଦାପ୍ରଭୁ, ଆମ୍ଭେମାନେ ପାପ ଓ କୁଟିଳାଚରଣ
କରିଅଛୁ। ଆଉ ଦୁଷ୍କର୍ମ କରି ବିଦ୍ରୋହୀ ହୋଇଅଛୁ। ଆଉ
ତୁମ୍ଭର ବିଧି ଓ ଶାସନ ପଥ ତ୍ୟାଗ କରିଅଛୁ। 6ତୁମ୍ଭର

ଭବିଷ୍ୟଦ୍‌ବକ୍ତାମାନଙ୍କ ପ୍ରତି ଆମ୍ଭେ କର୍ଣ୍ଣପାତ କରିନାହୁଁ।
ସେମାନେ ଆମ୍ଭର ରାଜାମାନଙ୍କୁ ଆମ୍ଭର ନେତାମାନଙ୍କୁ, ଆମ୍ଭର
ପିତୃପୁରୁଷଗଣଙ୍କୁ ଏବଂ ଇଶ୍ରାୟେଲକୁ ତୁମ୍ଭର ନାମରେ
କହିଥିଲେ।

7"ହେ ସଦାପ୍ରଭୁ, ତୁମ୍ଭେ ପରମ ଧାର୍ମିକ ଓ ଧାର୍ମିକତା
ତୁମ୍ଭର ଅଟେ। ମାତ୍ର ଆଜିକାର ନ୍ୟାୟରେ ଆମ୍ଭେମାନେ
ଲଜ୍ଜାର ପାତ୍ର। ଆଉ ତୁମ୍ଭ ବିରୁଦ୍ଧରେ ସତ୍ୟ ଲଙ୍ଘନ ଯୋଗୁଁ
ଯିହୁଦାର ଲୋକ ଓ ଯିରୁଶାଲମ ନିବାସୀ, ତୁମ୍ଭ ଦ୍ୱାରା
ବିତାଡ଼ିତ ସମସ୍ତ ଦେଶସ୍ଥ ନିକଟବର୍ତ୍ତୀ ଓ ଦୂରବର୍ତ୍ତୀ ସମସ୍ତ
ଇଶ୍ରାୟେଲ ଲୋକ ଲଜ୍ଜାର ପାତ୍ର।

8"ହେ ସଦାପ୍ରଭୁ, ଆମ୍ଭେମାନେ ଲଜ୍ଜିତ ହେବା ଉଚିତ,
ଆଉ ଆମ୍ଭର ସମସ୍ତ ଅଧିପତିଗଣ, ସମସ୍ତ ରାଜଗଣ ଓ ସମସ୍ତ
ପୂର୍ବପୁରୁଷଗଣ ଲଜ୍ଜିତ ହେବା ଉଚିତ। କାରଣ ଆମ୍ଭେମାନେ
ତୁମ୍ଭ ବିରୁଦ୍ଧରେ ପାପ କରିଅଛୁ।

9"ହେ ସଦାପ୍ରଭୁ, ତୁମ୍ଭେ ଦୟାଳୁ ଏବଂ କ୍ଷମାବାନ। କିନ୍ତୁ
ପ୍ରକୃତରେ ଆମ୍ଭେମାନେ ତାହାଙ୍କ ବିରୁଦ୍ଧରେ ବିଦ୍ରୋହାଚରଣ
କରିଅଛୁ। 10ଆମ୍ଭେମାନେ ସଦାପ୍ରଭୁ ଆମ୍ଭର ପରମେଶ୍ୱରଙ୍କୁ
ଅବମାନନା କରିଅଛୁ। ଯାହାକି ଆପଣା ଦାସ, ଭବିଷ୍ୟଦ୍‌ବକ୍ତାଗଣ
ମାଧମରେ ଯେଉଁ ବ୍ୟବସ୍ଥା ସକଳ ରଖିଲେ ତାହା ସବୁ
ଆମ୍ଭେମାନେ ପାଳନ କରିନାହୁଁ। 11ଆଉ ସମଗ୍ର ଇଶ୍ରାୟେଲ
ତୁମ୍ଭର ବ୍ୟବସ୍ଥା ଲଙ୍ଘନ କରିଅଛନ୍ତି। ସେମାନେ ତୁମ୍ଭ ପ୍ରତି
ବିମୁଖ ହୋଇଅଛନ୍ତି। ଏହି କାରଣରୁ ଅଭିଶାପ ଓ ପରମେଶ୍ୱରଙ୍କ
ସେବକ ମୋଶାଙ୍କ ବ୍ୟବସ୍ଥାରେ ଲିଖିତ ପ୍ରତିଜ୍ଞା ଆମ୍ଭମାନଙ୍କ
ଉପରେ ଢଳା ଯାଇଅଛି। କାରଣ ଆମ୍ଭେମାନେ ତାଙ୍କ
ବିରୁଦ୍ଧରେ ପାପ କରିଅଛୁ।

12"ତାଙ୍କ କାରଣରୁ ଆମ୍ଭମାନଙ୍କୁ ଓ ଯେଉଁମାନେ ଆମ୍ଭଙ୍କୁ
ବିଚାର ଦେଲେ, ସେମାନଙ୍କ ବିରୁଦ୍ଧରେ ମହା ଅମଙ୍ଗଳ
ଘଟାଇଛନ୍ତି। ଏହି କାରଣରୁ କୌଣସି ନଗର ଯିରୁଶାଲମ
ପରି ଦୁଃଖ ଭୋଗ କରିନାହିଁ। 13ମୋଶାଙ୍କ ଲିଖିତ ବ୍ୟବସ୍ଥାନୁସାରେ
ଏହିସବୁ ଅମଙ୍ଗଳ ଆମ୍ଭମାନଙ୍କ ପ୍ରତି ଘଟିଅଛି। ତଥାପି
ଆମ୍ଭେମାନେ ସଦାପ୍ରଭୁଙ୍କର ଅନୁଗ୍ରହ ଭିକ୍ଷା କରିନାହୁଁ କି
ପାପରୁ ବିରତ ହୋଇନାହୁଁ ଓ ତାଙ୍କର ସତ୍ୟତା ପ୍ରତି ଧ୍ୟାନ
ଦେଇନାହୁଁ। 14ସଦାପ୍ରଭୁ ଆମ୍ଭମାନଙ୍କ ଅମଙ୍ଗଳାର୍ଥେ ଜାଗ୍ରତ
ହୋଇ ଏହି ସମସ୍ତ ଘଟାଇ ଅଛନ୍ତି। ଆମ୍ଭେମାନେ କରିଥିବା
ସମସ୍ତ ପାପ ପାଇଁ ଆମ୍ଭଙ୍କୁ ଦଣ୍ଡିତ କରିବା ଯଥାର୍ଥତା ଅଟେ।
ମାତ୍ର ଆମ୍ଭେମାନେ ତାହାଙ୍କ ବାକ୍ୟ ପ୍ରତି ଧ୍ୟାନ ଦେଇନାହୁଁ।

15"ଏଣୁ ହେ ଆମ୍ଭମାନଙ୍କର ପରମେଶ୍ୱର ସଦାପ୍ରଭୁ,
ତୁମ୍ଭେ ତୁମ୍ଭର ବଳବାନ ହସ୍ତଦ୍ୱାରା ଆପଣା ଲୋକମାନଙ୍କୁ
ମିଶରରୁ ବାହାର କରି ଆଣିଛ। ଏବେ ମଧ୍ୟ ତୁମ୍ଭେ ପ୍ରସିଦ୍ଧି
ଲାଭ କରିଅଛ। ହେ ପ୍ରଭୁ, ଆମ୍ଭେମାନେ ପାପ କରିଅଛୁ ଓ
ଆମ୍ଭେମାନେ ଦୁଷ୍କର୍ମ କରିଅଛୁ। 16ହେ ସଦାପ୍ରଭୁ, ବିନୟ
କରୁଅଛୁ, ତୁମ୍ଭର ସମସ୍ତ ଧାର୍ମିକତା ଅନୁଯାୟୀ ତୁମ୍ଭର ନଗର
ଯିରୁଶାଲମ, ତୁମ୍ଭର ପବିତ୍ର ପର୍ବତ ପ୍ରତି ତୁମ୍ଭର କ୍ରୋଧ ଓ
କୋପ ନିବୃତ୍ତ ହେଉ। ତୁମ୍ଭର କ୍ରୋଧ ନ୍ୟାୟୋଚିତ। ମାତ୍ର
ଆମ୍ଭ ଚତୁର୍ଦ୍ଦିଗସ୍ଥ ଲୋକେ ଆମ୍ଭମାନଙ୍କୁ ନିନ୍ଦା କରୁଛନ୍ତି ଓ
ଉପହାସ କରୁଛନ୍ତି। କାରଣ ଆମ୍ଭେମାନେ ଓ ଆମ୍ଭ ପୂର୍ବପୁରୁଷଗଣ
ପାପ କରିଛନ୍ତି।

17"ଏଣୁ ବର୍ତ୍ତମାନ ହେ ସଦାପ୍ରଭୁ, ତୁମ୍ଭ ଦାସର ପ୍ରାର୍ଥନା
ଗ୍ରହଣ କର। ତୁମ୍ଭର ପବିତ୍ର ସ୍ଥାନକୁ କରୁଣା ସହକାରେ
ଦେଖ। ତୁମ୍ଭର ନିଜର ଖ୍ୟାତି ପାଇଁ ଏହା କର। 18ହେ
ମୋର ପରମେଶ୍ୱର, କର୍ଣ୍ଣ ଡେରି ଶୁଣ। ଆପଣା ଚକ୍ଷୁ ମେଲି
ଆମ୍ଭମାନଙ୍କର ଦୁରବସ୍ଥା ଦେଖ। ତୁମ୍ଭ ନାମରେ ଖ୍ୟାତି ଏହି
ନଗର ଅବସ୍ଥା ଦେଖ। ଆମ୍ଭେମାନେ ଆମ୍ଭମାନଙ୍କର ଧାର୍ମିକତା
ଯୋଗୁଁ ନୁହେଁ, ମାତ୍ର ତୁମ୍ଭର ମହାଦୟା ସକାଶୁ ତୁମ୍ଭକୁ
ନିବେଦନ କରୁଅଛୁ। 19ହେ ସଦାପ୍ରଭୁ ଶୁଣ, ହେ ସଦାପ୍ରଭୁ
କ୍ଷମା କର, ହେ ପରମେଶ୍ୱର ଅବଧାନ ପୂର୍ବକ କର୍ମ କର।
ବିଳମ୍ବ କରନାହିଁ, ହେ ମୋର ପରମେଶ୍ୱର ନିଜର ନାମ
ସକାଶେ କର୍ମ କର। କାରଣ ତୁମ୍ଭର ନଗର ଓ ତୁମ୍ଭର
ଲୋକମାନେ ତୁମ୍ଭ ନାମରେ ଖ୍ୟାତ ଅଟନ୍ତି।"

## ସତୁରି ସପ୍ତାହ ବିଷୟରେ ଦର୍ଶନ

20ମୁଁ ସେହିସବୁ କଥା ପରମେଶ୍ୱରଙ୍କୁ ପ୍ରାର୍ଥନାରେ ନିବେଦନ
କରୁଥିଲି। ମୋର ପାପ ଓ ଇଶ୍ରାୟେଲ ଲୋକଙ୍କର ପାପ
ସ୍ୱୀକାର କରୁଥିଲି। ଆଉ ମୋର ପରମେଶ୍ୱରଙ୍କ ପବିତ୍ର
ପର୍ବତ ନିମନ୍ତେ ମୋର ପରମେଶ୍ୱର ସଦାପ୍ରଭୁଙ୍କ ଛାମୁରେ
ମୋର ନିବେଦନ ଉତ୍ସର୍ଗ କରୁଥିଲି। 21ଯେତେବେଳେ ମୁଁ
ପ୍ରାର୍ଥନା କରୁଥିଲି, ମୋର ପ୍ରଥମ ଦର୍ଶନରେ ଗାବ୍ରିୟେଲ
ଯାହାକୁ ମୁଁ ମୋ ନିକଟକୁ ଉଡ଼ିକି ଆସିବାର ଦେଖିଲି। ସେ
ସନ୍ଧ୍ୟାବେଳେ ବଳିଦାନ ଉତ୍ସର୍ଗ ସମୟରେ ଆସି ମୋତେ ସ୍ପର୍ଶ
କଲେ। 22ଗାବ୍ରିୟେଲ ମୋତେ ଶିକ୍ଷା ଦେଇ କହିଲେ, "ହେ
ଦାନିୟେଲ, ମୁଁ ତୁମ୍ଭକୁ ବୁଝିବା ପାଇଁ ଜ୍ଞାନ ପ୍ରଦାନ କରୁଅଛି।
23ଯେତେବେଳେ ତୁମ୍ଭେ ପ୍ରାର୍ଥନା କରିବାକୁ ଆରମ୍ଭ କଲ, ମୁଁ
ତୁମ୍ଭକୁ ଜଣାଇବାକୁ ଆସିଲି। କାରଣ ତୁମ୍ଭେ ପରମେଶ୍ୱରଙ୍କର
ଅତ୍ୟନ୍ତ ପ୍ରିୟପାତ୍ର। ଏହି ଆଦେଶକୁ ବୁଝ ଓ ଏହି ଦର୍ଶନକୁ
ମଧ୍ୟ ବୁଝ।

24"ହେ ଦାନିୟେଲ, ପରମେଶ୍ୱର ସତୁରି ସପ୍ତାହ ତୁମ୍ଭର
ଲୋକମାନଙ୍କ ପାଇଁ ଓ ତୁମ୍ଭର ପବିତ୍ର ନଗର ପାଇଁ ନିରୂପଣ
କରିଛନ୍ତି। ଏ ସତୁରି ସପ୍ତାହ ନିରୂପିତ ହେବାର ଲକ୍ଷ୍ୟ
ହେଉଛି, ଆଜ୍ଞା ଲଙ୍ଘନରୁ ଏବଂ ପାପରୁ ବିରତ ହେବା।
ଏହାର ଲକ୍ଷ୍ୟ ଲୋକମାନଙ୍କୁ ପ୍ରାୟଶ୍ଚିତ୍ତ କରିବା ଏବଂ
ଅନନ୍ତକାଳସ୍ଥାୟୀ ଧାର୍ମିକତା ଓ ପ୍ରମାଣିକତା ଦର୍ଶନଗୁଡ଼ିକ ଓ
ଭବିଷ୍ୟଦବାଣୀ ଓ ପବିତ୍ରସ୍ଥାନରେ ଉତ୍ସର୍ଗ କରିବା। ଏହା
ଲୋକମାନଙ୍କୁ ଲକ୍ଷ୍ୟ କରେ।

25"ଏହା ଜାଣ ଏବଂ ଏହା ବୁଝ: ଆଦେଶ ହେବାଠାରୁ
ଫେରାଇବାକୁ ଏବଂ ଯିରୁଶାଲମ ନିର୍ମିତ କର, ଯେପର୍ଯ୍ୟନ୍ତ
ଗୋଟିଏ ଅଭିଷିକ୍ତ ରାଜକୁମାର ସାତ ସପ୍ତାହ ଓ ବାଷଠି
ସପ୍ତାହରେ, ସହର ପୂର୍ଣ୍ଣ ନିର୍ମିତ ହେବ। କିନ୍ତୁ ଏହାର ମୁଖ୍ୟ
ରାସ୍ତା ଓ କାନ୍ଥ, ଅସୁବିଧା ସମୟରେ ହେବ। 26ପୁଣି ବାଷଠି
ସପ୍ତାହ ପରେ ଅଭିଷିକ୍ତ ବ୍ୟକ୍ତି ଉଚ୍ଛିନ୍ନ ଓ ଅକିଞ୍ଚନ ହେବେ।
ଆଉ ଆଗାମୀ ଅଧିପତିର ଲୋକମାନେ ନଗର ଓ ପବିତ୍ରସ୍ଥାନ
ନଷ୍ଟ କରିବେ। ବନ୍ୟାରେ ତାହା ଶେଷ ହେବ। ପୁଣି ଶେଷ
ପର୍ଯ୍ୟନ୍ତ ଯୁଦ୍ଧ ହେବ। ଆଉ ପରମେଶ୍ୱର ସେ ସ୍ଥାନର ସମ୍ପୂର୍ଣ୍ଣ
ବିନାଶ ପାଇଁ ଆଦେଶ କରିଛନ୍ତି। 27ତା'ପରେ ଆଗାମୀ
ଅଧିପତି ଏକ ସପ୍ତାହ ପର୍ଯ୍ୟନ୍ତ ଅନେକ ଲୋକଙ୍କ ସହିତ

ଦୃଢ଼ ଚୁକ୍ତି କରିବ ଓ ଅର୍ଦ୍ଧ ସପ୍ତାହ ଯଜ୍ଞ ଓ ନୈବେଦ୍ୟ
ନିବୃତ୍ତ କରାଇବ। ଆଉ ଘୃଣ୍ୟବସ୍ତୁ ସହ ଜଣେ ବିନାଶକ
ଆସିବ ଓ ସେ ଭୟଙ୍କର ବିନାଶ ସାଧନ କରିବ। ମାତ୍ର
ପରମେଶ୍ୱର ସେହି ବିନାଶକର ସମ୍ପୂର୍ଣ୍ଣ ବିନାଶ କରିବେ।”

## ଟାଇଗ୍ରୀସ୍ ନଦୀ ନିକଟରେ ଦାନିୟେଲଙ୍କ ଦର୍ଶନ

10 ପାରସ୍ୟର ରାଜା କୋରସର ରାଜତ୍ୱର ତୃତୀୟ
ବର୍ଷରେ ବେଲ୍ଟଶତ୍ସର ନାମରେ ପରିଚିତ ଦାନିୟେଲଙ୍କ
ପ୍ରତି ଏକ ବିଷୟ ପ୍ରକାଶିତ ହେଲା। ସେ ସବୁ ସତ୍ୟ
ବୁଝିବାକୁ କଠିନ। ମାତ୍ର ଦାନିୟେଲ ତାହା ବୁଝିଲେ ଓ ଦର୍ଶନ
ବିଷୟ ତାଙ୍କୁ ଗୋଚର ହେଲା।
2“ସେହି ସମୟରେ ମୁଁ, ଦାନିୟେଲ ତିନି ସପ୍ତାହ ପର୍ଯ୍ୟନ୍ତ
ଶୋକ କରୁଥିଲି। 3ଏହି ତିନି ସପ୍ତାହ ଧରି ମୁଁ କୌଣସି
ସୁସ୍ୱାଦୁ ଖାଦ୍ୟ ଭୋଜନ କଲି ନାହିଁ କି କୌଣସି ମାଂସ
ଭକ୍ଷଣ କଲି ନାହିଁ କି ଦ୍ରାକ୍ଷାରସ ପାନ କଲି ନାହିଁ। ଆଉ ମୁଁ
ମୋ ମୁଣ୍ଡରେ ତୈଳ ଲଗାଇଲି ନାହିଁ।
4“ବର୍ଷର ପ୍ରଥମ ମାସର ଚତୁର୍ବିଂଶ ଦିବସରେ ମୁଁ
ଟାଇଗ୍ରୀସ ନାମକ ମହାନଦୀ ତୀରରେ ଠିଆ ହୋଇଥିଲି।
5ସେଠାରେ ଛିଡ଼ା ହୋଇଥିଲାବେଳେ ମୁଁ, ଶୁକ୍ଲ ବସ୍ତ୍ର ପରିହିତ
ଓ ସୁବର୍ଣ୍ଣର ଏକ ବନ୍ଧନୀ କଟୀ ଦେଶରେ ଥିବା ଏକ
ମନୁଷ୍ୟକୁ ଦେଖିଲି। 6ତାହାଙ୍କ ଶରୀର ମଣି ତୁଲ୍ୟ ଚକମକ୍
କରୁଥିଲା, ତାଙ୍କର ମୁଖ ଉଜ୍ଜ୍ୱଳ ବିଦ୍ୟୁତ୍‌ର ଆଲୋକ ତୁଲ୍ୟ,
ଚକ୍ଷୁ ଜ୍ୱଳନ୍ତ ମଶାଲ ତୁଲ୍ୟ ଓ ତାହାଙ୍କ ହସ୍ତ ଓ ପାଦ
ପରିଷ୍କୃତ ପିତ୍ତଳର ଆଭା ତୁଲ୍ୟ ଥିଲା। ଆଉ ତାଙ୍କର ସ୍ୱର
ଜନତାହଳର ରବତୁଲ୍ୟ ଉଚ୍ଚ ଥିଲା।
7“ପୁଣି ମୁଁ ଦାନିୟେଲ, ଏକାକୀ ସେହି ଦର୍ଶନ ଦେଖିଲି।
କାରଣ ମୋର ସାଥୀମାନେ ସେହି ଦର୍ଶନ ଦେଖିଲେ ନାହିଁ,
ସେମାନେ ଅତ୍ୟନ୍ତ ଭୟଭୀତ ହୋଇ ଲୁଚି ପଳାୟନ କଲେ।
8ତହିଁରେ ମୁଁ ଏକାକୀ ରହି ସେହି ମହା ଦର୍ଶନ ଦେଖିଲି। ମୁଁ
ଅତ୍ୟନ୍ତ ଭୟଭୀତ ହୋଇ ମୋର ସମସ୍ତ ଶକ୍ତି ହରାଇଲି।
ମୋର ମୁଖ ମୃତ ବ୍ୟକ୍ତିର ମୁଖପରି ରକ୍ତହୀନ ହୋଇଗଲା ଓ
ମୁଁ ଅସହାୟ ବୋଧ କଲି। 9ସେତେବେଳେ ମୁଁ ତାଙ୍କର
ବାକ୍ୟର ସ୍ୱର ଶୁଣିଲି, ଆଉ ଯେତେବେଳେ ସେହି ବାକ୍ୟର
ରବ ଶୁଣିଲି, ମୁଁ ମୁହଁ ମାଡ଼ି ଗଭୀର ନିଦ୍ରାରେ ଶୋଇଗଲି।
10“ତା'ପରେ ଏକ ହସ୍ତର ସ୍ପର୍ଶ ମୁଁ ଅନୁଭବ କଲି ଓ
ମୁଁ ହସ୍ତପାପୁଲି ଓ ଆଣ୍ଠୁରେ ନିର୍ଭର କଲି। ତଥାପି ମୁଁ
ଭୟରେ ଥରୁଥିଲି। 11ସେ ମୋତେ କହିଲେ, ‘ହେ ଦାନିୟେଲ,
ତୁମ୍ଭେ ପରମେଶ୍ୱରଙ୍କର ଅତି ପ୍ରିୟପାତ୍ର। ମୋ କଥା ଶୁଣ ଓ
ମୋତେ ବୁଝିବାକୁ ଚେଷ୍ଟାକର। ଛିଡ଼ା ହୁଅ। ମୁଁ ତୁମ୍ଭ
ନିକଟକୁ ପ୍ରେରିତ ହୋଇଅଛି।’ ସେ ମୋତେ ଏହିକଥା
କହିବାରୁ ମୁଁ କମ୍ପିତ ହୋଇ ଛିଡ଼ା ହେଲି। 12ତା'ପରେ ସେ
ମୋତେ କହିଲେ, ‘ହେ ଦାନିୟେଲ, ଭୟ କରନାହିଁ କାରଣ
ତୁମ୍ଭେ ବୁଝିବା ପାଇଁ ଓ ତୁମ୍ଭ ପରମେଶ୍ୱରଙ୍କର ସାକ୍ଷାତରେ
ନିଜକୁ ନମ୍ର କଲ। ସେହି ଦିନଠାରୁ ତୁମ୍ଭର ବାକ୍ୟ
ଶୁଣାଯାଇଛି। ମୁଁ ତୁମ୍ଭ ପାଖକୁ ଆସିଲି କାରଣ ତୁମ୍ଭେ ପ୍ରାର୍ଥନା
କରି ଆସୁଅଛ। 13ମାତ୍ର ପାରସ୍ୟ ରାଜ୍ୟର ରାଜକୁମାର
ଏକୋଇଶ ଦିନ ପର୍ଯ୍ୟନ୍ତ ଆମ୍ଭକୁ ବାଧା ଦେଲା, ଆଉ
ଦୂତମାନଙ୍କ ମଧ୍ୟରେ ପ୍ରଧାନ ମୀଖାୟେଲ ମୋତେ ସାହାଯ୍ୟ
କରିବାକୁ ଆସିଲେ। କାରଣ ପାରସ୍ୟର ରାଜକୁମାର ମୋତେ
ପଛରୁ ଟାଣି ଧରିଥିଲା। 14ଏବେ ଭବିଷ୍ୟତରେ ତୁମ୍ଭ ଲୋକମାନଙ୍କ
ପ୍ରତି ଯାହା ଘଟିବ, ତାହା ବୁଝାଇ ଦେବାପାଇଁ ମୁଁ ଆସିଅଛି।
କାରଣ ଏହି ଦର୍ଶନ ଭବିଷ୍ୟତ ବିଷୟରେ ଅଟେ।’
15“ସେ ମୋତେ ଏହା କହିଲା ପରେ ମୁଁ ଭୂମିରେ ମୁହଁ
ମାଡ଼ି ଅବାକ୍ ହୋଇ ରହିଲି। 16ସେତେବେଳେ ମନୁଷ୍ୟାକୃତି
ଜଣେ ବ୍ୟକ୍ତି ମୋର ଓଷ୍ଠାଧର ସ୍ପର୍ଶ କଲେ। ମୋ ସମ୍ମୁଖରେ
ଛିଡ଼ା ହୋଇଥିବା ଲୋକକୁ ମୁଁ କହିଲି, ‘ହେ ପ୍ରଭୁ, ଏହି
ଦର୍ଶନ ଯୋଗୁଁ ମୋର ବେଦନା ମୋତେ କଷ୍ଟ ହେଉଛି।
ଆଉ ମୁଁ କିଛି ବଳ ରଖି ପାରୁନାହିଁ। 17ମୁଁ ଦାନିୟେଲ,
ପ୍ରଭୁଙ୍କର ଦାସ। କିପରି ମୋର ପ୍ରଭୁଙ୍କ ସଙ୍ଗେ କଥାବାର୍ତ୍ତା
କରିବ। ମୋର ଶକ୍ତି ନାହିଁ, ଏପରିକି ମୁଁ ନିଃଶ୍ୱାସ ନେଇ
ପାରୁନାହିଁ।’
18“ସେତେବେଳେ ମନୁଷ୍ୟାକୃତି ଜଣେ ବ୍ୟକ୍ତି ପୁନର୍ବାର
ମୋତେ ସ୍ପର୍ଶ କଲେ ଓ ମୁଁ ପୁଣି ସବଳ ହେଲି। 19ପୁଣି
ସେ କହିଲେ, ‘ହେ ଦାନିୟେଲ, ପରମେଶ୍ୱର ତୁମ୍ଭକୁ
ଅତ୍ୟଧିକ ପ୍ରେମ କରନ୍ତି, ତୁମ୍ଭେ ଭୟ କରନାହିଁ। ତୁମ୍ଭର
ଶାନ୍ତି ହେଉ ଓ ତୁମ୍ଭେ ସବଳ ହୁଅ।’
“ସେ ଏହା କହିଲା ପରେ ମୁଁ ସବଳ ହୋଇ କହିଲି,
‘ହେ ପ୍ରଭୁ କୁହନ୍ତୁ, କାରଣ ତୁମ୍ଭେ ମୋତେ ସବଳ କରିଅଛ।’
20“ତେଣୁ ସେ କହିଲେ, ‘ହେ ଦାନିୟେଲ, ଆମ୍ଭେ ତୁମ୍ଭ
ନିକଟକୁ କାହିଁକି ଆସିଅଛୁ ତୁମ୍ଭେ ଜାଣକି? ଏବେ ଆମ୍ଭେ
ପାରସ୍ୟର ଅଧିପତି ସଙ୍ଗେ ଯୁଦ୍ଧ କରିବାକୁ ଫେରିଯିବା। ଆଉ
ଆମ୍ଭେ ଗଲାପରେ ଗ୍ରୀସର ଅଧିପତି ଆସିବ। 21ମାତ୍ର
ପବିତ୍ର ପୁସ୍ତକରେ ଯାହା ଲିଖିତ ଅଛି ଆମ୍ଭେ ତୁମ୍ଭକୁ
ଜଣାଇବୁ। କେବଳ ମୀଖାୟେଲ ମୋତେ ସେହି ଦୁଷ୍ଟ
ସ୍ୱର୍ଗଦୂତମାନଙ୍କ ବିରୁଦ୍ଧରେ ସାହାଯ୍ୟ କରିବା ପାଇଁ ସେଠାରେ
ଅଛନ୍ତି। ମୀଖାୟେଲ ହେଉଛନ୍ତି ତୁମ୍ଭର ଲୋକମାନଙ୍କର
ରାଜକୁମାର।
11 ପୁଣି ମାଦୀୟ ଦାରୟାବସର ଅଧିକାରର ପ୍ରଥମ
ବର୍ଷରେ ଆମ୍ଭେ ତାହାକୁ ସୁସ୍ଥିର ଓ ସବଳ କରିବା
ପାଇଁ ଠିଆ ହେଲୁ।
2“ବର୍ତ୍ତମାନ, ହେ ଦାନିୟେଲ, ଆମ୍ଭେ ତୁମ୍ଭକୁ ସତ୍ୟ
କଥା ଜଣାଇବା। ପାରସ୍ୟର ଆଉ ତିନି ରାଜା ଜନ୍ମ ନେବେ।
ତା'ପରେ ଚତୁର୍ଥ ରାଜା ଯେ ଆସିବ, ସେ ସବୁଠାରୁ ଅଧିକ
ଧନଶାଳୀ ହେବ। ଆଉ ସେ ଆପଣା ଧନରେ ବଳବାନ
ହେବ ଓ ଗ୍ରୀସ ରାଜ୍ୟ ବିରୁଦ୍ଧରେ ସମସ୍ତଙ୍କୁ ଉତ୍ତେଜିତ
କରିବ। 3ତା'ପରେ ଏକ ମହା ପରାକ୍ରମୀ ରାଜା ଉତ୍ପନ୍ନ
ହେବ, ସେ ମହା କର୍ତ୍ତୃତ୍ୱରେ ରାଜତ୍ୱ କରିବ ଓ ସ୍ୱେଚ୍ଛାଚାରୀ
ହୋଇ କର୍ମ କରିବ। 4ସେହି ରାଜା ଯିବାପରେ, ତାଙ୍କର
ରାଜ୍ୟ ଚାରିଭାଗରେ ବିଭକ୍ତ ହେବ। ତାଙ୍କର ପ୍ରଭୁତ୍ୱ ତାଙ୍କ
ପୁତ୍ର ନାତିଙ୍କ ମଧ୍ୟରେ ଦିଆଯିବ ନାହିଁ। ଏହା ଅନ୍ୟମାନଙ୍କ
ମଧ୍ୟରେ ବଣ୍ଟନ ହେବ। ସେହି ରାଜ୍ୟଗୁଡ଼ିକ ପ୍ରଥମ ରାଜ୍ୟପରି
ଶକ୍ତିଶାଳୀ ହେବନାହିଁ।
5“ଦକ୍ଷିଣର ରାଜା ଶକ୍ତିଶାଳୀ ହେବେ କିନ୍ତୁ ତାଙ୍କର
ସେନାପତିମାନଙ୍କ ମଧ୍ୟରୁ ଜଣେ ରାଜାଙ୍କ ଅପେକ୍ଷା ଅଧିକ

ଶକ୍ତିଶାଳୀ ହେବ। ସେ ଦକ୍ଷିଣ ରାଜାଙ୍କ ଅପେକ୍ଷା ବୃହତ୍
ରାଜ୍ୟରେ ରାଜତ୍ୱ କରିବ।
6“ମାତ୍ର କିଛି ବର୍ଷ ପରେ ସେମାନେ ଏକତ୍ରୀତ ହେବେ।
ଦକ୍ଷିଣ ରାଜ୍ୟର ରାଜକନ୍ୟା ଉତ୍ତରର ରାଜାଙ୍କୁ ବିବାହ କରିବେ
ମାତ୍ର ସେହି ରାଜକୁମାରୀ ନିଜ ଶକ୍ତି ଓ ଶାନ୍ତି ହରାଇବେ,
ତା'ର ସ୍ୱାମୀ ଦୁର୍ବଳ ହେବେ। ସେ ଓ ତାଙ୍କର ସ୍ୱାମୀ,
ସେମାନଙ୍କର ସନ୍ତାନ ଏବଂ ତାହାର ଦାସମାନଙ୍କୁ ହସ୍ତାନ୍ତର
କରାଯିବ।
7“ମାତ୍ର ତାହାର ପରିବାରରୁ କେହି ଜଣେ ବ୍ୟକ୍ତି ଉତ୍ତର
ଦେଶସ୍ଥ ସୈନ୍ୟବାହିନୀକୁ ଆକ୍ରମଣ କରିବ। ଏବଂ ସେହି
ଯୁଦ୍ଧରେ ସେ ଜୟଯୁକ୍ତ ହେବ। 8ସେ ସେମାନଙ୍କର ପ୍ରତିମାଗୁଡ଼ିକୁ,
ସେମାନଙ୍କର ଦେବଗଣଙ୍କୁ ଓ ସୁନା ରୂପାର ମନୋହର
ପାତ୍ରଗୁଡ଼ିକୁ ମିଶରକୁ ନେଇଯିବ। କିଛି ବର୍ଷପାଇଁ ସେ ଉତ୍ତର
ଦେଶୀୟ ରାଜାଙ୍କ ପାଇଁ ଆଉ ବିବ୍ରତ ହେବ ନାହିଁ।
9ଉତ୍ତରର ରାଜା ଦକ୍ଷିଣର ରାଜ୍ୟକୁ ଆକ୍ରମଣ କରିବ। ମାତ୍ର
ସେ ଯୁଦ୍ଧରେ ହାରି ଆପଣା ଦେଶକୁ ଫେରିଯିବ।
10“ଆଉ ତାହା ପୁତ୍ରଗଣ ଯୁଦ୍ଧ କରିବେ। ସେମାନେ
ଏକ ବିରାଟ ସୈନ୍ୟବାହିନୀ ସଂଗ୍ରହ କରିବେ। ଆଉ ଦକ୍ଷିଣରେ
ସେମାନେ ବନ୍ୟାଜଳ ତୁଲ୍ୟ ଉଚ୍ଛୁଳି ବହିଯିବେ। ଏବଂ
ସେମାନେ ଦକ୍ଷିଣ ରାଜାଙ୍କର ଦୁର୍ଗ ପର୍ଯ୍ୟନ୍ତ ଯୁଦ୍ଧ କରିବେ।
11ସେତେବେଳେ ଦକ୍ଷିଣ ଦେଶର ରାଜା କ୍ରୋଧାନ୍ୱିତ ହୋଇ
ଉତ୍ତର ଦେଶୀୟ ରାଜାଙ୍କ ସହିତ ଯୁଦ୍ଧରେ ଅଗ୍ରସର ହେବେ।
ଯଦିଓ ଉତ୍ତର ଦେଶୀୟ ରାଜାଙ୍କର ବୃହତ୍ ସୈନ୍ୟବାହିନୀ
ଥିବ, ତଥାପି ସେ ଯୁଦ୍ଧରେ ହାରିବ। 12ଉତ୍ତରର ରାଜା
ହାରିବା ପରେ ତାଙ୍କର ସୈନ୍ୟମାନଙ୍କୁ ବନ୍ଦୀକରି ନିଆଯିବ ଓ
ଦକ୍ଷିଣ ଦେଶର ରାଜା ଗର୍ବିତ ହୋଇ ହଜାର ହଜାର
ସୈନ୍ୟଙ୍କୁ ବଧ କରିବ। ତଥାପି ସେ ନିୟନ୍ତ୍ରଣରେ ରହିବ
ନାହିଁ। 13ଆଉ ଉତ୍ତର ଦେଶର ରାଜା ଫେରି ଏକ ବୃହତ୍
ସୈନ୍ୟ ବାହିନୀ ସଂଗ୍ରହ କରିବ। ବହୁ ବର୍ଷ ପରେ ପୂର୍ବାପେକ୍ଷା
ବିପୁଳ ସୈନ୍ୟ ସାମନ୍ତ ନେଇ ଦକ୍ଷିଣ ଦେଶ ଆକ୍ରମଣ
କରିବ। ସେହି ସୈନ୍ୟମାନଙ୍କ ହସ୍ତରେ ବିପୁଳ ଅସ୍ତ୍ର ଶସ୍ତ୍ର
ରହିବ ଓ ସେମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିବେ।
14“ସେ ସମୟରେ ଅନେକ ଲୋକ ଦକ୍ଷିଣ ଦେଶ
ବିରୁଦ୍ଧରେ ଉଠିବେ। ତୁମ୍ଭ ଲୋକମାନଙ୍କ ମଧ୍ୟରେ ବିଦ୍ରୋହୀମାନେ
ଦକ୍ଷିଣ ଦେଶୀୟ ବିରୁଦ୍ଧରେ ଏହି ଦର୍ଶନ ପାଇଁ ଯୁଦ୍ଧ
କରିବେ। ମାତ୍ର ସେମାନେ ପତିତ ହେବେ। 15ଏହି ରୂପେ
ଉତ୍ତର ଦେଶର ରାଜା ଆସିବ ଓ ଗଡବନ୍ଦୀ କରି ସୁଦୃଢ଼
ନଗର ହସ୍ତଗତ କରିବ। ସେତେବେଳେ ଦକ୍ଷିଣ ଦେଶର
ସୈନ୍ୟବାହିନୀ ଓ ମନୋନୀତ ଲୋକମାନେ ତାଙ୍କୁ ପ୍ରତିରୋଧ
କରିପାରିବେ ନାହିଁ। ଏପରିକି ମହାଶକ୍ତିଶାଳୀ ସୈନ୍ୟମାନେ
ମଧ୍ୟ ତାଙ୍କୁ ବାଧା ଦେଇ ପାରିବେ ନାହିଁ।
16“ଉତ୍ତର ଦେଶର ରାଜା ନିଜ ଇଚ୍ଛାନୁସାରେ ସେମାନଙ୍କ
ବିରୁଦ୍ଧରେ କାର୍ଯ୍ୟ କରିବ। ତା'ର ବିପକ୍ଷରେ କେହି ଠିଆ
ହେବେ ନାହିଁ। ଆଉ ସେ ସେହି ପବିତ୍ର ଦେଶରେ ଠିଆ
ହେବ ଓ ତାହା ହସ୍ତରେ ବିନାଶର ଶକ୍ତି ରହିବ। 17ଉତ୍ତର
ଦେଶର ରାଜା ତାହାର ସମସ୍ତ ଶକ୍ତି ଦକ୍ଷିଣ ଦେଶ ବିରୁଦ୍ଧରେ
ଲଗାଇବ। ସେ ଦକ୍ଷିଣ ଦେଶର ରାଜା ସହିତ ଏକ ଶାନ୍ତି
ଚୁକ୍ତି କରିବ। ଏହାକୁ ନଷ୍ଟ କରିବା ପାଇଁ, ନିଜ କନ୍ୟାଗଣ
ମଧ୍ୟରୁ ଜଣକୁ ଦକ୍ଷିଣର ରାଜା ସହିତ ବିବାହ ଦେବ। ତା'ର
ଯୋଜନା ଫଳପ୍ରଦ ହେବ ନାହିଁ କି ତାକୁ କେହି ସାହାଯ୍ୟ
କରିବେ ନାହିଁ।
18“ଏହାପରେ ସେ ଉପକୂଳବର୍ତ୍ତୀ ଅଞ୍ଚଳ ବିରୁଦ୍ଧରେ
ଯାଇ ଅନେକଙ୍କୁ କାବୁ କରିବ। ମାତ୍ର ଜଣେ ଅଧିପତି ତାକୁ
ପରାସ୍ତ କରିବ। ସେ ତାହା ବିରୁଦ୍ଧରେ ଯାଇ ତାକୁ ଅପମାନିତ
କରିବ।
19“ଏହାପରେ ସେ ଆପଣା ଦେଶର ଦୁର୍ଗ ଆଡ଼େ
ଫେରିବ ମାତ୍ର ସେଠାରେ ତା'ର ପତନ ଘଟିବ ଓ ସେ
ଶେଷ ହେବ।
20“ସେ ଉତ୍ତର ଦେଶର ରାଜାଙ୍କ ଅନ୍ତେ ଜଣେ ନୂତନ
ରାଜା ଆସିବେ। ସେ ରାଜା ଜଣଙ୍କ ରାଜକୀୟ ପରିବାରରୁ
ଆସିବେ ନାହିଁ। ନିଜର ସୁଖ ବୃଦ୍ଧି ପାଇଁ ଧନ ଉପାର୍ଜ୍ଜନ
କରିବା ନିମନ୍ତେ ଜଣେ କରଆଦାୟକାରୀଙ୍କୁ ନିଯୁକ୍ତ କରିବ।
ମାତ୍ର ଅଳ୍ପଦିନ ପରେ, ସେ ବିନଷ୍ଟ ହେବ, ମାତ୍ର କ୍ରୋଧରେ
ନୁହେଁ କି ଯୁଦ୍ଧରେ ନୁହେଁ।
21“ଜଣେ ନିଷ୍ଠୁର ଓ ଘୃଣ୍ୟ ବ୍ୟକ୍ତି ତାଙ୍କ ପରେ ରାଜ୍ୟ
ପ୍ରାପ୍ତ ହେବ। ମାତ୍ର ସେ ନିରାପଦ ସମୟରେ ଆସିବ ଓ
ଖୁଚ୍ଚୁବାକ୍ୟଦ୍ୱାରା ରାଜ୍ୟ ପାଇବ। 22ସେ ବୃହତ ଓ ଶକ୍ତିଶାଳୀ
ସୈନ୍ୟବାହିନୀକୁ ପରାସ୍ତ କରିବ ଓ ସେ ପରମେଶ୍ୱରଙ୍କ,
ଲୋକମାନଙ୍କ ଦ୍ୱାରା ମନୋନୀତ ଅଧିପତିକୁ ଧ୍ୱଂସ କରିବ।
23ବହୁଦେଶ ତାଙ୍କ ସହିତ ଚୁକ୍ତି ସ୍ଥିର କରିବେ, ମାତ୍ର ସେ
ପ୍ରତାରଣା ପୂର୍ବକ କାର୍ଯ୍ୟ କରିବ। କାରଣ ସେ ଅଳ୍ପ ଲୋକଙ୍କ
ଦ୍ୱାରା ପରାକ୍ରମୀ ହେବ।
24“ଯେତେବେଳେ ଧନଶାଳୀ ଦେଶଗୁଡ଼ିକ ନିରାପଦ ଅନୁଭବ
କରିବେ, ସେ ସେମାନଙ୍କୁ ଆକ୍ରମଣ କରିବ। ତାହା ପିତୃ
ପିତାମହଗଣ ଯାହା କରିନଥିଲେ ସେ ତାହା କରିବ। ସେ
ତାକୁ ବନ୍ଧୁମାନଙ୍କ ମଧ୍ୟରେ ଲୁଣ୍ଠିତ ଦ୍ରବ୍ୟ, ଅପହୃତ ବସ୍ତୁ ଓ
ଧନ ବାଣ୍ଟି ଦେବ। ସେ ଅଳ୍ପ ସମୟ ପାଇଁ ସଫଳ ହେବ।
25“ପୁଣି ସେ ମହା ସୈନ୍ୟଦଳ ସଙ୍ଗରେ ନେଇ ଦକ୍ଷିଣ
ଦେଶ ବିରୁଦ୍ଧରେ ଆପଣା ବଳ ଓ ସାହସ ଦେଖାଇବ।
ତେଣୁ ଦକ୍ଷିଣ ଦେଶର ରାଜା ଅତି ବୃହତ୍ ଓ ପରାକ୍ରମୀ
ସୈନ୍ୟଦଳ ଘେନି ତାହା ସଙ୍ଗେ ଯୁଦ୍ଧ କରିବ। ମାତ୍ର ସେ
ସ୍ଥିର ହୋଇ ରହିବ ନାହିଁ, କାରଣ ସେମାନେ ତାହା
ବିରୁଦ୍ଧରେ ନାନା କୌଶଳ କଳ୍ପନା କରିବେ। 26ଯେଉଁମାନେ
ତା'ର ସପକ୍ଷରେ ଥିବେ ସେମାନେ ତାକୁ ବିନାଶ କରିବେ।
ତା'ର ସୈନ୍ୟବାହିନୀ ପରାସ୍ତ ହେଲାପରେ ବହୁସୈନ୍ୟ ନିହତ
ହେବେ। 27ପୁଣି ଦୁଇ ରାଜା ପରସ୍ପରର ଅନିଷ୍ଟ କରିବାକୁ
ଚେଷ୍ଟା କରିବେ। ସେମାନେ ଏକା ମେଜ ଉପରେ ବସି
ପରସ୍ପର ମିଥ୍ୟା କଥା କହିବେ। ମାତ୍ର ସେମାନେ ସଫଳ
ହେବେ ନାହିଁ। କାରଣ ପରମେଶ୍ୱର ସେମାନଙ୍କର ସମାପ୍ତି
ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ନିରୂପଣ କରିବେ।
28“ତା'ପରେ ଉତ୍ତରର ରାଜା ଅନେକ ସମ୍ପତ୍ତି ନେଇ
ନିଜ ଦେଶକୁ ଫେରିଯିବ। ତା'ର ଚିତ୍ତ ପବିତ୍ର ଚୁକ୍ତିର
ପ୍ରତିକୂଳରେ ଯିବ। ସେ ପରମେଶ୍ୱରଙ୍କର ଲୋକମାନଙ୍କୁ
ଆକ୍ରମଣ କରିବ ଏବଂ ନିଜ ଇଚ୍ଛାରେ କର୍ମ କରିବ।

29“ନିରୂପିତ ସମୟରେ ସେ ପୁଣି ଦକ୍ଷିଣ ଦେଶ
ବିରୁଦ୍ଧରେ ଯିବ। ମାତ୍ର ପୂର୍ବପରି ସେ ଆଉ ସଫଳ
ହେବନାହିଁ। 30କାରଣ କିତ୍ତିମର ଜାହାଜ ସବୁ ତା’ର
ବିରୁଦ୍ଧରେ ଆସିବ। ଏଥିପାଇଁ ସେ, ଦୁଃଖିତ ହୋଇ ଫେରିଯିବ
ଓ ପବିତ୍ର ଚୁକ୍ତିର ପ୍ରତିକୂଳରେ କ୍ରୋଧ କରି ସ୍ୱେଚ୍ଛାମତେ
କାର୍ଯ୍ୟ କରିବ। ସେ ଫେରିଯାଇ ପବିତ୍ର ଚୁକ୍ତି ଭଙ୍ଗକାରୀ
ଲୋକଙ୍କ ସହିତ ଯୋଗ ଦେବ। 31ଉତ୍ତରର ରାଜା ଯିରୁଶାଲମକୁ
ସୈନ୍ୟଗଣ ପଠାଇଲେ ଏବଂ ମନ୍ଦିର ତିଆରି କଲେ ଏବଂ
ଦୂର୍ଗକୁ ଅଶୁଚି କଲେ। ସେମାନେ ନିତ୍ୟ ନୈବେଦ୍ୟ ବନ୍ଦ
କରିବେ ଏବଂ ଅତି ମନ୍ଦ ଘୃଣା ପ୍ରତି ମୂର୍ତ୍ତି ସ୍ଥାପନ କରିବେ।

32“ସେ ଅବିଶ୍ୱସ୍ତ ଯିହୁଦୀମାନଙ୍କୁ ଛଳନା କଥା କହି,
ବିପଥଗାମୀ କରିବେ। ମାତ୍ର ଯେଉଁ ଯିହୁଦୀମାନେ ଆପଣା
ପରମେଶ୍ୱରଙ୍କୁ ଶକ୍ତିଶାଳୀ ବୋଲି ଜାଣନ୍ତି ସେମାନେ ମହତ୍‌କର୍ମ
କରିବେ। 33ଲୋକମାନଙ୍କ ମଧ୍ୟରେ ଯେଉଁମାନେ ଜ୍ଞାନୀ,
ସେମାନେ ଅନେକଙ୍କୁ ଉପଦେଶ ଦେବେ। ତଥାପି ବହୁଦିନ
ପର୍ଯ୍ୟନ୍ତ ସେମାନେ ଖଡ୍ଗରେ, ଅଗ୍ନି ଶିଖାରେ, ବନ୍ଦୀ ଅବସ୍ଥାରେ
ଓ ଲୁଟରେ ପତିତ ହେବେ। 34ଯେତେବେଳେ ସେମାନେ
ପତିତ ହେବେ, ସେତେବେଳେ ସେମାନେ ଅଳ୍ପ ସାହାଯ୍ୟ
ପ୍ରାପ୍ତ ହେବେ। ମାତ୍ର ଅନେକେ ଚାଟୁକାର ସେମାନଙ୍କ ସଙ୍ଗେ
ଯୋଗ ଦେବେ। 35କେତେକ ଜ୍ଞାନୀ ଲୋକଙ୍କର ପତନ
ଘଟିବ ଓ ସେମାନେ ଭୁଲ କରିବେ। ମାତ୍ର ସେହି ଜ୍ଞାନୀମାନେ
ସେମାନଙ୍କୁ ନିର୍ମଳ, ପରିଷ୍କୃତ ଓ ଶୁକ୍ଳୀକୃତ କରିବା ପାଇଁ
ଶେଷ ସମୟ ପର୍ଯ୍ୟନ୍ତ ପତିତ ହେବେ। ସେହି ସମୟ ଆସିବ
ଯେତେବେଳେ ପରମେଶ୍ୱର ନିଷ୍ପତ୍ତି କରିବେ।’”

## ରାଜା ନିଜକୁ ପ୍ରଶଂସା କରନ୍ତି

36“ଉତ୍ତରର ରାଜା ନିଜ ଇଚ୍ଛା ଅନୁସାରେ କର୍ମ କରିବ।
ସମସ୍ତ ଦେବତାଠାରୁ ନିଜକୁ ବଡ଼ ବୋଲି ସେ ଗର୍ବ କରିବ।
ପୁଣି ସେ ଈଶ୍ୱରଗଣଙ୍କର ପରମେଶ୍ୱରଙ୍କ ବିରୁଦ୍ଧରେ ଶକ୍ତିଶାଳୀ
କଥା କହିବ। ତା’ର କ୍ରୋଧ ଫଳବତି ନହେବା ପର୍ଯ୍ୟନ୍ତ ସେ
ସଫଳ ହେବେ। କାରଣ ଯାହା ପରମେଶ୍ୱରଙ୍କ ଯୋଜନା
କରିଛନ୍ତି ତାହା ହେବ।

37“ସେ ଆପଣା ପିତୃଗଣର ପ୍ରତିମାମାନଙ୍କୁ ମାନିବ
ନାହିଁ। ସ୍ତ୍ରୀମାନଙ୍କ କୌଣସି ଦେବତାଙ୍କୁ ମାନିବ ନାହିଁ। କାରଣ
ସେ ସମସ୍ତଙ୍କଠାରୁ ନିଜକୁ ବଡ଼ ମନେ କରିବ। 38ସେହି
ରାଜା କେବଳ ଶକ୍ତିର ଦେବତାକୁ ଆରାଧନା କରିବ। ସେ
ଶକ୍ତି ଓ ସାମର୍ଥ୍ୟକୁ ଆରାଧନା କରିବ। ସେ ତାହାର ପୂର୍ବ
ପୁରୁଷଗଣର ଦେବତାଙ୍କୁ ଆରାଧନା କରିବ ନାହିଁ। ସେ ଶକ୍ତିର
ଦେବତାଙ୍କୁ ସୁନା, ରୂପା ଓ ମୂଲ୍ୟବାନ ପଥର ଦେଇ
ଆରାଧନା କରିବ।

39“ସେ ବିଦେଶୀୟ ଦେବତା ଶକ୍ତିର ଦେବତାର
ସାହାଯ୍ୟରେ, ମଜ୍‌ବୁତ୍ ଦୁର୍ଗର ପ୍ରତିକୂଳରେ କାର୍ଯ୍ୟ କରିବ।
ଯେ କେହି ତାକୁ ସ୍ୱୀକାର କରିବ ସେ ତାହାର ଗୌରବ
ବୃଦ୍ଧି କରିବ ଓ ଅନେକଙ୍କ ଉପରେ ସେମାନଙ୍କୁ କର୍ତ୍ତୃତ୍ୱ ପଦ
ଦେବ ଓ ଟଙ୍କା ପରିବର୍ତ୍ତେ ଭୂମି ବିଭାଗ କରିବ।

40“ଆଉ ଅନ୍ତିମ କାଳରେ ଦକ୍ଷିଣ ଦେଶର ରାଜା ତାହା
ସଙ୍ଗେ ବିରୋଧ କରିବ। ଉତ୍ତର ଦେଶର ରାଜା ରଥ
ଅଶ୍ୱାରୋହୀଗଣ ଓ ଅନେକ ଜାହାଜ ନେଇ ତାହା ବିରୁଦ୍ଧରେ
ଘୂର୍ଣ୍ଣିବାୟୁତୁଲ୍ୟ ଆସିବ। ସେ ନାନା ଦେଶରେ ପ୍ରବେଶ କରି
ବନ୍ୟା ପରି ବହିଯିବ। 41ଉତ୍ତର ଦେଶର ରାଜା ରମ୍ୟ
ଦେଶରେ ପ୍ରବେଶ କରିବ ତହିଁରେ ଅନେକ ଦେଶ ପରାସ୍ତ
ହେବେ। ମାତ୍ର ଇଦୋମ, ମୋୟାବ ଓ ଅମୋନ ସନ୍ତାନଗଣର
ଅଧିପତି ତାଙ୍କ ହସ୍ତରୁ ରକ୍ଷା ପାଇବେ। 42ଆହୁରି ସେ ନାନା
ଦେଶ ମଧ୍ୟରେ ଆପଣା ହସ୍ତ ପ୍ରସାରିବ ଓ ମିଶର ମଧ୍ୟ ରକ୍ଷା
ପାଇବ ନାହିଁ। 43ସେ ମିଶର ଦେଶର ସୁନା ଓ ରୂପାର
ଭଣ୍ଡାର ସକଳ ଓ ବହୁମୂଲ୍ୟ ଦ୍ରବ୍ୟ ସବୁ ତାହାର ହସ୍ତଗତ
ହେବ। ଆଉ ଲୁବୀୟ୍ କୂଶୀୟ୍‌ମାନେ ତା’ର ଅନୁଚର ହେବେ।
44ମାତ୍ର ପୂର୍ବ ଓ ଉତ୍ତର ଦେଶରୁ ଆଗତ ସମ୍ବାଦ ତାହାକୁ
ଉଦ୍‌ବିଗ୍ନ କରିବ। ତହିଁରେ ସେ ଅନେକଙ୍କୁ ଉଚ୍ଛିନ୍ନ ଓ
ସମ୍ପୂର୍ଣ୍ଣରୂପେ ବିନାଶ କରିବା ପାଇଁ ମହାକୋପରେ ଯାତ୍ରା
କରିବ। 45ଏବଂ ସେ ସାଗର ଓ ରମ୍ୟ ପବିତ୍ର ପର୍ବତର
ମଧ୍ୟରେ ଆପଣା ରାଜକୀୟ ତମ୍ବୁ ସ୍ଥାପନ କରିବ। ଆଉ
ତାହାର ଅନ୍ତିମ କାଳ ଉପସ୍ଥିତ ହେବ ଓ କେହି ତାହାକୁ
ସାହାଯ୍ୟ କରିବେ ନାହିଁ।’”

12 “ସେହି ଲୋକଟି ଦର୍ଶନରେ କହିଲେ, ‘ଦାନିୟେଲ,
ସେ ସମୟରେ ତୁମ୍ଭ ଲୋକ ଯିହୁଦୀଙ୍କ, ତତ୍ତ୍ୱାବଧାରକ
ରୂପେ ମୀଖାୟେଲ ମୁଖ୍ୟ ଅଧିପତିରୂପେ ଠିଆ ହେବେ।
ମନୁଷ୍ୟ ଗୋଷ୍ଠୀର ସ୍ଥିତିକାଳ ଆରମ୍ଭରୁ ସେ ସମୟ ପର୍ଯ୍ୟନ୍ତ
ଯେଉଁ ପ୍ରକାର ସଂକଟର କାଳ କେବେ ହୋଇନାହିଁ। ଆଉ
ତୁମ୍ଭ ଯିହୁଦୀୟ ଗୋଷ୍ଠୀର ଯେଉଁ ପ୍ରତ୍ୟେକର ନାମ ପୁସ୍ତକରେ
ଲିଖିତ ହୋଇଅଛି, ସେମାନେ ପ୍ରତ୍ୟେକ ସେ ସମୟରେ
ଉଦ୍ଧାର ପାଇବେ। 2ପୁଣି ଯେଉଁମାନେ ମୃତ ଓ କବର ପ୍ରାପ୍ତ
ସେମାନଙ୍କ ମଧ୍ୟରୁ ଅନେକ ଜାଗି ଉଠିବେ। କେତେକ ଅନନ୍ତ
ଜୀବନ, କେତେକ ଲଜ୍ଜା ଓ କେତେକ ଚିର ଅପମାନ
ଭୋଗ ପାଇଁ ଉଠିବେ। 3ଆଉ ଜ୍ଞାନୀ ଲୋକମାନେ ଆକାଶର
ଦୀପ୍ତିର ଗୌରବ ତୁଲ୍ୟ ହେବେ ଏବଂ ଯେଉଁମାନେ ଅନ୍ୟକୁ
ବହୁତ ଧର୍ମିକତା କାର୍ଯ୍ୟ କରିବେ, ଶେଷ ସମୟ ପର୍ଯ୍ୟନ୍ତ
ତାରାଗଣ ତୁଲ୍ୟ ଉଜ୍ଜ୍ୱଳ ହେବେ।

4“ମାତ୍ର ହେ ଦାନିୟେଲ, ତୁମ୍ଭେ ଶେଷକାଳ ପର୍ଯ୍ୟନ୍ତ
ଏହି ବାକ୍ୟ ସକଳ ବନ୍ଦ କରି ଓ ଏହି ପୁସ୍ତକ ମୁଦ୍ରିତ କରି
ରଖ। ଅନେକ ଏଣେତେଣେ ପ୍ରକୃତ ଜ୍ଞାନର ଅନ୍ୱେଷଣ
କରିବେ ଓ ଜ୍ଞାନର ବୃଦ୍ଧି ହେବ।’

5“ସେତେବେଳେ ମୁଁ ଦାନିୟେଲ ଅନାଇ ଦେଖିଲି, ଅନ୍ୟ
ଦୁଇଜଣ ଠିଆ ହୋଇଅଛନ୍ତି, ଜଣେ ନଦୀତୀରର ଏ ପାଖରେ
ଓ ଅନ୍ୟଜଣକ ନଦୀତୀରର ସେ ପାଖରେ। 6ଏବଂ ସେ ଶୁକ୍ଳ
ବସ୍ତ୍ର ପରିହିତ ଓ ନଦୀର ଜଳ ଉପରିସ୍ଥ ଯେଉଁ ମନୁଷ୍ୟ,
ତାହାଙ୍କୁ ଏକ ବ୍ୟକ୍ତି ପଚାରିଲେ, ‘ଏହିସବୁ ଆଶ୍ଚର୍ଯ୍ୟ ବିଷୟ
ଘଟିବା ପାଇଁ କେତେ ସମୟ ଲାଗିବ?’

7“ତା’ପରେ ମୁଁ ଶୁଣିଲି, ଶୁକ୍ଳବସ୍ତ୍ର ପରିହିତ ଲୋକଟି
ତା’ର ହସ୍ତ ଉପରକୁ ଟେକି ପରମେଶ୍ୱରଙ୍କ ନାମରେ ଶପଥ
କରି କହିଲେ, ‘ଏହା ସାଢେ ତିନି ବର୍ଷ ଯିବ। ଏହି ସମସ୍ତ
ସତ୍ୟ ହେବ ଯେତେବେଳେ ପବିତ୍ର ଲୋକମାନଙ୍କର ଯନ୍ତ୍ରଣା
ଶେଷ ହେବ।’

8“ମୁଁ ଯଦିଓ ଉତ୍ତର ଶୁଣିଲି, ମାତ୍ର ବୁଝିଲି ନାହିଁ, ତହୁଁ

ମୁଁ କହିଲି, 'ହେ ମୋର ପ୍ରଭୁ, ଏସବୁର ପରିଣାମ କ'ଣ
ହେବ?'
9"ତେଣୁ ସେ କହିଲେ, 'ହେ ଦାନିୟେଲ, ତୁମ୍ଭେ ଆପଣା
ପଥରେ ଗମନ କର। କାରଣ ଶେଷକାଳ ପର୍ଯ୍ୟନ୍ତ ଏହି
ବାକ୍ୟ ସକଳ ବନ୍ଦ ଓ ମୁଦ୍ରିତ ହୋଇଅଛି। 10ଅନେକ
ଲୋକ ନିଜକୁ ସ୍ୱଚ୍ଛ ଓ ନିର୍ମଳମୟ ମନ କରିବେ। ମାତ୍ର
ଦୁଷ୍ଟମାନଙ୍କର ଦୁଷ୍ଟାଚରଣ ବଢ଼ି ବଢ଼ି ଗ୍ଲିବ। ଦୁଷ୍ଟମାନଙ୍କ
ମଧ୍ୟରୁ କେହି ହୃଦ୍‌ବୋଧ କରିବେ ନାହିଁ। ମାତ୍ର ଜ୍ଞାନୀ
ଲୋକମାନେ ଏସବୁ ବୁଝିବେ। 11ପୁଣି ଯେଉଁ ସମୟରେ
ନିତ୍ୟ ବଳିଦାନ ନିବୃତ୍ତ ହେବ ଓ ବିନାଶକାରୀଙ୍କ ଘୃଣାଯୋଗ୍ୟ
ବସ୍ତୁ ସ୍ଥାପିତ ହେବ ସେହି ସମୟଠାରୁ 1,290 ଦିନ ହେବ।
12ଯେଉଁ ଲୋକ ଅପେକ୍ଷା କରିବ ଓ 1,335 ଦିନ ପର୍ଯ୍ୟନ୍ତ
ଥିବ, ସେ ଧନ୍ୟ।
13"'ମାତ୍ର ଶେଷକାଳ ପର୍ଯ୍ୟନ୍ତ ତୁମ୍ଭେ, ଦାନିୟେଲ ନିଜ
ପଥରେ ଗମନ କର। କାରଣ ତୁମ୍ଭେ ବିଶ୍ରାମ ପାଇବ ଓ
କାଳର ଶେଷରେ ନିଜର ଅଧିକାରରେ ଛିଡ଼ା ହେବ।'"

# ଯିହିଜିକଲ୍ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

### ଉପକ୍ରମ

1 1-3ମୁଁ ବୂଷିର ପୁତ୍ର ଯାଜକ ଯିହିଜିକଲ୍। କବାର ନଦୀ
କୂଳରେ ମୁଁ ନିର୍ବାସିତ ଥିଲାବେଳେ ଆକାଶ ଖୋଲିଗଲା
ଏବଂ ତିରିଶତମ ବର୍ଷର ଚତୁର୍ଥ ମାସର ପଞ୍ଚମ ଦିନରେ
ବାବିଲରେ ମୁଁ ପରମେଶ୍ୱରଙ୍କ ଦର୍ଶନ ପାଇଲି।
ରାଜା ଯିହୋୟାଖୀନର ନିର୍ବାସିତ ହେବାର ପଞ୍ଚମ ବର୍ଷର
ମାସର ପଞ୍ଚମ ଦିନରେ ଯାଜକ ଯିହିଜିକଲ୍ ନିକଟକୁ ସଦାପ୍ରଭୁଙ୍କର
ବାକ୍ୟ ଆସିଥିଲା। ଏବଂ ସେହିଠାରେ ସଦାପ୍ରଭୁଙ୍କର ଶକ୍ତି
ତାଙ୍କ ଉପରକୁ ଆସିଲା।

### ସଦାପ୍ରଭୁଙ୍କ ରଥ ପରମେଶ୍ୱରଙ୍କ ସିଂହାସନ

4ତାପରେ ଉତ୍ତର ଦିଗରୁ ଘୂର୍ଣ୍ଣିବାୟୁ, ବୃହତ୍ ମେଘ ଓ
ଜାଜ୍ୱଲ୍ୟମାନ ଅଗ୍ନି ଆସିବାର ମୁଁ ଦେଖିଲି। ଆଉ ତାହାର
ଚତୁର୍ଦ୍ଦିଗରେ ଉଜ୍ଜ୍ୱଳ ତେଜ ବାହାରୁଥିଲା ଓ ଏହାର ମଧ୍ୟ ଭାଗ
ଏକ ଜ୍ୱଳନ୍ତ ଧାତୁ ସଦୃଶ ଦେଖା ଯାଉଥିଲା। 5ସେହି ମେଘ
ମଧ୍ୟରେ ଜୀବନ୍ତ ଚାରି ପ୍ରାଣୀର ମୂର୍ତ୍ତି ପ୍ରକାଶ ପାଇଲା।
ସେମାନଙ୍କର ଆକୃତି ମନୁଷ୍ୟ ପରି ଥିଲା। 6ଏବଂ ପ୍ରତ୍ୟେକ
ପ୍ରାଣୀର ଚାରିମୁଖ ଓ ଚାରିପକ୍ଷ ଥିଲା। 7ସେମାନନଙ୍କର ପାଦ
ସଳଖ, ଆଉ ସେମାନଙ୍କର ପାଦର ତଳପା ଗୋବତ୍ସର
ତଳପା ତୁଲ୍ୟ। ଆଉ ସେଗୁଡ଼ିକ ମଜା ଯାଇଥିବା ପିତ୍ତଳ ପରି
ଝଟକୁଥିଲା। 8ଆଉ ସେମାନଙ୍କର ପକ୍ଷ ତଳେ ମନୁଷ୍ୟର
ହସ୍ତତୁଲ୍ୟ ହସ୍ତ ଥିଲା। ସେ ଚାରି ପ୍ରାଣୀଙ୍କର ମଧ୍ୟରେ ପ୍ରତି
ପ୍ରାଣୀର ଚାରି ମୁଖ ଓ ଚାରି ପକ୍ଷ ଥିଲା। 9ସେମାନଙ୍କର
ପକ୍ଷଗୁଡ଼ିକ ପରସ୍ପର ସଂଯୁକ୍ତ, ଆଉ ସେମାନେ ଗମନ
କଲାବେଳେ ପଛକୁ ଫେରିଲେ ନାହିଁ। ପ୍ରତ୍ୟେକ ସମ୍ମୁଖ
ଆଡ଼େ ଗମନ କଲେ।
10ପ୍ରତି ପ୍ରାଣୀର ଚାରି ମୁଖ ମଧ୍ୟରୁ ସମ୍ମୁଖ ଭାଗରେ
ମନୁଷ୍ୟର ମୁଖ, ଦକ୍ଷିଣ ପାର୍ଶ୍ୱରେ ସିଂହର ମୁଖ, ବାମ
ପାର୍ଶ୍ୱରେ ଗୋରୁର ମୁଖ ଓ ପଛ ଭାଗରେ ଉତ୍କ୍ରୋଶ ପକ୍ଷୀର
ମୁଖ ଥିଲା। 11ପ୍ରାଣୀଗୁଡିକର ଡେଣାଗୁଡିକ ସେମାନଙ୍କୁ ଘୋଡେଇ
ରଖିଥିଲା। ପ୍ରତ୍ୟେକ ପ୍ରାଣୀର ଦୁଇଟି ଡେଣା ଏହାର ପାଖରେ
ଥିବା ଅନ୍ୟ ଗୋଟିଏ ପ୍ରାଣୀ ପାଖକୁ ପହଞ୍ଚୁ ଥିଲା ଏବଂ ଅନ୍ୟ
ଦୁଇଟି ଡ଼େଣା ଏହାର ଦେହକୁ ଆଚ୍ଛାଦନ କରୁଥିଲା। 12ପୁଣି
ସେମାନେ ପ୍ରତ୍ୟେକ ସମ୍ମୁଖ ଭାଗରେ ଗମନ କଲେ। ସେମାନଙ୍କର
ନିଜ ଇଚ୍ଛାନୁସାରେ ସେମାନେ ଗତି କଲେ ଓ ସେମାନଙ୍କର
ଗମନ କାଳରେ ସେମାନେ ଫେରିଲେ ନାହିଁ। 13ଏହି ଜୀବନ୍ତ
ପ୍ରାଣୀମାନେ ପ୍ରଜ୍ୱଳିତ ଅଙ୍ଗାର ଓ ମଶାଲଗୁଡିକ ସଦୃଶ ଏବଂ
ଅଗ୍ନି ସେମାନଙ୍କର ମଧ୍ୟରେ ବୁଲୁଥିବାର ଦେଖାଯାଉଥିଲା।
ଏବଂ ସେମାନେ ଜୀବନ୍ତ ପ୍ରାଣୀମାନଙ୍କ ମଧ୍ୟରେ ଗମନାଗମନ
କଲେ। ସେ ଅଗ୍ନି ତେଜୋମୟ ଥିଲା ଓ ତହିଁରୁ ବିଦ୍ୟୁତ୍
ନିର୍ଗତ ହେଲା। 14ଏବଂ ଜୀବନ୍ତ ପ୍ରାଣୀଗଣ ବିଜୁଳିପରି
ଦ୍ରୁତଗତିରେ ଏଣେତେଣେ ଦୌଡ଼ିଲେ।
15-16ମୁଁ ଜୀବନ୍ତ ପ୍ରାଣୀମାନଙ୍କୁ ଦେଖିଲି ଏବଂ ଦେଖିଲି
ଯେ, ପ୍ରତ୍ୟେକ ଜୀବନ୍ତ ପ୍ରାଣୀମାନଙ୍କର ଚାରି ମୁଖର ସହିତ,
ପାର୍ଶ୍ୱରେ ଗୋଟିଏ ଗୋଟିଏ ଚକ ଥିଲା। ସେମାନେ ମଣିପରି
ଉଜ୍ଜ୍ୱଳ ଥିଲେ ଏବଂ ସେମାନଙ୍କର ଆକୃତି ସମାନ ଥିଲା ଏବଂ
ପ୍ରତ୍ୟେକ ଗୋଟିଏ ଚକ ମଧ୍ୟରେ ଗୋଟିଏ ଚକ ସଦୃଶ
ଦେଖାଗଲା। 17ଗମନ କଲାବେଳେ ସେ ଚାରିଚକ ଯେକୌଣସି
ଚାରିଦିଗରେ ଗତି କରୁଥିଲେ, କିନ୍ତୁ ଚକଗୁଡିକ ଗତି କଲାବେଳେ
ବୁଲୁନଥିଲା।
18ସେମାନଙ୍କର ଘେର ଉଚ୍ଚ ଓ ଭୟଙ୍କର ଥିଲା;
ପୁଣି ସେହି ଚାରି ଘେରର ଚତୁର୍ଦ୍ଦିଗ ଚକ୍ଷୁରେ
ପରିପୂର୍ଣ୍ଣ ଥିଲା।
19ସେହି ଜୀବନ୍ତ ପ୍ରାଣୀମାନଙ୍କ ଗତି ସହିତ ସେହି
ଚକସବୁ ଚାଳିତ ହେଲା। ପୁଣି ଜୀବନ୍ତ ପ୍ରାଣୀମାନେ ଭୂମିରୁ
ଉତ୍ଥିତ ହେଲାବେଳେ ଚକଗୁଡ଼ିକ ଉତ୍ଥିତ ହେଲା। 20ପବନର*
ଇଚ୍ଛାନୁସାରେ ସେମାନେ ବିଭିନ୍ନ ସ୍ଥାନକୁ ଗମନ କଲେ।
ଚକସବୁ ସେମାନଙ୍କ ସହିତ ଉଠିଲେ କାରଣ ଜୀବନ୍ତ
ପ୍ରାଣୀମାନଙ୍କର ଆତ୍ମା ଚକ୍ରରେ ଥିଲା। 21ପବନର ଇଚ୍ଛାନୁସାରେ
ସେମାନେ ବିଭିନ୍ନ ସ୍ଥାନକୁ ଗମନ କଲେ। ଚକସବୁ ସେମାନଙ୍କ
ସହିତ ଉଠିଲେ, କାରଣ ସେହି ଜୀବନ୍ତ ପ୍ରାଣୀମାନଙ୍କର ଆତ୍ମା
ଚକରେ ଥିଲା।
22ପୁଣି ସେହି ଜୀବନ୍ତ ପ୍ରାଣୀମାନଙ୍କର ମସ୍ତକରେ ଏକ
ଆସ୍ତରଣ ଥିଲା, ଏହା ସ୍ଫଟିକ ତୁଲ୍ୟ ଉଜ୍ଜ୍ୱଳ ଓ ସ୍ୱଚ୍ଛ ଥିଲା।
ଏହା ସେମାନଙ୍କ ମସ୍ତକର ଚତୁଃପାର୍ଶ୍ୱରେ ବିସ୍ତାରିତ ଥିଲା।
23ସେହି ଆସ୍ତରଣ ତଳେ ସେମାନଙ୍କର ପକ୍ଷସବୁ ଏକ
ଆରେକର ଆଡ଼େ ପ୍ରସାରିତ ହୋଇଥିଲା; ସେମାନଙ୍କର ଶରୀର
ଆଚ୍ଛାଦନ କରିବା ପାଇଁ ଏ ପାଖରେ ଦୁଇ ପକ୍ଷ ଓ ସେ
ପାଖରେ ଦୁଇ ପକ୍ଷ ଥିଲା।
24ଏବଂ ସେମାନେ ଗମନ କଲା ସମୟରେ ମୁଁ
ସେମାନଙ୍କର ପକ୍ଷର ଶବ୍ଦ ଶୁଣିଲି, ତାହା ମହାଜଳ
ରାଶିର କଲ୍ଲୋଳ ତୁଲ୍ୟ, ସର୍ବଶକ୍ତିମାନ ପରମେଶ୍ୱରଙ୍କର ସ୍ୱର
ତୁଲ୍ୟ ଓ ସୈନ୍ୟଦଳର କୋଳାହଳ ଶବ୍ଦ ତୁଲ୍ୟ ଥିଲା।
ସେମାନେ ଅଟକିଲା ବେଳେ ନିଜ ନିଜ ପକ୍ଷ ସଙ୍କୋଚନ
କଲେ।
25ଏବଂ ଯେତେବେଳେ ସେମାନେ ଗତି ବନ୍ଦ କଲେ,
ସେମାନେ ସେମାନଙ୍କର ପକ୍ଷ ସଙ୍କୁଚିତ କଲେ ଓ
ସେତେବେଳେ ସେମାନଙ୍କ ମସ୍ତକର ଉପରିସ୍ଥ ଆସ୍ତରଣ

---

**ପବନ** “ଶକ୍ତି” କିମ୍ବା “ଇଚ୍ଛାଶକ୍ତି“ କିମ୍ବା “ଆତ୍ମା” କିମ୍ବା “ଇଚ୍ଛା”।

ଉପରେ ଏକ ଶବ୍ଦ ଶୁଣାଗଲା। 26ଏବଂ ଆସ୍ତରଣ ଉପରକୁ
ସେମାନଙ୍କର ମସ୍ତକ ଚତୁଃପାର୍ଶ୍ୱରେ ନୀଳକାନ୍ତମଣିରେ ନିର୍ମିତ
ହୋଇଥିବା ଏକ ସିଂହାସନ ଥିଲା, ଆଉ ସେହି ସିଂହାସନର
ଆକୃତି ଉପରେ ମନୁଷ୍ୟ ସଦୃଶ ଏକ ଆକୃତି ଥିଲା। 27ଏବଂ
ମୁଁ ତାଙ୍କର କଟିର ଉପର ଭାଗର ଚତୁର୍ଦ୍ଦିଗ ଉତ୍ତପ୍ତ
ତମ୍ବାତୁଲ୍ୟ ଉଜ୍ଜ୍ୱଳ ଥିବାର ଦେଖିଲି। ପୁଣି କଟି ଦେଶର ତଳ
ଭାଗର ଚତୁର୍ଦ୍ଦିଗ ଅଗ୍ନି ସଦୃଶ ଆଭାମୟ ଥିବାର
ଦେଖିଲି। 28ସେହି ତେଜ ତା'ର ଚତୁଃପାର୍ଶ୍ୱରେ ଝଟକୁଥିଲା
ଏବଂ ଏକ ଇନ୍ଦ୍ରଧନୁ ପରି ଦେଖାଗଲା, ଯାହା ବର୍ଷା ଦିନରେ
ମେଘରେ ଦେଖାଯାଏ। ଏହା ସଦାପ୍ରଭୁଙ୍କ ମହିମା ମୂର୍ତ୍ତିର ଆଭା
ଥିଲା। ଯେଉଁ ସମୟରେ ମୁଁ ଏହା ଦେଖିଲି,
ଭୂମିରେ ମୁହଁ ମାଡ଼ି ପଡ଼ିଲି। ଏକ ସ୍ୱର ମୋତେ କିଛି
କହୁଥିବାର ଶୁଣିଲି।

2 ଅନନ୍ତର ସେ ମୋତେ କହିଲେ, "ହେ ମନୁଷ୍ୟ ପୁତ୍ର,
ଉଠ, ମୁଁ ତୁମ୍ଭ ସହିତ କଥା ହେବି।" 2ତା'ପରେ ଏକ
ଆତ୍ମା ମୋ ମଧ୍ୟରେ ପ୍ରବେଶ କରି ମୋତେ ଠିଆ କରାଇଲା।
ତାପରେ ସେହି ସ୍ୱର ମୋ ସହିତ କଥାବାର୍ତ୍ତା କରିବାକୁ
ଆରମ୍ଭ କଲା। 3ତାପରେ ସେ ମୋତେ କହିଲା, "ହେ
ମନୁଷ୍ୟ ପୁତ୍ର, ମୁଁ ତୁମ୍ଭକୁ ଇଶ୍ରାୟେଲର ସନ୍ତାନଗଣଙ୍କ
ନିକଟକୁ ପ୍ରେରଣ କରୁଛି। ସେମାନେ ଏକ ବିଦ୍ରୋହୀ ଜାତି।
ସେମାନେ ଓ ସେମାନଙ୍କର ପୂର୍ବପୁରୁଷଗଣ ମୋ ବିରୁଦ୍ଧରେ
ବିଦ୍ରୋହ କଲେ ଓ ଆଜି ପର୍ଯ୍ୟନ୍ତ ପାପ କରି ଚାଲିଛନ୍ତି।
4ସେହି ଲୋକମାନେ ସ୍ୱେଚ୍ଛାଚାରୀ ଓ କଠିନ ଚିତ୍ତ। ତଥାପି
ମୁଁ ତୁମ୍ଭକୁ ସେମାନଙ୍କ ନିକଟକୁ ପଠାଉଛି। ସେମାନଙ୍କୁ କୁହ,
'ସଦାପ୍ରଭୁ ଆମ୍ଭର ପ୍ରଭୁ ଏହି କଥା କହିଛନ୍ତି।' 5ସେମାନେ
ବିଦ୍ରୋହୀ ବଂଶ, ସେମାନେ ତୁମ୍ଭ କଥା ଶୁଣନ୍ତୁ ବା ନଶୁଣନ୍ତୁ,
ତୁମ୍ଭେମାନେ ଏହିସବୁ କଥା ନିଶ୍ଚୟ କହିବ, ଯାହା ଫଳରେ
ସେମାନେ ଜାଣିବେ ଯେ, ସେମାନଙ୍କ ମଧ୍ୟରେ ଜଣେ
ଭବିଷ୍ୟତ ବକ୍ତା ପହଞ୍ଚିଛନ୍ତି।

6"ହେ ମନୁଷ୍ୟ ପୁତ୍ର, ଏହିସବୁ ବିଦ୍ରୋହୀ ଲୋକମାନେ
ତୁମ୍ଭର ଚତୁଃପାର୍ଶ୍ୱରେ କଣ୍ଟକ ତୁଲ୍ୟ ଅଟନ୍ତି ଓ ଏହା ସତେ
ଯେପରି ତୁମ୍ଭେ କଙ୍କଡ଼ାବିଛାମାନଙ୍କ ମଧ୍ୟରେ ବାସ କରୁଅଛ।
କିନ୍ତୁ ସେମାନଙ୍କୁ ଭୟ କର ନାହିଁ। ସେମାନେ ଯାହା କୁହନ୍ତି,,
ସେଥିରେ ଭୟଭୀତ ହୁଅ ନାହିଁ, ସେମାନଙ୍କ ଚାହାଣି ଦ୍ୱାରା
ଆତଙ୍କିତ ହୁଅ ନାହିଁ। 7ସେମାନେ ଶୁଣନ୍ତୁ ବା ନଶୁଣନ୍ତୁ ମୁଁ
ତୁମ୍ଭଙ୍କୁ ଯାହା କହୁଛି, ସେସବୁକୁ ତୁମ୍ଭେ ସେମାନଙ୍କୁ କୁହ
କାରଣ ସେମାନେ ଅତ୍ୟନ୍ତ ବିଦ୍ରୋହୀ।

8"ହେ ମନୁଷ୍ୟ ପୁତ୍ର, ଆମ୍ଭେ ତୁମ୍ଭକୁ ଯାହା କହୁଅଛୁ
ତାହା ଶୁଣ; ତୁମ୍ଭେ ଏହିସବୁ ବିଦ୍ରୋହୀମାନଙ୍କ ତୁଲ୍ୟ ବିଦ୍ରୋହୀ
ହୁଅ ନାହିଁ; ନିଜର ମୁଖ ଖୋଲ, ଆମ୍ଭେ ତୁମ୍ଭକୁ ଯାହା
ଦେଉଅଛୁ ତାହା ଭୋଜନ କର।"

9ତା'ପରେ ମୁଁ ଦେଖିଲି ଏକ ହସ୍ତ ମୋ ଆଡ଼େ ପ୍ରସାରିତ
ହେଲା। ସେ ହାତରେ ଲେଖାଥିବା ଏକ ନଳାକାର ପୁସ୍ତକ
ଥିଲା। 10ଆଉ ମୁଁ ସେହି ଗୁଡ଼ା ହୋଇଥିବା ପୁସ୍ତକକୁ
ପ୍ରସାରିତ କଲି ଓ ତାହାର ଉପର ଓ ତଳ ଲେଖା
ହୋଇଥିବାର ଦେଖିଲି। ଆଉ ସେଥିରେ ବିଳାପ, ଶୋକ ଓ
ସନ୍ତାପର କଥା ଲିଖିତ ଥିଲା।

3 ଅନନ୍ତର ପରମେଶ୍ୱର ମୋତେ କହିଲେ, "ହେ ମନୁଷ୍ୟ
ପୁତ୍ର, ତୁମ୍ଭ ସମ୍ମୁଖରେ ଯାହା ଦେଖୁଛ ତାହା ଭୋଜନ
କର। ଏହି ନଳାକାର ପୁସ୍ତକ ଭୋଜନ କର ଓ ଇଶ୍ରାୟେଲ
ବଂଶକୁ ଯାଇ ଏସବୁ କଥା କୁହ।"

2ତେଣୁ ମୁଁ ମୁଖ ଖୋଲିଲି ଓ ସେ ସେହି ନଳାକାର
ପୁସ୍ତକ ମୋତେ ଭୋଜନ କରାଇଲେ। 3ତା'ପରେ ପରମେଶ୍ୱର
କହିଲେ, "ହେ ମନୁଷ୍ୟ ପୁତ୍ର, ଆମ୍ଭେ ତୁମ୍ଭକୁ ଯେଉଁ
ନଳାକାର ପୁସ୍ତକ ଦେଉଅଛୁ, ତାହା ତୁମ୍ଭେ ଆପଣା ଉଦରରେ
ପୂରାଅ।"

ତେଣୁ ମୁଁ ସେହି ନଳାକାର ପୁସ୍ତକଟିକୁ ଖାଇ ଦେଲି ଓ
ଏହା ମହୁପରି ମିଠା ଲାଗିଲା।

4ଏହାପରେ ପରମେଶ୍ୱର ମୋତେ କହିଲେ, "ହେ ମନୁଷ୍ୟ
ପୁତ୍ର, ତୁମ୍ଭେ ଇଶ୍ରାୟେଲ ବଂଶ ନିକଟକୁ ଯାଇ ଆମ୍ଭର
ବାକ୍ୟସବୁ କୁହ। 5ଆମ୍ଭେ ତୁମ୍ଭକୁ କୌଣସି ବିଦେଶୀୟ
ନିକଟକୁ ପଠାଉ ନାହୁଁ। ଯାହା ଫଳରେ ତୁମ୍ଭକୁ ତାଙ୍କ ଭାଷା
ବୁଝିବା କଷ୍ଟ ହେବ। ଆମ୍ଭେ ତୁମ୍ଭକୁ ଇଶ୍ରାୟେଲ ବଂଶ
ନିକଟକୁ ପଠାଉଅଛୁ। 6ବହୁତ ଅଲଗା ଅଲଗା ଦେଶଗୁଡ଼ିକ
ନିକଟକୁ ତୁମ୍ଭମାନଙ୍କୁ ପଠାଯାଉ ନାହିଁ, ଯେଉଁମାନଙ୍କର ଭାଷାଗୁଡ଼ିକ
ତୁମ୍ଭେମାନେ ବୁଝିନାହିଁ। ପୁଣି ଯେଉଁମାନେ ତୁମ୍ଭମାନଙ୍କର ଭାଷା
ବୁଝିପାରନ୍ତି ନାହିଁ। କିନ୍ତୁ ଯଦି ଆମ୍ଭେ ତୁମ୍ଭକୁ ସେପରି
ଲୋକମାନଙ୍କ ପାଖକୁ ପଠାଇଥାନ୍ତୁ, ସେମାନେ ତୁମ୍ଭ କଥା
ଶୁଣିଥାନ୍ତେ। 7କିନ୍ତୁ ଇଶ୍ରାୟେଲ ଭବିଷ୍ୟତବଂଶଧରଗଣ ତୁମ୍ଭ
କଥା ଶୁଣିବା ପାଇଁ ଇଚ୍ଛା କରିବେ ନାହିଁ। କାରଣ ସେମାନେ
ଆମ୍ଭ କଥା ଶୁଣିବା ପାଇଁ ଚାହାନ୍ତି ନାହିଁ। ସମୁଦାୟ ଇଶ୍ରାୟେଲର
ଲୋକମାନେ ଜିଦ୍‌ଖୋର ଓ କଠିନ ଚିତ୍ତ ଅଟନ୍ତି। 8ମାତ୍ର
ଆମ୍ଭେ ସେମାନଙ୍କ ମୁଖ ପରି ଓ କପାଳ ପରି ତୁମ୍ଭର ମୁଖ
ଓ କପାଳକୁ ଦୃଢ଼ କରିଅଛୁ, 9ଯେପରି ଚକ୍‌ମକି ପଥର
ଅପେକ୍ଷା ହୀରା କଠିନତର। ଆମ୍ଭେ ସେଗୁଡ଼ିକଠାରୁ ତୁମ୍ଭର
ମୁଣ୍ଡକୁ ଶକ୍ତ କରିଅଛୁ। ତେଣୁ ଯଦିଓ ସେମାନେ ବିଦ୍ରୋହୀ,
ତୁମ୍ଭେ ସେମାନଙ୍କୁ ଭୟ କର ନାହିଁ, ଏବଂ ସେମାନଙ୍କ
ଚାହାଣିରେ ଉଦ୍‌ବିଗ୍ନ ହୁଅ ନାହିଁ।"

10ଆହୁରି ପରମେଶ୍ୱର ମୋତେ କହିଲେ, "ହେ ମନୁଷ୍ୟ
ପୁତ୍ର, ଆମ୍ଭେ ତୁମ୍ଭକୁ ଯାହା କହୁଛୁ ତୁମ୍ଭେ ସେହିସବୁ କଥା
ଆପଣା ଅନ୍ତଃକରଣରେ ଗ୍ରହଣ କର ଓ ଆପଣା କର୍ଣ୍ଣରେ
ଶ୍ରବଣ କର। 11ଏବଂ ତୁମ୍ଭେ ତୁମ୍ଭର ନିର୍ବାସିତ ଲୋକମାନଙ୍କ
ନିକଟକୁ ଯାଇ ସେମାନଙ୍କୁ କୁହ ଯେ, 'ଏହା ସଦାପ୍ରଭୁ
ଆମ୍ଭର ପ୍ରଭୁ ଏହି ସବୁ କଥା କୁହନ୍ତି।' ସେମାନେ ଶୁଣନ୍ତୁ
ବା ନ ଶୁଣନ୍ତୁ। ତୁମ୍ଭେ ଏହି ସବୁକଥା ନିଶ୍ଚୟ ସେମାନଙ୍କୁ
କୁହ।"

12ଏହାପରେ ଆତ୍ମା ମୋତେ ଉପରକୁ ଉଠାଇଲା, ଏବଂ
ମୁଁ ମୋର ପଛରେ ଏକ ଶବ୍ଦ ଶୁଣିଲି। ତାହା ଏକ ବଜ୍ର
ଧ୍ୱନି ଥିଲା, ଏହା ଶୁଣାଗଲା, "ଧନ୍ୟ ସଦାପ୍ରଭୁଙ୍କର ମହିମା।"
13ସେହି ଜୀବିତ ପ୍ରାଣୀମାନଙ୍କର ଡେଣା ଦ୍ୱାରା ପରସ୍ପର ଝାଡ଼
ହେବାର ଶବ୍ଦ ଥିଲା ଏବଂ ସେମାନଙ୍କର ଚକସବୁର ଗର୍ଜ୍ଜନ
ଏକ ବଜ୍ରଧ୍ୱନି ସୃଷ୍ଟି କରୁଥିଲା। ଏହା ବଜ୍ରସ୍ୱର ପରି ଉଚ୍ଚ
ଥିଲା। 14ତା'ପରେ ଆତ୍ମା ମୋତେ ଉପରକୁ ଉଠାଇ ନେଇଗଲା।
ମୁଁ ଦୁଃଖିତ ହୃଦୟରେ କ୍ରୋଧିତ ହୋଇ ଗମନ କଲି ଏବଂ

ସଦାପ୍ରଭୁଙ୍କର ହସ୍ତ ମୋତେ ଧରିଥିଲା। 15ତେବେ ମୁଁ
ତେଲ-ଆବୀବକୁ, କବାର ନଦୀ ତୀର ନିବାସୀ ନିର୍ବାସିତ
ଲୋକମାନଙ୍କ ନିକଟକୁ ଆସିଲି। ସେମାନେ ଯେଉଁ ସ୍ଥାନରେ
ବାସ କରୁଥିଲେ, ସେ ସ୍ଥାନରେ ସେମାନଙ୍କ ମଧ୍ୟରେ ବିବ୍ରତ
ଓ ନୀରବରେ ସାତଦିନ ବସି ରହିଲି।

16ଅନନ୍ତର ସାତଦିନ ପରେ ସଦାପ୍ରଭୁଙ୍କର ଏହି ବାକ୍ୟ
ମୋ ନିକଟକୁ ଆସିଲା। 17"ହେ ମନୁଷ୍ୟ ପୁତ୍ର, ଆମ୍ଭେ
ଇସ୍ରାୟେଲ ବଂଶ ପ୍ରତି ତୁମ୍ଭକୁ ପ୍ରହରୀ କରି ନିଯୁକ୍ତ
କରିଅଛୁ। ଏଣୁ ଆମ୍ଭ ମୁଖର କଥା ଶୁଣ ଓ ଆମ୍ଭ ନାମରେ
ସେମାନଙ୍କୁ ଚେତନା ଦିଅ। 18ଯଦି ଆମ୍ଭେ ସେହି ଦୁଷ୍ଟ
ଲୋକଟିକୁ କହୁଁ, 'ତୁମ୍ଭେ ନିଶ୍ଚିତ ଭାବରେ ମରିବ।' ଏବଂ
ଯଦି ତୁମ୍ଭେ ସେହି ଦୁଷ୍ଟ ଲୋକର କୁକର୍ମରୁ ତା'ର ଜୀବନ
ରକ୍ଷା କରିବା ପାଇଁ ସତର୍କ କରିବ ନାହିଁ, ସେପରି ଦୁଷ୍ଟ
ଲୋକ ତା'ର ପାପ ପାଇଁ ମରିବ କିନ୍ତୁ ତା'ର ମୃତ୍ୟୁ ପାଇଁ
ମୁଁ ତୁମ୍ଭକୁ ଦାୟୀ କରିବି।

19"ମାତ୍ର ତୁମ୍ଭେ ଯଦି ଦୁଷ୍ଟ ମନୁଷ୍ୟକୁ ସତର୍କ କରିଥାଅ
ଆଉ ସେ ଆପଣା ପାପରୁ ଓ କୁପଥରୁ ନ ଫେରେ; ସେ
ନିଜ ଦୋଷ ଯୋଗୁ ମରିବ। କିନ୍ତୁ ତୁମ୍ଭେ ତାକୁ ସତର୍କ
କରିବା ଦ୍ୱାରା ଆପଣା ପ୍ରାଣରକ୍ଷା କଲ।

20"ସେହିପରି ଭାବରେ ଯଦି କୌଣସି ଧାର୍ମିକ ଲୋକ,
ଧାର୍ମିକ ହେବା ବନ୍ଦ କରି ପାପ କରେ, ଆଉ ଆମ୍ଭେ ତା'
ସମ୍ମୁଖରେ ଏକ ଝୁଣ୍ଟିବା ବସ୍ତୁ ରଖୁ, ତେବେ ସେ ମୃତ୍ୟୁବରଣ
କରିବ ଏବଂ ତା'ର ପୁଣ୍ୟକର୍ମସବୁ ହିସାବକୁ ନିଆଯିବ ନାହିଁ।
ସେ ମୃତ୍ୟୁବରଣ କରିବ କାରଣ ସେ ପାପ କରିଛି। କିନ୍ତୁ
ତା'ର ମୃତ୍ୟୁଜନିତ ଅପରାଧ ପାଇଁ ଆମ୍ଭେ ତୁମ୍ଭକୁ ଦାୟୀ
କରିବା। କାରଣ ତୁମ୍ଭେ ତାକୁ ସତର୍କ କଲ ନାହିଁ।

21"କିନ୍ତୁ ଧାର୍ମିକ ଲୋକକୁ ଯଦି ତୁମ୍ଭେ ସତର୍କ କଲ ଓ
ସେ ପାପ କଲା ନାହିଁ, ସେ ବଞ୍ଚିବ କାରଣ ସେ ତୁମ୍ଭର
ଚେତନା ନେଲା। ଏହିପରି ତୁମ୍ଭେ ତୁମ୍ଭର ପ୍ରାଣ ରକ୍ଷା କଲ।"

22ଅନନ୍ତର ସଦାପ୍ରଭୁଙ୍କର ହସ୍ତ ମୋ ଉପରେ ଅଧିଷ୍ଠାନ
କଲା, ସେହିଠାରେ ସେ ମୋତେ କହିଲେ, "ତୁମ୍ଭେ ଉଠି
ପଦା ଭୂମିକୁ ବାହାରି ଯାଅ। ଆମ୍ଭେ ସେହିଠାରେ ତୁମ୍ଭ ସହିତ
କଥାବାର୍ତ୍ତା କରିବା।"

23ତେଣୁ ମୁଁ ଉଠି ପଡିଲି ଏବଂ ଉପତ୍ୟକାକୁ ଗଲି
ସଦାପ୍ରଭୁଙ୍କର ମହିମା ସେ ସ୍ଥାନରେ ଠିଆ ହୋଇଥିଲା। ଏବଂ
କବାର ନଦୀ କୂଳରେ ମୁଁ ଯେଉଁ ମହିମା ଦେଖିଥିଲି, ଏହାହିଁ
ତାହା ଥିଲା। ତେଣୁ ମୁଁ ମୁହଁ ମାଡ଼ି ଭୂମିରେ ପଡ଼ି ରହିଲି।
24ତା'ପରେ ଆତ୍ମା ମୋ ମଧ୍ୟରେ ପ୍ରବେଶ କଲା ଓ ମୋର
ପାଦ ଉପରକୁ ନେଇଗଲା। ତା'ପରେ ସେ ମୋତେ କହିଲା,
"ଯାଅ, ଏବଂ ତୁମ୍ଭେ ଆପଣା ଗୃହ ମଧ୍ୟରେ ନିଜକୁ ରୁଦ୍ଧ
କରି ରଖ, 25ମାତ୍ର ହେ ମନୁଷ୍ୟ ପୁତ୍ର, ଲୋକମାନେ ତୁମ୍ଭକୁ
ରଜ୍ଜୁରେ ବାନ୍ଧିବେ; ତହିଁରେ ତୁମ୍ଭେ ବାହାରି ସେମାନଙ୍କ
ମଧ୍ୟରେ ଯିବ ନାହିଁ। 26ତା'ପରେ ଆମ୍ଭେ ତୁମ୍ଭ ଜିହ୍ୱାକୁ ତୁମ୍ଭ
ମୁଖର ତାଳୁରେ ଯୁକ୍ତ କରିବା, ଫଳରେ ତୁମ୍ଭେ ନୀରବ
ରହିବ ଓ ସେମାନଙ୍କୁ ଗାଳି ଦେବାକୁ ସମର୍ଥ ହେବ ନାହିଁ।
ଯଦିଓ ସେମାନେ ଗୋଟିଏ ବିଦ୍ରୋହୀ ଜାତି ଅଟନ୍ତି। 27କିନ୍ତୁ
ତୁମ୍ଭର ପାଟି ଆମ୍ଭ ଆଜ୍ଞାରେ ଫିଟିବ। ତା'ପରେ ତୁମ୍ଭେ
ସେମାନଙ୍କୁ କହିବ, 'ସଦାପ୍ରଭୁ ମୋର ପ୍ରଭୁ ଏହି କଥା
କହନ୍ତି।' ଯଦି ସେମାନେ ଇଚ୍ଛାକରନ୍ତି, ଶୁଣନ୍ତୁ ବା ଯଦି
ସେମାନେ ଇଚ୍ଛା ନକରନ୍ତି ବା ନଶୁଣନ୍ତି, ଯେହେତୁ ସେମାନେ
ବିଦ୍ରୋହୀ ଜାତି ଅଟନ୍ତି।

4 "ହେ ମନୁଷ୍ୟ ପୁତ୍ର, ତୁମ୍ଭ ସମ୍ମୁଖରେ ଖଣ୍ଡେ ଇଟା ରଖ
ଓ ତହିଁରେ ଯିରୁଶାଲମ ନଗରର ନକ୍ସା ଅଙ୍କନ କର।
2ଏବଂ ସେଗୁଡିକୁ ସୈନ୍ୟରେ ବେଷ୍ଟିତ କର, ତାହା ବିରୁଦ୍ଧରେ
ଗଡ଼ ନିର୍ମାଣ କର ଓ ତାହା ବିରୁଦ୍ଧରେ ପ୍ରାଚୀର ନିର୍ମାଣ
କର। ଆଉ ତାହା ବିରୁଦ୍ଧରେ ଛାଉଣୀ ସ୍ଥାପନ କର ଓ
ଚତୁର୍ଦ୍ଦିଗରେ ପ୍ରାଚୀର ଭେଦକ ଯନ୍ତ୍ର ସ୍ଥାପନ କର। 3ଏବଂ
ଗୋଟିଏ ଲୁହାର କରେଇ ନିଅ ଏବଂ ତୁମ୍ଭ ଓ ନଗରର
ନକ୍ସା ମଧ୍ୟରେ ଲୁହାର ପ୍ରାଚୀର ରୂପେ ସ୍ଥାପନ କର ଏବଂ
ଏହା ଆଡକୁ ବୁଲିପଡ। ନଗର ତୁମ୍ଭର ଅବରୋଧିତ ହେବ।
ଏହା ଇସ୍ରାୟେଲୀୟମାନଙ୍କର ଏକ ଚିହ୍ନ ହେବ।

4"ଆଉ ତୁମ୍ଭେ ତୁମ୍ଭର ବାମ ପାର୍ଶ୍ୱ ହୋଇ ପଡି ରହିବ।
ଏହା ଦେଖାଯାଏ ଯେ, ତୁମ୍ଭେ ନିଜେ ଇସ୍ରାୟେଲ ଲୋକମାନଙ୍କର
ପାପ ବୋହିଛ। ଯେତେଦିନ ପର୍ଯ୍ୟନ୍ତ ତୁମ୍ଭେ ବାମପାର୍ଶ୍ୱ ହୋଇ
ଅପରାଧ ପଡିରହିବ, 5ତୁମ୍ଭେ ନିଶ୍ଚୟ 390 ଦିନ ଇସ୍ରାୟେଲର
ଦୋଷବହନ କରିବ। ଏହି ପ୍ରକାରେ ମୁଁ ତୁମ୍ଭକୁ କହୁଅଛି,
କେତେଦିନ ପର୍ଯ୍ୟନ୍ତ ଇସ୍ରାୟେଲ ଦଣ୍ଡିତ ହେବ, ଗୋଟିଏ ଦିନ
ସମାନ ଗୋଟିଏ ବର୍ଷ।

6"ଏହି ସମସ୍ତ ଦିନ ସମାପ୍ତି ପରେ ତୁମ୍ଭେ କଡ
ଲେଉଟାଇବ ଏବଂ ଆପଣା ଦକ୍ଷିଣ ପାର୍ଶ୍ୱରେ ଶୟନ କରିବ।
ଏହି ପ୍ରକାରେ ଯିହୁଦାର ପାପ ପାଇଁ ଦଣ୍ଡ ତୁମ୍ଭେ ସେମାନଙ୍କୁ
ଦେଖାଇବ। ଆମ୍ଭେ ନିରୂପିତ କରିଛୁ ଯେ, ତୁମ୍ଭେମାନେ ଏହା
ଚାଳିଶ ଦିନ ପାଇଁ କରିବା ଉଚିତ୍। ଗୋଟିଏ ଦିନ ଗୋଟିଏ
ବର୍ଷ ସହିତ ସମାନ ଅଟେ।"

7ପରମେଶ୍ୱର ପୁନର୍ବାର କହିଲେ, "ବର୍ତ୍ତମାନ ଯିରୁଶାଲମର
ଅବରୋଧିତ ନଗର ଆଡକୁ ବୁଲିପଡ ଏବଂ ଶକ୍ତ ହସ୍ତରେ
ଏହା ବିରୁଦ୍ଧରେ ଭବିଷ୍ୟଦ୍‌ବାଣୀ କର। 8ବର୍ତ୍ତମାନ ଦେଖ,
ଆମ୍ଭେ ତୁମ୍ଭକୁ ରଜ୍ଜୁରେ ବାନ୍ଧି ଅଛୁ। ଏଣୁ ତୁମ୍ଭେ ତୁମ୍ଭର
"ନଗର ଉପରେ ଅବରୋଧର ସମାପ୍ତ ନ କରିବା ପର୍ଯ୍ୟନ୍ତ ଏ
ପାର୍ଶ୍ୱରୁ ସେ ପାର୍ଶ୍ୱକୁ ଲେଉଟିବ ନାହିଁ।"

9ପୁନର୍ବାର ପରମେଶ୍ୱର କହିଲେ, "ତୁମ୍ଭେ ନିଜ ପାଇଁ
ଗହମ, ଯବ, ଶିମ, ମସୂର, ଜୋଆର ଓ ଜନା ନେଇ
ସେଗୁଡିକୁ ଗୋଟିଏ ପାତ୍ରରେ ରଖ। ତୁମ୍ଭେ ତୁମ୍ଭର ଖାଦ୍ୟ
ଏଥିରୁ ପ୍ରସ୍ତୁତ କରିବା ଉଚିତ୍। ଏହା ତୁମ୍ଭେ 390 ଦିନ
ପର୍ଯ୍ୟନ୍ତ ତୁମ୍ଭେ ଖାଇବ ଏବଂ ଅନ୍ୟ ଏକ ପାର୍ଶ୍ୱରେ ପଡିରହିବ।
ସେହି ଦିନଗୁଡିକରେ ଏହିସବୁ ଖାଦ୍ୟ ଭୋଜନ କରିବ।
10ତୁମ୍ଭେ ପ୍ରତ୍ୟେକ ଦିନ କୋଡିଏ ଶେକଲ ଓଜନର ଖାଦ୍ୟ
ଭୋଜନ କରିବ। ଦିନସାରା ଏହାକୁ ସମୟ ସମୟରେ ଖାଅ।
11ଆଉ ତୁମ୍ଭେ ପ୍ରତିଦିନ ପରିମାଣ ଅନୁସାରେ ଏକ ହିନର
ଷଷ୍ଠାଂଶ ଜଳପାନ କରିବ। ତୁମ୍ଭେ ସମୟକୁ ସମୟ ତାହା
ପାନ କରିବ। 12ପୁଣି ତୁମ୍ଭେ ସେହି ଖାଦ୍ୟ ଦ୍ରବ୍ୟ ଯବପିଷ୍ଟକ
ପରି କରିବ ଓ ତାକୁ ମନୁଷ୍ୟର ବିଷ୍ଠାଦ୍ୱାରା ପାକ କରି
ସମସ୍ତଙ୍କ ସମ୍ମୁଖରେ ଭୋଜନ କରିବ।" 13ତା'ପରେ ସଦାପ୍ରଭୁ
କହିଲେ, "ଏହି ପ୍ରକାରେ ଇସ୍ରାୟେଲର ଲୋକମାନେ

ଜାତିମାନଙ୍କର ମଧ୍ୟରେ ଅଶୁଚି ଖାଦ୍ୟ ଖାଇବେ, ଯେଉଁଠାକୁ
ଆମ୍ଭେ ସେମାନଙ୍କୁ ବଳପୂର୍ବକ ତଡ଼ିଦେବା।"

**14**ତା'ପରେ ମୁଁ କହିଲି, "ହେ ସଦାପ୍ରଭୁ ମୋର ପ୍ରଭୁ!
ଅଶୁଚି ଖାଦ୍ୟ ଖାଇବା ଦ୍ୱାରା ମୁଁ ନିଜକୁ କେବେ ଅଶୁଚି କରି
ନାହିଁ। ମୁଁ ବାଲ୍ୟକାଳରୁ ଆଜି ପର୍ଯ୍ୟନ୍ତ ସ୍ୱୟଂମୃତ ପଶୁ, ପଚି
ଯାଇଥିବା ପଶୁଗୁଡ଼ିକ ଏବଂ ଅନ୍ୟ ପଶୁ ଦ୍ୱାରା ମରାହୋଇଥିବା
ପଶୁର ମାଂସ ଭୋଜନ କରି ନାହିଁ। ଅଥବା ନିଷିଦ୍ଧ
କରାଯାଇଥିବା ମାଂସ ମୋ ପାଟିରେ ଦେଇ ନାହିଁ।"

**15**ତା'ପରେ ପରମେଶ୍ୱର ମୋତେ କହିଲେ, "ଏହା
ଉତ୍ତମ ଅଟେ। ମନୁଷ୍ୟ ବିଷ୍ଠା ବଦଳରେ ମୁଁ ତୁମ୍ଭକୁ ଗୋବର
ବ୍ୟବହାର କରିବାକୁ ଦେବି। ତୁମ୍ଭେ ଏହାର ନିଆଁରେ ରୋଟୀ
ସେକି ପାରିବ।"

**16**ତା'ପରେ ପରମେଶ୍ୱର ମୋତେ କହିଲେ, "ହେ ମନୁଷ୍ୟ
ପୁତ୍ର, ଆମ୍ଭେ ଯିରୁଶାଲମକୁ ଖାଦ୍ୟ ଯୋଗାଣ ବନ୍ଦ କରିବା।
ସେମାନେ ଉତ୍କଣ୍ଠାରେ ସୀମିତ ପରିମାଣର ଅନ୍ନ ଭୋଜନ
କରିବେ ଓ ମହାଭୟରେ ସୀମିତ ପରିମାଣରେ ଜଳପାନ
କରିବେ। **17**ଅନ୍ନ ଓ ଜଳର ଅଭାବ କାରଣରୁ, ସେମାନେ
ପରସ୍ପରକୁ ଦେଖି ଆତଙ୍କିତ ହୋଇଯିବେ ଏବଂ ସେମାନଙ୍କର
ପାପ ଯୋଗୁଁ କ୍ଷୀଣ ହୋଇ ଯିବେ।

# 5

**1-2**"ହେ ମନୁଷ୍ୟ ପୁତ୍ର, ନାପିତର କ୍ଷୁର ପରି ତୁମ୍ଭେ
ଏକ ତୀକ୍ଷ୍ଣ ଖଡ୍ଗରେ ନିଜର ମସ୍ତକ ଓ ଦାଢ଼ି ଖିଅରି
ହେବ। ତହୁଁ ନିକିତିରେ ବାଳକୁ ଓଜନ କରି ଏବଂ ଏହା
ତିନି ଭାଗରେ ବିଭକ୍ତ କର। ତା'ପରେ ଏହାର ଏକ
ତୃତୀୟାଂଶ ନିଅ ଏବଂ ତୁମ୍ଭର ଅବରୋଧ ସମାପ୍ତ ହେଲାପରେ,
ସେହି ବାଳକୁ ସେହି ନଗର ନକ୍ସାର ମଝିରେ ଦଗ୍ଧ
କରିବ। ଆଉ ଏକ ତୃତୀୟାଂଶ ଖଡ୍ଗରେ କାଟ ଓ ନଗର
ଚତୁର୍ଦ୍ଦିଗରେ ଭିଣି ଦିଅ। ଆଉ ଏକ ତୃତୀୟାଂଶ କେଶ
ପବନର ମୁହଁକୁ ଫୋପାଡ଼ ଦିଅ*। କାରଣ ଆମ୍ଭେ ସେମାନଙ୍କୁ
ଦୂର ଦେଶ ପର୍ଯ୍ୟନ୍ତ ଅନୁସରଣ କରିବା ଓ ଖଣ୍ଡାରେ
ସେମାନଙ୍କୁ ହତ୍ୟା କରିବା। **3**ପୁଣି ତୁମ୍ଭେ ଅଳ୍ପ ପରିମାଣର
କେଶ ନେଇ ଆପଣା ବସ୍ତ୍ରାଞ୍ଚଳରେ ବାନ୍ଧିବ। **4**ଏହି ବାଳଗୁଡ଼ିକରୁ
କିଛି ଅଧିକ ନିଅ ଏବଂ ସେଗୁଡ଼ିକ ଅଗ୍ନିରେ ଫୋପାଡ଼ ଦିଅ
ଏବଂ ସେଗୁଡ଼ିକ ଦଗ୍ଧ କର, କାରଣ ଇଶ୍ରାୟେଲସାରା ଆମ୍ଭେ
ଅଗ୍ନି ପଠାଇବା।"

**5**ତା'ପରେ ସଦାପ୍ରଭୁ ମୋର ପ୍ରଭୁ ମୋତେ କହିଲେ,
"ଏହା ଯିରୁଶାଲମ ଅଟେ, ଯାହାକୁ ଆମ୍ଭେ ଦେଶମାନଙ୍କ
ମଧ୍ୟରେ ସ୍ଥାପନ କରିଅଛୁ ଓ ତା'ର ଚତୁର୍ଦ୍ଦିଗରେ ଅନ୍ୟାନ୍ୟ
ଦେଶଗୁଡ଼ିକ ଅଛି। **6**ଆଉ ଯିରୁଶାଲମର ଲୋକମାନେ ଦୁଷ୍ଟତା
କରି ସେହି ଗୋଷ୍ଠୀଗଣ ଅପେକ୍ଷା ଆମ୍ଭ ଶାସନାବଳି ବିରୁଦ୍ଧରେ
ଓ ତାହାର ଚତୁର୍ଦ୍ଦିଗସ୍ଥିତ ଦେଶ ସମୂହର ଅପେକ୍ଷା ଆମ୍ଭ ବିଧି
ସକଳର ବିରୁଦ୍ଧରେ ବିଦ୍ରୋହାଚରଣ କରିଅଛନ୍ତି। କାରଣ
ସେମାନେ ଆମ୍ଭର ଶାସନାବଳି ଅଗ୍ରାହ୍ୟ କରିଅଛନ୍ତି ଓ ଆମ୍ଭର
ବିଧିପୂର୍ବକ ପଥରେ ଗମନ କରି ନାହାଁନ୍ତି।"

**7**ତେଣୁ ସଦାପ୍ରଭୁ ମୋର ପ୍ରଭୁ କହନ୍ତି, "ତୁମ୍ଭେମାନେ
ଆପଣା ଚତୁର୍ଦ୍ଦିଗସ୍ଥିତ ଗୋଷ୍ଠୀଗଣ ଅପେକ୍ଷା ଅଧିକ ଗଣ୍ଡଗୋଳକାରୀ
ଅଟ ଓ ତୁମ୍ଭେମାନେ ମୋ ଆଜ୍ଞାନୁସାରେ ବ୍ୟବହାର କରୁ
ନାହଁ କିଅବା ତୁମ୍ଭ ଚତୁର୍ଦ୍ଦିଗସ୍ଥ ଦେଶମାନଙ୍କର ଚଳଣି
ଅନୁସାରେ ଜୀବନ ଧାରଣ କରି ପାରିଲ ନାହିଁ।" **8**ତେଣୁ
ସଦାପ୍ରଭୁ ମୋର ପ୍ରଭୁ କହନ୍ତି, "ତେଣୁ ଆମ୍ଭେ ତୁମ୍ଭର ବିପକ୍ଷ
ଅଟୁ ଓ ଆମ୍ଭେ ଜାତିଗୁଡ଼ିକ ମଧ୍ୟରେ ତୁମ୍ଭର ବିଚାର କରିବା।
**9**ଆମ୍ଭେ ତୁମ୍ଭମାନଙ୍କ ପ୍ରତି ତାହା କରିବା, ଯାହା ଆଗରୁ
କେବେ କରି ନାହୁଁ କିଅବା ଭବିଷ୍ୟତରେ କେବେ କରିବା
ନାହିଁ, କାରଣ ଏହିସବୁ ତୁମ୍ଭମାନଙ୍କର ଘୃଣ୍ୟ ବ୍ୟବହାର ପାଇଁ
ହେବ। **10**ଯିରୁଶାଲମର ଲୋକମାନେ ଏପରି କ୍ଷୁଧାର୍ତ୍ତ ହେବେ
ଯେ ସେମାନଙ୍କ ମଧ୍ୟରୁ ପିତାମାତା ନିଜର ସନ୍ତାନମାନଙ୍କୁ
ଭୋଜନ କରିବେ ଓ ସନ୍ତାନମାନେ ଆପଣା ଆପଣା ପିତାମାତାଙ୍କୁ
ଭୋଜନ କରିବେ। ଏବଂ ଆମ୍ଭେ ତୁମ୍ଭର ବିଚାର କରିବା ଓ
ତୁମ୍ଭମାନଙ୍କର ଅବଶିଷ୍ଟାଂଶକୁ ପୃଥିବୀର ଶେଷ ସୀମାରେ ଛିନ୍ନଭିନ୍ନ
କରିବା।"

**11**ତହୁଁ ସଦାପ୍ରଭୁ ମୋର ପ୍ରଭୁ କହନ୍ତି, "ତୁମ୍ଭେ ଆପଣାର
ତୁଚ୍ଛ ବସ୍ତୁ ସକଳ ଦ୍ୱାରା ଓ ଆପଣାର ସବୁ ଘୃଣାଯୋଗ୍ୟ
କର୍ମଦ୍ୱାରା ଆମ୍ଭର ପବିତ୍ରସ୍ଥାନ ଅଶୁଚି କରିଅଛ, ଏଥିପାଇଁ
ଆମ୍ଭେ ଜୀବିତ ଥିବା ପ୍ରମାଣେ ଆମ୍ଭେ ଶପଥ କରୁଅଛୁ ଯେ,
ଆମ୍ଭେ ତୁମ୍ଭମାନଙ୍କୁ ପଛ କରିଦେବା। ଆଉ ତୁମ୍ଭମାନଙ୍କ ପାଇଁ
ଦୁଃଖ କରିବା ନାହିଁ କି ଦୟା କରିବା ନାହିଁ। **12**ତୁମ୍ଭମାନଙ୍କ
ମଧ୍ୟରୁ ଏକ ତୃତୀୟାଂଶ ମହାମାରୀରେ ଓ ଦୁର୍ଭିକ୍ଷରେ ନଗର
ମଧ୍ୟରେ ମରିବେ। ତୁମ୍ଭମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ
ଯୁଦ୍ଧରେ ନଗର ବାହାରେ ମୃତ୍ୟୁବରଣ କରିବେ; ଆଉ
ଅବଶିଷ୍ଟ ଏକ ତୃତୀୟାଂଶ ଛିନ୍ନଭିନ୍ନ ହେବେ। ଯେହେତୁ ଆମ୍ଭେ
ଖଡ୍ଗ ନେଇ ଗୋଡ଼ାଇବା। **13**ତା'ପରେ ସେମାନଙ୍କ ବିରୁଦ୍ଧରେ
ଆମ୍ଭର କ୍ରୋଧ ଶେଷ ହେବ ଓ ଆମ୍ଭର କୋପ ଶାନ୍ତ
ହେବ। ଏବଂ ସେମାନଙ୍କ ଉପରେ ପ୍ରତିଶୋଧ ନେଇଥିବାରୁ
ଆମ୍ଭେ ନିଜେ ଆଶ୍ୱସ୍ତ ହେବା। ତା'ପରେ ଯେତେବେଳେ
ସେମାନଙ୍କ ଉପରୁ ମୋର କ୍ରୋଧ ଦୂରେଇ ଯିବ, ସେମାନେ
ଜାଣିବେ ଯେ, ଆମ୍ଭେ ସଦାପ୍ରଭୁ ଆପଣା କ୍ରୋଧ ସେମାନଙ୍କ
ବିରୁଦ୍ଧରେ କହିଅଛୁ।"

**14**ପୁନର୍ବାର ପରମେଶ୍ୱର କହିଲେ, "ହେ ଯିରୁଶାଲମ,
ଆମ୍ଭେ ତୁମ୍ଭକୁ ବିନାଶ କରିବା। ତୁମ୍ଭର ଚତୁର୍ଦ୍ଦିଗସ୍ଥ ଦେଶଗୁଡ଼ିକ
ଓ ତୁମ୍ଭ ମଧ୍ୟ ଦେଇ ଯାଉଥିବା ପଥିକଗଣ ତୁମ୍ଭକୁ ଗାଳି
ଦେବେ, ପରିହାସ କରିବେ। **15**ଏବଂ ଯେତେବେଳେ ଆମ୍ଭେ
କ୍ରୋଧରେ ଏବଂ କ୍ରୋଧଭର୍ତ୍ସନାରେ ତୁମ୍ଭମାନଙ୍କୁ ଦଣ୍ଡ ଦେବା,
ତୁମ୍ଭମାନଙ୍କର ଚତୁଃପାର୍ଶ୍ୱରେ ଥିବା ଗୋଷ୍ଠୀମାନଙ୍କ ପାଇଁ ଗାଳିର,
ପରିହାସର ଓ ଆଶ୍ଚର୍ଯ୍ୟର ଏକ ବିସ୍ମୟର ବିଷୟ ହେବ। କିନ୍ତୁ
ସେମାନେ ମଧ୍ୟ ଏଥିରୁ ଏକ ପାଠ ଶିଖିବେ। ଆମ୍ଭେ,
ସଦାପ୍ରଭୁ ଏହା କହିଅଛୁ। **16**ଆମ୍ଭେ ଆମ୍ଭର ବିନାଶକାରୀ
ଦୁର୍ଭିକ୍ଷର ତୀରଗୁଡ଼ିକ ତୁମ୍ଭମାନଙ୍କ ଉପରକୁ ନିକ୍ଷେପ କରିବା।
ଆମ୍ଭେ ତୁମ୍ଭମାନଙ୍କୁ ବିନାଶ କରିବା ପାଇଁ ସେଗୁଡ଼ିକୁ ପଠାଇବି,
ମୁଁ ତୁମ୍ଭମାନଙ୍କ ପାଖକୁ ଅଧିକରୁ ଅଧିକ ଦୁର୍ଭିକ୍ଷ ପଠାଇବା
ଏବଂ ଆମ୍ଭେ ତୁମ୍ଭମାନଙ୍କର ଖାଦ୍ୟ ଯୋଗାଣ ବନ୍ଦ କରିବା।
**17**ଆଉ ଆମ୍ଭେ ତୁମ୍ଭମାନଙ୍କ ବିରୁଦ୍ଧରେ ଦୁର୍ଭିକ୍ଷ ଓ ବନ୍ୟଜନ୍ତୁମାନଙ୍କୁ
ପଠାଇବା, ସେମାନେ ତୁମ୍ଭକୁ ନିଃସନ୍ତାନ କରି ଛାଡ଼ିଦେବେ।

---

**ଆଉ ... ଫୋପାଡ଼ଦିଅ** ଏହିସବୁ ପରମେଶ୍ୱରଙ୍କର ଦଣ୍ଡର ସାଙ୍କେତିକ କାର୍ଯ୍ୟସବୁ ଅଧିକ ସ୍ପଷ୍ଟ ହୁଏ ଯେତେବେଳେ **v.12** ଭବିଷ୍ୟବାଣୀ ପଢ଼ିବେ।

ମହାମାରୀ ଓ ରକ୍ତପାତ ତୁମ୍ଭମାନଙ୍କର ମଧ୍ୟ ଦେଇ ଯିବ।
ଏବଂ ଆମ୍ଭେ ତୁମ୍ଭମାନଙ୍କ ବିରୁଦ୍ଧରେ ଖଡ୍ଗ ଉଠାଇବା। ଆମ୍ଭେ
ସଦାପ୍ରଭୁ ଏହା କହିଅଛୁ।”

6 ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। 2ସେ କହିଲେ, “ହେ ମନୁଷ୍ୟ ପୁତ୍ର, ତୁମ୍ଭେ
ଇଶ୍ରାୟେଲର ପର୍ବତଗଣ ଆଡ଼େ ବୁଲିପଡ ଓ ସେମାନଙ୍କ ପ୍ରତି
ଭବିଷ୍ୟଦ୍‌ବାଣୀ ପ୍ରଚାର କର। 3କୁହ:
‘ହେ ଇଶ୍ରାୟେଲର ପର୍ବତଗଣ, ତୁମ୍ଭେମାନେ ମୋର ପ୍ରଭୁ
ସଦାପ୍ରଭୁଙ୍କର ବାକ୍ୟ ଶୁଣ! ସଦାପ୍ରଭୁ, ମୋର ପ୍ରଭୁ ପର୍ବତଗୁଡ଼ିକୁ,
ଉପପର୍ବତଗୁଡ଼ିକୁ, ଜଳପ୍ରଣାଳୀ ଓ ଉପତ୍ୟକା ସମୂହକୁ ଏହିକଥା
କହନ୍ତି, ଦେଖ ଆମ୍ଭେ ନିଜେ ତୁମ୍ଭମାନଙ୍କ ବିରୁଦ୍ଧରେ ଏକ
ଖଡ୍ଗ ଆଣିବା ଓ ତୁମ୍ଭମାନଙ୍କର ଉଚ୍ଚସ୍ଥଳୀଗୁଡ଼ିକୁ ବିନଷ୍ଟ
କରିବା। 4ଆମ୍ଭେ ତୁମ୍ଭମାନଙ୍କର ହୋମବଳି ନିମନ୍ତେ ଥିବା
ଯଜ୍ଞବେଦୀଗୁଡିକୁ ନଷ୍ଟ କରିବା ଏବଂ ତୁମ୍ଭମାନଙ୍କର ସୁଗନ୍ଧ
ବେଦୀକୁ ମଧ୍ୟ ନଷ୍ଟ କରିବା। ପୁଣି ତୁମ୍ଭମାନଙ୍କର ନିହତ
ଲୋକମାନଙ୍କର ମୃତ ଶରୀରକୁ ତୁମ୍ଭମାନଙ୍କ ଦେବତାଗଣର
ସମ୍ମୁଖରେ ଫୋପାଡି ଦେବା। 5ଆଉ ଆମ୍ଭେ ଇଶ୍ରାୟେଲ
ସନ୍ତାନଗଣର ଶବ ସେମାନଙ୍କ ପ୍ରତିମାଗଣର ସମ୍ମୁଖରେ ରଖିବା
ଓ ତୁମ୍ଭମାନଙ୍କର ଅସ୍ଥିସବୁ ଯଜ୍ଞବେଦୀଗୁଡିକରେ ଚାରିଆଡ଼େ
ବିଞ୍ଚିଦେବା। 6ତୁମ୍ଭମାନଙ୍କର ବସତିସବୁ ଓ ନଗରଗୁଡ଼ିକ ଭାଙ୍ଗି
ଦିଆଯିବ ଓ ଉଚ୍ଚସ୍ଥଳୀସବୁ ଧ୍ୱଂସ କରାଯିବ। ଯାହାଫଳରେ
ତୁମ୍ଭମାନଙ୍କର ଯଜ୍ଞବେଦୀ କେବେ ପୁଣି ବ୍ୟବହାର ହେବ
ନାହିଁ ଓ ତାହା ଭଗ୍ନ ହୋଇ ପଡି ରହିବ ଓ ତୁମ୍ଭର
ମୂର୍ତ୍ତିସବୁ ଚୂର୍ଣ୍ଣବିଚୂର୍ଣ୍ଣ ହେବ। ତୁମ୍ଭର ଧୂପବେଦୀ ଭଙ୍ଗାଯିବ ଓ
ଦୂରରେ ମନୁଷ୍ୟ ନିର୍ମିତ ମୂର୍ତ୍ତିସବୁ ଓ ଅନ୍ୟାନ୍ୟ ବସ୍ତୁସବୁ
ତୁମ୍ଭେ ତିଆରି କଲ, ସେଗୁଡିକ ସଂପୂର୍ଣ୍ଣରୂପେ ଧ୍ୱଂସ କରାଯିବ।
7ତୁମ୍ଭମାନଙ୍କର ଲୋକମାନେ ନିହତ ହେବେ, ତାହାହେଲେ
ତୁମ୍ଭମାନେ ଜାଣିବ ଯେ ଆମ୍ଭେ ସଦାପ୍ରଭୁ ଅଟୁ।’”
8“କିନ୍ତୁ ଆମ୍ଭେ କିଛି ଲୋକଙ୍କୁ ଜୀବିତ ରଖିବା। ସେମାନେ
ଖଡ୍ଗରୁ ଖସିଯାଇ ଯେତେବେଳେ ନାନା ଦେଶରେ ଛିନ୍ନଭିନ୍ନ
ହୋଇ ରହିବେ। 9ଏବଂ ବଞ୍ଚିରହିଥିବା ଲୋକମାନଙ୍କୁ ଯେଉଁମାନଙ୍କୁ
ଗୋଷ୍ଠୀୟମାଣଙ୍କୁ ବନ୍ଦୀରୁପେ ନିଆଯିବ, ସେମାନେ ମୋତେ
ମନେ ରଖିବେ ଏବଂ ଆମ୍ଭେ ସେମାନଙ୍କର ବ୍ୟଭିଚାରୀ
ହୃଦୟକୁ କିପରି ଦୁଃଖରେ ପୂର୍ଣ୍ଣକଲୁ, ଯାହା ଆମ୍ଭଠାରୁ
ଦୂରେଇ ଗଲା ଏବଂ ସେମାନଙ୍କର ବ୍ୟଭିଚାରୀ ଆଖି ଯାହା
ସେମାନଙ୍କର ମୂର୍ତ୍ତିସବୁକୁ ଅନୁସରଣ କଲା। ସେମାନେ ନିଜେ
କରିଥିବା କୁକର୍ମ ପାଇଁ ଓ ସେମାନଙ୍କର ଘୃଣ୍ୟ ବ୍ୟବହାର
ପାଇଁ ନିଜକୁ ଘୃଣା କରିବେ। 10ଯେଉଁଥିପାଇଁ ସେମାନେ
ହୃଦ୍‌ବୋଧ କରିବେ ଯେ, ଆମ୍ଭେ ସଦାପ୍ରଭୁ ଅଟୁ। ସେମାନେ
ମଧ୍ୟ ହୃଦୟଙ୍ଗମ କରିବେ ଯେ, ଆମ୍ଭେ ବୃଥାରେ କହି
ନଥିଲୁ, ଯେତେବେଳେ ଆମ୍ଭେ କହିଥିଲୁ ଯେ, ଏହା ଆମ୍ଭେ
ସେମାନଙ୍କ ପ୍ରତି ଏହି ମନ୍ଦ କର୍ଯ୍ୟ କରିବା।”
11ସଦାପ୍ରଭୁ ମୋର ପ୍ରଭୁ ମୋତେ କହିଲେ, “ତୁମ୍ଭେ
ତାଳି ବଜାଅ ଓ ପଦାଘାତ କର ଓ କୁହ: ଧିକ୍!
ସେମାନଙ୍କର ଘୃଣ୍ୟ ଓ ମନ୍ଦ କାର୍ଯ୍ୟ ଯୋଗୁଁ ଇଶ୍ରାୟେଲର
ଗୃହ ଖଡ୍ଗର, ଦୁର୍ଭିକ୍ଷର ଓ ମହାମାରୀର ଶିକାର ହେବ।
12ଦୂରବର୍ତ୍ତୀ ଲୋକମାନେ ମହାମାରୀରେ ମରିବେ। ନିକଟବର୍ତ୍ତୀ
ଲୋକମାନେ ଖଡ୍ଗରେ ନିହତ ହେବେ ଓ ଅବଶିଷ୍ଟ ଲୋକମାନେ
ଦୁର୍ଭିକ୍ଷରେ ମରିବେ। କେବଳ ତା’ପରେ ଆମ୍ଭେ ସେମାନଙ୍କ
ଉପରେ କ୍ରୋଧିତ ହେବାରୁ ବନ୍ଦ କରିବା। 13ସେମାନେ
ଜାଣିବେ ଯେ, ଆମ୍ଭେ ହିଁ ସଦାପ୍ରଭୁ, ଯେତେବେଳେ ସେମାନେ
ସେମାନଙ୍କର ମୃତ ଶରୀର ମୂର୍ତ୍ତିମାନଙ୍କ ମଧ୍ୟରେ, ଯଜ୍ଞବେଦୀ
ଚାରିପାଖରେ, ପର୍ବତର ଶୀର୍ଷ ଦେଶରେ, ଶୃଙ୍ଗରେ, ପ୍ରତ୍ୟେକ
ସବୁଜ ହରିତ୍‌ବର୍ଣ୍ଣ ବୃକ୍ଷ ତଳେ ଓ ପ୍ରତ୍ୟେକ ଆଲୋନ ଓକ
ବୃକ୍ଷ ତଳେ, ଯେଉଁ ଯେଉଁ ସ୍ଥାନମାନଙ୍କରେ ସେମାନେ ନିଜ
ନିଜର ସକଳ ପ୍ରତିମାଗୁଡିକୁ ସୁବାସିତ ନୈବେଦ୍ୟ ଉତ୍ସର୍ଗ
କରୁଥିଲେ, ସେହି ସକଳ ସ୍ଥାନରେ ପାଇବେ। 14ପୁଣି ଆମ୍ଭେ
ସେମାନଙ୍କ ବିରୁଦ୍ଧରେ ଆପଣା ହସ୍ତ ବିସ୍ତାର କରି ଦିବ୍ଲା
ପ୍ରାନ୍ତର ପର୍ଯ୍ୟନ୍ତ ସେମାନଙ୍କର ସମଗ୍ର ବସତି ସ୍ଥାନକୁ ଧ୍ୱଂସ ଓ
ଶୂନ୍ୟ କରିବୁ। ତହିଁରେ ଆମ୍ଭେ ଯେ ସଦାପ୍ରଭୁ ଅଟୁ, ଏହା
ସେମାନେ ଜାଣିବେ।”

7 ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟକୁ ଆସିଲା। 2ସେ
କହିଲେ, “ହେ ମନୁଷ୍ୟ ପୁତ୍ର, ସଦାପ୍ରଭୁ ଇଶ୍ରାୟେଲ
ଭୂମିକୁ କହନ୍ତି, ସମଗ୍ର ଦେଶର ସମାପ୍ତି ଆସିଯାଇଛି।
ସମଗ୍ର ଦେଶ ଧ୍ୱଂସ ହେବାର ଅନ୍ତିମକାଳ ଆସିଯାଇଛି।
3ବର୍ତ୍ତମାନ ତୁମ୍ଭର ଅନ୍ତିମକାଳ ଉପସ୍ଥିତ, ଆମ୍ଭେ ତୁମ୍ଭ
ବିରୁଦ୍ଧରେ ମୋର କ୍ରୋଧ ପ୍ରକାଶ କରିବା। ତୁମ୍ଭର କର୍ମ
ଅନୁସାରେ ତୁମ୍ଭର ବିଚାର କରିବା ଓ ତୁମ୍ଭର ଘୃଣା ଯୋଗ୍ୟ
ସକଳ କର୍ମ ପାଇଁ ଆମ୍ଭେ ତୁମ୍ଭଙ୍କୁ ଦଣ୍ଡ ଦେବା।
4ଆମ୍ଭେ ତୁମ୍ଭକୁ କୌଣସି ଦୟା ଦେଖାଇବା ନାହିଁ, ଆମ୍ଭେ
ତୁମ୍ଭକୁ ଅନୁକମ୍ପା କରିବା ନାହିଁ। କିନ୍ତୁ ଆମ୍ଭେ ତୁମ୍ଭକୁ ତୁମ୍ଭର
ମନ୍ଦ କାର୍ଯ୍ୟ ପାଇଁ ଓ ତୁମ୍ଭର ସମସ୍ତ ଘୃଣ୍ୟ ପ୍ରଥା ପାଇଁ
ଦଣ୍ଡିତ କରିବା। ଯାହାଫଳରେ ତୁମ୍ଭେମାନେ ଜାଣିବ ଯେ,
ଆମ୍ଭେ ହିଁ ସଦାପ୍ରଭୁ।”
5ସଦାପ୍ରଭୁ ମୋର ପ୍ରଭୁ କହନ୍ତି, “ଦେଖ, ଗୋଟିଏ ପରେ
ଗୋଟିଏ ଅମଙ୍ଗଳ ଆସୁଅଛି। 6ଅନ୍ତିମ କାଳ ଆସୁଅଛି,
ଯବନିକା ଆସୁଅଛି। ଏହା ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେଉଅଛି।
ଏହା ତା’ର ବାଟରେ ଆସୁଅଛି। 7ହେ ଦେଶର ନିବାସୀଗଣ,
ତୁମ୍ଭମାନଙ୍କର ଅନ୍ତିମ ଦଣ୍ଡ ଆସିଯାଇଛି। ସେହି ସମୟ
ଆସୁଅଛି, ତୁମ୍ଭର ଶେଷ ବିଚାର ଦିନ ଅତି ନିକଟ। ସେହି
ଦିନଟି ସନ୍ଦେହର ଓ ବହୁତ ଦୁଃଖପ୍ରଦ ଅଟେ। ତାହା
ପର୍ବତଗଣ ଉପରେ ଆନନ୍ଦ ଧ୍ୱନିର ଦିନ ନୁହେଁ। 8ବର୍ତ୍ତମାନ
ଆମ୍ଭେ ଆପଣା କ୍ରୋଧକୁ ତୁମ୍ଭ ଉପରେ ପ୍ରୟୋଗ କରିବା।
ଯେପର୍ଯ୍ୟନ୍ତ ଏହା ପ୍ରାଧାନ୍ୟ ସେ ନିକରିଛୁ ଏବଂ ତୁମ୍ଭର
କର୍ମାନୁସାରେ ବିଚାର ନ କରିବୁ। ଆମ୍ଭେ ତୁମ୍ଭର ମନ୍ଦ କର୍ମ
ଯୋଗୁ ତୁମ୍ଭକୁ ଦଣ୍ଡିତ କରିବା। 9ଆମ୍ଭେ ତୁମ୍ଭକୁ କୌଣସି
ଦୟା ଦେଖାଇବା ନାହିଁ କି ତୁମ୍ଭକୁ ଅନୁକମ୍ପା କରିବା ନାହିଁ।
ଆମ୍ଭେ ତୁମ୍ଭକୁ ତୁମ୍ଭର ମନ୍ଦ କର୍ମ ଯୋଗୁ ଓ ତୁମ୍ଭ ମଧ୍ୟରେ
ଥିବା ଘୃଣ୍ୟ ପ୍ରଥା ଯୋଗୁ ଦଣ୍ଡିତ କରିବା। ଏବଂ ତୁମ୍ଭେମାନେ
ଜାଣିବ ଯେ, ଆମ୍ଭେ ସଦାପ୍ରଭୁ ଯିଏ ତୁମ୍ଭକୁ ଆଘାତ
କରିଛନ୍ତି।
10“ଦେଖ, ସେହିଦିନ ଆସୁଅଛି। ତୁମ୍ଭର ଶେଷ ବିଚାରାଜ୍ଞା
ନିର୍ଗତ ହେଲା, ଯଷ୍ଟି ଅଙ୍କୁରିତ ଓ ପୁଷ୍ପିତ ହେଇଅଛି।
ଅହଙ୍କାର ଅଙ୍କୁରିତ ହୋଇଅଛି। 11ଜଣେ ଉଗ୍ର ବ୍ୟକ୍ତି ଏକ

ଦୁଷ୍ଟ ଆଶାବାଡରେ ପରିଣତ ହୋଇଅଛି, ସେ ସେମାନଙ୍କ
ମଧ୍ୟରୁ ଜଣେ ନୁହେଁ, ସେମାନଙ୍କର ଜନଗହଳି ମଧ୍ୟରୁ ଜଣେ
ନୁହେଁ, ସେମାନଙ୍କର ବଂଶଧରମାନଙ୍କ ମଧ୍ୟରୁ ଜଣେ ନୁହେଁ,
ସେମାନଙ୍କର ନେତାମାନଙ୍କ ମଧ୍ୟରୁ ଜଣେ ନୁହେଁ।
12"ସମୟ ଆସିଅଛି, ସେହିଦିନ ନିକଟବର୍ତ୍ତୀ ହେଉଅଛି।
କ୍ରେତା ଆନନ୍ଦ ନ କରୁ ଓ ବିକ୍ରେତା ଶୋକ ନ କରୁ।
କାରଣ ଭୟଙ୍କର ଦଣ୍ଡ ଜନଗହଳି ମଧ୍ୟରେ ଥିବା ପ୍ରତ୍ୟେକଙ୍କ
ଉପରେ ଆସିଯାଇଛି। 13ବିକ୍ରେତା ବିକ୍ରୟ କରିଥିବା ସମ୍ପତ୍ତିକୁ,
ସେ ବଞ୍ଚିଥିବା ପର୍ଯ୍ୟନ୍ତ ସେମାନଙ୍କଠାରୁ ଫେରି ପାଇବ ନାହିଁ।
କାରଣ ଏହି ଦର୍ଶନ ସମସ୍ତ ଲୋକାରଣ୍ୟ ପାଇଁ ଉଦ୍ଦିଷ୍ଟ। ଏହା
ବଦଳା ଯାଇପାରିବ ନାହିଁ। ସେମାନଙ୍କର ପାପ ସକାଶେ,
କେହି ଆପଣା ଜୀବନକୁ ଧରି ରଖିବାକୁ ସକ୍ଷମ ହେବ ନାହିଁ।
14"ସେମାନେ ତୂରୀଗୁଡିକ ବଜାଇ ସମସ୍ତଙ୍କୁ ଯୁଦ୍ଧ ପାଇଁ
ପ୍ରସ୍ତୁତ କରିବେ। କିନ୍ତୁ ଯୁଦ୍ଧକୁ କେହି ଯିବେ ନାହିଁ କାରଣ
ଆମ୍ଭର କ୍ରୋଧ ସମସ୍ତ ଜନଗହଳି ଉପରେ ଅଛି। 15ବାହାରେ
ଶତ୍ରୁର ଖଡ୍ଗ ଓ ଭିତରେ ମହାମାରୀ ଓ ଦୁର୍ଭିକ୍ଷ ଅଛି।
ଯେଉଁଲୋକ କ୍ଷେତ୍ରକୁ ଯିବ ସେ ଖଡ୍ଗରେ ମରିବ ଓ ଯେ
ନଗର ମଧ୍ୟରେ ରହିବ, ସେ ଦୁର୍ଭିକ୍ଷ ଓ ମହାମାରୀରେ
ବିନାଶ ହେବ।
16"କିନ୍ତୁ ସେମାନଙ୍କ ମଧ୍ୟରୁ ଯେଉଁମାନେ ରକ୍ଷା ପାଇବେ,
ସେମାନେ ପର୍ବତ ଆଡକୁ ଦୌଡ଼ିବେ। ଏବଂ ସେମାନେ
ସେମାନଙ୍କର ପାପ ପାଇଁ ଶୋକ କରିବେ ଓ ପର୍ବତ ଉପରେ
କରୁଣଭାବରେ ବିଳାପ କରିବେ, ଉପତ୍ୟକାରେ କପୋତ
ବାହୁନିବା ପରି। 17ସମସ୍ତଙ୍କର ହସ୍ତ ଏତେ ଦୁର୍ବଳ ହେବ
ଯେ, ତାହା ଉପରକୁ ଉତ୍ତୋଳିତ ହେବ ନାହିଁ। ଆଉ ମଧ୍ୟ
ସମସ୍ତଙ୍କର ଆଣ୍ଠୁ ଜଳପରି ତରଳ ହେବ। 18ଏବଂ ସେମାନେ
ଚଟବସ୍ତ୍ର ପରିଧାନ କରିବେ। ସେମାନେ ଭୟରେ କରିବେ।
ସମସ୍ତଙ୍କର ମୁଖ ଲଜ୍ଜାରେ ଆଚ୍ଛାଦିତ ହେବ ଓ ଦୁଃଖର ଚିହ୍ନ
ସ୍ୱରୂପ ସେମାନେ ସେମାନଙ୍କର ମସ୍ତକ ଲଣ୍ଡିତ କରିବେ।
19ସେମାନେ ନିଜ ନିଜର ରୂପାକୁ ଦାଣ୍ଡରେ ପକାଇ ଦେବେ
ଓ ସେମାନଙ୍କର ସୁନା ଅଶୁଚି ବସ୍ତ୍ର ତୁଲ୍ୟ ହେବ। ସେ ସବୁ
କିନ୍ତୁ ସେମାନଙ୍କୁ, ସଦାପ୍ରଭୁ ଯେତେବେଳେ ତାଙ୍କର କ୍ରୋଧରେ
ପ୍ରକାଶ କଲେ, ତାଙ୍କ କୋପରୁ ରକ୍ଷା କରିବ ନାହିଁ।
ସେମାନେ ସେମାନଙ୍କର କ୍ଷୁଧାକୁ ସନ୍ତୁଷ୍ଟ କରିପାରିବେ ନାହିଁ।
କିଅବା ସେମାନଙ୍କର ଉଦର ପୂର୍ଣ୍ଣ କରିପାରିବେ ନାହିଁ।
କାରଣ ଏହିସବୁ ଜିନିଷଗୁଡିକ ପାପ କରିବାକୁ ସେମାନଙ୍କର
କାରଣ ଥିଲା।
20"ସେହି ଲୋକମାନେ ମନ୍ଦିରର ସୁନ୍ଦର ଅଳଙ୍କାରରେ
ଘୃଣ୍ୟ ମୂର୍ତ୍ତିମାନ ନିର୍ମାଣ କଲେ, ଯେଉଁଥିପାଇଁ ସେମାନେ ଗର୍ବ
କରୁଥିଲେ ଏବଂ ସେମାନେ ସେହି ମୂର୍ତ୍ତିଗୁଡିକ ପରମେଶ୍ୱରଙ୍କ
ମନ୍ଦିରରେ ରଖିଲେ। ତେଣୁ ଆମ୍ଭେ ସେଗୁଡିକ ସେମାନଙ୍କ
ପାଇଁ କଳୁଷିତ ସାମଗ୍ରୀରେ ପରିଣତ କରିଦେବା। 21ତା'ପରେ
ଆମ୍ଭେ ସେହି ମନ୍ଦିରରୁ ଲୁଣ୍ଠନ ସାମଗ୍ରୀ ରୂପେ ବିଦେଶୀମାନଙ୍କ
ହସ୍ତରେ ଓ ଲୁଟ ଦ୍ରବ୍ୟ ରୂପେ ପୃଥିବୀର ଦୁଷ୍ଟମାନଙ୍କ ହସ୍ତରେ
ସମର୍ପଣ କରିବା ଓ ସେମାନେ ଏହାକୁ କଳୁଷିତ କରିବେ।
22ଆଉ ଆମ୍ଭେ ସେମାନଙ୍କଠାରୁ ଆପଣା ମୁଖ ଫେରାଇବା।
ସେମାନେ ଆମ୍ଭର ନିବୃତସ୍ଥାନ ଅପବିତ୍ର କରିବେ। ଆଉ
ଡକାୟତମାନେ ତାହା ମଧ୍ୟରେ ପ୍ରବେଶ କରି ତାହା ଅପବିତ୍ର
କରିବେ।
23"ବନ୍ଦୀମାନଙ୍କ ପାଇଁ ଶିକୁଳି ପ୍ରସ୍ତୁତ କର। କାରଣ
ରକ୍ତପାତରୂପ ଅପରାଧରେ ଦେଶ ପରିପୂର୍ଣ୍ଣ ଓ ଦୌରାତ୍ମ୍ୟରେ
ନଗର ପରିପୂର୍ଣ୍ଣ ହେବ। 24ତେଣୁ ଆମ୍ଭେ ଦୁଷ୍ଟ ଜାତିମାନଙ୍କୁ
ଆଣିବା। ତହିଁରେ ସେମାନେ ଏହି ଲୋକମାନଙ୍କର ଗୃହସବୁ
ଅଧିକାର କରିବେ। ଆଉ ମଧ୍ୟ ଆମ୍ଭେ ବଳବାନ ଲୋକମାନଙ୍କର
ଗର୍ବ ଚୂର୍ଣ୍ଣ କରିବା। ଆଉ ସେମାନଙ୍କର ପବିତ୍ର ପୂଜାସ୍ଥାନ
କଳୁଷିତ ହେବ।
25"ତୁମ୍ଭେମାନେ ବିନାଶ ପାଇଁ ଭୟଭୀତ ହେବ ଓ
ତୁମ୍ଭେମାନେ ଶାନ୍ତି ଅନ୍ୱେଷଣ କରିବ ମାତ୍ର କିଛି ପାଇବ
ନାହିଁ। 26ଗୋଟିଏ ବିପର୍ଯ୍ୟୟ ପରେ ଆଉ ଗୋଟିଏ ବିପର୍ଯ୍ୟୟ
ଘଟିବ ଓ ଜନରବ ଉପରେ ଜନରବ ହେବ। ତେଣୁ
ତୁମ୍ଭେମାନେ ଭବିଷ୍ୟଦ୍‌ବକ୍ତାର ନିକଟରୁ ଦର୍ଶନର ଚେଷ୍ଟା
କରିବ। କିନ୍ତୁ ଯାଜକମାନଙ୍କର ଶିକ୍ଷା ଓ ପ୍ରାଚୀନ ଲୋକମାନଙ୍କର
ଜ୍ଞାନ ଲୋପ ପାଇବ। 27ତୁମ୍ଭମାନଙ୍କର ରାଜା ଶୋକ କରିବେ
ଓ ନେତୃବର୍ଗ ଶୋକର ବସ୍ତ୍ର ପରିଧାନ କରିବେ। ଦେଶର
ଲୋକମାନଙ୍କର ହସ୍ତ କମ୍ପିତ ହେବ। ଯେହେତୁ ଆମ୍ଭେ
ସେମାନଙ୍କର ନିଜ ଆଚରଣ ଓ ଆଦର୍ଶ ଅନୁସାରେ ସେମାନଙ୍କ
ପ୍ରତି ବ୍ୟବହାର କରିବା। ସେମାନଙ୍କର କର୍ମ ଅନୁସାରେ
ସେମାନଙ୍କର ବିଚାର କରାଯିବ ତହିଁରେ ଆମ୍ଭେ ଯେ ସଦାପ୍ରଭୁ
ଅଟୁ, ଏହା ସେମାନେ ହୃଦୟଙ୍ଗମ କରିବେ।"
8 ଅନନ୍ତର ଷଷ୍ଠ ବର୍ଷର ଷଷ୍ଠ ମାସର ପଞ୍ଚମ ଦିନରେ
ଆମ୍ଭେ ଆପଣା ଗୃହରେ ବସିଥିଲୁ ଓ ଯିହୁଦାର
ପ୍ରାଚୀନମାନେ ଆମ୍ଭ ସମ୍ମୁଖରେ ବସିଥିଲେ। ଏହି ସମୟରେ
ମୋର ପ୍ରଭୁ, ସଦାପ୍ରଭୁଙ୍କର ହସ୍ତ ମୋ ଉପରେ ଅଧିଷ୍ଠିତ
ହେଲା। 2ଏବଂ ସେତେବେଳେ ଆମ୍ଭେ ଅଗ୍ନିର ଆଭାତୁଲ୍ୟ ଏକ
ମୂର୍ତ୍ତି ଦେଖିଲୁ। ତାଙ୍କର କଟିଦେଶରୁ ତଳ ପର୍ଯ୍ୟନ୍ତ ଅଗ୍ନିମୟ
ଥିଲା ଓ କଟିଠାରୁ ଉପର ପର୍ଯ୍ୟନ୍ତ ଉତ୍ତପ୍ତ ଧାତୁ ତୁଲ୍ୟ
ଜ୍ୟୋତିର୍ମୟ ଥିଲା। 3ତା'ପରେ ଆମ୍ଭେ ଦେଖିଲୁ, ସେ ଏକ
ହସ୍ତ ପରି ଜଣାଯାଉଥିବା କିଛି ବିସ୍ତାର କରି ମୋର କେଶ
ଧରିଲେ। ତା'ପରେ ପବନ ମୋତେ ଉଠାଇ ନେଲା, ପୃଥିବୀ
ଓ ଆକାଶର ମଧ୍ୟବର୍ତ୍ତୀ ସ୍ଥାନରେ ରଖିଦେଲା। ଏବଂ
ପରମେଶ୍ୱରଙ୍କର ଦର୍ଶନକ୍ରମେ ଯିରୁଶାଲମର ଭିତର ପ୍ରାଙ୍ଗଣର
ଉତ୍ତରାଭିମୁଖୀ ପ୍ରବେଶ ସ୍ଥାନର ଦ୍ୱାର ନିକଟକୁ ମୋତେ
ଆଣିଲେ। ସେଠାରେ ଏକ ମୂର୍ତ୍ତି ଥିଲା, ଯାହା ପରମେଶ୍ୱରଙ୍କର
କ୍ରୋଧର କାରଣ ହେଲା। 4ଉପତ୍ୟକାରେ ମୁଁ ଦେଖିଥିବା
ଦୃଶ୍ୟ ତୁଲ୍ୟ ସେ ସ୍ଥାନରେ ଇସ୍ରାୟେଲର ପରମେଶ୍ୱରଙ୍କର
ମହିମା ବିଦ୍ୟମାନ ଥିଲା।
5ତହୁଁ ପରମେଶ୍ୱର ମୋତେ କହିଲେ, "ହେ ମନୁଷ୍ୟ
ପୁତ୍ର, ଉତ୍ତର ଦିଗକୁ ଦେଖ।" ତେଣୁ ମୁଁ ନିରୀକ୍ଷଣ କଲି
ଏବଂ ଦେଖିଲି ଯେ, ଯଜ୍ଞବେଦୀ ଫାଟକର ଉତ୍ତର ଦିଗସ୍ଥ
ପ୍ରବେଶ ପଥରେ ସେହି ମୂର୍ତ୍ତି ଥିଲା, ଯାହା ପରମେଶ୍ୱରଙ୍କୁ
କ୍ରୋଧିତ ଓ ଈର୍ଷାପରାୟଣ କରିଥିଲା।
6ତା'ପରେ ପରମେଶ୍ୱର ମୋତେ କହିଲେ, "ହେ ମନୁଷ୍ୟ
ପୁତ୍ର, ତୁମ୍ଭେ ଦେଖ, ସେମାନେ କ'ଣ କରୁଛନ୍ତି? ଆମ୍ଭେ
ଯେପରି ଆପଣା ମନ୍ଦିର ଅଗଣାରୁ ଦୂରେଇ ଯିବା ପାଇଁ

ଇସ୍ରାୟେଲ ଉତ୍ତରାଧିକାରୀଗଣ ଏଠାରେ ମହା ଘୃଣ୍ୟକର୍ମ
କରୁଅଛନ୍ତି। ମାତ୍ର ଏହାପରେ ତୁମ୍ଭେ ପୁନର୍ବାର ଅନ୍ୟ ମହା
ଘୃଣ୍ୟକର୍ମ ଦେଖିବ।”
**7**ପୁଣି ସେ ମୋତେ ପ୍ରାଙ୍ଗଣର ଦ୍ୱାର ନିକଟକୁ ଆଣିଲେ,
ତହିଁରେ ମୁଁ ଦୃଷ୍ଟି କରନ୍ତେ କାନ୍ଥରେ ଗୋଟିଏ ଛିଦ୍ର ଥିବାର
ଦେଖିଲି। **8**ତା'ପରେ ପରମେଶ୍ୱର କହିଲେ, “ହେ ମନୁଷ୍ୟ
ପୁତ୍ର, ଏହି କାନ୍ଥକୁ ଖୋଳ।” ତହୁଁ ମୁଁ ସେହି କାନ୍ଥ ଖୋଳିଲି
ଓ ଏକ ସୁନ୍ଦର ଦ୍ୱାର ଆବିଷ୍କାର କଲି।
**9**ତା'ପରେ ପରମେଶ୍ୱର ମୋତେ କହିଲେ, “ଭିତରକୁ
ଯାଅ ଓ ଏଠାରେ ସେମାନେ ଯେଉଁ ଜଘନ୍ୟ ଘୃଣ୍ୟ କର୍ମମାନ
କରୁଅଛନ୍ତି ତାହା ଦେଖ।” **10**ତେଣୁ ମୁଁ ଭିତରକୁ ଗଲି,
ଚତୁର୍ଦ୍ଦିଗସ୍ଥ କାନ୍ଥରେ ଚିତ୍ରିତ ହୋଇଥିବା ସରୀସୃପମାନଙ୍କ ଏବଂ
କୀଟପତଙ୍ଗମାନଙ୍କର ଘୃଣ୍ୟ ପଶୁମାନଙ୍କର ଓ ଇସ୍ରାୟେଲୀମାନଙ୍କର
ଭୟଙ୍କର ମୂର୍ତ୍ତି ଦେଖିଲି।
**11**ପୁଣି ସେ ସବୁର ସମ୍ମୁଖରେ ଇସ୍ରାୟେଲ ବଂଶୀୟ
ପ୍ରାଚୀନବର୍ଗର ସତୁରି ଜଣ ଠିଆ ହୋଇଅଛନ୍ତି ଓ ସେମାନଙ୍କ
ମଧ୍ୟ ସ୍ଥାନରେ ଶାଫନର ପୁତ୍ର ଯାସନିୟ ଠିଆ ହୋଇଅଛି।
ପ୍ରତ୍ୟେକ ଲୋକ ନିଜ ନିଜ ଧୂପଦାନୀ ହସ୍ତରେ ଧରିଛନ୍ତି।
ଆଉ ଧୂପରୂପ ଧୂମର ସୁଗନ୍ଧି ଉର୍ଦ୍ଧ୍ୱକୁ ଉଠୁଅଛି। **12**ତା'ପରେ
ପରମେଶ୍ୱର ମୋତେ କହିଲେ, “ହେ ମନୁଷ୍ୟ ପୁତ୍ର, ଇସ୍ରାୟେଲ
ବଂଶର ପ୍ରାଚୀନବର୍ଗ ପ୍ରତ୍ୟେକ ନିଜ ନିଜ ପ୍ରତିମା ଗୃହରେ
ଅନ୍ଧକାରରେ ଯାହା କରୁଅଛନ୍ତି ତାହା କ'ଣ ତୁମ୍ଭେ ଦେଖିପାରିବ?
କାରଣ ସେମାନେ ଭାବନ୍ତି, ‘ସଦାପ୍ରଭୁ ଆମ୍ଭମାନଙ୍କୁ ଦେଖନ୍ତି
ନାହିଁ। ସଦାପ୍ରଭୁ ଦେଶକୁ ତ୍ୟାଗ କରିଛନ୍ତି।’” **13**ସେ ଆହୁରି
କହିଲେ, “ତୁମ୍ଭେ ଯଦି ଆମ୍ଭ ସହିତ ଆସିବ ତେବେ
ସେମାନଙ୍କର ଆହୁରି ଅନେକ ଜଘନ୍ୟ ଘୃଣ୍ୟ କର୍ମମାନ
ଦେଖିବ।”
**14**ତା'ପରେ ପରମେଶ୍ୱର ମୋତେ ସଦାପ୍ରଭୁଙ୍କ ମନ୍ଦିରର
ଉତ୍ତର ଦିଗସ୍ଥ ଦ୍ୱାରର ପ୍ରବେଶ ସ୍ଥାନ ନିକଟକୁ ନେଲେ।
ସେଠାରେ ମୁଁ ଦେଖିଲି ସ୍ତ୍ରୀ ଲୋକମାନେ ବସି ଭଣ୍ଡ ଦେବତା
ତମ୍ମୁଷ* ପାଇଁ କ୍ରନ୍ଦନ କରୁଅଛନ୍ତି।
**15**ପୁନର୍ବାର ପରମେଶ୍ୱର ମୋତେ କହିଲେ, “ହେ ମନୁଷ୍ୟ
ପୁତ୍ର, ତୁମ୍ଭେ ଏହିସବୁ ଘୃଣ୍ୟ କର୍ମମାନ ଦେଖିଲ। ଏହାପରେ
ଆହୁରି ଏହା ଅପେକ୍ଷା ଅଧିକ ଘୃଣ୍ୟ କର୍ମମାନ ଦେଖିବ।”
**16**ତା'ପରେ ସେ ମୋତେ ସଦାପ୍ରଭୁଙ୍କ ମନ୍ଦିରର ଭିତର
ପ୍ରାଙ୍ଗଣ ମଧ୍ୟକୁ ଆଣିଲେ। ସେଠାରେ ମୁଁ ଦେଖିଲି, ସଦାପ୍ରଭୁଙ୍କ
ମନ୍ଦିରର ଦ୍ୱାର ନିକଟରେ, ବାରଣ୍ଡା ଓ ଯଜ୍ଞବେଦୀର ମଧ୍ୟ
ସ୍ଥାନରେ ପଚିଶ ଜଣ ପୁରୁଷ ସଦାପ୍ରଭୁଙ୍କ ମନ୍ଦିର ଆଡ଼େ ପିଠି
କରି ଓ ପୂର୍ବ ଦିଗଆଡ଼େ ମଥାନତ କରି ସେମାନେ ସୂର୍ଯ୍ୟଙ୍କୁ
ପୂଜା କରୁଥିଲେ।
**17**ତା'ପରେ ପରମେଶ୍ୱର ମୋତେ କହିଲେ, “ହେ ମନୁଷ୍ୟ
ପୁତ୍ର, ତୁମ୍ଭେ କ'ଣ ଏହିସବୁ ଦେଖିଲ? ଏହିପରି ଘୃଣ୍ୟକର୍ମମାନ
କରିବା କ'ଣ ଯିହୁଦାର ଭବିଷ୍ୟତ୍ ବଂଶଧରଙ୍କ ପାଇଁ ଠିକ୍
ଅଟେ। ବାସ୍ତବରେ ସେମାନେ ଦେଶକୁ ଦୌରାତ୍ମ୍ୟରେ ପରିପୂର୍ଣ୍ଣ
କରିଅଛନ୍ତି, ଏବଂ ଆମ୍ଭକୁ କ୍ରୋଧିତ କରି ରଖିଛନ୍ତି। ଆଉ
ଦେଖ ସେମାନଙ୍କର ମୂର୍ତ୍ତିଗୁଡ଼ିକୁ ସମ୍ମାନ ଦେବା ପାଇଁ
ସେମାନେ ନାସିକାରେ ନାକଫୁଲ* ପିନ୍ଧିଛନ୍ତି। **18**ଏଣୁ ଆମ୍ଭେ
ସେମାନଙ୍କ ବିଷୟରେ ଆମ୍ଭର କ୍ରୋଧଭାବ ଦେଖାଇବା। ଆମ୍ଭେ
ସେମାନଙ୍କୁ ଅନୁକମ୍ପା କରିବା ନାହିଁ କି ଦୟା ଦେଖାଇବା
ନାହିଁ। ଏବଂ ଏପରିକି ଯଦି ସେମାନେ ଆମ୍ଭ କର୍ଣ୍ଣ ପାଖରେ
ଉଚ୍ଚ ସ୍ୱରରେ ଡ଼ାକନ୍ତି, ତଥାପି ଆମ୍ଭେ ସେମାନଙ୍କ କଥା
ଶୁଣିବା ନାହିଁ।”

**9** ତା'ପରେ ପରମେଶ୍ୱର ଉଚ୍ଚସ୍ୱରରେ ମୋ କର୍ଣ୍ଣରେ
କହିଲେ, ନଗରକୁ ଦଣ୍ଡ ଦେବାକୁ ନିଯୁକ୍ତ ହୋଇଥିବା
ଅଧିକାରୀମାନଙ୍କୁ ଆଣ। ସେମାନେ ସମସ୍ତେ ସେମାନଙ୍କର
ହସ୍ତରେ ବିନାଶକ ଅସ୍ତ୍ର ଧରି ଆସନ୍ତୁ। **2**ତା'ପରେ ମୁଁ
ଦେଖିଲି, ଉତ୍ତର ଦିଗସ୍ଥ ଉଚ୍ଚ ଫାଟକରୁ ଛଅଜଣ ପୁରୁଷ
ଆସିଲେ। ସେମାନଙ୍କର ପ୍ରତ୍ୟେକଙ୍କର ହସ୍ତରେ ବିନାଶକ ଅସ୍ତ୍ର
ଥିଲା ଓ ସେମାନଙ୍କର ମଧ୍ୟ ସ୍ଥାନରେ ଶୁକ୍ଳବସ୍ତ୍ର ପରିହିତ ଏକ
ପୁରୁଷ ଥିଲା। ତାହାର ପାର୍ଶ୍ୱରେ ଲେଖକର କାଳି ଦୁଆତ
ଥିଲା। ଏବଂ ସେମାନେ ମନ୍ଦିର ଭିତରକୁ ଆସିଲେ ଓ
ପିତ୍ତଳମୟ ଯଜ୍ଞବେଦୀର ପାର୍ଶ୍ୱରେ ଠିଆ ହେଲେ। **3**ଏବଂ
ଇସ୍ରାୟେଲର ପରମେଶ୍ୱରଙ୍କ ମହିମା ଯେଉଁ କିରୂବର ଉପରେ
ଥିଲା, ତାହା ତାହାଠାରୁ ଉଠି ମନ୍ଦିରର ଦ୍ୱାର ନିକଟକୁ
ଯାଇଥିଲା। ତା'ପରେ ସେ ସେହି ଶୁକ୍ଳବସ୍ତ୍ର ପରିହିତ ଓ
ପାର୍ଶ୍ୱରେ ଲେଖକର କାଳିଘଡ଼ିଧାରୀ ପୁରୁଷକୁ ଡ଼ାକିଲେ।
**4**ତା'ପରେ ସଦାପ୍ରଭୁ ତାଙ୍କୁ କହିଲେ, “ତୁମ୍ଭେ ଯିରୁଶାଲମ
ନଗର ମଧ୍ୟ ଦେଇ ଯାଅ ଓ ସହରରେ ଘଟିଥିବା ଘୃଣ୍ୟ କୃତ
କର୍ମ ପାଇଁ ଅନୁତପ୍ତ ଓ ଦୁଃଖ କରୁଥିବା ଲୋକମାନଙ୍କ
ମଥାରେ ଦାଗ ଦିଅ।”
**5-6**ଏବଂ ସେ ଅନ୍ୟମାନଙ୍କୁ ମୋର କର୍ଣ୍ଣ ଗୋଚରରେ
କହିଲେ, “ତା'ର ପଛେ ପଛେ ନଗର ମଧ୍ୟକୁ ଯାଅ ଏବଂ
କପାଳରେ ଚିହ୍ନ ନଥିବା ବ୍ୟକ୍ତିଙ୍କୁ ହତ୍ୟା କର। ଦୟା
ଦେଖାଅ ନାହିଁ। ସେମାନଙ୍କୁ ଅନୁକମ୍ପା କର ନାହିଁ। ବୃଦ୍ଧବ୍ୟକ୍ତି,
ଯୁବାବ୍ୟକ୍ତି, କୁମାରୀ, ସ୍ତ୍ରୀଲୋକ ଓ ଶିଶୁକୁ ମାରାତ୍ମକ ଅସ୍ତ୍ରରେ
ସମସ୍ତଙ୍କୁ ବଧ କର, କିନ୍ତୁ କପାଳରେ ଚିହ୍ନ ଥିବା ଲୋକ
ନିକଟକୁ ଯାଅ ନାହିଁ। ଆଉ ଆମ୍ଭ ମନ୍ଦିରରୁ ଏହି ଅଭିଯାନ
ଆରମ୍ଭ କର।” ତେଣୁ ସେମାନେ ମନ୍ଦିରର ସମ୍ମୁଖରେ
ଉପସ୍ଥିତ ଥିବା ପ୍ରାଚୀନଗଣଠାରୁ ଆରମ୍ଭ କଲେ।
**7**ପୁଣି ପରମେଶ୍ୱର ସେମାନଙ୍କୁ କହିଲେ, “ଏହି ଗୃହକୁ
ଅଶୁଚି କର। ଏହି ପ୍ରାଙ୍ଗଣକୁ ନିହତ ଲୋକମାନଙ୍କର ଶବରେ
ପରିପୂର୍ଣ୍ଣ କର, ବର୍ତ୍ତମାନ ବାହାରି ଯାଅ।” ତହିଁରେ ସେମାନେ
ବାହାରି ଯାଇ ନଗର ମଧ୍ୟରେ ସଂହାର କଲେ।
**8**ଏବଂ ସେମାନେ ଯେତେବେଳେ ସଂହାର କରୁଥିଲେ,
ଏକମାତ୍ର ମୋତେ ଛାଡ଼ି ଦିଆଗଲା। ତହିଁରେ ମୁଁ ତଳେ ମୁହଁ
ମାଡ଼ି କ୍ରନ୍ଦନ କଲି, “ହେ ସଦାପ୍ରଭୁ, ମୋର ପ୍ରଭୁ, ତୁମ୍ଭେ

---

**ତମ୍ମୁଷ** ଲୋକମାନେ ଚିନ୍ତା କଲେ ଏହି ଭଣ୍ଡ ଦେବତା ମୃତ୍ୟୁବରଣ କଲେ ଏବଂ ତା'ର ସ୍ତ୍ରୀ ଏବଂ ଇଷ୍ଟର ପ୍ରତ୍ୟେକଙ୍କୁ ଶୋକ କରିବା ପାଇଁ କ୍ରନ୍ଦନ କରିବା ପାଇଁ କହିଲା। ଇଷ୍ଟର ଆଶାକଲା ଏହା ତା'ର ଜୀବନ ଫେରାଇ ଆଣିବ। ଏହି ଉତ୍ସବଟି ଚତୁର୍ଥ ମାସର ଦ୍ୱିତୀୟ ଦିନରେ ଥିଲା। ଏହି ଛୁଟିଦିନ କାରଣରୁ ଏହି ମାସର ନାମ ତମ୍ମୁଷ କରାଗଲା।

**ନାକଫୁଲ** ଆକ୍ଷରିକ “ଶାଖା” ଭାବରେ ଏହା ସମ୍ଭବତଃ ବହୁଇଶ୍ୱରୀୟ ପ୍ରଥା ବୋଲି ବିବେଚନା କଲେ।

କ'ଣ ଯିରୂଶାଲମ ଉପରେ କୋପ କରି ଇସ୍ରାୟେଲର
ଅବଶିଷ୍ଟାଂଶ ଲୋକମାନଙ୍କୁ ବିନାଶ କରିବ?"
9ସେ କହିଲେ, "ଇସ୍ରାୟେଲ ଓ ଯିହୁଦା ପରିବାର ବହୁତ
ଜଘନ୍ୟ ପାପ କଲେ ଓ ଦେଶ ରକ୍ତପାତରେ ପରିପୂର୍ଣ୍ଣ
ହୋଇଗଲା। ଆଉ ନଗର ଅନ୍ୟାୟରେ ପରିପୂର୍ଣ୍ଣ ହୋଇଅଛି।
କାରଣ ସେମାନେ କହୁଛନ୍ତି, 'ସଦାପ୍ରଭୁ ଦେଶ ତ୍ୟାଗ
କରିଛନ୍ତି ଓ ସେ କିଛି ଲକ୍ଷ୍ୟ କରନ୍ତି ନାହିଁ।' 10ଏଣୁ ମୁଁ
କରୁଣା ଦେଖାଇବି ନାହିଁ। ମୁଁ ସେମାନଙ୍କୁ ଅନୁକମ୍ପା କରିବି
ନାହିଁ। ମୁଁ ସେମାନଙ୍କର କର୍ମର ପ୍ରତିଫଳ ସେମାନଙ୍କ ମସ୍ତକକୁ
ଆଣିବି।"
11ଏହାପରେ ସେହି ଶୁକ୍ଳବସ୍ତ୍ର ପରିହିତ ବ୍ୟକ୍ତି କାଳିଭୁଆତ
ନେଇ ଫେରି ଆସିଲା ଏବଂ କହିଲା, "ଆପଣଙ୍କ ଆଜ୍ଞା
ଅନୁସାରେ ମୁଁ ସମସ୍ତ କାର୍ଯ୍ୟ କରିଅଛି।"

10 ସେତେବେଳେ ମୁଁ ଉପରକୁ ଚାହିଁଲି ଓ ଦେଖିଲି
କିରୁବଦୂତମାନଙ୍କର ମସ୍ତକର ଉପରିସ୍ଥ ଶୂନ୍ୟମଣ୍ଡଳରେ
ନୀଳକାନ୍ତ ମଣି ସଦୃଶ ଏକ ସିଂହାସନର ଆକୃତି ସେମାନଙ୍କ
ଉପରେ ଦେଖାଗଲା। 2ଏବଂ ସେ ସେହି ଶୁକ୍ଳବସ୍ତ୍ର ପରିହିତ
ପୁରୁଷକୁ କହିଲେ, "କିରୁବଦୂତଗଣର ନିମ୍ନରେ ଥିବା ତୁମ୍ଭେ
ସେହି ଘୂର୍ଣ୍ଣିୟମାନ ଚକ୍ର ମଧ୍ୟରେ ଥିବା ସ୍ଥାନକୁ ପ୍ରବେଶ
କର ଏବଂ ଏକ ଅଞ୍ଜଳିପୂର୍ଣ୍ଣ ଜ୍ୱଳନ୍ତ ଅଙ୍ଗାର ସଂଗ୍ରହ କର ଓ
ସେଗୁଡିକ ଉପରେ ବିଞ୍ଚି ଦିଅ।"
ତହିଁରେ ସେହି ବ୍ୟକ୍ତି ଚାଲିଗଲା, ଯେହେତୁ ମୁଁ ଦେଖୁଥିଲି।
3ସେ ପୁରୁଷ ଗଲାବେଳେ କିରୁବଦୂତମାନେ ଗୃହର ଦକ୍ଷିଣପାର୍ଶ୍ୱରେ
ଠିଆ ହୋଇଥିଲେ ଏବଂ ମେଘ ଭିତର ପ୍ରାଙ୍ଗଣକୁ ପରିପୂର୍ଣ୍ଣ
କଲା। 4ସଦାପ୍ରଭୁଙ୍କର ମହିମା କିରୁବଦୂତର ଉପରୁ ଉଠିଲା
ଏବଂ ମନ୍ଦିରର ଦ୍ୱାର ଆଡକୁ ଗଲା, ତେଣୁ ଗୃହ ମେଘରେ
ପରିପୂର୍ଣ୍ଣ ହେଲା ଓ ପ୍ରାଙ୍ଗଣ ସଦାପ୍ରଭୁଙ୍କ ମହିମାରୁ ଉଜ୍ଜ୍ୱଳ
ତେଜରେ ପରିପୂର୍ଣ୍ଣ ହେଲା। 5ଆଉ ସର୍ବଶକ୍ତିମାନ ପରମେଶ୍ୱରଙ୍କର
କଥା କହିବାର ସମୟରେ ସ୍ୱର ବଜ୍ରରବ ତୁଲ୍ୟ,
କିରୁବଦୂତମାନଙ୍କର ପକ୍ଷର ଶବ୍ଦ ବାହାର ପ୍ରାଙ୍ଗଣ ପର୍ଯ୍ୟନ୍ତ
ଶୁଣାଗଲା।
6ପରମେଶ୍ୱର ସେହି ଶୁକ୍ଳବସ୍ତ୍ର ପରିହିତ ପୁରୁଷକୁ ଚକ୍ର
ମଧ୍ୟରୁ ଅର୍ଥାତ୍ କିରୁବଦୂତମାନଙ୍କୁ ନିମ୍ନରେ ଥିବା ସ୍ଥାନରୁ
ଜ୍ୱଳନ୍ତ କୋଇଲାଗୁଡିକ ନେବାକୁ ଆଜ୍ଞା ଦେଲେ। ତେଣୁ ସେ
ପୁରୁଷଟି ଗୋଟିଏ ଚକ ପାର୍ଶ୍ୱରେ ଠିଆ ହେଲେ। 7ତା'ପରେ
ସେହି କିରୁବଦୂତମାନଙ୍କ ମଧ୍ୟରୁ ଜଣେ ହସ୍ତ ବିସ୍ତାର କଲେ
ଏବଂ କିରୁବଦୂତଗଣ ମଧ୍ୟରେ ଥିବା ସ୍ଥାନରୁ ଅଙ୍ଗାର ସଂଗ୍ରହ
କଲେ ଓ ତାକୁ ସେହି ଶୁକ୍ଳବସ୍ତ୍ର ପରିହିତ ପୁରୁଷଙ୍କ ହସ୍ତରେ
ଦେଲେ ଓ ସେ ତାହା ନେଇ ବାହାରକୁ ଗଲେ। 8ମନୁଷ୍ୟର
ହାତପରି ଦେଖାଯାଉଥିବା କିଛି ଗୋଟିଏ କିରୁବଦୂତମାନଙ୍କ
ପକ୍ଷତଳେ ଦେଖାଗଲା।
9ତା'ପରେ ମୁଁ ଅନାଇ ଦେଖିଲି ଏକ କିରୁବର ପାର୍ଶ୍ୱରେ
ଏକ ଚକ ଓ ଅନ୍ୟ କିରୁବର ପାର୍ଶ୍ୱରେ ଅନ୍ୟ ଚକ,
ଏହିରୂପେ କିରୁବମାନଙ୍କ ପାର୍ଶ୍ୱରେ ଏକାଠି ଚାରି ଚକ ଥିଲା।
ଏବଂ ସେହି ଚକମାନର ଆଭା ବୈଦୁର୍ଯ୍ୟମଣିର ଆଭା ତୁଲ୍ୟ
ଥିଲା। 10ସେହି ଚାରିଚକର ଆକୃତି ଏକ ପ୍ରକାର ଥିଲା।
ସେଗୁଡ଼ିକ ଗୋଟିଏ ଚକ ମଧ୍ୟରେ ଅନ୍ୟ ଚକ ଥିଲା ପରି
ଦେଖାଯାଉଥିଲା। 11ଗମନ କରିବା ସମୟରେ ସେମାନେ
ନିଜ ନିଜର ଚାରି ପାର୍ଶ୍ୱରେ ଗମନ କଲେ ଏବଂ ଗତି
କଲାବେଳେ ସେମାନେ ଫେରିଲେ ନାହିଁ। ମାତ୍ର ମସ୍ତକର
ଅଭିମୁଖ ସ୍ଥାନକୁ ଗମନ କଲେ ଓ ଗମନ କଲାବେଳେ ମୁହଁ
ବୁଲାଇଲେ ନାହିଁ। 12ପୁଣି ସେମାନଙ୍କର ସମୁଦାୟ ଶରୀର,
ସେମାନଙ୍କର ପୃଷ୍ଠ ହସ୍ତ, ପକ୍ଷ ଓ ସେହି ଚାରିଚକ ଚକ୍ଷୁରେ
ପରିପୂର୍ଣ୍ଣ ଥିଲା। 13ଆଉ "ସେହି ଚକମାନଙ୍କୁ ଘୂର୍ଣ୍ଣାୟମାନ
ଚକ' ବୋଲି ଡକାଯାଇଥିବାର ମୁଁ ଶୁଣିଲି।"
14-15ପ୍ରତ୍ୟେକ କିରୁବର ଚାରିମୁଖ ଥିଲା: ପ୍ରଥମ ମୁଖ
କିରୁବ ଦୂତର ମୁଖ, ଦ୍ୱିତୀୟଟି ମୁଖ ମନୁଷ୍ୟର ମୁଖ,
ତୃତୀୟଟି ସିଂହର ମୁଖ ଓ ଚତୁର୍ଥଟି ଉତ୍‌କ୍ରୋଷ ପକ୍ଷୀର ମୁଖ
ଥିଲା। ତା'ପରେ ମୁଁ ଅନୁଭବ କଲି, ଜୀବିତ ପ୍ରାଣୀ ଯାହା
ଦେଖିଲି କବାର ନଦୀର କିରୁବଦୂତଗୁଡିକ ଥିଲେ।
ତା'ପରେ କିରୁବ ଦୂତଗଣ ଊର୍ଦ୍ଧ୍ୱକୁ ଉଠିଲେ। 16କିରୁବମାନେ
ଗମନ କଲାବେଳେ ଚକସବୁ ସେମାନଙ୍କ ପାର୍ଶ୍ୱରେ ଗମନ
କଲେ। ପୁଣି କିରୁବମାନେ ଭୂମିରୁ ଊର୍ଦ୍ଧ୍ୱକୁ ଯିବା ପାଇଁ
ଯେତେବେଳେ ଆପଣା ଆପଣା ପକ୍ଷ ଉଠାଇଲେ, ସେତେବେଳେ
ଚକ୍ରସବୁ ସେମାନଙ୍କ ପାର୍ଶ୍ୱ ଛାଡ଼ିଲେ ନାହିଁ। 17ସେମାନେ
ଠିଆ ହେଲାବେଳେ ଚକ୍ରସବୁ ଠିଆ ହେଲେ। ପୁଣି ସେମାନେ
ଉପରକୁ ଉଠିବାବେଳେ ଚକ୍ରସବୁ ସେମାନଙ୍କ ସଙ୍ଗରେ ଉପରକୁ
ଉଠିଲେ। କାରଣ ସେହି ଜୀବିତ ପ୍ରାଣୀର ଆତ୍ମା ସେହି ଚକ
ସବୁରେ ଥିଲା।
18ଅନନ୍ତର ସଦାପ୍ରଭୁଙ୍କ ମହିମା ମନ୍ଦିରର ଏରୁଣ୍ଡିର ଊର୍ଦ୍ଧ୍ୱକୁ
ପ୍ରସ୍ଥାନ କରି କିରୁବମାନଙ୍କ ଉପରେ ଅଧିଷ୍ଠିତ ହେଲା।
19ତା'ପରେ କିରୁବ ଦୂତମାନେ ନିଜ ନିଜ ପକ୍ଷ ଉଠାଇଲେ
ଓ ମୋ ସମ୍ମୁଖରେ ଭୂମିକୁ ଛାଡି ଆକାଶକୁ ଗମନ କଲେ।
ଆଉ ଚକ୍ରସବୁ ସେମାନଙ୍କ ସହିତ ଗମନ କଲେ। ଆଉ
ସେମାନେ ସଦାପ୍ରଭୁଙ୍କ ମନ୍ଦିରର ପୂର୍ବ ଫାଟକ ସମ୍ମୁଖରେ
ଅଟକିଗଲେ ଓ ସେ ସମୟରେ ଇସ୍ରାୟେଲର ପରମେଶ୍ୱରଙ୍କର
ମହିମା ସେମାନଙ୍କ ଉପରେ ବିଦ୍ୟମାନ ଥିଲା।
20ମୁଁ କବାର ନଦୀ କୂଳରେ ପରମେଶ୍ୱରଙ୍କର ମହିମାରେ
ଏହି ଜୀବିତ ପ୍ରାଣୀମାନଙ୍କୁ ଦେଖିଥିଲି। ଏବଂ ସେମାନେ
କିରୁବଦୂତଗଣ ବୋଲି ମୁଁ ଜାଣିଲି। 21ସେମାନଙ୍କର ପ୍ରତ୍ୟେକର
ଚାରିମୁଖ ଓ ଚାରିପକ୍ଷ ଥିଲା। ଏବଂ ସେମାନଙ୍କ ପକ୍ଷ ତଳେ
ମାନବ ହସ୍ତ ଆକୃତିର ହସ୍ତ ଥିଲା। 22ପୁଣି ମୁଁ କବାର ନଦୀ
ନିକଟରେ ସେମାନଙ୍କର ଯେଉଁ ଯେଉଁ ମୁଖ ଦେଖିଥିଲି,
ସେମାନେ ପ୍ରତ୍ୟେକ ଆଗକୁ ଗମନ କଲେ।

11 ଅନନ୍ତର ଏକ ପବନ ମୋତେ ଉଠାଇଲା ଏବଂ
ସଦାପ୍ରଭୁଙ୍କ ମନ୍ଦିରର ପୂର୍ବାଭିମୁଖ ପୂର୍ବଦ୍ୱାର ନିକଟକୁ
ମୋତେ ବୋହି ଆଣିଲା। ଆଉ ମୁଁ ଦେଖିଲି ସେହି ପ୍ରବେଶ
ଦ୍ୱାର ନିକଟରେ ପଚିଶ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ଆଉ
ସେମାନଙ୍କ ମଧ୍ୟରେ ମୁଁ ଅସ୍ସୁରର ପୁତ୍ର ଯାସନିୟଙ୍କୁ ଦେଖିଲି।
ଏବଂ ଲୋକମାନଙ୍କର ଅଧିପତି ବନାୟର ପୁତ୍ର ପ୍ଲଟିୟଙ୍କୁ
ଦେଖିଲି।
2ଏବଂ ପରମେଶ୍ୱର ମୋତେ କହିଲେ, "ହେ ମନୁଷ୍ୟ
ପୁତ୍ର, ଏହି ଲୋକମାନେ ପାପ ପୂର୍ଣ୍ଣ ଯୋଜନା କରନ୍ତି ଓ ଏ
ନଗର ମଧ୍ୟରେ କୁମନ୍ତ୍ରଣାସବୁ ଦିଅନ୍ତି। 3ଏହି ଲୋକମାନେ

କହନ୍ତି, 'ଆମ୍ଭେମାନେ ଯଥା ଶୀଘ୍ର ଗୃହ ପୁନର୍ବାର ନିର୍ମାଣ କରିଦେବୁ। ଆମ୍ଭେମାନେ ହଣ୍ଡାରେ ମାଂସ ତୁଲ୍ୟ ଏହି ନଗରରେ ସୁରକ୍ଷିତ।' 4ତେଣୁ ହେ ମନୁଷ୍ୟ ପୁତ୍ର, ତୁମ୍ଭେ ସେମାନଙ୍କ ବିରୁଦ୍ଧରେ ଭବିଷ୍ୟଦ୍ ବାକ୍ୟ ପ୍ରଚାର କର।"

5ତା'ପରେ ସଦାପ୍ରଭୁଙ୍କର ଆତ୍ମା ମୋ ଉପରେ ଅଧିଷ୍ଠିତ ହେଲେ ଓ ମୋତେ କହିଲେ, "ତୁମ୍ଭେ ସେମାନଙ୍କୁ କୁହ, ସଦାପ୍ରଭୁ ଏହିକଥା କହନ୍ତି, ହେ ଇଶ୍ରାୟେଲବାସୀ, ତୁମ୍ଭେ ଏହି କଥା କହୁଅଛ। କିନ୍ତୁ ତୁମ୍ଭମାନଙ୍କ ମନରେ ଯେଉଁ ବିଷୟ ଉଠୁଅଛି, ଆମ୍ଭେ ତାହା ଜାଣୁ। 6ତୁମ୍ଭେମାନେ ଏହି ନଗରରେ ବହୁତ ଲୋକଙ୍କୁ ହତ୍ୟା କରିଅଛ ଓ ତହିଁରେ ପଥସବୁ ନିହତ ଲୋକଙ୍କ ଶବରେ ପୂର୍ଣ୍ଣ କରିଅଛ। 7ଏଣୁ ସଦାପ୍ରଭୁ ଆମ୍ଭର ପ୍ରଭୁ ଏହି କଥା କହନ୍ତି, 'ତୁମ୍ଭେ ଯେଉଁ ମୃତ ଶରୀରଗୁଡ଼ିକ ନଗରରେ ରଖିଲ ତାହା ମାଂସ ଓ ନଗର ଏକ ପାତ୍ର ଅଟେ। ମାତ୍ର ତୁମ୍ଭମାନଙ୍କୁ ତହିଁ ମଧ୍ୟରୁ ବାହାର କରାଯିବ। 8ତୁମ୍ଭେମାନେ ଖଡ୍ଗକୁ ଭୟ କରିଅଛ; ଏବଂ ଆମ୍ଭେ ତୁମ୍ଭମାନଙ୍କ ବିରୁଦ୍ଧରେ ଖଡ୍ଗ ଆଣିବା।'" ସଦାପ୍ରଭୁ, ମୋର ପ୍ରଭୁ ଏହା କହନ୍ତି।

9"ଆମ୍ଭେ ତୁମ୍ଭମାନଙ୍କୁ ଏହି ନଗର ମଧ୍ୟରୁ ବାହାର କରି ଆଣି ବିଦେଶୀମାନଙ୍କ ହସ୍ତରେ ସମର୍ପଣ କରିବା ଓ ତା'ପରେ ଆମ୍ଭେ ତୁମ୍ଭମାନଙ୍କର ବିଚାର କରିବା। 10ତୁମ୍ଭେମାନେ ଖଡ୍ଗରେ ପତିତ ହେବ; ଆମ୍ଭେ ଇଶ୍ରାୟେଲର ସୀମା ମଧ୍ୟରେ ତୁମ୍ଭମାନଙ୍କର ବିଚାର କରିବା; ତହିଁରେ ତୁମ୍ଭେମାନେ ଜାଣିବ ଯେ ଆମ୍ଭେ ସଦାପ୍ରଭୁ ଅଟୁ। 11ଏବଂ ଏହି ନଗର ତୁମ୍ଭମାନଙ୍କ ପାଇଁ ହଣ୍ଡା ହେବ ନାହିଁ କିଅବା ତୁମ୍ଭେମାନେ ତାହା ମଧ୍ୟରେ ମାଂସ ହେବ ନାହିଁ। ଆମ୍ଭେ ଇଶ୍ରାୟେଲ ସୀମା ମଧ୍ୟରେ ତୁମ୍ଭର ବିଚାର କରିବା। 12ଏବଂ ତୁମ୍ଭେମାନେ ଜାଣିବ ଯେ, ଆମ୍ଭେ ସଦାପ୍ରଭୁ ଅଟୁ। ଯାହାର ନିୟମ ତୁମ୍ଭେମାନେ ଅନୁସରଣ କରି ନାହିଁ ଓ ଯାହାର ଶାସନ ତୁମ୍ଭେମାନେ ମାନି ନାହିଁ, କିନ୍ତୁ ତୁମ୍ଭ ଚତୁଃପାର୍ଶ୍ୱରେ ଥିବା ଦେଶଗୁଡ଼ିକର ପ୍ରଥା ଅନୁସରଣ କରିଛ।"

13ଏବଂ ମୁଁ ଏହି ଭବିଷ୍ୟଦ୍‌ବାକ୍ୟ ପ୍ରଚାର କଲାବେଳେ ବନାୟର ପୁତ୍ର ପଲ୍ଟିୟ ମଲା। ତହିଁରେ ମୁଁ ଭୂମିରେ ମୁହଁ ମାଡ଼ି କ୍ରନ୍ଦନ କରି କହିଲି, "ହେ ସଦାପ୍ରଭୁ, ମୋର ପ୍ରଭୁ, ତୁମ୍ଭେ କ'ଣ ଇଶ୍ରାୟେଲର ଅବଶିଷ୍ଟାଂଶ ଲୋକମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଶେଷ କରିବ?"

14ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ ହେଲା। ସେ କହିଲେ, 15"ହେ ମନୁଷ୍ୟ ପୁତ୍ର, ଯିରୁଶାଲମ ନିବାସୀମାନେ ତୁମ୍ଭର ଭ୍ରାତୃଗଣ, ତୁମ୍ଭର କୁଟୁମ୍ବଗଣ ପ୍ରକୃତରେ ସମଗ୍ର ଇଶ୍ରାୟେଲମାନଙ୍କୁ ଯିରୁଶାଲମର ଅଧିବାସୀମାନେ କହିଲେ, 'ସଦାପ୍ରଭୁଙ୍କଠାରୁ ଦୂରରେ ରୁହ, ଏହି ଦେଶ ଉତ୍ତରାଧିକାରୀ ସୂତ୍ରରେ ଆମ୍ଭଙ୍କୁ ଦିଆ ଯାଇଛି।'

16"ଏଥିପାଇଁ ସଦାପ୍ରଭୁ ଆମ୍ଭମାନଙ୍କର ପ୍ରଭୁ ଏହିକଥା କହନ୍ତି, 'ଯଦ୍ୟପି ଆମ୍ଭେ ସେମାନଙ୍କୁ ନାନା ଜାତିଗଣ ମଧ୍ୟକୁ ଦୂରୀକୃତ କରିଅଛୁ ଓ ଯଦ୍ୟପି ଆମ୍ଭେ ସେମାନଙ୍କୁ ନାନା ଦେଶ ମଧ୍ୟରେ ଛିନ୍ନଭିନ୍ନ କରିଅଛୁ, ଆମ୍ଭେ ଅଳ୍ପ ସମୟ ପାଇଁ ସେମାନଙ୍କର ମନ୍ଦିର ସ୍ଥଳ ହେବା। 17ଏଥିପାଇଁ ସେମାନଙ୍କୁ କୁହ, ସଦାପ୍ରଭୁ ମୋର ପ୍ରଭୁ କହନ୍ତି, ଆମ୍ଭେ ତୁମ୍ଭମାନଙ୍କୁ ବିଭିନ୍ନ ଗୋଷ୍ଠୀ ମଧ୍ୟରୁ ଏକତ୍ରୀତ କରିବା ଏବଂ ତୁମ୍ଭେମାନେ ଛିନ୍ନଭିନ୍ନ ହୋଇଥିବା ଦେଶମାନଙ୍କରୁ ତୁମ୍ଭମାନଙ୍କୁ ସଂଗ୍ରହ କରିବା ଏବଂ ଆମ୍ଭେ ତୁମ୍ଭମାନଙ୍କୁ ଇଶ୍ରାୟେଲର ଭୂମି ଦେବା। 18ପୁଣି ସେମାନେ ସେ ଦେଶକୁ ଯିବେ ଓ ତହିଁରେ ଯାବତୀୟ ପ୍ରତିମା ବସ୍ତୁ ଓ ଘୃଣାଯୋଗ୍ୟ ବିଷୟସବୁ ସେ ସ୍ଥାନରୁ ଦୂର କରିବେ। 19ଏବଂ ଆମ୍ଭେ ସେମାନଙ୍କୁ ଏକ ହୃଦୟ ଦେବ ଓ ସେମାନଙ୍କର ଅନ୍ତରରେ ଏକ ନୂତନ ଆତ୍ମା ସ୍ଥାପନ କରିବା। ଆମ୍ଭେ ସେମାନଙ୍କଠାରୁ କଠିନ ହୃଦୟ ଦୂର କରି, ସେମାନଙ୍କୁ କୋମଳ ହୃଦୟ ଦେବା। 20ତହିଁରେ ସେମାନେ ଆମ୍ଭର ବିଧି ମାନିବେ ଏବଂ ଆମ୍ଭର ନିୟମସବୁ ରଖିବା ପାଇଁ ଯତ୍ନବାନ୍ ହେବେ ଏବଂ ସେମାନେ ମଧ୍ୟ ଆମ୍ଭର ଲୋକ ହେବେ ଓ ଆମ୍ଭେ ସେମାନଙ୍କର ପରମେଶ୍ୱର ହେବା।'"

21ତା'ପରେ ପରମେଶ୍ୱର କହିଲେ, "କିନ୍ତୁ ଯେଉଁମାନଙ୍କର ହୃଦୟ ଘୃଣ୍ୟ ଓ କଳୁଷିତ ମୂର୍ତ୍ତିଗୁଡ଼ିକୁ ଅନୁସରଣ କରେ, ଆମ୍ଭେ ସେମାନଙ୍କୁ ସେମାନଙ୍କର କୁକର୍ମ ଅନୁସାରେ ଦଣ୍ଡିତ କରିବା।" ସଦାପ୍ରଭୁ, ମୋର ପ୍ରଭୁ ଏହା କହିଛନ୍ତି। 22ଅନନ୍ତର କିରୁବଗଣ ନିଜ ନିଜ ପକ୍ଷ ଉଠାଇଲେ, ଆଉ ଚକ୍ରସବୁ ସେମାନଙ୍କ ପାର୍ଶ୍ୱରେ ଥିଲା। ଆଉ ଇଶ୍ରାୟେଲର ପରମେଶ୍ୱରଙ୍କର ମହିମା ସେମାନଙ୍କ ଊର୍ଦ୍ଧ୍ୱରେ ବିଦ୍ୟମାନ ଥିଲା। 23ଏହାପରେ ସଦାପ୍ରଭୁଙ୍କର ମହିମା ନଗର ମଧ୍ୟରୁ ଊର୍ଦ୍ଧ୍ୱଗମନ କରି ନଗରର ପୂର୍ବଦିଗସ୍ଥିତ ପର୍ବତ ଉପରେ ସ୍ଥଗିତ ହେଲା। 24ତା'ପରେ ଗୋଟିଏ ପବନ ମୋତେ ଉଠାଇଲା ଏବଂ ନିର୍ବାସିତରୂପେ ମୋତେ ବାବିଲକୁ ନେଇଗଲା। ପରମେଶ୍ୱରଙ୍କର ଆତ୍ମା ଦ୍ୱାରା ମୁଁ ଦର୍ଶନରେ ଏହିସବୁ ଜିନିଷଗୁଡ଼ିକ ଦେଖିଲି। ତା'ପରେ ଯେଉଁ ଦର୍ଶନ ମୁଁ ଦେଖିଥିଲି ଚାଲିଗଲା। 25ତା'ପରେ ସଦାପ୍ରଭୁ ମୋତେ ଯାହା ଯାହା ବିଷୟ ଦେଖାଇ ଥିଲେ, ସେହି ସମସ୍ତ ବିଷୟ ମୁଁ ନିର୍ବାସିତ ଲୋକମାନଙ୍କୁ ଜଣାଇଲି।

12 ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ ହେଲା, ସେ ମୋତେ କହିଲେ, 2"ହେ ମନୁଷ୍ୟ ପୁତ୍ର, ତୁମ୍ଭେ ବିଦ୍ରୋହୀ ବଂଶ ମଧ୍ୟରେ ବାସ କରୁଅଛ। ସେମାନଙ୍କର ଦେଖିବା ପାଇଁ ଚକ୍ଷୁ ଅଛି, ମାତ୍ର ଯାହା ଆମ୍ଭେ ସେମାନଙ୍କ ପାଇଁ କରିଛୁ, ସେମାନେ ଦେଖି ପାରନ୍ତି ନାହିଁ। ସେମାନଙ୍କର ଶୁଣିବା ପାଇଁ କର୍ଣ୍ଣ ଅଛି, ମାତ୍ର ଆମ୍ଭର ଆଜ୍ଞାପ୍ରତି ସେମାନେ କର୍ଣ୍ଣପାତ କରନ୍ତି ନାହିଁ। କାରଣ ସେମାନେ ବିଦ୍ରୋହୀ ବଂଶ। 3ତେଣୁ, ହେ ମନୁଷ୍ୟ ପୁତ୍ର, ତୁମ୍ଭେ ନିର୍ବାସନ ଗଲାପରି ତୁମ୍ଭମାନଙ୍କର ସମସ୍ତ ସାମଗ୍ରୀ ସଜାଡ଼ି ଦିଅ। ଦିନବେଳେ ଏହା କର ଯେତେବେଳେ ସେମାନେ ତୁମ୍ଭ ଯିବାର ଦେଖିପାରିବେ। ଯେତେବେଳେ ସେମାନେ ତୁମ୍ଭକୁ ଦେଖୁଛନ୍ତି ତୁମ୍ଭେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଗତି କରିବା ଉଚିତ୍। ତାହାଲେ ସେମାନେ ବିଦ୍ରୋହୀ ଲୋକ ହେଲେ ହେଁ ବୁଝିପାରିବେ।

4"ତୁମ୍ଭେ ଦିନବେଳେ ତୁମ୍ଭମାନଙ୍କର ଗଣ୍ଠିଲିପତ୍ର ସଜାଡ଼ି ଦିଅ, ସତେ ଯେପରି ତୁମ୍ଭେମାନେ ନିର୍ବାସନକୁ ଯାଉଛ ଏବଂ ସେମାନେ ଦେଖୁଥିବା ସମୟରେ ଯିବାକୁ ପ୍ରସ୍ତୁତ ହୁଅ। ତା'ପରେ ସନ୍ଧ୍ୟା ସମୟରେ ତୁମ୍ଭେମାନେ ବହୁ ଦୂର ଦେଶକୁ ଯାଇଥିବା ପରି ଅଭିନୟ କର, ନିର୍ବାସିତ ବନ୍ଦୀମାନଙ୍କ ପରି ଏହାକୁ ଯେତେବେଳେ ସେମାନେ ଦେଖୁଛନ୍ତି। 5ତା'ପରେ

କାନ୍ଥରେ ଗୋଟିଏ ଗାଢ ଖୋଳ ଓ ତାହା ମଧ ଦେଇ
ବାହାର କରି ନିଅ, ସେମାନେ ତୁମ୍ଭମାନଙ୍କୁ ଦେଖୁଥିବା
ସମୟରେ। 6ସେମାନଙ୍କ ଉପସ୍ଥିତିରେ ତୁମ୍ଭର ଥଳିଗୁଡିକ
ସୂର୍ଯ୍ୟାସ୍ତ ସମୟରେ ଆପଣା କାନ୍ଧରେ ବହନ କରି ନେଇଯିବ।
ତୁମ୍ଭେ ଯେପରି ଭୂମି ନ ଦେଖି ପାରିବ, ଏଥିପାଇଁ ଆପଣା
ମୁଖ ଆଚ୍ଛାଦନ କରିବ। କାରଣ ଆମ୍ଭେ ତୁମ୍ଭମାନଙ୍କୁ ଏକ
ଚିହ୍ନ ଓ ଏକ ଉଦାହରଣ ରୂପେ ଇସ୍ରାଏଲର ଲୋକମାନଙ୍କଠାରେ
ବ୍ୟବହାର କରିଛୁ।”

7ତେଣୁ ମୁଁ ସେହି ଆଜ୍ଞା ପ୍ରମାଣେ କାର୍ଯ୍ୟ କଲି।
ଦିନବେଳେ ମୁଁ ମୋର ଗଣ୍ଠୁଲି ପତ୍ର ସଜାଡିଲି, ସତେ
ଯେପରି ନିର୍ବାସନକୁ ଯିବି। ଏବଂ ସଂଧ୍ୟା ବେଳେ ମୁଁ କାନ୍ଥରେ
ଗୋଟିଏ ଗାତ ଖୋଳିଲି। ଏହା ମୁଁ ଅନ୍ଧାରରେ ନେଲି ଓ
ସେମାନଙ୍କ ଉପସ୍ଥିତିରେ କାନ୍ଧରେ ବହିଲି।

8ପରଦିନ ପ୍ରଭାତକାଳରେ ସଦାପ୍ରଭୁଙ୍କର ଏହିବାକ୍ୟ ମୋ
ନିକଟରେ ଉପସ୍ଥିତ ହେଲା। ସେ କହିଲେ, 9“ହେ ମନୁଷ୍ୟ
ପୁତ୍ର, ତୁମ୍ଭେ କ'ଣ କରୁଅଛ ବୋଲି ସେହି ଇସ୍ରାଏଲର
ବିଦ୍ରୋହୀବଂଶ ତୁମ୍ଭକୁ ପଚାରିଲେ କି? 10ସେମାନଙ୍କୁ କୁହ,
ସଦାପ୍ରଭୁ ସେମାନଙ୍କର ପ୍ରଭୁ, ଏହିକଥା କହିଛନ୍ତି, ଏହି
ଭବିଷ୍ୟତବାଣୀ ଯିରୁଶାଲମସ୍ଥ ଅଧିପତିର ଓ ଇସ୍ରାଏଲର
ସଂପର୍କୀୟ ଲୋକମାନଙ୍କ ମଧରେ ସେ ବାସ କରନ୍ତି।
11ସେମାନଙ୍କ କୁହ, ‘ମୁଁ ତୁମ୍ଭମାନଙ୍କ ପାଇଁ ଏକ ଚିହ୍ନ ଓ
ଉଦାହରଣ ଅଟେ। ମୁଁ ଯାହାକିଛି କଲି, ତାହା ତୁମ୍ଭମାନଙ୍କ
ପ୍ରତି ଘଟିବ। ତୁମ୍ଭମାନଙ୍କୁ ନିର୍ବାସିତ କରାଯାଇ ବନ୍ଦୀ ରୂପେ
ପଠାଯିବ। 12ଏବଂ ତୁମ୍ଭର ନେତା ତା'ର ଜିନିଷପତ୍ର ତା'
କାନ୍ଧରେ ବହିବ ଏବଂ ସୂର୍ଯ୍ୟାସ୍ତ ସମୟରେ କାନ୍ଥରେ ତା'
ପାଇଁ ଖୋଳା ଯାଇଥିବା ମଧଦେଇ ବାହାରି ଯିବ ଓ ସେ
ତା'ର ମୁଖ ଆଚ୍ଛାଦନ କରିବ, ଯେପରି ସେ ଭୂମିକୁ
ଦେଖିପାରିବ ନାହିଁ। 13ସେ ଖସିଯିବା ପାଇଁ ଚେଷ୍ଟା କରିବ,
କିନ୍ତୁ ଆମ୍ଭେ ତା' ପାଇଁ ଆମ୍ଭର ଜାଲ ବିଛାଇବା ଓ ସେ
ଫାନ୍ଦରେ ପଡିଯିବ। ଏବଂ ଆମ୍ଭେ ତାକୁ କଲଦୀୟ ଲୋକମାନଙ୍କର
ଦେଶ ବାବିଲକୁ ନେଇଯିବା। ଆଉ ସେ ସେହି ସ୍ଥାନରେ
ମରିବ କିନ୍ତୁ ସେ ତାହା ଦେଖିପାରିବ ନାହିଁ। 14ଏବଂ
ଯେଉଁମାନେ ତାକୁ ଓ ତା'ର ସୈନ୍ୟବାହିନୀକୁ ସାହାଯ୍ୟ
କରିବାକୁ ତାହାର ଚତୁର୍ଦ୍ଦିଗରେ ଅଛନ୍ତି, ସେ ଏବଂ ତା'ର
ସୈନ୍ୟବାହିନୀ ଆମ୍ଭ ଦ୍ୱାରା ସମସ୍ତ ଦିଗରେ ଛିନ୍ନଛତ୍ର ହେବେ।
ଆମ୍ଭେ ଆପଣା ଖଡ୍ଗ ସେମାନଙ୍କ ବିରୁଦ୍ଧରେ ଉଠାଇବା।
15ଆଉ ଯେତେବେଳେ ଆମ୍ଭେ ସେମାନଙ୍କୁ ନାନା ଦେଶ
ମଧରେ ଛିନ୍ନ ଭିନ୍ନ କରିବା। ସେମାନେ ହୃଦ୍‌ବୋଧ କରିବେ
ଯେ, ଆମ୍ଭେ ସଦାପ୍ରଭୁ ଅଟୁ।

16“କିନ୍ତୁ ମୁଁ ସେମାନଙ୍କ ମଧରୁ ଅଳ୍ପ କେତେକଙ୍କୁ ଖଡ୍ଗ,
ଦୁର୍ଭିକ୍ଷ ଓ ମହାମାରୀରୁ ରକ୍ଷା କରିବି। ତହିଁରେ ସେମାନେ
ଯେଉଁ ରାଷ୍ଟ୍ରମାନଙ୍କ ମଧରେ ନିର୍ବାସିତ ରୂପେ ବାସ କରିବେ,
ସେମାନଙ୍କ ନିକଟରେ ନିଜର ଘୃଣ୍ୟ କର୍ମସବୁ ପ୍ରକାଶ
କରିବେ। ଏବଂ ତା'ପରେ ସେମାନେ ଜାଣିବେ ଯେ, ମୁଁ
ସଦାପ୍ରଭୁ ଅଟେ।”

17ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା, ସେ କହିଲେ, 18“ହେ ମନୁଷ୍ୟ ପୁତ୍ର, ଉତ୍କଣ୍ଠାରେ
ତୁମ୍ଭେ କମ୍ପିତ ହୋଇ ଆପଣା ଆହାର ଭୋଜନ କର, ଆଉ
ଥରିଥରି ଓ ଚିନ୍ତିତ ହୋଇ ଆପଣା ଜଳ ପାନ କର।
19ଏଣୁ ଦେଶବାସୀଙ୍କୁ କୁହ, ‘ଯିରୁଶାଲମ ନିବାସୀ ଓ ଇସ୍ରାଏଲ
ଲୋକମାନଙ୍କ ବିଷୟରେ ସଦାପ୍ରଭୁ ଆମ୍ଭର ପ୍ରଭୁ ଏହି କଥା
କହନ୍ତି, ସେମାନେ ଉତ୍କଣ୍ଠାରେ ଆପଣା ଆପଣା ଆହାର
ଭୋଜନ କରିବେ ଓ ମହାଭୟରେ ସେମାନଙ୍କର ଜଳପାନ
କରିବେ। କାରଣ ଅଧିବାସୀମାନଙ୍କର ଦୌରାତ୍ମ୍ୟ ଯୋଗୁଁ ସେମାନଙ୍କ
ଦେଶ ମଧରେ ଥିବା ସର୍ବସ୍ୱ ଧ୍ୱଂସ ହେବ। 20ଆଉ
ଜନବସତି ନଗର ସବୁ ଉଚ୍ଛିନ୍ନ ଓ ଦେଶ ଧ୍ୱଂସ ସ୍ଥାନ ହେବ।
ତାହାହେଲେ, ତାହା ତୁମ୍ଭେମାନେ ଜାଣିବ ଯେ, ଆମ୍ଭେ
ସଦାପ୍ରଭୁ ଅଟୁ।”

21ତା'ପରେ ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 22“ହେ ମନୁଷ୍ୟ ପୁତ୍ର, ତୁମ୍ଭ
ଇସ୍ରାଏଲରେ ଏହି ପ୍ରବାଦ ନାହିଁ କି? ସମୟ ଗତ ହେଉଛି
ଓ ପ୍ରତ୍ୟେକ ଦର୍ଶନ ବିଫଳ ହେଉଅଛି।

23“ଏଣୁ ସେହି ପୁରୁଷମାନଙ୍କୁ କୁହ, ସଦାପ୍ରଭୁ ସେମାନଙ୍କର
ପ୍ରଭୁ କହନ୍ତି। ଆମ୍ଭେ ସେହି ପ୍ରବାଦ ବନ୍ଦ କରିବା ଓ ଏହା
ଇସ୍ରାଏଲର ଲୋକମାନଙ୍କ ଦ୍ୱାରା ବ୍ୟବହାର ହେବ ନାହିଁ।
କିନ୍ତୁ ସେମାନେ କହିବେ, ପ୍ରତ୍ୟେକ ଦର୍ଶନ ସଫଳତା
ସନ୍ନିକଟ ହେବାର ସମୟ ପାଖେଇ ଆସୁଅଛି।

24“ମିଥ୍ୟା ଦର୍ଶନ ଓ ଚାଟୁବାଦର ଅଲୌକିକ ଶକ୍ତି
ଇସ୍ରାଏଲୀୟମାନଙ୍କ ମଧରେ ଆଉ ରହିବ ନାହିଁ। 25କାରଣ
ଆମ୍ଭେ ସଦାପ୍ରଭୁ, ଆମ୍ଭେ ଯାହା କହିବାକୁ ଚାହୁଁ, ତାହା
କହିବା ଓ ଏହା ଘଟିବ। ଆଉ ଅଧିକ ବିଳମ୍ବ ହେବନାହିଁ।
ବିଦ୍ରୋହୀ ଲୋକମାନେ, ତୁମ୍ଭ ସମୟରେ ଆମ୍ଭେ ଏକ
ଘୋଷଣା କରିବା ଓ ଏହା ଘଟିବ। ଏହା ହିଁ ସଦାପ୍ରଭୁ
ମୋର ପ୍ରଭୁ କହନ୍ତି।”

26ତତ୍ପରେ ସଦାପ୍ରଭୁଙ୍କ ବାକ୍ୟ ଆମ୍ଭ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 27“ହେ ମନୁଷ୍ୟ ପୁତ୍ର, ଇସ୍ରାଏଲ
ବଂଶୀୟ ଲୋକମାନେ ଭାବନ୍ତି, ତୁମ୍ଭେ ଯେଉଁ ଦର୍ଶନ ଦେଖ,
ତାହା ଅନେକ ବିଳମ୍ବର କଥା ଓ ତାହା ବହୁବର୍ଷ ପରେ
ଭବିଷ୍ୟଦ୍‌କାଳରେ ଘଟିବ। 28ଏଣୁ ସେମାନଙ୍କୁ କୁହ, ‘ସଦାପ୍ରଭୁ,
ମୋର ପ୍ରଭୁ ଏହି କଥା କହନ୍ତି, ଆମ୍ଭେ ଯାହା ଘୋଷଣା
କରୁଛୁ ତାହା ବିଳମ୍ବ ହେବ ନାହିଁ। ଯାହାସବୁ ଆମ୍ଭେ କହୁଛୁ
ସେସବୁ ଘଟିବାକୁ ଯାଉଛି।’” ଏହା ସଦାପ୍ରଭୁ, ମୋର ପ୍ରଭୁ
କହନ୍ତି।

13 ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 2“ହେ ମନୁଷ୍ୟ ପୁତ୍ର,
ଇସ୍ରାଏଲର ଯେଉଁମାନେ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଭବିଷ୍ୟତ
ବାକ୍ୟ ପ୍ରଚାର କରନ୍ତି। ସେମାନଙ୍କୁ କୁହ, ‘ସଦାପ୍ରଭୁଙ୍କର
ବାକ୍ୟ ଶୁଣ। 3ମୋର ପ୍ରଭୁ ସଦାପ୍ରଭୁ ଏହା କହନ୍ତି, ଯେଉଁ
ନିର୍ବୋଧ ଭବିଷ୍ୟଦ୍‌ବକ୍ତାମାନେ ପ୍ରକୃତ ଦର୍ଶନ ପ୍ରାପ୍ତ ନ ହୋଇ
ନିଜ ନିଜ ଇଚ୍ଛାର ଅନୁସରଣ କରନ୍ତି, କିନ୍ତୁ ପ୍ରକୃତ ଦର୍ଶନ
ଦେଖନ୍ତି ନାହିଁ।

4“ହେ ଇସ୍ରାଏଲ, ତୁମ୍ଭର ଭବିଷ୍ୟଦ୍‌ବକ୍ତାଗଣ ଉଜଡ଼ା
ସ୍ଥାନର କୋକିଶିଆଳୀ ତୁଲ୍ୟ ହୋଇଅଛନ୍ତି। 5ତୁମ୍ଭେମାନେ
ଗଲ ନାହିଁ ଓ ଇସ୍ରାଏଲର ଚତୁଃପାର୍ଶ୍ୱର ଭଗ୍ନ ପ୍ରାଚୀର

ତିଆରି କଲ ନାହିଁ, ଯାହା ଫଳରେ ସଦାପ୍ରଭୁଙ୍କର ସଂଗ୍ରାମରେ
ଏହା ନିଜକୁ ନିଜେ ସୁରକ୍ଷା ଦେଇଥାନ୍ତା।
6"'ଏହି ଭଣ୍ଡ ଭବିଷ୍ୟଦ୍‌ବକ୍ତାଗଣ ମିଥ୍ୟା ଦର୍ଶନ ପାଆନ୍ତି
ଓ ସେମାନଙ୍କର ଅଲୌକିକ ଶକ୍ତି ମିଥ୍ୟା ଅଟେ। ସେମାନେ
କହନ୍ତି, ଏହିପରି ସଦାପ୍ରଭୁ କହନ୍ତି, କିନ୍ତୁ ସଦାପ୍ରଭୁ ସେମାନଙ୍କୁ
ପଠାଇ ନଥିଲେ ଏବଂ ସେମାନଙ୍କ ବାକ୍ୟ ସତ୍ୟ ହେବ ବୋଲି
ଲୋକମାନେ ଆଶା କରନ୍ତି।
7"'ଏହା କଣ ସତ୍ୟ ନୁହେଁ, ତାହା ତୁମ୍ଭେ ମିଥ୍ୟା ଦର୍ଶନ
ଓ ତୁମ୍ଭର ଅଲୌକିକ ଶକ୍ତି, ଯାହା ପ୍ରଚାର କଲ, ତାହା
ମିଥ୍ୟା ଅଟେ? ଏବଂ ଏପରି ତୁମ୍ଭେ କହିଛ, ସଦାପ୍ରଭୁ ଏହା
କହନ୍ତି, ଯେପରି ଆମ୍ଭେ ତୁମ୍ଭକୁ ପଠାଇ ନଥିଲୁ?'"
8ଏଣୁ ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହିଛନ୍ତି,
"ଯେହେତୁ ତୁମ୍ଭେମାନେ ମିଥ୍ୟା କଥା କହିଅଛ ଓ ମିଥ୍ୟା
ଦର୍ଶନ ପାଇଅଛ। ତେଣୁ ଆମ୍ଭେ ତୁମ୍ଭମାନଙ୍କର ବିରୁଦ୍ଧରେ
ଯିବା।" ସଦାପ୍ରଭୁ ମୋର ପ୍ରଭୁ ଏହା କହନ୍ତି। 9"ଯେଉଁ
ଭବିଷ୍ୟଦ୍ ବକ୍ତାମାନେ ମିଥ୍ୟା ଦର୍ଶନ ପାଇବାର ବାହାନା
କରନ୍ତି ଓ ମିଥ୍ୟା ଅଲୌକିକ ଶକ୍ତି ଘୋଷଣା କରନ୍ତି, ମୋର
ହସ୍ତ ସେମାନଙ୍କ ବିରୁଦ୍ଧରେ ଯିବ, ସେମାନେ ମୋ ଲୋକମାନଙ୍କ
ମନ୍ତ୍ରୀ ସଭାରେ ରହିବେ ନାହିଁ। ଇଶ୍ରାୟେଲର ପରିବାର
ତାଲିକାରେ ସେମାନଙ୍କର ନାମଗୁଡ଼ିକ ତାଲିକାଭୁକ୍ତ ହେବ
ନାହିଁ। ଏବଂ ଇଶ୍ରାୟେଲ ଦେଶରେ ସେମାନେ ପ୍ରବେଶ
କରିବେ ନାହିଁ। ତାହାହେଲେ ତୁମ୍ଭେମାନେ ଜାଣିବ ଯେ,
ଆମ୍ଭେ ସଦାପ୍ରଭୁ ଅଟୁ।
10"ସେଠାରେ ଶାନ୍ତି ଅଛି ବୋଲି କହି ଏହି
ଭବିଷ୍ୟଦ୍‌ବକ୍ତାମାନେ ଆମ୍ଭର ଲୋକମାନଙ୍କୁ ଭୁଲ୍‌ବାଟରେ
ନେଇଛନ୍ତି, ଯେତେବେଳେ ସେଠାରେ ଶାନ୍ତି ନଥାଏ। ଯିଏକି
ପ୍ରାଚୀର ନିର୍ମାଣକାରୀ, ଯିଏକି ପ୍ରାଚୀର ମରାମତି କରେ ନାହିଁ,
କିନ୍ତୁ ଫାଟକୁ ପତଳା ଲେପ ଦେଇ ଆଚ୍ଛାଦନ କରିବା ପାଇଁ
କେବଳ ଚେଷ୍ଟା କରନ୍ତି। 11ଏବଂ ସେହି ଲୋକମାନଙ୍କୁ କୁହ,
ଯେଉଁମାନେ ପ୍ରାଚୀରକୁ ଲେପନ କରିଛନ୍ତି, ଏହା ଭୁଷୁଡି
ପଡିବ। ମୁଁ ବଡବଡ କୁଆପଥର ପ୍ରବଳ ବୃଷ୍ଟି, ସହିତ
ଘୁର୍ଣ୍ଣିବାୟୁ ସେହି ପ୍ରାଚୀରକୁ ଧ୍ୱଂସ କରିଦେବା ପାଇଁ ପଠାଇବି।
12ଏବଂ କାନ୍ଥ ଯେତେବେଳେ ତଳକୁ ପଡ଼ିଯିବ, ସେତେବେଳେ
ଲୋକମାନେ ଏହି ଭଣ୍ଡ ଯାଜକମାନଙ୍କୁ ପଚାରିବେ ନାହିଁ କି,
'ତୁମ୍ଭେମାନେ ଯାହା ଦେଇ ଲେପନ କରିଥିଲ, ସେହି ପ୍ରଲେପ
କାହିଁ?'" 13ଏଣୁ ସଦାପ୍ରଭୁ ମୋର ପ୍ରଭୁ ଏହିକଥା କହିଛନ୍ତି,
"ମୁଁ ପ୍ରଚଣ୍ଡ କୋପରେ ବାୟୁ ପ୍ରବାହିତ କରାଇବି। ସେଠାରେ
ପ୍ରବଳ ବୃଷ୍ଟି ହେବ ଓ ବୃହତ୍ ଶିଳାବୃଷ୍ଟି ହୋଇ
ତାହା ବିନଷ୍ଟ ହେବ। 14ତୁମ୍ଭେ ଯେଉଁ ଅମିଶ୍ରିତ ମସଲାରେ
କାନ୍ଥକୁ ଲେପନ କରିଅଛ ମୁଁ ତାହା ବିଦୀର୍ଣ୍ଣ କରି ପକାଇବି।
ମୁଁ ଏହା ଭୂମିସ୍ତର ସହିତ ସମତଳ କରିଦେବି, ମୁଁ ଏହା
ମୂଳଦୁଆକୁ ବାହାର କରିବି। ତାହା ତୁମ୍ଭମାନଙ୍କ ଉପରେ
ପଡ଼ିବ, ତହିଁରେ ତୁମ୍ଭେମାନେ ବିନଷ୍ଟ ହେବ। ଏଣୁ ତୁମ୍ଭେମାନେ
ଜାଣିବ ଯେ, ମୁଁ ସଦାପ୍ରଭୁ ଅଟେ। 15ଏହିରୂପେ ମୁଁ ସେହି
କାନ୍ଥ ଉପରେ ଓ ଯେଉଁମାନେ ମିଶ୍ରିତ ମସଲାରେ ତାହା
ପତଳା ଲେପନ କରିଅଛନ୍ତି, ସେମାନଙ୍କ ଉପରେ ଆପଣା
କୋପ ପ୍ରକାଶ କରିବା ସମାପ୍ତ କରିବି। ତା'ପରେ ମୁଁ
ତୁମ୍ଭମାନଙ୍କୁ କହିବ, 'ସେହି କାନ୍ଥ ଓ ତାହାର ଲେପନକାରୀମାନେ
ନାହାଁନ୍ତି।'
16"ଇଶ୍ରାୟେଲର ଭବିଷ୍ୟଦ୍‌ବକ୍ତା ଯେଉଁମାନେ ଯିରୁଶାଲମ
ବିଷୟରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କଲେ ଓ ଶାନ୍ତି ନ ଥିଲେ
ହେଁ ତାହା ନିମନ୍ତେ ଶାନ୍ତିର ଦର୍ଶନ ପାଆନ୍ତି।" ଏହା ମୋର
ପ୍ରଭୁ ସଦାପ୍ରଭୁ କହିଛନ୍ତି।
17ପରମେଶ୍ୱର କହିଲେ, "ହେ ମନୁଷ୍ୟ ପୁତ୍ର, ଇଶ୍ରାୟେଲର
ଯେଉଁ କନ୍ୟାଗଣ ଆପଣା ଆପଣା ହୃଦୟରୁ ଭବିଷ୍ୟଦ୍‌ବାକ୍ୟ
ପ୍ରଚାର କରନ୍ତି, ସେମାନଙ୍କ ବିରୁଦ୍ଧରେ ତୁମ୍ଭ ମୁଖ ରଖ ଓ
ସେମାନଙ୍କ ବିରୁଦ୍ଧରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି କୁହ,
18'ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହିଛନ୍ତି, ସ୍ତ୍ରୀଲୋକମାନେ
ତୁମ୍ଭକୁ ଧିକ୍, ଯେଉଁମାନେ ସମସ୍ତ ଲୋକମାନଙ୍କ ପାଇଁ କଙ୍କଣ
ତିଆରି କରୁଛନ୍ତି ଓ ଯାଦୁ ଓଢଣୀ ମୁଣ୍ଡରେ ପିନ୍ଧିବା ପାଇଁ
ତିଆରି କରୁଛନ୍ତି, ଲୋକମାନଙ୍କୁ ଫାଶରେ ପକାଇବା ପାଇଁ
ଚେଷ୍ଟା କରୁଛନ୍ତି। 19ମୁଠାଏ ବାଲି ପାଇଁ ଓ କେତେଖଣ୍ଡ
ରୋଟୀ ପାଇଁ ତୁମ୍ଭେମାନେ ମୋ ଲୋକମାନଙ୍କ ମଧ୍ୟରେ
ମୋତେ ଅପମାନିତ କଲ। ତୁମ୍ଭର ମିଥ୍ୟା ପାଇଁ ମୋର
ଲୋକମାନେ ଯେଉଁମାନେ ମିଥ୍ୟା ଶୁଣିଲେ, ତୁମ୍ଭେମାନେ
ଲୋକମାନଙ୍କୁ ହତ୍ୟା କରିଛ, ଯେଉଁମାନଙ୍କର ମରିବା ଉଚିତ୍
ନଥିଲା ଏବଂ ତୁମ୍ଭେ ସେହି ଲୋକମାନଙ୍କୁ ଛାଡି ଦେଇଛ,
ଯେଉଁମାନଙ୍କର ମରିବା ଉଚିତ୍ ଥିଲା। 20ତେଣୁ ସଦାପ୍ରଭୁ,
ମୋର ପ୍ରଭୁ କହିଛନ୍ତି, ଦେଖ ତୁମ୍ଭେମାନେ ଯେଉଁ କଙ୍କଣ
ଦ୍ୱାରା ଲୋକମାନଙ୍କୁ ପକ୍ଷୀଗଣ ପରି ଫାଶରେ ପକାଉଛ, ମୁଁ
ତା'ର ବିରୋଧୀ ଅଟେ। ଏବଂ ମୁଁ ତୁମ୍ଭମାନଙ୍କ ହସ୍ତରୁ ସେହି
କଙ୍କଣକୁ ଚିରି ପକାଇବି। ଏବଂ ଯେଉଁ ଲୋକମାନଙ୍କୁ
ତୁମ୍ଭେମାନେ ଫାଶରେ ପକାଉଛ ମୁଁ ସେମାନଙ୍କୁ ମୁକ୍ତ କରିବି
ଓ ସେମାନେ ମୁକ୍ତ ପକ୍ଷୀପରି ଉଡ଼ିଯିବେ। 21ଏବଂ ମଧ୍ୟ ମୁଁ
ତୁମ୍ଭମାନଙ୍କର ଆବରଣୀ ଚିରି ପକାଇବି ଓ ମୋ ଲୋକମାନଙ୍କୁ
ତୁମ୍ଭମାନଙ୍କ ହସ୍ତରୁ ଉଦ୍ଧାର କରିବି। ଏବଂ ସେମାନେ ତୁମ୍ଭମାନଙ୍କ
ଫାଶରେ ପଡ଼ି ଆଉ ତୁମ୍ଭମାନଙ୍କର ହସ୍ତଗତ ହେବେ ନାହିଁ।
ତାହା ହେଲେ ତୁମ୍ଭେମାନେ ଜାଣିବ ଯେ, ମୁଁ ସଦାପ୍ରଭୁ
ଅଟେ।
22"'କାରଣ ଯେତେବେଳେ ମୁଁ ଧାର୍ମିକମାନଙ୍କୁ ଦୟନୀୟ
କରିନାହିଁ, କିନ୍ତୁ ତୁମ୍ଭର ଭବିଷ୍ୟଦ୍‌ବକ୍ତାଗଣ ମିଥ୍ୟା ଦ୍ୱାରା
ସେମାନଙ୍କୁ ଦୁଃଖିତ କରିଛନ୍ତି। ଏବଂ ଦୁଷ୍ଟଲୋକମାନେ ଯେପରି
ସେମାନଙ୍କର କୁପଥରୁ ନ ଫେରନ୍ତି ସେଥିପାଇଁ ତୁମ୍ଭେମାନେ
ସେମାନଙ୍କୁ ଉତ୍ସାହିତ କରିଛ। 23ତେଣୁ ତୁମ୍ଭେମାନେ ଆଉ
ମିଥ୍ୟା ଦର୍ଶନ ପାଇବ ନାହିଁ। କିମ୍ବା ମନ୍ତ୍ର ପଢ଼ିବ ନାହିଁ। ଏବଂ
ମୁଁ ଆପଣା ଲୋକମାନଙ୍କୁ ତୁମ୍ଭମାନଙ୍କ ହସ୍ତରୁ ଉଦ୍ଧାର କରିବି।
ତେଣୁ ତୁମ୍ଭେମାନେ ତାହା ଜାଣିବ ଯେ, ମୁଁ ସଦାପ୍ରଭୁ
ଅଟେ।'"

14 ଅନନ୍ତର ଇଶ୍ରାୟେଲର ପ୍ରାଚୀନଗଣ ମଧ୍ୟରୁ କେତେଜଣ
ମୋ ନିକଟକୁ ଆସି ମୋ ସମ୍ମୁଖରେ ବସିଲେ।
2ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ ହେଲା। ସେ
କହିଲେ, 3"ହେ ମନୁଷ୍ୟ ପୁତ୍ର; ଏହି ଲୋକମାନେ ସେମାନଙ୍କର
ହୃଦୟ, ସେମାନଙ୍କର ମୂର୍ତ୍ତିଗୁଡିକୁ ଦେଇଅଛନ୍ତି ଏବଂ ସେମାନଙ୍କ
ପାପ ସେମାନଙ୍କ ପଥରେ ବାଧା ରୂପେ ରହିଛି। ତେଣୁ ମୁଁ

ସେମାନଙ୍କୁ କାହିଁକି ମୋତେ ଅନୁସନ୍ଧାନ କରିବାକୁ ଅନୁମତି
ଦେବି? 4ଏଣୁ ତୁମ୍ଭେ ସେମାନଙ୍କୁ କୁହ, ‘ସଦାପ୍ରଭୁ ମୋର
ପ୍ରଭୁ ଏହିକଥା କହନ୍ତି, ଯେକେହି ଇସ୍ରାୟେଲୀୟ ଯିଏ ତା’ର
ହୃଦୟ ନିଜର ମୂର୍ତ୍ତିକୁ ଦିଏ, ଏବଂ ଯାହାର ପାପ ତା’ ପାଇଁ
ଏକ ବାଧା ଦିଏ, ଯେତେବେଳେ ଭବିଷ୍ୟତବକ୍ତା ନିକଟକୁ
ଉପଦେଶ ପାଇଁ ଯାଏ, ମୁଁ ସଦାପ୍ରଭୁ ନିଜେ ତାକୁ ଉତ୍ତର
ଦେବି। କିନ୍ତୁ ତାକୁ ଯାଇ ପଚାରିବା ପାଇଁ କହିଲି, ତାଙ୍କର
କଳୁଷିତ ମୂର୍ତ୍ତିଗୁଡ଼ିକୁ ସାହାଯ୍ୟ ନିମନ୍ତେ। 5ମୁଁ ଏହା କରିବି,
ଇସ୍ରାୟେଲୀୟମାନଙ୍କୁ ବୁଝିପାରିବା ପାଇଁ ସେମାନଙ୍କ ଉପରେ
ସେହି, ସେମାନଙ୍କର କଳୁଷିତ ମୂର୍ତ୍ତିଗୁଡ଼ିକ ମୋଠାରୁ ଉଚ୍ଛିନ୍ନ
ରହିବେ।’

6“ତେଣୁ ଇସ୍ରାୟେଲ ବଂଶଧରଙ୍କୁ କୁହ! ସେମାନଙ୍କୁ କୁହ,
‘ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି, ଅନୁତାପ କର
ଓ ତୁମ୍ଭମାନଙ୍କର ମୂର୍ତ୍ତିଗୁଡ଼ିକୁ ପରିତ୍ୟାଗ କର ଘୃଣ୍ୟ ପ୍ରଥାରୁ
ମୋ ନିକଟକୁ ଫେରିଆସ। 7ଯଦି କୌଣସି ଇସ୍ରାୟେଲୀୟ
କିମ୍ବା ଇସ୍ରାୟେଲୀୟମାନଙ୍କ ସହିତ ବାସ କରୁଥିବା କୌଣସି
ବ୍ୟକ୍ତି ମୋତେ ପରିତ୍ୟାଗ କରେ ଏବଂ ତା’ର ହୃଦୟକୁ
ମୂର୍ତ୍ତିମାନଙ୍କଠାରେ ଲଗାଏ, ତା’ ପାଇଁ ତା’ର ପାପ ଏକ ବାଧା
ହୁଏ ଏବଂ ତା’ପରେ ସେ ଭବିଷ୍ୟତବକ୍ତାମାନଙ୍କୁ ପଚାରିବା
ପାଇଁ ଯାଏ, ମୁଁ ନିଜେ ସଦାପ୍ରଭୁ ତାକୁ ଉତ୍ତର ଦେବି।
8ଆମ୍ଭେ ସେ ଲୋକର ବିରୁଦ୍ଧରେ ଆପଣା ମୁଖ ରଖିବା ଓ
ତାହାକୁ ବିନାଶ କରିବା। ସେ ଅନ୍ୟମାନଙ୍କ ପାଇଁ ଏକ
ଉଦାହରଣ ଓ ହାସ୍ୟାସ୍ପଦ ହେବ। ଆଉ ଆମ୍ଭେ ଅନ୍ୟ
ଲୋକଙ୍କ ମଧ୍ୟରୁ ତାହାକୁ ଉଚ୍ଛିନ୍ନ କରିବା। ତାହା ହେଲେ
ଆମ୍ଭେ ଯେ ସଦାପ୍ରଭୁ, ଏହା ତୁମ୍ଭେମାନେ ଜାଣିବ। 9ଯଦି
କୌଣସି ଭବିଷ୍ୟଦ୍‌ବକ୍ତା ଏପରି ମୂର୍ଖ ଭବିଷ୍ୟତବାଣୀ ପ୍ରଚାର
କରେ, ତେବେ ମୁଁ ସଦାପ୍ରଭୁ ତାକୁ ଦେଖାଇଦେବି ଯେ, ସେ
କିପରି ମୂର୍ଖ ଥିଲା। 10ତେଣୁ ଉଭୟ ନିଜ ନିଜର ପାପର
ଭାର ବହନ କରିବେ। ଭବିଷ୍ୟଦ୍‌ବକ୍ତାର ଅଧର୍ମ ଓ ତାହାର
ଅନ୍ୱେଷଣକାରୀର ଅଧର୍ମ ସମାନ ହେବ। 11ତେଣୁ ଇସ୍ରାୟେଲର
ବଂଶଧର ଆଉ ମୋଠାରୁ ବିପଥଗାମୀ ହେବେ ନାହିଁ ଏବଂ
ସେମାନଙ୍କର ପାପଦ୍ୱାରା ସେମାନେ ନିଜକୁ ଆଉ ଅଶୁଚି
କରିବେ ନାହିଁ। ଏବଂ ସେମାନେ ମୋର ଲୋକ ହେବେ ଓ
ମୁଁ ସେମାନଙ୍କର ପରମେଶ୍ୱର ହେବି।’” ଏହା ସଦାପ୍ରଭୁ,
ମୋର ପ୍ରଭୁ କହନ୍ତି।

12ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା। ସେ କହିଲେ, 13“ହେ ମନୁଷ୍ୟ ପୁତ୍ର, ଯଦି
କୌଣସି ଦେଶ ମୋଠାରେ ଅବିଶ୍ୱସ୍ତ ହୋଇ ମୋ ନିକଟରେ
ପାପ କରେ, ତେବେ ଏହା ବିରୁଦ୍ଧରେ ମୁଁ ମୋର ହସ୍ତ
ବିସ୍ତାର କରିବି ଏବଂ ଏହାର ଖାଦ୍ୟ ଯୋଗାଣ ବନ୍ଦ
କରିଦେବି, ଏହା ବିରୁଦ୍ଧରେ ଦୁର୍ଭିକ୍ଷ ପଠାଇବି, ଏବଂ ଉଭୟ
ମନୁଷ୍ୟ ଓ ପଶୁକୁ ଏହିଠାରୁ ଦୂର କରିବି। 14ଏବଂ ଏପରି
ନୋହ, ଦାନିୟେଲ ଓ ଆୟୁବ ଯଦି ଏହି ତିନି ପୁରୁଷ
ଥାନ୍ତେ, ତେବେ ସେମାନେ ସେମାନଙ୍କର ଧାର୍ମିକତା ଦ୍ୱାରା
ନିଜର ପ୍ରାଣ ରକ୍ଷା କରିଥାନ୍ତେ, କିନ୍ତୁ ସେମାନେ ଦେଶକୁ
ରକ୍ଷା କରିପାରି ନ ଥାନ୍ତେ।” ଏହା ସଦାପ୍ରଭୁ, ମୋର ପ୍ରଭୁ
କହିଛନ୍ତି।

15ପରମେଶ୍ୱର କହିଲେ, “ଯଦି ମୁଁ ହିଂସ୍ରଜନ୍ତୁ ସବୁ ସେ
ଦେଶ ମଧ୍ୟକୁ ପଠାଏ ଓ ସେମାନେ ଏହାର ନିବାସୀମାନଙ୍କୁ
ହତ୍ୟା କରନ୍ତି ଓ ଏହା ଜନଶୂନ୍ୟ ସ୍ଥାନ ହୁଏ, ତେବେ
ହିଂସ୍ରଜନ୍ତୁଙ୍କ ଭୟରେ କୌଣସି ମନୁଷ୍ୟ ସେହି ଦେଶରେ
ଯାତାୟତ କରନ୍ତି ନାହିଁ, 16ଆଉ ଯଦି ନୋହ, ଦାନିୟେଲ ଓ
ଆୟୁବ ଏହି ତିନିଜଣ ଲୋକ ସେଠାରେ ଥାନ୍ତେ ସେମାନେ
କେବଳ ରକ୍ଷା ପାଇଥାନ୍ତେ। ସେମାନେ ଏପରିକି ଅନ୍ୟମାନଙ୍କ
ନିଜ ସନ୍ତାନମାନଙ୍କୁ ଉଦ୍ଧାର କରି ପାରି ନଥାନ୍ତେ। ଏବଂ
ଦେଶ ଏକ ମରୁଭୂମି ହୋଇଯାଇଥାନ୍ତା।” ଏହା ସଦାପ୍ରଭୁ
ମୋର ପ୍ରଭୁ କହନ୍ତି।

17ପରମେଶ୍ୱର କହିଲେ, “ଯଦି ମୁଁ ସେହି ଦେଶ
ବିରୁଦ୍ଧରେ ଖଡ୍ଗ ଉଠାଏ ଓ ଏହାକୁ ଆଜ୍ଞା କରେ, ଦେଶ
ମଧ୍ୟରେ ଯିବାପାଇଁ ଓ ମନୁଷ୍ୟ ଏବଂ ପଶୁକୁ ହତ୍ୟା କରିବା
ପାଇଁ, 18ଏପରିକି ଯଦି ନୋହ, ଦାନିୟେଲ ଓ ଆୟୁବ ଏହି
ତିନିଜଣ ଥାନ୍ତେ, ତାହାହେଲେ ସେମାନେ ଆପଣା ଧାର୍ମିକତା
ଯୋଗୁଁ କେବଳ ନିଜକୁ ରକ୍ଷା କରି ପାରିଥାନ୍ତେ। କିନ୍ତୁ
ସଦାପ୍ରଭୁ କହନ୍ତି, ମୁଁ ପ୍ରତିଜ୍ଞା କରୁଛି, ଏପରିକି ସେମାନେ
ନିଜର ସନ୍ତାନମାନଙ୍କୁ ମଧ୍ୟ ରକ୍ଷା କରିପାରି ନଥାନ୍ତେ।”
ସଦାପ୍ରଭୁ, ମୋର ପ୍ରଭୁ ଏହା କହିଛନ୍ତି।

19ପୁଣି ପରମେଶ୍ୱର କହିଲେ, “ଆମ୍ଭେ ଯେବେ ସେହି
ଦେଶକୁ ମହାମାରୀ ପଠାଉ ଓ ଆମ୍ଭର କୋପ ତା’ ଉପରେ
ଢାଳି ଦେଉ, ତେବେ ମନୁଷ୍ୟ ଓ ପଶୁକୁ ତା’ ମଧ୍ୟରୁ ଉଚ୍ଛିନ୍ନ
କରୁ। 20ଯଦି ନୋହ, ଦାନିୟେଲ ଓ ଆୟୁବ ଥାନ୍ତେ ତେବେ
ସେମାନେ କେବଳ ସେମାନଙ୍କର ଧାର୍ମିକତା ଦ୍ୱାରା ରକ୍ଷା
ପାଇଥାନ୍ତେ, ଏପରିକି ସେମାନେ ନିଜ ସନ୍ତାନମାନଙ୍କୁ ରକ୍ଷା
କରିପାରି ନଥାନ୍ତେ।” ଏହା ସଦାପ୍ରଭୁ, ମୋର ପ୍ରଭୁ ଶପଥ
କରନ୍ତି।

21ତା’ପରେ ସଦାପ୍ରଭୁ, ମୋର ପ୍ରଭୁ କହନ୍ତି, “ତେଣୁ
ଚିନ୍ତାକର ଯିରୁଶାଲମ ପ୍ରତି କି ମହା ଅନିଷ୍ଟ ଘଟିବ?
ଯେତେବେଳେ ମୁଁ ଚାରି ମହାଦଣ୍ଡ ଯଥା: ଖଡ୍ଗ, ଦୁର୍ଭିକ୍ଷ,
ହିଂସ୍ରଜନ୍ତୁ ଓ ମହାମାରୀ ପଠାଇବି, ସେତେବେଳେ ମନୁଷ୍ୟ ଓ
ପଶୁ ସମସ୍ତେ ଉଚ୍ଛିନ୍ନ ହେବେ। 22ତଥାପି ଯେଉଁ କେତେଜଣ
ଅବଶିଷ୍ଟାଂଶ ରହିବେ, ସେମାନେ ସେମାନଙ୍କର ପୁତ୍ର କନ୍ୟାଙ୍କୁ
ଆଣି ତୁମ୍ଭମାନଙ୍କ ନିକଟକୁ ଆସିବେ। ତୁମ୍ଭେମାନେ ସେମାନଙ୍କର
ଆଚରଣ ବ୍ୟବହାର ଓ କ୍ରିୟାସକଳ ଦେଖିବ। ପୁଣି ଆମ୍ଭେ
ଯିରୁଶାଲମ ଉପରେ ଯେଉଁ ଅମଙ୍ଗଳ ଘଟାଇ ଅଛୁ ଓ ତାହା
ପ୍ରତି ଯେ ସକଳ ଅନିଷ୍ଟ କରିଅଛୁ, ସେଥିପାଇଁ ତୁମ୍ଭେମାନେ
ସାନ୍ତ୍ୱନା ପାଇବ। 23ସେମାନଙ୍କର ଆଚରଣ, ବ୍ୟବହାର ଓ
କ୍ରିୟାକଳାପ ତୁମ୍ଭେମାନେ ଦେଖିବ ଓ ହୃଦ୍‌ବୋଧ କରିବ ଯେ
ମୁଁ ସେମାନଙ୍କ ବିରୁଦ୍ଧରେ ଓ ଯିରୁଶାଲମ ବିରୁଦ୍ଧରେ ଯାହା
ସବୁ କରିଅଛି, ଯାଥାର୍ଥ ଥିଲା।” ଏହା ସଦାପ୍ରଭୁ, ମୋର ପ୍ରଭୁ
କହନ୍ତି।

15 ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 2“ହେ ମନୁଷ୍ୟ ପୁତ୍ର,
ଦ୍ରାକ୍ଷାଲତାର ଶାଖା, ବନସ୍ଥ ବୃକ୍ଷଗଣର ଶାଖା ଅପେକ୍ଷା କ’ଣ
ଅଧିକ ଶକ୍ତ? ଏବଂ ଏହା ଅନ୍ୟ କୌଣସି ଶାଖା ଅପେକ୍ଷା
ଭଲ କି? 3କୌଣସି କାର୍ଯ୍ୟ ନିମନ୍ତେ ତୁମ୍ଭେ କ’ଣ ସେହି

କାଠ ନେବ? ନା! ଆଉ କୌଣସି ପାତ୍ର ଟାଙ୍ଗିବା ନିମନ୍ତେ
ଲୋକେ କ'ଣ ସେଥିରୁ ମେଖ କରିବେ? ନା! **4**ଲୋକେ
କେବଳ ଜାଳ ହେବା ପାଇଁ ତାକୁ ଅଗ୍ନିରେ ପକାନ୍ତି। ତା'ର
ଦୁଇମୁଣ୍ଡ ଅଗ୍ନିରେ ପୋଡ଼ିଯାଏ ଓ ମଝିଅଂଶ ଅର୍ଦ୍ଧଦଗ୍ଧ ରହେ।
ତାହା କ'ଣ କୌଣସି କାର୍ଯ୍ୟରେ ଆସିବ? **5**ଅଗ୍ନିରେ ନପୋଡ଼ିବା
ପୂର୍ବରୁ ସେ କୌଣସି କାର୍ଯ୍ୟପାଇଁ ଯୋଗ୍ୟ ହେଲାନାହିଁ କି
ଅଗ୍ନିରେ ଦଗ୍ଧ ହେଲାପରେ ତାହା କୌଣସି କାର୍ଯ୍ୟପାଇଁ
ଯୋଗ୍ୟ ହେଲାନାହିଁ। **6**ସଦାପ୍ରଭୁ ମୋର ପ୍ରଭୁ କହନ୍ତି: ବନର
ସମସ୍ତ ବୃକ୍ଷ ମଧ୍ୟରୁ ମୋର ଜାଳେଣି ପାଇଁ ଦ୍ରାକ୍ଷା କାଠ ଅଛି।
ମୁଁ ଯିରୁଶାଲମ ନିବାସୀମାନଙ୍କୁ ଏହିପରି କରିବି।" **7**"ମୁଁ
ସେମାନଙ୍କ ବିରୁଦ୍ଧରେ ମୋର ମୁହଁ ବୁଲାଇବି। ଯଦି ସେମାନେ
ଅଗ୍ନିରୁ ରକ୍ଷାପାଇଗଲେ, ତଥାପି ସେହି ଅଗ୍ନି ସେମାନଙ୍କୁ ଗ୍ରାସ
କରିବ। ଯେହେତୁ ମୁଁ ସେମାନଙ୍କ ବିରୁଦ୍ଧରେ ବିମୁଖ ହୋଇଛି,
ଏହା ସେମାନେ ଜାଣିବେ ଯେ, ମୁଁ ସଦାପ୍ରଭୁ ଅଟେ। **8**ଏବଂ
ମୁଁ ସେ ଦେଶକୁ ଧ୍ୱଂସ କରିବି, କାରଣ ସେମାନେ ମୋ ପ୍ରତି
ମହା ଅବିଶ୍ୱାସ କରିଛନ୍ତି।" ଏହା ମୋର ପ୍ରଭୁ ସଦାପ୍ରଭୁ
କହନ୍ତି।

**16** ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, **2**"ହେ ମନୁଷ୍ୟ ପୁତ୍ର,
ଯିରୁଶାଲମ ନିବାସୀଙ୍କ ଘୃଣ୍ୟ ବ୍ୟବହାରସବୁ ତୁମ୍ଭେ ସେମାନଙ୍କୁ
ଜଣାଅ। **3**ଏବଂ ସେମାନଙ୍କୁ କୁହ, 'ସଦାପ୍ରଭୁ, ମୋର ପ୍ରଭୁ
ଯିରୁଶାଲମକୁ ଏହିକଥା କହନ୍ତି, ତୁମ୍ଭର ଉତ୍ପତ୍ତି ଜନ୍ମସ୍ଥାନ
କିଣାନୀୟ ଦେଶ ଅଟେ। ତୁମ୍ଭର ପିତା ଇମୋରୀୟ ଓ ମାତା
ଜଣେ ହିତ୍ତୀୟା ଥିଲେ। **4**ହେ ଯିରୁଶାଲମ, ତୁମ୍ଭର ଜନ୍ମ
ବିବରଣୀ ହେଲା, ତୁମ୍ଭେ ଜନ୍ମ ହେବା ଦିନ ତୁମ୍ଭର ନାଭି
କଟା ହୋଇ ନ ଥିଲା। କିମ୍ବା ତୁମ୍ଭକୁ ପରିଷ୍କାର କରିବା ପାଇଁ
ଜଳରେ ସ୍ନାନ କରାଯାଇ ନ ଥିଲା। ତୁମ୍ଭ ଶରୀରରେ ଲବଣ
ଦିଆଯାଇ ନଥିଲା କିମ୍ବା ତୁମ୍ଭକୁ ପଟିରେ ଆବୃତ୍ତ କରାଯାଇ ନ
ଥିଲା। **5**ଏହିସବୁ କରିବା ପାଇଁ ସେଠାରେ କେହି ନଥିଲେ।
ତୁମ୍ଭପ୍ରତି ଯତ୍ନନେବାକୁ କିମ୍ବା ଦୟା ଦେଖାଇବା ପାଇଁ କେହି
ସେଠାରେ ନଥିଲେ। ତୁମ୍ଭର ପିତାମାତା ତୁମ୍ଭକୁ ମେଲା
ପଡ଼ିଆରେ ଫୋପାଡ଼ି ଦେଇ ଯାଇଥିଲେ। ତୁମ୍ଭେ ଜନ୍ମ
ହେଲାଠାରୁ ଘୃଣିତ ହେଲ।

**6**"'ସେତେବେଳେ ମୁଁ(ପରମେଶ୍ୱର) ତୁମ୍ଭ ପାଖ ଦେଇ
ଗଲି। ମୁଁ ଲକ୍ଷ୍ୟ କଲି ତୁମ୍ଭେ ରକ୍ତରେ ଭିଜି ଯାଇଛ
ତା'ପରେ ମୁଁ ତୁମ୍ଭକୁ କହିଲି, "ଜୀବିତ ରୁହ" ଯଦିଓ ତୁମ୍ଭେ
ରକ୍ତ ରଞ୍ଜିତ ହୋଇଅଛ। ଯଦିଓ ତୁମ୍ଭେ ନିଜ ରକ୍ତ ରଞ୍ଜିତ
ହୋଇଅଛ, ମୁଁ ତୁମ୍ଭକୁ କହିଲି, "ବଞ୍ଚ।" **7**ମୁଁ ତୁମ୍ଭକୁ ସେହି
କ୍ଷେତ୍ରରେ ଉଦ୍ଭିଦ ପରି ବଢାଇଲି। ତହିଁରେ ତୁମ୍ଭେ ବୃଦ୍ଧି ପାଇ
ଯୁବତୀ ହେଲ। ତୁମ୍ଭର ଋତୁସ୍ରାବ ହେଲା, ତୁମ୍ଭର ସ୍ତନଯୁଗଳ
ସୁଡୋଳ ଓ ତୁମ୍ଭର କେଶ ଦୀର୍ଘ ହେଲା, କିନ୍ତୁ ତୁମ୍ଭେ ତଥାପି
ବିବସନା ଓ ଉଲଗ୍ନ ଥିଲ। **8**ଏବଂ ମୁଁ ଯେତେବେଳେ ତୁମ୍ଭକୁ
ଅନାଇଲି, ସେତେବେଳେ ଦେଖିଲି ତୁମ୍ଭେ ପ୍ରେମ କରିବା
ପାଇଁ ରାଜି ହୋଇ ଯାଇଥିଲ। ତେଣୁ ମୁଁ ତୁମ୍ଭ ଶରୀର
ଉପରେ ମୋର ବସ୍ତ୍ର ଆବୃତ୍ତ କଲି। ମୁଁ ଶପଥ କରି ତୁମ୍ଭ
ସଙ୍ଗେ ନିୟମ ସ୍ଥିର କଲି ଏବଂ ତୁମ୍ଭେ ମୋର ହେଲ।'"
ଏହା ସଦାପ୍ରଭୁ ମୋର ପ୍ରଭୁ କହନ୍ତି। **9**"ତହୁଁ ମୁଁ ତୁମ୍ଭକୁ
ଜଳରେ ସ୍ନାନ କରାଇଲି। ଆଉ ମୁଁ ସମ୍ପୂର୍ଣ୍ଣରୂପେ ତୁମ୍ଭ
ଦେହରୁ ରକ୍ତ ଧୋଇ ଦେଲି ଓ ତୈଳରେ ତୁମ୍ଭକୁ ମର୍ଦ୍ଦନ
କଲି। **10**ପୁଣି ମୁଁ ତୁମ୍ଭକୁ ବିଚିତ୍ର ବସ୍ତ୍ର ପିନ୍ଧାଇଲି। ଶିଶୁକ
ଚର୍ମର ପାଦୁକା ପିନ୍ଧାଇଲି, ଶୁଭ୍ର ରେଶମ ବସ୍ତ୍ରରେ ତୁମ୍ଭର
କଟିବନ୍ଧନ କରାଇଲି ଓ ପଟ୍ଟ ବସ୍ତ୍ରରେ ବିଭୂଷିତା କଲି।
**11**ଆହୁରି ମୁଁ ତୁମ୍ଭକୁ ଅଳଙ୍କାରରେ ଭୂଷିତା କଲି। ତୁମ୍ଭ
ହସ୍ତରେ କଙ୍କଣ ଓ ଗଳାଦେଶରେ ହାର ଦେଲି। **12**ପୁଣି ମୁଁ
ତୁମ୍ଭ ନାସିକାରେ ନୋଥ, କର୍ଣ୍ଣରେ କର୍ଣ୍ଣଭୂଷଣ ଓ ମସ୍ତକରେ
ସୁନ୍ଦର ମୁକୁଟ ଦେଲି। **13**ଏରୂପେ ତୁମ୍ଭେ ସୁନା ଓ ରୂପାରେ
ବିଭୂଷିତା ହେଲ। ତୁମ୍ଭର ବସ୍ତ୍ର ଶୁଭ୍ର ରେଶମ ଓ ପଟ୍ଟଦ୍ୱାରା
ନିର୍ମିତ ଓ ଶିଳ୍ପ କର୍ମରେ ବିଚିତ୍ର ହେଲା। ତୁମ୍ଭେ ସରୁ
ମଇଦା, ମଧୁ ଓ ତୈଳ ଭୋଜନ କଲ। ଆଉ ତୁମ୍ଭେ ପରମା
ସୁନ୍ଦରୀ ହୋଇ ଅବଶେଷରେ ରାଣୀପଦ ଯୋଗ୍ୟ ହେଲ।
**14**ମୁଁ ତୁମ୍ଭକୁ ଏପରି ସୌନ୍ଦର୍ଯ୍ୟରେ ମୋର ଐଶ୍ୱର୍ଯ୍ୟ ଦ୍ୱାରା
ଏହାକୁ ବିମଣ୍ଡିତା କଲି ଯେ, ତୁମ୍ଭର ସୌନ୍ଦର୍ଯ୍ୟର ସୁଖ୍ୟାତି
ନାନା ଦେଶରେ ବ୍ୟାପିଗଲା।'" ଏହା ସଦାପ୍ରଭୁ, ମୋର ପ୍ରଭୁ
କହନ୍ତି।

**15**"କିନ୍ତୁ ତୁମ୍ଭେ ନିଜ ସୌନ୍ଦର୍ଯ୍ୟରେ ନିର୍ଭର କରି ନିଜର
ସୁଖ୍ୟାତି ହେତୁ ମୋଠାରେ ଅବିଶ୍ୱସ୍ତ ହେଲ। ତୁମ୍ଭେ ମୋତେ
ପ୍ରତାରିତ କଲ, ଯେ କେହି ତୁମ୍ଭ ନିକଟ ଦେଇ ଗଲା ତୁମ୍ଭେ
ଗଣିକା ସଦୃଶ ତା'ର ହେଲ ଓ ସେମାନେ ତୁମ୍ଭକୁ ବ୍ୟଭିଚାରିଣୀ
ରୂପେ ଉପଭୋଗ କଲେ। **16**ଏବଂ ତୁମ୍ଭେ ଆପଣା ବସ୍ତ୍ରର
କିଛି ଅଂଶ ନେଇ ଆପଣା ପାଇଁ ନାନା ରଙ୍ଗରେ ଭୂଷିତ
ଉଚ୍ଚସ୍ଥଳୀ ନିର୍ମାଣ କଲ ଓ ତହିଁ ଉପରେ ବ୍ୟଭିଚାରିଣୀ କର୍ମ
କଲ। ଏପରି କାର୍ଯ୍ୟ ଘଟିବା ଉଚିତ୍ ନୁହେଁ। **17**ଆହୁରି
ମୋର ସୁନା ଓ ରୂପାରେ ନିର୍ମିତ ଯେଉଁ ସବୁ ସୁନ୍ଦର
ଆଭରଣ ମୁଁ ଦେଇଥିଲି ତୁମ୍ଭେ ତାହା ନେଇ ପୁରୁଷାକୃତି
ପ୍ରତିମାଗଣ ନିର୍ମାଣ କରି ସେମାନଙ୍କ ସଙ୍ଗେ ବ୍ୟଭିଚାର କଲ।
**18**ପୁଣି ତୁମ୍ଭେ ଆପଣା ବିଚିତ୍ର ବସ୍ତ୍ରସବୁ ନେଇ ସେମାନଙ୍କୁ
ପିନ୍ଧାଇଲ ଓ ସେମାନଙ୍କ ସମ୍ମୁଖରେ ଆମ୍ଭର ତୈଳ ଓ ଆମ୍ଭର
ଧୂପ ରଖିଲ। **19**ପୁଣି ଆମ୍ଭେ ଯେଉଁ ସରୁ ମଇଦା, ତୈଳ ଓ
ମଧୁ ତୁମ୍ଭ ଖାଦ୍ୟ ପାଇଁ ଦେଇଥିଲୁ, ତୁମ୍ଭେ ସେ ସବୁ
ସୌରଭାର୍ଥେ ସେମାନଙ୍କ ସମ୍ମୁଖରେ ରଖିଲ। ତୁମ୍ଭେ ଗଣିକା
ସଦୃଶ ସେହି ପ୍ରତିମାଗଣଙ୍କୁ ସନ୍ତୁଷ୍ଟ କରିବାକୁ ଏହିସବୁ
କଲ।" ଏହା ମୋର ପ୍ରଭୁ ସଦାପ୍ରଭୁ କହନ୍ତି।

**20**"ମୋ ନିମନ୍ତେ ତୁମ୍ଭେ ଯେଉଁ ପୁତ୍ର ଓ କନ୍ୟାମାନଙ୍କୁ
ଜନ୍ମ କରିଥିଲ, ତୁମ୍ଭେ ସେହି ପୁତ୍ର କନ୍ୟାଗଣକୁ ବଧକରି
ସେମାନଙ୍କୁ ଭଣ୍ଡଦେବତାର ଖାଦ୍ୟ ରୂପେ ଉତ୍ସର୍ଗ କଲ। ତୁମ୍ଭେ
ଯଥେଷ୍ଟ ବେଶ୍ୟାବୃତ୍ତି କଲ ନାହିଁ କି? **21**ତୁମ୍ଭେ ମୋର
ସନ୍ତାନଗଣଙ୍କୁ ହତ୍ୟା* କରି ତୁମ୍ଭର ଭଣ୍ଡ ଦେବତାମାନଙ୍କୁ
ସନ୍ତୁଷ୍ଟ କରିବା ପାଇଁ ଅଗ୍ନି ମଧ୍ୟରେ ଉତ୍ସର୍ଗ କରିଅଛ।
**22**ଏବଂ ତୁମ୍ଭର ସବୁ ଘୃଣ୍ୟ ଓ ବ୍ୟଭିଚାର କାର୍ଯ୍ୟ କଲାବେଳେ
ଆପଣା ଯୌବନାବସ୍ଥାରେ ସେହି ବିବସନା ଓ ଉଲଗ୍ନା କଥା

---

**ହତ୍ୟା କରିଛ** ତୁମ୍ଭେ ବଳିଦାନ କରିଛ, ସାଧାରଣତଃ ଏହି ଶବ୍ଦର ଅର୍ଥ ମାଂସ ପାଇଁ ପଶୁକୁ ହତ୍ୟା କରିବା ଓ ଖଣ୍ଡ ଖଣ୍ଡ କରି କାଟିବା। କିନ୍ତୁ ସମୟ ସମୟରେ ଏହାର ଅର୍ଥ ପଶୁମାନଙ୍କ ପରି ଲୋକମାନଙ୍କୁ ହତ୍ୟା କରିବା।

ମନେ ପକାଇଲ ନାହିଁ। ଆଉ ରକ୍ତରେ କିପରି ଛଟପଟ
ହେଉଥିଲ ତାହା ସ୍ମରଣ କଲ ନାହିଁ।

**23**"ମୋଟ ଭାବରେ ତୁମ୍ଭେ ଏହା କରିଛ। ଏହା ତୁମ୍ଭ
ପାଇଁ ବହୁତ ଖରାପ ଅଟେ।" ଏହା ସଦାପ୍ରଭୁ ମୋର ପ୍ରଭୁ
କହନ୍ତି। **24**"ତୁମ୍ଭେ ନିଜ ପାଇଁ କୁଦ ନିର୍ମାଣ କରିଅଛ ଓ
ପ୍ରତ୍ୟେକ ରାସ୍ତାର ଛକରେ ଦେବତାଗଣ ନିମନ୍ତେ ଉଚ୍ଚସ୍ଥଳୀ
ଯଜ୍ଞବେଦୀ ନିର୍ମାଣ କରିଅଛ। **25**ତୁମ୍ଭେ ପ୍ରତ୍ୟେକ ରାସ୍ତା
ମୁଣ୍ଡରେ ପାଦପୀଠ ପ୍ରସ୍ତୁତ କରିଅଛ ଓ ନିଜର ସୌନ୍ଦର୍ଯ୍ୟକୁ
ଘୃଣା କରିଅଛ। ଆଉ ପ୍ରତ୍ୟେକ ପଥିକ ପାଇଁ ନିଜର ବସ୍ତ୍ର
କାଢି ପକାଇଛ, ତୁମ୍ଭର ବ୍ୟଭିଚାରୀତାର ସୀମା ନାହିଁ।
**26**ତୁମ୍ଭେ ମିଶରର ସହିତ ଅବାଧ ଯୌନକ୍ରିୟା ଉପଭୋଗ
କରିଛ, ତୁମ୍ଭର ବୃହତ ଯୌନାଙ୍ଗରେ ପଡୋଶୀ ଯୌନକ୍ରିୟା
କରିଛନ୍ତି। ମୋତେ ବିରକ୍ତ କରିବା ପାଇଁ ତୁମ୍ଭେ ତା' ସହିତ
ବହୁବାର ଯୌନକ୍ରିୟା କରିଥିଲ। **27**ତେଣୁ ମୁଁ ମୋର ହସ୍ତ
ତୁମ୍ଭ ବିରୁଦ୍ଧରେ ଉଠାଇଲି ଏବଂ ତୁମ୍ଭର ଦେଶର କିଛି ଅଂଶ
ନେଇ ଯାଇଛି। ମୁଁ ତୁମ୍ଭମାନଙ୍କୁ ପଲେଷ୍ଟୀୟମାନଙ୍କର କନ୍ୟାମାନଙ୍କୁ
ହସ୍ତାନ୍ତର କରିଛି, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି ଏବଂ
କାମୁକତାରେ ଭାରାକ୍ରାନ୍ତ ହେଲେ। **28**ତୁମ୍ଭେ ଅତୃପ୍ତ ହେବାରୁ
ଅଶୂରୀୟମାନଙ୍କ ସହିତ ବ୍ୟଭିଚାର କରିଥିଲ। ତୁମ୍ଭେ ସେମାନଙ୍କ
ସହିତ ବ୍ୟଭିଚାର କଲେ ହେଁ ସନ୍ତୁଷ୍ଟ ହୋଇ ନାହିଁ। **29**ତୁମ୍ଭେ
କିଣାନ ଓ ବାବିଲକୁ ଯାଇଅଛ ଏବଂ ସେଠାରେ ତୁମ୍ଭର
ବ୍ୟଭିଚାର ବଢାଇଛ, ତଥାପି ତୃପ୍ତ ହୋଇ ନାହିଁ। **30**ତୁମ୍ଭର
ଇଚ୍ଛା କେତେ ଦୁର୍ବଳ, ଯେତେବେଳେ ତୁମ୍ଭେ ସ୍ୱେଚ୍ଛାଚାରିଣୀ
ବେଶ୍ୟା ସ୍ତ୍ରୀପରି ଏହିସବୁ କାର୍ଯ୍ୟ କରିଅଛ।" ଏହା ସଦାପ୍ରଭୁ
ମୋର ପ୍ରଭୁ କହନ୍ତି।

**31**"ଯେତେବେଳେ ତୁମ୍ଭେ ପ୍ରତ୍ୟେକ ରାସ୍ତା ମୁଣ୍ଡରେ
ଆପଣା କୁଦ ନିର୍ମାଣ କରିଅଛ ଓ ପ୍ରତ୍ୟେକ ଛକରେ ଆପଣା
ଉଚ୍ଚସ୍ଥଳୀ ଯଜ୍ଞବେଦୀ ନିର୍ମାଣ କରିଅଛ। ତୁମ୍ଭେ ପ୍ରକୃତରେ
ଜଣେ ବେଶ୍ୟା ପରି ନୁହଁ, ତୁମ୍ଭେ ବ୍ୟଭିଚାରିଣୀ କାର୍ଯ୍ୟରେ
ଲିପ୍ତ ହେଲ, କିନ୍ତୁ ମୁଦ୍ରା ନେଲ ନାହିଁ। **32**ତୁମ୍ଭେ ଜଣେ
ବ୍ୟଭିଚାରିଣୀ ସ୍ତ୍ରୀ, ତୁମ୍ଭେ ସ୍ୱାମୀକୁ ଛାଡ଼ି ଆଗନ୍ତୁକ ପୁରୁଷମାନଙ୍କୁ
ଯୌନ ସହଚର ରୂପେ ପସନ୍ଦ କଲ। **33**ଲୋକେ ବେଶ୍ୟାମାନଙ୍କୁ
ଭଡ଼ା ଦିଅନ୍ତି। ମାତ୍ର ତୁମ୍ଭେ ନିଜର ପ୍ରେମିକମାନଙ୍କୁ ଭଡ଼ା
ଦେଇ ବ୍ୟଭିଚାର କରୁଅଛ। ଆଉ ତୁମ୍ଭର ବେଶ୍ୟାବୃତ୍ତି କ୍ରମେ
ସେମାନେ ଯେପରି ଚତୁର୍ଦ୍ଦିଗରୁ ତୁମ୍ଭ ନିକଟକୁ ଆସନ୍ତି,
ସେଥିପାଇଁ ସେମାନଙ୍କୁ ଲାଞ୍ଚ ଦେଉଅଛ। **34**ତୁମ୍ଭର ବେଶ୍ୟାବୃତ୍ତି
ଅନ୍ୟ ବେଶ୍ୟାଙ୍କଠାରୁ ବିପରୀତ ଅଟେ। ଅନ୍ୟ ବେଶ୍ୟାମାନେ
ଜାର ପୁରୁଷଠାରୁ ଭଡ଼ା ନେଉଥିଲା ବେଳେ ତୁମ୍ଭେ ଜାରପୁରୁଷକୁ
ତୁମ୍ଭ ସହିତ ବ୍ୟଭିଚାର ପାଇଁ ଭଡ଼ା ଦେଇଥାଅ।"

**35**ଏଣୁ ହେ ଗଣିକା, ସଦାପ୍ରଭୁଙ୍କ ବାକ୍ୟ ଶୁଣ। **36**ସଦାପପ୍ରଭୁ,
ମୋର ପ୍ରଭୁ ଏହିକଥା କହନ୍ତି, "ତୁମ୍ଭର ପ୍ରେମିକଗଣ ସଙ୍ଗେ
ବ୍ୟଭିଚାର ହେତୁ ତୁମ୍ଭର ଉଲଗ୍ନତା ଅନାବୃତ ହୋଇଅଛି।
ତୁମ୍ଭେ ତୁମ୍ଭର ଘୃଣ୍ୟ ମୂର୍ତ୍ତିମାନଙ୍କୁ ଆପଣା ସନ୍ତାନଗଣର ରକ୍ତ
ଦେଇଅଛ। **37**ତେଣୁ ମୁଁ ତୁମ୍ଭର ସମସ୍ତ ପ୍ରେମିକମାନଙ୍କୁ
ଏକତ୍ରିତ କରିବି, ଯେଉଁମାନଙ୍କୁ ତୁମ୍ଭେ ଘୃଣା କର ଓ ପ୍ରେମ
କର। ମୁଁ ସେମାନଙ୍କୁ ତୁମ୍ଭ ବିରୁଦ୍ଧରେ ଚାରିଆଡୁ ଏକତ୍ରିତ
କରିବି ଏବଂ ତୁମ୍ଭର ନଗ୍ନତା ସେମାନଙ୍କ ଆଗରେ ଅନାବୃତ
କରିବି। ଏବଂ ସେମାନଙ୍କୁ ତୁମ୍ଭର ସଂପୂର୍ଣ୍ଣ ନଗ୍ନତା ଦେଖିବାକୁ
ଦେବି। ସେମାନେ ତୁମ୍ଭର ସମସ୍ତ ନଗ୍ନତା ଦେଖିବେ। **38**ମୁଁ
ତୁମ୍ଭକୁ ବ୍ୟଭିଚାରିଣୀ ଓ ହତ୍ୟାକାରିଣୀ ରୂପେ ବିଚାର କରିବି।
ଏବଂ କୋପ ଓ ଅନ୍ତର୍ଜ୍ୱାଳାର ରକ୍ତ ତୁମ୍ଭ ଉପରେ ଉପସ୍ଥିତ
କରିବି। **39**ଆଉ ମଧ୍ୟ ଆମ୍ଭେ ତୁମ୍ଭକୁ ତୁମ୍ଭ ପ୍ରେମିକମାନଙ୍କ
ହସ୍ତରେ ସମର୍ପଣ କରିବା। ତହିଁରେ ସେମାନେ ତୁମ୍ଭର ପୂଜା
ସ୍ଥାନସବୁ ଭାଙ୍ଗି ପକାଇବେ ଓ ଉଚ୍ଚସ୍ଥଳୀଗୁଡ଼ିକୁ ଉତ୍ପାଟନ
କରିବେ। ପୁଣି ସେମାନେ ତୁମ୍ଭକୁ ବିବସନା କରି ତୁମ୍ଭର
ସୁନ୍ଦର ଅଳଙ୍କାର ସବୁ ଅପହରଣ କରିବେ। ଆଉ ସେମାନେ
ତୁମ୍ଭକୁ ବିବସନା ଉଲଗ୍ନନା କରି ଛାଡ଼ି ଦେବେ। **40**ଏବଂ
ସେମାନେ ତୁମ୍ଭ ବିରୁଦ୍ଧରେ ଏକ ଜନ ସମାଜକୁ ଆଣି ତୁମ୍ଭକୁ
ପ୍ରସ୍ତରାଘାତ କରିବେ ଓ ସେମାନଙ୍କ ଖଡ୍ଗରେ ତୁମ୍ଭକୁ ଖଣ୍ଡ
ବିଖଣ୍ଡିତ କରିବେ। **41**ସେମାନେ ତୁମ୍ଭର ଗୃହସବୁ ଅଗ୍ନିରେ
ଦଗ୍ଧ କରିବେ। ବହୁତ ସ୍ତ୍ରୀଲୋକମାନଙ୍କ ସମ୍ମୁଖରେ ସେମାନେ
ତୁମ୍ଭକୁ ଦଣ୍ଡିତ କରିବେ। ତୁମ୍ଭ ବ୍ୟଭିଚାରୀତାର ମୁଁ ପୂର୍ଣ୍ଣଚ୍ଛେଦ
ପକାଇବି ଏବଂ ତୁମ୍ଭେ ତୁମ୍ଭର ପ୍ରେମିକମାନଙ୍କୁ ଆଉ ଭଡ଼ା
ଦେବ ନାହିଁ। **42**ଏହିରୂପେ ତୁମ୍ଭ ପ୍ରତି ଆମ୍ଭର କୋପ ଶାନ୍ତ
ହେବ ଓ ତୁମ୍ଭଠାରୁ ଆମ୍ଭର ଅନ୍ତର୍ଜ୍ୱାଳା ଯିବ। ଆଉ ଆମ୍ଭେ
କ୍ଷାନ୍ତ ହୋଇ କ୍ରୋଧ କରିବା ନାହିଁ। **43**ଏସବୁ କରିବାର
କାରଣ ତୁମ୍ଭେ ତୁମ୍ଭର ଯୌବନାବସ୍ଥାର ଦିନ ମନେ ରଖି
ନାହିଁ। ତୁମ୍ଭେ ତୁମ୍ଭର କୁକାର୍ଯ୍ୟଦ୍ୱାରା ମୋତେ କ୍ରୋଧିତ କଲ।
ମୁଁ ତୁମ୍ଭକୁ ତୁମ୍ଭର ବ୍ୟବହାର ପାଇଁ ଦଣ୍ଡିତ କରିବି। ତୁମ୍ଭର
ଅନ୍ୟ ଘୃଣ୍ୟ କାର୍ଯ୍ୟ ସହିତ ବେଶ୍ୟା ବୃତ୍ତିକୁ ଯୋଡିବାରେ
କଣ ଅଧିକ ପ୍ରାଧାନ୍ୟ ଦେଇ ନଥିଲ?" ଏହା ସଦାପ୍ରଭୁ,
ମୋର ପ୍ରଭୁ କହିଲେ।

**44**"ଯେଉଁ ଲୋକମାନେ ପ୍ରବଚନ ବ୍ୟବହାର କରନ୍ତି,
ତୁମ୍ଭ ଉପରେ ଏହା ପ୍ରୟୋଗ କରିବେ। 'ମାଆ ଗୁଣେ ଝିଅ।'
**45**ତୁମ୍ଭେ ପ୍ରକୃତରେ ତୁମ୍ଭ ମାତାର କନ୍ୟା। ସେ ଆପଣା
ସ୍ୱାମୀକି ଓ ସନ୍ତାନକୁ ଘୃଣା କରେ। ତୁମ୍ଭେ ଠିକ୍ ତୁମ୍ଭ
ଭଉଣୀମାନଙ୍କ ପରି। ସେମାନେ ସେମାନଙ୍କର ସ୍ୱାମୀକି ଓ
ସନ୍ତାନକୁ ଘୃଣା କରନ୍ତି। ତୁମ୍ଭେ ବାସ୍ତବରେ ତୁମ୍ଭ ପିତାମାତାଙ୍କ
ସଦୃଶ। ତୁମ୍ଭର ମାତା ଜଣେ ହିତ୍ତୀୟା ଓ ତୁମ୍ଭ ପିତା ଜଣେ
ଇମୋରୀୟ ଥିଲେ। **46**ଏବଂ ତୁମ୍ଭର ବଡ଼ ଭଉଣୀ ଶମରିୟା,
ସେ ଆପଣା କନ୍ୟାଗଣ ସହିତ ତୁମ୍ଭର ବାମ ଦିଗରେ ବାସ
କରେ। ଏବଂ ସଦୋମ ତୁମ୍ଭର ସାନ ଭଉଣୀ, ସେ ଓ
ତାହାର କନ୍ୟାଗଣ ତୁମ୍ଭର ଦକ୍ଷିଣ ଦିଗରେ ବାସ କରନ୍ତି।
**47**ତୁମ୍ଭେ କେବଳ ସେମାନଙ୍କର ଘୃଣ୍ୟ ପ୍ରଥାକୁ ଅନୁସରଣ
କଲ ନାହିଁ। କିନ୍ତୁ ସତେ ଯେପରି ଏହା ମନ୍ଦ ନୁହେଁ। ତୁମ୍ଭେ
ସେମାନଙ୍କ ଅପେକ୍ଷା ଅଧିକ ଭ୍ରଷ୍ଟାଚାର କରିଛ। **48**ମୋର
ସଦାପ୍ରଭୁ କହନ୍ତି, ମୁଁ ଜୀବିତ ଅଛି ଏବଂ ମୋର ଜୀବନର
ପ୍ରତିଜ୍ଞା କରି କହୁଅଛି, ତୁମ୍ଭର ଭଉଣୀ ସଦୋମ ଓ ତାହାର
କନ୍ୟାଗଣ ତୁମ୍ଭପରି ଓ ତୁମ୍ଭ କନ୍ୟାଗଣ ପରି କୁକର୍ମ କରି
ନାହାଁନ୍ତି।"

**49**ପରମେଶ୍ୱର କହନ୍ତି, "ତୁମ୍ଭର ଭଉଣୀ ସଦୋମ ଓ
ତାହାର ଭଉଣୀମାନେ ସେମାନଙ୍କର ଅହଂକାର ପାଇଁ ଦୋଷୀ
ହେଲେ। ଯଦିଓ ସେମାନଙ୍କର ଯଥେଷ୍ଟ ଖାଦ୍ୟ ଓ ସୌଭାଗ୍ୟ
ଜନିତ ଶାନ୍ତି ଥିଲେ ମଧ୍ୟ ସେମାନେ ଗରିବ ଓ ଅସହାୟ

ଲୋକଙ୍କୁ ସାହାଯ୍ୟ କରୁ ନ ଥିଲେ। 50ଏବଂ ସେମାନେ
ଅହଙ୍କାରଣୀ ଥିଲେ ଓ ମୁଁ ଯାହା ତିବ୍ର ଭାବରେ ଘୃଣା କରେ,
ସେମାନେ ତାହା କଲେ। ତେଣୁ ମୋ ଦୃଷ୍ଟିରେ ମୁଁ ସେମାନଙ୍କୁ
ଉଚତ୍ ଦଣ୍ଡ ଦେଲି।"

51ପରମେଶ୍ୱର କହଲେ, "ଶମରୟା ତୁମ୍ଭ ପାପସବୁର
ଅର୍ଦ୍ଧେକ ପାପ କର ନାହିଁ। ତୁମ୍ଭର ବ୍ୟବହାର ତା'(ସ୍ତ୍ରୀ)
ଅପେକ୍ଷା ଅଧିକ ଖରାପ, ଯେଉଁସବୁ ଘୃଣ୍ୟ କର୍ମ ତୁମ୍ଭର
ଭଉଣୀକୁ ଧାର୍ମିକ ଆବିର୍ଭାବ କରବା ପାଇଁ କଲ। 52ତେଣୁ
ବର୍ତ୍ତମାନ ତୁମ୍ଭର ପାପ ସହତ ଅପମାନକୁ ମଧ ବହନ କର।
ଯେଉଁଗୁଡାକ ସେମାନଙ୍କର ଅପେକ୍ଷା ଅଧିକ। ତୁମ୍ଭେ ତୁମ୍ଭର
ଭଉଣୀମାନଙ୍କୁ କଛି କ୍ଷମା କଲ ଯେଉଁମାନେ କ ତୁମ୍ଭ
ଅପେକ୍ଷା ବେଶୀ ଧାର୍ମିକ ଥିଲେ। ତେଣୁ ବର୍ତ୍ତମାନ ତୁମ୍ଭକୁ
ଧିକ୍। ତୁମ୍ଭର ଭଉଣୀମାନଙ୍କୁ ନ୍ୟାୟ୍ ଦେବା ସକାଶେ ଅପମାନ
ବହନ କର।"

53ପରମେଶ୍ୱର କହଲେ, "ମୁଁ ସଦୋମ ଓ ତାହାର
ଚତୁର୍ଦ୍ଦିଗସ୍ଥ କନ୍ୟାଗଣଙ୍କୁ ଓ ଶମରୟା ଏବଂ ତାହାର ଚତୁର୍ଦ୍ଦିଗସ୍ଥ
କନ୍ୟାଗଣଙ୍କୁ ବନାଶ କରବ। ଯିରୁଶାଲମ ମଧ ଧ୍ୱଂସ ହେବ।
କନ୍ତୁ ମୁଁ ସେହ ସମସ୍ତ ନଗର ଓ ଯିରୁଶାଲମକୁ ପୁନର୍ବାର
ନର୍ମାଣ କରବ। 54ତୁମ୍ଭର ଭଉଣୀମାନଙ୍କୁ ସାନ୍ତ୍ୱନା ଦେଇ
ତୁମ୍ଭେ ଯାହା କଲ, ସେଥିପାଇଁ ତୁମ୍ଭକୁ ହୁଏତ୍ ଅପମାନତ
ହେବାକୁ ଓ ଦୁଃଖିତ ହେବାକୁ ପଡବ। 55ତେଣୁ ତୁମ୍ଭର
ଭଉଣୀ ସଦୋମ ଓ ତାହାର କନ୍ୟାଗଣ, ଶମରୟା ଓ
ତାହାର କନ୍ୟାଗଣ ଏବଂ ତୁମ୍ଭେ ଓ ତୁମ୍ଭର କନ୍ୟାଗଣ
ପୁନଃନର୍ମିତ ହେବ ଅର୍ଥାତ୍ ତୁମ୍ଭର ପୂର୍ବ ଅବସ୍ଥାକୁ ଫେର
ଆସିବ।"

56ପରମେଶ୍ୱର କହଲେ, "ଅତୀତରେ ତୁମ୍ଭେ ତୁମ୍ଭର ଗର୍ବ
ହେତୁ ତୁମ୍ଭ ଭଗିନୀ ସଦୋମକୁ ପରହାସ କରୁଥିଲ। ମାତ୍ର
ଆଉ ତୁମ୍ଭେ ତାହା କରପାରବ ନାହିଁ। 57ସେ ସମୟରେ
ତୁମ୍ଭର ଦୁଷ୍ଟତା ପ୍ରକାଶ ପାଇ ଥିଲା। କନ୍ତୁ ବର୍ତ୍ତମାନ ଅରାମର
କନ୍ୟାଗଣ ତୁମ୍ଭକୁ ହୀନ କଲେ ଓ ତାହାର ଚତୁର୍ଦ୍ଦିଗସ୍ଥ
କନ୍ୟାଗଣ ଓ ପଲେଷ୍ଟୀୟମାନଙ୍କର କନ୍ୟାଗଣ ତୁମ୍ଭକୁ ତାଚ୍ଛଲ୍ୟ
କଲେ। 58ବର୍ତ୍ତମାନ ତୁମ୍ଭେ ତୁମ୍ଭର ଘୃଣ୍ୟ କ୍ରିୟା ଓ
ବ୍ୟଭିଚାରର ଭାର ବହନ କରବ।" ଏହା ସଦାପ୍ରଭୁ କହଛନ୍ତ।

59ଏଥିପାଇଁ ସଦାପ୍ରଭୁ, ମୋର ପ୍ରଭୁ ଯାହା କହନ୍ତ,
"ତୁମ୍ଭେ ଚୁକ୍ତ ଅବଜ୍ଞା କର ନୟମ ଯେପର ଭଗ୍ନ କରଅଛ,
ମୁଁ ସେହରୂପ ବ୍ୟବହାର କରବ। 60କନ୍ତୁ ତୁମ୍ଭ ସହତ
ଯୌବନାବସ୍ଥାରେ ମୁଁ ଯେଉଁ ଚୁକ୍ତ କରଥିଲ ତାହାକୁ ସ୍ମରଣ
କରବ ଓ ତୁମ୍ଭପ୍ରତି ମୁଁ ଚରଦନ ପାଇଁ ଏକ ନୟମକୁ
ସମର୍ଥନ କରବ। 61ସେ ସମୟରେ ତୁମ୍ଭେ ଯେତେବେଳେ
ଆପଣା ବଡ଼ ଓ ସାନ ଭଗିନୀଗଣଙ୍କୁ ଗ୍ରହଣ କରବ,
ସେତେବେଳେ ତୁମ୍ଭେ ନଜର ଚରତ୍ରହୀନତା ଯୋଗୁ ଲଜ୍ଜିତା
ହେବ। ମୁଁ ସେମାନଙ୍କୁ କନ୍ୟାରୂପେ ତୁମ୍ଭକୁ ଦେବ, କନ୍ତୁ
ତୁମ୍ଭର ଚୁକ୍ତ ଅନୁସାରେ ନୁହେଁ। 62ଏବଂ ମୁଁ ତୁମ୍ଭ ସହତ
ମୋର ନୟମକୁ ସମର୍ଥନ କରବ। ତହିଁରେ ଆମ୍ଭେ ଯେ
ସଦାପ୍ରଭୁ, ଏହା ତୁମ୍ଭେ ହୃଦ୍‌ବୋଧ କରବ। 63ତୁମ୍ଭେ ଯାହାସବୁ
କରଅଛ, ଯେତେବେଳେ ମୁଁ ସେସବୁକୁ ସଂଶୋଧନ କରଦେବ।
ସେତେବେଳେ ତୁମ୍ଭେ ସ୍ମରଣ କର ଲଜ୍ଜିତ ହେବ ଓ ନଜ
ଅପମାନ ହେତୁ ଆଉ କେବେ ଆପଣା ମୁଖ ଫିଟାଇବ
ନାହିଁ।" ଏହା ସଦାପ୍ରଭୁ, ମୋର ପ୍ରଭୁ କହନ୍ତ।

17 ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ମୋ ନକଟରେ
ଉପସ୍ଥିତ ହେଲା, ସେ କହଲେ, 2"ହେ ମନୁଷ୍ୟ
ପୁତ୍ର, ତୁମ୍ଭେ ଇସ୍ରାୟେଲର ପୁତ୍ରଗଣଙ୍କ ନମନ୍ତେ ଏକ ପ୍ରହେଳକା
ଉପସ୍ଥାପନ କର ଏବଂ ସେମାନଙ୍କୁ ଏକ ନୀତିକଥା କୁହ।
3ସେମାନଙ୍କୁ କୁହ,

ସଦାପ୍ରଭୁ ଏହ କଥା କହଛନ୍ତ, ଗୋଟିଏ ବଡ଼ ଉତ୍କ୍ରୋଶ
ପକ୍ଷୀ ଥିଲା, ତାହାର ପକ୍ଷ ବଡ଼ ଓ ପର ବହୁତ ଥିଲା ଓ
ଚତ୍ର ବଚତ୍ର ଲୋମରେ ପରପୂର୍ଣ୍ଣ। ଆଉ ଏହା ଲବାନୋନ୍‌କୁ
ଆସିଲା ଏବଂ ଏକ ବଡ ଏରସ୍ ବୃକ୍ଷର ଅଗ୍ରଭାଗରେ ବସିଲା।"

4ସେ ଏରସ ବୃକ୍ଷର ଅଗ୍ରଭାଗ ଭାଙ୍ଗିଲା, ଏବଂ ତାହାକୁ
କଣାନ ଦେଶକୁ ନେଇଗଲା। ସେଠାରେ ସେ ତାକୁ ବଣିକମାନଙ୍କର
ନଗରୀରେ ରଖିଲା।

5ଏବଂ ସେହ ପକ୍ଷୀ ସେ ଦେଶର ବୀଜ ନେଇ ଏକ
ଉର୍ବର ଭୂମିର କ୍ଷେତରେ ତାହା ରୋପଣ କଲା। ସେ ପ୍ରଚୁର
ଜଳରାଶିର ନକଟରେ ତାହା ରୋପଣ କଲା।

6ତା'ପରେ ତାହା ବଢି ଦ୍ରାକ୍ଷାଲତା ହେଲା। ଏହା ଏକ
ବସ୍ତୃତ ଅଞ୍ଚଳକୁ ବ୍ୟାପିଲା। ଏହାର ଶାଖାସବୁ ଓ ତହିଁର ମୂଳ
ବଢିଲା। ଏହ ପ୍ରକାରେ ତାହା ଦ୍ରାକ୍ଷାଲତା ହୋଇ ଶାଖା ବଶିଷ୍ଟ
ଓ ପଲ୍ଲବତ ହେଲା।

7କନ୍ତୁ ଆଉ ଗୋଟିଏ ବଡ ବଡ ଡେଣା ଥିବା ବୃହତ୍ ଓ
ଯଥେଷ୍ଟ ପର ବଶିଷ୍ଟ ଛଞ୍ଚାଣ ପକ୍ଷୀ, ବରାଟ ଉତ୍କ୍ରୋଶ ପକ୍ଷୀ
ସେହ ସ୍ଥାନକୁ ଆସିଲା। ଏହ ନୂତନ ପକ୍ଷୀର ଯତ୍ନ ପାଇବା
ସକାଶେ ସେହ ଦ୍ରାକ୍ଷାଲତାର ଚେର ତା' ଆଡକୁ ବସ୍ତାର
କଲା ଏବଂ ଏହାର ଶାଖାଗୁଡକ ପ୍ରସାରତ ହେଲା, ଯେଉଁଠାରେ
ଏହା ରୋପିତ ହୋଇଥିଲା ଏବଂ ପାଣି ଦ୍ୱାରା ସେଚତ
ହେଉଥିଲା।

8ସେହ ଦ୍ରାକ୍ଷାଲତା, ଯେପର ଶାଖା ବଶିଷ୍ଟ ଓ ଫଳବତୀ
ହୋଇ ଉତ୍ତମ ଦ୍ରାକ୍ଷାଲତା ହେବ, ଏଥିପାଇଁ ତାହା ଜଳରାଶିର
ନକଟସ୍ଥ ଉର୍ବର ଭୂମିରେ ରୋପିତ ହୋଇଥିଲା।"

9ତୁମ୍ଭେ କୁହ, ସଦାପ୍ରଭୁ, ମୋର ପ୍ରଭୁ ଏହକଥା କହନ୍ତ,
"ତାହା କ'ଣ ସଫଳ ହେବ? ଏହାର ଚେର ଛିଣ୍ଡି ଯିବନତ,
ଏବଂ ଏହାର ଫଳ ଝଡ଼ ଯିବନତ ଏବଂ ଶୁଖି ଯିବନତ?
ନୂତନ ଭାବରେ ପଲ୍ଲବତ ହେଉଥିବା ପତ୍ରସବୁ ଝାଉଁଳ ଯିବେ।
ଏହାକୁ ଉପାଡବା ପାଇଁ ବଳଶାଳୀ ସୈନ୍ୟବାହୀନକୁ ଓ
ଲୋକମାନଙ୍କୁ ଦରକାର ହେବ କ? ନା!

10ଆଉ ସେହ ଦ୍ରାକ୍ଷାଲତା ରୋପିତ କ୍ଷେତ୍ରରେ କ'ଣ ବୃଦ୍ଧି
ପାଇବ? ପୂର୍ବୀୟ ବାୟୁସ୍ପର୍ଶ କଲେ ତାହା ସମ୍ପୂର୍ଣ୍ଣ ରୂପେ ଶୁଷ୍କ
ହୋଇଯିବ। ବଢିବା କିଆରୀରେ ତାହା ଶୁଷ୍କ ହୋଇଯିବ।"

11ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନକଟରେ ଉପସ୍ଥିତ
ହେଲା। ସେ କହଲେ, 12"ତୁମ୍ଭେ ସେହ ବଦ୍ରୋହୀ ଜାତିକୁ
କୁହ, ଇସ୍ରାୟେଲ ତୁମ୍ଭେ କ'ଣ ଏ ସବୁର ତାତ୍ପର୍ଯ୍ୟ ଜାଣ
ନାହିଁ? ସେମାନଙ୍କୁ କୁହ, ଦେଖ, ବାବଲର ରାଜା ଯିରୁଶାଲମକୁ
ଆସି ତହିଁର ରାଜାଙ୍କୁ ଓ ତହିଁର ମୁଖ୍ୟଗଣଙ୍କୁ ଆପଣାର
ନ୍ୟାୟାଳୟ ବାବଲକୁ ନେଇଗଲା। 13ଏବଂ ସେ ଏକ ରାଜବଂଶ
ନେଇ ତାକୁ ଶପଥ କରାଇ ତା' ସହତ ଏକ ଚୁକ୍ତ କଲେ

ଏବଂ ସେ ମହତ୍ତ୍ୱପୂର୍ଣ୍ଣ ଲୋକମାନଙ୍କୁ ନେଇଗଲେ। **14**ତେଣୁ
ଯେପରି ଦେଶ ଦୁର୍ବଳ ହେବ ଓ ଉଠି ପାରିବ ନାହିଁ ଏବଂ
ତାଙ୍କର ନିୟମକୁ ବଞ୍ଚାଇ ରଖି ପାରନ୍ତି। **15**କିନ୍ତୁ ସେ
ବାବିଲର ରାଜା ବିରୁଦ୍ଧରେ ଗଲା। ସେ ତା'ର ବାର୍ତ୍ତାବହମାନଙ୍କୁ,
ଅଶ୍ୱ ଓ ସୈନ୍ୟ ସାହାଯ୍ୟ ପାଇବା ନିମନ୍ତେ ମିଶରକୁ
ପଠାଇଲା, ସେ କ'ଣ କୃତକାର୍ଯ୍ୟ ହେବ? ଯିଏ ଏପରି
କର୍ମସବୁ କରେ, ସେ କ'ଣ ରକ୍ଷା ପାଇବ? ଆଉ ସେ ଚୁକ୍ତି
ଲଙ୍ଘନ କରି କ'ଣ ଦଣ୍ଡ ପାଇବ ନାହିଁ?"

**16**ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହନ୍ତି, "ମୁଁ ଜୀବିତ
ଥିବା ପ୍ରମାଣେ ରାଜା ବାବିଲରେ ମୃତ୍ୟୁବରଣ କରିବ, ଯେହେତୁ
ସେ ରାଜା ବିରୁଦ୍ଧରେ ବିଦ୍ରୋହ କଲା, ଯିଏ ତାକୁ ସିଂହାସନରେ
ସ୍ଥାପନ କରିଥିଲେ, ସେ ତାଙ୍କ ସହିତ କରିଥିବା ପ୍ରତିଜ୍ଞା
ଭଙ୍ଗ କଲେ। **17**ଏବଂ ଫାରୋ ତାଙ୍କର ମହାନ ଶକ୍ତି ଓ
ଶକ୍ତିଶାଳୀ ସୈନ୍ୟବାହୀନି ତାଙ୍କୁ ଯୁଦ୍ଧରେ ସାହାଯ୍ୟ କରିବେ
ନାହିଁ। ଯେତେବେଳେ ସେମାନେ କଚ୍ଚା ରାସ୍ତା ଓ ଦୁର୍ଗ
ନିର୍ମାଣ କରିବେ, ବହୁତ ଲୋକେ ହତ୍ୟା ହେବେ। **18**କିନ୍ତୁ
ସେ ରକ୍ଷା ପାଇବ ନାହିଁ। କାରଣ ସେ ଚୁକ୍ତି ଭଙ୍ଗ କରି
ଶପଥ ତୁଚ୍ଛ କରିଅଛି। ସେ ଏସବୁ କରିଅଛି ଏବଂ ଦଣ୍ଡରୁ
ପଳାଇ ଯାଇପାରିବ ନାହିଁ।" **19**ତେଣୁ ମୋର ପ୍ରଭୁ ସଦାପ୍ରଭୁ
ଏହିକଥା କହନ୍ତି, "ସେ ଆମ୍ଭର ଯେଉଁ ଶପଥ ଭଙ୍ଗ କରିଅଛି
ଓ ଆମ୍ଭର ଯେଉଁ ଚୁକ୍ତି ଭଙ୍ଗ କରିଅଛି ଆମ୍ଭେ ଜୀବିତ ଥିବା
ପ୍ରମାଣେ ନିଶ୍ଚୟ ତା'ର ପ୍ରତିଫଳ ତାହାର ମସ୍ତକରେ ରଖିବା।
**20**ମୁଁ ମୋର ଜାଲ ବିଛାଇବି ଓ ତାକୁ ଫାଶରେ ପକାଇ
ବାବିଲକୁ ନେଇଯିବି ଏବଂ ମୁଁ ସେଠାରେ ତା'ର ବିଚାର
କରିବି। କାରଣ ସେ ମୋ ପ୍ରତି ଅବିଶ୍ୱସ୍ତ ଥିଲା। **21**ଏବଂ
ତା'ର ସମସ୍ତ ସୈନ୍ୟ ଖଡ୍ଗ ଦ୍ୱାରା ହତ ହେବେ ଯେତେବେଳେ
ସେମାନେ ଦୌଡି ପଳାଇବେ ଏବଂ ଯେ କେହି ବଞ୍ଚିବେ ମୁଁ
ପବନରେ ଛିନ୍ନଛତ୍ର କରିବି।" ମୁଁ ସଦାପ୍ରଭୁ ଏବଂ ମୁଁ ଏହିସବୁ
କହିଅଛି।

**22**ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହିଛନ୍ତି, "ମୁଁ ନିଜେ
ଏରସ ବୃକ୍ଷର ଅଗ୍ରଭାଗକୁ ନେଇଯିବି ଓ ତା'ର କୋମଳ
ଅଗ୍ରଭାଗକୁ କାଟିବି ଏବଂ ଏହାକୁ ପର୍ବତର ଶୀର୍ଷରେ ରୋପଣ
କରିବି।

**23**ମୁଁ ସ୍ୱୟଂ ଇଶ୍ରାୟେଲର ଉଚ୍ଚତମ ପର୍ବତରେ ସେହି
ଅଗ୍ରଭାଗକୁ ରୋପଣ କରିବି। ତହିଁରେ ସେହି ଅଗ୍ରଭାଗ ବଢିବ
ଏବଂ ଏକ ଶାଖାବିଶିଷ୍ଟ ବୃକ୍ଷ ହେବ ଏବଂ ଏଥିରେ ଫଳ
ଫଳିବ। ଏହା ଏକ ସୁନ୍ଦର ଏରସ ବୃକ୍ଷ ହେବ। ତହିଁରେ
ସବୁ ଜାତିର ପକ୍ଷୀମାନେ ବସା କରିବେ। ଆଉ
ମଧ୍ୟ ସେମାନେ ତାହାର ଶାଖାଗୁଡ଼ିକର ଛାୟାରେ ବାସ
କରିବେ।

**24**"ତାହାହେଲେ କ୍ଷେତ୍ରସ୍ଥ ସମସ୍ତ ବୃକ୍ଷ ଜାଣିବେ ଯେ, ମୁଁ
ଉଚ୍ଚବୃକ୍ଷକୁ ନୀଚ କରିପାରେ ଓ ନୀଚ ବୃକ୍ଷକୁ ଉଚ୍ଚ
କରିପାରେ। ପୁଣି ସତେଜ ବୃକ୍ଷକୁ ଶୁଷ୍କ କରିପାରେ ଓ ଶୁଷ୍କ
ବୃକ୍ଷକୁ ସତେଜ କରିପାରେ। ମୁଁ ସଦାପ୍ରଭୁ ଏହା କହିଅଛି ଓ
ମୁଁ ଏହା କରିବି।"

**18** ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, **2**"ତୁମ୍ଭେମାନେ ଇଶ୍ରାୟେଲ
ଦେଶ ବିଷୟରେ ଯେତେବେଳେ ଏହି ପ୍ରବାଦଟି ବ୍ୟବହାର
କର ଏହାର ଅର୍ଥ କଣ?

ପିତାଗଣ ଅଙ୍ଗୁର ଖାଇଲେ ଏବଂ ସେମାନଙ୍କର ପୁତ୍ରମାନଙ୍କର
ଦାନ୍ତ ଯନ୍ତ୍ରଣା କରେ।

**3**କିନ୍ତୁ ସଦାପ୍ରଭୁ, ମୋର ପ୍ରଭୁ କହନ୍ତି, "ମୁଁ ଜୀବିତ ଥିବା
ଯାଏ ତୁମ୍ଭେମାନେ ଇଶ୍ରାୟେଲ ମଧ୍ୟରେ ଏହି ପ୍ରବାଦକୁ ଆଉ
ବ୍ୟବହାର କରିପାରିବ ନାହିଁ। **4**ଆଉ ସମସ୍ତଙ୍କର ଜୀବନ
ମୋର ଅଟେ। ପିତାର ପ୍ରାଣ ଯେପରି ପୁତ୍ରର ପ୍ରାଣ ମଧ୍ୟ
ସେପରି। ଏବଂ ଯେଉଁ ବ୍ୟକ୍ତି ପାପ କରେ ସେ ମରିବ।

**5**"ଯଦି ଜଣେ ମନୁଷ୍ୟ ଧାର୍ମିକ ହୁଏ, ତେବେ ନ୍ୟାୟ ଓ
ଯଥାର୍ଥ କରେ। **6**ଏବଂ ସେ ପର୍ବତଗୁଡ଼ିକ ଉପରେ ଦିଆଯାଇଥିବା
ବଳି ଭୋଜନ କରେ ନାହିଁ ଏବଂ ଇଶ୍ରାୟେଲ ପ୍ରତିମାଗଣ
ପ୍ରତି ଦୃଷ୍ଟିପାତ କରେ ନାହିଁ। ଆପଣା ପ୍ରତିବେଶୀର ସ୍ତ୍ରୀ ପ୍ରତି
ପାପ କରି ନାହିଁ କିମ୍ୱା ନିଜ ସ୍ତ୍ରୀର ରଜସ୍ୱଳା ସମୟରେ ତା'
ସହିତ ସହବାସ କରିନାହିଁ। **7**ସେ କାହାରି ପ୍ରତି ଅନ୍ୟାୟ
କରି ନାହିଁ। ଆଉ ସେ ଋଣଗ୍ରହୀତାକୁ ତା'ର ବନ୍ଧକ
ଫେରାଇ ଦେଇଛି। ସେ କାହାରି କିଛି ଚୋରି କରି ନାହିଁ।
ସେ ଆପଣାର ଭକ୍ଷ୍ୟ ଦ୍ରବ୍ୟକୁ କ୍ଷୁଧାର୍ତ୍ତଙ୍କୁ ଦେଇଅଛି ଓ
ଉଲଗ୍ନ ଲୋକକୁ ବସ୍ତ୍ର ଦେଇଅଛି। **8**ସେ ଋଣ ଦେଇ ସୁଧ
ନେଇ ନାହିଁ କିମ୍ୱା ସୁଧ ଦାବି କରି ନାହିଁ। ସେ ମନ୍ଦରୁ
ଦୂରରେ ରହେ ଏବଂ ସମସ୍ତଙ୍କୁ ଉତ୍ତମ ବ୍ୟବହାର କରେ।
**9**ସେ ମୋ ନିୟମାନୁସାରେ ଜୀବନ ଧାରଣ କରେ ଏବଂ ମୋ
ନିୟମ ଅନୁସାରେ ଯାହା ଯଥାର୍ଥ ତାହା ଅନୁସରଣ କରେ।
ସଦାପ୍ରଭୁ, ମୋର ପ୍ରଭୁ କହନ୍ତି, ସେହି ମନୁଷ୍ୟ ଧାର୍ମିକ
ଅଟେ, ସେ ନିଶ୍ଚିତଭାବରେ ବଞ୍ଚିବ।

**10**"ଏବଂ ଯଦି ସେହି ଧାର୍ମିକ ବ୍ୟକ୍ତିର ପୁତ୍ର ଡକାୟତି ଓ
ରକ୍ତପାତ ଓ ଏଥିମଧ୍ୟରୁ ଅନୁସରଣ କରେ। **11**ଯଦିଓ ତା'ର
ବାପା ଏଗୁଡିକ ମଧ୍ୟରୁ କୌଣସିଟି କଲା ନାହିଁ। ପର୍ବତ
ଉପରେ ମୂର୍ତ୍ତିଗୁଡିକୁ ଉତ୍ସର୍ଗ କରାଯାଇଥିବା ଜିନିଷ ଖାଆନ୍ତି
ଏବଂ ଆପଣ ପ୍ରତିବେଶୀର ସ୍ତ୍ରୀ ସହିତ ବ୍ୟଭିଚାର କରେ,
**12**ଏବଂ ସେ ଯଦି ଦରିଦ୍ର ଧନହୀନ ପ୍ରତି ଅନ୍ୟାୟ କରେ,
ଚୋରି କରେ ଓ ବନ୍ଧକ ଦ୍ରବ୍ୟ ଫେରାଏ ନାହିଁ ଓ
ପ୍ରତିମାଗଣ ପ୍ରତି ଦୃଷ୍ଟିପାତ କରେ। **13**ଏବଂ ଘୃଣ୍ୟ କର୍ମ
କରେ, ଋଣ ଦେଇ ସୁଧ ଆଦାୟ କରେ, ସେ ବଞ୍ଚିବ କି?
ନିଶ୍ଚିତ ଭାବରେ ନୁହେଁ। ସେ ନିଶ୍ଚିତ ଭାବରେ ମରିବ କାରଣ
ସେ ସବୁ ଘୃଣ୍ୟ କାର୍ଯ୍ୟ କରେ। ଏବଂ ସେ ତା'ର ନିଜର
ମୃତ୍ୟୁ ପାଇଁ ଦାୟୀ ରହିବ।

**14**"ଏବଂ କୁହି ତା'ର ମଧ୍ୟ ଗୋଟିଏ ପୁତ୍ର ଅଛି, ଯିଏକି
ତା'ର ପିତା କରିଥିବା ସମସ୍ତ ପାପ ଦେଖେ ଏବଂ ଯଦିଓ
ସେ ସେଗୁଡିକୁ ଦେଖେ ସେ ଠିକ୍ ସେହିପରି କାର୍ଯ୍ୟ କରେ
ନାହିଁ। **15**ସେ ପର୍ବତ ଉପରେ ମୂର୍ତ୍ତିଗୁଡିକ ପାଖରେ ଉତ୍ସର୍ଗ
ହୋଇଥିବା ଦ୍ରବ୍ୟ ଖାଏ ନାହିଁ ଓ ଇଶ୍ରାୟେଲର ମୂର୍ତ୍ତିଗୁଡିକ
ପ୍ରତି ଦୃଷ୍ଟିପାତ କରେ ନାହିଁ କିମ୍ୱା ଆପଣା ପ୍ରତିବେଶୀ ସ୍ତ୍ରୀ
ସହିତ ବ୍ୟଭିଚାର କରେ ନାହିଁ। **16**ସେ ଲୋକଙ୍କ ପ୍ରତି
ଅନ୍ୟାୟ ଆଚରଣ କରେ ନାହିଁ, କୌଣସି ବନ୍ଧକ ଦ୍ରବ୍ୟ
ଗ୍ରହଣ କରେ ନାହିଁ, ଚୋରି କରେ ନାହିଁ କିନ୍ତୁ କ୍ଷୁଧାର୍ତ୍ତଙ୍କୁ
ନିଜର ଖାଦ୍ୟ ପ୍ରଦାନ କରେ ଓ ଉଲଗ୍ନଙ୍କୁ ବସ୍ତ୍ର ଦିଏ।

17ସେ ଦୀନଦରିଦ୍ରକୁ ସାହାଯ୍ୟ କରେ, ସୁଧ ନ ନେଇ
ଲୋକଙ୍କୁ ସେ ଯଦି ଋଣ ଦିଏ, ଆଉ ଆମ୍ଭର ଶାସନ ସକଳ
ବିଧି ଅନୁସରଣ କରେ ଓ ମୋର ନୀତି ନିୟମ ଅନୁସାରେ
ଜୀବନ ଧାରଣ କରେ, ସେ ଆପଣା ପିତାର ପାପ ସକାଶେ
ମରିବ ନାହିଁ, ସେ ନିଶ୍ଚୟ ବଞ୍ଚିବ। 18ତା'ର ପିତା, କାରଣ
ସେ ତାଙ୍କର ନିଜ ଲୋକମାନଙ୍କ ମଧ୍ୟରୁ ଜଣେ ଭାଇ ପ୍ରତି
ଅତ୍ୟାଚାର କଲା ଓ ତା'ଠାରୁ ଚୋରି କରେ କାରଣ ସେ,
ଯାହା ସମାଜରେ ଭଲ ତାହା କଲା ନାହିଁ। ତା'ର ଦୋଷ
କାରଣରୁ ସେ ମୃତ୍ୟୁବରଣ କରିବ।

19"କିନ୍ତୁ ତୁମ୍ଭେ ପଚାରୁଛ, 'ପିତାର ପାପର ଦଣ୍ଡ ତା'ର
ପୁତ୍ର କାହିଁକି ବହନ ନ କରିବ?' କାରଣ ଯାହା ନ୍ୟାୟ ଓ
ଯଥାର୍ଥ ସେ କରେ ଏବଂ ମୋ ନିୟମ ମାନେ ଓ ପ୍ରୟୋଗ
କରେ। ସେ ନିଶ୍ଚୟ ଭାବରେ ବଞ୍ଚିବ। 20କେବଳ ପାପୀମାନେ
ମୃତ୍ୟୁବରଣ କରିବେ। ପୁତ୍ର ପିତାର ପାପର ଦଣ୍ଡସବୁ ବହନ
କରିବ ନାହିଁ କିମ୍ବା ପିତା ପୁତ୍ରର ପାପର ଦଣ୍ଡସବୁ ବହନ
କରିବ ନାହିଁ। ଜଣେ ଧାର୍ମିକ ବ୍ୟକ୍ତିର ଧାର୍ମିକତା ହିସାବ
କରାଯିବ ଓ ଦୁଷ୍ଟର ଦୁଷ୍ଟତା ହିସାବ କରାଯିବ।

21"ଏବଂ ଦୁଷ୍ଟ ଲୋକ ଯେବେ ପାପ ପଥରୁ ବିରତ
ହୁଏ, ମୋର ବିଧି ସକଳ ପାଳନ କରେ ଓ ନ୍ୟାୟ ଏବଂ
ଧର୍ମାଚରଣ କରେ ତେବେ ସେ ନିଶ୍ଚୟ ବଞ୍ଚିବ, ସେ ମରିବ
ନାହିଁ। 22ତା'ର କୌଣସି ପାପ ସ୍ମରଣ କରାଯିବ ନାହିଁ। ସେ
ତା'ର ଧାର୍ମିକତା ଯୋଗୁ ବଞ୍ଚିବ।"

23ସଦାପ୍ରଭୁ ମୋର ପ୍ରଭୁ କହନ୍ତି, "ଦୁଷ୍ଟର ମରଣରେ
ଆମ୍ଭର ସନ୍ତୋଷ ନଥାଏ। ବରଂ ସେ ଆପଣା କୁପଥରୁ ଫେରି
ବଞ୍ଚୁ, ଏଥିରେ ଆମ୍ଭର ସନ୍ତୋଷ ରହିଛି।

24"କିନ୍ତୁ ଯଦି ଜଣେ ଧାର୍ମିକ ବ୍ୟକ୍ତି ତା'ର ଧାର୍ମିକତାରୁ
ବିରତ ହୁଏ ଏବଂ ଦୁଷ୍ଟ ଲୋକର ସମସ୍ତ ଜଘନ୍ୟ କାର୍ଯ୍ୟ
କରେ, ସେ ବଞ୍ଚିବ କି? ତା'ର (ଆଗରୁ କରିଥିବା)
ଧାର୍ମିକତା କାର୍ଯ୍ୟ ସବୁ ହିସାବକୁ ନିଆଯିବ ନାହିଁ। ତା'ର
ବର୍ତ୍ତମାନର ପାପ ଯୋଗୁଁ ସେ ନିଶ୍ଚିତ ଭାବରେ ମରିବ।"

25"କିନ୍ତୁ ତୁମ୍ଭେ କୁହ, 'ସଦାପ୍ରଭୁ ନ୍ୟାୟପୂର୍ଣ୍ଣ ନୁହନ୍ତି।'
ହେ ଇଶ୍ରାୟେଲର ପୁତ୍ରଗଣ, ଶୁଣ, ମୁଁ ନ୍ୟାୟ ଅଟେ। କିନ୍ତୁ
ତୁମ୍ଭମାନେ ଯିଏ ନ୍ୟାୟ ନୁହଁ। 26ଯଦି ଜଣେ ଧାର୍ମିକ ଲୋକ
ତା'ର ଧର୍ମାଚରଣରୁ ବିରତ ହୁଏ ଏବଂ ଯାହା ମନ୍ଦ ତାହା
କରେ, ସେ ଏହି କାରଣରୁ ମରିବ। 27ଦୁଷ୍ଟଲୋକ ଯେତେବେଳେ
ନିଜ ଦୁଷ୍ଟତାରୁ ବିରତ ହୋଇ ନ୍ୟାୟ ଓ ଧର୍ମାଚରଣ କରେ
ସେତେବେଳେ ସେ ନିଜର ଜୀବନ ରକ୍ଷା କରିବ ଓ ବଞ୍ଚିବ।
28ସେ ତା'ର ମନ୍ଦ ଆଚରଣକୁ ବିବେଚନା କରେ ଏବଂ
ଦୋଷ କରିବା ବନ୍ଦ କରେ, ଯାହା କରିବାରେ ସେ ଅଭ୍ୟସ୍ତ
ଥାଏ। ତେବେ ସେ ବଞ୍ଚିବ, ସେ ମୃତ୍ୟୁବରଣ କରିବ ନାହିଁ।"

29କିନ୍ତୁ ଇଶ୍ରାୟେଲର ଲୋକମାନେ କହନ୍ତି, "ସଦାପ୍ରଭୁ
ନ୍ୟାୟପୂର୍ଣ୍ଣ ନୁହନ୍ତି।"

ପରମେଶ୍ୱର କହନ୍ତି, "ମୁଁ ନ୍ୟାୟପୂର୍ଣ୍ଣ ଅଟେ! ହେ
ଇଶ୍ରାୟେଲର ଲୋକମାନେ, ତୁମ୍ଭେମାନେ ଯଥାର୍ଥ ନୁହଁ।

30ତେଣୁ ହେ ଇଶ୍ରାୟେଲର ଲୋକମାନେ, ମୁଁ ତୁମ୍ଭମାନଙ୍କ
ମଧ୍ୟରୁ ପ୍ରତ୍ୟେକର ଆଚରଣ ବ୍ୟବହାରାନୁସାରେ ବିଚାର କରିବା।"
ଏହା ସଦାପ୍ରଭୁ, ମୋର ପ୍ରଭୁ କହନ୍ତି। ଆଉ "ତୁମ୍ଭେମାନେ
ଆମ୍ଭ ନିକଟକୁ ଫେରିଆସ ଓ ନିଜର ସମସ୍ତ ଅପରାଧରୁ
ବିମୁଖ ହୁଅ। ତାହାହେଲେ ପାପ ତୁମ୍ଭମାନଙ୍କର ବିନାଶର
କାରଣ ହେବ ନାହିଁ। 31ତୁମ୍ଭେମାନେ ତୁମ୍ଭମାନଙ୍କର ସମସ୍ତ
ପାପ ଦୂର କରିଦିଅ। ନିଜର ଅନ୍ତଃକରଣ ଓ ଆତ୍ମାକୁ ନୂତନ
ଭାବରେ ପ୍ରସ୍ତୁତ କର। ଆଉ ହେ ଇଶ୍ରାୟେଲ ବଂଶ,
ତୁମ୍ଭେମାନେ ନିଜେ ତୁମ୍ଭମାନଙ୍କର ମୃତ୍ୟୁର କାରଣ ହୁଅ
ନାହିଁ। 32ଆମ୍ଭେ ତୁମ୍ଭର ମୃତ୍ୟୁ ଚାହୁଁ ନାହୁଁ, ଏଣୁ ଆମ୍ଭ
ନିକଟକୁ ଫେରିଆସ ଓ ବଞ୍ଚି ରୁହ।" ଏହା ମୋର ପ୍ରଭୁ
ସଦାପ୍ରଭୁ କହନ୍ତି।

19 ଅନନ୍ତର ପରମେଶ୍ୱର ମୋତେ କହିଲେ, "ତୁମ୍ଭେ
ଇଶ୍ରାୟେଲ ଅଧିପତିମାନଙ୍କ ବିଷୟରେ ଏହି ଦୁଃଖ
ସଙ୍ଗୀତ ଗାନ କର।

2"'ତୁମ୍ଭର ମାଆ ଗୋଟିଏ ସିଂହୀ ପରି ଥିଲା ଓ ସିଂହଗଣ
ମଧ୍ୟରେ ଶୟନ କଲା। ସେ ପୁଣି ଯୁବା ସିଂହଗଣ ମଧ୍ୟରେ
ଶୟନ କରି ଅନେକ ଛୁଆ ପ୍ରତିପାଳନ କଲା।

3ସେହି ପ୍ରତିପାଳିତ ଛୁଆମାନଙ୍କ ମଧ୍ୟରୁ ଗୋଟିଏ ଛୁଆ
ଯୁବା ସିଂହ ହେଲା। ସେ ମୃଗୟା କରିବା ଶିଖିଲା ଓ ସେ
ମନୁଷ୍ୟମାନଙ୍କୁ ଗ୍ରାସ କଲା।

4ନାନା ଦେଶୀୟମାନେ ତାହା ବିଷୟରେ ଶୁଣିଲେ ଓ
ସେମାନେ ତାକୁ ଯନ୍ତାରେ ଧରିଲେ। ସେମାନେ ତା' ପାଟିରେ
ଆଙ୍କୁଶ ଦେଇ ତାହାକୁ ମିଶରକୁ ଆଣିଲେ।

5"'ତା'ର ମାଆ ଆଶା କରିଥିଲା ସେହି ଯୁବା ସିଂହ
ଅଧିପତି ହେବ, ମାତ୍ର ତା'ର ସେ ଆଶା ବିଫଳ ହେଲା।
ତେଣୁ ସେ ଆପଣା ଛୁଆମାନଙ୍କ ମଧ୍ୟରୁ ଆଉ ଗୋଟିକୁ
ନେଇ ତାକୁ ଯୁବାସିଂହ କଲା।

6ପୁଣି ସେ ଅନ୍ୟ ସିଂହମାନଙ୍କ ସହିତ ବିଚରଣ କରି
ଯୁବା ସିଂହ ହୋଇ ଉଠିଲା। ସେ ମୃଗୟା କରିବା ଶିଖିଲା ଓ
ମନୁଷ୍ୟମାନଙ୍କୁ ଗ୍ରାସ କଲା।

7ସେ ସେମାନଙ୍କର ଅଟ୍ଟାଳିକାସବୁ ଆକ୍ରମଣ କଲା ଓ
ସେମାନଙ୍କର ନଗରସବୁ ଧ୍ୱଂସ କଲା। ଆଉ ତାହାର ଗର୍ଜ୍ଜନ
ଶବ୍ଦ ଶୁଣି ଦେଶର ପ୍ରତ୍ୟେକ ଭୟଭୀତ ହୋଇ ପଡ଼ିଲେ।

8ତାହାର ଚତୁର୍ଦ୍ଦିଗରେ ବାସ କରୁଥିବା ଦେଶବାସୀମାନେ
ତା' ବିରୁଦ୍ଧରେ ଏକ ଜାଲ ବିଛାଇଲେ ଓ ସେହି ଜାଲରେ
ତାକୁ ଧରିଲେ।

9ଆଉ ସେମାନେ ତାକୁ ଆଙ୍କୁଶ ଦ୍ୱାରା ପିଞ୍ଜରାରେ ରଖି
ବାବିଲ ରାଜା ନିକଟକୁ ନେଇଗଲେ। ଇଶ୍ରାୟେଲର ପର୍ବତ
ସମୂହର ତାହାର ହୁଙ୍କାର ଶବ୍ଦ ଆଉ ଶୁଣା ନଯାଉ, ଏଥିପାଇଁ
ସେମାନେ ତାହାକୁ ଦୃଢ଼ ଗଡ଼ମଧ୍ୟକୁ ନେଇଗଲେ।

10"'ତୁମ୍ଭର ମାତା ଜଳରାଶି ନିକଟରେ ରୋପିତ ଦ୍ରାକ୍ଷାଲତା
ସ୍ୱରୂପ ଥିଲା। ଅଗାଧ ଜଳ ଯୋଗୁଁ ସେ ଫଳବତୀ ଓ
ଶାଖାରେ ପରିପୂର୍ଣ୍ଣ ଥିଲା।

11ରାଜଦଣ୍ଡ ହେବା ନିମନ୍ତେ ତାହାର ଶାଖା ସବୁ ଦୃଢ଼
ହୋଇଥିଲା। ଗହଳ ପତ୍ରଯୁକ୍ତ ହୋଇ ସେ ସବୁ ଦୀର୍ଘତାରେ
ବହୁ ଉଚ୍ଚ ହେଲା। ଆଉ ଉଚ୍ଚତାରେ ତାହା ମେଘକୁ ସ୍ପର୍ଶ
କଲା।

12ମାତ୍ର ତାହା କୋପରେ ଉତ୍ପାଟିତ ହୋଇ ଭୂମିରେ
ନିକ୍ଷିପ୍ତ ହେଲା ଓ ପୂର୍ବୀୟ ପବନ ତାହାର ଫଳକୁ ଶୁଷ୍କ କଲା।

ତାହାର ଦୃଢ ଶାଖାସବୁ ଭଗ୍ନ ଓ ଶୁଷ୍କ ହୋଇଗଲା। ଅଗ୍ନି ସେ
ସବୁକୁ ଗ୍ରାସ କଲା।
13ବର୍ତ୍ତମାନ ପୁଣି ସେହି ଦ୍ରାକ୍ଷାଲତା ନିର୍ଜଳ ଓ ଶୁଷ୍କ
ଭୂମିରେ ରୋପିତ ହୋଇଅଛି।
14ତାହାର ଏକ ବୃହତ୍ ଶାଖାରୁ ଅଗ୍ନି ନିର୍ଗତ ହୋଇ
ସେହି ଦ୍ରାକ୍ଷାଲତାକୁ ଓ ତାହାର ଫଳକୁ ଗ୍ରାସ କରିଅଛି। ଏଣୁ
ରାଜଦଣ୍ଡ ପାଇଁ ତାହାର ଗୋଟିଏ ହେଲେ ଦୃଢ ଶାଖା ନାହିଁ।’
ଏହା ବିଳାପର ବିଷୟ ଅଟେ ଓ ବିଳାପଜନକ ହେବ।”

20 ଅନନ୍ତର ସପ୍ତମ ବର୍ଷର ପଞ୍ଚମ ମାସର ଦଶମ
ଦିନରେ ଇଶ୍ରାୟେଲ ବଂଶୀୟ ପ୍ରାଚୀନବର୍ଗଙ୍କ ମଧ୍ୟରୁ
କେତେ ଜଣ ସଦାପ୍ରଭୁଙ୍କ ପରାମର୍ଶ ନିମନ୍ତେ ଆସି ମୋ
ସମ୍ମୁଖରେ ବସିଲେ।
2ସେହି ସମୟରେ ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା। ସେ କହିଲେ, 3“ହେ ମନୁଷ୍ୟ ପୁତ୍ର, ତୁମ୍ଭେ
ଇଶ୍ରାୟେଲ ପ୍ରାଚୀନବର୍ଗଙ୍କୁ କୁହ, ‘ସଦାପ୍ରଭୁ, ମୋର ପ୍ରଭୁ
ଏହିକଥା କହନ୍ତି, ତେଣୁ ତୁମ୍ଭେମାନେ ମୋ ବିଷୟରେ
ତଦାରଖ କରିବାକୁ ଆସିଅଛ? ମୁଁ ଜୀବିତ ଥିବା ପର୍ଯ୍ୟନ୍ତ
ତୁମ୍ଭମାନଙ୍କୁ କିଛି ପଚାରିବାକୁ ଦେବ ନାହିଁ।’ 4ହେ ମନୁଷ୍ୟ
ପୁତ୍ର, ତୁମ୍ଭେ କ’ଣ ସେମାଙ୍କର ବିଚାର କରିବ? ସେମାନଙ୍କର
ପିତୃପୁରୁଷମାନଙ୍କର ଘୃଣାଯୋଗ୍ୟ କ୍ରିୟାସବୁ ସେମାନଙ୍କୁ ଜ୍ଞାତ
କରାଅ। 5ଏବଂ ସେମାନଙ୍କୁ କୁହ, ‘ସଦାପ୍ରଭୁ, ମୋର ପ୍ରଭୁ
ଏହି କଥା କହୁଛନ୍ତି, ମୁଁ ଯେତେବେଳେ ଇଶ୍ରାୟେଲକୁ
ମନୋନୀତ କଲି ଓ ଯାକୁବର ପୁତ୍ରମାନଙ୍କ ଉପରେ ଆପଣା
ହସ୍ତ ବିସ୍ତାର କଲି ଏବଂ ମିଶରରେ ସେମାନଙ୍କ ନିକଟରେ
ନିଜକୁ ପରିଚିତ କରାଇଲି, ମୁଁ ସେମାନଙ୍କ ଉପରେ ହସ୍ତ
ବିସ୍ତାର କଲି ଏବଂ ସେମାନଙ୍କ ପକ୍ଷରେ କହିଲି, “ମୁଁ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଅଟେ। 6ସେହିଦିନ ମୁଁ
ସେମାନଙ୍କୁ ମିଶର ଦେଶରୁ ବାହାର କରି ଆଣିଲି ଓ
ସେମାନଙ୍କୁ ଏପରି ଏକ ଦେଶକୁ ନେଇଗଲି ଯେଉଁଠାରେ
ଦୁଗ୍ଧମଧୁ ପ୍ରଚୁର ଥିଲା ଓ ଯେଉଁ ଦେଶ ସମସ୍ତ ଦେଶ
ମଧ୍ୟରେ ଗୌରବମୟ ଥିଲା।
7“ଏବଂ ମୁଁ ସେମାନଙ୍କୁ କହିଲି, ତୁମ୍ଭେମାନେ ଦେଖୁଥିବା
ଘୃଣ୍ୟ ଛବିଗୁଡିକରୁ ମୁକ୍ତ ପାଅ ଏବଂ ମିଶରୀୟମାନଙ୍କ ମୂର୍ତ୍ତି
ଦ୍ୱାରା ତୁମ୍ଭେମାନେ ନିଜକୁ ଅପବିତ୍ର କର ନାହିଁ। ମୁଁ
ତୁମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱର ଅଟେ।” 8କିନ୍ତୁ ସେମାନେ
ମୋର ବିରୁଦ୍ଧାଚରଣ କଲେ ଓ ମୋ କଥା ଶୁଣିଲେ ନାହିଁ।
ସେମାନେ ପ୍ରତ୍ୟେକ ନିଜ ଦୃଷ୍ଟି ସମ୍ମୁଖରୁ ଘୃଣ୍ୟ ଛବିଗୁଡିକ
ଦୂର କଲେ ନାହିଁ, ମିଶରୀୟ ପ୍ରତିମାମାନଙ୍କୁ ପରିତ୍ୟାଗ କଲେ
ନାହିଁ। ତେଣୁ ମୁଁ ମିଶର ଦେଶ ମଧ୍ୟରେ ସେମାନଙ୍କୁ ଧ୍ୱଂସ
କରିବାକୁ ସେମାନଙ୍କ ପ୍ରତିକୂଳରେ ଆପଣା କୋପ ଢାଳିଲି।
9କିନ୍ତୁ ମୁଁ ସେମାନଙ୍କୁ ଧ୍ୱଂସ କଲି ନାହିଁ। କାରଣ ସେମାନଙ୍କ
ସହିତ ଥିବା ଲୋକମାନଙ୍କ ମଧ୍ୟରେ ମୋର ନାମକୁ କଳୁଷିତ
କରିବା ପାଇଁ ମୋତେ ଭଲ ଲାଗିଲା ନାହିଁ, କାରଣ
ଯେତେବେଳେ ସମସ୍ତ ଦେଶଗଣ ଦେଖୁଥିଲେ, ସେମାନଙ୍କୁ
ମିଶରରୁ ବାହାର କରି ଆଣିବା ଦ୍ୱାରା ମୁଁ ଇଶ୍ରାୟେଲୀମାନଙ୍କଠାରେ
ପରିଚିତ ହେଲି। 10ମୁଁ ଇଶ୍ରାୟେଲକୁ ମିଶର ଦେଶରୁ ବାହାର
କରି ଆଣି ମରୁଭୂମିରେ ରଖିଲି। 11ତା’ପରେ ଆମ୍ଭେ
ସେମାନଙ୍କୁ ଆପଣାର ବିଧି ଦେଲୁ ଓ ଆପଣା ବ୍ୟବସ୍ଥା ସକଳ
ଜ୍ଞାତ କରାଇଲୁ। ଯେଉଁ ମଣିଷ ତାହା ପାଳନ କରିବ ସେ
ବଞ୍ଚିବ। 12ଏବଂ ମୁଁ ସେମାନଙ୍କୁ ମୋର ବିଶ୍ରାମଦିନ ବିଷୟରେ
ସବୁ କହିଲି। ଏହା ମୋର ଓ ସେମାନଙ୍କ ମଧ୍ୟରେ ଚୁକ୍ତିର
ଚିହ୍ନ ସ୍ୱରୂପ ଯେଉଁଥିପାଇଁ ସେମାନେ ହୁଏତ ଜାଣି ପାରନ୍ତି
ଯେ, ମୁଁ ସଦାପ୍ରଭୁ ସେମାନଙ୍କୁ ପବିତ୍ର କଲି।
13“‘କିନ୍ତୁ ଇଶ୍ରାୟେଲର ପୁତ୍ରଗଣ ମରୁଭୂମିରେ ମୋ
ବିରୁଦ୍ଧରେ ଗଲେ। ସେମାନେ ମୋର ବିଧି ପଥରେ ଚାଲିଲେ
ନାହିଁ ଓ ମୋର ବ୍ୟବସ୍ଥା ସକଳ ଅଗ୍ରାହ୍ୟ କଲେ। ଯାହାକୁ
ଯଦି ଜଣେ ମନୁଷ୍ୟ ଅନୁସରଣ କରେ, ତେବେ ସେ ବଞ୍ଚିବ।
ଏବଂ ସେମାନେ ମୋର ବିଶ୍ରାମଦିନ ସବୁ କଳୁଷିତ କଲେ।
ଏବଂ ସେଥିପାଇଁ ମୁଁ କହିଲି, ମରୁଭୂମିରେ ସେମାନଙ୍କ
ବିରୁଦ୍ଧରେ ମୋର କ୍ରୋଧ ଢାଳି ଦେବ ଓ ସେମାନଙ୍କୁ ବିନାଶ
କରିବି। 14କିନ୍ତୁ ମୁଁ ମୋର ନାମକୁ ସେହି ଲୋକମାନଙ୍କ
ସମ୍ମୁଖରେ ଭ୍ରଷ୍ଟ କରିବା ପାଇଁ ଚାହିଁଲି ନାହିଁ। ଯେଉଁମାନଙ୍କ
ଆଗରେ ମୁଁ ସେମାନଙ୍କୁ ମିଶରରୁ ବାହାର କରି ଆଣିଥିଲି।
15ଦୁଗ୍ଧ, ମଧୁ ପ୍ରବାହିତ ସବୁଠାରୁ ସୁନ୍ଦର ଦେଶସବୁକୁ
ସେମାନଙ୍କୁ ନ ଆଣିବା ପାଇଁ ମୁଁ ମରୁଭୂମିରେ ସେମାନଙ୍କ
ବିରୁଦ୍ଧରେ ପ୍ରତିଜ୍ଞା କଲି, ଯାହା ମୁଁ ସେମାନଙ୍କୁ ଆଗରୁ
ପ୍ରତିଜ୍ଞା କରିଥିଲି।
16“‘କାରଣ ସେମାନେ ମୋର ବିଧି ସକଳ ମାନିବାକୁ
ମନା କଲେ। ସେମାନେ ମୋର ନିୟମ ଅନୁସାରେ ଜୀବନ
ଯାପନ କଲେ ନାହିଁ ଏବଂ ସେମାନେ ମୋର ବିଶ୍ରାମଦିନକୁ
କଳୁଷିତ କଲେ। ସେମାନେ ଏହିପରି ବ୍ୟବହାର କଲେ,
କାରଣ ସେମାନଙ୍କର ହୃଦୟ ସେମାନଙ୍କର ମୂର୍ତ୍ତିଗୁଡିକ ପ୍ରତି
ଅନୁରକ୍ତ ଥିଲା। 17ତଥାପି ମୁଁ ସେମାନଙ୍କ ପାଇଁ ଦୁଃଖିତ
ହେଲି ଓ ସେମାନଙ୍କୁ ବିନାଶ କଲି ନାହିଁ। ସେହି ମରୁଭୂମି
ମଧ୍ୟରେ ସେମାନଙ୍କୁ ସମ୍ପୂର୍ଣ୍ଣରୂପେ ହତ୍ୟା କଲି ନାହିଁ। 18ଏବଂ
ମରୁଭୂମିରେ ସେମାନଙ୍କର ପୁତ୍ରଗଣକୁ କହିଲି, “ତୁମ୍ଭେମାନେ
ନିଜ ପିତୃଗଣଙ୍କ ବିଧି ଅନୁସାରେ ଚାଲ ନାହିଁ। ସେମାନଙ୍କର
ବ୍ୟବସ୍ଥା ସକଳ ମାନ ନାହିଁ, ସେମାନଙ୍କ ପ୍ରତିମାଗଣ ଦ୍ୱାରା
ନିଜକୁ ଅଶୁଚି କରନାହିଁ। 19ମୁଁ ତୁମ୍ଭମାନଙ୍କର ସଦାପ୍ରଭୁ
ପରମେଶ୍ୱର ଅଟେ; ମୋର ବିଧି ରୂପ ପଥରେ ଚାଲ ଓ
ମୋର ବିଧି ସକଳ ରକ୍ଷା କରି ପାଳନ କର। 20ଏବଂ
ମୋର ବିଶ୍ରାମଦିନଗୁଡିକୁ ପବିତ୍ର ରଖ। ଯାହା ଫଳରେ
ସେମାନେ ମୋ ଓ ତୁମ୍ଭ ମଧ୍ୟରେ ଚୁକ୍ତିର ଚିହ୍ନ ହେବେ।
ତା’ପରେ ତୁମ୍ଭେମାନେ ଜାଣିବ ଯେ, ମୁଁ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ଅଟେ।” 21କିନ୍ତୁ ଇଶ୍ରାୟେଲର ଲୋକମାନେ
ମୋ ବିରୁଦ୍ଧରେ ଗଲେ। ସେମାନେ ମୋର ବିଧି ପାଳନ
କଲେ ନାହିଁ କିମ୍ବା ମୋର ବ୍ୟବସ୍ଥା ପାଳନ କଲେ ନାହିଁ।
କିନ୍ତୁ ଯଦି କେହି ମୋର ବିଧିସବୁ ଅନୁସରଣ କରେ ସେ
ବଞ୍ଚିବ। ଏବଂ ଅଧିକନ୍ତୁ ସେମାନେ ମୋର ବିଶ୍ରାମଦିନସବୁ
କଳୁଷିତ କଲେ। ତେଣୁ ମୁଁ କହିଲି ଯେ, ମୋର କ୍ରୋଧ
ସେମାନଙ୍କ ଉପରେ ଢାଳିଦେବ ଏବଂ ପୂର୍ଣ୍ଣମାତ୍ରାରେ ମୋର
କୋପ ସେମାନଙ୍କ ବିରୁଦ୍ଧରେ ପ୍ରକାଶ କରିବି। 22କିନ୍ତୁ ମୁଁ
ନିଜକୁ କ୍ଷାନ୍ତ କଲି, କାରଣ ମୋର ନାମ ପାଖାପାଖି
ଦେଶମାନଙ୍କ ଦ୍ୱାରା ଉପହସିତ ନ ହେଉ ବୋଲି ମୁଁ ଚାହିଁଲି।

ଯେଉଁମାନଙ୍କ ଦୃଷ୍ଟିରେ ମୁଁ ଇଶ୍ରାୟେଲୀୟମାନଙ୍କୁ ମିଶରରୁ
ବାହାର କର ଆଣିଲି। 23ଏବଂ ସେମାନଙ୍କୁ ନାନା ଜାତି ଏବଂ
ଦେଶ ମଧ୍ୟରେ ଛିନ୍ନଭିନ୍ନ କରବା ସକାଶେ ମରୁଭୂମିରେ ମୁଁ
ସେମାନଙ୍କ ବରୁଦ୍ଧରେ ମୋର ହସ୍ତ ଉଠାଇଲି।

24"'କାରଣ ସେମାନେ ମୋର ଆଜ୍ଞା ସକଳ ପାଳନ
କଲେ ନାହିଁ ଓ ମୋର ସକଳ ବଧି ଅଗ୍ରାହ୍ୟ କଲେ ଓ
ମୋର ସମସ୍ତ ବିଶ୍ରାମଦନ କଳୁଷିତ କଲେ ଏବଂ ସେମାନଙ୍କର
ପିତାମାନଙ୍କର ମୂର୍ତ୍ତିଗୁଡକୁ ପୂଜା କଲେ। 25ତେଣୁ ଯେଉଁ ବଧି
ମଙ୍ଗଳଜନକ ନୁହେଁ ସେହସବୁ ବଧି ଆମ୍ଭେ ସେମାନଙ୍କୁ
ଦେଲୁ ଓ ଯେଉଁ ଶାସନରେ ସେମାନେ ବଞ୍ଚିବେ ନାହିଁ
ସେହପରି ଶାସନ ସେମାନଙ୍କୁ ଦେଲୁ। 26ମୁଁ ସେମାନଙ୍କୁ
ସେମାନଙ୍କର ଉପହାର ମାଧ୍ୟମରେ ପ୍ରଥମଜାତ ସନ୍ତାନର
ବଳଦାନ ମାଧ୍ୟମରେ ଅଶୁଚ କଲି। ତେଣୁ ମୁଁ ସେମାନଙ୍କୁ
ବନାଶ କର ପାରଲି। ଫଳରେ ସେମାନେ ଶିକ୍ଷା ପାଇବେ
ଯେ, ମୁଁ ହିଁ ସଦାପ୍ରଭୁ।' 27ଏଣୁ, ହେ ମନୁଷ୍ୟ ପୁତ୍ର, ତୁମ୍ଭେ
ଇଶ୍ରାୟେଲର ଲୋକମାନଙ୍କୁ କୁହ, 'ସଦାପ୍ରଭୁ, ମୋର ପ୍ରଭୁ
ଏହ କଥା କହଛନ୍ତ, ତୁମ୍ଭମାନଙ୍କର ପିତୃପୁରୁଷମାନେ ସେମାନଙ୍କର
ଅବଶ୍ୱସ୍ତତାରେ ମୋର ନନ୍ଦା କରଅଛନ୍ତ। 28ତଥାପି ମୁଁ
ଆଗରେ ଯେଉଁ ଦେଶ ସେମାନଙ୍କୁ ଦେବାପାଇଁ ପ୍ରତିଜ୍ଞା
କରଥିଲ, ସେହ ଦେଶକୁ ସେମାନଙ୍କୁ ଆଣିଲି। ସେତେବେଳେ
ସେମାନେ ପ୍ରତ୍ୟେକ ଉଚ୍ଚପର୍ବତ ଓ ପ୍ରତ୍ୟେକ ଗହଳଆ ବୃକ୍ଷ
ଦେଖି ସେମାନଙ୍କର ବଳ ଦାନ କଲେ। ସେମାନେ ସେମାନଙ୍କର
ବଳଦାନ ଦ୍ୱାରା ମୋତେ ବରକ୍ତ କଲେ। ସେମାନେ ନଜର
ସୁଗନ୍ଧ ଦ୍ରବ୍ୟ ରଖିଲେ ଓ ନଜ ନଜର ପେୟ ନୈବେଦ୍ୟ
ଢାଳଲେ। 29ସେ ଉଚ୍ଚସ୍ଥଳୀକୁ ଯିବାର ଅଭିପ୍ରାୟ କ'ଣ ବୋଲ
ଆମ୍ଭେ ସେମାନଙ୍କୁ ପଚାରଲୁ। ମାତ୍ର ଏବେ ସୁଦ୍ଧା ସେହ
ସ୍ଥାନର ନାମ ବାମା ରହଅଛି।'"

30ପରମେଶ୍ୱର କହଲେ, "ଇଶ୍ରାୟେଲର ଲୋକମାନଙ୍କୁ
କୁହ, 'ସଦାପ୍ରଭୁ, ମୋର ପ୍ରଭୁ ପଚାରନ୍ତ, ପିତୃପୁରୁଷମାନଙ୍କ
ପରି କାର୍ଯ୍ୟ କର ମୂର୍ତ୍ତିମାନଙ୍କ ସହତ ବ୍ୟଭିଚାରୀତା କରି
ତୁମ୍ଭେମାନେ କ'ଣ ନଜକୁ ଅଶୁଚ କରୁନାହଁ ଓ ସେମାନଙ୍କର
ଘୃଣ୍ୟ ମୂର୍ତ୍ତିମାନଙ୍କ ଦ୍ୱାରା ବ୍ୟଭିଚାରୀ ହେଉଅଛ? 31ଯେତେବେଳେ
ତୁମ୍ଭେମାନେ ଉପହାର ଆଣୁଛ, ନଜ ନଜ ସନ୍ତାନମାନଙ୍କୁ ଆଜି
ପର୍ଯ୍ୟନ୍ତ ଅଗ୍ନିରେ ଉତ୍ସର୍ଗ କରୁଛ? ହେ ଇଶ୍ରାୟେଲର ଲୋକମାନେ,
ମୋଠାରୁ ଉପଦେଶ ନେବାକୁ ତୁମ୍ଭମାନଙ୍କୁ ଅନୁମତି ଦେବ
କି? ସଦାପ୍ରଭୁ, ମୋର ପ୍ରଭୁ କହନ୍ତ, ମୁଁ ଜୀବତ ଥିବାଯାଏ
ତୁମ୍ଭମାନଙ୍କୁ ଉପଦେଶ କ ପରାମର୍ଶ ଦେବ ନାହିଁ। 32ତୁମ୍ଭେମାନେ
କହୁଛ, ଆସ ଆମ୍ଭେମାନେ ଅନ୍ୟ ଦେଶୀୟମାନଙ୍କ ପରି
ହେବା, ଗୋଷ୍ଠୀୟମାନଙ୍କ ପରି ହେବା, ଯେଉଁମାନେ କାଠ ଓ
ପଥରର ପୂଜା କରନ୍ତ। ତୁମ୍ଭମାନଙ୍କର ମନରେ ଉଠୁଥିବା ଏହ
ଇଚ୍ଛା କେବେ ପୂରଣ ହେବ ନାହିଁ।'"

33ମୋର ପ୍ରଭୁ ସଦାପ୍ରଭୁ କହନ୍ତ, "ଆମ୍ଭେ ଜୀବତ ଥିବା
ପର୍ଯ୍ୟନ୍ତ ନଶ୍ଚୟ ବଳବାନ୍ ହସ୍ତ, ବସ୍ତାର୍ଣ୍ଣ ବାହୁ ଓ କୋପ
ବର୍ଷଣ ଦ୍ୱାରା ତୁମ୍ଭମାନଙ୍କ ଉପରେ ରାଜା ହୋଇ ଶାସନ
କରବୁ। 34ପୁଣି ଆମ୍ଭେ ବଳବାନ୍ ହସ୍ତ, ବସ୍ତାର୍ଣ୍ଣ ବାହୁ ଓ
କୋପ ବର୍ଷଣ ଦ୍ୱାରା ତୁମ୍ଭମାନଙ୍କୁ ଗୋଷ୍ଠୀଗଣ ମଧ୍ୟରୁ ବାହାର
କର ଆଣିବୁ ଓ ଛିନ୍ନ ଭିନ୍ନ ହୋଇ ରହଥିବା ଦେଶମାନଙ୍କରୁ
ତୁମ୍ଭମାନଙ୍କୁ ସଂଗ୍ରହ କରବୁ। 35ଏବଂ ମୁଁ ତୁମ୍ଭମାନଙ୍କୁ ଗୋଷ୍ଠୀ
ସମୂହର ମରୁଭୂମିକୁ ଆଣି ମୁହାଁ ମୁହିଁ ତୁମ୍ଭମାନଙ୍କର ବିଚାର
କରବ। 36ପୁଣି ସଦାପ୍ରଭୁ ମୋର ପ୍ରଭୁ ଏହ କଥା କହନ୍ତ,
ମୁଁ ମିଶର ଦେଶର ମରୁଭୂମିରେ ତୁମ୍ଭମାନଙ୍କର ପିତୃପୁରୁଷଗଣର
ବିଚାର କରଥିଲ, ମୁଁ ତୁମ୍ଭମାନଙ୍କର ବିଚାର କରବ।"

37"ଆଉ ଆମ୍ଭେ ତୁମ୍ଭମାନଙ୍କୁ ପାଞ୍ଚଣ ତଳେ ଗମନ
କରାଇବୁ ଓ ତୁମ୍ଭମାନଙ୍କୁ ଚୁକ୍ତି ବନ୍ଧନରେ ଆବଦ୍ଧ କରବୁ।
38ପୁଣି ମୁଁ ବିଦ୍ରୋହୀମାନଙ୍କୁ ଓ ମୋ ବରୋଧୀ ପାପୀମାନଙ୍କୁ
ତୁମ୍ଭମାନଙ୍କ ମଧ୍ୟରୁ ବାହାର କର ଦୂର କରଦେବ। ସେମାନେ
ଯେଉଁ ଦେଶରେ ପ୍ରବାସ କର ରହୁଛନ୍ତ, ସେ ଦେଶରୁ ମୁଁ
ସେମାନଙ୍କୁ ବାହାର କର ଆଣିବ, ମାତ୍ର ସେମାନେ ଇଶ୍ରାୟେଲ
ଦେଶରେ ପ୍ରବେଶ କରବେ ନାହିଁ। ତହିଁରେ ମୁଁ ଯେ
ସଦାପ୍ରଭୁ ଅଟେ, ଏହା ତୁମ୍ଭେମାନେ ଜାଣିବ।"

39ହେ ଇଶ୍ରାୟେଲର ଭବଷ୍ୟତ୍ ବଂଶଧରଗଣ! ସଦାପ୍ରଭୁ
ମୋର ପ୍ରଭୁ ଏହକଥା କହନ୍ତ, "ତୁମ୍ଭେମାନେ ଯଦ ମୋ
ନର୍ଦ୍ଦେଶ ପ୍ରତି ଧ୍ୟାନ ନଦଅ, ଯାଅ ଓ ତୁମ୍ଭର ମୂର୍ତ୍ତିଗୁଡକର
ପୂଜା କର। କନ୍ତୁ ତୁମ୍ଭେମାନେ ତୁମ୍ଭମାନଙ୍କର ଉପହାର ଓ
ମୂର୍ତ୍ତିଗୁଡକ ଦ୍ୱାରା ମୋର ପବତ୍ର ନାମକୁ ନଷ୍ଟ କରବ ନାହିଁ।"

40ସଦାପ୍ରଭୁ, ମୋର ପ୍ରଭୁ କହନ୍ତ, "ମୋର ପବତ୍ର ଉଚ୍ଚ
ପର୍ବତରେ ସମଗ୍ର ଇଶ୍ରାୟେଲର ଲୋକମାନେ ମୋତେ ଉପାସନା
କରବେ। ସେହ ସ୍ଥାନରେ ମୁଁ ସେମାନଙ୍କୁ ଗ୍ରହଣ କରବ ଓ
ସେହ ସ୍ଥାନରେ ମୁଁ ତୁମ୍ଭମାନଙ୍କର ଯାବତୀୟ ପବତ୍ର ବସ୍ତୁ
ସହତ ତୁମ୍ଭମାନଙ୍କ ଉପହାର ଓ ପ୍ରଥମଜାତ ଫଳର ନୈବେଦ୍ୟ
ଲୋଡ଼ବ। 41ଯେଉଁ ସମୟରେ ମୁଁ ଜାତିଗୁଡକ ମଧ୍ୟରୁ
ତୁମ୍ଭମାନଙ୍କୁ ବାହାର କର ଆଣିବ ଓ ଛିନ୍ନଭିନ୍ନ ହୋଇ
ରହଥିବା ଦେଶମାନଙ୍କରୁ ତୁମ୍ଭମାନଙ୍କୁ ଏକତ୍ରୀତ କରବ, ମୁଁ
ତୁମ୍ଭମାନଙ୍କୁ ତୁମ୍ଭର ସୁଗନ୍ଧ ନୈବେଦ୍ୟଗୁଡକ ଗ୍ରହଣ କରବ
ଏବଂ ସମସ୍ତ ଜାତିଗୁଡକ ଉପସ୍ଥିତିରେ ମୁଁ ତୁମ୍ଭମାନଙ୍କୁ ପବତ୍ର
କରବ। 42ତା'ପରେ ତୁମ୍ଭେମାନେ ଜାଣିବ ଯେ, ମୁଁ ସଦାପ୍ରଭୁ
ଅଟେ। ତୁମ୍ଭେମାନେ ଏହା ଜାଣିବ ଯେ, ଯେତେବେଳେ ମୁଁ
ତୁମ୍ଭମାନଙ୍କୁ ଇଶ୍ରାୟେଲ ଭୂମିକୁ ଫେରାଇ ଆଣିବ। ସେହ
ଭୂମିକୁ ମୁଁ ତୁମ୍ଭମାନଙ୍କର ପୂର୍ବପୁରୁଷମାନଙ୍କୁ ଦେବ ବୋଲ
ପ୍ରତିଜ୍ଞା କରଥିଲ। 43ଆଉ ସେହ ସ୍ଥାନରେ ତୁମ୍ଭେମାନେ
ନଜକୁ ଅଶୁଚ କରଅଛ ଓ ନଜର ଆଚାର ବ୍ୟବହାର,
କ୍ରିୟାସକଳ ସବୁ ସ୍ମରଣ କର ନଜର କୃତ ସମସ୍ତ କୁକ୍ରିୟା
ହେତୁ ତୁମ୍ଭେମାନେ ଲଜ୍ଜିତ ହେବ। 44ଏବଂ ତା'ପରେ
ତୁମ୍ଭେମାନେ ଜାଣିବ ଯେ, ଯେତେବେଳେ ମୁଁ ସଦାପ୍ରଭୁ,
ତୁମ୍ଭମାନଙ୍କର କୁକର୍ମ ଓ ଦୁର୍ନୀତିଗ୍ରସ୍ତ ଆଚରଣ ଅନୁସାରେ
ଦଣ୍ଡ ଦଏ ନାହିଁ, କନ୍ତୁ ସେତେବେଳେ ମୁଁ ମୋର ମର୍ଯ୍ୟାଦାନୁସାରେ
ବ୍ୟବହାର କରେ।"

45ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ମୋ ନକଟରେ ଉପସ୍ଥିତ
ହେଲା। ସେ କହଲେ, 46"ହେ ମନୁଷ୍ୟ ପୁତ୍ର, ତୁମ୍ଭେ ଦକ୍ଷିଣ
ଦଗ ଆଡ଼େ ଆପଣା ମୁଖ ରଖ ଓ ଦକ୍ଷିଣ ଦଗ ଆଡ଼େ
ଆପଣା ବାକ୍ୟ ବର୍ଷଣ କର। ଏବଂ ନେଗେଭର ଅରଣ୍ୟ*

---

**ନେଗେଭ ଅରଣ୍ୟ** ସମ୍ଭବତଃ ପରମେଶ୍ୱର ପରହାସ କରୁଛନ୍ତ। ନେଗେଭ ଗୋଟିଏ ମରୁଭୂମି ଅଞ୍ଚଳ, ନେଗେଭରେ କୌଣସି ଅରଣ୍ୟ ନାହିଁ।

ବିରୁଦ୍ଧରେ ଭବିଷ୍ୟଦ୍‌ବାଣୀ ପ୍ରଗ୍ୱର କର। 47ଏବଂ ନେଗେଭ
ଅରଣ୍ୟକୁ କୁହ, 'ସଦାପ୍ରଭୁଙ୍କର ବାକ୍ୟ ଶୁଣ, ସଦାପ୍ରଭୁ ମୋର
ପ୍ରଭୁ ଏହି କଥା କହନ୍ତି। ଦେଖ, ଆମ୍ଭେ ତୁମ୍ଭ ମଧ୍ୟରେ ଅଗ୍ନି
ସଂଯୋଗ କରିବା। ତାହା ତୁମ୍ଭ ମଧ୍ୟସ୍ଥିତ ପ୍ରତ୍ୟେକ ସତେଜ
ଓ ଶୁଷ୍କବୃକ୍ଷକୁ ଗ୍ରାସ କରିବ। ସେହି ଜ୍ୱଳନ୍ତ ଅଗ୍ନିଶିଖା
ନିର୍ବାପିତ ହେବ ନାହିଁ। ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ସମସ୍ତ
ଦେଶ ସେହି ଅଗ୍ନିରେ ଦଗ୍ଧିଭୂତ ହେବ। 48ସେତେବେଳେ
ଆମ୍ଭେ ସଦାପ୍ରଭୁ ସେହି ଅଗ୍ନି ଜଳାଇ ଅଛୁ ବୋଲି ତୁମ୍ଭେମାନେ
ଜାଣିବ। ତାହା ନିର୍ବାପିତ ହେବନାହିଁ ଓ ଏହା ସମସ୍ତ ପ୍ରାଣୀ
ଦେଖିବେ।'"

49ଏଥିରେ ମୁଁ (ଯିହିଜିକଲ) କହିଲି, "ହେ ସଦାପ୍ରଭୁ
ମୋର ପ୍ରଭୁ, ସେମାନେ ମୋ ବିଷୟରେ କହୁଛନ୍ତି, ସେ
କେବଳ ନୀତିବାକ୍ୟ କହୁଛି।"

21 ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ପୁଣି
ଉପସ୍ଥିତ ହେଲା। ସେ କହିଲେ, 2"ହେ ମନୁଷ୍ୟ
ପୁତ୍ର, ତୁମ୍ଭେ ଯିରୁଶାଲମ ଆଡ଼େ ଆପଣା ମୁଖ ରଖ।
ପବିତ୍ରସ୍ଥାନଗୁଡ଼ିକ ବିରୁଦ୍ଧରେ ନିଜର ବାକ୍ୟ ବର୍ଷଣ କର ଓ
ଇସ୍ରାଏଲ ଦେଶ ବିପକ୍ଷରେ ଭବିଷ୍ୟଦ୍‌ବାଣୀ ପ୍ରଗ୍ୱର କର।
3ଏବଂ ଇସ୍ରାଏଲ ଦେଶକୁ କୁହ, 'ସଦାପ୍ରଭୁ ଏହିକଥା
କହନ୍ତି! ଦେଖ, ମୁଁ ତୁମ୍ଭ ବିରୁଦ୍ଧରେ ଅଟେ। ମୁଁ ଆପଣା ଖଡ୍ଗ
କୋଷରୁ ବାହାର କରି ତୁମ୍ଭମାନଙ୍କ ମଧ୍ୟରୁ ଧାର୍ମିକ ଓ
ପାପୀକୁ ଉଚ୍ଛିନ୍ନ କରିବ। 4କାରଣ ମୁଁ ଧାର୍ମିକ ଓ ପାପୀଷ୍ଠ
ଉଭୟଙ୍କୁ ବିନାଶ କରିବ। ତେଣୁ ମୋର ଖଡ୍ଗ ବ୍ୟବହାର
ହେବ, ଏହା କୋଷମୁକ୍ତ ହୋଇ ଦକ୍ଷିଣରୁ ଉତ୍ତର
ପର୍ଯ୍ୟନ୍ତ ସମସ୍ତ ଲୋକ ବିରୁଦ୍ଧରେ ଯିବ। 5ସେତେବେଳେ
ପ୍ରତ୍ୟେକ ବ୍ୟକ୍ତି ଜାଣିବେ ଯେ, ମୁଁ ସଦାପ୍ରଭୁ ଆପଣା ଖଡ୍ଗ
କୋଷରୁ ବାହାର କରିଅଛି, ତାହା ଆଉ ଫେରିବ
ନାହିଁ।'"

6ପରମେଶ୍ୱର ପୁଣି କହିଲେ, "ହେ ମନୁଷ୍ୟ ପୁତ୍ର, ତୁମ୍ଭେ
ଦୀର୍ଘ ନିଃଶ୍ୱାସ ଛାଡ଼। ପୁଣି ଆପଣ କଟି ଭାଙ୍ଗି ମନସ୍ତାପ
ପୂର୍ବକ ସେମାନଙ୍କ ସମ୍ମୁଖରେ ଦୀର୍ଘନିଃଶ୍ୱାସ ଛାଡ଼ିବ।
7ଯେତେବେଳେ ସେମାନେ ପଗ୍ୱରିବେ, 'ତୁମ୍ଭେ କାହିଁକି
ଦୀର୍ଘନିଃଶ୍ୱାସ ଛାଡୁଛ?' ସେତେବେଳେ ତୁମ୍ଭେ କହିବ, 'ସମ୍ବାଦ
ସକାଶେ, ତାହା ଆସୁଅଛି। ସେଥିରେ ସମସ୍ତଙ୍କ ଆତ୍ମା
ଭୟରେ ତରଳି ଯିବ ଓ ସମସ୍ତଙ୍କ ହସ୍ତ ଭୟରେ ଦୁର୍ବଳ
ହେବ। ପ୍ରତ୍ୟେକ ମନୁଷ୍ୟର ଆତ୍ମା ହତ ଉତ୍ସାହିତ ହେବ ଓ
ସମସ୍ତଙ୍କ ଆଣ୍ଠୁ ଜଳପରି ହେବ।' ଏବଂ ଦେଖ, ସେହି
ସମୟ ଆସୁଅଛି ଓ ତାହା ସିଦ୍ଧ ହେବ।" ଏହା ସଦାପ୍ରଭୁ,
ମୋର ପ୍ରଭୁ କହନ୍ତି।

## ଖଡ୍ଗ ପ୍ରସ୍ତୁତ

8ଅନନ୍ତର ସଦାପ୍ରଭୁ, ମୋର ପ୍ରଭୁଙ୍କ ବାକ୍ୟ ମୋ
ନିକଟରେ ଉପସ୍ଥିତ ହେଲା। ସେ କହିଲେ, 9"ହେ ମନୁଷ୍ୟ
ପୁତ୍ର, ତୁମ୍ଭେ ଭବିଷ୍ୟଦ୍‌ବାକ୍ୟ ପ୍ରଗ୍ୱର କରି କୁହ, 'ସଦାପ୍ରଭୁ,
ମୋର ପ୍ରଭୁ ଏହିକଥା କହନ୍ତି,

"'ଦେଖ, ଖଡ୍ଗ ଶାଣିତ ଓ ତାହା ମଧ୍ୟ ମାର୍ଜିତ
ହୋଇଅଛି।

10ହତ୍ୟା ନିମନ୍ତେ ତାହା ଶାଣିତ ହୋଇଅଛି, ତାହା ମଧ୍ୟ
ମାର୍ଜିତ ହୋଇ ବିଜୁଳି ପରି ଚକ୍ ଚକ୍ କରୁଛି, '"ମୋର
ପୁତ୍ର ତୁମ୍ଭେ ଏହି ଛଡ଼ି ସକାଶେ ଖୁସି ନଥିଲ, ତୁମ୍ଭେ କାଠର
ବାଡ଼ିକୁ ଘୃଣା କଲ।

11ପୁଣି ହାତରେ ଧରାଯିବା ପାଇଁ ଖଡ୍ଗ ଶାଣିତ ହୋଇଅଛି।
ଘାତକର ହାତରେ ଦେବା ନିମନ୍ତେ ତାହା ଶାଣିତ ଓ ମାର୍ଜିତ
ହୋଇଅଛି।

12"'ହେ ମନୁଷ୍ୟ ପୁତ୍ର, ତୁମ୍ଭେ କ୍ରନ୍ଦନ ଓ ହାହାକାର
କର। ଏପରି ମୋର ଖଡ୍ଗ ଲୋକମାନଙ୍କ ବିରୁଦ୍ଧରେ ଓ
ସମସ୍ତ ଇସ୍ରାଏଲର ଅଧିପତିଗଣଙ୍କ ବିରୁଦ୍ଧରେ ଉତ୍ତୋଳିତ
ହୋଇଅଛି। ସେମାନେ ମୋ ଖଡ୍ଗରେ ସମର୍ପିତ ହୋଇଅଛନ୍ତି।
ତେଣୁ ତୁମ୍ଭେ ଆପଣା ଛାତିରେ ଆଘାତ କରି ତୁମ୍ଭର ଦୁଃଖ
ପ୍ରକାଶ କର। 13ହିଁ, ଏହା କଠିନ ଅଟେ, ତୁମ୍ଭେ ରାଜଦଣ୍ଡକୁ
ପ୍ରତ୍ୟାଖ୍ୟାନ କରିବା ପରେ ଆଉ କ'ଣ ବାକି ରହିଗଲା?'"
ଏହା ସଦାପ୍ରଭୁ, ମୋର ପ୍ରଭୁ କହନ୍ତି।

14"ପରମେଶ୍ୱର କହିଲେ, ହେ ମନୁଷ୍ୟ ପୁତ୍ର, ତୁମ୍ଭେ
କରତାଳି ଦେଇ ଭବିଷ୍ୟଦ୍‌ବାକ୍ୟ ପ୍ରଗ୍ୱର କର।

"ସେହି ଖଡ୍ଗ ଦୁଇ ଥର ଏପରିକି ତିନିଥର ଆଘାତ
କର। ଏହି ଖଡ୍ଗ ବହୁତ ଲୋକମାନଙ୍କୁ ହତ୍ୟା କରିବ।
ମହାଘାତକ ଖଡ୍ଗ ସେମାନଙ୍କୁ ହତ୍ୟା କରିବ।

15ସେମାନଙ୍କର ଅନ୍ତର ଭୟରେ ଯେପରି ତରଳି ଯାଏ
ଓ ସେମାନଙ୍କର ବହୁ ବିଘ୍ନ ଜନ୍ମେ, ଏଥିପାଇଁ ମୁଁ ସେମାନଙ୍କର
ସକଳ ନଗର ଦ୍ୱାର ବିରୁଦ୍ଧରେ ଖଡ୍ଗ ଲକ୍ଷ୍ୟ କରି ରଖିଅଛି।
ଏହା ହତ୍ୟା କଲା ପରେ ଏହା ବିଜୁଳି ପରି ଚକ୍‌ମକ୍
କରୁଛି।

16ହେ ଖଡ୍ଗ, ଦକ୍ଷିଣ ଓ ବାମକୁ କାଟ। ଯେଉଁ ଆଡେ
ତୁମ୍ଭର ଧାର ଯାଉଛି।

17"ମୁଁ ମଧ୍ୟ ମୋର କରତାଳି ମାରିବି ଓ ମୋର
କୋପକୁ ଶାନ୍ତ କରିବ। ମୁଁ ସଦାପ୍ରଭୁ ଏହା କହିଅଛି।"

## ଯିରୁଶାଲମକୁ ପଥ ନିର୍ବାଚନ

18ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 19"ହେ ମନୁଷ୍ୟ ପୁତ୍ର, ବାବିଲ
ରାଜାର ଖଡ୍ଗ ଆସିବା ପାଇଁ ତୁମ୍ଭେ ଆହୁରି ଦୁଇପଥ ନିରୂପଣ
କର। ଦୁଇ ପଥ ଗୋଟିଏ ଦେଶରୁ ଆସିବ। ନଗର ଆଡକୁ
ଯାଉଥିବା ସଡକର ମୁଣ୍ଡରେ ଏକ ପଥ ନିର୍ଦ୍ଦେଶ କରୁଥିବା
ପ୍ରସ୍ତର ଫଳକ ରଖ। 20ଖଡ୍ଗ ଆସିବା ନିମନ୍ତେ ପଥ ଚହ୍ନିତ
କର, ଗୋଟିଏ ପଥ ଅମ୍ମୋନୀୟର ରବ୍ବାକୁ ଯାଏ ଓ ଅନ୍ୟଟି
ଯିହୁଦାକୁ ସୁରକ୍ଷିତ ସହର ଯିରୁଶାଲମକୁ ଯାଏ। 21କାରଣ
ବାବିଲର ରାଜା ଦୁଇଟି ସଡକର ମିଶିଥିବା ସ୍ଥାନରେ ଛିଡା
ହେବେ। ସେ ତୀରଗୁଡ଼ିକୁ ନିକ୍ଷେପ କରି ଗୁଳାବାଣ୍ଟ ସାହାଯ୍ୟରେ
ମୂର୍ତ୍ତିମାନଙ୍କୁ ବୁଝାସୁଝା କରି ଏବଂ ପ୍ରକୃତକୁ ପରୀକ୍ଷା କରି
ଭବିଷ୍ୟ ଚହ୍ନ ଖୋଜି ବୁଲିବେ।

22"ଗୁଳାବାଣ୍ଟ ଯାହାକି ସେ ତା'ର ଦକ୍ଷିଣ ହସ୍ତରେ
ଉଠାଇଲା, ତାହା ଯିରୁଶାଲମର ହେବ। ଯେଉଁଠାରେ ସେ
ନଷ୍ଟକାରୀ କାଠ ଗଣ୍ଡିକୁ ଏବଂ ହତ୍ୟା କରିବାକୁ ଆଜ୍ଞା ଦେବ,
ଯୁଦ୍ଧ ପାଇଁ ସେ ଡାକରା ଦେବ, ଫାଟକ ବିରୁଦ୍ଧରେ

ନଷ୍ଟକାରୀ କାଠଗଣ୍ଡିକୁ ଖଞ୍ଜିବ। ତା'ପରେ ସେମାନେ ସହର
ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରିବ। 23ଇସ୍ରାୟେଲର
ଲୋକମାନଙ୍କ ସମସ୍ତ ଅର୍ଥହୀନ ବୋଲି ବିଚାର କରାଯିବ,
କାରଣ ସେମାନଙ୍କର ପ୍ରତିଜ୍ଞାଗୁଡ଼ିକ ଅଛି, ଯାହା ସେମାନେ
କଲେ। କିନ୍ତୁ ସଦାପ୍ରଭୁ ସେମାନଙ୍କର ପାପକୁ ସ୍ମରଣ କରିବେ
ଓ ତା'ପରେ ସେମାନେ ଧରାଯିବେ।"

24ଏଣୁ ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି,
"କାରଣ ତୁମ୍ଭେ ମୋତେ ତୁମ୍ଭର ମୋ ପ୍ରତି ଅବଜ୍ଞା ତୁମ୍ଭ
କାର୍ଯ୍ୟର ପାପ ଦେଖାଇ ମୋତେ ତୁମ୍ଭର ପାପ ମନେପକାଇଲି।
କାରଣ ତୁମ୍ଭେ ମୋତେ ମନେପକାଇ ଦିଅ ଯେ, ତୁମ୍ଭେ ବନ୍ଦୀ
ରୂପେ ଯିବ। 25ହେ ଦୁଷ୍ଟ ଇସ୍ରାୟେଲୀୟ ରାଜପୁତ୍ର, ତୁମ୍ଭମାନଙ୍କୁ
ହତ୍ୟା କରାଯିବ। ତୁମ୍ଭମାନଙ୍କର ଅନ୍ତିମ ସମୟ ଉପସ୍ଥିତ
ହୋଇଅଛି।"

26ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି,
"ଶିରୋଭୂଷଣ ଦୂର କର, ରାଜମୁକୁଟ କାଢ଼ି ପକାଅ; ଏହା
ଆଉ ସେପରି ରହିବ ନାହିଁ। ଯେଉଁମାନେ ଉଚ୍ଚ ସେମାନେ
ନୀଚ ହେବେ ଓ ଯେଉଁମାନେ ନୀଚ ସେମାନେ ଉଚ୍ଚହେବେ।
27ମୁଁ ସମ୍ପୂର୍ଣ୍ଣ ରୂପେ ସେହି ସହର ଧ୍ୱଂସ କରିବି। କିନ୍ତୁ
ବାବିଲକୁ ଜଣେ ନୂତନ ରାଜା ନ ଆସିବା ପର୍ଯ୍ୟନ୍ତ ତାହା
ଘଟିବ ନାହିଁ। ତେଣୁ ନୂତନ ରାଜା ହାତରେ ମୁଁ ଏହାକୁ
ଦେବି।"

### ଅମ୍ମୋନ ସନ୍ତାନଗଣଙ୍କ ବିପକ୍ଷରେ ଭବିଷ୍ୟଦ୍‌ବାର୍ତ୍ତା

28ପରମେଶ୍ୱର କହିଲେ, "ହେ ମନୁଷ୍ୟ ପୁତ୍ର, ତୁମ୍ଭେ
ଭବିଷ୍ୟଦ୍ ବାକ୍ୟ ପ୍ରଚାର କରି କୁହ, 'ସଦାପ୍ରଭୁ, ମୋର ପ୍ରଭୁ
ଅମ୍ମୋନ ସନ୍ତାନଗଣ ବିଷୟରେ ଓ ସେମାନଙ୍କ ଅପମାନ
ବିଷୟରେ ଏହି କଥା କହନ୍ତି,

"'ଦେଖ, ଖଡ୍ଗ କୋଷମୁକ୍ତ ହୋଇଅଛି। ତାହା ହତ୍ୟା ଓ
ଗ୍ରାସ କରିବା ପାଇଁ ମାର୍ଜିତ ହୋଇଅଛି ଓ ବିଜୁଳି ପରି ଚକ୍
ଚକ୍ କରୁଅଛି।

29ତୁମ୍ଭମାନଙ୍କର ଦର୍ଶନଗୁଡ଼ିକ ଅର୍ଥହୀନ ଓ ତୁମ୍ଭର ମିଥ୍ୟା
ମନ୍ତ୍ର ତୁମ୍ଭକୁ ସହାୟ ହେବ ନାହିଁ। ଦୁଷ୍ଟ ଲୋକମାନଙ୍କର
ଗଳାରେ ଖଣ୍ଡାଟିକୁ ରଖାଯିବ, ଯେଉଁମାନେ ହତ ହେବାକୁ
ଅଛନ୍ତି, ସେହିମାନଙ୍କ ପାଇଁ ଦଣ୍ଡିତ ହେବାର ଦିନ ପହଞ୍ଚିଯାଇଛି
ଏବଂ ସେମାନଙ୍କର ଦୋଷର ଅବସାନ ଘଟିବ।

### ବାବିଲ ବିପକ୍ଷରେ ଭବିଷ୍ୟଦ୍‌ବାର୍ତ୍ତା

30"'ହେ ବାବିଲ, ଖଡ୍ଗକୁ ପୁନର୍ବାର କୋଷ ମଧ୍ୟକୁ
ଫେରାଇ ଆଣ। ତୁମ୍ଭେ ଯେଉଁଠାରେ ସୃଷ୍ଟି ହୋଇଥିଲ ଓ
ଯେଉଁଠାରେ ତୁମ୍ଭେ ଜନ୍ମ ହୋଇଥିଲ, ସେଠାରେ ମୁଁ ତୁମ୍ଭର
ବିଚାର କରିବି। 31ଆଉ ମୁଁ ତୁମ୍ଭ ଉପରେ ଆପଣା କ୍ରୋଧ
ପ୍ରକାଶ କରିବି। ମୁଁ ତୁମ୍ଭ ଉପରେ ଆପଣା କ୍ରୋଧାଗ୍ନି ଛାଡ଼ିବି।
ମୁଁ ତୁମ୍ଭକୁ ଦୁଷ୍ଟ ଲୋକମାନଙ୍କ ହସ୍ତରେ ସମର୍ପଣ କରିବି,
ଯେଉଁମାନେ ବିନାଶ କରିବାରେ ପାରଙ୍ଗମ। 32ତୁମ୍ଭେ ଅଗ୍ନିରେ
ଜାଳସ୍ୱରୂପ ହେବ; ତୁମ୍ଭର ରକ୍ତ ଦେଶ ମଧ୍ୟରେ ପଡ଼ିତ
ହେବ। ଆଉ ତୁମ୍ଭେ ସ୍ମୃତି ପଥରେ ଆସିବ ନାହିଁ। କାରଣ
ଆମ୍ଭେ ସଦାପ୍ରଭୁ ଏହା କହିଅଛୁ।'"

### ଯିହିଜିକଲ ଯିରୂଶାଲମ ବିପକ୍ଷରେ କହନ୍ତି

22 ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା। ସେ କହିଲେ, 2"ହେ ମନୁଷ୍ୟ
ପୁତ୍ର, ତୁମ୍ଭେ କ'ଣ ଏହି ରକ୍ତପାତ ନଗରୀର ବିଚାର କରିବ?
ତେବେ ତାହାର ଘୃଣାଯୋଗ୍ୟ ସମସ୍ତ କ୍ରିୟା ଏହାକୁ ଜ୍ଞାତ
କରାଅ। 3ଏବଂ ତୁମ୍ଭେ ଏହାକୁ କହିବ, 'ସଦାପ୍ରଭୁ, ମୋର
ପ୍ରଭୁ ଏହି କଥା କହୁଛନ୍ତି। ହେ ନଗରୀ, ଯିଏ ଏହା ମଧ୍ୟରେ
ରକ୍ତପାତ କରେ, ସେ ତା'ର ନିଜର ଅବସାନ ଆଣେ ଏବଂ
ଏହା ନିଜର ଶେଷ ଆଣେ ଯେ, ନିଜ ପାଇଁ ମୂର୍ତ୍ତି ତିଆରି
କରେ, ତାହା ଏହାକୁ କଳୁଷିତ କରେ।

4"'ତୁମ୍ଭର ରକ୍ତପାତ ଯୋଗୁଁ ତୁମ୍ଭେ ଦୋଷୀ ହୋଇଅଛ
ଓ ପୁଣି ତୁମ୍ଭେ ଯେଉଁ ପ୍ରତିମାଗଣ ନିର୍ମାଣ କରିଅଛ, ତଦ୍ୱାରା
ଅଶୁଚି ହୋଇଅଛ। ଏବଂ ତୁମ୍ଭେ ନିଜର ଅନ୍ତିମ ସମୟ
ନିକଟବର୍ତ୍ତୀ କରାଇଅଛ। ଏବଂ ନିଜ ଆୟୁର ଶେଷ ଭାଗରେ
ପହଞ୍ଚିଛ। ତେଣୁ ମୁଁ ତୁମ୍ଭକୁ ଜାତିଗଣ ନିକଟରେ ଉପହାସର
ପାତ୍ର ଓ ସବୁ ଦେଶ ନିକଟରେ ପରିହାସର ପାତ୍ର କରିଅଛି।
5ହେ କୁଖ୍ୟାତ ଓ କଳହ ପ୍ରିୟ ନଗର, ତୁମ୍ଭର ନିକଟସ୍ଥ ଓ
ଦୂରସ୍ଥ ସମସ୍ତେ ତୁମ୍ଭକୁ ପରିହାସ କରିବେ।

6"'ଆଉ, ଦେଖ, ଇସ୍ରାୟେଲର ଅଧିପତିଗଣ ପ୍ରତ୍ୟେକ
ନିଜ ନିଜ ପରାକ୍ରମ ଅନୁସାରେ ରକ୍ତପାତ କରିବା ନିମନ୍ତେ
ତୁମ୍ଭ ମଧ୍ୟରେ ରହିଅଛନ୍ତି। 7ତୁମ୍ଭ ମଧ୍ୟରେ ଲୋକମାନେ
ପିତାମାତାଙ୍କୁ ଅବଜ୍ଞା କରିଅଛନ୍ତି। ସେମାନେ, ତୁମ୍ଭମାନଙ୍କ
ମଧ୍ୟରେ ବାସ କରୁଥିବାକୁ ବିଦେଶୀମାନଙ୍କୁ ଅତ୍ୟାଚାର କଲେ,
ଅନାଥ ଓ ବିଧବା ପ୍ରତି ଅନ୍ୟାୟ କରିଅଛନ୍ତି। 8ତୁମ୍ଭେ ଆମ୍ଭ
ପବିତ୍ର ବସ୍ତୁଗୁଡ଼ିକୁ ତୁଚ୍ଛ କରିଅଛ ଓ ଆମ୍ଭର ବିଶ୍ରାମଦିନଗୁଡ଼ିକୁ
ଅପବିତ୍ର କରିଅଛ। 9ରକ୍ତପାତ କରିବାକୁ ନିନ୍ଦୁକମାନେ ତୁମ୍ଭ
ମଧ୍ୟରେ ଏଠାରେ ରହିଅଛନ୍ତି। ତୁମ୍ଭମାନଙ୍କ ମଧ୍ୟରୁ ଲୋକମାନେ
ଉଚ୍ଚ ପର୍ବତରେ ମୂର୍ତ୍ତିମାନଙ୍କୁ ଉତ୍ସର୍ଗମାନ ଅର୍ପଣ କଲେ ଏବଂ
ପବିତ୍ରସ୍ଥାନର ବଳିଦାନ କରି ଭୋଜନ କରିଅଛନ୍ତି,

"'ଏବଂ ଲୋକମାନେ ତୁମ୍ଭ ସହିତ ଅଛନ୍ତି, ଯିଏ ଶାରୀରିକ
ପାପକର୍ମରେ ଅନ୍ତର୍ଭୁକ୍ତ ଅଟନ୍ତି। 10ତୁମ୍ଭ ମଧ୍ୟରେ ଲୋକମାନେ
ନିଜ ନିଜ ପିତାର ପତ୍ନୀ ସହିତ ଯୌନ ସଂପର୍କ ରଖିଛନ୍ତି।
ଏବଂ ତୁମ୍ଭ ଗୋଷ୍ଠୀରେ ଲୋକମାନେ ଅଛନ୍ତି, ଯିଏ ନାରୀମାନଙ୍କୁ
ପାଶବିକ ଅତ୍ୟାଚାର ଏମିତିକି ସେମାନଙ୍କର ଋତୁସ୍ରାବ* ସମୟରେ
ମଧ୍ୟ ଅତ୍ୟାଚାର କରନ୍ତି। 11ପୁଣି କେହି କେହି ନିଜ
ପ୍ରତିବେଶୀର ସ୍ତ୍ରୀ ସହ ପାପକର୍ମ କରିଅଛନ୍ତି, ଆଉ କେହି
ଲମ୍ପଟାଚରଣ କରି ନିଜର ପୁତ୍ରବଧୂକୁ ଅଶୁଚି କରିଅଛନ୍ତି,
ପୁଣି କେହି ନିଜର ପିତୃକନ୍ୟା ଭଗିନୀକୁ ବଳାତ୍କାର କରିଛନ୍ତି।
12"'ତୁମ୍ଭମାନଙ୍କ ମଧ୍ୟରେ ଲୋକମାନେ ରକ୍ତପାତ କରିବା
ପାଇଁ ଲାଞ୍ଚ ନେଇଛନ୍ତି। ତୁମ୍ଭେ ସୁଧ ନେଇ ଋଣ ଦେଇଅଛ
ଏବଂ ତୁମ୍ଭେ ଲୋଭରେ ଉପଦ୍ରବ କରି ଆପଣା ପ୍ରତିବେଶୀଠାରୁ
ଲାଭ ନେଇଅଛ। ତୁମ୍ଭେ ମୋତେ ପାଶୋରି ଯାଇଅଛ।' ଏହା
ସଦାପ୍ରଭୁ, ମୋର ପ୍ରଭୁ କହନ୍ତି।

---

**ତୁମ୍ଭେ ... ଋତୁସ୍ରାବର** ତାହା ସେମାନେ କେବଳ ନିଷ୍ଠୁର ନଥିଲେ କିନ୍ତୁ ସେମାନେ ମଧ୍ୟ ପରମେଶ୍ୱରଙ୍କର ଆଜ୍ଞା ଭଂଗ କଲେ।

13"'ମୁଁ ତୁମ୍ଭର ଅନ୍ୟାୟ ଲାଭ ଓ ତୁମ୍ଭ ମଧ୍ୟରେ ଯେଉଁ
ରକ୍ତପାତ ହୋଇଅଛି, ସେଥିପାଇଁ ତୁମ୍ଭକୁ ଦଣ୍ଡ ଦେବି। 14ମୁଁ
ଯେଉଁଦିନ ତୁମ୍ଭର ଶାସ୍ତି ବିଧାନ ପାଇଁ ବିଚାର କରିବି,
ସେଦିନ ତୁମ୍ଭର ହୃଦୟ ଓ ଶକ୍ତି ସହିପାରିବ କି? ମୁଁ
ସଦାପ୍ରଭୁ ଏହା କହିଅଛି ଓ ଏହା ମୁଁ ସିଦ୍ଧ କରିବି। 15ଏବଂ
ମୁଁ ନାନା ଜାତିଗଣ ମଧ୍ୟରେ ତୁମ୍ଭକୁ ଛିନ୍ନଭିନ୍ନ କରିବି ଓ
ନାନା ଦେଶରେ ତୁମ୍ଭକୁ ନିକ୍ଷେପ କରିବି। ଏବଂ ଏହି
ନଗରରୁ ଅପବିତ୍ରତା ସମ୍ପୂର୍ଣ୍ଣ ଭାବରେ ଦୂର କରିବି। 16କିନ୍ତୁ
ହେ ଯିରୁଶାଲମ, ତୁମ୍ଭେ ସମସ୍ତ ଜାତିଗଣ ସାକ୍ଷାତରେ ନିଜ
କର୍ମ ଯୋଗୁ ଅପବିତ୍ର ହେବ। ତାହାହେଲେ ମୁଁ ଯେ ସଦାପ୍ରଭୁ
ଏହା ତୁମ୍ଭେ ଜାଣିବ।'"

## ଇଶ୍ରାୟେଲ ଏକ ମୂଲ୍ୟହୀନ ଖାଦ ସଦୃଶ

17ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 18"ହେ ମନୁଷ୍ୟ ପୁତ୍ର, ଇଶ୍ରାୟେଲ
ବଂଶ ଆମ୍ଭ ନିକଟରେ ଖାଦ ସ୍ୱରୂପ ହୋଇଅଛନ୍ତି। ସେ
ସମସ୍ତ ଉହ୍ମେଇ ମଧ୍ୟରେ ପିତ୍ତଳ, ଦସ୍ତା, ଲୁହା ଓ ସୀସା
ସ୍ୱରୂପ ହୋଇଅଛନ୍ତି। ସେମାନେ ରୂପାର ଖାଦ ସ୍ୱରୂପ।
19ଏଣୁ ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହନ୍ତି, 'ତୁମ୍ଭେ
ସମସ୍ତେ ଖାଦ ସ୍ୱରୂପ ହୋଇଅଛ, ଏଥିପାଇଁ ଦେଖ, ଆମ୍ଭେ
ତୁମ୍ଭମାନଙ୍କୁ ଯିରୁଶାଲମର ମଧ୍ୟରେ ଏକତ୍ର କରିବା। 20ଯେପରି
ଲୋକମାନେ ଉହ୍ମେଇ ମଧ୍ୟରେ ରୂପା, ପିତ୍ତଳ, ଲୁହା, ସୀସା
ଓ ଦସ୍ତା ଏକତ୍ର କରି ତରଳାଇବା ପାଇଁ ତହିଁ ଉପରେ ଅଗ୍ନି
ରଖି ଫୁଙ୍କନ୍ତି। ସେହିପରି ଆମ୍ଭେ ତୁମ୍ଭମାନଙ୍କୁ ଆପଣା କ୍ରୋଧ
ଓ ଆପଣା କୋପରେ ଏକତ୍ର କରି ସେ ସ୍ଥାନରେ ରଖିବା ଓ
ତୁମ୍ଭମାନଙ୍କୁ ଜାଳିବା। 21ଆଉ ଆମ୍ଭେ ତୁମ୍ଭମାନଙ୍କୁ ଏକତ୍ର କରି
ଆପଣା କ୍ରୋଧାଗ୍ନିରେ ତୁମ୍ଭମାନଙ୍କୁ ଫୁଙ୍କିବା, ତହିଁରେ ତୁମ୍ଭେମାନେ
ତରଳି ଯିବ। 22ଯେପରି ରୂପା ଗୋଟିଏ ଉହ୍ମାଇରେ ତରଳା
ହୋଇଥାଏ ମୁଁ ତୁମ୍ଭଙ୍କୁ ନଗରରେ ତରଳାଇବି। ତେଣୁ
ତୁମ୍ଭମାନେ ଅନୁଭବ କରିବ ଯେ, ମୁଁ ସଦାପ୍ରଭୁ ତୁମ୍ଭମାନଙ୍କ
ବିରୁଦ୍ଧରେ ଆପଣା କ୍ରୋଧ ପ୍ରକାଶ କରିଛି।'"

## ଯିହିଜିକଲ ଯିରୁଶାଲମ ବିପକ୍ଷରେ କହନ୍ତି

23ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 24"ହେ ମନୁଷ୍ୟ ପୁତ୍ର, ତୁମ୍ଭେ
ଦେଶକୁ କୁହ, ତୁମ୍ଭେ ଏକ ଦେଶ ଯାହାକୁ କେବେ ପବିତ୍ର
କରାଯାଇ ନାହିଁ। ସେଠାରେ ବର୍ଷା ଅସରାଏ ହୋଇ ନାହିଁ।
25ତାହାର ଭବିଷ୍ୟଦ୍‌ବକ୍ତାମାନେ ସେଠାରେ ଚକ୍ରାନ୍ତ କରିଛନ୍ତି।
ସେମାନେ ପ୍ରାଣୀମାନଙ୍କୁ ହତ୍ୟା କରିବାକୁ ଉତ୍ସୁକ ଗର୍ଜ୍ଜନକାରୀ
ସିଂହ ସଦୃଶ। ସେମାନେ ଲୋକମାନଙ୍କୁ ଶୋଷଣ କରନ୍ତି,
ସେମାନେ ମୂଲ୍ୟବାନ ଓ ବହୁମୂଲ୍ୟ ବସ୍ତ୍ର ହରଣ କରନ୍ତି;
ସେମାନେ ବହୁ ମହିଳାଙ୍କୁ ବିଧବା କରିଅଛନ୍ତି।
26"ଯାଜକମାନେ ମୋର ବ୍ୟବସ୍ଥା ଅବମାନନା କରିଛନ୍ତି
ଓ ସେମାନେ ମୋର ପବିତ୍ର ବସ୍ତୁସବୁକୁ ଅପବିତ୍ର କରିଅଛନ୍ତି।
ସେମାନେ ପବିତ୍ର ଓ ଅପବିତ୍ର ମଧ୍ୟରେ କିଛି ପ୍ରଭେଦ ରଖି
ନାହାଁନ୍ତି, ସେମାନେ ଶୁଚି ବସ୍ତୁକୁ ଅଶୁଚି ମନେ କରନ୍ତି ଓ ଏ
ବିଷୟରେ ଲୋକଙ୍କୁ ଶିଖାନ୍ତି ନାହିଁ। ଏବଂ ସେମାନେ ମୋର
ବିଶ୍ରାମଦିନଗୁଡ଼ିକ ହେୟଜ୍ଞାନ କରନ୍ତି। ଏବଂ ମୁଁ ସେମାନଙ୍କ
ପାଖରେ ନିକୃଷ୍ଟ ହୋଇଛି।
27"ତା'ର ଅଧିପତିଗଣ ଗଧିଆ ସଦୃଶ ପ୍ରାଣୀମାନଙ୍କୁ
ବିଦୀର୍ଣ୍ଣ କଲାପରି ଅନ୍ୟାୟ ଲାଭର ଚେଷ୍ଟାରେ ରକ୍ତପାତ କରି
ପ୍ରାଣୀମାନଙ୍କୁ ବିନାଶ କରନ୍ତି।
28"ଭବିଷ୍ୟଦ୍‌ବକ୍ତାମାନେ ଏପରି ଆଚରଣକୁ ଠିକ୍ ବୋଲି
ପ୍ରମାଣ କରିବାକୁ କହନ୍ତି। ସେମାନେ ମିଥ୍ୟା ଦର୍ଶନ ପାଆନ୍ତି
ଓ ମିଥ୍ୟା ଭବିଷ୍ୟତବାଣୀ କରି କହନ୍ତି, 'ଏହା ସଦାପ୍ରଭୁ,
ମୋର ପ୍ରଭୁ କହନ୍ତି,' ଯେତେବେଳେ ସଦାପ୍ରଭୁ କିଛି କହି
ନଥାନ୍ତି।
29"ସାଧାରଣ ଲୋକେ ପରସ୍ପର ପ୍ରତି ଅତ୍ୟାଚାର କରନ୍ତି
ଓ ଚୋରି କରନ୍ତି, ସେମାନେ ଗରିବ ଓ ଧନହୀନମାନଙ୍କୁ
ଠକନ୍ତି। ସେମାନେ ବିଦେଶୀମାନଙ୍କୁ ସେମାନେଙ୍କ ମଧ୍ୟରେ
ବସବାସ କରୁଥିବା ନ୍ୟାୟରୁ ବଞ୍ଚିତ କରି ଅତ୍ୟାଚାର କରନ୍ତି।
30"ପୁଣି ଦେଶ ଯେପରି ବିନଷ୍ଟ ନ ହେବ ସେଥିପାଇଁ
ଯେ ସୁଦୃଢ଼ ପ୍ରାଚୀର କରି ପାରିବ ଓ ଫାଟ ସ୍ଥାନରେ ଆମ୍ଭ
ସମ୍ମୁଖରେ ଦେଶ ସପକ୍ଷରେ ଠିଆ ହେବ, ଏପରି ଏକ
ଲୋକକୁ ଆମ୍ଭେ ଅନ୍ୱେଷଣ କଲୁ। ମାତ୍ର ଜଣେ ସୁଦ୍ଧା ପାଇଲୁ
ନାହିଁ। 31ଏଣୁ ଆମ୍ଭେ ସେମାନଙ୍କ ଉପରେ ଆପଣା କ୍ରୋଧ
ପ୍ରକାଶ କରିଅଛୁ ଓ ଆପଣା କୋପାଗ୍ନିରେ ସେମାନଙ୍କୁ ସଂହାର
କରିଅଛୁ। ସେମାନଙ୍କର ନିଜ କର୍ମର ଫଳ ସେମାନେ ନିଜେ
ଭୋଗିଛନ୍ତି।" ଏହା ମୋର ପ୍ରଭୁ ସଦାପ୍ରଭୁ କହନ୍ତି।

23 ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 2"ହେ ମନୁଷ୍ୟ ପୁତ୍ର,
ସେଠାରେ ଏକ ମାତାର କନ୍ୟା ଦୁଇ ଭଉଣୀ ଥିଲେ।
3ସେମାନେ କିଶୋରୀ ସମୟରେ ମିଶରରେ ବ୍ୟଭିଚାରିଣୀ
ହେଲେ। ସେ ସ୍ଥାନରେ ସେମାନଙ୍କର ସ୍ତନ ମର୍ଦ୍ଦିତ ହେଲା ଓ
ଲୋକମାନେ ସେମାନଙ୍କର କୌମାର୍ଯ୍ୟକାଳୀନ କୁଚାଗ୍ର ମନ୍ଥନ
କଲେ। 4ଜ୍ୟେଷ୍ଠାର ନାମ ଅହଲା ଓ ତା'ର ଭଗିନୀର ନାମ
ଅହଲୀବା ଥିଲା। ସେମାନେ ମୋର ପତ୍ନୀ ହେଲେ ଓ ପୁତ୍ର
କନ୍ୟା ପ୍ରସବ କଲେ। ବଡ଼ ଭଉଣୀ ଅହଲା ଶମରିୟା ଅଟେ
ଓ ସାନ ଭଉଣୀ ଅହଲୀବା ଯିରୁଶାଲମ ଅଟେ।
5"ଆଉ ଅହଲା ଆମ୍ଭପ୍ରତି ଅବିଶ୍ୱସ୍ତ ହୋଇ ପ୍ରେମ କଲା।
ସେ ଆପଣାର ପ୍ରତିବେଶୀ ଅଶୂରୀୟ ପ୍ରେମିକଗଣଠାରେ ଆସକ୍ତା
ହେଲା। 6ସେମାନେ ନୀଳରଙ୍ଗ ପୋଷାକ ପରିହିତ ଦେଶାଧ୍ୟକ୍ଷ
ଓ ଶାସନ କର୍ତ୍ତୃଗଣ। ସେମାନେ ସମସ୍ତେ ସୁନ୍ଦର ଯୁବକ ଏବଂ
ଅଶ୍ୱାରୋହୀ ଥିଲେ। 7ଏବଂ ସେ ଅଶୂରର ସମ୍ଭ୍ରାନ୍ତ ଲୋକଙ୍କ
ସଙ୍ଗରେ ବ୍ୟଭିଚାର କଲେ। ସେ ଯେକୌଣସି ଲୋକ ପ୍ରତି
ପ୍ରେମରେ ଆସକ୍ତା ଥିଲା। ସେ ତା'ର ପ୍ରତିମାଗଣଦ୍ୱାରା
ଆପଣାକୁ ଅପବିତ୍ର କଲା। 8ଆଉ ସେ ମିଶରଠାରୁ ତା'ର
ପ୍ରେମ ବୃତ୍ତି ତ୍ୟାଗ କରି ନ ଥିଲା। କାରଣ ଯୌବନ କାଳରୁ
ମିଶର ତା' ସହିତ ପ୍ରେମ କରିଥିଲା। ସେମାନେ ତାହାର
କୌମାର୍ଯ୍ୟକାଳୀନ କୁଚାଗ୍ର ଚିପିଲେ ଓ ତା' ସହିତ ଅତିଶୟ
ପ୍ରେମ କଲେ। 9ତେଣୁ ଆମ୍ଭେ ତାହାର ପ୍ରେମିକଗଣର
ହସ୍ତରେ ଅର୍ଥାତ୍ ଯେଉଁମାନଙ୍କ ପ୍ରତି ସେ ପ୍ରେମରେ ଆସକ୍ତା
ହୋଇଥିଲା ସେହି ଅଶୂରୀୟମାନଙ୍କ ହସ୍ତରେ ତାହାକୁ ସମର୍ପଣ
କଲୁ। 10ସେମାନେ ତାକୁ ଧର୍ଷଣ କଲେ, ସେମାନେ ତା'ର

ପୁତ୍ର କନ୍ୟାଗଣକୁ ନେଇଗଲେ। ସେମାନେ ସେମାନଙ୍କୁ ଖଡ୍ଗରେ
ହତ୍ୟା କଲେ। ଏବଂ ସେ ସ୍ତ୍ରୀମାନଙ୍କ ମଧ୍ୟରେ ଉପହାସର
ବିଷୟ ହେଲା। କାରଣ ଅଶୂରୀୟ ଲୋକମାନେ ତାକୁ
ବେଦନାପୂର୍ଣ୍ଣ ଦଣ୍ଡ ଦେଲେ।

11“ଆଉ ତା’ର ଭଗିନୀ ଏସବୁ ଦେଖି ମଧ୍ୟ ବେଶ୍ୟାବୃତ୍ତିରେ
ଓ ପ୍ରେମାଶକ୍ତରେ ତାହା ଅପେକ୍ଷା ଅଧିକ ଭ୍ରଷ୍ଟା ହେଲା।
ତା’ର ଭଗିନୀର ବ୍ୟଭିଚାରିତାଠାରୁ ସେ ଅଧିକ ବ୍ୟଭିଚାରିଣୀ
ହେଲା। 12ସେ ମଧ୍ୟ ସେହି ଅଶୂରୀୟ ଦେଶାଧ୍ୟକ୍ଷ ଶାସନ
କର୍ତ୍ତୃଗଣଙ୍କ ପ୍ରତି ଆସକ୍ତା ହେଲା। ସେମାନେ ନୀଳରଙ୍ଗ
ପୋଷାକ ପରିହିତ ସୁନ୍ଦର ଯୁବକ ଓ ଅଶ୍ୱାରୋହୀ ଥିଲେ।
13ଏବଂ ମୁଁ ଅନୁତାପ କଲି ଯେ, ସେ ଦୁହେଁ ଗୋଟିଏ ରାସ୍ତା
ଅନୁସରଣ କରୁଥିଲେ, ସେହି କାର୍ଯ୍ୟଗୁଡ଼ିକ କରୁଥିଲେ, ଯାହା
ସେମାନଙ୍କୁ ତୁଚ୍ଛ କଲା।

14“ଏବଂ ଅହଲୀବା ନିଜର ବ୍ୟଭିଚାରିତା ବଢ଼ାଇଲା। ସେ
କାନ୍ଥରେ ଚିତ୍ରିତ କଲଦୀୟ ପୁରୁଷମାନଙ୍କର ଲାଲରଙ୍ଗ ପୋଷାକ
ପରିହିତ ମୂର୍ତ୍ତି ଦେଖିଲା। 15ସେମାନଙ୍କ କଟିରେ ଅଣ୍ଟାବାନ୍ଧା
ଥିଲା, ମସ୍ତକରେ ରଙ୍ଗ ଚିତ୍ରିତ ଭୂଷଣ ଥିଲା। ସେମାନେ
ସମସ୍ତେ କଲଦୀୟ ଦେଶଜାତ ବାବିଲୋନୀୟମାନଙ୍କ ରୂପ
ବିଶିଷ୍ଟ ଅଧିପତିଗଣର ତୁଲ୍ୟ ଥିଲେ। 16ପୁଣି ଅହଲୀବା
ସେମାନଙ୍କ ପ୍ରତି ପ୍ରେମରେ ଆସକ୍ତା ହେଲା ଓ କଲଦୀୟ
ଦେଶରୁ ସେମାନଙ୍କୁ ଡକାଇଲା। 17ତେଣୁ ବାବିଲୋନୀୟ
ଲୋକମାନେ ତାହା ନିକଟକୁ ଆସି ପ୍ରେମ କଲେ। ସେମାନେ
ବ୍ୟଭିଚାର କ୍ରିୟାଦ୍ୱାରା ତାକୁ ଅଶୁଚି କଲେ। ସେମାନଙ୍କ ଦ୍ୱାରା
ତୁଚ୍ଛ ହେବା ପରେ, ସେ ସେମାନଙ୍କ ପ୍ରତି କ୍ରୋଧିତ ହେଲେ।

18“ଏହିରୂପେ ସେ ନିଜର ବେଶ୍ୟାବୃତ୍ତି ପ୍ରକାଶ କଲା ଓ
ନିଜର ଉଲଗ୍ନତା ଅନାବୃତ କଲା। ଏବଂ ମୁଁ ତା’ର ଭଗିନୀଠାରୁ
ବିମୁଖ ହେଲି ପରି ତା’ଠାରୁ ମଧ୍ୟ ବିମୁଖ ହେଲି। 19ସେ
ଅଧିକରୁ ଅଧିକ ତା’ର ବେଶ୍ୟାବୃତ୍ତି ବଢ଼ାଇ ଚାଲିଲା। ଯୌବନ
କାଳରେ ମିଶର ଦେଶରେ ଯେଉଁ ବେଶ୍ୟାକର୍ମ କରିଥିଲା
ତାହାକୁ ସ୍ମରଣ କରି ସେ ବ୍ୟଭିଚାରିତା ବୃଦ୍ଧି କଲା। 20ଆଉ
ସେ ଗର୍ଦ୍ଦଭ ପରି ଯୌନାଙ୍ଗ ବିଶିଷ୍ଟ ଓ ଅଶ୍ୱପରି ରେତ
ବିଶିଷ୍ଟ ଉପପତିମାନଙ୍କଠାରେ ଆସକ୍ତା ହେଲା।

21“ହେ ଅହଲୀବା, ତୁମ୍ଭେ ଯୌବନ କାଳରେ ମିଶରୀୟମାନଙ୍କ
ଦ୍ୱାରା ଯେପରି ତୁମ୍ଭର କୁଚାଗ୍ରକୁ ମର୍ଦ୍ଦନ କରାଉଥିଲ, ସେହି
ପ୍ରକାର ଲମ୍ପଟତାକୁ ସ୍ମରଣ କରୁଛ। 22ଏଣୁ ହେ ଅହଲୀବା,
ସଦାପ୍ରଭୁ, ମୋର ପ୍ରଭୁ କହନ୍ତି, ‘ମୁଁ ତୁମ୍ଭ ପ୍ରେମିକମାନଙ୍କୁ
ତୁମ୍ଭ ବିରୁଦ୍ଧରେ ଉଠାଇବି। ସେହି ପ୍ରେମିକମାନେ ଯିଏ ତୁମ୍ଭକୁ
ହତାଶ କଲେ, ତୁମ୍ଭକୁ ଘେରି ଯିବେ। ମୁଁ ଏହା ଘଟିବାକୁ
କାରଣ କରିବି। 23ବାବିଲୋନୀୟମାନଙ୍କୁ ଓ ସମୁଦାୟ କଲଦୀୟ
ଲୋକଙ୍କୁ ପକୋଦ, ଶୋୟା, କୋୟା ଓ ସେମାନଙ୍କ ସଙ୍ଗେ
ସମୁଦାୟ ଅଶୂରୀୟ ଲୋକଙ୍କୁ ଆଣିବି। ସେମାନେ ସମସ୍ତେ
ସୁନ୍ଦର ଯୁବକ, ଦେଶାଧ୍ୟକ୍ଷ, ଶାସନକର୍ତ୍ତା, ଅଧିପତିଗଣ,
ବିଖ୍ୟାତ ଲୋକ ଓ ଅଶ୍ୱାରୋହୀ। 24ସେମାନେ ଅସ୍ତ୍ରଶସ୍ତ୍ର,
ରଥ ଓ ଅଶ୍ୱ ସହିତ ସମସ୍ତ ଗୋଷ୍ଠୀଗଣକୁ ଧରି ତୁମ୍ଭ
ବିରୁଦ୍ଧରେ ଆସିବେ। ସେମାନେ ଚର୍ମ, ଢାଲ ଓ ଟୋପର
ଧରି ଚତୁର୍ଦ୍ଦିଗରେ ତୁମ୍ଭ ବିରୁଦ୍ଧରେ ବେଢ଼ିଯିବେ। ମୁଁ ତୁମ୍ଭକୁ
ଦଣ୍ଡ ଦେବା ପାଇଁ ସେମାନଙ୍କୁ ପ୍ରୟୋଗ କରିବି ଓ ସେମାନେ
ସେମାନଙ୍କର ବିଧିଅନୁସାରେ ତୁମ୍ଭର ଶାସ୍ତି ବିଧାନ କରିବେ।
25ଏବଂ ମୁଁ ତୁମ୍ଭ ବିରୁଦ୍ଧରେ ମୋର ହିଂସାର ଶକ୍ତି ପ୍ରକାଶ
କରିବି। ତେଣୁ ସେମାନେ କୋପରେ ତୁମ୍ଭକୁ ଆଘାତ
କରିବେ। ସେମାନେ ତୁମ୍ଭର ନାସିକା ଓ କର୍ଣ୍ଣ କାଟି
ପକାଇବେ ଓ ଖଡ୍ଗରେ ତୁମ୍ଭକୁ ହତ୍ୟା କରିବେ। ତୁମ୍ଭର
ଅବଶିଷ୍ଟ ଲୋକ ମଧ୍ୟ ଖଡ୍ଗରେ ପତିତ ହେବେ। ସେମାନେ
ତୁମ୍ଭର ପୁତ୍ରକନ୍ୟାଗଣକୁ ନେଇଯିବେ ଓ ତୁମ୍ଭର ଅବଶିଷ୍ଟ
ଲୋକ ଅଗ୍ନିରେ ଗ୍ରାସିତ ହେବେ। 26ସେମାନେ ତୁମ୍ଭକୁ
ବିବସ୍ତ୍ର କରି ତୁମ୍ଭର ସୁନ୍ଦର ଅଳଙ୍କାର ସବୁ ନେଇଯିବେ।
27କିନ୍ତୁ ମୁଁ ତୁମ୍ଭକୁ ବ୍ୟଭିଚାରିତାଠାରୁ ବନ୍ଦ କରିବି, ମୁଁ ତୁମ୍ଭର
ସମସ୍ତ ଅସାର କାର୍ଯ୍ୟଗୁଡ଼ିକ ମିଶର ସହିତ ବନ୍ଦ କରିବି।
ତେଣୁ ତୁମ୍ଭେ ମିଶର ପ୍ରତି ଅନାଇବ ନାହିଁ ଏବଂ ସେମାନଙ୍କୁ
ଆଉ ସ୍ମରଣ କରିବ ନାହିଁ।’”

28ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି, “ଯେଉଁମାନଙ୍କୁ
ତୁମ୍ଭେ ଘୃଣା କରୁଅଛ ଓ ଯେଉଁମାନଙ୍କଠାରୁ ତୁମ୍ଭର ପ୍ରାଣ
ବିମୁଖ ହୋଇଅଛି, ସେମାନଙ୍କ ହସ୍ତରେ ମୁଁ ତୁମ୍ଭକୁ ସମର୍ପଣ
କରିବି। 29ଆଉ ସେମାନେ ତୁମ୍ଭକୁ ଘୃଣ୍ୟ ଭାବରେ ବ୍ୟବହାର
କରିବେ ଓ ତୁମ୍ଭର ସମସ୍ତ ପରିଶ୍ରମର ଫଳ ହରଣ କରିବେ।
ପୁଣି ତୁମ୍ଭକୁ ଉଲଗ୍ନା ଓ ବିବସନା କରି ଛାଡ଼ି ଦେବେ।
ତଦ୍ଦ୍ୱାରା ତୁମ୍ଭର ବ୍ୟଭିଚାର ଜନିତ ଉଲଗ୍ନତା, ତୁମ୍ଭର ଲମ୍ପଟତା
ଓ ତୁମ୍ଭର ବେଶ୍ୟାବୃତ୍ତି ପ୍ରକାଶ ପାଇବ। 30ତୁମ୍ଭେ ଅନ୍ୟ
ଦେଶୀୟମାନଙ୍କର ଅନୁଗାମିନୀ ହୋଇ ବେଶ୍ୟାବୃତ୍ତି କରିଅଛ
ଓ ସେମାନଙ୍କର ପ୍ରତିମାଗଣଦ୍ୱାରା ନିଜକୁ ଅଶୁଚି କରିଅଛ।
ଏଥିପାଇଁ ତୁମ୍ଭ ପ୍ରତି ଏସବୁ କରାଯିବ। 31ତୁମ୍ଭେ ନିଜ
ଭଗିନୀର ପଥ ଅନୁସରଣ କରିଅଛ। ଏଣୁ ମୁଁ ତା’ର
ପାନପାତ୍ର ତୁମ୍ଭ ହସ୍ତରେ ଦେବି।” 32ସଦାପ୍ରଭୁ, ମୋର ପ୍ରଭୁ
ସଦାପ୍ରଭୁ ଏହିକଥା କହନ୍ତି,

“ତୁମ୍ଭେ ନିଜ ଭଗିନୀର ପାତ୍ରରେ ପାନ କରିବ। ସେହି
ପାତ୍ର ବଡ଼ ଗଭୀର ଓ ସେହି ପାତ୍ର ବହୁତ ଧାରଣ କରେ।
ତୁମ୍ଭେ ଲୋକମାନଙ୍କର ହାସ୍ୟ ଓ ଉପହାସର ପାତ୍ର ହେବ।

33ତୁମ୍ଭେ ମତ୍ତ ହୋଇ ଶୋକରେ ଆତୁର ହେବ। ତୁମ୍ଭର
ଭଗିନୀ ଶମରୀୟାର ପରିପୂର୍ଣ୍ଣ ହେଲାପରି ତୁମ୍ଭର ପାତ୍ର ଧ୍ୱଂସ
ଓ ବିନାଶରେ ପରିପୂର୍ଣ୍ଣ ହେବ।

34ତୁମ୍ଭେ ସେହି ପାତ୍ରରୁ ସମସ୍ତ ବିଷ ନିଗାଡ଼ି ପାନ
କରିବ ଏବଂ ସେହି ପାତ୍ରକୁ ଫିଙ୍ଗି ଖଣ୍ଡ ବିଖଣ୍ଡିତ କରିବ।
ତୁମ୍ଭ ଯନ୍ତ୍ରଣା ତୁମ୍ଭର ସ୍ତନକୁ ବିଦୀର୍ଣ୍ଣ କରିବ। କାରଣ ମୁଁ ପ୍ରଭୁ
ସଦାପ୍ରଭୁ ଏହା କହୁଅଛି।”

35“ତେଣୁ ସଦାପ୍ରଭୁ, ମୋର ପ୍ରଭୁ କହନ୍ତି, ‘ତୁମ୍ଭେ
ଆମ୍ଭକୁ ପାଶୋରି ଦେଇଛ ଓ ମୋତେ ତୁମ୍ଭ ପଛରେ ପକାଇ
ଛାଡ଼ି ଚାଲିଯାଇଛ। ତେଣୁ ତୁମ୍ଭେ ତୁମ୍ଭର ଘୃଣ୍ୟ ଚିନ୍ତାଗୁଡ଼ିକ
ଓ ବ୍ୟଭିଚାରିତାର ପାଇଁ ଦଣ୍ଡ ସହିବ।’”

## ଅହଲା ଓ ଅହଲୀବା ବିରୁଦ୍ଧରେ ବିଚାର

36ସଦାପ୍ରଭୁ, ମୋର ପ୍ରଭୁ ମୋତେ କହିଲେ, “ହେ
ମନୁଷ୍ୟ ପୁତ୍ର, ତୁମ୍ଭେ କ’ଣ ଅହଲାର ଓ ଅହଲୀବାର ବିଚାର
କରିବ? ତେବେ ସେମାନଙ୍କର ଘୃଣାଯୋଗ୍ୟ କ୍ରିୟା ସବୁ
ସେମାନଙ୍କୁ ଜଣାଅ। 37କାରଣ ଏହିଯେ ସେମାନେ ବ୍ୟଭିଚାରରେ

ସିଦ୍ଧ ହସ୍ତ ଥିଲେ। ସେମାନେ ମଧ ରକ୍ତପାତ କରବାରେ ଓ
ଆପଣା ପ୍ରତିମାଗଣ ସହ ବ୍ୟଭିଚାର କରଛନ୍ତି। ସେମାନେ
ମୋଠାରୁ ଜାତ ସନ୍ତାନମାନଙ୍କୁ ସେମାନଙ୍କର ଦେବତାମାନଙ୍କର
ଖାଦ୍ୟ ପାଇଁ ଉତ୍ସର୍ଗ କଲେ। **38**ସେମାନେ ମୋର ମନ୍ଦିରକୁ
ଅଶୁଚ ଓ ମୋର ବଶେଷ ବଶ୍ରାମ ଦନଗୁଡ଼ିକୁ ଅପବତ୍ର
କରଅଛନ୍ତି। **39**ଏବଂ ଠିକ୍ ସେହ ଦନ ସେମାନେ ପ୍ରତିମାଗଣ
ଉଦ୍ଦେଶ୍ୟରେ ଆପଣା ସନ୍ତାନମାନଙ୍କୁ ବଧ କରଥିଲେ।
ସେମାନେ ମୋର ମନ୍ଦିରର ଅଗଣାକୁ କଳୁଷିତ କରବା ପାଇଁ
ଆସିଥିଲେ।

**40**"ଦୂରରୁ ପୁରୁଷମାନେ ଆସିବା ପାଇଁ ତୁମ୍ଭେମାନେ ଦୂତ
ପଠାଇଲ। ସେମାନେ ପ୍ରେରତ ଦୂତମାନଙ୍କ ଦ୍ୱାରା ଆସିଲେ।
ସେମାନଙ୍କ ପାଇଁ ତୁମ୍ଭେ ସ୍ନାନ କଲ, ଆଖିରେ ଅଞ୍ଜନ ଦେଲ
ଓ ଅଳଙ୍କାର ବଭୂଷିତା ହେଲ। **41**ପୁଣି ରାଜକୀୟ ଶଯ୍ୟାରେ
ବସି, ତାହା ସମ୍ମୁଖରେ ମେଜ ସଜ୍ଜାଇ ତାହା ଉପରେ ଆମ୍ଭର
ଧୂପ ଓ ତୈଳ ରଖିଲ।

**42**"ଗୋଟିଏ ଶବ୍ଦ ଯିରୂଶାଲମରେ ଶୁଣା ହେଲା। ସେହ
ଶବ୍ଦ ଲୋକମାନଙ୍କର ଭୋଜିପର ଶବ୍ଦ ଥିଲା। ବହୁତ ଲୋକମାନେ
ଆସିଲେ, ମଦ୍ୟପ ଲୋକମାନେ ମରୁଭୂମିରୁ ପହଞ୍ଚିଲେ। ଏବଂ
ସେମାନେ ସ୍ତ୍ରୀଲୋକଙ୍କ ହସ୍ତରେ କଙ୍କଣ ଓ ମସ୍ତକରେ ସୁନ୍ଦର
ମୁକୁଟ ପିନ୍ଧାଇଲେ। **43**ତେବେ ବ୍ୟଭିଚାର କ୍ରିୟାରେ ଜୀର୍ଣ୍ଣ
ସ୍ତ୍ରୀଟିକୁ ମୁଁ କହଲ, 'ବର୍ତ୍ତମାନ ସେମାନେ ତା' ସଙ୍ଗେ
ବ୍ୟଭିଚାର ପାପ କରବେ ଓ ସେ ସେମାନଙ୍କ ସଙ୍ଗେ
କରବ?' **44**ଲୋକମାନେ ବେଶ୍ୟା ନକଟକୁ ଆସିଲା ପର
ସେମାନେ ତା' ନକଟକୁ ଆସନ୍ତି। ଏହପର ସେମାନେ ଦୁଷ୍ଟା
ସ୍ତ୍ରୀ ଅହଲା ଓ ଅହଲୀବା ନକଟକୁ ଗମନ କଲେ।

**45**"କନ୍ତୁ ଧାର୍ମିକମାନେ ବ୍ୟଭିଚାରଣୀ ଓ ରକ୍ତପାତ କାରଣୀ
ସ୍ତ୍ରୀମାନଙ୍କର ବଚାରାନୁସାରେ ସେମାନଙ୍କର ବଚାର କରବେ।
ଏହ କାରଣ ଯୋଗୁ ସେମାନେ ବ୍ୟଭିଚାରଣୀ ଓ ନରହତ୍ୟାର
ରକ୍ତ ସେମାନଙ୍କ ହସ୍ତରେ ଅଛି।"

**46**ତେଣୁ ସଦାପ୍ରଭୁ, ମୋର ପ୍ରଭୁ ଏହ କଥା କହନ୍ତି,
"ଲୋକମାନଙ୍କୁ ଏକତ୍ରୀତ କର ଏବଂ ସେହ ଲୋକମାନଙ୍କୁ
ଅହଲା ଓ ଅହଲୀବାକୁ ଦଣ୍ଡ ଦେବାକୁ ଓ ପରହାସ କରବାକୁ
ଦଅ। **47**ସେହ ଜନ ସମାଜ ସେମାନଙ୍କୁ ପ୍ରସ୍ତରାଘାତ କରବେ
ଓ ଖଡ୍ଗରେ ସେମାନଙ୍କୁ ବଧ କରବେ। ସେମାନେ ମଧ
ସେମାନଙ୍କର ସନ୍ତାନମାନଙ୍କୁ ବଧ କରବେ ଓ ସେମାନଙ୍କର
ଗୃହସବୁ ଅଗ୍ନିରେ ଦଗ୍ଧ କରବେ। **48**ଏହରୂପେ ମୁଁ ଏ
ଦେଶରୁ ଲମ୍ପଟତା ଦୂର କରବ। ତଦ୍ଦ୍ୱାରା ସମସ୍ତ ସ୍ତ୍ରୀଲୋକ
ତୁମ୍ଭମାନଙ୍କର ଲମ୍ପଟତା ପର ଆଚରଣ ନ କରବାକୁ ଶିକ୍ଷା
ପାଇବେ। **49**ଲୋକମାନେ ତୁମ୍ଭମାନଙ୍କର ବ୍ୟଭିଚାରତା ପାଇଁ
ତୁମ୍ଭମାନଙ୍କୁ ପ୍ରତିଫଳ ଦେବେ ଓ ତୁମ୍ଭେମାନେ ନଜର
ପ୍ରତିମାଗଣ ସମ୍ବନ୍ଧୀୟ ପାପ ସକଳର ଭାର ବହନ
କରବ। ତହିଁରେ ଆମ୍ଭେ ଯେ ସଦାପ୍ରଭୁ ଏହା ତୁମ୍ଭେମାନେ
ଜାଣିବ।"

## ପାତ୍ର ଓ ମାଂସ

**24** ଅନନ୍ତର ନବମ ବର୍ଷର ଦଶମ ମାସର ଦଶମ
ଦନରେ ମୋର ପ୍ରଭୁ ସଦାପ୍ରଭୁଙ୍କର ବାକ୍ୟ ମୋ
ନକଟରେ ଉପସ୍ଥିତ ହେଲା। ସେ କହଲେ, **2**"ହେ ମନୁଷ୍ୟ
ପୁତ୍ର, ତୁମ୍ଭେ ଆଜିର ତାରଖ ଲେଖି ରଖ। 'ଏହ ଦନରେ
ବାବଲର ରାଜା ଯିରୂଶାଲମକୁ ଅବରୋଧ କରବାକୁ ଅଗ୍ରସର
ହେଲା।' **3**ଏହ ବଦ୍ରୋହୀ ଲୋକମାନଙ୍କ ବରୁଦ୍ଧରେ ଗୋଟିଏ
ନୀତିଗଳ୍ପ କୁହ। ସେମାନଙ୍କୁ କୁହ, 'ସଦାପ୍ରଭୁ ମୋର ପ୍ରଭୁ
ଏହକଥା କହନ୍ତି, '"ହଣ୍ଡା ନିଆଁରେ ବସାଅ ଓ ତାହା ମଧ୍ୟରେ
ପାଣି ଢାଳ ଦଅ।

**4**ଉତ୍ତମ ମାଂସ ଖଣ୍ଡ ସବୁ ଯଥା: ଉରୁ ଓ ସ୍କନ୍ଧ ତହିଁ
ମଧ୍ୟରେ ରଖ ଓ ଭଲ ଅସ୍ଥିରେ ତାହା ପୂର୍ଣ୍ଣ କର।

**5**ପଲ ମଧ୍ୟରୁ ଏକ ମେଷ ବାଛ। ହଣ୍ଡାତଳେ ଜାଳେଣି
ଦଅ। ମାଂସକୁ ଉତ୍ତମ ରୂପେ ସିଦ୍ଧ କର ଓ ଅସ୍ଥିସବୁ ତହିଁ
ମଧ୍ୟରେ ପାକ ହେଉ।'

**6**"ଏଣୁ ସଦାପ୍ରଭୁ, ମୋର ପ୍ରଭୁ ଏହ କଥା କହନ୍ତି,
'ଯିରୂଶାଲମ, ଏକ ରକ୍ତାକ୍ତ ନଗରୀ। ସେହ ହଣ୍ଡା, ଯାହା
ମଧ୍ୟରେ କଳଙ୍କ ରହଛି ଓ ଯାହାର କଳଙ୍କ ତା' ମଧ୍ୟରୁ ଦୂର
ହୋଇ ନାହିଁ। ପାତ୍ର ମଧ୍ୟରୁ ପ୍ରତ୍ୟେକ ମାଂସ ଖଣ୍ଡ ବାହାର
କର। କ'ଣ ଖାଇବାକୁ ହେବ ଓ କଣ ଖାଇବାକୁ ନହେବ
ସେଥିପାଇଁ ଗୁଳାବାଣ୍ଟ କରନାହିଁ, ଏହାକୁ ସଂପୂର୍ଣ୍ଣ ଭାବରେ
ଶୂନ୍ୟ କରଦଅ।

**7**କାରଣ ସେହ ରକ୍ତ ପାତ୍ର ମଧ୍ୟରେ ଅଛି। ଯିରୂଶାଲମ
ଏହାକୁ ପଥର ଚଟାଣ ଉପରେ ଢାଳଲା, ସେ ଧୂଳି ଭୂମିରେ
ନୁହେଁ, ଯେଉଁଠାରେ ଧୂଳି ଆଚ୍ଛାଦତ ହେବ।

**8**ସେ ରକ୍ତ ପ୍ରତିଶୋଧ ନେବା ପାଇଁ ଯେପର ଲୋକମାନଙ୍କର
କ୍ରୋଧ ଜାଗ୍ରତ କରବ, ଏଥିପାଇଁ ତାକୁ ଆଚ୍ଛାଦତ ନକର
ଶୁଷ୍କ ଶୈଳ ଉପରେ ତାହା ରଖିଅଛୁ।'

**9**"ଏଣୁ ସଦାପ୍ରଭୁ, ମୋର ପ୍ରଭୁ ଏହ କଥା କହଛନ୍ତି;
'ସେହ ରକ୍ତପୂର୍ଣ୍ଣ ନଗରୀ ସହତ ଏହା ଖରାପ ହେବାକୁ
ଯାଉଛି। ମୁଁ ନିଆଁ ପାଇଁ ପ୍ରଚୁର କାଠ ସଜାଇବ।

**10**ପାତ୍ର ତଳେ ପ୍ରଚୁର କାଠ ଗଦା କର ଅଗ୍ନି ସଂଯୋଗ
କର। ମାଂସ ଉତ୍ତମ ରୂପେ ସିଦ୍ଧ କର ଓ ମସଲା ମିଶାଅ।
ଅସ୍ଥି ସବୁ ଦଗ୍ଧ କର। ଯେପର୍ଯ୍ୟନ୍ତ ସେମାନେ ପୋଡଯାଇ
ନାହାଁନ୍ତି।

**11**ଖାଲ ହଣ୍ଡାକୁ ଜ୍ୱଳନ୍ତ ଅଙ୍ଗାର ଉପରେ ରଖ। ତହିଁରେ
ହଣ୍ଡା ଉତ୍ତପ୍ତ ହେବ ଓ ପିତ୍ତଳ ଉତ୍ତପ୍ତ ଦଗ୍ଧ ହେବ। ତେଣୁ
ଅଶୌଚ ତରଳ ଯିବ ଓ କଳଙ୍କ ଉଭେଇଯିବ।

**12**ଅତିରିକ୍ତ 'ମଇଳା' ଏଥିରୁ ବାହାର ଆସିବ ନାହିଁ।
କେବଳ ଅଗ୍ନି କଳଙ୍କକୁ ପୋଡବ।

**13**ତୁମ୍ଭର ପାପ ତୁମ୍ଭକୁ ଅଶୌଚ କରେ। ମୁଁ ତୁମ୍ଭକୁ ଶୁଚ
କଲେ ହେଁ ତୁମ୍ଭେ ଶୁଚ ହେଲ ନାହିଁ। ତେଣୁ ତୁମ୍ଭେ
ପୁନର୍ବାର ଶୁଚ ନହେଲେ, ମୁଁ ମୋର କ୍ରୋଧ ତୁମ୍ଭ ବରୁଦ୍ଧରେ
ପଠାଇବ।

**14**ମୁଁ ସଦାପ୍ରଭୁ ଏହା କହଅଛି, ଏହା ସିଦ୍ଧ ହେବ ଓ ମୁଁ
ଏହା ସାଧନ କରବ। ମୁଁ ପଛକୁ ଫେରବ ନାହିଁ କମ୍ବା ମୁଁ
ଦୁଃଖ ପ୍ରକାଶ କରବ ନାହିଁ। ଆଉ ମୁଁ ଦୟା ମଧ କରବ
ନାହିଁ। ମୁଁ ତୁମ୍ଭର ବଚାର ଓ ଦଣ୍ଡ ତୁମ୍ଭର ଆଚରଣ ଏବଂ
କୁକର୍ମ ଅନୁସାରେ କରବ।' ଏହା ସଦାପ୍ରଭୁ, ମୋର ପ୍ରଭୁ
କହନ୍ତି।"

### ଯିହିଜିକଲ ସ୍ତ୍ରୀର ମୃତ୍ୟୁ

15ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 16"ହେ ମନୁଷ୍ୟ ପୁତ୍ର, ତୁମ୍ଭର
ପ୍ରିୟତମା ପତ୍ନୀକୁ ହଠାତ୍ ନେଇ ଯିବି। ସେ ମରିଯିବ କିନ୍ତୁ
ତୁମ୍ଭେ ତା' ପାଇଁ ଶୋକ କରିବ ନାହିଁ କିମ୍ବା କ୍ରନ୍ଦନ କରିବ
ନାହିଁ। ତୁମ୍ଭ ଚକ୍ଷୁରୁ ଲୁହ ନପଡୁ। 17ଦୁଃଖରେ ଦୀର୍ଘ ନିଃଶ୍ୱାସ
ଛାଡ଼, ମାତ୍ର ଉଚ୍ଚ ସ୍ୱରରେ ନୁହେଁ। ମୃତ ପତ୍ନୀ ପାଇଁ ବିଳାପ
କର ନାହିଁ। ସବୁଦିନ ବସ୍ତ୍ର ପରିଧାନ କଲାପରି ବସ୍ତ୍ର ପିନ୍ଧ,
ମସ୍ତକରେ ଶିରୋଭୂଷଣ ବାନ୍ଧ, ପାଦରେ ପାଦୁକା ପିନ୍ଧ ଓ
ତୁମ୍ଭର ଓଷ୍ଠାଧାର ଆଚ୍ଛାଦନ କର ନାହିଁ। ଶୋକକାରୀମାନଙ୍କର
ପ୍ରଥାନୁମୋଦିତ ଖାଦ୍ୟ ଖାଅ ନାହିଁ।"

18ମୁଁ ପ୍ରାତଃକାଳରେ ପରମେଶ୍ୱରଙ୍କ ବାକ୍ୟ ଲୋକମାନଙ୍କୁ
କହିଲି। ପୁଣି ସନ୍ଧ୍ୟାବେଳେ ମୋର ପତ୍ନୀ ମଲା।
ପରଦିନ ପ୍ରାତଃକାଳରେ ମୁଁ ପରମେଶ୍ୱରଙ୍କ ଆଜ୍ଞାନୁସାରେ
କର୍ମ କଲି। 19ତହୁଁ ଲୋକମାନେ ମୋତେ କହିଲେ, "ଏସବୁ
ତୁମ୍ଭେ କାହିଁକି କରୁଅଛ? ଏହାର ଅର୍ଥ ଆମ୍ଭମାନଙ୍କୁ ବୁଝାଇବ
କି?"

20ସେତେବେଳେ ମୁଁ ସେମାନଙ୍କୁ କହିଲି, "ସଦାପ୍ରଭୁଙ୍କର
ଏହି ବାକ୍ୟ ମୋ ନିକଟରେ ଉପସ୍ଥିତ ହେଲା। ସେ ମୋତେ
କହିଲେ, 21ଇସ୍ରାୟେଲର ଲୋକମାନଙ୍କୁ କହିବା ପାଇଁ, ସଦାପ୍ରଭୁ,
ମୋର ପ୍ରଭୁ ଏହି କଥା କହନ୍ତି, 'ମୁଁ ମୋର ଅଗଣାକୁ
ଅପବିତ୍ର କରିବା ପାଇଁ ଯାଉଅଛି। ଯାହା ପାଇଁ ତୁମ୍ଭେ ବହୁତ
ଗର୍ବ କରୁଛ, ଯାହା ତୁମ୍ଭେ ଦେଖିବା ପାଇଁ ଚାହଁ ଏବଂ ଯାହା
ତୁମ୍ଭର ଅତି ପ୍ରିୟ। ଏବଂ ତୁମ୍ଭମାନଙ୍କର ଯେଉଁ ପୁତ୍ର
କନ୍ୟାଗଣଙ୍କୁ ପଛରେ ଛାଡ଼ି ଯାଇଅଛ, ସେମାନେ ଖଡ୍ଗରେ
ପତିତ ହେବେ। 22ତୁମ୍ଭେମାନେ ମଧ୍ୟ ସେହିପରି ଜିନିଷଗୁଡ଼ିକ
ମୁଁ କଲାପରି କରିବ, ତୁମ୍ଭେମାନେ ନିଜ ନିଜ ନିଶ*
ଆଚ୍ଛାଦନ କରିବ ନାହିଁ କିମ୍ବା ଶୋକକାରୀମାନଙ୍କର ପ୍ରଥାନୁମୋଦିତ
ଖାଦ୍ୟ ଖାଇବ ନାହିଁ। 23ଏବଂ ତୁମ୍ଭେମାନେ ତୁମ୍ଭର ମସ୍ତକରେ
ଶିରୋଭୂଷଣ ଆଚ୍ଛାଦନ କରିବ ଓ ଯୋତା ପିନ୍ଧିବ। ତୁମ୍ଭେମାନେ
ତୁମ୍ଭର ଶୋକ ପ୍ରକାଶ କରିବ ନାହିଁ, କ୍ରନ୍ଦନ କରିବ ନାହିଁ।
କିନ୍ତୁ ତୁମ୍ଭେମାନେ ନିଜ ନିଜ ପାପ ଯୋଗୁଁ କ୍ଷୟ ହୋଇଯିବ।
ଜଣେ ଅନ୍ୟ ନିକଟରେ ନୀରବରେ ବିଳାପ କରିବ। 24ଏହିରୂପେ
ଯିହିଜିକଲ ତୁମ୍ଭମାନଙ୍କ ପାଇଁ ଏକ ଉଦାହରଣ ଅଟନ୍ତି। ସେ
ଯାହା କିଛି କଲେ ତୁମ୍ଭେମାନେ କରିବ। ଏହା ଯେତେବେଳେ
ଘଟିବ, ସେତେବେଳେ ମୁଁ ଯେ ସଦାପ୍ରଭୁ ଅଟେ, ଏହା
ତୁମ୍ଭେମାନେ ଜାଣିବ।'"

25-26"ହେ ମନୁଷ୍ୟ ପୁତ୍ର, ଯେଉଁଦିନ ମୁଁ ସେମାନଙ୍କର
ବଳ, ଗୌରବ ଆନନ୍ଦ ଓ ନୟନର ଖୁସି, ସେମାନେ ଭଲ
ପାଉଥିବା ସ୍ଥାନ ସେମାନଙ୍କର ସନ୍ତାନଗଣଙ୍କୁ ସେମାନଙ୍କଠାରୁ
ନେଇଯିବି, ସେହିଦିନ ସେହି ଦୁଃସମ୍ବାଦ ତୁମ୍ଭର କର୍ଣ୍ଣଗୋଚର
କରାଇବା ନିମନ୍ତେ ଏକ ଉତ୍ତରାଧିକାରୀ ତୁମ୍ଭ ନିକଟକୁ
ଆସିବ। 27ସେଦିନ ସେହି ଉତ୍ତରାଧିକାରୀ ଲୋକ ନିକଟରେ
ତୁମ୍ଭର ମୁଖ ଫିଟିଯିବ ଓ ତୁମ୍ଭେ ଆଉ ନୀରବ ନ ରହି
କଥା କହିବ। ଏହିରୂପେ ତୁମ୍ଭେ ସେମାନଙ୍କ ପାଇଁ ଏକ
ଦୃଷ୍ଟାନ୍ତ ହେବ ଏବଂ ମୁଁ ଯେ ସଦାପ୍ରଭୁ ଅଟେ, ଏହା
ସେମାନେ ଜାଣିବେ।"

### ଅମ୍ମୋନ ବିରୁଦ୍ଧରେ ଭବିଷ୍ୟଦ୍‌ବାର୍ତ୍ତା

25 ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 2"ହେ ମନୁଷ୍ୟ ପୁତ୍ର,
ତୁମ୍ଭେ ଅମ୍ମୋନ ଲୋକମାନଙ୍କ ଆଡ଼େ ଚାହିଁ ଏବଂ ସେମାନଙ୍କ
ବିରୁଦ୍ଧରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କର। 3ଏବଂ ଅମ୍ମୋନ
ଲୋକମାନଙ୍କୁ କୁହ, 'ତୁମ୍ଭେମାନେ ସଦାପ୍ରଭୁ, ମୋର ପ୍ରଭୁଙ୍କର
ବାକ୍ୟ ଶୁଣ, ସେ ଏହି କଥା କହନ୍ତି, ଆମ୍ଭ ଧର୍ମଧାମ
ଅପବିତ୍ର ହେଲାବେଳେ, ଆଉ ଇସ୍ରାୟେଲ ଦେଶ ଧ୍ୱଂସିତ
ହେଲାବେଳେ ଓ ଯିହୁଦୀୟ ଲୋକମାନେ ନିର୍ବାସିତ ହେଲେ।
4ତେଣୁ ମୁଁ ତୁମ୍ଭମାନଙ୍କୁ ପୂର୍ବ ଦେଶୀୟ ସନ୍ତାନଗଣଙ୍କୁ ସମ୍ପତ୍ତି
ରୂପେ ହସ୍ତରେ ସମର୍ପଣ କରିବ। ଏବଂ ସେମାନେ ତୁମ୍ଭମାନଙ୍କ
ମଧ୍ୟରେ ଛାଉଣୀ ସ୍ଥାପନ କରିବେ ଓ ତୁମ୍ଭମାନଙ୍କ ମଧ୍ୟରେ
ନିଜ ନିଜ ବାସସ୍ଥାନ ନିର୍ମାଣ କରିବେ। ସେମାନେ ମଧ୍ୟ
ତୁମ୍ଭମାନଙ୍କର ଫଳ ଭୋଜନ କରିବେ ଓ ତୁମ୍ଭମାନଙ୍କର ଦୁଗ୍ଧ
ପାନ କରିବେ।

5"'ଆଉ ମୁଁ ରବ୍ବାକୁ ଓଟମାନଙ୍କର ଚରଣ ଭୂମି କରିବ
ଓ ଅମ୍ମୋନ ଲୋକମାନଙ୍କୁ ଦେଶକୁ ମେଷାଦି ପଲର ଶୟନ
ସ୍ଥାନ କରିବ। ତାହାହେଲେ ଆମ୍ଭେ ଯେ ସଦାପ୍ରଭୁ ଅଟୁ, ଏହା
ତୁମ୍ଭେମାନେ ଜାଣିବ। 6କାରଣ ସଦାପ୍ରଭୁ ଏହି କଥା କହିଛନ୍ତି,
ତୁମ୍ଭେ ଇସ୍ରାୟେଲ ଦେଶର ଦୁର୍ଭାଗ୍ୟ ସମୟରେ କରତାଳି
ଦେଇଅଛ, ପଦାଘାତ କରିଅଛ ଏବଂ ଇସ୍ରାୟେଲକୁ ଘୃଣାକରି
ଆନନ୍ଦ ଅନୁଭବ କରିଅଛ। 7ଏଣୁ ମୁଁ ତୁମ୍ଭ ବିରୁଦ୍ଧରେ ହସ୍ତ
ବିସ୍ତାର କରିଅଛି। ଲୁଣ୍ଠିତ ଦ୍ରବ୍ୟ ରୂପେ ଅନ୍ୟ ଦେଶୀୟମାନଙ୍କ
ହସ୍ତରେ ତୁମ୍ଭକୁ ହସ୍ତାନ୍ତର କରିବ। ମୁଁ ଅନ୍ୟ ଲୋକମାନଙ୍କ
ମଧ୍ୟରୁ ତୁମ୍ଭକୁ ପୃଥକ୍ କରିବ ଓ ଦେଶର ମାନଚିତ୍ରରୁ ମୁଁ
ତୁମ୍ଭକୁ ପୋଛିଦେବି। ଆଉ ମୁଁ ତୁମ୍ଭକୁ ଧ୍ୱଂସ କରିବ। ତେଣୁ
ଏହା ତୁମ୍ଭେ ଜାଣିବ ଯେ, ମୁଁ ସଦାପ୍ରଭୁ ଅଟେ।'"

### ମୋୟାବ ଓ ସେୟୀର ବିରୁଦ୍ଧରେ ଭବିଷ୍ୟଦ୍‌ବାର୍ତ୍ତା

8ସଦାପ୍ରଭୁ, ମୋର ପ୍ରଭୁ ସଦାପ୍ରଭୁ ଏହି କଥା କହନ୍ତି,
"ମୋୟାବ ଓ ସେୟୀର କହୁଅଛନ୍ତି, 'ଦେଖ ଯିହୁଦା ପରିବାର
ଅନ୍ୟ ସକଳ ଜାତିମାନଙ୍କ ତୁଲ୍ୟ।' 9ମୁଁ ମୋୟାବର ସ୍କନ୍ଧକୁ
ଅଲଗା କରିବ, ମୁଁ ତାହାର ସୀମାନ୍ତବର୍ତ୍ତୀର ମୋୟାବ ମହିମା
ସ୍ୱରୂପ ଯଥା: ବୈତ୍-ଯିଶୀମୋତ୍, ବାଲ-ମିୟୋନ ନଗରଗୁଡ଼ିକୁ
ନେଇଯିବି। 10ମୁଁ ସେହି ନଗରଗୁଡ଼ିକୁ ପୂର୍ବଦେଶୀୟ ଲୋକମାନଙ୍କୁ
ହସ୍ତାନ୍ତର କରିବ। ଯେଉଁମାନେ ଅମ୍ମୋନୀୟମାନଙ୍କୁ ଅତିକ୍ରମ
କରିବେ। ତେଣୁକରି ଅମ୍ମୋନୀୟମାନେ ଏକ ଗୋଷ୍ଠୀ ବୋଲି
ଆଉ ସ୍ମରଣ କରାଯିବନାହିଁ। 11ତେଣୁ ମୁଁ ମୋୟାବକୁ ଦଣ୍ଡ
ଦେବ। ତହୁଁ ସେମାନେ ଜାଣିବେ ଯେ ମୁଁ ସଦାପ୍ରଭୁ ଅଟେ।"

### ଇଦୋମ ବିପକ୍ଷରେ ଭବିଷ୍ୟଦ୍ ବାର୍ତ୍ତା

12ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହିଛନ୍ତି, "କାରଣ
ଇଦୋମ ଯିହୁଦା ଉପରେ ପ୍ରତିଶୋଧ ନେଇଛି ଏବଂ ତାହା
କରି ଦୋଷୀ ହୋଇଛି।" 13ତେଣୁ ସଦାପ୍ରଭୁ, ମୋର ପ୍ରଭୁ

---

**ନିଶ** ତୁମ୍ଭର ନିଶ ଆଚ୍ଛାଦନ କରନାହିଁ। ସାଧାରଣତଃ ଶୋକକାରୀମାନେ ସେମାନଙ୍କର ନିଶ ଆଚ୍ଛାଦନ କରନ୍ତି।

କହନ୍ତି, "ମୁଁ ଇଦୋମ ବିପକ୍ଷରେ ମୋର ହସ୍ତ ଉତ୍ତୋଳନ
କରିବି ଓ ତାହା ମଧ୍ୟରୁ ମନୁଷ୍ୟ ଓ ପଶୁମାନଙ୍କୁ ବିନାଶ
କରିବି ଏବଂ ମୁଁ ତୈମନ୍‌ଠାରୁ ଦଦାନ ପର୍ଯ୍ୟନ୍ତ ସମସ୍ତ
ଲୋକଙ୍କୁ ଖଡ୍ଗରେ ହତ୍ୟା କରିବି। **14**ପୁଣି ମୁଁ ମୋର ଲୋକ
ଇସ୍ରାୟେଲୀୟମାନଙ୍କ ଦ୍ୱାରା ଇଦୋମ ଉପରେ ପ୍ରତିଶୋଧ
ନେବି। ତେଣୁ ସେମାନେ ଇଦୋମ ଉପରେ ମୋର କ୍ରୋଧ
ଓ ମୋର କୋପ ଅନୁସାରେ ପ୍ରତିଶୋଧ ନେବେ। ସେତେବେଳେ
ସେମାନେ ଆମ୍ଭ ଦତ୍ତ ପ୍ରତିଶୋଧ ବିଷୟରେ ଜାଣିବେ।"
ସଦାପ୍ରଭୁ, ମୋର ପ୍ରଭୁ ଏହା କହନ୍ତି।

### ପଲେଷ୍ଟୀୟମାନଙ୍କ ବିରୁଦ୍ଧରେ ଭବିଷ୍ୟଦ୍ ବାର୍ତ୍ତା

**15**ସଦାପ୍ରଭୁ ମୋର ପ୍ରଭୁ ଏହିକଥା କହିଛନ୍ତି, "ପଲେଷ୍ଟୀୟ
ଲୋକମାନେ ପ୍ରତିଶୋଧ ନେଲେ ଏବଂ ତାହା ଈର୍ଷାପରାୟଣ
ହୃଦୟରେ କଲେ, ପୁରୁଣା ଶତ୍ରୁତା କାରଣରୁ ଇସ୍ରାୟେଲକୁ
ଧ୍ୱଂସ କରିବା ପାଇଁ ଚାହିଁଲେ।" **16**ଏଣୁ ସଦାପ୍ରଭୁ ମୋର
ପ୍ରଭୁ ଏହି କଥା କହିଛନ୍ତି, "ଦେଖ, ମୁଁ ପଲେଷ୍ଟୀୟମାନଙ୍କ
ବିରୁଦ୍ଧରେ ମୋର ହସ୍ତ ବିସ୍ତାର କରିବି। ଆଉ ମୁଁ କରେଥୀୟ
ଲୋକମାନଙ୍କୁ ବିତାଡ଼ିତ କରିବି ଓ ସମୁଦ୍ର ତୀରସ୍ଥ ଅବଶିଷ୍ଟ
ସମସ୍ତ ଲୋକଙ୍କୁ ଧ୍ୱଂସ କରିବି। **17**ମୋର କ୍ରୋଧଦ୍ୱାରା
ସେମାନଙ୍କୁ ଦଣ୍ଡିତ କରି ମୁଁ ସେମାନଙ୍କ ବିରୁଦ୍ଧରେ କଠୋର
ପ୍ରତିଶୋଧ ନେବି ଏବଂ ସେମାନେ ଜାଣିବେ ଯେ, ମୁଁ
ସଦାପ୍ରଭୁ ସେମାନଙ୍କ ଉପରେ ପ୍ରତିଶୋଧ ନେଲି।"

### ସୋର ବିଷୟରେ ଏକ ଦୁଃସମ୍ବାଦ

**26** ଅନନ୍ତର ଏକାଦଶ ବର୍ଷର ମାସର ପ୍ରଥମ ଦିନରେ
ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, **2**"ହେ ମନୁଷ୍ୟ ପୁତ୍ର, କାରଣ ସୋର
ଯିରୁଶାଲମର ଦୁର୍ଭାଗ୍ୟ ସମୟରେ ଏହା କହି ପରିହାସ
କରିଛି, କହିଛି: 'ଜୟଧ୍ୱନିରେ ଦେଶର ଫାଟକ ଭାଙ୍ଗି ଗଲା
ଏବଂ ମୋ ପାଇଁ ଖୋଲି ଗଲା। ବର୍ତ୍ତମାନ ମୁଁ ଉନ୍ନତି
କରିବି।'"

**3**ତେଣୁ ମୋର ପ୍ରଭୁ ସଦାପ୍ରଭୁ ଏହିକଥା କହନ୍ତି, "ହେ
ସୋର, ଦେଖ, ଆମ୍ଭେ ତୁମ୍ଭର ପ୍ରତିକୂଳ ଅଟୁ ଓ ସମୁଦ୍ର
ତରଙ୍ଗ ଯେପରି କୂଳକୁ ଲଙ୍ଘନ କରେ ଆମ୍ଭେ ସେହିପରି
ତୁମ୍ଭ ବିରୁଦ୍ଧରେ ଅନେକ ଗୋଷ୍ଠୀକି ଉଠାଇବା।"

**4**"ସେମାନେ ସୋରର ପ୍ରାଚୀର ନଷ୍ଟ କରିବେ ଓ ତାହାର
ଦୁର୍ଗସବୁ ଭାଙ୍ଗି ପକାଇବେ। ମୁଁ ମଧ୍ୟ ତାହାର ଧୂଳି ସବୁ
ଉଡ଼େଇ ଦେବି ଓ ତାକୁ ଶୁଷ୍କ ଶୈଳ କରିବି। **5**ସୋର
ସମୁଦ୍ର ମଧ୍ୟରେ ଜାଲ ପ୍ରସାରିବାର ସ୍ଥାନ ହେବ; କାରଣ
ମୋର ପ୍ରଭୁ ସଦାପ୍ରଭୁ କହନ୍ତି," ମୁଁ ଏହା କରିଅଛି। "ଆଉ
ସେ ଗୋଷ୍ଠୀମାନଙ୍କ ପ୍ରତି ଲୁଣ୍ଠିତ ଦ୍ରବ୍ୟ ସ୍ୱରୂପ ହେବ। **6**ପୁଣି
କ୍ଷେତ୍ରସ୍ଥିତ ତାହାର କନ୍ୟାଗଣ ଖଡ୍ଗରେ ନିହତ ହେବେ। ତାହା
ହେଲେ ମୁଁ ଯେ ସଦାପ୍ରଭୁ ଅଟେ, ଏହା ସେମାନେ
ଜାଣିବେ।"

### ନବୂଖଦ୍‌ନିତ୍ସରଙ୍କ ସୋର ବିରୁଦ୍ଧରେ ଯୁଦ୍ଧ ଅଭିଯାନ

**7**ମୋର ପ୍ରଭୁ ସଦାପ୍ରଭୁ ଏହିକଥା କହନ୍ତି, "ଆମ୍ଭେ
ଉତ୍ତର ଦିଗରୁ ନବୂଖଦ୍‌ନିତ୍ସରଙ୍କୁ ସୋର ବିରୁଦ୍ଧରେ ଆଣିବା।
ସେ ରାଜାଧିରାଜ ବାବିଲର ରାଜା ଅଶ୍ୱରଥ, ଅଶ୍ୱାରୋହୀ,
ସମାଜ ଓ ବିପୁଳ ସୈନ୍ୟବାହିନୀ ସହ ଆସିବେ। **8**ସେ
କ୍ଷେତ୍ରସ୍ଥିତ ତୁମ୍ଭର କନ୍ୟାଗଣଙ୍କୁ ହତ୍ୟା କରିବ (ଛୋଟ
ସହରରେ)। ସେ ତୁମ୍ଭ ବିରୁଦ୍ଧରେ ଅପରାଧ କାର୍ଯ୍ୟ କରିବ।
ଏବଂ ସେ ତୁମ୍ଭ ବିରୁଦ୍ଧରେ ବନ୍ଧ ବାନ୍ଧିବ ଓ ତୁମ୍ଭ ବିରୁଦ୍ଧରେ
ଢାଲ ଉଠାଇବ। **9**ଏବଂ ସେ ତୁମ୍ଭ ପ୍ରାଚୀରଗୁଡ଼ିକୁ ଭାଙ୍ଗିବା
ପାଇଁ ବଡ଼ କାଠଗଣ୍ଡି ବ୍ୟବହାର କରିବ। ଓ ତାଙ୍କର
ଶକ୍ତିଶାଳୀ ଅସ୍ତ୍ରଗୁଡ଼ିକ ଦ୍ୱାରା ସେ ତୁମ୍ଭର ଗଡ଼ସବୁ ଭାଙ୍ଗି
ପକାଇବ। **10**ତାହାର ବିପୁଳ ପରିମାଣର ଅଶ୍ୱହେତୁ ଧୂଳିରେ
ତୁମ୍ଭେ ଆଚ୍ଛାଦିତ ହେବ। ଯେତେବେଳେ ସେମାନେ ତୁମ୍ଭ
ନଗର ଦ୍ୱାରରେ ପ୍ରବେଶ କରିବେ, ସେତେବେଳେ
ଅଶ୍ୱାରୋହୀଗଣର ଶଗଡ ଓ ରଥ ସମୂହର ଶବ୍ଦରେ ତୁମ୍ଭର
ପ୍ରାଚୀର ସବୁ କମ୍ପି ଉଠିବ। ସେମାନେ ପ୍ରବେଶ କରିବେ,
କାରଣ ତୁମ୍ଭର ପ୍ରାଚୀର ସବୁ ଭଗ୍ନ ହେବ। **11**ବାବିଲର
ରାଜାଙ୍କର ଅଶ୍ୱମାନେ ତୁମ୍ଭର ସମସ୍ତ ପଥଗୁଡ଼ିକ ପାଦରେ
ଦଳିଦେବେ। ସେମାନଙ୍କର ଖୁରାଗୁଡ଼ିକ ସେମାନଙ୍କ ଉପରେ
ଆଘାତ କରି ଆସିବ। ସେ ତୁମ୍ଭ ଲୋକମାନଙ୍କୁ ତାଙ୍କ
ଖଡ୍ଗରେ ହତ୍ୟା କରିବେ ଓ ତୁମ୍ଭର ଶକ୍ତିଶାଳୀ ସ୍ତମ୍ଭଗୁଡ଼ିକୁ
ଭୂମିସାତ ହେବ। **12**ପୁଣି ସେମାନେ ତୁମ୍ଭର ସମ୍ପଦ ସବୁ ଲୁଟି
ନେବେ ଓ ତୁମ୍ଭର ବାଣିଜ୍ୟ ଦ୍ରବ୍ୟ ହରଣ କରିବେ। ଆଉ
ମଧ୍ୟ ସେମାନେ ତୁମ୍ଭର ପ୍ରାଚୀର ଭାଙ୍ଗି ପକାଇବେ ଓ ତୁମ୍ଭର
ରମଣୀୟ ଗୃହଗୁଡ଼ିକୁ ଧ୍ୱଂସ କରିବେ। ପୁଣି ସେମାନେ ତୁମ୍ଭର
ପ୍ରସ୍ତର କାଷ୍ଠ ଓ ଧୂଳିସବୁ ନେଇ ସମୁଦ୍ର ଜଳରେ ନିକ୍ଷେପ
କରିବେ। **13**ପୁଣି ମୁଁ ତୁମ୍ଭର ଆନନ୍ଦ ଗୀତର ଶବ୍ଦ ନିବୃତ୍ତ
କରିବି ଓ ତୁମ୍ଭ ବୀଣାର ଧ୍ୱନି ଆଉ ଶୁଣିବାକୁ ଦେବି ନାହିଁ।
**14**ଏବଂ ମୁଁ ତୁମ୍ଭକୁ ଏକ ଶୁଷ୍କ ଶୈଳରେ ପରିଣତ କରିବି।
ତୁମ୍ଭେ ସମୁଦ୍ର ତୀରସ୍ଥ ଏକ ଜାଲ ପ୍ରସାରିତ ହେବାର ସ୍ଥାନ
ହେବ। ତୁମ୍ଭର ଆଉ ପୁନଃନିର୍ମାଣ ହେବ ନାହିଁ କାରଣ ମୁଁ
ସଦାପ୍ରଭୁ ଏହା କହିଅଛି।" ସଦାପ୍ରଭୁ, ମୋର ପ୍ରଭୁ ଏହା
କହନ୍ତି।

### ଅନ୍ୟ ଗୋଷ୍ଠୀଗଣ ସୋର ପାଇଁ ବିଳାପ କରିବେ

**15**ମୋର ପ୍ରଭୁ ସଦାପ୍ରଭୁ ସୋରକୁ ଏହି କଥା କହନ୍ତି,
"ତୁମ୍ଭର ପତନର ଶବ୍ଦରେ ଭୂମଧ୍ୟସାଗରସ୍ଥ ଦ୍ୱୀପ ସମୂହ
କମ୍ପିତ ହେବେ। ଏହା ଘଟିବ ଯେତେବେଳେ ଆହତ ଲୋକମାନେ
ଭୟରେ ବିଳାପ କରିବେ ଓ ସେମାନଙ୍କୁ ସଂହାର କରାଯିବ।
**16**ସେହି ସମୟରେ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକର ମୁଖ୍ୟମାନେ
ସେମାନଙ୍କର ସିଂହାସନରୁ ଓହ୍ଲାଇ ଆସିବେ। ନିଜ ନିଜ ଚୋଗା
ତ୍ୟାଗ କରି ଶିଳ୍ପ କର୍ମର ସୁନ୍ଦର ବସ୍ତ୍ର ସେମାନେ ଫିଙ୍ଗାଇ
ପକାଇବେ। ଆଉ ସେମାନେ 'ଭୀତିମୂଳକ ବସ୍ତ୍ର' ପରିଧାନ
କରିବେ ଓ ଭୂମିରେ ବସିବେ। ଏବଂ ସେମାନେ ଭୟଭୀତ
ହେବେ ଓ ତୁମ୍ଭ ବିଷୟରେ ବିସ୍ମିତ ହେବେ। **17**ଏବଂ
ସେମାନେ ତୁମ୍ଭ ପାଇଁ ଏକ ବିଳାପ ସଙ୍ଗୀତ ଗାନ କରି
ତୁମ୍ଭକୁ ସମ୍ବୋଧନ କରିବେ,

"'ହେ ପ୍ରସିଦ୍ଧ ନଗରୀ ସୋର, ତୁମ୍ଭେ ସମୁଦ୍ରକୂଳ
ଲୋକମାନଙ୍କର ବାସସ୍ଥାନ। ତୁମ୍ଭେ ସମୁଦ୍ରର ମହାଶକ୍ତି ଥିଲ।

ତୁମ୍ଭେ ଓ ତୁମ୍ଭର ନାଗରିକଗଣ ଏଠାରେ ବାସ କରୁଥିବା
ସମସ୍ତଙ୍କୁ ଭୟଭୀତ କଲ।
**18**ବର୍ତ୍ତମାନ ତୁମ୍ଭର ପତନ ସମୟରେ ସମସ୍ତ ଦ୍ୱୀପଗୁଡ଼ିକ
କମ୍ପିତ ହେବେ। ଏବଂ ତୁମ୍ଭର ନିର୍ବାସିତ ପ୍ରବେଶ କରିବା
ସମୟରେ ସମୁଦ୍ରର ଦ୍ୱୀପପୁଞ୍ଜ ଆନନ୍ଦରେ ବିହ୍ୱଳ କରେ।'"
**19**କାରଣ ସଦାପ୍ରଭୁ, ମୋର ପ୍ରଭୁ ଏକଥା କହନ୍ତି, "ହେ
ସୋର, ତୁମ୍ଭେ ନିବାସବିହୀନ ଧ୍ୱସ୍ତ ନଗର ହେବ। ଆମ୍ଭେ
ସମୁଦ୍ର ଜଳରାଶି ତୁମ୍ଭ ଉପରେ ପ୍ରବାହିତ କରାଇବା ଓ
ଗଭୀର ଜଳରାଶି ତୁମ୍ଭକୁ ଆଚ୍ଛାଦନ କରିବ। **20**ମୁଁ ତୁମ୍ଭକୁ
ମୃତ ଲୋକମାନଙ୍କର ଗଭୀର ଗର୍ତ୍ତ ମଧ୍ୟକୁ ପଠାଇବି। ତୁମ୍ଭେ
ମୃତ୍ୟୁର ଭାଗିଦାର ହେବ। ପୃଥିବୀର ନିମ୍ନଭାଗରେ ଅନ୍ୟ
ବୃଦ୍ଧଙ୍କ ପରି ଶୂନ୍ୟ ସହରଗୁଡ଼ିକର ଲୋକମାନଙ୍କ ମଧ୍ୟରେ
ଯିଏ କବର ତଳକୁ ଯାଏ, ମୁଁ ତୁମ୍ଭମାନଙ୍କୁ ବାସ କରାଇବି।
ତୁମ୍ଭ ସହିତ କେହି ବାସ କରିବେ ନାହିଁ,। ତୁମ୍ଭେ ଜୀବିତମାନଙ୍କର
ଭୂମିକୁ କେବେ ଫେରିବ ନାହିଁ। **21**ତୁମ୍ଭ ଅବସ୍ଥା ଦେଖି
ଅନ୍ୟମାନେ ଭୟଭୀତ ହେବେ। ତୁମ୍ଭର ବିନାଶ ଘଟିବ।
ତୁମ୍ଭକୁ ଅନ୍ୱେଷଣ କଲେ ମଧ୍ୟ ସେମାନେ ତୁମ୍ଭକୁ ପାଇବେ
ନାହିଁ।" ଏହା ସଦାପ୍ରଭୁ, ମୋର ପ୍ରଭୁ କହନ୍ତି।

## ସୋର ସମୁଦ୍ରର ଏକ ମୁଖ୍ୟ ବାଣିଜ୍ୟ କେନ୍ଦ୍ର

**27** ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା। ସେ କହିଲେ, **2**"ହେ ମନୁଷ୍ୟ
ପୁତ୍ର, ସୋର ପାଇଁ ବିଳାପ କର।
**3**"ସମୁଦ୍ର ଉପକୂଳବର୍ତ୍ତୀ ବହୁ ଲୋକଙ୍କ ସହିତ ବାଣିଜ୍ୟ
କରୁଥିବା, 'ସମୁଦ୍ରର ଦ୍ୱାର' ସୋରକୁ କୁହ: '"ହେ ସୋର,
ତୁମ୍ଭେ କହିଅଛ, ମୁଁ ପରମ ସୁନ୍ଦରୀ।
**4**ଭୂମଧ୍ୟସାଗର ତୁମ୍ଭର ଚତୁର୍ଦ୍ଦିଗ ସୀମା ଅଟେ। ତୁମ୍ଭର
ନିର୍ମାଣକାରୀମାନେ ତୁମ୍ଭର ସୌନ୍ଦର୍ଯ୍ୟ ସିଦ୍ଧ କରିଛନ୍ତି।
**5**ସେମାନେ ସେନୀରୀୟ ଦେବଦାରୁ କାଷ୍ଠରେ ତୁମ୍ଭର
ତକ୍ତା ସବୁ ପ୍ରସ୍ତୁତ କରିଅଛନ୍ତି। ସେମାନେ ତୁମ୍ଭର ମାସ୍ତୁଲ
ପ୍ରସ୍ତୁତ କରିବା ପାଇଁ ଲିବାନୋନରୁ ଏରସ କାଷ୍ଠ ନେଇଛନ୍ତି।
**6**ବାସନର ଆଲୋନ କାଠରେ ସେମାନେ ତୁମ୍ଭର ଆହୁଲା
ପ୍ରସ୍ତୁତ କରିଅଛନ୍ତି। ଆଉ ସେମାନେ କିତ୍ତୀମ ଦ୍ୱୀପରୁ ଆନୀତ
ତାଶୂର କାଠରେ ଖଚିତ ହାତୀଦାନ୍ତ ଦ୍ୱାରା ତୁମ୍ଭର ଆସନ
ନିର୍ମାଣ କରିଅଛନ୍ତି।
**7**ତୁମ୍ଭର ଧ୍ୱଜା ହେବାପାଇଁ ମିଶର ଦେଶରୁ ଆନୀତ
ସୂଚୀକର୍ମରେ ଚିତ୍ରିତ ଶୁଭ୍ର କ୍ଷୌମ ବସ୍ତ୍ରରେ ତୁମ୍ଭର ପାଲ
ପ୍ରସ୍ତୁତ ହୋଇଥିଲା। ପୁଣି ତୁମ୍ଭର ଚାନ୍ଦୁଆ ଇଲୀଶା ଦ୍ୱୀପ
ସମୂହର ନୀଳ ଓ ଧୂମ୍ରବର୍ଣ୍ଣ ବସ୍ତ୍ରରେ ପ୍ରସ୍ତୁତ ହୋଇଥିଲା।
**8**ସୀଦୋନ୍ ଓ ଅର୍ବଦ ନିବାସୀମାନେ ତୁମ୍ଭର ଆହୁଲା
ମାରିବାର ଲୋକଥିଲେ। ହେ ସୋର, ତୁମ୍ଭର ଜ୍ଞାନୀ ଲୋକ
ତୁମ୍ଭ ମଧ୍ୟରେ ଥିଲେ, ସେମାନେ ତୁମ୍ଭର କର୍ଣ୍ଣଧାର
ହୋଇଥିଲେ।
**9**ଗବାଲ *ର, ପ୍ରାଚୀନବର୍ଗ ମୁଖ୍ୟ ଓ ଜ୍ଞାନୀମାନେ ଜାହାଜର
ପାଣିରୁଦ୍ଧ କାଠପଟା ତିଆରି କରି ନେଇ ଅନ୍ୟମାନଙ୍କୁ
ସାହାଯ୍ୟ କଲେ। ସମୁଦ୍ରର ଯାବତୀୟ ଜାହାଜ ଓ ସେମାନଙ୍କର
ନାବିକଗଣ ତୁମ୍ଭ ସହିତ ବାଣିଜ୍ୟ କରିବା ପାଇଁ
ଆସିଲେ।'
**10**"ପାରସ୍ୟ, ଲୁଦ ଓ ପୁଟ ଦେଶୀୟ ଲୋକମାନେ ତୁମ୍ଭ
ସୈନ୍ୟବାହିନୀର ଯୋଦ୍ଧା ଥିଲେ। ସେମାନେ ତୁମ୍ଭ ମଧ୍ୟରେ
ସେମାନଙ୍କର ଢାଲ ଓ ଟୋପର ଟଙ୍ଗାଇ ରଖିଲେ। ପୁଣି
ସେମାନେ ତୁମ୍ଭ ନଗରୀର ସମ୍ମାନ ଓ ଗୌରବ ଆଣିଲେ।
**11**ଅର୍ବଦ ଓ ସିଲିସିଆରରୁ ତୁମ୍ଭ ସେନା ସଙ୍ଗରେ ଥିଲେ,
କେଉଁମାନେ ଗୃହଆଡେ ତୁମ୍ଭ ସହରର ପ୍ରାଚୀରଗୁଡ଼ିକୁ
ପ୍ରହାରକାରୀମାନଙ୍କ ପରି ଠିଆହେଲେ ଓ ଗମଦର ଯୋଦ୍ଧାମାନେ
ତୁମ୍ଭର ସବୁ ଗଡ଼ ଉପରେ ଥିଲେ। ସେମାନେ ତୁମ୍ଭ
ପ୍ରାଚୀରଗୁଡ଼ିକର ଉପରେ ନିଜ ନିଜ ଢାଲ ଟଙ୍ଗାଇଲେ ଏବଂ
ସେମାନେ ତୁମ୍ଭ ସୌନ୍ଦର୍ଯ୍ୟ ସିଦ୍ଧ କଲେ।
**12**"ତର୍ଶୀଶ୍ ତୁମ୍ଭର ସବୁଠାରୁ ବଡ଼ ଗ୍ରାହକ ଥିଲା।
ସେମାନେ ରୂପା, ଲୁହା, ଦସ୍ତା ଓ ସୀସା ଦେଇ ତୁମ୍ଭ ବାଣିଜ୍ୟ
ଦ୍ରବ୍ୟର ବ୍ୟବସାୟ କଲେ। **13**ଗ୍ରୀକ୍, ତୁର୍କ, ଓ ମେଷକର
ଲୋକମାନେ ବ୍ୟବସାୟୀ ଥିଲେ। ସେମାନେ କ୍ରୀତଦାସ ଓ
ପିତ୍ତଳର ବାସନକୁସନ ତୁମ୍ଭର ଜିନିଷଗୁଡ଼ିକ ବଦଳରେ ବ୍ୟବସାୟ
କଲେ। **14**ତୋଗର୍ମ ବଂଶୀୟ ଲୋକମାନେ ଅଶ୍ୱ, ଯୁଦ୍ଧାଶ୍ୱ ଓ
ଖଚର ଦେଇ ତୁମ୍ଭ ବାଣିଜ୍ୟ ଦ୍ରବ୍ୟର ବ୍ୟବସାୟ କଲେ।
**15**ଦଦାନର ଲୋକମାନେ ମଧ୍ୟ ତୁମ୍ଭର ବ୍ୟବସାୟୀ ଥିଲେ।
ତୁମ୍ଭର ଅନେକ ଦ୍ୱୀପ ସହ ବାଣିଜ୍ୟ ଥିଲା। ସେମାନେ ତୁମ୍ଭର
ବାଣିଜ୍ୟ ଦ୍ରବ୍ୟ ବଦଳରେ ହାତୀଦାନ୍ତ ଓ ଅବଲୁସ୍ କାଠ
ଆଣିଲେ। **16**ତୁମ୍ଭର ହସ୍ତ ନିର୍ମିତ ଦ୍ରବ୍ୟର ପ୍ରସିଦ୍ଧି ହେତୁ
ଆରାମ୍ ତୁମ୍ଭର ବଣିକ ଥିଲା। ସେମାନେ ତାମ୍ରମଣି, ଧୂମ୍ରବର୍ଣ୍ଣ
ଓ ବୁଟାଦାର ବସ୍ତ୍ର, କ୍ଷୌମ ବସ୍ତ୍ର ଆଉ ପ୍ରବାଳ
ଓ ପଦ୍ମରାଗ ମଣି ଦେଇ ତୁମ୍ଭ ବାଣିଜ୍ୟ ଦ୍ରବ୍ୟର ବ୍ୟବସାୟ
କଲେ।
**17**"ଯିହୁଦା ଓ ଇଶ୍ରାୟେଲ ଦେଶର ଲୋକମାନେ ତୁମ୍ଭ
ସହିତ ବାଣିଜ୍ୟ କରୁଥିଲେ। ସେମାନେ ଗହମ, ମିଷ୍ଟାନ୍ନ, ମଧୁ,
ତୈଳ ଓ ଗୁଗ୍ଗୁଳ ଦେଇ ତୁମ୍ଭ ବାଣିଜ୍ୟ ଦ୍ରବ୍ୟର ବ୍ୟବସାୟ
କଲେ। **18**ଦମ୍ମେଶକ ଜଣେ ଗ୍ରାହକ ମଧ୍ୟ ଥିଲେ। ସେମାନେ
ତୁମ୍ଭର ବହୁ ପ୍ରକାରର ମୂଲ୍ୟବାନ ଜିନିଷଗୁଡ଼ିକ ପାଇଁ ତୁମ୍ଭ
ସହିତ ବାଣିଯ୍ୟ କଲେ। ସେମାନେ ହଲ୍‌ବୋନର ଦ୍ରାକ୍ଷାରସ ଓ
ଶୁଭ୍ର ମେଷଲୋମ ବଦଳରେ ତୁମ୍ଭ ସହିତ ବାଣିଜ୍ୟ କଲେ।
**19**ବଦାନ ଓ ଯବନ ଲୋମ ନିର୍ମିତ ସୂତ୍ର ଦେଇ ତୁମ୍ଭ
ବାଣିଜ୍ୟ ଦ୍ରବ୍ୟର ବ୍ୟବସାୟ କଲେ। ତୁମ୍ଭ ବାଣିଜ୍ୟ ଦ୍ରବ୍ୟ
ମଧ୍ୟରେ କାନ୍ତ ଲୌହ, ସୁଗନ୍ଧି ଦ୍ରବ୍ୟ ଓ ଆଖୁ ଥିଲା।
**20**ଦଦାନ ତୁମ୍ଭକୁ ଭଲ ବ୍ୟବସାୟ ଦେଲା। ସେମାନେ ତୁମ୍ଭ
ସହିତ ଘୋଡାଗୁଡ଼ିକ ଆରୋହଣ କରିବାପାଇଁ ମୋଟା ସୂତାର
ବସ୍ତ୍ର ବାଣିଜ୍ୟ କଲେ। **21**ଆରବ ଓ କେଦରର ଅଧିପତିମାନେ
ତୁମ୍ଭର ବଣିକ ଥିଲେ। ମେଷଶାବକ, ମେଷ ଓ ଛାଗ
ବଦଳରେ ତୁମ୍ଭର ଦ୍ରବ୍ୟ ନେଇ ବାଣିଜ୍ୟ କରୁଥିଲେ। **22**ଶିବାର
ଓ ରୟମାର ବଣିକମାନେ ତୁମ୍ଭ ସହିତ ବାଣିଜ୍ୟ କରୁଥିଲେ।
ସେମାନେ ସେମାନଙ୍କର ଶ୍ରେଷ୍ଠ ଅତର ଏବଂ ମୂଲ୍ୟବାନ
ପ୍ରସ୍ତରକୁ ଓ ସୁବର୍ଣ୍ଣ ତୁମ୍ଭ ଜିନିଷଗୁଡ଼ିକର ବଦଳରେ ବାଣିଜ୍ୟ
କଲେ। **23**ହାରଣ, କନ୍ନୀ, ଏଦନ୍, ଶିବାର, ଅଶୂର ଓ

---

**ଗବଲ** ସାହିତିକ ଅର୍ଥ ଗେବଲ।

କିଲ୍ମଦ୍‌ର ବ୍ୟବସାୟୀମାନେ ତୁମ୍ଭ ସହ ବାଣିଜ୍ୟ କଲେ।
24ସେମାନଙ୍କ ବାଣିଜ୍ୟ ଦ୍ରବ୍ୟ ମଧ୍ୟରେ ନାନା ଉତ୍କୃଷ୍ଟ ଦ୍ରବ୍ୟ,
ବୁଟାଦାର ଓ ନୀଳବର୍ଣ୍ଣ ଆବରଣୀୟ ବସ୍ତ୍ର, ବହୁମୂଲ୍ୟବାନ୍ ବସ୍ତ୍ର
ଓ ରଜ୍ଜୁରେ ବନ୍ଧା ଏରସ କାଷ୍ଠ ନିର୍ମିତ ସିନ୍ଦୂକରେ ତୁମ୍ଭର
ବ୍ୟବସାୟୀ ଥିଲେ। 25ତର୍ଶୀଶର ଜାହାଜଗୁଡ଼ିକ ତୁମ୍ଭ ବାଣିଜ୍ୟ
ଦ୍ରବ୍ୟ ବହନ କରୁଥିଲେ।

"ହେ ସୋର, ତୁମ୍ଭେ ସମୁଦ୍ରର ମଧ୍ୟ ସ୍ଥଳରେ ଅତିଶୟ
ଶକ୍ତିଶାଳୀ ଥିଲ।

26ତୁମ୍ଭର ନାବିକମାନେ ତୁମ୍ଭକୁ ଗଭୀର ଜଳ ମଧ୍ୟକୁ
ଆଣି ଅଛନ୍ତି। ମାତ୍ର ପୂର୍ବୀୟ ବାୟୁ ସମୁଦ୍ର ମଧ୍ୟରେ ତୁମ୍ଭକୁ
ଭାଙ୍ଗି ପକାଇଛି।

27ତୁମ୍ଭର ଧନ, ତୁମ୍ଭର ବାଣିଜ୍ୟଦ୍ରବ୍ୟ, ତୁମ୍ଭର ବାଣିଜ୍ୟ,
ତୁମ୍ଭର ନାବିକଗଣ, ତୁମ୍ଭର କର୍ଣ୍ଣଧାରମାନେ, ତୁମ୍ଭ ଜାହାଜର
ଛିଦ୍ର ବନ୍ଧାଳିବା ଲୋକମାନେ, ତୁମ୍ଭ ବାଣିଜ୍ୟ ଦ୍ରବ୍ୟ ବହିବା
ଲୋକମାନେ, ତୁମ୍ଭର ମଧ୍ୟବର୍ତ୍ତୀ ସମସ୍ତ ଯୋଦ୍ଧାମାନେ ଓ
ତୁମ୍ଭର ମଧ୍ୟବର୍ତ୍ତୀ ସମସ୍ତ ସମାଜ ତୁମ୍ଭର ପତନ ଦିନରେ
ସମୁଦ୍ର ମଧ୍ୟ ସ୍ଥଳରେ ଜଳମଗ୍ନ ହେବେ।

28"ତୁମ୍ଭର ଜାହାଜର କର୍ଣ୍ଣଧାରଗଣର କ୍ରନ୍ଦନ ଶବ୍ଦରେ
ସୁଦୂର ଉପନଗର ସମୂହ କମ୍ପିତ ହେବେ।

29ପୁଣି ତୁମ୍ଭ ଆହୁଲାଧାରୀ ସମସ୍ତ ଲୋକ, ନାବିକଗଣ ଓ
ସମସ୍ତ କର୍ଣ୍ଣଧାରଗଣ ନିଜ ନିଜ ଜାହାଜରୁ ଓହ୍ଲାଇ ଆସି
କୂଳରେ ଠିଆ ହେବେ।

30ସେମାନେ ତୁମ୍ଭ ଉଦ୍ଦେଶ୍ୟରେ ଅତିଶୟ ଦୁଃଖିତ ହୋଇ
କ୍ରନ୍ଦନ କରିବେ। ପୁଣି ସେମାନେ ନିଜ ନିଜ ମସ୍ତକରେ ଧୂଳି
ପକାଇ ଭସ୍ମରେ ଗଡ଼ିବେ।

31ଆଉ ସେମାନେ ତୁମ୍ଭ ଉଦ୍ଦେଶ୍ୟରେ ମସ୍ତକ ମୁଣ୍ଡନ
କରି କଟିଦେଶରେ ଚଟ ବାନ୍ଧିବେ, ଆଉ ତୁମ୍ଭ
ସକାଶେ ପ୍ରାଣ ବିକଳରେ ରୋଦନ କରି ଅତିଶୟ ବିଳାପ
କରିବେ।

32"ସେମାନେ ସେହି ମହାଶୋକ ସମୟରେ ତୁମ୍ଭ
ଉଦ୍ଦେଶ୍ୟରେ ବିଳାପ କରି ତୁମ୍ଭ ବିଷୟରେ ଏହି କଥା
କହିବେ, '"ସୋର ପରି କେହି ନାହିଁ, ସୋର ସମୁଦ୍ର
ମଧ୍ୟରେ ବିନଷ୍ଟ ହେଲା।"

33ତୁମ୍ଭର ବଣିକମାନେ ସମୁଦ୍ର ଦେଇ ଗଲେ, ସେତେବେଳେ
ତୁମ୍ଭେ ଅନେକ ଗୋଷ୍ଠୀଙ୍କୁ ସନ୍ତୁଷ୍ଟ କଲ। ତୁମ୍ଭେ ଆପଣା ଧନ
ଓ ବାଣିଜ୍ୟ ଦ୍ରବ୍ୟରେ ପୃଥିବୀର ବହୁ ରାଜାମାନଙ୍କୁ ଧନୀ
କଲ।

34କିନ୍ତୁ ତୁମ୍ଭେ ବର୍ତ୍ତମାନ ସମୁଦ୍ରର ଗଭୀର ଜଳରେ ଭଗ୍ନ
ହେବା ଯୋଗୁଁ ତୁମ୍ଭର ସମସ୍ତ ବାଣିଜ୍ୟ ଦ୍ରବ୍ୟ ଓ ତୁମ୍ଭର
ସମସ୍ତ ସମାଜ ତୁମ୍ଭ ମଧ୍ୟରେ ପତିତ ହେଲେ।

35ଉପକୂଳବର୍ତ୍ତୀର ନିବାସୀମାନେ ତୁମ୍ଭ ବିଷୟରେ ଆଚମ୍ବିତ
ହୋଇଅଛନ୍ତି ଏବଂ ସେମାନଙ୍କର ରାଜାମାନେ ଭୟଭୀତ
ହୋଇଥିଲେ ଓ ସେମାନଙ୍କର ମୁଖମଣ୍ଡଳ ସେମାନଙ୍କର ଆଚମ୍ବିତ
ପ୍ରକାଶ କଲା।

36ଅନ୍ୟ ଗୋଷ୍ଠୀର ବଣିକମାନେ ତୁମ୍ଭ ଉଦ୍ଦେଶ୍ୟରେ ଶୀଷ୍
ଶବ୍ଦ କରନ୍ତି। ତୁମ୍ଭର ଭାଗ୍ୟ ଲୋକମାନଙ୍କୁ ଭୟଭୀତ କରେ
ଏବଂ ତୁମ୍ଭେମାନେ ଆଉ ରହିବ ନାହିଁ।'"

## ସୋର ନିଜକୁ ପରମେଶ୍ୱର ମନେ କରେ

28 ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 2"ହେ ମନୁଷ୍ୟ ପୁତ୍ର,
ତୁମ୍ଭେ ସୋରର ଅଧିପତିକୁ କୁହ, 'ସଦାପ୍ରଭୁ, ମୋର ପ୍ରଭୁ
ଏହିକଥା କହନ୍ତି,

'"ତୁମ୍ଭର ଚିତ୍ତ ଗର୍ବିତ ହୋଇଅଛି, ତୁମ୍ଭେ କହିଅଛ, "ମୁଁ
ପରମେଶ୍ୱର ଅଟେ, ମୁଁ ସମୁଦ୍ରମାନଙ୍କ ମଧ୍ୟ ସ୍ଥାନରେ ପରମେଶ୍ୱରଙ୍କ
ଆସନରେ ବସିଅଛି;" '"ମାତ୍ର ନିଜ ଚିତ୍ତକୁ ଦେବତାଙ୍କ ଚିତ୍ତ
ତୁଲ୍ୟ ମନେ କଲେ ମଧ୍ୟ ତୁମ୍ଭେ ପରମେଶ୍ୱର ନୁହଁ, ତୁମ୍ଭେ
ମନୁଷ୍ୟ ମାତ୍ର।"

3ଏବଂ ତୁମ୍ଭେ ଭାବୁଛ ଯେ, ତୁମ୍ଭେ ଦାନିୟେଲ ଠାରୁ
ଅଧିକ ଜ୍ଞାନୀ, ସମସ୍ତ ନିଗୂଢ଼ କଥା ଲୋକମାନଙ୍କଠାରୁ ତୁମ୍ଭେ
ଜାଣିପାରିବ।

4ତୁମ୍ଭେ ଆପଣା ଜ୍ଞାନଦ୍ୱାରା ଓ ଆପଣା ବୁଦ୍ଧିଦ୍ୱାରା ଧନ
ପ୍ରାପ୍ତ ହୋଇଅଛ ଓ ଆପଣା ଭଣ୍ଡାରରେ ସୁନା ଓ ରୂପା
ସଞ୍ଚୟ କରିଅଛ।

5ତୁମ୍ଭେ ଆପଣା ମହାଜ୍ଞାନଦ୍ୱାରା ଓ ବାଣିଜ୍ୟଦ୍ୱାରା ଆପଣାର
ଧନ ବଢ଼ାଇ ଅଛ। ଆଉ ତୁମ୍ଭର ଏହି ଧନ ସକାଶେ ତୁମ୍ଭର
ଚିତ୍ତ ଗର୍ବିତ ହୋଇଅଛି।

6'"ତେଣୁ ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି,
ହେ ସୋର, ତୁମ୍ଭେ ଆପଣା ଚିତ୍ତକୁ ପରମେଶ୍ୱରଙ୍କ ଚିତ୍ତ
ତୁଲ୍ୟ ଭାବିଅଛ।

7ମୁଁ ତୁମ୍ଭମାନଙ୍କ ବିପକ୍ଷରେ ବିଦେଶୀମାନଙ୍କୁ ଆଣିବି,
ବାହାର ଦେଶରୁ ନିର୍ଦ୍ଦୟ ଲୋକମାନଙ୍କୁ ଆଣିବି। ତେଣୁ
ସେମାନେ ତୁମ୍ଭର ସୁନ୍ଦର ବସ୍ତୁ ବିପକ୍ଷରେ ଖଡ୍ଗ ଉତ୍ତୋଳନ
କରିବେ ଯାହା ତୁମ୍ଭକୁ ତୁମ୍ଭର ଜ୍ଞାନ ଆଣିଦେଇଥିଲା, ଏବଂ
ତୁମ୍ଭର ଶୋଭା ବିଧ୍ୱସ୍ତ ହେବ।

8ସେମାନେ ତୁମ୍ଭକୁ କବର ଭିତରକୁ ଘେନି ଆସିବେ।
ଆଉ ତୁମ୍ଭେ ସମୁଦ୍ରର ମଧ୍ୟ ସ୍ଥାନରେ ହତ ଲୋକମାନଙ୍କ ମୃତ୍ୟୁ
ତୁଲ୍ୟ ମୃତ୍ୟୁ ଭୋଗ କରିବ।

9ତୁମ୍ଭେ କ'ଣ ତୁମ୍ଭ ଘାତକ ସମ୍ମୁଖରେ "ମୁଁ ପରମେଶ୍ୱର"
ବୋଲି କହିବ? କିନ୍ତୁ ତୁମ୍ଭେ ନିଜ ଘାତକ ନିକଟରେ ତୁମ୍ଭେ
ଜଣେ ମନୁଷ୍ୟ ମାତ୍ର, ପରମେଶ୍ୱର ନୁହଁ।

10ତୁମ୍ଭମାନଙ୍କୁ ବିଦେଶୀ* ୟମାନଙ୍କ ଦ୍ୱାରା ହତ୍ୟା
କରାଯିବ ଏବଂ ତୁମ୍ଭମାନେ ଆଗନ୍ତୁକ ପରି ମୃତ୍ୟୁବରଣ
କରିବ। ଏହା ମୋର ଆଦେଶ।'" ସଦାପ୍ରଭୁ, ମୋର ପ୍ରଭୁ
ଏହା କହନ୍ତି।

11ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 12"ହେ ମନୁଷ୍ୟ ପୁତ୍ର, ତୁମ୍ଭେ ରାଜାଙ୍କ
ପାଇଁ ସୋରରେ ଏହି ବିଳାପ ସଂଗୀତ ଗାନ କର ଏବଂ
ତାକୁ କୁହ, 'ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହୁଛନ୍ତି;

'"ତୁମ୍ଭେ ଜଣେ ଆଦର୍ଶ ପୁରୁଷ ଥିଲ ଓ ତୁମ୍ଭେ ଜ୍ଞାନରେ
ପରିପୂର୍ଣ୍ଣ ଥିଲ ଏବଂ ତୁମ୍ଭେ ସୌନ୍ଦର୍ଯ୍ୟରେ ପୂର୍ଣ୍ଣତା
ଲାଭ କଲ।

---

**ବିଦେଶୀ** ଆକ୍ଷରିକ ଭାବରେ "ଅସୁନ୍ନତ"।

13ତୁମ୍ଭେ ପରମେଶ୍ୱର ଉଦ୍ୟାନ ଏଦନରେ ଥିଲ। ଚୁଣୀ, ପୀତମଣି, ହୀରକ, ବୈଦୁର୍ଯ୍ୟମଣି, ଗୋମେଦକମଣି, ସୂର୍ଯ୍ୟକାନ୍ତ, ନୀଳକାନ୍ତ, ପଦ୍ମରାଗ ଓ ମରକତ ଆଦି ଯାବତୀୟ ବହୁମୂଲ୍ୟ ପ୍ରସ୍ତର ସୁବର୍ଣ୍ଣରେ ଖଚିତ ହୋଇଥିଲା। ତୁମ୍ଭେ ସୃଷ୍ଟି ହେବା ଦିନରୁ ସମସ୍ତ ସୌନ୍ଦର୍ଯ୍ୟ ଶିଳ୍ପ ଗୃହିଣୀରେ ପରିପୂର୍ଣ୍ଣ ଥିଲା।

14ତୁମ୍ଭେ ଆଚ୍ଛାଦନକାରୀ ଅଭିଷିକ୍ତ କିରୂବ ଥିଲ; ପୁଣି ଆମ୍ଭେ ତୁମ୍ଭକୁ ପରମେଶ୍ୱରଙ୍କ ପବିତ୍ର ପର୍ବତ ଉପରେ ସ୍ଥାପନ କଲୁ। ତୁମ୍ଭେ ଅଗ୍ନିମୟ ପ୍ରସ୍ତର ସକଳ ମଧ୍ୟରେ ଗମନାଗମନ କଲ।

15ଯେଉଁବେଳେ ତୁମ୍ଭେମାନେ ସୃଷ୍ଟି ହେଲ, ତୁମ୍ଭେମାନେ ନିର୍ଦ୍ଦୋଷ ଥିଲ। କିନ୍ତୁ ପରେ ତୁମ୍ଭେମାନେ ଦୁଷ୍ଟ ହୋଇଗଲ।

16ତୁମ୍ଭେ ବାଣିଜ୍ୟ କରି ବହୁ ଧନ ସମ୍ପଦ ଆଣିଥିଲ। ମାତ୍ର ସେହି ଧନସମ୍ପଦ ଯୋଗୁଁ ତୁମ୍ଭର ଅଭ୍ୟନ୍ତର ଦୌରାତ୍ମ୍ୟରେ ପରିପୂର୍ଣ୍ଣ ହେଲା। ଆଉ ତୁମ୍ଭେ ପାପ କଲ। ଏଣୁ ମୁଁ ଅଶୁଚି ବସ୍ତ୍ର ତୁଲ୍ୟ ତୁମ୍ଭକୁ ପରମେଶ୍ୱରଙ୍କ ପର୍ବତରୁ ପକାଇ ଦେଇଅଛି। ଆଉ ମନୋନୀତ କିରୂବଦୂତ, ମୁଁ ତୁମ୍ଭକୁ ଉଜ୍ଜ୍ୱଳ ପ୍ରସ୍ତରରୁ ବିତାଡିତ କଲି।

17ତୁମ୍ଭର ସୌନ୍ଦର୍ଯ୍ୟ ହେତୁ ତୁମ୍ଭେ ଅହଙ୍କାରୀ ହୋଇଅଛ। ତୁମ୍ଭର ଜ୍ଞାନ ତୁମ୍ଭର ମହିମା ଦ୍ୱାରା ଭ୍ରଷ୍ଟ ହୋଇଅଛି। ମୁଁ ତୁମ୍ଭକୁ ଧୂଳିକୁ ଫିଙ୍ଗି ଦେଲି ଯେପରି ରାଜା ତୁମ୍ଭର ଧ୍ୱଂସ ଦେଖିଲେ।

18ତୁମ୍ଭେ ନିଜର ଅଧର୍ମର ବାହୁଲ୍ୟରେ, ନିଜ ବାଣିଜ୍ୟ ବିଷୟକ ଅନ୍ୟାୟ ଦ୍ୱାରା ନିଜର ପବିତ୍ର ସ୍ଥାନ ସବୁ ଅପବିତ୍ର କରିଅଛ। ଏଣୁ ମୁଁ ତୁମ୍ଭ ମଧ୍ୟରୁ ଅଗ୍ନି ବାହାର କଲି ଓ ତାହା ତୁମ୍ଭକୁ ଗ୍ରାସ କଲା। ପୁଣି ମୁଁ ସମସ୍ତଙ୍କୁ ଦେଖାଇବା ପାଇଁ ତୁମ୍ଭକୁ ଧୂଳିରେ ପରିଣତ କରିଛି।

19ସେହି ସବୁ ଦେଶ ଯେଉଁମାନେ ତୁମ୍ଭକୁ ଜାଣିଥିଲେ, ସେମାନେ ତୁମ୍ଭଠାରୁ ଆତଙ୍କିତ ହେବେ। ତୁମ୍ଭର ପରିସମାପ୍ତି ଲୋକମାନଙ୍କୁ କମ୍ପିତ କରାଇବ ଏବଂ ତୁମ୍ଭେ କେବେ ପୂର୍ବବସ୍ଥାକୁ ଫେରିବ ନାହିଁ।'"

## ସୀଦୋନ ବିରୁଦ୍ଧରେ ବାର୍ତ୍ତା

20ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ ହେଲା। ସେ କହିଲେ, 21"ହେ ମନୁଷ୍ୟ ପୁତ୍ର, ତୁମ୍ଭେ ସୀଦୋନ ଆଡ଼କୁ ମୁହଁ ବୁଲାଇ ତାହା ବିରୁଦ୍ଧରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କର। 22ଆଉ କୁହ, 'ମୋର ପ୍ରଭୁ ସଦାପ୍ରଭୁ ଏହିକଥା କହନ୍ତି,

"'ହେ ସୀଦୋନ, ଦେଖ, ମୁଁ ତୁମ୍ଭର ପ୍ରତିକୂଳ ଅଟେ। ପୁଣି ମୁଁ ତୁମ୍ଭମାନଙ୍କ ଦ୍ୱାରା ଗୌରବାନ୍ୱିତ ହେବି। ଆଉ ମୁଁ ନଗରକୁ ଦଣ୍ଡିତ ଓ ମୋର ନିଜକୁ ସେଠାରେ ପବିତ୍ର ରୂପେ ଦେଖାଇବି ପରେ ସେମାନେ ଜାଣିବେ ଯେ, ମୁଁ ସଦାପ୍ରଭୁ ଅଟେ।

23ପୁଣି ମୁଁ ନଗର ମଧ୍ୟକୁ ମହାମାରୀ ଓ ମୃତ୍ୟୁ ପଠାଇବି, ଫଳରେ ବହୁଲୋକ ନଗର ମଧ୍ୟରେ ମରିବେ। ନଗରର ପ୍ରାଚୀର ବାହାରେ ଶତ୍ରୁମାନଙ୍କ ବିରୁଦ୍ଧରେ ଯୁଦ୍ଧ କରି ବହୁ ଲୋକ ମୃତ୍ୟୁବରଣ କରିବେ। ତାହାହେଲେ ମୁଁ ଯେ ସଦାପ୍ରଭୁ ଅଟେ, ଏହା ଲୋକମାନେ ଜାଣିବେ।'"

## ଦେଶୀୟମାନେ ଇଶ୍ରାୟେଲକୁ ଉପହାସ କରିବାରୁ ବିରତ ହେବେ

24"'ଏବଂ ଇଶ୍ରାୟେଲ ଦେଶ ଆଉ ପଡୋଶୀମାନଙ୍କ ଦ୍ୱାରା ବେଷ୍ଟିତ ହେବ ନାହିଁ, ଯେଉଁମାନେ କି ତୀକ୍ଷ୍ଣ ଛୁରୀ ଓ ମୁନିଆଁ କଣ୍ଟାବୁଦା ତୁଲ୍ୟ। ଏବଂ ସେମାନେ ଜାଣିବେ ଯେ, ମୁଁ ସଦାପ୍ରଭୁ ସେମାନଙ୍କର ପ୍ରଭୁ ଅଟେ।'"

25ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହିଛନ୍ତି, "ମୁଁ ଇଶ୍ରାୟେଲ ବଂଶକୁ ନାନା ଗୋଷ୍ଠୀଗଣ ମଧ୍ୟରେ ଛିନ୍ନଭିନ୍ନ କରିଥିଲି। କିନ୍ତୁ ପୁନର୍ବାର ଯେଉଁବେଳେ ମୁଁ ସେମାନଙ୍କୁ ଏକତ୍ରିତ କରିବି। ସେଉଁବେଳେ ମୁଁ ନିଜକୁ ନାନା ଦେଶୀୟମାନଙ୍କ ଦୃଷ୍ଟିରେ ପବିତ୍ର ରୂପେ ଦେଖାଇବି ଏବଂ ମୁଁ ନିଜ ଦାସ ଯାକୁବକୁ ଯେଉଁ ଦେଶ ଦେଇଥିଲି ସେମାନେ ସେହି ଦେଶରେ ବାସ କରିବେ। 26ସେମାନେ ତାହା ମଧ୍ୟରେ ନିରାପଦରେ ବାସ କରିବେ। ସେମାନେ ଗୃହ ନିର୍ମାଣ କରିବେ ଓ ଦ୍ରାକ୍ଷାକ୍ଷେତ୍ର ରୋପଣ କରିବେ। ମୁଁ ତା'ର ଚତୁର୍ଦ୍ଦିଗସ୍ଥିତ ସମସ୍ତ ଦେଶକୁ ଦଣ୍ଡିତ କରିବି ଯେଉଁମାନେ ସେମାନଙ୍କୁ ତିରସ୍କାର କଲେ, ତା'ପରେ ସେମାନେ ନିରାପଦରେ ବାସ କରିବେ, ତହିଁରେ ମୁଁ ଯେ ସଦାପ୍ରଭୁ ଓ ସେମାନଙ୍କର ପରମେଶ୍ୱର ଅଟେ ଏହା ସେମାନେ ଜାଣିବେ।"

## ମିଶର ବିପକ୍ଷରେ ବାର୍ତ୍ତା

29 ଦଶମ ବର୍ଷର ଦଶମ ମାସର ଦ୍ୱାଦଶ ଦିନରେ ମୋର ପ୍ରଭୁ ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ ହେଲା। ସେ କହିଲେ, 2"ହେ ମନୁଷ୍ୟ ପୁତ୍ର, ତୁମ୍ଭେ ମିଶରର ରାଜା ଫାରୋଙ୍କ ଆଡକୁ ମୁହଁ ବୁଲାଅ, ତାଙ୍କ ବିରୁଦ୍ଧରେ ଓ ସମୁଦାୟ ମିଶର ବିରୁଦ୍ଧରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କର। 3ଆଉ କୁହ, 'ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି,

"'ହେ ମିଶରର ରାଜା ଫାରୋ, ମୁଁ ତୁମ୍ଭର ବିପକ୍ଷ ଅଟେ। ତୁମ୍ଭେ ଆପଣା ସ୍ରୋତ ସମୂହ ମଧ୍ୟରେ ଶୟନକାରୀ ପ୍ରକାଣ୍ଡ ଜୀବ କୁମ୍ଭୀର ସଦୃଶ୍ୟ। ତୁମ୍ଭେ କହିଅଛ, "ଏ ନଦୀ ମୋର, ମୁଁ ନିଜ ପାଇଁ ଏହାକୁ ସୃଷ୍ଟି କରିଅଛି।"

4-5"'ମାତ୍ର ମୁଁ ତୁମ୍ଭ ମାଢିରେ ଅଙ୍କୁଶ ଦେବି ଓ ତୁମ୍ଭ ସ୍ରୋତ ସମୂହର ମତ୍ସ୍ୟ ସକଳକୁ ତୁମ୍ଭ ଦେହର କାତିରେ ଲଗାଇବି। ଆଉ ସେହି ସ୍ରୋତ ସମୂହ ମଧ୍ୟରୁ ତୁମ୍ଭକୁ ଓ ତୁମ୍ଭ କାତିରେ ଲାଗିଥିବା ସମସ୍ତ ମତ୍ସ୍ୟଙ୍କୁ ବାହାର କରି ଉପରକୁ ଆଣିବା। ତୁମ୍ଭକୁ ଓ ସମସ୍ତ ମତ୍ସ୍ୟଙ୍କୁ ପ୍ରାନ୍ତରରେ ଛାଡ଼ିଦେବି ଓ ତୁମ୍ଭେ ପଦାରେ ପଡ଼ି ରହିବ। ତୁମ୍ଭକୁ କେହି ସଂଗ୍ରହ କରିବେ ନାହିଁ କି କବର ଦେବେ ନାହିଁ। ଆଉ ତୁମ୍ଭେ ଭୂଚର ପଶୁଗଣର ଓ ଖେଚରମାନଙ୍କର ଖାଦ୍ୟ ହେବ।

6ତେଣୁ ମୁଁ ଯେ ସଦାପ୍ରଭୁ ଅଟେ ଏହା ମିଶର ନିବାସୀ ସମସ୍ତେ ଜାଣିବେ। "'କାରଣ ସେମାନେ ଇଶ୍ରାୟେଲ ବଂଶ ପ୍ରତି ଏକ ନଳର ଆଶାବାଡ଼ି ହୋଇଅଛନ୍ତି।

7ଯେଉଁବେଳେ ସେମାନେ ତୁମ୍ଭର ହସ୍ତ ଧରିଲେ, ସେଉଁବେଳେ ତୁମ୍ଭେ ଭଗ୍ନ ହୋଇ ସେମାନଙ୍କର ସ୍କନ୍ଧସବୁ ବିଦୀର୍ଣ୍ଣ କଲ। ଆଉ ଯେଉଁବେଳେ ସେମାନେ ତୁମ୍ଭ ଉପରେ

ଆଉଜିଲେ ସେତେବେଳେ ତୁମ୍ଭେ ଭଗ୍ନ ହୋଇ ସେମାନଙ୍କର
ସମସ୍ତ କଟିଦେଶ ଅଚଳ କଲ।’”
8ତେଣୁ ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହନ୍ତି,
“ଦେଖ ମୁଁ ତୁମ୍ଭ ବିରୁଦ୍ଧରେ ଖଡ୍ଗ ଆଣିବି ଓ ତୁମ୍ଭ ମଧ୍ୟରୁ
ମନୁଷ୍ୟ ତଥା ପଶୁମାନଙ୍କୁ ବିନାଶ କରିବି।
9ପୁଣି ମିଶର ଧ୍ୱଂସପ୍ରାପ୍ତ ହୋଇ ଶୂନ୍ୟସ୍ଥାନ ହେବ। ତାହା
ହେଲେ ସେମାନେ ଜାଣିବେ ଯେ ମୁଁ ସଦାପ୍ରଭୁ ଅଟେ।” ସେ
ପୁଣି କହିଲେ, “ଏହା କାହିଁକି ଘଟିବ? କାରଣ ସେ
କହିଅଛି, ‘ନଦୀ ମୋର ଓ ମୁଁ ତାହା ସୃଷ୍ଟି କରିଅଛି।’
10ତେଣୁ ମୁଁ (ପରମେଶ୍ୱର) ତୁମ୍ଭର ଓ ତୁମ୍ଭ ନଦୀ ସମୂହର
ପ୍ରତିକୂଳ ଅଟେ। ମୁଁ ସିବେନୀ ଦୁର୍ଗଠାରୁ କୂଶ ଦେଶର ସୀମା
ପର୍ଯ୍ୟନ୍ତ ସମଗ୍ର ମିଶର ଦେଶକୁ ଶୂନ୍ୟ ଓ ଧ୍ୱଂସସ୍ଥାନ କରିବି।
11କୌଣସି ମନୁଷ୍ୟ କିମ୍ବା ପଶୁ ତୁମ୍ଭ ଦେଶ ମଧ୍ୟରେ
ଯାତାୟତ କରିବେ ନାହିଁ। ଚାଳିଶ ବର୍ଷ ପର୍ଯ୍ୟନ୍ତ ମିଶର
ଅପ୍ରତିଷ୍ଠିତ ହୋଇ ରହିବ। 12ଚାଳିଶ ବର୍ଷ ପର୍ଯ୍ୟନ୍ତ ମୁଁ
ମିଶରକୁ ଅନ୍ୟାନ୍ୟ ଜନଶୂନ୍ୟ ଦେଶମାନଙ୍କ ମଧ୍ୟରେ ଏକ
ଜନଶୂନ୍ୟ ରାଷ୍ଟ୍ର କରି ଦେବ ଏବଂ ଏହାର ନଗରଗୁଡ଼ିକରେ
ଅନ୍ୟାନ୍ୟ ଭଗ୍ନ ନଗର ପରି ଭଗ୍ନାବଶେଷ ରହିଯିବ। ମୁଁ
ମିଶରୀୟମାନଙ୍କୁ ନାନା ଦେଶୀୟମାନଙ୍କ ମଧ୍ୟରେ ଛିନ୍ନଭିନ୍ନ
କରିବି ଓ ନାନା ଦେଶରେ ସେମାନଙ୍କୁ ବିକ୍ଷିପ୍ତ କରିବି।”
13ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହିଛନ୍ତି, “କିନ୍ତୁ
ଚାଳିଶ ବର୍ଷ ପରେ, ମୁଁ ମିଶରୀୟମାନଙ୍କୁ ସମସ୍ତ ଦେଶରୁ
ଏକତ୍ରିତ କରିବି, ଯେଉଁ ଦେଶଗୁଡ଼ିକରେ ସେମାନେ ଛିନ୍ନଛତ୍ର
ହୋଇଥିଲେ। 14ଏବଂ ମୁଁ ମିଶରୀୟମାନଙ୍କୁ ଫେରାଇ ଆଣିବି,
ମୁଁ ସେମାନଙ୍କୁ ସେମାନଙ୍କର ଜନ୍ମଭୂମି ପାଥ୍ରୋଷକୁ ଫେରାଇ
ଆଣିବି। ଏବଂ ସେଠାରେ ସେମାନେ ଗୋଟିଏ ଅପ୍ରଧାନ ରାଜ୍ୟ
ହୋଇ ରହିବେ। 15ଏହା ସବୁଠାରୁ ନୀଚ ରାଷ୍ଟ୍ର ହେବ ଏବଂ
ଏହା ଅନ୍ୟ ରାଷ୍ଟ୍ରମାନଙ୍କ ଉପରେ ଉଠି ପାରିବ ନାହିଁ। ମୁଁ
ଏହାକୁ ଏତେ ଦୁର୍ବଳ କରିଦେବି ଯେ, ସେମାନେ କେବେ
ପୁଣି ଅନ୍ୟ ରାଷ୍ଟ୍ର ଉପରେ ଶାସନ କରି ପାରିବେ ନାହିଁ।
16ପୁଣି କେବେହେଲେ ଇଶ୍ରାୟେଲ ମିଶର ଉପରେ ଭରସା
କରିବ ନାହିଁ, ଅପରନ୍ତୁ ଏହା ସେମାନଙ୍କର ଦୋଷ ମନେ
ପକାଇ ଦେବ, ଯେତେବେଳେ ସେମାନେ ସେମାନଙ୍କର ସାହାଯ୍ୟ
ପାଇଁ ମିଶର ଆଡ଼କୁ ବୁଲିବେ, ତାହା ହେଲେ ସେମାନେ
ଜାଣିବେ ଯେ, ମୁଁ ସଦାପ୍ରଭୁ ଓ ପ୍ରଭୁ ଅଟେ।”

### ବାବିଲ ମିଶର ପାଇବ

17ଅନନ୍ତର ସପ୍ତବିଂଶ ବର୍ଷର ପ୍ରଥମ ମାସର ପ୍ରଥମ
ଦିନରେ ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 18“ହେ ମନୁଷ୍ୟ ପୁତ୍ର, ବାବିଲର
ରାଜା ନିବୂଖଦ୍‌ନିତ୍ସର ଆପଣା ସୈନ୍ୟସାମନ୍ତକୁ ସୋର ବିରୁଦ୍ଧରେ
ଅତିଶୟ ପରିଶ୍ରମ କରାଇ ଅଛି। ପ୍ରତ୍ୟେକ ମସ୍ତକ ଟାଙ୍ଗରା
ହେଲା ଓ ପ୍ରତ୍ୟେକ କାନ୍ଧର ଚର୍ମ ଭାର ବହନ କରି
ଛିଡ଼ିଗଲା। ତଥାପି ସେ ସୋର ବିରୁଦ୍ଧରେ ଯେଉଁ ପରିଶ୍ରମ
କରିଥିଲା ସେଥିପାଇଁ ତା’ର ସୈନ୍ୟସାମନ୍ତ କିଛି ପାରିଶ୍ରମିକ
ପାଇଲେ ନାହିଁ।” 19ତେଣୁ ସଦାପ୍ରଭୁ, ମୋର ପ୍ରଭୁ ଏହିକଥା
କହନ୍ତି, “ଦେଖ, ମୁଁ ବାବିଲର ରାଜା ନିବୂଖଦ୍‌ନିତ୍ସରକୁ ମିଶର
ଦେଶ ଦେବି। ସେ ତା’ର ଲୋକମାନଙ୍କୁ ଓ ତାହାର
ମୂଲ୍ୟବାନ ଦ୍ରବ୍ୟସବୁ ଲୁଟି ନେଇଯିବ। ଆଉ ତାହାର ସମ୍ପତ୍ତି
ଅପହରଣ କରିବ ଏବଂ ତାହାର ସୈନ୍ୟସାମନ୍ତଙ୍କ ବେତନ
ନେବ। 20ଆମ୍ଭେ ତାହାର ପରିଶ୍ରମ ସକାଶେ ପୁରସ୍କାର ସ୍ୱରୂପ
ତାକୁ ମିଶର ଦେଶ ଦେଇଅଛୁ। କାରଣ ସେମାନେ ଆମ୍ଭ
ପାଇଁ କାମ କଲେ।” ଏହା ସଦାପ୍ରଭୁ, ମୋର ପ୍ରଭୁ କହନ୍ତି।
21“ସେଦିନ ମୁଁ ଇଶ୍ରାୟେଲ ବଂଶ ନିମନ୍ତେ ଗୋଟିଏ
ଶୃଙ୍ଗ ଅଙ୍କୁରିତ କରାଇବି। ତା’ପରେ ମୁଁ ସେମାନଙ୍କ ମଧ୍ୟରେ
ତୁମ୍ଭର ମୁଖ ମୁକ୍ତ କରିବି। ତେଣୁ ମୁଁ ଯେ ସଦାପ୍ରଭୁ ଅଟେ,
ଏହା ସେମାନେ ଜାଣିବେ।”

### ବାବିଲର ସୈନ୍ୟବାହିନୀ ମିଶର ଅଧିକାର କରିବେ

30 ପୁନର୍ବାର ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା। ସେ କହିଲେ, 2“ହେ ମନୁଷ୍ୟ
ପୁତ୍ର, ତୁମ୍ଭେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି କୁହ, ‘ସଦାପ୍ରଭୁ,
ମୋର ପ୍ରଭୁ ଏହି କଥା କହନ୍ତି,
“‘ତୁମ୍ଭେମାନେ ବିଳାପ କରି କୁହ, “ହାୟ, ହାୟ, ସେହି
ଭୟଙ୍କର ଦିନ ଆସୁଛି।”
3କାରଣ ସେଦିନ ନିକଟବର୍ତ୍ତୀ, ହଁ ସଦାପ୍ରଭୁଙ୍କର ଦିନ
ନିକଟବର୍ତ୍ତୀ, ସେଦିନ ମେଘାଚ୍ଛନ୍ନ ଦିନ। ତାହା ରାଷ୍ଟ୍ରମାନଙ୍କ
ପାଇଁ କାଳ ହେବ।
4ଏବଂ ମିଶର ବିରୁଦ୍ଧରେ ଏକ ଖଡ୍ଗ ଆସିବ। ଏବଂ
ମିଶର ଦେଶରେ ଲୋକମାନେ ନିହତ ହେଲେ କୂଶ ଦେଶ
ଭୟରେ ଥରିବ। ଏବଂ ଶତ୍ରୁ ତାହାର ଧନସମ୍ପତ୍ତି ସବୁ
ନେଇଯିବେ ଓ ତାହାର ମୂଳଭିତ୍ତିସବୁ ଭାଙ୍ଗି ଦେବେ।
5“‘ଏବଂ ଇଶ୍ରାୟେଲ ଲୋକମାନଙ୍କ ସହିତ କୂଶ, ପୂଟ୍ ଓ
ଲୂଦ୍, ସମସ୍ତ ଆରବୀୟ, ଲିବିୟା ଏବଂ ଇଶ୍ରାୟେଲର ଲୋକମାନେ *
ଖଡ୍ଗରେ ବିନାଶ ହେବେ।
6ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହନ୍ତି, “ମିଶରର
ସମର୍ଥକମାନେ ପତିତ ହେବେ ଓ ତାହାର ପରାକ୍ରମ ଓ ଗର୍ବ
ଖର୍ବ ହେବ। ସିବେନୀ ଦୁର୍ଗଠାରୁ ଆସ୍ୱାନ ପର୍ଯ୍ୟନ୍ତ ସମସ୍ତ
ଲୋକ ଖଡ୍ଗରେ ପତିତ ହେବେ।” ଏହା ସଦାପ୍ରଭୁ, ମୋର
ପ୍ରଭୁ କହନ୍ତି।
7ପୁଣି ସେମାନେ ଅନ୍ୟ ଧ୍ୱଂସପ୍ରାପ୍ତ ନଗରଗୁଡ଼ିକ ମଧ୍ୟରେ
ଧ୍ୱଂସ ହେବେ। ଏବଂ ତାହାର ନଗର ସକଳ ଉଚ୍ଛିନ୍ନ ନଗର
ସମୂହର ମଧ୍ୟରେ ଥିବ।
8ମୁଁ ମିଶରରେ ଅଗ୍ନି ସଂଯୋଗ କରିବି। ଫଳରେ ତାହାର
ସହାୟକମାନେ ବିନଷ୍ଟ ହେବେ। ସେତେବେଳେ ମୁଁ ଯେ
ସଦାପ୍ରଭୁ ଅଟେ, ଏହା ସେମାନେ ଜାଣିବେ।
9“ସେଦିନ ଆମ୍ଭେ କୂଶୀୟମାନଙ୍କୁ ଭୀତ କରାଇବା ପାଇଁ
ଜାହାଜ ଦ୍ୱାରା ଦୂତମାନଙ୍କୁ ପଠାଇବା। ଯେତେବେଳେ ମିଶରରେ
ଦୁର୍ଦ୍ଦିନ ପହଞ୍ଚେ, ଆତଙ୍କ କୂଶୀୟଙ୍କୁ ଅତିକ୍ରମ କରିବ।
ଏଥିପାଇଁ ଏହା ପ୍ରକୃତରେ ଘଟିବ।

---

**ଇଶ୍ରାୟେଲର ଲୋକମାନେ** ଆକ୍ଷରିକ ଭାବରେ “ଚୁକ୍ତି ନାମର ପୁତ୍ରଗଣ” ହୁଏତ ଏହାର ଅର୍ଥ ମିଶର ସହିତ ଚୁକ୍ତି କରିଥିବା ସମସ୍ତ ଲୋକ କିମ୍ବା ଏହାର ଅର୍ଥ ହୁଏତ “ଇଶ୍ରାୟେଲର ଲୋକମାନେ, ଯେଉଁମାନେ ପରମେଶ୍ୱରଙ୍କ ସହିତ ନିୟମ କରିଥିଲେ।

10ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହିଛନ୍ତି, "ମୁଁ
ବାବିଲର ରାଜା ନବୂଖଦ୍‌ନିତ୍ସରଙ୍କର ହସ୍ତରେ ମିଶରର ଧନ
ସମ୍ପତ୍ତିକୁ ହସ୍ତାନ୍ତର କରିବି।
11ନବୂଖଦ୍‌ନିତ୍ସର ଓ ତା'ର ଲୋକମାନେ ଦେଶଗୁଡ଼ିକ
ମଧ୍ୟରେ ଅତି ଭୟଙ୍କର। ତାହାର ନିର୍ଦ୍ଦୟ ଲୋକମାନେ ତାହା
ସଙ୍ଗେ ଦେଶ ବିନାଶକୁ ଅଣାଯିବେ। ଏବଂ ସେମାନେ
ମିଶରର ବିରୁଦ୍ଧରେ ନିଜ ନିଜ ଖଡ୍ଗ ଉତ୍ତୋଳନ କରିବେ।
ସେମାନେ ଶବଗୁଡ଼ିକରେ ଦେଶ ପୂର୍ଣ୍ଣ କରିବେ।
12ମୁଁ ନୀଳନଦୀକୁ ଶୁଷ୍କ ଭୂମିରେ ପରିଣତ କରିବି।
ଦେଶକୁ ମନ୍ଦଲୋକମାନଙ୍କୁ ବିକ୍ରୟ କରିବି। ମୁଁ ବିଦେଶୀମାନଙ୍କ
ଦ୍ୱାରା ଦେଶ ତଥା ତନ୍ମଧ୍ୟସ୍ଥ ଯାବତୀୟ ବିଷୟ ଧ୍ୱଂସ କରିବି।
ମୁଁ ସଦାପ୍ରଭୁ ଏହା କହିଅଛି।"

## ମିଶରର ପ୍ରତିମାଗୁଡ଼ିକ ଧ୍ୱଂସପ୍ରାପ୍ତ ହେବେ

13ସଦାପ୍ରଭୁ, ମୋର ପ୍ରଭୁ ଏକଥା କହିଛନ୍ତି, "ମୁଁ
ଦେବତାଗଣକୁ ହିଁ ବିନାଶ କରିବି ଓ ନୋଫରୁ
ପ୍ରତିମାଗୁଡ଼ିକୁ ଶେଷ କରାଇବି। ପୁଣି ମିଶର ଦେଶରୁ ଆଉ
ଅଧିପତି ଆସିବେ ନାହିଁ। ମୁଁ ମିଶର ଦେଶରେ ଭୟ ସୃଷ୍ଟି
କରିବି।
14ପୁଣି ମୁଁ ପାଥ୍ରୋଷକୁ ଧ୍ୱଂସ କରିବି ଓ ସିୟୋନରେ
ଅଗ୍ନି ଲଗାଇବି। ଆଉ ନୋ-ନଗରରେ ଦଣ୍ଡାଜ୍ଞା ସଫଳ
କରିବି।
15ତା'ପରେ ମୁଁ ମିଶରର ଦୃଢ଼ ଦୁର୍ଗ ସୀନ ଉପରେ
ଆପଣା କୋପ ବୃଷ୍ଟି କରିବି ଓ ମୁଁ ନୋ-ନଗରର ଲୋକମାନଙ୍କୁ
ବିନାଶ କରିବି।
16ଏବଂ ମୁଁ ମିଶରରେ ଅଗ୍ନି ସଂଯୋଗ କରିବି। ସୀନ
ମହାଯାତନା ଗ୍ରସ୍ତ ହେବ ଓ ନୋ-ନଗର ଭଗ୍ନ ହେବ। ଏବଂ
ନୋଫର ଶତ୍ରୁମାନେ ପ୍ରତିଦିନ ନୂଆ ଗଣ୍ଡଗୋଳ ସୃଷ୍ଟି କରିବେ।
17ଆବେନ ଓ ପୀବେଶତର ଯୁବାମାନେ ଖଡ୍ଗରେ ନିପାତିତ
ହେବେ। ଆଉ ନଗରର ସ୍ତ୍ରୀ ଲୋକମାନେ ବନ୍ଦୀତ୍ୱ ସ୍ଥାନକୁ
ଯିବେ।
18ଆମ୍ଭେ ଯେତେବେଳେ ତଫନହେଷରେ ମିଶରର ଯୁଆଳି
ସବୁ ଭାଙ୍ଗିବା ଓ ତାହାର ପରାକ୍ରମର ଦର୍ପ ତାହା ମଧ୍ୟରେ
ଶେଷ ହେବ, ତାହା ତଫନହେଷର ଅନ୍ଧକାର ଦିନ ଥିଲା।
ଏହା ମେଘ ଦ୍ୱାରା ଆଚ୍ଛାଦିତ ହେବ ଓ ଏହାର କନ୍ୟାମାନେ
ମଧ୍ୟ ବନ୍ଦୀ ରୂପେ ନୀତ ହେବେ।
19ଏହିରୂପେ ମୁଁ ମିଶରରେ ଦଣ୍ଡାଜ୍ଞା ସଫଳ କରିବି।
ତାହା ହେଲେ ମୁଁ ଯେ ସଦାପ୍ରଭୁ ଅଟେ, ଏହା ସେମାନେ
ଜାଣିବେ।'"

## ମିଶର ଚିରଦିନ ପାଇଁ ଦୁର୍ବଳ ହେବ

20ଅନନ୍ତର ଏକାଦଶ ବର୍ଷର ପ୍ରଥମ ମାସର ସପ୍ତମ
ଦିନରେ ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା, ସେ କହିଲେ, 21"ହେ ମନୁଷ୍ୟ ପୁତ୍ର, ମୁଁ ମିଶରର
ରାଜା ଫାରୋର ବାହୁ ଭାଙ୍ଗିଅଛି। ତା'ର ଆରୋଗ୍ୟ ପାଇଁ
ଔଷଧ ଲଗାଇ ପଟି ବାନ୍ଧିବାକୁ କେହି ନାହିଁ। ତେଣୁ ତାହାର
ହସ୍ତ ଆଉ ଖଡ୍ଗ ଧାରଣ କରିବାକୁ ସବଳ ହେବନାହିଁ।"

22ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି, "ଦେଖ,
ମୁଁ ମିଶରର ରାଜା ଫାରୋର ବିପକ୍ଷ ଅଟେ। ମୁଁ ତା'ର ବାହୁ
ଭାଙ୍ଗି ଦେବି। ଉଭୟକୁ ଯେଉଁଟାକି ବଳଶାଳୀ ଏବଂ ଅନ୍ୟ
ଯେଉଁଟାକି ପୂର୍ବରୁ ଭାଙ୍ଗି ଯାଇଛି। ଏବଂ ତା' ହସ୍ତରୁ ଖଡ୍ଗ
ଖସାଇ ଦେବି। 23ଏବଂ ମୁଁ ମିଶରୀୟମାନଙ୍କୁ ନାନା ଗୋଷ୍ଠୀ
ମଧ୍ୟରେ ଓ ନାନା ଦେଶରେ ସେମାନଙ୍କୁ ଛିନ୍ନଭିନ୍ନ କରିବି।
24ଏବଂ ମୁଁ ବାବିଲ ରାଜାର ଉଭୟ ବାହୁ ସବଳ କରିବି ଓ
ମୋର ଖଡ୍ଗ ଧରିବାକୁ ଦେବି। କିନ୍ତୁ ମୁଁ ଫାରୋର ବାହୁଦ୍ୱୟ
ଭାଙ୍ଗି ପକାଇବି। ତେଣୁ ସେ ମୁମୂର୍ଷୁ ଲୋକମାନେ କ୍ରନ୍ଦନ
କଲାପରି ବିଳାପ କରିବ। 25ମୁଁ ବାବିଲ ରାଜାର ବାହୁସବୁ
ସବଳ କରିବି ଓ ଫାରୋ ରାଜାର ବାହୁସବୁ ପତନ
ଘଟାଇବି।
"ମୁଁ ଯେତେବେଳେ ବାବିଲ ରାଜା ହସ୍ତରେ ଖଡ୍ଗ ଦେବି
ଓ ଯେତେବେଳେ ସେ ଏହାକୁ ମିଶର ଭୂମିର ବିରୁଦ୍ଧରେ
ଉଠାଇବ। ସେତେବେଳେ ମୁଁ ଯେ ସଦାପ୍ରଭୁ ଅଟେ, ଏହା
ସେମାନେ ଜାଣିବେ। 26ଏବଂ ମୁଁ ମିଶରୀୟମାନଙ୍କୁ ନାନା
ଜାତିଗଣ ମଧ୍ୟରେ ଓ ନାନା ଦେଶରେ ସେମାନଙ୍କୁ ବିକ୍ଷିପ୍ତ
କରିବି। ତାହାହେଲେ ସେମାନେ ଜାଣିବେ ଯେ, ମୁଁ ସଦାପ୍ରଭୁ
ଅଟେ।"

## ଅଶୂର ଏକ ଏରସ ବୃକ୍ଷ ତୁଲ୍ୟ

31 ଅନନ୍ତର ଏକାଦଶ ବର୍ଷର ତୃତୀୟ ମାସ ଜୁନ୍‌ର
ପ୍ରଥମ ଦିନରେ ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା। ସେ କହିଲେ, 2"ହେ ମନୁଷ୍ୟ ପୁତ୍ର,
ମିଶରର ରାଜା ଫାରୋକୁ ଓ ତାହାର ଲୋକମାନଙ୍କୁ ଏହି
କଥା କୁହ,
"'ତୁମ୍ଭେ ମହାନ, ତୁମ୍ଭେ ଆପଣା ମହତ୍ତ୍ୱରେ କାହାର
ତୁଲ୍ୟ?
3ଅଶୂରକୁ ଦେଖ! ସେ ଲିବାନୋନ୍‌ର ଏରସ ବୃକ୍ଷସ୍ୱରୂପ
ଅଟେ। ତାହାର ସୁନ୍ଦର ଘନଛାୟାଦାୟକ ଓ ଉଚ୍ଚାକୃତି
ଶାଖାମାନ ଥିଲା। ଆଉ ତାହାର ଶିଖର ମେଘ ମଧ୍ୟରେ
ଥିଲା।
4ଅମାପ ଜଳ ତାହାକୁ ପୁଷ୍ଟ କଲା। ଗଭୀର ତରଙ୍ଗିଣୀ
ତାହାକୁ ବର୍ଦ୍ଧିତ ହେଲା ଓ ତାହାର ସ୍ରୋତ ସମୂହ ବୃକ୍ଷରୋପଣ
ସ୍ଥାନର ଚତୁର୍ଦ୍ଦିଗରେ ପ୍ରବାହିତ ହେଲା।
5ଏଣୁ କ୍ଷେତ୍ରସ୍ଥ ବୃକ୍ଷଗୁଡ଼ିକ ଅପେକ୍ଷା ସେ ଅତି ଉଚ୍ଚ
ହେଲା। ତାହାର ଡାଳଗୁଡ଼ିକ ବହୁ ସଂଖ୍ୟାରେ ବଢ଼ିବାକୁ
ଲାଗିଲା। ଆଉ ଅମାପ ଜଳ ହେତୁ ତାହାର ଶାଖାସବୁ
ପ୍ରସାରିତ ହୋଇ ବଢ଼ିଗଲା।
6ଆକାଶର ପକ୍ଷୀସକଳ ତାହାର ଡାଳରେ ବସା ବାନ୍ଧିଲେ।
କ୍ଷେତ୍ରସ୍ଥ ପଶୁମାନେ ତାହାର ଶାଖାତଳେ ପ୍ରସବ କଲେ। ଏବଂ
ତାହାର ଛାୟା ତଳେ ବହୁତ ଜାତିଗଣ ବାସ କଲେ।
7ଏହିରୂପେ ସେ ନିଜର ମହତ୍ତ୍ୱରେ ତାହାର ଶାଖାଗୁଡ଼ିକର
ଦୀର୍ଘତା ଯୋଗୁଁ ମନୋହର ହେଲା, କାରଣ ପ୍ରଚୁର ଜଳ
ନିକଟରେ ତାହାର ମୂଳ ଥିଲା।
8ଏପରିକି ପରମେଶ୍ୱରଙ୍କ ଉଦ୍ୟାନସ୍ଥ ଏରସ ବୃକ୍ଷସବୁ ଏହି
ବୃକ୍ଷ ପରି ବଡ଼ ନଥିଲେ। ଆଉ ଦେବଦାରୁ ବୃକ୍ଷଗୁଡ଼ିକର

କୌଣସି ଶାଖା ନଥିଲା। ଏବଂ ସାଧାରଣ ବୃକ୍ଷଗୁଡ଼କ ସେହଭଳି
ଶାଖା ଯୁକ୍ତ ନଥିଲା। ଆଉ ପରମେଶ୍ୱରଙ୍କ ଉଦ୍ୟାନରେ
କୌଣସି ବୃକ୍ଷ ସୌନ୍ଦର୍ଯ୍ୟରେ ତାହାପର ନଥିଲେ।
9ମୁଁ ତାହାକୁ ବହୁ ଶାଖାବଶିଷ୍ଟ କର ତାକୁ ରମଣୀୟ
କଲ। ଏଣୁ ପରମେଶ୍ୱରଙ୍କ ଉଦ୍ୟାନ ଏଦୋନରେ ସକଳବୃକ୍ଷ
ତାହାକୁ ଈର୍ଷା କଲେ।'"
10ତେଣୁ ସଦାପ୍ରଭୁ, ମୋର ପ୍ରଭୁ ଏହକଥା କହନ୍ତ,
"ସେହ ବୃକ୍ଷ ଅତି ଉଚ୍ଚ ହେଲା। ଗହଳଆ ଡାଳସବୁର ଶିଖର
ଦେଶ ଉଚ୍ଚତାରେ ମେଘକୁ ସ୍ପର୍ଶ କଲା। ଆଉ ତାହା ଏତେ
ଅଧିକ ଉଚ୍ଚ ହେଲା ଯେ ଏହା ଅହଂକାରୀ ହେଲା। 11ଏଥିପାଇଁ
ମୁଁ ତାହାକୁ ବଳବାନ୍ ଶାସକର ହସ୍ତରେ ଦେଇଅଛି। ଯାହା
ଫଳରେ ସେ ଏହାକୁ ତା'ର ଦୁଷ୍ଟାମି ଅନୁଯାୟୀ ବ୍ୟବହାର
କରବ। ମୁଁ ଏହାକୁ ଖାରଜ କରଛି। 12ପୁଣି ଜାତିମାନଙ୍କ
ମଧ୍ୟରେ ଭୟଙ୍କର ବଦେଶୀମାନେ ତାହାକୁ କାଟି ପକାଇ
ଛାଡ଼ ଯାଇଛନ୍ତ। ପର୍ବତମାନଙ୍କ ଉପରେ ଓ ସମସ୍ତ ଉପତ୍ୟକାରେ
ତାହାର ଶାଖାସବୁ ପଡ଼ଅଛି। ଆଉ ଦେଶର ସବୁ ଜଳ
ପ୍ରବାହ ନକଟରେ ତାହାର ଡାଳସବୁ ଭଙ୍ଗା ଯାଇଛି। ତେଣୁ
ପୃଥିବୀସ୍ଥ ଯାବତୀୟ ଜାତି ତାହାର ଛାୟା ତଳୁ ଚାଲି
ଯାଇଛନ୍ତ ଓ ତାକୁ ପରତ୍ୟାଗ କରଛନ୍ତ। 13ଏଣିକ ଆକାଶର
ପକ୍ଷୀମାନେ ତାହାର ଭାଙ୍ଗି ଯାଇଥିବା ଶାଖା ଉପରେ ବାସ
କରବେ ଓ କ୍ଷେତ୍ରସ୍ଥ ପଶୁମାନେ ତାହାର ଭଗ୍ନ ଶାଖାମାନଙ୍କ
ମଧ୍ୟରେ ରହବେ।
14"ଆଉ ଜଳରାଶିର ନକଟବର୍ତ୍ତୀ କୌଣସି ବୃକ୍ଷ ଆପଣା
ଦୀର୍ଘତା ଯୋଗୁଁ ଗର୍ବିତ ହେବ ନାହିଁ ଓ ସେମାନେ ମେଘଗୁଡ଼କୁ
ଛୁଇଁବା ପାଇଁ ଚେଷ୍ଟା କରବେ ନାହିଁ। ଆଉ ଜଳ ସେଚିତ
ବୃକ୍ଷସବୁ କପର ସେମାନେ ଡେଙ୍ଗା ହେବେ, ଏବଷୟରେ
ଅହଂକାର କରବେ ନାହିଁ। କାରଣ ସେମାନଙ୍କ ମଧ୍ୟରୁ ସମସ୍ତେ
ମୃତ୍ୟୁ ଅବଶ୍ୟମ୍ଭାବୀ ଅଟେ, ପୃଥିବୀ ତଳକୁ ଯିବାକୁ ଠିକ୍
ଲୋକମାନେ କବରକୁ ଗଲାପର। ସେମାନେ ଅନ୍ୟମାନଙ୍କୁ
ଯୋଗ ଦେବେ, ଯିଏ ପୂର୍ବରୁ ଗର୍ତ୍ତ ଭିତରକୁ ଯାଇଥିଲେ।"
15ସଦାପ୍ରଭୁ, ମୋର ପ୍ରଭୁ ଏହକଥା କହଛନ୍ତ, "ସେ
ମୃତ୍ୟୁସ୍ଥାନକୁ ଗଲେ, ମୁଁ ସେହଦନ ଶୋକ କଲ। ମୁଁ ତାହାକୁ
ଅଗାଧ ଜଳଧିରେ ଆଚ୍ଛାଦନ କଲ ଓ ତହିଁର ସ୍ରୋତ ସମୂହକୁ
ନବୃତ୍ତ କଲ। ତହିଁରେ ମହାଜଳରାଶି ରୁଦ୍ଧ ହେଲା। ପୁଣି ମୁଁ
ତାହା ପାଇଁ ଲିବାନୋନକୁ ଶୋକାକୁଳ କଲ। ଆଉ କ୍ଷେତ୍ରସ୍ଥ
ବୃକ୍ଷମାନେ ଦୁଃଖରେ ମ୍ଳାନ ହେଲେ। 16ମୁଁ ତାହାକୁ
ଗର୍ତ୍ତଗାମୀମାନଙ୍କ ସହତ ପାତାଳକୁ ପକାଇ ଦେଲାବେଳେ,
ତାହାର ପତନ ଶବ୍ଦରେ ଗୋଷ୍ଠୀୟମାନେ କମ୍ପିତ ହେଲେ।
ପୁଣି ପୃଥିବୀରେ ଥିବା ଏଦନର ସମସ୍ତ ଜଳସେଚିତ ମନୋନୀତ
ବୃକ୍ଷଗୁଡ଼କ, ଲିବାନୋନ୍‌ର ସମସ୍ତ ଉତ୍ତମ ବୃକ୍ଷଗୁଡ଼କୁ ନମ୍ନତମ
ପୃଥିବୀରେ ସାନ୍ତ୍ୱନା ଦଆଗଲା। 17ଅନ୍ୟ ଦେଶମାନଙ୍କରୁ
ଏହାର ମିତ୍ରଗଣ ଯେଉଁମାନେ ଏହାର ଛାଇରେ ବାସ
କରୁଥିଲେ, ସେମାନେ ଏହା ସହତ ସିୟୋନ ତଳକୁ ଗଲେ।
ଯେଉଁମାନେ ଖଡ୍ଗରେ ହତ ହୋଇଥିଲେ ତାଙ୍କ ସହତ ମିଳିତ
ହେଲେ।
18"ମିଶର, ଯିଏକ ମହାନତାରେ ଗୌରବରେ ଏଦନର
ବୃକ୍ଷଗୁଡ଼କ ତୁମ୍ଭପର? ଏହା ବ୍ୟତିତ ତୁମ୍ଭେ ଏଦନର ବୃକ୍ଷଗୁଡ଼କ
ସହତ ପୃଥିବୀ ଭୂତଳକୁ ଅଣାଯିବ। ଆଉ ତୁମ୍ଭେ ଅସୁନ୍ନତ
ଲୋକମାନଙ୍କ ମଧ୍ୟରେ ଖଡ୍ଗହତ ଲୋକମାନଙ୍କ ସହତ ଶୟନ
କରବ। "ହଁ, ଫାରୋ ଓ ତାହାର ଲୋକମାନଙ୍କ ପ୍ରତି ଏହା
ହିଁ ଘଟିବ।" ସଦାପ୍ରଭୁ, ମୋର ପ୍ରଭୁ ତାହା କହଛନ୍ତ।

## ଫାରୋ ଜଣେ ଯୁବା ସିଂହ କି ରାକ୍ଷସ?

32 ଅନନ୍ତର ଦ୍ୱାଦଶ ବର୍ଷର ଦ୍ୱାଦଶ ମାସର ପ୍ରଥମ
ଦନରେ ସଦାପ୍ରଭୁଙ୍କର ବାକ୍ୟ ମୋ ନକଟରେ
ଉପସ୍ଥିତ ହେଲା। ସେ କହଲେ, 2"ହେ ମନୁଷ୍ୟ ପୁତ୍ର, ତୁମ୍ଭେ
ମିଶରର ରାଜା ଫାରୋ ନମନ୍ତେ ବଳାପ କର, ଆଉ ତାହାକୁ
କୁହ,
"'ତୁମ୍ଭେ ଗୋଟିଏ ଯୁବା ସିଂହ ତୁଲ୍ୟ, ତୁମ୍ଭେ ଗୋଟିଏ
ସମୁଦ୍ର ରାକ୍ଷସ ପର। ତୁମ୍ଭେ ନଦୀ ସମୂହର ଜଳକୁ ଅତିକ୍ରମ
କର ଓ ଆପଣା ପାଦରେ ଜଳ ଚହଲାଇ ତାକୁ ଗୋଳିଆ
କର।'"
3ସଦାପ୍ରଭୁ, ମୋର ପ୍ରଭୁ ଏହକଥା କହଛନ୍ତ, "ମୁଁ ନାନା
ଦେଶର ଲୋକମାନଙ୍କୁ ଏକତ୍ରିତ କର ତୁମ୍ଭ ଉପରେ ମୋର
ଜାଲ ପ୍ରସାରଣ କରବ। ଆଉ ସେମାନେ ଆମ୍ଭ ଜାଲରେ
ତୁମ୍ଭକୁ ଉପରକୁ ଆଣିବେ।
4ମୁଁ ତୁମ୍ଭକୁ ସ୍ଥଳରେ ଛାଡ଼ ଦେବ ଓ ତୁମ୍ଭେ ପଦାରେ
ପଡ଼ ରହବ। ମୁଁ ଆକାଶର ପକ୍ଷୀ ସବୁକୁ ଆଣିବ ଓ
ସେମାନେ ତୁମ୍ଭକୁ ଭକ୍ଷଣ କରବେ। ପୁଣି ପୃଥିବୀର ସମୁଦାୟ
ପଶୁଗଣଙ୍କୁ ଆଣିବ ଓ ସେମାନେ ତୃପ୍ତ ହେବା ପର୍ଯ୍ୟନ୍ତ
ତୁମ୍ଭକୁ ଭକ୍ଷଣ କରବେ।
5ମୁଁ ତୁମ୍ଭର ମାଂସକୁ ପର୍ବତଗୁଡ଼କ ଉପରେ ପକାଇବ ଓ
ତୁମ୍ଭର ମୃତ ଶବରେ ଉପତ୍ୟକା ସବୁ ପୂର୍ଣ୍ଣ କରବ।
6ଏବଂ ତୁମ୍ଭର ରକ୍ତକୁ ପର୍ବତଗୁଡ଼କ ଉପରେ ଢାଳ।
ତାହା ପୃଥିବୀର ଭୂମି ଶୋଷଣ କରବ ଓ ସିକ୍ତ ହେବ।
ଆଉ ସମଗ୍ର ଜଳାଧାର ତୁମ୍ଭ ରକ୍ତରେ ପରପୂର୍ଣ୍ଣ ହେବ।
7ଯେତେବେଳେ ମୁଁ ତୁମ୍ଭକୁ ନର୍ବାପିତ କରେ ମୁଁ ଆକାଶକୁ
ଆଚ୍ଛନ୍ନ କରବ ଓ ତଦ୍ଦ୍ୱାରା ନକ୍ଷତ୍ରଗୁଡ଼କୁ ଅନ୍ଧକାରମୟ
କରବ। ଆଉ ସୂର୍ଯ୍ୟକୁ ମେଘାଚ୍ଛନ୍ନ କରବ ଓ ଚନ୍ଦ୍ରକରଣ
ଦେବ ନାହିଁ।
8ଆକାଶର ସମସ୍ତ ଉଜ୍ଜ୍ୱଳ ଜ୍ୟୋତିକୁ ମୁଁ କ୍ଷୀଣ କରବ ଓ
ତୁମ୍ଭ ଉପରେ ଓ ତୁମ୍ଭ ଦେଶ ଉପରେ ଅନ୍ଧକାର ଆଣିବ।"
ସଦାପ୍ରଭୁ, ମୋର ପ୍ରଭୁ ଏହା କହଛନ୍ତ।
9"ତୁମ୍ଭର ବନାଶ ଘଟାଇବା ବେଳେ ଅନେକ ଗୋଷ୍ଠୀର
ହୃଦୟକୁ ବ୍ୟସ୍ତ କରବ। ଏପରକ ତୁମ୍ଭର ଅଜ୍ଞାତ ଦେଶ
ସମୂହ ମଧ୍ୟ ତୁମ୍ଭପାଇଁ ବବ୍ରତ ହେବେ। 10ଏବଂ ମୁଁ ଅନେକ
ଗୋଷ୍ଠୀକୁ ତୁମ୍ଭ ବଷୟରେ ଚମତ୍କୃତ କରାଇବ ଏବଂ ସେମାନଙ୍କ
ରାଜାମାନଙ୍କ ସମ୍ମୁଖରେ ମୋର ଖଡ୍ଗ ଚାଳନା କଲାବେଳେ
ସେମାନେ ଅତିଶୟ ଭୀତ ହେବେ। ଯେତେବେଳେ ମୁଁ ତୁମ୍ଭର
ପତନ ଆଣିବ, ସେମାନେ ପ୍ରତ୍ୟେକ ନଜ ନଜ ଜୀବନ
ବଷୟରେ ଭୟଭୀତ ହେବେ।"
11କାରଣ ସଦାପ୍ରଭୁ, ମୋର ପ୍ରଭୁ ଏହ କଥା କହନ୍ତ,
"ବାବଲ ରାଜାର ଖଡ୍ଗ ତୁମ୍ଭକୁ ଆକ୍ରମଣ କରବ। 12ମୁଁ ସେହ
ବୀରମାନଙ୍କ ଖଡ୍ଗରେ ତୁମ୍ଭର ପୁରୁଷମାନଙ୍କୁ ବନାଶ କରବ।

ଏବଂ ସେହି ବୀରଗଣ ଜାତିମାନଙ୍କ ମଧ୍ୟରେ ଅତି ଭୟଙ୍କର
ଅଟନ୍ତି। ଏବଂ ସେମାନେ ମିଶରର ଗର୍ବ ଚୂର୍ଣ୍ଣ କରିବେ ଓ
ତହିଁରେ ସମଗ୍ର ଜନତା ବିନଷ୍ଟ ହେବେ। 13ମୁଁ ଅପାର
ଜଳରାଶି ନିକଟରୁ ସମସ୍ତ ପଶୁମାନଙ୍କୁ ବିନାଶ କରିବି। ତାହା
ହେଲେ ମନୁଷ୍ୟମାନେ ପାଣିକୁ ପାଦରେ ଚହଲାଇ ଗୋଳିଆ
କରିବେ ନାହିଁ କିମ୍ବା ପଶୁମାନଙ୍କ ଖୁରାରେ ତାହା ଚହଲି
ଗୋଳିଆ ହେବ ନାହିଁ। 14ମୁଁ ମିଶରର ଜଳରାଶିକୁ ରଖିବି ଓ
ଏହାର ନଦୀଗୁଡ଼ିକ ତେଲ ପରି ଧିରେ ବହିବ।” ଏହା
ସଦାପ୍ରଭୁ, ମୋର ପ୍ରଭୁ କହୁଛନ୍ତି। 15“ମୁଁ ମିଶର ଦେଶକୁ
ଧ୍ୱଂସ କରି ଶୂନ୍ୟସ୍ଥାନରେ ପରିଣତ କରିବି। ଯେଉଁଥିରେ ସେ
ପରିପୂର୍ଣ୍ଣ ଥିଲା। ସେ ସବୁରୁ ମୁଁ ତାକୁ ରହିତ କରିବି। ଏବଂ
ତାହାର ସମସ୍ତ ନିବାସୀଙ୍କୁ ଆଘାତ କରିବି। ତାହା ହେଲେ ମୁଁ
ଯେ ସଦାପ୍ରଭୁ ଅଟେ, ତାହା ସେମାନେ ଜାଣିବେ।

16“ଏହି ବିଳାପ ଗୀତ ଲୋକେ ଗାନ କରିବେ। ଜାତିମାନଙ୍କର
କନ୍ୟାମାନେ ବିଳାପ କରି ଏହି ଗୀତ ଗାଇବେ। ସେମାନେ
ମିଶରର ସମଗ୍ର ଜନତା ଉଦ୍ଦେଶ୍ୟରେ ବିଳାପ ପରି ଏହା
ଗାନ କରିବେ।” ଏହା ସଦାପ୍ରଭୁ ମୋର ପ୍ରଭୁ କହନ୍ତି।

## ମିଶର ଧ୍ୱଂସପ୍ରାପ୍ତ ହେବ

17ଦ୍ୱାଦଶ ବର୍ଷର, ମାସର ପଞ୍ଚଦଶ ଦିନରେ ସଦାପ୍ରଭୁଙ୍କର
ବାକ୍ୟ ମୋ ନିକଟରେ ଉପସ୍ଥିତ ହେଲା। ସେ କହିଲେ,
18“ହେ ମନୁଷ୍ୟ ପୁତ୍ର, ତୁମ୍ଭେ ମିଶରର ଜନସମାଜ ବିଷୟରେ
ଶୋକ କର ଏବଂ ତାକୁ ଓ ତାହାର ଜାତିମାନଙ୍କର
କନ୍ୟାଗଣକୁ ଗର୍ତ୍ତଗାମୀମାନଙ୍କ ସହିତ ଭୂତଳରେ ପକାଇ
ଦିଅ।

19“ହେ ମିଶର, ତୁମ୍ଭର ଅନୁଗ୍ରହ ଅନ୍ୟମାନଙ୍କଠାରୁ
ଅଧିକ ନୁହଁ? ତୁମ୍ଭେ ଅଧୋଗାମୀ ହୁଅ ଓ ବିଦେଶୀ*
ଲୋକମାନଙ୍କ ସହିତ ମୃତବତ୍ ପଡ଼ିରୁହ।

20“ମିଶର ଖଡ୍ଗରେ ନିହତ ଲୋକମାନଙ୍କ ମଧ୍ୟରେ ପଡ଼ିବ।
ସେ ଖଡ୍ଗରେ ସମର୍ପିତ ହୋଇଅଛି। ତାହାକୁ ଓ ତାହାର
ସମସ୍ତ ଲୋକମାନଙ୍କୁ ନେଇଯାଅ।

21“ବୀରଗଣ ମଧ୍ୟରେ ବଳବାନ୍ମାନେ ଖଡ୍ଗରେ ନିହତ
ହୋଇଛନ୍ତି, ସେହି ଅସୁନ୍ନତ ଲୋକମାନେ ପାତାଳଗାମୀ ହୋଇ
ସ୍ଥିର ହୋଇ ଶୟନ କରିଛନ୍ତି। ଆଉ ସେମାନେ ସେହି
ପାତାଳ ମଧ୍ୟରୁ ତାହାକୁ ଓ ତାହାର ସହାୟକାରୀମାନଙ୍କୁ କଥା
କହିବେ।

22-23“ଅଶୂର ଓ ତାହାର ସମସ୍ତ ଜନସମାଜ ସେଠାରେ
ଅଛନ୍ତି, ତାହାର କବର ସକଳ ତାହାର ଚତୁର୍ଦ୍ଦିଗରେ ଅଛି,
ସେମାନେ ସମସ୍ତେ ହତ, ଖଡ୍ଗ ଦ୍ୱାରା ପତିତ ହୋଇଅଛନ୍ତି।
ଆଉ ଗର୍ତ୍ତର ଶେଷ ସୀମାରେ ସେମାନଙ୍କୁ କବର ଦିଆଯାଇ
ଅଛି ଓ ତାହାର ଜନସମାଜ ତାହାର କବରର ଚତୁର୍ଦ୍ଦିଗରେ
ଅଛନ୍ତି। ଯେଉଁମାନେ ଜୀବିତାବସ୍ଥାରେ ଭୟ ଜନ୍ମାଉଥିଲେ
ସେମାନେ ସମସ୍ତେ ଖଡ୍ଗରେ ନିହତ ହୋଇ ପତିତ
ହୋଇଅଛନ୍ତି।

24“ଏଲମ ଓ ତା'ର ଲୋକମାନେ ସେଠାରେ ଅଛନ୍ତି,
ସେମାନେ ସମସ୍ତେ ଯୁଦ୍ଧରେ ଖଣ୍ଡା ଦ୍ୱାରା ହତ ହୋଇଛନ୍ତି।
ସେମାନଙ୍କର କବରଗୁଡ଼ିକ ଏହାର ଚତୁର୍ଦ୍ଦିଗରେ ଅଛି। ଆଉ
ସେମାନଙ୍କ କବରର ଚତୁର୍ଦ୍ଦିଗରେ ତା'ର ସମସ୍ତ ଜନସମାଜ
ଅଛନ୍ତି। ଯେଉଁମାନେ ଜୀବିତାବସ୍ଥାରେ ଭୟ ସୃଷ୍ଟି କରୁଥିଲେ,
ଅସୁନ୍ନତ ଅବସ୍ଥାରେ କବରକୁ ଯାଇଅଛନ୍ତି। ସେମାନେ ଅନ୍ୟମାନଙ୍କ
ସହିତ ସେମାନଙ୍କର ଅପମାନ ଭୋଗ କରିଅଛନ୍ତି। 25ନିହତ
ଲୋକମାନଙ୍କ ମଧ୍ୟରେ ତା' ପାଇଁ ଗୋଟିଏ ଶଯ୍ୟା ପ୍ରସ୍ତୁତ
କରିଅଛନ୍ତି। ସମସ୍ତ ଲୋକ ତା'ର କବରର ଚତୁର୍ଦ୍ଦିଗରେ
ଅଛନ୍ତି। ସେହି ଅସୁନ୍ନତମାନେ, ଯେଉଁମାନେ ଖଣ୍ଡା ଦ୍ୱାରା ହତ
ହୋଇଛନ୍ତି। କାରଣ ସେମାନଙ୍କ ଆତଙ୍କ ଜୀବିତମାନଙ୍କ ମଧ୍ୟରେ
ବ୍ୟାପିଗଲା। ସେମାନେ ସେମାନଙ୍କର ଲଜ୍ଜାକୁ ଅନ୍ୟମାନଙ୍କ
ସହିତ ବାଣ୍ଟିଲେ, ଯେଉଁମାନେ କବରକୁ ଗଲେ, ସେ ଶବମାନଙ୍କ
ମଧ୍ୟରେ ରହିଲେ।

26“ଏବଂ ମେଷକ୍ ଏବଂ ତୁବଲ୍ର ଲୋକମାନେ ଅଛନ୍ତି।
ସେମାନଙ୍କର ଚତୁର୍ଦ୍ଦିଗରେ ସେମାନଙ୍କର କବର ସବୁ ଅଛି।
ସେମାନେ ସମସ୍ତେ ଅନୁନ୍ନତ ଥିଲେ ଓ ଖଡ୍ଗରେ ହତ
ହେଲେ। କାରଣ ସେମାନେ ଜୀବିତ ଥିବା ସମୟରେ
ଦେଶରେ ଲୋକମାନଙ୍କୁ ଭୟ ଦେଖାଇ ଥିଲେ। 27ଅସୁନ୍ନତ
ବୀରମାନଙ୍କ ସହିତ ସେମାନେ କଣ ଯୁଦ୍ଧ ଭୂମିରେ
ପତିତ ହୋଇ ନାହାଁନ୍ତି, ଯେଉଁମାନେ ସେମାନଙ୍କର ଖଡ୍ଗକୁ
ତକିଆ ଭିତରେ ରଖି ପାତାଳକୁ ଯାଇଛନ୍ତି?
ସେମାନଙ୍କର ପାପ ସେମାନଙ୍କର ଅସ୍ଥି ଉପରେ ଅଛି।
ଯେହେତୁ ସେମାନେ ଜୀବିତ ଥିବା ବେଳେ ଆତଙ୍କ
ଖେଳାଇଛନ୍ତି।

28“ହେ ମିଶର, ତୁମ୍ଭେ ମଧ୍ୟ ଅସୁନ୍ନତମାନଙ୍କ ମଧ୍ୟରେ
ବିନାଶ ହେବ ଓ ଖଡ୍ଗରେ ନିହତ ଲୋକମାନଙ୍କ ସହିତ
ଶୟନ କରିବ।

29“ସେ ସ୍ଥାନରେ ଇଦୋମ, ତାହାର ରାଜାଗଣ ଓ
ତାହାର ଅଧିପତିମାନେ ଅଛନ୍ତି। ସେମାନେ ଯୁଦ୍ଧରେ ଅସୁନ୍ନତମାନଙ୍କ
ସହିତ ପଡ଼ି ଅଛନ୍ତି, ଯଦିଓ ସେମାନେ ଜୀବନରେ ସେମାନଙ୍କର
ଶକ୍ତିପାଇଁ ପରିଚିତ ଥିଲେ।

30“ଏମାନେ ଉତ୍ତର ଦେଶୀୟ ମୁଖ୍ୟ ଓ ସୀଦୋନର
ସୈନ୍ୟଗଣ ଥିଲେ। ସେମାନେ ଅନ୍ୟ ମୃତ ଲୋକମାନଙ୍କ
ସହିତ ଓହ୍ଲାଇ ଯାଇ ଅଛନ୍ତି। ସେମାନଙ୍କର ଶକ୍ତି ସତ୍ତ୍ୱେ,
ଯୁଦ୍ଧ ଭୂମିରେ ନିହତ ଅସୁନ୍ନତ ଲୋକମାନଙ୍କ ସହିତ ପତିତ
ହୋଇ ଲଜ୍ଜିତ ହୋଇଛନ୍ତି। ସେମାନେ କବରରେ ଅନ୍ୟାନ୍ୟ
ମୃତ ଲୋକମାନଙ୍କ ସହିତ ଲଜ୍ଜିତ ହୋଇଛନ୍ତି।

31“ଫାରୋ ସେମାନଙ୍କୁ ଦେଖିବେ ଓ ନିଜ ଲୋକମାନଙ୍କ
ବିଷୟରେ ସାନ୍ତ୍ୱନା ପାଇବେ। ଫାରୋ ଓ ତାଙ୍କର ସମସ୍ତ
ସୈନ୍ୟ ଖଡ୍ଗରେ ନିହତ ହୋଇ ଅଛନ୍ତି।” ଏହା ସଦାପ୍ରଭୁ,
ମୋର ପ୍ରଭୁ କହନ୍ତି।

32“ଯେତେବେଳେ ଫାରୋ ଜୀବିତ ଥିଲେ, ମୁଁ ତାକୁ
ଭୟ କରିବା ପାଇଁ ଲୋକମାନଙ୍କୁ ତିଆରି କଲି। କିନ୍ତୁ
ବର୍ତ୍ତମାନ ସେ ଓ ତା'ର ଲୋକମାନଙ୍କୁ ସମସ୍ତ ଅସୁନ୍ନତ
ଲୋକ ଓ ଖଡ୍ଗରେ ନିହତ ଲୋକମାନଙ୍କ ମଧ୍ୟରେ ରଖାଯିବ।”
ଏହା ସଦାପ୍ରଭୁ, ମୋର ପ୍ରଭୁ କହନ୍ତି।

---

**ବିଦେଶୀ** ଆକ୍ଷରିକଭାବରେ "ଅସୁନ୍ନତ" ଏହା ଦର୍ଶାଏ ଯେ, ସେହି ଲୋକମାନେ ସେହି ଚୁକ୍ତିରେ ଭାଗିଦାର ହୋଇ ନଥିଲେ, ଯାହା ପରମେଶ୍ୱର ଇଶ୍ରାୟେଲ ସହିତ କରିଥିଲେ।

### ପରମେଶ୍ୱର ଯିହିଜିକଲଙ୍କୁ ଇସ୍ରାୟେଲ ପ୍ରହରୀ ରୂପେ ନିଯୁକ୍ତ କରନ୍ତି

33 ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା। ସେ କହିଲେ, 2“ହେ ମନୁଷ୍ୟ
ପୁତ୍ର, ତୁମ୍ଭେ ନିଜ ଲୋକମାନଙ୍କୁ କୁହ, ‘ଆମ୍ଭେ ଯେତେବେଳେ
କୌଣସି ଦେଶ ବିରୁଦ୍ଧରେ ଖଡ୍ଗ ଆଣୁ, ସେ ଦେଶର
ଲୋକମାନେ ନିଜ ଲୋକମାନଙ୍କ ମଧ୍ୟରୁ ଜଣଙ୍କୁ ସେତେବେଳେ
ଏକ ପ୍ରହରୀ କରି ନିଯୁକ୍ତ କରନ୍ତି। 3ଆଉ ସେ ଯଦି ଦେଶ
ବିରୁଦ୍ଧରେ ଖଡ୍ଗ ଆସିବାର ଦେଖେ, ତେବେ ସେ ତୂରୀ
ବଜାଇ ଲୋକମାନଙ୍କୁ ସଚେତନ କରାଏ। 4ଯଦି କେହି ତୂରୀ
ଶବ୍ଦ ଶୁଣି ସତର୍କ ନ ହୁଏ ଓ ଶତ୍ରୁର ଖଡ୍ଗ ତାହାକୁ ହତ୍ୟା
କରେ, ତେବେ ତାହାର ମୃତ୍ୟୁ ପାଇଁ ସେ ଦାୟୀ ରହିବ।
5କାରଣ ସେ ତୂରୀଶବ୍ଦ ଶୁଣି ସତର୍କ ହେଲା ନାହିଁ ଏବଂ
ଶତ୍ରୁଗଣ ତାକୁ ହତ୍ୟା କରନ୍ତି। ତେବେ ସେମାନେ ନିଜର
ମୃତ୍ୟୁ ପାଇଁ ଦାୟୀ ରହିବେ। କାରଣ ସେମାନେ ସଚେତନ
ହୋଇଥିଲେ ନିଜର ପ୍ରାଣ ବଞ୍ଚାଇ ଥାନ୍ତେ।

6“କିନ୍ତୁ ସେ ପ୍ରହରୀ ଯଦି ଖଡ୍ଗ ଆସିବାର ଦେଖି ତୂରୀ
ନ ବଜାଏ ଓ ଲୋକମାନେ ସଚେତନ ନ ହୁଅନ୍ତି ଆଉ ଖଡ୍ଗ
ଆସି ସେମାନଙ୍କ ମଧ୍ୟରୁ କୌଣସି ଲୋକକୁ ହତ୍ୟା
କରେ, ତେବେ ନିଜ ପାପ ଯୋଗୁଁ ହତ୍ୟା ହେଲା।
କିନ୍ତୁ ମୁଁ ତାହାର ରକ୍ତର ପ୍ରତିଶୋଧ ସେହି ପ୍ରହରୀ ଉପରେ
ନେବି।’

7“ଏଣୁ ହେ ମନୁଷ୍ୟ ପୁତ୍ର, ମୁଁ ତୁମ୍ଭକୁ ଇସ୍ରାୟେଲ
ବଂଶର ପ୍ରହରୀ କରି ନିଯୁକ୍ତ କରିଅଛି, ତୁମ୍ଭେ ମୋର ମୁଖରୁ
ଯେଉଁ ବାକ୍ୟଗୁଡ଼ିକ ମୋ ପକ୍ଷରୁ ସେମାନଙ୍କୁ ସଚେତନ
କରିବ। 8ମୁଁ ଯେତେବେଳେ କୌଣସି ଦୁଷ୍ଟ ଲୋକକୁ କହିବି,
‘ହେ ଦୁଷ୍ଟଲୋକ, ତୁମ୍ଭେ ନିଶ୍ଚୟ ମରିବ।’ ସେତେବେଳେ
ତୁମ୍ଭେ ଯଦି ତାକୁ ସଚେତନ ନକର ଓ ସେ ତାହାର ଜୀବନ
ପଥ ପରିବର୍ତ୍ତନ ନ କରେ, ତେବେ ସେହି ଦୁଷ୍ଟଲୋକ ନିଜ
ପାପରେ ମରିବ। ମୁଁ ତାହାର ରକ୍ତର ପ୍ରତିଶୋଧ ତୁମ୍ଭ
ଉପରେ ନେବି। 9କିନ୍ତୁ ଯଦି ସେହି ଦୁଷ୍ଟ ଲୋକକୁ
ସଚେତନ କଲାପରେ ତା’ର ଜୀବନ ପଥ ନ ବଦଳାଏ ଓ
ପାପରୁ ନିବୃତ୍ତ ନ ହୁଏ, ତେବେ ସେ ତାହାର ପାପ ଯୋଗୁଁ
ମରିବ। କିନ୍ତୁ ତୁମ୍ଭେ ନିଜର ପ୍ରାଣ ବଞ୍ଚାଇବ।

### ପରମେଶ୍ୱର ଲୋକମାନଙ୍କର ବିନାଶ ଚାହାଁନ୍ତି ନାହିଁ

10“ଆଉ ହେ ମନୁଷ୍ୟ ପୁତ୍ର, ତୁମ୍ଭେ ଇସ୍ରାୟେଲର
ଲୋକମାନଙ୍କୁ କୁହ, ତୁମ୍ଭେମାନେ ଏ ପ୍ରକାର କହୁଅଛ,
‘ଆମ୍ଭମାନଙ୍କର ବ୍ୟବସ୍ଥା ଲଙ୍ଘନ ଓ ଆମ୍ଭମାନଙ୍କର ପାପର
ଭାର ଆମ୍ଭମାନଙ୍କ ଉପରେ ଅଛି ଓ ଆମ୍ଭେମାନେ ସେଥିରେ
ହିଁ କ୍ଷୟ ପାଉଅଛୁ, କିନ୍ତୁ ବର୍ତ୍ତମାନ ମୁଁ କିପରି ରକ୍ଷା
ପାଇବି?’

11“ତେବେ ତୁମ୍ଭେ ସେମାନଙ୍କୁ କୁହ, ‘ସଦାପ୍ରଭୁ, ମୋର
ପ୍ରଭୁ କହନ୍ତି, ଆମ୍ଭେ ଜୀବିତ ଥିବା ପ୍ରମାଣେ ଦୁଷ୍ଟର
ମରଣରେ ଆମ୍ଭର ସନ୍ତୋଷ ନାହିଁ। କିନ୍ତୁ ଦୁଷ୍ଟ ଯେପରି ନିଜ
ପାପ ପଥରୁ ନିବୃତ୍ତ ହୋଇ ବଞ୍ଚେ, ସେଥିରେ ଆମ୍ଭେ
ସନ୍ତୋଷ ଲାଭ କରୁ। ତେଣୁ ତୁମ୍ଭେମାନେ ନିଜ ନିଜ କୁପଥରୁ
ଫେର ଓ ମୋର ନିକଟବର୍ତ୍ତୀ ହୁଅ। ହେ ଇସ୍ରାୟେଲ ବଂଶ
ତୁମ୍ଭେ କାହିଁକି ମରିବ?’

12“ହେ ମନୁଷ୍ୟ ପୁତ୍ର, ତୁମ୍ଭର ଲୋକମାନଙ୍କୁ କୁହ,
‘ଧାର୍ମିକମାନଙ୍କର ପୁଣ୍ୟ ସେଦିନ ତାକୁ ରକ୍ଷା କରିପାରିବ
ନାହିଁ, ଯେତେବେଳେ ସେ ପାପ କରେ। ଏବଂ ଦୁଷ୍ଟ
ଲୋକର ଦୁଷ୍ଟ ଶୋଭିବ ତା’ର ପତନର କାରଣ ହେବ ନାହିଁ
ଯେତେବେଳେ ସେ ଠିକ୍ କାର୍ଯ୍ୟ କରିବାକୁ ଆରମ୍ଭ କରେ।
ଏବଂ ଯେଉଁ ଦିନ ଦୁଷ୍ଟ ଲୋକଟି ତା’ର ପାପରୁ ନିବୃତ୍ତ
ହେବ, ସେ ତା’ର ପାପ ପାଇଁ ଆଉ ଯନ୍ତ୍ରଣା ଭୋଗ କରିବ
ନାହିଁ। ଏବଂ ଠିକ୍ ସେହିପରି ଜଣେ ଧାର୍ମିକ ଲୋକ ପାପ
କରେ, ତେବେ ତାକୁ ତା’ର ଅତୀତର ଧାର୍ମିକତା ଯୋଗୁଁ
ବଞ୍ଚିବାକୁ ଅନୁମତି ଦିଆଯିବ ନାହିଁ।’

13“ଯଦି ମୁଁ ଜଣେ ଧାର୍ମିକ ବ୍ୟକ୍ତିକୁ କୁହେ, ‘ତୁମ୍ଭେ
ନିଶ୍ଚିତ ଭାବରେ ବଞ୍ଚିବ’, ଏବଂ ସେ ତା’ର ଅତୀତର
ଧାର୍ମିକତାକୁ ଭରସା କରି ପାପ କରେ, ତା’ର କୌଣସି ପୂର୍ବ
ଧାର୍ମିକତା ସ୍ମରଣ କରାଯିବ ନାହିଁ ଏବଂ ସେ ତା’ର ପାପ
ପାଇଁ ମରିବ। 14ଏବଂ ଯେତେବେଳେ ମୁଁ ଜଣେ ଦୁଷ୍ଟ
ଲୋକକୁ କୁହେ, ତୁମ୍ଭେ ନିଶ୍ଚିତ ଭାବରେ ମରିବ, ଏବଂ ସେ
ପାପରୁ ବିରତ ହୁଏ ଯାହା ଠିକ୍ ଓ ଯଥାର୍ଥ ତାହା କରେ,
15ସେହି ଦୁଷ୍ଟଲୋକ ଯେବେ ବନ୍ଧନ ଦ୍ରବ୍ୟ ଫେରାଇ ଦିଏ,
ସେ ଯାହା ଅପହରଣ କରିଥିଲା, ଯଦି ସେ ସମସ୍ତ ଜିନିଷଗୁଡ଼ିକ
ପାଇଁ ପରିଶୋଧ କରେ, ଯେ ସେ ପାଦ୍ରି, କୌଣସି ପାପ
ନକରି ଜୀବନଦାୟକ ବିଧି ପଥରେ ଚାଲେ, ତେବେ ସେ
ନିଶ୍ଚୟ ବଞ୍ଚିବ ସେ ମରିବ ନାହିଁ। 16ତାହାର ଅତୀତର
କୌଣସି ପାପକର୍ମଗୁଡ଼ିକୁ ସ୍ମରଣ କରାଯିବ ନାହିଁ। ଯେହେତୁ
ସେ ଯାହା ନ୍ୟାୟ ଓ ଧର୍ମାଚରଣ କରିଛି, ସେ ବଞ୍ଚିବ।

17“କିନ୍ତୁ ତୁମ୍ଭର ଲୋକମାନେ କହୁଅଛନ୍ତି ଯେ, ‘ସଦାପ୍ରଭୁ
ଆମ୍ଭର ପ୍ରଭୁ ପଥ ସରଳ ନୁହେଁ!’

“କିନ୍ତୁ ପ୍ରକୃତରେ ସେମାନଙ୍କର ନିଜ ପଥ ସରଳ
ନୁହେଁ।” 18ଯଦି ଜଣେ ଧାର୍ମିକ ବ୍ୟକ୍ତି ଆପଣା ଧାର୍ମିକତାରୁ
ଓହରି ପାପ କରେ ସେ ତହିଁରେ ମରିବ। 19ଯଦି ଜଣେ
ଦୁଷ୍ଟ ଆପଣା ଦୁଷ୍ଟତାରୁ ଫେରି ନ୍ୟାୟ ଓ ଧର୍ମାଚରଣ କରେ
ସେ ବଞ୍ଚିବ। 20ତଥାପି ତୁମ୍ଭେମାନେ କହୁଅଛ, ପ୍ରଭୁଙ୍କର ପଥ
ସରଳ ନୁହେଁ। ହେ ଇସ୍ରାୟେଲର ଲୋକମାନେ, ମୁଁ ତୁମ୍ଭମାନଙ୍କର
ପ୍ରତ୍ୟେକ ଲୋକର ତା’ର ଆଚାର ବ୍ୟବହାର ଅନୁସାରେ
ବିଚାର କରିବି।”

### ଯିରୁଶାଲମ ଅଧିକୃତ ହୋଇଅଛି

21ଅନନ୍ତର ଆମ୍ଭମାନଙ୍କ ନିର୍ବାସନରେ ଦ୍ୱାଦଶ ବର୍ଷର ଦଶମ
ମାସର ପଞ୍ଚମ ଦିନରେ ଯିରୁଶାଲମରୁ ଜଣେ ପଳାତକ ମୋ
ନିକଟକୁ ଆସି କହିଲା, “ନଗର ପରାଜିତ ହୋଇଅଛି!”

22ସେହି ତ୍ରାଣ କର୍ତ୍ତା ଆସିବା ପୂର୍ବରୁ ସନ୍ଧ୍ୟା ସମୟରେ
ମୋର ପ୍ରଭୁ ସଦାପ୍ରଭୁଙ୍କର ହସ୍ତ ମୋ ଉପରେ ଥିଲା।
ପ୍ରାତଃକାଳରେ ସେହି ତ୍ରାଣକର୍ତ୍ତା ଆସିବା ପୂର୍ବରୁ ସେ ମୋର
ମୁଖ ଫିଟାଇଥିଲେ। ଆଉ ମୁଁ ଚୁପ୍ ହୋଇ ରହିଲି ନାହିଁ।
23ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 24“ହେ ମନୁଷ୍ୟ ପୁତ୍ର, ଯେଉଁମାନେ

ଇଶ୍ରାୟେଲ ଦେଶର ସେହି ଧ୍ୱଂସପ୍ରାପ୍ତ ସ୍ଥାନରେ ବାସ କରନ୍ତି,
ସେମାନେ କହୁଅଛନ୍ତି, 'ଅବ୍ରହାମ ଏକମାତ୍ର ଜଣେ ବ୍ୟକ୍ତି
ଥିଲେ, ତଥାପି ସେ ଦେଶ ଅଧିକାର କରିବା ପାଇଁ
ଆସିଲେ। କିନ୍ତୁ ଆମ୍ଭେମାନେ ଅନେକ ଲୋକ, ତେଣୁ
ଆମ୍ଭମାନଙ୍କୁ ଏହି ଦେଶ ଅଧିକାରାର୍ଥେ ଦିଆଗଲା।'

25"ତେଣୁ ତୁମ୍ଭେ ସେମାନଙ୍କୁ କୁହ, ସଦାପ୍ରଭୁ, ମୋର
ପ୍ରଭୁ ଏହିକଥା କହନ୍ତି, 'ତୁମ୍ଭେ ରକ୍ତ ସହିତ ମାଂସ ଖାଉଅଛ
ଓ ତୁମ୍ଭେ ତୁମ୍ଭର ପ୍ରତିମାଗଣଙ୍କୁ ଦେଖି ସାହାଯ୍ୟ ପାଇଁ, ଆଉ
ରକ୍ତପାତ କରୁଅଛ। ତେବେ ତୁମ୍ଭମାନଙ୍କୁ କାହିଁକି ଦେଶାଧିକାର
ଦିଆଯିବ? 26ତୁମ୍ଭେମାନେ ନିଜ ନିଜ ଖଡ୍ଗ ଉପରେ ନିର୍ଭର
କରୁଅଛ। ଆଉ ପାପଯୋଗ୍ୟ କର୍ମ କରୁଅଛ ଓ ପ୍ରତ୍ୟେକ
ନିଜ ନିଜ ପ୍ରତିବେଶୀର ସ୍ତ୍ରୀକୁ ପାପ ବ୍ୟଭିଚାରୀ ଦ୍ୱାରା ଅଶୁଚି
କରୁଅଛ। ତେଣୁ ତୁମ୍ଭେମାନଙ୍କୁ କାହିଁକି ଦେଶାଧିକାର ଦିଆଯିବ?'

27"'ଏହିରୂପେ ତୁମ୍ଭେ ସେମାନଙ୍କୁ କହିବ, ପ୍ରଭୁ ସଦାପ୍ରଭୁ
ଏହିକଥା କହନ୍ତି, "ମୁଁ ଜୀବିତ ଥିବା ପର୍ଯ୍ୟନ୍ତ ଧ୍ୱଂସପ୍ରାପ୍ତ
ସ୍ଥାନରେ ରହିଥିବା ଲୋକମାନେ ଖଡ୍ଗରେ ପତିତ ହେବେ
ଏବଂ ଯେଉଁମାନେ ଖୋଲା ପ୍ରାନ୍ତରରେ ଥିବେ ସେମାନଙ୍କୁ
ପଶୁମାନେ ଭକ୍ଷଣ କରିବେ କିନ୍ତୁ ଯେଉଁ ଲୋକମାନେ ଦୃଢ଼
ଦୁର୍ଗ ଓ ଗୁମ୍ଫା ମଧ୍ୟରେ ଲୁଚି ରହିବେ, ସେମାନେ ମହାମାରୀରେ
ମରିବେ। 28ଏବଂ ମୁଁ ଇଶ୍ରାୟେଲ ଦେଶକୁ ବିନଷ୍ଟ ଓ ଶୂନ୍ୟ
କରିବି। ତହିଁରେ ତାହାର ପରାକ୍ରମର ଗର୍ବ ଲୁପ୍ତ ହେବ। ପୁଣି
ଇଶ୍ରାୟେଲର ପର୍ବତଗଣ ନିର୍ଜ୍ଜନ ହେବେ, ଆଉ କେହି ତାହା
ମଧ୍ୟ ଦେଇ ଗମନାଗମନ କରିବେ ନାହିଁ। 29ସେମାନେ
ଏପରି ଘୃଣ୍ୟ ଓ ମନ୍ଦକର୍ମ କରିଅଛନ୍ତି ଯେ ଆମ୍ଭେ ଦେଶକୁ
ଧ୍ୱଂସିତ ଓ ଶୂନ୍ୟସ୍ଥାନ କରାଇବା। ତାହାହେଲେ ଆମ୍ଭେ ଯେ
ସଦାପ୍ରଭୁ ଅଟୁ ତାହା ସେମାନେ ଜାଣିବେ।"

30"'ପୁଣି ହେ ମନୁଷ୍ୟ ପୁତ୍ର, ତୁମ୍ଭ ଲୋକମାନଙ୍କର କାନ୍ଥ
ନିକଟରେ ଠିଆ ହୋଇ ସେମାନଙ୍କର ଦ୍ୱାରଗୁଡ଼ିକରେ ଦେଶରେ
ତୁମ୍ଭ ବିଷୟରେ କଥାବାର୍ତ୍ତା କରନ୍ତି। ଆଉ ଜଣେ ଅନ୍ୟ
ଜଣକୁ କହେ, "ଭାଇ ଆସ, ସଦାପ୍ରଭୁଙ୍କଠାରୁ ଭବିଷ୍ୟଦ୍‌ବାଣୀ
ଶୁଣିବା।" 31ଏବଂ ସେମାନେ ମୋ ଲୋକପରି ତୁମ୍ଭ ନିକଟକୁ
ଆସନ୍ତି। ମୋ ଲୋକପରି ସେମାନେ ତୁମ୍ଭ ସମ୍ମୁଖରେ ବସନ୍ତି
ଓ ତୁମ୍ଭ କଥା ଶୁଣନ୍ତି। କିନ୍ତୁ ସେମାନେ ମୋ କଥା ମାନନ୍ତି
ନାହିଁ। କାରଣ ସେମାନେ କେବଳ ତାହା କରନ୍ତି, ଯାହା
ସେମାନେ କରିବାକୁ ଚାହାନ୍ତି। ଏବଂ ସେମାନଙ୍କ ହୃଦୟ
ଅସାଧୁ ଲାଭ ପାଇଁ ଲୋଭି ଅଟେ।

32"'ତୁମ୍ଭେ ସେମାନଙ୍କ ନିକଟରେ ମଧୁର ସଙ୍ଗୀତ ଗାନ
କରୁଥିବା ଗାୟକ ସଦୃଶ ଅଟ। ତୁମ୍ଭର ମଧୁର ସ୍ୱର ଅଛି,
ତୁମ୍ଭେ ଉତ୍ତମ ରୂପେ ବାଦ୍ୟଯନ୍ତ୍ର ବଜାଇ ପାର। ତେଣୁ
ସେମାନେ ତୁମ୍ଭର କଥା ଶୁଣନ୍ତି, କିନ୍ତୁ ତୁମ୍ଭେ ଯାହା କୁହ
ତାହା କରନ୍ତି ନାହିଁ। 33ଏବଂ ଯେତେବେଳେ ଏହା ସତ ହୁଏ
ଏବଂ ଏହା ଆସୁଛି, ତା'ପରେ ସେମାନେ ଜାଣିବେ ଯେ,
ସେମାନଙ୍କ ମଧ୍ୟରେ ଜଣେ ଭବିଷ୍ୟତବକ୍ତା ଥିଲେ।'"

### ଇଶ୍ରାୟେଲ ଏକ ମେଷପଲ ସଦୃଶ

34 ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା। ସେ କହିଲେ, 2"ହେ ମନୁଷ୍ୟ
ପୁତ୍ର, ତୁମ୍ଭେ ଇଶ୍ରାୟେଲ ମେଷପାଳକମାନଙ୍କ ବିରୁଦ୍ଧରେ
ଭବିଷ୍ୟଦ୍‌ବାଣୀ ପ୍ରଚାର କର। ସେହି ପାଳକମାନଙ୍କୁ କୁହ,
ପ୍ରଭୁ ସଦାପ୍ରଭୁ ଏହି ଭବିଷ୍ୟବାଣୀ କହନ୍ତି, 'ଇଶ୍ରାୟେଲର
ମେଷପାଳକମାନଙ୍କୁ ଧିକ୍, ଯେଉଁମାନେ କେବଳ ସେମାନଙ୍କର
ଯତ୍ନ ନିଅନ୍ତି। ମେଷପାଳକମାନେ ମେଷମାନଙ୍କର ଯତ୍ନ ନେବା
ଉଚିତ୍ ନୁହେଁ କି? 3ତୁମ୍ଭେମାନେ କ୍ଷୀର ପିଉଅଛ, ପଶମକୁ
ପରିଧାନ କରୁଅଛ। ତୁମ୍ଭେମାନେ ସେହି ହୃଷ୍ଟପୁଷ୍ଟ ପଶୁମାନଙ୍କୁ
ହତ୍ୟା କର କିନ୍ତୁ ତୁମ୍ଭେ ପଲର ଯତ୍ନ ନେଉନାହଁ। 4ଏବଂ
ତୁମ୍ଭେମାନେ ଦୁର୍ବଳମାନଙ୍କୁ ସବଳ କରି ନାହଁ ଓ ପୀଡ଼ିତମାନଙ୍କର
ଚିକିତ୍ସା କରି ନାହଁ, ଆହତ ମେଷମାନଙ୍କର କ୍ଷତସ୍ଥାନରେ ପଟି
ବାନ୍ଧି ନାହଁ। ବିତାଡ଼ିତ ମେଷମାନଙ୍କୁ ଫେରାଇ ଆଣିନାହଁ କିମ୍ବା
ଯେ ହଜିଗଲା ତାକୁ ଖୋଜିଲ ନାହଁ। କିନ୍ତୁ ତୁମ୍ଭେମାନେ
ବଳରେ ଓ ନିଷ୍ଠୁରତାରେ ସେମାନଙ୍କୁ ଶାସନ କରିଅଛ।

5"'ଏବଂ ସେହି ମେଷପାଳକ ବିହୀନ ମେଷମାନେ ଛିନ୍ନଭିନ୍ନ
ହୋଇଗଲେ ଓ କ୍ଷେତ୍ରସ୍ଥ ପଶୁମାନଙ୍କର ଖାଦ୍ୟ ହେଲେ।
6ଏବଂ ପର୍ବତମାନଙ୍କରେ ଏବଂ ଉଚ୍ଚ ସ୍ଥାନମାନଙ୍କରେ ମୋର
ମେଷପଲ ହଜିଗଲେ। ମୋର ମେଷଗୁଡ଼ିକ ଦେଶର ଚାରିଆଡ଼େ
ଛିନ୍ନଛତ୍ର ହୋଇଗଲେ ଏବଂ ସେମାନଙ୍କୁ କେହି ଦେଖିନ୍ତି
ନାହିଁ। ସେମାନଙ୍କୁ କେହି ଖୋଜନ୍ତି ନାହିଁ।'"

7ତେଣୁ ହେ ମେଷପାଳକଗଣ, ତୁମ୍ଭେମାନେ ମୋର ପ୍ରଭୁ
ସଦାପ୍ରଭୁଙ୍କର ବାକ୍ୟ ଶୁଣ, ସେ କହନ୍ତି, 8"ମୁଁ ଜୀବିତ ଥିବା
ପ୍ରମାଣେ, କାରଣ ମୋର ପଲଟି ଲୁଣ୍ଠିତ ହେଲା ଏବଂ
ମେଷପାଳକର ଅନୁପସ୍ଥିତିରେ ବନ୍ୟ ଜନ୍ତୁର ଶିକାର ହେଲେ
ଏବଂ ମୋର ମେଷପାଳକଗଣ ମୋର ମେଷଗୁଡ଼ିକ ଦେଖିଲେ
ନାହିଁ, କେବଳ ସେମାନଙ୍କର ନିଜର ଯତ୍ନ ନେଲେ ଏବଂ
ମୋର ମେଷମାନଙ୍କର ଯତ୍ନ ନେଲେ ନାହିଁ।"

9ତେଣୁ ହେ ମେଷପାଳକଗଣ, ତୁମ୍ଭେମାନେ ସଦାପ୍ରଭୁଙ୍କର
ବାକ୍ୟ ଶୁଣ। 10ସଦାପ୍ରଭୁ କହନ୍ତି, "ଦେଖ, ମୁଁ
ମେଷପାଳକମାନଙ୍କର ବିରୁଦ୍ଧରେ ଅଛି। ମୁଁ ସେମାନଙ୍କୁ ମୋର
ମେଷମାନଙ୍କ ପାଇଁ ଦାୟୀ କରିବି। ମୁଁ ସେମାନଙ୍କୁ ମେଷଗୁଡ଼ିକ
ପାଖରୁ ଦୂରକୁ ନେଇଯିବି ଏବଂ ସେମାନେ ଆଉ ସେଗୁଡ଼ିକର
ମେଷପାଳକ ହେବେ ନାହିଁ। ସେମାନଙ୍କର ପାଟିରୁ ମୁଁ ମୋର
ମେଷଗୁଡ଼ିକୁ ଉଦ୍ଧାର କରିବି ଏବଂ ସେମାନେ ସେମାନଙ୍କର
ଖାଦ୍ୟ ହେବେ ନାହିଁ।"

11ତେଣୁ ମୋର ପ୍ରଭୁ ସଦାପ୍ରଭୁ କହନ୍ତି, "ଆମ୍ଭେ ନିଜେ
ଆମ୍ଭ ମେଷମାନଙ୍କର ପାଳକ ହେବୁ। ଆମ୍ଭେ ସେମାନଙ୍କର
ଅନ୍ୱେଷଣ କରିବୁ ଓ ଆମ୍ଭେ ସେମାନଙ୍କର ତତ୍ତ୍ୱ ନେବୁ।
12ଯେପରି ଜଣେ ମେଷପାଳକ ନିଜର ଛିନ୍ନଭିନ୍ନ ମେଷମାନଙ୍କର
ଅନୁସନ୍ଧାନ କରେ, ସେହିପରି ମୁଁ ମୋର ମେଷମାନଙ୍କର
ତତ୍ତ୍ୱାବଧାନ କରିବି। ଆଉ ମେଘାଚ୍ଛନ୍ନ ଓ ଅନ୍ଧକାର ଦିନରେ
ସେମାନେ ଯେଉଁ ଯେଉଁ ସ୍ଥାନରେ ଛିନ୍ନଭିନ୍ନ ହୋଇ ଅଛନ୍ତି,
ସେସବୁ ସ୍ଥାନରୁ ସେମାନଙ୍କୁ ଉଦ୍ଧାର କରିବି। 13ଏବଂ ମୁଁ
ନାନା ଜାତିମାନଙ୍କ ମଧ୍ୟରୁ ସେମାନଙ୍କୁ ବାହାର କରି ଆଣିବି
ଓ ନାନା ଦେଶରୁ ସେମାନଙ୍କୁ ସଂଗ୍ରହ କରି ସେମାନଙ୍କୁ ନିଜ
ଦେଶକୁ ଆଣିବି। ଏବଂ ମୁଁ ସେମାନଙ୍କୁ ଇଶ୍ରାୟେଲର
ପର୍ବତମାନଙ୍କରେ, ଝରଣାଗୁଡ଼ିକ ନିକଟରେ ଓ ଦେଶର ବନ୍ଦୋବସ୍ତ
ସ୍ଥାନଗୁଡ଼ିକରେ ଚରାଇବି। 14ମୁଁ ସେମାନଙ୍କୁ ଉତ୍ତମ ଚାରଣ

ଭୂମିରେ ଚରାଇବ। ଏବଂ ଇଶ୍ରାୟେଲର ଉଚ୍ଚସ୍ଥଳୀର ପର୍ବତମାନଙ୍କ
ଉପରେ ସେମାନଙ୍କର ଗୋଠ ହେବ। ସେହି ସ୍ଥାନରେ
ସେମାନେ ଉତ୍ତମ ଗୋଠରେ ଶୟନ କରିବେ ଓ ଇଶ୍ରାୟେଲର
ପର୍ବତଗୁଡ଼ିକର ପୁଷ୍ଟିକର ଚରଣ ଭୂମିରେ ସେମାନେ ଚରିବେ।
**15**ହଁ, ମୁଁ ନିଜ ମେଷମାନଙ୍କୁ ଚରାଇବ ଓ ସେମାନଙ୍କୁ ଉତ୍ତମ
ସ୍ଥାନରେ ଶୟନ କରାଇବ।" ସଦାପ୍ରଭୁ ମୋର ପ୍ରଭୁ ଏହା
କହନ୍ତି।

**16**"ହଜି ଯାଇଥିବା ମେଷମାନଙ୍କୁ ମୁଁ ଅନ୍ୱେଷଣ କରିବ
ଆଉ ଛିନ୍ନଭିନ୍ନ ହୋଇଥିବା ମେଷମାନଙ୍କୁ ଫେରାଇ ଆଣିବ।
ଏବଂ ଆହତ ମେଷର କ୍ଷତରେ ପଟି ବାନ୍ଧିବ ଓ ଦୁର୍ବଳଙ୍କୁ
ସବଳ କରିବ। କିନ୍ତୁ ମୁଁ ସେହି ହୃଷ୍ଟପୁଷ୍ଟ ଓ ବଳବାନ୍‌ଙ୍କୁ
ସଂହାର କରିବ ଓ ଯଥାର୍ଥ ଭାବେ ସେମାନଙ୍କୁ ମଣିବ।"

**17**ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି, "ହେ
ମୋର ପଲ, ମୁଁ ମେଷ ଓ ମେଷ ମଧ୍ୟରେ ଏବଂ ମେଷ ଓ
ଛାଗଗଣ ମଧ୍ୟରେ ବିଚାର କରେ। **18**ତୁମ୍ଭେମାନେ ଉତ୍ତମ
ତୃଣ ଭୂମିରେ ଚରିପାର, ମାତ୍ର ତୁମ୍ଭେମାନେ କାହିଁକି ଅନ୍ୟମାନଙ୍କର
ଚରଣ ସ୍ଥାନକୁ ପାଦରେ ଦଳିବ? ତୁମ୍ଭେମାନେ ପ୍ରଚୁର ନିର୍ମଳ
ଜଳ ପାନ କରିପାର, ମାତ୍ର ଅନ୍ୟ ମେଷମାନଙ୍କ ପାଇଁ ଜଳକୁ
ଗୋଳିଆ କରିବ କାହିଁକି? **19**ମାତ୍ର ତୁମ୍ଭେମାନେ ଯେଉଁ
ତୃଣକୁ ପାଦରେ ଦଳି ଅଛ, ଆମ୍ଭର ମେଷପଲ ତାହା
ଭୋଜନ କରନ୍ତି ଓ ଯେଉଁ ଜଳକୁ ତୁମ୍ଭେମାନେ ପାଦରେ
ଗୋଳିଆ କରିଅଛ, ଆମ୍ଭର ମେଷପଲ ତାହା ପାନ କରନ୍ତି।"

**20**ତେଣୁ ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି,
"କିନ୍ତୁ ଦେଖ, ମୁଁ ହୃଷ୍ଟପୁଷ୍ଟ ପଶୁ ଓ କ୍ଷୀଣ ପଶୁ ମଧ୍ୟରେ
ବିଚାର କରିବ। **21**ତୁମ୍ଭେମାନେ ପାର୍ଶ୍ୱରେ ଓ ସ୍କନ୍ଧରେ
ପୀଡ଼ିତମାନଙ୍କୁ ଠେଲି ଦେଉଅଛ ଓ ସେମାନଙ୍କୁ ଦୂରକୁ
ତଡ଼ିଦେବା ପର୍ଯ୍ୟନ୍ତ ନିଜ ଶୃଙ୍ଗରେ ଠେଲି ଦେଉଅଛ। **22**କିନ୍ତୁ
ମୁଁ ମୋର ପଲକୁ ରକ୍ଷା କରିବ। ସେମାନେ ଆଉ ବନ୍ୟ
ପଶୁମାନଙ୍କଦ୍ୱାରା ଧ୍ୱଂସ ହେବେ ନାହିଁ। ଏବଂ ମୁଁ ଯଥାର୍ଥ
ଭାବରେ ସେମାନଙ୍କର ବିଚାର କରିବ। **23**ପୁଣି ସେମାନଙ୍କ
ଉପରେ ମୋର ମେଷପାଳକ ଦାଉଦଙ୍କୁ ନିଯୁକ୍ତ କରିବ। ସେ
ସେମାନଙ୍କୁ ଚରାଇବ ଓ ସେମାନଙ୍କର ପାଳକ ହେବ। **24**ମୁଁ
ସଦାପ୍ରଭୁ ସେମାନଙ୍କର ପରମେଶ୍ୱର ହେବ ଓ ମୋର ଦାସ
ଦାଉଦ ସେମାନଙ୍କ ମଧ୍ୟରେ ପ୍ରଭୁ ହେବ। ଆମ୍ଭେ ସଦାପ୍ରଭୁ
ଏହା କହିଅଛୁ।

**25**"ଏବଂ ମୁଁ ସେମାନଙ୍କ ପାଇଁ ଶାନ୍ତିର ଚୁକ୍ତି କରିବ। ମୁଁ
ବନ୍ୟ ପଶୁଗଣଙ୍କୁ ଏହି ଦେଶରୁ ତଡ଼ି ଦେବ। ତାହାହେଲେ
ସେମାନେ ନିରାପଦରେ ମରୁଭୂମିରେ ବାସ କରିବେ ଓ
ବଣରେ ଶୟନ କରିବେ। **26**ପୁଣି ଆମ୍ଭେ ସେମାନଙ୍କୁ ଓ
ଆମ୍ଭ ପର୍ବତର ଚତୁର୍ଦ୍ଦିଗସ୍ଥିତ ସ୍ଥାନକୁ ଆଶୀର୍ବାଦ କରିବା। ମୁଁ
ଯଥା ସମୟରେ ଜଳଧାରା ବର୍ଷା କରାଇବ ଓ ତାହା
ଆଶୀର୍ବାଦର ଜଳଧାରା ହେବ। **27**କ୍ଷେତ୍ରସ୍ଥ ବୃକ୍ଷଗୁଡ଼ିକ ଫଳ
ଉତ୍ପନ୍ନ କରିବେ ଓ ଭୂମି ଶସ୍ୟଗୁଡିକ ଉତ୍ପନ୍ନ କରିବ। ଏବଂ
ସେମାନେ ନିଜ ଦେଶରେ ନିରାପଦରେ ରହିବେ। ଆଉ ମୁଁ
ସେମାନଙ୍କ ଯୁଆଳିର ଖିଲ ଭାଙ୍ଗିବ ଓ ସେମାନଙ୍କୁ ଦାସତ୍ୱ
କରିବା ଲୋକମାନଙ୍କ ହସ୍ତରୁ ଉଦ୍ଧାର କରିବ। ତାହାହେଲେ
ସେମାନେ ଜାଣିବେ ଯେ, ମୁଁ ସଦାପ୍ରଭୁ ଅଟେ। **28**ପୁଣି
ସେମାନେ ଅନ୍ୟ ଦେଶୀୟମାନଙ୍କ ଦ୍ୱାରା ଲୁଣ୍ଠିତ ହେବେ ନାହିଁ
କିମ୍ବା ପୃଥିବୀସ୍ଥ ପଶୁମାନେ ସେମାନଙ୍କୁ ଗ୍ରାସ କରିବେ ନାହିଁ।
କିନ୍ତୁ ସେମାନେ ନିରାପଦରେ ବାସ କରିବେ ଓ କେହି
ସେମାନଙ୍କୁ ଭୟ ଦେଖାଇବେ ନାହିଁ। **29**ମୁଁ ସେମାନଙ୍କୁ
ଦୁର୍ଭିକ୍ଷରୁ ରକ୍ଷା ପାଇଁ ଉଦ୍ୟାନ ଦେବ ଏବଂ ସେମାନେ ଅନ୍ୟ
ଦେଶୀୟମାନଙ୍କ ଦ୍ୱାରା ଅପମାନିତ ହେବେ ନାହିଁ। **30**ତାହାହେଲେ
ସେମାନେ ହୃଦ୍‌ବୋଧ କରିବେ ଯେ, ମୁଁ ସଦାପ୍ରଭୁ ସେମାନଙ୍କ
ସହିତ ଅଛି। ଏବଂ ଇଶ୍ରାୟେଲର ଲୋକମାନେ ମୋର ନିଜର
ଲୋକ।" ସଦାପ୍ରଭୁ, ମୋର ପ୍ରଭୁ ଏହା କହନ୍ତି।

**31**"ଆଉ ତୁମ୍ଭେମାନେ ଆମ୍ଭର ମେଷ ଓ ଆମ୍ଭ ତୃଣଭୂମିର
ମେଷ ଅଟ। ତୁମ୍ଭେମାନେ ମନୁଷ୍ୟ ଅଟ ଓ ଆମ୍ଭେ
ତୁମ୍ଭମାନଙ୍କ ପରମେଶ୍ୱର ଅଟୁ।" ଏହା ମୋର ପ୍ରଭୁ ସଦାପ୍ରଭୁ
କହନ୍ତି।

## ଇଦୋମ ବିପକ୍ଷରେ ବାର୍ତ୍ତା

**35** ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା। ଯଥା: **2**ସେ କହିଲେ, "ହେ
ମନୁଷ୍ୟ ପୁତ୍ର, ତୁମ୍ଭେ ସେୟୀର ପର୍ବତ ଆଡ଼େ ମୁଖ ରଖ ଓ
ତାହା ବିରୁଦ୍ଧରେ ଭବିଷ୍ୟଦ୍‌ବାଣୀ ପ୍ରଚାର କର ଏହା କୁହ,
**3**ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହନ୍ତି,

"'ହେ ସେୟୀର ପର୍ବତ, ମୁଁ ତୁମ୍ଭର ପ୍ରତିକୂଳ ଅଟେ ଓ
ମୁଁ ତୁମ୍ଭ ବିରୁଦ୍ଧରେ ଆପଣା ହସ୍ତ ବିସ୍ତାର କରିବ। ମୁଁ ତୁମ୍ଭକୁ
ଶୂନ୍ୟ ଓ ଧ୍ୱଂସ ସ୍ଥାନରେ ପରିଣତ କରିବ।

**4**ମୁଁ ତୁମ୍ଭର ନଗରଗୁଡ଼ିକୁ ଧ୍ୱଂସ କରିବ ଓ ତୁମ୍ଭେ ଏକ
ଶୂନ୍ୟ ଭୂମି ହେବ। ତାହାହେଲେ ମୁଁ ଯେ ସଦାପ୍ରଭୁ ଅଟେ,
ଏହା ତୁମ୍ଭେ ଜାଣିବ।

**5**କାରଣ ତୁମ୍ଭର ଚିରନ୍ତନ ଶତ୍ରୁତା ଅଛି। ତୁମ୍ଭେ
ଇଶ୍ରାୟେଲୀୟମାନଙ୍କୁ ସେମାନଙ୍କର ଦୁର୍ଦ୍ଦିନ ସମୟରେ ଖଡ୍ଗରେ
ହତ୍ୟା କଲ, ଯେତେବେଳେ ସେମାନଙ୍କର ଦୋଷ ସର୍ବୋଚ୍ଚ
ହେଲା।'"

**6**ଏଣୁ ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି, "ମୁଁ
ଜୀବିତ ଥିବା ପର୍ଯ୍ୟନ୍ତ ତୁମ୍ଭକୁ ରକ୍ତପାତ ନିମନ୍ତେ ପ୍ରସ୍ତୁତ
କରିବ ଓ ମୃତ୍ୟୁ ତୁମ୍ଭର ଅନୁଧାବନ କରିବ। ଯେହେତୁ
ତୁମ୍ଭେ ମୃତ୍ୟୁକୁ ଘୃଣା କରିନାହିଁ, ତେଣୁ ମୃତ୍ୟୁ ତୁମ୍ଭ ପଛେ
ପଛେ ଗୋଡ଼ାଇବ। **7**ଏହିରୂପେ ମୁଁ ସେୟୀର ପର୍ବତକୁ ଧ୍ୱଂସ
ଓ ଶୂନ୍ୟସ୍ଥାନରେ ପରିଣତ କରିବ ଏବଂ ଯେଉଁମାନେ ସେଠାରେ
ବାସ କରିବେ ଓ ଯିବା ଆସିବା କରିବେ ମୁଁ ସେମାନଙ୍କୁ
ବିନାଶ କରିବ। **8**ମୁଁ ନିହତ ଲୋକମାନଙ୍କ ଶବରେ ତାହାର
ପର୍ବତଗୁଡ଼ିକୁ ସମ୍ପୂର୍ଣ୍ଣ ଆବୃତ କରିବ। ପୁଣି ହତ ଲୋକମାନଙ୍କର
ଶବ ଉପପର୍ବତ, ଉପତ୍ୟକା ଓ ଜଳପ୍ରବାହଗୁଡ଼ିକରେ ପତିତ
ହେବ। **9**ମୁଁ ଚିରକାଳ ଶୂନ୍ୟସ୍ଥାନ କରିବ ଓ ତୁମ୍ଭର
ନଗରଗୁଡ଼ିକ ଜନଶୂନ୍ୟ ହେବ। ତାହାହେଲେ ମୁଁ ଯେ
ସଦାପ୍ରଭୁ ଅଟେ, ଏହା ତୁମ୍ଭେମାନେ ଜାଣିବ।"

**10**କାରଣ ତୁମ୍ଭେ କହିଲ, "ଏହି ଦୁଇ ଜାତି ଏବଂ ଏହି
ଦୁଇ ଦେଶ ଇଶ୍ରାୟେଲ ଓ ଯିହୁଦା ମୋର ହେବେ, ମୁଁ
ସେମାନଙ୍କୁ ଅଧିକାର ଦେବ, ଏପରିକି ଯଦିଓ ସେଠାରେ
ସଦାପ୍ରଭୁ ବାସ କରନ୍ତି।"

11ତେଣୁ ସଦାପ୍ରଭୁ, ମୋର ପ୍ରଭୁ କହନ୍ତି, "ତୁମ୍ଭେ ଆମ୍ଭର
ସନ୍ତାନଗଣଙ୍କୁ ଈର୍ଷା କରିଅଛ ଓ ସେମାନଙ୍କ ପ୍ରତି ଘୃଣାଭାବ
ରଖିଅଛ। ତେଣୁ ଆମ୍ଭେ ଜୀବିତ ଥିବା ପ୍ରମାଣେ ତୁମ୍ଭେ
ଯେଉଁପରି କ୍ରୋଧ ଓ ଈର୍ଷା ସେମାନଙ୍କ ପ୍ରତି କରିଅଛ ମୁଁ
ସେହି ଅନୁସାରେ ତୁମ୍ଭର ବିଚାର କରିବି। ସେତେବେଳେ
ସେମାନଙ୍କ ମଧ୍ୟରେ ମୁଁ ଅଛି ବୋଲି ସେମାନେ ଜାଣିବେ।
12ତୁମ୍ଭେ ଇଶ୍ରାୟେଲର ପର୍ବତଗଣ ବିରୁଦ୍ଧରେ ଯେଉଁ ସବୁ
ନିନ୍ଦାର କଥା କହିଅଛ ଅର୍ଥାତ୍ 'ସେସବୁ ଧ୍ୱଂସସ୍ଥାନ ହେବ ଓ
ଆମ୍ଭେମାନେ ତାହାକୁ ଖାଦ୍ୟପରି ଚର୍ବଣ କରିବୁ।' ମୁଁ ସଦାପ୍ରଭୁ
ଶୁଣିଅଛି। 13ତୁମ୍ଭେମାନେ ଗର୍ବିତ ହୋଇ ମୋ ବିରୁଦ୍ଧରେ
କହିଅଛ। ତୁମ୍ଭେମାନେ ତାହା ବାରମ୍ବାର କହିଛ, ଆଚ୍ଛା! ମୁଁ
ତାହା ଶୁଣିଅଛି।"

14ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି, "ମୁଁ
ତୁମ୍ଭମାନଙ୍କୁ ବିନାଶ କରିବି ଓ ଏହା ସମଗ୍ର ପୃଥିବୀର
ଆନନ୍ଦର ଦିନ ହେବ। 15ଇଶ୍ରାୟେଲ ପରିବାର ଧ୍ୱଂସ
ସମୟରେ ତୁମ୍ଭେ ଯେପରି ଆନନ୍ଦ କରିଥିଲ, ମୁଁ ତୁମ୍ଭକୁ
ସେହି ଭାବରେ ସେବା କରିବି। ସେୟୀର ପର୍ବତ ଓ
ପ୍ରକୃତରେ ସମଗ୍ର ଇଦୋମ, ଧ୍ୱଂସ ହେବ। ତାହାହେଲେ
ସେମାନେ ଜାଣିବେ ଯେ, ମୁଁ ସଦାପ୍ରଭୁ ଅଟେ।"

## ଇଶ୍ରାୟେଲ ଦେଶ ପୁନଃନିର୍ମିତ ହେବ

36 "ହେ ମନୁଷ୍ୟ ପୁତ୍ର, ଇଶ୍ରାୟେଲର ପର୍ବତଗଣ ପାଇଁ
ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି କୁହ, ସେମାନଙ୍କୁ
କୁହ: ହେ ଇଶ୍ରାୟେଲ ପର୍ବତଗଣ, ତୁମ୍ଭେମାନେ ସଦାପ୍ରଭୁଙ୍କର
ବାକ୍ୟ ଶୁଣ। 2ପ୍ରଭୁ ସଦାପ୍ରଭୁ ଏହି କଥା କହିଛନ୍ତି।
'ଶତ୍ରୁଗଣ ତୁମ୍ଭ ବିଷୟରେ କହିଅଛନ୍ତି, ଭଲ ହେଲା, ଭଲ
ହେଲା। ସେହି ପ୍ରାଚୀନ ଉଚ୍ଚସ୍ଥଳୀଗୁଡ଼ିକ ଆମ୍ଭମାନଙ୍କର ଅଧିକୃତ
ହେଲା।'

3"ତେଣୁ ଭବିଷ୍ୟଦ୍‌ବାଣୀ ପ୍ରଚାର କରି କୁହ, ପ୍ରଭୁ
ସଦାପ୍ରଭୁ ଏହିକଥା କହନ୍ତି, 'ଶତ୍ରୁଗଣ ତୁମ୍ଭମାନଙ୍କୁ ଧ୍ୱଂସ
କରିଅଛନ୍ତି ଓ ତୁମ୍ଭମାନଙ୍କୁ ଚତୁର୍ଦ୍ଦିଗରୁ ବେଷ୍ଟନ କରିଅଛନ୍ତି।
ଏବଂ ତୁମ୍ଭେ ଅବଶିଷ୍ଟ ଜାତିମାନଙ୍କର ଅଧିକାର ହୋଇଅଛ।
ତୁମ୍ଭେ ଗୋଟିଏ ଥଟ୍ଟାପାତ୍ର ହୋଇଲ ଓ ସମସ୍ତେ ତୁମ୍ଭକୁ
ଅପବାଦ କରନ୍ତି।'"

4ଏଣୁ ହେ ଇଶ୍ରାୟେଲର ପର୍ବତଗଣ, ପ୍ରଭୁ ସଦାପ୍ରଭୁଙ୍କର
ବାକ୍ୟ ଶୁଣ, ଇଶ୍ରାୟେଲର ପର୍ବତଗଣକୁ, ଉପପର୍ବତମାନଙ୍କୁ,
ଜଳପ୍ରବାହଗୁଡ଼ିକୁ, ଉପତ୍ୟକାମାନଙ୍କୁ, ଧ୍ୱଂସ ଶୂନ୍ୟ ସ୍ଥାନଗୁଡ଼ିକୁ,
ପରିତ୍ୟକ୍ତ ଓ ଲୁଣ୍ଠିତ ନଗରଗୁଡ଼ିକୁ ଓ ଯେଉଁମାନେ ଅନ୍ୟ
ଜାତିମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ଉପହାସିତ ହୋଇଛନ୍ତି,
ମୋର ପ୍ରଭୁ ସଦାପ୍ରଭୁ ଏହିକଥା କହନ୍ତି। 5ଏଣୁ ସଦାପ୍ରଭୁ,
ମୋର ପ୍ରଭୁ ଏହି କଥା କହନ୍ତି, "ଈର୍ଷାରେ ଜଳଯାଇ ମୁଁ
ଅନ୍ୟ ଜାତିମାନଙ୍କ ବିରୁଦ୍ଧରେ ଓ ଇଦୋମ ବିରୁଦ୍ଧରେ କହିଛି,
କାରଣ ସେମାନଙ୍କ ହୃଦୟରେ ମନ୍ଦ ଖୁସି ନେଇ ମୋର
ଦେଶକୁ ଅଧିକାର କଲେ। ସେମାନେ ଏହାକୁ ଲୁଣ୍ଠନ କରିବା
ପାଇଁ ଅଧିକାର କଲେ।"

6"ଏଣୁ ଇଶ୍ରାୟେଲର ଭୂମିରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର
କର, ଆଉ ପର୍ବତ, ଉପପର୍ବତ, ଜଳପ୍ରବାହ ଓ ଉପତ୍ୟକା
ସବୁକୁ କୁହ, ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହିଛନ୍ତି,
'ମୁଁ ଈର୍ଷାରେ ଓ ରାଗରେ ଏହା କୁହେ। କାରଣ ଯେଉଁ
ପ୍ରକାର ଗୋଷ୍ଠୀଗଣ ତୁମ୍ଭଙ୍କୁ ଘୃଣା କଲେ।'"

7ଏଣୁ ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି, "ମୁଁ
ତୁମ୍ଭର ଚତୁର୍ଦ୍ଦିଗର ଜାତିମାନଙ୍କ ଉପରେ ମୋର ହାତ
ଉଠାଇଛି, ଯେହେତୁ ସେମାନେ ତୁମ୍ଭକୁ ଘୃଣା କଲେ।

8"କିନ୍ତୁ ହେ ଇଶ୍ରାୟେଲର ପର୍ବତଗଣ, ତୁମ୍ଭେମାନେ
ନିଶ୍ଚୟ ନିଜର ବୃକ୍ଷ ଉତ୍ପନ୍ନ କରିବ ଓ ମୋର ଇଶ୍ରାୟେଲର
ଲୋକମାନଙ୍କ ପାଇଁ ଫଳ ଉତ୍ପନ୍ନ କରିବ। କାରଣ ସେମାନଙ୍କର
ଆଗମନ ସମୟ ସନ୍ନିକଟ। 9ଯେହେତୁ ମୁଁ ତୁମ୍ଭ ସହିତ ଅଛି,
ମୁଁ ସାହାଯ୍ୟ କରିବି, ତହିଁରେ ତୁମ୍ଭେମାନେ ଚାଷ କରିବ ଓ
ବୀଜ ବୁଣିବ। 10ତୁମ୍ଭଠାରେ ବାସ କରୁଥିବା ଇଶ୍ରାୟେଲର
ପରିବାର ଲୋକମାନଙ୍କୁ ମୁଁ ଦ୍ୱିଗୁଣିତ କରିବି। ପୁଣି ତହିଁରେ
ନଗର ସମୂହ ବସତିସ୍ଥାନ ହେବ ଓ ଧ୍ୱଂସସ୍ଥାନ ସବୁ
ପୁନଃନିର୍ମିତ ହେବ। 11ପୁଣି ମୁଁ ତୁମ୍ଭମାନଙ୍କ ମଧ୍ୟରେ ମନୁଷ୍ୟ
ଓ ପଶୁକୁ ଦ୍ୱିଗୁଣିତ କରିବି। ସେମାନଙ୍କର ହୃଏତ ଉତ୍ସର୍ଗିତ
ଥିବ। ମୁଁ ଅତୀତ ପରି ତୁମ୍ଭମାନଙ୍କ ମଧ୍ୟରେ ରହିବାକୁ
ଲୋକମାନଙ୍କୁ ଆଣିବି। ତୁମ୍ଭମାନଙ୍କ ପ୍ରତି ଆଦ୍ୟକାଳ ଅପେକ୍ଷା
ଅଧିକ ମଙ୍ଗଳ କରିବି। ତାହାଲେ ତୁମ୍ଭେ କଳ୍ପନା କରିବ
ଯେ, ମୁଁ ସଦାପ୍ରଭୁ ଅଟେ। 12ଆମ୍ଭେ ତୁମ୍ଭମାନଙ୍କ ଉପରେ
ମନୁଷ୍ୟମାନଙ୍କୁ ଅର୍ଥାତ ତୁମ୍ଭେ ମୋର ଇଶ୍ରାୟେଲ ଲୋକଙ୍କୁ
ପ୍ରଦର୍ଶନ କରାଇବା। ସେମାନେ ତୁମ୍ଭମାନଙ୍କୁ ଭୋଗ କରିବେ
ଓ ତୁମ୍ଭେ ସେମାନଙ୍କର ଅଧିକାର ସ୍ୱରୂପ ହେବ। ତୁମ୍ଭେ
ଏହିସମୟଠାରୁ ସେମାନଙ୍କର ସନ୍ତାନମାନଙ୍କଠାରୁ ବଞ୍ଚିତ କରିବ
ନାହିଁ।"

13ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହିଛନ୍ତି, "ହେ
ଇଶ୍ରାୟେଲ ଦେଶ! ଲୋକମାନେ ତୁମ୍ଭ ବିରୁଦ୍ଧରେ କହନ୍ତି,
ସେମାନେ କହନ୍ତି ତୁମ୍ଭେ ମନୁଷ୍ୟମାନଙ୍କର ହତ୍ୟାକାରୀ ଓ
ନିଜ ସନ୍ତାନମାନଙ୍କୁ ହତ୍ୟା କରିଅଛ। 14ମାତ୍ର ତୁମ୍ଭେ ଆଉ
ମନୁଷ୍ୟମାନଙ୍କୁ ଗ୍ରାସ କରିବ ନାହିଁ କିମ୍ବା ସେମାନଙ୍କର
ସନ୍ତାନଗଣଙ୍କୁ ବିନାଶ କରିବ ନାହିଁ।" ଏହା ସଦାପ୍ରଭୁ, ମୋର
ପ୍ରଭୁ କହନ୍ତି। 15"ଆଉ ମୁଁ ତୁମ୍ଭକୁ ଅନ୍ୟ ଦେଶୀୟମାନଙ୍କଠାରୁ
ଅପମାନିତ କରିବି ନାହିଁ, ତୁମ୍ଭେମାନେ ଅନ୍ୟ ଦେଶମାନଙ୍କ
ଦ୍ୱାରା ଘୃଣିତ ହେବ ନାହିଁ, ତୁମ୍ଭେ ପୁଣି ଥରେ ତୁମ୍ଭର
ଦେଶର ପତନର କାରଣ ହେବ ନାହିଁ।" ଏହା ସଦାପ୍ରଭୁ,
ମୋର ପ୍ରଭୁ କହିଛନ୍ତି।

## ସଦାପ୍ରଭୁ ନିଜର ସୁନାମ ନିଜେ ରକ୍ଷା କରିବେ

16ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା, ସେ କହିଲେ, 17"ହେ ମନୁଷ୍ୟ ପୁତ୍ର, ଯେତେବେଳେ
ଇଶ୍ରାୟେଲୀୟମାନେ ସେମାନଙ୍କର ନିଜ ଦେଶରେ ବାସ
କଲେ, ଇଶ୍ରାୟେଲର ପରିବାର ସେମାନଙ୍କର କୁକର୍ମ ଦ୍ୱାରା
ତାହାକୁ ଅଶୁଚି କଲେ। ସେମାନଙ୍କର ଆଚରଣ ସ୍ତ୍ରୀ ଲୋକମାନଙ୍କର
ଋତୁକାଳୀନ ଅଶୌଚ ତୁଲ୍ୟ ଥିଲା। 18ସେମାନେ ରକ୍ତପାତ
ଦ୍ୱାରା ଓ ନିଜର ପ୍ରତିମାଗଣ ଦ୍ୱାରା ଦେଶକୁ ଅଶୁଚି କଲେ।
ତେଣୁ ମୁଁ ସେମାନଙ୍କ ଉପରେ ମୋର କ୍ରୋଧ ଢାଳିବି। 19ମୁଁ
ନାନା ଜାତିଗଣଙ୍କ ମଧ୍ୟରେ ସେମାନଙ୍କୁ ଛିନ୍ନଭିନ୍ନ କଲି ଏବଂ

ସେମାନେ ମଧ୍ୟ ନାନା ଦେଶରେ ବିକ୍ଷିପ୍ତ ହେଲେ। ସେମାନଙ୍କର
ଆଚରଣ ଓ କ୍ରିୟାନୁସାରେ ମୁଁ ସେମାନଙ୍କୁ ଦଣ୍ଡିତ କଲି।
**20**ଏବଂ ସେମାନେ ଯେଉଁ ସ୍ଥାନକୁ ଗଲେ, ସେମାନେ ଗୋଷ୍ଠୀ
ମଧ୍ୟରେ ମୋର ପବିତ୍ର ନାମକୁ କଳୁଷିତ କଲେ। କାରଣ
ଲୋକମାନେ ସେମାନଙ୍କ ବିଷୟରେ କହିଲେ, 'ଏମାନେ
ସଦାପ୍ରଭୁଙ୍କର ଲୋକ ଓ ତାଙ୍କ ଦେଶରୁ ବିତାଡ଼ିତ
ହୋଇଅଛନ୍ତି।'

**21**"ମୁଁ ମୋର ମର୍ଯ୍ୟାଦା ପ୍ରତି ତତ୍ପର, କାରଣ
ଇଶ୍ରାୟେଲୀୟମାନେ ଯେଉଁଠାକୁ ଯାଉଥିଲେ ମୋର ନାମକୁ
କଳୁଷିତ କଲେ। **22**ତେଣୁ ଇଶ୍ରାୟେଲର ଲୋକମାନଙ୍କୁ କୁହ,
ସଦାପ୍ରଭୁ ଏହିକଥା କହନ୍ତି, 'ହେ ଇଶ୍ରାୟେଲ ପରିବାର,
ତେଣୁ ତୁମ୍ଭମାନଙ୍କ ବିରୁଦ୍ଧରେ ଯାହା କରିବା କଥା ତାହା
ମୋର ନାମର ସୁରକ୍ଷା ପାଇଁ କରୁ ନାହିଁ। ତୁମ୍ଭେମାନେ
ଯେଉଁଠାକୁ ଗଲେ, ସେହି ଗୋଷ୍ଠୀମାନଙ୍କ ମଧ୍ୟରେ ମୋର
ନାମକୁ କଳଙ୍କିତ କଲ। **23**ଗୋଷ୍ଠୀମାନଙ୍କ ମଧ୍ୟରେ ଅପବିତ୍ର
ହୋଇଥିବା ମୋର ମହାନ ନାମକୁ ମୁଁ ପୁଣି ପବିତ୍ର କରିବି।
ଯାହା ତୁମ୍ଭେମାନେ କଳୁଷିତ କଲ, ତାହାଲେ ଗୋଷ୍ଠୀମାନେ
ଜାଣିବେ ଯେ, ମୁଁ ସଦାପ୍ରଭୁ। ସଦାପ୍ରଭୁ ମୋର ପ୍ରଭୁ ଏହା
କହିଲେ।'"

**24**ପରମେଶ୍ୱର କହନ୍ତି, "ମୁଁ ଜାତିମାନଙ୍କ ମଧ୍ୟରୁ ତୁମ୍ଭମାନଙ୍କୁ
ନେଇ ଆସିବି ଓ ସବୁ ଦେଶରୁ ତୁମ୍ଭମାନଙ୍କୁ ସଂଗ୍ରହ କରିବି
ଓ ତୁମ୍ଭମାନଙ୍କୁ ତୁମ୍ଭ ନିଜ ଦେଶକୁ ଆଣିବି। **25**ମୁଁ ତୁମ୍ଭମାନଙ୍କ
ଉପରେ ଶୁଚି ଜଳ ଛିଞ୍ଚିବି ଓ ତହିଁରେ ତୁମ୍ଭେମାନେ ପବିତ୍ର
ହେବ। ଆଉ ତୁମ୍ଭମାନଙ୍କର ସବୁ ଅଶୌଚରୁ ଓ
ତୁମ୍ଭମାନଙ୍କର ସକଳ ପ୍ରତିମାଗଣଠାରୁ ମୁଁ ତୁମ୍ଭମାନଙ୍କୁ ଶୁଚି
କରିବି।"

**26**ପରମେଶ୍ୱର କହିଲେ, "ଆଉ ମୁଁ ତୁମ୍ଭମାନଙ୍କୁ ଏକ
ନୂତନ ଆତ୍ମା ଦେବି। ତୁମ୍ଭମାନଙ୍କ ମାଂସ ମଧ୍ୟରୁ ପ୍ରସ୍ତରମୟ
ହୃଦୟ କାଢି ନେବି ଓ ମୁଁ ତୁମ୍ଭମାନଙ୍କୁ ମାଂସମୟ କୋମଳ
ହୃଦୟ ଦେବି। **27**ଏବଂ ମୁଁ ତୁମ୍ଭମାନଙ୍କ ଅନ୍ତରରେ ମୋର
ଆତ୍ମା ସ୍ଥାପନ କରିବି। ଏବଂ ମୁଁ ତୁମ୍ଭମାନଙ୍କୁ ପରିବର୍ତ୍ତନ
କରିବି ଯେପରି ତୁମ୍ଭେମାନେ ମୋର ନିୟମ ସକଳ ମାନିବ
ଏବଂ ମୋର ଆଜ୍ଞାସବୁ ରଖିବାକୁ ଯତ୍ନବାନ ହେବ। **28**ତାହାହେଲେ
ତୁମ୍ଭମାନେ ସେହି ଦେଶରେ ବାସ କରିବ ଯାହା ମୁଁ ଦେଲି
ତୁମ୍ଭର ପୂର୍ବପୁରୁଷଗଣଙ୍କୁ ଓ ତୁମ୍ଭେମାନେ ମୋର ଲୋକ
ହେବ ଆଉ ମୁଁ ତୁମ୍ଭମାନଙ୍କର ପରମେଶ୍ୱର ହେବି।"

**29**ପରମେଶ୍ୱର କହିଲେ, "ଆଉ ମୁଁ ତୁମ୍ଭମାନଙ୍କୁ ସକଳ
ଅଶୌଚରୁ ପରିତ୍ରାଣ କରିବି ଓ ମୁଁ ଶସ୍ୟକୁ ଆହ୍ୱାନ କରି
ଉତ୍ପାଦନ ବୃଦ୍ଧି କରିବି। ତୁମ୍ଭମାନଙ୍କ ଉପରେ ଦୁର୍ଭିକ୍ଷ ଆଣିବି
ନାହିଁ। **30**ପୁଣି ମୁଁ ତୁମ୍ଭମାନଙ୍କର ବୃକ୍ଷର ଫଳ ଓ କ୍ଷେତ୍ରସ୍ଥ
ଶସ୍ୟ ଉତ୍ପାଦନ ଏପରି ବୃଦ୍ଧି କରିବି ଯେ, ତୁମ୍ଭେମାନେ
ଜାତିମାନଙ୍କ ମଧ୍ୟରେ ଖାଦ୍ୟାଭାବ ଯୋଗୁଁ ନିନ୍ଦା ପାଇବ ନାହିଁ।
**31**ଏବଂ ସେ ସମୟରେ ତୁମ୍ଭେମାନେ ନିଜ ନିଜ ମନ୍ଦ
ଆଚରଣ ଓ ମନ୍ଦ କ୍ରିୟାସବୁ ସ୍ମରଣ କରିବ। ପୁଣି ତୁମ୍ଭେମାନେ
ନିଜର ପାପ ଓ ନିଜର ଘୃଣ୍ୟ କ୍ରିୟା ଯୋଗୁଁ ନିଜେ ନିଜକୁ
ନମ୍ର କରିବ।"

**32**ସଦାପ୍ରଭୁ, ମୋର ପ୍ରଭୁ କହନ୍ତି, "ତୁମ୍ଭେମାନେ ଜାଣ
ଯେ ଆମ୍ଭେ ତୁମ୍ଭମାନଙ୍କ ସକାଶେ ଏହା କରୁ ନାହୁଁ। ହେ
ଇଶ୍ରାୟେଲ ବଂଶ, ତୁମ୍ଭେମାନେ ନିଜର ଆଚରଣ ଯୋଗୁଁ
ଲଜ୍ଜିତ ଓ ବିଷଣ୍ଣ ହୁଅ।"

**33**ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି, "ଯେଉଁ
ଦିନ ମୁଁ ତୁମ୍ଭମାନଙ୍କୁ ସକଳ ପାପରୁ ଶୁଚି କରିବି, ସେଦିନ
ମୁଁ ନଗରଗୁଡ଼ିକୁ ବସତି ବିଶିଷ୍ଟ କରିବି ଓ ଧ୍ୱଂସସ୍ଥାନ ସବୁ
ପୁନଃନିର୍ମିତ ହେବ। **34**ସେହି ଜନଶୂନ୍ୟ ଭୂମିକୁ ପୁଣି ଲଙ୍ଗଳ
କରାଯିବ ଏବଂ ଏହା ପଥିକମାନଙ୍କ ପାଇଁ ଆଉ ଜନଶୂନ୍ୟ
ହେବ ନାହିଁ। **35**ତେଣୁ ଲୋକମାନେ କହିବେ, 'ଏହି ଧ୍ୱଂସସ୍ଥାନ
ଏଦନ ଉଦ୍ୟାନ ସଦୃଶ ହୋଇଅଛି। ଆଉ ଏହି ଶୂନ୍ୟ, ଧ୍ୱଂସ
ଓ ଉତ୍ପାଟିତ ନଗରଗୁଡ଼ିକ ପ୍ରାଚୀର ବେଷ୍ଟିତ ଓ ବସତି
ଯୋଗ୍ୟ ହୋଇଅଛି।'"

**36**ପରମେଶ୍ୱର କହିଲେ, "ତୁମ୍ଭର ଚତୁର୍ଦ୍ଦିଗର ଦେଶଗୁଡିକ
ଜାଣିବେ ଯେ, ମୁଁ ସଦାପ୍ରଭୁ ନିର୍ଜ୍ଜନ ସ୍ଥାନକୁ ବସତି ପୂର୍ଣ୍ଣ,
ଧ୍ୱଂସ ସ୍ଥାନକୁ ପୁନଃନିର୍ମାଣ ଓ ଜନଶୂନ୍ୟ କ୍ଷେତ୍ରରେ ରୋପଣ
କରିଛି। ମୁଁ ସଦାପ୍ରଭୁ ଏହା କହିଅଛି ଓ ଆମ୍ଭେ ଏହା ସଫଳ
କରିବା।"

**37**ସଦାପ୍ରଭୁ, ମୋର ପ୍ରଭୁ ଏକଥା କହନ୍ତି, "ପୁଣି ଥରେ
ମୁଁ ଇଶ୍ରାୟେଲ ବଂଶର ପ୍ରାର୍ଥନା ଶୁଣିବି। ମୁଁ ସେମାନଙ୍କୁ
ଦ୍ୱିଗୁଣିତ କରିବି, ଯାହା ଫଳରେ ସେମାନେ ପଲରେ ଥିବା
ମେଷ ସଂଖ୍ୟକ ହେବେ। **38**ନିରୂପିତ ପର୍ବମାନଙ୍କରେ
ଯିରୁଶାଲମରେ ଯେପରି ବଳିଯୋଗ୍ୟ ମେଷ ଓ ଛାଗପଲ ପୂର୍ଣ୍ଣ
ହୋଇ ଯାଆନ୍ତି, ଶୂନ୍ୟ ନଗରଗୁଡ଼ିକ ବହୁ ମନୁଷ୍ୟରେ
ପରିପୂର୍ଣ୍ଣ ହେବ।"

## ଶୁଷ୍କ ଅସ୍ଥିସକଳର ଦର୍ଶନ

**37** ସଦାପ୍ରଭୁଙ୍କର ହସ୍ତ ମୋ ଆଡ଼କୁ ପ୍ରସାରିତ ହେଲା
ଓ ସେ ତାଙ୍କ ଆତ୍ମାରେ ମୋତେ ବାହାରକୁ ନେଇ
ଯାଇ ଉପତ୍ୟକାର ମଧ୍ୟ ସ୍ଥଳୀରେ ବସାଇଲେ ଏବଂ ସେହି
ଉପତ୍ୟକା ଅସ୍ଥିରେ ପରିପୂର୍ଣ୍ଣ ଥିଲା। **2**ସଦାପ୍ରଭୁ ସେହି
ଅସ୍ଥିଗୁଡିକ ଦେଇ ନେଲେ, ଯାହା ଚତୁର୍ଦ୍ଦିଗରେ ଥିଲା। ସେହି
ଉପତ୍ୟକାରେ ବହୁତ ଅସ୍ଥି ଥିବାର ମୁଁ ଦେଖି ପାରିଲି। ମୁଁ
ସେହି ଅସ୍ଥିଗୁଡ଼ିକ ଅତିଶୟ ଶୁଷ୍କ ଥିବାର ଲକ୍ଷ୍ୟ କଲି।

**3**ତା'ପରେ ସଦାପ୍ରଭୁ, ମୋର ପ୍ରଭୁ ମୋତେ ପଚାରିଲେ,
"ହେ ମନୁଷ୍ୟ ପୁତ୍ର, ଏହି ଅସ୍ଥି ସମୂହ ସଜୀବ ହୋଇ
ପାରିବେ କି?"

ମୁଁ ଉତ୍ତର ଦେଲି, "ସଦାପ୍ରଭୁ, ମୋର ପ୍ରଭୁ, ଏ ପ୍ରଶ୍ନର
ଉତ୍ତର କେବଳ ଆପଣ ଜାଣନ୍ତି।"

**4**ସଦାପ୍ରଭୁ, ମୋର ପ୍ରଭୁ ମୋତେ କହିଲେ, "ଏହି
ଅସ୍ଥିଗୁଡ଼ିକ ଉଦ୍ଦେଶ୍ୟରେ ଭବିଷ୍ୟଦ୍‌ବାଣୀ ପ୍ରଚାର କରି କୁହ,
'ହେ ଶୁଷ୍କ ଅସ୍ଥି ସକଳ, ତୁମ୍ଭେମାନେ ସଦାପ୍ରଭୁଙ୍କର ବାକ୍ୟ
ଶୁଣ। **5**ସଦାପ୍ରଭୁ, ମୋର ପ୍ରଭୁ ସେ ସକଳ ଅସ୍ଥିକୁ ଏହି
କଥା କହନ୍ତି, ଦେଖ, ମୁଁ ତୁମ୍ଭମାନଙ୍କ ମଧ୍ୟରେ ପ୍ରାଣବାୟୁ
ପ୍ରବେଶ କରାଇବି ଓ ତୁମ୍ଭେମାନେ ଜୀବିତ ହେବ। **6**ପୁଣି ମୁଁ
ତୁମ୍ଭମାନଙ୍କ ଉପରେ ଶିରା ଓ ମାଂସ ଉତ୍ପନ୍ନ କରିବି। ଆଉ
ଚର୍ମରେ ତୁମ୍ଭମାନଙ୍କୁ ଆଚ୍ଛାଦନ କରିବି ଓ ତୁମ୍ଭମାନଙ୍କ
ମଧ୍ୟରେ ପ୍ରାଣବାୟୁ ଦେବି। ଆଉ ତୁମ୍ଭେମାନେ ଜୀବିତ ହେବ।

ତହିଁରେ ଏହା ତୁମ୍ଭେମାନେ ଜାଣିବ ଯେ, ମୁଁ ସଦାପ୍ରଭୁ
ଅଟେ।'"
7ମୋତେ ଯେପରି ଆଜ୍ଞା ହୋଇଥିଲା, ତଦନୁସାରେ ମୁଁ
ଭବିଷ୍ୟଦ୍‌ବାଣୀ କଲି, ଯେତେବେଳେ ମୁଁ ଭବିଷ୍ୟତ୍‌ବାଣୀ
କରୁଥିଲି ଏକ ଶବ୍ଦ ଶୁଣାଗଲା ଓ ଭୂମିକମ୍ପ ହେଲା। ଆଉ
ଅସ୍ଥିସକଳ ପରସ୍ପର ଯୋଡ଼ିହୋଇ ଗଲେ। 8ମୁଁ ନିରୀକ୍ଷଣ
କରି ଦେଖିଲି, ସେହିସବୁ ଅସ୍ଥି ଉପରେ ସ୍ନାୟୁ ଓ ମାଂସ
ଆଚ୍ଛାଦନ କଲା, ପୁଣି ଚର୍ମ ସେ ସବୁକୁ ଆଚ୍ଛାଦନ କଲା କିନ୍ତୁ
ସେମାନଙ୍କର ପ୍ରାଣବାୟୁ ନ ଥିଲା।
9ତା'ପରେ ସେ ମୋତେ କହିଲେ, "ହେ ମନୁଷ୍ୟ ପୁତ୍ର,
ତୁମ୍ଭେ ବାୟୁ ଉଦ୍ଦେଶ୍ୟରେ ଭବିଷ୍ୟଦ୍‌ବାଣୀ ପ୍ରଚାର କର ଓ
ବାୟୁକୁ କୁହ, ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି,
'ହେ ପ୍ରାଣବାୟୁ, ଚତୁର୍ଦ୍ଦିଗରୁ ଆସ ଓ ଏହି ମୃତ ଶରୀରଗୁଡ଼ିକ
ଉପରେ ପ୍ରଶ୍ୱାସ ଦିଅ, ଯେପରି ସେମାନେ ଜୀବିତ ହେବେ।'"
10ଏବଂ ସେ ମୋତେ ଯେପରି ଆଜ୍ଞା କଲେ, ତଦନୁସାରେ
ମୁଁ ଭବିଷ୍ୟଦ୍‌ବାଣୀ ପ୍ରଚାର କଲି ଏବଂ ପ୍ରଶ୍ୱାସ ସେମାନଙ୍କ
ମଧ୍ୟକୁ ଆସିଲା। ଆଉ ସେମାନେ ଜୀବିତ ହୋଇଗଲେ ଏବଂ
ଛିଡ଼ା ହୋଇଗଲେ। ସେମାନେ ବହୁତ ଲୋକ ଥିଲେ ଏବଂ
ମହାନ୍ ସୈନ୍ୟବାହିନୀ ଗଠନ କଲେ।
11ତା'ପରେ ସଦାପ୍ରଭୁ, ମୋର ପ୍ରଭୁ ମୋତେ କହିଲେ,
"ହେ ମନୁଷ୍ୟ ପୁତ୍ର, ଏହି ଅସ୍ଥିସକଳ ଇସ୍ରାୟେଲ ସମୁଦାୟ
ପରିବାର ଅଟନ୍ତି। ଏବଂ ସେମାନେ କହନ୍ତି, 'ଆମ୍ଭମାନଙ୍କର
ଅସ୍ଥିସବୁ ଶୁଷ୍କ ହୋଇଅଛି, ଆମ୍ଭମାନଙ୍କର ଆଶା ଭରସା
ଲୋପ ପାଇଛି ଓ ଆମ୍ଭେମାନେ ସମ୍ପୂର୍ଣ୍ଣରୂପେ ବିନଷ୍ଟ ହୋଇଅଛୁ।'
12ଏଣୁ ଭବିଷ୍ୟଦ୍‌ବାଣୀ ପ୍ରଚାର କରି ସେମାନଙ୍କୁ କୁହ,
ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହନ୍ତି, 'ହେ ମୋର
ଲୋକମାନେ, ମୁଁ ତୁମ୍ଭମାନଙ୍କର କବର ଉନ୍ମୁକ୍ତ କରିବି ଓ
ତୁମ୍ଭମାନଙ୍କୁ ତୁମ୍ଭମାନଙ୍କର କବରରୁ ବାହାର କରାଇବି। ଆଉ
ତୁମ୍ଭମାନଙ୍କୁ ଇସ୍ରାୟେଲ ଦେଶକୁ ଆଣିବି। 13ହେ ମୋର
ଲୋକମାନେ, ଯେତେବେଳେ ମୁଁ ତୁମ୍ଭମାନଙ୍କର କବର ଉନ୍ମୁକ୍ତ
କରିବି ଓ ତୁମ୍ଭମାନଙ୍କୁ ସେଗୁଡ଼ିକରୁ ବାହାର କରି ଆଣିବି, ମୁଁ
ସଦାପ୍ରଭୁ ଅଟେ ବୋଲି ତୁମ୍ଭେମାନେ ଜାଣିବ। 14ଆଉ ମୁଁ
ତୁମ୍ଭମାନଙ୍କ ମଧ୍ୟରେ ଆପଣା ଆତ୍ମା ପ୍ରବେଶ କରାଇବି।
ତହିଁରେ ତୁମ୍ଭେମାନେ ଜୀବିତ ହେବ। ପୁଣି ମୁଁ ତୁମ୍ଭମାନଙ୍କୁ
ତୁମ୍ଭମାନଙ୍କ ନିଜ ଦେଶରେ ବସାଇବି। ତାହାହେଲେ ମୁଁ
ସଦାପ୍ରଭୁ ଏହା କହିଅଛି ଓ ସଫଳ କରିଅଛି ବୋଲି
ତୁମ୍ଭେମାନେ ଜାଣିବ।'" ଏହା ପ୍ରଭୁ ସଦାପ୍ରଭୁ କହନ୍ତି।

## ଯିହୁଦା ଓ ଇସ୍ରାୟେଲ ପୁନର୍ବାର ଏକାଠି ହେବେ

15ସଦାପ୍ରଭୁଙ୍କର ବାକ୍ୟ ପୁନର୍ବାର ମୋ ନିକଟରେ ଉପସ୍ଥିତ
ହେଲା। ସେ କହିଲେ, 16"ହେ ମନୁଷ୍ୟ ପୁତ୍ର, ତୁମ୍ଭେ ଖଣ୍ଡେ
ଆଶାବାଡ଼ି ନେଇ ତହିଁ ଉପରେ ଏହି କଥା ଲେଖ, 'ଏହି
ଆଶାବାଡ଼ି ଯିହୁଦା ଓ ତାହାର ସାଙ୍ଗଗଣ ଇସ୍ରାୟେଲର
ଲୋକମାନଙ୍କୁ ଦର୍ଶାଏ;' ତା'ପରେ ଆଉ ଖଣ୍ଡେ ଆଶାବାଡ଼ି
ନେଇ ତାହା ଉପରେ ଏହି କଥା ଲେଖ, 'ଏହି ଆଶାବାଡ଼ି
ଇଫ୍ରୟିମର, ଇସ୍ରାୟେଲ ବଂଶ ଯୋଷେଫ ଓ ତା'ର ସାଙ୍ଗମାନଙ୍କୁ
ଦର୍ଶାଏ।' 17ତା'ପରେ ତୁମ୍ଭ ହସ୍ତରେ ସେହି ଦୁଇ ଆଶାବାଡ଼ି
ଯେପରି ଏକ ହେବ, ଏଥିପାଇଁ ସେହି ଦୁଇ ଆଶାବାଡ଼ିକୁ
ଏକତ୍ର ଯୋଡ଼।
18"ଯେତେବେଳେ ତୁମ୍ଭର ଲୋକମାନେ ତୁମ୍ଭକୁ ପଚାରିବେ,
ଏହାର ଅର୍ଥ କ'ଣ? ଆମ୍ଭମାନଙ୍କୁ ବୁଝାଇ ଦିଅ। 19ସେତେବେଳେ
ତୁମ୍ଭେ ସେମାନଙ୍କୁ କୁହ, ସଦାପ୍ରଭୁ, ମୋର ପ୍ରଭୁ ଏହିକଥା
କହନ୍ତି, 'ଇଫ୍ରୟିମର ହସ୍ତରେ ଥିବାର ଯୋଷେଫର ଆଶାବାଡ଼ି
ପୁଣି ତାହାର ସଖା ଇସ୍ରାୟେଲୀୟ ଗୋଷ୍ଠୀ ସମୂହକୁ ଆମ୍ଭେ
ନେବା, ଆଉ ଆମ୍ଭେ ସେମାନଙ୍କୁ ତାହା ସଙ୍ଗେ ଅର୍ଥାତ୍
ଯିହୁଦାର ଆଶାବାଡ଼ି ସଙ୍ଗେ ଯୋଡ଼ି ସେମାନଙ୍କୁ ଏକ କରିବା।
ତହିଁରେ ସେମାନେ ଆମ୍ଭ ହସ୍ତରେ ଏକ ଆଶାବାଡ଼ି
ହେବେ।'
20"ଯେଉଁ ଦୁଇ ଆଶାବାଡ଼ିରେ ତୁମ୍ଭେ ସେମାନଙ୍କର ନାମ
ଲେଖିଥିଲ, ତାହା ସେମାନେ ଦେଖିବା ପାଇଁ ତୁମ୍ଭ ହସ୍ତରେ
ରହିବ। 21ପୁଣି ତୁମ୍ଭେ ସେମାନଙ୍କୁ କୁହ, ପ୍ରଭୁ ସଦାପ୍ରଭୁ ଏହି
କଥା କହନ୍ତି, 'ଇସ୍ରାୟେଲର ଲୋକମାନେ ଯେଉଁ ବିଭିନ୍ନ
ଦେଶକୁ ସେମାନେ ଯାଇ ଅଛନ୍ତି ସେହି ସ୍ଥାନର ଗୋଷ୍ଠୀୟମାନଙ୍କ
ମଧ୍ୟରୁ ମୁଁ ସେମାନଙ୍କୁ ନିଜ ଦେଶକୁ ନେଇ ଆସିବି। ଆଉ
ଚତୁର୍ଦ୍ଦିଗରୁ ସେମାନଙ୍କୁ ସଂଗ୍ରହ କରି ସେମାନଙ୍କର ନିଜ
ଦେଶକୁ ଆଣିବି। 22ଆଉ ସେହି ଦେଶରେ ଇସ୍ରାୟେଲର
ପର୍ବତଗୁଡ଼ିକ ଉପରେ ମୁଁ ସେମାନଙ୍କୁ ଏକ ଗୋଷ୍ଠୀ କରିବି ଓ
ସେମାନଙ୍କର ଜଣେ ରାଜା ହେବେ। ପୁଣି ସେମାନେ ଆଉ
ଦୁଇ ଗୋଷ୍ଠୀ ରହିବେ ନାହିଁ କିମ୍ବା ଆଉ କେବେ ଦୁଇ
ରାଜ୍ୟରେ ବିଭକ୍ତ ହେବେ ନାହିଁ। 23ଆଉ ସେମାନେ ସେମାନଙ୍କର
ମୂର୍ତ୍ତିଗଣଦ୍ୱାରା ଏବଂ ଘୃଣ୍ୟ ମୂର୍ତ୍ତିଦ୍ୱାରା ଅଥବା ସେମାନଙ୍କର
ଜଘନ୍ୟ କର୍ମ ଦ୍ୱାରା ନିଜକୁ ଆଉ ଅଶୁଚି କରିବା ଚାଲୁ
ରଖିବେ ନାହିଁ। ଆଉ ମୁଁ ସେମାନଙ୍କୁ ସବୁସ୍ଥାନରୁ ରକ୍ଷା
କରିବି, ଯେଉଁଠାରେ ସେମାନେ ପାପ କଲେ ଏବଂ ମୁଁ
ସେମାନଙ୍କୁ ଶୁଚି କରିବି। ତହିଁରେ ସେମାନେ ମୋର ଲୋକ
ହେବେ ଓ ମୁଁ ସେମାନଙ୍କର ପରମେଶ୍ୱର ହେବି।
24"'ପୁଣି ମୋର ଦାସ ଦାଉଦ ସେମାନଙ୍କ ଉପରେ ରାଜା
ହେବେ। କେବଳ ସେ ହିଁ ଜଣେ ସମସ୍ତଙ୍କ ଉପରେ
ମେଷପାଳକ ହେବେ। ଆଉ ସେମାନେ ମୋର ବ୍ୟବସ୍ଥା ମାନି
ଚଳିବେ ଓ ମୋର ବିଧିସବୁ ରକ୍ଷାକରି ପାଳନ କରିବେ।
25ଏବଂ ମୁଁ ମୋର ଦାସ ଯାକୁବକୁ ଯେଉଁ ଦେଶ ଦେଇଥିଲି
ଓ ଯେଉଁଠାରେ ସେମାନଙ୍କ ପୂର୍ବପୁରୁଷଗଣ ବାସ କରୁଥିଲେ,
ସେହି ଦେଶରେ ସେମାନେ ବାସ କରିବେ। ମୁଁ ସେମାନେ,
ସେମାନଙ୍କର ସନ୍ତାନମାନେ ଓ ସେମାନଙ୍କର ସନ୍ତାନମାନଙ୍କର
ସନ୍ତାନମାନେ ସଦାକାଳ ସେଠାରେ ବାସ କରିବେ। ଏବଂ
ମୋର ଦାସ ଦାଉଦ ସଦାକାଳ ସେମାନଙ୍କର ଅଧିପତି
ହେବେ। 26ଏବଂ ମୁଁ ସେମାନଙ୍କ ସହିତ ଶାନ୍ତିର ଏକ ଚୁକ୍ତି
ସ୍ଥିର କରିବି। ସେମାନଙ୍କ ସହିତ ତାହା ଏକ ଚିରନ୍ତନ ଚୁକ୍ତି
ହେବ। ଏବଂ ମୁଁ ସେମାନଙ୍କୁ ବସାଇବି ଓ ବଢ଼ାଇବି। ଆଉ
ସେମାନଙ୍କ ମଧ୍ୟରେ ସଦାକାଳ ମୁଁ ଆପଣା ପବିତ୍ରସ୍ଥାନ ସ୍ଥାପନ
କରିବି। 27ଆଉ ମଧ୍ୟ ମୋର ପବିତ୍ର ତମ୍ବୁ ସେମାନଙ୍କ
ସଙ୍ଗରେ ରହିବ। ମୁଁ ସେମାନଙ୍କର ପରମେଶ୍ୱର ହେବି ଓ
ସେମାନେ ମୋର ଲୋକ ହେବେ। 28ଏବଂ ଅନ୍ୟ ରାଷ୍ଟ୍ରମାନେ
ଜାଣିବେ ଯେ ମୁଁ ସଦାପ୍ରଭୁ ଇସ୍ରାୟେଲକୁ ମୋର ବିଶେଷ

ଲୋକ କରେ। କାରଣ ମୋର ପବିତ୍ରସ୍ଥାନ ସର୍ବଦା ସେମାନଙ୍କ
ମଧ୍ୟରେ ରହିବ।'"

## ଗୋଗ ବିପକ୍ଷରେ ବାର୍ତ୍ତା

38 ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା, ସେ କହିଲେ 2"ହେ ମନୁଷ୍ୟ
ପୁତ୍ର, ତୁମ୍ଭେ ରୋଶର, ମେଶକର ଓ ତୁବଲର ମୁଖ୍ୟ
ଅଧିପତି ମାଗୋଗ ଦେଶୀୟ ଗୋଗ ଆଡେ ମୁଖ ରଖି ତାହା
ବିରୁଦ୍ଧରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି କୁହ, 3ପ୍ରଭୁ
ସଦାପ୍ରଭୁ ଏହି କଥା କହନ୍ତି, 'ହେ ରୋଶର, ମେଶକର ଓ
ତୁବଲର ମୁଖ୍ୟ ଅଧିପତି ରାଜା ଗୋଗ, ଦେଖ, ମୁଁ ତୁମ୍ଭର
ପ୍ରତିକୂଳ ଅଟେ। 4ମୁଁ ତୁମ୍ଭକୁ ବନ୍ଦୀ କରିବି, ତୁମ୍ଭ କଳପାଟିରେ
ଅଙ୍କୁଶ ଦେବି। ଆଉ ମୁଁ ତୁମ୍ଭକୁ, ତୁମ୍ଭର ସୈନ୍ୟମାନଙ୍କୁ ଓ
ଅଶ୍ୱ ଏବଂ ଅଶ୍ୱାରୋହୀଗଣଙ୍କୁ ବାହାର କରି ଆଣିବି। ସେମାନେ
ସମସ୍ତେ ସମ୍ପୂର୍ଣ୍ଣ ଯୁଦ୍ଧ ବେଶରେ ସୁସଜ୍ଜିତ ଥିବେ ଏବଂ
ସେମାନେ ସମସ୍ତ ଫଳକ, ଢାଲ ଓ ଖଡ୍ଗ ଧାରଣ କରିଥିବେ।
5ସେମାନଙ୍କ ସହିତ ପାରସ୍ୟ, କୂଶ ଓ ପୂଟ ଦେଶର
ସୈନ୍ୟମାନେ ଥିବେ ଓ ସେମାନେ ଢାଲ ଓ ଟୋପର ଧାରଣ
କରିଥିବେ। 6ଗୋମର ଓ ତା'ର ସମସ୍ତ ସୈନ୍ୟବାହିନୀ
ଉତ୍ତର ଦିଗର ପ୍ରାନ୍ତ ସୀମାସ୍ଥିତ ତୋଗର୍ମାର ବଂଶ ଓ ତାହାର
ସମସ୍ତ ଦଳ, ଏହି ଅନେକ ଜାତି ସେମାନଙ୍କର ସହିତ
ଥିବେ।

7"'ତୁମ୍ଭେ ପ୍ରସ୍ତୁତ ହୁଅ, ତୁମ୍ଭେ ନିଜକୁ ଓ ତୁମ୍ଭ ସହିତ
ଯୋଗ ଦେଇଥିବା ସୈନ୍ୟଦଳକୁ ପ୍ରସ୍ତୁତ କର। ଆଉ ଗୋଗ
ତୁମ୍ଭେ ସେମାନଙ୍କର ଦାୟିତ୍ୱ ନିଅ। 8ଅନେକଦିନ ପରେ
ତୁମ୍ଭକୁ ଅସ୍ତ୍ର ପାଇଁ ନିବେଦନ କରାଯିବ। ପରବର୍ତ୍ତୀ ବର୍ଷମାନଙ୍କରେ
ଯୁଦ୍ଧରୁ ପୂର୍ବାବସ୍ଥାକୁ ଫେରୁଥିବା ଦେଶମାନଙ୍କୁ ଆକ୍ରମଣ କରିବ,
ଯାହାର ବହୁ ଦେଶରୁ ଲୋକମାନେ ପର୍ବତ ଉପରେ ଏକତ୍ରୀତ
ହୋଇଛନ୍ତି। ଯେଉଁମାନେ ଅତୀତରେ ବାରମ୍ବାର ବିଧ୍ୱସ୍ତ
ହୋଇଥିଲେ କିନ୍ତୁ ଦେଶଗୁଡିକରୁ ସେମାନଙ୍କୁ ଅଣାଯାଇଛି
ଏବଂ ସେମାନେ ସମସ୍ତେ ସେଠାରେ ନିରାପଦରେ ବାସ
କରୁଛନ୍ତି। 9ତୁମ୍ଭେ ତୁମ୍ଭର ସୈନ୍ୟଦଳ ଓ ତୁମ୍ଭ ସହିତ ବହୁତ
ଦେଶ ଝଡ ସଦୃଶ ଉଠିବ। ତୁମ୍ଭେ ଓ ତୁମ୍ଭର ସୈନ୍ୟଦଳ
ଦେଶକୁ ମେଘତୁଲ୍ୟ ଆଛନ୍ନ କରି ଆସିବ।'"

10ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହନ୍ତି, "ସେ
ସମୟରେ ନାନା ଭାବନା ତୁମ୍ଭ ମନରେ ଆସିବ ଓ ତୁମ୍ଭେ
ଗୋଟିଏ ଅନିଷ୍ଟ ସଂକଳ୍ପ କରିବ। 11ତୁମ୍ଭେ କହିବ, 'ମୁଁ
ପ୍ରାଚୀର ବିହୀନ ସହର ବିଶିଷ୍ଟ ଦେଶକୁ ଯିବି; ସେମାନେ
ଶାନ୍ତିରେ ଅଛନ୍ତି, ସେମାନେ ଭାବନ୍ତି ସେମାନେ ନିରାପଦରେ
ଅଛନ୍ତି, ସେମାନଙ୍କର ନଗରର ସୁରକ୍ଷା ପାଇଁ ଚତୁର୍ଦ୍ଦିଗରେ
ପ୍ରାଚୀର ନାହିଁ କିମ୍ବା ସେମାନଙ୍କର ଅର୍ଗଳ କି କବାଟ ନାହିଁ।
ତେଣୁ ଆମ୍ଭେ ସେମାନଙ୍କ ଦେଶ ବିପକ୍ଷରେ ଖଡ୍ଗ ଆଣିବା।
12ଲୁଣ୍ଠନ ଓ ଦ୍ରବ୍ୟ ଅପହରଣ ଉଦ୍ଦେଶ୍ୟରେ ମୁଁ ସେମାନଙ୍କ
ବିରୁଦ୍ଧରେ ଯାତ୍ରା କରିବି। ଯେଉଁ ସମସ୍ତ ଧ୍ୱଂସପ୍ରାପ୍ତ ସ୍ଥାନ
ଏବେ ବସତି ବିଶିଷ୍ଟ ହୋଇଅଛି ତାହା ବିରୁଦ୍ଧରେ
ଓ ଯେଉଁ ଲୋକମାନେ ନାନା ଦେଶୀୟ ମଧ୍ୟରୁ ସଂଗୃହିତ
ହୋଇଅଛନ୍ତି ସେମାନଙ୍କ ବିରୁଦ୍ଧରେ ଯିବି ଏବଂ ସେମାନେ
ପଶୁ ଓ ଦ୍ରବ୍ୟାଦି ପ୍ରାପ୍ତ ହୋଇ ଦେଶର ମଧ୍ୟଭାଗରେ ବାସ
କରୁଅଛନ୍ତି।'

13"ଶିବା, ଦିଦାନ ଓ ତର୍ଶୀଶର ବଣିକଗଣ ଆଉ
ସେଠାସ୍ଥିତ ଯୁବା ସିଂହସକଳ ତୁମ୍ଭକୁ ପଚାରିବେ, 'ତୁମ୍ଭେ କ'ଣ
ଲୁଟିବାକୁ ଆସିଅଛ? ତୁମ୍ଭେ କ'ଣ ଦ୍ରବ୍ୟ ଅପହରଣ କରିବାକୁ
ଆପଣାର ଜନସମାଜକୁ ଏକତ୍ରୀତ କରିଅଛ? ରୁପା ସୁନା ବହି
ନେବାର, ପଶୁ ଓ ଦ୍ରବ୍ୟାଦି ଲୁଟି ନେଇଯିବାର ଅଭିପ୍ରାୟ
କ'ଣ ରଖିଅଛ?'"

14ପରମେଶ୍ୱର କହିଲେ, "ହେ ମନୁଷ୍ୟ ପୁତ୍ର, ତୁମ୍ଭେ
ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି ଗୋଗକୁ କୁହ, ପ୍ରଭୁ ସଦାପ୍ରଭୁ
ଏହିକଥା କହନ୍ତି, 'ଯେତେବେଳେ ମୋର ଲୋକମାନେ ଶାନ୍ତିରେ
ଓ ନିରାପଦରେ ବାସ କରୁଛନ୍ତି, ତୁମ୍ଭେ ସେମାନଙ୍କୁ ଆକ୍ରମଣ
କରିବାକୁ ଆସିବ?" 15ଏବଂ ତୁମ୍ଭେ ନିଜ ବାସସ୍ଥାନ ସୁଦୂର
ଉତ୍ତର ଦିଗସ୍ଥ ପ୍ରାନ୍ତ ଭାଗରୁ ଆସିବ, ତୁମ୍ଭେ ଓ ତୁମ୍ଭ ସହିତ
ଅନେକ ଜାତିମାନେ ଆସିବେ। ସେମାନେ ସମସ୍ତେ ଅଶ୍ୱାରୋହଣ
କରିଥିବା ମହାସମାଜ ଓ ପରାକ୍ରମଶାଳୀ ସୈନ୍ୟସାମନ୍ତ ଥିବେ।
16ତୁମ୍ଭେ ଇଶ୍ରାୟେଲ ବିରୁଦ୍ଧରେ ମୋର ଲୋକ ବିରୁଦ୍ଧରେ
ଯୁଦ୍ଧ କରିବାକୁ ଆସିବ ଏବଂ ଦେଶକୁ ମେଘତୁଲ୍ୟ ଆଚ୍ଛାଦନ
କରିବ। ସେହି ଭବିଷ୍ୟତ ଦିନଗୁଡ଼ିକରେ, ମୁଁ ତୁମ୍ଭକୁ ମୋ
ଦେଶ ବିରୁଦ୍ଧରେ ଆଣିବି, ଯାହା ଫଳରେ ଦେଶଗୁଡିକ
ମୋତେ ଜାଣି ପାରିବେ। ଯେତେବେଳେ ମୋର ପବିତ୍ରତା
ତୁମ୍ଭ ମାଧ୍ୟମରେ ସେମାନଙ୍କୁ ଉପସ୍ଥିତିରେ ଦେଖାଇବି।'"

17ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି, "ତୁମ୍ଭେ
ସେହି ଜଣକ ନୁହଁକି, ଯାହାକୁ ମୁଁ ମୋ ସେବକ ମାଧ୍ୟମରେ
ବହୁ ସମୟ ଆଗରୁ କହିଥିଲି, ଇଶ୍ରାୟେଲର ଯାଜକଗଣ
ଯେଉଁମାନେ ଆସିବାକୁ ଥିବା ଏଇ ବର୍ଷ ବିଷୟରେ ଭବିଷ୍ୟତ
ବାଣୀ କହିଥିଲେ ଯେ, ମୁଁ ତୁମ୍ଭକୁ ସେମାନଙ୍କ ବିରୁଦ୍ଧରେ
ଆଣିବି।"

18ସଦାପ୍ରଭୁ, ମୋର ପ୍ରଭୁ କହନ୍ତି, "ଯେଉଁଦିନ ଗୋଗ
ଇଶ୍ରାୟେଲ ଦେଶ ବିରୁଦ୍ଧରେ ଆସିବ। ସେ ସମୟରେ ମୁଁ
ମୋର କୋପ ପ୍ରଦର୍ଶନ କରିବି। 19ଆଉ ମୁଁ ମୋର
ଅନ୍ତର୍ଜ୍ୱାଳା ଓ କ୍ରୋଧାଗ୍ନିରେ ପ୍ରତିଜ୍ଞା କରେ, ଇଶ୍ରାୟେଲରେ
ଭୟଙ୍କର ଭୂମିକମ୍ପ ହେବ। 20ସେ ସମୟରେ ସମୁଦ୍ରର
ମତ୍ସ୍ୟଗଣ, ଆକାଶର ପକ୍ଷୀଗଣ ଓ କ୍ଷେତ୍ରସ୍ଥ ପଶୁଗଣ ଓ
ଭୂମିରେ ଗୁରୁଣ୍ଡୁଥିବା ସରୀସୃପଗଣ ଆଉ ପୃଥିବୀସ୍ଥ ସମସ୍ତ
ଲୋକମାନେ ଆମ୍ଭ ସାକ୍ଷାତରେ ଭୟରେ କମ୍ପିତ ହେବେ।
ପର୍ବତ ସବୁ ଉତ୍ପାଟିତ ହେବେ ଓ ଶୃଙ୍ଗଗୁଡ଼ିକ ଭାଙ୍ଗି ପଡ଼ିବ।
ଆଉ ପ୍ରତ୍ୟେକ ପ୍ରାଚୀର ଭୂମିସାତ୍ ହେବ।"

21ସଦାପ୍ରଭୁ, ମୋର ପ୍ରଭୁ କହନ୍ତି, "ମୁଁ ମୋର ସମସ୍ତ
ପର୍ବତରେ ଖଡ୍ଗକୁ ଗୋଗ ବିରୁଦ୍ଧରେ ଆଣିବି। ତାହାର
ସୈନ୍ୟସାମନ୍ତମାନେ ଏପରି ବିହ୍ୱଳ ହେବେ ସେମାନେ ପରସ୍ପର
ବିରୁଦ୍ଧରେ ଖଡ୍ଗ ଆଣିବେ। 22ପୁଣି ମୁଁ ଗୋଗ ବିପକ୍ଷରେ
ମହାମାରୀ ଓ ମୃତ୍ୟୁ ଆଣି ଦଣ୍ଡିତ କରିବି। ମୁଁ ତାହା
ଉପରେ, ତାହାର ସୈନ୍ୟଦଳ ଉପରେ ଓ ତା'ର ସଙ୍ଗୀ
ଅନେକ ଜାତିମାନଙ୍କ ଉପରେ ପ୍ଲାବନକାରୀ ବୃଷ୍ଟି, ବୃହତ୍
ଶିଳା, ଅଗ୍ନି ଓ ଗନ୍ଧକ ବୃଷ୍ଟି କରାଇବି। 23ଏବଂ ଏହି
ପ୍ରକାରେ ମୁଁ ନିଜକୁ ବହୁ ଦେଶକୁ ଜ୍ଞାତ କରାଇବି, ମୁଁ

ଦେଖାଇ ଦେବ ଯେ, ମୁଁ ମହାନ୍ ଓ ପବିତ୍ର ଅଟେ। ତାହା
ହେଲେ ସେମାନେ ଜାଣିବେ, ଆମ୍ଭେ ସଦାପ୍ରଭୁ ଅଟୁ।"

### ଗୋଗ ଓ ତାହାର ସୈନ୍ୟସାମନ୍ତଙ୍କ ମୃତ୍ୟୁ

39 "ହେ ମନୁଷ୍ୟ ପୁତ୍ର, ତୁମ୍ଭେ ଗୋଗ ବିରୁଦ୍ଧରେ
ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି କୁହ, ପ୍ରଭୁ ସଦାପ୍ରଭୁ
ଏହି କଥା କହନ୍ତି, 'ହେ ରୋଶ, ମେଶକ ଓ ତୁବଲର
ମୁଖ୍ୟ ଅଧିପତି ଗୋଗ, ମୁଁ ତୁମ୍ଭ ବିରୁଦ୍ଧରେ ଅଛି। 2ମୁଁ
ତୁମ୍ଭକୁ ବନ୍ଦୀ କରିବି ଓ ତୁମ୍ଭକୁ ଫେରାଇ ଆଣିବି। ଆଉ
ଉତ୍ତର ଦିଗର ପ୍ରାନ୍ତ ଭାଗରୁ ତୁମ୍ଭକୁ ଅଣାଇବି। ପୁଣି
ଇଶ୍ରାୟେଲର ପର୍ବତସମୂହର ବିରୁଦ୍ଧରେ ତୁମ୍ଭକୁ ଆଣିବି। 3ମୁଁ
ଆଘାତ କରି ତୁମ୍ଭ ବାମ ହସ୍ତରୁ ତୁମ୍ଭ ଧନୁ ଖସାଇବି ଓ
ତୁମ୍ଭର ଦକ୍ଷିଣ ହସ୍ତରୁ ତୁମ୍ଭ ତୀରସବୁ କଢାଇ ପକାଇବି।
4ଇଶ୍ରାୟେଲର ପର୍ବତଗୁଡ଼ିକ ଉପରେ ତୁମ୍ଭେ ପତିତ ହେବ।
ତୁମ୍ଭର ସମସ୍ତ ସୈନ୍ୟ ସାମନ୍ତ ଓ ତୁମ୍ଭ ସଙ୍ଗୀ ଗୋଷ୍ଠୀଗଣ
ମଧ୍ୟ ପତିତ ହେବେ। ମୁଁ ସବୁ ପ୍ରକାର ମାଂସାସୀ ପକ୍ଷୀ ଓ
କ୍ଷେତ୍ରସ୍ଥ ପଶୁମାନଙ୍କ ଗ୍ରାସ ନିମନ୍ତେ ତୁମ୍ଭମାନଙ୍କୁ ସମର୍ପଣ
କରିବି। 5ତୁମ୍ଭେ ଖୋଲା ପଡିଆରେ ପତିତ ହେବ।'"
ସଦାପ୍ରଭୁ, ମୋର ପ୍ରଭୁ ଏହା କହନ୍ତି।

6ପରମେଶ୍ୱର କହିଲେ, "ପୁଣି ନିରାପଦରେ ବାସ କରୁଛନ୍ତି
ବୋଲି ମନେ କରୁଥିବା ମାଗୋଗର ଓ ଦ୍ୱୀପ ସମୂହ
ଉପରକୁ ମୁଁ ଅଗ୍ନି ପ୍ରେରଣ କରିବି। ତହିଁରେ ଏହା ସେମାନେ
ଜାଣିବେ ଯେ, ଆମ୍ଭେ ସଦାପ୍ରଭୁ ଅଟୁ। 7ଇଶ୍ରାୟେଲର
ଲୋକମାନଙ୍କ ମଧ୍ୟରେ ମୁଁ ମୋର ପବିତ୍ର ନାମକୁ ଜ୍ଞାତ
କରାଇବି। ମୋର ପବିତ୍ର ନାମକୁ ଆଉ ଅପବିତ୍ର ହେବାକୁ
ଦେବି ନାହିଁ। ତାହା ହେଲେ ମୁଁ ଯେ ଇଶ୍ରାୟେଲ ମଧ୍ୟରେ
ଧର୍ମମୟ ସଦାପ୍ରଭୁ ଅଟେ, ଏହା ଗୋଷ୍ଠୀୟମାନେ ଜାଣିବେ।
8ଆଉ ଦେଖ, ସେହିଦିନ ଆସୁଅଛି ଓ ତାହା ନିଶ୍ଚିତ ଭାବରେ
ଆସିବ।" ଏହା ସଦାପ୍ରଭୁ କହନ୍ତି। "ପୁଣି ଯେଉଁ ଦିନର
ବିଷୟ ମୁଁ କହିଅଛି, ଏହା ସେହି ଦିନ।

9"ସେହି ସମୟରେ ଇଶ୍ରାୟେଲର ନଗରବାସୀ ପ୍ରାନ୍ତରକୁ
ଆସି ଢାଲ, ଫଳକ, ଧନୁ, ତୀର, ଆଶାବାଡି ଓ ବର୍ଚ୍ଛା ଆଦି
ଅସ୍ତ୍ର ଶସ୍ତ୍ର ନେଇ ନିଆଁ ଲଗାଇ ଜାଳିଦେବେ। ସେମାନେ
ସାତବର୍ଷ ପର୍ଯ୍ୟନ୍ତ ସେ ସବୁକୁ ନେଇ ଜାଳେଣି କରିବେ।
10ଆଉ ସେମାନେ ପଦାରୁ କାଠ ଆଣିବେ ନାହିଁ କିମ୍ବା ବନରୁ
କିଛି କାଠ କାଟିବେ ନାହିଁ। କାରଣ ସେମାନେ ସେହି
ଅସ୍ତ୍ରଶସ୍ତ୍ରକୁ ଜାଳେଣି ରୂପେ ବ୍ୟବହାର କରିବେ। ଆଉ
ସେମାନେ ଲୁଣ୍ଠନକାରୀଙ୍କଠାରୁ ଧନ ଲୁଣ୍ଠନ କରିବେ ଓ
ସେମାନଙ୍କର ଅପହରଣକାରୀଙ୍କଠାରୁ ସମ୍ପତ୍ତି ଅପହରଣ କରିବେ।"
ମୋର ପ୍ରଭୁ ସଦାପ୍ରଭୁ ଏହା କହନ୍ତି।

11"ପରମେଶ୍ୱର କହନ୍ତି ମୁଁ ସେହିଦିନ ଗୋଗର ସମାଧି
ସ୍ଥାନ ନିମନ୍ତେ ଇଶ୍ରାୟେଲ ମଧ୍ୟରେ ସମୁଦ୍ରର ପୂର୍ବଦିଗସ୍ଥ
ପଥିକମାନଙ୍କ ଉପତ୍ୟକା ବାଛିବି ଏବଂ ତାହା ପଥିକମାନଙ୍କର
ଗମନ ରୋଧ କରିବ। ସେହି ସ୍ଥାନରେ ଲୋକମାନେ
ଗୋଗକୁ ଓ ତାହାର ସମସ୍ତ ଲୋକଙ୍କୁ କବର ଦେବେ। ଏବଂ
ସେହି ସ୍ଥାନକୁ ସେମାନେ 'ଗୋଗର ସୈନ୍ୟମାନଙ୍କର ଉପତ୍ୟକା'
ବୋଲି ନାମ ଦେବେ। 12ପୁଣି ଦେଶକୁ ଶୁଚି କରିବା
ନିମନ୍ତେ ସେମାନଙ୍କୁ କବର ଦେବାପାଇଁ ଇଶ୍ରାୟେଲୀୟମାନଙ୍କୁ
ସାତମାସ ଲାଗିବ। 13ଦେଶର ସମସ୍ତ ଜନସାଧାରଣ ସେମାନଙ୍କୁ
କବର ଦେବେ। ସଦାପ୍ରଭୁ, ମୋର ପ୍ରଭୁ କହିଲେ, ମୁଁ
ଗୌରବାନ୍ୱିତ ହେବି ଏବଂ ସେହି ଦିନଟି ସେମାନଙ୍କ ପାଇଁ
ସ୍ମରଣୀୟ ହୋଇ ରହିବ।"

14ପରମେଶ୍ୱର କହିଲେ, "ଦେଶକୁ ଶୁଚି କରିବା ପାଇଁ
ମୃତ ସୈନିକମାନଙ୍କୁ କବର ଦେବା ନିମନ୍ତେ ଲୋକମାନଙ୍କୁ
ପୂରା ସମୟ କାର୍ଯ୍ୟରେ ନିଯୁକ୍ତ ଦିଆଯିବ। ସେମାନେ ସାତମାସ
ଧରି ମୃତ ଶବଗୁଡ଼ିକର ଅନୁସନ୍ଧାନରେ ଦେଶ ମଧ୍ୟ ଦେଇ
ଗମନ କରିବେ ଓ କବର ଦେବେ। 15ପୁଣି ସେହି
ଗମନକାରୀମାନେ ଦେଶ ମଧ୍ୟଦେଇ ଗଲାବେଳେ କୌଣସି
ସ୍ଥାନରେ ଅସ୍ଥି ଦେଖିଲେ, ସେଠାରେ ସେମାନେ ଏକ ଚିହ୍ନ
ରଖିବେ। ତା'ପରେ କବର ଦେବା ଲୋକମାନେ ହାମୋନ-ଗୋଗ
ଉପତ୍ୟକାରେ ତାକୁ କବର ଦେବେ। 16ଆଉ ସେହି
'ମୃତମାନଙ୍କର ନଗରର' ନାମ ହାମୋନା* ନାମରେ ପରିଚିତ
ହେବ। ଏହିରୂପେ ସେମାନେ ଦେଶ ଶୁଚି କରିବେ।"

17ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହନ୍ତି, "ହେ
ମନୁଷ୍ୟ ସନ୍ତାନ ତୁମ୍ଭେ ସବୁ ପ୍ରକାର ପକ୍ଷୀଗଣକୁ ଓ ପ୍ରତ୍ୟେକ
ବନ୍ୟପଶୁକୁ କୁହ, 'ତୁମ୍ଭେମାନେ ଏକତ୍ର ହୋଇ ଆସ। ଆଉ
ତୁମ୍ଭେମାନେ ମାଂସ ଖାଇବା ନିମନ୍ତେ ଓ ରକ୍ତ ପିଇବା
ନିମନ୍ତେ ଆମ୍ଭ ଯଜ୍ଞର ଚାରିଆଡ଼େ ରୁଣ୍ଡ ହୁଅ। ମୁଁ ଇଶ୍ରାୟେଲ
ପର୍ବତଗୁଡ଼ିକ ଉପରେ ତୁମ୍ଭମାନଙ୍କ ନିମନ୍ତେ ଏକ ମହାଯଜ୍ଞର
ବନ୍ଦୋବସ୍ତ କରୁଅଛି। 18ତୁମ୍ଭେମାନେ ବୀରମାନଙ୍କ ମାଂସ
ଖାଇବ ଓ ରାଜକୁମାରମାନଙ୍କର ରକ୍ତ ପିଇବ। ସେମାନେ
ସମସ୍ତେ ବାଶନ ଦେଶର ହୃଷ୍ଟପୁଷ୍ଟ ମେଷ, ମେଷବତ୍ସ, ଛାଗ
ଓ ବୃଷଭ ସଦୃଶ ଅଟନ୍ତି। 19ମୁଁ ତୁମ୍ଭମାନଙ୍କ ପାଇଁ ଯେଉଁ
ବଳିର ଆୟୋଜନ କଲି, ତୁମ୍ଭେମାନେ ତୃପ୍ତ ହେବା ପର୍ଯ୍ୟନ୍ତ
ଉତ୍ତମ ମାଂସ ଖାଇବ ଓ ମତ୍ତ ହେବା ପର୍ଯ୍ୟନ୍ତ ରକ୍ତ ପିଇବ।
20ତୁମ୍ଭେମାନେ ଆମ୍ଭ ମେଜରେ ଅଶ୍ୱ, ରଥ, ବୀର ଓ ସବୁ
ଯୋଦ୍ଧାମାନଙ୍କୁ ଖାଇ ତୃପ୍ତ ହେବ।'" ଏହା ମୋର ପ୍ରଭୁ
ସଦାପ୍ରଭୁ କହନ୍ତି।

21"ପରମେଶ୍ୱର କହିଲେ, ଜାତିମାନଙ୍କ ମଧ୍ୟରେ ମୋର
ମହିମା ସ୍ଥାପନ କରିବି। ସେମାନେ ସେହି ଦଣ୍ଡ ଦେଖିବେ
ଯାହା ମୁଁ ମୋର ହସ୍ତ ଉଠାଇ ପ୍ରୟୋଗ କରିଅଛି। 22ସେହି
ଦିନଠାରୁ ଇଶ୍ରାୟେଲ ବଂଶ ଜାଣିବେ ଯେ, ଆମ୍ଭେ ସଦାପ୍ରଭୁ,
ସେମାନଙ୍କର ପରମେଶ୍ୱର ଅଟୁ। 23ଆଉ ଗୋଷ୍ଠୀଗଣ ଜାଣିବେ
ଯେ, ଇଶ୍ରାୟେଲ ବଂଶ ନିଜ ପାପପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ବନ୍ଦୀ
ହୋଇ ଅନ୍ୟ ଦେଶକୁ ଯାଇଥିଲେ। କାରଣ ସେମାନେ ମୋ
ପ୍ରତି ଅବିଶ୍ୱସ୍ତ ଥିଲେ ଏବଂ ମୁଁ ସେମାନଙ୍କଠାରୁ ମୋର ମୁହଁ
ବୁଲେଇ ନେଲି ଓ ସେମାନଙ୍କୁ ସେମାନଙ୍କର ଶତ୍ରୁମାନଙ୍କୁ
ହସ୍ତାନ୍ତର କଲି ଏବଂ ସେମାନେ ଶତ୍ରୁଗଣର ଖଡ୍ଗରେ ପତିତ
ହେଲେ। 24ସେମାନଙ୍କର ପାପ ଓ ଅପରାଧ ଅନୁସାରେ ମୁଁ
ସେମାନଙ୍କୁ ବ୍ୟବହାର କଲି। ମୁଁ ସେମାନଙ୍କଠାରୁ ମୋର ମୁହଁ
ଲୁଚାଇଲି।"

25ତେଣୁ ସଦାପ୍ରଭୁ, ମୋର ପ୍ରଭୁ ଏହି କଥା କହନ୍ତି,

---

**ହାମୋନା** ହିବ୍ରୁ ଶବ୍ଦର ଅର୍ଥ ଲୋକଗହଳ।

"ଏବେ ମୁଁ ଯାକୁବକୁ ବନ୍ଦୀତ୍ୱରୁ ମୁକ୍ତ କରି ଆଣିବି ଓ
ସମୁଦାୟ ଇଶ୍ରାୟେଲ ବଂଶ ପ୍ରତି ଦୟା କରିବି। ଏବଂ ମୁଁ
ପବିତ୍ର ନାମ ସକାଶେ ଈର୍ଷାପରାୟଣ ହେବି। 26ସେମାନେ
ସର୍ବଦା ମୋ ବିରୁଦ୍ଧରେ ଯାଇଥିଲେ ବୋଲି ତାହା ଭୁଲିଯିବେ।
ଆଉ ସେମାନେ ନିରାପଦରେ ଆପଣା ଦେଶରେ ବାସ
କରିବେ ଓ କେହି ସେମାନଙ୍କୁ ଭୟଭୀତ କରାଇବେ ନାହିଁ।
27ମୁଁ ସେମାନଙ୍କୁ ଯେଉଁଦିନ ନାନା ଜାତି ମଧ୍ୟରୁ ପୁନର୍ବାର
ଆଣିବି ଏବଂ ସେମାନଙ୍କୁ ଶତ୍ରୁଗଣ ଦେଶରୁ ସଂଗ୍ରହ କରିବି,
ଅନେକ ଦେଶମାନଙ୍କ ଦୃଷ୍ଟିରେ ମୁଁ ମୋର ପବିତ୍ରତା ସେମାନଙ୍କ
ମଧ୍ୟରେ ଦେଖାଇବି। 28ପୁଣି ମୁଁ ଯେ ସଦାପ୍ରଭୁ ସେମାନଙ୍କର
ପରମେଶ୍ୱର ଅଟେ ତାହା ସେମାନେ ଜାଣିବେ। ମୁଁ ନାନା
ଜାତିମାନଙ୍କ ମଧ୍ୟରେ ସେମାନଙ୍କୁ ନିର୍ବାସିତ କରାଇଲି ଓ
ପୁନର୍ବାର ସେମାନଙ୍କ ନିଜ ଦେଶରେ ସେମାନଙ୍କୁ ସଂଗ୍ରହ
କରିଅଛି। ମୁଁ ସେମାନଙ୍କର କାହାକୁ ଆଉ ସେଠାରେ ରଖିବି
ନାହିଁ। 29ଏବଂ ମୁଁ ଇଶ୍ରାୟେଲ ପରିବାର ଉପରେ ନିଜର
ଆତ୍ମା ଢାଳି ଅଛି। ତାହାପରେ ମୁଁ ଆପଣା ମୁଖ ସେମାନଙ୍କଠାରୁ
ଲୁଚାଇବି ନାହିଁ।" ସଦାପ୍ରଭୁ ମୋର ପ୍ରଭୁ ଏହିକଥା କହନ୍ତି।

## ସଦାପ୍ରଭୁଙ୍କ ନୂତନ ମନ୍ଦିର

40 ଆମ୍ଭର ନିର୍ବାସନର ପଞ୍ଚିଶ ବର୍ଷର, ଆରମ୍ଭରେ
ମାସର ଦଶମ ଦିନରେ ସଦାପ୍ରଭୁଙ୍କ ଶକ୍ତି ମୋ
ଉପରେ ଅଧିଷ୍ଠିତ ହେଲା। ଏହା ବାବିଲ ଯିରୁଶାଲମ ଅକ୍ତିଆର
କରିବାର ଚତୁର୍ଦ୍ଦଶବର୍ଷ ପରେ ସେହିଦିନ ସଦାପ୍ରଭୁ ମୋତେ
ସେଠାକୁ ଦର୍ଶନରେ ଆଣିଲେ।

2ଦର୍ଶନ ଯୋଗେ ପରମେଶ୍ୱର ମୋତେ ଇଶ୍ରାୟେଲ
ଦେଶକୁ ଆଣି ଅତି ଉଚ୍ଚ ଏକ ପର୍ବତରେ ବସାଇଲେ। ସେହି
ପର୍ବତ ଉପରେ ମୋର ସମ୍ମୁଖରେ ଗୋଟିଏ ନଗର ତୁଲ୍ୟ
ଆକୃତି ଥିଲା। 3ସେ ମୋତେ ସେ ସ୍ଥାନକୁ ନେଇଗଲେ।
ସେଠାରେ ଏକ ପୁରୁଷ ଥିଲେ। ତାଙ୍କର ଆଭା ପିତ୍ତଳର ଆଭା
ତୁଲ୍ୟ ଥିଲା। ତାଙ୍କ ହସ୍ତରେ କନାର ଏକ ମାପ ଫିତା ଓ
ପରିମାପକ ଏକ ଦଣ୍ଡ ଥିଲା। ଆଉ ସେ ଦ୍ୱାର ନିକଟରେ
ଛିଡ଼ା ହୋଇଥିଲେ। 4ସେ ଲୋକଟି ମୋତେ କହିଲେ, "ହେ
ମନୁଷ୍ୟ ପୁତ୍ର, ତୁମ୍ଭେ ତୁମ୍ଭର ଆଖୀ ଓ କାନ ଖୋଲା ରଖିଛ
ଓ ଧ୍ୟାନ ଦେଇଛ, ଯାହା ମୁଁ ତୁମ୍ଭକୁ ଦେଖାଇବା ପାଇଁ
ଯାଉଛି, ଏଥିପାଇଁ ତୁମ୍ଭକୁ ଏଠାକୁ ଅଣାଗଲା। ତୁମ୍ଭେ
ଯାହାସବୁ ଦେଖିବ ସେଗୁଡ଼ିକ ଇଶ୍ରାୟେଲର ଲୋକମାନଙ୍କୁ
ଜଣାଅ।"

5ମୁଁ ଦେଖିଲି ମନ୍ଦିରର ବାହାରେ ଚତୁର୍ଦ୍ଦିଗରେ ଏକ
ପ୍ରାଚୀର ଥିଲା। ଆଉ ସେ ପୁରୁଷଙ୍କ ହସ୍ତରେ ଏକ ପରିମାପକ
ଦଣ୍ଡ ଥିଲା। ତାହା ଛଅହାତ ଦୀର୍ଘ, ପ୍ରତ୍ୟେକ ହାତ ଏକହାତ
ଚାରି ଅଙ୍ଗୁଳି ପରିମିତ। ତହିଁରେ ସେ ଗୃହର ସ୍ଥୂଳତା ଏକ
ଦଣ୍ଡ ଓ ଉଚ୍ଚତା ଏକ ଦଣ୍ଡ ମାପିଲେ।

6ତା'ପରେ ସେ ପୂର୍ବଦ୍ୱାର ନିକଟକୁ ଆସି ତହିଁର ପାବାଛ
ନେଇ ଉପରକୁ ଉଠିଲେ। ତା'ପରେ ସେ ଫାଟକର ଏରୁଣ୍ଡି
ବନ୍ଧ ମାପିଲେ, ଏହାର ଓସାର ଏକ ଦଣ୍ଡ ଥିଲା। 7ପ୍ରହରୀମାନଙ୍କର
କୋଠରୀଗୁଡ଼ିକ ଏକଦଣ୍ଡ ଦୀର୍ଘ ଓ ଏକ ଦଣ୍ଡ ପ୍ରସ୍ଥ ଥିଲା।
ଆଉ ପ୍ରତ୍ୟେକ କୋଠରୀର କାନ୍ଥଗୁଡ଼ିକ ମଧ୍ୟରେ ପାଞ୍ଚ ପାଞ୍ଚ
ହାତ ଛଡ଼ା ହୋଇ ଥିଲା ଓ ଗୃହାଭିମୁଖ ଦ୍ୱାରର ବାରଣ୍ଡା
ନିକଟସ୍ଥ ଦ୍ୱାରର ସମ୍ମୁଖ ସ୍ଥାନ ଏକ ଦଣ୍ଡ ଥିଲା। 8ତା'ପରେ
ସେ ଗୃହାଭିମୁଖ ଦ୍ୱାରର ବାରଣ୍ଡା ମଧ୍ୟ ମାପିଲେ। 9ଦ୍ୱାରର
ବାରଣ୍ଡା ଆଠ ହାତ ଥିଲା ଓ ତହିଁର ଉପସ୍ତମ୍ଭ ସକଳ
ଦୁଇହାତ ଥିଲା। ଆଉ ଦ୍ୱାରର ବାରଣ୍ଡା ମନ୍ଦିର ଆଡ଼େ ଥିଲା।
10ଆଉ ପୂର୍ବାଭିମୁଖ ଦ୍ୱାରର ଏପାଖରେ ତିନି ଓ ସେପାଖରେ
ତିନି କୋଠରୀ ଥିଲା। ସେ ତିନି ତିନି କୋଠରୀର ମାପ
ସମାନ ଥିଲା ଓ ପ୍ରତିପାଖ ସ୍ତମ୍ଭଗୁଡ଼ିକ ସମାନ ମାପର ଥିଲା।
11ପୁଣି ସେ ଦ୍ୱାରର ପ୍ରବେଶ ପଥ ମାପିଲେ। ତାହାର
ଦୀର୍ଘତା ତେର ହାତ ଓ ପ୍ରସ୍ଥ ଦଶ ହାତ ଥିଲା। 12ପ୍ରତି
କୋଠରୀର ସମ୍ମୁଖରେ ଏ ପାଖରେ ଏକ ହାତ ଓସାର ଓ
ସେ ପାଖରେ ଏକ ହାତ ଲମ୍ବ ଛୋଟ କାନ୍ଥ ଥିଲା। ଆଉ
ପ୍ରତ୍ୟେକ କୋଠରୀ ଛଅହାତ ବର୍ଗ ପରିମିତ ଥିଲା।

13ତା'ପରେ ଏକ କାନ୍ଥଠାରୁ ଅନ୍ୟ କାନ୍ଥ ପର୍ଯ୍ୟନ୍ତ ପଚିଶ
ହାତ ମାପିଲେ। ଏହାର ଦ୍ୱାର ସମ୍ମୁଖରେ ଦ୍ୱାର ଥିଲା।
14ସେହି ମନୁଷ୍ୟଟି ଉପସ୍ତମ୍ଭର ଦୁଇ କାନ୍ଥ ସମେତ ଗୃହର
କାନ୍ଥକୁ ସାମ୍ନା ସାମ୍ନି ମାପିଲେ। ଏହା ସର୍ବମୋଟ ଷାଠିଏ ହାତ
ଥିଲା। 15ପୁଣି ପ୍ରବେଶାର୍ଥକ ଦ୍ୱାରର ଅଗ୍ରଭାଗରୁ ଅନ୍ତରସ୍ଥ
ବାରଣ୍ଡାର ଅଗ୍ରଭାଗ ପର୍ଯ୍ୟନ୍ତ ପଚାଶ ହାତ ଥିଲା। 16ପ୍ରତି
ଦ୍ୱାର କୋଠରୀର ଓ ଉପସ୍ତମ୍ଭ ଗୁଡ଼ିକର ଭିତରେ ଗୃହଆଡ଼େ
ଜଳାକବାଟି ଥିଲା। ଆଉ ମଣ୍ଡପଗୁଡ଼ିକରେ ମଧ୍ୟ ସେହିପରି
ଥିଲା। ଆଉ ଜଳାକବାଟି ସବୁ ଭିତର ଆଡକୁ ମୁହଁ ଥିଲା
ଫାଟକ ଦ୍ୱାରର ପ୍ରତ୍ୟେକ ପାର୍ଶ୍ୱର କାନ୍ଥରେ ଖର୍ଜ୍ଜୁର ବୃକ୍ଷର
ଆକୃତି ଖୋଦିତ ହୋଇଥିଲା।

## ବାହାର ପାଖ ଅଗଣା

17ତା'ପରେ ସେ ମୋତେ ବାହାର ଅଗଣାକୁ ଆଣିଲେ।
ମୁଁ ଦେଖିଲି ପ୍ରାଙ୍ଗଣର ଚତୁର୍ଦ୍ଦିଗରେ କେତେକ କୋଠରୀ ଓ
ନିର୍ମିତ ଚଟାଣ ଥିଲା। ସେହି ଚଟାଣ ଉପରେ ତିରିଶଟି
କୋଠାରୀ ଥିଲା। 18ସେହି ଚଟାଣ ଦ୍ୱାରର ଦୀର୍ଘତାନୁସାରେ
ପ୍ରଶସ୍ତ ଥିଲା, ଆଉ ସେହି ଚଟାଣ ଦ୍ୱାରସବୁର ପାର୍ଶ୍ୱରେ ଥିଲା
ଓ ଏହା ନିମ୍ନତର ଚଟାଣ। 19ତେବେ ସେ ନିମ୍ନତର
ଫାଟକର ଭିତର ଭାଗଠାରୁ ଭିତର ପ୍ରାଙ୍ଗଣର ଅଗ୍ରଭାଗ
ପର୍ଯ୍ୟନ୍ତ ବାହାର ପ୍ରସ୍ଥ ମାପିଲେ ଓ ତାହା ପୂର୍ବ ଓ ଉତ୍ତର
ଦିଗରେ 100 ହାତ ଥିଲା।

20ତେବେ ସେ ବାହାର ପ୍ରାଙ୍ଗଣର ଉତ୍ତର ଦ୍ୱାରର
ଦୈର୍ଘ୍ୟ ପ୍ରସ୍ଥ ମାପିଲେ। 21ଏହି ଫାଟକଟି ପ୍ରତ୍ୟେକ ପାର୍ଶ୍ୱରେ
ତିନୋଟି କୋଠରୀ ସହିତ ଏହାର ପ୍ରାଙ୍ଗଣର ମାପ ପ୍ରଥମ
ଚଟାଣ ସହିତ ସମାନ ଥିଲା। ତାହାର ଦୈର୍ଘ୍ୟ ପଚାଶ ହାତ
ଓ ପ୍ରସ୍ଥ ପଚିଶ ହାତ ଥିଲା। 22ଏବଂ ତାହାର ଜଳାକବାଟି,
ମଣ୍ଡପ ଓ ଖୋଦିତ ଖର୍ଜ୍ଜୁର ବୃକ୍ଷର ମାପ ପୂର୍ବାଭିମୁଖ ଦ୍ୱାରର
ମାପ ଅନୁସାରେ ଥିଲା। ସାତୋଟି ପାହାଚ ଫାଟକ ଆଡକୁ
ଯାଇଥିଲା ଏବଂ ଏହାର ପ୍ରାଙ୍ଗଣ ଶେଷ ଫାଟକର ଭିତର
ପାଖରେ ଥିଲା। 23ଉତ୍ତର ଫାଟକ ପାଖରୁ ଭିତର ପ୍ରାଙ୍ଗଣ
ଆଡକୁ ଆଉ ଗୋଟିଏ ଫାଟକ ଥିଲା, ଠିକ୍ ପୂର୍ବରେ ଥିବା
ଫାଟକ ପରି। ଗୋଟିଏ ଦ୍ୱାରରୁ ଅନ୍ୟ ଗୋଟିଏ ଦ୍ୱାର ପର୍ଯ୍ୟନ୍ତ
100 ହାତ ଥିଲା।

24ତା'ପରେ ସେ ମୋତେ ଦକ୍ଷିଣ ପାର୍ଶ୍ୱକୁ କଢ଼ାଇ
ନେଲେ। ଏବଂ ସେଠାରେ ପୂର୍ବକୁ ମୁହଁ କରିଥିବା ଫାଟକ
ଥିଲା। ସେ ଏହାର ପାର୍ଶ୍ୱକାନ୍ଥ ଓ ପ୍ରାଙ୍ଗଣକୁ ମାପିଲେ।
ସେମାନେ ଅନ୍ୟ ଫାଟକ ପରି ଏହାକୁ ମାପିଲେ। 25ପୁଣି
ସେ ଦ୍ୱାରରେ ଓ ତାହାର ମଣ୍ଡପ ସକଳର ଚାରିଆଡ଼େ
ପୂର୍ବୋକ୍ତ ଫାଟକ ପରି ଜଳାକବାଟି ଥିଲା। ଏହାର ଦୈର୍ଘ୍ୟ
ପଚାଶ ହାତ ଓ ପ୍ରସ୍ଥ ପଚିଶ ହାତ ଥିଲା। 26ତାହା ଉପରକୁ
ଯିବା ପାଇଁ ସାତଟି ପାବଚ୍ଛ ଥିଲା। ଏହାର ମଣ୍ଡପ ଶେଷ
ଫାଟକର ଭିତର ଭାଗରେ ଥିଲା। ଫାଟକର ଉଭୟ ପାର୍ଶ୍ୱର
କାନ୍ଥରେ ଖର୍ଜ୍ଜୁର ବୃକ୍ଷର ଛବି ଖୋଦିତ ଥିଲା। 27ଆଉ
ଦକ୍ଷିଣ ପାଖରେ ଭିତର ପ୍ରାଙ୍ଗଣକୁ ଏକ ଦ୍ୱାର ଥିଲା। ତହୁଁ
ସେ ଦକ୍ଷିଣ ପାର୍ଶ୍ୱର ଏକ ଦ୍ୱାରଠାରୁ ଅନ୍ୟ ଦ୍ୱାର ପର୍ଯ୍ୟନ୍ତ
100 ହାତ ମାପିଲେ।

### ଭିତର ପ୍ରାଙ୍ଗଣ

28ତା'ପରେ ସେ ମୋତେ ଦକ୍ଷିଣ ଦ୍ୱାର ନେଇ ଭିତର
ପ୍ରାଙ୍ଗଣକୁ ଆଣିଲେ। ସେ ପୂର୍ବୋକ୍ତ ପରିମାଣାନୁସାରେ ଦକ୍ଷିଣଦ୍ୱାର
ମାପିଲେ। 29କୋଠରୀ, ଉପସ୍ତମ୍ଭ ଓ ମଣ୍ଡପଗୁଡ଼ିକୁ ମଧ୍ୟ
ସମାନ ମାପ ବିଶିଷ୍ଟ ଥିଲା। ଆଉ ମଣ୍ଡପ ଓ ତାହାର
ପ୍ରାଙ୍ଗଣର ଚାରିଆଡ଼େ ଜଳାକବାଟି ଥିଲା। ଆଉ ତାହା ପଚାଶ
ହାତ ଦୈର୍ଘ୍ୟ ଓ ପଚିଶ ହାତ ପ୍ରସ୍ଥ ଥିଲା। 30ଏବଂ ତାହାର
ମଣ୍ଡପ ପଚିଶ ହାତ ଦୈର୍ଘ୍ୟ ଓ ପାଞ୍ଚ ହାତ ପ୍ରସ୍ଥ ଥିଲା।
31ତା'ପରେ ତାହାର ମଣ୍ଡପଗୁଡ଼ିକ ବାହାର ପ୍ରାଙ୍ଗଣର ଅଭିମୁଖରେ
ଥିଲା। ତାହାର ଉପସ୍ତମ୍ଭଗୁଡ଼ିକର ଉପର ଖର୍ଜ୍ଜୁର ବୃକ୍ଷର ଆକୃତି
ଥିଲା। ତାହା ଉପରକୁ ଯିବାପାଇଁ ଆଠଟି ପାବଚ୍ଛ ଥିଲା।

32ଅନନ୍ତର ସେ ମୋତେ ପୂର୍ବ ଦିଗର ଭିତର ପ୍ରାଙ୍ଗଣ
ମଧ୍ୟକୁ ନେଇଗଲେ, ଏବଂ ସେ ଫାଟକଟିକୁ ମାପିଲେ ଓ
ଏହା ଅନ୍ୟଟି ସହିତ ସମାନ ଥିଲା। 33ତା'ର କୋଠରୀଗୁଡିକ,
କାନ୍ଥଗୁଡିକ ଏବଂ ସ୍ତମ୍ଭଗୁଡିକର ମଧ୍ୟ ସେହି ପରିମାଣ ଅନୁସାରେ
ମାପିଲେ। ତହିଁର ଫାଟକ ଓ ପ୍ରାଙ୍ଗଣର ଚାରିଆଡେ ଜଳାକବାଟି
ଥିଲା। ତାହା ପଚାଶ ହାତ ଲମ୍ବ ଓ ପଚିଶ ହାତ ପ୍ରସ୍ଥ ଥିଲା।
34ତାହାର ପ୍ରାଙ୍ଗଣଗୁଡ଼ିକ ବାହାର ପ୍ରାଙ୍ଗଣ ଅଭିମୁଖରେ ଥିଲା।
ତାହାର ଉପସ୍ତମ୍ଭଗୁଡ଼ିକର ଉଭୟ ପାର୍ଶ୍ୱରେ ଖର୍ଜ୍ଜୁର ବୃକ୍ଷର
ଆକୃତି ଥିଲା। ତାହା ଉପରକୁ ଯିବା ପାଇଁ ଆଠଟି ପାବଚ୍ଛ
ଥିଲା।

35ତା'ପରେ ସେ ମୋତେ ଉତ୍ତର ଦ୍ୱାରକୁ ଆଣିଲେ ଓ
ତାହାକୁ ମାପିଲେ। ତା'ର ମାପସବୁ ଅନ୍ୟାନ୍ୟ ଫାଟକର ମାପ
ସହିତ ସମାନ ଥିଲା। 36ତହିଁର କୋଠରୀ, ଉପସ୍ତମ୍ଭ ଓ
ମଣ୍ଡପଗୁଡ଼ିକୁ ସମାନ ମାପ ବିଶିଷ୍ଟ ଥିଲା। ଆଉ ତାହାର
ଚାରିଆଡ଼େ ଜଳାକବାଟି ଥିଲା। ଫାଟକର ଦୈର୍ଘ୍ୟ ପଚାଶ ହାତ
ଓ ପ୍ରସ୍ଥ ପଚିଶ ହାତ ଥିଲା। 37ଏହାର ତୋରଣ ଫାଟକଟି
ବାହାର ପ୍ରାଙ୍ଗଣ ଆଡେ ମୁହଁ କରିଥିଲା। ସେହି ଉଚ୍ଚସ୍ତମ୍ଭ
ସବୁର ଉପରେ ଉଭୟ ପାଖରେ ଖର୍ଜ୍ଜୁର ଆକୃତି ଥିଲା। ପୁଣି
ତାହା ଉପରକୁ ଯିବା ପାଇଁ ଆଠଟି ପାବଚ୍ଛ ଥିଲା।

### କୋଠରୀଗୁଡ଼ିକ ହୋମବଳି ପାଇଁ ନିର୍ମିତ

38ପ୍ରତ୍ୟେକ ଫାଟକର ତୋରଣ ନିକଟରେ ଏକ ଦ୍ୱାର
ବିଶିଷ୍ଟ ଏକ କୋଠରୀ ଥିଲା। ସେଠାରେ ଯାଜକମାନେ
ହୋମବଳି ଧୌତ କଲେ। 39ଆଉ ତୋରଣ ଦ୍ୱାରର ଉଭୟ
ପାର୍ଶ୍ୱରେ ଦୁଇଟି ଲେଖାଏଁ ମେଜ ଥିଲା। ଏହିଠାରେ ହୋମବଳି,
ପାପାର୍ଥକ ବଳି ଓ ଦୋଷାର୍ଥକ ବଳି ନିମନ୍ତେ ପଶୁଗୁଡ଼ିକୁ
ଉତ୍ସର୍ଗ କରାଯାଏ। 40ତୋରଣର ବାହାର ଦ୍ୱାରର ପ୍ରତ୍ୟେକ
ପାର୍ଶ୍ୱରେ ଦୁଇଟି ଲେଖାଏଁ ମେଜ ଥିଲା। 41କାନ୍ଥର ଭିତର
ପାଖରେ ଚାରୋଟି ମେଜ ଓ ବାହାର ପାଖର କାନ୍ଥର
ଚାରୋଟି ମେଜ, ଏହିପରି ଆଠ ମେଜ ଥିଲା। ଏହି ଆଠଟି
ମେଜକୁ ଯାଜକମାନେ ବଳିଦାନ ଉତ୍ସର୍ଗ କଲାବେଳେ ବ୍ୟବହାର
କରୁଥିଲେ। 42ଆଉ ହୋମବଳି ପାଇଁ କଟା ପ୍ରସ୍ତରର ଚାରି
ମେଜ ଥିଲା। ତାହା ଦୈର୍ଘ୍ୟ ଦେଢ଼ହାତ, ପ୍ରସ୍ଥ ଦେଢ଼ହାତ ଓ
ଉଚ୍ଚତା ଏକହାତ ଥିଲା। ତାହା ଉପରେ ହୋମବଳି ଓ
ପ୍ରାୟଶ୍ଚିତ୍ତାର୍ଥକ ବଳି ବଧ କରିବାର ଅସ୍ତ୍ର ରଖା ଯାଇଥିଲା।
43ଏବଂ ତିନି ଇଞ୍ଚ୍ ଦୀର୍ଘ ଆଙ୍କୁଡ଼ିମାନ ଭିତର କାନ୍ଥର
ଚାରିଆଡ଼େ ଲଗା ଯାଇଥିଲା ଏବଂ ମେଜମାନଙ୍କ ଉପରେ
ଉପହାରାର୍ଥକ ମାଂସ ରଖା ଯାଇଥିଲା।

### ଯାଜକମାନଙ୍କ ଆବାସ

44ଭିତର ପ୍ରାଙ୍ଗଣରେ ଦୁଇଟି କୋଠରୀ ଥିଲା। ଉତ୍ତର
ଦ୍ୱାର ନିକଟରେ ଥିବା କୋଠରୀଟି ଦକ୍ଷିଣାଭିମୁଖୀ ଓ ଦକ୍ଷିଣଦ୍ୱାର
ନିକଟରେ ଥିବା କୋଠରୀଟି ଉତ୍ତରାଭିମୁଖୀ ଥିଲା। 45ପୁଣି
ସେ ମୋତେ କହିଲେ, "ଏହି ଦକ୍ଷିଣାଭିମୁଖୀ କୋଠରୀଟି
ସଦାପ୍ରଭୁଙ୍କ ମନ୍ଦିରର ରକ୍ଷାକାରୀ ଯାଜକମାନଙ୍କ ପାଇଁ ଅଛି।
46ଆଉ ଯେଉଁ କୋଠରୀର ମୁଖ ଉତ୍ତର ଆଡ଼େ ଅଛି ତାହା
ଯାଜକମାନଙ୍କ ପାଇଁ ଅଛି, ଯେଉଁମାନେ ଯଜ୍ଞବେଦୀର ଦାୟିତ୍ୱରେ
ଥାଆନ୍ତି। ଏମାନେ ସାଦୋକର ସନ୍ତାନ, ଲେବୀର ବଂଶଧର
ମଧ୍ୟରୁ ଏମାନେ ସଦାପ୍ରଭୁଙ୍କର ପରିଚର୍ଯ୍ୟା କରିବା ପାଇଁ ତାଙ୍କ
ନିକଟକୁ ଆସନ୍ତି।"

47ଏହାପରେ ସେ ଭିତର ପ୍ରାଙ୍ଗଣ ମାପିଲେ। ତାହା ଏକ
ବର୍ଗାକାର ଓ ତାହାର ଦୈର୍ଘ୍ୟ 100 ହାତ ଓ ପ୍ରସ୍ଥ 100
ହାତ ଥିଲା। ଯଜ୍ଞବେଦୀଟି ମନ୍ଦିର ସମ୍ମୁଖରେ ଥିଲା।

### ସଦାପ୍ରଭୁଙ୍କ ମନ୍ଦିରର ବାରଣ୍ଡା

48ତେବେ ସେ ମୋତେ ମନ୍ଦିରର ବାରଣ୍ଡାକୁ ଆଣି
ବାରଣ୍ଡାରେ ଥିବା ପ୍ରତ୍ୟେକ ଉପସ୍ତମ୍ଭ ମାପିଲେ। ତାହାର
ପ୍ରତ୍ୟେକ ପାଖ କାନ୍ଥର ଦୈର୍ଘ୍ୟ ପାଞ୍ଚହାତ ଥିଲା ଓ ପ୍ରସ୍ଥ
ତିନିହାତ ଥିଲା ଓ ସେମାନଙ୍କ ମଧ୍ୟରେ ପନ୍ଦର ହାତ ଜାଗା
ଥିଲା। 49ତୋରଣଟିର ଦୈର୍ଘ୍ୟ କୋଡ଼ିଏ ହାତ ଓ ପ୍ରସ୍ଥ ବାର
ହାତ ଥିଲା। ଦଶଟି ପାହାଚ ତୋରଣକୁ ଯାଇଥିଲା। ଉଭୟପାର୍ଶ୍ୱର
ପ୍ରତ୍ୟେକ କାନ୍ଥ ପାଇଁ ଦୁଇଟି ଲେଖାଁଏ ସ୍ତମ୍ଭ ଥିଲା। ଗୋଟିଏ
କାନ୍ଥରେ ଗୋଟିଏ ସ୍ତମ୍ଭ ଥିଲା।

### ସଦାପ୍ରଭୁଙ୍କ ମନ୍ଦିରର ପବିତ୍ର ସ୍ଥାନ

41 ତାପରେ ସେ ମୋତେ ସଦାପ୍ରଭୁଙ୍କର ପବିତ୍ର
ସ୍ଥାନକୁ କଢ଼ାଇ ନେଲେ। ସେ ତାହାର ପାର୍ଶ୍ୱ
କାନ୍ଥକୁ ମାପିଲେ। ଏହାର ଉଭୟ ପାର୍ଶ୍ୱରେ ପ୍ରସ୍ଥ ଛଅ ହାତ
ଲେଖାଏଁ ଥିଲା। ଆଉ ତମ୍ବୁର ପ୍ରସ୍ଥ ହିଁ ଏତିକି। 2ପ୍ରବେଶ

ସ୍ଥାନ ପ୍ରସ୍ଥ ଦଶ ହାତ ଓ ସେହି ପ୍ରବେଶ ସ୍ଥାନର ପାର୍ଶ୍ୱ
ଏପାଖେ ପାଞ୍ଚହାତ ଓ ସେ ପାଖେ ପାଞ୍ଚ ହାତ ଥିଲା। ଏବଂ
ସେ ତାହାର ଦୈର୍ଘ୍ୟ ଚାଳିଶ ହାତ ଓ ପ୍ରସ୍ଥ କୋଡ଼ିଏ ହାତ
ମାପିଲେ।

### ସଦାପ୍ରଭୁଙ୍କ ମନ୍ଦିରର ମହାପବିତ୍ର ସ୍ଥାନ

3ତା'ପରେ ସେ ଶେଷ କୋଠରୀରେ ପ୍ରବେଶ କଲେ।
ସେ ଉଭୟ ପାର୍ଶ୍ୱର କବାଟ ପାଖର କାନ୍ଥଗୁଡ଼ିକୁ ମାପିଲେ।
ପ୍ରତ୍ୟେକ ପାଖ ଦୁଇ ଇଞ୍ଚି ମୋଟା ଏବଂ ସାତ ହାତ ପ୍ରସ୍ଥ
ଥିଲା। 4ତା'ପରେ ସେ ତା'ର ଦୈର୍ଘ୍ୟ ମାପିଲେ। ଏହାର
ଦୈର୍ଘ୍ୟ କୋଡ଼ିଏ ହାତ ଓ ପ୍ରସ୍ଥ କୋଡ଼ିଏ ହାତ ଥିଲା। ଆଉ
ସେ ଲୋକଟି ମୋତେ କହିଲା, "ଏହା ମହାପବିତ୍ର ସ୍ଥାନ
ଅଟେ।"

### ଆବାସମନ୍ଦିରର ଅନ୍ୟସବୁ କୋଠରୀ

5ତା'ପରେ ସେ ମନ୍ଦିରର କାନ୍ଥ ମାପିଲେ। ଏହା ଛଅ
ହାତ ଓସାର ଥିଲା ଓ ମନ୍ଦିରର ଚତୁର୍ଦ୍ଦିଗସ୍ଥିତ କୋଠରୀଗୁଡ଼ିକ
ଥିଲା ଏବଂ ସେଗୁଡ଼ିକର ପ୍ରସ୍ଥ ଚାରି ହାତ ଲେଖାଏଁ ଥିଲା।
6ପାର୍ଶ୍ୱସ୍ଥ କୋଠରୀଗୁଡ଼ିକ ତିନି ମହଲା ପୃଥକ୍ ଭାବରେ ଥିଲା
ଓ ଗୋଟିଏ ଉପରେ ଆଉ ଗୋଟିଏ ମହଲା ଥିଲା। ପ୍ରତ୍ୟେକ
ମହଲାରେ ତିରିଶିଟି କୋଠରୀ ଥିଲା। କାନ୍ଥଟି ଥାକ ହୋଇ
ନିର୍ମିତ ହୋଇଥିଲା। ପାର୍ଶ୍ୱ କୋଠରୀଗୁଡ଼ିକ ଥାକରେ ନିର୍ମିତ
ହୋଇଥିଲା। କୋଠରୀଗୁଡ଼ିକର ଭାର ମନ୍ଦିର କାନ୍ଥରେ ରହିବା
ପରିବର୍ତ୍ତେ ତାହା ସେଗୁଡ଼ିକ ଉପରେ ନ୍ୟସ୍ତ ଥିଲା। 7ପୁଣି
ପାର୍ଶ୍ୱସ୍ଥ କୋଠରୀ ସବୁ ଉଚ୍ଚତାରେ ମନ୍ଦିରକୁ ବେଷ୍ଟନ କରି
ଅଧିକ ପ୍ରଶସ୍ତ ହେଲା। କାରଣ ମନ୍ଦିରର ବେଷ୍ଟନ ଚତୁର୍ଦ୍ଦିଗରେ
କ୍ରମଶଃ ଅଧିକ ଉଚ୍ଚ ହେଲା। ଏଥିପାଇଁ ଉଚ୍ଚତାର ଅନୁକ୍ରମେ
ମନ୍ଦିର ଆହୁରି ଆହୁରି ପ୍ରଶସ୍ତ ହେଲା। ଆଉ ନିମ୍ନତମ
କୋଠରୀରୁ ଉଚ୍ଚତମ କୋଠରୀକୁ ଯିବାର ପଥ ମଧ୍ୟମ
କୋଠରୀ ଦେଇ ଗଲା।
8ମୁଁ ଦେଖିଲି ଯେ ମନ୍ଦିରର ଚତୁର୍ଦ୍ଦିଗରେ ଉଚ୍ଚୀକୃତ
ମେଝିଆ ଥିଲା। ପାର୍ଶ୍ୱସ୍ଥ କୋଠରୀଗୁଡ଼ିକର ମୂଳଭିତ୍ତି ଛଅହାତ
ପରିମିତ ସମ୍ପୂର୍ଣ୍ଣ ଏକ ନଳ ଥିଲା। 9ପାର୍ଶ୍ୱ କୋଠରୀଗୁଡ଼ିକର
ବାହାର କାନ୍ଥ ପାଞ୍ଚହାତ ପ୍ରସ୍ଥ ଥିଲା। ମନ୍ଦିରର ପାର୍ଶ୍ୱସ୍ଥ
କୋଠରୀ ମଧ୍ୟରେ ଏକ ଖୋଲା ସ୍ଥାନ ଅବଶିଷ୍ଟ ଥିଲା।
10ଆଉ ଯାଜକମାନଙ୍କର କୋଠରୀଗୁଡ଼ିକ କୋଡ଼ିଏ ହାତ ପ୍ରସ୍ଥ
ଥିଲା ଏବଂ ମନ୍ଦିର ଚାରିପଟେ ଥିଲା। 11ପାର୍ଶ୍ୱସ୍ଥ କୋଠରୀଗୁଡ଼ିକର
ଦ୍ୱାର ସେହି ଅବଶିଷ୍ଟ ଖୋଲାସ୍ଥାନ ଆଡ଼େ ଥିଲା। ଗୋଟିଏ
ଦ୍ୱାର ଉତ୍ତର ଆଡ଼େ ଓ ଅନ୍ୟ ଗୋଟିଏ ଦ୍ୱାର ଦକ୍ଷିଣ ଆଡ଼େ
ଥିଲା। ଆଉ ସେହି ଅବଶିଷ୍ଟ ସ୍ଥାନର ପ୍ରସ୍ଥ ଚତୁର୍ଦ୍ଦିଗରେ ପାଞ୍ଚ
ହାତ ଥିଲା।
12ପଶ୍ଚିମ ପାଖର ଅଗଣାରେ ମନ୍ଦିର ଆଡ଼କୁ ମୁଖ କରି
ଗୋଟିଏ କୋଠାଘର ଥିଲା। ଏହି ମନ୍ଦିର ସତୁରି ହାତ ପ୍ରସ୍ଥ
ଥିଲା ଓ ନବେ ହାତ ଦୈର୍ଘ୍ୟ ଥିଲା। ଆଉ କାନ୍ଥର ମୋଟେଇ
ପାଞ୍ଚ ହାତ ଥିଲା। 13ତା'ପରେ ସେ ମନ୍ଦିରର ଦୈର୍ଘ୍ୟ 100
ହାତ ଲମ୍ବ ମାପିଲେ। ଏବଂ ଅଗଣା ନିର୍ମିତ ଗୃହଟି ଓ ଏହାର
କାନ୍ଥ ମଧ୍ୟ 100 ହାତ ଥିଲା। 14ଆହୁରି ମନ୍ଦିରର ପୂର୍ବ
ଦିଗରେ ନିଷେଧାଞ୍ଚଳ 100 ହାତ ପ୍ରସ୍ଥ ଥିଲା। 15ତା'ପରେ
ସେ ମନ୍ଦିର ସମ୍ମୁଖରେ ନିଷେଦ୍ଧାଞ୍ଚଳକୁ ମାପିଲେ। ଏହା
ଗୋଟିଏ କାନ୍ଥରୁ ଅନ୍ୟ କାନ୍ଥକୁ 100 ହାତ ଥିଲା।
ମହା ପବିତ୍ରସ୍ଥାନ, ପବିତ୍ରସ୍ଥାନ ଏବଂ ଦ୍ୱାରଣଟି ଭିତର
ପ୍ରାଙ୍ଗଣରୁ ଦେଖାଯାଉଥିଲା। 16କାଷ୍ଠ ଆଚ୍ଛାଦିତ ଦ୍ୱାରର ସମ୍ମୁଖସ୍ଥାନ,
ବନ୍ଦ ଜଳାକବାଟି ସବୁ, ଦ୍ୱାର ସମ୍ମୁଖ ସ୍ଥାନର ନିକଟସ୍ଥ ତିନି
ମହଲାର ଚତୁର୍ଦ୍ଦିଗର ଅପ୍ରଶସ୍ତ ବାରଣ୍ଡା ସବୁ ଓ ଭୂମିଠାରୁ
ଜଳାକବାଟି ପର୍ଯ୍ୟନ୍ତ ସବୁଗୁଡ଼ିକୁ ମାପିଲେ। 17ଦ୍ୱାରର ଉପରି
ଭାଗ,
ଅନ୍ତଃସ୍ଥ ଓ ବହିଃସ୍ଥ କାନ୍ଥ ସବୁର ଚାରିଆଡ଼େ ଭିତରେ ଓ
ବାହାରେ ସେ ଗୁଡ଼ିକରେ ବିଶେଷ କାରୁକାର୍ଯ୍ୟ ଖୋଦିତ
ହୋଇଥିଲା। 18ପୁଣି ତହିଁରେ କିରୂବ ଓ ଖର୍ଜ୍ଜୁର ବୃକ୍ଷର
ଶିଳ୍ପକାର୍ଯ୍ୟ ଥିଲା ଓ ଦୁଇ କିରୂବ ମଧ୍ୟରେ ଏକ ଖଜୁର ବୃକ୍ଷ
ଥିଲା। ଆଉ ପ୍ରତ୍ୟେକ କିରୂବର ଦୁଇ ଦୁଇ ମୁଖ ଥିଲା।
19ଗୋଟିଏ ମୁହଁ ସିଂହର ଓ ଅନ୍ୟ ଗୋଟିଏ ମୁହଁ ମନୁଷ୍ୟର
ଉଭୟ ପାର୍ଶ୍ୱର ଖର୍ଜ୍ଜୁର ବୃକ୍ଷକୁ ଅନାଇଥିଲେ। 20ଭୂମିଠାରୁ
ଦ୍ୱାରର ଉପରଭାଗ ପର୍ଯ୍ୟନ୍ତ କିରୂବଦୂତ ଓ ଖର୍ଜ୍ଜୁର ବୃକ୍ଷର
କାରୁକାର୍ଯ୍ୟ ହୋଇଥିଲା। ଏହିରୂପେ ମନ୍ଦିରର କାନ୍ଥଗୁଡ଼ିକ
ଶିଳ୍ପିତ ହୋଇଥିଲା।
21ପବିତ୍ରସ୍ଥାନର କାନ୍ଥଗୁଡ଼ିକ ବର୍ଗାକାର ଥିଲା। ମହାପବିତ୍ର
ସ୍ଥାନର ସମ୍ମୁଖରେ କାଠରେ ନିର୍ମିତ ବେଦୀ ପରି ଦେଖାଯାଉଥିବା
କିଛି ଗୋଟିଏ ଥିଲା। 22ଯଜ୍ଞବେଦୀ କାଷ୍ଠ ନିର୍ମିତ ତିନିହାତ
ଉଚ୍ଚ ଥିଲା ଓ ତାହାର ଦୈର୍ଘ୍ୟ ଦୁଇହାତ ଥିଲା। ଆଉ
ତାହାର କୋଣ ସବୁ ତହିଁର ଦୈର୍ଘ୍ୟ । ତହିଁର ଚାରିପାଖ
କାଷ୍ଠମୟ ଥିଲା। ପୁଣି ସେ ଆମ୍ଭକୁ କହିଲେ, "ସଦାପ୍ରଭୁଙ୍କ
ସମ୍ମୁଖସ୍ଥ ମେଜ ଏହି।"
23ମନ୍ଦିର ଓ ମହା ପବିତ୍ରସ୍ଥାନର ଦୁଇଟି ଲେଖାଏଁ ଦ୍ୱାର
ଥିଲା। 24ପ୍ରତ୍ୟେକ କବାଟରେ ଦୁଇଟି ପଟା ଥିଲା। ପ୍ରତ୍ୟେକ
କବାଟ ଦୁଇଟି କବ୍‌ଜା ବିଶିଷ୍ଟ ପଟାରେ ତିଆରି ହୋଇଥିଲା।
25ପୁଣି କାନ୍ଥରେ ଯେପରି କିରୂବଦୂତଗଣର ଓ ଖର୍ଜ୍ଜୁର ବୃକ୍ଷର
କାରୁକାର୍ଯ୍ୟ ହୋଇଥିଲା ସେହିପରି ମନ୍ଦିର କବାଟରେ ମଧ୍ୟ
ହୋଇଥିଲା। ବାହାର ବାରଣ୍ଡାର ଅଗ୍ର ଭାଗରେ ମୋଟା
କଡ଼ିକାଠର ଛାତ ଥିଲା। 26ବାରଣ୍ଡାର ପାର୍ଶ୍ୱରେ ଏ ପାଖରେ
ଓ ସେ ପାଖରେ ବନ୍ଦ ଜଳାକବାଟି ଓ ଖର୍ଜ୍ଜୁର ବୃକ୍ଷର ଆକୃତି
ଥିଲା। ଆଉ ମନ୍ଦିରସ୍ଥ ପାର୍ଶ୍ୱ କୋଠରୀ ଓ ମୋଟା କଡ଼ିକାଠ
ସବୁ ଏହି ପ୍ରକାର ଥିଲା।

### ଯାଜକମାନଙ୍କ କୋଠରୀ

42 ତା'ପରେ ସେ ମୋତେ ଉତ୍ତର ଦିଗସ୍ଥ ଦ୍ୱାର
ଦେଇ ବାହାର ପ୍ରାଙ୍ଗଣକୁ ଆଣିଲେ। ଆଉ
ନିଷେଦ୍ଧାଞ୍ଚଳରେ ଓ ପ୍ରାସାଦର ସମ୍ମୁଖବର୍ତ୍ତୀ ଉତ୍ତର ଦିଗସ୍ଥ
କୋଠରୀରେ ଉପସ୍ଥିତ କରାଇଲେ। 2ଏହି ମନ୍ଦିରର ଦୈର୍ଘ୍ୟ
100 ହାତ ଓ ପ୍ରସ୍ଥ ପଚାଶ ହାତ ଥିଲା। ଲୋକମାନେ
ଅଗଣାରୁ ଉତ୍ତର ଦ୍ୱାର ଦେଇ ପ୍ରବେଶ କରୁଥିଲେ। 3ଭିତର
ପ୍ରାଙ୍ଗଣର କୋଡ଼ିଏ ହାତ ସମ୍ମୁଖରେ ଓ ବାହାର ପ୍ରାଙ୍ଗଣର
ମନ୍ଦିର ସମ୍ମୁଖରେ ତୃତୀୟ ମହଲାରେ ଲଗାଲଗି ହୋଇ
ଅପ୍ରଶସ୍ତ ବାରଣ୍ଡା ଥିଲା। 4କୋଠରୀଗୁଡ଼ିକର ସମ୍ମୁଖରେ ଦଶହାତ

ପ୍ରସ୍ଥର ଏକ ପଥ ଥିଲା ଓ ସମସ୍ତ ଦ୍ୱାର ଉତ୍ତର ଆଡ଼େ
ଥିଲା। 5-6ଉପରସ୍ଥ କୋଠରୀଗୁଡ଼ିକ ଛୋଟ ଥିଲା। କାରଣ
ପ୍ରାସାଦର ଅଧଃସ୍ଥିତ ଓ ମଧ୍ୟସ୍ଥିତ କୋଠରୀ ଅପେକ୍ଷା ଅପ୍ରଶସ୍ତ
ବାରଣ୍ଡା ସବୁ ତହିଁରୁ ଅଧିକ ସ୍ଥାନ ନେଇଥିଲା। କାରଣ ତାହା
ତିନି ମହଲା ଥିଲା। ଆଉ ବାହାର ପ୍ରାଙ୍ଗଣର ସ୍ତମ୍ଭ ପରି ସେ
ସବୁରେ ସ୍ତମ୍ଭ ନ ଥିଲା। ଏଥିପାଇଁ ଭୂମିଠାରୁ ଉଚ୍ଚତମ
ଅଧଃସ୍ଥିତ ଓ ମଧ୍ୟସ୍ଥିତ ଅପେକ୍ଷା ଅପ୍ରଶସ୍ତ ଥିଲା। 7କୋଠରୀଗୁଡ଼ିକର
ସମାନ୍ତରାଳ ଭାବରେ ଭିତର ପ୍ରାଙ୍ଗଣର ଗୃହପଟେ ବାହାରେ
କାନ୍ଥଗୁଡିକ ଥିଲା। ଏହାର ଦୈର୍ଘ୍ୟ ପଚାଶ ହାତ ଥିଲା।
8ବାହାର ପ୍ରାଙ୍ଗଣସ୍ଥିତ କୋଠରୀ ଗୁଡ଼ିକର ଦୈର୍ଘ୍ୟ ପଚାଶ
ହାତ ଥିଲା, ଯଦିଓ ମନ୍ଦିର ସମ୍ମୁଖରେ ସମୁଦାୟ ପ୍ରାସାଦର
ଦୈର୍ଘ୍ୟ 100 ହାତ ଥିଲା। 9ପୁଣି ବାହାର ପ୍ରାଙ୍ଗଣରୁ
କୋଠରୀଗୁଡ଼ିକୁ ଗଲାବେଳେ ପୂର୍ବ ଦିଗରେ ତହିଁର ତଳେ
ପ୍ରବେଶ ସ୍ଥାନ ଥିଲା। 10ପ୍ରବେଶ ପଥଟି ପ୍ରାଙ୍ଗଣ ପାଖରେ
କାନ୍ଥର ଆରମ୍ଭ ବିନ୍ଦୁରେ ଥିଲା। ଦକ୍ଷିଣ ଦିଗରେ କୋଠରୀଗୁଡିକ
ଥିଲା, ନିଷେଦ୍ଧାଞ୍ଚଳ ପାଖରେ ଏବଂ ଅନ୍ୟ ଗୃହର ଅନ୍ୟ
ପାଖରେ ଥିଲା। ଏହି କୋଠରୀଗୁଡିକର ସମ୍ମୁଖରେ ଏଗାରଟି
ପଥ ଥିଲା।

11ସେଗୁଡିକ ଉତ୍ତର ଦିଗସ୍ଥ କୋଠରୀଗୁଡ଼ିକର ପରି
ଥିଲା। ସେଗୁଡ଼ିକର ଦୈର୍ଘ୍ୟ ପ୍ରସ୍ଥ ସମାନ ଥିଲା। ଆଉ ଏକା
ପ୍ରକାରର ଦ୍ୱାର ଥିଲା। 12ପୁଣି ଦକ୍ଷିଣ ଦିଗସ୍ଥିତ କୋଠରୀଗୁଡ଼ିକର
ଦ୍ୱାର ତୁଲ୍ୟ ପଥ ଶେଷରେ ଗୋଟିଏ ଦ୍ୱାର ଥିଲା। ସେହି
ପଥ କାନ୍ଥର ସମ୍ମୁଖରେ ଅର୍ଥାତ୍ ଯିବା ଲୋକର ପୂର୍ବ ଦିଗରେ
ପଡ଼ିଲା।

13ତହୁଁ ସେ ମୋତେ କହିଲେ, "ପୃଥକସ୍ଥାନର ଉତ୍ତର
ଓ ଦକ୍ଷିଣ ଦିଗରେ ଯେଉଁ କୋଠରୀଗୁଡ଼ିକ ଅଛି ସେ ସବୁ
ପବିତ୍ର କୋଠରୀ। ଯେଉଁ ଯାଜକମାନେ ସଦାପ୍ରଭୁଙ୍କର ନିକଟବର୍ତ୍ତୀ
ଅଟନ୍ତି ସେମାନେ ସେଠାରେ ମହା ପବିତ୍ର ଦ୍ରବ୍ୟ ସବୁ
ଭୋଜନ କରିବେ। ଆଉ ସେହି ସ୍ଥାନରେ ସେମାନେ ମହା
ପବିତ୍ର ଦ୍ରବ୍ୟ ସବୁ ଓ ଭକ୍ଷ୍ୟ ନୈବେଦ୍ୟ, ପାପାର୍ଥକ ବଳି ଓ
ଦୋଷାର୍ଥକ ବଳିଦାନ ରଖିବେ। କାରଣ ସେହି ସ୍ଥାନ ଅତି
ପବିତ୍ର ଅଟେ। 14ଯେତେବେଳେ ଯାଜକମାନେ ପବିତ୍ର ଅଞ୍ଚଳରେ
ପ୍ରବେଶ କରନ୍ତି, ସେ ସମୟରେ ସେମାନେ ସେହି ପବିତ୍ର
ସ୍ଥାନରୁ ବାହାରି ବାହାର ପ୍ରାଙ୍ଗଣକୁ ଯିବେ ନାହିଁ। ଯେଉଁ
ଯେଉଁ ବସ୍ତ୍ର ପିନ୍ଧି ସେମାନେ ପରିଚର୍ଯ୍ୟା କରନ୍ତି ତାହା ସବୁ
ସେଠାରେ ନ ରଖିବା ପର୍ଯ୍ୟନ୍ତ ସେସବୁ ପବିତ୍ର। ଆଉ
ସେମାନେ ଅନ୍ୟ ବସ୍ତ୍ର ପିନ୍ଧି ଲୋକମାନଙ୍କ ନିକଟକୁ
ଯିବେ।"

## ବହିଃସ୍ଥ ଘରର ଅଗଣା

15ମନ୍ଦିରର ଭିତର ପାଖଗୁଡ଼ିକ ମାପି ସାରିଲା ପରେ ସେ
ପୂର୍ବାଭିମୁଖ ଦ୍ୱାରର ପଥ ଦେଇ ମୋତେ ବାହାରକୁ ଆଣିଲେ
ଓ ତାହାର ଚତୁର୍ଦ୍ଦିଗ ମାପିଲେ। 16ସେ ପରିମାପକ ନଳଦ୍ୱାରା
ପୂର୍ବପାର୍ଶ୍ୱ ମାପିଲେ। ଏହା ଦୈର୍ଘ୍ୟ 500 ହାତ ହେଲା।
17ତା'ପରେ ସେ ଉତ୍ତର ପାର୍ଶ୍ୱ ମାପିଲେ। ପରିମାପକ
ଦଣ୍ଡରେ ତାହା 500 ହାତ ହେଲା। 18ଆଉ ଦକ୍ଷିଣ ପାର୍ଶ୍ୱ
ମାପିଲେ, ତାହା ମଧ୍ୟ ପରିମାପକ ନଳରେ 500 ହାତ
ଦୈର୍ଘ୍ୟ ଥିଲା। 19ସେ ପଶ୍ଚିମ ପାର୍ଶ୍ୱର ଚତୁର୍ଦ୍ଦିଗ ମାପିଲେ ଓ
ତାହା ପରିମାପକ ନଳରେ 500 ହାତ ହେଲା। 20ସେ
ମନ୍ଦିରର ଚତୁର୍ଦ୍ଦିଗସ୍ଥିତ ପ୍ରାଚୀରଗୁଡ଼ିକୁ ମାପିଲେ। ତାହାର
ଦୈର୍ଘ୍ୟ 500 ହାତ ଓ ପ୍ରସ୍ଥ 500 ହାତ ଥିଲା। ସେଗୁଡ଼ିକ
ପବିତ୍ର ସ୍ଥାନ ଓ ସାଧାରଣ ସ୍ଥାନଗୁଡ଼ିକୁ ବିଚ୍ଛେଦ କରିବା ପାଇଁ
ଥିଲା।

## ସଦାପ୍ରଭୁ ତାଙ୍କ ଲୋକମାନଙ୍କ ସହିତ ବାସ କରିବେ

43 ଏହାପରେ ସେ ମୋତେ ପୂର୍ବଦ୍ୱାର ନିକଟକୁ ଆଣିଲେ।
2ଏବଂ ଇଶ୍ରାୟେଲର ପରମେଶ୍ୱରଙ୍କର ମହିମା ପୂର୍ବ
ଦିଗରୁ ଆସୁଥିବାର ମୁଁ ଦେଖି ପାରିଲି ଏବଂ ତାଙ୍କର ସ୍ୱର
ସମୁଦ୍ରର ଗର୍ଜ୍ଜନର ସ୍ୱର ପରି ଥିଲା ଏବଂ ଦେଶଟି ତାଙ୍କ
ମହିମାରେ ଆଲୋକିତ ହୋଇଗଲା। 3ମୁଁ ଯେଉଁ ଦର୍ଶନ
ସେଠାରେ ଦେଖିଲି, ତାହା ଯେତେବେଳେ ସହରକୁ ଧ୍ୱଂସ
କରିବାକୁ ଆସିଲା ପରି ଦେଖାଯାଉଥିଲା ଓ ମୁଁ କବାର
ନଦୀରେ ଦେଖିଥିବା ଦର୍ଶନ ପରି ଥିଲା। ମୁଁ ଭୂମିଶାୟୀ
ହୋଇ ପ୍ରଣିପାତ କଲି। 4ଆଉ ପୂର୍ବ ଦ୍ୱାର ଦେଇ ସଦାପ୍ରଭୁଙ୍କର
ମହିମା ମନ୍ଦିର ମଧ୍ୟରେ ପ୍ରବେଶ କଲା।

5ତା'ପରେ ଆତ୍ମାଟି ମୋତେ ଉଠାଇ ଭିତର ପ୍ରାଙ୍ଗଣକୁ
ଆଣିଲେ। ଆଉ ସଦାପ୍ରଭୁଙ୍କ ମହିମାରେ ମନ୍ଦିର ପରିପୂର୍ଣ୍ଣ
ହେଲା। 6ତା'ପରେ କେହି ଜଣେ ମୋତେ କହିବାର ମୁଁ
ଶୁଣିଲି, ଯେତେବେଳେ ଲୋକଟି ମୋ ପାଖରେ ଛିଡ଼ା
ହେଉଥିଲେ। 7ଆଉ ସେ ମୋତେ ମନ୍ଦିର ମଧ୍ୟରୁ କହିଲେ,
"ହେ ମନୁଷ୍ୟ ପୁତ୍ର ଏହା ମୋର ସିଂହାସନର ସ୍ଥାନ ଓ
ମୋର ପାଦ ପୀଠର ସ୍ଥାନ। ମୁଁ ଇଶ୍ରାୟେଲ ପରିବାର
ମଧ୍ୟରେ ସଦାକାଳ ବାସ କରିବି। ଆଉ ଇଶ୍ରାୟେଲର
ଲୋକମାନେ ଏବଂ ସେମାନଙ୍କ ରାଜାଗଣ ସେମାନଙ୍କର ଶାରୀରିକ
ପାପସବୁ ସହିତ ଏହି ସ୍ଥାନରେ ନିଜର ରାଜାମାନଙ୍କ ମୃତ
ଶରୀର କବର ଦେବାଦ୍ୱାରା ଏହି ସ୍ଥାନକୁ ମୋର ପବିତ୍ର
ନାମକୁ ଅପମାନିତ କରିବେ ନାହିଁ। 8ସେମାନେ ମୋର ଦ୍ୱାର
ପ୍ରବେଶସ୍ଥାନ ନିକଟରେ ସେମାନଙ୍କର ଦ୍ୱାର ପ୍ରବେଶସ୍ଥାନ
ରଖିଲେ ଓ ମୋର ଦ୍ୱାରବନ୍ଧ ନିକଟରେ ସେମାନଙ୍କର
ଦ୍ୱାରବନ୍ଧ ରଖିଲେ। କେବଳ ମୋର ଓ ସେମାନଙ୍କ ମଧ୍ୟରେ
ଏକ କାନ୍ଥ ପୃଥକ କରୁଥିଲା। ପୁଣି ନିଜର ଜଘନ୍ୟ କର୍ମ
ଦ୍ୱାରା ମୋର ପବିତ୍ର ନାମ ସେମାନେ ଅପବିତ୍ର କରିଅଛନ୍ତି।
ଏଣୁ ମୁଁ ଆପଣା କ୍ରୋଧରେ ସେମାନଙ୍କୁ ବିନାଶ କରିଅଛି।
9ପୁତ୍ର, ବର୍ତ୍ତମାନ ସେମାନଙ୍କୁ ସେମାନଙ୍କର ଶାରୀରିକ ପାପସବୁରୁ
ଦୂରେଇ ରୁହନ୍ତୁ ଓ ସେମାନଙ୍କର ରାଜାମାନଙ୍କର ମୃତଶରୀର
ଆମ୍ଭ ନିକଟରୁ ଦୂର କରନ୍ତୁ, ତେଣୁ ମୁଁ ସଦାକାଳ ସେମାନଙ୍କ
ମଧ୍ୟରେ ବାସ କରିବି।

10"ହେ ମନୁଷ୍ୟ ପୁତ୍ର, ତୁମ୍ଭେ ଇଶ୍ରାୟେଲ ବଂଶକୁ ଏହି
ମନ୍ଦିର ବିଷୟରେ ବର୍ଣ୍ଣନା କର। ସେମାନେ ସେହି ଗୃହର
ଯୋଜନା ଜାଣିଲେ ନିଜର ପାପ କାର୍ଯ୍ୟ ପାଇଁ ହୁଏତ ଲଜ୍ଜିତ
ହୋଇ ପାରନ୍ତି। 11ଯଦି ସେମାନେ ସେମାନଙ୍କର କୃତ କୁକର୍ମ
ପାଇଁ ଲଜ୍ଜିତ ହୁଅନ୍ତି, ସେଥିପାଇଁ ସେମାନଙ୍କୁ ମନ୍ଦିରର ନକ୍ସା
ବିଷୟରେ ଜଣାଅ। ଆଉ ସେମାନେ ଯେପରି ଗୃହର ସକଳ
ଆକୃତି ଓ ତହିଁର ସମସ୍ତ ବିଧି ରକ୍ଷା କରି ତଦନୁସାରେ କର୍ମ

କରବେ ଏଥିପାଇଁ ସେମାନଙ୍କୁ ଗୃହର ଆକାର, ତାହାର
ଗଠନ ନର୍ଗମସ୍ଥାନ ଓ ପ୍ରବେଶ ସ୍ଥାନ, ସକଳ ଆକୃତି ଓ
ତାହାର ସମସ୍ତ ବଧି, ସମସ୍ତ ଆକୃତି ଓ ତହିଁର ସମସ୍ତ
ବ୍ୟବସ୍ଥା ସେମାନଙ୍କୁ ଜଣାଅ। ଏବଂ ସେମାନଙ୍କ ଉପସ୍ଥିତିରେ
ସେସବୁ ଲେଖ। **12**ସଦାପ୍ରଭୁଙ୍କ ମନ୍ଦିରର ବ୍ୟବସ୍ଥା, ଏହ
ପର୍ବତ ଶୃଙ୍ଗର ଉପରସ୍ଥ ଚତୁର୍ଦ୍ଦିଗର ସମୁଦାୟ ସୀମା ମହାପବତ୍ର
ଅଟେ। ଏହାହିଁ ମନ୍ଦିରର ବ୍ୟବସ୍ଥା ଅଟେ।

### ଯଜ୍ଞବେଦୀ

**13**"ଦର୍ଘ ହାତର ମାପ ବ୍ୟବହାର କର ଏଗୁଡକ
ଯଜ୍ଞବେଦୀର ମାପ। ପ୍ରତିହାତ ଏକ ହାତ ଗୃର ଅଙ୍ଗୁଳ
ପରମାଣ ବେଦୀର ମୂଳ ଏକ ହାତ ଗଭୀର ଓ ପ୍ରସ୍ଥ ଏକ
ହାତ। ଆଉ ଚତୁର୍ଦ୍ଦିଗରେ ତହିଁର ପ୍ରାନ୍ତ ଧାର ଏକ ଗୃଖଣ୍ଡ*
ପରମିତ ହେବ। ଏହା ଯଜ୍ଞବେଦୀର ଉଚ୍ଚତା ଅଟେ। **14**ଭୂମିସ୍ଥ
ମୂଳଠାରୁ ତଳ ଥାକ ପର୍ଯ୍ୟନ୍ତ ଦୁଇହାତ ଓ ପ୍ରସ୍ଥ ଏକ ହାତ
ହେବ। ସେହ କ୍ଷୁଦ୍ରତର ଥାକଠାରୁ ବଡଥାକ ପର୍ଯ୍ୟନ୍ତ ଗୃରହାତ
ଓ ପ୍ରସ୍ଥ ଏକ ହାତ ହେବ। **15**ଯଜ୍ଞବେଦୀର ହୋମ ପାଇଁ
ସ୍ଥାନ ଗୃରହାତ ଉଚ୍ଚ ହେବ ଏବଂ ଏହାର ଗୃରକୋଣ ଶିଙ୍ଗ
ସଦୃଶ ହେବ। **16**ଯଜ୍ଞବେଦୀର ଅଗ୍ନିସ୍ଥାନର ଦୈର୍ଘ୍ୟ ବାର
ହାତ ଓ ପ୍ରସ୍ଥ ବାର ହାତ ଓ ତାହା ସମ୍ପୂର୍ଣ୍ଣ ବର୍ଗାକାର।
**17**ପାର୍ଶ୍ୱଗୁଡକ ମଧ ବର୍ଗାକାର ପୁଣି ଥାକର ଗୃରପାଖର
ଦୈର୍ଘ୍ୟ ଚଉଦ ହାତ ଓ ପ୍ରସ୍ଥ ଚଉଦ ହାତ ହେବ। ତହିଁର
ଧାର ଗୃର ଦଗରେ ଅଧହାତ ଓ ତହିଁର ମୂଳ ଗୃରଆଡ଼େ
ଏକ ହାତ ପରମିତ ହେବ। ତା'ର ପାବଛଗୁଡ଼କ ପୂର୍ବାଭିମୁଖ
ହେବ।"

**18**ଆଉ ସେ ମୋତେ କହଲେ, "ହେ ମନୁଷ୍ୟ ପୁତ୍ର,
ପ୍ରଭୁ ସଦାପ୍ରଭୁ ଏହ କଥା କହନ୍ତ। 'ଯେତେବେଳେ ସେମାନେ
ଯଜ୍ଞବେଦୀ ନର୍ମାଣ କରନ୍ତ ଓ ଯେଉଁ ସମୟରେ ତାହା
ଉପରେ ହୋମବଳ ଓ ରକ୍ତ ସେଚନ କରନ୍ତ, ସେମାନଙ୍କୁ
ଏହ ନୟମ ମାନବାକୁ ପଡବ। **19**ସଦାପ୍ରଭୁ, ମୋର ପ୍ରଭୁ
କହନ୍ତ, ସାଦୋକ ବଂଶଜାତ ଯେଉଁ ଲେବୀୟ ଯାଜକଗଣ
ଆମ୍ଭର ପରଚର୍ଯ୍ୟା କରବା ପାଇଁ ଆମ୍ଭର ନକଟବର୍ତ୍ତୀ ଅଟନ୍ତ
ସେମାନଙ୍କୁ ତୁମ୍ଭେ ପାପାର୍ଥକ ବଳ ନମନ୍ତେ ଗୋଟିଏ ଯୁବା
ବୃଷଭ ଦେବ।'" **20**"ଆଉ ତୁମ୍ଭେ ତାହାର ରକ୍ତ ନେଇ
ଯଜ୍ଞବେଦୀର ଗୃରକୋଣରେ ଥିବା ଗୃର ଶିଙ୍ଗରେ, ଥାକର
ଗୃରକୋଣ ଉପରେ ଓ ଧାରର ଗୃରଆଡ଼େ ଦେବ। ଏହ
ରୂପେ ତୁମ୍ଭେ ବେଦୀକ ଶୁଚ କର ତାହା ପାଇଁ ପ୍ରାୟଶ୍ଚିତ୍ତ
କରବ। **21**ଏବଂ ତୁମ୍ଭେ ସେହ ପାପାର୍ଥକ ବଳ ବୃଷଭକୁ
ନେଇ ପବତ୍ର ସ୍ଥାନର ବାହାରେ ମନ୍ଦିରର ନରୂପିତ ସ୍ଥାନରେ
ତାହା ଦଗ୍ଧ କରବ।

**22**"ତୁମ୍ଭେ ଦ୍ୱିତୀୟ ଦନରେ ପାପାର୍ଥକ ବଳରୂପେ ଏକ
ନଖୁଣ ପୁଂଛାଗ ଉତ୍ସର୍ଗ କରବ। ଷଣ୍ଢ଼ଦ୍ୱାରା ଯେପର ଶୁଚ
କରଥିଲେ ସେପର ଯଜ୍ଞବେଦୀକୁ ଶୁଚ କରବା ଉଚତ୍।
**23**ତୁମ୍ଭେ ଏହ ଶୁଚକାର୍ଯ୍ୟ ସମାପ୍ତ କରବା ପରେ ଗୋଟିଏ
ନଖୁଣ ଯୁବା ଷଣ୍ଢ ଓ ପଲରୁ ଏକ ନଖୁଣ ଅଣ୍ଡିରା ମେଷ
ଉତ୍ସର୍ଗ କରବ। **24**ପୁଣି ତୁମ୍ଭେ ସେ ସବୁକୁ ସଦାପ୍ରଭୁଙ୍କ
ସମ୍ମୁଖକୁ ଆଣିବ। ଆଉ ଯାଜକମାନେ ସେମାନଙ୍କ ଉପରେ
ଲବଣ ଛିଞ୍ଚିବେ ଏବଂ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ସେ ସବୁକୁ
ହୋମବଳ ଉତ୍ସର୍ଗ କରବେ। **25**ସାତ ଦନ ପର୍ଯ୍ୟନ୍ତ ପାପାର୍ଥକ
ବଳରୂପେ ତୁମ୍ଭେ ଏକ ଛାଗ ଉତ୍ସର୍ଗ କରବ। ତୁମ୍ଭେମାନେ
ଉଭୟ ଏକ ନଖୁଣ ଯୁବା ବୃଷଭ ଏବଂ ଏକ ନଖୁଣ
ମେଷଛୁଆ ଉତ୍ସର୍ଗ କରବ। **26**ସାତଦନ ଯାଏ ଯାଜକମାନେ
ଯଜ୍ଞବେଦୀ ନମନ୍ତେ ପୂଜା କର ତାହା ଶୁଚ କରବେ।
**27**ସାତଦନ ପରେ ଅଷ୍ଟମ ଦନରୁ ଯାଜକମାନେ ଯଜ୍ଞବେଦୀ
ଉପରେ ତୁମ୍ଭମାନଙ୍କର ହୋମାର୍ଥକ ବଳ ଓ ସହଭାଗିତାର
ବଳ ଉତ୍ସର୍ଗ କରବେ। ତା'ପରେ ମୁଁ ତୁମ୍ଭକୁ ଗ୍ରହଣ କରବ।"
ଏହା ସଦାପ୍ରଭୁ ମୋର ପ୍ରଭୁ କହନ୍ତ।

### ବହର୍ଦ୍ୱାର

**44** ତା'ପରେ ସେ ମୋତେ ପବତ୍ର ସ୍ଥାନର ପୂର୍ବାଭୀମୁଖ
ବାହାର ଫାଟକ ବାଟରେ ଫେରାଇ ଆଣିଲେ।
**2**ତା'ପରେ ସଦାପ୍ରଭୁ ମୋତେ କହଲେ, "ଏହ ଫାଟକ ବନ୍ଦ
ରହବ। ତାହା ମୁକ୍ତ ହେବ ନାହିଁ କମ୍ବା କୌଣସି ମନୁଷ୍ୟ
ତାହା ଦେଇ ପ୍ରବେଶ କରବ ନାହିଁ, ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱର ତାହା ଦେଇ ପ୍ରବେଶ କରଅଛନ୍ତ, ଏଥିପାଇଁ
ତାହା ବନ୍ଦ ରହବ। **3**କେବଳ ଅଧପତି ସଦାପ୍ରଭୁଙ୍କ ସମ୍ମୁଖରେ
ଆହାର କରବା ପାଇଁ ତହିଁ ମଧରେ ବସିବେ। ସେ ଦ୍ୱାରର
ବାରଣ୍ଡା ପଥ ଦେଇ ପ୍ରବେଶ କରବେ ଓ ସେହ ପଥ ଦେଇ
ବାହାର ଯିବେ।"

### ସଦାପ୍ରଭୁଙ୍କ ମନ୍ଦିରର ପବତ୍ରତା

**4**ତା'ପରେ ସେ ମୋତେ ଉତ୍ତର ଦ୍ୱାର ଦେଇ ସଦାପ୍ରଭୁଙ୍କ
ମନ୍ଦିର ସମ୍ମୁଖକୁ ଆଣିଲେ। ତା'ପରେ ମୁଁ ଦୃଷ୍ଟିପାତ କର
ଦେଖିଲ ସଦାପ୍ରଭୁଙ୍କ ମନ୍ଦିର ସଦାପ୍ରଭୁଙ୍କ ମହମାରେ ପରପୂର୍ଣ୍ଣ
ଥିଲା। ତେଣୁ ମୁଁ ଭୂମିକୁ ଛୁଇଁ ପ୍ରଣାମ କଲ। **5**ପୁଣି ସଦାପ୍ରଭୁ
ମୋତେ କହଲେ, "ହେ ମନୁଷ୍ୟ ପୁତ୍ର, ସଦାପ୍ରଭୁଙ୍କ ମନ୍ଦିରର
ସକଳ ବଧି ଓ ତହିଁର ସକଳ ବ୍ୟବସ୍ଥା ବଷୟରେ ଯାହା
ଯାହା ମୁଁ ତୁମ୍ଭକୁ କହଅଛୁ, ତୁମ୍ଭେ ମନୋଯୋଗ ସହକାରେ
ଧ୍ୟାନ ଦଅ, ଦେଖ ଓ ଶୁଣ। ଆଉ ମନ୍ଦିରରେ ପ୍ରବେଶ ଓ
ପ୍ରସ୍ଥାନ ଉତ୍ତମରୂପେ ଅନୁଧ୍ୟାନ କର। **6**ଆଉ ଇଶ୍ରାୟେଲର
ଅବଜ୍ଞାକାରୀଙ୍କୁ କୁହ, 'ସଦାପ୍ରଭୁ, ମୋର ପ୍ରଭୁ ଏହକଥା
କହନ୍ତ। ହେ ଇଶ୍ରାୟେଲ ବଂଶ, ତୁମ୍ଭେମାନେ କରଥିବା
ଘୃଣ୍ୟକର୍ମ ତୁମ୍ଭମାନଙ୍କର ଯଥେଷ୍ଟ ହୋଇଛ। **7**କାରଣ ତୁମ୍ଭେମାନେ
ଶାରୀରକ ଓ ହୃଦୟରେ ଅସୁନ୍ନତ ବଦେଶୀମାନଙ୍କୁ ମୋର
ମନ୍ଦିର ଅଗଣାକୁ ଆଣିଲ ଓ ମୋର ମନ୍ଦିରକୁ ଅପବତ୍ର କଲ।
ତୁମ୍ଭେମାନେ ମୋର ଖାଦ୍ୟ ତିଆର କଲ, ମେଦ ଏବଂ ରକ୍ତକୁ
ଅପବତ୍ର କଲ। ଯେହେତୁ ତୁମ୍ଭେମାନେ ସେଗୁଡକୁ ଉତ୍ସର୍ଗ
କରୁଥିଲ। ତୁମ୍ଭେମାନେ, ତୁମ୍ଭମାନଙ୍କ ସହତ ହୋଇଥିବା ମୋର
ନୟମ ଭଙ୍ଗ କଲ। **8**ପୁଣି ତୁମ୍ଭେମାନେ ମୋର ପବତ୍ର
ବସ୍ତୁଗୁଡ଼କର ଯନ୍ନ ନେବାକୁ ଧ୍ୟାନ ଦେଇ ନାହିଁ। ଏବଂ
ତୁମ୍ଭେମାନେ ବଦେଶୀୟମାନଙ୍କ ହସ୍ତରେ ପବତ୍ର ସ୍ଥାନ ରକ୍ଷାର
ଦାୟିତ୍ୱ ଦେଇଅଛ।'"

---

**ଗୃଖଣ୍ଡ** ଏକ ଗୃଖଣ୍ଡ -ବାଇଶି ସେଣ୍ଟିମିଟର।

9ସଦାପ୍ରଭୁ, ମୋର ପ୍ରଭୁ ସଦାପ୍ରଭୁ ଏହା କହନ୍ତି,
"ଇଶ୍ରାୟେଲ ସନ୍ତାନମାନଙ୍କ ମଧ୍ୟରେ ଯେଉଁ ବିଦେଶୀୟମାନେ
ଅଛନ୍ତି ସେମାନଙ୍କ ମଧ୍ୟରୁ ଶାରୀରିକ ବା ହୃଦୟରେ ଅସୁନ୍ନତ
କୌଣସି ବିଦେଶୀୟ ଲୋକ ମୋ ପବିତ୍ର ମନ୍ଦିରରେ ପ୍ରବେଶ
କରିବ ନାହିଁ। 10ଯେତେବେଳେ ଇଶ୍ରାୟେଲ ମୋଠାରୁ ବିପଥଗାମୀ
ହେଲେ, ଲେବୀୟମାନେ ମୋଠାରୁ ଦୂରେଇ ଗଲେ ଏବଂ ଯିଏ
ମୂର୍ତ୍ତି ପୂଜାର ପ୍ରଥା ଅନୁସରଣ କଲେ, ସେମାନେ ସେମାନଙ୍କର
ପାପ ପାଇଁ ଦଣ୍ଡ ବହନ କରିବେ। 11ଲେବୀୟମାନେ ମୋର
ପବିତ୍ରସ୍ଥାନ ସେବା କରିବା ପାଇଁ ବଛା ଯାଇଥିଲେ। ସେମାନେ
ମନ୍ଦିରର ଫାଟକଗୁଡିକ ଜଗିଲେ। ସେମାନେ ମନ୍ଦୀରରେ
ସେବା କଲେ। ସେମାନେ ବଳିଦାନ ପାଇଁ ପଶୁଗୁଡିକ
ମାରିଲେ ଏବଂ ଲୋକମାନଙ୍କ ପାଇଁ ହୋମବଳି କଲେ।
ସେମାନେ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଏବଂ
ସେମାନଙ୍କୁ ସେବା କରିବା ପାଇଁ ବଛା ଯାଇଥିଲେ। 12କିନ୍ତୁ
ସେମାନେ ସେମାନଙ୍କର ପ୍ରତିମାଗଣଙ୍କୁ ପୂଜା କଲେ, ସେଥିପାଇଁ
ଇଶ୍ରାୟେଲର ଲୋକମାନଙ୍କର ଝୁଣ୍ଟି ପଡିବାର ଓ ପାପର
କାରଣ ହେଲା। ଏଣୁ, ମୁଁ ସେମାନଙ୍କ ବିରୁଦ୍ଧରେ ପ୍ରତିଜ୍ଞା
କରୁଛି: 'ସେମାନେ ସେମାନଙ୍କର ପାପ ପାଇଁ ଦଣ୍ଡ ବୋହିବେ।'"
ସଦାପ୍ରଭୁ, ମୋର ପ୍ରଭୁ ଏହା କହନ୍ତି।

13"ପୁଣି ସେମାନେ ମୋର ଯାଜକମାନଙ୍କ ପରି ମୋର
ନିକଟକୁ ବଳିଦାନ ଆଣିବେ ନାହିଁ। ସେମାନେ ମୋର
ଦ୍ରବ୍ୟଗୁଡ଼ିକ ମଧ୍ୟରୁ କୌଣସି ପବିତ୍ର ଦ୍ରବ୍ୟ ନିକଟକୁ କିମ୍ବା
ଅତି ପବିତ୍ର ଦ୍ରବ୍ୟଗୁଡ଼ିକ ନିକଟକୁ ଆସିବେ ନାହିଁ। କିନ୍ତୁ
ସେମାନେ ନିଜର ଭୟଙ୍କର ପାପଗୁଡିକ ପାଇଁ ଅପମାନ ସହ୍ୟ
କରିବେ। 14ତଥାପି ମନ୍ଦିରର ସେବାକାର୍ଯ୍ୟ ପାଇଁ ଓ ତାହା
ମଧ୍ୟରେ ସମସ୍ତ କାର୍ଯ୍ୟ କରିବା ପାଇଁ ମନ୍ଦିରର ଯତ୍ନ ନେବାକୁ
ମୁଁ ସେମାନଙ୍କୁ ନିଯୁକ୍ତ କରିବି।

15"କିନ୍ତୁ ସମସ୍ତ ଲେବୀୟ ଯାଜକଗଣ, ସାଦୋକର
ଭବିଷ୍ୟତ ବଂଶଧରଗଣ ଯେଉଁମାନେ ମୋର ପବିତ୍ରସ୍ଥାନ
ନିୟମ ଅନୁସରଣ କଲେ, ଯେତେବେଳେ ଇଶ୍ରାୟେଲୀୟମାନେ
ମୋଠାରୁ ବିପଥଗାମୀ ହେଲେ, ସେମାନେ ମୋ ପାଖକୁ
ସେବା କରିବା ପାଇଁ ଆସିବାକୁ ସମର୍ଥ ହେବେ। ସେମାନେ
ମୋ ଉଦ୍ଦେଶ୍ୟରେ ମେଦ ଓ ରକ୍ତ ବଳିଦାନ ହୋଇଥିବା
ପଶୁମାନଙ୍କର ଉତ୍ସର୍ଗ କରିବା ନିମନ୍ତେ ମୋ ସମ୍ମୁଖରେ ଠିଆ
ହେବେ।" ଏହା ସଦାପ୍ରଭୁ, ମୋର ପ୍ରଭୁ କହନ୍ତି। 16"ସେମାନେ
ମୋର ପବିତ୍ର ସ୍ଥାନରେ ପ୍ରବେଶ କରିବେ। ସେମାନେ
ମୋତେ ସେବା କରିବା ପାଇଁ ମୋ ମେଜ ନିକଟକୁ ଆସିବେ
ଓ ସେମାନେ ମୋର ସେବାରେ ଯତ୍ନଶୀଳ ହେବେ।
17ଯେତେବେଳେ ସେମାନେ ଭିତର ପ୍ରାଙ୍ଗଣର ଫାଟକ ନିକଟକୁ
ଆସନ୍ତି, ସେମାନେ ନାଇଲନ୍ ପୋଷାକ ପିନ୍ଧିବେ, ଯେତେବେଳେ
ସେମାନେ ମନ୍ଦିରର ଭିତର ପ୍ରାଙ୍ଗଣର ସେବା କରନ୍ତି,
ସେମାନେ ନିଶ୍ଚୟ ପଶମ ବସ୍ତ୍ର ପରିଧାନ କରିବେ ନାହିଁ।
18ସେମାନଙ୍କ ମସ୍ତକରେ ମସିନା ବସ୍ତ୍ରର ପଗଡ଼ି ଓ କଟି
ଦେଶରେ ମସିନା ବସ୍ତ୍ରର ଜଙ୍ଘିଆ ଥିବ। ସ୍ୱେଦ ଜାତ
ହେଲାଭଳି କୌଣସି ପୋଷାକ ସେମାନେ ପିନ୍ଧିବେ ନାହିଁ।
19ପୁଣି ସେମାନେ ବାହାର ପ୍ରାଙ୍ଗଣରେ ଲୋକମାନଙ୍କ ନିକଟକୁ
ଯିବା ପୂର୍ବରୁ, ସେମାନେ ଉପାସନା ସମୟରେ ବ୍ୟବହୃତ ବସ୍ତ୍ର
କାଢି ଦେବା ଉଚିତ୍ ଏବଂ ପବିତ୍ର କୋଠରୀରେ ସେଗୁଡିକୁ
ରଖିବେ। ଲୋକମାନେ ଯେପରି ସେହି ପବିତ୍ର ବସ୍ତ୍ର ନ
ଛୁଇଁବେ, ସେଥିପାଇଁ ସେମାନେ ଅନ୍ୟ ବସ୍ତ୍ର ପରିଧାନ
କରିବେ।

20"ଏହି ଯାଜକଗଣ ସେମାନଙ୍କର ମସ୍ତକ ନିଶ୍ଚୟ କ୍ଷୌର
କରିବେ ନାହିଁ। କିମ୍ବା ସେମାନଙ୍କର କେଶକୁ ଲମ୍ବା ହେବାକୁ
ଦେବେ ନାହିଁ। ସେମାନେ କେବଳ ସେମାନଙ୍କର କେଶ
କର୍ତ୍ତନ କରିବା ଉଚିତ୍। 21କୌଣସି ଯାଜକ ଭିତର ପ୍ରାଙ୍ଗଣରେ
ପ୍ରବେଶ କରିବା ସମୟରେ ଦ୍ରାକ୍ଷାରସ ପାନ କରିବେ ନାହିଁ।
22ପୁଣି ସେମାନେ ବିଧବା କିମ୍ବା ସ୍ୱାମୀ ପରିତ୍ୟକ୍ତା ସ୍ତ୍ରୀକୁ
ବିବାହ କରିବେ ନାହିଁ। ସେମାନେ ଇଶ୍ରାୟେଲ ବଂଶଜାତ
ଅନୂଢା କୁମାରୀ କିମ୍ବା ମୃତ ଯାଜକର ବିଧବାକୁ ବିବାହ
କରିବେ।

23"ଆଉ ମଧ୍ୟ ଯାଜକମାନେ ମୋର ଲୋକମାନଙ୍କୁ ପବିତ୍ର
ଓ ଅପବିତ୍ର ଆଉ ଶୁଚି ଓ ଅଶୁଚି ମଧ୍ୟରେ ପ୍ରଭେଦ
ଶିଖାଇବେ। 24ବିବାଦ ଉପସ୍ଥିତ ହେଲେ ସେମାନେ ବିଚାରପତି
ଭାବରେ ବିଚାର କରିବେ। ମୋର ସମସ୍ତ ଶାସନ ବିଧି
ଅନୁସାରେ ସେମାନେ ବିଚାର ନିଷ୍ପତ୍ତି କରିବେ ଏବଂ ସେମାନେ
ମୋର ନିରୂପିତ ସମସ୍ତ ପର୍ବରେ ମୋର ବ୍ୟବସ୍ଥା ଓ ମୋର
ବିଧି ସବୁ ପାଳନ କରିବେ। ଆଉ ସେମାନେ ମୋର ବିଶ୍ରାମ
ଦିନଗୁଡିକ ପବିତ୍ର ରଖିବା ଉଚିତ୍। 25କାରଣ ସେମାନେ
ଅଶୁଚି କରିବା ପାଇଁ କୌଣସି ମୃତ ଲୋକ ଶବ ନିକଟକୁ
ଆସିବେ ନାହିଁ। କିନ୍ତୁ ସେମାନେ ନିଜର ପିତା, ମାତା, ପୁତ୍ର,
କନ୍ୟା, ଭ୍ରାତା କିମ୍ବା ଅବିବାହିତା ଭଗିନୀ ନିମନ୍ତେ ନିଜକୁ
ଅଶୁଚି କରିପାରିବେ। 26ପୁଣି ଯାଜକ ଶୁଚି ହେଲା ପରେ
ଗଣିତ ହେବା ପାଇଁ ସାତଦିନ ଅପେକ୍ଷା କରିବ। 27ସେ
ଯେଉଁ ଦିନ ଉପାସନା ପାଇଁ ପବିତ୍ର ସ୍ଥାନର ଭିତର ପ୍ରାଙ୍ଗଣକୁ
ଯିବ ସେଦିନ ନିଜ ପାଇଁ ପାପାର୍ଥକ ବଳି ଉତ୍ସର୍ଗ କରିବ।"
ସଦାପ୍ରଭୁ, ମୋର ପ୍ରଭୁ ଏହିସବୁ କହନ୍ତି।

28"ଆଉ ଲେବୀୟମାନେ ଏକ ଉତ୍ତରାଧିକାର ପ୍ରାପ୍ତ
ହେବେ। ମୁଁ ସେମାନଙ୍କର ସମ୍ପତ୍ତି, ତୁମ୍ଭେମାନେ ଇଶ୍ରାୟେଲ
ଭିତରେ କୌଣସି ଭୂମି ସେମାନଙ୍କୁ ଦେବ ନାହିଁ। କାରଣ ମୁଁ
ସେମାନଙ୍କର ଅଧିକାର ଅଟେ। 29ସେମାନେ ଶସ୍ୟ ବଳି,
ପାପାର୍ଥକ ବଳି ଓ ଦୋଷାର୍ଥକ ବଳି ଭୋଜନ କରିବେ।
ଇଶ୍ରାୟେଲ ଲୋକମାନେ ଯାହାସବୁ ସଦାପ୍ରଭୁଙ୍କୁ ଉତ୍ସର୍ଗ କରିବେ,
ସେ ସବୁ ସେମାନଙ୍କର ହେବ। 30ତୁମ୍ଭମାନଙ୍କର ସମସ୍ତ ଶସ୍ୟ
ଅମଳର ପ୍ରଥମ ଭାଗ ଓ ସମସ୍ତ ଉପହାରଗୁଡ଼ିକ ମଧ୍ୟରେ
ପ୍ରତ୍ୟେକ ଉପହାର ଯାଜକମାନଙ୍କର ହେବ। ଆଉ ମଧ୍ୟ
ତୁମ୍ଭେମାନେ ନିଜ ନିଜ ଗୃହରେ ଆଶୀର୍ବାଦ ଲାଭ କରିବା
ପାଇଁ ଯାଜକକୁ ନିଜର ସୃଜିର ପ୍ରଥମ ଅଂଶ ଦେବ। 31ପୁଣି
ଯାଜକମାନେ କୌଣସି ସ୍ୱୟଂ ମୃତ ବା ପଶୁ ପକ୍ଷୀଦ୍ୱାରା
ବିଦୀର୍ଣ୍ଣ କୌଣସି ମୃତ ପଶୁ କିମ୍ବା ପକ୍ଷୀ ଭକ୍ଷଣ କରିବେ
ନାହିଁ।

### ପବିତ୍ର ବ୍ୟବହାର ନିମନ୍ତେ ଦେଶ ବିଭାଗ

45 "ଏବଂ ଯେଉଁ ସମୟରେ ତୁମ୍ଭେମାନେ ଉତ୍ତରାଧିକାରୀ
ପାଇଁ ଗୁଳାବାଣ୍ଟ ଦ୍ୱାରା ଭୂମି ବିଭାଗ କରିବ, ତୁମ୍ଭେ

ଏଥିରୁ ଏକ ପବିତ୍ର ଅଂଶପରି ସଦାପ୍ରଭୁଙ୍କ ପାଇଁ ଅଲଗା
ରଖିବା ଉଚିତ୍। ତାହାର ଦୈର୍ଘ୍ୟ 25,000 ହାତ ଓ ପ୍ରସ୍ଥ
20,000 ହାତ ହେବ। ସେ ସମସ୍ତ ଭୂମି ପବିତ୍ର ହେବ।
**2**ତାହା ମଧ୍ୟରୁ 500 ହାତ ଦୈର୍ଘ୍ୟ ଓ 500 ହାତ ପ୍ରସ୍ଥ
ବିଶିଷ୍ଟ ଏକ ବର୍ଗାକାର କ୍ଷେତ୍ର ସଦାପ୍ରଭୁଙ୍କ ପବିତ୍ର ମନ୍ଦିର
ନିମନ୍ତେ ରହିବ। ତାହାର ଚତୁର୍ଦ୍ଦିଗରେ ପଚାଶ ହାତ ପରିମିତ
ଏକ ଖୋଲା ସ୍ଥାନ ରହିବ। **3**ଆଉ ଏହି ପରିମିତ ଅଂଶରୁ
ତୁମ୍ଭେ 25,000 ହାତ ଦୈର୍ଘ୍ୟ ଓ 10,000 ହାତ ପ୍ରସ୍ଥ
ଭୂମି ମାପିବ। ଏହାରି ମଧ୍ୟରେ ମନ୍ଦିର ଓ ମହାପବିତ୍ର ସ୍ଥାନ
ହେବ।

**4**"ଦେଶର ଏହି ଅଂଶ ପବିତ୍ର ଅଟେ। ଯାଜକମାନେ, ଯିଏ
ସଦାପ୍ରଭୁଙ୍କ ଉପାସନା କରିବାକୁ ଆସନ୍ତି ଏବଂ ପବିତ୍ର
ମନ୍ଦୀରରେ ସେବା କରେ ଏହି ଭୂମି ସଦାପ୍ରଭୁଙ୍କ ପାଇଁ
ପାଇବେ। ଆଉ ଏହି ସ୍ଥାନ ସେମାନଙ୍କର ମନ୍ଦିର ନିର୍ମାଣ
ପାଇଁ ଓ ଧର୍ମଧାମ ପାଇଁ ପବିତ୍ର ସ୍ଥାନ ହେବ। **5**ପୁଣି
25,000 ହାତ ଦୈର୍ଘ୍ୟ ଓ 10,000 ହାତ ପ୍ରସ୍ଥ ବିଶିଷ୍ଟ
ଭୂମି ଯେଉଁ ଲେବୀୟମାନେ ପ୍ରଭୁଙ୍କ ମନ୍ଦିରର ଉପାସନା ପାଇଁ
ନିଯୁକ୍ତ ହୁଅନ୍ତି ଏହା ସେମାନଙ୍କର ବାସ କରିବା ପାଇଁ ନଗର
ହେବ।

**6**"ପୁଣି ନଗରର ପାଇଁ ପବିତ୍ର ଅଞ୍ଚଳ ପାଖେ ପାଖେ
5,000 ହାତ ପ୍ରସ୍ଥ ଓ 25,000 ହାତ ଦୈର୍ଘ୍ୟ ଭୂମି
ନିରୂପଣ କରିବ। ତାହା ସମୁଦାୟ ଇଶ୍ରାୟେଲ ବଂଶର
ନିମନ୍ତେ ହେବ। **7**ପୁଣି ଅଧିପତି ନିମନ୍ତେ ଯାହା ହେବ ସେ
ଭୂମି ପବିତ୍ର ଉପହାର ଓ ନଗର ଅଧିକାର ଭୂମିରେ ଉଭୟ
ପାଖରେ ରହିବ। ଆଉ ପଶ୍ଚିମ ସୀମାଠାରୁ ପୂର୍ବ ସୀମା
ପର୍ଯ୍ୟନ୍ତ ବଢିକି ଏହାର ଓସାର ଗୋଟିଏ ପରିବାରବର୍ଗର ଭୂମି
ଅଂଶ ସହିତ ସମାନ ହେବ। **8**ଏହା ଦେଶ ମଧ୍ୟରେ ତାହା
ଅର୍ଥାତ୍ ଇଶ୍ରାୟେଲ ମଧ୍ୟରେ ତାହାର ଅଧିକାରାର୍ଥେ ହେବ।
ପୁଣି ଆମ୍ଭର ଅଧିପତିମାନେ ଆମ୍ଭ ଲୋକମାନଙ୍କ ପ୍ରତି ଆଉ
ଉପଦ୍ରବ କରିବେ ନାହିଁ। ମାତ୍ର ଇଶ୍ରାୟେଲ ବଂଶକୁ ସେମାନଙ୍କର
ଗୋଷ୍ଠୀ ଅନୁସାରେ ଦେଶ ଦେବେ।"

**9**ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହନ୍ତି, "ହେ
ଇଶ୍ରାୟେଲର ଅଧିପତିମାନେ, ଯଥେଷ୍ଟ! ତୁମ୍ଭମାନଙ୍କ ନିମନ୍ତେ
ଏହା ଯଥେଷ୍ଟ ହେଉ। ତୁମ୍ଭେମାନେ ଲୋକମାନଙ୍କ ପ୍ରତି
ନିଷ୍ଠୁରତା ଓ ଧନ ଅପହରଣ କରିବା ଦୂର କର। ଆଉ
ସେମାନଙ୍କ ପ୍ରତି ନ୍ୟାୟ ଓ ଯଥାର୍ଥ ବିଚାର କର। ମୋର
ଲୋକମାନଙ୍କଠାରୁ ଭୂମି ନେଇଯିବା ବନ୍ଦ କର।" ଏହା
ସଦାପ୍ରଭୁ, ମୋର ପ୍ରଭୁ କହନ୍ତି।

**10**"ଲୋକମାନଙ୍କୁ ଠକିବା ବନ୍ଦ କର। ଯଥାର୍ଥ ତରାଜୁ ଓ
ଐଫା ଓ ଯଥାର୍ଥ ମାପ ବ୍ୟବହାର କର। **11**ବାତ୍ ଯେପରି
ହୋମରର ଏକ ଦଶମାଂଶ ହେବ, ଐଫା ହୋମରର ସହିତ
ସମାନ ହେବ। ଏଥିପାଇଁ ଐଫା ଓ ବାତ୍‌ର ଏକ ସମାନ
ପରିମାଣ ହେବ। ତହିଁର ପରିମାଣ ହୋମର ଅନୁସାରେ
ହେବ। **12**ପୁଣି ଏକ ଶେକଲ କୋଡ଼ିଏ ଗେରା ହେବ, ଏକ
ମିନା କୋଡ଼ିଏ ଶେକଲ, ପଚିଶ ଶେକଲ, ପନ୍ଦର ଶେକଲ
ହେବ।

**13**"ତୁମ୍ଭେମାନେ ଏହି ବିଶେଷ ନୈବେଦ୍ୟ ଉତ୍ସର୍ଗ କରିବ।
ପ୍ରତ୍ୟେକ ହୋମରର ଏକ ଷଷ୍ଠାଂଶ ଗହମ ଓ ଏକ ଷଷ୍ଠାଂଶ
ବାଲି ତୁମ୍ଭେମାନେ ଦେବ।

**14**ପୁଣି ବାତ୍ ସମ୍ବନ୍ଧୀୟ ତୈଳର ନିରୂପିତ ଅଂଶ କୋରରୁ
ଏକ ବାତ୍‌ର ଦଶମାଂଶ ହେବ। କୋର୍ ଦଶ ବାତ୍ ଅର୍ଥାତ୍
ଏକ ହୋମର, କାରଣ ଦଶ ବାତରେ ଏକ ହୋମର ହୁଏ।

**15**ଆଉ ଇଶ୍ରାୟେଲର ଭଲ ଜଳ ହୋଇଥିବା ଚରାଣଭୂମି
ସ୍ଥାନରୁ ପଲର 200 ମେଷ ମଧ୍ୟରୁ ଏକ ମେଷ ଦେବ।
ତାହା ଲୋକମାନଙ୍କ ନିମନ୍ତେ ବିଶେଷ ନୈବେଦ୍ୟ ହେବ।

"ଲୋକମାନଙ୍କ ନିମନ୍ତେ ପ୍ରାୟଶ୍ଚିତ୍ତ କରିବା ପାଇଁ ଏହି
ଶସ୍ୟ ବଳି, ହୋମବଳି ଓ ମଙ୍ଗଳାର୍ଥକ ବଳି ହେବ।" ଏହା
ସଦାପ୍ରଭୁ, ମୋର ପ୍ରଭୁ କହନ୍ତି।

**16**"ଦେଶର ସମସ୍ତ ଲୋକ ଇଶ୍ରାୟେଲର ଅଧିପତିଙ୍କ
ପାଇଁ ଏହି ଉପହାର ଦେବେ। **17**ପୁଣି ପର୍ବ ଦିନରେ;
ଅମାବାସ୍ୟାରେ ଓ ବିଶ୍ରାମବାରଗୁଡ଼ିକରେ ଇଶ୍ରାୟେଲ ବଂଶର
ସକଳ ନିରୂପିତ ପର୍ବ ସମୟରେ ହୋମବଳି, ଶସ୍ୟାବଳି ଓ
ପେୟ ନୈବେଦ୍ୟ ଓ ସହଭାଗିତାର ନୈବେଦ୍ୟ ଅଧିପତି
ଦେବେ। ଅଧିପତି ଇଶ୍ରାୟେଲକୁ ପବିତ୍ର କରିବା ପାଇଁ ସମସ୍ତ
ପାପାର୍ଥକ ବଳି, ଶସ୍ୟ ନୈବେଦ୍ୟ, ହୋମବଳି, ସହଭାଗିତାର
ନୈବେଦ୍ୟ ଉତ୍ସର୍ଗ କରିବେ।"

**18**ସଦାପ୍ରଭୁ, ମୋର ପ୍ରଭୁ ସଦାପ୍ରଭୁ ଏହି କଥା କହନ୍ତି,
"ପ୍ରଥମ ମାସର ପ୍ରଥମ ଦିନ ତୁମ୍ଭେ ଏକ ନିଖୁଣ ଗୋବତ୍ସ
ନେଇ ପବିତ୍ର ସ୍ଥାନକୁ ଶୁଚି କରିବ। **19**ପୁଣି ଯାଜକ
ପାପାର୍ଥକ ବଳିର ରକ୍ତର କିଛି ନେଇ ମନ୍ଦିରର ଚୌକାଠମାନର
ଉପରେ ଓ ଯଜ୍ଞବେଦୀ ଥାକର ଚାରି କୋଣର ଉପରେ
ଆଉ ଭିତର ପ୍ରାଙ୍ଗଣର ଦ୍ୱାର ଚୌକାଠର ଉପରେ ଲଗାଇବା
ଉଚିତ୍। **20**ଆଉ ଯେଉଁ ଲୋକ ଭ୍ରାନ୍ତିରେ କୌଣସି ପାପ
କରେ ତାହାପାଇଁ ଓ ସେହିମାନଙ୍କ ପାଇଁ ଅଜାଣତରେ ପାପ
କରେ, ତାହା ପାଇଁ ତୁମ୍ଭେ ମାସର ସପ୍ତମ ଦିନରେ ଏହି
ପ୍ରକାର କରିବ। ଏହିରୂପେ ତୁମ୍ଭେମାନେ ମନ୍ଦିରକୁ ପବିତ୍ର
କରିବ।

### ନିସ୍ତାରପର୍ବ ସମୟର ବଳି

**21**"ପ୍ରଥମ ମାସର ଚତୁର୍ଦ୍ଦଶ ଦିବସରେ ତୁମ୍ଭମାନଙ୍କର
ନିସ୍ତାର ପର୍ବ ହେବ। ସେହି ପର୍ବ ସାତଦିନ ଧରି ପାଳିତ
ହେବ। ସେ ସମୟରେ ତୁମ୍ଭେମାନଙ୍କୁ ତାଡ଼ିଶୂନ୍ୟ ରୋଟୀ
ଭୋଜନ କରିବ। **22**ପୁଣି ସେହି ସମୟରେ ଅଧିପତି ଆପଣା
ନିମନ୍ତେ ଓ ଦେଶସ୍ଥ ସକଳ ଲୋକଙ୍କ ନିମନ୍ତେ ପାପାର୍ଥକ
ବଳିରୂପେ ଏକ ବୃଷଭ ଉତ୍ସର୍ଗ କରିବେ। **23**ଭୋଜିର
ସାତଦିନ ସମୟ ଯାଏ ସେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ହୋମବଳି ଉତ୍ସର୍ଗ କରିବା ଉଚିତ୍। ସାତଦିନ ଯାଏ ପ୍ରତିଦିନ
ନିର୍ଦ୍ଦୋଷ ସାତ ବୃଷଭ ଓ ସାତ ମେଷ, ଆଉ ପାପାର୍ଥକ
ବଳିରୂପେ ପ୍ରତିଦିନ ଏକ ଛାଗ ଉତ୍ସର୍ଗ କରିବେ। **24**ଏବଂ
ଅଧିପତି ଏକ ଏକ ବୃଷଭ ସହିତ ଏକ ଏକ ଐଫା ଯବ ଓ
ଏକ ଏକ ମେଷ ସହିତ ଏକ ଏକ ଐଫା ଯବ ଓ ପ୍ରତି
ଐଫା ପାଇଁ ଏକ ଏକ ହୀନ ତୈଳର ଶସ୍ୟ ନୈବେଦ୍ୟ
ଉତ୍ସର୍ଗ କରିବେ। **25**ଏବଂ ସେହି ଅଧିପତି ସପ୍ତମ ମାସର
ପଞ୍ଚଦଶ ଦିନ ପର୍ବ ସମୟରେ ସାତଦିନ ଯାଏ ଏହିରୂପ

ଅର୍ଥାତ୍ ପାପାର୍ଥକ ବଳି, ହୋମାର୍ଥକ ବଳି, ଶସ୍ୟ ନୈବେଦ୍ୟ
ଆଉ ତୈଳ ଦାନର ବିଧି ଅନୁଯାୟୀ ଉତ୍ସର୍ଗ କରିବେ।"

### ଅଧିପତି ଓ ପର୍ବଗୁଡ଼ିକ

46 ସଦାପ୍ରଭୁ, ମୋର ପ୍ରଭୁ ଏହିକଥା କହନ୍ତି, "ଭିତର
ପ୍ରାଙ୍ଗଣର ପୂର୍ବଦ୍ୱାର କାର୍ଯ୍ୟକାରୀ ଛଅଦିନ ବନ୍ଦ
ରହିବ। ମାତ୍ର ବିଶ୍ରାମ ଦିନ ଓ ଅମାବାସ୍ୟା ଦିନ ଖୋଲା
ରହିବ। 2ପୁଣି ଅଧିପତି ବାହାର ଦ୍ୱାରର ବାରଣ୍ଡା ଦେଇ
ପ୍ରବେଶ କରିବେ ଓ ଦ୍ୱାର ଚୌକାଠ ନିକଟରେ ଠିଆ
ହେବେ। ଆଉ ଯାଜକମାନେ ତାଙ୍କର ହୋମାର୍ଥକ ଓ ମଙ୍ଗଳାର୍ଥକ
ବଳି ଉତ୍ସର୍ଗ କରିବେ। ସେ ଦ୍ୱାର ପ୍ରବେଶ ସ୍ଥାନରେ ପ୍ରଣାମ
କରିବେ ଓ ତା'ପରେ ବାହାରି ଯିବେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ
ଦ୍ୱାର ବନ୍ଦ କରାଯିବ ନାହିଁ। 3ଆଉ ବିଶ୍ରାମ ବାରରେ ଓ
ଅମାବାସ୍ୟାରେ ସେହି ଦ୍ୱାର ପ୍ରବେଶ ସ୍ଥାନ ନିକଟରେ
ଦେଶର ସାଧାରଣ ଲୋକମାନେ ସଦାପ୍ରଭୁଙ୍କ ସମ୍ମୁଖରେ
ପ୍ରଣାମ କରିବେ।

4"ପୁଣି ଅଧିପତି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯେଉଁ ହୋମବଳି
ଉତ୍ସର୍ଗ କରିବେ, ତାହା ବିଶ୍ରାମ ଦିନରେ ନିଖୁଣ ଛଅଗୋଟି
ମେଷଶାବକ ଓ ନିଖୁଣ ଏକ ମେଷ ହେବ। 5ଆଉ ଭକ୍ଷ୍ୟ
ନୈବେଦ୍ୟ ରୂପେ ମେଷ ସଙ୍ଗେ ଶସ୍ୟ ନୈବେଦ୍ୟ ଦେବେ
ଓ ମେଷଶାବକ ସଙ୍ଗେ ସେ ନିଜର ଶକ୍ତି ଅନୁସାରେ ଭକ୍ଷ୍ୟ
ନୈବେଦ୍ୟ ଦେବେ। ପୁଣି ଏକ ଏକ ଐଫା ପାଇଁ ଏକ ଏକ
ହୀନ ତୈଳ ଦେବେ।

6"ଅମାବାସ୍ୟା ଦିନ ହୋମବଳି ନିମନ୍ତେ ଏକ ନିଖୁଣ
ଗୋବତ୍ସ ଛଅ ମେଷ ଶାବକ ଓ ଏକ ମେଷ ହେବ। ଆଉ
ଏଗୁଡ଼ିକ ସବୁ ନିଖୁଣ ହେବେ। 7ଆଉ ଅଧିପତି ଭକ୍ଷ୍ୟ
ନୈବେଦ୍ୟ ରୂପେ ଗୋବତ୍ସ ସଙ୍ଗେ ଏକ ଐଫା ଶସ୍ୟ, ମେଷ
ସଙ୍ଗେ ଏକ ଐଫା ଶସ୍ୟ ଓ ମେଷଶାବକମାନଙ୍କ ସଙ୍ଗେ
ନିଜ ନିଜ ଶକ୍ତି ଅନୁସାରେ ଦେବେ। ଆଉ ଏକ ଏକ ଐଫା
ପରି ଏକ ଏକ ହୀନ ତୈଳ ଦେବେ।

8"ପୁଣି ଅଧିପତି ପ୍ରବେଶ କଲାବେଳେ ସେହି ଦ୍ୱାର
ବାରଣ୍ଡା ଦେଇ ଭିତରକୁ ପ୍ରବେଶ କରିବେ ଓ ସେହି ପଥ
ଦେଇ ବାହାରି ଯିବେ।

9"ମାତ୍ର ନିରୂପିତ ପର୍ବଦିନମାନଙ୍କରେ ଯେତେବେଳେ ଦେଶର
ଲୋକମାନେ ସଦାପ୍ରଭୁଙ୍କ ଛାମୁକୁ ଆସିବେ, ସେତେବେଳେ
ଯେଉଁ ଲୋକ ପ୍ରଣାମ କରିବା ପାଇଁ ଉତ୍ତର ଦ୍ୱାର ପଥ
ଦେଇ ଆସିବ, ସେ ଦକ୍ଷିଣ ଦ୍ୱାର ପଥ ଦେଇ ବାହାରି ଯିବ।
ଆଉ ଯେଉଁ ଲୋକ ଦକ୍ଷିଣ ଦ୍ୱାର ପଥ ଦେଇ ଭିତରକୁ
ପ୍ରବେଶ କରିବ, ସେ ଉତ୍ତର ଦ୍ୱାର ପଥଦେଇ ବାହାରି ଯିବ।
ମାତ୍ର କେହି ଯେଉଁ ଦ୍ୱାର ଦେଇ ଆସିବେ ସେହି ଦ୍ୱାର
ଦେଇ ଫେରିବେ ନାହିଁ। ଆଉ ନିଜ ସମ୍ମୁଖସ୍ଥ ପଥ ଦେଇ
ବାହାରି ଯିବ। 10ପୁଣି ଲୋକମାନେ ଯେତେବେଳେ ଭିତରକୁ
ଯିବେ ସେତେବେଳେ ଅଧିପତି ସେମାନଙ୍କ ସହିତ ଭିତରକୁ
ଯିବେ। ଆଉ ବାହାରିଲା ବେଳେ ସେମାନେ ଏକତ୍ର ବାହାରି
ଯିବେ।

11"ଆଉ ପର୍ବ ଓ ଉତ୍ସବାଦି ସମୟରେ ଶସ୍ୟ ନୈବେଦ୍ୟ
ରୂପେ ଏକ ଗୋବତ୍ସ ସଙ୍ଗେ ଏକ ଐଫା ଶସ୍ୟ ନୈବେଦ୍ୟ,
ଏକ ଅଣ୍ଡିରା ମେଷ ସଙ୍ଗେ ଏକ ଐଫା ଶସ୍ୟ ନୈବେଦ୍ୟ ଓ
ମେଷ ଶାବକମାନଙ୍କ ସଙ୍ଗେ ଶସ୍ୟ ନୈବେଦ୍ୟ ଆପଣା ଶକ୍ତି
ଅନୁସାରେ ଆଉ ଏକ ଏକ ଐଫା ସଙ୍ଗେ ଏକ ଏକ ହୀନ
ତୈଳ ଦେବେ।

12"ପୁଣି ଅଧିପତି ଯେତେବେଳେ ସ୍ୱେଚ୍ଛାଦତ୍ତ ଉପହାର
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋମବଳି ଅବା ମଙ୍ଗଳାର୍ଥକ ବଳି
ସ୍ୱେଚ୍ଛାଦତ୍ତ ଉପହାର ରୂପେ ଉତ୍ସର୍ଗ କରିବେ,
ସେତେବେଳେ ତାଙ୍କ ପାଇଁ ପୂର୍ବଦ୍ୱାର ଫିଟା ଯିବ। ଏବଂ ସେ
ବିଶ୍ରାମ ଦିନରେ ଯେପରି କରନ୍ତି ସେହିପରି ଆପଣା
ହୋମବଳି ଓ ମଙ୍ଗଳାର୍ଥକ ବଳି ଉତ୍ସର୍ଗ କରିବେ। ତା'ପରେ
ସେ ବାହାରି ଯିବେ ଓ ବାହାରି ଗଲାପରେ ଦ୍ୱାର ବନ୍ଦ
କରାଯିବ।

### ପ୍ରତ୍ୟହ ନୈବେଦ୍ୟ

13"ପୁଣି ତୁମ୍ଭେ ପ୍ରତିଦିନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ହୋମବଳି ନିମନ୍ତେ ଏକ ବର୍ଷୀୟ ନିଖୁଣ ଏକ ମେଷ ଶାବକ
ଉତ୍ସର୍ଗ କରିବ। ତାହା ତୁମ୍ଭେ ପ୍ରତି ପ୍ରଭାତରେ ଉତ୍ସର୍ଗ
କରିବ। 14ଆଉ ତାହା ସହିତ ତୁମ୍ଭେ ପ୍ରତି ପ୍ରଭାତ ଭକ୍ଷ୍ୟ
ନୈବେଦ୍ୟ ରୂପେ ଏକ ଐଫାର ଏକ ଷଷ୍ଠାଂଶ ଓ ସରୁ
ମଇଦାକୁ ତିନ୍ତାଇବାକୁ ଏକ ହୀନର ଏକ ତୃତୀୟାଂଶ ତୈଳ
ଉତ୍ସର୍ଗ କରିବ। ଏହି ଶସ୍ୟ ନୈବେଦ୍ୟ ବନ୍ଦ ନକରି ସର୍ବଦା
ଦେବ। 15ଏହିରୂପେ ଲୋକମାନେ ନିତ୍ୟ ହୋମବଳି ରୂପେ
ପ୍ରତି ପ୍ରଭାତରେ ମେଷଛୁଆ, ଭକ୍ଷ୍ୟ ନୈବେଦ୍ୟ ଓ ତୈଳ
ଉତ୍ସର୍ଗ କରିବେ।"

### ଅଧିପତିଙ୍କ ଉତ୍ତରାଧିକାରୀଙ୍କ ପାଇଁ ବିଧି

16ସଦାପ୍ରଭୁ, ମୋର ପ୍ରଭୁ କହନ୍ତି, "ଯଦି ଅଧିପତି ନିଜ
ପୁତ୍ରମାନଙ୍କରୁ ଜଣକୁ ତାଙ୍କ ଭୂମିର ଅଂଶରୁ ଗୋଟିଏ ଉପହାର
କରନ୍ତି, ତେବେ ତା'ର ଉତ୍ତରାଧିକାରୀ ସେହି ପୁତ୍ରମାନେ
ହେବେ। ଏହା ସେମାନଙ୍କର ସଂପତ୍ତି ହେବ। 17ମାତ୍ର ଯଦି
ଅଧିପତି ନିଜ ଦାସମାନଙ୍କ ମଧ୍ୟରୁ କାହାକୁ କିଛି ଦାନ
କରନ୍ତି, ତେବେ ତାହା ମୁକ୍ତିବର୍ଷ ପର୍ଯ୍ୟନ୍ତ ତାହାର ହେବ। ଓ
ତା'ପରେ ତାହା ଅଧିପତି ନିକଟକୁ ଫେରିଯିବ। ଆଉ ସେ
ଉତ୍ତରାଧିକାରତ୍ୱ କେବଳ ତାଙ୍କ ପୁତ୍ରଗଣର ହେବ। 18ଆଉ
ଅଧିପତି ନିଶ୍ଚୟ ଲୋକମାନଙ୍କୁ ସେମାନଙ୍କ ଉତ୍ତରାଧିକାରୀରୁ
ବଞ୍ଚିତ କରିପାରିବେ ନାହିଁ, ସେମାନଙ୍କର ସମ୍ପତ୍ତିରୁ ତଡ଼ିଦେଇ
ପାରିବ ନାହିଁ। ତାଙ୍କର ପୁତ୍ରଗଣ କେବଳ ତାଙ୍କର ସମ୍ପତ୍ତିର
ଅଧିକାର ପାଇବେ। ଏହି ପ୍ରକାରେ ମୋର କୌଣସି ଲୋକ
ତା'ର ସମ୍ପତ୍ତିରୁ ଅଲଗା ହେବ ନାହିଁ।"

### ସ୍ୱତନ୍ତ୍ର ପାକଶାଳା

19ତା'ପରେ ସେ ଦ୍ୱାର ପାର୍ଶ୍ୱସ୍ଥ ପ୍ରବେଶ ପଥ ଦେଇ
ମୋତେ ଯାଜକମାନଙ୍କର ଉତ୍ତରାଭିମୁଖ ପବିତ୍ର କୋଠରୀକୁ
ଆଣିଲେ। ମୁଁ ସେଠାରେ ପଶ୍ଚିମରେ ଏକ ସ୍ଥାନ ଥିବାର
ଦେଖିଲି। 20ସେ ମୋତେ କହିଲେ, "ଏହି ସ୍ଥାନରେ ଯାଜକମାନେ
ଦୋଷାର୍ଥକ ବଳି ଓ ପାପାର୍ଥକ ବଳି ସିଦ୍ଧ କରିବେ, ଆଉ
ଭକ୍ଷ୍ୟ ନୈବେଦ୍ୟ ପାକ କରିବେ। ସେମାନେ ଲୋକମାନଙ୍କୁ

ପବିତ୍ର କରିବା ନିମନ୍ତେ ବାହାର ପ୍ରାଙ୍ଗଣକୁ ତାହା ସବୁ
ଆଣିବା ଦରକାର ନାହିଁ।”
**21**ଏହାପରେ ସେ ମୋତେ ବାହାର ପ୍ରାଙ୍ଗଣକୁ ଆଣି
ସେହି ପ୍ରାଙ୍ଗଣର ଚାରିକୋଣ ଦେଇ ଗମନ କରାଇଲେ। ଆଉ
ସେହି ପ୍ରାଙ୍ଗଣର ପ୍ରତ୍ୟେକ କୋଣରେ ଗୋଟିଏ ଗୋଟିଏ
ପ୍ରାଙ୍ଗଣ ଥିଲା। **22**ପ୍ରାଙ୍ଗଣର ଚାରି କୋଣରେ ଚାଳିଶ ହାତ
ଦୈର୍ଘ୍ୟ ଓ ତିରିଶ ହାତ ପ୍ରସ୍ଥ ପ୍ରାଚୀର ବିଶିଷ୍ଟ ଏକ ଏକ
ଛୋଟ ପ୍ରାଙ୍ଗଣ ଥିଲା। କୋଣମାନଙ୍କର ଏହି ଚାରି ପ୍ରାଙ୍ଗଣର
ମାପ ସମାନ ଥିଲା। **23**ସେହି ପ୍ରାଙ୍ଗଣର ଚାରିପାଖରେ ଥାକ
ଥିଲା। ସେହି ଥାକ ଭିତର ପାଖକୁ ଲାଗି ପାକସ୍ଥାନ ନିର୍ମିତ
ହୋଇଥିଲା। **24**ଆଉ ସେ ମୋତେ କହିଲେ, “ଏସବୁ ପାକ
ଗୃହ ଓ ଏହି ସ୍ଥାନରେ ଗୃହର ପରିଚାରକମାନେ ଲୋକମାନଙ୍କ
ବଳି ସିଦ୍ଧ କରିବେ।”

## ସଦାପ୍ରଭୁଙ୍କ ମନ୍ଦିରରୁ ଜଳ ନିର୍ଗତ ହେବ

**47** ଅନନ୍ତର ସେ ମୋତେ ଫେରାଇ ମନ୍ଦିରର ଦ୍ୱାର
ନିକଟକୁ ଆଣିଲେ। ଗୃହର ପ୍ରବେଶ ସ୍ଥାନରେ ତଳୁ
ଜଳ ନିର୍ଗତ ହୋଇ ପୂର୍ବ ଦିଗରେ ବହୁଥିବାର ମୁଁ ଦେଖିଲି
କାରଣ ମନ୍ଦିର ସମ୍ମୁଖଭାଗ ପୂର୍ବାଭିମୁଖୀ ଥିଲା। ଆଉ ସେହି
ଜଳ ତଳୁ ମନ୍ଦିରର ଦକ୍ଷିଣପାର୍ଶ୍ୱ ଦେଇ ଯଜ୍ଞବେଦୀର ଦକ୍ଷିଣ
ଦିଗରେ ବହିଲା। **2**ଏବଂ ସେ ମୋତେ ଉତ୍ତର ଦ୍ୱାରର ପଥ
ଦେଇ ବାହାରକୁ ଆଣିଲେ। ଆଉ ବାହାର ପଥ ଦେଇ
ବୁଲାଇ ପୂର୍ବାଭିମୁଖ ଦ୍ୱାରର ପଥ ଉପର ଦେଇ ବାହାର
ଦ୍ୱାରକୁ ନେଇ ଗଲେ। ସେହି ସ୍ଥାନରେ ଦକ୍ଷିଣ ପାର୍ଶ୍ୱରେ ଜଳ
ବହୁଥିବାର ମୁଁ ଦେଖିଲି।
**3**ସେହି ବ୍ୟକ୍ତି ମାପ ଫିତା ନିଜ ହାତରେ ନେଇ
ପୂର୍ବଆଡ଼େ ଗଲେ ଓ 1,000 ହାତ ମାପିଲେ। ଆଉ
ମୋତେ ସେ ଜଳ ମଧ୍ୟ ଦେଇ ଗମନ କରାଇଲେ। ଜଳ
ଆଣ୍ଠୁଏ ପର୍ଯ୍ୟନ୍ତ ହେଲା। **4**ପୁଣି ସେ 1,000 ହାତ ମାପିଲେ
ଓ ମୋତେ ଜଳ ମଧ୍ୟ ଦେଇ ଗମନ କରାଇଲେ, ଜଳ
ଆଣ୍ଠୁ ପର୍ଯ୍ୟନ୍ତ ହେଲା। ପୁନର୍ବାର 1,000 ହାତ ମାପିଲେ ଓ
ଜଳ ମଧ୍ୟ ଦେଇ ମୋତେ ଗମନ କରାଇଲେ, ଜଳ ଅଣ୍ଟା
ପର୍ଯ୍ୟନ୍ତ ହେଲା। **5**ତାହାପରେ ସେ ଆଉ 1,000 ହାତ
ମାପିଲେ। ସେତେବେଳେ ତାହା ଏକ ଗଭୀର ନଦୀ ହେଲା
ଓ ମୁଁ ତାହା ମଧ୍ୟ ଦେଇ ଗମନ କରିପାରିଲି ନାହିଁ। କାରଣ
ଜଳ ଏତେ ଗଭୀର ଥିଲା ଯେ, ଜଣକୁ ପହଁରିବା ପାଇଁ
ପଡ଼ିଥାନ୍ତା, କିନ୍ତୁ କେହି ପାରି ହୋଇ ପାରିବେ ନାହିଁ।
**6**ତା’ପରେ ସେ ମୋତେ କହିଲେ, “ହେ ମନୁଷ୍ୟ ସନ୍ତାନ,
ତୁମ୍ଭେ ଏହା ଦେଖିଲ କି?”
ତହୁଁ ସେ ମୋତେ ଫେରାଇ ନଦୀ ତୀରକୁ ଆଣିଲେ।
**7**ମୁଁ ଫେରି ଆସିଲା ବେଳେ ନଦୀ ତୀରର ଉଭୟ ପାର୍ଶ୍ୱରେ
ଅନେକଗୁଡ଼ିଏ ବଡ ବଡ ବୃକ୍ଷ ଥିବାର ଦେଖିଲି। **8**ଲୋକଟି
ମୋତେ କହିଲେ, “ଏହି ଜଳ ସବୁ ପୂର୍ବ ଅଞ୍ଚଳ ଆଡ଼େ
ବହୁଅଛି। ଆଉ ତାହା ପ୍ରବାହିତ ହୋଇ ଆରବାକୁ ଯିବ,
ଆଉ ତାହା ମୃତ ସମୁଦ୍ରକୁ ଯିବ, ଏବଂ ଯେତେବେଳେ ଏହା
ସମୁଦ୍ରରେ ପ୍ରବେଶ କରେ, ଏହାର ଜଳ ନିର୍ମଳ ହୋଇଯାଏ।
**9**ପୁନଶ୍ଚ ଏହି ନଦୀ ସବୁ ଯେଉଁ ସମସ୍ତ ସ୍ଥାନ ଦେଇ ବହିବ,
ସେ ସ୍ଥାନସ୍ଥିତ ବହୁ ସଂଖ୍ୟକ ଜୀବଜନ୍ତୁ ସବୁ ବଞ୍ଚିବେ ଓ ସେ
ସ୍ଥାନରେ ଅପାର ମତ୍ସ୍ୟ ହେବେ। କାରଣ ଏହି ସବୁ ଜଳ
ସେ ସ୍ଥାନକୁ ଆସିଅଛି ଓ ସମୁଦ୍ରର ଜଳ ଉତ୍ତମ ହେବ।
ଆଉ ଯେଉଁ ସ୍ଥାନ ଦେଇ ଏହା ପ୍ରବାହିତ ହେବ, ସେ
ସ୍ଥାନରେ ସମସ୍ତେ ସଂଜୀବିତ ହେବେ। **10**ଏବଂ ତୁମ୍ଭେ ତାହା
ନିକଟରେ ମତ୍ସ୍ୟଧରାଳି ଠିଆ ହୋଇଥିବାର ଦେଖିପାରିବ।
ଐନଗଦୀ ଠାରୁ ଐନଇଗ୍ଲିଇମ୍ ପର୍ଯ୍ୟନ୍ତ ଜାଲ ପକାଇବାର
ସ୍ଥାନ ହେବ। ସେଠାରେ ବିଭିନ୍ନ ଜାତିର ଓ ବିଭିନ୍ନ ପ୍ରକାରର
ମାଛ ଧରିବା ପାଇଁ ଜାଲ ପକାଇବେ। ଏବଂ ଏହାର ମାଛସବୁ
ଭୂମଧ୍ୟ ସାଗରର ମାଛ ପରି ଅନେକ ପ୍ରକାର ହେବେ।
**11**ମାତ୍ର ସେ ସ୍ଥାନରେ ପଙ୍କ ଓ ଝିଲ ଭୂମି ସବୁ ଉତ୍ତମ
ହେବ ନାହିଁ, ସେହି ସବୁ ଲବଣ ପାଇଁ ସମର୍ପିତ ହେବ।
**12**ନଦୀର ଉଭୟ ପାର୍ଶ୍ୱରେ ସବୁ ପ୍ରକାର ଖାଦ୍ୟ ଉପଯୋଗୀ
ଫଳବୃକ୍ଷ ହେବ ଓ ସେଗୁଡ଼ିକର ପତ୍ର ମଳିନ ହେବ ନାହିଁ
ଏବଂ ଫଳର ଅଭାବ ହେବ ନାହିଁ। କାରଣ ସେହି ବୃକ୍ଷଗୁଡ଼ିକ
ପବିତ୍ର ସ୍ଥାନର ନିର୍ଗତ ଜଳରେ ବଢ଼ିଥିବା ହେତୁ ପ୍ରତି
ମାସରେ ନୂତନ ଫଳ ଧାରଣ କରିବେ। ଆଉ ତାହାର ଫଳ
ଆହାରାର୍ଥେ ଓ ପତ୍ର ଆରୋଗ୍ୟାର୍ଥେ ଔଷଧ ରୂପେ ବ୍ୟବହୃତ
ହେବ।”

## ବିଭିନ୍ନ ଗୋଷ୍ଠୀ ନିମନ୍ତେ ଭୂମି ବଣ୍ଟନ

**13**ସଦାପ୍ରଭୁ, ମୋର ପ୍ରଭୁ ସଦାପ୍ରଭୁ ଏହି କଥା କହନ୍ତି,
“ତୁମ୍ଭେମାନେ ଇଶ୍ରାୟେଲ ବଂଶର ଦ୍ୱାଦଶ ଗୋଷ୍ଠୀ ମଧ୍ୟରେ
ଉତ୍ତରାଧିକାର ନିମନ୍ତେ ଯେଉଁ ଦେଶ ବିଭାଗ କରିବ, ତାହାର
ସୀମା ଏହି। ଯୋଷେଫ ଦୁଇ ଭାଗ ପାଇବ। **14**ତୁମ୍ଭେମାନେ
ଏହା ସମାନ ସମାନ ଭାଗ କରିବ। କାରଣ ଏହି ଦେଶ
ଦେବା ପାଇଁ ମୁଁ ତୁମ୍ଭମାନଙ୍କ ପୂର୍ବପୁରୁଷମାନଙ୍କଠାରେ ପ୍ରତିଜ୍ଞା
କରିଥିଲି ଏବଂ ଏହି ଦେଶ ତୁମ୍ଭେମାନେ ଅଧିକାର କରିବ।
**15**“ପୁଣି ଦେଶର ସୀମା ଏହି ହେବ। ଉତ୍ତର ଦିଗରେ
ହିତ୍‌ଲୋନ ପଥ ନିକଟସ୍ଥ ମହା ସମୁଦ୍ରଠାରୁ ସଦାଦର ପ୍ରବେଶ
ସ୍ଥାନ ପର୍ଯ୍ୟନ୍ତ। **16**ହମାତ୍, ବେରୋଥା, ଦମ୍ମେଶକର ଓ
ହମାତର ସୀମାର ମଧ୍ୟସ୍ଥିତ ସିବ୍ରୟିମ୍; ହୌରଣର ସୀମା
ନିକଟସ୍ଥ ହତ୍ସର ହତ୍ତୀକୋନ୍। **17**ପୁଣି ସମୁଦ୍ରଠାରୁ ସୀମା
ଦମ୍ମେଶକ ସୀମା ନିକଟସ୍ଥ ହତ୍ସର ଐନନ ହେବ, ଆଉ
ଉତ୍ତର ଦିଗରେ ଉତ୍ତରରେ ହମାତର ସୀମା। ଏହା ଉତ୍ତର
ସୀମା।
**18**“ପୂର୍ବ ଦିଗର ସୀମା ହାମୋର, ନୋନ୍ ମଧ୍ୟରେ
ହୌରଣ, ଦମ୍ମେଶକ ଦେଇ ଯର୍ଦ୍ଦନ ନଦୀ ଦେଇ ଗିଲୟଦ ଓ
ଇଶ୍ରାୟେଲ ମଧ୍ୟ ଦେଇ ଯିବ। ପୂର୍ବ ସମୁଦ୍ର ହୌରଣ,
ଦମ୍ମେଶକ ଓ ଗିଲୟଦ। ଆଉ ଇଶ୍ରାୟେଲର ଦେଶର
ମଧ୍ୟବର୍ତ୍ତୀ ଯର୍ଦ୍ଦନ ହେବ। ଉତ୍ତର ସୀମାରୁ ପୂର୍ବ ସମୁଦ୍ର
ପର୍ଯ୍ୟନ୍ତ ମାପିବ। ଏହା ପୂର୍ବ ସୀମା ହେବ।
**19**“ପୁଣି ଦକ୍ଷିଣ ଦିଗରେ ଦକ୍ଷିଣ ସୀମା ତାମରଠାରୁ
ମରୀବତ୍-କାଦେଶସ୍ଥ ଜଳ, ମିଶରର ସ୍ରୋତୋମାର୍ଗ ଓ ମହା
ସମୁଦ୍ର ପର୍ଯ୍ୟନ୍ତ ହେବ। ଏହା ଦକ୍ଷିଣ ଦିଗର ଦକ୍ଷିଣ ସୀମା।
**20**“ପୁଣି ଦକ୍ଷିଣ ସୀମା ଠାରୁ ହମାତର ସମ୍ମୁଖ ସ୍ଥାନ
ପର୍ଯ୍ୟନ୍ତ ମହାସମୁଦ୍ର ପଶ୍ଚିମ ସୀମା ହେବ। ଏହା ପଶ୍ଚିମ

ସୀମା। **21**ତୁମ୍ଭେମାନେ ଇଶ୍ରାୟେଲର ପରିବାରବର୍ଗଙ୍କ ମଧ୍ୟରେ ଏହି ଦେଶ ଭାଗ କରିବ। **22**ପୁଣି ତୁମ୍ଭେମାନେ ତୁମ୍ଭମାନଙ୍କ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଓ ତୁମ୍ଭମାନଙ୍କ ମଧ୍ୟରେ ବାସ କରୁଥିବା ବିଦେଶୀମାନଙ୍କ ନିମନ୍ତେ ଓ ସେମାନଙ୍କଠାରୁ ଉତ୍ପନ୍ନ ସନ୍ତାନ ସନ୍ତତି ନିମନ୍ତେ ଓ ଉତ୍ତରାଧିକାରୀ ନିମନ୍ତେ ଗୁଳାବାଣ୍ଟ ଦ୍ୱାରା ଦେଶ ବିଭାଗ କରିବ ଏବଂ ସେମାନେ ଇଶ୍ରାୟେଲ ଲୋକମାନେ ସ୍ୱଜନ୍ମସ୍ଥାନ ତୁଲ୍ୟ ବିବେଚିତ ହେବା ଉଚିତ୍। ସେମାନେ ମଧ୍ୟ କିଛି ଇଶ୍ରାୟେଲ ଭୂମିର ଉତ୍ତରାଧିକାରୀ ହେବା ଉଚିତ୍। ଇଶ୍ରାୟେଲ ପରିବାରବର୍ଗମାନଙ୍କ ମଧ୍ୟରୁ ସେମାନଙ୍କ ପାଇଁ ଭୂମି ପ୍ରାପ୍ତ କର। **23**ସେମାନେ ନିଜର ବାସ କରୁଥିବା ପରିବାରବର୍ଗ ଅନୁସାରେ ଅଧିକାର ପାଇବେ।" ସଦାପ୍ରଭୁ, ମୋର ପ୍ରଭୁ ଏହା କହନ୍ତି

## ଇଶ୍ରାୟେଲର ପରିବାରବର୍ଗ ପାଇଁ ଦେଶ

48 **1-7**"ଉତ୍ତର ସୀମା ଭୂମଧ୍ୟ ସାଗରଠାରୁ ପୂର୍ବକୁ ହିତ୍ଲୋନ, ହମାତ୍ ମଧ୍ୟରେ ଏବଂ ହତ୍ସରେ-ଐନନ୍ ପର୍ଯ୍ୟନ୍ତ ବିସ୍ତାର କରିଥିଲା। ଏହା ଦମ୍ମେଶକ ଓ ହମାତର ସୀମା ଉପରେ ଥିଲା। ପରିବାରବର୍ଗଙ୍କ ନିମନ୍ତେ ପୂର୍ବରୁ ପଶ୍ଚିମ ସୀମା ମଧ୍ୟରେ ଦେଶ ବିଭାଗ ହେବ ଓ ଉତ୍ତରରୁ ଦକ୍ଷିଣ ସୀମା ମଧ୍ୟରେ ପରିବାରବର୍ଗଙ୍କ ପାଇଁ ଦେଶ ବିଭାଗ ହେବ। ଆଉ ପରିବାରବର୍ଗଙ୍କ ନାମ ଏହିପରି: ଯଥା: ଦାନ, ଆଶେର, ନପ୍ତାଲି, ମନଃଶି, ଇଫ୍ରୟିମ, ରୁବେନ୍ ଓ ଯିହୁଦା।

## ଭୂମିର ସ୍ୱତନ୍ତ୍ର ବିଭାଗ

**8**"ପୁଣି ଦେଶ ତୁମ୍ଭେ ଉପହାର ରୂପେ ଦେଇଛ ତାହା ଯିହୁଦାର ଉତ୍ତର ସୀମାରେ ରହିବ। ପୁଣି ଯିହୁଦାର ସୀମା ନିକଟରେ ପୂର୍ବରୁ ପଶ୍ଚିମ ସୀମା ପର୍ଯ୍ୟନ୍ତ ତୁମ୍ଭମାନଙ୍କ ଦତ୍ତ ଉପହାର ଭୂମି ରହିବ। ତାହାର ଲମ୍ବ 25,000 ହାତ ଓ ପୂର୍ବରୁ ପଶ୍ଚିମ ସୀମା ପର୍ଯ୍ୟନ୍ତ ଅନ୍ୟାନ୍ୟ ଅଂଶର ସମାନ ହେବ। ଆଉ ଏହାର ମଧ୍ୟବର୍ତ୍ତୀ ସ୍ଥାନରେ ମନ୍ଦିର ହେବ। **9**ତୁମ୍ଭେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯେଉଁ ଉପହାର ଭୂମି ନିବେଦନ କରିବ, ତାହାର ଦୈର୍ଘ୍ୟ 25,000 ଓ ପ୍ରସ୍ଥ 10,000 ହାତ* ହେବ। **10**ସେହି ବିଶେଷ ଭୂମି

"ଯାଜକମାନଙ୍କ ପାଇଁ ହେବ। ତାହା ଉତ୍ତରରେ 25,000 ହାତ ଦୈର୍ଘ୍ୟ ଓ ପଶ୍ଚିମରେ 10,000 ହାତ ପ୍ରସ୍ଥ ହେବ। ପୁଣି ପୂର୍ବ ଆଡ଼େ 10,000 ହାତ ପ୍ରସ୍ଥ ଓ ଦକ୍ଷିଣ ଆଡ଼େ 25,000 ହାତ ଦୈର୍ଘ୍ୟ ହେବ। ଏହାର ମଧ୍ୟ ସ୍ଥାନରେ ସଦାପ୍ରଭୁଙ୍କର ମନ୍ଦିର ହେବ। **11**ତାହା ସାଦୋକର ସନ୍ତାନଗଣ ମଧ୍ୟରୁ ପବିତ୍ରୀକୃତ ଯାଜକମାନଙ୍କ ବଂଶଧର ନିମନ୍ତେ ହେବ। ଯେଉଁମାନେ ମୋତେ ବିଶ୍ୱସ୍ତ ଭାବରେ ସେବା କରିଛନ୍ତି, କାରଣ ସେମାନେ ଆମ୍ଭର ରକ୍ଷଣୀୟ। ଇଶ୍ରାୟେଲର ପରିବାରବର୍ଗ ବିପଥଗାମୀ ହେବା ସମୟରେ ଲେବୀୟମାନେ ଯେପରି ବିପଥଗାମୀ ହେଲେ, ସେମାନେ ସେପରି ବିପଥଗାମୀ ହେଲେ ନାହିଁ। **12**ସେମାନେ ମହାପବିତ୍ର ଭୂମିରୁ ଲେବୀୟମାନଙ୍କ ସୀମା ପାଖରେ ଏକ ବିଶେଷ ଭାଗ ପାଇବେ।

**13**"ସୀମା ସହିତ ଯାଜକମାନେ, ଲେବୀୟମାନେ 25,000 ହାତ ଦୈର୍ଘ୍ୟ, 10,000 ହାତ ପ୍ରସ୍ଥ ବିଶିଷ୍ଟ ଭୂମି ପାଇବେ। ସମୁଦାୟ ଭୂମିର ଦୈର୍ଘ୍ୟ 25,000 ଓ ପ୍ରସ୍ଥ 10,000 ହାତ ହେବ। **14**ସେମାନେ ସେହି ଭୂମିରୁ କିଛି ବିକ୍ରୟ କରିବେ ନାହିଁ କି ତାହା ପରିବର୍ତ୍ତନ କରିବେ ନାହିଁ। ଏହା ଭୂମିର ସବୁଠୁ ଉତ୍ତମ ଅଂଶ, ଆଉ ତାହା ହାତେ ମଧ୍ୟ ପରିବର୍ତ୍ତିତ ହେବ ନାହିଁ। କାରଣ ଏହା ସଦାପ୍ରଭୁଙ୍କୁ ଉତ୍ସର୍ଗିକୃତ ହୋଇଅଛି।

## ନଗର ସମ୍ପତ୍ତି ପାଇଁ ବିଭାଗ ବଣ୍ଟନ

**15**"ଆଉ 25,000 ହାତ ଦୈର୍ଘ୍ୟ ଓ 5,000 ହାତ ପ୍ରସ୍ଥ ବିଶିଷ୍ଟ ଭୂମି ଯେଉଁ ଅବଶିଷ୍ଟ ରହିବ ତାହା ସର୍ବସାଧାରଣ ବ୍ୟବହାର, ନଗର, ବସତିସ୍ଥାନ ଓ ଚାରଣ ଭୂମି ନିମନ୍ତେ ରହିବ ଓ ତାହାର ମଧ୍ୟ ସ୍ଥାନରେ ନଗର ରହିବ। **16**ନଗରର ପରିମାପ ଏହିପରି ହେବ। ଏହାର ଉତ୍ତର ସୀମା, ଦକ୍ଷିଣ ସୀମ, ପୂର୍ବ ସୀମା ଓ ପଶ୍ଚିମ ସୀମା ପ୍ରତ୍ୟେକ 4,500 ହାତ ବିଶିଷ୍ଟ ହେବ। **17**ଆଉ ନଗରର ଚାରଣ ଭୂମି ହେବ। ତାହାର ଉତ୍ତର ଦକ୍ଷିଣ, ପୂର୍ବ ଓ ପଶ୍ଚିମ ସୀମା ପ୍ରତ୍ୟେକ 250 ହାତ ବିଶିଷ୍ଟ ଭୂମି ହେବ। **18**ପୁଣି ପବିତ୍ର ଉପହାର ଭୂମି ଦୈର୍ଘ୍ୟାନୁସାରେ ଯେଉଁ ଅବଶିଷ୍ଟ ଭୂମି ପୂର୍ବ ଆଡ଼େ 10,000 ହାତ ଓ ପଶ୍ଚିମ ଆଡ଼େ 10,000 ହାତ ହେବ। ଆଉ ତାହା ନଗରର କାର୍ଯ୍ୟ କର୍ତ୍ତାମାନଙ୍କ ପାଇଁ ଖାଦ୍ୟ ଉତ୍ପନ୍ନ କରିବ। **19**ଆଉ ଇଶ୍ରାୟେଲର ଯାବତୀୟ ପରିବାରବର୍ଗ ସେହି ଭୂମିରେ କୃଷି କରିବେ।

**20**"ସମୁଦାୟ ଉପହାର ଭୂମିର ଦୈର୍ଘ୍ୟ 25,000 ହାତ ଓ ପ୍ରସ୍ଥ 25,000 ହାତ ହେବ। ସ୍ୱତନ୍ତ୍ର ବ୍ୟବହାର ନିମନ୍ତେ ଏହି ଭୂମିକୁ ବ୍ୟବହାର କରାଯିବ। ସେଥିରୁ ଏକ ଭାଗ ଯାଜକମାନଙ୍କ ନିମନ୍ତେ, ଏକ ଭାଗ ଲେବୀୟମାନଙ୍କ ନିମନ୍ତେ ଓ ଏକ ଭାଗ ନଗର ନିମନ୍ତେ ରହିବ।

**21-22**"ଭୂମିର ଅଂଶ ପବିତ୍ର ମନ୍ଦିର ପାଇଁ ଅଲଗା ରଖାଗଲା ଏବଂ ସହର ମୁଖ୍ୟଙ୍କ ପାଖକୁ ଯିବା ଉଚିତ୍। ଅର୍ଥାତ୍ ଅନ୍ୟାନ୍ୟ ଅଂଶ ଅନୁସାରେ ପୂର୍ବସୀମା ଆଡ଼େ 25,000 ହାତ ପରିମିତ ଉପହାର ଭୂମିର ସମ୍ମୁଖସ୍ଥ ଭୂମି ଓ ପଶ୍ଚିମ ଦିଗରେ ପଶ୍ଚିମ ଆଡ଼େ 25,000 ହାତ ପରିମିତ ଭୂମିର ସମ୍ମୁଖସ୍ଥ ଭୂମି ଅଧିପତିଙ୍କର ହେବ। ଆଉ ପବିତ୍ର ଉପହାର ଭୂମି ଓ ମନ୍ଦିରର ପବିତ୍ର ସ୍ଥାନ ତହିଁର ମଧ୍ୟବର୍ତ୍ତୀ ହେବ। ଆହୁରି ଅଧିପତିଙ୍କ ଅଂଶର ମଧ୍ୟସ୍ଥିତ ଲେବୀୟମାନଙ୍କ ଅଧିକାରର ସୀମା ଓ ନଗର ଅଧିକାରର ସୀମାଠାରୁ ଯେଉଁ ଭୂମି ଯିହୁଦା ଓ ବିନ୍ୟାମୀନର ସୀମାର ମଧ୍ୟବର୍ତ୍ତୀ ଅଛି ତାହା ଅଧିପତିଙ୍କ ପାଇଁ ହେବ।

**23-27**"ଯର୍ଦ୍ଦନ ନଦୀର ପୂର୍ବରେ ବାସ କରୁଥିବା ପରିବାରବର୍ଗଙ୍କ ପାଇଁ ଏହି ସ୍ୱତନ୍ତ୍ର ଭୂମିର ଦକ୍ଷିଣରେ ରହିବ। ଏହିସବୁ ପରିବାରବର୍ଗମାନେ ଯର୍ଦ୍ଦନ ନଦୀର ପୂର୍ବ ଦିଗରେ ବାସ କରନ୍ତି। ପୂର୍ବ ସୀମାରୁ ମହା ସମୁଦ୍ର ପର୍ଯ୍ୟନ୍ତ ପ୍ରତ୍ୟେକ ପରିବାରବର୍ଗଙ୍କର ଗୋଟିଏ ଗୋଟିଏ ବିଭାଗ ଭୂମି ରହିବ। ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ଯେଉଁ ପରିବାରଗୁଡ଼ିକ ରହିବେ ସେହି ପରିବାରବର୍ଗଗୁଡ଼ିକ ହେଲେ: ବିନ୍ୟାମୀନ, ଶିମିୟୋନ, ଇଷାଖର, ସବୂଲୂନ ଓ ଗାଦ।

---

**10,000 ହାତ** କେତେକ ଗ୍ରୀକ୍ ପ୍ରତିଲିପିରେ ଏହା 20,000 ହାତ ଅଛି।

28"ପୁଣି ଗାଦର ସୀମା ନିକଟସ୍ଥ ଦକ୍ଷିଣ ଆଡ଼େ ଦକ୍ଷିଣ
ସୀମା ନିକଟରେ ତାମରଠାରୁ ମରୀବତ୍-କାଦେଶସ୍ଥ ଜଳ
ପର୍ଯ୍ୟନ୍ତ ଅର୍ଥାତ୍ ମିଶରର ନଦୀ ଓ ମହାସମୁଦ୍ର ପର୍ଯ୍ୟନ୍ତ
ଦେଶର ସୀମା ହେବ। 29ସେହି ହେଉଛି ଦେଶ ଯାହାକୁ
ତୁମ୍ଭେମାନେ ଇଶ୍ରାୟେଲ ପରିବାରବର୍ଗର ଉତ୍ତରାଧିକାରୀମାନଙ୍କ
ମଧ୍ୟରେ ଭାଗ କରିବ ଓ ଏଗୁଡ଼ିକ ସେମାନଙ୍କର ଭିନ୍ନ ଭିନ୍ନ
ଅଂଶ ଅଟେ।" ଏହା ସଦାପ୍ରଭୁ, ମୋର ପ୍ରଭୁ କହନ୍ତି।

## ନଗରର ଦ୍ୱାର ସମୂହ

30"ଆଉ ଏହିସବୁ ନଗରର ନିର୍ଗମନ ସ୍ଥାନ ହେବ।
ଇଶ୍ରାୟେଲଙ୍କ ପରିବାରବର୍ଗ ପରେ ସେମାନେ ନାମିତ
ହେବେ।

"ଉତ୍ତର ଆଡ଼େ 4,500 ହାତ ପରିମିତ ଭୂମି ହେବ।
31ଇଶ୍ରାୟେଲର ପରିବାରବର୍ଗର ନାମାନୁସାରେ ଉତ୍ତରରେ ତିନି
ଦ୍ୱାର ହେବ। ସେଗୁଡ଼ିକ ହେଲେ ରୁବେନର ଦ୍ୱାର, ଯିହୁଦାର
ଦ୍ୱାର ଓ ଲେବୀର ଦ୍ୱାର।

32"ନଗରର ପୂର୍ବଦିଗରେ 4,500 ହାତ ପରିମିତ ଭୂମି
ହେବ ଓ ସେଠାରେ ତିନି ଦ୍ୱାର ହେବ। ଯଥା: ଯୋଷେଫର
ଦ୍ୱାର, ବିନ୍ୟାମୀନର ଦ୍ୱାର ଓ ଦାନର ଦ୍ୱାର।

33"ନଗରର ଦକ୍ଷିଣ ପାର୍ଶ୍ୱ 4,500 ହାତ ହେବ ଓ
ସେଠାରେ ମଧ୍ୟ ତିନି ଦ୍ୱାର ରହିବ। ଯଥା: ଶିମିୟୋନର
ଦ୍ୱାର, ଇଷାଖରର ଦ୍ୱାର ଓ ସବୂଲୂନର ଦ୍ୱାର।

34"ପୁଣି ପଶ୍ଚିମ ପାର୍ଶ୍ୱର ଭୂମି 4,500 ହାତ ପରିମିତ
ହେବ ଓ ସେଠାରେ ମଧ୍ୟ ତିନିଦ୍ୱାର ହେବ। ଯଥା: ଗାଦର
ଦ୍ୱାର, ଆଶେରର ଦ୍ୱାର ଓ ନପ୍ତାଲିର ଦ୍ୱାର।

35"ନଗରର ଚତୁର୍ଦ୍ଦିଗର ଦୈର୍ଘ୍ୟ 18,000 ହାତ ପରିମିତ
ହେବ। ଆଉ ବର୍ତ୍ତମାନଠାରୁ ନଗରର ନାମ ହେବ, "ସଦାପ୍ରଭୁ
ତହିଁ ବିଦ୍ୟମାନ।"

# ଯିରିମିୟଙ୍କ ବିଳାପ

### ଯିରୁଶାଲମର ଧ୍ୱଂସ ପାଇଁ ବିଳାପ

1 ଏହା କିପରି ଯେ, ସେ ଏକାକୀ ନ ଜାଣି ବସିଛନ୍ତି, ଏକଦା ସେହି ସହର ଲୋକପୂର୍ଣ୍ଣ ଥିଲା, ଯିରୁଶାଲମ ପୃଥିବୀର ମହାନ୍ ନଗରୀମାନଙ୍କ ମଧ୍ୟରେ ଅନ୍ୟତମ ଥିଲା, କିନ୍ତୁ ବର୍ତ୍ତମାନ ବିଧବା ତୁଲ୍ୟ ଅଛି। ସେ ଯିଏକି ଜଣେ ରାଜକୁମାରୀ ପରି ଥିଲା, ବର୍ତ୍ତମାନ ସେ କିପରି କରଦାୟିନୀ ଦାସୀପରି ହୋଇଅଛି।

2 ସେ ରାତ୍ରିରେ ଅତିଶୟ ରୋଦନ କରୁଛି, ତାହାର ଲୋତକ ଗଣ୍ଡଦେଶରେ ପଡୁଅଛି; ତାକୁ ସାନ୍ତ୍ୱନା ଦେବାକୁ କେହି ନାହିଁ; ତା'ର ସମସ୍ତ ବନ୍ଧୁ ତାକୁ ପ୍ରବଞ୍ଚନା କରିଛନ୍ତି; ସେମାନେ ତାହାର ଶତ୍ରୁ ହୋଇଛନ୍ତି।

3 ଯିହୁଦା ବହୁ ଦୁଃଖ ଯୋଗୁଁ ନିର୍ବାସିତ ହୋଇଅଛି। ସେ ନାନା ଗୋଷ୍ଠୀ ମଧ୍ୟରେ ବାସ କରେ ଓ ସେ ବିଶ୍ରାମ ପାଏ ନାହିଁ। ତାହାର ତାଡ଼ନାକାରୀ ସମସ୍ତେ ସଂକୀର୍ଣ୍ଣ ପଥରେ ତାକୁ ଧରିଲେ।

4 ସିୟୋନର ସମସ୍ତ ପଥ ଶୋକରେ ପରିପୂର୍ଣ୍ଣ, କାରଣ କେହି ସିୟୋନର ଧର୍ମ-ମହାସଭାକୁ ଆସୁ ନାହାଁନ୍ତି। ତାହାର ସମସ୍ତ ଫାଟକ ଶୂନ୍ୟ ଓ ତାହାର ଯାଜକମାନେ ବିଳାପ କରୁଛନ୍ତି। ତା'ର ସମସ୍ତ କୁମାରୀଗଣ ବିଷାଦଗ୍ରସ୍ତା ଓ ସେ ନିଜେ ମନରେ ବହୁ ପୀଡ଼ା ପାଇଅଛି।

5 ତା'ର ବିପକ୍ଷମାନେ ଜୟଲାଭ କରିଛନ୍ତି ଓ ତା'ର ଶତ୍ରୁଗଣ ସୌଭାଗ୍ୟବାନ ହୋଇଛନ୍ତି। କାରଣ ତା'ର ଅପାର ପାପ ଯୋଗୁଁ ସଦାପ୍ରଭୁ ତାକୁ କ୍ଲେଶ ଦେଇଛନ୍ତି। ତା'ର ଶିଶୁ ସନ୍ତାନଗଣ ଶତ୍ରୁମାନଙ୍କ ଦ୍ୱାରା ନିର୍ବାସିତ ହୋଇଯାଇଛନ୍ତି।

6 ସିୟୋନ କନ୍ୟାଠାରୁ ଆଶୀର୍ବାଦ ଓ ଉନ୍ନତି ତାହାଠାରୁ ଚାଲିଯାଇଛି, ଏହାର ରାଜକୁମାରମାନେ ଚାରଣ ଭୂମି ଖୋଜୁଥିବା ହରିଣ ପରି ବୁଲୁଛନ୍ତି। ପୁଣି ସେମାନଙ୍କୁ ଅନୁଧାବନ କରୁଥିବା ଲୋକମାନଙ୍କ ଆଗରେ ସେମାନେ ଶକ୍ତିହୀନ ହୋଇଛନ୍ତି।

7 ନିଜ ଦୁଃଖ ଓ ଦୁର୍ଗତିର ସମୟରେ, ଯିରୁଶାଲମ ଆପଣା ପୂର୍ବକାଳର ରମଣୀୟ ଦିନସବୁ ସ୍ମରଣ କରୁଅଛି; ଯେତେବେଳେ ତା'ର ଲୋକମାନେ ଶତ୍ରୁମାନଙ୍କ ଦ୍ୱାରା କବଳିତ ହେଲେ, କେହି ସେମାନଙ୍କୁ ସାହାଯ୍ୟ କରିବାକୁ ଆସିଲେ ନାହିଁ, ସେତେବେଳେ ତା'ର ଶତ୍ରୁଗଣ ସେମାନଙ୍କର ଧ୍ୱଂସାବସ୍ଥା ଦେଖି ସେମାନଙ୍କୁ ଉପହାସ କଲେ।

8 ଯିରୁଶାଲମ ଅତିଶୟ ପାପ କରିଅଛି, ଏଣୁ ସେ ନଗର ଧ୍ୱଂସପ୍ରାପ୍ତ ହୋଇଅଛି। ଯେଉଁମାନେ ତାକୁ ପୂର୍ବେ ସମ୍ମାନ କରୁଥିଲେ, ଏବେ ସେମାନେ ତାକୁ ଘୃଣା କରୁଛନ୍ତି। କାରଣ ସେମାନେ ତାକୁ ଗାଳି ଦିଅନ୍ତି। ଯିରୁଶାଲମ ଦୀର୍ଘ ନିଃଶ୍ୱାସ ଛାଡୁଅଛି ଓ ପଛକୁ ମୁଖ ଫେରାଉଛି।

9 ଯିରୁଶାଲମର ଅପରିଷ୍କାର ଶହଳୀ ତାଙ୍କ ଜାମାଗୁଡିକରେ ଦୂଷିତ କରିଥିଲା। ସେଥିପାଇଁ ତାହାର ପତନ ଅନିବାର୍ଯ୍ୟ ଜଣାପଡୁଥିଲା। ସେଠାରେ ତାକୁ ସାନ୍ତ୍ୱନା ଦେବାକୁ କେହି ନଥିଲେ। ସେ କହୁଛି, "ହେ ସଦାପ୍ରଭୁ, ମୋର ସମସ୍ୟା ଦେଖ, ମୋର ଶତ୍ରୁଗଣ ନିଜକୁ କିପରି ମହାନ୍ ମନେ କରୁଛନ୍ତି।"

10 ତାହାର ସମସ୍ତ ବିପକ୍ଷମାନେ ସେମାନଙ୍କର ହସ୍ତ ପ୍ରସାରଣ କଲେ ଏବଂ ସମସ୍ତ ସୁନ୍ଦର ଜିନିଷ ନେଇଗଲେ। ସେ ବିଦେଶୀମାନଙ୍କୁ ତାହାର ପବିତ୍ର ମନ୍ଦିରରେ ପ୍ରବେଶ କରିବାର ପର୍ଯ୍ୟବେକ୍ଷଣ କଲେ। ସେହି ବିଦେଶୀମାନଙ୍କୁ ସଦାପ୍ରଭୁ ଧାର୍ମିକ ସମ୍ମେଳନୀରେ ଯୋଗ ଦେବାକୁ ଆଦେଶ ଦେଇଥିଲେ।

11 ତାହାର ସମସ୍ତ ଲୋକ ବିଳାପ କରି ଆହାର ଖୋଜୁଛନ୍ତି। ସେମାନେ ବଞ୍ଚିବା ଉଦ୍ଦେଶ୍ୟରେ ଖାଦ୍ୟ ପାଇଁ ସେମାନଙ୍କର ମନୋହର ସାମଗ୍ରୀସବୁ ଦେଉଛନ୍ତି। ଯିରୁଶାଲମ କହେ, "ହେ ସଦାପ୍ରଭୁ, ଦେଖ, ମୋତେ ନିରୀକ୍ଷଣ କର, ଆଉ ଦେଖ ଲୋକମାନେ ମୋତେ ଘୃଣା କରୁଛନ୍ତି।

12 ହେ ପଥିକଗଣ, ମୋତେ ଚାହିଁ ଏବଂ ଦେଖ କି ଦାରୁଣ ଯନ୍ତ୍ରଣା ମୁଁ ଭୋଗୁଅଛି। ଏପରି ଯନ୍ତ୍ରଣା ଓ ଦୁଃଖ ଅନ୍ୟ କିଏ ପାଇଛି କି? ସଦାପ୍ରଭୁ ଆପଣା ପ୍ରଚଣ୍ଡ କ୍ରୋଧରେ ମୋ ପ୍ରତି ଦଣ୍ଡ ବିଧାନ କରିଛନ୍ତି।

13 ସଦାପ୍ରଭୁ ଉର୍ଦ୍ଧ୍ୱରୁ ମୋ ଅସ୍ଥିଗୁଡ଼ିକ ମଧ୍ୟକୁ ଅଗ୍ନି ପ୍ରେରଣ କରି ଅଛନ୍ତି, ସେ ମୋର ମରଣ ପାଇଁ ଜାଲ ପାତିଛନ୍ତି ଓ ସେଥିରେ ମୋତେ ଗୁଡ଼ାଇ ଦେଇଛନ୍ତି। ସେ ମୋତେ ଅନାଥିନୀ ଓ ଦିନସାରା ଅସୁସ୍ଥା କରିଛନ୍ତି।

14 "ମୋର ପାପରୂପୀ ଯୁଆଳି ସଦାପ୍ରଭୁଙ୍କ ହସ୍ତରେ ବନ୍ଧା ଯାଇଅଛି। ସଦାପ୍ରଭୁଙ୍କ ସେହି ଯୁଆଳି ମୋ ସ୍କନ୍ଧ ଉପରକୁ ଆସିଅଛି, ସେ ମୋତେ ସମ୍ପୂର୍ଣ୍ଣ ଦୁର୍ବଳ କରିଦେଇଛନ୍ତି। ଯେଉଁମାନଙ୍କ ବିରୁଦ୍ଧରେ ମୁଁ ଠିଆ ହୋଇପାରିବି ନାହିଁ, ସେମାନଙ୍କ ହସ୍ତରେ ସଦାପ୍ରଭୁ ମୋତେ ସମର୍ପଣ କରିଛନ୍ତି।

15 "ସଦାପ୍ରଭୁ ମଝିରେ ଛିଡ଼ା ହୋଇଥିବା ଯୋଦ୍ଧାମାନଙ୍କୁ ପଠେଇ ଦେଇଛନ୍ତି। ସଦାପ୍ରଭୁ ମୋର ଯୁବକମାନଙ୍କୁ ବଧ କରିବା ପାଇଁ ଦଳେ ଲୋକ ଆଣିଛନ୍ତି। ଦ୍ରାକ୍ଷାକୁଣ୍ଡରେ ଦ୍ରାକ୍ଷା ମର୍ଦ୍ଦନ କଲାପରି ସଦାପ୍ରଭୁ ଯିହୁଦାର କୁମାରୀମାନଙ୍କୁ ପେଷଣ କରିଅଛନ୍ତି।

16 "ଏହିସବୁ ବିଷୟ ପାଇଁ ମୁଁ କ୍ରନ୍ଦନ କରୁଛି ଓ ମୋର ଚକ୍ଷୁଯୁଗଳ ଲୋତକପୂର୍ଣ୍ଣ ହୋଇଅଛି। କାରଣ ମୋର ସାନ୍ତ୍ୱନାକାରୀ ମୋର ପ୍ରାଣକୁ ଆଶ୍ୱାସନା ଦେବା କଥା, କିନ୍ତୁ ସେ ମୋଠାରୁ ଦୂରରେ ଅଛନ୍ତି। ମୋର ସନ୍ତାନଗଣର ଅନାଥ ହୋଇଛନ୍ତି, କାରଣ ମୋର ଶତ୍ରୁଗଣ ସେମାନଙ୍କ ଉପରେ ବିଜୟଲାଭ କରିଛନ୍ତି।"

17ସିୟୋନ ଆପଣା ହସ୍ତ ପ୍ରସାରଣ କରୁଛି, ମାତ୍ର ତାକୁ ସାହାଯ୍ୟ କରିବାକୁ କେହି ନାହିଁ। ଯାକୁବର ଶତ୍ରୁଗଣ ତାକୁ ଚତୁର୍ଦ୍ଦିଗରୁ ଘେରି ରହିବାକୁ ସଦାପ୍ରଭୁ ଆଦେଶ କରିଛନ୍ତି। ଯିରୁଶାଲମ ସେମାନଙ୍କ ମଧ୍ୟରେ ଅଶୁଚି ବସ୍ତୁ ତୁଲ୍ୟ ଅଛି।

18ବର୍ତ୍ତମାନ ଯିରୁଶାଲମ କହେ, "ସଦାପ୍ରଭୁ ଧାର୍ମିକ ଅଟନ୍ତି ଓ ମୁଁ ତାଙ୍କ ଆଜ୍ଞାକୁ ଅବଜ୍ଞା କରିଅଛି। ହେ ଗୋଷ୍ଠୀସକଳ, ମୁଁ ବିନୟ କରୁଛି, ତୁମ୍ଭେମାନେ ଶୁଣ ଓ ମୋର ଦୁଃଖ ଦେଖ। ମୋର ଯୁବକ, ଯୁବତୀମାନେ ନିର୍ବାସିତ ଅବସ୍ଥା ପାଇଛନ୍ତି।

19ମୁଁ ମୋର ପ୍ରେମିକମାନଙ୍କୁ ଡାକିଲି, ମାତ୍ର ସେମାନେ ମୋ ପ୍ରତି ପ୍ରବଞ୍ଚନା କଲେ। ମୋର ଯାଜକଗଣ ଓ ପ୍ରାଚୀନବର୍ଗ ନଗର ମଧ୍ୟରେ ପ୍ରାଣତ୍ୟାଗ କଲେ। ସେମାନେ ନିଜେ ନିଜେ ବଞ୍ଚିବା ପାଇଁ ଆହାର ଖୋଜୁଥିବା ବେଳେ ମଲେ।

20"ହେ ସଦାପ୍ରଭୁ, ଦେଖ, ମୁଁ କିପରି ବିପଦଗ୍ରସ୍ତା। ମୋର ଅନ୍ତର ବ୍ୟଥିତ ହେଉଛି, କାରଣ ମୁଁ ବିଦ୍ରୋହୀ ଥିଲି। ବାହାରେ ଖଡ୍ଗ ବଧ କରୁଅଛି ଓ ଗୃହ ଭିତରେ ମୃତ୍ୟୁ ରହିଅଛି। ହେ ସଦାପ୍ରଭୁ ଦେଖ, ମୋର ଅନ୍ତର କିପରି ଦହି ମୋହିଁବା ଭଳି ହେଉଛି।

21"ମୋ କଥା ଶୁଣ, ମୁଁ ବିଳାପ କରୁଛି। ମୋତେ ସାନ୍ତ୍ୱନା ଦେବାକୁ କେହି ନାହିଁ। ମୋର ଶତ୍ରୁମାନେ ମୋର ବିପଦକଥା ଶୁଣି ଆନନ୍ଦିତ। ସେମାନେ ଖୁସି, କାରଣ ତୁମ୍ଭେ ମୋ ପ୍ରତି ତାହା ଘଟାଇଛ। ତୁମ୍ଭେ କହିଥିଲ ଏକ ସମୟରେ ମୋର ଶତ୍ରୁମାନେ ଦଣ୍ଡିତ ହେବେ। ବର୍ତ୍ତମାନ ସେମାନଙ୍କୁ ମୋ ତୁଲ୍ୟ କରନ୍ତୁ।

22"ଆଉ ଦେଖ, ମୋର ଶତ୍ରୁଗଣ କିପରି ଦୁଷ୍ଟତାରେ ପରିପୂର୍ଣ୍ଣ। ମୋର ଅଧର୍ମ ଯୋଗୁଁ ମୋ' ପ୍ରତି ଯେଉଁପରି ବ୍ୟବହାର କରିଥିଲ, ସେମାନଙ୍କ ପ୍ରତି ସେହି ପ୍ରକାର କର। କାରଣ ମୁଁ ଅନେକଥର ବିଳାପ କରୁଛି ଓ ମୋର ହୃଦୟ ମୂର୍ଚ୍ଛିତ ହୋଇଅଛି।"

## ସଦାପ୍ରଭୁ ଯିରୁଶାଲମ ଧ୍ୱଂସ କଲେ

2 ଦେଖ, ସଦାପ୍ରଭୁ କିପରି ଆପଣା କ୍ରୋଧରେ ସିୟୋନ କନ୍ୟାକୁ ମେଘାଚ୍ଛନ୍ନ କରିଛନ୍ତି। ସେ ଇସ୍ରାୟେଲର ଗୌରବକୁ ସ୍ୱର୍ଗରୁ ପୃଥିବୀକୁ ନିକ୍ଷେପ କରିଛନ୍ତି। ପୁଣି ତାଙ୍କର କ୍ରୋଧର ଦିନରେ ତାଙ୍କର ପାଦପୀଠ ଇସ୍ରାୟେଲକୁ ସ୍ମରଣ କରିନାହାଁନ୍ତି।

2ସଦାପ୍ରଭୁ ଯାକୁବର ସକଳ ବାସସ୍ଥାନ ଧ୍ୱଂସ କରିଛନ୍ତି। ସେ ତାହାପ୍ରତି ଦୟା କରିନାହାଁନ୍ତି। ସେ ଆପଣା କ୍ରୋଧରେ ଯିହୁଦା କନ୍ୟାର ଦୃଢ଼ ଦୁର୍ଗଗୁଡ଼ିକୁ ଉତ୍ପାଟନ କରିଛନ୍ତି। ସଦାପ୍ରଭୁ ତାହାର ରାଜ୍ୟ ଓ ତା'ର ଅଧିପତିମାନଙ୍କୁ ଭୂମିସାତ୍ କରିଛନ୍ତି।

3ସଦାପ୍ରଭୁ ପ୍ରଚଣ୍ଡ କ୍ରୋଧରେ ଇସ୍ରାୟେଲର ସମସ୍ତ ଶକ୍ତି କାଟି ପକାଇଛନ୍ତି। ସେ ଶତ୍ରୁ ସମ୍ମୁଖରୁ ତାଙ୍କର ଦକ୍ଷିଣ ହସ୍ତ ପଛକୁ ଟାଣି ନେଇଛନ୍ତି। ସେ ଅଗ୍ନିଶିଖା ପରି ଯାକୁବକୁ ଜଳାଇଛନ୍ତି ଓ ତାହା ଚତୁର୍ଦ୍ଦିଗରେ ଥିବା ସବୁକିଛି ଗ୍ରାସ କରିଛି।

4ଆଉ ସଦାପ୍ରଭୁ ଶତ୍ରୁ ପରି ଧନୁରେ ସୂତା ବାନ୍ଧିଥିଲେ ଓ ତାଙ୍କର ଦକ୍ଷିଣ ହସ୍ତକୁ ଶତ୍ରୁପକ୍ଷ ପରି ସୁଶୋଭିତ କରିଛନ୍ତି। ଯିହୁଦାର ସମସ୍ତ ସୁନ୍ଦର ଲୋକଙ୍କୁ ଶତ୍ରୁପରି ବଧ କରିଅଛନ୍ତି। ପୁଣି ତାଙ୍କର କ୍ରୋଧାଗ୍ନିକୁ ସିୟୋନ କନ୍ୟାର ତମ୍ବୁ ଉପରେ ଢାଳି ଦେଇଅଛନ୍ତି।

5ସଦାପ୍ରଭୁ ଶତ୍ରୁ ପାଲଟିଛନ୍ତି। ସେ ଇସ୍ରାୟେଲକୁ ଗ୍ରାସ କରିଅଛନ୍ତି। ସେ ତା'ର ସମସ୍ତ ଅଟ୍ଟାଳିକା ଓ ସମସ୍ତ ଦୁର୍ଗକୁ ଧ୍ୱଂସ କରିଅଛନ୍ତି। ଆଉ ସେ ଯିହୁଦା କନ୍ୟା ମଧ୍ୟରେ ଶୋକ ଓ ବିଳାପ ବୃଦ୍ଧି କରିଅଛନ୍ତି।

6ସଦାପ୍ରଭୁ ଉଦ୍ୟାନସ୍ଥ ତମ୍ବୁପରି ସେମାନଙ୍କର ଆବାସ କୁଡ଼ିଆକୁ ନଷ୍ଟ କରି ଦେଇଛନ୍ତି। ସେ ଆପଣା ସାମାଜିକ ଉପାସନା ସ୍ଥାନକୁ ନଷ୍ଟ କରିଦେଇଅଛନ୍ତି। ସଦାପ୍ରଭୁ ସିୟୋନରେ ମହାସଭା ଓ ବିଶ୍ରାମଦିନ ବିସ୍ମୃତ କରାଇ ଅଛନ୍ତି। ଆଉ ଆପଣା ପ୍ରଚଣ୍ଡ କ୍ରୋଧରେ ରାଜା ଓ ଯାଜକମାନଙ୍କୁ ତୁଚ୍ଛ କରିଛନ୍ତି।

7ସଦାପ୍ରଭୁ ଆପଣା ଯଜ୍ଞବେଦୀ ଓ ପବିତ୍ର ଉପାସନା ସ୍ଥାନକୁ ଦୂର କରିଛନ୍ତି। ସେ ତା'ର ମନ୍ଦିରର ପ୍ରାଚୀରକୁ ନିଜର ଶତ୍ରୁମାନଙ୍କୁ ଦେଇଛନ୍ତି। ଶତ୍ରୁଗଣ ଉତ୍ସବ ଦିନ ଅତି ଆନନ୍ଦରେ ସଦାପ୍ରଭୁଙ୍କ ମନ୍ଦିରରେ ଧ୍ୱନି କରୁଛନ୍ତି।

8ସଦାପ୍ରଭୁ ସିୟୋନ କନ୍ୟାର ପ୍ରାଚୀର ନଷ୍ଟ କରିବାକୁ ସଂକଳ୍ପ କରିଛନ୍ତି। ସେ ମାପସୂତା ଧରିଛନ୍ତି ଓ ବିନାଶ କାରଣରୁ ତାଙ୍କ ହସ୍ତ ନିବୃତ୍ତ କରି ନାହାଁନ୍ତି। ମାତ୍ର ସେ ପରିଖା ଓ ପ୍ରାଚୀରକୁ ବିଳାପ କରାଇ ଅଛନ୍ତି। ସେମାନେ ଏକାବେଳକେ ନିସ୍ତେଜ ହୋଇଛନ୍ତି।

9ତାହାର ନଗରଦ୍ୱାର ସବୁ ଭୂମିସାତ୍ ହୋଇଅଛି, ତାହାର ଅର୍ଗଳ ସବୁ ନଷ୍ଟ ଓ ଖଣ୍ଡ ଖଣ୍ଡ ହୋଇଗଲା। ତା'ର ରାଜାମାନେ ଓ ରାଜକୁମାରମାନେ ଅନ୍ୟ ଗୋଷ୍ଠୀ ମଧ୍ୟରେ ଅଛନ୍ତି, ତା'ର ସନ୍ତାନମାନଙ୍କ ପାଇଁ ଶିକ୍ଷା ନାହିଁ। ତା'ର ଭବିଷ୍ୟଦ୍‌ବକ୍ତାଗଣ କୌଣସି ଦର୍ଶନ ସଦାପ୍ରଭୁଙ୍କଠାରୁ ପାଇନାହାନ୍ତି।

10ସିୟୋନ କନ୍ୟାର ବୟସ୍କମାନେ ନୀରବରେ ଭୂମିରେ ବସିଛନ୍ତି। ସେମାନେ ଆପଣା ମସ୍ତକରେ ଧୂଳି ବୋଳି ହୋଇଛନ୍ତି ଓ କଟି ଦେଶରେ ଶୋକ ବସ୍ତ୍ର ବାନ୍ଧିଛନ୍ତି। ଯିରୁଶାଲମର କୁମାରୀମାନେ ଭୂମିକୁ ସେମାନଙ୍କର ମସ୍ତକରେ ଅବନତ କରିଛନ୍ତି।

11ମୋର ଚକ୍ଷୁଯୁଗଳ ଲୋତକରେ ପୂର୍ଣ୍ଣ ହୁଏ ଓ ଅନ୍ତର ବ୍ୟଥିତ ହୁଏ। ମୋର ଲୋକମାନଙ୍କର ବିନାଶ ହେତୁ ମୋର ହୃଦୟ ଭୂମିରେ ଢଳା ହେଲାପରି ଅନୁଭବ କରେ, କାରଣ ନଗରର ପଥ ସମୂହରେ ବାଳକ ବାଳିକା ଓ ଦୁଗ୍ଧପୋଷ୍ୟ ଶିଶୁମାନେ ମୂର୍ଚ୍ଛିତ ହୋଇ ପଡ଼ିଛନ୍ତି।

12ସେମାନେ ନିଜ ନିଜ ମାତାକୁ "ଶସ୍ୟ ଓ ଦ୍ରାକ୍ଷାରସ କାହିଁ?" ଏହି କଥା ପଚାରୁଛନ୍ତି, ଯେତେବେଳେ ସେମାନେ ମୂର୍ଚ୍ଛା ଯାଆନ୍ତି। ନଗର ଛକରେ ଘାଇଲା ଲୋକମାନଙ୍କ ପରି ଏବଂ ନିଜ ନିଜ ମାଆ କୋଳରେ ପ୍ରାଣ ତ୍ୟାଗ କରନ୍ତି।

13ଆଗୋ ସିୟୋନ କନ୍ୟେ, ମୁଁ ତୁମ୍ଭ ଆଗରେ କି ସାକ୍ଷ୍ୟ ଦେବି? ତୁମ୍ଭକୁ କାହା ସହିତ ମୁଁ ତୁଳନା କରିବି? ଆଗୋ ସିୟୋନ କୁମାରୀ କନ୍ୟେ, ମୁଁ ତୁମ୍ଭକୁ ସାନ୍ତ୍ୱନା

ଦେବାପାଇଁ ତୁମ୍ଭକୁ କାହା ସହିତ ତୁଳନା କରିବି? କାରଣ
ତୁମ୍ଭର ବିନାଶ ସମୁଦ୍ର ପରି ବିସ୍ତୃତ, ତୁମ୍ଭକୁ କିଏ ସୁସ୍ଥ
କରିପାରିବା ପାଇଁ ସକ୍ଷମ ହେବ?
14ତୁମ୍ଭର ଭବିଷ୍ୟଦ୍‌ବକ୍ତାମାନେ ତୁମ୍ଭ ପାଇଁ ଦର୍ଶନ ପାଇଛନ୍ତି।
ମାତ୍ର ତାହା ଅସାର ଓ ମିଥ୍ୟାରେ ପରିପୂର୍ଣ୍ଣ। ସେମାନେ
ତୁମ୍ଭର ଭଲ ପାଇଁ ଓ ତୁମ୍ଭର ଅଧର୍ମ ମୋଚନ ପାଇଁ ପ୍ରଚାର
କରିନାହାଁନ୍ତି। ମାତ୍ର ଅସାର ଭାବୋକ୍ତି ଓ ତୁମ୍ଭ ନିର୍ବାସିତ
ହେବାର ଦେଖି ପ୍ରଚାର କରିଅଛନ୍ତି।
15ପଥିକମାନେ ତୁମ୍ଭର ଦୁରାବସ୍ଥାରେ ହାତତାଳି ଦିଅନ୍ତି।
ସେମାନେ "ଶୀସ୍" ଶବ୍ଦ କରି ଯିରୂଶାଲମର କନ୍ୟା ପ୍ରତି
ମସ୍ତକ ହଲାଇ କହନ୍ତି, "ଏ କ'ଣ ସେହି ନଗରୀ ଯାହାକୁ
ଲୋକମାନେ 'ସୌନ୍ଦର୍ଯ୍ୟମୟୀ ନଗରୀ' ଓ 'ସମଗ୍ର ପୃଥିବୀର
ଆନନ୍ଦ ସ୍ୱରୂପ' ବୋଲି କହୁଥିଲେ?"
16ତୁମ୍ଭର ସମସ୍ତ ଶତ୍ରୁ ତୁମ୍ଭକୁ ପରିହାସ କରନ୍ତି।
ସେମାନେ "ଶୀସ୍" ଶବ୍ଦ ଓ ଦାନ୍ତ କଡ଼ମଡ଼ କରି କହନ୍ତି,
"ଆମ୍ଭେମାନେ ତାକୁ ଗ୍ରାସ କରିଅଛୁଁ, ଆମ୍ଭେମାନେ ଏହି
ଦିନକୁ ଅପେକ୍ଷା କରିଥିଲୁ, ଏହି ଦିନକୁ ଆମ୍ଭେମାନେ ଆଶା
କରିଥିଲୁ, ତାହା ପାଇଲୁ ଓ ଦେଖିଲୁ।"
17ସଦାପ୍ରଭୁ ଯାହା ସଂକଳ୍ପ କରିଥିଲେ, ତାହା ସିଦ୍ଧ
କରିଅଛନ୍ତି। ସେ ବହୁକାଳ ପୂର୍ବେ ଯାହା ଆଜ୍ଞା କରିଥିଲେ,
ସେହି ବାକ୍ୟ ସଫଳ କରିଅଛନ୍ତି। ସେ ନିପାତ କରିଅଛନ୍ତି ଓ
ଦୟା କରି ନାହାଁନ୍ତି। ଆଉ ସେ ଶତ୍ରୁକୁ ତୁମ୍ଭ ଉପରେ
ଆନନ୍ଦ କରିବାକୁ ଦେଇଅଛନ୍ତି ଓ ସେ ତୁମ୍ଭ ବିପକ୍ଷରେ
ସେମାନଙ୍କୁ ଉନ୍ନତ କରିଅଛନ୍ତି।
18ତୁମ୍ଭମାନଙ୍କର ହୃଦୟ ସଦାପ୍ରଭୁଙ୍କ ସମ୍ମୁଖରେ ଚିତ୍କାର
କରିବା ଉଚିତ୍। ହେ ସିୟୋନ କନ୍ୟାର ପ୍ରାଚୀର, ଦିବାରାତ୍ର
ଅଶ୍ରୁଧାରା ସ୍ରୋତ ପରି ଝରାଅ। ତୁମ୍ଭେ ଚକ୍ଷୁକୁ ବିଶ୍ରାମ
ଦିଅନାହିଁ ଓ ତୁମ୍ଭ ଚକ୍ଷୁତାରା ସ୍ଥିର ନ ହେଉ।
19ଉଠ, ରାତ୍ରିର ପ୍ରତ୍ୟେକ ପ୍ରହରର ଆରମ୍ଭରେ ଆର୍ତ୍ତସ୍ୱର
କର; ସଦାପ୍ରଭୁଙ୍କ ସମ୍ମୁଖରେ ତୁମ୍ଭର ହୃଦୟ ଜଳପରି ଢାଳି
ଦିଅ; ତୁମ୍ଭର ସନ୍ତାନସନ୍ତତିଙ୍କ ପ୍ରାଣରକ୍ଷା ପାଇଁ ତାଙ୍କ ସମ୍ମୁଖରେ
ହାତଯୋଡ଼ି ପ୍ରାର୍ଥନା କର। କାରଣ ସେମାନେ ପ୍ରତ୍ୟେକ
ସଡ଼କ ମୁଣ୍ଡରେ କ୍ଷୁଧାରେ ଛଟପଟ ହେଉଛନ୍ତି।
20ହେ ସଦାପ୍ରଭୁ, ଦେଖ ଓ ନିରୀକ୍ଷଣ କର, ତୁମ୍ଭେ
କାହାପ୍ରତି ଏ ପ୍ରକାର ବ୍ୟବହାର କରିଅଛ! ମୁଁ ଏହି ପ୍ରଶ୍ନ
ତୁମ୍ଭକୁ ପଚାରୁଛି, କୌଣସି ମାଆ କ'ଣ ତା'ର ଗର୍ଭସ୍ଥ
ସନ୍ତାନକୁ ଯାହାକୁ ନିଜେ ଲାଳନପାଳନ କରିଛି, ତାକୁ ଭକ୍ଷଣ
କରିବ? ଯାଜକଗଣ ଓ ଭବିଷ୍ୟଦ୍‌ବକ୍ତା କ'ଣ ସଦାପ୍ରଭୁଙ୍କ
ପବିତ୍ର ମନ୍ଦିରରେ ନିହତ ହେବେ କି?
21ଯୁବକ ଓ ବୃଦ୍ଧ ନଗରର ରାସ୍ତାରେ ପତିତ ହୋଇଛନ୍ତି।
ଯୁବକ, ଯୁବତୀ ଖଡ୍ଗରେ ହତ ହୋଇ ପଡ଼ିଛନ୍ତି। ସଦାପ୍ରଭୁ
ସେମାନଙ୍କୁ ଆପଣା କ୍ରୋଧ ଦିନରେ ବଧ କରିଛନ୍ତି ଓ
ସେମାନଙ୍କ ପ୍ରତି ନିର୍ଦ୍ଦୟ ହୋଇଛନ୍ତି।
22ତୁମ୍ଭେ ମୋର ଚତୁର୍ଦ୍ଦିଗରୁ ଭୟକୁ ଆହ୍ୱାନ କରୁଅଛ,
ସତେ ଯେପରି ସେମାନଙ୍କୁ କୌଣସି ଉତ୍ସବକୁ ନିମନ୍ତ୍ରଣ
କରାଯାଇଛି। ସଦାପ୍ରଭୁଙ୍କ କ୍ରୋଧର ଦିନରେ କେହି ରକ୍ଷା
ପାଇଲେ ନାହିଁ କି କେହି ଅବଶିଷ୍ଟ ରହିଲେ ନାହିଁ।
ଯେଉଁମାନଙ୍କୁ ମୁଁ ଲାଳନପାଳନ କରି ବଢ଼ାଇଥିଲି ଶତ୍ରୁ
ସେମାନଙ୍କୁ ସଂହାର କରିଅଛି।

## କ୍ଲେଶର ଫଳ

3 ମୁଁ ସେହି ମନୁଷ୍ୟ, ଯେ କି ସଦାପ୍ରଭୁଙ୍କ କ୍ରୋଧରୂପ
ପାଞ୍ଚଣ ଦ୍ୱାରା ପ୍ରହୃତ ହୋଇଥିବା କ୍ଲେଶ ଦେଖିଅଛି।
2ସଦାପ୍ରଭୁ ମୋତେ ଆଲୋକରେ ନୁହେଁ, ଅନ୍ଧକାର
ମଧ୍ୟରେ ଚଳାଇ ଅଛନ୍ତି।
3ସଦାପ୍ରଭୁ ଦିନସାରା ମୋ ବିରୁଦ୍ଧରେ ଆପଣା ହସ୍ତ ପୁନଃ
ପୁନଃ ଫେରାଇ ଅଛନ୍ତି।
4ମୋର ମାଂସ ଓ ଚର୍ମକୁ ସେ ଶକ୍ତିହୀନ କରିଅଛନ୍ତି ଓ
ସେ ମୋର ଅସ୍ଥିସବୁ ଭାଙ୍ଗି ପକାଇ ଅଛନ୍ତି।
5ସଦାପ୍ରଭୁ ମୋର ଚତୁର୍ଦ୍ଦିଗରେ ତିକ୍ତତା ଓ କ୍ଲେଶ ଭରି
ଦେଇଅଛନ୍ତି।
6ସେ ବହୁକାଳରୁ ମୃତ ଲୋକମାନଙ୍କ ତୁଲ୍ୟ ମୋତେ
ଅନ୍ଧକାର ସ୍ଥାନରେ ବାସ କରାଇ ଅଛନ୍ତି।
7ସଦାପ୍ରଭୁ ମୋତେ ଭାରି ଶୃଙ୍ଖଳରେ ବାନ୍ଧି ଭିତରେ
ଅବରୁଦ୍ଧ କରିଅଛନ୍ତି, ଫଳରେ ମୁଁ ବାହାରି ଯାଇପାରିବି ନାହିଁ।
8ଏପରି କି ମୁଁ ସାହାଯ୍ୟ ପାଇଁ ଆର୍ତ୍ତ ଚିତ୍କାର କଲେ ବି
ସଦାପ୍ରଭୁ ମୋ ପ୍ରାର୍ଥନା ଶୁଣି ନାହାଁନ୍ତି।
9ସେ ପଥରଦ୍ୱାରା ମୋର ପଥ ଅବରୋଧ କରିଅଛନ୍ତି ଓ
ମୋର ପଥକୁ ଜଟିଳ କରିଅଛନ୍ତି।
10ସଦାପ୍ରଭୁ ମୋ' ପ୍ରତି ଗୋଟିଏ ଭାଲୁ ସଦୃଶ, ଯିଏ
ସତର୍କରେ ଯାଏ ଓ ତା'ର ଶିକାର କରିବା ପାଇଁ ଲୁଚି
ରୁହେ, ସେହିପରି ଗୋଟିଏ ସିଂହ ସଦୃଶ ଅଟନ୍ତି।
11ସେ ମୋର ପଥରୁ ମୋତେ ଟାଣି ନେଇ ଖଣ୍ଡ ଖଣ୍ଡ
କରିଅଛନ୍ତି ଓ ମୋତେ ଅନାଥ କରିଛନ୍ତି।
12ସେ ତାଙ୍କର ଧନୁରେ ଗୁଣ ଦେଇ ମୋ' ପ୍ରତି ତାଙ୍କର
ତୀରକୁ ଲକ୍ଷ୍ୟ କରିଅଛନ୍ତି।
13ସେ ମୋର ଅନ୍ତର ମଧ୍ୟକୁ ଶର ନିକ୍ଷେପ
କରିଅଛନ୍ତି।
14ମୁଁ ମୋ ନିଜ ଲୋକମାନଙ୍କର ଉପହାସର ପାତ୍ର ଓ
ଦିନସାରା ତାଚ୍ଛଲ୍ୟ ସଂଗୀତର ଏକ ଉତ୍ସ ହୋଇଅଛି।
15ସଦାପ୍ରଭୁ ମୋତେ ତିକ୍ତତାରେ ପୂର୍ଣ୍ଣ କରିଅଛନ୍ତି ଓ
ନାଗ ବିଷରେ ମୋତେ ଭରି ଦେଇଅଛନ୍ତି।
16ସଦାପ୍ରଭୁ ମୋର ଦାନ୍ତସବୁ ପଥରରେ ଭାଙ୍ଗିଛନ୍ତି ଏବଂ
ଧୂଳିରେ ମୋତେ ପଦାଘାତ କରିଅଛନ୍ତି।
17ମୁଁ ଆଉ କେବେ ଶାନ୍ତି ପାଇବି ନାହିଁ। ଉତ୍ତମବସ୍ତୁ
ସବୁ ମୁଁ ଭୁଲି ଯାଇଛି।
18ଏଣୁ ମୁଁ କହିଲି, "ସଦାପ୍ରଭୁଙ୍କର ସାହାଯ୍ୟ ମୁଁ ଆଉ
ପାଇବି ଏ ଆଶା ମୋର ନାହିଁ।"
19ହେ ସଦାପ୍ରଭୁ, ମୋର ଦୁଃଖ, ଦୁର୍ଗତି ସ୍ମରଣ କର।
ତାହା ନାଗଦଅଣା ଓ ବିଷ ସ୍ୱରୂପ।
20ମୋର ସମସ୍ତ କ୍ଲେଶକୁ ସ୍ମରଣ କରି ମୁଁ ଅତି ଅବସନ୍ନ
ହୋଇ ପଡୁଛି।
21ଏହା ମୁଁ ସ୍ମରଣ କରୁଛି, ଏଥିପାଇଁ ଏପର୍ଯ୍ୟନ୍ତ ମୋର
ଆଶା ଅଛି।

22ସଦାପ୍ରଭୁଙ୍କର ପ୍ରେମ ଓ ଦୟା ଶେଷ ହୁଏ ନାହିଁ।

23ତାହା ପ୍ରତି ପ୍ରଭାତରେ ନୂତନ ହୋଇଥାଏ ଓ ସଦାପ୍ରଭୁଙ୍କର ବିଶ୍ୱସ୍ତତା ମହାନ୍ ଅଟେ।

24ତେଣୁ ମୋର ଅନ୍ତର କହୁଛି, "ସଦାପ୍ରଭୁ ମୋର ପରମେଶ୍ୱର ମୁଁ ତାଙ୍କଠାରେ ବିଶ୍ୱାସ ରଖିବି।"

25ଯେଉଁମାନେ ସଦାପ୍ରଭୁଙ୍କ ଉପରେ ସେମାନଙ୍କର ଆଶା ରଖନ୍ତି ଓ ଯେଉଁମାନଙ୍କର ହୃଦୟ ତାଙ୍କୁ ଖୋଜେ, ସେମାନଙ୍କ ପ୍ରତି ସଦାପ୍ରଭୁ ମଙ୍ଗଳମୟ ଅଟନ୍ତି।

26ସଦାପ୍ରଭୁଙ୍କ ଦ୍ୱାରା ମୁକ୍ତି ପ୍ରାପ୍ତ ପାଇଁ ଶାନ୍ତ ଭାବରେ ଅପେକ୍ଷା କରିବା ଜଣକ ପ୍ରତି ଭଲ।

27ଯୌବନ କାଳରୁ ସଦାପ୍ରଭୁଙ୍କର ଯୁଆଳି ବହନ କରିବା ଉତ୍ତମ ଅଟେ।

28ସଦାପ୍ରଭୁ ଯାହାର କାନ୍ଧରେ ଯୁଆଳି ରଖନ୍ତି, ସେ ଏକାକୀ ନୀରବରେ ବସିରହୁ।

29ସେ ଭୂମିରେ ମୁଣ୍ଡ ରଖି ପ୍ରଭୁଙ୍କଠାରେ ନତମସ୍ତକ ହେଉ, ଏବେବି ଆଶା ଅଛି।

30ସେ ତାହାକୁ ପ୍ରହାର ପାଇଁ ଆପଣା ଗାଲ ଦେଖାଇ ଦେଉ ଏବଂ ତାଙ୍କୁ ପୂର୍ଣ୍ଣ ସନ୍ତୋଷ ପାଇବା ପାଇଁ ଅନୁରୋଧ କରୁ।

31ସଦାପ୍ରଭୁ ଚିରକାଳ ପାଇଁ ତାକୁ ପରିତ୍ୟାଗ କରିବେ ନାହିଁ।

32ଯଦିଓ ସଦାପ୍ରଭୁ ଦଣ୍ଡ ଦିଅନ୍ତି, ତାଙ୍କର ଅପାର ପ୍ରେମ ଅନୁସାରେ ସେ ଆମ୍ଭମାନଙ୍କୁ ଦୟା କରନ୍ତି।

33ଲୋକମାନଙ୍କୁ କଷ୍ଟ ଦେଇ କିମ୍ବା ଦୟନୀୟ କରି,

34ପୃଥିବୀସ୍ଥ ସକଳ ବନ୍ଦୀମାନଙ୍କୁ ପାଦଦଳିତ କରି,

35ସର୍ବୋପରିସ୍ଥ ପରମେଶ୍ୱରଙ୍କ ସମ୍ମୁଖରେ ନ୍ୟାୟକୁ ବଦଳ କରି,

36ଏକ ବ୍ୟକ୍ତିକୁ ନ ଦେଖି ତା'ର ମକଦ୍ଦମାରେ ନିରାଶ କରି, ସଦାପ୍ରଭୁ ଆନନ୍ଦିତ ହୁଅନ୍ତି ନାହିଁ।

37ପ୍ରଭୁଙ୍କର ଆଜ୍ଞା ନହେଲେ, ଜଣେ ଯାହା କହିବାର ଘଟେ ନାହିଁ।

38ପରମେଶ୍ୱର ସମସ୍ତ ମଙ୍ଗଳ ଓ ଅମଙ୍ଗଳର ସର୍ବୋପରିସ୍ଥ ଆଜ୍ଞାଦାତା।

39ଯେ ପର୍ଯ୍ୟନ୍ତ ସେ ବଞ୍ଚିଛି ତା'ର ପାପର ଦଣ୍ଡ ବିଧାନ ପାଇଁ କାହିଁକି ଆପତ୍ତି କରିବ?

40ଆମ୍ଭେମାନେ ନିଜ ନିଜ ପଥ ଅନୁସନ୍ଧାନ ଓ ପରୀକ୍ଷା କରିବା ଓ ସଦାପ୍ରଭୁଙ୍କ ନିକଟକୁ ଫେରିବା।

41ଆମ୍ଭେମାନେ ସ୍ୱର୍ଗାଧିନାୟକ ପରମେଶ୍ୱରଙ୍କ ଆଡ଼େ ଆପଣା ହୃଦୟ ଏବଂ ହସ୍ତ ଉଠାଇବା।

42ଆଉ ଆସ କହିବା, "ଆମ୍ଭେମାନେ ଆଜ୍ଞା ଲଙ୍ଘନ ଓ ବିଦ୍ରୋହାଚରଣ କରିଅଛୁ, ତୁମ୍ଭେ କ୍ଷମା କରିନାହିଁ।

43ତୁମ୍ଭେ ନିଜେ କ୍ରୋଧରେ ଆଚ୍ଛାଦିତ ହୋଇଛ ଏବଂ ତୁମ୍ଭେ ଆମ୍ଭ ପଛରେ ଗୋଡାଇଛ ଏବଂ ତୁମ୍ଭେ ଆମ୍ଭକୁ ନିର୍ଦ୍ଦୟ ଭାବରେ ବଧ କରିଛ।

44ଆମ୍ଭମାନଙ୍କର ପ୍ରାର୍ଥନା ଯେପରି ଭେଦକରି ତୁମ୍ଭ ନିକଟକୁ ଯାଇ ନପାରିବ, ସେଥିପାଇଁ ତୁମ୍ଭେ ନିଜକୁ ମେଘରେ ଆଚ୍ଛନ୍ନ କରିଅଛ।

45ତୁମ୍ଭେ ଗୋଷ୍ଠୀଗଣ ମଧ୍ୟରେ ଆମ୍ଭମାନଙ୍କୁ ଝିଟା ଅଳିଆ ଓ ଅଗ୍ରାହ୍ୟ ବସ୍ତୁତୁଲ୍ୟ କରିଅଛ।

46ଆମ୍ଭମାନଙ୍କର ଶତ୍ରୁମାନେ ଆମ୍ଭମାନଙ୍କୁ ଉପହାସ କରୁଛନ୍ତି।

47ଆମ୍ଭେମାନେ ଭୟଭୀତ ହୋଇଅଛୁ, ଆମ୍ଭେମାନେ ଖାତରେ ପଡ଼ିଅଛୁ ଓ ଆମ୍ଭେମାନେ ଆହତ ଓ ବିନଷ୍ଟ ହୋଇଅଛୁ।"

48ମୋର ଲୋକମାନଙ୍କର ବିନାଶ ଦେଖି ମୋର ଚକ୍ଷୁରୁ ଝରଣା ସଦୃଶ ଲୋତକ ବହୁଅଛି।

49ମୋର ବିଳାପ ହେତୁ ଅବାରିତ ଲୋତକ ଧାରା ବହିବ,

50ଯେ ପର୍ଯ୍ୟନ୍ତ ସଦାପ୍ରଭୁ, ସ୍ୱର୍ଗରୁ ନିରୀକ୍ଷଣ ଓ ଦେଖି ନାହାଁନ୍ତି।

51ମୋର ସମସ୍ତ କନ୍ୟାଙ୍କର ଦୁର୍ଦ୍ଦଶା ଦେଖି ମୋର ଚକ୍ଷୁ ମୋର ପ୍ରାଣକୁ ଦୁଃଖ ଦିଏ।

52ବିନା କାରଣରେ ସେମାନେ ମୋର ଶତ୍ରୁ ହୋଇଛନ୍ତି ଓ ପକ୍ଷୀ ପରି ମୋତେ ଶିକାର କରିଛନ୍ତି।

53ସେମାନେ ମୋତେ କୂପରେ ନିକ୍ଷେପ କରିଛନ୍ତି ଓ ମୋତେ ସଂହାର କରିବାକୁ ମୋ ଉପରେ ପ୍ରସ୍ତର ପକାଇ ଅଛନ୍ତି।

54ମୋ ମସ୍ତକ ଉପରେ ଜଳ ବହିଗଲା ଓ ମୁଁ କହିଲି, "ମୁଁ ଶେଷ ହେଲି।"

55ହେ ସଦାପ୍ରଭୁ ମୁଁ ଗଭୀରତମ କୂପ ମଧ୍ୟରୁ ତୁମ୍ଭ ନାମରେ ପ୍ରାର୍ଥନା କଲି।

56ତୁମ୍ଭେ ମୋର ଆତୁର କ୍ରନ୍ଦନ ଶୁଣିଲ, କିନ୍ତୁ ମୋର ଆର୍ତ୍ତନାଦ ପ୍ରତି ଆପଣ କର୍ଣ୍ଣ ଲୁଗାଅ ନାହିଁ।

57ଯେଉଁଦିନ ମୁଁ ତୁମ୍ଭ ଛାମୁରେ ପ୍ରାର୍ଥନା କଲି, ସେଦିନ ତୁମ୍ଭେ ନିକଟବର୍ତ୍ତୀ ହେଲ ଓ କହିଲ, "ଭୟ କରିନାହିଁ।"

58ହେ ସଦାପ୍ରଭୁ, ତୁମ୍ଭେ ମୋ' ପ୍ରାଣର ସପକ୍ଷରେ ପ୍ରତିବାଦ କରିଅଛ, ତୁମ୍ଭେ ମୋହର ଜୀବନ ମୁକ୍ତ କରିଅଛ।

59ହେ ସଦାପ୍ରଭୁ, ମୋ' ପ୍ରତି ହୋଇଥିବା ଅନ୍ୟାୟ ତୁମ୍ଭେ ଦେଖିଅଛ, ତୁମ୍ଭେ ତାହାର ବିଚାର କର।

60ତୁମ୍ଭେ ମୋର ଶତ୍ରୁମାନଙ୍କର ମୋ' ପ୍ରତି ହୋଇଥିବା ପ୍ରତିଶୋଧ ଦେଖିଅଛ ଓ ମୋ ବିରୁଦ୍ଧରେ ହୋଇଥିବା ସଂକଳ୍ପ ଦେଖିଅଛ।

61ହେ ସଦାପ୍ରଭୁ, ମୋ' ପ୍ରତି ହୋଇଥିବା ତିରସ୍କାର ଓ ମୋ ବିରୁଦ୍ଧରେ ହୋଇଥିବା ସେମାନଙ୍କର ସଂକଳ୍ପ ତୁମ୍ଭେ ଶୁଣିଅଛ।

62ମୋର ଶତ୍ରୁମାନେ ମୋ ବିରୁଦ୍ଧରେ ଦିନସାରା କଥାବାର୍ତ୍ତା ଓ ଚିନ୍ତାଧାରା ସବୁ କରନ୍ତି।

63ତୁମ୍ଭେ ସେମାନଙ୍କର ବସିବାର ଓ ଠିଆ ହେବାର ନିରୀକ୍ଷଣ କରିଛ। ଆଉ ଦେଖ, ସେମାନେ କିପରି ମୋତେ କରୁଛନ୍ତି।

64ହେ ସଦାପ୍ରଭୁ, ତୁମ୍ଭେ ସେମାନଙ୍କୁ ସେମାନଙ୍କର କର୍ମାନୁସାରେ ପ୍ରତିଫଳ ଦିଅ।

65ସେମାନଙ୍କୁ ଅଭିଶାପ ଦେବାପାଇଁ ମନକୁ ଶକ୍ତ କର।

66କ୍ରୋଧରେ ସେମାନଙ୍କ ପଛେ ପଛେ ଗୋଡ଼ାଅ। ସଦାପ୍ରଭୁ ଆକାଶ ମଣ୍ଡଳର ତଳୁ ସେମାନଙ୍କୁ ଉଚ୍ଛିନ୍ନ କରିବ।

## ଯିରୁଶାଲମ ଉପରେ ଆକ୍ରମଣର ଆତଙ୍କ

4 ଦେଖ, ସୁବର୍ଣ୍ଣ କିପରି ମଳିନ ହୋଇଅଛି। ଅତ୍ୟନ୍ତ
ନିର୍ମଳ ସୁବର୍ଣ୍ଣ କିପରି ବିକୃତ ହୋଇଅଛି। ପବିତ୍ର
ସ୍ଥାନର ରତ୍ନସବୁ ରାଜ ରାସ୍ତାରେ ବିକ୍ଷିପ୍ତ ହୋଇ ପଡ଼ିଅଛି।
2ଶୁଦ୍ଧ ସୁବର୍ଣ୍ଣ ତୁଲ୍ୟ ସିୟୋନର ସନ୍ତାନଗଣ ଥିଲେ।
ମାତ୍ର ଶତ୍ରୁମାନେ ସେମାନଙ୍କୁ କୁମ୍ଭକାରର ହସ୍ତକୃତ ମାଟି
କଳସ ତୁଲ୍ୟ ଗଣନା କରିଛନ୍ତି।
3ଏପରିକି ଶୃଗାଳମାନେ ନିଜ ନିଜ ଛୁଆମାନଙ୍କୁ ସ୍ତନ୍ୟପାନ
କରାନ୍ତି। ମାତ୍ର ଯିରୁଶାଲମ କନ୍ୟା ମରୁଭୂମିର ଓଟପକ୍ଷୀ ପରି
ନିଷ୍ଠୁର ହୋଇଛନ୍ତି।
4ତୃଷା ହେତୁ, ସ୍ତନ୍ୟପାୟୀ ଶିଶୁର ଜିହ୍ୱା ତାଳୁରେ ଲାଗି
ଯାଉଛି। ପିଲାମାନେ ରୋଟୀ ମାଗନ୍ତି, ମାତ୍ର କେହି ସେମାନଙ୍କୁ
ରୋଟୀ ଦିଅନ୍ତି ନାହିଁ।
5ଯେଉଁମାନେ ସୁଖାଦ୍ୟ ଭୋଜନ କରୁଥିଲେ, ସେମାନେ
ବର୍ତ୍ତମାନ ରାସ୍ତାରେ ଅନାଥ ହୋଇଛନ୍ତି। ଯେଉଁମାନେ ସିନ୍ଦୂରବର୍ଣ୍ଣ
ବସ୍ତ୍ର ପିନ୍ଧି ପ୍ରତିପାଳିତ ହୋଇଥିଲେ। ସେମାନେ ଖତରାଶି
ଅବଲମ୍ବନ କରୁଛନ୍ତି।
6ଯିରୁଶାଲମ କନ୍ୟାମାନଙ୍କର ପାପ ସଦୋମ ଓ ଗୋମୋରାଠାରୁ
ଅଧିକ। ସଦୋମ ନିମିଷକ ମଧ୍ୟରେ ଧ୍ୱଂସପ୍ରାପ୍ତ ହେଲା ଓ
କେହି ବ୍ୟକ୍ତି ତାକୁ ଆକ୍ରମଣ କରି ନଥିଲେ।
7ଯିହୁଦାର କେତେକ ଲୋକ ପରମେଶ୍ୱରଙ୍କୁ ସ୍ୱତନ୍ତ୍ର
ଭାବରେ ଉତ୍ସର୍ଗୀକୃତ ହୋଇଥିଲେ। ସେମାନେ ନିର୍ମଳ ଥିଲେ;
ସେମାନେ ହିମ ଅପେକ୍ଷା ଅଧିକ ଶୁଭ୍ର, ଦୁଗ୍ଧଠାରୁ ଅଧିକ ଶୁକ୍ଳ
ଥିଲେ। ସେମାନଙ୍କର ଶରୀର ପ୍ରବାଳ ଅପେକ୍ଷା ରକ୍ତବର୍ଣ୍ଣ ଓ
ସେମାନଙ୍କର କ୍ଳାନ୍ତି ନୀଳକାନ୍ତ ମଣି ତୁଲ୍ୟ ଥିଲା।
8ମାତ୍ର ବର୍ତ୍ତମାନ ସେମାନଙ୍କର ମୁଖ ଅଙ୍ଗାର ଅପେକ୍ଷା
କଳାବର୍ଣ୍ଣ, ତେଣୁ ରାସ୍ତାରେ କେହି ସେମାନଙ୍କୁ ଚିହ୍ନନ୍ତି ନାହିଁ।
ସେମାନଙ୍କର ଚର୍ମ ଅସ୍ଥିରେ ଲାଗିଅଛି ଓ ତାହା କାଠପରି
ଶୁଷ୍କ ହୋଇଅଛି।
9ଭୋକରେ ମରିଥିବା ଲୋକମାନଙ୍କ ଅପେକ୍ଷା ଖଡ୍ଗରେ
ନିହତ ହୋଇଥିବା ଲୋକମାନେ ଭଲ, କାରଣ ସେମାନଙ୍କର
ଜୀବନ ସେମାନଙ୍କର ଶୁଷ୍କ ଜମିରେ ଖାଦ୍ୟ ଉତ୍ପନ୍ନ ପାଇଁ
ଯେଭଳି, ସେମାନେ କ୍ଷୁଧା ଦ୍ୱାରା ଘସି ହୋଇଛନ୍ତି।
10ସ୍ନେହମୟୀ ମାଆମାନେ ଆପଣା ପ୍ରିୟ ସନ୍ତାନମାନଙ୍କୁ
ରାନ୍ଧିଲେ କାରଣ ସେମାନେ ତାଙ୍କର ଏକମାତ୍ର ଖାଦ୍ୟ
ଥିଲେ। ଯେତେବେଳେ ଲୋକମାନଙ୍କ ବିନାଶର ସମୟ
ଆସିଥିଲା।
11ସଦାପ୍ରଭୁ ତାଙ୍କର ପ୍ରଚଣ୍ଡ କ୍ରୋଧ ସିୟୋନ ଉପରେ
ଢାଳି ଦେଲେ। ପୁଣି ସେ ସିୟୋନରେ ଯେଉଁ ଅଗ୍ନି
ଲଗାଇଲେ, ତାହା ତାହାର ଭିତ୍ତିମୂଳକୁ ଗ୍ରାସ କଲା।
12ବିପକ୍ଷ ଲୋକ ଓ ଶତ୍ରୁ ଯେ ଯିରୁଶାଲମର ଦ୍ୱାର
ସମୂହରେ ପ୍ରବେଶ କରିବ, ଏହା ପୃଥିବୀସ୍ଥ ରାଜଗଣ ଓ
ଜଗତବାସୀ କେହି ବିଶ୍ୱାସ କରି ନଥିଲେ।
13ଏହା ଘଟିଲା, କାରଣ ଯିରୁଶାଲମର ଯାଜକଗଣ ଓ
ଭବିଷ୍ୟଦ୍‌ବକ୍ତାଗଣ ପାପ କଲେ। ଏବଂ ସେମାନେ ତାଙ୍କ ସତ୍
ଲୋକମାନଙ୍କର ରକ୍ତପାତ କଲେ।
14ସେହି ଯାଜକଗଣ ଓ ଭବିଷ୍ୟଦ୍‌ବକ୍ତାଗଣ ଅନ୍ଧ ଲୋକପରି
ରାସ୍ତାରେ ବୁଲିଲେ, ସେମାନେ ରକ୍ତରେ ଅଶୁଚି ହୋଇଥିଲେ।
ତେଣୁ କେହି ଲୋକ ତାଙ୍କର ବସ୍ତ୍ର ସ୍ପର୍ଶ କଲେ ନାହିଁ।
15ଲୋକେ ସେମାନଙ୍କୁ ଡ଼ାକି କହିଲେ, "ଦୂର ହୁଅ, ଦୂର
ହୁଅ। ଆମ୍ଭମାନଙ୍କୁ ସ୍ପର୍ଶ କରନାହିଁ।" ସେମାନେ ଏଣେ
ତେଣେ ବାସହୀନ ହୋଇ ବୁଲୁଥିବା ବେଳେ ଅନ୍ୟ ଗୋଷ୍ଠୀୟମାନେ
କହିଲେ, "ସେମାନେ ଆମ୍ଭମାନଙ୍କ ସହିତ ଆଉ ଏଠାରେ
ପ୍ରବାସ କରିବେ ନାହିଁ।"
16ସଦାପ୍ରଭୁଙ୍କ କୋପରେ ସେମାନେ ବିନଷ୍ଟ ହୋଇଅଛନ୍ତି।
ସଦାପ୍ରଭୁ ଆଉ ସେମାନଙ୍କ ପ୍ରତି ଦୃଷ୍ଟିପାତ କରିବେ ନାହିଁ।
କାରଣ ସେମାନେ ଯାଜକମାନଙ୍କୁ ଆଦର କଲେ ନାହିଁ କି
ଯିହୁଦାର ପ୍ରାଚୀନବର୍ଗଙ୍କୁ ଅନୁଗ୍ରହ କଲେ ନାହିଁ।
17ସାହାଯ୍ୟ ଅପେକ୍ଷାରେ ଆମ୍ଭମାନଙ୍କ ଚକ୍ଷୁ କ୍ଷୀଣ ହେଲା।
ମାତ୍ର କୌଣସି ସାହାଯ୍ୟ ମିଳିଲା ନାହିଁ। ଆମ୍ଭେମାନେ ଅନ୍ୟ
ଗୋଷ୍ଠୀଦ୍ୱାରା ରକ୍ଷା ପାଇବାକୁ ଅପେକ୍ଷା କଲୁ, ମାତ୍ର କୌଣସି
ଗୋଷ୍ଠୀ ଉଦ୍ଧାର କରିବାକୁ ଆସିଲେ ନାହିଁ।
18ଆମ୍ଭମାନଙ୍କ ଶତ୍ରୁମାନେ ଆମ୍ଭମାନଙ୍କୁ କବଳିତ କରିବା
ପାଇଁ ଛକି ରହିଲେ। ତେଣୁ ଆମ୍ଭେମାନେ ରାସ୍ତାରେ ଚାଲି
ପାରିଲୁ ନାହିଁ। ଆମ୍ଭମାନଙ୍କ ଶେଷ ନିକଟ ଅଟେ। ଆମ୍ଭମାନଙ୍କର
ଆୟୁ ଶେଷ ହୋଇଛି। ଆମ୍ଭମାନଙ୍କର ଶେଷକାଳ ଉପସ୍ଥିତ।
19ଆମ୍ଭମାନଙ୍କୁ ଗୋଡ଼ାଇଥିବା ଲୋକମାନେ ଆକାଶର
ଉତ୍କ୍ରୋଷ ପକ୍ଷୀଠାରୁ ଅଧିକ ବେଗଗାମୀ। ସେମାନେ ଆମ୍ଭମାନଙ୍କୁ
ପର୍ବତରେ ଗୋଡ଼ାଇଲେ ଓ ଆମ୍ଭମାନଙ୍କୁ ଧରିବା ପାଇଁ
ପ୍ରାନ୍ତରରେ ଲୁଚି ରହିଲେ।
20ରାଜା ଆମ୍ଭମାନଙ୍କ ପାଇଁ ମୁଖ୍ୟ ଥିଲେ ଓ ସେ ଆମ୍ଭର
ନାସାର ନିଃଶ୍ୱାସସ୍ୱରୂପ ଥିଲେ। ଆମ୍ଭେମାନେ କହୁଥିଲୁ, "ତାଙ୍କର
ଛାୟାତଳେ ଆମ୍ଭେମାନେ ବଞ୍ଚିବା ଓ ସେ ଗୋଷ୍ଠୀମାନଙ୍କଠାରୁ
ଆମ୍ଭମାନଙ୍କୁ ରକ୍ଷା କରିବେ।" ମାତ୍ର ସଦାପ୍ରଭୁଙ୍କ ସେହି
ଅଭିଷିକ୍ତ ଲୋକ ସେମାନଙ୍କ ଦ୍ୱାରା ଗର୍ତ୍ତରେ ଧରାଗଲେ।
21ହେ ଇଦୋମର କନ୍ୟେ ଓ ଉଷ ଦେଶ ନିବାସିନୀ,
ତୁମ୍ଭେମାନେ ଆନନ୍ଦ କର ଓ ପୁଲକିତା ହୁଅ। ସଦାପ୍ରଭୁଙ୍କର
ସେହି କ୍ରୋଧରୂପକ ପାନପାତ୍ର ତୁମ୍ଭମାନଙ୍କ ନିକଟକୁ ଯିବ।
ତୁମ୍ଭେମାନେ ତାହା ପାନ କରି ମତ୍ତ ହେବ ଓ ଉଲଗ୍ନା
ହେବ।
22ହେ ସିୟୋନର କନ୍ୟେ, ତୁମ୍ଭ ଅଧର୍ମର ଦଣ୍ଡ ଶେଷ
ହୋଇଛି। ତୁମ୍ଭେମାନେ ଆଉ ବନ୍ଦୀତ୍ୱ ସ୍ଥାନକୁ ଯିବ ନାହିଁ।
ହେ ଇଦୋମର କନ୍ୟେ, ସଦାପ୍ରଭୁ ତୁମ୍ଭ ଅଧର୍ମର ଫଳ
ଦେବେ। ସେ ତୁମ୍ଭର ପାପସବୁ ଖୋଲି ଦେବେ।

## ସଦାପ୍ରଭୁଙ୍କୁ ଏକ ବୀନତି

5 ହେ ସଦାପ୍ରଭୁ! ଆମ୍ଭମାନଙ୍କ ପ୍ରତି ଯାହା ଘଟିଗଲା,
ତାହା ସ୍ମରଣ କର। ଆମ୍ଭମାନଙ୍କ ପ୍ରତି ହୋଇଥିବା
ଅପମାନକୁ ଅବଲୋକନ କର।
2ଆମ୍ଭମାନଙ୍କର ଦେଶ ବିଦେଶୀୟମାନଙ୍କର ହସ୍ତଗତ
ହୋଇଅଛି। ଆମ୍ଭମାନଙ୍କର ଗୃହସବୁକୁ ପରଦେଶୀୟମାନେ
ଅଧିକାର କରିଛନ୍ତି।
3ଆମ୍ଭେମାନେ ଅନାଥ ଓ ପିତୃହୀନ ହୋଇଅଛୁ। ଆମ୍ଭମାନଙ୍କ
ମାଆମାନେ ବିଧବା ତୁଲ୍ୟ ହୋଇଛନ୍ତି।

4ଆମ୍ଭେମାନେ ଆମ୍ଭମାନଙ୍କର ନିଜ ଜଳକୁ ରୂପା ଦେଇ ପାନ କରିଅଛୁ ଓ ଆମ୍ଭେମାନେ କାଠ କିଣି ବ୍ୟବହାର କରିଅଛୁ।

5ଆମ୍ଭମାନଙ୍କ ସ୍କନ୍ଧରେ ବଳପୂର୍ବକ ଯୁଆଳି ରଖା ଯାଇଛି। ଆମ୍ଭେମାନେ କ୍ଳାନ୍ତ ହୋଇଅଛୁ ଓ ଆମ୍ଭମାନଙ୍କର ବିଶ୍ରାମ ନାହିଁ।

6ଆମ୍ଭେମାନେ ଖାଦ୍ୟରେ ତୃପ୍ତ ହେବା ନିମନ୍ତେ, ମିଶରୀୟ ଓ ଅଶୂରୀୟମାନଙ୍କ ସହିତ ଚୁକ୍ତିବଦ୍ଧ ହୋଇଅଛୁ।

7ଆମ୍ଭମାନଙ୍କର ପୂର୍ବପୁରୁଷଗଣ ପାପ କରିଥିଲେ, ଏବଂ ଏବେ ସେମାନେ ନାହାନ୍ତି। ମାତ୍ର ସେମାନଙ୍କର ପାପର ଭାର ଆମ୍ଭେମାନେ ବହନ କରିଛୁ ଏବଂ ଦୁଃଖ ଭୋଗ କରୁଅଛୁ।

8ଦାସମାନେ ଆମ୍ଭମାନଙ୍କର ଶାସକ ହୋଇଛନ୍ତି। ସେମାନଙ୍କ ହସ୍ତରୁ ଉଦ୍ଧାର କରିବାକୁ କେହି ନାହିଁ।

9ପ୍ରାନ୍ତରରେ ଖଡ୍ଗ ଥିବାରୁ ଆମ୍ଭେମାନେ ଆମ୍ଭମାନଙ୍କର ଜୀବନକୁ ସଙ୍କଟାପନ୍ନ କରି ଖାଦ୍ୟ ପାଇଅଛୁ।

10କ୍ଷୁଧାର ତାଡ଼ନାରେ ଆମ୍ଭେମାନେ ଭୟଙ୍କର ଜ୍ୱରରେ ଆକ୍ରାନ୍ତ। ଆମ୍ଭମାନଙ୍କର ଚର୍ମ ତୁନ୍ଦୁର ପରି କଳା ହୋଇଅଛି।

11ଶତ୍ରୁମାନେ ସିୟୋନ ଓ ଯିହୁଦା ନଗର ସମୂହର ସ୍ତ୍ରୀ ଲୋକମାନଙ୍କୁ ଧର୍ଷଣ କଲେ।

12ସେମାନେ ଆମ୍ଭମାନଙ୍କ ଅଧିପତିମାନଙ୍କୁ ଫାଶି ଦେଲେ। ଆମ୍ଭମାନଙ୍କ ପ୍ରାଚୀନବର୍ଗଙ୍କୁ ସମ୍ମାନ ଦେଲେ ନାହିଁ।

13ଯିହୁଦାର ଯୁବକଗଣ ଚକି ବହନ କଲେ। ଆଉ ପିଲାମାନେ କାଠ ଭାରରେ ଝୁଣ୍ଟି ପଡ଼ିଲେ।

14ପ୍ରାଚୀନବର୍ଗ ନଗରଦ୍ୱାରରେ ଆଉ ବସୁ ନାହାଁନ୍ତି ଓ ଯୁବକମାନେ ଆପଣା ସଂଗୀତରୁ ନିବୃତ୍ତ ହୋଇଅଛନ୍ତି।

15ଆମ୍ଭମାନଙ୍କ ହୃଦୟରୁ ଆନନ୍ଦ ଚାଲି ଯାଇଛି। ଆମ୍ଭମାନଙ୍କ ନୃତ୍ୟ ଶୋକରେ ପରିଣତ ହୋଇଅଛି।

16ଆମ୍ଭମାନଙ୍କ ମୁଣ୍ଡରୁ ମୁକୁଟ ଖସି ପଡ଼ିଛି। ଆମ୍ଭମାନଙ୍କ ଅବସ୍ଥା ଶୋଚନୀୟ ହୋଇଅଛି, କାରଣ ଆମ୍ଭେମାନେ ପାପ କରିଅଛୁ।

17ଏହିସବୁ କାରଣରୁ ଆମ୍ଭମାନଙ୍କ ଅନ୍ତର କ୍ଷୀଣ ହୋଇଅଛି ଓ ଆମ୍ଭମାନଙ୍କ ଚକ୍ଷୁ ଜଳକା ହୋଇଅଛି।

18ସିୟୋନ ପର୍ବତ ଅନାଥା ସ୍ଥାନ ହୋଇଅଛି। କୋକିଶିଆଳମାନେ ତା ଉପରେ ଭ୍ରମଣ କରନ୍ତି।

19ମାତ୍ର ହେ ସଦାପ୍ରଭୁ, ତୁମ୍ଭେ ନିତ୍ୟସ୍ଥାୟୀ। ତୁମ୍ଭ ରାଜ ସିଂହାସନ ପୁରୁଷାନୁକ୍ରମେ ଚିରକାଳ ଥାଏ।

20ହେ ସଦାପ୍ରଭୁ, ତୁମ୍ଭେ କାହିଁକି ଚିରକାଳ ଆମ୍ଭମାନଙ୍କୁ ପାସୋରୁ ଅଛ? ଆଉ ଏତେ ଦୀର୍ଘକାଳ ଆମ୍ଭମାନଙ୍କୁ କାହିଁକି ପରିତ୍ୟାଗ କରିଅଛ?

21ହେ ସଦାପ୍ରଭୁ! ଆମ୍ଭମାନଙ୍କୁ ତୁମ୍ଭ ନିକଟକୁ ଫେରାଇ ନିଅ। ତହିଁରେ ଆମ୍ଭେମାନେ ଆନନ୍ଦର ସହିତ ତୁମ୍ଭ ନିକଟକୁ ଫେରି ଆସିବୁ। ପୂର୍ବକାଳ ପରି ଆମ୍ଭର ଜୀବନକୁ ନୂତନ କର।

22ମାତ୍ର ତୁମ୍ଭେ ଆମ୍ଭମାନଙ୍କ ପ୍ରତି ଅତ୍ୟନ୍ତ କ୍ରୁଦ୍ଧ ହୋଇଅଛ। ଆଉ ତୁମ୍ଭେ କ'ଣ ଆମ୍ଭମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଅଗ୍ରାହ୍ୟ କରିଅଛ?

# ଯିରିମିୟ ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକ

1 ଏହା ହେଉଛି ଭବିଷ୍ୟଦ୍‌ବକ୍ତା ଯିରିମିୟଙ୍କ ବାକ୍ୟ।
ହିଲ୍‌କିୟଙ୍କର ପୁତ୍ର ଯିରିମିୟ ଯାଜକମାନଙ୍କ ମଧ୍ୟରୁ ଜଣେ
ଯିଏ କି ଅନାଥୋତ୍ ପ୍ରଦେଶର ବିନ୍ୟାମୀନଙ୍କର ଗୋଷ୍ଠୀର
ଥିଲେ। 2ଆମୋନଙ୍କ ପୁତ୍ର, ଯିହୁଦା ଦେଶର ରାଜା ଯୋଶିୟଙ୍କର
ରାଜତ୍ୱର ତ୍ରୟୋଦଶ ବର୍ଷରେ ସଦାପ୍ରଭୁଙ୍କର ବାକ୍ୟ ଯିରିମିୟଙ୍କ
ନିକଟରେ ଉପସ୍ଥିତ ହେଲା। 3ଯେତେବେଳେ ଯୋଶିୟଙ୍କ ପୁତ୍ର
ଯିହୋୟାକୀମ୍ ଯିହୁଦାର ରାଜା ଥିଲେ, ଯୋଶିୟଙ୍କ ପୁତ୍ର
ଯିହୁଦାର ରାଜା ସିଦିକିୟଙ୍କ ରାଜତ୍ୱର ଏକାଦଶ ବର୍ଷ ପଞ୍ଚମ
ମାସରେ ଓ ଯିରୁଶାଲମକୁ ନିର୍ବାସିତ ହେବା ପର୍ଯ୍ୟନ୍ତ ସଦାପ୍ରଭୁ
ସେହି ବାକ୍ୟ ଯିରିମିୟଙ୍କୁ ଦେଲେ।

### ଯିରିମିୟଙ୍କୁ ପରମେଶ୍ୱରଙ୍କ ଡାକରା

4ସଦାପ୍ରଭୁଙ୍କର ଏହି ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା।
5“ମାତୃ ଗର୍ଭରେ ତୁମ୍ଭର ସୃଷ୍ଟି ପୂର୍ବରୁ ଆମ୍ଭେ ତୁମ୍ଭକୁ
ଜାଣିଲୁ। ଏପରିକି ତୁମ୍ଭେ ଜନ୍ମ ହେବା ପୂର୍ବରୁ ଆମ୍ଭେ ତୁମ୍ଭକୁ
ଅଲଗା କଲୁ ଏବଂ ତୁମ୍ଭକୁ ଜାତିମାନଙ୍କର ଭବିଷ୍ୟଦ୍‌ବକ୍ତା
ରୂପେ ନିଯୁକ୍ତ କଲୁ।”
6ତା'ପରେ ମୁଁ କହିଲି, “ହାୟ, ହାୟ, ହେ ସୈନ୍ୟାଧିପତି
ସଦାପ୍ରଭୁ, ମୁଁ କଥା କହି ଜାଣେ ନାହିଁ, ମୁଁ ତ କେବଳ
ବାଳକ।”
7ମାତ୍ର ସଦାପ୍ରଭୁ ମୋତେ କହିଲେ, “ଆମ୍ଭେ ଜଣେ
ବାଳକ ବୋଲି, ‘କୁହ ନାହିଁ।’ କାରଣ ଆମ୍ଭେ ତୁମ୍ଭକୁ ଯାହା
ନିକଟକୁ ପଠାଇବା, ତୁମ୍ଭେ ତାହା ନିକଟକୁ ଯିବ। ଆଉ
ଆମ୍ଭେ ତୁମ୍ଭକୁ ଯାହା ଆଜ୍ଞା କରିବା, ତାହା ତୁମ୍ଭେ କହିବ।
8ତୁମ୍ଭେ କାହାକୁ ଭୟ କରିବା ଉଚିତ୍ ନୁହେଁ, କାରଣ
ସର୍ବଦା ତୁମ୍ଭ ପାଖେ ପାଖେ ଆମ୍ଭେ ଅଛୁ ଓ ଆମ୍ଭେ ତୁମ୍ଭକୁ
ରକ୍ଷା କରିବା।” ଏହା ସଦାପ୍ରଭୁ କହନ୍ତି।
9ସେତେବେଳେ ସଦାପ୍ରଭୁ ଆପଣା ହସ୍ତ ବଢାଇ ମୋର
ପାଟି ସ୍ପର୍ଶ କଲେ ଓ ମୋତେ କହିଲେ, “ହେ ଯିରିମିୟ,
ଆମ୍ଭେ ଆପଣା ବାକ୍ୟ ତୁମ୍ଭ ମୁଖରେ ଦେଲୁ।
10ଆଜି ଆମ୍ଭେ ତୁମ୍ଭକୁ ନାନା ଦେଶ ଓ ରାଜ୍ୟଗୁଡ଼ିକର
ଦାୟିତ୍ୱରେ ନିଯୁକ୍ତ କଲୁ। ତୁମ୍ଭେ ସେସବୁକୁ ଉତ୍ପାଟନ, ଭଗ୍ନ,
ବିନାଶ ଓ ନିପାତ କରିବ। କିନ୍ତୁ ତୁମ୍ଭେ ନିର୍ମାଣ ଓ
ରୋପଣ ମଧ୍ୟ କରିବ।”

### ଦୁଇ ଦର୍ଶନ

11ଏହାପରେ ସଦାପ୍ରଭୁଙ୍କର ଏହି ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା। ଯଥା, “ହେ ଯିରିମିୟ, ତୁମ୍ଭେ କଅଣ
ଦେଖୁଅଛ?”
ମୁଁ ସଦାପ୍ରଭୁଙ୍କୁ ଉତ୍ତର ଦେଇ କହିଲି, “ମୁଁ ବାଦାମ
ବୃକ୍ଷର ଏକ ଦଣ୍ଡ ଦେଖୁଅଛି।”
12ସଦାପ୍ରଭୁ ମୋତେ କହିଲେ, “ତୁମ୍ଭେ ଠିକ୍ ଦେଖୁଅଛ
କାରଣ ଆମ୍ଭେ ଦେଖୁଅଛୁ ଯେ, ଆମ୍ଭର ବାକ୍ୟ ସଫଳ
କରାଯାଉଛି।”
13ପୁଣି ଦ୍ୱିତୀୟ ଥର ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା। ତାହା ହେଲା, “ହେ ଯିରିମିୟ, ତୁମ୍ଭେ କ'ଣ
ଦେଖୁଅଛ?”
ମୁଁ ସଦାପ୍ରଭୁଙ୍କୁ ଉତ୍ତର ଦେଲି, “ମୁଁ ଫୁଟନ୍ତା ପାଣି ପୂର୍ଣ୍ଣ
ଏକ ରନ୍ଧା ହଣ୍ଡା ଦେଖୁଅଛି ଓ ତାହାର ମୁହଁ ଉତ୍ତର ଦିଗରୁ
ଢଳିଅଛି।”
14ତା'ପରେ ସଦାପ୍ରଭୁ ମୋତେ କହିଲେ, “ଉତ୍ତର ଦିଗରୁ
ଏହି ଦେଶବାସୀଙ୍କ ପ୍ରତି ଏକ ଭୟଙ୍କର ବିପତ୍ତି ମାଡ଼ି
ଆସିବ।
15ସଦାପ୍ରଭୁ ପୁଣି କହିଲେ, ଏହା ହେବ କାରଣ
ଆମ୍ଭେ ଉତ୍ତର ଦିଗସ୍ଥ ରାଜ୍ୟ ସମୂହର ସମୁଦାୟ
ଗୋଷ୍ଠୀକୁ ଡାକିବା।” “ତେଣୁ ସେମାନେ ଆସି ଯିରୁଶାଲମ
ନଗର ଦ୍ୱାରର ପ୍ରବେଶ ସ୍ଥାନରେ ଓ ତାହାର ଚତୁର୍ଦ୍ଦିଗସ୍ଥ
ସମସ୍ତ ପ୍ରାଚୀର ସମ୍ମୁଖରେ ନିଜ ନିଜ ସିଂହାସନ ସ୍ଥାପନ
କରିବେ।
16ଆଉ ଆମ୍ଭେ ଆପଣା ଲୋକମାନଙ୍କ ବିରୁଦ୍ଧରେ
ଆମ୍ଭର ବିଚାର ପ୍ରକାଶ କରିବା କାରଣ ସେମାନେ ଦୁଷ୍ଟ
ପ୍ରକୃତିର ଲୋକ। ସେମାନେ ଆମ୍ଭକୁ ପରିତ୍ୟାଗ କରିଛନ୍ତି,
ସେମାନେ ଅନ୍ୟ ଦେବତାମାନଙ୍କ ନିକଟରେ ଧୂପ ଉତ୍ସର୍ଗ
କରିଛନ୍ତି ଓ ଆପଣା ହସ୍ତକୃତ ପ୍ରତିମାଗୁଡ଼ିକ ନିକଟରେ
ପ୍ରଣାମ କରିଛନ୍ତି।
17“ଏଣୁ ତୁମ୍ଭ ବିଷୟରେ ଆମ୍ଭେ କହୁଅଛୁ, ହେ ଯିରିମିୟ,
ତୁମ୍ଭେ ଅଣ୍ଟାଭିଡ଼ି ଛିଡ଼ାହୁଅ। ଆମ୍ଭେ ତୁମ୍ଭକୁ ଯାହା ଆଜ୍ଞା
କରୁଅଛୁ, ତାହା ସେମାନଙ୍କୁ କୁହ। ସେମାନଙ୍କ ପାଇଁ
ଉଦ୍‌ବିଗ୍ନ ହୁଅନାହିଁ। ତୁମ୍ଭେ ସେମାନଙ୍କ ପାଇଁ ଭୟଭୀତ
ହେଲେ ଆମ୍ଭେ ସେମାନଙ୍କ ସାକ୍ଷାତରେ ତୁମ୍ଭକୁ ଉଦ୍‌ବିଗ୍ନ
କରିବା।
18କାରଣ ଦେଖ, ଆଜି ତୁମ୍ଭକୁ ଆମ୍ଭେ ସମଗ୍ର ଦେଶ,
ଯିହୁଦାର ରାଜଗଣ, ତହିଁର ଅଧିପତିଗଣ, ତହିଁର ଯାଜକଗଣ
ଓ ଦେଶସ୍ଥ ଲୋକମାନଙ୍କ ବିରୁଦ୍ଧରେ ଏକ ଦୃଢ଼ ନଗର,
ଲୌହସ୍ତମ୍ଭ ଓ ପିତ୍ତଳର ପ୍ରାଚୀର ସ୍ୱରୂପ କଲୁ।
19ଯଦିଓ ସେମାନେ ତୁମ୍ଭ ବିରୁଦ୍ଧରେ ଯୁଦ୍ଧ କରିବେ,
ସେମାନେ ତୁମ୍ଭକୁ ଜୟ କରିପାରିବେ ନାହିଁ। କାରଣ ଆମ୍ଭେ
ତୁମ୍ଭର ପାଖେ ପାଖେ ରହି ତୁମ୍ଭକୁ ଉଦ୍ଧାର କରିବା।” ଏହା
ସଦାପ୍ରଭୁ କହନ୍ତି।

### ଯିହୁଦା ବଶ୍ୱସ୍ତ ନଥିଲା

2 ଆଉ ସଦାପ୍ରଭୁଙ୍କର ବାକ୍ୟ ଯିରମିୟଙ୍କ ନକଟରେ
ଉପସ୍ଥିତ ହେଲା। ଯଥା: 2"ହେ ଯିରମିୟ, ଯାଅ,
ଯିରୁଶାଲମର କର୍ଣ୍ଣଗୋଚର ହେଲାଭଳ ପ୍ରଚାର କର ଏହକଥା
କୁହ,

ସଦାପ୍ରଭୁ ଏହକଥା କହଲେ, '"ତୁମ୍ଭେମାନେ ଯୌବନ
କାଳରେ ଅତ୍ୟନ୍ତ ବଶ୍ୱସ୍ତ ଥିଲ, ବବାହ ସମୟରେ ପ୍ରେମ
କଲ, ମୋ ପଛେ ପଛେ ଧାଉଁଥିଲ ଏବଂ ତୁମ୍ଭେମାନେ
ମୋତେ ପ୍ରାନ୍ତରରେ ଅନୁସରଣ କଲ, ଯେଉଁ ଭୂମିରେ କଛ
ଜନ୍ମେ ନାହିଁ।

3ସଦାପ୍ରଭୁଙ୍କ ଦୃଷ୍ଟିରେ ଇଶ୍ରାୟେଲର ଲୋକମାନେ ପବତ୍ର।
ସେମାନେ ସଦାପ୍ରଭୁଙ୍କର ପ୍ରଥମ ସଂଗୃହତ ଫଳ। ଯେଉଁମାନେ
ସେମାନଙ୍କୁ ଗ୍ରାସ କରନ୍ତ ସେମାନେ ଦୋଷୀ ଗଣାଯିବେ ଓ
ସେମାନଙ୍କ ପ୍ରତି ଅମଙ୍ଗଳ ଘଟିବ।'" ଏହା ସଦାପ୍ରଭୁ କହନ୍ତ।

4ହେ ଯାକୁବର ବଂଶ, ଆଉ ହେ ଇଶ୍ରାୟେଲର ବଂଶର
ଗୋଷ୍ଠୀସବୁ, ସଦାପ୍ରଭୁଙ୍କର ବାକ୍ୟ ଶୁଣ।

5ସଦାପ୍ରବୁ ଏହକଥା କହନ୍ତ, "ତୁମ୍ଭର ପୂର୍ବପୁରୁଷଗଣ
ଆମ୍ଭଠାରେ କେଉଁ ଅନ୍ୟାୟ ଦେଖିଲେ ଯେ ସେମାନେ
ଆମ୍ଭଠାରୁ ଦୂରେଇ ଯାଇଅଛନ୍ତ ଓ ଅସାର ଦେବତାମାନଙ୍କର
ପଶ୍ଚାଦ୍‌ଗମନ କର ଅସାର ହୋଇଅଛନ୍ତ?

6ତୁମ୍ଭର ପୂର୍ବପୁରୁଷଗଣ କହଲେ ନାହିଁ ଯେ, 'ଆମ୍ଭମାନଙ୍କୁ
ମିଶର ଦେଶରୁ ବାହାର କର ଆଣିଲେ, ଯେ ପ୍ରାନ୍ତରର
ମରୁଭୂମି ଓ ଗର୍ତ୍ତମୟ ଦେଶରୁ ଆଉ ନର୍ଜନ ଓ ମୃତ୍ୟୁଚ୍ଛାୟାରୂପ
ଦେଶରୁ, ପୁଣି ପଥିକବହୀନ ଓ ନବାସୀଶୂନ୍ୟ ଦେଶ ମଧ୍ୟରୁ
ଆମ୍ଭମାନଙ୍କୁ କଢାଇ ଆଣିଲେ, ସେହ ସଦାପ୍ରଭୁ କାହାଁନ୍ତ?'"

7ପୁଣି ସଦାପ୍ରଭୁ କହନ୍ତ, "ମୁଁ ତୁମ୍ଭମାନଙ୍କୁ ଏକ ଉର୍ବର
ଦେଶକୁ ଆଣିଲି, ଯେଉଁଠାରେ ତୁମ୍ଭେମାନେ ଅତି ଉତ୍ତମ
ଖାଦ୍ୟ ଓ ଫଳ ଭୋଜନ କରବ। ମାତ୍ର ତୁମ୍ଭେମାନେ ପ୍ରବେଶ
କଲାପରେ ମୋ ଦେଶକୁ 'ଅଶୁଚ' ଓ ମୋର ବରୁଦ୍ଧାଚରଣ
କଲ।

8"ଯାଜକମାନେ କହଲେ ନାହିଁ ଯେ, 'ସଦାପ୍ରଭୁ କାହାଁନ୍ତ,'
ଆଉ ଯେଉଁମାନେ ବ୍ୟବସ୍ଥା ହସ୍ତରେ ଧରନ୍ତ, ସେମାନେ
ଆମ୍ଭକୁ ଜାଣିଲେ ନାହିଁ, ଶାସନକର୍ତ୍ତାମାନେ ମଧ୍ୟ ଆମ୍ଭ
ବରୁଦ୍ଧରେ ଅଧର୍ମାଚରଣ କଲେ, ଆଉ ଭବଷ୍ୟଦ୍‌ବକ୍ତାମାନେ
ବାଲ୍‌ଦେବ ନାମରେ ଭବଷ୍ୟଦ୍‌ବାକ୍ୟ ପ୍ରଚାର କଲେ ଓ ନଷ୍ଫଳ
ବସ୍ତୁମାନଙ୍କର ପଶ୍ଚାଦ୍‌ଗମନ କଲେ।"

9ତେଣୁ ସଦାପ୍ରଭୁ କହନ୍ତ, "ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କର
ନାତି-ନାତୁଣୀମାନଙ୍କର ବରୁଦ୍ଧରେ ଆମ୍ଭେ ଏକ ମକଦ୍ଦମା
କରବା।

10ସାଗର ପାର ହୋଇ କିତ୍ତୀୟମାନଙ୍କର ଦ୍ୱୀପ ସମୂହକୁ
ଯାଅ। ଆଉ କେଦରକୁ ଲୋକପଠାଅ ଓ ଉତ୍ତମ ରୂପେ
ବବେଚନା କର ଦେଖ, ସେଠାରେ କେହ ଏପର କାର୍ଯ୍ୟ
କେବେ କରଅଛ କ?

11କୌଣସି ଦେଶର ଲୋକମାନେ ସେମାନଙ୍କର ଦେବଗଣଙ୍କୁ
ପରତ୍ୟାଗ କର ଅଛନ୍ତ କ, ଯଦଓ ସେମାନେ ମୂର୍ତ୍ତି ଥିଲେ
ଏବଂ ପ୍ରକୃତ ପରମେଶ୍ୱର ନୁହଁନ୍ତ? ମାତ୍ର ମୋର ଲୋକମାନେ
ସେମାନଙ୍କର ମହମାମୟ ପରମେଶ୍ୱରଙ୍କୁ ନଷ୍ଫଳ ବସ୍ତୁ ବଦଳରେ
ପରତ୍ୟାଗ କରଛନ୍ତ, ଯାହାର ସେମାନଙ୍କୁ ପ୍ରଦାନ କରବା
ପାଇଁ କଛ ନଥାଏ।

12"ହେ ସ୍ୱର୍ଗ, ଚକତ ଓ ଭୟରେ କମ୍ପିତ ହୁଅ।"
ସଦାପ୍ରଭୁ ଏହା କହଲେ।

13"କାରଣ ଆମ୍ଭର ଲୋକମାନେ ଦୁଇଟି ପାପ କରଅଛନ୍ତ।
ପ୍ରଥମତଃ ସେମାନେ ମୋତେ ପରତ୍ୟାଗ କରଛନ୍ତ ଯଦଓ ମୁଁ
ଏକ ଜୀବନଦାୟିନୀ ନର୍ଝର ଅଟେ ଓ ଦ୍ୱିତୀୟରେ ନଜପାଇଁ
ସେମାନେ ବହୁ ଜଳକୁଣ୍ଡ ଖୋଳଛନ୍ତ। ମାତ୍ର ସେହ ଭଙ୍ଗା
ଜଳକୁଣ୍ଡ ସବୁ ଜଳ ରଖିପାରନ୍ତ ନାହିଁ।

14"ଇଶ୍ରାୟେଲୀୟମାନେ କ'ଣ କ୍ରୀତଦାସ? ସେମାନେ
କ'ଣ ଆଜନ୍ମ କଙ୍କର? ତେବେ ସେମାନେ କାହିଁକ ଲୁଣ୍ଠିତ
ଦ୍ରବ୍ୟ ସ୍ୱରୂପ ହୋଇଅଛନ୍ତ?

15ଯୁବା ସିଂହମାନେ ତାହା ଉପରେ ଗର୍ଜନ ଓ ହୁଙ୍କାର
କରଅଛନ୍ତ। ସେମାନେ ତାହାର ଦେଶସବୁ ଧ୍ୱଂସ କରଅଛନ୍ତ।
ତାହାର ନଗରଗୁଡ଼କ ଦଗ୍ଧ କରଛନ୍ତ ଓ ତାହାକୁ ଜନଶୂନ୍ୟ
କରଛନ୍ତ।

16ଅଧିକନ୍ତୁ ନୋଫର ଓ ତଫନହେଷର ସନ୍ତାନଗଣ
ତୁମ୍ଭ ମସ୍ତକର ମୁକୁଟ ଭାଙ୍ଗି ପକାଇ ଅଛନ୍ତ।

17ଏସବୁ ଦୁଃଖ ତୁମ୍ଭ ନଜ ଦୋଷରୁ ଘଟିଅଛ। କାରଣ
ପରମେଶ୍ୱର ତୁମ୍ଭର ସଦାପ୍ରଭୁ ତୁମ୍ଭକୁ ଠିକ୍ ପଥରେ ନେବାବେଳେ
ତୁମ୍ଭେ ତାହାଙ୍କୁ ପରତ୍ୟାଗ କରଅଛ।

18ଆଉ ଏବେ ଶୀହୋରର ଜଳପାନ କରବାକୁ ତୁମ୍ଭେ
ମିଶରର ପଥରେ କାହିଁକ ଯାଉଅଛ? ଅଥବା ଫରାତ୍ ନଦୀର
ଜଳପାନ ନମନ୍ତେ ତୁମ୍ଭେ ଅଶୂରର ପଥରେ କାହିଁକ ଯାଉଅଛ?

19ତୁମ୍ଭ ନଜର ଦୁଷ୍କର୍ମ ତୁମ୍ଭକୁ ଶାସ୍ତି ଦେବ। ଓ ତୁମ୍ଭର
ବପଥଗାମୀତ୍ୱ ତୁମ୍ଭକୁ ଶିକ୍ଷା ଦେବ। ତୁମ୍ଭେ ଉତ୍ତମ ରୂପେ
ବବେଚନା କର। ତାହାହେଲେ ତୁମ୍ଭେ ବୁଝିବ ଯେ ପରମେଶ୍ୱରଙ୍କୁ
ପରତ୍ୟାଗ କର ତୁମ୍ଭେ କ ଅପରାଧ କରଛ। "ଆମ୍ଭ ବଷୟକ
ଭୟ ତୁମ୍ଭ ମଧ୍ୟରେ ନଥିବାରୁ ଯାହା ମନ୍ଦ ଓ ତିକ୍ତ ବଷୟ
ତାହା ତୁମ୍ଭେ ଜ୍ଞାତ ହେଉନାହିଁ।" ମୋର ପ୍ରଭୁ ସୈନ୍ୟାଧିପତି
ସଦାପ୍ରଭୁ ଏହା କହନ୍ତ।

20"ହେ ଯିହୁଦା, ବହୁବର୍ଷ ପୂର୍ବେ ଆମ୍ଭେ ତୁମ୍ଭର ଯୁଆଳି
ଭାଙ୍ଗି ତୁମ୍ଭର ବନ୍ଧନ ସବୁ ଛେଦନ କରଛୁଁ। ଆଉ ତୁମ୍ଭେ
କହଛ, 'ଆମ୍ଭେ ତୁମ୍ଭର ଦାସତ୍ୱ କର୍ମ କରବୁ ନାହିଁ।'
ପ୍ରକୃତରେ ତୁମ୍ଭେ ପ୍ରତ୍ୟେକ ଉଚ୍ଚ ପର୍ବତ ଉପରେ ଓ
ପ୍ରତ୍ୟେକ ସବୁଜ ବୃକ୍ଷ ତଳେ ତୁମ୍ଭର ବ୍ୟଭିଚାର
କର ଚାଲଛ।

21ହେ ଯିହୁଦା, ମୁଁ ତୁମ୍ଭକୁ ସ୍ୱତନ୍ତ୍ର ବୀଜରୁ ଉତ୍ପନ୍ନ ଏକ
ଦ୍ରାକ୍ଷାଲତା କର ରୋପଣ କରଥିଲ। ତେବେ ତୁମ୍ଭେ କାହିଁକ
ବନ୍ୟ ଦ୍ରାକ୍ଷାଲତା ହେଲ?

22ଯଦଓ ତୁମ୍ଭେ ସୋଡାରେ ନଜକୁ ଧୌତ କରଅଛ ଓ
ବହୁତ ସାବୁନ ବ୍ୟବହାର କରଛ, ତଥାପି ତୁମ୍ଭର ଦୋଷ
ଆମ୍ଭ ଦୃଷ୍ଟିରେ କ୍ଷାଳତ ନହୋଇ ସେହପର ରହଅଛ।" ଏହା
ପ୍ରଭୁ ସଦାପ୍ରଭୁ କହନ୍ତ।

23"ପୁଣି ହେ ଯିହୁଦା, ତୁମ୍ଭେ କପର କହପାରବ ଯେ,
'ଆମ୍ଭେ ଅଶୁଚ ହୋଇନାହୁଁ ଓ ବାଲ୍‌ଦେବଗଣର ପଶ୍ଚାଦ୍‌ଗାମୀ
ହୋଇନାହୁଁ?' ଉପତ୍ୟକାରେ ତୁମ୍ଭେ ଯାହାସବୁ କରଅଛ ଚନ୍ତାକର।

ତୁମ୍ଭେ ଆପଣା ପଥରେ ଭ୍ରମଣକାରିଣୀ ଦ୍ରୁତଗାମିନୀ ଓଟ
ସଦୃଶ।
24ଆଉ ତୁମ୍ଭେ ପ୍ରାନ୍ତରରେ ବାସ କରୁଥିବା ବନ୍ୟ ଗର୍ଦ୍ଦଭୀ
ପରି ଅଟ। ସେ ନିଜର ଋତୁ ସମୟରେ ବାୟୁ ଆଘ୍ରାଣ
କରେ। କିଏ ତା'ର କାମ ଲିପ୍ସାରୁ ଅବରୋଧ କରିପାରିବେ?
ତାହାର ଅନ୍ୱେଷଣକାରୀମାନଙ୍କର ଆପଣାମାନଙ୍କ କ୍ଲାନ୍ତ କରିବାର
ଦରକାର ନାହିଁ। ସେମାନେ ତାଙ୍କର ନିୟମିତ ମାସରେ ତାକୁ
ସହଜରେ ପାଇପାରିବେ।
25ହେ ଯିହୁଦା, ତୁମ୍ଭେ ନିଶ୍ଚିତ ଯେ, ସେ ଦେବଗଣଙ୍କ
ପଶ୍ଚାଦ୍‌ଗମନରୁ ନିବୃତ୍ତ ହେବା ଉଚିତ୍ ଓ ସେ ଦେବଗଣଙ୍କ
ନିମନ୍ତେ ନିଜର କଣ୍ଠ ଶୁଷ୍କ କରିବା ଉଚିତ୍ ନୁହେଁ। ମାତ୍ର
ତୁମ୍ଭେ କହିଲ, 'ଆଉ ଦରକାର ନାହିଁ, କାରଣ ଆମ୍ଭେ ସେହି
ବିଦେଶୀୟ ଦେବଗଣଙ୍କୁ ପୂଜା କରିଅଛୁ ଓ ସେମାନଙ୍କର
ପଶ୍ଚାଦ୍‌ଗାମୀ ହେବୁ, ସେମାନଙ୍କୁ ଆମ୍ଭେ ଛାଡ଼ିବୁ ନାହିଁ।'
26"ଚୋର ଧରାପଡ଼ିଲେ ଯେପରି ଲଜ୍ଜିତ ହୁଏ, ସେହିପରି
ଇଶ୍ରାୟେଲ ବଂଶ, ସେମାନଙ୍କର ରାଜଗଣ, ସେମାନଙ୍କର
ଅଧିପତିଗଣ, ସେମାନଙ୍କର ଯାଜକଗଣ ଓ ସେମାନଙ୍କର
ଭବିଷ୍ୟଦ୍‌ବକ୍ତାଗଣ ସମସ୍ତେ ଲଜ୍ଜିତ ହୋଇଅଛନ୍ତି।
27ସେମାନେ ଏକ କାଠ ମୁଣ୍ଡାକୁ କହନ୍ତି, 'ତୁମ୍ଭେ ଆମ୍ଭର
ପିତା' ଓ ଖଣ୍ଡେ ପଥରକୁ କହନ୍ତି, 'ତୁମ୍ଭେ ଆମ୍ଭକୁ ଜନ୍ମ
କରିଅଛ।' ସେମାନେ ସେଥିପାଇଁ ଲଜ୍ଜିତ ହେବେ। ପୁଣି
ସେମାନେ ଆମ୍ଭ ଆଡକୁ ମୁଖ ନକରି, ଆମ୍ଭ ଆଡ଼କୁ ପିଠିପଟ
କରିଅଛନ୍ତି। ମାତ୍ର ବିପଦ ସମୟରେ ଯିହୁଦାର ଲୋକମାନେ
କହିବେ, 'ତୁମ୍ଭେ ଆସ, ଆମ୍ଭମାନଙ୍କୁ ଉଦ୍ଧାର କର।'
28ମାତ୍ର ତୁମ୍ଭେମାନେ ନିଜପାଇଁ ଯେଉଁ ପ୍ରତିମାଗୁଡ଼ିକ
ନିର୍ମାଣ କରିଅଛ, ସେମାନେ କାହାନ୍ତି? ସେମାନେ ଆସନ୍ତୁ ଓ
ଯଦି ପାରନ୍ତି ତେବେ ତୁମ୍ଭ ବିପଦ ସମୟରେ ତୁମ୍ଭକୁ ଉଦ୍ଧାର
କରନ୍ତୁ। କାରଣ ହେ ଯିହୁଦା ତୁମ୍ଭ ନଗରର ସଂଖ୍ୟାନୁସାରେ
ତୁମ୍ଭର ଦେବତାମାନେ ଅଛନ୍ତି।
29"ତୁମ୍ଭେମାନେ କାହିଁକି ଆମ୍ଭ ସଙ୍ଗେ ବିବାଦ କରୁଛ?
ତୁମ୍ଭେ ସମସ୍ତେ ଆମ୍ଭ ବିରୁଦ୍ଧରେ ପାପ କରିଅଛ।" ଏହା
ସଦାପ୍ରଭୁ କହନ୍ତି।
30"ଆମ୍ଭେ ବୃଥାରେ ତୁମ୍ଭ ସନ୍ତାନଗଣଙ୍କୁ ଦଣ୍ଡ ଦେଇଅଛୁ।
ମାତ୍ର ଏହାର ଫଳ କିଛି ହେଲାନାହିଁ। କାରଣ ତୁମ୍ଭେମାନେ
ଠିକ୍ ବାଟକୁ ଫେରିଲ ନାହିଁ। ତୁମ୍ଭେମାନେ ତୁମ୍ଭ ଖଡ୍ଗରେ
ତୁମ୍ଭର ଭବିଷ୍ୟଦ୍‌ବକ୍ତାଗଣଙ୍କୁ ହତ୍ୟା କରିଅଛ। ଆଉ ଭୟଙ୍କର
ସିଂହ ତୁଲ୍ୟ ସେମାନଙ୍କୁ ଗ୍ରାସ କରିଅଛ।"
31ହେ ବର୍ତ୍ତମାନ ସମୟର ଲୋକମାନେ, ତୁମ୍ଭେମାନେ
ସଦାପ୍ରଭୁଙ୍କ ବାକ୍ୟପ୍ରତି ଧ୍ୟାନ ଦିଅ। "ଆମ୍ଭେ କ'ଣ ଇଶ୍ରାୟେଲ
ପ୍ରତି ପ୍ରାନ୍ତରସ୍ୱରୂପ କିଅବା ନିବିଡ଼ ଅନ୍ଧକାରମୟ ଦେଶ ସ୍ୱରୂପ
ହୋଇଅଛୁ? ଆମ୍ଭର ଲୋକମାନେ କାହିଁକି କହୁଛନ୍ତି, 'ଆମ୍ଭେମାନେ
ବନ୍ଧନମୁକ୍ତ ହୋଇଅଛୁ, ଆମ୍ଭେମାନେ ଆଉ ତୁମ୍ଭ ନିକଟକୁ
ଆସିବୁ ନାହିଁ?'
32ଜଣେ ଯୁବତୀ କ'ଣ ନିଜର ଅଳଙ୍କାରକୁ ଭୁଲିପାରେ?
ଜଣେ କନ୍ୟା କ'ଣ ତା'ର ପୋଷାକକୁ ଭୁଲି ପାରିବ? କିନ୍ତୁ
ମୋର ଲୋକମାନେ ମୋତେ ଅସଂଖ୍ୟ ଥର ପାଶୋରି
ଅଛନ୍ତି।
33"ହେ ଯିହୁଦା, ତୁମ୍ଭେ ତୁମ୍ଭ ପ୍ରେମିକମାନଙ୍କୁ ଖୋଜିବାରେ
ନିପୁଣା। ଏପରିକି ତୁମ୍ଭେ ଦୁଷ୍ଟା ସ୍ତ୍ରୀଲୋକମାନଙ୍କୁ କିପରି ଏହା
କରିବାକୁ ହୁଏ ଶିକ୍ଷା ଦେଲ।
34ତୁମ୍ଭ ହସ୍ତରେ ଦରିଦ୍ର ନିର୍ଦ୍ଦୋଷ ପ୍ରାଣର ରକ୍ତ ଦେଖାଯାଏ।
ଏହି ରକ୍ତ ସିନ୍ଧିକାଟିବା କୌଣସି ଲୁଣ୍ଠନକାରୀର ନୁହେଁ। ତୁମ୍ଭେ
ବିନାକାରଣରେ ରକ୍ତପାତ କରିଛ।
35ତୁମ୍ଭେ କହିବାକୁ ଲାଗୁଛ, 'ଆମ୍ଭେ ନିରୀହ ଏବଂ ଆମ୍ଭେ
ନିଶ୍ଚିତ ଯେ, ପରମେଶ୍ୱର ତାଙ୍କର କ୍ରୋଧକୁ ଆମ୍ଭଠାରୁ
ଦୂରେଇ ନେବେ।' ଏହା ତୁମ୍ଭକୁ କହିବାକୁ ଦିଅ, ଆମ୍ଭେ
ତୁମ୍ଭର ବିଚାର କରିବା କାରଣ ତୁମ୍ଭେ କହୁଛ, 'ଆମ୍ଭେ
ନିର୍ଦ୍ଦୋଷୀ।'
36ତୁମ୍ଭେ କାହିଁକି ଆପଣା ମନ ପରିବର୍ତ୍ତନ କରିଚାଲିଛ,
ଏତେ ଅବହେଳିତ ଭାବରେ? ତୁମ୍ଭେ ଅଶୂରର ବିଷୟରେ
ଯେପରି ଲଜ୍ଜିତା ହୋଇଥିଲ, ସେହିପରି ମିଶରର ବିଷୟରେ
ଲଜ୍ଜିତା ହେବ।
37ଆଉ ତୁମ୍ଭେ ମିଶରରୁ ମଧ୍ୟ ବାହାରି ଯିବ ଓ
ଲଜ୍ଜ୍ୟାରେ ତୁମ୍ଭେ ଆପଣା ମୁହଁ ଲୁଚାଇବ, କାରଣ ସଦାପ୍ରଭୁ
ତୁମ୍ଭର ନିର୍ଭର କରୁଥିବା ଲୋକମାନଙ୍କୁ ପ୍ରତ୍ୟାଖାନ କରିଅଛନ୍ତି।
ତୁମ୍ଭେମାନେ ସେମାନଙ୍କ ସାହାଯ୍ୟ ଦ୍ୱାରା ଉନ୍ନତି କରିପାରିବ
ନାହିଁ।
3 "ଯଦି କୌଣସି ପୁରୁଷ ତା'ର ସ୍ତ୍ରୀକୁ ପରିତ୍ୟାଗ କରେ
ଓ ସେ ସ୍ତ୍ରୀ ତାକୁ ତ୍ୟାଗ କରି ଅନ୍ୟ ପୁରୁଷକୁ ବିବାହ
କରେ ତେବେ ତା'ର ସ୍ୱାମୀ କ'ଣ ପୁନର୍ବାର ତାହା ନିକଟକୁ
ଆସିବ? ଯଦି ସେ ଲୋକ ପୁନର୍ବାର ତାହା ନିକଟକୁ ଆସିବ
ତେବେ ସେହି ଦେଶ ଅତ୍ୟନ୍ତ 'ଅଶୁଚି' ହେବ। ହେ ଯିହୁଦା,
ତୁମ୍ଭେ ଅନେକ ଉପପତି ସଙ୍ଗେ ବ୍ୟଭିଚାର କରିଅଛ। ଆଉ
ପୁନର୍ବାର ଆମ୍ଭ ନିକଟକୁ ଫେରି ଆସିବାକୁ ଚାହୁଁଛ।" ଏହା
ସଦାପ୍ରଭୁ କହନ୍ତି।
2"ନିଷ୍ଫଳ ପର୍ବତକୁ ଦେଖ। କେଉଁଠାରେ ତୁମ୍ଭେ ବ୍ୟଭିଚାର
କରିନାହଁ? ଯେପରି ଜଣେ ଆରବୀୟ ଲୋକ ପ୍ରାନ୍ତରରେ
ବସେ, ସେହିପରି ତୁମ୍ଭେ ସେମାନଙ୍କ ନିମନ୍ତେ ରାଜପଥରେ
ବସିଅଛ। ଆଉ ତୁମ୍ଭେ ଆପଣା ଅବିଶ୍ୱାସନୀୟତା ଓ ଦୁଷ୍କର୍ମ
ଦ୍ୱାରା ଦେଶକୁ 'ଅଶୁଚି' କରିଅଛ।
3ତୁମ୍ଭର ପାପକର୍ମ ଯୋଗୁଁ ବୃଷ୍ଟି ନିବୃତ୍ତ ହୋଇଅଛି।
ବସନ୍ତକାଳୀନ ବର୍ଷା ଆସିନାହିଁ। କିନ୍ତୁ ତୁମ୍ଭେ ଜଣେ ବେଶ୍ୟାର
ଢଂଗୀ ଓ ଲଜ୍ଜ୍ୟାହୀନ ଗୃହାଣୀ ବଜାୟ ରଖିଛ ଓ ଲଜ୍ଜିତ
ହେବାକୁ ଅସ୍ୱୀକାର କରୁଛ।
4କିନ୍ତୁ ତୁମ୍ଭେ ଆମ୍ଭକୁ ଏହି ସମୟଠାରୁ ପ୍ରାର୍ଥନା କରି
କହିବ, ହେ ମୋର 'ପିତା,' 'ତୁମ୍ଭେ ମୋର ବାଲ୍ୟକାଳର
ପଥପ୍ରଦର୍ଶକ।'
5ତୁମ୍ଭେ ପୁଣି କୁହ, 'ପରମେଶ୍ୱର କ'ଣ ସଦାକାଳ କ୍ରୁଦ୍ଧ
ହୋଇଥିବେ? ତାଙ୍କର କ୍ରୋଧ ଚିରକାଳ ରହିବ ନାହିଁ।'
"ଆଉ ତୁମ୍ଭେ କଥା କହୁଅଛ ତଥାପି ଦୁଷ୍କର୍ମ କରିବାରେ
ଲାଗିଛ ଏବଂ ନିଜ ପଥରେ ଚାଲିଛ।"

### ଇଶ୍ରାୟେଲ ଓ ଯିହୁଦା ଦୁଇ ବିଶ୍ୱାସଘାତିନୀ ଭଉଣୀ

6ଯିହୁଦାରେ ଯୋଶିୟ ରାଜାଙ୍କ ଶାସନ କାଳରେ, ସଦାପ୍ରଭୁ

ମୋତେ କହିଲେ, "ବିପଥଗାମିନୀ ଇସ୍ରାୟେଲ ଯାହା କରିଅଛି,
ତାହା କ'ଣ ତୁମ୍ଭେ ଦେଖିଅଛ? ସେ ପ୍ରତ୍ୟେକ ଉଚ୍ଚ ପର୍ବତ
ଉପରେ ଓ ପ୍ରତ୍ୟେକ ସବୁଜ ବୃକ୍ଷ ତଳେ ଯାଇ ବ୍ୟଭିଚାର
କରିଅଛି। 7ସେ ଏହିସବୁ ଅପକର୍ମ କଲାପରେ ମୁଁ ଇସ୍ରାୟେଲକୁ
କହିଲି, 'ତୁମ୍ଭେ ମୋ ନିକଟକୁ ଫେରି ଆସିବା ଉଚିତ୍।' ମାତ୍ର
ସେ ଫେରି ଆସିଲା ନାହିଁ ଆଉ ତାହାର ବିଶ୍ୱାସଘାତିନୀ
ଭଉଣୀ ଯିହୁଦା ଏହା ଦେଖିଲା। 8ଆଉ ଆମ୍ଭେ ଦେଖିଲୁ
ବିପଥଗାମିନୀ ଇସ୍ରାୟେଲ ବ୍ୟଭିଚାର କରିବା ହେତୁ ଆମ୍ଭେ
ତାକୁ ଛାଡ଼ପତ୍ର ଦେଲେ ହେଁ, ତାହା ବିଶ୍ୱାସଘାତିନୀ ଭଉଣୀ
ଯିହୁଦା ଭୟ କଲାନାହିଁ। ସେ ମଧ୍ୟ ଯାଇ ବ୍ୟଭିଚାର କଲା।
9ଯିହୁଦା ବେଖାତିର କରି ବ୍ୟଭିଚାର କଲା ଓ ଦେଶକୁ
'ଅଶୁଚି' କଲା। ଆଉ ସେ ମଧ୍ୟ କାଠ ଓ ପଥର ସଙ୍ଗେ
ବ୍ୟଭିଚାର କଲା। 10ଏସବୁ ସତ୍ତ୍ୱେ, ଇସ୍ରାୟେଲର ବିଶ୍ୱାସଘାତିନୀ
ଭଉଣୀ ଯିହୁଦା ସର୍ବାନ୍ତଃକରଣରେ ଆମ୍ଭ ନିକଟକୁ ଆସିଲା
ନାହିଁ। ମାତ୍ର ସେ ଆମ୍ଭ ନିକଟକୁ ଆସିଛି ବୋଲି କେବଳ
ଛଳନା କଲା।" ଏହା ସଦାପ୍ରଭୁ କହନ୍ତି।

11ଆଉ ସଦାପ୍ରଭୁ ମୋତେ କହିଲେ, "ବିପଥଗାମିନୀ
ଇସ୍ରାୟେଲ ବିଶ୍ୱାସଘାତିନୀ ଯିହୁଦା ଅପେକ୍ଷା ନିଜକୁ ଅଧିକ
ଧାର୍ମିକା ଦେଖାଇଅଛି। 12ତେଣୁ ହେ ଯିରିମିୟ, ତୁମ୍ଭେ ଉତ୍ତର
ଦିଗଆଡ଼େ ଯାଇ ଏହି କଥା ପ୍ରଚାର କର ଏବଂ କୁହ,

'ହେ ବିପଥଗାମିନୀ ଇସ୍ରାୟେଲ, ସଦାପ୍ରଭୁ କହନ୍ତି, ତୁମ୍ଭେ
ଫେରିଆସ,' 'ଆମ୍ଭେ ତୁମ୍ଭ ପ୍ରତି କ୍ରୋଧ ଦୃଷ୍ଟି କରିବା ନାହିଁ।
ଆମ୍ଭେ ଦୟାବାନ,' କାରଣ ସଦାପ୍ରଭୁ କହନ୍ତି, 'ଆମ୍ଭେ ସର୍ବଦା
କ୍ରୋଧ ରଖିବା ନାହିଁ।

13ସଦାପ୍ରଭୁ କହନ୍ତି, "ଯାହାହେଉ ତୁମ୍ଭେ ଜାଣିବା ଉଚିତ୍
ଯେ, ତୁମ୍ଭେ ଭୁଲ୍ କରିଛ, ତୁମ୍ଭେ ବିଦେଶୀମାନଙ୍କ ପାଖକୁ
ଯାଇ ଏବଂ ସେମାନଙ୍କ ସହିତ ପ୍ରତ୍ୟେକ ହରିତ୍ ବୃକ୍ଷତଳେ
ବେଶ୍ୟାବୃତ୍ତି କରି ସଦାପ୍ରଭୁଙ୍କ ବିରୁଦ୍ଧରେ ପାପ କରିଅଛି।'"
ତୁମ୍ଭେ ମୋର କଥା ମାନିଲ ନାହିଁ

14"ସଦାପ୍ରଭୁ କହନ୍ତି, ହେ ବିପଥଗାମୀ ସନ୍ତାନଗଣ,
ତୁମ୍ଭେମାନେ ଆମ୍ଭ ନିକଟକୁ ଫେରିଆସ," କାରଣ "ଆମ୍ଭେ
ତୁମ୍ଭମାନଙ୍କର ସ୍ୱାମୀ। ଆମ୍ଭେ ପ୍ରତିନଗରରୁ ଏକ ଜଣ ଓ ପ୍ରତି
ଗୋଷ୍ଠୀ ମଧ୍ୟରୁ ଦୁଇଜଣ କରି ତୁମ୍ଭମାନଙ୍କୁ ସିୟୋନ୍‌କୁ
ଆଣିବା। 15ତା'ପରେ ଆମ୍ଭେ ତୁମ୍ଭମାନଙ୍କ ପାଇଁ ନୂତନ
ପାଳକଗଣ ଦେବା, ଯେଉଁମାନେ କି ଆମ୍ଭପ୍ରତି ଅତ୍ୟନ୍ତ ବିଶ୍ୱସ୍ତ
ହେବେ। ସେମାନେ ଜ୍ଞାନ ଓ ବୁଦ୍ଧିରେ ତୁମ୍ଭମାନଙ୍କୁ ଚଳାଇବେ।
16ଅନନ୍ତର ସଦାପ୍ରଭୁ କହନ୍ତି, ସେ ସମୟରେ ଯେତେବେଳେ
ତୁମ୍ଭେମାନେ ବର୍ଦ୍ଧିଷ୍ଣୁ ଓ ବହୁବଂଶ ହେବ।"

"ସେତେବେଳେ ଲୋକମାନେ 'ସଦାପ୍ରଭୁଙ୍କ ନିୟମ-ସିନ୍ଦୁକ
ବିଷୟରେ ଆଉ କହିବେ ନାହିଁ କିଅବା ତାହା ମନରେ
ପଡ଼ିବ ନାହିଁ' ଅଥବା ସେମାନେ ତାହା ସ୍ମରଣ କରିବେ ନାହିଁ
କି ତାହା ନିକଟକୁ ଯିବେ ନାହିଁ ଅଥବା ତାହା ଆଉ ନିର୍ମିତ
ହେବନାହିଁ। 17ଆଉ ସେ ସମୟରେ ଲୋକମାନେ ଯିରୁଶାଲମକୁ
'ସଦାପ୍ରଭୁଙ୍କ ସିଂହାସନ' ବୋଲି କହିବେ। ସମଗ୍ର ଦେଶୀୟମାନେ
ସଦାପ୍ରଭୁଙ୍କ ନାମରେ ସମ୍ମାନ ଜଣାଇବାକୁ ଯିରୁଶାଲମରେ
ଏକତ୍ରୀତ ହେବେ। ପୁଣି ସେମାନେ ନିଜର ଅନ୍ତଃକରଣରେ
ଦୁଷ୍ଟାଚାର ଅବାଧ୍ୟତା ଆଉ ଅନୁସରଣ କରିବେ ନାହିଁ। 18ସେ
ସମୟରେ ଯିହୁଦା ବଂଶ ଇସ୍ରାୟେଲ ବଂଶ ସହିତ ଏକତ୍ର
ଗମନ କରିବେ। ଆଉ ସେମାନେ ଉତ୍ତର ଦେଶରୁ ଏକତ୍ର
ବାହାରି ତୁମ୍ଭମାନଙ୍କ ପୂର୍ବପୁରୁଷଗଣଙ୍କୁ ଅଧିକାର ନିମନ୍ତେ
ଆମ୍ଭର ଦତ୍ତ ଦେଶକୁ ଆସିବେ।

19"ଆମ୍ଭେ ସଦାପ୍ରଭୁ କହୁଛି, 'ଆମ୍ଭେ ତୁମ୍ଭମାନଙ୍କୁ ନିଜ
ସନ୍ତାନ ପରି ବ୍ୟବହାର କରିବା, ନାନା ଦେଶୀୟମାନଙ୍କର
ପରମ ରତ୍ନସ୍ୱରୂପ ଏକ ମନୋରମ ଦେଶ ତୁମ୍ଭମାନଙ୍କୁ ଦାନ
କରିବା।' ପୁଣି ଆମ୍ଭେ କହିଲୁ, ତୁମ୍ଭେମାନେ ଆମ୍ଭକୁ 'ପିତା'
ବୋଲି ଡାକିବ ଓ ଆମ୍ଭକୁ ସର୍ବଦା ଅନୁସରଣ କରିବ।

20ସଦାପ୍ରଭୁ କହନ୍ତି, ଯେପରି କୌଣସି ସ୍ତ୍ରୀ ନିଜ ସ୍ୱାମୀ
ପ୍ରତି ବିଶ୍ୱାସଘାତକତା କରି ପରିତ୍ୟାଗ କରେ, ତୁମ୍ଭେ
ଇସ୍ରାୟେଲ ସେହିପରି ଆମ୍ଭପ୍ରତି ବିଶ୍ୱାସଘାତକତା କରିଅଛ।"

21ବୃକ୍ଷଶୂନ୍ୟ ପାହାଡ଼ ଉପରେ ଇସ୍ରାୟେଲ ଲୋକମାନଙ୍କର
ରୋଦନ ତୁମ୍ଭେମାନେ ଶୁଣିବ। ସେମାନେ ଜୋରରେ ଚିତ୍କାର
କରୁଛନ୍ତି, ଏବଂ କରୁଣା ପାଇଁ ପ୍ରାର୍ଥନା କରୁଛନ୍ତି। କାରଣ
ସେମାନେ କୁଟିଳ ପଥଗାମୀ ହୋଇଛନ୍ତି ଓ ସେମାନଙ୍କର
ସଦାପ୍ରଭୁ ପରମେଶ୍ୱରଙ୍କୁ ପାଶୋରି ଦେଇଛନ୍ତି।

22ଆଉମଧ୍ୟ ସଦାପ୍ରଭୁ କହନ୍ତି, "ହେ ଇସ୍ରାୟେଲ ସନ୍ତାନଗଣ,
ତୁମ୍ଭେମାନେ ଆମ୍ଭପ୍ରତି ଅବିଶ୍ୱସ୍ତ ହୋଇଅଛ। ମାତ୍ର ତୁମ୍ଭେମାନେ
ଫେରିଆସ, ଆମ୍ଭେ ତୁମ୍ଭମାନଙ୍କର ବିପଥଗମନରୂପୀ ରୋଗକୁ
ଆରୋଗ୍ୟ କରିବା।" ଆଉ ତୁମ୍ଭେମାନେ କହିବ, "ହଁ,
ଆମ୍ଭେମାନେ ତୁମ୍ଭ ନିକଟକୁ ଆସିଅଛୁ, କାରଣ ତୁମ୍ଭେ
ଆମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱର ଅଟ।"

23ଉପପର୍ବତସମୂହରେ ପ୍ରତିମା ପୂଜା ନିର୍ବୋଧତା ଥିଲା।
ପର୍ବତମାନଙ୍କର ଉପରିସ୍ଥ କୋଳାହଳ ଜନିତ ସମାରୋହ ବ୍ୟର୍ଥ
ଥିଲେ। ମାତ୍ର ଏହା ନିଶ୍ଚିତ ଯେ ପରମେଶ୍ୱର ସଦାପ୍ରଭୁଙ୍କଠାରେ
ଇସ୍ରାୟେଲର ପରିତ୍ରାଣ ଅଛି।

24ମାତ୍ର ସେ ଲଜ୍ଜ୍ୟାସ୍ପଦ ବାଲ୍ ଦେବତା ଆମ୍ଭମାନଙ୍କର
ବାଲ୍ୟକାଳରୁ ଆମ୍ଭମାନଙ୍କ ପିତୃପୁରୁଷଗଣର ଶ୍ରମଫଳ, ସେମାନଙ୍କ
ଗୋମେଷାଦି ପଲ, ସେମାନଙ୍କର ପୁତ୍ର ଓ କନ୍ୟାଗଣକୁ ଭକ୍ଷଣ
କରିଅଛି।

25ଆମ୍ଭେମାନେ ନିଜ ଲଜ୍ଜ୍ୟାରେ ଅବନତ ହେଉ।
ଆମ୍ଭମାନଙ୍କର ଅପମାନ ଆମ୍ଭମାନଙ୍କୁ ଆଚ୍ଛାଦନ କରୁ। କାରଣ
ଆମ୍ଭେମାନେ ଓ ଆମ୍ଭମାନଙ୍କର ପୂର୍ବପୁରୁଷଗଣ ବାଲ୍ୟକାଳରୁ
ଅଦ୍ୟାବଧି ଆମ୍ଭମାନଙ୍କର ପରମେଶ୍ୱର ସଦାପ୍ରଭୁଙ୍କ ବିରୁଦ୍ଧରେ
ପାପ କରିଅଛୁ। ଆଉ ଆମ୍ଭେମାନେ ଆମ୍ଭମାନଙ୍କ ପରମେଶ୍ୱର
ସଦାପ୍ରଭୁଙ୍କ ବିରୁଦ୍ଧରେ ପାପ କରିଅଛୁ। ଆଉ ଆମ୍ଭେମାନେ
ଆମ୍ଭମାନଙ୍କ ପରମେଶ୍ୱର ସଦାପ୍ରଭୁଙ୍କ ବାକ୍ୟକୁ ଅବମାନନା
କରିଅଛୁ।"

4 ସଦାପ୍ରଭୁ କହନ୍ତି, "ହେ ଇସ୍ରାୟେଲ ଯଦି ତୁମ୍ଭେ
ଫେରିଆସିବାକୁ ଇଚ୍ଛା କରୁଛ, ତେବେ ମୋ ନିକଟକୁ
ଫେରିଆସ। ଯଦି ତୁମ୍ଭେ ସମସ୍ତ ମୂର୍ତ୍ତି ମୋ ଚକ୍ଷୁ ସମ୍ମୁଖରୁ
ଫିଙ୍ଗି ଦିଅ ଓ ବିପଥଗାମୀ ହୁଅ ନାହିଁ।

2ଯଦି ତୁମ୍ଭେ ସେହିସବୁ କରିବ, ତେବେ ତୁମ୍ଭକୁ ସଦାପ୍ରଭୁଙ୍କ
ନାମରେ ଶପଥ କରି କହିବାକୁ ପଡ଼ିବ ଯେ 'ସଦାପ୍ରଭୁ
ଜୀବିତ।' ଆଉ ତୁମ୍ଭେ ଏସବୁ ସତ୍ୟ, ନ୍ୟାୟ ଓ ଧାର୍ମିକତାରେ
ସେ ସବୁ କହିବାକୁ କ୍ଷମ ହେବ। ତାହାଦ୍ୱାରା ନାନାଦେଶୀୟମାନେ

ସଦାପ୍ରଭୁଙ୍କର ଆଶୀର୍ବାଦର ପାତ୍ର ହେବେ। ସେମାନେ ଗର୍ବର ସହିତ କହିବେ ସଦାପ୍ରଭୁ ତାହା କରିଛନ୍ତି।"

3କାରଣ ସଦାପ୍ରଭୁ ଯିହୁଦା ଓ ଯିରୁଶାଲମର ଲୋକମାନଙ୍କୁ ଏହିକଥା କହନ୍ତି,

"ତୁମ୍ଭେମାନେ ନିଜ ପାଇଁ ପଡ଼ିଆ ଭୂମି ପ୍ରସ୍ତୁତ କର ଓ କଣ୍ଟାବଣ ମଧ୍ୟରେ ବୀଜ ବୁଣ ନାହିଁ।

4ହେ ଯିହୁଦା ଓ ଯିରୁଶାଲମର ନିବାସୀଗଣ, ତୁମ୍ଭେମାନେ ସଦାପ୍ରଭୁଙ୍କ ପାଇଁ ନିଜକୁ ସୁନ୍ନତ କର। ତୁମ୍ଭମାନଙ୍କର ହୃଦୟରୁ ଆବିଳତାକୁ ଦୂରକର। ତା' ନହେଲେ ତୁମ୍ଭମାନଙ୍କର ଦୁଷ୍କର୍ମ ଯୋଗୁଁ ଆମ୍ଭର କ୍ରୋଧ ଅଗ୍ନିତୁଲ୍ୟ ପ୍ରଜ୍ୱଳିତ ହେବ ଓ ସେହି କ୍ରୋଧାଗ୍ନିରେ ତୁମ୍ଭେମାନେ ଭସ୍ମୀଭୂତ ହେବ। କେହି ତାହାକୁ ଲିଭାଇ ପାରିବା ପାଇଁ ସକ୍ଷମ ହେବ ନାହିଁ।"

## ଉତ୍ତରରୁ ମହା ବିନାଶ ଆସିବ

5"ତୁମ୍ଭେମାନେ ଯିହୁଦାର ଲୋକମାନଙ୍କୁ ଏହି ବାର୍ତ୍ତା ଦିଅ ଓ ଯିରୁଶାଲମରେ ଏହିକଥା ପ୍ରଚାର କର। 'ସମଗ୍ର ଦେଶରେ ତୂରୀ ବଜାଅ' ଓ ଉଚ୍ଚସ୍ୱରରେ ଚିତ୍କାର କର, 'ତୁମ୍ଭେମାନେ ଏକତ୍ରିତ ହୁଅ। ଆଉ ଚାଲ, ଆସ ସୁଦୃଢ ନଗରକୁ ପଳାଇବା।'

6ସିୟୋନ୍ ଆଡ଼େ ଧ୍ୱଜା ଉଠାଅ। ଜୀବନ ରକ୍ଷାପାଇଁ ପଳାୟନ କର। ଅପେକ୍ଷା କରନାହିଁ, କାରଣ ଆମ୍ଭେ ଉତ୍ତର ଦିଗରୁ ଅମଙ୍ଗଳ ଓ ମହାବିନାଶ ଆଣିବା।"

7ଏକ "ସିଂହ" ନିଜ ଗହ୍ୱରରୁ ବାହାରିଅଛି। ନାନା ଦେଶୀୟମାନଙ୍କର ବିନାଶକ ଆସୁଅଛି। ତୁମ୍ଭର ନଗରସବୁ ଧ୍ୱଂସ ହେବ, ଆଉ ସେଗୁଡ଼ିକ ଜନ ଶୂନ୍ୟ ହେବ। ଏଥିପାଇଁ ସେ ନିଜ ସ୍ଥାନରୁ ବାହାରି ତୁମ୍ଭର ଦେଶକୁ ଉଜାଡ଼ିବାକୁ ଆସୁଛନ୍ତି।

8ତେଣୁ ତୁମ୍ଭେମାନେ ଚଟବସ୍ତ୍ର ପରିଧାନ କରି ବିଳାପ ଓ ହାହାକାର କର। କାରଣ ସଦାପ୍ରଭୁଙ୍କର ପ୍ରଚଣ୍ଡ କ୍ରୋଧ ଆମ୍ଭମାନଙ୍କ ଉପରେ ରହିଅଛି।"

9ସେହିଦିନ ସଦାପ୍ରଭୁ କହିଲେ, "ରାଜା ଓ ତାଙ୍କର ଅଧିପତିଗଣ ସାହସ ହରାଇବେ। ଯାଜକଗଣ ଭୟଭୀତ ହେବେ ଓ ଭବିଷ୍ୟଦ୍‌ବକ୍ତାମାନେ କଣ କହିବାକୁ ହେବ ଜାଣିପାରିବେ ନାହିଁ।"

10ଏଥିରେ ମୁଁ, ଯିରିମିୟ କହିଲି, "ହେ ସଦାପ୍ରଭୁ ମୋର ପ୍ରଭୁ, ତୁମ୍ଭେ ଯିହୁଦା ଓ ଯିରୁଶାଲମର ଲୋକମାନଙ୍କୁ ପ୍ରକୃତରେ ଭ୍ରାନ୍ତିରେ ପକାଇଛ। ତୁମ୍ଭେ ସେମାନଙ୍କୁ କହିଛ, 'ତୁମ୍ଭେମାନେ ଶାନ୍ତି ପାଇବ,' କିନ୍ତୁ ସେମାନଙ୍କ ଗଳା ପାଖରେ ଖଡ୍ଗ ଅଛି।"

11ସେହି ସମୟରେ ଯିହୁଦା ଓ ଯିରୁଶାଲମର ଲୋକମାନଙ୍କ ପାଖକୁ ଏହି ବାର୍ତ୍ତା ଆସିବ, "ପ୍ରାନ୍ତରସ୍ଥ ବୃକ୍ଷଶୂନ୍ୟ ଉଚ୍ଚସ୍ଥଳୀରୁ ଆମ୍ଭ ଲୋକମାନଙ୍କ ଆଡ଼କୁ ଉଷ୍ଣବାୟୁ ଆସୁଅଛି। ତାହା ଶସ୍ୟରୁ ତୁଷ ଝାଡ଼ିବା ପାଇଁ ଧୀର ବାୟୁ ନୁହେଁ।

12ଏହାଠାରୁ ଏକ ଶକ୍ତିଶାଳୀ ବାୟୁ ଆମ୍ଭ ପାଖକୁ ଆସୁଛି। ବର୍ତ୍ତମାନ ଯିହୁଦାର ଲୋକମାନଙ୍କ ବିରୁଦ୍ଧରେ ଆମ୍ଭେ ଆପଣା ଦଣ୍ଡ ଘୋଷଣା କରୁଅଛି।"

13ଦେଖ, ସେ ମେଘଖଣ୍ଡ ସଦୃଶ ଆସୁଅଛି। ତାହାର ରଥଗୁଡ଼ିକ ଘୂର୍ଣ୍ଣିବାୟୁ ସଦୃଶ ଓ ତାହାର ଅଶ୍ୱଗୁଡ଼ିକ ଈଗଲ ପକ୍ଷୀଠାରୁ ଅଧିକ ଦ୍ରୁତଗାମୀ ହେବେ। ଏହା ଆମ୍ଭମାନଙ୍କ ପାଇଁ ବହୁତ ଅମଙ୍ଗଳ ହେବ ଓ ଆମ୍ଭେମାନେ ବିନଷ୍ଟ ହେବା।

14ହେ ଯିରୁଶାଲମ ନିବାସୀଗଣ! ଉଦ୍ଧାର ପାଇବା ନିମନ୍ତେ ନିଜ ନିଜ ହୃଦୟରୁ ଅମଙ୍ଗଳକୁ ଧୋଇ ଦିଅ। ହୃଦୟକୁ ନିର୍ମଳ ଓ ପବିତ୍ର କର, ଆଉ ମନ୍ଦ କଳ୍ପନା ତୁମ୍ଭମାନଙ୍କ ମଧ୍ୟରେ ସ୍ଥାନ ଦିଅନାହିଁ।

15ହିଁ ତୁମ୍ଭେ ଯତ୍ନ ସହକାରେ ଶୁଣିବା ଉଚିତ୍, କାରଣ ଦାନ୍‌ରୁ ଏକ ସ୍ୱର ଶୁଣାଯିବ ଏବଂ ଇଫ୍ରୟିମ ପର୍ବତରୁ ଏକ ଦୁଃସମ୍ବାଦ ଆସୁଅଛି।

16"ତୁମ୍ଭେମାନେ ନାନାଦେଶୀୟମାନଙ୍କୁ ଜଣାଅ, ଯିରୁଶାଲମ ବିରୁଦ୍ଧରେ ଘୋଷଣା କର। ଦୂର ଦେଶରୁ ଶତ୍ରୁମାନେ ଆସୁଛନ୍ତି। ସେମାନେ ଯିହୁଦାର ନଗରଗୁଡ଼ିକ ବିରୁଦ୍ଧରେ ରଣହୁଙ୍କାର ଛାଡ଼ୁଛନ୍ତି।

17ସେମାନେ ଶସ୍ୟକ୍ଷେତ୍ର ଜଗୁଆଳି ସଦୃଶ ଯିରୁଶାଲମକୁ ଚାରିଆଡ଼େ ଘେରି ରହିଛନ୍ତି। କାରଣ ସଦାପ୍ରଭୁ କହନ୍ତି, ସେମାନେ ଆମ୍ଭର ବିଦ୍ରୋହାଚରଣୀ ହୋଇଅଛନ୍ତି।"

18"ତୁମ୍ଭର ଆଚରଣ ଓ ତୁମ୍ଭର କ୍ରିୟାସବୁ ତୁମ୍ଭପ୍ରତି ଦୁଃଖ ଘଟାଇଅଛି। ସେହି ମନ୍ଦ କ୍ରିୟା ତୁମ୍ଭର ଜୀବନକୁ ଦୁଃସହ କରିଛି। ଏହା ଅତ୍ୟନ୍ତ ତିକ୍ତ ଓ ମର୍ମଭେଦକ।"

## ଯିରିମିୟଙ୍କ ବିଳାପ

19ହାୟ, ହାୟ, ମୋର ଦୁଃଖ ଓ ମୋର ବ୍ୟସ୍ତତା ମୋର ଅନ୍ତନାଡ଼ିକୁ ବ୍ୟଥିତ କରୁଛି। ମୁଁ ହୃଦୟରେ ଅସ୍ଥିରତା ଅନୁଭବ କରୁଛି। ମୁଁ ସ୍ଥିର ରହି ପାରୁନାହିଁ, କାରଣ ମୁଁ ସେହି ତୂରୀ ଶବ୍ଦ ଓ ଯୁଦ୍ଧର ନାଦ ଶୁଣିପାରୁଛି।

20ବିନାଶ ପରେ ବିନାଶର ଖବର ଆସୁଅଛି। କାରଣ ସମଗ୍ର ଦେଶ ବିନଷ୍ଟ ହେଉଅଛି। ମୁହୂର୍ତ୍ତକ ମଧ୍ୟରେ ମୋର ତମ୍ବୁ ଓ ନିମିଷକ ମଧ୍ୟରେ ମୋହର ଯବନିକା ସବୁ ଧ୍ୱଂସ ପାଇବ।

21ହେ ପ୍ରଭୁ, ମୁଁ କେତେକାଳ ପତାକା ଦେଖିବି ଓ ତୂରୀର ଶବ୍ଦ ଶୁଣିବି?

22ପରମେଶ୍ୱର କହିଲେ, "ମୋର ଲୋକମାନେ ନିର୍ବୋଧ ଏବଂ ସେମାନେ ମୋତେ ଜାଣନ୍ତି ନାହିଁ। ସେମାନେ ନିର୍ବୋଧ ସନ୍ତାନ ତୁଲ୍ୟ, ସେମାନଙ୍କର ଅନ୍ତର୍ଦୃଷ୍ଟି ନାହିଁ। ସେମାନେ କୁକର୍ମ କରିବାରେ ଧୁରନ୍ଧର। ମାତ୍ର ସୁକର୍ମ କିପରି କରିବାକୁ ହୁଏ ସେମାନେ ଜାଣନ୍ତି ନାହିଁ।"

## ବିନାଶ ଆସୁଛି

23ମୁଁ ପୃଥିବୀ ଉପରେ ଦୃଷ୍ଟିପାତ କଲି, ଦେଖିଲି ତାହା ନିର୍ଜ୍ଜନ ଓ ଶୂନ୍ୟ ଥିଲା। ପୁଣି ଆକାଶମଣ୍ଡଳକୁ ଦୃଷ୍ଟି ନିକ୍ଷେପ କରି ଦେଖିଲି ସେଠାରେ ଆଲୋକ ନଥିଲା।

24ମୁଁ ପର୍ବତମାଳାକୁ ଅନାଇ ଦେଖିଲି ସେଗୁଡ଼ିକ କମ୍ପିତ ହେଉଥିଲେ ଓ ଉପପର୍ବତଗୁଡ଼ିକ ଦୋହଲୁଥିଲେ।

25ମୁଁ ଚାହିଁ ଦେଖିଲି କୌଣସି ମନୁଷ୍ୟ ନଥିଲେ ଓ ଆକାଶର ପକ୍ଷୀସବୁ ପଳାଇ ଯାଇଥିଲେ।

26ମୁଁ ଦେଖିଲି ଉର୍ବର କ୍ଷେତ୍ରସବୁ ମରୁଭୂମିରେ ପରିଣତ
ହେଲା ଓ ସମସ୍ତ ନଗର ଧ୍ୱଂସ ପାଇଲା। ସଦାପ୍ରଭୁଙ୍କ ପ୍ରଚଣ୍ଡ
କ୍ରୋଧ ଏହି ସମସ୍ତ ଧ୍ୱଂସର କାରଣ ଥିଲା।।

27ସଦାପ୍ରଭୁ ଏହିକଥା କହନ୍ତି, "ସମଗ୍ର ଦେଶ ବନ୍ଧ୍ୟା
ହେବ, ମାତ୍ର ମୁଁ ସମ୍ପୁର୍ଣ୍ଣ ରୂପେ ଏହାକୁ ନିଃଶେଷ କରିବି
ନାହିଁ।

28ତେଣୁ ପୃଥିବୀବାସୀ ଶୋକ କରିବେ ଓ ଉପରିସ୍ଥ
ଆକାଶମଣ୍ଡଳ କୃଷ୍ଣବର୍ଣ୍ଣ ହେବ। କାରଣ ଆମ୍ଭେ ଏହା କହିଅଛୁ
ଓ ଆମ୍ଭେ ଏହା ମନରେ ସ୍ଥିର କରିଅଛୁ। ଏଥିପାଇଁ ଆମ୍ଭେ
ଅନୁତାପ କରିବୁ ନାହିଁ କି ଏଥିରୁ ବିରତ ହେବୁ ନାହିଁ।"

29ଅଶ୍ୱାରୋହୀ ଓ ଧନୁର୍ଦ୍ଧାରୀଙ୍କ ଶବ୍ଦରେ ସମଗ୍ର ନଗରବାସୀ
ଭୟରେ ପଳାୟନ କରିବେ। କେତେକ ଗୁମ୍ଫା ମଧ୍ୟରେ
ଲୁଚିବେ, କେତେକ ନିବିଡ ଅରଣ୍ୟର ବୁଦା ମଧ୍ୟରେ ଲୁଚିବେ
ଓ ଅନ୍ୟ କେତେକ ଶୈଳ ଉପରେ ଚଢିବେ। ଯିହୁଦାର
ସମସ୍ତ ନଗର ପରିତ୍ୟକ୍ତ ହୋଇ ଜନଶୂନ୍ୟ ହେବ।

30ଆଉ ତୁମ୍ଭେ ଯେତେବେଳେ ବିନଷ୍ଟ ହେବ ସେତେବେଳେ
ତୁମ୍ଭେ କ'ଣ କରିବ? ତୁମ୍ଭେ କାହିଁକି ଲାଲ ରଙ୍ଗର ବସ୍ତ୍ର
ପିନ୍ଧୁଛ ଓ ସୁବର୍ଣ୍ଣ ଅଳଙ୍କାରରେ ନିଜକୁ ଭୂଷିତା କରୁଛ?
ତୁମ୍ଭେ ବୃଥାରେ ନିଜର ଚକ୍ଷୁରେ ଅଞ୍ଜନ ଦେଇ ନିଜକୁ
ସଜାଇଛ ଓ ସୁନ୍ଦର କରୁଅଛ। କାରଣ ଜାରପୁରୁଷମାନେ ମଧ୍ୟ
ତୁମ୍ଭକୁ ଘୃଣା କରୁଛନ୍ତି ଓ ତୁମ୍ଭ ପ୍ରାଣ ବିନାଶ କରିବାକୁ
ଚେଷ୍ଟା କରୁଛନ୍ତି।

31ପ୍ରସବକାରିଣୀ ସ୍ତ୍ରୀର ରବପରି ଓ ପ୍ରଥମ ସନ୍ତାନ
ପ୍ରସବକାଳୀନ ବେଦନାପରି ସିୟୋନ୍ କନ୍ୟାର ରବ ଆମ୍ଭେ
ଶୁଣିଅଛୁ। ସେ ଦୀର୍ଘନିଃଶ୍ୱାସ ଛାଡ଼ି ଓ ଆପଣା ହସ୍ତ ପ୍ରସାରଣ
କରି କହୁଅଛି, "ହାୟ, ହାୟ! ହତ୍ୟାକାରୀମାନଙ୍କ ଆଗରେ
ମୋର ପ୍ରାଣ ମୂର୍ଚ୍ଛିତ ହେଲା।"

## ଯିହୁଦାବାସୀଙ୍କ ଦୁରବସ୍ଥା

5 ସଦାପ୍ରଭୁ କହନ୍ତି, "ତୁମ୍ଭେମାନେ ଯିରୁଶାଲମର ସବୁ
ସଡ଼କରେ ବୁଲି ଦେଖ, ଗୃହଆଡକୁ ଚାହିଁ ବୁଝ। ତହିଁର
ଛକସ୍ଥାନ ସବୁ ଖୋଜ। ଯଦି ତୁମ୍ଭେମାନେ ଜଣେ ନ୍ୟାୟପରାୟଣ
ଓ ସତ୍ୟାନୁସରଣକାରୀକୁ ପାଇବ, ତେବେ ଆମ୍ଭେ ସେ
ନଗରକୁ କ୍ଷମା କରିବା। 2ସେମାନେ, 'ଜୀବିତ ସଦାପ୍ରଭୁ'
କହିଲେ ହେଁ ନିତାନ୍ତ ମିଥ୍ୟାରେ ଶପଥ କରନ୍ତି।"

3ହେ ସଦାପ୍ରଭୁ, ମୁଁ ଜାଣୁଛି, ତୁମ୍ଭେ ସେମାନଙ୍କୁ ସତ୍ୟ ଓ
ବିଶ୍ୱସ୍ତ ହେବାକୁ ଚାହୁଁ। ସେମାନଙ୍କୁ ପ୍ରହାର କରିଅଛ। ମାତ୍ର
ସେମାନେ ଅନୁତପ୍ତ ନୁହଁନ୍ତି। ତୁମ୍ଭେ ସେମାନଙ୍କୁ ଜୀର୍ଣ୍ଣ
କରିଅଛ। ମାତ୍ର ସେମାନେ ଶାସ୍ତି ଗ୍ରହଣ କରିବାକୁ ଅସ୍ୱୀକାର
କରିଅଛନ୍ତି। ସେମାନେ ନିଜ ନିଜ ମୁଖ ପାଷାଣଠାରୁ ଅଧିକ
କଠିନ କରିଅଛନ୍ତି। ସେମାନେ କୁପଥରୁ ଫେରିବାକୁ ଇଚ୍ଛା
କରିନାହାଁନ୍ତି।

4ତେଣୁ ମୁଁ ନିଜକୁ କହିଲି, "ନିଶ୍ଚୟ ସେମାନେ ଦରିଦ୍ର,
ଏବଂ ନିର୍ବୋଧ, କାରଣ ସେମାନେ ସଦାପ୍ରଭୁଙ୍କର ପଥ କିଅବା
ତାଙ୍କର ଶିକ୍ଷା ଜାଣନ୍ତି ନାହିଁ।

5ମୋତେ ଧନୀ ଲୋକମାନଙ୍କ ପାଖକୁ ଯିବାକୁ ଏବଂ
କଥାବାର୍ତ୍ତା ହେବାକୁ ଦିଅ। କାରଣ ସେମାନେ ହିଁ ସଦାପ୍ରଭୁଙ୍କର
ପଥ ଏବଂ ସେମାନଙ୍କର ପରମେଶ୍ୱରଙ୍କର ବ୍ୟବସ୍ଥା ଜାଣନ୍ତି।"
କିନ୍ତୁ ଏମାନେ ଏକତ୍ର ହୋଇ ଯୁଆଳି ଭାଙ୍ଗି ଅଛନ୍ତି ଓ
ବନ୍ଧନସବୁ ଛିଣ୍ଡାଇ ପକାଇ ଅଛନ୍ତି।

6ସେମାନେ ପରମେଶ୍ୱରଙ୍କ ବିରୁଦ୍ଧାଚରଣ କରିଛନ୍ତି। ତେଣୁ
ବନରୁ ଏକ ସିଂହ ବାହାରି ସେମାନଙ୍କୁ ବଧ କରିବ ଓ
ସନ୍ଧ୍ୟାକାଳୀନ ଗଧିଆ ସେମାନଙ୍କୁ ବିନାଶ କରିବ। ଚିତାବାଘ
ସେମାନଙ୍କ ନଗର ସମୂହ ନିକଟରେ ଛକି ରହିବ। ଯେଉଁଲୋକ
ନଗରରୁ ବାହାରିବ, ସେ ତାକୁ ବିଦୀର୍ଣ୍ଣ କରିବ। କାରଣ
ସେମାନେ ବହୁ ଅପରାଧ କରିଛନ୍ତି ଓ ସେମାନେ ବହୁବାର
ସଦାପ୍ରଭୁଙ୍କଠାରୁ ବିପଥଗାମୀ ହୋଇଛନ୍ତି।

7ପରମେଶ୍ୱର ପୁଣି କହିଲେ, "ଏ ଯିହୁଦା, ତୁମ୍ଭେ
ଗୋଟିଏ କାରଣ ଦିଅ, ଆମ୍ଭେ ତୁମ୍ଭକୁ କାହିଁକି କ୍ଷମା କରିବା?
ତୁମ୍ଭର ସନ୍ତାନମାନେ ଆମ୍ଭକୁ ପରିତ୍ୟାଗ କରିଛନ୍ତି। ଯେଉଁମାନେ
ଈଶ୍ୱର ନୁହଁନ୍ତି ସେମାନେ ସେମାନଙ୍କ ନାମରେ ଶପଥ
କରିଅଛନ୍ତି। ଆମ୍ଭେ ସେମାନଙ୍କୁ ସମସ୍ତ ଭୋଜନ ଦେଇ
ପରିତୃପ୍ତ କରାଇଲେ ମଧ୍ୟ ସେମାନେ ବ୍ୟଭିଚାରୀ ହେଲେ।
ସେମାନେ ଦଳ ଦଳ ହୋଇ ବେଶ୍ୟାମାନଙ୍କ ଗୃହରେ ବହୁ
ସମୟ ଅତିବାହିତ କଲେ।

8ସେମାନେ ଏକ କାମୁକ ଘୋଡୀ ପରି ବୁଲନ୍ତି, ପ୍ରତ୍ୟେକ
ତା'ର ପଡୋଶୀର ସ୍ତ୍ରୀ ପ୍ରତି ଲୋଲୁପ ଦୃଷ୍ଟି ପକାନ୍ତି।

9ସଦାପ୍ରଭୁ କହନ୍ତି, ଆମ୍ଭେ କ'ଣ ଏହିସବୁର ପ୍ରତିଫଳ
ଦେବା ନାହିଁ? ଆମ୍ଭେ କ'ଣ ଏ ପ୍ରକାର ଲୋକମାନଙ୍କ ପ୍ରତି
ଦଣ୍ଡ ବିଧାନ କରି ପ୍ରତିଶୋଧ ନେବା ନାହିଁ?" ହଁ, ଏହା
ନିଶ୍ଚିତ ଯେ, ଏ ପ୍ରକାର ଲୋକ ଦଣ୍ଡ ପାଇବା ଯୋଗ୍ୟ।

10"ତୁମ୍ଭେମାନେ ପ୍ରାଚୀର ଉପରକୁ ଯାଇ ଦ୍ରାକ୍ଷାଲତାର
ଶାଖାସବୁ କାଟି ପକାଅ। ମାତ୍ର ସେଗୁଡ଼ିକୁ ସମ୍ପୂର୍ଣ୍ଣ ବିନାଶ
କରନାହିଁ, କାରଣ ସେ ସବୁ ସଦାପ୍ରଭୁଙ୍କର ନୁହେଁ।

11ସଦାପ୍ରଭୁ କହନ୍ତି, "ଏହିପରି କର କାରଣ ଇଶ୍ରାୟେଲ
ଓ ଯିହୁଦା ପରିବାର ଆମ୍ଭ ବିରୁଦ୍ଧରେ ଅତ୍ୟନ୍ତ ପ୍ରତାରଣା
କରିଅଛନ୍ତି।"

12"ମିଥ୍ୟାରେ ସେମାନେ ସଦାପ୍ରଭୁଙ୍କର ବିଷୟରେ କହିଲେ,
'ସଦାପ୍ରଭୁ ଆମ୍ଭମାନଙ୍କର କିଛି କରିବେ ନାହିଁ। ଆମ୍ଭମାନଙ୍କ
ପ୍ରତି କିଛି ଅମଙ୍ଗଳ ଘଟିବ ନାହିଁ ଆଉ ଆମ୍ଭେମାନେ ଖଡ୍ଗ
କିଅବା ଦୁର୍ଭିକ୍ଷ ଦେଖିବା ନାହିଁ।'

13"ଆଉ ଭବିଷ୍ୟଦ୍‌ବକ୍ତାମାନେ ବାୟୁତୁଲ୍ୟ ହେବେ।
ସେମାନଙ୍କ ଅନ୍ତରରେ ପ୍ରଭୁଙ୍କର ବାକ୍ୟ ନାହିଁ। ସେମାନଙ୍କ
ପ୍ରତି ଅମଙ୍ଗଳ ଘଟିବ।"

14ସ୍ୱର୍ଗର ସୈନ୍ୟାଧିପତି ସଦାପ୍ରଭୁ ପରମେଶ୍ୱର ଏହା
କହନ୍ତି: "ଯିରିମିୟ ଦେଖ, କାରଣ ଲୋକମାନେ ଏହିପରି
କହିଥିଲେ, ଆମ୍ଭେ ତୁମ୍ଭ ପାଟିରେ ଆମ୍ଭର ଶବ୍ଦସବୁ ରଖିଅଛୁ
ଏବଂ ଏହା ଅଗ୍ନି ତୁଲ୍ୟ ହେବ। ଏହି ଦେଶ କାଠ ସଦୃଶ
ଅଗ୍ନି ସେମାନଙ୍କୁ ପୋଡିଦେବ।"

15ସଦାପ୍ରଭୁ କହନ୍ତି, ହେ ଇଶ୍ରାୟେଲ ବଂଶ, "ଦେଖ,
ଆମ୍ଭେ ତୁମ୍ଭମାନଙ୍କ ବିରୁଦ୍ଧରେ ଦୂରରୁ ଏକ ଗୋଷ୍ଠୀକୁ ଆଣିବା
ସେ ଏକ ବଳବାନ୍ ଗୋଷ୍ଠୀ ଓ ପ୍ରାଚୀନ ଗୋଷ୍ଠୀ। ସେ
ଗୋଷ୍ଠୀର ଭାଷା ତୁମ୍ଭେମାନେ ଜାଣନାହିଁ। ଆଉ ସେମାନଙ୍କର
କଥା ତୁମ୍ଭେମାନେ ବୁଝିପାରିବ ନାହିଁ।

16ସେମାନଙ୍କର ତୂଣୀର ଖୋଲା କବର ସଦୃଶ, ସେମାନେ
ସମସ୍ତେ ବୀର ସୈନିକ।
17ସେମାନେ ତୁମ୍ଭମାନଙ୍କର ସଂଗୃହିତ ଶସ୍ୟ ଓ ରୋଟୀ
ଭକ୍ଷଣ କରିବେ। ସେମାନେ ତୁମ୍ଭମାନଙ୍କ ପୁତ୍ରକନ୍ୟାଗଣଙ୍କୁ
ଭକ୍ଷଣ କରିବେ। ସେମାନେ ତୁମ୍ଭମାନଙ୍କର ମେଷ ଓ ଗାଈଗୁଡ଼ିକ
ଭକ୍ଷଣ କରିବେ। ସେମାନେ ମଧ୍ୟ ତୁମ୍ଭମାନଙ୍କର ଦ୍ରାକ୍ଷାଲତା ଓ
ଡିମ୍ବିରି ବୃକ୍ଷ ଗ୍ରାସ କରିବେ। ଆଉ ତୁମ୍ଭେମାନେ ଯେଉଁ ସୁଦୃଢ଼
ନଗର ଉପରେ ବିଶ୍ୱାସ କରିଅଛ, ସେମାନେ ସେହି ସବୁକୁ
ଖଡ୍ଗରେ ଧ୍ୱଂସ କରିବେ।”
18ମାତ୍ର ସଦାପ୍ରଭୁ କହନ୍ତି, “ହେ ଯିହୁଦା ଏପରିକି
ଯେତେବେଳେ ସେହି ଭୟଙ୍କର ସମୟ ଆସିବ, ଆମ୍ଭେ
ତୁମ୍ଭମାନଙ୍କୁ ସମ୍ପୂର୍ଣ୍ଣରୂପେ ଧ୍ୱଂସ କରିବା ନାହିଁ।
19ଆଉ ତୁମ୍ଭେମାନେ ଯେତେବେଳେ ଯିରିମିୟଙ୍କୁ କହିବ,
‘ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର, କେଉଁ କାରଣରୁ
ଆମ୍ଭମାନଙ୍କ ପ୍ରତି ଏହିସବୁ କରିଅଛନ୍ତି।’ ସେତେବେଳେ ତୁମ୍ଭେ
ସେମାନଙ୍କୁ କହିବ, ‘ଯେଉଁପ୍ରକାରେ ତୁମ୍ଭେମାନେ ମୋତେ
ପରିତ୍ୟାଗ କରିଛ ଏବଂ ମୂର୍ତ୍ତିଗଣର ସେବା କରିଅଛ, ସେହିପରି
ଭାବରେ ତୁମ୍ଭେମାନେ ବିଦେଶରେ ବିଦେଶୀୟମାନଙ୍କର ସେବା
କରିବ।’”
20ସଦାପ୍ରଭୁ କହିଲେ, “ତୁମ୍ଭେମାନେ ଯାକୁବ ବଂଶକୁ
ଏକଥା ଜଣାଅ ଓ ଯିହୁଦା ମଧ୍ୟରେ ପ୍ରଚାର କରି କୁହ।
21‘ହେ ଅଜ୍ଞାନ ଓ ବୁଦ୍ଧିହୀନ ଲୋକେ, ତୁମ୍ଭେମାନେ ଚକ୍ଷୁ
ଥାଉଁ ଥାଉଁ ଦେଖୁନାହିଁ, କର୍ଣ୍ଣ ଥାଉଁ ଥାଉଁ ଶୁଣୁ ନାହିଁ। ଏବେ
ଏହି କଥା ତୁମ୍ଭେମାନେ ଶୁଣ।’”
22“ନିଶ୍ଚିତଭାବରେ ତୁମ୍ଭେମାନେ ଆମ୍ଭକୁ ଭୟ କରିବାର
କାରଣ ଅଛି, ସଦାପ୍ରଭୁ କହନ୍ତି। ହଁ, ତୁମ୍ଭମାନେ ଆମ୍ଭ
ସମ୍ମୁଖରେ ଭୟରେ ଥରିବାର କାରଣ ଅଛି। ଆମ୍ଭେ ବାଲୁକାସ୍ତୂପ
ସ୍ଥାପନ କଲୁ, ଯେପରି ସମୁଦ୍ର ତା'ର ସୀମା ଲଂଘନ ନ
କରିବ। ସମୁଦ୍ରରେ ଢେଉ ଉଠେ ଏବଂ ଏହାର କୌଣସି କ୍ଷତି
କରେ ନାହିଁ। ଏହା ଘୋର ଗର୍ଜ୍ଜନ କରେ, ମାତ୍ର ଆମ୍ଭେ
ସ୍ଥାପନ କରିଥିବା ସୀମା ଲଂଘନ କରେ ନାହିଁ।
23ମାତ୍ର ଯିହୁଦାର ଲୋକମାନେ ଅବାଧ୍ୟ ଓ ପ୍ରତିକୂଳାଚାରୀ।
ସେମାନେ ସର୍ବଦା ଆମ୍ଭ ବିରୁଦ୍ଧରେ ଯୋଜନା କରିଛନ୍ତି ଓ
ଆମ୍ଭଠାରୁ ଦୂରେଇ ଯାଇଅଛନ୍ତି।
24ସେମାନେ କେବେ କହିବେ ନାହିଁ ଯେ, ‘ଆମ୍ଭର
ସଦାପ୍ରଭୁ ଯଥା ସମୟରେ ଆମ୍ଭମାନଙ୍କୁ ଆଦ୍ୟ ଓ
ଶେଷ ବୃଷ୍ଟି ପ୍ରଦାନ କରିଛନ୍ତି ଓ ଶସ୍ୟ ଛେଦନ ପାଇଁ
ଆମ୍ଭମାନଙ୍କ ନିମନ୍ତେ ନିରୂପିତ ସପ୍ତାହମାନ ରକ୍ଷା କରିଛନ୍ତି,
ଆସ ଏବେ ଆମ୍ଭେମାନେ ସେହି ସଦାପ୍ରଭୁଙ୍କୁ ଭୟ ଓ ଭକ୍ତି
କରିବା।’
25ତୁମ୍ଭମାନଙ୍କର ଅଧର୍ମ ଏହିସବୁ ଅମଙ୍ଗଳ ଘଟାଇଅଛି।
ତୁମ୍ଭମାନଙ୍କର ପାପ ସଦାପ୍ରଭୁଙ୍କ ମଙ୍ଗଳ ପଦାର୍ଥ ଉପଭୋଗରୁ
ତୁମ୍ଭମାନଙ୍କୁ ନିବୃତ୍ତ କରିଅଛି।
26କାରଣ ଆମ୍ଭେ ଲୋକମାନଙ୍କ ମଧ୍ୟରେ କେତେକ ଦୁଷ୍ଟ
ଲୋକ ଅଛନ୍ତି। ସେମାନେ ବ୍ୟାଧ ତୁଲ୍ୟ ଫାଶ ବସାନ୍ତି ଓ
ଲୋକମାନଙ୍କୁ ସେହି ଫାନ୍ଦରେ ପକାନ୍ତି।
27ଯେପରି ପିଞ୍ଜରା ପକ୍ଷୀରେ ପରିପୂର୍ଣ୍ଣ, ସେହିପରି ସେମାନଙ୍କ
ଗୃହ ଛଳନାରେ ପୂର୍ଣ୍ଣ। ଏହି ମିଥ୍ୟା ଯୋଗୁଁ ସେମାନେ ଉନ୍ନତ
ଓ ଧନବନ୍ତ ହୋଇଛନ୍ତି।
28ସେମାନେ ଅଧିକରୁ ଅଧିକ ମୋଟା ହୁଅନ୍ତି ଏବଂ
ଦୁଷ୍କର୍ମ କରିବାର ସୀମା ପାର କରି ଯାଆନ୍ତି। ସେମାନେ
ଅନାଥମାନଙ୍କର ମକଦ୍ଦମାରେ ନ୍ୟାୟୋଚିତ ବିଚାର କରନ୍ତି
ନାହିଁ, କାଳେ ଅନାଥମାନେ ଉନ୍ନତି କରିପାରନ୍ତି। ସେମାନେ
ଗରିବମାନଙ୍କର ଅଧିକାର ପାଇଁ ପ୍ରତିପକ୍ଷ କରନ୍ତି ନାହିଁ।
29ତେଣୁ ସଦାପ୍ରଭୁ କହନ୍ତି, ଆମ୍ଭେ କ'ଣ ଏହିସବୁ ପାଇଁ
ସେମାନଙ୍କୁ ଦଣ୍ଡ ଦେବା ନାହିଁ?” “ଆମ୍ଭର ପ୍ରାଣ ଏହିସବୁ
ଲୋକମାନଙ୍କଠାରୁ ପରିଶୋଧ ନେବ ନାହିଁ?”
30ପୁଣି ସଦାପ୍ରଭୁ କହନ୍ତି, “ଏକ ଭୟଙ୍କର ଓ ମର୍ମନ୍ତୁଦ
ଘଟଣା ଦେଶ ମଧ୍ୟରେ ଘଟିଅଛି।
31ଭବିଷ୍ୟଦ୍‌ବକ୍ତାମାନେ ମିଥ୍ୟା ଭବିଷ୍ୟଦ୍‌ବାକ୍ୟ ପ୍ରଚାର
କରନ୍ତି ଓ ସେମାନଙ୍କ ନିର୍ଦ୍ଦେଶାନୁସାରେ ଯାଜକମାନେ କାର୍ଯ୍ୟ
କରନ୍ତି। ପୁଣି ଆମ୍ଭର ଲୋକମାନେ ଏପରି ହେବାକୁ ଭଲ
ପାଆନ୍ତି। ମାତ୍ର ତୁମ୍ଭ ଲୋକମାନେ ଶେଷରେ ଦଣ୍ଡ ସମୟରେ
କ'ଣ କରିବେ?”

## ଶତ୍ରୁଗଣ ଯିରୁଶାଲମକୁ ଅବରୋଧ କରନ୍ତି

6 ହେ ବିନ୍ୟାମୀନ ସନ୍ତାନଗଣ, ତୁମ୍ଭେମାନେ ରକ୍ଷା ପାଇବା
ପାଇଁ ଯିରୁଶାଲମରୁ ପଳାୟନ କର। ତିକୋୟ ନଗରରେ
ତୂରୀ ବଜାଅ ଓ ବୈଥହକ୍କେରମରେ ଧ୍ୱଜା ଟେକ। କାରଣ
ଉତ୍ତର ଦିଗରୁ ଅମଙ୍ଗଳ ଓ ମହାବିନାଶ ଆସୁଅଛି।
2ହେ ସୁନ୍ଦରୀ ଓ ସୁକୁମାରୀ ସିୟୋନ୍ କନ୍ୟା, ଆମ୍ଭେ
ତୁମ୍ଭକୁ ଧ୍ୱଂସ କରିବା।
3ମେଷପାଳକମାନେ ଆପଣା ଆପଣା ପଲ ସଙ୍ଗରେ
ନେଇ ତାହା ପାଖକୁ ଆସିବେ, ସେମାନେ ତାହା ବିରୁଦ୍ଧରେ
ଚତୁର୍ଦ୍ଦିଗରେ ନିଜ ନିଜ ତମ୍ବୁ ସ୍ଥାପନ କରିବେ। ପ୍ରତ୍ୟେକ
ନିଜ ନିଜ ସ୍ଥାନରେ ପଲ ଚରାଇବେ।
4“ତୁମ୍ଭେମାନେ ଯିରୁଶାଲମ ବିରୁଦ୍ଧରେ ଯୁଦ୍ଧପାଇଁ ପ୍ରସ୍ତୁତ
ହୁଅ। ଉଠ, ଆମ୍ଭେମାନେ ମଧ୍ୟାହ୍ନରେ ଆକ୍ରମଣ କରିବା।
ହାୟ, କାରଣ ଦିନର ଅବସାନ ହେଉଅଛି। ସନ୍ଧ୍ୟାକାଳର
ଛାୟା ଦୀର୍ଘ ହେଉଅଛି।
5ତେଣୁ ଉଠ, ଆସ ଆମ୍ଭେମାନେ ରାତ୍ରିରେ ଆକ୍ରମଣ
କରିବା ଓ ରାଜପ୍ରାସାଦଗୁଡ଼ିକୁ ଧ୍ୱଂସ କରିବା।”
6କାରଣ ସୈନ୍ୟାଧିପତି ସଦାପ୍ରଭୁ ଏହା କହନ୍ତି, “ବୃକ୍ଷସବୁ
କାଟ ଏବଂ ରାସ୍ତାରୋଧକ କାଠଗଣ୍ଡି ଯିରୁଶାଲମ ବିରୁଦ୍ଧରେ
ନିର୍ମାଣ କର। ସେହି ନଗର ପ୍ରତିଫଳ ପାଇବାର ଯୋଗ୍ୟ।
ତାହାର ଭିତର ସମ୍ପୂର୍ଣ୍ଣ ଉପଦ୍ରବମୟ।
7ଯେପରି କୂପ ତା'ର ଜଳକୁ ସତେଜ ରଖେ, ସେହିପରି
ଯିରୁଶାଲମ ତା'ର ଦୁଷ୍ଟତା ସତେଜ ରଖେ। ତାହାର ମଧ୍ୟରେ
ଦୌରାତ୍ମ୍ୟ ଓ ଅପହରଣ ଶୁଣାଯାଏ। ପୁଣି ପୀଡ଼ା ଓ କ୍ଷତ
ନିରନ୍ତର ଆମ୍ଭ ସାକ୍ଷାତରେ ଥାଏ।
8ହେ ଯିରୁଶାଲମ, ଆମ୍ଭର ଶିକ୍ଷା ଗ୍ରହଣ କର। ତୁମ୍ଭେ
ଯଦି ଆମ୍ଭ କଥା ନଶୁଣ, ତେବେ ଆମ୍ଭେ ବିରକ୍ତରେ ତୁମ୍ଭ
ପାଖରୁ ଦୂରେଇ ଯିବା। ଆମ୍ଭେ ତୁମ୍ଭର ଦେଶକୁ ଏକ
ମରୁଭୂମି ଓ ଜନଶୂନ୍ୟରେ ପରିଣତ କରିବା।”

9ସୈନ୍ୟାଧିପତି ସଦାପ୍ରଭୁ ଏହା କହନ୍ତି, "ଦ୍ରାକ୍ଷା ସଂଗ୍ରହ
କଲାପରି ଇସ୍ରାୟେଲର ଅବଶିଷ୍ଟ ଲୋକମାନଙ୍କୁ ସଂପୂର୍ଣ୍ଣ ଭାବରେ
ଏକତ୍ରୀତ କର: ଏହାର ଶାଖାରେ ହାତ ବୁଲାଅ।"
10ମୁଁ କାହାକୁ କହିବି? କାହାକୁ ମୁଁ ସତର୍କ କରିବି? କିଏ
ବା ମୋ କଥା ଶୁଣିବ? ଇସ୍ରାୟେଲର ଲୋକମାନେ ସେମାନଙ୍କର
କର୍ଣ୍ଣ ବନ୍ଦ କରିଛନ୍ତି, ତେଣୁ ସେମାନେ ମୋ କଥା ଶୁଣି
ପାରନ୍ତି ନାହିଁ। ସେମାନେ ସଦାପ୍ରଭୁଙ୍କ ବାକ୍ୟ ଶୁଣିବାକୁ
ଆଗ୍ରହ କରନ୍ତି ନାହିଁ। ତାଙ୍କର ବାର୍ତ୍ତା ଶୁଣିବାକୁ ଇଚ୍ଛା କରନ୍ତି
ନାହିଁ।
11ଏଣୁ ମୁଁ ସଦାପ୍ରଭୁଙ୍କ କ୍ରୋଧରେ ପରିପୂର୍ଣ୍ଣ ହୋଇଅଛି
ଓ ମୁଁ ତାହା ଧରି ରଖିବାରେ କ୍ଳାନ୍ତ ହୋଇଅଛି। "ସଦାପ୍ରଭୁଙ୍କ
କ୍ରୋଧକୁ ରାସ୍ତାରେ କ୍ରୀଡ଼ାରତ ପିଲାମାନଙ୍କ ଉପରେ ଢାଳି
ପକାଅ ଓ ସଭାରେ ଏକତ୍ରୀତ ହୋଇଥିବା ଯୁବକମାନଙ୍କ
ଉପରେ ଢାଳିଦିଅ, କାରଣ ସ୍ୱାମୀ, ସ୍ତ୍ରୀ, ବୃଦ୍ଧ ଓ ବୟସ୍କ
ସମସ୍ତେ ଧରାଯିବେ।
12ଆଉ ସେମାନଙ୍କ ଗୃହ, ସେମାନଙ୍କର କ୍ଷେତ୍ର ଓ
ସେମାନଙ୍କର ସ୍ତ୍ରୀ ଅନ୍ୟମାନଙ୍କୁ ଦିଆଯିବ। କାରଣ ସଦାପ୍ରଭୁ
କହନ୍ତି ଆମ୍ଭେ ଯିହୁଦାର ଲୋକମାନଙ୍କୁ ଶାସ୍ତି ଦେବା ପାଇଁ
ଆମ୍ଭର ହସ୍ତ ସେମାନଙ୍କ ଉପରେ ବିସ୍ତାର କରିବା।"
13"ଇସ୍ରାୟେଲର ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତ ଲୋକ
ଲୋଭାସକ୍ତ। ଆଉ ଭବିଷ୍ୟଦ୍‌ବକ୍ତାଠାରୁ ଯାଜକ ପର୍ଯ୍ୟନ୍ତ ପ୍ରତ୍ୟେକ
ମିଥ୍ୟାଚାରୀ।
14ଯଦିଓ ଆମ୍ଭର ଲୋକମାନେ ଗମ୍ଭୀର ଭାବରେ ଆଘାତପ୍ରାପ୍ତ
ହୋଇ ଅଛନ୍ତି, ସେମାନେ ଏହା କହି ସେମାନଙ୍କୁ ଆରୋଗ୍ୟ
କରିବା ପାଇଁ ଚେଷ୍ଟା କରନ୍ତି। ଏଠାରେ 'ଶାନ୍ତି' ଅଛି,
ଯେତେବେଳେ ସେଠାରେ ଆଦୌ ଶାନ୍ତି ନାହିଁ।
15ଯାଜକ ଓ ଭବିଷ୍ୟଦ୍‌ବକ୍ତାମାନେ ଘୃଣ୍ୟକର୍ମ କଲେ ମଧ୍ୟ
ଲଜ୍ଜିତ ନୁହଁନ୍ତି। ସେମାନେ ସେମାନଙ୍କର ଦୁଷ୍କର୍ମ ପାଇଁ ମୁଖ
ବିବର୍ଣ୍ଣ କଲେ ନାହିଁ। ତେଣୁ ସଦାପ୍ରଭୁ କହନ୍ତି, "ସେମାନେ
ପତିତମାନଙ୍କ ମଧ୍ୟରେ ପତିତ ହେବେ ଓ ଆମ୍ଭେ ସେମାନଙ୍କୁ
ପ୍ରତିଫଳ ଦେବାବେଳେ ସେମାନେ ନିପାତିତ ହେବେ।
16ପୁଣି ସଦାପ୍ରଭୁ କହନ୍ତି, "ତୁମ୍ଭେମାନେ ଛକସ୍ଥାନରେ
ଛିଡ଼ା ହୋଇ ଦେଖ, ଆଉ ପୁରାତନ ପଥ ବିଷୟରେ ପଚାରି
କରି ବୁଝ, ଉତ୍ତମ ପଥ କାହିଁ? ଆଉ ସେହି ପଥରେ ଗମନ
କର, ତାହାହେଲେ ତୁମ୍ଭେମାନେ ନିଜ ନିଜ ପ୍ରାଣରେ ବିଶ୍ରାମ
ପାଇବ। ମାତ୍ର ସେମାନେ କହିଲେ 'ଆମ୍ଭେମାନେ ସେ
ପଥରେ ଗମନ କରିବୁ ନାହିଁ।'
17ଆମ୍ଭେ ତୁମ୍ଭମାନଙ୍କ ଉଦ୍ଦେଶ୍ୟରେ ପ୍ରହରୀ ନିଯୁକ୍ତ କରି
କହିଲୁ 'ତୂରୀର ଶବ୍ଦ ଶୁଣ।' ମାତ୍ର ସେମାନେ କହିଲେ,
'ଆମ୍ଭେମାନେ ଶୁଣିବୁ ନାହିଁ।'
18ତେଣୁ ହେ ନାନାଦେଶୀୟମାନେ, ତୁମ୍ଭେମାନେ ଶୁଣ,
ଆଉ ହେ ମଣ୍ଡଳି, ସେମାନଙ୍କର କ'ଣ ହେବାକୁ ଯାଉଛି,
ହୃଦୟଙ୍ଗମ କର।
19ହେ ପୃଥିବୀବାସୀ ଶୁଣ, ଆଉ ଦେଖ, ଆମ୍ଭେ ଏହି
ଲୋକମାନଙ୍କ ଉପରେ ଅମଙ୍ଗଳ ଆଣିବା। କାରଣ ସେମାନେ
ଆମ୍ଭ ବାକ୍ୟରେ ଅବଧାନ କରିନାହାନ୍ତି ଓ ଆମ୍ଭର ବ୍ୟବସ୍ଥାକୁ
ଅମାନ୍ୟ କରିଅଛନ୍ତି।"
20ପୁଣି ସଦାପ୍ରଭୁ କହନ୍ତି, "ଶିବା ଦେଶରୁ ଧୂପ ଓ ଦୂର
ଦେଶରୁ ସୁଗନ୍ଧି ବେତ ଆଣିବାର ଫଳ କ'ଣ? ତୁମ୍ଭମାନଙ୍କର
ହୋମବଳି ସବୁ ଗ୍ରହଣୀୟ ନୁହେଁ କିଅବା ତୁମ୍ଭମାନଙ୍କର
ବଳିଦାନସବୁ ଆମ୍ଭର ତୁଷ୍ଟିଜନକ ନୁହେଁ।"
21ତେଣୁ ସଦାପ୍ରଭୁ କହନ୍ତି, "ଦେଖ, ଆମ୍ଭେ ଏହି
ଲୋକମାନଙ୍କ ଆଗରେ ନାନା ବିଘ୍ନ ରଖିବା। ଯାହା ଫଳରେ
ପିତୃଗଣ ଓ ପୁତ୍ରଗଣ ଏକ ସଙ୍ଗରେ ଝୁଣ୍ଟି ପଡ଼ିବେ ଓ
ପ୍ରତିବେଶୀ ଓ ତାଙ୍କର ମିତ୍ର ବିନଷ୍ଟ ହେବେ।"
22ଆଉ ମଧ୍ୟ ସଦାପ୍ରଭୁ ଏହିକଥା କହନ୍ତି, "ଦେଖ
ଉତ୍ତର ଦିଗରୁ ଏକ ସୈନ୍ୟବାହିନୀ ଆସୁଛନ୍ତି ଓ ପୃଥିବୀର
ପ୍ରାନ୍ତ ଭାଗରୁ ଏକ ମହାଗୋଷ୍ଠୀ ଉତ୍ତେଜିତ ହେବେ।
23ସେମାନେ ଧନୁ ଓ ବର୍ଚ୍ଛା ଧରନ୍ତି, ସେମାନେ ନିଷ୍ଠୁର
ଓ ନିର୍ଦ୍ଦୟ। ସେମାନେ ସମୁଦ୍ରପରି ଗର୍ଜନ କରନ୍ତି। ଆଉ
ସେମାନେ ଅଶ୍ୱାରୋହଣ କରନ୍ତି। ଆଗୋ ସିୟୋନ୍‌ର କନ୍ୟା,
ତୁମ୍ଭ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ସେମାନଙ୍କର ପ୍ରତ୍ୟେକ
ଯୋଦ୍ଧା ପ୍ରସ୍ତୁତ ହେଉଅଛନ୍ତି।"
24ଆମ୍ଭେମାନେ ସେହି ସୈନ୍ୟବାହିନୀ ବିଷୟରେ ଏକ
ଜନରବ ଶୁଣିଅଛୁ। ଆମ୍ଭମାନଙ୍କର ହସ୍ତ ଦୁର୍ବଳ ହୁଏ, ଯନ୍ତ୍ରଣା
ଓ ପ୍ରସବକାରିଣୀ ସ୍ତ୍ରୀର ବେଦନା ତୁଲ୍ୟ ବେଦନା ଆମ୍ଭମାନଙ୍କୁ
ଆକ୍ରାନ୍ତ କରେ।
25ଘରୁ ବାହାରି କ୍ଷେତ୍ରକୁ ଯାଅନାହିଁ କିଅବା ରାସ୍ତାରେ
ଗମନ କରନାହିଁ। କାରଣ ଚାରିଆଡ଼େ ଶତ୍ରୁର ଖଡ୍‌ଗ ଓ
ଆଶଙ୍କା ରହିଛି।
26ହେ ମୋର ଲୋକମାନେ, ତୁମ୍ଭେମାନେ ଚଟବସ୍ତ୍ର
ପରିଧାନ କର, ଭସ୍ମରେ ଗଡ଼, ଏକମାତ୍ର ପୁତ୍ରର ମୃତ୍ୟୁରେ
ଶୋକ କଲାପରି ଶୋକ କର। ଅତିଶୟ ବିଳାପ କର।
କାରଣ ଆମ୍ଭମାନଙ୍କୁ ବିନାଶକାରୀ ଅକସ୍ମାତ ଆକ୍ରମଣ କରିବ।
27"ହେ ଯିରିମିୟ, ଆମ୍ଭେ ତୁମ୍ଭକୁ ଜଣେ ପରୀକ୍ଷକ ଓ
ନିର୍ମଳ ରୂପେ ନିଯୁକ୍ତ କରିଅଛୁ, ତୁମ୍ଭେ ଯେପରି ମୋ
ଲୋକମାନଙ୍କୁ ପରୀକ୍ଷା କରି ସେମାନଙ୍କର ପଥ ଜ୍ଞାତ
ହୋଇପାରିବ।
28ସେମାନେ ଅତ୍ୟନ୍ତ ଅବାଧ୍ୟ, ଚାରିଆଡ଼େ ସେମାନେ
ନିନ୍ଦାଗାନ କରନ୍ତି। ସେମାନେ ପିତ୍ତଳ ଓ ଲୁହାପରି, ସେମାନେ
ସମସ୍ତେ ଦୁର୍ନୀତିଗ୍ରସ୍ତ ଭାବରେ କାମ କରନ୍ତି।
29ସେମାନେ ଭାଟିକୁ ପ୍ରଚଣ୍ଡରୂପେ ଉତ୍ତପ୍ତ କରି ସେଥିରୁ
ସୀସା ଖାଦ ବାହାର କରି ଏହାକୁ ବିଶୁଦ୍ଧ କରିବାକୁ ଚେଷ୍ଟା
କରୁଛନ୍ତି। ମାତ୍ର ସେମାନେ ବୃଥା ଚେଷ୍ଟା କରୁଛନ୍ତି କାରଣ
ଦୁଷ୍ଟମାନେ ଏଠାରୁ ଉତ୍ପାଟିତ ହେଉନାହାନ୍ତି।
30ଲୋକେ ସେମାନଙ୍କୁ 'ପରିତ୍ୟକ୍ତ ରୂପା' ବୋଲି କହିବେ
କାରଣ ସଦାପ୍ରଭୁ ସେମାନଙ୍କୁ ପରିତ୍ୟାଗ କରିଅଛନ୍ତି।"

## ଯିରିମିୟଙ୍କ ଧର୍ମଶିକ୍ଷା ମନ୍ଦିର

7 ଯିରିମିୟଙ୍କ ନିକଟରେ ସଦାପ୍ରଭୁଙ୍କର ଏହିବାକ୍ୟ ଉପସ୍ଥିତ
ହେଲା। 2ତୁମ୍ଭେ ସଦାପ୍ରଭୁଙ୍କ ଗୃହର ଦ୍ୱାରଦେଶରେ
ଠିଆ ହୋଇ ସେଠାରେ ଏହିକଥା ପ୍ରଚାର କରି କୁହ,
"ହେ ଯିହୁଦାର ଲୋକମାନେ, ତୁମ୍ଭେମାନେ ଯେତେବେଳେ
ସଦାପ୍ରଭୁଙ୍କୁ ଉପାସନା କରିବାକୁ ଆସୁଛ। ତୁମ୍ଭେମାନେ

ସେତେବେଳେ ସଦାପ୍ରଭୁଙ୍କର ଏହି ବାକ୍ୟ ଶୁଣ। 3ଇସ୍ରାୟେଲର
ପରମେଶ୍ୱର ସୈନ୍ୟାଧିପତି ସଦାପ୍ରଭୁ ଏହିକଥା କହନ୍ତି,
'ତୁମ୍ଭେମାନେ ନିଜ ନିଜ ଆଚରଣ ବଦଳାଇ ଉତ୍ତମ କାର୍ଯ୍ୟ
କର। ତାହାହେଲେ ଆମ୍ଭେ ତୁମ୍ଭମାନଙ୍କୁ ଏହି ସ୍ଥାନରେ ବାସ
କରାଇବା। 4ଏହିସବୁ ସଦାପ୍ରଭୁଙ୍କର ମନ୍ଦିର, "ସଦାପ୍ରଭୁଙ୍କ
ନାମରେ ମିଥ୍ୟା କହୁଥିବା ଲୋକମାନଙ୍କୁ ବିଶ୍ୱାସ କରନାହିଁ।"
5ତୁମ୍ଭେମାନେ ଯଦି ନିଜ ନିଜ ଆଚରଣ ବଦଳାଇ ଉତ୍ତମ
କାର୍ଯ୍ୟ କର ତାହାହେଲେ ମୁଁ ତୁମ୍ଭମାନଙ୍କୁ ଏହି ସ୍ଥାନରେ ବାସ
କରାଇବି। ଯଦି ତୁମ୍ଭେମାନେ ଆପଣା ପଡ଼ୋଶୀମାନଙ୍କ ପ୍ରତି
ଉତ୍ତମ ହୋଇପାରିବ। 6ତୁମ୍ଭେମାନେ ଯଦି ବିଦେଶୀ, ଅନାଥ
ଓ ବିଧବା ପ୍ରତି ଉଚିତ୍ ବ୍ୟବହାର କରିବ, ଯଦି ତୁମ୍ଭେମାନେ
ଏ ସ୍ଥାନରେ ନିର୍ଦ୍ଦୋଷମାନଙ୍କୁ ହତ୍ୟା ନ କରିବ, ଯଦି
ତୁମ୍ଭେମାନେ ଆପଣାର କ୍ଷତି ନିମନ୍ତେ ଅନ୍ୟ ଦେବତାମାନଙ୍କୁ
ଅନୁସରଣ ନକର, 7ତେବେ ଆମ୍ଭେ ତୁମ୍ଭମାନଙ୍କୁ ଓ ତୁମ୍ଭ
ପୂର୍ବପୁରୁଷମାନଙ୍କୁ ଆମ୍ଭ ଦତ୍ତ ଦେଶ ଅନନ୍ତକାଳ ପର୍ଯ୍ୟନ୍ତ
ଉପଭୋଗ କରିବାକୁ ଦେବା।

8"ମାତ୍ର ତୁମ୍ଭେମାନେ ମିଥ୍ୟା କଥାରେ ବିଶ୍ୱାସ କରୁଅଛ
ଯାହାକି ମୂଲ୍ୟହୀନ। 9ତୁମ୍ଭେମାନେ କ'ଣ ଚୋରି, ନରହତ୍ୟା,
ବ୍ୟଭିଚାର, ମିଥ୍ୟାଶପଥ, ବାଲଦେବ ଉଦ୍ଦେଶ୍ୟରେ ଧୂପଦାନ ଓ
ତୁମ୍ଭେମାନେ ଜାଣି ନଥିବା ଅନ୍ୟ ଦେବଗଣର ପଶ୍ଚାଦ୍‌ଗମନ
କରିବ? 10ତୁମ୍ଭେମାନେ ଯଦି ଏହିସବୁ ଦୁଷ୍କର୍ମ କର, ତେବେ
ତୁମ୍ଭେମାନେ କ'ଣ ଆମ୍ଭନାମରେ ଖ୍ୟାତ ଏହି ଗୃହ ମଧ୍ୟକୁ
ଆସି ଆମ୍ଭ ସମ୍ମୁଖରେ କହିପାରିବ, "ଆମ୍ଭେମାନେ ଉଦ୍ଧାର
ପାଇଲୁଁ?" ଏତେସବୁ ଘୃଣ୍ୟ କର୍ମ କଲାପରେ ମଧ୍ୟ ଏହା
କହିପାରିବ? 11ଆମ୍ଭ ନାମରେ ପ୍ରସିଦ୍ଧିଲାଭ କରିଥିବା ଏହି
ମନ୍ଦିର ତୁମ୍ଭମାନଙ୍କ ଦୃଷ୍ଟିରେ କ'ଣ ଚୋରମାନଙ୍କର ଗହ୍ୱର
ହୋଇଅଛି?'" ସଦାପ୍ରଭୁ କହନ୍ତି, ତୁମ୍ଭେମାନେ ନିଶ୍ଚୟ ଜାଣିବ
ଯେ ଯାହାସବୁ ହେଉଛି ଆମ୍ଭେ ମଧ୍ୟ ଦେଖୁଅଛୁ।

12"ହେ ଯିହୁଦାର ଲୋକମାନେ, ତୁମ୍ଭେ ଆମ୍ଭ ନାମରେ
ଖ୍ୟାତ ଶୀଲୋସ୍ଥିତ ଗୃହକୁ ଯାଅ। ସେଠାରେ ଦେଖ ଇସ୍ରାୟେଲ
ଲୋକଙ୍କ ଦୁଷ୍ଟତା ଯୋଗୁଁ ଆମ୍ଭେ ସେମାନଙ୍କ ପ୍ରତି କ'ଣ
କରିଅଛୁ। 13ସଦାପ୍ରଭୁ କହନ୍ତି, ହେ ଇସ୍ରାୟେଲର ଲୋକମାନେ,
ତୁମ୍ଭେମାନେ ଏହିସବୁ ଦୁଷ୍କର୍ମ କରିଅଛ।" "ମୁଁ ତୁମ୍ଭମାନଙ୍କୁ
ବାରମ୍ବାର କହିଲି, କିନ୍ତୁ ତୁମ୍ଭେମାନେ ମୋ କଥା ଶୁଣିଲ
ନାହିଁ। ମୁଁ ତୁମ୍ଭମାନଙ୍କୁ ଡାକିଲି, କିନ୍ତୁ ତୁମ୍ଭେମାନେ ଉତ୍ତର
ଦେଲ ନାହିଁ। 14ତେଣୁ ଆମ୍ଭ ନାମରେ ଖ୍ୟାତ ଯିରୁଶାଲମର
ମନ୍ଦିରକୁ ଧ୍ୱଂସ କରିବା, ଯେପରି ଶୀଲୋପ୍ରତି ଆମ୍ଭେ କରିଥିଲୁ।
ଆଉ ତୁମ୍ଭେମାନେ ଯେଉଁ ଗୃହପ୍ରତି ବିଶ୍ୱାସ ରଖିଛ, ତୁମ୍ଭମାନଙ୍କ
ପୂର୍ବପୁରୁଷମାନଙ୍କୁ ଦତ୍ତ ସେହି ଗୃହକୁ ଆମ୍ଭେ ଉଚ୍ଛନ୍ନ କରିବା।
15ଯେପରି ଇଫ୍ରୟିମରୁ ତୁମ୍ଭମାନଙ୍କର ଭାଇମାନଙ୍କୁ ତଡ଼ି
ଦେଇଥିଲୁ, ସେହିପରି ତୁମ୍ଭମାନଙ୍କୁ ଆମ୍ଭ ଦୃଷ୍ଟିରୁ ଦୂରେଇ
ଦେବା।"

16"ତେଣୁ ହେ ଯିରିମିୟ, ତୁମ୍ଭେ ଏହି ଲୋକମାନଙ୍କ
ପାଇଁ ପ୍ରାର୍ଥନା କରନାହିଁ। ସେମାନଙ୍କ ପାଇଁ କାତର ପ୍ରାର୍ଥନା
ଉତ୍ସର୍ଗ କରନାହିଁ। ସେମାନଙ୍କ ସାହାଯ୍ୟ ପାଇଁ ଆମ୍ଭକୁ
ନିବେଦନ କରନାହିଁ, କାରଣ ଆମ୍ଭେ ତୁମ୍ଭର ପ୍ରାର୍ଥନା ଶୁଣିବା
ନାହିଁ। 17ସେମାନେ ଯିହୁଦାର ନଗର ଓ ଯିରୁଶାଲମର ସଡ଼କ
ସବୁରେ ଯାହା କରୁଛନ୍ତି ତାହା କ'ଣ ତୁମ୍ଭେ ଦେଖୁନାହିଁ?
18ଯିହୁଦାର ବାଳକମାନେ କାଠ ସଂଗ୍ରହ କରନ୍ତି, ସେମାନଙ୍କର
ପିତାମାନେ ଅଗ୍ନି ସଂଯୋଗ କରନ୍ତି ଓ ମାତାମାନେ ଚନ୍ଦ୍ର
ଦେବତା ଉଦ୍ଦେଶ୍ୟରେ ପିଷ୍ଟକ ପାକ କରନ୍ତି ଓ ଅନ୍ୟ
ଦେବଗଣଙ୍କ ଉଦ୍ଦେଶ୍ୟରେ ପେୟ ନୈବେଦ୍ୟ ଉତ୍ସର୍ଗ କରନ୍ତି।
ସେମାନେ ଆମ୍ଭର ବିରକ୍ତି ପାଇଁ ଏସବୁ କରନ୍ତି। 19ସଦାପ୍ରଭୁ
କହନ୍ତି, ଏହିସବୁ କରିବା ଦ୍ୱାରା ସେମାନେ କ'ଣ ମୋତେ
ବିରକ୍ତ କରନ୍ତି?" "ସେମାନେ ନିଜେ ଲଜ୍ଜିତ ହେଉ ନାହାନ୍ତି
କି?"

20ତେଣୁ ସଦାପ୍ରଭୁ କହନ୍ତି, "ଦେଖ, ଏହି ସ୍ଥାନ ଉପରେ,
ମନୁଷ୍ୟ, ପଶୁ, କ୍ଷେତ୍ରସ୍ଥିତ ବୃକ୍ଷ ଓ ଭୂମିର ଫଳ ଉପରେ
ଆମ୍ଭର କୋପ ଓ କ୍ରୋଧ ଢଳାଯିବ। ତାହା ଅଗ୍ନି ସଦୃଶ ସବୁ
ଦଗ୍ଧ କରିବ, ତାକୁ କେହି ଲିଭାଇ ପାରିବେ ନାହିଁ।"

## ସଦାପ୍ରଭୁ ଉତ୍ସର୍ଗ ଅପେକ୍ଷା ମାନ୍ୟତାକୁ ଅଧିକ ଇଚ୍ଛା କରନ୍ତି

21ସୈନ୍ୟାଧିପତି ସଦାପ୍ରଭୁ, ଇସ୍ରାୟେଲର ପରମେଶ୍ୱର
ଏହିକଥା କହନ୍ତି, "ତୁମ୍ଭେମାନେ ଯାଅ, ତୁମ୍ଭ ଉତ୍ସର୍ଗୀକୃତ
ନୈବେଦ୍ୟରେ ହୋମବଳି ଯୋଗ କର ଏବଂ ମାଂସ ଭକ୍ଷଣ
କର। 22ଯେଉଁଦିନ ତୁମ୍ଭ ପୂର୍ବପୁରୁଷମାନଙ୍କୁ ଆମ୍ଭେ ମିଶରରୁ
ବାହାର କରି ଆଣିଲୁ, ସେଦିନ ଆମ୍ଭେ ହୋମ କିଅବା
ବଳିଦାନ ବିଷୟରେ ସେମାନଙ୍କୁ କିଛି କହି ନଥିଲୁ କିଅବା
ଆଜ୍ଞା ଦେଇନଥିଲୁ। 23କେବଳ ଆମ୍ଭେ ଏତିକି ଆଜ୍ଞା
କରିଥିଲୁ, 'ତୁମ୍ଭେମାନେ ଆମ୍ଭ ଆଜ୍ଞା ପାଳନ କରିବ, ଆମ୍ଭେ
ତୁମ୍ଭର ପରମେଶ୍ୱର ହେବା ଓ ତୁମ୍ଭେମାନେ ଆମ୍ଭର ଲୋକ
ହେବ। ଆମ୍ଭେ ଯେଉଁ ଆଜ୍ଞା କରିବୁ, ତୁମ୍ଭେମାନେ ସେହି
ପଥରେ ଚାଲିଲେ ତୁମ୍ଭମାନଙ୍କର ମଙ୍ଗଳ ହେବ।'

24"ମାତ୍ର ତୁମ୍ଭମାନଙ୍କର ପୂର୍ବପୁରୁଷମାନେ ଆମ୍ଭ କଥା
ଶୁଣିଲେ ନାହିଁ। ସେମାନେ ସେଥିପ୍ରତି ଧ୍ୟାନ ଦେଲେନାହିଁ।
ସେମାନେ ଅବାଧ୍ୟ ହୋଇ ନିଜ ନିଜ ମନ୍ତ୍ରଣାରେ ଚାଳିତ
ହେଲେ। ସେମାନେ ନିଜର ଦୁଷ୍ଟ ଅନ୍ତଃକରଣ ଯୋଗୁଁ
ପଶ୍ଚାଦ୍‌ବର୍ତ୍ତୀ ହେଲେ, ଅଗ୍ରଗାମୀ ହେଲେ ନାହିଁ। 25ତୁମ୍ଭମାନଙ୍କର
ପୂର୍ବପୁରୁଷମାନଙ୍କୁ ମିଶରରୁ ବାହାର କରି ଆଣିବା ଦିନଠାରୁ
ଆଜି ପର୍ଯ୍ୟନ୍ତ ଆମ୍ଭେ ଆମ୍ଭର ସମସ୍ତ ଦାସ ଭବିଷ୍ୟଦ୍‌ବକ୍ତାମାନଙ୍କୁ
ପଠାଇବା ନିମନ୍ତେ ଦିନେ ଛଡ଼ା ଦିନେ ଉଠି ତୁମ୍ଭମାନଙ୍କ
ପାଖକୁ ସେମାନଙ୍କୁ ପାଇଅଛୁ। 26ମାତ୍ର ସେମାନେ ଆମ୍ଭ କଥା
ଶୁଣିଲେ ନାହିଁ କିଅବା ତହିଁରେ କର୍ଣ୍ଣପାତ କଲେ ନାହିଁ।
ସେମାନେ ଅବାଧ୍ୟ ହୋଇ ତାଙ୍କର ପୂର୍ବପୁରୁଷଗଣଙ୍କ ଅପେକ୍ଷା
ଅଧିକ ଦୁରାଚାରୀ ହେଲେ।

27"ହେ ଯିରିମିୟ, ତୁମ୍ଭେ ଏହିକଥା ସେମାନଙ୍କୁ କହିବ।
ମାତ୍ର ସେମାନେ ତୁମ୍ଭ କଥା ଶୁଣିବେ ନାହିଁ। ତୁମ୍ଭେ
ସେମାନଙ୍କୁ ଆହ୍ୱାନ କରିବ, ମାତ୍ର ସେମାନେ ତୁମ୍ଭକୁ ଉତ୍ତର
କରିବେ ନାହିଁ। 28ତେଣୁ ତୁମ୍ଭେ ସେମାନଙ୍କୁ କହିବ, ସେମାନେ
ହେଉଛନ୍ତି ଏକ ଗୋଷ୍ଠୀ ଯେଉଁମାନେ କି ସଦାପ୍ରଭୁ, ଆପଣା
ପରମେଶ୍ୱରଙ୍କ କଥାପ୍ରତି ଅବଧାନ କରନ୍ତି ନାହିଁ। ସେମାନେ
ପରମେଶ୍ୱରଙ୍କ ଶିକ୍ଷା ଗ୍ରହଣ କରନ୍ତି ନାହିଁ। ବିଶ୍ୱସ୍ତନୀୟତା
ଉଭେଇ ଯାଇଛି। ଏହା ସେମାନଙ୍କ ମୁଖରୁ ଅଦୃଶ୍ୟ ହୋଇ
ଯାଇଛି।

### ହତ୍ୟା ଉପତ୍ୟକା

29"ହେ ଯିରିମିୟ, ଆପଣା ମସ୍ତକର କେଶ କାଟି ପକାଇ
ଦିଅ ଓ ବୃକ୍ଷଶୂନ୍ୟ ଉଚ୍ଚସ୍ଥଳୀରେ ବିଳାପ କର। କାରଣ
ସଦାପ୍ରଭୁ ଏହି ବଂଶପ୍ରତି କ୍ରୋଧଭାବ ଓ ବିମୁଖତା ପ୍ରକାଶ
କରି ଏହି ବଂଶକୁ ଅଗ୍ରାହ୍ୟ ଓ ପରିତ୍ୟାଗ କରିଛନ୍ତି।
30ଏହାକର କାରଣ ଯିହୁଦାର ସନ୍ତାନଗଣ ଆମ୍ଭ ଦୃଷ୍ଟିରେ
ଯାହା ମନ୍ଦ ତାହା କଲେ।" "ସେମାନେ ଆମ୍ଭ ନାମରେ
ଖ୍ୟାତ ଏହି ଗୃହକୁ 'ଅଶୁଚି' କରିବା ନିମନ୍ତେ ସେମାଙ୍କର
ଘୃଣାଯୋଗ୍ୟ ବସ୍ତୁ ତହିଁ ମଧ୍ୟରେ ରଖିଛନ୍ତି। 31ସେମାନେ ନିଜ
ନିଜର ପୁତ୍ରକନ୍ୟାମାନଙ୍କୁ ଅଗ୍ନିରେ ଦଗ୍ଧ କରିବା ପାଇଁ
ହିନ୍ନୋମ ପୁତ୍ରର ଉପତ୍ୟକାରେ ତୋଫତର ଉଚ୍ଚସ୍ଥଳୀମାନ
ପ୍ରସ୍ତୁତ କରିଅଛନ୍ତି। ଏହା ଆମ୍ଭେ କେବେ ଆଜ୍ଞା କରିନାହୁଁ
କିଅବା ଆମ୍ଭ ମନରେ ସେ ଭାବ କେବେ ଉଦୟ ହୋଇନାହିଁ।
32ତେଣୁ ସଦାପ୍ରଭୁ କହନ୍ତି, ଦେଖ, ଏପରି ଏକ ସମୟ
ଆସୁଛି" "ଯେତେବେଳେ ତାହା ତୋଫତ୍ କିଅବା ହିନ୍ନୋମ
ପୁତ୍ରର ଉପତ୍ୟକା ନାମରେ ଆଉ ଖ୍ୟାତ ନହୋଇ ହତ୍ୟା
ଉପତ୍ୟକା ବୋଲି ଖ୍ୟାତ ହେବ। କାରଣ ଲୋକମାନେ ଆଉ
ସ୍ଥାନ ନପାଇ ତୋଫତ୍‌ରେ କବର ଦେବେ। 33ସେତେବେଳେ
ମୃତବ୍ୟକ୍ତିଙ୍କ ଶବଗୁଡ଼ିକ ଆକାଶର ପକ୍ଷୀମାନଙ୍କର ଓ ଭୂଚର
ପଶୁମାନଙ୍କର ଖାଦ୍ୟ ହେବ। ସେମାନଙ୍କୁ ତଡ଼ିବାକୁ କେହିଲୋକ
ଜୀବିତ ରହିବେ ନାହିଁ। 34ସେ ସମୟରେ ଆମ୍ଭେ ଯିହୁଦାର
ନଗରଗୁଡ଼ିକରେ ଓ ଯିରୁଶାଲମର ସଡ଼କମାନଙ୍କରେ ସୁଖ ଓ
ଆନନ୍ଦଧ୍ୱନି ଦୂର କରିବା। ବର କନ୍ୟାମାନଙ୍କର ଆମୋଦ
ଧ୍ୱନି ଆଉ ଯିରୁଶାଲମରେ ଶୁଣାଯିବ ନାହିଁ। କାରଣ ସମଗ୍ର
ଦେଶ ଧ୍ୱଂସ ସ୍ତୁପରେ ପରିଣତ ହେବ।"

**8** ସଦାପ୍ରଭୁ କହନ୍ତି, "ସେ ସମୟରେ ଲୋକମାନେ ଯିହୁଦାର
ରାଜାଗଣଙ୍କର, ତା'ର ଅଧିପତିମାନଙ୍କର, ଯାଜକଗଣଙ୍କର,
ଭବିଷ୍ୟଦ୍‌ବକ୍ତାମାନଙ୍କର ଓ ଯିରୁଶାଲମ ନିବାସୀଗଣର ଅସ୍ଥିସବୁ
ସେମାନଙ୍କ କବରରୁ ବାହାର କରିବେ। 2ଆଉ ସୂର୍ଯ୍ୟ, ଚନ୍ଦ୍ର
ଓ ଆକାଶ ପୃଥିବୀରୁ ଯେଉଁ ନକ୍ଷତ୍ରଗଣଙ୍କୁ ସେମାନେ ଭଲ
ପାଇ ଅଛନ୍ତି, ଯେଉଁମାନଙ୍କର ସେବା କରିଅଛନ୍ତି, ଯେଉଁମାନଙ୍କର
ପଶ୍ଚାତ୍‌ଗାମୀ ହୋଇ ଅଛନ୍ତି, ଯେଉଁମାନଙ୍କର ଅନ୍ୱେଷଣ କରିଅଛନ୍ତି
ଓ ଯେଉଁମାନଙ୍କୁ ପ୍ରଣାମ କରିଅଛନ୍ତି, ସେମାନଙ୍କ ଆଗରେ
ତାହାସବୁ ଛିନ୍ନଭିନ୍ନ କରି ପକାଇବେ। ଆଉ ସେ ଅସ୍ଥିସବୁ
ଏକତ୍ରୀତ ହୋଇ କବରରେ ପୋତା ହେବନାହିଁ। ସେସବୁ
ଭୂମିରେ ପଡ଼ି ଖତ ତୁଲ୍ୟ ହେବ।

3"ପୁଣି ସଦାପ୍ରଭୁ କହନ୍ତି, ଏହି ଦୁଷ୍ଟବଂଶକୁ ଆମ୍ଭେ ଯେଉଁ
ଯେଉଁ ସ୍ଥାନକୁ ତଡ଼ି ଦେଇଅଛୁ, ସେସବୁ ସ୍ଥାନରେ ସେମାନଙ୍କର
ଅବଶିଷ୍ଟ ଲୋକମାନେ ବଞ୍ଚିବା ଅପେକ୍ଷା ବରଂ ମରିବାକୁ
ପସନ୍ଦ କରିବେ।"

### ପାପ ଓ ଶାସ୍ତି

4ହେ ଯିରିମିୟ, ଯିହୁଦାର ଲୋକମାନଙ୍କୁ ସଦାପ୍ରଭୁଙ୍କର
ଏହି ବାକ୍ୟ କୁହ, "ମନୁଷ୍ୟ ପଡ଼ିଲେ କ'ଣ ଆଉ ଉଠେ
ନାହିଁ? ବିପଥରେ ଗଲେ କ'ଣ ଆଉ ଫେରେ ନାହିଁ?

5ଯିହୁଦା ଓ ଯିରୁଶାଲମର ଲୋକମାନେ କାହିଁକି
ଚିରକାଳ ବିପଥଗାମୀ ହୋଇଅଛନ୍ତି? ସେମାନେ ମିଥ୍ୟା ଓ
ପ୍ରବଞ୍ଚନାରେ ବିଶ୍ୱାସ ରଖନ୍ତି ଓ ସେମାନେ ଫେରିବାକୁ
ଅସମ୍ମତ।

6ଆମ୍ଭେ ସେମାନଙ୍କ କଥା ମନୋଯୋଗ ସହକାରେ ଶୁଣିଲେ
ମଧ୍ୟ ସେମାନେ ନ୍ୟାୟକଥା କହିଲେ ନାହିଁ। ସେମାନେ
ସେମାନଙ୍କର ପାପଲାଗି ଅନୁତପ୍ତ ନୁହଁନ୍ତି। ଯେପରି ଉର୍ଦ୍ଧ୍ୱଶ୍ୱାସରେ
ଅଶ୍ୱ ଯୁଦ୍ଧରେ ଧାବମାନ ହୁଏ ସେମାନେ ସେହିପରି ଆପଣା
ଆପଣା ପଥରେ ଦୌଡ଼ନ୍ତି।

7ଏପରିକି ଆକାଶର ପକ୍ଷୀଗଣ ନିଜ ନିଜ ନିରୂପିତ
ସମୟ ଜାଣନ୍ତି। ଆଉ ଘୁଘୁ, ତାଳଚୋଞ୍ଚ ଓ ସାରସ ନିଜ
ନିଜର ଆସିବା ସମୟ ରକ୍ଷା କରନ୍ତି। ମାତ୍ର ଆମ୍ଭର
ଲୋକମାନେ ସଦାପ୍ରଭୁଙ୍କର ନିୟମ ଜାଣନ୍ତି ନାହିଁ।

8"ତୁମ୍ଭେମାନେ କହୁଛ ଯେ, 'ଆମ୍ଭେମାନେ ଜ୍ଞାନୀ ଓ
ସଦାପ୍ରଭୁଙ୍କର ବ୍ୟବସ୍ଥା ଆମ୍ଭମାନଙ୍କଠାରେ ଅଛି।' ମାତ୍ର ଏହା
ସତ୍ୟ ନୁହେଁ। କାରଣ ଅଧ୍ୟାପକଗଣଙ୍କ ମିଥ୍ୟା ଲେଖନୀ ମିଥ୍ୟା
ଲେଖିଅଛି।

9ସେହି 'ଜ୍ଞାନୀଲୋକମାନେ' ଲଜ୍ଜିତ ହେବେ, ସେମାନେ
ଦ୍ୱନ୍ଦରେ ପଡିବେ ଓ ଫାନ୍ଦରେ ପଡିବା ପରି ଅନୁଭବ
କରିବେ। ଦେଖ, ସେମାନେ ସଦାପ୍ରଭୁଙ୍କ ଶିକ୍ଷାକୁ ପ୍ରତ୍ୟାଖାନ
କଲେ। ସେମାନଙ୍କୁ କିପରି 'ଜ୍ଞାନୀ' ବୋଲି ବିବେଚନା
କରାଯିବ?

10ତେଣୁ ଆମ୍ଭେ ସେମାନଙ୍କର ସ୍ତ୍ରୀମାନଙ୍କୁ ଅନ୍ୟମାନଙ୍କୁ
ଦେବା ଓ ସେମାନଙ୍କର କ୍ଷେତ୍ରକୁ ଅନ୍ୟମାନଙ୍କ ଅଧିକାରକୁ
ଦେବା। କାରଣ ଇଶ୍ରାୟେଲର କ୍ଷୁଦ୍ରଠାରୁ ମହାନ୍ ଲୋକ
ପର୍ଯ୍ୟନ୍ତ ସମସ୍ତେ ଲୋଭାସକ୍ତ ଆଉ ଭବିଷ୍ୟଦ୍‌ବକ୍ତାଠାରୁ ଆରମ୍ଭ
କରି ଯାଜକ ପର୍ଯ୍ୟନ୍ତ ସମସ୍ତେ ମିଥ୍ୟାଚରଣ କରନ୍ତି।

11ଯଦିଓ ମୋର ଲୋକମାନେ ଗୁରୁତର ଭାବରେ ଆଘାତପ୍ରାପ୍ତ
ହୋଇଛନ୍ତି। ଏଠାରେ 'ଶାନ୍ତି' ଅଛି, ବୋଲି କହି ସେମାନେ
ସହଜରେ ସେମାନଙ୍କୁ ଆରୋଗ୍ୟ କରିବା ପାଇଁ ଚେଷ୍ଟା
କରନ୍ତି। ସେତେବେଳେ ସେଠାରେ କୌଣସି 'ଶାନ୍ତି' ନ
ଥାଏ।

12ସେମାନେ ଘୃଣ୍ୟକର୍ମ କରିସୁଦ୍ଧା ଲଜ୍ଜିତ ହେଲେ ନାହିଁ,
ସେମାନଙ୍କର ମୁଖମଣ୍ଡଳ ଏହି ମନ୍ଦକର୍ମ ଯୋଗୁଁ ବିବର୍ଣ୍ଣ
ହେଲାନାହିଁ। ଏଣୁ ସେମାନେ ପତିତ ଲୋକମାନଙ୍କ ମଧ୍ୟରେ
ପତିତ ହେବେ। ସେମାନଙ୍କ ପ୍ରତିଫଳ ପ୍ରାପ୍ତି ସମୟରେ
ସେମାନେ ନିପାତିତ ହେବେ।" ସଦାପ୍ରଭୁ ଏହିସବୁ କହନ୍ତି।

13"ପୁଣି ସଦାପ୍ରଭୁ କହନ୍ତି, ଆମ୍ଭେ ସେମାନଙ୍କର ସମସ୍ତ
ଶସ୍ୟ ଓ ଫଳ ନେଇଯିବା ଓ ସେମାନଙ୍କୁ ନିଶହି ରୂପେ
ସଂହାର କରିବା।" "ଦ୍ରାକ୍ଷାଲତାରେ ଦ୍ରାକ୍ଷାଫଳ ଓ ଡିମ୍ବିରି
ବୃକ୍ଷରେ ଡିମ୍ବିରି ଫଳ ରହିବ ନାହିଁ। ପତ୍ରସବୁ ମ୍ଳାନ
ହୋଇଯିବେ। ଆମ୍ଭେ ସେମାନଙ୍କୁ ଯାହାସବୁ ଦେଇଅଛୁ, ସେସବୁ
ସେମାନଙ୍କଠାରୁ ନେଇଯିବୁ।

14"ଆମ୍ଭେମାନେ କାହିଁକି ଶାନ୍ତଭାବେ ବସିଅଛୁ? ଆସ,
ଏକତ୍ରୀତ ହୋଇ ଆମ୍ଭେମାନେ ଏକ ପ୍ରାଚୀର ବେଷ୍ଟିତ
ନଗରକୁ ପଳାଇଯିବା। ଆସ ସେହି ସ୍ଥାନରେ ଆମ୍ଭେ ମୃତ୍ୟୁବରଣ
କରିବା। ଯେହେତୁ ସଦାପ୍ରଭୁ ଆମ୍ଭର ପରମେଶ୍ୱର ଆମ୍ଭମାନଙ୍କୁ
ନିରବ କରିଛନ୍ତି। ଆସ ବିଷାକ୍ତ ପାଣି ପିଇବା, ଯେହେତୁ
ଆମ୍ଭେ ସଦାପ୍ରଭୁଙ୍କ ବିରୁଦ୍ଧରେ ପାପ କରିଛୁ।

15ଆମ୍ଭେମାନେ ଶାନ୍ତି ଆଶା କଲୁ, ମାତ୍ର କିଛି ମଙ୍ଗଳ ହେଲାନାହିଁ। ସେ ଆମ୍ଭମାନଙ୍କୁ କ୍ଷମା ଦେବେ ବୋଲି ଇଚ୍ଛା କଲୁ, ମାତ୍ର କେବଳ ବିପଦ ମାଡ଼ି ଆସିଲା।

16ଦାନ୍ ନଗରଠାରୁ ତାହାର ଅଶ୍ୱଗଣର ନାସିକା ଧ୍ୱନି ଶୁଣା ଯାଉଅଛି। ତାହାର ବଳିଷ୍ଠ ଅଶ୍ୱଗଣର ହିଁ ହିଁ ଶବ୍ଦରେ ସମୁଦାୟ ଦେଶ କମ୍ପିତ ହେଉଅଛି। କାରଣ ସେମାନେ ଆସିଛନ୍ତି, ଆଉ ଦେଶ ଓ ତନ୍ମଧ୍ୟସ୍ଥିତ ସକଳ ନଗର ଓ ତନ୍ନିବାସୀଗଣକୁ ଗ୍ରାସ କରିଅଛନ୍ତି।

17"ହେ ଯିହୁଦାର ଲୋକମାନେ, ଆମ୍ଭେ ତୁମ୍ଭମାନଙ୍କ ମଧ୍ୟକୁ ସର୍ପ ଓ କାଳସର୍ପମାନଙ୍କୁ ପଠାଇବା, ସେମାନେ ତୁମ୍ଭମାନଙ୍କୁ ଦଂଶନ କରିବେ। ସେମାନଙ୍କୁ କେହି ଅଟକାଇ ପାରିବେ ନାହିଁ।" ଏହା ସଦାପ୍ରଭୁ କହନ୍ତି।

18ହେ ପରମେଶ୍ୱର, ମୋର ହୃଦୟ ଦୁଃଖରେ ଅଭିଭୂତ, ମୁଁ ଅତ୍ୟନ୍ତ ଭୟଭୀତ ଓ ମୂର୍ଚ୍ଛିତ।

19ମୋର ଲୋକମାନଙ୍କର ଅତି ଦୂର ଦେଶରୁ ଆସୁଥିବା ଆର୍ତ୍ତଚିତ୍କାର ଶୁଣ। ସେମାନେ କହନ୍ତି, "ସଦାପ୍ରଭୁ କ'ଣ ସିୟୋନ୍‌ରେ ନାହାଁନ୍ତି? ତହିଁର ରାଜା କ'ଣ ତହିଁ ମଧ୍ୟରେ ନାହାଁନ୍ତି?" ମାତ୍ର ପରମେଶ୍ୱର କହନ୍ତି, "ସେମାନେ ନିଜର ଖୋଦିତ ପ୍ରତିମା ଓ ବିଦେଶୀୟ ଅସାର ବସ୍ତୁ ସମୂହଦ୍ୱାରା ଆମ୍ଭକୁ ବିରକ୍ତ ଓ କ୍ରୋଧିତ କରିଛନ୍ତି।"

20"ଶସ୍ୟ ସଂଗ୍ରହର ସମୟ ଶେଷ ହେଲା। ଗ୍ରୀଷ୍ମକାଳ ଅତିବାହିତ ହେଲା। ମାତ୍ର ଆମ୍ଭମାନଙ୍କର ପରିତ୍ରାଣ ହେଲାନାହିଁ।"

21ମୋର ହୃଦୟ ଭାଙ୍ଗି ଯାଇଛି କାରଣ ମୋର ଲୋକମାନଙ୍କର ହୃଦୟ ଭାଂଗି ଯାଇଛି। ମୁଁ ମଳିନ, ବିସ୍ମୟତା ମୋତେ ଆକ୍ରାନ୍ତ କରିଅଛି।

22ଗିଲୟଦରେ ଔଷଧ ଅଛି ଓ ସେଠାରେ ବୈଦ୍ୟମାନେ ମଧ୍ୟ ଅଛନ୍ତି। ତେବେ ମୋର ଆଘାତପ୍ରାପ୍ତ ଲୋକମାନେ କାହିଁକି ଆରୋଗ୍ୟଲାଭ କରୁ ନାହାଁନ୍ତି?

9 ଯେବେ ମୋର ମସ୍ତକ ଜଳମୟ ଓ ମୋର ଚକ୍ଷୁ ଲୋତକର ଝରଣାସ୍ୱରୂପ ହୁଅନ୍ତା, ତେବେ ମୁଁ ମୋହର ନିହତ ଲୋକମାନଙ୍କ ପାଇଁ ଅହୋରାତ୍ର କ୍ରନ୍ଦନ କରିପାରନ୍ତି।

2ଆଉ ଯଦି ପଥିକମାନଙ୍କର ବସାପରି ପ୍ରାନ୍ତରରେ ମୋର ଗୋଟିଏ ବସା ଥାଆନ୍ତା, ତେବେ ମୁଁ ନିଜ ଲୋକମାନଙ୍କୁ ତ୍ୟାଗ କରି ସେମାନଙ୍କଠାରୁ ଦୂରେଇ ଯାଇ ପାରନ୍ତି। କାରଣ ସେମାନେ ସମସ୍ତେ ବ୍ୟଭିଚାରୀ ଓ ପରମେଶ୍ୱରଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି।

3"ପୁଣି ସେମାନେ ଅସତ୍ୟତା ନିମନ୍ତେ ନିଜ ନିଜ ଜିହ୍ୱାରୂପ ଧନୁକୁ ବକ୍ର କରନ୍ତି। ଆଉ ସେମାନେ ଦେଶରେ ବଳିଷ୍ଠ ହୋଇଅଛନ୍ତି, ମାତ୍ର ସତ୍ୟତା ପାଇଁ ନୁହେଁ। କାରଣ ସେମାନେ ପାପ ଉପରେ ପାପ କରିବାକୁ ଅଗ୍ରସର ହୁଅନ୍ତି। ସେମାନେ ଆମ୍ଭକୁ ଜାଣନ୍ତି ନାହିଁ।" ଏହା ସଦାପ୍ରଭୁ କହନ୍ତି।

4"ତୁମ୍ଭେମାନେ ପ୍ରତ୍ୟେକ ପ୍ରତିବେଶୀ ପ୍ରତି ସାବଧାନ ହୁଅ ଓ କୌଣସି ଭ୍ରାତାକୁ ବିଶ୍ୱାସ କରନାହିଁ। କାରଣ ପ୍ରତ୍ୟେକ ଭ୍ରାତା ପ୍ରତାରକ ଓ ପ୍ରତ୍ୟେକ ପ୍ରତିବେଶୀ ତୁମ୍ଭମାନଙ୍କର ନିନ୍ଦା ଗାଇ ବୁଲିବେ।

5ସେମାନେ ପ୍ରତ୍ୟେକ ଆପଣା ପ୍ରତିବେଶୀକୁ ପ୍ରବଞ୍ଚନା କରିବେ ଓ କେବେ ସତ୍ୟକଥା କହିବେ ନାହିଁ। ସେମାନେ ମିଥ୍ୟା କହିବାକୁ ନିଜ ନିଜ ଜିହ୍ୱାକୁ ଶିଖାଇ ଅଛନ୍ତି। ଥକିବା ପର୍ଯ୍ୟନ୍ତ ସେମାନେ ମନ୍ଦକର୍ମ କରନ୍ତି।

6ଗୋଟିଏ ମନ୍ଦକର୍ମ ପରେ ଅନ୍ୟ ଏକ ମନ୍ଦକର୍ମ ଚାଲେ ଓ ପ୍ରବଞ୍ଚନା ଲାଗି ରହେ। ତେଣୁ ସଦାପ୍ରଭୁ କହନ୍ତି, ଏହି ମିଥ୍ୟା ଓ ପ୍ରବଞ୍ଚନା ଯୋଗୁଁ ସେମାନେ ଆମ୍ଭକୁ ଜାଣିବାକୁ ଅସ୍ୱୀକାର କରନ୍ତି।"

7ତେଣୁ ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, "ଯେପରି ଜଣେ ଶ୍ରମିକ ଧାତୁର ଶୁଦ୍ଧତା ଜାଣିବା ପାଇଁ ଅଗ୍ନିରେ ତରଳାଏ, ସେହିପରି ଆମ୍ଭେ ସେମାନଙ୍କୁ ପରୀକ୍ଷା କରିବା। ଆମ୍ଭ ଲୋକମାନେ ପାପ କରିଥିବା ହେତୁ ଆଉ ଆମ୍ଭେ କ'ଣ କରିପାରିବା?

8ସେମାନଙ୍କର ଜିହ୍ୱା ପ୍ରାଣନାଶକ ବାଣସ୍ୱରୂପ। ତାହା କେବଳ ମିଥ୍ୟା ଓ ପ୍ରବଞ୍ଚନାର କଥା କହେ। ସେମାନେ ମୁହଁରେ ପ୍ରତିବେଶୀ ସହିତ ପ୍ରେମାଳାପ କରନ୍ତି, ମାତ୍ର ଅନ୍ତରରେ ସେମାନଙ୍କୁ ବିନାଶ କରିବାକୁ ଯୋଜନା କରନ୍ତି।

9ତେଣୁ ସଦାପ୍ରଭୁ କହନ୍ତି, ଆମ୍ଭେ ସେମାନଙ୍କୁ ପ୍ରତିଫଳ ଦେବା।" "ଏହି ପ୍ରକାର ଗୋଷ୍ଠୀକୁ ଆମ୍ଭେ ଦଣ୍ଡ ବିଧାନ ନକରି କ'ଣ ରହିପାରିବା?"

10ମୁଁ, ଯିରିମିୟ, ପର୍ବତମାନଙ୍କ ପାଇଁ ଓ ପ୍ରାନ୍ତରସ୍ଥ ଚରାସ୍ଥାନ ପାଇଁ କେବଳ ବିଳାପ କରିବି। ସେମାନଙ୍କ ନିମନ୍ତେ ଶୋକ କରିବି। କାରଣ କେହି ଜୀବନ୍ତ ପ୍ରାଣୀ ସେଠାରେ ନଥିବେ। କୌଣସି ଲୋକ ଯାତାୟାତ କରିବେ ନାହିଁ। ପଶୁପଲର ରବ ଶୁଣାଯିବ ନାହିଁ। ଆଉ ଆକାଶସ୍ଥ ପକ୍ଷୀଗଣ ଓ ଭୂଚର ପଶୁଗଣ ଉଭୟେ ସେଠାରୁ ପଳାୟନ କରିବେ।

11"ପୁଣି ଆମ୍ଭେ, ସଦାପ୍ରଭୁ ଯିରୁଶାଲମକୁ ଢିପି ଓ ଶୃଗାଳମାନଙ୍କ ବାସସ୍ଥାନରେ ପରିଣତ କରିବା। ଆଉ ଆମ୍ଭେ ଯିହୁଦାର ନଗରସମୂହକୁ ନିର୍ଜନ ଧ୍ୱଂସସ୍ଥାନ କରିବା।"

12ଏହା ବୁଝିଲାଭଳି କୌଣସି ଜ୍ଞାନୀ ବ୍ୟକ୍ତି ଏଠାରେ ଅଛନ୍ତି କି? ସଦାପ୍ରଭୁଙ୍କ ଦ୍ୱାରା ଶିକ୍ଷା ପାଇଥିବା ଓ ତାଙ୍କର ମୁଖ ନିଃସୃତ ବାଣୀକୁ ବ୍ୟକ୍ତ କରିବାକୁ କେହି ବ୍ୟକ୍ତି ଅଛି କି? ଦେଶ କାହିଁକି ଧ୍ୱଂସପ୍ରାପ୍ତ ହେଲା ଓ ପ୍ରାନ୍ତରସବୁ ଦଗ୍ଧିଭୂତ ହେଲା, କେହି ସେଠାରେ ଯାତାୟାତ କଲେ ନାହିଁ?

13ଏ ସବୁର କାରଣ ସଦାପ୍ରଭୁ କହନ୍ତି, "ତାହା ହେଲା ଆମ୍ଭେ ସେମାନଙ୍କ ସମ୍ମୁଖରେ ଆମ୍ଭର ଯେଉଁ ବ୍ୟବସ୍ଥାମାନ ରଖିଲୁ, ତାହା ସେମାନେ ପରିତ୍ୟାଗ କରିଅଛନ୍ତି। ଆମ୍ଭର ବାକ୍ୟ ପାଳନ କରିନାହାଁନ୍ତି କି ତଦନୁସାରେ ଆଚରଣ କରିନାହାଁନ୍ତି।

14ସେମାନେ ନିଜ ଇଚ୍ଛାନୁସାରେ ଅବାଧ୍ୟ ହୋଇଛନ୍ତି ଓ ପୂର୍ବପୁରୁଷମାନଙ୍କ ଶିକ୍ଷାନୁସାରେ ବାଲ୍‌ଦେବ ତାଙ୍କର ଅନୁଗାମୀ ହୋଇ ଆଚରଣ କରିଅଛନ୍ତି।"

15ତେଣୁ ଇସ୍ରାୟେଲର ପରମେଶ୍ୱର ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, "ଆମ୍ଭେ ସେମାନଙ୍କୁ ତିକ୍ତ ଭୋଜନ କରାଇବା ଓ ବିଷବୃକ୍ଷର ରସ ସେମାନଙ୍କୁ ପାନ କରିବାକୁ ଦେବା।

16ସେମାନେ କିଅବା ସେମାନଙ୍କର ପୂର୍ବପୁରୁଷ ଜାଣିନଥିବା ଦେଶୀୟମାନଙ୍କ ମଧ୍ୟରେ ସେମାନଙ୍କୁ ଛିନ୍ନଭିନ୍ନ କରିବା। ସେମାନଙ୍କୁ ସଂହାର ନ କରିବା ଯାଏ ସେମାନଙ୍କ ପଛରେ ଖଡ୍ଗ ପଠାଇବା।"

17ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, "ତୁମ୍ଭେମାନେ ବିବେଚନା
କର ଓ ବିଳାପକାରିଣୀ ସ୍ତ୍ରୀମାନଙ୍କୁ ଆସିବା ପାଇଁ ଡାକ ଓ
ନିପୁଣା ସ୍ତ୍ରୀମାନଙ୍କର ଆସିବାପାଇଁ ଲୋକ ପଠାଅ।
18ସେମାନେ କହନ୍ତୁ, 'ସେହି ସ୍ତ୍ରୀ ଲୋକମାନେ ଶୀଘ୍ର
ଆସନ୍ତୁ ଓ ଆମ୍ଭମାନଙ୍କ ପାଇଁ ବିଳାପ କରନ୍ତୁ। ଆମ୍ଭର ଚକ୍ଷୁ
ଯେପରି ଲୋତକରେ ପୂର୍ଣ୍ଣ ହେବ ଓ ଚକ୍ଷୁରୁ ଯେପରି
ଲୋତକର ନିର୍ଝର ନିର୍ଗତ ହେବ।'
19"କାରଣ ସିୟୋନ୍‌ରୁ ଏହି ହାହାକାର ଶବ୍ଦ ଶୁଣା
ଯାଉଛି। 'ଆମ୍ଭେମାନେ ପ୍ରକୃତରେ ବିନଷ୍ଟ ହୋଇଅଛୁ।
ଆମ୍ଭେମାନେ ବିଶେଷ ଭାବରେ ଲଜ୍ଜିତ, କାରଣ ଆମ୍ଭର
ବାସସ୍ଥାନ ଧୂଳିସାତ୍ ହୋଇଅଛି ଓ ଆମ୍ଭେମାନେ ଦେଶ
ପରିତ୍ୟାଗ କରିଅଛୁ।'"
20ତେଣୁ ହେ ଯିହୁଦାର ରମଣୀଗଣ, ସଦାପ୍ରଭୁଙ୍କର ବାକ୍ୟ
ଶୁଣ, ତୁମ୍ଭମାନଙ୍କର କର୍ଣ୍ଣ ତାଙ୍କର ମୁଖ ନିଃସୃତ ବାକ୍ୟ ଗ୍ରହଣ
କରୁ। ଆଉ "ତୁମ୍ଭେମାନେ ନିଜ ନିଜ କନ୍ୟାମାନଙ୍କୁ ହାହାକାର
କରିବାକୁ ଓ ପ୍ରତ୍ୟେକ ନିଜ ପ୍ରତିବେଶୀନୀକୁ ବିଳାପ କରିବାକୁ
ଶିକ୍ଷା ଦିଅ।
21'କାରଣ ମୃତ୍ୟୁ ଆମ୍ଭମାନଙ୍କର ଝରକା ଦେଇ ଆମ୍ଭମାନଙ୍କର
ପ୍ରାସାଦରେ ପ୍ରବେଶ କରିଅଛି। ଏହା ବାହାରେ ବାଳକମାନଙ୍କୁ
ଓ ନଗରର ଛକମାନଙ୍କରେ ଯୁବକମାନଙ୍କୁ ସଂହାର କରିବାକୁ
ପ୍ରସ୍ତୁତ।'
22"ଯିରିମିୟ ଏହା କହନ୍ତି, 'ସଦାପ୍ରଭୁଙ୍କ ବାକ୍ୟାନୁସାରେ
ମନୁଷ୍ୟମାନଙ୍କର ଶବ ଖତପରି କ୍ଷେତ୍ରରେ ପଡ଼ି ରହିବ ଆଉ
ଶସ୍ୟ ଛେଦନକାରୀର ଶସ୍ୟ ପଛରେ ପଡ଼ିଲାପରି ସେମାନେ
କ୍ଷେତ୍ରରେ ପଡ଼ି ରହିବେ। କେହି ସେମାନଙ୍କୁ ସଂଗ୍ରହ କରିବାକୁ
ନଥିବେ।'"
23ଆଉ ସଦାପ୍ରଭୁ କହନ୍ତି, "ଜ୍ଞାନବାନ୍ ଆପଣା ଜ୍ଞାନରେ
ଦର୍ପ ନକରୁ, ବଳବାନ୍ ଆପଣା ବଳରେ ଦର୍ପ ନକରୁ ଓ
ଧନବାନ୍ ଆପଣା ଧନରେ ଗର୍ବ ନକରୁ।
24ଯଦି କେହି ଦର୍ପ କରିବ, ତେବେ ସେ ଆମ୍ଭକୁ ଚିହ୍ନେ
ଓ ଜାଣେ ବୋଲି ଦର୍ପ କରୁ। ଆମ୍ଭେ ସଦାପ୍ରଭୁଙ୍କ ଜଗତରେ
ସ୍ନେହ, କରୁଣା ବିଚାର ଓ ଧର୍ମସାଧନ କରୁ, କାରଣ ସଦାପ୍ରଭୁ
କହନ୍ତି ଏସବୁରେ ଆମ୍ଭର ସନ୍ତୋଷ ଥାଏ।"
25ସଦାପ୍ରଭୁ କହନ୍ତି ଦେଖ, "ଆମ୍ଭେ ଯେଉଁ ସମୟରେ
ସୁନ୍ନତ ଲୋକମାନଙ୍କୁ ସେମାନଙ୍କର ଅସୁନ୍ନତ ଅନୁସାରେ ଦଣ୍ଡ
ଦେବା, ଏପରି ସମୟ ଆସୁଅଛି।
26ଆମ୍ଭେ ମିଶର, ଯିହୁଦା, ଇଦୋମ, ଅମ୍ମୋନ ଓ
ମୋୟାବର ସନ୍ତାନଗଣଙ୍କୁ ଓ ସମସ୍ତ ପ୍ରାନ୍ତରବାସୀଙ୍କୁ ଦଣ୍ଡ
ଦେବା, କାରଣ ସେମାନେ ଶରୀରରେ ଅସୁନ୍ନତ ମାତ୍ର ସମଗ୍ର
ଇସ୍ରାଏଲ ଅନ୍ତଃକରଣରେ ଅସୁନ୍ନତ ଅଟନ୍ତି।"

## ସଦାପ୍ରଭୁ ଓ ପ୍ରତିମାଗଣ

10 ହେ ଇସ୍ରାଏଲ ବଂଶ, ସଦାପ୍ରଭୁଙ୍କ ବାକ୍ୟ ଶୁଣ।
2ସଦାପ୍ରଭୁ ଏହିକଥା କହନ୍ତି,
"ତୁମ୍ଭେମାନେ ଅନ୍ୟ ଦେଶୀୟମାନଙ୍କର ବ୍ୟବହାର ଶିଖନାହିଁ
ଓ ଆକାଶର ନାନା ଚିହ୍ନରେ ଭୟଭୀତ ହୁଅନାହିଁ, କାରଣ
ଅନ୍ୟଦେଶୀୟମାନେ ତହିଁରେ ଭୀତ ହୁଅନ୍ତି।
3ଅନ୍ୟ ଦେଶୀୟମାନଙ୍କର ସକଳ ବିଧି ବ୍ୟବସ୍ଥା ଅସାର
କାରଣ ଅରଣ୍ୟରୁ ବୃକ୍ଷ ଛେଦନ କରି କାରିଗର ନିର୍ମିତ
କରିଥିବା ପ୍ରତିମା ଓ ମୂର୍ତ୍ତିଗୁଡ଼ିକ ସବୁ ମୂଲ୍ୟହୀନ। ସେଗୁଡ଼ିକ
ଦେବତା ନୁହନ୍ତି।
4ସେମାନେ ସେଗୁଡିକୁ ସୁନା ଓ ରୂପାରେ ସଜ୍ଜିତ
କରନ୍ତି। ସେମାନେ ସେଗୁଡିକୁ ହାତୁଡ଼ି ଦ୍ୱାରା କଣ୍ଟା ବାଡେଇ
ଦୃଢ଼ କରନ୍ତି, ଯେପରି ସେଗୁଡିକ ଟଳମଳ ହେବେ ନାହିଁ
କିଅବା ପଡିବେ ନାହିଁ।
5ସେସବୁ ତାଳଗଛ ତୁଲ୍ୟ, କୁନ୍ଦା ଓ କଥା କହନ୍ତି
ନାହିଁ। ସେମାନଙ୍କୁ ବହନ କରିବାକୁ ହୁଏ କାରଣ ସେମାନେ
ଚାଲି ପାରନ୍ତି ନାହିଁ। ତେଣୁ ସେମାନଙ୍କୁ ଭୟ କରନାହିଁ,
କାରଣ ସେମାନେ ଅମଙ୍ଗଳ କରି ପାରିବେ ନାହିଁ କିଅବା
ମଙ୍ଗଳ କରିବାକୁ ସେମାନଙ୍କର ଶକ୍ତି ନାହିଁ।"
6ହେ ସଦାପ୍ରଭୁ, ତୁମ୍ଭେ ଅତି ମହାନ୍, ତୁମ୍ଭ
ତୁଲ୍ୟ ଆଉ କେହି ନାହିଁ। ତୁମ୍ଭର ନାମ ମହତ୍ ଓ
ପରାକ୍ରମଶାଳୀ।
7ତେଣୁ ହେ ପରମେଶ୍ୱର, ତୁମ୍ଭେ ସର୍ବଦେଶୀୟମାନଙ୍କ
ମଧ୍ୟରେ ମହାନ୍। ତୁମ୍ଭକୁ କିଏ ଭୟ ନ କରିବ? ତୁମ୍ଭେ
ତାହାର ଯୋଗ୍ୟ। ସର୍ବଦେଶୀୟ ମଧ୍ୟରେ ବହୁ ଜ୍ଞାନୀ ଲୋକ
ଅଛନ୍ତି, ମାତ୍ର ସମଗ୍ର ରାଜକୀୟ, ଐଶ୍ୱର୍ଯ୍ୟଶାଳୀ ଓ ଜ୍ଞାନୀମାନଙ୍କ
ମଧ୍ୟରେ ତୁମ୍ଭ ତୁଲ୍ୟ କେହି ନାହାନ୍ତି।
8ଅନ୍ୟ ଦେଶୀୟମାନେ ସମସ୍ତେ ନିର୍ବୋଧ ଓ ଅଜ୍ଞାନ।
ସେମାନଙ୍କର ମୂର୍ତ୍ତିଗୁଡିକର ଶିକ୍ଷା ମୂଲ୍ୟହୀନ। ସେହି ମୂର୍ତ୍ତିଗୁଡ଼ିକ
କେବଳ କାଷ୍ଠ ମାତ୍ର।
9ସେମାନେ ତର୍ଶୀଶରୁ ପିଟା ରୂପାପାତ୍ର ଓ ଉଫସରୁ ସୁନା
ଆଣି କାରିଗର ଓ ସ୍ୱର୍ଣ୍ଣକାର ହସ୍ତରେ ପ୍ରତିମାମାନ
ନିର୍ମାଣ କରନ୍ତି। ସେଗୁଡ଼ିକ ନୀଳ ଓ ଧୂମ୍ରବର୍ଣ୍ଣ ବସ୍ତ୍ରରେ
ଆଚ୍ଛାଦନ କରନ୍ତି। ସେଗୁଡ଼ିକ "ନିପୁଣ ଶିଳ୍ପୀମାନଙ୍କର"
କୃତକର୍ମ।
10ମାତ୍ର ସଦାପ୍ରଭୁ ସତ୍ୟ ପରମେଶ୍ୱର ଅଟନ୍ତି। ସେ
ଜୀବନ୍ତ ପରମେଶ୍ୱର ଓ ଅନନ୍ତକାଳସ୍ଥାୟୀ ରାଜା। ଯେତେବେଳେ
ସେ କୋପ କରନ୍ତି ପୃଥିବୀ କମ୍ପିତ ହୁଏ। ବିଦେଶୀରାଷ୍ଟ୍ର ତାଙ୍କ
କ୍ରୋଧ ସହ୍ୟ କରିପାରିବେ ନାହିଁ।
11ସଦାପ୍ରଭୁ ପୁଣି କହନ୍ତି, "ତୁମ୍ଭେମାନେ ସେମାନଙ୍କୁ କୁହ,
'ସେହି ଦେବତାଗଣ ଆକାଶମଣ୍ଡଳ ଓ ପୃଥିବୀ ନିର୍ମାଣ
କରିନାହାନ୍ତି। ତେଣୁ ସେମାନେ ପୃଥିବୀ ଓ ଆକାଶମଣ୍ଡଳରୁ
ଧ୍ୱଂସ ଓ ଲୁପ୍ତ ହେବେ।'"
12ପରମେଶ୍ୱର ସ୍ୱପରାକ୍ରମରେ ପୃଥିବୀ ନିର୍ମାଣ କରିଅଛନ୍ତି।
ସେ ନିଜର ଜ୍ଞାନଦ୍ୱାରା ଜଗତ ସ୍ଥାପନ କରିଅଛନ୍ତି ଓ ନିଜ
ବୁଦ୍ଧି ବଳରେ ପୃଥିବୀ ଉପରେ ଆକାଶମଣ୍ଡଳକୁ ବିସ୍ତାର
କରିଅଛନ୍ତି।
13ପରମେଶ୍ୱର ଭୟଙ୍କର ବଜ୍ରର କାରଣ ଓ ସେ
ଆକାଶର ଜଳରାଶିର ସୃଷ୍ଟିକର୍ତ୍ତା। ସେ ପୃଥିବୀ ଶେଷପ୍ରାନ୍ତରୁ
ବାଦଲ ଉଠାନ୍ତି ଏବଂ ବର୍ଷା ଓ ବିଜୁଳି କରାନ୍ତି। ସେ ନିଜ
ଭଣ୍ଡାର ଘରୁ ବାୟୁ ପ୍ରବାହିତ କରନ୍ତି।
14ସମସ୍ତ ମୂର୍ତ୍ତିପୂଜକ ନିର୍ବୋଧ ଓ ଅଜ୍ଞାନୀ ବୋଲି ଜଣା
ପଡିବେ। ପ୍ରତ୍ୟେକ ସ୍ୱର୍ଣ୍ଣକାର ଆପଣା ଖୋଦିତ ମୂର୍ତ୍ତିଗୁଡ଼ିକ

ପାଇଁ ଲଜ୍ଜିତ। କାରଣ ତାଙ୍କର ମୂର୍ତ୍ତିଗୁଡ଼ିକ ମିଥ୍ୟା ଓ
ସେମାନଙ୍କଠାରେ ପ୍ରାଣବାୟୁ ନାହିଁ।
15ସେହି ମୂର୍ତ୍ତିଗୁଡ଼ିକ ଅସାର ଓ ପରିହାସଯୋଗୀ।
ଯେତେବେଳେ ସେମାନଙ୍କର ବିନାଶ ସମୟ ଆସିବ, ସେମାନେ
ଧ୍ୱଂସ ହେବେ।
16ମାତ୍ର ଯାକୁବଙ୍କର ପରମେଶ୍ୱର ସେମାନଙ୍କ ପରି ନୁହଁନ୍ତି।
କାରଣ ସେ ସମସ୍ତ ବସ୍ତୁର ନିର୍ମାଣକର୍ତ୍ତା ଓ ଇଶ୍ରାୟେଲର
ଲୋକମାନେ ତାଙ୍କର ନିଜର ବୋଲି ଦାବୀ କରନ୍ତି। ପରମେଶ୍ୱରଙ୍କ
ନାମ "ସୈନ୍ୟାଧିପତି ସଦାପ୍ରଭୁ।"

## ବିନାଶକାଳ ଆସୁଅଛି

17ହେ ଅବରୁଦ୍ଧ ଯିହୁଦା ନିବାସୀ, ତୁମ୍ଭେମାନେ
ନିଜ ନିଜ ଜିନିଷ ସଂଗ୍ରହ କରି ଦେଶତ୍ୟାଗ କରିବାକୁ ପ୍ରସ୍ତୁତ
ହୁଅ।
18ସଦାପ୍ରଭୁ ଏହିକଥା କହନ୍ତି, "ଆମ୍ଭେ ଏହି ସମୟରେ
ଦେଶବାସୀଙ୍କୁ ଦେଶରୁ ଫିଙ୍ଗି ଦେବା। ସେମାନଙ୍କୁ ଏପରି
ଦୁଃଖ ଓ କ୍ଳେଶ ଦେବା ଯେ ସେମାନେ ଉପଯୁକ୍ତ ଶିକ୍ଷା ଲାଭ
କରିପାରିବେ।"
19ହାୟ, ମୁଁ ଯିରିମିୟ ଅତ୍ୟନ୍ତ କ୍ଷତ ଓ ବେଦନାଗ୍ରସ୍ତ
ତଥାପି ମୁଁ କହିଲି, "ଏହା ମୋହର ବେଦନା ଓ ମୋତେ
ଏହା ସହିବାକୁ ହେବ।"
20ମୋର ତମ୍ବୁ ଧ୍ୱଂସ ପାଇଯାଇଛି। ମୋର ତମ୍ବୁର
ସମସ୍ତ ରଜ୍ଜୁ ଛିଣ୍ଡି ଯାଇଅଛି। ମୋର ପିଲାମାନେ ମୋ
ପାଖରୁ ଚାଲି ଯାଇଅଛନ୍ତି। ମୋ ପାଖରେ ଆଉ କେହି
ନାହାଁନ୍ତି। ମୋର ତମ୍ବୁକୁ ପ୍ରସାରିବାକୁ ଓ ମୋର ତମ୍ବୁର
ବାଡ଼ ଲଗାଇବାକୁ କେହି ନାହାଁନ୍ତି।
21କାରଣ ପାଳକଗଣ ପଶୁବତ୍ ନିର୍ବୋଧ ହୋଇଅଛନ୍ତି,
ସେମାନେ, ସଦାପ୍ରଭୁ କଣ ଚାହୁଁଛନ୍ତି, ତାହା ଜାଣିବା ପାଇଁ
ଚେଷ୍ଟା କରନ୍ତି ନାହିଁ। ସେଥିପାଇଁ ସେମାନେ ଉନ୍ନତି କରୁନାହାନ୍ତି
ଏବଂ ସେମାନଙ୍କର ପିଲାସବୁ ଛିନ୍ନଭିନ୍ନ ହୋଇଅଛନ୍ତି।
22ଏକ ମହାରବ ଶୁଣ। ସେହି ରବ ଉତ୍ତର ଦିଗରୁ
ଆସୁଅଛି। ତାହା ଯିହୁଦାର ନଗରସବୁକୁ ଧ୍ୱଂସ କରିବ ଓ
ତାହା ଏକ ପ୍ରାନ୍ତରରେ ପରିଣତ ହେବ। ଆଉ ସେଗୁଡ଼ିକ
ଶୃଗାଳର ବାସସ୍ଥାନ ହେବ।
23ହେ ସଦାପ୍ରଭୁ, ମୁଁ ଜାଣେ, ମନୁଷ୍ୟ ତା'ର ନିଜର
ଭାଗ୍ୟକୁ ନିୟନ୍ତ୍ରଣ କରି ପାରିବ ନାହିଁ। ସେ କହିପାରେ ନାହିଁ,
ତା' ପାଇଁ କଣ ଘଟିବ। ସେ ପ୍ରକୃତ ନ୍ୟାୟ ଓ ଧର୍ମରେ
ବଞ୍ଚିବା ଜାଣିନାହିଁ।
24ହେ ସଦାପ୍ରଭୁ, ଆମ୍ଭମାନଙ୍କୁ ଦମନ କର। ମାତ୍ର
ସୁବିବେଚନାରେ ତାହା କର। କ୍ରୋଧରେ ତାହା କରନାହିଁ,
ଯଦି ତୁମ୍ଭେ ଏପରି କର ତେବେ ଆମ୍ଭେ ଧ୍ୱଂସ ହୋଇ ଯିବୁ।
25ଯଦି ତୁମ୍ଭେ ଆପଣା କୋପ ଢାଳୁଅଛ, ତେବେ
ଅନ୍ୟଦେଶୀୟମାନଙ୍କ ଉପରେ ଢାଳିଦିଅ। କାରଣ ସେମାନେ
ତୁମ୍ଭକୁ ଜାଣନ୍ତି ନାହିଁ କି ତୁମ୍ଭ ନାମରେ ପ୍ରାର୍ଥନା କରନ୍ତି
ନାହିଁ। ସେମାନେ ଯାକୁବକୁ ଗ୍ରାସ କରିଅଛନ୍ତି ଓ ସେମାନେ
ଇଶ୍ରାୟେଲ ବଂଶକୁ ବିନାଶ କରିଅଛନ୍ତି ଓ ତାହାର ବାସସ୍ଥାନ
ଉଚ୍ଛନ୍ନ କରିଛନ୍ତି।

## ନିୟମ ଲଙ୍ଘନ

11 ଯିରିମିୟଙ୍କ ନିକଟରେ ସଦାପ୍ରଭୁଙ୍କ ବାକ୍ୟ ଉପସ୍ଥିତ
ହେଲା। ତାହା ହେଉଛି ଏହି, 2"ହେ ଯିରିମିୟ,
ତୁମ୍ଭେ ଏହି ନିୟମର ବାକ୍ୟ ଶୁଣ। ଯିହୁଦା ଓ ଯିରୁଶାଲମର
ଲୋକମାନଙ୍କୁ ଏହା ଜଣାଅ। 3ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର
ଏହି କଥା କହନ୍ତି, 'ଯେଉଁ ବ୍ୟକ୍ତି ଏହି ନିୟମ ପାଳନ ନ
କରିବ ତାହାପ୍ରତି ମନ୍ଦ ଘଟିବ।' 4ଆମ୍ଭେ ତୁମ୍ଭମାନଙ୍କ
ପୂର୍ବପୁରୁଷମାନଙ୍କୁ ମିଶରରୁ ଯେତେବେଳେ ଆଣିଲୁ ତାହା ଏକ
ଲୌହ ଅଗ୍ନିକୁଣ୍ଡ ସଦୃଶ ନାନା ଦୁଃଖ ଦୁର୍ବିପାକରେ ପୂର୍ଣ୍ଣ
ଥିଲା, ସେତିକିବେଳେ ସେମାନଙ୍କୁ ବାହାର କରି ଆଣି ଏହି
ଆଦେଶ ଦେଇଥିଲୁ, ତୁମ୍ଭେମାନେ ଆମ୍ଭର ଆଜ୍ଞା ପାଳନ
କର। ତାହାହେଲେ ତୁମ୍ଭେମାନେ ଆମ୍ଭର ଲୋକ ହେବ ଓ
ଆମ୍ଭେ ତୁମ୍ଭର ପରମେଶ୍ୱର ହେବା।
5"ଆମ୍ଭେ ତୁମ୍ଭର ପୂର୍ବପୁରୁଷମାନଙ୍କୁ ଶପଥ କରି କହିଥିଲୁ,
ଆମ୍ଭେ ତୁମ୍ଭମାନଙ୍କୁ ଏକ ଦୁଗ୍ଧ ମଧୁର ଉର୍ବର ଦେଶ ଦେବା
ଓ ତାହା ତୁମ୍ଭେମାନେ ଆଜି ସୁଦ୍ଧା ଉପଭୋଗ
କରୁଛ। ଯେ କେହି ଏହି ନିୟମ ପାଳନ ନକରିବ ସେ
ଶାପଗ୍ରସ୍ତ ହେବ।"
ମୁଁ ଯିରିମିୟ ଉତ୍ତରରେ କହିଲି, "ହେ ସଦାପ୍ରଭୁ
ଆମେନ୍।"
6ତା'ପରେ ସଦାପ୍ରଭୁ କହିଲେ, "ତୁମ୍ଭେ ଯିହୁଦାର ସବୁ
ନଗରରେ ଓ ଯିରୁଶାଲମର ସବୁ ପଥରେ ଏହିସବୁ ପ୍ରଚାର
କର, ତୁମ୍ଭେମାନେ ଏହି ନିୟମର ବିଧିସବୁ ଶୁଣ ଓ
ସେଗୁଡିକ ପାଳନ କର। 7ମୁଁ ଯେଉଁଦିନଠାରୁ ତୁମ୍ଭ
ପୂର୍ବପୁରୁଷମାନଙ୍କୁ ମିଶରରୁ ଆଣିଲି, ସେବେଠାରୁ ମୁଁ ବାରମ୍ବାର
ସେମାନଙ୍କୁ ସାବଧାନ କରାଇଥିଲି ଏବଂ ମୁଁ ତୁମ୍ଭମାନଙ୍କୁ ଯାହା
ଆଜ୍ଞା କରୁଛି ଶୁଣ। 8ମାତ୍ର ସେମାନେ ଆମ୍ଭର ବାକ୍ୟ ପ୍ରତି
ଅବଧାନ କିଅବା କର୍ଣ୍ଣପାତ କଲେ ନାହିଁ। ପ୍ରତ୍ୟେକ ନିଜ
ନିଜ ଦୁଷ୍ଟ ଅନ୍ତଃକରଣରେ ଅବାଧ୍ୟ ହୋଇ ମନ୍ଦ ଆଚରଣ
କଲେ। ଚୁକ୍ତି ଅନୁସାରେ ଆଜ୍ଞା ପାଳନ ନକଲେ ଯାହା ମନ୍ଦ
ଘଟିବା କଥା ସେମାନଙ୍କ ଉପରେ ତାହା ବର୍ତ୍ତାଇଲୁ। ତଥାପି
ସେମାନେ ପାଳନ କଲେ ନାହିଁ।"
9ସଦାପ୍ରଭୁ ମୋତେ କହିଲେ, "ହେ ଯିରିମିୟ, ଯିହୁଦାର
ଲୋକମାନେ ଓ ଯିରୁଶାଲମ ଅଧିବାସୀଗଣ ଗୁପ୍ତ ମନ୍ତ୍ରଣା
କରୁଥିବାର ଆମ୍ଭେ ଜାଣୁଅଛୁ। 10ସେମାନଙ୍କର ପୂର୍ବପୁରୁଷମାନଙ୍କ
ପରି ସେମାନେ ଅଧର୍ମ ଆଚରଣ କରିଛନ୍ତି। ସେମାନଙ୍କର
ପୂର୍ବପୁରୁଷଗଣ ଆମ୍ଭର ବାକ୍ୟ ଅଗ୍ରାହ୍ୟ କଲେ ଓ ଅନ୍ୟ
ଦେବଗଣଙ୍କୁ ସେବା କଲେ। ଇଶ୍ରାୟେଲ ବଂଶ ଓ ଯିହୁଦା
ବଂଶ ସେମାନଙ୍କର ପୂର୍ବପୁରୁଷମାନଙ୍କ ସହିତ ଆମ୍ଭର କୃତ
ନିୟମ ଲଙ୍ଘନ କରିଅଛନ୍ତି।"
11ଏଣୁ ସଦାପ୍ରଭୁ ଏହି କଥା କହନ୍ତି, "ଦେଖ ଆମ୍ଭେ
ସେମାନଙ୍କ ପ୍ରତି ଅମଙ୍ଗଳ ଘଟାଇବା। ସେମାନେ ସେଥିରୁ
ରକ୍ଷା ପାଇ ପାରିବେ ନାହିଁ। ସେମାନେ ସାହାଯ୍ୟ ପାଇଁ ଆର୍ତ୍ତ
ଚିତ୍କାର କଲେ ମଧ୍ୟ ଆମ୍ଭେ ସେମାନଙ୍କର କଥା ଶୁଣିବା
ନାହିଁ। 12ଯିହୁଦାର ଲୋକମାନେ ଓ ଯିରୁଶାଲମର ନିବାସୀମାନେ
ସେମାନଙ୍କ ପାଖରେ ପ୍ରାର୍ଥନା କରିବେ, ଯେଉଁମାନଙ୍କ ପାଇଁ
ସେମାନେ ସୁଗନ୍ଧି ଧୂପ ଜାଳିଛନ୍ତି। ମାତ୍ର ସେହି ବିପଦ

ସମୟରେ ସେମାନଙ୍କର ସେହି ମୂର୍ତ୍ତିମାନେ ସେମାନଙ୍କୁ ଉଦ୍ଧାର
କରିପାରିବେ ନାହିଁ।
13"ହେ ଯିହୁଦାର ଲୋକମାନେ, ତୁମ୍ଭମାନଙ୍କର ମୂର୍ତ୍ତିମାନଙ୍କର
ସଂଖ୍ୟା ସେଠାକାର ଅଧିବାସୀମାନଙ୍କ ସହିତ ସମାନ।
ଯିରୁଶାଲମର ରାଜପଥଗୁଡ଼ିକର ସଂଖ୍ୟା ପରି, ତୁମ୍ଭେମାନେ
ବହୁତ ବେଦୀ ନିର୍ମାଣ କଲ, ବାଲ୍ ନିମନ୍ତେ ସୁଗନ୍ଧି ଧୂପ
ଜଳାଇବା ପାଇଁ।
14"ତେଣୁ ହେ ଯିରିମିୟ, ତୁମ୍ଭେ ଏହି ଲୋକମାନଙ୍କ
ପାଇଁ ପ୍ରାର୍ଥନା କରନାହିଁ। କାରଣ ସେମାନେ ଦୁଃଖ ଭୋଗିଲାବେଳେ
ଆର୍ତ୍ତସ୍ୱରରେ ସାହାଯ୍ୟ ଭିକ୍ଷା କରିବେ। ମାତ୍ର ଆମ୍ଭେ ସେମାନଙ୍କର
କଥା ଶୁଣିବା ନାହିଁ।
15"ଆମ୍ଭ ଗୃହରେ ଆମ୍ଭ ପ୍ରିୟ ଯିହୁଦାର କି କାର୍ଯ୍ୟ?
କାରଣ ସେ ଅନ୍ୟମାନଙ୍କ ସହିତ ନାନା ବ୍ୟଭିଚାର କରିଅଛି।
ହେ ଯିହୁଦା, ତୁମ୍ଭେ କ'ଣ ଭାବିଛ ତୁମ୍ଭର ସ୍ୱତନ୍ତ୍ର ଶପଥ ଓ
ପ୍ରାଣୀବଳି, ତୁମ୍ଭକୁ ଧ୍ୱଂସରୁ ରକ୍ଷା କରିବ? ତୁମ୍ଭେ କ'ଣ ଚିନ୍ତା
କରିଛ ହୋମବଳିଦ୍ୱାରା ତୁମ୍ଭ ମନ୍ଦକର୍ମର ଶାସ୍ତିରୁ ଉଦ୍ଧାର
ପାଇବ?"
16ସଦାପ୍ରଭୁ ତୁମ୍ଭକୁ ଥରେ ସମ୍ବୋଧନ କରିଥିଲେ, 'ସୁନ୍ଦର
ଫଳରେ ପୂର୍ଣ୍ଣ ହରିତ୍‌ପୂର୍ଣ୍ଣ ଜିତବୃକ୍ଷ' ବୋଲି। ମାତ୍ର ତାହା
ଲୋକାରଣ୍ୟର ମହାଶବ୍ଦ ପରି ସେ ତହିଁ ଉପରେ ଅଗ୍ନି
ଜଳାଇବେ ଓ ତାହାର ଶାଖାସବୁ ଜଳି ଯିବ।
17ସୈନ୍ୟାଧିପତି ସଦାପ୍ରଭୁ ତୁମ୍ଭକୁ ରୋପଣ କରିଥିଲେ।
ସେ କହିଥିଲେ ତୁମ୍ଭ ଉପରେ ମହାବିପଦ ଆସିବ। କାରଣ
ଇଶ୍ରାୟେଲ ବଂଶ ଓ ଯିହୁଦା ବଂଶ ବହୁ ଦୁଷ୍ଟତା ଆଚରଣ
କରିଅଛନ୍ତି। ସେମାନେ ବାଲ୍‌ଦେବ ଉଦ୍ଦେଶ୍ୟରେ ଧୂପ ଜଳାଇ
ଆମ୍ଭକୁ ବିରକ୍ତ କରିବା ସକାଶେ ନିଜେ ନିଜେ ତାହାସବୁ
କରିଛନ୍ତି।"

## ଯିରିମିୟଙ୍କ ବିରୁଦ୍ଧରେ ମନ୍ଦ ଯୋଜନା

18ସଦାପ୍ରଭୁ ମୋତେ ଜଣାଇଲେ ଯେ ଅନାଥୋତର
ଲୋକମାନେ ମୋ ବିରୁଦ୍ଧରେ ଷଡଯନ୍ତ୍ର କରୁଛନ୍ତି। ସେ
ସେମାନଙ୍କର କ୍ରିୟା ମୋତେ ସେ ସମୟରେ ଦେଖାଇଲେ।
19ସଦାପ୍ରଭୁ, ସେମାନେ ମୋ ବିପକ୍ଷରେ ଅଛନ୍ତି ବୋଲି
ଦେଖାଇବା ପୂର୍ବରୁ ମୁଁ ଏକ ନୀରିହ ମେଷଶାବକ ପରି
ହତ୍ୟାପାଇଁ ରହିଥିଲି। ସେମାନେ ମୋ ବିରୁଦ୍ଧରେ ଅଛନ୍ତି
ବୋଲି ମୁଁ ଜାଣି ନଥିଲି। ସେମାନେ ମୋ ବିରୁଦ୍ଧରେ
କୁମନ୍ତ୍ରଣା କରି କହିଲେ, "ଆସ ଫଳ ସହିତ ବୃକ୍ଷକୁ କାଟି
ନଷ୍ଟ କରିବା। ଲୋକେ ଯେପରି ତାଙ୍କୁ ଆଉ ସ୍ମରଣ ନ
କରିବେ ସେଥିପାଇଁ ତାଙ୍କୁ କାଟି ପକାଇବା।" 20କିନ୍ତୁ ହେ
ସଦାପ୍ରଭୁ, ତୁମ୍ଭେ ଜଣେ ପ୍ରକୃତ ବିଚାରକ। ତୁମ୍ଭେ ଲୋକମାନଙ୍କର
ମନ ଓ ବୁଦ୍ଧି ପରୀକ୍ଷା କରୁଥାଅ। ସେମାନଙ୍କ ପ୍ରତି ତୁମ୍ଭର
ପ୍ରତିଶୋଧ ମୋତେ ଦେଖାଅ। କାରଣ ମୋର ଘଟଣାରୁ ମୁଁ
ତୁମ୍ଭଙ୍କୁ ପୂରା ବିଶ୍ୱାସ କରିବି।
21ଅନାଥୋତର ଲୋକମାନେ ଯିରିମିୟଙ୍କୁ ହତ୍ୟା କରିବାକୁ
ଯୋଜନା କରୁଥିଲେ। ସେହି ଲୋକମାନେ ଯିରିମିୟଙ୍କୁ କହିଲେ,
"ତୁମ୍ଭେ ସଦାପ୍ରଭୁଙ୍କ ନାମରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରନାହିଁ,
କଲେ ଆମ୍ଭେମାନେ ତୁମ୍ଭକୁ ହତ୍ୟା କରିବୁ।" ତେଣୁ ସଦାପ୍ରଭୁ
ସେମାନଙ୍କ ବିଷୟରେ ଏକ ସିଦ୍ଧାନ୍ତ ନେଲେ। 22ତେଣୁ
ସୈନ୍ୟାଧିପତି ସଦାପ୍ରଭୁ କହିଲେ, "ଖୁବ୍ ଶୀଘ୍ର ଆମ୍ଭେ
ସେମାନଙ୍କୁ ଶାସ୍ତି ଦେବା। ସେମାନଙ୍କର ଯୁବାଗଣ ଖଡ୍ଗରେ
ନିହତ ହେବେ ଓ ସେମାନଙ୍କର ପୁତ୍ର କନ୍ୟାଗଣ ଦୁର୍ଭିକ୍ଷରେ
ମରିବେ। 23ଅନାଥୋତ୍‌ରେ ଅବଶିଷ୍ଟ କେହି ରହିବେ ନାହିଁ।
ଆମ୍ଭେ ସେମାନଙ୍କ ପ୍ରତି ଶାସ୍ତି ବିଧାନ କରିବା ଓ ସେମାନଙ୍କ
ପ୍ରତି ଅମଙ୍ଗଳ ଘଟାଇବା।"

## ଯିରିମିୟ ପରମେଶ୍ୱରଙ୍କ ନିକଟରେ ଅଭିଯୋଗ କରନ୍ତି

12 ହେ ସଦାପ୍ରଭୁ, ମୁଁ ଯେତେବେଳେ ତୁମ୍ଭ ବିପକ୍ଷରେ
ଅଭିଯୋଗ ଆଣେ, ତୁମ୍ଭେ ସର୍ବଦା ଉଚିତ୍ ଅଟ, କିନ୍ତୁ
ତଥାପି ତୁମ୍ଭ ନିଷ୍ପତ୍ତି ବିରୁଦ୍ଧରେ ମୁଁ ପ୍ରତିବାଦ କରିବି। ଦୁଷ୍ଟ
ଲୋକମାନେ କାହିଁକି କୃତକାର୍ଯ୍ୟ ହୁଅନ୍ତି? ଅତି ବିଶ୍ୱାସଘାତକ
କାହିଁକି ନିରାପଦରେ ରହନ୍ତି?
2ତୁମ୍ଭେ ସେମାନଙ୍କୁ ରୋପଣ କରିଅଛ, ସେମାନଙ୍କର ମୂଳ
ଦୃଢ ହୋଇଅଛି। ସେମାନେ ବଢ଼ି ଫୁଲ ଫଳ ଦିଅନ୍ତି।
ସେମାନେ ଯଦିଓ ମୁହଁରେ କହନ୍ତି, ତୁମ୍ଭେ ଆମ୍ଭର ଅତିପ୍ରିୟ,
ମାତ୍ର ପ୍ରକୃତରେ ସେମାନେ ଅନ୍ତଃକରଣରେ ତୁମ୍ଭଠାରୁ ଦୂରରେ
ଥାଆନ୍ତି।
3ମାତ୍ର ହେ ସଦାପ୍ରଭୁ, ତୁମ୍ଭେ ମୋତେ ଜାଣୁଅଛ। ତୁମ୍ଭେ
ମୋତେ ଦେଖୁଅଛ ଓ ମୋର ହୃଦୟ ପରୀକ୍ଷା କରି ମୋର
ମନ କିପରି, ଜାଣୁଅଛ। ସେହି ମନ୍ଦ ଲୋକମାନଙ୍କୁ ହତ୍ୟା
ନିମନ୍ତେ ମେଷଗଣ ତୁଲ୍ୟ ଟାଣି ନିଅ ଓ ହତ୍ୟା ଦିନରେ
ସେମାନଙ୍କୁ ହତ୍ୟାପାଇଁ ପ୍ରସ୍ତୁତ ରଖ।
4କେତେକାଳ ଦେଶ ଶୁଷ୍କ ରହିବ ଓ ସମୁଦାୟ ଦେଶର
ତୃଣ ଶୁଷ୍କ ରହିବ? ଦେଶର ଲୋକମାନଙ୍କର ଦୁଷ୍ଟତା ଯୋଗୁଁ
ପଶୁ ଓ ପକ୍ଷୀସବୁ କ୍ଷୟ ପାଇଛନ୍ତି। କାରଣ ଲୋକମାନେ
କହିଲେ, "ଯିରିମିୟ ଦୀର୍ଘଦିନ ବଞ୍ଚି ଆମ୍ଭମାନଙ୍କର ଶେଷାବସ୍ଥା
ଦେଖିବ ନାହିଁ।"

## ଯିରିମିୟଙ୍କୁ ପରମେଶ୍ୱରଙ୍କ ଉତ୍ତର

5"ହେ ଯିରିମିୟ ତୁମ୍ଭେ ଯଦି ପଦାତିକମାନଙ୍କ ପଛରେ
ଦୌଡ଼ି କ୍ଲାନ୍ତ ହୋଇପଡ଼ୁଛ, ତେବେ ଅଶ୍ୱମାନଙ୍କ ସହିତ
କିପରି ରଣ କରିପାରିବ? ତୁମ୍ଭେ ଯଦି ଶାନ୍ତ ଦେଶରେ
ବିବ୍ରତ ହେଉଛ, ତେବେ ଯର୍ଦ୍ଦନର ଦର୍ପ ସ୍ଥାନରେ ତୁମ୍ଭେ
କ'ଣ କରିବ?
6ଏହି ଲୋକମାନେ ତୁମ୍ଭର ଭ୍ରାତୃଗଣ ଓ ତୁମ୍ଭ ପରିବାରର
ଲୋକ ସଦୃଶ। ସେହିଲୋକ ତୁମ୍ଭପ୍ରତି ବିଶ୍ୱାସଘାତକତା
କରିଅଛନ୍ତି। ସେମାନେ ତୁମ୍ଭ ପଶ୍ଚାତ୍‌ଧାବନ କରି ଉଚ୍ଚସ୍ୱରରେ
ଡାକ ପକାଇଛନ୍ତି। ସେମାନେ ବନ୍ଧୁଭଳି ତୁମ୍ଭକୁ ମିଠା କଥା
କହିଲେ ହେଁ ସେମାନଙ୍କୁ ବିଶ୍ୱାସ କରନାହିଁ।"

## ସଦାପ୍ରଭୁ ତାଙ୍କର ଲୋକ, ଯିହୁଦାକୁ ପରିତ୍ୟାଗ କରନ୍ତି

7"ଆମ୍ଭେ ସଦାପ୍ରଭୁ, ଆପଣା ଗୃହ ପରିତ୍ୟାଗ କରିଅଛୁ।
ଆମ୍ଭେ ନିଜର ଅଧିକାର ଛାଡ଼ି ଦେଇଅଛୁ। ଆମ୍ଭେ ଆପଣା
ପ୍ରାଣର ପ୍ରିୟତମା ଯିହୁଦାକୁ ଶତ୍ରୁମାନଙ୍କ ହସ୍ତରେ ସମର୍ପି
ଦେଇଅଛୁ।

8ଆମ୍ଭ ନିଜର ଲୋକ ଅରଣ୍ୟ ସିଂହ ସଦୃଶ ଆମ୍ଭର
ଅଧିକାର ପ୍ରତି ବିରୁଦ୍ଧାଚରଣ କରିଛନ୍ତି। ସେମାନେ ଆମ୍ଭ
ବିରୁଦ୍ଧରେ ହୁଙ୍କାର ଦେଇଅଛନ୍ତି। ତେଣୁ ଆମ୍ଭେ ସେମାନଙ୍କୁ
ଘୃଣାକରି ଦୂରେଇ ଦେଇଅଛୁ।

9ଆମ୍ଭର ନିଜ ଲୋକ ଶିକାରି ପକ୍ଷୀ ବେଷ୍ଟିତ ମୃତପ୍ରାଣୀ
ସଦୃଶ ହୋଇଅଛନ୍ତି। ସେମାନେ ତା'ର ବିରୁଦ୍ଧରେ ଗୃଧ୍ରଆଡ଼େ
ଘେରି ରହିଅଛନ୍ତି, ତୁମ୍ଭେମାନେ ଯାଇ ବନ୍ୟପଶୁମାନଙ୍କୁ ଗ୍ରାସ
କରାଇବା ନିମନ୍ତେ ଏକତ୍ର କରି ଆଣ।

10ଅନେକ ମେଷପାଳକ ଆମ୍ଭର ଦ୍ରାକ୍ଷାକ୍ଷେତ୍ର ନଷ୍ଟ କରି
ଅଛନ୍ତି। ସେମାନେ ଆମ୍ଭର ଭୂମିକୁ ପଦଦଳିତ କରିଛନ୍ତି।
ସେମାନେ ଆମ୍ଭର ମନୋରମ ଭୂମିକୁ ଧ୍ୱଂସକରି ପ୍ରାନ୍ତରରେ
ପରିଣତ କରିଅଛନ୍ତି।

11ସେମାନେ ତାହାକୁ ଧ୍ୱଂସିତ, ଶୁଷ୍କ ଓ ମୃତ ଭୂମିରେ
ପରିଣତ କରିଛନ୍ତି। ତାହା ଏକ ଜନଶୂନ୍ୟ ପ୍ରାନ୍ତର ହୋଇଅଛି।
କେହି ଜଣେ ହେଲେ ତା'ର ଯତ୍ନ ନେବାକୁ ରହିନାହାନ୍ତି।

12ଧ୍ୱଂସକାରୀଗଣ ପ୍ରାନ୍ତରସ୍ଥ ବୃକ୍ଷଶୂନ୍ୟ ଗିରି ସକଳର
ଉପରକୁ ଆସିଅଛନ୍ତି। କାରଣ ସଦାପ୍ରଭୁଙ୍କ ଖଡ୍ଗ ଦେଶର ଏକ
ସୀମାରୁ ଅନ୍ୟ ସୀମା ପର୍ଯ୍ୟନ୍ତ ଗ୍ରାସ କରୁଅଛି। କୌଣସି
ପ୍ରାଣୀ ନିରାପଦ ନୁହେଁ।

13ସେମାନେ ଗହମ ବୁଣି କଣ୍ଟା ଅମଳ କରିଛନ୍ତି।
ସେମାନେ ବହୁ ପରିଶ୍ରମ କରି ମଧ୍ୟ କିଛି ଫଳ ପାଇନାହାଁନ୍ତି।
ସଦାପ୍ରଭୁଙ୍କ ପ୍ରଚଣ୍ଡ କ୍ରୋଧ ଯୋଗୁଁ ସେମାନେ ଆପଣା ଫଳ
ବିଷୟରେ ଲଜ୍ଜିତ ହେବେ।"

## ଇସ୍ରାୟେଲର ପ୍ରତିବେଶୀଙ୍କ ପ୍ରତି ସଦାପ୍ରଭୁଙ୍କ ପ୍ରତିଜ୍ଞା

14ସଦାପ୍ରଭୁ ଏହା କହନ୍ତି, "ସମସ୍ତ ମନ୍ଦ ପଡୋଶୀ
ଯେଉଁମାନେ କି ଆମ୍ଭେ ଉତ୍ତରାଧିକାରୀ ସୂତ୍ରରେ
ଇସ୍ରାୟେଲୀୟମାନଙ୍କୁ ଦେଇଥିବା ଦେଶକୁ ସ୍ପର୍ଶ କରନ୍ତି ଆମ୍ଭେ
ସେମାନଙ୍କୁ ତାଙ୍କ ଦେଶରୁ ଉତ୍ପାଟନ କରିବା ଏବଂ ଆମ୍ଭେ
ସେମାନଙ୍କ ମଧ୍ୟରୁ ଯିହୁଦାର ଘରକୁ ହଟେଇ ଦେବା। 15ପୁଣି
ସେମାନଙ୍କୁ ଉତ୍ପାଟନ କଲାପରେ ଆମ୍ଭେ ଫେରି ସେମାନଙ୍କୁ
ଦୟା କରିବା। ପୁଣି ପ୍ରତ୍ୟେକ ଲୋକକୁ ତାହାର ଅଧିକାରକୁ
ଓ ପ୍ରତ୍ୟେକ ଲୋକକୁ ତାହାର ଜମିକୁ ଫେରାଇ ଆଣିବା।
16ଆମ୍ଭେ ଚାହୁଁ ସେହି ଲୋକମାନେ ଉତ୍ତମ ଶିକ୍ଷା ଲାଭ
କରନ୍ତୁ। ଅତୀତରେ ସେମାନେ ଯେପରି ବାଲ୍‌ଦେବ ନାମରେ
ଶପଥ କରିବା ପାଇଁ ଆମ୍ଭ ଲୋକମାନଙ୍କୁ ଶିଖାଇଲେ,
ସେହିପରି 'ସଦାପ୍ରଭୁ ଜୀବିତ' ବୋଲି ଆମ୍ଭ ନାମରେ ଶପଥ
କରିବା ପାଇଁ ଯେବେ ଆମ୍ଭର ଲୋକମାନଙ୍କୁ ଯତ୍ନ ପୂର୍ବକ
ଶିଖାଇବେ, ତେବେ ଆମ୍ଭ ଲୋକମାନଙ୍କ ସହିତ ବାସ
କରିବେ। 17ମାତ୍ର ଯେବେ କୌଣସି ଗୋଷ୍ଠୀ ଆମ୍ଭର ବାର୍ତ୍ତା
ଶୁଣିବେ ନାହିଁ, ତେବେ ଆମ୍ଭେ ସେହି ଗୋଷ୍ଠୀକୁ ମୃତ ଉଦ୍ଭିଦ
ସଦୃଶ ଉତ୍ପାଟନ କରି ଫିଙ୍ଗିଦେବା।" ଏହା ସଦାପ୍ରଭୁ କହନ୍ତି।

## ପଟୁକାର ସଙ୍କେତ

13 ସଦାପ୍ରଭୁ ମୋତେ ଏହା କହିଲେ: "ତୁମ୍ଭେ ଏକ
ମୋଟା ନାଇଲନ୍ ବସ୍ତ୍ର କିଣ ଓ ତାହା ଆପଣା କଟି
ଦେଶରେ ବାନ୍ଧ ଓ ତାକୁ ଓଦା କରନାହିଁ।"

2ତେଣୁ ସଦାପ୍ରଭୁଙ୍କ କହିବା ଅନୁସାରେ ମୁଁ ଏକ ପଟୁକା
କିଣି ଆପଣା କଟି ଦେଶରେ ବାନ୍ଧିଲି। 3ଅନ୍ତରରେ ଦ୍ୱିତୀୟଥର
ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ ହେଲା।
4"ହେ ଯିରିମିୟ, ତୁମ୍ଭେ କଟି ଦେଶରେ ଯେଉଁ ପଟୁକା କିଣି
ପିନ୍ଧିଛ, ତାହା ନେଇ ଫରାତ୍ ନଦୀ ନିକଟକୁ ଯାଇ ସେଠାସ୍ଥିତ
ଏକ ପଥର ତଳରେ ଲୁଚାଇ ରଖ।"

5ତେଣୁ ସଦାପ୍ରଭୁଙ୍କ କହିବାନୁସାରେ ମୁଁ ଫରାତ୍ ନଦୀ
ନିକଟରେ ତାହା ଲୁଚାଇ ରଖିଲି। 6ପୁଣି ଅନେକ ଦିନପରେ
ସଦାପ୍ରଭୁ ମୋତେ କହିଲେ, "ତୁମ୍ଭେ ଫରାତ୍ ନଦୀ ନିକଟକୁ
ଯାଅ ଓ ଯେଉଁ ପଟୁକା ସେଠାରେ ଲୁଚାଇ ରଖିବା ପାଇଁ
ଆମ୍ଭେ ଆଜ୍ଞା କରିଥିଲୁ, ତାହା ସେଠାରୁ ନିଅ।"

7ତେଣୁ ମୁଁ ଫରାତ୍‌ନଦୀ ନିକଟକୁ ଯାଇ ସେହି ପଥର
ତଳ ଖୋଳି ଲୁଚାଇ ରଖିଥିବା ପଟୁକା କାଢ଼ିଲି। ଆଉ ଦେଖ!
ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା, ତାହା ପିନ୍ଧିବା ଯୋଗ୍ୟ
ନଥିଲା।

8ତା'ପରେ ସଦାପ୍ରଭୁଙ୍କ ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। 9ସଦାପ୍ରଭୁ କହିଲେ, "ଯେପରି ପଟୁକା ଧ୍ୱଂସ ପାଇଲା
ସେହିପରି ଆମ୍ଭେ ଯିହୁଦା ଓ ଯିରୁଶାଲମର ଲୋକମାନଙ୍କର
ଦର୍ପ ଚୂର୍ଣ୍ଣ କରିବା। 10ଯିହୁଦାର ଏହି ଯେଉଁ ଦୁଷ୍ଟ ଲୋକମାନେ
ଆମ୍ଭର ବାକ୍ୟ ଶୁଣିବାକୁ ଅସମ୍ମତ ହୁଅନ୍ତି ଓ ଆପଣା
ଅନ୍ତଃକରଣରେ ଅବାଧ ହୋଇ ଚାଲନ୍ତି ଆଉ ଅନ୍ୟ ଦେବଗଣର
ସେବା ଓ ପୂଜା କରିବା ନିମନ୍ତେ ସେମାନଙ୍କର ପଶ୍ଚାଦ୍‌ଗମନ
କରନ୍ତି, ସେମାନେ ଏହି ଅକର୍ମଣ୍ୟ ପଟୁକା ତୁଲ୍ୟ ହେବେ।
11କାରଣ ସଦାପ୍ରଭୁ କହନ୍ତି, ମନୁଷ୍ୟର କଟି ଦେଶରେ
ପଟୁକା ଯେପରି ସଂଲଗ୍ନ ଥାଏ, ସେହିପରି ଆମ୍ଭେ ସମୁଦାୟ
ଇସ୍ରାୟେଲ ଓ ସମୁଦାୟ ଯିହୁଦା ବଂଶକୁ" "ଆମ୍ଭର ଲୋକ
ହୋଇ ଆମ୍ଭପାଇଁ କୀର୍ତ୍ତି, ପ୍ରଶଂସା ଓ ଗୌରବ ଆଣିବା ପାଇଁ
ଆମ୍ଭଠାରେ ସଂଲଗ୍ନ କରାଇଲୁ। ମାତ୍ର ସେମାନେ ଆମ୍ଭ କଥା
ଶୁଣିବାକୁ ଅସମ୍ମତ ହେଲେ।"

## ଯିହୁଦାକୁ ସତର୍କବାଣୀ

12"ସଦାପ୍ରଭୁ, 'ଇସ୍ରାୟେଲର ପରମେଶ୍ୱର ଯିରିମିୟକୁ
ଏହା କହିଲେ, ହେ ଯିରିମିୟ, ଯିହୁଦାର ଲୋକମାନଙ୍କୁ କୁହ,
ପ୍ରତ୍ୟେକ କଳସ ଦ୍ରାକ୍ଷାରସରେ ପୂର୍ଣ୍ଣ କରାଯିବ,' ତା'ପରେ
ସେମାନେ ତୁମ୍ଭକୁ କହିବେ, 'ଆମ୍ଭେ କଣ ଜାଣୁ ନାହୁଁ ଯେ,
ପ୍ରତ୍ୟେକ କଳସ ଯେ ଦ୍ରାକ୍ଷାରସରେ ପୂର୍ଣ୍ଣ ହେବ?' 13ତା'ପରେ
ତୁମ୍ଭେ ସେମାନଙ୍କୁ କହିବ, 'ସଦାପ୍ରଭୁ ଏହା କହନ୍ତି, ଦେଖ!
ସମସ୍ତ ଦେଶବାସୀଙ୍କୁ, ଦାଉଦର ଭବିଷ୍ୟତ ବଂଶଧରମାନଙ୍କୁ,
ସମସ୍ତ ଯାଜକଗଣଙ୍କୁ, ସମସ୍ତ ଭବିଷ୍ୟତ୍‌ବକ୍ତାଙ୍କୁ ଏବଂ ଯିରୁଶାଲମ
ନିବାସୀଙ୍କୁ ଆମ୍ଭେ ମାତାଲ ଲୋକମାନଙ୍କ ପରି ଅସହାୟ
କରିବା। 14ପୁଣି ଆମ୍ଭେ ସେମାନଙ୍କର ଜଣକୁ ଅନ୍ୟ ଜଣ
ଉପରେ କଚାଡ଼ିବା। ଏପରିକି ପିତୃଗଣକୁ ପୁତ୍ରମାନଙ୍କ ଉପରେ
ଏକ ସଙ୍ଗେ କଚାଡ଼ିବା।'" ଏହା ସଦାପ୍ରଭୁ କହନ୍ତି, "'ଆମ୍ଭେ
ସେମାନଙ୍କ ପ୍ରତି ଦୟା, ଅନୁକମ୍ପା ଓ କରୁଣା ନ ଦେଖାଇ
ସେମାନଙ୍କୁ ବିନଷ୍ଟ କରିବା।'"

15ତୁମ୍ଭେମାନେ ସବୁ ଶୁଣ ଓ କର୍ଣ୍ଣପାତ କର, ଅହଙ୍କାର
କରନାହିଁ। କାରଣ ସଦାପ୍ରଭୁ ଏହା କହି ଅଛନ୍ତି।

16ସଦାପ୍ରଭୁ, ତୁମ୍ଭମାନଙ୍କ ପରମେଶ୍ୱରଙ୍କୁ ସମ୍ମାନ ଦିଅ ଓ ତାଙ୍କର ଗୌରବ ଗାନ କର। ସେ ଅନ୍ଧକାର ଆଣିବା ପୂର୍ବରୁ, ଅନ୍ଧକାରମୟ ପର୍ବତରେ ତୁମ୍ଭମାନଙ୍କର ପାଦ ଝୁଣ୍ଟିବା ପୂର୍ବରୁ, ସେ ମୃତ୍ୟୁଛାୟା ଓ ଘୋର ଅନ୍ଧକାର ଆଣିବା ପୂର୍ବରୁ, ଆଲୁଅର ଅପେକ୍ଷାରେ ତୁମ୍ଭେମାନେ ତାଙ୍କର ପ୍ରଶଂସା କର।

17କିନ୍ତୁ ଯଦି ତୁମ୍ଭେମାନେ ମୋ କଥା ନଶୁଣ, ତୁମ୍ଭମାନେ ଅହଙ୍କାରୀ ବୋଲି ମୁଁ ଚୁପ୍‌ଚାପ୍ କାନ୍ଦିବି। ମୁଁ ମଧ ଜୋରରେ କାନ୍ଦିବି ଏବଂ ମୋର ଚକ୍ଷୁ ଅଶ୍ରୁରେ ପୂର୍ଣ୍ଣ ହେବ। କାରଣ ସଦାପ୍ରଭୁଙ୍କର ଲୋକମାନେ ବନ୍ଦୀ ହୋଇଛନ୍ତି।

18ତୁମ୍ଭେ ରାଜାଙ୍କୁ ଓ ରାଣୀଙ୍କୁ କୁହ, "ତୁମ୍ଭେମାନେ ନିଜକୁ ନମ୍ର କର, କାରଣ ତୁମ୍ଭମାନଙ୍କର ରାଜମୁକୁଟ ମସ୍ତକରୁ ଭୂପତିତ ହୋଇଅଛି।"

19ଦକ୍ଷିଣ ପ୍ରଦେଶୀୟ ନଗରସବୁ ରୁଦ୍ଧ ହୋଇଅଛି ଓ ତାହାକୁ ଫିଟାଇବାକୁ କେହିନାହିଁ। ସମଗ୍ର ଯିହୁଦା ନିର୍ବାସିତ ହୋଇଛନ୍ତି। ସେମାନେ ସମସ୍ତେ ବନ୍ଦୀରୂପେ ଉପନୀତ ହୋଇଛନ୍ତି।

20ହେ ଯିରୁଶାଲମ, ତୁମ୍ଭେମାନେ ଉତ୍ତର ଦିଗରୁ ଆସୁଥିବା ଲୋକମାନଙ୍କୁ ଚକ୍ଷୁ ମେଲି ଦେଖ, ତୁମ୍ଭକୁ ଯେଉଁ, ସୁନ୍ଦର ପଲ ଦିଆ ହୋଇଥିଲା, ତୁମ୍ଭର ସେ ପଲ କାହିଁ?

21ତୁମ୍ଭେମାନେ କଣ କହିବ ଯେତେବେଳେ ସଦାପ୍ରଭୁ ସେହି ଲୋକମାନଙ୍କୁ ତୁମ୍ଭମାନଙ୍କ ଉପରେ ନିଯୁକ୍ତ କରିବେ ଯେଉଁମାନଙ୍କୁ ତୁମ୍ଭର ମିତ୍ର ହେବା ପାଇଁ ଶିକ୍ଷା ଦିଆଯାଇଥିଲା। ପ୍ରସବ କାଳୀନ ସ୍ତ୍ରୀଲୋକର ବେଦନା ତୁଲ୍ୟ ତୁମ୍ଭେମାନେ ଅନୁଭବ କରିବ, ନୁହେଁ କି?

22ଯଦି ତୁମ୍ଭେ ନିଜକୁ ପଚାରିବ, "ଏହି ଦଶା ମୋପ୍ରତି କାହିଁକି ଘଟିଲା," ତେବେ ଉତ୍ତରରେ କୁହାଯିବ ତୁମ୍ଭର ପାପ ଅଧିକ ହେବା ଯୋଗୁଁ ଏହା ହେଲା। ତୁମ୍ଭ ବସ୍ତ୍ରର ଅଞ୍ଚଳ ଉଠାଯାଇଅଛି ଓ ତୁମ୍ଭର ପାଦକୁ କଷ୍ଟ ଦିଆଯାଇଅଛି।

23ଜଣେ କୃଷ୍ଣକାୟ କ'ଣ ଆପଣା ଚର୍ମର ବର୍ଣ୍ଣ ବଦଳାଇ ପାରିବ ଓ ଚିତାବାଘ କ'ଣ ନିଜର ଦେହର ଛାପ ବଦଳାଇ ପାରିବ? ତେଣୁ ହେ ଯିରୁଶାଲମ, ତୁମ୍ଭେ ସର୍ବଦା କୁକର୍ମ କରିବାରେ ଅଭ୍ୟସ୍ତ, ତୁମ୍ଭେ କେବେ ସୁକର୍ମ କରିପାରିବ ନାହିଁ।

24"ତେଣୁ ଆମ୍ଭେ ତୁମ୍ଭମାନଙ୍କୁ ପ୍ରାନ୍ତରସ୍ଥ ବାୟୁରେ ଧୂଳି ଉଡ଼ିଲାପରି ତୁମ୍ଭମାନଙ୍କ ଘରୁ ତଡ଼ିଦେଇ ଏଣେ ତେଣେ ଛିନ୍ନଭିନ୍ନ କରିଦେବା।

25ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପାଇଁ ଆମ୍ଭେ ଏହି ଭାଗମାପ କଲୁ।" "କାରଣ ତୁମ୍ଭେମାନେ ମୋତେ ପାଶୋରିଲ ଓ ମିଥ୍ୟା ଦେବଗଣରେ ବିଶ୍ୱାସ କଲ।

26ଏ ନିମନ୍ତେ ଏହା ଆମ୍ଭେ ଯିଏକି ତୁମ୍ଭ ବସ୍ତ୍ରାଞ୍ଚଳ ତୁମ୍ଭ ମୁହଁକୁ ଟେକିଥିଲୁ, ଯାହାଫଳରେ ସମସ୍ତେ ତୁମ୍ଭମାନଙ୍କର ନଗ୍ନତା ଦେଖିପାରିନଥିଲେ।

27ଆମ୍ଭେ ପର୍ବତଗୁଡ଼ିକ ଉପରେ ତୁମ୍ଭର ଘୃଣ୍ୟକର୍ମ, ବ୍ୟଭିଚାର, ହିଁ ହିଁ ହେବାର ଶବ୍ଦ ଓ ବେଶ୍ୟାବୃତ୍ତିର ଦୁଷ୍ଟତା ଦେଖିଅଛୁ। ଯିରୁଶାଲମ, ଦୁଃଖ ପାଉ। ତୁମ୍ଭେ ସୁପଥକୁ ଆସିବାକୁ ଚେଷ୍ଟା କରୁନାହଁ। କେତେକାଳ ଏହି ପାପକର୍ମ କରି ଚାଲିବ?"

## ଅନାବୃଷ୍ଟି ଓ ମିଥ୍ୟା ଭବିଷ୍ୟଦ୍‌ବକ୍ତାଗଣ

14 ଅନାବୃଷ୍ଟି ବିଷୟରେ ଯିରିମିୟଙ୍କ ନିକଟରେ ସଦାପ୍ରଭୁଙ୍କର ଏହି ବାକ୍ୟ ଉପସ୍ଥିତ ହେଲା।

2"ଯିହୁଦା ଶୋକ କରୁଅଛି ଓ ତାହାର ନଗରର ଲୋକମାନେ କ୍ଷୀଣ ହୋଇଅଛନ୍ତି। ସେମାନେ କଳାବସ୍ତ୍ର ପିନ୍ଧି ଭୂମିରେ ବସିଛନ୍ତି ଓ ଯିରୁଶାଲମର ଲୋକମାନେ ସାହାଯ୍ୟ ପାଇଁ ଆର୍ତ୍ତଚିତ୍କାର କରୁଛନ୍ତି।

3ସେମାନଙ୍କର କୁଳୀନମାନେ ଆପଣା ଆପଣା ଅଧୀନସ୍ଥ ଲୋକମାନଙ୍କୁ ଜଳପାଇଁ ପଠାନ୍ତି। ସେମାନେ ଜଳାଶୟ ନିକଟକୁ ଯାଇ ଜଳ ପାଆନ୍ତି ନାହିଁ ଓ ଶୂନ୍ୟପାତ୍ର ଘେନି ଫେରି ଆସନ୍ତି। ସେମାନେ ଲଜ୍ଜିତ ଓ ଘାବରା ହୋଇ ଆପଣା ଆପଣା ମସ୍ତକ ଢାଙ୍କନ୍ତି।

4ଦେଶରେ ଅନାବୃଷ୍ଟି ହେତୁ ଭୂମି ଫାଟି ଯିବାରୁ କୃଷକମାନେ ବିବ୍ରତ ଓ ଲଜ୍ଜିତ ହୋଇ ଆପଣା ଆପଣା ମସ୍ତକ ଢାଙ୍କିଛନ୍ତି।

5ଏପରିକି ହରିଣୀ ନବଜାତ ଶାବକକୁ ତୃଣ ଅଭାବରୁ ଛାଡ଼ି ଚାଲିଯାଏ।

6ପୁଣି ବନ ଗର୍ଦ୍ଦଭମାନେ ବୃକ୍ଷଶୂନ୍ୟ ଗିରି ଉପରେ ଠିଆ ହୋଇ ଶୃଗାଳମାନଙ୍କ ପରି ବାୟୁ ସକାଶେ ଧକାନ୍ତି। ତୃଣ ନଥିବାରୁ ସେମାନଙ୍କ ଚକ୍ଷୁ କ୍ଷୀଣ ହୁଏ।"

## ସାହାଯ୍ୟ ପାଇଁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା

7"ହେ ସଦାପ୍ରଭୁ, ଆମ୍ଭେମାନେ ଜାଣୁଛୁ ଆମ୍ଭର ଅଧର୍ମ ଯୋଗୁଁ ଆମ୍ଭେମାନେ ଦୁଃଖ ଭୋଗ କରୁଅଛୁ। ତଥାପି ତୁମ୍ଭେ ଆପଣା ନାମ ସକାଶେ କାର୍ଯ୍ୟ କର ଓ ଆମ୍ଭମାନଙ୍କୁ ସାହାଯ୍ୟ କର। କାରଣ ଆମ୍ଭେମାନେ ବହୁବାର ତୁମ୍ଭକୁ ପରିତ୍ୟାଗ କରିଅଛୁ ଓ ତୁମ୍ଭ ବିରୁଦ୍ଧରେ ପାପ କରିଅଛୁ।

8ହେ ପରମେଶ୍ୱର, ତୁମ୍ଭେ ଇସ୍ରାଯେଲର ଆଶା ଓ ତୁମ୍ଭେ ସଙ୍କଟ ସମୟରେ ତ୍ରାଣକର୍ତ୍ତା! ମାତ୍ର ତୁମ୍ଭେ ବର୍ତ୍ତମାନ ଦେଶ ମଧ୍ୟରେ ପ୍ରବାସୀ ତୁଲ୍ୟ ଓ ଗୋଟିଏ ରାତ୍ରି ଅତିବାହିତ କରୁଥିବା ପଥିକ ତୁଲ୍ୟ ହେଉଅଛ।

9ତୁମ୍ଭେ ଜଣେ ଦ୍ୱନ୍ଦରେ ପଡିଥିବା ମନୁଷ୍ୟ ତୁଲ୍ୟ ଓ ଉଦ୍ଧାର କରିବାକୁ ଅସମର୍ଥ ବୀର ସଦୃଶ ହେଉଅଛ। କିନ୍ତୁ, ହେ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କ ମଧ୍ୟରେ ଅଛ। ଆମ୍ଭେମାନେ ତୁମ୍ଭ ନାମରେ ଖ୍ୟାତ ଅଟୁ। ତେଣୁ ଆମ୍ଭମାନଙ୍କୁ ପରିତ୍ୟାଗ କରନାହିଁ।"

## ଯିହୁଦା ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

10ସଦାପ୍ରଭୁ ଯିହୁଦା ବିଷୟରେ ଏହିକଥା କହନ୍ତି, "ସେମାନେ ପ୍ରକୃତରେ ଆମ୍ଭକୁ ପରିତ୍ୟାଗ କରିବାକୁ ଭଲ ପାଆନ୍ତି। ସେମାନେ ନିଜକୁ ପରିତ୍ୟାଗ କରିବାକୁ ଭଲ ପାଆନ୍ତି। ସେମାନେ ନିଜକୁ ସେଥିରୁ ନିବୃତ୍ତ କରି ନାହାଁନ୍ତି। ତେଣୁ ସଦାପ୍ରଭୁ ସେମାନଙ୍କୁ ଗ୍ରହଣ କରିବେ ନାହିଁ। ସେ ସେମାନଙ୍କର ଅଧର୍ମ ସ୍ମରଣ କରିବେ ଓ ସେମାନଙ୍କୁ ସମସ୍ତ ପାପର ପ୍ରତିଫଳ ଦେବେ।"

11ଆହୁରି ସଦାପ୍ରଭୁ ମୋତେ କହିଲେ, "ହେ ଯିରିମିୟ,
ତୁମ୍ଭେ ଏହି ଲୋକମାନଙ୍କ ପାଇଁ ମଙ୍ଗଳ ପ୍ରାର୍ଥନା କରନାହିଁ।
12ଯିହୁଦା ନିବାସୀ ଉପବାସ କରି କାତର ପ୍ରାର୍ଥନା କରିବେ।

ମାତ୍ର ଆମ୍ଭେ ସେମାନଙ୍କର ପ୍ରାର୍ଥନା ଶୁଣିବା ନାହିଁ। ସେମାନେ
ହୋମବଳି ଓ ଶସ୍ୟ ନୈବେଦ୍ୟ ଉତ୍ସର୍ଗ କଲେ ବି ଆମ୍ଭେ
ତାହା ଗ୍ରହଣ କରିବା ନାହିଁ। କିନ୍ତୁ ଆମ୍ଭେ ଖଡ୍ଗ, ଦୁର୍ଭିକ୍ଷ ଓ
ମହାମାରୀ ଦ୍ୱାରା ସେମାନଙ୍କୁ ସଂହାର କରିବା।”

**13**ମାତ୍ର ମୁଁ ସଦାପ୍ରଭୁଙ୍କୁ କହିଲି, “ହେ ମୋର ପ୍ରଭୁ
ସଦାପ୍ରଭୁ, ଭବିଷ୍ୟଦ୍‌ବକ୍ତାଗଣ ସେମାନଙ୍କୁ ଭିନ୍ନ କଥା କହୁଛନ୍ତି।
ସେମାନେ କହନ୍ତି, ‘ତୁମ୍ଭେମାନେ ଖଡ୍ଗ ଦେଖିବ ନାହିଁ କିଅବା
ତୁମ୍ଭମାନଙ୍କ ପ୍ରତି ଦୁର୍ଭିକ୍ଷ ଘଟିବ ନାହିଁ। ମାତ୍ର ସଦାପ୍ରଭୁ
ତୁମ୍ଭମାନଙ୍କୁ ଏହି ସ୍ଥାନରେ ଦୃଢ ଶାନ୍ତି ଦେବେ।’”

**14**ସେତେବେଳେ ସଦାପ୍ରଭୁ ମୋତେ କହିଲେ, “ହେ
ଯିରମିୟ, ସେହି ଭବିଷ୍ୟଦ୍‌ବକ୍ତାମାନେ ଆମ୍ଭ ବିଷୟରେ ମିଥ୍ୟା
ଭବିଷ୍ୟଦ୍‌ବାଣୀ ପ୍ରଚାର କରନ୍ତି। ଆମ୍ଭେ ସେମାନଙ୍କୁ ପ୍ରଚାର
ପାଇଁ ପଠାଇନାହୁଁ। ଆଉ ଆମ୍ଭେ ସେମାନଙ୍କୁ କହିବାକୁ ଆଜ୍ଞା
ଦେଇନାହୁଁ। ସେମାନେ ମିଥ୍ୟା ଭବିଷ୍ୟଦ୍‌ବାଣୀ ଓ ମୂଲ୍ୟହୀନ
ଦୈବଜ୍ଞ ପ୍ରଚାର କରୁଛନ୍ତି। ସେମାନେ ସେମାନଙ୍କର ହୃଦୟର
ପ୍ରବଞ୍ଚନାମୂଳକ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରିଛନ୍ତି। **15**ଏଣୁ
ଯେଉଁ ଭବିଷ୍ୟଦ୍‌ବକ୍ତାମାନେ ଆମ୍ଭ ନାମରେ ଭବିଷ୍ୟଦ୍‌ବାକ୍ୟ
ପ୍ରଚାର କରନ୍ତି ଓ ଆମ୍ଭେ ସେମାନଙ୍କୁ ପ୍ରେରଣ ନକଲେ ହେଁ
ସେମାନେ କହନ୍ତି, ‘ଏ ଦେଶରେ ଖଡ୍ଗ ଓ ଦୁର୍ଭିକ୍ଷ ଉପସ୍ଥିତ
ହେବନାହିଁ, ସେହିମାନଙ୍କ ବିଷୟରେ ସଦାପ୍ରଭୁ କହନ୍ତି,’ ସେହି
ଭବିଷ୍ୟଦ୍‌ବକ୍ତାମାନେ ଖଡ୍ଗ ଓ ଦୁର୍ଭିକ୍ଷଦ୍ୱାରା ବିନଷ୍ଟ ହେବେ।
**16**ପୁଣି ଯେଉଁ ଲୋକମାନଙ୍କ ନିକଟରେ ସେମାନେ ଭବିଷ୍ୟଦ୍‌
ବାକ୍ୟ ପ୍ରଚାର କରନ୍ତି। ସେମାନେ ଦୁର୍ଭିକ୍ଷ ଓ ଖଡ୍ଗ ହେତୁରୁ
ଯିରୁଶାଲମର ସଡ଼କରେ ପକାଯିବେ। ଆଉ ସେମାନଙ୍କୁ,
ସେମାନଙ୍କ ସ୍ତ୍ରୀ ଏବଂ ସେମାନଙ୍କ ପୁତ୍ର କନ୍ୟାମାନଙ୍କୁ କବର
ଦେବାକୁ କେହି ନଥିବେ। କାରଣ ଆମ୍ଭେ ସେମାନଙ୍କ ଦୁଷ୍ଟତା
ସେମାନଙ୍କ ଉପରେ ଢାଳିଦେବା।

**17**“ହେ ଯିରମିୟ, ତୁମ୍ଭେ ଆମ୍ଭର ଏହି ବାର୍ତ୍ତା ଯିହୁଦାବାସୀଙ୍କୁ
ଜଣାଅ, ‘ଆମ୍ଭ ଚକ୍ଷୁରୁ ଦିବାରାତ୍ର ଲୋତକ ବହିବ, ତାହା
କେବେ ନିବୃତ୍ତ ହେବନାହିଁ କାରଣ ଆମ୍ଭର ଅନୂଢା କନ୍ୟା
ପାଇଁ ଆମ୍ଭ ହୃଦୟ କାନ୍ଦିବ। ଯେହେତୁ ତାହା ମହାଭଙ୍ଗରେ
ଓ ମହା ଦୁଃଖଦାୟକ କ୍ଷତରେ ଭଗ୍ନ ହୋଇଅଛି।

**18**ଆମ୍ଭେ ଯେବେ ବାହାର ହୋଇ କ୍ଷେତ୍ରକୁ ଯାଉଁ,
ତେବେ ସେଠାରେ ଖଡ୍ଗାହତ ଲୋକଙ୍କୁ ଦେଖୁ। ପୁଣି ଯେବେ
ନଗରରେ ପ୍ରବେଶ କରୁ ତେବେ ସେଠାରେ ଦୁର୍ଭିକ୍ଷ ପୀଡ଼ିତ
ଲୋକ ଦେଖୁ। କାରଣ ଭବିଷ୍ୟଦ୍‌ବକ୍ତା ଓ ଯାଜକ ଉଭୟ
ଯଦିଓ ଦେଶରେ ଭ୍ରମଣ କରନ୍ତି, ସେମାନେ କିଛି ଜାଣନ୍ତି
ନାହିଁ।’”

**19**ଲୋକମାନେ କହନ୍ତି, “ହେ ପରମେଶ୍ୱର, ତୁମ୍ଭେ କ’ଣ
ଯିହୁଦାକୁ ସମ୍ପୂର୍ଣ୍ଣ ଭାବରେ ଅଗ୍ରାହ୍ୟ କରିଅଛ? ତୁମ୍ଭେ କ’ଣ
ସିୟୋନ୍‌କୁ ଘୃଣା କରିଅଛ? ତୁମ୍ଭେ ଆମ୍ଭମାନଙ୍କୁ ଏପରି
ପ୍ରହାର କଲ ଯେ ଆମ୍ଭେମାନେ ଆଉ ସୁସ୍ଥ ହୋଇ ପାରିବୁ
ନାହିଁ। ତୁମ୍ଭେ କାହିଁକି ଏପରି କଲ? ଆମ୍ଭେମାନେ ଶାନ୍ତି
ଚାହିଁଲୁ, ମାତ୍ର କିଛି ମଙ୍ଗଳ ହେଲାନାହିଁ। ଆମ୍ଭେମାନେ
ଆରୋଗ୍ୟ ଇଚ୍ଛା କଲୁ। ମାତ୍ର କେବଳ ଆଶଙ୍କା ଉପସ୍ଥିତ
ହେଲା।

**20**ହେ ପରମେଶ୍ୱର, ଆମ୍ଭେମାନେ ଆମ୍ଭମାନଙ୍କର ଦୁଷ୍ଟତା
ଓ ଆମ୍ଭ ପୂର୍ବପୁରୁଷମାନଙ୍କର ଅଧର୍ମ ସ୍ୱୀକାର କରୁଅଛୁ। ହଁ,
ଆମ୍ଭେମାନେ ତୁମ୍ଭ ବିରୁଦ୍ଧରେ ପାପ କରିଅଛୁ।

**21**ହେ ସଦାପ୍ରଭୁ, ତୁମ୍ଭର ସୁନାମ ନିମନ୍ତେ ଆମ୍ଭମାନଙ୍କୁ
ପ୍ରତ୍ୟାଖାନ କରନାହିଁ। ଆପଣା ଗୌରବମୟ ସିଂହାସନର
ଅପମାନ କରନାହିଁ। ତୁମ୍ଭେ ଆମ୍ଭମାନଙ୍କ ସହିତ କରିଥିବା
ନିୟମ ସ୍ମରଣ କର। ତୁମ୍ଭ କୃତ ସେହି ନିୟମ ଭଙ୍ଗ
କରନାହିଁ।

**22**ମିଥ୍ୟା ଦେବତାଗଣଙ୍କର ବୃଷ୍ଟି କରାଇବାର କ୍ଷମତା
ନାହିଁ। ଆକାଶମଣ୍ଡଳ ବୃଷ୍ଟିପାତ କରିପାରିବ କି? ହେ ସଦାପ୍ରଭୁ,
ଆମ୍ଭମାନଙ୍କ ପରମେଶ୍ୱର, ତୁମ୍ଭେ ହିଁ ସେ ସବୁର ସୃଷ୍ଟିକର୍ତ୍ତା।
ଆମ୍ଭେ ତୁମ୍ଭର ଅପେକ୍ଷାରେ ରହିବୁ। କାରଣ ତୁମ୍ଭେ ଏକା ହିଁ
ସବୁ ତିଆରି କରିଛ।”

**15** ଅନନ୍ତର ସଦାପ୍ରଭୁ ମୋତେ କହିଲେ, “ହେ ଯିରମିୟ,
ଯଦିଓ ମୋଶା ଓ ଶାମୁୟେଲ ଆମ୍ଭ ସମ୍ମୁଖରେ ଠିଆ
ହୋଇ ଯିହୁଦାର ଲୋକମାନଙ୍କ ପାଇଁ ପ୍ରାର୍ଥନା କରନ୍ତି, ତଥାପି
ଆମ୍ଭର ମନ ଏହି ଲୋକମାନଙ୍କ ପାଇଁ ଅନୁକୂଳ ନୁହେଁ।
ସେମାନଙ୍କୁ ଆମ୍ଭ ଦୃଷ୍ଟିରୁ ଦୂରକର। ସେମାନଙ୍କୁ ବାହାରି
ଯିବାକୁ କୁହ। **2**ପୁଣି ଯେବେ ସେମାନେ ତୁମ୍ଭକୁ ପଚାରନ୍ତି,
‘ଆମ୍ଭେମାନେ କେଉଁଠାକୁ ଯିବା?’ ତେବେ ତୁମ୍ଭେ ସେମାନଙ୍କୁ
ଏହା କହିବ, ସଦାପ୍ରଭୁ ଏହି କଥା କହିଲେ,

‘ମୃତ ଲୋକମାନେ କବରକୁ ଯିବେ। ଯେଉଁ ଲୋକମାନ
ଖଣ୍ଡା ଦ୍ୱାରା ହତ ହେବାକୁ ଥିବେ, ସେମାନଙ୍କୁ ଖଣ୍ଡାରେ
ହତ୍ୟା କରାଯିବ। ଯେଉଁ ଲୋକମାନଙ୍କ ଭାଗ୍ୟରେ ଦୁର୍ଭିକ୍ଷରେ
ପୀଡିତ ହେବାର ଥିବ, ସେମାନେ ମରୁଡିରେ ପୀଡିତ ହେବେ
ଏବଂ ଯେଉଁ ଲୋକମାନଙ୍କ ଭାଗ୍ୟରେ ବନ୍ଦୀ ହେବାର ଥିବ
ସେମାନେ ବନ୍ଦୀଗୃହକୁ ଯିବେ।

**3**ସଦାପ୍ରଭୁ କହନ୍ତି, ଆମ୍ଭେ ଚାରି ପ୍ରକାରରେ ତୁମ୍ଭମାନଙ୍କୁ
ଦଣ୍ଡିତ କରିବା।’ ‘ଆମ୍ଭେ ବଧ କରିବା ନିମନ୍ତେ ଯୋଦ୍ଧା,
ବିଦୀର୍ଣ୍ଣ କରିବା ନିମନ୍ତେ କୁକୁରଗଣ, ପୁଣି ଗ୍ରାସ ଓ ବିନାଶ
କରିବା ନିମନ୍ତେ ଖେଚର ପକ୍ଷୀଗଣ ଓ ଭୂଚର ପଶୁଗଣ
ତୁମ୍ଭମାନଙ୍କ ଉପରେ ନିଯୁକ୍ତ କରିବା।

**4**କାରଣ ଯିହୁଦାର ରାଜା ହିଜକିୟଙ୍କର ପୁତ୍ର ମନଃଶି
ଯିରୁଶାଲମରେ ଦୁଷ୍କର୍ମ କଲା, ଆମ୍ଭେ ସେମାନଙ୍କୁ ଯାହା କରିବା
ସମଗ୍ର ପୃଥିବୀର ଲୋକେ ଭୟଭୀତ ହୋଇଯିବେ।’

**5**“କାରଣ ହେ ଯିରୁଶାଲମ, କିଏ ତୁମ୍ଭକୁ ଦୟା କରିବ?
କିଏ ତୁମ୍ଭଲାଗି କାନ୍ଦିବ? ତୁମ୍ଭର କୁଶଳତା ବିଷୟ ପଚାରିବା
ପାଇଁ କିଏ ତୁମ୍ଭ ପାଖକୁ ଆସିବ?”

**6**ସଦାପ୍ରଭୁ କହନ୍ତି, “ହେ ଯିରୁଶାଲମ, ତୁମ୍ଭେ ଆମ୍ଭକୁ
ଅଗ୍ରାହ୍ୟ କରିଅଛ, ତୁମ୍ଭେ ପଛକୁ ହଟି ଯାଇଅଛ। ଏ ନିମନ୍ତେ
ଆମ୍ଭେ ତୁମ୍ଭ ବିରୁଦ୍ଧରେ ଆପଣା ହସ୍ତ ବିସ୍ତାର କରି ତୁମ୍ଭକୁ
ନଷ୍ଟ କରିଅଛୁ। ଆମ୍ଭେ କ୍ଷମା କରି କରି କ୍ଲାନ୍ତ ହୋଇଅଛୁ।

**7**ଆମ୍ଭେ ସେମାନଙ୍କୁ ଦେଶର ପୁରଦ୍ୱାର ସମୂହରେ କୁଲାରେ
ପାଛୁଡ଼ି ଅଛୁ। ଆମ୍ଭେ ସେମାନଙ୍କୁ ସନ୍ତାନ ସନ୍ତତି ବିହୀନ
କରିଅଛୁ। ଆମ୍ଭେ ସେମାନଙ୍କୁ ବିନାଶ କରିଅଛୁ। ସେମାନେ
ଆପଣା ଆପଣା ପଥରୁ ଫେରି ନାହାଁନ୍ତି।

**8**ମୋ ଉପସ୍ଥିତିରେ ସେମାନଙ୍କର ବିଧବାମାନେ ସମୁଦ୍ରର
ବାଲି ପରି ବହୁ ସଂଖ୍ୟକ ହେବେ। ମୁଁ ଯୁବକମାନଙ୍କର

ମାତାମାନଙ୍କ ନିକଟକୁ ମଧ୍ୟାହ୍ନରେ ଏକ ବିନାଶକ ଆଣିବି,
ସେମାନେ ହଠାତ୍ ଭୟ ଓ ଆତଙ୍କିତ ହେବେ।
9ସେମାନେ ଖଡ୍ଗରେ ଲୋକମାନଙ୍କୁ ବିନାଶ କରିବେ।
ଅବଶିଷ୍ଟ ଲୋକମାନଙ୍କୁ ଆମ୍ଭେ ଶତ୍ରୁଗଣଙ୍କ ଖଡ୍ଗରେ ସମର୍ପଣ
କରିବା, ଏହା ସଦାପ୍ରଭୁ କହନ୍ତି। ସାତ ସନ୍ତାନ ବିଶିଷ୍ଟ
ରମଣୀର ସମସ୍ତେ ପ୍ରାଣତ୍ୟାଗ କରିବେ। ସେ ସ୍ତ୍ରୀ କାନ୍ଦି କାନ୍ଦି
କ୍ଷୀଣା ହୋଇଯିବ। ଦିନ ଥାଉ ଥାଉ ତାହାର ସୂର୍ଯ୍ୟ ଅସ୍ତ
ହୋଇଯିବ। ସେ ଲଜ୍ଜିତା ଓ ଆଶାଶୂନ୍ୟ ହେବ।"

### ଯିରିମିୟଙ୍କ ପୁନର୍ବାର ପରମେଶ୍ୱରଙ୍କ ନିକଟରେ ଅଭିଯୋଗ

10ହେ ମାତା, ତୁମ୍ଭକୁ ଧିକ୍ ଯେ, ତୁମ୍ଭେ ମୋପରି ଏକ
ଯୁଦ୍ଧ ଓ ବିବାଦର ମଣିଷକୁ ଜନ୍ମ ଦେଇଛ। ମୁଁ କାହାରିକୁ
ଧାର ଦେଇନାହିଁ ଏବଂ କାହାଠାରୁ ଧାର କରିନାହିଁ। କିନ୍ତୁ
ତଥାପି ପ୍ରତ୍ୟେକ ମୋତେ ଅଭିଶାପ ଦିଅନ୍ତି।
11ସଦାପ୍ରଭୁ କହନ୍ତି, ଆମ୍ଭେ ତୁମ୍ଭର ମଙ୍ଗଳ ନିମନ୍ତେ
ତୁମ୍ଭର ଜୀବନ ଧାରଣରେ ଆମ୍ଭେ ତୁମ୍ଭକୁ ସବଳ କରିବା।
ଆମ୍ଭେ ବିପଦ ଓ ଦୁର୍ଦ୍ଦଶା ସମୟରେ ତୁମ୍ଭ ଶତ୍ରୁଗଣଙ୍କୁ ତୁମ୍ଭ
ନିକଟରେ ଅବନତ କରାଇବା ପାଇଁ ଆଣିଲୁ।

### ଯିରିମିୟଙ୍କୁ ପରମେଶ୍ୱରଙ୍କ ଉତ୍ତର

12"ହେ ଯିରିମିୟ, ତୁମ୍ଭେ ଜାଣ ଯେ, ଲୁହା ଭାଙ୍ଗିବା
ଅସମ୍ଭବ। ନିର୍ଦ୍ଦିଷ୍ଟ ଭାବରେ ଉତ୍ତର ଦେଶୀୟ ଲୌହ ଓ
ପିତ୍ତଳକୁ।
13ଯିହୁଦାର ଲୋକମାନଙ୍କର ବହୁ ଧନଭଣ୍ଡାର ଅଛି।
ଆମ୍ଭେ ସେମାନଙ୍କର ଧନ ସମ୍ପତ୍ତି ଓ ଭଣ୍ଡାରଗୁଡ଼ିକୁ ବିନା
ମୂଲ୍ୟରେ ଲୁଣ୍ଠିତ ହେବାକୁ ଦେବା। କାରଣ ସେମାନେ
ସେମାନଙ୍କର ପାପ ସମୂହର ଫଳ ଭୋଗ କରିବେ।
14ଆମ୍ଭେ ତୁମ୍ଭମାନଙ୍କୁ ତୁମ୍ଭ ଶତ୍ରୁଗଣର ଅଜ୍ଞାତ ଏକ
ଦେଶକୁ କ୍ରୀତଦାସ କରି ନେଇଯିବା। କାରଣ କ୍ରୋଧାଗ୍ନି
ପ୍ରଜ୍ୱଳିତ ହୋଇଅଛି। ତାହା ତୁମ୍ଭମାନଙ୍କୁ ଦଗ୍ଧ କରିବ।"
15ହେ ସଦାପ୍ରଭୁ, ତୁମ୍ଭେ ମୋତେ ଜାଣୁଛ; ମୋତେ
ସ୍ମରଣ କର ଓ ମୋର ତତ୍ତ୍ୱ ନିଅ। ଆଉ ମୋର
ତାଡ଼ନାକାରୀଙ୍କୁ ଦଣ୍ଡ ଦିଅ। ତୁମ୍ଭେ ଅତ୍ୟନ୍ତ ଧୈର୍ଯ୍ୟଶୀଳ ଓ
ସହିଷ୍ଣୁ। ତେଣୁ ମୋତେ ସଂହାର କରନାହିଁ। ମୁଁ ତୁମ୍ଭପାଇଁ
କଷ୍ଟ ପାଇଛି, ଏହା ତୁମ୍ଭେ ଜ୍ଞାତ ହୁଅ।
16ତୁମ୍ଭର ବାକ୍ୟ ମୋ ନିକଟରେ ଉପସ୍ଥିତ ହେଲା, ମୁଁ
ତାହା ଗ୍ରହଣ କଲି। ଆଉ ତୁମ୍ଭର ବାକ୍ୟ ଦ୍ୱାରା ମୋର ପ୍ରାଣ
ଉଲ୍ଲାସିତ ହେଲା। କାରଣ ହେ ସୈନ୍ୟାଧିପତି ସଦାପ୍ରଭୁ
ପରମେଶ୍ୱର, ମୁଁ ତୁମ୍ଭ ନାମରେ ଖ୍ୟାତ ଅଟେ।
17ମୁଁ ଆମୋଦ ପ୍ରମୋଦକାରୀମାନଙ୍କ ସଭାରେ ବସିଲି
ନାହିଁ କିଅବା ଆନନ୍ଦ କଲି ନାହିଁ। ତୁମ୍ଭର ହସ୍ତ ସକାଶୁ ମୁଁ
ଏକାକୀ ବସିଲି, କାରଣ ତୁମ୍ଭେ ମୋତେ ମୋର ଚତୁର୍ପାର୍ଶ୍ୱସ୍ଥ
ମନ୍ଦ ଯୋଗୁଁ କ୍ରୋଧରେ ପୂର୍ଣ୍ଣ କରିଅଛ।
18ମୋର ବେଦନା ଚିରନ୍ତନ, ମୋର କ୍ଷତ ଦୁରାରୋଗ୍ୟ।
ହେ ସଦାପ୍ରଭୁ, ତୁମ୍ଭେ ମୋ ପ୍ରତି ଅତ୍ୟନ୍ତ ପ୍ରବଞ୍ଚନା କରିଅଛ।
ତେଣୁ ତୁମ୍ଭେ ଶୁଷ୍କ ଅସ୍ଥାୟୀ ନଦୀ ତୁଲ୍ୟ ହୋଇଅଛ।
19ଏହାପରେ ସଦାପ୍ରଭୁ କହିଲେ, "ହେ ଯିରିମିୟ, ତୁମ୍ଭେ
ଯଦି ଫେରିବ ଓ ଆମ୍ଭର ସେବା କରିବ, ତେବେ ଆମ୍ଭେ
ତୁମ୍ଭକୁ ପୁନର୍ବାର ଫେରାଇ ଆଣିବା। ପୁଣି ତୁମ୍ଭେ ଯଦି
ମୂଲ୍ୟହୀନ କଥା ନ କହି ମୂଲ୍ୟବାନ୍ କଥା କହିବ, ତେବେ
ତୁମ୍ଭେ ଆମ୍ଭର ମୁଖ ସ୍ୱରୂପ ହେବ। ସେମାନେ ତୁମ୍ଭ ପାଖକୁ
ଫେରି ଆସିବେ। ମାତ୍ର ତୁମ୍ଭେ ସେମାନଙ୍କ ପାଖକୁ ଫେରିଯିବ
ନାହିଁ।
20ପୁଣି ଆମ୍ଭେ ଏହି ଲୋକମାନଙ୍କ ନିକଟରେ ତୁମ୍ଭକୁ
ପିତ୍ତଳର ଦୃଢ଼ ପ୍ରାଚୀର ସ୍ୱରୂପ କରିବା। ସେମାନେ ତୁମ୍ଭ ସହ
ଯୁଦ୍ଧ କରିବେ, ମାତ୍ର ତୁମ୍ଭକୁ ପରାଜୟ କରି ପାରିବେ ନାହିଁ।
କାରଣ ସଦାପ୍ରଭୁ କହନ୍ତି, ତୁମ୍ଭକୁ ସାହାଯ୍ୟ କରିବାକୁ ଓ
ତୁମ୍ଭକୁ ଉଦ୍ଧାର କରିବାକୁ ଆମ୍ଭେ ତୁମ୍ଭ ସଙ୍ଗେ ସଙ୍ଗେ ଅଛୁ।"
21"ପୁଣି ଆମ୍ଭେ ତୁମ୍ଭକୁ ଦୁଷ୍ଟମାନଙ୍କ ହସ୍ତରୁ ଉଦ୍ଧାର
କରିବା ଓ ଆମ୍ଭେ ତୁମ୍ଭକୁ ଭୟଙ୍କର ଲୋକମାନଙ୍କ ହସ୍ତରୁ
ମୁକ୍ତ କରିବା।"

### ବିନାଶର ଦିନ

16 ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ
ହେଲା। ଯଥା, 2"ହେ ଯିରିମିୟ, ତୁମ୍ଭର ଏହି
ସ୍ଥାନରେ ବିବାହ କରିବା ଉଚିତ୍ ନୁହେଁ କିଅବା ପୁତ୍ର କନ୍ୟା
ଜନ୍ମ କରିବା ଉଚିତ୍ ନୁହେଁ।"
3କାରଣ ଏହି ସ୍ଥାନରେ ଜନ୍ମ ନେଇଥିବା ପୁତ୍ର-କନ୍ୟାମାନଙ୍କ
ସମ୍ବନ୍ଧରେ, ସେମାନଙ୍କର ପ୍ରସବକାରିଣୀ ମାତାମାନଙ୍କ ବିଷୟରେ
ଓ ସେମାନଙ୍କ ଜନ୍ମଦାତା ପିତୃଗଣଙ୍କ ବିଷୟରେ ସଦାପ୍ରଭୁ
ଏହିକଥା କହନ୍ତି। 4"ସେମାନେ ଅତି ଯନ୍ତ୍ରଣାଦାୟକ ମୃତ୍ୟୁବରଣ
କରିବେ। କେହି ସେମାନଙ୍କ ପାଇଁ ବିଳାପ କରିବେ ନାହିଁ।
ସେମାନଙ୍କୁ କେହି କବର ଦେବେ ନାହିଁ। ସେମାନଙ୍କର ଶବ
ଭୂମିରେ ଖତ ହେବ। ସେମାନେ ଖଡ୍ଗ ଓ ଦୁର୍ଭିକ୍ଷରେ
ସଂହାରିତ ହେବେ। ସେମାନଙ୍କର ଶବ ଆକାଶ ପକ୍ଷୀଗଣଙ୍କ
ଓ ଭୂଚର ପଶୁଗଣଙ୍କର ଖାଦ୍ୟ ହେବ।"
5ତେଣୁ ସଦାପ୍ରଭୁ ଏହିକଥା କହନ୍ତି, "ହେ ଯିରିମିୟ,
ତୁମ୍ଭେ ମୃତ୍ୟୁ ଶୋକ ପାଳିତ ହେଉଥିବା ଗୃହକୁ ଯାଅ ନାହିଁ।
ତୁମ୍ଭେ ସେମାନଙ୍କୁ ବିଳାପ ଓ ଦୁଃଖ ଜଣାଇବାକୁ ଯାଅନାହିଁ।
କାରଣ ସଦାପ୍ରଭୁ କହନ୍ତି, ଆମ୍ଭେ ଏହି ଲୋକମାନଙ୍କଠାରୁ
ଆମ୍ଭର ଆଶୀର୍ବାଦ, ଆମ୍ଭର ସ୍ନେହପୂର୍ଣ୍ଣ କରୁଣା ଓ ଦୟା କାଢ଼ି
ନେଇଛୁ।"
6"ଏହି ଦେଶରେ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ
ମରିବେ। ସେମାନଙ୍କୁ କେହି କବର ଦେବେନାହିଁ କିଅବା
ସେମାନଙ୍କ ପାଇଁ କେହି ବିଳାପ କରିବେ ନାହିଁ। ସେମାନଙ୍କ
ପାଇଁ କେହି ଦୁଃଖରେ ଆପଣା ଶରୀରରେ ଅସ୍ତ୍ରାଘାତ ଓ
ମସ୍ତକ ମୁଣ୍ଡନ କରିବେ ନାହିଁ। 7ମୃତ ବ୍ୟକ୍ତିଙ୍କ ଦୁଃଖରେ
ଶୋକ କରୁଥିବା ଲୋକମାନଙ୍କୁ ସାନ୍ତ୍ୱନା ଦେବାକୁ କେହି
ଖାଦ୍ୟ ଆଣିବେ ନାହିଁ। ପିତାମାତାଙ୍କ ମୃତ୍ୟୁରେ ବିଳାପ
କରୁଥିବା ପୁତ୍ରମାନଙ୍କୁ ପାନ କରିବା ନିମନ୍ତେ ସାନ୍ତ୍ୱନା ସୂଚକ
ପାତ୍ର କେହି ଦେବେ ନାହିଁ। 8ପୁଣି ତୁମ୍ଭର ନିଶ୍ଚୟ ଭୋଜି
ହେଉଥିବା ଗୃହକୁ ପାନ କିଅବା ଭୋଜନ ନିମନ୍ତେ ଯିବା
ଉଚିତ୍ ନୁହେଁ। 9କାରଣ ସୈନ୍ୟାଧିପତି ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱର ଏହିକଥା କହନ୍ତି, 'ଆମ୍ଭେ ତୁମ୍ଭମାନଙ୍କ ଜୀବନକାଳ

ମଧରେ ଓ ତୁମ୍ଭମାନଙ୍କ ସମ୍ମୁଖରେ ଏହ ସ୍ଥାନରୁ ଆମୋଦ
ପ୍ରମୋଦର ଧ୍ୱନ, ଆନନ୍ଦ ରବ ଓ ବରକନ୍ୟାଙ୍କର ଆନନ୍ଦ
କୋଳାହଳ ନବୃତ୍ତ କରାଇବା।'
10"ହେ ଯିରମିୟ, ତୁମ୍ଭେ ଯେତେବେଳେ ଯିହୁଦାବାସୀଙ୍କୁ
ଏସବୁ କଥା ଜଣାଇବ, ସେମାନେ ସେତେବେଳେ ତୁମ୍ଭକୁ
ପଚାରବେ, 'ସଦାପ୍ରଭୁ କାହିଁକି ଆମ୍ଭ ବରୁଦ୍ଧରେ ଏହ ମହା
ଅମଙ୍ଗଳ କଥା କହଅଛନ୍ତ? ଆମ୍ଭେମାନେ କ ଅପରାଧ
କରଅଛୁ? ଆମ୍ଭମାନଙ୍କ ପରମେଶ୍ୱର ସଦାପ୍ରଭୁଙ୍କ ବରୁଦ୍ଧରେ କ
ପାପ କରଅଛୁ?' 11ତୁମ୍ଭେ ସେମାନଙ୍କୁ ଉତ୍ତରରେ କହବ,
ସଦାପ୍ରଭୁ କହନ୍ତ, 'ତୁମ୍ଭମାନଙ୍କ ପୂର୍ବପୁରୁଷମାନେ ଆମ୍ଭକୁ
ପରତ୍ୟାଗ କରଅଛନ୍ତ।' ପୁଣି 'ଅନ୍ୟ ଦେବତାମାନଙ୍କର
ପଶ୍ଚାଦ୍‌ଗମନ କର ସେମାନଙ୍କର ସେବା କରଅଛନ୍ତ ଓ
ସେମାନଙ୍କର ପୂଜା କରଅଛନ୍ତ। ଆଉ ଆମ୍ଭକୁ ପରତ୍ୟାଗ
କର ଆମ୍ଭର ବ୍ୟବସ୍ଥା ପାଳନ କରନାହାଁନ୍ତ। 12କନ୍ତୁ ତୁମ୍ଭେ
ତୁମ୍ଭ ପୂର୍ବପୁରୁଷଗଣଙ୍କ ଅପେକ୍ଷା ଅଧିକ ପାପ କରଅଛ।
ତୁମ୍ଭେମାନେ ନଜ ନଜ ଦୁଷ୍ଟାନ୍ତଃକରଣରେ ଅବାଧ୍ୟ ହୋଇ
ମନ୍ଦ ଆଚରଣ କରୁଅଛ ଓ ମୋ ଆଜ୍ଞା ପାଳନ କରୁନାହଁ।
13ତେଣୁ ଆମ୍ଭେ ତୁମ୍ଭମାନଙ୍କୁ ଏହ ଦେଶରୁ ବତାଡ଼ତ କରବା
ଓ ତୁମ୍ଭ ପୂର୍ବପୁରୁଷଗଣଙ୍କ ଅଜ୍ଞାତ ଏକ ବଦେଶରେ ନକ୍ଷେପ
କରବା। ଆଉ ସେଠାରେ ତୁମ୍ଭେମାନେ ଦବାରାତ୍ର ଅନ୍ୟ
ଦେବଗଣର ସେବା କରବ। କାରଣ ଆମ୍ଭେ ତୁମ୍ଭମାନଙ୍କୁ
କୌଣସି ସାହାଯ୍ୟ ବା ଅନୁଗ୍ରହ କରବା ନାହିଁ।'
14"ଏଣୁ ସଦାପ୍ରଭୁ କହନ୍ତ, 'ଦେଖ, ଇସ୍ରାୟେଲ ସନ୍ତାନଗଣଙ୍କୁ
ଯେ ମିଶର ଦେଶରୁ ବାହାର କର ଆଣିଲେ,' ସେହ ସମୟ
ଆସୁଛ।" ସେହ ଜୀବତ ସଦାପ୍ରଭୁଙ୍କ ବଷୟରେ, "ଲୋକମାନେ
ଏହକଥା କହବେ ନାହିଁ। 15କନ୍ତୁ ସମୟ ଆସୁଛ, ଯେତେବେଳେ
ସେମାନେ କହବେ, 'ନଶ୍ଚିତ ଭାବରେ ସଦାପ୍ରଭୁ ଅଛନ୍ତ,
ଯିଏକ ଇସ୍ରାୟେଲୀୟମାନଙ୍କୁ ଉତ୍ତରରୁ ଓ ଯେଉଁଠାରେ ସେମାନେ
ଥିଲେ ସେଠାରୁ ଫେରାଇ ଆଣିଥିଲେ।' ସେତେବେଳେ ମୁଁ
ସେମାନଙ୍କର ପୂର୍ବପୁରୁଷମାନଙ୍କୁ ଯେଉଁ ଦେଶ ଦେଇଥିଲ,
ସେହ ଦେଶକୁ ସେମାନଙ୍କୁ ପୁନର୍ବାର ଫେରାଇ ଦେବ।'
16ପୁଣି ସଦାପ୍ରଭୁ କହନ୍ତ, "ଆମ୍ଭେ ଅନେକ କେଉଁଟା
ଅଣାଇବା," "ସେମାନେ ମତ୍ସ୍ୟପର ସେମାନଙ୍କୁ ଧରବେ।
ତା'ପରେ ଆମ୍ଭେ ଅନେକ ବ୍ୟାଧ ଅଣାଇବା। ସେମାନେ
ପ୍ରତ୍ୟେକ ପର୍ବତରୁ, ପ୍ରତ୍ୟେକ ଉପପର୍ବତରୁ ଓ ଶୈଳର
ଛଦ୍ରରୁ ସେମାନଙ୍କୁ ଶିକାର କର ଆଣିବେ। 17କାରଣ
ସେମାନଙ୍କର ସମସ୍ତ କାର୍ଯ୍ୟରେ ଆମ୍ଭର ଦୃଷ୍ଟି ଅଛ। ସେମାନଙ୍କର
କୌଣସି ଜନଷ ଆମ୍ଭ ସାକ୍ଷାତରୁ ଗୁପ୍ତ ରହ ନାହିଁ। କଅବା
ସେମାନଙ୍କର କୌଣସି ଅଧର୍ମ ଆମ୍ଭର ଅଗୋଚର ନୁହେଁ।
18ଆମ୍ଭେ ସେମାନଙ୍କର ପାପ ଓ ଅଧର୍ମର ଦୁଇଗୁଣ ପ୍ରତଫଳ
ଦେବା। କାରଣ ସେମାନେ ନଜ ନଜର ଘୃଣ୍ୟବସ୍ତୁ ସ୍ୱରୂପ
ଶବରେ ଆମ୍ଭର ଦେଶକୁ 'ଅପବତ୍ର' କରଅଛନ୍ତ। ସେମାନେ
ଆମ୍ଭ ଦେଶକୁ 'ଅଶୁଚ' କରଅଛନ୍ତ ଓ ନଜର ଘୃଣ୍ୟ କର୍ମରେ
ଆମ୍ଭର ଦେଶକୁ ପରପୂର୍ଣ୍ଣ କରଅଛନ୍ତ।"

## ପରମେଶ୍ୱରଙ୍କୁ ଏକ ପ୍ରାର୍ଥନା

19ହେ ସଦାପ୍ରଭୁ, ତୁମ୍ଭେ ମୋର ଶକ୍ତ, ଦୃଢ ଦୁର୍ଗ ଓ
ବପଦରେ ମୋର ଆଶ୍ରୟ ସ୍ୱରୂପ। ପୃଥିବୀର ସମସ୍ତ ପ୍ରାନ୍ତରରୁ
ନାନା ଦେଶୀୟମାନେ ତୁମ୍ଭ ନକଟକୁ ଆସି କହବେ, "ଆମ୍ଭମାନଙ୍କର
ପୂର୍ବପୁରୁଷମାନେ କେବଳ ମିଥ୍ୟା ଅର୍ଥାତ୍ ଅସାର ଓ ନଷ୍ଫଳ
ବସ୍ତୁ ଅଧିକାର କରଅଛନ୍ତ।"
20ମନୁଷ୍ୟ କ'ଣ ଆପଣା ନମନ୍ତେ ପରମେଶ୍ୱର ନର୍ମାଣ
କରପାରବ? ନା, ସେ ପ୍ରତମା ନର୍ମାଣ କରବ, ମାତ୍ର ତାହା
ପ୍ରକୃତ ପରମେଶ୍ୱର ନୁହଁନ୍ତ।
21ସଦାପ୍ରଭୁ କହନ୍ତ, "ତେଣୁ ଆମ୍ଭେ ସେମାନଙ୍କୁ ଜଣାଇବା।
ବର୍ତ୍ତମାନରୁ ସେମାନଙ୍କୁ ଆମ୍ଭର ହସ୍ତ ଓ ପରାକ୍ରମ ଜ୍ଞାତ
କରାଇବା। ତାହାହେଲେ ଆମ୍ଭର ନାମ ଯେ ସଦାପ୍ରଭୁ ଏହା
ସେମାନେ ଜାଣିବେ।"

## ପାପ ହୃଦୟରେ ଲଖିତ

17 "ଯିହୁଦାର ପାପ ଏପର ଏକ ସ୍ଥାନରେ ଲଖିତ
ହୋଇଅଛ, ଯାହାକୁ ସେମାନେ ଲଭାଇ ପାରବେ
ନାହିଁ। ସେମାନଙ୍କର ପାପ ଲୌହ ଲେଖନୀ ଓ ହୀରକର
କଣ୍ଟକ ଦ୍ୱାରା ପଥର ଫଳକରେ ଲଖିତ ହୋଇଅଛ। ଯେଉଁଟାକ
ସେମାନଙ୍କର ହୃଦୟ। ଆଉ ସେମାନଙ୍କର ଯଜ୍ଞବେଦୀର
ଶିଙ୍ଗରେ ତାହା ଖୋଦତ ହୋଇଅଛ।
2ଯେତେବେଳେ ସେମାନଙ୍କର ସନ୍ତାନଗଣ ସେମାନଙ୍କୁ
ମନେ ପକାନ୍ତ ସେତେବେଳେ ସେମାନେ ଉଚ୍ଚ ପର୍ବତର
ସବୁଜ ବୃକ୍ଷ ପାଖରେ ଥିବା ବଳଦାନ ଯଜ୍ଞବେଦୀ ଓ ପବତ୍ର
କାଠଖମ୍ବ ଦେଖନ୍ତ।
3ହେ ଆମ୍ଭର କ୍ଷେତ୍ରସ୍ଥ ପର୍ବତ ସକଳ, ତୁମ୍ଭର ସମୁଦାୟ
ଅଞ୍ଚଳରେ କୃତ ପାପ ସକାଶେ ଆମ୍ଭେ ତୁମ୍ଭର ସମସ୍ତ ସମ୍ପତ୍ତ
ଓ ସବୁ ଧନଭଣ୍ଡାର ଓ ଉଚ୍ଚସ୍ଥଳୀ ସକଳ ଲୁଣ୍ଠିତ ହେବାପାଇଁ
ଦେବା।
4ପୁଣି ଆମ୍ଭେ ତୁମ୍ଭକୁ ଯେଉଁ ଅଧିକାର ଦେଇଥିଲୁ ତୁମ୍ଭେ
ସେଥିରୁ ଆପେ କ୍ଷାନ୍ତ ହେବ। ଆଉ ତୁମ୍ଭକୁ ଏକ ଅଜ୍ଞାତ
ଦେଶରେ ତୁମ୍ଭ ଶତ୍ରୁଗଣର ସେବା କରାଇବା। କାରଣ ତୁମ୍ଭେ
ଆମ୍ଭର କ୍ରୋଧରୂପକ ଅଗ୍ନି ପ୍ରଜ୍ୱଳତ କରଅଛ। ଆଉ ସେହ
ଅଗ୍ନିରେ ତୁମ୍ଭେ ସଦାକାଳ ଭସ୍ମୀଭୂତ ହେବ। ସେହ ଲୋକମାନଙ୍କ
ଉପରେ ଏପର ଘଟିବ ଯେଉଁମାନେ ପରମେଶ୍ୱରଙ୍କ ଉପରେ
ବଶ୍ୱାସ କର ନାହାଁନ୍ତ।"

## ଲୋକମାନଙ୍କ ଉପରେ ବଶ୍ୱାସ ହିଁ ପରମେଶ୍ୱରଙ୍କ ଉପରେ ବଶ୍ୱାସ

5ସଦାପ୍ରଭୁ କହନ୍ତ, "ଯେଉଁ ମନୁଷ୍ୟ ଲୋକମାନଙ୍କ ଉପରେ
ଭରସା ରଖେ, ମାଂସକୁ ଆପଣାର ବାହୁ କରେ ଓ ଯାହାର
ହୃଦୟ ସଦାପ୍ରଭୁଙ୍କଠାରୁ ଦୂରେଇ ଯାଏ, ସେ ଶାପଗ୍ରସ୍ତ।
6ସେହ ମନବ୍ୟକ୍ତ ମରୁଭୂମିସ୍ଥିତ ଝାଉଁ ବୃକ୍ଷତୁଲ୍ୟ ହେବ।
ସେ ମଙ୍ଗଳ ଉପସ୍ଥିତ ହେବା ଦେଖିବ ନାହିଁ। ମାତ୍ର ପ୍ରାନ୍ତରର
ଶୁଷ୍କ ସ୍ଥାନରେ, ନବାସୀବହୀନ ଲବଣ ଭୂମିରେ ବାସ କରବ।
7ଯେଉଁଲୋକ ସଦାପ୍ରଭୁଙ୍କ ଉପରେ ବଶ୍ୱାସ ରଖେ ଓ
ସଦାପ୍ରଭୁ ଯାହାର ବଶ୍ୱାସଭୂମି, ସେ ଧନ୍ୟ।
8କାରଣ ସେ ଜଳ ନକଟସ୍ଥ ରୋପିତ ବୃକ୍ଷତୁଲ୍ୟ ହେବ।
ତା'ର ମୂଳ ବସ୍ତୃତ ହୋଇ ଜଳ ପାଇବ। ଗ୍ରୀଷ୍ମକାଳରେ ସେ

ଭୟଭୀତ ହେବନାହିଁ। ମାତ୍ର ତା'ର ପତ୍ର ସଦାକାଳ ସବୁଜ
ରହିବ। ଅନାବୃଷ୍ଟି ସମୟରେ ସେ ଚିନ୍ତିତ ହେବନାହିଁ କିଅବା
ସେ ଫଳ ଧାରଣରୁ ନିବୃତ୍ତ ହେବନାହିଁ।
9"ଯାହାର ଅନ୍ତଃକରଣ ସବୁଠାରୁ କପଟମୟ ଓ ଯାହାର
ଅନ୍ତଃକରଣ ପୀଡ଼ିତ, ତାହା କେହି ଜାଣି ପାରିବେ ନାହିଁ।
10ମାତ୍ର ଆମ୍ଭେ ସଦାପ୍ରଭୁ, ପ୍ରତ୍ୟେକ ମନୁଷ୍ୟକୁ ତା'ର
କର୍ମ ଅନୁସାରେ ଫଳ ଦେଉ। ଆମ୍ଭେ ତାହାର ଅନ୍ତଃକରଣ
ଅନୁସନ୍ଧାନ କରୁ ଓ ତାହାର ମର୍ମ ପରୀକ୍ଷା କରୁ।
11ଏକା ତିତ୍ତିର ପକ୍ଷୀ ଯିଏ ଅଣ୍ଡା ଉଷୁମାଏ କିନ୍ତୁ ଅଣ୍ଡାରୁ
ଛୁଆ ଫୁଟାଏ ନାହିଁ। ଜଣେ ବ୍ୟକ୍ତି ଯିଏ ଅନ୍ୟାୟରେ ଧନ
ସଂଗ୍ରହ କରେ ତାହାର ତୁଲ୍ୟ ହେବ। ସେ ନିଜ ଜୀବନ
କାଳ ଅଧାରେ ଏହିସବୁ ହରାଇବ ଓ ଆପଣା ଅନ୍ତିମ ଜୀବନ
କାଳରେ ସେ ନିର୍ବୋଧ ହେବ।"
12ଆଦିକାଳରୁ ଉର୍ଦ୍ଧ୍ୱରେ ସ୍ଥାପିତ ଗୌରବମୟ ସିଂହାସନ
ଆମ୍ଭମାନଙ୍କର ଧର୍ମଧାମ ଅଟେ।
13ହେ ଇଶ୍ରାୟେଲର ଆଶା ଭରସା ସଦାପ୍ରଭୁ, ଯେଉଁମାନେ
ତୁମ୍ଭକୁ ପରିତ୍ୟାଗ କରନ୍ତି, ସେ ସମସ୍ତେ ଲଜ୍ଜିତ ହେବେ।
ଯେଉଁମାନେ ମୋ ନିକଟରୁ ପ୍ରସ୍ଥାନ କରନ୍ତି, ସେମାନଙ୍କର
ନାମ ଧୂଳିରେ ଲିଖିତ ହେବ, କାରଣ ସେମାନେ ଅମୃତ
ଜଳର ନିର୍ଝର ସ୍ୱରୂପ ସଦାପ୍ରଭୁଙ୍କୁ ତ୍ୟାଗ କରିଅଛନ୍ତି।

## ଯିରିମିୟଙ୍କ ତୃତୀୟ ଅଭିଯୋଗ

14ହେ ସଦାପ୍ରଭୁ ତୁମ୍ଭେ ମୋତେ ସୁସ୍ଥ କଲେ ମୁଁ
ପ୍ରକୃତରେ ସୁସ୍ଥ ହେବି। ତୁମ୍ଭେ ଯଦି ମୋତେ ପରିତ୍ରାଣ କର,
ତେବେ ମୁଁ ପରିତ୍ରାଣ ପାଇବି। କାରଣ ତୁମ୍ଭେ ମୋର
ପ୍ରଶଂସାର ଭୂମି।
15ସେମାନେ ମୋତେ କୁହନ୍ତି, "ହେ ଯିରିମିୟ, ସଦାପ୍ରଭୁଙ୍କର
ବାକ୍ୟ କାହିଁ? ତାହା ଏବେ ଉପସ୍ଥିତ ହେଉ।"
16ମୋ ନିମନ୍ତେ ତୁମ୍ଭ ପରେ ଅନିଷ୍ଟ ଦେଖିବା ପାଇଁ
ବେଗଗାମୀ ନଥିଲି କିଅବା ମୁଁ ସେହି ବିଭୀଷିକାମୟ ଦିନ
ଆସୁ ବୋଲି ଚାହିଁ ନାହିଁ। ମୋ ଓଷ୍ଠରୁ ଯାହା ନିର୍ଗତ ହେଲା,
ତାହା ତୁମ୍ଭ ସମ୍ମୁଖରେ ଥିଲା।
17ହେ ସଦାପ୍ରଭୁ ମୋତେ ବିନାଶ କରନାହିଁ, ବିପଦ
ଦିନରେ ତୁମ୍ଭେ ମୋର ଆଶ୍ରୟ ଅଟ।
18ଯେଉଁମାନେ ମୋତେ ଆଘାତ କରନ୍ତି, ସେମାନେ
ଲଜ୍ଜିତ ହୁଅନ୍ତୁ। ମାତ୍ର ମୋତେ ଲଜ୍ଜିତ ହେବାକୁ ଦିଅନାହିଁ।
ସେମାନେ ନିରାଶ ହୁଅନ୍ତୁ, ମାତ୍ର ମୋତେ ନିରାଶ ହେବାକୁ
ଦିଅନାହିଁ। ସେମାନଙ୍କ ଉପରେ ଅମଙ୍ଗଳର ଦିନ ଆଣ ଓ
ଦ୍ୱିଗୁଣ ବିନାଶରେ ସେମାନଙ୍କୁ ବିନାଶ କର।

## ବିଶ୍ରାମ ଦିନକୁ ପବିତ୍ର ରଖିବା

19ସଦାପ୍ରଭୁ ମୋତେ ଏହା କହିଲେ, "ହେ ଯିରିମିୟ,
ଲୋକମାନଙ୍କର ଫାଟକରେ ଛିଡ଼ା ହୁଅ, ଯେଉଁଠାରେ ଯିହୁଦାର
ରାଜାଗଣ ଯାତାୟତ କରନ୍ତି, ସେହି ଫାଟକରେ, ଯେଉଁ
ଫାଟକରେ ଲୋକମାନଙ୍କର ପୁତ୍ରଗଣ ଯାତାୟତ କରନ୍ତି ଓ
ଯିରୁଶାଲମର ସକଳ ଫାଟକରେ ଯାଇ ଠିଆ ହୁଅ ଓ ମୋର
ବାର୍ତ୍ତା ପ୍ରଚାର କର।
20"ସେମାନଙ୍କୁ କୁହ, 'ହେ ଯିହୁଦାର ରାଜଗଣ, ହେ
ସମୁଦାୟ ଯିହୁଦା ଓ ସମସ୍ତ ଇଶ୍ରାୟେଲ ନିବାସୀ ଓ
ତୁମ୍ଭେମାନେ ଯେଉଁମାନେ କି ଏହି ଫାଟକ ଦେଇ ପ୍ରବେଶ
କରୁଛ, ସଦାପ୍ରଭୁଙ୍କର ବାକ୍ୟ ଶୁଣ। 21ସଦାପ୍ରଭୁ ଏହା
କହନ୍ତି, ତୁମ୍ଭେମାନେ ନିଜ ଜିନିଷ ବିଷୟରେ ସାବଧାନ୍ ହୁଅ
ଓ ବିଶ୍ରାମ ଦିନରେ କୌଣସି ଭାର ବହନ କରନାହିଁ ଏବଂ
ଯିରୁଶାଲମର ଫାଟକ ଦେଇ ତାହା ଭିତରକୁ ଆଣନାହିଁ।
22ଆଉ ବିଶ୍ରାମ ଦିନରେ ଆପଣା ଆପଣା ଗୃହରୁ କୌଣସି
ବୋଝ ବାହାର କରି ନିଅନାହିଁ। କିଅବା ତୁମ୍ଭେମାନେ କୌଣସି
କାର୍ଯ୍ୟ କରନାହିଁ। ମାତ୍ର ବିଶ୍ରାମ ଦିନକୁ ପବିତ୍ରରୂପେ ପାଳନ
କର। ଆମ୍ଭେ ତୁମ୍ଭ ପୂର୍ବପୁରୁଷମାନଙ୍କୁ ଏହିରୂପେ ଆଜ୍ଞା
କରିଥିଲୁ। 23ମାତ୍ର ତୁମ୍ଭ ପୂର୍ବପୁରୁଷଗଣ ଆମ୍ଭ କଥାପ୍ରତି
ଅବଧାନ କଲେ ନାହିଁ କି କର୍ଣ୍ଣପାତ କଲେ ନାହିଁ। ସେମାନେ
ଅତି ଅବାଧ୍ୟ। ତେଣୁ ସେମାନେ ଦଣ୍ଡିତ ହେଲେ। ସେମାନଙ୍କର
କିଛି ମଙ୍ଗଳ ହେଲାନାହିଁ। 24ମାତ୍ର ସଦାପ୍ରଭୁ କହନ୍ତି, ଯଦି
ତୁମ୍ଭେମାନେ ଯତ୍ନ ସହକାରେ ମୋ କଥାକୁ ଧ୍ୟାନ ଦିଅ,'"
"'ଯଦି ତୁମ୍ଭେମାନେ ବିଶ୍ରାମ ଦିନରେ ଯିରୁଶାଲମର ଫାଟକ
ଦେଇ କୌଣସି ବୋଝ ନ ଆଣ ଏବଂ ଯଦି ତୁମ୍ଭେମାନେ
ସେହି ଦିନରେ କୌଣସି କାମ ନକର। ମାତ୍ର ତାକୁ ପବିତ୍ର
ମାର୍ଗରେ ପାଳନ କର।
25"'ତେବେ ଦାଉଦଙ୍କ ସିଂହାସନାରୂଢ଼ ଅଧିପତିଗଣ ଓ
ରାଜଗଣ, ରଥରେ ଓ ଅଶ୍ୱରେ ଚଢ଼ି ସେମାନେ ଓ
ସେମାନଙ୍କର ଅଧିପତିମାନେ, ଯିହୁଦାର ଲୋକମାନେ ଓ
ଯିରୁଶାଲମ ନିବାସୀମାନେ ଏହି ନଗରଦ୍ୱାର ମଧ୍ୟରେ ପ୍ରବେଶ
କରିବେ ଓ ଏହି ନଗର ସଦାକାଳ ରହିବ। 26ପୁଣି
ଲୋକମାନେ ଯିହୁଦାର ନଗର ସମୂହରୁ, ଯିରୁଶାଲମର
ଚତୁର୍ଦ୍ଦିଗସ୍ଥିତ ଅଞ୍ଚଳରୁ, ବିନ୍ୟାମୀନ ଦେଶରୁ ନିମ୍ନ ଭୂମିରୁ,
ପାର୍ବତ୍ୟ ଦେଶରୁ ଓ ଦକ୍ଷିଣ ଦେଶରୁ ହୋମବଳି, ନୈବେଦ୍ୟ
ଓ ସୁଗନ୍ଧି ଧୂପ ଆଉ ଧନ୍ୟବାଦାର୍ଥକ ବଳି ଘେନି ସଦାପ୍ରଭୁଙ୍କ
ଗୃହକୁ ଆସିବେ।
27"'ମାତ୍ର ତୁମ୍ଭେମାନେ ଯେବେ ଆମ୍ଭର ବାକ୍ୟରେ ଅବଧାନ
ନକର। ବିଶ୍ରାମ ଦିନକୁ ପବିତ୍ରରୂପେ ପାଳନ ନକର ଓ
ବିଶ୍ରାମଦିନରେ ବୋଝ ବହନ କରି ଯିରୁଶାଲମର ଦ୍ୱାରରେ
ପ୍ରବେଶ କର, ତେବେ ଆମ୍ଭେ ସେହି ଦ୍ୱାର ସମୂହରେ ଅଗ୍ନି
ଜଳାଇବା। ଏହା ଯିରୁଶାଲମର ଅଟ୍ଟାଳିକା ସବୁ ଗ୍ରାସ କରିବା
ପର୍ଯ୍ୟନ୍ତ ଜଳି ରହିବ।'"

## କୁମ୍ଭକାର ଓ ମାଟି

18 ଯିରିମିୟଙ୍କ ନିକଟରେ ସଦାପ୍ରଭୁଙ୍କର ଏହି ବାକ୍ୟ
ଉପସ୍ଥିତ ହେଲା। 2"ହେ ଯିରିମିୟ, ତୁମ୍ଭେ କୁମ୍ଭକାର
ଗୃହକୁ ଯାଅ। ସେଠାରେ ଆମ୍ଭେ ତୁମ୍ଭକୁ ଆପଣା ବାକ୍ୟ
ଶୁଣାଇବା।"
3ତେଣୁ ମୁଁ କୁମ୍ଭକାର ଗୃହକୁ ଗଲି ଓ ଦେଖିଲି କୁମ୍ଭକାର
ଚକ୍ରରେ ମାଟିର କାମ କରୁଛି। 4ସେ ମାଟିର ପାତ୍ର ନିର୍ମାଣ
କରୁଥିଲା ବେଳେ ସେଥିରେ କିଛି ଦୋଷ ଦେଖିଲା। ତେଣୁ
ସେ ପାତ୍ରର ମାଟିକୁ ପୁନର୍ବାର ନିଜ ଇଚ୍ଛାନୁସାରେ ସଜାଡ଼ି
ନୂଆ ପାତ୍ର ନିର୍ମାଣ କଲା।

**5**ତା'ପରେ ସଦାପ୍ରଭୁଙ୍କର ବାଣୀ ମୋ ନିକଟରେ ଉପସ୍ଥିତ
ହେଲା। **6**"ହେ ଇଶ୍ରାୟେଲର ଗୃହ, ତୁମ୍ଭେ ଜାଣ ଆମ୍ଭେ ତୁମ୍ଭ
ସହିତ ଜଣେ କୁମ୍ଭକାର ପରି କାର୍ଯ୍ୟ କରେ। ତୁମ୍ଭେମାନେ
ମୋ ହସ୍ତରେ କୁମ୍ଭକାରର ମୃତ୍ତିକା ସଦୃଶ ଅଟ। **7**ସମୟ
ଆସିବ ଯେତେବେଳେ ଆମ୍ଭେ ଗୋଟିଏ ଗୋଷ୍ଠୀ ଓ ରାଜ୍ୟ
ବିଷୟରେ ଉତ୍ପାଟନ, ଅଧଃପତନ ଓ ବିନାଶର କଥା କହିବା।
**8**ମାତ୍ର ଯଦି ସେହି ଗୋଷ୍ଠୀ ଆପଣା ଆପଣା ଦୁଷ୍କର୍ମରୁ
ଫେରନ୍ତି ତେବେ ଆମ୍ଭେ ସେମାନଙ୍କ ପ୍ରତି ଯେଉଁ ଅମଙ୍ଗଳ
ଘଟାଇବାକୁ ମନରେ ସ୍ଥିର କରିଥିଲୁ, ସେଥିରୁ ଆମ୍ଭେ କ୍ଷାନ୍ତ
ହେବା। **9**ପୁଣି ଏକ ସମୟ ଆସିବ ଯେତେବେଳେ ଆମ୍ଭେ
କୌଣସି ଗୋଷ୍ଠୀ ଓ ରାଜ୍ୟ ବିଷୟରେ ଗଠନ ଓ ରୋପଣର
କଥା କହିବା। **10**ପୁଣି ଯେତେବେଳେ ଦେଖିବୁ ଯେବେ
ଆମ୍ଭର ଆଜ୍ଞା ପାଳନ ନକରି ଦୁଷ୍କର୍ମ କରନ୍ତି, ତେବେ ଆମ୍ଭେ
ସେମାନଙ୍କ ପାଇଁ ଯେଉଁ ମଙ୍ଗଳ କାମନା କରିଥିଲୁ ତହିଁରୁ
ଆମ୍ଭେ କ୍ଷାନ୍ତ ହେବା।

**11**"ହେ ଯିରିମିୟ, ତୁମ୍ଭେ ଯିହୁଦା ଓ ଯିରୁଶାଲମ
ନିବାସୀଙ୍କୁ କୁହ, 'ସଦାପ୍ରଭୁ ଏହି କଥା କହନ୍ତି। ଦେଖ,
ଆମ୍ଭେ ତୁମ୍ଭମାନଙ୍କ ବିରୁଦ୍ଧରେ ସଂକଳ୍ପ କରିଅଛୁ। ଏବେ
ତୁମ୍ଭେମାନେ ପ୍ରତ୍ୟେକ ଆପଣା ଆପଣା କୁପଥରୁ ଫେରି ଓ
ଆପଣା ଆପଣା ପଥ ସଂଶୋଧନ କରି ସୁକର୍ମ କର।'
**12**ମାତ୍ର ଯିହୁଦାବାସୀ କହନ୍ତି, 'ତୁମ୍ଭ କଥା ଆମ୍ଭେ ଶୁଣିବୁ
ନାହିଁ। କାରଣ ତୁମ୍ଭେମାନେ ଆପଣା ଆପଣା ସଂକଳ୍ପ ଅନୁସାରେ
କର୍ମ କରିବ। ଆମ୍ଭେମାନେ ପ୍ରତ୍ୟେକେ ଆପଣା ଆପଣା ଦୁଷ୍ଟ
ଅନ୍ତଃକରଣ ବାଧ୍ୟତାନୁସାରେ କର୍ମ କରି ଚାଲିବୁ।'"

**13**ଏଣୁ ସଦାପ୍ରଭୁ ଏହିକଥା କହନ୍ତି, "ତୁମ୍ଭେମାନେ ଏବେ
ନାନା ଦେଶୀୟ ଲୋକମାନଙ୍କୁ ପ୍ରଚାର କର। 'କିନ୍ତୁ ଏହା କିଏ
ଶୁଣିଅଛି। ଇଶ୍ରାୟେଲର କୁମାରୀ କନ୍ୟାଗଣ ଅତ୍ୟନ୍ତ ମର୍ମନ୍ତୁଦ
କାର୍ଯ୍ୟ କରିଅଛନ୍ତି।'

**14**ତୁମ୍ଭେମାନେ ଜାଣ ଲିବାନୋନ କ୍ଷେତ୍ରସ୍ଥ ଶୈଳ ଉପରିସ୍ଥ
ହିମସବୁ କେବେ ତରଳ ଯିବନାହିଁ ଓ ଝରଣାର ସୁଶୀତଳ
ଜଳ କେବେ ଶୁଷ୍କ ହେବନାହିଁ।

**15**ମାତ୍ର ଆମ୍ଭର ଲୋକମାନେ ଆମ୍ଭକୁ ପାଶୋରି ଅସାର
ଦେବଗଣଙ୍କୁ ଧୂପ ଉତ୍ସର୍ଗ କରିଛନ୍ତି। ଆଉ ସେମାନେ
ଅପ୍ରସ୍ତୁତ ମାର୍ଗର ନାନା ଉପପଥରେ ସେମାନଙ୍କୁ ଗମନ
କରାଇବା ନିମନ୍ତେ ପ୍ରବର୍ତ୍ତାଇଛନ୍ତି। ସେମାନଙ୍କ, ପୁରାତନ
ପଥରେ ବିଘ୍ନ ଜନ୍ମାଇ ଅଛନ୍ତି।

**16**ଯିହୁଦା ଏକ ଶୂନ୍ୟ ମରୁପ୍ରାନ୍ତରରେ ପରିଣତ ହେବ।
ସେମାନେ ଗମନ କଲାବେଳେ ଶିସ୍ ଶବ୍ଦ କରି ଯାଆନ୍ତି।
ତହିଁର ନିକଟ ଦେଇ ଗମନକାରୀ ପ୍ରତ୍ୟେକ ଲୋକ ବିସ୍ମିତ
ହୋଇ ଆପଣା ମସ୍ତକ ହଲାଇବ।

**17**ଆମ୍ଭେ ପୂର୍ବୀୟ ପବନରେ ଛିନ୍ନ ହେଲାପରି ଶତ୍ରୁ
ସମ୍ମୁଖରେ ସେମାନଙ୍କୁ ଛିନ୍ନଭିନ୍ନ କରିବା। ଆମ୍ଭେ ସେମାନଙ୍କ
ବିପଦ ଦିନରେ ସେମାନଙ୍କୁ ସାହାଯ୍ୟ ନକରି ସେମାନଙ୍କ ପ୍ରତି
ବିମୁଖ ହେବା।"

### ଯିରିମିୟଙ୍କ ଚତୁର୍ଥ ଅଭିଯୋଗ

**18**ଯିରିମିୟଙ୍କ ଶତ୍ରୁଗଣ କହିଲେ, "ଆସ ଆମ୍ଭେମାନେ
ଯିରିମିୟଙ୍କ ବିରୁଦ୍ଧରେ ଯୋଜନା କରିବା, କାରଣ ଯାଜକ
ନିକଟରୁ ବ୍ୟବସ୍ଥା, ଶିକ୍ଷିତ ନିକଟରୁ ଜ୍ଞାନ ଅଥବା ଭବିଷ୍ୟଦ୍‌ବକ୍ତା
ନିକଟରୁ ବାକ୍ୟ ଲୁପ୍ତ ହେବନାହିଁ। ତେଣୁ ଆସ ଆମ୍ଭେମାନେ
ତାଙ୍କୁ ପ୍ରବଞ୍ଚନା ଦ୍ୱାରା ଧ୍ୱଂସ କରିବା। ଆମ୍ଭେମାନେ ତାଙ୍କର
କୌଣସି କଥା ଶୁଣିବା ନାହିଁ।"

**19**ହେ ସଦାପ୍ରଭୁ, ମୋ ପ୍ରତି କର୍ଣ୍ଣପାତ କର ଏବଂ ମୋ
ସହିତ ଯୁକ୍ତ କରୁଥିବା ଲୋକମାନଙ୍କର କଥା ଶୁଣ।

**20**ଲୋକେ ମଙ୍ଗଳ ପରିଶୋଧରେ କ'ଣ ଅମଙ୍ଗଳ କରିବେ?
ତୁମ୍ଭେ ସ୍ମରଣ କର, ମୁଁ କିପରି ସେମାନଙ୍କର ମଙ୍ଗଳ ନିମନ୍ତେ
ତୁମ୍ଭ ସମ୍ମୁଖରେ ଛିଡ଼ା ହୋଇଥିଲି ଓ ସେମାନଙ୍କୁ ଦଣ୍ଡ ନ
ଦେବା ପାଇଁ କହିଥିଲି। ମାତ୍ର ସେମାନେ ମୋର ବିନାଶ
ନିମନ୍ତେ ଗର୍ତ୍ତ ଖୋଳି ଅଛନ୍ତି।

**21**ତେଣୁ ସେମାନଙ୍କର ସନ୍ତାନଗଣ ଦୁର୍ଭିକ୍ଷରେ କବଳିତ
ହୁଅନ୍ତୁ। ସେମାନଙ୍କର ଶତ୍ରୁ ସେମାନଙ୍କୁ ଖଡ୍ଗରେ ପରାସ୍ତ
କରନ୍ତୁ। ସେମାନଙ୍କର ସ୍ତ୍ରୀମାନେ ସନ୍ତାନହୀନା ଓ ବିଧବା
ହୁଅନ୍ତୁ। ସେମାନଙ୍କର ପୁରୁଷଗଣ ମୃତ୍ୟୁବରଣ କରନ୍ତୁ ଓ
ସେମାନଙ୍କର ଯୁବାଗଣ ଯୁଦ୍ଧରେ ନିହତ ହୁଅନ୍ତୁ।

**22**ଯେତେବେଳେ ତୁମ୍ଭେ ହଠାତ୍ ଦଳେ ଚଢଉକାରୀ
ସେମାନଙ୍କ ବିରୁଦ୍ଧରେ ଆଣ, ସେମାନଙ୍କର ଗୃହରୁ କ୍ରନ୍ଦନର
ସ୍ୱର ଶୁଣାଯାଉ। କାରଣ ସେମାନେ ମୋତେ ଧରିବା ପାଇଁ
ଗର୍ତ୍ତ ଖୋଳି ଅଛନ୍ତି ଓ ମୋ ଚରଣ ପାଇଁ ଗୋପନରେ
ଫାନ୍ଦ ବସାଇ ଅଛନ୍ତି।

**23**ହେ ସଦାପ୍ରଭୁ, ମୋର ବିନାଶ ପାଇଁ ସେମାନଙ୍କର
ଯୋଜନା ତୁମ୍ଭେ ଜାଣୁଅଛ। ସେମାନଙ୍କର ଅଧର୍ମ କ୍ଷମା
କରନାହିଁ। ତୁମ୍ଭ ଦୃଷ୍ଟିରେ ସେମାନଙ୍କର ପାପ ଲିଭାଇ ଦିଅନାହିଁ।
ତୁମ୍ଭେ ସେମାନଙ୍କୁ ବିନାଶ କର। ଆପଣା କ୍ରୋଧ ସେମାନଙ୍କ
ପ୍ରତି ବ୍ୟବହାର କର।

### ଭଗ୍ନ ପାତ୍ର

**19** ସଦାପ୍ରଭୁ ମୋତେ କହିଲେ, "ଯାଅ ଏବଂ କୁମ୍ଭକାର
ପାଖରୁ ଏକ ମୃତ୍ତିକା ପାତ୍ର କିଣ।" **2**ଆଉ ଲୋକମାନଙ୍କ
ମଧ୍ୟରୁ କେତେକ ପ୍ରାଚୀନ ଲୋକଙ୍କୁ ଓ ଯାଜକମାନଙ୍କ ମଧ୍ୟରୁ
କେତେକ ପ୍ରାଚୀନ ଯାଜକଗଣଙ୍କୁ ନିଅ, ଏବଂ ସେମାନଙ୍କୁ
ନେଇ ହାର୍ଶିତ ଫାଟକ ପ୍ରବେଶ ସ୍ଥାନର ନିକଟସ୍ଥ ହିନ୍ନୋମ
ପୁତ୍ରର ଉପତ୍ୟକାକୁ ବାହାରିଯାଅ। ଆଉ ଆମ୍ଭେ ତୁମ୍ଭକୁ ଯାହା
କହିବା, ତୁମ୍ଭେ ସେହି ସ୍ଥାନରେ ପ୍ରଚାର କର। **3**ଆଉ କୁହ,
'ହେ ଯିହୁଦାର ରାଜାଗଣ ଓ ଯିରୁଶାଲମ ନିବାସୀମାନେ,
ତୁମ୍ଭେମାନେ ସଦାପ୍ରଭୁଙ୍କ ବାକ୍ୟ ଶୁଣ। ସୈନ୍ୟାଧିପତି ସଦାପ୍ରଭୁ
ଇଶ୍ରାୟେଲର ପରମେଶ୍ୱର ଏହିକଥା କହନ୍ତି, "ଦେଖ, ଆମ୍ଭେ
ଏହି ସ୍ଥାନକୁ ଦୁର୍ଦ୍ଦଶା ଆଣୁଛୁ। ତାହା ଯିଏ ଶୁଣିବ ସେ
ଭୟରେ ଶିହରି ଉଠିବ। **4**କାରଣ ଯିହୁଦାବାସୀମାନେ ଆମ୍ଭକୁ
ପରିତ୍ୟାଗ କରିଛନ୍ତି। ସେମାନେ ଏହି ସ୍ଥାନକୁ ପରଦେଶୀୟ
ଦେବଗଣରେ ପରିପୂର୍ଣ୍ଣ କରିଛନ୍ତି। ସେମାନେ ପୂର୍ବରୁ ପୂଜା
କରୁ ନଥିବା ଦେବଗଣଙ୍କ ନିକଟରେ ଧୂପ ଜଳାଇଛନ୍ତି।
ସେମାନଙ୍କର ପୂର୍ବପୁରୁଷଗଣ ଓ ଯିହୁଦାର ରାଜାଗଣ ଯେଉଁ
ଦେବଗଣଙ୍କୁ ଜାଣି ନଥିଲେ ସେହିମାନଙ୍କୁ ସେମାନେ ଅନୁସରଣ
କରୁଛନ୍ତି। ଏହି ସ୍ଥାନକୁ ନିର୍ଦ୍ଦୋଷମାନଙ୍କ ରକ୍ତରେ ପରିପୂର୍ଣ୍ଣ

କରିଅଛନ୍ତି। 5ଯିହୁଦାର ରାଜାଗଣ ବାଲ୍‌ଦେବଙ୍କ ଉଦ୍ଦେଶ୍ୟରେ
ଉଚ୍ଚସ୍ଥଳୀ ନିର୍ମାଣ କରିଛନ୍ତି। ସେମାନେ ନିଜର ସନ୍ତାନଗଣଙ୍କୁ
ବାଲଦେବ ଉଦ୍ଦେଶ୍ୟରେ ହୋମବଳି ରୂପେ ଉତ୍ସର୍ଗ କରିଅଛନ୍ତି।
ଆମ୍ଭେ କିନ୍ତୁ ସେମାନଙ୍କୁ ଏହା କହିବାକୁ ଆଦେଶ କରିନାହୁଁ
କି କହିନାହୁଁ ଓ ଆମ୍ଭ ମନରେ ଏହା ଉଦୟ ହୋଇନାହିଁ।
6ଏଣୁ ସଦାପ୍ରଭୁ କହନ୍ତି, ଦେଖ, ଏହିସ୍ଥାନ ତୋଫତ୍ କିଅବା
ହିନ୍ନୋମ ପୁତ୍ରର ଉପତ୍ୟକା ବୋଲି ଖ୍ୟାତ ନହୋଇ ହତ୍ୟା
ଉପତ୍ୟକା ବୋଲି ଖ୍ୟାତ ହେବ, ଏପରି ସମୟ ଆସୁଅଛି।
7ପୁଣି ସେହି ସ୍ଥାନରେ ଆମ୍ଭେ ଯିହୁଦାର ଓ ଯିରୁଶାଲମର
ସମସ୍ତ ସାଜସଜ୍ଜା ବ୍ୟର୍ଥ କରିବା। ତା'ପରେ ସେମାନଙ୍କୁ
ସେମାନଙ୍କର ଶତ୍ରୁମାନଙ୍କର ଖଡ୍ଗରେ ଧ୍ୱଂସ ହେବାକୁ ଆମ୍ଭେ
ଦେବା। ଆମ୍ଭେ ସେମାନଙ୍କର ଶବକୁ ପକ୍ଷୀମାନଙ୍କୁ ଓ ପଶୁମାନଙ୍କୁ
ଖାଦ୍ୟ ରୂପେ ଦେବା। 8ଆମ୍ଭେ ଏହି ନଗରୀକୁ ସମ୍ପୂର୍ଣ୍ଣ
ଭାବରେ ଧ୍ୱଂସ କରିବା। ଯେତେବେଳେ ଲୋକମାନେ ଯିରୁଶାଲମ
ଦେଇ ଯିବେ, ସେମାନେ ଯାହା ଦେଖିବେ ସେଥିରେ ଆଘାତ
ପାଇବେ। ଯେତେବେଳେ ସେମାନେ ଧ୍ୱସ୍ତ ନଗରୀକୁ ଦେଖିବେ,
ସେମାନେ ଆତଙ୍କିତ ହେବେ ଓ ବୀଭିଷିକା ପ୍ରକାଶ କରିବା
ପାଇଁ ହିସ୍ ଶବ୍ଦ କରିବେ। 9ଶତ୍ରୁଗଣ ସେମାନଙ୍କ ନଗରକୁ
ଅବରୋଧ କରିବେ ଓ ସେମାନଙ୍କୁ ଖାଦ୍ୟପାଇଁ ବାହାରକୁ
ଯିବାକୁ ଦେବେ ନାହିଁ। ତେଣୁ ଲୋକମାନେ ଉପବାସରେ
ରହିବେ ଓ କ୍ଷୁଧାରେ ଆତୁର ହୋଇ ସଂକଟ ସମୟରେ ପୁତ୍ର
କନ୍ୟାର ମାଂସ ଭୋଜନ କରିବେ। ଆଉ ମଧ୍ୟ ଶେଷରେ
ପରସ୍ପରକୁ ଭୋଜନ କରିବେ।'

10"ହେ ଯିରିମିୟ, ତୁମ୍ଭେ ଲୋକମାନଙ୍କୁ ଏହିକଥା କହିବ।
ସେମାନେ ଲକ୍ଷ୍ୟ କଲାବେଳେ ସେମାନଙ୍କର ସାକ୍ଷାତରେ ଏହି
ପାତ୍ରକୁ ଭାଙ୍ଗିବ। 11ସେହି ସମୟରେ ସେମାନଙ୍କୁ କହିବ,
'ସୈନ୍ୟାଧିପତି ସଦାପ୍ରଭୁ ଏହିକଥା କହନ୍ତି, ଯେପରି କେହି
ଏକ ମାଟିପାତ୍ର ଭାଙ୍ଗିଲେ ତାହା ଆଉ ଯୋଡ଼ା ହୁଏ ନାହିଁ।
ସେହିପରି ଆମ୍ଭେ ଯିହୁଦାକୁ ଭାଙ୍ଗି ପକାଇବା। ମୃତ ଲୋକମାନଙ୍କ
କବରମାନ ମିଳିବ ନାହିଁ। ସେମାନେ ସମସ୍ତେ ତୋଫତ୍‌ରେ
କବର ନେବେ। 12ସଦାପ୍ରଭୁ କହନ୍ତି ଆମ୍ଭେ ଏହି ସ୍ଥାନପ୍ରତି
ଓ ତହିଁର ନିବାସୀମାନଙ୍କ ପ୍ରତି ଏହି କାର୍ଯ୍ୟ କରିବା। ଆମ୍ଭେ
ଏହି ନଗରକୁ ତୋଫତ୍ ତୁଲ୍ୟ କରିବା।' 13'ଯିରୁଶାଲମର
ସମସ୍ତ ଗୃହ ଓ ସମସ୍ତ ରାଜ ପ୍ରାସାଦଗୁଡ଼ିକ ତୋଫତ୍ ତୁଲ୍ୟ
"ଅଶୁଚି" ସ୍ଥାନ ହେବ। କାରଣ ସେମାନେ ଆକାଶମଣ୍ଡଳସ୍ଥ
ଅତିଥି* ଉଦ୍ଦେଶ୍ୟରେ ଧୂପ ଜଳାଇ ଅଛନ୍ତି ଓ ଅନ୍ୟ
ଦେବଗଣ ଉଦ୍ଦେଶ୍ୟରେ ପେୟ ନୈବେଦ୍ୟ ଉତ୍ସର୍ଗ କରିଅଛନ୍ତି।'"

14ତା'ପରେ ଯିରିମିୟ ତୋଫତ୍‌ର ସେହି ସ୍ଥାନରୁ ଆସିଲେ।
ଯେଉଁଠାକୁ ସଦାପ୍ରଭୁ ତାଙ୍କୁ ଭବିଷ୍ୟତ ବାଣୀ ପ୍ରଚାର କରିବା
ପାଇଁ ପଠାଇଥିଲେ ଏବଂ ସଦାପପ୍ରଭୁଙ୍କ ମନ୍ଦିର ଅଗଣାରେ
ଛିଡା ହୋଇଥିବା ସମସ୍ତଙ୍କୁ ଏହା କହିଥିଲେ। 15"ସୈନ୍ୟାଧିପତି
ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର ଏହିକଥା କହନ୍ତି, 'ଦେଖ,
ଆମ୍ଭେ ଏହି ନଗର ଓ ତହିଁର ସକଳ ଉପନଗର ବିରୁଦ୍ଧରେ
ଯେଉଁ ଦଣ୍ଡାଜ୍ଞା କହିଅଛୁ, ସେସବୁ ସେମାନଙ୍କ ପ୍ରତି ଘଟାଇବା
କାରଣ ସେମାନେ ମୋର ବାକ୍ୟ ନମାନି ଅବାଧ୍ୟ ହୋଇଅଛନ୍ତି।'"

### ଯିରିମିୟ ଓ ପଶ୍‌ହୂର

20 ଯିରିମିୟ ଏହିସବୁ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କଲାବେଳେ
ଇମ୍ମେରର ଯାଜକର ପୁତ୍ର ସଦାପ୍ରଭୁଙ୍କ ଗୃହର ପ୍ରଧାନ
ଅଧ୍ୟକ୍ଷ ପଶ୍‌ହୂର ତାହା ଶୁଣିଲା। 2ତେଣୁ ପଶ୍‌ହୂର ଭବିଷ୍ୟଦ୍‌ବକ୍ତା
ଯିରିମିୟଙ୍କୁ ପ୍ରହାର କରି, ସଦାପ୍ରଭୁଙ୍କ ଗୃହସ୍ଥିତ ବିନ୍ୟାମୀନ୍‌ର
ଉପର ଫାଟକରେ ଥିବା ହରିକାଠରେ ତାଙ୍କୁ ବନ୍ଦକରି
ରଖିଲା। 3ତହିଁ ପରଦିନ ପଶ୍‌ହୂର ଯିରିମିୟଙ୍କୁ ହରିକାଠରୁ
ବାହାର କରିଆଣିଲା। ତା'ପରେ ଯିରିମିୟ ତାଙ୍କୁ କହିଲେ,
"ସଦାପ୍ରଭୁ ତୁମ୍ଭର ନାମ ପଶ୍‌ହୂର ନରଖି ମାଗୋର ମୀଷାବୀବ୍
(ଚତୁର୍ଦ୍ଦିଗେ ଆଶଙ୍କା) ରଖି ଅଛନ୍ତି। 4କାରଣ ସଦାପ୍ରଭୁ
କହନ୍ତି, 'ଆମ୍ଭେ ଏପରି ପରିସ୍ଥିତି ସୃଷ୍ଟି କରିବା, ଯେ ତୁମ୍ଭ
ପାଇଁ ଯାହା ଘଟିବ, ସେଥିରେ ତୁମ୍ଭେ ଓ ତୁମ୍ଭର ସାଂଗମାନେ
ଆତଙ୍କିତ ହେବ। ଏବଂ ସେମାନେ ସେମାନଙ୍କର ଶତ୍ରୁଗଣର
ଖଡ୍ଗରେ ନିହତ ହେବେ ଓ ତୁମ୍ଭର ଚକ୍ଷୁ ତାହା ଦେଖିବ।
ଆଉ ଆମ୍ଭେ ଯିହୁଦାକୁ ବାବିଲର ରାଜା ହସ୍ତରେ ଦେବା,
ତା'ପରେ ସେମାନଙ୍କୁ ବନ୍ଦୀ କରି ବାବିଲକୁ ନେଇଯିବା ଓ
ସେମାନଙ୍କୁ ସେଠାରେ ହତ୍ୟା କରାଯିବ। 5ଯିରୁଶାଲମ ଅର୍ଜିତ
ସକଳ ସମ୍ପତ୍ତି, ତହିଁର ଅର୍ଜିତ ସକଳ ଧନ ଓ ତହିଁର ସକଳ
ବହୁମୂଲ୍ୟ ପଦାର୍ଥ ସେମାନଙ୍କ ଶତ୍ରୁଗଣଙ୍କ ହସ୍ତରେ ଦେବା,
ଆଉ ଯିହୁଦାର ରାଜଗଣର ସକଳ ଧନଭଣ୍ଡାର ଶତ୍ରୁର
ହସ୍ତଗତ କରାଇବା। ସେମାନେ ସେ ସମସ୍ତ ଲୁଟିନେଇ
ବାବିଲକୁ ଘେନିଯିବେ। 6ପୁଣି ହେ ପଶ୍‌ହୂର, ତୁମ୍ଭେ ଓ ତୁମ୍ଭ
ଗୃହ ନିବାସୀ ସମସ୍ତେ ବନ୍ଦୀ ହୋଇ ବାବିଲକୁ ଯିବ। ତୁମ୍ଭେ
ସେହି ସ୍ଥାନରେ ମରିବ ଓ ସେଠାରେ କବର ପାଇବ। ତୁମ୍ଭର
ଯେଉଁ ବନ୍ଧୁମାନଙ୍କ ନିକଟରେ ମିଥ୍ୟା ଭବିଷ୍ୟଦ୍‌ବାକ୍ୟ ପ୍ରଚାର
କଲ, ସେହି ବନ୍ଧୁମାନେ ମଧ୍ୟ ସେହିଠାରେ ମରିବେ ଓ
କବର ନେବେ।'"

### ଯିରିମିୟଙ୍କ ପଞ୍ଚମ ଅଭିଯୋଗ

7ହେ ସଦାପ୍ରଭୁ, ତୁମ୍ଭେ ମୋତେ ତୁମ୍ଭର ଭବିଷ୍ୟଦ୍‌ବକ୍ତା
ହେବାକୁ ବିପଥଗାମୀ କରାଇଲ ଓ ମୁଁ ପ୍ରତାରିତ ହେଲି।
ତୁମ୍ଭେ ମୋଠାରୁ ଶକ୍ତିଶାଳୀ, ଯେଉଁଥିପାଇଁ ମୋ'ଠାରୁ ଜୟ
କରିଅଛ। ମୁଁ ଦିନଯାକ ଉପହାସର ପାତ୍ର ହୋଇଅଛି, ସମସ୍ତେ
ମୋତେ ପରିହାସ କରୁଛନ୍ତି।

8ପ୍ରତ୍ୟେକ ଥର ମୁଁ କଥା କହେ ଓ କ୍ରନ୍ଦନ କରେ।
ଦୌରାତ୍ମ୍ୟ ଓ ବିନାଶର କଥା ଉଚ୍ଚସ୍ୱରରେ କହେ। ସଦାପ୍ରଭୁଙ୍କର
ଏହି ବାକ୍ୟ ମୋପ୍ରତି ହୋଇଅଛି ବୋଲି କହିଲେ ମଧ୍ୟ
ଲୋକେ ପ୍ରତିଥର ମୋତେ ଧିକ୍କାର ଓ ବିଦ୍ରୂପ କରିଛନ୍ତି।

9ସମୟେ ସମୟେ ମୁଁ ନିଜେ ନିଜକୁ କହେ, "ମୁଁ ଆଉ
ସଦାପ୍ରଭୁଙ୍କ ବିଷୟ କହିବି ନାହିଁ କି ତାଙ୍କ ପାଇଁ ପ୍ରଚାର
କରିବି ନାହିଁ।" ମାତ୍ର ଏହା କହିଲାବେଳେ ମୋ ଅସ୍ଥି ମଜ୍ଜା
ମଧ୍ୟରେ ଯେପରି ପ୍ରଭୁଙ୍କର ବାଣୀ ଅଗ୍ନିତୁଲ୍ୟ ଜଳି ଉଠେ। ମୁଁ
ହୃଦୟ ମଧ୍ୟରେ ତାକୁ ସମ୍ଭାଳି ରଖିପାରେ ନାହିଁ। ସେଗୁଡ଼ିକୁ
ଭିତରେ ଧରି ରଖିବା ପାଇଁ ଚେଷ୍ଟା କଲି କିନ୍ତୁ ମୁଁ ତାହା
କରିବା ପାଇଁ ଅସମର୍ଥ ହେଲି।

10ମୁଁ ବହୁବାର ଅପବାଦ ଶୁଣିଅଛି। ମୋର ଚତୁର୍ଦ୍ଦିଗରେ
ଆଶଙ୍କା ଅଛି। ଏପରିକି ମୋର ମିତ୍ରମାନେ ମଧ୍ୟ ମୋର

**ଆକାଶ ... ଅତିଥି** ସୂର୍ଯ୍ୟ, ଚନ୍ଦ୍ର ଓ ତାରା।

ଦୋଷ ଦେଖନ୍ତି ଓ ଲୋକମାନେ ମୋର ତ୍ରୁଟିକୁ ଅପେକ୍ଷା
କରନ୍ତି। ସେମାନେ ଅଭିଯୋଗ କରି କହନ୍ତି, "ଆମ୍ଭେମାନେ
ଯିରମିୟଙ୍କ ବିରୁଦ୍ଧରେ ମିଥ୍ୟା ଓ ମନ୍ଦକଥା କହିବା, ତୁମ୍ଭେମାନେ
ମଧ୍ୟ ତାହା କହିବ। ତାହାହେଲେ ଆମ୍ଭେମାନେ ତାଙ୍କୁ ପରାସ୍ତ
କରିବା ଓ ତା' ଉପରେ ପ୍ରତିଶୋଧ ନେଇପାରିବା।"

11କିନ୍ତୁ ସଦାପ୍ରଭୁ ମୋ ପାଖେ ପାଖେ ଅଛନ୍ତି। ସେ
ଜଣେ ବୀର ସୈନିକ ସଦୃଶ ମୋତେ ଆଶ୍ରୟ ଦେଇ ଅଛନ୍ତି।
ତେଣୁ ମୋର ତାଡନାକାରୀମାନେ ବିଫଳ ହେବେ ଓ ମୋତେ
ପରାସ୍ତ କରିପାରିବେ ନାହିଁ। ସେମାନେ ଘୋର ଅପମାନିତ
ହେବେ କାରଣ ସେମାନେ ଯାହା କରିବାକୁ ଆରମ୍ଭ କରିଛନ୍ତି
ତାହା ସଫଳତାର ସହିତ ଶେଷ କରିପାରିବେ ନାହିଁ। ତାଙ୍କର
ଏହି ଅପମାନ ନିତ୍ୟସ୍ଥାୟୀ ହେବ ଓ ଲୋକେ ତାହା ଭୁଲିବେ
ନାହିଁ।

12ତେଣୁ ହେ ସୈନ୍ୟାଧିପତି ସଦାପ୍ରଭୁ ତୁମ୍ଭେ ଧାର୍ମିକର
ପରୀକ୍ଷକ। ତୁମ୍ଭେ ସମସ୍ତଙ୍କର ମର୍ମ ଓ ଅନ୍ତଃକରଣ ଦେଖୁଅଛ।
ମୁଁ ସେମାନଙ୍କ ବିଷୟରେ ମୋର ଅଭିଯୋଗ ତୁମ୍ଭକୁ ଜଣାଇଅଛି।
ତୁମ୍ଭେ ସେମାନଙ୍କ ପ୍ରତି ତୁମ୍ଭ ଦତ୍ତ ପ୍ରତିଫଳ ମୋତେ
ଦେଖାଅ।

13ସଦାପ୍ରଭୁଙ୍କ ବିଷୟରେ ଗାନ କର, ତାଙ୍କର ପ୍ରଶଂସା
କର। କାରଣ ସେ ଦୁଷ୍ଟାଚାରୀଙ୍କ ହସ୍ତରୁ ଦୀନହୀନର ପ୍ରାଣ
ଉଦ୍ଧାର କରନ୍ତି।

### ଯିରମିୟଙ୍କ ଷଷ୍ଠ ଅଭିଯୋଗ

14ମୋର ଜନ୍ମଦିନ ଶାପଗ୍ରସ୍ତ ହେଉ ଓ ଯେଉଁଦିନ ମୋର
ମାତା ମୋତେ ଜନ୍ମ ଦେଲା, ସେ ଦିନଟି ଆଶୀର୍ବାଦ ପ୍ରାପ୍ତ ନ
ହେଉ।

15ମୋର ପିତାଙ୍କୁ ଯେଉଁ ବ୍ୟକ୍ତି "ପୁତ୍ର" ହେବାର ସମ୍ବାଦ
ଦେଇ ଖୁସି କରାଇଥିଲା, "ଏହା ଏକ ବାଳକ" ସେ ମଧ୍ୟ
ଶାପଗ୍ରସ୍ତ ହେଉ।

16ପୁଣି ସଦାପ୍ରଭୁ କ୍ଷମା ନକରି ଯେପରି ସମସ୍ତ ନଗର
ବିନାଶ କରିଥିଲେ। ସେ ଲୋକ ସେହିସବୁ ନଗର ତୁଲ୍ୟ
ହେଉ। ଆଉ ସେ ଲୋକ ପ୍ରାତଃକାଳରେ କ୍ରନ୍ଦନ ଓ ମଧ୍ୟାହ୍ନ
କାଳରେ ଚିତ୍କାର ଶବ୍ଦ ଶୁଣୁ।

17କାରଣ, ସେ ମୋତେ ମାତୃ ଗର୍ଭରେ ମାରି ପାରିଲା
ନାହିଁ। ତାହା କରିଥିଲେ ମୋର ମାତୃଗର୍ଭ ମୋର କବର
ହୋଇଥାଆନ୍ତା ଓ ମୁଁ ଜନ୍ମ ନେଇ ନଥାନ୍ତି।

18ମୁଁ କାହିଁକି ଜନ୍ମ ହେଲି? ଲଜ୍ଜା ଓ ଦୁଃଖରେ ମୋର
ସମସ୍ତ ଜୀବନ ଅତିବାହିତ ହେଲା।

### ପରମେଶ୍ୱର ସିଦିକିୟ ରାଜାଙ୍କ ଅନୁରୋଧ ପ୍ରତ୍ୟାଖ୍ୟାନ କରନ୍ତି

21 ରାଜା ସିଦିକିୟ ମଲ୍କିୟର ପୁତ୍ର ପଶ୍ହୂରକୁ ଓ
ମାସେୟର ପୁତ୍ର ସଫନିୟ ଯାଜକକୁ ସଦାପ୍ରଭୁଙ୍କର
ବାକ୍ୟ ଦେଇ ଯିରମିୟ ନିକଟକୁ ପଠାଇଲେ। 2ପଶ୍ହୂର ଓ
ସଫନିୟ ଯିରମିୟଙ୍କୁ କହିଲେ, "ତୁମ୍ଭେ ଆମ୍ଭମାନଙ୍କ ପାଇଁ
ସଦାପ୍ରଭୁଙ୍କୁ ପ୍ରାର୍ଥନା କର, କାରଣ ବାବିଲର ରାଜା ନିବୂଖଦ୍ନିତ୍ସର
ଆମ୍ଭମାନଙ୍କ ବିରୁଦ୍ଧରେ ଯୁଦ୍ଧ କରୁଅଛି। ସଦାପ୍ରଭୁ ଆମ୍ଭମାନଙ୍କ
ସପକ୍ଷରେ ସମସ୍ତ ଆଶ୍ଚର୍ଯ୍ୟ କ୍ରିୟା କରିପାରନ୍ତି, ଯେପରି ସେ
ଅତୀତରେ କରିଥିଲେ। ଆଉ ମଧ୍ୟ ସଦାପ୍ରଭୁ ତାଙ୍କୁ ଆକ୍ରମଣରୁ
ବିରତ କରାଇବେ ଓ ସେ ପ୍ରସ୍ଥାନ କରିବ।"

3ତା'ପରେ ଯିରମିୟ, ସଫନିୟ ଓ ପଶ୍ହୂରଙ୍କୁ କହିଲେ,
"ତୁମ୍ଭେମାନେ ସିଦିକିୟଙ୍କୁ ଏହିକଥା କହିବ। 4ସଦାପ୍ରଭୁ
ଇଶ୍ରାୟେଲର ପରମେଶ୍ୱର ଏହିକଥା କହନ୍ତି, 'ତୁମ୍ଭେମାନେ
ଆପଣା ହସ୍ତସ୍ଥିତ ଯେଉଁସବୁ ଯୁଦ୍ଧାସ୍ତ୍ର ଦ୍ୱାରା ବାବିଲର ରାଜା ଓ
ତୁମ୍ଭ ଅବରୋଧକାରୀ କଲଦୀୟମାନଙ୍କ ସହିତ ପ୍ରାଚୀର ବାହାରେ
ଯୁଦ୍ଧ କରୁଅଛ, ସେ ସବୁ ଅସ୍ତ୍ରକୁ ଆମ୍ଭେ ନିଷ୍ଫଳ କରାଇବା।

"'ଖୁବ୍ ଶୀଘ୍ର ପ୍ରାଚୀର ବାହାରେ ଥିବା ଶତ୍ରୁଗଣଙ୍କୁ
ଯିରୁଶାଲମ ମଧ୍ୟରେ ପ୍ରବେଶ କରାଇବା। 5ପୁଣି ଆମ୍ଭେ ନିଜେ
ବିସ୍ତୃତ ହସ୍ତ ଓ ବଳବାନ୍ ବାହୁ ସାହାଯ୍ୟରେ କ୍ରୋଧରେ,
ପ୍ରଚଣ୍ଡ ରୋଷରେ ଓ ମହାକୋପରେ ତୁମ୍ଭମାନଙ୍କ ବିରୁଦ୍ଧରେ
ଯୁଦ୍ଧ କରିବା। 6ଆଉ ଆମ୍ଭେ ଏହି ନଗରବାସୀ ମନୁଷ୍ୟ ଓ
ପଶୁ ସମସ୍ତଙ୍କୁ ସଂହାର କରିବା ଓ ସେମାନେ ମହାମାରୀରେ
ମରିବେ।'" 7ଏସବୁ ଘଟିଲା ପରେ ସଦାପ୍ରଭୁ କହନ୍ତି,
"'ଆମ୍ଭେ ଯିହୁଦା ରାଜା ସିଦିକିୟଙ୍କୁ, ତାହାର ଦାସଗଣଙ୍କୁ ଓ
ତାହାର ଲୋକମାନଙ୍କୁ ଯେଉଁମାନେ ମହାମାରୀ, ଖଡ୍ଗ ଓ
ଦୁର୍ଭିକ୍ଷରୁ ଅବଶିଷ୍ଟ ରହିବେ, ସେମାନଙ୍କୁ ବାବିଲର ରାଜା
ନିବୂଖଦ୍ନିତ୍ସରଙ୍କ ହସ୍ତରେ, ସେମାନଙ୍କ ଶତ୍ରୁଗଣ ହସ୍ତରେ ଓ
ସେମାନଙ୍କ ପ୍ରାଣନାଶକାରୀଙ୍କ ହସ୍ତରେ ସମର୍ପଣ କରିବା। ଆଉ
ସେମାନେ ସେମାନଙ୍କୁ ଦୟା, କରୁଣା ଓ କ୍ଷମା ନକରି
ଖଡ୍ଗରେ ବଧ କରିବେ।'

8"ଆଉ ମଧ୍ୟ ତୁମ୍ଭେ ସେ ଲୋକମାନଙ୍କୁ କହିବ, ସଦାପ୍ରଭୁ
ଏହିକଥା କହନ୍ତି, ଦେଖ, 'ଆମ୍ଭେ ତୁମ୍ଭମାନଙ୍କ ସମ୍ମୁଖରେ
ଜୀବନର ପଥ ଓ ମୃତ୍ୟୁର ପଥ ରଖିଅଛୁ। 9ଏବଂ ସେହି
ଲୋକମାନେ, ଯେଉଁମାନେ ଏହି ନଗର ମଧ୍ୟରେ ରହିବେ,
ସେମାନେ ମରିବେ। ସେମାନେ ଖଡ୍ଗ, ଦୁର୍ଭିକ୍ଷ ଓ ମହାମାରୀରେ
ମରିବେ। ମାତ୍ର ସେହି ଲୋକମାନେ ଯେଉଁମାନେ ଆକକ୍ରମଣ
କରୁଥିବା କଲ୍ଦୀୟମାନଙ୍କର ପକ୍ଷ ନିଅନ୍ତି, ସେମାନେ ବଞ୍ଚିବେ
ଓ ସେମାନେ ସେହିମାନଙ୍କର ଜୀବନକୁ ସତେ ଯେପରି ଖଣ୍ଡେ
ଲୁଣ୍ଠିତ ବସ୍ତୁ ତୁଲ୍ୟ ରକ୍ଷା କରିବେ। 10ପୁଣି ସଦାପ୍ରଭୁ କହନ୍ତି
ମଙ୍ଗଳ ପାଇଁ ନୁହେଁ, ଅମଙ୍ଗଳ ଘଟାଇବା ପାଇଁ ଆମ୍ଭେ ସ୍ଥିର
କରିଅଛୁ।'" "'ଏହି ନଗରକୁ ଆମ୍ଭେ ବାବିଲ ରାଜା ହସ୍ତରେ
ଅର୍ପଣ କରିବା ଓ ସେ ଏହାକୁ ଅଗ୍ନିରେ ଦଗ୍ଧ କରିବ।'

11"ଆଉ ଯିହୁଦାର ରାଜବଂଶ ବିଷୟରେ ତୁମ୍ଭେମାନେ
ସଦାପ୍ରଭୁଙ୍କ ବାକ୍ୟ ଶୁଣ।

12ହେ ଦାଉଦବଂଶ, ସଦାପ୍ରଭୁ ଏହିକଥା କହନ୍ତି, 'ତୁମ୍ଭେମାନେ
ପ୍ରଭାତରେ ସୁବିବେଚନା କର। ଅପରାଧିଙ୍କ ହସ୍ତରୁ ଲୁଣ୍ଠିତ
ଲୋକମାନଙ୍କୁ ଉଦ୍ଧାର କର। ତାହା ନହେଲେ ତୁମ୍ଭେମାନେ
ତୁମ୍ଭମାନଙ୍କର ଦୁଷ୍ଟାଚରଣ ଯୋଗୁଁ ଆମ୍ଭ ପ୍ରଚଣ୍ଡ କ୍ରୋଧାଗ୍ନିରେ
ଭସ୍ମୀଭୂତ ହେବ ଓ କେହି ତାହାକୁ ନିର୍ବାଣ କରିପାରିବେ
ନାହିଁ।'

13"ହେ ଉପତ୍ୟକା ଓ କ୍ଷେତ୍ରସ୍ଥ ଶୈଳ ନିବାସୀନି
ଯିରୁଶାଲମ, ସଦାପ୍ରଭୁ କହନ୍ତି, ଦେଖ, ଆମ୍ଭେ ତୁମ୍ଭର
ପ୍ରତିକୂଳ ଅଟୁ। ତୁମ୍ଭେମାନେ କହୁଅଛ 'ଆମ୍ଭମାନଙ୍କ ବିପକ୍ଷରେ
କେହି ଆକ୍ରମଣ କରିବେ ନାହିଁ କି ଆମ୍ଭର ସୁଦୃଢ଼ ନଗରୀକୁ
କେହି ପରାସ୍ତ କରିପାରିବେ ନାହିଁ।'

14ମାତ୍ର ସଦାପ୍ରଭୁ କହନ୍ତି, 'ଆମ୍ଭେ ତୁମ୍ଭମାନଙ୍କ
କର୍ମଫଳାନୁସାରେ ତୁମ୍ଭମାନଙ୍କୁ ଶାସ୍ତି ଦେବା। ପୁଣି ଆମ୍ଭେ
ତୁମ୍ଭମାନଙ୍କ ଅରଣ୍ୟରେ ଅଗ୍ନି ସଂଯୋଗ କରିବା। ସେହି ଅଗ୍ନି
ତୁମ୍ଭମାନଙ୍କ ଚତୁଃପାର୍ଶ୍ୱରେ ଥିବା ସମସ୍ତ ଦ୍ରବ୍ୟ ଗ୍ରାସ କରିବ।'"

## ଦୁଷ୍ଟ ରାଜାଗଣଙ୍କ ବିପକ୍ଷରେ ବିଗ୍ଭର

22 ସଦାପ୍ରଭୁ କହିଲେ, "ହେ ଯିରିମିୟ, ତୁମ୍ଭେ ଯିହୁଦା
ରାଜପ୍ରାସାଦକୁ ଯାଇ ଯିହୁଦାର ରାଜାଙ୍କୁ ଏହି ବାକ୍ୟ
କୁହ। 2'ହେ ଦାଉଦଙ୍କ ସିଂହାସନରେ ଉପବିଷ୍ଟ ଯିହୁଦାର
ରାଜା, ତୁମ୍ଭେ ତୁମ୍ଭର ଦାସଗଣ ଓ ଏହିସବୁ ଫାଟକ ଦେଇ
ପ୍ରବେଶ କର ଏବଂ ସଦାପ୍ରଭୁଙ୍କର ଏହିସବୁ ବାକ୍ୟ ଶୁଣ।
3ସଦାପ୍ରଭୁ କହନ୍ତି, ନ୍ୟାୟ ବିବେଚନା କର ଏବଂ ଯାହା ଠିକ୍
ତାହା କର। ଲୁଣ୍ଠିତ ଲୋକକୁ ଉପଦ୍ରବକାରୀଠାରୁ ଉଦ୍ଧାର
କର। ପୁଣି ବିଦେଶୀ, ପିତୃହୀନ ଓ ବିଧବା ପ୍ରତି କୌଣସି
ଅନ୍ୟାୟ ବା ଉପଦ୍ରବ କରନାହିଁ କି ଏହି ସ୍ଥାନରେ ନିର୍ଦ୍ଦୋଷର
ରକ୍ତପାତ କରନାହିଁ। 4ଆଉ ଯଦି ତୁମ୍ଭେମାନେ ପ୍ରକୃତରେ
ଏହିସବୁ କାର୍ଯ୍ୟ କର, ତେବେ ଦାଉଦଙ୍କ ସିଂହାସନରେ
ଉପବିଷ୍ଟ ରାଜାଗଣ ରଥରେ ଓ ଅଶ୍ୱରେ ଚଢ଼ି, ସେ ଓ
ତାଙ୍କର ଦାସଗଣଙ୍କ ସହିତ ସମସ୍ତ ଲୋକ ଏହି ଫାଟକ
ଦେଇ ଗୃହରେ ପ୍ରବେଶ କରିବେ। 5ମାତ୍ର ତୁମ୍ଭେ ଯଦି
ଏହିସବୁ କଥା ଶୁଣିବ ନାହିଁ, ତେବେ ସଦାପ୍ରଭୁ କହନ୍ତି,
ଆମ୍ଭେ ଆପଣା ନାମରେ ଶପଥ କରି କହୁଅଛୁ ଏହି ଗୃହ
ଧ୍ୱଂସ ସ୍ତୁପରେ ପରିଣତ ହେବ।'"

6ଆଉ ଯିହୁଦାର ରାଜଗୃହ ବିଷୟରେ ସଦାପ୍ରଭୁ ଏହିକଥା
କହନ୍ତି,

"ତୁମ୍ଭେ ଆମ୍ଭପ୍ରତି ଗିଲୟଦ୍ ଓ ଲିବାନୋନର ଶୃଙ୍ଗସ୍ୱରୂପ
ଅଟ। ତଥାପି ଆମ୍ଭେ ତୁମ୍ଭକୁ ପ୍ରାନ୍ତର ଓ ଜନଶୂନ୍ୟ ନଗରରେ
ପରିଣତ କରିବା।

7ତୁମ୍ଭର ପ୍ରାସାଦକୁ ଧ୍ୱଂସ କରିବାକୁ ପ୍ରତ୍ୟେକ ବିନାଶକାରୀଙ୍କୁ
ଅସ୍ତ୍ର ସହିତ ପଠାଇବା। ସେମାନେ ତୁମ୍ଭର ସୁଦୃଢ଼ ସୁନ୍ଦର
ଏରସକାଠ ନିର୍ମିତ କଡ଼ିଗୁଡ଼ିକୁ କାଟି ଅଗ୍ନିରେ ପକାଇବେ।

8"ଆଉ ଦେଶୀୟମାନେ ଏହି ନଗର ଦେଇ ଗଲାବେଳେ
ପ୍ରତ୍ୟେକ ଆପଣା ଆପଣା ସଙ୍ଗୀକି ପଚାରିବେ, 'ସଦାପ୍ରଭୁ
କେଉଁଥିପାଇଁ ଏହି ବିଶାଳ ଯିରୁଶାଲମ ନଗରକୁ ଏପରି
କଲେ?' 9ତହିଁରେ ସେମାନେ ଉତ୍ତର ଦେବେ, 'ସଦାପ୍ରଭୁ
ପରମେଶ୍ୱରଙ୍କ ନିୟମକୁ ପରିତ୍ୟାଗ କରି ଯିହୁଦାବାସୀ ଅନ୍ୟ
ଦେବଗଣଙ୍କୁ ପ୍ରଣାମ ଓ ସେବା କରିଥିବାରୁ।'"

## ରାଜା ଯିହୋୟାସ୍ (ଶଲ୍ଲୁମ)ଙ୍କ ବିରୁଦ୍ଧରେ ବିଗ୍ଭର

10ତୁମ୍ଭେମାନେ ମୃତ ରାଜାଙ୍କ ସକାଶେ ରୋଦନ କରନାହିଁ।
କିଅବା ତାହା ପାଇଁ ବିଳାପ କରନାହିଁ। ମାତ୍ର ପ୍ରସ୍ଥାନ କରିବା
ରାଜା ନିମନ୍ତେ ଅତିଶୟ କ୍ରନ୍ଦନ କର। କାରଣ ସେ ଆଉ
ଫେରିବ ନାହିଁ କି ଆପଣା ଜନ୍ମଭୂମି ଆଉ ଦେଖିବ ନାହିଁ।

11ଯେହେତୁ ଯିହୁଦାର ରାଜା ଯୋଶିୟର ପୁତ୍ର ଶଲ୍ଲୁମ୍
ଯେ ଆପଣା ପିତା ଯୋଶିୟର ପଦରେ ରାଜତ୍ୱ କଲା ଓ ଏହି
ସ୍ଥାନରୁ ବାହାରି ଗଲା। ତାହାର ବିଷୟରେ ସଦାପ୍ରଭୁ ଏହା
କହନ୍ତି, "ସେ ଆଉ ଯିରୁଶାଲମକୁ ଫେରିବ ନାହିଁ। 12ଯିହୋୟାସ୍
(ଶଲ୍ଲୁମ) ବନ୍ଦୀତ୍ୱ ଅବସ୍ଥାରେ ଯେଉଁ ସ୍ଥାନକୁ ନୀତ ହୋଇଛି
ସେ ସେହି ସ୍ଥାନରେ ମରିବ। ସେ ଆଉ ଏହି ଦେଶ ଦେଖି
ପାରିବେ ନାହିଁ।"

## ରାଜା ଯିହୋୟାକୀମଙ୍କ ବିପକ୍ଷରେ ବିଗ୍ଭର

13ଯିହୋୟାକୀମ ଜଣେ ଅଧର୍ମୀ ରାଜା ଥିଲେ ଯିଏ କି
ଅଧର୍ମରେ ଆପଣା ଗୃହ ଓ ଅନ୍ୟାୟରେ ଆପଣା କୋଠରୀମାନ
ନିର୍ମାଣ କରେ, ଯିଏ ବିନା ମୂଲ୍ୟରେ ଆପଣା ପ୍ରତିବେଶୀକି
ସେବା କରାଏ ଓ ତାଙ୍କୁ କିଛି ବେତନ ଦିଏ ନାହିଁ।

14ଯିହୋୟାକୀମ୍ କହନ୍ତି, "ମୁଁ ନିଜ ପାଇଁ ଏକ ପ୍ରଶସ୍ତ
ଗୃହ ଓ ବୃହତ୍ କୋଠରୀମାନ ନିର୍ମାଣ କରିବ।" ତେଣୁ ସେ
ବୃହତ୍ ଝରକା ଥିବା ଏକ ଗୃହ ନିର୍ମାଣ କଲେ ଓ ଏରସ
କାଠରେ ଗୃହର ଭିତର ଛାତ କଲେ ଓ ସିନ୍ଦୂର ରଙ୍ଗରେ
କାଠ ରଙ୍ଗ କଲେ। ମାତ୍ର ସେ ସନ୍ତାପର ପାତ୍ର ହେଲେ।

15ହେ ଯିହୋୟାକୀମ୍, ତୁମ୍ଭେ ତୁମ୍ଭ ଗୃହରେ ବହୁ ଏରସ
କାଠ ବ୍ୟବହାର କରି ବଡ଼ ରାଜା ହୋଇଯିବ ବୋଲି ଭାବୁଛ
କି? ତୁମ୍ଭର ପିତା ଧର୍ମରେ ଖାଦ୍ୟ ପାନୀୟ ଦେଇ ଉତ୍ତମ
ରାଜା ହେଲେ ଓ ଏହି ଧର୍ମାଚରଣ ଯୋଗୁଁ ସେଠାରେ ଉନ୍ନତି
ହେଲା।

16ଯୋଶିୟ ଦରିଦ୍ର ଓ ଦୀନହୀନଙ୍କର ଯତ୍ନ ନେଉଥିବାରୁ
ତାଙ୍କର ମଙ୍ଗଳ ହେଲା। ସଦାପ୍ରଭୁ କହନ୍ତି, "ଏହାକି ଆମ୍ଭକୁ
ଜ୍ଞାତ ହେବାର ନୁହେଁ?"

17ମାତ୍ର ହେ ଯିହୋୟାକୀମ୍, ତୁମ୍ଭେ କେବଳ ନିଜର ସ୍ୱାର୍ଥ
ଦେଖିଛ, ତୁମ୍ଭର ଚକ୍ଷୁ ଓ ଅନ୍ତଃକରଣ ଲୋଭ, ଉପଦ୍ରବ,
ଦୌରାତ୍ମ୍ୟ ଓ ନିର୍ଦ୍ଦୋଷର ରକ୍ତପାତରେ ବୁଡ଼ି ରହିଛି।

18ଏଣୁ ଯୋଶିୟର ପୁତ୍ର ଯିହୁଦାର ରାଜା ଯିହୋୟାକୀମ
ବିଷୟରେ ସଦାପ୍ରଭୁ ଏହିକଥା କହନ୍ତି, "ଯିହୁଦାର ଲୋକମାନେ,
'ହାୟ, ଆମ୍ଭର ଭାଇ! ଅବା ହାୟ, ଆମ୍ଭ ଭଉଣୀ ବୋଲି
ଡାକି ତାଙ୍କ ପାଇଁ ବିଳାପ କରିବେ ନାହିଁ।' 'ହାୟ ପ୍ରଭୁ,
ହାୟ ତାଙ୍କର ମହିମା! ଏହା କହି ଲୋକେ ତାହାପାଇଁ ବିଳାପ
କରିବେ ନାହିଁ।'

19ତାହାର କବର ଗଧର କବର ତୁଲ୍ୟ ହେବ, ସେ
ଘୋଷଡ଼ା ଯାଇ ଯିରୁଶାଲମର ଦ୍ୱାର ବାହାରେ ପକାଯିବ।

20"ହେ ଯିହୁଦା, ତୁମ୍ଭେ ଲିବାନୋନ୍‌ର ପର୍ବତ ଉପରେ
କ୍ରନ୍ଦନ କର। ତୁମ୍ଭେ ବାଶନର ପର୍ବତ ଉପରେ ଉଚ୍ଚ ସ୍ୱରରେ
ପାଟି କର ଓ ଅବାରୀମର ପର୍ବତରୁ ବିଳାପ କର। କାରଣ
ତୁମ୍ଭର 'ପ୍ରେମିକମାନେ' ବିନଷ୍ଟ ହୋଇଅଛନ୍ତି।

21"ଆମ୍ଭେ ତୁମ୍ଭର ସୌଭାଗ୍ୟ ସମୟରେ ତୁମ୍ଭକୁ କଥା
କହିଲୁ ଓ ତୁମ୍ଭକୁ ସାବଧାନ କଲୁ। ମାତ୍ର ତୁମ୍ଭେ ଶୁଣିବ ନାହିଁ
ବୋଲି କହିଲ। ଆମ୍ଭ ବାକ୍ୟ ପ୍ରତି ତୁମ୍ଭେ ବାଲ୍ୟାବସ୍ଥାରୁ
ଅବଧାନ କରନାହିଁ।

22"ତୁମ୍ଭ ପ୍ରତି ଶାସ୍ତି ସ୍ୱରୂପ ବାୟୁ ତୁମ୍ଭର ସମସ୍ତ
ମେଷପାଳକଙ୍କୁ ଉଡ଼ାଇ ନେବ ଓ ତୁମ୍ଭର ଆଚ୍ଛାଦକ ବନ୍ଦୀତ୍ୱ
ସ୍ଥାନକୁ ଯିବ। ସେହି ସମୟରେ ତୁମ୍ଭେ ନିଜର ସକଳ
ଦୁଷ୍ଟାଚରଣ ଯୋଗୁ ଲଜ୍ଜିତ ଓ ଆକୁଳିତ ହେବ।

23"ହେ ରାଜା, ତୁମ୍ଭେ ଏରସ କାଠ ନିର୍ମିତ ଗୃହରେ
ଉଚ୍ଚ ପର୍ବତ ଉପରେ ବାସ କରି ଲିବାନୋନ୍‌ରେ ରହିଲା ପରି

ନିଜକୁ ନଗପଦ ମନେ କରନ୍ତୁ। ମାତ୍ର ଯେତେବେଳେ ତୁମ୍ଭେ ଶାସ୍ତି ପାଇବ, ତୁମ୍ଭେ ପ୍ରସବ ବେଦନା ତୁଲ୍ୟ ବିଳାପ କରିବ।"

## ଯିହୋୟାକୀମ୍‌ଙ୍କ ବିପକ୍ଷରେ ବିଗ୍ଭର

**24**ସଦାପ୍ରଭୁ କହନ୍ତି, "ଆମ୍ଭେ ଜୀବିତ ଥିବା ପ୍ରମାଣେ" "ଯିହୁଦାର ରାଜା ଯିହୋୟାକୀମ୍‌ର ପୁତ୍ର ଯିହୋୟାକୀନ୍ ଆମ୍ଭ ଦକ୍ଷିଣ ହସ୍ତର ମୋହର ତୁଲ୍ୟ ହେଲେ ହେଁ ଆମ୍ଭେ ତୁମ୍ଭକୁ ସେଠାରୁ କାଢି ପକାଇବା। **25**ହେ ଯିହୋୟାକୀନ୍, ଯେଉଁମାନେ ତୁମ୍ଭର ପ୍ରାଣନାଶ କରିବାକୁ ଚେଷ୍ଟା କରନ୍ତି ଓ ଯେଉଁମାନଙ୍କ ବିଷୟରେ ତୁମ୍ଭେ ଭୟ କରୁଅଛ, ସେମାନଙ୍କ ହସ୍ତରେ ଅର୍ଥାତ୍ ବାବିଲର ରାଜା ନବୂଖଦ୍‌ନିତ୍ସରଙ୍କ ହସ୍ତରେ ଓ କଲଦୀୟମାନଙ୍କ ହସ୍ତରେ ଆମ୍ଭେ ତୁମ୍ଭକୁ ସମର୍ପି ଦେବା। **26**ଆଉ ଆମ୍ଭେ ତୁମ୍ଭକୁ ଓ ତୁମ୍ଭର ପ୍ରସବକାରିଣୀ ମାତାକୁ ତୁମ୍ଭମାନଙ୍କର ଯେଉଁ ଦେଶରେ ଜନ୍ମ ହୋଇ ନଥିଲ ସେହିପରି ଦେଶରେ ନିକ୍ଷେପ କରିବା। ସେହିଠାରେ ତୁମ୍ଭେମାନେ ମରିବ। **27**ହେ କନିୟ, ତୁମ୍ଭେ ଯେଉଁ ଦେଶକୁ ଫେରିବାକୁ ଇଚ୍ଛା କରୁଛ, ତୁମ୍ଭେ ସେ ଦେଶକୁ ଫେରି ପାରିବ ନାହିଁ।"

**28**କନିୟ ଏକ ତୁଚ୍ଛ ଭଗ୍ନପାତ୍ର ତୁଲ୍ୟ ଯାହା ବାହାରେ ନିକ୍ଷିପ୍ତ ହେବା ଯୋଗ୍ୟ। ସେ ଏକ ଅପ୍ରୀତିକର ପାତ୍ର। ସେ ଓ ତାହାର ବଂଶ କାହିଁକି ଦୂରୀକୃତ ହୋଇ ଅଜ୍ଞାତ ଦେଶରେ ନିକ୍ଷିପ୍ତ ହେଲେ?

**29**ହେ ପୃଥିବୀ, ଯିହୁଦା ଦେଶ! ସଦାପ୍ରଭୁଙ୍କ ବାକ୍ୟ ଶୁଣ।

**30**ସଦାପ୍ରଭୁ କହନ୍ତି, "କନିୟ ବିଷୟରେ ଏହି କଥା ଲେଖ, 'ସେ ନିଃସନ୍ତାନ ହେବ। ସେ ନିଜ ଜୀବନକାଳ ମଧ୍ୟରେ ଭାଗ୍ୟବାନ୍ ହେବନାହିଁ। କାରଣ ତାହାର ବଂଶର କୌଣସି ଲୋକ ଦାଉଦଙ୍କ ସିଂହାସନରେ ବସିବ ନାହିଁ କି ଯିହୁଦା ଉପରେ ଆପଣା ଶାସନ କର୍ତ୍ତୃତ୍ୱ କରି ଭାଗ୍ୟବାନ ହେବନାହିଁ।'"

**23** ସଦାପ୍ରଭୁ କହନ୍ତି, "ଯେଉଁ ପାଳକମାନେ ଆମ୍ଭ ଚରାସ୍ଥାନର ମେଷମାନଙ୍କୁ ନଷ୍ଟ ଓ ଛିନ୍ନଭିନ୍ନ କରନ୍ତି, ସେମାନେ ସନ୍ତାପର ପାତ୍ର।"

**2**ଏଣୁ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର ଆପଣା ଲୋକମାନଙ୍କର ପାଳନକାରୀ ପାଳକମାନଙ୍କ ବିରୁଦ୍ଧରେ ଏହିକଥା କହନ୍ତି, "ତୁମ୍ଭେମାନେ ଆମ୍ଭର ମେଷପଲକୁ ଛିନ୍ନଭିନ୍ନ କରି ଦୂରକୁ ତଡ଼ି ଦେଇଅଛ ଓ ସେମାନଙ୍କର ଯତ୍ନ ନେଇନାହିଁ। ତେଣୁ ଆମ୍ଭେ ତୁମ୍ଭମାନଙ୍କର ଦୁଷ୍କର୍ମର ଫଳ ତୁମ୍ଭମାନଙ୍କୁ ଅବଶ୍ୟ ଦେବା।" ଏହା ସଦାପ୍ରଭୁ କହନ୍ତି। **3**"ଆମ୍ଭେ ଯେଉଁ ଯେଉଁ ଦେଶକୁ ଆମ୍ଭର ପଲକୁ ତଡ଼ି ଦେଇଅଛୁ, ସେହିସବୁ ଦେଶରୁ ସେମାନଙ୍କର ଅବଶିଷ୍ଟାଂଶ ସଂଗ୍ରହ କରିବା। ଆଉ ପୁନର୍ବାର ସେମାନଙ୍କୁ ସେମାନଙ୍କର ବାସ ସ୍ଥାନକୁ ଫେରାଇ ଆଣିବା। ସେତେବେଳେ ସେମାନେ ପ୍ରଜାବନ୍ତ ଓ ବହୁ ସଂଖ୍ୟକ ହେବେ। **4**ଆଉ ଆମ୍ଭେ ସେମାନଙ୍କ ଉଦ୍ଦେଶ୍ୟରେ ନୂତନ ପାଳକ ନିଯୁକ୍ତ କରିବା। ସେମାନେ ସେମାନଙ୍କୁ ଚରାଇବେ ଓ ଯତ୍ନ ନେବେ। ଆଉ ଆମ୍ଭର ପଲ ଭୟଭୀତ କି ନିରାଶ ହେବେ ନାହିଁ। ପୁଣି ସେମାନଙ୍କ ମଧ୍ୟରୁ କେହି ହଜିବେ ନାହିଁ।" ଏହା ସଦାପ୍ରଭୁ କହନ୍ତି।

## ଧାର୍ମିକତା "ଉତ୍ପନ୍ନ"

**5**ସଦାପ୍ରଭୁ କହନ୍ତି, "ଏପରି ଏକ ସମୟ ଆସୁଛି, ଯେଉଁ ସମୟରେ ଦାଉଦ ବଂଶରେ ଆମ୍ଭେ ଏକ ଧାର୍ମିକ ଶାଖା 'ଉତ୍ପନ୍ନ' କରିବା। ତହିଁରେ ସେ ରାଜା ହୋଇ ରାଜତ୍ୱ କରିବେ। ସେ ନିଜର ଉତ୍ତମ ଜ୍ଞାନ ବଳରେ ଦେଶରେ ସୁବିଗ୍ଭର ଓ ନ୍ୟାୟ ପ୍ରତିଷ୍ଠା କରିବେ।

**6**ସେହି ଉତ୍ତମ ରାଜତ୍ୱ କାଳରେ ଶାଖା 'ଉତ୍ପନ୍ନ' ହୋଇ ଯିହୁଦା ପରିତ୍ରାଣ ପାଇବ ଓ ଇଶ୍ରାୟେଲ ନିରାପଦରେ ବାସ କରିବ। ପୁଣି ସଦାପ୍ରଭୁ ଆମ୍ଭମାନଙ୍କର ଧର୍ମ, ଏହି ନାମରେ ସେ ବିଖ୍ୟାତ ହେବେ।

**7**ଏଣୁକରି ସଦାପ୍ରଭୁ କହନ୍ତି, "ଏପରି ଏକ ସମୟ ଆସୁଅଛି," ଯେଉଁ ସମୟରେ ଲୋକମାନେ କହିବେ ନାହିଁ, 'ସେହି ଜୀବିତ ସଦାପ୍ରଭୁ ଇଶ୍ରାୟେଲ ସନ୍ତାନଗଣକୁ ମିଶର ଦେଶରୁ ବାହାରକରି ଆଣିଲେ।' **8**ମାତ୍ର ଲୋକମାନେ ଏକ ନୂଆ କଥା କହିବେ। ସେମାନେ କହିବେ, 'ସେହି ଜୀବିତ ସଦାପ୍ରଭୁ ଇଶ୍ରାୟେଲ କୁଳଜାତ ବଂଶକୁ ଉତ୍ତର ଦେଶରୁ ଓ ଯେଉଁ ଯେଉଁ ସ୍ଥାନକୁ ଆମ୍ଭେ ସେମାନଙ୍କୁ ତଡ଼ି ଦେଇଥିଲୁ, ସେହି ସବୁ ଦେଶରୁ ସେମାନଙ୍କୁ ବାହାର କରି ଆଣିଲେ।' ଆଉ ସେମାନେ ଆପଣା ଦେଶରେ ବାସ କରିବେ। ଏପରି ସମୟ ଆସୁଅଛି।"

## ମିଥ୍ୟା ଭବିଷ୍ୟଦ୍‌ବକ୍ତାଙ୍କ ବିପକ୍ଷରେ ବିଗ୍ଭର

**9**ଭବିଷ୍ୟଦ୍‌ବକ୍ତାମାନଙ୍କ ପ୍ରତି ବାର୍ତ୍ତା। ମୋର ଅନ୍ତରସ୍ଥ ହୃଦୟ ଭଗ୍ନ ହୋଇଅଛି। ମୋର ଅସ୍ଥିସବୁ କମ୍ପୁଅଛି। ସଦାପ୍ରଭୁ ଓ ତାଙ୍କ ପବିତ୍ର ବାକ୍ୟ ହେତୁ ମୁଁ ମତ୍ତ ଲୋକ ତୁଲ୍ୟ ଓ ଦ୍ରାକ୍ଷାରସରେ ପରାଜିତ ତୁଲ୍ୟ ହୋଇଅଛି।

**10**କାରଣ ଯିହୁଦା ପାପୀ ଓ ବ୍ୟଭିଗ୍ଭରୀମାନଙ୍କରେ ପରିପୂର୍ଣ୍ଣ। ସେମାନେ ବହୁ ଭାବରେ ଅବିଶ୍ୱସ୍ତ ହୋଇଛନ୍ତି। ସଦାପ୍ରଭୁଙ୍କର ଅଭିଶାପ ଯୋଗୁଁ ପ୍ରାନ୍ତରସ୍ଥ ଚରଣଭୂମି ଶୁଷ୍କ ହୋଇଅଛି। ଦେଶ ଶୋକ କରୁଅଛି। ଭବିଷ୍ୟଦ୍‌ବକ୍ତାଙ୍କର ବ୍ୟବହାର ଓ ପରାକ୍ରମ ନ୍ୟାୟସଙ୍ଗତ ନୁହେଁ।

**11**"ଉଭୟ ଭବିଷ୍ୟଦ୍‌ବକ୍ତା ଓ ଯାଜକଗଣ ସବୁ ମିଛ। କାରଣ ସଦାପ୍ରଭୁ କହନ୍ତି, ଏପରିକି ସେମାନେ ମୋ ମନ୍ଦିରରେ ଅପକର୍ମ କରୁଥିବାର ମୁଁ ଦେଖିଲି।"

**12**"ତେଣୁ ସେମାନଙ୍କର ପଥ ଅନ୍ଧକାର ଓ ଖସଡ଼ା ହେବ। ସେମାନେ ସେହି ଅନ୍ଧାର ମଧ୍ୟରେ ରହିବେ। କାରଣ ସଦାପ୍ରଭୁ କହନ୍ତି, ମୁଁ ସେମାନଙ୍କ ଉପରେ ଅମଙ୍ଗଳ ଓ ପ୍ରତିଫଳ ଆଣିବି।"

**13**"ଶମରୀୟାର ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରେ ବିରକ୍ତିକର ବିଷୟ ମୁଁ ଦେଖିଅଛି। ସେମାନେ ବାଲ୍‌ଦେବ ନାମରେ ମିଥ୍ୟା ଭବିଷ୍ୟଦ୍‌ବାକ୍ୟ ପ୍ରଗ୍ଭର କରି ଇଶ୍ରାୟେଲ ଲୋକମାନଙ୍କୁ କୁପଥରେ ଚଳାଇଲେ।

**14**ଯିରୁଶାଲମର ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରେ ଆମ୍ଭେ ସେହି ଭୟଙ୍କର ଜିନିଷ ଦେଖୁଅଛୁ। ସେମାନେ ପର ସ୍ତ୍ରୀ ନିକଟକୁ ଗମନ କରନ୍ତି, ମିଥ୍ୟାଚରଣ କରନ୍ତି ଓ ଦୁରାଗ୍ଭରୀମାନଙ୍କ ହସ୍ତ ଏପରି ସବଳ କରନ୍ତି ଯେ ସେମାନଙ୍କ ମଧ୍ୟରୁ କେହି ଆପଣା ଆପଣା ଦୁଷ୍ଟତାରୁ ଫେରନ୍ତି ନାହିଁ। ସେ ସମସ୍ତେ

ଆମ୍ଭ ପ୍ରତି ସଦୋମର ତୁଲ୍ୟ ଓ ତାହାର ନିବାସୀଗଣ
ହାମୋରାର ସମାନ ଅଟନ୍ତି।"
**15**ତେଣୁ ସୈନ୍ୟାଧିପତି ସଦାପ୍ରଭୁ ଭବିଷ୍ୟଦ୍‌ବକ୍ତାମାନଙ୍କ
ବିଷୟରେ ଏହା କହନ୍ତି, "ଆମ୍ଭେ ସେମାନଙ୍କୁ ବିଷାକ୍ତ ଖାଦ୍ୟ
ଭୋଜନ କରାଇବା ଓ ବିଷ ବୃକ୍ଷର ରସ ପାନ କରାଇବା।
କାରଣ ଯିରୂଶାଲମର ଭବିଷ୍ୟଦ୍‌ବକ୍ତାମାନଙ୍କଠାରୁ ପାଷାଣ୍ଡତା
ଦେଶ ସାରା ବ୍ୟାପି ଯାଇଛି।"
**16**ପୁଣି ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, "ଯେଉଁ
ଭବିଷ୍ୟଦ୍‌ବକ୍ତାଗଣ ତୁମ୍ଭମାନଙ୍କ ନିକଟରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର
କରନ୍ତି, ସେମାନଙ୍କର ବାକ୍ୟ ତୁମ୍ଭେମାନେ ଶୁଣ ନାହିଁ।
ସେମାନେ ତୁମ୍ଭମାନଙ୍କୁ ଅସାରତା ଶିଖାନ୍ତି। ସେମାନେ କେବଳ
ନିଜ ହୃଦୟର ଦର୍ଶନ କଥା କହନ୍ତି। ମାତ୍ର ସେମାନେ
ସଦାପ୍ରଭୁଙ୍କର ମୁଖର କଥା କହନ୍ତି ନାହିଁ।
**17**ସେମାନେ ଆମ୍ଭର ଅବଜ୍ଞାକାରୀଙ୍କୁ ଆମ୍ଭର ବାକ୍ୟ
ନିକହି ଭିନ୍ନ କଥା କୁହନ୍ତି। ସେମାନେ ସେମାନଙ୍କୁ କୁହନ୍ତି,
ସଦାପ୍ରଭୁ କହିଅଛନ୍ତି, 'ତୁମ୍ଭମାନଙ୍କର ଶାନ୍ତି ହେବ।' ପୁଣି
ଯେଉଁମାନେ ଅବାଧ୍ୟ ହୋଇ ନିଜର ହୃଦୟରେ ଆଚରଣ
ଅନୁସାରେ କାର୍ଯ୍ୟ କରନ୍ତି, ସେମାନଙ୍କୁ କୁହାଯାଏ, 'ତୁମ୍ଭମାନଙ୍କ
ପ୍ରତି କୌଣସି ଅମଙ୍ଗଳ ହେବନାହିଁ।'
**18**ମାତ୍ର କୌଣସି ଭବିଷ୍ୟଦ୍‌ବକ୍ତା ସ୍ୱର୍ଗୀୟ ସଭାରେ
ସଦାପ୍ରଭୁଙ୍କର ବାକ୍ୟ ପ୍ରତ୍ୟକ୍ଷ ଭାବରେ ଶୁଣିବାକୁ ତାଙ୍କ
ସମ୍ମୁଖରେ ଠିଆ ହୋଇନାହିଁ। କେହି ତାଙ୍କର ବାକ୍ୟ ମନୋଯୋଗ
ସହକାରେ ଶୁଣିନାହିଁ।
**19**ତେଣୁ ସଦାପ୍ରଭୁଙ୍କର ପ୍ରଚଣ୍ଡ କ୍ରୋଧ ଭୟଙ୍କର ଘୂର୍ଣ୍ଣିବାତ୍ୟା
ସ୍ୱରୂପ ଆସିବ ଓ ତାହା ଦୁଷ୍ଟମାନଙ୍କର ମସ୍ତକକୁ ଦଳି
ପକାଇବ।
**20**ଯେପର୍ଯ୍ୟନ୍ତ ସଦାପ୍ରଭୁ ଆପଣା ମନର ଅଭିପ୍ରାୟ ସଫଳ
ଓ ସିଦ୍ଧ ନ କରିଛନ୍ତି, ସେ ପର୍ଯ୍ୟନ୍ତ ତାଙ୍କର କ୍ରୋଧ ଫେରିବ
ନାହିଁ। ତୁମ୍ଭେମାନେ ଶେଷକାଳରେ ସମ୍ପୂର୍ଣ୍ଣ ରୂପେ ହୃଦୟଙ୍ଗମ
କରିବ।
**21**ଆମ୍ଭେ ସେହି ଭବିଷ୍ୟଦ୍‌ବକ୍ତାମାନଙ୍କୁ ପଠାଇ ନଥିଲୁ।
ତଥାପି ସେମାନେ ଆପେ ଆପେ ଧାଇଁଲେ। ଆମ୍ଭେ ସେମାନଙ୍କୁ
କିଛି ବାକ୍ୟ ପ୍ରଦାନ କରିନଥିଲୁ। ମାତ୍ର ସେମାନେ ଆମ୍ଭ
ନାମରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କଲେ।
**22**ସେମାନେ ଯଦି ଆମ୍ଭ ସ୍ୱର୍ଗୀୟ ସଭାରେ ଠିଆ ହୋଇଥାନ୍ତେ,
ତେବେ ସେମାନେ ଆମ୍ଭର ଲୋକମାନଙ୍କୁ ଆମ୍ଭର ବାକ୍ୟ
ଶୁଣାଇ ଥାଆନ୍ତେ। ଆଉ ସେମାନେ ସେମାନଙ୍କୁ କୁପଥରୁ ଓ
କୁକର୍ମରୁ ନିବୃତ୍ତ କରାଇ ଥାଆନ୍ତେ।"
**23**ସଦାପ୍ରଭୁ କହନ୍ତି, "ଆମ୍ଭେ ପରମେଶ୍ୱର। ଆମ୍ଭେ କି
ନିକଟ" କି "ଦୂର ସବୁ ସ୍ଥାନରେ ପରମେଶ୍ୱର ଅଟୁ।
**24**ସଦାପ୍ରଭୁ କହନ୍ତି, କୌଣସି ବ୍ୟକ୍ତି ଆମ୍ଭଠାରୁ ନିଜକୁ
ଗୋପନୀୟ କରି ରହିପାରିବ ନାହିଁ। କାରଣ ଆମ୍ଭେ ସ୍ୱର୍ଗ ଓ
ମର୍ତ୍ତ୍ୟ ସବୁଠାରେ ବ୍ୟାପି ରହିଅଛୁ।"
**25**"ପୁଣି ଏପରି କେତେକ ଭବିଷ୍ୟଦ୍‌ବକ୍ତା ଅଛନ୍ତି,
'ଯେଉଁମାନେ ଆମ୍ଭ ନାମରେ ମିଥ୍ୟା ଭବିଷ୍ୟଦ୍‌ବାକ୍ୟ ପ୍ରଚାର
କରନ୍ତି ଓ ଆମ୍ଭେ ସ୍ୱପ୍ନ ଦେଖିଅଛୁ, ଆମ୍ଭେ ସ୍ୱପ୍ନ ଦେଖିଅଛୁ'
କହନ୍ତି, ସେମାନଙ୍କ କଥା ଆମ୍ଭେ ଶୁଣିଅଛୁ। **26**ଯେଉଁ
ଭବିଷ୍ୟଦ୍‌ବକ୍ତାଗଣଙ୍କ ହୃଦୟ ମିଥ୍ୟା ଭାବନାରେ ପରିପୂର୍ଣ୍ଣ ଓ
ଯେଉଁମାନେ ମିଥ୍ୟା ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରନ୍ତି, ସେମାନେ
କେତେକାଳ ଏହା ଚାଲୁ ରଖିବେ? **27**ସେହି ଭବିଷ୍ୟଦ୍‌ବକ୍ତାଗଣ
ଆପଣା ଆପଣା ପ୍ରତିବେଶୀଙ୍କୁ ମିଥ୍ୟା ସ୍ୱପ୍ନ କଥା କହି ମୋର
ନାମକୁ ମୋ ଲୋକମାନଙ୍କଠାରୁ ବିସ୍ମୃତ କରାଇବାକୁ ଚାହାଁନ୍ତି।
ଯେପରି ସେମାନଙ୍କର ପୂର୍ବପୁରୁଷଗଣ ବାଲ୍‌ଦେବ ସକାଶେ
ମୋର ନାମ ପାଶୋରି ପକାଇଲେ। **28**ଶସ୍ୟ ସହିତ ପାଳ
ସମାନ ନୁହେଁ। ସେହିପରି ଯେଉଁ ଭବିଷ୍ୟଦ୍‌ବକ୍ତାଗଣ ଆମ୍ଭର
ସ୍ୱପ୍ନ ଦେଖିଛନ୍ତି, ସେମାନେ ସେ ସ୍ୱପ୍ନକଥା ପ୍ରକାଶ କରନ୍ତୁ।
ଯଦି ସେମାନେ ଆମ୍ଭର ବାକ୍ୟ ପାଇଛନ୍ତି ତେବେ ସେମାନେ
ବିଶ୍ୱସ୍ତ ଭାବରେ ତାହା କୁହନ୍ତୁ। **29**ସଦାପ୍ରଭୁ କହନ୍ତି, ଆମ୍ଭର
ବାକ୍ୟ ଅଗ୍ନି ତୁଲ୍ୟ।" "ପୁଣି ତାହା ପାଷାଣ ଖଣ୍ଡବିଖଣ୍ଡକାରୀ
ହାତୁଡ଼ି ତୁଲ୍ୟ।
**30**"ତେଣୁ ସଦାପ୍ରଭୁ କହନ୍ତି, ଦେଖ, ଆପଣା ଆପଣା
ପ୍ରତିବେଶୀଠାରୁ ଆମ୍ଭର ବାକ୍ୟ ହରଣ କରନ୍ତି", "ଆମ୍ଭେ
ସେମାନଙ୍କର ବିପକ୍ଷ ଅଟୁ। **31**ପୁଣି ସଦାପ୍ରଭୁ କହନ୍ତି, ଦେଖ,
ଯେଉଁ ଭବିଷ୍ୟଦ୍‌ବକ୍ତାମାନେ," ନିଜେ ମିଥ୍ୟା କହି ଛଳନା
ପୂର୍ବକ କହନ୍ତି "ମୁଁ କହୁଛି ବୋଲି, ମୁଁ ସେମାନଙ୍କର ବିପକ୍ଷ
ଅଟେ। **32**ଆଉ ମଧ୍ୟ ସଦାପ୍ରଭୁ କହନ୍ତି, ଦେଖ, ଯେଉଁମାନେ
ମିଥ୍ୟା ସ୍ୱପ୍ନର ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରନ୍ତି ଓ ସେହି
ମିଥ୍ୟା କଥା ଓ ଅସାର ଶିକ୍ଷାଦ୍ୱାରା ଆମ୍ଭର ଲୋକମାନଙ୍କୁ
ବିଭ୍ରାନ୍ତ କରନ୍ତି। ଆମ୍ଭେ ସେମାନଙ୍କର ବିପକ୍ଷ ଅଟୁ।" ସଦାପ୍ରଭୁ
କହନ୍ତି, "ଆମ୍ଭେ ସେମାନଙ୍କୁ ପଠାଇ ନାହୁଁ କିଅବା ସେମାନଙ୍କୁ
ଆଜ୍ଞା ଦେଇନାହୁଁ। ତେଣୁ ସେମାନେ ଏହି ଲୋକମାନଙ୍କର
କିଛି ମାତ୍ର ଉପକାର କରିପାରିବେ ନାହିଁ।"

## ସଦାପ୍ରଭୁଙ୍କଠାରୁ ଶୋକବାର୍ତ୍ତା

**33**"ତା'ପରେ ଯେତେବେଳେ ଯିହୁଦାର ଲୋକମାନେ,
କିଅବା ଭବିଷ୍ୟଦ୍‌ବକ୍ତାଗଣ କିଅବା ଯାଜକଗଣ ତୁମ୍ଭକୁ ପଚାରନ୍ତି,
'ହେ ଯିରିମିୟ, ସଦାପ୍ରଭୁଙ୍କର ଭାରୋକ୍ତି କ'ଣ?' ସେତେବେଳେ
ତୁମ୍ଭେ ନିଶ୍ଚିତ ଭାବରେ ସେମାନଙ୍କୁ ଉତ୍ତର କରିବ, 'ତୁମ୍ଭେମାନେ
ହେଉଛ ସଦାପ୍ରଭୁଙ୍କର ବୋଝ, ତେଣୁ ମୁଁ ତୁମ୍ଭମାନଙ୍କୁ
ପରିତ୍ୟାଗ କରିବ।'" ଏହା ସଦାପ୍ରଭୁ କହନ୍ତି।
**34**"ଯଦି କୌଣସି ଭବିଷ୍ୟଦ୍‌ବକ୍ତା କିଅବା ଯାଜକ କିଅବା
ଲୋକମାନଙ୍କ ମଧ୍ୟରୁ ଯେ କେହି କହେ, 'ସଦାପ୍ରଭୁଙ୍କର
ବାର୍ତ୍ତା ଏକ ଭାରୀ', ମୁଁ ସେ ଲୋକକୁ ଓ ତାହାର
ପରିବାରକୁ ଶାସ୍ତି ଦେବି। **35**ତୁମ୍ଭେମାନେ ପ୍ରତ୍ୟେକ ଆପଣା
ପ୍ରତିବେଶୀକି ଓ ଆପଣା ଭ୍ରାତାକୁ ପଚାରିବ, 'ସଦାପ୍ରଭୁ କି
ଉତ୍ତର ଦେଇଅଛନ୍ତି?' 'ସଦାପ୍ରଭୁ କି କଥା କହି ଅଛନ୍ତି?'
**36**ତୁମ୍ଭେମାନେ ପୁଣି ଉଲ୍ଲେଖ କରିବା ଉଚିତ୍ ନୁହଁ ଯେ,
'ସଦାପ୍ରଭୁଙ୍କର ବାର୍ତ୍ତା' ବୋଝ ବୋଲି। କାରଣ ତୁମ୍ଭେମାନେ
ପ୍ରତ୍ୟେକ ନିଜକୁ ଯାହା କହୁଛ ତାହା ବୋଝ। ତୁମ୍ଭେ ଜୀବିତ
ପରମେଶ୍ୱରଙ୍କ ବାକ୍ୟକୁ କଦର୍ଥ କରିଅଛ।
**37**"ତୁମ୍ଭେ ଯଦି ପରମେଶ୍ୱରଙ୍କ ବାର୍ତ୍ତା ଜାଣିବାକୁ ଚାହୁଁଛ,
ତେବେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଏହିକଥା କହିବ, 'ସଦାପ୍ରଭୁ
କି ଉତ୍ତର ଦେଇଅଛନ୍ତି?' 'ସଦାପ୍ରଭୁ କି କଥା କହିଛନ୍ତି?'
**38**ମାତ୍ର 'ତୁମ୍ଭେମାନେ ସଦାପ୍ରଭୁଙ୍କର ଭାରୋକ୍ତି ବୋଲି' କୁହନାହିଁ।

ତୁମ୍ଭେମାନେ ଯଦି ଏହିକଥା କୁହ, ତେବେ ସଦାପ୍ରଭୁ କହନ୍ତି,
'ଆମ୍ଭେ ତୁମ୍ଭମାନଙ୍କୁ ସଦାପ୍ରଭୁଙ୍କର ଭାରୋକ୍ତି ନକହିବାକୁ
କହିଥିଲୁ, ତଥାପି 'ତୁମ୍ଭେମାନେ ସେହି ଶବ୍ଦ ବ୍ୟବହାର କଲ?'
**39**ମାତ୍ର ତୁମ୍ଭେମାନେ ଆମ୍ଭର ବାକ୍ୟକୁ ଭାରୋକ୍ତି ବୋଲି
କହିଲ। ତେଣୁ ଆମ୍ଭେ ତୁମ୍ଭମାନଙ୍କୁ ପରିତ୍ୟାଗ କରିବା। ପୁଣି
ତୁମ୍ଭମାନଙ୍କୁ ଓ ତୁମ୍ଭ ପୂର୍ବପୁରୁଷଗଣଙ୍କୁ ଯେଉଁ ନଗର ଦେଇଅଛୁ,
ତାହାକୁ ଆମ୍ଭ ସମ୍ମୁଖରୁ ଦୂର କରିବା। **40**ଆମ୍ଭେ ଏପରି
ଦୁର୍ନାମ ଓ ଲଜ୍ଜ୍ୟା ତୁମ୍ଭମାନଙ୍କୁ ଚିରକାଳ ଭୋଗାଇବା, ଯାହାକୁ
ତୁମ୍ଭେମାନେ କେବେ ଭୁଲିପାରିବ ନାହିଁ।'"

## ଉତ୍ତମ ଡିମ୍ବିରି ଫଳ ଓ ମନ୍ଦ ଡିମ୍ବିରି ଫଳ

**24** ବାବିଲର ରାଜା ନବୂଖଦ୍‌ନିତ୍ସର, ଯିହୋୟାକୀମ୍‌ର
ପୁତ୍ର, ଯିହୁଦାର ରାଜା ଯିହୋୟାଖୀନ୍‌କୁ ଓ ଯିହୁଦାର
ଅଧିପତିମାନଙ୍କୁ, ଶିଳ୍ପକର ଓ କର୍ମକାରମାନଙ୍କ ସହିତ ଯିରୂଶାଲମରୁ
ବନ୍ଦୀକରି ବାବିଲକୁ ନେଇଗଲା ଉତ୍ତାରେ, ସଦାପ୍ରଭୁ ମୋତେ
ଏକ ଦର୍ଶନ ଦେଖାଇଲେ। ଆଉ ମୁଁ ଦେଖିଲି, ସଦାପ୍ରଭୁଙ୍କର
ମନ୍ଦିର ସମ୍ମୁଖରେ ଦୁଇ ଡାଲା ଡିମ୍ବିରି ଫଳ ରଖା ଯାଇଅଛି।
**2**ଗୋଟିଏ ଡାଲାରେ ଆଦ୍ୟ ପକ୍ୱ ଡିମ୍ବିରି ଫଳପରି ଅତି
ଉତ୍ତମ ଫଳ ଥିଲା। ଅନ୍ୟ ଏକ ଡାଲାରେ ଏପରି ଅତି ମନ୍ଦ
ଡିମ୍ବିରି ଫଳ ଥିଲା, ଯାହାକି ଭୋଜନ ଉପଯୋଗୀ ନଥିଲା।
**3**ସଦାପ୍ରଭୁ ମୋତେ ପଚାରିଲେ, "ହେ ଯିରିମିୟ, ତୁମ୍ଭେ
କ'ଣ ଦେଖୁଛ?" ମୁଁ ଉତ୍ତର କଲି, "ଡିମ୍ବିରି ଫଳ, ଉତ୍ତମ
ଡିମ୍ବିରି ଅତି ଉତ୍ତମ ଓ ମନ୍ଦ ଡିମ୍ବିରି ଏତେ ମନ୍ଦ ଯେ ତାହା
ଭୋଜନ ଯୋଗ୍ୟ ନୁହେଁ।"
**4**ଅନନ୍ତର ସଦାପ୍ରଭୁଙ୍କର ଏହି ବାକ୍ୟ ମୋ ନିକଟରେ
ଉପସ୍ଥିତ ହେଲା। **5**ସଦାପ୍ରଭୁ ଇସ୍ରାୟେଲର ପରମେଶ୍ୱର ଏହିକଥା
କହନ୍ତି, "ଯେଉଁମାନେ ଯିହୁଦାରୁ ବନ୍ଦୀରୂପେ ନିଆଗଲେ,
ଏହିସବୁ ଉତ୍ତମ ଡିମିରି ତୁଲ୍ୟ। ମୁଁ ସେମାନଙ୍କୁ ଉତ୍ତମ
ବୋଲି ବିବେଚନା କରିବି। ଯେଉଁମାନଙ୍କୁ ମୁଁ ଏହିସ୍ଥାନରୁ
କଲଦୀୟମାନଙ୍କ ଭୂମିକୁ ତଡି ଦେଇଛି। **6**ଆମ୍ଭେ ସେମାନଙ୍କୁ
ସୁରକ୍ଷା ଦେବା। ଆମ୍ଭେ ସେମାନଙ୍କୁ ଭଗ୍ନ କରିବା ନାହିଁ,
ଆମ୍ଭେ ସେମାନଙ୍କୁ ନିର୍ମାଣ କରିବା। ପୁଣି ଆମ୍ଭେ ସେମାନଙ୍କୁ
ଉତ୍ପାଟନ କରିବା ନାହିଁ, ଆମ୍ଭେ ସେମାନଙ୍କୁ ରୋପଣ କରିବା।
**7**ଆମ୍ଭେ ସଦାପ୍ରଭୁ ଅଟୁ, ଏହା ସେମାନଙ୍କୁ ଜଣାଇବା ପାଇଁ
ମନ ଦେବା। ତାହା ହେଲେ ସେମାନେ ଆମ୍ଭର ଲୋକ
ହେବେ ଓ ଆମ୍ଭେ ସେମାନଙ୍କର ପରମେଶ୍ୱର ହେବା କାରଣ
ସେମାନେ ସର୍ବାନ୍ତଃକରଣରେ ଆମ୍ଭ ନିକଟକୁ ଫେରି ଆସିବେ।
**8**"ମାତ୍ର ଯିହୁଦାର ରାଜା ସିଦିକିୟ ସେହି ଅତିମନ୍ଦ ଡିମ୍ବିରି
ଫଳ ସଦୃଶ। ତେଣୁ ସଦାପ୍ରଭୁ କହନ୍ତି, "ଆମ୍ଭେ ନିଶ୍ଚୟ
ସିଦିକିୟକୁ, ତାହାର ଅଧିପତିଗଣକୁ ଓ ଯିରୂଶାଲମର ଯେଉଁ
ଅବଶିଷ୍ଟାଂଶ ଲୋକେ ଏହି ଦେଶରେ ଅଛନ୍ତି, ସେମାନଙ୍କୁ ଓ
ଯେଉଁମାନେ ମିଶର ଦେଶରେ ବାସ କରନ୍ତି, ସେମାନଙ୍କୁ
ଆମ୍ଭେ ତ୍ୟାଗ କରିବା।
**9**"ମୁଁ ସେମାନଙ୍କ ଉପରେ ଏମିତି ବିପର୍ଯ୍ୟୟ ଆଣିବି ଯେ
ପୃଥିବୀର ସମସ୍ତ ରାଜ୍ୟ ଆତଙ୍କିତ ହେବେ। ସମସ୍ତେ ସେମାନଙ୍କୁ
ଦୁର୍ନାମ ଓ ଉପହାସ କରିବେ। ଆମ୍ଭେ ଯେଉଁ ସ୍ଥାନରେ
ସେମାନଙ୍କୁ ବିକ୍ଷିପ୍ତ କରିବା, ସେହି ସ୍ଥାନର ଲୋକମାନେ
ସେମାନଙ୍କୁ ଅଭିଶାପ ଦେବେ। **10**ସେମାନେ ସେହି ଭୂମିରୁ
ଉଚ୍ଛିନ୍ନ ହେବା ପର୍ଯ୍ୟନ୍ତ ଆମ୍ଭେ ସେମାନଙ୍କ ବିପକ୍ଷରେ, ଖଡ୍ଗ,
ଦୁର୍ଭିକ୍ଷ ଓ ମହାମାରୀ ପଠାଇବା, ଯେଉଁ ଦେଶ ସେମାନଙ୍କୁ ଓ
ସେମାନଙ୍କର ପୂର୍ବପୁରୁଷମାନଙ୍କୁ ଦେଇଥିଲି।" ତହିଁରୁ ସେମାନଙ୍କୁ
ଉଚ୍ଛନ୍ନ କରିବା।

## ଯିରିମିୟଙ୍କ ପ୍ରଚାରର ସାରାଂଶ

**25** ବାବିଲର ରାଜା ନବୂଖଦ୍‌ନିତ୍ସରର ଅଧିକାରର ପ୍ରଥମ
ବର୍ଷରେ ଓ ଯୋଶିୟର ପୁତ୍ର, ଯିହୁଦାର ରାଜା
ଯିହୋୟାକୀମ୍‌ର ଅଧିକାରର ଚତୁର୍ଥ ବର୍ଷରେ, ଯିହୁଦାର ସମଗ୍ର
ଲୋକ ବିଷୟରେ ଯିରିମିୟଙ୍କ ନିକଟରେ ଏହି ବାକ୍ୟ
ଉପସ୍ଥିତ ହେଲା। **2**ଭବିଷ୍ୟଦ୍‌ବକ୍ତା ଯିରିମିୟ ଯିହୁଦାର ସମସ୍ତ
ଲୋକ ଓ ସମସ୍ତ ଯିରୂଶାଲମ ନିବାସୀ ନିକଟରେ ସେହି
ବାକ୍ୟ ପ୍ରଚାର କରି କହିଲେ,
**3**"ଆମୋନର ପୁତ୍ର ଯିହୁଦାର ରାଜା ଯୋଶିୟର ଅଧିକାରର
ତ୍ରୟୋଦଶ ବର୍ଷଠାରୁ ଆଜି ପର୍ଯ୍ୟନ୍ତ ଏହି ତେଇଶ ବର୍ଷକାଳ
ସଦାପ୍ରଭୁଙ୍କର ବାକ୍ୟ ମୋ ନିକଟରେ ଉପସ୍ଥିତ ହୋଇଅଛି।
ଆଉ ମୁଁ ପ୍ରତ୍ୟୁଷରୁ ଉଠି ତାହା ତୁମ୍ଭମାନଙ୍କୁ କହିଅଛି ମାତ୍ର
ତୁମ୍ଭେମାନେ ତାହା ଶୁଣିନାହିଁ। **4**ପୁଣି ସଦାପ୍ରଭୁ ପ୍ରତ୍ୟୁଷରେ
ଉଠି ବାରମ୍ବାର ଆପଣାର ସମସ୍ତ ଦାସ ଭବିଷ୍ୟଦ୍‌ବକ୍ତାଗଣଙ୍କୁ
ତୁମ୍ଭମାନଙ୍କ ନିକଟକୁ ପଠାଇ ଅଛନ୍ତି। ମାତ୍ର ତୁମ୍ଭେମାନେ
ତାହା ଶୁଣି ନାହଁ, କିଅବା ସେ କଥାପ୍ରତି କର୍ଣ୍ଣପାତ
କରିନାହଁ।
**5**ସେହି ଭବିଷ୍ୟଦ୍‌ବକ୍ତାଗଣ କହିଲେ, "ତୁମ୍ଭେମାନେ ପ୍ରତ୍ୟେକ
ଆପଣା ଆପଣା କୁପଥରୁ ଓ ଆପଣା ଆପଣା ଦୁଷ୍ଟ
ଆଚରଣରୁ ଫେର। ତାହାହେଲେ ସଦାପ୍ରଭୁ ପୁରାତନ କାଳରୁ
ଚିରଦିନ ନିମନ୍ତେ ତୁମ୍ଭମାନଙ୍କୁ ଓ ତୁମ୍ଭର ପୂର୍ବପୁରୁଷଗଣଙ୍କୁ
ଯେଉଁ ଦେଶ ଦେଇଅଛନ୍ତି, ତାହା ମଧ୍ୟରେ ତୁମ୍ଭେମାନେ ବାସ
କରିବ। **6**ଆଉ ଅନ୍ୟ ଦେବଗଣର ପଶ୍ଚାଦ୍‌ଧାବନ କରନାହିଁ
କିଅବା ସେମାନଙ୍କୁ ସେବା ଓ ପ୍ରଣାମ କରନାହିଁ। ପୁଣି
ଆପଣା ହସ୍ତକୃତ ପ୍ରତିମାଗଣକୁ ପୂଜାକରି ଆମ୍ଭକୁ ବିରକ୍ତ
କରନାହିଁ। ତାହାହେଲେ ଆମ୍ଭେ ତୁମ୍ଭମାନଙ୍କର କୌଣସି ଅମଙ୍ଗଳ
କରିବା ନାହିଁ।"
**7**"ତୁମ୍ଭେମାନେ ଆମ୍ଭ କଥାପ୍ରତି ଧ୍ୟାନ ଦେଲ ନାହିଁ।"
"ତଥାପି ସଦାପ୍ରଭୁ କହନ୍ତି, ନିଜ ହସ୍ତକୃତ କର୍ମଦ୍ୱାରା ଆମ୍ଭକୁ
ବିରକ୍ତ କରିଅଛ। ତେଣୁ ତୁମ୍ଭମାନଙ୍କର ଅମଙ୍ଗଳ ହେବ।"
**8**ତେଣୁ ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, "ତୁମ୍ଭେମାନେ
ଆମ୍ଭ ବାକ୍ୟ ପ୍ରତି ଧ୍ୟାନ ଦେଇନାହିଁ।" **9**ପୁଣି ସଦାପ୍ରଭୁ
ଏହିକଥା କହନ୍ତି, "ଆମ୍ଭେ ଲୋକ ପଠାଇ ଉତ୍ତର ଦିଗସ୍ଥ
ସମସ୍ତ ପରିବାରବର୍ଗକୁ ଆଣିବା।" ପୁଣି "ଆମ୍ଭର ଦାସ
ବାବିଲର ରାଜା ନବୂଖଦ୍‌ନିତ୍ସରକୁ ଆଣିବା। ପୁଣି ସେମାନଙ୍କୁ
ନେଇ ଯିହୁଦା ଓ ଯିହୁଦା ନିବାସୀଙ୍କ ବିରୁଦ୍ଧରେ ଓ ତାହାର
ଚତୁର୍ଦ୍ଦିଗସ୍ଥ ସମସ୍ତ ଗୋଷ୍ଠୀ ବିରୁଦ୍ଧରେ ଛିଡ଼ା କରାଇବା। ଆଉ
ସେମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ବିନାଶ କରିବା। ସେହି ଦେଶକୁ
ଚିରକାଳ ଏକ ଶୂନ୍ୟ ପ୍ରାନ୍ତରରେ ପରିଣତ କରିବା। ତାହାକୁ
ଦେଖି ଲୋକମାନେ ବିସ୍ମୟରେ ଓ ଶୀସ୍ ଶବ୍ଦ କରିବେ।
**10**ଆଉ ମଧ୍ୟ ଆମ୍ଭେ ସେମାନଙ୍କ ମଧ୍ୟରୁ ଆମୋଦ, ପ୍ରମୋଦ,

ଧ୍ୱନି, ବରକନ୍ୟାଙ୍କର ସୁଖ ଓ ହର୍ଷ ଧ୍ୱନି, ଚକିର ଶବ୍ଦ ଓ
ପ୍ରଦୀପର ଆଲୋକ ଦୂର କରିବା। **11**ତହିଁରେ ସମଗ୍ର ଦେଶ
ଏକ ଶୂନ୍ୟ ମରୁଭୂମିରେ ପରିଣତ ହେବ ଓ ହାହାର ସମସ୍ତ
ଲୋକ ବାବିଲ ରାଜାର ସତୁରି ବର୍ଷ ପର୍ଯ୍ୟନ୍ତ ଦାସ ହୋଇ
ରହିବେ।

**12**“ପୁଣି ସଦାପ୍ରଭୁ କହନ୍ତି, ସତୁରିବର୍ଷ ଅନ୍ତେ ଆମ୍ଭେ
ବାବିଲ ରାଜାକୁ, ସେହି ଗୋଷ୍ଠୀକି ଓ କଲଦୀୟମାନଙ୍କ
ଦେଶକୁ ସେମାନଙ୍କ ଅଧର୍ମ ସକାଶେ ଶାସ୍ତି ଦେବା” ଓ
“ତାହାକୁ ସଦାକାଳ ଧ୍ୱଂସସ୍ଥାନ କରିବା। **13**ଆଉ ଆମ୍ଭେ
ସେହି ଦେଶ ବିରୁଦ୍ଧରେ ଯାହା ଯାହା କହିଅଛୁ, ଆଉ ସକଳ
ଗୋଷ୍ଠୀ ବିରୁଦ୍ଧରେ ଯିରିମିୟଙ୍କ ଦ୍ୱାରା ପ୍ରଚାରିତ ଯେଉଁ
ଭବିଷ୍ୟଦ୍‌ବାକ୍ୟ ଏହି ପୁସ୍ତକରେ ଲିଖିତ ଅଛି, ଆମ୍ଭର ସେହି
ସମସ୍ତ ବାକ୍ୟ ସେହି ଦେଶପ୍ରତି ସଫଳ ହେବ। **14**ଏବଂ
ସେମାନେ ବହୁଦେଶର ଓ ମହାନ ରାଜାମାନଙ୍କର କ୍ରୀତଦାସ
ହେବେ। ଆଉ ଆମ୍ଭେ ସେମାନଙ୍କ କାର୍ଯ୍ୟକଳାପନୁସାରେ ଓ
ସେମାନଙ୍କ ହସ୍ତକୃତ କର୍ମାନୁସାରେ ସେମାନଙ୍କୁ ପ୍ରତିଫଳ
ଦେବା।”

### ପୃଥିବୀର ଗୋଷ୍ଠୀମାନଙ୍କ ଉପରେ ବିଚାର

**15**ଇସ୍ରାୟେଲର ପରମେଶ୍ୱର, ସଦାପ୍ରଭୁ ଏହା ମୋତେ
କହିଲେ, “ହେ ଯିରିମିୟ, ତୁମ୍ଭେ ଆମ୍ଭ ହସ୍ତରୁ ଏହି ପ୍ରଚଣ୍ଡ
କ୍ରୋଧରୂପକ ଦ୍ରାକ୍ଷାରସର ପାତ୍ର ନିଅ ଓ ଆମ୍ଭେ ତୁମ୍ଭକୁ
ଯେଉଁସବୁ ଗୋଷ୍ଠୀ ନିକଟକୁ ପଠାଉଅଛୁ, ସେମାନଙ୍କୁ ତାହା
ପାନ କରାଅ। **16**ତାହା ପାନ କରି ସେମାନେ ବାନ୍ତିକରି
ଏଣେ ତେଣେ ଟଳମଳ ହେବେ। ପୁଣି ଆମ୍ଭେ ସେମାନଙ୍କ
ବିରୁଦ୍ଧରେ ପଠାଇଥିବା ଖଡ୍ଗ ହେତୁ ସେମାନେ ଉନ୍ମତ୍ତ
ହେବେ।”

**17**ତହୁଁ ମୁଁ ସଦାପ୍ରଭୁଙ୍କ ହସ୍ତରୁ ସେହି ପାତ୍ର ନେଇ,
ତାଙ୍କର କହିବାନୁସାରେ ସେ ଗୋଷ୍ଠୀମାନଙ୍କ ନିକଟକୁ ଗଲି ଓ
ସେ ସମସ୍ତଙ୍କୁ ତାହା ପାନ କରାଇଲି। **18**ମୁଁ ଯିହୁଦା ଓ
ଯିରୁଶାଲମର ସମସ୍ତ ନିବାସୀମାନଙ୍କୁ, ସେହି ପାତ୍ରରୁ ପାନ
କରାଇଲି। ସେହି ଦେଶ ଶୁଷ୍କ ମରୁଭୂମି ହେଲା ଓ ଶୋଚନୀୟ
ଭାବରେ ବିନଷ୍ଟ ହେଲା। ଏହା ଦେଖି ଲୋକମାନେ ଶୀସ୍
ଶବ୍ଦ କଲେ ଓ ଆଜି ପର୍ଯ୍ୟନ୍ତ ଲୋକମାନେ ଏହାକୁ ଏକ
ଅଭିଶାପର ବସ୍ତୁ ରୂପେ ବ୍ୟବହାର କରନ୍ତି।

**19**ମୁଁ ମଧ୍ୟ ମିଶରର ରାଜା ଫାରୋକୁ, ତାହାର ଦାସଗଣକୁ
ତାହାର ଅଧିପତିମାନଙ୍କୁ ଓ ତାହାର ସମସ୍ତ ଲୋକଙ୍କୁ ସଦାପ୍ରଭୁଙ୍କର
ସେହି କ୍ରୋଧରୂପୀ ପାତ୍ରରୁ ପାନ କରାଇଲି।

**20**ପୁଣି ଆରବର ସମସ୍ତଙ୍କୁ ଓ ଉଷ୍ ଦେଶସ୍ଥ ସମସ୍ତ
ରାଜାଙ୍କୁ

ପଲେଷ୍ଟୀୟ ଦେଶସ୍ଥ ସମସ୍ତ ରାଜାଙ୍କୁ ଏବଂ ଅସ୍କିଲୋନ,
ଘଷା ଇକ୍ରୋଣ ଓ ଅସ୍‌ଦୋଦର ଅବଶିଷ୍ଟାଂଶକୁ ପାନ କରାଇଲି।

**21**ତା'ପରେ ଇଦୋମ, ମୋୟାବ ଓ ଅମ୍ମୋନର ସନ୍ତାନଗଣକୁ
ସେହି ପାତ୍ରରୁ ପାନ କରାଇଲି।

**22**ଆଉ ସୋରର ସମସ୍ତ ରାଜାଙ୍କୁ, ସୀଦୋନର ସମସ୍ତ
ରାଜାଙ୍କୁ ଓ

ସମୁଦ୍ରପାରସ୍ଥ ଦ୍ୱୀପର ସମସ୍ତ ରାଜାଙ୍କୁ ତାହା ପାନ
କରାଇଲି। **23**ପୁଣି ଦଦାନ୍, ତେମା ଓ ବୁଷ୍‌ର ଲୋକମାନେ
ଆପଣା ଆପଣା କେଶ ମୁଣ୍ଡନ କରି ସେହି ପାତ୍ରରୁ ପାନ
କଲେ। **24**ପୁଣି ଆରବର ସମସ୍ତ ରାଜାଙ୍କୁ ଓ ପ୍ରାନ୍ତରବାସୀ
ମିଶ୍ରିତ ଗୋଷ୍ଠୀବର୍ଗର ସମସ୍ତ ରାଜାଙ୍କୁ ତାହା ପାନ କରାଇଲି।
**25**ମୁଁ ମଧ୍ୟ ସିମ୍ରୀ, ଐଲମ ଓ ମାଦୀୟମାନଙ୍କର ସମସ୍ତ
ରାଜାଙ୍କୁ ତାହା ପାନ କରାଇଲି। **26**ପୁଣି ଉତ୍ତର ଦିଗର
ନିକଟସ୍ଥ ଓ ଦୂରସ୍ଥ ସମସ୍ତ ରାଜା ଜଣଙ୍କ ପରେ ଜଣେ ଏହା
ପାନ କଲେ। ପୁଣି ପୃଥିବୀସ୍ଥ ସମସ୍ତ ରାଜ୍ୟକୁ ପାନ କରାଇଲା
ପରେ “ଶେଶକର” ରାଜା ଏହି ପାତ୍ରରୁ ପାନ କରିବେ।

**27**“ପୁଣି ଇସ୍ରାୟେଲର ପରମେଶ୍ୱର, ସୈନ୍ୟାଧିପତି ସଦାପ୍ରଭୁ
କହନ୍ତି, ‘ହେ ଯିରିମିୟ, ତୁମ୍ଭେ ସେମାନଙ୍କୁ କହିବ, “ତୁମ୍ଭେମାନେ
ପାନ କରି ମତ୍ତ ହୁଅ ଓ ବାନ୍ତି କର, ପୁଣି ଆମ୍ଭେ
ତୁମ୍ଭମାନଙ୍କ ମଧ୍ୟକୁ ଖଡ୍ଗ ପଠାଇବା, ତେଣୁ ତୁମ୍ଭେମାନେ
ପତିତ ହୋଇ ଆଉ ଉଠିନାହିଁ।’

**28**“ପୁଣି ସେମାନେ ତୁମ୍ଭ ହସ୍ତରୁ ପାତ୍ର ନେଇ ପାନ
କରିବାକୁ ଯେବେ ଅସମ୍ମତ ହେବେ, ତେବେ ତୁମ୍ଭେ ସେମାନଙ୍କୁ
ଏହା କହିବ, ‘ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, ତୁମ୍ଭେମାନେ
ନିଶ୍ଚୟ ତାହା ପାନ କରିବ। **29**କାରଣ ଏହି ଯିରୁଶାଲମକୁ ମୁଁ
କ୍ଷତି କରିବାକୁ ଅଭିଯାନ ଆରମ୍ଭ କରିଛି। ତାହା ମୋର
ନାମକୁ ଧାରଣ କରିଛି। ତୁମ୍ଭେମାନେ କହିପାର ଆମ୍ଭେମାନେ
ଦଣ୍ଡିତ ହେବୁ ନାହିଁ। ମାତ୍ର ତୁମ୍ଭେମାନେ ଭୁଲ୍ କହୁଅଛ।
ଆମ୍ଭେ ସମଗ୍ର ପୃଥିବୀବାସୀଙ୍କ ଉପରେ ଖଡ୍ଗ ଚଳାଇବା।’”
ଏହା ସଦାପ୍ରଭୁ କହନ୍ତି।

**30**“ହେ ଯିରିମିୟ, ତୁମ୍ଭେ ସେମାନଙ୍କ ବିରୁଦ୍ଧରେ ଏହି
ଭବିଷ୍ୟଦ୍‌ବାକ୍ୟ ପ୍ରଚାର କର। ସେମାନଙ୍କୁ କୁହ, ‘ସଦାପ୍ରଭୁ
ଉର୍ଦ୍ଧ୍ୱରୁ ହୁଙ୍କାର କରିବେ। ସେ ଆପଣା ପବିତ୍ର ବାସସ୍ଥାନରୁ
ଆପଣା ଚିତ୍କାର ଶୁଣାଇବେ। ପୁଣି ସେ ଆପଣା ଲୋକମାନଙ୍କ
ଖୁଆଡ଼ ଉପରେ ମହାରବ କରିବେ ଓ ସେ ଦ୍ରାକ୍ଷାମର୍ଦ୍ଦନକାରୀମାନଙ୍କ
ପରି ପୃଥିବୀବାସୀ ସମସ୍ତଙ୍କ ବିରୁଦ୍ଧରେ ସିଂହନାଦ କରିବେ।

**31**ସମଗ୍ର ପୃଥିବୀରେ ଏକ ଧ୍ୱନି ବ୍ୟାପିବ। କାରଣ
ପୃଥିବୀର ସମସ୍ତ ଗୋଷ୍ଠୀ ଉପରେ ସଦାପ୍ରଭୁଙ୍କର କ୍ରୋଧ ଅଛି।
ସେ ସେମାନଙ୍କର ବିଚାର କରି ଶାସ୍ତି ଦେବେ। ପୁଣି ସେ
ଦୁଷ୍ଟାଚାରୀମାନଙ୍କୁ ଖଡ୍ଗରେ ସମର୍ପଣ କରିବେ।’” ଏହା ସଦାପ୍ରଭୁ
କହନ୍ତି।

**32**ପୁଣି ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, “ଦେଖ, ଦେଶକୁ
ଦେଶ ଅମଙ୍ଗଳ ଘଟିବ। ସମଗ୍ର ପୃଥିବୀରେ ମହା ତୋଫାନ
ଉଠିବ।”

**33**ପୁଣି ସେ ସମୟରେ ସଦାପ୍ରଭୁଙ୍କ ଦ୍ୱାରା ନିହତ
ଲୋକମାନଙ୍କର ଶବ ପୃଥିବୀର ଆରମ୍ଭରୁ ଶେଷ ସୀମା
ପର୍ଯ୍ୟନ୍ତ ଦେଖାଯିବ। ସେମାନଙ୍କ ପାଇଁ ବିଳାପ କରିବାକୁ
କେହି ନଥିବେ ଓ କବର ଦେବାପାଇଁ ମଧ୍ୟ କେହି ନଥିବେ।
ସେମାନେ ଭୂଇଁର ଗୋବର ଖତ ହେବେ।

**34**ହେ ମେଷପାଳକଗଣ, ତୁମ୍ଭେମାନେ ହାହାକାର ଓ
କ୍ରନ୍ଦନ କର। ହେ ମେଷଗଣର ଅଧିପତିମାନେ, ତୁମ୍ଭେମାନେ
ଭୂମିରେ ଗଡ଼। କାରଣ ତୁମ୍ଭମାନଙ୍କର ହତ୍ୟା ସମୟ ବର୍ତ୍ତମାନ
ଆଗତ ହେଲା। ତୁମ୍ଭମାନଙ୍କୁ ଆମ୍ଭେ ଖଣ୍ଡ ଖଣ୍ଡ କରିବା।
ତୁମ୍ଭେମାନେ ଭଗ୍ନପାତ୍ର ତୁଲ୍ୟ ବିକ୍ଷିପ୍ତ ହୋଇ ପଡ଼ିବ।

35ପୁଣି ମେଷପାଳକଗଣ ପଳାୟନ କରି ଲୁଚି ପାରିବେ
ନାହିଁ। ସେମାନଙ୍କର ଅଧିପତିଗଣ ରକ୍ଷା ପାଇବେ ନାହିଁ।
36ମୁଁ ମେଷପାଳକମାନଙ୍କର ଚିତ୍କାର ଓ ମେଷପଲର
ଅଧିପତିମାନଙ୍କର ସ୍ୱର ଶୁଣୁଅଛି। କାରଣ ସଦାପ୍ରଭୁ ସେମାନଙ୍କର
ବାସସ୍ଥାନ ଉଜାଡ଼ କରିଅଛନ୍ତି।
37ପୁଣି ସଦାପ୍ରଭୁଙ୍କର ପ୍ରଚଣ୍ଡ କ୍ରୋଧ ଯୋଗୁଁ ଶାନ୍ତିପୂର୍ଣ୍ଣ
ଖୁଆଡ଼ ସବୁ ଶୂନ୍ୟ ମରୁ ହୋଇଅଛି।
38ଆହୁରି ସଦାପ୍ରଭୁ ଭୟଙ୍କର ସିଂହ ତୁଲ୍ୟ ଆପଣା
ଗହ୍ୱର ତ୍ୟାଗ କରିଅଛନ୍ତି। ତାଙ୍କର କ୍ରୋଧ ରୂପକ ଖଡ୍ଗ
ଭୟଙ୍କର ହେବ ଓ ସେହି ପ୍ରଚଣ୍ଡ କ୍ରୋଧ ହେତୁରୁ ଦେଶ
ଶୂନ୍ୟ ମରୁମୟ ସ୍ଥାନ ହେବ।

### ସଦାପ୍ରଭୁଙ୍କ ଗୃହରେ ଯିରିମିୟଙ୍କ ଶିକ୍ଷା

26 ଯୋଶିୟଙ୍କର ପୁତ୍ର ଯିହୁଦାର ରାଜା ଯିହୋୟାକୀମର
ରାଜତ୍ୱର ପ୍ରାରମ୍ଭରେ ସଦାପ୍ରଭୁଙ୍କଠାରୁ ଏହିବାକ୍ୟ
ଉପସ୍ଥିତ ହେଲା। 2ସଦାପ୍ରଭୁ କହିଲେ, "ହେ ଯିରିମିୟ, ତୁମ୍ଭେ
ସଦାପ୍ରଭୁଙ୍କ ମନ୍ଦିରର ପ୍ରାଙ୍ଗଣରେ ଠିଆ ହୁଅ। ଯିହୁଦାର
ନଗର ସମୂହରୁ ଯେଉଁମାନେ ସଦାପ୍ରଭୁଙ୍କ ମନ୍ଦିରକୁ ଆସୁଛନ୍ତି,
ସେମାନଙ୍କୁ ଆମ୍ଭର ଆଜ୍ଞାନୁସାରେ ସମସ୍ତ କଥା କୁହ,
ଗୋଟିଏ ହେଲେ କଥା ଆମ୍ଭର ଛାଡ଼ ନାହିଁ। 3ସେମାନେ
ହୁଏତ ଆମ୍ଭର କଥାପ୍ରତି ଧ୍ୟାନ ଦେବେ ଓ ଆମ୍ଭର ଆଜ୍ଞା
ପାଳନ କରିବେ। ହୋଇପାରେ ସେମାନେ କୁପଥରୁ ଫେରିବେ।
ତାହାହେଲେ ଆମ୍ଭେ ସେମାନଙ୍କର ଦୁଷ୍ଟତା ଯୋଗୁଁ ସେମାନଙ୍କ
ପ୍ରତି ଯେଉଁ ଦଣ୍ଡ ଦେବାକୁ ମନସ୍ଥ କରିଅଛୁ, ସେଥିରୁ ନିବୃତ୍ତ
ହେବା। 4ପୁଣି ତୁମ୍ଭେ ସେମାନଙ୍କୁ କହିବ, 'ସଦାପ୍ରଭୁ ଏହି
କଥା କହନ୍ତି, ତୁମ୍ଭେମାନେ ଆମ୍ଭ ବ୍ୟବସ୍ଥାନୁସାରେ ଚାଲିବ ଓ
ଆମ୍ଭର ବାକ୍ୟ ପ୍ରତି ଧ୍ୟାନ ଦେବ। 5ଆମ୍ଭେ ଆମ୍ଭର ଦାସ
ଭବିଷ୍ୟଦ୍‌ବକ୍ତାଗଣଙ୍କୁ ତୁମ୍ଭମାନଙ୍କ ନିକଟକୁ ବାରମ୍ବାର ପଠାଇ
ଆସିଛୁ। ମାତ୍ର ତୁମ୍ଭେମାନେ ସେମାନଙ୍କ କଥାପ୍ରତି ଅବଧାନ
କରିନାହଁ। 6ଯେବେ ତୁମ୍ଭେମାନେ ଆମ୍ଭର ଆଜ୍ଞା ପାଳନ
ନକରିବ, ତେବେ ଆମ୍ଭେ ଏହି ଗୃହକୁ ଶୀଲୋର ତୁଲ୍ୟ
କରିବା ଆଉ ଏହି ନଗରକୁ ପୃଥିବୀସ୍ଥ ସକଳ ଗୋଷ୍ଠୀର
ଅଭିଶାପର ସ୍ଥାନ କରିବା।'"
7ସଦାପ୍ରଭୁଙ୍କ ମନ୍ଦିରରେ ଯିରିମିୟ ଏହିକଥା କହିଲାବେଳେ
ସମସ୍ତ ଯାଜକ, ଭବିଷ୍ୟଦ୍‌ବକ୍ତା ଓ ଲୋକମାନେ ଶୁଣିଲେ।
8ଆଉ ଯିରିମିୟ ସମସ୍ତ ଲୋକଙ୍କ ନିକଟରେ ସଦାପ୍ରଭୁଙ୍କର
ଆଜ୍ଞାସବୁ କହିବା ସମାପ୍ତ କଲାପରେ ଯାଜକମାନେ,
ଭବିଷ୍ୟଦ୍‌ବକ୍ତାମାନେ ଓ ଲୋକମାନେ ଯିରିମିୟଙ୍କୁ ଧରି କହିଲେ,
"ତୁମ୍ଭେ ନିଶ୍ଚୟ ମରିବ। 9ସେମାନେ ପୁଣି କହିଲେ, "ତୁମ୍ଭେ
କିପରି ସଦାପ୍ରଭୁଙ୍କ ନାମରେ ଏହି ଭବିଷ୍ୟଦ୍‌ବାକ୍ୟ ପ୍ରଚାର
କରୁଛ ଯେ ସଦାପ୍ରଭୁଙ୍କ ଗୃହ ଶୀଲୋ ସମାନ ହେବ ଓ
ଯିରୂଶାଲମ ନଗର ଧ୍ୱଂସ ଓ ନିବାସୀହୀନ ହେବ।" ସଦାପ୍ରଭୁଙ୍କ
ମନ୍ଦିରରେ ସମସ୍ତ ଲୋକ ଯିରିମିୟଙ୍କ ଚାରିପଟେ ରୁଣ୍ଡ
ହେଲେ।
10ଅନନ୍ତରେ ଯିହୁଦାର ଅଧିପତିମାନେ ଏହିସବୁ ବିଷୟ
ଶୁଣି ରାଜଗୃହରୁ ସଦାପ୍ରଭୁଙ୍କ ମନ୍ଦିରକୁ ଆସିଲେ ଓ ସଦାପ୍ରଭୁଙ୍କ
ମନ୍ଦିରର ନୂତନ ଦ୍ୱାରର ପ୍ରବେଶ ସ୍ଥାନରେ ବସିଲେ। 11ତା'ପରେ
ଯାଜକମାନେ ଓ ଭବିଷ୍ୟଦ୍‌ବକ୍ତାମାନେ ଅଧିପତିମାନଙ୍କୁ ଓ
ସମସ୍ତ ଲୋକଙ୍କୁ ଏହିକଥା କହିଲେ, "ଯିରିମିୟ ପ୍ରାଣଦଣ୍ଡର
ଯୋଗ୍ୟ; କାରଣ ସେ ଏହି ନଗର ବିରୁଦ୍ଧରେ ଭବିଷ୍ୟଦ୍‌ବାକ୍ୟ
ପ୍ରଚାର କରିଅଛି, ଏହା ତୁମ୍ଭେମାନେ ସ୍ୱକର୍ଣ୍ଣରେ ଶୁଣିଅଛ।"
12ତା'ପରେ ଯିରିମିୟ ସମସ୍ତ ଅଧିପତି ଓ ସମସ୍ତ
ଲୋକଙ୍କୁ ଏହିକଥା କହିଲେ, "ତୁମ୍ଭେମାନେ ଯେଉଁସବୁ କଥା
ଶୁଣିଅଛ, ସେହିସବୁ ଭବିଷ୍ୟଦ୍‌ବାକ୍ୟ ଏହି ମନ୍ଦିର ଓ ଏହି
ନଗର ବିରୁଦ୍ଧରେ ପ୍ରଚାର କରିବା ପାଇଁ ସଦାପ୍ରଭୁ ମୋତେ
ପ୍ରେରଣ କଲେ। 13ତେଣୁ ତୁମ୍ଭେମାନେ ନିଜ ନିଜ ଆଚରଣ
ଓ କ୍ରିୟା ବଦଳାଅ। ଆଉ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କର
ଆଜ୍ଞା ପାଳନ କର। ତାହାହେଲେ ସଦାପ୍ରଭୁ ତୁମ୍ଭମାନଙ୍କ
ବିରୁଦ୍ଧରେ ଯେଉଁ ଅମଙ୍ଗଳର କଥା କହିଛନ୍ତି, ତାହା କରିବାରୁ
ସେ ନିବୃତ୍ତ ହେବେ। 14ଆଉ ମୋ ସମ୍ବନ୍ଧରେ ହେଉଛି, ମୁଁ
ତୁମ୍ଭମାନଙ୍କ ହସ୍ତରେ ଅଛି, ଯାହା ତୁମ୍ଭମାନଙ୍କ ଦୃଷ୍ଟିରେ ଉତ୍ତମ
ଓ ଯଥାର୍ଥ ତାହା ମୋ ପ୍ରତି କର। 15ତୁମ୍ଭେମାନେ ଯଦି
ମୋତେ ବଧ କରିବ, ତେବେ ଏହା ନିଶ୍ଚିତ ରୂପେ ଜାଣ ଯେ
ତୁମ୍ଭମାନଙ୍କ ଉପରେ, ଏହି ନଗର ଉପରେ ଓ ତନ୍ନିବାସୀମାନଙ୍କ
ଉପରେ ନିର୍ଦ୍ଦୋଷର ରକ୍ତପାତର ଅପରାଧ ଲାଗିବ। କାରଣ
ଏହିସବୁ କଥା ତୁମ୍ଭମାନଙ୍କ କର୍ଣ୍ଣଗୋଚରରେ କହିବା ପାଇଁ
ସଦାପ୍ରଭୁ ତୁମ୍ଭମାନଙ୍କ ନିକଟକୁ ମୋତେ ପ୍ରେରଣ କରିଅଛନ୍ତି,
ଏହା ସତ୍ୟ।"
16ତା'ପରେ ଅଧିପତିଗଣ ଓ ସମସ୍ତ ଲୋକ ଯାଜକମାନଙ୍କୁ
ଓ ଭବିଷ୍ୟଦ୍‌ବକ୍ତାମାନଙ୍କୁ କହିଲେ, "ଯିରିମିୟ ପ୍ରାଣଦଣ୍ଡର
ଯୋଗ୍ୟ ନୁହେଁ। କାରଣ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର
ଯିରିମିୟଙ୍କୁ ଏହିସବୁ କହିଛନ୍ତି।"
17ସେତେବେଳେ ଦେଶର ପ୍ରାଚୀନବର୍ଗଙ୍କ ମଧ୍ୟରୁ କେହି
କେହି ଉଠି ସମସ୍ତ ଲୋକଙ୍କୁ ଏହିକଥା କହିଲେ। 18ଯିହୁଦାର
ରାଜା ହିଜକିୟଙ୍କ ସମୟରେ ମୋରେଷ୍ଟୀୟର ମୀଖା ଭବିଷ୍ୟଦ୍‌ବାକ୍ୟ
ପ୍ରଚାର କଲା, "ଆଉ ସେ ଯିହୁଦାର ସମସ୍ତ ଲୋକଙ୍କୁ ଏହି
କଥା କହିଲା,

ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, "ସିୟୋନ୍ କ୍ଷେତ୍ର ତୁଲ୍ୟ
ଚାଷ କରାଯିବ ଓ ଯିରୂଶାଲମ ଢିପ ହେବ, ପୁଣି ଯେଉଁ
ପର୍ବତରେ ମନ୍ଦିର ଅଛି, ତାହା ବନସ୍ଥ ଉଚ୍ଚସ୍ଥଳୀର ସମାନ
ହେବ।"

19"ଯିହୁଦାର ରାଜା ହିଜକିୟ ଓ ଯିହୁଦାର ସମସ୍ତ ଲୋକ
ମୀଖାକୁ ବଧ କରି ନଥିଲେ। ହିଜକିୟ ସଦାପ୍ରଭୁଙ୍କୁ ଭୟ
କରି ସଦାପ୍ରଭୁଙ୍କର ଅନୁଗ୍ରହ ପ୍ରାର୍ଥନା କଲେ। ତେଣୁ ସଦାପ୍ରଭୁ
ସେମାନଙ୍କ ବିରୁଦ୍ଧରେ ଯେଉଁ ଅମଙ୍ଗଳର କଥା କହିଥିଲେ,
ତାହା କରିବାରୁ ସେ ନିବୃତ୍ତ ହେଲେ। ଯଦି ଆମ୍ଭେମାନେ
ଯିରିମିୟଙ୍କ ପ୍ରତି କିଛି କରୁ, ତେବେ ଆମ୍ଭମାନଙ୍କ ପ୍ରାଣର
ପ୍ରତିକୂଳରେ ଅମଙ୍ଗଳ କରୁଅଛୁ।"
20ଆହୁରି ସଦାପ୍ରଭୁଙ୍କ ନାମରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାରକାରୀ
ଅନ୍ୟ ଏକ ବ୍ୟକ୍ତି ଥିଲା। ସେ କିରିୟତ୍-ଯିୟାରୀମସ୍ଥ ଶମୟିୟର
ପୁତ୍ର ଊରୀୟ; ସେ ଯିରିମିୟର ସମସ୍ତ ବାକ୍ୟପରି ଏହି ନଗର
ଓ ଏହି ଦେଶ ବିରୁଦ୍ଧରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରିଥିଲା।
21ରାଜା ଯିହୋୟାକୀମ୍, ତାଙ୍କର ସମସ୍ତ ବୀରଗଣ ଓ ଯିହୁଦାର
ସମସ୍ତ ଅଧିପତିମାନେ ଊରୀୟଙ୍କ ଭବିଷ୍ୟଦ୍‌ବାଣୀ ଶୁଣିଲେ।

ତା'ପରେ ରାଜା ଯିହୋୟାକୀମ୍ ତାହାକୁ ବଧ କରିବାକୁ ଚେଷ୍ଟା
କଲା। ମାତ୍ର ଉରିୟ ଭୟଭୀତ ହୋଇ ମିଶରକୁ ପଳାଇଲା।
22ମାତ୍ର ରାଜା ଯିହୋୟାକୀମ୍ ଅକ୍‌ବୋରର ପୁତ୍ର ଇଲ୍‌ନାଥନ୍‌କୁ
ଓ ତାଙ୍କ ସହିତ ଅନ୍ୟ କେତେକ ଲୋକଙ୍କୁ ମିଶରକୁ
ପଠାଇଲା। 23ତହୁଁ ସେମାନେ ଉରିୟକୁ ମିଶରରୁ ଆଣି
ଯିହୋୟାକୀମ୍ ନିକଟରେ ଉପସ୍ଥିତ କରାଇଲେ। ରାଜାଙ୍କ
ଆଦେଶରେ ଉରିୟକୁ ଖଡ୍ଗରେ ବଧ କରାଗଲା ଓ ଦରିଦ୍ର
ଲୋକମାନଙ୍କ କବର ସ୍ଥାନରେ ତାହାର ଶବ ପକାଗଲା।

24ଯାହାହେଉ, ଶାଫନର ପୁତ୍ର ଅହୀକାମ ଯିରିମିୟଙ୍କୁ
ରକ୍ଷାକଲେ। ଯେଉଁଥିପାଇଁ ତାଙ୍କୁ ହତ୍ୟା କରିବା ପାଇଁ
ଲୋକମାନଙ୍କୁ ହସ୍ତାନ୍ତର କରାଗଲା ନାହିଁ।

## ସଦାପ୍ରଭୁ ନବୂଖଦ୍‌ନିତ୍ସରଙ୍କୁ ଶାସକ କଲେ

27 ଯୋଶିୟଙ୍କ ପୁତ୍ର ଯିହୁଦାର ରାଜା ଯିହୋୟାକୀମ୍‌ଙ୍କ
ଶାସନର ଆରମ୍ଭରେ ସଦାପ୍ରଭୁଙ୍କଠାରୁ ଏହି ବାକ୍ୟ
ଯିରିମିୟଙ୍କ ନିକଟରେ ଉପସ୍ଥିତ ହେଲା। 2ସଦାପ୍ରଭୁ ମୋତେ
ଏହି କଥା କହିଲେ, "ହେ ଯିରିମିୟ, ତୁମ୍ଭେ ସ୍ତମ୍ଭରୁ
କେତେକ ଯୁଆଳି ପ୍ରସ୍ତୁତ କରି ଆପଣା ସ୍କନ୍ଧରେ ରଖ। 3ପୁଣି
ଯିହୁଦାର ରାଜା ସିଦିକିୟଙ୍କୁ ଦେଖା କରିବାକୁ ଯିରୁଶାଲମକୁ
ଆସିଥିବା ଦୂତମାନଙ୍କ ହସ୍ତରେ ଅନ୍ୟ ଯୁଆଳିଗୁଡ଼ିକୁ ଇଦୋମ,
ମୋୟାବ, ଅମ୍ମୋନ, ସୋର ଓ ସୀଦୋନର ରାଜାମାନଙ୍କ
ନିକଟକୁ ପଠାଅ। 4ଆଉ ସେମାନଙ୍କୁ ଆଦେଶ ଦିଅ, 'ସୈନ୍ୟାଧିପତି
ସଦାପ୍ରଭୁ ଇସ୍ରାୟେଲର ପରମେଶ୍ୱର ଏହିକଥା କହନ୍ତି, ତୁମ୍ଭେମାନେ
ଆପଣା ଆପଣା କର୍ତ୍ତାମାନଙ୍କୁ ଏହି କଥା କହିବ। 5ଆମ୍ଭେ
ଆମ୍ଭର ମହାପରାକ୍ରମ ଓ ବିଶାଳ ଶକ୍ତିଶାଳୀ ବାହୁଦ୍ୱାରା ଏହି
ପୃଥିବୀ ଓ ପୃଥିବୀ ନିବାସୀ ସକଳ ମନୁଷ୍ୟ ଓ ପଶୁ ସୃଷ୍ଟି
କରିଅଛୁ। ଆଉ ଆମ୍ଭେ ଆପଣା ସ୍ୱଇଚ୍ଛାରେ ଯାହାକୁ ଉଚିତ
ମନେ କରିବୁ, ଏହା ଦେଇ ପାରିବୁ। 6ବର୍ତ୍ତମାନ ଆମ୍ଭେ ଏହି
ସବୁ ଦେଶ ମୋର ଦାସ ବାବିଲର ରାଜା ନବୂଖଦ୍‌ନିତ୍ସରର
ହସ୍ତରେ ଦେଇଅଛୁ। ଆମ୍ଭେ କ୍ଷେତ୍ରସ୍ଥ ସମସ୍ତ ପଶୁମାନଙ୍କୁ
ତାହାର ସେବା କରିବାକୁ ଦେଇଅଛୁ। 7ପୁଣି ସମୁଦାୟ
ଗୋଷ୍ଠୀ ନବୂଖଦ୍‌ନିତ୍ସର, ତାହାର ପୁତ୍ର ଓ ପୌତ୍ରର ସେବା
କରିବେ। ପୁଣି ଏକ ସମୟ ଆସିବ, ଅନେକ ଗୋଷ୍ଠୀ ଓ
ମହାନ୍ ମହାନ୍ ରାଜାମାନେ ବାବିଲରେ ନିଜର ଦାସ୍ୟକର୍ମ
କରିବେ।

8"'ପୁଣି ଯେଉଁ ଦେଶ ଓ ରାଜ୍ୟ ସେହି ବାବିଲର ରାଜା
ନବୂଖଦ୍‌ନିତ୍ସରର ଦାସ୍ୟକର୍ମ କରିବେ ନାହିଁ ଓ ବାବିଲ ରାଜାର
ଯୁଆଳି ତଳେ ଆପଣା ଆପଣା ବେକ ରଖିବେ ନାହିଁ,'"
ସଦାପ୍ରଭୁ କହନ୍ତି, "'ଆମ୍ଭେ ସେ ଦେଶକୁ ତାହାର ହସ୍ତରେ
ସଂହାର ନକରିବା ପର୍ଯ୍ୟନ୍ତ ଆମ୍ଭର ଖଡ୍ଗ, ଦୁର୍ଭିକ୍ଷ ଓ
ମହାମାରୀ ଦ୍ୱାରା ଦଣ୍ଡ ଦେବା। 9କିନ୍ତୁ ତୁମ୍ଭର, ତୁମ୍ଭ
ଭବିଷ୍ୟଦ୍‌ବକ୍ତାମାନଙ୍କର, ତୁମ୍ଭର ଦିବ୍ୟଦ୍ରଷ୍ଟାମାନଙ୍କର, ତୁମ୍ଭର
ସ୍ୱପ୍ନଦ୍ରଷ୍ଟାମାନଙ୍କର, ତୁମ୍ଭର ଗଣ୍ଡୁକାରମାନଙ୍କର କିଅବା ତୁମ୍ଭର
ଯାଦୁକରମାନଙ୍କର କଥା ଶୁଣିବା ଉଚିତ୍ ନୁହେଁ, ଯେଉଁମାନେ
ତୁମ୍ଭକୁ କହନ୍ତି, "ତୁମ୍ଭେ ବାବିଲୋନର ରାଜାଙ୍କର ସେବା
କରିବା ଉଚିତ୍ ନୁହେଁ।" 10ମାତ୍ର ତୁମ୍ଭମାନଙ୍କୁ ସ୍ୱଦେଶରୁ
ଦୂରେଇ ଦେବାପାଇଁ ଓ ଆମ୍ଭେ ତୁମ୍ଭମାନଙ୍କୁ ତଡ଼ି ଦେଲେ
ତୁମ୍ଭେମାନେ ଯେପରି ନଷ୍ଟ ହେବ, ଏଥିପାଇଁ ସେମାନେ
ତୁମ୍ଭମାନଙ୍କ ନିକଟରେ ମିଥ୍ୟା ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରୁଛନ୍ତି।
11"'କିନ୍ତୁ ଯେଉଁ ଦେଶୀୟ ଲୋକେ ବାବିଲ ରାଜାର ଯୁଆଳି
ତଳେ ନିଜ ନିଜର ବେକ ଦେବେ ଓ ତାହାର ଦାସ୍ୟ କର୍ମ
କରିବେ,'" ସଦାପ୍ରଭୁ କହନ୍ତି, "'ଆମ୍ଭେ ସେମାନଙ୍କୁ ସ୍ୱଦେଶରେ
ରହିବାକୁ ଦେବା ଓ ସେମାନେ ସେଠାରେ କୃଷି କାର୍ଯ୍ୟ କରି
ବାସ କରିବେ।

12"'ଅନନ୍ତର ମୁଁ ସେହି ସମସ୍ତ ବାକ୍ୟ ଯିହୁଦାର ରାଜା
ସିଦିକିୟଙ୍କୁ କହିଲି, "ତୁମ୍ଭେମାନେ ଆପଣା ଆପଣା ବେକ
ବାବିଲ ରାଜାର ଯୁଆଳି ତଳେ ରଖ ଓ ତାହାର ଏବଂ
ତାହାର ଲୋକମାନଙ୍କର ସେବା କର। ତହିଁରେ ତୁମ୍ଭେମାନେ
ବଞ୍ଚିବ। 13ପୁଣି ସଦାପ୍ରଭୁ କହନ୍ତି, କାହିଁକି ତୁମ୍ଭେ ଓ ତୁମ୍ଭର
ଲୋକମାନେ ଯୁଦ୍ଧରେ, ଦୁର୍ଭିକ୍ଷରେ ଓ ମହାମାରୀରେ ମରିବ?
ସଦାପ୍ରଭୁ କହିଲେ, ଯେଉଁମାନେ ବାବିଲୋନ ରାଜାଙ୍କର ସେବା
କରନ୍ତି ନାହିଁ, ସେମାନଙ୍କ ପାଇଁ ଏହା ଘଟିବ। 14ପୁଣି ମିଥ୍ୟା
ଭବିଷ୍ୟଦ୍‌ବକ୍ତାଗଣ ତୁମ୍ଭମାନଙ୍କୁ କହିବେ, ତୁମ୍ଭେମାନେ ବାବିଲ
ରାଜାର ସେବା କରିନାହିଁ।

"'ତୁମ୍ଭେମାନେ ସେମାନଙ୍କର କଥାକୁ ଶୁଣିବା ଉଚିତ୍
ନୁହେଁ। କାରଣ ସେମାନେ ମିଥ୍ୟାବାଣୀ ପ୍ରଚାର କରନ୍ତି।
15ପୁଣି ସଦାପ୍ରଭୁ କହନ୍ତି, ମୁଁ ସେହି ଭବିଷ୍ୟଦ୍‌ବକ୍ତାମାନଙ୍କୁ
ପଠାଇନାହିଁ।'" "'ସେମାନେ ମିଥ୍ୟା ପ୍ରଚାର କରନ୍ତି ଓ ମୋ
ନାମରେ ତାହା ପ୍ରଚାର କରନ୍ତି। ତେଣୁ ମୁଁ ତୁମ୍ଭମାନଙ୍କୁ ତଡ଼ି
ଦେବ ଓ ତୁମ୍ଭେମାନେ ବିନଷ୍ଟ ହେବ, ତୁମ୍ଭେମାନେ ଓ ସେହି
ପ୍ରଚାରକ ଭବିଷ୍ୟଦ୍‌ବକ୍ତାଗଣ ବିନଷ୍ଟ ହେବ।"

16ତା'ପରେ ମୁଁ, ଯିରିମିୟ ଓ ସମସ୍ତ ଯାଜକମାନଙ୍କୁ ଓ
ଏହା କହିଲି, "ସଦାପ୍ରଭୁ ଏହିକଥା କହନ୍ତି। ଦେଖ, ତୁମ୍ଭମାନଙ୍କର
ଭବିଷ୍ୟଦ୍‌ବକ୍ତାଗଣ ଓ ଯାଜକଗଣ ତୁମ୍ଭମାନଙ୍କ ନିକଟରେ
ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି କହନ୍ତି ଯେ, 'ସଦାପ୍ରଭୁଙ୍କ
ମନ୍ଦିରର ସମସ୍ତ ବାସନକୁସନ ଶୀଘ୍ର ବାବିଲରୁ ଅଣାଯିବ।'
କିନ୍ତୁ ତୁମ୍ଭେମାନେ ସେମାନଙ୍କ କଥାରେ ଧ୍ୟାନ ଦିଅ ନାହିଁ,
କାରଣ ସେମାନେ ତୁମ୍ଭମାନଙ୍କ ନିକଟରେ ମିଥ୍ୟା ଭବିଷ୍ୟଦ୍‌ବାକ୍ୟ
ପ୍ରଚାର କରନ୍ତି। 17ତୁମ୍ଭେମାନେ ସେମାନଙ୍କ କଥାରେ ଧ୍ୟାନ
ଦିଅନାହିଁ। ବାବିଲ ରାଜାର ସେବା କର, ତାହା ହେଲେ
ତୁମ୍ଭେମାନେ ବଞ୍ଚିବ। ଆଉ ଏହି ନଗର ଯିରୁଶାଲମକୁ କାହିଁକି
ଧ୍ୱଂସ କରିବାକୁ ଦେବ? 18ଆଉ ଯଦି ସେମାନେ ଭବିଷ୍ୟଦ୍‌ବକ୍ତା
ଅଟନ୍ତି ଓ ସଦାପ୍ରଭୁଙ୍କର ବାକ୍ୟ ସେମାନଙ୍କଠାରେ ଥାଏ,
ତେବେ ସେମାନେ ସଦାପ୍ରଭୁଙ୍କ ଗୃହରେ, ଯିହୁଦାର ରାଜଗୃହରେ
ଓ ଯିରୁଶାଲମରେ ଯେଉଁ ସମସ୍ତ ପାତ୍ର ଅବଶିଷ୍ଟ ଅଛି ତାହା
ଯେପରି ବାବିଲକୁ ନଯାଏ, ଏଥିପାଇଁ ସୈନ୍ୟାଧିପତି ସଦାପ୍ରଭୁଙ୍କୁ
ବିନତି କରନ୍ତୁ।"

19କାରଣ ସୈନ୍ୟାଧିପତି ସଦାପ୍ରଭୁ କହନ୍ତି ସ୍ତମ୍ଭ ଦ୍ୱୟ,
ସମୁଦ୍ର, ବୈଠିକ ଓ ସମସ୍ତ ବାସନ କୁସନ ସମ୍ବନ୍ଧରେ କହନ୍ତି,
ଯାହାକି ଏହି ନଗରରେ ଛାଡିଛନ୍ତି। 20ଯେତେବେଳେ ଯିହୁଦାର
ରାଜା ଯିହୋୟାକୀମ୍‌ଙ୍କ ପୁତ୍ର ଯିହୋୟାଖୀନଙ୍କୁ ଓ ଯିହୁଦାର ଓ
ଯିରୁଶାଲମର ସମସ୍ତ ପ୍ରଧାନବର୍ଗଙ୍କୁ ନବୂଖଦ୍‌ନିତ୍ସର ବନ୍ଦୀକରି
ବାବିଲକୁ ନେଇଗଲେ ସେତେବେଳେ ସେ ସବୁ ଜିନଷ
ନେଇ ନଥିଲେ। 21ସୈନ୍ୟାଧିପତି ସଦାପ୍ରଭୁ, ଇସ୍ରାୟେଲର

ପରମେଶ୍ୱର ଏହି କଥା କହନ୍ତି, ସଦାପ୍ରଭୁଙ୍କ ମନ୍ଦିରରେ,
ଯିହୁଦାର ରାଜପ୍ରାସାଦରେ ଓ ଯିରୂଶାଲମରେ ଅବଶିଷ୍ଟ ଥିବା,
"ସେହି ସମସ୍ତ ବାସନ କୁସନ ବାବିଲକୁ ଅଣାଯିବ। **22**ସେହିସବୁ
ବାବିଲକୁ ଅଣାଯିବ ଏବଂ ଆମ୍ଭେ ସେଗୁଡ଼ିକର ପରିଦର୍ଶନ ନ
କରିବା ଦିନ ପର୍ଯ୍ୟନ୍ତ ସେ ସବୁ ସେ ସ୍ଥାନରେ ଥିବ।" ପୁଣି
ସଦାପ୍ରଭୁ କହନ୍ତି, "ତାହାପରେ ଆମ୍ଭେ ସେ ସବୁ ଜିନିଷକୁ
ଏହି ସ୍ଥାନକୁ ଫେରାଇ ଆଣିବା।"

## ମିଥ୍ୟା ଭବିଷ୍ୟଦ୍‌ବକ୍ତା ହନାନିୟ

**28** ଅନନ୍ତର ଯିହୁଦାର ରାଜା ସିଦିକିୟର ରାଜତ୍ୱର
ଚତୁର୍ଥବର୍ଷର ପଞ୍ଚମ ମାସରେ ଗିବିୟୋନ ନିବାସୀ
ଅସୂରର ପୁତ୍ର ହନାନିୟ ଭବିଷ୍ୟଦ୍‌ବକ୍ତା ସଦାପ୍ରଭୁଙ୍କ ଗୃହରେ
ଯାଜକମାନଙ୍କର ଓ ସମସ୍ତ ଲୋକଙ୍କର ସାକ୍ଷାତରେ ମୋତେ
ଏହି କଥା କହିଲେ। **2**"ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର
ପରମେଶ୍ୱର ଏହିକଥା କହନ୍ତି, 'ଆମ୍ଭେ ଯିହୁଦା ଉପରେ ଥିବା
ବାବିଲ ରାଜାର ଯୁଆଳି ଭାଙ୍ଗିଅଛୁ। **3**ବାବିଲର ରାଜା ନବୂଖଦ୍‌ନିତ୍ସର
ଏହି ସ୍ଥାନରୁ ସଦାପ୍ରଭୁଙ୍କ ଗୃହର ଯେଉଁସବୁ ପାତ୍ର ବାବିଲକୁ
ନେଇ ଯାଇଅଛି, ସେ ସବୁ ଆମ୍ଭେ ଦୁଇବର୍ଷ ପୂର୍ଣ୍ଣ ହେବା
ପୂର୍ବରୁ ପୁନର୍ବାର ଏହି ସ୍ଥାନକୁ ଫେରାଇ ଆଣିବା। **4**ପୁଣି
ଯିହୋୟାକୀମ୍‌ର ପୁତ୍ର ଯିହୁଦାର ରାଜା ଯିହୋୟାଖୀନ୍‌କୁ ଓ
ଯିହୁଦାର ବାବିଲକୁ ବନ୍ଦୀ ହୋଇ ଯାଇଥିବା ସମସ୍ତ ଲୋକ
ସହିତ ଏହି ସ୍ଥାନକୁ ଫେରାଇ ଆଣିବା।' ଏହା ସଦାପ୍ରଭୁ
କହନ୍ତି, 'କାରଣ ଆମ୍ଭେ ବାବିଲ ରାଜାର ଯୁଆଳି ଭାଙ୍ଗି
ପକାଇବା।'"

**5**ତା'ପରେ ଭବିଷ୍ୟଦ୍‌ବକ୍ତା ଯିରିମିୟ ପରମେଶ୍ୱରଙ୍କ ଗୃହରେ
ଠିଆ ହୋଇଥିବା ଯାଜକମାନଙ୍କ ସାକ୍ଷାତରେ ଓ ସମସ୍ତ
ଲୋକଙ୍କ ସାକ୍ଷାତରେ ଭବିଷ୍ୟଦ୍‌ବକ୍ତା ହନାନିୟଙ୍କୁ କହିଲେ।
**6**ଯିରିମିୟ ଭବିଷ୍ୟଦ୍‌ବକ୍ତା ହନାନିୟଙ୍କୁ ଏହା କହିଲେ, "ଆମେନ୍!
ସଦାପ୍ରଭୁ ସେପରି କରନ୍ତୁ, ସଦାପ୍ରଭୁଙ୍କ ଗୃହର ପାତ୍ର ଓ
ସମସ୍ତ ନିର୍ବାସିତ ଲୋକଙ୍କୁ ବାବିଲରୁ ପୁନର୍ବାର ଏହି ସ୍ଥାନକୁ
ଆଣିବା ପାଇଁ ତୁମ୍ଭେ ଯେଉଁ ଭବିଷ୍ୟଦ୍ ବାକ୍ୟ ପ୍ରଚାର
କରିଅଛ, ସଦାପ୍ରଭୁ ତୁମ୍ଭର ସେହି ବାକ୍ୟସବୁ ସିଦ୍ଧ କରନ୍ତୁ।
**7**"ତେଣୁ ହେ ହନାନିୟ, ମୁଁ ତୁମ୍ଭ କର୍ଣ୍ଣଗୋଚରରେ ଓ
ସମସ୍ତ ଲୋକଙ୍କ କର୍ଣ୍ଣ ଗୋଚରରେ ଯେଉଁକଥା କହୁଅଛି,
ତାହା ଶୁଣ। **8**ତୁମ୍ଭର ଓ ମୋର ବହୁ ପୂର୍ବରୁ ଅନେକ
ଭବିଷ୍ୟଦ୍‌ବକ୍ତା ବହୁଦେଶ ଓ ମହାନ୍ ମହାନ୍ ରାଜ୍ୟ ବିରୁଦ୍ଧରେ
ଯୁଦ୍ଧ, ଦୁର୍ଭିକ୍ଷ ଓ ମହାମାରୀର ଭବିଷ୍ୟଦ୍‌ବାକ୍ୟ ପ୍ରଚାର
କରିଅଛନ୍ତି। **9**ଯେଉଁ ଭବିଷ୍ୟଦ୍‌ବକ୍ତା ଶାନ୍ତିର ଭବିଷ୍ୟଦ୍‌ବାକ୍ୟ
ପ୍ରଚାର କରେ ସେହି ଭବିଷ୍ୟଦ୍‌ବକ୍ତାର ବାକ୍ୟ ସଫଳ
ହେଲାପରେ ସିନା ସଦାପ୍ରଭୁ ତାହାକୁ ପ୍ରକୃତରେ ପଠାଇ
ଅଛନ୍ତି ବୋଲି ଜଣାପଡ଼େ।"

**10**ଯିରିମିୟଙ୍କ ସ୍କନ୍ଧରେ ବହନ କରିଥିବା ଯୁଆଳିକୁ ହନାନିୟ
କାଢ଼ି ନେଇ ତାହା ଭାଙ୍ଗି ପକାଇଲା। **11**ଆଉ ହନାନିୟ ସବୁ
ଲୋକଙ୍କ ସାକ୍ଷାତରେ ବଡ଼ ପାଟିରେ କହିଲା, "ସଦାପ୍ରଭୁ
ଏହିକଥା କହନ୍ତି, 'ଆମ୍ଭେ ଏହିରୂପେ ପୂର୍ଣ୍ଣ ଦୁଇବର୍ଷ ହେବା
ପୂର୍ବରୁ ବାବିଲର ରାଜା ନବୂଖଦ୍‌ନିତ୍ସରର ଯୁଆଳି ସବୁ
ଦେଶୀୟମାନଙ୍କ ସ୍କନ୍ଧରୁ କାଢ଼ି ଭାଙ୍ଗି ପକାଇବା।'"
ଏଥିରେ ଯିରିମିୟ ଭବିଷ୍ୟଦ୍‌ବକ୍ତା ଆପଣା ବାଟରେ
ଚାଲିଗଲେ।

**12**ହନାନିୟ ଭବିଷ୍ୟଦ୍‌ବକ୍ତା ଯିରିମିୟଙ୍କ ସ୍କନ୍ଧରୁ ଯୁଆଳି
ନେଇ ଭାଙ୍ଗିଲା ପରେ ଯିରିମିୟଙ୍କ ନିକଟରେ ସଦାପ୍ରଭୁଙ୍କର
ଏହି ବାକ୍ୟ ଉପସ୍ଥିତ ହେଲା। **13**ସଦାପ୍ରଭୁ ଏହି କଥା କହନ୍ତି,
"ତୁମ୍ଭେ ଯାଇ ହନାନିୟଙ୍କୁ କୁହ, 'ତୁମ୍ଭେ ସିନା କାଠର ଯୁଆଳି
ଭାଙ୍ଗି ଦେଲ, ମାତ୍ର ଆମ୍ଭେ ତାହା ବଦଳରେ ଲୁହାର ଯୁଆଳି
ପ୍ରସ୍ତୁତ କରିବା।' **14**ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର
ପରମେଶ୍ୱର ଏହିକଥା କହନ୍ତି, 'ଏହିସବୁ ଦେଶୀୟରାଜାଗଣ
ବାବିଲର ରାଜା ନବୂଖଦ୍‌ନିତ୍ସରର ସେବା କରିବେ। ଏଥିପାଇଁ
ମୁଁ ସେମାନଙ୍କ ସ୍କନ୍ଧରେ ଲୁହାର ଯୁଆଳି ରଖିଅଛି। ସେମାନେ
ତାହାର ସେବା କରିବେ ଆଉ ମଧ୍ୟ କ୍ଷେତ୍ରସ୍ଥ ପଶୁଗଣ
ତାହାର ସେବା କରିବେ।'"

**15**ତହୁଁରେ ଯିରିମିୟ ଭବିଷ୍ୟଦ୍‌ବକ୍ତା ହନାନିୟ
ଭବିଷ୍ୟଦ୍‌ବକ୍ତାଙ୍କୁ କହିଲେ, "ହେ ହନାନିୟ, ଏବେ ଶୁଣ!
ସଦାପ୍ରଭୁ ତୁମ୍ଭକୁ ପଠାଇ ନାହାଁନ୍ତି। ମାତ୍ର ତୁମ୍ଭେ ଏହି
ଲୋକମାନଙ୍କୁ ମିଥ୍ୟା କଥାରେ ବିଶ୍ୱାସ କରାଇ ଅଛ। **16**ତେଣୁ
ସଦାପ୍ରଭୁ ଏହିକଥା କହନ୍ତି, 'ହେ ହନାନିୟ, ଆମ୍ଭେ ତୁମ୍ଭକୁ
ପୃଥିବୀରୁ ଦୂର କରିବା। ତୁମ୍ଭେ ଏହି ବର୍ଷ ମରିବ। କାରଣ
ତୁମ୍ଭେ ସଦାପ୍ରଭୁଙ୍କ ବିରୁଦ୍ଧରେ ବିଦ୍ରୋହର କଥା କହିଅଛ।'"

**17**ଆଉ ହନାନିୟ ଭବିଷ୍ୟଦ୍‌ବକ୍ତା ସେହି ବର୍ଷ ସପ୍ତମ
ମାସରେ ମଲା।

## ବାବିଲସ୍ଥିତ ଜୀଉ ନିର୍ବାସିତମାନଙ୍କୁ ଏକ ପତ୍ର

**29** ଯିରିମିୟ ନିର୍ବାସିତମାନଙ୍କ ମଧ୍ୟରେ ଥିବା ପ୍ରାଚୀନମାନଙ୍କ
ପାଖକୁ ଯାଜକଗଣଙ୍କ ପାଖକୁ, ଭବିଷ୍ୟଦ୍ ବକ୍ତାଗଣଙ୍କ
ପାଖକୁ ଓ ଅନ୍ୟ ସମସ୍ତ ବାବିଲ ନିବାସୀମାନଙ୍କ ନିକଟକୁ
ଏକ ପତ୍ର ପ୍ରେରଣ କଲେ ଏବଂ ଏହିସବୁ ଲୋକମାନଙ୍କୁ
ନବୂଖଦ୍‌ନିତ୍ସର ଯିରୂଶାଲମରୁ ବାବିଲୋନ୍‌କୁ ନିର୍ବାସିତ ରୂପେ
ନେଇଯାଇଥିଲେ। **2**ରାଜା ଯିହୋୟାଖୀନ୍, ରାଜମାତା, ନପୁଂସକଗଣ,
ପ୍ରାଚୀନବର୍ଗ, ଶିଳ୍ପକାରୀଗଣ ଓ କର୍ମକାରଗଣ ଯିରୂଶାଲମରୁ
ପ୍ରସ୍ଥାନ କଲା ଉତ୍ତାରେ ଏହି ପତ୍ର ପଠାଗଲା। **3**ଯିହୁଦାର
ରାଜା ସିଦିକିୟ ବାବିଲର ରାଜା ନବୂଖଦ୍‌ନିତ୍ସର ନିକଟକୁ
ଶାଫନର ପୁତ୍ର ଇଲୀୟାସା ଓ ହିଲ୍‌କିୟର ପୁତ୍ର ଗମରୀୟଙ୍କୁ
ପଠାଇଲେ। ଯିରିମିୟ ସେହିମାନଙ୍କ ହସ୍ତରେ ପତ୍ର ଦେଲେ।
ସେହି ପତ୍ରଟି ଏହିପରି ପାଠ କରାଗଲା।

**4**ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର ଏହିକଥା
କହନ୍ତି, ଆମ୍ଭେ ଯିରୂଶାଲମରୁ ବାବିଲକୁ ଯେଉଁମାନଙ୍କୁ ନିର୍ବାସିତ
କରାଇଅଛୁ, ସେହି ସମସ୍ତ ନିର୍ବାସିତମାନଙ୍କ ପ୍ରତି ଆମ୍ଭର
ଆଦେଶ ଏହି। **5**"ତୁମ୍ଭେମାନେ ଗୃହ ନିର୍ମାଣ କରି ତହିଁରେ
ବାସ କର; ଉଦ୍ୟାନ ପ୍ରସ୍ତୁତ କରି ତାହାର ଫଳ ଉପଭୋଗ
କର। **6**ତୁମ୍ଭେମାନେ ବିବାହ କରି ପୁତ୍ର କନ୍ୟା ଉତ୍ପାଦନ
କର। ଆଉ ତୁମ୍ଭମାନଙ୍କର ସେହି ପୁତ୍ର କନ୍ୟାମାନଙ୍କୁ ବିବାହ
କରାଇ ସେମାନଙ୍କଠାରୁ ପୁତ୍ରକନ୍ୟା ଜନ୍ମ କରାଅ। ଏହିପରି
ବାବିଲର ଲୋକସଂଖ୍ୟା ବୃଦ୍ଧି କର କିନ୍ତୁ ଊଣା କରନାହିଁ।
**7**ଆମ୍ଭେ ଯେଉଁ ନଗରକୁ ତୁମ୍ଭମାନଙ୍କୁ ନିର୍ବାସିତ କରିଅଛୁ
ତାହାର ମଙ୍ଗଳ କର ଓ ସେହି ନଗର ନିମନ୍ତେ ସଦାପ୍ରଭୁଙ୍କୁ

ପ୍ରାର୍ଥନା କର। କାରଣ ସେଠାରେ ଶାନ୍ତ ଆସିଲେ ତୁମ୍ଭମାନଙ୍କର
ଶାନ୍ତ ଆସିବ।" **8**ସୈନ୍ୟାଧିପତି ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱର ଏହକଥା କହନ୍ତ, "ତୁମ୍ଭେମାନେ ଭବଷ୍ୟଦ୍‌ବକ୍ତା
ଓ ଗଣକମାନଙ୍କ କଥାରେ ଭୁଲ ନାହିଁ। ସେମାନେ ଯେଉଁ
ସ୍ୱପ୍ନ ଦର୍ଶନ କଥା କହୁଛନ୍ତ, ତାହା ପ୍ରତି ମନୋଯୋଗ
କରନାହିଁ। **9**ପୁଣି ସେମାନେ ଆମ୍ଭ ନାମରେ ମିଥ୍ୟା ଭବଷ୍ୟଦ୍‌ବାକ୍ୟ
ପ୍ରଗ୍ୱର କରନ୍ତ। କନ୍ତୁ ଆମ୍ଭେ ସେମାନଙ୍କୁ ପ୍ରେରଣ କରନାହୁଁ।"
ସଦାପ୍ରଭୁ କହନ୍ତ।

**10**ତା'ପରେ ସଦାପ୍ରଭୁ କହନ୍ତ, "ମାତ୍ର ବାବଲରେ
ସତୁରବର୍ଷ ସମ୍ପୂର୍ଣ୍ଣ ହେଲାପରେ ଆମ୍ଭେ ତୁମ୍ଭମାନଙ୍କର
ତତ୍ତ୍ୱାନୁସନ୍ଧାନ କରବା। ତୁମ୍ଭମାନଙ୍କୁ ପୁନର୍ବାର
ଯିରୁଶାଲମକୁ ଫେରାଇ ଆଣି ଆମ୍ଭେ ଆପଣା ମଙ୍ଗଳବାକ୍ୟ
ପୂରଣ କରବ। **11**ସଦାପ୍ରଭୁ କହନ୍ତ, ତୁମ୍ଭମାନଙ୍କ
ପାଇଁ ଆମ୍ଭେ ଯେଉଁ ସଂକଳ୍ପ କରଛୁ ତାହା ମଙ୍ଗଳକର
ଅଟେ।" "ମୁଁ ତୁମ୍ଭମାନଙ୍କର ଭବଷ୍ୟତ ପୁନଃସ୍ଥାପନ
ପାଇଁ ଯୋଜନା କରୁଛୁ ଏବଂ ତୁମ୍ଭମାନଙ୍କୁ ପୁଣି ନୂଆ
ଆଶା ଦେବା। **12**ତେଣୁ ତୁମ୍ଭେମାନେ ଆମ୍ଭକୁ ଆହ୍ୱାନ
କରବ ଓ ଆମ୍ଭ ନକଟରେ ପ୍ରାର୍ଥନା କରବ। ଆଉ
ଆମ୍ଭେ ତୁମ୍ଭମାନଙ୍କ ପ୍ରାର୍ଥନା ପ୍ରତି ଧ୍ୟାନ ଦେବା।
**13**ପୁଣି ତୁମ୍ଭେମାନେ ଆମ୍ଭକୁ ଅନ୍ୱେଷଣ କରବ। ଆଉ
ସର୍ବାନ୍ତଃକରଣରେ ଯେତେବେଳେ ତୁମ୍ଭେମାନେ ଆମ୍ଭକୁ
ଖୋଜିବ ସେତେବେଳେ ଆମ୍ଭକୁ ପାଇବ। **14**ସଦାପ୍ରଭୁ
କହନ୍ତ, ଆମ୍ଭେ ତୁମ୍ଭମାନଙ୍କୁ ଆମ୍ଭର ଉଦ୍ଦେଶ ପାଇବାକୁ
ଦେବା।" "ଆମ୍ଭେ ତୁମ୍ଭମାନଙ୍କର ବନ୍ଦୀ ଅବସ୍ଥା ପରବର୍ତ୍ତନ
କରବା। ଆମ୍ଭେ ଜାତିମାନଙ୍କ ମଧ୍ୟରେ ତୁମ୍ଭକୁ ବଚ୍ଛୁରତ
କରଥିଲୁ, କନ୍ତୁ ଆମ୍ଭେ ସେଠାରୁ ତୁମ୍ଭମାନଙ୍କୁ ପୁନଃ
ଏକତ୍ରୀତ କରବା।" ପୁଣି ସଦାପ୍ରଭୁ କହନ୍ତ, "ଆମ୍ଭେ
ପୁନର୍ବାର ତୁମ୍ଭମାନଙ୍କୁ ନର୍ବାସନ ସ୍ଥାନରୁ ଫେରାଇ
ଆଣିବା।"

**15**ତୁମ୍ଭେମାନେ କହବ, "ସଦାପ୍ରଭୁ ଆମ୍ଭମାନଙ୍କ
ନମନ୍ତେ ବାବଲକୁ ଭବଷ୍ୟଦ୍‌ବକ୍ତାମାନଙ୍କୁ ପଠାଇ ଅଛନ୍ତ।"
**16**ତୁମ୍ଭ ସହତ ବାବଲକୁ ବନ୍ଦୀହୋଇ ଆସିନଥିବା
ତୁମ୍ଭମାନଙ୍କ ଭ୍ରାତୃଗଣ ବଷୟରେ ଓ ଦାଉଦର
ସିଂହାସନରେ ଉପବଷ୍ଟ ରାଜା ବଷୟରେ ସଦାପ୍ରଭୁ
ଏହକଥା କହନ୍ତ। **17**ସୈନ୍ୟାଧିପତି ସଦାପ୍ରଭୁ ଏହ
କଥା କହନ୍ତ, "ଯିରୁଶାଲମରେ ଅବଶିଷ୍ଟ ଥିବା
ଲୋକମାନଙ୍କ ପାଇଁ ଆମ୍ଭେ ଖଡ୍ଗ, ଦୁର୍ଭିକ୍ଷ ଓ ମହାମାରୀ
ପଠାଇବା। ଆଉ ଘୃଣାଜନକ ଭୋଜନ ଅଯୋଗ୍ୟ
ମନ୍ଦ ଡମ୍ବିର ଫଳ ତୁଲ୍ୟ ସେମାନଙ୍କୁ କରବା।
**18**ଆମ୍ଭେ ଯିରୁଶାଲମସ୍ଥ ଅବଶିଷ୍ଟ ଲୋକମାନଙ୍କ ନମନ୍ତେ
ଖଡ୍ଗ, ଦୁର୍ଭିକ୍ଷ ଓ ମହାମାରୀ ପଠାଇବା। ସେମାନେ
ଏକ ବସ୍ତୁ ହେବେ, ଯାହାକୁ କ ଦେଶ ଅଭିଶାପର
ବୀଭିଷିକାର ଓ ହୀସ୍ ଶବ୍ଦର ବସ୍ତୁ ରୂପେ ବ୍ୟବହାର
କରବ। ଆଉ ସେମାନେ ପୃଥିବୀବାସୀଙ୍କ ନକଟରେ
ଲଜ୍ଜ୍ୟାର ଏକ ବଷୟ ହେବେ। **19**କାରଣ ସଦାପ୍ରଭୁ
କହନ୍ତ, ଆମ୍ଭେ ପ୍ରଭାତରେ ଉଠି ଆମ୍ଭର
ଭବଷ୍ୟଦ୍‌ବକ୍ତାଗଣଙ୍କୁ ସେମାନଙ୍କ ନିକଟକୁ ପଠାଇ
ଯାହା କହଲୁ, ସେମାନେ ତାହା ପ୍ରତି କର୍ଣ୍ଣପାତ
କଲେ ନାହିଁ।" ପୁଣି ସଦାପ୍ରଭୁ କହନ୍ତ, "ସେମାନଙ୍କ
ନକଟକୁ ବାରମ୍ବାର ଆମ୍ଭର ଦାସକୁ ପଠାଇ ଯାହା
କହଲୁ, ସେମାନେ ଆମ୍ଭର ବାକ୍ୟ ଶୁଣିଲେ ନାହିଁ।"
**20**"ଏଣୁ ଆମ୍ଭଦ୍ୱାରା ଯିରୁଶାଲମରୁ ବାବଲକୁ ତଡ଼ତ
ନର୍ବାସିତ ଲୋକମାନେ, ତୁମ୍ଭେମାନେ ସଦାପ୍ରଭୁଙ୍କ ବାକ୍ୟ
ଶୁଣ।"

**21**"କୋଲାୟର ପୁତ୍ର ଆହାବ ଓ ମାସେୟର ପୁତ୍ର
ସିଦକୟ ଆମ୍ଭ ନାମରେ ତୁମ୍ଭମାନଙ୍କ ନକଟରେ ମିଥ୍ୟା
ଭବଷ୍ୟଦ୍‌ବାକ୍ୟ ପ୍ରଗ୍ୱର କରନ୍ତ। ତେଣୁ ସେମାନଙ୍କ
ବଷୟରେ ସୈନ୍ୟାଧିପତି ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱର କହନ୍ତ, ଆମ୍ଭେ ବାବଲର ରାଜା
ନବୂଖଦ୍‌ନସର ନକଟକୁ ସେମାନଙ୍କୁ ପଠାଇବୁ। ଆଉ
ସେ ସମସ୍ତ ଲୋକଙ୍କ ସମ୍ମୁଖରେ ସେମାନଙ୍କୁ ବଧ
କରବ। **22**ପୁଣି ବାବଲରେ ଯିହୁଦାର ନର୍ବାସିତ
ଯେତେ ଲୋକ ଅଛନ୍ତ, ସେମାନଙ୍କ ମଧ୍ୟରେ ସେହ
ଦୁଇ ଲୋକଙ୍କ ଅଭିଶାପ କଥା ଉଦାହରଣ ସ୍ୱରୂପ
ପ୍ରଚ୍ୱରତ ହେବ। ସେହ ଲୋକମାନେ କହବେ,
'ବାବଲର ରାଜା ଯେପରି ସିଦକୟ ଓ ଆହାବଙ୍କୁ
ଅଗ୍ନିରେ ଦଗ୍ଧ କରଥିଲେ ସଦାପ୍ରଭୁ ସେମାନଙ୍କୁ ସେହପରି
କରନ୍ତୁ।' **23**ସେମାନେ ଇଶ୍ରାୟେଲରେ ଅତି ମନ୍ଦ
ଆଚରଣ କରଛନ୍ତ, ସେମାନେ ଆପଣା ଆପଣା
ପ୍ରତିବେଶୀ ସ୍ତ୍ରୀ ସହତ ବ୍ୟଭିଚ୍ୱର କରଅଛନ୍ତ। ଆମ୍ଭେ
ଆଜ୍ଞା କରନାହୁଁ, କନ୍ତୁ ସେମାନେ ଆମ୍ଭ ନାମରେ
ମିଥ୍ୟା କଥା କହ ଅଛନ୍ତ। ସଦାପ୍ରଭୁ କହନ୍ତ, ଆମ୍ଭେ
ଏହା ଜାଣୁ ଓ ଆମ୍ଭେ ଏଥିପାଇଁ ସାକ୍ଷୀ ଅଛୁ।"

### ଶମୟିୟଙ୍କ ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

**24**ଆଉ ମଧ୍ୟ ତୁମ୍ଭେ ନହଲାମୀୟ ବଂଶର ଶମୟିୟଙ୍କୁ
ଏହ ବାର୍ତ୍ତା ଦେବ। **25**ସୈନ୍ୟାଧିପତି ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱର ଏହକଥା କହନ୍ତ, "ହେ ଶମୟିୟ, ତୁମ୍ଭେ
ଇଶ୍ରାୟେଲର ସମସ୍ତ ଲୋକଙ୍କୁ ମାସେୟର ପୁତ୍ର ସଫନୟ
ଯାଜକକୁ ଓ ଅନ୍ୟାନ୍ୟ ସମସ୍ତ ଯାଜକମାନଙ୍କ ନକଟକୁ
ଆପଣା ନାମରେ ଏହ ପତ୍ର ପଠାଅ। **26**ତୁମ୍ଭେ ଏହ ପତ୍ରରେ
ଉଲ୍ଲେଖ କଲ ଯେ, ସଦାପ୍ରଭୁ ତୁମ୍ଭକୁ ମନ୍ଦିରର ରକ୍ଷା
କରଥିଲେ, 'ଯିହୋୟାଦା ଯାଜକ ବଦଳରେ ତୁମ୍ଭକୁ ସଦାପ୍ରଭୁ
ଯାଜକ କରଛନ୍ତ। ଯଦ କେହ ବାତୁଳ ହୋଇ ନଜକୁ
ଭବଷ୍ୟଦ୍‌ବକ୍ତା ବୋଲ କହେ, ତେବେ ତୁମ୍ଭେ ତାକୁ ବଡ
ହରକାଠରେ ଏକ ବେଡ଼ରେ ବାନ୍ଧି ରଖିବ। **27**ସମ୍ପ୍ରତି
ଯିରମିୟ ନଜକୁ ଭବଷ୍ୟଦ୍‌ବକ୍ତାପର ଦେଖାଉଅଛ। ତୁମ୍ଭେ
କାହିଁକ ତାକୁ ବନ୍ଦୀ ନ କରବ? **28**ଯିରମିୟ ଆମ୍ଭମାନଙ୍କ
ନକଟକୁ ଏହ ବାର୍ତ୍ତା ଦେଇଅଛ, "ତୁମ୍ଭେମାନେ ବାବଲରେ
ଦୀର୍ଘକାଳ ନର୍ବାସିତ ହୋଇଅଛ। ତେଣୁ ତୁମ୍ଭେମାନେ ଗୃହ
ନର୍ମାଣ କର ତହିଁରେ ବାସ କର ଓ ଉଦ୍ୟାନ ପ୍ରସ୍ତୁତ କର
ଫଳ ଉପଭୋଗ କର।'"

**29**ଅନନ୍ତର ସଫନୟ ଯାଜକ ଯିରମିୟ ଭବଷ୍ୟଦ୍‌ବକ୍ତାଙ୍କ
କର୍ଣ୍ଣ ଗୋଚରରେ ଏହପତ୍ର ପାଠ କଲା। **30**ତାହାପରେ

ଯିରିମିୟଙ୍କ ନିକଟରେ ସଦାପ୍ରଭୁଙ୍କର ଏହି ବାକ୍ୟ ଉପସ୍ଥିତ
ହେଲା। **31**“ହେ ଯିରିମିୟ, ତୁମ୍ଭେ ନିର୍ବାସିତ ସମସ୍ତ ଲୋକଙ୍କୁ
ଏହି ସମ୍ବାଦ ଦିଅ, ‘ନିହିଲାମୀୟ ଶମୟିୟର ବିଷୟରେ
ସଦାପ୍ରଭୁ ଏହି କଥା କହନ୍ତି; ଆମ୍ଭେ ଶମୟିୟଙ୍କୁ ଭବିଷ୍ୟଦ୍‌ବାକ୍ୟ
ପ୍ରଚାର ପାଇଁ ପଠାଇନାହୁଁ। ମାତ୍ର ସେ ମିଥ୍ୟା କହି ତୁମ୍ଭମାନଙ୍କର
ବିଶ୍ୱାସ ଜନ୍ମାଇଅଛି। **32**ତେଣୁ ସଦାପ୍ରଭୁ କହନ୍ତି, “ଆମ୍ଭେ
ନିହିଲାମୀୟ ଶମୟିୟକୁ ଓ ତାହାର ବଂଶକୁ ଦଣ୍ଡ ଦେବା।
ଏହି ଲୋକମାନଙ୍କ ମଧ୍ୟରେ ବାସ କରିବାକୁ ତାହାର କେହି
ରହିବେ ନାହିଁ। ଆଉ ଆମ୍ଭେ ଆମ୍ଭ ଲୋକମାନଙ୍କ ପାଇଁ
ଯେଉଁ ମଙ୍ଗଳ କରିବା, ତାହା ସେ ଦେଖିବ ନାହିଁ।’” ଏହା
ସଦାପ୍ରଭୁ କହନ୍ତି, “‘ଆମ୍ଭେ ଶମୟିୟକୁ ଦଣ୍ଡ ଦେବା, କାରଣ
ସେ ସଦାପ୍ରଭୁଙ୍କ ବିରୁଦ୍ଧରେ ବିଦ୍ରୋହର କଥା କହିଅଛି।’”

## ଆଶାର ଶପଥ

**30** ଯିରିମିୟଙ୍କ ନିକଟରେ ସଦାପ୍ରଭୁଙ୍କର ଏହି ବାକ୍ୟ
ଉପସ୍ଥିତ ହେଲା। **2**ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର
ଏହିକଥା କହନ୍ତି, “ହେ ଯିରିମିୟ, ଆମ୍ଭେ ତୁମ୍ଭକୁ ଯେଉଁସବୁ
କଥା କହିଅଛୁ, ତାହା ତୁମ୍ଭେ ଗୋଟିଏ ପୁସ୍ତକରେ ଲେଖି
ରଖ। **3**କାରଣ ସଦାପ୍ରଭୁ କହନ୍ତି, ସମୟ ଆସିବ” “ଯେଉଁ
ସମୟରେ ଆମ୍ଭେ ଆପଣା ଲୋକ ଇଶ୍ରାୟେଲର ଓ ଯିହୁଦାର
ବନ୍ଦୀତ୍ୱ ଅବସ୍ଥାର ପରିବର୍ତ୍ତନ କରିବା।” ପୁଣି ସଦାପ୍ରଭୁ
କହନ୍ତି, “ଏପରି ସମୟ ଆସିବ ଯେଉଁ ସମୟରେ ଆମ୍ଭେ
ସେମାନଙ୍କ ପୂର୍ବପୁରୁଷମାନଙ୍କୁ ଯେଉଁ ଦେଶ ଦେଇଅଛୁ। ସେହି
ଦେଶକୁ ସେମାନଙ୍କୁ ଫେରାଇ ଆଣିବା ଓ ସେମାନେ ତାହା
ଅଧିକାର କରିବେ।”

**4**ଇଶ୍ରାୟେଲ ଓ ଯିହୁଦା ବିଷୟରେ ସଦାପ୍ରଭୁ କହିଲେ।
**5**ସଦାପ୍ରଭୁ ଏହା କହିଲେ,

“ଆମ୍ଭେ ଲୋକମାନଙ୍କର କମ୍ପିବାର ଓ ଭୟର ଶବ୍ଦ
ଶୁଣିଅଛୁ, ମାତ୍ର ଶାନ୍ତିର ଶବ୍ଦ ଶୁଣି ନାହୁଁ।

**6**“ପ୍ରତ୍ୟେକ ଲୋକଙ୍କୁ ପଚାରି ବୁଝ, ସେମାନେ କ’ଣ
ପ୍ରସବ ବେଦନା ପାଉଛନ୍ତି? ତାହା ନହେଲେ ପ୍ରତ୍ୟେକ ପୁରୁଷ
କାହିଁକି ପ୍ରସବ ବେଦନା ପାଇଲା ପରି ଆପଣା କଟି
ଦେଶରେ ହସ୍ତ ରଖିଛନ୍ତି ଓ ପ୍ରତ୍ୟେକଙ୍କର ମୁଖ ମଳିନ
ପଡ଼ିଛି କାହିଁକି?

**7**“ଆହା, ସେଦିନ ଅତି ମହାନ୍। ତାହା ସମାନ ଆଉ
ଦିନ ନାହିଁ। ତାହା ଯାକୁବର ସଙ୍କଟକାଳ, ମାତ୍ର ସେ ତହିଁରୁ
ଉଦ୍ଧାର ପାଇବ।

**8**“ସେହି ସମୟରେ” ସୈନ୍ୟାଧିପତି ସଦାପ୍ରଭୁ କହନ୍ତି,
“ଆମ୍ଭେ ଯିହୁଦା ଓ ଇଶ୍ରାୟେଲର ଲୋକମାନଙ୍କ ସ୍କନ୍ଧରୁ
ଯୁଆଳି ସବୁ ଭାଙ୍ଗି ପକାଇବା ଓ ସେମାନଙ୍କର ବନ୍ଧନ ସବୁ
ଛିଣ୍ଡାଇ ପକାଇବା। ପୁଣି ବିଦେଶୀମାନେ ସେମାନଙ୍କୁ ଦାସ୍ୟକର୍ମ
କରାଇବେ ନାହିଁ। **9**ଆଉ ସେମାନେ ବିଦେଶୀମାନଙ୍କର ସେବା
କରିବେ ନାହିଁ। ସେମାନେ ସେମାନଙ୍କର ପରମେଶ୍ୱର ସଦାପ୍ରଭୁଙ୍କୁ
ସେବା କରିବେ। ଆଉ ସେମାନଙ୍କ ପାଇଁ ପଠାଇଥିବା ରାଜା
ଦାଉଦଙ୍କର ସେବା କରିବେ।

**10**ଏଣୁ ସଦାପ୍ରଭୁ କହନ୍ତି, “ହେ ଯାକୁବ, ତୁମ୍ଭେ ଆମ୍ଭର
ଦାସ, ତୁମ୍ଭେ ଭୟ କରନାହିଁ।” ଆଉ “ହେ ଇଶ୍ରାୟେଲ,
ତୁମ୍ଭେ ନିରାଶ ହୁଅନାହିଁ। କାରଣ ଆମ୍ଭେ ବହୁ ଦୂର ଦେଶରୁ
ଓ ତୁମ୍ଭକୁ ବନ୍ଦୀତ୍ୱ ଦେଶରୁ ଉଦ୍ଧାର କରିଅଛୁ। ପୁଣି ଯାକୁବ
ଫେରିଆସି ଶାନ୍ତିରେ ଓ ନିରାପଦରେ ରହିବ। କେହି ତାହାକୁ
ଭୟ ଦେଖାଇବେ ନାହିଁ।

**11**ପୁଣି ସଦାପ୍ରଭୁ କହନ୍ତି, “ହେ ଇଶ୍ରାୟେଲ ଓ ଯିହୁଦାର
ଲୋକମାନେ, ଆମ୍ଭେ ତୁମ୍ଭମାନଙ୍କୁ ଉଦ୍ଧାର କରିବାକୁ ତୁମ୍ଭମାନଙ୍କ
ସହିତ ରହିଅଛୁ।” “ଯେଉଁ ଗୋଷ୍ଠୀମାନଙ୍କ ମଧ୍ୟରେ ଆମ୍ଭେ
ତୁମ୍ଭମାନଙ୍କୁ ଛିନ୍ନଭିନ୍ନ କରିଅଛୁ। ସେହି ସମସ୍ତଙ୍କୁ ସମ୍ପୂର୍ଣ୍ଣ ରୂପେ
ସଂହାର କରିବା। ମାତ୍ର ତୁମ୍ଭମାନଙ୍କୁ ଆମ୍ଭେ ସମ୍ପୂର୍ଣ୍ଣ ରୂପେ
ସଂହାର କରିବା ନାହିଁ। ତଥାପି ଆମ୍ଭେ ବିବେଚନା ପୂର୍ବକ
ତୁମ୍ଭମାନଙ୍କୁ ଶାସ୍ତି ଦେବା। ତୁମ୍ଭମାନଙ୍କୁ ଉତ୍ତମ ରୂପେ ଶୃଙ୍ଖଳିତ
ଓ ଅନୁଶାସିତ କରିବା।”

**12**ପୁଣି ସଦାପ୍ରଭୁ କହନ୍ତି, “ତୁମ୍ଭମାନଙ୍କର କ୍ଷତ ଦୁରାରୋଗ୍ୟ
ଓ ତୁମ୍ଭମାନଙ୍କର ଘା କେବେ ପୂରଣ ହେବ ନାହିଁ।

**13**ତୁମ୍ଭମାନଙ୍କର ଘା’ର ଯତ୍ନ କେହି ନେବେ ନାହିଁ, ତେଣୁ
ତାହା ସୁସ୍ଥ ହେବନାହିଁ।

**14**ତୁମ୍ଭେ ବହୁ ଗୋଷ୍ଠୀ ସହିତ ବନ୍ଧୁତା ସ୍ଥାପନ କରିଅଛ।
ମାତ୍ର ‘ବନ୍ଧୁମାନେ’ ତୁମ୍ଭକୁ ପାଶୋରି ଅଛନ୍ତି। ସେମାନେ
ତୁମ୍ଭକୁ ମନେ ପକାନ୍ତି ନାହିଁ। କାରଣ ତୁମ୍ଭର ବହୁ ଅଧର୍ମ ଓ
ବହୁ ପାପ ଯୋଗୁଁ ଆମ୍ଭେ ତୁମ୍ଭକୁ ଶତ୍ରୁ ତୁଲ୍ୟ ଆଘାତ
କରିଅଛୁ ଓ ନିର୍ଦ୍ଦୟ ଲୋକ ତୁଲ୍ୟ ଶାସ୍ତି ଦେଇଅଛୁ।

**15**ହେ ଇଶ୍ରାୟେଲ ଓ ଯିହୁଦା, ତୁମ୍ଭେମାନେ ଆପଣା କ୍ଷତ
ଯୋଗୁଁ କାହିଁକି କ୍ରନ୍ଦନ କରୁଛ? ତୁମ୍ଭମାନଙ୍କର ଏହି କ୍ଷତ
ଯନ୍ତ୍ରଣାଦାୟକ ଓ ଦୁରାରୋଗ୍ୟ। ତୁମ୍ଭମାନଙ୍କର ଅଧର୍ମ ଅନେକ
ଓ ପାପ ବହୁତ। ତେଣୁ ଆମ୍ଭେ ତୁମ୍ଭମାନଙ୍କ ପ୍ରତି ଏହିସବୁ
କରିଅଛୁ।

**16**ଏଣୁ ଯେଉଁମାନେ ତୁମ୍ଭମାନଙ୍କୁ ଗ୍ରାସ କରନ୍ତି, ସେମାନେ
ଗ୍ରାସିତ ହେବେ। ତୁମ୍ଭର ବିପକ୍ଷ ସମସ୍ତେ ସେମାନଙ୍କର
ପ୍ରତ୍ୟେକର ବନ୍ଦୀତ୍ୱ ସ୍ଥାନକୁ ଯିବେ। ଆଉ ଯେଉଁମାନେ
ତୁମ୍ଭମାନଙ୍କୁ ଲୁଣ୍ଠନ କରନ୍ତି, ସେମାନେ ଲୁଣ୍ଠିତ ହେବେ।
ଯେଉଁମାନେ ତୁମ୍ଭମାନଙ୍କର ଦ୍ରବ୍ୟ ଅପହରଣ କରନ୍ତି, ଆମ୍ଭେ
ସେମାନଙ୍କର ଦ୍ରବ୍ୟ ଅପହରଣ କରାଇବା।

**17**କାରଣ ସଦାପ୍ରଭୁ କହନ୍ତି, ଆମ୍ଭେ ତୁମ୍ଭକୁ ପୁନର୍ବାର
ଆରୋଗ୍ୟ ପ୍ରଦାନ କରିବା ଓ ଆମ୍ଭେ ତୁମ୍ଭର ଘା’ ସବୁ ସୁସ୍ଥ
କରିବା।” “କାରଣ ସେମାନେ ତୁମ୍ଭକୁ ବାସନ୍ଦ ବା ଦୂରୀକୃତା
ବୋଲି କହନ୍ତି। ‘ଆଉ ସିୟୋନ୍‌କୁ କେହି ଗ୍ରହାନ୍ତି ନାହିଁ।’”

**18**ସଦାପ୍ରଭୁ କହନ୍ତି, “ମୁଁ ଯାକୁବର ତମ୍ବୁଗୁଡ଼ିକର ବନ୍ଦୀତ୍ୱର
ପରିବର୍ତ୍ତନ କରିବ ଓ ତାହାର ସମସ୍ତ ବାସସ୍ଥାନ ପ୍ରତି ଦୟା
କରିବ। ସେହି ଧ୍ୱଂସ ସ୍ଥାନରେ ନଗର ନିର୍ମିତ ହେବ ଓ
ରାଜଗୃହ ଯଥା ସ୍ଥାନରେ ପୁନଃନିର୍ମିତ ହେବ।

**19**ସେହି ସ୍ଥାନମାନଙ୍କରୁ ଧନ୍ୟବାଦ ଓ ଆନନ୍ଦର ଧ୍ୱନି
ବାହାରିବ। ଆମ୍ଭେ ସେମାନଙ୍କୁ ଅସଂଖ୍ୟ କରିବା। ସେମାନେ
ଅଳ୍ପ ସଂଖ୍ୟକ ହୋଇ ରହିବେ ନାହିଁ ଆଉ ଆମ୍ଭେ ସେମାନଙ୍କୁ
ଗୌରବାନ୍ୱିତ କରିବା। କେହି ସେମାନଙ୍କୁ ଘୃଣା କରିବେ
ନାହିଁ।

**20**“ଯାକୁବର ସନ୍ତାନଗଣ ଇଶ୍ରାୟେଲର ପୂର୍ବପରି ହେବେ।
ଆମ୍ଭେ ଇଶ୍ରାୟେଲ ଓ ଯିହୁଦାକୁ ଶକ୍ତିଶାଳୀ କରାଇବା।

ଯେଉଁମାନେ ସେମାନଙ୍କ ଉପରେ ଉପଦ୍ରବ କରିବେ ଆମ୍ଭେ
ସେମାନଙ୍କୁ ଶାସ୍ତି ଦେବା।
21ପୁଣି ସେମାନଙ୍କର ଅଧିପତି ସେମାନଙ୍କ ମଧ୍ୟରୁ ହେବେ।
ସେମାନଙ୍କର ଶାସନକର୍ତ୍ତା ସେମାନଙ୍କ ମଧ୍ୟରୁ ସୃଷ୍ଟି ହେବେ।
ଆଉ ଆମ୍ଭେ ତାହାକୁ ଆପଣାର ନିକଟବର୍ତ୍ତୀ କରାଇବା ଓ
ସେ ଆମ୍ଭ ନିକଟକୁ ଆସିବେ। କାରଣ ସଦାପ୍ରଭୁ କହନ୍ତି,
ଆମ୍ଭ ନିକଟକୁ ଯେ ଆସିବାପାଇଁ ସାହସ କରିଅଛନ୍ତି, ସେ
କିଏ?
22ପୁଣି ତୁମ୍ଭେମାନେ ଆମ୍ଭର ଲୋକ ହେବ ଓ ଆମ୍ଭେ
ତୁମ୍ଭମାନଙ୍କର ପରମେଶ୍ୱର ହେବା।”
23“ଆଉ ସଦାପ୍ରଭୁଙ୍କର ପ୍ରଚଣ୍ଡ କ୍ରୋଧ ସର୍ବନାଶକାରୀ
ଝଡ଼ ଓ ତୋଫାନ ସଦୃଶ ଦୁଷ୍ଟମାନଙ୍କ ମସ୍ତକରେ ଆସି
ଲାଗିବ।
24ପୁଣି ସଦାପ୍ରଭୁଙ୍କର ମନର ଅଭିପ୍ରାୟ ସଫଳ ଓ ସିଦ୍ଧ
ନ ହେବା ପର୍ଯ୍ୟନ୍ତ ତାଙ୍କର ପ୍ରଜ୍ୱଳିତ କ୍ରୋଧ ପ୍ରଶମିତ
ହେବନାହିଁ। ତୁମ୍ଭେମାନେ ଅନ୍ତିମ ସମୟରେ ତାହା ବୁଝିବ।”

## ନୂତନ ଇଶ୍ରାୟେଲ

31 ଅନନ୍ତର ସଦାପ୍ରଭୁ କହନ୍ତି, “ସେ ସମୟରେ ଆମ୍ଭେ
ଇଶ୍ରାୟେଲର ସମସ୍ତ ଗୋଷ୍ଠୀର ପରମେଶ୍ୱର ହେବା
ଓ ସେମାନେ ଆମ୍ଭର ଲୋକ ହେବେ।”
2ସଦାପ୍ରଭୁ କହନ୍ତି, “ଖଡ୍ଗରୁ ରକ୍ଷା ପାଇଥିବା ଲୋକମାନେ
ପ୍ରାନ୍ତରରେ ଆଶ୍ରୟ ପାଇବେ, ଯେତେବେଳେ ଇଶ୍ରାୟେଲ
ବିଶ୍ରାମ ଚାହିଁଲେ।”
3ସଦାପ୍ରଭୁ ତାକୁ ବହୁଦୂର ସ୍ଥାନରୁ ଦର୍ଶନ ଦେଲେ ଓ
କହିଲେ, “ଆମ୍ଭେ ଚିରସ୍ଥାୟୀ ଭାବରେ ତୁମ୍ଭକୁ ପ୍ରେମ କରି
ଆସିଛୁ। ଏଣୁ ସ୍ନେହପୂର୍ଣ୍ଣ କରୁଣାରେ ଆମ୍ଭେ ତୁମ୍ଭକୁ ଆକର୍ଷଣ
କରିବା।
4“ହେ ଇଶ୍ରାୟେଲ କୁମାରୀ, ଆମ୍ଭେ ତୁମ୍ଭକୁ ପୁନର୍ବାର
ଗଢ଼ିବା। ତୁମ୍ଭେ ପୁନର୍ବାର ଏକ ଦେଶ ହେବ। ତୁମ୍ଭେ ପୁଣି
ଆପଣା ତବଲାରେ ବିଭୂଷିତା ହୋଇ ଆନନ୍ଦକାରୀମାନଙ୍କ
ସଙ୍ଗେ ନୃତ୍ୟ କରି ଗମନ କରିବ।
5ତୁମ୍ଭେ କୃଷକମାନେ ପୁନର୍ବାର ଶମରିୟାର ପର୍ବତରେ
ଦ୍ରାକ୍ଷାକ୍ଷେତ୍ର ପ୍ରସ୍ତୁତ କରିବ। ତୁମ୍ଭେମାନେ ରୋପଣ କରି
ତାହାର ଫଳ ଭୋଗ କରିବ।
6ଏପରି ଏକ ସମୟ ଆସିବ ଯେତେବେଳେ ପ୍ରହରୀମାନେ
ଇଫ୍ରୟିମ ପର୍ବତରେ ଘୋଷଣା କରି କହିବେ, ‘ଆସ, ଆମ୍ଭେମାନେ
ସିୟୋନ୍‌କୁ ଯିବା ଓ ଆମ୍ଭର ସଦାପ୍ରଭୁ’ ପରମେଶ୍ୱରଙ୍କୁ ପୂଜା
କରିବା।”
7କାରଣ ସଦାପ୍ରଭୁ କହନ୍ତି, “ତୁମ୍ଭେମାନେ ଯାକୁବ ନିମନ୍ତେ
ଆନନ୍ଦରେ ଗାନ କର। ଅଗ୍ରଗଣ୍ୟ ଦେଶ ନିମନ୍ତେ ଜୟଧ୍ୱନି
କର, ପ୍ରାର୍ଥନା କର ଓ ପ୍ରଶଂସା କର, ‘ହେ ସଦାପ୍ରଭୁ, ତୁମ୍ଭେ
ଆପଣା ଲୋକମାନଙ୍କୁ, ଇଶ୍ରାୟେଲର ଅବଶିଷ୍ଟାଂଶ ଲୋକମାନଙ୍କୁ
ପରିତ୍ରାଣ କର।’
8ଆଉ ଦେଖ, ଆମ୍ଭେ ସେମାନଙ୍କୁ ଉତ୍ତର ଦେଶରୁ
ଆଣିବା। ପୁଣି ପୃଥିବୀର ପ୍ରାନ୍ତ ଭାଗରୁ ସେମାନଙ୍କୁ ଓ
ସେମାନଙ୍କ ସହିତ ଅନ୍ଧ, ଛୋଟା, ଗର୍ଭବତୀ ଓ ପ୍ରସବ
ବେଦନାଗ୍ରସ୍ତା ସ୍ତ୍ରୀଙ୍କୁ ଏକତ୍ର ସଂଗ୍ରହ କରିବା। ସେମାନେ ବହୁ
ସଂଖ୍ୟାରେ ଜନଗହଳ ହୋଇ ଏ ସ୍ଥାନକୁ ଆସିବେ।
9ସେମାନେ କ୍ରନ୍ଦନ କରି ଆସୁଥିଲା ବେଳେ ଆମ୍ଭେ
ସେମାନଙ୍କୁ ଆଗେଇ ନେବା। ଆମ୍ଭେ ସେମାନଙ୍କୁ ଜଳପୂର୍ଣ୍ଣ
ନଦୀଗୁଡ଼ିକ ନିକଟ ଦେଇ ସଳଖ ପଥରେ ଗମନ କରାଇବା।
ସେ ପଥରେ ସେମାନେ ଝୁଣ୍ଟିବେ ନାହିଁ। କାରଣ ଆମ୍ଭେ
ଇଶ୍ରାୟେଲର ପିତା ଓ ଇଫ୍ରୟିମ ଆମ୍ଭର ପ୍ରଥମଜାତ ସନ୍ତାନ।
10“ହେ ଗୋଷ୍ଠୀସମୂହ, ତୁମ୍ଭେମାନେ ସଦାପ୍ରଭୁଙ୍କର ବାକ୍ୟ
ଶୁଣ। ଆଉ ଦୂରସ୍ଥ ଦ୍ୱୀପ ସମୂହରେ ତାହା ପ୍ରଚାର କରି
କୁହ ଯେ, ‘ଇଶ୍ରାୟେଲକୁ ଛିନ୍ନଭିନ୍ନ କଲେ, ସେ ତାହାକୁ
ସଂଗ୍ରହ କରିବେ। ଆଉ ପାଳକ ଯେପରି ତାହାର ମେଷପଲକୁ
ରକ୍ଷା କରେ, ସେପରି ସେ ତାହାକୁ ସୁରକ୍ଷା ଦେବେ।’
11କାରଣ ସଦାପ୍ରଭୁ ଯାକୁବକୁ ଉଦ୍ଧାର କରିଅଛନ୍ତି ଓ
ତାହା ଅପେକ୍ଷା ବଳବାନର ହସ୍ତରୁ ତାହାକୁ ମୁକ୍ତ କରିଅଛନ୍ତି।
12ପୁଣି ସେମାନେ ଆସି ସିୟୋନ୍‌ର ପର୍ବତରେ ଗାନ
କରିବେ ଓ ସ୍ରୋତତୁଲ୍ୟ ସଦାପ୍ରଭୁଙ୍କ ପ୍ରାସାଦକୁ, ଶସ୍ୟ,
ଦ୍ରାକ୍ଷାରସ, ତେଲ, ପଲର ମେଷଛୁଆ ଓ ଗୋପଲର ଗୋବତ୍ସ
ବହି ଆସିବ ଓ ସେମାନଙ୍କର ଜୀବନ ସୁସିକ୍ତ ଉଦ୍ୟାନ ତୁଲ୍ୟ
ହେବ। ସେମାନେ ଆଉ ଦୁଃଖୀ ହେବେ ନାହିଁ।
13ସେତେବେଳେ ଯୁବତୀ ନାରୀମାନେ ଆନନ୍ଦରେ ନୃତ୍ୟ
କରିବେ ଓ ଯୁବା ଏବଂ ବୃଦ୍ଧମାନେ ସେମାନଙ୍କ ସହିତ ଯୋଗ
ଦେବେ। ଆମ୍ଭେ ସେମାନଙ୍କର ଶୋକକୁ ଆନନ୍ଦରେ ପରିଣତ
କରିବା। ଆମ୍ଭେ ସେମାନଙ୍କୁ ସାନ୍ତ୍ୱନା ଦେବା ଓ ସେମାନଙ୍କୁ
ଦୁଃଖ ବଦଳରେ ସୁଖ ଦେବା।
14ଆଉ ଆମ୍ଭେ ପୁଷ୍ଟିକର ଦ୍ରବ୍ୟରେ ଯାଜକମାନଙ୍କର ପ୍ରାଣ
ପରିତୃପ୍ତ କରିବା ଓ ଆମ୍ଭର ଲୋକମାନେ ପ୍ରଚୁର ଖାଦ୍ୟ
ପାଇ ପରିତୃପ୍ତ ହେବେ। ଏହା ସଦାପ୍ରଭୁ କହନ୍ତି।”
15ପୁଣି ସଦାପ୍ରଭୁ ଏହିକଥା କହନ୍ତି, “ରାମାରେ କୋଳାହଳ
ଓ ଅତି କରୁଣ ଚିତ୍କାର ଶୁଣାଯିବ। ରାହେଲ ଆପଣା
ପୁତ୍ରମାନଙ୍କ ପାଇଁ ରୋଦନ କରିବ। ସେ ତା’ର ସନ୍ତାନମାନଙ୍କ
ବିଷୟରେ ସାନ୍ତ୍ୱନାବାଣୀ ଶୁଣିବ ନାହିଁ, କାରଣ ସେମାନେ
ମୃତ।”
16ସଦାପ୍ରଭୁ ଏହିକଥା କହନ୍ତି, “ତୁମ୍ଭେମାନେ କ୍ରନ୍ଦନରୁ
ନିବୃତ୍ତ ହୁଅ ଓ ଚକ୍ଷୁରୁ ଲୋତକ ବନ୍ଦ କର। କାରଣ ତୁମ୍ଭେ
ତୁମ୍ଭର କର୍ମାନୁସାରେ ପୁରସ୍କୃତ ହେବ।” ଆଉ ସଦାପ୍ରଭୁ
କହନ୍ତି, “ତୁମ୍ଭେମାନେ ଶତ୍ରୁ ଦେଶରୁ ଫେରି ଆସିବ।
17ତୁମ୍ଭ ଅନ୍ତିମକାଳ ବିଷୟରେ ପ୍ରତ୍ୟାଶା ଅଛି।” ସଦାପ୍ରଭୁ
କହନ୍ତି, ଆଉ “ତୁମ୍ଭର ସନ୍ତାନଗଣ ପୁନର୍ବାର ଆପଣା ଦେଶକୁ
ଫେରି ଆସିବେ।
18ମୁଁ ପ୍ରକୃତରେ ଇଫ୍ରୟିମର କ୍ରନ୍ଦନ ଶୁଣିଅଛି। ସେ
କାନ୍ଦିକରି ଏହିକଥା କହୁଛି, ‘ହେ ସଦାପ୍ରଭୁ, ତୁମ୍ଭେ ମୋତେ
ଶାସ୍ତି ଦେଇଅଛ। ମୁଁ ପ୍ରକୃତ ଶିକ୍ଷା ପାଇଛି। ମୁଁ ଏକ
ବନ୍ୟପଶୁ ସଦୃଶ ଥିଲି। ମୋତେ ତୁମ୍ଭ ନିକଟକୁ ଫେରିବାକୁ
ଦିଅ, କାରଣ ତୁମ୍ଭେ ସଦପ୍ରଭୁ ମୋର ପରମେଶ୍ୱର।
19ହେ ସଦାପ୍ରଭୁ, ମୁଁ ଫେରିଲି ପରେ ଅନୁତପ୍ତ ହେଲି।
ଶିକ୍ଷା ପାଇ ଦୁଃଖରେ ଆପଣା ଉରୁଦେଶକୁ ଆଘାତ କଲି।

ମୁଁ ଆପଣା ଯୌବନ କାଳରେ ମନ୍ଦାଚାର ଯୋଗୁଁ ଲଜ୍ଜିତ ଓ
ବ୍ୟାକୁଳ ହେଲି।’”
20ପରମେଶ୍ୱର କହନ୍ତି, “ଇଫ୍ରୟିମ ଆମ୍ଭର ପ୍ରିୟ ପୁତ୍ର।
ଆମ୍ଭେ ତାହାକୁ ପ୍ରେମ କରୁ। ଯଦିଓ ଆମ୍ଭେ ତାହାକୁ
ସମାଲୋଚନା କରୁ ଓ ତା’ ବିରୁଦ୍ଧରେ ଯାଉ, ତଥାପି ଆମ୍ଭେ
ତାହାକୁ ସ୍ମରଣ କରୁ। ଏଣୁ ତା’ପାଇଁ ଆମ୍ଭର ପ୍ରାଣ ବ୍ୟାକୁଳ
ହୁଏ। ଆମ୍ଭେ ପ୍ରକୃତରେ ତାକୁ ଦୟା କରିବା।” ଏହା
ସଦାପ୍ରଭୁ କହନ୍ତି।
21“ତୁମ୍ଭେ ସ୍ଥାନେ ସ୍ଥାନେ ଆପଣା ପାଇଁ ପଥଚିହ୍ନ ରଖ
ଓ ପଥ ପ୍ରଦର୍ଶକ ସ୍ତମ୍ଭ ନିର୍ମାଣ କର। ଯେଉଁ ରାଜପଥରେ
ତୁମ୍ଭେ ଗମନ କରିଥିଲ ସେହି ପଥରେ ମନୋନିବେଶ କର।
ହେ ଇଶ୍ରାୟେଲ କୁମାରୀ, ଫେରିଆସ, ତୁମ୍ଭର ନଗରଗୁଡ଼ିକୁ
ଫେରିଆସ।
22ହେ ଅବିଶ୍ୱସ୍ତା କନ୍ୟା, ତୁମ୍ଭେ କେତେକାଳ ଏଣେ
ତେଣେ ଭ୍ରମଣ କରିବ?” “କାରଣ ସଦାପ୍ରଭୁ ପୃଥିବୀରେ ଏକ
ନୂତନ ବିଷୟ ସୃଷ୍ଟି କରିଅଛନ୍ତି, ଜଣେ ସ୍ତ୍ରୀ ଜଣେ ପୁରୁଷକୁ
ବେଷ୍ଟନ କରିବ।”
23ସୈନ୍ୟାଧିପତି ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର ଏହା
କହନ୍ତି, “ଆମ୍ଭେ ପୁନର୍ବାର ଯିହୁଦାର ଲୋକମାନଙ୍କର ମଙ୍ଗଳ
କରିବା। ଆମ୍ଭେ ସେମାନଙ୍କୁ ବନ୍ଦୀତ୍ୱରୁ ମୁକ୍ତ କରିବା। ଯିହୁଦା
ଦେଶରେ ଓ ତାହାର ନଗର ସକଳରେ ସେମାନେ ପୁନର୍ବାର
ଏହା ବ୍ୟବହାର କରିବେ। ‘ହେ ଧାର୍ମିକମାନଙ୍କର ବାସସ୍ଥାନ,
ହେ ପବିତ୍ର ପର୍ବତ, ସଦାପ୍ରଭୁ ତୁମ୍ଭକୁ ଆଶୀର୍ବାଦ କରନ୍ତୁ।’
24“ପୁଣି ଯିହୁଦା ଓ ତାହାର ନଗର ସବୁରେ କୃଷକମାନେ
ଓ ପଲ ନେଇ ଭ୍ରମଣକାରୀମାନେ ଏକତ୍ର ଶାନ୍ତିରେ ବାସ
କରିବେ। 25କାରଣ ଆମ୍ଭେ କ୍ଲାନ୍ତ ଓ ଦୁର୍ବଳ ପ୍ରାଣକୁ ବିଶ୍ରାମ
ଓ ଶକ୍ତି ପ୍ରଦାନ କରିବା।”
26ଏହା ଶୁଣିଲା ଉତ୍ତାରେ, ମୁଁ ସୁଖଦାୟକ ନିଦ୍ରାରୁ ଜାଗ୍ରତ
ହୋଇ ଚାରିଆଡ଼କୁ ଚାହିଁଲି।
27“ସଦାପ୍ରଭୁ କହନ୍ତି, ଏପରି ଏକ ସମୟ ଆସୁଛି”
“ଆମ୍ଭେ ଇଶ୍ରାୟେଲ ଓ ଯିହୁଦାର ଲୋକମାନଙ୍କର ଯତ୍ନ
ନେବା। ଆମ୍ଭେ ସେମାନଙ୍କୁ ଓ ସେମାନଙ୍କର ପଶୁମାନଙ୍କୁ
ଦ୍ୱିଗୁଣିତ କରିବା। 28ଅତୀତରେ ଆମ୍ଭେ ସେମାନଙ୍କୁ ଉତ୍ପାଟନ,
ଭଗ୍ନ, ନିପାତ, ବିନାଶ ଓ କ୍ଲେଶ ଦେଇଥିଲୁ। ମାତ୍ର ବର୍ତ୍ତମାନ
ସେମାନଙ୍କୁ ନିର୍ମାଣ ଓ ରୋପଣ କରିବା। ଆଉ ସେମାନଙ୍କର
ଯତ୍ନ ନେଇ ସେମାନଙ୍କୁ ଶକ୍ତିଶାଳୀ କରିବା।” ଏହା ସଦାପ୍ରଭୁ
କହନ୍ତି।
29“ଲୋକେ ଆଉ ଏପରି କଥା କେବେ କହିବେ ନାହିଁ।
ଯେ ପିତୃଗଣ ଅମ୍ଳ ଦ୍ରାକ୍ଷା ଫଳ ଖାଇଲେ, ସନ୍ତାନଗଣର ଦାନ୍ତ
ଖଟା ହେବ।
30ସଦାପ୍ରଭୁ କହନ୍ତି, ପ୍ରତ୍ୟେକ ଲୋକ ନିଜର ପାପ
ଯୋଗୁଁ ମରିବେ। କାରଣ ଅମ୍ଳ ଦ୍ରାକ୍ଷା ଫଳ ଖାଇବା ଲୋକର
ଦାନ୍ତ କେବଳ ଖଟା ହେବ।”

## ନୂତନ ନିୟମ

31ସଦାପ୍ରଭୁ କହନ୍ତି, “ଏପରି ଏକ ସମୟ ଆସୁଛି
ଯେତେବେଳେ ଆମ୍ଭେ ଇଶ୍ରାୟେଲ ବଂଶ ଓ ଯିହୁଦା ବଂଶ
ସହିତ ଏକ ନୂତନ ନିୟମ ସ୍ଥାପନ କରିବା। 32ଏହି ନିୟମ
ସେମାନଙ୍କ ପୂର୍ବପୁରୁଷଗଣଙ୍କ ସହ ହୋଇଥିବା ନିୟମ ପରି
ହେବନାହିଁ। ସେତେବେଳେ ଆମ୍ଭେ ସେମାନଙ୍କୁ ହସ୍ତ ଧରି
ମିଶର ଦେଶରୁ ବାହାର କରି ଆଣିଲାବେଳେ ସେ ନିୟମ
ସ୍ଥାପନ କରିଥିଲୁ। ସଦାପ୍ରଭୁ କହିଥିଲେ, ଆମ୍ଭେ ସେମାନଙ୍କ
ସ୍ୱାମୀ ହେଲେ ହେଁ ସେମାନେ ଆମ୍ଭର ସେହି ନିୟମ ଲଙ୍ଘନ
କଲେ।”
33ମାତ୍ର ସଦାପ୍ରଭୁ କହନ୍ତି, “ଭବିଷ୍ୟତରେ ଆମ୍ଭେ
ଇଶ୍ରାୟେଲ ବଂଶ ସହିତ ଏହି ନିୟମ ସ୍ଥିର କରିବା।”
“ଆମ୍ଭେ ସେମାନଙ୍କ ଅନ୍ତରରେ ଆମ୍ଭର ବ୍ୟବସ୍ଥା ରଖିବା ଓ
ସେମାନଙ୍କ ହୃଦୟରେ ଆମ୍ଭେ ତାହା ଲେଖିବା। ଆଉ ଆମ୍ଭେ
ସେମାନଙ୍କର ପରମେଶ୍ୱର ହେବା ଓ ସେମାନେ ଆମ୍ଭର
ଲୋକ ହେବେ। 34ପରମେଶ୍ୱରଙ୍କୁ ଜାଣିବାକୁ ସେମାନେ
ଆପଣା ଆପଣା ପ୍ରତିବେଶୀଙ୍କୁ ଓ ଭ୍ରାତାଙ୍କୁ ଶିକ୍ଷା ଦେବେ
ନାହିଁ। କାରଣ ସଦାପ୍ରଭୁ କହନ୍ତି ଛୋଟଠାରୁ ବଡ଼ ପର୍ଯ୍ୟନ୍ତ
ସମସ୍ତେ ଆମ୍ଭକୁ ଜାଣିବେ।” “ଯେହେତୁ ଆମ୍ଭେ ସେମାନଙ୍କର
ଅପରାଧ କ୍ଷମା କରିବା ଓ ସେମାନଙ୍କର ପାପ ଆଉ ସ୍ମରଣ
କରିବା ନାହିଁ।”

## ସଦାପ୍ରଭୁ ଇଶ୍ରାୟେଲକୁ ପରିତ୍ୟାଗ କରିବେ ନାହିଁ

35ସଦାପ୍ରଭୁ କହନ୍ତି, “ଯିଏ ଦିବସରେ ଆଲୋକ ଦେବାପାଇଁ
ସୂର୍ଯ୍ୟ ଓ ରାତ୍ରିରେ ଜ୍ୟୋତି ପ୍ରଦାନ କରିବା ପାଇଁ ଚନ୍ଦ୍ର ଓ
ନକ୍ଷତ୍ରାଦି ସୃଷ୍ଟି କରନ୍ତି, ଆଉ ଯିଏ ସମୁଦ୍ରକୁ ସଞ୍ଚାଳିତ କରି
ତହିଁର ତରଙ୍ଗ ସମୂହକୁ ଗର୍ଜନ କରାନ୍ତି, ସେହି ହେଉଛନ୍ତି
ସୈନ୍ୟାଧିପତି ସଦାପ୍ରଭୁ।”
36ତା’ପରେ ସଦାପ୍ରଭୁ ଏହା କହନ୍ତି, “ଯେବେ ସୂର୍ଯ୍ୟ,
ଚନ୍ଦ୍ର, ତାରକା ଓ ସମୁଦ୍ର ମୋ ନିୟନ୍ତ୍ରଣରେ ନ ରହନ୍ତି,
ତେବେ କେବଳ ଇଶ୍ରାୟେଲ ବଂଶଧର ଆମ୍ଭ ସମ୍ମୁଖରେ
ଗୋଟିଏ ଦେଶ ହେବାରୁ ବିରତ ହେବ।”
37ପୁଣି ସଦାପ୍ରଭୁ ଏହା କହନ୍ତି, “ଯଦି ଲୋକମାନେ
ଊର୍ଦ୍ଧ୍ୱସ୍ଥ ଆକାଶମଣ୍ଡଳ ଓ ଅଧଃସ୍ଥ ପୃଥିବୀକୁ ମାପି ପାରିବେ।
ତାହାହେଲେ କେବଳ ଆମ୍ଭେ ମଧ୍ୟ ଇଶ୍ରାୟେଲର ବଂଶଧରଗଣ
ଯାହା କଲେ ତାହା ପ୍ରତ୍ୟାଖାନ କରିଦେବା।” ଏହା ସଦାପ୍ରଭୁ
କହନ୍ତି।

## ନୂତନ ଯିରୁଶାଲମ

38ସଦାପ୍ରଭୁ କହନ୍ତି, “ଏପରି ଏକ ସମୟ ଆସୁଅଛି,
ଯେତେବେଳେ ଯିରୁଶାଲମ ନଗର ପୁନର୍ବାର ପରମେଶ୍ୱରଙ୍କ
ଉଦ୍ଦେଶ୍ୟରେ ନିର୍ମିତ ହେବ। ତା’ପରେ ହନନେଲ ଦୁର୍ଗରୁ
କୋଣ ଫାଟକ ପର୍ଯ୍ୟନ୍ତ ତାହା ନିର୍ମିତ ହେବ। 39ଆଉ
ସେଠାରୁ ପରିମାପକ ରଜ୍ଜୁ ଗାରେବ୍ ଉପ ପର୍ବତ ପର୍ଯ୍ୟନ୍ତ
ସଳଖ ଯିବ ଓ ସେଠାରୁ ବୁଲି ଗୋୟା ପର୍ଯ୍ୟନ୍ତ ଯିବ।
40ପୁଣି ଶବ ଭସ୍ମରେ ପୂର୍ଣ୍ଣ ହୋଇଥିବା ଉପତ୍ୟକା, କିଦ୍ରୋଣ
ସ୍ରୋତ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ର ଓ ପୂର୍ବ ଦିଗସ୍ଥ ଅଶ୍ୱ ଦ୍ୱାରର
କୋଣ ପର୍ଯ୍ୟନ୍ତ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର ହେବ।
ଆଉ ସେହି ଯିରୁଶାଲମ ନଗର କେବେ ଉତ୍ପାଟିତ ବା
ନିପାତିତ ହେବନାହିଁ।”

## ଯିରିମିୟଙ୍କର ଏକ କ୍ଷେତ୍ର କ୍ରୟ

32 ଯିହୁଦାର ରାଜା ସିଦିକୟର ଦଶମ ବର୍ଷରେ ଅର୍ଥାତ୍
ନବୂଖଦ୍‌ନିତ୍ସରର ଶାସନର ଅଷ୍ଟାଦଶ ବର୍ଷରେ
ସଦାପ୍ରଭୁଙ୍କଠାରୁ ଏହି ବାକ୍ୟ ଯିରିମିୟଙ୍କ ନିକଟରେ ଉପସ୍ଥିତ
ହେଲା। 2ସେତେବେଳେ ବାବିଲ ରାଜାର ସୈନ୍ୟଗଣ ଯିରୂଶାଲମ
ଅବରୋଧ କରୁଥିଲେ ଓ ଯିରିମିୟ ଭବିଷ୍ୟଦ୍‌ବକ୍ତା ଯିହୁଦାର
ରାଜଗୃହର ପ୍ରହରୀ ପ୍ରାଙ୍ଗଣରେ ବନ୍ଦୀ ଥିଲେ। 3ଯିହୁଦାର ରାଜା
ସିଦିକୟ ଯିରିମିୟଙ୍କୁ ବନ୍ଦୀ କରିଥିଲେ। କାରଣ ସେ
ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି କହିଥିଲେ ଯେ, "ସଦାପ୍ରଭୁ
କହନ୍ତି, 'ଆମ୍ଭେ ବାବିଲର ରାଜା ନବୂଖଦ୍‌ନିତ୍ସର ହସ୍ତରେ
ଯିରୂଶାଲମକୁ ଅର୍ପଣ କରିବା। 4ଆଉ ଯିହୁଦାର ରାଜା
ସିଦିକୟ କଲଦୀୟମାନଙ୍କ ହସ୍ତରୁ ରକ୍ଷା ପାଇବ ନାହିଁ, ମାତ୍ର
ସେ ନିଶ୍ଚିତ ବାବିଲ ରାଜାର ହସ୍ତରେ ସମର୍ପିତ ହେବ ଓ
ସାମ୍ନା ସାମ୍ନି ହୋଇ ତାହା ସହିତ କଥା କହିବ ଓ
ସ୍ୱଚକ୍ଷୁରେ ସେ ତାହା ଦେଖିବ। 5ପୁଣି ସେ ସିଦିକୟକୁ
ବାବିଲକୁ ଘେନିଯିବ। ଆମ୍ଭେ ଯେ ପର୍ଯ୍ୟନ୍ତ ତାକୁ ଶାସ୍ତି ନ
ଦେଇଛୁ ସେ ପର୍ଯ୍ୟନ୍ତ ସେ ସେଠାରେ ରହିବ।' ଆଉ
ସଦାପ୍ରଭୁ କହନ୍ତି, 'ତୁମ୍ଭେମାନେ କଲଦୀୟମାନଙ୍କ ସହିତ ଯୁଦ୍ଧ
କଲେ ହେଁ କୃତକାର୍ଯ୍ୟ ହେବନାହିଁ।'"

6ଯିରିମିୟ ବନ୍ଦୀ ଥିଲାବେଳେ, "ସଦାପ୍ରଭୁଙ୍କର ଏହି ବାକ୍ୟ
ତାଙ୍କ ନିକଟରେ ଉପସ୍ଥିତ ହେଲା। ଯଥା: 7ହେ ଯିରିମିୟ,
ତୁମ୍ଭ ପିତୃବ୍ୟ ଶଲ୍ଲୁମର ପୁତ୍ର ହନନେଲ ତୁମ୍ଭ ନିକଟକୁ ଆସି
ଏହି କଥା କହିବ, 'ଅନାଥୋତରେ ମୋର ଯେଉଁ କ୍ଷେତ୍ର
ଅଛି, ତାହା ତୁମ୍ଭେ ନିଜପାଇଁ କ୍ରୟ କର। କାରଣ ତୁମ୍ଭେ
ମୋର ଅତି ନିକଟ ସମ୍ପର୍କୀୟ ଓ ତୁମ୍ଭର କ୍ରୟ କରିବାର
ସମ୍ପୂର୍ଣ୍ଣ ଅଧିକାର ଅଛି।'

8"ତତ୍ପରେ ସଦାପ୍ରଭୁଙ୍କ ବାକ୍ୟାନୁସାରେ ମୋର ପିତୃବ୍ୟର
ପୁତ୍ର ହନନେଲ ପ୍ରହରୀ ପ୍ରାଙ୍ଗଣରେ ମୋ ନିକଟକୁ ଆସି
କହିଲା, 'ମୁଁ ଅନୁରୋଧ କରୁଛି, ଅନାଥୋତ୍‌ରେ ମୋର ଯେଉଁ
କ୍ଷେତ୍ର ଅଛି, ତାହା ତୁମ୍ଭେ କ୍ରୟ କର, ଯାହା ବିନ୍ୟାମୀନଙ୍କର
ଗୋଷ୍ଠୀୟରେ ଅଛି। କାରଣ ତାହାକୁ କ୍ରୟ କରିବାର ଅଧିକାର
କେବଳ ତୁମ୍ଭର ଅଛି।'

"ତେଣୁ ଏହା ସଦାପ୍ରଭୁଙ୍କର ବାର୍ତ୍ତା ଥିଲା ବୋଲି ମୁଁ
ଜାଣିଲି।" 9ଆଉ ମୋର ପିତୃବ୍ୟ ପୁଅ ହନନେଲଠାରୁ
ଅନାଥୋତସ୍ଥିତ ସେହି କ୍ଷେତ୍ର କ୍ରୟ କଲି ଓ ତାହାର ମୂଲ୍ୟ
ସ୍ୱରୂପ ସତର ସେକଲ ରୂପା ତୌଲି ତାହାକୁ ଦେଲି।
10ଆଉ ମୁଁ କ୍ରୟ ପତ୍ରରେ ସ୍ୱାକ୍ଷର କରି ମୁଦ୍ରାଙ୍କ କଲି ଓ
ସାକ୍ଷୀ ରଖି ନିକିତିରେ ରୂପା ତୌଲି ତାହାକୁ ଦେଲି।
11ତା'ପରେ ମୁଁ ଏହାର ଦୁଇଟି ନକଲ କଲି, ସେଥିରୁ
ଗୋଟିଏରେ ସର୍ତ୍ତ ଓ ଚୁକ୍ତି ଲେଖାଯାଇଥିବାଟି ମୁଦ ଦିଆଗଲା
ଏବଂ ଅନ୍ୟଟି ଖୋଲା ଥିଲା। 12ପୁଣି ମୋ ପିତୃବ୍ୟର ପୁତ୍ର
ହନନେଲର ସାକ୍ଷାତରେ, କ୍ରୟପତ୍ରର ସ୍ୱାକ୍ଷରକାରୀ ସାକ୍ଷୀମାନଙ୍କ
ସାକ୍ଷାତରେ ଓ ପ୍ରହରୀ ପ୍ରାଙ୍ଗଣରେ ଉପସ୍ଥିତ ସମସ୍ତ ଯିହୁଦାବାସୀଙ୍କ
ସାକ୍ଷାତରେ ମୁଁ ସେହି କ୍ରୟପତ୍ର ମହସେୟର ପୌତ୍ର ନେରୀୟର
ପୁତ୍ର ବାରୂକର ହସ୍ତରେ ସମର୍ପଣ କଲି।

13"ଆଉ ସମସ୍ତଙ୍କ ସାକ୍ଷାତରେ ମୁଁ ବାରୂକକୁ ଏହି ଆଜ୍ଞା
କଲି। 14'ସୈନ୍ୟାଧିପତି ଇସ୍ରାଏଲର ପରମେଶ୍ୱର କହନ୍ତି,
'ତୁମ୍ଭେ ଏହି ଦୁଇଖଣ୍ଡ କ୍ରୟ ଦଲିଲ୍ ନିଅ, ଗୋଟିଏ ମୁଦ
ଦିଆଯାଇଥିବା ଓ ଅନ୍ୟଟି ଖୋଲା ଓ ତାହା ଯେପରି
ଦୀର୍ଘକାଳ ରହିବ ଏଥିପାଇଁ ଏକ ମୃତ୍ତିକା ପାତ୍ରରେ ରଖ।'
15ଆଉ ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର
ଏହିକଥା କହନ୍ତି, ଭବିଷ୍ୟତରେ ଆମ୍ଭର ଲୋକମାନେ ଆହୁରି
ଗୃହ, କ୍ଷେତ୍ର ଓ ଦ୍ରାକ୍ଷାକ୍ଷେତ୍ର କ୍ରୟ କରିବେ।'"

16ନେରୀୟର ପୁତ୍ର ବାରୂକକୁ ସେହି କ୍ରୟପତ୍ର ସମର୍ପି
ଦେଲା ପରେ ମୁଁ ସଦାପ୍ରଭୁଙ୍କ ନିକଟରେ ଏହି ପ୍ରାର୍ଥନା କଲି।

17"ହେ ପ୍ରଭୁ, ସଦାପ୍ରଭୁ, ତୁମ୍ଭେ ଆପଣା
ମହାପରାକ୍ରମ ଓ ବିଶାଳ ବାହୁଦ୍ୱାରା ଆକାଶମଣ୍ଡଳ ଓ
ପୃଥିବୀ ନିର୍ମାଣ କରିଅଛ। ତୁମ୍ଭର ଅସାଧ୍ୟ କିଛି
ନାହିଁ। 18ତୁମ୍ଭେ ସହସ୍ର ସହସ୍ର ଲୋକମାନଙ୍କ ପ୍ରତି
ଦୟା ପ୍ରକାଶ କରୁଅଛ। ପୁଣି ପିତୃଗଣଙ୍କ ଅପରାଧର
ପ୍ରତିଫଳ ସେମାନଙ୍କ ପିଲାମାନଙ୍କ ଉପରେ ଦେଉଅଛ।
ତୁମ୍ଭେ ମହାନ୍ ପରାକ୍ରାନ୍ତ ପରମେଶ୍ୱର, ସୈନ୍ୟାଧିପତି
ସଦାପ୍ରଭୁ ତୁମ୍ଭର ନାମ। 19ତୁମ୍ଭର ମନ୍ତ୍ରଣା ଓ କ୍ରିୟା
ମହାନ୍। ତୁମ୍ଭେ ପ୍ରତ୍ୟେକଙ୍କର କାର୍ଯ୍ୟକଳାପ ଲକ୍ଷ୍ୟ
କର। ତୁମ୍ଭେ କ୍ରିୟାନୁସାରେ ସମୁଚିତ ଫଳ ସେମାନଙ୍କୁ
ପ୍ରଦାନ କର। ସୁକର୍ମ କରୁଥିବା ବ୍ୟକ୍ତି ପୁରସ୍କୃତ ଓ
ଅଧର୍ମ କରୁଥିବା ବ୍ୟକ୍ତି ଦଣ୍ଡିତ ହୁଏ। 20ହେ
ସଦାପ୍ରଭୁ, ତୁମ୍ଭେ ମିଶରରେ ନାନା ଅଦ୍ଭୁତ ଓ
ଅଲୌକିକ କାର୍ଯ୍ୟ ସମ୍ପାଦନ କରିଅଛ। ଆଜି ପର୍ଯ୍ୟନ୍ତ
ଇସ୍ରାଏଲ ଓ ଅନ୍ୟାନ୍ୟ ଲୋକମାନଙ୍କ ମଧ୍ୟରେ
ସେହି ଅଦ୍ଭୁତ ଲକ୍ଷଣ ଦେଖାଉଛ। ପୁଣି ଏହିସବୁ
କାର୍ଯ୍ୟ ଯୋଗୁଁ ତୁମ୍ଭେ ପ୍ରସିଦ୍ଧ ହୋଇଅଛ। 21ତୁମ୍ଭେ
ସେହି ଅଲୌକିକ ଶକ୍ତି, ଅଦ୍ଭୁତ ଲକ୍ଷଣ, ବଳବାନ୍
ହସ୍ତ ଓ ବିସ୍ତୀର୍ଣ୍ଣ ବାହୁଦ୍ୱାରା ତୁମ୍ଭର ଇସ୍ରାଏଲ
ଲୋକଙ୍କୁ ମିଶର ଦେଶରୁ ବାହାର କରି ଆଣିଲ।

22"ହେ ସଦାପ୍ରଭୁ, ତୁମ୍ଭେ ଯେଉଁ ଦୁଗ୍ଧମଧୁ
ପ୍ରବାହୀ ଦେଶ ସେମାନଙ୍କୁ ଦେବାପାଇଁ ସେମାନଙ୍କ
ପୂର୍ବପୁରୁଷଗଣ ନିକଟରେ ଶପଥ କରିଥିଲ, ତାହା
ସେମାନଙ୍କୁ ଦେଲ। 23ପୁଣି ଇସ୍ରାଏଲ ଲୋକମାନେ
ଆସି ତାହା ଅଧିକାର କଲେ, ମାତ୍ର ସେମାନେ ତୁମ୍ଭ
କଥା ପ୍ରତି ଧ୍ୟାନ ଦେଲେ ନାହିଁ। ଆଉ ତୁମ୍ଭ
ବ୍ୟବସ୍ଥା ପଥରେ ଚାଲିଲେ ନାହିଁ। ତୁମ୍ଭେ ସେମାନଙ୍କୁ
ଯାହାସବୁ ପାଳନ କରିବାକୁ ଆଜ୍ଞା ଦେଲ, ସେ ସବୁ
ମଧ୍ୟରୁ ସେମାନେ କିଛି ପାଳନ କଲେ ନାହିଁ। ତେଣୁ
ତୁମ୍ଭେ ସେମାନଙ୍କ ଉପରେ ଏହିସବୁ ଅମଙ୍ଗଳ ଘଟାଇଲ।

24"ବର୍ତ୍ତମାନ ଶତ୍ରୁମାନେ କାଠଗଣ୍ଡି ନିର୍ମାଣ କରି
ନଗର ଅବରୋଧ କରିଛନ୍ତି। ସେମାନେ ଯେପରି
ଶତ୍ରୁ ନଗରକୁ ପରାସ୍ତ କରିପାରିବେ ଖଡ୍ଗ, ଦୁର୍ଭିକ୍ଷ,
ମହାମାରୀ ଘଟାଇଲେ ଏବଂ ଏହା ବିରୁଦ୍ଧରେ ଯୁଦ୍ଧ
କରୁଥିବା କଲଦୀୟମାନଙ୍କୁ ତାହା ହସ୍ତାନ୍ତର କଲ।
ହେ ସଦାପ୍ରଭୁ, ତୁମ୍ଭେ କହିଥିଲ ଏହା ଘଟିବ ଓ
ଆଜି ଦେଖ ତାହା ଘଟୁଅଛି।

25"ପୁଣି ହେ ସଦାପ୍ରଭୁ ମୋର ପ୍ରଭୁ, ତୁମ୍ଭେ
ନିଜେ ମୋତେ କହିଲ, 'ମୂଲ୍ୟ ଦେଇ କ୍ଷେତ୍ର କିଣ

ଓ ସାକ୍ଷୀ ରଖ।' ମାତ୍ର ଯେତେବେଳେ ଏହ ଭୂମି
କଲଦୀୟମାନଙ୍କ ହସ୍ତରେ ଦତ୍ତ ହେଉଅଛି, ମୁଁ କାହିଁକି
ମୋର ଅର୍ଥ ନଷ୍ଟ କରବ?"

26ତାହାପରେ ଯିରମିୟଙ୍କ ନକଟରେ ସଦାପ୍ରଭୁଙ୍କର ଏହ
ବାକ୍ୟ ଉପସ୍ଥିତ ହେଲା। 27"ହେ ଯିରମିୟ, ଦେଖ, ଆମ୍ଭେ
ସଦାପ୍ରଭୁ, ସମଗ୍ର ମର୍ତ୍ତରେ ପରମେଶ୍ୱର, ଆମ୍ଭର ଅସାଧ୍ୟ
ହୋଇ କଛ ନାହଁ।" 28ପୁଣି ସଦାପ୍ରଭୁ ଏହା ମଧ କହଲେ,
"ଦେଖ, ଆମ୍ଭେ କଲଦୀୟମାନଙ୍କ ହସ୍ତରେ ଓ ବାବଲର ରାଜା
ନବୂଖଦ୍‌ନିତ୍ସରର ହସ୍ତରେ ଏହ ନଗର ସମର୍ପଣ କରବା। ସେ
ତାହା ହସ୍ତଗତ କରବେ। 29ଆଉ କଲଦୀୟମାନେ ଏହ
ନଗର ବରୁଦ୍ଧରେ ସେମାନଙ୍କର ଆକ୍ରମଣ ଆରମ୍ଭ କରଦେଇଛନ୍ତି,
ସେମାନେ ଖୁବ୍‌ଶୀଘ୍ର ଏହ ନଗରରେ ପ୍ରବେଶ କର ଅଗ୍ନି
ଲଗାଇବେ। ଯେଉଁସବୁ ଗୃହଗୁଡକରେ ବାଲଦେବ ପାଇଁ
ନୈବେଦ୍ୟ ଉତ୍ସର୍ଗ କରଥିଲେ ଓ ଆମ୍ଭଙ୍କୁ କ୍ରୋଧିତ କରବା
ପାଇଁ ଅନ୍ୟ ଦେବତାମାନଙ୍କୁ ପେୟ ନୈବେଦ୍ୟ ଉତ୍ସର୍ଗ କଲ,
ସେମାନେ ସେହସବୁ ଗୃହଗୁଡକୁ ଦଗ୍ଧ କରବେ। 30ପୁଣି ଆମ୍ଭ
ଦୃଷ୍ଟିରେ ଯାହା ମନ୍ଦ, ଇସ୍ରାୟେଲ ଓ ଯିହୁଦାର ସନ୍ତାନଗଣ
ତାହା ସେମାନଙ୍କ ବାଲ୍ୟକାଳରୁ କର ଆସୁଛନ୍ତି। ଇସ୍ରାୟେଲ
ସନ୍ତାନଗଣ ନଜ ହସ୍ତକୃତ ପ୍ରତିମା ପୂଜାକର କେବଳ ଆମ୍ଭଙ୍କୁ
ବରକ୍ତ କରଛନ୍ତି।" ଏହା ସଦାପ୍ରଭୁ କହନ୍ତି। 31"ଆଉ
ସେମାନେ ଏହ ନଗର ନର୍ମାଣ ଆରମ୍ଭ କରବା ଦନଠାରୁ
ଆଜି ପର୍ଯ୍ୟନ୍ତ କେବଳ ଆମ୍ଭର କ୍ରୋଧ ଓ କୋପ ବଢାଇ
ଆସିଛନ୍ତି। ତେଣୁ ଆମ୍ଭେ ତାହାକୁ ଆମ୍ଭ ସମ୍ମୁଖରୁ ଦୂରେଇ
ଦେବା। 32ଆମ୍ଭେ ଯିରୂଶାଲମକୁ ଧ୍ୱଂସ କରବା, କାରଣ
ଇସ୍ରାୟେଲ ଓ ଯିହୁଦାର ସନ୍ତାନଗଣ, ସେମାନଙ୍କର ରାଜାଗଣ,
ଅଧିପତିଗଣ, ଯାଜକ ଓ ଭବଷ୍ୟଦ୍‌ବକ୍ତାଗଣ ଆମ୍ଭଙ୍କୁ ବରକ୍ତ
କରବା ପାଇଁ ନାନାପ୍ରକାର ଦୁଷ୍କର୍ମ କରଅଛନ୍ତି।

33"ସେମାନେ ଆମ୍ଭପ୍ରତି ବମୁଖ ହୋଇ ଆମ୍ଭପ୍ରତି
ବମୁଖ ହୋଇଛନ୍ତି। ଆମ୍ଭେ ସେମାନଙ୍କୁ ବାରମ୍ବାର
ଶିକ୍ଷା ଦେଲେହେଁ ସେମାନେ ତାହା ଶୁଣି ନାହାଁନ୍ତି।
34ପୁଣି ସେମାନେ ଆମ୍ଭ ମନ୍ଦିରରେ ସେମାନଙ୍କ
ହସ୍ତଦ୍ୱାରା ନର୍ମିତ ବହୁତ ପ୍ରତିମା ରଖିଛନ୍ତି। ଆମ୍ଭ
ନାମ ବହନ କରଥିବା ମନ୍ଦିରକୁ 'କଳୁଷିତ' କରବା
ପାଇଁ।

35"ସେମାନେ ହିନ୍ନୋମ ପୁତ୍ରର ଉପତ୍ୟକାରେ
ବାଲ୍‌ଦେବର ଉଚ୍ଚସ୍ଥଳୀ ନର୍ମାଣ କରଅଛନ୍ତି। ସେମାନେ
ମୋଲକର ଉଦ୍ଦେଶ୍ୟରେ ଆପଣା ପୁତ୍ର କନ୍ୟାଗଣଙ୍କୁ
ଅଗ୍ନି ମଧଦେଇ ଗମନ କରାଇବା ପାଇଁ ଏସବୁ
ନର୍ମାଣ କରଛନ୍ତି। ମାତ୍ର ଏସବୁ ଘୃଣ୍ୟକର୍ମ କରବା
ପାଇଁ ଆମ୍ଭେ ଆଜ୍ଞା ଦେଇନାହୁଁ କଅବା ଆମ୍ଭ
ମନରେ ତାହା ଉଦୟ ହୋଇନାହିଁ। ଯିହୁଦାକୁ ପାପ
କରାଇବା ପାଇଁ ସେମାନେ ଏହା କରଛନ୍ତି।

36"ତୁମ୍ଭେମାନେ କହୁଅଛ ଯେ, 'ବାବଲର ରାଜା
ଖଡ୍ଗ, ଦୁର୍ଭିକ୍ଷ ଓ ମହାମାରୀ ପ୍ରୟୋଗ କର ଏହ
ରାଜ୍ୟ ଅଧିକାର କରବ।' ମାତ୍ର ସଦାପ୍ରଭୁ ଇସ୍ରାୟେଲର
ପରମେଶ୍ୱର କହନ୍ତି। 37'ଆଉ ଦେଖ, ଆମ୍ଭେ ଆପଣା
କ୍ରୋଧ ଓ ପ୍ରଚଣ୍ଡ କୋପରେ ଯେଉଁ ସବୁ ଦେଶରେ
ସେମାନଙ୍କୁ ଛିନ୍ନଭିନ୍ନ କରଦେଇ ଥିଲୁ, ସେହ ସହସ୍ର
ଦେଶରୁ ପୁନର୍ବାର ସେମାନଙ୍କୁ ସଂଗ୍ରହ କରବା।
ସେମାନଙ୍କୁ ପୁନର୍ବାର ଏହ ସ୍ଥାନକୁ ଆଣିବା ଓ
ସେମାନଙ୍କୁ ଶାନ୍ତ ଏବଂ ନରାପଦରେ ଏହ ସ୍ଥାନରେ
ବାସ କରାଇବା। 38ପୁଣି ଇସ୍ରାୟେଲ ଓ ଯିହୁଦାର
ଲୋକମାନେ ଆମ୍ଭର ହେବେ ଓ ଆମ୍ଭେ ସେମାନଙ୍କର
ପରମେଶ୍ୱର ହେବା। 39ଆଉ ସେମାନେ ଓ ସେମାନଙ୍କର
ସନ୍ତାନମାନେ ସେମାନଙ୍କ ମଙ୍ଗଳ ନମନ୍ତେ ଯେପର
ଆମ୍ଭଙ୍କୁ ଭୟ କରବେ, ଏଥିପାଇଁ ଆମ୍ଭେ ସେମାନଙ୍କୁ
ଏକ ଚତ୍ତ ଓ ଏକ ପଥ ଦେବା।

40"'ପୁଣି ସେମାନଙ୍କର ମଙ୍ଗଳ ପାଇଁ ଆମ୍ଭେ
ସେମାନଙ୍କ ପ୍ରତି ବମୁଖ ହେବା ନାହିଁ। ଏହପର
ଭାବରେ ଗୋଟିଏ ନତ୍ୟସ୍ଥାୟୀ ନୟମ ସେମାନଙ୍କ
ସଙ୍ଗେ କରବା। ସେମାନେ ଯେପର ଆମ୍ଭଠାରୁ ଦୂରେଇ
ନ ଯିବେ, ଏଥିପାଇଁ ଆମ୍ଭେ ଆମ୍ଭ ବଷୟକ ଭୟ
ସେମାନଙ୍କ ଅନ୍ତରରେ ସ୍ଥାପନ କରବା। 41ଆମ୍ଭେ
ସେମାନଙ୍କର ମଙ୍ଗଳ ସାଧାନ କର ଖୁସି ହେବା।
ଆଉ ମଧ ଆମ୍ଭେ ଆପଣା ଆପଣା ମନପ୍ରାଣ ଦେଇ
ସେମାନଙ୍କୁ ସ୍ଥାପିତ କରବା।'"

42ପୁଣି ସଦାପ୍ରଭୁ ଏହ କଥା କହନ୍ତି, "ଆମ୍ଭେ
ସେମାନଙ୍କ ପ୍ରତି ଯେଉଁପର ଭାବରେ ମହା ଅମଙ୍ଗଳ
ଘଟାଇଅଛୁ, ସେହପର ଭାବରେ ସେମାନଙ୍କ ପ୍ରତି
ମଙ୍ଗଳ ବଧାନ କରବା, ଏହା ଆମ୍ଭେ ପ୍ରତିଜ୍ଞା
କରଅଛୁ। 43ପୁଣି ତୁମ୍ଭେମାନେ କହୁଅଛ, 'ଏହା
ମନୁଷ୍ୟ ଓ ପଶୁଶୂନ୍ୟ ଧ୍ୱଂସ ସ୍ଥାନ ହୋଇଅଛି ଓ
କଲଦୀୟମାନଙ୍କ ହସ୍ତରେ ସମର୍ପିତ ହୋଇଅଛି।' ମାତ୍ର
ଭବଷ୍ୟତରେ ଲୋକମାନେ ଏଠାରେ କ୍ଷେତ୍ର କ୍ରୟ
କରବେ। 44ଲୋକମାନେ ବନ୍ୟାମୀନ ପ୍ରଦେଶରେ,
ଯିରୂଶାଲମର ଚତୁର୍ଦ୍ଦିଗସ୍ଥ ନାନା ସ୍ଥାନରେ, ଯିହୁଦାର
ନଗର ସମୂହରେ, ପାର୍ବତୀୟ ପ୍ରଦେଶସ୍ଥ ନାନା ନଗରରେ,
ନମ୍ନ ଭୂମିସ୍ଥ ନଗରମାନଙ୍କରେ ଓ ଦକ୍ଷିଣ ଦଗସ୍ଥ
ନଗରଗୁଡ଼ିକରେ ମୂଲ୍ୟ ଦେଇ କ୍ଷେତ୍ର କ୍ରୟ କରବେ
ଓ ଦଲିଲ ସ୍ୱାକ୍ଷର କର ମୁଦ୍ରାଙ୍କିତ କରବେ। ଆଉ
ସାକ୍ଷୀ ରଖିବେ। କାରଣ ସଦାପ୍ରଭୁ କହନ୍ତି ଆମ୍ଭେ
ସେମାନଙ୍କୁ ବନ୍ଦୀତ୍ୱ ଅବସ୍ଥାରୁ ମୁକ୍ତ କରବା।"

## ପରମେଶ୍ୱରଙ୍କ ପ୍ରତିଜ୍ଞା

33 ଆହୁର ଯିରମିୟ ପ୍ରହରୀ ପ୍ରାଙ୍ଗଣରେ ବନ୍ଦୀ ଥିଲାବେଳେ
ସଦାପ୍ରଭୁଙ୍କର ବାକ୍ୟ ଦ୍ୱିତୀୟ ଥର ତାଙ୍କ ନକଟରେ
ଉପସ୍ଥିତ ହେଲା। 2ଯିଏ ଏହ ପୃଥିବୀର ସୃଷ୍ଟିକର୍ତ୍ତା ଏବଂ ସେ
ଏହାକୁ ସୁସ୍ଥିର କରବା ନମନ୍ତେ ନରୂପଣ କରଛନ୍ତି। ସଦାପ୍ରଭୁ
ତାଙ୍କର ନାମ। ସେହ ସଦାପ୍ରଭୁ ଏହା କହନ୍ତି। 3"ହେ
ଯିହୁଦା, ତୁମ୍ଭେ ଆମ୍ଭଙ୍କୁ ପ୍ରାର୍ଥନା କର ଏବଂ ଆମ୍ଭେ ତୁମ୍ଭଙ୍କୁ
ଉତ୍ତର ଦେବା। ଆମ୍ଭେ ତୁମ୍ଭଙ୍କୁ ଗୁପ୍ତ ଓ ମହତ୍ ବଷୟ
ଶୁଣାଇବା, ଯାହା ତୁମ୍ଭେ ଜାଣି ନାହଁ। 4ଇସ୍ରାୟେଲର ପରମେଶ୍ୱର
ସଦାପ୍ରଭୁ ଯିରୂଶାଲମ ବଷୟରେ ଏହକଥା କହନ୍ତି। ଶତ୍ରୁସୈନ୍ୟ

ନଗରର ସକଳ ଗୃହ ଓ ଯିହୁଦାର ରାଜଗଣର ସମସ୍ତ
ପ୍ରାସାଦ ଭୂମିସାତ୍ କରିବେ। ସେମାନେ ପ୍ରାଚୀର ଉପରେ ସିଡ଼ି
ନିର୍ମାଣ କରି ଖଡ୍ଗରେ ନଗର ଲୋକଙ୍କ ବିରୁଦ୍ଧରେ ଯୁଦ୍ଧ
କରିବେ। 5ଯିରୁଶାଲମର ଲୋକମାନେ ବହୁ ଦୁଷ୍କର୍ମ କରିଅଛନ୍ତି।
ଆମ୍ଭେ ସେମାନଙ୍କୁ ପ୍ରଚଣ୍ଡ କୋପରେ ବିନାଶ କରିଅଛୁ ପୁଣି
କଲଦୀୟମାନେ ସେମାନଙ୍କ ସହିତ ଯୁଦ୍ଧ କରିବାକୁ ଆସିବେ।
ଆମ୍ଭର କ୍ରୋଧ ଯୋଗୁଁ ସେମାନଙ୍କ ଗୃହ ଶବରେ ପରିପୂର୍ଣ୍ଣ
ହେବ।

6"ମାତ୍ର ଆମ୍ଭେ ସେମାନଙ୍କୁ କ୍ଷମା କରି ଆରୋଗ୍ୟ
କରିବା। ସେମାନେ ଚିରନ୍ତନ ଐଶ୍ୱର୍ଯ୍ୟ ଓ ଶାନ୍ତି ଆନନ୍ଦ
ଉଲ୍ଲାସ କରିବେ। 7ଆମ୍ଭେ ଇଶ୍ରାୟେଲ ଓ ଯିହୁଦାର
ଲୋକମାନଙ୍କର ବନ୍ଦୀତ୍ୱ ଅବସ୍ଥାର ପରିବର୍ତ୍ତନ କରି ସେମାନଙ୍କ
ପ୍ରତି ମଙ୍ଗଳ ବିଧାନ କରିବା। ସେମାନଙ୍କୁ ଅତୀତ ପରି
ଶକ୍ତିଶାଳୀ କରିବା। 8ସେମାନେ ଆମ୍ଭ ବିରୁଦ୍ଧରେ ଅଧର୍ମାଚରଣ
କରି ଯେଉଁ ପାପ କରିଅଛନ୍ତି ଆମ୍ଭେ ସେମାନଙ୍କୁ ସେଥିରୁ
ଶୁଚି କରିବା। ପୁଣି ସେମାନେ ଆମ୍ଭର ଆଜ୍ଞା ଲଙ୍ଘନ କରି
ଯେଉଁ ଅଧର୍ମ ଓ ପାପ କରିଅଛନ୍ତି, ଆମ୍ଭେ ସେଥିରୁ
ସେମାନଙ୍କୁ କ୍ଷମା କରିବା। 9ତା'ପରେ ଯିରୁଶାଲମ ପୃଥିବୀସ୍ଥ
ଦେଶମାନଙ୍କ ମଧ୍ୟରେ ଏକ ଶ୍ରେଷ୍ଠ ସ୍ଥାନ ହେବ। ଲୋକମାନେ
ଏପରି ସୁଖରେ ରହିବେ ଯେ ଅନ୍ୟ ଗୋଷ୍ଠୀଗଣ ତା'ର
ପ୍ରଶଂସା ଓ ଗୌରବ ଗାନ କରିବେ। ଆମ୍ଭେ ତାହାପାଇଁ
ମଙ୍ଗଳ ଓ ଶାନ୍ତି ଆୟୋଜନ କରିବା, ତାହା ସେମାନେ
ଶ୍ରବଣ କରିବେ। ଅନ୍ୟ ଲୋକେ ଭୀତ ଓ ଆଶ୍ଚର୍ଯ୍ୟ ହେବେ।

10"ତୁମ୍ଭେମାନେ କହୁଅଛ, 'ଏହିସ୍ଥାନ ନରଶୂନ୍ୟ ଓ ପଶୁଶୂନ୍ୟ
ହୋଇ ଏକ ଧ୍ୱଂସିତ ନଗର ହେବ।' ମାତ୍ର ଏହି ସ୍ଥାନ ଖୁବ୍
ଶୀଘ୍ର କୋଳାହଳ ପୂର୍ଣ୍ଣ ହେବ। 11ସଦାପ୍ରଭୁ କହନ୍ତି, ଏଠାରେ
ତୁମ୍ଭେମାନେ ଆନନ୍ଦ ଧ୍ୱନି ଓ ହର୍ଷନାଦ, ବର କନ୍ୟାଙ୍କର
ହର୍ଷଧ୍ୱନି, ସଦାପ୍ରଭୁଙ୍କର ପ୍ରଶଂସାଗାନର କୋଳାହଳ ପାଇବ।
ସେମାନେ କହିବେ, 'ସଦାପ୍ରଭୁ ମଙ୍ଗଳମୟ ଓ ତାଙ୍କର କରୁଣା
ସଦାକାଳ ସ୍ଥାୟୀ।' ତେଣୁ ତାଙ୍କର ଧନ୍ୟବାଦ କର। ପୁଣି
ସଦାପ୍ରଭୁଙ୍କ ଗୃହକୁ ଧନ୍ୟବାଦସ୍ୱରୂପ ବଳି ଆଣିବାର ଶବ୍ଦ
ଶୁଣାଯିବ। ଏହା ହେବ କାରଣ ଆମ୍ଭେ ଆପଣା ଲୋକମାନଙ୍କର
ଭାଗ୍ୟ ପରିବର୍ତ୍ତନ କରିବ। ସେଥିପାଇଁ ସବୁକିଛି ପୂର୍ବରୁ
ଯେପରି ଥିଲା, ସେପରି ହୋଇଯିବ।"

12ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, "ଏହି ଜନଶୂନ୍ୟ ଓ
ପଶୁଶୂନ୍ୟ ଧ୍ୱଂସ ସ୍ଥାନରେ ଓ ତହିଁର ସକଳ ନଗରରେ
ପୁନର୍ବାର ପଶୁପାଳକମାନଙ୍କର ବସତି ସ୍ଥାନ ହେବ। ସେମାନେ
ସେ ସ୍ଥାନରେ ଆପଣା ଆପଣା ମେଷପଲଙ୍କୁ ବିଶ୍ରାମ କରାଇବେ।
13ସଦାପ୍ରଭୁ କହନ୍ତି, ପାର୍ବତୀୟ ଦେଶର ନଗର ସମୂହରେ,
ନିମ୍ନ ଭୂମିର ନଗରମାନଙ୍କରେ, ଦକ୍ଷିଣ ଦିଗସ୍ଥ ସକଳ ନଗରରେ,
ବିନ୍ୟାମୀନ ଦେଶରେ, ଯିରୁଶାଲମର ଚତୁର୍ଦ୍ଦିଗସ୍ଥ ଅଞ୍ଚଳରେ ଓ
ଯିହୁଦାର ନଗରମାନଙ୍କରେ ଲୋକମାନେ ସେମାନଙ୍କର
ମେଷପଲଙ୍କୁ ଗଣନା କରିବେ।"

## ଉତ୍ତମ ଶାଖା

14ପୁଣି ସଦାପ୍ରଭୁ କହନ୍ତି, "ଆମ୍ଭେ ଇଶ୍ରାୟେଲ ବଂଶ ଓ
ଯିହୁଦା ବଂଶ ସମ୍ବନ୍ଧରେ ଯେଉଁ ମଙ୍ଗଳ ବାକ୍ୟ କହିଅଛୁ।
ତାହାକୁ ସଫଳ କରିବାର ସମୟ ଆସୁଅଛି। 15ସେହି
ସମୟରେ ଆମ୍ଭେ ଦାଉଦ ବଂଶରେ ଧର୍ମସ୍ୱରୂପ ଏକ 'ଶାଖା'
ଉତ୍ପନ୍ନ କରାଇବା। ସେହି 'ଶାଖା' ସେ ଦେଶରେ ନ୍ୟାୟ ଓ
ଧାର୍ମିକତା ବିଚାର ପ୍ରତିଷ୍ଠା କରିବେ। 16ସେହି ସମୟରେ ସେ
ଯିହୁଦା ପରିତ୍ରାଣ ପାଇବ ଓ ଯିରୁଶାଲମ ନିରାପଦରେ ବାସ
କରିବ। ଆଉ 'ସଦାପ୍ରଭୁ ଆମ୍ଭମାନଙ୍କର ପରିରକ୍ଷକ ହେବେ,
ସଦାପ୍ରଭୁ ଆମ୍ଭର ନ୍ୟାୟବାନ।'"

17ଆଉ ସଦାପ୍ରଭୁ କହନ୍ତି, "ଦାଉଦ ବଂଶରୁ ଜଣେ
ସର୍ବଦା ଇଶ୍ରାୟେଲୀୟ ବଂଶର ସିଂହାସନରେ ଉପବିଷ୍ଟ ହେବ।
18ପୁଣି ଆମ୍ଭ ସମ୍ମୁଖରେ ହୋମବଳି ଶସ୍ୟ ନୈବେଦ୍ୟ ଦାହ
ଓ ନିତ୍ୟ ବଳିଦାନ କରିବା ପାଇଁ ଲେବୀୟ ବଂଶରୁ ଜଣେ
ଯାଜକ ସର୍ବଦା ରହିବ।"

19ଅନନ୍ତର ସଦାପ୍ରଭୁଙ୍କଠାରୁ ଏହି ବାକ୍ୟ ଯିରିମିୟଙ୍କ
ନିକଟରେ ଉପସ୍ଥିତ ହେଲା। 20ସଦାପ୍ରଭୁ କହନ୍ତି, "ଯଦି
କେହି ଦିନରାତି ସହିତ ନିୟମ ଭଙ୍ଗ କରେ, ସେ ନିୟମିତ
ଭାବରେ ଦେଖା ଦିଏ ନାହିଁ। ମାତ୍ର ଯଥା ସମୟରେ ଦିବାରାତ୍ରି
ହୁଏ। 21ମାତ୍ର ସେତେବେଳେ ଆମ୍ଭର ସେବକ ଦାଉଦ୍ ସହିତ
ନିୟମ ଭଙ୍ଗ କରାଯିବ। ତା'ର ବଂଶଧର ମଧ୍ୟରୁ ଜଣେ
ସର୍ବଦା ଯିରୁଶାଲମରେ ଶାସନ କରିବ ଏବଂ ଏହି ଲେବୀୟ
ଚିରଦିନ ମୋର ଯାଜକ ରୂପେ ସେବା କରିବ। 22ଯେପରି
ଆକାଶର ତାରା ଗଣାଯାଇ ପାରିବ ନାହିଁ କି ସମୁଦ୍ରର ବାଲୁକା
ମପାଯାଇ ପାରିବ ନାହିଁ, ସେହିପରି ଆମ୍ଭେ ଦାଉଦ ବଂଶଧରଙ୍କୁ
ଓ ଲେବୀୟ ପରିବାରବର୍ଗଙ୍କୁ ଏତେ ସଂଖ୍ୟାରେ ଦାସ ଓ
ପରିଚାରକ ପଠାଇବା ସେଗୁଡ଼ିକ ମଧ୍ୟ ଅକଳନ ହେବେ।"

23ଅନନ୍ତର ଯିରିମିୟ ସଦାପ୍ରଭୁଙ୍କର ବାକ୍ୟ ପ୍ରାପ୍ତ ହେଲେ।
24"ସେ କହନ୍ତି ହେ ଯିରିମିୟ, ଲୋକେ ଯାହା କହୁଛନ୍ତି
ତୁମ୍ଭେ କେବେ ତାହା ବିବେଚନା କରିଛ? ସେମାନେ କହନ୍ତି,
'ସଦାପ୍ରଭୁ ଆପଣା ମନୋନୀତ ଦୁଇ ଗୋଷ୍ଠୀଙ୍କୁ ଅଗ୍ରାହ୍ୟ
କରିଅଛନ୍ତି। ଏହିରୂପେ ସେମାନେ ଆମ୍ଭ ଲୋକମାନଙ୍କୁ ତୁଚ୍ଛଜ୍ଞାନ
କରନ୍ତି।' ସେମାନଙ୍କ ସାକ୍ଷାତରେ ସେମାନେ ଏକ ଗୋଷ୍ଠୀ
ହୋଇ ଯେପରି ରହିବେ ନାହିଁ।"

25ସଦାପ୍ରଭୁ କହନ୍ତି, "ଯଦି ଦିବାରାତ୍ରି ସମ୍ବନ୍ଧୀୟ ଆମ୍ଭର
ନିୟମ ସ୍ଥିର ନରହେ ଓ ଆମ୍ଭେ ଯେବେ ଆକାଶର ଓ
ପୃଥିବୀର ବିଧି ସକଳ ନିରୂପଣ କରି ନଥାଉ, ତାହା ହେଲେ
ତୁମ୍ଭେ ଆମ୍ଭକୁ ଅଗ୍ରାହ୍ୟ କରିବା। 26ତାହାହେଲେ ଆମ୍ଭେ
ଯାକୁବର ବଂଶଧର ଏବଂ ଆମ୍ଭର ସେବକ ଦାଉଦ୍‌ର ବଂଶଧରଗଣଙ୍କୁ
ଅବ୍ରହାମ, ଇସହାକ୍ ଓ ଯାକୁବର ବଂଶଧରଗଣ ଉପରେ
ଶାସକ ରୂପେ ମନୋନୀତ କରିବାକୁ ପ୍ରତ୍ୟାଖାନ କରିବା କି?
ଏହା ହେବ ନାହିଁ, କାରଣ ଆମ୍ଭେ ସେମାନଙ୍କର ପୂର୍ବ ଅବସ୍ଥା
ସ୍ଥାପନ କରିବା ଓ ସେମାନଙ୍କ ଉପରେ କୃପା କରିବା।"

## ଯିହୁଦାର ରାଜା ସିଦିକିୟଙ୍କୁ ସତର୍କବାଣୀ

34 ବାବିଲର ରାଜା ନବୂଖଦ୍‌ନିତ୍ସର ଓ ତାହାର ସମସ୍ତ
ସୈନ୍ୟ, ତାହାର ଶାସନାଧୀନ ସମସ୍ତ ରାଜ୍ୟ ଓ
ସମସ୍ତ ଗୋଷ୍ଠୀ ଯିରୁଶାଲମ ଓ ତାହାର ନଗର ସମୂହର
ବିରୁଦ୍ଧରେ ଯୁଦ୍ଧ କରୁଥିବା ସମୟରେ ଯିରିମିୟଙ୍କ ନିକଟରେ
ସଦାପ୍ରଭୁଙ୍କଠାରୁ ଏହି ବାକ୍ୟ ଉପସ୍ଥିତ ହେଲା।

2ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର ଏହିକଥା କହନ୍ତି,
“ହେ ଯିରିମିୟ, ତୁମ୍ଭେ ଯାଇ ଯିହୁଦାର ରାଜା ସିଦିକିୟଙ୍କୁ
କୁହ, ‘ସଦାପ୍ରଭୁ ଏହି କଥା କହନ୍ତି, ଆମ୍ଭେ ବାବିଲର ରାଜା
ହସ୍ତରେ ଯିରୁଶାଲମକୁ ସମର୍ପଣ କରିବା, ତାହାକୁ ସେ
ଅଗ୍ନିରେ ଦଗ୍ଧ କରିବ। 3ଆଉ ତୁମ୍ଭେ ତାହା ହସ୍ତରୁ ରକ୍ଷା
ପାଇବ ନାହିଁ। ନିଶ୍ଚୟ ଧରାଯିବ ଓ ତାହା ହସ୍ତରେ ସମର୍ପିତ
ହେବ। ତୁମ୍ଭେ ବାବିଲ ରାଜାଙ୍କୁ ସ୍ୱଚକ୍ଷୁରେ ଦେଖିବ। ସେ
ମୁହାଁମୁହିଁ ହୋଇ ତୁମ୍ଭ ସହିତ କଥା କହିବେ ଓ ତୁମ୍ଭେ
ବାବିଲକୁ ଯିବ। 4ମାତ୍ର ହେ ଯିହୁଦାର ସିଦିକିୟ, ତୁମ୍ଭେ
ସଦାପ୍ରଭୁଙ୍କ ବାକ୍ୟ ଶୁଣ। ସଦାପ୍ରଭୁ ତୁମ୍ଭ ବିଷୟରେ ଏହିକଥା
କହନ୍ତି। ତୁମ୍ଭେ ଖଡ୍ଗରେ ନିହତ ହେବନାହିଁ। 5ତୁମ୍ଭେ ତୁମ୍ଭ
ପୂର୍ବପୁରୁଷଙ୍କ ପରି ଓ ପୂର୍ବବର୍ତ୍ତୀ ରାଜାମାନଙ୍କ ପରି ଶାନ୍ତିରେ
ମୃତ୍ୟୁବରଣ କରିବ। ଯେପରି ସୁଗନ୍ଧ ସେମାନେ ତାଙ୍କ ପାଇଁ
ଜାଳି ଥିଲେ, ସେହିପରି ସେମାନେ ତୁମ୍ଭ ପାଇଁ ସୁଗନ୍ଧ
ଜାଳିବେ। ପୁଣି “ହାୟ ପ୍ରଭୋ!” ହାୟ ପ୍ରଭୋ! କହି
ସେମାନେ ତୁମ୍ଭପାଇଁ ବିଳାପ କରିବେ।’” କାରଣ ସଦାପ୍ରଭୁ
କହନ୍ତି, ଆମ୍ଭେ ଏହା କହିଅଛୁ।

6ତେଣୁ ଭବିଷ୍ୟଦ୍‌ବକ୍ତା ଯିରିମିୟ ଯିରୁଶାଲମରେ ଯିହୁଦାର
ରାଜା ସିଦିକିୟଙ୍କୁ ଏହିସବୁ କଥା କହିଲେ। 7ସେତେବେଳେ
ବାବିଲ ରାଜାର ସୈନ୍ୟ ଯିରୁଶାଲମ ବିରୁଦ୍ଧରେ, ଯିହୁଦାର
ଅବଶିଷ୍ଟ ସକଳ ନଗର ବିରୁଦ୍ଧରେ ଓ ଲାଖୀଶ ଏବଂ ଅସେକା
ବିରୁଦ୍ଧରେ ଯୁଦ୍ଧ କରୁଥିଲେ। କାରଣ ଯିହୁଦା ଦେଶର ନଗର
ସମୂହ ମଧ୍ୟରେ ଏହି ଦୁଇଟି ମାତ୍ର ପ୍ରାଚୀର ବେଷ୍ଟିତ ନଗର
ଅବଶିଷ୍ଟ ଥିଲା।

## ଲୋକମାନେ ସେମାନଙ୍କର ଗୋଟିଏ ନିୟମଭଙ୍ଗ କରନ୍ତି

8ସିଦିକିୟ ରାଜା ଯିରୁଶାଲମ ଲୋକମାନଙ୍କ ସହିତ ଏହି
ନିୟମ କରିଥିଲେ ଯେ ପ୍ରତ୍ୟେକ ନିଜ ନିଜ ଏବ୍ରୀୟ
ଦାସଦାସୀଙ୍କୁ ମୁକ୍ତ କରି ବିଦାୟ ଦେବେ। କେହି ସେମାନଙ୍କୁ
ଅର୍ଥାତ୍ ନିଜ ଯିହୁଦୀୟ ଭ୍ରାତାକୁ ଦାସ୍ୟକର୍ମ କରାଇବେ ନାହିଁ।
ସିଦିକିୟ ଏହି ନିୟମ କଲାପରେ ସଦାପ୍ରଭୁଙ୍କ ବାକ୍ୟ ଯିରିମିୟଙ୍କ
ନିକଟରେ ଉପସ୍ଥିତ ହେଲା। 9ପ୍ରତ୍ୟେକ ଏବ୍ରୀୟ ଦାସଦାସୀଙ୍କୁ
ମୁକ୍ତ କରିବେ ଓ କେହି ଯିହୁଦୀୟମାନଙ୍କୁ ଦାସ୍ୟକର୍ମ କରାଇବେ
ନାହିଁ। 10ତେଣୁ ସମସ୍ତ ଅଧିପତି ଓ ସମସ୍ତ ଲୋକ ଏହି
ନିୟମ ଗ୍ରହଣ କଲେ ଓ ପ୍ରତ୍ୟେକ ନିଜ ନିଜ ଦାସଦାସୀଙ୍କୁ
ମୁକ୍ତ କରି ବିଦାୟ ଦେଲେ। ଏହି ନିୟମରେ ସମସ୍ତେ ସମ୍ମତ
ହେଲେ ଓ ସେମାନଙ୍କୁ ଦାସ୍ୟକର୍ମ ଆଉ କରାଇଲେ ନାହିଁ।
11ମାତ୍ର ତାହାପରେ ସେମାନେ ନିଜ ନିଜ ହୃଦୟ ପରିବର୍ତ୍ତନ
କଲେ ଓ ଯେଉଁ ଦାସଦାସୀଙ୍କୁ ମୁକ୍ତ କରିଥିଲେ, ସେମାନଙ୍କୁ
ପୁନର୍ବାର ଆଣି ଦାସ୍ୟକର୍ମରେ ନିଯୁକ୍ତ କଲେ।

12ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ଯିରିମିୟଙ୍କ ନିକଟରେ
ଉପସ୍ଥିତ ହେଲା। 13ହେ ଯିରିମିୟ! ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱର ଏହିକଥା କହନ୍ତି, “ଆମ୍ଭେ ତୁମ୍ଭମାନଙ୍କର
ପିତୃପୁରୁଷମାନଙ୍କୁ ମିଶର ଦେଶରୁ ଦାସତ୍ୱରୁ ମୁକ୍ତ କରିଥିଲୁ ଓ
ସେମାନଙ୍କ ସହିତ ଏହି ନିୟମ କରିଥିଲୁ। 14ଆମ୍ଭେ ସେମାନଙ୍କୁ
କହିଥିଲୁ, ‘ତୁମ୍ଭର କୌଣସି ଏବ୍ରୀୟ ଭ୍ରାତା ତୁମ୍ଭ ନିକଟରେ
ବିକ୍ରିତ ହୋଇ ଛଅବର୍ଷ ତୁମ୍ଭର ଦାସ୍ୟକର୍ମ କଲା ଉତ୍ତାରେ
ତୁମ୍ଭେ ତାହାକୁ ମୁକ୍ତ କରି ଆପଣା ନିକଟରୁ ବିଦାୟ ଦେବ,
ତୁମ୍ଭେମାନେ ପ୍ରତ୍ୟେକ ସାତବର୍ଷର ଶେଷରେ ଆପଣା ଆପଣାର
ସେହି ଭ୍ରାତାଙ୍କୁ ମୁକ୍ତ କରିବ।’ ମାତ୍ର ତୁମ୍ଭମାନଙ୍କର ପିତୃପୁରୁଷମାନେ
ଆମ୍ଭର ବାକ୍ୟ ଶୁଣିଲେ ନାହିଁ କି କର୍ଣ୍ଣପାତ କଲେ ନାହିଁ।
15ପୁଣି ତୁମ୍ଭେମାନେ ଏହାପରେ ଆପଣା ପ୍ରତିବେଶୀଙ୍କୁ ମୁକ୍ତ
କରି ଆମ୍ଭ ଦୃଷ୍ଟିରେ ଯଥାର୍ଥ କର୍ମ କଲ। ଆଉ ଆମ୍ଭ ନାମରେ
ଖ୍ୟାତ ମନ୍ଦିରରେ ଆମ୍ଭ ସମ୍ମୁଖରେ ନିୟମ କରିଥିଲ। 16ମାତ୍ର
ତୁମ୍ଭେମାନେ ତୁମ୍ଭମାନଙ୍କର ମନ ବଦଳାଇ ଆମ୍ଭର ନାମକୁ
ଅପବିତ୍ର କଲ। ଆଉ ଯେଉଁମାନଙ୍କୁ ମୁକ୍ତ କରି ବିଦାୟ
ଦେଇଥିଲ, ପୁନର୍ବାର ସେମାନଙ୍କୁ ଆଣି ଆପଣା ଆପଣା
ଦାସ୍ୟକର୍ମରେ ବାଧ୍ୟ କରି ନିଯୁକ୍ତ କଲ।

17“ଏଣୁ ସଦାପ୍ରଭୁ ଏହିକଥା କହନ୍ତି, ‘ତୁମ୍ଭେମାନେ ଆପଣା
ପ୍ରତିବେଶୀଙ୍କୁ “ମୁକ୍ତ ଦେବାପାଇଁ”’ ଆମ୍ଭ ନିୟମର ପାଳନ
କରିନାହିଁ। ଏଣୁ ଆମ୍ଭେ ତୁମ୍ଭମାନଙ୍କ ବିରୁଦ୍ଧରେ ଖଡ୍ଗ, ଦୁର୍ଭିକ୍ଷ
ଓ ମହାମାରୀ ପଠାଇ ବିନାଶ କରିବା ଓ ପୃଥିବୀର ସମସ୍ତ
ରାଜ୍ୟ ଆତଙ୍କିତ ହେବେ, ଯାହା ଆମ୍ଭେ ତୁମ୍ଭମାନଙ୍କ ପାଇଁ
କରିବା। 18ପୁଣି ଯେଉଁମାନେ ଆମ୍ଭର ନିୟମ ଲଙ୍ଘନ
କରିଅଛନ୍ତି ଓ ଗୋବତ୍ସକୁ ଦୁଇଖଣ୍ଡ କରି ତନ୍ମଧ୍ୟରେ ଗମନ
କରିଛନ୍ତି, ମୁଁ ସେମାନଙ୍କୁ ସେହି ବାଛୁରୀ ପରି କରିବି।
19ପୁଣି ଯିହୁଦାର ଅଧିପତିଗଣଙ୍କୁ, ଯିରୁଶାଲମର ଅଧିପତିମାନଙ୍କୁ,
ନପୁଂସକମାନଙ୍କୁ, ଯାଜକମାନଙ୍କୁ ଓ ଦେଶର ସମସ୍ତ ଲୋକଙ୍କୁ,
ଯେଉଁମାନେ ଗୋବତ୍ସର ଦୁଇଖଣ୍ଡ ମଧ୍ୟ ଦେଇ ଗମନ କଲେ
ସେମାନଙ୍କୁ ମଧ୍ୟ ସମର୍ପଣ କରିବା। 20ଆମ୍ଭେ ସେମାନଙ୍କୁ
ସେମାନଙ୍କର ଶତ୍ରୁଗଣ ହସ୍ତରେ ଓ ସେମାନଙ୍କର ପ୍ରାଣନାଶକାରୀଙ୍କ
ହସ୍ତରେ ସମର୍ପଣ କରିବା। ତହିଁରେ ସେମାନଙ୍କର ଶବ
ଆକାଶର ପକ୍ଷୀମାନଙ୍କର ଓ ପୃଥିବୀର ବନ୍ୟ ପଶୁମାନଙ୍କର
ଖାଦ୍ୟ ହେବ। 21ପୁଣି ଯିହୁଦାର ରାଜା ସିଦିକିୟଙ୍କୁ ଓ
ତାହାର ଅଧିପତିଗଣଙ୍କୁ ଆମ୍ଭେ ସେମାନଙ୍କ ଶତ୍ରୁଗଣ ହସ୍ତରେ
ସପର୍ପଣ କରିବା। ଆଉ ସେମାନଙ୍କ ପ୍ରାଣନାଶକାରୀଙ୍କ ହସ୍ତରେ
ଓ ବାବିଲ ରାଜାର ଯେଉଁ ସୈନ୍ୟଗଣ ତୁମ୍ଭମାନଙ୍କ ନିକଟରୁ
ଉଠିଯାଇ ଅଛନ୍ତି, ସେମାନଙ୍କ ହସ୍ତରେ ସମର୍ପଣ କରିବା।
22ମାତ୍ର ସଦାପ୍ରଭୁ କହନ୍ତି, ଦେଖ, ଆମ୍ଭେ ପୁଣି ସେମାନଙ୍କୁ
ଆମ୍ଭର ଆଜ୍ଞାରେ’ ଏହି ‘ନଗରକୁ ଅଣାଇବା। ତହିଁରେ
ସେମାନେ ନଗର ବିରୁଦ୍ଧରେ ଯୁଦ୍ଧ କରି ତାହାକୁ ଅଧିକାର
କରିବେ ଓ ତାହାକୁ ଅଗ୍ନିରେ ଦଗ୍ଧ କରିବେ। ପୁଣି ଆମ୍ଭେ
ଯିହୁଦାର ସମସ୍ତ ନଗରକୁ ଜନଶୂନ୍ୟ କରି ଧ୍ୱଂସ ସ୍ତୁପରେ
ପରିଣତ କରିବା।’”

## ରେଖବୀୟ ବଂଶର ଉତ୍ତମ ଦୃଷ୍ଟାନ୍ତ

35 ଯୋଶିୟର ପୁତ୍ର ଯିହୁଦାର ରାଜା ଯିହୋୟାକୀମର
ରାଜତ୍ୱ କାଳରେ ସଦାପ୍ରଭୁଙ୍କର ଏହି ବାକ୍ୟ ଯିରିମିୟଙ୍କ
ନିକଟରେ ଉପସ୍ଥିତ ହେଲା। 2“ହେ ଯିରିମିୟ, ତୁମ୍ଭେ
ରେଖବୀୟ ବଂଶ ନିକଟକୁ ଯାଇ ସେମାନଙ୍କୁ ନିମନ୍ତ୍ରଣ କରି
ସଦାପ୍ରଭୁଙ୍କ ଗୃହର ଏକ କୋଠରୀକୁ ଆଣ ଓ ସେମାନଙ୍କୁ
ଦ୍ରାକ୍ଷାରସ ପାନ କରିବାକୁ ଦିଅ।”

3ତହୁଁ ମୁଁ ହବତ୍‌ସିନିୟର ପୌତ୍ର, ଯିରିମିୟର ପୁତ୍ର
ଯାଜନିୟଙ୍କୁ, ତାହାର ଭ୍ରାତୃଗଣଙ୍କୁ ଓ ତାହାର ସମସ୍ତ ପୁତ୍ରଙ୍କୁ

ଆଉ ସମସ୍ତ ରେଖବୀୟ ବଂଶକୁ ଏକତ୍ରିତ କରି ସଙ୍ଗରେ
ନେଲି। 4ସେମାନଙ୍କୁ ସଦାପ୍ରଭୁଙ୍କ ଗୃହକୁ ନେଇଗଲି। ମୁଁ
ପରମେଶ୍ୱରଙ୍କ ଲୋକ ଯିଗ୍‌ଦଲୀୟର ପୁତ୍ର ହାନନର ପୁତ୍ରମାନଙ୍କର
କୋଠରୀକୁ ଗଲି। ସେହି କୋଠରୀ ଶଲ୍ଲୁମର ପୁତ୍ର ମାସେୟ
ନାମକ ଦ୍ୱାରପାଳର କୋଠରୀ ଉପରେ, ଅଧିପତିଗଣର କୋଠରୀ
ନିକଟରେ ଥିଲା। 5ପୁଣି ମୁଁ ରେଖବ ବଂଶୀୟ ଲୋକମାନଙ୍କ
ସମ୍ମୁଖରେ ଦ୍ରାକ୍ଷାରସ ପୂର୍ଣ୍ଣ କେତେକ ଭାଣ୍ଡ ଓ ପାନପାତ୍ର ରଖି
ସେମାନଙ୍କୁ କହିଲି, "ତୁମ୍ଭେମାନେ ଦ୍ରାକ୍ଷାରସ ପାନକର।"

6ମାତ୍ର ସେମାନେ ଉତ୍ତର ଦେଲେ, "ଆମ୍ଭେମାନେ ଦ୍ରାକ୍ଷାରସ
ପାନ କରିବୁ ନାହିଁ। କାରଣ ଆମ୍ଭମାନଙ୍କର ପୂର୍ବପୁରୁଷ
ରେଖବର ପୁତ୍ର ଯିହୋନାଦବ୍ ଆମ୍ଭମାନଙ୍କୁ ଏହି ଆଜ୍ଞା
ଦେଇଅଛନ୍ତି, 'ତୁମ୍ଭେମାନେ ଓ ତୁମ୍ଭମାନଙ୍କର ସନ୍ତାନଗଣ
କେହି କେବେ ଦ୍ରାକ୍ଷାରସ ପାନ କରିବ ନାହିଁ। 7ଆଉ ମଧ୍ୟ
ତୁମ୍ଭେମାନେ ଗୃହ ନିର୍ମାଣ କରିବ ନାହିଁ, କିଅବା ବୀଜ ବୁଣିବ
ନାହିଁ କିଅବା ଦ୍ରାକ୍ଷାକ୍ଷେତ୍ର ରୋପଣ କରିବ ନାହିଁ ଅବା ତହିଁର
ଅଧିକାରୀ ହେବନାହିଁ। ମାତ୍ର ତୁମ୍ଭେମାନେ ଯାବଜ୍ଜୀବନ ତମ୍ବୁରେ
ବାସ କରିବ, ତହିଁରେ ତୁମ୍ଭେମାନେ ଯେଉଁ ଦେଶରେ ପ୍ରବାସ
କରୁଅଛ, ସେହି ଦେଶରେ ଅନେକ କାଳ ବଞ୍ଚିବ।' 8ତେଣୁ
ଆମ୍ଭେମାନେ ରେଖବୀୟ ବଂଶ ଆମ୍ଭ ପୂର୍ବପୁରୁଷ ଯିହୋନାଦବ୍
ଆମ୍ଭମାନଙ୍କୁ ଦ୍ରାକ୍ଷାରସ ପାନ ନକରିବାକୁ ଓ ଗୃହ ନିର୍ମାଣ
ନକରିବାକୁ ଯେଉଁ ଆଜ୍ଞା ଦେଇଛନ୍ତି ତାହା ପାଳନ କରି
ଆସିଅଛୁ। ଆଉ ଆମ୍ଭେମାନେ, ଆମ୍ଭମାନଙ୍କର ସ୍ତ୍ରୀମାନେ ଓ
ଆମ୍ଭମାନଙ୍କର ପୁତ୍ର କନ୍ୟାମାନେ କେବେ ଦ୍ରାକ୍ଷାରସ ପାନ
କରୁନାହୁଁ। 9ଆଉ ଆମ୍ଭେମାନେ ବାସ କରିବା ନିମନ୍ତେ ଗୃହ
ନିର୍ମାଣ କରୁନାହୁଁ। ଦ୍ରାକ୍ଷାକ୍ଷେତ୍ର କରୁନାହୁଁ କି ଶସ୍ୟ ରୋପଣ
କରୁନାହୁଁ। 10ଆମ୍ଭମାନଙ୍କର ପୂର୍ବପୁରୁଷ ଯିହୋନାଦବଙ୍କର ସମସ୍ତ
ଆଜ୍ଞା ଅନୁସାରେ କାର୍ଯ୍ୟ କରି ତମ୍ବୁରେ ବାସ କରୁଅଛୁ।
11ମାତ୍ର ବାବିଲର ରାଜା ନବୂଖଦନିତ୍ସର ଯେତେବେଳେ ଯିହୁଦା
ଆକ୍ରମଣ କଲେ, ସେତେବେଳେ ଆମ୍ଭେମାନେ କହିଲୁ, 'ଆସ,
କଲଦୀୟ ସୈନ୍ୟର ଓ ଅରାମୀୟ ସୈନ୍ୟର ଭୟ ଯୋଗୁଁ
ଆମ୍ଭେମାନେ ଯିରୂଶାଲମ ଯିବା,' ଏଣୁ ଆମ୍ଭେମାନେ ଯିରୂଶାଲମରେ
ବାସ କରୁଅଛୁ।"

12ଅନନ୍ତର ସଦାପ୍ରଭୁଙ୍କର ବାକ୍ୟ ଯିରିମିୟଙ୍କ ନିକଟରେ
ଉପସ୍ଥିତ ହେଲା। 13ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର
ପରମେଶ୍ୱର କହିଲେ, "ହେ ଯିରିମିୟ, ତୁମ୍ଭେ ଯିହୁଦା ଓ
ଯିରୂଶାଲମର ଲୋକମାନଙ୍କୁ କୁହ, ସଦାପ୍ରଭୁ କହନ୍ତି, 'ତୁମ୍ଭେମାନେ
ଆମ୍ଭର ବାକ୍ୟ ପ୍ରତି ଅବଧାନ କରି ଆମ୍ଭର ଶିକ୍ଷା ଗ୍ରହଣ
କର।' 14"ରେଖବର ପୁତ୍ର ଯିହୋନାଦବ୍ ଆପଣା ବଂଶଧରଗଣଙ୍କୁ
ଦ୍ରାକ୍ଷାରସ ପାନ ନ କରିବାକୁ ଯେଉଁ ଆଜ୍ଞା ଦେଇଥିଲା,
ତାହାର ସେହି ବାକ୍ୟ ପ୍ରତିପାଳିତ ହୋଇ ଆସୁଅଛି ଓ
ସେମାନେ ଆଜି ପର୍ଯ୍ୟନ୍ତ ଦ୍ରାକ୍ଷାରସ ପାନ କରୁ ନାହାଁନ୍ତି।
କାରଣ ସେମାନେ ଆପଣା ପିତୃପୁରୁଷ ଆଜ୍ଞା ପାଳନ କରୁଛନ୍ତି।
ମାତ୍ର ଆମ୍ଭେ ତୁମ୍ଭମାନଙ୍କୁ ବାରମ୍ବାର ଆଜ୍ଞା ଦେଲେ ହେଁ,
ତୁମ୍ଭେମାନେ ଆମ୍ଭ ବାକ୍ୟ ପ୍ରତି ଅବଧାନ କରୁନାହଁ। 15ଆଉ
ମଧ୍ୟ ଆମ୍ଭେ ଆମ୍ଭର ସମସ୍ତ ଦାସ ଓ ଭବିଷ୍ୟଦ୍‌ବକ୍ତାଗଣଙ୍କୁ
ତୁମ୍ଭ ନିକଟକୁ ପଠାଇଅଛୁ। ଆଉ ସେମାନେ ତୁମ୍ଭମାନଙ୍କୁ
ବାରମ୍ବାର କହି ଅଛନ୍ତି, 'ତୁମ୍ଭେମାନେ ନିଜ ନିଜ କୁପଥରୁ
ନିବୃତ୍ତ ହୁଅ, ନିଜ ନିଜ ଆଚରଣ ସଂଶୋଧନ କର ଓ ଅନ୍ୟ
ଦେବଗଣର ସେବା କରି ସେମାନଙ୍କୁ ଅନୁସରଣ କରନାହିଁ।
ତାହା ହେଲେ ତୁମ୍ଭମାନଙ୍କୁ ଓ ତୁମ୍ଭମାନଙ୍କର ପୂର୍ବପୁରୁଷମାନଙ୍କୁ
ଆମ୍ଭେ ଯେଉଁ ଦେଶ ଦେଇଅଛୁ ତହିଁରେ ତୁମ୍ଭେମାନେ ବାସ
କରିବ।' ମାତ୍ର ତୁମ୍ଭେମାନେ ତାହା କର୍ଣ୍ଣପାତ କରିନାହିଁ କିଅବା
ଆମ୍ଭ ବାକ୍ୟରେ ଅବଧାନ କରିନାହିଁ। 16ରେଖବର ପୁତ୍ର
ଯିହୋନାଦବ୍‌ର ବଂଶଧରଗଣ ସେମାନଙ୍କ ପ୍ରତି ଆଦିଷ୍ଟ ହୋଇଥିବା
ଆଜ୍ଞା ପ୍ରତିପାଳନ କରି ଆସୁଅଛନ୍ତି। ମାତ୍ର ଯିହୁଦାର ଲୋକମାନେ
ଆମ୍ଭ କଥାରେ ଅବଧାନ କରି ନାହାଁନ୍ତି।"

17ତେଣୁ ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର
ଏହିକଥା କହନ୍ତି, "ଆମ୍ଭେ ଯିହୁଦା ଓ ଯିରୂଶାଲମର ଲୋକମାନଙ୍କ
ବିରୁଦ୍ଧରେ ଯେଉଁ ଅମଙ୍ଗଳର କଥା କହିଅଛୁ, ତାହା ସେମାନଙ୍କ
ପ୍ରତି ଘଟାଇବା। କାରଣ ଆମ୍ଭେ ସେମାନଙ୍କୁ ଯେଉଁ କଥା
କହିଅଛୁ, ସେମାନେ ଶୁଣୁ ନାହାଁନ୍ତି। ଆଉ ଆମ୍ଭେ ସେମାନଙ୍କୁ
ଡାକିଅଛୁ, ମାତ୍ର ସେମାନେ ଉତ୍ତର ଦେଇ ନାହାଁନ୍ତି।"

18ତେଣୁ ଯିରିମିୟ ରେଖବୀୟ ବଂଶକୁ କହିଲେ,
"ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର ଏହି
କଥା କହନ୍ତି, 'ତୁମ୍ଭେମାନେ ନିଜ ପୂର୍ବପୁରୁଷ ଯିହୋନାଦବ୍‌ର
ଆଜ୍ଞା ମାନିଅଛ, ତାହାର ବିଧାନ ସବୁ ପାଳନ କରିଅଛ ଓ
ତୁମ୍ଭମାନଙ୍କ ପ୍ରତି ତାହାର ସମସ୍ତ ଆଜ୍ଞା ପ୍ରମାଣେ କାର୍ଯ୍ୟ
କରିଅଛ। 19ତେଣୁ ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର
ପରମେଶ୍ୱର କହନ୍ତି, ଆମ୍ଭର ସେବା ନିମନ୍ତେ ରେଖବର ପୁତ୍ର
ଯିହୋନାଦବ୍ ବଂଶୀୟ ଲୋକ ଆମ୍ଭ ସମ୍ମୁଖରେ ସର୍ବଦା ଠିଆ
ହେବେ।'"

## ରାଜା ଯିହୋୟାକୀମ ଯିରିମିୟଙ୍କ ନଳାକାର ପୁସ୍ତକ ଦହନ କରନ୍ତି

36 ଅନନ୍ତର ଯୋଶିୟର ପୁତ୍ର ଯିହୁଦାର ରାଜା
ଯିହୋୟାକୀମ୍‌ର ରାଜତ୍ୱର ଚତୁର୍ଥ ବର୍ଷରେ
ସଦାପ୍ରଭୁଙ୍କଠାରୁ ଯିରିମିୟଙ୍କ ନିକଟରେ ଏହି ବାକ୍ୟ ଉପସ୍ଥିତ
ହେଲା। ଯଥା: 2"ହେ ଯିରିମିୟ, ଗୋଟିଏ ନଳାକାର ପୁସ୍ତକ
ନିଅ। ଆମ୍ଭେ ଯୋଶିୟ ରାଜାଙ୍କ ରାଜତ୍ୱ କାଳରୁ ଆଜି ପର୍ଯ୍ୟନ୍ତ
ଇସ୍ରାଏଲ, ଯିହୁଦା ଓ ସମସ୍ତ ଗୋଷ୍ଠୀର ବିରୁଦ୍ଧରେ ଯାହା
ଯାହା କହିଅଛୁ, ସେ ସମସ୍ତ ସେହି ପୁସ୍ତକରେ ଲେଖ। 3ମୁଁ
ତାଙ୍କ ଉପରକୁ ବିପର୍ଯ୍ୟୟ ଆଣିବାର ଯୋଜନା ଶୁଣିଲା ପରେ
ଏହା ଏପରି ହୋଇପାରେ, ସେମାନେ ଭୁଲ୍ ରାସ୍ତାରୁ ଫେରି
ପାରନ୍ତି ଏବଂ ତା'ପରେ ମୁଁ ସେମାନଙ୍କୁ କ୍ଷମା କରିଦେବି।"

4ତେଣୁ ଯିରିମିୟ ନେରିୟର ପୁତ୍ର ବାରୂକକୁ ଡାକିଲେ।
ଆଉ ଯିରିମିୟ ବାରୂକକୁ ସଦାପ୍ରଭୁଙ୍କର ଯେଉଁ ସବୁ ବାକ୍ୟ
କହିଲେ, ବାରୂକ ସେ ସବୁ ଏକ ନଳାକାର ପୁସ୍ତକରେ
ଲେଖିଲେ। 5ତା'ପରେ ଯିରିମିୟ ବାରୂକକୁ କହିଲେ, "ମୁଁ
ସଦାପ୍ରଭୁଙ୍କ ମନ୍ଦିରକୁ ଯାଇପାରିବ ନାହିଁ, କାରଣ ମୋତେ
ମନ୍ଦିରରେ ପ୍ରବେଶ କରିବାକୁ ମନା। 6ତେଣୁ ତୁମ୍ଭେ ଯାଅ ଓ
ମୋ ମୁଖରୁ ଯାହା ସବୁ ଶୁଣିଛ ଏହି ପୁସ୍ତକରେ ଲେଖ,
ସଦାପ୍ରଭୁଙ୍କର ସେହିସବୁ ବାକ୍ୟ ଉପବାସ ଦିନ ସଦାପ୍ରଭୁଙ୍କ
ମନ୍ଦିରରେ ଉପସ୍ଥିତ ସମସ୍ତ ଲୋକଙ୍କ କର୍ଣ୍ଣଗୋଚରରେ ପାଠ
କର। ଆଉ ମଧ୍ୟ ଯିହୁଦାର ନଗରଗୁଡ଼ିକରୁ ଆଗତ ସମସ୍ତ

ଲୋକଙ୍କ ଶୁଣିବା ଭଳି ତାହା ପାଠ କର। 7ସେମାନେ ହୁଏତ
ସଦାପ୍ରଭୁଙ୍କ ସାକ୍ଷାତରେ ନିଜ ନିଜର ବିନତି ଜଣାଇବେ ଓ
ପ୍ରତ୍ୟେକ ଅପଣା ଆପଣା କୁପଥରୁ ଫେରିବେ; କାରଣ
ସଦାପ୍ରଭୁ ଏହି ଲୋକମାନଙ୍କ ବିରୁଦ୍ଧରେ ଭୟଙ୍କର କ୍ରୋଧ ଓ
ପ୍ରଚଣ୍ଡ କୋପ କଥା କହିଛନ୍ତି।" 8ତେଣୁ ନେରୀୟର ପୁତ୍ର
ବାରୂକ ଯିରିମିୟ ଭବିଷ୍ୟଦ୍‌ବକ୍ତାଙ୍କର କହିବାନୁସାରେ ସମସ୍ତ
କାର୍ଯ୍ୟ କରି ସେହି ପୁସ୍ତକରେ ଲିଖିତ ସଦାପ୍ରଭୁଙ୍କର ବାକ୍ୟ
ସଦାପ୍ରଭୁଙ୍କ ମନ୍ଦିରରେ ପାଠ କଲେ।

9ଏହାପରେ ଯୋଶିୟର ପୁତ୍ର ଯିହୁଦାର ରାଜା ଯିହୋୟାକୀମର
ରାଜତ୍ୱର ପଞ୍ଚମ ବର୍ଷର ନବମ ମାସରେ ଯିରୂଶାଲମର ସମସ୍ତ
ଲୋକ ଓ ଯିହୁଦାର ନଗର ସମୂହରୁ ଯିରୂଶାଲମକୁ ଆଗତ
ସମସ୍ତ ଲୋକ, ସଦାପ୍ରଭୁଙ୍କ ସାକ୍ଷାତରେ ଉପବାସ ଘୋଷଣା
କଲେ। 10ସେତେବେଳେ ବାରୂକ ସେହି ନଳାକାର ପୁସ୍ତକ
ଲିଖିତ ଯିରିମିୟଙ୍କ ସମସ୍ତ ବାକ୍ୟ ପାଠ କଲେ। ସେ
ସଦାପ୍ରଭୁଙ୍କ ମନ୍ଦିରର ଉପର ପ୍ରାଙ୍ଗଣରେ, ସଦାପ୍ରଭୁଙ୍କ ମନ୍ଦିରର
ନୂତନ ଫାଟକ ନିକଟରେ ଓ ଶାଫନ ଲେଖକର ପୁତ୍ର
ଗମରୀୟର କୋଠରୀରେ ସମସ୍ତ ଲୋକଙ୍କ କର୍ଣ୍ଣ ଗୋଚରରେ
ତାହା ପାଠ କଲେ।

11ବାରୂକ ତାହା ପାଠ କଲାବେଳେ ଶାଫନର ପୌତ୍ର
ଗମରୀୟର ପୁତ୍ର ମୀଖାୟ ସଦାପ୍ରଭୁଙ୍କର ବାକ୍ୟ ଶୁଣିଲେ।
12ସେତେବେଳେ ସେ ସଦାପ୍ରଭୁଙ୍କ ବାକ୍ୟ ଶୁଣି ରାଜଗୃହକୁ
ଓହ୍ଲାଇ ଲେଖକର କୋଠରୀକୁ ଗଲା, ସେତେବେଳେ ସେ
ସ୍ଥାନରେ ସମସ୍ତ ଅଧିପତି, ଯଥା: ଇଲୀଶାମା ଲେଖକ,
ଶମୟିୟର ପୁତ୍ର ଦଲୟିୟ, ଅକବୋରର ପୁତ୍ର ଇଲନାଥନ୍,
ଶାଫନର ପୁତ୍ର ଗମରୀୟ ଓ ହନାନୀୟର ପୁତ୍ର ସିଦିକୀୟ
ଉପବିଷ୍ଟ ଥିଲେ। 13ମୀଖାୟ ଲୋକମାନଙ୍କର କର୍ଣ୍ଣଗୋଚରରେ
ବାରୂକ ପାଠ କରିଥିବା ସଦାପ୍ରଭୁଙ୍କର ସମସ୍ତ ବାକ୍ୟ ସେମାନଙ୍କୁ
ଜଣାଇଲା।

14ତାହାପରେ ଅଧିପତିଗଣ କୁଶିର ପ୍ରପୌତ୍ର, ଶେଲେମିୟର
ପୌତ୍ର, ନଥନୀୟର ପୁତ୍ର ଯିହୁଦୀକୁ ପଠାଇଲେ। ଏବଂ ତାକୁ
କହିଲେ, ତୁମ୍ଭେ ଲୋକମାନଙ୍କ କର୍ଣ୍ଣ ଗୋଚରରେ ଯେଉଁ
ନଳାକାର ପୁସ୍ତକ ପାଠ କରିଅଛ, "ତାହା ନେଇ ଏଠାକୁ
ଆସ।"

ତା'ପରେ ନେରୀୟର ପୁତ୍ର ବାରୂକ ଚିଠାଉ ନେଇ
ସେମାନଙ୍କ ନିକଟକୁ ଗଲା।

15ତା'ପରେ ସେହି ଅଧିପତିଗଣ ବାରୂକକୁ କହିଲେ,
"ଏଠାରେ ବସ, ଆମ୍ଭମାନଙ୍କ କର୍ଣ୍ଣ ଗୋଚରରେ ତାହା ପାଠ
କର।"

ତେଣୁ ବାରୂକ ସେମାନଙ୍କ ସମ୍ମୁଖରେ ତାହା ପାଠ କଲେ।
16ସେତେବେଳେ ସେହି ଅଧିପତିଗଣ ସବୁକଥା ଶୁଣି
ଭୟଭୀତ ହେଲେ ଓ ପରସ୍ପର ମୁହଁକୁ ଅନାଇଲେ। ସେମାନେ
ବାରୂକକୁ କହିଲେ, "ଆମ୍ଭେମାନେ ନିଶ୍ଚିତଭାବରେ ନଳାକାର
ପୁସ୍ତକ ଲିଖିତ ଏହିସବୁ ବାକ୍ୟ ରାଜା ଯିହୋୟାକୀମ୍‌ଙ୍କୁ
ଜଣାଇବୁ।" 17ପୁଣି ସେମାନେ ବାରୂକକୁ ପଚାରିଲେ, "ତୁମ୍ଭେ
ଏହି ପୁସ୍ତକରେ ଯାହା ଲେଖିଛ କେଉଁଠାରୁ ତାହା
ଶୁଣିଲ? ତୁମ୍ଭେ କ'ଣ ଯିରିମିୟଙ୍କଠାରୁ ଏହା ଶୁଣି
ଲେଖିଅଛ?"

18ବାରୂକ ଉତ୍ତର କଲେ, "ହଁ," "ଯିରିମିୟ ଯାହାସବୁ
ମୋତେ କହିଲେ, ମୁଁ କାଳି ନେଇ ଏହି ପୁସ୍ତକରେ ସେ
ସବୁ ଲେଖିଲି।"

19ତାହାପରେ ଅଧିପତିମାନେ ବାରୂକକୁ କହିଲେ, "ତୁମ୍ଭେ
ଓ ଯିରିମିୟ ଯାଇ ଲୁଚ। ଆଉ ତୁମ୍ଭେ କେଉଁଠାରେ ଅଛ
ତାହା ଅନ୍ୟକୁ ଜଣାଅ ନାହିଁ।"

20ଅନନ୍ତର ଅଧିପତିମାନେ ପୁସ୍ତକଟିକୁ ଇଲୀଶାମା ଲେଖକର
କୋଠରୀରେ ଛାଡ଼ିଗଲେ। ସେମାନେ ରାଜା ଯିହୋୟାକୀମ
ନିକଟକୁ ଗଲେ ଓ ପୁସ୍ତକ ଲିଖିତ ସମସ୍ତ ବାକ୍ୟ ତାଙ୍କୁ
ଜଣାଇଲେ।

21ଏଣୁ ରାଜା ଯିହୋୟାକୀମ୍ ପୁସ୍ତକ ଆଣିବା ପାଇଁ
ଯିହୁଦୀକୁ ପଠାଇଲେ ଓ ସେ ଇଲୀଶାମା ଲେଖକର କୋଠରୀରୁ
ତାହା ଆଣିଲେ। ତା'ପରେ ଯିହୁଦୀ ରାଜା ଓ ରାଜାଙ୍କ ଚାରି
ପାଖରେ ଛିଡ଼ା ହୋଇଥିବା ବ୍ୟକ୍ତି ସମସ୍ତ ଅଧିପତିମାନଙ୍କ କର୍ଣ୍ଣ
ଗୋଚରରେ ତାହା ପାଠ କଲେ। 22ଯେଉଁ ସମୟରେ ଏହା
ଘଟିଲା ତାହା ଥିଲା ନବମ ମାସ ଓ ସେ ସମୟରେ ରାଜା
ଶୀତକାଳ କ୍ଷେପଣର ଗୃହରେ ବସିଥିଲେ। ଆଉ ତାହାଙ୍କ
ସମ୍ମୁଖରେ ଅଗ୍ନିପାତ୍ରରେ ଅଗ୍ନି ଜଳୁଥିଲା। 23ଅନନ୍ତର ଯିହୁଦୀ
ପୁସ୍ତକରୁ ତିନିଚାରି ପତ୍ର ପାଠ କଲାପରେ ରାଜା ଏକ କ୍ଷୁଦ୍ର
ଛୁରୀରେ ତାହାକୁ କାଟି ଅଗ୍ନିପାତ୍ରରେ ଥିବା ଅଗ୍ନିରେ ତାହା
ପକାଇ ଦେଲେ। ଶେଷରେ ସେହି ପାତ୍ର ଅଗ୍ନିରେ ସମସ୍ତ
ପୁସ୍ତକ ଭସ୍ମସାତ୍ ହେଲା। 24ଆଉ ମଧ୍ୟ ରାଜା ଓ ତାଙ୍କର
ଦାସଗଣ ଯେତେବେଳେ ସେହି ପୁସ୍ତକର ବାକ୍ୟ ଶୁଣିଲେ,
ସେମାନେ କେହି ଭୟଭୀତ ହେଲେ ନାହିଁ କିଅବା ଆପଣା
ବସ୍ତ୍ର ଚିରି ଦୁଃଖ ପ୍ରକାଶ କଲେ ନାହିଁ।

25ଆଉ ରାଜା ଯେପରି ପୁସ୍ତକ ପୋଡ଼ି ନପକାନ୍ତି,
ଏଥିପାଇଁ ଇଲନାଥନ୍, ଦଲାୟ ଓ ଗମରୀୟ ତାହାଙ୍କୁ ନିବେଦନ
କରିଥିଲେ, ମାତ୍ର ସେ ସେମାନଙ୍କ କଥା ଶୁଣିଲେ ନାହିଁ।
26ପୁଣି ରାଜା ବାରୂକ ଲେଖକକୁ ଓ ଯିରିମିୟ ଭବିଷ୍ୟତ୍
ବକ୍ତାକୁ ଗିରଫ କରିବାକୁ ରାଜପୁତ୍ର ଯିରହମେଲ୍‌କୁ, ଅସ୍ରୀୟେଲର
ପୁତ୍ର ସରାୟକୁ ଓ ଅବ୍‌ଦିୟେଲର ପୁତ୍ର ଶେଲିମିୟକୁ ଆଜ୍ଞା
କଲେ। ମାତ୍ର ସେମାନେ ବାରୂକ୍ ଓ ଯିରୟମ୍‌କୁ ପାଇଲେ
ନାହିଁ କାରଣ ସଦାପ୍ରଭୁ ସେମାନଙ୍କୁ ଲୁଚାଇ ରଖିଥିଲେ।

27ଯିରିମିୟଙ୍କ ମୁଖନିଃସୃତ ବାକ୍ୟ ରୂପକ ଯେଉଁ ପୁସ୍ତକରେ
ଲେଖିଥିଲେ, ରାଜା ତାକୁ ଦଗ୍ଧ କଲାପରେ ସଦାପ୍ରଭୁଙ୍କର ଏହି
ବାକ୍ୟ ଯିରିମିୟଙ୍କ ନିକଟରେ ଉପସ୍ଥିତ ହେଲା। ଯଥା:

28"ହେ ଯିରିମିୟ, ଯିହୁଦାର ରାଜା ଯିହୋୟାକୀମ୍ ଯେଉଁ
ପୁସ୍ତକ ପୋଡ଼ି ପକାଇଅଛି, ସେହି ପୁସ୍ତକ ଲିଖିତ ସମସ୍ତ
ବାକ୍ୟ ତୁମ୍ଭେ ଆଉ ଖଣ୍ଡେ ପୁସ୍ତକ ନେଇ ପୁନର୍ବାର ଲେଖ।
29ପୁଣି ଯିହୁଦାର ରାଜା ଯିହୋୟାକୀମଙ୍କୁ ତୁମ୍ଭେ ଏହା କହିବ,
'ସଦାପ୍ରଭୁ ଏହା କହନ୍ତି, "ବାବିଲର ରାଜା ନିଶ୍ଚୟ ଆସିବ ଓ
ଏହି ଦେଶ ନଷ୍ଟ କରିବ। ଆଉ ଏହାକୁ ତାହାକୁ ମନୁଷ୍ୟ ଓ
ପଶୁଶୂନ୍ୟ କରିବ। ଏପରି କଥା ସେଥିରେ ଅଛି? ଏଥି
ସକାଶେ ତୁମ୍ଭେ ଏହି ପୁସ୍ତକ ଦଗ୍ଧ କରିଅଛ।" 30ଏଣୁ
ଯିହୁଦାର ରାଜା ଯିହୋୟାକୀମ୍ ବିଷୟରେ ସଦାପ୍ରଭୁ ଏହିକଥା
କହନ୍ତି, ଦାଉଦର ସିଂହାସନରେ ବସିବା ପାଇଁ ତାହାର କେହି
ବଂଶଧର ରହିବେ ନାହିଁ। ଆଉ ତାହାର ମୃତ ଶରୀରକୁ

ଦିନବେଳେ ଖରାରେ ଓ ରାତ୍ରି ବେଳା କାକରରେ ପକାଯିବ।
31ପୁଣି ଆମ୍ଭେ ରାଜା ଯିହୋୟାକୀମ୍‌କୁ, ତାହାର ବଂଶଧରକୁ ଓ
ତାହାର ସମସ୍ତ ଦାସଙ୍କୁ ସେମାନଙ୍କ ଅଧର୍ମ ସକାଶେ ଶାସ୍ତି
ଦେବା। ଆଉ ଆମ୍ଭେ ସେମାନଙ୍କ ପ୍ରତିକୂଳରେ ଯେଉଁସବୁ
ଅମଙ୍ଗଳର କଥା କହିଅଛୁ, ସେସବୁ ସେମାନଙ୍କ ଉପରେ,
ଯିରୁଶାଲମ ନିବାସୀମାନଙ୍କ ଉପରେ ଓ ଯିହୁଦାର ଲୋକମାନଙ୍କ
ଉପରେ ଘଟାଇବା। କାରଣ ସେମାନେ ଆମ୍ଭ କଥା ଶୁଣିଲେ
ନାହିଁ।’”

32ତା’ପରେ ଯିରିମିୟ ଆଉ ଖଣ୍ଡେ ନଳାକାର ପୁସ୍ତକ
ନେଇ ନେରିୟର ପୁତ୍ର ବାରୂକକୁ ଦେଲେ। ଯିହୋୟାକୀମ୍
ଯେଉଁ ନଳାକାର ପୁସ୍ତକ ଅଗ୍ନିରେ ଦଗ୍ଧ କରିଥିଲେ, ସେହି
ନଳାକାର ପୁସ୍ତକ ଲିଖିତ ସମସ୍ତ ବାକ୍ୟ ଯିରିମିୟଙ୍କ ମୁଖରୁ
ଶୁଣି ପୁଣି ସେହି ନଳାକାର ପୁସ୍ତକରେ ଲେଖିଲା। ଆଉ ମଧ୍ୟ
ଅନେକ ସେହି ପ୍ରକାର କଥା ଏହି ଦ୍ୱିତୀୟ ନଳାକାର
ପୁସ୍ତକରେ ଯୋଗ କରାଇଲେ।

## ଯିରିମିୟଙ୍କୁ ବନ୍ଦୀଶାଳରେ ରଖାଗଲା

37 ଅନନ୍ତର ଯିହୋୟାକୀମ୍‌ର ପୁତ୍ର କନିୟର ପଦରେ
ଯୋଶିୟର ପୁତ୍ର ସିଦିକିୟ ରାଜା ହୋଇ ରାଜତ୍ୱ
କଲା। ବାବିଲର ରାଜା ନବୂଖଦ୍‌ନିତ୍ସର ତାହାକୁ ଯିହୁଦା
ଦେଶର ରାଜା କରିଥିଲା। 2ମାତ୍ର ରାଜା ସିଦିକିୟ କିଅବା
ତାହାର ଦାସମାନେ କିଅବା ତାହାର ଦେଶବାସୀ ଯିରିମିୟ
ଭବିଷ୍ୟଦ୍‌ବକ୍ତା ପ୍ରଚାରିତ ସଦାପ୍ରଭୁଙ୍କ ବାକ୍ୟ ପ୍ରତି ଧ୍ୟାନ
ଦେଲେ ନାହିଁ।

3ପୁଣି ସିଦିକିୟ ରାଜା ଶେଲିମିୟର ପୁତ୍ର ଯିହୂଖଲକୁ ଓ
ମାସେୟର ପୁତ୍ର ସଫନିୟ ଯାଜକକୁ ଯିରିମିୟ ଭବିଷ୍ୟଦ୍‌ବକ୍ତା
ନିକଟକୁ ଏକ ବାର୍ତ୍ତା ଦେଇ ପଠାଇଲେ। ସେମାନେ ଯିରିମିୟଙ୍କୁ
ବିନୟ କରି କହିଲେ, “ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ
ନିକଟରେ ତୁମ୍ଭେ ଆମ୍ଭମାନଙ୍କ ପାଇଁ ପ୍ରାର୍ଥନା କର।”

4ସେତେବେଳେ ଯିରିମିୟ କାରାଗାରରେ ବନ୍ଦୀ ନଥିଲେ।
ତେଣୁ ସେ ନିଜ ଇଚ୍ଛାନୁସାରେ ସ୍ୱାଧୀନ ଭାବରେ ଯାତାୟତ
କରୁଥିଲେ। 5ଆଉ ମଧ୍ୟ ସେହି ସମୟରେ ଫାରୋର ସୈନ୍ୟ
ମିଶରରୁ ବାହାରି ଯିହୁଦାକୁ ଆସିଲେ। ଏଣୁ ଯିରୁଶାଲମ
ଦଖଲ କରିଥିବା କଲଦୀୟମାନେ ଏ ସମ୍ବାଦ ଶୁଣି ଯିରୁଶାଲମରୁ
ଚାଲିଗଲେ।

6ସେତେବେଳେ ଭବିଷ୍ୟଦ୍‌ବକ୍ତା ଯିରିମିୟଙ୍କ ନିକଟରେ
ସଦାପ୍ରଭୁଙ୍କର ଏହି ବାକ୍ୟ ଉପସ୍ଥିତ ହେଲା। 7“ସଦାପ୍ରଭୁ
ଇସ୍ରାଏଲର ପରମେଶ୍ୱର ଏହି କଥା କହନ୍ତି, ‘ହେ ଯିହୂଖଲ
ଓ ସଫନିୟ, ଯିହୁଦାର ରାଜା ସିଦିକିୟ ଆମ୍ଭକୁ ପଚାରିବା
ପାଇଁ ତୁମ୍ଭମାନଙ୍କୁ ପଠାଇଅଛି, ତୁମ୍ଭେମାନେ ତାଙ୍କୁ ଯାଇ
କହିବ, ଦେଖ, ତୁମ୍ଭମାନଙ୍କ ସାହାଯ୍ୟପାଇଁ ଫାରୋର ଯେଉଁ
ସୈନ୍ୟମାନେ ଆସିଛନ୍ତି, ସେମାନେ ନିଜ ଦେଶ ମିଶରକୁ
ଫେରିଯିବେ। 8ପୁଣି କଲଦୀୟମାନେ ପୁନର୍ବାର ଆସି ଏହି
ନଗର ବିରୁଦ୍ଧରେ ଯୁଦ୍ଧ କରିବେ ଓ ସେମାନେ ତାହାକୁ
ଅଧିକାର କରି ଅଗ୍ନିରେ ଦଗ୍ଧ କରିବେ।’ 9ସଦାପ୍ରଭୁ ଏହି
କଥା କହନ୍ତି, ‘କଲଦୀୟମାନେ ନିଶ୍ଚୟ ଆମ୍ଭମାନଙ୍କ ନିକଟରୁ
ଚାଲିଯିବେ, ତୁମ୍ଭେମାନେ ଏହିକଥା କହି ନିଜକୁ ଭୁଲାଅ ନାହିଁ।
“ବାବିଲର ସୈନ୍ୟ ନିଶ୍ଚୟ ଆମ୍ଭ ସହିତ ରହିବେ।” କାରଣ
ସେମାନେ ଯିବେ ନାହିଁ। 10ହେ ଯିରୁଶାଲମ ନିବାସୀ,
ତୁମ୍ଭେମାନେ କଲଦୀୟର ସମୁଦାୟ ସୈନ୍ୟଙ୍କୁ ପରାସ୍ତ କଲେ
ହେଁ, ଅବଶିଷ୍ଟ ଆହତ ସୈନ୍ୟମାନେ ନିଜ ନିଜ ତମ୍ବୁରୁ
ବାହାରି ଏହି ନଗରକୁ ଅଗ୍ନିରେ ଦଗ୍ଧ କରିବେ।’”

11ଯେତେବେଳେ କଲଦୀୟମାନେ ଫାରୋର ସୈନ୍ୟମାନଙ୍କ
ଭୟରେ ଯିରୁଶାଲମରୁ ଚାଲି ଯାଇଥିଲେ, 12ସେ ସମୟରେ
ଯିରିମିୟ ଆପଣା ଲୋକମାନଙ୍କଠାରୁ ଆପଣାର ପ୍ରାପ୍ୟ ଅଂଶ
ପାଇବା ପାଇଁ ବିନ୍ୟାମୀନ ପ୍ରଦେଶକୁ ଯିବା ନିମନ୍ତେ ଯିରୁଶାଲମରୁ
ବାହାରିଲେ। 13କିନ୍ତୁ ଯେତେବେଳେ ଯିରିମିୟ ବିନ୍ୟାମୀନ
ପ୍ରଦେଶର ନଗର ଦ୍ୱାରରେ ପହଞ୍ଚିଲେ, ସେତେବେଳେ
ପ୍ରହରୀଗଣଙ୍କ ଅଧ୍ୟକ୍ଷ, ହନାନିୟର ପୌତ୍ର, ଶେଲିମିୟର ପୁତ୍ର,
ଯିରିୟ ତାଙ୍କୁ ବନ୍ଦୀ କରି କହିଲା, “ତୁମ୍ଭେ ଆମ୍ଭମାନଙ୍କୁ
ପରିତ୍ୟାଗ କରି କଲଦୀୟମାନଙ୍କ ପକ୍ଷ ନେଇଅଛ।”

14ସେତେବେଳେ ଯିରିମିୟ କହିଲେ, “ଏହା ମିଥ୍ୟା କଥା,
ମୁଁ କଲଦୀୟମାନଙ୍କ ପକ୍ଷକୁ ଯାଉନାହିଁ।” ମାତ୍ର ଯିରିୟ ତାଙ୍କ
କଥା ନଶୁଣି ତାଙ୍କୁ ବନ୍ଦୀକରି ଅଧିପତିମାନଙ୍କ ନିକଟକୁ
ନେଇଗଲା। 15ଆଉ ସେହି ଅଧିପତିମାନେ ଯିରିମିୟଙ୍କ ଉପରେ
ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ତାଙ୍କୁ ପ୍ରହାର କଲେ ଓ
ଯୋନାଥନ୍ ଲେଖକ ଗୃହସ୍ଥିତ କାରାଗାରରେ ରଖିଲେ। କାରଣ
ସେମାନେ ଯୋନାଥନ୍ ଗୃହକୁ କାରାଗାରରେ ପରିଣତ
କରିଥିଲେ। 16ସେହି ଲୋକମାନଙ୍କ ଦ୍ୱାରା ଯିରିମିୟ ଖଣାକାର
କୋଠରୀରେ ବନ୍ଦୀ ହେଲେ ଓ କ୍ଷୁଦ୍ର କୋଠରୀରେ ଅନେକ
ଦିନ ରହିଲେ।

17ତାହାପରେ ସିଦିକିୟ ରାଜା ଲୋକ ପଠାଇ ତାହାକୁ
ଅଣାଇଲା। ଆଉ ରାଜା ନିଜ ଗୃହରେ ଗୋପନରେ ତାଙ୍କୁ
ପଚାରିଲେ, “ସଦାପ୍ରଭୁଙ୍କ ନିକଟରୁ କୌଣସି ବାକ୍ୟ ଆସିଅଛି
କି?”

ଯିରିମିୟ ଉତ୍ତର କଲେ, “ହଁ, ସଦାପ୍ରଭୁଙ୍କଠାରୁ ବାର୍ତ୍ତା
ଆସିଅଛି। ଆଉ ତୁମ୍ଭେ ବାବିଲ ରାଜା ହସ୍ତରେ ସମର୍ପିତ
ହେବ।” 18ଆଉ ଯିରିମିୟ ସିଦିକିୟ ରାଜାଙ୍କୁ କହିଲେ,
“ଆପଣଙ୍କ ବିରୁଦ୍ଧରେ, ଆପଣଙ୍କ ଦାସଗଣ ବିରୁଦ୍ଧରେ ଅବା
ଏହି ଲୋକମାନଙ୍କ ବିରୁଦ୍ଧରେ ମୁଁ କି ପାପ କରିଅଛି ଯେ
ଆପଣମାନେ ମୋତେ କାରାଗାରରେ ରଖି ଅଛନ୍ତି?
19ଆପଣମାନଙ୍କର ଯେଉଁ ଭବିଷ୍ୟଦ୍‌ବକ୍ତାମାନେ ଆପଣମାନଙ୍କ
ନିକଟରେ ମିଥ୍ୟା ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରି କହିଲେ,
‘ବାବିଲର ରାଜା ଆପଣମାନଙ୍କ ବିରୁଦ୍ଧରେ ଓ ଏହି ଦେଶ
ବିରୁଦ୍ଧରେ ଆସିବେ ନାହିଁ, ସେମାନେ ଏବେ କାହାଁନ୍ତି?’
20କିନ୍ତୁ ବର୍ତ୍ତମାନ ହେ ମୋର ପ୍ରଭୁ, ମହାରାଜ, ମୋର
ଅନୁରୋଧ ରକ୍ଷାକରି ମୋର କଥା ଶ୍ରବଣ କରନ୍ତୁ, ଆପଣ
ଯୋନାଥନ୍ ଲେଖକର ଗୃହକୁ ମୋତେ ପୁନର୍ବାର ପଠାନ୍ତୁ
ନାହିଁ। ତାହାହେଲେ ସେଠାରେ ମୁଁ ମରିଯିବି। ମୁଁ ନିବେଦନ
କରୁଛି, ମୋର ଏହି ଅନୁରୋଧ ଆପଣଙ୍କ ଛାମୁରେ ଗ୍ରାହ୍ୟ
ହେଉ।”

21ତେଣୁ ସିଦିକିୟ ରାଜାଙ୍କ ଆଜ୍ଞାନୁସାରେ ଲୋକମାନେ
ଯିରିମିୟଙ୍କୁ ପ୍ରହରୀ ପ୍ରାଙ୍ଗଣରେ ରଖିଲେ। ପୁଣି ନଗରରେ
ସବୁ ରୋଟୀ ଶେଷ ନହେବା ପର୍ଯ୍ୟନ୍ତ ରୋଟୀବାଲାଙ୍କ ପଲ୍ଲୀରୁ

ଗୋଟିଏ ଲେଖାଏଁ ରୋଟୀ ପ୍ରତିଦିନ ତାହାଙ୍କୁ ଦେଲେ। ଏହି
ପ୍ରକାର ଯିରମିୟ ପ୍ରହରୀ ପ୍ରାଙ୍ଗଣରେ ରହିଲେ।

### ଯିରମିୟଙ୍କୁ ଏକ କୂପରେ ପକାଯାଏ

38 ଯିରମିୟଙ୍କ ପ୍ରଚାରିତ ବାକ୍ୟ ମତ୍ତନର ପୁତ୍ର ଶଫଟିୟ,
ପଶହୂରର ପୁତ୍ର ଗଦଲୀୟ, ଶେଲିମିୟର ପୁତ୍ର ଯିହୂଖଲ
ଓ ମଲ୍କିୟର ପୁତ୍ର ପଶହୂର ଏବଂ ଅନ୍ୟ ସମସ୍ତ ଲୋକ
ଶୁଣିଲେ। 2"ସଦାପ୍ରଭୁ ଏହିକଥା କହନ୍ତି, 'ଯେଉଁ ଲୋକ ଏହି
ନଗରରେ ରହିବ, ସେ ଖଡ୍ଗ, ଦୁର୍ଭିକ୍ଷ ଓ ମହାମାରୀରେ
ମରିବ। ମାତ୍ର ଯେଉଁ ଲୋକ ବାହାର ହୋଇ କଲଦୀୟମାନଙ୍କ
ନିକଟକୁ ଯିବ ସେ ବଞ୍ଚିବ। ସେମାନେ ମୃତ୍ୟୁରୁ ବଞ୍ଚିବେ ଓ
ରକ୍ଷା ପାଇବେ।' 3ଆଉ ମଧ୍ୟ ସଦାପ୍ରଭୁ ଏହିକଥା କହନ୍ତି,
'ଏହି ନଗର ନିଶ୍ଚୟ ବାବିଲ ରାଜାଙ୍କ ସୈନ୍ୟ ହସ୍ତରେ
ସମର୍ପିତ ହେବ ଓ ସେମାନେ ତାହାକୁ ଅଧିକାର କରିବେ।'"

4ତେଣୁ ସେହି ଅଧିପତିଗଣ ରାଜାଙ୍କୁ କହିଲେ, "ଆମ୍ଭେମାନେ
ଅନୁରୋଧ କରୁଅଛୁ, ଏହି ଯିରମିୟଙ୍କୁ ମୃତ୍ୟୁଦଣ୍ଡ ହେଉ।
କାରଣ ସେ ଏହି ନଗରର ଅବଶିଷ୍ଟ ଯୋଦ୍ଧାମାନଙ୍କୁ ଏହି
ପ୍ରକାର କଥା କହି ନିରୁତ୍ସାହିତ କରୁଅଛି। ପୁଣି ସେ ଏହି
ଲୋକମାନଙ୍କର ମଙ୍ଗଳ ଚାହୁଁନାହିଁ, ବରଂ ସେମାନଙ୍କର ଅମଙ୍ଗଳ
ଚାହୁଁଛି।"

5ତେଣୁ ରାଜା ସିଦିକିୟ ସେହି ଅଧିପତିମାନଙ୍କୁ କହିଲେ,
"ଦେଖ, ଯିରମିୟ ବର୍ତ୍ତମାନ ତୁମ୍ଭମାନଙ୍କ ଅଧୀନରେ ଅଛି।
ତୁମ୍ଭେମାନେ ତା' ବିରୁଦ୍ଧରେ ଯାହା କରିବ ମୁଁ ବାରଣ କରିବି
ନାହିଁ।"

6ଏଣୁ ସେମାନେ ଯିରମିୟଙ୍କୁ ନେଇ ପ୍ରହରୀ ପ୍ରାଙ୍ଗଣସ୍ଥିତ
ମଲ୍କିୟ ରାଜପୁତ୍ରର କୂପରେ ପକାଇ ଦେଲେ। ସେମାନେ
ରଜ୍ଜୁରେ ଯିରମିୟଙ୍କୁ କୂପ ମଧ୍ୟକୁ ଓହ୍ଲାଇ ଦେଲେ। ପୁଣି
ସେହି କୂପରେ ଜଳ ନ ଥିଲା, କେବଳ ପଙ୍କ ଥିଲା।
ଯିରମିୟ ସେହି ପଙ୍କରେ ନିମଗ୍ନ ହେଲେ।

7କିନ୍ତୁ ଯିରମିୟ ଖଣାରେ ପତିତ ହୋଇଥିବା କଥା
ରାଜଗୃହସ୍ଥିତ ଏବଦ୍‌ମେଲକ୍ ନାମକ ଜଣେ ନପୁଂସକ ଲୋକ
ଶୁଣିଲା। ସେହି ସମୟରେ ରାଜା ସିଦିକିୟ ବିନ୍ୟାମୀନ
ଫାଟକରେ ବସିଥିଲେ। 8-9ଏବଦ୍-ମେଲକ ରାଜଗୃହରୁ ବାହାରି
ରାଜାଙ୍କୁ କହିଲା, "ହେ ଆମ୍ଭର ମହାଶୟ ମହାରାଜ! ଏହି
ଲୋକମାନେ ଯିରମିୟ ଭବିଷ୍ୟଦ୍‌ବକ୍ତାଙ୍କ ପ୍ରତି ନିତାନ୍ତ ମନ୍ଦ
ବ୍ୟବହାର କରିଅଛନ୍ତି। ସେମାନେ ତାହାଙ୍କୁ କୂପରେ ପକାଇ
ଅଛନ୍ତି। ସେ ଯେଉଁଠାରେ ଅଛନ୍ତି ଦୁର୍ଭିକ୍ଷ ସକାଶୁ ସେଠାରେ
ମଲାପରି ଅଛନ୍ତି। କାରଣ ନଗରରେ ଆଉ ରୋଟୀ ନାହିଁ।"

10ତା'ପରେ ରାଜା ସିଦିକିୟ କୂଶୀୟ ଏବଦ୍-ମେଲକକୁ
ଆଜ୍ଞା କଲା, "ତୁମ୍ଭେ ଏଠାରୁ ତିରିଶ ଜଣ ଲୋକ ଆପଣା
ସଙ୍ଗରେ ନେଇ ଯିରମିୟ ଭବିଷ୍ୟଦ୍‌ବକ୍ତା ମରିବା ପୂର୍ବରୁ
ତାହାଙ୍କୁ କୂପରୁ ବାହାର କରି ଆଣ।"

11ତହୁଁ ଏବଦ୍-ମେଲକ୍ ଆପଣା ସଙ୍ଗେ ସେହି ଲୋକମାନଙ୍କୁ
ନେଇ ରାଜଗୃହକୁ ଗଲା ଓ ସେଠାରେ ଭଣ୍ଡାର ଘରୁ
କେତେଗୁଡ଼ିଏ ପୁରୁଣା ତ୍ୟକ୍ତ ବସ୍ତ୍ର ଓ ଚିରକନା ନେଲା। ଆଉ
ରଜ୍ଜୁ ଦ୍ୱାରା ସେ ସବୁ କୂପରେ ଯିରମିୟଙ୍କୁ ଦେଲା।
12କୂଶୀୟ ଏବଦ୍-ମେଲକ୍ ଯିରମିୟଙ୍କୁ କହିଲା, "ତୁମ୍ଭେ ଏହି
ଚିରକନା ଓ ତ୍ୟକ୍ତ ବସ୍ତ୍ର ଆପଣା ବକ୍ଷ ମୂଳରେ ଦିଅ।
ଆମ୍ଭେମାନେ ଯେତେବେଳେ ରଜ୍ଜୁରେ ତୁମ୍ଭକୁ ଉପରକୁ
ଉଠାଇବୁ, ସେଥିରେ ତୁମ୍ଭକୁ କଷ୍ଟ ହେବ ନାହିଁ।" ତେଣୁ
ଯିରମିୟ ସେହିପରି କଲେ। 13ସେହି ଲୋକମାନେ ରଜ୍ଜୁ
ସାହାଯ୍ୟରେ ଟାଣି ଯିରମିୟଙ୍କୁ କୂପରୁ ବାହାର କରି ଆଣିଲେ।
ଆଉ ଯିରମିୟ ପ୍ରହରୀ ପ୍ରାଙ୍ଗଣରେ ରହିଲେ।

### ସିଦିକିୟ ରାଜା ଯିରମିୟଙ୍କୁ ଅଧିକ ପ୍ରଶ୍ନ ପଚାରିଲେ

14ତତ୍ପରେ ସିଦିକିୟ ରାଜା ଲୋକ ପଠାଇ ଭବିଷ୍ୟଦ୍‌ବକ୍ତା
ଯିରମିୟଙ୍କୁ ଅଣାଇଲେ। ସେ ସଦାପ୍ରଭୁଙ୍କ ମନ୍ଦିରର ତୃତୀୟ
ପ୍ରବେଶ ଦ୍ୱାର ଦେଇ ରାଜାଙ୍କ ନିକଟକୁ ଆସିଲେ। ଆଉ
ରାଜା ଯିରମିୟଙ୍କୁ କହିଲେ, "ମୁଁ ତୁମ୍ଭକୁ କିଛି ପ୍ରଶ୍ନ ପଚାରିବି,
ତୁମ୍ଭେ କୌଣସି କଥା ଗୋପନ ନରଖି ସତ ସତ କହିବ।"

15ତହୁଁ ଯିରମିୟ ସିଦିକିୟଙ୍କୁ କହିଲେ, "ମୁଁ ଯଦି
ଆପଣଙ୍କୁ ତାହା ଜଣାଇବି, ତେବେ ଆପଣ ମୋତେ ନିଶ୍ଚୟ
ବଧ କରିବେ। ଆଉ ମୁଁ ଯେବେ ଆପଣଙ୍କୁ ପରାମର୍ଶ ଦେବି,
ତେବେ ଆପଣ ମୋ କଥା ଶୁଣିବେ ନାହିଁ।"

16ତହୁଁ ସିଦିକିୟ ରାଜା ଗୋପନରେ ଯିରମିୟଙ୍କ ନିକଟରେ
ଶପଥ କରି କହିଲେ, "ଆମ୍ଭମାନଙ୍କର ଏହି ଜୀବାତ୍ମାର
ସୃଷ୍ଟିକର୍ତ୍ତା ସଦାପ୍ରଭୁଙ୍କ ନାମରେ ଶପଥ କରି କହୁଛି, ମୁଁ
ତୁମ୍ଭକୁ ବଧ କରିବି ନାହିଁ କିଅବା ତୁମ୍ଭ ପ୍ରାଣନାଶକାରୀ ଏହି
ଅଧିପତିମାନଙ୍କ ହସ୍ତରେ ସମର୍ପଣ କରିବି ନାହିଁ।"

17ତା'ପରେ ଯିରମିୟ ରାଜା ସିଦିକିୟଙ୍କୁ କହିଲେ,
"ସୈନ୍ୟାଧିପତି ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର କହନ୍ତି,
'ଯଦି ତୁମ୍ଭେ ବାବିଲ ରାଜାଙ୍କ ଅଧିପତିମାନଙ୍କ ବଶତା ସ୍ୱୀକାର
କରିବ, ତେବେ ତୁମ୍ଭେ ବଞ୍ଚିବ ଓ ଏହି ନଗର ଅଗ୍ନିରେ ଦଗ୍ଧ
ହେବନାହିଁ। ଆଉ ତୁମ୍ଭେ ଓ ତୁମ୍ଭର ପରିବାର ବଞ୍ଚିବେ।
18ଆଉ ଯଦି ତୁମ୍ଭେ ବାହାରି ବାବିଲ ରାଜାଙ୍କ ଅଧିପତିମାନଙ୍କ
ଅଧୀନତା ସ୍ୱୀକାର ନ କରିବ, ତେବେ ଏହି ନଗର
କଲଦୀୟମାନଙ୍କ ହସ୍ତରେ ସମର୍ପିତ ହେବ ଓ ସେମାନେ
ଅଗ୍ନିରେ ଏହାକୁ ଦଗ୍ଧ କରିବେ। ଆଉ ତୁମ୍ଭେ ସେମାନଙ୍କ
ହସ୍ତରୁ ରକ୍ଷା ପାଇବ ନାହିଁ।'"

19ମାତ୍ର ସିଦିକିୟ ରାଜା ଯିରମିୟଙ୍କୁ କହିଲେ, "ଯେଉଁ
ଯିହୁଦି ଲୋକମାନେ କଲଦୀୟମାନଙ୍କ ପକ୍ଷକୁ ଯାଇଅଛନ୍ତି,
ସେମାନଙ୍କୁ ମୁଁ ଭୟ କରୁଛି। ସେମାନେ ହୁଏତ ମୋତେ
ସେମାନଙ୍କ ହସ୍ତରେ ସମର୍ପଣ କରିବେ। ଆଉ ସେମାନେ
ମୋତେ ଆଘାତ ଦେବେ।"

20କିନ୍ତୁ ଯିରମିୟ କହିଲେ, "ସେମାନେ ଆପଣଙ୍କୁ ସମର୍ପଣ
କରିବେ ନାହିଁ। ମୁଁ ବିନୟ କରୁଛି, ମୋ ଦ୍ୱାରା କଥିତ
ସଦାପ୍ରଭୁଙ୍କର ବାକ୍ୟ ଆପଣ ମାନନ୍ତୁ। ତହିଁରେ ଆପଣଙ୍କର
ମଙ୍ଗଳ ହେବ ଓ ଆପଣଙ୍କ ପ୍ରାଣ ରହିବ। 21ମାତ୍ର ଯଦି
ଆପଣ ସଦାପ୍ରଭୁଙ୍କ ବାକ୍ୟ ନମାନି କଲଦୀୟମାନଙ୍କର ଅଧୀନତା
ସ୍ୱୀକାର ନକରିବ, ତେବେ ସଦାପ୍ରଭୁ ମୋତେ ଯେଉଁ କଥା
ଜଣାଇ ଅଛନ୍ତି, ତାହା ହେଉଛି ଏହା। 22ଦେଖନ୍ତୁ, ଯିହୁଦାର
ରାଜଗୃହରେ ଯେତେ ସ୍ତ୍ରୀଲୋକ ଅବଶିଷ୍ଟ ଅଛନ୍ତି, ସେ
ସମସ୍ତେ ବାବିଲ ରାଜାର ଅଧିପତିମାନଙ୍କ ନିକଟକୁ ଅଣାଯିବେ,
ଆଉ ଏହି ସ୍ତ୍ରୀମାନେ କହିବେ,

ତୁମ୍ଭର ବନ୍ଧୁମାନେ ତୁମ୍ଭକୁ ପ୍ରବର୍ତ୍ତାଇ ତୁମ୍ଭକୁ ପରାସ୍ତ
କରିଅଛନ୍ତି, ଆଉ ଏବେ ତୁମ୍ଭର ପାଦ ପଙ୍କରେ ନିମଗ୍ନ
ହେବାରୁ ସେମାନେ ତୁମ୍ଭଠାରୁ ବିମୁଖ ହୋଇଅଛନ୍ତି।
23"ପୁଣି ଲୋକମାନେ ତୁମ୍ଭ ସ୍ତ୍ରୀ ଓ ସନ୍ତାନମାନଙ୍କୁ ଆଣି
କଲଦୀୟମାନଙ୍କୁ ଦେବେ। ଆଉ ତୁମ୍ଭେ ମଧ୍ୟ ସେମାନଙ୍କ
ହସ୍ତରୁ ରକ୍ଷା ପାଇବ ନାହିଁ। ବାବିଲ ରାଜାର ହସ୍ତରେ
ଧରାଯିବ। ଆଉ ସେମାନେ ଏହି ନଗରକୁ ଅଗ୍ନିରେ ଦଗ୍ଧ
କରିବେ।"
24ତା'ପରେ ସିଦିକୀୟ ଯିରିମିୟଙ୍କୁ କହିଲେ, "ମୋର ତୁମ୍ଭ
ସହିତ କଥା ହେବା କେହି ନ ଜାଣୁ। ତହିଁରେ ତୁମ୍ଭେ ମରିବ
ନାହିଁ। 25ଆଉ ମୁଁ ତୁମ୍ଭ ସହିତ କଥା ହୋଇଛି ବୋଲି ଯଦି
ଅଧିପତିମାନେ ଜାଣନ୍ତି, ତେବେ ସେମାନେ ତୁମ୍ଭକୁ କହିବେ,
'ତୁମ୍ଭେ ରାଜାଙ୍କ ସହିତ ଯାହା ଆଲୋଚନା କରିଛ କିଛି ନ
ଲୁଚାଇ ତାହା ଆମ୍ଭମାନଙ୍କୁ ଜଣାଅ, ଆଉ ରାଜା ତୁମ୍ଭକୁ କ'ଣ
ସବୁ କହିଛନ୍ତି, ତାହା ଠିକ୍ ଭାବରେ ପ୍ରକାଶ କର।
ତାହାହେଲେ ଆମ୍ଭେମାନେ ତୁମ୍ଭକୁ ବଧ କରିବୁ ନାହିଁ।'
26ସେହି ସମୟରେ ତୁମ୍ଭେ ସେମାନଙ୍କୁ କହିବ, 'ମୋତେ
ଯୋନାଥନ ଗୃହକୁ ନ ପଠାଇବା ପାଇଁ ମୁଁ ରାଜାଙ୍କ ନିକଟରେ
ଅନୁନୟ କଲି। ତା' ନହେଲେ ମୁଁ ସେଠାରେ ମରିଯିବି।'"
27ଏହାପରେ ଅଧିପତିଗଣ ଯିରିମିୟଙ୍କ ନିକଟକୁ ଆସିଲେ
ଓ ତାଙ୍କୁ ପ୍ରଶ୍ନ କଲେ। ଆଉ ସେ କହିଲେ, ଯାହା ରାଜା
ତାଙ୍କୁ କହିବା ପାଇଁ କହିଥିଲେ। ତହୁଁ ସେମାନେ ଯିରିମିୟଙ୍କୁ
ପ୍ରଶ୍ନ ପଚାରିବା ବନ୍ଦ କଲେ। କାରଣ କେହି ଯିରିମିୟ ଓ
ରାଜାଙ୍କର ବାର୍ତ୍ତାଳାପ ଛପି ଶୁଣିପାରିଲେ ନାହିଁ।
28ତେଣୁ ଯିରୁଶାଲମ ଅଧିକୃତ ହେବା ପର୍ଯ୍ୟନ୍ତ ଯିରିମିୟ
ପ୍ରହରୀ ପ୍ରାଙ୍ଗଣରେ ରହିଲେ।

## ଯିରୁଶାଲମର ପତନ

39 ଅନନ୍ତର ଯିହୁଦାର ରାଜା ସିଦିକୀୟର ରାଜତ୍ୱର
ନବମ ବର୍ଷର ଦଶମ ମାସରେ ବାବିଲର ରାଜା
ନବୂଖଦ୍‌ନିତ୍ସର ଓ ତାହାର ସମସ୍ତ ସୈନ୍ୟ ଯିରୁଶାଲମର
ବିରୁଦ୍ଧରେ ଆସି ତାହା ଅବରୋଧ କଲେ। 2ସିଦିକୀୟର
ରାଜତ୍ୱର ଏକାଦଶ ବର୍ଷର ଚତୁର୍ଥ ମାସର ନବମ ଦିନରେ
ଏହି ନଗରର ପ୍ରାଚୀର ଭଙ୍ଗାଗଲା ଓ ଯିରୁଶାଲମକୁ କରଗତ
କରାଗଲା। 3ତା'ପରେ ବାବିଲ ରାଜାର ସମସ୍ତ ଅଧିପତିମାନେ
ଯଥା: ନେର୍ଗଲଶରେତ୍ସର, ସମ୍‌ଗର-ନବୋ, ଶର୍ସଖୀମ୍, ରବସାରୀସ୍
ଓ ରବମାଗ୍ ପ୍ରଭୃତି ବାବିଲ ରାଜାର ଅବଶିଷ୍ଟ ଅଧିପତି
ସମସ୍ତେ ଆସି ମଧ୍ୟମ ଦ୍ୱାରରେ ବସିଲେ।
4ତହୁଁ ଯିହୁଦାର ରାଜା ସିଦିକୀୟ ଓ ସମସ୍ତ ସୈନ୍ୟଗଣ
ସେମାନଙ୍କୁ ଦେଖି ପଳାୟନ କଲେ। ସେମାନେ ରାତ୍ରି
କାଳରେ ରାଜାର ଉଦ୍ୟାନ ନିକଟସ୍ଥ ପଥ ଦେଇ ଦୁଇ
ପ୍ରାଚୀରର ମଧ୍ୟସ୍ଥିତ ଦ୍ୱାରରେ ନଗରରୁ ବାହାରି ଗଲେ। ପୁଣି
ସେମାନେ ପ୍ରାନ୍ତର ଆଡେ ଚାଲିଲେ। 5ମାତ୍ର କଲଦୀୟମାନଙ୍କର
ସୈନ୍ୟ ସେମାନଙ୍କ ପଛେ ପଛେ ଗୋଡ଼ାଇ ଯିରୀହୋ
ପଦାରେ ସିଦିକୀୟ ନିକଟରେ ପହଞ୍ଚିଲେ। ସେମାନଙ୍କୁ ଧରି
ହମାତ୍ ଦେଶସ୍ଥ ରିବ୍ଲାରେ ବାବିଲର ରାଜା ନବୂଖଦ୍‌ନିତ୍ସର
ନିକଟକୁ ଆଣିଲେ, ତହୁଁ ସେ ତାହାର ଦଣ୍ଡ ବ୍ୟବସ୍ଥା କଲେ।
6ବାବିଲ ରାଜା ରିବ୍ଲାରେ ସିଦିକୀୟର ସମ୍ମୁଖରେ ସିଦିକୀୟର
ପୁତ୍ରମାନଙ୍କୁ ବଧ କଲେ। ଆଉ ମଧ୍ୟ ତାଙ୍କର ଅଧିପତିଙ୍କୁ
ବଧ କଲେ। 7ପୁଣି ସେ ସିଦିକୀୟର ଚକ୍ଷୁ ଉପାଡ଼ି ତାଙ୍କୁ
ବାବିଲକୁ ନେବାକୁ ପିତ୍ତଳ ଶୃଙ୍ଖଳରେ ବାନ୍ଧିଲେ।
8କଲଦୀୟମାନେ ରାଜଗୃହ ଓ ଲୋକମାନଙ୍କର ସମସ୍ତ
ଗୃହ ଅଗ୍ନିରେ ଦଗ୍ଧ କଲେ। ଆଉ ଯିରୁଶାଲମର ପ୍ରାଚୀର ସବୁ
ଭାଙ୍ଗି ପକାଇଲେ। 9ବାବିଲ ରାଜାର ନବୂଷରଦନ୍ ନାମକ
ଜଣେ ପ୍ରହରୀବର୍ଗର ସେନାପତି ଯିରୁଶାଲମ ନଗରର ଅବଶିଷ୍ଟ
ପଳାତକମାନଙ୍କୁ ଓ ତାଙ୍କ ପକ୍ଷ ହୋଇଥିବା ପଳାତକମାନଙ୍କୁ
ବନ୍ଦୀକରି ବାବିଲକୁ ନେଇଗଲା। 10କିନ୍ତୁ ସେହି ପ୍ରହରୀବର୍ଗରେ
ସେନାପତି ନବୂଷରଦନ୍ କେତେକ ଦୀନ ଦରିଦ୍ର ଲୋକଙ୍କୁ
ଯିହୁଦା ଦେଶରେ ଛାଡ଼ିଗଲା, ଆଉ ସେମାନଙ୍କୁ ସେହିଦିନ
ଦ୍ରାକ୍ଷାକ୍ଷେତ୍ର ଓ ଭୂମି ଦେଲା।
11ମାତ୍ର ବାବିଲର ରାଜା ନବୂଖଦ୍‌ନିତ୍ସର ଯିରିମିୟଙ୍କ
ବିଷୟରେ ପ୍ରହରୀବର୍ଗର ସେନାପତି ନବୂଷରଦନ୍‌କୁ ଏହି
ଆଜ୍ଞା ଦେଲେ। 12"ତୁମ୍ଭେ ଯିରିମିୟଙ୍କୁ ଦେଖ ଓ ତାଙ୍କର
ଯତ୍ନ ନିଅ। ତାଙ୍କର କୌଣସି କ୍ଷତି କରନାହିଁ। ସେ ତୁମ୍ଭକୁ
ଯାହା ମାଗିବେ, ତାହା ତାଙ୍କୁ ଦିଅ।"
13ତେଣୁ ପ୍ରହରୀବର୍ଗର ସେନାପତି ନବୂଷରଦନ୍, ସେନାଧ୍ୟକ୍ଷ
ନବୂଶସ୍‌ବନ୍ ଓ ନେର୍ଗଲ ଶରେତ୍ସର ଓ ବାବିଲର ସମସ୍ତ
ପ୍ରଧାନବର୍ଗ ଲୋକ ପଠାଇ ଯିରିମିୟଙ୍କୁ ଡକାଇଲେ। 14ସେମାନେ
ପ୍ରହରୀ ପ୍ରାଙ୍ଗଣରୁ ଯିରିମିୟଙ୍କୁ ଆଣିଲେ ଓ ଶାଫନର ପୌତ୍ର,
ଅହୀକାମର ପୁତ୍ର ଗଦଲୀୟର ହସ୍ତରେ ସମର୍ପଣ କଲେ।
ଗଦଲୀୟ ଯିରିମିୟଙ୍କୁ ତାଙ୍କ ମନ୍ଦିରକୁ ପଠାଇ ଦେଲେ ଓ ସେ
ତାଙ୍କ ନିଜ ଲୋକମାନଙ୍କ ମଧ୍ୟରେ ବାସ କଲେ।

## ସଦାପ୍ରଭୁଙ୍କଠାରୁ ଏବଦ୍ ମେଲକଙ୍କ ପ୍ରତି ଏକ ବାର୍ତ୍ତା

15ଯିରିମିୟ ପ୍ରହରୀ ପ୍ରାଙ୍ଗଣରେ ବନ୍ଦୀଥିବା ସମୟରେ
ସଦାପ୍ରଭୁଙ୍କଠାରୁ ଏହି ବାକ୍ୟ ତାଙ୍କ ନିକଟରେ ଉପସ୍ଥିତ
ହେଲା। 16"ହେ ଯିରିମିୟ, ତୁମ୍ଭେ ଯାଇ କୂଶୀୟ ଏବଦ୍‌ମେଲକକୁ
କୁହ, 'ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାୟେଲର ପରମେଶ୍ୱର
ଏହିକଥା କହନ୍ତି, ଦେଖ, ଏହି ନଗର ପ୍ରତି ମଙ୍ଗଳ ପାଇଁ
ନୁହେଁ, ଅମଙ୍ଗଳ ନିମନ୍ତେ ଆମ୍ଭର ବାକ୍ୟ ସବୁ ସଫଳ କରିବା।
ଆଉ ସେ ସବୁ ତୁମ୍ଭ ସାକ୍ଷାତରେ ସଫଳ ହେବାର ଦେଖିବ।
17ମାତ୍ର ସଦାପ୍ରଭୁ କହନ୍ତି, ସେଦିନ ଆମ୍ଭେ ତୁମ୍ଭକୁ ଉଦ୍ଧାର
କରିବା।' 'ଆଉ ତୁମ୍ଭେ ଯେଉଁ ଲୋକମାନଙ୍କୁ ଭୟ କରୁଛ,
ସେମାନଙ୍କ ହସ୍ତରେ ତୁମ୍ଭେ ସମର୍ପିତ ହେବନାହିଁ। 18ଆଉ
ହେ ଏବଦ୍‌ମେଲକ, ଆମ୍ଭେ ତୁମ୍ଭକୁ ନିଶ୍ଚୟ ରକ୍ଷା କରିବା।
ତୁମ୍ଭେ ଖଡ୍ଗରେ ନିହତ ହେବନାହିଁ। ମାତ୍ର ତୁମ୍ଭେ ରକ୍ଷା
ପାଇବ ଓ ବଞ୍ଚିବ। ଯେହେତୁ ତୁମ୍ଭେ ଆମ୍ଭଠାରେ ବିଶ୍ୱାସ
ରଖିଛ।'" ଏହି ବାକ୍ୟ ସଦାପ୍ରଭୁଙ୍କଠାରୁ ଆସିଥିଲା।

## ଯିରିମିୟ ବନ୍ଦୀରୁ ମୁକ୍ତ

40 ଯିରୁଶାଲମ ଓ ଯିହୁଦାର ସମସ୍ତ ବନ୍ଦୀ ବାବିଲକୁ
ନିଆ ଯାଉଥିବା ବେଳେ ସେମାନଙ୍କ ମଧ୍ୟରୁ ଶୃଙ୍ଖଳବଦ୍ଧ
ଯିରିମିୟଙ୍କୁ ପ୍ରହରୀବର୍ଗର ସେନାପତି ନବୂଷରଦନ୍ ରାମା
ନଗରରେ ଯାଇ ମୁକ୍ତ କଲେ। ଏହାପରେ ସଦାପ୍ରଭୁଙ୍କର

ବାକ୍ୟ ଯିରିମିୟଙ୍କ ନିକଟରେ ଉପସ୍ଥିତ ହେଲା। 2ସେତେବେଳେ
ପ୍ରହରୀବର୍ଗର ସେନାପତି, "ଯିରିମିୟଙ୍କୁ କହିଲା, ସଦାପ୍ରଭୁ
ତୁମ୍ଭ ପରମେଶ୍ୱର ଏହି ସ୍ଥାନ ବିଷୟରେ ଏହି ଅମଙ୍ଗଳର
କଥା କହିଥିଲେ। 3ସଦାପ୍ରଭୁ ତାଙ୍କ କହିବାନୁସାରେ ସବୁ
ଘଟାଇ ଅଛନ୍ତି। ଏହା ଘଟିଲା, କାରଣ ତୁମ୍ଭର ଲୋକମାନେ
ତାଙ୍କର କଥା ମାନିଲେ ନାହିଁ ଓ ପାପ କଲେ। 4ଆଉ
ବର୍ତ୍ତମାନ ମୁଁ ତୁମ୍ଭ ହସ୍ତରୁ ଶୃଙ୍ଖଳ ମୁକ୍ତ କଲି। ଯଦି ତୁମ୍ଭେ
ମୋ ସହିତ ବାବିଲ ଯିବାକୁ ଇଚ୍ଛା କରୁଛ, ତେବେ ଆସ, ମୁଁ
ତୁମ୍ଭର ଉତ୍ତମ ରୂପେ ଯତ୍ନ ନେବି। ଯଦି ତୁମ୍ଭେ ମୋ ସହିତ
ଯିବାକୁ ଇଚ୍ଛା ନ କରୁଛ, ତେବେ ସେଥିରୁ କ୍ଷାନ୍ତ ହୁଅ।
ସମଗ୍ର ଦେଶ ତୁମ୍ଭ ପାଇଁ ମୁକ୍ତ ରହିଛି। ତୁମ୍ଭେ ଯେ କୌଣସି
ସ୍ଥାନକୁ ଯିବାକୁ ଭଲ ମନେ କରୁଛ, ସେଠାକୁ ଯାଅ।
5ଅଥବା ତୁମ୍ଭେ ଶାଫନର ପୌତ୍ର, ଅହୀକାମର ପୁତ୍ର ଗଦଲିୟ
ନିକଟକୁ ଫେରିଯାଅ। ବାବିଲର ରାଜା ତାଙ୍କୁ ଯିହୁଦାର
ଶାସନକର୍ତ୍ତା ରୂପେ ନିଯୁକ୍ତ କରିଅଛି। ତୁମ୍ଭେ ତାଙ୍କ ସହିତ
ବାସ କର କିଅବା ଯେ କୌଣସି ସ୍ଥାନକୁ ଯିବାକୁ ଇଚ୍ଛା
କରୁଛ ସେ ସ୍ଥାନକୁ ଯାଅ।"

ତା'ପରେ ନବୂଷରଦନ୍ ଯିରିମିୟଙ୍କୁ କିଛି ଖାଦ୍ୟ ଓ
ପାରିତୋଷିକ ଦେଇ ବିଦାୟ କଲେ। 6ତେଣୁ ଯିରିମିୟ
ମିସ୍ପାରେ ଅହୀକାମର ପୁତ୍ର ଗଦଲିୟ ନିକଟକୁ ଯାଇ ଅବଶିଷ୍ଟ
ଲୋକମାନଙ୍କ ମଧ୍ୟରେ ଯିହୁଦାରେ ତାଙ୍କ ସଙ୍ଗେ ବାସ
କଲେ।

### ଗଦଲିୟଙ୍କ ସ୍ୱଳ୍ପ ଶାସନ

7ଯେତେବେଳେ ଯିରୁଶାଲମ ଧ୍ୱଂସ ହେଲା, ସେତେବେଳେ
ଯିହୁଦାର କେତେକ ସେନାପତି, ଅଧିପତି ଓ ଲୋକ ବାହାରେ
ଥିଲେ। ସେମାନେ ଶୁଣିଲେ ଯେ ବାବିଲର ରାଜା ଅହୀକାମର
ପୁତ୍ର ଗଦଲିୟଙ୍କୁ ଦେଶର ଶାସନକର୍ତ୍ତା ରୂପେ ନିଯୁକ୍ତ କରିଅଛନ୍ତି।
ସେ ତାଙ୍କ ଉପରେ ବାବିଲକୁ ନିଆଯାଇ ନଥିବା ପୁରୁଷ, ସ୍ତ୍ରୀ,
ବାଳକ ଓ ବାଳିକା ଏବଂ ଦେଶସ୍ଥ ଦରିଦ୍ରମାନଙ୍କର ଭାର
ନ୍ୟସ୍ତ କରିଅଛନ୍ତି। 8ଯେଉଁମାନେ ମିସ୍ପାକୁ ଗଦଲିୟ ନିକଟକୁ
ଗଲେ ସେମାନଙ୍କ ମଧ୍ୟରେ ନଥନିୟର ପୁତ୍ର ଇଶ୍ମାୟେଲ,
କାରେହର ପୁତ୍ର ଯୋହାନନ୍ ଓ ଯୋନାଥନ୍, ତନ୍ହୂମତର
ପୁତ୍ର ସରାୟ, ନଟୋଫାତୀୟ ଏଫୟର ପୁତ୍ରମାନେ ଓ ମାଖାତୀୟର
ପୁତ୍ର ଯାସନୀୟ ଥିଲେ।

9ଶାଫନର ପୌତ୍ର, ଅହୀକାମର ପୁତ୍ର ଗଦଲିୟ ସେହି
ସୈନ୍ୟମାନଙ୍କ ଓ ସେମାନଙ୍କର ଲୋକମାନଙ୍କ ନିକଟରେ
ଶପଥ କରି କହିଲା, "ତୁମ୍ଭେମାନେ କଲଦୀୟମାନଙ୍କର ଦାସ
ହେବାପାଇଁ ଭୟ କରନାହିଁ। ବାବିଲ ରାଜାର ସେବାକରି ଏହି
ଦେଶରେ ବାସ କର। ଏଥିରେ ତୁମ୍ଭମାନଙ୍କର ମଙ୍ଗଳ ହେବ।
10ଆଉ ଦେଖ, ଯେଉଁ କଲଦୀୟମାନେ ଆମ୍ଭ ନିକଟକୁ
ମିସ୍ପାକୁ ଆସିବେ ଆମ୍ଭେ ତୁମ୍ଭମାନଙ୍କ ପାଇଁ ସେମାନଙ୍କୁ ଉତ୍ତର
କରିବା। ମାତ୍ର ତୁମ୍ଭେମାନେ ଦ୍ରାକ୍ଷାରସ, ଗ୍ରୀଷ୍ମକାଳୀନ ଫଳ ଓ
ତୈଳ ସଞ୍ଚୟ କରି ଆପଣା ଆପଣା ପାତ୍ରରେ ରଖ। ଆଉ
ତୁମ୍ଭେମାନେ ହସ୍ତଗତ କରିଥିବା ନଗରଗୁଡ଼ିକରେ ବାସ କର।"

11ଯିହୁଦାର ଯେଉଁସବୁ ଲୋକ ମୋୟାବ, ଅମ୍ମୋନ,
ଇଦୋମ ଓ ଅନ୍ୟାନ୍ୟ ସବୁ ଦେଶରେ ଥିଲେ, ସେମାନେ
ଶୁଣିଲେ ଯେ ବାବିଲର ରାଜା ଯିହୁଦା ଏକ ଅବଶିଷ୍ଟ ଅଂଶ
ଲୋକ ରଖିଅଛି ଓ ଶାଫନର ପୌତ୍ର, ଅହୀକାମର ପୁତ୍ର
ଗଦଲିୟଙ୍କୁ ସେମାନଙ୍କୁ ଶାସନ କରିବାକୁ ନିଯୁକ୍ତ କରିଅଛି।
12ଯେତେବେଳେ ଯିହୁଦୀୟମାନେ ଏହି ସମ୍ବାଦ ଶୁଣିଲେ, ସେମାନେ
ବିତାଡ଼ିତ ହୋଇଥିବା ଦେଶମାନଙ୍କରୁ ଯିହୁଦାକୁ ଫେରି ଆସିଲେ।
ସେମାନେ ମିସ୍ପାରେ ଗଦଲିୟ ନିକଟକୁ ଆସିଲେ। ଆଉ
ଅପାର ଦ୍ରାକ୍ଷାରସ ଓ ଗ୍ରୀଷ୍ମକାଳୀନ ଫଳ ସଞ୍ଚୟ କଲେ।

13ଆହୁରି କାରେହର ପୁତ୍ର ରୋହାନନ୍ ଓ ପଦାରେ
ଅବସ୍ଥିତ ସେନାପତି ସକଳ ମିସ୍ପାରେ ଗଦଲିୟ ନିକଟକୁ
ଆସିଲେ। 14ରୋହାନନ୍ ଓ ସେହି ଅଧିପତିଗଣ ଗଦଲିୟଙ୍କୁ
କହିଲେ, "ଅମ୍ମୋନ ସନ୍ତାନଗଣର ରାଜା ବାଲୀସ ଆପଣଙ୍କ
ପ୍ରାଣ ନେବାପାଇଁ ନଥନିୟର ପୁତ୍ର ଇଶ୍ମାୟେଲକୁ ପଠାଇଅଛି
ବୋଲି ଆପଣ ଜାଣନ୍ତି କି?" ମାତ୍ର ଅହୀକାମର ପୁତ୍ର
ଗଦଲିୟ ସେମାନଙ୍କ କଥାରେ ବିଶ୍ୱାସ କଲେ ନାହିଁ।

15ତାହାପରେ କାରେହର ପୁତ୍ର ଯୋହାନନ୍ ମିସ୍ପାରେ
ଗଦଲିୟଙ୍କୁ ଗୋପନରେ କହିଲେ, "ଆପଣଙ୍କର ଅନୁମତି
ହେଲେ ମୁଁ ଯାଇ ନଥନିୟର ପୁତ୍ର ଇଶ୍ମାୟେଲକୁ ବଧ
କରିବି। ଆଉ କେହି ତାହା ଜାଣିବେ ନାହିଁ। ସେ କାହିଁକି
ଆପଣଙ୍କୁ ବଧ କରିବ ଓ ତଦ୍ଦ୍ୱାରା ଆପଣଙ୍କ ନିକଟରେ
ସଂଗୃହୀତ ଯିହୁଦୀୟ ସମସ୍ତେ ଛିନ୍ନଭିନ୍ନ ହୋଇଯିବେ ଓ
ଯିହୁଦାର ଅବଶିଷ୍ଟାଂଶ ବିନଷ୍ଟ ହେବ?"

16କିନ୍ତୁ ଅହୀକାମର ପୁତ୍ର ଗଦଲିୟ କାରେହର ପୁତ୍ର
ଯୋହାନନ୍‌କୁ କହିଲେ, "ତୁମ୍ଭେ ଇଶ୍ମାୟେଲକୁ ବଧ କରନାହିଁ।
କାରଣ ତୁମ୍ଭେ ତାଙ୍କ ବିଷୟରେ ଯାହା କହୁଅଛ ତାହା ସତ୍ୟ
ନୁହେଁ।"

41 ଅନନ୍ତର ସପ୍ତମ ମାସରେ ରାଜବଂଶୀୟ ଇଲୀଶାମାର
ପୌତ୍ର ନଥନିୟର ପୁତ୍ର ଇଶ୍ମାୟେଲ ଦଶଜଣ
ପୁରୁଷଙ୍କ ସହିତ ଅହୀକାମର ପୁତ୍ର ଗଦଲିୟ ନିକଟକୁ ମିସ୍ପାକୁ
ଆସିଲେ। ସେମାନେ ସେଠାରେ ଗଦଲିୟ ସହିତ ଏକତ୍ର
ଭୋଜନ କଲେ। 2ସେମାନେ ଏକତ୍ର ଭୋଜନ କରୁଥିବା
ବେଳେ ଇଶ୍ମାୟେଲ ଓ ତାର ଦଶଜଣ ସଙ୍ଗୀ ଯିହୁଦାର
ଶାସକ ଅହୀକାମର ପୁତ୍ର ଗଦଲିୟଙ୍କୁ ହତ୍ୟା କଲେ, ଯାହାକୁ
ବାବିଲର ରାଜା ଏହି ଭୂମିରେ ଖଣ୍ଡା ସାହାଯ୍ୟରେ ନିଯୁକ୍ତ
କରିଥିଲେ। 3ଆଉ ମଧ୍ୟ ଇଶ୍ମାୟେଲ ମିସ୍ପାରେ ଗଦଲିୟ
ସହିତ ଥିବା ସମସ୍ତ ଯିହୁଦୀୟମାନଙ୍କୁ ଓ ବାବିଲର ସୈନ୍ୟମାନଙ୍କୁ
ବଧ କଲେ।

4-5ଗଦଲିୟଙ୍କୁ ବଧ କରିବାର ଦିନକ ପରେ ଶିଖିମ,
ଶୀଲୋ ଓ ଶମରୟାରୁ ଅଶୀଜଣ ପୁରୁଷ ଦାଢ଼ି କ୍ଷୌର
ହୋଇ, ଛିନ୍ନବସ୍ତ୍ର ପରିଧାନ ପୂର୍ବକ ନିଜ ନିଜ ଶରୀରରେ
ଅସ୍ତ୍ରାଘାତ କରି ହସ୍ତରେ ନୈବେଦ୍ୟ ଓ ସୁଗନ୍ଧି ଧୂପ ନେଇ
ସଦାପ୍ରଭୁଙ୍କ ଗୃହକୁ ଆସୁଥିଲେ। ସେମାନେ ଗଦଲିୟଙ୍କ ହତ୍ୟା
ଖବର ଜାଣି ନଥିଲେ। 6ଇଶ୍ମାୟେଲ ମିସ୍ପାରୁ ସେହି ଅଶୀଜଣ
ପୁରୁଷଙ୍କୁ ଭେଟିବା ପାଇଁ ଗଲା ଓ ଗଲାବେଳେ ବାଟସାରା
କ୍ରନ୍ଦନ କରି କରି ଗଲା। ସେମାନଙ୍କୁ ସାକ୍ଷାତ କରି କହିଲା,
"ଅହୀକାମର ପୁତ୍ର ଗଦଲିୟଙ୍କୁ ଦେଖିବାକୁ ଆସ।" 7ଯେତେବେଳେ
ସେମାନେ ନଗରର ମଧ୍ୟସ୍ଥାନକୁ ଆସିଲେ, ଇଶ୍ମାୟେଲ ଓ
ତା'ର ସଙ୍ଗୀମାନେ ସେମାନଙ୍କୁ ବଧକଲେ ଏବଂ ସେମାନଙ୍କୁ

ଏକ ଗାଢ ମଧ୍ୟରେ ଫୋପାଡି ଦେଲେ। 8ମାତ୍ର ସେମାନଙ୍କ
ମଧ୍ୟରୁ ଦଶଜଣ ଇଶ୍ମାୟେଲକୁ କହିଲେ, "ଆମ୍ଭମାନଙ୍କୁ ବଧ
କରନାହିଁ, କାରଣ ଆମ୍ଭେମାନଙ୍କର ଗହମ, ଯବ, ତୈଳ ଓ
ମଧୁର ଗୁପ୍ତ ଭଣ୍ଡାର କ୍ଷେତରେ ଲୁଚାଇ ରଖିଛୁ ଏବଂ ଆମ୍ଭେ
ସେସବୁ ତୁମ୍ଭକୁ ଦେବୁ।" ତେଣୁ ଇଶ୍ମାୟେଲ ସେମାନଙ୍କୁ
ମାରିବାରୁ ବିରତ ହେଲେ। 9ଇଶ୍ମାୟେଲ ସେହି କୂପକୁ
ନିହତମାନଙ୍କ ଶବରେ ଗଦଲିୟର ଶବ ସହିତ ପରିପୂର୍ଣ୍ଣ
କଲା। ସେହି କୂପକୁ ଆସା ରାଜା, ଇସ୍ରାୟେଲର ବାଶା
ରାଜାର ଭୟରେ ପ୍ରସ୍ତୁତ କରିଥିଲା, ଯୁଦ୍ଧ ସମୟରେ ପାଣି
ଯୋଗାଇବାକୁ ସେହି କୂପ ଖୋଳା ଯାଇଥିଲା।

10ଏହାପରେ ଇଶ୍ମାୟେଲ, ମିସ୍ପାରେ ଅବଶିଷ୍ଟ ଥିବା
ସମସ୍ତ ଲୋକଙ୍କୁ ଅର୍ଥାତ୍, ସମସ୍ତ ରାଜକନ୍ୟାଗଣଙ୍କୁ ଓ
ମିସ୍ପାରେ ଅବଶିଷ୍ଟ ଥିବା ଯେଉଁ ସବୁ ଲୋକଙ୍କୁ ପ୍ରହରୀବର୍ଗର
ସେନାପତି ନବୂଷରଦନ୍ ଅହୀକାମର ପୁତ୍ର ଗଦଲିୟ ହସ୍ତରେ
ସମର୍ପଣ କରିଥିଲା, ସେମାନଙ୍କୁ ବନ୍ଦୀକରି ନେଇଗଲା। ସେ
ସେମାନଙ୍କୁ ବନ୍ଦୀକରି ଅମ୍ମୋନ ସନ୍ତାନଗଣର ନିକଟକୁ ଯିବାପାଇଁ
ପ୍ରସ୍ଥାନ କଲା।

11କାରେହର ପୁତ୍ର ଯୋହାନନ୍ ଓ ତାହାର ସମସ୍ତ ସଙ୍ଗୀ
ସେନାପତିଗଣ ଇଶ୍ମାୟେଲର ଦୁଷ୍କର୍ମ ସବୁ ଜାଣିଲେ। 12ତେଣୁ
ଯୋହାନନ୍ ତାହାର ସମସ୍ତ ସେନାପତିମାନଙ୍କୁ ନେଇ ନଥନିୟର
ପୁତ୍ର ଇଶ୍ମାୟେଲ ସଙ୍ଗେ ଯୁଦ୍ଧ କରିବାକୁ ଗଲେ ଓ
ଗିବିୟୋନସ୍ଥିତ ଏକ ବିରାଟ ଜଳାଶୟ ନିକଟରେ ତାହାକୁ
ଭେଟିଲେ। 13ସେତେବେଳେ ଇଶ୍ମାୟେଲ ସଙ୍ଗରେ ଥିବା
ସମସ୍ତ ଲୋକ କାରେହର ପୁତ୍ର ଯୋହାନନ୍‌କୁ ଓ ତାହାର
ସଙ୍ଗୀ ସେନାପତିମାନଙ୍କୁ ଦେଖି ଆନନ୍ଦିତ ହେଲେ। 14ତା'ପରେ
ଇଶ୍ମାୟେଲ ଯେଉଁ ଲୋକମାନଙ୍କୁ ମିସ୍ପାରୁ ବନ୍ଦୀ କରି
ନେଇଯାଇଥିଲା, ସେମାନେ ସମସ୍ତେ କାରେହର ପୁତ୍ର ଯୋହାନନ୍
ନିକଟକୁ ଫେରି ଆସିଲେ। 15ମାତ୍ର ନଥନିୟର ପୁତ୍ର ଇଶ୍ମାୟେଲ
ଆଠଜଣ ଲୋକ ସହିତ ଯୋହାନନ୍ ନିକଟରୁ ପଳାଇ
ଅମ୍ମୋନ ସନ୍ତାନଗଣର ନିକଟକୁ ଗଲା।

16ଯୋହାନନ୍ ଏବଂ ତାଙ୍କର ସୈନ୍ୟବାହିନୀର ସେନାପତିଗଣ
ଗିବିୟୋନକୁ ଅବଶିଷ୍ଟ ଲୋକମାନଙ୍କୁ ଆଣିଲେ, ଯେଉଁମାନଙ୍କୁ
ନଥନୀୟର ପୁତ୍ର ଇଶ୍ମାୟେଲ, ଗଦଲିୟକୁ ହତ୍ୟା କଲା
ପରେ, ମିସ୍ପାକୁ ନେଇ ଯାଇଥିଲେ। ସେମାନଙ୍କ ମଧ୍ୟରେ
ଯୋଦ୍ଧାଗଣ, ସ୍ତ୍ରୀଲୋକ, ବାଳକଗଣ, ବାଳିକାଗଣ ଓ ନପୁଂସକଗଣ
ଥିଲେ।

## ମିଶରକୁ ପଳାୟନ

17-18ଯୋହାନନ୍ ଓ ଅନ୍ୟ ସେନାପତିଗଣ କଲଦୀୟମାନଙ୍କୁ
ଭୟ କଲେ। କାରଣ ଇଶ୍ମାୟେଲ ବାବିଲ ରାଜାଙ୍କ ଦ୍ୱାରା
ନିଯୁକ୍ତ ଶାସନକର୍ତ୍ତା ଗଦଲିୟଙ୍କୁ ହତ୍ୟା କରିଥିଲେ। ତେଣୁ
ଯୋହାନନ୍ କଲଦୀୟମାନେ ରାଗିଥିବେ ବୋଲି ଭୟ କଲେ।
ତେଣୁ ସେ ମିଶରକୁ ପଳାଇ ଯିବା ପୂର୍ବରୁ ବୈଥଲେହମ୍
ସହର ନିକଟସ୍ଥ ଗେରୁତ୍କିମହମରେ କିଛି ସମୟ ଅଟକି
ଥିଲେ।

42 ସେତେବେଳେ ସେମାନେ ଗେରୁତ୍କିମହମରେ ଥିଲେ
ସେତେବେଳେ ଯୋହାନନ୍ ଓ ହୋଶୟିୟର ପୁତ୍ର
ଯାସନିୟ, ଆଉ କ୍ଷୁଦ୍ର ଓ ମହାନ୍ ସମସ୍ତ ଲୋକ ଯିରିମିୟ
ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ଗଲେ। 2ସେ ସମସ୍ତ ଲୋକ
ତାଙ୍କୁ କହିଲେ, "ହେ ଯିରିମିୟ, ଆମ୍ଭେମାନେ ତୁମ୍ଭକୁ
ନିବେଦନ କରୁଛୁ, ତୁମ୍ଭେ ଆମ୍ଭମାନଙ୍କ ନିମନ୍ତେ ଅର୍ଥାତ୍
ଯିହୁଦାର ଏହି ଅବଶିଷ୍ଟ ଲୋକଙ୍କ ନିମନ୍ତେ ସଦାପ୍ରଭୁ ତୁମ୍ଭ
ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କର। କାରଣ ତୁମ୍ଭେ
ସ୍ୱଚକ୍ଷୁରେ ଆମ୍ଭମାନଙ୍କୁ ଦେଖୁଅଛ। ଆମ୍ଭେମାନେ ଅନେକ
ଥିଲୁ, ଏବେ ଆମ୍ଭେ ଅଳ୍ପମାତ୍ର ଅଛୁ। 3ଆଉ ଆମ୍ଭମାନଙ୍କର
କେଉଁ ପଥରେ ଯିବା ଉଚିତ ଓ କେଉଁ କାର୍ଯ୍ୟ କରିବା
ଉଚିତ, ତାହା ତୁମ୍ଭେ ତୁମ୍ଭ ସଦାପ୍ରଭୁ ପରମେଶ୍ୱରଙ୍କୁ ପ୍ରାର୍ଥନା
କରି ଆମ୍ଭମାନଙ୍କୁ ଜଣାଇବ।"

4ତା'ପରେ ଯିରିମିୟ ଭବିଷ୍ୟଦ୍‌ବକ୍ତା ସେମାନଙ୍କୁ କହିଲେ,
"ମୁଁ ତୁମ୍ଭମାନଙ୍କର କଥା ଶୁଣିଲି। ଆଉ ଦେଖ, ମୁଁ
ତୁମ୍ଭମାନଙ୍କର କଥାନୁସାରେ, ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବି ଓ ସଦାପ୍ରଭୁ
ତୁମ୍ଭମାନଙ୍କୁ ଯାହାବି ଉତ୍ତର ଦେବେ, ତାହା ମୁଁ ତୁମ୍ଭମାନଙ୍କୁ
ଜଣାଇବି। ମୁଁ କୌଣସି କଥା ତୁମ୍ଭମାନଙ୍କଠାରୁ ଗୋପନ
ରଖିବି ନାହିଁ।"

5ତା'ପରେ ସେମାନେ ଯିରିମିୟଙ୍କୁ କହିଲେ, "ସଦାପ୍ରଭୁ
ଆପଣଙ୍କ ପରମେଶ୍ୱର ଯେଉଁ କଥା କହି ଆପଣଙ୍କୁ ଆମ୍ଭମାନଙ୍କ
ନିକଟକୁ ପଠାଇବେ, ତଦନୁସାରେ ଯେବେ ଆମ୍ଭେମାନେ କର୍ମ
ନକରୁ, ତେବେ ସଦାପ୍ରଭୁ ଆମ୍ଭମାନଙ୍କ ବିପକ୍ଷରେ ସତ୍ୟ ଓ
ବିଶ୍ୱସ୍ତ ସାକ୍ଷୀ ହୁଅନ୍ତୁ। 6ସେହି ବାକ୍ୟ ଭଲ ହେଉ ବା ମନ୍ଦ
ହେଉ, ଯାହାଙ୍କ ନିକଟକୁ ଆମ୍ଭେମାନେ ଆପଣଙ୍କୁ ପଠାଉଅଛୁ,
ସେହି ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ ବାକ୍ୟ ଆମ୍ଭେମାନେ
ମାନିବୁ। କାରଣ ସେହି ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ
କଥା ମାନିଲେ ଆମ୍ଭମାନଙ୍କର ମଙ୍ଗଳ ହେବ।"

7ଅନନ୍ତର ଦଶଦିନ ଅନ୍ତେ ଯିରିମିୟଙ୍କ ନିକଟରେ
ସଦାପ୍ରଭୁଙ୍କର ବାକ୍ୟ ଉପସ୍ଥିତ ହେଲା। 8ତା'ପରେ ଯିରିମିୟ
କାରେହର ପୁତ୍ର ଯୋହାନନ୍‌କୁ, ତାହାର ସଙ୍ଗୀ ସମସ୍ତ
ସେନାପତିଙ୍କୁ ଓ ଛୋଟ ବଡ଼ ଅନ୍ୟ ସମସ୍ତ ଲୋକଙ୍କୁ ଡାକି
କହିଲେ। 9"ତୁମ୍ଭେମାନେ ମୋତେ ଯେଉଁ ସଦାପ୍ରଭୁଙ୍କ ନିକଟକୁ
ନିବେଦନ କରିବାକୁ ପଠାଇଥିଲ, ସେହି ସଦାପ୍ରଭୁ ଇସ୍ରାୟେଲର
ପରମେଶ୍ୱର ଏହିକଥା କହନ୍ତି, 10'ଯଦି ତୁମ୍ଭେମାନେ ଯିହୁଦାରେ
ବାସ କର, ତେବେ ଆମ୍ଭେ ତୁମ୍ଭମାନଙ୍କୁ ଶକ୍ତିଶାଳୀ କରିବା
ଓ ବିନଷ୍ଟ କରିବା ନାହିଁ। ଆମ୍ଭେ ତୁମ୍ଭମାନଙ୍କର ବୀଜ ବୁଣିବା
ଓ ତୁମ୍ଭକୁ ଧ୍ୱଂସ କରିବା ନାହିଁ। କାରଣ ଆମ୍ଭେ ତୁମ୍ଭମାନଙ୍କ
ପ୍ରତି ଦୁର୍ଭାଗ୍ୟ ଆଣିଥିବାରୁ ଦୁଃଖିତ। 11ତୁମ୍ଭେମାନେ ଯେଉଁ
ବାବିଲ ରାଜାଙ୍କୁ ଭୟ କରୁଥିଲ, ତାଙ୍କୁ ଆଉ ଭୟ କରନାହିଁ।
ସଦାପ୍ରଭୁ କହନ୍ତି, ତାଙ୍କୁ ତୁମ୍ଭେମାନେ ଭୟ କରନାହିଁ।'
'କାରଣ ତୁମ୍ଭମାନଙ୍କୁ ରକ୍ଷା କରିବାକୁ ଓ ତାହା ହସ୍ତରୁ ଉଦ୍ଧାର
କରିବାକୁ ଆମ୍ଭେ ତୁମ୍ଭମାନଙ୍କର ସହବର୍ତ୍ତୀ ଅଛୁ। 12ପୁଣି
ଆମ୍ଭେ ତୁମ୍ଭମାନଙ୍କୁ ଦୟା ପ୍ରଦାନ କରିବା। ସେ ମଧ୍ୟ
ତୁମ୍ଭମାନଙ୍କ ପ୍ରତି ଦୟା ଦେଖାଇ ତୁମ୍ଭମାନଙ୍କୁ ଏହି ଦେଶକୁ
ଫେରାଇ ଆଣିବେ।' 13ଆଉ ତୁମ୍ଭେମାନେ ଯଦି କହିବ,
'ଆମ୍ଭେମାନେ ଏ ଦେଶରେ ବାସ କରିବା ନାହିଁ,' ତେବେ
ତୁମ୍ଭେମାନେ ସଦାପ୍ରଭୁଙ୍କ ବାକ୍ୟକୁ ଅବମାନନା କରୁଛ। 14ଆଉ

ମଧ୍ୟ ତୁମ୍ଭେମାନେ ଯଦି କହିବ, 'ଆମ୍ଭେମାନେ ମିଶର ଦେଶକୁ
ଯିବା ଓ ସେଠାରେ ବାସ କରିବା, ସେଠାରେ ଆମ୍ଭେମାନେ
ଯୁଦ୍ଧ ଦେଖିବା ନାହିଁ କି ତୂରୀଶବ୍ଦ ଶୁଣିବା ନାହିଁ କିଅବା
ସେଠାରେ ଆମ୍ଭେମାନେ ଖାଦ୍ୟର ଅଭାବ ଭୋଗିବା ନାହିଁ।'
**15**ଏଣୁ ହେ ଯିହୁଦାର ଲୋକେ, ତୁମ୍ଭେମାନେ ଏବେ ସଦାପ୍ରଭୁଙ୍କର
ବାକ୍ୟ ଶୁଣ। ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାୟେଲର ପରମେଶ୍ୱର
କହନ୍ତି, 'ଯଦି ତୁମ୍ଭେମାନେ ମିଶରକୁ ଯିବାପାଇଁ ଓ ବାସ
କରିବା ପାଇଁ ସଂକଳ୍ପବଦ୍ଧ, ଏହି ନିମ୍ନ ଘଟଣାମାନ ଘଟିବ।
**16**ତୁମ୍ଭେମାନେ ଯେଉଁ ଖଡ୍ଗକୁ ଭୟ କରୁଛ ତାହା ତୁମ୍ଭମାନଙ୍କ
ପଛେ ପଛେ ଯାଇ ମିଶରରେ ତୁମ୍ଭମାନଙ୍କୁ ଧରିବ ଓ ଯେଉଁ
ଦୁର୍ଭିକ୍ଷ ବିଷୟରେ ତୁମ୍ଭେମାନେ ଭୟଭୀତ, ତାହା ମିଶର
ଦେଶରେ ତୁମ୍ଭମାନଙ୍କ ପଛେ ପଛେ ଲାଗି ରହିବ ଓ
ସେହିଠାରେ ତୁମ୍ଭେମାନେ ମରିବ। **17**ଯେଉଁମାନେ ମିଶରରେ
ପ୍ରବାସ କରିବା ପାଇଁ ସ୍ଥିର କରିଛନ୍ତି। ସେମାନଙ୍କ ପାଇଁ ଏହି
ପ୍ରକାର ଘଟିବ। ସେମାନେ ଖଡ୍ଗ, ଦୁର୍ଭିକ୍ଷ ଓ ମହାମାରୀରେ
ମରିବେ। ପୁଣି ଆମ୍ଭେ ସେମାନଙ୍କ ପ୍ରତି ଯେଉଁ ଅମଙ୍ଗଳ
ଘଟାଇବା ସେଥିରୁ ସେମାନଙ୍କ ମଧ୍ୟରୁ କେହି ଉଦ୍ଧାର
ପାଇବେ ନାହିଁ।'

**18**"ପୁଣି ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାୟେଲର ପରମେଶ୍ୱର
ଏହି କଥା କହନ୍ତି, 'ଆମ୍ଭେ ଯିରୂଶାଲମ ଉପରେ ଯେପରି
ଆମ୍ଭର କ୍ରୋଧ ଓ ପ୍ରଚଣ୍ଡ କୋପ ପ୍ରକାଶ କରିଥିଲୁ,
ସେହିପରି ଯେଉଁମାନେ ମିଶରରେ ପ୍ରବାସ କରିବେ, ଆମ୍ଭେ
ସେମାନଙ୍କ ପ୍ରତି ଆମ୍ଭର ପ୍ରଚଣ୍ଡ କୋପ ଢାଳିବା। ଆଉ
ତୁମ୍ଭେମାନେ ଅଭିଶପ୍ତ, ବିସ୍ମୟ, ଶାପଗ୍ରସ୍ତ ଓ ନିନ୍ଦାର ପାତ୍ର
ହେବ ଓ ତୁମ୍ଭେମାନେ ଏହି ସ୍ଥାନ ଦେଖିବ ନାହିଁ।'

**19**"ହେ ଯିହୁଦାର ଅବଶିଷ୍ଟ ଲୋକେ, ସଦାପ୍ରଭୁ ତୁମ୍ଭମାନଙ୍କ
ବିଷୟରେ ଏହିକଥା କହି ଅଛନ୍ତି, 'ତୁମ୍ଭେମାନେ ମିଶରକୁ
ଯାଅ ନାହିଁ।' ମୁଁ ଆଜି ତୁମ୍ଭମାନଙ୍କୁ ଏହି ସାକ୍ଷ୍ୟ ଦେଲି, ଏହା
ନିଶ୍ଚୟ ଜାଣ। **20**ପୁଣି ତୁମ୍ଭେମାନେ ନିଜ ନିଜ ପ୍ରାଣ
ବିରୁଦ୍ଧରେ ପ୍ରବଞ୍ଚନା କରିଅଛ। କାରଣ ତୁମ୍ଭେମାନେ ସଦାପ୍ରଭୁ
ତୁମ୍ଭମାନଙ୍କ ପରମେଶ୍ୱରଙ୍କ ନିକଟକୁ ମୋତେ ପଠାଇ କହିଲ,
'ତୁମ୍ଭେ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ ନିକଟରେ
ଆମ୍ଭମାନଙ୍କ ପାଇଁ ପ୍ରାର୍ଥନା କର ଓ ସଦାପ୍ରଭୁ ଆମ୍ଭମାନଙ୍କ
ପରମେଶ୍ୱର ଯାହା ଯାହା କହିବେ, ତଦନୁସାରେ ଆମ୍ଭମାନଙ୍କୁ
ଜଣାଅ, ଆମ୍ଭେମାନେ ତାହା ପାଳନ କରିବୁ।' **21**ତେଣୁ ଆଜି
ସଦାପ୍ରଭୁଙ୍କ ସେହି ବାକ୍ୟ ତୁମ୍ଭମାନଙ୍କୁ ଜଣାଇଲି। ମାତ୍ର
ତୁମ୍ଭେମାନେ ସଦାପ୍ରଭୁଙ୍କର ସେହି ବାକ୍ୟ ପ୍ରତି ଧ୍ୟାନ ଦେଲନାହିଁ।
ଆଉ ତୁମ୍ଭମାନଙ୍କ ପରମେଶ୍ୱର ଯାହା କରିବାକୁ ମୋତେ କହି
ପଠାଇଲେ, ତାହା ତୁମ୍ଭେମାନେ କଲନାହିଁ। **22**ଏଣୁ ଏବେ
ନିଶ୍ଚୟ ଜାଣ, ଯେଉଁ ସ୍ଥାନରେ ପ୍ରବାସ କରିବା ନିମନ୍ତେ
ତୁମ୍ଭେମାନେ ଇଚ୍ଛା କରୁଛ, ସେହି ମିଶରକୁ ଯାଅ। କିନ୍ତୁ ଏହା
ନିଶ୍ଚୟ ତୁମ୍ଭମାନଙ୍କ ପ୍ରତି ଘଟିବ। ତୁମ୍ଭେମାନେ ଖଡ୍ଗ, ଦୁର୍ଭିକ୍ଷ
ଓ ମହାମାରୀରେ ମରିବ।"

**43** ଏବଂ ତା'ପରେ ସଦାପ୍ରଭୁ ସେମାନଙ୍କର ପରମେଶ୍ୱର
ଲୋକମାନଙ୍କୁ କଣ କହିବା ପାଇଁ ଚାହିଁଥିଲେ,
ଯିରିମିୟ ତାହା କହିବା ଶେଷ କରୁ ନ କରୁଣୁ।
**2**ହୋଶୟିର ପୁତ୍ର ଅସରିୟ, କାରେହର ପୁତ୍ର ଯୋହାନନ୍
ଓ ଅନ୍ୟ କେତେକ ଅହଙ୍କାରୀ ଲୋକ କ୍ରୋଧାନ୍ୱିତ ହୋଇ
ଯିରିମିୟଙ୍କୁ କହିଲେ, "ତୁମ୍ଭେ ମିଥ୍ୟା କଥା କହୁଅଛ।
ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ଏକଥା କହି ତୁମ୍ଭକୁ
ଆମ୍ଭମାନଙ୍କ ନିକଟକୁ ପଠାଇ ନାହାଁନ୍ତି, 'ତୁମ୍ଭେମାନେ ମିଶରରେ
ଯାଇ ପ୍ରବାସ କରନାହିଁ।' **3**କିନ୍ତୁ ନେରୀୟର ପୁତ୍ର ବାରୂକ
ଆମ୍ଭମାନଙ୍କ ବିରୁଦ୍ଧରେ ତୁମ୍ଭକୁ ପ୍ରବର୍ତ୍ତାଉ ଅଛି। କଲଦୀୟମାନେ
ଯେପରି ଆମ୍ଭମାନଙ୍କୁ ବଧ କରିପାରିବେ ଓ ବନ୍ଦୀ କରି
ଆମ୍ଭମାନଙ୍କୁ ବାବିଲକୁ ନେଇଯିବେ।"

**4**ଏହିରୂପେ କାରେହର ପୁତ୍ର ଯୋହାନନ୍, ତାହାର ସେନାପତି
ସକଳ ଓ ସମସ୍ତ ଲୋକ ଯିହୁଦାରେ ବାସ କରିବାକୁ
ସଦାପ୍ରଭୁଙ୍କ ବାକ୍ୟରେ ଅବଧାନ କଲେ ନାହିଁ। **5**ମାତ୍ର
ସଦାପ୍ରଭୁଙ୍କ ବାକ୍ୟ ମାନିବା ପରିବର୍ତ୍ତେ କାରେହର ପୁତ୍ର
ଯୋହାନନ୍ ଓ ସମସ୍ତ ସେନାପତି ଯିହୁଦାର ସକଳ ଅବଶିଷ୍ଟ
ଲୋକଙ୍କୁ ଓ ନାନା ଗୋଷ୍ଠୀ ମଧ୍ୟକୁ ତଡ଼ିତ ଯେଉଁ ଲୋକମାନେ
ଯିହୁଦାରେ ପ୍ରବାସ କରିବାକୁ ଫେରି ଆସିଥିଲେ, ସେମାନଙ୍କୁ
ମିଶରକୁ ନେଲେ। **6**ସେମାନେ ସମସ୍ତ ପୁରୁଷ, ସ୍ତ୍ରୀ, ବାଳକ,
ବାଳିକା ଓ ଯେଉଁ ରାଜକନ୍ୟାମାନଙ୍କୁ ଓ ଅନ୍ୟ ଲୋକମାନଙ୍କୁ
ପ୍ରହରୀବର୍ଗର ସେନାପତି ନବୂଷରଦନ, ଶାଫନର ପୌତ୍ର
ଅହୀକାମର ପୁତ୍ର ଗଦଲୀୟ ନିକଟରେ ଛାଡ଼ି ଯାଇଥିଲା,
ସେମାନଙ୍କୁ ଆଉ ଯିରିମିୟ ଭବିଷ୍ୟଦ୍‌ବକ୍ତାଙ୍କୁ ଓ ନେରୀୟର
ପୁତ୍ର ବାରୂକକୁ ମିଶରକୁ ନେଲେ। **7**ସେ ସମସ୍ତ ଲୋକ
ସଦାପ୍ରଭୁଙ୍କ ବାକ୍ୟ ପ୍ରତି ଅବଧାନ କଲେ ନାହିଁ। ତେଣୁ
ସେମାନେ ମିଶରକୁ ଯାଇ ତଫନ୍‌ହେଷ ସହରରେ ଉପସ୍ଥିତ
ହେଲେ।

**8**ଅନନ୍ତର ତଫନ୍‌ହେଷରେ ସଦାପ୍ରଭୁଙ୍କର ଏହିବାକ୍ୟ
ଯିରିମିୟଙ୍କ ନିକଟରେ ଉପସ୍ଥିତ ହେଲା। **9**"ହେ ଯିରିମିୟ,
ତୁମ୍ଭେ କେତେ ଗୁଡ଼ିଏ ବୃହତ୍ ପ୍ରସ୍ତର ନେଇ ତଫନ୍‌ହେଷର
ଫାରୋ ଗୃହର ପ୍ରବେଶ ସ୍ଥାନ ନିକଟରେ କାଦୁଅ ଚଟାଣ
ଭିତରେ ଯିହୁଦାର ଲୋକମାନଙ୍କ ସାକ୍ଷାତରେ ଲୁଚାଇ ରଖ।
**10**ସେମାନଙ୍କୁ କୁହ, 'ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାୟେଲର
ପରମେଶ୍ୱର କହନ୍ତି, ଦେଖ, ଆମ୍ଭେ ଆମ୍ଭର ଚାକର ବାବିଲର
ରାଜା ନବୂଖଦ୍‌ନିତ୍ସରକୁ ଆସିବା ପାଇଁ ଆଦେଶ ଦେଇଛୁ ଓ
ଆମ୍ଭେ ଯେଉଁ ପ୍ରସ୍ତରକୁ ଲୁଚାଇ ରଖିଅଛୁ, ତାହା ଉପରେ
ତାହାର ସିଂହାସନ ସ୍ଥାପନ କରିବା, ଆଉ ସେ ତାହା ଉପରେ
ଆପଣା ରାଜକୀୟ ଚନ୍ଦ୍ରାତାପ ବିସ୍ତାର କରିବ। **11**ପୁଣି ସେ
ମିଶର ଦେଶକୁ ଆକ୍ରମଣ କରି ମୃତ୍ୟୁ ଯୋଗ୍ୟ ଲୋକଙ୍କୁ
ମୃତ୍ୟୁରେ, ବନ୍ଦୀହେବା ଯୋଗ୍ୟ ଲୋକଙ୍କୁ ବନ୍ଦୀତ୍ୱରେ ଓ
ଖଡ୍ଗଯୋଗ୍ୟ ଲୋକଙ୍କୁ ଖଡ୍ଗରେ ସମର୍ପଣ କରିବ।
**12**ନବୂଖଦ୍‌ନିତ୍ସର ମିଶର ଦେଶସ୍ଥ ସମସ୍ତ ଦେବାଳୟରେ ଅଗ୍ନି
ସଂଯୋଗ କରିବ। ସେ ସେଗୁଡ଼ିକୁ ପୋଡ଼ି ସମସ୍ତ ମୂର୍ତ୍ତି
ବାବିଲକୁ ନେଇଯିବ। ପୁଣି ମେଷପାଳକ ଯେପରି ଆପଣା
ବସ୍ତ୍ରକୁ ପରିଛନ୍ନ କରେ ସେହିପରି ସେ ମିଶରକୁ ନିର୍ମଳ
କରିବ। ସେ ମିଶରରେ ଶାନ୍ତି ସ୍ଥାପନ କରି ପ୍ରସ୍ଥାନ କରିବ।
**13**ଆଉ ମଧ୍ୟ ସେ ମିଶର ଦେଶସ୍ଥ ସମସ୍ତ ସ୍ମୃତିସ୍ତମ୍ଭ
ଯେଉଁଗୁଡ଼ିକ ସୂର୍ଯ୍ୟ ଦେବଙ୍କ ମନ୍ଦିରରେ ଥିବ, ସେଗୁଡ଼ିକୁ
ଭାଙ୍ଗି ପକାଇବ, ପୁଣି ମିଶର ଦେଶସ୍ଥ ଦେବାଳୟ ସବୁ ସେ
ଅଗ୍ନିରେ ଦଗ୍ଧ କରିବ।'"

### ମିଶରସ୍ଥିତ ଯିହୁଦୀୟମାନଙ୍କ ପ୍ରତି ସଦାପ୍ରଭୁଙ୍କ ବାର୍ତ୍ତା

44 ଯେଉଁ ଯିହୁଦୀୟମାନେ ମିଶର ଦେଶସ୍ଥ ମିଗ୍‍ଦୋଲରେ,
ତଫନହେଷରେ, ନୋଫରେ ଓ ପଥ୍ରୋଷ ପ୍ରଦେଶରେ
ବାସ କଲେ ସେମାନଙ୍କ ଉଦ୍ଦେଶ୍ୟରେ ସଦାପ୍ରଭୁଙ୍କଠାରୁ ଏହି
ବାକ୍ୟ ଯିରିମିୟଙ୍କ ନିକଟରେ ଉପସ୍ଥିତ ହେଲା। 2ସୈନ୍ୟାଧିପତି
ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର ଏହି କଥା କହନ୍ତି,
"ଆମ୍ଭେ ଯିରୂଶାଲମ ଉପରେ ଓ ଯିହୁଦାର ସବୁ ନଗର
ଉପରେ ଯେଉଁସବୁ ଅମଙ୍ଗଳ ଘଟାଇଅଛୁ ତାହା ତୁମ୍ଭେମାନେ
ଦେଖିଅଛ। ଆଉ ସେଗୁଡ଼ିକ ଜନମାନବ ଶୂନ୍ୟ ପ୍ରସ୍ତର
ଗଦାରେ ଆଜି ପରିଣତ ହୋଇଅଛି। 3କାରଣ ସେମାନେ
ଆମ୍ଭକୁ ବିରକ୍ତ କରିବା ପାଇଁ ଦୁଷ୍କର୍ମ କଲେ। ସେମାନେ
ଅନ୍ୟ ଦେବଗଣଙ୍କ ଉଦ୍ଦେଶ୍ୟରେ ଧୂପ ଜଳାଇଲେ ଓ ପୂଜା
କରିବାକୁ ଗଲେ। ଯେଉଁ କାର୍ଯ୍ୟ ତୁମ୍ଭର ଲୋକମାନେ ଓ
ତୁମ୍ଭ ପୂର୍ବପୁରୁଷମାନେ ଅତୀତରେ କରୁ ନ ଥିଲେ। 4ତଥାପି
ଆମ୍ଭେ ଆମ୍ଭର ଦାସ ଭବିଷ୍ୟଦ୍‌ବକ୍ତାମାନଙ୍କୁ ବାରମ୍ବାର ତୁମ୍ଭମାନଙ୍କ
ନିକଟକୁ ପଠାଇଲୁ। ଆଉ ତୁମ୍ଭମାନଙ୍କୁ ଜଣାଇଲୁ, 'ତୁମ୍ଭେମାନେ
ଏହି ଘୃଣ୍ୟ କର୍ମ କରନାହିଁ, ଆମ୍ଭେ ତାହା ଘୃଣା କରୁ।'
5ମାତ୍ର ସେମାନେ ସେମାନଙ୍କର କଥା ଶୁଣିଲେ ନାହିଁ।
ସେମାନେ ଆପଣା ଦୁଷ୍କର୍ମରୁ ନିବୃତ୍ତ ହୋଇ ଅନ୍ୟ ଦେବଗଣଙ୍କ
ଉଦ୍ଦେଶ୍ୟରେ ଧୂପ ନ ଜଳାଇବା ପାଇଁ ଭବିଷ୍ୟଦ୍‌ବକ୍ତାଙ୍କ
ବାକ୍ୟରେ କର୍ଣ୍ଣପାତ କଲେ ନାହିଁ। 6ତେଣୁ ଆମ୍ଭେ ଆମ୍ଭର
ପ୍ରଚଣ୍ଡ କ୍ରୋଧ ଓ କୋପ ପ୍ରକାଶ କଲୁ। ଯିହୁଦାର ନଗର
ସମୂହ ଓ ଯିରୂଶାଲମର ସମସ୍ତ ପଥ ସେହି କ୍ରୋଧାଗ୍ନିରେ
ପ୍ରଜ୍ୱଳିତ ହେଲା। ଆଉ ମୋର କ୍ରୋଧ ଯୋଗୁଁ ଯିରୂଶାଲମ ଓ
ଯିହୁଦାର ନଗରସବୁ ଆଜି ଧ୍ୱଂସ ସ୍ତୂପରେ ପରିଣତ ହୋଇଅଛି।"

7ତେଣୁ ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର
କହନ୍ତି, "ତୁମ୍ଭେମାନେ କାହିଁକି ଏହି ମହାପାପ କରି ନିଜ
ନିଜ ଜୀବନକୁ ଆଘାତ କରୁଛ? ଏହାଦ୍ୱାରା ତୁମ୍ଭେମାନେ ନିଜ
ନିଜ ସଂପର୍କୀୟ ପୁରୁଷ, ସ୍ତ୍ରୀ, ବାଳକ ଓ ସ୍ତନ୍ୟପାୟୀ
ଶିଶୁମାନଙ୍କୁ ଯିହୁଦା ପରିବାରରୁ ବିଚ୍ଛିନ୍ନ କରୁଅଛ। ଆଉ
କାହାରିକୁ ଯିହୁଦାର ଅବଶିଷ୍ଟ ରଖୁନାହଁ। 8ତୁମ୍ଭେମାନେ ଏହି
ଯେ ମିଶର ଦେଶରେ ପ୍ରବାସ କରିବା ପାଇଁ ଆସିଅଛ, ଏ
ସ୍ଥାନରେ ଅନ୍ୟ ଦେବଗଣ ଉଦ୍ଦେଶ୍ୟରେ ଧୂପ ଜଳାଇ କାହିଁକି
ଆପଣା ଆପଣା ହସ୍ତକୃତ କର୍ମଦ୍ୱାରା ଆମ୍ଭକୁ ବିରକ୍ତ କରୁଅଛ?
ତୁମ୍ଭେମାନେ ବିନଷ୍ଟ ହେବ ଓ ପୃଥିବୀସ୍ଥ ସମସ୍ତ ଗୋଷ୍ଠୀ
ମଧ୍ୟରେ ଅଭିଶପ୍ତ ଓ ନିନ୍ଦାର ପାତ୍ର ହେବ। 9ଯିହୁଦା ନଗରର
ଓ ଯିରୂଶାଲମର ରାଜପଥରେ ତୁମ୍ଭମାନଙ୍କର ପୂର୍ବପୁରୁଷମାନେ
ଏବଂ ଯିହୁଦାର ରାଜାମାନେ ଓ ସେମାନଙ୍କର ସ୍ତ୍ରୀମାନେ
କରିଥିବା ଅପରାଧ ଏବଂ ତୁମ୍ଭର ନିଜର କୁକର୍ମ ଓ ତୁମ୍ଭର
ସ୍ତ୍ରୀମାନଙ୍କର କୁକର୍ମ, ତୁମ୍ଭେ ପାଶୋରି ଦେଇଛ କି? 10ଏପରିକି
ଏବେ ମଧ୍ୟ ସେମାନେ ବିନୟୀ ହୋଇନାହାନ୍ତି କିଅବା
ଆମ୍ଭପ୍ରତି ଭକ୍ତିଭାବ ଦେଖାଇ ନାହାନ୍ତି। ଆମ୍ଭେ ତୁମ୍ଭମାନଙ୍କୁ ଓ
ତୁମ୍ଭମାନଙ୍କର ପୂର୍ବପୁରୁଷମାନଙ୍କୁ ଦେଇଥିବା ବିଧି ଓ ବ୍ୟବସ୍ଥା
ଅନୁସାରେ ସେମାନେ ଆଚରଣ କରିନାହାନ୍ତି।"

11ଏଣୁ ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର
ଏହିକଥା କହନ୍ତି, "ଦେଖ, ଆମ୍ଭେ ତୁମ୍ଭମାନଙ୍କ ବିପକ୍ଷରେ ଓ
ସମଗ୍ର ଯିହୁଦା ବିପକ୍ଷରେ ଅମଙ୍ଗଳ ଓ ଧ୍ୱଂସ ଘଟାଇବା ପାଇଁ
ମନସ୍ଥ କରିଅଛୁ। 12ପୁଣି ଯିହୁଦାର ଯେଉଁ ଅବଶିଷ୍ଟାଂଶ
ଲୋକେ ମିଶର ଦେଶରେ ପ୍ରବାସ କରିବା ପାଇଁ ସେଠାକୁ
ଯିବା ଲାଗି ଆଗ୍ରହୀ ହୋଇଅଛନ୍ତି, ଆମ୍ଭେ ସେମାନଙ୍କୁ ଧରିବା।
ସେମାନେ ସମସ୍ତେ ଲୁପ୍ତ ହେବେ, ମିଶର ଦେଶରେ ପତିତ
ହେବେ। ଖଡ୍ଗ ଓ ଦୁର୍ଭିକ୍ଷରେ ସେମାନେ ଲୁପ୍ତ ହେବେ। କ୍ଷୁଦ୍ର
ଓ ମହାନ୍ ସମସ୍ତେ ଖଡ୍ଗ ଓ ଦୁର୍ଭିକ୍ଷରେ ମରିବେ। ଆଉ
ସେମାନେ ଅନ୍ୟ ଦେଶଗୁଡ଼ିକ ସମ୍ମୁଖରେ ଅଭିଶାପ, ବିସ୍ମୟ,
ଶାପ ଓ ନିନ୍ଦାର ପାତ୍ର ହେବେ। 13ଆଉ ଆମ୍ଭେ ଯେପରି
ଖଡ୍ଗ, ଦୁର୍ଭିକ୍ଷ ଓ ମହାମାରୀ ଦ୍ୱାରା ଯିରୂଶାଲମକୁ ଦଣ୍ଡ
ଦେଇଥିଲୁ, ସେହିପରି ମିଶର ଦେଶରେ ବାସ କରୁଥିବା
ପ୍ରବାସୀମାନଙ୍କୁ ଦଣ୍ଡ ଦେବୁ। 14ଯିହୁଦାର ଯେଉଁ ଅବଶିଷ୍ଟ
ଲୋକେ ଯିହୁଦା ଦେଶକୁ ଫେରିଯାଇ ସେଠାରେ ବାସ
କରିବାକୁ ଇଚ୍ଛା କରି ମିଶର ଦେଶରେ ପ୍ରବାସ କରିବାକୁ
ଆସି ଅଛନ୍ତି, ସେମାନଙ୍କ ମଧ୍ୟରୁ କେହି ଉଦ୍ଧାର କିଅବା ରକ୍ଷା
ପାଇବେ ନାହିଁ। କାରଣ ପଳାତକ ଲୋକମାନଙ୍କ ବିନା ଆଉ
କେହି ଫେରିଯିବେ ନାହିଁ।"

15ସେତେବେଳେ ବହୁ ସ୍ତ୍ରୀଲୋକ ଯିହୁଦାର ଅନ୍ୟ ଦେବଗଣଙ୍କ
ଉଦ୍ଦେଶ୍ୟରେ ଧୂପ ଜଳାଉ ଥିଲେ। ସେମାନଙ୍କର ସ୍ୱାମୀମାନେ
ଏହା ଜାଣିଲେ ମଧ୍ୟ ସେମାନଙ୍କୁ ନିବୃତ୍ତ କରୁନଥିଲେ।
ସେମାନଙ୍କ ନିକଟରେ ଠିଆ ହୋଇଥିବା ସ୍ତ୍ରୀମାନଙ୍କର ମହାସମାଜ
ଆଉ ମିଶରର ପଥ୍ରୋଷ୍ ପ୍ରଦେଶରେ ବାସକାରୀ ସମସ୍ତ
ଲୋକ ଯିରିମିୟଙ୍କୁ କହିଲେ, 16"ତୁମ୍ଭେ ସଦାପ୍ରଭୁଙ୍କ ନାମରେ
ଆମ୍ଭମାନଙ୍କୁ ଯେଉଁ କଥା କହିଅଛ, ତୁମ୍ଭର ସେହିକଥା
ଆମ୍ଭେମାନେ ଶୁଣିବୁ ନାହିଁ। 17ଆମ୍ଭେ ନିଶ୍ଚିତ କରିବୁ ଯେହେତୁ
ଆମ୍ଭେ ପ୍ରତିଜ୍ଞା କରିଛୁ। ଅର୍ଥାତ୍ ଯିହୁଦାର ନଗର ସମୂହରେ
ଓ ଯିରୂଶାଲମର ସମସ୍ତ ପଥରେ ଆମ୍ଭେମାନେ ଯେପରି
କରିଅଛୁ ଓ ଆମ୍ଭମାନଙ୍କର ପୂର୍ବପୁରୁଷମାନେ, ରାଜଗଣ ଓ
ଅଧିପତିଗଣ ଯେପରି କରିଅଛନ୍ତି, ଆମ୍ଭେମାନେ ପେୟ ନୈବେଦ୍ୟ
ଉତ୍ସର୍ଗ କରିବୁ। କାରଣ ସେ ସମୟରେ ଆମ୍ଭେମାନେ ପ୍ରଚୁର
ଆହାର ପାଇଲୁ ଏବଂ ସୁଖରେ ଥିଲୁ। କୌଣସି ଅମଙ୍ଗଳ
ଆମ୍ଭପ୍ରତି ଘଟି ନଥିଲା। 18ମାତ୍ର ଆମ୍ଭେମାନେ ଯେତେବେଳେ
ଆକାଶ ରାଣୀ ଉଦ୍ଦେଶ୍ୟରେ ଧୂପ ଜଳାଇବା ଓ ପେୟ
ନୈବେଦ୍ୟ ଢାଳିବା ଛାଡ଼ିଦେଲୁ, ଆମ୍ଭମାନଙ୍କ ସବୁ ବିଷୟରେ
ଅଭାବ ଘଟିଲା ଓ ଆମ୍ଭେମାନେ ଖଡ୍ଗ ଓ ଦୁର୍ଭିକ୍ଷରେ ଲୁପ୍ତ
ହେଲୁ।"

19ତା'ପରେ ସେହି ସ୍ତ୍ରୀମାନେ ଯିରିମିୟଙ୍କୁ କହିଲେ,
"ଆମ୍ଭେମାନେ ଆମ୍ଭମାନଙ୍କ ସ୍ୱାମୀମାନଙ୍କର ଅନୁମତିରେ ଆକାଶ
ରାଣୀ ଉଦ୍ଦେଶ୍ୟରେ ଧୂପ ଜଳାଇଲୁ, ପେୟ ନୈବେଦ୍ୟ
ଢାଳିଲୁ ଓ ପୂଜା ନିମନ୍ତେ ପିଠା ପ୍ରସ୍ତୁତ କଲୁ।"

20ତା'ପରେ ଯିରିମିୟ ସମସ୍ତ ପୁରୁଷ ଓ ସ୍ତ୍ରୀଙ୍କୁ କହିଲେ,
ଯେଉଁମାନେ ତାଙ୍କୁ ପ୍ରତ୍ୟୁତ୍ତର କରିଥିଲେ। 21"ଯିହୁଦାର
ନଗର ସମୂହରେ ଓ ଯିରୂଶାଲମର ସକଳ ପଥରେ ତୁମ୍ଭେମାନେ
ଓ ତୁମ୍ଭମାନଙ୍କର ପୂର୍ବପୁରୁଷମାନେ, ରାଜାଗଣ, ଅଧିପତିଗଣ ଓ
ଦେଶସ୍ଥ ଲୋକ ସମସ୍ତେ ଯେଉଁ ଧୂପ ଜଳାଇଲେ, ସଦାପ୍ରଭୁ
କ'ଣ ତାହା ସ୍ମରଣ କଲେ ନାହିଁ ଓ ତାହା କ'ଣ ତାଙ୍କ
ମନେ ପଡ଼ିଲା ନାହିଁ? 22ତା'ପରେ ତୁମ୍ଭମାନଙ୍କର ଦୁଷ୍କର୍ମ କୃତ
ଘୃଣ୍ୟକର୍ମ ଯୋଗୁଁ ସଦାପ୍ରଭୁ ଆଉ ସହ୍ୟ କରିପାରିଲେ ନାହିଁ,

ତେଣୁ ତୁମ୍ଭମାନଙ୍କର ଦେଶ ନିବାସ ବିହୀନ ହୋଇ ଶୂନ୍ୟ
ମରୁରେ ପରିଣତ ହୋଇଅଛି। ଲୋକମାନେ ଏହାକୁ ଅଭିଶାପ
ରୂପେ ବ୍ୟବହାର କରନ୍ତି। 23ଏ ସମସ୍ତ ଅମଙ୍ଗଳ ଘଟିବାର
କାରଣ ହେଉଛି, ତୁମ୍ଭେମାନେ ଅନ୍ୟ ଦେବତା ଉଦ୍ଦେଶ୍ୟରେ
ଧୂପ ଜଳାଇ ଅଛ, ସଦାପ୍ରଭୁଙ୍କ ବିରୁଦ୍ଧରେ ପାପ କରିଅଛ ଓ
ସଦାପ୍ରଭୁଙ୍କ ବାକ୍ୟରେ ଅବଧାନ କରିନାହଁ, ପୁଣି ତାଙ୍କର
ବ୍ୟବସ୍ଥା ଓ ବିଧି ପ୍ରମାଣ ବାକ୍ୟାନୁସାରେ ଆଚରଣ କରିନାହଁ।"
24ତା'ପରେ ଯିରିମିୟ ସମସ୍ତ ପୁରୁଷ ଓ ସ୍ତ୍ରୀ ଲୋକମାନଙ୍କୁ
କହିଲେ, "ହେ ମିଶର ଦେଶରେ ଥିବା ଯିହୁଦାର ଲୋକମାନେ,
ତୁମ୍ଭେମାନେ ସଦାପ୍ରଭୁଙ୍କର ବାକ୍ୟ ଶୁଣ। 25ସୈନ୍ୟାଧିପତି
ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର ଏହିକଥା କହନ୍ତି, 'ତୁମ୍ଭେ
ସ୍ତ୍ରୀ ଲୋକମାନେ କହିଥିଲ, "ଆମ୍ଭେମାନେ ଆକାଶ ରାଣୀ
ଉଦ୍ଦେଶ୍ୟରେ ଧୂପ ଜଳାଇବା ପାଇଁ ଓ ପେୟ ନୈବେଦ୍ୟ
ଢାଳିବା ପାଇଁ ଯେଉଁ ଶପଥ କରିଅଛୁ ତାହା ଅବଶ୍ୟ ସିଦ୍ଧ
କରିବୁ।" ତେଣୁ ତୁମ୍ଭେମାନେ ଆଗେଇ ଚାଲ, ତୁମ୍ଭମାନଙ୍କର
ଶପଥ ଦୃଢ କର ଓ ତୁମ୍ଭମାନଙ୍କର ଶପଥ ସିଦ୍ଧ କର।
26ଏଣୁ ହେ ଯିହୁଦାର ସମସ୍ତ ମିଶର ଦେଶ ନିବାସୀ,
ତୁମ୍ଭେମାନେ ସଦାପ୍ରଭୁଙ୍କର ବାକ୍ୟ ଶୁଣ, ସଦାପ୍ରଭୁ କହନ୍ତି,
"ଦେଖ, ମୁଁ ଆପଣା ମହାନାମରେ ଶପଥ କରିଅଛି, "ମିଶର
ଦେଶସ୍ଥ ଯିହୁଦୀ ଲୋକ ମୋର ନାମର ବ୍ୟବହାର କରିବ
ନାହିଁ। ସେମାନେ କେବେ କହିବେ ନାହିଁ, ନିଶ୍ଚିତରେ ସଦାପ୍ରଭୁ
ଅଛନ୍ତି।" 27"'ଆଉ ଦେଖ, ଆମ୍ଭେ ସେମାନଙ୍କର ମଙ୍ଗଳ
ନିମନ୍ତେ ନୁହେଁ, ଅମଙ୍ଗଳ ନିମନ୍ତେ ସେମାନଙ୍କୁ ଜଗି ରହିବା।
ମିଶର ଦେଶସ୍ଥ ସମସ୍ତ ଯିହୁଦୀ ନିଃଶେଷ ହେବା ପର୍ଯ୍ୟନ୍ତ
ଖଡ୍ଗ ଓ ଦୁର୍ଭିକ୍ଷରେ ମୃତ୍ୟୁ ଲାଗି ରହିବ। 28ଖଡ୍ଗରୁ ରକ୍ଷା
ପାଇ ଅଳ୍ପ କେତେକ ଲୋକ ମିଶରରୁ ଯିହୁଦାକୁ ଫେରିଯିବେ।
ତହିଁରେ ଯେଉଁମାନେ ପ୍ରବାସ କରିବା ପାଇଁ ମିଶର ଦେଶକୁ
ଯାଇଅଛନ୍ତି, ଯିହୁଦାର ସେହି ଅବଶିଷ୍ଟାଂଶ ଲୋକେ, ସେମାନେ
ଜାଣିବେ କାହାର ବାକ୍ୟ ବିଶ୍ୱାସଯୋଗ୍ୟ, ମୋର ନା ସେମାନଙ୍କର।"
29ପୁଣି ସଦାପ୍ରଭୁ କହନ୍ତି, ଆମ୍ଭେ ଏହି ସ୍ଥାନରେ ତୁମ୍ଭମାନଙ୍କୁ
ଦଣ୍ଡ ଦେବା ଓ ତାହା ତୁମ୍ଭମାନଙ୍କ ପାଇଁ ପ୍ରମାଣ ସ୍ୱରୂପ
ହେବ।' 'ତହିଁରେ ତୁମ୍ଭମାନଙ୍କର ଅମଙ୍ଗଳ ନିମନ୍ତେ ଆମ୍ଭମାନଙ୍କର
ବାକ୍ୟ ଯେ ନିଶ୍ଚୟ ଅଟଳ ହେବ, ଏହା ତୁମ୍ଭେମାନେ ଜାଣିବ।
30ସଦାପ୍ରଭୁ ଏହିକଥା କହନ୍ତି, ଦେଖ, ଆମ୍ଭେ ଯେପରି
ଯିହୁଦାର ରାଜା ସିଦିକିୟଙ୍କୁ ତାହାର ପ୍ରାଣ ନାଶକାରୀ ଶତ୍ରୁ
ବାବିଲର ରାଜା ନବୂଖଦ୍ନିତ୍ସରର ହସ୍ତରେ ସମର୍ପଣ କଲୁ,'
ସେହିପରି, 'ଆମ୍ଭେ ମିଶରର ରାଜା ଫାରୋ-ହଫ୍ରାକୁ ତାହାର
ପ୍ରାଣନାଶକାରୀ ଶତ୍ରୁମାନଙ୍କ ହସ୍ତରେ ସମର୍ପଣ କରିବା।'"

## ବାରୂକଙ୍କ ପ୍ରତି ଏକ ବାର୍ତ୍ତା

45 ଯୋଶିୟଙ୍କର ପୁତ୍ର ଯିହୁଦାର ରାଜା ଯିହୋୟାକୀମର
ରାଜତ୍ୱର ଚତୁର୍ଥ ବର୍ଷରେ ନେରିୟର ପୁତ୍ର ବାରୂକ,
ଯିରିମିୟଙ୍କ ମୁଖରୁ ଏହି ସମସ୍ତ କଥା ଶୁଣି ନଳାକାର
ପୁସ୍ତକରେ ଲେଖିଲାବେଳେ ଯିରିମିୟ ଭବିଷ୍ୟଦ୍‌ବକ୍ତା ତାଙ୍କୁ
ଏହିକଥା କହିଲେ। 2"ହେ ବାରୂକ, ସଦାପ୍ରଭୁ ଇସ୍ରାଏଲର
ପରମେଶ୍ୱର ତୁମ୍ଭଙ୍କୁ ଏହିକଥା କହନ୍ତି। 3'ହେ ବାରୂକ, ତୁମ୍ଭେ
ମୋତେ ହାୟ, ହାୟ କହିଲ, କାରଣ ସଦାପ୍ରଭୁ ମୋର
ଯନ୍ତ୍ରଣାରେ ଦୁଃଖ ଯୋଡ଼ିଦେଲେ। ମୁଁ କଥା କହିବାକୁ କ୍ଲାନ୍ତ
ହେଉଅଛି ଓ ଯନ୍ତ୍ରଣାରେ ଥରୁଅଛି, ଯେହେତୁ ମୋର କିଛି
ବିଶ୍ରାମ ନାହିଁ।'" 4ତେଣୁ ସଦାପ୍ରଭୁ କହିଲେ, "ହେ ଯିରିମିୟ,
ତୁମ୍ଭେ ବାରୂକଙ୍କୁ ଏହି କଥା କୁହ, 'ସଦାପ୍ରଭୁ କହନ୍ତି, ଦେଖ,
ଆମ୍ଭେ ଯାହା ନିର୍ମାଣ କରିଅଛୁ, ତାହା ଭାଙ୍ଗି ପକାଇବୁ ଓ
ଯାହା ରୋପଣ କରିଅଛୁ ତାହା ଉତ୍ପାଟନ କରିବୁ। ଆଉ
ସମୁଦାୟ ଯିହୁଦାରେ ଏହା କରିବୁ। 5ହେ ବାରୂକ, ତୁମ୍ଭେ
ନିଜ ପାଇଁ ମହାନ୍ ବିଷୟ ଖୋଜୁଅଛ। କିନ୍ତୁ ତାହା ଚେଷ୍ଟା
କରନାହିଁ।' କାରଣ ସଦାପ୍ରଭୁ କହନ୍ତି, 'ଦେଖ, ଆମ୍ଭେ ସମଗ୍ର
ପ୍ରାଣୀ ଉପରେ ଅମଙ୍ଗଳ ଘଟାଇବା। ମାତ୍ର ତୁମ୍ଭେ ଯେଉଁ
ଯେଉଁ ସ୍ଥାନକୁ ଯିବ ଆମ୍ଭେ ସେ ସବୁ ସ୍ଥାନରେ ତୁମ୍ଭର ପ୍ରାଣ
ରକ୍ଷା କରିବା।'"

## ବିଭିନ୍ନ ଗୋଷ୍ଠୀ ସମ୍ବନ୍ଧରେ ବାର୍ତ୍ତା

46 ବିଭିନ୍ନ ଗୋଷ୍ଠୀଗଣ ବିଷୟରେ ସଦାପ୍ରଭୁଙ୍କର ଏହିସବୁ
ବାକ୍ୟ ଯିରିମିୟଙ୍କ ନିକଟରେ ଉପସ୍ଥିତ ହେଲା।

## ମିଶର ସମ୍ବନ୍ଧରେ ବାର୍ତ୍ତା

2ମିଶର ଦେଶ ସମ୍ବନ୍ଧରେ ଏହି ବାର୍ତ୍ତା। ଯୋଶିୟର ପୁତ୍ର
ଯିହୁଦାର ରାଜା ଯିହୋୟାକୀମର ଅଧିକାରର ଚତୁର୍ଥ ବର୍ଷରେ
ବାବିଲର ରାଜା ନବୂଖଦ୍ନିତ୍ସର, ମିଶରର ରାଜା ଫାରୋନଖୋର
ଯେଉଁ ସୈନ୍ୟସାମନ୍ତଙ୍କୁ ପରାଜୟ କଲା, ଫରାତ୍ ନଦୀ
ନିକଟସ୍ଥ କର୍କମୀଶରେ ଉପସ୍ଥିତ ସେହି ସୈନ୍ୟ ସାମନ୍ତ
ବିଷୟକ କଥା।

3"ତୁମ୍ଭେମାନେ ଚର୍ମରେ ଢାଲ ଓ ଫଳକ ପ୍ରସ୍ତୁତ କର
ଓ ଯୁଦ୍ଧ କରିବା ଲାଗି ଅଗ୍ରସର ହୁଅ।

4ହେ ଅଶ୍ୱାରୋହୀଗଣ, ତୁମ୍ଭେମାନେ ଅଶ୍ୱଗଣଙ୍କୁ ସଜ୍ଜିତ
କରି ଆରୋହଣ କର। ମସ୍ତକରେ ଶିରସ୍ତ୍ରାଣ ପିନ୍ଧି ଠିଆ
ହୁଅ। ବଲ୍ଲମକୁ ଧାରୁଆ କର ଓ ସାଞ୍ଜୁ ପିନ୍ଧ।

5ଆମ୍ଭେ କ'ଣ ଦେଖୁଅଛୁ? ସେମାନେ ଉଦ୍‌ବିଗ୍ନ ହୋଇ
ପଛକୁ ଫେରୁଛନ୍ତି। ସେମାନଙ୍କର ବୀରଗଣ ପରାସ୍ତ ହୋଇଛନ୍ତି
ଓ ପଛକୁ ନ ଚାହିଁ ଶୀଘ୍ର ଶୀଘ୍ର ପଳାୟନ କରୁଛନ୍ତି।
ସେମାନଙ୍କ ଚତୁର୍ଦ୍ଦିଗରେ ଆଶଙ୍କା ଭରି ଯାଇଛି।" ସଦାପ୍ରଭୁ
ଏହିସବୁ କହନ୍ତି।

6"ଦ୍ରୁତଗାମୀ ଲୋକ ପଳାୟନ କରିପାରିବେ ନାହିଁ, କିଅବା
ବୀର ପୁରୁଷଗଣ ରକ୍ଷା ପାଇପାରିବେ ନାହିଁ। ଉତ୍ତର ଦିଗରେ
ଫରାତ୍ ନଦୀ ନିକଟରେ ସେମାନେ ଝୁଣ୍ଟି ପଡ଼ିବେ ଓ
ସେମାନଙ୍କର ପତନ ହେବ।

7ସେ କିଏ ଯେ କି ନୀଳନଦୀପରି ଉଠୁଅଛି ଓ ନଦୀ
ସମୂହର ଜଳରାଶି ତୁଲ୍ୟ ଉତ୍କ୍ଷିପ୍ତ ହେଉଅଛି?

8ଏହା ହେଉଛି ମିଶର ଯେ କି ନୀଳନଦୀ ତୁଲ୍ୟ
ଉଠୁଅଛି। ତା'ର ଜଳରାଶି ନଦୀ ସମୂହର ତୁଲ୍ୟ ଉତ୍କ୍ଷିପ୍ତ
ହେଉଅଛି। ଆଉ ସେ କହୁଅଛି, 'ମୁଁ ଉଚ୍ଛୁଳି ଉଠିବି, ମୁଁ
ପୃଥିବୀକୁ ପ୍ଲାବିତ କରିବି, ମୁଁ ନଗର ସମୂହକୁ ଓ ତନ୍ନିବାସୀ
ଲୋକମାନଙ୍କୁ ନଷ୍ଟ କରିବି।'

9ହେ ଅଶ୍ୱାରୋହୀଗଣ, ଅଗ୍ରସର ହୁଅ। ହେ ରଥାରୋହୀଗଣ
ଦ୍ରୁତଗତିରେ ରଥ ଚାଳନା କର, ହେ ବୀରଗଣ, ଆଗେଇ

ଚାଲ। ତୁମ୍ଭମାନଙ୍କର ଢାଲ ଧର। କୂଶ୍, ପୁଟ୍‌ରୁ ଓ ଲୁଦୀୟରୁ
ଆସିଥିବା ଢାଲବାହକଗଣ, ତୁମ୍ଭେମାନେ ଧନୁରେ ଭଲଭାବରେ
ଗୁଣ ଦିଅ।
10"କିନ୍ତୁ ସେତେବେଳେ ଆମ୍ଭର ପ୍ରଭୁ ସୈନ୍ୟାଧିପତି
ସଦାପ୍ରଭୁ ପ୍ରତିଶୋଧ ନେବେ ଓ ସେହିଦିନ ବିପକ୍ଷମାନଙ୍କୁ
ପ୍ରତିଫଳ ଦେବେ। ଖଡ୍ଗ ସମସ୍ତଙ୍କୁ ନିଃଶେଷ କରି ତୃପ୍ତ ହେବ
ଓ ସେମାନଙ୍କର ରକ୍ତ ପାନକରି ତୃଷା ନିବାରଣ କରିବ।
କାରଣ ଉତ୍ତର ଦେଶରେ ଫରାତ୍ ନଦୀ ନିକଟରେ ଆମ୍ଭମାନଙ୍କର
ପ୍ରଭୁ ସୈନ୍ୟାଧିପତି ସଦାପ୍ରଭୁଙ୍କର ଏକ ଯଜ୍ଞସ୍ଥଳୀ ଅଛି।
11"ହେ ମିଶରର ଅନୂଢ଼ା କନ୍ୟା, ତୁମ୍ଭେ ଗିଲୟଦଠାରୁ
ଔଷଧ ନିଅ। ମାତ୍ର ତୁମ୍ଭେ ଯାହା ଔଷଧ ନେଲେ ମଧ୍ୟ
ତାହା ବ୍ୟର୍ଥ ହେବ, ତୁମ୍ଭେ ଆରୋଗ୍ୟ ହେବ ନାହିଁ।
12ଗୋଷ୍ଠୀଗଣ ତୁମ୍ଭର କ୍ରନ୍ଦନ ଶୁଣିବେ। ତୁମ୍ଭର କାତରୋକ୍ତିରେ
ପୃଥିବୀ ପରିପୂର୍ଣ୍ଣ ହେବ। ଜଣେ 'ବୀର ସୈନିକ' ଅନ୍ୟ ଜଣେ
'ବୀର ସୈନିକ' ଉପରେ ଝୁଣ୍ଟି ପଡ଼ିବ ଓ ସେ ଦୁହେଁ ଏକତ୍ର
ପଡ଼ିବେ।"
13ବାବିଲର ରାଜା ନବୂଖଦ୍‌ନିତ୍ସର ମିଶର ଦେଶକୁ ଆସି
ତାକୁ ପରାସ୍ତ କରିବା କଥା ସଦାପ୍ରଭୁ ଭବିଷ୍ୟଦ୍‌ବକ୍ତା ଯିରିମିୟଙ୍କୁ
କହିଲେ,
14"ତୁମ୍ଭେମାନେ ମିଶରରେ ପ୍ରଚାର କର, ମିଗଦୋଲରେ
ଘୋଷଣା କର, ଆଉ ନୋଫ ଓ ତଫନହେଷରେ କୁହ,
'ତୁମ୍ଭେମାନେ ଯୁଦ୍ଧ ପାଇଁ ଠିଆ ହୁଅ ଓ ଆପଣାକୁ ପ୍ରସ୍ତୁତ
କର। କାରଣ ଖଡ୍ଗ ତୁମ୍ଭ ଚାରିଆଡ଼େ ଲୋକମାନଙ୍କୁ ବିନାଶ
କରି ଚାଲିଛି।'
15"ହେ ମିଶର, ତୁମ୍ଭର ବଳବାନ୍ ଲୋକମାନେ ମୃତ୍ୟୁବରଣ
କରିବେ ଓ ସେମାନେ ସ୍ଥିର ହୋଇ ଛିଡ଼ା ହୋଇପାରିବେ
ନାହିଁ। କାରଣ ସଦାପ୍ରଭୁ ସେମାନଙ୍କୁ ତଳେ ଠେଲି ପକାଇ
ଦେବେ।
16ସେହି ସୈନ୍ୟଗଣ ପରସ୍ପର ଉପରେ ଝୁଣ୍ଟି ପଡ଼ିବେ।
ସେମାନେ ପୁଣି କହିବେ, 'ଉଠ, ଆମ୍ଭେମାନେ ଖଡ୍ଗରୁ ରକ୍ଷା
ପାଇବା ପାଇଁ ଆପଣା ଲୋକମାନଙ୍କ ନିକଟକୁ ପଳାଇଯିବା ଓ
ଆପଣା ଜନ୍ମ ଭୂମିକୁ ପୁନର୍ବାର ଫେରିଯିବା।'
17ସେମାନଙ୍କ ଜନ୍ମ ଭୂମିରେ ଲୋକମାନେ କହିବେ,
'ଫାରୋ କେବଳ ଜଣେ ଅହଂକାରୀ, ଯିଏ କି ଉତ୍ତମ
ସୁଯୋଗ ହାତଛଡ଼ା କରନ୍ତି।'"
18ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, "ମୁଁ ଜୀବିତ ଥିବା
ପ୍ରମାଣେ ଜଣେ ଆସୁଅଛି, ଯିଏକି ତାବୋର ପର୍ବତ ସଦୃଶ
ମହାନ କିଅବା ସମୁଦ୍ର ନିକଟସ୍ଥ କର୍ମିଲ ପର୍ବତ ସଦୃଶ।
19ହେ ମିଶର କନ୍ୟା, ତୁମ୍ଭେ ନିର୍ବାସନ ଯିବା ପାଇଁ
ନିଜକୁ ପ୍ରସ୍ତୁତ କର। କାରଣ ନୋଫ ଧ୍ୱଂସପ୍ରାପ୍ତ ଓ ଦଗ୍ଧୀଭୂତ
ହେବ। ସେଠାରେ କେହି ଲୋକ ବାସ କରିବେ ନାହିଁ।
20"ମିଶର ଗୋଟିଏ ସୁନ୍ଦରୀ ତରୁଣୀ ଗାଭୀପରି, ମାତ୍ର
ଡାଆଁଶ ସଦୃଶ ଉତ୍ତର ଦିଗରୁ କଲଦୀୟମାନେ ତାକୁ ବିନାଶ
କରିବାକୁ ଆସିବେ।
21ଆହୁରି ମିଶରର ବେତନ ଗ୍ରାହୀ ସୈନ୍ୟମାନେ ଗୋଶାଳାର
ଗୋବତ୍ସ ତୁଲ୍ୟ। ସେମାନେ ପଳାୟନ କରିବେ। ସେମାନେ
ଆକ୍ରମଣର ସମ୍ମୁଖୀନ ହୋଇପାରିବେ ନାହିଁ। କାରଣ ସେମାନଙ୍କର
ବିପଦର ଦିନ ଆସୁଅଛି ଓ ସେମାନେ ଖୁବ୍ ଶୀଘ୍ର ସେମାନଙ୍କର
ପ୍ରତିଫଳ ପାଇବେ।
22ମିଶର ସର୍ପତୁଲ୍ୟ ଶବ୍ଦକରି ପଳାଇବାକୁ ଚେଷ୍ଟା କରିବ।
ମାତ୍ର ଶତ୍ରୁଗଣ ତା'ର ନିକଟରୁ ନିକଟତର ହେବେ। ସେମାନେ
କାଠ କଟାଳି ସଦୃଶ କୁରାଢ଼ି ନେଇ ତା' ବିରୁଦ୍ଧରେ ଆକ୍ରମଣ
କରିବେ।"
23ସଦାପ୍ରଭୁ କହନ୍ତି, "ମିଶରର ସୈନ୍ୟ ଅରଣ୍ୟ ସଦୃଶ
ଅଗଣିତ ହେଲେ ହେଁ ଶତ୍ରୁସୈନ୍ୟ ସେମାନଙ୍କୁ ହାଣି ପକାଇବେ।
କାରଣ ଶତ୍ରୁସୈନ୍ୟ ପଙ୍ଗପାଳ ଅପେକ୍ଷା ଅନେକ ଓ ଅସଂଖ୍ୟ
ଅଟନ୍ତି।
24ମିଶର ଲଜ୍ଜିତା ହେବ। ସେ ଉତ୍ତର ଦେଶୀୟ ଲୋକମାନଙ୍କ
ହସ୍ତରେ ସମର୍ପିତ ହେବ।"
25ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାୟେଲର ପରମେଶ୍ୱର କହନ୍ତି,
"ଦେଖ, ଆମ୍ଭେ ନୋ ଦେଶୀୟ ଅମୋନକୁ, ଫାରୋ, ମିଶର,
ତାହାର ଦେବଗଣ ଓ ରାଜଗଣକୁ, ଆଉ ଫାରୋଙ୍କ ଶରଣାପନ୍ନ
ସମସ୍ତଙ୍କୁ ଦଣ୍ଡ ଦେବା। 26ପୁଣି ସେମାନଙ୍କର ପ୍ରାଣନାଶକାରୀ
ଲୋକମାନଙ୍କ ହସ୍ତରେ ଓ ବାବିଲର ରାଜା ନବୂଖଦ୍‌ନିତ୍ସର ଓ
ତାହାର ଦାସମାନଙ୍କ ହସ୍ତରେ ଆମ୍ଭେ ସେମାନଙ୍କୁ ସମର୍ପଣ
କରିବା।" ପୁଣି ସଦାପ୍ରଭୁ କହନ୍ତି, "ପୂର୍ବକାଳରେ ମିଶର
ଯେଉଁପରି ଶାନ୍ତିରେ ବାସ କରୁଥିଲା, ଏହି ଦୁଃସମୟ ପରେ
ସେ ପୁନର୍ବାର ଶାନ୍ତିରେ ରହିବ।"

## ଉତ୍ତର ଇସ୍ରାୟେଲ ପାଇଁ ଏକ ବାର୍ତ୍ତା

27"ହେ ଆମ୍ଭର ଦାସ ଯାକୁବ, ତୁମ୍ଭେ ଭୟ କରନାହିଁ
କିଅବା ହେ ଇସ୍ରାୟେଲ ତୁମ୍ଭେ ନିରାଶ ହୁଅନାହିଁ। ଆମ୍ଭେ
ଦୂର ଦେଶରୁ ତୁମ୍ଭକୁ ଓ ବନ୍ଦୀ ଅବସ୍ଥାରୁ ତୁମ୍ଭ ବଂଶକୁ
ଉଦ୍ଧାର କରିବା। ତହିଁରେ ଯାକୁବ ଫେରି ଆସି ନିର୍ଭୟ ଓ
ନିଶ୍ଚିତରେ ରହିଲା। ଆଉ କେହି ତାହାକୁ ଭୟ ଦେଖାଇଲେ
ନାହିଁ।"
28ସଦାପ୍ରଭୁ କହନ୍ତି, "ହେ ମୋର ଦାସ ଯାକୁବ, ତୁମ୍ଭେ
ଭୟ କରନାହିଁ। କାରଣ ଆମ୍ଭେ ତୁମ୍ଭ ସଙ୍ଗରେ ଅଛୁ,
ଯେଉଁମାନଙ୍କରୁ ଆମ୍ଭେ ତୁମ୍ଭକୁ ତଡ଼ି ଦେଇଅଛୁ, ଆମ୍ଭେ
ସେମାନଙ୍କୁ ସଂହାର କରିବା। ମାତ୍ର ଆମ୍ଭେ ତୁମ୍ଭକୁ ସଂହାର
କରିବା ନାହିଁ। ଆମ୍ଭେ ତୁମ୍ଭକୁ ବିବେଚନା ପୂର୍ବକ ଶାସ୍ତି
ଦେବା। ମାତ୍ର ତୁମ୍ଭକୁ ଦଣ୍ଡ ନ ଦେଇ ଛାଡ଼ିବା ନାହିଁ।"

## ପଲେଷ୍ଟୀୟମାନଙ୍କ ବିଷୟରେ ଏକ ବାର୍ତ୍ତା

47 ଫାରୋ ଘସା ନଗର ଆକ୍ରମଣ କରିବା ପୂର୍ବରୁ
ପଲେଷ୍ଟୀୟମାନଙ୍କ ବିଷୟରେ ସଦାପ୍ରଭୁଙ୍କର ଏହି
ବାକ୍ୟ ଯିରିମିୟ ଭବିଷ୍ୟଦ୍‌ବକ୍ତାଙ୍କ ନିକଟରେ ଉପସ୍ଥିତ
ହେଲା।
2ସଦାପ୍ରଭୁ କହନ୍ତି, "ଦେଖ, ଉତ୍ତର ଦିଗରୁ ଶତ୍ରୁସୈନ୍ୟ
କୂଳ ଲଙ୍ଘନ କରି ନଦୀଜଳ ଉଛୁଳିଲା ପରି ଆସୁଅଛି, ତାହା
ପ୍ଲାବନକାରୀ ବନ୍ୟା ସଦୃଶ ସମଗ୍ର ଦେଶ, ତନ୍ମଧ୍ୟସ୍ଥ ସମସ୍ତ
ବସ୍ତୁ, ନଗର ଓ ତନ୍ନିବାସୀମାନଙ୍କୁ ଜଳମଗ୍ନ କରିବ। ତହିଁରେ
ଲୋକମାନେ କ୍ରନ୍ଦନ କରିବେ ଓ ସାହାଯ୍ୟ ପାଇଁ ହାହାକାର
କରିବେ।

3"ସେମାନେ ଧାବମାନ ଅଶ୍ୱଗଣର ଖୁରା ଶବ୍ଦ, ରଥ
ସମୂହର ଗର୍ଜନ ଶବ୍ଦ ଓ ଚକ୍ରର ଘର୍ଘର ଶବ୍ଦ ଶୁଣିବେ।
ପିତୃଗଣ ଏତେ ଦୁର୍ବଳ ହେବେ ଯେ ସେମାନେ ସେମାନଙ୍କର
ପିଲାମାନଙ୍କୁ ସାହାଯ୍ୟ କରିବେ ନାହିଁ।
4"ଏହା ସମସ୍ତ ପଲେଷ୍ଟୀୟମାନଙ୍କର ଧ୍ୱଂସର ସମୟ,
ସୋର ଓ ସୀଦୋନର ସହକାରୀ ପ୍ରତ୍ୟେକ ଅବଶିଷ୍ଟ ଲୋକଙ୍କୁ
ଉଚ୍ଛନ୍ନ କରିବାର ସମୟ ଆସୁଅଛି। ଯେହେତୁ ସଦାପ୍ରଭୁ
ପଲେଷ୍ଟୀୟମାନଙ୍କର ଓ କପ୍ତୋର ଦ୍ୱୀପର ଅବଶିଷ୍ଟ ଲୋକଙ୍କର
ସର୍ବସ୍ୱ ହରଣ କରିବେ।
5ଘସାର ଲୋକମାନେ ଦୁଃଖିତ ହୋଇ ସେମାନଙ୍କର
ମସ୍ତକ ଖାଙ୍ଗରା କରିଛନ୍ତି। ଅସ୍କିଲୋନ୍‌ର ଲୋକମାନେ ଏବଂ
ତଳଭୂମିର ଅବଶିଷ୍ଟାଂଶ ଲୋକ ନୀରବ ହୋଇ ଅଛନ୍ତି।
ତୁମ୍ଭେମାନେ କେତେକାଳ ପର୍ଯ୍ୟନ୍ତ ନିଜକୁ କାଟିବ?
6"ହେ ସଦାପ୍ରଭୁଙ୍କ ଖଡ୍ଗ, ତୁମ୍ଭେ କେତେ କାଳପରେ
ଯୁଦ୍ଧରୁ କ୍ଷାନ୍ତ ହେବ? ତୁମ୍ଭେ ଆପଣା କୋଷରେ ପ୍ରବେଶ
କର, ଶାନ୍ତ ଓ ସ୍ଥିର ହୁଅ।
7ମାତ୍ର ସଦାପ୍ରଭୁଙ୍କ ଖଡ୍ଗ କିପରି କ୍ଷାନ୍ତ ହେବ? ସଦାପ୍ରଭୁ
ତାଙ୍କୁ ଆଜ୍ଞା ଦେଇଅଛନ୍ତି। ସେ ଅସ୍କିଲୋନ୍ ବିରୁଦ୍ଧରେ ଓ
ସମୁଦ୍ର ତୀର ବିରୁଦ୍ଧରେ ତାହାକୁ ନିଯୁକ୍ତ କରିଅଛନ୍ତି।"

## ମୋୟାବ ବିଷୟରେ ଏକ ବାର୍ତ୍ତା

48 ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର
ମୋୟାବ ବିଷୟରେ ଏହା କହନ୍ତି, "ନବୋ ଧ୍ୱଂସ
ହେବ, କିରୀୟାଥୟିମ ଲଜ୍ଜିତ ହେବ। ତାହା କବଳିତ ହେବ
ଏବଂ ପର୍ବତଗଡ ଲଜ୍ଜିତ ଓ ଭଗ୍ନ ହେବ।
2ମୋୟାବ ପୁନର୍ବାର ପ୍ରଶଂସିତ ହେବନାହିଁ। ହିଶ୍‌ବୋନରେ
ଲୋକମାନେ ତାହାର ବିନାଶର ଯୋଜନା କରିବେ। 'ଆସ,
ଆମ୍ଭେମାନେ ଏହାକୁ ଧ୍ୱଂସ କରିବା ଏବଂ ଗୋଷ୍ଠୀରୁ ଏହାକୁ
ସମାପ୍ତ କରିଦେବା।' ହେ ମଦ୍‌ମେନା! ତୁମ୍ଭେ ମଧ୍ୟ ନୀରବ
ହେବ, କାରଣ ଖଡ୍ଗ ତୁମ୍ଭର ପଶ୍ଚାଦ୍‌ଗାମୀ ହେବ।
3ହୋରୋନୟିମଠାରୁ କ୍ରନ୍ଦନର ଓ ମହାବିନାଶର ଶବ୍ଦ
ଶୁଣ।
4ମୋୟାବ ଧ୍ୱଂସ ପାଇବ ଓ ତାହାର ଛୋଟ ପିଲାମାନେ
ସାହାଯ୍ୟ ପାଇଁ କ୍ରନ୍ଦନ କରିବେ।
5କାରଣ ଲୂହୀତର ଉଠାଣି ପଥରେ ଲୋକମାନେ କ୍ରମାଗତ
କ୍ରନ୍ଦନ କରି କରି ଉପରକୁ ଉଠିବେ। ଯେହେତୁ ହୋରୋନୟିମର
ଗଡ଼ାଣି ପଥରେ ସେମାନେ ବିନାଶ ହେତୁ ସଙ୍କଟସୂଚକ
କ୍ରନ୍ଦନ ଶୁଣି ଅଛନ୍ତି।
6ପଳାୟନ କର। ପଳାଇ ଯାଇ ଆପଣା ଆପଣା ପ୍ରାଣ
ରକ୍ଷା କର। ଆଉ ପ୍ରାନ୍ତରସ୍ଥ ଝାଉଁ ବୃକ୍ଷ ତୁଲ୍ୟ ଉଡ଼ିଯାଅ।
7"ତୁମ୍ଭେମାନେ ନିଜ କର୍ମରେ ଓ ଧନ ସମ୍ପତ୍ତିରେ ନିର୍ଭର
ରଖିଅଛ। ଏଣୁ ତୁମ୍ଭେମାନେ ଧରାଯିବ। ଆଉ କମୋଶ ତା'ର
ଯାଜକ ଓ ଅଧିପତିଗଣ ସହିତ ବନ୍ଦୀ ହୋଇଯିବ।
8ପ୍ରତ୍ୟେକ ନଗର ଉପରେ ବିନାଶକ ଆସିବ।
କୌଣସି ଗୋଟିଏ ନଗର ରକ୍ଷା ପାଇବ ନାହିଁ। ତଳଭୂମି
ବିନଷ୍ଟ ହେବ ଓ ଉଚ୍ଚଭୂମି ଧ୍ୱଂସ ପାଇବ। ସଦାପ୍ରଭୁ କହନ୍ତି
ଏହା ଘଟିବ।
9ମୋୟାବକୁ ଉଡ଼ି ପଳାଇବା ପାଇଁ ପକ୍ଷ ଦିଅ, ତାହାର
ସମସ୍ତ ନଗର ଧ୍ୱଂସ ପାଇବ ଓ ତା' ମଧ୍ୟରେ କେହି ବାସ
କରିବେ ନାହିଁ।
10ଯଦି ଜଣେ ସଦାପ୍ରଭୁଙ୍କ କଥା ପାଳନ ନ କରେ ଓ
ଯଦି ସେ ସେହି ଲୋକମାନଙ୍କୁ ରକ୍ତପାତ କରିବାକୁ ଖଡ୍ଗ
ବ୍ୟବହାର ନ କରେ ତେବେ ସେ ଶାପଗ୍ରସ୍ତ ହେଉ।
11"ମୋୟାବ ଜନ୍ମରୁ ଦୁଃଖ କଷ୍ଟ ଜାଣିନାହିଁ। ମୋୟାବ
ଏକ ପାତ୍ରସ୍ଥ ମଦ ତୁଲ୍ୟ ସୁସ୍ଥିର ଅଛି। ସେ ଏକ ପାତ୍ରରୁ
ଅନ୍ୟ ପାତ୍ରକୁ ଢଳା ଯାଇନାହିଁ। କିଅବା ସେ ବନ୍ଦୀ ହୋଇ
ଯାଇନାହିଁ, ଏଣୁ ତା'ର ସ୍ୱାଦ ତା' ମଧ୍ୟରେ ଅଛି। ତାହାର
ସୁବାସ ବିକୃତ ହୋଇନାହିଁ।"
12ଆଉ ସଦାପ୍ରଭୁ କହନ୍ତି, "ଦେଖ, ଆମ୍ଭେ ଲୋକ
ପଠାଇ ତାକୁ ଢାଳି ପକାଇବା। ସେମାନେ ସେହି ପାତ୍ରକୁ
ଢାଳି ଦେବେ ଓ ପାତ୍ରଗୁଡ଼ିକୁ ଶୂନ୍ୟ କରି କୁମ୍ଭାସବୁ ଭାଙ୍ଗି
ପକାଇବେ। ଏପରି ସମୟ ଆସୁଅଛି।" 13ଯେପରି ଇସ୍ରାଏଲ
ବଂଶ ଆପଣା ବିଶ୍ୱାସ ଭୂମି ବୈଥେଲ ବିଷୟରେ ଲଜ୍ଜିତ
ହୋଇଥିଲେ, ସେହିପରି ମୋୟାବ କମୋଶ ବିଷୟରେ ଲଜ୍ଜିତ
ହେବ।
14"ତୁମ୍ଭେମାନେ କହିପାରିବ ନାହିଁ 'ଆମ୍ଭେମାନେ ବୀର ଓ
ଯୁଦ୍ଧରେ ସାହସୀ।'
15ଶତ୍ରୁସୈନ୍ୟ ମୋୟାବକୁ ଆକ୍ରମଣ କରି ତାହାକୁ ଧ୍ୱଂସ
କରିବେ। ତାହା ବଳବାନ୍ ସୈନ୍ୟମାନଙ୍କୁ ବଧ୍ୟ ସ୍ଥାନରେ ବଧ
କରିବ।" ଏହା ସୈନ୍ୟାଧିପତି ସଦାପ୍ରଭୁ ଏବଂ ରାଜା, ଏହିକଥା
କହନ୍ତି।
16"ମୋୟାବର ଶେଷ ଅବସ୍ଥା ଉପସ୍ଥିତ। ଆଉ ସେ ଖୁବ୍
ଶୀଘ୍ର ଧ୍ୱଂସ ଲାଭ କରିବ।
17ମୋୟାବର ଚତୁର୍ଦ୍ଦିଗସ୍ଥ ଲୋକମାନେ ଓ ଯେଉଁମାନେ
ତାହା ପ୍ରସିଦ୍ଧ ଦେଶ ବୋଲି ଜାଣିଥିଲେ, ତାହାପାଇଁ ବିଳାପ
କର। ଆଉ କୁହ, 'ଏହି ଦୃଢ ଦଣ୍ଡ ଓ ସୁନ୍ଦର ଯଷ୍ଟି କିପରି
ଭଗ୍ନ ହୋଇଅଛି।'
18"ହେ ଦୀବୋନ ନିବାସୀଗଣ, ତୁମ୍ଭେମାନେ ନିଶ୍ଚିତରେ
ତୁମ୍ଭମାନଙ୍କ ଗୌରବରୁ ଓହ୍ଲାଇ ଆସି ଧୂଳିରେ ବସ। କାରଣ
ମୋୟାବର ବିନାଶକ ତୁମ୍ଭ ବିରୁଦ୍ଧରେ ଉଠିଅଛି। ସେ ତୁମ୍ଭର
ଦୃଢ ନଗରଗୁଡ଼ିକୁ ବିନଷ୍ଟ କରିଅଛି।
19"ହେ ଆରୋୟେରର ନିବାସୀଗଣ; ତୁମ୍ଭେମାନେ ପଥ
ପାର୍ଶ୍ୱରେ ଦଣ୍ଡାୟମାନ ହୋଇ ନିରୀକ୍ଷଣ କର। ପଳାତକ
ପୁରୁଷ ଓ ସ୍ତ୍ରୀମାନଙ୍କୁ ପଚାର କ'ଣ ଘଟିଅଛି?
20"ମୋୟାବ ଧ୍ୱଂସପ୍ରାପ୍ତ ହୋଇ ଲଜ୍ଜିତ ହୋଇଅଛି।
ତେଣୁ ତୁମ୍ଭେମାନେ ହାହାକାର ଓ କ୍ରନ୍ଦନ କର। ମୋୟାବ
ଧ୍ୱଂସ ହୋଇଅଛି ବୋଲି ଅର୍ଣ୍ଣୋନରେ ପ୍ରଚାର କର।
21ମୋୟାବ ସମସ୍ତ ଉଚ୍ଚ ଭୂମିମାନଙ୍କରେ ଓ ନିକଟବର୍ତ୍ତୀ
ନଗର ଯଥା: ହଲୋନ, ଯହସ ଓ ମେଫାତ୍‌ରେ ପ୍ରଚାର
କର।
22ଦୀବୋନ, ନବୋ ଓ ବୈଥ-ଦିବ୍ଲାଥୟିମ,
23କିରୀୟାଥୟିମ, ବୈଥ୍‌ଗାମୁଲ୍ ଓ ବୈଥ୍‌ମିୟୋନ୍
24କିରୀୟୋତ୍ ଓ ବସ୍ରା ପ୍ରଭୃତି ନଗରମାନଙ୍କ ଉପରେ
ବିଚାର ଦଣ୍ଡ ଉପସ୍ଥିତ ହୋଇଅଛି।

25ସଦାପ୍ରଭୁ କହନ୍ତି ମୋୟାବର ଶୃଙ୍ଗ କଟ୍ଟା ଯାଇଅଛି ଓ
ତାହାର ବାହୁ ଭଗ୍ନ ହୋଇଅଛି।"
26"ମୋୟାବକୁ ତୁମ୍ଭେମାନେ ମତ୍ତ କରାଅ, କାରଣ ସେ
ନିଜକୁ ସଦାପ୍ରଭୁଙ୍କଠାରୁ ବଡ଼ ମନେ କରିଅଛି। ତେଣୁ ସେ
ନିଜ ବାନ୍ତିରେ ଗଡ଼ିବ ଓ ସବୁ ଲୋକଙ୍କ ଦ୍ୱାରା ହାସ୍ୟାସ୍ପଦ
ହେବ।
27"ହେ ମୋୟାବ, ଇସ୍ରାଏଲ ତୁମ୍ଭ ଦୃଷ୍ଟିରେ ପରିହାସର
ପାତ୍ର ହୋଇଥିଲା। ସତେ ଯେମିତି ସେ ଚୋରମାନଙ୍କ ମଧ୍ୟରେ
ଧରାଯାଇଥିଲା, ତୁମ୍ଭେ ସେପରି ବ୍ୟବହାର କଲ। ତୁମ୍ଭେ
ହତାଶରେ ମୁଣ୍ଡ ହଲାଇଲ ଯେଉଁକ୍ଷଣେ ତୁମ୍ଭେ ତା' ବିଷୟରେ
କୁହ।"
28ହେ ମୋୟାବ ନିବାସୀଗଣ, ତୁମ୍ଭେମାନେ ତୁମ୍ଭମାନଙ୍କ
ନଗରସବୁ ତ୍ୟାଗ କର ଶୈଳମାନଙ୍କରେ ବାସ କର। ଏବଂ
ଏକ କପୋତ ପରି ହୁଅ ଯିଏକି ତା'ର ବସା ଗିରିପଥର
ମୁହଁ ପାର୍ଶ୍ୱରେ ତିଆରି କରେ।"
29"ମୋୟାବ ବଡ଼ ଅହଙ୍କାରୀ, ଆମ୍ଭେମାନେ ତାହାର
ଅହଙ୍କାରର କଥା, ତାହାର ଉଦ୍ଧତ ଭାବ, ତାହାର ଗର୍ବ,
ତାହାର ଦର୍ପ ଓ ତାହାର ଚିତ୍ତର ଅହମିକା କଥା ଶୁଣିଅଛୁ।"
30ସଦାପ୍ରଭୁ କହନ୍ତି, "ଆମ୍ଭେ ତାହାର କ୍ରୋଧ ଜାଣୁ, ମାତ୍ର
ତାହା କିଛି ନୁହେଁ ଓ ସେମାନଙ୍କର ଗର୍ବସବୁର କିଛି ମାନେ
ନାହିଁ। ଏହା ଭିତ୍ତିହୀନ ବୋଲି ପ୍ରମାଣ ହେବ।
31ତେଣୁ ଆମ୍ଭେ ମୋୟାବ ପାଇଁ ଓ ତା'ର ସମସ୍ତ
ନିବାସୀ ପାଇଁ ହାହାକାର କରିବା। ଆଉ କୀର୍ହେରସର
ଲୋକମାନଙ୍କ ପାଇଁ ମଧ୍ୟ ଆମ୍ଭେ ଶୋକ କରିବା।
32ହେ ସିବ୍ମାର ଦ୍ରାକ୍ଷାଲତେ, ଯାସେର ରୋଦନ ଅପେକ୍ଷା
ଆମ୍ଭେ ତୁମ୍ଭପାଇଁ ଅଧିକ ଶୋକ କରିବା। ତୁମ୍ଭର ଦ୍ରାକ୍ଷାଲତାର
ଶାଖାସବୁ ସମୁଦ୍ର ଅତିକ୍ରମ କରିଥିଲା ଓ ସେସବୁ ଯାସେର
ସମୁଦ୍ର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା। ମାତ୍ର ଫଳ ଓ ଦ୍ରାକ୍ଷାଫଳ
ସଂଗ୍ରହ କରିବା ସମୟରେ ବିନାଶକ ଆସି ସବୁକିଛି ନେଇଗଲା।
33ମୋୟାବର ବିଶାଳ ଦ୍ରାକ୍ଷାକ୍ଷେତ୍ରରୁ ଆନନ୍ଦ ଉଲ୍ଲାସ
ଦୂରୀଭୂତ ହୋଇଅଛି। ପୁଣି ମୁଁ ଦ୍ରାକ୍ଷାକୁଣ୍ଡଗୁଡ଼ିକୁ ଦ୍ରାକ୍ଷାରସ
ଶୂନ୍ୟ କରିଅଛି। ଆଉ ଆଗକୁ କେହି ଆନନ୍ଦ ଉଲ୍ଲାସରେ
ଦ୍ରାକ୍ଷା ମର୍ଦ୍ଦନ କରିବ ନାହିଁ। ଆନନ୍ଦଧ୍ୱନି ଲୋପ ପାଇବ।
34"ହିଶ୍‌ବୋନ ଓ ଇଲିୟାଲୀର କ୍ରନ୍ଦନ ଯହସ ପର୍ଯ୍ୟନ୍ତ
ଶୁଣା ଯାଇଅଛି। ଆଉ ମଧ୍ୟ ସେହି କ୍ରନ୍ଦନ ସୋୟରଠାରୁ
ହୋରୋନୟିମ ଓ ଇଗ୍ଲତ୍ ଶଲୀଶୀୟା ପର୍ଯ୍ୟନ୍ତ ଶ୍ରୁତିଗୋଚର
ହୋଇଅଛି। କାରଣ ନିମ୍ରୀମର ଜଳସବୁ ଶୁଷ୍କ ହୋଇଅଛି।
35ଆଉ ସଦାପ୍ରଭୁ କହନ୍ତି, ଆମ୍ଭେ ମୋୟାବର ଉଚ୍ଚସ୍ଥଳୀରେ
ବଳିଦାନକାରୀଙ୍କୁ ଓ ଆପଣା ଦେବଗଣ ଉଦ୍ଦେଶ୍ୟରେ
ଧୂପଦାନକାରୀଙ୍କୁ ଲୋପ କରିବା।"
36"ଆମ୍ଭର ହୃଦୟ ମୋୟାବ ପାଇଁ ଦୁଃଖିତ ଓ ତା'
ପାଇଁ ଆମ୍ଭ ହୃଦୟ ମୃତ୍ୟୁକାଳୀନ ବଂଶୀବାଦନ ପରି ବାଜୁ
ଅଛି। ଆଉ ମଧ୍ୟ କୀର୍ହେରସର ଲୋକମାନଙ୍କ ପାଇଁ ଆମ୍ଭର
ହୃଦୟ ବଂଶୀପରି ବାଜୁ ଅଛି। କାରଣ ସେମାନଙ୍କର ଧନ
ସମ୍ପଦ ସବୁ ଅପହରଣ କରାଯାଇ ଅଛି। 37ସମସ୍ତେ ମସ୍ତକ
ମୁଣ୍ଡନ କରିଛନ୍ତି ଓ ଦାଢି କ୍ଷୌର ହୋଇଛନ୍ତି। ପ୍ରତ୍ୟେକଙ୍କର
ହାତ କାଟି ରକ୍ତାକ୍ତ ହୋଇଅଛି ଓ ପ୍ରତ୍ୟେକେ କଟୀଦେଶରେ
ଚଟବସ୍ତ୍ର ପରିଧାନ କରିଛନ୍ତି। 38ମୋୟାବର ସମସ୍ତ ଗୃହର
ଛାତ ଉପରେ ଓ ତାହାର ସମସ୍ତ ଜନ ପଥରେ ମୃତ୍ୟୁର
ଶୋକ ବ୍ୟାପି ଯାଇଛି। କାରଣ ସଦାପ୍ରଭୁ କହନ୍ତି, ଆମ୍ଭେ
ମୋୟାବକୁ ଏକ କଣା କୁମ୍ଭ ସଦୃଶ ଭଗ୍ନ କରିଅଛୁ।"
39"ମୋୟାବ ଭଗ୍ନ ହୋଇଅଛି, ତା'ର ଲୋକମାନେ
କ୍ରନ୍ଦନ କରୁଛନ୍ତି, ମୋୟାବ ଲଜ୍ଜିତ ହୋଇଅଛି ଓ ଲୋକମାନଙ୍କର
ହାସ୍ୟାସ୍ପଦର ପାତ୍ର ହୋଇଅଛି।"
40ସଦାପ୍ରଭୁ ମଧ୍ୟ କହନ୍ତି, "ଦେଖ, ଏକ ଉତ୍କ୍ରୋଶ ପକ୍ଷୀ
ପରି ତୀବ୍ର ଗତିରେ ତଳକୁ ଖସିବ ଏବଂ ମୋୟାବ ବିରୁଦ୍ଧରେ
ତା'ର ପକ୍ଷ ବିସ୍ତାର କରିବ।
41ମୋୟାବ ଅଧିକୃତ ହେବ, ତା'ର ଦୃଢ଼ ଦୁର୍ଗସବୁ
ହସ୍ତଗତ ହେବ। ଆଉ ସେତେବେଳେ ମୋୟାବର ବୀର
ସୈନିକମାନଙ୍କର ଅନ୍ତଃକରଣ ପ୍ରସବ ବେଦନାଗ୍ରସ୍ତା ସ୍ତ୍ରୀମାନଙ୍କ
ଅନ୍ତଃକରଣ ସଦୃଶ ହେବ।
42ମୋୟାବ ଲୁପ୍ତ ହେବ ଓ ସେ ଏକ ଗୋଷ୍ଠୀ ହୋଇ
ରହିବ ନାହିଁ। କାରଣ ସେ ସଦାପ୍ରଭୁଙ୍କଠାରୁ ନିଜକୁ ବଡ଼
ମନେ କରେ।"
43ତେଣୁ ସଦାପ୍ରଭୁ କହନ୍ତି, "ହେ ମୋୟାବ ନିବାସୀଗଣ
ତୁମ୍ଭମାନଙ୍କ ପାଇଁ ତ୍ରାସ, ଖାତ ଓ ଫାନ୍ଦ ଅଛି।
44ଯେତେବେଳେ ଲୋକମାନେ ଭୟରେ ଦୌଡ଼ିବେ,
ସେମାନେ ଖାତଭିତରେ ପଡ଼ିବେ ଏବଂ ଯେତେବେଳେ ସେମାନେ
ଖାତରୁ ବାହାରକୁ ପଡ଼ିବେ, ସେମାନେ ଧରା ଯିବେ। ସଦାପ୍ରଭୁ
କହନ୍ତି, ଏହା ଘଟିବ କାରଣ ମୁଁ ମୋୟାବ ଉପରେ ଶାସ୍ତିର
ବର୍ଷ ଆଣିବି।"
45"ଯେଉଁମାନେ ପଳାଇଯାଇ ଶକ୍ତିଶାଳୀ ହିଶ୍‌ବୋନରେ
ଆଶ୍ରୟ ନେବେ ସେମାନେ ମଧ୍ୟ ରକ୍ଷା ପାଇବେ ନାହିଁ।
କାରଣ ହିଶ୍‌ବୋନରୁ ଓ ସୀହୋନରୁ ଅଗ୍ନି ନିର୍ଗତ ହୋଇ
ମୋୟାବର ଅଧିପତି ଓ ଅହଙ୍କାରୀମାନଙ୍କୁ ଗ୍ରାସ କରିବ।
46ହେ ମୋୟାବ, ତୁମ୍ଭକୁ ଧିକ୍, କମୋଶର ଲୋକମାନେ
ବିନଷ୍ଟ ହେଲେ। କାରଣ ତୁମ୍ଭର ପୁତ୍ରକନ୍ୟାମାନେ ବନ୍ଦୀ
ହୋଇ ବନ୍ଦୀତ୍ୱ ସ୍ଥାନକୁ ନୀତ ହେଲେ।
47"ତଥାପି ସଦାପ୍ରଭୁ କହନ୍ତି, ଆମ୍ଭେ ଶେଷକାଳରେ
ପୁନର୍ବାର ମୋୟାବକୁ ବନ୍ଦୀତ୍ୱସ୍ଥାନରୁ ଫେରାଇ ଆଣିବା।"
ମୋୟାବ ବିଷୟରେ ଏହା ଶେଷ ବିଚାର।

### ଅମ୍ମୋନ ବିଷୟରେ ଏକବାର୍ତ୍ତା

49 ଅମ୍ମୋନ ସନ୍ତାନଗଣ ବିଷୟରେ ସଦାପ୍ରଭୁ ଏହିକଥା
କହନ୍ତି, "ହେ ଅମ୍ମୋନୀୟ ସନ୍ତାନଗଣ, ତୁମ୍ଭେମାନେ
କ'ଣ ଭାବୁଛ ଇସ୍ରାଏଲର ପୁତ୍ର ନାହିଁ? ତାହାର ଉତ୍ତରାଧିକାରୀ
କ'ଣ କେହି ନାହାଁନ୍ତି? ତେବେ ମିଲ୍‌କମ୍ କାହିଁକି ଗାଦର
ଭୂମି ଅଧିକାର କରୁଅଛି ଓ ତାହାର ଲୋକମାନେ ତହିଁରେ
ନଗର ସମୂହରେ ବାସ କରୁଅଛନ୍ତି?"
2ଆଉ ସଦାପ୍ରଭୁ କହନ୍ତି, "ସମୟ ଆସିବ ଯେତେବେଳେ
ଅମ୍ମୋନର ରବ୍ବା ନଗର ବିରୁଦ୍ଧରେ ଯୁଦ୍ଧର ଧ୍ୱନି ଶୁଣାଯିବ।
ରବ୍ବା ଧ୍ୱଂସ ପାଇବ ଓ ତାହା ଏକ ନରଶୂନ୍ୟ ଢିପି ହେବ।
ତା'ର ଚତୁର୍ଦ୍ଦିଗସ୍ଥ ନଗରଗୁଡ଼ିକ ଅଗ୍ନିରେ ଦଗ୍ଧୀଭୂତ ହେବ।
ଯେଉଁମାନେ ଇସ୍ରାଏଲ ଉପରେ ଅଧିକାର କରିଥିଲେ,

ଇସ୍ରାୟେଲ ସେମାନଙ୍କ ଉପରେ ଅଧିକାର କରିବ। ଏହା
ସଦାପ୍ରଭୁ କହନ୍ତି।"
3"ହେ ହିଶ୍‌ବୋନ ନିବାସୀଗଣ, ତୁମ୍ଭେମାନେ ଚିତ୍କାର
କର। କାରଣ ଅୟ ଧ୍ୱଂସ ପାଇଲା। ହେ ରବ୍ବାର କନ୍ୟାଗଣ,
ଚିତ୍କାର କର। ଚଟବସ୍ତ୍ର ପରିଧାନ କରି ବିଳାପ କର ଓ
ପ୍ରାଚୀର ମଧ୍ୟରେ ଏଣେ ତେଣେ ଦୌଡ଼, କାରଣ ମିଲ୍‌କମ୍‌ର
ଯାଜକଗଣ ଓ ଅଧିପତିଗଣ ଏକତ୍ର ହୋଇ ନିର୍ବାସନକୁ
ଯିବେ।
4ତୁମ୍ଭେମାନେ ତୁମ୍ଭମାନଙ୍କର ଶକ୍ତି ଓ ଧନ ସମ୍ପଦ
ଉପରେ ଦର୍ପ କରୁଅଛ। ଏଥିପାଇଁ ତୁମ୍ଭେମାନେ କହୁଅଛ
ଆମ୍ଭମାନଙ୍କ ପାଖକୁ କେହି ଆସିବେ ନାହିଁ।"
5କିନ୍ତୁ ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, "ଦେଖ, ଆମ୍ଭେ
ଚତୁର୍ଦ୍ଦିଗରୁ ତୁମ୍ଭମାନଙ୍କ ବିପକ୍ଷରେ ଭୟ ଆଣିବା। ତୁମ୍ଭେମାନେ
ଏଣେ ତେଣେ ଧାବିତ ହେବ, ମାତ୍ର ତୁମ୍ଭମାନଙ୍କୁ ଏକତ୍ରିତ
କରିବାକୁ କେହି ନଥିବେ।"
6ସଦାପ୍ରଭୁ କହନ୍ତି, "ଅମ୍ମୋନୀୟ ସନ୍ତାନଗଣ ବନ୍ଦୀହୋଇ
ନିଆଯିବେ, ମାତ୍ର ସମୟ ଆସିବ, ଆମ୍ଭେ ପୁନର୍ବାର ସେମାନଙ୍କୁ
ବନ୍ଦୀତ୍ୱ ଅବସ୍ଥାରୁ ଫେରାଇ ଆଣିବା।"

## ଇଦୋମ ବିଷୟରେ ଏକ ବାର୍ତ୍ତା

7ସୈନ୍ୟାଧିପତି ସଦାପ୍ରଭୁ ଇଦୋମ ବିଷୟରେ ଏହି କଥା
କହନ୍ତି, "ତୈମନରେ ଆଉ କ'ଣ ଜ୍ଞାନ ନାହିଁ? ଉତ୍ତମ
ପରାମର୍ଶ ଦେବାକୁ ଇଦୋମରେ କ'ଣ ଜ୍ଞାନୀ ନାହାଁନ୍ତି?
ସେମାନଙ୍କର ବୁଦ୍ଧି କ'ଣ ଅନ୍ତର୍ହିତ ହୋଇଅଛି?
8ହେ ଦଦାନ୍ ନିବାସୀଗଣ, ତୁମ୍ଭେମାନେ ପଳାଅ। ମୁଖ
ଫେରାଅ, ଗଭୀର ସ୍ଥାନରେ ବାସ କର। କାରଣ ଆମ୍ଭେ
ଏଷୌରକୁ ତା'ର ଦୁଷ୍କର୍ମ ଲାଗି ଦଣ୍ଡ ଦେବା।
9"ଦ୍ରାକ୍ଷାଫଳ ସଂଗ୍ରହକାରୀମାନେ ଦ୍ରାକ୍ଷାଫଳ ସଂଗ୍ରହ
କଲାବେଳେ କିଛି ଫଳ ଗଛରେ ଛାଡ଼ିଥାନ୍ତି। ଯଦି ଚୋରମାନେ
ରାତ୍ରିରେ ଆସନ୍ତି, ତେବେ ସେମାନେ ସମସ୍ତ ନେଇପାରନ୍ତି
ନାହିଁ।
10କିନ୍ତୁ ଆମ୍ଭ ସକାଶେ ଏଷୌକୁ ଶୂନ୍ୟ କଲୁ ଏବଂ
ତା'ର ଗୁପ୍ତସ୍ଥାନ ସବୁ ପ୍ରକାଶକୁ ଆଣିଲୁ। ସେ ଆପଣାକୁ
ଲୁଚାଇ ରଖି ପାରିବ ନାହିଁ। ତା'ର ସନ୍ତାନଗଣ ବିନଷ୍ଟ
ହେବେ ଏବଂ ଭ୍ରାତୃଗଣ ଓ ତାହାର ପ୍ରତିବେଶୀଗଣ ସେଠାରେ
ରହିବେ ନାହିଁ।
11ତୁମ୍ଭେ ଅନାଥମାନଙ୍କ ବିଷୟରେ ବ୍ୟସ୍ତ ହୁଅ ନାହିଁ।
ଆମ୍ଭେ ସେମାନଙ୍କୁ ଜୀବିତ ରଖିବା। ତୁମ୍ଭମାନଙ୍କର ବିଧବାମାନେ
ଆମ୍ଭ ଉପରେ ନିର୍ଭର କରିବେ।"
12ମାତ୍ର ସଦାପ୍ରଭୁ କହନ୍ତି, "ଦେଖ, ଯେଉଁମାନଙ୍କର ସେହି
ପାତ୍ରରେ ପାନ କରିବାର ନାହିଁ, ସେମାନେ ତହିଁରେ ପାନ
କରିବେ। କିନ୍ତୁ ଇଦୋମ, ତୁମ୍ଭେ ପାନ କରିବାର ଯୋଗ୍ୟ ଓ
ତୁମ୍ଭେ ନିଶ୍ଚିତ ପାନ କରିବ। ତୁମ୍ଭେ ସର୍ବତୋଭାବେ ଦଣ୍ଡିତ
ହେବ। ତୁମ୍ଭେ ଦଣ୍ଡରୁ କେବେ ରକ୍ଷା ପାଇବ ନାହିଁ।" 13ଆଉ
ସଦାପ୍ରଭୁ କହନ୍ତି, "ଆମ୍ଭେ ନିଜ ନାମରେ ଶପଥ କରିଅଛୁ,
ବସ୍ରା ଧ୍ୱଂସ ପାଇବ। ସେହି ନଗର ଏକ ପ୍ରସ୍ତର ଗଦାରେ
ପରିଣତ ହେବ। ତାହା ଅନ୍ୟ ଦୃଷ୍ଟିରେ ବିସ୍ମୟ ଓ ନିନ୍ଦାର
ପାତ୍ର ହେବ। ସେହି ନଗରଗୁଡ଼ିକ ଚିରକାଳ ଧ୍ୱଂସସ୍ଥାନ
ହେବ।"
14ମୁଁ ସଦାପ୍ରଭୁଙ୍କଠାରୁ ସମ୍ବାଦ ଶୁଣିଅଛି; ପୁଣି ଗୋଷ୍ଠୀଗଣ
ମଧ୍ୟରେ ଏହି କଥା କହିବା ପାଇଁ ଜଣେ ଦୂତ ପ୍ରେରିତ
ହୋଇଅଛି। ଯଥା: "ତୁମ୍ଭେ ଏକତ୍ରିତ ହୋଇ ତାହା ବିରୁଦ୍ଧରେ
ଆସ, ଇଦୋମ ବିରୁଦ୍ଧରେ ଯୁଦ୍ଧପାଇଁ ଅଗ୍ରସର ହୁଅ।
15"ଆଉ ଦେଖ, ଆମ୍ଭେ ତୁମ୍ଭକୁ ଗୋଷ୍ଠୀଗଣ ମଧ୍ୟରେ
କ୍ଷୁଦ୍ର ଓ ମନୁଷ୍ୟମାନଙ୍କ ମଧ୍ୟରେ ଘୃଣାଯୋଗ୍ୟ କରିଅଛୁ।
16ହେ ଇଦୋମ, ତୁମ୍ଭେ ଅନ୍ୟ ଗୋଷ୍ଠୀଗଣ ମଧ୍ୟରେ
ନିଜକୁ ମହାନ୍ ଭାବୁଛ। ତୁମ୍ଭର ଗର୍ବ ତୁମ୍ଭକୁ ପ୍ରବଞ୍ଚନା
କରିଛି। ତୁମ୍ଭେ ଚତୁର୍ଦ୍ଦିଗସ୍ଥ ପର୍ବତଶୃଙ୍ଗ ମଧ୍ୟରେ ଓ ଉଚ୍ଚ
ସ୍ଥାନରେ ରହି ନିଜକୁ ନିରାପଦ ମନେ କରିଛ। ମାତ୍ର ତୁମ୍ଭେ
ଉତ୍କ୍ରୋଶ ପକ୍ଷୀପରି ଉଚ୍ଚ ସ୍ଥାନରେ ବାସ କଲେ ମଧ୍ୟ ମୁଁ
ତୁମ୍ଭକୁ ସେଠାରୁ ତଳକୁ ଓହ୍ଲାଇ ଆଣିବି।" ଏହା ସଦାପ୍ରଭୁ
କହନ୍ତି।
17"ଇଦୋମ ଧ୍ୱଂସ ହେବ ଓ ଅନ୍ୟମାନଙ୍କ ନିକଟରେ
ବିସ୍ମୟର ପାତ୍ର ହେବ। ତାହା ନିକଟ ଦେଇ ଗମନକାରୀ
ବିସ୍ମିତ ହେବେ ଓ ତା'ର ଦୁରବସ୍ଥା ଦେଖି ଶୀସ୍ ଶବ୍ଦ
କରିବେ।
18ସଦୋମ ଓ ହମୋରାର ଏବଂ ନିକଟସ୍ଥ ନଗରୀ
ଉତ୍ପାଟିତ ହେଲାପରି ତୁମ୍ଭର ମଧ୍ୟ ହେବ। କୌଣସି ଲୋକ
ସେଠାରେ ବାସ କରିବ ନାହିଁ କିଅବା କୌଣସି ଶିଶୁ
ସେଠାରେ ଜନ୍ମ ହେବ ନାହିଁ।"
19"ଏବଂ ଯର୍ଦ୍ଦନର ଘଞ୍ଚ ବୁଦାରୁ ଏକ ସିଂହ ଚିରସ୍ଥାୟୀ
ଚରଣ ଭୂମିରେ ଥିବା ସେହିମାନଙ୍କୁ ଦୂର କରି ଦେବା ପାଇଁ
ଆସିବା ପରି, ଆମ୍ଭେ ହଠାତ୍ ସେମାନଙ୍କ ସ୍ଥାନରୁ ଇଦୋମକୁ
ଅନୁଧାବନ କରିବା। ଆଉ ଆମ୍ଭର ମନୋନୀତ ଲୋକ ତାହା
ଉପରେ ଶାସନ କରିବା ପାଇଁ ଆମ୍ଭେ ନିଯୁକ୍ତ କରିବା।
କାରଣ ମୋପରି କିଏ ଅଛି? ଏପରି ପାଳକ କେହି ଅଛି,
ଯିଏ କି ଆମ୍ଭ ସମ୍ମୁଖରେ ଠିଆ ହେବ?"
20ତେଣୁ ସଦାପ୍ରଭୁ ଇଦୋମ ବିରୁଦ୍ଧରେ ଯେଉଁ ମନ୍ତ୍ରଣା
ଓ ତୈମନ ନିବାସୀମାନଙ୍କ ବିରୁଦ୍ଧରେ ଯେଉଁ ସଂକଳ୍ପ
କରିଅଛନ୍ତି, ତାହା ଶୁଣ। ଶତ୍ରୁମାନେ ନିଶ୍ଚୟ ସେମାନଙ୍କୁ ଓ
ପଲର ଛୁଆମାନଙ୍କୁ ଟାଣି ନେଇଯିବେ। ଯାହା ଘଟିଗଲା
ପ୍ରତ୍ୟେକ ବ୍ୟକ୍ତି ସେଥିରେ ଚକିତ ହୋଇଯିବେ।
21ଇଦୋମର ପତନ ଶବ୍ଦରେ ପୃଥିବୀ କମ୍ପିତ ହେଉଅଛି।
ସେମାନଙ୍କର କ୍ରନ୍ଦନ ଶବ୍ଦ ଲୋହିତ ସାଗର ପର୍ଯ୍ୟନ୍ତ
ଶୁଣାଯାଉଛି।
22ସେ ସମୟରେ ଏକ ପକ୍ଷୀ ଉଡ଼ି ଉଡ଼ି ଆସିବ, ଆଉ
ବସ୍ରା ଉପରେ ଆପଣା ପକ୍ଷ ବିସ୍ତାର କରିବ। ସେତେବେଳେ
ଇଦୋମର ବୀର ସୈନିକଗଣ ଭୟଭୀତ ହେବେ ଓ ପ୍ରସବକାଳୀନ
ବେଦନାଗ୍ରସ୍ତା ସ୍ତ୍ରୀ ପରି ଯନ୍ତ୍ରଣାରେ କ୍ରନ୍ଦନ କରିବେ।

## ଦମ୍ମେଶକ ବିଷୟରେ ଏକ ବାର୍ତ୍ତା

23ଦମ୍ମେଶକ ପାଇଁ ଏହି ବାର୍ତ୍ତା,
"ହମାତ୍ ଓ ଅର୍ପଦ ଲଜ୍ଜିତ ହେଉଅଛନ୍ତି, କାରଣ
ସେମାନେ ଅମଙ୍ଗଳର ବାର୍ତ୍ତା ଶୁଣି ଅଛନ୍ତି। ସେମାନେ

ନିରୁତ୍ସାହିତ ହୋଇଛନ୍ତି, ସେମାନେ ସମୁଦ୍ରପରି ଅସ୍ଥିର, ସେମାନେ
ନୀରବ ରହି ପାରିବେ ନାହିଁ।
24ଦମ୍ମେଶକ ଦୁର୍ବଳ ହୋଇଅଛି। ଏହା ରକ୍ଷା ପାଇବା
ପାଇଁ ଆଶା କରୁଛି। ସେମାନଙ୍କୁ ଭୟ ଆକ୍ରାନ୍ତ କରିଅଛି,
ପ୍ରସବକାଳୀନ ତୀବ୍ର ବେଦନାଗ୍ରସ୍ତ ସ୍ତ୍ରୀପରି ସେମାନେ ଦୁଃଖ ଓ
ଯନ୍ତ୍ରଣା ଅନୁଭବ କରୁଛନ୍ତି।
25“ସୁଖମୟ ଓ ‘ଆନନ୍ଦଜନକ’ ଦମ୍ମେଶକ ନଗର କିପରି
ପରିତ୍ୟକ୍ତ ହୋଇଛି।
26ତେଣୁ ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, ସେହି ସମୟରେ
ତାହାର ଯୁବକଗଣ ତାହାର ଛକରେ ମୃତ ହୋଇ ପତିତ
ହେବେ। ଆଉ ସମସ୍ତ ଯୋଦ୍ଧା ମୃତ୍ୟୁବରଣ କରିବେ।”
27“ପୁଣି ଆମ୍ଭେ ଦମ୍ମେଶକର ପ୍ରାଚୀରରେ ଅଗ୍ନି ଲଗାଇବା
ଓ ତାହା ବିନ୍‌ହଦର ସୁଦୃଢ଼ ଅଟ୍ଟାଳିକା ସବୁ ଗ୍ରାସ କରିବ।”

## କେଦର ଓ ହାସୋର ବିଷୟରେ ବାର୍ତ୍ତା

28ବାବିଲର ରାଜା ନବୂଖଦ୍‌ନିତ୍ସର ଦ୍ୱାରା ପରାଜିତ କେଦରର
ଓ ହାସୋରର ରାଜ୍ୟ ସମୂହ ବିଷୟରେ ଏହି ବାର୍ତ୍ତା।
ସଦାପ୍ରଭୁ କହନ୍ତି, “ତୁମ୍ଭେମାନେ ଯାଅ ଓ କେଦରର
ପରିବାରବର୍ଗକୁ ଆକ୍ରମଣ କର। ପୂର୍ବଦେଶୀୟ ସନ୍ତାନଗଣର
ସର୍ବସ୍ୱ ହରଣ କର।
29ଲୋକମାନେ ସେମାନଙ୍କର ତମ୍ବୁ ଓ ପଶୁପଲକୁ
ନେଇଯିବେ। ସେମାନଙ୍କର ଯବନିକା, ସେମାନଙ୍କର ଯାବତୀୟ
ପାତ୍ର ଓ ଓଟ ପଲକୁ ସେମାନେ ନିଜପାଇଁ ନେଇଯିବେ।
ଆଉ ‘ସେମାନଙ୍କ ଚତୁର୍ଦ୍ଦିଗରେ ଆଶଙ୍କା ବୋଲି’ ସେମାନେ
ଉଚ୍ଚସ୍ୱରରେ କହିବେ।
30ସଦାପ୍ରଭୁ କହନ୍ତି, ହେ ହାସୋର ନିବାସୀଗଣ, ପଳାୟନ
କର। ନିରାପଦ ସ୍ଥାନରେ ଲୁଚି ରୁହ।” କାରଣ “ବାବିଲର
ରାଜା ନବୂଖଦ୍‌ନିତ୍ସର ତୁମ୍ଭମାନଙ୍କ ବିରୁଦ୍ଧରେ ମନ୍ତ୍ରଣା କରିଅଛି।
ସେ ତୁମ୍ଭମାନଙ୍କ ବିରୁଦ୍ଧରେ ଯୁଦ୍ଧପାଇଁ ସଂକଳ୍ପ କରିଅଛି।
31“ସଦାପ୍ରଭୁ କହନ୍ତି, ଯେଉଁ ଦେଶ କବାଟ ବିହୀନ ଓ
ହୁଡୁକା ନଥିବା ସ୍ଥାନରେ ରହି ନିଜକୁ ନିରାପଦ ମନେ
କରୁଛନ୍ତି, ‘ସେହିମାନଙ୍କୁ ଆକ୍ରମଣ କର।’
32ଶତ୍ରୁଗଣ ସେମାନଙ୍କର ଓଟଗୁଡିକୁ ନେଇଯିବେ।
ସେମାନଙ୍କର ଅପାର ପଶୁପଲ ଲୁଣ୍ଠିତ ହେବେ। ପୁଣି
ଯେଉଁମାନେ ଆପଣା ଆପଣା କେଶର କୋଣ କାଟନ୍ତି,
ସେମାନଙ୍କୁ ଆମ୍ଭେ ଚତୁଦର୍ଦ୍ଦିଗକୁ ଛିନ୍ନଭିନ୍ନ କରିବା ଓ
ସେମାନଙ୍କ ନିକଟକୁ ଚାରିଆଡୁ ବିପଦ ଆଣିବା।” ଏହା
ସଦାପ୍ରଭୁ କହନ୍ତି।
33“ହାସୋର ଶୃଗାଳମାନଙ୍କର ବାସ ସ୍ଥାନ ହେବ। କୌଣସି
ଲୋକ ସେଠାରେ ବାସ କରିବେ ନାହିଁ, କିଅବା କୌଣସି
ମନୁଷ୍ୟ ସନ୍ତାନ ତା’ ମଧ୍ୟରେ ପ୍ରବାସ କରିବେ ନାହିଁ। ତାହା
ଚିରକାଳ ନିର୍ଜ୍ଜନ ସ୍ଥାନ ହୋଇ ରହିବ।”

## ଏଲମ ବିଷୟରେ ଏକ ବାର୍ତ୍ତା

34ଯିହୁଦାର ରାଜା ସିଦିକିୟର ରାଜତ୍ୱର ଆରମ୍ଭ ସମୟରେ
ଏଲମ ବିଷୟରେ ସଦାପ୍ରଭୁଙ୍କର ଏହି ବାକ୍ୟ ଯିରିମିୟ
ଭବିଷ୍ୟଦ୍‌ବକ୍ତାଙ୍କ ନିକଟରେ ଉପସ୍ଥିତ ହେଲା।
35ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, “ଆମ୍ଭେ ଏଲମର
ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଧନୁକୁ ଭାଙ୍ଗି ପକାଇବା।
36ଆମ୍ଭେ ଆକାଶର ଚତୁର୍ଦ୍ଦିଗରୁ ଚାରି ବାୟୁକୁ ଏଲମ
ବିରୁଦ୍ଧରେ ପ୍ରବାହିତ କରାଇବା। ଆଉ ସେହିସବୁ ବାୟୁ
ଏଲମକୁ ପୃଥିବୀର ଚାରିଆଡ଼େ ଛିନ୍ନ ଭିନ୍ନ କରିବ। ପୃଥିବୀର
ଏପରି ଦେଶ ନଥିବ ଯେଉଁଠାକୁ ଏଲମର ପଳାତକ ଯାଇ
ନଥିବେ।
37ପୁଣି ଆମ୍ଭେ ଏଲମର ଲୋକମାନଙ୍କୁ ସେମାନଙ୍କର
ଶତ୍ରୁଗଣ ସମ୍ମୁଖରେ ଓ ସେମାନଙ୍କର ପ୍ରାଣନାଶକାରୀଙ୍କ ସମ୍ମୁଖରେ
ବିନାଶ କରିବା।” ସଦାପ୍ରଭୁ କହନ୍ତି, “ଆମ୍ଭେ ସେମାନଙ୍କ
ଉପରେ ଆମ୍ଭର ପ୍ରଚଣ୍ଡ କ୍ରୋଧ ଘଟାଇବା ଓ ସେମାନଙ୍କୁ
ନିଃଶେଷ କରିବା ପର୍ଯ୍ୟନ୍ତ ସେମାନଙ୍କ ପଛରେ ଏକ ଖଡ୍ଗ
ପଠାଇବା।
38ପୁଣି ସଦାପ୍ରଭୁ କହନ୍ତି, ଆମ୍ଭେ ଏଲମରେ ଆମ୍ଭର
ସିଂହାସନ ସ୍ଥାପନ କରିବା ଓ ସେ ସ୍ଥାନରୁ ରାଜାକୁ ଓ
ଅଧିପତିଗଣଙ୍କୁ ଉଚ୍ଛିନ୍ନ କରାଇବା।”
39ମାତ୍ର ସଦାପ୍ରଭୁ କହନ୍ତି, “ଆମ୍ଭେ ଶେଷ କାଳରେ
ଏଲମକୁ ବନ୍ଦୀତ୍ୱାବସ୍ଥାରୁ ଫେରାଇ ଆଣିବା।”

## ବାବିଲ ବିଷୟରେ ଏକ ବାର୍ତ୍ତା

50 ସଦାପ୍ରଭୁ ଯିରିମିୟ ଭବିଷ୍ୟଦ୍‌ବକ୍ତାଙ୍କ ମାଧ୍ୟମରେ
ବାବିଲ ବିଷୟରେ ଓ କଲଦୀୟମାନଙ୍କ ବିଷୟରେ
ଏହି ବାର୍ତ୍ତା ଦେଲେ। ତାହା ଏହିପରି:
2“ତୁମ୍ଭେମାନେ ଗୋଷ୍ଠୀଗଣ ମଧ୍ୟରେ ପ୍ରକାଶ କର ପ୍ରଚାର
କର। ଧ୍ୱଜା ଉଠାଇ ପ୍ରଚାର କର ଓ ଗୋପନ ନରଖି କୁହ,
‘ବାବିଲ ହସ୍ତଗତ ହେଲା, ବେଲ ଲଜ୍ଜିତ ହେଲା; ମରୋଦକ
ବିସ୍ମିତ ହେଲା; ତାହାର ପ୍ରତିମାଗଣ ଲଜ୍ଜିତ ହେଲେ ଓ
ତାହାର ଦେବତା ସକଳ ବିସ୍ମିତ ହେଲେ।’
3କାରଣ ଉତ୍ତର ଦିଗରୁ ଏକ ଗୋଷ୍ଠୀ ବାବିଲ ବିରୁଦ୍ଧରେ
ଆସିବେ। ସେମାନେ ତାକୁ ଧ୍ୱଂସ କରିବେ। ତାହା ମଧ୍ୟରେ
କେହି ବାସ କରିବେ ନାହିଁ, ମନୁଷ୍ୟ ଓ ପଶୁ ସେଠାରୁ
ପଳାୟନ କରିବେ।”
4“ସେ ସମୟରେ ଇଶ୍ରାୟେଲର ସନ୍ତାନଗଣ ଓ ଯିହୁଦାର
ସନ୍ତାନଗଣ ଏକତ୍ର ହୋଇଯିବେ। ସେମାନେ କାନ୍ଦି କାନ୍ଦି
ଆସିବେ, ଯେତେବେଳେ ସେମାନେ ସେମାନଙ୍କର ସଦାପ୍ରଭୁ
ପରମେଶ୍ୱରଙ୍କର ଅନ୍ୱେଷଣ କରିବେ।
5ସେମାନେ ସିୟୋନ୍‌କୁ ଯିବାକୁ ପଥ ପଚାରିବେ। ସେହିଆଡ଼େ
ମୁଖକରି ସେମାନେ କହିବେ, ‘ତୁମ୍ଭେମାନେ ଆସ, ଆମ୍ଭମାନଙ୍କ
ସହିତ ଅନନ୍ତକାଳସ୍ଥାୟୀ ଅବିସ୍ମରଣୀୟ ନିୟମଦ୍ୱାରା
ସଦାପ୍ରଭୁଙ୍କଠାରେ ଆସକ୍ତ ହୁଅ।’
6“ଆମ୍ଭର ଲୋକମାନେ ହଜିଲା ମେଷ ସଦୃଶ ହୋଇଅଛନ୍ତି।
ସେମାନଙ୍କର ପାଳକମାନେ ସେମାନଙ୍କୁ ବିପଥରେ ଗମନ
କରାଇ ଅଛନ୍ତି। ବିଭିନ୍ନ ପର୍ବତରେ ସେମାନଙ୍କୁ ବାଟ ଭୁଲାଇ
ଭ୍ରମଣ କରାଇ ଅଛନ୍ତି। ସେମାନେ ପର୍ବତରୁ ଉପପର୍ବତକୁ
ଗମନ କରିଛନ୍ତି। ଆଉ ସେମାନେ ନିଜର ବିଶ୍ରାମ ସ୍ଥାନ
ପାଶୋରି ଅଛନ୍ତି।
7ଯେଉଁମାନେ ସେମାନଙ୍କୁ ପାଇଲେ, ସେମାନଙ୍କୁ ଗ୍ରାସ

କରି ଅଛନ୍ତି। ସେମାନଙ୍କର ଶତ୍ରୁମାନେ କହିଲେ, 'ଆମ୍ଭେମାନେ
କୌଣସି ପାପ କରିନାହୁଁ।' କାରଣ ସେମାନେ ସଦାପ୍ରଭୁଙ୍କର
ବିରୁଦ୍ଧରେ ପାପ କରିଅଛନ୍ତି, ସେମାନଙ୍କର ଧାର୍ମିକ ବିଶ୍ରାମସ୍ଥଳ
ଯେଉଁମାନଙ୍କ ଉପରେ ସେମାନଙ୍କର ପୂର୍ବପୁରୁଷଗଣ ନିର୍ଭର
କରିଥିଲେ।

**8**"ତୁମ୍ଭେମାନେ ବାବିଲରୁ ପଳାଅ ଓ କଲଦୀୟମାନଙ୍କ
ଦେଶ ମଧ୍ୟରୁ ବାହାରି ଯାଅ। ଆଉ ପଲର ଅଗ୍ରଗାମୀ ଛାଗ
ସ୍ୱରୂପ ହୁଅ।

**9**ଆମ୍ଭେ ଉତ୍ତର ଦେଶ ବହୁ ଗୋଷ୍ଠୀଙ୍କୁ ଉତ୍ତେଜିତ କରି
ବାବିଲ ବିରୁଦ୍ଧରେ ଆଣିବା। ସେମାନେ ତା' ବିରୁଦ୍ଧରେ ସଜ୍ଜିତ
ହୋଇ ଯୁଦ୍ଧ କରିବେ ଓ ବାବିଲ ସେମାନଙ୍କ ଦ୍ୱାରା ଅଧିକୃତ
ହେବ। ସେମାନଙ୍କର ବାଣ ନିପୁଣ ବୀର ପୁରୁଷର ବାଣପରି
ହେବ। କୌଣସି ବାଣ ବିଫଳ ହେବନାହିଁ।

**10**ସେମାନେ କଲଦୀୟମାନଙ୍କର ସମସ୍ତ ଲୁଣ୍ଠନ କରିବେ।
ସଦାପ୍ରଭୁ କହନ୍ତି, ସେମାନେ ନିଜର ସନ୍ତୋଷ ଅନୁସାରେ
ଲୁଣ୍ଠନ କରିବେ।"

**11**"ହେ ବାବିଲ, ତୁମ୍ଭେ ମୋର ସମ୍ପତ୍ତିର ଲୁଣ୍ଠନ କରିଛ।
ତୁମ୍ଭେମାନେ ଆନନ୍ଦ ଓ ଉଲ୍ଲାସ କରୁଅଛ। ତୁମ୍ଭେମାନେ ଶସ୍ୟ
ମର୍ଦ୍ଦନକାରୀ ବଳଦ ସଦୃଶ କୁଦା ମାରୁଛ ଓ ବଳବାନ୍
ଅଶ୍ୱପରି ହେସ୍ରାରବ କରୁଅଛ।

**12**"କିନ୍ତୁ ତୁମ୍ଭମାନଙ୍କର ମାତା ଅତିଶୟ ଲଜ୍ଜିତା ହେବ,
ତୁମ୍ଭମାନଙ୍କର ପ୍ରସବକାରିଣୀ ହତାଶ ହେବେ। ବାବିଲ ଗୋଷ୍ଠୀଗଣ
ମଧ୍ୟରେ ନ୍ୟୁନ ହେବ। ଆଉ ସେ ପ୍ରାନ୍ତର ଶୁଷ୍କସ୍ଥାନ ଓ
ମରୁଭୂମି ହେବ।

**13**ସଦାପ୍ରଭୁଙ୍କ କୋପ ଯୋଗୁଁ ତାହା ନିର୍ଜନ ସ୍ଥାନ ହେବେ
ଓ ସମ୍ପୂର୍ଣ୍ଣ ଧ୍ୱଂସ ସ୍ଥାନରେ ପରିଣତ ହେବ। "ଯେଉଁ ଲୋକ
ବାବିଲ ନିକଟ ଦେଇ ଯିବ, ସେ ବିସ୍ମିତ ହେବ ଓ ତାହାର
ଦୁରାବସ୍ଥା ଦେଖି ଶୀସ୍ ଶବ୍ଦ କରିବ।

**14**"ହେ ଧନୁର୍ଦ୍ଧର ବୀରଗଣ, ତୁମ୍ଭେମାନେ ବାବିଲ ବିରୁଦ୍ଧରେ
ଆପଣା ସୈନ୍ୟ ସଜାଅ। ତୁମ୍ଭମାନଙ୍କର କୌଣସି ବାଣ ନ
ରଖି ତାହା ପ୍ରତି ନିକ୍ଷେପ କର, କାରଣ ସେ ସଦାପ୍ରଭୁଙ୍କ
ବିରୁଦ୍ଧରେ ପାପ କରିଅଛି।

**15**ବାବିଲର ଚତୁର୍ଦ୍ଦିଗରେ ବିଜୟର ସିଂହନାଦ କର, ସେ
ନିଜକୁ ସମର୍ପଣ କରିଅଛି। ତାହାର ସମସ୍ତ ଗଡ ପତିତ
ହୋଇଅଛି ଓ ପ୍ରାଚୀର ସବୁ ଉତ୍ପାଟିତ ହୋଇଅଛି। କାରଣ
ଏହା ସଦାପ୍ରଭୁଙ୍କଦ୍ୱାରା ଦେୟ ପ୍ରତିଶୋଧ। ତାହାଠାରୁ ପ୍ରତିଶୋଧ
ନିଅ। ସେ ଯେପରି କରିଅଛି, ତାହା ପ୍ରତି ସେହିପରି କର।

**16**ତୁମ୍ଭେମାନେ ବାବିଲର ବୀଜବପନକାରୀଙ୍କୁ ଓ ଶସ୍ୟ
ସଂଗ୍ରହକାରୀଙ୍କୁ ବିନାଶ କର। ବାବିଲକୁ ଆସିଥିବା ବନ୍ଦୀମାନେ
ନିଜ ନିଜ ଲୋକଙ୍କ ନିକଟକୁ ଫେରିଯିବେ। ସେମାନେ ନିଜ
ନିଜ ଦେଶକୁ ପଳାଇବେ।

**17**"ଇଶ୍ରାୟେଲ ଛିନ୍ନଭିନ୍ନ ହୋଇଥିବା ମେଷ ସ୍ୱରୂପ ସେ
ସିଂହମାନଙ୍କଦ୍ୱାରା ବିତାଡ଼ିତ ହୋଇଅଛି। ପ୍ରଥମେ ଅଶୂରର
ରାଜା ତାକୁ ଗ୍ରାସ କଲା। ଆଉ ଶେଷରେ ବାବିଲର ରାଜା
ନିବୂଖଦ୍‌ନିତ୍ସର ତାହାର ହାଡ଼ସବୁ ଭାଙ୍ଗି ପକାଇଲା।"

**18**ତେଣୁ ସୈନ୍ୟାଧିପତି ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର
ଏହିକଥା କହନ୍ତି, "ଆମ୍ଭେ ଅଶୂରର ରାଜାକୁ ଯେଉଁପରି ଶାସ୍ତି
ଦେଇଥିଲୁ, ସେହିପରି ବାବିଲର ରାଜାକୁ ଓ ତାହାର ଲୋକମାନଙ୍କୁ
ଦଣ୍ଡ ଦେବା।

**19**ଆମ୍ଭେ ଇଶ୍ରାୟେଲକୁ ପୁନର୍ବାର ତା'ର ଚରାସ୍ଥାନକୁ
ଆଣିବା, ସେ କର୍ମିଲ ଓ ବାଶନ ଉପରେ ଚରିବ। ଆଉ ସେ
ଇଫ୍ରୟିମର ଓ ଗିଲୟଦର ପର୍ବତମାନଙ୍କ ଉପରେ ଭୋଜନ
କରି ପରିତୃପ୍ତ ହେବ।"

**20**ସଦାପ୍ରଭୁ କହନ୍ତି, "ସେତେବେଳେ ଇଶ୍ରାୟେଲର ଅଧର୍ମ
ଖୋଜାଯିବ, ମାତ୍ର କିଛି ମିଳିବ ନାହିଁ; ଯିହୁଦାର ପାପ
ଅନ୍ୱେଷଣ କରାଯିବ, ମାତ୍ର ସେମାନେ କିଛି ପାଇବେ ନାହିଁ।
ଆମ୍ଭେ ଅବଶିଷ୍ଟ ଲୋକମାନଙ୍କୁ କ୍ଷମା କରିଦେବା, ଯେଉଁମାନଙ୍କୁ
ଆମ୍ଭେ ରକ୍ଷା କରିଛୁ।"

**21**ପୁଣି ସଦାପ୍ରଭୁ କହନ୍ତି, "ତୁମ୍ଭେ ମରାଥୟିମ୍ ଓ
ପକୋଦ ନିବାସୀମାନଙ୍କ ବିରୁଦ୍ଧରେ ଯୁଦ୍ଧ କର। ସେମାନଙ୍କ
ପଛେ ପଛେ ଯାଇ ସେମାନଙ୍କୁ ସମ୍ପୂର୍ଣ୍ଣ ରୂପେ ନିଃଶେଷ
କର। ଆମ୍ଭର ଆଜ୍ଞାକୁ କହିବାନୁସାରେ ପାଳନ କର।

**22**"ଦେଶସାରା ସଂଗ୍ରାମର ଓ ମହା ବିନାଶର ଶବ୍ଦ
ଶୁଣାଯାଉଛି।

**23**'ସମଗ୍ର ପୃଥିବୀରେ ବାବିଲକୁ ହାତୁଡ଼ି' ବୋଲି ବିବେଚନା
କରା ଯାଉଥିଲା। ସେହି 'ହାତୁଡ଼ି' ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି
ଯାଇଛି ଓ ଗୋଷ୍ଠୀ ମଧ୍ୟରେ ବାବିଲ ଏକ ମରୁଭୂମି
ହୋଇଅଛି।

**24**ହେ ବାବିଲ, ଆମ୍ଭେ ତୁମ୍ଭ ପାଇଁ ଫାଶ ବସାଇଥିଲୁ,
ଏବଂ ଅଜାଣତରେ ତୁମ୍ଭେ ସେହି ଫାଶରେ ପଡ଼ିଯାଇଛ।
ତୁମ୍ଭକୁ ଧରାଗଲା କାରଣ ତୁମ୍ଭେ ସଦାପ୍ରଭୁଙ୍କ ବିରୁଦ୍ଧରେ ଯୁଦ୍ଧ
କରିଥିଲ

**25**ସଦାପ୍ରଭୁ ଆପଣା ଅସ୍ତ୍ରାଗାର ଫିଟାଇ ଆପଣା କ୍ରୋଧରୂପ
ଅସ୍ତ୍ରସବୁ ବାହାର କରି ଆଣିଛନ୍ତି। କାରଣ ସୈନ୍ୟାଧିପତି
ସଦାପ୍ରଭୁଙ୍କର କଲଦୀୟମାନଙ୍କ ଦେଶରେ ସେମାନଙ୍କ ପାଇଁ
କିଛି କରିବାର ଅଛି।

**26**"ତୁମ୍ଭେମାନେ ପ୍ରାନ୍ତ ସୀମାରୁ ତାହା ବିରୁଦ୍ଧରେ ଆସ।
ତାହାର ଭଣ୍ଡାର ସବୁ ଖୋଲିଦିଅ। ତାହାକୁ ସମ୍ପୂର୍ଣ୍ଣରୂପେ
ବିନାଶ କରି ରାଶିପରି ଢିପି କର। ତାହାର କିଛି ଅବଶିଷ୍ଟ
ରଖନାହିଁ।

**27**ତାହାର ବୃଷଭ ସବୁକୁ ବଧ କର। ସେ ସବୁ ବଧ
ସ୍ଥାନକୁ ଯାଆନ୍ତୁ। ସେମାନେ ସନ୍ତାପର ପାତ୍ର, କାରଣ ସେମାନଙ୍କର
ଦିନ ଓ ପ୍ରତିଫଳର ସମୟ ଉପସ୍ଥିତ ହେଲା।

**28**ଯେଉଁ ରକ୍ଷାପ୍ରାପ୍ତ ପଳାତକମାନେ ବାବିଲ ଦେଶରୁ
ସିୟୋନ୍‌କୁ ଚାଲି ଯାଉଥିଲେ, ସେମାନେ ସମସ୍ତଙ୍କୁ କହୁଥିଲେ,
ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କର ପ୍ରତିଶୋଧ ନେବାର
ସମୟ ଆସି ଯାଇଛି। କଲଦୀୟମାନେ ତାଙ୍କର ମନ୍ଦିର
ଭାଙ୍ଗିଛନ୍ତି। ତେଣୁ ସେ ବାବିଲକୁ ଧ୍ୱଂସ କରୁଛନ୍ତି।

**29**"ବାବିଲ ବିରୁଦ୍ଧରେ ସମସ୍ତ ଧନୁର୍ଦ୍ଧରମାନଙ୍କୁ ଧନୁରେ
ଗୁଣ ଦେବାକୁ ଏକତ୍ରୀତ କର। ତାହା ବିରୁଦ୍ଧରେ
ଘେରିଆଡ଼େ ଏକତ୍ରୀତ ହୁଅ। ତାହା ବିରୁଦ୍ଧରେ ଘେରିଆଡ଼େ
ଛାଉଣୀ ସ୍ଥାପନ କର। ସେଥିରୁ ତାକୁ ରକ୍ଷା ପାଇବାକୁ
ଦିଅନାହିଁ। ତାହାର କର୍ମାନୁସାରେ ତାକୁ ପ୍ରତିଫଳ ଦିଅ। ସେ
ଯେପରି କରିଛି ତା'ପ୍ରତି ସେହିପରି କର। କାରଣ ସେ

ସଦାପ୍ରଭୁଙ୍କ ବରୁଦ୍ଧରେ ଓ ଇଶ୍ରାୟେଲର ଧର୍ମସ୍ୱରୂପ ବରୁଦ୍ଧରେ ନିଷ୍ଠୁର ହୋଇଅଛି।

30ଏଣୁ ସଦାପ୍ରଭୁ କହନ୍ତି, ସେହ ଦନ ତା'ର ଯୁବକଗଣ ଛକରେ ମୃତ ହୋଇ ପତିତ ହେବେ ଓ ତା'ର ଯୋଦ୍ଧାମାନେ ମୃତ୍ୟୁ ବରଣ କରବେ।"

31"ହେ ଉଦ୍ଧତ ବାବଲ, ଆମ୍ଭେ ତୁମ୍ଭ ବପକ୍ଷରେ ଅଛୁ।" ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, "ଦେଖ, ଆମ୍ଭେ ଯେହେତୁ ତୁମ୍ଭ ବରୁଦ୍ଧରେ ଅଛୁ, ତେଣୁ ତୁମ୍ଭର ପ୍ରତିଫଳ ପାଇବାର ଦନ ଆସିଅଛି।

32ଅହଙ୍କାରୀ ଜଣକ ଝୁଣ୍ଟି ପଡ଼ବ ଓ କେହ ତାକୁ ଉଠାଇବେ ନାହିଁ। ପୁଣି ଆମ୍ଭେ ତା'ର ନଗରରେ ଅଗ୍ନି ଲଗାଇବା ଓ ସେ ତା'ର ଚତୁର୍ଦ୍ଦିଗରେ ସମସ୍ତଙ୍କୁ ଗ୍ରାସ କରବ।"

33ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, "ଉଭୟ ଇଶ୍ରାୟେଲ ଓ ଯିହୁଦାର ପୁତ୍ରଗଣ ଅତ୍ୟାଚାରିତ ହୋଇଛନ୍ତି। ଯେଉଁ ଶତ୍ରୁଗଣ ସେମାନଙ୍କୁ ବନ୍ଦୀ କରି ନେଲେ ସେମାନେ ସେମାନଙ୍କୁ ଦୃଢ଼ ହସ୍ତରେ ଧରି ରଖିଲେ, ଛାଡ଼ଲେ ନାହିଁ।

34ମାତ୍ର ସେମାନଙ୍କର ମୁକ୍ତିଦାତା ବଳବାନ୍, ସୈନ୍ୟାଧିପତି ସଦାପ୍ରଭୁ ସେମାନଙ୍କୁ ପୁନର୍ବାର ଫେରାଇ ଆଣିବେ। ସେ ପୃଥିବୀକୁ ଶାନ୍ତ ଓ ବାବଲବାସୀଙ୍କୁ ଉଦ୍‌ବିଗ୍ନ କରିବାକୁ ସେମାନଙ୍କର ବିବାଦ ସମ୍ପୂର୍ଣ୍ଣରୂପେ ନିଷ୍ପତ୍ତି କରବେ।"

35ସଦାପ୍ରଭୁ କହନ୍ତି, "କଲଦୀୟମାନଙ୍କୁ, ବାବଲର ଅଧିପତିଗଣଙ୍କୁ ଓ ଜ୍ଞାନୀମାନଙ୍କୁ ଖଡ୍ଗ ବିନାଶ କରବ।

36ଗଣକମାନେ ଖଡ୍ଗରେ ବଧ ହେବ, ସେମାନେ କେତେ ନିର୍ବୋଧ ତାହା ଦେଖାଇବା ପାଇଁ ଖଡ୍ଗ ସୈନ୍ୟମାନଙ୍କୁ ବିନାଶ କରବ, ଯାହା ଫଳରେ ସେମାନେ ଭୟଭୀତ ହେବେ।

37ଆଉ ସେମାନଙ୍କର ଅଶ୍ୱଗଣଙ୍କୁ, ରଥଗୁଡ଼କୁ ଓ ତହିଁରେ ବାସ କରୁଥିବା ମିଶ୍ରିତ ଲୋକମାନଙ୍କୁ ଖଡ୍ଗ ବିନାଶ କରବ ଓ ସେମାନେ ଭୟଭୀତା ସ୍ତ୍ରୀମାନଙ୍କ ପରି ହେବେ। ସେମାନଙ୍କର ଭଣ୍ଡାରସବୁ ଖଡ୍ଗରେ ବିନଷ୍ଟ ହେବ ଓ ସେସବୁ ଲୁଣ୍ଠିତ ହେବ।

38ତାହାର ଜଳାଶୟଗୁଡ଼କ ଖଡ୍ଗର ଆଘାତରେ ଜଳଶୂନ୍ୟ ହେବ। ଆଉ ତା'ର ଖୋଦିତ ପ୍ରତିମାଗଣ ଯୋଗୁଁ ତା'ର ଲୋକମାନେ ନିର୍ବୋଧ ହୋଇଅଛନ୍ତି ଓ ସେମାନଙ୍କ ପାଇଁ ମନ୍ଦଫଳ ଘଟିବ।

39"ବାବଲ ଆଉ କେବେ ଜନବସତି ଯୋଗ୍ୟ ହେବ ନାହିଁ। ବନ୍ୟପଶୁ, କେନ୍ଦୁଆମାନେ ସେଠାରେ ବାସ କରବେ। ଓଟପକ୍ଷୀମାନେ ବିଶ୍ରାମ କରବେ। ତାହ ପୁରୁଷାନୁକ୍ରମେ ବସତି ଯୋଗ୍ୟ ହେବନାହିଁ।

40ସଦାପ୍ରଭୁ କହନ୍ତି, ପରମେଶ୍ୱର ସଦୋମ, ହମୋରା ଓ ତନ୍ନିକଟବର୍ତ୍ତୀ ନଗରସବୁ ଯେଉଁପରି ଧ୍ୱଂସ କରିଥିଲେ, ସେହପରି ବାବଲ ଧ୍ୱଂସ ପାଇବ। ସେଠାରେ କେହ ଲୋକ ବାସ କରବେ ନାହିଁ କି ମନୁଷ୍ୟପୁତ୍ର ତହିଁରେ ପ୍ରବାସ କରବେ ନାହିଁ।

41"ଦେଖ, ଉତ୍ତର ଦିଗରୁ ଏକ ଶକ୍ତିଶାଳୀ ଗୋଷ୍ଠୀରୁ ଲୋକମାନେ ଆସୁଛନ୍ତି ଓ ପୃଥିବୀସ୍ଥ ସମସ୍ତ ପ୍ରାନ୍ତରୁ ବହୁରାଜା ଏକତ୍ର ଆସୁଛନ୍ତି।

42ସେମାନେ ଧନୁ ଓ ବର୍ଚ୍ଛା ଧରିଛନ୍ତି, ସେମାନେ ନିଷ୍ଠୁର ଓ ନିର୍ଦ୍ଦୟ। ସେମାନେ ସମୁଦ୍ର ପରି ଗର୍ଜନ କରୁଛନ୍ତି। ସେମାନେ ଅଶ୍ୱାରୋହଣ କରି ଅଗ୍ରସର ହେଉଛନ୍ତି। ହେ ବାବଲ, ସେମାନେ ସମସ୍ତେ ସୁସଜ୍ଜିତ ହୋଇ ତୁମ୍ଭ ବରୁଦ୍ଧରେ ଯୁଦ୍ଧପାଇଁ ପ୍ରସ୍ତୁତ ହେଉଛନ୍ତି।

43ଆଉ ବାବଲର ରାଜା ସେମାନଙ୍କ ବିଷୟରେ ଶୁଣିଲେ ଓ ଭୟଭୀତ ହୋଇ ପଡ଼ଲେ। ସେ ଏତେ ଦୁର୍ବଳ ହେଲେ ଯେ ତାଙ୍କର ହାତ ଚଳିଲା ନାହିଁ ଓ ପ୍ରସବକାରିଣୀ ସ୍ତ୍ରୀ ତୁଲ୍ୟ ବେଦନା ଓ ଯନ୍ତ୍ରଣା ଅନୁଭବ କଲେ।"

44ପୁଣି ସଦାପ୍ରଭୁ କହନ୍ତି, "ପୁଣି ଯର୍ଦ୍ଦନର ଘଞ୍ଚ ବୁଦାରୁ ଏକ ସିଂହ ଚିରସ୍ଥାୟୀ ଚାରଣଭୂମିରେ ଥିବା ସେହମାନଙ୍କୁ ଭୟ ଦେବା ପାଇଁ ଆସିବା ପରି ଆମ୍ଭେ ସେମାନଙ୍କୁ ହଠାତ୍, ସେମାନଙ୍କ ଦେଶରୁ ତଡ଼ଦେବା। କାହାକୁ ଆମ୍ଭେ ଏଠାରେ ନିଯୁକ୍ତ କରିବା, କାରଣ ମୋ ପରି କେହ ନୁହଁନ୍ତି? ସେଠାରେ ଆମ୍ଭକୁ ପ୍ରତିରୋଧ କରିବା ପାଇଁ କିଏ ଅଛନ୍ତି? ଆମ୍ଭ ସମ୍ମୁଖରେ ଠିଆ ହେଲାପରି ପାଳକ କିଏ ଅଛନ୍ତି?"

45ଏଣୁ ସଦାପ୍ରଭୁ ବାବଲ ବିରୁଦ୍ଧରେ ଯେଉଁ ମନ୍ତ୍ରଣା ଓ କଲଦୀୟମାନଙ୍କ ବିପକ୍ଷରେ ଯେଉଁ ସଂକଳ୍ପ କରିଅଛନ୍ତି, ତାହା ଶୁଣ। ଲୋକମାନେ ସେମାନଙ୍କ ପଲର ଛୁଆମାନଙ୍କୁ ଟାଣି ନେଇ ଯିବେ। ସେମାନଙ୍କର ଚରାଭୂମି ଓ ନିବାସସ୍ଥାନ ଶୂନ୍ୟ ହୋଇଯିବ।

46ବାବଲର ପତନ ଘଟିବ ଓ ସେହ ପତନରେ ପୃଥିବୀ ପ୍ରକମ୍ପିତ ହେବ। ପୃଥିବୀର ସମସ୍ତ ଗୋଷ୍ଠୀ ସେହ କ୍ରନ୍ଦନର ଶବ୍ଦ ଶୁଣିବେ।

51 ସଦାପ୍ରଭୁ କହନ୍ତି, "ଦେଖ, ଆମ୍ଭେ ବାବଲ ବିରୁଦ୍ଧରେ ଓ 'ଲେବ-କାମାଇ' ନିବାସୀମାନଙ୍କ ବିରୁଦ୍ଧରେ ଏକ ଶକ୍ତିଶାଳୀ ବିନାଶକ ବାୟୁ ପ୍ରବାହିତ କରାଇବା।

2ପୁଣି ବିଦେଶୀମାନଙ୍କୁ ବାବଲ ବିରୁଦ୍ଧରେ ପ୍ରେରଣ କରିବା, ସେମାନେ କୁଲାରେ ଅଗାଡ଼ି ଅଲଗା କଲାପରି ତାହାକୁ ଝାଡ଼ି ଦେଶ ଶୂନ୍ୟ କରିବେ। କାରଣ ବିନାଶ କାଳରେ ତା'ର ଚତୁର୍ଦ୍ଦିଗରେ ସୈନ୍ୟ ଘେରି ରହିବେ।

3ବାବଲର ଧନୁର୍ଦ୍ଧରମାନେ ଆପଣା ଧନୁରେ ଗୁଣ ଦେବେ ନାହିଁ କି ସେମାନେ ଆପଣା ସାଞ୍ଜୁ ପିନ୍ଧିବେ ନାହିଁ। ତୁମ୍ଭେମାନେ ତାହାର ଯୁବକଗଣଙ୍କୁ ଦୟା କରନାହିଁ ଓ ତା'ର ସମସ୍ତ ସୈନ୍ୟଙ୍କୁ ବିନାଶ କର।

4ବାବଲର ସୈନ୍ୟମାନେ କଲଦୀୟ ଦେଶରେ ମୃତ୍ୟୁ ବରଣ କରିବେ ଓ ରାଜପଥରେ ଆହତ ହୋଇ ପଡ଼ିବେ।"

5ଇଶ୍ରାୟେଲ ଓ ଯିହୁଦାର ଲୋକମାନେ ସୈନ୍ୟାଧିପତି ସଦାପ୍ରଭୁଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ ନାହାଁନ୍ତି। ସେମାନେ ଯଦିଓ ତାଙ୍କର ବିରୁଦ୍ଧାଚରଣ କରି ତାଙ୍କୁ ପରିତ୍ୟାଗ କରିଛନ୍ତି, ତଥାପି ସେ ଧର୍ମସ୍ୱରୂପ ସେମାନଙ୍କୁ ପରିତ୍ୟାଗ କରି ନାହାଁନ୍ତି।

6ବାବଲରୁ ପଳାୟନ କର ଓ ତୁମ୍ଭମାନଙ୍କର ନିଜ ନିଜ ପ୍ରାଣ ରକ୍ଷା କର। ଆଉ ତାହାର ଅଧର୍ମରେ ଉଚ୍ଛନ୍ନ ହୁଅନାହିଁ। କାରଣ ଏହା ସଦାପ୍ରଭୁଙ୍କର ପ୍ରତିଶୋଧ ନେବାର ସମୟ ଓ ସେ ସେମାନଙ୍କୁ ତା'ର ପ୍ରତିଫଳ ଦେବେ।

7ବାବଲ ସଦାପ୍ରଭୁଙ୍କ ହସ୍ତରେ ଏକ ସ୍ୱର୍ଣ୍ଣ ପାତ୍ର ସ୍ୱରୂପ ହୋଇଅଛି। ତାହା ସମଗ୍ର ପୃଥିବୀକୁ ମତୁଆଳ କରିଅଛି।

ଗୋଷ୍ଠୀମାନେ ତାହାର ଦ୍ରାକ୍ଷାରସ ପାନ କରିଅଛନ୍ତି। ତେଣୁ ସେମାନେ ଉନ୍ମତ୍ତ ହୋଇଅଛନ୍ତି।

8ବାବିଲ ଅକସ୍ମାତ୍ ପତିତ ଓ ବିନଷ୍ଟ ହୋଇଛି। ତାହାପାଇଁ କ୍ରନ୍ଦନ କର, ତାହାର ବେଦନା ପାଇଁ ଔଷଧ ଦିଅ। ସେ ହୁଏତ ସୁସ୍ଥ ହୋଇ ପାରିବ।

9ଆମ୍ଭେମାନେ ବାବିଲକୁ ସୁସ୍ଥ କରିବାକୁ ଚେଷ୍ଟା କଲୁ, ମାତ୍ର ସେ ସୁସ୍ଥ ହୋଇପାରିଲା ନାହିଁ। ଆସ, ଆମ୍ଭେମାନେ ତାକୁ ପରିତ୍ୟାଗ କରି ଆପଣା ଆପଣା ଦେଶକୁ ଗ୍ଭଲିଯିବା। ସ୍ୱର୍ଗର ପରମେଶ୍ୱର ତା'ର ଦଣ୍ଡ ବିଧାନ କରିବେ। ତାହାପାଇଁ ଯାହା ଘଟିବ ସେ ସ୍ଥିର କରିବେ।

10ସଦାପ୍ରଭୁ ଆମ୍ଭମାନଙ୍କର ଧାର୍ମିକତା ପ୍ରକାଶ କରିଅଛନ୍ତି। ଆସ, ଆମ୍ଭେମାନେ ସିୟୋନ୍‌ରେ କହିବା, ସଦାପ୍ରଭୁ ଯାହା କରିଛନ୍ତି।

11ତୁମ୍ଭେମାନେ ବାଣ ତୀକ୍ଷ୍ଣ କର, ଦୃଢ କରି ଢାଲ ଧର। ସଦାପ୍ରଭୁ ମାଦୀୟ ରାଜଗଣର ମନ ଉତ୍ତେଜିତ କରିଅଛନ୍ତି। କାରଣ ବାବିଲକୁ ନଷ୍ଟ କରିବାକୁ ସେ ସଂକଳ୍ପ କରିଅଛନ୍ତି। ଯେହେତୁ ବାବିଲର ସୈନ୍ୟମାନେ ସଦାପ୍ରଭୁଙ୍କ ମନ୍ଦିର ଧ୍ୱଂସ କରିଛନ୍ତି। ସେଥିପାଇଁ ସେ ପ୍ରତିଶୋଧ ସ୍ୱରୂପ ତାକୁ ଦଣ୍ଡ ଦେବେ।

12ବାବିଲର ପ୍ରାଚୀର ବିରୁଦ୍ଧରେ ଧ୍ୱଜା ସ୍ଥାପନ କର। ଅଧିକ ପ୍ରହରୀଗଣ, ରକ୍ଷକ ଦଳ ଯଥା ସ୍ଥାନରେ ନିଯୁକ୍ତ କର। ଗୋପନ ସ୍ଥାନରେ ସୈନ୍ୟ ରଖ, କାରଣ ସଦାପ୍ରଭୁ ବାବିଲ ବିରୁଦ୍ଧରେ ଯାହା କରିବାକୁ ଯୋଜନା କରିଛନ୍ତି, ତାହା ସେ ନିଶ୍ଚୟ ସଫଳ କରିବେ।

13ହେ ଜଳରାଶି ନିକଟରେ ବାସ କରୁଥିବା ଓ ଧନ ସମ୍ପଦରେ ଐଶ୍ୱର୍ଯ୍ୟଶାଳୀ ବାବିଲ, ତୁମ୍ଭର ଅନ୍ତିମ କାଳ ଉପସ୍ଥିତ ଓ ତୁମ୍ଭର ଧ୍ୱଂସ ହେବାର ସମୟ ଆସିଯାଇଛି।

14ସୈନ୍ୟାଧିପତି ସଦାପ୍ରଭୁ ଆପଣା ନାମରେ ଏହି ଶପଥ କରିଅଛନ୍ତି, "ହେ ବାବିଲ, ଆମ୍ଭେ ତୁମ୍ଭକୁ ପଙ୍ଗପାଳ ସଦୃଶ ଶତ୍ରୁ ସୈନ୍ୟରେ ପୂର୍ଣ୍ଣ କରିବା। ଆଉ ସେମାନେ ତୁମ୍ଭ ବିରୁଦ୍ଧରେ ବିଜୟର ଜୟକାର କରିବେ।"

15ସଦାପ୍ରଭୁ ଆପଣା ପରାକ୍ରମରେ ପୃଥିବୀ ନିର୍ମାଣ କରିଅଛନ୍ତି। ସେ ଆପଣା ଜ୍ଞାନରେ ଜଗତ ସ୍ଥାପନ କରିଅଛନ୍ତି ଓ ଆପଣା ବୁଦ୍ଧିରେ ସେ ଗଗନ ମଣ୍ଡଳ ବିସ୍ତାର କରିଅଛନ୍ତି।

16ଯେତେବେଳେ ସେ ଭୟଙ୍କର ଶବ୍ଦ କରନ୍ତି, ସେତେବେଳେ ଆକାଶର ଜଳରାଶି ଗର୍ଜନ କରନ୍ତି। ସେ ସମଗ୍ର ପୃଥିବୀ ଉପରେ ମେଘ ସୃଷ୍ଟି କରିଛନ୍ତି। ସେ ମେଘ ସହିତ ବିଜୁଳି ପଠାନ୍ତି ଓ ତାଙ୍କ ଭଣ୍ଡାର ଘରୁ ବାୟୁ ପ୍ରବାହ କରନ୍ତି।

17ମାତ୍ର ପ୍ରତ୍ୟେକ ଲୋକ ନିର୍ବୋଧ ଓ ଅଜ୍ଞାନ ଅଟନ୍ତି। ପରମେଶ୍ୱରଙ୍କ କ୍ରିୟା ସେମାନେ ଜାଣନ୍ତି ନାହିଁ। ପ୍ରତ୍ୟେକ ସ୍ୱର୍ଣ୍ଣକାର ଆପଣା ଖୋଦିତ ପ୍ରତିମା ଦ୍ୱାରା ଲଜ୍ଜିତ ହୋଇଅଛନ୍ତି। କାରଣ ସେ ଛାଞ୍ଚ ଢଳା ପ୍ରତିମା ମିଥ୍ୟା ଓ ଜୀବନ୍ତ ନୁହଁନ୍ତି।

18ସେହି ପ୍ରତିମାଗୁଡ଼ିକ ଅସାର ଓ ପ୍ରହେଳିକା ମାତ୍ର। ସେମାନେ ପ୍ରତିଫଳ ପାଇବା ସମୟରେ ବିନଷ୍ଟ ହେବେ।

19କିନ୍ତୁ ଯାକୁବଙ୍କ ଭାଗ ସେ ସବୁପରି ନୁହଁନ୍ତି। କାରଣ ପରମେଶ୍ୱର ସକଳ ବସ୍ତୁର ସୃଷ୍ଟିକର୍ତ୍ତା, ତାଙ୍କୁ କେହି ଗଢି ନାହାଁନ୍ତି। ଇଶ୍ରାୟେଲ ତାଙ୍କର ନିଜସ୍ୱ ଅଧିକାର। ତାଙ୍କର ନାମ ସୈନ୍ୟାଧିପତି ସଦାପ୍ରଭୁ।

20ସଦାପ୍ରଭୁ ପୁଣି କହନ୍ତି, "ହେ ବାବିଲ, ତୁମ୍ଭେ ଆମ୍ଭର ଗଦା ଓ ଯୁଦ୍ଧର ଅସ୍ତ୍ର ସ୍ୱରୂପ। ଆମ୍ଭେ ତୁମ୍ଭ ଦ୍ୱାରା ନାନା ଗୋଷ୍ଠୀକୁ ଧ୍ୱଂସ କଲୁ ଓ ନାନା ରାଜ୍ୟକୁ ସଂପୂର୍ଣ୍ଣ ସଂହାର କଲୁ।

21ତୁମ୍ଭ ମାଧ୍ୟମରେ ଅଶ୍ୱ ଓ ତା'ର ଆରୋହୀକୁ ଚୂର୍ଣ୍ଣ କଲୁ ଏବଂ ରଥ ଓ ତା'ର ଆରୋହୀକୁ ବିନାଶ କଲୁ।

22ଆଉ ଆମ୍ଭେ ତୁମ୍ଭ ମାଧ୍ୟମରେ ପୁରୁଷ ଓ ସ୍ତ୍ରୀ, ବୃଦ୍ଧ ଓ ବାଳକ ଏବଂ ଯୁବକ ଓ ଯୁବତୀକୁ ଚୂର୍ଣ୍ଣ କରିବା।

23ପୁଣି ତୁମ୍ଭ ମାଧ୍ୟମରେ ଆମ୍ଭେ ପାଳକ ଓ ତାହାର ପଲକୁ, କୃଷକକୁ ଓ ତାହାର ହଳ ବଳଦକୁ ଏବଂ ଦେଶାଧ୍ୟକ୍ଷ ଓ ରାଜ୍ୟର ଅଧିପତିଗଣକୁ ଚୂର୍ଣ୍ଣ କଲୁ।

24ଆଉ ଆମ୍ଭେ ବାବିଲକୁ ଓ କଲଦୀୟ ନିବାସୀ ସମସ୍ତଙ୍କୁ ସିୟୋନ୍‌ରେ ତୁମ୍ଭମାନଙ୍କ ଦୃଷ୍ଟି ଗୋଚରରେ ସେମାନଙ୍କ କୃତ ସମସ୍ତ ଦୁଷ୍କର୍ମର ପ୍ରତିଫଳ ଦେବା।" ଏହା ସଦାପ୍ରଭୁ କହନ୍ତି।

25ଆଉ ସଦାପ୍ରଭୁ କହନ୍ତି, "ହେ ବାବିଲ, ତୁମ୍ଭେ ଏକ ବିନାଶକ ପର୍ବତ, ତୁମ୍ଭେ ସମୁଦାୟ ପୃଥିବୀକୁ ବିନାଶ କରୁଅଛ, ତେଣୁ ଆମ୍ଭେ ତୁମ୍ଭର ବିପକ୍ଷ ଅଟୁ ଓ ତୁମ୍ଭ ବିରୁଦ୍ଧରେ ଆପଣା ହସ୍ତ ବିସ୍ତାର କରିବା। ତୁମ୍ଭକୁ ଶୈଳର ଶୃଙ୍ଗରୁ ଗଡ଼ାଇ ଏକ ଅଗ୍ନିଦଗ୍ଧ ପର୍ବତ କରିବା।

26ଲୋକମାନେ କୋଣ ପଥର କିଅବା ମୂଳଦୁଆ ସ୍ଥାପନ ପାଇଁ ତୁମ୍ଭଠାରୁ ପ୍ରସ୍ତର ନେବେ ନାହିଁ। କାରଣ ସଦାପ୍ରଭୁ କହନ୍ତି ତୁମ୍ଭେ ଚିରକାଳ ଧ୍ୱଂସସ୍ଥାନ ହୋଇ ରହିବ।"

27"ତୁମ୍ଭେମାନେ ଦେଶରେ ଧ୍ୱଜା ସ୍ଥାପନ କର, ଗୋଷ୍ଠୀୟମାନଙ୍କ ମଧ୍ୟରେ ତୂରୀ ବଜାଅ। ସମସ୍ତ ଗୋଷ୍ଠୀକୁ ବାବିଲ ବିରୁଦ୍ଧରେ ପ୍ରସ୍ତୁତ କର। ଅରାରଟ୍, ମିନ୍ନି ଓ ଅସ୍କିନସ୍ ରାଜ୍ୟକୁ ତାହାର ବିରୁଦ୍ଧରେ ଏକତ୍ର ଡାକ। ତାହାର ବିରୁଦ୍ଧରେ ସେନାପତିମାନଙ୍କୁ ନିଯୁକ୍ତ କର ଓ ପଙ୍ଗପାଳ ସଦୃଶ ବହୁ ସଂଖ୍ୟାରେ ଅଶ୍ୱଗଣ ପଠାଅ।

28ତାହାର ବିରୁଦ୍ଧରେ ସମସ୍ତ ଗୋଷ୍ଠୀକୁ, ମାଦୀୟ ରାଜଗଣକୁ ସେମାନଙ୍କର ଦେଶାଧ୍ୟକ୍ଷ, ଅଧିପତି ଓ ତାହାର କର୍ତ୍ତୃତ୍ୱାଧୀନ ସମୁଦାୟ ଦେଶକୁ ପ୍ରସ୍ତୁତ କର।

29ସମଗ୍ର ବାବିଲ କମ୍ପିତ ଓ ବେଦନାଗ୍ରସ୍ତ ହେଉଅଛି। କାରଣ ତାକୁ ଧ୍ୱସ୍ତ ବିଧ୍ୱସ୍ତ ଓ ଜନଶୂନ୍ୟ କରିବାକୁ ତାହା ବିରୁଦ୍ଧରେ ସଦାପ୍ରଭୁଙ୍କର ସଂକଳ୍ପ ସଫଳ ହେଉଅଛି।

30ବାବିଲର ସାହାସୀ ଯୋଦ୍ଧାଗଣ ଯୁଦ୍ଧରୁ ଅବସର ନେଇଅଛନ୍ତି। ସେମାନେ ନିଜ ନିଜ ଗଡ ମଧ୍ୟରେ ଅଛନ୍ତି। ସେମାନଙ୍କର ଶକ୍ତି ଦୁର୍ବଳ ହୋଇଅଛି। ସେମାନେ ଭୟଭୀତା ସ୍ତ୍ରୀ ଲୋକମାନଙ୍କ ପରି ହୋଇଛନ୍ତି। ସେମାନଙ୍କର ବାସସ୍ଥାନ ସବୁ ଦଗ୍ଧ ହୋଇଛି ଓ ସେମାନଙ୍କର ନଗର ଫାଟକର ଖିଡକିସବୁ ଭଗ୍ନ ହୋଇଅଛି।

31ସମଗ୍ର ବାବିଲ ନଗର ଅଧିକୃତ ହୋଇଅଛି। ଏହି ସମ୍ବାଦ ଜଣେ ବାର୍ତ୍ତାବହ ଅନ୍ୟ ଜଣେ ବାର୍ତ୍ତାବହକୁ ଓ ଜଣେ ଦୂତ ଅନ୍ୟ ଜଣେ ଦୂତକୁ ତାହା ଜଣାଇବାକୁ ଦୌଡ଼ିବ।

**32**ପୁଣି ତା'ର ନଦୀପାର ଘାଟସବୁ ଅଧିକୃତ ହୋଇଅଛି ଓ ନଳବଣ ସବୁ ଅଗ୍ନିରେ ଦଗ୍ଧୀଭୂତ ହୋଇଅଛି। ଆଉ ତା'ର ଯୋଦ୍ଧାଗଣ ଭୟଭୀତ ହୋଇଅଛନ୍ତି।"

**33**କାରଣ ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାୟେଲର ପରମେଶ୍ୱର କହନ୍ତି, "ବାବିଲ ଏକ ଶସ୍ୟ ମର୍ଦ୍ଦନ ଖଳା ସ୍ୱରୂପ ଆଉ ଅଳ୍ପ ସମୟରେ ଅମଳ ସମୟ ଆସିବ।"

**34**ସିୟୋନ୍‌ର ଲୋକମାନେ କହିବେ, "ବାବିଲର ରାଜା ନବୂଖଦ୍‌ନିତ୍ସର ଆମ୍ଭମାନଙ୍କୁ ଗ୍ରାସ କରିଅଛି, ସେ ଆମ୍ଭମାନଙ୍କୁ ଚୂର୍ଣ୍ଣ କରିଅଛି। ସେ ଆମ୍ଭମାନଙ୍କୁ ଶୂନ୍ୟପାତ୍ର ସଦୃଶ କରିଅଛି। ସେ ଆମ୍ଭମାନଙ୍କୁ ନାଗସାପ ସଦୃଶ ଗ୍ରାସ କରିଅଛି। ଆମ୍ଭମାନଙ୍କର ସୁଖାଦ୍ୟ ଦ୍ରବ୍ୟରେ ସେ ଉଦର ପୂର୍ଣ୍ଣ କରିଅଛି ଓ ସେ ଆମ୍ଭମାନଙ୍କୁ ଦୂରକୁ ଫିଙ୍ଗି ଦେଇଅଛି।

**35**ସିୟୋନ୍ ନିବାସୀଗଣ କହିବେ, ମୋ ପ୍ରତି ଓ ମୋର ଆତ୍ମା ପ୍ରତି ବାବିଲ ଯେଉଁ ଦୌରାତ୍ମ୍ୟ କରିଛି ତା'ର ଫଳ ସେ ପାଉ।" ଆଉ ଯିରୂଶାଲମ କହିବ, "ମୋର ରକ୍ତପାତର ଫଳ କଲ୍‌ଦୀୟମାନଙ୍କ ଉପରେ ପଡୁ।"

**36**ତେଣୁ ସଦାପ୍ରଭୁ କହନ୍ତି, "ଦେଖ, ଆମ୍ଭେ ତୁମ୍ଭକୁ ସୁରକ୍ଷା ଦେବ ଓ ତୁମ୍ଭ ପାଇଁ ପ୍ରତିଶୋଧ ନେବା। ପୁଣି ଆମ୍ଭେ ବାବିଲର ସମୁଦ୍ରକୁ ଶୁଖାଇ ଦେବା ଓ ତାହାର ନିର୍ଝରକୁ ଶୁଖାଇ ଦେବା।

**37**ତା'ପରେ ବାବିଲ ଏକ ଧ୍ୱଂସ ସ୍ତୁପରେ ପରିଣତ ହେବ ଏବଂ ତାହା ଶୃଗାଳମାନଙ୍କର ବାସ ସ୍ଥାନ ହେବ। ଲୋକମାନେ ଏହା ଦେଖି ଆତଙ୍କିତ ହେବେ ଏବଂ ଯେତେବେଳେ ସେମାନେ ଏହା ଦେଖିବେ 'ହିସ୍' ଶବ୍ଦ କରିବେ। କାରଣ ସେ ନିର୍ଜନ ସ୍ଥାନ ହେବ।

**38**"ସେମାନେ ଯୁବା ସିଂହପରି ଗର୍ଜ୍ଜନ କରିବେ ଓ ସିଂହ ଛୁଆପରି ଘୋର ନାଦ କରିବେ।

**39**ସଦାପ୍ରଭୁ କହନ୍ତି, ସେମାନେ ଉତ୍ତ୍ୟକ୍ତ ହେଲାପରେ ଆମ୍ଭେ ସେମାନଙ୍କ ପାଇଁ ଭୋଜି ପ୍ରସ୍ତୁତ କରିବା, ଆଉ ସେମାନଙ୍କୁ ଆହ୍ଲାଦିତ କରିବା ପାଇଁ ସେମାନଙ୍କୁ ମତ୍ତ କରିବା। ତହିଁରେ ସେମାନେ ଚିର ନିଦ୍ରାରେ ନିଦ୍ରିତ ହେବେ, ଆଉ ଉଠିବେ ନାହିଁ।"

**40**"ବାବିଲକୁ ଆମ୍ଭେ ବଧ ଯୋଗ୍ୟ ମେଷ ଓ ଛାଗ ସଦୃଶ ବଧ୍ୟ ସ୍ଥାନକୁ ଆଗେଇ ନେବା।

**41**"ଶେଶକ" କିପରି ଅନ୍ୟମାନଙ୍କ ଦ୍ୱାରା ନିଆଗଲା ଓ ସମଗ୍ର ପୃଥିବୀର ପ୍ରଶଂସାର ପାତ୍ର କିପରି ହଠାତ୍ ଧରା ପଡ଼ିଅଛି, ବାବିଲ କେମିତି ଅନ୍ୟ ଦେଶମାନଙ୍କ ପାଇଁ ଏକ ଭୟର ପାତ୍ର ହୋଇଅଛି।

**42**ବାବିଲ ଉପରେ ସମୁଦ୍ର ମାଡ଼ି ଆସିବ ଓ ତାହାର ଢେଉ ସବୁ ଗର୍ଜ୍ଜନ କରି ତାକୁ ଆଚ୍ଛାଦିତ କରିବ।

**43**ବାବିଲର ନଗରସବୁ ଧ୍ୱଂସ ସ୍ଥାନ, ଶୁଷ୍କଭୂମି ଓ ପ୍ରାନ୍ତର ହେବ। ତା' ମଧ୍ୟରେ କୌଣସି ଲୋକ ବାସ କରିବେ ନାହିଁ। କିଅବା ତା' ମଧ ଦେଇ କୌଣସି ମନୁଷ୍ୟ ସନ୍ତାନ ଗମନା ଗମନ କରିବେ ନାହିଁ।

**44**ତା'ପରେ ଆମ୍ଭେ ବାବିଲର ବାଲ୍‌ଦେବଙ୍କଠାରୁ ପ୍ରତିଶୋଧ ନେବା ଓ ଯାହା ସେ ଗିଳିଅଛି, ଆମ୍ଭେ ତା'ର ମୁଖରୁ ତାହା ବାହାର କରିବା। ଗୋଷ୍ଠୀ ଏହାପାଇଁ ଆଉ ନିର୍ଝର ହେବନାହିଁ। ଏବଂ ବାବିଲର ପ୍ରାଚୀର ପଡ଼ିଯିବ।

**45**ହେ ଆମ୍ଭର ଲୋକମାନେ, ତୁମ୍ଭେମାନେ ବାବିଲରୁ ପଳାଇ ଯାଅ। ପ୍ରତ୍ୟେକ ସଦାପ୍ରଭୁଙ୍କ ପ୍ରଚଣ୍ଡ କ୍ରୋଧରୁ ନିଜକୁ ରକ୍ଷା କର।

**46**"ତୁମ୍ଭେମାନେ ନିଜ ନିଜ ହୃଦୟକୁ ଦୁର୍ବଳ କରନାହିଁ। କି ଦେଶ ମଧ୍ୟରେ ହେଉଥିବା ଜନରବକୁ ଶୁଣି ଭୀତ ହୁଅନାହିଁ। କାରଣ ଏବର୍ଷ ଏକ ଜନରବ ଉଠିବ ଓ ଅନ୍ୟ ବର୍ଷ ଅନ୍ୟ ଏକ ଜନରବ ହେବ। ପୁଣି ସେ ଜନରବ ଭୟଙ୍କର ଯୁଦ୍ଧ ବିଷୟରେ ହେବ ଓ ଜଣେ ଶାସକ ଅନ୍ୟ ଏକ ଶାସକର ବିପକ୍ଷ ହେବ।

**47**ଆଉ ସେ ସମୟ ନିଶ୍ଚୟ ଆସିବ, ଯେତେବେଳେ ଆମ୍ଭେ ବାବିଲର ଖୋଦିତ ପ୍ରତିମାଗଣକୁ ପ୍ରତିଫଳ ଦେବା ଓ ସମଗ୍ର ବାବିଲ ଲଜ୍ଜିତ ହେବ। ଆଉ ତାହାର ନିହତ ଲୋକମାନେ ନଗରର ରାସ୍ତାରେ ପତିତ ହେବେ।

**48**ସେ ସମୟରେ ସ୍ୱର୍ଗ, ପୃଥିବୀ ଓ ତନ୍ମଧ୍ୟସ୍ଥ ସମସ୍ତ ବାବିଲ ବିଷୟରେ ଆନନ୍ଦରେ ଚିତ୍କାର କରିବେ। କାରଣ ସଦାପ୍ରଭୁ କହନ୍ତି ଯେ, ଉତ୍ତର ଦିଗରୁ ବିନାଶକଗଣ ଆସିବେ।"

**49**"ବାବିଲର ପତନ ନିଶ୍ଚିତ ହେବ, କାରଣ ସେ ଇସ୍ରାୟେଲର ଲୋକମାନଙ୍କୁ ନିପାତିତ କରିଅଛି ଓ ପୃଥିବୀର ସମୁଦାୟ ଦେଶର ଲୋକଙ୍କୁ ବଧ କରିଅଛି।

**50**ହେ ଖଡ୍ଗରୁ ବଞ୍ଚିତ ଲୋକମାନେ, ତୁମ୍ଭେମାନେ ଚାଲିଯାଅ, ସ୍ଥିର ହୋଇ ଠିଆ ହୁଅ ନାହିଁ। ଦୂର ଦେଶରୁ ସଦାପ୍ରଭୁଙ୍କୁ ସ୍ମରଣ କର ଓ ଯିରୂଶାଲମକୁ ମନେ ପକାଅ।

**51**"ଆମ୍ଭେ ଯିହୁଦାବାସୀ ନିନ୍ଦା କଥା ଶୁଣିବାରୁ ଲଜ୍ଜିତ ହୋଇଅଛୁ, ଆମ୍ଭେମାନେ ଅପମାନିତ ହୋଇଅଛୁ। କାରଣ ବିଦେଶୀମାନେ ସଦାପ୍ରଭୁଙ୍କର ମନ୍ଦିର ସକଳ ପବିତ୍ର ସ୍ଥାନରେ ପ୍ରବେଶ କରିଅଛନ୍ତି।"

**52**ଏଣୁ ସଦାପ୍ରଭୁ କହନ୍ତି, "ଏପରି ଏକ ସମୟ ଆସୁଅଛି, ଯେତେବେଳେ ଆମ୍ଭେ ତାହାର ଖୋଦିତ ମୂର୍ତ୍ତିଗୁଡ଼ିକୁ ପ୍ରତିଫଳ ଦେବା, ସେତେବେଳେ ଏହି ଦେଶର କ୍ଷତବିକ୍ଷତ ଲୋକମାନେ ଯନ୍ତ୍ରଣାରେ ଗଁ ଗଁ କରିବେ।

**53**ପୁଣି ସଦାପ୍ରଭୁ କହନ୍ତି, ଯଦିଓ ବାବିଲ ଆକାଶ ପର୍ଯ୍ୟନ୍ତ ଉଠିବ ଓ ନିଜର ଦୁର୍ଗଗୁଡ଼ିକୁ ସୁଦୃଢ଼ କରିବ। ତଥାପି ଆମ୍ଭ ପ୍ରେରିତ ବିନାଶକମାନେ ତାହା ମଧ୍ୟରେ ପ୍ରବେଶ କରିବେ ଓ ତାକୁ ଧ୍ୱଂସ କରିବେ।"

**54**"ଆମ୍ଭେ ବାବିଲରୁ କ୍ରନ୍ଦନର ରବ ଶୁଣି ପାରୁଛୁ ଓ କଲ୍‌ଦୀୟମାନଙ୍କ ଦେଶରୁ ମନ ବିନାଶର ଶବ୍ଦ ଶୁଣି ପାରୁଛୁ।

**55**ସଦାପ୍ରଭୁ ବାବିଲକୁ ବିନଷ୍ଟ କରିବେ ଓ ନଗର ମଧ୍ୟରୁ ମହାରବ କ୍ଷାନ୍ତ କରିବେ। ଶତ୍ରୁସୈନ୍ୟ ତରଙ୍ଗାୟିତ ମହାସାଗର ସଦୃଶ ଗର୍ଜ୍ଜନ କରି ଆସିବେ ଓ କଲ୍‌ଦୀୟମାନେ ସେହି ମହାରବ ଶୁଣିବେ।

**56**ବାବିଲ ବିରୁଦ୍ଧରେ ସେମାନେ ଆସିବେ ଓ ତାହାକୁ ଧ୍ୱଂସ କରିବେ। ସେମାନଙ୍କର ବୀରଗଣ ଧରାଯିବେ ଓ ସେମାନଙ୍କର ଧନୁ ସବୁ ଖଣ୍ଡ ଖଣ୍ଡ ହୋଇ ଭଙ୍ଗାଯିବ। କାରଣ ସଦାପ୍ରଭୁ ସେମାନଙ୍କର ଦୁଷ୍କର୍ମ ଯୋଗୁଁ ନିଶ୍ଚୟ ପ୍ରତିଫଳ ଦେବେ।

57ପୁଣି ଆମ୍ଭେ ତାହାର ଅଧିପତିଗଣକୁ, ତାହାର ଜ୍ଞାନୀ
ଲୋକମାନଙ୍କୁ, ତାହାର ଦେଶାଧ୍ୟକ୍ଷ, ତାହାର ଅଧିପତିଗଣକୁ
ଓ ତାହାର ବୀର ପୁରୁଷମାନଙ୍କୁ ମତ୍ତ କରାଇବା। ତହିଁରେ
ସେମାନେ ଚିର ନିଦ୍ରାରେ ନିଦ୍ରିତ ହେବେ ଓ କେବେ ଜାଗ୍ରତ
ହେବେ ନାହିଁ।” ଏହା ରାଜା କହନ୍ତି, ତାଙ୍କର ନାମ
ସୈନ୍ୟାଧିପତି ସଦାପ୍ରଭୁ।

58ପୁଣି ସୈନ୍ୟାଧିପତି ସଦାପ୍ରଭୁ ଏହିକଥା କହନ୍ତି, “ବାବିଲର
ପ୍ରଶସ୍ତ ସୁଦୃଢ଼ ପ୍ରାଚୀର ସମ୍ପୂର୍ଣ୍ଣ ରୂପେ ଉତ୍ପାଟିତ ହେବ ଓ
ତାହାର ଉଚ୍ଚ ଦ୍ୱାରସବୁ ଅଗ୍ନିରେ ଦଗ୍ଧ ହେବ। ବାବିଲର
ଲୋକମାନେ କଠିନ ପରିଶ୍ରମ କରିବେ ଓ ନଗରକୁ ରକ୍ଷା
କରିବାକୁ କ୍ଲାନ୍ତ ହେବେ। ମାତ୍ର ତାହା କିଛି ସାହାଯ୍ୟ କରିବ
ନାହିଁ। ସେମାନେ ସେହି ଅଗ୍ନି ଶିଖାରେ ଜାଳେଣି ସ୍ୱରୂପ ଦଗ୍ଧ
ହେବେ।”

## ଯିରିମିୟଙ୍କ ବାବିଲ ପ୍ରତି ଏକ ବାର୍ତ୍ତା

59ଯିହୁଦାର ଶାସକ ସିଦିକିୟଙ୍କ ରାଜତ୍ୱର ଚତୁର୍ଥ ବର୍ଷରେ
ମହସେୟର ପୌତ୍ର, ନେରିୟର ପୁତ୍ର ସରାୟ ଯେଉଁ ସମୟରେ
ରାଜା ସଙ୍ଗେ ବାବିଲକୁ ଗଲା, ସେ ସମୟରେ ଯିରିମିୟ
ସରାୟକୁ ଏହି ବାର୍ତ୍ତା ଦେଇଥିଲେ। ସରାୟ ଜଣେ ପଦାଧିକାରୀ
ଥିଲେ। 60ଆଉ ଯିରିମିୟ ବାବିଲର ଭବିଷ୍ୟତରେ
ଘଟିବାକୁ ଥିବା ସମସ୍ତ ଅମଙ୍ଗଳ କଥା ଏକ ପୁସ୍ତକରେ
ଲେଖିଲେ।

61ଆଉ ଯିରିମିୟ ସରାୟକୁ କହିଲେ, “ହେ ସରାୟ,
ତୁମ୍ଭେ ବାବିଲକୁ ଯାଇ ଏହି ବାର୍ତ୍ତା ସମସ୍ତଙ୍କ ଗୋଚରାର୍ଥେ
ପାଠ କର। 62ଆଉ କହିବ, ‘ହେ ସଦାପ୍ରଭୁ, ତୁମ୍ଭେ ଏହି
ସ୍ଥାନ ବିଷୟରେ କହିଅଛ ଯେ ତୁମ୍ଭେ ଏହାକୁ ବିନଷ୍ଟ କରିବ।
ତହିଁ ମଧ୍ୟରେ ମନୁଷ୍ୟ କି ପଶୁ କେହି ବାସ କରିବେ ନାହିଁ।
ମାତ୍ର ତାହା ଚିରକାଳ ଧ୍ୱଂସ ସ୍ଥାନ ହୋଇ ରହିବ।’ 63ପୁଣି
ଏହା ପାଠ କରି ସାରିଲା ପରେ, ତହିଁରେ ଖଣ୍ଡେ ପଥର
ବାନ୍ଧି ଫରାତ୍ ନଦୀର ମଧ୍ୟ ସ୍ଥାନରେ ତାହା ପକାଇ ଦେବ।
64ଆଉ ତୁମ୍ଭେ କହିବ, ‘ଆମ୍ଭେ ବାବିଲ ଉପରେ ଯେଉଁ
ଅମଙ୍ଗଳ ଘଟାଇବା, ତାହା ଏହିପରି ଜଳମଗ୍ନ ହେବ। ସେ
ପୁନର୍ବାର ଉଠିବ ନାହିଁ। ସେ ବୁଡ଼ିବ, କାରଣ ସେ ଭୟଙ୍କର
ଦୁଷ୍କର୍ମ କରିଅଛି।’” ଯିରିମିୟଙ୍କ ବାର୍ତ୍ତା ଏହିଠାରେ ସମାପ୍ତ।

## ଯିରୁଶାଲମର ପତନ

52 ସିଦିକିୟ ଏକୋଇଶ ବର୍ଷ ବୟସରେ ଯିହୁଦାର ରାଜା
ହେଲେ। ସେ ଯିରୁଶାଲମରେ ଏଗାର ବର୍ଷ ରାଜତ୍ୱ
କଲେ। ତାହାର ମାତାର ନାମ ହମୂଟଲ ଓ ସେ ଲିବ୍ନା
ନିବାସୀ ଯିରିମିୟଙ୍କ କନ୍ୟା ଥିଲା। 2ସିଦିକିୟ ଯିହୋୟାକୀମଙ୍କ
ଦୁଷ୍କର୍ମ ପରି ସଦାପ୍ରଭୁଙ୍କ ଦୃଷ୍ଟିରେ ନାନା କୁକର୍ମ କଲା।
3ଯିରୁଶାଲମ ଓ ଯିହୁଦାରେ ଭୟଙ୍କର ଘଟଣାମାନ ଘଟିଲା,
କାରଣ ସଦାପ୍ରଭୁ ସେମାନଙ୍କ ପ୍ରତି କ୍ରୋଧାନ୍ୱିତ ଥିଲେ।
ଶେଷରେ ସଦାପ୍ରଭୁ ସେମାନଙ୍କୁ ଆପଣା ସମ୍ମୁଖରୁ ଦୂର କରି
ଦେଲେ।

ସିଦିକିୟ ବାବିଲ ରାଜାର ବିଦ୍ରୋହୀ ହେଲା। 4ତା'ପରେ
ରାଜତ୍ୱର ନବମ ବର୍ଷର, ଦଶମ ମାସର ଦଶମ ଦିନରେ,
ବାବିଲର ରାଜା ନବୂଖଦ୍‌ନିତ୍ସର ଓ ତାହାର ସମସ୍ତ ସୈନ୍ୟ
ଯିରୁଶାଲମକୁ ଆସିଲେ ଓ ତାହା ବିରୁଦ୍ଧରେ ଯୁଦ୍ଧ କରିବା
ପାଇଁ ସେମାନଙ୍କର ଛାଉଣୀ ସ୍ଥାପନ କଲେ। ସେମାନେ
ଏହାର ଚତୁର୍ଦ୍ଦିଗରେ ପ୍ରବେଶ କରି ଅବରୋଧର କାର୍ଯ୍ୟ
କଲେ। 5ସିଦିକିୟ ରାଜାର ଏଗାର ବର୍ଷ ପର୍ଯ୍ୟନ୍ତ ବାବିଲ
ସୈନ୍ୟଙ୍କ ଦ୍ୱାରା ଯିରୁଶାଲମ ନଗର ଅବରୁଦ୍ଧ ହୋଇ ରହିଲା।
6ସେହି ବର୍ଷ ଚତୁର୍ଥ ମାସର ନବମ ଦିନରେ ନଗରରେ ମହା
ଦୁର୍ଭିକ୍ଷ ଦେଖା ଦେଲା। ତହିଁରେ ଦେଶୀୟ ଲୋକମାନଙ୍କ ପାଇଁ
କିଛି ଖାଦ୍ୟ ମିଳିଲା ନାହିଁ। 7ନଗରର ଏକ ସ୍ଥାନ ଭଗ୍ନ
ହେବାରୁ ସମସ୍ତ ଯୋଦ୍ଧା ରାତ୍ରି ସମୟରେ ରାଜାର ଉଦ୍ୟାନ
ନିକଟସ୍ଥ ଦୁଇ ପ୍ରାଚୀରର ମଧ୍ୟବର୍ତ୍ତୀ ଦ୍ୱାରପଥ ଦେଇ ପଳାଇଲେ।
ସେ ସମୟରେ କଲଦୀୟମାନେ ନଗରର ବିରୁଦ୍ଧରେ ଚତୁର୍ଦ୍ଦିଗରେ
ଘେରି ରହିଥିଲେ। ସେମାନେ ପ୍ରାନ୍ତର ଆଡ଼କୁ ପଳାୟନ
କଲେ।

8ମାତ୍ର କଲଦୀୟମାନେ ରାଜା ସିଦିକିୟଙ୍କ ପଛେ ପଛେ
ଗୋଡ଼ାଇ ଯେରିକୋ ସମତଳ ଭୂମିରେ ତାଙ୍କୁ ଧରିଲେ।
ସିଦିକିୟଙ୍କ ସମସ୍ତ ସୈନ୍ୟ ତାଙ୍କୁ ଛାଡ଼ି ପଳାଇଲେ। 9ତା'ପରେ
ସେମାନେ ଧରିଥିବା ରାଜାଙ୍କୁ ହମାତ୍ ଦେଶସ୍ଥ ରିବ୍ଲାକୁ
ନେଇଗଲେ। ତା'ପରେ ସେଠାରେ ରାଜା ତା' ଉପରେ ଦଣ୍ଡ
ବିଧାନ କଲେ। 10ଆଉ ବାବିଲର ରାଜା ସିଦିକିୟର ପୁତ୍ରମାନଙ୍କୁ
ତାହାର ସମ୍ମୁଖରେ ବଧ କଲା। ଆଉ ମଧ୍ୟ ଯିହୁଦାର ସମସ୍ତ
ଅଧିପତିଙ୍କୁ ରିବ୍ଲାରେ ବଧ କଲା। 11ତା'ପରେ ବାବିଲର ରାଜା
ସିଦିକିୟର ଚକ୍ଷୁ ଉତ୍ପାଟନ କରି, ତାକୁ ଶୃଙ୍ଖଳବଦ୍ଧ କରି
ବାବିଲକୁ ନେଇଗଲା ଓ କାରାଗାରରେ ନିକ୍ଷେପ କଲା। ସେ
ମୃତ୍ୟୁ ପର୍ଯ୍ୟନ୍ତ କାରାଗାରରେ ରହିଲା।

12ପଞ୍ଚମ ମାସର ଦଶମ ଦିନରେ, ବାବିଲର ରାଜା
ନବୂଖଦ୍‌ନିତ୍ସର ରାଜାର ରାଜତ୍ୱର ଊନବିଂଶ ବର୍ଷରେ ନବୂଷରଦନ୍
ନାମକ ପ୍ରହରୀବର୍ଗର ସେନାପତି ଯିରୁଶାଲମକୁ ଆସିଲା।
13ସେ ସଦାପ୍ରଭୁଙ୍କ ଗୃହ, ରାଜଗୃହ ଓ ଯିରୁଶାଲମସ୍ଥ ସକଳ
ଗୃହ ଓ ବୃହତ୍ ଗୃହଗୁଡ଼ିକୁ ଅଗ୍ନିରେ ଦଗ୍ଧ କଲା। 14ଆଉ
ପ୍ରହରୀବର୍ଗର ସେନାପତିଙ୍କ ସଙ୍ଗେ ଥିବା ସମସ୍ତ କଲଦୀୟ
ସୈନ୍ୟ ଯିରୁଶାଲମର ଚତୁର୍ଦ୍ଦିଗସ୍ଥ ପ୍ରାଚୀର ଭଗ୍ନ କଲେ।
15ସେହି ସମୟରେ ପ୍ରହରୀ ବର୍ଗର ସେନାପତି ନବୂଷରଦନ୍
କେତେକ ଗରୀବ ଲୋକମାନଙ୍କୁ, ନଗରର ଅବଶିଷ୍ଟ ଲୋକମାନଙ୍କୁ,
ବାବିଲ ରାଜାର ପକ୍ଷକୁ ପଳାୟନକାରୀଙ୍କୁ ଓ ଅବଶିଷ୍ଟ
ଚିତ୍ରଶିଳ୍ପୀମାନଙ୍କୁ ବନ୍ଦୀକରି ନେଇଗଲା। 16ମାତ୍ର ନବୂଷରଦନ୍
ଦେଶର ଦରିଦ୍ରତମ ଲୋକମାନଙ୍କୁ ଦ୍ରାକ୍ଷାକ୍ଷେତ୍ରରେ କାମ କରିବାକୁ
ଓ କୃଷକ ହେବାକୁ ସେଠାରେ ଛାଡ଼ିଗଲା।

17ପୁଣି କଲଦୀୟମାନେ ସଦାପ୍ରଭୁଙ୍କ ମନ୍ଦିରର ପିତ୍ତଳ
ସ୍ତମ୍ଭ ସଦାପ୍ରଭୁଙ୍କ ଗୃହର ବୈଠକସବୁ ଓ ପିତ୍ତଳମୟ ସମୁଦ୍ର
ରୂପା ପାତ୍ରକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ତହିଁର ପିତ୍ତଳ ସବୁ
ବାବିଲକୁ ନେଇଗଲେ। 18ଆଉ ମଧ୍ୟ ସେମାନେ ରନ୍ଧାପାତ୍ର,
ବେଲ୍‌ଚା, କଇଁଚି, ବେସିନ୍, କରେଇ ଏବଂ ପିତ୍ତଳର ସମସ୍ତ
ଜିନିଷ ଯାହା ମନ୍ଦିରରେ ଉପାସନା ପାଇଁ ବ୍ୟବହାର ହୁଏ,
ତାହା ନେଇଗଲେ। 19ପୁଣି ପ୍ରହରୀମାନଙ୍କର ସେନାପତି
ଛୋଟ ଡାଟିଆ, କରେଇ, ବେଦୀ ଉପରେ ସିଞ୍ଚନ ପାଇଁ
ବ୍ୟବହୃତ ହେଉଥିବା ପାତ୍ର, କେଟ୍‌ଲି, ଦୀପରୁଖା ଏବଂ ପେୟ

ନୈବେଦ୍ୟ ଉତ୍ସର୍ଗ ପାଇଁ ବ୍ୟବହୃତ ହେଉଥିବା ପାତ୍ରସବୁ
ନେଇଗଲେ। ଖାଣ୍ଟିସୁନା ଓ ରୂପାରେ ନିର୍ମିତ ହୋଇଥିବା
ସବୁକିଛି ପ୍ରହରୀ କପ୍ତାନ ନେଲେ। 20ଦୁଇଟି ଖମ୍ବ, ସଦୃଶ
ଡବା ଏବଂ କଂସାର ବାରୋଟି ବୃଷଭ, ଏହାକୁ ରାଜା
ସଲୋମୋନ ସଦାପ୍ରଭୁଙ୍କ ମନ୍ଦିର ପାଇଁ ନିର୍ମାଣ କରିଥିଲେ।
ଏହିସବୁ ଜିନିଷରେ ବ୍ୟବହୃତ ହୋଇଥିବା କଂସାର ଓଜନ
ବହୁତ ଅଧିକ ଥିଲା।

21ପୁଣି ସେହି ଦୁଇସ୍ତମ୍ଭ ପ୍ରତ୍ୟେକର ଉଚ୍ଚତା ସତେଇଶ
ଫୁଟ୍, ପରିଧି ଅଠର ଫୁଟ୍, ସ୍ଥୂଳତା ତିନି ଇଞ୍ଚି ମୋଟା ଓ
ତାହା ଫମ୍ପା ଥିଲା। 22ଆଉ ତାହାର ଅଗ୍ରଭାଗରେ ପିତ୍ତଳର
ମୁଣ୍ଡାଳି ଥିଲା। ସେହି ମୁଣ୍ଡାଳିର ଉଚ୍ଚତା ପାଞ୍ଚହାତ ଓ
ମୁଣ୍ଡାଳିର ଉପରେ ଚତୁର୍ଦ୍ଦିଗରେ ଜାଲିକର୍ମ ଓ ଡାଳିମ୍ବାକୃତି
ଥିଲା। ଆଉ ସେ ସବୁ ପିତ୍ତଳମୟ ଥିଲା। ଦ୍ୱିତୀୟ ସ୍ତମ୍ଭ
ପ୍ରଥମ ସ୍ତମ୍ଭର ଆକାର ସଦୃଶ ଥିଲା ଓ ସେଥିରେ ମଧ୍ୟ
ଡାଳିମ୍ବ ଥିଲା। 23ପାର୍ଶ୍ୱରେ ଛୟାନବେ ଡାଳିମ୍ବ ଥିଲା।
ଜାଲି କର୍ମର ଉପରେ ଚାରିଆଡ଼େ ଏକ ଶହ ଡାଳିମ୍ବାକୃତି
ଥିଲା।

24ପୁଣି ପ୍ରହରୀବର୍ଗର ସେନାପତି ପ୍ରଧାନ ଯାଜକ ସରାୟଙ୍କୁ
ଓ ଦ୍ୱିତୀୟ ଯାଜକ ସଫନୀୟଙ୍କୁ ଏବଂ ଆଉ ତିନିଜଣ
ଦ୍ୱାରପାଳଙ୍କୁ ବନ୍ଦୀ କରି ନେଲା। 25ଆଉ ସେ ନଗରରୁ
ଯୋଦ୍ଧାମାନଙ୍କ ଦାୟିତ୍ୱରେ ଥିବା ଅଧିପତିଗଣଙ୍କୁ, ନଗରର
ସାତଜଣ ରାଜାଙ୍କର ଉପଦେଷ୍ଟାଙ୍କୁ ଦେଶର ଲୋକ ଗଣନାକାରୀ
ଓ ନଗର ମଧ୍ୟରେ ପ୍ରାପ୍ତ ଦେଶୀୟ ଷାଠିଏ ଜଣଙ୍କୁ ବନ୍ଦୀକରି
ନେଲା। 26-27ପୁଣି ପ୍ରହରୀବର୍ଗର ସେନାପତି ନବୂଷରଦନ୍
ସେମାନଙ୍କୁ ବନ୍ଦୀକରି ରିବ୍ଲାକୁ ବାବିଲ ରାଜା ନିକଟକୁ ନେଇଗଲା।
ତହୁଁ ବାବିଲ ରାଜା ହମାତ୍ ଦେଶସ୍ଥ ରିବ୍ଲାରେ ସେମାନଙ୍କୁ
ବଧ କଲା।

ଏହିରୂପେ ଯିହୁଦା ଆପଣା ଦେଶରୁ ବନ୍ଦୀ ହୋଇ ଆନୀତ
ହେଲା। 28ନବୂଖଦ୍‌ନିତ୍ସର ଯେଉଁ ଯିହୁଦି ଲୋକମାନଙ୍କୁ ବନ୍ଦୀକରି
ନେଇଗଲେ,

ସେମାନଙ୍କର ସଂଖ୍ୟା ନବୂଖଦ୍‌ନିତ୍ସରଙ୍କ ରାଜତ୍ୱର
ସପ୍ତମ ବର୍ଷରେ ତିନି ସହସ୍ର ତେଇଶ୍ ଜଣ ଥିଲେ।

29ପୁଣି ତାଙ୍କ ଅଧିକାରର ଅଷ୍ଟାଦଶ ବର୍ଷରେ ସେ
ଯିରୁଶାଲମରୁ ଆଠ ଶହ ବତିଶ୍ ଲୋକଙ୍କୁ ବନ୍ଦୀ କରି
ନେଇଗଲେ।

30ପୁଣି ନବୂଖଦ୍‌ନିତ୍ସରର ରାଜତ୍ୱର ତ୍ରୟୋବିଂଶ
ବର୍ଷରେ ପ୍ରହରୀବର୍ଗର ସେନାପତି ନବୂଷରଦନ୍ ସାତ
ଶହ ପଇଁଚାଳିଶ୍ ଯିହୁଦିଙ୍କୁ ବନ୍ଦୀକରି ନେଇଗଲା।

ସବୁ ମିଶି ଚାରି ସହସ୍ର ଛଅ ଶହ ଲୋକ
ଥିଲେ।

## ଯିହୋୟାଖୀନ୍‌ଙ୍କ ମୁକ୍ତି

31ଯିହୁଦାର ରାଜା ଯିହୋୟାଖୀନ୍ ବାବିଲର କାରାଗାରରେ
ସଇଁ ତିରିଶ ବର୍ଷ ବନ୍ଦୀ ହୋଇ ରହିଲେ। ତାଙ୍କ ବନ୍ଦୀତ୍ୱର
ସପ୍ତତ୍ରିଂଶ ବର୍ଷରେ ବାବିଲର ରାଜା ଇବିଲ୍-ମରୋଦକ୍
ଯିହୋୟାଖୀନ୍‌ଙ୍କ ପ୍ରତି ଦୟାପରବଶ ହେଲେ। ସେ ରାଜତ୍ୱର
ପ୍ରଥମ ବର୍ଷର ଦ୍ୱାଦଶ ମାସର ପଞ୍ଚବିଂଶ ଦିନରେ ଯିହୋୟାଖୀନ୍‌ଙ୍କୁ
କାରାଗାରରୁ ମୁକ୍ତ କଲେ। 32ଆଉ ସେ ତାଙ୍କୁ ମଧୁର ବାକ୍ୟ
କହିଲେ ଓ ତାଙ୍କୁ ବାବିଲର ଅନ୍ୟ ରାଜାମାନଙ୍କଠାରୁ ଅଧିକ
ସମ୍ମାନଜନକ ସ୍ଥାନ ଦେଲେ। 33ଆଉ ଯିହୋୟାଖୀନ୍ ଆପଣା
କାରାଗାର ପୋଷାକ ବଦଳାଇ ଅବଶିଷ୍ଟ ଜୀବନ ରାଜାଙ୍କ
ସମ୍ମୁଖରେ ଭୋଜନ କଲା। 34ଏହାପରେ ଯିହୋୟାଖୀନ୍
ବାବିଲର ରାଜାମାନଙ୍କଠାରୁ ପ୍ରତିଦିନ ସୁବିଧା ପାଇଲେ। ଏହା
ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଦିଆଗଲା।

# ଯିଶାଇୟ ଭବିଷ୍ୟଦ୍‌ବକ୍ତାଙ୍କର ପୁସ୍ତକ

1 ଆମୋସଙ୍କର ପୁତ୍ର ଯିଶାଇୟଙ୍କର ଦର୍ଶନ, ପରମେଶ୍ୱର
ଯିହୁଦା ଓ ଯିରୁଶାଲମର ଯାହାସବୁ ଘଟିଥିଲା ସେସବୁ
ଯିଶାଇୟଙ୍କୁ ଦେଖାଇଲେ ଉଷିୟ, ଯୋଥମ୍, ଆହସ୍ ଓ
ହିଜକିୟଙ୍କ ରାଜତ୍ୱ କାଳରେ ଯିହୁଦାରେ ଯାହାସବୁ ଘଟିଥିଲା
ଯିଶାଇୟ ଦର୍ଶନ କଲେ।

### ପରମେଶ୍ୱରଙ୍କର ତାଙ୍କ ସନ୍ତାନଗଣଙ୍କ ବିରୁଦ୍ଧରେ ଅଭିଯୋଗ

2ହେ ସ୍ୱର୍ଗ, ହେ ପୃଥିବୀ, ସଦାପ୍ରଭୁଙ୍କ ବାର୍ତ୍ତା ଶୁଣ।
ସଦାପ୍ରଭୁ କହିଛନ୍ତି, "ଆମ୍ଭେ ସନ୍ତାନଗଣଙ୍କୁ ପ୍ରତିପାଳନ ଓ
ଭରଣପୋଷଣ କରିଅଛୁ, ମାତ୍ର ସେମାନେ ଆମ୍ଭର ବିରୁଦ୍ଧାଚରଣ
କରିଛନ୍ତି।
3ଗାଈ ତା'ର ମୁନିବକୁ ଜାଣେ, ଗଧ ନିଜର ମୁନିବର
ସଂଚାଳକଙ୍କୁ ଜାଣେ, ମାତ୍ର ଇସ୍ରାଏଲ ଲୋକମାନେ ମୋତେ
ଚିହ୍ନିପାରିଲେ ନାହିଁ। ମୋର ଲୋକମାନେ ମୋତେ ବୁଝୁ
ନାହାଁନ୍ତି।"
4ଇସ୍ରାଏଲ ଗୋଷ୍ଠୀ ପାପରେ ପରିପୂର୍ଣ୍ଣ। ସେମାନେ
ଅଧର୍ମ ଓ ପାପରେ ଭାରାକ୍ରାନ୍ତ। ସେମାନେ ଏକ ଭ୍ରଷ୍ଟାଚାରୀ
ବଂଶ ଦୁଷ୍କର୍ମକାରୀ ସନ୍ତାନଗଣ। ସେମାନେ ସଦାପ୍ରଭୁଙ୍କୁ ପରିତ୍ୟାଗ
କରିଛନ୍ତି। ସେମାନେ ଇସ୍ରାଏଲର ପବିତ୍ର ପୁରୁଷଙ୍କୁ ଅବଜ୍ଞା
କରିଛନ୍ତି। ସେମାନେ ତାଙ୍କୁ ଜଣେ ଅଜଣାବ୍ୟକ୍ତି ପରି
ବ୍ୟବହାର କରିଛନ୍ତି ଓ ଛାଡ଼ି ଚାଲିଯାଇଛନ୍ତି।
5ପରମେଶ୍ୱର କୁହନ୍ତି, "ଆମ୍ଭେ କାହିଁକି ତୁମ୍ଭମାନଙ୍କ ପ୍ରତି
ଶାସ୍ତି ବିଧାନ କରି ଚାଲିବୁ। ତୁମ୍ଭମାନଙ୍କୁ ଦଣ୍ଡ ଦେଲୁ। ମାତ୍ର
ତୁମ୍ଭମାନଙ୍କର କିଛି ପରିବର୍ତ୍ତନ ହେଲା ନାହିଁ। ତୁମ୍ଭେମାନେ
ମୋ ବିରୁଦ୍ଧରେ ବିଦ୍ରୋହ କରି ଚାଲିଛ। ବର୍ତ୍ତମାନ ସମସ୍ତ
ମସ୍ତକ ଓ ସମସ୍ତ ହୃଦୟ ପୀଡ଼ିତ। 6ତୁମ୍ଭମାନଙ୍କର ଆପାଦମସ୍ତକ
କ୍ଷତ ବିକ୍ଷତ ଓ ପୂଜ ଘା'ରେ ପରିପୂର୍ଣ୍ଣ। ତୁମ୍ଭେମାନେ ସେ
କ୍ଷତର ଯତ୍ନ ନେଇ ନାହିଁ। ତୁମ୍ଭମାନଙ୍କର ସେହି କ୍ଷତଗୁଡ଼ିକ
ପରିଷ୍କୃତ ହୋଇ ନାହିଁ କିମ୍ବା ଆବୃତ ହୋଇ ନାହିଁ।
7"ତୁମ୍ଭମାନଙ୍କର ଦେଶ ଧ୍ୱଂସ ପ୍ରାପ୍ତ। ତୁମ୍ଭମାନଙ୍କର
ନଗରଗୁଡ଼ିକ ଅଗ୍ନିରେ ଭସ୍ମିଭୂତ ହୋଇଅଛି। ତୁମ୍ଭମାନଙ୍କର
ଦେଶ ଶତ୍ରୁମାନଙ୍କ ଦ୍ୱାରା ଅଧିକୃତ। ସୈନ୍ୟବାହିନୀ ଦ୍ୱାରା
ଦେଶ ଧ୍ୱଂସ ହେଲା ପରି ତୁମ୍ଭର ଦେଶ ଧ୍ୱଂସ ହୋଇଯାଇଛି।
8ସିୟୋନର କନ୍ୟା ପରିତ୍ୟକ୍ତ ଦ୍ରାକ୍ଷା କ୍ଷେତ୍ରରେ ଗୋଟିଏ
କୁଡିଆ ସଦୃଶ ଦେଖାଯାଉଛି। ଏକ ପରିତ୍ୟକ୍ତ କାକୁଡ଼ିକ୍ଷେତ୍ର
ସଦୃଶ ପରି। ଆଉ ଏହା ଶତ୍ରୁମାନଙ୍କ ଦ୍ୱାରା ଅବରୋଧିତ
ନଗର ସଦୃଶ ହୋଇଅଛି।" 9ଏହା ସତ୍ୟ ଅଟେ। ମାତ୍ର
ସଦାପ୍ରଭୁ ସର୍ବଶକ୍ତିମାନ ଅବଶିଷ୍ଟ ଅଳ୍ପ ଲୋକଙ୍କୁ ବଞ୍ଚିବାକୁ
ଦେଲେ। ତା ନ ହୋଇଥିଲେ ଆମ୍ଭେମାନେ ସଦୋମ ଓ
ହମୋରା ପରି ସମ୍ପୂର୍ଣ୍ଣରୂପେ ଧ୍ୱଂସ ପାଇଥାନ୍ତୁ।

### ପରମେଶ୍ୱର ପ୍ରକୃତ ସେବା ଇଚ୍ଛାକରନ୍ତି

10ହେ ସଦୋମର ପ୍ରାଚୀନଗଣ, ତୁମ୍ଭେମାନେ ସଦାପ୍ରଭୁଙ୍କର
ବାର୍ତ୍ତା ଶୁଣ। ହେ ହମୋରାର ଲୋକମାନେ ପରମେଶ୍ୱରଙ୍କ
ଶିକ୍ଷାସମୂହ ପ୍ରତି ଧ୍ୟାନ ଦିଅ। 11ପରମେଶ୍ୱର କୁହନ୍ତି, "ମୁଁ
ତୁମ୍ଭମାନଙ୍କର ଏହି ବଳିଦାନସବୁ କାହିଁକି ଦରକାର କରେ।
ମୁଁ ମେଷର ଓ ହୃଷ୍ଟପୁଷ୍ଟ ଗୋରୁଗାଈର ମେଦର ହୋମବଳି
ପ୍ରତି ବିତୃଷ୍ଣା ହୋଇ ଯାଇଛି। ମୁଁ ଆଉ ଷଣ୍ଢ, ମେଷ ଓ
ଛାଗମାନଙ୍କର ରକ୍ତ ଚାହେଁ ନାହିଁ।
12"ଯେତେବେଳେ ତୁମ୍ଭେମାନେ ମୋତେ ସାକ୍ଷାତ କରିବାକୁ
ଆସିଛ ତୁମ୍ଭେମାନେ ମୋର ପ୍ରାଙ୍ଗଣରେ ସମସ୍ତ ଜିନିଷକୁ
ପଦଦଳିତ କରିଛ। କିଏ ତୁମ୍ଭମାନଙ୍କୁ ଏହା କରିବାକୁ
କହିଥିଲା?"
13"ତୁମ୍ଭେମାନେ ମୋତେ ଆଉ ଏହି ଅର୍ଥହୀନ ବଳିଦାନ
ଉତ୍ସର୍ଗ ଆଣ ନାହିଁ। ତୁମ୍ଭର ଧୂପକୁ ମୁଁ ଘୃଣା କରେ। ତୁମ୍ଭର
ଅମାବାସ୍ୟା, ସ୍ୱତନ୍ତ୍ର ପର୍ବ ଓ ବିଶ୍ରାମଦିନ ଉତ୍ସବକୁ ମୁଁ ସହି
ପାରୁ ନାହିଁ। ତୁମ୍ଭେମାନେ ପବିତ୍ର ମହାସଭାରେ ଯେଉଁ ଅଧର୍ମ
କରିଛ ମୁଁ ତାହା ସହିପାରୁ ନାହିଁ। 14ଆମ୍ଭର ପ୍ରାଣ ତୁମ୍ଭମାନଙ୍କର
ଅମାବାସ୍ୟା ଓ ନିରୂପିତ ପର୍ବମାନଙ୍କୁ ଘୃଣା କରେ। ସେହିସବୁ
ଭାର ଆମ୍ଭପ୍ରତି କ୍ଳେଶଦାୟକ ଓ ଆମ୍ଭେ ସେ ଭାର ବହନ
କରିବାକୁ କ୍ଳାନ୍ତ ହୋଇଅଛୁ।
15"ତୁମ୍ଭେମାନେ ସବୁ ହସ୍ତ ପ୍ରସାରଣ କରି ମୋତେ
ପ୍ରାର୍ଥନା କରିବ, ମାତ୍ର ମୁଁ ବିମୁଖ ହୋଇ ଚକ୍ଷୁ ଆଚ୍ଛାଦିତ
କରିବି। ତୁମ୍ଭେମାନେ ସବୁ ଅନେକ ପ୍ରାର୍ଥନା କରିବ, ମାତ୍ର ମୁଁ
ତାହା ଶୁଣିବି ନାହିଁ। କାରଣ ତୁମ୍ଭମାନଙ୍କର ହସ୍ତ ରକ୍ତରେ
ପରିପୂର୍ଣ୍ଣ।
16"ତୁମ୍ଭେମାନେ ନିଜକୁ ପ୍ରକ୍ଷାଳନ କର। ନିଜକୁ ପରିଷ୍କାର
କର। ମନ୍ଦ କାର୍ଯ୍ୟରୁ ନିବୃତ୍ତ ହୁଅ। ମୁଁ ତୁମ୍ଭମାନଙ୍କର ସେହି
ମନ୍ଦ କର୍ମ ଦେଖିବାକୁ ଇଚ୍ଛା କରେ ନାହିଁ। କୁକର୍ମରୁ ନିବୃତ୍ତ
ହୁଅ। 17ସୁକର୍ମ କରିବାକୁ ଶିକ୍ଷା କର। ଅନ୍ୟମାନଙ୍କ ପ୍ରତି
ନ୍ୟାୟ ଆଚରଣ କର। ଅନ୍ୟକୁ ଆଘାତ କରୁଥିବା ବ୍ୟକ୍ତିଙ୍କୁ
ଦଣ୍ଡ ଦିଅ। ପିତୃମାତୃହୀନ ସନ୍ତାନମାନଙ୍କୁ ସାହାଯ୍ୟ କର।
ବିଧବାମାନଙ୍କୁ ସାହାଯ୍ୟ କର।"
18ସଦାପ୍ରଭୁ ପୁଣି କୁହନ୍ତି, "ଆସ, ମୋ ସହିତ ଆଳାପ
କର। ତୁମ୍ଭମାନଙ୍କର ପାପ ସିନ୍ଦୂର ବର୍ଣ୍ଣ ପରି ଲାଲ ହେଲେ
ହେଁ ବରଫ ସଦୃଶ ଶୁଭ୍ର ହେବ। ଆଉ ତୁମ୍ଭମାନଙ୍କର ପାପ
ଉଜ୍ଜ୍ୱଳ ଲୋହିତ ବର୍ଣ୍ଣ ପରି ହେଲେ ହେଁ ମେଷଲୋମ ସଦୃଶ
ଶୁଭ୍ର ହେବ।
19"ଯଦି ତୁମ୍ଭେମାନେ ମୋର ବାକ୍ୟ ପ୍ରତି ଧ୍ୟାନ ଦେବ
ଓ ମୋର ଆଜ୍ଞାବହ ହେବ ତେବେ ତୁମ୍ଭେମାନେ ଦେଶରେ
ଉତ୍ତମ ଫଳ ଭୋଗ କରିବ। 20ଯଦି ତୁମ୍ଭେମାନେ ମୋର

ବାକ୍ୟ ପ୍ରତି ଧ୍ୟାନ ନ ଦିଅ ଏବଂ ମୋର ବିରୁଦ୍ଧାଚରଣ କର,
ତେବେ ତୁମ୍ଭର ଶତ୍ରୁ ତୁମ୍ଭକୁ ଧ୍ୱଂସ କରିବେ।"
ସଦାପ୍ରଭୁ ନିଜେ ଏହିସବୁ କହିଛନ୍ତି।

### ଯିରୁଶାଲମ୍ ପରମେଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ନୁହେଁ

**21**ପରମେଶ୍ୱର କୁହନ୍ତି, "ଯିରୁଶାଲମ୍ ଏକ ନଗର ଯାହା
ମୋ ପ୍ରତି ବିଶ୍ୱସ୍ତ ଥିଲା। କିଏ ଏହାକୁ ଏକ ବ୍ୟଭିଚାରିଣୀରେ
ପରିଣତ କଲା? ଯିରୁଶାଲମ୍ ନ୍ୟାୟ ପୂର୍ଣ୍ଣ ହେବା ଉଚିତ୍।
ଯିରୁଶାଲମ୍ର ଲୋକମାନେ ଯାହା ଠିକ୍ ତାହା କରିବା ଉଚିତ୍।
ବର୍ତ୍ତମାନ ଏହା ତଣ୍ଟିକଟା ଓ ହତ୍ୟାକାରୀମାନଙ୍କର ବାସସ୍ଥାନରେ
ପରିଣତ ହୋଇଛି।
**22**"ଉତ୍ତମଗୁଣ ରୂପା ସଦୃଶ। ମାତ୍ର ତୁମ୍ଭର ରୂପା ଖାଦ
ପାଲଟିଛି। ତୁମ୍ଭର ଦ୍ରାକ୍ଷାରସ ଜଳମିଶ୍ରିତ ହୋଇଅଛି। ଉତ୍ତମଗୁଣ
ଦୁର୍ବଳ ହୋଇଛି। **23**ତୁମ୍ଭର ଶାସକଗଣ ବିଦ୍ରୋହୀ ହୋଇଛନ୍ତି
ଓ ଚୋରମାନଙ୍କର ବନ୍ଧୁ ହୋଇଛନ୍ତି। ତୁମ୍ଭର ସମସ୍ତ ଶାସକ
ଲାଞ୍ଚକୁ ଭଲ ପାଆନ୍ତି। ଅନ୍ୟାୟ କାର୍ଯ୍ୟ ପାଇଁ ପାରିତୋଷିକ
ଗ୍ରହଣ କରନ୍ତି। ଆଉ ସେହି ଶାସକମାନେ ଲୋକଙ୍କୁ ଠକିବାକୁ
ଅର୍ଥ ନିଅନ୍ତି। ତୁମ୍ଭର ସେହି ଶାସକଗଣ ଅନାଥ ପିଲାମାନଙ୍କୁ
ଓ ବିଧବାମାନଙ୍କୁ ସେମାନଙ୍କର ଦରକାର ବେଳେ ସାହାଯ୍ୟ
କରନ୍ତି ନାହିଁ।"
**24**ଏହିସବୁ, ପ୍ରଭୁ ସର୍ବଶକ୍ତିମାନ ସଦାପ୍ରଭୁ ଇଶ୍ରାୟେଲ
ବଳଦାତା କୁହନ୍ତି, "ମୁଁ ମୋର ଶତ୍ରୁମାନଙ୍କୁ ଶାସ୍ତି ଦେବି, ମୁଁ
ମୋର ଶତ୍ରୁମାନଙ୍କୁ ଶାସ୍ତି ଦେବି। **25**ଲୋକମାନେ ରୂପାର
ଖାଦ ଦୂର କରିବାକୁ ଏକ ପ୍ରକାର ଜିନିଷ ବ୍ୟବହାର କରନ୍ତି।
ସେହିପରି ଭାବରେ ମୁଁ ତୁମ୍ଭମାନଙ୍କର ଅପବିତ୍ରତାକୁ ଦୂର
କରିବି। ତୁମ୍ଭମାନଙ୍କ ଭିତରୁ ସମସ୍ତ ମନ୍ଦ ଜିନିଷ କାଢ଼ିନେବି
ଓ ତୁମ୍ଭମାନଙ୍କୁ ପବିତ୍ର କରିବି। **26**ଆଦ୍ୟ ସମୟ ପରି ମୁଁ
ବିଚାରକାରୀଗଣଙ୍କୁ ଫେରାଇ ଆଣିବି। ପୂର୍ବେ ପୂର୍ବର ତୁମ୍ଭମାନଙ୍କର
ମନ୍ତ୍ରୀମାନଙ୍କ ପରି ପରାମର୍ଶଦାତାଙ୍କୁ ପୁନଃସ୍ଥାପନା କରିବି।
ତାପରେ ତୁମ୍ଭେ 'ଉତ୍ତମ ଓ ବିଶ୍ୱସ୍ତ ନଗରୀ ବୋଲି କଥିତ
ହେବ।'"
**27**ପରମେଶ୍ୱର ଉତ୍ତମ ଏବଂ ସେ ନ୍ୟାୟ ବିଚାର କରନ୍ତି।
ତେଣୁ ସେ ସିୟୋନକୁ ରକ୍ଷା କରିବେ ଏବଂ ଲୋକମାନେ
ତାଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କରିବେ। **28**ମାତ୍ର ସମସ୍ତ
ଅଧର୍ମାଚାରୀ ଓ ପାପୀଗଣ ବିନଷ୍ଟ ହେବେ। ଯେଉଁମାନେ
ସଦାପ୍ରଭୁଙ୍କୁ ଅବଜ୍ଞା କରନ୍ତି ସେମାନେ ସଂହାରିତ ହେବେ।
**29**ତୁମ୍ଭେମାନେ ପୂଜାକରିବାକୁ ବାଛିଥିବା ଆଲୋନଗଛ ଓ
ସ୍ୱତନ୍ତ୍ର ବଗିଚା ପାଇଁ ଭବିଷ୍ୟତରେ ଲୋକମାନେ ଲଜ୍ଜିତ
ହେବେ। **30**ଏହା ଘଟିବ କାରଣ ତୁମ୍ଭେମାନେ ଶୁଷ୍କ ପତ୍ର
ବିଶିଷ୍ଟ ଆଲୋନଗଛ ଓ ନିର୍ଜନ ଉଦ୍ୟାନ ସଦୃଶ ହେବ।
**31**ଶକ୍ତିଶାଳୀ ମାନବ ଶୁଷ୍କ କାଠି ସଦୃଶ ହେବେ ଏବଂ
ସେମାନଙ୍କର କର୍ମ ଅଗ୍ନିକଣା ସଦୃଶ ହେବ। ସେହି ବଳବାନ୍
ଲୋକମାନେ ଓ ସେମାନଙ୍କର କର୍ମ ସବୁ ଅଗ୍ନିରେ ପୋଡ଼ିହେବେ।
ସେହି ଅଗ୍ନିକୁ କେହି ନିର୍ବାପିତ କରିପାରିବେ ନାହିଁ।

**2** ଆମୋସଙ୍କ ପୁତ୍ର ଯିଶାଇୟ ଯିହୁଦା ଓ ଯିରୁଶାଲମ୍
ବିଷୟରେ ଯେଉଁ ଦର୍ଶନ ପାଇଥିଲେ ତାହାର ବୃତ୍ତାନ୍ତ।
**2**ଶେଷ ଦିନରେ ଏହା ହିଁ ଘଟିବ। ସଦାପ୍ରଭୁଙ୍କର ମନ୍ଦିରର
ପର୍ବତ ଉଚ୍ଚତମ ପର୍ବତ ଶିଖରରେ ହେବ। ଏହା ଅନ୍ୟ
ସମସ୍ତ ପାହାଡ଼ଗୁଡ଼ିକ ମଧ୍ୟରେ ଉଚ୍ଚତର ହେବ। ସମସ୍ତ
ଗୋଷ୍ଠୀର ଲୋକମାନେ ସ୍ରୋତ ସଦୃଶ ସେଠାକୁ ଧାବିତ
ହେବେ। **3**ବହୁଲୋକ ସେଠାକୁ ଯିବେ। ସେମାନେ କହିବେ,
"ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ପର୍ବତକୁ ଯିବା। ଯାକୁବଙ୍କ
ପରମେଶ୍ୱରଙ୍କ ମନ୍ଦିରକୁ ଆମ୍ଭେମାନେ ଯିବା। ସେତେବେଳେ
ପରମେଶ୍ୱର ଆମ୍ଭମାନଙ୍କୁ ତାଙ୍କ ପଥ ବିଷୟରେ ଶିକ୍ଷା
ଦେବେ। ଆମ୍ଭେମାନେ ତାହା ଅନୁସରଣ କରିବା।"
ପରମେଶ୍ୱରଙ୍କର ଶିକ୍ଷାସମୂହ-ସଦାପ୍ରଭୁଙ୍କ ବାର୍ତ୍ତା
ଯିରୁଶାଲମ୍ରେ ସିୟୋନ ପର୍ବତରୁ ଆରମ୍ଭ ହୋଇ ସମଗ୍ର
ବିଶ୍ୱରେ ପ୍ରସାରିତ ହେବ। **4**ତାପରେ ପରମେଶ୍ୱର ସମଗ୍ର
ମାନବ ଗୋଷ୍ଠୀର ବିଚାରକ ହେବେ। ଅନେକ ଗୋଷ୍ଠୀ
ବିଷୟରେ ପରମେଶ୍ୱର ଶେଷ ନିଷ୍ପତ୍ତି ଦେବେ। ସେହି
ଲୋକମାନେ ଯୁଦ୍ଧ ପାଇଁ ସେମାନଙ୍କର ଅସ୍ତ୍ର ବ୍ୟବହାର
କରିବେ ନାହିଁ। ସେମାନେ ଖଡ୍ଗରେ ଲଙ୍ଗଳର ଲୁହା ତିଆରି
କରିବେ, ବର୍ଚ୍ଛାରେ ଦାଆ ତିଆରି କରିବେ। ସେମାନେ ଅନ୍ୟ
ବିରୁଦ୍ଧରେ ଆଉ ଯୁଦ୍ଧ କରିବେ ନାହିଁ। ସେମାନେ କେବେ
ଆଉ ଯୁଦ୍ଧ ପାଇଁ ତାଲିମ ନେବେ ନାହିଁ।
**5**ହେ ଯାକୁବ ବଂଶ, ଆସ, ସଦାପ୍ରଭୁଙ୍କର ଆଜ୍ଞା ପାଳନ
କର। **6**ମୁଁ ଏହା କହୁଛି କାହିଁକି? କାରଣ ତୁମ୍ଭେମାନେ
ଯାକୁବ ବଂଶକୁ ପରିତ୍ୟାଗ କରିଛ। ତୁମ୍ଭେମାନେ ସେହିଲୋକ
ଯେଉଁମାନେ କି ପୂର୍ବଦେଶୀୟମାନଙ୍କ ଆଚାରରେ ପରିପୂର୍ଣ୍ଣ।
ତୁମ୍ଭେମାନେ ପଲେଷ୍ଟୀୟମାନଙ୍କ ପରି ଭବିଷ୍ୟତବାଣୀ କହିବାକୁ
ଚେଷ୍ଟା କରିବ। ତୁମ୍ଭର ଲୋକମାନେ ବିଦେଶୀୟମାନଙ୍କର
ସେହି ଭ୍ରାନ୍ତ ଧାରଣାକୁ ସମ୍ପୂର୍ଣ୍ଣଭାବରେ ଗ୍ରହଣ କରି ନେଇଛନ୍ତି।
**7**ତୁମ୍ଭମାନଙ୍କର ଦେଶ ସୁନା ଓ ରୂପାରେ ପରିପୂର୍ଣ୍ଣ। ସେଠାରେ
ଧନରତ୍ନର ସୀମା ନାହିଁ। ତୁମ୍ଭମାନଙ୍କର ଦେଶ ମଧ୍ୟ ଅଶ୍ୱରେ
ପରିପୂର୍ଣ୍ଣ ଓ ସେଠାରେ ରଥର ସୀମା ନାହିଁ। **8**ଆଉମଧ୍ୟ
ତୁମ୍ଭମାନଙ୍କର ଦେଶ ଲୋକମାନଙ୍କ ଦ୍ୱାରା ପୂଜିତ ପ୍ରତିମାରେ
ପରିପୂର୍ଣ୍ଣ। ସେହି ପ୍ରତିମାଗୁଡ଼ିକ ଲୋକମାନଙ୍କ ସ୍ୱହସ୍ତ ନିର୍ମିତ
ଓ ସେମାନେ ସେଗୁଡ଼ିକୁ ପୂଜା କରୁଛନ୍ତି। **9**ଲୋକମାନେ
ମନ୍ଦରୁ ମନ୍ଦତର ହେଉଛନ୍ତି। ସେମାନେ ଅଧୋଗାମୀ ହୋଇଛନ୍ତି।
ତେଣୁ ଏହା ନିଶ୍ଚିତ ଯେ ପରମେଶ୍ୱର କେବେ ସେମାନଙ୍କୁ
କ୍ଷମା କରିବେ ନାହିଁ।

### ପରମେଶ୍ୱରଙ୍କ ଶତ୍ରୁମାନେ ଭୟଭୀତ ହେବେ

**10**ଯାଅ, ମାଟିତଳେ ଓ ପର୍ବତର ପୃଷ୍ଠଭାଗରେ ନିଜକୁ
ଲୁଚାଅ! କାରଣ ତୁମ୍ଭେମାନେ ସଦାପ୍ରଭୁଙ୍କର ସର୍ବଶକ୍ତିମାନ ଓ
ଶକ୍ତି ନିକଟରେ ଭୟଭୀତ।
**11**ଗର୍ବିତ ମାନବ ଅହଙ୍କାର କରିବ ନାହିଁ। ସେହି
ଅହଙ୍କାରୀଗଣ ଲଜ୍ଜାରେ ଅବନତ ହେବେ। ମାତ୍ର ସେତେବେଳେ
ସଦାପ୍ରଭୁ ସ୍ଥିର ଓ ଉନ୍ନତ ରହିବେ।
**12**ସଦାପ୍ରଭୁଙ୍କର ଏକ ସ୍ଥିରକୃତ ଦିନ ଆସିବ। ସେହିଦିନ
ସଦାପ୍ରଭୁ ଅହଙ୍କାରୀ ଓ ଗର୍ବିତ ଲୋକଙ୍କୁ ଦଣ୍ଡ ଦେବେ।
ସେତେବେଳେ ସେହିଗର୍ବିତ ଲୋକମାନେ ନିଜକୁ ବଡ ମନେ
କରିବେ ନାହିଁ। **13**ସେହି ଅହଙ୍କାର ଲୋକମାନେ ଲିବାନୋନ
ଓ ବାଶନର ଦେବଦାରୁ ଓ ଆଲୋନଗଛ ପରି ଉଚ୍ଚ ଓ

ମହାନ୍ ହେବେ। ମାତ୍ର ସଦାପ୍ରଭୁ ସେମାନଙ୍କୁ ଦଣ୍ଡ
ଦେବେ। 14ସେହି ଅହଙ୍କାରୀ ମାନବ ପର୍ବତ ଓ ପାହାଡ
ସଦୃଶ ଉନ୍ନତ ଓ ଉଚ୍ଚ ହେବେ। 15ଆଉମଧ୍ୟ ସେହି ଗର୍ବିତ
ଲୋକମାନେ ଉଚ୍ଚ ସ୍ତମ୍ଭ ଓ ଶକ୍ତ କାନ୍ଥ ସଦୃଶ ହେବେ।
ମାତ୍ର ପରମେଶ୍ୱର ସେମାନଙ୍କୁ ଶାସ୍ତି ଦେବେ। 16ପୁଣି ସେହି
ଅହଙ୍କାରୀଗଣ ତର୍ଶୀଶର ବିଭିନ୍ନ ପଦାର୍ଥରେ ପରିପୂର୍ଣ୍ଣ ଜାହାଜ
ସଦୃଶ ମହାନ୍ ହେବେ। ମାତ୍ର ପରମେଶ୍ୱର ସେମାନଙ୍କୁ
ଦଣ୍ଡ ଦେବେ।

17ସେତେବେଳେ ଲୋକମାନେ ଗର୍ବିତ ହେବାରୁ ନିବୃତ୍ତ
ହେବେ। ସେହି ଗର୍ବିତ ମାନବ ନମ୍ର ହେବେ ଏବଂ କେବଳ
ସେହିଦିନରେ ସଦାପ୍ରଭୁ ଉଚ୍ଚରେ ରହିବେ। 18ପୁଣି ସମସ୍ତ
ପ୍ରତିମା ଲୁପ୍ତ ହେବେ। 19ସେତେବେଳେ ଲୋକମାନେ
ସଦାପ୍ରଭୁ ଓ ତାଙ୍କର ମହାନ୍‌ଶକ୍ତି ଦେଖି ଭୟଭୀତ ହେବେ।
ସଦାପ୍ରଭୁ ପୃଥିବୀକୁ ଏପରି କମ୍ପିତ କରିବେ ଯେ ଲୋକମାନେ
ଭୟଭୀତ ହୋଇ ପର୍ବତ ଗୁମ୍ଫାରେ ଓ ପୃଥିବୀର ଗର୍ତ୍ତରେ
ଲୁଚିବେ।

20ସେତେବେଳେ ଲୋକମାନେ ତାଙ୍କ ଦ୍ୱାରା ନିର୍ମାଣ
କରିଥିବା ଓ ପୂଜା କରୁଥିବା ସୁନା ଓ ରୁପାର ପ୍ରତିମାଗୁଡ଼ିକୁ
ଫିଙ୍ଗି ଦେବେ। ସେମାନେ ସେହି ପ୍ରତିମାଗୁଡ଼ିକୁ ମୂଷିକ ଓ
ବାଦୁଡ଼ିମାନଙ୍କର ଗହ୍ୱର ଭିତରରେ ଫିଙ୍ଗିଦେବେ। 21ସଦାପ୍ରଭୁ
ପୃଥିବୀରେ ଏପରି ଭାବରେ କମ୍ପନ ସୃଷ୍ଟି କରିବେ ଯେ
ଲୋକମାନେ ସଦାପ୍ରଭୁଙ୍କ ଐଶ୍ୱର୍ଯ୍ୟ ପୂର୍ବକ ମହିମାକୁ ଭୟଭୀତ
ହୋଇ ଗୁମ୍ଫାରେ ସେମାନଙ୍କୁ ଲୁଚାଇ ରଖିବେ।

## ଇଶ୍ରାୟେଲ ପରମେଶ୍ୱରଙ୍କୁ ବିଶ୍ୱାସ କରିବା ଉଚିତ୍

22ତୁମ୍ଭେମାନେ ପ୍ରାଣବାୟୁଧାରୀ ମନୁଷ୍ୟ ଉପରେ ବିଶ୍ୱାସ
ରଖିବ ନାହିଁ। ମନୁଷ୍ୟମାତ୍ରେ ମୃତ୍ୟୁ ସୁନିଶ୍ଚିତ। ଏମାନେ ଯେ
ଇଶ୍ୱରଙ୍କ ପରି ବଳବାନ୍ ଏହା ତୁମ୍ଭେମାନେ ଚିନ୍ତା କରିବା
ଉଚିତ୍ ନୁହେଁ।

3 ଦେଖ, ମୁଁ ତୁମ୍ଭମାନଙ୍କୁ କହୁଅଛି। ପ୍ରଭୁ, ସର୍ବଶକ୍ତିମାନ
ସଦାପ୍ରଭୁ ଯିହୁଦା ଓ ଯିରୁଶାଲେମ ଯାହା ଉପରେ
ନିର୍ଭର କରନ୍ତି ସେ ସମସ୍ତ ଜିନିଷ କାଢ଼ିନେବେ। ପରମେଶ୍ୱର
ସମସ୍ତ ଅନ୍ନ ଓ ଜଳ ଦୂରେଇ ନେବେ। 2ଆଉମଧ୍ୟ
ପରମେଶ୍ୱର ସମସ୍ତ ଯୋଦ୍ଧା ଓ ବୀର, ବିଚାରକର୍ତ୍ତା ଓ
ଭବିଷ୍ୟତବକ୍ତା, ମନ୍ତ୍ରଦ୍ରଷ୍ଟା ଓ ପ୍ରାଚୀନବର୍ଗଙ୍କୁ ଦୂରେଇ ନେବେ।
3ପରମେଶ୍ୱର ପଞ୍ଚାଶତପତି ଓ ସମ୍ଭ୍ରାନ୍ତ ତଥା ମନ୍ତ୍ରୀ ଓ ନିପୁଣ
ଶିଳ୍ପକର ଏବଂ ଜ୍ଞାନୀ ଓ ଭବିଷ୍ୟତ ମନ୍ତ୍ରଦ୍ରଷ୍ଟାମାନଙ୍କୁ ମଧ୍ୟ
ଦୂରେଇ ନେବେ।

4ପରମେଶ୍ୱର କୁହନ୍ତି, "ସେମାନଙ୍କ ଉପରେ ଶାସନ
କରିବା ପାଇଁ ମୁଁ ଯୁବା ପିଲାମାନଙ୍କୁ ବନ୍ଦୋବସ୍ତ କରିବି ଓ
ଶିଶୁମାନେ ସେମାନଙ୍କୁ ପରିଚାଳନା କରିବେ। 5ଜଣେ ଅନ୍ୟ
ଜଣଙ୍କ ଦ୍ୱାରା ଓ ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ପ୍ରତିବାସୀ ଦ୍ୱାରା
ଆପଣା ପ୍ରତିବାସୀ ଦୁଃଖ କରିବେ। ବଳିଷ୍ଠ ବ୍ୟକ୍ତି, ବୟୋଜ୍ୟେଷ୍ଠ
ବ୍ୟକ୍ତିଙ୍କୁ ଯତ୍ନ ନେବେ ନାହିଁ। ସାଧାରଣ ବ୍ୟକ୍ତି ମହତ
ଲୋକମାନଙ୍କୁ ସମ୍ମାନ ଜଣାଇବେ ନାହିଁ।"

6ସେତେବେଳେ କେହିଜଣେ ବ୍ୟକ୍ତି ନିଜ ପରିବାର
ମଧ୍ୟରୁ ଜଣଙ୍କୁ ଧରି କହିବେ, "ହେ ଭାଇ, ତୁମ୍ଭର ବସ୍ତ୍ର
ଅଛି, ତେଣୁ ତୁମ୍ଭେ ଆମ୍ଭର ଶାସନକର୍ତ୍ତା ହେବ। ତୁମ୍ଭେ ଏହି
ନିପତିତ ରାଜ୍ୟର ଅଧିପତି ହେବ।"

7ମାତ୍ର ସେହି ଭାଇଟି ଉଚ୍ଚସ୍ୱରରେ କହିବ, "ମୁଁ ତୁମ୍ଭମାନଙ୍କୁ
ସାହାଯ୍ୟ କରିପାରିବି ନାହିଁ। ମୋର ଗୃହରେ ପ୍ରଚୁର ଖାଦ୍ୟ
ଓ ବସ୍ତ୍ର ନାହିଁ। ମୋତେ ତୁମ୍ଭେମାନେ ତୁମ୍ଭର ଶାସନକର୍ତ୍ତା
କର ନାହିଁ।"

8ଏପରି ଘଟିବାର କାରଣ ଯିରୁଶାଲମ ବିପଥଗାମୀ ହୋଇ
ବିନଷ୍ଟ ହୋଇଛି। ଯିହୁଦା ପରମେଶ୍ୱରଙ୍କୁ ଅବଜ୍ଞାକରି ନିପତିତ
ହୋଇଛି। ସେମାନଙ୍କର ବାକ୍ୟ ଓ କାର୍ଯ୍ୟ ସଦାପ୍ରଭୁଙ୍କର
ବିରୁଦ୍ଧାଚରଣ କରୁଛି। ସେମାନେ ସଦାପ୍ରଭୁଙ୍କ ମହିମାରେ
ଉପହାସ କରୁଛନ୍ତି।

9ସେମାନଙ୍କର ମୁଖମଣ୍ଡଳରୁ କୁକର୍ମ କରି ଦୋଷୀ ହେବାର
ପରିଚୟ ମିଳେ। ଆଉମଧ୍ୟ ସେମାନେ ସେମାନଙ୍କର ପାପ
ଲାଗି ଗର୍ବିତ। ସଦୋମର ଲୋକମାନଙ୍କ ପରି ସେମାନେ
ସେମାନଙ୍କର ପାପକୁ ଗୋପନ ରଖନ୍ତି। ଏହା ସେମାନଙ୍କ
ପାଇଁ କୁଫଳ ହେବ କାରଣ ସେମାନେ ନିଜେ ନିଜର ଅନିଷ୍ଟ
କରିବାକୁ ଯାଆନ୍ତି।

10ଉତ୍ତମ ଲୋକମାନଙ୍କୁ କୁହ, ସେମାନେ ଉତ୍ତମଫଳ
ଭୋଗ କରିବେ। ସେମାନେ ସେମାନଙ୍କର ସୁକର୍ମ ଯୋଗୁଁ
ପୁରସ୍କୃତ ହେବେ। 11ମାତ୍ର ଦୁରାଚାରୀମାନଙ୍କ ପାଇଁ ଏହା ଅତି
ମନ୍ଦଫଳ ହେବ। ସେମାନଙ୍କୁ ବହୁକଷ୍ଟ ଆସିବ। ସେମାନେ
ସେମାନଙ୍କର କୁକର୍ମ ଯୋଗୁଁ ଦଣ୍ଡିତ ହେବେ। 12ବାଳକମାନେ
ମୋର ଲୋକମାନଙ୍କୁ ପରାଜିତ କରିବେ ଓ ସ୍ତ୍ରୀମାନେ ମୋର
ଲୋକମାନଙ୍କୁ ଶାସନ କରିବେ। ହେ ମୋର ଲୋକମାନେ,
ତୁମ୍ଭମାନଙ୍କର ପଥପ୍ରଦର୍ଶକ ତୁମ୍ଭମାନଙ୍କୁ ବିପଥଗାମୀ କରୁଛନ୍ତି।
ସେମାନେ ତୁମ୍ଭମାନଙ୍କୁ ନ୍ୟାୟପଥରୁ ଦୂରେଇ ନିଅନ୍ତି।

## ଆପଣାର ଲୋକମାନଙ୍କ ସମ୍ବନ୍ଧରେ ପରମେଶ୍ୱରଙ୍କ ନିଷ୍ପତ୍ତି

13ସଦାପ୍ରଭୁ ଲୋକମାନଙ୍କର ବିଚାର ପାଇଁ ଠିଆ ହେଉଛନ୍ତି।
ସେ ଜାଗି ଉଠିବେ ଓ ତାଙ୍କର ଲୋକମାନଙ୍କ ବିଚାର
କରିବେ? 14ସଦାପ୍ରଭୁ ପ୍ରାଚୀନ ଓ ଅଧିପତିମାନେ କରିଥିବା
କର୍ମ ପାଇଁ ସେମାନଙ୍କର ବିରୁଦ୍ଧରେ ବିଚାର ଦେବେ।

ସଦାପ୍ରଭୁ କୁହନ୍ତି, "ତୁମ୍ଭେମାନେ ଯିହୁଦାର ଦ୍ରାକ୍ଷାକ୍ଷେତ୍ରକୁ
ଭସ୍ମ କରି ଦେଇଛ। ଦରିଦ୍ରମାନଙ୍କର ଧନକୁ ଲୁଣ୍ଠନ କରିଛ
ଏବଂ ସେହି ଧନ ଏବେ ମଧ୍ୟ ତୁମ୍ଭମାନଙ୍କ ଗୃହରେ ଅଛି।
15ତୁମ୍ଭେମାନେ କେଉଁ ଅଧିକାରରେ ମୋର ଲୋକମାନଙ୍କୁ
ଅତ୍ୟାଚାର କଲ? କେଉଁ ଅଧିକାରରେ ଦରିଦ୍ରମାନଙ୍କର ମୁଖକୁ
ଘଷି ମଳିନ କଲ?" ମୋର ପ୍ରଭୁ, ସର୍ବଶକ୍ତିମୟ ସଦାପ୍ରଭୁ
ଏହିସବୁ କହିଥିଲେ।

16ସଦାପ୍ରଭୁ ପୁଣି କୁହନ୍ତି, "ସିୟୋନର ନାରୀମାନେ ଅତି
ଅହଙ୍କାରିଣୀ ହୁଅନ୍ତି। ସେମାନେ ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ
ବୋଲି ଦେଖାଇ ହୋଇ ମଥା ଉନ୍ନତ କରି ବୁଲନ୍ତି।
ସେମାନେ କଟାକ୍ଷପାତ କରି ଚଞ୍ଚଳ ଗତିରେ ଚାଲିଲା ବେଳେ
ସେମାନଙ୍କର ପାଦର ନୁପୁର ରୁଣୁଝୁଣୁ ହୁଏ।"

17ମୋର ପ୍ରଭୁ ସେହି ସିୟୋନ କନ୍ୟାମାନଙ୍କର ମସ୍ତକରେ
ଘାଆ କରିବେ। ସଦାପ୍ରଭୁ ସେହି ସ୍ତ୍ରୀଲୋକମାନଙ୍କର ମସ୍ତକର
କେଶ ରାଶିକୁ ଉତ୍ପାଟନ କରିବେ। 18ସେହି ସମୟରେ,

ସଦାପ୍ରଭୁ ସେହି ସ୍ତ୍ରୀ ଲୋକମାନେ ଗର୍ବ କରୁଥିବା ଜିନଷଗୁଡ଼ିକୁ ସେମାନଙ୍କଠାରୁ କାଢ଼ିନେବେ। ସେ ସେମାନଙ୍କ ପାଦରୁ ନୁପୁର ଏବଂ ସେମାନଙ୍କ ବେକରୁ ଚନ୍ଦ୍ରାହାର କାଢ଼ିନେବେ।" 19ଆଉ ମଧ୍ୟ କର୍ଣ୍ଣକୁଣ୍ଡଳ, ଚୁଡ଼ି ଓ ଘୁମଟା କାଢ଼ିନେବେ। 20ଶିରୋଭୂଷଣ ଓ ପାଦର ବଳା, କଟିବନ୍ଧନୀ, ଅତରଦାନୀ ଓ କବଚ 21ମୁଦି ଓ ନୋଥ, 22ଉତ୍ସବ କାଳୀନ ବସ୍ତ୍ର, ଆବରଣୀୟ ବସ୍ତ୍ର, ସାଲ ଓ ଟଙ୍କାଥଳି 23ଦର୍ପଣ ଓ ସୂକ୍ଷ୍ମବସ୍ତ୍ର ଓ ଶିରୋବନ୍ଧନୀ ଓ ଓଢ଼ଣି କାଢ଼ି ପକାଇବେ।

24ସେହି ସ୍ତ୍ରୀଲୋକମାନଙ୍କର ସୁଗନ୍ଧ ଦ୍ରବ୍ୟ ବଦଳରେ ଦୁର୍ଗନ୍ଧ ଓ କ୍ଲେଦରେ, କଟିବସ୍ତ୍ର ରଜ୍ଜୁରେ, ସୁନ୍ଦର ମଥା ବିନା କେଶରେ ଉତ୍ସବକାଳୀନ ପୋଷାକ ଲୋତକ ପୂର୍ଣ୍ଣ ଏବଂ ଦୁଃଖ ବସ୍ତ୍ରରେ ସେମାନଙ୍କ ସୌନ୍ଦର୍ଯ୍ୟ ମୁଖମଣ୍ଡଳ କ୍ଷତ ଚିହ୍ନ ଏବଂ ଅସୁନ୍ଦର ଦାଗ ବହନ କରିବ।

25ସେହି ସମୟରେ ତୁମ୍ଭର ପୁରୁଷଗଣ ଖଡ୍ଗାଘାତରେ ଓ ଯୋଦ୍ଧାଗଣ ଯୁଦ୍ଧରେ ନିହତ ହେବେ। 26ସିୟୋନ ନଗରରେ ଦ୍ୱାରଦେଶ ଶୋକ ଓ ବିଳାପରେ ମୁଖରିତ ହେବ। ଯିରୁଶାଲେମ ସ୍ୱୈରଦ୍ୱାରା ଲୁଣ୍ଠିତା ନାରୀ ସଦୃଶ ଶୂନ୍ୟ ହୋଇ ପଡ଼ି ରହିବ। ସେ ଭୂମି ଉପରେ ବସି କେବଳ ବିଳାପ କରିବ।

4 ସେହି ସମୟରେ ସାତଜଣ ସ୍ତ୍ରୀ ଏକ ପୁରୁଷକୁ ଧରି କହିବେ, "ଆମ୍ଭେମାନେ ଆମ୍ଭ ନିଜର ଅନ୍ନ ଭୋଜନ କରିବୁ ଓ ନିଜର ବସ୍ତ୍ର ପରିଧାନ କରିବୁ। ତୁମ୍ଭେ ଯଦି ଆମ୍ଭମାନଙ୍କୁ ବିବାହ କରିବ ତାହାହେଲେ ଆମ୍ଭେମାନେ ଆମ୍ଭମାନଙ୍କର ସମସ୍ତ କାର୍ଯ୍ୟ କରିବୁ। ଆମ୍ଭମାନଙ୍କୁ କେବଳ ତୁମ୍ଭର ନାମରେ ଖ୍ୟାତ କର ଓ ଆମ୍ଭମାନଙ୍କର ଲଜ୍ଜା ଅପମାନକୁ ଦୂର କର।"

2ସେହି ସମୟରେ, ସଦାପ୍ରଭୁଙ୍କ ଶାଖା (ଯିହୁଦା) ଅତି ମନୋରମ ଆକର୍ଷଣୀୟ ଓ ମହାନ୍ ହେବ। ଇଶ୍ରାୟେଲର ପରିବେଷ୍ଟନୀୟର ଉପଯୋଗୀ ସେମାନଙ୍କ ଦେଶର ଉତ୍ତମ ଫଳ ଯୋଗୁଁ ଗୌରବାନ୍ୱିତ ହେବେ। 3ସେହି ସମୟରେ ସିୟୋନ ଓ ଯିରୁଶାଲମର ଅବଶିଷ୍ଟ ସମସ୍ତ ଲୋକ ସ୍ୱତନ୍ତ୍ର ଓ ପବିତ୍ର ଲୋକ ବୋଲି କଥିତ ହେବେ। ଏହା ସେହି ଲୋକମାନଙ୍କ ପ୍ରତି ଘଟିବ ଯେଉଁମାନେ ଏକ ସ୍ୱତନ୍ତ୍ର ତାଲିକାରେ ଥିବେ ଓ ସେହି ତାଲିକାଭୁକ୍ତ ଲୋକେ କେବଳ ବଞ୍ଚି ରହିବେ।

4ସଦାପ୍ରଭୁ ସିୟୋନର ନାରୀମାନଙ୍କର ମଇଳାକୁ ଧୌତ କରିବେ। ସେ ଯିରୁଶାଲମର ସମସ୍ତ ରକ୍ତକୁ ଧୋଇଦେବେ। ପରମେଶ୍ୱର ତାଙ୍କର ନ୍ୟାୟ ଆତ୍ମାକୁ ପ୍ରୟୋଗ କରିବେ। ଆଉ ମଧ୍ୟ ସେ ତାଙ୍କର ଜଳନ୍ତ ଆତ୍ମାକୁ ବ୍ୟବହାର କରିବେ।

5ସେତେବେଳେ ପରମେଶ୍ୱର ତାଙ୍କର ଲୋକମାନଙ୍କ ସହିତ ଅଛନ୍ତି ବୋଲି ପ୍ରମାଣ କରିବେ। ଦିବସରେ ପରମେଶ୍ୱର ଧୂମର ମେଘ ସୃଷ୍ଟି କରିବେ ଓ ରାତ୍ରିରେ ଜ୍ୱଳନ୍ତ ଅଗ୍ନି ଶିଖା ସୃଷ୍ଟି କରିବେ। ଆଉ ଏହା ପ୍ରମାଣିତ ହେବ ଯେ ସିୟୋନର ସମସ୍ତ ପର୍ବତ ଓ ସମସ୍ତ ଆବାସ ଉପରେ ଆକାଶ ଏହି ଧୂମ ରୂପକ ମେଘରେ ଆଚ୍ଛାଦିତ ହେବ। ପ୍ରତ୍ୟେକ ଲୋକର ସୁରକ୍ଷା ପାଇଁ ଚନ୍ଦ୍ରାତପ ବିସ୍ତୃତ ହେବ। 6ଏହି ଆଚ୍ଛାଦନ ଏକ ନିରାପଦ ସ୍ଥାନ ହେବ। ଏହା ଦିବସରେ ସୂର୍ଯ୍ୟ ତାପରୁ ସୁରକ୍ଷା ଦେବ ଓ ସମସ୍ତ ବନ୍ୟା, ଝଡ଼ ଓ ବର୍ଷାରୁ ଏହି ଛାୟା ରକ୍ଷା କରିବ।

## ଇଶ୍ରାୟେଲ ପରମେଶ୍ୱରଙ୍କ ସ୍ୱତନ୍ତ୍ର ବଗିଚା

5 ବର୍ତ୍ତମାନ ମୋର ପ୍ରିୟତମ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ସଙ୍ଗୀତ ଗାନ କରିବି। ଏହି ସଙ୍ଗୀତଟି ମୋର ପ୍ରିୟତମ ପ୍ରଭୁ ଓ ଇଶ୍ରାୟେଲର ଦ୍ରାକ୍ଷାକ୍ଷେତ୍ର ବିଷୟରେ ଅଟେ। ମୋର ପ୍ରିୟତମ ପ୍ରଭୁଙ୍କର ଉର୍ବର ପର୍ବତ ଉପରେ ଏକ ଦ୍ରାକ୍ଷାକ୍ଷେତ୍ର ଥିଲା।

2ମୋର ପ୍ରିୟତମ କ୍ଷେତଟିକୁ ଖୋଳି ପଥର ପରିଷ୍କାର କଲେ। ସେଥିରେ ଅତି ଉତ୍ତମ ଦ୍ରାକ୍ଷାଲତା ରୋପଣ କଲେ। ସେ କ୍ଷେତର ମଧ୍ୟଭାଗରେ ଗୋଟିଏ ସୁନ୍ଦର ଏବଂ ଉଚ୍ଚଗୃହ ନିର୍ମାଣ କଲେ ଏବଂ ସେ ଦ୍ରାକ୍ଷାକୁଣ୍ଡ ତିଆରି କଲେ। ସେ ଭଲ ଅଙ୍ଗୁର ଧରିବା ପାଇଁ ଅପେକ୍ଷା କଲେ, କିନ୍ତୁ ଉତ୍ତମ ପରିବର୍ତ୍ତେ ବନ୍ୟ ଦ୍ରାକ୍ଷାଫଳ ଫଳିଲା।

3ତେଣୁ ପରମେଶ୍ୱର କହିଲେ, "ହେ ଯିରୁଶାଲମ ଓ ଯିହୁଦାର ଲୋକମାନେ ମୋର ଓ ମୋର ଦ୍ରାକ୍ଷାକ୍ଷେତ ବିଷୟରେ ବିଗ୍ଭର କର।

4ମୋର ଏହି ଦ୍ରାକ୍ଷାକ୍ଷେତ ପାଇଁ ମୁଁ ଅଧିକ କ'ଣ କରି ପାରିଥାନ୍ତି? ଯାହା କରିବା କଥା ମୁଁ ସବୁ କରିଥିଲି। ମୁଁ ଉତ୍ତମ ଦ୍ରାକ୍ଷାଫଳ ଫଳିବ ବୋଲି ଆଶା କରିଥିଲି, ମାତ୍ର ସେଥିରେ ବନ୍ୟ ଦ୍ରାକ୍ଷାଫଳ ଫଳିଲା। ଏହା କାହିଁକି ଘଟିଲା?

5ବର୍ତ୍ତମାନ ମୁଁ ମୋର ଦ୍ରାକ୍ଷାକ୍ଷେତ ପାଇଁ କ'ଣ କରିବି ତାହା ତୁମ୍ଭମାନଙ୍କୁ କହିବି।

ଏହି କ୍ଷେତକୁ ରକ୍ଷା କରୁଥିବା କଣ୍ଟାବାଡ଼କୁ ମୁଁ କାଢ଼ିନେବି ଏବଂ ତାକୁ ପୋଡ଼ିଦେବି। ସେହି ପଥର ପ୍ରାଚୀରକୁ ଭାଙ୍ଗିପକାଇବି ଏବଂ ସେଗୁଡ଼ିକୁ ପଦଦଳିତ କରିବି।

6ମୋର ସେହି ଦ୍ରାକ୍ଷାକ୍ଷେତକୁ ଉଜାଡ଼ି ନେବି। କୌଣସି ବ୍ୟକ୍ତି ସେ ଗଛ ଗୁଡ଼ିକର ଯତ୍ନ ନେବ ନାହିଁ କିମ୍ବା ସେହି କ୍ଷେତରେ କେହି କୋଡ଼ାକୋଡ଼ି କରିବେ ନାହିଁ। ସେଠାରେ କଣ୍ଟା ଓ ଅନାବନା ଘାସ ଜନ୍ମିବ। ସେହି କ୍ଷେତରେ ବର୍ଷାଜଳ ନ ପଡ଼ିବା ପାଇଁ ମୁଁ ମେଘକୁ ଆଦେଶ ଦେବି।"

7ଇଶ୍ରାୟେଲର ଗୋଷ୍ଠୀ ସଦାପ୍ରଭୁ ସର୍ବଶକ୍ତିମୟଙ୍କର ଦ୍ରାକ୍ଷାକ୍ଷେତ ଓ ଯିହୁଦାର ଲୋକେ ତାଙ୍କର ପ୍ରିୟ ଦ୍ରାକ୍ଷାକ୍ଷେତ ଓ ଯିହୁଦାର ଲୋକେ ତାଙ୍କର ପ୍ରିୟ ଦ୍ରାକ୍ଷାଲତାର ଦ୍ରାକ୍ଷାଫଳ।

ସଦାପ୍ରଭୁ ସେଠାରେ ନ୍ୟାୟ ଆଶା କରୁଥିଲେ ମାତ୍ର ସେଠାରେ କେବଳ ମୃତ୍ୟୁ ଥିଲା। ସଦାପ୍ରଭୁ ସେଠାରେ ଧାର୍ମିକତା ଆଶା କରୁଥିଲେ ମାତ୍ର ସେଠାରେ କେବଳ ବିଳାପ ଥିଲା। ସେଠାରେ ଲୋକମାନେ କେବଳ ସନ୍ତାପିତ ହେଉଥିଲେ।

8ତୁମେ ସବୁ ଅତି ନିକଟତର ହୋଇ ବାସ କରିବ। ତୁମ୍ଭେମାନେ ଏପରି ଲଗାଲଗି ଘର କରିବ ଯେ, କୌଣସି ଟିକିଏ ହେଲେ ସ୍ଥାନ ଘର ଘର ମଧ୍ୟରେ ରହିବ ନାହିଁ। ମାତ୍ର ସଦାପ୍ରଭୁ ତୁମ୍ଭମାନଙ୍କୁ ଦଣ୍ଡ ଦେବେ ଯେପରିକି ତୁମ୍ଭେମାନେ ଏକାକୀ ବାସ କରିବ। ସମଗ୍ର ଦେଶରେ ତୁମ୍ଭେମାନେ କେବଳ ଏକମାତ୍ର ଗୋଷ୍ଠୀ ରହିବ। 9ସର୍ବଶକ୍ତିମାନ ସଦାପ୍ରଭୁ ଏହା ମୋତେ କହିଲେ ଏବଂ ମୁଁ ଏହା ତାଙ୍କଠାରୁ ଶୁଣିଥିଲି, "ବର୍ତ୍ତମାନ ବହୁତ ଘର ଅଛି ମାତ୍ର ମୁଁ ପ୍ରତିଜ୍ଞା କରିଛି ସେ

ସମସ୍ତ ଧ୍ୱଂସ ହେବ। ଯେଉଁ ସୁନ୍ଦର ଓ ବୃହତ୍ ଗୃହମାନ ଅଛି
ସେ ସବୁ ନିବାସଶୂନ୍ୟ ହେବ। 10ଦଶ ଏକର ପରିମିତ
ଦ୍ରାକ୍ଷାକ୍ଷେତ୍ରରୁ ମାତ୍ର ଏକ ମହଣ ଦ୍ରାକ୍ଷାରସ ଉତ୍ପନ୍ନ ହେବ ଏବଂ
ଦଶ ମହଣ ବୀଜରୁ ମାତ୍ର ଏକ ମହଣ ଶସ୍ୟ ଉତ୍ପନ୍ନ
ହେବ।"

11ତୁମ୍ଭେମାନେ ସୁରାପାନ କରିବାକୁ ଅତି ପ୍ରଭାତରେ ଉଠ,
ବିଳମ୍ବ ରାତ୍ରି ପର୍ଯ୍ୟନ୍ତ ଉଜାଗର ରହି ସୁରାରେ ଉନ୍ମତ୍ତ ହୁଅ।
12ତୁମ୍ଭେମାନେ ଭୋଜିର ଦ୍ରାକ୍ଷାରସ, ବୀଣା, ତବଲା, ବଂଶୀ
ଏବଂ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ରଖିଥାଅ। ମାତ୍ର ସଦାପ୍ରଭୁଙ୍କର
କାର୍ଯ୍ୟ ଲକ୍ଷ୍ୟ କର ନାହିଁ। ସଦାପ୍ରଭୁଙ୍କର ହସ୍ତ ବହୁ ଜିନିଷ
ତିଆରି କରିଛି ମାତ୍ର ତୁମ୍ଭେମାନେ ତାହା ଲକ୍ଷ୍ୟ କର ନାହିଁ।
ତେଣୁ ଏହା ତୁମ୍ଭମାନଙ୍କ ପାଇଁ ସନ୍ତାପର କାରଣ ହେବ।

13ସଦାପ୍ରଭୁ କୁହନ୍ତି, "ମୋର ଲୋକମାନେ ନିର୍ବାସିତ
ହୁଅନ୍ତି। କାରଣ ସେମାନେ ମୋତେ ଜାଣୁନାହାନ୍ତି। ଇଶ୍ରାୟେଲର
କେତେକ ବ୍ୟକ୍ତି ବର୍ତ୍ତମାନ ସମ୍ଭ୍ରାନ୍ତ ବୋଲି ବିବେଚିତ ହୁଅନ୍ତି।
ମାତ୍ର, ସେହି ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଭୋକିଲା ଥିବେ ଏବଂ
ଯେଉଁମାନେ ସାଧାରଣ ଜୀବନରେ ବସବାସ କରନ୍ତି, ଅତ୍ୟନ୍ତ
ତୃଷାର୍ତ୍ତ ହେବେ। 14ତା'ପରେ ସେମାନେ ମୃତ୍ୟୁବରଣ କରିବେ।
ସିୟୋନ ମୃତ୍ୟୁର ସ୍ଥାନ ହେବ ଓ ସେ ଅଧିକରୁ ଅଧିକ
ଲୋକ ଗିଳି ପକାଇବ। ସେହି ମୃତ୍ୟୁର ସ୍ଥାନ ତା'ର
ଅପରିମିତ ମୁଖ ବିସ୍ତାର କରିବ, ମୂଲ୍ୟବାନ ଲୋକ, ସାଧାରଣ
ଲୋକ ଏବଂ ଖୁସିମିଜାସିଆ ଲୋକ ତା ଦ୍ୱାରା ଜାଲରେ ଧରା
ପଡ଼ିବେ।"

15ସେହିଲୋକମାନେ ବିନୟୀ ହେବେ। ସେହି ମହାନ୍
ଲୋକମାନେ ସେମାନଙ୍କର ମଥାନତ କରିବେ ଓ ଭୂମିକୁ ମୁଖ
କରିବେ। 16ସଦାପ୍ରଭୁ ସର୍ବ ଶକ୍ତିମୟ ଉତ୍ତମ ବିଚାର କରିବେ
ଏବଂ ଲୋକମାନେ ସେ ମହାନ୍ ବୋଲି ଜାଣିବେ। ପବିତ୍ର
ପରମେଶ୍ୱର ଧାର୍ମିକତା ଆଣିବେ ଓ ଲୋକମାନେ ତାଙ୍କୁ ଭକ୍ତି
କରିବେ। 17ପରମେଶ୍ୱର ଇଶ୍ରାୟେଲର ଲୋକମାନଙ୍କୁ ତାଙ୍କ
ଦେଶରୁ ବିତାଡ଼ିତ କରିବେ ଓ ଦେଶ ଜନଶୂନ୍ୟ ହେବ।
ମେଷମାନେ ଇଚ୍ଛାନୁସାରେ ବିଚରଣ କରିବେ। ମେଷଶାବକମାନେ
ଧନୀଲୋକଙ୍କର ଜମିରେ ବିଚରଣ କରିବେ।

18ସେହି ଲୋକମାନଙ୍କୁ ଲକ୍ଷ୍ୟ କର। ଲୋକମାନେ ଶକଟ
ରଜ୍ଜୁରେ ଟାଣିଲା ପରି ସେମାନେ ଅସାରତା ରୂପକ ରଜ୍ଜୁରେ
ଅପରାଧ ଓ ପାପକୁ ପଛରୁ ଟାଣନ୍ତି। 19ସେହି ଲୋକମାନେ
କୁହନ୍ତି, "ଆମ୍ଭେମାନେ ଇଚ୍ଛା କରୁଛୁ ଯେ ପରମେଶ୍ୱର
ତାଙ୍କର ଯୋଜନାମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରନ୍ତୁ। ତା'ପରେ
ଆମ୍ଭେମାନେ କ'ଣ ଘଟିବ ଜାଣିବୁ। ଆମ୍ଭେମାନେ ଆଶା କରୁ
ପରମେଶ୍ୱରଙ୍କ ଇଚ୍ଛା ତୁରନ୍ତ ଘଟୁ। ତାହାହେଲେ ତାଙ୍କର
ଇଚ୍ଛା କ'ଣ ଆମ୍ଭେମାନେ ଜାଣିପାରିବୁ।"

20ସେହି ଲୋକମାନେ ଭଲକୁ ମନ୍ଦ ଓ ମନ୍ଦକୁ ଭଲ
କୁହନ୍ତି। ପୁଣି ସେମାନେ ଅନ୍ଧକାରକୁ ଆଲୋକ ଓ ଆଲୋକକୁ
ଅନ୍ଧକାର ଚିନ୍ତା କରନ୍ତି ଓ ମଧୁରକୁ ତିକ୍ତ ଓ ତିକ୍ତକୁ ମଧୁର
ମନେ କରନ୍ତି, ସେମାନେ ସନ୍ତାପର ପାତ୍ର। 21ସେମାନେ ମଧ୍ୟ
ନିଜକୁ ଭାବନ୍ତି ଯେ ସେମାନେ ଅତି କର୍ମଠ ଓ ବୁଦ୍ଧିମାନ।
22ସେମାନେ ଦ୍ରାକ୍ଷାରସ ପାନ କରିବାରେ ପ୍ରସିଦ୍ଧ ଓ ମଦ୍ୟ
ମିଶ୍ରିତ କରିବାରେ ଦକ୍ଷ। 23ଦୋଷୀକୁ କ୍ଷମା କରିବାକୁ ତୁମ୍ଭେ
ସେମାନଙ୍କୁ ଲାଞ୍ଚ ଦେଲେ ସେମାନେ ଲାଞ୍ଚ ନେବେ। ମାତ୍ର
ସେମାନେ ଉତ୍ତମ ଲୋକଙ୍କୁ ନ୍ୟାୟ ବିଚାର ଦଅନ୍ତି ନାହିଁ।
24ସେହି ଲୋକମାନଙ୍କ ପାଇଁ ମନ୍ଦଫଳ ଗଚ୍ଛିତ ରହିବ।
ସେମାନଙ୍କର ପରବର୍ତ୍ତୀ ବଂଶଧର ସମ୍ପୂର୍ଣ୍ଣଭାବରେ ପୋଛି
ହୋଇଯିବେ, ଯେପରି ନଡ଼ା ଓ ଶୁଷ୍କପତ୍ର ଅଗ୍ନିରେ ପୋଡ଼ି
ଭସ୍ମ ହୋଇଯାଏ। ଯେପରି ବୃକ୍ଷର ମୂଳ ସଢ଼ିଯାଇ ଧୂଳି
ହୋଇଯାଏ ଓ ପୁଷ୍ପ ଅଗ୍ନିରେ ଭସ୍ମୀଭୂତ ହୋଇ ତା'ର ପାଉଁଶ
ପବନରେ ଉଡ଼ିଯାଏ ସେହିପରି ସେମାନଙ୍କର ବଂଶଧର ଧ୍ୱଂସ
ପାଇଯିବେ।

କାରଣ ସେମାନେ ସର୍ବଶକ୍ତିମାନ ସଦାପ୍ରଭୁଙ୍କର ଶିକ୍ଷାସମୂହକୁ
ଅବଜ୍ଞା କରିଛନ୍ତି ଓ ଇଶ୍ରାୟେଲର ପବିତ୍ର ପରମେଶ୍ୱରଙ୍କ
ବାକ୍ୟକୁ ଅଗ୍ରାହ୍ୟ କରିଛନ୍ତି। 25ତେଣୁ ସଦାପ୍ରଭୁ ସେମାନଙ୍କ
ଉପରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇଛନ୍ତି। ସେ ତାଙ୍କର ହସ୍ତ
ଉତ୍ତୋଳନ କରି ସେମାନଙ୍କୁ ଦଣ୍ଡ ଦେବେ। ଏପରିକି ପର୍ବତଗଣ
ଭୟଭୀତ ହେବେ ଓ ମୃତଶରୀର ଗୁଡ଼ିକ ଅଳିଆ ପରି
ରାସ୍ତାକଡ଼ରେ ପଡ଼ିରହିବ। ଏପରିକି ପରମେଶ୍ୱରଙ୍କ କ୍ରୋଧ
ହ୍ରାସ ପାଇବ ନାହିଁ ଓ ତାଙ୍କ ହସ୍ତ ସେମାନଙ୍କୁ ଦଣ୍ଡ ଦେବେ।

### ପରମେଶ୍ୱର ଇଶ୍ରାୟେଲକୁ ଦଣ୍ଡଦେବାକୁ ସୈନ୍ୟବାହିନୀ ଆଣିବେ

26ଦେଖ, ପରମେଶ୍ୱର ଦୂରଦେଶୀୟ ଗୋଷ୍ଠୀମାନଙ୍କ ପ୍ରତି
ସଙ୍କେତ ଦେଉଛନ୍ତି। ସେ ତାଙ୍କର ଧ୍ୱଜା ଉତ୍ତୋଳନ କରି
ସେମାନଙ୍କୁ ଡାକିବାକୁ ସିଟି ବଜାଉଛନ୍ତି। ଦୂର ଦେଶରୁ ଶତ୍ରୁ
ଆସୁଛନ୍ତି। ସେମାନେ ଏତେ ଦ୍ରୁତ ଗତିରେ ଆସୁଛନ୍ତି ଯେ
ଦେଶମଧ୍ୟରେ ଖୁବ ଶୀଘ୍ର ପ୍ରବେଶ କରିବେ। 27ସେହି
ଶତ୍ରୁଗଣ କେବେ ଅବଶ ହେବେ ନାହିଁ କି ସେମାନଙ୍କର
ପତନ ହେବନାହିଁ। ସେମାନେ କେବେ ଢୁଳାଇବେ ନାହିଁ କି
ଶୋଇଯିବେ ନାହିଁ। ସେମାନଙ୍କର କଟିବନ୍ଧନ କେବେ ଫିଟିବ
ନାହିଁ କି ପାଦୁକାର ବନ୍ଧନ ଛିଣ୍ଡିବ ନାହିଁ। 28ସେହି
ଶତ୍ରୁମାନଙ୍କର ଶରଗୁଡ଼ିକ ଅତି ତୀକ୍ଷ୍ଣ ଏବଂ ଧାରୁଆ ଓ
ସେମାନଙ୍କର ଧନୁଗୁଡ଼ିକ ଗୁଣଯୁକ୍ତ। ସେମାନଙ୍କର ଅଶ୍ୱଗୁଡ଼ିକର
ଖୁରା ଚକମକି ପଥର ପରି ଶକ୍ତ ଓ ସେମାନଙ୍କର ରଥ
ଚକର ଧୂଳିରୁ ବାଦଲ ଆକାଶରେ ସୃଷ୍ଟି ହୁଏ।

29ସେହି ଶତ୍ରୁଗଣ ସିଂହପରି ଗର୍ଜ୍ଜନ କରୁଛନ୍ତି। ସେହି
ଗର୍ଜ୍ଜନ ଯୁବା ସିଂହର ଗର୍ଜ୍ଜନ ସଦୃଶ। ସେମାନେ ଲୋକମାନଙ୍କ
ପଛରେ ଅନୁଧାବନ କରନ୍ତି, ଯେପରି ସେମାନେ ସେମାନଙ୍କର
ଲୁଣ୍ଠିତ ଦ୍ରବ୍ୟ ପଛରେ ଦୌଡ଼ନ୍ତି। ସେମାନେ ଲୁଣ୍ଠିତ ଦ୍ରବ୍ୟ
ନେଇଯାଆନ୍ତି ଏବଂ ସେଠାରେ ତାଙ୍କୁ ସାହାଯ୍ୟ କରିବା ପାଇଁ
କେହି ନାହାଁନ୍ତି। 30ତେଣୁ "ସିଂହ" ଗର୍ଜ୍ଜନର ରବ, ସମୁଦ୍ର
ଗର୍ଜ୍ଜନ ସଦୃଶ ସେମାନେ ଲୋକମାନଙ୍କ ଉପରେ ଗର୍ଜ୍ଜନ
କରିବେ। ବନ୍ଦୀମାନେ ଯେତେବେଳେ ଚାହିଁବେ ସେତେବେଳେ
ସେମାନେ କେବଳ ଅନ୍ଧକାର ଦେଖିବେ। ସମସ୍ତ ଦୀପ୍ତି
ଚାଲିଯାଇ କେବଳ ଘନମେଘ ମାଳାରେ ଅନ୍ଧକାର ହୋଇଥିବେ।

### ଯିଶାଇୟଙ୍କୁ ଭବିଷ୍ୟତ ବକ୍ତା ହେବାକୁ ପରମେଶ୍ୱରଙ୍କ ଆହ୍ୱାନ

6 ଯିହୂଦାର ରାଜା ଉଷିୟଙ୍କ ମୃତ୍ୟୁବର୍ଷରେ ମୁଁ ମୋର
ପ୍ରଭୁଙ୍କୁ ଦର୍ଶନ କରିବାକୁ ସକ୍ଷମ ହେଲି। ସେ ଏକ

ଉନ୍ନତ ଓ ଚମତ୍କାର ସିଂହାସନ ଉପରେ ଉପବିଷ୍ଟ ହୋଇଥିଲେ।
ତାଙ୍କର ରାଜ ପୋଷାକର ଅଞ୍ଚଳ ମନ୍ଦିରକୁ ବେଷ୍ଟନ କରିଥିଲା।
2ସଦାପ୍ରଭୁଙ୍କ ଚତୁର୍ଦ୍ଦିଗରେ ସରାଫଗଣ ଛିଡ଼ା ହୋଇଥିଲେ।
ପ୍ରତ୍ୟେକ ସରାଫଙ୍କର ଛଅଟି ପକ୍ଷ ଥିଲା। ସେହି ଦେବଦୂତଗଣ
ସେମାନଙ୍କର ଦୁଇଟି ପକ୍ଷରେ ମୁଖକୁ ଆଚ୍ଛାଦନ କରିଥିଲେ।
ସେମାନେ ମଧ୍ୟ ଦୁଇଟି ପକ୍ଷ ସାହାଯ୍ୟରେ ସେମାନଙ୍କର
ପାଦକୁ ଆଚ୍ଛାଦନ କରିଥିଲେ, ଏବଂ ଉଡ଼ିବାରେ ଦୁଇଟି ପକ୍ଷ
ବ୍ୟବହାର କରୁଥିଲେ। 3ସେମାନେ ପରସ୍ପରକୁ ଡାକି କହୁଥିଲେ,
"ସର୍ବ ଶକ୍ତିମୟ ସଦାପ୍ରଭୁ ଧର୍ମମୟ, ଧର୍ମମୟ, ଧର୍ମମୟ।
ତାଙ୍କର ମହିମା ସମଗ୍ର ପୃଥିବୀରେ ବ୍ୟାପିଯାଇଛି।" ସେହି
ଦେବଦୂତମାନଙ୍କର ସ୍ୱର ଅତି ଉଚ୍ଚ ଥିଲା। 4ସେତେବେଳେ
ଘୋଷଣାକାରୀଙ୍କ ଉଚ୍ଚରବରେ ଦ୍ୱାରବନ୍ଧ କମ୍ପିତ ହେଲା ଓ
ପ୍ରଭୁଙ୍କ ମନ୍ଦିର ଧୂମରେ ପରିପୂର୍ଣ୍ଣ ହେଲା।
5ସେତେବେଳେ ମୁଁ ଭୟଭୀତ ହୋଇ କହିଲି, "ହାୟ!
ହାୟ! ମୁଁ ନଷ୍ଟ ହୋଇଗଲି। କାରଣ ମୁଁ ଏତେ ଅପବିତ୍ର ଯେ
ପରମେଶ୍ୱରଙ୍କ ନିକଟରେ କହିବାକୁ ଅଯୋଗ୍ୟ। ପୁଣି ଏପରି
ଅଶୁଚି ଲୋକମାନଙ୍କ ମଧ୍ୟରେ ବାସ କରୁଛି ଯେ ମୁଁ
ସଦାପ୍ରଭୁଙ୍କ ନିକଟରେ କହିବାକୁ ଅଯୋଗ୍ୟ। ତଥାପି ମୁଁ
ସର୍ବଶକ୍ତିମୟ ସଦାପ୍ରଭୁ ରାଜାଙ୍କୁ ଦେଖୁଛି।"
6ସେଠାରେ ଯଜ୍ଞବେଦୀ ଉପରେ ଜ୍ୱଳନ୍ତ ଅଗ୍ନି ଥିଲା।
ସେହି ଦୂତଗଣଙ୍କ ମଧ୍ୟରୁ ଜଣେ ଚିମୁଟା ସାହାଯ୍ୟରେ ଗୋଟିଏ
ଜ୍ୱଳନ୍ତ କୋଇଲା ଆଣିଲା ଓ ସେହି ଉତ୍ତପ୍ତ ଅଙ୍ଗାର ଧରି
ମୋ ନିକଟକୁ ଉଡିଆସିଲା। 7ସେହି ସରାଫ ଦେବଦୂତ ସେହି
ଉତ୍ତପ୍ତ ଅଙ୍ଗାର ସାହାଯ୍ୟରେ ମୋର ମୁଖକୁ ସ୍ପର୍ଶ କଲା।
ତା'ପରେ ସେ କହିଲେ, "ଦେଖ! ମୁଁ ଏହି ଜ୍ୱଳନ୍ତ ଅଙ୍ଗାରରେ
ତୁମ୍ଭର ଓଷ୍ଠାଧାରକୁ ସ୍ପର୍ଶ କଲି କାରଣ ଏହାଦ୍ୱାରା ତୁମ୍ଭର
ଅପରାଧ ଦୂରୀଭୂତ ହେଲା ଓ ତୁମେ ପାପରୁ ମୁକ୍ତ ହେଲ।"
8ତା'ପରେ ମୁଁ ସଦାପ୍ରଭୁଙ୍କର ସ୍ୱର ଶୁଣିଲି। ସେ କହିଲେ,
"ମୁଁ କାହାକୁ ପଠାଇବି? କିଏ ଆମ୍ଭମାନଙ୍କ ପାଇଁ ଯିବ?"
ତେଣୁ ମୁଁ କହିଲି, "ମୁଁ ଏଠାରେ ଅଛି! ମୋତେ
ପଠାଅ!"
9ତା'ପରେ ସଦାପ୍ରଭୁ କହିଲେ, "ଯାଅ ଏବଂ ଏହି ବାର୍ତ୍ତା
ଲୋକମାନଙ୍କୁ ଜଣାଅ, 'ଯଦିଓ ତୁମ୍ଭେମାନେ ଶୁଣୁଛ, କିନ୍ତୁ
ତୁମ୍ଭେମାନେ କିଛି ବୁଝୁ ନାହଁ। ଯଦିଓ ଦେଖୁଛ, କିଛି ଶିଖୁ
ନାହଁ।' 10ସେମାନଙ୍କୁ ବିଭ୍ରାନ୍ତ କର। ସେମାନେ ଯାହା
ଶୁଣୁଛନ୍ତି ଓ ଯାହା ଦେଖୁଛନ୍ତି ତାହା ଯେପରି ବୁଝିବାକୁ କ୍ଷମ
ନ ହୁଅନ୍ତି ସେହିପରି ଭାବରେ ତାଙ୍କୁ ପ୍ରସ୍ତୁତ କରାଅ। ତୁମ୍ଭେ
ଯଦି ଏହା ନ'କର ସେମାନେ ଯାହା ଶୁଣୁଛନ୍ତି ଓ ଯାହା
ଦେଖୁଛନ୍ତି ତାହା ପ୍ରକୃତରେ ବୁଝି ପାରିବେ। ଲୋକମାନେ
ସେମାନଙ୍କର ସର୍ବାନ୍ତକରଣରେ ବୁଝିପାରିବେ। ଏହା କଲେ
ସେମାନେ ମୋ ନିକଟକୁ ଫେରି ଆସିବେ ଓ ମୋଠାରୁ
ସୁସ୍ଥତା ପାଇବେ।"
11ତା'ପରେ ମୁଁ ସଦାପ୍ରଭୁଙ୍କୁ ପ୍ରଶ୍ନ କଲି, "ପ୍ରଭୋ! ମୁଁ
କେତେକାଳ ଏହା କରିବି?"
ସଦାପ୍ରଭୁ ଉତ୍ତର ଦେଲେ, "ଦେଶଗୁଡ଼ିକ ଧ୍ୱଂସ ପାଇବା
ପର୍ଯ୍ୟନ୍ତ ଓ ଲୋକମାନେ ସମ୍ପୂର୍ଣ୍ଣ ଲୋପ ହେବା ପର୍ଯ୍ୟନ୍ତ ଏହା
କର। ଯେ ପର୍ଯ୍ୟନ୍ତ ଗୋଟିଏ ହେଲେ ଲୋକ ଗୃହରେ ନ
ଥିବା ପଯ୍ୟନ୍ତ ଓ ଦେଶ ସମ୍ପୂର୍ଣ୍ଣ ଜନଶୂନ୍ୟ ହେବା ପର୍ଯ୍ୟନ୍ତ
ଏହା କରି ଚାଲ।"
12ସଦାପ୍ରଭୁ ସବୁଲୋକଙ୍କୁ ଦୂରକୁ ତଡ଼ିଦେବେ। ଦେଶରେ
ବିସ୍ତୃତ ଅଞ୍ଚଳ ଜନଶୂନ୍ୟ ହେବ। 13ମାତ୍ର ଏକ ଦଶମାଂଶ
ଲୋକ ରହିବାକୁ ଅନୁମତି ପାଇବେ। ଏହି ଦଶମାଂଶ ଲୋକ
ସଦାପ୍ରଭୁଙ୍କ ନିକଟକୁ ଫେରି ଆସିବେ ଓ ଅନ୍ୟମାନେ ଧ୍ୱଂସ
ପାଇବେ। ଏମାନେ ଆଲୋନଗଛ ସଦୃଶ ହେବେ। ଆଲୋନ
ଗଛ ହଣା ହେଲା ପରେ ତା'ର ଗଣ୍ଡି ଯେପରି ସୁଦୃଢ଼ ରହେ,
କର୍ତ୍ତିତ ବୃକ୍ଷର ଅବଶିଷ୍ଟାଂଶ ପବିତ୍ର ବୀଜ।

## ଅରାମର ଦୁଃଖ

7 ଯୋଥମଙ୍କ ପୁତ୍ର ଆହସ, ଉଷିୟଙ୍କ ପୁତ୍ର ଯୋଥମ,
ଅରାମର ରାଜା ରତ୍ସୀନ ଓ ପେକହ ଇସ୍ରାୟେଲର ରାଜା
ରମଲୀୟଙ୍କର ପୁତ୍ର ଥିଲେ। ଯିହୁଦାରେ ଆହସ ରାଜତ୍ୱ
କରୁଥିବା ସମୟରେ ରତ୍ସୀନ ଓ ପେକହ ତାଙ୍କ ସହିତ
ସଂଗ୍ରାମ କରିବାକୁ ଯିରୁଶାଲେମକୁ ଯାଇଥିଲେ। ମାତ୍ର ସେମାନେ
ସେହି ନଗରୀକୁ ପରାସ୍ତ କରିପାରିଲେ ନାହିଁ।
2ଅନନ୍ତର ଦାଉଦ ବଂଶକୁ ଏକ ବାର୍ତ୍ତା ପଠାଗଲା। ସେହି
ବାର୍ତ୍ତାଟି ହେଲା, "ଅରାମ ଓ ଇସ୍ରାୟେଲ ସୈନ୍ୟମାନେ
ଏକତ୍ରିତ ହୋଇଛନ୍ତି ଏବଂ ସେମାନେ ଏକତ୍ର ଶିବିର ସ୍ଥାପନ
କରିଛନ୍ତି।"
ଯେତେବେଳେ ରାଜା ଆହସ ଏହି କଥା ଶୁଣିଲେ ସେ
ଏବଂ ତାଙ୍କର ଲୋକମାନେ ଭୟଭୀତ ହୋଇପଡ଼ିଲେ। ପବନରେ
ବୃକ୍ଷଗୁଡ଼ିକ ଦୋହଲିଲା ପରି ସେମାନେ ଭୟରେ କମ୍ପିତ
ହେଲେ।
3ତା'ପରେ ସଦାପ୍ରଭୁ ଯିଶାଇୟଙ୍କୁ କହିଲେ, "ତୁମ୍ଭେ ଓ
ତୁମ୍ଭର ପୁତ୍ର ଶାର-ଯାଶୂବ ଯିବ ଓ ଆହସଙ୍କ ସହିତ
ଆଲୋଚନା କରିବ। ରଜକ କ୍ଷେତ୍ରର ରାଜପଥସ୍ଥ ଉପରି
ପୁଷ୍କରିଣୀରେ ନାଳ ମୁଣ୍ଡରେ ଆହସଙ୍କୁ ଭେଟିବ।
4"ଆହସଙ୍କୁ କୁହ, 'ସାବଧାନ ଓ ସୁସ୍ଥିର ହୁଅ। ଭୟଭୀତ
ହୁଅ ନାହିଁ। ସେହି ଦୁଇବ୍ୟକ୍ତି ରତ୍ସୀନ ଓ ରମଲୟର ପୁତ୍ରକୁ
ଭୟ କରନାହିଁ। ସେ ଦୁଇଜଣ ଦୁଇଟି ନିଆଁଖୁଣ୍ଟା ସଦୃଶ।
ଅତୀତରେ ସେମାନେ ଜ୍ୱଳନ୍ତ ଅଗ୍ନି ସଦୃଶ ଥିଲେ। ମାତ୍ର
ବର୍ତ୍ତମାନ ସେମାନେ କେବଳ ଧୂମ ସଦୃଶ। ରତ୍ସୀନ, ଅରାମ
ଓ ରମଲୟର ପୁତ୍ରର କ୍ରୋଧକୁ ଭୟ କର ନାହିଁ। 5ଅରାମ,
ଇଫ୍ରୟିମ ଏବଂ ରମଲୀୟଙ୍କର ପୁତ୍ର ଏକତ୍ର ହୋଇ ତୁମ୍ଭ
ବିରୁଦ୍ଧରେ ଷଡଯନ୍ତ୍ର କରୁଛନ୍ତି। ସେମାନେ କହିଲେ, 6ଆମ୍ଭେମାନେ
ଯାଇ ଯିହୁଦା ବିରୁଦ୍ଧରେ ଲଢ଼ିବା। ଆମ୍ଭମାନଙ୍କ ପାଇଁ ଯିହୁଦାକୁ
ଭାଗ ଭାଗ କରିବା। ଆମ୍ଭେମାନେ ଟାବେଲର ପୁତ୍ରକୁ ଯିହୁଦାର
ନୂଆ ରାଜାରୂପେ ସ୍ଥାପନ କରିବା।'"
7ମୋର ପ୍ରଭୁ ସଦାପ୍ରଭୁ କୁହନ୍ତି, "ତାଙ୍କର କୁମନ୍ତ୍ରଣା
ସଫଳ ହେବ ନାହିଁ। କାରଣ ଏହା ଆଦୌ ଘଟିବ ନାହିଁ।
8ଯେତେବେଳେ ରତ୍ସୀନ ଦମ୍ମେଶକର ରାଜା ହେବେ ଏହା
ଘଟିବ ନାହିଁ। କାରଣ ପଞ୍ଚଷଠି ବର୍ଷ ମଧ୍ୟରେ ଇଫ୍ରୟିମ
ଇସ୍ରାୟେଲ ଏପରି ଖଣ୍ଡ ବିଖଣ୍ଡିତ ହେବ ଯେ ତାହା ଏକ
ଗୋଷ୍ଠୀ ହୋଇ ରହିବ ନାହିଁ। 9ଶମରୟା ଯେତେବେଳେ
ଇଫ୍ରୟିମର ରାଜଧାନୀ ଓ ରମଲୀୟର ପୁତ୍ର ଶମରୟାର ରାଜା

ସେତେବେଳେ ସେମାନଙ୍କର କୁମନ୍ତ୍ରଣା ସଫଳ ହେବ ନାହିଁ।
ତୁମ୍ଭେ ଯଦି ଦୃଢ଼ ଭାବରେ ରହିପାରିବ ନାହିଁ, ତୁମ୍ଭେ ଅଗ୍ରସର
ହୋଇପାରିବ ନାହିଁ।"

### ଇମ୍ମାନୁୟେଲ-ପରମେଶ୍ୱର ଆମ୍ଭମାନଙ୍କ ସହିତ ଅଛନ୍ତି

**10**ତା'ପରେ ସଦାପ୍ରଭୁ ଆହସଙ୍କୁ କହି ଚାଲିଲେ। **11**ସେ
କହିଲେ, "ଏ ଗୁଡ଼ିକ ସତ୍ୟ ବୋଲି ତୁମ୍ଭେ ନିଜକୁ ପ୍ରମାଣ
କରିବାକୁ ଏକ ଚିହ୍ନ ମାଗ। ସେହି ଚିହ୍ନ ଅଧୋଲୋକରୁ
ହେଉ କିମ୍ବା ଉର୍ଦ୍ଧ୍ୱଲୋକରୁ ହେଉ ସଦାପ୍ରଭୁଙ୍କୁ ସେହି ଚିହ୍ନ
ମାଗ।"

**12**ମାତ୍ର ଆହସ କହିଲେ, "ମୁଁ ପ୍ରମାଣ ସ୍ୱରୂପ ଚିହ୍ନ
ମାଗିବି ନାହିଁ। କାରଣ ମୁଁ ସଦାପ୍ରଭୁଙ୍କୁ ପରୀକ୍ଷା କରିବାକୁ
ଚାହେଁ ନାହିଁ।"

**13**ତା'ପରେ ଯିଶାଇୟ କହିଲେ, "ହେ ଦାଉଦର ବଂଶ!
ସାବଧାନ ହୋଇ ଶୁଣ। ତୁମ୍ଭେମାନେ ତୁଚ୍ଛମାନବର ଧୈର୍ଯ୍ୟକୁ
ପରୀକ୍ଷା କରିଛ ବୋଲି ମୋର ପ୍ରଭୁ ପରମେଶ୍ୱରଙ୍କ ଧୈର୍ଯ୍ୟକୁ
ପରୀକ୍ଷା କରିପାରିବ ନାହିଁ। **14**ମାତ୍ର ମୋର ପ୍ରଭୁ ପରମେଶ୍ୱର
ଏକ ଚିହ୍ନ ଦେଖାଇବେ।

ଦେଖ ଏକ ଯୁବତୀ ଗର୍ଭବତୀ ହୋଇ ଏକ ପୁତ୍ର ସନ୍ତାନ
ଜନ୍ମ ଦେବ। ତା'ର ନାମ ସେ ଇମ୍ମାନୁୟେଲ ଦେବ।

**15**ଇମ୍ମାନୁୟେଲ ଲହୁଣୀ ଓ ମହୁ ଖାଇବ। ତେଣୁ ସେ
ଭଲକୁ ଗ୍ରହଣ କରିବା ଓ ମନ୍ଦକୁ ତ୍ୟାଗ କରିବା ଜାଣିବ।

**16**ବାଳକଟି ଭଲକୁ ଗ୍ରହଣ କରିବା ଓ ମନ୍ଦକୁ ଅଗ୍ରାହ୍ୟ
କରିବା ଜାଣିବା ପୂର୍ବରୁ ତୁମ୍ଭେମାନେ ଇଫ୍ରୟିମକୁ ଓ ଅରାମକୁ
ତ୍ୟାଗ କରିବ।

କାରଣ "ତୁମ୍ଭେମାନେ ସେହି ଦୁଇ ରାଜାଙ୍କୁ ଘୃଣା
କରିଅଛ। **17**ମାତ୍ର ତୁମ୍ଭେମାନେ ସଦାପ୍ରଭୁଙ୍କୁ ଭୟ କରିବ।
କାରଣ ସଦାପ୍ରଭୁ ତୁମ୍ଭମାନଙ୍କ ପାଇଁ ଏକ ଦୁଃଖ ସମୟ
ଆଣିବେ। ସେହି ଦୁଃସମୟ ତୁମ୍ଭ ଲୋକମାନଙ୍କ ପାଇଁ ଆସିବ
ଓ ତୁମ୍ଭ ପିତୃବଂଶ ପାଇଁ ଆସିବ। ପରମେଶ୍ୱର କ'ଣ
କରିବେ? ସେ ଅଶ୍ୱରର ରାଜାଙ୍କୁ ତୁମ୍ଭ ବିରୁଦ୍ଧରେ ଲଢ଼ିବାକୁ
ଆଣିବେ।

**18**"ସେହି ସମୟରେ ସଦାପ୍ରଭୁ ମକ୍ଷିକାକୁ ଆହ୍ୱାନ ଦେବେ।
ସେହି ମକ୍ଷିକା ମିଶରରେ ନଦୀ ନିକଟରେ ଅଛି। ବର୍ତ୍ତମାନ
ମଧୁମକ୍ଷିକା ଅଶୂର ଦେଶରେ ଅଛନ୍ତି ଏହି ଶତ୍ରୁଗଣ ତୁମ୍ଭ
ରାଜ୍ୟକୁ ଆସିବେ। **19**ସେହି ଶତ୍ରୁଗଣ ଗହ୍ୱରମାନଙ୍କରେ,
ପର୍ବତର ଗୁମ୍ଫାମାନଙ୍କରେ କଣ୍ଟାବୁଦାମାନଙ୍କରେ ଓ ଚରାଭୂମି
ମାନଙ୍କରେ ବାସ କରିବେ। **20**ସଦାପ୍ରଭୁ ଯିହୁଦାକୁ ଦଣ୍ଡ
ଦେବାକୁ ଅଶୂରକୁ ବ୍ୟବହାର କରିବେ। ଅଶୂର ଭଡ଼ାଟିଆ
ଏବଂ କ୍ଷୁର ସଦୃଶ ବ୍ୟବହୃତ ହେବ। ଯିହୁଦାର ମସ୍ତକ ଓ
ପଦକୁ କ୍ଷୌର ସଦାପ୍ରଭୁଙ୍କଦ୍ୱାରା ହେବ। ସଦାପ୍ରଭୁ ଯିହୁଦାର
ଦାଢ଼ି କ୍ଷୌର କରିବେ।

**21**"ସେହି ସମୟରେ କେହି ଜଣେ ବ୍ୟକ୍ତି ଗୋଟିଏ ଗାଈ
ଓ ଦୁଇଗୋଟି ମେଷ ପାଳିବେ। **22**ସେହି ଗାଈର ପ୍ରଚୁର
ଦୁଗ୍ଧରେ ସେ ଦହି ଖାଇବେ ଓ ସେ ଦେଶର ପ୍ରତ୍ୟେକ
ଲୋକ ଦହି ଓ ମଧୁ ଭକ୍ଷଣ କରିବେ। **23**ସେହି ଭୂମିରେ
କ୍ଷେତମାନଙ୍କରେ ଏକ ହଜାର ଦ୍ରାକ୍ଷାଲତା ହେବ। ପ୍ରତ୍ୟେକ
ଦ୍ରାକ୍ଷାଲତାର ମୂଲ୍ୟ 1,000 ରୌପ୍ୟ ମୁଦ୍ରା ହେବ। ମାତ୍ର
ସେହି କ୍ଷେତ ଅନାବନା ଘାସ ଓ କଣ୍ଟକ ପୂର୍ଣ୍ଣ ହେବ।
**24**ସେହି ଭୂମି ବଣ ହୋଇଯିବ ଏବଂ ତାହା କେବଳ ଶିକାର
ଯୋଗ୍ୟ ହେବ। **25**ଦିନେ ଥିଲା ଲୋକମାନେ ସେଠାରେ
କାର୍ଯ୍ୟରତ ରହୁଥିଲେ ଓ ପାହାଡ଼ ଉପରେ ଖାଦ୍ୟ ଉତ୍ପାଦନ
କରୁଥିଲେ। ମାତ୍ର ସେଦିନ ଲୋକମାନେ ଆଉ ସେଠାକୁ
ଯିବେ ନାହିଁ। ସେହି ସ୍ଥାନ ଅନାବନା ଘାସ ଓ କଣ୍ଟକରେ
ପୂର୍ଣ୍ଣ ହେବ। କେବଳ ମେଣ୍ଢା ଓ ଗୋରୁପଲମାନଙ୍କର ସେ
ଚରାଭୂଇଁ ହେବ।"

### ଅଶୂର ଶୀଘ୍ର ଆସିବେ

**8** ସଦାପ୍ରଭୁ ମୋତେ କହିଲେ, "ତୁମ୍ଭେ ଏକ ବୃହତ
ଫଳକ ନେଇ ଏକ ସ୍ୱତନ୍ତ୍ର ଲେଖନୀ ସାହାଯ୍ୟରେ
ତା'ଉପରେ ଏହି କଥାସବୁ ଲେଖ। ତାହା ହେଉଛି, 'ମହେର-
ଶାଲଲ-ହାଶ୍-ବସ୍।' ଏହାର ଅର୍ଥ ହେଉଛି, 'ଖୁବ୍ ଶୀଘ୍ର
ଲୁଣ୍ଠନ ଓ ଚୋରି ହେବ।'"

**2**ବିଶ୍ୱସ୍ତ ସାକ୍ଷୀ ହେବାକୁ ମୁଁ କେତେକ ଲୋକ ସଂଗ୍ରହ
କଲି। ସେହି ବିଶ୍ୱସ୍ତ ସାକ୍ଷୀ ହେବେ ଉରିୟ ଯାଜକ ଓ
ଯିବୋରିଖିୟର ପୁତ୍ର ସଖରିଅ। ଏହି ଲୋକମାନେ ସେହି
ବାକ୍ୟ ଲେଖିବାକୁ ଲକ୍ଷ୍ୟ କଲେ। **3**ତା'ପରେ ମୁଁ ଭବିଷ୍ୟତବକ୍ତ୍ରୀଙ୍କ
ନିକଟକୁ ଗଲି। ସେ ଗର୍ଭବତୀ ଥିଲେ ଓ ଏକ ପୁତ୍ର ପ୍ରସବ
କଲେ। ତା'ପରେ ସଦାପ୍ରଭୁ ମୋତେ କହିଲେ, "ତାହାର
ନାମ ମହେର-ଶାଲଲ-ହାଶ୍-ବସ୍ ରଖ। **4**ଏ ନାମ କାହିଁକି
ରଖାଯିବ। କାରଣ ବାଳକଟି ପିତାମାତା ଡାକିବା ପାଇଁ ଜ୍ଞାନ
ପାଇବା ପୂର୍ବରୁ ପରମେଶ୍ୱର ସମସ୍ତ ଧନ ସମ୍ପଦ ଦମ୍ମେଶକରୁ
ଓ ଶମରୟାରୁ ନେଇଯାଇଥିବେ ଏବଂ ସେ ସମସ୍ତ ଧନକୁ
ଅଶୂର ରାଜାଙ୍କୁ ଦେଇଦେବେ।"

**5**ପୁନର୍ବାର ସଦାପ୍ରଭୁ ମୋତେ କହିଲେ। **6**ମୋର ପ୍ରଭୁ
କହିଲେ, "ଏହି ଲୋକମାନେ ଶୀଲୋହର ଧୀରସ୍ରୋତକୁ
ଅଗ୍ରାହ୍ୟ କରି ରତ୍ସୀନ୍ ଓ ରମଲୀୟର ପୁତ୍ର, ପେକହ ସହିତ
ଆନନ୍ଦ କରୁଛନ୍ତି। **7**ମାତ୍ର ମୁଁ, ସଦାପ୍ରଭୁ ଅଶୂର ରାଜା ଓ
ତାହାର ସମସ୍ତ ଶକ୍ତିକୁ ତୁମ୍ଭ ବିରୁଦ୍ଧରେ ଆଣିବି। ସେମାନେ
ଫରାତ୍ ନଦୀର ଶକ୍ତିଶାଳୀ ବନ୍ୟାର ସ୍ରୋତ ପରି ପ୍ରବଳ
ପରାକ୍ରମୀ ହୋଇ ଆସିବେ। ବନ୍ୟାଜଳ କୂଳ ଲଙ୍ଘନ କଲାପରି
ସେମାନେ ସମସ୍ତଙ୍କ ଉପରେ ପ୍ରଭାବ ବିସ୍ତାର କରିବେ।
**8**ସେହି ଜଳରାଶି ଯିହୁଦା ପର୍ଯ୍ୟନ୍ତ ମାଡ଼ିଯିବ ଓ ଯିହୁଦାର
କଣ୍ଠ ପର୍ଯ୍ୟନ୍ତ ବ୍ୟାପିବ। ପରିଶେଷରେ ତା'କୁ ବୁଡ଼ାଇ ଦେବ।

"ହେ ଇମ୍ମାନୁୟେଲ, ଏହି ବନ୍ୟାଦ୍ୱାରା ତୁମ୍ଭର ସମସ୍ତ
ଦେଶ ଜଳମଗ୍ନ ହେବ।"

### ସଦାପ୍ରଭୁ ତାଙ୍କର ସେବକମାନଙ୍କୁ ରକ୍ଷାକରନ୍ତି

**9**ହେ ଗୋଷ୍ଠୀସମୂହ, ତୁମ୍ଭେମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ
ହୁଅ, ମାତ୍ର ତୁମ୍ଭେମାନେ ପରାସ୍ତ ହେବ। ହେ ଦୂର ଦେଶୀୟ
ଲୋକମାନେ, ତୁମ୍ଭେମାନେ ଧ୍ୟାନପୂର୍ବକ ଶୁଣ। ତୁମ୍ଭେମାନେ
ଯୁଦ୍ଧପାଇଁ ପ୍ରସ୍ତୁତ ହେଲେବି ତୁମ୍ଭେମାନେ ପରାଜିତ ହେବ।

**10**ତୁମ୍ଭେମାନେ ଯୁଦ୍ଧ ପାଇଁ ଯେତେ ମନ୍ତ୍ରଣା କଲେ ମଧ
ତୁମ୍ଭମାନଙ୍କର ମନ୍ତ୍ରଣା ସଫଳ ହେବ ନାହିଁ। ତୁମ୍ଭର ସୈନ୍ୟମାନଙ୍କ

ପ୍ରତି ଆଦେଶ ନିଷ୍ଫଳ ହେବ। କାହିଁକି ଏହା ଘଟିବ। କାରଣ
ପରମେଶ୍ୱର ଆମ୍ଭମାନଙ୍କ ସହିତ ଅଛନ୍ତି।

## ଯିଶାଇୟଙ୍କ ପ୍ରତି ସତର୍କବାଣୀ

11ସଦାପ୍ରଭୁ ତାଙ୍କର ମହାନ୍ ଶକ୍ତି ବଳରେ ମୋତେ
କହିଲେ। ଅନ୍ୟଗୋଷ୍ଠୀର ଲୋକଙ୍କପରି ନ ହେବାକୁ ସେ
ମୋତେ ସତର୍କ କରି କହିଲେ। 12"ପ୍ରତ୍ୟେକ ଲୋକ
କହୁଛନ୍ତି ଯେ ଅନ୍ୟଲୋକମାନେ ତାଙ୍କ ବିରୁଦ୍ଧରେ ମନ୍ତ୍ରଣା
କରୁଛନ୍ତି। ତୁମ୍ଭେ ସେ ସବୁକୁ ବିଶ୍ୱାସ କର ନାହିଁ।
ଅନ୍ୟଲୋକମାନେ ଭୟଭୀତ ହେଲାପରି ତୁମ୍ଭେ ଭୟଭୀତ ହୁଅ
ନାହିଁ। ସେ ସବୁକୁ ତୁମ୍ଭେ ଆଦୌ ଭୟ କର ନାହିଁ।"

13ସର୍ବଶକ୍ତିମାନ ସଦାପ୍ରଭୁଙ୍କୁ ତୁମ୍ଭେ କେବଳ ଭୟ
କର। ତାଙ୍କୁ ହିଁ କେବଳ ଭକ୍ତି କରିବ। ସେହି ହେଉଛନ୍ତି
ଏକମାତ୍ର ଯାହାଙ୍କୁ ତୁମ୍ଭେ ଭୟକର। 14ଯଦି ତୁମ୍ଭେ
ସଦାପ୍ରଭୁଙ୍କୁ ସମ୍ମାନ ଏବଂ ଭକ୍ତି କରିବ ଏବଂ ପବିତ୍ରରେ ତାଙ୍କୁ
ଗ୍ରହଣ କର, ତେବେ ସେ ତୁମ୍ଭର ଏକମାତ୍ର ଆଶ୍ରୟ ସ୍ଥଳ
ହେବେ। କିନ୍ତୁ ତୁମ୍ଭେ ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶକ ନୁହଁ।
ତେଣୁ ସେ ପଥର ସଦୃଶ ଯାହା ଜଣେ ଝୁଣ୍ଟିପଡେ,
ଯିରୁଶାଲମ ଲୋକମାନଙ୍କ ପାଇଁ ଗୋଟିଏ ଯନ୍ତା ଓ ଫାଶ।
15ଅନେକ ଲୋକ ଏହି ପଥରଦ୍ୱାରା ପତିତ ହେବେ।
ସେମାନେ ପତିତ ହୋଇ ଭଗ୍ନ ହେବେ ଏବଂ ଫାଶରେ ପଡ଼ି
ବାନ୍ଧି ହୋଇ ଯିବେ।

16ଯିଶାଇୟ କହିଲେ, "ତୁମ୍ଭେ ଏକ ଚୁକ୍ତିକର ଓ ଏହାକୁ
ମୁଦ୍ରିତ କର। ମୋର ଶିକ୍ଷାଗୁଡ଼ିକୁ ଭବିଷ୍ୟତ ପାଇଁ ରକ୍ଷାକର।
ମୋର ଶିଷ୍ୟମାନଙ୍କ ପାଇଁ ଏହା କର।

17ମୁଁ ସଦାପ୍ରଭୁଙ୍କୁ ସାହାଯ୍ୟ ପାଇଁ ଅପେକ୍ଷା କରିବି।
ଯେତେବେଳେ ଯାକୁବ ପରିବାରରୁ ସେ ଆପଣାର ମୁଖ
ଲୁଚାନ୍ତି। ମୁଁ ସଦାପ୍ରଭୁଙ୍କ ଉପରେ ଆଶା ରଖିବି, ମୁଁ ଏଥିପାଇଁ
ଅପେକ୍ଷା କରିବି।

18"ଇସ୍ରାୟେଲ୍ର ଲୋକମାନଙ୍କ ପାଇଁ ମୁଁ ଓ ମୋର
ପିଲାମାନେ ସଙ୍କେତ ଓ ପ୍ରମାଣ। କାରଣ ସିୟୋନ ପର୍ବତ
ଉପରେ ବାସକରୁଥିବା ସଦାପ୍ରଭୁ ସର୍ବଶକ୍ତିମାନଙ୍କ ଦ୍ୱାରା
ଆମ୍ଭେମାନେ ପ୍ରେରିତ ହୋଇଅଛୁ।"

19କେତେକ ଲୋକେ କୁହନ୍ତି, "ଭବିଷ୍ୟତବକ୍ତା ଓ ଗୁଣିମାନଙ୍କୁ
କ'ଣ କରିବାକୁ ହେବ ପଚାର।" ଏହି ଆଗତ ଭବିଷ୍ୟତ
କହୁଥିବା ବ୍ୟକ୍ତି ଓ ଗୁଣିଗଣ ପକ୍ଷୀପରି ଗୁଣୁଗୁଣୁ ହୋଇ ମନ୍ତ୍ର
କୁହନ୍ତି, ଫଳରେ ଲୋକମାନେ ଭାବନ୍ତି ସେମାନେ ବହୁ
ଗୋପନୀୟ ମୃତ ଓ ଜୀବିତମାନଙ୍କ ବିଷୟରେ ଜାଣନ୍ତି। ମାତ୍ର
ମୁଁ ତୁମ୍ଭକୁ କହୁଛି ଯେ ଲୋକମାନେ ସେମାନଙ୍କର ପରମେଶ୍ୱରଙ୍କୁ
ସାହାଯ୍ୟ ଭିକ୍ଷା କରିବା ଉଚିତ। ସେହି ଆଗତ ଭବିଷ୍ୟତ
କହୁଥିବା ବ୍ୟକ୍ତି ଓ ଗୁଣିଗଣ ମୃତ ବ୍ୟକ୍ତିଙ୍କ ବିଷୟରେ
ପଚାରନ୍ତି। ସେମାନେ କ'ଣ ଜୀବିତମାନଙ୍କ ବିଷୟରେ
ମୃତମାନଙ୍କଠାରୁ ଜାଣିପାରିବେ?

20ତୁମ୍ଭେମାନେ ଚୁକ୍ତି ଅନୁସାରେ ପ୍ରଭୁଙ୍କ ଶିକ୍ଷାସମୂହକୁ
ଅନୁସରଣ କର। ତୁମ୍ଭେମାନେ ଯଦି ସେ ଆଦେଶକୁ ଅନୁସରଣ
ନକରିବ ତେବେ ତୁମ୍ଭେମାନେ ଭୁଲ ପଥରେ ଯିବ। ସେହି
ଭୁଲ ଆଦେଶ ଆଗତ ଭବିଷ୍ୟତ କହୁଥିବା ବ୍ୟକ୍ତି ଗୁଣିମାନଙ୍କଠାରୁ
ଆସିଛି। ସେ ଆଦେଶ ନିରର୍ଥକ। ତୁମ୍ଭେମାନେ ତାହା ଅନୁସରଣ
କଲେ କିଛି ଲାଭ ତୁମ୍ଭମାନଙ୍କର ହେବ ନାହିଁ।

21ତୁମ୍ଭେମାନେ ଯଦି ସେହି ଭୁଲ ଆଦେଶ ପାଳନ କରିବ
ତେବେ ଦେଶରେ କଷ୍ଟ ଓ ଅନାହାର ଦେଖାଦେବ। ସେତେବେଳେ
ସେମାନେ ବିରକ୍ତ ହେବେ ଏବଂ ସେମାନଙ୍କର ଶାସକ ଓ
ପରମେଶ୍ୱରଙ୍କ ବିରୁଦ୍ଧରେ କହିବେ। ତା'ପରେ ସେମାନେ
ପରମେଶ୍ୱରଙ୍କଠାରୁ ସାହାଯ୍ୟ ପାଇଁ ଉର୍ଦ୍ଧ୍ୱକୁ ଚାହିଁବେ। 22ଯଦି
ସେମାନେ ତାଙ୍କର ଦେଶର ଚାରିଆଡ଼କୁ ଦୃଷ୍ଟିପାତ କରିବେ
ତେବେ ସେମାନେ କେବଳ ଦୁଃଖ ଓ ଯାତନାରୂପକ ଅନ୍ଧକାର
ଦେଖିବେ ଓ ସେହି ଦୁଃଖରୂପକ ଅନ୍ଧକାର ଦେଖି ଦେଶ
ପରିତ୍ୟାଗ କରିବାକୁ ବାଧ ହେବେ। ପୁଣି ସେହି ଅନ୍ଧକାରରେ
ଆବଦ୍ଧ ହୋଇଥିବା ବ୍ୟକ୍ତି ନିଜକୁ ସେଥିରୁ ଉଦ୍ଧାର କରିପାରିବେ
ନାହିଁ।

## ଗୋଟିଏ ନୂତନ ଦିବସ ଆସୁଛି

9 ଅତୀତରେ ଲୋକେ ଭାବୁଥିଲେ ସବୂଲୂନ୍ ଓ ନପ୍ତାଲି
ଦେଶ ପ୍ରଧାନ ନ ଥିଲା। ମାତ୍ର ପରେ ପରମେଶ୍ୱର ସେ
ଦେଶଗୁଡ଼ିକ ମହାନ୍ କରି ଦେଲେ। ସମୁଦ୍ର ନିକଟବର୍ତ୍ତୀ
ଯର୍ଦ୍ଦନ ନଦୀର ଅପରପାର୍ଶ୍ୱ, ଗାଲିଲୀର ଅଣଇହୁଦୀମାନଙ୍କୁ
ସମ୍ମାନିତ କରିବେ।

2ସେହି ଲୋକମାନେ ଅନ୍ଧକାରରେ ଚାଲାବୁଲା କରୁଥିଲେ,
ମାତ୍ର ସେମାନେ ଏକ ମହାନ୍ ଆଲୋକ ଦେଖିଛନ୍ତି। ସେମାନେ
ମୃତ୍ୟୁରୂପକ ଅନ୍ଧକାର ମଧ୍ୟରେ ବାସ କରୁଥିଲେ, ମାତ୍ର ସେହି
"ଉଜ୍ଜ୍ୱଳ ଆଲୋକ" ସେମାନଙ୍କୁ ଦୀପ୍ତିମୟ କରିଛି।

3ହେ ପରମେଶ୍ୱର, ତୁମ୍ଭେ ସେହି ଗୋଷ୍ଠୀର ବୃଦ୍ଧିର
କାରଣ ହେବ। ତୁମ୍ଭେ ସେହି ଲୋକମାନଙ୍କୁ ସୁଖୀ କରିବ
ଏବଂ ସେହି ଲୋକମାନେ ତୁମ୍ଭକୁ ସେମାନଙ୍କର ଆନନ୍ଦ
ଦେଖାଇବେ। ଏହି ଆନନ୍ଦ ଶସ୍ୟ ସମୟରେ ଉଲ୍ଲାସ ପରିହେବ।
ପୁଣି ଏହି ଆନନ୍ଦ ଉଲ୍ଲାସ ଲୁଣ୍ଠନ ଦ୍ରବ୍ୟକୁ ଭାଗ କଲାବେଳେ
ଯେପରି ହୁଏ ସେହିପରି ହେବ। 4ଏପରି କାହିଁକି ହେବ,
କାରଣ ତୁମ୍ଭେ ସେମାନଙ୍କର ଶକ୍ତି ଭାର ବହନ କରିବ।
ସେମାନଙ୍କର ସ୍କନ୍ଧସ୍ଥିତ ଯୁଆଳି ଓ ବାହୁଙ୍ଗି ଯାହାକୁ ଶତ୍ରୁମାନେ
ତୁମ୍ଭର ଲୋକଙ୍କୁ ଦଣ୍ଡ ଦେବାକୁ ବ୍ୟବହାର କରୁଥିଲେ ତାକୁ
ତୁମ୍ଭେ ଦୂର କରିବ। ମିଦୟନକୁ ପରାଜିତ କଲାଭଳି ଏହା
ହେବ।

5ଯୁଦ୍ଧରେ ବ୍ୟବହୃତ ସମସ୍ତ ପାଦୁକା ଧ୍ୱଂସ ପାଇବ।
ସମସ୍ତ ରକ୍ତ ରଞ୍ଜିତ ପୋଷାକ ମଧ୍ୟ ଧ୍ୱଂସ ପାଇବ। ସେ
ସମସ୍ତ ଅଗ୍ନିରେ ନିକ୍ଷେପ କରାଯିବ। 6ଯେତେବେଳେ ଏକ
ସ୍ୱତନ୍ତ୍ର ବାଳକ ଜନ୍ମ ନେବେ ସେତିକିବେଳେ ଏହା ଘଟିବ।
ପରମେଶ୍ୱର ଆମ୍ଭମାନଙ୍କୁ ଏକ ପୁତ୍ର ଦେବେ। ସେ ସମସ୍ତ
ଲୋକମାନଙ୍କର ଭାର ବହନ କରିବେ। ତାଙ୍କର ନାମ
"ଆଶ୍ଚର୍ଯ୍ୟ ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଯିଏ ଅନନ୍ତକାଳୀନ
ଏବଂ ଶାନ୍ତିର ରାଜକୁମାର ହେବେ।" 7ତାଙ୍କ ରାଜ୍ୟରେ କର୍ତ୍ତୃତ୍ୱ
ଓ ଶାନ୍ତି ବିରାଜମାନ କରିବ। ଏହା ଦାଉଦଙ୍କ ପରିବାରର
ଶାସକଙ୍କର କ୍ଷମତା ବୃଦ୍ଧି କରିବ। ସେହି ରାଜା ନ୍ୟାୟ ଓ
ଧାର୍ମିକତା ବଳରେ ଅନନ୍ତକାଳ ପର୍ଯ୍ୟନ୍ତ ରାଜ୍ୟ ଶାସନ
କରିବେ।

ସର୍ବଶକ୍ତିମାନ ସଦାପ୍ରଭୁଙ୍କର ତାଙ୍କ ଲୋକମାନଙ୍କ ପାଇଁ
ଅନନ୍ତ ପ୍ରେମ ରହିଛି ଏବଂ ଏହି ପ୍ରେମ ଯୋଗୁଁ ସେ ଏଗୁଡ଼ିକ
କରିବେ।

### ପରମେଶ୍ୱର ଇଶ୍ରାୟେଲକୁ ଦଣ୍ଡଦେବେ

**8**ମୋର ସଦାପ୍ରଭୁ ଯାକୁବଙ୍କ ପାଖକୁ ଏକ ବାର୍ତ୍ତା ପ୍ରେରଣ
କଲେ। ସେହି ବାର୍ତ୍ତା ଇଶ୍ରାୟେଲ ବିରୁଦ୍ଧରେ କାର୍ଯ୍ୟ କରିବ।
**9**ତାହାପରେ ଇଫ୍ରୟିମର ପ୍ରତ୍ୟେକ ଲୋକ ଓ ଏପରିକି
ଶମରିୟାର ପ୍ରାଚୀନଗଣ ଜାଣିବେ ଯେ ପରମେଶ୍ୱର ସେମାନଙ୍କୁ
ଦଣ୍ଡଦେଲେ।

ସେହି ଲୋକମାନେ ପୁଣି ଅହଙ୍କାରୀ ହୋଇ ଦର୍ପରେ
କୁହନ୍ତି। **10**"ଏହି ଇଟାସବୁ ପଡ଼ିଯିବ, ମାତ୍ର ଆମ୍ଭେମାନେ
ପୁନର୍ବାର ଶକ୍ତ ପଥରରେ ତାହାକୁ ତିଆରି କରିବୁ। ଡିମ୍ବିରି
ବୃକ୍ଷଗୁଡ଼ିକରେ କଟା ହେଲାପରେ ଆମ୍ଭେମାନେ ସେଠାରେ
ଏରସ ବୃକ୍ଷ ଲଗାଇବୁ। ଆଉ ଏହି ନୂତନ ବୃକ୍ଷଗୁଡ଼ିକ ବିରାଟ
ଓ ଶକ୍ତିଶାଳୀ ହେବ।"

**11**ତେଣୁ ସଦାପ୍ରଭୁ ଇଶ୍ରାୟେଲ ବିରୁଦ୍ଧରେ ଲଢ଼ିବାକୁ ଏକ
ଗୋଷ୍ଠୀ ପ୍ରସ୍ତୁତ କରିବେ। ସଦାପ୍ରଭୁ ରତ୍ସୀନର ବିପକ୍ଷଗଣଙ୍କୁ
ତାଙ୍କ ବିରୁଦ୍ଧରେ ପଠାଇବେ। **12**ତା'ପରେ ସଦାପ୍ରଭୁ
ଅରାମୀୟମାନଙ୍କୁ ପୂର୍ବଦିଗରୁ ଓ ପଲେଷ୍ଟୀୟମାନଙ୍କୁ ପଶ୍ଚିମଦିଗରୁ
ଅଣାଇବେ। ସେହି ଶତ୍ରୁଗଣ ଏକତ୍ରୀତ ଇଶ୍ରାୟେଲ ବାହିନୀକୁ
ପରାଜିତ କରିବେ। ତଥାପି ସଦାପ୍ରଭୁ ଇଶ୍ରାୟେଲ ଉପରେ
କ୍ରୋଧିତ ହେବେ ଓ ତା'ର ଲୋକମାନଙ୍କୁ ଦଣ୍ଡ ଦେବାକୁ
ପ୍ରସ୍ତୁତ ରହିବେ।

**13**ପରମେଶ୍ୱର ଦଣ୍ଡ ଦେଲେ ମଧ୍ୟ ସେମାନେ ପାପ
କରିବାରୁ ନିବୃତ୍ତ ହେବେ ନାହିଁ। ସେମାନେ ତାଙ୍କ ନିକଟକୁ
ଫେରିବେ ନାହିଁ କିଅବା ସର୍ବଶକ୍ତିମାନ ସଦାପ୍ରଭୁଙ୍କୁ ଅନୁସରଣ
କରିବେ ନାହିଁ। **14**ତେଣୁ ସଦାପ୍ରଭୁ ଇଶ୍ରାୟେଲର ମସ୍ତକ ଓ
ଲାଞ୍ଜ ଛେଦନ କରିବେ। ଆଉମଧ୍ୟ ତାଳବୃକ୍ଷର ଡାଳ ବାହୁଙ୍ଗା
ଓ ଜଳଜ ତୃଣ ଗୋଟିଏ ଦିନରେ କାଟି ପକାଇବେ।
**15**ଏଠାରେ ମସ୍ତକ ପ୍ରାଚୀନ ତଥା ସମ୍ଭ୍ରାନ୍ତମାନଙ୍କୁ ବୁଝାଉଛି ଓ
ଲାଞ୍ଜ ମିଥ୍ୟାବାଦୀ ଭବିଷ୍ୟଦ୍‌ବକ୍ତାଙ୍କୁ ବୁଝାଉଛି।

**16**ପଥପ୍ରଦର୍ଶକଗଣ ଲୋକମାନଙ୍କୁ ଭୁଲ୍ ବାଟରେ ପରିଚାଳିତ
କରନ୍ତି। ଆଉ ସେମାନଙ୍କୁ ଅନୁସରଣ କରୁଥିବା ବ୍ୟକ୍ତିଗଣ
ବିନଷ୍ଟ ହେବେ। **17**ସମସ୍ତ ଲୋକ ଅଧର୍ମୀ। ତେଣୁ ସଦାପ୍ରଭୁଙ୍କ
ପାଖରେ ଯୁବକମାନଙ୍କ ପାଇଁ ଅନୁକମ୍ପା ନାହିଁ। ସଦାପ୍ରଭୁ
ଯୁବକମାନଙ୍କ ଉପରେ ସୁଖୀ ନୁହଁନ୍ତି। ଆଉମଧ୍ୟ ସଦାପ୍ରଭୁ
ବିଧବା ଓ ଅନାଥମାନଙ୍କୁ ଦୟା କରିବେ ନାହିଁ। କାରଣ,
ସମସ୍ତେ ଅଧର୍ମୀ ଓ ସେମାନେ ପରମେଶ୍ୱରଙ୍କ ବିରୁଦ୍ଧାଚରଣ
କରନ୍ତି। ପୁଣି ସେମାନେ ମିଥ୍ୟା କୁହନ୍ତି। ତେଣୁ ସଦାପ୍ରଭୁ
ସେମାନଙ୍କ ଉପରେ ସର୍ବଦା କ୍ରୋଧିତ ହୁଅନ୍ତି ଓ ସର୍ବଦା ଦଣ୍ଡ
ଦିଅନ୍ତି।

**18**ଭ୍ରଷ୍ଟାଚାର ଜ୍ୱଳନ୍ତ ଅଗ୍ନିତୁଲ୍ୟ। ପ୍ରଥମେ ସେ ଅନାବନା
ଘାସ ଓ କଣ୍ଟାବୃକ୍ଷକୁ ଜାଳି ଦିଏ। ତା'ପରେ ସେ ଅଗ୍ନି
ବୃଦ୍ଧିପାଇ ବଡ଼ ବୁଦା ଓ ଅରଣ୍ୟକୁ ଜାଳିଦିଏ। ଶେଷରେ ସେ
ଅଗ୍ନି ବିରାଟ ରୂପ ଧାରଣ କରେ ଓ ଘନ ମେଘତୁଲ୍ୟ ଧୂମ
ହୋଇ ଉପରକୁ ଉଠେ।

**19**ସର୍ବଶକ୍ତିମାନ ସଦାପ୍ରଭୁ ଏତେ କ୍ରୋଧିତ ହୁଅନ୍ତି ଯେ
ସମଗ୍ର ଦେଶ ଅଗ୍ନିରେ ଦଗ୍ଧୀଭୂତ ହୁଏ ଓ ସମସ୍ତ ଲୋକ
ଭସ୍ମିଭୂତ ହୁଅନ୍ତି। କୌଣସି ବ୍ୟକ୍ତି ତା'ର ଭାଇକୁ ସାହାଯ୍ୟ
କରନ୍ତି ନାହିଁ। **20**ଲୋକମାନେ ଦକ୍ଷିଣ ହସ୍ତରେ ଚଞ୍ଚଳ ଚଞ୍ଚଳ
ଗିଳି ପକାଇବେ, ମାତ୍ର କ୍ଷୁଧିତ ହେବେ। ବାମ ହସ୍ତରେ ଯାହା
ଭୋଜନ କରିବେ ସେଥିରେ ତୃପ୍ତ ହେବେ ନାହିଁ। ତା'ପରେ
ସେମାନେ ନିଜ ପିଲାମାନଙ୍କ ମାଂସ ଭକ୍ଷଣ କରିବେ। **21**ଏହାର
ଅର୍ଥ ହେଉଛି ମନଃଶି ଇଫ୍ରୟିମ ବିରୁଦ୍ଧରେ ଓ ଇଫ୍ରୟିମ
ମନଃଶି ବିରୁଦ୍ଧରେ ଏବଂ ସେମାନେ ଉଭୟ ଯିହୁଦା ବିରୁଦ୍ଧରେ
ଲଢ଼ିବେ।

ତଥାପି ସଦାପ୍ରଭୁ ଇଶ୍ରାୟେଲର ଲୋକମାନଙ୍କ ଉପରେ
କ୍ରୋଧିତ ଓ ସେମାନଙ୍କୁ ଦଣ୍ଡ ଦେବାରୁ ନିବୃତ୍ତ ହେବେ
ନାହିଁ।

**10** ଯେଉଁମାନେ ଅଧର୍ମ ବ୍ୟବସ୍ଥା କରନ୍ତି ସେ ଆଇନ
ପ୍ରଣୟନକାରୀମାନଙ୍କୁ ଧ୍ୟାନ ଦିଅ। ଯେଉଁ ନିୟମ
ପ୍ରଣୟନକାରୀ ଲୋକମାନଙ୍କର ଜୀବନକୁ କଷ୍ଟମୟ ଓ ଜଟିଳ
କରିବା ପାଇଁ ଲେଖନ୍ତି। ସେମାନେ ସନ୍ତାପର ପାତ୍ର। **2**ସେହି
ବ୍ୟବସ୍ଥାକାରୀଗଣ ଦରିଦ୍ରମାନଙ୍କ ପ୍ରତି ନ୍ୟାୟ ବିଚାର କରନ୍ତି
ନାହିଁ। ସେମାନେ ଦରିଦ୍ରମାନଙ୍କର ଅଧିକାରକୁ ଛିନ୍ନ କରନ୍ତି।
ସେମାନେ ମଧ୍ୟ ବିଧବା ଓ ଅନାଥର ଧନ ଲୁଣ୍ଠନ କରିବାକୁ
ଲୋକମାନଙ୍କୁ ପ୍ରବର୍ତ୍ତାନ୍ତି।

**3**ହେ ବ୍ୟବସ୍ଥାକାରୀଗଣ, ପ୍ରତିଫଳ ଦେବାର ଦିନରେ
ତୁମ୍ଭମାନଙ୍କୁ ତୁମ୍ଭର କାର୍ଯ୍ୟକଳାପ ସମ୍ବନ୍ଧରେ ବୁଝାଇବାକୁ
ପଡ଼ିବ। ଦୂରଦେଶରୁ ତୁମ୍ଭର ବିନାଶ ଆସୁଛି। ତୁମ୍ଭେମାନେ
ସେତେବେଳେ କ'ଣ କରିପାରିବ। ସାହାଯ୍ୟ ପାଇଁ ତୁମ୍ଭେମାନେ
କାହା ନିକଟକୁ ଦୌଡ଼ିବ। ତୁମ୍ଭର ଅର୍ଥ ଓ ସମ୍ପଦ ତୁମ୍ଭଙ୍କୁ
ସାହାଯ୍ୟ କରିବ ନାହିଁ। **4**ତୁମ୍ଭେ ଜଣେ ବନ୍ଦୀଲୋକ ପରି
ମୁଣ୍ଡ ନୁଆଁଇବ। ଜଣେ ମୃତଲୋକ ପରି ପଡ଼ିରହିବ। ମାତ୍ର
ତାହା ତୁମ୍ଭକୁ ସାହାଯ୍ୟ କରିବ ନାହିଁ। ପରମେଶ୍ୱର ତଥାପି
କ୍ରୋଧାନ୍ୱିତ ରହିବେ। ସେ ତଥାପି ତୁମ୍ଭକୁ ଦଣ୍ଡ ଦେବାକୁ
ପ୍ରସ୍ତୁତ ରହିବେ।

**5**ପରମେଶ୍ୱର କହିବେ, "ମୁଁ ଅଶୂରକୁ ଏକ ଯଷ୍ଟିରୂପେ
ବ୍ୟବହାର କରିବ। ଏହି କ୍ରୋଧରୂପକ ଦଣ୍ଡ ଇଶ୍ରାୟେଲକୁ
ଶାସ୍ତି ଦେବ। **6**ପ୍ରଭୁ ବିହୀନ ଦେଶକୁ ମୁଁ ଅଶୂରକୁ ପ୍ରେରଣ
କରିବ। ସେହି ଲୋକମାନଙ୍କ ଉପରେ ମୁଁ କ୍ରୋଧିତ ଏବଂ
ସେମାନଙ୍କ ବିରୁଦ୍ଧରେ ଲଢ଼ିବାକୁ ମୁଁ ଅଶୂରକୁ ଆଦେଶ
ଦେବ। ସେ ସେମାନଙ୍କୁ ପରାସ୍ତ କରିବ ଓ ସେମାନଙ୍କଠାରୁ
ଧନସମ୍ପଦ ନେଇ ଆସିବ। ଇଶ୍ରାୟେଲ ରାସ୍ତାର ଧୂଳି ସଦୃଶ
ଅଶୂରର ପଦଦଳିତ ହେବ।

**7**"ମାତ୍ର ମୁଁ ଅଶୂରକୁ ବ୍ୟବହାର କରିବ ସେ ଜାଣେ
ନାହିଁ, ଅଶୂର ଭାବେ ନାହିଁ ଯେ ସେ ମୋ ପାଇଁ ଏକ ଅସ୍ତ୍ର।
ଅଶୂର କେବଳ ଲୋକମାନଙ୍କୁ ଧ୍ୱଂସ କରିବାକୁ ଇଚ୍ଛାକରେ।
ସେ କେବଳ ଅନେକ ଗୋଷ୍ଠୀକୁ ଧ୍ୱଂସ କରିବାକୁ ମନ୍ତ୍ରଣା
କରେ। **8**ଅଶୂର ନିଜକୁ ନିଜେ କହିହୁଏ, 'ମୋର ସମସ୍ତ
ପ୍ରାଚୀନଗଣ ରାଜା ସଦୃଶ। **9**କଲ୍‌ନୋ ନଗର କର୍କମିଶର
ତୁଲ୍ୟ ଅଟେ। ପୁଣି ଅର୍ପଦ ନଗର ହମାତ୍ ତୁଲ୍ୟ ଅଟେ।
ଶମରିୟା ନଗର ଦମ୍ଭେଶକ ପରି ଅଟେ। **10**ମୁଁ ସେହି

ଭ୍ରଷ୍ଟାଚାରୀ ରାଜ୍ୟଗୁଡ଼ିକୁ ପରାସ୍ତ କରିଥିଲି ଓ ବର୍ତ୍ତମାନ
ସେଗୁଡ଼ିକ ଶାସନ କରିବି। ଯେଉଁ ପ୍ରତିମାଗୁଡ଼ିକୁ ସେହି
ଲୋକମାନେ ପୂଜାକରୁଛନ୍ତି ସେଗୁଡ଼ିକ ଯିରୁଶାଲମ୍ ଓ ଶମରୟାର
ପ୍ରତିମାଗୁଡ଼ିକଠାରୁ ଶ୍ରେଷ୍ଠତର। 11ମୁଁ ଶମରୟା ଓ ତା'ର
ପ୍ରତିମାଗୁଡ଼ିକୁ ଅଧିକାର କଲି। ସେହିପରି ମଧ୍ଯ ଯିରୁଶାଲମ୍ ଓ
ତା'ର ଲୋକମାନଙ୍କ ଦ୍ୱାରା ନିର୍ମିତ ପ୍ରତିମାଗୁଡ଼ିକୁ ମୁଁ ପରାସ୍ତ
କରିବି।'"

12ମୋର ପ୍ରଭୁ ଯିରୁଶାଲମ ଓ ସିୟୋନ ପର୍ବତ ବିରୁଦ୍ଧରେ
ସମସ୍ତ କାର୍ଯ୍ୟ ସମାପ୍ତ କଲାପରେ ଅଶୂରକୁ ଦଣ୍ଡ ଦେବେ।
କାରଣ ଅଶୂରର ରାଜା ଅତି ଅହଙ୍କାରୀ ଓ ତାଙ୍କର ଗର୍ବ
ତାଙ୍କୁ କୁକର୍ମ କରାଇଛି। ତେଣୁ ପରମେଶ୍ୱର ତାଙ୍କୁ ଦଣ୍ଡ
ଦେବେ।

13ଅଶୂରର ରାଜା କହେ, "ମୁଁ ଅତି ଜ୍ଞାନୀ, ମୋର ଜ୍ଞାନ
ଓ ଶକ୍ତି ବଳରେ ମୁଁ ବହୁ ମହାନ୍ କାର୍ଯ୍ୟ କରିଛି। ମୁଁ
ଗୋଷ୍ଠୀକୁ ପରାଜିତ କରିଛି ଓ ସେମାନଙ୍କର ଧନସମ୍ପଦ ଲୁଣ୍ଠନ
କରିଛି। ଆଉମଧ୍ୟ ତା'ର ଲୋକମାନଙ୍କୁ କ୍ରୀତଦାସ କରିଛି।
ମୁଁ ଅତି ଶକ୍ତିଶାଳୀ ମାନବ। 14ଗୋଟିଏ ବ୍ୟକ୍ତି ପକ୍ଷୀର
ବସାରୁ ଅଣ୍ଡା ଅପହରଣ କଲାପରି ମୁଁ ସେମାନଙ୍କର ଧନ
ସମ୍ପଦ ନିଜ ହସ୍ତର ଶକ୍ତିବଳରେ ଅପହରଣ କରିଛି।
ଅନେକ ସମୟରେ ପକ୍ଷୀ ତା'ର ବସା ଓ ଅଣ୍ଡାକୁ ଛାଡ଼ି
ଯାଇଥାଏ ଓ ତା'ର ସୁରକ୍ଷା ପାଇଁ କିଛି ବ୍ୟବସ୍ଥା କରି ନ
ଥାଏ। କୌଣସି ପକ୍ଷୀ ଶବ୍ଦ କରିବାକୁ କିମ୍ବା ପକ୍ଷ ଓ ଥଣ୍ଟ
ସାହାଯ୍ୟରେ ଲଢ଼ିବାକୁ ସେଠାରେ ନ ଥାନ୍ତି। ତେଣୁ ଲୋକେ
ଅଣ୍ଡା ନେଇ ଯାଆନ୍ତି। ତେଣୁ ମୁଁ ସେହିପରି ସେମାନଙ୍କର
ଧନସମ୍ପଦ ଲୁଣ୍ଠନ କଲାବେଳେ କେହି ମୋତେ ବାଧା ଦେବେ
ନାହିଁ।"

### ଅଶୂରର ଶକ୍ତିକୁ ପରମେଶ୍ୱର ନିୟନ୍ତ୍ରଣ କରନ୍ତି

15ଗୋଟିଏ କୁରାଢ଼ି କ'ଣ ତା'ର ଛେଦନକର୍ତ୍ତାଠାରୁ ଅଧିକ
ଶକ୍ତିଶାଳୀ ହୋଇପାରିବ କି? କରତ କ'ଣ କରତିୟାର
ବିରୁଦ୍ଧରେ କିଛି କରିପାରିବ ନାହିଁ। ମାତ୍ର ଅଶୂର
ପରମେଶ୍ୱରଙ୍କଠାରୁ ଅଧିକ ଶକ୍ତିଶାଳୀ ବୋଲି ଭାବୁଛି। ଏହା
ଯେପରି ଗୋଟିଏ ଯଷ୍ଟି ନିଜକୁ ଯଷ୍ଟିଧାରୀଠାରୁ ଅଧିକ ବଡ଼
ବୋଲି ମନେ କରେ।

16ଅଶୂର ଭାବେ ସେ ମହାନ୍। ମାତ୍ର ସର୍ବଶକ୍ତିମାନ
ସଦାପ୍ରଭୁ ତା ବିରୁଦ୍ଧରେ ଏକ ଭୟଙ୍କର ବ୍ୟାଧି ପଠାଇବେ।
ଗୋଟିଏ ରୋଗୀ ତା'ର ଓଜନ ହରାଇଲା ପରି ଅଶୂର ତା'ର
ଅର୍ଥ ଓ ସାମର୍ଥ୍ୟ ହରାଇବ। ତା'ପରେ ଅଶୂରର ସମସ୍ତ
ଗୌରବ ଧ୍ୱଂସ ପାଇବ। ଏହା ଅଶୂରର ସମସ୍ତ ଧ୍ୱଂସ କରିବା
ପର୍ଯ୍ୟନ୍ତ ଜ୍ୱଳନ୍ତ ଅଗ୍ନି ସଦୃଶ ହେବ। 17ଇଶ୍ରାଯେଲର ଜ୍ୟୋତି
ଗୋଟିଏ ଜ୍ୱଳନ୍ତ ଅଗ୍ନି ପରି ହେବେ। ସେହି ଧର୍ମସ୍ୱରୂପ ଏକ
ଶିଖା ସଦୃଶ ହେବେ। ସେହି ଅଗ୍ନିଶିଖା ପ୍ରଥମେ ଅନାବନା
ଘାସ ଓ କଣ୍ଟାସବୁ ପୋଡ଼ି ପକାଇବେ। 18ତା'ପରେ ସେହି
ଅଗ୍ନିଶିଖା ବୃଦ୍ଧି ପାଇବ ଓ ବଡ଼ ବଡ଼ ଗଛ ଓ ଦ୍ରାକ୍ଷାକ୍ଷେତକୁ
ପୋଡ଼ି ପକାଇବେ। ଶେଷରେ ସମସ୍ତ ଜିନିଷ ଏହି ଅଗ୍ନିଶିଖାରେ
ବଳି ପଡିବ। 19କେବଳ ବଣରେ ଅଳ୍ପ କେତୋଟି ବୃକ୍ଷ ବଞ୍ଚି
ରହିବେ ଯାହାକୁ କି ଗୋଟିଏ ବାଳକ ଗଣିପାରିବ।

20ସେହି ସମୟରେ ଇଶ୍ରାଯେଲର ଅବଶିଷ୍ଟାଂଶ ଲୋକ
ଏବଂ ଯାକୁବ ପରିବାର ଲୋକେ ପ୍ରହାରକାରୀଙ୍କ ଉପରେ
ଆଉ ନିର୍ଭର କରିବେ ନାହିଁ। ସେମାନେ ଇଶ୍ରାଯେଲର
ଧର୍ମସ୍ୱରୂପ ସଦାପ୍ରଭୁଙ୍କ ଉପରେ ନିର୍ଭର କରିବା ଶିକ୍ଷା
କରିବେ। 21ଯାକୁବ ପରିବାର ଅବଶିଷ୍ଟାଂଶ ଲୋକ ମଧ୍ୟ ପୁଣି
ପରାକ୍ରାନ୍ତ ପରମେଶ୍ୱରଙ୍କୁ ଅନୁସରଣ କରିବେ।

22ଯଦିଓ ଇଶ୍ରାଯେଲର ଅବଶିଷ୍ଟାଂଶ ସମୁଦ୍ରର ବାଲୁକା
ସଦୃଶ ସେମାନେ ସଦାପ୍ରଭୁଙ୍କ ପାଖକୁ ଫେରି ଆସିବେ। ମାତ୍ର
ସର୍ବପ୍ରଥମେ ତୁମ୍ଭର ଦେଶ ଧ୍ୱଂସ ପାଇବ। ପରମେଶ୍ୱର ତୁମ୍ଭର
ଦେଶ ଧ୍ୱଂସ ହେବ ବୋଲି ଘୋଷଣା କରିଛନ୍ତି। ତା'ପରେ
ଧାର୍ମିକତା ନଦୀର ବନ୍ୟାଜଳ ସଦୃଶ ଦେଶମଧ୍ୟକୁ ବହି
ଆସିବ। 23ମୋ ପ୍ରଭୁ ସର୍ବଶକ୍ତିମାନ ସଦାପ୍ରଭୁ ନିଶ୍ଚିତ
ଭାବରେ ଏହି ଦେଶକୁ ଧ୍ୱଂସ କରିବେ।

24ମୋର ପ୍ରଭୁ ସର୍ବଶକ୍ତିମାନ ସଦାପ୍ରଭୁ କହନ୍ତି, "ହେ
ମୋର ସିୟୋନ ନିବାସୀଗଣ, ତୁମ୍ଭେମାନେ ଅଶୂରକୁ ଭୟ
କର ନାହିଁ, ଯଦ୍ୟପି ଅତୀତରେ ମିଶର ତୁମ୍ଭମାନଙ୍କୁ ଯଷ୍ଟିରେ
ପ୍ରହାର କଲାପରି ଅଶୂର ତୁମ୍ଭମାନଙ୍କୁ ପ୍ରହାର କରିବ।
25ଯେତେବେଳେ ସଦାପ୍ରଭୁ ଜାଣିବେ ଯେ ଅଶୂର ତୁମ୍ଭମାନଙ୍କୁ
ବହୁ ଦଣ୍ଡ ଦେଇସାରିଛି, ସେତେବେଳେ ମୋର କ୍ରୋଧ
ପ୍ରଶମିତ ହେବ।"

26ତା'ପରେ ସର୍ବଶକ୍ତିମାନ ସଦାପ୍ରଭୁ ଅଶୂରକୁ ବେତ୍ରାଘାତ
କରିବେ। ଅତୀତରେ ଓରେବ ଶୈଳରେ ମିଦିୟନର ହତ୍ୟା
ଯେପରି ସଦାପ୍ରଭୁ କରିଥିଲେ ଅଶୂରକୁ ଆକ୍ରମଣ କଲାବେଳେ
ସେ ସେହିପରି କରିବେ। ଆଉ ଅତୀତରେ
ସଦାପ୍ରଭୁ ଯେପରି ତାଙ୍କର ଯଷ୍ଟି ସମୁଦ୍ର ଉପରେ ଧାରଣ
କରିଥିଲେ ଓ ମିଶରକୁ ଦଣ୍ଡ ଦେଇ ତାଙ୍କର ଲୋକମାନଙ୍କୁ
ରକ୍ଷା କରିଥିଲେ, ସେହିପରି ସେ ଅଶୂରରୁ ନିଜ ଲୋକମାନଙ୍କୁ
ରକ୍ଷା କରିବେ।

27ସେ ଦିନରେ ଅଶୂର ତୁମ୍ଭମାନଙ୍କ ପ୍ରତି ଦୁଃଖ ଆଣିବ।
ସେହି ଦୁଃଖ ବୋଝ ତୁମ୍ଭ ସ୍କନ୍ଧରେ ଯୁଆଳି ସଦୃଶ ହେବ
ମାତ୍ର ସେହି ଯୁଆଳି ତୁମ୍ଭର ଗ୍ରୀବା ଦେଶରୁ କାଢ଼ି ନିଆଯିବ।
ସେହି ବୋଝ ରୂପକ ଯୁଆଳି ତୁମ୍ଭର ଶକ୍ତି ବଳରେ ଭଗ୍ନ
ହେବ।

### ଅଶୂର ସୈନ୍ୟବାହିନୀଙ୍କ ଇଶ୍ରାଯେଲ ଆକ୍ରମଣ

28ସୈନ୍ୟବାହିନୀ "ଅୟାତରେ" ପ୍ରବେଶ କରିବେ। ସେମାନେ
"ମିଗ୍ରୋଣ ଖଲା" ମଧ୍ଯ ଦେଇ ଯିବେ ଓ "ମିକ୍ମସରେ"
ଗନ୍ତାଘରେ ଖାଦ୍ୟ ସାମଗ୍ରୀ ଗଚ୍ଛିତ ରଖିବେ। 29ସେମାନେ
"ଘାଟି" ନିକଟରେ ନଦୀ ଅତିକ୍ରମ କରିବେ। ସେମାନେ
ଗେବାରେ ଶୟନ କରିବେ। ରାମା କମ୍ପିତ ହେବ। ଶାଉଲର
ଗିବିୟାରେ ଲୋକମାନେ ପଳାୟନ କରିବେ।

30ହେ ଗଲ୍ଲୀମର କନ୍ୟା, ଉଚ୍ଚସ୍ୱରରେ ପାଟି କର। ହେ
ଲୟିଶ, ଶୁଣ। ଅନାଥୋତ୍ ତାକୁ ଉତ୍ତର ଦିଅ। 31ମଦମେନା
ଲୋକମାନେ ପଳାୟନ କରୁଛନ୍ତି। ପୁଣି ଗେବୀମ୍ ନିବାସୀମାନେ
ଲୁଚୁଛନ୍ତି। 32ସେହିଦିନ ସୈନ୍ୟବାହିନୀ ନୋବରେ ଅଟକିବେ।
ଯିରୁଶାଲମର ସିୟୋନ ପର୍ବତ ବିରୁଦ୍ଧରେ ଯୁଦ୍ଧ ପାଇଁ ସେମାନେ
ପ୍ରସ୍ତୁତ ହେବେ।

**33**ଦେଖ! ଆମ୍ଭମାନଙ୍କର ପ୍ରଭୁ ସର୍ବଶକ୍ତିମୟ ସଦାପ୍ରଭୁ ଅଶୂରର ମହାନ ବୃକ୍ଷସବୁ କାଟି ପକାଇବେ। ସେ ତାଙ୍କର ମହାନ ପରାକ୍ରମରେ ଏହା କରିବେ। ମହାନ୍ ଓ ପ୍ରଧାନ ବ୍ୟକ୍ତିମାନଙ୍କୁ ଛେଦନ କରାଯିବ। ସେହି ଉନ୍ନତମାନେ ନତ ହେବେ। **34**ସଦାପ୍ରଭୁ ତାଙ୍କର କୁଠାର ସାହାଯ୍ୟରେ ଅରଣ୍ୟକୁ କାଟି ପକାଇବେ। ଲିବାନୋନର ମହାନ୍ ବୃକ୍ଷର ପତନ ଘଟିବ।

## ଶାନ୍ତିରାଜା ଆସୁଛନ୍ତି

**11** ଅନନ୍ତର ଯିଶୟର ଗଣ୍ଡିରୁ ଏକ କ୍ଷୁଦ୍ର ଶାଖା ବହନ କରିବ, ତା'ର ମୂଳରୁ ଶାଖା ବଢ଼ିବ, **2**ସେହି ପିଲାମଧ୍ୟରେ ସଦାପ୍ରଭୁଙ୍କର ଆତ୍ମା ସ୍ଥାନ ପାଇବ। ସେହି ଆତ୍ମା ଜ୍ଞାନ, ବିବେଚନା ମନ୍ତ୍ରଣା ଓ ପରାକ୍ରମ ପ୍ରଦାନ କରିବ। ଆଉ ମଧ୍ୟ ସେହି ଆତ୍ମା ସଦାପ୍ରଭୁଙ୍କୁ ଜାଣିବାକୁ ଓ ଅନୁସରଣ କରିବାକୁ ପିଲାକୁ ସାହାଯ୍ୟ କରିବେ। **3**ସଦାପ୍ରଭୁଙ୍କୁ ଭକ୍ତି କରିବେ ଏବଂ ସଦାପ୍ରଭୁଙ୍କ ଅଭୟ ଯୋଗୁଁ ସୁଖୀ ହେବେ।

ଏହି ପିଲା ନିଜ ଦୃଷ୍ଟି ବଳରେ ଲୋକମାନଙ୍କୁ ବିଗ୍ଭର କରିବ ନାହିଁ କିମ୍ବା ନିଜର ଶୁଣିବାନୁସାରେ ଅନୁଯୋଗ କରିବ ନାହିଁ। **4-5**ସେ ସାଧୁ ଓ ନିରପେକ୍ଷ ରହିବେ, ଯେତେବେଳେ ଗରୀବ ଏବଂ ଅସହାୟ ଲୋକଙ୍କର ବିଗ୍ଭର କରୁଥିବେ। ସେ ଯେତେବେଳେ ଲୋକଙ୍କୁ ଦଣ୍ଡ ଦେବାକୁ ସ୍ଥିର କରିବ, ସେତେବେଳେ ସେମାନେ ଦଣ୍ଡିତ ହେବେ। ପୁଣି ଯେତେବେଳେ ଦୁଷ୍ଟାଗ୍ଭରୀମାନଙ୍କୁ ସଂହାର କରିବାକୁ ଆଦେଶ ଦେବେ, ସେତେବେଳେ ସେମାନେ ନିହତ ହେବେ। ଧର୍ମ ଓ ନ୍ୟାୟ ସେ ପିଲାକୁ ଶକ୍ତି ଦେବ। ସେଗୁଡ଼ିକ ତା'ର ଅଣ୍ଟାର ବଳୟ ସଦୃଶ ହେବ।

**6**ସେ ସମୟରେ ଗଧିଆଗୁଡ଼ିକ ମେଷ ଶାବକମାନଙ୍କ ସହିତ ଶାନ୍ତିରେ ବାସ କରିବେ। ଛେଳିଛୁଆ ସହିତ ବାଘ ଏକତ୍ର ଶାନ୍ତିରେ ଶୋଇବେ। ବାଛୁରୀ, ସିଂହ ଓ ଷଣ୍ଢଗୁଡ଼ିକ ଏକତ୍ର ସୁଖ ଶାନ୍ତିରେ ବାସ କରିବେ। ଏପରିକି ଗୋଟିଏ ଛୋଟ ପିଲା ସେମାନଙ୍କୁ ଅଡ଼ାଇବ। **7**ଗାଈ ଓ ଭାଲୁଗୁଡ଼ିକ ଏକତ୍ର ଶାନ୍ତିରେ ବାସ କରିବେ। ସେ ସମସ୍ତଙ୍କର ପିଲାମାନେ ପରସ୍ପରକୁ ଆଘାତ ନକରି ଏକତ୍ର ଶୋଇବେ। ସିଂହମାନେ ଗାଈପରି ନଡ଼ା ଖାଇବେ। ଏପରିକି ସର୍ପ ମଧ୍ୟ କାହାରିକୁ ଆଘାତ କରିବ ନାହିଁ। **8**ଗୋଟିଏ ଶିଶୁ ବିଷଧର ସର୍ପର ଗର୍ତ୍ତରେ ଖେଳିବ। ଆଉ ମଧ୍ୟ ଶିଶୁଟି ନିର୍ଭୟରେ ସର୍ପ ଗର୍ତ୍ତରେ ହାତ ପୁରାଇବ।

**9**କୌଣସି ବ୍ୟକ୍ତି ଅନ୍ୟକୁ ଆଘାତ କରିବ ନାହିଁ। ମୋର ପବିତ୍ର ପର୍ବତରେ କୌଣସି ବ୍ୟକ୍ତି ଅନିଷ୍ଟ ଚିନ୍ତା କରିବ ନାହିଁ। କାରଣ ସଦାପ୍ରଭୁଙ୍କ ବିଷୟରେ ସେମାନଙ୍କର ପରିପୂର୍ଣ୍ଣ ଜ୍ଞାନ ହେବ। ସମୁଦ୍ର ଯେପରି ଜଳରେ ପରିପୂର୍ଣ୍ଣ ପୃଥିବୀ ସେହିପରି ସଦାପ୍ରଭୁ ବିଷୟକ ଜ୍ଞାନରେ ପରିପୂର୍ଣ୍ଣ ହେବ।

**10**ସେହି ସମୟରେ ଏକ ବିଶେଷ ବ୍ୟକ୍ତି ଯିଶୟର ପରିବାରରୁ ଧ୍ୱଜା ସ୍ୱରୂପ ଆସିବେ। ସେହି ଧ୍ୱଜା ତାଙ୍କ ଚତୁର୍ଦ୍ଦିଗରେ ଏକତ୍ରୀତ ହେବାକୁ ଦେଖାଇବେ। ଆଉ ମଧ୍ୟ ଗୋଷ୍ଠୀମାନଙ୍କୁ ଉଚିତ କର୍ମ କରିବାକୁ ନିର୍ଦ୍ଦେଶ ଦେବ। ସେହି ସ୍ଥାନ ତାଙ୍କର ବିଶ୍ରାମ ସ୍ଥାନ ହେବ ଓ ଗୌରବାନ୍ୱିତ ହେବ।

**11**ସେହି ସମୟରେ ମୋର ପ୍ରଭୁ ପୁନର୍ବାର ଆସିବେ ଓ ଅବଶିଷ୍ଟାଂଶ ଲୋକଙ୍କୁ ନେବେ। ଏହା ଦ୍ୱିତୀୟ ଥର ଆପଣା ହସ୍ତ ସ୍ଥାପନ କରିବେ। ଏହି ପରମେଶ୍ୱରଙ୍କ ଲୋକମାନେ ଅଶୂର, ଉତ୍ତର ମିଶର, ଦକ୍ଷିଣ ମିଶର, ଇଥିଓପିଆ, ଏଲମ୍, ବାବିଲୋନୀୟ, ହମାଥରୁ ଏବଂ ପୃଥିବୀର ସମସ୍ତ ଦୂର ଦେଶରୁ ଆସିବେ।

**12**ପରମେଶ୍ୱର ଏହି "ଧ୍ୱଜାକୁ" ସମସ୍ତ ଜାତିଗଣମାନଙ୍କ ନିମନ୍ତେ ସଙ୍କେତ ସ୍ୱରୂପ ଉଠାଇବେ। ଇଶ୍ରାୟେଲ ଓ ଯିହୁଦାର ବିଚ୍ଛିନ୍ନ ହୋଇଥିବା ଲୋକମାନେ ଏକତ୍ର ହେବେ। ଯେଉଁମାନେ ପୃଥିବୀର ଲମ୍ବ ଏବଂ ପ୍ରସ୍ଥରେ ବିଚ୍ଛିନ୍ନ ହୋଇଯାଇଥିଲେ। କିନ୍ତୁ ପରମେଶ୍ୱର ସେ ସମସ୍ତଙ୍କୁ ଏକତ୍ରୀତ କରିବେ।

**13**ସେ ସମୟରେ ଇଫ୍ରୟିମ ଯିହୁଦାକୁ ଈର୍ଷା କରିବ ନାହିଁ। ଯିହୁଦାର କେହି ଶତ୍ରୁ ରହିବେ ନାହିଁ। ଯିହୁଦା ଇଫ୍ରୟିମକୁ କଷ୍ଟ ଦେବ ନାହିଁ। **14**ମାତ୍ର ଇଫ୍ରୟିମ ଓ ଯିହୁଦା ଉଭୟେ ପଲେଷ୍ଟୀୟ ଆକ୍ରମଣ କରିବେ। ଏହି ଉଭୟ ଗୋଷ୍ଠୀ ପକ୍ଷୀ ସଦୃଶ କ୍ଷୁଦ୍ର ପ୍ରାଣୀଙ୍କ ଉପରୁ ଝାମ୍ପ ମାରିବେ। ପୂର୍ବଦେଶୀୟ ଲୋକମାନଙ୍କର ସେମାନେ ଧନସମ୍ପଦ ଲୁଣ୍ଠନ କରିବେ। ସେ ଉଭୟେ ଗୋଷ୍ଠୀ ଇଦୋମ, ମୋୟାବ ଓ ଅମ୍ମୋନର ସନ୍ତାନଗଣଙ୍କୁ ଆୟତ୍ତ କରିବେ।

**15**ସଦାପ୍ରଭୁ କ୍ରୋଧିତ ହୋଇ ମିଶରୀୟ ସମୁଦ୍ରକୁ ଭାଗ ଭାଗ କରିବେ। ସେହିପରି ଭାବରେ ତାଙ୍କର ପ୍ରବଳ ବାୟୁ ଦ୍ୱାରା ଇଉଫ୍ରେଟିସ ନଦୀ ଉପରେ ନିଜର ହସ୍ତ ହଲାଇବେ। ତାଙ୍କର ପ୍ରହାର ଦ୍ୱାରା ସେହି ନଦୀ ସାତଟି କ୍ଷୁଦ୍ର ନଦୀରେ ବିଭକ୍ତ ହେବ। ସେଗୁଡ଼ିକର ଗଭୀରତା ହ୍ରାସ ହେବ ଓ ଶୁଷ୍କ ପାଲଟିବ। ତେଣୁ ଲୋକମାନେ ପାଦରେ ଗ୍ଭଲି ତାକୁ ଅତିକ୍ରମ କରିବେ। **16**ପରମେଶ୍ୱରଙ୍କ ଅବଶିଷ୍ଟାଂଶ ଲୋକେ ଏହି ରାଜପଥରେ ଗମନ କରିବେ। ଏହା ମିଶର ଦେଶରୁ ଲୋକଙ୍କୁ କାଢ଼ିବା ପରମେଶ୍ୱରଙ୍କ ପରି ହେବ।

## ପରମେଶ୍ୱରଙ୍କ ପ୍ରତି ପ୍ରଶଂସା ଗାନ

**12** ସେହି ସମୟରେ ତୁମ୍ଭେ କହିବ, ହେ ସଦାପ୍ରଭୋ, "ମୁଁ ତୁମ୍ଭର ପ୍ରଶଂସା କରୁଛି। ତୁମ୍ଭେ ଆମ୍ଭ ଉପରେ କ୍ରୋଧାନ୍ୱିତ ଥିଲ, ମାତ୍ର ବର୍ତ୍ତମାନ ତୁମ୍ଭର କ୍ରୋଧ ନିବୃତ୍ତ ହୋଇଅଛି, ତୁମ୍ଭେ ତୁମ୍ଭର ପ୍ରେମ ଆମ୍ଭକୁ ଦେଖାଇଅଛ।"

**2**ପରମେଶ୍ୱର ମୋର ତ୍ରାଣକର୍ତ୍ତା। ମୁଁ ତାଙ୍କୁ ବିଶ୍ୱାସ କରେ। କିନ୍ତୁ ତାଙ୍କୁ ଭୟ କରେ ନାହିଁ। କାରଣ ସେ ମୋତେ ରକ୍ଷା କରନ୍ତି। ଯିହୋବା ସଦାପ୍ରଭୁ ମୋର ବଳ ଓ ତ୍ରାଣକର୍ତ୍ତା। ତେଣୁ ତାଙ୍କର ପ୍ରଶଂସା ଗାନ କରିବ।

**3**ପରିତ୍ରାଣ ରୂପକ କୂପରୁ ତୁମ୍ଭେମାନେ ଜଳ କାଢ଼ିବ। ତାହା ହେଲେ ତୁମ୍ଭେମାନେ ସୁଖୀ ହେବ।

**4**ତା'ପରେ ତୁମ୍ଭେ କହିବ, "ସଦାପ୍ରଭୁଙ୍କର ପ୍ରଶଂସା କର। ତାହାଙ୍କ ନାମରେ ପ୍ରାର୍ଥନା କର। ସେ ଯେଉଁ ମହାନ୍ କାର୍ଯ୍ୟ କରିଛନ୍ତି, ସେଥିପାଇଁ ସମସ୍ତ ଗୋଷ୍ଠୀ ଆଗରେ ତାଙ୍କର ପ୍ରଶଂସା କର।"

**5**ସଦାପ୍ରଭୁ ଉଦ୍ଦେଶ୍ୟରେ ପ୍ରଶଂସା ଗାନ କର। କାରଣ ସେ ମହିମାଯୁକ୍ତ କାର୍ଯ୍ୟ କରିଛନ୍ତି। ତାହା ସମଗ୍ର

ପୃଥିବୀରେ ମହିମା ବ୍ୟାପ୍ତ ହେଉ। ସମଗ୍ର ମାନବ ସମାଜ
ଏହା ଜାଣନ୍ତୁ।
6ହେ ସିୟୋନ ନିବାସୀଗଣ, ଉଚ୍ଚସ୍ୱରରେ ତାଙ୍କର ପ୍ରଶଂସା
କର। ଇଶ୍ରାୟେଲ ସେହି ପବିତ୍ର ଧର୍ମସ୍ୱରୂପ ତୁମ୍ଭମାନଙ୍କ
ମଧ୍ୟରେ ଅଛନ୍ତି, ତେଣୁ ଆନନ୍ଦ କର।

## ବାବିଲ ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

13 ପରମେଶ୍ୱର ଆମୋସଙ୍କ ପୁତ୍ର ଯିଶାଇୟଙ୍କୁ ବାବିଲ
ସମ୍ବନ୍ଧୀୟ ବାର୍ତ୍ତା ଦେଖାଇଲେ। 2ପରମେଶ୍ୱର କହିଲେ,
"ବୃକ୍ଷଲତା ଶୂନ୍ୟ ପର୍ବତ ଉପରେ ଏକ ଧ୍ୱଜା ଟେକ।
ହସ୍ତ ହଲାଇ ଲୋକମାନଙ୍କୁ ଉଚ୍ଚସ୍ୱରରେ ଡାକ। ସେମାନଙ୍କୁ
କୁହ ଅଧିପତିମାନେ ପ୍ରବେଶ କରୁଥିବା ଦ୍ୱାର ଦେଇ ସେମାନେ
ପ୍ରବେଶ କରନ୍ତୁ।"
3ପୁଣି ପରମେଶ୍ୱର କହିଲେ,
"ମୁଁ ସେହି ଲୋକମାନଙ୍କୁ ଅନ୍ୟ ଲୋକଙ୍କଠାରୁ ଅଲଗା
କରିଥିଲି। ମୁଁ ସେମାନଙ୍କୁ ନିଜେ ଆଦେଶ ଦେବି। ମୁଁ କ୍ରୁଦ୍ଧ।
ମୋର ଉତ୍ତମ ଲୋକମାନଙ୍କୁ ଏକତ୍ରିତ କରିଛି, ସେମାନେ
ଲୋକମାନଙ୍କୁ ଦଣ୍ଡ ଦେବେ। ମୁଁ ଏହି ସୁଖୀ ଲୋକମାନଙ୍କ ପାଇଁ
ଗର୍ବିତ।
4"ପର୍ବତମାନଙ୍କରେ ହେଉଥିବା କୋଳାହଳ ପ୍ରତି ଧ୍ୟାନ
ଦିଅ। ଏହି ବହୁ ଲୋକଙ୍କର କୋଳାହଳ ପରି ଶୁଣାଯାଉଛି।
ବହୁ ରାଜ୍ୟର ଲୋକେ ଏକତ୍ରିତ ହୋଇଛନ୍ତି। ସଦାପ୍ରଭୁ
ସର୍ବଶକ୍ତିମାନ ତାଙ୍କର ସୈନ୍ୟବାହିନୀକୁ ଏକତ୍ରିତ ହେବାକୁ
ଆହ୍ୱାନ ଦେଇଛନ୍ତି।
5ସଦାପ୍ରଭୁ ଓ ତାଙ୍କର ଏହି ସୈନ୍ୟବାହିନୀ ବହୁଦୂର
ଦେଶରୁ ଆସିବେ। ସେମାନେ ଦିଗନ୍ତ ବାହାରୁ ଆସିବେ। ଏହି
ସୈନ୍ୟବାହିନୀକୁ ସଦାପ୍ରଭୁ ତାଙ୍କର ଅସ୍ତ୍ରସ୍ୱରୂପ ବ୍ୟବହାର
କରିବେ ଓ ତାଙ୍କ କ୍ରୋଧଭାବ ପ୍ରକାଶ କରିବେ। ଏହି
ବାହିନୀ ସମଗ୍ର ଦେଶକୁ ଧ୍ୱଂସ କରିବେ।"
6ସଦାପ୍ରଭୁଙ୍କର ସ୍ୱତନ୍ତ୍ର ଦିବସ ନିକଟବର୍ତ୍ତୀ। ତେଣୁ ନିଜେ
ନିଜେ କ୍ରନ୍ଦନ କର ଓ ଦୁଃଖିତ ହୁଅ। ଏକ ସମୟ ଆସିବ
ଯେତେବେଳେ ଶତ୍ରୁ ତୁମ୍ଭର ଧନକୁ ଲୁଣ୍ଠନ କରିବେ।
ପରମେଶ୍ୱର ସର୍ବଶକ୍ତିମାନ ଏହା ଘଟିବାକୁ ଦେବେ। 7ଲୋକମାନେ
ସେମାନଙ୍କର ସାହସ ହରାଇବେ। ଭୟ ଲୋକମାନଙ୍କୁ ଦୁର୍ବଳ
କରିଦେବ। 8ପ୍ରତ୍ୟେକ ଲୋକ ଭୟ କରିବେ। ପ୍ରସବକାଳୀନ
ସ୍ତ୍ରୀଲୋକର ବେଦନା ପରି ସେମାନଙ୍କର ଭୟ ସେମାନଙ୍କୁ
ଅନୁରୂପ ବେଦନା ଦେବ। ସେମାନଙ୍କର ମୁଖମଣ୍ଡଳ ନିଆଁ
ପରି ଲାଲ ହେବ। ଲୋକମାନେ ପରସ୍ପରକୁ ଦେଖିବେ ଏବଂ
ଆଶ୍ଚର୍ଯ୍ୟ ହେବେ।

## ବାବିଲ ବିପକ୍ଷରେ ପରମେଶ୍ୱରଙ୍କ ବିଚାର

9ଦେଖ, ସଦାପ୍ରଭୁଙ୍କର ସେ ଭୟଙ୍କର ଦିବସ ଆସୁଅଛି।
ପରମେଶ୍ୱର ଅତ୍ୟନ୍ତ କ୍ରୁଦ୍ଧ ହେବେ ଓ ଦେଶକୁ ଧ୍ୱଂସ
କରିବେ। ପାପୀମାନଙ୍କୁ ଦେଶ ଛାଡ଼ିବାକୁ ବାଧ୍ୟ କରିବେ।
10ସେତେବେଳେ ସ୍ୱର୍ଗ ଅନ୍ଧକାରମୟ ହେବ ଓ ସୂର୍ଯ୍ୟ, ଚନ୍ଦ୍ର
ଓ ତାରାଗଣ ଆଲୋକ ଦେବେ ନାହିଁ।
11ପରମେଶ୍ୱର କୁହନ୍ତି, "ପୃଥିବୀରେ ଅମଙ୍ଗଳ ଘଟିବାର
ମୁଁ କାରଣ ହେବି। ମୁଁ ମନ୍ଦାଚାରୀଙ୍କୁ ସେମାନଙ୍କର ପାପ ଲାଗି
ଦଣ୍ଡ ଦେବି। ଅହଙ୍କାରୀମାନଙ୍କର ଗର୍ବକୁ ଖର୍ବ କରିବି। ବଡ଼ିମା
ଦେଖାଉଥିବା ଲୋକମାନଙ୍କର ଦର୍ପ ଚୂର୍ଣ୍ଣ କରିବି। 12ଦୁର୍ଲ୍ଲଭ
ସ୍ୱର୍ଣ୍ଣ ପରି ଅଳ୍ପ କେତେକ ଉତ୍ତମ ଲୋକ ରହିବେ ଓ
ସେମାନେ ଓଫୀରର ଶୁଦ୍ଧ ସ୍ୱର୍ଣ୍ଣ ଅପେକ୍ଷା ଉଜ୍ଜ୍ୱଳ ଭାବରେ
ଦୀପ୍ତି ବିକାଶ କରିବେ। 13ସଦାପ୍ରଭୁଙ୍କ କ୍ରୋଧରେ ଆକାଶମଣ୍ଡଳ
କମ୍ପିତ ହେବ ଓ ଦିବସରେ ପୃଥିବୀ ସ୍ଥାନଚ୍ୟୁତ ହେବ।"
ଯେଉଁଦିନ ସଦାପ୍ରଭୁ ସର୍ବଶକ୍ତିମାନ ତାଙ୍କର କ୍ରୋଧ ପ୍ରକାଶ
କରିବେ ସେହିଦିନ ଏହା ଘଟିବ। 14ଆହତ ହରିଣ ଓ
ପାଳକ ହୀନ ମେଷପାଳକମାନଙ୍କ ପରି ବାବିଲର ଲୋକମାନେ
ପଳାୟନ କରିବେ। ସେମାନେ ସମସ୍ତେ ନିଜ ଦେଶ ଓ
ଗୋଷ୍ଠୀ ଆଡକୁ ଧାବିତ ହେବେ। 15ମାତ୍ର ଶତ୍ରୁଗଣ ବାବିଲନୀୟଙ୍କ
ପଶ୍ଚାଦ୍ଧାବନ କରିବେ ଓ ଯେତେବେଳେ ସେମାନଙ୍କୁ ଧରିବେ
ଖଡ୍ଗରେ ସେମାନଙ୍କୁ ହତ୍ୟା କରିବେ। 16ସେମାନଙ୍କର
ଗୃହମାନଙ୍କରୁ ସମସ୍ତ ଦ୍ରବ୍ୟ ଲୁଣ୍ଠିତ ହେବ। ସେମାନଙ୍କର
ଭାର୍ଯ୍ୟାମାନେ ଧର୍ଷିତା ହେବେ ଓ ସେମାନଙ୍କର ଦୃଷ୍ଟି ଗୋଚରରେ
ସେମାନଙ୍କର ଛୋଟ ପିଲାମାନେ ମୃତ୍ୟୁ ପର୍ଯ୍ୟନ୍ତ କୋରଡ଼ା
ପାଇବେ।
17ପରମେଶ୍ୱର କୁହନ୍ତି, "ବାବିଲର ବିପକ୍ଷରେ ଆକ୍ରମଣ
ପାଇଁ ମୁଁ ମାଦୀୟମାନଙ୍କୁ ନିୟୋଜିତ କରିବି। ରୌପ୍ୟ ଓ
ସୁବର୍ଣ୍ଣ ଲାଞ୍ଚ ପାଇଲେ ମଧ୍ୟ ମାଦୀୟର ସୈନ୍ୟମାନେ କେବେ
ଆକ୍ରମଣରୁ ନିବୃତ୍ତ ହେବେ ନାହିଁ। 18ସେହି ସୈନ୍ୟମାନେ
ବାବିଲ ଆକ୍ରମଣ କରି ତା'ର ଯୁବକମାନଙ୍କୁ ହତ୍ୟା କରିବେ।
ଏପରିକି ଶିଶୁମାନଙ୍କ ପ୍ରତି ସେମାନେ ଦୟା ଦେଖାଇବେ ନାହିଁ
କିମ୍ବା ପିଲାମାନଙ୍କୁ ଛାଡ଼ିବେ ନାହିଁ। ବାବିଲ ସଦୋମ ଓ
ହମୋରାର ପରି ସଂପୂର୍ଣ୍ଣ ଧ୍ୱଂସ ପାଇବ। ଯେତେବେଳେ
ପରମେଶ୍ୱର ସେମାନଙ୍କୁ ନଷ୍ଟ କରିବେ।
19"ବାବିଲନୀୟମାନେ ତାଙ୍କ ଦେଶପାଇଁ ଗର୍ବିତ ହୁଅନ୍ତି।
କାରଣ ତାଙ୍କର ରାଜ୍ୟ ସବୁ ରାଜ୍ୟମାନଙ୍କ ମଧ୍ୟରେ ଅଧିକ
ସୌନ୍ଦର୍ଯ୍ୟଶାଳୀ। 20ମାତ୍ର ସେ ଆଉ ସୁନ୍ଦର ହୋଇ ରହିବ
ନାହିଁ। ଲୋକମାନେ ଭବିଷ୍ୟତରେ ଆଉ ସେଠାରେ ବାସ
କରିବେ ନାହିଁ। ଆରବୀୟମାନେ ଆଉ ସେଠାରେ ତମ୍ବୁ
ପକାଇବେ ନାହିଁ। ମେଷପାଳକମାନେ ସେମାନଙ୍କର ମେଷମାନଙ୍କୁ
ସେଠାରେ ଚରାଇବା ପାଇଁ ଆଣିବେ ନାହିଁ। 21ସେହି ମରୁଭୂମିରେ
କେବଳ କେତେକ ବନ୍ୟପ୍ରାଣୀ ବାସ କରିବେ। ବାବିଲନୀୟମାନେ
ସେମାନଙ୍କ ନିଜ ଗୃହରେ ଆଉ ରହିବେ ନାହିଁ। ସେହି
ଗୃହଗୁଡ଼ିକ ପେଚା ଓ ଓଟପକ୍ଷୀ ବାସ କରିବେ ଏବଂ
ବନ୍ୟଛାଗ ସେଠାରେ ନୃତ୍ୟ କରିବେ। 22ବାବିଲର ସୁନ୍ଦର
ପ୍ରାସାଦମାନଙ୍କରେ ଶୃଗାଳ ଓ କେନ୍ଦୁଆମାନେ ଭୁକିବେ। ବାବିଲ
ସମ୍ପୂର୍ଣ୍ଣ ଧ୍ୱଂସ ହେବ। ସେ ସମୟ ଖୁବ୍ ନିକଟ ଓ ମୁଁ ସେ
ଧ୍ୱଂସର ଦିନକୁ ଆଉ ଅଧିକ ବିଳମ୍ବ କରିବି ନାହିଁ।"

## ଇଶ୍ରାୟେଲ ଗୃହକୁ ଫେରିବ

14 ଭବିଷ୍ୟତରେ ସଦାପ୍ରଭୁ ପୁନର୍ବାର ଯାକୁବକୁ ପ୍ରେମ
କରିବେ। ସେ ପୁଣି ଇଶ୍ରାୟେଲ ଲୋକଙ୍କୁ ମନୋନୀତ
କରିବେ। ସେହି ସମୟରେ ସେମାନଙ୍କୁ ସେମାନଙ୍କ ଦେଶ
ଫେରାଇ ଦେବେ। ତା'ପରେ ବିଦେଶୀମାନେ ସେମାନଙ୍କ

ସହିତ ସଂଯୁକ୍ତ ହେବେ। ଉଭୟେ ଯାକୁବଙ୍କ ପ୍ରତି ଆକୃଷ୍ଟ
ହେବେ। 2ବିଦେଶୀମାନେ ଇଶ୍ରାୟେଲର ଲୋକଙ୍କୁ ତାଙ୍କ
ଦେଶରେ ସ୍ଥାପନ କରିବେ। ଅନ୍ୟ ଗୋଷ୍ଠୀର ପୁରୁଷ ଓ
ନାରୀମାନେ ଇଶ୍ରାୟେଲର କ୍ରୀତଦାସ ହେବେ, କାରଣ ଅତୀତରେ
ସେମାନେ ଇଶ୍ରାୟେଲର ଲୋକମାନଙ୍କୁ ଦାସଦାସୀ କରିଥିଲେ।
ମାତ୍ର ବର୍ତ୍ତମାନ ଇଶ୍ରାୟେଲ ସେମାନଙ୍କୁ ପରାସ୍ତ କରିବ ଓ
ସେମାନଙ୍କୁ ଶାସନ କରିବ। 3ସଦାପ୍ରଭୁ ତୁମ୍ଭର କଷ୍ଟ ଓ
କଠୋର କାର୍ଯ୍ୟକୁ ଦୂର କରିବେ ଏବଂ ତୁମ୍ଭକୁ ସେ ବିଶ୍ରାମ
ଦେବେ। କାରଣ ଅତୀତରେ ତୁମ୍ଭେମାନେ ଦାସ ଥିଲ ଓ
କଠିନ କାର୍ଯ୍ୟ କରିଥିଲ। ତେଣୁ ସଦାପ୍ରଭୁ ତୁମ୍ଭର ସେହି
କ୍ଳେଶ ଦୂର କରିବେ।

### ବାବିଲ ରାଜାଙ୍କ ବିଷୟରେ ଏକ ସଙ୍ଗୀତ

4ସେହି ସମୟରେ ତୁମ୍ଭେ ବାବିଲ ରାଜାଙ୍କ ବିଷୟରେ
ଏହି ଉପହାସ ଗୀତ ଗାନ କରିବ।
ସେହି ଅତ୍ୟାଚାରୀ ନିଷ୍ଠୁର ରାଜା କିପରି ଶାସନ କରୁଥିଲେ
ମାତ୍ର ବର୍ତ୍ତମାନ ତାହା ଶେଷ ହୋଇଛି।
5ସଦାପ୍ରଭୁ ସେହି ଦୁଷ୍ଟାଚାରୀ ରାଜାମାନଙ୍କର ରାଜଦଣ୍ଡକୁ
ଭାଙ୍ଗି ଦେଇଛନ୍ତି। ସେମାନଙ୍କର କ୍ଷମତା କାଢି ନେଇଛନ୍ତି।
6ବାବିଲର ରାଜା କ୍ରୋଧରେ ଲୋକମାନଙ୍କୁ ପ୍ରହାର କରୁଥିଲେ
ଓ ସେଥିରୁ କେବେ ନିବୃତ୍ତ ହେଉ ନ ଥିଲେ। ଲୋକମାନଙ୍କୁ
ଆଘାତ କରିବାରୁ ସେ ଦୁରାଚାରୀ ଶାସକ ଦୂରେଇ ଯାଉ ନ
ଥିଲେ।
7ମାତ୍ର ବର୍ତ୍ତମାନ ସମଗ୍ର ଦେଶ ବିଶ୍ରାମ ନେବ। ଦେଶରେ
ଏପରି ଶାନ୍ତ ଅବସ୍ଥା ଆସିବ, ଯେତେବେଳେ ଲୋକମାନେ
ଆନନ୍ଦରେ ଉତ୍ସବ ପାଳନ କରିବେ।
8ଏପରିକି ଲିବାନୋନର ଦେବଦାରୁ ଓ ଏରସବୃକ୍ଷସବୁ
ଆନନ୍ଦ କରିବେ। ସେହି ଗଛଗୁଡ଼ିକ ମଧ୍ୟ କହିବେ, "ରାଜା
ଆମ୍ଭକୁ ଛେଦନ କରୁଥିଲେ। କିନ୍ତୁ ତାଙ୍କର ପତନ ଘଟିଛି,
ସେ ଆଉ ଆମ୍ଭ ବିପକ୍ଷରେ ଛିଡ଼ା ହେବେ ନାହିଁ।"
9ମୃତ୍ୟୁର ରାଷ୍ଟ୍ର ପାତାଳ ଉତ୍ତେଜିତ ହୋଇପଡ଼ିବ
କାରଣ ତୁମ୍ଭେ ଆସୁଛ। ପାତାଳ ସମସ୍ତ ଜୀବନ ଶକ୍ତିକୁ
ଜାଗ୍ରତ କରିବେ। ସେହି ନେତାମାନେ ତୁମ୍ଭ ପାଇଁ
କାମ କରିବେ। ସେମାନେ ସେହି ରାଜାମାନଙ୍କୁ ନୀରିବସ୍ଥା
କରିବେ। ସେମାନେ ତୁମ୍ଭକୁ ସ୍ୱାଗତ କରିବା ପାଇଁ ସତର୍କ
ରହିବେ।
10ସେ ସମସ୍ତ ପ୍ରାଚୀନଗଣ ପରିହାସ କରି କହିବେ,
"ବର୍ତ୍ତମାନ ତୁମ୍ଭେମାନେ ଆମ୍ଭ ପାଇଁ ମୃତ ପ୍ରାୟ। ତୁମ୍ଭେମାନେ
ଆମ୍ଭମାନଙ୍କ ପାଇଁ ସମାନ।"
11ତୁମ୍ଭର ବଡ଼ିମା ରସାତଳଗାମୀ ହୋଇଛି। ତୁମ୍ଭ ବୀଣାର
ସ୍ୱର ତୁମ୍ଭ ଗର୍ବିତ ଆତ୍ମାର ଆଗମନ ଘୋଷଣା କରୁଛି। ମାଛି
ତୁମ୍ଭର ଶରୀରକୁ ଭକ୍ଷଣ କରିବ। ତୁମ୍ଭେ ସେମାନଙ୍କ ଉପରେ
ବିଛଣା ସଦୃଶ ପଡ଼ିବ। କୃମି କମ୍ବଳ ସଦୃଶ ତୁମ୍ଭ ଶରୀରକୁ
ଆଚ୍ଛାଦନ କରିବ।
12ତୁମ୍ଭେ ପ୍ରଭାତୀ ତାରା ସଦୃଶ ଥିଲ। ବର୍ତ୍ତମାନ ତୁମ୍ଭର
ପତନ ଘଟିଛି। ଅତୀତରେ ସମସ୍ତ ଗୋଷ୍ଠୀ ତୁମ୍ଭ ନିକଟରେ
ନତ ହେଉଥିଲେ। କିନ୍ତୁ ବର୍ତ୍ତମାନ ତୁମ୍ଭକୁ ଛେଦନ କରାଯାଇଛି।
13ତୁମ୍ଭେ ସର୍ବଦା ନିଜେ ନିଜେ କହି ହେଉଥିଲ, "ଆମ୍ଭେ
ପରମେଶ୍ୱରଙ୍କ ପରି ସ୍ୱର୍ଗାରୋହଣ କରିବା। ଆମ୍ଭେ ସ୍ୱର୍ଗର
ଉର୍ଦ୍ଧ୍ୱକୁ ଯିବା, ଆମ୍ଭେ ପରମେଶ୍ୱରଙ୍କ ତାରକାର ଉର୍ଦ୍ଧ୍ୱରେ
ସିଂହାସନ ସ୍ଥାପନ କରିବା। ଆମ୍ଭେ ଉତ୍ତର ଦିଗସ୍ଥ ପ୍ରାନ୍ତ
ପବିତ୍ର ପର୍ବତ ଉପରେ ଉପବିଷ୍ଟ ହେବା ଓ ସେହି ପର୍ବତରେ
ପରମେଶ୍ୱରଙ୍କୁ ସାକ୍ଷାତ କରିବା।
14ଆମ୍ଭେ ମେଘମାଳାର ଉଚ୍ଚସ୍ଥଳରେ ଉପରକୁ ଉଠିବା
ଏବଂ ପରମେଶ୍ୱରଙ୍କ ତୁଲ୍ୟ ସର୍ବୋପରିସ୍ଥ ହେବା।"
15କିନ୍ତୁ ତାହା ଘଟିଲା ନାହିଁ। ତୁମ୍ଭେ ଈଶ୍ୱରଙ୍କ ସହିତ
ସ୍ୱର୍ଗକୁ ଯାଇନଥିଲ। ତୁମ୍ଭେ ପାତାଳର ଗଭୀରତମ ସ୍ଥାନକୁ
ଚାଲି ଯାଇଥିଲ।
16ଲୋକମାନେ ତୁମ୍ଭକୁ ଚାହିଁବେ ଓ ତୁମ୍ଭ ବିଷୟରେ
ଚିନ୍ତା କରିବେ। ସେମାନେ ଦେଖିବେ ତୁମ୍ଭେମାନେ ମୃତ
ସଦୃଶ ପଡ଼ି ରହିଛ। ଏବଂ କହିବେ, "ଏହା କ'ଣ?
ସେମାନେ ସେହି ଲୋକ ଯେ କି ପୃଥିବୀର ସମସ୍ତ ରାଜ୍ୟର
ଦୁଃଖର କାରଣ ହୋଇଥିଲେ।
17ଏ କ'ଣ ସେହି ଲୋକ ଯେକି ନଗରଗୁଡ଼ିକୁ ଧ୍ୱଂସ
କରିଥିଲେ ଓ ସେଗୁଡ଼ିକୁ ମରୁଭୂମିରେ ପରିଣତ
କରିଥିଲେ। ପୁଣି ଯୁଦ୍ଧରେ ବନ୍ଦୀମାନଙ୍କୁ ନିଜ ଗୃହକୁ ଛାଡ଼ି
ନଥିଲେ।"
18ପୃଥିବୀର ସମସ୍ତ ରାଜନ୍ୟବର୍ଗ ମୃତ୍ୟୁପରେ ସମ୍ମାନ ଓ
ଗୌରବ ସହ ନିଜ ନିଜ ସମାଧିରେ ବିଶ୍ରାମ ନେଲେ।
19ମାତ୍ର ତୁମ୍ଭେ ଦୁଷ୍ଟାଚାରୀ ରାଜା ନିଜ ସମାଧିରୁ ନିକ୍ଷିପ୍ତ
ହୋଇଛ। ବୃକ୍ଷର ଶାଖା ବୃକ୍ଷରୁ ବିଚ୍ୟୁତ ହୋଇ ବାହାରେ
ନିକ୍ଷିପ୍ତ ହେଲାପରି ଏବଂ ଯୁଦ୍ଧରେ ମୃତ ସୈନିକ ଯେପରି
ଅନ୍ୟ ସୈନ୍ୟମାନଙ୍କ ଦ୍ୱାରା ପଦଦଳିତ ହେଲାପରି ତୁମ୍ଭେ
ହେବ। ବର୍ତ୍ତମାନ ତୁମ୍ଭେ ମୃତ୍ୟୁ ବସ୍ତ୍ରରେ ଆଚ୍ଛାଦିତ ହୋଇ
ନିଜ କବର ବାହାରେ ପଡି ରହିଛ।
20ଅନେକ ରାଜା ମୃତ୍ୟୁବରଣ କରିଛନ୍ତି ଓ ନିଜ ନିଜ
କବରରେ ସମାଧିସ୍ଥ ହୋଇଛନ୍ତି। ତୁମ୍ଭେ ସେମାନଙ୍କ ପରି
କବରସ୍ଥ ହେବ ନାହିଁ। କାରଣ ତୁମ୍ଭେ ତୁମ୍ଭ ନିଜ ଦେଶକୁ
ଧ୍ୱଂସ କରିଛ। ତୁମ୍ଭ ନିଜ ଲୋକଙ୍କୁ ହତ୍ୟା କରିଛ। ତୁମ୍ଭର
ପିଲାମାନେ ତୁମ୍ଭପରି ଧ୍ୱଂସ ପଥ ଅନୁସରଣ କରିବେ ନାହିଁ।
ସେମାନେ ସେହି କୁକାର୍ଯ୍ୟରୁ ନିବୃତ୍ତ ହେବେ।
21ସେମାନଙ୍କ ଦୋଷ ଯୋଗୁଁ ସେମାନଙ୍କର ପିଲାମାନଙ୍କୁ
ହତ୍ୟା କର। ଯେପରିକି ସେମାନଙ୍କର ବଂଶଧର ପୁନର୍ବାର
ଦେଶର ଶାସକ ହେବେ ନାହିଁ ଓ ଜଗତକୁ ସେମାନଙ୍କ
ନଗରରେ ପରିପୂର୍ଣ୍ଣ କରିବେ ନାହିଁ।
22ସର୍ବଶକ୍ତିମାନ ସଦାପ୍ରଭୁ କହିଲେ, "ମୁଁ ସେମାନଙ୍କ
ବିପକ୍ଷରେ ଉଠିବି ଓ ଲଢ଼ିବି। ମୁଁ ପ୍ରସିଦ୍ଧ ବାବିଲ ନଗର
ଧ୍ୱଂସ କରିବ। ତା'ର ସମସ୍ତ ଲୋକଙ୍କୁ ଉଚ୍ଛନ୍ନ କରିବ। ଆଉ
ମଧ୍ୟ ସେମାନଙ୍କର ପୁତ୍ର, ନାତି ଓ ଅଣନାତିମାନଙ୍କୁ ଧ୍ୱଂସ
କରିବ।" ସଦାପ୍ରଭୁ ନିଜେ ଏହିସବୁ କହିଥିଲେ।
23ସଦାପ୍ରଭୁ ସର୍ବଶକ୍ତିମାନ ପୁଣି କହିଲେ, "ମୁଁ ମନୁଷ୍ୟର
ବାସସ୍ଥଳୀ ବାବିଲକୁ ଝିଙ୍କ ପକ୍ଷୀର ବାସସ୍ଥଳୀ ଓ ଜଳାଶୟରେ
ପରିଣତ କରିବ। ମୁଁ ସଂହାର ରୂପକ ଝାଡୁ ଧରି ତାକୁ
ସମ୍ପୂର୍ଣ୍ଣ ସଫା କରିଦେବ।"

## ପରମେଶ୍ୱର ଅଶୂରକୁ ମଧ୍ୟ ଦଣ୍ଡ ଦେବେ

24ସର୍ବଶକ୍ତିମାନ ସଦାପ୍ରଭୁ ଶପଥ କରି କହିଲେ, "ମୁଁ
ଶପଥ କରୁଛି, ମୁଁ ଯାହା ଚାହିଁଥିଲି ତାହାହିଁ ଘଟିବ। ମୁଁ
ଯେପରି ମନ୍ତ୍ରଣା କରିଛି ସେହିପରି ମଧ୍ୟ ଘଟିବ। 25ମୁଁ ନିଜ
ରାଜ୍ୟରେ ଅଶୂରୀୟ ରାଜାକୁ ବିନାଶ କରିବି। ମୋର ପର୍ବତ
ଉପରେ ତାକୁ ପଦଦଳିତ କରିବି। କାରଣ ସେହି ରାଜା
ମୋର ସନ୍ତାନଗଣଙ୍କୁ ଦାସ କରିଥିଲା ଓ ସେମାନଙ୍କ ସ୍କନ୍ଧରେ
ଯୁଆଳିର ଭାର ରଖୁଥିଲା। ସେହି ଯୁଆଳି ଯିହୁଦାର ସ୍କନ୍ଧରୁ
ଦୂରୀଭୂତ ହେବ। 26ଏହା ମୋର ଯୋଜନା ସମଗ୍ର ପୃଥିବୀ
ପାଇଁ ଅଛି। ମୁଁ ସମସ୍ତ ଜାତିଗଣମାନଙ୍କୁ ଦଣ୍ଡ ଦେବା ପାଇଁ
ମୋର ଶକ୍ତି ପ୍ରୟୋଗ କରିବି।"

27ଯେତେବେଳେ ସଦାପ୍ରଭୁ କୌଣସି ମନ୍ତ୍ରଣା କରନ୍ତି
ସେଥିରୁ ତାଙ୍କୁ କେହି ନିବୃତ୍ତ କରିପାରିବେ ନାହିଁ। ଆଉ ମଧ୍ୟ
ଯେତେବେଳେ ସେ ଲୋକମାନଙ୍କୁ ଦଣ୍ଡ ଦେବାକୁ ତାଙ୍କର
ହସ୍ତ ଉତ୍ତୋଳନ କରିବେ, ସେଥିରେ ତାଙ୍କୁ କେହି ଅଟକାଇବେ
ନାହିଁ।

## ପଲେଷ୍ଟୀୟମାନଙ୍କ ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

28ଆହସ୍ ରାଜାଙ୍କ ମୃତ୍ୟୁ ବର୍ଷରେ ଏହି ଦୁଃଖ ବାର୍ତ୍ତା
ଦିଆ ଯାଇଥିଲା।

29ହେ ପଲେଷ୍ଟୀୟ ଦେଶ, ତୁମ୍ଭେମାନେ ବର୍ତ୍ତମାନ ପାଇଁ
ଖୁସି ହୁଅ ନାହିଁ। କାରଣ ଯେଉଁ ରାଜା ପ୍ରହାର କରୁଥିଲେ
ସେ ଆଉ ନାହାନ୍ତି। ମାତ୍ର ପ୍ରକୃତରେ ତୁମ୍ଭେ ସୁଖୀ ହୋଇପାରିବ
ନାହିଁ। ଏହା ସତ୍ୟ ଯେ ସେହି ଦୁଷ୍ଟ ଶାସନ ଶେଷ
ହୋଇଛି। ମାତ୍ର ସେହି ରାଜାର ସନ୍ତାନ ଆସି ଶାସନ କରିବ।
ଗୋଟିଏ ସର୍ପ ଆଉ ଏକ ଭୟଙ୍କର ସର୍ପକୁ ଜନ୍ମ ଦେଲାପରି
ଏହା ସତ ହେବ। ସେହି ନୂତନ ରାଜା ଉଡ଼ନ୍ତା ସର୍ପ ପରି
ଅଳ୍ପ ଭୟଙ୍କର ହେବ ନାହିଁ। 30ମାତ୍ର ମୋର ଦରିଦ୍ର
ଲୋକମାନେ ଶାନ୍ତିରେ ଭୋଜନ କରିବେ। ସେମାନଙ୍କର
ପିଲାମାନେ ମଧ୍ୟ ନିରାପଦରେ ରହିବେ। ମାତ୍ର ମୁଁ ତୁମ୍ଭର
ପରିବାରକୁ ଭୋକରେ ଛଟପଟ କରାଇ ମାରିବି ଏବଂ
ଅବଶିଷ୍ଟାଂଶକୁ ମଧ୍ୟ ସଂହାର କରିବି।

31ନଗରର ଦ୍ୱାର ଦେଶର ଲୋକ ଓ ନଗରସ୍ଥ ଲୋକ
ହାହାକାର କର। ପଲେଷ୍ଟୀୟର ସମସ୍ତ ଲୋକ ଭୟଭୀତ
ହେବେ। ମହମ ସଦୃଶ ତୁମ୍ଭର ସାହସ ତରଳି ଯିବ। ଉତ୍ତର
ଦିଗକୁ ଚାହିଁ, ଉତ୍ତରରୁ ଧୂମ ଆସୁଛି। ଅଶୂରର ସୈନ୍ୟ
ଆସୁଛନ୍ତି। ସେମାନଙ୍କ ମଧ୍ୟରେ ସମସ୍ତ ସୈନ୍ୟ ଶକ୍ତିଶାଳୀ।

32ସେହି ସୈନ୍ୟବାହିନୀ ସେମାନଙ୍କର ଦେଶକୁ ଦୂତ
ପ୍ରେରଣ କରିବେ। ସେହି ଲୋକମାନଙ୍କୁ ଦୂତ କି ବାର୍ତ୍ତା
ଦେବେ? ସେମାନେ ଘୋଷଣା କରିବେ, "ପଲେଷ୍ଟୀୟ ପରାଜିତ
ହେଲା। ମାତ୍ର ସଦାପ୍ରଭୁ ସିୟୋନକୁ ଶକ୍ତିଶାଳୀ କଲେ ଏବଂ
ତାଙ୍କର ଦରିଦ୍ର ଲୋକମାନେ ନିରାପତ୍ତା ପାଇଁ ସେଠାକୁ
ଗଲେ।

## ମୋୟାବ ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

15 ମୋୟାବ ବିଷୟରେ ଏକ ଦୁଃଖର ବାର୍ତ୍ତା। ଅନ୍ୟ
ଏକ ରାତ୍ରିରେ ମୋୟାବର ଆର ନଗରରୁ ସୈନ୍ୟମାନେ
ସମସ୍ତ ଧନ ନେଇଗଲେ ଏବଂ ତାକୁ ମଧ୍ୟ ଧ୍ୱଂସ କଲେ।
ଆଉ ମଧ୍ୟ ଦିନେ ରାତ୍ରିରେ ସୈନ୍ୟମାନେ ମୋୟାବର କୀର
ନଗରରୁ ସମସ୍ତ ଧନ ନେଇଗଲେ ଓ ସେ ନଗରକୁ ମଧ୍ୟ
ଧ୍ୱଂସ କଲେ।

2ରାଜ ପରିବାର ଓ ଦୀବୋନର ଲୋକମାନେ ପୂଜା
ସ୍ଥଳୀକୁ ରୋଦନ କରିବାକୁ ଯାଇଛନ୍ତି। ମୋୟାବର ଲୋକମାନେ
ନେବୋ ଓ ମେଦବା ପାଇଁ କାନ୍ଦୁଛନ୍ତି। ସେମାନଙ୍କର ଦୁଃଖ
ଭାବ ଜଣାଇବା ପାଇଁ ମସ୍ତକ ଲଣ୍ଡା କରିଛନ୍ତି ଓ ଦାଢ଼ି
କାଟିଅଛନ୍ତି।

3ମୋୟାବର ସବୁ ସ୍ଥାନରେ, ଘର ଉଚ୍ଚସ୍ଥାନ ମାନଙ୍କରେ
ଓ ରାସ୍ତାମାନଙ୍କରେ ଚଟବସ୍ତ୍ର ପରିଧାନ କରି କାନ୍ଦୁଛନ୍ତି।

4ହିଶବୋନ୍ ଓ ଇଲିୟାଲି ଅତି ଉଚ୍ଚସ୍ୱରରେ କ୍ରନ୍ଦନ
କରୁଛି। ସେମାନଙ୍କର ରବ ଯହସ୍ ପର୍ଯ୍ୟନ୍ତ ଶୁଣା ଯାଇଛି।
ଏପରିକି ମୋୟାବର ସୈନ୍ୟମାନେ ଭୟରେ କମ୍ପିତ ହୋଇ
ଆର୍ତ୍ତନାଦ କରୁଛନ୍ତି।

5ମୋର ହୃଦୟ ମୋୟାବ ପାଇଁ ବିଳାପ କରୁଛି।
ଲୋକମାନେ ଇଗ୍ଲତ୍-ଶଲୀଶୀୟା ଓ ଦୂରସ୍ଥ ସୋୟର୍‌କୁ
ନିରାପତ୍ତା ପାଇଁ ପଳାୟନ କରୁଛନ୍ତି। ସେମାନେ ରୋଦନ
କରି କରି ଲୂହୀତ-ଘାଟୀ ଉପରକୁ ଉଠୁଛନ୍ତି।
ହୋରୋନୟିମ ପଥରେ ଯାଉଥିଲା ବେଳେ ଉଚ୍ଚ ସ୍ୱରରେ
ବିଳାପ କରୁଛନ୍ତି।

6ମାତ୍ର ନିମ୍ରୀମର ଜଳ ସମୂହ ଶୁଷ୍କ ହେବ। ସବୁଜ
ବୃକ୍ଷଗୁଡ଼ିକ ରହିବନି।

7ଲୋକମାନେ ସେମାନଙ୍କର ନିଜ ନିଜର ସମସ୍ତ ଦ୍ରବ୍ୟ
ଏକାଠି କରିବେ ଓ ମୋୟାବ ପରିତ୍ୟାଗ କରିବେ। ସେ
ସମସ୍ତ ଦ୍ରବ୍ୟକୁ ଧରି ସୀମା ଅତିକ୍ରମ କରି ବାଇଶୀ ବୃକ୍ଷର
ସ୍ରୋତ ନିକଟକୁ ନେଇଯିବେ।

8ମୋୟାବର ସବୁ ସ୍ଥାନରେ କ୍ରନ୍ଦନର ରୋଳ ଶୁଣାଯିବ।
ସେହି ହାହାକାର କ୍ରନ୍ଦନ ଦୂରସ୍ଥ ଇଗ୍ଲୟିମ୍ ଓ ବେରେଲୀମ୍
ପର୍ଯ୍ୟନ୍ତ ଶୁଣାଯିବ।

9ଦୀମୋନର ଜଳସମୂହ ରକ୍ତମୟ ହେବ। ମୁଁ ଦୀମୋନ
ପ୍ରତି ଅଧିକ ଦୁଃଖ ଆଣିବି। ମୋୟାବର ପଳାତକ ଓ
ଅବଶିଷ୍ଟାଂଶ ଲୋକମାନଙ୍କ ପାଇଁ ମୁଁ ଏକ ସିଂହ ଆଣିବି ଯେ
କି ସେମାନଙ୍କୁ ଭକ୍ଷଣ କରିବ।

16 ତୁମ୍ଭେମାନେ ସେ ଦେଶର ରାଜାଙ୍କ ନିମନ୍ତେ ଏକ
ଉପହାର ପଠାଅ। ତୁମ୍ଭେମାନେ ସେଲାରୁ ଏକ
ମେଷଶାବକ ବିସ୍ତୃତ ପ୍ରାନ୍ତର ମଧ୍ୟ ଦେଇ ସିୟୋନ କନ୍ୟାର
ପର୍ବତକୁ ପଠାଅ।

2ମୋୟାବର କନ୍ୟାଗଣ ଅର୍ଣ୍ଣୋନ ଅତିକ୍ରମ କରିବାକୁ
ଚେଷ୍ଟା କରିବେ। ସାହାର୍ଯ୍ୟ ପାଇଁ ସେମାନେ ଗୋଟିଏ ସ୍ଥାନରୁ
ଅନ୍ୟ ସ୍ଥାନକୁ ଧାଇଁବେ। ପକ୍ଷୀର ବସା ଭାଙ୍ଗି ତଳେ ପଡ଼ିଲା
ପରେ, ପକ୍ଷୀ ଛୁଆମାନେ ଏଣେତେଣେ ଧାଇଁଲା ପରି ସେମାନେ
ଧାଇଁବେ।

3ସେମାନେ କୁହନ୍ତି, "ଆମ୍ଭମାନଙ୍କୁ ସାହାଯ୍ୟ କର, ଆମ୍ଭେମାନେ
କ'ଣ କରିବୁ ମନ୍ତ୍ରଣା ଦିଅ। ଆମ୍ଭର ଶତ୍ରୁଠାରୁ ଆମ୍ଭମାନଙ୍କୁ
ରକ୍ଷା କର, ଯେପରିକି ଛାୟା ମଧ୍ୟାହ୍ନ ସୂର୍ଯ୍ୟ ତାପରୁ ରକ୍ଷା
କରେ। ଆମ୍ଭମାନଙ୍କୁ ଶତ୍ରୁଠାରୁ ଲୁଚାଇ ରଖ। କାରଣ ଆମ୍ଭେମାନେ

ତାଙ୍କଠାରୁ ପଳାଇ ଆସିଛୁ। ତାଙ୍କ ନିକଟକୁ ଆମ୍ଭମାନଙ୍କୁ
ପଠାଅ ନାହିଁ।"
4ମୋୟାବର ଲୋକମାନଙ୍କୁ ତାଙ୍କର ଘରୁ ଜୋର କରି
ତଡ଼ି ଦିଆ ଯାଇଛି। ତେଣୁ ସେମାନଙ୍କୁ ତୁମ୍ଭ ଦେଶରେ ବାସ
କରିବାକୁ ଦିଅ। ସେମାନଙ୍କ ଶତ୍ରୁଠାରୁ ସେମାନଙ୍କୁ ଲୁଚାଇ
ରଖ। କାରଣ ଲୁଣ୍ଠନ ବନ୍ଦ ହେବ। ଶତ୍ରୁ ପରାଜିତ ହେବେ।
ଆଘାତ କାରୀମାନେ ଦେଶରୁ ବିଦାୟ ନେବେ।
5ତା'ପରେ ଜଣେ ନୂତନ ରାଜା ଆସିବେ। ସେ ରାଜା
ଦାଉଦ ପରିବାରରୁ ହେବେ। ସେ ବିଶ୍ୱସ୍ତ, ଦୟାଳୁ ଓ
ସ୍ନେହୀ ହେବେ। ସେ ନ୍ୟାୟ ବିଚାର କରିବେ ଓ ଧର୍ମରେ
ସମସ୍ତ କାର୍ଯ୍ୟ ସାଧନ କରିବେ।
6ଏହା ଶୁଣା ଯାଉଛି ଯେ, ମୋୟାବ ଅତ୍ୟନ୍ତ ଗର୍ବୀ ଓ
ଅହଙ୍କାରୀ। ସେ କେତେ ଆତ୍ମାଭିମାନୀ ଗର୍ବୀ ଏବଂ
କ୍ରୋଧୀ ମାତ୍ର, ତା'ର ଏ ଅହଙ୍କାର ଅଧିକ ସମୟ ରହିବ
ନାହିଁ।
7ଏହି ଅହଙ୍କାର ଯୋଗୁଁ ସମଗ୍ର ମୋୟାବ କଷ୍ଟ ଭୋଗିବ।
ମୋୟାବର ସମସ୍ତ ଲୋକ କ୍ରନ୍ଦନ କରିବେ। ସେମାନେ
ଦୁଃଖିତ ହେବେ ଅତୀତରେ ତାଙ୍କର ଯାହା ଥିଲା ସେ ଗୁଡ଼ିକୁ
ସେ ଇଚ୍ଛା କରିବେ। ସେମାନେ ହେରସତରର ଶୁଷ୍କ କିସ୍‌ମିସ୍‌ର
ପିଠା ପାଇଁ ଇଚ୍ଛା କରିବେ। 8ଲୋକମାନେ ଦୁଃଖିତ ହେବେ
କାରଣ ହିଶବୋନର କ୍ଷେତସବୁ ଓ ଶିବ୍‌ମାର ଦ୍ରାକ୍ଷାଲତା ଆଉ
ଦ୍ରାକ୍ଷା ଉତ୍ପନ୍ନ କରିବ ନାହିଁ। ଦ୍ରାକ୍ଷା ରାଷ୍ଟ୍ରର ପ୍ରଭୁଙ୍କ
ପାନୀୟ ପାଇଁ ତିଆରି କରାଯାଏ, ମରୁଭୂମିରେ ପହଞ୍ଚିବା ପାଇଁ
ବ୍ୟବହାର କରାଯାଏ, ଯାହାର ମୂଳ ସମୁଦ୍ର ପର୍ଯ୍ୟନ୍ତ ବିସ୍ତୃତ
ହୋଇଛି।

## ମୋୟାବ ସମ୍ବନ୍ଧରେ ଶୋକ ଗୀତ

9"ମୁଁ ଯାସେର ଓ ଶିବମାର ଲୋକମାନଙ୍କ ସହିତ ମିଶି
ବିଳାପ କରିବ କାରଣ ସେମାନଙ୍କର ଦ୍ରାକ୍ଷାଲତା ସବୁ ଧ୍ୱଂସ
ପାଇଛି। ହିଶ୍‌ବୋନ୍ ଓ ଇଲୟାଲି ସହିତ ଲୋତକ ଜଳରେ
ତିନ୍ତାଇବା, କାରଣ ତୁମ୍ଭମାନଙ୍କର ଶସ୍ୟ ଅମଳ ହେବ ନାହିଁ
କି ଗ୍ରୀଷ୍ମ କାଳର ଫଳ ପାଇବ ନାହିଁ ଏବଂ ତୁମ୍ଭମାନଙ୍କ
ଆନନ୍ଦ ଧ୍ୱନି ରହିବ ନାହିଁ।
10ଉର୍ବର କ୍ଷେତରୁ ଆନନ୍ଦ ଉଲ୍ଲାସ ଦୂରୀଭୂତ ହେବ ଏବଂ
ଦ୍ରାକ୍ଷା କ୍ଷେତରେ ଗାନ ଓ ଆନନ୍ଦ ଧ୍ୱନି ଶୁଣାଯିବ ନାହିଁ।
ଦ୍ରାକ୍ଷାକୁ କୁଣ୍ଡରେ ପଦରେ ଚାପି କେହି ଦ୍ରାକ୍ଷାରସ ବାହାର
କରିବ ନାହିଁ, କାରଣ ଆମ୍ଭେ ଦ୍ରାକ୍ଷା ସଂଗ୍ରହର ଆନନ୍ଦ ଧ୍ୱନି
ନିବୃତ୍ତି କରିଅଛୁଁ।
11ତେଣୁ ମୁଁ ଦୁଇଟି ନଗର ମୋୟାବ ଓ କୀରହେରସ
ପାଇଁ ବିଶେଷ ଭାବରେ ଦୁଃଖିତ।
12ମୋୟାବର ଲୋକମାନେ ସେମାନଙ୍କର ପ୍ରାର୍ଥନା ସ୍ଥଳୀକୁ
ଯିବେ। ସେଠାରେ ସେମାନେ ପ୍ରାର୍ଥନା କରିବାକୁ ଚେଷ୍ଟା
କରିବେ। ମାତ୍ର ସେମାନେ ଏତେ ଦୁର୍ବଳ ଯେ ସେଥିରେ
ସେମାନେ କୃତାର୍ଥ ହେବେ ନାହିଁ।"
13ସଦାପ୍ରଭୁ ଅନେକଥର ମୋୟାବ ବିଷୟରେ ଏହିସବୁ
କହିଥିଲେ। 14ପୁଣି ବର୍ତ୍ତମାନ ସଦାପ୍ରଭୁ କୁହନ୍ତି, "ତିନି ବର୍ଷ
ମଧ୍ୟରେ ସେହି ସବୁ ଲୋକମାନେ ଓ ସେମାନଙ୍କର ଗର୍ବ
କରୁଥିବା ଜିନିଷଗୁଡ଼ିକ ଲୋପ୍ ପାଇବ। ଅବଶିଷ୍ଟାଂଶ ଏତେ
ଅଳ୍ପ ହେବେ ଯେ ଗଣନା ଯୋଗ୍ୟ ହେବେ ନାହିଁ।"

## ଦମ୍ମେଶକ ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

17 ଦମ୍ମେଶକ ପ୍ରତି ଶୋକ ବାର୍ତ୍ତା। ସଦାପ୍ରଭୁ କୁହନ୍ତି
ଯେ ଦମ୍ମେଶକରେ ଏହିସବୁ ଘଟିବ, "ଦମ୍ମେଶକ
ଆଉ ନଗର ହୋଇ ରହିବ ନାହିଁ। ସେ ଧ୍ୱଂସ ପାଇବ।
କେବଳ ଧ୍ୱସ୍ତ ବିଧ୍ୱସ୍ତ ପ୍ରାସାଦଗୁଡ଼ିକର କାନ୍ଥଗୁଡ଼ିକ ରହିବ।
2ଅରୋୟରର ନଗରକୁ ଲୋକମାନେ ପରିତ୍ୟାଗ
କରିବେ। ସେହି ଶୂନ୍ୟ ସହରର ମେଷପଲ ସ୍ୱାଧୀନ ଭାବରେ
ବିଚରଣ କରିବେ। ଭୟ ଦେଖାଇବାକୁ ସେଠାରେ କେହି
ନଥିବେ।
3ଇସ୍ରାୟେଲର ଦୁର୍ଗନଗର, ଦମ୍ମେଶକର ରାଜ୍ୟ ଓ ଅରାମର
ଅବଶିଷ୍ଟାଂଶ ଲୁପ୍ତ ହେବ। ସର୍ବଶକ୍ତିମୟ ସଦାପ୍ରଭୁ କୁହନ୍ତି
ଯେ, ଇସ୍ରାୟେଲର ଖ୍ୟାତି ଲୋକଙ୍କ ପରି ସେମାନେ ମଧ
କାଢ଼ି ନଆଯିବେ।"
4ସେହି ସମୟରେ ଯାକୁବର ଗୌରବ ଲୋପ ପାଇବ।
ଯାକୁବର ସ୍ଥୂଳତା ହ୍ରାସ ପାଇବ ଓ ସେ ଦୁର୍ବଳ ଓ କ୍ଷୀଣ
ଦେଖାଯିବ।
5ରଫାଇମ୍ର ଉପତ୍ୟକାରେ ଶସ୍ୟ ଅମଳ ବେଳେ ଯେପରି
ଘଟିବ ସେହିପରି ଘଟିବ। ଶସ୍ୟ କ୍ଷେତ୍ରରେ ଶସ୍ୟ ସଂଗ୍ରହ
କଲାବେଳେ ଶସ୍ୟର ସୀସା ଶସ୍ୟରୁ କାଟିଲା ବେଳେ ଓ
ସୀସା ଗୁଡ଼ିକୁ ସଂଗ୍ରହ କଲାବେଳେ ସେହିପରି ଘଟିବ।
6ସେହି ସମୟ ଲୋକମାନେ ଜିତବୃକ୍ଷର ଫଳ ସଂଗ୍ରହ
କଲାପରି ହେବ। ସେମାନେ ଜିତବୃକ୍ଷରୁ ଫଳ ତୋଳିବେ,
ମାତ୍ର ବୃକ୍ଷର ଅଗ୍ରଭାଗରେ ଦୁଇ ତିନିଗୋଟି ଫଳ ରହିଯିବ।
ଫଳବାନ୍ ଗଛରେ ମଧ୍ୟ ଚାରି ପାଞ୍ଚଟା ଫଳ ତୋଳିଲା
ବେଳେ ରହିଯିବ। ସେହିପରି ଅବସ୍ଥା ନଗରଗୁଡକରେ
ଘଟିବ। ସର୍ବଶକ୍ତିମୟ ସଦାପ୍ରଭୁ ତାହା କହିଥିଲେ।
7ସେଦିନ ଲୋକମାନେ ସେମାନଙ୍କର ସୃଷ୍ଟିକର୍ତ୍ତାଙ୍କୁ ଅନାଇବେ।
ସେମାନଙ୍କର ଦୃଷ୍ଟି ପବିତ୍ର ଧର୍ମସ୍ୱରୂପଙ୍କ ପ୍ରତି ପଡିବ।
8ସେମାନେ ଆପଣା ହସ୍ତକୃତ ଯଜ୍ଞବେଦୀ ପ୍ରତି ଦୃଷ୍ଟି ପକାଇବେ
ନାହିଁ। ପୁଣି ଆପଣା ଅଙ୍ଗୁଳିକୃତ ଆଶେରା ମୂର୍ତ୍ତି ଅବା ସୂର୍ଯ୍ୟ
ଦେବତାଗଣଗୁଡକ ପ୍ରତି ଅନାଇବେ ନାହିଁ।
9ସେଦିନ ସମସ୍ତ ସୁଦୃଢ଼ ନଗରଗୁଡ଼ିକ ଶୂନ୍ୟ ହୋଇଯିବ।
ସେଗୁଡ଼ିକ ଇସ୍ରାୟେଲ ଆସିବା ଭୟରେ ପର୍ବତ ଓ ଅରଣ୍ୟ
ତୁଲ୍ୟ ହୋଇଯିବେ। ଅତୀତରେ ଇସ୍ରାୟେଲ ଭୟରେ ସେମାନେ
ପଳାୟନ କରିଥିଲେ। ପୁଣି ସେମାନେ ଭବିଷ୍ୟତରେ ଇସ୍ରାୟେଲ
ଆସିବା ଭୟରେ ଧ୍ୱଂସ ପାଇଯିବେ। 10ଏହା ଘଟିବ କାରଣ
ତୁମ୍ଭେମାନେ ଆପଣା ତ୍ରାଣକର୍ତ୍ତା ପରମେଶ୍ୱରଙ୍କୁ ଭୁଲି ଯାଇଛ।
ପରମେଶ୍ୱର ତୁମ୍ଭମାନଙ୍କର ସୁରକ୍ଷାର ସ୍ଥାନ। ଏହା ତୁମ୍ଭେ
ମନେ ପକାଉ ନାହିଁ।
ତୁମ୍ଭେମାନେ ବିଦେଶରୁ ସୁନ୍ଦର ସୁନ୍ଦର ଦ୍ରାକ୍ଷାଲତା ଆଣି
ରୋପଣ କରୁଛ ମାତ୍ର ତାହା କେବେ ଫଳିବ ନାହିଁ। 11ତୁମ୍ଭ
ଦ୍ରାକ୍ଷାଲତା ଦିନେ ରୋପଣ କରୁଛ ଓ ତା'ର ଚାରିପଟେ ବାଡ଼
ଦେଇ ଯତ୍ନ ନେଉଛ। ପରଦିନ ପ୍ରାତଃକାଳରେ ସେଗୁଡ଼ିକ
ପୁଷ୍ପିତ ହେବାର ଦେଖୁଛ। ମାତ୍ର ଯେତେବେଳେ ଫଳ ଅମଳ

ସମୟରେ ଫଳ ତୋଳିବାକୁ ଯାଉଛ, ଦେଖୁଛ ସେଗୁଡ଼ିକ
ମରିଯାଇଛି। ରୋଗ ସମସ୍ତ ଗଛକୁ ମାରି ଦେଇଛି।
12ଅନେକ ଗୋଷ୍ଠୀର କୋଳାହଳ ଶୁଣ। ସେମାନେ
ସମୁଦ୍ରର ଗର୍ଜନ ତୁଲ୍ୟ ଘୋର ନାଦ କରୁଛନ୍ତି। ବହୁ ଦେଶର
ଲୋକେ ମାଡ଼ି ଆସୁଛନ୍ତି। ସେମାନେ ଯେପରି ପ୍ରବଳ ବନ୍ୟା
ଜଳ ସଦୃଶ ମାଡ଼ି ଆସୁଛନ୍ତି।
13ନାନା ଦେଶୀୟ ଲୋକମାନେ ସେହି ତରଙ୍ଗ ସଦୃଶ
ହେବେ। ପରମେଶ୍ୱର ସେମାନଙ୍କୁ ନିଷ୍ଠୁର ବାଣୀ ଶୁଣାଇବେ।
ତେଣୁ ସେମାନେ ପଳାୟନ କରିବେ। ବାୟୁରେ ଧୂଳି ଉଡ଼ିଲା
ପରି, ଘୂର୍ଣ୍ଣିବାତ୍ୟାରେ ଧୂଳି ଉଡ଼ିଲା ପରି ସେମାନେ ତାଡ଼ିତ
ହେବେ।
14ସନ୍ଧ୍ୟାରେ ସେମାନେ ଭୟଭୀତ ହେବେ ଓ ପ୍ରଭାତ
ପୂର୍ବରୁ ଲୋପ ପାଇଯାଇଥିବେ। ତେଣୁ ଆମ୍ଭର ଶତ୍ରୁ ଓ
ଅପହରଣକାରୀ କିଛି ସେଠାରେ ଦେଖିବାକୁ ପାଇବେ ନାହିଁ।

## କୂଶଦେଶ ଦେଶ ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

18 ନଦୀ ଆରପାରିସ୍ଥ କୂଶଦେଶ ପ୍ରତି ଦୃଷ୍ଟି ଦିଅ।
ସେହି ଦେଶ ପୋକମାନଙ୍କର ପକ୍ଷର ଶବ୍ଦରେ
ପରିପୂର୍ଣ୍ଣ। 2ସେ ସମୁଦ୍ର ପଥରେ ନଳ ନିର୍ମିତ ନୌକାରେ
ଦୂତମାନଙ୍କୁ ପ୍ରେରଣ କରିବେ, କ୍ଷିପ୍ର ଗତିରେ ଚାଲୁଥିବା
ଦୂତମାନଙ୍କୁ,
ଶକ୍ତିଶାଳୀ ଓ ଦୀର୍ଘକାୟ ପାଖକୁ ଯାଅ, ସବୁଆଡେ
ଲୋକମାନେ ଶକ୍ତିଶାଳୀ ଓ ଦୀର୍ଘକାୟ ଲୋକଙ୍କୁ ଭୟ
କରନ୍ତି। ସେମାନେ ଶକ୍ତିଶାଳୀ ଗୋଷ୍ଠୀ ଗଠନ କରନ୍ତି।
ସେମାନଙ୍କର ଦେଶ ନଦୀମାନଙ୍କ ଦ୍ୱାରା ବିଭକ୍ତ ହୋଇ
ଆସିଅଛନ୍ତି। 3ଲକ୍ଷ୍ୟ କର, ସେ ଗୋଷ୍ଠୀ ପ୍ରତି କିଛି ଅଘଟଣ
ଘଟିବ। ଜଗତର ସମସ୍ତ ନିବାସୀ ଦେଖିବେ ସେହି ଗୋଷ୍ଠୀ
ବିନଷ୍ଟ ହେଉଛି। ସମସ୍ତ ଲୋକ ସ୍ପଷ୍ଟ ଭାବରେ ଦେଖି
ପାରିବେ ଯେପରି ପର୍ବତ ଉପରେ ଧ୍ୱଜା ଉଡ଼ି ସଙ୍କେତ ଦିଏ।
ସେହି ଦୀର୍ଘକାୟ ଲୋକମାନଙ୍କର ଅନିଷ୍ଟ ଘଟିବ, ଏହା
ଜଗତବାସୀ ଶ୍ରବଣ କରିବେ। ଯୁଦ୍ଧରେ ତୂରୀ ବାଜି ଘୋଷଣା
କଲାପରି ସେମାନେ ସ୍ପଷ୍ଟ ଭାବରେ ଏହା ଶୁଣିବେ।
4ସଦାପ୍ରଭୁ କହିଲେ, "ମୁଁ ମୋର ବାସ ସ୍ଥାନରେ ରହି
ଶାନ୍ତ ଭାବରେ ଏହିସବୁ ଘଟିବାର ନିରୀକ୍ଷଣ କରିବି। 5ଗ୍ରୀଷ୍ମକାଳୀନ
ମଧ୍ୟାହ୍ନ ସମୟର ପ୍ରଚଣ୍ଡ ତାପରେ ଲୋକ ବିଶ୍ରାମ କରିବା
ପରି, ଶସ୍ୟ ଛେଦନକାଳୀନ ଶିଶିର ଯୁକ୍ତ ମେଘପରି କ୍ଷାନ୍ତ
ହୋଇ ନିରୀକ୍ଷଣ କରିବି। ତା'ପରେ ଭୟଙ୍କର ଘଟଣା ଘଟିବ।
ଯଥା ସମୟରେ ଦ୍ରାକ୍ଷାଲତାରେ ଫୁଲ ଫୁଟିବ ଓ ନୂତନ ଦ୍ରାକ୍ଷା
ଲତା ଜନ୍ମିବ। ମାତ୍ର ଫଳ ଅମଳ ପୂର୍ବରୁ ଶତ୍ରୁମାନେ ଆସିବେ
ଓ ଗଛଗୁଡ଼ିକୁ କାଟି ପକାଇବେ। ସେମାନେ ଶାଖାଗୁଡ଼ିକୁ
କାଟି ଫିଙ୍ଗି ଦେବେ। 6ସେହି ଦ୍ରାକ୍ଷାଗୁଡ଼ିକୁ ପର୍ବତର ପକ୍ଷୀଗଣ
ଓ ବଣର ପଶୁଗଣ ଭକ୍ଷଣ କରିବେ। ଦୂରସ୍ଥ ପକ୍ଷୀଗଣ ସେହି
ଦ୍ରାକ୍ଷାରେ ଗ୍ରୀଷ୍ମକାଳ କଟାଇବେ ଏବଂ ବନ୍ୟ ପଶୁଗଣ ସେହି
ଦ୍ରାକ୍ଷା ଫଳରେ ଶୀତକାଳ କଟାଇବେ।"
7ସେହି ସମୟରେ ଏକ ସ୍ୱତନ୍ତ୍ର ଉପହାର ସର୍ବଶକ୍ତିମାନ
ସଦାପ୍ରଭୁଙ୍କ ନିକଟକୁ ଅଣା ହେବ। ସେହି ନୈବେଦ୍ୟ ସେହି
ଦୀର୍ଘକାୟ ଓ ଶକ୍ତିଶାଳୀ ଲୋକମାନଙ୍କଠାରୁ ଆସିବ। ସବୁ
ସ୍ଥାନରେ ଲୋକମାନେ ଏହି ଦୀର୍ଘକାୟ ଶକ୍ତିଶାଳୀ ଲୋକଙ୍କୁ
ଭୟ କରିବେ। କାରଣ ସେମାନେ ଏକ ଶକ୍ତିଶାଳୀ ଗୋଷ୍ଠୀ।
ସେ ଗୋଷ୍ଠୀ ଅନ୍ୟ ଗୋଷ୍ଠୀକୁ ପରାଜିତ କରିବେ। ସେହି
ଦେଶ ନଦନଦୀ ଦ୍ୱାରା ବିଭକ୍ତ ହୋଇଛି। ସେହି ନୈବେଦ୍ୟ
ସିୟୋନ ପର୍ବତର ସଦାପ୍ରଭୁଙ୍କ ବାସ ସ୍ଥାନରୁ ଆସିବ।

## ମିଶର ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

19 ମିଶର ବିଷୟକ ଶୋକ ବାର୍ତ୍ତା: ଦେଖ! ସଦାପ୍ରଭୁ
ଦ୍ରୁତଗାମୀ ମେଘରେ ଆସୁଛନ୍ତି। ସେ ମିଶରରେ
ପ୍ରବେଶ କରିବେ ଏବଂ ମିଶରର ସମସ୍ତ ପ୍ରତିମା ଭୟରେ
ଥରିବେ। ମିଶର ସାହସୀ ଥିଲା, ମାତ୍ର ତା'ର ସେ ସାହସ
ଉତ୍ତପ୍ତ ମହମ ପରି ତରଳି ଯିବ।
2ପରମେଶ୍ୱର କୁହନ୍ତି, "ମିଶରୀୟମାନେ ଆପଣା ଆପଣା
ବିରୁଦ୍ଧରେ ଯୁଦ୍ଧ କରିବେ, ମୁଁ ତା'ର କାରଣ ହେବି। ଲୋକେ
ସେମାନଙ୍କ ଭାଇ ବିପକ୍ଷରେ ସଂଗ୍ରାମ କରିବେ। ପଡ଼ୋଶୀ
ପଡ଼ୋଶୀ ମଧ୍ୟରେ ଯୁଦ୍ଧ ହେବ। ନଗର ନଗର ମଧ୍ୟରେ ଓ
ରାଜ୍ୟ ରାଜ୍ୟ ମଧ୍ୟରେ ଲଢ଼ିବେ। 3ମିଶରୀୟମାନେ ବିଭ୍ରାନ୍ତ
ହେବେ। ସେମାନେ କ'ଣ କରିବେ ବୋଲି ପ୍ରତିମାମାନଙ୍କୁ ଓ
ଗୁଣୀ ଜ୍ଞାନୀମାନଙ୍କୁ ପଚାରିବେ। ଆଉ ମଧ୍ୟ ସେମାନେ
ଯାଦୁକର ଓ ଗୁଣିଆମାନଙ୍କର ପରାମର୍ଶ ନେବେ। ମାତ୍ର
ସେମାନଙ୍କର ଉପଦେଶ ଅର୍ଥହୀନ ହେବ।"
4ମୋର ପ୍ରଭୁ ସର୍ବଶକ୍ତିମାନ ସଦାପ୍ରଭୁ କହନ୍ତି, "ମୁଁ
ମିଶରୀୟମାନଙ୍କୁ ଏକ ନିର୍ଦ୍ଦୟ ପ୍ରଭୁ ହସ୍ତରେ ସମର୍ପଣ କରିବି
ଓ ଏକ ଦୁରନ୍ତ ରାଜା ସେମାନଙ୍କୁ ଶାସନ କରିବେ।
5ନୀଳନଦୀ ଶୁଷ୍କ ହେବ ଏବଂ ନଦୀଗୁଡ଼ିକ ଜଳଶୂନ୍ୟ ହେବ।
6ସମସ୍ତ ନଦୀ ଦୁର୍ଗନ୍ଧି ହେବ। ମିଶରର ସମସ୍ତ ନାଳ ଶୁଷ୍କ
ହୋଇ ଜଳଶୂନ୍ୟ ହେବ। ସମସ୍ତ ଜଳଜ ଉଦ୍ଭିଦ ଶୁଖି
ମରିଯିବେ। 7ନଦୀ ତୀରବର୍ତ୍ତୀ ଉଦ୍ଭିଦ ସବୁ ମରିଯିବେ ଓ
ପବନରେ ଉଡ଼ି ଯିବେ। ଏପରିକି ନୀଳନଦୀ କୂଳରେ
ଜନ୍ମିଥିବା ଗଛଗୁଡ଼ିକ ମରିଯିବେ।
8"ଯେଉଁ କୈବର୍ତ୍ତମାନେ ବଂଶୀ ସାହାଯ୍ୟରେ ନୀଳନଦୀରୁ
ମାଛ ଧରୁଥିଲେ, ସେମାନେ ଦୁଃଖିତ ହେବେ ଓ କାନ୍ଦିବା
ଆରମ୍ଭ କରିବେ। ଯେଉଁମାନେ ବନଶୀ ପକାଇ ନୀଳନଦୀରୁ
ମାଛ ଧରୁଥିଲେ, ବିଳାପ କରିବେ। ଯେଉଁମାନେ ପାଣିରେ
ଜାଲ ପକାଉଥିଲେ ହତାଶ ହେବେ। ସେମାନଙ୍କର ଜୀବିକା
ପାଇଁ ନୀଳନଦୀ ଉପରେ ନିର୍ଭର କରୁଥିଲେ। କିନ୍ତୁ ସେ
ଶୁଖିଯିବ। 9ଯେଉଁ ଲୋକମାନେ ଲୁଗା ବୁଣୁଥିଲେ
ସେମାନେ ଅତ୍ୟନ୍ତ ଦୁଃଖିତ ହେବେ। କାରଣ ସେମାନେ
ଯେଉଁ ଛଣପଟ ଶୁକ୍ଳବସ୍ତ୍ର ପାଇଁ ଦରକାର କରନ୍ତି, ନଦୀ ଶୁଖି
ଯିବାରୁ ତାହା ଆଉ ଜନ୍ମିବ ନାହିଁ। 10ଭଗ୍ନ ବୁଣାଳୀମାନେ
ଏବଂ ଯେଉଁମାନେ ସବୁ ମଜୁରୀ ପାଇଁ କାମ କରୁଥିଲେ
ଦୁଃଖୀ ହେବେ।
11"ସୋୟନର ଅଧିପତିମାନେ ନିତାନ୍ତ ନିର୍ବୋଧ। ଫାରୋର
ଜ୍ଞାନୀ ଉପଦେଷ୍ଟାଗଣ କୁପରାମର୍ଶ ଦିଅନ୍ତି। ସେହି ଅଧିପତିଗଣ
ନିଜକୁ ଜ୍ଞାନୀ ଏବଂ ବିଦ୍ୱାନ ମନେ କରନ୍ତି। ସେମାନେ
ପ୍ରାଚୀନ ବୈଭବଶାଳୀ ରାଜବଂଶର ଅଂଶ ଅଟନ୍ତି। ମାତ୍ର
ପ୍ରକୃତରେ ସେମାନେ ଜ୍ଞାନୀ ନୁହନ୍ତି।"

12ହେ ମିଶର, ତୁମ୍ଭର ଜ୍ଞାନୀ ବ୍ୟକ୍ତଗଣ କେଉଁଠାରେ?
ସେହ ଜ୍ଞାନୀ ବ୍ୟକ୍ତଗଣଙ୍କୁ ଜଣାନ୍ତୁ ସର୍ବଶକ୍ତମୟ ସଦାପ୍ରଭୁ
ମିଶର ବଷୟରେ କ ମନ୍ତ୍ରଣା କରଛନ୍ତ। ସେମାନଙ୍କୁ କ'ଣ
ଘଟିବ କୁହନ୍ତୁ।
13ସୋୟନର ଅଧିପତିମାନେ ନର୍ବୋଧ ହୋଇ ଅଛନ୍ତ।
ନୋଫର ଅଧିପତିମାନେ ଭ୍ରାନ୍ତ ଧାରଣା କରଛନ୍ତ। ତେଣୁ
ସେହ ଅଧିପତିଗଣ ମିଶରକୁ ବପଥଗାମୀ କରାଇଛନ୍ତ। 14ସଦାପ୍ରଭୁ
ମିଶରୀୟମାନଙ୍କୁ ବଭ୍ରାନ୍ତ କରାଇଛନ୍ତ। ସେମାନେ ନଜେ
ବାଉଳା ହୋଇଛନ୍ତ ଓ ମିଶରକୁ କୁପଥରେ ନେଇଛନ୍ତ।
ସେହ ପ୍ରାଚୀନଗଣ ଯାହା ସବୁ କରଛନ୍ତ ସେ ସମସ୍ତ କୁକର୍ମ।
ମାତାଲ ନଜ ବାନ୍ତରେ ଟଳଟଳ ହେଲାପର ସେମାନେ
ମିଶରକୁ ପ୍ରତ୍ୟେକ କାର୍ଯ୍ୟରେ ବପଥଗାମୀ କରଛନ୍ତ।
15ଅଧିପତିମାନେ ମିଶର ପାଇଁ କଛ କରପାରବେ ନାହିଁ।
ସେମାନେ, "ମସ୍ତକ କ ଲାଙ୍ଗୁଳ, ତାଳବାହୁଙ୍ଗା କ ଜଳଜ ତୃଣ
ଯାହା କରପାରେ ସେମାନେ ତାହା କରପାରବେ ନାହିଁ।"
16ସେଦନ ମିଶରୀୟଗଣ ସ୍ତ୍ରୀ ସଦୃଶ ହେବେ। ସେମାନେ
ସର୍ବଶକ୍ତମାନ ସଦାପ୍ରଭୁଙ୍କୁ ଭୟ କରବେ। ଯେତେବେଳେ
ସଦାପ୍ରଭୁ ଦଣ୍ଡ ଦେବାପାଇଁ ହସ୍ତ ଉତ୍ତୋଳନ କରବେ,
ସେତେବେଳେ ସେମାନେ ଭୟଭୀତ ହେବେ। 17ମିଶର ପ୍ରତି
ଯିହୁଦା ତ୍ରାସଜନକ ହେବ। ମିଶରର ଯେ କୌଣସି ବ୍ୟକ୍ତ
ଯିହୁଦାର ନାମ ଶୁଣିବ ଭୟରେ ଥରବ। ଏସବୁ ଘଟିବାର
କାରଣ ହେଉଛ ସର୍ବଶକ୍ତମାନ ସଦାପ୍ରଭୁ ମିଶରରେ ଭୟଙ୍କର
ଜନଷ ଘଟିବ ବୋଲ ମନ୍ତ୍ରଣା କରଛନ୍ତ। 18ସେ ସମୟରେ,
ମିଶରର ପାଞ୍ଚଟି ନଗରର ଲୋକ କଣାନୀୟ ଭାଷା କହବେ,
ସେମାନେ ସଦାପ୍ରଭୁ ସର୍ବଶକ୍ତମାନଙ୍କୁ ଅନୁସରଣ କରବେ
ବୋଲ ଶପଥ ନେବେ। ସେହ ପାଞ୍ଚ ନଗରମାନଙ୍କ ମଧ୍ୟରୁ
ଏକ ନଗର, "ଉତ୍ପାଟନ ନଗର" ନାମରେ ଖ୍ୟାତ ହେବ।
19ସେହ ସମୟରେ ମିଶରର ମଧ୍ୟ ସ୍ଥାନରେ ସଦାପ୍ରଭୁଙ୍କ
ପାଇଁ ଏକ ଯଜ୍ଞବେଦୀ ହେବ ଏବଂ ତାହାର ସୀମା ନକଟରେ
ସଦାପ୍ରଭୁଙ୍କୁ ସମ୍ମାନ ଜଣାଇବା ପାଇଁ ଏକ ସ୍ତମ୍ଭ ରହବ।
20ସଦାପ୍ରଭୁ ସର୍ବଶକ୍ତମୟ ମହାନ ବସ୍ତୁର ସୃଷ୍ଟିକର୍ତ୍ତା ବୋଲ
ଏହା ତା'ର ସଙ୍କେତ ହେବ। ଯେ କୌଣସି ସମୟରେ
ଲୋକମାନେ ସଦାପ୍ରଭୁଙ୍କୁ ସାହାଯ୍ୟ ଭିକ୍ଷା କରବେ, ସଦାପ୍ରଭୁ
ସାହାଯ୍ୟ ପଠାଇବେ। ଲୋକମାନଙ୍କ ପ୍ରତରକ୍ଷା ପାଇଁ ସଦାପ୍ରଭୁ
ଜଣେ ବ୍ୟକ୍ତଙ୍କୁ ପ୍ରେରଣ କରବେ। ସେହ ବ୍ୟକ୍ତଟି ଦୁଷ୍କର୍ମ
କରୁଥିବା ଲୋକମାନଙ୍କଠାରୁ ଅନ୍ୟମାନଙ୍କୁ ରକ୍ଷା କରବ।
21ସେହଦନ ମିଶରୀୟମାନେ ସଦାପ୍ରଭୁଙ୍କର ପ୍ରକୃତ ପରଚୟ
ପାଇବେ। ସେମାନେ ପରମେଶ୍ୱରଙ୍କୁ ପ୍ରେମ କରବେ। ସେମାନେ
ତାଙ୍କୁ ସେବା କରବେ ଓ ତାଙ୍କ ଉଦ୍ଦେଶ୍ୟରେ ବଳଦାନ
ଦେବେ। ଆଉ ମଧ୍ୟ ସେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଶପଥ ନେବେ ଓ ସେ ଶପଥ ପାଳନ କରବେ।
22ସଦାପ୍ରଭୁ ମିଶରୀୟମାନଙ୍କୁ ଦଣ୍ଡ ଦେବେ। ଆଉ ମଧ୍ୟ
ସେମାନଙ୍କୁ ସେ କ୍ଷମା ଦେବେ। ତେଣୁ ସେମାନେ ସଦାପ୍ରଭୁଙ୍କ
ନକଟକୁ ଫେର ଆସବେ। ସଦାପ୍ରଭୁ ସେମାନଙ୍କର ପ୍ରାର୍ଥନା
ଶୁଣିବେ ଓ ସେମାନଙ୍କୁ କ୍ଷମା ଦେବେ।
23ସେହ ସମୟରେ ମିଶରରୁ ଅଶୂର ପର୍ଯ୍ୟନ୍ତ ଏକ
ରାଜପଥ ନର୍ମିତ ହେବ। ତା'ପରେ ଅଶୂରର ଲୋକମାନେ
ମିଶରକୁ ଆସିବେ ଓ ମିଶରର ଲୋକମାନେ ଅଶୂରକୁ
ଯିବେ। ମିଶରର ଲୋକମାନେ ଅଶୂରର ଲୋକମାନଙ୍କ ସହତ
ପୂଜା କରବେ।
24ସେ ସମୟରେ ଇସ୍ରାୟେଲ, ଅଶୂର ଓ ମିଶର
ଏକତ୍ରୀତ ହେବେ ଓ ରାଜ୍ୟକୁ ନୟନ୍ତ୍ରଣ କରବେ। ଏମାନେ
ପୃଥିବୀ ପାଇଁ ଆଶୀର୍ବାଦର ପାତ୍ର ହେବେ। 25ସଦାପ୍ରଭୁ
ସର୍ବଶକ୍ତମାନ ଏ ଦେଶଗୁଡ଼କୁ ଆଶୀର୍ବାଦ କରବେ। ସେ
କହବେ, "ହେ ମିଶରୀୟମାନେ, ତୁମ୍ଭେମାନେ ମୋର ଲୋକ।
ଅଶୂର ମୁଁ ତୁମ୍ଭକୁ ତିଆର କରଛ। ତୁମ୍ଭେମାନେ ସମସ୍ତେ
ଆଶୀର୍ବାଦର ପାତ୍ର।"

## ଅଶୂର ମିଶର ଓ କୂଶକୁ ପରାସ୍ତ କରବ

20 ଅଶୂରର ରାଜା ସର୍ଗୋନଙ୍କ ପ୍ରେରତ ତର୍ତ୍ତନ ଅସଦୋଦ
ନଗର ବପକ୍ଷରେ ଯୁଦ୍ଧ କଲେ। 2ସେହ ସମୟରେ
ସଦାପ୍ରଭୁ ଆମୋସଙ୍କ ପୁତ୍ର ଯିଶାଇୟଙ୍କ ଦ୍ୱାରା ଏହ କଥା
କହଲେ, "ଯାଅ, ତୁମ୍ଭ କଟିରୁ ଚଟବସ୍ତ୍ର କାଢ ଓ ପାଦରୁ
ପାଦୁକା କାଢ।" ଯିଶାଇୟ ସଦାପ୍ରଭୁଙ୍କ ଆଜ୍ଞା ପାଳନ କର
ବବସ୍ତ୍ର ଏବଂ ଶୂନ୍ୟପାଦ ହୋଇ ଭ୍ରମଣ କଲେ।
3ତା'ପରେ ସଦାପ୍ରଭୁ କହଲେ, "ଆମ୍ଭର ଦାସ ଯିଶାଇୟ
ତିନବର୍ଷ ଧର ବବସ୍ତ୍ର ଓ ଶୂନ୍ୟପାଦ ହୋଇ ଭ୍ରମଣ କଲେ।
ଏହା ମିଶର ଓ କୂଶ ପାଇଁ ଚହ୍ନ ଓ ଅଦ୍ଭୁତ ଲକ୍ଷଣ ସ୍ୱରୂପ
ଅଟେ। 4ଅଶୂର ରାଜା ମିଶର ଓ କୂଶକୁ ପରାସ୍ତ କରବ।
ମିଶରୀୟମାନେ ଲଜ୍ଜିତ ହେବେ। କାରଣ ମିଶରୀୟ ଆବାଳବୃଦ୍ଧ
ବନ୍ଦୀଙ୍କୁ ଓ କୂଶୀୟ ନର୍ବାସିତ ଲୋକମାନଙ୍କୁ ବବସ୍ତ୍ର ଓ
ଶୂନ୍ୟପାଦ କର ସେମାନେ ତାଙ୍କ ଦେଶରୁ ନେଇ ଯିବେ।
5ଲୋକମାନେ କୂଶକୁ ସାହାଯ୍ୟ ପାଇଁ ଚାହିଁବେ। ମାତ୍ର
ସେମାନେ ନରାଶ ହୋଇ ଭାଙ୍ଗି ପଡ଼ବେ। ମିଶରର ଦର୍ପ ଚୂର୍ଣ୍ଣ
ହେବା ଦେଖି ତା'ର ଲୋକମାନେ ଆଶ୍ଚର୍ଯ୍ୟ ଓ ଲଜ୍ଜିତ
ହେବେ।"
6ସେହ ସମୟରେ ସମୁଦ୍ର ନକଟସ୍ଥ ନବାସୀ କହବେ,
"ଆମ୍ଭେମାନେ ଏହ ଦେଶଗୁଡ଼କ ଉପରେ ସାହାଯ୍ୟ ପାଇଁ
ଭରସା ରଖିଥିଲୁ। ଅଶୂର ରାଜା ନକଟରୁ ରକ୍ଷା ପାଇବା ପାଇଁ
ସେମାନଙ୍କ ନକଟକୁ ଆମ୍ଭେମାନେ ବଶ୍ୱାସ ଭୂମି ଭାବ ଧାଇଁ
ଯାଇଥିଲୁ। ମାତ୍ର ସେହ ଦେଶଗୁଡ଼କ ଅଧିକୃତ ହେଲା, ତେବେ
ଆମ୍ଭମାନଙ୍କୁ ଆଉ କଏ ରକ୍ଷା କରବ ଓ ଆମ୍ଭେମାନେ କପର
ବଞ୍ଚିବୁ?"

## ବାବଲ ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

21 ସାଗର ସମୀପସ୍ଥ ପ୍ରାନ୍ତର ବଷୟରେ ଶୋକବାର୍ତ୍ତା।
ତାହା ଦକ୍ଷିଣ ଦଗରୁ ଏକ ଭୟଙ୍କର ଘୂର୍ଣ୍ଣିବାତ୍ୟା
ଭଳ୍ୟ ପ୍ରାନ୍ତରରୁ ଏକ ଭୟଙ୍କର ଦେଶରୁ ଆସୁଅଛ।
2ମୁଁ ଦେଖିଅଛ ଏକ ଭୟଙ୍କର ଦୁଃଖଦାୟକ ଘଟଣା
ଘଟିବ। ବଶ୍ୱାସ ଘାତକ ତୁମ୍ଭମାନଙ୍କ ପ୍ରତି ବଶ୍ୱାସଘାତକତା
କରୁଅଛ ଓ ଲୁଣ୍ଠନକାରୀ ଲୁଣ୍ଠନ କରୁଅଛ। ହେ ଏଲମ୍!
ଯାଅ ଯୁଦ୍ଧ କର। ହେ ମାଦୟେ, ତୁମ୍ଭ ସୈନ୍ୟବାହନୀ ଦ୍ୱାରା
ନଗରକୁ ଅବରୋଧ କର ଓ ପରାସ୍ତ କର। ମୁଁ ସେହ
ନଗରରୁ ଦୁଃଖ ଓ ହାହାକାର ଦୂର କରଅଛ।

**3**ସେହି ଭୟଙ୍କର ଦୃଶ୍ୟ ଦେଖି ମୋର ପେଟ ଯନ୍ତ୍ରଣାରେ
ପରିପୂର୍ଣ୍ଣ ହୋଇଅଛି। ସେହି ଯନ୍ତ୍ରଣା ପ୍ରସବକାଳୀନ ସ୍ତ୍ରୀ
ଲୋକର ବେଦନା ତୁଲ୍ୟ ମୋତେ କଷ୍ଟ ଦେଉଛି। ମୁଁ ସେ
ସମସ୍ତ ଶୁଣି ଭୟଭୀତ ହୋଇ ପଡ଼ୁଛି। ମୁଁ ଏତେ ଭୀତ ଯେ
ଭୟରେ ଥରୁଅଛି। **4**ମୋର ହୃଦୟ ଧକାଉଛି। ମହା ଭୟରେ
ମୁଁ ଥରହର ହୋଇଅଛି। ମୋର ଆନନ୍ଦ ରୂପକ ସାୟଂକାଳ
ମହାରାତ୍ରିର ଭୟର କାରଣ ହୋଇଛି।

**5**ଲୋକମାନେ ଭାବନ୍ତି ସବୁ ସୁନ୍ଦର। ତେଣୁ ସେମାନେ,
“ମେଜ ସଜାନ୍ତି, ଭୋଜନ ଓ ପାନ କରନ୍ତୁ।” ସେହି
ସମୟରେ ସୈନ୍ୟମାନେ କୁହନ୍ତି, ପ୍ରହରୀ ନିଯୁକ୍ତ କର, “ହେ
ଅଧିପତିଗଣ ଉଠ, ଢାଲ ତୈଳାକ୍ତ କର।”

**6**ମୋର ପ୍ରଭୁ ମୋତେ କହିଲେ, “ଯାଅ, ଏକ ଜଣ
ପ୍ରହରୀ ନିଯୁକ୍ତ କର। ସେ ଯାହା ଦେଖିବ ତାହା ସେପରି
ପ୍ରକାଶ କରିବ। **7**ସେ ଯେତେବେଳେ ଦୁଇଦଳ ଅଶ୍ୱାରୋହୀ
ସୈନ୍ୟ ଦେଖିବ ଏକ ଦଳ ଗର୍ଦ୍ଦଭାରୋହୀ ସୈନ୍ୟ ଦେଖିବ
କିମ୍ବା ଏକ ଦଳ ଓଟାରୋହୀ ସୈନ୍ୟ ଦେଖିବ ସେତେବେଳେ
ସେ ପ୍ରହରୀ ମନୋଯୋଗ ପୂର୍ବକ ଅତି ଯତ୍ନରେ କର୍ଣ୍ଣପାତ
କରିବ।”

**8**ତା'ପରେ ଦିନେ, ସେ ପ୍ରହରୀ କହିଲା, “ହେ ମୋର
ପ୍ରଭୁ, ପ୍ରତିଦିନ ଦିନବେଳେ ମୁଁ ନିରନ୍ତର ଦୁର୍ଗରେ ଠିଆ
ହୋଇ ଜଗି ରହିଥାଏ ଓ ପ୍ରତି ରାତିରେ। ମୁଁ ଆପଣା ପହରା
ସ୍ଥାନରେ ସତର୍କ ଦୃଷ୍ଟି ରଖିଥାଏ। **9**ଆଉ ଦେଖ, ଏଠି
ଏକଦଳ ଲୋକ ଓ ଅଶ୍ୱାରୋହୀ ସୈନ୍ୟ ଆସୁଛନ୍ତି।”

ତା'ପରେ ଜଣେ ଦୂତ କହିଲା, “ବାବିଲ ପରାସ୍ତ ହୋଇଛି
ଓ ବାବିଲର ପତନ ହୋଇଛି। ତା'ର ପ୍ରତିମାଗୁଡ଼ିକ ଭାଙ୍ଗି
ଭୂମିସାତ ହୋଇଛି।”

**10**ଯିଶାଇୟ କହିଲେ, “ହେ ମୋର ଲୋକମାନେ, ମୁଁ
ଇଶ୍ରାୟେଲ ପରମେଶ୍ୱର ସର୍ବଶକ୍ତିମୟ ସଦାପ୍ରଭୁଙ୍କଠାରୁ ଯାହାସବୁ
ଶୁଣିଅଛି, ତାହା ତୁମ୍ଭମାନଙ୍କୁ ଜଣାଉଛି। ତୁମ୍ଭେମାନେ ଶସ୍ୟ
ଖଳାରେ ଶସ୍ୟପରି ଦଳିଦେବ।”

## ଇଦୋମ ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

**11**ଦୂମା ବିଷୟରେ ଶୋକବାର୍ତ୍ତା। ଜଣେ ସେୟୀରଠାରୁ
ମୋତେ ଡାକି କହିଲେ, “ହେ ପ୍ରହରୀ, ଆଉ ରାତ୍ରି
କେତେ ରହିଲା?”

**12**ପ୍ରହରୀ ଉତ୍ତର କଲା, “ପ୍ରଭାତ ଆସୁଅଛି, ମାତ୍ର
ତା'ପରେ ରାତ୍ରି ଆସିବ। ଯଦି ତୁମ୍ଭମାନଙ୍କର କିଛି ପଚାରିବାର
ଅଛି, ତେବେ ତୁମ୍ଭେମାନେ ଫେରିଆସ ଓ ପଚାର।”

## ଆରବ ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

**13**ଆରବ ବିଷୟକ ଦୁଃଖବାର୍ତ୍ତା। ଦଦାନୀୟ ବଣିକ ଦଳ
ଆରବ ମରୁଭୂମିସ୍ଥ ବନ ମଧରେ ରାତ୍ରି ଯାପନ କଲେ।

**14**ସେମାନେ କେତେକ ତୃଷାର୍ତ୍ତ ପଥିକମାନଙ୍କୁ ଜଳ
ଦେଲେ। ଟେମା ଦେଶବାସୀ କେତେକ ପଳାତକ ପଥିକଙ୍କୁ
ଖାଦ୍ୟ ଦେଲେ।

**15**କାରଣ ସେମାନେ ଉନ୍ମୁକ୍ତ ତରବାରିରୁ, ଗୁଣଦିଆ
ଧନୁରୁ ଓ କ୍ଳେଶଦାୟକ ଯୁଦ୍ଧରୁ ରକ୍ଷା ପାଇବାକୁ ପଳାୟନ
କଲେ। **16**ମୋର ପ୍ରଭୁ ସଦାପ୍ରଭୁ ମୋତେ ସେଗୁଡ଼ିକ ଘଟିବ
ବୋଲି କହିଲେ। “ଏକ ବର୍ଷ ମଧରେ ବେତନ ଜୀବିର ବର୍ଷ
ପ୍ରମାଣେ କେଦରର ସମସ୍ତ ଗୌରବ ଲୁପ୍ତ ହେବ। **17**ସେହି
ସମୟରେ କେଦରର ବୀରଗଣ ମଧରୁ ଅଳ୍ପ କେତେକ
ଧନୁର୍ଦ୍ଧର ରକ୍ଷା ପାଇବେ। କାରଣ ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱର ଏହା କହି ଅଛନ୍ତି।”

## ଯିରୁଶାଲମ ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

**22** ଦର୍ଶନ ଉପତ୍ୟକା ସମ୍ବନ୍ଧୀୟ ଏକ ଦୁଃଖବାର୍ତ୍ତା:
ତୁମ୍ଭମାନଙ୍କର କ'ଣ ହୋଇଛି? ତୁମ୍ଭେମାନେ କାହିଁକି
ଛାତ ଉପରକୁ ଯାଇଅଛ?

**2**ହେ ଆନନ୍ଦ ଧ୍ୱନିପୂର୍ଣ୍ଣ, କୋଳାହଳ ପୂର୍ଣ୍ଣ, ଉଲ୍ଲସିତ
ନଗରୀ, ତୁମ୍ଭର ଲୋକେ ଖଡ୍ଗରେ ନିହତ ହୋଇନାହାଁନ୍ତି କିମ୍ବା
ଯୁଦ୍ଧରେ ମରି ନାହାଁନ୍ତି।

**3**ତୁମ୍ଭର ଶାସକକର୍ତ୍ତାଗଣ ଏକତ୍ର ଏକ ସମୟରେ ପଳାୟନ
କଲେ। ମାତ୍ର ସେମାନେ ଧନୁର୍ଦ୍ଧାରୀମାନଙ୍କ ଦ୍ୱାରା ବନ୍ଦୀ
ହେଲେ। ପୁଣି ସମସ୍ତ ପ୍ରାପ୍ତ ଲୋକେ ଏକତ୍ର ବନ୍ଧାଗଲେ।
ମାତ୍ର ସେମାନେ ଦୂରକୁ ପଳାୟନ କଲେ।

**4**ତେଣୁ ମୁଁ କହୁଛି, “ମୋତେ ଚାହଁ ନାହିଁ। ମୋତେ
କାନ୍ଦିବାକୁ ଦିଅ। ମୋ ଗୋଷ୍ଠୀୟ କନ୍ୟାର ସର୍ବନାଶ ବିଷୟରେ
ମୋତେ ସାନ୍ତ୍ୱନା ଦେବାକୁ ଚେଷ୍ଟା କର ନାହିଁ।”

**5**ସଦାପ୍ରଭୁ ଏକ ସ୍ୱତନ୍ତ୍ର ଦିନ ବାଛିଛନ୍ତି। ସେହିଦିନ
ସେଠାରେ ବିଦ୍ରୋହ ଓ ବ୍ୟାକୁଳତା ଦେଖା ଦେବ। ଦର୍ଶନ
ଉପତ୍ୟକାରେ ଲୋକମାନେ ପରସ୍ପରକୁ ଦଳିବେ। ପ୍ରାଚୀରଗୁଡ଼ିକୁ
ଭାଙ୍ଗି ପକାଇବେ। ସେହି ଲୋକମାନେ ଉପତ୍ୟକାରେ ନଗରର
ଲୋକମାନଙ୍କ ପ୍ରତି ପର୍ବତ ଉପରେ ଆର୍ତ୍ତନାଦ କରିବେ।
**6**ରଥାରୋହୀ ଓ ଅଶ୍ୱାରୋହୀ ସୈନ୍ୟମାନେ ତୂଣୀର ଧରି
ଯୁଦ୍ଧକୁ ଗଲେ ଓ କୀର ଢାଲ ଅନାବୃତ କଲେ। **7**ପୁଣି
ତୁମ୍ଭମାନଙ୍କର ସେହି ବିଶେଷ ଉପତ୍ୟକାରେ ସୈନ୍ୟମାନେ
ଭେଟିବେ। ସେହି ଉପତ୍ୟକା ରଥରେ ପରିପୂର୍ଣ୍ଣ ହେବ।
ଅଶ୍ୱାରୋହୀମାନେ ନଗର ଦ୍ୱାରରେ ସଜ୍ଜିତ ହୋଇ ରହିବେ।
**8**ସେହି ସମୟରେ ସେ ଯିହୁଦାର ଓଢ଼ଣା ଟାଣି ପକାଇଲେ
ଓ ତୁମ୍ଭେ ବନଗୃହସ୍ଥ ଯୁଦ୍ଧାସ୍ତ୍ର ପ୍ରତି ଦୃଷ୍ଟି ଦେଲ।

**9**ଦାଉଦ ନଗରର କାନ୍ଥଗୁଡ଼ିକ ଭାଙ୍ଗିବାକୁ ଆରମ୍ଭ କଲା
ଓ ତୁମ୍ଭେମାନେ ସେହି ଭଗ୍ନସ୍ଥାନ ଗୁଡ଼ିକ ଦେଖିଲ। ତୁମ୍ଭେ
ପୁଷ୍କରିଣୀର ଜଳସବୁ ଏକତ୍ର କରି ତଳକୁ ଆଣିଲ। **10**ତୁମ୍ଭେମାନେ
ଯିରୁଶାଲମସ୍ଥ ଗୃହଗୁଡ଼ିକୁ ଗଣନା କଲ ଓ ପ୍ରାଚୀର ଦୃଢ଼
କରିବା ପାଇଁ ଗୃହସବୁ ଭାଙ୍ଗିଲ। **11**ଆଉ ମଧ୍ୟ ତୁମ୍ଭେମାନେ
ପୁରାତନ ପୁଷ୍କରିଣୀର ଜଳ ସଂଗ୍ରହ ନିମିତ୍ତ ନଗରୀର ଦୁଇ
ପ୍ରାଚୀରର ମଧ୍ୟବର୍ତ୍ତୀ ସ୍ଥାନରେ ବଡ଼ ଜଳାଶୟ ଖୋଳିଲ।

ତୁମ୍ଭେମାନେ ନିଜର ସୁରକ୍ଷା ପାଇଁ ଏ ସବୁ କଲ। ମାତ୍ର
ଯେ ଏହାକୁ ସାଧନ କଲେ ସେ ସୃଷ୍ଟିକର୍ତ୍ତାଙ୍କୁ ତୁମ୍ଭେ ବିଶ୍ୱାସ
କଲ ନାହିଁ। ଦୀର୍ଘକାଳ ଧରି ଯେ ଏହାକୁ ଗଢ଼ିଲେ,
ତୁମ୍ଭେମାନେ ତାଙ୍କୁ ଆଦର କଲ ନାହିଁ।

**12**ତେଣୁ ମୋର ପ୍ରଭୁ ସର୍ବଶକ୍ତିମାନ ସଦାପ୍ରଭୁ ଲୋକମାନଙ୍କୁ
ରୋଦନ ଓ ବିଳାପ, ମସ୍ତକମୁଣ୍ଡନ ଓ କଟିଦେଶରେ ଚଟବସ୍ତ୍ର
ପରିଧାନ କରିବାକୁ ଡାକି କହିଲେ।

13ମାତ୍ର ଦେଖ! ଲୋକମାନେ ଆମୋଦ ପ୍ରମୋଦ କରୁଛନ୍ତି।
ସେମାନେ କହୁଛନ୍ତି:
ଗୋବଧ ଓ ମେଷମାନଙ୍କୁ କର୍ତ୍ତନ କର। ମାଂସ ଭୋଜନ
ଓ ଦ୍ରାକ୍ଷାରସ ପାନ କର। ଆସ ଆମ୍ଭେମାନେ ଭୋଜନ ଓ
ପାନ କରିବା କାରଣ କାଲି ଆମ୍ଭେମାନେ ମରିବା।
14ସଦାପ୍ରଭୁ ସର୍ବଶକ୍ତିମାନ ସ୍ୱୟଂ ମୋର କର୍ଣ୍ଣରେ ପ୍ରକାଶ
କଲେ, "ତୁମ୍ଭମାନଙ୍କର ଅପରାଧ ମୃତ୍ୟୁ ପର୍ଯ୍ୟନ୍ତ କ୍ଷମା ପାଇବ
ନାହିଁ।" ମୋର ପ୍ରଭୁ ସର୍ବଶକ୍ତିମୟ ସଦାପ୍ରଭୁ ଏହା
କହିଲେ।

## ଶିବନ ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

15ମୋର ପ୍ରଭୁ ସର୍ବଶକ୍ତିମାନ ସଦାପ୍ରଭୁ ଏହା କହିଲେ,
"ତୁମ୍ଭେ ଗୃହର ଅଧ୍ୟକ୍ଷ ଶିବନ ନିକଟକୁ ଯାଇ କୁହ,
16'ତୁମ୍ଭେ ଏଠାରେ କ'ଣ କରୁଛ? ତୁମ୍ଭେ ତୁମ୍ଭର କାହା ପାଇଁ
ଏଠାରେ ଏକ କବର ଖୋଳୁଛ?'"
ଯିଶାଇୟ କହିଲେ, "ସେହି ଲୋକକୁ ଦେଖ। ସେ ଉଚ୍ଚ
ସ୍ଥାନରେ ଆପଣା ପାଇଁ କବର ଖୋଳି ଅଛି। ଶୈଳରେ ନିଜ
ପାଇଁ ବାସସ୍ଥାନ ଖୋଦନ କରିଅଛି।
17-18"ହେ ଶକ୍ତିଶାଳୀ ମାନବ, ସଦାପ୍ରଭୁ ତୁମ୍ଭକୁ ଦଳି
ଦେବେ। ସେ ତୁମ୍ଭକୁ ଏକ ପେଣ୍ଡୁ ସଦୃଶ ଗଡ଼ାଇ ଗଡ଼ାଇ
ନିଜର ବାହୁ ବଳରେ ଏକ ପ୍ରଶସ୍ତ ଦେଶକୁ ଫିଙ୍ଗି ଦେବେ
ଯେଉଁଠାରେ ତୁମ୍ଭେ ମରିବ।"
"ତୁମ୍ଭେ ସେଠାରେ ତୁମ୍ଭର ଗୌରବ ସ୍ୱରୂପ ରଥଗୁଡ଼ିକ
ପାଇଁ ଗର୍ବ କରିବ, ମାତ୍ର ପ୍ରଭୁଙ୍କ ଗୃହରେ ଏହା ନିକୃଷ୍ଟ
ବୋଲି ପ୍ରମାଣିତ ହେବ। 19ପୁଣି ମୁଁ ତୁମ୍ଭକୁ ତୁମ୍ଭର ପଦରୁ
ତଡ଼ି ଦେବି ଏବଂ ସେ ତୁମ୍ଭକୁ ତୁମ୍ଭ ସ୍ଥାନରୁ ଟାଣି ତଳକୁ
ପକାଇବେ। 20ଆଉ ସେଦିନ ଆମ୍ଭେ ଆପଣା ଦାସ ହିଲକୀୟର
ପୁତ୍ର ଇଲୀୟାକୀମଙ୍କୁ ଡାକିବା। 21ସେଦିନ ମୁଁ ତୁମ୍ଭର ପରିଧାନ
ନେଇ ତାକୁ ପିନ୍ଧାଇବି। ମୁଁ ତୁମ୍ଭର କର୍ତ୍ତୃତ୍ୱାଧିକାର ତାକୁ
ସମର୍ପଣ କରିବି। ତେଣୁ ସେ ଯିରୁଶାଲମ ନିବାସୀ ଓ ଯିହୁଦା
ବଂଶର ପିତା ହେବ।
22"ପୁଣି ମୁଁ ଦାଉଦ ବଂଶର ଚାବି ତାହାର କାନ୍ଧରେ
ରଖିବି। ସେ ଦ୍ୱାର ଖୋଲିଲେ କେହି ବନ୍ଦ କରିପାରିବେ
ନାହିଁ। ପୁଣି ସେ ବନ୍ଦ କଲେ କେହି ଖୋଲିବେ ନାହିଁ।
ମୋର ସେହି ଦାସ ନିଜର ପିତୃବଂଶର ଗୌରବର ସିଂହାସନ
ସ୍ୱରୂପ ହେବ। 23ମୁଁ ତାକୁ ଖିଲ ସଦୃଶ ସୁଦୃଢ଼ ସ୍ଥାନରେ
ବଦ୍ଧ କରିବି। 24ଲୋକମାନେ ତାହାର ପିତୃ ବଂଶର ସକଳ
ଗୌରବ ଓ ପ୍ରଧାନ ଜିନିଷ ତାହା ଉପରେ ଟଙ୍ଗାଇବେ।
ସମସ୍ତ ବୟସ୍କ ଓ ଛୋଟ ପିଲାମାନେ ତା'ଉପରେ ନିର୍ଭର
କରିବେ। ସେହି ଲୋକମାନେ ପାନପାତ୍ର ଅବଧି କଳଶ
ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷୁଦ୍ର ପାତ୍ର ତାହା ଉପରେ ଟଙ୍ଗାଇବେ।
25"ସେଦିନ ସେହି ଖିଲ ଯେ କି ଏକ ସୁଦୃଢ଼ ସ୍ଥାନରେ
ବଦ୍ଧ ହୋଇଥିଲା ତାହା ଦୁର୍ବଳ ହୋଇଯିବ ଓ ଭାଙ୍ଗି ତଳେ
ପଡ଼ିଯିବ। ସେହି ଖିଲ ପଡ଼ିବା ସଙ୍ଗେ ସଙ୍ଗେ ସେଥିରେ ଟଙ୍ଗା
ଯାଇଥିବା ଜିନିଷଗୁଡ଼ିକ ତଳେ ପଡ଼ି ନଷ୍ଟ ହୋଇଯିବ।
ତା'ପରେ ମୁଁ ଯାହା କହୁଛି ଏହା ଘଟିବ।" କାରଣ ସଦାପ୍ରଭୁ
ଏହା କହି ଅଛନ୍ତି।

## ସୋର ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

23 ସୋର ବିଷୟରେ ଏକ ଦୁଃଖ ବାର୍ତ୍ତା: ହେ
ତର୍ଶୀଶର ଜାହାଜ ସକଳ, ତୁମ୍ଭେମାନେ ହାହାକାର
କର। କାରଣ ତୁମ୍ଭର ପୋତାଶ୍ରୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।
କିତ୍ତୀମ ଦେଶରୁ ଆସୁଥିବା ଲୋକମାନଙ୍କ ପ୍ରତି ଏହି ବାର୍ତ୍ତା
ଥିଲା।
2ହେ ଦ୍ୱୀପ ନିବାସୀଗଣ ତୁମ୍ଭେମାନେ ନୀରବ ହୁଅ ଓ
ଦୁଃଖିତ ହୁଅ। ସୋର ଥିଲା "ସୀଦୋନର" ବଣିକ। ସେହି
ଦେଶର ବଣିକମାନେ ସମୁଦ୍ର ପାରହୋଇ ତୁମ୍ଭର ଦେଶକୁ
ଧନରେ ପରିପୂର୍ଣ୍ଣ କଲେ। 3ସେହି ଲୋକମାନେ ଶସ୍ୟ ଖୋଜି
ସମୁଦ୍ର ଅତିକ୍ରମ କଲେ। ସୋରର ସେହି ବଣିକଗଣ ନୀଳନଦୀର
ଶସ୍ୟ କିଣିଲେ ଓ ଅନ୍ୟ ଦେଶରେ ବିକ୍ରୟ କଲେ।
4ହେ ସୀଦୋନ, ତୁମ୍ଭେମାନେ ଲଜ୍ଜିତ ହୁଅ। କାରଣ
ସାଗର ଓ ସାଗରର ଦୃଢ଼ ଦୁର୍ଗ କୁହନ୍ତି: ମୋର ପିଲା
ନାହାଁନ୍ତି। ତେଣୁ ମୁଁ ପ୍ରସବ ବେଦନା ଅନୁଭବ କରିନାହିଁ।
ପ୍ରସବ କରି ନ ଥିବାରୁ ଯୁବକମାନଙ୍କର ପ୍ରତିପାଳନ କରି
ନାହିଁ କିମ୍ବା ଯୁବତୀମାନଙ୍କର ଭରଣପୋଷଣ କରିନାହିଁ।
5ମିଶର ସୋର ବିଷୟରେ ଏହି ସମ୍ବାଦ ଶୁଣିବ ଓ
ବ୍ୟଥିତ ହେବ।
6ହେ ଜାହାଜଗଣ, ତୁମ୍ଭେମାନେ ତର୍ଶୀଶକୁ ଫେରିଯାଅ।
ହେ ଦ୍ୱୀପ ନିବାସୀମାନେ, ତୁମ୍ଭେମାନେ ହାହାକାର କର।
7ଅତୀତରେ ସୋର ତୁମ୍ଭର ଆନନ୍ଦମୟୀ ନଗର ଥିଲା।
ସେହି ପ୍ରାଚୀନ ନଗର ଅତି ପ୍ରାରମ୍ଭରୁ ଥିଲା। ସେହି ନଗରର
ଲୋକେ ଦୂର ଦେଶରେ ବାସ କରିବାକୁ ଯାଇଛନ୍ତି।
8ସୋର ନଗର ବହୁ ପ୍ରାଚୀନ ବ୍ୟକ୍ତି ଜନ୍ମ ଦେଇଛି।
ସେଠିକାର ବଣିକଗଣ ରାଜ ତୁଲ୍ୟ। ତା'ର ଲୋକ ଯେ କି
କିଣା ବିକା କରନ୍ତି, ସେମାନେ ସବୁ ସ୍ଥାନରେ ସମ୍ମାନ ଲାଭ
କରନ୍ତି। ସେମାନେ ପୃଥିବୀର ସମ୍ଭ୍ରାନ୍ତ ମହାଜନ। ତେଣୁ ତାଙ୍କ
ବିପକ୍ଷରେ କିଏ ମନ୍ତ୍ରଣା କରିଅଛି?
9ସର୍ବଶକ୍ତିମାନ ସଦାପ୍ରଭୁ ପୃଥିବୀର ସମସ୍ତ ଅହଙ୍କାରୀମାନଙ୍କର
ଗର୍ବ, ସମ୍ଭ୍ରାନ୍ତମାନଙ୍କର ଗୌରବକୁ ତୁଚ୍ଛ କରିବାକୁ ମନ୍ତ୍ରଣା
କରିଛନ୍ତି।
10ହେ ତର୍ଶୀଶର କନ୍ୟାଗଣ, ତୁମ୍ଭେ ଫେରି ଯାଅ ଏବଂ
ନିଜର ଜମିରେ ଚାଷ କର, କାରଣ ତୁମ୍ଭର ଆଶ୍ରୟସ୍ଥଳ ଧ୍ୱଂସ
ପାଇଯାଇଛି।
11ସଦାପ୍ରଭୁ ସମୁଦ୍ର ଉପରେ ତାଙ୍କର ହସ୍ତ ବିସ୍ତାର
କରିଛନ୍ତି। ସେ ସୋର ବିପକ୍ଷରେ ଯୁଦ୍ଧ ପାଇଁ ଦେଶଗୁଡ଼ିକୁ
ଏକତ୍ର କରିଛନ୍ତି। ସେ କିଣାନର ଦୃଢ଼ ଦୁର୍ଗଗୁଡ଼ିକ ଧ୍ୱଂସ
କରିବାକୁ ଆଜ୍ଞା ଦେଇଛନ୍ତି।
12ସଦାପ୍ରଭୁ କୁହନ୍ତି, "ହେ ଉତ୍ପୀଡ଼ନ କରୁଥିବା ସୀଦୋନର
କୁଆଁରୀକନ୍ୟା, "ତୁମ୍ଭେ ଆନନ୍ଦ କର ନାହିଁ କାରଣ ତୁମ୍ଭେ
ଧ୍ୱଂସ ହେବ। ମାତ୍ର ତୁମ୍ଭେ କିତ୍ତୀମକୁ ଗଲେ ମଧ୍ୟ, "ସେଠାରେ
ତୁମ୍ଭେ ବିଶ୍ରାମ ପାଇବ ନାହିଁ।"
13ତେଣୁ ସୋର ଲୋକମାନେ କୁହନ୍ତି, "ବାବିଲର
ଲୋକମାନେ ଆମ୍ଭମାନଙ୍କୁ ସାହାଯ୍ୟ କରିବେ।" ମାତ୍ର
କଲଦୀୟମାନଙ୍କର ଦେଶକୁ ଦେଖ। ବାବିଲ ବର୍ତ୍ତମାନ ଆଉ
ଦେଶ ନୁହେଁ। ଅଶୂରୀୟମାନେ ତାକୁ ଆକ୍ରମଣ କରି ତା'ର

ଗୃହପଙ୍କେ ଦୁର୍ଗ ନର୍ମାଣ କରଛନ୍ତ। ତା'ର ସୈନ୍ୟମାନେ ସେହ
ରମଣୀୟ ପ୍ରାସାଦମାନଙ୍କରୁ ସମସ୍ତ ଜନଷ ଲୁଟି ନେଇଛନ୍ତ।
ବାବଲକୁ ଧ୍ୱଂସ ସ୍ତୁପରେ ପରଣତ କର ତାକୁ ବନ୍ୟ ଜନ୍ତୁଙ୍କର
ବାସସ୍ଥଳୀରେ ପରଣତ କରଛନ୍ତ।

14ହେ ତର୍ଶୀଶ୍‌ର ଜାହାଜସମୂହ, ହାହାକାର କର। କାରଣ
ତୁମ୍ଭମାନଙ୍କର ଦୃଢ଼ ଦୁର୍ଗ ଧ୍ୱଂସ ହୋଇଛ।

15ସୋର ବଷୟରେ ଲୋକେ ସତୁର ବର୍ଷ ପର୍ଯ୍ୟନ୍ତ
ବସ୍ମୃତ ହେବେ। ତାହା ଏକ ରାଜାଙ୍କର ଅଧିକାର ସମୟର
ପ୍ରମାଣ। ସତୁର ବର୍ଷ ପରେ ସୋର ପ୍ରତି ବେଶ୍ୟାର ଗୀତ
ଅନୁଯାୟୀ ଘଟିବ।

16ହେ ବସ୍ମୃତ ବେଶ୍ୟେ! ବୀଣା ନେଇ ନଗର ଭ୍ରମଣ
କର। ମଧୁର ତାଳରେ ବଜାଅ ଓ ଅନେକ ଗୀତ ଗାଅ।
ତାହାହେଲେ ତୁମ୍ଭେମାନେ ସ୍ମୃତି ପଥରେ ଆସିବ।

17ସତୁର ବର୍ଷ ପରେ ସଦାପ୍ରଭୁ ସୋର ବଷୟରେ
ବବେଚନା କରବେ ଓ ତାଙ୍କର ସିଦ୍ଧାନ୍ତ ଦେବେ। ସୋର
ତା'ର ବାଣିଜ୍ୟ ବୃତ୍ତିକ ଫେରବ। ସେ ପୃଥିବୀସ୍ଥ ସମସ୍ତ
ଦେଶ ପ୍ରତି ବେଶ୍ୟା ସଦୃଶ ହେବ। 18ମାତ୍ର ସୋର ଉପାର୍ଜିତ
ଧନକୁ ସଞ୍ଚୟ କରବ ନାହିଁ। ତା'ର ଭଡ଼ା ଓ ବାଣିଜ୍ୟ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ହେବ। ସେ ସଦାପ୍ରଭୁଙ୍କ
ଅନୁସରଣକାରୀମାନଙ୍କୁ ସେ ସଞ୍ଚିତ ଧନକୁ ଦଆଯିବ। ସଦାପ୍ରଭୁଙ୍କ
ସେବକ ପୂର୍ଣ୍ଣ ପ୍ରାଣରେ ଭକ୍ଷଣ କରବେ ଓ ସେହ ପଇସାରେ
ସୁନ୍ଦର ପୋଷାକ ପରଧାନ କରବେ।

### ପରମେଶ୍ୱର ଇସ୍ରାୟେଲକୁ ଦଣ୍ଡ ଦେବେ

24 ଦେଖ, ସଦାପ୍ରଭୁ ପୃଥିବୀକୁ ଧ୍ୱଂସ କରୁଛନ୍ତ। ସେ
ତାହାକୁ ସମ୍ପୂର୍ଣ୍ଣ ଭାବରେ ଶୂନ୍ୟ କରୁଛନ୍ତ ଓ
ଲୋକମାନଙ୍କୁ ବଳପୂର୍ବକ ଦୂର ସ୍ଥାନକୁ ବତାଡ଼ତ କରୁଛନ୍ତ।

2ସେତେବେଳେ ସାଧାରଣ ଲୋକ ଓ ଯାଜକ, ଦାସ ଓ
ତାହାର କର୍ତ୍ତା, ଦାସୀ ଓ ତାହାର କର୍ତ୍ତ୍ରୀ, କ୍ରେତା ଓ ବକ୍ରେତା,
ଖାତକ ଓ ମହାଜନ ଏବଂ ସୁଧଗ୍ରାହୀ ଓ ସୁଧଦାତା ସମାନ
ହେବେ ଓ ସମାନ ଅବସ୍ଥା ଘଟିବ। 3ସମସ୍ତ ଲୋକ ପୃଥିବୀରୁ
ବତାଡ଼ତ ହେବେ ଓ ସେ ସମ୍ପୂର୍ଣ୍ଣ ଭାବରେ ଲୁଣ୍ଠିତ ହେବେ।
ଏହା ଘଟିବ କାରଣ ସଦାପ୍ରଭୁ ଏହା କହଛନ୍ତ। 4ପୃଥିବୀ
ଶୂନ୍ୟ ହେବ ଓ ଦୁଃଖିତ ହେବ। ସେ ମ୍ଳାନ ଓ ନସ୍ତେଜ
ହେବ, ପୃଥିବୀର ଉଚ୍ଚ ଲୋକମାନେ ଦୁର୍ବଳ ହେବେ।

5ପୃଥିବୀବାସୀ ପୃଥିବୀକୁ ଅପବତ୍ର କରଛନ୍ତ। କାରଣ
ସେମାନେ ପରମେଶ୍ୱର ଶିକ୍ଷାସମୂହକୁ ଉଲ୍ଲଙ୍ଘନ କରଛନ୍ତ।
ସେମାନେ ପରମେଶ୍ୱରଙ୍କ ବଧି ଓ ଚୁକ୍ତକୁ ପାଳନ କର
ନାହାଁନ୍ତ। ଅନନ୍ତକାଳସ୍ଥାୟୀ ଚୁକ୍ତକୁ ଲଙ୍ଘନ କରଛନ୍ତ। 6ପୃଥିବୀ
ନବାସୀ ଦୋଷ କରଛନ୍ତ, ତେଣୁ ସେମାନେ ଅପରାଧୀ,
ସେଥିପାଇଁ ପରମେଶ୍ୱର ସେମାନଙ୍କୁ ବନଷ୍ଟ କରବାକୁ ପ୍ରତିଜ୍ଞା
କରଛନ୍ତ। ସେମାନେ ଦଣ୍ଡିତ ହେବେ ଓ ଅଳ୍ପ କେତେକ ବଞ୍ଚି
ରହବେ।

7ଦ୍ରାକ୍ଷାଲତା ମ୍ଳାନ ହେଉଛନ୍ତ ଓ ନୂତନ ଦ୍ରାକ୍ଷାରସ କ୍ଷୀଣ
ହୋଇଯାଇଛ। ଯେଉଁ ଲୋକମାନଙ୍କର ହୃଦୟ ଖୁସିଥିଲା ବର୍ତ୍ତମାନ
ସେମାନେ ଯନ୍ତ୍ରଣାରେ ଗଁ ଗଁ କରୁଛନ୍ତ। 8ଲୋକମାନେ
ଆନନ୍ଦ ଉଲ୍ଲାସରୁ ନବୃତ୍ତ ହୋଇଛନ୍ତ। ସମସ୍ତ ଆନନ୍ଦ ଧ୍ୱନ
ନୀରବ ହୋଇଛ। ତବଲା ଓ ବୀଣାର ମଧୁର ସଙ୍ଗୀତ ନବୃତ୍ତ
ହୋଇଅଛ। 9ଲୋକମାନେ ସୁରାପାନ କଲାବେଳେ ଆଉ
ଆନନ୍ଦ ସଙ୍ଗୀତ ଗାଉ ନାହାଁନ୍ତ। ସୁରାପାନ ସେମାନଙ୍କୁ ତିକ୍ତ
ବୋଧ ହେଉଅଛ।

10"ସମସ୍ତ ନଗରଟି ଧ୍ୱଂସ ହୋଇଅଛ।" ସମସ୍ତ ଦ୍ୱାର
ରୁଦ୍ଧ। ଲୋକମାନେ ଗୃହରେ ପ୍ରବେଶ କରପାରୁ ନାହାଁନ୍ତ।
ସର୍ବତ୍ର ବଭ୍ରମତା ସୃଷ୍ଟି ହୋଇଛ। 11ତଥାପି ଲୋକମାନେ
ସଡ଼କରେ ସୁରା ପାଇଁ ଚିତ୍କାର କରୁଛନ୍ତ। କନ୍ତୁ ସମସ୍ତ ସୁଖ
ଚାଲ ଯାଇଛ ଓ ଆମୋଦ ଦୂରୀଭୂତ ହୋଇଛ। 12କେବଳ
ନଗରରେ ପ୍ରତ୍ୟେକ ଯାଗାରେ ଧ୍ୱଂସତା ଦେଖାଯାଉଛ। ସମସ୍ତ
ଦ୍ୱାର ଭଗ୍ନ ଓ ବନଷ୍ଟ ହୋଇଛ।

13ଯେପର ଜୀତ ବୃକ୍ଷରୁ ଜୀତଫଳ ତୋଳଲା ପରେ କଛ
ଜୀତଫଳ ରହଯାଏ ଓ ଦ୍ରାକ୍ଷା ସଂଗ୍ରହକାରୀ କଛ ଦ୍ରାକ୍ଷାଗଛରେ
ଛାଡ଼ ଯାଇଥାଏ, ସେହପର ପୃଥିବୀର ଗୋଷ୍ଠୀମାନଙ୍କ ମଧ୍ୟରେ
ଘଟିବ।

14ଏହ ଅବଶିଷ୍ଟ ପୃଥିବୀବାସୀ ସମୁଦ୍ର ଗର୍ଜନଠାରୁ ଅଧିକ
ଉଚ୍ଚ ସ୍ୱରରେ ଆନନ୍ଦ ଧ୍ୱନ କରବେ। କାରଣ ସଦାପ୍ରଭୁଙ୍କ
ମହମା ହେତୁ ସେମାନେ ଏହା କରବେ।

15ସେହ ଲୋକମାନେ କହବେ, "ହେ ପୂର୍ବ ଦେଶର
ଲୋକମାନେ, ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର। ହେ
ଦୂରଦେଶର ଲୋକମାନେ, ଇସ୍ରାୟେଲର ପରମେଶ୍ୱର
ସଦାପ୍ରଭୁଙ୍କର ଗୌରବ ପ୍ରଶଂସା କର।"

16ଆମ୍ଭେମାନେ ପୃଥିବୀର ସର୍ବତ୍ର ପରମେଶ୍ୱରଙ୍କ ପ୍ରଶଂସା
ଶୁଣିବୁ। ଏହ ମହମା ଗାନ ସେହ ମଙ୍ଗଳମୟ ପରମେଶ୍ୱରଙ୍କ
ସମ୍ବନ୍ଧରେ। କନ୍ତୁ ମୁଁ କହେ, "ମୁଁ କ୍ଷୀଣ ହେଉଅଛ। ମୁଁ
ସନ୍ତାପର ପାତ୍ର ବଶ୍ୱାସଘାତକମାନେ ବଶ୍ୱାସଘାତକତା କରଛନ୍ତ।
ସେମାନେ ଭୟଙ୍କର ବଶ୍ୱାସଘାତକତା କରଛନ୍ତ।

17ଏହ ପୃଥିବୀବାସୀଙ୍କ ପାଇଁ ବପଦ ରହଛ ବୋଲ ମୁଁ
ଦେଖୁଛ। ସେମାନଙ୍କ ପାଇଁ ଭୟ, ଗର୍ତ୍ତ ଓ ଫାନ୍ଦ ରହଥିବା
ମୁଁ ଦେଖୁଛ।

18ଯେତେବେଳେ ଲୋକମାନେ ଭୟର ଶବ୍ଦ ଶୁଣିବେ ଓ
ପଳାୟନ କରବେ, ସେମାନେ ସେତେବେଳେ ଗର୍ତ୍ତରେ ପଡ଼ବେ।
ସେମାନଙ୍କ ମଧ୍ୟରୁ କେତେକ ଗର୍ତ୍ତରୁ ଉଠି ଉପରକୁ ଆସିଲେ
ଫାନ୍ଦରେ ପଡ଼ବେ।" କାରଣ ଊର୍ଦ୍ଧ୍ୱସ୍ଥ ଝରକାସବୁ ଉନ୍ମୁକ୍ତ
ରହଛ ଏବଂ ପୃଥିବୀର ମୂଳଦୁଆ କମ୍ପିତ ହେଉଅଛ।

19ପୃଥିବୀ ବଦୀର୍ଣ୍ଣ ହୋଇ ଖଣ୍ଡ ବଖଣ୍ଡିତ ହେଉଅଛ, ଏହା
ଥର ବଚଳତ ହୋଇ ନଷ୍ଟ ହେଉଅଛ।

20ପୃଥିବୀର ଅପରାଧ ପାପଭାର ବହୁତ ବଢି ଯାଇଛ ଓ
ସେହ ଭାରରେ ତାହାର ପତନ ଘଟିବ। ପୃଥିବୀ ଗୋଟିଏ
ମଦ୍ୟପ ପର ପଡବ ଓ ଗୋଟିଏ କୁଡ଼ଆ ଘର ପର
ଦୋହଲବ। ଏହା ଆଉ ତିଷ୍ଠିବ ନାହିଁ।

21ସେଦନ ସଦାପ୍ରଭୁ ଊର୍ଦ୍ଧ୍ୱସ୍ଥ ସୈନ୍ୟ ସୀମାନ୍ତଙ୍କୁ ଊର୍ଦ୍ଧ୍ୱରେ
ଓ ପୃଥିବୀସ୍ଥ ରାଜାମାନଙ୍କୁ ପୃଥିବୀରେ ପ୍ରତିଫଳ ଦେବେ।

22ବନ୍ଦୀମାନେ କୂପରେ ଏକତ୍ରୀତ ହେଲାପର ସେମାନେ
ଏକତ୍ରୀତ ହେବେ। ସେମାନଙ୍କ ମଧ୍ୟରୁ କେତେକ ବନ୍ଦୀ
ଗୃହରେ ରୁଦ୍ଧ ହେବେ। ବହୁଦନ ପରେ ସେମାନେ ଦଣ୍ଡିତ
ହେବେ।

23ସେତେବେଳେ ସଦାପ୍ରଭୁ ସିୟୋନ ପର୍ବତ ଉପରେ
ଯିରୁଶାଲମରେ ପ୍ରାଚୀନବର୍ଗ ସମ୍ମୁଖରେ ରାଜତ୍ୱ କଲାପରି ଶାସନ
କରିବେ। ତାଙ୍କର ଗୌରବ ଏପରି ମହମାନ୍ୱିତ ହେବ ଯେ
ଚନ୍ଦ୍ର ତାଙ୍କ ନିକଟରେ ଅପ୍ରସ୍ତୁତ ହେବେ ଓ ସୂର୍ଯ୍ୟ ଲଜ୍ଜିତ
ହେବେ।

### ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ପ୍ରଶଂସା ଗାନ

25 ହେ ସଦାପ୍ରଭୁ, ତୁମ୍ଭେ ମୋର ପରମେଶ୍ୱର। ମୁଁ
ତୁମ୍ଭର ପ୍ରତିଷ୍ଠା କରିବ ଓ ତୁମ୍ଭ ନାମର ପ୍ରଶଂସା
କରିବ। କାରଣ ତୁମ୍ଭେ ସବୁ ଆଶ୍ଚର୍ଯ୍ୟ କାର୍ଯ୍ୟ ସମ୍ପାଦନ
କରିଛ। ତୁମ୍ଭେ ପୁରାତନ କାଳରେ ଯାହା କହିଥିଲ, ତାହା
ସମ୍ପୂର୍ଣ୍ଣ ସତ୍ୟରେ ପରିଣତ ହୋଇଛି। ତୁମ୍ଭେ ଯାହାସବୁ
କହିଥିଲ, ତାହାହିଁ ଘଟିଅଛି।
2ସୁଦୃଢ଼ ପ୍ରାଚୀର ବେଷ୍ଟିତ ସୁରକ୍ଷିତ ନଗରକୁ ତୁମ୍ଭେ ଧ୍ୱଂସ
କରିଅଛ ଓ ବର୍ତ୍ତମାନ ତାକୁ ଏକ ପଥର ଗଦାରେ ପରିଣତ
କରିଅଛ। ବିଦେଶୀମାନଙ୍କ ରାଜ ପ୍ରାସାଦକୁ ବିନଷ୍ଟ କରିଛ ଓ
ତାହା କେବେ ପୁନର୍ବାର ନିର୍ମିତ ହେବନାହିଁ।
3ବଳଶାଳୀ ଶକ୍ତିମାନେ ଓ ଜାତିମାନେ ତୁମ୍ଭକୁ ପ୍ରଶଂସା ଓ
ସମ୍ମାନ କରିବେ। ଆତଙ୍କିତ ନଗରର ଲୋକମାନେ ଭୟ
କରିବେ।
4ହେ ସଦାପ୍ରଭୁ, ତୁମ୍ଭେ ଦରିଦ୍ରର ନିରାପଦ ସ୍ଥାନ,
ଦୀନହୀନ ଲୋକର ସଙ୍କଟ ସମୟରେ ତାହାର ଦୃଢ଼ ଦୁର୍ଗ।
ବନ୍ୟା ଓ ଉତ୍ତାପରୁ ରକ୍ଷା କରିବା ପାଇଁ ତୁମ୍ଭେ ହେଉଛ
ସୁରକ୍ଷିତ ଗୃହ, ଦୁଃଖରୂପକ ଭୟଙ୍କର ବତାସ ଓ ବର୍ଷା
କାନ୍ଥକୁ ଆଘାତ କଲେ ମଧ୍ୟ ଗୃହ ମଧ୍ୟରେ ଲୋକ ସୁରକ୍ଷିତ
ହେଲାପରି ତୁମ୍ଭେ ଏକ ସୁଦୃଢ଼ ଆଶ୍ରୟସ୍ଥଳ।
5ଶୁଷ୍କ ଦେଶରେ ତାପକୁ ଦୂର କଲାପରି ବିଦେଶୀମାନଙ୍କର
କୋଳାହଳକୁ ତୁମେ ନିବାରଣ କରିବ। ମେଘର ଛାୟା
ଯେପରି ଗରମ ଦିନରେ ତାପକୁ କୋମଳ କରେ, ତୁମେ
ପରମେଶ୍ୱର ଭୟଙ୍କର ଲୋକମାନଙ୍କର ଗୀତକୁ ବନ୍ଦ କରିବ।

### ତାଙ୍କର ସେବକମାନଙ୍କ ପାଇଁ ପରମେଶ୍ୱରଙ୍କ ବଡ଼ ଭୋଜି

6ସେତେବେଳେ ସର୍ବଶକ୍ତିମାନ ସଦାପ୍ରଭୁ ପର୍ବତ ଉପରେ
ତାଙ୍କ ଲୋକମାନଙ୍କ ପାଇଁ ଉତ୍ତମ ଖାଦ୍ୟର ଏକ ଭୋଜି
ଦେବେ। ସେହି ଭୋଜିରେ ଉତ୍ତମ ଖାଦ୍ୟର ବିଭିନ୍ନ ପ୍ରକାର,
ପାନୀୟ ଦ୍ରାକ୍ଷାରସ କୋମଳ ସ୍ୱାଦଯୁକ୍ତ ମାଂସ ଏବଂ ଅନ୍ୟାନ୍ୟ
ସ୍ୱତନ୍ତ୍ର ଦ୍ରବ୍ୟ।
7ସମସ୍ତ ଗୋଷ୍ଠୀମାନଙ୍କ ଉପରେ ଯେଉଁ ଓଢଣି ପଡ଼ିଅଛି
ଓ ସର୍ବଦେଶୀୟମାନଙ୍କ ଉପରେ ଯେଉଁ ବସ୍ତ୍ରର ଆବରଣ
ରହିଛି ତାକୁ ସବୁ ସଦାପ୍ରଭୁ ଏହି ପର୍ବତରେ "ବିନାଶ"
କରିବେ। 8ମାତ୍ର ଅନନ୍ତକାଳ ପାଇଁ ଦୂରୀଭୂତ ହେବ। ମୋର
ପ୍ରଭୁ ସଦାପ୍ରଭୁ ସମସ୍ତଙ୍କ ମୁଖମଣ୍ଡଳରୁ ଲୋତକ ପୋଛି
ଦେବେ। ଅତୀତରେ ଲୋକଙ୍କର ଯେଉଁ ଦୁଃଖ ଥିଲା,
ପରମେଶ୍ୱର ସେ ସମସ୍ତ ଦୁଃଖକୁ ପୃଥିବୀରୁ ପୋଛି ଦେବେ।
ଏ ସମସ୍ତ ଘଟିବ କାରଣ ସଦାପ୍ରଭୁ ଏହା କହିଛନ୍ତି।
9ସେତେବେଳେ ଲୋକେ ଏହି କଥା କହିବେ, "ଏହି
ଆମର ପରମେଶ୍ୱର ଯାହାଙ୍କୁ ଆମ୍ଭେମାନେ ବହୁତ ସମୟ ଧରି
ଅପେକ୍ଷା କରିଅଛୁଁ। ସେ ଆମ୍ଭମାନଙ୍କୁ ଉଦ୍ଧାର କରିବାକୁ
ଆସିଛନ୍ତି। ତାହାଙ୍କ କୃତ ପରିତ୍ରାଣରେ ଆମ୍ଭେମାନେ ଆନନ୍ଦ
ଉଲ୍ଲାସ କରିବୁ, ଯେତେବେଳେ ସେ ଆମ୍ଭକୁ ରକ୍ଷା
କରନ୍ତି।"
10ଏହି ପର୍ବତ ଉପରେ ସଦାପ୍ରଭୁଙ୍କର ହସ୍ତ ଅଧିଷ୍ଠିତ
ହେବ। ମାତ୍ର ଖତକୁଣ୍ଡରେ କୁଟା ଦଳିତ ହେଲାପରି ମୋୟାବ
ନିଜ ସ୍ଥାନରେ ଦଳିତ ହେବ।
11ଯଦିଓ ସନ୍ତରଣକାରୀ ପରିହସ୍ତ ପ୍ରସାରଣ କରିବେ
ସଦାପ୍ରଭୁ ତାଙ୍କର ହସ୍ତ ବିସ୍ତାର କରିବେ। ଲୋକମାନେ ଯେଉଁ
ବିଷୟରେ ଗର୍ବ କରନ୍ତି ଓ ଯାହାସବୁ ତାଙ୍କ ହସ୍ତ ନିର୍ମାଣ
କରିଛି, ସେ ସମସ୍ତ ହସ୍ତ ନିର୍ମାଣ କରିଛି, ସେ ସମସ୍ତ ବିଷୟ
ତଳକୁ ଆଣି ଦିଏ।
12ପୁଣି ସଦାପ୍ରଭୁ ଲୋକମାନଙ୍କର ଉଚ୍ଚ ପ୍ରାଚୀର ଓ
ନିରାପଦ ସ୍ଥାନଗୁଡ଼ିକୁ ନିପାତ କରିବେ ଓ ଭୂମିସାତ୍ କରି
ତାକୁ ଧୂଳିରେ ମିଶାଇ ଦେବେ।

### ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ପ୍ରଶଂସାଗୀତି

26 ସେଦିନ, ଯିହୁଦା ଦେଶରେ ଏହି ଗୀତ ଗାନ
କରାଯିବ। ଆମ୍ଭମାନଙ୍କର ଏକ ସୁଦୃଢ଼ ନଗର ଅଛି।
ସଦାପ୍ରଭୁ ଆମ୍ଭମାନଙ୍କର ମୁକ୍ତିଦାତା। ସଦାପ୍ରଭୁ ଆମ୍ଭମାନଙ୍କ
ଏକ ବଡ, ଉଚ୍ଚ ପ୍ରାଚୀର ଓ ଗୋଟିଏ ଦୃଢ଼ ନଗର ତିଆରି
କରିବେ।
2ସେହି ଦ୍ୱାର ଉନ୍ମୁକ୍ତ କର ଯେପରି ଧାର୍ମିକ ଓ
ପରମେଶ୍ୱରଙ୍କ ଶିକ୍ଷାସମୂହ ପାଳନକାରୀ ପ୍ରବେଶ କରିପାରିବେ।
3ହେ ସଦାପ୍ରଭୁ, ଯେଉଁମାନେ ତୁମ୍ଭ ଉପରେ ନିର୍ଭର
କରନ୍ତି ଓ ବିଶ୍ରାମ କରନ୍ତି, ତାହାକୁ ତୁମ୍ଭେ ସମ୍ପୂର୍ଣ୍ଣ ଶାନ୍ତିରେ
ରଖିବ।
4ତେଣୁ ତୁମ୍ଭେମାନେ ସଦାପ୍ରଭୁଙ୍କଠାରେ ସଦାକାଳ ନିର୍ଭର
ରଖ, କାରଣ ସଦାପ୍ରଭୁଙ୍କ ସହିତ ଅନନ୍ତକାଳୀନ ଶୈଳ ଅଛି।
5ମାତ୍ର ସେ ଉନ୍ନତ ନଗରକୁ ଅବନତ କରିବେ ଓ
ଉର୍ଦ୍ଧ୍ୱସ୍ଥିତ ସେହି ଲୋକମାନଙ୍କୁ ଦଣ୍ଡ ଦେବେ। ସେମାନଙ୍କୁ
ଭୂମିସାତ୍ କରି ଧୂଳିରେ ମିଶାଇ ଦେବେ।
6ତା'ପରେ ଦରିଦ୍ର ଓ ନମ୍ର ଲୋକମାନେ ସେହି ଧ୍ୱଂସ
ସ୍ଥାନ ଉପରେ ବିଚରଣ କରିବେ।
7ସାଧୁତା ଧାର୍ମିକମାନଙ୍କର ଜୀବନ ଧାରଣର ମାର୍ଗ। ସେମାନେ
ସରଳ ଓ ସତ୍ୟପଥ ଅନୁସରଣ କରନ୍ତି। ପୁଣି ହେ
ପରମେଶ୍ୱର, ତୁମ୍ଭେ ସେହି ପଥକୁ ଅନୁସରଣ ପାଇଁ ଅଧିକ
ସୁଗମ ଓ ସରଳ କର।
8ମାତ୍ର ହେ ସଦାପ୍ରଭୁ, ଆମ୍ଭେମାନେ ତୁମ୍ଭ ଶାସନ ମାର୍ଗର
ନ୍ୟାୟକୁ ଅପେକ୍ଷା କରିଛୁ। ଆମ୍ଭମାନଙ୍କର ଆତ୍ମା ତୁମ୍ଭର
ନାମକୁ ସ୍ମରଣ କରିବ।
9ରାତ୍ରି କାଳରେ ମୋର ପ୍ରାଣ ତୁମ୍ଭକୁ ଇଚ୍ଛା କରୁଛି ଏବଂ
ଅନ୍ତରାତ୍ମା ପ୍ରତି ନୂତନ ପ୍ରଭାତରେ ତୁମ୍ଭକୁ ଅନ୍ୱେଷଣ କରିବ।
ଯେତେବେଳେ ତୁମ୍ଭର ଶାସନ ସକଳ ଓ ନ୍ୟାୟ ପ୍ରତିଷ୍ଠିତ
ହେବ, ଜଗତବାସୀ ଧର୍ମ ଶିକ୍ଷା କରିବେ।
10ମନ୍ଦାଚାରୀମାନଙ୍କ ପ୍ରତି ଦୟା ପ୍ରଦର୍ଶନ କଲେ ମଧ୍ୟ
ସେମାନେ ଧର୍ମ ଶିଖିବେ ନାହିଁ। ଧର୍ମ ଓ ନ୍ୟାୟପୂର୍ଣ୍ଣ

ଦେଶରେ ମଧ ସେମାନେ ଅନ୍ୟାୟ କରବେ। ଏପରକି
ସେମାନେ ସଦାପ୍ରଭୁଙ୍କ ମହମାକୁ ଅନାଇବେ ନାହିଁ।
11ମାତ୍ର ହେ ସଦାପ୍ରଭୁ! ସେମାନଙ୍କୁ ଦଣ୍ଡ ଦେବାକୁ ତୁମ୍ଭର
ହସ୍ତ ଉତ୍ଥିତ ହେବ, ତଥାପି ସେମାନେ ତାହା ଦେଖିବେ
ନାହିଁ। ମାତ୍ର ଲୋକମାନଙ୍କ ପକ୍ଷରେ ତୁମ୍ଭର ଅତିଶୟ ପ୍ରେମକୁ
ଦେଖି ସେମାନେ ଲଜ୍ଜିତ ହେବେ ଓ ତୁମ୍ଭର ଶତ୍ରୁଗଣ
ଅଗ୍ନିରେ ଦଗ୍ଧିଭୂତ ହେବେ।
12ହେ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କ ପାଇଁ ସକଳ
କାର୍ଯ୍ୟ ସାଧନ କରଅଛ। ତେଣୁ ଆମ୍ଭମାନଙ୍କୁ ଶାନ୍ତ ପ୍ରଦାନ
କର।

## ପରମେଶ୍ୱର ତାଙ୍କ ସେବକଙ୍କୁ ନୂତନ ଜୀବନ ଦେବେ

13ହେ ସଦାପ୍ରଭୁ, ଆମ୍ଭମାନଙ୍କ ପରମେଶ୍ୱର, ତୁମ୍ଭକୁ ଛାଡ଼ି
ଆମ୍ଭେ ଅନ୍ୟ ପ୍ରଭୁଙ୍କୁ ଅନୁସରଣ କରୁଥିଲୁ ଓ ଅନ୍ୟ ପ୍ରଭୁ
ଆମ୍ଭମାନଙ୍କ ଉପରେ ରାଜତ୍ୱ କରୁଥିଲେ। ମାତ୍ର ଆମ୍ଭେମାନେ
ତୁମ୍ଭର ନାମକୁ କେବଳ ସ୍ମରଣ କରବୁ ଓ କୀର୍ତ୍ତନ କରବୁ।
14ସେମାନେ ମୃତ, ସେମାନେ ଜୀବନ ଫେର ପାଇବେ
ନାହିଁ। ସେମାନେ ଭୂତପର ଯେଉଁମାନେ କେବେହେଲେ
ଉଠିବେ ନାହିଁ। ସେମାନଙ୍କୁ ସେମାନଙ୍କର କାର୍ଯ୍ୟକୁ ବିଚେନା
କର ତୁମ୍ଭେ ସଂହାର କରଛ ଏବଂ କେହ ସେମାନଙ୍କୁ ମନେ
ରଖିବେ ନାହିଁ।
15ତୁମ୍ଭେ ଏ ଦେଶୀୟ ଲୋକଙ୍କୁ ବୃଦ୍ଧି କରଅଛ। ହେ
ସଦାପ୍ରଭୁ, ତୁମ୍ଭେ ଏ ଦେଶୀୟ ଲୋକଙ୍କୁ ବୃଦ୍ଧି କରଅଛ।
ତୁମ୍ଭେ ଗୌରବାନ୍ୱିତ ହୋଇଅଛ। ତୁମ୍ଭେ ଦେଶର ସୀମା
ସକଳ ବିସ୍ତାର କରଅଛ।
16ହେ ସଦାପ୍ରଭୁ, ସଙ୍କଟ ସମୟରେ ସେମାନେ ତୁମ୍ଭକୁ
ପ୍ରାର୍ଥନା କରଛନ୍ତ। ଯେତେବେଳେ ତୁମ୍ଭେ ସେମାନଙ୍କୁ ଶାସ୍ତି
ଦେଲ, ସେମାନେ ତୁମ୍ଭଙ୍କୁ ପ୍ରାର୍ଥନାରେ ଡାକଲେ।
17ଅନ୍ତଃସତ୍ତ୍ୱା ନାରୀ ଗର୍ଭ ବେଦନାରେ ବ୍ୟଥିତ ହୋଇ
ଯେପର କ୍ରନ୍ଦନ କରେ, ଆମ୍ଭେମାନେ ସେହପର ତୁମ୍ଭ ସହତ
ନଥିଲା ବେଳେ ହୋଇଅଛୁ।
18ଆମ୍ଭେମାନେ ଗର୍ଭ ବେଦନା ପାଇଅଛୁ, କନ୍ତୁ ବ୍ୟଥିତା
ହୋଇ ବାୟୁ ଜନ୍ମ ଦେଇଛୁ। ଆମ୍ଭେମାନେ ଦେଶର
ଉଦ୍ଧାର ସାଧନ କର ନାହୁଁ କି ଜଗତବାସୀ ଭୂମିଷ୍ଠ ହୋଇ
ନାହାଁନ୍ତ।
19ମାତ୍ର ସଦାପ୍ରଭୁ କୁହନ୍ତ, "ତୁମ୍ଭର ମୃତମାନେ ଜୀବିତ
ହେବେ। ମୃତ ଶବଗୁଡ଼କ ପୁଣି ନିଃଶ୍ୱାସ ନେବା ଆରମ୍ଭ
କରବେ। ହେ ଧୂଳନବାସୀ ଗଣ, ଉଠ, ଆନନ୍ଦ କର,
କାରଣ ତୁମ୍ଭେମାନେ ପ୍ରଭାତରେ ତୃଣ ଉପର ଶିଶିର ତୁଲ୍ୟ
ଭୂମି ମୃତମାନଙ୍କୁ ଜନ୍ମ ଦେବ।"

## ବିଗ୍ଚରଃ ପୁରସ୍କାର କମ୍ବା ଦଣ୍ଡ

20ହେ ମୋର ଲୋକମାନେ, ତୁମ୍ଭେମାନେ ଅନ୍ତଗ୍ଳୟରେ
ପ୍ରବେଶ କର ଦ୍ୱାର ରୁଦ୍ଧ କର। ପରମେଶ୍ୱରଙ୍କ କ୍ରୋଧ ଶାନ୍ତ
ହେବା ପର୍ଯ୍ୟନ୍ତ ଅଳ୍ପସମୟ ନଜକୁ ଲୁଚ଼ାଅ।
21ଦେଖ, ସଦାପ୍ରଭୁ ପୃଥିବୀବାସୀଙ୍କୁ ସେମାନଙ୍କର ଅପରାଧ
ଲାଗି ଶାସ୍ତି ଦେବାକୁ ନଜ ସ୍ଥାନ ପରତ୍ୟାଗ କରଛନ୍ତ। ପୃଥିବୀ
ନଜର ରକ୍ତ ପ୍ରକାଶ କରବ। ସେ ଆଉ ନହତ ଲୋକମାନଙ୍କୁ
ଆଚ୍ଛାଦନ କର ରଖିବ ନାହିଁ।
27 ସେଦନ ସଦାପ୍ରଭୁ ଆପଣାର ଦାରୁଣ, ବୃହତ୍ ଓ
ଦୃଢ଼ ଖଡ୍ଗ ଦ୍ୱାରା ଦ୍ରୁତଗାମୀ ସର୍ପ ଲବିୟାଥନକୁ ଓ
ବକ୍ରଗାମୀ ସର୍ପ ଲବିୟାଥନକୁ ଶାସ୍ତି ଦେବେ ଓ ସମୁଦ୍ରସ୍ଥ
ଦୀର୍ଘକାୟ ଜନ୍ତୁକୁ ସଂହାର କରବେ।
2ସେଦନ ଲୋକେ ଏକ ଦ୍ରାକ୍ଷାକ୍ଷେତ୍ର ଉଦ୍ଦେଶ୍ୟରେ ଗାନ
କରବେ।
3"ମୁଁ, ସଦାପ୍ରଭୁ ସେହ ଉଦ୍ୟାନକୁ ରକ୍ଷା କରବ। ଯଥା
ସମୟରେ ସେଥିରେ ଜଳ ସେଚନ କରବ। ଦବାରାତ୍ର ତାକୁ
ଜଗି ରହବ ଯେପର କେହ ତା'ର କଛ କ୍ଷତି କରବେ
ନାହିଁ।
4ମୋଠାରେ କ୍ରୋଧ ନାହିଁ। ଯଦ ଯୁଦ୍ଧ ହୁଏ ଓ କେହ
ଜଣେ କଣ୍ଟାକର ବାଡ଼ ଦଏ, ଆମ୍ଭେ ଆକ୍ରମଣ କରବୁ ଓ
ପୋଡ଼ି ପକାଇବୁ।
5ମାତ୍ର ଯଦ କେହ ନରାପତ୍ତା ପାଇଁ ମୋ ସହତ ଶାନ୍ତ
ସ୍ଥାପନ କରେ, ତେବେ ସେ ଶାନ୍ତ ସ୍ଥାପନ କରୁ।
6ଲୋକମାନେ ମୋ ନକଟକୁ ଆସିବେ। ସେମାନେ
ଯାକୁବକୁ ଶକ୍ତଶାଳୀ କରବେ ଯେପର ତା'ର ଚେର ବାନ୍ଧିବ।
ଇଶ୍ରାୟେଲ ମୁକ୍ତ ଓ ପ୍ରଫୁଲ୍ଲ ହେବ। ଏ ପୃଥିବୀ ଫଳ
ଫୁଲରେ ପରପୂର୍ଣ୍ଣ ହେବ।"

## ପରମେଶ୍ୱର ଇଶ୍ରାୟେଲକୁ ଦୂରକୁ ପଠାଇବେ

7ସଦାପ୍ରଭୁ କପର ତାଙ୍କ ଲୋକମାନଙ୍କୁ ଶାସ୍ତି ଦେବେ।
ଯେପର ଲୋକମାନଙ୍କୁ ଅତୀତରେ ଶତ୍ରୁଗଣ ପ୍ରହାର କରନ୍ତ
ସଦାପ୍ରଭୁ ସେହପର ପ୍ରହାର କରବେ। ସେମାନେ ଯେପର
ବହୁ ଲୋକଙ୍କୁ ନହତ କରଥିଲେ ସେହପର ସଦାପ୍ରଭୁ ନହତ
କରବେ।
8ସଦାପ୍ରଭୁ ଇଶ୍ରାୟେଲର ପରତ୍ରାଣ ପାଇଁ ତାକୁ ଦୂରକୁ
ପଠାଇ ତାହା ସହତ ବିବାଦ କରବେ। ସେ ପୂର୍ବୀୟ ବାୟୁ
ଦନରେ ନଜର ପ୍ରବଳ ବାୟୁଦ୍ୱାରା ସ୍ଥାନାନ୍ତରତ କରବେ।
9ତେଣୁ ଏହପର ଭାବରେ ଯାକୁବର ଦୋଷ ପରମାର୍ଜିତ
ହେବ ଓ ତାହାର ପାପ ଦୂରୀଭୂତ ହେବ। ସେ ଯଜ୍ଞବେଦୀର
ପ୍ରସ୍ତର ସବୁ ଧୂଳସାତ ହେବ ଓ ସେହ ଆଶେରା ମୂର୍ତ୍ତି ଓ
ସୂର୍ଯ୍ୟ ପ୍ରତିମା ସବୁ ବନଷ୍ଟ ହେବେ।
10ସେଦନ ସେହ ସୁଦୃଢ଼ ନଗର ପ୍ରାନ୍ତର ତୁଲ୍ୟ ଜନଶୂନ୍ୟ
ହେବ। ଏହା ଏକ ମରୁଭୂମିରେ ପରଣତ ହେବ। ନର୍ଜନ ଓ
ପରତ୍ୟକ୍ତ ବସତି ସ୍ଥାନ ହେବ। ସେ ସ୍ଥାନରେ ଗୋରୁପଲ
ଚରବେ ଓ ଶୟନ କରବେ ଏବଂ ଦ୍ରାକ୍ଷାର ଶାଖା ଭାଙ୍ଗି
ଖାଇବେ। 11ଦ୍ରାକ୍ଷାଗଛରେ ଡାଳ ଶୁଷ୍କ ହେଲେ ଭଙ୍ଗାଯିବ।
ସ୍ତ୍ରୀ ଲୋକମାନେ ତାକୁ ଜାଳେଣି ରୂପେ ବ୍ୟବହାର
କରବେ।
କାରଣ ଲୋକମାନେ ବୁଦ୍ଧିହୀନ। ପରମେଶ୍ୱର ଯେ କି
ତାଙ୍କର ସୃଷ୍ଟିକର୍ତ୍ତା ସେମାନଙ୍କ ପ୍ରତି ଦୟା କରବେ ନାହିଁ।
ତାଙ୍କୁ ଗଢ଼ିଲେ ମଧ ତାଙ୍କ ପ୍ରତି ଅନୁଗ୍ରହ ପ୍ରକାଶ କରବେ
ନାହିଁ।
12ସେଦନ ସଦାପ୍ରଭୁ ଅନ୍ୟମାନଙ୍କଠାରୁ ତାଙ୍କର ଦାସମାନଙ୍କୁ

ଅଲଗା କରିବେ। ଫରାତ୍ ନଦୀଠାରୁ ଆରମ୍ଭକରି ମିଶର ନଦୀ
ପର୍ଯ୍ୟନ୍ତ ସେ ଲୋକମାନଙ୍କୁ ଏକତ୍ରୀତ କରିବେ।
ପୁଣି ହେ ଇସ୍ରାୟେଲର ସନ୍ତାନଗଣ, ତୁମ୍ଭେମାନେ ଗୋଟି
ଗୋଟି ହୋଇ ସଂଗୃହୀତ ହେବ। 13ସେଦିନ ଗୋଟିଏ ବଡ
ମେଷର ଶିଙ୍ଗା ବାଜିବ। ଅଶୂର ଦେଶରେ ହଜି ଯାଇଥିବା
ଲୋକ ଏବଂ ମିଶରକୁ ବିତାଡ଼ିତ ହୋଇଥିବା ଲୋକମାନେ
ସେଦିନ ଆସିବେ। ଯିରୁଶାଲମର ପବିତ୍ର ପର୍ବତରେ ସେମାନେ
ସଦାପ୍ରଭୁଙ୍କୁ ପ୍ରଣାମ କରିବା ପାଇଁ ଏକତ୍ରୀତ ହେବେ।

## ଉତ୍ତର ଇସ୍ରାୟେଲକୁ ସତର୍କବାଣୀ

28 ଶମରୀୟାକୁ ଚାହଁ! ଇଫ୍ରୟିମର ମତ୍ତ ଲୋକମାନେ
ନିଜ ନଗରୀ ପାଇଁ ଗର୍ବିତ। କାରଣ ପର୍ବତ
ଉପରେ ଅବସ୍ଥିତ ଓ ଫଳଶାଳୀ ଉପତ୍ୟକା ବେଷ୍ଟିତ ସେହି
ନଗରୀକୁ ଶମରୀୟାମାନେ "ରମଣୀୟ ପୁଷ୍ପର ମୁକୁଟ" ସଦୃଶ,
ମାତ୍ର ସେହି ଭୂଷଣ ସ୍ୱରୂପ ସୁନ୍ଦର ପୁଷ୍ପ ମ୍ଲାନ ହେବ।
2ଦେଖ, ମୋର ପ୍ରଭୁଙ୍କର ଜଣେ ବଳବାନ୍ ଓ ସାହସୀ
ଲୋକ ଅଛି। ସେ ଶିଳାଯୁକ୍ତ ଝଡ଼ ଓ ପ୍ରଳୟକାଳର ବର୍ଷା
ବତାସ ପରି ଆସିବ, ଦ୍ରୁତ ଧାବିତ ବନ୍ୟାଜଳ ସଦୃଶ
ପ୍ରବାହିତ ହୋଇ ଶକ୍ତିଶାଳୀ ହସ୍ତରେ ତାକୁ ଭୂମିରେ ନିକ୍ଷେପ
କରିବ।
3ଇଫ୍ରୟିମର ମତ୍ତ ଲୋକମାନଙ୍କ "ଦର୍ପସ୍ୱରୂପ ମୁକୁଟ"
ପଦ ତଳେ ଦଳିତ ହେବ।
4ପର୍ବତ ଉପରସ୍ଥ ଫଳଶାଳୀ ଉପତ୍ୟକା ବେଷ୍ଟିତ "ମୁକୁଟ
ସଦୃଶ ସୁନ୍ଦର ଦେଶ ମ୍ଲାନ ପୁଷ୍ପ ପାଲଟିବ।" ସେହି ନଗର
ଗ୍ରୀଷ୍ମକାଳର ପ୍ରଥମ ପକ୍ୱ ଡିମିରି ଫଳ ସଦୃଶ ହେବ।
ଯେକେହି ତାକୁ ଦେଖିବ ଶୀଘ୍ର ତାକୁ ତୋଳିବ ଓ ଗ୍ରାସ
କରିବ।
5ସେଦିନ ସର୍ବଶକ୍ତିମାନ ସଦାପ୍ରଭୁ ଅବଶିଷ୍ଟାଂଶ ଲୋକମାନଙ୍କ
ପାଇଁ "ବହୁତ ସୁନ୍ଦର ମୁକୁଟ" ସଦୃଶ ହେବେ। 6ତା'ପରେ
ସଦାପ୍ରଭୁ ବିଚାର ନିମନ୍ତେ ବିଚାରକଙ୍କୁ ବିଚାର ଜନକ ଆତ୍ମା
ଓ ଯେଉଁମାନେ ନଗରଦ୍ୱାରରେ ଯୁଦ୍ଧରେ ଫେରାଇ ଦିଅନ୍ତି
ସେମାନଙ୍କ ପାଇଁ ବଳସ୍ୱରୂପ ହେବେ। 7ମାତ୍ର ବର୍ତ୍ତମାନ ସେହି
ପ୍ରାଚୀନ ବ୍ୟକ୍ତିଗଣ ଦ୍ରାକ୍ଷାରସରେ ଭ୍ରାନ୍ତ ହୋଇଛନ୍ତି ଓ
ସୁରାପାନରେ ବିପଥଗାମୀ ହୋଇଛନ୍ତି। ଯାଜକ ଓ ଭବିଷ୍ୟଦ୍‌ବକ୍ତା
ସୁରାପାନ ଦ୍ୱାରା ବିଭ୍ରାନ୍ତ ହୋଇଛନ୍ତି। ଦ୍ରାକ୍ଷାରସ ସେମାନଙ୍କୁ
ଗ୍ରାସ କରିଅଛି ଓ ସେମାନେ ସୁରାପାନ ଦ୍ୱାରା ବିପଥରେ
ଯାଇଛନ୍ତି। ସେମାନେ ଦର୍ଶନରେ ଭ୍ରାନ୍ତ ହୁଅନ୍ତି ଓ ବିଚାରରେ
ଝୁଣ୍ଟି ପଡ଼ନ୍ତି। 8ସମସ୍ତ ମେଜ ବାନ୍ତିରେ ପରିପୂର୍ଣ୍ଣ। ସେଠାରେ
ମଇଳା ପାଇଁ ଯଥେଷ୍ଟ କୋଠରୀ ନଥିଲା।

## ପରମେଶ୍ୱର ତାଙ୍କ ଦାସମାନଙ୍କୁ ସାହାଯ୍ୟ କରିବାକୁ ଇଚ୍ଛାକରନ୍ତି

9ସଦାପ୍ରଭୁ ଜ୍ଞାନ ଶିକ୍ଷା ଦେବାକୁ ଇଚ୍ଛା କରନ୍ତି। ଓ ତାଙ୍କ
ସୁସମାଚାର ବୁଝାଇବାକୁ ଇଚ୍ଛା କରୁଛନ୍ତି। ମାତ୍ର ଲୋକମାନେ
ଦୁଗ୍ଧ ପୋଷ୍ୟ ଶିଶୁ ସଦୃଶ ବୁଝିବାକୁ ଅକ୍ଷମ। 10ତେଣୁ
ସଦାପ୍ରଭୁ ଶିଶୁମାନଙ୍କୁ ବୁଝାଇବା ଢଙ୍ଗରେ କୁହନ୍ତି, କାରଣ
ଏ ତ:

ବିଧି ଉପରେ ବିଧି, ବିଧି ଉପରେ ବିଧି,
ଧାଡ଼ି ଉପରେ ଧାଡ଼ି, ଧାଡ଼ି ଉପରେ ଧାଡ଼ି,
ଏଠି ଅଳ୍ପ, ସେଠି ଅଳ୍ପ।

11ସଦାପ୍ରଭୁ ଅଦ୍ଭୁତ ସ୍ୱରରେ ଓ ଅନ୍ୟ ଭାଷାରେ ଲୋକମାନଙ୍କୁ
କଥା କହିବେ।
12ଅତୀତରେ ପରମେଶ୍ୱର ସେମାନଙ୍କୁ କହିଥିଲେ "ଏଠାରେ
ଏକ ବିଶ୍ରାମସ୍ଥଳ ଅଛି। ଏହି ଶାନ୍ତିମୟ ସ୍ଥାନରେ ଯେଉଁମାନେ
ଆରାମ ଚାହୁଁଛ ଆସି ଆରାମ କର।"
ମାତ୍ର ସେମାନେ ଶୁଣିବାକୁ ସମ୍ମତ ହେଲେ ନାହିଁ।
13ତେଣୁ ପରମେଶ୍ୱରଙ୍କର ବାକ୍ୟ ବିଦେଶୀ ଭାଷାରେ କୁହାଯାଏ:

ବିଧି ଉପରେ ବିଧି, ବିଧି ଉପରେ ବିଧି,
ଧାଡ଼ି ଉପରେ ଧାଡ଼ି; ଧାଡ଼ି ଉପରେ ଧାଡ଼ି,
ଏଠି ଅଳ୍ପ, ସେଠି ଅଳ୍ପ।"

କାରଣ ଲୋକମାନେ ଇଚ୍ଛାନୁସାରେ କାର୍ଯ୍ୟ କଲେ। ତେଣୁ
ସେମାନେ ପଛକୁ ପଡ଼ି ଭଗ୍ନ ହେଲେ। ସେମାନେ ଫାନ୍ଦରେ
ପଡ଼ିଲେ ଓ ଧୃତ ହେଲେ।

## ପରମେଶ୍ୱରଙ୍କ ବିଚାରରେ କେହି ଛାଡ ପାଇବେ ନାହିଁ

14ହେ ଯିରୁଶାଲମସ୍ଥ ଲୋକମାନଙ୍କର ଶାସନକାରୀ
ନିନ୍ଦୁକମାନେ, ତୁମ୍ଭେମାନେ ସଦାପ୍ରଭୁଙ୍କର ବାକ୍ୟ ଶୁଣ।
15ତୁମ୍ଭେମାନେ କହିଅଛ, "ଆମ୍ଭେମାନେ ମୃତ୍ୟୁସହିତ ସନ୍ଧି
କରିଛୁ ଓ ପାତାଳ ସହିତ ଚୁକ୍ତି କରିଛୁ। ତେଣୁ ଜଳ
ପ୍ରଳୟରୂପୀ କୋରଡ଼ା ଆମ୍ଭମାନଙ୍କ ନିକଟକୁ ଆସିବ ନାହିଁ।
କାରଣ ଆମ୍ଭେମାନେ ମିଥ୍ୟାର ଆଶ୍ରୟ ନେଇଅଛୁ ଓ ଅସତ୍ୟ
ପଛରେ ନିଜକୁ ଲୁଚାଇ ରଖିଛୁ।"
16ଏଥିପାଇଁ ମୋର ପ୍ରଭୁ ସଦାପ୍ରଭୁ କୁହନ୍ତି, "ଦେଖ, ମୁଁ
ସିୟୋନରେ ଏକ ଭିତ୍ତିମୂଳ ପ୍ରସ୍ତର ସ୍ଥାପନ କରୁଛି, ଏହା
ଏକ ପରୀକ୍ଷାସିଦ୍ଧ ପ୍ରସ୍ତର ଓ ବହୁମୂଲ୍ୟବାନ କୋଣ ପ୍ରସ୍ତର।
ଏହା ଉପରେ ସବୁକିଛି ଏହି ଗୁରୁତ୍ୱପୂର୍ଣ୍ଣ ପର୍ବତ ଉପରେ
ନିର୍ମିତ ହେବ। ଯେ କେହି ଏହି ପ୍ରସ୍ତର ଉପରେ ବିଶ୍ୱାସ
ରଖେ ସେ ହତାଶ ହେବନାହିଁ।
17"ଲୋକେ କାନ୍ଥର ସଳଖତା ଜାଣିବା ପାଇଁ ଯେପରି
ଓଳମ୍ ବ୍ୟବହାର କରନ୍ତି, ମୁଁ ସେହିପରି ସତ୍ୟ ପ୍ରତିଷ୍ଠା ପାଇଁ
ନ୍ୟାୟ ଓ ଧାର୍ମିକତାକୁ ପ୍ରୟୋଗ କରିବ।
"ଆଉ ଶିଳାବୃଷ୍ଟି ମିଥ୍ୟାରୂପୀ ଆଶ୍ରୟକୁ ବିନାଶ କରିବ।
ଏହା ଜଳରାଶି ତୁଲ୍ୟ ଲୁକାୟିତ ସ୍ଥଳକୁ ମଗ୍ନ କରିବ।
18ମୃତ୍ୟୁ ସହିତ ତୁମ୍ଭମାନଙ୍କର ଚୁକ୍ତି ରହିତ ହେବ, ପାତାଳ
ସହିତ ସନ୍ଧି କିଛି କାମ ଦେବ ନାହିଁ।
"କେତେକ ଲୋକ ତୁମ୍ଭମାନଙ୍କୁ ଶାସ୍ତି ଦେବାକୁ
ଆସିବେ। ପ୍ରଳୟରୂପୀ ଜଳ କୋରଡ଼ା ସଦୃଶ ତୁମ୍ଭମାନଙ୍କୁ
ପାଦରେ ଦଳି ଦେବେ। 19ଏହା ବହୁ ସମୟ ଆସି ତୁମ୍ଭକୁ
ନେବ। ଏହା ସକାଳେ, ମଧ୍ୟାହ୍ନ, ସଂଧ୍ୟାବେଳେ ପ୍ରକାଶିତ
ହେବ। ଆଉ ଯେତେବେଳେ ତୁମ୍ଭେ ବୁଝ, ତାହା ଅତି
ଭୟଙ୍କର ହେବ।

20"ତୁମ୍ଭକୁ ଆବୃତ କରିବା ପାଇଁ, ତୁମ୍ଭ ଶଯ୍ୟା ଛୋଟ
ହେବ। କୌଣସି କମ୍ବଳ ତୁମ୍ଭକୁ ଆବୃତ କରିପାରିବ ନାହିଁ।"
21ସଦାପ୍ରଭୁ ପରାସୀମ ପର୍ବତରେ ଉଠିଲାପରି ଉଠିବେ।
ଗିବୟୋନ ଉପତ୍ୟକାରେ ଯେପରି କ୍ରୋଧାନ୍ୱିତ ହୋଇଥିଲେ,
ସେହିପରି କ୍ରୋଧ କରିବେ। ସେତେବେଳେ ସେ ଅଦ୍ଭୁତକାର୍ଯ୍ୟ
ସମ୍ପାଦନ କରିବେ। ପୁଣି ସେ ନିଜର କାର୍ଯ୍ୟ ତଥା ଅଲୌକିକ
କାର୍ଯ୍ୟ ସମ୍ପନ୍ନ କରିବେ। 22ବର୍ତ୍ତମାନ ଆଉ ତୁମ୍ଭେମାନେ
ନିନ୍ଦୁକ ହୁଅ ନାହିଁ। ଯଦି ତୁମ୍ଭେ ତାହା କର, ତୁମ୍ଭ ଗ୍ରୀବା
ପାଖରେ ଥିବା ବନ୍ଧନ ରଜ୍ଜୁ ଦୃଢ ହେବ।

କାରଣ ସର୍ବଶକ୍ତିମାନ ସଦାପ୍ରଭୁଙ୍କ ବାକ୍ୟ ଆମ୍ଭେ ଯାହା ଶୁଣିଛୁ ତାହା ଅନ୍ୟଥା ହେବ ନାହିଁ। ଯେହେତୁ ସେ ସମଗ୍ର ବିଶ୍ୱର ଶାସନକର୍ତ୍ତା, ତାଙ୍କର ବାକ୍ୟ ଓ କାର୍ଯ୍ୟ ନିଶ୍ଚିତରୂପେ କାର୍ଯ୍ୟକାରୀ ହେବ। ଆଉ ସେ ସମଗ୍ର ବିଶ୍ୱକୁ ନିଶ୍ଚିତ ଧ୍ୱଂସ କରିବେ।

## ସଦାପ୍ରଭୁ ନ୍ୟାୟରେ ଦଣ୍ଡ ଦିଅନ୍ତି

23ତୁମ୍ଭେମାନେ ମନୋଯୋଗ ସହକାରେ ଆମ୍ଭର ବାକ୍ୟ
ପ୍ରତି ଧ୍ୟାନ ଦିଅ ଓ ଶ୍ରବଣ କର। 24କୃଷକ କ'ଣ ବୀଜ
ବପନ ପାଇଁ ସର୍ବଦା ଜମିକୁ କର୍ଷଣ କରେ? ସେ କ'ଣ
ସର୍ବଦା ଭୂମିକୁ ଶିଆର କରି ଢେଲା ଭାଙ୍ଗେ? 25କୃଷକ
ଜମିକୁ ପ୍ରସ୍ତୁତ କରି ସମାନ କଲାପରେ ବିଭିନ୍ନ ପ୍ରକାର ବୀଜ
ବିଭିନ୍ନ ଭାବରେ ବପନ କରେ। କଳାଜିରା ବିଞ୍ଚି ଦିଏ ଓ ଜିରା
ବୁଣି ଦିଏ। ଧାଡ଼ି ଧାଡ଼ିକରି ଗହମ ଓ ନିରୁପିତ ସ୍ଥାନରେ
ଯବ ଏବଂ କ୍ଷେତ୍ରର ସୀମାରେ ଜହ୍ନା ବୁଣିଥାଏ।
26ଆମର ପ୍ରଭୁ ପରମେଶ୍ୱର ତୁମ୍ଭମାନଙ୍କୁ ଶିକ୍ଷା ଦେବାକୁ
ଏପରି କରୁଛନ୍ତି। ସେ ଆମ୍ଭମାନଙ୍କୁ ଏହି ଦୃଷ୍ଟାନ୍ତ ଦେଖାଇ
ଯଥାର୍ଥ ଭାବରେ ଲୋକମାନଙ୍କୁ ଶିକ୍ଷା ଦିଅନ୍ତି। 27କୃଷକ କ'ଣ
କଳାଜିରାକୁ କୌଣସି ତୀକ୍ଷ୍ଣ ଯନ୍ତ୍ରରେ ପେଷେ? ସେ କ'ଣ
ଜିରା ଅମଳ କରିବା ପାଇଁ ଶକଟ ଚକ୍ର ବୁଲାଏ? ସେ ଯଷ୍ଟି
ବ୍ୟବହାର କରି ସେମାନଙ୍କୁ ଅମଳ କରେ।
28ଜଣେ ସ୍ତ୍ରୀଲୋକ ପାଣି ଅଟା ସହିତ ମିଶାଏ ଏବଂ
ରୋଟୀ କରିବା ପାଇଁ ହାତରେ ଦଳେ, ମାତ୍ର ସେ ତାହା
ଚିରକାଳ କରେ ନାହିଁ। ସଦାପ୍ରଭୁ ତାଙ୍କ ଲୋକମାନଙ୍କୁ
ସେହିପରି ଶିକ୍ଷା ଦିଅନ୍ତି। ସେ ଯଦିଓ ଶକଟଚକ୍ର ଘୁରାନ୍ତି,
ସେ ତାଙ୍କର ଅଶ୍ୱଗଣକୁ ଚୂର୍ଣ୍ଣ କରନ୍ତି ନାହିଁ। 29ସର୍ବଶକ୍ତିମାନ
ସଦାପ୍ରଭୁଙ୍କଠାରୁ ଏହି ଶିକ୍ଷା ମିଳିଥାଏ। ସେ ଆଶ୍ଚର୍ଯ୍ୟ ଜନକ
ମନ୍ତ୍ରଣା ଦିଅନ୍ତି ଓ ପ୍ରକୃତରେ ସେ ଜ୍ଞାନରେ ମହାନ୍।

## ଯିରୁଶାଲମ ପାଇଁ ପରମେଶ୍ୱରଙ୍କ ପ୍ରେମ

29 ପରମେଶ୍ୱର କୁହନ୍ତି, "ହାୟ ଅରୀୟେଲ, ଅରୀୟେଲ,
ଦାଉଦର ଛାଉଣୀ ନଗର। ବର୍ଷକୁ ବର୍ଷ ଯୋଗ
କର। ପର୍ବଗୁଡ଼ିକ ପାଳ ଅନୁକ୍ରମେ ଆସୁ। 2ତେବେ ମୁଁ
ଅରୀୟେଲକୁ ଦୁଃଖ ଦେବି। ନଗରଟି ଶୋକ ଓ ବିଳାପରେ
ପୂର୍ଣ୍ଣ ହେବ। ମାତ୍ର ତାହା ଆମ ପ୍ରତି ଦାହସ୍ଥାନ ତୁଲ୍ୟ
ହେବ। 3ପୁଣି ମୁଁ ଚତୁର୍ଦ୍ଦିଗରେ ତୁମ୍ଭ ବିରୁଦ୍ଧରେ ଛାଉଣୀ
ସ୍ଥାପନ କରିବି। ତୁମ୍ଭ ବିପକ୍ଷରେ ଗଡ଼ ସୃଷ୍ଟି କରିବି ଯେ କି
ତୁମ୍ଭକୁ ବେଷ୍ଟନ କରିବ ଓ ତୁମ୍ଭ ପ୍ରତିକୂଳରେ ତାହା ତୁମ୍ଭକୁ
ଅବରୋଧ କରିବ। 4ଏଥିରେ ତୁମ୍ଭେ ଅବନତ ହେବ ଓ
ଭୂମିରୁ କଥା କହିବ। ଧୂଳି ଉପରୁ ତୁମ୍ଭର ସ୍ୱର କ୍ଷୀଣ ହେବ
ଓ ତାହା ଭୂତର ସ୍ୱର ତୁଲ୍ୟ ହେବ। ତୁମ୍ଭର ସ୍ୱର ଧୂଳି
ଉପରୁ ଫୁସ୍‌ଫୁସ୍ ଶବ୍ଦ ସ୍ୱରରେ କହିଲା ପରି ହେବ।"
5ତୁମ୍ଭର ଶତ୍ରୁଗଣ ସୂକ୍ଷ୍ମଧୂଳି ସଦୃଶ ଅଗଣିତ ହେବେ।
ନିଷ୍ଠୁର ଲୋକମାନଙ୍କର ଗହଳି ତୁଷ ତୁଲ୍ୟ ହେବ ଓ ଏସବୁ
ନିମିଷକରେ ଘଟିବ। 6ସର୍ବଶକ୍ତିମୟ ସଦାପ୍ରଭୁ ଭୂମିକମ୍ପ,
ଘଡ଼ଘଡ଼ି, ଭୟଙ୍କର ଗର୍ଜନ ଝଡ଼, ଘୂର୍ଣ୍ଣିବାୟୁ ଓ ଗ୍ରାସକାରୀ
ଅଗ୍ନିଶିଖା ସହିତ ଆସିବେ ଏବଂ ତାକୁ ଧ୍ୱଂସ କରିବେ।
7ବହୁଜାତିଗଣ ଅରୀୟେଲ ବିପକ୍ଷରେ ଯୁଦ୍ଧ କରିବେ, ଏବଂ
ତାହାର ସୁଦୃଢ ଦୁର୍ଗ ଭିତରକୁ ପ୍ରବେଶ କରିବେ, ତାହା
ରାତ୍ରିକାଳିନ ସ୍ୱପ୍ନ ଓ ଦର୍ଶନ ତୁଲ୍ୟ ହେବ। 8ଯେପରି ସ୍ୱପ୍ନରେ
କ୍ଷୁଧାର୍ତ୍ତ ଖାଏ ଏବଂ ତୃଷାର୍ତ୍ତ ପିଏ। କିନ୍ତୁ ବାସ୍ତବରେ ସେହି
ସଂପୃକ୍ତ ଲୋକମାନେ କ୍ଷୁଧାର୍ତ୍ତ ଏବଂ ତୃଷାର୍ତ୍ତ ଥାନ୍ତି, ଠିକ୍
ସେହିପରି ସେହି ଜାତିଗଣ ସିୟୋନ ପାଇଁ ସେମାନଙ୍କର
ଇଚ୍ଛା ଅନୁସାରେ କିଛି କରିପାରିବେ ନାହିଁ।

ସେହିପରି ସିୟୋନ ପର୍ବତର ବିପକ୍ଷରେ ଯୁଦ୍ଧ କରୁଥିବା ବହୁ ଗୋଷ୍ଠୀଗଣ ନିଜ ଇଚ୍ଛା ଅନୁସାରେ ପାଇବେ ନାହିଁ।

9ତୁମ୍ଭେମାନେ ଅଜ୍ଞାନ ଓ ଚମତ୍କୃତ ହୁଅ। ତୁମ୍ଭକୁ
ଦୃଷ୍ଟିହୀନ କରି ଏବଂ ଅନ୍ଧ ହୁଅ। ଟଳଟଳ ହୁଅ, କିନ୍ତୁ
ସୁରାପାନରେ ନୁହେଁ।
10କାରଣ ସଦାପ୍ରଭୁ ତୁମ୍ଭମାନଙ୍କ ଉପରେ ଘୋର ନିଦ୍ରାଜନକ
ଆତ୍ମା ଢାଳିଛନ୍ତି। ସେ ତୁମ୍ଭମାନଙ୍କର ଭବିଷ୍ୟଦ୍‌ବକ୍ତାଗଣଙ୍କ
ସଦୃଶ ଚକ୍ଷୁ ମୁଦ୍ରିତ କରିବେ। ପୁଣି ଭବିଷ୍ୟଦ୍‌ବକ୍ତାଙ୍କ ପରି
ତୁମ୍ଭମାନଙ୍କର ମସ୍ତକକୁ ଆଚ୍ଛାଦନ କରିବେ।
11ସେସବୁ ଜିନିଷର ଦୃଶ୍ୟ ବନ୍ଦ ପୁସ୍ତକ ପରି! ଯଦି
ତୁମ୍ଭେ ତାକୁ କୌଣସି ଜଣଙ୍କୁ ଦେବ ଯିଏ ପଢିପାରିବ ଏବଂ
କହିବ, "ଏହାକୁ ପଢ। ସେ କହିବ, ମୁଁ କରିନପାରେ, ଏହା
ବନ୍ଦ ଅଛି।" 12ଯଦି ତୁମ୍ଭେ କୌଣସି ଅଶିକ୍ଷିତ ଲୋକକୁ
ପଢିବାକୁ ଦେବ, ସେମାନେ ମଧ୍ୟ ସାଧାରଣ ଭାବରେ କହିବେ,
"ସେଗୁଡିକ ଅକ୍ଷରରେ ଛପା ହୋଇଛି। ମୁଁ ପଢିପାରିବି
ନାହିଁ।"
13ମୋର ପ୍ରଭୁ କୁହନ୍ତି, "ସେମାନଙ୍କର ମୁଖ ସହିତ ଏହି
ଲୋକମାନେ ମୋ ପାଖକୁ ଆସନ୍ତି। ସେମାନେ ନିଜର
ଓଷ୍ଠାଧାରରେ ମୋର ସମ୍ମାନ କରନ୍ତି। ମାତ୍ର ପ୍ରକୃତରେ
ସେମାନେ ମୋଠାରୁ ବହୁତ ଦୂରେଇ ରହନ୍ତି। ମୋ ପ୍ରତି
ସେମାନଙ୍କର ଭୟ ଓ ପ୍ରେମ ଅନ୍ୟ କିଛି ନୁହେଁ, କିନ୍ତୁ
କେବଳ ମାନବିକ ଶିକ୍ଷା ଓ ବେଳେବେଳେ ଉପଦେଶ।
14ତେଣୁ ଏହି ଲୋକମାନଙ୍କୁ ଚକିତ କରିବା ପାଇଁ ମୁଁ ଅଦ୍ଭୁତ
ଓ ଆଶ୍ଚର୍ଯ୍ୟ କର୍ମମାନ କରି ଚାଲିବି। ସେମାନଙ୍କର ଜ୍ଞାନୀ
ଲୋକମାନଙ୍କର ଜ୍ଞାନ ବିନଷ୍ଟ ହେବ ଓ ସେମାନଙ୍କର
ବିବେକୀ ଲୋକମାନେ ସେମାନଙ୍କର ବୁଦ୍ଧି ହରାଇବେ।"
15ଯେଉଁମାନେ ସଦାପ୍ରଭୁଙ୍କଠାରୁ ନିଜ ନିଜ ମନ୍ତ୍ରଣାକୁ
ଲୁଚାଇବାକୁ ଚେଷ୍ଟା କରନ୍ତି ସେମାନେ ଦୁଃଖ ପାଆନ୍ତି।
ସେମାନେ ଅନ୍ଧକାରରେ ନିଜ ନିଜର କୁକର୍ମ କରନ୍ତି ଓ
କୁହନ୍ତି, "କେହି ଆମ୍ଭମାନଙ୍କୁ ଦେଖୁନାହିଁ କି କେହି ଆମ୍ଭମାନଙ୍କୁ
ଚିହ୍ନୁ ନାହିଁ।"

16ତୁମ୍ଭେମାନେ ବିଷୟକୁ ଓଲଟାଇ ପକାଇବ। କୁମ୍ଭକାର
କ'ଣ ମାଟିର ତୁଲ୍ୟ ହେବ? ନିର୍ମିତ ବସ୍ତୁ କ'ଣ ନିର୍ମାଣ
କର୍ତ୍ତା ବିଷୟରେ କହିବ, "ଏ ବ୍ୟକ୍ତି ମୋତେ ନିର୍ମାଣ କରି
ନାହିଁ।" ପୁଣି ଗଢ଼ାବସ୍ତୁ କ'ଣ ଗଢ଼ିବା ବ୍ୟକ୍ତି ବିଷୟରେ
କହିବ, "ଏ ବ୍ୟକ୍ତିର ବୁଦ୍ଧି ନାହିଁ।"

### ସୁସମୟ ଆସୁଛି

17ଏହା ସତ୍ୟ ଯେ ଅତି ଅଳ୍ପ ସମୟ ପରେ ଲିବାନୋନ
ଫଳପୂର୍ଣ୍ଣ କ୍ଷେତ୍ରରେ ପରିଣତ ହେବ ଓ ଫଳବତୀ କ୍ଷେତ୍ର
ଅରଣ୍ୟରେ ପରିଣତ ହେବ। 18ପୁଣି ସେହି ଦିନରେ ବଧିର
ପୁସ୍ତକର ବାକ୍ୟ ଶୁଣିବ ଓ ଅନ୍ଧକାର ଏବଂ କୁହୁଡ଼ି ମଧ୍ୟରେ
ଅନ୍ଧ ଦେଖିବ। 19ସଦାପ୍ରଭୁଙ୍କଠାରେ ଦରିଦ୍ର ନମ୍ର ଲୋକମାନେ
ଆନନ୍ଦ ବଢ଼ାଇବେ। ଲୋକମାନଙ୍କ ମଧ୍ୟରେ ଦରିଦ୍ରମାନେ
ଇଶ୍ରାୟେଲର ଧର୍ମ ସ୍ୱରୂପଙ୍କଠାରେ ଉଲ୍ଲାସ କରିବେ।
20ନିଷ୍ଠୁର ଲୋକ ଦଣ୍ଡ ଭୋଗିବେ। ନିନ୍ଦୁକମାନେ ଶାନ୍ତ
ହୋଇଛନ୍ତି ଓ ଅଧର୍ମକାର୍ଯ୍ୟ କରୁଥିବା ବ୍ୟକ୍ତି ଧ୍ୱଂସ ହୋଇଛନ୍ତି।
21ସେମାନେ କଥାରେ ଉତ୍ତମ ଲୋକଙ୍କୁ ଦୋଷୀ କରନ୍ତି।
ନଗର ଦ୍ୱାରରେ ଦୋଷଯୁକ୍ତ କରିବାକୁ ଫାନ୍ଦ ବସାନ୍ତି ଓ
ଅକାରଣରେ ଧାର୍ମିକ ପ୍ରତି ଅନ୍ୟାୟ କରନ୍ତି।
22ତେଣୁ ଅବ୍ରହାମର ମୁକ୍ତିକର୍ତ୍ତା ସଦାପ୍ରଭୁ ଯାକୁବ ବଂଶ
ବିଷୟରେ ଏହିପରି କୁହନ୍ତି, "ହେ ଯାକୁବ, ତୁମ୍ଭେ ଏବେ
ଲଜ୍ଜିତ ହେବନାହିଁ କିମ୍ବା ତୁମ୍ଭର ମୁଖ ମଳିନ କରିବ ନାହିଁ।
23ସେ ଯେତେବେଳେ ମୋର ହସ୍ତକୃତ କର୍ମ ସ୍ୱରୂପ ତାହାର
ସନ୍ତାନଗଣଙ୍କୁ ନିଜ ମଧ୍ୟରେ ଦେଖିବ ସେତେବେଳେ ସେମାନେ
ମୋର ନାମକୁ ପବିତ୍ର ବୋଲି ମାନିବେ। ଆଉ ମଧ୍ୟ
ଯାକୁବର ଧର୍ମସ୍ୱରୂପଙ୍କୁ ପବିତ୍ର ବୋଲି ମାନିବେ ଓ ଇଶ୍ରାୟେଲର
ପରମେଶ୍ୱରଙ୍କୁ ସମ୍ମାନ ଓ ଭକ୍ତି କରିବେ। 24ବହୁ ମନ୍ଦ
କର୍ମରେ ଲିପ୍ତ ଭ୍ରାନ୍ତମନାମାନେ ବୁଦ୍ଧିପ୍ରାପ୍ତ ହେବେ ଓ
ଅଭିଯୋଗକାରୀ ତତ୍ତ୍ୱକଥା ଶିଖିବେ।"

### ଇଶ୍ରାୟେଲ ପରମେଶ୍ୱରଙ୍କୁ ବିଶ୍ୱାସ କରିବା ଉଚିତ୍ ମାତ୍ର ମିଶରକୁ ନୁହେଁ

30 ସଦାପ୍ରଭୁ କହିଲେ, "ଏହି ବିଦ୍ରୋହୀ ସନ୍ତାନଗଣଙ୍କୁ
ଦେଖ। ସେମାନେ ମନ୍ତ୍ରଣା କରନ୍ତି ମାତ୍ର ସାହାଯ୍ୟ
ଗ୍ରହାଁନ୍ତି ନାହିଁ। ସେମାନେ ପାପ ଉପରେ ପାପ କରି ଚାଲନ୍ତି
ମାତ୍ର ମୋର ଆତ୍ମା ଦ୍ୱାରା ନୁହେଁ। ତେଣୁ ସେମାନେ ସନ୍ତାପର
ପାତ୍ର। 2ଏହି ସନ୍ତାନଗଣ ମୋତେ ନ ପଚାରି ଫାରୋଙ୍କ
ବଳରେ ବଳୀୟାନ ହେବାକୁ ଓ ମିଶରରେ ଆଶ୍ରୟ ନେବାକୁ
ମିଶର ଯାତ୍ରା କରନ୍ତି।
3"ମାତ୍ର ଫାରୋର ବଳ ତୁମ୍ଭମାନଙ୍କୁ ସୁରକ୍ଷା ଦେଇପାରିବ
ନାହିଁ କି ମିଶର ତୁମ୍ଭମାନଙ୍କୁ ଆଶ୍ରୟ ଦେଇପାରିବ
ନାହିଁ। 4କାରଣ ତୁମ୍ଭମାନଙ୍କର ଅଧିପତିଗଣ ସୋୟନରେ
ଅଛନ୍ତି ଓ ତୁମ୍ଭର ରାଜଦୂତଗଣ ହାନେଷକୁ ଆସିଛନ୍ତି।
5ସେମାନେ ହତାଶ ହେବେ କାରଣ ଯେଉଁ ବ୍ୟକ୍ତିମାନଙ୍କ
ଉପରେ ସେମାନେ ସାହାଯ୍ୟ ପାଇଁ ବିଶ୍ୱାସ କରିବେ, ସେମାନେ
ସାହାଯ୍ୟ କରିବେ ନାହିଁ। ସେମାନେ ଲଜ୍ଜା ଏବଂ କଳଙ୍କ
ପାଇବେ।"

### ଯିହୁଦା ପ୍ରତି ପରମେଶ୍ୱରଙ୍କ ବାର୍ତ୍ତା

6ଦକ୍ଷିଣର ପଶୁଗଣଙ୍କ ପ୍ରତି ଦୁଃଖ ବାର୍ତ୍ତା:
ଯିହୁଦାର ଦକ୍ଷିଣ ପ୍ରାନ୍ତ ଅତି ଭୟଙ୍କର ସ୍ଥାନ। ସେ ସ୍ଥାନ
ସିଂହ, ସିଂହୀ, କାଳସର୍ପ ଓ ଉଡ୍ଡୀୟମାନ ଅଗ୍ନିମୟ ସର୍ପରେ
ପରିପୂର୍ଣ୍ଣ। ସେହି ସଙ୍କଟମୟ ଓ ଯନ୍ତ୍ରଣାମୟ ଗୋଷ୍ଠୀ ଉପକାର
କରିବ ନାହିଁ। ମାତ୍ର ଏପରି ଏକ ଗୋଷ୍ଠୀ ନିକଟକୁ ସେମାନେ
ଯୁବା ଗର୍ଦ୍ଦଭଗଣଙ୍କ ସ୍କନ୍ଧରେ ନିଜ ନିଜର ଧନ ଓ ଓଟମାନଙ୍କ
ପିଠି ଉପରେ ନିଜ ନିଜର ସମ୍ପତ୍ତି ବହନ କରି ନିଅନ୍ତି।
7ସେହି ମିଶର ବୃଥା ଓ ମିଥ୍ୟାରେ ସାହାଯ୍ୟ କରେ। ତେଣୁ
ମୁଁ ତାକୁ "ନିଷ୍କର୍ମା ରାହାବ" ବୋଲି ନାମକରଣ କରିଛି।
8ଏବେ ଯାଅ, ସେମାନଙ୍କ ସାକ୍ଷାତରେ ଏକ ଫଳକରେ
ତାହା ଲେଖ। ଏକ ପୁସ୍ତକରେ ତାହା ଲିପିବଦ୍ଧ କର ଯେପରି
କି ତାହା ଆସନ୍ତାକାଳ ଓ ଅନନ୍ତକାଳ ପର୍ଯ୍ୟନ୍ତ ରହିବ।

9ସେମାନେ ବିଦ୍ରୋହୀ ଗୋଷ୍ଠୀ, ମିଥ୍ୟାବାଦୀ ସନ୍ତାନ।
ସେମାନେ ସଦାପ୍ରଭୁଙ୍କ ଶିକ୍ଷାସମୂହକୁ ଶୁଣିବାକୁ ଅସମ୍ମତ।
10ସେମାନେ ଦର୍ଶକମାନଙ୍କୁ କୁହନ୍ତି, "ତୁମ୍ଭେମାନେ
ଦର୍ଶନ କର ନାହିଁ ଓ ଭବିଷ୍ୟତବକ୍ତାମାନଙ୍କୁ କୁହନ୍ତି
ତୁମ୍ଭେମାନେ ଆମ୍ଭମାନଙ୍କ ନିକଟରେ ବିଶ୍ୱାସ ବାକ୍ୟ
ପ୍ରଚାର କର ନାହିଁ। ଆମ୍ଭମାନଙ୍କୁ କୋମଳ କଥା କୁହ
ଓ ଭ୍ରାନ୍ତିଜନକ ବାକ୍ୟ ପ୍ରଚାର କର। 11ତୁମ୍ଭେମାନେ
ପଥରୁ ବାହାରି ଯାଅ, ବାଟ ଛାଡ଼ି ଦିଅ। ଇଶ୍ରାୟେଲର
ଧର୍ମସ୍ୱରୂପଙ୍କୁ ଆମ୍ଭମାନଙ୍କ ସମ୍ମୁଖରୁ ଦୂର କରାଅ।"

### ଯିହୁଦାର ସାହାଯ୍ୟ କେବଳ ପରମେଶ୍ୱରଙ୍କଠାରୁ ଆସେ

12ଇଶ୍ରାୟେଲର ଧର୍ମସ୍ୱରୂପ ଏହି କଥା କୁହନ୍ତି, "ତୁମ୍ଭେମାନେ
ସଦାପ୍ରଭୁଙ୍କ ବାକ୍ୟକୁ ତୁଚ୍ଛ କରୁଛ। ପୁଣି ଉପଦ୍ରବ ଓ
କୁଟିଳତାରେ ବିଶ୍ୱାସ କରି ତହିଁ ଉପରେ ନିର୍ଭର କରୁଛ।
13ସେହି ପାପ ପତନ ହେବ, ଠିକ୍ ଯେପରି ଉଚ୍ଚ କାନ୍ଥରେ
ଫାଟ ହୋଇ ପାଣି ପ୍ରବେଶ କରିବ ଏବଂ ଶୀଘ୍ର ପତନ
ଘଟିବ। 14ତୁମ୍ଭେମାନେ ଗୋଟିଏ ମାଟିର ପାତ୍ର ପରି ଭାଙ୍ଗି
ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯିବ। ତାହା ଏପରି ଅଦରକାରୀ ହେବ
ଯେ ସେଥିରୁ ଖଣ୍ଡେ ହେଲେ ଖପରା ମିଳିବ ନାହିଁ ଯେଉଁଥିରେ
ଚୁଲ୍ଲୀରୁ ନିଆଁ ଆଣି ହେବ ନାହିଁ କି କୁଣ୍ଡରୁ ପାଣି ନେଇ
ହେବ ନାହିଁ।"
15ମୋର ପ୍ରଭୁ ସଦାପ୍ରଭୁ ଇଶ୍ରାୟେଲର ଧର୍ମସ୍ୱରୂପ କୁହନ୍ତି,
"ତୁମ୍ଭେମାନେ ଯଦି ମୋ ନିକଟକୁ ଫେରିଆସିବ ତେବେ
ତୁମ୍ଭେମାନେ ପରିତ୍ରାଣ ପାଇବ। ସୁସ୍ଥିର, ଶାନ୍ତ ହେଲେ ଓ
ବିଶ୍ୱାସ ରଖିଲେ ବଳ ହେବ।"
ମାତ୍ର ତୁମ୍ଭେମାନେ ଅସମ୍ମତ ହେଲ। 16ତୁମ୍ଭେମାନେ କୁହ,
"ନା, ଆମ୍ଭେମାନେ ଅଶ୍ୱରେ ପଳାଇବୁ।" ମାତ୍ର ଶତ୍ରୁମାନେ
ତୁମ୍ଭ ପଶ୍ଚାତ୍ଧାବନ କରିବେ। ତୁମ୍ଭେମାନେ ଦ୍ରୁତଗାମୀ ବାହନରେ
ଗଲେ ମଧ୍ୟ ଅନୁଧାବନକାରୀ ଆହୁରି ଦ୍ରୁତଗାମୀ ହେବେ।
17ଜଣେ ବ୍ୟକ୍ତିର ଧମକରେ ତୁମ୍ଭର ସହସ୍ର ଲୋକ ପଳାୟନ
କରିବେ। ପାଞ୍ଚଜଣଙ୍କ ଧମକରେ ତୁମ୍ଭେମାନେ ସମସ୍ତେ ପଳାୟନ
କରିବ। କେବଳ ତୁମ୍ଭେମାନେ ପର୍ବତର ଶୃଙ୍ଗରେ ଏକ ଚିହ୍ନ
ସ୍ୱରୂପ ଓ ଉପପର୍ବତରେ ପତାକାର ଦଣ୍ଡସ୍ୱରୂପ ହୋଇ
ଅବଶିଷ୍ଟ ରହିବ।

**18**ସେଥି ସକାଶେ ସଦାପ୍ରଭୁ ତୁମ୍ଭମାନଙ୍କୁ ଅନୁଗ୍ରହ କରିବା
ପାଇଁ ଅପେକ୍ଷା କରିବେ। ସେ ମଧ୍ୟ ତୁମ୍ଭମାନଙ୍କୁ ଦୟା
କରିବାକୁ ଉନ୍ନତ ହେବେ। କାରଣ ସଦାପ୍ରଭୁ ନ୍ୟାୟ ବିଚାରକାରୀ
ପରମେଶ୍ୱର ଅଟନ୍ତି। ଯେଉଁମାନେ ତାଙ୍କୁ ଅପେକ୍ଷା କରନ୍ତି ସେ
ସମସ୍ତେ ଧନ୍ୟ।

**19**ସଦାପ୍ରଭୁଙ୍କର ସନ୍ତାନଗଣ ଯିରୁଶାଲମର ସିୟୋନ ପର୍ବତରେ
ବାସ କରିବେ। ତୁମ୍ଭେମାନେ ଆଉ କ୍ରନ୍ଦନ କରିବ ନାହିଁ।
ସଦାପ୍ରଭୁ ତୁମ୍ଭମାନଙ୍କର ରୋଦନ ଶୁଣିବେ ଓ ତୁମ୍ଭମାନଙ୍କୁ
ଅନୁଗ୍ରହ କରିବେ। ସେ ଶୁଣିବା ମାତ୍ରେ ତୁମ୍ଭମାନଙ୍କୁ ସାହାଯ୍ୟ
କରିବେ।

## ପରମେଶ୍ୱର ତାଙ୍କର ସନ୍ତାନଙ୍କୁ ସାହାଯ୍ୟ କରିବେ

**20**ମୋର ପ୍ରଭୁ ପରମେଶ୍ୱର ଯଦିଓ ତୁମ୍ଭମାନଙ୍କୁ ଦୁଃଖରୂପକ
ଖାଦ୍ୟ ଓ କ୍ଲେଶରୂପକ ଜଳ ଦେଇଥିଲେ ତଥାପି ସେ
ତୁମ୍ଭମାନଙ୍କର ଶିକ୍ଷକ। ସେ ଆଉ ତୁମ୍ଭମାନଙ୍କ ନିକଟରେ ଲୁଚି
ରହିବେ ନାହିଁ। ତୁମ୍ଭେମାନେ ତୁମ୍ଭର ଖାଲି ଚକ୍ଷୁରେ ତାଙ୍କର
ଦର୍ଶନ ପାଇବ। **21**ପୁଣି ତୁମ୍ଭେମାନେ ଯଦି ଭୁଲ କରି କିମ୍ବା
ଭୁଲ ବାଟରେ ଯାଅ, ଦକ୍ଷିଣକୁ କିମ୍ବା ବାମରେ ଗଲାବେଳେ
ପଛରୁ ଏକ ସ୍ୱର ଶୁଣିବ, "ଏ ହେଉଛି ପଥ, ଏହି ପଥରେ
ଗମନ କର।"

**22**ତୁମ୍ଭମାନଙ୍କର ରୌପ୍ୟ ଓ ସ୍ୱର୍ଣ୍ଣ ଆଚ୍ଛାଦିତ ପ୍ରତିମାଗୁଡ଼ିକ
ତୁମ୍ଭମାନଙ୍କୁ ପାପାଶକ୍ତି ବା ଅଶୁଚି କରିଦେଇଛନ୍ତି। ମାତ୍ର
ତୁମ୍ଭେମାନେ ସେହି ମିଥ୍ୟା ପ୍ରଭୁଙ୍କୁ ଆଉ ସେବା କରିବ
ନାହିଁ। ଆଉ ତୁମ୍ଭେମାନେ ସେଗୁଡ଼ିକୁ ଅଶୁଚି ବସ୍ତ୍ର ତୁଲ୍ୟ
ଫିଙ୍ଗି ଦେବ ଏବଂ କହିବ ଏଠାରୁ ବାହାରି ଯାଅ।

**23**ସେହି ସମୟରେ ସଦାପ୍ରଭୁ ତୁମ୍ଭ ଭୂମିରେ ବୀଜ
ବୁଣିବା ପାଇଁ ବୃଷ୍ଟି ଦେବେ। ତୁମ୍ଭେମାନେ ଶସ୍ୟ ବୁଣିବ ଓ
ଭୂମିରେ ପ୍ରଚୁର ଖାଦ୍ୟ ଉତ୍ପନ୍ନ ହେବ। ତୁମ୍ଭମାନଙ୍କର ପଶୁପଲ
ପାଇଁ ବିସ୍ତୃତ ଚାରଣ ଭୂମି ହେବ। **24**ତୁମ୍ଭମାନଙ୍କର ଚାଷ
କରୁଥିବା ବଳଦ ଓ ଗର୍ଦ୍ଦଭମାନେ ଚାଲୁଣି ଓ କୁଲାରେ
ପରିଷ୍କୃତ ସୁମିଶ୍ରିତ ଖାଦ୍ୟ ଖାଇବେ। **25**ଯେଉଁଦିନ ଗଣହତ୍ୟା
ହେବ ଓ ଦୁର୍ଗସବୁ ପତିତ ହେବ। ସେହିଦିନ ଉଚ୍ଚ ପର୍ବତ
ଓ ପାହାଡମାନଙ୍କରେ ଝରଣା ଓ ଜଳସ୍ରୋତ ପ୍ରବାହିତ ହେବ।

**26**ଯେଉଁଦିନ ସଦାପ୍ରଭୁ ଆପଣା ଲୋକମାନଙ୍କର କ୍ଷତ
ସ୍ଥାନରେ ପଟି ବାନ୍ଧିବେ ଓ ପ୍ରହାର ଜନିତ ଆଘାତରୁ ସୁସ୍ଥ
କରିବେ। ସେହିଦିନ ଚନ୍ଦ୍ରର ଦୀପ୍ତି ସୂର୍ଯ୍ୟ ଦୀପ୍ତିପରି ଉଜ୍ଜ୍ୱଳ
ହେବ। ପୁଣି ସୂର୍ଯ୍ୟର ଦୀପ୍ତି ସାତଦିନର ଦୀପ୍ତିତୁଲ୍ୟ ସାତଗୁଣ
ଉଜ୍ଜ୍ୱଳ ଦେଖାଯିବ।

**27**ଦେଖ! ସଦାପ୍ରଭୁଙ୍କର ନାମ କ୍ରୋଧରେ ପ୍ରଜ୍ୱଳିତ ଓ
ନିବିଡ ଧୂମରାଶି ହୋଇ ଦୂରରୁ ଆସୁଅଛି। ତାଙ୍କର ଓଷ୍ଠାଧାର
କ୍ରୋଧରେ ପରିପୂର୍ଣ୍ଣ ଓ ତାଙ୍କର ଜିହ୍ୱା ସର୍ବଗ୍ରାସକ ଅଗ୍ନି
ତୁଲ୍ୟ। **28**ସଦାପ୍ରଭୁଙ୍କର ଆତ୍ମା ନଦୀର ପ୍ଲାବିତ ସ୍ରୋତ ତୁଲ୍ୟ
ସର୍ବଦେଶୀୟ ଲୋକମାନଙ୍କୁ 'ଅସାରତା ରୂପକ ଚାଲୁଣୀରେ'
ଚଲାଇବା ନିମନ୍ତେ ତାହା କଣ୍ଠ ପର୍ଯ୍ୟନ୍ତ ଉଠୁଅଛି। ଆଉ
ସେହି ଗୋଷ୍ଠୀ ସମୂହର ମୁଖରେ ଭ୍ରାନ୍ତିଜନକ ଲଗାମ
ଦିଆଯିବ।

**29**ସେହି ସମୟରେ ପବିତ୍ର ଉତ୍ସବ ପାଳନ ରାତ୍ରିପରି
ତୁମ୍ଭେମାନେ ଆନନ୍ଦରେ ଗାନ କରିବ। ପୁଣି ସଦାପ୍ରଭୁଙ୍କ
ପର୍ବତକୁ, ଇଶ୍ରାୟେଲର ଶୈଳ ନିକଟକୁ ଯିବା ପାଇଁ ବଂଶୀ
ବଜାଇ ଗମନ କରନ୍ତି, ସେହିପରି ତୁମ୍ଭମାନଙ୍କର ଚିତ୍ତ
ଆନନ୍ଦିତ ହେବ।

**30**ପୁଣି ସଦାପ୍ରଭୁ ତାଙ୍କ କ୍ରୋଧର ପ୍ରଚଣ୍ଡତା ଉଚ୍ଚସ୍ୱରରେ
ଶୁଣାଇବେ ଓ ତାଙ୍କର ଶକ୍ତିଶାଳୀ ହସ୍ତ କ୍ରୋଧରେ ଅବରୋହଣ
କରିବ। ତାହା ଅଗ୍ନିତୁଲ୍ୟ ସମସ୍ତ ଜିନିଷ ଭସ୍ମ କରିଦେବ।
ପୁଣି ସଦାପ୍ରଭୁଙ୍କର କ୍ରୋଧ ଝଡ, ତୋଫାନ ଓ ଶିଳାବୃଷ୍ଟି
ତୁଲ୍ୟ ହେବ। **31**ସଦାପ୍ରଭୁଙ୍କ ରବ ଶୁଣି ଅଶୂର ଭୟଭୀତ
ହେବ। ସେ ତାକୁ ଏକ ଦଣ୍ଡରେ ଆଘାତ କରିବେ।
**32**ସଦାପ୍ରଭୁ ଅଶୂରକୁ ତବଲା ଓ ବୀଣାରେ ଆଘାତ କଲାପରି
ପିଟିବେ। ତାଙ୍କର ମହାଶକ୍ତିରେ ସେ ଅଶୂରର ପତନ
ଘଟାଇବେ।

**33**ତୋଫତ୍ ବହୁକାଳରୁ ନିର୍ମିତ ହୋଇଅଛି। ତାହା ରାଜା
ନିର୍ମିତ ପ୍ରସ୍ତୁତ ହୋଇଛି। ସେ ତାହାକୁ ଅତି ଗଭୀର ଓ
ପ୍ରଶସ୍ତ କରିଛନ୍ତି। ସେଥିରେ ସ୍ତୂପ ଅଗ୍ନି ଓ ପ୍ରଚୁର କାଠ
ଅଛି। ପୁଣି ସଦାପ୍ରଭୁଙ୍କର ଆତ୍ମା ଗନ୍ଧକ ସ୍ରୋତପରି ପ୍ରଜ୍ୱଳିତ
ହୋଇ ପୋଡ଼ି ପକାଏ।

## ଇଶ୍ରାୟେଲ ପରମେଶ୍ୱରଙ୍କ ଶକ୍ତି ଉପରେ ନିର୍ଭର କରିବା ଉଚିତ୍

**31** ମିଶରକୁ ସାହାଯ୍ୟ ପାଇଁ ଯାଉଥିବା ଲୋକମାନଙ୍କୁ
ଦେଖ। ସେମାନେ ଅଶ୍ୱମାନଙ୍କ ଉପରେ ନିର୍ଭର
କରନ୍ତି। ସେମାନେ ଆଶା କରନ୍ତି ଅଶ୍ୱଗଣ ସେମାନଙ୍କୁ ରକ୍ଷା
କରିବେ। ଆଉ ମଧ୍ୟ ସେମାନେ ଭାବନ୍ତି ଅତ୍ୟଧିକ ରଥ ଓ
ବହୁ ବଳବାନ ଅଶ୍ୱାରୋହୀ ସୈନ୍ୟ ଥିବାରୁ ସେମାନେ
ସୁରକ୍ଷିତ। ସେମାନେ ଇଶ୍ରାୟେଲର ପବିତ୍ର ପ୍ରତି ବିଶ୍ୱାସ
ରଖନ୍ତି ନାହିଁ କିମ୍ବା ସଦାପ୍ରଭୁଙ୍କୁ ଅନ୍ୱେଷଣ କରନ୍ତି ନାହିଁ।
ତେଣୁ ସେମାନେ ସନ୍ତାପର ପାତ୍ର। **2**ମାତ୍ର ସଦାପ୍ରଭୁ ଜ୍ଞାନବାନ।
ସେ ଅମଙ୍ଗଳ ଘଟାଇବେ। ସେ ନିଜର ବାକ୍ୟକୁ ଅନ୍ୟଥା
କରିବେ ନାହିଁ। ସେ ମନ୍ଦାଚାରୀମାନଙ୍କ ପ୍ରତିକୂଳରେ ଓ
ଅଧର୍ମାଚାରୀମାନଙ୍କ ସହାୟକଗଣଙ୍କ ବିରୁଦ୍ଧରେ ଉଠିବେ।

**3**ମିଶରୀୟମାନେ ଶରୀରଧାରୀ ମାନବ କିନ୍ତୁ ପରମେଶ୍ୱର
ନୁହଁନ୍ତି। ସେମାନଙ୍କର ଅଶ୍ୱଗଣ ମାଂସରୁ ଏବଂ ହାଡରୁ ତିଆରି
ମାତ୍ର ଆତ୍ମା ନୁହଁନ୍ତି। ସଦାପ୍ରଭୁ ଯେତେବେଳେ ତାଙ୍କର ହସ୍ତ
ପ୍ରସାରଣ କରିବେ, ସମର୍ଥକମାନେ ଝୁଣ୍ଟି ପଡିବେ। ସାହାଯ୍ୟ
ପ୍ରାପ୍ତ ବ୍ୟକ୍ତିର ମଧ୍ୟ ପତନ ଘଟିବ। ଉଭୟ ଏକତ୍ର ଧ୍ୱଂସ
ହେବେ।

**4**ସଦାପ୍ରଭୁ ମୋତେ କହିଲେ, "ଯେତେବେଳେ ସିଂହ ଓ
ଯୁବା ସିଂହ ଶିକାର ଧରେ ଓ ସେହି ମୃତ ପ୍ରାଣୀ ଉପରେ
ସେତେବେଳେ ବହୁ ମେଷପାଳକ ତା ବିରୁଦ୍ଧରେ ଗର୍ଜନ
କଲେ ହେଁ ସେ କେବେ ଭୟଭୀତ ହୁଏ ନାହିଁ।"

ସେହିପରି ସଦାପ୍ରଭୁ ସର୍ବଶକ୍ତିମାନ ସିୟୋନ ପର୍ବତରେ ଓ
ତା'ର ଉପପର୍ବତରେ ଯୁଦ୍ଧ କରିବା ପାଇଁ ଓହ୍ଲାଇ ଆସିବେ।
**5**ଯେପରି ପକ୍ଷୀମାନେ ଉଡ଼ି ଉଡ଼ି ବସାକୁ ରକ୍ଷା କରନ୍ତି।
ସେହିପରି ସର୍ବଶକ୍ତିମାନ ସଦାପ୍ରଭୁ ଯିରୁଶାଲମକୁ ରକ୍ଷା କରିବେ।
ସେ ତାକୁ "ଉଦ୍ଧାର ଓ ନିସ୍ତାର" କରିବେ।

**6**ହେ ଇସ୍ରାଏଲର ସନ୍ତାନଗଣ, ତୁମ୍ଭେମାନେ ଯେଉଁ ପରମେଶ୍ୱରଙ୍କର ବିରୁଦ୍ଧାଚରଣ କରି ତାଙ୍କ ପ୍ରତି ବିମୁଖ ହୋଇଅଛ, ତାଙ୍କ ନିକଟକୁ ଫେରିଆସ। **7**କାରଣ ତୁମ୍ଭେମାନେ ପ୍ରତ୍ୟେକ ସ୍ୱର୍ଣ୍ଣ ଓ ରୌପ୍ୟ ନିର୍ମିତ ପ୍ରତିମାଗୁଡ଼ିକୁ ପୂଜା କରି ପାପ କରିଛ। ତେଣୁ ସେଗୁଡ଼ିକୁ ତୁମ୍ଭେମାନେ ପକାଇ ଦେବ।

**8**ଏହା ସତ୍ୟ ସେଦିନ ଅଶୂର ଖଡ୍ଗରେ ପତିତ ହେବ। ମାତ୍ର ତାହା ମନୁଷ୍ୟର ଖଡ୍ଗ ନୁହେଁ। ଅଶୂର ସମ୍ପୂର୍ଣ୍ଣ ବିନଷ୍ଟ ହେବ ମାତ୍ର ତାହା ମନୁଷ୍ୟ ଖଡ୍ଗରେ ନୁହେଁ। ପୁଣି ସେ ଖଡ୍ଗ ସମ୍ମୁଖରୁ ପଳାୟନ କରିବ। ତା'ର ଯୁବକମାନେ କ୍ରୀତଦାସ ହେବେ। **9**ଆଉ ତା'ର ଶୈଳ ଅନ୍ତର୍ହିତ ହେବ। ତା'ର ଅଧିପତିମାନେ ଧ୍ୱଜା ଛାଡ଼ି ପଳାୟନ କରିବେ।

ସଦାପ୍ରଭୁ ଏହି ସବୁ କୁହନ୍ତି, "ତାଙ୍କର ଅଗ୍ନି ସିୟୋନରେ ଓ ଯଜ୍ଞବେଦୀ ଯିରୁଶାଲମରେ ଅଛି।"

### ଅଧିପତିଗଣ ଉତ୍ତମ ଓ ନ୍ୟାୟପରାୟଣ ହେବା ଉଚିତ

**32** ଦେଖ, ଜଣେ ରାଜା ଧର୍ମାନୁସାରେ ରାଜତ୍ୱ କରିବେ ଓ ଅଧିପତିଗଣ ନ୍ୟାୟରେ ଶାସନ କରିବେ। **2**ଯଦି ଏହା ଘଟିବ, ତେବେ ସେହି ମାନବ ବତାସରୁ ଆଶ୍ରୟସ୍ଥାନ ଓ ଝଡ଼ ବର୍ଷାରୁ ଆଶ୍ରୟ, ଶୁଷ୍କ ଭୂମିରେ ଜଳସ୍ରୋତ ଓ ଉତ୍ତପ୍ତ ଭୂମିରେ ଶୀତଳ ଛାୟା ପ୍ରଦାୟକ ଶୈଳ ସଦୃଶ ହେବ। **3**ପୁଣି ଦର୍ଶକମାନଙ୍କର ଚକ୍ଷୁ ମୁଦ୍ରିତ ହେବ ନାହିଁ ଓ ଶ୍ରୋତାମାନଙ୍କର କର୍ଣ୍ଣ ଅବଧାନ କରିବ। **4**ଦ୍ୱନ୍ଦରେ ପଡ଼ିଥିବା ବ୍ୟକ୍ତି ଜ୍ଞାନ ଲାଭ କରିବେ। ନିର୍ବାକମାନେ ସ୍ପଷ୍ଟ କଥା କହିବେ। **5**ନିର୍ବୋଧମାନେ ମହାତ୍ମା ଓ ଖଳଲୋକ ଉଦାର ବୋଲି ପ୍ରସିଦ୍ଧ ହେବେ ନାହିଁ।

**6**କାରଣ ଜଣେ ମୂଢ଼ ନିର୍ବୋଧ କଥା କହିବ ଓ ତାହାର ହୃଦୟରେ ଅଧର୍ମ କଥା କଳ୍ପନା କରିବ। ସେ ସର୍ବଦା ଭ୍ରାନ୍ତମୂଳକ କାର୍ଯ୍ୟ କରିବ ସେ ସଦାପ୍ରଭୁଙ୍କ ପ୍ରତିକୂଳରେ ମନ୍ଦକଥା କହିବ। ସେ କ୍ଷୁଧିତକୁ ଖାଦ୍ୟ ଦେବ ନାହିଁ କି ତୃଷିତକୁ ଜଳଦାନ କରିବ ନାହିଁ। **7**ଆଉ ମନ୍ଦ ଖଳ ଲୋକର ଉପାୟ ସବୁ ମନ୍ଦ। ସେ ଦରିଦ୍ରଠାରୁ ସମସ୍ତ ଅପହରଣ କରିବାକୁ ଯୋଜନା କରେ। ସେ ଦରିଦ୍ର ଲୋକମାନଙ୍କୁ ମିଥ୍ୟା ଅଭିଯୋଗ ସାହାଯ୍ୟରେ ଧ୍ୱଂସ କରିବାକୁ ଶପଥ ନିଏ, ଯଦିବା ସେତେବେଳେ ସେହି ଦରିଦ୍ର ଲୋକ ଯାହା କହେ, ତାହା ସଠିକ୍।

**8**ମାତ୍ର ଜଣେ ମହାତ୍ମା ଉତ୍ତମ କଥା କଳ୍ପନା କରେ ଓ ସେହି ଉତ୍ତମ ଆଚରଣରେ ସେ ସ୍ଥିର ରହେ।

### କଠୋର ସମୟ ଆସୁଛି

**9**ହେ ସୁଖିନୀ ସ୍ତ୍ରୀଗଣ, ତୁମ୍ଭେମାନେ ମୋ କଥା ଶୁଣ। ହେ ବିଶ୍ୱସ୍ତା ନାରୀଗଣ, ମୋ ବାକ୍ୟରେ କର୍ଣ୍ଣପାତ କର। **10**ହେ ନିଶ୍ଚିନ୍ତା ନାରୀଗଣ, ତୁମ୍ଭେମାନେ ବର୍ଷକ ପରେ ଉଦ୍‌ବିଗ୍ନା ହେବ। କାରଣ ଦ୍ରାକ୍ଷାଫଳର ଅଭାବ ହେବ, ଫଳ ଅମଳର ସମୟ ଆସିବ ନାହିଁ।

**11**ହେ ଶାନ୍ତବାସୀ ନାରୀଗଣ, ତୁମ୍ଭେମାନେ କମ୍ପିତା ହେବ। ହେ ନିଶ୍ଚିନ୍ତା ନାରୀଗଣ, ତୁମ୍ଭେମାନେ ଉଦ୍‌ବିଗ୍ନା ହେବ। ତୁମ୍ଭମାନଙ୍କର ବସ୍ତ୍ର କାଢ଼ି ବିବସ୍ତ୍ର ହୁଅ ଓ କଟି ଦେଶରେ ଚଟ ବାନ୍ଧ। **12**ସେହି ମନୋରମ ଫଳ କ୍ଷେତ ଓ ଫଳବତୀ ଦ୍ରାକ୍ଷାଲତା ନିମନ୍ତେ ଦୁଃଖରେ ଛାତିକୁ ମାରି ହେବେ।

ରୋଦନ କର କାରଣ ତୁମ୍ଭର କ୍ଷେତ ଶୂନ୍ୟ ଓ ଦ୍ରାକ୍ଷାଲତା ଫଳହୀନ। **13**ମୋର ଲୋକମାନଙ୍କ ଭୂମି କଣ୍ଟକ ଓ କାନକୋଳିକୁ ବୃକ୍ଷରେ ପୂର୍ଣ୍ଣ ହେବା ନିମନ୍ତେ ଓ ନଗରର ଆନନ୍ଦ ଉଲ୍ଲାସପୂର୍ଣ୍ଣ ଗୃହଗୁଡ଼ିକ ପାଇଁ ବିଳାପ କର।

**14**ମୋର ଲୋକମାନେ ରାଜନଗରୀ ପରିତ୍ୟାଗ କରିବେ ଓ ଜନାକୀର୍ଣ୍ଣ ନଗର ଜନଶୂନ୍ୟ ହେବ। ଗିରି ଓ ପ୍ରହରୀ ଦୁର୍ଗ ଚିରକାଳ ଗୁହାମୟ, ବନ ଗର୍ଦ୍ଦଭମାନଙ୍କର ଉଲ୍ଲାସ ଭୂମି ଓ ପଶୁପଲର ଚରସ୍ଥାନ ହେବ।

**15**ଆତ୍ମା ଉର୍ଦ୍ଧ୍ୱରୁ ଆସିବା ପର୍ଯ୍ୟନ୍ତ ଏହିସବୁ ରିକ୍ତ ରହିବ। ବର୍ତ୍ତମାନ ଏହା ଧାର୍ମିକମାନଙ୍କ ଇଚ୍ଛା ପାଇଁ ମରୁଭୂମି ହୋଇଛି, ତା'ପରେ ମରୁଭୂମି ଠିକ୍ ବିଚାରରେ ପାଇବେ ଏବଂ ଫଳ ବଗିଚା ଜଙ୍ଗଲରେ ପରିଣତ ହେବ। **16**ସେତେବେଳେ ପ୍ରାନ୍ତରରେ ନ୍ୟାୟ ବିଚାର ବାସ କରିବ ଓ ଉର୍ବର କ୍ଷେତରେ ଧାର୍ମିକତା ବସତି ସ୍ଥାପନ କରିବ। **17**ପୁଣି ସେହି ଧାର୍ମିକତାର କାର୍ଯ୍ୟ ଶାନ୍ତିମୟ ହେବ ଓ ଧାର୍ମିକତାର ଫଳ ଚିରକାଳ ସୁସ୍ଥିରତା ଓ ନିର୍ଭୟତା ହେବ। **18**ମୋର ଲୋକମାନେ ଶାନ୍ତିମୟ ବସତି ସ୍ଥାନରେ, ନିରାପଦ ତମ୍ବୁରେ ଓ ସୁସ୍ଥିର ବିଶ୍ରାମ ସ୍ଥାନରେ ବାସ କରିବେ। **19**ମାତ୍ର ଏହି କାର୍ଯ୍ୟ ଘଟିବା ପୂର୍ବରୁ ଅରଣ୍ୟ ସମ୍ପୂର୍ଣ୍ଣ ନିପତିତ ହେବ ଓ ନଗର ସମ୍ପୂର୍ଣ୍ଣରୂପେ ଧ୍ୱଂସ ପାଇବ। **20**ତୁମ୍ଭମାନଙ୍କ ମଧ୍ୟରୁ କେତେକ ସଜଳ ସ୍ଥାନରେ ବୀଜ ବୁଣୁଛ ଓ ଗୋରୁ ଗର୍ଦ୍ଦଭମାନଙ୍କୁ ବାହାରେ ଚରିବାକୁ ଛାଡୁଛ, ସେଥିପାଇଁ ତୁମ୍ଭେମାନେ ଧନ୍ୟ।

### ମନ୍ଦ କେବଳ ଅଧିକ ମନ୍ଦର କାରଣ

**33** ଦେଖ, ତୁମ୍ଭେମାନେ ଲୁଣ୍ଠିତ ନ ହୋଇ ମଧ୍ୟ ଅନ୍ୟମାନଙ୍କୁ ଲୁଣ୍ଠୁଅଛ। ଅନ୍ୟମାନେ ତୁମ୍ଭମାନଙ୍କ ପ୍ରତି ବିଶ୍ୱାସଘାତକତା ନ କଲେ ମଧ୍ୟ ତୁମ୍ଭେମାନେ ଅନ୍ୟମାନଙ୍କ ପ୍ରତି ବିଶ୍ୱାସଘାତକତା କରୁଅଛ। ତେଣୁ ତୁମ୍ଭେମାନେ ସନ୍ତାପର ପାତ୍ର। କାରଣ ତୁମ୍ଭେମାନେ ଲୁଣ୍ଠିବା ସମାପ୍ତ କଲାପରେ ଅନ୍ୟମାନେ ତୁମ୍ଭକୁ ଲୁଣ୍ଠିବେ। ପୁଣି ତୁମ୍ଭେମାନେ ବିଶ୍ୱାସଘାତକତା ସମାପ୍ତ କଲାପରେ ଅନ୍ୟମାନେ ତୁମ୍ଭପ୍ରତି ବିଶ୍ୱାସଘାତକତା କରିବେ।

**2**ସେତେବେଳେ ଲୋକମାନେ କହିବେ, "ହେ ସଦାପ୍ରଭୁ, ଆମ୍ଭମାନଙ୍କ ପ୍ରତି କୃପା କର। ଆମ୍ଭେମାନେ ତୁମ୍ଭର ଅନୁଗ୍ରହକୁ ଅପେକ୍ଷା କରିଛୁ। ହେ ସଦାପ୍ରଭୁ, ପ୍ରତି ପ୍ରଭାତରେ ତୁମ୍ଭେ ଆମ୍ଭମାନଙ୍କର ବାହୁସ୍ୱରୂପ ହୁଅ। ସଙ୍କଟ ସମୟରେ ଆମ୍ଭମାନଙ୍କର ତ୍ରାଣକର୍ତ୍ତା ହୁଅ।

**3**ତୁମ୍ଭର ଶକ୍ତିଶାଳୀ କୋଳାହଳରେ ଗୋଷ୍ଠୀଗଣ ପଳାୟନ କଲେ। ତୁମ୍ଭର ମହାନତା ଗୋଷ୍ଠୀଗୁଡ଼ିକୁ ଛିନ୍ନଭିନ୍ନ କଲା।"

**4**ପତଙ୍ଗ ଶସ୍ୟ ସଂଗ୍ରହ କଲାପରି ତୁମ୍ଭମାନଙ୍କର ସମ୍ପତ୍ତି ଲୁଣ୍ଠିତ ସଂଗୃହୀତ ହେବ। ଯେପରି ପତଙ୍ଗମାନେ ଡିଆଁ ମାରନ୍ତି, ସେହିପରି ବହୁଲୋକ ତା ଉପରେ ଡିଆଁ ମାରିବେ।

**5**ସଦାପ୍ରଭୁ ଉନ୍ନତ, କାରଣ ସେ ଉର୍ଦ୍ଧ୍ୱ ଲୋକରେ ବାସ କରନ୍ତି। ସେ ସିୟୋନକୁ ନ୍ୟାୟ ବିଚାର ଓ ଧାର୍ମିକତାରେ ପୂର୍ଣ୍ଣ କରିଅଛନ୍ତି।

6ହେ ଯିରୁଶାଲମ, ସେ ତୁମ୍ଭ ପାଇଁ ନିରାପଦ ଆଣିବେ।
ସେ ତୁମ୍ଭକୁ ମୁକ୍ତି, ବୁଦ୍ଧି ଓ ଜ୍ଞାନରେ ଧନୀ କରିବେ।
ସଞ୍ଚିତ ଧନ ସଦାପ୍ରଭୁଙ୍କ ଭୟର ବିଷୟକ, ତାହା ସେ
ଦିଅନ୍ତି।

7ମାତ୍ର ଶୁଣ, ସେମାନଙ୍କର ପରାକ୍ରମଶାଳୀମାନେ ବାହାରେ
କ୍ରନ୍ଦନ କରୁଛନ୍ତି। ଶାନ୍ତିକାମୀ ଦୂତମାନେ ଅତିଶୟ ରୋଦନ
କରୁଛନ୍ତି। 8ରାଜପଥ ଧ୍ୱଂସପ୍ରାପ୍ତ ହୋଇଛି। ସେଠାରେ କେହି
ପଥିକ ଦେଖାଯିବେ ନାହିଁ। ସେମାନେ ଚୁକ୍ତି ଭଙ୍ଗ କରିଛନ୍ତି।
ନଗର ସବୁକୁ ତୁଚ୍ଛ କରିଛନ୍ତି ଏବଂ କେହି ହେଲେ ସମ୍ମାନ
ହୋଇ ନାହାଁନ୍ତି। 9ଦେଶ ଜଟିଳ ସମସ୍ୟା ଏବଂ ଅବସନ୍ନ ରୂପ
ପରିଧାନ କରିଛି। ଲିବାନୋନ ଲଜ୍ଜିତ ଓ ଶୁଷ୍କ ଦେଖା
ଯାଉଛି, ଶାରୋଣ ଅରଣ୍ୟ ତୁଲ୍ୟ ଦେଖା ଯାଉଛି। ବାଶନ୍ ଓ
କର୍ମିଲର ପତ୍ର ଝାଡ ହୋଇଛି।

10ସଦାପ୍ରଭୁ କୁହନ୍ତି, "ଆମ୍ଭେ ଏବେ ଉଠିବା, ଆମ୍ଭେ
ଏବେ ଆପଣାକୁ ଉଠାଇବା, ଆମ୍ଭେ ଏବେ ଉନ୍ନତ ହେବା।
11ତୁମ୍ଭେମାନେ ତୁଷ ସଦୃଶ ଗର୍ଭଧାରଣ କରି ନଡ଼ା ପ୍ରସବ
କରିବ। ତୁମ୍ଭମାନଙ୍କର ଅଗ୍ନିସଦୃଶ ଆତ୍ମା ତୁମ୍ଭମାନଙ୍କୁ ଗ୍ରାସ
କରିବ। 12ପୁଣି ଲୋକମାନେ ଚୂନପରି ଭସ୍ମିଭୂତ ହେବେ ଓ
ଅଗ୍ନିରେ ଲଟା ଓ କଣ୍ଟକପରି ଶୀଘ୍ର ଦଗ୍ଧିଭୂତ ହେବେ।

13"ହେ ଦୂରବର୍ତ୍ତୀ ଲୋକଗଣ, ଦୟାକରି ତୁମ୍ଭ କାନ
ଆଣି ମୋ କୃତକର୍ମର କଥା ଶୁଣ ଏବଂ ମୋ ନିକଟବର୍ତ୍ତୀ
ସମୂହ, ଏହାକୁ ମୋର ପରାକ୍ରମ ସ୍ୱୀକାର କର।"

14ସିୟୋନର ପାପୀଗଣ ଭୟଭୀତ, ମନ୍ଦାଚାରୀଗଣ ହଠାତ୍
କମ୍ପିତ ହେଉଛନ୍ତି। "ଆମ୍ଭମାନଙ୍କ ମଧ୍ୟରୁ କେହି ସର୍ବଗ୍ରାସୀ
ଅଗ୍ନିରେ ବାସ କରିପାରିବ? ପୁଣି କେହି କେବେ ଅନନ୍ତକାଳ
ପର୍ଯ୍ୟନ୍ତ ଜ୍ୱଳନ୍ତ ଅଗ୍ନିରେ ବାସ କରିପାରିବ?"

15ଯେଉଁ ଲୋକମାନେ ଧର୍ମ ପଥରେ ଚାଲନ୍ତି ଓ ସରଳ
କଥା କୁହନ୍ତି, ସେମାନେ ଉପଦ୍ରବଜାତ ଲାଭ ତୁଚ୍ଛ କରନ୍ତି।
ଲାଞ୍ଚ ଧରିବା ବିଷୟରୁ ଆପଣା ହାତ ଝାଡ଼ି ଦିଅନ୍ତି। ରକ୍ତପାତ
କଥା ଶ୍ରବଣରୁ ଆପଣା କର୍ଣ୍ଣ ରୋଧ କରନ୍ତି ଓ ଦୁଷ୍କର୍ମ
ଦର୍ଶନରୁ ଚକ୍ଷୁ ମୁଦ୍ରିତ କରନ୍ତି। 16ସେହି ଲୋକମାନେ ଉଚ୍ଚ
ସ୍ଥାନରେ ବାସ କରିବେ। ସେମାନେ ଉଚ୍ଚ ଶୈଳ ନିର୍ମିତ
ଦୁର୍ଗରେ ସୁରକ୍ଷିତ ହେବେ। ସେମାନଙ୍କର ଭକ୍ଷ୍ୟ ଓ ଜଳର
ଅଭାବ ରହିବ ନାହିଁ।

17ତୁମ୍ଭର ଚକ୍ଷୁ ରାଜାଙ୍କୁ ତାହାଙ୍କ ସୌନ୍ଦର୍ଯ୍ୟରେ ଦର୍ଶନ
କରିବ। ଏକ ବହୁଦୂରବ୍ୟାପୀ ଦେଶକୁ ଦେଖିବ। 18ତୁମ୍ଭର
ହୃଦୟ ଭୟରେ ଥରିବେ। ତୁମ୍ଭେ ଭାବିବ, "ସେହି ଗଣନାକାରୀ
କାହିଁ? ସେହି ଲୋକ କାହିଁ ଯିଏ ଓଜନ କରୁଥିଲା? ସେହି
ଲୋକ କେଉଁଠାରେ ଯିଏ ଦୁର୍ଗ ଗଣନା କରୁଥିଲା? 19ସେହି
ଦୂରନ୍ତ ଜାତିଗଣ ଯେଉଁମାନଙ୍କର ଗଭୀର ଭାଷା ତୁମ୍ଭେ
ଜାଣିପାରିଲ ନାହିଁ ଓ ଯେଉଁମାନଙ୍କର ବିଦେଶୀୟ ଭାଷାର
ଗଭୀରତା ତୁମ୍ଭେ ବୁଝି ପାରିଲ ନାହିଁ, ସେହି ଗୋଷ୍ଠୀକୁ ଆଉ
ଦେଖିବ ନାହିଁ।"

### ପରମେଶ୍ୱର ଯିରୁଶାଲମକୁ ସୁରକ୍ଷା ଦେବେ

20ଆମ୍ଭମାନଙ୍କ ପବିତ୍ର ଧର୍ମସ୍ଥାନ ସିୟୋନ ନଗର ପ୍ରତି
ଦୃଷ୍ଟି କର; ଶାନ୍ତିମୟ ବସତିସ୍ଥାନ ଯିରୁଶାଲମ ପ୍ରତି ଲକ୍ଷ୍ୟ
କର, ତାହା ଅଟଳ ତମ୍ବୁ ସ୍ୱରୂପ ଓ ତାହାର କିଲାଗୁଡ଼ିକ
ଏତେ ସୁଦୃଢ଼ ତାହା ଉପୁଡ଼ିବ ନାହିଁ କିମ୍ବା ଦଉଡ଼ି ଗୁଡ଼ିକ
ଛିଣ୍ଡିବ ନାହିଁ। 21-23କାହିଁକି ଏସବୁ ହେବ? କାରଣ ପ୍ରବଳ
ଶକ୍ତିମାନ ସଦାପ୍ରଭୁ ଆମ୍ଭମାନଙ୍କର ସହାୟକ ହେବେ। ସେ
ସ୍ଥାନ ପ୍ରଶସ୍ତ ନଦନଦୀ ଓ ସ୍ରୋତ ସମୂହର ସ୍ଥାନ ହେବ।
କିନ୍ତୁ ସେହି ନଦୀମାନଙ୍କରେ ଆହୁଲା ଯୁକ୍ତ କୌଣସି ନୌକା
ଗତି କରିବ ନାହିଁ କି ଭୟଙ୍କର ଜାହାଜ ତାହାକୁ ଅତିକ୍ରମ
କରିବ ନାହିଁ। ତୁମ୍ଭେମାନେ ସେହି ପୋତର ରଜ୍ଜୁ ଛାଡ଼ି
ଦେବ। ତୁମ୍ଭେମାନେ ଜାହାଜର ମାସ୍ତୁଲକୁ ଶକ୍ତ କରିବ ନାହିଁ।
ତୁମ୍ଭେମାନେ ତୁମ୍ଭର ଜାହାଜକୁ ଖୋଲିବାକୁ କ୍ଷମ ହେବନାହିଁ।
କାରଣ ସଦାପ୍ରଭୁ ଆମ୍ଭମାନଙ୍କର ବିଚାରକର୍ତ୍ତା, ସଦାପ୍ରଭୁ
ଆମ୍ଭମାନଙ୍କର ବ୍ୟବସ୍ଥାପକ, ସଦାପ୍ରଭୁ ଆମ୍ଭମାନଙ୍କର ରାଜା,
ସେ ଆମ୍ଭମାନଙ୍କୁ ପରିତ୍ରାଣ କରିବେ। ତେଣୁ ସଦାପ୍ରଭୁ
ଆମ୍ଭମାନଙ୍କୁ ବିପୁଳ ସମ୍ପଦ ଦେବେ। ଏପରିକି ଛୋଟା ଲୋକ
ମଧ୍ୟ ଲୁଣ୍ଠିତ ସମ୍ପଦ ପାଇବ। 24"ମୁଁ ପୀଡ଼ିତ" ବୋଲି
ସେଠାକାର ନିବାସୀ କହିବ ନାହିଁ। ସେଠିକାର ନିବାସୀମାନଙ୍କର
ପାପ କ୍ଷମା କରାଯିବ।

### ପରମେଶ୍ୱର ତାଙ୍କର ଶତ୍ରୁଙ୍କୁ ଦଣ୍ଡ ଦେବେ

34 ହେ ସମସ୍ତ ଦେଶୀୟଗଣ, ନିକଟକୁ ଆସି ଶ୍ରବଣ
କର। ହେ ଗୋଷ୍ଠୀସମୂହ, ତୁମ୍ଭେମାନେ ଧ୍ୟାନର
ସହିତ ଶୁଣ। ପୃଥିବୀ ଓ ତଦୁପରି ସମସ୍ତ ଶ୍ରବଣ କରନ୍ତୁ;
ଜଗତ ଓ ସେଥିରୁ ସୃଷ୍ଟି ସମସ୍ତ ପଦାର୍ଥ ଶ୍ରବଣ କରୁ।
2କାରଣ ସଦାପ୍ରଭୁ ଦେଶୀୟ ସମସ୍ତଙ୍କ ବିପକ୍ଷରେ ଓ ସମସ୍ତ
ସୈନ୍ୟସାମନ୍ତଙ୍କ ପ୍ରତିକୂଳରେ ତାଙ୍କର ପ୍ରଚଣ୍ଡ କ୍ରୋଧ ପ୍ରକାଶ
କରିଛନ୍ତି। ସଦାପ୍ରଭୁ ସେମାନଙ୍କୁ ବିନାଶ କରିବେ ଓ ସେ
ମଧ୍ୟ ସେ ସମସ୍ତଙ୍କର ବିନାଶର କାରଣ ହେବେ। 3ସେହି
ନିହତ ଲୋକମାନେ ବାହାରେ ନିକ୍ଷିପ୍ତ ହେବେ। ସେମାନଙ୍କ
ଶବ ଦୁର୍ଗନ୍ଧ ଦେବ ଓ ସେମାନଙ୍କର ରକ୍ତ ପର୍ବତଗୁଡ଼ିକରେ
ବୋହି ଯିବ। 4ପୁଣି ଆକାଶ ମଣ୍ଡଳର ସମସ୍ତ ସୈନ୍ୟ
କ୍ଷୟପ୍ରାପ୍ତ ହେବେ ଏବଂ ମୋଡ଼ା କାଗଜ ଭଳି ସେ ଗୁଡ଼ାଇ
ହୋଇଥିବେ। ଦ୍ରାକ୍ଷାଲତାର ଓ ଡିମ୍ବିରି ବୃକ୍ଷର ଜୀର୍ଣ୍ଣପତ୍ର ସଦୃଶ
ସମସ୍ତ ସୈନ୍ୟ ବିହୀନ ହେବେ ଏବଂ ପଡ଼ିଯିବେ। 5ସଦାପ୍ରଭୁ
କୁହନ୍ତି, "ଏହା ଘଟିବ ଯେତେବେଳେ ଆମ୍ଭର ଖଡ୍ଗ ପରିତୃପ୍ତ
ରୂପେ ପାନ କରିଛି।"

ଦେଖ, ବିଚାର ସାଧନ ନିମନ୍ତେ ତାହା ଇଦୋମର ଓ
ଆମ୍ଭର ଅଭିଶପ୍ତ ଲୋକମାନଙ୍କ ଉପରେ ପଡ଼ିବ। 6ସଦାପ୍ରଭୁଙ୍କ
ଖଡ୍ଗ ରକ୍ତରେ ପରିତୃପ୍ତ ଓ ମେଦରେ ଓ ଛାଗଗଣର
ଗୁରୁଦାର ମେଦରେ ପୁଷ୍ଟ। କାରଣ ବସ୍ରାରେ ସଦାପ୍ରଭୁଙ୍କର
ଏକ ଯଜ୍ଞ ଓ ଇଦୋମ ଦେଶରେ ଏକ ମହା ହତ୍ୟାକାଣ୍ଡ
ହେବ। 7ତେଣୁ ମେଷ, ବନ୍ୟଗୋରୁ, ବୃଷଭ ଏବଂ ଯୁବା
ବୃଷଭ ଆସିବେ। ସେମାନଙ୍କ ରକ୍ତରେ ପରିପୂର୍ଣ୍ଣ ହେବ ଓ
ସେମାନଙ୍କ ଚର୍ବିରେ ଭୂମି ଆଚ୍ଛାଦିତ ହେବ।

8କାରଣ ଏହା ସଦାପ୍ରଭୁଙ୍କର ପ୍ରତିଶୋଧର ଦିନ। ଏହା
ସିୟୋନର ବିବାଦ ସମ୍ବନ୍ଧୀୟ ପ୍ରତିଫଳର ବର୍ଷ। 9ଆଉ ମଧ୍ୟ
ତହିଁର ସ୍ରୋତସବୁ ଝୁଣାରେ ଓ ତହିଁର ଧୂଳି ଗନ୍ଧକରେ
ପରିଣତ ହେବ। ସେହି ଭୂମି ପ୍ରଜ୍ୱଳିତ ଝୁଣା ହେବ।

10ସେହି ଅଗ୍ନି ଦିବାରାତ୍ର ପ୍ରଜ୍ୱଳିତ ହେବ ଓ ତାହା କେବେ
ନିର୍ବାପିତ ହେବ ନାହିଁ। ସେଥିରୁ ଚିରକାଳ ଧୂମ ନିର୍ଗତ
ହେବ। ପୁରୁଷାନୁକ୍ରମେ ତାହା ମରୁଭୂମି ହୋଇ ରହିବ।
ଅନନ୍ତକାଳ ପର୍ଯ୍ୟନ୍ତ ତାହା ମଧ୍ୟ ଦେଇ କେହି ଗମନ
କରିବେ ନାହିଁ। 11ପାଣି ଭେଲା ଓ ଝିଙ୍କ ତାହା ଅଧିକାର
କରିବେ। ଆଉ ପେଚା ଓ ଡାମରାକାଉ ତାହା ମଧ୍ୟରେ ବାସ
କରିବେ। ପୁଣି ସେ ସ୍ଥାନ "ଶୁନ୍ୟ ମରୁଭୂମି" ବୋଲି
ଡକାହେବ। 12ସେମାନେ ତହିଁର କୁଳୀନମାନଙ୍କୁ ରାଜତ୍ୱ
କରିବାକୁ ଡାକିବେ। ମାତ୍ର କେହି ସେଠାରେ ନଥିବେ ଓ
ତହିଁର ଅଧିପତି ସମସ୍ତେ ଲୁପ୍ତ ହେବେ।

13ସେଠାରେ ଥିବା ଅଟ୍ଟାଳିକାଗୁଡ଼ିକ କଣ୍ଟକ ଦ୍ୱାରା ଓ
ଦୁର୍ଗଗୁଡ଼ିକ ବିଛୁଆତି ଓ କଣ୍ଟକଲତା ଦ୍ୱାରା ଆଚ୍ଛାଦିତ ହେବ।
ତାହା ଶୃଗାଳମାନଙ୍କର ବାସସ୍ଥାନ ଓ ଓଟପକ୍ଷୀମାନଙ୍କର ଚରାସ୍ଥାନ
ହେବ। 14ସେଠାରେ ବନ୍ୟପଶୁଗଣ ଗଧିଆମାନଙ୍କ ସହିତ ମିଶି
ବାସ କରିବେ। ବନ୍ୟଛାଗ ତା'ର ସାଥୀମାନଙ୍କୁ ଡାକିବ ଓ
ନିଶାଚରମାନେ ସେଠାରେ ବାସ କରିବେ ଓ ବିଶ୍ରାମ ସ୍ଥାନ
ଲାଭ କରିବେ। 15ପେଚାଗଣ ସେଠାରେ ବାସ କରିବେ ଏବଂ
ପରିବାରକୁ ବୃଦ୍ଧି କରିବେ। ଚିଲମାନେ ନିଜର ସଙ୍ଗିନୀ ସହିତ
ମିଳିତ ହେବେ।

16ତୁମ୍ଭେମାନେ ସଦାପ୍ରଭୁଙ୍କ ପୁସ୍ତକରୁ ଅନୁସନ୍ଧାନ କରି
ପାଠ କର। ସେଥିରେ ଲିଖିତ ଅଛି ସେମାନଙ୍କ ମଧ୍ୟରୁ କେହି
ଅନୁପସ୍ଥିତ ରହିବେ ନାହିଁ। କେହି ନିଜର ସଙ୍ଗିନୀକୁ ଛାଡ଼ିବ
ନାହିଁ। କାରଣ ମୋର ମୁଖଦ୍ୱାରା ଏହି ଆଜ୍ଞା କରିଛନ୍ତି ଓ
ତାଙ୍କର ଆତ୍ମା ସେମାନଙ୍କୁ ସଂଗ୍ରହ କରିଛି। 17ପରମେଶ୍ୱର
ପୁଣି ସେମାନଙ୍କ ନିମନ୍ତେ ଗୁଲିବାଣ୍ଟ କରିଛନ୍ତି ଓ ତାଙ୍କର
ହସ୍ତ ପରିମାପକ ରଜ୍ଜୁ ଦ୍ୱାରା ତାହା ବିଭାଗ କରି ସେମାନଙ୍କୁ
ଦେଇଅଛି। ସେମାନେ ତାହା ଚିରକାଳ ଅଧିକାର କରିବେ,
ସେମାନେ ପୁରୁଷାନୁକ୍ରମେ ତହିଁ ମଧ୍ୟରେ ବାସ କରିବେ।

## ପରମେଶ୍ୱର ତାଙ୍କର ସନ୍ତାନଗଣଙ୍କୁ ସୁଖ ପ୍ରଦାନ

35 ଶୁଷ୍କ ମରୁଭୂମି ଆନନ୍ଦିତ ହେବ। ପୁଣି ମରୁଭୂମି
ଉଲ୍ଲାସିତ ହୋଇ ପୁଷ୍ପତୁଲ୍ୟ ପ୍ରଫୁଲ୍ଲିତ ହେବ।
2ତା'ର ଅପାର ଆନନ୍ଦ ଉଲ୍ଲାସ ନୃତ୍ୟ ଓ ଗାନ ମାଧ୍ୟମରେ
ପ୍ରଦର୍ଶନ କରିବ। ଲିବାନୋନର ପରାକ୍ରମ, କର୍ମିଲ ଓ ଶାରୋଣର
ଶୋଭା ସେ ପ୍ରାପ୍ତ ହେବ। ଏସବୁ ଘଟିବ, କାରଣ ସେମାନେ
ସଦାପ୍ରଭୁଙ୍କର ମହିମା ଏବଂ ସେମାନେ ପରମେଶ୍ୱରଙ୍କ ଶୋଭା
ଦେଖିବେ।

3ତୁମ୍ଭେମାନେ ଦୁର୍ବଳ ହାତକୁ ସବଳ କର ଓ କମ୍ପିତ
ଆଣ୍ଠୁକୁ ସୁସ୍ଥିର କର। 4ଭୀତଗ୍ରସ୍ତ ଲୋକମାନଙ୍କୁ ଅଭୟ
ଦେଇ କୁହ, "ସାହସୀ ହୁଅ, ଭୟ କର ନାହିଁ।" ଦେଖ,
ତୁମ୍ଭର ପରମେଶ୍ୱର ବିପକ୍ଷମାନଙ୍କ ଉପରେ ପ୍ରତିଶୋଧ ନେବାକୁ
ଆସିବେ। ସଦାପ୍ରଭୁ ପ୍ରତିଫଳ ସହିତ ଆସି ତୁମ୍ଭମାନଙ୍କୁ
ପରିତ୍ରାଣ କରିବେ। 5ସେତେବେଳେ ଅନ୍ଧମାନେ ଚକ୍ଷୁଷ୍ମାନ
ହୋଇ ଦେଖିପାରିବେ ଓ ବଧିରମାନେ ମୁକ୍ତ କର୍ଣ୍ଣରେ ଶ୍ରବଣ
କରିବେ। 6ଖଞ୍ଜଲୋକ ହରିଣ ତୁଲ୍ୟ ଡିଆଁ ମାରିବ ଓ ମୂକ
ଆନନ୍ଦରେ ଗାନ କରିବ। କାରଣ ପ୍ରାନ୍ତରରେ ଜଳ ଓ
ମରୁଭୂମିରେ ଝରଣାର ସ୍ରୋତ ବାହାରିବ। 7ମରିଚିକା ଜଳାଶୟ
ହେବ। ଶୁଷ୍କ ମରୁଭୂମି ନିର୍ଝରମୟ ହେବ। ଶୃଗାଳମାନଙ୍କ
ବାସ ସ୍ଥାନରେ ନଳ ଓ ତଣ୍ଡିବଣ ଜନ୍ମିବ।

8ପୁଣି ସେତେବେଳେ ସେଠାରେ ରାଜଦଣ୍ଡ ଓ ପଥ ହେବ
ଯାହାକି "ପବିତ୍ରତାର ପଥ" ବୋଲି ବିଖ୍ୟାତ ହେବ। ତାହା
ଉପରେ କେବଳ ଧାର୍ମିକମାନେ ଗମନ କରିବେ। କୌଣସି
ଅଶୁଚି, ମନ୍ଦାଚାରୀ ଓ ଅଜ୍ଞାନମାନେ ସେ ପଥରେ ଯିବେ
ନାହିଁ। 9ସେ ପଥରେ କୌଣସି ବିପଦ ନ ଥିବ। ସିଂହ କିମ୍ବା
ହିଂସ୍ରକ ଜନ୍ତୁ ଆଘାତ ଦେବାକୁ ସେଠାରେ ନ ଥିବେ।
ସେମାନେ ସେଠାରେ ଦେଖାଯିବେ ନାହିଁ। କେବଳ ମୁକ୍ତିପ୍ରାପ୍ତ
ଲୋକମାନେ ତା'ଉପରେ ବିଚରଣ କରିବେ।

10ପୁଣି ପରମେଶ୍ୱରଙ୍କ ନିସ୍ତାରିତ ଲୋକମାନେ ଫେରି
ଆସିବେ। ସେମାନେ ଆନନ୍ଦରେ ଗାନ କରି କରି ସିୟୋନରେ
ଉପସ୍ଥିତ ହେବେ। ଚିରନ୍ତନ ଆନନ୍ଦ ସେମାନଙ୍କର ମସ୍ତକର
ଭୂଷଣ ହେବ। ସେମାନେ ସମ୍ପୂର୍ଣ୍ଣ ଆନନ୍ଦ ଓ ଆହ୍ଲାଦ ଲାଭ
କରିବେ। ପୁଣି ଶୋକ ଓ ଆର୍ତ୍ତସ୍ୱର ଦୂରକୁ ପଳାଇଯିବ।

## ଅଶୂରୀୟମାନଙ୍କ ଯିହୁଦା ଆକ୍ରମଣ

36 ରାଜା ହିଜକିୟଙ୍କ ଚତୁର୍ଦ୍ଦଶ ବର୍ଷ ରାଜତ୍ୱ କାଳରେ
ଅଶୂରର ରାଜା ସନ୍‌ହେରୀବ ସୁଦୃଢ଼ ପ୍ରାଚୀର ବେଷ୍ଟିତ
ଯିହୁଦାର ନଗର ସବୁକୁ ଆକ୍ରମଣ କରି ତାକୁ ଅଧିକାର
କଲେ। 2ଅଶୂରର ରାଜା ସନ୍‌ହେରୀବ ତାଙ୍କର ସେନାଧକ୍ଷଙ୍କୁ
ଏକ ବିଶାଳ ସୈନ୍ୟବାହିନୀ ଦେଇ ଲାଖୀଶଠାରୁ ଯିରୁଶାଲମକୁ
ହିଜକିୟ ରାଜା ନିକଟକୁ ପଠାଇଲା। ଆଉ ସେ ରଜକର
କ୍ଷେତ୍ର ପଥସ୍ଥିତ ଉପର ପୁଷ୍କରିଣୀର ନାଳ ନିକଟରେ ଠିଆ
ହେଲା।

3ଯିରୁଶାଲମର ତିନିଜଣ ବ୍ୟକ୍ତି ସେନାଧ୍ୟକ୍ଷଙ୍କୁ ସାକ୍ଷାତ
କରିବାକୁ ଗଲେ। ସେମାନେ ହେଲେ ହିଲକିୟର ପୁତ୍ର
ରାଜଗୃହ ରକ୍ଷୀ ଇଲିୟାକୀମ, ଲେଖକ ଶିବ୍ନ ଓ ଆସଫର
ପୁତ୍ର ଇତିହାସ ଲେଖକ ଯୋୟାହ।
4ଆଦେଶକର୍ତ୍ତା ସେମାନଙ୍କୁ କହିଲା,

"ଏବେ ତୁମ୍ଭେମାନେ ହିଜକିୟଙ୍କୁ କୁହ, ଅଶୂରର
ମହାରାଜା ଏହି କଥା କୁହନ୍ତି, ତୁମ୍ଭେମାନେ କିଣ ପାଇଁ
ଏତେ ଆତ୍ମନିର୍ଭର ଶୀଳ।
5ମୁଁ କହୁଛି ଯୁଦ୍ଧ ପାଇଁ ତୁମ୍ଭମାନଙ୍କର ଏହି
ଯେଉଁ ବଳ ଓ ମନ୍ତ୍ରଣା ବୃଥା କଥା, ତୁମ୍ଭେମାନେ
କାହା ଉପରେ ବିଶ୍ୱାସ କରି ମୋ ବିପକ୍ଷରେ ବିଦ୍ରୋହ
କରିଛ? 6ତୁମ୍ଭେମାନେ କ'ଣ ଭଗ୍ନ ଯଷ୍ଟି ସଦୃଶ
ମିଶର ଉପରେ ନିର୍ଭର କରୁଛ? ତାହା ଯଦି କରୁଥାଅ
ତେବେ ସେ ହାତରେ ଫୋଡ଼ି ହୋଇଯାଇ କଣା
କରିଦେବ। ମିଶରର ରାଜା ଫାରୋ ଉପରେ ଯେଉଁମାନେ
ବିଶ୍ୱାସ ରଖନ୍ତି, ସେମାନେ ସମସ୍ତେ କିଛି ସାହାଯ୍ୟ
ପାଇବେ ନାହିଁ।
7ମାତ୍ର ତୁମ୍ଭେ ମୋତେ କହିପାର, "ଆମ୍ଭେମାନେ
ସଦାପ୍ରଭୁ ଆମର ପରମେଶ୍ୱରଙ୍କ ଉପରେ ବିଶ୍ୱାସ
କରୁଅଛୁ।" ମାତ୍ର ମୁଁ ଜାଣେ ହିଜକିୟ ସଦାପ୍ରଭୁଙ୍କ
ପୂଜାସ୍ଥଳୀ ଯଜ୍ଞବେଦୀ ଓ ଉଚ୍ଚସ୍ଥଳୀ ଧ୍ୱଂସ କରି

ଦେଇଛ। "ଆଉ ଯିହୁଦା ଓ ଯିରୁଶାଲମର ଲୋକମାନଙ୍କୁ
କେବଳ ଯିରୁଶାଲମର ଯଜ୍ଞବେଦୀ ନିକଟରେ ପୂଜା
କରିବାକୁ କହିଅଛ।"
8ଏହା ସତ୍ତ୍ୱେ, ଯଦି ତୁମ୍ଭେ ଯୁଦ୍ଧ କରିବାକୁ
ଚାହୁଁଛ, ଅଶୂରର ରାଜାଙ୍କ ସହିତ ସମ୍ପର୍କ କର,
ସେମାନଙ୍କ ପାଇଁ ଯଦି ଅଶ୍ୱ ଆରୋହଣକାରୀମାନଙ୍କୁ
ଖୋଜି ପାରିବ, ତେବେ ମୁଁ ତୁମ୍ଭଙ୍କୁ 200 ଅଶ୍ୱ
ଦେବି। 9ମାତ୍ର ତୁମ୍ଭେ ମୋର ପ୍ରଭୁଙ୍କ ଦାସମାନଙ୍କ
ମଧ୍ୟରୁ କ୍ଷୁଦ୍ରତମ ସେନାପତିଙ୍କୁ ମଧ୍ୟ ପରାସ୍ତ କରିପାରିବ
ନାହିଁ। ତେବେ ତୁମ୍ଭେ କିପରି ମିଶରର ଅଶ୍ୱାରୋହୀ
ଓ ରଥ ଉପରେ ବିଶ୍ୱାସ ରଖୁଛ?
10ବର୍ତ୍ତମାନ ତୁମ୍ଭେ କ'ଣ ଭାବୁଛ ମୁଁ ସଦାପ୍ରଭୁଙ୍କ
ବିନା ସାହାଯ୍ୟରେ ଏହି ସ୍ଥାନକୁ ଧ୍ୱଂସ କରିପାରିବି?
ସଦାପ୍ରଭୁ ମୋତେ କହିଲେ, "ଏହି ଦେଶ ବିରୁଦ୍ଧରେ
ଯାଇ ତାକୁ ଧ୍ୱଂସ କର।"

11ତା'ପରେ ଇଲୀୟାକୀମ୍, ଶିବ୍ନ ଓ ଯୋୟାହ ରବଶାକିଙ୍କୁ
କହିଲେ, "ଦୟାକରି ଆପଣ ଆପଣଙ୍କର ଦାସମାନଙ୍କୁ ଅରାମୀୟ
ଭାଷାରେ କୁହନ୍ତୁ। କାରଣ ଆମ୍ଭେମାନେ ସେ ଭାଷା ବୁଝି
ପାରୁଛୁ। ପୁଣି ପ୍ରାଚୀର ଉପରିସ୍ଥ ଲୋକମାନଙ୍କର ଗୋଚର
ନିମନ୍ତେ ଯିହୁଦୀୟ ଭାଷାରେ କୁହନ୍ତୁ ନାହିଁ।"
12ମାତ୍ର ରବଶାକି କହିଲା, "ମୋର ପ୍ରଭୁ କ'ଣ ମୋତେ
ତୁମ୍ଭମାନଙ୍କୁ ଓ ତୁମ୍ଭର ପୁତ୍ରଙ୍କୁ କହିବା ପାଇଁ ପଠାଇଛନ୍ତି?
ସେ କ'ଣ ମୋତେ ତୁମ୍ଭମାନଙ୍କ ସହିତ ଯେଉଁମାନେ ଆପଣା
ଆପଣା ବିଷ୍ଠା ଖାଉଛନ୍ତି ଓ ମୂତ୍ର ପାନ କରୁଛନ୍ତି, ସେମାନଙ୍କ
ନିକଟକୁ ପଠାଇ ନାହାଁନ୍ତି?"
13ତା'ପରେ ରବଶାକି ଉଚ୍ଚସ୍ୱରରେ ଯିହୁଦୀୟ ଭାଷାରେ
କହିଲେ। 14"ମହାରାଜା ଅଶୂରର ରାଜାଙ୍କର ଏହି ବାର୍ତ୍ତା ଶୁଣ:

ତୁମ୍ଭମାନଙ୍କୁ ଭୁଲାଇବା ପାଇଁ ହିଜକିୟଙ୍କୁ ଦିଅ
ନାହିଁ। କାରଣ ସେ ତୁମ୍ଭମାନଙ୍କୁ ଉଦ୍ଧାର କରିବାକୁ
କ୍ଷମ ହେବ ନାହିଁ। 15ହିଜକିୟଙ୍କ କଥା ବିଶ୍ୱାସ କର
ନାହିଁ। 'ସଦାପ୍ରଭୁଙ୍କଠାରେ ବିଶ୍ୱାସ ରଖ। ସେ ନିଶ୍ଚୟ
ଆମ୍ଭମାନଙ୍କୁ ଉଦ୍ଧାର କରିବେ। ସଦାପ୍ରଭୁ ଅଶୂର
ରାଜାଙ୍କୁ ଏହି ନଗର ଅଧିକାର କରିବାକୁ ଦେବେ
ନାହିଁ।'
16ହିଜକିୟଙ୍କ କଥା ଶୁଣ ନାହିଁ। କାରଣ ଅଶୂର
ରାଜା ଏହିକଥା କୁହନ୍ତି, "ତୁମ୍ଭେମାନେ ମୋ ସହିତ
ଚୁକ୍ତି କର। ତୁମ୍ଭେମାନେ ନଗରରୁ ବାହାରି ମୋ
ନିକଟକୁ ଚାଲିଆସ। ତା'ପରେ ପ୍ରତ୍ୟେକ ନିଜ ନିଜ
ଗୃହକୁ ଯିବାକୁ ମୁକ୍ତ ଅଛି। ପ୍ରତ୍ୟେକ ଆପଣା ଆପଣା
ଦ୍ରାକ୍ଷାଫଳ ଓ ଡିମ୍ବିରି ଫଳ ଭୋଜନ କର। ପ୍ରତ୍ୟେକ
ନିଜ ନିଜ କୂପରୁ ଜଳ ପାନକର। 17ତୁମ୍ଭମାନଙ୍କୁ
ସ୍ୱଦେଶକୁ ନେଇଯିବା ପର୍ଯ୍ୟନ୍ତ ତୁମ୍ଭେମାନେ ଏହି
କାର୍ଯ୍ୟ କର। ସେହି ନୂତନ ଦେଶରେ ତୁମ୍ଭେମାନେ
ଉତ୍ତମ ଶସ୍ୟ ଓ ଦ୍ରାକ୍ଷାରସ ଏବଂ ରୁଟୀ ଓ ଦ୍ରାକ୍ଷା
କ୍ଷେତ୍ରମୟ ଲାଭ କରିବ।"

18ହିଜକିୟ ତୁମ୍ଭମାନଙ୍କ ପାଇଁ ଯେପରି ଦୁଃଖ ନ
ମଣାଏ, ସେଥିପାଇଁ ଧ୍ୟାନ ଦିଅ। ସେ କୁହନ୍ତି,
"ସଦାପ୍ରଭୁ ଆମ୍ଭମାନଙ୍କୁ ଉଦ୍ଧାର କରିବେ।" ମାତ୍ର
କୌଣସି ଗୋଷ୍ଠୀୟମାନଙ୍କର ଦେବତାଗଣ ମଧ୍ୟରୁ କୌଣସି
ଦେବତା କ'ଣ ଅଶୂରୀୟ ରାଜାଙ୍କ ହସ୍ତରୁ ଆପଣା
ଦେଶକୁ ଉଦ୍ଧାର କରିଅଛି? ନା। 19ହମାତ ଓ
ଅର୍ପଦର ଦେବତାମାନେ କାହାନ୍ତି? ସଫର୍ବୟିମର
ଦେବତାମାନେ କାହାନ୍ତି? ସେମାନେ କ'ଣ ମୋଠାରୁ
ଶମରୟାକୁ ଉଦ୍ଧାର କରିଛନ୍ତି? 20ଏହିସବୁ ଦେଶର
ଦେବତାଗଣ ମଧ୍ୟରୁ କେଉଁ ଦେବତା ମୋ ହସ୍ତରୁ
ନିଜ ନିଜ ଦେଶ ଉଦ୍ଧାର କରିଅଛନ୍ତି ଯେ, ସଦାପ୍ରଭୁ
ମୋ ହସ୍ତରୁ ଯିରୁଶାଲମକୁ ଉଦ୍ଧାର କରିବେ।"

21ମାତ୍ର ଯିରୁଶାଲମର ଲୋକମାନେ ନୀରବ ରହିଲେ।
ତାହାକୁ ପଦେମାତ୍ର ଉତ୍ତର କଲେ ନାହିଁ। "କାରଣ ରାଜା
ହିଜକିୟ ଉତ୍ତର ନ ଦେବାପାଇଁ ଆଦେଶ ଦେଇଥିଲେ।"
22ତା'ପରେ ହିଲ୍‌କିୟର ପୁତ୍ର ରାଜଗୃହାଧ୍ୟକ୍ଷ ଇଲୀୟାକୀମ୍।
ଲେଖକ ଶିବ୍ନ ଓ ଆସଫର ପୁତ୍ର ଇତିହାସ ଲେଖକ
ଯୋୟାହ ଆପଣା ଆପଣା ବସ୍ତ୍ର ଚିରି ହିଜକିୟ ନିକଟକୁ ଆସି
ରବଶାକିର କଥାସବୁ ତାଙ୍କୁ ଜଣାଇଲେ।

## ହିଜକିୟଙ୍କର ପରମେଶ୍ୱରଙ୍କୁ ସାହାଯ୍ୟ ଭିକ୍ଷା

37 ରାଜା ହିଜକିୟ ସେ ସମସ୍ତ ଶୁଣିଲା ପରେ ନିଜର
ବସ୍ତ୍ର ଚିରି ଓ ଅଖା ଘୋଡ଼ି ହୋଇ ସଦାପ୍ରଭୁଙ୍କ
ମନ୍ଦିରକୁ ଗଲେ। 2ପୁଣି ହିଜକିୟ ରାଜା ଗୃହାଧ୍ୟକ୍ଷ ଇଲୀୟାକୀମ୍,
ଲେଖକ ଶିବ୍ନ ଓ ଯାଜକମାନଙ୍କର ପ୍ରାଚୀନବର୍ଗଙ୍କୁ ଅଖା
ପିନ୍ଧାଇ ଆମୋସଙ୍କ ପୁତ୍ର ଭବିଷ୍ୟଦବକ୍ତା ଯିଶାଇୟଙ୍କ ନିକଟକୁ
ପଠାଇଲେ।
3ସେମାନେ ଯିଶାଇୟଙ୍କୁ କହିଲେ, "ହିଜକିୟ ଏହା
କହିଛନ୍ତି। ଆଜି ଦିନ ଆପଦ ଅନୁଯୋଗ ଓ ଅପମାନର ଦିନ,
କାରଣ ଜନ୍ମ ହେବାକୁ ବସିଛି, ମାତ୍ର ପ୍ରସବ କରିବାକୁ ଶକ୍ତି
ନାହିଁ। 4ହୋଇପାରେ ଜୀବନ୍ତ ପରମେଶ୍ୱରଙ୍କୁ ଧିକ୍କାର କରିବା
ପାଇଁ ଆପଣା ପ୍ରଭୁ ଅଶୂରୀୟ ରାଜା ଦ୍ୱାରା ପ୍ରେରିତ
ରବଶାକିର ସମସ୍ତ କଥା ସଦାପ୍ରଭୁ ତୁମ୍ଭ ପରମେଶ୍ୱର
ଶୁଣିବେ, ପୁଣି ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଯେଉଁ
କଥା ଶୁଣି ଅଛନ୍ତି, ତାହାପାଇଁ ଅନୁଯୋଗ କରିବେ। ଏଣୁ
ଯେଉଁ ଅବଶିଷ୍ଟାଂଶ ଅଛନ୍ତି, ସେମାନଙ୍କ ପାଇଁ ତୁମ୍ଭେ ପ୍ରାର୍ଥନା
କର।"
5-6ରାଜା ହିଜକିୟଙ୍କର ଦାସମାନେ ଯିଶାଇୟଙ୍କ ନିକଟରେ
ପହଞ୍ଚିଲେ। ଯିଶାଇୟ ସେମାନଙ୍କୁ କହିଲେ, "ଏହି କଥା
ତୁମ୍ଭର ପ୍ରଭୁ ହିଜକିୟଙ୍କୁ ଦିଅ। ସଦାପ୍ରଭୁ କୁହନ୍ତି, 'ଅଶୂର
ରାଜାର ଦାସମାନେ "ବାଳକମାନଙ୍କୁ" ନିନ୍ଦା କରିବାର ଯେଉଁ
କଥା ଶୁଣିଅଛ! ତହିଁରେ ଭୟଭୀତ ହୁଅ ନାହିଁ। 7ଦେଖ,
ଆମ୍ଭେ ଅଶୂରୀୟ ରାଜା ମଧ୍ୟରେ ଏକ ଆତ୍ମା ପ୍ରବେଶ
କରାଇବା ଓ କୌଣସି ଜନରବ ଶୁଣି ନିଜ ଦେଶକୁ
ଫେରିଯିବ। ସେତେବେଳେ ତାହାର ନିଜ ଦେଶରେ ଆମ୍ଭେ
ତାକୁ ଖଡ୍ଗରେ ନିପାତ କରିବା।'"

### ଅଶୂରୀୟ ସୈନ୍ୟବାହନୀ ଯିରୁଶାଲମ ତ୍ୟାଗ କରନ୍ତି

8ପ୍ରଧାନ ସେନାପତି ଫେରିଗଲେ ଏବଂ ସେତେବେଳେ
ସେ ଶୁଣିବାକୁ ପାଇଲେ ଯେ, ଅଶୂରର ରାଜା ଲାଖୀଶର
ସେନା ଛାଉଣୀ ଛାଡିଛନ୍ତି। ସେନାପତି ଲିବ୍ନାରେ ରାଜା ଯୁଦ୍ଧ
କରୁଥିବାର ଦେଖିଲା। 9ଅଶୂରର ରାଜା ଶୁଣିବାକୁ ପାଇଲେ,
"ରାଜା ତିର୍ହକ କୂଶ ଦେଶରେ ତାଙ୍କ ବିରୁଦ୍ଧରେ ଯୁଦ୍ଧ
କରିବାକୁ ଆସୁଛନ୍ତି," ଯେତେବେଳେ ଅଶୂରର ରାଜା ଏକଥା
ଶୁଣିଲେ,

ସେ ହିଜକୀୟ ପାଖକୁ ଦୂତଗଣ ପଠାଇଲେ ଏବଂ
କହିଲେ, 10ହିଜକୀୟଙ୍କୁ ଏହିକଥା କହିବାପାଇଁ ସେ ଦୂତଗଣ
ପଠାଇଛନ୍ତି,

"ଯିରୁଶାଲମ ଅଶୂରୀୟ ରାଜାଙ୍କର ହସ୍ତଗତ
ହେବନାହିଁ। ଏହିକଥା କହି ତୁମ୍ଭ ବିଶ୍ୱାସଭୂମି ପରମେଶ୍ୱର
ତୁମ୍ଭକୁ ଯେପରି ନ ଭୁଲାନ୍ତି।"

11ଦେଖ, ଅଶୂରୀୟ ରାଜାମାନେ ଯେପରି ଭାବରେ
ସମସ୍ତ ଦେଶକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱସ୍ତ ବିଧ୍ୱସ୍ତ କରିଛନ୍ତି,
ତାହା ତୁମ୍ଭେମାନେ ଶୁଣିଅଛ। ଆଉ ତୁମ୍ଭେମାନେ କ'ଣ
ଉଦ୍ଧାର ପାଇବ? 12ମୋର ପୂର୍ବପୁରୁଷଗଣ ଯେଉଁ
ଗୋଶନ, ହାରୋଣ ଓ ରେତ୍‌ସଫ୍ ଦେଶୀୟମାନଙ୍କୁ
ଏବଂ ତଲଃସର ନିବାସୀ ଏଦନ-ସନ୍ତାନମାନଙ୍କୁ ବିନାଶ
କଲେ, ସେମାନଙ୍କର ଦେବତାମାନେ କ'ଣ ସେମାନଙ୍କୁ
ଉଦ୍ଧାର କଲେ? 13ହମାତ, ଅର୍ପଦ, ସଫର୍ବୟିମ
ନଗର, ହେନା ଓ ଅବ୍‌ବାର ରାଜା କାହାଁନ୍ତି? ସେମାନେ
ସମସ୍ତେ ବିନାଶ ହୋଇଛନ୍ତି।

### ହିଜକୀୟ ପରମେଶ୍ୱରଙ୍କୁ ପ୍ରାର୍ଥନା କଲେ

14ହିଜକୀୟ ଦୂତଙ୍କଠାରୁ ଏକ ଲେଖା ନେଲେ ଓ ପାଠ
କଲେ। ତା'ପରେ ସେ ସଦାପ୍ରଭୁଙ୍କ ମନ୍ଦିରକୁ ଯାଇ ପ୍ରାର୍ଥନା
କରି କହିଲା। 15ସେ ସଦାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲା,

16"ହେ ସର୍ବଶକ୍ତିମାନ ସଦାପ୍ରଭୁ, ଇଶ୍ରାୟେଲର
ପରମେଶ୍ୱର ଯେ କି କିରୂବଗଣ ଉପରେ ଉପବିଷ୍ଟ।
ତୁମ୍ଭେ କେବଳ ପୃଥିବୀସ୍ଥ ସମୁଦାୟ ରାଜ୍ୟର ପରମେଶ୍ୱର
ଅଟ। ତୁମ୍ଭେ ଏହି ସ୍ୱର୍ଗ ଓ ପୃଥିବୀ ନିର୍ମାଣ କରିଅଛ।
17ହେ ସଦାପ୍ରଭୁ, ଦୟାକରି କର୍ଣ୍ଣ ଦେଇ ଶୁଣ, ହେ
ସଦାପ୍ରଭୁ, ଚକ୍ଷୁ ଖୋଲି ଦେଖ। ପୁଣି ଜୀବନ୍ତ ପରମେଶ୍ୱରଙ୍କୁ
ଧିକ୍କାର କରିବା ପାଇଁ ସନ୍‌ହେରୀବ ଯାହା କହି
ପଠାଇଛି, ତାହାର ସେହି ସବୁକଥା ଶୁଣ।

18ହେ ସଦାପ୍ରଭୁ, ଏହା ସତ୍ୟ ଯେ ଅଶୂରୀୟ
ରାଜାମାନେ ସମସ୍ତ ଦେଶକୁ ଏବଂ ସେମାନଙ୍କ ଭୂମିକୁ
ଧ୍ୱଂସ କରିଛନ୍ତି। 19ଆଉ ମଧ୍ୟ ସେମାନେ ସେହି
ଦେଶର ଦେବତାମାନଙ୍କୁ ଅଗ୍ନିରେ ନିକ୍ଷେପ କରିଛନ୍ତି।
କାରଣ ସେମାନେ ପ୍ରକୃତ ଦେବତା ନୁହଁନ୍ତି। ମନୁଷ୍ୟ
ହସ୍ତ ନିର୍ମିତ କାଷ୍ଠ ଓ ପାଷାଣ ପ୍ରତିମା। ତେଣୁ
ସେମାନେ ସେଗୁଡ଼ିକୁ ବିନାଶ କରିଛନ୍ତି। 20ମାତ୍ର
ତୁମ୍ଭେ ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର। ତେଣୁ
ଦୟାକରି ଆମ୍ଭମାନଙ୍କୁ ଅଶୂରୀୟ ରାଜାଙ୍କଠାରୁ ଉଦ୍ଧାର
କର, ତାହାହେଲେ ତୁମ୍ଭେ ଯେ ସଦାପ୍ରଭୁ ଓ ଏକମାତ୍ର
ପରମେଶ୍ୱର, ଏକଥା ସମଗ୍ର ପୃଥିବୀବାସୀ ଜାଣିବେ।

### ହିଜକୀୟଙ୍କ ପ୍ରତି ପରମେଶ୍ୱରଙ୍କ ଉତ୍ତର

21ତା'ପରେ ଆମୋସଙ୍କ ପୁତ୍ର ଯିଶାଇୟ ହିଜକୀୟ ନିକଟକୁ
ଏହି ବାର୍ତ୍ତା କହି ପଠାଇଲେ। ସେ କହିଲେ, "ସଦାପ୍ରଭୁ
ଇଶ୍ରାୟେଲର ପରମେଶ୍ୱର ଏହିକଥା କୁହନ୍ତି, 'ତୁମ୍ଭେ ଅଶୂରର
ରାଜା ସନ୍‌ହେରୀବ ବିରୁଦ୍ଧରେ ଆମ୍ଭ ନିକଟରେ ପ୍ରାର୍ଥନା
କର।'

22"ସନହେରୀବ ବିଷୟରେ ସଦାପ୍ରଭୁ ଏହିକଥା କୁହନ୍ତି,
'ସିୟୋନର କୁଆଁରୀକନ୍ୟା ତୁମ୍ଭକୁ ତୁଚ୍ଛ କରିଛି ଓ
ତୁମ୍ଭକୁ ପରିହାସ କରିଛି। ଯିରୁଶାଲମର କନ୍ୟା ତୁମ୍ଭକୁ ହୀନ
ଦୃଷ୍ଟିରେ ଦେଖିଛି।

23ମାତ୍ର ତୁମ୍ଭେ କାହାକୁ ଅପମାନିତ ଓ ନିନ୍ଦା କରିଛ?
କାହା ବିରୁଦ୍ଧରେ ତୁମ୍ଭେ ନିଜର ଅଭିଯୋଗ ବାଢିଛ? ପୁଣି
ଗର୍ବରେ ଦୃଷ୍ଟି ଉର୍ଦ୍ଧ୍ୱକୁ କରିଅଛ। ଏସବୁ ଇଶ୍ରାୟେଲ ପବିତ୍ର
ସ୍ୱରୂପ ବିରୁଦ୍ଧରେ ନୁହେଁ କି?

24ତୁମ୍ଭେ ତୁମ୍ଭର ଦାସମାନଙ୍କଦ୍ୱାରା ମୋର ପ୍ରଭୁ ସଦାପ୍ରଭୁଙ୍କୁ
ଲାଞ୍ଛିତ କରିଅଛ। ତୁମ୍ଭେ କହିଛ, "ମୁଁ ଅତି ଶକ୍ତିଶାଳୀ ଓ
ମୋର ଅପାର ରଥ ସାହାଯ୍ୟରେ ମୁଁ ଲିବାନୋନକୁ ପରାସ୍ତ
କରିଛି, ତାହାର ଉଚ୍ଚତମ ପର୍ବତ ଶିଖରକୁ ଉଠିଅଛି, ତା'ର
ଏରସ ଓ ଦେବଦାରୁ ବୃକ୍ଷସବୁ କାଟି ପକାଇଛି। ପୁଣି ତା'ର
ଦୂରବର୍ତ୍ତୀ ଉଚ୍ଚସ୍ଥାନରେ ଓ ଫଳପୂର୍ଣ୍ଣ ନିବିଡ ଅରଣ୍ୟରେ
ପ୍ରବେଶ କରିଛୁ।

25ଆମ୍ଭେ କୂପ ଖୋଳି ଜଳପାନ କରିଅଛୁ। ପୁଣି
ମିଶରର ନଦୀସବୁକୁ ଶୁଷ୍କ କରାଇ ତା ଉପରେ ପଦଚାରଣା
କରିଅଛୁ।"

26'ଏସବୁ ତୁମ୍ଭେ ସିନା କହିଲ, ମାତ୍ର ତୁମ୍ଭେ କ'ଣ ଶୁଣି
ନାହଁ, "ବହୁକାଳ ପୂର୍ବରୁ ଏହା ନିରୂପଣ ଓ ସ୍ଥିର କରିଅଛୁ?
ତୁମ୍ଭେ ପ୍ରାଚୀର ବେଷ୍ଟିତ ନଗରଗୁଡ଼ିକୁ ଧ୍ୱଂସ କରି ଢିପି
କରିବ, ଏହା ଆମ୍ଭେ ଏବେ ସଫଳ କରିଅଛୁଁ।

27ଏଣୁ ସେହି ନଗର ବାସିନ୍ଦା ଅଳ୍ପଶକ୍ତି ବିଶିଷ୍ଟ ହେଲେ।
ସେମାନେ ହତାଶ ଓ ବିଭ୍ରାନ୍ତ ହେଲେ। ସେମାନେ କ୍ଷେତ୍ରର
ଘାସ ଓ ନବୀନ ତୃଣ କର୍ତ୍ତନ ସଦୃଶ, ଗୃହ ଛାତର ଉପରସ୍ଥ
ଘାସ ଓ ଅପକ୍ୱ ଶସ୍ୟକ୍ଷେତ୍ର ତୁଲ୍ୟ ହେଲେ।

28ମାତ୍ର ତୁମ୍ଭେ କେବେ ଉଠିବ, ବସିବ, ବାହାରକୁ ଯିବ,
ଭିତରକୁ ଆସିବ, ପୁଣି ଆମ୍ଭ ବିରୁଦ୍ଧରେ ଯୁଦ୍ଧ କରିବ, ଏସବୁ
ଆମ୍ଭେ ଜାଣୁ।

29ହଁ, ତୁମ୍ଭେ ଆମ୍ଭ ବିରୁଦ୍ଧରେ କ୍ରୋଧ କରିଅଛ ଓ
ତୁମ୍ଭର ଦମ୍ଭ ଓ ଗର୍ବିତ କଥା ଆମ୍ଭର କର୍ଣ୍ଣଗୋଚର ହୋଇଅଛି।
ଏଣୁ ଆମ୍ଭେ ତୁମ୍ଭ ନାକରେ ଅଙ୍କୁଶ ଓ ଓଠରେ ଲଗାମ
ଦେବ। ପୁଣି ତୁମ୍ଭେ ଯେଉଁ ବାଟରେ ଆସିଥିଲ, ସେହି
ବାଟରେ ତୁମ୍ଭେମାନେ ଫେରିଯିବ।'""

### ହିଜକୀୟଙ୍କ ପାଇଁ ସଦାପ୍ରଭୁଙ୍କ ବାର୍ତ୍ତା

30ତା'ପରେ ସଦାପ୍ରଭୁ ହିଜକୀୟଙ୍କୁ କହିଲେ, "ଏହା ତୁମ୍ଭ
ପାଇଁ ଏକ ଚିହ୍ନ ହେବ। ଏହି ବର୍ଷ ସ୍ୱୟଂ ଉତ୍ପନ୍ନ ଶସ୍ୟରୁ ଓ

ଦ୍ୱିତୀୟ ବର୍ଷ ତହିଁରୁ ଅଙ୍କୁରିତ ଶସ୍ୟରୁ ଭୋଜନ କରିବ।
ପୁଣି ତୃତୀୟ ବର୍ଷ ବୀଜ ବୁଣି ପ୍ରଚୁର ଶସ୍ୟ ଅମଳ କରିବ
ଓ ଦ୍ରାକ୍ଷାକ୍ଷେତ୍ର କରି ତାହାର ଫଳ ଭୋଗ କରିବ।
31“ଯିହୁଦା ବଂଶର ରକ୍ଷାପାଇଥିବା ଅବଶିଷ୍ଟାଂଶ ଲୋକେ
ପୁନର୍ବାର ବଢ଼ିବେ। ସେମାନେ ବୃକ୍ଷପରି ତଳକୁ ଚେର
ମାଡ଼ିବେ ଓ ଉପରେ ଫଳ ଫଳିବେ। 32କାରଣ ଯିରୁଶାଲମରୁ
ରକ୍ଷାପ୍ରାପ୍ତ ଏହି ଅଳ୍ପ କେତେକ ଅବଶିଷ୍ଟ ଲୋକ ସିୟୋନ
ପର୍ବତରୁ ବାହାରିବେ। ସର୍ବଶକ୍ତିମାନ ସଦାପ୍ରଭୁଙ୍କ ଗଭୀର
ପ୍ରେମ ସିଦ୍ଧ ଦ୍ୱାରା ଏହା ପ୍ରମାଣିତ ହେବ।”
33ଏଣୁ ସଦାପ୍ରଭୁ ଅଶୂରୀୟ ରାଜା ବିଷୟରେ ଏହିକଥା
କହନ୍ତି,

“ସେ ଏହି ନଗରକୁ ଆସିବ ନାହିଁ କି ଏହି ନଗରକୁ
ତୀର ମାରିବ ନାହିଁ। ପୁଣି ତା ସମ୍ମୁଖକୁ ଢାଲ ଧରି ଆସିବ
ନାହିଁ କି ତାହା ବିରୁଦ୍ଧରେ ଆକ୍ରମଣ କରିବାକୁ ବନ୍ଧ ବାନ୍ଧିବ
ନାହିଁ।
34ସଦାପ୍ରଭୁଙ୍କ ବାକ୍ୟ ଅନୁସାରେ ସେ ଯେଉଁ ବାଟଦେଇ
ଆସିଥିଲା ସେହି ବାଟରେ ଫେରିଯିବ। ସେ ଏ ନଗରକୁ
ଆସିବ ନାହିଁ।
35ମୁଁ ମୋ ନିମନ୍ତେ ଓ ମୋର ଦାସ ଦାଉଦ ନିମନ୍ତେ
ଏହି ନଗରକୁ ରକ୍ଷା କରିବ ଓ ଏହାର ସପକ୍ଷରେ ରହିବ।”
36ଏହାପରେ ସେହି ରାତ୍ରିରେ ସଦାପ୍ରଭୁଙ୍କ ଦୂତ ବାହାରି
ଅଶୂରୀୟମାନଙ୍କ ଛାଉଣିରେ 1,85,000 ଲୋକଙ୍କୁ ସଂହାର
କଲେ। ଯେତେବେଳେ ପ୍ରଭାତରେ ଲୋକମାନେ ଉଠିଲେ,
ସେମାନଙ୍କ ଚତୁର୍ଦ୍ଦିଗରେ କେବଳ ଶବମାନ ଦେଖିଲେ। 37ତେଣୁ
ଅଶୂର ରାଜା ସନ୍‌ହେରୀବ ନୀନିବୀକୁ ପ୍ରସ୍ଥାନ କଲା ଓ
ସେଠାରେ ବାସ କଲା।
38ଦିନେ ସନ୍‌ହେରୀବ ନିଷ୍ରୋକ ନାମକ ଦେବତାର
ଗୃହରେ ପୂଜା କଲାବେଳେ ତା'ର ଦୁଇ ପୁତ୍ର ଅଦ୍ରମ୍ମେଲକ ଓ
ଶରେତ୍‌ସର ତାକୁ ଖଡ୍ଗରେ ବଧ କଲେ। ତା'ପରେ ସେମାନେ
ଅରାରଟ ଦେଶକୁ ପଳାୟନ କଲେ। ତେଣୁ ତାହାର ପୁତ୍ର
ଏସର୍‌ହଦ୍ଦୋନ ଅଶୂରର ରାଜତ୍ୱ କଲା।

### ହିଜକିୟଙ୍କର ପୀଡ଼ିତାବସ୍ଥା

38 ସେହି ସମୟରେ ହିଜକିୟ ସାଙ୍ଘାତିକ ରୋଗରେ
ପୀଡ଼ିତ ହେଲେ। ତେଣୁ ଆମୋସଙ୍କ ପୁତ୍ର
ଭବିଷ୍ୟଦ୍‌ବକ୍ତା ଯିଶାଇୟ ତାଙ୍କ ନିକଟକୁ ଆସି କହିଲେ,
“ସଦାପ୍ରଭୁ ମୋତେ ଏହିକଥା କହିଛନ୍ତି, ‘ତୁମ୍ଭେ କେବେ
ଆରୋଗ୍ୟ ହେବ ନାହିଁ, ତୁମ୍ଭେ ନିଶ୍ଚୟ ମରିବ। ତେଣୁ ତୁମ୍ଭେ
ତୁମ୍ଭର ଗୃହକୁ ସଜାଡ଼।’”
2ଏଥିରେ ହିଜକିୟ ମନ୍ଦିର ଆଡ଼େ ମୁହଁ ଫେରାଇ
ସଦାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲା, 3“ହେ ସଦାପ୍ରଭୁ, ମୁଁ
ବିନୟ କରି କହୁଅଛି, ମୁଁ ବିଶ୍ୱସ୍ତ ଭାବରେ ସର୍ବାନ୍ତଃକରଣରେ
ତୁମ୍ଭର ଉପାସନା କରିଅଛି ଓ ତୁମ୍ଭ ଦୃଷ୍ଟିରେ ଉତ୍ତମ କର୍ମ
କରିଅଛି, ତାହା ତୁମ୍ଭେ ସ୍ମରଣ କର।” ଏହା କହି ହିଜକିୟ
ଅତିଶୟ ରୋଦନ କଲା।
4ସେତେବେଳେ ଯିଶାଇୟ ଏହି ବାର୍ତ୍ତା ସଦାପ୍ରଭୁଙ୍କଠାରୁ
ଲାଭ କଲେ। 5“ତୁମ୍ଭେ ହିଜକିୟ ନିକଟକୁ ଯାଅ ଓ ଏହିକଥା
କୁହ, ତୁମ୍ଭ ପୂର୍ବପୁରୁଷ ଦାଉଦଙ୍କ ପରମେଶ୍ୱର ସଦାପ୍ରଭୁ
ଏହିକଥା କୁହନ୍ତି, ‘ଆମ୍ଭେ ତୁମ୍ଭର ପ୍ରାର୍ଥନା ଶୁଣିଅଛୁ ଓ ତୁମ୍ଭର
ଲୋତକ ଦେଖିଅଛୁ। ଆମ୍ଭେ ତୁମ୍ଭର ଆୟୁ ପନ୍ଦରବର୍ଷ
ବଢ଼ାଇବା।’” 6ମୁଁ ତୁମ୍ଭକୁ ଓ ତୁମ୍ଭର ନଗରକୁ ଅଶୂରୀୟ
ରାଜା ହସ୍ତରୁ ରକ୍ଷା କରିବ ଓ ଏହି ନଗରର ସପକ୍ଷ ନେବ।
7ସଦାପ୍ରଭୁ ତାଙ୍କର ବାକ୍ୟ ସଫଳ କରିବେ ତୁମ୍ଭକୁ
ତାଙ୍କଠାରୁ ଏହି ଚିହ୍ନ ହେବ। 8“ଦେଖ, ମୁଁ ଆହସର ସୂର୍ଯ୍ୟ
ଘଣ୍ଟିକାରେ ସୂର୍ଯ୍ୟର ଛାୟା ଯେତେ ଆଗକୁ ଯାଇଅଛି, ତାହାକୁ
ଦଶପାହୁଣ୍ତ ପଛକୁ ଫେରାଇ ଆଣିବି।”
9ଯିହୁଦାର ରାଜା ହିଜକିୟ ପୀଡ଼ିତାବସ୍ଥାରୁ ସୁସ୍ଥ ହେଲାପରେ
ଏହା ଲେଖାଗଲା।
10ମୁଁ ନିଜକୁ କହିଲି ମୁଁ ଆପଣା ଆୟୁର ମଧ୍ୟାହ୍ନ
ସମୟରେ ପାତାଳପୁରି ଦ୍ୱାରରେ ପ୍ରବେଶ କରିବି। ମୁଁ ନିଜର
ଜୀବନ ସମୟର ଅବଶିଷ୍ଟାଂଶ ପ୍ରାପ୍ତିରୁ ବଞ୍ଚିତ ହେଲି।
11ତେଣୁ ମୁଁ କହିଲି, “ମୁଁ ସଦାପ୍ରଭୁଙ୍କୁ ଜୀବିତମାନଙ୍କ
ଦେଶରେ ଦେଖିବି ନାହିଁ। ପୁଣି ଏ ଜଗତରେ ଜୀବିତମାନଙ୍କୁ
ମଧ୍ୟ ଦେଖିବି ନାହିଁ।
12ମେଷପାଳକର ତମ୍ବୁକୁ ତା'ଠାରୁ ସ୍ଥାନାନ୍ତରିତ କଲାପରି
ମୋର ଆୟୁକୁ ମୋଠାରୁ ଦୂରୀକୃତ କରାଯାଇଛି। ମୋର
ଜୀବନକୁ ତନ୍ତପରି ଗୁଡ଼ାଇ ଅଛି। ସେ ମୋତେ ତନ୍ତରୁ କାଟି
ପକାଇବେ। ଏକ ଦିବାରାତ୍ର ସମୟ ମଧ୍ୟରେ ମୋର ଜୀବନ
ନିଃଶେଷ କରି ଦେବ।
13ମୁଁ ସାହାଯ୍ୟ ପାଇଁ ପ୍ରଭାତ ପର୍ଯ୍ୟନ୍ତ କ୍ରନ୍ଦନ କଲି।
ଯେପରି ସିଂହ ମୋର ଅସ୍ଥିସବୁ ଚୂର୍ଣ୍ଣ କରୁଅଛି। ଏକ
ଦିବାରାତ୍ର ସ୍ୱଳ୍ପ ସମୟ ମଧ୍ୟରେ ତୁମ୍ଭେ ମୋତେ ଶେଷ
କରିବ।
14ମୁଁ କପୋତ, ଗୃଡକ ଓ ସାରସ ପକ୍ଷୀପରି ଶବ୍ଦ କଲି।
ଉପରକୁ ଦୃଷ୍ଟି କରି କରି ମୋର ଚକ୍ଷୁ କ୍ଳାନ୍ତ ହୋଇଗଲା।
ହେ ସଦାପ୍ରଭୁ, ମୁଁ ବିପଦଗ୍ରସ୍ତ, ତୁମ୍ଭେ ମୋତେ ସାହାଯ୍ୟ
କର।”
15ମୁଁ କ'ଣ କହିବି? ଯେତେବେଳେ ସେ ମୋତେ କହି
ଅଛନ୍ତି ଓ ତାହା ନିଜେ ସାଧନ କରିଛନ୍ତି। ମୋର ଆତ୍ମା
ତିକ୍ତତା ସକାଶେ ମୁଁ ବର୍ଷଯାକ ଧୀରେ ଧୀରେ ଚାଲିବି।
16ହେ ପ୍ରଭୋ, ଏହିସବୁ ଦ୍ୱାରା ଲୋକେ ବଞ୍ଚନ୍ତି। ଆଉ
ସେଥିରେ ସମ୍ପୂର୍ଣ୍ଣରୂପେ ମୋର ଆତ୍ମାର ଜୀବନ ଅଛି। ଏଣୁ
ତୁମ୍ଭେ ମୋତେ ସୁସ୍ଥ କରି ପୁନଃର୍ଜୀବନ ଦିଅ।
17ଦେଖ, ମୋର ଦୁଃଖ ଚାଲିଯାଇଛି, ବର୍ତ୍ତମାନ ମୋର
ଶାନ୍ତି ଆସିଛି। ମାତ୍ର ତୁମ୍ଭେ ମୋତେ ପ୍ରେମ କରି ବିନାଶ
କୂପରୁ ମୋର ପ୍ରାଣକୁ ଉଦ୍ଧାର କଲ। କାରଣ
ତୁମ୍ଭେ ମୋତେ କ୍ଷମା କରି ମୋର ସମସ୍ତ ପାପକୁ ପଛକୁ
ପକାଇ ଦେଇଛ।
18ପାତାଳ ତୁମ୍ଭକୁ ଧନ୍ୟବାଦ ଦେଇ ପାରିବ ନାହିଁ। ମୃତ୍ୟୁ
ତୁମ୍ଭର ପ୍ରଶଂସାଗାନ କରିପାରିବ ନାହିଁ। ତେଣୁ ମର୍ତ୍ତ୍ୟଗାମୀମାନେ
ତୁମ୍ଭର ବିଶ୍ୱସ୍ତତା ଘୋଷଣା କରିବେନି।
19ମୁଁ ଯେପରି କରୁଅଛି ସେହିପରି ଜୀବିତ ଲୋକେ
ତୁମ୍ଭର ପ୍ରଶଂସା କରିବେ। ଜଣେ ପିତା ତା'ର ସନ୍ତାନଗଣଙ୍କୁ
ତୁମ୍ଭର ସତ୍ୟତା ଜ୍ଞାନ ବିଶ୍ୱାସ କରାଇବେ।

20ତେଣୁ ମୁଁ କହିବ, "ସଦାପ୍ରଭୁ ମୋତେ ପରିତ୍ରାଣ
କଲେ। ତେଣୁ ଆମ୍ଭେମାନେ ଜୀବନସାରା ସଦାପ୍ରଭୁଙ୍କ ମନ୍ଦିରରେ
ତାରଯୁକ୍ତ ଯନ୍ତ୍ର ସହିତ ସଙ୍ଗୀତ ଗାନ କରିବୁ।"
21ତା'ପରେ ଯିଶାଇୟ ହିଜକିୟଙ୍କୁ କହିଲେ, "ତୁମ୍ଭେ
ଡିମ୍ବିରିକୁ ଏକତ୍ର ଛେଚି ଏବଂ ତୁମ୍ଭର କ୍ଷତରେ ଲଗାଅ।
ତାହାହେଲେ ତୁମ୍ଭେ ଆରୋଗ୍ୟ ଲାଭ କରିବ।"
22ମାତ୍ର ହିଜକିୟ ଯିଶାଇୟଙ୍କୁ ପ୍ରଶ୍ନ କଲେ, "ମୁଁ ଭଲ
ହେବି ସଦାପ୍ରଭୁ କି ସଙ୍କେତ ଦ୍ୱାରା ପ୍ରମାଣ କରିବେ। ମୁଁ
ସଦାପ୍ରଭୁଙ୍କ ମନ୍ଦିରକୁ ଯିବି କେଉଁ ସଙ୍କେତ ଦ୍ୱାରା ପ୍ରମାଣିତ
ହେବ।"

### ବାବିଲରୁ ଦୂତଗଣ

39 ସେହି ସମୟରେ ବାବିଲ ରାଜା ବଲଦନର ପୁତ୍ର
ମରୋଦକ୍-ବଲଦନ ହିଜକିୟ ନିକଟକୁ ପତ୍ର ଓ
ଦର୍ଶନୀ ପଠାଇଲା। କାରଣ ହିଜକିୟଙ୍କର ଅସୁସ୍ଥତା ଓ
ଆରୋଗ୍ୟ ଲାଭ ସେ ଶୁଣିଥିଲା। 2ଏଥିରେ ହିଜକିୟ ଅତିଶୟ
ସନ୍ତୁଷ୍ଟ ହୋଇ ନିଜର ବହୁମୂଲ୍ୟ ପଦାର୍ଥର ଗୃହ, ରୂପା, ସୁନା,
ସୁଗନ୍ଧିତ ଦ୍ରବ୍ୟ ବହୁମୂଲ୍ୟ ତୈଳ, ନିଜର ଅସ୍ତ୍ରାଗାର ଓ
ଆପଣା ଭଣ୍ଡାର ସ୍ଥିତ ସମସ୍ତ ଦ୍ରବ୍ୟ ସେମାନଙ୍କୁ ଦେଖାଇଲେ।
ହିଜକିୟ ଯାହା ସେମାନଙ୍କୁ ନ ଦେଖାଇଲା ତାହା ତା'ର
ଗୃହରେ କିମ୍ବା ସମଗ୍ର ରାଜ୍ୟରେ ନ ଥିଲା।
3ସେତେବେଳେ ଭବିଷ୍ୟଦ୍‌ବକ୍ତା ଯିଶାଇୟ ରାଜା ହିଜକିୟ
ନିକଟକୁ ଯାଇ ତାଙ୍କୁ ପଚାରିଲେ, "ଏହି ଲୋକମାନେ କ'ଣ
କହିଲେ? ସେମାନେ କେଉଁଠାରୁ ଆସିଲେ?"
ହିଜକିୟ କହିଲେ, "ସେମାନେ ଦୂରଦେଶ ବାବିଲରୁ
ମୋତେ ଦେଖିବାକୁ ଆସିଛନ୍ତି।"
4ଯିଶାଇୟ ପଚାରିଲେ, "ସେମାନେ ତୁମ୍ଭ ଗୃହରେ କ'ଣ
ଦେଖିଅଛନ୍ତି?"
ହିଜକିୟ ଉତ୍ତର କଲେ, "ମୋ ଗୃହରେ ଯାହା ସବୁ
ଥିଲା ମୁଁ ସେ ସମସ୍ତ ତାଙ୍କୁ ଦେଖାଇଲି। ଏପରି କୌଣସି
ଜିନିଷ ମୋ ଭଣ୍ଡାରରେ ନାହିଁ ଯାହାକି ମୁଁ ତାଙ୍କୁ ଦେଖାଇ
ନାହିଁ।"
5ଏଥିରେ ଯିଶାଇୟ ହିଜକିୟଙ୍କୁ କହିଲେ, "ସଦାପ୍ରଭୁ
ସର୍ବଶକ୍ତିମାନଙ୍କ କଥା ଶୁଣ। 6ଦେଖ, ଏକ ସମୟ ଆସୁଛି
ଯେତେବେଳେ ତୁମ୍ଭ ଗୃହସ୍ଥିତ ସମସ୍ତ ଦ୍ରବ୍ୟ ଓ ଆଜି ପର୍ଯ୍ୟନ୍ତ
ସଞ୍ଚିତ ତୁମ୍ଭ ପୂର୍ବପୁରୁଷଙ୍କ ଦ୍ରବ୍ୟ ବାବିଲକୁ ନିଆଯିବ।'
ସର୍ବଶକ୍ତିମାନ ସଦାପ୍ରଭୁ କୁହନ୍ତି କୌଣସି ଦ୍ରବ୍ୟ ଛଡ଼ାଯିବ
ନାହିଁ। 7ତୁମ୍ଭ ଔରସରୁ ଜାତ ସନ୍ତାନମାନଙ୍କୁ ବାବିଲମାନେ
ନେଇଯିବେ ଓ ସେମାନଙ୍କୁ ବାବିଲମାନେ ରାଜାଙ୍କ ଅଟ୍ଟାଳିକାରେ
ନପୁଂସକ କରି ରଖିବେ।" 8ସେତେବେଳେ ହିଜକିୟ ଯିଶାଇୟଙ୍କୁ
କହିଲା, "ତୁମ୍ଭେ ସଦାପ୍ରଭୁଙ୍କର ଯେଉଁ ବାକ୍ୟ କହିଅଛ ତାହା
ଉତ୍ତମ।" ସେ ପୁଣି କହିଲା, "କାରଣ ମୋ ସମୟରେ ଶାନ୍ତି
ଓ ସତ୍ୟତା ବିରାଜିତ ହେବ।"

### ଇସ୍ରାୟେଲ ଦଣ୍ଡର ସମାପ୍ତି

40 ତୁମ୍ଭର ପରମେଶ୍ୱର ଏହା କୁହନ୍ତି, "ମୋ ଲୋକମାନଙ୍କୁ
ସାନ୍ତ୍ୱନା ଦିଅ, ସାନ୍ତ୍ୱନା ଦିଅ।
2ତୁମ୍ଭେମାନେ ଯିରୁଶାଲମକୁ ଦୟାପୂର୍ଣ୍ଣ ମଧୁର ବାକ୍ୟ
କୁହ। 'ତାହାର ସଂଗ୍ରାମ ଶେଷ ହୋଇଛି ଓ ତାହାର ପାପକୁ
କ୍ଷମା କରାଯାଇଛି।'" ସେ ନିଜର ପାପପାଇଁ ସଦାପ୍ରଭୁଙ୍କଠାରୁ
ଦୁଇଗୁଣ ଦଣ୍ଡ ପାଇଅଛି ବୋଲି ପ୍ରଚାର କର।
3ଏକ ବ୍ୟକ୍ତିର ଉଚ୍ଚସ୍ୱର ଶୁଣ, "ତୁମ୍ଭେମାନେ ପ୍ରାନ୍ତରରେ
ସଦାପ୍ରଭୁଙ୍କ ପାଇଁ ପଥ ପ୍ରସ୍ତୁତ କର। ମରୁଭୂମିରେ ଆମ୍ଭମାନଙ୍କ
ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ରାଜପଥ ସଳଖ ଓ ଚକ୍କଣ
କର।
4ସମସ୍ତ ଉପତ୍ୟକାକୁ ପୂର୍ଣ୍ଣ କରି ଉଚ୍ଚ କର, ପର୍ବତ ଓ
ଉପପର୍ବତଗୁଡ଼ିକୁ ସମାନ କର। ବକ୍ର ରାସ୍ତାକୁ ସଳଖ କର ଓ
ରଗଡ଼ା ସ୍ଥାନଗୁଡ଼ିକୁ ମସୃଣ କର।
5ତାହାହେଲେ ସଦାପ୍ରଭୁଙ୍କ ମହିମା ପ୍ରକାଶିତ ହେବ।
ସମସ୍ତ ମାନବ ସମାଜ ସଦାପ୍ରଭୁଙ୍କ ଗୌରବ ଦେଖିବେ।
କାରଣ ସଦାପ୍ରଭୁ ନିଜେ ଏହା କହିଛନ୍ତି।"
6ପୁଣି ଏକ ସ୍ୱର ଶୁଣାଗଲା, "ପ୍ରଚାର କର।" ଜଣେ
ବ୍ୟକ୍ତି କହିଲା, "କ'ଣ ପ୍ରଚାର କରିବା?" ସେ ସ୍ୱରଟି
କହିଲା, "ମନୁଷ୍ୟ ଚିରଦିନ ପାଇଁ ବଞ୍ଚିବ ନାହିଁ। ସେମାନେ
ତୃଣତୁଲ୍ୟ ଓ ସେମାନଙ୍କର ସମସ୍ତ ଶୋଭା କ୍ଷେତ୍ରସ୍ଥ ପୁଷ୍ପ
ତୁଲ୍ୟ।
7ତୃଣ ଶୁଷ୍କ ହୁଏ ଓ ପୁଷ୍ପ ମ୍ଲାନ ହୁଏ। କାରଣ ତାହା
ଉପରେ ସଦାପ୍ରଭୁଙ୍କର ଶ୍ୱାସବାୟୁ ବହେ।" ତେଣୁ ଲୋକମାନେ
ନିଶ୍ଚିତ ତୃଣ ସ୍ୱରୂପ।
8"ତୃଣ ସିନା ଶୁଷ୍କ ହୁଏ ଓ ପୁଷ୍ପ ସିନା ମଳିନ ହୁଏ,
ମାତ୍ର ଆମ୍ଭମାନଙ୍କ ପରମେଶ୍ୱରଙ୍କ ବାକ୍ୟ ଅନନ୍ତକାଳସ୍ଥାୟୀ।"

### ପରିତ୍ରାଣ: ପରମେଶ୍ୱରଙ୍କ ସୁସମ୍ବାଦ

9ହେ ଲୋକମାନେ, ସିୟୋନରେ ସୁସମାଚାର ପ୍ରଚାର
କର, ଉଚ୍ଚ ପର୍ବତକୁ ଯାଅ। ଉଚ୍ଚ ସ୍ୱରରେ କୁହ, ହେ
ଲୋକମାନେ ଯିରୁଶାଲମ ନିକଟରେ "ସୁସମାଚାର ପ୍ରଚାର
କର।" ଜୋରରେ କୁହ, ଭୟ କର ନାହିଁ। ଯିହୁଦା
ନଗରୀକୁ କୁହ, "ଦେଖ, ଏହିଠାରେ ତୁମ୍ଭର ପରମେଶ୍ୱର।
10ଦେଖ, ମୋର ପ୍ରଭୁ ସଦାପ୍ରଭୁ ସମସ୍ତ ପରାକ୍ରମ ନେଇ
ଆସୁଛନ୍ତି ଓ ତାଙ୍କର ବାହୁ ବଳରେ ସେ କର୍ତ୍ତୃତ୍ୱ କରିବେ।
ଦେଖ, ତାଙ୍କ ସହିତ ତାଙ୍କର ପୁରସ୍କାର ଅଛି ଓ ତାଙ୍କ ଆଗେ
ଆଗେ ତାଙ୍କର ପ୍ରତିଫଳ ଅଛି।
11ମେଷପାଳକ ମେଷମାନଙ୍କୁ ଚରାଇଲା ପରି ସେ ଆପଣା
ଲୋକମାନଙ୍କର ଯତ୍ନ ନେବେ। ମେଷ ଛୁଆମାନଙ୍କୁ ସେ
ନିଜର ବାହୁ ବଳରେ ସଂଗ୍ରହ କରିବେ ଓ ନିଜର କୋଳରେ
ସେମାନଙ୍କୁ ବହି ନେବେ। ସେମାନଙ୍କର ମାଆମାନେ ପଛେ
ପଛେ ଯିବେ।

### ପରମେଶ୍ୱର ଜଗତ ସୃଷ୍ଟି କଲେ; ସେ ଏହାକୁ ଶାସନ କରନ୍ତି

12କିଏ ନିଜର ହସ୍ତ ପାପୁଲିରେ ସମୁଦ୍ର ଜଳରାଶି
ମାପିଅଛି? କିଏ ନିଜର ହସ୍ତ ରାଖଣ୍ଡରେ ଅନନ୍ତ ଆକାଶକୁ
କଳନା କରିଅଛି? ପୁଣି କିଏ ଗୌଣୀରେ ପୃଥିବୀର ସମସ୍ତ
ଧୂଳିରାଶିକୁ ଭରି ପାରିଛି? କିଏ ପର୍ବତଗୁଡ଼ିକୁ ନିକିତିରେ ଓ
ଉପପର୍ବତକୁ ତରାଜୁରେ ତଉଲି ଅଛି?

13କେହି ସଦାପ୍ରଭୁଙ୍କ ଆତ୍ମାକୁ ଆଦେଶ ଦେଇଅଛି କି?
ପୁଣି ମନ୍ତ୍ରୀ ହୋଇ କେହି ତାଙ୍କୁ ନିର୍ଦ୍ଦେଶ ଦେଇଅଛି କି?
14ସଦାପ୍ରଭୁ କାହାର ସହିତ ମନ୍ତ୍ରଣା କରିଥିଲେ କି?
କେହି ତାଙ୍କୁ ଶିକ୍ଷା ଦେଇଥିଲା କି? କିଏ ତାଙ୍କୁ ବିଚାରର ପଥ
ଶିଖାଇଲା? କିଏ ତାଙ୍କୁ ଜ୍ଞାନ ଶିକ୍ଷା ଦେଲା? ନା, ସଦାପ୍ରଭୁ
ବିବେଚନାର ସମସ୍ତ ମାର୍ଗ ଶିକ୍ଷା କରିଥିଲେ।
15ଦେଖ, ପୃଥିବୀର ସମସ୍ତ ଗୋଷ୍ଠୀ ଏକ କଳସର ଏକ
ଜଳବିନ୍ଦୁ ସଦୃଶ। ଯଦି ସଦାପ୍ରଭୁ ସମସ୍ତ ଗୋଷ୍ଠୀକୁ ନେଇ
ତାଙ୍କ ତରାଜୁରେ ରଖନ୍ତି, ତେବେ ସେ ସବୁ ନିକତିରେ
ଧୂଳିକଣା ତୁଲ୍ୟ ହେବ। ସେ ଦ୍ୱୀପସମୂହକୁ ଅତି କ୍ଷୁଦ୍ର ଦ୍ରବ୍ୟ
ତୁଲ୍ୟ ଉଠାନ୍ତି।
16ପୁଣି ଲିବାନୋନର ସମସ୍ତ ବୃକ୍ଷ ସଦାପ୍ରଭୁଙ୍କ ଜାଳ
ପାଇଁ ଯଥେଷ୍ଟ ନୁହେଁ ଓ ତାହାର ସମସ୍ତ ପଶୁ ହୋମବଳି
ପାଇଁ ଯଥେଷ୍ଟ ନୁହେଁ।
17ସମସ୍ତ ଗୋଷ୍ଠୀ ପରମେଶ୍ୱରଙ୍କ ତୁଳନାରେ ଅତି ନଗଣ୍ୟ
ତୁଚ୍ଛ। ସେମାନେ ତାଙ୍କ ନିକଟରେ ଲଘୁ ଓ ଅସାର ତୁଲ୍ୟ
ଗଣ୍ୟ ଅଟନ୍ତି।

## ପରମେଶ୍ୱର ଲୋକଙ୍କୁ ଅଗୋଚର

18ତେବେ ପରମେଶ୍ୱରଙ୍କୁ ତୁମ୍ଭେ କାହା ସହିତ ତୁଳନା
କରିପାରିବ? ତାଙ୍କର ଏକ ମୂର୍ତ୍ତି ତୁମ୍ଭେ ଗଢି ପାରିବ? ନା।
19କେତେକ ବ୍ୟକ୍ତି କାଠ ଓ ପଥରରେ ମୂର୍ତ୍ତି ଗଢନ୍ତି ଓ
ସେଗୁଡ଼ିକୁ ଦେବତା ବୋଲି କୁହନ୍ତି। କେତେଜଣ ଏହାକୁ
ଉର୍ବର ମୃତ୍ତିକାରେ ଏବଂ ବଣିଆ ତାହା ସୁନାରେ ଛାଉଣୀ
କରେ ଆଉ ତାପାଇଁ ରୂପା ଜଞ୍ଜିର ପ୍ରସ୍ତୁତ କରେ।
20ସେ ଖଣ୍ଡିଏ କାଠ ସଂଗ୍ରହ କରେ ତାହା ଯେପରି ଯିବ
ନାହିଁ। ସେ ଜଣେ ନିପୁଣ କାରିଗର କରିବାର ବାଛେ।
ଗୋଟିଏ "ପ୍ରତିମା" ନିର୍ମାଣ କରିବାରେ ଯାହାକି ପଡିଯିବ
ନାହିଁ।
21ତୁମ୍ଭେମାନେ କ'ଣ ଜାଣି ନାହିଁ। ତୁମ୍ଭେମାନେ କ'ଣ
ଶୁଣି ନାହିଁ? ଆଦ୍ୟକାଳରୁ ତୁମ୍ଭମାନଙ୍କୁ କ'ଣ ଜଣାଇ ଦିଆଯାଇ
ନାହିଁ। ଏ ଜଗତର ସୃଷ୍ଟିକର୍ତ୍ତା କିଏ ତୁମ୍ଭେ ନିଶ୍ଚୟ ଜାଣିଛ।
22ସଦାପ୍ରଭୁ ପ୍ରକୃତ ପରମେଶ୍ୱର। ସେ ଭୂମଣ୍ଡଳ ଉପରେ
ଉପବିଷ୍ଟ। ତାଙ୍କ ତୁଳନାରେ ପୃଥିବୀ ନିବାସୀ ପତଙ୍ଗ ସଦୃଶ।
ସେ ଚାନ୍ଦୁଆ ତୁଲ୍ୟ ଆକାଶକୁ ପ୍ରସାର କରନ୍ତି ଓ ବସତି
ପାଇଁ ତମ୍ବୁ ତୁଲ୍ୟ ତାକୁ ବିସ୍ତାର କରନ୍ତି।
23ତାଙ୍କ ସୃଷ୍ଟ ରାଜାମାନଙ୍କୁ ସେ ଗୁରୁତ୍ୱ ଦିଅନ୍ତି ନାହିଁ।
ପୃଥିବୀରେ ତାଙ୍କ ସୃଷ୍ଟ ବିଚାରକର୍ତ୍ତାମାନଙ୍କୁ ସେ ମୂଲ୍ୟହୀନ
କରନ୍ତି।
24ସେହି ଶାସକଗଣ ରୋପିତ ବୃକ୍ଷ ସଦୃଶ। ସେମାନଙ୍କର
ଚେର ମାଟିକୁ ଯିବା ପୂର୍ବରୁ ପରମେଶ୍ୱର "ଚାରକୁ" ଫୁଙ୍କି
ଦିଅନ୍ତି। ସେଥିରେ ସେ ମରିଯାଇ ଶୁଷ୍କ ହୋଇଯାଏ ଓ
ଘୂର୍ଣ୍ଣିବାୟୁ ତାକୁ ନଡ଼ାପରି ଉଡ଼ାଇ ନିଏ।
25ତେଣୁ ସେହି ପବିତ୍ର ସ୍ୱରୂପ କୁହନ୍ତି, "ଆମ୍ଭେ କ'ଣ
କାହା ସହିତ ତୁଳନୀୟ ହୋଇପାରିବା? କାରଣ କେହି ଆମ୍ଭ
ସହିତ ସମାନ ନୁହଁନ୍ତି।
26ଆକାଶକୁ ଦେଖ! କିଏ ସେହି ନକ୍ଷତ୍ରମାନଙ୍କୁ ସୃଷ୍ଟି
କରିଛନ୍ତି? କିଏ ସେହି ସମସ୍ତ ନକ୍ଷତ୍ରମାନଙ୍କୁ ଆଦେଶ ଦିଅନ୍ତି
ଓ ସେମାନଙ୍କ ନାମ ଧରି ସେମାନଙ୍କୁ ଡାକନ୍ତି। ତାଙ୍କର
ପ୍ରବଳ ଶକ୍ତି ଓ ଅମାପ ଶକ୍ତି ଯୋଗୁଁ ଗୋଟିଏ ମଧ୍ୟ ହଜେ
ନାହିଁ।"
27ହେ ଯାକୁବ, ତୁମ୍ଭେ କାହିଁକି ଅଭିଯୋଗ କରୁଛ? ହେ
ଇସ୍ରାୟେଲ, ତୁମ୍ଭେ କାହିଁକି ଏହା ପ୍ରଚାର କରୁଛ? ମୋର
ପଥ, "ସଦାପ୍ରଭୁଙ୍କଠାରୁ ଗୁପ୍ତ ବୋଲି ଓ ମୋର ବିଚାର
ପରମେଶ୍ୱରଙ୍କର ଜ୍ଞାନର ଅତୀତ ବୋଲି କହୁଅଛ।"
28ତୁମ୍ଭେ କ'ଣ ଜାଣିନାହିଁ? ତୁମ୍ଭେ କ'ଣ ଶୁଣି ନାହିଁ?
ସେ ସମସ୍ତ ଜଗତର ସୃଷ୍ଟିକର୍ତ୍ତା। ଅନାଦି ଅନନ୍ତ ପରମେଶ୍ୱର।
ସଦାପ୍ରଭୁ କ୍ଳାନ୍ତ ହୁଅନ୍ତି ନାହିଁ କି ଶ୍ରାନ୍ତ ହୁଅନ୍ତି ନାହିଁ।
ତାଙ୍କର ବୁଦ୍ଧି ବୋଧର ଅଗମ୍ୟ।
29ସେ ଦୁର୍ବଳକୁ ବଳ ଦିଅନ୍ତି ଓ ଶକ୍ତିହୀନକୁ ଶକ୍ତି
ପ୍ରଦାନ କରନ୍ତି।
30ତରୁଣମାନେ କ୍ଳାନ୍ତ ଓ ଶ୍ରାନ୍ତ ହେବେ ଓ ଯୁବକମାନେ
ଠେଲି ପଡ଼ିବେ।
31ମାତ୍ର ଯେଉଁମାନେ ସଦାପ୍ରଭୁଙ୍କଠାରେ ବିଶ୍ୱାସ ରଖନ୍ତି,
ସେମାନେ ନୂତନ ବଳ ପାଆନ୍ତି। ସେମାନେ ଚିଲ ପକ୍ଷୀପରି
ଆକାଶରେ ଉଡନ୍ତି। ସେମାନେ କ୍ଳାନ୍ତ ନହୋଇ ସେମାନେ
ଗମନ କରିବେ।

## ସଦାପ୍ରଭୁ ଶାଶ୍ୱତ ସୃଷ୍ଟିକର୍ତ୍ତା

41 ସଦାପ୍ରଭୁ କୁହନ୍ତି, "ହେ ଦ୍ୱୀପ ସମୂହ, ନୀରବ
ହୁଅ। ମୋ ନିକଟକୁ ଆସ, ଲୋକମାନେ
ବଳପ୍ରାପ୍ତ ହୁଅନ୍ତୁ, କଥା କୁହନ୍ତୁ। ଆମ୍ଭେମାନେ ଏକତ୍ରିତ
ବିଚାର କରୁ।
2ସେ ଧର୍ମରେ ଯାହାକୁ ନିଜ ଚରଣ ନିକଟକୁ ଡାକନ୍ତି
ଏପରି ଏକ ବ୍ୟକ୍ତି ଯେକି ପୂର୍ବ ଦିଗରୁ ଆସିଛନ୍ତି, ତାଙ୍କୁ କିଏ
ଉତ୍ପନ୍ନ କରିଛି? ସେ ନାନା ଦେଶସ୍ଥ ଲୋକଙ୍କୁ ତାହା
ସମ୍ମୁଖରେ ସମର୍ପି ଦିଅନ୍ତି ଓ ରାଜାମାନଙ୍କ ଉପରେ ତାହାକୁ
କର୍ତ୍ତୃତ୍ୱ କରାନ୍ତି। ସେ ଖଡ୍ଗଦ୍ୱାରା ସେହି ଦେଶ ସମୂହକୁ ଧୂଳି
ତୁଲ୍ୟ କରନ୍ତି ଓ ଧନୁ ସାହାଯ୍ୟରେ କୁଟାପରି ଉଡ଼ାଇ
ଦିଅନ୍ତି।
3ସେ ସେମାନଙ୍କ ପଶ୍ଚାଦ୍ଧାବନ କରେ ଓ ନିରାପଦରେ
ଅଗ୍ରସର ହୁଏ। ସେ କେବେ ନଯାଇଥିବା ପଥରେ ବିଭିନ୍ନ
ସ୍ଥାନକୁ ଯାଏ।
4କିଏ ଆଦ୍ୟରୁ ପୁରୁଷକୁ ପୁରୁଷ ଧରି ଏକ କାର୍ଯ୍ୟ
ସାଧନ କରିଅଛି? ଆମ୍ଭେ ସଦାପ୍ରଭୁ ଆଦି ଓ ଶେଷକାଳ
ପର୍ଯ୍ୟନ୍ତ ସଙ୍ଗରେ ଥାଉ, ଆମ୍ଭେ ସେହି ଅଟୁ।
5ଦ୍ୱୀପ ସମୂହ ଦେଖି ଭୟଭୀତ ହେଲେ, ପୃଥିବୀର ପ୍ରାନ୍ତ
ସକଳ କମ୍ପିତ ହେଲେ, ସେମାନେ ନିକଟବର୍ତ୍ତୀ ହୋଇ
ଆସିଲେ।"
6"ସେମାନେ ପରସ୍ପରକୁ ସାହାଯ୍ୟ କଲେ ଓ ସାହସୀ
ହେବାକୁ ପରସ୍ପରକୁ ଉତ୍ସାହିତ କଲେ। 7ଏହିପରି ସୂତ୍ରଧର
ସ୍ୱର୍ଣ୍ଣକାରକୁ ସାହସ ଦେଲା ଓ ହାତୁଡ଼ିରେ ସମାନ କରିବା
ଲୋକ ଯୋଡ଼ କର୍ମ ଉତ୍ତମ ହୋଇଛି ବୋଲି କହି
ନେହାଇରେ ପିଟିବା ଲୋକକୁ ଆଶ୍ୱାସ ଦେଲା, 'ପୁଣି ପ୍ରତିମାଟି

ଯେପରି ଝଲମଲ ନହୁଏ,' ଏଥିପାଇଁ ସେ କଣ୍ଟାରେ ତାହା
ଦୃଢ଼ କଲା।"

### ସଦାପ୍ରଭୁ ହିଁ ଆମ୍ଭମାନଙ୍କୁ ରକ୍ଷା କରିବେ

8"ହେ ମୋର ଦାସ ଇଶ୍ରାୟେଲ, ମୋର ମନୋନୀତ
ଯାକୁବ ଓ ମୋର ବନ୍ଧୁ ଅବ୍ରହାମର ପରିବାରବର୍ଗ।

9ଆମ୍ଭେ ତୁମ୍ଭକୁ ଧରି ପୃଥିବୀର ପ୍ରାନ୍ତରୁ ଆଣିଅଛୁ ଓ
ପୃଥିବୀର ସୀମାରୁ ତାହାଙ୍କୁ ଆମ୍ଭର ଦାସ ବୋଲି ଆହ୍ୱାନ କରି
କହିଅଛୁଁ। ଆମ୍ଭେ ତୁମ୍ଭକୁ ଦୂରେଇ ନଦେଇ ମନୋନୀତ
କରିଅଛୁ।

10ତୁମ୍ଭେ ଭୟ କର ନାହିଁ, କାରଣ ଆମେ ତୁମ୍ଭ
ସଙ୍ଗରେ ଅଛୁ। ନିରାଶ ହୁଅ ନାହିଁ କାରଣ ଆମ୍ଭେ ତୁମ୍ଭର
ପରମେଶ୍ୱର। ଆମ୍ଭେ ତୁମ୍ଭକୁ ସବଳ କରିବା, ଆମ୍ଭେ ତୁମ୍ଭକୁ
ସାହାଯ୍ୟ କରିବା। ପୁଣି ଆମ୍ଭେ ଆପଣା ଧର୍ମସ୍ୱରୂପ ଦକ୍ଷିଣ
ହସ୍ତରେ ତୁମ୍ଭକୁ ଧରି ରଖିବା।

11ଦେଖ, କେତେକ ବ୍ୟକ୍ତି ତୁମ୍ଭ ଉପରେ କ୍ରୋଧ
ହୋଇଛନ୍ତି। ମାତ୍ର ସେମାନେ ଲଜ୍ଜିତ ଓ ଅପମାନିତ ହେବେ।
ଯେଉଁମାନେ ତୁମ୍ଭ ସହିତ ବିରୋଧ କରନ୍ତି, ସେମାନେ ତୁଚ୍ଛ
ବସ୍ତୁଭଳି ବିନଷ୍ଟ ହେବେ।

12ଯେଉଁମାନେ ତୁମ୍ଭ ସହିତ ବିରୋଧ କରନ୍ତି, ତୁମ୍ଭେ
ସେମାନଙ୍କର ଅନ୍ୱେଷଣ କରିବ। ମାତ୍ର ସେମାନଙ୍କର ସନ୍ଧାନ
ପାଇବ ନାହିଁ। ଯେଉଁମାନେ ତୁମ୍ଭ ସହିତ ଯୁଦ୍ଧ କରନ୍ତି
ସେମାନେ ଅବସ୍ତୁ ତୁଲ୍ୟ ତୁଚ୍ଛ ହେବେ।

13କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭର ପରମେଶ୍ୱର, ତୁମ୍ଭର
ଦକ୍ଷିଣ ହସ୍ତ ଧରି କହିବା ଭୟ କର ନାହିଁ। ଆମ୍ଭେ ତୁମ୍ଭକୁ
ସାହାଯ୍ୟ କରିବା।

14ହେ କୀଟରୂପୀ ଯାକୁବ ଓ ହେ ଇଶ୍ରାୟେଲୀୟ
ନରଗଣ, ଭୟ କର ନାହିଁ। ସଦାପ୍ରଭୁ କୁହନ୍ତି, ଆମ୍ଭେ ତୁମ୍ଭକୁ
ସାହାଯ୍ୟ କରିବା" ଓ ଇଶ୍ରାୟେଲର ଧର୍ମସ୍ୱରୂପ ତୁମ୍ଭର
ମୁକ୍ତିଦାତା ଅଟନ୍ତି।

15"ଦେଖ, ମୁଁ ତୁମ୍ଭକୁ ତୀକ୍ଷ୍ଣ ଛୁରିକା ବିଶିଷ୍ଟ ଏକ ନୂଆ
ଶସ୍ୟ-ମର୍ଦ୍ଦନ ଯନ୍ତ୍ର ସ୍ୱରୂପ କରିବ, ତୁମ୍ଭେ କୃଷକ ଶସ୍ୟକୁ
ମର୍ଦ୍ଦନ କଲାପରି ପର୍ବତଗୁଡ଼ିକୁ ମର୍ଦ୍ଦନ କରି ଚୂର୍ଣ୍ଣ କରିବ ଓ
ଉପପର୍ବତଗୁଡ଼ିକୁ ଭୂଷି ତୁଲ୍ୟ କରିବ।

16ତୁମ୍ଭେ ସେମାନଙ୍କୁ କୁଲାରେ ଉଡ଼ାଇଲେ ବାୟୁ ସେମାନଙ୍କୁ
ଉଡ଼ାଇ ନେବ ଓ ଘୂର୍ଣ୍ଣିବାୟୁ ସେମାନଙ୍କୁ ଛିନ୍ନ ଭିନ୍ନ କରି
ପକାଇବ। ପୁଣି ତୁମ୍ଭେ ସଦାପ୍ରଭୁଙ୍କଠାରେ ଉଲ୍ଲାସ କରିବ ଓ
ଇଶ୍ରାୟେଲର ଧର୍ମସ୍ୱରୂପଙ୍କଠାରେ ଗର୍ବ କରିବ।"

17"ଦରିଦ୍ର ଓ ଧନହୀନମାନେ ଜଳ ଅନ୍ୱେଷଣ କରନ୍ତି,
ମାତ୍ର ସେମାନେ ଜଳ ପାଆନ୍ତି ନାହିଁ। ସେମାନଙ୍କର ଜିହ୍ୱା
ତୃଷ୍ଣାରେ ଶୁଖିଯାଏ। ଆମ୍ଭେ ସଦାପ୍ରଭୁ ସେମାନଙ୍କୁ ଉତ୍ତର
ଦେବା। ଆମ୍ଭେ ଇଶ୍ରାୟେଲର ପରମେଶ୍ୱର ସେମାନଙ୍କୁ ତ୍ୟାଗ
କରିବା ନାହିଁ।

18ଆମ୍ଭେ ବୃକ୍ଷଶୂନ୍ୟ ଉଚ୍ଚଭୂମିରେ ନଦନଦୀ ସୃଷ୍ଟି କରିବା,
ଉପତ୍ୟକାର ମଧ୍ୟ ଭାଗରେ ଝରଣାମାନ ଫିଟାଇବା, ପ୍ରାନ୍ତରକୁ
ଜଳାଶୟ ଓ ଶୁଷ୍କ ଭୂମିରେ ନିର୍ଝର ଜଳ ପ୍ରବାହିତ
କରାଇବା।

19ଆମ୍ଭେ ପ୍ରାନ୍ତରରେ ଏରସ, ବାବଲ, ମେହେନ୍ଦି, ତୈଳବୃକ୍ଷ
ରୋପଣ କରିବା ଓ ମରୁଭୂମିରେ ଦେବଦାରୁ, ତିଧର, ତାଗୂର
ବୃକ୍ଷ ଏକତ୍ର ଲଗାଇବା।

20ଲୋକମାନେ ଏହା ଦେଖି ବୁଝିବେ ଓ ଜାଣିବେ ଏବଂ
ବିବେଚନା କରିବେ ଯେ ସଦାପ୍ରଭୁଙ୍କ ହସ୍ତ ଏହିକାର୍ଯ୍ୟ
କରିଅଛି ଓ ଇଶ୍ରାୟେଲର ପରମେଶ୍ୱର ଧର୍ମସ୍ୱରୂପ ଏହା ସୃଷ୍ଟି
କରିଅଛନ୍ତି।"

### ସଦାପ୍ରଭୁ ମିଥ୍ୟା ଦେବତାଗଣଙ୍କୁ ଆହ୍ୱାନ କରନ୍ତି

21ସଦାପ୍ରଭୁ କୁହନ୍ତି, ତୁମ୍ଭେମାନେ ନିଜ ନିଜ ବିବାଦ
ଉପସ୍ଥିତ କର; ଯାକୁବର ରାଜା କୁହନ୍ତି, "ତୁମ୍ଭେମାନେ ନିଜର
ଦୃଢ଼ ପ୍ରମାଣ ଉପସ୍ଥାପନ କର। 22ତୁମ୍ଭର ପ୍ରତିମାଗଣ ଆସନ୍ତୁ
ଓ ଯାହା ଯାହା ଘଟୁଅଛି, ଆମ୍ଭ ନିକଟରେ ପ୍ରକାଶ
କରନ୍ତୁ।

"ଆଦ୍ୟରେ କ'ଣ ଘଟିଥିଲା ଓ ଭବିଷ୍ୟତରେ କ'ଣ
ଘଟିବ, ଆମ୍ଭକୁ କୁହ। ତାହାହେଲେ ଶେଷଫଳ କ'ଣ ହେବ
ଆମ୍ଭେ ବିବେଚନା କରିବା।

23"ଏହାପରେ କ'ଣ ଘଟିବ ତୁମ୍ଭେମାନେ ପ୍ରକାଶ କର।
ତାହାହେଲେ ଆମ୍ଭେ ଜାଣିବୁ ତୁମ୍ଭେମାନେ ପ୍ରକୃତରେ ଦେବତାଗଣ।
କେଉଁଠି ଯଦି ଆମ୍ଭେମାନେ ପ୍ରକୃତରେ ଭୟ କିମ୍ବା ଭୟଭୀତ
ହେବା ଯେବେ ତୁମ୍ଭେ ଉତ୍ତମ କିମ୍ବା ମନ୍ଦ ବିଷୟ ଆମ୍ଭଙ୍କୁ
କହିବ।

24"ଦେଖ, ତୁମ୍ଭେମାନେ ଭଣ୍ଡଦେବତା ଓ ତୁମ୍ଭେମାନେ
କୌଣସି କାର୍ଯ୍ୟର ନୁହଁ। ଯେଉଁମାନେ ତୁମ୍ଭମାନଙ୍କୁ ପୂଜା
କରନ୍ତି ସେମାନେ ଘୃଣାର ପାତ୍ର।"

### ସଦାପ୍ରଭୁ ପ୍ରମାଣ କରନ୍ତି ଯେ, ସେ ଏକମାତ୍ର ପରମେଶ୍ୱର

25"ଆମ୍ଭେ ଉତ୍ତର ଦିଗରୁ ଜଣକୁ ଉତ୍ପନ୍ନ କରିଅଛୁ ଓ
ସେ ଉପସ୍ଥିତ। ସେ ପୂର୍ବ ଦିଗରୁ ଆମ୍ଭର ଆହ୍ୱାନ କରେ।
ସେ ଗାନ୍ଥୁନୀର ମସଲା ଓ କୁମ୍ଭକର ପାତ୍ର ନିର୍ମାଣ ପାଇଁ
ବ୍ୟବହୃତ ମର୍ଦ୍ଦିତ ମୃତ୍ତିକା ପରି ପ୍ରତ୍ୟେକ ଶାସକକୁ ଦଳିତ
କରିବ।"

26କିଏ ଆଦ୍ୟରୁ ଏହା ପ୍ରକାଶ କରିଅଛି? ତାହା ହେଲେ
ଆମ୍ଭେମାନେ ପରମେଶ୍ୱର ବୋଲି ଜାଣିବା। ତୁମ୍ଭମାନଙ୍କ ମଧ୍ୟରୁ
କେହି ଜଣେ ପ୍ରକାଶ କରିଅଛି କି? ଆମ୍ଭେ ତୁମ୍ଭକୁ ଧାର୍ମିକ
ବୋଲି କହିବୁ। ନା, ପ୍ରକାଶକାରୀ କେହି ନାହିଁ କି
ଦେଖାଇବା ଲୋକ କେହି ନାହିଁ। ତୁମ୍ଭମାନଙ୍କ କଥା ଶୁଣିବା
ଲୋକ ମଧ୍ୟ କେହି ନାହିଁ।

27ଆମ୍ଭେ, ସଦାପ୍ରଭୁ ଏବଂ ପ୍ରଥମେ ସିୟୋନକୁ କହିବା,
"ସେମାନଙ୍କୁ ଦେଖ। ଏବଂ ପୁଣି ଯିରୂଶାଲମକୁ ସୁସମାଚାର
ଦେଇ ଆମ୍ଭେ ଜଣେ ଦୂତ ପଠାଇବା।"

28ଆମ୍ଭେ ଅନାଇଲା ବେଳେ କେହି ନାହିଁ। ପୁଣି ପ୍ରଶ୍ନ
କଲାବେଳେ ସେମାନଙ୍କ ମଧ୍ୟରେ କେହି ଜଣେ ମନ୍ତ୍ରଣା ଦାତା
ସୁଦ୍ଧା ଉତ୍ତର ଦେବାକୁ ନାହିଁ।

29ସେମାନେ ସମସ୍ତେ ଅସାର ଓ ସେମାନଙ୍କର କର୍ମସବୁ
ତୁଚ୍ଛ। ସେମାନେ ଛାଞ୍ଚରେ ଢଳା ବାୟୁଶୂନ୍ୟ ପ୍ରତିମାଗଣ
ମାତ୍ର।

### ସଦାପ୍ରଭୁଙ୍କର ସ୍ୱତନ୍ତ୍ର ଦାସ

42 "ମୋର ଦାସକୁ ଦେଖ। ମୁଁ ତାକୁ ମନୋନୀତ
କରିଛି। ମୋର ଚିତ୍ତ ତାହାଠାରେ ସନ୍ତୁଷ୍ଟ। ମୁଁ
ତାହା ଉପରେ ନିଜର ଆତ୍ମାକୁ ସ୍ଥାପନ କରିଅଛି। ସେ
ଅନ୍ୟଦେଶ ପ୍ରତି ନ୍ୟାୟ ବିଚାର କରିବ।
2ସେ ରାଜପଥରେ ଉଚ୍ଚସ୍ୱରରେ କହିବ ନାହିଁ କି ସେ
ଚିତ୍କାର କରିବ ନାହିଁ।
3ଏପରିକି ସେ ଗୋଟିଏ ଛେଚାନଳ ଭାଙ୍ଗିବେ ନାହିଁ,
ଏପରିକି ଗୋଟିଏ ନିଷ୍ପ୍ରଭ ବଳତା ଲିଭାଇବେ ନାହିଁ। ସେ
ନ୍ୟାୟ ବିଚାର କରିବେ ଓ ସତ୍ୟ ଉଦ୍‌ଘାଟନ କରିବେ।
4ସେ ପୃଥିବୀରେ ନ୍ୟାୟ ବିଚାର ପ୍ରତିଷ୍ଠା ନ କରିବା
ପର୍ଯ୍ୟନ୍ତ ନିସ୍ତେଜ କିମ୍ବା ହୀନବଳ ହେବେ ନାହିଁ। ଆଉ
ଦ୍ୱୀପନିବାସୀ ତାଙ୍କର ପ୍ରଚାରରେ ବିଶ୍ୱାସ ରଖିବେ।"

### ସଦାପ୍ରଭୁ ଜଗତର ସୃଷ୍ଟିକର୍ତ୍ତା ଓ ଶାସନକର୍ତ୍ତା

5ଯେ ନଭମଣ୍ଡଳ ସୃଷ୍ଟି କରି ଭୂମଣ୍ଡଳ ଉପରେ ବିସ୍ତାର
କଲେ, ଯେ ପୃଥିବୀର ସକଳବସ୍ତୁ ସୃଷ୍ଟି କଲେ, ଯେ ସକଳ
ଲୋକଙ୍କୁ ନିଃଶ୍ୱାସ ପ୍ରଶ୍ୱାସ ଦିଅନ୍ତି ଓ ସକଳ ଆତଯାତ
ବ୍ୟକ୍ତିମାନଙ୍କୁ ଜୀବନ ଦିଅନ୍ତି, ସେହି ସଦାପ୍ରଭୁ ପ୍ରକୃତ
ପରମେଶ୍ୱର ଏହି କଥା କୁହନ୍ତି।
6"ମୁଁ ସଦାପ୍ରଭୁ, ତୁମ୍ଭକୁ ଧାର୍ମିକରେ ଆହ୍ୱାନ କରୁଛି।
ତୁମ୍ଭର ହସ୍ତ ଧରି ମୁଁ ତୁମ୍ଭକୁ ପଥପ୍ରଦର୍ଶନ କରିବି।
ଜାତିଗଣଙ୍କୁ ଗୋଟିଏ ଆଲୋକପରି ମୁଁ ତୁମ୍ଭକୁ ଗୋଟିଏ
ନିଯୁକ୍ତ ଚିହ୍ନ ଦେବି, ଯାହା ଲୋକମାନଙ୍କ ସହିତ ଗୋଟିଏ
ଚୁକ୍ତି ଅଛି।
7ତୁମ୍ଭେ ଅନ୍ଧମାନଙ୍କୁ ଚକ୍ଷୁଷ୍ମାନ କରିବ, କାରାଗାରରୁ
ବନ୍ଦୀମାନଙ୍କୁ ମୁକ୍ତ କରିବ ଓ ଅନ୍ଧକାରରେ ବସିଥିବା ଲୋକମାନଙ୍କୁ
ବନ୍ଦୀ ଗୃହରୁ ବାହାରକୁ ଆଣିବ।
8"ମୁଁ ସଦାପ୍ରଭୁ ଓ ତାହାହିଁ ମୋର ନାମ। ମୋର
ପ୍ରଶଂସା ଓ ମହିମା ମୁଁ ସେହି ଖୋଦିତ ପ୍ରତିମାଗଣକୁ ଦେବି
ନାହିଁ।
9ଦେଖ, ଆଦ୍ୟ ବିଷୟ ସିଦ୍ଧ ହେଲା। ଆଉ ଆମ୍ଭେ
ନୂତନ ବିଷୟମାନ ପ୍ରକାଶ କରୁ। ଭବିଷ୍ୟତରେ କ'ଣ କ'ଣ
ଘଟିବ, ତାହା ତୁମ୍ଭକୁ ଜଣାଉ।"

### ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ପ୍ରଶଂସା ଗୀତ

10ହେ ଦ୍ୱୀପଗଣ ଓ ତନ୍ନିବାସୀଗଣ, ହେ ସମୁଦ୍ରଗାମୀମାନେ
ଓ ସମୁଦ୍ରବାସୀମାନେ ଏବଂ ପୃଥିବୀସ୍ଥ ଦୂରଦେଶୀୟ ଲୋକମାନେ,
ତୁମ୍ଭେମାନେ ସମସ୍ତେ ସଦାପ୍ରଭୁଙ୍କର ପ୍ରଶଂସା ଗାନ କର। ଏକ
ନୂତନ ସଙ୍ଗୀତ ତାଙ୍କ ବିଷୟରେ ଗାନ କର।
11ପ୍ରାନ୍ତର ଓ ତା'ର ନଗର ସମସ୍ତ, ସମସ୍ତ ଗ୍ରାମ,
ଯେଉଁଠାରେ କେଦାର ବାସ କରେ, ସଦାପ୍ରଭୁଙ୍କର ପ୍ରଶଂସାଗାନ
କର। ଶେଲା ନିବାସୀମାନେ ଆନନ୍ଦରେ ଓ ଶାନ୍ତିରେ ବାସ
କରନ୍ତି, ସେମାନେ ସଦାପ୍ରଭୁଙ୍କର ଗୁଣଗାନ ପର୍ବତ ଶିଖରରୁ
ଉଚ୍ଚସ୍ୱରରେ ଗାନ କରନ୍ତୁ।
12ସେମାନେ ସଦାପ୍ରଭୁଙ୍କୁ ମହିମା ଦିଅନ୍ତୁ ଓ ଦ୍ୱୀପ ସମୂହ
ମଧ୍ୟରେ ତାଙ୍କର ପ୍ରଶଂସା ପ୍ରଚାର କରନ୍ତୁ।
13ସଦାପ୍ରଭୁ ମହାନ୍ ବୀର ରୂପେ ବିଜେ କରିବେ, ସେ
ଯୋଦ୍ଧା ଭାବରେ ନିଜକୁ ଉତ୍ତେଜିତ କରିବେ ଓ ସେ ଘୋର
ଗର୍ଜନ କରିବେ। ନିଜର ଶତ୍ରୁମାନଙ୍କର ପ୍ରତିକୂଳରେ ପ୍ରବଳ
ରୂପରେ କାର୍ଯ୍ୟ କରିବେ।

### ପରମେଶ୍ୱର ଅତ୍ୟନ୍ତ ଧୈର୍ଯ୍ୟଶୀଳ

14"ଦୀର୍ଘକାଳ ଧରି ମୁଁ ନୀରବ ରହି ଆସୁଅଛି। ମୁଁ
ତଥାପି ନୀରବ ଅଛି। ମାତ୍ର ବର୍ତ୍ତମାନ ଆମ୍ଭେ ପ୍ରସବକାରିଣୀ
ସ୍ତ୍ରୀ ପରି ଚିତ୍କାର କରିବୁ। ଆମ୍ଭେ ଦୀର୍ଘ ନିଃଶ୍ୱାସ ଏବଂ
ଆକାଂକ୍ଷା ହେବୁ।
15ଆମ୍ଭେ ପର୍ବତ ଓ ଉପପର୍ବତଗୁଡ଼ିକୁ ଧ୍ୱଂସ କରିବୁ ଓ
ତହିଁରେ ଥିବା ସମସ୍ତ ଗୁଳ୍ମଲତାକୁ ଶୁଷ୍କ କରିବୁ। ନଦନଦୀକୁ
ଦ୍ୱୀପରେ ପରିଣତ କରିବୁ ଓ ଜଳାଶୟକୁ ଶୁଷ୍କ କରିବୁ।
16ତା'ପରେ ଆମ୍ଭେ ଅନ୍ଧମାନଙ୍କୁ ସେମାନଙ୍କର ଅଜ୍ଞାତ
ପଥ ଦେଇ ଆଣିବୁ ଓ ଯେଉଁ ପଥ ସେମାନେ ଜାଣନ୍ତି ନାହିଁ,
ସେହି ପଥରେ ସେମାନଙ୍କୁ କଢ଼ାଇ ନେବୁ। ଆମ୍ଭେ ସେମାନଙ୍କ
ସମ୍ମୁଖରେ ଅନ୍ଧକାରକୁ ଆଲୋକର ଓ ବକ୍ର ସ୍ଥାନକୁ ସଳଖରେ
ପରିଣତ କରିବୁ। ଏହିସବୁ କାର୍ଯ୍ୟ କରି ଆମ୍ଭେ ନିଜ
ସନ୍ତାନମାନଙ୍କୁ ପରିତ୍ୟାଗ କରିବୁ ନାହିଁ।
17କିନ୍ତୁ କେତେକ ଲୋକ ମୋର ଅନୁସରଣ କରିବାରୁ
ନିବୃତ୍ତ ହେଲେ ନାହିଁ। ଯେଉଁମାନେ ଖୋଦିତ ପ୍ରତିମାଗଣଙ୍କୁ
କିମ୍ବା ମୃତ୍ତିକାରେ ନିର୍ମିତ ଦେବତାମାନଙ୍କୁ ବିଶ୍ୱାସ କରନ୍ତି,
ତେବେ ସେମାନେ ହତାଶ ହୋଇ ଲଜ୍ଜିତ ହେବେ।

### ଇଶ୍ରାୟେଲ ପରମେଶ୍ୱରଙ୍କୁ ଶୁଣିବାକୁ ପ୍ରତ୍ୟାଖ୍ୟାନ କଲା

18"ହେ ବଧିରମାନେ ଶୁଣ! ହେ ଅନ୍ଧମାନେ, ତୁମ୍ଭେମାନେ
ଦେଖିବା ପାଇଁ ଦୃଷ୍ଟି ଦିଅ।"
19ଏ ଜଗତରେ ମୋର ଦାସଠାରୁ ଅନ୍ଧ କିଏ? ପୁଣି ମୋ
ପ୍ରେରିତ ଦୂତଠାରୁ ବଧିର କିଏ? ସଦାପ୍ରଭୁଙ୍କଠାରେ ମିଳିତ
ହୋଇଥିବା ଦାସ ସବୁଠାରୁ ଅଧିକ ଅନ୍ଧ।
20ମୋର ଦାସ ଯଦିଓ ସବୁ ଦେଖୁଅଛି, ତଥାପି ସେ
ମନୋଯୋଗ କରୁ ନାହିଁ। ତା'ର କର୍ଣ୍ଣ ମୁକ୍ତ ଅଛି, ମାତ୍ର ସେ
ଶୁଣୁ ନାହିଁ।"
21ସଦାପ୍ରଭୁ ନିଜର ଶିକ୍ଷା ବ୍ୟବସ୍ଥାକୁ ମହତ୍ ଓ ସମ୍ଭ୍ରାନ୍ତ
କରି ସନ୍ତୁଷ୍ଟ ହେଲେ।
22ଏହି ଲୋକମାନଙ୍କୁ ଦେଖ। ସେମାନେ ଅପହୃତ ଓ
ଲୁଣ୍ଠିତ। ସେମାନେ ଗର୍ତ୍ତରେ ପାଶବଦ୍ଧ ଓ କାରାଗାରରେ ଲୁଚି
ଯାଇଛନ୍ତି। ସେମାନଙ୍କର ଧନ ଲୁଣ୍ଠିତ ହୋଇଛି। ସେମାନଙ୍କୁ
ଉଦ୍ଧାର କରିବାକୁ କେହି ନାହାଁନ୍ତି। ସେମାନଙ୍କର ଲୁଣ୍ଠିତ
ଦ୍ରବ୍ୟକୁ "ଫେରାଇ ଦେବା" ପାଇଁ କହିବାକୁ ମଧ୍ୟ କେହି
ନାହିଁ।
23ଏହି କଥାକୁ ଶ୍ରବଣ କରିବାକୁ ଓ ଶ୍ରବଣ କରି
ଭବିଷ୍ୟତ ନିମନ୍ତେ ମନୋଯୋଗ କରିବାକୁ ତୁମ୍ଭମାନଙ୍କ ମଧ୍ୟରେ
ଏପରି ଲୋକ କେହି ଅଛି କି? 24ଯାକୁବକୁ ଲୁଣ୍ଠିତ ହେବା
ପାଇଁ ଓ ଇଶ୍ରାୟେଲକୁ ଅପହରଣ କରିବା ପାଇଁ କିଏ
ଅପହରଣକାରୀଙ୍କ ହସ୍ତରେ ସମର୍ପଣ କଲେ? ଏସବୁ ସଦାପ୍ରଭୁ
ହିଁ କରାଇଲେ। କାରଣ ଆମ୍ଭେମାନେ ତାଙ୍କ ବିରୁଦ୍ଧରେ ପାପ

କରିଅଛୁ ଓ ତାଙ୍କ ଦର୍ଶିତ ପଥରେ ଗମନ କରି ନାହୁଁ ।
ଇସ୍ରାୟେଲର ଲୋକମାନେ ମଧ୍ୟ ତାଙ୍କ ବାକ୍ୟ ଶୁଣି ନାହାଁନ୍ତି ।
25ତେଣୁ ସଦାପ୍ରଭୁ ତାଙ୍କର କ୍ରୋଧ ପ୍ରଚଣ୍ଡତା ଓ ଯୁଦ୍ଧର
ପ୍ରବଳତା ସେମାନଙ୍କ ଉପରେ ଢାଳି ଦେଲେ । ଫଳରେ ତା'ର
ଚତୁର୍ଦ୍ଦିଗରେ ଅଗ୍ନି ଜଳି ଉଠିଲା । ସେ କିନ୍ତୁ ଏସବୁ ଜାଣି
ପାରିଲା ନାହିଁ । ଅଗ୍ନିରେ ଦଗ୍ଧୀଭୂତ ହେଲା । ଏହା କାହିଁକି
ଘଟିଲା ତଥାପି ସେ ମନୋଯୋଗ କଲା ନାହିଁ ।

## ପରମେଶ୍ୱର ସର୍ବଦା ତାଙ୍କ ସନ୍ତାନଙ୍କ ସହବର୍ତ୍ତୀ

43 ହେ ଯାକୁବ, ଯେଉଁ ସଦାପ୍ରଭୁ ତୁମ୍ଭକୁ ସୃଷ୍ଟି କଲେ,
ହେ ଇସ୍ରାୟେଲ, ଯେଉଁ ସଦାପ୍ରଭୁ ତୁମ୍ଭକୁ ନିର୍ମାଣ
କଲେ, ସେହି ସଦାପ୍ରଭୁ ଏହି କଥା କୁହନ୍ତି, "ଭୟ କର
ନାହିଁ, କାରଣ ଆମ୍ଭେ ତୁମ୍ଭକୁ ମୁକ୍ତ କରିଅଛୁ । ଆମ୍ଭେ ତୁମ୍ଭର
ନାମଧରି ଆହ୍ୱାନ କରୁଅଛୁ, ତୁମ୍ଭେ ଆମ୍ଭର । 2ତୁମ୍ଭେ ଯେତେବେଳେ
ଦୁଃଖରେ ପଡ଼ିବ, ଆମ୍ଭେ ତୁମ୍ଭର ସହବର୍ତ୍ତୀ ହେବୁ । ଜଳ
ମଧ୍ୟରେ ଗମନ କଲାବେଳେ ଆମ୍ଭେ ତୁମ୍ଭର ସଙ୍ଗୀ ହେବୁ ।
ଫଳରେ ତୁମ୍ଭେ ଜଳରେ ମଗ୍ନ ହେବ ନାହିଁ । ଅଗ୍ନିରେ ଗମନ
କଲାବେଳେ ଦଗ୍ଧୀଭୂତ ହେବ ନାହିଁ ଓ ଅଗ୍ନିଶିଖା ତୁମ୍ଭର କ୍ଷତି
କରିବ ନାହିଁ । 3କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭର ପରମେଶ୍ୱର,
ଇସ୍ରାୟେଲ ଧର୍ମସ୍ୱରୂପ ତୁମ୍ଭର ତ୍ରାଣକର୍ତ୍ତା । ଆମ୍ଭେ ତୁମ୍ଭର
ମୁକ୍ତିର ମୂଲ୍ୟ ସ୍ୱରୂପରେ ମିଶର ଓ ତୁମ୍ଭକୁ ପାଇବା ପାଇଁ
କୂଶ୍ ଓ ଶିବାଦେଶ ଦେଇଅଛୁ । 4ତୁମ୍ଭେ ଆମ୍ଭପାଇଁ ଅତି
ମୂଲ୍ୟବାନ୍, ତେଣୁ ଆମ୍ଭେ ତୁମ୍ଭକୁ ଅତି ସମ୍ମାନ ଦେଉଅଛୁ,
ତୁମ୍ଭକୁ ପ୍ରେମ କରୁଛୁ ଏବଂ ତୁମ୍ଭ ପରିବର୍ତ୍ତନରେ ଲୋକମାନଙ୍କୁ
ଓ ତୁମ୍ଭର ପ୍ରାଣର ବଦଳରେ ଗୋଷ୍ଠୀମାନଙ୍କୁ ଦେବା ।"

## ପରମେଶ୍ୱର ତାଙ୍କର ସନ୍ତାନଗଣଙ୍କୁ ଗୃହକୁ ଆଣିବେ

5"ଭୟ କର ନାହିଁ, କାରଣ ଆମ୍ଭେ ତୁମ୍ଭ ସହିତ ଅଛୁ ।
ଆମ୍ଭେ ପୂର୍ବ ଦିଗରୁ ତୁମ୍ଭର ସନ୍ତାନଗଣଙ୍କୁ ଆଣିବା ଓ
ପୂର୍ବଦିଗରୁ ତୁମ୍ଭକୁ ଆଣିବା । 6ଆମ୍ଭେ ଉତ୍ତର ଦିଗକୁ କହିବା
ଛାଡ଼ି ଦିଅ ଓ ଦକ୍ଷିଣ ଦିଗକୁ କହିବା ସେମାନଙ୍କୁ ଅଟକାଅ
ନାହିଁ । ଆମ୍ଭର ପୁତ୍ରଗଣଙ୍କୁ ଦୂରରୁ ଓ କନ୍ୟାଗଣଙ୍କୁ ପୃଥିବୀର
ପ୍ରାନ୍ତରୁ ଆଣି ଦିଅ । 7ଆମ୍ଭ ନାମରେ ଖ୍ୟାତ ଓ ଯାହାକୁ
ଆମ୍ଭେ ଆମ୍ଭର ଗୌରବାର୍ଥେ ସୃଷ୍ଟି କରିଅଛୁ, ଏହିପରି ପ୍ରତ୍ୟେକ
ଲୋକଙ୍କୁ ଆଣ । ଆମ୍ଭେ ତାହାକୁ ଗଢ଼ିଅଛୁ ଓ ଆମ୍ଭେ ତାହାକୁ
ନିର୍ମାଣ କରିଅଛୁ ।"

## ଇସ୍ରାୟେଲ ପୃଥିବୀକୁ ପରମେଶ୍ୱରଙ୍କ ସାକ୍ଷୀ

8ପରମେଶ୍ୱର କୁହନ୍ତି, "ଚକ୍ଷୁଥାଇ ଅନ୍ଧ ଓ କର୍ଣ୍ଣ ଥାଇ
ବଧିର ସେହି ଲୋକଙ୍କୁ ବାହାର କରିଆଣ । 9ସବୁ ଦେଶର
ଓ ସବୁ ଗୋଷ୍ଠୀର ଲୋକମାନେ ଏକତ୍ରିତ ହୁଅନ୍ତୁ । ସେମାନଙ୍କ
ମଧ୍ୟରୁ କିଏ ଏହା ପ୍ରକାଶ କରିପାରେ ଓ ଆଦ୍ୟ ବିଷୟମାନ
ଦେଖାଇ ଦେଇପାରେ? ସେମାନେ ଦୋଷମୁକ୍ତ ହେବାକୁ ନିଜ
ନିଜର ସାକ୍ଷୀ ଆଣନ୍ତୁ ଓ ସେମାନେ ଶୁଣି ଏହା ସତ୍ୟ ବୋଲି
କୁହନ୍ତୁ ।"

10ସଦାପ୍ରଭୁ କୁହନ୍ତି, "ତୁମ୍ଭେମାନେ ଆମ୍ଭର ସାକ୍ଷୀ ଓ
ତୁମ୍ଭେମାନେ ମୋର ମନୋନୀତ ଦାସ । କାରଣ ତୁମ୍ଭେମାନେ
ମୋଠାରେ ବିଶ୍ୱାସ ରଖନ୍ତୁ ବୋଲି ପ୍ରଚାର କରିବ ଓ ଆମ୍ଭେ
ସେହି ଅଟୁ ବୋଲି ସେମାନେ ଯେପରି ବୁଝିବେ । ଆମ୍ଭେ
ପ୍ରକୃତ ପରମେଶ୍ୱର, ପୂର୍ବରୁ କେହି ପରମେଶ୍ୱର ନ ଥିଲେ
କି ପରେ କେହି ଈଶ୍ୱର ହେବେ ନାହିଁ । 11ଆମ୍ଭେ ହିଁ
ସଦାପ୍ରଭୁ ଓ ଆମ୍ଭ ବ୍ୟତୀତ ତ୍ରାଣକର୍ତ୍ତା କେହି ନାହାନ୍ତି ।
12ଆମ୍ଭେ ତାକୁ ପ୍ରକାଶ କରିଅଛୁ ଏବଂ ଆମ୍ଭେ ପରିତ୍ରାଣ
କରିଅଛୁ, ତୁମ୍ଭମାନଙ୍କ ମଧ୍ୟରେ କେହି ବିଦେଶୀୟ ଦେବତା ନ
ଥିଲେ, ଆମ୍ଭେ ଦେଖାଇଅଛୁ । ଏଣୁ ସଦାପ୍ରଭୁ କୁହନ୍ତି, ତୁମ୍ଭେମାନେ
ଆମ୍ଭର ସାକ୍ଷୀ ଅଟ ଓ ଆମ୍ଭେ ପରମେଶ୍ୱର ଅଟୁ ।"
13"ଆମ୍ଭେ ସର୍ବଦା ଅନନ୍ତ ପରମେଶ୍ୱର ହୋଇ ରହିବୁ ।
ଆମ୍ଭେ ଯାହା କରିବୁ, କେହି ତାହା ଅନ୍ୟଥା କରିପାରିବ
ନାହିଁ । ଆମ୍ଭ ପରାକ୍ରମ ନିକଟରେ କେହିହେଲେ ଅନ୍ୟଜଣଙ୍କୁ
ରକ୍ଷା କରିପାରିବ ନାହିଁ ।"

14ତୁମ୍ଭମାନଙ୍କର ମୁକ୍ତିଦାତା, ଇସ୍ରାୟେଲର ପବିତ୍ର ସ୍ୱରୂପ
ସଦାପ୍ରଭୁ ଏହିକଥା କୁହନ୍ତି, "ଆମ୍ଭେ ତୁମ୍ଭମାନଙ୍କ ପାଇଁ
ବାବିଲକୁ ସୈନ୍ୟବାହିନୀ ପଠାଇଅଛୁ । ମୁଁ ସେହି ଫାଟକକୁ
ଭାଙ୍ଗି ଦେବି । କଲଦୀୟମାନଙ୍କର ଚିତ୍କାର ଦୁଃଖରେ ପରିଣତ
ହେବ । 15ଆମ୍ଭେ ସଦାପ୍ରଭୁ, ତୁମ୍ଭମାନଙ୍କର ଧର୍ମସ୍ୱରୂପ,
ଇସ୍ରାୟେଲର ସୃଷ୍ଟିକର୍ତ୍ତା, ତୁମ୍ଭମାନଙ୍କର ରାଜା ଅଟୁଁ ।"

## ପରମେଶ୍ୱର ତାଙ୍କ ଲୋକଙ୍କୁ ପୁନର୍ବାର ରକ୍ଷା କରିବେ

16ସଦାପ୍ରଭୁ ସମୁଦ୍ରରେ ପଥ ନିର୍ମାଣ କରିବେ । ଏପରିକି
ତାଙ୍କ ଲୋକମାନଙ୍କ ପାଇଁ ଅଶାନ୍ତ ଜଳରାଶି ମଧ୍ୟରେ ମାର୍ଗ
ତିଆରି କରିବେ । ପୁଣି ସଦାପ୍ରଭୁ କୁହନ୍ତି, 17"ଯେଉଁ ଲୋକମାନେ
ରଥ, ଅଶ୍ୱ, ସୈନ୍ୟ ଓ ବୀରଗଣଙ୍କୁ ନେଇ ମୋ ବିପକ୍ଷରେ
ଲଢ଼ିବ, ସେ ଲୋକମାନଙ୍କର ପତନ ଘଟିବ, ସେମାନେ
କେବେ ଉଠିବେ ନାହିଁ । ସେମାନେ ଧ୍ୱଂସ ହେବେ ଓ
ଛଣପଟି ପରି ଲିଭିଯିବେ । 18ତେଣୁ ଆଦ୍ୟରେ ଘଟିଥିବା
ବିଷୟକୁ ସ୍ମରଣ କର ନାହିଁ କିମ୍ବା ବହୁବର୍ଷ ପୂର୍ବେ ଘଟିଥିବା
ବିଷୟକୁ ବିବେଚନା କର ନାହିଁ । 19କାରଣ ଆମ୍ଭେ ନୂତନ
କାର୍ଯ୍ୟ କରିବୁ । ଏବେ ତୁମ୍ଭେ ଅଙ୍କୁରିତ ହେବ । ତୁମ୍ଭେ ଏହା
ସତ୍ୟ ବୋଲି ନିଶ୍ଚିତ ଜାଣିବ । ଆଉ ମଧ୍ୟ ଆମ୍ଭେ ପ୍ରାନ୍ତର
ମଧ୍ୟରେ ପଥ ଓ ମରୁଭୂମିରେ ନଦନଦୀ କରିବା । 20ଏପରିକି
କ୍ଷେତ୍ରର ପଶୁଗଣ, ଶୃଗାଳ ଓ ଉଷ୍ଟ୍ର ପକ୍ଷୀଗଣ ଆମ୍ଭର
ଗୌରବ ଗାନ କରିବେ । କାରଣ ଆମ୍ଭେ ଆପଣା ମନୋନୀତ
ଲୋକମାନଙ୍କର ଜଳପାନ ପାଇଁ ପ୍ରାନ୍ତର ଓ ମରୁଭୂମିରେ
ନଦନଦୀ କରୁଥିବାରୁ ସେମାନେ ଆମ୍ଭର ଗୌରବ କରିବେ ।
21ସେହି ଲୋକମାନଙ୍କୁ ଆମ୍ଭର ପ୍ରଶଂସାଗାନ କରିବାକୁ ଆମ୍ଭେ
ସୃଷ୍ଟି କରିଅଛୁ ।

22"ତଥାପି ହେ ଯାକୁବ, ତୁମ୍ଭେ ଆମ୍ଭ ନିକଟରେ ପ୍ରାର୍ଥନା
କରି ନାହିଁ । ହେ ଇସ୍ରାୟେଲ, ତୁମ୍ଭେ ଆମ୍ଭ ପ୍ରତି ବିମୁଖ
ହୋଇଅଛ । 23ଆମ୍ଭ ନିମନ୍ତେ ନିଜର ଉତ୍ସର୍ଗ ମେଷଗୁଡ଼ିକୁ
ଆମ୍ଭ ନିକଟକୁ ଆଣି ନାହିଁ । କିମ୍ବା ବଳିଦାନ ଦ୍ୱାରା ଆମ୍ଭର
ଅଭ୍ୟର୍ଥନା କରି ନାହିଁ । ଆମ୍ଭେ ନୈବେଦ୍ୟ ନିମନ୍ତେ ତୁମ୍ଭକୁ
ଦାସ ଭାବରେ ବ୍ୟବହାର କରି ନାହୁଁ କିମ୍ବା ଧୂପ ନିମନ୍ତେ
ତୁମ୍ଭକୁ କ୍ଳାନ୍ତ କରି ନାହୁଁ । 24ତୁମ୍ଭେ ଆମ୍ଭର ସମ୍ମାନ ନିମନ୍ତେ
ସୁଗନ୍ଧି ଦ୍ରବ୍ୟ କ୍ରୟ କରିବାକୁ ରୌପ୍ୟ ମୁଦ୍ରା ଦେଇ ନାହିଁ ।

କିମ୍ବା ତୁମ୍ଭ ବଳିର ମେଦରେ ଆମ୍ଭକୁ ତୃପ୍ତ କର ନାହଁ, ମାତ୍ର
ଆପଣା ପାପଦ୍ୱାରା ଆମ୍ଭକୁ ଦାସ୍ୟ କର୍ମ କରାଇଅଛ ଓ ଆପଣା
ନାନା ଅଧର୍ମରେ ଆମ୍ଭକୁ କ୍ଲାନ୍ତ କରଅଛ।
**25**"ମୁଁ ଏକମାତ୍ର ପବିତ୍ର ଯେ କ ତୁମ୍ଭର ସମସ୍ତ ଦୋଷକୁ
ନଥିପତ୍ରରୁ ପୋଛଦଏ। ଆଉ ମଧ ତୁମ୍ଭର ସମସ୍ତ ପାପକୁ ମୁଁ
ଭୂଲଯାଏ। ମୋର ଗାରମାକୁ ରକ୍ଷା କରବାକୁ ଏପର
କରେ। **26**ମୋ ବରୁଦ୍ଧରେ ତୁମ୍ଭର ମକଦ୍ଦମା କର। ଆସ
ଏକାଠି ତୁମ୍ଭକୁ ଯଥାର୍ଥ ପ୍ରମାଣ କରବା ପାଇଁ ଯାହା ଜାଣ
କୁହ। **27**ତୁମ୍ଭର ଆଦ ପିତା ପାପ କଲେ ଓ ତୁମ୍ଭର
ଅନୁବାଦକ ଆମ୍ଭର ପ୍ରତିକୂଳରେ ଗଲେ। **28**ଏଣୁ ଆମ୍ଭେ
ପବତ୍ର ସ୍ଥାନର ଅଧିପତିମାନଙ୍କୁ ଅପବତ୍ର କରବା। ଆମ୍ଭେ
ଯାକୁବକୁ ଅଭିଶାପ ଦେବା ଓ ଇସ୍ରାୟେଲକୁ ନନ୍ଦିତ
କରବା।"

## ସଦାପ୍ରଭୁ ହିଁ ପରମେଶ୍ୱର

**44** "ହେ ଆମ୍ଭର ଦାସ ଯାକୁବ ଓ ଆମ୍ଭର ମନୋନୀତ
ଇସ୍ରାୟେଲ ଆମ୍ଭର ଯାହା କଥିତ ଶୁଣ। **2**ଆମ୍ଭେ
ସଦାପ୍ରଭୁ ଯେ କ ତୁମ୍ଭକୁ ଗଢ଼ିଲେ ମାତୃ ଗର୍ଭରୁ ତୁମ୍ଭକୁ ଯେ
ନର୍ମାଣ କଲେ। ଯିଏ ତୁମ୍ଭକୁ ସାହାଯ୍ୟ କଲେ, ସେହ
ସଦାପ୍ରଭୁ କୁହନ୍ତ, ହେ ଆମ୍ଭର ଦାସ ଯାକୁବ, ହେ ଆମ୍ଭର
ମନୋନୀତ ଯିଶୁରୁଣ, ଭୟ କର ନାହଁ।
**3**"ଆମ୍ଭେ ତୃଷିତ ଭୂମି ଉପରେ ଜଳ ଓ ଶୁଷ୍କ ଭୂମି
ଉପରେ ଜଳସ୍ରୋତ ଢାଳବ। ଆମ୍ଭେ ତୁମ୍ଭ ବଂଶ ଉପରେ
ଆପଣା ଆତ୍ମା ଓ ତୁମ୍ଭ ସନ୍ତାନଗଣ ଉପରେ ଆପଣା
ଆଶୀର୍ବାଦ ବର୍ଷିବା। **4**ତେଣୁ ସେମାନେ ଜଳସ୍ରୋତ ନକଟସ୍ଥ
ବାଇଗବୃକ୍ଷ ତୁଲ୍ୟ ବଢ଼ିବାକୁ ଲାଗିବେ।
**5**"ଜଣେ କହବ, 'ଆମ୍ଭେ ସଦାପ୍ରଭୁଙ୍କର,' ଅନ୍ୟ ଜଣେ
'ଯାକୁବ' ବୋଲ ନଜକୁ କହବ; ଆଉ କେହ 'ସଦାପ୍ରଭୁଙ୍କର'
ସ୍ୱାକ୍ଷର ନଜ ହାତରେ କରବ ଓ ଅନ୍ୟ କେହ 'ଇସ୍ରାୟେଲ
ନାମରେ ନଜକୁ ପରଚୟ ଦେବ।'"
**6**ସଦାପ୍ରଭୁ ଇସ୍ରାୟେଲର ରାଜା। ସେହ ସର୍ବଶକ୍ତିମୟ
ସଦାପ୍ରଭୁ ଇସ୍ରାୟେଲର ତ୍ରାଣକର୍ତ୍ତା କୁହନ୍ତ, "ଆମ୍ଭେ ଆଦ ଓ
ଅନ୍ତ, ଆମ୍ଭ ବ୍ୟତୀତ ଅନ୍ୟ ପରମେଶ୍ୱର ନାହାଁନ୍ତ। **7**ଆମ୍ଭ
ତୁଲ୍ୟ ଅନ୍ୟ ପରମେଶ୍ୱର ନାହାଁନ୍ତ। ଯଦ ଥାଆନ୍ତ ତେବେ
ସେ ବର୍ତ୍ତମାନ ଆସି କୁହନ୍ତୁ। ସେ ଯଦ ଆମ୍ଭପର, ତେବେ
ଆସି ପ୍ରମାଣ କରନ୍ତୁ। ସେ ମଧ କୁହନ୍ତୁ ଆମ୍ଭେ ପୁରାତନ
ଲୋକମାନଙ୍କୁ ସୃଷ୍ଟି କଲାବେଳେ କ'ଣସବୁ ଘଟିଥିଲା। ସେ
ମଧ ଭବଷ୍ୟତରେ କ'ଣ ଘଟିବ ତାହାର ସଙ୍କେତ ଦଅନ୍ତୁ।
**8**ତୁମ୍ଭେମାନେ ଭୀତ ଓ ବବ୍ରତ ହୁଅ ନାହଁ। ଆମ୍ଭେ ସର୍ବଦା
କହଅଛୁ ଭବଷ୍ୟତରେ କ'ଣ ଘଟିବ। ତୁମ୍ଭେମାନେ ଆମ୍ଭର
ସାକ୍ଷୀ। ଆମ୍ଭ ଭିନ୍ନ ଆଉ ପରମେଶ୍ୱର ନାହାଁନ୍ତ। ଅନ୍ୟ ଶୈଳ
ନାହଁ। ଆମ୍ଭେ ଜାଣୁ ଆମ୍ଭେ ହିଁ ଏକମାତ୍ର।"

## ନରର୍ଥକ ମିଥ୍ୟା ଦେବତା

**9**ଯେଉଁମାନେ ଖୋଦତ ପ୍ରତିମା ନର୍ମାଣ କରନ୍ତ, ସେ ସବୁ
ଅସାର, ଯଦଓ ଲୋକେ ସେଗୁଡ଼କୁ ଆଦର କରନ୍ତ। ସେଗୁଡ଼କ
ଉପକାରୀ ନୁହଁନ୍ତ। ସେହ ଲୋକମାନେ ସାକ୍ଷୀ ହେଲେ ବ
ସେମାନେ ଲଜ୍ଜିତ ହେବେ। ସେମାନେ କଛ ଦେଖନ୍ତ ନାହଁ
କ କଛ ଜାଣନ୍ତ ନାହଁ।
**10**କଏ ଏପର ଦେବତା ନର୍ମାଣ କରଛ ଯିଏ ଅଦରକାରୀ
ଏବଂ ହାନକାରକ? କଏ ଏପର ପ୍ରତିମା ଗଠନ କରଛ?
**11**ଯେଉଁ ଶ୍ରମିକଗଣ ସେହ ପ୍ରତିମା ନର୍ମାଣ କରଛନ୍ତ,
ସେମାନେ ମନୁଷ୍ୟ ମାତ୍ର, ସେମାନେ ପରମେଶ୍ୱର ନୁହଁନ୍ତ।
ସେମାନେ ସମସ୍ତେ ଯଦ ଏକତ୍ରୀତ ହୋଇ ଆଲୋଚନା
କରବେ, ତେବେ ସେମାନେ ସପୂର୍ଣ୍ଣ ଲଜ୍ଜିତ ହେବେ ଏବଂ
କମ୍ପିତ ହେବେ।
**12**କର୍ମକାର ପ୍ରତିମା ଗଢ଼ିଲା ବେଳେ ଲାଲ୍ ଉତ୍ତପ୍ତ
ଅଙ୍ଗାରରେ କର୍ମ କରେ ଓ ନଜର ବଳଷ୍ଠ ବାହୁ ସାହାଯ୍ୟରେ
ହାତୁଡ଼ିରେ ତାହାର ଆକାର ତିଆର କରେ, ଯେତେବେଳେ
ସେ କ୍ଷୁଧାର୍ତ୍ତ ହୁଏ, ତା'ର ଶକ୍ତ ହରାଏ ଓ ଜଳପାନ ନକଲେ
ଦୁର୍ବଳ ହୋଇଯାଏ।
**13**ଅନ୍ୟ ଜଣେ ଶ୍ରମିକ ସୂତାଧର ସିନ୍ଦୂରରେ ଚହ୍ନ ହୋଇ
କାଠ ଉପରେ ରନ୍ଦା ବୁଲାଇ ପ୍ରତିମାର ଆକୃତି କରେ। ସେ
ତା'ର ହତିଆର ଓ ମାପ ଯନ୍ତ୍ର ବ୍ୟବହାର କର ଠିକ୍ ମନୁଷ୍ୟ
ଆକୃତିର ପ୍ରତିମା ଗଢ଼େ। ସେ ପ୍ରତିମାଗୁଡ଼କ ଘରେ କମ୍ବା
ମନ୍ଦିରରେ ରହବା ପାଇଁ ମନୁଷ୍ୟର ସୁନ୍ଦରତାରେ ମନୁଷ୍ୟର
ପ୍ରତିମାରେ ତିଆର ହୋଇଛ।
**14**ସେ ନଜ ପାଇଁ ଏରସ, ତର୍ସା ଓ ଆଲୋନ୍‌ବୃକ୍ଷ
କାଟେ। ସେ ସେଗୁଡ଼କ ଜଙ୍ଗଲ ବୃକ୍ଷମାନଙ୍କ ମଧରେ
ବଢ଼ାଇଥାଏ। ମାତ୍ର ସେ ଦେବଦାରୁ ରୋପଣ କରେ, ତେବେ
ବର୍ଷା ତାକୁ ବଢ଼ାଇବାରେ ସାହାଯ୍ୟ କରେ। **15**ସେହ ବ୍ୟକ୍ତ
ଏରସକୁ ଜାଳେଣି ରୂପେ ବ୍ୟବହାର କରେ। ସେ ତାକୁ
ଛୋଟ ଛୋଟ ଖଣ୍ଡ କର ସେଥିରେ ଅଗ୍ନି ସଂଯୋଗ କର
ତାପ ପାଏ। ସେ ସେହ ନଆଁରେ ରୋଟୀ ତିଆର କରେ,
ଆଉ ମଧ ସେହ କାଠର କଛ ଅଂଶରେ ଦେବତା କର
ତାକୁ ପୂଜା କରେ ଓ ଏକ ଖୋଦତ ପ୍ରତିମା କର ତାହା
ସମ୍ମୁଖରେ ଦଣ୍ଡବତ କରେ। **16**ଅଧା କାଠ ସେ ଅଗ୍ନିରେ
ପୋଡ଼େ ଓ ଅନ୍ୟ ଅର୍ଦ୍ଧେକରେ ସେ ମାଂସ ରାନ୍ଧି ଭୋଜନ
କରେ। ସେଥିରେ ସେ ତୃପ୍ତ ହୁଏ। ଆଉ ମଧ ସେ ଅଗ୍ନି
ଜାଳ ତାପ ପାଏ ଓ କହେ, "ଆମ୍ଭେ ଉଷ୍ମ ହେଲୁ ଓ
ଆମ୍ଭେମାନେ ଆଲୋକ ଦେଖି ପାରଲୁ।" **17**ଯେଉଁ ଅଳ୍ପ କଛ
ଅବଶିଷ୍ଟାଂଶ ରହେ ସେ ସେଥିରେ ଏକ ଦେବତା, ଆପଣାର
ଖୋଦତ ପ୍ରତିମା ନର୍ମାଣ କରେ ଓ ତାକୁ ଦେବତା ବୋଲ
କହେ। ସେ ତାହା ଆଗରେ ଦଣ୍ଡବତ ହୋଇ ପୂଜା କରେ।
ଏବଂ ତାକୁ ପ୍ରାର୍ଥନା କର କହେ, "ତୁମ୍ଭେ ଆମ୍ଭର ଦେବତା,
ଆମ୍ଭକୁ ରକ୍ଷା କର।"
**18**ସେହ ଲୋକମାନେ କ'ଣ କରୁଛନ୍ତ ଜାଣନ୍ତ ନାହଁ କ
ବଚାର କରନ୍ତ ନାହଁ। ସେମାନେ ଯେପର ଦେଖି ନପାରବେ
ଏଥିପାଇଁ ସେମାନଙ୍କର ଚକ୍ଷୁ ଓ ସେମାନେ ଯେପର ବୁଝି ନ
ପାରବେ, ଏଥିପାଇଁ ସେମାନଙ୍କର ଚତ୍ତ ସେ ମୁଦ୍ରିତ କରଛନ୍ତ।
**19**ସେହ ଲୋକମାନେ ଭାବ ନଥାନ୍ତ। ସେମାନେ ଏହା କରବା
ପାଇଁ ବୁଦ୍ଧି ଜ୍ଞାନ ହରାଇ ଥାନ୍ତ। ସେମାନେ ବୁଝନ୍ତ ନାହଁ
ଯେ, "ଅଧା କାଠ ପୋଡ଼ି ଆମ୍ଭେ ଉଷ୍ମ ପାଇଲୁ, ଉତ୍ତପ୍ତ
ଅଙ୍ଗାରରେ ରୋଟି ସେକ ଓ ମାଂସ ରାନ୍ଧି ଖାଇଲୁ ଓ

ଅବଶିଷ୍ଟାଂଶରେ ପ୍ରତିମା ଗଢ଼ିଲୁ ଯାହାକି ଅସାର ଓ ଘୃଣା
ଯୋଗ୍ୟ। ପୁଣି ସେ କାଠ ଆଗରେ ଦଣ୍ଡବତ ହେଲୁ।"
**20**ଯେ ଭସ୍ମ ଭୋଜନ କରେ, ସେ ନିଜର ଜୀବନକୁ
ରକ୍ଷା କରିପାରେ ନାହିଁ। ମୋ ଦକ୍ଷିଣ ହସ୍ତରେ ଏହି ସମସ୍ତ
ବିଷୟରେ କିଣ କୌଣସି ମିଥ୍ୟା ନାହିଁ? କହିପାରେ ନାହିଁ।
"ଏଣୁ ତା'ର ଭ୍ରାନ୍ତ ଚିତ୍ତ ତାକୁ ବିପଥଗାମୀ କରିଛି।"

### ସଦାପ୍ରଭୁ, ପ୍ରକୃତ ପରମେଶ୍ୱର, ଇସ୍ରାୟେଲକୁ ସାହାଯ୍ୟ କରନ୍ତି

**21**"ହେ ଯାକୁବ, ହେ ଇସ୍ରାୟେଲ, ତୁମ୍ଭେମାନେ ଏହିସବୁ
କଥା ସ୍ମରଣ କର। ତୁମ୍ଭମାନଙ୍କୁ ଆମ୍ଭେ ସୃଷ୍ଟି କରିଅଛୁ।
ତେଣୁ ତୁମ୍ଭେମାନେ ଆମ୍ଭର ଦାସ। ହେ ଇସ୍ରାୟେଲ, ଆମ୍ଭକୁ
ଭୁଲିବ ନାହିଁ।
**22**ମେଘ ସଦୃଶ ତୁମ୍ଭର ପାପକୁ ଓ କୁହୁଡ଼ି ସଦୃଶ
ତୁମ୍ଭର ପାପକୁ ଆମ୍ଭେ ମାର୍ଜନା କରିଅଛୁ। ପବନରେ ମେଘ
ଚାଲିଗଲା ପରି ତୁମ୍ଭର ପାପସବୁ ଦୂରୀଭୂତ ହୋଇଅଛି। ତେଣୁ
ତୁମ୍ଭେ ଆମ୍ଭ ନିକଟକୁ ଫେରିଆସ, କାରଣ ଆମ୍ଭେ ତୁମ୍ଭକୁ
ମୁକ୍ତ କରିଅଛୁ।"
**23**ହେ ଆକାଶମଣ୍ଡଳ, ଗାନ କର, କାରଣ ସଦାପ୍ରଭୁ
ଏହା ସାଧନ କରିଛନ୍ତି। ହେ ପୃଥିବୀର ଭୂତଳସ୍ଥାନ ସକଳ
ଆନନ୍ଦଧ୍ୱନି କର। ହେ ପର୍ବତ ଗଣ, ହେ ଅରଣ୍ୟ ଓ
ତନ୍ମଧ୍ୟସ୍ଥ ବୃକ୍ଷ ସମୂହ, ତୁମ୍ଭେମାନେ ସମସ୍ତେ ଉଚ୍ଚ ସ୍ୱରରେ
ପ୍ରଭୁଙ୍କର ପ୍ରଶଂସା ଗାନ କର; କାରଣ ସଦାପ୍ରଭୁ
ଯାକୁବକୁ ମୁକ୍ତ କରିଛନ୍ତି ଓ ଇସ୍ରାୟେଲକୁ ଗୌରବାନ୍ୱିତ
କରିବେ।
**24**ତୁମ୍ଭର ତ୍ରାଣକର୍ତ୍ତା ସଦାପ୍ରଭୁ ତୁମ୍ଭକୁ ମାତୃ ଗର୍ଭରୁ ହିଁ
ଗଢ଼ିଛନ୍ତି। ସେ ଏହା କୁହନ୍ତି, "ଆମ୍ଭେ ସଦାପ୍ରଭୁ, ସମସ୍ତ
ସାଧନ କରିଅଛୁ। ଆମ୍ଭେ ଆକାଶମଣ୍ଡଳକୁ ବିସ୍ତାର କରୁ ଓ
ଏକାକୀ ପୃଥିବୀକୁ ପ୍ରସାରିତ କରୁ। ଆମ୍ଭର ସହିତ କେହି
ନାହିଁ।"
**25**ଆମ୍ଭେ ମିଥ୍ୟାବାଦୀମାନଙ୍କର ମିଥ୍ୟାକୁ ପ୍ରମାଣ କରୁ।
ଆମ୍ଭେ ନିର୍ବୋଧମାନଙ୍କର ଯାଦୁକାରୀ କାର୍ଯ୍ୟ ବିଫଳ କରୁ।
ଜ୍ଞାନୀମାନଙ୍କର ଜ୍ଞାନକୁ ପ୍ରତିହତ କରୁ ଓ ସେମାନଙ୍କର
ଜ୍ଞାନକୁ ଅଜ୍ଞାନତାରେ ପରିଣତ କରୁ। **26**ଆମ୍ଭେ ଆମ୍ଭ ଦାସର
ବାକ୍ୟ ଦୃଢ଼ କରୁ ଓ ଆମ୍ଭ ଦୂତମାନଙ୍କର ମନ୍ତ୍ରଣା ସିଦ୍ଧ କରୁ।
ପୁଣି ସଦାପ୍ରଭୁଙ୍କର ବାକ୍ୟ ଉତ୍ତମ ବୋଲି ଆମ୍ଭେ ଦେଖାଇ
ଦେଉ।

### ଯିହୁଦାକୁ ପୁନଃନିର୍ମାଣ କରିବାକୁ ପରମେଶ୍ୱର କୋରସକୁ ମନୋନୀତ କଲେ

ସଦାପ୍ରଭୁ ଯିରୁଶାଲମ ବିଷୟରେ କୁହନ୍ତି, "ତାହା ପୁଣି
ବସତି ବିଶିଷ୍ଟ ହେବ ଓ ଯିହୁଦାର ନଗର ବିଷୟରେ ସେ
କୁହନ୍ତି, ସେ ସବୁ ପୁନଃନିର୍ମିତ ହେବ। ପୁଣି ଧ୍ୱଂସପ୍ରାପ୍ତ
ନଗରଗୁଡ଼ିକ ପୁଣି ଗଢ଼ି ଉଠିବ।"
**27**"ଆମ୍ଭେ ଗଭୀର ଜଳକୁ ଶୁଷ୍କ ହେବାକୁ କହୁ ଓ
ତୁମ୍ଭର ନଦନଦୀଗୁଡ଼ିକ ଶୁଷ୍କ କରିଦେଉ।"
**28**ଆମ୍ଭେ କୋରସ ବିଷୟରେ କହୁ, "ତୁମ୍ଭେ ଆମ୍ଭ
ମେଷପାଳକ, ତୁମ୍ଭେ ଆମର ମଙ୍ଗଳ କରିବ। ତୁମ୍ଭେ ଯିରୁଶାଲମ
'ପୁନଃନିର୍ମିତ ହେବ ବୋଲି କହିବ।' ପୁଣି ମନ୍ଦିରର 'ମୂଳଦୁଆ
ସ୍ଥାପିତ ହେବ ବୋଲି ତୁମ୍ଭେ କହିବ।'"

### ଇସ୍ରାୟେଲକୁ ମୁକ୍ତ କରିବାକୁ ପରମେଶ୍ୱର କୋରସକୁ ମନୋନୀତ କଲେ

**45** ସଦାପ୍ରଭୁ ନିଜ ଅଭିଷିକ୍ତ ବ୍ୟକ୍ତିର, ଅର୍ଥାତ୍ କୋରସ
ବିଷୟରେ ଏହିକଥା କୁହନ୍ତି, "ଆମ୍ଭେ ତାହା ସମ୍ମୁଖରେ
ନାନା ଗୋଷ୍ଠୀକୁ ପରାସ୍ତ କରିବା ପାଇଁ ତାହାର ଦକ୍ଷିଣ ହସ୍ତ
ଧରିଅଛୁ ଓ ଆମ୍ଭେ ରାଜାମାନଙ୍କର କଟିବନ୍ଧନ ଫିଟାଇବା।
ପୁଣି ତାହା ସମ୍ମୁଖରେ କବାଟସବୁ ମୁକ୍ତ କରିବା ଓ
ନଗରଦ୍ୱାର ସବୁ ବନ୍ଦ ରହିବ ନାହିଁ।"
**2**"ହେ କୋରସ୍, ଆମ୍ଭେ ତୁମ୍ଭ ଆଗେ ଆଗେ ଯିବା,
ଉଚ୍ଚସ୍ଥାନକୁ ସମାନ କରିବା, ବ୍ରୋଞ୍ଜର କବାଟସବୁ ଭାଙ୍ଗି
ପକାଇବା ଲୌହ ଅର୍ଗଳସବୁ କାଟି ପକାଇବା।
**3**ପୁଣି ଆମ୍ଭେ ଅନ୍ଧକାରାବୃତ ଧନଭଣ୍ଡାର ଓ ଗୁପ୍ତ ସ୍ଥାନରେ
ସଞ୍ଚିତ ସମ୍ପତ୍ତିସବୁ ତୁମ୍ଭକୁ ଦେବା। ତାହାହେଲେ ତୁମ୍ଭେ
ଜାଣିବ ଯେ ଆମ୍ଭେ ତୁମ୍ଭର ସଦାପ୍ରଭୁ ଓ ଆମ୍ଭେ ତୁମ୍ଭର ନାମ
ଧରି ଆହ୍ୱାନ କରୁଥିଲୁ। ଆମ୍ଭେ ଇସ୍ରାୟେଲର ପରମେଶ୍ୱର
ଏହା ମଧ୍ୟ ତୁମ୍ଭେ ଜାଣି ପାରିବ।
**4**ଆମ୍ଭେ ଆମ୍ଭର ଦାସ ଯାକୁବ ନିମନ୍ତେ ଓ ଆମ୍ଭ
ମନୋନୀତ ଇସ୍ରାୟେଲ ନିମନ୍ତେ ଏହିକାର୍ଯ୍ୟ କରୁଅଛୁ। ତେଣୁ
ଆମ୍ଭେ କୋରସ ନାମଧରି ଡାକୁଅଛୁ। ତୁମ୍ଭେ ଆମ୍ଭକୁ ନ
ଜାଣିଲେ ମଧ୍ୟ ଆମ୍ଭେ ତୁମ୍ଭକୁ ସେହି ଉପାଧି ଦେଇଅଛୁ।
**5**ଆମ୍ଭେ ସଦାପ୍ରଭୁ, ଆମ୍ଭେ ଅଦ୍ୱିତୀୟ। ଆମ୍ଭ ବ୍ୟତୀତ
ପରମେଶ୍ୱର କେହି ନାହାଁନ୍ତି। ତୁମ୍ଭେ ଆମ୍ଭକୁ ନ ଜାଣିଲେ
ମଧ୍ୟ ଆମ୍ଭେ ତୁମ୍ଭକୁ ସୁଦୃଢ଼ କରିବା।
**6**ସୂର୍ଯ୍ୟୋଦୟର ସ୍ଥାନରୁ ପଶ୍ଚିମ ଦିଗ ପର୍ଯ୍ୟନ୍ତ ସମସ୍ତ
ଲୋକେ ଜାଣିବେ ଯେ ଆମ୍ଭ ବ୍ୟତୀତ ଅନ୍ୟ
ପରମେଶ୍ୱର ନାହାଁନ୍ତି। ଆମ୍ଭେ ସଦାପ୍ରଭୁ ଓ ଅଦ୍ୱିତୀୟ ଆଉ
କେହି ନାହିଁ।
**7**ଆମ୍ଭେ ଆଲୋକ ସୃଷ୍ଟିକରୁ ଓ ଆମ୍ଭେ ଅନ୍ଧକାର ମଧ୍ୟ
ସୃଷ୍ଟି କରୁ। ଆମ୍ଭେ ଶାନ୍ତି ରଚନା କରୁ ଓ ଅନିଷ୍ଟ ମଧ୍ୟ ସୃଷ୍ଟି
କରୁ। ଆମ୍ଭେ ସଦାପ୍ରଭୁ ଏ ସମସ୍ତ ସାଧନ କରୁ।
**8**"ହେ ଆକାଶମଣ୍ଡଳ, ତୁମ୍ଭେ ବିଜୟ, ଧର୍ମ ଓ ନ୍ୟାୟ
ମେଘ ଆକାରରେ ବର୍ଷଣ କର। ହେ ପୃଥିବୀ, ତୁମ୍ଭେ ବିଦୀର୍ଣ୍ଣ
ହୁଅ; ପରିତ୍ରାଣ, ଧାର୍ମିକତା ଅଙ୍କୁରିତ ହେଉ; ଆମ୍ଭେ ସଦାପ୍ରଭୁ
ଏହା ସୃଷ୍ଟି କରିଅଛୁ।

### ପରମେଶ୍ୱର ତାଙ୍କ ସୃଷ୍ଟିକୁ ନିୟନ୍ତ୍ରଣ କରନ୍ତି

**9**"ଯେ ନିଜର ସୃଷ୍ଟିକର୍ତ୍ତାଙ୍କ ବିରୋଧରେ ଯାଏ ସେ
ସନ୍ତାପର ପାତ୍ର। ଗୋଟିଏ ଭଗ୍ନ ପାତ୍ରର ତୁମ୍ଭେ ଏକ ଖପରା
ସଦୃଶ। ମୃତ୍ତିକା କ'ଣ ତା'ର ନିର୍ମାଣକର୍ତ୍ତା ସହ ଯୁକ୍ତି କରିବ,
'ମୋତେ କାହିଁକି ନିର୍ମାଣ କରୁଛ?' ସେହିପରି ତୁମ୍ଭର କର୍ମ
କ'ଣ କହିବ ତୁମ୍ଭର ହାତ ନାହିଁ। **10**ପିତା ସନ୍ତାନମାନଙ୍କୁ
ଜନ୍ମ ଦିଏ, କିନ୍ତୁ ସନ୍ତାନମାନେ କ'ଣ ପିତାକୁ ପ୍ରଶ୍ନ କରୁଛନ୍ତି।
'ତୁମ୍ଭେ ଆମ୍ଭକୁ କାହିଁକି ଜୀବନ ଦେଇଛ?' ସେମାନେ ମଧ୍ୟ
ତାଙ୍କର ମାଆକୁ 'କାହିଁକି ପ୍ରସବ କରୁଅଛ ବୋଲି ପ୍ରଶ୍ନ

କରନ୍ତି ନାହିଁ। ତେଣୁ ଯେ ପ୍ରଶ୍ନ କରନ୍ତି, ସେମାନେ ସନ୍ତାପର
ପାତ୍ର।’”
11ସଦାପ୍ରଭୁ ଯେ ଇସ୍ରାୟେଲର ଧର୍ମସ୍ୱରୂପ ଓ ନିର୍ମାଣ
କର୍ତ୍ତା, ସେ ଏହି କଥା କୁହନ୍ତି,
“ହେ ମୋର ସନ୍ତାନଗଣ, ତୁମ୍ଭେମାନେ ଆଗାମି ଘଟଣାର
ବିଷୟ ଆମ୍ଭକୁ ପଚାର; ତୁମ୍ଭେମାନେ ଆମ୍ଭ ସନ୍ତାନଗଣ
ବିଷୟରେ ଓ ଆମ୍ଭ ହସ୍ତକୃତ କର୍ମ ବିଷୟରେ ଆମ୍ଭକୁ
ଆଦେଶ ଦିଅ।
12ଆମ୍ଭେ ପୃଥିବୀ ନିର୍ମାଣ କରିଅଛୁ ଓ ପୃଥିବୀସ୍ଥ ସମସ୍ତ
ବାସିନ୍ଦାଙ୍କୁ ସୃଷ୍ଟି କରିଅଛୁ। ଆମ୍ଭ ସ୍ୱହସ୍ତ ନିର୍ମିତ ଆକାଶମଣ୍ଡଳକୁ
ବିସ୍ତାର କରିଅଛୁ ଓ ତହିଁରେ ସକଳ ସୈନ୍ୟସାମନ୍ତଙ୍କୁ ଆମ୍ଭେ
ଆଜ୍ଞା ଦେଇଅଛୁ।
13ଆମ୍ଭେ ତାଙ୍କୁ ଭଲ କାର୍ଯ୍ୟ ଉଦ୍ଦେଶ୍ୟରେ ଜାଗରିତ
କରୁ, ସେ ଆମ୍ଭର ନଗର ନିର୍ମାଣ କରିବ। ସେ ଆମ୍ଭର
ନିର୍ବାସିତ ଲୋକମାନଙ୍କୁ ମୁକ୍ତ କରିବ। ସେଥିପାଇଁ ସେ
କୌଣସି ମୂଲ୍ୟ ବା ପୁରସ୍କାର ଆମ୍ଭଠାରୁ ନେବ ନାହିଁ।”
ସର୍ବଶକ୍ତିମାନ ସଦାପ୍ରଭୁ ଏହି କଥା କୁହନ୍ତି।
14ସଦାପ୍ରଭୁ କୁହନ୍ତି, “ମିଶରର ସମ୍ପଦ, କୂଶର ବାଣିଜ୍ୟର
ଲାଭ ଓ ଦୀର୍ଘକାୟ ସବାୟୀୟମାନେ ତୁମ୍ଭ ନିକଟକୁ ଆସିବେ
ଓ ତୁମ୍ଭର ହେବେ। ସେମାନେ ତୁମ୍ଭର ଅନୁସରଣ କରିବେ।
ସେମାନେ ହସ୍ତରେ ଶୃଙ୍ଖଳାବଦ୍ଧ ହୋଇ ଆସିବେ, ପୁଣି
ସେମାନେ ତୁମ୍ଭକୁ ପ୍ରଣାମ କରିବେ ଓ ନିବେଦନ କରି
କହିବେ, ପ୍ରକୃତରେ ଇସ୍ରାୟେଲର ପରମେଶ୍ୱର ତୁମ୍ଭ ମଧ୍ୟରେ
ଅଛନ୍ତି, ତାଙ୍କ ବିନା ଆଉ କେହି ପରମେଶ୍ୱର ନାହାଁନ୍ତି ଓ
ତାଙ୍କ ବ୍ୟତୀତ ଆଉ କେହି ମଧ୍ୟ ନାହାଁନ୍ତି।”
15ହେ ତ୍ରାଣକର୍ତ୍ତା, ଇସ୍ରାୟେଲର ପରମେଶ୍ୱର, ତୁମ୍ଭେ
ନିଶ୍ଚୟ ଆତ୍ମା ଗୋପନକାରୀ ପରମେଶ୍ୱର ଅଟ।,
16ସେମାନେ ସମସ୍ତେ ଲଜ୍ଜିତ ଓ ଲାଞ୍ଛିତ ହେବେ। ପ୍ରତିମା
ନିର୍ମାଣକାରୀ ସମସ୍ତେ ଏକା ସଙ୍ଗେ ଅପମାନିତ ହେବେ।
17ମାତ୍ର ଇସ୍ରାୟେଲ ସଦାପ୍ରଭୁଙ୍କ ଦ୍ୱାରା ଅନନ୍ତକାଳସ୍ଥାୟୀ
ପରିତ୍ରାଣ ପାଇବ; ତୁମ୍ଭେମାନେ ଯୁଗ ଯୁଗାନ୍ତ ଯାଏ ଲଜ୍ଜିତ
କିମ୍ବା ବିବ୍ରତ ହେବ ନାହିଁ।
18ସଦାପ୍ରଭୁ ହିଁ ପରମେଶ୍ୱର; ସେ ଆକାଶମଣ୍ଡଳର ସୃଷ୍ଟିକର୍ତ୍ତା,
ସେ ପୃଥିବୀର ମଧ୍ୟ ନିର୍ମାଣକାରୀ, ସେ ଏହାକୁ ସ୍ଥାପନ
କଲେ, ସେ ତାକୁ ଶୂନ୍ୟପରି ସୃଷ୍ଟି କଲେ ନାହିଁ। ସେ ତାକୁ
ବସତି ପାଇଁ ସ୍ଥାପନ କଲେ। “ତେଣୁ ତାଙ୍କ ବିନା ଅନ୍ୟ
ପରମେଶ୍ୱର କେହି ନାହାଁନ୍ତି।
19ଆମ୍ଭେ ଗୋପନରେ କିଛି କହି ନାହୁଁ କିମ୍ବା ଅନ୍ଧକାରମୟ
ଦେଶର କୌଣସି ସ୍ଥାନରେ କହି ନାହୁଁ। ଏହା ଆମ୍ଭେ ଯାକୁବ
ପରିବାରକୁ କହି ନାହୁଁ; ତୁମ୍ଭେ ମୋତେ ନିଗଣ୍ୟ ଭାବରେ
ଅନୁସରଣ କର। ମୁଁ ସଦାପ୍ରଭୁ, ମୁଁ ସତ୍ୟ କହେ, ମୁଁ ନ୍ୟାୟ
କହେ ଏବଂ ସରଳ କଥା କହେ।”

### ସଦାପ୍ରଭୁ ହିଁ ଏକମାତ୍ର ପରମେଶ୍ୱର ପ୍ରମାଣ କରନ୍ତି

20“ହେ ନାନା ଦେଶୀୟ ରକ୍ଷାପ୍ରାପ୍ତ ଲୋକମାନେ, ତୁମ୍ଭେମାନେ
ଏକତ୍ରିତ ହୋଇ ଆସ। ଏକ ସଙ୍ଗେ ନିକଟକୁ ଆସ।
ଯେଉଁମାନେ ନିଜର ଖୋଦିତ ପ୍ରତିମାର କାଠ ବହନ କରି
ବୁଲନ୍ତି ଓ ପରିତ୍ରାଣ କରିବାକୁ ଅସମର୍ଥ ଦେବତା ନିକଟରେ
ପ୍ରାର୍ଥନା କରନ୍ତି, ସେମାନଙ୍କର କିଛି ଜ୍ଞାନ ନାହିଁ। 21ତୁମ୍ଭେମାନେ
ଆସ ଓ ତାହା ଉପସ୍ଥିତ କର; ସେମାନେ ପରସ୍ପର ମନ୍ତ୍ରଣା
କରନ୍ତୁ।
ବହୁକାଳରୁ “କିଏ ଏହା ଜଣାଇ ଅଛି? ପୁରାତନ କାଳରୁ
କିଏ ଏହା ପ୍ରକାଶ କରିଅଛି? ଆମ୍ଭେ ସଦାପ୍ରଭୁ କ’ଣ ଏହା
କରି ନାହୁଁ? ଆମ୍ଭ ଛଡ଼ା ଅନ୍ୟ ପରମେଶ୍ୱର ନାହାଁନ୍ତି। ଆମ୍ଭେ
ଧର୍ମଶୀଳ ପରମେଶ୍ୱର ଓ ତ୍ରାଣକର୍ତ୍ତା, ଆମ୍ଭ ଛଡ଼ା ଆଉ
କେହି ନାହିଁ। 22ହେ ପୃଥିବୀ ପ୍ରାନ୍ତସ୍ଥ ସମସ୍ତ ଲୋକ,
ତୁମ୍ଭେମାନେ ଆମ୍ଭପ୍ରତି ଦୃଷ୍ଟି କର ଓ ପରିତ୍ରାଣ ପ୍ରାପ୍ତ ହୁଅ।
କାରଣ ଆମ୍ଭେ ପରମେଶ୍ୱର ଓ ଆମ୍ଭ ଛଡ଼ା ଅନ୍ୟ ପରମେଶ୍ୱର
ନାହିଁ।
23“ଆମ୍ଭେ ଆପଣା ନାମ ଦେଇ ଶପଥ କରିଅଛୁ ଓ
ଯେଉଁ ଧର୍ମମୟବାଣୀ ଆମ୍ଭ ମୁଖରୁ ନିର୍ଗତ ହୋଇଛି, ତାହା
ଅନ୍ୟଥା ହେବ ନାହିଁ। ଆମ୍ଭ ସମ୍ମୁଖରେ ପ୍ରତ୍ୟେକ ନତଜାନୁ
ହେବେ ଓ ପ୍ରତ୍ୟେକ ଜିହ୍ୱା ଶପଥ କରିବ। 24ତାହାହେଲେ
ଲୋକେ କହିବେ, ‘କେବଳ ସଦାପ୍ରଭୁଙ୍କଠାରେ ଧାର୍ମିକତା ଓ
ଶକ୍ତି ଅଛି।’”
ତାଙ୍କ ନିକଟକୁ ସେମାନେ ଆସିବେ। ଯେଉଁମାନେ ତାଙ୍କ
ଉପରେ କ୍ରୋଧ କରିଥିଲେ, ସେମାନେ ସମସ୍ତେ ଲଜ୍ଜିତ
ହେବେ। 25ଇସ୍ରାୟେଲର ସମୁଦାୟ ବଂଶ ସଦାପ୍ରଭୁଙ୍କଠାରେ
ଧର୍ମପ୍ରାପ୍ତ ହେବେ ଓ ଦର୍ପ କରିବେ।

### ନିରର୍ଥକ ମିଥ୍ୟା ଦେବତା

46 ବେଲ୍ ଓ ନବୋ ଆମ୍ଭ ସମ୍ମୁଖରେ ଅବନତ
ହେବେ। ସେମାନଙ୍କର ପ୍ରତିମାଗୁଡ଼ିକ ଜନ୍ତୁ ଓ
ପଶୁମାନଙ୍କ ଉପରେ ଥୁଆ ହୋଇଛନ୍ତି। ସେଗୁଡ଼ିକ ବୋଝପରି
ତୁମ୍ଭେମାନେ ବହି ଚାଲିଲ, ତାହା କ୍ଲାନ୍ତ ପଶୁମାନଙ୍କ ପାଇଁ
କେବଳ ଭାର ହୋଇଅଛି। 2ସେମାନେ ଅବନତ ହୁଅନ୍ତି,
ସେମାନେ ଏକତ୍ର ନତ ହୁଅନ୍ତି। ସେମାନେ ଭାର ରକ୍ଷା କରି
ପାରିଲେ ନାହିଁ, ନିଜେ ନିଜେ ବନ୍ଦୀ ହୋଇଗଲେ।
3“ହେ ଯାକୁବର ପରିବାର, ହେ ଇସ୍ରାୟେଲର ଅବଶିଷ୍ଟାଂଶ
ଆମ୍ଭ କଥା ଶୁଣ! ଆମ୍ଭେ ତୁମ୍ଭମାନଙ୍କୁ ବହନ କରି ଆସୁଅଛୁ।
ତୁମ୍ଭେମାନେ ଗର୍ଭସ୍ଥ ହେବା ଦିନଠାରୁ ଆମ୍ଭଦ୍ୱାରା ବାହିତ
ହୋଇଅଛ। 4ତୁମ୍ଭର ଜନ୍ମ ସମୟରେ ଆମ୍ଭେ ବହନ କରିଥିଲୁ।
ପୁଣି ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ତୁମ୍ଭକୁ ବହନ କରିବୁ। ପକ୍ୱକେଶ
ହେବା ପର୍ଯ୍ୟନ୍ତ ଆମ୍ଭେ ବହନ କରିବୁ। କାରଣ ଆମ୍ଭେ ତୁମ୍ଭକୁ
ସୃଷ୍ଟି କରିଛୁ। ତେଣୁ ଆମ୍ଭେ ବହନ କରିବା ଓ ତୁମ୍ଭକୁ
ଉଦ୍ଧାର କରିବା।
5“ତୁମ୍ଭେ ଆମ୍ଭକୁ କାହା ସହିତ ତୁଳନା କରି ପାରିବ
କି? ନା, କାରଣ କୌଣସି ଲୋକ ଆମ୍ଭ ସହିତ ସମାନ
ନୁହେଁ। ତୁମ୍ଭେ ଆମ୍ଭ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ। ଆମ୍ଭ ସଦୃଶ
କେହି ନାହିଁ। 6ସେମାନେ ଥଳିରୁ ସୁନା ଢାଳନ୍ତି ଓ ନିକ୍ତିରେ
ରୂପା ତୌଲନ୍ତି। ସେମାନେ ସୁନାରିକୁ ଗୋଟିଏ ଦେବତା
ଗଢ଼ିବା ପାଇଁ ମୂଲ୍ୟ ଦିଅନ୍ତି ଓ ସେ ଗୋଟିଏ ଦେବତା
ନିର୍ମାଣ କରେ। ସେମାନେ ତାକୁ ପ୍ରଣାମ କରି ପୂଜା କରନ୍ତି।
7ସେମାନେ ତାହାକୁ ସ୍କନ୍ଧରେ ବହନ କରି ନିଅନ୍ତି। ତାଙ୍କୁ

ନେଇ ତା'ର ସ୍ଥାନରେ ରଖନ୍ତି। ସେ ସ୍ଥାନରେ ଛିଡ଼ା ହୁଏ
ମାତ୍ର ନିଜେ ନିଜ ସ୍ଥାନରୁ ଘୁଞ୍ଚେ ନାହିଁ। ଡାକିଲେ ସେ
ଉତ୍ତର ଦେବ ନାହିଁ କିମ୍ବା କାହାରିକୁ ଉଦ୍ଧାର କରିବ ନାହିଁ।
8"ତୁମ୍ଭେମାନେ ଏହା ସ୍ମରଣ କର ଓ ଶକ୍ତିଶାଳୀ ହୁଅ।
ହେ ତୁମ୍ଭେମାନେ ଯେଉଁମାନେ ଅପରାଧ କର, ଏବିଷୟରେ
ଚିନ୍ତା କର। 9ପୁରାତନ କଥାକୁ ସ୍ମରଣ କର, କାରଣ ଆମ୍ଭେ
ପରମେଶ୍ୱର ଓ ଅଦ୍ୱିତୀୟ, ଆମ୍ଭ ତୁଲ୍ୟ ଅନ୍ୟ କେହି ନାହିଁ।
10"ଶେଷରେ କ'ଣ ଘଟିବ ଆମ୍ଭେ ଆଦ୍ୟରୁ କହିଥାଉଁ।
ପୁଣି ଯାହା ଘଟି ନାହିଁ ତାହା ଆମ୍ଭେ ପ୍ରାଚୀନ କାଳରୁ
ଜଣାଇଥାଉ ଓ କହୁ। ଆମ୍ଭର ଉଦ୍ଦେଶ୍ୟ ସାଧିତ ହେବ ଓ
ଆମ୍ଭେ ନିଜର ସକଳ ମନୋରଥ ସିଦ୍ଧ କରିବୁ। 11ଆମ୍ଭେ
ପୂର୍ବଦିଗସ୍ଥ ଦୂରଦେଶରୁ ଏକ ମନୁଷ୍ୟକୁ ଆହ୍ୱାନ କରୁ। ସେହି
ମନୁଷ୍ୟଟି ଉତ୍କ୍ରୋଶ ପକ୍ଷୀ ସଦୃଶ। ଆମ୍ଭେ ଯାହା ମନ୍ତ୍ରଣା କରୁ
ସେ ତାହାହିଁ କରିବ। ଆମ୍ଭେ କଳ୍ପନା କରିଅଛୁ ଓ ଆମ୍ଭେ
ତାହା ସଫଳ କରିବା।
12"ହେ ଧର୍ମରୁ ବିରତ କଠିନ ହୃଦୟ ଲୋକେ, ଆମ୍ଭର
କଥା ଶୁଣ। 13ଆମ୍ଭେ ପରିତ୍ରାଣ ଓ ଧର୍ମ ଆଣିବୁ, ତାହା
ବେଶି ଦୂର ନୁହେଁ। ଆମ୍ଭ ପରିତ୍ରାଣର ବିଳମ୍ବ ଘଟିବ ନାହିଁ;
ଆମ୍ଭର ଗୌରବ ସ୍ୱରୂପ ଇସ୍ରାୟେଲ ପାଇଁ ଆମ୍ଭେ ସିୟୋନ
ପ୍ରତି ପରିତ୍ରାଣ ଆଣିବା।"

## ପରମେଶ୍ୱରଙ୍କ ବାବିଲପ୍ରତି ବାର୍ତ୍ତା

47 "ଆଗୋ ବାବିଲର ଅନୂଢ଼ା କନ୍ୟେ, ତଳକୁ ଓହ୍ଲାଇ
ଆସି ଧୂଳିରେ ବସ; ଆଗୋ କଲଦୀୟର କନ୍ୟେ,
ସିଂହାସନ ଛାଡ଼ି ଭୂମିରେ ବସ। କାରଣ ତୁମ୍ଭେମାନେ ଆଉ
କୋମଳା ଓ କୁଆଁରୀକନ୍ୟା ବୋଲି ଖ୍ୟାତ ହୋଇବ ନାହିଁ।
2ପେଷଣୀ ପଥରରେ ଶସ୍ୟ ପେଷ, ତୁମ୍ଭର ଓଢ଼ଣି କାଢ଼,
ତୁମ୍ଭର ଜାମା କାଢ଼ି ପକାଅ, ପାଦ ଅନାବୃତ କର। ନଦୀ ଓ
ଛୋଟ ନଦୀରେ ଚାଲିକରି ଯାଅ।
3ତୁମ୍ଭର ଉଲଙ୍ଗତା ପ୍ରକାଶିତ ହେବ ଓ ତୁମ୍ଭର ଲଜ୍ଜାର
ବିଷୟ ଦୃଶ୍ୟ ହେବ; ଆମ୍ଭେ ପ୍ରତିଶୋଧ ନେଲାବେଳେ କେହି
ତୁମ୍ଭର ସୁରକ୍ଷା ନିମନ୍ତେ ଆସିବେ ନାହିଁ।
4"ମୋର ସନ୍ତାନଗଣ କୁହନ୍ତି, 'ଆମ୍ଭମାନଙ୍କର ମୁକ୍ତିଦାତା
ଇସ୍ରାୟେଲର ଧର୍ମସ୍ୱରୂପ ସର୍ବଶକ୍ତିମୟ ସଦାପ୍ରଭୁ ତାଙ୍କର
ନାମ।'"
5"ଆଗୋ କଲଦୀୟ କନ୍ୟାଗଣ, ତୁମ୍ଭେମାନେ ଅନ୍ଧାରକୁ
ଯାଇ ନୀରବରେ ବସ। କାରଣ ତୁମ୍ଭେମାନେ 'ରାଜ୍ୟର ଆଉ
ରାଣୀ' ବୋଲି କଥିତ ହେବ ନାହିଁ।
6"ଆମ୍ଭେ ନିଜ ଲୋକମାନଙ୍କ ଉପରେ କ୍ରୋଧିତ ହେଲୁଁ।
ଆପଣା ଅଧିକାରକୁ ଅପବିତ୍ର କଲୁଁ ଓ ତୁମ୍ଭ ହସ୍ତରେ
ସେମାନଙ୍କୁ ସମର୍ପଣ କଲୁ। ତୁମ୍ଭେ ସେମାନଙ୍କ ପ୍ରତି ଦୟା
ପ୍ରକାଶ କଲ ନାହିଁ। ତୁମ୍ଭେ ବୃଦ୍ଧଲୋକ ଉପରେ ଯୁଆଳି ବଡ଼
ଭାରି କରି ଥୋଇଲ।
7ତୁମ୍ଭେ କହିଲ, 'ଆମ୍ଭେ ଚିରଦିନ ବଞ୍ଚିଲୁ ଓ ସଦାକାଳ
ସାଆନ୍ତାଣୀ ହୋଇ ରହିବୁ।' ଏଣୁ ତୁମ୍ଭେ ଏସବୁ ବିଷୟରେ
ମନୋଯୋଗ କଲ ନାହିଁ କିମ୍ବା ତା'ର ଶେଷଫଳ କ'ଣ ହେବ
ସ୍ମରଣ କଲ ନାହିଁ।
8ହେ ସୁଖଭୋଗିନୀ! ଏବେ ଏହା ଶୁଣ, ତୁମ୍ଭେମାନେ
ନିରାପଦରେ ବାସକରି ନିଜେ ନିଜେ କହୁଅଛ, 'ଆମ୍ଭେ
ମହାନ୍, ଆମ୍ଭ ଛଡ଼ା ଆଉ କେହି ନାହିଁ। ଆମ୍ଭେ ବିଧବାପରି
ବସିବା ନାହିଁ କିମ୍ବା ଆମ୍ଭେ ସନ୍ତାନ ବିଚ୍ଛେଦ ଜାଣିବା ନାହିଁ।'
9ଏ ଉଭୟ ଘଟଣା ସହସା ଏକ ମୁହୂର୍ତ୍ତରେ ଘଟିବ।
ପ୍ରଥମେ ସନ୍ତାନ ବିରହ ଓ ପରେ ବୈଧବ୍ୟ ତୁମ୍ଭପ୍ରତି ଘଟିବ।
ତୁମ୍ଭର ଅପାର ଶକ୍ତିଶାଳୀ କୌଶଳ ଓ ମାୟାବୀତ୍ୱ କିଛି
ସାହାଯ୍ୟ କରିବ ନାହିଁ। ଏ ଦୁଇଟି ସମ୍ପୂର୍ଣ୍ଣ ପରିମାଣରେ ତୁମ୍ଭ
ପ୍ରତି ଘଟିବ।
10ତୁମ୍ଭେ ତୁମ୍ଭର ଦୁଷ୍ଟତା ଓ ମନ୍ଦକର୍ମ ଉପରେ ନିର୍ଭର
କରି ନିଜକୁ ନିରାପଦ ମଣୁଛ; ତୁମ୍ଭେ ଭାବୁଛ, 'କେହି ତୁମ୍ଭକୁ
ଦେଖୁ ନାହିଁ; ତୁମ୍ଭର ଜ୍ଞାନ ଓ ବିଦ୍ୟା ତୁମ୍ଭକୁ ବିପଥଗାମୀ
କରିଅଛି; ତୁମ୍ଭେ ନିଜକୁ ମହାନ୍ ବୋଲି ଭାବୁଛ, ଆମ୍ଭ ଛଡ଼ା
କେହି ନାହିଁ ବୋଲି କହୁଅଛ।'
11"ତେଣୁ ତୁମ୍ଭ ପ୍ରତି ଦୁର୍ଦ୍ଦଶା ଘଟିବ; ତୁମ୍ଭେ ଜାଣିବ
ନାହିଁ ଏହା କେତେବେଳେ ଘଟିବ। ତୁମ୍ଭ ଉପରେ ବିପଦ
ପଡ଼ିବ। ମାତ୍ର ତୁମ୍ଭେ ତାହା ଦୂର କରିପାରିବ ନାହିଁ। ତୁମ୍ଭେ
ଏତେ ଶୀଘ୍ର ବିନାଶ ହେବ, ତାହା ତୁମ୍ଭେ ଜାଣିବ ନାହିଁ।
12ବର୍ତ୍ତମାନ ତୁମ୍ଭେମାନେ ମାୟାବୀ ଯାଦୁବିଦ୍ୟା ଉପରେ
ନିର୍ଭର କର, ଯାହି ତୁମ୍ଭେମାନେ ଶିଖିବାକୁ ବହୁତ ପରିଶ୍ରମ
କର। ତୁମ୍ଭେମାନେ ସେଗୁଡ଼ିକୁ ବ୍ୟବହାରରେ ଲଗାଇପାର
କିମ୍ବା ସେଥିପାଇଁ ତୁମ୍ଭେମାନେ ଜିତିପାର।
13ତୁମ୍ଭରିତ ବହୁ ଉପଦେଷ୍ଟା ଅଛନ୍ତି। ତୁମ୍ଭେ ଆପଣାର
ଅପାର ମନ୍ତ୍ରଣାରେ କ୍ଳାନ୍ତ ହୋଇଅଛ। ଏବେ ସେହି
ଜ୍ୟୋତିଷମାନେ, ନକ୍ଷତ୍ରଦର୍ଶୀମାନେ, ମାସିକ ଶୁଭାଶୁଭ
ଗଣନାକାରୀମାନେ ଛିଡ଼ା ହୁଅନ୍ତୁ ଓ ତୁମ୍ଭ ପ୍ରତି ଯାହା ଘଟିବ,
ତହିଁରୁ ତୁମ୍ଭକୁ ରକ୍ଷା କରନ୍ତୁ।
14"ସେମାନେ ତ ନିଜକୁ ରକ୍ଷା କରିପାରିବେ ନାହିଁ,
ସେମାନେ କୁଟାପରି ଅଗ୍ନିରେ ଦଗ୍ଧୀଭୂତ ହେବେ। ସେମାନେ
ଅଗ୍ନିଶିଖାର ବଳରୁ ନିଜକୁ ଉଦ୍ଧାର କରିପାରିବେ ନାହିଁ। ତାହା
ଏପରି ଦଗ୍ଧୀଭୂତ ହେବ ଯେ କୌଣସି ଅଙ୍ଗାର ରହିବ ନାହିଁ,
ଫଳରେ ଉଷ୍ମ ହେବାକୁ ତାହା ରହିବ ନାହିଁ।
15ଯେଉଁ ବିଷୟ ପ୍ରତି ତୁମ୍ଭେ ପରିଶ୍ରମ କରିଅଛ, ସେ
ସବୁ ତୁମ୍ଭପ୍ରତି ଏହିପରି ଘଟିବ। ଯେଉଁମାନେ ଯୌବନରୁ ତୁମ୍ଭ
ସହିତ ବାଣିଜ୍ୟ କରିଅଛନ୍ତି, ସେମାନେ ପ୍ରତ୍ୟେକ ଭ୍ରମଣ କରି
ଆପଣା ଆପଣା ସ୍ଥାନକୁ ଯିବେ, ତୁମ୍ଭକୁ ରକ୍ଷା କରିବାକୁ କେହି
ରହିବେ ନାହିଁ।"

## ପରମେଶ୍ୱର ଜଗତକୁ ଶାସନ କରନ୍ତି

48 ସଦାପ୍ରଭୁ କୁହନ୍ତି, "ହେ ଯାକୁବର ପରିବାର,
ଯିହୁଦାର କଟିରୁ ଜନ୍ମ, ଇସ୍ରାୟେଲ ପରି ଖ୍ୟାତ,
ଦୟାକରି ମୋ କଥା ଶୁଣ। ତୁମ୍ଭେମାନେ ସଦାପ୍ରଭୁଙ୍କ ନାମରେ
ଶପଥ କରୁଅଛ ଓ ଇସ୍ରାୟେଲ ପରମେଶ୍ୱରଙ୍କ ପ୍ରଶଂସା ଗାନ
କରୁଅଛ। କିନ୍ତୁ ତୁମ୍ଭେମାନେ ଏହି କାର୍ଯ୍ୟ ସତ୍ୟ ଓ
ଧାର୍ମିକତାରେ କରୁ ନାହିଁ।"
2କାରଣ ସେମାନେ ନିଜକୁ ପବିତ୍ର ନଗରର ଲୋକ
ବୋଲି ଖ୍ୟାତ କରନ୍ତି ଓ ଇସ୍ରାୟେଲର ପରମେଶ୍ୱରଙ୍କ

ଉପରେ ନିର୍ଭର କରନ୍ତି; ତାଙ୍କର ନାମ ସର୍ବଶକ୍ତିମୟ
ସଦାପ୍ରଭୁ।
3"ପୂର୍ବକାଳରେ ଯାହା ଘଟିଲା ଆମ୍ଭେ ତାହା ବହୁ ପ୍ରାଚୀନ
କାଳରୁ ପ୍ରକାଶ କରିଅଛୁ। ତାହା ଆମ୍ଭ ମୁଖରୁ ନିର୍ଗତ ହେଲା
ଓ ତାହା ଆମ୍ଭେ ପ୍ରକାଶ କଲୁ। ଆମ୍ଭେ ତାହା କଲୁ ଓ
ଅକସ୍ମାତ ତାହାସବୁ ଘଟିଲା।
4କାରଣ ମୁଁ ଜାଣେ ତୁମ୍ଭେ ଅବାଧ୍ୟ; ମୋର ବାକ୍ୟ
ତୁମ୍ଭେ ବିଶ୍ୱାସ କରିବାକୁ ଅସମ୍ମତ। ତୁମ୍ଭର ଗ୍ରୀବା ଲୌହନଳୀ
ଓ ତୁମ୍ଭର କପାଳ ପିତ୍ତଳ ସ୍ୱରୂପ ବୋଲି ଆମ୍ଭେ ଜାଣିଲୁ।
5ତେଣୁ ପ୍ରାଚୀନକାଳରୁ ତୁମ୍ଭ ପ୍ରତି ତାହା ଘଟିବ ବୋଲି
ପ୍ରକାଶ କଲୁ; ତାହା ଘଟିବା ପୂର୍ବରୁ ତୁମ୍ଭକୁ ଜଣାଇଲୁ। ତାହା
ନହେଲେ ତୁମ୍ଭେ କହିଥାନ୍ତ, 'ଆମ୍ଭର ଦେବତା ଏହା କରିଅଛନ୍ତି;'
ପୁଣି କହିଥାନ୍ତ 'ଆମ୍ଭର ଖୋଦିତ ଓ ଛାଞ୍ଚରେ ଢଳା ପ୍ରତିମା
ଏହା ଆଜ୍ଞା କରିଅଛନ୍ତି।'"

### ଇଶ୍ରାୟେଲକୁ ପବିତ୍ର କରିବାକୁ ପରମେଶ୍ୱର ଦଣ୍ଡ ଦିଅନ୍ତି

6"ତୁମ୍ଭେମାନେ ଶୁଣିଅଛ, ଏବଂ ବର୍ତ୍ତମାନ ତୁମ୍ଭେ ଦେଖ!
ତୁମ୍ଭେମାନେ କ'ଣ ତାହା ପ୍ରକାଶ କରିବ ନାହିଁ? ବର୍ତ୍ତମାନ
ତୁମ୍ଭକୁ ଆମ୍ଭେ ବଡ ଗୁରୁତ୍ୱର କିଛି ତୁମ୍ଭକୁ ଦେଖାଇଦେବୁ,
ଯାହାକି ତୁମ୍ଭର ଅଜ୍ଞାତ ଅଟେ।
7ପୂର୍ବକାଳରୁ ନୁହେଁ, ମାତ୍ର ଏବେ ସେସବୁ ସୃଷ୍ଟ ହେଲା।
ଆଜି ଦିନର ପୂର୍ବରୁ ତୁମ୍ଭେ ସେସବୁ ଶୁଣି ନ ଥିଲ। 'ନଚେତ୍
ତୁମ୍ଭେ ଜାଣିଥିଲ ବୋଲି କହିଥାନ୍ତ।'
8"ବାସ୍ତବିକ ତୁମ୍ଭେ ଶୁଣିଲ ନାହିଁ; ତୁମ୍ଭେ ଜାଣିଲ ନାହିଁ;
ବହୁକାଳରୁ ତୁମ୍ଭର କାନ ମୁଦ୍ରିତ ଥିଲା; କାରଣ ତୁମ୍ଭେ ଅତି
ବିଶ୍ୱାସଘାତ କରିଥିଲ; ଜନ୍ମରୁ ତୁମ୍ଭେ ଅଧର୍ମାଗ୍ରହୀ ବୋଲି
ଖ୍ୟାତ ହୋଇଥିଲ; ଆମ୍ଭେ ଜାଣିଲୁ।
9ମାତ୍ର ଆମ୍ଭେ ନିଜର ପ୍ରଶଂସା ପାଇଁ କ୍ରୋଧ ସମ୍ବରଣ
କରିବା। ଏଥିପାଇଁ ତୁମ୍ଭକୁ ଉଚ୍ଛନ୍ନ କରିବା ନାହିଁ। ତୁମ୍ଭେ
ଆମ୍ଭର କ୍ଷାନ୍ତି ଯୋଗୁଁ ପ୍ରଶଂସା କରିବ।
10"ଦେଖ, ଆମ୍ଭେ ତୁମ୍ଭକୁ ପରିଷ୍କାର କରିବୁ। ମାତ୍ର
ଲୋକମାନେ ଯେପରି ରୂପାକୁ ଅଗ୍ନିରେ ପକାଇ ପରିଷ୍କାର
କରନ୍ତି ସେପରି ନୁହେଁ। ଆମ୍ଭେ ତୁମ୍ଭକୁ ଦୁଃଖରୂପକ ଉହ୍ମେଇରେ
ପକାଇ ପରିଷ୍କାର କରିବୁ।
11ଆମ୍ଭେ କେବଳ ନିଜ ପାଇଁ, ନିଜ ସକାଶେ ଏହା
କରିବା। କାରଣ ଆମ୍ଭର ନାମକୁ ଅପବିତ୍ର କାହିଁକି କରିବା?
ପୁଣି ଆମ୍ଭେ ନିଜର ମହିମା ଅନ୍ୟକୁ ଦେବା ନାହିଁ।
12"ହେ ଯାକୁବ, ଆମ୍ଭ ଆହୂତ ଇଶ୍ରାୟେଲ,
ତୁମ୍ଭେମାନେ ଆମ୍ଭ କଥାକୁ ଶ୍ରବଣ କର। ଆମ୍ଭେ ହେଉଛୁ
ଆଦ୍ୟ ଓ ଅନ୍ତ।
13ଆମ୍ଭର ହସ୍ତ ପୃଥିବୀର ଭିତ୍ତିମୂଳ ସ୍ଥାପନ କରିଅଛି ଓ
ଆମ୍ଭର ଦକ୍ଷିଣ ହସ୍ତ ଆକାଶମଣ୍ଡଳ ବିସ୍ତାର କରିଅଛି। ତେଣୁ
ଆମ୍ଭେ ସେମାନଙ୍କୁ ଡାକିଲେ ସେମାନେ ଏକତ୍ର ଆମ୍ଭ ସମ୍ମୁଖରେ
ଛିଡ଼ା ହୁଅନ୍ତି।
14"ତୁମ୍ଭେମାନେ ସମସ୍ତେ ଏକତ୍ରୀତ ହୋଇ ଆମ୍ଭ କଥା
ଶ୍ରବଣ କର; ସେମାନଙ୍କ ମଧ୍ୟରେ କିଏ ଏହିସବୁ ପ୍ରକାଶ
କରିଅଛନ୍ତି?" ସଦାପ୍ରଭୁ ତାହାକୁ ପ୍ରେମ କରିଅଛନ୍ତି। ସେ
ବାବିଲ ଉପରେ ତାଙ୍କର ଉଦ୍ଦେଶ୍ୟ ସଫଳ କରିବେ ଓ
କଲଦୀୟମାନଙ୍କ ଉପରେ ତାଙ୍କର ବାହୁ ରହିବ।
15"ଆମ୍ଭେ ନିଜେ ତାଙ୍କୁ କହିଅଛୁ, ନିଜେ ତାଙ୍କୁ ଆହ୍ୱାନ
କରିଛୁ, ନିଜେ ତାଙ୍କୁ ଆଣିଅଛୁ; ସେ ନିଜ ପଥରେ କୃତକାର୍ଯ୍ୟ
ହେବ।
16ତୁମ୍ଭେମାନେ ଆମ୍ଭ ନିକଟକୁ ଆସି ଏହିକଥା ଶୁଣ।
ଆଦ୍ୟରୁ ଆମ୍ଭେ ଗୋପନରେ କିଛି କହି ନାହୁଁ। ବହୁ କାଳରୁ
ଆମ୍ଭେ ସେଠାରେ ଅଛୁ।"
ପୁଣି "ଏବେ ମୋର ପ୍ରଭୁ ସଦାପ୍ରଭୁ ମୋତେ ଓ ତାଙ୍କର
ଆତ୍ମାକୁ ପ୍ରେରଣ କରିଛନ୍ତି। 17ସଦାପ୍ରଭୁ, ତୁମ୍ଭର ତ୍ରାଣକର୍ତ୍ତା,
ଇଶ୍ରାୟେଲର ଧର୍ମସ୍ୱରୂପ ଏହି କଥା କୁହନ୍ତି,
"ଆମ୍ଭେ ସଦାପ୍ରଭୁ, ତୁମ୍ଭର ପରମେଶ୍ୱର, ତୁମ୍ଭର ମଙ୍ଗଳ
ପାଇଁ ତୁମ୍ଭକୁ ଶିକ୍ଷା ଦେଉଁ ଓ ତୁମ୍ଭକୁ ଉଚିତ ମାର୍ଗରେ ଗମନ
କରିବାକୁ ନିର୍ଦ୍ଦେଶ ଦେଉଁ।
18ତୁମ୍ଭେ ଯଦି ଆମ୍ଭର ଆଜ୍ଞା ପାଳନ କରିଥାନ୍ତ, ତେବେ
ତୁମ୍ଭର ଶାନ୍ତି ନଦୀତୁଲ୍ୟ ଓ ତୁମ୍ଭର ଧାର୍ମିକତା ସମୁଦ୍ରର
ତରଙ୍ଗ ତୁଲ୍ୟ ତୁମ୍ଭ ନିକଟକୁ ଆସିଥାନ୍ତା।
19ପୁଣି ତୁମ୍ଭେ ଯଦି ଆମ୍ଭର ଆଜ୍ଞାକୁ ଅବଧାନ କରିଥାନ୍ତ।
ତେବେ ତୁମ୍ଭର ବଂଶ ବାଲୁକା ତୁଲ୍ୟ ଓ ତୁମ୍ଭର ସନ୍ତାନଗଣ
ବାଲୁକା କଣା ତୁଲ୍ୟ ହୋଇଥାନ୍ତେ। ତାହାର ନାମ ଆମ୍ଭ
ସମ୍ମୁଖରୁ ଉଚ୍ଛିନ୍ନ କିମ୍ବା ବିନଷ୍ଟ ହୋଇ ନ ଥାନ୍ତା।"
20ହେ ମୋର ସନ୍ତାନଗଣ, "ତୁମ୍ଭେମାନେ ବାବିଲରୁ
ବାହାରି ଯାଅ, କଲଦୀୟମାନଙ୍କ ମଧ୍ୟରୁ ପଳାୟନ କର;
ତୁମ୍ଭେମାନେ ଆନନ୍ଦ ଧ୍ୱନି କରି ଜଣାଅ, ପୃଥିବୀର ପ୍ରାନ୍ତ
ପର୍ଯ୍ୟନ୍ତ ଏହା ବିଖ୍ୟାତ କର; ତୁମ୍ଭେମାନେ କୁହ, "ସଦାପ୍ରଭୁ
ନିଜର ଦାସ ଯାକୁବକୁ ମୁକ୍ତ କରିଅଛନ୍ତି।
21ସଦାପ୍ରଭୁ ଯଦିଓ ମରୁଭୂମିରୁ ସେମାନଙ୍କୁ ନେଲେ,
ସେମାନେ ତୃଷାର୍ତ୍ତ ହେଲେ ନାହିଁ। ସେ ସେମାନଙ୍କ ପାଇଁ
ଶୈଳରୁ ଜଳସ୍ରୋତ ବୁହାଇଲେ; ଆଉ ମଧ୍ୟ ସେ ଶୈଳକୁ
ବିଦୀର୍ଣ୍ଣ କଲେ ଓ ତହିଁରୁ ଜଳ ନିର୍ଗତ ହେଲା।"
22ମାତ୍ର ସଦାପ୍ରଭୁ କୁହନ୍ତି, "ଦୁଷ୍ଟ ଲୋକମାନଙ୍କର ଶାନ୍ତି
ନାହିଁ।"

### ପରମେଶ୍ୱର ତାଙ୍କର ପ୍ରିୟ ଦାସଙ୍କୁ ଆହ୍ୱାନ କରନ୍ତି

49 ହେ ଦ୍ୱୀପ ସମୂହର ଲୋକମାନେ ମୋ କଥା
ଶୁଣ। ହେ ଦୂରସ୍ଥ ଗୋଷ୍ଠୀ ସମୂହର ଲୋକମାନେ,
ମୋ କଥାକୁ ଅବଧାନ କର। ମୁଁ ମାତୃ ଗର୍ଭରୁ ଭୂମିଷ୍ଠ
ହେବା ପୂର୍ବରୁ ସଦାପ୍ରଭୁ ତାଙ୍କର ସେବା ପାଇଁ ମୋତେ
ଆହ୍ୱାନ କରିଛନ୍ତି। ମୁଁ ମାତୃଗର୍ଭରେ ଥିବା କାଳରୁ ସେ
ମୋର ନାମ ଉଲ୍ଲେଖ କରିଛନ୍ତି।
2ସଦାପ୍ରଭୁ ତାଙ୍କର ବାକ୍ୟ ପ୍ରଚାର ପାଇଁ ମୋତେ
ପଠାଇଛନ୍ତି। ତେଣୁ ସେ ମୋର ମୁଖକୁ ତୀକ୍ଷ୍ଣ ଖଡ୍ଗ ସ୍ୱରୂପ
କରିଛନ୍ତି। ନିଜର ହସ୍ତ ଛାୟାରେ ସେ ମୋତେ ଲୁଚାଇ
ରଖିଛନ୍ତି ଓ ସେ ମୋତେ ଶାଣିତ ବାଣସ୍ୱରୂପ କରି ନିଜର
ତୂଣୀରରେ ଲୁଚାଇ ରଖିଛନ୍ତି।
3ସେ ପୁଣି ମୋତେ କହିଲେ, "ତୁମ୍ଭେ ମୋର ଦାସ,
ତୁମ୍ଭେ ଇଶ୍ରାୟେଲ, ତୁମ୍ଭଦ୍ୱାରା ଆମ୍ଭେ ମହିମାନ୍ୱିତ ହେବା।"

4ମାତ୍ର ମୁଁ କହିଲି, "ମୁଁ ବୃଥା ପରିଶ୍ରମ କରିଅଛି। ମୁଁ ନିରର୍ଥକ ଓ ଅସାରତାରେ ମୋର ଶକ୍ତି ବ୍ୟୟ କରିଅଛି। ତଥାପି ନିଶ୍ଚୟ ମୋର ବିଚାର ସଦାପ୍ରଭୁଙ୍କ ନିକଟରେ ଓ କର୍ମଫଳ ମୋର ପରମେଶ୍ୱରଙ୍କଠାରେ ଅଛି।

5ପୁଣି ମୋତେ ତାଙ୍କର ସେବକ ହେବାପାଇଁ, ଯାକୁବଙ୍କୁ ତାଙ୍କ ନିକଟକୁ ଆଣିବା ପାଇଁ ଓ ଇସ୍ରାୟେଲ ତାହାଙ୍କ ନିକଟରେ ପହଞ୍ଚିବା ପାଇଁ ସେ ମୋତେ ମାତୃଗର୍ଭରେ ସୃଷ୍ଟି କଲେ। ସେହି ସଦାପ୍ରଭୁ ମୋତେ ଏବେ କୁହନ୍ତି, "କାରଣ ମୁଁ ସଦାପ୍ରଭୁଙ୍କ ଦୃଷ୍ଟିରେ ଆଦରଣୀୟ ଅଟେ ଓ ମୋର ପରମେଶ୍ୱର ମୋର ବଳସ୍ୱରୂପ ହୋଇଅଛନ୍ତି।"

6ପୁଣି ସଦାପ୍ରଭୁ କହିଲେ, "ତୁମ୍ଭେ ଯାକୁବର ପରିବାରବର୍ଗଙ୍କୁ ଉତ୍‌ଥାପନ କରିବା ପାଇଁ ଓ ଇସ୍ରାୟେଲ ରକ୍ଷିତ ଲୋକମାନଙ୍କୁ ପୁନର୍ବାର ଆଣିବା ପାଇଁ ଆମ୍ଭର ସେବକ ହେବ; ଏହା ଅତି କ୍ଷୁଦ୍ର ବିଷୟ; ତୁମ୍ଭେ ଯେପରି ପୃଥିବୀର ଶେଷ ସୀମା ପର୍ଯ୍ୟନ୍ତ ଆମ୍ଭ କୃତ ପରିତ୍ରାଣ ସ୍ୱରୂପ ହେବ, ସେଥିପାଇଁ ଆମ୍ଭେ ତୁମ୍ଭକୁ ଅନ୍ୟ ଦେଶୀୟମାନଙ୍କର ଦୀପ୍ତିସ୍ୱରୂପ କରିବା।"

7"ଯାହାକୁ ମନୁଷ୍ୟ ଅବଜ୍ଞା କରେ, ଯାହାକୁ ଦେଶୀୟ ଲୋକମାନେ ଘୃଣା କରନ୍ତି, ଯେ ଶାସକ କର୍ତ୍ତାମାନଙ୍କର ଦାସ," ତାକୁ ଇସ୍ରାୟେଲର ମୁକ୍ତିଦାତା ଓ ତା'ର ଧର୍ମସ୍ୱରୂପ ସଦାପ୍ରଭୁ ଏହିକଥା କୁହନ୍ତି। ପୁଣି ବିଶ୍ୱସନୀୟ ଓ ଇସ୍ରାୟେଲର ଧର୍ମସ୍ୱରୂପ ଯେଉଁ ସଦାପ୍ରଭୁ ତୁମ୍ଭକୁ ମନୋନୀତ କରିଅଛନ୍ତି, ତାଙ୍କ ସକାଶେ ରାଜାମାନେ ତୁମ୍ଭକୁ ଦେଖିଲେ ଉଠିବେ, ଅଧିପତିମାନେ ତୁମ୍ଭକୁ ପ୍ରଣାମ କରିବେ।

### ପରିତ୍ରାଣର ଦିନ

8ସଦାପ୍ରଭୁ କୁହନ୍ତି, "ଆମ୍ଭେ ଯେଉଁ ସମୟରେ ଦୟା ଦେଖାଇବା କଥା ସେହି ସମୟରେ ତୁମ୍ଭକୁ ଉତ୍ତର କରିଅଛୁ। ପରିତ୍ରାଣ ଦିନରେ ଆମ୍ଭେ ତୁମ୍ଭକୁ ସାହାଯ୍ୟ କରିଅଛୁ। ଆମ୍ଭେ ତୁମ୍ଭକୁ ରକ୍ଷା କରିବା ଓ ଦେଶର ଉନ୍ନତି ସାଧନ ନିମନ୍ତେ ଲୋକମାନଙ୍କୁ ସେମାନଙ୍କର ଧ୍ୱଂସିତ ଉତ୍ତରାଧିକାର ଭୋଗ କରାଇବା ନିମନ୍ତେ ଆମ୍ଭେ ତୁମ୍ଭକୁ ଲୋକମାନଙ୍କର ଚୁକ୍ତି ସ୍ୱରୂପ ନିଯୁକ୍ତ କରିବା।

9'ତୁମ୍ଭେ ବନ୍ଦୀଗଣଙ୍କୁ ବାହାରି ଯାଅ ବୋଲି,' 'ଅନ୍ଧକାରସ୍ଥିତ' ଲୋକମାନଙ୍କୁ ଆପଣାମାନଙ୍କୁ ଦେଖାଅ ବୋଲି କହିବ। ସେମାନେ ପଥରେ ଚରିବେ ଓ ବୃକ୍ଷଶୂନ୍ୟ ଉଚ୍ଚସ୍ଥଳୀ ସକଳ ସେମାନଙ୍କର ଚରାସ୍ଥାନ ହେବ।

10ସେମାନେ କ୍ଷୁଧାର୍ତ୍ତ କି ତୃଷାର୍ତ୍ତ ହେବେ ନାହିଁ। ଗ୍ରୀଷ୍ମ କିମ୍ବା ସୂର୍ଯ୍ୟତାପ ସେମାନଙ୍କୁ କାଟିବ ନାହିଁ। କାରଣ ଯେଉଁ ପରମେଶ୍ୱର ସେମାନଙ୍କୁ ଦୟା କରନ୍ତି, ସେ ସେମାନଙ୍କୁ ଚଳାଇବେ; ଜଳ-ନିର୍ଝର ଦେଇ ସେ ସେମାନଙ୍କୁ କଢ଼ାଇ ଦେବେ।

11"ପୁଣି ଆମ୍ଭେ ଆମ୍ଭର ପର୍ବତଗୁଡ଼ିକୁ ଏକ ପଥ କରିବା ଓ ଆମ୍ଭର ରାଜପଥଗୁଡ଼ିକୁ ଉଚ୍ଚ କରାଯିବ।

12"ଦେଖ, କେତେକ ଲୋକ ଦୂର ଦେଶରୁ ଆସିବେ, କେତେକ ଉତ୍ତର ଓ ପଶ୍ଚିମ ଦିଗରୁ ଆସିବେ ଓ ଆଉ କେତେକ ସୀନୀମ ଦେଶରୁ ଆସିବେ।"

13ହେ ସ୍ୱର୍ଗମଣ୍ଡଳ, ଗାନ କର; ହେ ପୃଥିବୀ, ଉଲ୍ଲସିତ ହୁଅ; ହେ ପର୍ବତଗଣ, ଉଚ୍ଚ ସ୍ୱରରେ ଆନନ୍ଦ ଧ୍ୱନି କର; କାରଣ ସଦାପ୍ରଭୁ ନିଜ ଲୋକମାନଙ୍କୁ ସାନ୍ତ୍ୱନା କରିଛନ୍ତି ଓ ନିଜର ପୀଡିତ ଲୋକମାନଙ୍କୁ କରୁଣା କରିଛନ୍ତି।

### ସିୟୋନ, ଏକ ପରିତ୍ୟକ୍ତା ନାରୀ

14ମାତ୍ର ସିୟୋନ କହେ, "ସଦାପ୍ରଭୁ ମୋତେ ପରିତ୍ୟାଗ କରିଛନ୍ତି। ମୋର ପ୍ରଭୁ ମୋତେ ଭୁଲି ଯାଇଛନ୍ତି।"

15"ଜଣେ ସ୍ତ୍ରୀ ଲୋକ ତା'ର ଗର୍ଭଜାତ ସନ୍ତାନକୁ ସ୍ନେହ ନକରି କ'ଣ ଭୁଲି ପାରିବ? ସେ କ'ଣ ତାହାଁର ସ୍ତନ୍ୟପାୟୀ ସନ୍ତାନକୁ ଦୟା ନ ଦେଖାଇ ପାସୋରି ପାରିବ? ଏମାନେ ତାହା କରିପାରନ୍ତି, ତଥାପି ଆମ୍ଭେ ତୁମ୍ଭକୁ ପାସୋରିବା ନାହିଁ।

16ଦେଖ, ଆମ୍ଭେ ତୁମ୍ଭର ନାମକୁ ଆମ୍ଭର ହସ୍ତ ଦ୍ୱୟର ପାପୁଲିରେ ଲେଖି ଅଛୁ। ତୁମ୍ଭର ଆକୃତି ସର୍ବଦା ଆମ୍ଭ ସମ୍ମୁଖରେ ଅଛି।

17ତୁମ୍ଭର ସନ୍ତାନମାନେ ଶୀଘ୍ର ଆସୁ ଅଛନ୍ତି। ତୁମ୍ଭର ଉତ୍ପାଟନକାରୀମାନେ ଓ ଯେଉଁମାନେ ତୁମ୍ଭକୁ ଉଚ୍ଛନ୍ନ କରିଛନ୍ତି ସେମାନେ ତୁମ୍ଭ ମଧ୍ୟରୁ ବାହାରି ଯିବେ।"

### ଇସ୍ରାୟେଲୀୟଙ୍କ ପ୍ରତ୍ୟାବର୍ତ୍ତନ

18ତୁମ୍ଭର ଚକ୍ଷୁ ମେଲାଇ ଚତୁର୍ଦ୍ଦିଗକୁ ଦେଖ। ସେମାନେ ସମସ୍ତେ ଏକତ୍ରିତ ହୋଇ ତୁମ୍ଭ ଆଡ଼କୁ ଆସୁଛନ୍ତି। ସଦାପ୍ରଭୁ କୁହନ୍ତି, "ମୋର ଜୀବନରେ ମୁଁ ତୁମ୍ଭକୁ ପ୍ରତିଜ୍ଞା କରୁଛି, ତୁମ୍ଭେ ସମସ୍ତ ପରିଧାନ ଭୂଷଣ କରିବ। ପୁଣି ସମସ୍ତେ ଗୋଟିଏ କନ୍ୟା ପରି ପରିଧାନ କରିବେ।

19ତୁମ୍ଭେ ନଷ୍ଟ ଓ ଶୂନ୍ୟ ଅଟ। ସେହିମାନଙ୍କ ପାଇଁ, ସେହି ଭୂମି ଲୋକାରଣ୍ୟ, ଯେଉଁମାନେ ସେଠାରେ ବାସ କରିବେ। ସେହିମାନେ ଯେଉଁମାନେ ତୁମ୍ଭମାନଙ୍କୁ ଖାଇବ ଦୂରେଇ ଯିବେ।

20କଷ୍ଟଦିନ ପିଲାମାନେ ତୁମ୍ଭ ଚିନ୍ତା କଲେ, ତୁମ୍ଭେ ହରାଇଥିଲ ବୋଲି କହିବେ, 'ମୋ ପାଇଁ ଏହି ସ୍ଥାନ ଅତି ସଂକୀର୍ଣ୍ଣ। ମୋତେ ସ୍ଥାନ ଦିଅ, ମୁଁ ବାସ କରିବି।'

21ସେତେବେଳେ ତୁମ୍ଭେ ମନେ ମନେ କହିବ, 'ମୋର ସନ୍ତାନଗଣ ଅପହୃତ ହୋଇଅଛନ୍ତି, ମୁଁ ଏକାକିନୀ ନିର୍ବାସିତା ହୋଇ ଏଣେ ତେଣେ ଭ୍ରମଣ କରୁଅଛି। ମୋର ଏ ସମସ୍ତଙ୍କୁ କିଏ ଜନ୍ମ ଦେଇଛନ୍ତି? କିଏ ଏମାନଙ୍କୁ ପ୍ରତିପାଳନ କରିଅଛି? ଦେଖ, ମୁଁ ଏକାକିନୀ ଅବଶିଷ୍ଟା ଥିଲି, ଏମାନେ କେଉଁଠାରେ ଥିଲେ?'"

22ସଦାପ୍ରଭୁ, ମୋର ପ୍ରଭୁ କୁହନ୍ତି, "ଦେଖ, ଆମ୍ଭେ ଅନ୍ୟଦେଶୀୟମାନଙ୍କ ପ୍ରତି ଆପଣା ହସ୍ତ ଉଠାଇବା ଓ ଗୋଷ୍ଠୀସମୂହର ପ୍ରତି ଆମ୍ଭର ଧ୍ୱଜା ଟେକିବା। ତାହାହେଲେ ସେମାନେ ତୁମ୍ଭର ପୁତ୍ରଗଣଙ୍କୁ କୋଳରେ ଆଣିବ ଓ ତୁମ୍ଭର କନ୍ୟାଗଣ ସେମାନଙ୍କ ସ୍କନ୍ଧରେ ବୁହାଯିବେ।

23ପୁଣି ରାଜାମାନେ ତୁମ୍ଭର ପାଳକ ପିତା ହେବେ ଓ ସେମାନଙ୍କର ରାଣୀମାନେ ତୁମ୍ଭର ପାଳକ ମାତା ହେବେ, ସେମାନେ ନତମୁଖ ହୋଇ ତୁମ୍ଭକୁ ପ୍ରଣାମ କରିବେ ଓ

ତୁମ୍ଭର ପାଦର ଧୂଳ ଗ୍ଭଟିବେ; ତେଣୁ ଆମ୍ଭେ ଯେ ସଦାପ୍ରଭୁ
ଓ ଯେ ଆମ୍ଭ ଉପରେ ବଶ୍ୱାସ ରଖନ୍ତି, ସେ ଲଜ୍ଜିତ ହେବେ
ନାହିଁ, ଏହା ତୁମ୍ଭେ ଜାଣିବ।"
**24**ଜଣେ ବୀରଠାରୁ ଲୁଣ୍ଠିତ ଦ୍ରବ୍ୟ ହରଣ କଗ୍ଯାଇ
ପାରବ କି? କମ୍ବା ବନ୍ଦୀ ହୋଇଥିବା ଲୋକମାନେ ମୁକ୍ତ
ହୋଇ ପାରବେ କି?
**25**ମାତ୍ର ସଦାପ୍ରଭୁ ଏହକଥା କୁହନ୍ତି, "ବୀରଦ୍ୱାଗ୍ ବନ୍ଦୀଲୋକ
ଅପହୃତ ହେବେ ଓ ଭୟଙ୍କର ଲୋକର ଲୁଣ୍ଠିତ ଦ୍ରବ୍ୟ
ମୁକୁଳା ଯିବ; କାରଣ ତୁମ୍ଭର ବରୋଧକାରୀଙ୍କୁ ଆମ୍ଭେ
ବରୋଧ କରବା ଓ ତୁମ୍ଭର ସନ୍ତାନଗଣଙ୍କୁ ଆମ୍ଭେ ରକ୍ଷା
କରବା।
**26**"ପୁଣି ଆମ୍ଭେ ତୁମ୍ଭର ଉପଦ୍ରବକାରୀମାନଙ୍କୁ ସେମାନଙ୍କର
ନଜ ମାଂସ ଭୋଜନ କଗ୍ଇବା; ସୁମିଷ୍ଟ ଦ୍ରାକ୍ଷାରସରେ ସେମାନେ
ମତ୍ତ ହେଲାପର ସେମାନେ ନଜ ରକ୍ତରେ ମତ୍ତ ହେବେ;
ତାହା ହେଲେ ଆମ୍ଭେ ଯେ ତୁମ୍ଭର ସଦାପ୍ରଭୁ, ତୁମ୍ଭର
ତ୍ରାଣକର୍ତ୍ତା ଓ ତୁମ୍ଭର ମୁକ୍ତିଦାତା, ଯାକୁବର ବଳଦାତା, ଏହା
ସମସ୍ତ ପ୍ରାଣୀ ଜାଣିବେ।"

## ଇଶ୍ରାୟେଲ ସେମାନଙ୍କ ପାପପାଇଁ ଦଣ୍ଡିତ ହେଲା

**50** ସଦାପ୍ରଭୁ ଏହକଥା କୁହନ୍ତି, "ହେ ଇଶ୍ରାୟେଲର
ପୁତ୍ରଗଣ, ତୁମ୍ଭେମାନେ ଭାବୁଛ ଆମ୍ଭେ ତୁମ୍ଭର ମାତା
ଯିରୁଶାଲମକୁ ତ୍ୟାଗ କରଅଛୁ। ପ୍ରମାଣ ସ୍ୱରୂପ ସେ ଛାଡ଼ପତ୍ର
କାହିଁ ଅଥବା ଆମ୍ଭ ମହାଜନମାନଙ୍କ ମଧ୍ୟରୁ କାହା ନକଟରେ
ତୁମ୍ଭମାନଙ୍କୁ ବକ୍ରୟ କରଅଛୁ? ଏଠାରେ ଦେଖ, ତୁମ୍ଭେମାନେ
ନଜର ଅପରାଧ ପାଇଁ ବକ୍ରୀ ହୋଇଥିଲ ଏବଂ ତୁମ୍ଭମାନଙ୍କର
ପାପ ପାଇଁ ତୁମ୍ଭମାନଙ୍କର ମାତା ତୁମ୍ଭମାନଙ୍କୁ ପରତ୍ୟକ୍ତା
ହୋଇଥିଲେ।
**2**ଆମ୍ଭେ ଆସିଲାବେଳେ କାହିଁକି କେହ ଉପସ୍ଥିତ ନ
ଥିଲ? ଆମ୍ଭେ ଡାକଲାବେଳେ କେହ ଉତ୍ତର ଦେବାକୁ କାହିଁକି
ନ ଥିଲ? ଆମ୍ଭର ହସ୍ତ କ'ଣ ଛୋଟ ଯେ ତାହା ମୁକ୍ତ
କରପାରବ ନାହିଁ? କମ୍ବା ଉଦ୍ଧାର କରବା ପାଇଁ ଆମ୍ଭର କ'ଣ
ପଗ୍କ୍ରମ ନାହିଁ? ଦେଖ, ଆମ୍ଭର ଆଦେଶରେ ସମୁଦ୍ର ଶୁଖିଯାଇପାରେ
ଓ ନଦନଦୀକୁ ପ୍ରାନ୍ତର କରଦେଇ ପାରୁ। ସେଥିରେ ଥିବା
ମତ୍ସ୍ୟ ଜଳ ଅଭାବରୁ ତୃଷାର୍ତ୍ତ ହୋଇ ମରଯିବେ ଓ ଦୁର୍ଗନ୍ଧ
ହେବ।
**3**ଆମ୍ଭେ ଆକାଶମଣ୍ଡଳକୁ କାଳିମା ପିନ୍ଧାଉ ଓ ଚଟବସ୍ତ୍ରରେ
ସେହ ସବୁର ଆଚ୍ଛାଦନ କରୁ।"

## ପରମେଶ୍ୱରଙ୍କ ସେବକ ପ୍ରକୃତ ପରମେଶ୍ୱରଙ୍କ ଉପରେ ନର୍ଭରଶୀଳ

**4**ମୋର ପ୍ରଭୁ ସଦାପ୍ରଭୁ ମୋତେ ଶିକ୍ଷା ଦେଇଛନ୍ତ ମୁଁ
ଯେପର କ୍ଲାନ୍ତ ଦୁର୍ବଳମାନଙ୍କୁ ସୁସ୍ଥିର କରପାରବ, ସେ ପ୍ରତି
ପ୍ରଭାତରେ ମୋତେ ଜାଗ୍ରତ କଗ୍ନ୍ତ ଓ ବଦ୍ୟାର୍ଥୀପର ଶୁଣିବା
ପାଇଁ ମୋର କର୍ଣ୍ଣକୁ ଜାଗ୍ରତ କଗ୍ନ୍ତ। **5**ମୋର ପ୍ରଭୁ
ସଦାପ୍ରଭୁ ମୋର କର୍ଣ୍ଣକୁ ମୁକ୍ତ କରଛନ୍ତ; ପୁଣି ମୁଁ ତାଙ୍କର
ବରୁଦ୍ଧାଗ୍ଭରୀ ହୋଇ ନାହିଁ କମ୍ବା ପଛକୁ ଫେର ନାହିଁ। **6**ମୁଁ
ପ୍ରହାରକ ଦେବା ପାଇଁ ମୋର ପିଠି ଦେଖାଇ ଦେବ, ମୋର
ଦାଢି ଉପାଡ଼ବା ପାଇଁ ମୋର ଗାଲ ଦେଖାଇ ଦେବ, ପୁଣି
ଅପମାନତ ହେବାକୁ ଛେପ ପକାଇବାକୁ ମୋର ମୁହଁ
ଲୁଗ୍ଇବ ନାହିଁ। **7**ମୋର ପ୍ରଭୁ ସଦାପ୍ରଭୁ ମୋତେ ସାହାଯ୍ୟ
କରବେ; ତେଣୁ ସେମାନଙ୍କର ଅପମାନ ମୋତେ ବାଧିବ
ନାହିଁ। ଏଥିପାଇଁ ମୁଁ ଚକ୍‌ମକି ପଥର ପର ମୋର ମୁଖକୁ
ରଖିଅଛି। ମୁଁ ଜାଣେ ମୁଁ ଲଜ୍ଜିତ ହେବ ନାହିଁ।
**8**ଯେ ମୋତେ ଧର୍ମାଗ୍ଭରୀ କରନ୍ତ ସେ ମୋ ନକଟବର୍ତ୍ତୀ।
ତେଣୁ ମୋତେ କଏ ବରୋଧ କରବ? ଆସ ଆମ୍ଭେମାନେ
ଏକତ୍ର ଛିଡ଼ା ହେବା, କଏ ମୋର ବପକ୍ଷରେ ଯିବ ସେ ମୋ
ନକଟକୁ ଆସୁ। **9**ଦେଖ, ସଦାପ୍ରଭୁ, ମୋର ପ୍ରଭୁ ମୋତେ
ସାହାଯ୍ୟ କରବେ। ତେଣୁ କଏ ମୋତେ ଦୋଷୀ କରବ?
ସେମାନେ ସମସ୍ତେ ଜୀର୍ଣ୍ଣ ବସ୍ତ୍ର ସଦୃଶ ହେବେ ଓ କୀଟ
ସେଗୁଡ଼କୁ ଗ୍ରାସ କରବ।
**10**ତୁମ୍ଭମାନଙ୍କ ମଧ୍ୟରେ ଏପର କଏ ଅଛି ଯେ ସଦାପ୍ରଭୁଙ୍କୁ
ଭୟ କରେ ଓ ତାଙ୍କ ସେବକର ବାକ୍ୟ ପାଳନ କରେ?
ପୁଣି ଯେ ଆଲୋକ ବନା ଅନ୍ଧକାରରେ ଗମନ କରେ ସେ
ସଦାପ୍ରଭୁଙ୍କ ନାମ ଉପରେ ବଶ୍ୱାସ କର ଓ ଆପଣା
ପରମେଶ୍ୱରଙ୍କ ଉପରେ ନର୍ଭରଶୀଳ ହେଉ।
**11**"ଦେଖ, ତୁମ୍ଭେମାନେ ନଜ ନଜ ପଥରେ ବଞ୍ଚିବାକୁ
ଗ୍ଭହୁଁଛ। ତୁମ୍ଭେମାନେ ନଜେ ନଜେ ଅଗ୍ନି ଜାଳୁଅଛ ଓ ଅଗ୍ନି
ଖୁଣ୍ଟାରେ ନଜକୁ ବେଷ୍ଟନ କରୁଅଛ। ପୁଣି ତୁମ୍ଭେମାନେ ନଜ
ଅଗ୍ନିଶିଖା ଓ ନଜ ପ୍ରଜ୍ୱଳତ ଅଗ୍ନିଖୁଣ୍ଟା ମଧ୍ୟରେ ଗମନ କର।
ମୋ ହସ୍ତରୁ ଏହା ତୁମ୍ଭେମାନେ ପାଇବ, ତୁମ୍ଭେମାନେ ଶୋକରେ
ଶୟନ କରବ।"

## ଇଶ୍ରାୟେଲ ଅବ୍ରହାମ ସଦୃଶ ହେବା ଉଚତ୍

**51** "ହେ ଧର୍ମାଗ୍ଭରୀଗଣ, ହେ ସଦାପ୍ରଭୁଙ୍କ ଅନ୍ୱେଷଣ
କାରୀଗଣ। ତୁମ୍ଭେମାନେ ଆମ୍ଭର କଥା ଶୁଣ;
ତୁମ୍ଭେମାନେ ଯେଉଁ ଶୈଳରୁ କଟା ହୋଇଥିଲ ଓ ଯେଉଁ
ଗର୍ତ୍ତର ଛେଦରୁ ଖୋଳା ହୋଇଥିଲ, ତାହା ପ୍ରତି ଦୃଷ୍ଟିପାତ
କର। **2**ତୁମ୍ଭମାନଙ୍କ ପିତା ଅବ୍ରହାମ ଓ ଜନ୍ମଦାତ୍ରୀ ସାଗ୍ ପ୍ରତି
ଦୃଷ୍ଟି ଦିଅ। ସେ ଯେତେବେଳେ ଏକାକୀ ଥିଲା ଆମ୍ଭେ
ତାହାକୁ ଆହ୍ୱାନ କଲୁ। ଆମ୍ଭେ ଆଶୀର୍ବାଦ କର ତାକୁ ବହୁ
ବଂଶ କଲୁ।"
**3**ସେହପର ସଦାପ୍ରଭୁ ସିୟୋନକୁ ଆଶୀର୍ବାଦ କରବେ;
ସେ ତାହାର ଉପଦ୍ରୁତ ସ୍ଥାନଗୁଡ଼କ ପାଇଁ ଦୁଃଖିତ ହେବେ।
ସେ ତାହାର ପ୍ରାନ୍ତରକୁ ଏଦନ ତୁଲ୍ୟ ଓ ତାହାର ମରୁଭୂମିକୁ
ସଦାପ୍ରଭୁଙ୍କ ଉଦ୍ୟାନ ତୁଲ୍ୟ କରବେ। ତାହାର ଲୋକମାନେ
ଆନନ୍ଦିତ ଓ ଉଲ୍ଲସିତ ହେବେ ଏବଂ ସଙ୍ଗୀତ ଧ୍ୱନି କର
ଧନ୍ୟବାଦ ଦେବେ।
**4**"ହେ ଆମ୍ଭର ଲୋକମାନେ, ଆମ୍ଭ ବାକ୍ୟରେ ଅବଧାନ
କର; ହେ ଆମ୍ଭର ଦେଶୀୟ ଲୋକମାନେ, ଆମ୍ଭ କଥାରେ
କର୍ଣ୍ଣପାତ କର। ଆମ୍ଭଠାରୁ ଏକ ବ୍ୟବସ୍ଥା ନର୍ଗତ ହେବ ଓ
ଆମ୍ଭେ ଗୋଷ୍ଠୀବର୍ଗର ଦୀପ୍ତି ନମନ୍ତେ ଆମ୍ଭର ବଗ୍ଭର ସ୍ଥାପନ
କରବା।
**5**ଆମ୍ଭର ଧର୍ମ ନକଟବର୍ତ୍ତୀ, ଆମ୍ଭର ପରତ୍ରାଣ ନର୍ଗତ
ହୋଇଅଛି ଓ ଆମ୍ଭର ବାହୁ ଗୋଷ୍ଠୀବର୍ଗର ବଗ୍ଭର କରବ।

ଦ୍ୱୀପଗଣ ଆମ୍ଭ ଅପେକ୍ଷାରେ ରହବେ ଓ ଆମ୍ଭର ପରାକ୍ରମରେ
ଆଶା ରଖିବେ।
6ତୁମ୍ଭେମାନେ ସ୍ୱର୍ଗମଣ୍ଡଳ ପ୍ରତି ଊର୍ଦ୍ଧ୍ୱଦୃଷ୍ଟି କର ଓ
ଅଧଃସ୍ଥିତ ଭୂମଣ୍ଡଳ ପ୍ରତି ନରୀକ୍ଷଣ କର। କାରଣ ଆକାଶ
ମଣ୍ଡଳ ଧୂମ ତୁଲ୍ୟ ଅନ୍ତର୍ହିତ ହେବ ଓ ଭୂମଣ୍ଡଳ ବସ୍ତ୍ର ତୁଲ୍ୟ
ଜୀର୍ଣ୍ଣ ହେବ। ଆଉ ମଧ୍ୟ ପୃଥିବୀବାସୀ ସେହପର ମୃତ୍ୟୁବରଣ
କରବେ। ମାତ୍ର ଆମ୍ଭର ପରତ୍ରାଣ ଅନନ୍ତକାଳସ୍ଥାୟୀ ହେବ ଓ
ଆମ୍ଭର ଧର୍ମାଗ୍ରହ ଲୁପ୍ତ ହେବ ନାହିଁ।
7ତୁମ୍ଭେ ଯେଉଁମାନଙ୍କୁ ଯଥାର୍ଥ ଜାଣ। ଯେଉଁ ଲୋକମାନେ
ମୋର ଶିକ୍ଷା ହୃଦୟରେ ଧର ରଖନ୍ତ, ଦୟାକର ମୋ କଥା
ଶୁଣ, ତୁମ୍ଭେମାନେ ଦୁଷ୍ଟ ଲୋକଙ୍କ ଅପମାନରେ ଭୟଭୀତ
ହୁଅ ନାହିଁ।
8କାରଣ ସେମାନେ ଜୀର୍ଣ୍ଣ ବସ୍ତ୍ର ସଦୃଶ ଓ କୀଟ
ସେମାନଙ୍କୁ ଖାଇ ପକାଇବ ଓ ପୋକ ପଶମ ବସ୍ତ୍ରକୁ ଖାଇଲା
ପର ସେମାନଙ୍କୁ ଖାଇ ପକାଇବ। ମାତ୍ର ଆମ୍ଭର ଧର୍ମ
ଅନନ୍ତକାଳସ୍ଥାୟୀ ହେବ ଓ ଆମ୍ଭର ପରତ୍ରାଣ ଚରକାଳ
ବର୍ତ୍ତିତ ହେବ।"

## ପରମେଶ୍ୱରଙ୍କ ସ୍ୱପରାକ୍ରମ ତାଙ୍କର ସନ୍ତାନମାନଙ୍କୁ ରକ୍ଷା କରବ

9ହେ ସଦାପ୍ରଭୁଙ୍କ ବାହୁ, ଉଠ, ଜାଗ୍ରତ ହୁଅ। ବଳ
ଧାରଣ କର। ଯେପର ପୂର୍ବକାଳରେ ଓ ପ୍ରାଚୀନକାଳର
ପୁରୁଷ ପରମ୍ପରା ସମୟରେ ଉଠିଥିଲ, ସେହପର ଜାଗ।
ରାହବକୁ ଯେ ଖଣ୍ଡ ଖଣ୍ଡ କର କାଟିଥିଲେ ଓ ନାଗକୁ ଯେ
ବିଦ୍ଧ କରଥିଲେ, ସେହ ପ୍ରଭୁ ତୁମ୍ଭେ ନୁହଁ କ?
10ଯେ ସମୁଦ୍ରକୁ ଓ ଗଭୀରତମ ବାରଧିର ଜଳରାଶିକୁ
ଶୁଷ୍କ କଲେ, ଯେ ମୁକ୍ତପ୍ରାପ୍ତ ଲୋକମାନଙ୍କର ପାର ହେବା
ପାଇଁ ସମୁଦ୍ରର ଗଭୀରତମ ସ୍ଥାନ ପଥ କଲେ, ସେହ ପ୍ରଭୁ
ତୁମ୍ଭେ ନୁହଁ କ?
11ସଦାପ୍ରଭୁଙ୍କ ନସ୍ତାରତ ଲୋକମାନେ ଫେର ଆସିବେ,
ଆନନ୍ଦ ଗାନ କର ସିୟୋନରେ ଉପସ୍ଥିତ ହେବେ। ଚର
ଆନନ୍ଦ ସେମାନଙ୍କ ମସ୍ତକର ଭୂଷଣ ହେବ। ସେମାନେ
ଆନନ୍ଦ ଓ ଉଲ୍ଲାସ ପ୍ରାପ୍ତ ହେବେ ଏବଂ ଦୁଃଖ ଶୋକ
ସୁଦୂରଗାମୀ ହେବ।
12ସଦାପ୍ରଭୁ କୁହନ୍ତ, "ଆମ୍ଭେ ହେଉଛୁ ସେହ ଯେ
ତୁମ୍ଭମାନଙ୍କୁ ସାନ୍ତ୍ୱନା ଦଅନ୍ତ, ତେବେ ତୁମ୍ଭେ କାହିଁକ ମରଣଶୀଳ
ମାନବ ଯେକ ତୃଣତୁଲ୍ୟ ଏପର ମାନବର ସନ୍ତାନକୁ ଭୟ
କରୁଅଛ?"
13ସଦାପ୍ରଭୁ ଯେ ଏହ ଆକାଶମଣ୍ଡଳ ବସ୍ତାର କର
ଅଛନ୍ତ, ପୃଥିବୀର ଭିତ୍ତିମୂଳ ସ୍ଥାପନ କରଅଛନ୍ତ ଓ ତୁମ୍ଭର
ନର୍ମାଣକର୍ତ୍ତା, ତୁମ୍ଭେ ତାଙ୍କୁ ଭୁଲଅଛ। ତେଣୁ ତୁମ୍ଭେ ଦନଯାକ
ନରନ୍ତର ସେମାନଙ୍କୁ ଭୟ କରୁଛ ଯେ ତୁମ୍ଭକୁ ବନାଶ
କରବାକୁ ଉଦ୍ୟତ ହୋଇ କୋପ କରଛନ୍ତ। ମାତ୍ର ସେହ
ଉପଦ୍ରବକାରୀ ଏବେ କାହାଁନ୍ତ ଓ ତାଙ୍କର କୋପ କାହିଁ?
14ନର୍ବାସିତ ବନ୍ଦୀ ଶୀଘ୍ର ମୁକ୍ତ ହେବ। ପୁଣି ସେ ମର
ଗର୍ତ୍ତକୁ ଯିବନାହିଁ। କମ୍ବା ତାହାର ଖାଦ୍ୟର ଅଭାବ ହେବ
ନାହିଁ।
15"ତରଙ୍ଗଗୁଡ଼ କୁ ଗର୍ଜନ କରବାକୁ ଯେ ସମୁଦ୍ରକୁ ଆଲୋଡ଼ତ
କରନ୍ତ। ଆମ୍ଭେ ସେହ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଅଟୁ।"
ତାଙ୍କର ନାମ ସର୍ବଶକ୍ତିମାନ ସଦାପ୍ରଭୁ।
16"ହେ ମୋର ସେବକ ଇଶ୍ରାୟେଲ, ଆମ୍ଭେ ତୁମ୍ଭ
ମୁଖରେ ଆମ୍ଭର ବାକ୍ୟ ରଖିଅଛୁ ଓ ଆମ୍ଭର ହସ୍ତର ଛାୟାରେ
ତୁମ୍ଭକୁ ଆଚ୍ଛାଦନ କରଅଛୁ। ତୁମ୍ଭେ ସିୟୋନକୁ ଏହା
କହବ ଯେ ଆମ୍ଭେ ସ୍ୱର୍ଗମଣ୍ଡଳ ରୋପଣ କରଅଛୁ ଓ
ପୃଥିବୀର ଭିତ୍ତିମୂଳ ସ୍ଥାପନ କରଅଛୁ, 'ତୁମ୍ଭେମାନେ ମୋର
ସନ୍ତାନ।'"

## ପରମେଶ୍ୱର ଇଶ୍ରାୟେଲକୁ ଦଣ୍ଡ ଦେଲେ

17ହେ ଯିରୁଶାଲମ, ଉଠ, ଜାଗ, ଛିଡ଼ାହୁଅ, କାରଣ
ସଦାପ୍ରଭୁ ତୁମ୍ଭ ଉପରେ କୋପ କରଛନ୍ତ। ତେଣୁ ସେ ତୁମ୍ଭକୁ
ଦଣ୍ଡ ଦେଇଛନ୍ତ। ସେ ଦଣ୍ଡ ଏକ ମଦପାତ୍ର ସଦୃଶ ଓ ତୁମ୍ଭେ
ତାହା ପାନ କରଛ। ତୁମ୍ଭେ ସଦାପ୍ରଭୁଙ୍କ ହସ୍ତରୁ କୋପରୂପ
ପାନପାତ୍ର ନେଇ ତାହାକୁ ଶେଷ କରଅଛ।
18ଯିରୁଶାଲମ ଅନେକ ସନ୍ତାନ ଜନ୍ମ ଦେଇଛ, ମାତ୍ର
ସେମାନଙ୍କ ମଧ୍ୟରେ ତାକୁ ବାଟ କଢ଼ାଇ ନେବାକୁ କେହ
ନାହାଁନ୍ତ। ପୁଣି ସେ ଯେଉଁ ସନ୍ତାନଗଣଙ୍କୁ ପାଳନ କରଅଛ,
ସେମାନଙ୍କ ମଧ୍ୟରେ କେହ ତାହା ହାତଧର ନେବା ପାଇଁ
ନାହାଁନ୍ତ। 19ଦୁଇଟି ବିଷୟ ତୁମ୍ଭ ପ୍ରତି ଘଟିଅଛ, ଶୂନ୍ୟତା ଓ
ବନାଶ ଏବଂ ଦୁର୍ଭିକ୍ଷ ଓ ଖଡ୍ଗ।
ତେଣୁ କିଏ ତୁମ୍ଭ ପାଇଁ ବଳାପ କରବ? କିଏ ତୁମ୍ଭକୁ
ସାନ୍ତ୍ୱନା ଦେବ? 20ତୁମ୍ଭର ସନ୍ତାନଗଣ ମୂର୍ଚ୍ଛିତ ହୋଇଅଛନ୍ତ।
ସେମାନେ ପ୍ରତ୍ୟେକ ସଡ଼କ ମୁଣ୍ଡରେ ପଡ଼ଛନ୍ତ ଯେପର
ହରଣ ଜାଲ ପାଶରେ ଆବଦ୍ଧ ହୁଏ। ସେମାନେ
ସଦାପ୍ରଭୁଙ୍କ କୋପରେ ଓ ତୁମ୍ଭ ପରମେଶ୍ୱରଙ୍କ ଧମକରେ
ପରପୂର୍ଣ୍ଣ।
21ଏଣୁକର ଦୟାକର ଏହା ଶୁଣ, ହେ ଯିରୁଶାଲମ,
ତୁମ୍ଭେ ଦ୍ରାକ୍ଷାରସର କୁହୁକରେ ମତ୍ତ ନୁହଁ, କନ୍ତୁ ତୁମ୍ଭେ
ମତ୍ତୁଆଳ ଅଟ।
22ତୁମ୍ଭ ପ୍ରଭୁ ସଦାପ୍ରଭୁ ଯେ କ ନଜ ଲୋକମାନଙ୍କର
ସପକ୍ଷରେ ସେହ ପରମେଶ୍ୱର ଏହ କଥା କୁହନ୍ତ, "ଦେଖ,
ଆମ୍ଭେ "କୋପରୂପକ ପାନପାତ୍ର" ତୁମ୍ଭ ହସ୍ତରୁ କାଢ଼ ନେଇ
ଅଛୁ। ତୁମ୍ଭେ ଆଉ ପାନ କରବ ନାହିଁ ଅର୍ଥାତ୍ ଆମ୍ଭେ ଆଉ
ତୁମ୍ଭକୁ ଦଣ୍ଡ ଦେବୁ ନାହିଁ। 23ଯେଉଁମାନେ ତୁମ୍ଭକୁ କ୍ଳେଶ
ଦେଇଛନ୍ତ, ସେହମାନଙ୍କ ବପକ୍ଷରେ ଆମ୍ଭେ ଯିବା। ସେମାନେ
ତୁମ୍ଭକୁ କହଛନ୍ତ, 'ତୁମ୍ଭେ ନଇଁପଡ଼, ଆମ୍ଭେ ତୁମ୍ଭ ଉପରେ
ଗମନ କରବୁ।' ପୁଣି ତୁମ୍ଭେମାନେ ଭୂମି ଓ ସଡ଼କପର ପିଠି
ପାତି ଦେଇଛ ଏବଂ ସେମାନେ ତୁମ୍ଭମାନଙ୍କ ଉପରେ ଗମନାଗମନ
କରଛନ୍ତ।"

## ଇଶ୍ରାୟେଲ ସୁରକ୍ଷିତ ହେବ

52 ହେ ସିୟୋନ, ଉଠ, ଜାଗ, ଆପଣା ବଳ ପରଧାନ
କର। ହେ ପବିତ୍ର ନଗରୀ, ଯିରୁଶାଲମ! ତୁମ୍ଭେ
ତୁମ୍ଭର ସୁନ୍ଦର ବସ୍ତ୍ରସବୁ ପରଧାନ କର। କାରଣ ଏହ ସମୟ
ମଧ୍ୟରେ ତୁମ୍ଭ ମଧ୍ୟକୁ ଅନୁନ୍ନତ ଓ ଅଶୁଚ ଲୋକ ଆସିବେ
ନାହିଁ।

2ତୁମ୍ଭେ ନିଜ ଦେହର ଧୂଳି ଝାଡ଼ି ଦିଅ, ହେ ସିୟୋନର
ବନ୍ଦୀନୀ କନ୍ୟା ଯିରୁଶାଲମ! ଉଠ, ତୁମ୍ଭ ଗଳାର ସେ
ବନ୍ଧନକୁ ଢିଲା କର।
3ସଦାପ୍ରଭୁ ଏହି କଥା କୁହନ୍ତି, "ତୁମ୍ଭେମାନେ ବିନା
ମୂଲ୍ୟରେ ବିକ୍ରିତ ହୋଇଥିଲ, ଆଉ ବିନା ମୂଲ୍ୟରେ ମୁକ୍ତ
ହେବ।"
4ସଦାପ୍ରଭୁ ମୋର ପ୍ରଭୁ କୁହନ୍ତି, "ଆମ୍ଭର ଲୋକମାନେ
ପ୍ରବାସ କରିବାକୁ ମିଶର ଯାଇଥିଲେ। ମାତ୍ର ଅଶୂରୀୟମାନେ
ବିନା କାରଣରେ ସେମାନଙ୍କ ଉପରେ ଅତ୍ୟାଚାର କଲେ।
5ସଦାପ୍ରଭୁ କୁହନ୍ତି, ବର୍ତ୍ତମାନ ଦେଖ, କ'ଣ ସବୁ ଘଟୁଅଛି।
ବିନା କାରଣରେ ମୋର ଲୋକମାନଙ୍କୁ ନିଆ
ଯାଉଅଛି। ସେମାନଙ୍କ ଉପରେ ସେହି ଶାସକଗଣ ଗର୍ଜନ
କରୁଛନ୍ତି ଓ ଆମ୍ଭର ନାମକୁ ଦିନସାରା ନିରନ୍ତର ନିନ୍ଦା
କରୁଛନ୍ତି।"
6ତେଣୁ ସଦାପ୍ରଭୁ କୁହନ୍ତି, "ଏହି କାରଣରୁ ଆମ୍ଭର
ଲୋକମାନେ ଆମ୍ଭର ନାମ ଜାଣିବେ। ଏଥିପାଇଁ ଯେ କଥା
କୁହନ୍ତି, ସେହି ଯେ ଆମ୍ଭେ ଅଟୁ, ଏହା ସେମାନେ ସେହିଦିନ
ଜାଣିବେ। ହଁ ଦେଖ, ଆମ୍ଭେ ସେହି।"
7ଯେଉଁ ବ୍ୟକ୍ତି ସୁସମାଚାର ଆଣୁଛନ୍ତି, ଯିଏ ଶାନ୍ତି ପ୍ରଚାର
କରୁଅଛି, ଯିଏ ମଙ୍ଗଳ ସୁସମାଚାର ଆଣୁଛନ୍ତି, ଯିଏ ପରିତ୍ରାଣ
ପ୍ରଚାର କରୁଅଛି ଓ ଯିଏ ସିୟୋନକୁ "ତୁମ୍ଭ ପରମେଶ୍ୱର
ରାଜ୍ୟ କରନ୍ତି ବୋଲି କହୁଅଛି, ସେହି ଶାନ୍ତିଦୂତର ଚରଣ
ପର୍ବତଗଣ ଉପରେ ସ୍ୱାଗତ ଯୋଗ୍ୟ।"
8ଶୁଣ, ତୁମ୍ଭ ପ୍ରହରୀଗଣ ଉଚ୍ଚସ୍ୱରରେ ଚିତ୍କାର କରୁଛନ୍ତି।
ସେମାନେ ଏକତ୍ର ଆନନ୍ଦଧ୍ୱନି କରୁଛନ୍ତି। କାରଣ ସେମାନେ
ପ୍ରତ୍ୟେକ ସ୍ୱଚକ୍ଷୁରେ ସଦାପ୍ରଭୁଙ୍କ ସିୟୋନକୁ ପ୍ରତ୍ୟାବର୍ତ୍ତନ
ଦେଖୁଛନ୍ତି।
9ହେ ଯିରୁଶାଲମର ଧ୍ୱଂସାବଶେଷ ସ୍ଥାନସକଳ, ଉଚ୍ଚସ୍ୱରରେ
ଆନନ୍ଦଧ୍ୱନି କର। ଏକତ୍ର ଗାନ କର, କାରଣ ସଦାପ୍ରଭୁ
ନିଜର ଲୋକମାନଙ୍କୁ ସାନ୍ତ୍ୱନା କରିଅଛନ୍ତି ଓ ସେ ଯିରୁଶାଲମକୁ
ମୁକ୍ତ କରିଅଛନ୍ତି।
10ସଦାପ୍ରଭୁ ସର୍ବଦେଶୀୟଙ୍କ ସମ୍ମୁଖରେ ତାଙ୍କର ପବିତ୍ର
ବାହୁ ଅନାବୃତ କରିଛନ୍ତି ଓ ପୃଥିବୀର ପ୍ରତ୍ୟେକ ତାଙ୍କର
ପରିତ୍ରାଣ ଦେଖିବେ।
11ତୁମ୍ଭେମାନେ ପ୍ରସ୍ଥାନ କର, ପ୍ରସ୍ଥାନ କର। ବାବିଲରୁ
ବାହାରି ଯାଅ, ଅଶୁଚି ବସ୍ତୁ ଛୁଅଁ ନାହିଁ। ତୁମ୍ଭେମାନେ
ତା'ମଧ୍ୟରୁ ଚାଲିଯାଅ। ହେ ସଦାପ୍ରଭୁଙ୍କ ଯାଜକଗଣ, ତୁମ୍ଭେମାନେ
ଶୁଚି ହୁଅ।
12ତୁମ୍ଭେମାନେ ତରତର ହୋଇ ଯାଅ ନାହିଁ କିମ୍ବା
ତୁମ୍ଭେମାନେ ପଳାତକପରି ପଳାୟନ କରିବ ନାହିଁ। ସଦାପ୍ରଭୁ
ତୁମ୍ଭମାନଙ୍କର ଆଗେ ଆଗେ ଗମନ କରିବେ, ଇଶ୍ରାୟେଲର
ପରମେଶ୍ୱର ତୁମ୍ଭମାନଙ୍କର ଅନୁସରଣ କରିବେ।

## ପରମେଶ୍ୱରଙ୍କ ଦୁଃସ୍ଥ ସେବକ

13"ଆମ୍ଭର ଦାସକୁ ଦେଖ, ସେ ସୁବିବେଚନା ପୂର୍ବକ
ବ୍ୟବହାର କରିବେ। ସେ ଉନ୍ନତ, ଉଚ୍ଚପଦ ପ୍ରାପ୍ତ ଓ
ମହିମାନ୍ୱିତ ହେବେ।
14"ଅନେକ ଆମ୍ଭର ସେବକକୁ ଦେଖି ବିବ୍ରତ ହେବେ।
କାରଣ ତାଙ୍କର ଆକୃତି ମନୁଷ୍ୟ ଆକୃତିଠାରୁ ଏପରି ବିକୃତ
ହେବ ଯେ ତାଙ୍କୁ ଅନେକ ମନୁଷ୍ୟ ବୋଲି ଚିହ୍ନିବେ ନାହିଁ।
15ତେଣୁ ସେ ଅନେକ ଦେଶୀୟମାନଙ୍କୁ ଚମକାଇ ଦେବେ।
ରାଜାମାନେ ତାଙ୍କ ସମ୍ମୁଖରେ ନିଜ ନିଜ ମୁଖ ବନ୍ଦ ରଖିବେ।
କାରଣ ଯାହା ସେମାନଙ୍କୁ କୁହାଯାଇ ନ ଥିଲା, ତାହା
ସେମାନେ ଦେଖିବେ ଓ ଯାହା ସେମାନେ ଶୁଣି ନ ଥିଲେ
ତାହା ସେମାନେ ବୁଝିବେ।"

53 ଆମ୍ଭମାନଙ୍କ ସମ୍ବାଦ କିଏ ବିଶ୍ୱାସ କରିଅଛି? ଓ
ସଦାପ୍ରଭୁଙ୍କର ବାହୁ କାହା ନିକଟରେ ପ୍ରକାଶିତ
ହୋଇଅଛି?
2କାରଣ ସେ ତାହାଙ୍କ ଦୃଷ୍ଟିରେ ଚାରା ତୁଲ୍ୟ ଓ ଶୁଷ୍କ
ଭୂମିରେ ଉତ୍ପନ୍ନ ମୂଳତୁଲ୍ୟ ବଢିଲେ। ତାଙ୍କର ଐଶ୍ୱର୍ଯ୍ୟ କି
ରୂପ, ଯାହାକୁ ଆମ୍ଭେ ଦେଖି ପାରିବା, ତାଙ୍କର ସୌନ୍ଦର୍ଯ୍ୟ
ନାହିଁ, ଯାହା ଆମ୍ଭକୁ ଆକର୍ଷିଣ କରିବ। 3ଲୋକମାନେ ତାଙ୍କୁ
ଘୃଣା କଲେ ଓ ବନ୍ଧୁମାନେ ତାଙ୍କୁ ପରିତ୍ୟାଗ କଲେ। ସେ
ଦୁଃଖ ଓ ଶୋକ ସହିତ ପରିଚିତ ହେଲେ। ସେ ଲୋକମାନଙ୍କଠାରୁ
ନିଜ ମୁଖ ଲୁଚାଇ ରଖିଲେ। ସେ ଘୃଣିତ ହେଲେ ଏବଂ
ଆମ୍ଭେମାନେ ତାଙ୍କୁ ସମ୍ମାନ ଦେଲୁ ନାହିଁ।
4ମାତ୍ର ସେ ଆମ୍ଭର ଦୁଃଖ ଯାତନା ସବୁ ଧାରଣ କରିଛନ୍ତି
ଓ ଆମ୍ଭମାନଙ୍କର ବ୍ୟଥାଗୁଡ଼ିକୁ ବହନ କରିଛନ୍ତି। ତଥାପି
ଆମ୍ଭେମାନେ ତାଙ୍କୁ ପରମେଶ୍ୱରଙ୍କ ଦ୍ୱାରା ନିର୍ଯ୍ୟାତିତ ଓ
ଦୁଃଖଗ୍ରସ୍ତ ବୋଲି ଭାବିଲୁ। 5ମାତ୍ର ସେ ଆମ୍ଭମାନଙ୍କ ପାପ
ଏବଂ ଅପରାଧ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କର
ଭୁଲ୍ କାର୍ଯ୍ୟ ପାଇଁ ସେ ଚୂର୍ଣ୍ଣ ହେଲେ। ସେ ଆମ୍ଭମାନଙ୍କର
ଶାନ୍ତିଜନକ ଶାସ୍ତିକୁ ଆପଣାର କରିଦେଲେ। ତାଙ୍କର କ୍ଷତରେ
ଆମ୍ଭେମାନେ ଆରୋଗ୍ୟ ଲାଭ କଲୁ। 6ମାତ୍ର ଆମ୍ଭେମାନେ
ସମସ୍ତେ ମେଷପଲ ସଦୃଶ ବିପଥରେ ବୁଲିଲୁ। ଆମ୍ଭେମାନେ
ପ୍ରତ୍ୟେକ ନିଜ ନିଜ ପଥରେ ଯାଇଅଛୁ। ଆଉ ସଦାପ୍ରଭୁ
ଆମ୍ଭ ସମସ୍ତଙ୍କର ପାପର ବୋଝ ମୁଣ୍ଡରେ ନେଇ ଯାଇଛନ୍ତି।
7ସେ ଆହତ ହେଲେ ଓ ପ୍ରହାରିତ ହେଲେ, ତଥାପି
ସେ ନମ୍ର ହୋଇ ନୀରବ ରହିଲେ। ବଧଭୂମିକୁ ନିଆ
ଯାଉଥିବା ମେଷ ଶାବକ ତୁଲ୍ୟ ଓ ଲୋମ ଛେଦନକାରୀଙ୍କ
ସମ୍ମୁଖରେ ନିରୀହ ମେଷ ତୁଲ୍ୟ ସେ ନିଜର ମୁଖ ଫିଟାଇଲେ
ନାହିଁ। 8ଲୋକମାନେ ବଳପୂର୍ବକ ତାଙ୍କୁ ବିଚାର ପାଇଁ ଧରିନେଲେ
ଓ ଉପଯୁକ୍ତ ବିଚାର ତାଙ୍କ ପାଇଁ କରାଗଲା ନାହିଁ। ପୁଣି ସେ
ଜୀବିତ ଲୋକମାନଙ୍କ ଦେଶରୁ ଦଣ୍ଡିତ ହେଲେ ଓ ସେ
ସମୟରେ କିଏ ତାଙ୍କ ପ୍ରତି ସୁବିବେଚନା କଲା? ଆମ୍ଭ
ଲୋକମାନଙ୍କର ପାପ ପାଇଁ ସେ ପ୍ରହାରିତ ହେଲେ।
9ସେ ମୃତ୍ୟୁବରଣ କଲେ ଓ ଧନୀମାନଙ୍କ ସହ କବର
ନେଲେ। ପୁଣି ଦୁଷ୍ଟଗଣଙ୍କ ସହ ତାଙ୍କର କବର ନିରୂପଣ
କରାଗଲା। ଯଦିଓ ତାଙ୍କର କିଛି ଛଳ ନ ଥିଲା ଓ ସେ
ମିଥ୍ୟା କହି ନ ଥିଲେ, ତଥାପି ତାଙ୍କ ପ୍ରତି ଏହିପରି
ଦୌରାତ୍ମ୍ୟ କରାଗଲା।
10ତଥାପି ତାକୁ ଚୂର୍ଣ୍ଣ କରିବାକୁ ସଦାପ୍ରଭୁ ସ୍ଥିର କଲେ।
ସେ ତାହାକୁ ଦୁଃଖଗ୍ରସ୍ତ କଲେ। ତେଣୁ ତୁମ୍ଭେ ତାଙ୍କ ପ୍ରାଣକୁ
ପାପାର୍ଥକ ବଳି କଲେ ସେ ଆପଣ ବଂଶ ଦେଖିବେ, ସେ

ଦୀର୍ଘାୟୁ ହେବେ ଓ ତାହାଙ୍କ ହସ୍ତରେ ସଦାପ୍ରଭୁଙ୍କ ଇଷ୍ଟ ସିଦ୍ଧ
ହେବ।
11ଭୟଙ୍କର ଯାତନା ପରେ ମଧ୍ୟ ସେ ତୃପ୍ତ ହେବେ।
ସେ ନିଜର ଜ୍ଞାନ ବଳରେ ପରିତୃପ୍ତ ହେବେ। ନିଜର ଧାର୍ମିକ
ଦାସ ଅନେକଙ୍କୁ ଧାର୍ମିକ କରିବେ ଓ ସେ ସେମାନଙ୍କର
ଅପରାଧ ବହନ କରିବେ। 12ଏହି କାରଣରୁ ଆମ୍ଭେ ମହତମାନଙ୍କ
ମଧ୍ୟରେ ତାଙ୍କୁ ଭାଗ ଦିଗ କରାଇବା ଓ ସେ ପରାକ୍ରମୀମାନଙ୍କ
ସଙ୍ଗେ ଲୁଟ ଭାଗ କରି ନେବେ। କାରଣ ସେ ମୃତ୍ୟୁ
ମୁଖରେ ତାଙ୍କର ଜୀବନ ଦେଇଦେଲେ ଓ ଅଧାର୍ମିକମାନଙ୍କ
ସହିତ ପରିଗଣିତ ହେଲେ।
ତଥାପି ସେ ଅନେକଙ୍କ ପାପଭାର ବହନ କଲେ ଓ
ଅଧାର୍ମିକମାନଙ୍କ ନିମନ୍ତେ ପ୍ରାର୍ଥନା କଲେ।

### ପରମେଶ୍ୱର ଆପଣା ଲୋକଙ୍କୁ ଗୃହକୁ ଆଣନ୍ତି

54 ହେ ବନ୍ଧ୍ୟା, ଅପ୍ରସୂତି ନାରୀ! ତୁମ୍ଭେ ଗାନ କର।
ହେ ଗର୍ଭବେଦନାରହିତ ନାରୀ! ତୁମ୍ଭେ ଉଚ୍ଚସ୍ୱରରେ
ଗାନକରି ଆନନ୍ଦଧ୍ୱନି କର। କାରଣ ସଦାପ୍ରଭୁ କୁହନ୍ତି,
"ବିବାହିତା ଭାର୍ଯ୍ୟାର ସନ୍ତାନ ଅପେକ୍ଷା ଅନାଥର ସନ୍ତାନ
ଅଧିକ।"
2ତୁମ୍ଭେ ନିଜ ତମ୍ବୁର ବିସ୍ତୃତି ବଢାଅ ଓ ସେମାନେ
ତୁମ୍ଭର ବାସ ସ୍ଥାନର ଯବନିକା ସବୁ ବିସ୍ତାର କରନ୍ତୁ। ବ୍ୟୟର
ଆଶଙ୍କା କର ନାହିଁ। ତୁମ୍ଭର ଦଉଡ଼ି ସବୁ ଲମ୍ବାଇ ଦିଅ ଓ
କିଲାଗୁଡ଼ିକୁ ସୁଦୃଢ଼ କର।
3କାରଣ ତୁମ୍ଭେ ଦକ୍ଷିଣ ଓ ବାମରେ ବ୍ୟାପି ଯିବ ଓ
ତୁମ୍ଭର ବଂଶ ଅନ୍ୟଦେଶୀୟମାନଙ୍କୁ ଅଧିକାର କରିବେ ଏବଂ
ଜନଶୂନ୍ୟ ନଗରଗୁଡ଼ିକୁ ନିଜର ବସତି ସ୍ଥାନ କରାଇବେ।
4ଭୟ କର ନାହିଁ, କାରଣ ତୁମ୍ଭେ ଲଜ୍ଜିତ ହେବ ନାହିଁ;
କିମ୍ବା ବିଷଣ୍ଣମନା ହୁଅ ନାହିଁ; କାରଣ ତୁମ୍ଭକୁ ଲଜ୍ଜିତ
କରାଯିବ ନାହିଁ। ତୁମ୍ଭେ ଯୌବନକାଳର ଲଜ୍ଜା ଭୁଲିଯିବ ଓ
ବିଧବାବସ୍ଥାର ଦୁର୍ନାମ ଆଉ ମନେ କରିବ ନାହିଁ।
5କାରଣ ତୁମ୍ଭର ସୃଷ୍ଟିକର୍ତ୍ତା ତୁମ୍ଭର ସ୍ୱାମୀ ଅଟନ୍ତି ଓ
ସର୍ବଶକ୍ତିମାନ ସଦାପ୍ରଭୁ ତାଙ୍କର ନାମ। ପୁଣି ସେ ଇସ୍ରାୟେଲର
ପବିତ୍ର ସ୍ୱରୂପ ତୁମ୍ଭର ମୁକ୍ତିଦାତା; ସେ ସମଗ୍ର ପୃଥିବୀର
ପରମେଶ୍ୱର ବୋଲି ବିଖ୍ୟାତ ହେବେ।
6କାରଣ ତୁମ୍ଭ ପରମେଶ୍ୱର କୁହନ୍ତି, ତ୍ୟକ୍ତା ଓ ମନୋଦୁଃଖିନୀ
ଭାର୍ଯ୍ୟା କିମ୍ବା ଯୌବନକାଳୀନ ପରିତ୍ୟକ୍ତା ଭାର୍ଯ୍ୟାପରି ସଦାପ୍ରଭୁ
ତୁମ୍ଭକୁ ଆହ୍ୱାନ କରିଅଛନ୍ତି।
7"ଆମ୍ଭେ ଅଳ୍ପକ୍ଷଣ ପାଇଁ ତୁମ୍ଭକୁ ପରିତ୍ୟାଗ କରିଅଛୁ,
ମାତ୍ର ମହାକରୁଣାରେ ତୁମ୍ଭକୁ ପୁନର୍ବାର ସଂଗ୍ରହ କରିବା।
8ଅତି କ୍ରୋଧରେ ନିମିଷକ ନିମିତ୍ତ ଆମ୍ଭର ମୁଖ ତୁମ୍ଭଠାରୁ
ଲୁଚାଇଲୁ; ମାତ୍ର ଅନନ୍ତକାଳସ୍ଥାୟୀ ଦୟାରେ ଆମ୍ଭେ ତୁମ୍ଭ ପ୍ରତି
କରୁଣା କରିବା। ତୁମ୍ଭର ମୁକ୍ତିଦାତା ସଦାପ୍ରଭୁ ଏହା କୁହନ୍ତି।"

### ପରମେଶ୍ୱର ସର୍ବଦା ତାଙ୍କର ଲୋକଙ୍କୁ ପ୍ରେମ କରନ୍ତି

9"କାରଣ ଏହା ଆମ୍ଭ ପ୍ରତି ନୋହ ସମୟର ଜଳ ସଦୃଶ
ଅଟେ; ନୋହ ସମୟର ଜଳ ଆଉ ଯେପରି ପୃଥିବୀକୁ
ପ୍ଲାବିତ କରିବ ନାହିଁ ବୋଲି ଆମ୍ଭେ ଶପଥ କରିଅଛୁ,
ସେହିପରି ଆମ୍ଭେ ତୁମ୍ଭ ପ୍ରତି କ୍ରୋଧ କିମ୍ବା ଭର୍ତ୍ସନା କରିବା
ନାହିଁ ବୋଲି ଶପଥ କରିଅଛୁ।"
10ସଦାପ୍ରଭୁ ଯେ କି ତୁମ୍ଭପ୍ରତି କରୁଣା କରିଅଛନ୍ତି
କୁହନ୍ତି; "ଯଦିଓ ପର୍ବତଗୁଡ଼ିକ ବିଚଳିତ ହୋଇ ଘୁଞ୍ଚିଯିବେ;
ଉପପର୍ବତଗୁଡ଼ିକ ଟଳି ପଡ଼ିବେ, ତଥାପି ଆମ୍ଭର ଦୟା
ତୁମ୍ଭଠାରୁ ଦୂରେଇ ଯିବ ନାହିଁ କିମ୍ବା ଆମ୍ଭର ଶାନ୍ତିର ବ୍ୟବସ୍ଥା
ଟଳିବ ନାହିଁ।"
11"ହେ ଦୁଃଖିନୀ, ତୋଫାନ ବିଧ୍ୱସ୍ତ ଓ ସାନ୍ତ୍ୱନା ବିରହିତ
ନଗରୀ! ଦେଖ, ଆମ୍ଭେ ନାନା ସୁନ୍ଦର ବର୍ଣ୍ଣରେ ତୁମ୍ଭର ପ୍ରସ୍ତର
ବସାଇବା ଓ ନୀଳମଣିଦ୍ୱାରା ତୁମ୍ଭର ଭିତ୍ତିମୂଳ ସ୍ଥାପନ କରିବା।
12ଆମ୍ଭେ ପଦ୍ମରାଗ ମଣିରେ ତୁମ୍ଭ ସ୍ତମ୍ଭର ଚୂଡ଼ା, ସୂର୍ଯ୍ୟକାନ୍ତ
ମଣିରେ ତୁମ୍ଭ ନଗରର ଦ୍ୱାର ସକଳ ଓ ମନୋରମ
ପ୍ରସ୍ତରରେ ତୁମ୍ଭ ସମଗ୍ର ସୀମା ପ୍ରାଚୀର ନିର୍ମାଣ କରିବା।
13ତୁମ୍ଭର ସନ୍ତାନମାନେ ସମସ୍ତେ ପରମେଶ୍ୱରଙ୍କଦ୍ୱାରା ଶିକ୍ଷିତ
ହେବେ ଓ ସେମାନଙ୍କର ପରମ ଶାନ୍ତି ହେବ।
14ତୁମ୍ଭେ ଧାର୍ମିକତାରେ ସ୍ଥିରୀକୃତ ହେବ; ତୁମ୍ଭେ ଅତ୍ୟାଚାରରୁ
ଦୂରେଇ ରହିବ; କାରଣ ତୁମ୍ଭେ ଭୟଭୀତ ହେବ ନାହିଁ, ପୁଣି
ଭୟଠାରୁ ଦୂରେଇ ରହିବ, କାରଣ ତାହା ତୁମ୍ଭ ନିକଟକୁ
ଆସିବ ନାହିଁ।
15ଏଠାକୁ ଦେଖ, ଲୋକମାନେ ତୁମ୍ଭ ବିରୁଦ୍ଧରେ ଏକମତ
ହୋଇପାରନ୍ତି, କିନ୍ତୁ ସେମାନେ ମୋ ପ୍ରତି ଯେ କେହି ତୁମ୍ଭ
ବିରୁଦ୍ଧରେ ଯାଏ, ସେ ସେମାନଙ୍କ ପତିତକୁ ବହନ କରିବେ।
16"ଦେଖ, ଯେଉଁ କମାର କୋଇଲାରେ ଅଗ୍ନିଦେଇ ତାଉ
କରେ ଓ ଆପଣା କାର୍ଯ୍ୟପାଇଁ ଅସ୍ତ୍ର ନିର୍ମାଣ କରେ, ଆମ୍ଭେ
ତାହାର ସ୍ରଷ୍ଟା। 'ବିନାଶପାଇଁ' ବିନାଶକକୁ ହିଁ ଆମ୍ଭେ ସୃଷ୍ଟି
କରିଅଛୁ।
17"ତୁମ୍ଭ ବିପକ୍ଷରେ ନିର୍ମିତ କୌଣସି ଅସ୍ତ୍ର ସାର୍ଥକ ହେବ
ନାହିଁ। ତୁମ୍ଭ ପ୍ରତିକୂଳରେ କହୁଥିବା ବ୍ୟକ୍ତି ଦୋଷୀ ବୋଲି
ବିଚାରିତ ହେବ।"
ସଦାପ୍ରଭୁ କୁହନ୍ତି, "ଆମ୍ଭର ଦାସମାନଙ୍କର ଅଧିକାର ଓ
ଆମ୍ଭ ଦତ୍ତ ଧାର୍ମିକତା ଏହା ଅଟେ।"

### ପରମେଶ୍ୱରଙ୍କ ଦତ୍ତ ଖାଦ୍ୟ ପ୍ରକୃତ ସନ୍ତୋଷ ଦିଏ

55 "ହେ ତୃଷାର୍ତ୍ତଗଣ, ତୁମ୍ଭେମାନେ ଜଳ ନିକଟକୁ
ଆସ, ପୁଣି ଅର୍ଥଶୂନ୍ୟ ବ୍ୟକ୍ତି ମଧ୍ୟ ଆସୁ। ତୁମ୍ଭେମାନେ
ଆସ, କିଣ ଓ ଭୋଜନ କର। ହଁ, ଆସ, ଅର୍ଥ ଓ ବିନା
ମୂଲ୍ୟରେ ଦ୍ରାକ୍ଷାରସ ଓ ଦୁଗ୍ଧ କିଣ।
2ଅଖାଦ୍ୟ ପାଇଁ ତୁମ୍ଭେମାନେ କାହିଁକି ରୂପା ବ୍ୟୟ
କରୁଅଛ। ପୁଣି ଯାହା ତୃପ୍ତିକର ନୁହେଁ ସେଥିପାଇଁ କାହିଁକି
ପରିଶ୍ରମ କରୁଅଛ। ତେଣୁ ମନୋଯୋଗ ସହକାରେ
ଆମ୍ଭକଥା ଶୁଣ ଓ ଉତ୍ତମ ଦ୍ରବ୍ୟ ଭୋଜନ କର। ପୁଣି
ପୁଷ୍ଟିକର ଦ୍ରବ୍ୟରେ ତୁମ୍ଭମାନଙ୍କର ଆତ୍ମାକୁ ସନ୍ତୁଷ୍ଟ ହେବାକୁ
ଦିଅ।
3କର୍ଣ୍ଣଡେରି ଶୁଣ ଓ ଆମ୍ଭ ନିକଟକୁ ଆସ। ତହିଁରେ
ତୁମ୍ଭମାନଙ୍କର ଆତ୍ମା ବଞ୍ଚିବ। ଆମ୍ଭେ ତୁମ୍ଭମାନଙ୍କ ପାଇଁ ଏକ
ଚିରକାଳ ଚୁକ୍ତି ଅର୍ଥାତ୍ ଦାଉଦଙ୍କ ପ୍ରତି ନିଶ୍ଚିତ ଦୟା ସ୍ଥିର
କରିବା।

4ଦେଖ, ଆମ୍ଭେ ତାଙ୍କୁ ଗୋଷ୍ଠୀବର୍ଗର ସାକ୍ଷିରୂପେ,
ଗୋଷ୍ଠୀବର୍ଗରେ ଶାସକ ଓ ଆଜ୍ଞାଦାତା ରୂପେ ନିଯୁକ୍ତ
କରିଅଛୁ।”

5ଅଜ୍ଞାତ ଗୋଷ୍ଠୀକୁ ତୁମ୍ଭେ ଆହ୍ୱାନ କରିବ ଓ ତୁମ୍ଭକୁ ନ
ଜାଣିଥିବା ଗୋଷ୍ଠୀ ତୁମ୍ଭ ନିକଟକୁ ଦୌଡ଼ିବେ। ସଦାପ୍ରଭୁ ତୁମ୍ଭ
ପରମେଶ୍ୱର ଓ ଇସ୍ରାୟେଲର ଧର୍ମସ୍ୱରୂପଙ୍କ ପାଇଁ ଏହା
ଘଟିବ। କାରଣ ସେ ତୁମ୍ଭକୁ ଗୌରବାନ୍ୱିତ କରିଅଛନ୍ତି।

6ତେଣୁ ତୁମ୍ଭେମାନେ ସଦାପ୍ରଭୁଙ୍କର ଅନ୍ୱେଷଣ କର,
ଯେହେତୁ ତାଙ୍କର ଅର୍ଥାତ୍ ସଦାପ୍ରଭୁଙ୍କର ଉଦ୍ଦେଶ୍ୟ ମିଳିଅଛି।
ଯେ ପର୍ଯ୍ୟନ୍ତ ସେ ନିକଟରେ ଅଛନ୍ତି, ସେ ପର୍ଯ୍ୟନ୍ତ ତାଙ୍କୁ
ପ୍ରାର୍ଥନା କର।

7ଦୁଷ୍ଟାଚାରୀ ତା'ର ମନ୍ଦକାର୍ଯ୍ୟ ଓ ଅଧାର୍ମିକ ତା'ର ମନ୍ଦ
ଚିନ୍ତା ପରିତ୍ୟାଗ କରୁ। ସେ ସଦାପ୍ରଭୁଙ୍କ ନିକଟକୁ ଫେରିଆସୁ
ଏବଂ ସେ ତାକୁ ଦୟା କରିବେ। ସେ ତାକୁ କ୍ଷମା
କରିବେଦେ। ତାକୁ ପରମେଶ୍ୱରଙ୍କ ପାଖକୁ ଫେରିବାକୁ ଛାଡିଦିଅ।
ସେ ତାକୁ ବହୁଳ ଭାବରେ କ୍ଷମା କରିବେ।

## ପରମେଶ୍ୱରଙ୍କୁ ଲୋକେ ବୁଝିବେ ନାହିଁ

8ସଦାପ୍ରଭୁ କୁହନ୍ତି, “ଆମ୍ଭର ସଂକଳ୍ପ ସକଳ ତୁମ୍ଭମାନଙ୍କର
ସଂକଳ୍ପ ପରି ନୁହେଁ ଏବଂ ତୁମ୍ଭମାନଙ୍କର ମାର୍ଗସବୁ ଆମ୍ଭମାନଙ୍କ
ମାର୍ଗପରି ନୁହେଁ।”

9ସଦାପ୍ରଭୁ ସ୍ୱୟଂ ଏହିକଥା କହିଛନ୍ତି, ଯେପରି ପୃଥିବୀଠାରୁ
ସ୍ୱର୍ଗମଣ୍ଡଳ ଉଚ୍ଚତର ସେହିପରି ଆମ୍ଭର ଚିନ୍ତାଧାରା ତୁମ୍ଭମାନଙ୍କର
ଚିନ୍ତାଧାରାଠାରୁ ଉଚ୍ଚତର। ସେହିପରି ଆମ୍ଭର ମାର୍ଗସବୁ ତୁମ୍ଭମାନଙ୍କ
ମାର୍ଗଠାରୁ ଉଚ୍ଚତର।

10“ବୃଷ୍ଟି ଓ ହିମ ଯେପରି ଆକାଶରୁ ପୃଥିବୀକୁ ଆସେ,
ପୁନର୍ବାର ଫେରି ଯାଏ ନାହିଁ; ମାତ୍ର ଭୂମିକୁ ସିକ୍ତ କରେ ଓ
ତାକୁ ଫଳବତୀ ଓ ତୃଣ ଆଦି ଉତ୍ପନ୍ନ କରାଏ, କୃଷିକାରୀକୁ
ବୀଜ ବପନ କରିବାରେ ସାହାଯ୍ୟ କରେ ଓ ଭୋଜନକାରୀକୁ
ଶସ୍ୟ ଯୋଗାଏ।

11ସେହିପରି ଆମ୍ଭ ମୁଖ ନିଃସୃତ ବାକ୍ୟ ନିଷ୍ଫଳ ହୋଇ
ଆମ୍ଭ ନିକଟକୁ ଫେରି ଆସିବ ନାହିଁ; ମାତ୍ର ଆମ୍ଭ ଇଚ୍ଛାନୁସାରେ
ଆମ୍ଭର ବାକ୍ୟ ସିଦ୍ଧ ହେବ ଏବଂ ଯେଉଁ କାର୍ଯ୍ୟ ପାଇଁ ଆମ୍ଭେ
ପ୍ରେରଣ କରିଛୁ, ତାହା ସଫଳ ହେବ।

12ଏଣୁ ତୁମ୍ଭେମାନେ ଆନନ୍ଦର ସହିତ ବାହାରି ଶାନ୍ତିରେ
ଆଗେ ଆଗେ ଯିବ। ପର୍ବତ ଓ ଉପପର୍ବତଗୁଡ଼ିକ ତୁମ୍ଭ
ସମ୍ମୁଖରେ ଉଚ୍ଚସ୍ୱରରେ ଗାନ କରିବେ ଓ କ୍ଷେତ୍ରସ୍ଥ ବୃକ୍ଷଗୁଡିକ
କରତାଳି ଦେବେ।

13କଣ୍ଟକ ବୃକ୍ଷ ପରିବର୍ତ୍ତେ ଦେବଦାରୁ ବୃକ୍ଷ ଜନ୍ମିବ।
ପୁନଶ୍ଚ ତାହା ସଦାପ୍ରଭୁଙ୍କର ମହିମା ସ୍ୱରୂପ ହେବ ଓ କେବେ
ଧ୍ୱଂସ ହେବ ନାହିଁ।”

## ସମସ୍ତ ଗୋଷ୍ଠୀ ସଦାପ୍ରଭୁଙ୍କୁ ଅନୁସରଣ କରିବେ

56 ସଦାପ୍ରଭୁ ଏହିସବୁ କହିଛନ୍ତି, “ତୁମ୍ଭେମାନେ ନ୍ୟାୟ
ପଥ ଏବଂ ତୁମ୍ଭର କର୍ତ୍ତବ୍ୟକୁ ଧର୍ମାନୁସାରେ ଅନୁସରଣ
କର। କାରଣ ଆମ୍ଭର ପରିତ୍ରାଣର ଆଗମନ ଓ ଆମ୍ଭ ଧର୍ମର
ପ୍ରକାଶ ସଂକଟ ଜନକ।”

2ଯେଉଁ ବ୍ୟକ୍ତି ଏହା କରେ ଓ ଯେଉଁ ମାନବ ସନ୍ତାନ
ଏହା ନିଷ୍ଠାର ସହିତ ଅବଲମ୍ବନ କରେ; ପୁଣି ବିଶ୍ରାମବାର
ପାଳନ କରି ତାହା ଅଶୁଚି ନ କରେ ଓ ସବୁପ୍ରକାର
କୁକର୍ମରୁ ନିଜକୁ ନିବୃତ୍ତ ରଖେ, ସେ ଧନ୍ୟ। 3ସଦାପ୍ରଭୁଙ୍କଠାରେ
ଆସକ୍ତ ବିଦେଶୀ ନ କହୁ ଯେ ସଦାପ୍ରଭୁ ମୋତେ ଆପଣା
ଲୋକଠାରୁ ନିଶ୍ଚୟ ପୃଥକ୍ ରଖିବେ। ପୁଣି ଜଣେ ନପୁଂସକ
ନ କହୁଯେ, “ଦେଖ, ମୁଁ ଗୋଟିଏ ଶୁଷ୍କ ବୃକ୍ଷ, ମୁଁ ଫଳବତୀ
ହୋଇପାରିବି ନାହିଁ।”

4କାରଣ ନପୁଂସକମାନଙ୍କ ବିଷୟରେ ସଦାପ୍ରଭୁ ଏହିକଥା
କୁହନ୍ତି, “ଯେଉଁମାନେ ଆମ୍ଭର ବିଶ୍ରାମଦିନ ପାଳନ କରନ୍ତି ଓ
ଆମ୍ଭର ତୁଷ୍ଟିକର ବିଷୟ ମନୋନୀତ କରନ୍ତି, ପୁଣି ଆମ୍ଭର
ଚୁକ୍ତି ଅବଲମ୍ବନ କରନ୍ତି, 5ସେମାନଙ୍କୁ ଆମ୍ଭେ ଆମ୍ଭ ମନ୍ଦିର
ମଧ୍ୟରେ ଓ ଆମ୍ଭ ପ୍ରାଚୀର ଭିତରେ ପୁତ୍ର କନ୍ୟା ଅପେକ୍ଷା
ଉତ୍ତମ ସ୍ମରଣାର୍ଥକ ସ୍ତମ୍ଭ ଓ ନାମ ଦେବା।”

6କେତେକ ବିଦେଶୀୟ ସଦାପ୍ରଭୁଙ୍କର ପରିଚର୍ଯ୍ୟା କରିବା
ପାଇଁ ଓ ସଦାପ୍ରଭୁଙ୍କ ନାମକୁ ପ୍ରେମ କରିବା ପାଇଁ ଏବଂ
ତାଙ୍କର ଦାସ ହେବା ନିମନ୍ତେ ସଦାପ୍ରଭୁଙ୍କଠାରେ ଆସକ୍ତ
ହୁଅନ୍ତି। ସେମାନେ ବିଶ୍ରାମଦିନ ପାଳନ କରି ତାହା
ଅଶୁଚି କରନ୍ତି ନାହିଁ ଓ ସଦାପ୍ରଭୁଙ୍କର ଚୁକ୍ତି ଅବଲମ୍ବନ
କରନ୍ତି।

7“ସେ ସମସ୍ତଙ୍କୁ ଆମ୍ଭେ ଆମ୍ଭର ପବିତ୍ର ପର୍ବତକୁ ଆଣିବା
ଓ ଆମ୍ଭର ପବିତ୍ର ପ୍ରାର୍ଥନା ଗୃହରେ ସେମାନଙ୍କୁ ଆନନ୍ଦିତ
କରିବା। ସେମାନଙ୍କର ନୈବେଦ୍ୟ ଓ ଉତ୍ସର୍ଗ ବଳିଦାନକୁ
ଆମ୍ଭେ ଗ୍ରହଣ କରିବା; କାରଣ ଆମ୍ଭର ମନ୍ଦିର
ସର୍ବଗୋଷ୍ଠୀର ଲୋକମାନଙ୍କର ପ୍ରାର୍ଥନା ମନ୍ଦିର ଭାବରେ
ଖ୍ୟାତ ହେବ।” 8ସଦାପ୍ରଭୁ ମୋର ପ୍ରଭୁ ଏହିସବୁ
କହିଛନ୍ତି,

“ଆମ୍ଭେ ଇସ୍ରାୟେଲର ଦୂରୀକୃତ ଲୋକମାନଙ୍କୁ ସଂଗ୍ରହ
କରିବୁ ଓ ସେମାନଙ୍କ ବ୍ୟତୀତ ତାହା ନିକଟରେ ଥିବା ଅନ୍ୟ
ଲୋକମାନଙ୍କୁ ସଂଗ୍ରହ କରିବୁ।”

## ପରମେଶ୍ୱର ତାଙ୍କର ସେବା ନିମନ୍ତେ ସମସ୍ତଙ୍କୁ ଆହ୍ୱାନ କରନ୍ତି

9ହେ କ୍ଷେତ୍ରସ୍ଥ ସମସ୍ତ ପଶୁ ଓ ବନସ୍ଥ ପଶୁଗଣ।
ତୁମ୍ଭେମାନେ ଆସ ଓ ଭକ୍ଷଣ କର।

10ତାହାର ପ୍ରହରୀଗଣ ଅନ୍ଧ, ସେ ସମସ୍ତ ଜ୍ଞାନହୀନ,
ସେମାନେ ନିର୍ବାକ ଶ୍ୱାନ, ସେମାନେ ଭୁକିପାରନ୍ତି ନାହିଁ।
ସେମାନେ ସ୍ୱପ୍ନଦର୍ଶୀ, ନିଦ୍ରାଳୁ ଓ ଶୋଇ ରହିବାକୁ ଭଲ
ପାଆନ୍ତି।

11ସେମାନେ ପେଟୁ କୁକୁର ସଦୃଶ କେବେ ତୃପ୍ତ ହୁଅନ୍ତି
ନାହିଁ। ଆଉ ମଧ୍ୟ ସେମାନେ ବିଚାରଶୂନ୍ୟ ମେଷପାଳକ।
ସେମାନେ ଚାରିଆଡୁ ଆପଣା ଆପଣା ଲାଭ ଚେଷ୍ଟାରେ ଆପଣା
ଆପଣା ବାଟ ଆଡ଼େ ଫେରିଅଛନ୍ତି।

12ପ୍ରତ୍ୟେକ କୁହନ୍ତି, “ଆସ, ଆମ୍ଭେ ଦ୍ରାକ୍ଷାରସ ଆଣିବା
ଓ ସୁରାପାନରେ ମତ୍ତ ହେବା; ପୁନଶ୍ଚ ଆଜି ଯେପରି ହେବ
କାଲି ମଧ୍ୟ ସେହିପରି ହେବ ଏବଂ ତାହା ଅପରିମିତ
ମହାଦିନ ହେବ।”

### ଇଶ୍ରାୟେଲ ପରମେଶ୍ୱରଙ୍କ ଅନୁସରଣ କରେ ନାହିଁ

57 ଧାର୍ମିକ ଲୋକମାନେ ବିନଷ୍ଟ ହେଉଅଛନ୍ତି, ମାତ୍ର
ସେ ବିଷୟରେ କେହି ମନୋଯୋଗ କରୁ ନାହାଁନ୍ତି।
ପୁନଶ୍ଚ ଭକ୍ତମାନେ ନିଆ ଯାଉଛଅନ୍ତି ଓ ଧାର୍ମିକମାନେ ଆସନ୍ନ
ବିପଦରୁ ନିଆ ଯାଉଅଛନ୍ତି। ଏହା ମଧ୍ୟ କେହି ବିବେଚନା
କରୁ ନାହାଁନ୍ତି।
2ମାତ୍ର ସେମାନେ ଶାନ୍ତିରେ ପ୍ରବେଶ କରିବେ ଓ
ଯେଉଁମାନେ ଧର୍ମ ନିଷ୍ଠାରେ ଚାଲନ୍ତି, ସେମାନେ ନିଜର
ଶଯ୍ୟାରେ ଶାନ୍ତିରେ ବିଶ୍ରାମ କରିବେ।
3"ହେ ଯାଦୁକାରି ଓ ବ୍ୟଭିଚାରିଣୀ ଓ ବ୍ୟଭିଚାରିଣୀର
ସନ୍ତାନଗଣ ନିକଟକୁ ଆସ।
4ତୁମ୍ଭେମାନେ କାହାକୁ ଉପହାସ କରୁଅଛ? ତୁମ୍ଭେମାନେ
କାହା ଆଡ଼େ ମୁଖ ମେଲାଇ ଜିହ୍ୱା ବାହାର କରୁଅଛ?
ତୁମ୍ଭେମାନେ କ'ଣ ଅଧର୍ମାଚାରୀର ସନ୍ତାନ ଓ ଅନାଚାରର ବଂଶ
ନୁହଁ?
5ଆଲୋନବୃକ୍ଷ ତଳେ ତୁମ୍ଭର କ'ଣ ଶାରୀରିକ ସମ୍ବନ୍ଧ
କରିନାହିଁ? ପ୍ରତ୍ୟେକ ହରିତ୍‌ବୃକ୍ଷ ତଳେ ତୁମ୍ଭେ କ'ଣ ନିଜକୁ
ଉପଭୋଗ କରୁନାହିଁ? ତୁମ୍ଭେମାନେ ଉପତ୍ୟକାଗୁଡ଼ିକର
ଶୈଳଗୁଡ଼ିକର ପର୍ବତ ତଳେ ସନ୍ତାନଗଣକୁ କ'ଣ ବଳିଦାନ
କରୁ ନାହିଁ?
6ଉପତ୍ୟକାର ଚିକ୍କଣ ପଥରଗୁଡ଼ିକ ମଧ୍ୟରେ ତୁମ୍ଭର ଅଂଶ,
ସେଗୁଡ଼ିକରେ ତୁମ୍ଭର ଅଧିକାର; ପୁଣି ସେମାନଙ୍କ ଉଦ୍ଦେଶ୍ୟରେ
ତୁମ୍ଭେ ପେୟ ନୈବେଦ୍ୟ ଢାଳିଅଛ ଓ ନୈବେଦ୍ୟ ଉତ୍ସର୍ଗ
କରିଅଛ। ଏସବୁରେ ଆମ୍ଭେ କ'ଣ ଶାନ୍ତ ହେବା?
7ତୁମ୍ଭେ ଉଚ୍ଚ ଓ ଉନ୍ନତ ପର୍ବତ ଉପରେ ନିଜର ଶଯ୍ୟା
ପାତିଅଛ ଓ ସେସ୍ଥାନକୁ ମଧ୍ୟ ବଳିଦାନ କରିବାକୁ ଯାଇଅଛ।
8ପୁଣି କବାଟ ଓ ଚୌକାଠର ପଛରେ ତୁମ୍ଭେ ତୁମ୍ଭର
ସ୍ମୃତିସ୍ତମ୍ଭ ସ୍ଥାପନ କରିଅଛ; କାରଣ ତୁମ୍ଭେ ଆମ୍ଭକୁ ଛାଡ଼ି
ଅନ୍ୟପ୍ରତି ନିଜକୁ ଅନାବୃତ କରି ଉପରକୁ ଯାଇଅଛ। ତୁମ୍ଭେ
ନିଜର ଶଯ୍ୟା ବଢାଇ ସେମାନଙ୍କ ସହିତ ଚୁକ୍ତି କରିଅଛ।
ତୁମ୍ଭେ ଯେଉଁଠାରେ ସେମାନଙ୍କ ଶଯ୍ୟା ଦେଖିଲ ତାହା ଭଲ
ପାଇଅଛ। 9ତୁମ୍ଭେ ତୈଳ ନେଇ ରାଜା ନିକଟକୁ ଯାଇଅଛ ଓ
ନିଜର ସୁଗନ୍ଧି ଦ୍ରବ୍ୟ ବୃଦ୍ଧି କରିଅଛ। ତୁମ୍ଭେ ଦୂର ଦେଶକୁ
ନିଜର ଦୂତଗଣଙ୍କୁ ପଠାଇଅଛ ଓ ନିଜକୁ ପାତାଳ ପର୍ଯ୍ୟନ୍ତ
ମୃତ୍ୟୁର ସ୍ଥାନ ହତଗର୍ବ କରିଛ।

### ଇଶ୍ରାୟେଲ ପରମେଶ୍ୱରଙ୍କୁ ବିଶ୍ୱାସ କରିବା ଉଚିତ୍, ପ୍ରତିମାକୁ ନୁହେଁ

10"ତୁମ୍ଭେ ଦୀର୍ଘପଥ ଯାତ୍ରା ଯୋଗୁଁ ଯଦିଓ କ୍ଳାନ୍ତ ହୋଇଥିଲ,
ତଥାପି ତୁମ୍ଭେ ଭରସା ନାହିଁ ବୋଲି କହି ନ ଥିଲ। ତୁମ୍ଭେ
ନୂତନ ବଳ ପାଇ ସତେଜ ହେଲ, ତେଣୁ ତୁମ୍ଭେ କ୍ଳାନ୍ତ
ଅନୁଭବ କଲ ନାହିଁ।
11କାହାର ସକାଶୁ ଏପରି କ୍ଳେଶ ଓ ଭୀତା ଯେ, ତୁମ୍ଭେ
ମିଥ୍ୟା କହୁଅଛ ଓ ଆମ୍ଭକୁ ଭୁଲି ଯାଇଛ? ତୁମ୍ଭେ ସେଥିରେ
ନିଜର ମନଯୋଗ କରୁନାହିଁ। ଆମ୍ଭେ କ'ଣ ଦୀର୍ଘକାଳ ପାଇଁ
ନୀରବ ରହି ନାହୁଁ, ତୁମ୍ଭେ କ'ଣ ଆମ୍ଭକୁ ଭୟ
କରୁ ନାହିଁ?
12ଆମ୍ଭେ ତୁମ୍ଭର 'ଧାର୍ମିକତା' ପ୍ରକାଶ କରିବା। ପୁଣି
ତୁମ୍ଭର 'ସକଳ କର୍ମ' ତୁମ୍ଭର ଉପକାରରେ ଆସିବ ନାହିଁ।
13ତୁମ୍ଭେ ଯେଉଁମାନଙ୍କୁ ସଂଗ୍ରହ କରିଅଛ, ସେମାନେ
ତୁମ୍ଭେ କାନ୍ଦିଲା ବେଳେ ତୁମ୍ଭକୁ ଉଦ୍ଧାର କରନ୍ତୁ। ମାତ୍ର ବାୟୁ
ସେମାନଙ୍କୁ ଉଡ଼ାଇ ନେବ। ଗୋଟିଏ ନିଃଶ୍ୱାସ ସେ ସମସ୍ତଙ୍କୁ
ନେଇଯିବ। କିନ୍ତୁ ଯେଉଁ ଲୋକ ଆମ୍ଭର ଶରଣ ନିଏ, ସେ
ଦେଶ ଅଧିକାର କରିବ ଓ ଆମ୍ଭ ପବିତ୍ର ପର୍ବତରେ ଅଧିକାରୀ
ହେବ।

### ସଦାପ୍ରଭୁ ତାଙ୍କ ସନ୍ତାନମାନଙ୍କୁ ରକ୍ଷା କରିବେ

14ପୁଣି ସେ କହିବେ, "ଉଚ୍ଚକର, ଉଚ୍ଚକର, ପଥ ପ୍ରସ୍ତୁତ
କର। ଆମ୍ଭ ଲୋକମାନଙ୍କ ପଥରୁ ବାଧାବିଘ୍ନ ଦୂର
କର।"
15କାରଣ ଯେ ଅନନ୍ତକାଳ ନିବାସୀ, ଯାହାଙ୍କର ନାମ
ପରମେଶ୍ୱର, ସେହି ଉଚ୍ଚ ଓ ଉନ୍ନତ ପୁରୁଷ ଏହି କଥା
କହନ୍ତି; ଆମ୍ଭେ ଊର୍ଦ୍ଧ୍ୱ ଓ ପବିତ୍ର ସ୍ଥାନରେ ବାସ କରୁ। ଆଉ
ମଧ୍ୟ ନମ୍ର ଲୋକମାନଙ୍କର ଆତ୍ମାକୁ ସଜୀବ ଓ ଚୂର୍ଣ୍ଣମନା
ଲୋକମାନଙ୍କର ଅନ୍ତଃକରଣକୁ ସଜୀବ କରିବା ପାଇଁ ଆମ୍ଭେ
ଚୂର୍ଣ୍ଣ ଓ ନମ୍ରମନା ଲୋକଙ୍କ ସହିତ ହିଁ ବାସ କରୁ।
16ଆମ୍ଭେ ସର୍ବଦା ବିରୋଧ କରିବା ନାହିଁ କିମ୍ବା ନିରନ୍ତର
କ୍ରୋଧ କରିବା ନାହିଁ। ଯଦି କରିବା ତାହାହେଲେ ମାନବର
ଆତ୍ମା ଓ ଆମ୍ଭ ନିର୍ମିତ ପ୍ରାଣୀସକଳ ଆମ୍ଭ ସମ୍ମୁଖରେ କ୍ଷୀଣ
ହେବେ।
17ଆମ୍ଭେ ତାହାର ଲୋଭରୂପ ଅପରାଧ ହେତୁ କ୍ରୁଦ୍ଧ
ହୋଇ ତାହାକୁ ଆଘାତ କଲୁଁ, ଆମ୍ଭେ ନିଜର ମୁଖ ଲୁଚାଇ
କ୍ରୁଦ୍ଧ ହେଲୁ; ତହିଁରେ ସେ ଅବାଧ ହୋଇ ଆପଣା ମନର
ମାର୍ଗରେ ଚାଲିଲା।
18ଆମ୍ଭେ ତାହାର ଗତି ଦେଖିଅଛୁଁ ଓ ଆମ୍ଭେ ତାକୁ
ସଠିକ୍ ରୂପେ ଗଢ଼ିବା, ମୁଁ ତାକୁ ସତ୍ୟର ପଥ ଦେଖାଇବି
ଏବଂ ତାହାର ଶୋକାକୁଳ ଲୋକମାନଙ୍କୁ ପୁନର୍ବାର ସାନ୍ତ୍ୱନା
ଦେବି।
19ଆମ୍ଭେ ଓଷ୍ଠାଧାରର ଫଳ ସୃଷ୍ଟି କରୁ। ସଦାପ୍ରଭୁ
କହନ୍ତି, ଦୂରବର୍ତ୍ତୀ ଓ ନିକଟବର୍ତ୍ତୀ ଲୋକପ୍ରତି 'ଶାନ୍ତି' ହେଉ
ଓ ଆମ୍ଭେ ତାହାକୁ ସୁସ୍ଥ କରିବା।
20ମାତ୍ର ଦୁଷ୍ଟମାନେ ତରଙ୍ଗାୟିତ ସମୁଦ୍ର ତୁଲ୍ୟ, କାରଣ
ତାହା ସ୍ଥିର ହୋଇପାରେ ନାହିଁ ଓ ତାହାର ଜଳରେ ପଙ୍କ ଓ
କାଦୁଅ ଉଠେ। 21"ଆମ୍ଭର ପରମେଶ୍ୱର କହନ୍ତି; ଦୁଷ୍ଟମାନଙ୍କର
କିଛି ହିଁ ଶାନ୍ତି ନାହିଁ।"

### ପରମେଶ୍ୱରଙ୍କ ଅନୁଗାମୀ ହେବାକୁ ଲୋକଙ୍କୁ ନିର୍ଦ୍ଦେଶ ଦିଆଯିବ

58 ଉଚ୍ଚସ୍ୱରରେ ଘୋଷଣା କର, ସ୍ୱର କ୍ଷୀଣ କର
ନାହିଁ। ତୂରୀପରି ଚିତ୍କାର କର। ଆମ୍ଭ ଲୋକମାନଙ୍କୁ
ସେମାନଙ୍କର ଅଧର୍ମ ବିଷୟରେ ଓ ଯାକୁବ ବଂଶକୁ ସେମାନଙ୍କ
ପାପ ସମ୍ବନ୍ଧରେ ଜଣାଅ।
2ତାହାହେଲେ ସେମାନେ ପ୍ରତିଦିନ ଆମ୍ଭର ଅନ୍ୱେଷଣ
କରିବେ ଓ ମୋର ପଥ ବିଷୟରେ ଜାଣିବାକୁ ଚେଷ୍ଟା

କରିବେ। ଯେଉଁ ଗୋଷ୍ଠୀୟ ଲୋକେ ପୂଜା କର୍ମ କରିଛନ୍ତି ଓ ନିଜର ପରମେଶ୍ୱରଙ୍କର ବିଧାନ ତ୍ୟାଗ କରି ନାହାଁନ୍ତି, ସେମାନଙ୍କ ପରି ସେମାନେ ପୂଜାବିଧାନ ବିଷୟ ଆମ୍ଭକୁ ପଚାରନ୍ତି ଓ ପରମେଶ୍ୱରଙ୍କ ନିକଟକୁ ଆସିବାକୁ ସନ୍ତୁଷ୍ଟ ହୁଅନ୍ତି।

3ସେମାନେ କୁହନ୍ତି, "ଆମ୍ଭେ ତୁମ୍ଭକୁ ଭକ୍ତି କରିବା ପାଇଁ ଉପବାସ କରିଅଛୁ, ମାତ୍ର ତୁମ୍ଭେ କାହିଁକି ଦୃଷ୍ଟି କରୁନାହଁ? ଆମ୍ଭେମାନେ କାହିଁକି ଆପଣା ପ୍ରାଣକୁ କ୍ଲେଶ ଦେଇଅଛୁ ଓ ତୁମ୍ଭେ ମନୋଯୋଗ କରୁ ନାହଁ?"

ମାତ୍ର ସଦାପ୍ରଭୁ କୁହନ୍ତି, "ଦେଖ, ତୁମ୍ଭେମାନେ ନିଜର ସୁଖପାଇଁ ଉପବାସ ଦିନ ଉପବାସ କରିଅଛ ଓ ବଳପୂର୍ବକ ନିଜର ଦାସମାନଙ୍କୁ କଷ୍ଟ ଦେଇଅଛ। 4ଦେଖ, ତୁମ୍ଭେମାନେ ବିବାଦ ଓ କଳହ ନିମନ୍ତେ ଏବଂ ଦୁଷ୍ଟତାରୂପକ ମୁଷ୍ଟି ଦ୍ୱାରା ଆଘାତ କରିବା ନିମନ୍ତେ ଉପବାସ କରୁଅଛ। ଆମ୍ଭର ପ୍ରଶଂସାଗାନ ଯେପରି ଊର୍ଦ୍ଧ୍ୱରେ ଶୁଣାଯିବ, ସେଥିପାଇଁ ତୁମ୍ଭେମାନେ ଉପବାସ କରୁ ନାହିଁ। 5ମନୁଷ୍ୟ ଏହିପ୍ରକାର ଉପବାସଦ୍ୱାରା ନିଜର ପ୍ରାଣକୁ କ୍ଲେଶ ଦେଉ, ଆମ୍ଭେ କ'ଣ ଏହିପ୍ରକାର ଦିନ ମନୋନୀତ କରିଅଛୁ? ପୁଣି ନଳବୃକ୍ଷ ପରି ମୁଣ୍ଡ ନୁଆଁଇ, ଚଟବସ୍ତ୍ର ପରିଧାନ କରି ଓ ଭସ୍ମ ତଳେ ବିଛାଇ ତା'ଉପରେ ବସିଲେ ସଦାପ୍ରଭୁ ସେପ୍ରକାର ଉପବାସ ଦିନକୁ ଗ୍ରହଣ କରିବେ ବୋଲି ତୁମ୍ଭେ କହିବ?

6"ଦୁଷ୍ଟତାରୂପ ବନ୍ଧନ ଫିଟାଇବାର, ଯୁଆଳିର ବନ୍ଧନ ମୁକ୍ତ କରିବାର ଉପଦ୍ରବଗ୍ରସ୍ତ ଲୋକମାନଙ୍କୁ ମୁକ୍ତକରି ଛାଡ଼ି ଦେବାର ଓ ପ୍ରତ୍ୟେକ ଯୁଆଳି ଭଗ୍ନ କରିବାର, ଏହିପ୍ରକାର ଉପବାସ ଆମ୍ଭେ କ'ଣ ମନୋନୀତ କରି ନାହୁଁ? 7ପୁଣି କ୍ଷୁଧିତ ଲୋକକୁ ତୁମ୍ଭର ଖାଦ୍ୟ ବଣ୍ଟନ କରିବାର ତାଡ଼ିତ ଦୁଃଖୀ ଲୋକକୁ ନିଜ ଗୃହକୁ ଆଣିବାର, ଉଲଗ୍ନକୁ ଦେଖି ତାକୁ ବସ୍ତ୍ର ପିନ୍ଧାଇଦେବାର ଓ ତୁମ୍ଭର ନିଜ ବଂଶୀୟ ଲୋକଠାରୁ ନିଜକୁ ନ ଲୁଚାଇବାର, ଏହି ପ୍ରକାର ଉପବାସ ଆମ୍ଭେ କ'ଣ ମନୋନୀତ କରି ନାହୁଁ?"

8ଏହାକଲେ ଅରୁଣସଦୃଶ ତୁମ୍ଭର ଦୀପ୍ତି ପ୍ରକାଶ ପାଇବ ଓ ତୁମ୍ଭର ଆରୋଗ୍ୟ ଶୀଘ୍ର ଅଙ୍କୁରିତ ହେବ। ପୁଣି ତୁମ୍ଭର "ଧର୍ମ" ତୁମ୍ଭର ସମ୍ମୁଖବର୍ତ୍ତୀ ହେବ ଓ ସଦାପ୍ରଭୁଙ୍କର ମହିମା ତୁମ୍ଭର ପଶ୍ଚାଦ୍‌ବର୍ତ୍ତୀ ହେବ। 9ସେତେବେଳେ ତୁମ୍ଭେ ସଦାପ୍ରଭୁଙ୍କୁ ଡାକିବ ଓ ସେ ଉତ୍ତର ଦେବେ। ତୁମ୍ଭେ ଆର୍ତ୍ତସ୍ୱରରେ କହିବ, ଆଉ ସେ ଉତ୍ତର ଦେବେ, "ଆମ୍ଭେ ଏଠାରେ ଉପସ୍ଥିତ ଅଛୁ।"

### ପରମେଶ୍ୱରଙ୍କ ଲୋକେ ନିଶ୍ଚୟ ଧର୍ମ କରିବେ

ଯଦି ତୁମ୍ଭେ ଆପଣା ମଧ୍ୟରୁ ଯୁଆଳି, ଅଙ୍ଗୁଳି ତର୍ଜନ ଓ ଅଧର୍ମ ବାକ୍ୟ ଦୂର କର। 10ପୁଣି ଯଦି ତୁମ୍ଭେ କ୍ଷୁଧିତକୁ ତୁମ୍ଭର ଖାଦ୍ୟ ଦେଇଥିବ ଓ ଦୁଃଖିତର ପ୍ରାଣକୁ ତୃପ୍ତ କରିଥିବ ତେବେ ତୁମ୍ଭେ ଅନ୍ଧକାରରେ ଦୀପ୍ତିମାନ ହେବ ଏବଂ ତୁମ୍ଭ ଗ୍ଭରିଦଗରେ ଥିବା ଗାଢ଼ ଅନ୍ଧକାର ଦ୍ୱିପହରର ସୂର୍ଯ୍ୟ ପରି ଦେଖାଯିବ।

11ଆଉ ମଧ୍ୟ ସଦାପ୍ରଭୁ ତୁମ୍ଭକୁ ସର୍ବଦା ବାଟ କଢ଼ାଇ ନେବେ। ମରୁଭୂମିରେ ତୁମ୍ଭର ଅଭାବ ତୃପ୍ତ କରିବେ। ସେ ତୁମ୍ଭର ଅସ୍ଥିଗୁଡ଼ିକୁ ବଳିଷ୍ଠ କରିବେ। ତହିଁରେ ତୁମ୍ଭେ ଜଳସିକ୍ତ ଉଦ୍ୟାନତୁଲ୍ୟ କିମ୍ବା ଜଳପୂର୍ଣ୍ଣ ଝରଣା ସଦୃଶ ହେବ।

12ପୁଣି ତୁମ୍ଭ ବଂଶୀୟ ଲୋକେ ପୁରାତନ ଧ୍ୱଂସ ସ୍ଥାନଗୁଡ଼ିକୁ ପୁନନିର୍ମାଣ କରିବେ, ତୁମ୍ଭେ ପୂର୍ବକାଳର ଭିତ୍ତିମୂଳ ଉପରେ ନିର୍ମାଣ କରିବ। "ପୁଣି ଭଗ୍ନ ପ୍ରାଚୀର ନିର୍ମାଣକାରୀ ଓ ନିବାସ ନିମନ୍ତେ ପୁନଃ ପଥ ସଂସ୍ଥାପନକାରୀ ବୋଲି ବିଖ୍ୟାତ ହେବ।"

13ତୁମ୍ଭେ ଯଦି ବିଶ୍ରାମବାର ଲଙ୍ଘନରୁ ଆମ୍ଭ ପବିତ୍ର ଦିନରେ ନିଜ ଅଭିଳାଷ ଚେଷ୍ଟାରୁ ନିଜ ପାଦ ଫେରାଅ, ପୁଣି ବିଶ୍ରାମବାରକୁ ସୁଖଦାୟକ ଓ ସଦାପ୍ରଭୁଙ୍କ ପବିତ୍ର ଦିନକୁ ଆଦରଣୀୟ ବୋଲି କୁହ, ଆଉ ନିଜ କାର୍ଯ୍ୟ ନକରି ଅବା ନିଜ ଅଭିଳାଷର ଚେଷ୍ଟା ନକରି ଅଥବା ନିଜ କଥା ନକହି ତାହାକୁ ଆଦର କରିବ;

14ତେବେ ତୁମ୍ଭେ ସଦାପ୍ରଭୁଙ୍କଠାରେ ଆନନ୍ଦ କରିବ; ପୁଣି ଆମ୍ଭେ ତୁମ୍ଭକୁ ପୃଥିବୀର ଉଚ୍ଚସ୍ଥାନମାନଙ୍କରେ ଆରୋହଣ କରାଇବା ଆଉ ତୁମ୍ଭ ପିତା ଯାକୁବର ଅଧିକାର ତୁମ୍ଭକୁ ଭୋଗ କରାଇବା; କାରଣ ସଦାପ୍ରଭୁଙ୍କ ମୁଖରୁ ଏହା ନିଃସୃତ ହୋଇଅଛି।

### ଦୁଷ୍ଟାଚାରୀଗଣ ସେମାନଙ୍କ ଜୀବନ ପରିବର୍ତ୍ତନ କରିବା ଉଚିତ

59 ମୁଁ ଏଠାରେ ଦେଖୁଛି, ଦେଖ! ସଦାପ୍ରଭୁଙ୍କର ହସ୍ତ ଏତେ ଛୋଟ ହୋଇଯାଇ ନାହିଁ, ଯାହାକି ତୁମ୍ଭକୁ ପରିତ୍ରାଣ କରିନପାରିବ। ତାଙ୍କର କର୍ଣ୍ଣ ତୁମ୍ଭକୁ ଶୁଣିବାକୁ ଏତେ ଭାରୀ ହୋଇନାହିଁ। 2ମାତ୍ର ତୁମ୍ଭମାନଙ୍କର ପାପଗୁଡ଼ିକ ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କର ପରମେଶ୍ୱରଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଅଛି ଓ ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କଠାରୁ ତାହାଙ୍କ ମୁଖ ଲୁଚାଇଅଛି, ଏଣୁ ସେ ଶୁଣିବେ ନାହିଁ।

3ତୁମ୍ଭମାନଙ୍କ ହସ୍ତ ରକ୍ତରେ ରଞ୍ଜିତ ଓ ତୁମ୍ଭମାନଙ୍କର ଅଙ୍ଗୁଳିଗୁଡ଼ିକ ଅପରାଧରେ ଅଶୁଚି ହୋଇଅଛି, ତୁମ୍ଭମାନଙ୍କର ଓଷ୍ଠାଧର ମିଥ୍ୟା କହିଅଛି ଓ ଜିହ୍ୱା ଦୁଷ୍ଟତା ବକେ ଅଛି। 4କେହି ନ୍ୟାୟରେ ଗୁହାରି ଶୁଣେନାହିଁ ଓ କେହି ସତ୍ୟରେ ପ୍ରତିବାଦ କରେ ନାହିଁ। ସେମାନେ ଅସାରତାରେ ନିର୍ଭର କରନ୍ତି ଓ ମିଥ୍ୟା କଥା କୁହନ୍ତି। ସେମାନେ ଅନିଷ୍ଟକୁ ଗର୍ଭରେ ଧାରଣ କରନ୍ତି ଓ ଅପରାଧ ପ୍ରସବ କରନ୍ତି। 5ସେମାନେ ବିଷଧର କାଳସର୍ପର ଅଣ୍ଡା ଫୁଟାନ୍ତି ଓ ବୁଢ଼ିଆଣୀର ଜାଲ ବୁଣନ୍ତି। ଯେ କେହି ସେହି ଅଣ୍ଡା ଖାଏ ସେ ମୃତ୍ୟୁକୁ ଆମନ୍ତ୍ରଣ କରେ ଏବଂ ଯଦି ସେ ସେମାନଙ୍କୁ ଫୁଟାଏ, ସେଥିରୁ କାଳସର୍ପ ବାହାରେ।

6ସେହି ଜାଲ ବସ୍ତ୍ରରୂପେ ବ୍ୟବହୃତ ହେବନାହିଁ କିମ୍ବା ସେମାନେ ନିଜ କର୍ମରେ ନିଜକୁ ଆବୃତ୍ତ କରିପାରିବେ ନାହିଁ।

ସେମାନଙ୍କର କର୍ମ ଅଧର୍ମର କର୍ମ ଓ ସେମାନଙ୍କ ହସ୍ତରେ ହିଂସାତ୍ମକ କାର୍ଯ୍ୟ ଥାଏ। 7ସେମାନଙ୍କର ପାଦ ଦୁଷ୍କର୍ମ ଆଡ଼କୁ ଧାବିତ ହୁଏ ଓ ସେମାନେ ନିର୍ଦ୍ଦୋଷରେ ରକ୍ତପାତ କରିବାକୁ ଅଗ୍ରସର ହୁଅନ୍ତି। ସେମାନଙ୍କର ଚିନ୍ତାସବୁ ଅଧର୍ମର ଚିନ୍ତା। ସେମାନଙ୍କ ପଥରେ ଧ୍ୱଂସ ଓ ବିନାଶ ଥାଏ।

8ସେମାନେ ଶାନ୍ତିର ପଥ ଜାଣନ୍ତି ନାହିଁ ଓ ସେମାନଙ୍କର ମାର୍ଗରେ ନ୍ୟାୟ ବିଚାର ନଥାଏ। ସେମାନେ ନିଜ ପାଇଁ

କୁଟିଳ ପଥ ସୃଷ୍ଟି କରିଛନ୍ତି, ଯେ କେହି ସେହି ପଥରେ ଗମନ କରେ, ସେ ଶାନ୍ତି ପାଏ ନାହିଁ।

### ଇସ୍ରାୟେଲର ପାପ ଦୁଃଖ ଆଣେ

9ଏଥି ସକାଶେ ନ୍ୟାୟ ବିଚାର ଆମ୍ଭଠାରୁ ଦୂରରେ ଥାଏ ଓ ଧାର୍ମିକତା ଆମ୍ଭମାନଙ୍କ ପାଖ ମାଡ଼େ ନାହିଁ। ଆମ୍ଭେମାନେ ଦୀପ୍ତି ପାଇଁ ଅପେକ୍ଷା କରୁ, ମାତ୍ର କେବଳ ଅନ୍ଧକାର ଦେଖୁ। ଆଲୋକକୁ ଅପେକ୍ଷା କରୁ, ମାତ୍ର ଅନ୍ଧକାରରେ ଭ୍ରମଣ କରୁ।
10ଆମ୍ଭେମାନେ ଅନ୍ଧଲୋକ ପରି କାନ୍ଥ ପାଖରେ ଦଉଣ୍ଡି ହେଉ ଓ ଚକ୍ଷୁହୀନ ଲୋକପରି ଅଣ୍ଡାଳି ହେଉ। ମଧ୍ୟାହ୍ନରେ ସନ୍ଧ୍ୟାବେଳପରି ଝୁଣ୍ଟି ପଡୁ ଓ ହୃଷ୍ଟପୁଷ୍ଟ ଲୋକମାନଙ୍କ ମଧ୍ୟରେ ମୃତଲୋକପରି ରହିଅଛୁ।
11ଆମ୍ଭେମାନେ ନ୍ୟାୟ ପାଇଁ ଭାଲୁପରି ଗର୍ଜନ କରୁ ଓ କପୋତ ପରି ଅତିଶୟ ବିଳାପ କରୁ। ଆମ୍ଭେମାନେ ନ୍ୟାୟକୁ ଅପେକ୍ଷା କରୁଁ ମାତ୍ର ତାହା ନ ଥାଏ। ପୁଣି ପରିତ୍ରାଣକୁ ଅପେକ୍ଷା କରୁ ମାତ୍ର ତାହା ଆମ୍ଭଠାରୁ ଦୂରେଇ ଥାଏ।
12ତୁମ୍ଭ ସମ୍ମୁଖରେ ଆମ୍ଭମାନଙ୍କର ଅଧର୍ମ ଅନେକ ଓ ଆମ୍ଭମାନଙ୍କର ପାପ ଆମ୍ଭ ବିରୁଦ୍ଧରେ ସାକ୍ଷ୍ୟ ଦେଉଅଛି। କାରଣ ଆମ୍ଭମାନଙ୍କର ଅଧର୍ମସବୁ ଆମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ଓ ଆମ୍ଭମାନଙ୍କର ପାପଗୁଡ଼ିକ ଆମ୍ଭେମାନେ ଜାଣୁ।
13ଆମ୍ଭେମାନେ ତାଙ୍କର ବିରୁଦ୍ଧାଚରଣ କରିବା ଓ ସଦାପ୍ରଭୁଙ୍କ ପ୍ରତି ଅବିଶ୍ୱସ୍ତ ହେବା। ଆମ୍ଭମାନେ ସଦାପ୍ରଭୁଙ୍କଠାରୁ ବିମୁଖ ହେଲୁ। ଆମ୍ଭେ ଉପ୍ତୀଡନ ଓ ବିଦ୍ରୋହର କଥା କହୁ। ଆମ୍ଭେ ମିଥ୍ୟା କଥା କହି ଧାର୍ମିକତାକୁ ଆମ୍ଭଠାରୁ ଛାଡି ଦେଉ।
14ଏଣୁ ସୁବିଚାର ପଛକୁ ହଟି ଯାଇଛି ଓ ଧର୍ମ ଦୂରରେ ଠିଆ ହୋଇଅଛି। ଛକ ସ୍ଥାନରେ ସତ୍ୟତାର ପତନ ଘଟିଛି ଓ ସରଳତା ନଗର ମଧ୍ୟକୁ ପ୍ରବେଶ କରିପାରୁ ନାହିଁ।
15ତେଣୁ ସତ୍ୟତାର ଅଭାବ ହୋଇଅଛି ଓ ଯେ ଦୁଷ୍କର୍ମ ତ୍ୟାଗ କରେ ସେ ଲୁଣ୍ଠିତ ହୁଏ। ପୁଣି ସଦାପ୍ରଭୁ ଏହା ଦେଖିଲେ ଓ ନ୍ୟାୟବିଚାର ନ ଥିବାରୁ ଅସନ୍ତୁଷ୍ଟ ହେଲେ।
16ସଦାପ୍ରଭୁ ଦେଖିଲେ କୌଣସି ପୁରୁଷ ବର୍ତ୍ତମାନ ନାହିଁ। ପୁଣି ମଧ୍ୟସ୍ଥ କେହିନାହିଁ ବୋଲି ଚମତ୍କୃତ ହେଲେ। ତେଣୁ ତାଙ୍କର ନିଜ ବାହୁ ତାହାଙ୍କ ନିମନ୍ତେ ପରିତ୍ରାଣ ସାଧନ କଲା ଓ ତାଙ୍କର ଧାର୍ମିକତା ହିଁ ତାଙ୍କୁ ରକ୍ଷା କଲା।
17ପୁଣି ସଦାପ୍ରଭୁ ଧାର୍ମିକତାର ସଞ୍ଜୁ ବୁକୁରେ, ପରିତ୍ରାଣରୂପକ ଟୋପି ମସ୍ତକରେ, ପ୍ରତିଶୋଧରୂପକ ବସ୍ତ୍ର ଓ ଉଦ୍‌ଯୋଗ ରୂପକ ବସ୍ତ୍ର ଉତ୍ତରୀୟ ରୂପେ ପରିଧାନ କଲେ।
18ସେ ପାପ କର୍ମର ପରିମାଣ ଅନୁସାରେ ସେମାନଙ୍କ ପ୍ରତି ଭୟଙ୍କର ହିଂସ୍ର ହେବେ। ଏବଂ ନିଜର ଶତ୍ରୁମାନଙ୍କୁ ଏକ ଶିକ୍ଷା ଦେବେ। ଆଉ ମଧ୍ୟ ଦ୍ୱୀପ ସମୂହକୁ ପ୍ରତିଫଳ ଦାନ କରିବେ।
19ତେଣୁ ପଶ୍ଚିମ ଦିଗର ଲୋକମାନେ ସଦାପ୍ରଭୁଙ୍କ ନାମକୁ ଓ ପୂର୍ବଦିଗର ଲୋକମାନେ ସଦାପ୍ରଭୁଙ୍କର ମହିମାକୁ ଭୟ କରିବେ। କାରଣ ସଦାପ୍ରଭୁଙ୍କ ନିଃଶ୍ୱାସରେ ଗୁଳିତ ପ୍ରବଳ ସ୍ରୋତପରି ସେ ମାଡ଼ି ଆସିବେ।
20ପୁଣି ସଦାପ୍ରଭୁ କୁହନ୍ତି, ସିୟୋନକୁ ଓ ଯାକୁବ ମଧ୍ୟରେ ଯେଉଁମାନେ ଅଧର୍ମରୁ ଫେରନ୍ତି, ସେମାନଙ୍କ ନିକଟକୁ ଏକ ତ୍ରାଣକର୍ତ୍ତା ଆସିବେ।
21ନିଜ ବିଷୟରେ ସଦାପ୍ରଭୁ କୁହନ୍ତି, "ସେମାନଙ୍କ ସହିତ ଆମ୍ଭର ଚୁକ୍ତି ହେଉଛି, ଆମ୍ଭର ଯେଉଁ ଆତ୍ମା ତୁମ୍ଭ ଉପରେ ଅଧିଷ୍ଠାନ କରନ୍ତି ଓ ଆମ୍ଭେ ଯେଉଁ ବାକ୍ୟସବୁ ତୁମ୍ଭ ମୁଖରେ ରଖିଛୁ, ତାହା ତୁମ୍ଭ ମୁଖରୁ ଓ ତୁମ୍ଭ ବଂଶ ମୁଖରୁ ଓ ତୁମ୍ଭର ବଂଶୋଦ୍ଭବ ବଂଶର ମୁଖରୁ ଅଦ୍ୟାବଧି ଅନନ୍ତକାଳ ପର୍ଯ୍ୟନ୍ତ ଦୂର କରାଯିବ ନାହିଁ।"

### ପରମେଶ୍ୱର ଆସୁଛନ୍ତି

60 "ଉଠ, ଦୀପ୍ତିମତୀ ହୁଅ, କାରଣ ତୁମ୍ଭର ଦୀପ୍ତି ଉପସ୍ଥିତ ଓ ସଦାପ୍ରଭୁଙ୍କ ମହିମା ତୁମ୍ଭ ଉପରେ ପ୍ରତିଭାତ ହୋଇଛି।
2କାରଣ ପୃଥିବୀ ଅନ୍ଧକାରାଚ୍ଛନ୍ନ ହେବ ଓ ଘନ ଅନ୍ଧକାର ଗୋଷ୍ଠୀବର୍ଗଙ୍କୁ ଆଚ୍ଛନ୍ନ କରିବ; ମାତ୍ର ତୁମ୍ଭ ଉପରେ ସଦାପ୍ରଭୁ ଆଲୋକ ପ୍ରଦାନ କରିବେ ଓ ତାଙ୍କର ମହିମା ତୁମ୍ଭ ଉପରେ ଦେଖାଯିବ।
3ପୁଣି ଅନ୍ୟଦେଶୀୟମାନେ ତୁମ୍ଭର ଦୀପ୍ତି ନିକଟକୁ ଓ ରାଜାମାନେ ତୁମ୍ଭ ଅରୁଣାଲୋକ ନିକଟକୁ ଆସିବେ।
4ତୁମ୍ଭେ ଚତୁର୍ଦ୍ଦିଗକୁ ଦେଖ, ସେମାନେ ସମସ୍ତେ ଏକତ୍ରୀତ ହେଉଛନ୍ତି ଓ ତୁମ୍ଭ ନିକଟକୁ ଆସୁଛନ୍ତି। ତୁମ୍ଭର ପୁତ୍ରଗଣ ବହୁ ଦୂରରୁ ଆସିବେ ଓ କନ୍ୟାଗଣ ଧାଈମାନଙ୍କ କୋଳରୁ ଅଣାଯିବେ।
5ସେତେବେଳେ ତୁମ୍ଭେ ତାହା ଦେଖି ଦୀପ୍ୟମାନ ହେବ ଓ ତୁମ୍ଭର ହୃଦୟ ଉଲ୍ଲସିତ ହେବ। କାରଣ ସମୁଦ୍ରର ସମସ୍ତ ଦ୍ରବ୍ୟ ଓ ଅନ୍ୟଦେଶୀୟ ମାନଙ୍କର ସମ୍ପତ୍ତି ତୁମ୍ଭ ନିକଟକୁ ଆସିବ।
6ଅକଳନ ଓଟ, ତୁମ୍ଭକୁ ଆବୃତ କରିବ ଏବଂ ଯୁବ ଓଟମାନେ ତୁମ୍ଭ ପାଖକୁ ଶିବା ଏବଂ ଐଫା ଦେଶରୁ ଆସିବେ। ସେମାନେ ସୁବର୍ଣ୍ଣ ଓ ସୁବାସିତ ଧୂପ ଆଣିବେ ଏବଂ ସଦାପ୍ରଭୁଙ୍କର ପ୍ରଶଂସାଗାନ କରିବେ।
7କେଦରର ସମସ୍ତ ମେଷ ତୁମ୍ଭ ନିକଟରେ ଏକତ୍ରୀତ ହେବେ ଓ ନବାୟୋତର ମେଷପଲ ତୁମ୍ଭର ସେବା କରିବେ। ସେମାନେ ଆମ୍ଭଦ୍ୱାରା ଗ୍ରାହ୍ୟ ହୋଇ ଆମ୍ଭ ଯଜ୍ଞବେଦୀ ନିକଟକୁ ଆସିବେ ଓ ଆମ୍ଭେ ଆମ୍ଭର ଭୂଷଣସ୍ୱରୂପ ମନ୍ଦିରକୁ ଭୂଷିତ କରିବା।
8ଏମାନେ କିଏ ଯେ କି ମେଘ ସଦୃଶ ଉଡ଼ି ଆସୁଛନ୍ତି ଓ ଉଡ଼ନ୍ତା କପୋତ ସଦୃଶ ନିଜ ନିଜ ଭାଡ଼ିକୁ ଉଡ଼ି ଆସୁଛନ୍ତି?
9ପ୍ରକୃତରେ ଦ୍ୱୀପସମୂହ ଆମ୍ଭକୁ ଅପେକ୍ଷା କରିବେ। ପୁଣି ତର୍ଶୀଶର ଜାହାଜସବୁ ସର୍ବପ୍ରଥମେ ନିଜ ନିଜ ରୌପ୍ୟ ଓ ସୁବର୍ଣ୍ଣ ନେଇ, ତୁମ୍ଭର ସନ୍ତାନଗଣଙ୍କୁ ଦୂରରୁ ଆଣି, ତୁମ୍ଭ ପରମେଶ୍ୱର ସଦାପ୍ରଭୁଙ୍କ ସୁନାମ ନିମିତ୍ତ ଓ ଇସ୍ରାୟେଲର ପବିତ୍ରସ୍ୱରୂପଙ୍କ ନିମିତ୍ତ ଆସିବେ କାରଣ ସେ ତୁମ୍ଭକୁ ଗୌରବାନ୍ୱିତ କରିଛନ୍ତି।
10ଆଉ ମଧ୍ୟ ବିଦେଶୀୟମାନେ ତୁମ୍ଭର ପ୍ରାଚୀର ନିର୍ମାଣ

କରିବେ ଓ ରାଜାମାନେ ତୁମ୍ଭର ସେବା କରିବେ। କାରଣ
"ଆମ୍ଭେ ନିଜର କ୍ରୋଧବଶତଃ ତୁମ୍ଭକୁ ପ୍ରହାର କରିଥିଲୁ, ମାତ୍ର
ନିଜର ଅନୁଗ୍ରହରେ ତୁମ୍ଭକୁ କରୁଣା କରିବୁ।
**11**ତୁମ୍ଭ ନଗରୀର ଦ୍ୱାରଗୁଡ଼ିକ ସର୍ବଦା ଉନ୍ମୁକ୍ତ ରହିବ।
ସେଗୁଡ଼ିକ ଦିବାରାତ୍ର ବନ୍ଦ ହେବ ନାହିଁ। ତେଣୁ ଅନ୍ୟ
ଦେଶୀୟମାନଙ୍କର ସମ୍ପତ୍ତି ଓ ତା ସହିତ ରାଜାମାନେ ତୁମ୍ଭ
ନିକଟକୁ ଅଣାଯିବେ।
**12**କାରଣ ଯେଉଁ ଦେଶ ଓ ରାଜା ତୁମ୍ଭର ସେବା କରିବ
ନାହିଁ, ସେ ବିନଷ୍ଟ ହେବ। ସେହି ଦେଶଗୁଡ଼ିକ ସମ୍ପୂର୍ଣ୍ଣରୂପେ
ଧ୍ୱଂସ ପ୍ରାପ୍ତ ହେବେ।
**13**ଲିବାନୋନର ଗୌରବ ତୁମ୍ଭ ନିକଟକୁ ଆସିବ। ଦେବଦାରୁ,
ତିଧର ଓ ତାଗୂର ବୃକ୍ଷ ଏକତ୍ର ହୋଇ ଆମ୍ଭର ପବିତ୍ର ସ୍ଥାନକୁ
ସୁଶୋଭିତ କରିବାକୁ ଆସିବେ। ଆମ୍ଭେ ଆମ୍ଭର ପାଦପୀଠର
ସ୍ଥାନ ଗୌରବାନ୍ୱିତ କରିବା।
**14**ଯେଉଁମାନେ ତୁମ୍ଭକୁ କଷ୍ଟ ଦେଇଥିଲେ ସେମାନଙ୍କର
ସନ୍ତାନଗଣ ତୁମ୍ଭ ନିକଟକୁ ଆସି ନତ ହେବେ ଓ ଯେଉଁମାନେ
ତୁମ୍ଭକୁ ତୁଚ୍ଛ କରିଥିଲେ, ସେମାନେ ସମସ୍ତେ ତୁମ୍ଭ ପଦତଳେ
ପ୍ରଣାମ କରିବେ। ଆଉ ସେମାନେ ତୁମ୍ଭକୁ 'ସଦାପ୍ରଭୁଙ୍କର
ନଗରୀ' ଇଶ୍ରାୟେଲର ଧର୍ମରୂପଙ୍କର 'ସିୟୋନ' ବୋଲି ସମ୍ବୋଧନ
କରିବେ।'"

## ନୂତନ ଇଶ୍ରାୟେଲ-ଶାନ୍ତିର ସ୍ଥଳ

**15**"ତୁମ୍ଭେ ପରିତ୍ୟକ୍ତା ଓ ଘୃଣିତା ହୋଇଥିବାରୁ କେହି
ତୁମ୍ଭ ମଧ୍ୟ ଦେଇ ଯାତାୟାତ କଲେ ନାହିଁ। ତା ପରିବର୍ତ୍ତେ
ଆମ୍ଭେ ତୁମ୍ଭକୁ ଅନନ୍ତକାଳସ୍ଥାୟୀ ଗୌରବ ଓ ଅନେକ
ପୁରୁଷାନୁକ୍ରମେ ଆନନ୍ଦସ୍ୱରୂପ କରିବା।
**16**ତୁମ୍ଭେ ଯାହା ଗୃହିଁବ, ଅନ୍ୟ ଦେଶ ତୁମ୍ଭକୁ ତାହା
ଦେବ। ଏହା ଏକ ଶିଶୁ ପରି ହେବ ଯେ କି ଆପଣା ମାର
କ୍ଷୀର ପାନ କରୁଛି। ତୁମ୍ଭେ ରାଜାମାନଙ୍କର ଐଶ୍ୱର୍ଯ୍ୟ ପାନ
କରିବ। ତାହାହେଲେ ଆମ୍ଭେ ଯେ ସଦାପ୍ରଭୁ, ତୁମ୍ଭର ତ୍ରାଣକର୍ତ୍ତା,
ତୁମ୍ଭର ମୁକ୍ତିଦାତା ଓ ଯାକୁବର ବଳଦାତା ଅଟୁଁ ତାହା ତୁମ୍ଭେ
ଜାଣିବ।
**17**"ଆମ୍ଭେ ପିତ୍ତଳ ପରିବର୍ତ୍ତେ ସୁବର୍ଣ୍ଣ, ଲୁହା ପରିବର୍ତ୍ତେ
ରୌପ୍ୟ, କାଠ ପରିବର୍ତ୍ତେ ପିତ୍ତଳ ଓ ପ୍ରସ୍ତର ପରିବର୍ତ୍ତେ
ଲୌହ ଆଣିବା। ମୁଁ ଶାସ୍ତି ବଦଳରେ ଶାନ୍ତି ଆଣିବି।
ଲୋକମାନେ ତୁମ୍ଭମାନଙ୍କୁ କ୍ଷତି କରିବେ କିଛି ଲୋକେ
ତୁମ୍ଭପାଇଁ ଉତ୍ତମ କାମ କରିବେ।
**18**"ତୁମ୍ଭ ଦେଶରେ ଦୌରାତ୍ମ୍ୟର କଥା ଓ ତୁମ୍ଭର ସୀମା
ମଧ୍ୟରେ ଧ୍ୱଂସ ଓ ବିନାଶର କଥା ଆଉ ଶୁଣାଯିବ ନାହିଁ।
ତୁମ୍ଭେ ତୁମ୍ଭ ପ୍ରାଚୀର ସମୂହର ନାମ 'ପରିତ୍ରାଣ' ଓ ତୁମ୍ଭ
ନଗରର ଦ୍ୱାର ସମୂହର ନାମ 'ପ୍ରଶଂସା' ରଖିବ।
**19**"ଦିବସର ସୂର୍ଯ୍ୟ ତୁମ୍ଭର ଜ୍ୟୋତି ହେବ ନାହିଁ କିମ୍ବା
ଆଲୋକ ନିମନ୍ତେ ଚନ୍ଦ୍ର ତୁମ୍ଭକୁ ଜ୍ୟୋତ୍ସ୍ନା ପ୍ରଦାନ କରିବ
ନାହିଁ। କିନ୍ତୁ ସଦାପ୍ରଭୁ ତୁମ୍ଭର ଚିରନ୍ତନ ଜ୍ୟୋତି ଓ ତୁମ୍ଭର
ପରମେଶ୍ୱର ତୁମ୍ଭର ମହିମାସ୍ୱରୂପ ହେବେ।
**20**ତୁମ୍ଭର 'ସୂର୍ଯ୍ୟ' ଅସ୍ତମିତ ହେବ ନାହିଁ କିଅବା ତୁମ୍ଭର
'ଚନ୍ଦ୍ର' ଅପସାରିତ ହେବେ ନାହିଁ। କାରଣ ସଦାପ୍ରଭୁ ତୁମ୍ଭର
ଚିରନ୍ତନ ଜ୍ୟୋତି ସ୍ୱରୂପ ହେବେ ଓ ତୁମ୍ଭର ଶୋକର ଦିନ
ଶେଷ ହେବ।
**21**"ଆଉ ମଧ୍ୟ ତୁମ୍ଭର ସମସ୍ତ ଲୋକେ ଧାର୍ମିକ ହେବେ।
ସେମାନେ ଅନନ୍ତକାଳ ଯାଏ ଦେଶ ଶାସନ କରିବେ। ମୋ
ଗୌରବକୁ ଦେଖାଇବା ପାଇଁ ସେମାନେ ମୋ ଦ୍ୱାରା ଲଗା
ହୋଇଥିବା ଗଛର ଫଳ ସଦୃଶ।
**22**କ୍ଷୁଦ୍ରତମ ପରିବାର ସହସ୍ର ବିଶିଷ୍ଟ ବୃହତ୍ତମ ପରିବାରରେ
ପରିଣତ ହେବ ଓ କ୍ଷୁଦ୍ରତମ ଦୁର୍ବଳ ବ୍ୟକ୍ତି ବଳବାନ୍
ଗୋଷ୍ଠୀରେ ପରିଣତ ହେବ। ଆମ୍ଭେ ସଦାପ୍ରଭୁ ଯଥା କାଳରେ
ଏହା ଶୀଘ୍ର ଘଟାଇବା।"

## ସଦାପ୍ରଭୁଙ୍କର ମୁକ୍ତିର ବାର୍ତ୍ତା

**61** ସଦାପ୍ରଭୁଙ୍କର ସେବକ କହନ୍ତି, "ପ୍ରଭୁ, ସଦାପ୍ରଭୁଙ୍କର
ଆତ୍ମା ମୋଠାରେ ଅଧିଷ୍ଠାନ କରନ୍ତି, କାରଣ ନମ୍ର
ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ପାଇଁ
ସଦାପ୍ରଭୁ ମୋତେ ଅଭିଷିକ୍ତ କରିଅଛନ୍ତି। ସେ ଭଗ୍ନାନ୍ତଃକରଣ
ଲୋକମାନଙ୍କର କ୍ଷତ ବାନ୍ଧିବାକୁ ବନ୍ଦୀ ଲୋକମାନଙ୍କୁ ମୁକ୍ତ
ଦେବାକୁ ଓ ନିର୍ବାସିତ ଲୋକମାନଙ୍କୁ କାରାମୁକ୍ତ କରିବାକୁ,
ପ୍ରଚାର କରିବା ନିମନ୍ତେ ମୋତେ ପ୍ରେରଣ କରିଛନ୍ତି।
**2**କେତେବେଳେ ସଦାପ୍ରଭୁ ତାଙ୍କର କରୁଣା ପ୍ରଦର୍ଶନ କରିବେ
ଓ କେଉଁ ସମୟରେ ପରମେଶ୍ୱର ଦୁଷ୍ଟାଚାରୀଙ୍କ ଉପରେ
ପ୍ରତିଶୋଧ ନେବେ ଓ ଶୋକାର୍ତ୍ତମାନଙ୍କୁ ସାନ୍ତ୍ୱନା କରିବେ।
ସେ ସବୁ ପ୍ରଚାର କରିବାକୁ ପରମେଶ୍ୱର ମୋତେ ପ୍ରେରଣ
କରିଛନ୍ତି। **3**ସିୟୋନର ଶୋକାର୍ତ୍ତ ଲୋକମାନଙ୍କୁ ଯୋଗାଇ
ଦେବାକୁ ଓ ଭସ୍ମ ପରିବର୍ତ୍ତେ ଭୂଷଣ, ଦୁଃଖ ପରିବର୍ତ୍ତେ ସୁଖ
ରୂପ ତୈଳ, ଅବସନ୍ନ ଆତ୍ମା ପରିବର୍ତ୍ତେ ପ୍ରଶଂସାରୂପ ବସ୍ତ୍ର
ପ୍ରଦାନ କରିବାକୁ ସେ ମୋତେ ପ୍ରେରଣ କରିଅଛନ୍ତି। ତହିଁରେ
ସଦାପ୍ରଭୁ ଯେପରି ଗୌରବାନ୍ୱିତ ହେବେ, ଏଥିପାଇଁ ସେମାନେ
'ଧର୍ମରୂପ ବୃକ୍ଷ' ଓ 'ତାଙ୍କର ଉଦ୍ୟାନ ବୋଲି ବିଖ୍ୟାତ
ହେବେ।'
**4**"ସେମାନେ ପୁରାତନ ଧ୍ୱସ୍ତ ବିଧ୍ୱସ୍ତ ସ୍ଥାନଗୁଡ଼ିକୁ ପୁନଃନିର୍ମାଣ
କରିବେ। ପୂର୍ବକାଳର ନଷ୍ଟ ସ୍ଥାନସବୁ ଉଠାଇବେ, ଆଉ
ସେମାନେ ବିନଷ୍ଟ ଓ ଅନେକ ପୁରୁଷ ପରମ୍ପରାର ନଷ୍ଟ ନଗର
ସବୁକୁ ନୂତନ କରି ଗଢ଼ିବେ।
**5**"ବିଦେଶୀୟମାନେ ତୁମ୍ଭ ମେଷପଲ ଚରାଇବା ପାଇଁ ଛିଡ଼ା
ହେବେ ଓ ସେମାନଙ୍କର ସନ୍ତାନମାନେ ତୁମ୍ଭ ଶସ୍ୟକ୍ଷେତ୍ର ଓ
ଦ୍ରାକ୍ଷାକ୍ଷେତ୍ରରେ କାର୍ଯ୍ୟ କରିବେ। **6**ମାତ୍ର ତୁମ୍ଭେମାନେ 'ସଦାପ୍ରଭୁଙ୍କର
ଯାଜକ' ବୋଲି ଖ୍ୟାତ ହେବ। ଲୋକମାନେ ତୁମ୍ଭମାନଙ୍କୁ
'ଆମ୍ଭମାନଙ୍କର ପରିଚାରକ' ବୋଲି ଡାକିବେ। ତୁମ୍ଭେମାନେ
ଅନ୍ୟଦେଶୀୟମାନଙ୍କ ସମ୍ପତ୍ତି ଭୋଗ କରିବ ଓ ସେମାନଙ୍କ
ଐଶ୍ୱର୍ଯ୍ୟରେ ତୁମ୍ଭେମାନେ ଗର୍ବିତ ହେବ।
**7**"ଲଜ୍ଜା ପରିବର୍ତ୍ତେ ସେମାନେ ଦୁଇଗୁଣ ସମ୍ମାନ ପାଇବେ।
ପୁଣି ଅପମାନ ପରିବର୍ତ୍ତେ ସେମାନେ ନିଜ ନିଜ ଅଧିକାରରେ
ଆନନ୍ଦ କରିବେ। ଏଥିପାଇଁ ସେମାନେ ନିଜ ଦେଶରେ
ଦୁଇଗୁଣ ଅଂଶ ପାଇବେ ଓ ସେମାନଙ୍କର ଅନନ୍ତକାଳସ୍ଥାୟୀ
ଆହ୍ଲାଦ ହେବ। **8**କାରଣ ଆମ୍ଭେ ସଦାପ୍ରଭୁ ନ୍ୟାୟ ବିଚାରକୁ
ଭଲ ପାଉଁ। ଆମ୍ଭେ ଅଧର୍ମ ଓ ଅପହରଣକୁ ଘୃଣା କରୁ।

ଆଉ ଆମ୍ଭେ ସତ୍ୟରେ ସେମାନଙ୍କୁ ପ୍ରତିଫଳ ଦେବା ଓ
ସେମାନଙ୍କ ସହିତ ଅନନ୍ତକାଳସ୍ଥାୟୀ ଏକ ଚୁକ୍ତି କରିବା।
9ପୁଣି ସେମାନଙ୍କ ବଂଶ ଅନ୍ୟ ଦେଶୀୟମାନଙ୍କ ମଧ୍ୟରେ ଓ
ସେମାନଙ୍କ ସନ୍ତାନଗଣ ଗୋଷ୍ଠୀମାନଙ୍କ ମଧ୍ୟରେ ବିଖ୍ୟାତ
ହେବେ। ସେମାନେ ସଦାପ୍ରଭୁଙ୍କର ଆଶୀର୍ବାଦପ୍ରାପ୍ତ ବଂଶ
ବୋଲି ସେମାନଙ୍କୁ ଦେଖିବା ଲୋକ ସମସ୍ତେ ସ୍ୱୀକାର
କରିବେ।”

### ପରମେଶ୍ୱରଙ୍କ ସେବକ ପରିତ୍ରାଣ ଆଣିବେ

10“ମୁଁ ସଦାପ୍ରଭୁଙ୍କଠାରେ ଅତିଶୟ ଆନନ୍ଦ କରିବ,
ମୋର ପ୍ରାଣ ମୋର ପରମେଶ୍ୱରଙ୍କଠାରେ ଉଲ୍ଲସିତ ହେବ;
କାରଣ ବର ଯେପରି ଭୂଷଣରେ ନିଜକୁ ଭୂଷିତ କରେ ଓ
କନ୍ୟା ଯେପରି ନିଜକୁ ରତ୍ନରେ ଭୂଷିତା କରେ;
ସେହିପରି ସେ ପରିତ୍ରାଣରୂପ ବସ୍ତ୍ରରେ ମୋତେ ଆଚ୍ଛାଦିତ
କରିଅଛନ୍ତି ଓ ଧର୍ମରୂପକ ରାଜବସ୍ତ୍ରରେ ମୋତେ ଆବୃତ
କରିଅଛନ୍ତି।
11କାରଣ ଭୂମି ଯେପରି ବୀଜକୁ ଅଙ୍କୁରିତ କରାଏ ଓ
ଉଦ୍ୟାନରେ ବୁଣା ଯାଇଥିବା ମଞ୍ଜି ଯେପରି ଅଙ୍କୁରିତ ହୋଇ
ବଢେ, ସେହିପରି ସଦାପ୍ରଭୁ ସମଗ୍ର ଜାତିଗଣଙ୍କ ମଧ୍ୟରେ ଧର୍ମ
ଓ ପ୍ରଶଂସା ଅଙ୍କୁରିତ କରିବେ।”

### ନୂତନ ଯିରୂଶାଲମ – ଏକ ଧର୍ମପୂର୍ଣ୍ଣ ନଗରୀ

62 “ମୁଁ ସିୟୋନକୁ ଭଲ ପାଏ, ଧର୍ମ ଦୀପ୍ତିର ନ୍ୟାୟ
ଓ ତାହାର ପରିତ୍ରାଣ ଜ୍ୱଳନ୍ତ ପ୍ରଦୀପର ନ୍ୟାୟ
ଯିରୂଶାଲମରେ ପ୍ରକଟ ନ ହୋଇଛି, ସେ ପର୍ଯ୍ୟନ୍ତ ଆମ୍ଭେ ତା
ନିମନ୍ତେ ବିଶ୍ରାମ ନେବା ନାହିଁ। ପ୍ରଭାତରେ ଦୀପ୍ତି ଲାଭ
କରିବା ପରି ମୁଁ ଯିରୂଶାଲମର ବିଜୟ ଚାହେଁ।
2ସେତେବେଳେ ଅନ୍ୟ ଦେଶୀୟମାନେ ତୁମ୍ଭର ଧର୍ମ ଓ
ରାଜାମାନେ ତୁମ୍ଭର ମହିମା ଦେଖିବେ; ଆଉ ତୁମ୍ଭେ ସଦାପ୍ରଭୁଙ୍କ
ମୁଖରେ ଏକ ନୂତନ ନାମରେ ଖ୍ୟାତ ହେବ।
3ଆଉ ତୁମ୍ଭେ ସଦାପ୍ରଭୁଙ୍କ ହସ୍ତରେ ଗୋଟିଏ ସୁନ୍ଦର
ମୁକୁଟ ସ୍ୱରୂପ ଓ ତୁମ୍ଭେ ସଦାପ୍ରଭୁଙ୍କ ହସ୍ତରେ ଗୋଟିଏ
ରାଜକିରୀଟ ସ୍ୱରୂପ ହେବ।
4ତୁମ୍ଭର ‘ଦେଶ ପରିତ୍ୟକ୍ତା ବୋଲି’ ନାମିତ ହେବ ନାହିଁ;
କିମ୍ବା ତୁମ୍ଭର ଦେଶକୁ କେହି ‘ଅନାଥିନୀ’ ବୋଲି ଜାଣିବେ
ନାହିଁ। ମାତ୍ର ତୁମ୍ଭର ଦେଶ ବରଂ ‘ପରମେଶ୍ୱରଙ୍କ କନ୍ୟା’
ରୂପେ ବିବେଚିତ ହେବ ଏବଂ “ମୋର ଉଲ୍ଲାସ ତାହାର ମଧ୍ୟ
ହୋଇ ଅଛି’ କାରଣ ସଦାପ୍ରଭୁ ତୁମ୍ଭ ଉପରେ ସନ୍ତୋଷ
ଅଛନ୍ତି।
5ଜଣେ ଯୁବକ ଯେପରି ଜଣେ କନ୍ୟାକୁ ପ୍ରେମ କରେ,
ସେହିପରି ତୁମ୍ଭର ପୁତ୍ରମାନେ ତୁମ୍ଭକୁ ବିବାହ କରିବେ। ପୁଣି
ବର ଯେପରି ତା'ର କନ୍ୟାଠାରେ ଆନନ୍ଦ କରେ, ସେହିପରି
ତୁମ୍ଭର ପରମେଶ୍ୱର ତୁମ୍ଭଠାରେ ଆନନ୍ଦ କରିବେ।”

### ପରମେଶ୍ୱର ତାଙ୍କର ପ୍ରତିଜ୍ଞା ରକ୍ଷା କରିବେ

6“ହେ ଯିରୂଶାଲମ, ଆମ୍ଭେ ତୁମ୍ଭ ପ୍ରାଚୀର ଉପରେ
ପ୍ରହରୀଗଣ ନିଯୁକ୍ତ କରିଅଛୁ; ସେମାନେ କି ଦିନ କି ରାତି
ନୀରବ ରହିବେ ନାହିଁ।” ସଦାପ୍ରଭୁଙ୍କୁ ପ୍ରାର୍ଥନା କରିବେ ଓ
ତୁମ୍ଭେମାନେ ନିଶ୍ଚିତ ତାଙ୍କର ପ୍ରତିଜ୍ଞା ସ୍ମରଣ କରିବ।
7ହେ ସଦାପ୍ରଭୁଙ୍କ ସ୍ମରଣକାରୀ ଲୋକମାନେ, କ୍ଷାନ୍ତ ହୁଅ
ନାହିଁ, ଯେ ପର୍ଯ୍ୟନ୍ତ ସଦାପ୍ରଭୁ ଶାନ୍ତି ପ୍ରତିଷ୍ଠା କରନ୍ତି ଏବଂ
ଏହାର ପ୍ରଶଂସା ବିଶ୍ୱର ଚକ୍ଷୁରେ ଅନୁକୂଳ ସର୍ବୋଚ୍ଚ ସ୍ଥିତ
ହେବା ପର୍ଯ୍ୟନ୍ତ ଯିରୂଶାଲମରେ ଆନନ୍ଦ ଉଠାଅ।
8ସଦାପ୍ରଭୁ ନିଜର ଦକ୍ଷିଣ ହସ୍ତ ଓ ବଳବାନ୍ ବାହୁଦ୍ୱାରା
ଶପଥ କରିଛନ୍ତି, “ଆମ୍ଭେ ତୁମ୍ଭର ଶସ୍ୟ ତୁମ୍ଭର ଶତ୍ରୁଗଣଙ୍କୁ
ଖାଦ୍ୟ ନିମନ୍ତେ ନିଶ୍ଚୟ ଦେବା ନାହିଁ ଓ ଯେଉଁ ଦ୍ରାକ୍ଷାରସ
ପାଇଁ ତୁମ୍ଭେ ପରିଶ୍ରମ କରିଅଛ, ସେହି ନୂତନ ଦ୍ରାକ୍ଷାରସ
ବିଦେଶୀମାନେ ଆଉ ପାନ କରିବେ ନାହିଁ।
9ମାତ୍ର ଯେଉଁମାନେ କଠିନ ପରିଶ୍ରମ କଲେ ସେମାନଙ୍କୁ,
ସେମାନଙ୍କ ଖାଇପାରିବେ ଏବଂ ସେମାନଙ୍କର ରସ ପାନ
କରିବେ ଏବଂ ସଦାପ୍ରଭୁ ପ୍ରଶଂସା ଗାନ କରିବେ। ଯେଉଁମାନେ
ତାହାକୁ ଅମଳ କରିଛନ୍ତି, ସେମାନେ ମୋ ପବିତ୍ର ଅଗଣାରେ
ପାନ କରିବେ।”
10ତୁମ୍ଭେମାନେ ଅଗ୍ରସର ହୁଅ, ନଗରଦ୍ୱାର ମଧ୍ୟ ଦେଇ
ଆଗେଇ ଆସ। ଲୋକମାନଙ୍କ ପାଇଁ ପଥ ପ୍ରସ୍ତୁତ କର।
ରାଜପଥ ଉଚ୍ଚକର। ପଥରୁ ପଥରଗୁଡ଼ିକୁ ବାହାର କରିଦିଅ ଓ
ଗୋଷ୍ଠୀ ସମୂହଙ୍କ ପାଇଁ ଏକ ଧ୍ୱଜା ଉଡ଼ାଅ।
11ଦେଖ, ସଦାପ୍ରଭୁ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ଏହା
ଘୋଷଣା କରିଅଛନ୍ତି, “ତୁମ୍ଭେମାନେ ସିୟୋନର କନ୍ୟାକୁ
କୁହ, “ଦେଖ, ତୁମ୍ଭର ପରିତ୍ରାଣ ଆସୁଅଛି; ଆଉ ଦେଖ,
ତାଙ୍କ ପୁରସ୍କାର ତାହାଙ୍କ ସଙ୍ଗରେ ଅଛି ଓ ତାହାଙ୍କ ପ୍ରତିଦାନ
ତାହାଙ୍କ ସମ୍ମୁଖରେ ଅଛି।”
12ଲୋକମାନେ ସେମାନଙ୍କୁ ଡାକିବେ, “ପବିତ୍ର ସଦାପ୍ରଭୁଙ୍କର
ଲୋକ,” “ମୁକ୍ତ ହୋଇଥିବା ଲୋକମାନେ।” ତୁମ୍ଭେ ପରିଣତ
ହେବ ଗୋଟିଏ “ପରମେଶଶ୍ୱରଙ୍କର ଅପରିତ୍ୟକ୍ତା ନଗରୀ,”
ଏବଂ “ଅନ୍ୱେଷଣ” ବୋଲି ଡାକିଲେ।

### ସଦାପ୍ରଭୁ ତାଙ୍କର ସନ୍ତାନଙ୍କୁ ବିବେଚନା କରନ୍ତି

63 ଇଦୋମରୁ, ଲାଲରଙ୍ଗ ବସ୍ତ୍ର ପରିହିତ ବିସୋରାରୁ ଏ
ଯେ ଆସୁଛନ୍ତି, ସେ କିଏ? ନିଜ ପରିଧେୟ
ବସ୍ତ୍ରରେ ଗୌରବାନ୍ୱିତ ଓ ନିଜ ମହାଶକ୍ତିରେ ଯିଏ ବିଜେ
କରୁଛନ୍ତି, ସେ କିଏ? ସଦାପ୍ରଭୁ କୁହନ୍ତି, “ଆମ୍ଭେ ଧର୍ମବାଦୀ
ଓ ପରିତ୍ରାଣ କରିବାକୁ ସମର୍ଥ ଅଟୁଁ।”
2“ଆପଣଙ୍କର ପରିଧେୟ ବସ୍ତ୍ର ରକ୍ତବର୍ଣ୍ଣ ଓ କୁଣ୍ଡରେ
ଦ୍ରାକ୍ଷା ମର୍ଦ୍ଦନକାରୀର ବସ୍ତ୍ରପରି କାହିଁକି?”
3ସେ ଉତ୍ତର କରନ୍ତି, “ଆମ୍ଭେ ଏକାକୀ ଦ୍ରାକ୍ଷା ମର୍ଦ୍ଦନ
କରିଅଛୁ ଓ ଲୋକମାନଙ୍କ ମଧ୍ୟରୁ ଆମ୍ଭ ସଙ୍ଗେ କେହି ନ
ଥିଲେ। ଆମ୍ଭେ ନିଜର କ୍ରୋଧରେ ସେମାନଙ୍କୁ ଦଳନ
କଲୁ ଓ ନିଜର କୋପରେ ସେମାନଙ୍କୁ ମର୍ଦ୍ଦନ କଲୁ। ଏଣୁ
ସେମାନଙ୍କର ପ୍ରାଣ ରକ୍ତର ଛିଟାରେ ଆମ୍ଭ ବସ୍ତ୍ର ରଞ୍ଜିତ
ହେଲା ଓ ଆମ୍ଭେ ସେହି ରକ୍ତ ରଞ୍ଜିତ ବସ୍ତ୍ର ପରିଧାନ
କରିଅଛୁ।
4କାରଣ ପ୍ରତିଶୋଧର ଦିନ ଆମ୍ଭ ହୃଦୟରେ ଥିଲା ଓ
ଆମ୍ଭ ମୁକ୍ତ ଲୋକମାନଙ୍କର ବର୍ଷ ଉପସ୍ଥିତ ହୋଇଅଛି।

5ଆମ୍ଭେ ଅନାଇଲୁ, ମାତ୍ର ସାହାଯ୍ୟକାରୀ କେହି ନଥିଲେ।
ସହାୟକ ନଥିବାରୁ ଆମ୍ଭେ ଆଶ୍ଚର୍ଯ୍ୟ ହେଲୁ। ଏଣୁ ଆମ୍ଭ ନିଜ
ବାହୁ ଆମ୍ଭ ନିକଟକୁ ପରିତ୍ରାଣ ଆଣିଲା ଓ ଆମ୍ଭର କୋପ
ଆମ୍ଭର ସହାୟତା କଲା।
6ପୁଣି ଆମ୍ଭେ ନିଜର କ୍ରୋଧରେ ଲୋକମାନଙ୍କୁ ଦଳି
ପକାଇଲୁ ଓ ଆମ୍ଭ କୋପରେ ସେମାନଙ୍କୁ ମତ୍ତ କରାଇଲୁ;
ପୁଣି ଭୂମିରେ ସେମାନଙ୍କର ପ୍ରାଣର ରକ୍ତ ଢାଳି ଦେଲୁ।”

## ସଦାପ୍ରଭୁ ତାଙ୍କର ସନ୍ତାନମାନଙ୍କ ପ୍ରତି ସଦୟ ହୋଇଛନ୍ତି

7ଆମ୍ଭେ ସଦାପ୍ରଭୁଙ୍କର ସ୍ନେହପୂର୍ଣ୍ଣ କରୁଣାସବୁ କୀର୍ତ୍ତନ
କରିବା ଓ ସଦାପ୍ରଭୁ ଆମ୍ଭମାନଙ୍କର ଯେ ସବୁ ଉପକାର
କରିଅଛନ୍ତି, ପୁଣି ନିଜର ନାନାବିଧ ଦୟା ଓ ଅପାର
ସ୍ନେହପୂର୍ଣ୍ଣ କରୁଣା ଅନୁସାରେ ଇସ୍ରାୟେଲ ବଂଶର ଯେଉଁ
ପ୍ରଚୁର ମଙ୍ଗଳ କରିଅଛନ୍ତି, ତଦନୁସାରେ ଆମ୍ଭେ ସଦାପ୍ରଭୁଙ୍କର
ପ୍ରଶଂସା ଗାନ କରିବା।
8ସଦାପ୍ରଭୁ କହିଲେ, “ନିଶ୍ଚୟ ସେମାନେ ଆମ୍ଭର ଲୋକ,
ଯେଉଁମାନେ ଅସତ୍ୟ ବ୍ୟବହାର କରିବେ ନାହିଁ, ସେମାନେ
ଆମ୍ଭର ସନ୍ତାନ।” ଏଣୁ ସେ ସେମାନଙ୍କର ତ୍ରାଣକର୍ତ୍ତା ହେଲେ।
9ସେ ସେମାନଙ୍କର ସବୁ ଦୁଃଖରେ ଦୁଃଖିତ ହେଲେ।
ତାହାଙ୍କର ଉପସ୍ଥିତି ସ୍ୱରୂପ ଦୂତ ସେମାନଙ୍କୁ ପରିତ୍ରାଣ କଲେ।
ସେ ସେମାନଙ୍କୁ ନିଜ ପ୍ରେମ ଓ ଦୟାରୁ ମୁକ୍ତ କଲେ ଏବଂ
ସେମାନେ ଅତି ପୁରୁଣା ସମୟ ଦେଇ ବହନ କଲେ।
10ମାତ୍ର ସେମାନେ ସଦାପ୍ରଭୁଙ୍କ ବିପକ୍ଷରେ ବିଦ୍ରୋହ
କଲେ ଓ ତାଙ୍କର ପବିତ୍ର ଆତ୍ମାକୁ ଦୁଃଖିତ କଲେ। ତେଣୁ
ସେ ସେମାନଙ୍କର ଶତ୍ରୁ ହୋଇଗଲେ ଓ ସେମାନଙ୍କର
ବିପକ୍ଷରେ ଯୁଦ୍ଧ କଲେ।
11ସେତେବେଳେ ସେ ପ୍ରାଚୀନ କାଳ ଓ ମୋଶା ଓ
ନିଜର ଲୋକମାନଙ୍କୁ ସ୍ମରଣ କଲେ, ସେ ନିଜର
ମେଷପାଳକମାନଙ୍କୁ ସମୁଦ୍ର ପାର କରାଇ ଆଣିଲେ ଓ ସେ
ଯିଏକି ସେମାନଙ୍କ ମଧ୍ୟରେ ନିଜର ପବିତ୍ର ଆତ୍ମାକୁ ସ୍ଥାପନ
କଲେ, ସେ କାହାଁନ୍ତି?
12ଯେ ନିଜର ଅଦ୍ଭୁତ ଶକ୍ତି ବଳରେ ନିଜର ଦକ୍ଷିଣ ହସ୍ତ
ସାହାଯ୍ୟରେ ମୋଶାଙ୍କୁ ପରିଚାଳିତ କଲେ ଓ ନିଜ ପାଇଁ
ଅନନ୍ତକାଳସ୍ଥାୟୀ ନାମ ସ୍ଥାପନ ଉଦ୍ଦେଶ୍ୟରେ ସେମାନଙ୍କ
ସମ୍ମୁଖରେ ଜଳକୁ ଦୁଇଭାଗ କଲେ, ସେ କାହାଁନ୍ତି?
13ଯେ ସମୁଦ୍ର ମଧ୍ୟରେ ବାଟ କଢାଇ ନେଲେ ଓ
ଅଶ୍ୱତୁଲ୍ୟ ଗମନ କରାଇଲେ ମରୁଭୂମିରେ ଯିଏକି ଝୁଣ୍ଟିଲେ
ନାହିଁ ସେ କାହାଁନ୍ତି? 14ଯେପରି ପଶୁପଲ ଉପତ୍ୟକାକୁ
ଓହ୍ଲାଇ ଯାଆନ୍ତି ସେହିପରି ସଦାପ୍ରଭୁଙ୍କ ଆତ୍ମା ସେମାନଙ୍କୁ
ବିଶ୍ରାମ କରାଇଲେ। ଏହିପରି ତୁମ୍ଭେ ନିଜ ନାମକୁ ଗୌରବାନ୍ୱିତ
କରିବାକୁ ନିଜ ଲୋକମାନଙ୍କୁ ଚାଳିତ କଲ।

## ତାଙ୍କ ଲୋକମାନଙ୍କୁ ସାହାଯ୍ୟ କରିବାକୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ପ୍ରାର୍ଥନା

15ବର୍ତ୍ତମାନ ସ୍ୱର୍ଗ ଉପରୁ ଦେଖ, ତୁମ୍ଭ ପବିତ୍ରତା ଓ ତୁମ୍ଭ
ପରାକ୍ରମର ବସତି ସ୍ଥାନରୁ ଦେଖ, ତୁମ୍ଭର ଶାଶ୍ୱତ ପ୍ରେମ
କାହିଁ? ତୁମ୍ଭର କୋହ ଓ ଦୟା କାହିଁ?
16ଯଦିଓ ଅବ୍ରହାମ ଆମ୍ଭକୁ ଜାଣନ୍ତି ନାହିଁ, ଓ ଇସ୍ରାୟେଲ
ଯାକୁବ ଆମ୍ଭମାନଙ୍କୁ ସ୍ୱୀକାର କରନ୍ତି ନାହିଁ, ସଦାପ୍ରଭୁ ତୁମ୍ଭେ
ଆମ୍ଭମାନଙ୍କର ପିତା ଏବଂ ଅନନ୍ତକାଳ ପର୍ଯ୍ୟନ୍ତ ଯେ, ଆମ୍ଭକୁ
ରକ୍ଷା କରିଛ।
17ହେ ସଦାପ୍ରଭୁ, ଆମ୍ଭମାନଙ୍କୁ କାହିଁକି ତୁମ୍ଭ ପଥରୁ
ବିଭ୍ରାନ୍ତ କରୁଅଛ ଓ ତୁମ୍ଭକୁ ଭୟ କରିବାକୁ ଆମ୍ଭର
ଅନ୍ତଃକରଣକୁ କଠିନ କରୁଅଛ? ନିଜର ଦାସମାନଙ୍କ ପାଇଁ ଓ
ନିଜର ଅଧିକାର ସ୍ୱରୂପ ଗୋଷ୍ଠୀଗଣଙ୍କ ପାଇଁ ଫେରିଆସ।
18ତୁମ୍ଭର ପବିତ୍ର ଲୋକମାନେ ଅଳ୍ପକାଳ ପାଇଁ ତୁମ୍ଭର
ମନ୍ଦିରକୁ ଅଧିକାର କଲେ; ମାତ୍ର ଆମ୍ଭମାନଙ୍କର ବିପକ୍ଷଦଳ
ତୁମ୍ଭର ସେହି ପବିତ୍ର ମନ୍ଦିରକୁ ପଦଦଳିତ କଲେ।
19ଯେଉଁମାନଙ୍କୁ ତୁମ୍ଭେ କେବେ ଶାସନ କରିନାହିଁ ଓ
ଯେଉଁମାନେ ତୁମ୍ଭ ନାମରେ କେବେ ଖ୍ୟାତ ହୋଇନଥିଲେ,
ଦୀର୍ଘକାଳ ସେହି ଲୋକମାନଙ୍କ ପରି ଆମ୍ଭେ ହୋଇଅଛୁ।
64 ତୁମ୍ଭେ ଯଦି ଆକାଶକୁ ବିଦୀର୍ଣ୍ଣ କରି ପୃଥିବୀକୁ
ଆସନ୍ତ, ତେବେ ସବୁ କିଛି ପରିବର୍ତ୍ତନ ହୁଅନ୍ତା ଓ
ପର୍ବତ ଗୁଡ଼ିକ ତୁମ୍ଭ ସମ୍ମୁଖରେ ପ୍ରବାହିତ ହୁଅନ୍ତେ।
2ଦେଶୀୟମାନେ ଯେପରି ତୁମ୍ଭ ସାକ୍ଷାତରେ କମ୍ପମାନ
ହେବେ ଓ ଏଥି ସକାଶେ ତୁମ୍ଭ ବିପକ୍ଷଗଣଙ୍କୁ ତୁମ୍ଭ ନାମ
ଜ୍ଞାତ କରାଇବା ନିମନ୍ତେ ପର୍ବତଗୁଡ଼ିକ ଜ୍ୱଳନ୍ତ ଝାଟି ସଦୃଶ
ଓ ଉତ୍ତପ୍ତ ଜଳ ଫୁଟିଲା ସଦୃଶ ହେବେ।
3ଯେତେବେଳେ ତୁମ୍ଭେ ଆଶ୍ଚର୍ଯ୍ୟ କାର୍ଯ୍ୟମାନ କଲ, ଆମ୍ଭେ
ଆଶାକରି ନଥିଲୁ। ତାପରେ ତୁମ୍ଭେ ଓହ୍ଲାଇ ଆସିଲ ଓ ପର୍ବତ
ତୁମ୍ଭ ଆଗରେ କମ୍ପନ କରିବାକୁ ଆରମ୍ଭ କରିବ।
4କାରଣ ଯେ ନିଜ ଅପେକ୍ଷାକାରୀ ପକ୍ଷରେ କାର୍ଯ୍ୟ ସାଧନ
କରନ୍ତି, ଲୋକେ ପ୍ରାଚୀନ କାଳରୁ ତୁମ୍ଭ ଛଡ଼ା ଅନ୍ୟ
ପରମେଶ୍ୱର କଥା ଶୁଣି ନାହାଁନ୍ତି କିମ୍ବା କର୍ଣ୍ଣଗୋଚର ହୋଇ
ନାହିଁ କିମ୍ବା ଚକ୍ଷୁ ଦେଖି ନାହିଁ।
5ଯେଉଁମାନେ ତୁମ୍ଭକୁ ସ୍ମରଣ କରନ୍ତି, ତୁମ୍ଭେ ସେହିମାନଙ୍କୁ
ଆଘାତ କରିଛ। ମାତ୍ର ଅତୀତ କାଳରେ ଆମ୍ଭେ ପାପ କଲୁ
ଏବଂ ତୁମ୍ଭେ ରାଗିଲ। ଅତୀତ କାଳରେ ଆମ୍ଭେମାନେ ଦୋଷ
କଲୁ।
6ଆମ୍ଭେମାନେ ସମସ୍ତେ ପାପରେ ଅପବିତ୍ର ଓ ଆମ୍ଭମାନଙ୍କର
ଧର୍ମକର୍ମ ସବୁ ଅଶୁଚି ବସ୍ତ୍ର ସଦୃଶ ଅଟେ। ଆମ୍ଭେମାନେ
ଝଡ଼ିଲା ପତ୍ର ସଦୃଶ ଓ ଆମ୍ଭମାନଙ୍କର ପାପଗୁଡ଼ିକ ବାୟୁ
ତୁଲ୍ୟ ଆମ୍ଭମାନଙ୍କୁ ଉଡ଼ାଇ ନିଏ।
7ତୁମ୍ଭ ନାମରେ ପୂଜା କରିବାକୁ ଓ ତୁମ୍ଭକୁ ଅନୁସରଣ
କରିବା ନିମନ୍ତେ ନିଜକୁ ଉତ୍ତେଜିତ କରିବାକୁ କେହି ନାହିଁ।
କାରଣ ତୁମ୍ଭେ ଆମ୍ଭମାନଙ୍କ ପ୍ରତି ବିମୁଖ ହୋଇଅଛ ଓ
ଆମ୍ଭମାନଙ୍କ ପାପଦ୍ୱାରା ଆମ୍ଭମାନଙ୍କୁ କ୍ଷୟ କରିଅଛ।
8ହେ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କର ପିତା ଅଟ।
ଆମ୍ଭେମାନେ ମୃତ୍ତିକା ଓ ତୁମ୍ଭେ ଆମ୍ଭମାନଙ୍କର କୁମ୍ଭକାର।
ଆମ୍ଭେ ସମସ୍ତେ ତୁମ୍ଭ ହସ୍ତର କର୍ମ।
9ହେ ସଦାପ୍ରଭୁ, ଅତ୍ୟନ୍ତ କ୍ରୋଧିତ ହୁଅ ନାହିଁ କି
ଆମ୍ଭମାନଙ୍କର ପାପକୁ ଚିରକାଳ ମନେରଖ ନାହିଁ। ଆମ୍ଭେମାନେ
ବିନତି କରୁଛୁ, ଆମ୍ଭପ୍ରତି ଦୃଷ୍ଟି କର, ଆମ୍ଭେ ସମସ୍ତେ ତୁମ୍ଭର
ସନ୍ତାନ।

10ତୁମ୍ଭର ପବିତ୍ର ନଗରଗୁଡ଼ିକ ପ୍ରାନ୍ତର ପାଲଟିଛି। ସିୟୋନ
ପ୍ରାନ୍ତର ହୋଇଅଛି ଓ ଯିରୁଶାଲମ ଧ୍ୱଂସ ହୋଇଅଛି।
11ଆମ୍ଭମାନଙ୍କର ପିତୃପୁରୁଷଗଣ ଯେଉଁ ସ୍ଥାନରେ ତୁମ୍ଭର
ପ୍ରଶଂସା କରୁଥିଲେ, ଆମ୍ଭମାନଙ୍କର ସେହି ପବିତ୍ର ଓ ରମଣୀୟ
ଗୃହ ଅଗ୍ନିରେ ଦଗ୍ଧୀଭୂତ ହୋଇଅଛି, ଆଉ ମଧ୍ୟ ଆମ୍ଭମାନଙ୍କର
ମୂଲ୍ୟବାନ ପଦାର୍ଥଗୁଡ଼ିକ ବିନଷ୍ଟ ହୋଇଅଛି।
12ହେ ସଦାପ୍ରଭୁ, ଏସବୁ ହେଲାପରେ ମଧ୍ୟ ତୁମ୍ଭେ କʼଣ
ନିଜକୁ ଆମ୍ଭଠାରୁ କ୍ଷାନ୍ତ କରି ରଖିବ? ତୁମ୍ଭେ କʼଣ ନୀରବ
ରହି ଆମ୍ଭମାନଙ୍କୁ କ୍ଲେଶ ଦେଇ ଚାଲିବ?

### ସମସ୍ତ ଲୋକ ପରମେଶ୍ୱରଙ୍କ ବିଷୟରେ ଶିକ୍ଷା କରିବେ

65 ସଦାପ୍ରଭୁ କହିଲେ, "ଯେଉଁମାନେ ଆମ୍ଭ ବିଷୟରେ
ପଚାରିଲେ ନାହିଁ, ସେମାନଙ୍କ ଦ୍ୱାରା ଆମ୍ଭେ ଅନ୍ୱେଷିତ
ହେଲୁ, ଯେଉଁମାନେ ଆମ୍ଭକୁ ଖୋଜିଲେ ନାହିଁ, ଆମ୍ଭେ
ସେମାନଙ୍କୁ ପ୍ରାପ୍ତ ହେଲୁ। ପୁଣି ଯେଉଁ ଦେଶୀୟମାନେ ଆମ୍ଭର
ନାମ ଉଚ୍ଚାରଣ କରି ନ ଥିଲେ, ଆମ୍ଭେ ସେମାନଙ୍କୁ 'ଆମ୍ଭକୁ
ଦେଖ, ଆମ୍ଭକୁ ଦେଖ' ବୋଲି କହିଲୁ।
2"ଯେଉଁମାନେ ନିଜ ନିଜ ଚିନ୍ତାନୁସାରେ କୁପଥରେ
ଗମନ କରନ୍ତି, ସେହି ବିଦ୍ରୋହାଚାରୀ ଲୋକମାନଙ୍କ ପ୍ରତି
ଆମ୍ଭେ ଦିନସାରା ଆମ୍ଭ ହସ୍ତ ବିସ୍ତାର କରିଥାଉ। 3ସେହି
ଲୋକମାନେ ଉଦ୍ୟାନରେ ବଳିଦାନ କରି ଓ ଆମ୍ଭ ସମ୍ମୁଖରେ
ଗୁଡ଼ିଏ ଇଟା ଉପରେ ଧୂପ ଜଳାଇ କ୍ରମାଗତ ଭାବରେ
ଆମ୍ଭକୁ ବିରକ୍ତ କରାନ୍ତି। 4ସେମାନେ କବରସ୍ଥାନ ମଧ୍ୟରେ
ବସନ୍ତି ଓ ଗୁମ୍ଫା ମଧ୍ୟରେ ରାତ୍ରି ଯାପନ କରନ୍ତି। ସେମାନେ
ଶୂକର ମାଂସ ଭକ୍ଷଣ କରନ୍ତି ଓ ସେମାନଙ୍କ ପାତ୍ରରେ ଦୂଷିତ
ମାଂସ ଝୋଳ ଥାଏ।
5"ମାତ୍ର ସେହି ଲୋକମାନେ କୁହନ୍ତି, 'ସ୍ୱସ୍ଥାନରେ ଛିଡ଼ା
ହୁଅ, ଆମ୍ଭମାନଙ୍କ ନିକଟକୁ ଆସ ନାହିଁ, କାରଣ ଆମ୍ଭେମାନେ
ତୁମ୍ଭ ଅପେକ୍ଷା ପବିତ୍ର।' କିନ୍ତୁ ସେହି ଲୋକମାନେ ଆମ୍ଭ
ନାସିକାର ଧୂମସ୍ୱରୂପ ଓ ଦିନସାରା ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ।"

### ଇସ୍ରାୟେଲ ନିଶ୍ଚୟ ଦଣ୍ଡିତ ହେବ

6"ଦେଖ, ଆମ୍ଭ ସମ୍ମୁଖରେ ଏହା ଲିଖିତ ଅଛି, ଆମ୍ଭେ
ନୀରବ ରହିବା ନାହିଁ, ମାତ୍ର ପ୍ରତିଫଳ ଦେବା, ହଁ ଆମ୍ଭେ
ସେମାନଙ୍କ କୋଳରେ ପ୍ରତିଫଳ ଦେବା।
7"ସଦାପ୍ରଭୁ କୁହନ୍ତି, "ଆମ୍ଭେ ତୁମ୍ଭମାନଙ୍କ ପାପ ପାଇଁ ଓ
ତୁମ୍ଭମାନଙ୍କ ପିତୃପୁରୁଷଙ୍କ ପାପ ପାଇଁ ଉଭୟଙ୍କୁ ପ୍ରତିଫଳ
ଦେବା।" କାରଣ "ସେମାନେ ପର୍ବତଗୁଡ଼ିକ ଉପରେ ଧୂପ
ଜଳାଇଛନ୍ତି ଓ ଉପପର୍ବତଗୁଡ଼ିକ ଉପରେ ଆମ୍ଭର ନିନ୍ଦା
କରିଛନ୍ତି। ଏଣୁ ସେମାନଙ୍କ କାର୍ଯ୍ୟର ମାନ କଳନା କରି
ପ୍ରତିଫଳ ସେମାନଙ୍କ କୋଳରେ ଦେବା।"

### ପରମେଶ୍ୱର ସମ୍ପୂର୍ଣ୍ଣରୂପେ ଇସ୍ରାୟେଲକୁ ଧ୍ୱଂସ କରିବେ ନାହିଁ

8ସଦାପ୍ରଭୁ ଏହିକଥା କୁହନ୍ତି, "ଯେତେବେଳେ ଦ୍ରାକ୍ଷାଫଳରେ
ନୂତନ ଦ୍ରାକ୍ଷାରସ ମିଳେ, ଲୋକେ କୁହନ୍ତି ଏହାକୁ ନଷ୍ଟ କର
ନାହିଁ। କାରଣ ଏଥିରେ ଆଶୀର୍ବାଦ ଅଛି, ସେହିପରି ଆମ୍ଭ
ଦାସମାନଙ୍କ ପାଇଁ ଆମ୍ଭେ ସମସ୍ତଙ୍କୁ ବିନାଶ କରିବା ନାହିଁ।
9ପୁଣି ଆମ୍ଭେ ଯାକୁବଠାରୁ ଗୋଟିଏ ବଂଶ ଓ ଯିହୁଦାଠାରୁ
ଆମ୍ଭ ପର୍ବତମାନଙ୍କର ଏକ ଅଧିକାରୀ ଉତ୍ପନ୍ନ କରିବା। ଆମ୍ଭର
ମନୋନୀତ ଲୋକମାନେ ତାହା ଅଧିକାର କରିବେ ଓ ଆମ୍ଭର
ଦାସମାନେ ସେଠାରେ ବସତି ସ୍ଥାପନ କରିବେ। 10ଆଉ
ଯେଉଁମାନେ ଆମ୍ଭକୁ ଅନ୍ୱେଷଣ କରନ୍ତି ସେମାନଙ୍କ ପାଇଁ
ଶାରୋଣ ଏକ ମେଷମାନଙ୍କର ଚରଣ ଭୂମି ଓ ଆଖୋର
ଉପତ୍ୟକା ଗୋପଲର ଶୟନସ୍ଥାନ ହେବ।
11"ମାତ୍ର ତୁମ୍ଭେମାନେ ସଦାପ୍ରଭୁଙ୍କୁ ପରିତ୍ୟାଗ କରିଅଛ ଓ
ଆମ୍ଭର ପବିତ୍ର ପର୍ବତକୁ ପାଶୋରି ଅଛ। ଭଣ୍ଡଦେବତା
ଉଦ୍ଦେଶ୍ୟରେ ମେଜ ସଜାଉଛ ଓ ନିରୁପଣୀ ଦେବୀ ଉଦ୍ଦେଶ୍ୟରେ
ମିଶ୍ରିତ ଦ୍ରାକ୍ଷାରସ ପୂରଣ କରୁଅଛ। 12ତୁମ୍ଭମାନଙ୍କୁ ଆମ୍ଭେ
ଖଡ୍ଗରେ ଛେଦନ କରିବା ଓ ତୁମ୍ଭେ ସମସ୍ତେ ବଧ୍ୟସ୍ଥାନରେ
ନଇଁ ପଡ଼ିବ। କାରଣ ଆମ୍ଭେ ଡାକିଲା ବେଳେ ତୁମ୍ଭେମାନେ
ଉତ୍ତର କଲ ନାହିଁ, ଆମ୍ଭେ କଥା କହିଲା ବେଳେ ତୁମ୍ଭେମାନେ
ଶୁଣିଲ ନାହିଁ। କିନ୍ତୁ ଆମ୍ଭ ଦୃଷ୍ଟିରେ ଯାହା ମନ୍ଦ ସେହି କାର୍ଯ୍ୟ
କଲ ଓ ଯାହା ଆମ୍ଭକୁ ଅସନ୍ତୁଷ୍ଟ କରିବ ସେହି କାର୍ଯ୍ୟକୁ
ମନୋନୀତ କଲ।"
13ସେହି ସକାଶେ ମୋର ପ୍ରଭୁ ସଦାପ୍ରଭୁ ଏହିକଥା
କରନ୍ତି, "ଆମ୍ଭର ଦାସମାନେ ଭୋଜନ କରିବେ, ମାତ୍ର ତୁମ୍ଭେ
ମନ୍ଦାଚାରୀମାନେ କ୍ଷୁଧାର୍ତ୍ତ ରହିବ। ଆମ୍ଭର ଦାସମାନେ ପାନ
କରିବେ, ମାତ୍ର ତୁମ୍ଭେମାନେ ତୃଷାର୍ତ୍ତ ରହିବ। ଆମ୍ଭର ଦାସମାନେ
ଆନନ୍ଦ କଲାବେଳେ ତୁମ୍ଭେମାନେ ଲଜ୍ଜିତ ହେବ।
14ଆମ୍ଭର ଦାସମାନେ ଆନନ୍ଦରେ ଗାନ କରିବେ କାରଣ
ସେମାନଙ୍କ ହୃଦୟ ସୁଖରେ ପରିପୂର୍ଣ୍ଣ। ମାତ୍ର ତୁମ୍ଭେ ମନ୍ଦାଚାରୀଗଣ
ହୃଦୟର ଦୁଃଖ ନିମିତ୍ତ ବିଳାପ କରିବ। ଆଉ ମଧ୍ୟ ଆତ୍ମାର
ବିରକ୍ତଭାବ ଯୋଗୁଁ ହାହାକାର କରିବ।
15ପୁନଶ୍ଚ ତୁମ୍ଭେମାନେ ଆମ୍ଭ ମନୋନୀତ ଲୋକମାନଙ୍କ
ନିକଟରେ ତୁମ୍ଭମାନଙ୍କର ନାମ ଅଭିଶାପରୂପେ ରଖିଯିବ।"
ତେଣୁ ମୋର ପ୍ରଭୁ ସଦାପ୍ରଭୁ ତୁମ୍ଭକୁ ବଧ କରିବେ। ସେ
ନିଜର ଦାସମାନଙ୍କୁ ଅନ୍ୟ ନାମରେ ନାମିତ କରିବେ।
16ଯେଉଁଲୋକ ପୃଥିବୀରେ ଆଶୀର୍ବାଦର ପାତ୍ର ହୁଏ, ସେ
ପରମେଶ୍ୱରଙ୍କ ଦ୍ୱାରା ଆଶୀର୍ବାଦିତ ହେବ ଓ ଯେଉଁଲୋକ
ପୃଥିବୀରେ ଶପଥ କରିବ ସେ ପରମେଶ୍ୱରଙ୍କ ନାମରେ
ଶପଥ କରିବ। କାରଣ ଅତୀତର ସଙ୍କଟସବୁ ବିସ୍ମୃତ
ହୋଇଅଛି ଓ ତାହା ସବୁ ଆମ୍ଭ ଦୃଷ୍ଟିରୁ ଗୁପ୍ତ ହୋଇଅଛି।

### ନୂତନ ସମୟ ଆସୁଅଛି

17"କାରଣ ଦେଖ, ଆମ୍ଭେ ନୂତନ ସ୍ୱର୍ଗମଣ୍ଡଳ ଓ ନୂତନ
ପୃଥିବୀ ସୃଷ୍ଟି କରୁଅଛୁ। ତେଣୁ ପୂର୍ବକାଳର ବିଷୟସବୁ ବିସ୍ମୃତ
ହେବ ଓ ସେଗୁଡ଼ିକ ଆଉ ସ୍ମୃତିକୁ ଆସିବ ନାହିଁ।
18ମାତ୍ର ଯାହା ଆମ୍ଭେ ସୃଷ୍ଟି କରୁ, ତୁମ୍ଭେମାନେ ଚିରକାଳ
ତହିଁରେ ଆନନ୍ଦ ଉଲ୍ଲାସ କର। କାରଣ ଆମ୍ଭେ ଯିରୁଶାଲମକୁ
ଏକ ଆନନ୍ଦ ମୁଖରିତ ନଗରରୂପେ ଓ ତହିଁର ନିବାସୀଗଣଙ୍କୁ
ଆନନ୍ଦର ପାତ୍ର ରୂପେ ସୃଷ୍ଟି କରୁ।
19"ପୁଣି ଆମ୍ଭେ ଯିରୁଶାଲମରେ ଆନନ୍ଦ କରିବା ଓ ଆମ୍ଭ
ଲୋକମାନଙ୍କଠାରେ ଉଲ୍ଲାସ କରିବା। ସେଠାରେ ଆଉ ବିଳାପର
ଧ୍ୱନି ଓ କ୍ରନ୍ଦନର ସ୍ୱର ଶୁଣାଯିବ ନାହିଁ।

20କ୍ଷୀଣଜୀବୀ ଶିଶୁ ନୁହେଁ କିମ୍ବା ବୃଦ୍ଧା ଯେକି ଗୋଟିଏ
ପୂର୍ଣ୍ଣ ଜୀବନ ବଞ୍ଚି ରହେ ନାହିଁ। ସେଠାରେ ବଞ୍ଚି ରହିବ,
ଗୋଟିଏ ବାଳକ ଏକଶତ ବର୍ଷ ପର୍ଯ୍ୟନ୍ତ ବଞ୍ଚିବ ଏବଂ ଯଦି
ଗୋଟିଏ ବାଳକ ଏକଶତ ବର୍ଷ ପୂର୍ବରୁ ମରେ, ସେ ଅଭିଶପ୍ତ
ବୋଲି ବିଗ୍ଣିତ କରାଯିବ।
21"ସେହି ସ୍ଥାନରେ ଲୋକମାନେ ଗୃହ ନିର୍ମାଣ କରି
ତହିଁରେ ବାସ କରିବେ ଓ ସେମାନେ ଦ୍ରାକ୍ଷାକ୍ଷେତ ପ୍ରସ୍ତୁତ
କରି ତାହାର ଫଳ ଭୋଗ କରିବେ।
22ସେମାନେ ନିର୍ମାଣ କରିଥିବା ଗୃହରେ ଅନ୍ୟଲୋକ
ବାସ କରିପାରିବେ ନାହିଁ ଓ ସେମାନଙ୍କ ରୋପିତ ବୃକ୍ଷର
ଫଳ ଅନ୍ୟଲୋକ ଭୋଗ କରିବ ନାହିଁ। କାରଣ ଆମ୍ଭ
ଲୋକମାନଙ୍କର ଆୟୁ ବୃକ୍ଷର ଆୟୁତୁଲ୍ୟ ହେବ ଓ ଆମ୍ଭ
ମନୋନୀତ ଲୋକମାନେ ଦୀର୍ଘକାଳ ପର୍ଯ୍ୟନ୍ତ ନିଜ ହସ୍ତକୃତ
କର୍ମଫଳ ଭୋଗ କରିବେ।
23ସେମାନେ ଅନିୟମିତ ପରିଶ୍ରମ କରିବେ ନାହିଁ। ସେମାନେ
ବିନାଶ ପାଇଁ ଦୈବ ନିଯୁକ୍ତ ସନ୍ତାନ ପ୍ରସବ କରିବେ ନାହିଁ।
ସେମାନେ ଓ ସେମାନଙ୍କର ସନ୍ତାନଗଣ ଆଶୀର୍ବାଦ ପାତ୍ରର
ପରିବାରରୁ ହେବେ।
24ପୁଣି ସେମାନେ ଡାକିବା ପୂର୍ବରୁ ଆମ୍ଭେ ଉତ୍ତର ଦେବା
ଓ ସେମାନେ କଥା କହୁ କହୁ ଆମ୍ଭେ ଶୁଣିବା।
25ଗଧିଆ ଓ ମେଣ୍ଢାଛୁଆ ଏକତ୍ର ରହିବେ, ସିଂହ ଗୋରୁପରି
ପରି ନଡ଼ା ଖାଇବ। ପୁଣି ଧୂଳି ସର୍ପର ଖାଦ୍ୟ ହେବ।
ସେମାନେ ଆମ୍ଭ ପବିତ୍ର ପର୍ବତରେ କୌଣସି ସ୍ଥାନରେ ହିଂସା
କି ବିନାଶ କରିବେ ନାହିଁ। ସଦାପ୍ରଭୁ ଏହା କୁହନ୍ତି।"

## ପରମେଶ୍ୱର ସମସ୍ତ ଗୋଷ୍ଠୀର ବିଗ୍ଣର କରିବେ

66 ସଦାପ୍ରଭୁ ଏହିକଥା କୁହନ୍ତି, "ସ୍ୱର୍ଗ ଆମ୍ଭର ସିଂହାସନ
ଓ ପୃଥିବୀ ଆମ୍ଭର ପାଦପୀଠ। ତୁମ୍ଭେମାନେ ଆମ୍ଭପାଇଁ
କି ପ୍ରକାର ଗୃହ ନିର୍ମାଣ କରିପାରିବ ଓ କେଉଁ ପ୍ରକାର ସ୍ଥାନ
ଆମ୍ଭର ବିଶ୍ରାମସ୍ଥଳ ହେବ?
2ପୁଣି ସଦାପ୍ରଭୁ କୁହନ୍ତି ଆମ୍ଭେ ସମସ୍ତ ପଦାର୍ଥ ନିର୍ମାଣ
କରିଛୁ। ତେଣୁ ଏ ସମସ୍ତର ଅଧିକାରୀ ଆମ୍ଭେ ଅଟୁ।" ମାତ୍ର
"ଯେଉଁମାନେ ଦୁଃଖୀ ଓ ଚୂର୍ଣ୍ଣମନା ଓ ଯେ ଆମ୍ଭ ବାକ୍ୟରେ
ଥରହର ହୁଏ, ତାହା ପ୍ରତି ଆମ୍ଭେ ଦୃଷ୍ଟି ଦେବା।
3ଯେ ଗୋବଧ କରେ ସେ ନରହତ୍ୟାକାରୀ ପରିହୁଏ,
ଯେ ମେଷଶାବକ ବଳିଦାନ କରେ ସେ କୁକୁରର ବେକ
କାଟିଲା ଲୋକପରି ହୁଏ, ଯେ ନୈବେଦ୍ୟ ଉତ୍ସର୍ଗ କରେ,
ସେ ଶୂକର ରକ୍ତ ଉତ୍ସର୍ଗ କରିବା ଲୋକପରି ହୁଏ, ଯେ
ସୁବାସିତ ଧୂପ ଜଳାଏ, ସେ ଦେବତାର ଧନ୍ୟବାଦ କରିବା
ଲୋକପରି ହୁଏ। ସେମାନେ ନିଜ ନିଜ ପଥ ମନୋନୀତ
କରିଅଛନ୍ତି। ସେମାନଙ୍କର ଆତ୍ମା ନିଜର ଘୃଣାଯୋଗ୍ୟ ବିଷୟରେ
ସନ୍ତୁଷ୍ଟ ହୁଏ।
4ମୁଁ ସେମାନଙ୍କ ପ୍ରତି କଠୋର ହେବି ଓ ଆଣିବି ଯାହା
ସେମାନେ ଭୟ କରନ୍ତି କାରଣ ସେମାନେ ଉତ୍ତର କଲେ
ନାହିଁ, ଯେତେବେଳେ ମୁଁ ସେମାନଙ୍କୁ ଡାକିଲି ଏବଂ ଶୁଣିଲେ
ନାହିଁ ଯେତେବେଳେ ସେମାନେ କୁହା ହେଲେ। ସେମାନେ
ସବୁକିଛି କଲେ ଯାହା ମୋର ଚକ୍ଷୁରେ ମନ୍ଦ ବୋଲି ବୁଝା
ହେଲା। ସେମାନେ ଜିନିଷ ମନୋନୀତ କଲେ, ଯାହା ମୁଁ
ପସନ୍ଦ କଲି ନାହିଁ।"
5ତୁମ୍ଭେ ଯେଉଁମାନେ ସଦାପ୍ରଭୁଙ୍କ ବାକ୍ୟରେ କମ୍ପିତ
ହେଉଅଛ, ତାଙ୍କର ବାକ୍ୟ ଶୁଣ। "ତୁମ୍ଭମାନଙ୍କର ଭାଇମାନେ
ଯେ ତୁମ୍ଭମାନଙ୍କୁ ଘୃଣା କରନ୍ତି ଓ ଆମ୍ଭର ନାମ ସକାଶେ
ତୁମ୍ଭମାନଙ୍କୁ ଦୂର କରନ୍ତି; ସେମାନେ କହି ଅଛନ୍ତି, 'ଆମ୍ଭେ
ଯେପରି ତୁମ୍ଭମାନଙ୍କର ଆନନ୍ଦ ଦେଖି ପାରିବା, ଏଥିପାଇଁ
ସଦାପ୍ରଭୁ ମହିମାନ୍ୱିତ ହୁଅନ୍ତୁ;' ମାତ୍ର ସେମାନେ ଲଜ୍ଜିତ
ହେବେ।

## ଶାସ୍ତି ଓ ଏକ ନୂତନ ଗୋଷ୍ଠୀ

6ଏହି ଶୁଣ, ନଗରରୁ କଳହର ରବ ଓ ମନ୍ଦିରରୁ ଏକ
ସ୍ୱର ଆସୁଅଛି। ନିଜର ଶତ୍ରୁମାନଙ୍କୁ ପ୍ରତିଫଳ ଦେଉଥିବା
ସଦାପ୍ରଭୁଙ୍କର ହେଉଛି ଏହି ରବ।
7-8"କୌଣସି ରମଣୀ ଗର୍ଭବେଦନା ପାଇଲା ପରେ ପୁତ୍ର
ସନ୍ତାନ ଜନ୍ମ ଦିଏ। ଗର୍ଭବେଦନା ପୂର୍ବେ ସେ ପ୍ରସବ କଲା।
ଏପ୍ରକାର କିଏ ଶୁଣି ଅଛି। ଏପ୍ରକାର କିଏ ଦେଖିଅଛି? ଏକ
ଦିନରେ କ'ଣ କୌଣସି ଦେଶ ଜନ୍ମ ନେବ? କୌଣସି
ଗୋଷ୍ଠୀକୁ କ'ଣ ଲୋକେ ଏକାବେଳକେ ଜନ୍ମ ଦେବେ?
ସିୟୋନ ଗର୍ଭ ବେଦନା ପାଇଲାମାତ୍ରେ, ସେ ତା'ର ସନ୍ତାନଗଣଙ୍କୁ
ପ୍ରସବ କଲା। 9ସଦାପ୍ରଭୁ କୁହନ୍ତି, "ଆମ୍ଭେ କ'ଣ ପ୍ରସବ କାଳ
ଉପସ୍ଥିତ କରାଇ ପ୍ରସବ କରାଇବା ନାହିଁ?"
ପୁଣି ତୁମ୍ଭର ପରମେଶ୍ୱର କୁହନ୍ତି, "ଆମ୍ଭେ ପ୍ରସବ
କରାଉଥିବା ବ୍ୟକ୍ତି, କ'ଣ ଗର୍ଭରୋଧ କରି ପାରିବା?"
10ଯିରୁଶାଲମକୁ ପ୍ରେମ କରୁଥିବା ତୁମ୍ଭେମାନେ ସମସ୍ତେ
ତା ସହିତ ଆନନ୍ଦ କର ଓ ତା'ପାଇଁ ଉଲ୍ଲସିତ ହୁଅ। ପୁଣି
ତା ପାଇଁ ଶୋକ କରୁଥିବା ତୁମ୍ଭେମାନେ ସମସ୍ତେ ତା'ର
ଆନନ୍ଦ ପାଇଁ ଉଲ୍ଲାସ କର।
11ତହିଁରେ ତୁମ୍ଭେମାନେ ତାହାର ଦୟାରୂପ ସ୍ତନ୍ୟପାନ
କରି ତୃପ୍ତ ହେବ; ତୁମ୍ଭେମାନେ ତା'ର "ଦୁଗ୍ଧ" ଦୋହନ କରି
ତାହାର ଐଶ୍ୱର୍ଯ୍ୟର ବାହୁଲ୍ୟରେ ଆନନ୍ଦିତ ହେବ।
12ସଦାପ୍ରଭୁ ଏହା କୁହନ୍ତି, "ଏହା ଶାନ୍ତ ରୂପେ ତା'ର
ଜଳପୂର୍ଣ୍ଣ ଝରଣା ଆଡ଼କୁ ବହିବ। ଜାତିଗଣର ଧନ ସମ୍ପତ୍ତି
ଗୋଟିଏ ପରିପୂର୍ଣ୍ଣ ଝରଣା ସଦୃଶ, ତୁମ୍ଭେ ସେବିକ ହେବ
ଏବଂ ଗୋଟିଏ ଅଣ୍ଟାରେ ବହନ ହେବ।
13ମାଆ ଯେପରି ତା'ର ସନ୍ତାନକୁ ସାନ୍ତ୍ୱନା ଦିଏ, ଆମ୍ଭେ
ସେହିପରି ତୁମ୍ଭମାନଙ୍କୁ ସାନ୍ତ୍ୱନା ଦେବା ଓ ତୁମ୍ଭେମାନେ
ଯିରୁଶାଲମରେ ସାନ୍ତ୍ୱନା ଲାଭ କରିବ।"
14ପୁଣି ତୁମ୍ଭେମାନେ ଏହା ଦେଖିବ ଓ ତୁମ୍ଭମାନଙ୍କର
ହୃଦୟ ଆନନ୍ଦିତ ହେବ। ଆଉ ତୁମ୍ଭମାନଙ୍କ ଅସ୍ଥି ନୂତନ ତୃଣ
ସଦୃଶ ସତେଜ ହେବ। ସଦାପ୍ରଭୁଙ୍କର ହସ୍ତ ତାହାଙ୍କ ଦାସମାନଙ୍କ
ଉପରେ ପ୍ରକାଶିତ ହେବ। ଆଉ ମଧ୍ୟ ସେ ନିଜ ଶତ୍ରୁମାନଙ୍କ
ଉପରେ କ୍ରୁପିତ ହେବେ।
15ଦେଖ, ସଦାପ୍ରଭୁ ଅତ୍ୟନ୍ତ କ୍ରୋଧରେ ପ୍ରଜ୍ୱଳିତ ଅଗ୍ନିଶିଖାରେ
ସେମାନଙ୍କୁ ଭର୍ତ୍ସନା କରିବାକୁ ଆଗମନ କରିବେ। ସେ ଅଗ୍ନି
ସଦୃଶ ଓ ତାଙ୍କର ରଥସବୁ ଘୂର୍ଣ୍ଣିବାୟୁ ତୁଲ୍ୟ ହେବ।
16କାରଣ ସଦାପ୍ରଭୁ ଅଗ୍ନି ଓ ଖଡ୍ଗଦ୍ୱାରା ମର୍ତ୍ତ୍ୟର ସମସ୍ତ

ବିବାଦ ନିଷ୍ପନ୍ନ କରିବେ। ସେତେବେଳେ ସଦାପ୍ରଭୁଙ୍କ ଦ୍ୱାରା
ନିହତ ଲୋକ ଅନେକ ହେବେ।

17ସଦାପ୍ରଭୁ ପୁଣି କୁହନ୍ତି, "ଯେଉଁମାନେ ଅନ୍ୟକୁ ଅନୁସରଣ
କରି ଉଦ୍ୟାନକୁ ଯିବା ପାଇଁ ନିଜକୁ ପବିତ୍ର ଓ ଶୁଚି କରନ୍ତି
ଓ

ଶୂକର ମାଂସ, ଘୃଣ୍ୟଦ୍ରବ୍ୟ ଓ ମୂଷା ଖାଆନ୍ତି, ସେମାନେ
ସମସ୍ତେ ଏକତ୍ର ବିନଷ୍ଟ ହେବେ।"

18"କାରଣ ଆମ୍ଭେ ସେମାନଙ୍କର କାର୍ଯ୍ୟ ଓ ଶିକ୍ଷାପ୍ରଣାଳୀ
ଜାଣୁଁ, ସର୍ବଦେଶୀୟ ଓ ଭାଷାବାଦୀ ଲୋକଙ୍କୁ ଆମ୍ଭର ସଂଗ୍ରହ
କରିବାର ସମୟ ଆସୁଅଛି ଓ ସେମାନେ ଆସି ଆମ୍ଭର
ମହିମା ଦେଖିବେ। 19ଆମ୍ଭେ ସେମାନଙ୍କ ମଧ୍ୟରେ ଏକ
ସଙ୍କେତ ସ୍ଥାପନ କରିବା ଓ ସେମାନଙ୍କ ମଧ୍ୟରୁ ରକ୍ଷାପ୍ରାପ୍ତ
ଲୋକମାନଙ୍କୁ ବିଭିନ୍ନ ଦେଶ ଯଥା- ତର୍ଶୀଶ, ଫୂଲ ଓ ଲୂଦ,
ଯେଉଁମାନେ ଧନୁର୍ଦ୍ଧର, ତୁବଲ ଓ ଯବନ ତଥା ଦୂରସ୍ଥ
ଦ୍ୱୀପଗଣ ଆମ୍ଭର ସୁଖ୍ୟାତି ବିଷୟରେ କେବେ ଶୁଣି ନାହାଁନ୍ତି
କିମ୍ବା ଆମ୍ଭର ପ୍ରତାପ ଦେଖିନାହାଁନ୍ତି, ସେହିମାନଙ୍କ ନିକଟକୁ
ପ୍ରେରଣ କରିବା ଓ ସେମାନେ ବିଭିନ୍ନ ଦେଶୀୟମାନଙ୍କ
ମଧ୍ୟରେ ଆମ୍ଭର ମହିମା ପ୍ରକାଶ କରିବେ। 20ସଦାପ୍ରଭୁ
କୁହନ୍ତି, ଇଶ୍ରାୟେଲର ଲୋକମାନେ ଯେପରି ପବିତ୍ର ପାତ୍ରରେ
ସଦାପ୍ରଭୁଙ୍କ ମନ୍ଦିରକୁ ଉପହାର ଆଣନ୍ତି, ସେହିପରି ସେମାନେ
ତୁମ୍ଭମାନଙ୍କର ଭ୍ରାତାମାନଙ୍କୁ ଅଶ୍ୱ ଉପରେ ରଥ ଆଣିବେ ଏବଂ
ଦ୍ରୁତଗତି ପଶୁଗୁଡିକ ବିଭିନ୍ନ ଦେଶରୁ ଯିରୁଶାଲମକୁ ସଦାପ୍ରଭୁଙ୍କ
ପ୍ରତି ଉପହାର ସ୍ୱରୂପ ଆସିବ। 21ଆଉ ମଧ୍ୟ ସଦାପ୍ରଭୁ
କୁହନ୍ତି, ଆମ୍ଭେ ସେମାନଙ୍କ ମଧ୍ୟରୁ ଯାଜକ ଓ ଲେବୀୟ
ହେବାପାଇଁ ଲୋକ ଗ୍ରହଣ କରିବୁ।"

## ନୂତନ ସ୍ୱର୍ଗ ଓ ନୂତନ ପୃଥିବୀ

22"କାରଣ ଆମ୍ଭେ ଯେଉଁ ନୂତନ ସ୍ୱର୍ଗମଣ୍ଡଳ ଓ ନୂତନ
ପୃଥିବୀ ନିର୍ମାଣ କରିବା, ତାହା ଯେପରି ଆମ୍ଭ ସମ୍ମୁଖରେ
ସ୍ଥାୟୀ ହେବ, ସେହିପରି ତୁମ୍ଭମାନଙ୍କର ବଂଶ ଓ ତୁମ୍ଭମାନଙ୍କର
ନାମ ସ୍ଥାୟୀ ହେବ, ଏହା ସଦାପ୍ରଭୁ କୁହନ୍ତି। 23ସଦାପ୍ରଭୁ
ପୁଣି କହନ୍ତି ଯେ, ପୃଥିବୀର ସମସ୍ତ ଲୋକ ମୋ ପାଖକୁ
ପୂଜା କରିବା ପାଇଁ ଗୋଟିଏ ନୂତନ ଚନ୍ଦ୍ରରୁ ଅନ୍ୟ ଗୋଟିଏ
ନୂତନ ଚନ୍ଦ୍ରକ ଏବଂ ଗୋଟିଏ ବିଶ୍ରାମବାରଠାରୁ ଅନ୍ୟ ବିଶ୍ରାମଦିନ
ଆସିବ।

24"ପୁଣି ସେମାନେ ବାହାରେ ଯାଇ ଆମ୍ଭ ବିରୁଦ୍ଧାଚରଣ
କରୁଥିବା ପାପୀ ଲୋକମାନଙ୍କର ଶବ ଦେଖିବେ। କାରଣ
ସେମାନଙ୍କର କୀଟ ମରିବ ନାହିଁ କିମ୍ବା ସେମାନଙ୍କର ଅଗ୍ନି
ନିର୍ବାପିତ ହେବ ନାହିଁ। ଆଉ ମଧ୍ୟ ସେମାନେ ସମସ୍ତେ
ମର୍ତ୍ତ୍ୟର ଘୃଣାର ପାତ୍ର ହେବେ।"

# ପରମଗୀତ

1 ଶଲୋମନଙ୍କର ପରମଗୀତର ଗୀତଗୁଡ଼ିକ।

### ସ୍ତ୍ରୀ ପୁରୁଷକୁ ଭଲପାଏ

2ମୋତେ ଚୁମ୍ବନ ଦିଅ। ତୁମ୍ଭ ପାଟିରେ ମୋତେ ଚୁମ୍ବନ
ଦିଅ। ତୁମ୍ଭର ପ୍ରେମ ଦ୍ରାକ୍ଷାରସଠାରୁ ଉତ୍ତମ।
3ତୁମ୍ଭ ସୁଗନ୍ଧି ତୈଳର ସୁବାସ ଉତ୍ତମ। ତୁମ୍ଭ ନାମ ଢଳା
ସୁଗନ୍ଧି ତୈଳ ସ୍ୱରୂପ। ତେଣୁ କୁମାରୀଗଣ ତୁମ୍ଭକୁ ପ୍ରେମ
କରନ୍ତି।
4ମୋତେ ଏକା ତୁମ୍ଭ ପାଖକୁ ଟାଣିନିଅ। ଆସ ଆମ୍ଭେ
ଏକତ୍ରୀତ ହୋଇ ଦୌଡ଼ିବା। ରାଜା ଆପଣା ଅନ୍ତଃପୁରକୁ
ମୋତେ ଆଣିଅଛନ୍ତି।

### ପୁରୁଷମାନଙ୍କ ପାଇଁ ଯିରୁଶାଲମର ସ୍ତ୍ରୀମାନେ

ଆମ୍ଭେମାନେ ତୁମ୍ଭଠାରେ ଆନନ୍ଦିତ ହେବା ଓ ଉଲ୍ଲାସ କରିବା। ଆମ୍ଭେମାନେ ଦ୍ରାକ୍ଷାରସ ଅପେକ୍ଷା ତୁମ୍ଭର ପ୍ରେମର ବିଷୟ ଅଧିକ କହିବୁ। ଏହା ଯଥାର୍ଥ ଯେ, ଲୋକେ ତୁମ୍ଭକୁ ପ୍ରେମ କରନ୍ତି।

### ସେ(ସ୍ତ୍ରୀ) ସ୍ତ୍ରୀଲୋକମାନଙ୍କୁ କହିଲେ

5ଆଗୋ ଯିରୁଶାଲମର କନ୍ୟାଗଣ, ମୁଁ କେଦାରର ତମ୍ବୁ
ତୁଲ୍ୟ, ଶଲୋମନଙ୍କର ଯବନିକା ତୁଲ୍ୟ କୃଷ୍ଣବର୍ଣ୍ଣ, ତଥାପି
ସୁନ୍ଦରୀ।
6ମୋତେ ଦେଖ ନାହିଁ କାରଣ ସୂର୍ଯ୍ୟ ମୋତେ କଳା
କରିଅଛି। ମୋର ମାତାର ସନ୍ତାନଗଣ ମୋ ଉପରେ ରାଗିଥିଲେ।
ସେମାନେ ମୋତେ ଦ୍ରାକ୍ଷାକ୍ଷେତ୍ର ସମୂହର ରକ୍ଷକ କଲେ। ମାତ୍ର
ମୁଁ ମୋର ନିଜ ଦ୍ରାକ୍ଷାକ୍ଷେତ୍ରର ଯତ୍ନ ନେଇ ପାରିଲି ନାହିଁ।

### ସେ(ସ୍ତ୍ରୀ) ତାହାଙ୍କୁ(ପୁ) କହେ

7ହେ ମୋର ପ୍ରାଣର ପ୍ରିୟତମ, ତୁମ୍ଭେ କେଉଁଠାରେ
ଆପଣା ଗୋରୁଗାଈ ଚରାଉ ଅଛ। ମଧ୍ୟାହ୍ନରେ କେଉଁଠାରେ
ଶୟନ କରାଉ ଅଛ, ତାହା ମୋତେ ଜଣାଅ। ତୁମ୍ଭ ସାଙ୍ଗ
ଗହଣରେ ମୁଁ କାହିଁକି ଜଣେ ଓଢ଼ଣା ଦେଉଥିବା ସ୍ତ୍ରୀ
ଲୋକପରି ହେବି?

### ସେ (ପୁ) ତାହାଙ୍କୁ (ସ୍ତ୍ରୀ) କହେ

8ହେ ନାରୀ, ତୁମ୍ଭେ କେତେ ସୁନ୍ଦରୀ! ନିଶ୍ଚୟ ତୁମ୍ଭେ
ଜାଣ କ'ଣ କରିବାକୁ ହେବ। ମେଷମାନଙ୍କୁ ଅନୁସରଣ କର
ଏବଂ ତୁମ ମେଷଗଣଙ୍କୁ ମେଷପାଳକ ତମ୍ବୁ ନିକଟରେ
ଚରାଅ।
9ଆଗୋ ମୋର ପ୍ରିୟେ, ମୁଁ ଫାରୋର ରଥର ଅଶ୍ୱିନୀ
ସଙ୍ଗେ ତୁମ୍ଭର ଉପମା ଦେଇଅଛି।
10ତୁମ୍ଭର ଗାଲରେ ଗଣ୍ଡ ଯୁଗଳ, ତୁମ୍ଭ ଗଳା ଦେଶରେ
ରତ୍ନହାରରେ ସୁଶୋଭିତ। 11ମୁଁ ତୁମ୍ଭ ପାଇଁ ରୂପାଭୁଣ୍ଡି ଲଗା
ସୁବର୍ଣ୍ଣ ବେଣୀ ପ୍ରସ୍ତୁତ କରିବ।

### ସେ(ସ୍ତ୍ରୀ) କହିଲେ

12ରାଜା ଭୋଜନାସନରେ ଉପବିଷ୍ଟ ଥିବାବେଳେ ମୋ
ଜଟାମାଂସୀର ସୁବାସ ବ୍ୟାପ୍ତ ହେଲା।
13ମୋର ପ୍ରିୟତମ, ମୋ ବକ୍ଷସ୍ଥଳ ମଧ୍ୟରେ ଥିବା
ଗନ୍ଧରସ ବୃକ୍ଷର ଥୋପା ତୁଲ୍ୟ ମୋ ପ୍ରତି ଅଟନ୍ତି।
14ମୋ ପ୍ରିୟତମ, ମୋ ପ୍ରତି ଐନଗଦିର ଦ୍ରାକ୍ଷା କ୍ଷେତ୍ରସ୍ଥ
ହେନା ପୁଷ୍ପ ଗୁଚ୍ଛ ତୁଲ୍ୟ ଅଟନ୍ତି।

### ସେ(ପୁ) କହିଲେ

15ଆଗୋ ମୋର ପ୍ରିୟେ, ଦେଖ, ତୁମ୍ଭେ ସୁନ୍ଦରୀ ଦେଖ।
ତୁମ୍ଭେ ସୁନ୍ଦରୀ ଅଟ। ତୁମ୍ଭର ଆଖି କପୋତ ପରି ଅଟେ।

### ସେ(ସ୍ତ୍ରୀ) କହିଲେ

16ଦେଖ, ହେ ମୋର ପ୍ରିୟତମା, ତୁମ୍ଭେ ସୁନ୍ଦରୀ ଅଟ,
ହଁ ତୁମ୍ଭେ ମନୋଲୋଭା ଏବଂ ଆମ୍ଭମାନଙ୍କର ଶଯ୍ୟା ତାଜା
ସବୁଜ ଘାସ ଅଟେ।
17ଏରସ କାଠ ଆମ୍ଭମାନଙ୍କ ଗୃହର କଡ଼ି ଓ ଦେବଦାରୁ
କାଠ ଆମ୍ଭମାନଙ୍କର ବର୍ଗା।
2 ମୁଁ ଶାରୋଣର ଗୋଲାପ ଏବଂ ଉପତ୍ୟକାର କଇଁ ଫୁଲ
ଅଟେ।

### ସେ(ପୁ) କହିଲେ

2ହେ ମୋର ପ୍ରିୟେ, କଣ୍ଟକ ମଧ୍ୟରେ ଶୋଶନ୍ ପୁଷ୍ପ,
ସେହିପରି ତୁମ୍ଭେ ଯୁବତୀଗଣ ମଧ୍ୟରେ ମୋର ପ୍ରିୟା।

### ସେ(ସ୍ତ୍ରୀ) କହିଲେ

3ଯେପରି ବନବୃକ୍ଷମାନଙ୍କ ମଧ୍ୟରେ ନାଗ ରଙ୍ଗ ବୃକ୍ଷ,
ସେହିପରି ଯୁବାମାନଙ୍କ ମଧ୍ୟରେ ପ୍ରିୟତମ।

### ସେ(ସ୍ତ୍ରୀ) ସ୍ତ୍ରୀଲୋକମାନଙ୍କୁ କହିଲେ

ମୁଁ ପରମ ଆନନ୍ଦରେ ତାହାଙ୍କ ଛାୟା ତଳେ ବସିଲି ଓ
ତାହାଙ୍କ ଫଳ ମୋ ତୁଣ୍ଡକୁ ସ୍ୱାଦୁ ଲାଗିଲା।
4ସେ ଆପଣା ଭୋଜନପାନର ଗୃହକୁ ମୋତେ ଆଣିଲେ।
ମୋ ଉପରେ ପ୍ରେମ ହିଁ ତାଙ୍କର ପତାକା ହେଲା।

5କିସ୍‌ମିସ୍ ପିଠା ଦେଇ ମୋତେ ଶକ୍ତିଶାଳୀ କର ଓ
ସେଓ ଦେଇ ମୋତେ ସତେଜ କରି ଦିଅ, କାରଣ ମୁଁ ପ୍ରେମ
ସହିତ ପୀଡ଼ିତା।
6ତାହାଙ୍କ ବାମହସ୍ତ ମୋ ମସ୍ତକ ତଳେ ଅଛି। ତାହାଙ୍କ
ଦକ୍ଷିଣ ହସ୍ତ ମୋତେ ଆଲିଙ୍ଗନ କରେ।
7ହେ ଯିରୁଶାଲମ ଚତୁଃପାର୍ଶ୍ୱର କ୍ଷେତ୍ରସବୁ*, କ୍ଷେତ୍ରସ୍ଥିତ
ହରିଣୀ ଓ ମୃଗୀଗଣର ନାମରେ ମୋଠାରେ ପ୍ରତିଜ୍ଞା କର।
ଉଚିତ୍ ସମୟରେ ନହେବା ପର୍ଯ୍ୟନ୍ତ ପ୍ରେମକୁ ଜଗାଅ ନାହିଁ।

### ସେ(ସ୍ତ୍ରୀ) ପୁନର୍ବାର କହିଲେ

8ମୁଁ ମୋର ପ୍ରିୟତମର ରବ ଶୁଣୁ ଅଛି। ଦେଖ ସେ
ପର୍ବତଗଣ ଉପରେ କୁଦି ଉପପର୍ବତଗଣ ଉପରେ ଡେଇଁ
ଡେଇଁ ଆସୁ ଅଛନ୍ତି।
9ମୋହର ପ୍ରିୟତମ ଏକ ହରିଣ ଓ ଏକ ତରୁଣ
ମୃଗତୁଲ୍ୟ। ଦେଖ, ସେ ଝରକା ଦେଇ ଅନାଇ ଅଛନ୍ତି,
ପ୍ରାଚୀର ପଛେ ଠିଆ ହୋଇଛନ୍ତି। ସେ ଜାଲି ପରଦା ବାଟେ
ଆପଣାକୁ ଦେଖାଉ ଅଛନ୍ତି।
10ମୋହର ପ୍ରିୟତମ କଥା କହିଲେ ଓ ସେ ମୋତେ
କହିଲେ, "ହେ ମୋର ପ୍ରିୟେ, ମୋହର ସୁନ୍ଦରୀ, ଉଠ,
ବାହାରି ଆସ।
11କାରଣ ଦେଖ ଶୀତ ଚାଲି ଯାଇଛି ଓ ବୃଷ୍ଟି ବନ୍ଦ
ହୋଇଯାଇଛି।
12ଭୂମିରେ ପୁଷ୍ପଗୁଡିକ ପ୍ରସ୍ଫୁଟିତ ହୋଇଅଛି। ପକ୍ଷୀଗଣର
ଗାୟନକାଳ ଉପସ୍ଥିତ ହୋଇଛି। ଆମ୍ଭମାନଙ୍କ ଦେଶରେ କପୋତର
ଶବ୍ଦ ଶୁଣା ଯାଉଅଛି।
13ପାଚିଲା ଡିମ୍ବିରି ଫଳସବୁ ଡିମିରି ବୃକ୍ଷରେ ଅଙ୍କୁରିତ
ହେଉଛି। ଦ୍ରାକ୍ଷାଲତା ପୁଷ୍ପିତ ହୋଇ ଏହାର ସୁବାସ ବିଚ୍ଛୁରିତ
ହୋଇ ଯାଉଛି। ହେ ମୋର ପ୍ରିୟେ, ମୋର ସୁନ୍ଦରୀ, ଉଠ
ଏବଂ ବାହାରକୁ ଆସ।"
14ହେ ମୋର କପୋତି, ତୁମ୍ଭେ ଶୈଳର ଫାଟରେ
ଗଡ଼ନ୍ତି ସ୍ଥାନର ଅନ୍ତରାଳରେ ଅଛ। ମୋତେ ତୁମ୍ଭ ରୂପ
ଦେଖିବାକୁ ଦିଅ। ମୋତେ ତୁମ୍ଭ ରବ ଶୁଣିବାକୁ ଦିଅ।
କାରଣ ତୁମ୍ଭର ରବ ସୁମିଷ୍ଟ ଓ ତୁମ୍ଭର ରୂପ ମନୋହର।

### ସେ(ସ୍ତ୍ରୀ) ସ୍ତ୍ରୀଲୋକମାନଙ୍କୁ କହିଲେ

15ଆମ୍ଭମାନଙ୍କ ଦ୍ରାକ୍ଷାକ୍ଷେତ୍ର ନଷ୍ଟ କରୁଥିବା ଛୋଟ
କୋକିଶିଆଳଗୁଡ଼ିକୁ ଧର। କାରଣ ଆମ୍ଭମାନଙ୍କ ଦ୍ରାକ୍ଷାକ୍ଷେତ୍ର
ପୁଷ୍ପିତ ହୋଇଅଛି।
16ହେ ମୋର ପ୍ରିୟତମ, ତୁମ୍ଭେ ମୋର, ମୁଁ ତାଙ୍କର
ଅଟେ। ମୋର ପ୍ରିୟତମ, ସେ କଇଁଫୁଲମାନଙ୍କ ମଧ୍ୟରେ
ଆପଣା ପଲ ଚରାଉ ଅଛନ୍ତି।
17ହେ ମୋର ପ୍ରିୟତମ, ଯେତେବେଳେ ଦିନ ଆସେ ଓ
ଛାଇ ତୁମ୍ଭଠାରୁ ଚାଲିଯାଏ, ଫେରିଆସ, ବେଥର ପର୍ବତର
ହରିଣ ଓ ମୃଗଶାବକ ତୁଲ୍ୟ ହୁଅ।

### ସେ(ସ୍ତ୍ରୀ) କହିଲେ

3 ରାତ୍ରିରେ ବିଛଣାରେ ମୁଁ ମୋର ମନର ମଣିଷକୁ
ଖୋଜିଲି ଯାହାକୁ ମୁଁ ପ୍ରେମ କରେ। ମୁଁ ତାହାଙ୍କୁ
ଖୋଜିଲି। କିନ୍ତୁ ମୁଁ ତାଙ୍କୁ ପାଇଲି ନାହିଁ।
2ମୁଁ କହିଲି, ମୁଁ ଏବେ ଉଠି ନଗର ଭ୍ରମଣ କରିବି।
ଯାହାକୁ ମୋର ପ୍ରାଣ ପ୍ରେମ କରେ, ତାହାଙ୍କୁ ମୁଁ ଗଳିଗଳି
ଛକଛକ ଖୋଜିବି। ମୁଁ ତାହାଙ୍କୁ ଖୋଜିଲି ମାତ୍ର ପାଇଲି
ନାହିଁ।
3ନଗର ଭ୍ରମଣକାରୀ ପ୍ରହରୀମାନେ ମୋତେ ଦେଖିଲେ।
ମୁଁ ସେମାନଙ୍କୁ ପଚାରିଲି, "ଯାହାଙ୍କୁ ମୋର ପ୍ରାଣ ପ୍ରେମ
କରେ, ତାହାଙ୍କୁ ତୁମ୍ଭେ ଦେଖିଛ କି?"
4ସେମାନଙ୍କୁ ଛାଡ଼ିବାର ଅଳ୍ପକ୍ଷଣ ପରେ ଯାହାକୁ ମୋର
ପ୍ରାଣ ପ୍ରେମ କରେ, ତାହାଙ୍କୁ ମୁଁ ପାଇଲି। ମୁଁ ତାଙ୍କୁ ମୋର
ମାଆର ଗୃହର କୋଠରୀକୁ ନେଇଗଲି, ଯେଉଁଠାରେ ମୁଁ
ଗର୍ଭରେ ସଞ୍ଚାରିତ ହୋଇଥିଲି, ମୁଁ ତାଙ୍କୁ ଧରି ରଖିଲି ଏବଂ
ଯିବାକୁ ଦେଲି ନାହିଁ।

### ସେ(ସ୍ତ୍ରୀ) ଲୋକମାନଙ୍କୁ କହିଲେ

5ହେ ଯିରୁଶାଲମ ଚତୁଃପାର୍ଶ୍ୱର କ୍ଷେତସବୁ, କ୍ଷେତ୍ରର ହରିଣ
ଓ କୃଷ୍ଣସାର ମୃଗଗଣର ନାମରେ ପ୍ରତିଜ୍ଞା କର। ଉଚିତ୍
ସମୟ ନ ହେବା ଯାଏଁ ତୁମ୍ଭେମାନେ ପ୍ରେମକୁ ଜାଗ୍ରତ କର
ନାହିଁ।

### ସେ(ପୁ) ଏବଂ ତାଙ୍କର ଅନୁଢ଼ା କନ୍ୟା

6ସିଏ କିଏ ଅଟେ। ଯେଉଁ ସ୍ତ୍ରୀ ଲୋକ ଧୂମ୍ର
ସ୍ତମ୍ଭ ତୁଲ୍ୟ ପ୍ରାନ୍ତରରୁ ଆସୁଅଛି। ଗନ୍ଧରସ ଓ କୁନ୍ଦୁରୁରେ,
ଗନ୍ଧବଣିକର ସର୍ବପ୍ରକାର ସୁଗନ୍ଧି ଚୂର୍ଣ୍ଣରେ ସୁବାସିତା
ହୋଇ।
7ଦେଖ, ତାହା ଶଲୋମନଙ୍କର ଘୋଡା ଗାଡି। ସେଠାରେ
ଷାଠିଏ ଜଣ ଇସ୍ରାୟେଲୀୟ ରଥକୁ ଘେରି ଅଛନ୍ତି।
8ସେ ସମସ୍ତେ ଖଡ୍ଗଧାରୀ ଓ ଯୁଦ୍ଧରେ ନିପୁଣ। ରାତ୍ରି
କାଳରେ ଆଶଙ୍କା ହେତୁ। ପ୍ରତ୍ୟେକର କଟି ଦେଶରେ ସ୍ୱ ସ୍ୱ
ଖଡ୍ଗ ବନ୍ଧା ଥାଏ।
9ଶଲୋମନ ରାଜା ଆପଣା ପାଇଁ ଲିବାନୋନ୍‌ର କାଠରେ
ଏକ ପାଲିଙ୍କି ନିର୍ମାଣ କଲେ।
10ସେ ତହିଁରେ ସ୍ତମ୍ଭସବୁ ରୂପାର, ତହିଁର ତଳଭାଗ
ସୁବର୍ଣ୍ଣର ଓ ତହିଁର ଆସନ ବାଇଗଣି ରଙ୍ଗର ଏବଂ ତହିଁର
ଭିତର ପାଖଗୁଡିକ, ପ୍ରେମ ନିମନ୍ତେ ଯିରୁଶାଲମର ଚତୁଃପାର୍ଶ୍ୱର
ଗ୍ରାମଗୁଡିକ ସାମଗ୍ରି ଦ୍ୱାରା ସଜ୍ଜିତ ହୋଇଥିଲା।
11ଆଗୋ ସିୟୋନର କନ୍ୟାଗଣ, ତୁମ୍ଭେମାନେ ବାହାରେ
ଯାଇ ମୁକୁଟ ଭୂଷିତ ଶଲୋମନ ରାଜାଙ୍କୁ ଦେଖ। ତାହାଙ୍କ
ବିବାହ ଦିନରେ ଓ ତାହାଙ୍କ ମନର ଆନନ୍ଦ ଦିନରେ ତାହାଙ୍କ
ମାତା ତାହାଙ୍କୁ ସେହି ମୁକୁଟ ପିନ୍ଧାଇ ଅଛନ୍ତି।

### ସେ(ପୁ) ତାଙ୍କୁ(ସ୍ତ୍ରୀ) କହିଲେ

4 ହେ ମୋର ପ୍ରିୟେ, ଦେଖ, ତୁମ୍ଭେ ସୁନ୍ଦରୀ ଓ ତୁମ୍ଭେ
ଓଢଣା ତଳେ ସୁନ୍ଦରୀ ଦେଖାଯାଅ। ତୁମ୍ଭ ନେତ୍ର

---

**ଯିରୁଶାଲମର କ୍ଷେତ୍ରସବୁ** ଆକ୍ଷରିକ ଭାବରେ ଯିରୁଶାଲମର କନ୍ୟାଗଣ।

କପୋତ ତୂଲ୍ୟ ତୁମ୍ଭର କେଶ ଗିଲୟଦ ପର୍ବତରୁ ଓହ୍ଲାଇ
ଆସୁଥିବା ଛେଳପଲ ତୁଲ୍ୟ।
2ତୁମ୍ଭର ଦାନ୍ତଗୁଡ଼ିକ ନୂତନ ଲୋମକଟା, ସ୍ନାନରୁ ଉତ୍ଥିତ
ମେଷୀ ପଲ ତୁଲ୍ୟ। ସେଗୁଡ଼ିକୁ ଯଥାର୍ଥ ଭାବରେ ମାନିଛି
ଏବଂ ସେଗୁଡ଼ିକ ମଧ୍ୟରୁ କେହି ହଜି ନାହାନ୍ତି।
3ତୁମ୍ଭର ଓଷ୍ଠାଧର ଉଜ୍ଜ୍ୱଳ ଲୋହିତ ରଂଗର ଫିତା ଓ
ତୁମ୍ଭର ପାଟି ସୁନ୍ଦର। ଓଢ଼ଣା ତଳେ ତୁମ୍ଭ କପାଳ ଡ଼ାଳିମ୍ବ
ଖଣ୍ଡ ତୁଲ୍ୟ।
4ତୁମ୍ଭର ବେକ ସେହି ଦୁର୍ଗ ପରି ଯାହାକି ଦାଉଦଙ୍କର
ଅସ୍ତ୍ରାଗାର ଧାରଣ କରିଥିଲା। ସେହି ଦୁର୍ଗ ମଧ୍ୟରେ ଏକ
ସହସ୍ର ଚର୍ମ ବୀରଗଣର ସକଳ ଢାଲ ଟଙ୍ଗା ଯାଇଥିଲା।
5ତୁମ୍ଭର ସ୍ତନଯୁଗଳ ଶୋଶନ ପୁଷ୍ପ ବନରେ ଚରିବାର
ଯାଆଁଳା ହରିଣ ଛୁଆ ତୁଲ୍ୟ।
6ଦିବସ ନ ଆସିବା ପର୍ଯ୍ୟନ୍ତ ଓ ଛାୟା ବହିନଯିବା
ପର୍ଯ୍ୟନ୍ତ ମୁଁ ଗନ୍ଧରସ ପର୍ବତ ଓ କୁନ୍ଦୁରୁ ଉପପର୍ବତକୁ ଯିବି।
7ଆଗୋ ମୋର ପ୍ରିୟେ, ତୁମ୍ଭେ ମୁଣ୍ଡରୁ ପାଦ ଯାଏ
ସୁନ୍ଦରୀ। ତୁମ୍ଭଠାରେ କୌଣସି ଖୁଣ ନାହିଁ।
8ଆଗୋ ମୋର ପ୍ରିୟେ, ମୋ ସଙ୍ଗେ ଲିବାନୋନରୁ
ଆସ। ଅମାନାର ଶୃଙ୍ଗରୁ, ଶନୀର ଓ ହର୍ମୋଣରୁ ଏବଂ
ସିଂହମାନଙ୍କ ଗୁମ୍ଫାରୁ ଓ ଚିତା ବାଘମାନଙ୍କ ବାସ ସ୍ଥାନରୁ।
9ହେ ମୋର ଭଉଣୀ, ହେ ମୋର କନ୍ୟା, ତୁମ୍ଭେ ମୋର
ହୃଦୟକୁ ତୁମ୍ଭର ଚକ୍ଷୁର ଗୋଟିଏ ଚାହାଣିରେ ଏବଂ ଗୋଟିଏ
ଅଳଙ୍କାର ହାରରେ ଚୋରି କରିଅଛ।
10ଆଗୋ ମୋର ଭଗିନୀ, ହେ ମୋର ପ୍ରିୟେ, ତୁମ୍ଭର
ପ୍ରେମ କେମନ୍ତ ମନୋରମ। ତୁମ୍ଭ ପ୍ରେମ ଦ୍ରାକ୍ଷାରସ ଅପେକ୍ଷା
ଉତ୍ତମ। ପୁଣି ତୁମ୍ଭ ତୈଳର ସୁଗନ୍ଧ ସର୍ବପ୍ରକାର ସୁଗନ୍ଧି ଦ୍ରବ୍ୟ
ଅପେକ୍ଷା ଉତ୍ତମ।
11ଆଗୋ ମୋର ପ୍ରିୟେ, ମହୁ ଫେଣାରୁ ମହୁ ଝରିବା
ପରି ତୁମ୍ଭ ଓଷ୍ଠ ଧାରରୁ ମହୁ ଝରେ। ଦୁଗ୍ଧମଧୁ ତୁମ୍ଭ ଜିହ୍ୱା
ତଳେ ଥାଏ। ତୁମ୍ଭ ବସ୍ତ୍ରର ସୁଗନ୍ଧ ଲିବାନୋନ୍‌ର ସୁଗନ୍ଧ
ତୁଲ୍ୟ।
12ମୋର ଭଗିନୀ, ମୋର ପ୍ରିୟେ, ଏକ ରୁଦ୍ଧ ଉଦ୍ୟାନ,
ଏକ ରୁଦ୍ଧ ନିର୍ଝର, ଏକ ରୁଦ୍ଧ ଝରଣା।
13ତୁମ୍ଭର ଚାରାଗଛଗୁଡ଼ିକ ପ୍ରାଙ୍ଗଣରେ ବହୁମୂଲ୍ୟ ଡାଳିମ୍ବ
ବୃକ୍ଷ ତୁଲ୍ୟ। ସେଠାରେ ହେନା ଚାରାଗଛ ଅଛି। 14ସେଠାରେ
ଜଟାମାଂସୀ ଓ କେଶର, ବଚ ଓ ଡ଼ାଳଚିନି, ସର୍ବପ୍ରକାର
କୁନ୍ଦୁରୁ ବୃକ୍ଷ ବିଶିଷ୍ଟ ଗନ୍ଧରସ ଓ ଅଗୁରୁ ସର୍ବପ୍ରକାର ପ୍ରଧାନ
ସୁଗନ୍ଧି ବୃକ୍ଷ ଅଛି।
15ତୁମ୍ଭେ ଉଦ୍ୟାନର ଏକ ଝରଣା, ଅମୃତ ଜଳର କୂପ
ଓ ଲିବାନୋନରୁ ପ୍ରବାହିତ ସ୍ରୋତ ଅଟ।

### ସେ(ସ୍ତ୍ରୀ) କହିଲେ

16ହେ ଉତ୍ତରୀୟ ବାୟୁ, ଜାଗ। ହେ ଦକ୍ଷିଣ ବାୟୁ,
ଆସ। ମୋ ଉଦ୍ୟାନର ସୁଗନ୍ଧି ଯେପରି ଚାରିଆଡ଼େ ବିଛୁରିତ
ହେବ ଏବଂ ବାହାରକୁ ଆସିବ, ଏଥିପାଇଁ ତହିଁ ଉପରେ
ପ୍ରବାହିତ ହୁଅ। ମୋହର ପ୍ରିୟତମ, ଆପଣା ଉଦ୍ୟାନକୁ
ଆସନ୍ତୁ ଓ ବହୁମୂଲ୍ୟ ଫଳସବୁ ଭୋଜନ କରନ୍ତୁ।

### ସେ(ପୁ) କହିଲେ

5 ହେ ମୋର ଭଗିନୀ, ମୋହର ପ୍ରିୟେ, ମୁଁ ଆପଣା
ଉଦ୍ୟାନକୁ ଆସିଅଛି। ମୁଁ ଆପଣା ଗନ୍ଧରସ ଓ ସୁଗନ୍ଧି
ଦ୍ରବ୍ୟ ସଂଗ୍ରହ କରିଅଛି। ମୁଁ ମହୁ ଫେଣାରୁ ମୋର ମହୁ
ଭୋଜନ କରିଅଛି। ମୁଁ ଆପଣା ଦ୍ରାକ୍ଷାରସ ଓ ଦୁଗ୍ଧପାନ
କରିଅଛି। ଆସ ପରସ୍ପର ସହିତ ଆମୋଦ କରିବା। ଆସ
ପ୍ରେମରେ ମତ୍ତ ହୋଇଯିବା।

### ସ୍ତ୍ରୀଲୋକମାନେ ପ୍ରେମିକମାନଙ୍କୁ କହିଲେ

ହେ ବନ୍ଧୁଗଣ, ଭୋଜନ କର, ହେ ପ୍ରିୟତମଗଣ
ପାନକର। ହଁ, ଯଥେଷ୍ଟ ପ୍ରେମକୁ ପାନ କର।

### ସେ(ସ୍ତ୍ରୀ) କହିଲେ

2ମୁଁ ନିଦ୍ରିତା ଥିଲି, ମାତ୍ର ମୋର ହୃଦୟ ଜାଗ୍ରତ ଥିଲା।
ଏତ ମୋ ପ୍ରିୟତମଙ୍କ ରବ। ସେ ଦ୍ୱାରରେ ଆଘାତ କରି
କହୁଛନ୍ତି, "ଆଗୋ ମୋର ଭଗିନୀ, ମୋର ପ୍ରିୟେ, ମୋର
କପୋତୀ, ମୋହର ଶୁଦ୍ଧ ମତି ମୋ ପାଇଁ ଦ୍ୱାର ଫିଟାଅ।
କାରଣ ମୋର ମସ୍ତକ ଶିଶିରରେ ମୋହର କେଶ ରାତ୍ରିର
ଜଳ ବିନ୍ଦୁରେ ପରିପୂର୍ଣ୍ଣ।"
3"ମୁଁ ଆପଣା ବସ୍ତ୍ର କାଢ଼ି ପକାଇଛି। ମୁଁ ତାକୁ ଆଉ
ପିନ୍ଧିବାକୁ ଚାହୁଁ ନାହିଁ। ମୁଁ ମୋର ପାଦ ଧୌତ କରିଅଛି, ମୁଁ
ସେଗୁଡ଼ିକୁ ମଇଳା କରିବା ପାଇଁ ଚାହୁଁ ନାହିଁ।"
4ମୋ ପ୍ରିୟତମ ଦ୍ୱାରର ଛିଦ୍ରରେ ଆପଣା ହାତ
ଥୋଇଲେ, ତହିଁରେ ମୋର ହୃଦୟ ତାହାଙ୍କ ପାଇଁ ଉଚାଟ
ହେଲା।
5ମୁଁ ଆପଣା ପ୍ରିୟତମଙ୍କ ପାଇଁ ଦ୍ୱାର ଫିଟାଇବାକୁ ଉଠିଲି,
କିଳଣୀର ବେଣ୍ଟ ଉପରେ ମୋର ହସ୍ତରୁ ଗନ୍ଧରସ ଓ ମୋ
ଅଙ୍ଗୁଳିରୁ ଦ୍ରବ ଗନ୍ଧରସ କ୍ଷରିଲା।
6ମୁଁ ଆପଣା ପ୍ରିୟତମଙ୍କ ପାଇଁ ଦ୍ୱାର ଫିଟାଇଲି।
ମାତ୍ର ମୋହର ପ୍ରିୟତମ ସେ ସ୍ଥାନରୁ ଚାଲି ଯାଇଥିଲେ।
ମୋର ଆତ୍ମା ମୋତେ ଛାଡ଼ିଗଲା, ଯେତେବେଳେ ସେ
କହିଲେ। ମୁଁ ତାହାଙ୍କୁ ଖୋଜିଲି ମାତ୍ର ପାଇଲି ନାହିଁ। ମୁଁ
ତାହାଙ୍କୁ ଡାକିଲି, ମାତ୍ର ସେ ମୋତେ ଉତ୍ତର
ଦେଲେ ନାହିଁ।
7ନଗର ଭ୍ରମଣକାରୀ ପ୍ରହରୀମାନେ ମୋତେ ଦେଖିଲେ।
ସେମାନେ ମୋତେ ପ୍ରହାର କଲେ। ସେମାନେ ମୋତେ
କ୍ଷତବିକ୍ଷତ କଲେ। ପ୍ରାଚୀର ରକ୍ଷକମାନେ ମୋଠାରୁ ମୋହର
ଆଚ୍ଛାଦନ ବସ୍ତ୍ର କାଢ଼ି ନେଇଗଲେ।
8ଆଗୋ ଯିରୁଶାଲମର କନ୍ୟାଗଣ। ଯେବେ ତୁମ୍ଭେମାନେ
ମୋ ପ୍ରିୟତମଙ୍କ ଦେଖା ପାଇବ, ତେବେ ମୁଁ ତୁମ୍ଭମାନଙ୍କୁ
ଶପଥ ଦେଇ କହୁଅଛି, ମୁଁ ପ୍ରେମ ପଡ଼ିତା ବୋଲି ତୁମ୍ଭେ
ତାଙ୍କୁ କହିବ।

### ଯିରୁଶାଲମର ସ୍ତ୍ରୀଲୋକମାନେ ତାଙ୍କୁ(ସ୍ତ୍ରୀ) ଉତ୍ତର କଲେ

9ହେ ନାରୀଗଣ ମଧ୍ୟେ ପରମ ସୁନ୍ଦରୀ। ତୁମ୍ଭର ପ୍ରେମିକ
ଅନ୍ୟ ପ୍ରେମିକମାନଙ୍କ ଅପେକ୍ଷା କିପରି ଭଲ ଅଟନ୍ତି? ତୁମ୍ଭେ
କାହିଁକି ଆମ୍ଭମାନଙ୍କୁ ଏହି ଶପଥ କରାଉଛ?

### ସେ(ସ୍ତ୍ରୀ) ଉତ୍ତର କଲେ ଯିରୁଶାଲମର ଲୋକମାନଙ୍କୁ

10ମୋହର ପ୍ରିୟତମ ଶ୍ୱେତ ଓ ରକ୍ତବର୍ଣ୍ଣ, ଦଶ ସହସ୍ର ମଧ୍ୟରେ ପ୍ରଧାନ।

11ତାଙ୍କର ମସ୍ତକ ଶୁଦ୍ଧ ସ୍ୱର୍ଣ୍ଣ ତୁଲ୍ୟ। ତାଙ୍କର କେଶ କୁଞ୍ଚିତ ଓ ଡାମରା କୁଆପରି କୃଷ୍ଣବର୍ଣ୍ଣ।

12ତାଙ୍କର ନେତ୍ର ଯୁଗଳ ନଦୀ ନିକଟରେ ଥିବା କପୋତମାନଙ୍କ ତୁଲ୍ୟ। ଦୁଗ୍ଧରେ ଧୌତ ଓ ଯଥା ସ୍ଥାନରେ ସ୍ଥାପିତ।

13ତାଙ୍କର ଗଣ୍ଡଦେଶ ସୁଗନ୍ଧି ଲତାର କିଆରି ସ୍ୱରୂପ ସୁଗନ୍ଧି ତୃଣର ଢିପି ସ୍ୱରୂପ। ତାଙ୍କର ଓଷ୍ଠାଧର କଇଁଫୁଲ ତୁଲ୍ୟ ତହିଁରୁ ଦ୍ରବ ଗନ୍ଧରସ ଝରେ।

14ତାହାଙ୍କ ହସ୍ତ ଦ୍ୱୟ ବୈଦୁର୍ଯ୍ୟ ମଣିରେ ଖଚିତ ସ୍ୱର୍ଣ୍ଣ କଙ୍କଣ ତୁଲ୍ୟ। ତାହାଙ୍କ ଶରୀର ନୀଳକାନ୍ତ ମଣି ମଣ୍ଡିତ ଗଜଦନ୍ତମୟ ଶିଳ୍ପ କର୍ମ ତୁଲ୍ୟ।

15ତାଙ୍କର ଗୋଡ ଦୁଇଟି ସ୍ୱର୍ଣ୍ଣ ମୂଳଦୁଆରେ ସ୍ଥାପିତ ଦୁଇଟି ମାର୍ବଲର ସ୍ତମ୍ଭ ତୁଲ୍ୟ। ତାଙ୍କର ଆକୃତି ଲିବାନୋନ୍ ଏରସ ବୃକ୍ଷ ତୁଲ୍ୟ ଉତ୍କୃଷ୍ଟ।

16ତାହାଙ୍କ ମୁଖ ଅତ୍ୟନ୍ତ ସୁମିଷ୍ଟ, ହଁ ସେ ସର୍ବୋତୋଭାବେ ମନୋହର। ହେ ଯିରୁଶାଲମର କନ୍ୟାଗଣ, ସେ ମୋହର ପ୍ରିୟତମ, ସେ ମୋହର ସହୋଦର।

### ଯିରୁଶାଲମର ସ୍ତ୍ରୀ ଲୋକମାନେ ତାଙ୍କୁ(ସ୍ତ୍ରୀ) କହନ୍ତି

6 ଆଗୋ ନାରୀଗଣ ମଧ୍ୟରେ ପରମ ସୁନ୍ଦରୀ। ତୁମ୍ଭର ପ୍ରିୟତମ କୁଆଡେ ଯାଇଛନ୍ତି। ତୁମ୍ଭ ସଙ୍ଗେ ଆମ୍ଭେମାନେ ଯେମନ୍ତ ଖୋଜି ପାରିବା ଏଥିପାଇଁ ତୁମ ପ୍ରିୟତମ କେଉଁ ଆଡକୁ ଯାଇଛନ୍ତି କୁହ।

### ସେ(ସ୍ତ୍ରୀ) ଉତ୍ତର କଲେ ଯିରୁଶାଲମର ସ୍ତ୍ରୀ ଲୋକମାନଙ୍କୁ

2ମୋହର ପ୍ରିୟତମ ଆପଣା ଉଦ୍ୟାନକୁ ସୁଗନ୍ଧି ଲତାର କିଆରିକୁ, ଉଦ୍ୟାନରେ ତାଙ୍କର ପଲ ଚରାଇବାକୁ ଓ କଇଁଫୁଲ ସଂଗ୍ରହ କରିବାକୁ ଯାଇଛନ୍ତି।

3ମୁଁ ଆପଣା ପ୍ରିୟତମଙ୍କର ଓ ମୋ ପ୍ରିୟତମ ମୋହର। ସେ ଶୋଶନ୍ ପୁଷ୍ପ ବନରେ ଆପଣା ପଲ ଚରାନ୍ତି।

### ସେ(ପୁ) ତାଙ୍କୁ(ସ୍ତ୍ରୀ) କହିଲେ

4ଆଗୋ ମୋର ପ୍ରିୟେ, ତୁମ୍ଭେ ତିର୍ସାପରି ସୁନ୍ଦରୀ। ଯିରୁଶାଲମ ପରି ଶୋଭାବତୀ, ଧ୍ୱଜାଧାରି ସୈନ୍ୟପରି ଭୟଙ୍କରୀ।

5ତୁମ୍ଭେ ମୋ ଆଡୁ ଆପଣା ଆଖି ଫେରାଅ, କାରଣ ତଦ୍ୱାରା ମୁଁ ପରାସ୍ତ ହୋଇଅଛି। ତୁମ୍ଭର କେଶ ଗିଲୟଦର ଚଟାଣରୁ ତଳକୁ ଆସୁଥିବା ଏକ ଛେଳିପଲ ତୁଲ୍ୟ।

6ତୁମ୍ଭର ଦାନ୍ତ ଫକ୍ତ ସ୍ନାନରୁ ଉତ୍ଥିତା ମେଷୀପଲ ତୁଲ୍ୟ। ସେମାନଙ୍କ ପ୍ରତ୍ୟେକର ଯାଆଁଳା ଛୁଆ ଅଛି, ଆଉ ସେମାନଙ୍କ ମଧ୍ୟରୁ କାହାରି ଛୁଆ ମରି ନାହିଁ।

7ଓଢଣା ତଳେ ତୁମ୍ଭର ଦୁଇଟି କର୍ଣ୍ଣ ମୂଳ ଡ଼ାଳିମ୍ବ ତୁଲ୍ୟ ଦୁଇଟି ଫାଳ।

8ଷାଠିଏ ରାଣୀ ଓ ଅଶୀ ଉପପତ୍ନୀ ଓ ଅସଂଖ୍ୟ ଯୁବତୀ ଅଛନ୍ତି।

9ମାତ୍ର ମୋ କପୋତୀ, ମୋର ନିପୁଣଟି ଅଦ୍ୱିତୀୟା। ସେ ଆପଣା ମାତାର ଏକମାତ୍ର। ସେ ଜଣଙ୍କର ପ୍ରିୟ ଯିଏ ତାକୁ ଗର୍ଭଧାରଣ କଲେ। କନ୍ୟାମାନେ ତାହାକୁ ଦେଖି ଧନ୍ୟା ବୋଲି କହିଲେ। ହଁ, ରାଣୀ ଓ ଉପପତ୍ନୀଗଣ ତାହାକୁ ପ୍ରଶଂସା କଲେ।

### ସ୍ତ୍ରୀଲୋକମାନେ ତାଙ୍କୁ(ସ୍ତ୍ରୀ) ପ୍ରଶଂସା କଲେ

10ଏହି ଯେ ଅରୁଣ ତୁଲ୍ୟ ଉଦୀୟମନା, ଚନ୍ଦ୍ରମା ତୁଲ୍ୟ ସୁନ୍ଦରୀ, ସୂର୍ଯ୍ୟ ତୁଲ୍ୟ ବିଶୁଦ୍ଧତା, ଧ୍ୱଜା ବିଶିଷ୍ଟ ସୈନ୍ୟତୁଲ୍ୟ ଭୟଙ୍କର, ସେ କିଏ?

### ସେ(ସ୍ତ୍ରୀ) କହିଲେ

11ମୁଁ ଡ଼ିମ୍ବିରି ବୃକ୍ଷ ବାଟିକାକୁ ସଦ୍ୟ ଗୃରାଗଛଗୁଡିକ ଦେଖିବା ପାଇଁ ଗଲି।। ଦ୍ରାକ୍ଷାଲତା ପଲ୍ଲବିତ ହୋଇଅଛି କି ନାହିଁ ଓ ଡ଼ାଳିମ୍ବ କଢ ଧରିଛି କି ନାହିଁ ମୁଁ ଦେଖିବାକୁ ଗଲି।

12ମୁଁ ଅନୁଭବ କଲି ପୂର୍ବରୁ ମୁଁ ମୋ ନିଜକୁ ଏକ ରଥରେ ରାଜପୁତ୍ରଙ୍କର ପାଖରେ ପାଇଲି।

### ଯିରୁଶାଲମର ସ୍ତ୍ରୀଲୋକମାନେ ତାଙ୍କୁ(ସ୍ତ୍ରୀ) ଡାକିଲେ

13ହେ ଶୂଲମିୟେର ନାରୀ, ଫେରିଆସ, ଫେରିଆସ ଆମ୍ଭେମାନେ ତୁମ୍ଭକୁ ଦେଖିବା ପାଇଁ ଚାହୁଁଛୁ। ଯେତେବେଳେ ସେ ମହନୟିମ ନୃତ୍ୟ କରୁଛି, କାହିଁକି ତୁମ୍ଭେମାନେ ଶୂଲମିୟାୟ ନାରୀକୁ କାହିଁକି ଅନାଇବ?

### ସେ(ପୁ) ତାଙ୍କର(ସ୍ତ୍ରୀ) ସୌନ୍ଦର୍ଯ୍ୟ ପ୍ରଶଂସା କଲେ

7 ଆଗୋ ରାଜକନ୍ୟେ, ପାଦୁକାରେ ତୁମ୍ଭ ଚରଣ କେଡେ ସୁନ୍ଦର। ତୁମ୍ଭର କଟିମଣ୍ଡଳ ନିପୁଣ ଶିଳ୍ପକର ହସ୍ତରେ ନିର୍ମିତ ରତ୍ନହାର ସ୍ୱରୂପ।

2ତୁମ୍ଭର ନାଭିଦେଶ ମିଶ୍ରିତ ଦ୍ରାକ୍ଷାରସ ଅଭାବ ନ ଥିବା ବର୍ତ୍ତୁଳ ପାତ୍ର ତୁଲ୍ୟ। ତୁମ୍ଭର ଉଦର ଶୋଶନ୍ ପୁଷ୍ପ ମଣ୍ଡିତ ଗହମ ରାଶି ତୁଲ୍ୟ।

3ତୁମ୍ଭର ସ୍ତନ ଯୁଗଳ ହରିଣର ଯାଆଁଳା ଛୁଆପରି।

4ତୁମ୍ଭର ଗଳଦେଶ ଗଜଦନ୍ତମୟ ଦୁର୍ଗ ସଦୃଶ। ତୁମ୍ଭ ନେତ୍ର ଯୁଗଳ ବେଥ୍-ରବ୍ବୀମ ନଗର ଦ୍ୱାର ନିକଟସ୍ଥ ହିଶ୍‌ବୋନ୍ ସରୋବର ସଦୃଶ। ତୁମ୍ଭ ନାସିକା ଦମ୍ମେଶକ ସମ୍ମୁଖସ୍ଥ ଲିବାନୋନର ଦୁର୍ଗ ତୁଲ୍ୟ।

5ତୁମ୍ଭ ମସ୍ତକ କର୍ମିଲ ପର୍ବତ ତୁଲ୍ୟ। ପୁଣି ତୁମ୍ଭ ମସ୍ତକର କେଶ ବାଇଗଣିଆ ରଙ୍ଗ ତୁଲ୍ୟ। ତହିଁର ବେଣୀ ପାଶରେ ରାଜା ବନ୍ଦୀରୂପେ ଧୃତ ଅଟନ୍ତି।

6ଆଗୋ ପ୍ରିୟେ, ତୁଷ୍ଟି ଜନ୍ମାଇବା ନିମନ୍ତେ ତୁମ୍ଭେ କେମନ୍ତ ସୁନ୍ଦରୀ ଓ ମନୋହାରିଣୀ।

7ତୁମ୍ଭ ଶରୀରର ଦୀର୍ଘ୍ୟତା ଖଜୁରୀ ବୃକ୍ଷ ତୁଲ୍ୟ ଓ ତୁମ୍ଭ ସ୍ତନ ମେଞ୍ଚାଏ ଫଳ ତୁଲ୍ୟ।

8ମୁଁ କହିଲି, ମୁଁ ଖଜୁରି ଗଛ ଚଢ଼ିବି। ମୁଁ ତହିଁର ବାହୁଙ୍ଗା ଧରିବି। ତୁମ୍ଭର ସ୍ତନ ତୁଲ୍ୟ ହେଉ। ପୁଣି ତୁମ୍ଭ ନିଶ୍ୱାସର ଆଘ୍ରାଣ ନାଗରଙ୍ଗ ଫଳର ବାସନା ତୁଲ୍ୟ ହେଉ।

9ତୁମ୍ଭର ଚୁମ୍ବନ ସର୍ବୋତ୍ତମ, ଦ୍ରାକ୍ଷାରସ ତୁଲ୍ୟ, ସେହି
ଦ୍ରାକ୍ଷାରସ ମୋ ପ୍ରିୟତମଙ୍କ ଗଳ ଦେଶରେ ଧୀରଭାବରେ
ଗଳିଯାଏ ଏବଂ ମୋର ଓଷ୍ଠ ଓ ଦାନ୍ତ ଦେଇ ଧିରେ ଧିରେ
ବହିଯାଏ।

### ସେ(ସ୍ତ୍ରୀ) ତାଙ୍କୁ(ପୁ) କହିଲେ

10ମୁଁ ଆପଣା ପ୍ରିୟତମଙ୍କର ଓ ତାଙ୍କର ବାସନା ମୋ
ପ୍ରତି ଅଛି।
11ଆସ, ମୋର ପ୍ରିୟତମ, ଆମ୍ଭେମାନେ କ୍ଷେତ୍ରକୁ ଯିବା।
ଆସ ହେନା ଗଛଗଛ ଗହଣରେ ରାତିଟି କଟେଇବା।
12ଆମ୍ଭେମାନେ ଅତି ପ୍ରଭାତରେ ଦ୍ରାକ୍ଷାକ୍ଷେତ୍ରକୁ ଯାଉ।
ଦ୍ରାକ୍ଷାଲତା ପଲ୍ଲବିତ ଓ ତହିଁର ପୁଷ୍ପ ପ୍ରସ୍ଫୁଟିତ ଓ ଡ଼ାଳିମ୍ବ
ପୁଷ୍ପିତ ହୋଇ ଅଛି କି ନାହିଁ, ତାହା ଆମ୍ଭେମାନେ ଦେଖିବା।
ସେଠାରେ ମୁଁ ତୁମ୍ଭଙ୍କୁ ଆପଣା ପ୍ରେମ ପ୍ରଦାନ କରିବି।
13ଦୂଦା ଫୁଲ ସୁବାସ ହେଉଅଛି। ଆମ୍ଭମାନଙ୍କ ଦ୍ୱାର
ନିକଟରେ ସର୍ବପ୍ରକାର ବହୁ ମୂଲ୍ୟ ତଟକା ଫଳ ଓ ଶୁଖିଲା
ଫଳ ଅଛି। ହେ ମୋର ପ୍ରିୟତମ, ଏସବୁ ମୁଁ ତୁମ୍ଭ ପାଇଁ
ରଖିଅଛି।
8 ଯଦି ତୁମ୍ଭେ ଏକ ପିଲା ହୋଇଥାନ୍ତ, ମୋର ଛୋଟ
ଭାଇପରି ଯେ କି ମୋ ମା’ର କ୍ଷୀର ଖାଉଛି ଏବଂ ଯଦି
ମୁଁ ତୁମ୍ଭକୁ ବାହାରେ ଦେଖେ ଏବଂ ମୁଁ ତୁମ୍ଭକୁ ଚୁମ୍ବନ ଦିଏ
କେହି ମୋତେ ଖରାପ ଭାବିବେ ନାହିଁ। 2ମୁଁ ତୁମ୍ଭକୁ ପଥ
କଢାଇ ଆପଣା ମାତାଙ୍କ ଗୃହକୁ ନେଇଯାନ୍ତି। ସେ ମୋତେ
ଶିକ୍ଷା ଦିଅନ୍ତେ। ମୁଁ ତୁମ୍ଭକୁ ସୁଗନ୍ଧି ମିଶ୍ରିତ ଦ୍ରାକ୍ଷାରସ, ମୋହର
ଡ଼ାଳିମ୍ବ ରସ ପାନ କରାନ୍ତି।

### ସେ(ସ୍ତ୍ରୀ) ସ୍ତ୍ରୀଲୋକମାନଙ୍କୁ କହିଲେ

3ତାହାଙ୍କ ବାମ ହସ୍ତ ମୋ ମସ୍ତକ ତଳେ ରହିବ ଓ
ତାହାଙ୍କ ଦକ୍ଷିଣ ହସ୍ତ ମୋତେ ଆଲିଙ୍ଗନ କରିବ।
4ହେ ଯିରୁଶାଲମର ଚତୁପାର୍ଶ୍ୱର କ୍ଷେତ୍ରସବୁ *, ମୋ ନିକଟରେ
ଶପଥ କର ଯେ, ଉଚିତ୍ ସମୟ ନ ହେବା ପର୍ଯ୍ୟନ୍ତ
ତୁମ୍ଭେମାନେ ପ୍ରେମକୁ ଜାଗ୍ରତ କର ନାହିଁ।

### ଯିରୁଶାଲମର ସ୍ତ୍ରୀଲୋକମାନେ କହିଲେ

5ଆପଣାର ପ୍ରେମିକର ଉପରେ ଆଉଜି ପଡ଼ି ପ୍ରାନ୍ତରରୁ
ଯିଏ ଆସୁଅଛି ସେ କିଏ?

### ସେ(ସ୍ତ୍ରୀ) ତାଙ୍କୁ(ପୁ) କହିଲେ

ନାରଙ୍ଗ ବୃକ୍ଷତଳେ ମୁଁ ତୁମ୍ଭକୁ ଜଗାଇଲି।
ସେଠାରେ ତୁମ୍ଭ ମାତା ତୁମ୍ଭ ପାଇଁ ପ୍ରସବ ବେଦନା ଗ୍ରସ୍ତ
ହେଲେ। ସେଠାରେ ସେ ପ୍ରସବ ବେଦନା ଗ୍ରସ୍ତା ହୋଇ
ତୁମ୍ଭକୁ ପ୍ରସବ କଲେ।
6ତୁମ୍ଭେ ମୋତେ ମୋହର ତୁଲ୍ୟ ଆପଣା ହୃଦୟରେ,
ବାହୁଟି ତୁଲ୍ୟ ଆପଣା ବାହୁରେ ଧାରଣ କର। କାରଣ ପ୍ରେମ
ମୃତ୍ୟୁ ପରି ଶକ୍ତିଶାଳୀ ଅଟେ। ହୃଦୟର ଦହନ କବର ପରି
ଦୃଢ ଅଟେ। ଏହାର ଶିଖା ଏକ ଜଳନ୍ତା ନିଆଁ ପରି ଏବଂ
ଏହା ଏକ ବଡ଼ଟି ନିଆଁରେ ପରିଣତ ହୋଇପାରେ।
7ଅପାର ଜଳରାଶି ପ୍ରେମକୁ ନିର୍ବାଣ କରି ନ ପାରେ।
କିଅଥବା ବନ୍ୟା ତାହା ବୁଡାଇ ନପାରେ। ଯେବେ କେହି
ଆପଣାର ସର୍ବସ୍ୱ ବଦଳରେ ପ୍ରେମ କିଣିବା ପାଇଁ ଚେଷ୍ଟା
କରେ, ତେବେ ସେ ଲୋକ ସମସ୍ତଙ୍କ ଦ୍ୱାରା ତୁଚ୍ଛୀକୃତ
ହେବ।

### ତାଙ୍କର(ସ୍ତ୍ରୀ) ଭାଇମାନଙ୍କ କଥା

8ଆମ୍ଭମାନଙ୍କର ଗୋଟିଏ ସାନ ଭଉଣୀ ଅଛି। ଏପର୍ଯ୍ୟନ୍ତ
ତା’ର ସ୍ତନ ବୃଦ୍ଧି ହୋଇ ନାହିଁ। ଯଦି ଜଣେ ଲୋକ ଆସେ
ଏବଂ ତାକୁ ବିବାହ କରିବାକୁ ପଚାରେ, ତେବେ ଆମ୍ଭେମାନେ
କ’ଣ କରିବା?
9ଯେବେ ସେ ପ୍ରାଚୀର ସ୍ୱରୂପା ହୁଏ। ତେବେ ଆମ୍ଭେମାନେ
ତାକୁ ରୁପା ଗହଣାରେ ଢାଙ୍କି ଦେବୁ। ଯଦି ସେ ଏକ ଦ୍ୱାର
ପରି ହୁଏ, ତେବେ ଆମ୍ଭେମାନେ ତାକୁ ଏରସ ପଟାରେ
ଆବରଣ କରିଦେବୁ।

### ସେ(ସ୍ତ୍ରୀ) ତା’ର ଭାଇମାନଙ୍କୁ ଉତ୍ତର ଦେଲେ

10ମୁଁ ପ୍ରାଚୀର ସ୍ୱରୂପା ଓ ମୋହର ସ୍ତନ ତହିଁରେ
ଦୁର୍ଗସ୍ୱରୂପ। ସେହି ସମୟରେ ସେ ମୋତେ ଜଣକ ପରି
ବିବେଚନା କଲା, ଯିଏ ତୃପ୍ତି ଆଣେ।

### ସେ(ପୁ) କହିଲେ

11ବାଲ-ହାମୋନରେ ଶଲୋମନଙ୍କର ଏକ ଦ୍ରାକ୍ଷାକ୍ଷେତ୍ର
ଥିଲା। ସେ ଦ୍ରାକ୍ଷାକ୍ଷେତ୍ରଟିକୁ ରକ୍ଷକମାନଙ୍କ ହାତରେ ନ୍ୟସ୍ତ
କଲେ। ପ୍ରତ୍ୟେକ ରକ୍ଷକକୁ ତହିଁର ଫଳପାଇଁ 1,000
ରୂପାମୁଦ୍ରା ଦେବାକୁ ପଡ଼ିଲା।
12ମୋହର ଦ୍ରାକ୍ଷାକ୍ଷେତ୍ର ମୋର ନିଜର। ହେ ଶଲୋମନ,
ସେହି ସହସ୍ର ମୁଦ୍ରା ତୁମ୍ଭେ ପାଇବ ଓ ତହିଁର ଫଳ
ରକ୍ଷକମାନେ ଦୁଇଶହ ରୋପ୍ୟ ମୁଦ୍ରା ପାଇବେ।

### ସେ(ପୁ) ତାଙ୍କୁ(ସ୍ତ୍ରୀ) କହିଲେ

13ହେ ଉପବନ ବାସିନୀ, ମିତ୍ରଗଣ ତୁମ୍ଭର କଥା ଶୁଣନ୍ତି।
ତୁମ୍ଭ ସ୍ୱର ମୋତେ ମଧ୍ୟ ଶୁଣିବାକୁ ଦିଅ।

### ସେ(ସ୍ତ୍ରୀ) ତାଙ୍କୁ(ପୁ) କହିଲେ

14ହେ ମୋର ପ୍ରିୟତମ, ଚଞ୍ଚଳ ହୁଅ। ସୁଗନ୍ଧିମୟ ପର୍ବତ
ଶ୍ରେଣୀ ଉପରେ ତୁମ୍ଭେ ମୃଗ ବା ହରିଣ ଶାବକ ତୁଲ୍ୟ ହୁଅ।

---

**ଯିରୁଶାଲମର ... କ୍ଷେତ୍ରସବୁ** ଆକ୍ଷରିକ ଭାବରେ ଯିରୁଶାଲମର କନ୍ୟାଗଣ।

# ଉପଦେଶକ

1 ଏହି ବାକ୍ୟଗୁଡ଼ିକ ହେଉଛି ଉପଦେଶକମାନଙ୍କର।
ଉପଦେଶକ ହେଉଛନ୍ତି ଯିରୁଶାଲମର ରାଜା ଦାଉଦଙ୍କର
ପୁତ୍ର,
2ସମସ୍ତ ମୂଲ୍ୟହୀନ ଅଟେ, ଉପଦେଶକ କହନ୍ତି, ପୁରିପୁରି
ମୂଲ୍ୟହୀନ, ସମସ୍ତ ମୂଲ୍ୟହୀନ ଅଟେ। 3ମନୁଷ୍ୟ ସୂର୍ଯ୍ୟ ତଳେ,
ଯାହା କିଛି ପରିଶ୍ରମ କରେ ସେଥିରୁ ସେ କ'ଣ ଲାଭ ପାଏ?

## ପୃଥିବୀ ଚିରକାଳସ୍ଥାୟୀ

4ଲୋକମାନେ ମରୁଛନ୍ତି ଏବଂ ନୂତନ ଲୋକମାନେ ଜନ୍ମ
ନେଉଛନ୍ତି। କିନ୍ତୁ ପୃଥିବୀ ଚିରକାଳସ୍ଥାୟୀ। 5ସୂର୍ଯ୍ୟ ଉଦୟ
ହୁଅନ୍ତି, ସୂର୍ଯ୍ୟ ଅସ୍ତ ଯାନ୍ତି। ପୁଣି ଆପଣା ଉଦୟ ସ୍ଥାନକୁ
ଯିବାପାଇଁ ସତ୍ୱର ହୁଅନ୍ତି।
6ପବନ ଦକ୍ଷିଣ ଦିଗକୁ ବହେ, ପବନ ଉତ୍ତର ଦିଗକୁ
ବହେ। ପବନ ନିଜ ପଥରେ ଘୁରେ ଓ ପବନ ଆପଣା
ଚକ୍ରକୁ ପୁନର୍ବାର ଫେରେ।
7ନଦୀ ସବୁ ସମୁଦ୍ରକୁ ବହିଯାନ୍ତି। ତଥାପି ସମୁଦ୍ର ପୂର୍ଣ୍ଣ
ହୁଏ ନାହିଁ। ନଦୀସବୁ ନିଜ ନିଜ ଗମନ ସ୍ଥାନକୁ ପୁନର୍ବାର
ଗମନ କରେ।
8ସମଗ୍ର ବିଷୟ କ୍ଲାନ୍ତିପୂର୍ଣ୍ଣ, ମନୁଷ୍ୟ ତାହା ବର୍ଣ୍ଣନା
କରିପାରେ ନାହିଁ। ତେଣୁ ଦର୍ଶନରେ ତୃପ୍ତ ନୁହେଁ କିଅବା
କର୍ଣ୍ଣ ଶ୍ରବଣରେ ତୃପ୍ତି ନୁହେଁ।

## କୌଣସି କଥା ନୂଆ ନୁହେଁ

9ଯାହା ହୋଇଅଛି, ତାହାହିଁ ହେବ ଓ ଯାହା କରାଯାଇ
ଅଛି, ତାହା ହିଁ କରାଯିବ। ସୂର୍ଯ୍ୟ ତଳେ କୌଣସି ବିଷୟ
ନୂତନ ନୁହେଁ।
10ଜଣେ ଲୋକ କହେ, "ଦେଖ, ଏହା ନୂଆ।" କିନ୍ତୁ
ଏହି ବସ୍ତୁ ପୂର୍ବରୁ ରହି ଆସିଛି। ଆମ୍ଭମାନଙ୍କ ପୂର୍ବରୁ ଏହା
ଥିଲା।
11ପୂର୍ବକାଳୀନ ଲୋକମାନଙ୍କ ବିଷୟରେ କିଛି ସ୍ମରଣ
ନଥାଏ, କିଅବା ଭବିଷ୍ୟତକାଳରେ ଯେଉଁମାନେ ଉତ୍ପନ୍ନ ହେବେ
ସେମାନଙ୍କ ସ୍ମରଣ ହିଁ ଉତ୍ତରକାଳୀନ ଭବିଷ୍ୟତ ଲୋକମାନଙ୍କ
ମଧ୍ୟରେ ନ ଥିବ।

## ଜ୍ଞାନ କ'ଣ ଆନନ୍ଦ ଦେଇପାରେ

12ମୁଁ ଉପଦେଶକ ଯିରୁଶାଲମରେ ଇଶ୍ରାୟେଲ ଉପରେ
ରାଜା ଥିଲି। 13ମୁଁ ମନଯୋଗ କଲି ଅଧ୍ୟୟନ ପାଇଁ ଏବଂ
ଜ୍ଞାନ ଦ୍ୱାରା ସବୁକିଛି ବୁଝିବା ପାଇଁ ଯାହା ସ୍ୱର୍ଗତଳେ ହୁଏ।
ଏହି କାର୍ଯ୍ୟ, ଯାହା ପରମେଶ୍ୱର ମନୁଷ୍ୟମାନଙ୍କୁ ଦେଇଛନ୍ତି
ବ୍ୟସ୍ତ ରହିବାକୁ ଅତି ଅପ୍ରିତି କର ଅଟେ। 14ସୂର୍ଯ୍ୟ ତଳେ
ଘଟୁଥିବା ସମସ୍ତ କାର୍ଯ୍ୟ ମୁଁ ନିରୀକ୍ଷଣ କରିଅଛି। ଆଉ ଦେଖ
ସବୁ ଅସାର, ପବନକୁ ଧରିବା ପରି। 15ତୁମ୍ଭେ ଏସବୁ
ପରିବର୍ତ୍ତନ କରିପାରିବ ନାହିଁ। ଯାହା ବଙ୍କା ତାହା ସଳଖ
କରାଯାଇ ନପାରେ। ଯାହା ସେଠାରେ ନାହିଁ ତୁମ୍ଭେମାନେ
ତାହା ଗଣିପାରିବ ନାହିଁ।
16ମୁଁ ନିଜକୁ ନିଜେ କହେ, "ମୁଁ ବଡ଼ ଜ୍ଞାନୀ ଯିରୁଶାଲମରେ
ମୋ ପୂର୍ବରୁ ଯେଉଁ ରାଜା ଥିଲେ, ମୁଁ ସେମାନଙ୍କଠାରୁ
ଜ୍ଞାନବାନ। ମୁଁ ବହୁତ ଜ୍ଞାନ ପ୍ରାପ୍ତ ହୋଇଅଛି। ମୋର
ହୃଦୟ ଜ୍ଞାନ ଓ ବିଦ୍ୟାରେ ମହାନୁଭବୀ ହୋଇଅଛି?"
17ତା'ପରେ ମୁଁ ଜ୍ଞାନ ଓ ବୁଦ୍ଧି, ପାଗଳାମି ଓ ବୋକାମି
ବିଷୟରେ ଅଭିଜ୍ଞତା ହାସଲ କରିବା ପାଇଁ ନିଷ୍ପତ୍ତି ନେଲି।
ଏବଂ ଏହାହିଁ ପବନର ପଶ୍ଚାଦ୍‌ଧାବନ ବୋଲି ମୁଁ ଜାଣିଲି।
18ବହୁତ ଜ୍ଞାନରେ ବହୁତ କ୍ଲେଶ ଥାଏ। ଯେ ବିଦ୍ୟା ବୃଦ୍ଧି
କରେ ସେ ଦୁଃଖ ବୃଦ୍ଧି କରେ।

## "କୌତୁକ" କ'ଣ ଆନନ୍ଦ ଦେଇପାରେ

2 ମୁଁ ନିଜକୁ ନିଜେ କହିଲି, "ମୋତେ ଉପଭୋଗ ପାଇଁ
ଚେଷ୍ଟା କରିବାକୁ ଦିଅ। ଆନନ୍ଦ ମୋତେ କଣ ଦେଇ
ପାରିବ, ମୋତେ ଦେଖିବାକୁ ଦିଅ।" କିନ୍ତୁ ମୁଁ ଯାହା ଶିକ୍ଷା
କଲି ତାହା ଅର୍ଥହୀନ। 2ସର୍ବଦା ହସିବା ମୂର୍ଖାମି ଅଟେ। ଖୁସି
ରହି କଣ ଲାଭ?
3ଜଣେ ମୂର୍ଖ ପରି ମାତାଲ୍ ହେବା ପର୍ଯ୍ୟନ୍ତ ମୁଁ ସ୍ଥିର
କଲି ଦ୍ରାକ୍ଷାରସ ପିଇବା ପାଇଁ ଚେଷ୍ଟା କରିବି। ଯଦିଓ
ସବୁବେଳେ ମୋର ମନ ବୁଦ୍ଧିର ସହିତ ମୋତେ ପରିଚାଳନା
କରୁଛି। ମୁଁ ଦେଖିବା ପାଇଁ ଚାହିଁଲି। ଏହା କରିବା କଣ
ପୃଥିବୀର ଲୋକମାନଙ୍କ ପାଇଁ ମୂଲ୍ୟବାନ।

## କଠିନ ପରିଶ୍ରମ କଣ ସୁଖ ଦେଇପାରେ?

4ଏହାପରେ ମୁଁ ଆପଣା ନିମନ୍ତେ ମହତ ମହତ କର୍ମମାନ
କଲି। ମୁଁ ଗୃହମାନ ନିର୍ମାଣ କଲି, ମୁଁ ଅନେକ ଦ୍ରାକ୍ଷାକ୍ଷେତ୍ର
ପ୍ରସ୍ତୁତ କଲି। 5ମୁଁ ଆପଣା ନିମନ୍ତେ ଉଦ୍ୟାନ ଓ ଉପବନ
ପ୍ରସ୍ତୁତ କରି ତହିଁ ମଧ୍ୟରେ ସର୍ବପ୍ରକାର ଫଳ ବୃକ୍ଷ ରୋପଣ
କଲି। 6ମୁଁ ହରିତ୍ ବୃକ୍ଷର ବନରେ ଜଳସେଚନ ପାଇଁ
ପୁଷ୍କରିଣୀମାନ ଖୋଳାଇଲି। 7ମୁଁ ଦାସ ଦାସୀମାନଙ୍କୁ କ୍ରୟ
କଲି ଓ ମୋର ଦାସଗଣ ଥିଲେ, ଯେଉଁମାନେ ମୋ
ଘରେ ଜନ୍ମ ହୋଇଥିଲେ ଓ ଆହୁରି ମୋ ପୂର୍ବେ
ଯିରୁଶାଲମସ୍ଥିତ ସମସ୍ତଙ୍କ ଅପେକ୍ଷା ମୋର ଗୋମେଷାଦି ପଲ
ଅଧିକ ଥିଲା।
8ମୁଁ ରୂପା ଓ ସୁନା ଏବଂ ନାନା ରାଜାର ଓ ନାନା
ପ୍ରଦେଶର ବହୁତ ସମ୍ପତ୍ତି ସଂଗ୍ରହ କଲି, ମୁଁ ଗାୟକ ଓ

ଗାୟିକା ଆଉ ମନୁଷ୍ୟ ତୁଷ୍ଟିକାରଣୀ ଅନେକ ଉପପତ୍ନୀ
ପାଇଲି।
9ଏହିପରି ମୋ ପୂର୍ବେ ଯିରୁଶାଲମରେ ଯେଉଁମାନେ ଥିଲେ,
ସେ ସମସ୍ତଙ୍କ ଅପେକ୍ଷା ଶକ୍ତିଶାଳୀ ଧନୀ ହେଲି। ମୋର ଜ୍ଞାନ
ଏହି ସବୁରେ ମୋତେ ସାହାଯ୍ୟ କଲା। 10ମୋର ଆଖି ଯାହା
ଦେଖିଲା, ମୁଁ ତାହାକୁ ପୂରଣ କଲି। ମୁଁ ଆପଣା ହୃଦୟକୁ
କୌଣସି ସୁଖ ଭୋଗରୁ ଅଭାବ କଲି ନାହିଁ। କାରଣ
ମୋହର ସମସ୍ତ ପରିଶ୍ରମ ସକାଶୁଁ ମୋହର ହୃଦୟ ଆନନ୍ଦ
କଲା। ମୋହର ସକଳ ପରିଶ୍ରମରୁ ଏହା ମୋହର ଅଂଶ
ଥିଲା।
11ତହୁଁ ମୋହର ହସ୍ତ ଯେଉଁ ସମସ୍ତ କାର୍ଯ୍ୟ କରିଥିଲା ଓ
ଯେଉଁ ପରିଶ୍ରମ ମୁଁ କରିଥିଲି, ତହିଁ ପ୍ରତି ମୁଁ ଦୃଷ୍ଟିପାତ କଲି
ଏବଂ ଦେଖିଲି ଯେ, ସବୁ ଅସାର ଓ ପବନକୁ ଧରିବା ପାଇଁ
ଚେଷ୍ଟା କରିବା ପରି ଏବଂ ସୂର୍ଯ୍ୟ ତଳେ କୌଣସି ଲାଭ ନ
ଥିଲା।

### ଏହାର ଉତ୍ତର ଜ୍ଞାନ ହୋଇପାରେ

12ରାଜା ଯାହା କରିପାରିବ ଅନ୍ୟ କେହି ଏପରି କରିପାରିବ
ନାହିଁ। ତୁମ୍ଭେ ଯାହା କରିବା ପାଇଁ ଚାହୁଁଛ ବହୁତ ରାଜା ତାହା
କରିସାରିଛନ୍ତି। ତା'ପରେ ମୁଁ ଆଉଥରେ ଜ୍ଞାନ, ପାଗଳାମି ଓ
ଅଜ୍ଞାନତା ବିଷୟରେ ଭାବିବାକୁ ଲାଗିଲି। 13ତେଣୁ ମୁଁ
ଦେଖିଲି, ଯେପରି ଅନ୍ଧାର ଅପେକ୍ଷା ଆଲୋକ ଉତ୍ତମ,
ସେହିପରି ଜ୍ଞାନ ଅଜ୍ଞାନତାଠାରୁ ଭଲ। 14ଜ୍ଞାନବାନ ବ୍ୟକ୍ତି
ଆଲୋକରେ ଗମନ କରେ, ମାତ୍ର ମୂର୍ଖ ବ୍ୟକ୍ତି ଅନ୍ଧକାରରେ
ଗମନ କରେ। କିନ୍ତୁ ମୁଁ ଦେଖିଲି ଏକାପ୍ରକାର ଘଟଣା
ଉଭୟ ଜ୍ଞାନୀମାନଙ୍କ ଓ ମୂର୍ଖମାନ ପାଇଁ ଘଟୁଛି। ଶେଷରେ
ଉଭୟ ମୃତ୍ୟୁବରଣ କରନ୍ତି।
15ତେଣୁ ମୁଁ ଆପଣା ମନେ ମନେ କହିଲି, "ମୂର୍ଖ ପ୍ରତି
ଯେପରି ଘଟେ, ମୋ ପ୍ରତି ହିଁ ସେହିପରି ଘଟିବ। ତେବେ
ମୁଁ କାହିଁକି ଅଧିକ ଜ୍ଞାନବାନ ହେଲି।" ତେଣୁ ମୁଁ ଭାବିଲି,
"ଏହା ମଧ୍ୟ ଅସାର।" 16ଯେପରି ମୂର୍ଖର, ସେହିପରି
ଜ୍ଞାନବାନ ଲୋକର ସ୍ମରଣ ସର୍ବଦା ନ ଥାଏ। କାରଣ
ଭବିଷ୍ୟତରେ, ସମସ୍ତେ ବିସ୍ମୃତ ହୋଇ ଯାଇଥିବେ। ଜଣେ
ଜ୍ଞାନୀଲୋକକୁ କିପରି ମୂର୍ଖ ଲୋକ ପରି ମରିବା ପାଇଁ
ଅନୁମତି ଦିଆଯିବ?

### ଜୀବନରେ କ'ଣ ବାସ୍ତବରେ ଖୁସି ଅଛି?

17ସେଥିପାଇଁ ମୁଁ ଜୀବନକୁ ଘୃଣା କଲି। ସେଥି ନିମନ୍ତେ
ମୁଁ ଅନୁଭବ କଲି, ସୂର୍ଯ୍ୟତଳେ ସମସ୍ତ ବିଷୟ ମନ୍ଦ। କାରଣ
ଅର୍ଥହୀନ ଏବଂ ପବନକୁ ଧରିବା ପାଇଁ ଚେଷ୍ଟା କରିବା ପରି।
18ସୂର୍ଯ୍ୟତଳେ ମୁଁ ଯହିଁରେ ପରିଶ୍ରାନ୍ତ ହେଲି, ମୋହର
ସେସବୁ ପରିଶ୍ରମକୁ ମୁଁ ଘୃଣା କଲି, କାରଣ ମୋର
ଉତ୍ତରାଧିକାରୀ ପାଇଁ ତାହା ସବୁ ଛାଡ଼ି ଯିବାକୁ ହେବ।
19କେହି ଜଣେ ସବୁକିଛି ନିୟନ୍ତ୍ରଣ କରିବ, ଯାହା ପାଇଁ ମୁଁ
ପରିଶ୍ରମ କରିଛି। ଏଇ ଜୀବନରେ ମୁଁ ଜ୍ଞାନ ବଳରେ
ସବୁକିଛି ପାଇଛି। ସେ ଲୋକ ଜ୍ଞାନୀ କିଅବା ମୂର୍ଖ ହେବ,
ଏହା ମୁଁ ଜାଣେ ନାହିଁ। ଏହା ମଧ୍ୟ ଅସାର ଅଟେ।
20ତେଣୁ ସୂର୍ଯ୍ୟ ତଳେ ମୁଁ ଯେଉଁ ପରିଶ୍ରମରେ ପରିଶ୍ରାନ୍ତ
ହେଲି, ସେ ସବୁ ବିଷୟରେ ଆପଣା ଅନ୍ତକରଣକୁ ନିରାଶ
କରାଇବାକୁ ପ୍ରବୃତ୍ତ ହେଲି। 21କାରଣ ଜଣେ ବ୍ୟକ୍ତି ଜ୍ଞାନ,
ବିଦ୍ୟା ଓ ଦକ୍ଷତା ସହିତ ପରିଶ୍ରମ କରେ, ତଥାପି ଯେଉଁ
ବ୍ୟକ୍ତି ପରିଶ୍ରମ କରି ନାହିଁ, ତାହାର ଅଧିକାର ନିମନ୍ତେ ସେ
ତାହା ଛାଡ଼ି ଯିବ। ଏ ମଧ୍ୟ ଅସାର ଏବଂ ପବନକୁ ଧରିବା
ପରି।
22ସୂର୍ଯ୍ୟ ତଳେ ଜଣେ ମନୁଷ୍ୟ ପରିଶ୍ରମ କରି ଓ
ହୃଦୟକୁ ଦୁଃଖ ଦେଇ କଣ ପାଏ? 23କାରଣ ତାହାର
ଦିନସବୁ କେବଳ ଦୁଃଖମୟ ଓ ତାହାର ଆୟାସ ମନସ୍ତାପ
ଜନକ ଅଟେ। ରାତ୍ରିରେ ହିଁ ତା'ର ହୃଦୟ ବିଶ୍ରାମ ପାଏ
ନାହିଁ। ଏହା ମଧ୍ୟ ଅସାର।
24-25ଏପରି କେହି ଲୋକ ଅଛି କି ଯେ କେହି
ମୋଠାରୁ ସୁଖୀ ହେବା ପାଇଁ ଅଧିକ ଚେଷ୍ଟା କରିଛି। ଏବଂ
ଏହା ଯାହା ମୁଁ ଶିକ୍ଷା କରିଛି, ଏହା ହେଉଛି ସବୁଠାରୁ
ଭଲକଥା ଖାଇବା ପିଇବା, ଏବଂ କରିଥିବା କାର୍ଯ୍ୟକୁ
ଉପଭୋଗ କରିବା। ମୁଁ ଦେଖୁଛି ଯେ, ଏହା
ପରମେଶ୍ୱରଙ୍କଠାରୁ ଆସେ। 26ପରମେଶ୍ୱର ଯାହା ପ୍ରତି ତୁଷ୍ଟ
ହୁଅନ୍ତି, ପରମେଶ୍ୱର ତାହାକୁ ଜ୍ଞାନ, ବିଦ୍ୟା ଓ ଆନନ୍ଦ
ଦିଅନ୍ତି। ମାତ୍ର ପାପୀକୁ ପରମେଶ୍ୱର ସଂଗ୍ରହ କରିବାର ଓ
ଗଚ୍ଛିତ କରିବାର ଦାୟିତ୍ୱ ଦିଅନ୍ତି, ଯେଉଁସବୁକୁ ସେ ପ୍ରସନ୍ନ
ଥିବା ଲୋକମାନଙ୍କୁ ହିଁ ଦିଅନ୍ତି। ଏହା ହିଁ ଅସାର ଓ ଏହା
ବାୟୁକୁ ଧରିବା ପରି।

### ଗୋଟିଏ ସମୟ ଅଛି

3 ପ୍ରତ୍ୟେକ ଜିନିଷ ପାଇଁ ଏକ ଉଚିତ ସମୟ ଅଛି ଏବଂ
ସ୍ୱର୍ଗ ତଳେ ପ୍ରତ୍ୟେକ ଯୋଜନା ଠିକ୍ ସମୟରେ
ଘଟିବ।
2ଜନ୍ମ ହେବାର ଏକ ସମୟ ଅଛି, ଏବଂ ମରିବା ପାଇଁ
ମଧ୍ୟ ଏକ ସମୟ ଅଛି। ବୃକ୍ଷ ରୋପଣ ପାଇଁ ସମୟ ଅଛି।
ବୃକ୍ଷ ଉପାଡ଼ିବା ପାଇଁ ମଧ୍ୟ ଏକ ସମୟ ଅଛି।
3ବଧ କରିବାର ସମୟ ଅଛି ଓ ଆରୋଗ୍ୟ କରିବାର
ମଧ୍ୟ ସମୟ ଅଛି। ଧ୍ୱଂସ କରିବାର ସମୟ ଅଛି ଓ ଗଢ଼ିବା
ପାଇଁ ମଧ୍ୟ ସମୟ ଅଛି।
4କାନ୍ଦିବା ପାଇଁ ଏକ ସମୟ ଅଛି ଓ ହସିବା ପାଇଁ ମଧ୍ୟ
ଏକ ସମୟ ଅଛି। ବିଳାପ ପାଇଁ ସମୟ ଅଛି ଓ ଖୁସିରେ
ନୃତ୍ୟ କରିବାର ପାଇଁ ମଧ୍ୟ ସମୟ ଅଛି।
5ପ୍ରସ୍ତର ପକାଇବାର ସମୟ ଅଛି ଓ ପ୍ରସ୍ତର ସଂଗ୍ରହ
କରିବାର ମଧ୍ୟ ସମୟ ଅଛି। ଆଲିଙ୍ଗନ ପାଇଁ ସମୟ ଅଛି
ଓ ଆଲିଙ୍ଗନରୁ ନିବୃତ୍ତ ହେବାର ମଧ୍ୟ ସମୟ ଅଛି।
6ଅନ୍ୱେଷଣ କରିବାର ସମୟ ଅଛି ଓ ହଜାଇବାର ମଧ୍ୟ
ସମୟ ଅଛି। ରହିବାର ସମୟ ଅଛି ଓ ହଜାଇବାର ମଧ୍ୟ
ସମୟ ଅଛି। ରଖିବାର ସମୟ ଅଛି ଓ ପକାଇବାର ମଧ୍ୟ
ସମୟ ଅଛି।
7ଚିରିବାର ସମୟ ଅଛି ଓ ସିଲେଇ କରିବାର ମଧ୍ୟ
ସମୟ ଅଛି। ନୀରବ ରହିବାର ସମୟ ଅଛି ଓ କଥା
କହିବାର ମଧ୍ୟ ସମୟ ଅଛି।

8ପ୍ରେମ କରିବାର ସମୟ ଅଛି ଓ ଘୃଣା କରିବାର ମଧ୍ୟ
ସମୟ ଅଛି। ଯୁଦ୍ଧର ସମୟ ଅଛି ଓ ଶାନ୍ତିର ମଧ୍ୟ ସମୟ
ଅଛି।

### ପରମେଶ୍ୱର ତାଙ୍କ ସଂସାରକୁ ନିୟନ୍ତ୍ରଣ କଲେ

9ଜଣେ ବ୍ୟକ୍ତି ତା'ର ସମସ୍ତ ପରିଶ୍ରମରୁ କ'ଣ ଲାଭ
ପାଏ? 10ମୁଁ ଦେଖିଲି, ସମସ୍ତ କଠିନ କାର୍ଯ୍ୟ ପରମେଶ୍ୱର
ଆମ୍ଭମାନଙ୍କୁ କରିବାକୁ ଦେଇଥିଲେ। 11ପରମେଶ୍ୱର ଏହା
ଠିକ୍ ସମୟରେ ପ୍ରତ୍ୟେକ ଜିନିଷ ସୁନ୍ଦର କରନ୍ତି। ସେ ମଧ୍ୟ
ଲୋକମାନଙ୍କ ମନରେ ଅନନ୍ତକାଳର ଧାରଣା ରଖନ୍ତି, କିନ୍ତୁ
ସେମାନେ କେବେହେଲେ ପୁରାପୁରି ବୁଝିପାରନ୍ତି ନାହିଁ ଯେ,
ପ୍ରତ୍ୟେକ ଜିନିଷ ପରମେଶ୍ୱର କରିଅଛନ୍ତି।

12ତେଣୁ ମୁଁ ଅନୁଭବ କଲି ଯେ ବଞ୍ଚିଥିବା ପର୍ଯ୍ୟନ୍ତ
ସେମାନେ ଖୁସି ରହିବା ଓ ସେମାନେ ନିଜକୁ ଉପଭୋଗ
କରିବା ଛଡ଼ା ଅନ୍ୟ କିଛି ଲୋକମାନଙ୍କ ପାଇଁ ଅଧିକ ଉତ୍ତମ
ନୁହେଁ। 13ଯଦି ଜଣେ ବ୍ୟକ୍ତି ଖାଦ୍ୟ, ପାନୀୟ ଓ ଉତ୍ତମ
ଦ୍ରବ୍ୟ ତା ପରିଶ୍ରମ ବଳରେ ଉପଭୋଗ କରିପାରିଲା, ତେବେ
ତାହା ପରମେଶ୍ୱରଙ୍କଠାରୁ ଉପହାର।

14ମୁଁ ଜାଣେ ଯେ, ପରମେଶ୍ୱର ଯାହା କିଛି କରନ୍ତି,
ତାହା ଅନନ୍ତକାଳସ୍ଥାୟୀ, ତାହା ବୃଦ୍ଧି ବା ହ୍ରାସ କରାଯାଇ ନ
ପାରେ। ପରମେଶ୍ୱର ତାହା କରିଛନ୍ତି, ଯେପରି ଲୋକମାନେ
ତାଙ୍କୁ ସମ୍ମାନ ଦେବେ। 15ଯାହାସବୁ ଏଠାରେ ଆଉଥରେ
ଘଟିବା ଅଛି, ଯାହାସବୁ ଘଟିବାକୁ ଯାଉଛି, ତାହା ଘଟି
ସାରିଛି। ପରମେଶ୍ୱର ସେସବୁ ଜିନିଷ ଖୋଜନ୍ତି ତାହା ଅତୀତ
ହୋଇଛି।

16ପୁଣି ଥରେ ମୁଁ ସୂର୍ଯ୍ୟ ତଳେ ଆଉ ଗୋଟିଏ ଜିନିଷ
ଦେଖିଲି: ନ୍ୟାୟ ସ୍ଥାନରେ, ଦୁଷ୍ଟତା ସେଠାରେ ଥିଲା, ଏବଂ
ଯେଉଁଠାରେ ଧାର୍ମିକତା ରହିବା ଉଚିତ୍ ଥିଲା, ସେଠାରେ
ଜଣେ ଦୁରାତ୍ମା ଥିଲା। 17ମୁଁ ମନେ ମନେ କହିଲି:
"ପରମେଶ୍ୱର ଧାର୍ମିକ ଓ ଦୁଷ୍ଟର ବିଚାର କରିବେ। କାରଣ
ପ୍ରତ୍ୟେକ କାର୍ଯ୍ୟ ପାଇଁ ସମୟ ଅଛି।"

### ଲୋକମାନେ କ'ଣ ପଶୁମାନଙ୍କ ପରି ଅଟନ୍ତି

18ମୁଁ ନିଜେ ମନେ ମନେ ଲୋକମାନଙ୍କ ବିଷୟରେ
ଭାବିଲି, ମୁଁ ନିଜକୁ ନିଜେ ଚିନ୍ତା କଲି, "ପରମେଶ୍ୱର
ସେମାନଙ୍କୁ ଦେଖାଇ ଦେବାକୁ ଚାହାନ୍ତି ଯେ, ସେମାନେ ପଶୁ
ତୁଲ୍ୟ।" 19ଜଣେ ମନୁଷ୍ୟ ପଶୁଠାରୁ କ'ଣ ଉତ୍ତମ? ନାଁ!
କାହିଁକି? କାରଣ ମନୁଷ୍ୟ ଓ ପଶୁମାନଙ୍କ ପାଇଁ ଏକାପରି
ଘଟେ, ପଶୁମାନେ ଜନ୍ମନ୍ତି ଓ ମରନ୍ତି। ଲୋକମାନେ ମଧ୍ୟ
ଜନ୍ମନ୍ତି ଓ ମରନ୍ତି, ସମସ୍ତଙ୍କର "ପ୍ରାଣ ବାୟୁ" ଏକାପରି।
କ'ଣ ଜଣେ ମୃତ ପଶୁ ଏକ ମୃତ ମନୁଷ୍ୟ ମଧ୍ୟରେ କୌଣସି
ଉନ୍ନତି ଅଛି କି? ପ୍ରତ୍ୟେକ ଜିନିଷ ଅବଶ୍ୟ ଅର୍ଥହୀନ।
20ମୃତ ମନୁଷ୍ୟ ଓ ପଶୁର ଶରୀର ଏକା ପ୍ରକାରରେ ବିନାଶ
ହୁଏ। ସେମାନେ ଏହି ପୃଥିବୀରୁ ଆସିଥିଲେ ଓ ଏହି
ପୃଥିବୀରେ ମିଶିଗଲେ। 21ମନୁଷ୍ୟର ଆତ୍ମା ସ୍ୱର୍ଗଗାମୀ ଓ
ପଶୁର ଆତ୍ମା ନର୍କଗାମୀ ହୁଏ, କିଏ ଏ ବିଷୟରେ କହି
ପାରିବ।

22ସେଥିପାଇଁ ମୁଁ ଦେଖିଲି ଯେ, କେବଳ ନିଜ ସ୍ୱକର୍ମରେ
ଆନନ୍ଦ କରିବା ବ୍ୟତୀତ ମନୁଷ୍ୟ ନିମନ୍ତେ ଅନ୍ୟ କିଛି ଭଲ
ନୁହେଁ। କାରଣ ଏହାହିଁ ତା'ର ଅଧିକାର। ଆଉ ଏହାପରେ
ଯାହା ଘଟିବ ତାହାକୁ ଦେଖିବା ପାଇଁ ତାହାକୁ କିଏ ଫେରାଇ
ଆଣି ପାରିବ?

### ମରିଯିବାଟା କ'ଣ ଭଲ?

4 ପୁନରାୟ ବହୁତ ଲୋକ ଅତ୍ୟାଚାରିତ ହେଉଥିବାର ଓ
କାନ୍ଦୁଥିବାର ମୁଁ ଦେଖିଲି। ମୁଁ ଦେଖିଲି ଯେ, ସେମାନଙ୍କୁ
ସାନ୍ତ୍ୱନା ଦେବା ପାଇଁ କେହି ମଧ୍ୟ ନଥିଲେ। ମୁଁ କଷ୍ଟ ଭୋଗ
କରୁଥିବା ଲୋକମାନଙ୍କୁ ମୁଁ ଦେଖିଲି ଓ ଶାସନରେ ଥିବା
ଲୋକମାନଙ୍କର ନିଷ୍ଠୁରତା ମଧ୍ୟ ମୁଁ ଦେଖିଲି। ସେମାନଙ୍କ
ଦ୍ୱାରା ଆହତ ଲୋକମାନଙ୍କୁ କେହି ସାନ୍ତ୍ୱନା ଦେବାକୁ ନଥିଲେ।
2ମୁଁ ନିଷ୍ପତ୍ତି ନେଲି, ଯେ ଜୀବିତ ଲୋକମାନଙ୍କ ଅପେକ୍ଷା
ମୃତଲୋକମାନେ ଅଧିକ ଭାଗ୍ୟବାନ୍। 3ଏବଂ ଯିଏ ଆଜି
ପର୍ଯ୍ୟନ୍ତ ଜନ୍ମ ହୋଇନାହିଁ, ସେ ଅନ୍ୟତର ସେମାନଙ୍କଠାରୁ
ଭଲରେ ଅଛି, ଯେହେତୁ ସେ ସୂର୍ଯ୍ୟତଳେ ଯେଉଁ ସମସ୍ତ
ଅମଙ୍ଗଳ ଘଟିଛି, ତାହା ଦେଖିନାହିଁ।

### କାହିଁକି କାର୍ଯ୍ୟ କଠିନ ଅଟେ

4ଏହାପରେ ମୁଁ ଭାବିଲି, "କାହିଁକି ଲୋକମାନେ କଠିନ
ପରିଶ୍ରମ କରନ୍ତି।" ମୁଁ ଦେଖିଲି ଲୋକମାନେ ଜୀବନରେ
ଉପରକୁ ଉଠିବା ପାଇଁ ଓ ଅନ୍ୟମାନଙ୍କଠାରୁ ଭଲ ରହିବା
ପାଇଁ କଠିନ ପରିଶ୍ରମ କରନ୍ତି। କାରଣ, ଲୋକମାନେ ଈର୍ଷାଳୁ
ଅଟନ୍ତି ଏବଂ ସେମାନେ କେବେ ଚାହାଁନ୍ତି ନାହିଁ ଯେ,
ଅନ୍ୟମାନେ ତା'ଠାରୁ ଅଧିକ ପାଆନ୍ତୁ। ଏହା ଅସାର ଅଟେ।
ଏହା ପବନକୁ ଧରିବା ପାଇଁ ଚେଷ୍ଟା କରିବା ତୁଲ୍ୟ ଅଟେ।
5କିଛି ଲୋକ କହନ୍ତି, "ମୂର୍ଖମାନେ ହସ୍ତ ବାନ୍ଧି ବସନ୍ତି। ଯଦି
ତୁମ୍ଭେ ପରିଶ୍ରମ ନକର, ତେବେ ତୁମ୍ଭେ ଉପବାସରେ ମୃତ୍ୟୁଭୋଗ
କରିବ।" 6ସଂଘର୍ଷ କର ଦୁଇହାତ ପୂର୍ଣ୍ଣ କର। ପବନକୁ
ଧରିବାକୁ ଚେଷ୍ଟା କରିବାଠାରୁ ମନର ଶାନ୍ତି, ସୁଖ ପାଇଁ
ଗୋଟିଏ ହାତ ମୁଠି ଭଲ।

7ଏହାପରେ ମୁଁ ପୁନରାୟ ସୂର୍ଯ୍ୟ ତଳେ ଅସାର ଦେଖିଲି।
8ଯଦି କୌଣସି ଲୋକ ଏକାକି ଥାଏ ଓ ତାହାର ଦ୍ୱିତୀୟ
କେହି ନାହିଁ, ତା'ର ପୁତ୍ର ଏବଂ ଭ୍ରାତା କେହି ନାହିଁ। ତଥାପି
ତାହାର ପରିଶ୍ରମର ସୀମା ନାହିଁ, ତା'ର ଚକ୍ଷୁ କିଅବା ତା'ର
ଧନରେ ତୃପ୍ତ ନୁହେଁ। କିନ୍ତୁ ସେ ନିଜକୁ ପଚାରେ ନାହିଁ
ଯେ, "କାହିଁକି ମୁଁ ଏତେ କଠିନ କାର୍ଯ୍ୟ କରୁଛି? କାହିଁକି ମୁଁ
ମୋର ଜୀବନକୁ ଉପଭୋଗ କରିବି ନାହିଁ?" ଏହା ମଧ୍ୟ
ଅସାର ଓ ଅତ୍ୟନ୍ତ କ୍ଲେଶ ଜନକ।

### ବନ୍ଧୁ ଓ ପରିବାର ଶକ୍ତି ଯୋଗାନ୍ତି

9ଏକ ଜଣରୁ ଦୁଇଜଣ ଭଲ। କାରଣ ସେମାନେ ଆପଣା
ଆପଣା ପରିଶ୍ରମର ଉତ୍ତମ ଫଳ ପ୍ରାପ୍ତ ହୁଅନ୍ତି।

10ଯଦି ଜଣେ ବ୍ୟକ୍ତି ପଡ଼ିଯାଏ, ତେବେ ତା'ର ସାଙ୍ଗ
ତାକୁ ଉଠାଇବାକୁ ସାହାଯ୍ୟ କରିବ। ମାତ୍ର ଯେ ପଡ଼ିବା
ବେଳେ ଏକାକୀ ଥାଏ, ତାକୁ ଉଠାଇବା ପାଇଁ ଅନ୍ୟ କେହି

ସେଠାରେ ନଥାଏ। 11ଆହୁରି ଦୁଇଜଣ ଏକତ୍ର ଶୟନ କଲେ
ଉଷ୍ମ ହୁଅନ୍ତି ମାତ୍ର ଜଣେ କିରୂପେ ଉଷ୍ମ ହୋଇପାରିବ।
12ଯେକେହି ଏକାକୀ ଥିବା ଲୋକକୁ ପରାସ୍ତ କରେ,
ତେବେ ଦୁଇଜଣ ତାହାର ପ୍ରତିବାଦ କରିବେ। ପୁଣି ତ୍ରିଗୁଣ
ରଜ୍ଜୁ ଶୀଘ୍ର ଛିଣ୍ଡି ଯାଏ ନାହିଁ।

### ଲୋକ, ରାଜନୀତି ଏବଂ ଖ୍ୟାତି

13ଯେଉଁ ବୃଦ୍ଧ ଓ ନିର୍ବୋଧ ରାଜା ଆଉ କୌଣସି
ପରାମର୍ଶ ଗ୍ରହଣ ନ କରିବାକୁ ଚାହେଁ। ତାହା ଅପେକ୍ଷା ଦରିଦ୍ର
ଓ ଜ୍ଞାନବାନ ଯୁବା ଲୋକ ଭଲ। 14କାରଣ ସେ ରାଜା
ହେବା ପାଇଁ କାରାଗାରରୁ ବାହାର ହୋଇ ଆସିଲା। ଆହୁରି
ସେ ତାହାର ରାଜ୍ୟରେ ଦରିଦ୍ର ହୋଇ ଜନ୍ମି ଥିଲା। 15ମୁଁ
ଦେଖିପାରୁଛି ଯେ, ପୃଥିବୀରେ ସୂର୍ଯ୍ୟତଳେ ଯେଉଁ ସମସ୍ତ
ଲୋକମାନେ ବାସ କରୁଛନ୍ତି ଓ ଯାତାୟତ କରୁଛନ୍ତି, ସେମାନେ
ପରବର୍ତ୍ତୀ ଯୁବକକୁ ଅନୁସରଣ କଲେ, ଯିଏକି ତା'ର ସାଙ୍ଗ,
ତାଙ୍କର ସ୍ଥାନ ନେବେ। 16ଅସଂଖ୍ୟ ଲୋକ ଉତ୍ତରାଧିକାରୀଙ୍କୁ
ଅନୁସରଣ କରିବେ ଏବଂ ଯେଉଁ ଲୋକମାନେ ପରେ
ଆସିବେ ସେମାନେ ସେହି ପ୍ରଥମ ଜ୍ଞାନୀ ଯୁବକକୁ ପ୍ରଶଂସା
କରିବେ ନାହିଁ। ଏହା ମଧ୍ୟ ଅସାର ଓ ପବନର ପଶ୍ଚାତ୍
ଗମନ କଲା ପରି।

### ପ୍ରତିଜ୍ଞା କରିବା ସମୟରେ ସାବଧାନତା

5 ଯେତେବେଳେ ତୁମ୍ଭେମାନେ ପରମେଶ୍ୱରଙ୍କୁ ଉପାସନା
କରିବାକୁ ଯାଅ, ବହୁତ ସାବଧାନ ହୁଅ। ମୂର୍ଖମାନଙ୍କ
ପରି ବଳିଦେବା ଅପେକ୍ଷା ପରମେଶ୍ୱରଙ୍କୁ ମାନିବା ଅଧିକ
ଉତ୍ତମ। ମୂର୍ଖମାନେ ଜାଣନ୍ତି ମଧ୍ୟ ନାହିଁ, ଯେତେବେଳେ
ସେମାନେ ମନ୍ଦକର୍ମ କରନ୍ତି। 2ପରମେଶ୍ୱରଙ୍କଠାରେ ପ୍ରତିଜ୍ଞା
କରିବା ସମୟରେ ସାବଧାନ ହୁଅ। ପରମେଶ୍ୱରଙ୍କ ଆଗରେ
କୌଣସି କଥା କହିବା ପାଇଁ ତୁମ୍ଭର ଚିତ୍ତ ଚଞ୍ଚଳ ନ ହେଉ।
କାରଣ ପରମେଶ୍ୱର ସ୍ୱର୍ଗରେ ଅଛନ୍ତି ଓ ତୁମ୍ଭେ ପୃଥିବୀରେ
ଅଛ। ଏଣୁ ତୁମ୍ଭର କଥା ଅଳ୍ପ ହେଉ।
3ବହୁତ ଦୁଃଖରୁ ଅନେକ ଦୁଃସ୍ୱପ୍ନ ଆସେ, ଏବଂ ଜଣେ
ମୂର୍ଖ ବହୁତ କହେ।
4ତୁମ୍ଭେ ପରମେଶ୍ୱରଙ୍କଠାରେ ପ୍ରତିଜ୍ଞା କଲେ ତାହା
ପରିଶୋଧ କରିବାକୁ ବିଳମ୍ବ କର ନାହିଁ। କାରଣ ମୂର୍ଖମାନଙ୍କଠାରେ
ତାଙ୍କର ସନ୍ତୋଷ ନାହିଁ। ତୁମ୍ଭେ ଯାହା ପ୍ରତିଜ୍ଞା କର, ତାହା
ପରିଶୋଧ କର। 5ପ୍ରତିଜ୍ଞା କରି ପରିଶୋଧ ନ କରିବା
ଅପେକ୍ଷା ତୁମ୍ଭେ ପ୍ରତିଜ୍ଞା ନ କରିବା ଭଲ। 6ତୁମ୍ଭ ମୁଖକୁ
ତୁମ୍ଭ ପାଇଁ ପାପର କାରଣ ହେବାକୁ ଦିଅ ନାହିଁ, କିଅବା
ଏହା ଭୁଲ୍ ହେଲା ବୋଲି ଦୂତ ସାକ୍ଷାତରେ କୁହ ନାହିଁ।
ପରମେଶ୍ୱର ତୁମ୍ଭ ଉପରେ କାହିଁକି କ୍ରୋଧ ହେବେ ଓ ତୁମ୍ଭର
କଠିନ ପରିଶ୍ରମକୁ ବିନାଶ କରିବେ। 7ଅନେକ ଫମ୍ପା ସ୍ୱପ୍ନ
ଏବଂ ଅନେକ ବାଚାଳତା ଯୋଗୁଁ ଏସବୁ ଘଟେ। ମାତ୍ର ତୁମ୍ଭେ
ପରମେଶ୍ୱରଙ୍କୁ ନିଶ୍ଚୟ ଭୟ କର।

### ପ୍ରତ୍ୟେକ ଶାସନକର୍ତ୍ତାଙ୍କର ଏକ ଶାସକ ଥାଏ

8କେତେକ ଦେଶରେ ଯଦି ତୁମ୍ଭେମାନେ ଦେଖ ଯେ,
ଲୋକମାନେ ଅତ୍ୟାଚାର କଲେ ଓ ନ୍ୟାୟ ବିଚାରକୁ ଅସ୍ୱୀକାର
କଲେ, ଏଥିରେ ଆଶ୍ଚର୍ଯ୍ୟ ହୁଅ ନାହିଁ! ଅଧିକାରୀଗଣ ଯେଉଁମାନେ
ଲୋକମାନଙ୍କୁ ଅତ୍ୟାଚାର କରନ୍ତି, ସେମାନଙ୍କ ଉପରେ ଅନ୍ୟ
ଅଧିକାରୀଗଣ ଅଛନ୍ତି। ଉଭୟ ଅଧିକାରୀଙ୍କ ଉପରେ ଅନ୍ୟଜଣେ
ଅଧିକାରୀ ଅଛନ୍ତି। 9ଏହିସବୁ ପଛରେ ଭୂମିରୁ ପାଇଥିବା ଲାଭ
ଅଛି। ଏପରିକି କ୍ଷେତ୍ର ଦ୍ୱାରା ରାଜା ମଧ୍ୟ ସେବିତ ହୁଅନ୍ତି।

### ସମ୍ପତ୍ତି ସୁଖ କିଣିପାରିବ ନାହିଁ

10ସଂପତ୍ତି ସୁଖ କିଣିପାରେ ନାହିଁ। ଯେଉଁ ଲୋକ ଟଙ୍କାକୁ
ଭଲପାଏ ସେ କେବେ ତା'ର ନିକଟରେ ଥିବା ଟଙ୍କାରେ
ସନ୍ତୁଷ୍ଟ ହେବ ନାହିଁ। ଯେଉଁ ଲୋକ ସମ୍ପତ୍ତିକୁ ଭଲ ପାଏ।
ସେ ଯେତେ ସମ୍ପତ୍ତିର ଅଧିକାରୀ ହେଲେ ମଧ୍ୟ ସେ ସନ୍ତୁଷ୍ଟ
ହେବ ନାହିଁ, ଏହା ମଧ୍ୟ ଅସାର ଅଟେ।
11ଜଣେ ବ୍ୟକ୍ତିର ଯେତେ ଅଧିକ ସଂପତ୍ତି ଅଛି, ତାହାର
ସେତେ "ବନ୍ଧୁ" ତା'ର ସଂପତ୍ତି ଖର୍ଚ୍ଚ କରିବାକୁ ସାହାଯ୍ୟ
କରନ୍ତି। ତେଣୁ ସେହି ଧନୀ ବ୍ୟକ୍ତିଟି ପ୍ରକୃତରେ କିଛି ଲାଭ
ପାଏ ନାହିଁ। କେବଳ ସେ ନିଜ ସଂପତ୍ତିକୁ ଦେଖେ।
12ଶ୍ରମଜିବୀ ଲୋକେ ଅଳ୍ପ ବା ବହୁତ ଖାଇଲେ ହେଁ
ତାହାର ନିଦ୍ରା ସୁଖକର ହୁଏ, ମାତ୍ର ଧନବାନର ପୂର୍ଣ୍ଣତା
ତାହାକୁ ନିଦ୍ରା ଯିବାକୁ ଦେବ ନାହିଁ।
13ମୁଁ ଏହା ଦେଖିଛି ଯେ ଏହା ଏକ ଅତ୍ୟନ୍ତ ଦୁଃଖର
ବିଷୟ ଯାହା ଜୀବନରେ ଘଟିଛି। ମନୁଷ୍ୟମାନେ ସେମାନଙ୍କର
ପାଇଁ ଅର୍ଥ ଜମା ରଖନ୍ତି। 14ଦୁର୍ଘଟଣା ବଶତଃ ସେହିସବୁ
ଧନ କ୍ଷୟ ପାଏ। ଯେତେବେଳେ ତା'ର ପୁତ୍ର ଜନ୍ମ ହୁଏ,
ତାକୁ ଦେବାପାଇଁ ତା'ର କିଛି ନଥାଏ।

### ଆସିଛୁ ଏକା ଯିବା ଏକା

15ସେ ଆପଣା ମାତୃ ଗର୍ଭରୁ ଯେପରି ଆସିଥିଲା, ସେପରି
ଉଲଗ୍ନ ହୋଇ ଫେରିଯିବ। ଆଉ ସେ ଆପଣା ପରିଶ୍ରମ
ପାଇଁ ସ୍ୱହସ୍ତରେ ଯାହା ନେଇଯାଇ ପାରିବ ନାହିଁ, ଏପରି କିଛି
ସଙ୍ଗେ ନେବ ନାହିଁ। 16ତାହା ଅତ୍ୟନ୍ତ ଦୁଃଖ ଦାୟକ। ସେ
ପୃଥିବୀରୁ ଫେରିବ ଠିକ୍ ଯେପରି ଆସିଥିଲା। "ଏବଂ ସେ
କଠିନ ପରିଶ୍ରମ କରି ପବନକୁ ଧରିବା ପାଇଁ ଚେଷ୍ଟା କରି
କଣ ପାଇଛି?" 17ସେ ବିଷାଦରେ ତା'ର ଜୀବନ କଟାଇ
ଦିଏ। ପୁଣି ସେ ଅତିଶୟ ବିରକ୍ତ ହୁଏ। ଆଉ ପିଡିତ ଓ
କ୍ରୋଧିତ ହୁଏ।

### ଜୀବନର କର୍ମରୁ ଆନନ୍ଦ କର

18ମୁଁ ଦେଖିଛି ଯେ, ଏହି ସର୍ବୋତ୍ତମ ଜଣେ ବ୍ୟକ୍ତି ଏହା
କରିପାରିବ। ଏହି ପୃଥିବୀରେ ତା'ର ଅଳ୍ପ ଜୀବନ କାଳ
ମଧ୍ୟରେ ଜଣେ ବ୍ୟକ୍ତି ଯାହା କାର୍ଯ୍ୟ କରେ, ସେ ଖାଇ ପିଇ
ଉପଭୋଗ କରିବା ଉଚିତ୍। ପରମେଶ୍ୱର ତାହାଙ୍କୁ ଏହି
ଅଳ୍ପକାଳ ଜୀବନ ଦେଇଛନ୍ତି ଏବଂ ତାହାହିଁ ତା'ର ସବୁକିଛି।
19ଆହୁରି ପରମେଶ୍ୱର କୌଣସି ବ୍ୟକ୍ତିକୁ ଧନସମ୍ପତ୍ତି
ଦାନ କରି ତାହା ଭୋଗ କରିବାକୁ ଓ ଆପଣା ଅଂଶ ଗ୍ରହଣ
କରିବାକୁ ଓ ଆପଣା ପରିଶ୍ରମରେ ଆନନ୍ଦ କରିବାକୁ କ୍ଷମତା
ଦେଲେ। ଏହା ହିଁ ପରମେଶ୍ୱରଙ୍କର ଦାନ ଅଟେ। 20ସତ୍ୟରେ,

ଜଣେ ବ୍ୟକ୍ତି ତା'ର ଜୀବନ ବିଷୟରେ ବେଶୀ ଚିନ୍ତା କରେ
ନାହିଁ କାରଣ ପରମେଶ୍ୱର ତାକୁ ନିଜକୁ ଉପଭୋଗ କରିବାରେ
ବ୍ୟସ୍ତ ରଖିଛନ୍ତି।

### ସମ୍ପଦ କେବେ ସୁଖ ଆଣି ପାରିବ ନାହିଁ

6 ମୁଁ ସୂର୍ଯ୍ୟ ତଳେ ଏକ ଦୁଃଖର ବିଷୟ ଦେଖିଅଛି ଏବଂ
ଏହା ଲୋକମାନଙ୍କ ଉପରେ କଠିନ ଚାପ ପକାଏ।
2ପରମେଶ୍ୱର କେତେକଙ୍କୁ ଧନ, ସଂପତ୍ତି ଓ ସମ୍ମାନ ଦିଅନ୍ତି,
ସେହି ବ୍ୟକ୍ତି ଅନ୍ୟ କିଛି ଆଶା କରିବା ପାଇଁ ତା'ର କିଛି
ଅଭାବ ନଥାଏ। କିନ୍ତୁ ପରମେଶ୍ୱର ସେହି ବ୍ୟକ୍ତିକୁ ଏସବୁ
ଉପଭୋଗ କରିବା ପାଇଁ ଅନୁମତି ଦିଅନ୍ତି ନାହିଁ। ତା
ବଦଳରେ ଅନ୍ୟ ଜଣେ ଏହା ଉପଭୋଗ କରେ। ଏହା
ଅସାର ଅଟେ ଓ ଏକ ମନ୍ଦ ବ୍ୟାଧି ସ୍ୱରୂପ ଅଟେ।
3ଜଣେ ଲୋକ ଏକ ଦୀର୍ଘ ଜୀବନଯାପନ କରେ। ଏବଂ
ସେ ଶହେ ସନ୍ତାନ ଜନ୍ମ ଦେଇପାରେ। କିନ୍ତୁ ଯଦି ସେ
ସେମାନଙ୍କ ଉପରେ ସନ୍ତୁଷ୍ଟ ନହୁଏ ଏବଂ ଯଦି ମୃତ୍ୟୁ ପରେ
ତାକୁ କେହି ସ୍ମରଣ ନ କରେ, ତାହେଲେ ସେହି ଲୋକ
ଅପେକ୍ଷା ଜନ୍ମ ହେବା ସମୟରେ ମୃତ୍ୟୁବରଣ କରିଥିବା ସେହି
ଶିଶୁଟି ଉତ୍ତମ ଅଟେ।। 4ସେହିପରି ଶିଶୁଟି ଘନ କୁହୁଡ଼ିରେ
ଆଚ୍ଛାଦନ ହୋଇ ଆସେ ଏବଂ ଅନ୍ଧାରରେ ଏଇ ପୃଥିବୀରୁ
ଚାଲିଯାଏ, ଏବଂ ସେହି ଅନ୍ଧାର ଏହାର ନାମକୁ ମଧ୍ୟ ଲୁଚାଇ
ଦିଏ। 5ସେ ସୂର୍ଯ୍ୟ ଦେଖି ନାହିଁ କି ସେ ବିଷୟରେ ଜାଣି
ନାହିଁ। ସେ ଲୋକ ଅପେକ୍ଷା ବରଂ ଏ ଶିଶୁଟି ଅଧିକ ବିଶ୍ରାମ
ପାଏ। 6ପୁଣି ସେ ମନୁଷ୍ୟ କୌଣସି ମଙ୍ଗଳ ଭୋଗ ନ କରି
2'000 ବର୍ଷ ବଞ୍ଚିଲେ ହେଁ ସମସ୍ତେ କି ଏକ ସ୍ଥାନକୁ ନ
ଯାଆନ୍ତି?
7ମନୁଷ୍ୟ ତା'ର ନିଜ ପେଟ ପାଇଁ ପରିଶ୍ରମ କରେ।
କିନ୍ତୁ ସେ ସେଥିରେ ସନ୍ତୁଷ୍ଟ ହୁଏ ନାହିଁ, କାହିଁକି? 8ଏହି
ପ୍ରକାରର ଜଣେ ଜ୍ଞାନୀ ଜଣେ ମୂର୍ଖଠାରୁ କେଉଁ ଗୁଣରେ
ଭଲ? ଜଣେ ଗରିବ ଲୋକ ଅନ୍ୟମାନଙ୍କୁ କିପରି
ବ୍ୟବହାର କରିବାକୁ ହେବ, ତାହା ଯଦି ଜାଣେ, ଉତ୍ତମତା
କଣ? 9ଏହା ନିତାନ୍ତ ଖୁସିର କଥା ଯେ ତୁମ୍ଭର ଯାହା ଅଛି
ଅଧିକ ଆଶା କରିବା ଅପେକ୍ଷା ସେଥିରେ ସନ୍ତୁଷ୍ଟ ହେବା
ଭଲ। ଏହା ମଧ୍ୟ ଅସାର ଅଟେ। ଏହା ବାୟୁକୁ ଧରିବା
ତୁଲ୍ୟ ହେବ।
10ଯାହା ହେଉଛି ତାହା ଆଗରୁ ନିର୍ଦ୍ଧାରିତ ହୋଇଅଛି।
ଏବଂ ଯେଉଁ ପଥରେ ମନୁଷ୍ୟ ସମାଜ ଚାଲେ ତାହା
ପରମେଶ୍ୱର ଜାଣନ୍ତି। ଆଉ ଯିଏ ସେମାନଙ୍କଠାରୁ ଶକ୍ତିଶାଳି
ତାଙ୍କ ସହିତ ଯୁକ୍ତି କରି ସେମାନେ କେବେ ଜିତି ପାରିବେ
ନାହିଁ। 11ସେମାନେ ଯେତେ ଅଧିକ ଯୁକ୍ତି କରିବେ, ତାହା
ସେତେ ଅନାବଶ୍ୟକ ଅଟେ। ଏହା ତାଙ୍କର କ'ଣ ଲାଭ
ହେବ?
12କିଏ ଜାଣେ ସେମାନଙ୍କ ଏଇ କ୍ଷଣସ୍ଥାୟୀ ଜୀବନରେ,
ମନୁଷ୍ୟ ଅଧିକ ଲାଭକରି କ'ଣ କରିପାରେ? କାରଣ ସେମାନଙ୍କର
ଦିନଗୁଡ଼ିକ ଛାଇ ପରି ଚାଲିଯିବ। କିଏ ଲୋକମାନଙ୍କୁ କହି
ପାରିବ, ସୂର୍ଯ୍ୟତଳେ ଭବିଷ୍ୟତରେ ଏଇ ପୃଥିବୀରେ କଣ
ହେବ?

### ଉପଦେଶକର ଗୁଚ୍ଛ

7 ବହୁମୂଲ୍ୟ ତୈଳ ଅପେକ୍ଷା ଉତ୍ତମ ନାମ ଭଲ ଅଟେ।
ବ୍ୟକ୍ତିର ଜନ୍ମ ଦିନ ଅପେକ୍ଷା ମୃତ୍ୟୁର ଦିନ ଯଥେଷ୍ଟ
ଭଲ ଅଟେ।
2ଭୋଜିକୁ ଯିବା ଅପେକ୍ଷା ଶବଦାହକୁ ଯିବା ଭଲ।
କାରଣ ତାହା ସମୁଦାୟ ମନୁଷ୍ୟର ଶେଷଗତି ଅଟେ ଓ
ଜୀବିତ ଲୋକ ତହିଁରେ ମନୋଯୋଗ କରିବା ଉଚିତ୍।
3ସୁଖଠାରୁ ଦୁଃଖ ଭଲ କାରଣ ଏକ ଦୁଃଖ ଅନୁଭୂତି
ମୂଲ୍ୟବାନ ଶିକ୍ଷା ଦିଏ।
4ଜ୍ଞାନୀମାନଙ୍କ ହୃଦୟ ଚିତାଗ୍ନିରେ। ମାତ୍ର ମୂର୍ଖମାନଙ୍କ
ହୃଦୟ ଭୋଜିରେ ଥାଏ।
5ଜଣେ ମୂର୍ଖର ଗୀତ ଶୁଣିବାଠାରୁ ଜଣେ ଜ୍ଞାନୀ ଲୋକଙ୍କଠାରୁ
ଭର୍ତ୍ସନା ଶୁଣିବା, ଭଲ।
6ହାଣ୍ଡିତଳେ କଣ୍ଟାର ଚଡ଼ଚଡ଼ ଶବ୍ଦ ଯେପରି ମୂର୍ଖର
ହାସ୍ୟ ସେହିପରି, ଏହା ମଧ୍ୟ ଅର୍ଥହୀନ।
7ଅରାଜକତା ଜ୍ଞାନୀ ଲୋକମାନଙ୍କୁ ବୋକା କରିଦିଏ, ଲାଞ୍ଚ
ବିବେକ ନଷ୍ଟ କରେ।
8ବିଷୟର ଆରମ୍ଭ ଅପେକ୍ଷା ତହିଁର ସମାପ୍ତି ଭଲ।
ଗୋଟିଏ ଜରାଗ୍ରସ୍ତ ଆତ୍ମା ଏକ ଗର୍ବୀ ଆତ୍ମାଠାରୁ ଭଲ।
9ଶୀଘ୍ର କ୍ରୋଧିତ ହୁଅ ନାହିଁ। କାରଣ ମୂର୍ଖମାନଙ୍କ
ହୃଦୟରେ କ୍ରୋଧ ବାସ କରେ।
10ପଚାର ନାହିଁ, "କାହିଁକି ବର୍ତ୍ତମାନଠାରୁ 'ଅତୀତ' ଭଲ
ଥିଲା?" ଯଦି ତୁମ୍ଭେ ଜ୍ଞାନୀ ହୋଇଥିବ ଏହା ପଚାରିବ ନାହିଁ।
11ଜ୍ଞାନ ଉତ୍ତମ ଅଟେ, ଯଦି ଏହା ବଂଶାନୁଗତ ଭାବରେ
ଆସିଥାଏ, ଏହା ଜୀବନଧାରଣରେ ଲାଭ ଦେଇଥାଏ।
12କାରଣ ଧନ ଯେପରି ଆଶ୍ରୟ ସ୍ୱରୂପ, ଜ୍ଞାନହିଁ ସେହିପରି
ଆଶ୍ରୟ ସ୍ୱରୂପ ଅଟେ। ଜ୍ଞାନ ଥିବାର ଲାଭ ଏହି ଯେ,
ଯେଉଁମାନଙ୍କର ଜ୍ଞାନ ଅଛି ସେମାନଙ୍କର ଜୀବନକୁ ଏହା
ସୁରକ୍ଷା କରେ।
13ପରମେଶ୍ୱରଙ୍କ କାର୍ଯ୍ୟକୁ ଅନୁଧ୍ୟାନ କର। କାରଣ ସେ
ଯାହା ବକ୍ର କରନ୍ତି, ତାକୁ କେହି ଠିକ୍ କରିପାରିବ ନାହିଁ?
14ଖୁସି ହୁଅ ଯେତେବେଳେ ତୁମ୍ଭ ପାଖରେ ସମ୍ପତ୍ତି ଅଛି କିନ୍ତୁ
ଯେତେବେଳେ ତୁମ୍ଭେ ଦୁଃଖ ଅନୁଧ୍ୟାନ କର ପରମେଶ୍ୱର
ଆମ୍ଭକୁ ଭଲ ସହିତ ଖରାପ ସମୟ ଦେଇଛନ୍ତି। ଯାହା
ଫଳରେ କୌଣସି ଲୋକ ଭବିଷ୍ୟତରେ କ'ଣ ଘଟିବ ତାହା
ଯାଣି ପାରିବ।

### ଲୋକମାନେ ପ୍ରକୃତରେ ଧାର୍ମିକ ହୋଇ ପାରିବେ ନାହିଁ

15ମୋର ଅର୍ଥହୀନ ଜୀବନ କାଳ ମଧ୍ୟରେ, ମୁଁ ଏହିସବୁଜିନିଷ
ଦେଖିଅଛି। କେବେକେବେ ଜଣେଧାର୍ମିକ ଲୋକ ଆପଣା
ଧାର୍ମିକତା ସତ୍ତ୍ୱେ ବିନଷ୍ଟ ହୁଏ, ଯେଉଁଠିକି ଏକ ପୁଣି ଦୁଷ୍ଟ
ଲୋକ ତା'ର ଦୁଷ୍ଟାମୀ ସତ୍ତ୍ୱେ ଦୀର୍ଘଜୀବି ହୁଏ। 16ତୁମ୍ଭେମାନେ
ନିଜକୁ ଅତି ଧାର୍ମିକ ବୋଲି ଦେଖାଅ ନାହିଁ। କିଅବା
ଆପଣାକୁ ଅତି ଜ୍ଞାନୀ ବୋଲି ଦେଖାଇ ହୁଅ ନାହିଁ। କାହିଁକି?
ଏଥିରେ ତୁମ୍ଭେ ନିଜକୁ ବିନାଶ କରିବ। 17ତୁମ୍ଭେ ଅତି ଦୁଷ୍ଟ
କିଅବା ନିର୍ବୋଧ ହୁଅ ନାହିଁ। ଆପଣା କାଳ ପୂରିବା ପୂର୍ବରୁ
କାହିଁକି ମରିବ?

18ହସ୍ତ କାଢି ନ ନେଇ ତାକୁ ଧରି ରଖିବାରେ ତୁମ୍ଭର
ମଙ୍ଗଳ। କାରଣ ଯେ ପରମେଶ୍ୱରଙ୍କୁ ସମ୍ମାନ କରେ, ସେ
ଉଭୟ କରେ। 19ନଗରରେ ଥିବା ଦଶଜଣ ଶାସନ କର୍ତ୍ତା
ଅପେକ୍ଷା ଜ୍ଞାନ, ଜ୍ଞାନୀ ବ୍ୟକ୍ତିକୁ ଅଧିକ ଶକ୍ତି ଦିଏ।

20ଯିଏ ପାପ ନକରି କେବଳ ସତ୍‌କର୍ମ କରିଛି, ଏପରି
ଜଣେ ଧାର୍ମିକ ପୃଥିବୀରେ ନିଶ୍ଚୟ ନାହିଁ।

21ଯାହା ତୁମ୍ଭଙ୍କୁ କୁହାଯାଇଛି, ସମସ୍ତ କଥାରେ ମନଯୋଗ
ଦିଅ ନାହିଁ, ନ ହେଲେ ତୁମ୍ଭର ଦାସ ତୁମ୍ଭକୁ ଅଭିଶାପ
ଦେବାର ତୁମ୍ଭେ ଶୁଣିବ। 22କାରଣ ତୁମ୍ଭେ ଜାଣ ଯେ, ତୁମ୍ଭେ
ମଧ୍ୟ ଅନ୍ୟମାନଙ୍କୁ ସେପରି ବାରମ୍ବାର ଅଭିଶାପ ଦେଇଅଛ।

23ମୁଁ ଜ୍ଞାନଦ୍ୱାରା ଏସବୁ ପରୀକ୍ଷା କଲି ଏବଂ ମୁଁ କହିଲି,
"ମୁଁ ଜ୍ଞାନୀ ହେବାକୁ ଚାହେଁ। ମାତ୍ର ଜ୍ଞାନ ମୋର ଗନ୍ତବ୍ୟଠାରୁ
ବହୁତ ଦୂରରେ ଅଛି।" 24ସବୁ କିଛି ଆମ୍ଭର ବୁଝାମଣା
ବାହାରେ, ଏସବୁ କିଏ ବୁଝି ପାରିବ? 25ମୋ ହୃଦୟରେ ମୁଁ
ଜାଣିବାକୁ, ପରୀକ୍ଷା କରିବାକୁ ଏବଂ ଜ୍ଞାନର ପଶ୍ଚାତ୍ ଧାବନ
କରିବାକୁ ଏବଂ ଏହାର ଉତ୍ତର ପାଇବାକୁ ମୁଁ ଚାହିଁଲି। ମୁଁ
ମଧ୍ୟ ଦୁଷ୍ଟତା ଓ ବୋକାମୀକୁ ଓ ମୂର୍ଖର ପାଗଳାମିକୁ ଜାଣିବା
ପାଇଁ ଚାହିଁଲି।

26ଏବଂ ମୁଁ ଦେଖିଲି, ମୂର୍ଖ ସ୍ତ୍ରୀ(ନାରୀ) ମୃତ୍ୟୁ ଅପେକ୍ଷା
ତିକ୍ତ ଅଟେ। ସେ ଏକ ଶିକାରୀ ଜାଲ ପରି ଏବଂ ତା'ର
ହୃଦୟ ଏକ ଯନ୍ତାପରି। ତା'ର ହସ୍ତଦ୍ୱୟ ଶୃଙ୍ଖଳ ଅଟେ। ଯେ
କେହି ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରେ, ସେ ତାହାଠାରୁ ରକ୍ଷା
ପାଇବ। ମାତ୍ର ପାପୀ ତାହାଦ୍ୱାରା ଧରାଯିବ।

27ଉପଦେଶକ କହିଲେ, "ଦେଖ, ଉତ୍ତର ପାଇବାକୁ
ଗୋଟିଏ ସହିତ ଆଉ ଗୋଟିଏ ଯୋଗକରି, ଏହା ମୁଁ
ପାଇଲି। 28ମୁଁ ବାରମ୍ବାର ଖୋଜିଲି ଏବଂ ମୁଁ ପାଇଲି ନାହିଁ।
ହଜାରରେ ଗୋଟିଏ ପୁରୁଷ ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରୁଥିବାର
ମୁଁ ପାଇଲି କିନ୍ତୁ ସେମାନଙ୍କ ମଧ୍ୟରେ, ମୁଁ ଏକ ସ୍ତ୍ରୀ ପାଇଲି
ନାହିଁ।

29"ମୁଁ ଯାହା ପାଇଛି ତାକୁ ଥରେ ମାତ୍ର ଦେଖ।
ପରମେଶ୍ୱର ମାନବ ସମାଜକୁ ସରଳ କରି ତିଆରି କଲେ।
କିନ୍ତୁ ସେମାନେ ସର୍ବଦା ନୂତନ ଯୋଜନା ଉଦ୍ଭାବନ କରିଛନ୍ତି।"

### ଜ୍ଞାନ ଓ କ୍ଷମତା

8 ଜ୍ଞାନବାନ୍ କଥାକୁ ଯେପରି ବୁଝେ ଓ ବ୍ୟାଖ୍ୟା କରେ
ତାଙ୍କ ପରି ଆଉ କେହି କରିପାରିବେ ନାହିଁ। ତା'ର
ଜ୍ଞାନ ତାହାକୁ ଖୁସି କରାଏ ଏବଂ ଏହା ଦୁଃଖିତ ମୁଖକୁ ଖୁସି
କରାଏ।

2ମୁଁ ତୁମ୍ଭକୁ ପରାମର୍ଶ ଦେଉଛି ତୁମ୍ଭେ ସର୍ବଦା ରାଜାଆଜ୍ଞା
ପାଳନ କର। ତୁମ୍ଭେ ଏପରି କର କାରଣ ତୁମ୍ଭେ
ପରମେଶ୍ୱରଙ୍କଠାରେ ତାହା କରିବାକୁ ପ୍ରତିଜ୍ଞା କରିଅଛ।
3ଭୟ କର ନାହିଁ, ତାଙ୍କର ଉପସ୍ଥିତିରେ ବାହାରି ଯାଅ,
ବିଳମ୍ବ କର ନାହିଁ ଯେତେବେଳେ ବାଣିଜ୍ୟ ମନ୍ଦ ଅଟେ।
ମନେରଖ ରାଜା ଯାହା ଚାହିଁବେ ତାଙ୍କ ଇଚ୍ଛାରେ କରିବେ।
4ରାଜାଙ୍କର ଆଦେଶ ଦେବା ପାଇଁ କ୍ଷମତା ଅଛି। କ'ଣ
କରିବାକୁ ହେବ, ତାଙ୍କୁ କେହି କହିପାରିବେ ନାହିଁ। 5ଯେଉଁ
ବ୍ୟକ୍ତି ଆଦେଶକୁ ମାନେ କୌଣସି ବିପଦକୁ ଜାଣିବ ନାହିଁ।
ଜଣେ ଜ୍ଞାନୀଲୋକ ସମୟ ଏବଂ କଣ ଠିକ୍ ତା'ର ଉପାୟ
ଜାଣେ।

6ସମସ୍ତ ବିଷୟରେ ଉପଯୁକ୍ତ ସମୟ ଏବଂ ଠିକ୍ ରାସ୍ତା
ଅଛି। କିନ୍ତୁ ଲୋକମାନେ ପ୍ରାୟ ଅନେକ କଷ୍ଟ ପାଆନ୍ତି।
7ଏବଂ ସେ ଜାଣେ ନାହିଁ କ'ଣ ଘଟିବାକୁ ଯାଉଛି। କାରଣ
କେହି କହି ପାରିବ ନାହିଁ ଭବିଷ୍ୟତରେ କ'ଣ ହେବ।

8କୌଣସି ଲୋକର କ୍ଷମତା ନାହିଁ ଯେ, ଆତ୍ମାକୁ ଯିବା
ସମୟରେ ଅଟକାଇ ପାରିବ। କେହି ମୃତ୍ୟୁକୁ ଅଟକାଇ
ପାରିବେ ନାହିଁ। ଯୁଦ୍ଧ ସମୟରେ ଜଣେ ସୈନିକ ତା'ର
ମନଇଚ୍ଛା କୌଣସି ସ୍ଥାନକୁ ଯାଇପାରିବ ନାହିଁ। ଠିକ୍ ସେହିପରି
ଯଦି ଜଣେ ମନୁଷ୍ୟ କୁକର୍ମ କରେ, ସେହି କୁକର୍ମରୁ ସେ
ରକ୍ଷା ପାଇବ ନାହିଁ।

9ମୁଁ ଏହିସବୁ ଦେଖିଛି ଯାହା ସୂର୍ଯ୍ୟ ତଳେ କରାଯାଏ,
ଏବଂ ମୁଁ ଏ ବିଷୟରେ ଗଭୀର ଭାବରେ ଚିନ୍ତା କରିଛି।
କେବେ କେବେ ଏକ ମନୁଷ୍ୟର ଅନ୍ୟ ଉପରେ ତାହାର କ୍ଷତି
କରିବା ନିମନ୍ତେ କ୍ଷମତା ଥାଏ। 10ତା'ପରେ ମୁଁ ଦେଖିଲି
ଦୁଷ୍ଟ ଲୋକମାନଙ୍କୁ ଆଡମ୍ବରପୂର୍ଣ୍ଣ ଅନ୍ତିମ ସଂସ୍କାର ଦିଆଗଲା।
ସେମାନଙ୍କୁ ପବିତ୍ର ସ୍ଥାନକୁ ନିଆଗଲା ଓ ସଂସ୍କାର କରାଗଲା।
ଏବଂ ଯେଉଁମାନେ ଏହା କଲେ ସହରରେ ପ୍ରଶଂସିତ ହୋଇଥିଲେ।
ଏହା ମଧ୍ୟ ଅର୍ଥହୀନ।

### ନ୍ୟାୟ, ପୁରସ୍କାର ଓ ଦଣ୍ଡ

11ବେଳେ ବେଳେ ଲୋକମାନେ ତାଙ୍କର କୁକର୍ମ ପାଇଁ
ହଠାତ୍ ଦଣ୍ଡିତ ହୁଅନ୍ତି ନାହିଁ। ସେମାନଙ୍କର ଦଣ୍ଡ ବିଳମ୍ବରେ
ପ୍ରାପ୍ତ ହୁଏ। ଏହା ଅନ୍ୟମାନଙ୍କୁ କୁକର୍ମ କରିବାକୁ ଉତ୍ସାହିତ
କରାଏ।

12ଯଦିଓ ପାପୀ ଶତବାର ଦୁଷ୍କର୍ମ କରେ, ସେ ଦୀର୍ଘଦିନ
ବଞ୍ଚେ। ତଥାପି ମୁଁ ନିଶ୍ଚୟ ସେମାନଙ୍କୁ ଜାଣେ ଯେଉଁମାନେ
ପରମେଶ୍ୱରଙ୍କୁ ସମ୍ମାନ କରନ୍ତି। ନିଶ୍ଚିତରେ ସେମାନେ ଉନ୍ନତି
କରିବେ। 13ମାତ୍ର ଦୁଷ୍ଟର ମଙ୍ଗଳ ହେବ ନାହିଁ। କିଅବା ସେ
ଆପଣା ଛାୟା ସ୍ୱରୂପ ପରମାୟୁ ବୃଦ୍ଧି କରିପାରିବ ନାହିଁ।
କାରଣ ସେ ପରମେଶ୍ୱରଙ୍କୁ ଭୀତ କରେ ନାହିଁ।

14ପୃଥିବୀରେ ଏହି ଗୋଟିଏ ଅସାରତା ସାଧିତ ହୁଏ।
କେବେ କେବେ ଧାର୍ମିକମାନଙ୍କୁ ଏପରି ବ୍ୟବହାର କରାଯାଏ,
ସତେ ଯେପରି ସେମାନେ ଦୁଷ୍ଟ ଭାବରେ କାର୍ଯ୍ୟ କରିଛନ୍ତି।
ସମୟ ସମୟରେ ଦୁଷ୍ଟ ଲୋକମାନଙ୍କୁ ଏମିତି ବ୍ୟବହାର
କରାଯାଏ, ସତେ ଯେପରି ସେମାନେ ନ୍ୟାୟୋଚିତ କାର୍ଯ୍ୟ
କରିଛନ୍ତି। ତା'ପରେ ମୁଁ କହିଲି, ଏହା ଅସାର ଅଟେ।
15ତେଣୁ ମୁଁ ନିଷ୍ପତ୍ତି କଲି, ଜୀବନକୁ ଉପଭୋଗ କରିବା
ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ଭୋଜନପାନ ଓ ଆନନ୍ଦ କରିବା
ଅପେକ୍ଷା ସୂର୍ଯ୍ୟତଳେ ମନୁଷ୍ୟ ପ୍ରତି ଆଉ କୌଣସି ଉତ୍ତମ
ବିଷୟ ନାହିଁ। କାରଣ ସେମାନଙ୍କ ଜୀବନକାଳ ମଧ୍ୟରେ
ଯେଉଁମାନେ କଠିନ ପରିଶ୍ରମ କରନ୍ତି, ତାହା ହେଉଛି ଗୋଟିଏ
ଜିନିଷ ଯାହାକି ସେମାନଙ୍କୁ ସାହାଯ୍ୟ କରେ।

### ପରମେଶ୍ୱର କଣ ସବୁ କରୁଛନ୍ତି ଆମେ ବୁଝି ପାରିବା ନାହିଁ

16ଯେତେବେଳେ ମୁଁ ଜ୍ଞାନର ତତ୍ତ୍ୱ ଜାଣିବାକୁ ଓ

ପୃଥିବୀରେ ଘଟୁଥିବା କାର୍ଯ୍ୟ ଦେଖିବାକୁ ମନୋଯୋଗ କଲି।
ଏଇ ଦିନରେ ମୁଁ ନ ଶୋଇ ଦିନରାତି କାମ କଲି।
17ସେତେବେଳେ ମୁଁ ପରମେଶ୍ୱରଙ୍କର ସକଳ କାର୍ଯ୍ୟ ବିଷୟ
ଦେଖିଲି, ମୁଁ ଦେଖିଲି ଯେ, ମନୁଷ୍ୟ ସୂର୍ଯ୍ୟ ତଳେ ଯାହା
ଘଟେ ବୁଝି ପାରେ ନାହିଁ। କାରଣ ସେ ଏହା ବୁଝିବା ପାଇଁ
ଯେତେ କଠିନ କାର୍ଯ୍ୟ କଲେ ମଧ୍ୟ ସେ ତାହା ବୁଝିବାକୁ
ସକ୍ଷମ ହେବ ନାହିଁ। ଏବଂ ଯଦି ଜଣେ ଜ୍ଞାନୀଲୋକ, ସେ
ବୁଝିଛି ବୋଲି କହେ, ପ୍ରକୃତରେ ସେ ବୁଝି ନଥାଏ।

### ମୃତ୍ୟୁ କ'ଣ ନ୍ୟାୟ?

9 ମୁଁ ଏହିସବୁ ବିଷୟରେ ମନୋନିବେଶ କରି ଅନୁସନ୍ଧାନ
କଲି। ଧାର୍ମିକ ଓ ଜ୍ଞାନୀ, ଆଉ ସେମାନଙ୍କ କାର୍ଯ୍ୟ
ପରମେଶ୍ୱରଙ୍କ ହାତରେ। କେହି ଜାଣେ ନାହିଁ, ତାକୁ ପ୍ରେମ
କରାଯିବ କି ଘୃଣା କରାଯିବ*। ଏସବୁ ଭବିଷ୍ୟତ ଉପରେ
ନିର୍ଭର କରେ। "ଏପରିକି ସେମାନଙ୍କର ପ୍ରେମ ଓ ଘୃଣା
ପରମେଶ୍ୱରଙ୍କ ହାତରେ ଅଛି।"

2ଧାର୍ମିକ ଓ ଦୁଷ୍ଟପ୍ରତି, ଭଲ ଓ ମନ୍ଦ ପ୍ରତି, ଶୌଚ ଓ
ଅଶୌଚ ପ୍ରତି, ଯେଉଁମାନେ ବଳିଦାନ କରୁଛନ୍ତି ଓ
ଯେଉଁମାନେ କରୁନାହାନ୍ତି, ଉତ୍ତମ ଲୋକ ଓ ପାପୀ ପ୍ରତି,
ଯେଉଁମାନେ ପରମେଶ୍ୱରଙ୍କ ନିକଟରେ ପ୍ରତିଜ୍ଞା କରନ୍ତି ଓ
ଯେଉଁମାନେ କରନ୍ତି ନାହିଁ, ପ୍ରତ୍ୟେକଙ୍କ ପାଇଁ ସବୁକିଛି
ସମାନ।

3ଯାହାସବୁ ସୂର୍ଯ୍ୟ ତଳେ ଘଟେ, ସମସ୍ତ ଖରାପ ଯାହା
ଅଛି ସେସବୁ ଜିନିଷ ସେହିପରି ଶେଷ ହୁଏ। ଏବଂ
ଲୋକମାନେ ଯେତେବେଳେ ଜୀବିତ ଥାଆନ୍ତି, ସେମାନଙ୍କର
ହୃଦୟ ଦୁଷ୍ଟତା ଓ ମୂର୍ଖାମୀରେ ପୂରିଥାଏ। ଏହାପରେ ସେମାନେ
ମୃତ ଲୋକମାନଙ୍କ ପାଖକୁ ଯାଆନ୍ତି। 4କାରଣ ଯେଉଁ ଲୋକ
ଜୀବିତ ଲୋକ ସମୂହ ମଧ୍ୟରେ ମିଶ୍ରିତ ତାହାର ଭରସା
ଥାଏ।

ଯେହେତୁ ମୃତ ସିଂହ ଅପେକ୍ଷା ଜୀବିତ କୁକୁର ମଧ୍ୟ
ଭଲ ଅଟେ।

5ଜୀବିତ ଲୋକେ ମରିବେ ବୋଲି ଜାଣନ୍ତି, ମାତ୍ର ମୃତ
ଲୋକମାନେ କିଛି ଜାଣନ୍ତି ନାହିଁ କିଅବା ସେମାନେ ଆଉ
କୌଣସି ଫଳ ପାଆନ୍ତି ନାହିଁ। କାରଣ ସେମାନଙ୍କ ବିଷୟକ
ସ୍ମରଣ ବିସ୍ମୃତ ହୁଏ। 6ଯେପରି ସେମାନଙ୍କର ପ୍ରେମ, ଠିକ୍
ସେହିପରି ସେମାନଙ୍କର ଘୃଣା ଓ ଈର୍ଷା ନଷ୍ଟ ହୁଏ। ଏବଂ
ସୂର୍ଯ୍ୟ ତଳେ ଯାହା କିଛି କରାଯାଏ, ତହିଁରେ ଅନନ୍ତକାଳ
ସେମାନଙ୍କର କୌଣସି ଅଂଶ ନ ଥାଏ।

### ଯେତେବେଳେ ପାରି ଜୀବନକୁ ଉପଭୋଗ କର

7ତୁମ୍ଭେ ଆପଣା ମାର୍ଗରେ ଯାଅ। ଆନନ୍ଦରେ ଆପଣା
ଆହାର ଭୋଜନ କର ଓ ତୁଷ୍ଟ ଚିତ୍ତରେ ଆପଣା ଦ୍ରାକ୍ଷାରସ
ପାନ କର। କାରଣ ପରମେଶ୍ୱର ତୁମ୍ଭର କାର୍ଯ୍ୟ ଗ୍ରହଣ କରି
ସାରିଲେଣି। 8ତୁମ୍ଭର ବସ୍ତ୍ର ସର୍ବଦା ଶୁଭ୍ର ଥାଉ ଓ ତୁମ୍ଭ
ମସ୍ତକରେ ତୈଳର ଅଭାବ ନ ହେଉ। 9ସୂର୍ଯ୍ୟ ତଳେ ସେ
ତୁମ୍ଭକୁ ଅସାର ଆୟୁଷର ଯେତେ ଦିନ ଦେଇ ଅଛନ୍ତି।
ତୁମ୍ଭର ସେହି ଅସାର ଆୟୁଷର ସେତିକି ଦିନ ଆପଣା
ପ୍ରିୟତମ ଭାର୍ଯ୍ୟା ସଙ୍ଗେ ଆନନ୍ଦରେ ବାସ କର। କାରଣ
ତାହା ତୁମ୍ଭ ଜୀବନର ପୁରସ୍କାର, ସୂର୍ଯ୍ୟତଳେ କରିଥିବା କଠିନ
କର୍ମର ଫଳ ଅଟେ। 10ତୁମ୍ଭେ କୌଣସି କାର୍ଯ୍ୟ କର, ତାହା
ଆପଣା ସମସ୍ତ ଶକ୍ତି ସହିତ କର। କାରଣ ତୁମ୍ଭେ ଯେଉଁ
କବରକୁ ଯାଉଅଛ, ସେଠାରେ କିଛି କାର୍ଯ୍ୟ, ଯୋଜନା, ବୁଦ୍ଧି,
ଜ୍ଞାନ ନାହିଁ।

### ସୌ-ଭାଗ୍ୟ? ଦୁର୍ଭାଗ୍ୟ? ଆମ୍ଭେ କଣ କରିପାରିବା

11ମୁଁ ଫେରି ସୂର୍ଯ୍ୟ ତଳେ କିଛିଥିବାର ଦେଖିଲି, ଏହି
ବାଜି କ୍ଷିପ୍ରଧାବକମାନଙ୍କ ପାଇଁ ନୁହେଁ, ବଳଶାଳୀମାନଙ୍କ ପାଇଁ
ଯୁଦ୍ଧର ବିଜୟ କିଅବା ଜ୍ଞାନୀମାନଙ୍କ ପାଇଁ ଖାଦ୍ୟ ଅଥବା
ଧନ ବୁଦ୍ଧିମାନ ପାଇଁ, ଶିକ୍ଷିତମାନଙ୍କ ପାଇଁ ଅନୁକମ୍ପା ନାହିଁ।
କିନ୍ତୁ ଏଇସବୁ ପରିସ୍ଥିତି ସମୟ ଓ ସୁଯୋଗ ଦ୍ୱାରା ପ୍ରଭାବିତ
ହୁଏ। 12କାରଣ ମନୁଷ୍ୟ ତା'ର କଣ ହେବାକୁ ଯାଉଛି
ଜାଣେ ନାହିଁ। ଯେପରି ମତ୍ସ୍ୟଗଣ ଅଶୁଭ ଜାଲର ଶିକାର
ହୁଅନ୍ତି ଓ ଯେପରି ପକ୍ଷୀଗଣ ଫାନ୍ଦର ଶିକାର ହୁଅନ୍ତି, ଠିକ୍
ସେହିପରି ଲୋକମାନେ ଦୈବ ଦୁର୍ବିପାକର ଶିକାର ହୁଅନ୍ତି।

### ଜ୍ଞାନୀର କ୍ଷମତା

13ମୁଁ ମଧ୍ୟ ସୂର୍ଯ୍ୟ ତଳେ ଏପରି ଜ୍ଞାନ ଦେଖିଅଛି। ଆଉ
ତାହା ମୋ ଦୃଷ୍ଟିରେ ମହତ ଥିଲା। 14ଅଳ୍ପ ଲୋକ ବିଶିଷ୍ଟ
ଏକ କ୍ଷୁଦ୍ର ନଗର ଥିଲା। ଆଉ ଏକ ମହାରାଜା ତହିଁ
ବିରୁଦ୍ଧରେ ଆସି ତାହା ବେଷ୍ଟନ କଲେ ଓ ତାହା ବିରୁଦ୍ଧରେ
ବଡ ବଡ ଦୁର୍ଗ ନିର୍ମାଣ କଲେ। 15ଏପରି ସମୟରେ ତହିଁ
ମଧ୍ୟରେ ଏକ ଦରିଦ୍ର ଜ୍ଞାନୀ ଲୋକ ଦେଖାଗଲା। ପୁଣି ସେ
ଆପଣା ଜ୍ଞାନଦ୍ୱାରା ନଗର ରକ୍ଷା କଲା। ତଥାପି ସେହି ଦରିଦ୍ର
ଲୋକଙ୍କୁ କେହି ସ୍ମରଣ କଲା ନାହିଁ। 16ତେବେ ମୁଁ କହିଲି,
ବଳ ଅପେକ୍ଷା ଜ୍ଞାନ ଉତ୍ତମ। ଯଦିଓ ଗରିବ ଲୋକଟିର
ଜ୍ଞାନକୁ ଉପେକ୍ଷା କରାଗଲା ଏବଂ ସେ ଯାହା କହେ କେହି
ଶୁଣନ୍ତି ନାହିଁ।

17ମୂର୍ଖମାନଙ୍କର ଶାସନକାରୀର ଚିତ୍କାର ଅପେକ୍ଷା ଶାନ୍ତ
ପୂର୍ବକ କଥିତ ଜ୍ଞାନୀର ବାକ୍ୟ ଅଧିକ ଶୁଣାଯାଏ।

18ଯୁଦ୍ଧାସ୍ତ୍ର ଅପେକ୍ଷା ଜ୍ଞାନ ଉତ୍ତମ। ମାତ୍ର ଜଣେ ପାପୀ
ଅନେକ ମଙ୍ଗଳ ନାଶ କରିପାରେ।

10 କିଛି ମଲାମାଛି ଗନ୍ଧବଣିକର ସୁଗନ୍ଧି ତୈଳ ଦୁର୍ଗନ୍ଧି
କରିପକାଏ। ଠିକ୍ ସେପରି ଅଳ୍ପ ମୂର୍ଖତା ଜ୍ଞାନ ଓ
ସମ୍ଭ୍ରମଠାରୁ ଅଧିକ ଭାରି।

2ଜଣେ ଜ୍ଞାନୀର ହୃଦୟ ତାକୁ ଠିକ୍ ପଥରେ ଆଗେଇ
ନିଏ, କିନ୍ତୁ ଜଣେ ମୂର୍ଖର ହୃଦୟ ତାକୁ ଭୁଲ୍ ବାଟରେ
ଆଗେଇ ନିଏ। 3ମୂର୍ଖ ପଥରେ ଗମନ କଲାବେଳେ ତାହାର
ବୁଦ୍ଧିର ଅଭାବ ଦେଖା ଯାଏ। ପୁଣି ସେ ପ୍ରତ୍ୟେକକୁ କହେ
ଯେ ସେ ମୂର୍ଖ।

4କାରଣ ଜଣେ ଶାସକ ତୁମ୍ଭ ଉପରେ ରାଗିଛନ୍ତି,
ସେଥିପାଇଁ ପଳାଇଯାଅ ନାହିଁ। ଏକ ଶାନ୍ତ ଆତ୍ମା ମହାଭୁଲକୁ

---

**କେହି … ଘୃଣା କରାଯିବ** ଏପରିକି ପ୍ରେମ ଓ ଘୃଣା ପରମେଶ୍ୱରଙ୍କ ହାତରେ ଅଛି।

ମଧ ଅତିକ୍ରମ କରପାରେ।  କାରଣ ଅଧିନତା ସ୍ୱୀକାର ଦ୍ୱାର
ମହା ଅନଷ୍ଟ କ୍ଷାନ୍ତ ହୁଏ।
5ମୁଁ ସୂର୍ଯ୍ୟ ତଳେ ଏକ ମନ୍ଦ ବଷୟ ଦେଖିଲ। ଏକ
ଭୂଲ୍ ଯାହା ଶାସନ କର୍ତ୍ତାଠାରୁ ଆସିଥାଏ। 6ମୂର୍ଖମାନଙ୍କୁ
ମହତ୍ୱ ପୂର୍ଣ୍ଣ ସ୍ଥାନ ଦଆଯାଏ, ଯେତେବେଳେ ଧନୀମାନଙ୍କୁ
ଗୁରୁତ୍ୱହୀନ କାର୍ଯ୍ୟ ଦଆଯାଏ। 7ମୁଁ ଦାସମାନଙ୍କୁ ଅଶ୍ୱ ଉପରେ
ଓ ଅଧିପତିମାନଙ୍କୁ ଦାସ ତୁଲ୍ୟ ପଦଗତିରେ ଗମନ କରବାର
ଦେଖିଅଛ।

## ପ୍ରତି କାର୍ଯ୍ୟରେ ବପଦ ଅଛ

8ଯେ ଗର୍ତ୍ତ ଖୋଳେ, ସେ ତହିଁରେ ପଡ଼ବ ଓ ଯେଉଁ
ଲୋକ ପ୍ରାଚୀର ଭାଙ୍ଗେ ତାହାକୁ ସର୍ପ କାମୁଡ଼ବ। 9ଯେଉଁ
ଲୋକ ଏକବଡ ପଥର ଗଡାଏ, ସେ ତାଦ୍ୱାରା ଆଘାତ
ପାଇବ। ପୁଣି ଯେ କାଠ ଚରେ, ସେ ତାହାଦ୍ୱାରା ଆପଦଗ୍ରସ୍ତ
ହେବ।
10କୁରାଢ଼ି ଦନ୍ତୁରା ହେଲେ, ଯଦ କେହ ତା'ର ଦାଢ଼
ନପଜାଏ, ତେବେ ତାହାପରେ ଅଧିକ ବଳ ପ୍ରୟୋଗ କରବାକୁ
ହୁଏ। କନ୍ତୁ ଜ୍ଞାନ ଜିନଷକୁ ସହଜ ସାଧ କରଦଏ।
11ସର୍ପ ମନ୍ତ୍ର ମୁଗଧ ହେବା ପୂର୍ବରୁ କାମୁଡ଼ଲେ, ସାପକେଳାର
କୌଶଳ ଅନାବଶ୍ୟକ।
12ଜ୍ଞାନୀର କଥା ତା ପାଇଁ ପ୍ରଶଂସା ଆଣେ କନ୍ତୁ ମୂର୍ଖର
କଥା ତାକୁ ନଷ୍ଟ କରେ।
13ତାହାର ମୁଖର ବାକ୍ୟାରମ୍ଭ ଅଜ୍ଞାନତା ଅଟେ ଓ
ତାହାର କଥାର ଶେଷ ମନ୍ଦ ପାଗଳାମୀ ଅଟେ। 14ମୂର୍ଖ ବହୁ
କଥା କହେ। ତଥାପି କ'ଣ ହେବ ମନୁଷ୍ୟ ଜାଣେ ନାହିଁ।
ଆଉ ତା'ପରେ କ'ଣ ଘଟିବ, କେହ ତାକୁ ଜଣାଇ ପାରବ
ନାହିଁ।
15ପ୍ରତ୍ୟେକ ମୂର୍ଖର ପରଶ୍ରମ ତାହାକୁ କ୍ଳାନ୍ତ କରେ,
କାରଣ କପର ନଗରକୁ ଯିବାକୁ ହୁଏ ତାହା ସେ ଜାଣେ
ନାହିଁ।

## କର୍ମର ମୂଲ୍ୟ

16ହେ ଦେଶ, ତୁମ୍ଭର ରାଜା ଯେବେ ବାଳକ ହୁଏ ଓ
ତୁମ୍ଭର ଅଧିପତିଗଣଙ୍କ ପ୍ରଭାତରେ ଭୋଜନ କରନ୍ତି। ତେବେ
ଏହା ତୁମ୍ଭ ପ୍ରତି ବହୁତ ଖରାପ। 17ହେ ଦେଶ ଯଦ ତୁମ୍ଭର
ରାଜା କୁଳୀନ ପରବାରରୁ ଆସନ୍ତି ଓ ତୁମ୍ଭର ଅଧିପତିଗଣ
ଯେବେ ମତ୍ତତା ନମନ୍ତେ ନୁହେଁ ମାତ୍ର ବଳ ନମନ୍ତେ ପାନ
କରନ୍ତି ଓ ଉପଯୁକ୍ତ ସମୟରେ ଭୋଜନ କରନ୍ତି, ତେବେ
ତୁମ୍ଭେ ଧନ୍ୟ।
18ଆଳସ୍ୟ ଛାତକୁ ଭୁଷୁଡାଇ ଦଏ, ପୁଣି ଗୃହରେ ଛିଦ୍ର
ହୁଏ।
19ଖୁସି ନମନ୍ତେ ଖାଦ୍ୟ ପ୍ରସ୍ତୁତ ହୁଏ। ପୁଣି ଦ୍ରାକ୍ଷାରସ
ମନ ଆନନ୍ଦିତ କରେ, ଧନ ସବୁ କାର୍ଯ୍ୟରେ ଆସେ।

## ନରର୍ଥକ ଗଳ୍ପକାର

20ରାଜାକୁ ଅଭିଶାପ ଦଅ ନାହିଁ। ନା ଏପରକ ମନେ
ମନେ ମଧ ଦଅ ନାହିଁ। ଆଉ ଧନୀକୁ ଆପଣା ଶୟନ
ଗୃହରେ ଅଭିଶାପ ଦଅ ନାହିଁ। କାରଣ ଏକ ଛୋଟ ପକ୍ଷୀ
ସେହ ବାର୍ତ୍ତା ନେଇଯିବ ଓ ସେ କଥା ଜଣାଇ ଦେବ।

## ଭବଷ୍ୟତକୁ ସାହସିକତାର ସହକାରେ ସମ୍ମୁଖୀନ କର

11 ତୁମ୍ଭେ ଯେଉଁଠାକୁ ଯାଅ, ଉତ୍ତମ କାର୍ଯ୍ୟ କର। କଛି
ସମୟ ପରେ ତୁମ୍ଭେ କରଥିବା ଉତ୍ତମ କଥା ତୁମ୍ଭ
ପାଖକୁ ଫେର ଆସିବ।
2ସାତ ଜଣଙ୍କୁ, ନଚେତ୍ ଆଠ ଜଣଙ୍କୁ ଅଂଶ ବତରଣ
କର, କାରଣ ପୃଥିବୀରେ କ ବପଦ ଘଟିବ ତାହା ତୁମ୍ଭେ
ଜାଣ ନାହିଁ।
3କେତେ ଗୁଡ଼ଏ କଥା ଅଛ ଯାହାକ ତୁମ୍ଭେ ନଶ୍ଚିତ
ହେବ। ଯଦ ମେଘମାଳା ବର୍ଷାବନ୍ଦୁରେ ପୂର୍ଣ୍ଣ ହୋଇଥାନ୍ତି,
ତେବେ ସେଗୁଡକ ପୃଥିବୀରେ ପାଣି ଢାଳ ଦେବେ। ଏବଂ
ବୃକ୍ଷ ଯଦ ଦକ୍ଷିଣ କଅବା ଉତ୍ତର ଦଗରେ ପଡ଼େ ତେବେ
ଯେଉଁ ସ୍ଥାନରେ ପଡେ ସେହ ସ୍ଥାନରେ ରହବ।
4ଯଦ ଗୋଟିଏ ଲୋକ ଛୋଟ ଗଛ ରୋପଣ କରବା
ପାଇଁ ଠିକ୍ ପାଗକୁ ଅପେକ୍ଷା କରେ, ତାହାହେଲେ ସେ
କେବେହେଲେ ଛୋଟଗଛ ରୋପଣ କରବାକୁ ସକ୍ଷମ ହେବନାହିଁ।
ଯଦ ଜଣେ ସବୁବେଳେ ମେଘମାଳାକୁ ଚାହିଁବ ତେବେ ସେ
ଅମଳ କର ପାରବ ନାହିଁ।
5ତୁମ୍ଭେ ବାୟୁର ଗତି ଜାଣି ପାରବ ନାହିଁ। ଏବଂ ତୁମ୍ଭେ
ଜାଣିପାରବ ନାହିଁ ମା ପେଟରେ ଶିଶୁଟି କପର ବଢେ। ଠିକ୍
ସେହପର ପରମେଶ୍ୱର କ'ଣ କରନ୍ତି ତୁମ୍ଭେ ଜାଣି ପାରବ
ନାହିଁ। ସେ ପ୍ରତ୍ୟେକ କଥା ଘଟାନ୍ତି।
6ତୁମ୍ଭେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ବୀଜବୁଣ ଏବଂ
ତା'ପରେ ତୁମ୍ଭର କାମ ବନ୍ଦ କରବା ଉଚତ୍। ପ୍ରଭାତରେ
ବୀଜ ବୁଣ ଓ ସନ୍ଧ୍ୟା ବେଳେ ଆପଣା ହସ୍ତ ବନ୍ଦ କର
ନାହିଁ। କାରଣ ତୁମ୍ଭେ ଜାଣ ନାହିଁ କେଉଁ ମଞ୍ଜି ଭଲ ବଢ଼ିବ
ଯାହାକୁ ତୁମ୍ଭେ ସକାଳରେ ବୁଣିଥିଲ, ଯେଉଁଗୁଡକ ସନ୍ଧ୍ୟାରେ
ବୁଣିଥିଲ କଅବା ପ୍ରାୟ ଉଭୟ ଭଲ ବଢ଼ିବ।
7ପ୍ରକୃତରେ ଆଲୋକ ସୁଖ ଦାୟକ, ପୁଣି ସୂର୍ଯ୍ୟାଲୋକ
ଦେଖିବା ଆଶ୍ଚର୍ଯ୍ୟ ଅଟେ। 8ତୁମ୍ଭେ ଆପଣା ଜୀବନର ପ୍ରତ୍ୟେକ
ଦନକୁ ଉପଭୋଗ କରବା ଉଚତ୍, ତୁମ୍ଭେ ଯେତେଦନ
ପର୍ଯ୍ୟନ୍ତ ଜିବୀତ ରହୁଛ। କନ୍ତୁ ମନେରଖ, ନଶ୍ଚିତରେ
ତୁମ୍ଭେମାନେ ମରବ। ମନେରଖ ଯେ ତୁମ୍ଭେମାନେ ଯେତେଦନ
ବଞ୍ଚିଛ ତାଠାରୁ ଅଧିକ ମୃତ ହୋଇ ରହବ ଏବଂ ତୁମ୍ଭେମାନେ
ସେହ ସମସ୍ତ ସମୟ ନରର୍ଥକ।

## ଯୁବାବସ୍ଥାରେ ପରମେଶ୍ୱରଙ୍କର ସେବାକର

9ହେ ଯୁବକ, ତୁମ୍ଭେ ଆପଣା ଯୌବନାବସ୍ଥାରେ ଆନନ୍ଦ
କର ଓ ଯୌବନ କାଳରେ ତୁମ୍ଭର ଚତ୍ତ ତୁମ୍ଭକୁ ହୃଷ୍ଟ କରୁ।
ତୁମ୍ଭର ହୃଦୟ ଯାହା କରବା ପାଇଁ ତୁମ୍ଭକୁ ଆଗେଇ ନେଉଛ,
ତାହା କର। ଯାହା ଚାହୁଁଛ ତାହ କର। କନ୍ତୁ ମନେରଖ
ଯେ, ତୁମ୍ଭେମାନେ ଯାହାସବୁ କରୁଛ, ପରମେଶ୍ୱର ତା'ର
ବଚାର କରବେ। 10ତୁମ୍ଭେ ମନରୁ ବରକ୍ତି, ବାହାର କରଦଅ
ଏବଂ ତୁମ୍ଭର ଶରୀରକୁ ଖରାପ ଜିନଷଠାରୁ ଦୂରରେ ରଖ,
କାରଣ ବାଲ୍ୟାବସ୍ଥା ଏବଂ ଯୌବନ ଅର୍ଥହୀନ ଅଟେ।

### ବାର୍ଦ୍ଧକ୍ୟ ଅବସ୍ଥାରେ ଅସୁବିଧା ସବୁ

12 ତୁମ୍ଭେ ଯୌବନ କାଳରେ ଆପଣା ସୃଷ୍ଟିକର୍ତ୍ତାଙ୍କୁ
ସ୍ମରଣ କର। ବୃଦ୍ଧାବସ୍ଥା ଓ ଏହାର ଦୁରବସ୍ଥା
ଆସିବା ପୂର୍ବରୁ, ଯେଉଁ ବର୍ଷ ତୁମ୍ଭେ କହିବ "ମୁଁ ଆଉ
ଜୀବନକୁ ଉପଭୋଗ କରିବାକୁ ଚାହୁଁନାହିଁ।"
2ସେ ସମୟରେ ସୂର୍ଯ୍ୟ, ଦୀପ୍ତି, ଚନ୍ଦ୍ର ଓ ତାରାଗଣ
ଅନ୍ଧକାରମୟ ହେବ। ପୁଣି ବୃଷ୍ଟି ପରେ ପୁନର୍ବାର ମେଘ
ହେବ। 3ସେହି ଦିନ ଗୃହ ରକ୍ଷକମାନେ ଥରହର ହେବେ ଓ
ବଳବାନ ଲୋକେ ଆପେ ନତ ହେବେ ଓ ପେଷିକାମାନେ
ଅଳ୍ପ ସଂଖ୍ୟକ ହେବାରୁ କର୍ମରୁ ନିବୃତ୍ତ ହେବେ। ପୁଣି
ସେହିମାନେ ଯେଉଁମାନେ ଝରକାରୁ ଉଙ୍କିମାରି ଦେଖନ୍ତି,
ସେମାନେ ଅନ୍ଧ ହେବେ। 4ପଥ ଆଡ଼େ ଦ୍ୱାର ରୁଦ୍ଧ ହେବ।
ସେ ସମୟରେ ପେଷଣ ଶବ୍ଦ କ୍ଷୀଣ ହେବ, ପୁଣି ପକ୍ଷୀର
ନାଦରେ ଲୋକେ ଜାଗି ଉଠିବେ ଓ ବଦ୍ୟକାରିଣୀ କନ୍ୟାଗଣ
କ୍ଷୀଣ ହେବେ। 5ଆହୁରି ସେମାନେ ଉଚ୍ଚସ୍ଥାନ ବିଷୟରେ ଭୟ
କରିବେ ଓ ପଥରେ ତ୍ରାସ ହେବେ। ଆଉ ତୁମ୍ଭର ବାଳ
ବାଦାମ ବୃକ୍ଷର ପୁଷ୍ପ ତୁଲ୍ୟ ଧଳା ଗତିରେ ପରିଣତ କରିବ।
ତୁମ୍ଭର ଗତି ଝିଣ୍ଟିକାର ଗତି ସଦୃଶ ହେବ ଓ ତୁମ୍ଭେ ତୁମ୍ଭର
ବଞ୍ଚିବାର ଇଚ୍ଛା ହରାଇବ। ଏବଂ ତା'ପରେ ତୁମ୍ଭେ ତୁମ୍ଭର
ଚିରନିବାସକୁ (କବରକୁ) ଗମନ କରିବ। ଶୋକକାରୀମାନେ
ଏକତ୍ରୀତ ହୋଇ ତୁମ୍ଭର ମୃତ ଶରୀରକୁ କବର ସ୍ଥାନକୁ
ନେବେ।

### ମୃତ୍ୟୁ

6ସେହି ସମୟରେ ରୂପାର ତା'ର ହୁଗୁଳା ହେବ ଏବଂ
ସୁବର୍ଣ୍ଣ ମାଠିଆ ଭଗ୍ନ ହେବ। କୂଅରେ ଏକ ପାତ୍ର ଭାଂଗିବା
ପରି ଏବଂ ଭଗ୍ନ କପି କୂଅରେ ପଡିଲାପରି।
7ତୁମ୍ଭର ଶରୀର ଯାହା ଧୂଳିରୁ ଆସିଥିଲା, ତୁମ୍ଭେ ମଲା
ପରେ ପୁଣି ଧୂଳିକୁ ଫେରିଯିବ। ଏବଂ ତୁମ୍ଭର ଆତ୍ମା
ପରମେଶ୍ୱରଙ୍କ ନିକଟକୁ ଫେରିଯିବ।
8ଉପଦେଶକ କହଇ, ଅସାରର ଅସାର ସବୁ ହିଁ
ଅସାର।

### ସମାଧାନ

9ଉପଦେଶକ ଜ୍ଞାନବାନ ହେବାରୁ ଲୋକମାନଙ୍କୁ ନିତ୍ୟ
ଜ୍ଞାନ ଶିକ୍ଷା ମିଳିଲା। ପୁଣି ସେ ଅନୁଧ୍ୟାନ କରି ଓ ଅନୁସନ୍ଧାନ
କରି ଅନେକ ହିତୋପଦେଶ ସଂଗ୍ରହ କଲେ। 10ଉପଦେଶକ
ସଠିକ୍ ଶବ୍ଦ ଖୋଜିବା ପାଇଁ ଚେଷ୍ଟା କଲେ। ଏବଂ ଯେଉଁ
ଶବ୍ଦଗୁଡିକ ପୁରାପୁରି ସତ୍ୟ ଓ ସିଦ୍ଧ, ସେଗୁଡିକ ଲେଖିଲେ।
11ଜ୍ଞାନୀମାନଙ୍କର କଥାଗୁଡିକ ପାଞ୍ଚଣ ତୁଲ୍ୟ ଏବଂ ନୀତିବଚନ
ସଂଗ୍ରହକାରୀମାନଙ୍କର ଶବ୍ଦଗୁଡିକ ମେଷପାଳକମାନଙ୍କର ପାଞ୍ଚଣ
ବାଡରେ ଥିବା କଣ୍ଟା ତୁଲ୍ୟ। 12କିନ୍ତୁ ମୋର ପୁତ୍ର,
ସେଥିରେ ଯାହା ଯୋଗ କରାଯାଇଛି ତା ପାଇଁ ଯତ୍ନବାନ
ହୁଅ। ପୁସ୍ତକଗୁଡିକ ଲେଖିବାର ଅନ୍ତ ନାହିଁ ଏବଂ ଅତ୍ୟଧିକ
ପଠନ ତୁମ୍ଭକୁ ଅତ୍ୟନ୍ତ କ୍ଲାନ୍ତ ପ୍ରଦାଦନ କରିବ।
13ସାରକଥା ଏହି, ଆମ୍ଭେମାନେ ସବୁ ଶୁଣିଛୁ। ପରମେଶ୍ୱରଙ୍କୁ
ଭୟ କର ଓ ତାଙ୍କର ଆଜ୍ଞାସବୁ ପାଳନ କର। କାରଣ
ଏହାହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ ଅଟେ। 14ପରମେଶ୍ୱର
ପ୍ରତ୍ୟେକ କର୍ମ, ପୁଣି ଭଲ କି ମନ୍ଦ ପ୍ରତ୍ୟେକ ଗୁପ୍ତ ବିଷୟ
ବିଚାରରେ ଆଣିବେ।

# ହିତୋପଦେଶ

## ଉପକ୍ରମ

1 ଏହି ହିତୋପଦେଶଗୁଡ଼ିକ ହେଉଛି, ଦାଉଦଙ୍କର ପୁତ୍ର
ଶଲୋମନଙ୍କର। ଶଲୋମନ ଇଶ୍ରାୟେଲର ରାଜା ଥିଲେ।
2ଏହି ହିତୋପଦେଶ ଲୋକମାନଙ୍କୁ ବୁଦ୍ଧିମାନ କରିବ।
ଏବଂ ସେମାନେ ଜାଣିପାରିବେ କେଉଁ କାର୍ଯ୍ୟଟି ଠିକ୍। ଜ୍ଞାନ
ଓ ଉପଦେଶ ବୁଝିବାକୁ ଏହି ବାକ୍ୟମାନ ସାହାଯ୍ୟ କରିବ।
3ଏହି ଉପଦେଶ ଲୋକମାନଙ୍କର ନିର୍ଦ୍ଦେଶ ଠିକ୍ ବାଟରେ
କରିବ। ଏହାଦ୍ୱାରା ଲୋକମାନେ ସଚ୍ଚୋଟତା, ସାଧୁତା ଓ
ନ୍ୟାୟ ଶିକ୍ଷା କରିବେ। 4ଏହି ଉପଦେଶଗୁଡ଼ିକ ସେହି
ଲୋକମାନଙ୍କୁ ଶିକ୍ଷା ଦେଇପାରିବ, ଯେଉଁମାନେ କି ଜ୍ଞାନ
ଆହରଣ କରିବାକୁ ଚାହାନ୍ତି। ଏହି ଉପଦେଶଗୁଡ଼ିକ ଯୁବା
ଲୋକମାନଙ୍କୁ ଜ୍ଞାନ ଓ ଏହାକୁ କିପରି ବ୍ୟବହାର କରିବାକୁ
ହୁଏ ସେମାନଙ୍କୁ ଶିକ୍ଷା ଦିଏ। 5ଏପରିକି ବୁଦ୍ଧିମାନ ଲୋକମାନେ
ଏହି ବାକ୍ୟଗୁଡିକ ଶୁଣିବା ଉଚିତ୍। ଏଥିରୁ ସେମାନେ ବହୁଜ୍ଞାନ
ଲାଭ କରିବେ। ଶିକ୍ଷିତ ଲୋକମାନେ ଏପରିକି ଅଧିକ
ବୁଝାମଣାଶକ୍ତି ପାଇବେ। 6ଯେଉଁ ଲୋକମାନେ, ଯିଏକି ଏହି
ହିତୋପଦେଶ ଶୁଣନ୍ତି, ଜ୍ଞାନୀ ଲୋକ କହିଯାଇଥିବା କଥା
ବୁଝିବାରେ ସକ୍ଷମ ହେବେ ଏବଂ ଗୁପ୍ତ ରହିଥିବା ଗଳ୍ପର ଅର୍ଥ
ମଧ୍ୟ ବୁଝିପାରିବେ। ସେମାନେ ଜ୍ଞାନମାନଙ୍କର କହିଥିବା ହିତଜନକ
ପରାମର୍ଶ ବୁଝିପାରିବେ।

7ପ୍ରଥମେ ସଦାପ୍ରଭୁଙ୍କୁ ସମ୍ମାନ କରିବା ଏବଂ ସଦାପ୍ରଭୁଙ୍କ,
ବାକ୍ୟ ମାନି ଚାଲିବା ଜଣେ ବ୍ୟକ୍ତି ଏହା ଶିକ୍ଷା କରିବା
ଉଚିତ୍। ଏଥିରେ ତୁମ୍ଭର ବାସ୍ତବ ଜ୍ଞାନ ବୃଦ୍ଧି ଘଟିବ। କିନ୍ତୁ
ନିର୍ବୋଧ ଲୋକମାନେ ଜ୍ଞାନ ଓ ଉପଦେଶକୁ ତୁଚ୍ଛ କରନ୍ତି।

## ଶଲୋମନ ତାଙ୍କ ପୁତ୍ରଙ୍କୁ ଉପଦେଶ ଦେଲେ

8ହେ ମୋର ପୁତ୍ର, ତୁମ୍ଭର ପିତାଙ୍କର ଉପଦେଶ ଶୁଣ,
ଯେତେବେଳେ ସେ ତୁମ୍ଭକୁ ଶୃଙ୍ଖଳିତ କରନ୍ତି ଏବଂ ତୁମ୍ଭ
ମାତାଙ୍କର ଉପଦେଶ ପରିତ୍ୟାଗ କର ନାହିଁ। 9ତୁମ୍ଭର ପିତା
ଓ ମାତା, ଯାହା କିଛି ଶିକ୍ଷା ଦିଅନ୍ତି, ସେହି ବାକ୍ୟଗୁଡିକ
ତୁମ୍ଭର ପାଇଁ ଆଶୀର୍ବାଦ ଫୁଲମାଳ ପରି ଅଟେ ଏବଂ ତୁମ୍ଭର
ଗଳା ପାଇଁ ହାର ଅଟେ।

## କୁସଙ୍ଗରେ ସାଙ୍ଗ ନହେବାକୁ ଚେତାବନୀ

10ହେ ମୋର ପୁତ୍ର, ପାପୀମାନେ ପାପକର୍ମ କରିବାକୁ
ଭଲ ପାଆନ୍ତି ଏବଂ ସେହିପରି ଲୋକମାନେ ତୁମ୍ଭକୁ କୁକାର୍ଯ୍ୟ
କରାଇବାକୁ ପ୍ରବର୍ତ୍ତାଇବେ। ସେମାନଙ୍କୁ ତୁମ୍ଭର ସମ୍ମତି ଦିଅ
ନାହିଁ। 11ସେହି ଲୋକମାନେ ତୁମ୍ଭକୁ କହିପାରନ୍ତି, "ଆମ୍ଭମାନଙ୍କ
ସହିତ ଆସ, ଆମ୍ଭେମାନେ ରକ୍ତପାତ କରିବାକୁ ଚାହିଁ ବସୁ।
ନିର୍ଦ୍ଦୋଷମାନଙ୍କୁ ବିନା କାରଣରେ ଧରିବାକୁ ଗୁପ୍ତରେ ଲୁଚିରହୁ।
12ଆମ୍ଭେମାନେ ସେମାନଙ୍କୁ ହତ୍ୟା କରିବା। ଆମ୍ଭେମାନେ
ସେମାନଙ୍କୁ ମୃତ୍ୟୁର ସ୍ଥାନକୁ ପଠାଇବା। ଆମ୍ଭେମାନେ ସେମାନଙ୍କୁ
ବିନାଶ କରି କବରକୁ ପଠାଇବା। 13ଆମ୍ଭେମାନେ ତହିଁରୁ
ସବୁପ୍ରକାର ବହୁମୂଲ୍ୟ ଧନ ପାଇବା। ଲୁଣ୍ଠିତ ଦ୍ରବ୍ୟରେ
ଆମ୍ଭମାନଙ୍କର ଗୃହକୁ ପରିପୂର୍ଣ୍ଣ କରିବା। 14ତେଣୁ ଆସ
ଆମ୍ଭମାନଙ୍କ ସହିତ ଯୋଗ ଦିଅ, ଏବଂ ଆମ୍ଭେ ସମସ୍ତେ ଯାହା
ପାଇବା ତାହା ବାଣ୍ଟି କରିବା।"

15ହେ ମୋର ପୁତ୍ର, ଏପରି ଲୋକମାନଙ୍କୁ ଅନୁସରଣ
କର ନାହିଁ। ଏପରି ପଥରେ ତୁମ୍ଭେ ପାଦ ଦିଅ ନାହିଁ।
16ସେହି ପାପୀ ଲୋକମାନେ ସର୍ବଦା ପାପ କରିବାକୁ ପ୍ରସ୍ତୁତ
ଥାନ୍ତି। ସେମାନେ ସର୍ବଦା ଲୋକମାନଙ୍କୁ ହତ୍ୟା କରିବାକୁ
ଚାହାଁନ୍ତି।

17ପକ୍ଷୀମାନଙ୍କୁ ଧରିବା ପାଇଁ ଲୋକମାନେ ଜାଲ ବିଛାଇ
ଥାନ୍ତି। କିନ୍ତୁ କୌଣସି ପକ୍ଷୀ ଆଗରେ ଜାଲ ବିଛାଇବା ବ୍ୟର୍ଥ
ଅଟେ। 18ତେଣୁ ଏହି ଲୋକମାନେ ଗୁପ୍ତରେ ଛକି ବସନ୍ତି
ଅନ୍ୟମାନଙ୍କୁ ହତ୍ୟା କରିବା ପାଇଁ। କିନ୍ତୁ ବାସ୍ତବରେ ସେମାନେ
ନିଜ ନିଜର ପ୍ରାଣକୁ ଧରିବା ପାଇଁ ଜାଲ ବିଛାଇଥାନ୍ତି।
19ସମସ୍ତ ଧନ ଲୋଭୀର ଗତି ଏହିପରି। ତାହା ଧନର
ଅଧିକାରୀମାନଙ୍କର ପ୍ରାଣ ନାଶ କରେ।

## ଜଣେ ଉତ୍ତମ ସ୍ତ୍ରୀର ଜ୍ଞାନ

20ଶୁଣ! ଜ୍ଞାନ ରାସ୍ତାଗୁଡିକ ଉପରେ ଉଚ୍ଚ ସ୍ୱରରେ
ଡାକେ। ସର୍ବସାଧାରଣ ଛକଗୁଡିକରେ ତା'ର ସ୍ୱର ଶୁଣାଏ।
21ସେ ଲୋକମାନଙ୍କର ପ୍ରଧାନ ସ୍ଥାନରେ ଡାକଇ। ନଗର
ଦ୍ୱାରର ପ୍ରବେଶ ସ୍ଥାନରେ, ନଗର ମଧ୍ୟରେ ଆପଣାର ବାକ୍ୟ
ଉଚ୍ଚାରଣ କରି କହେ।

22"ହେ ନିର୍ବୋଧଗଣ। କେତେକାଳ ପର୍ଯ୍ୟନ୍ତ ତୁମ୍ଭେ
ନିରର୍ଥକ କାର୍ଯ୍ୟ କରିବାକୁ ଭଲ ପାଇବ? କେତେକାଳ
ପର୍ଯ୍ୟନ୍ତ ନିନ୍ଦୁକ ଜ୍ଞାନକୁ ପରିହାସ କରିବ? ହେ ମୂର୍ଖମାନେ,
ଆଉ କେତେକାଳ ବିଦ୍ୟାକୁ ଘୃଣା କରିବ? 23ମୋର ବାକ୍ୟକୁ
ସାବଧାନ ସହିତ ଶୁଣ। ମୁଁ ତୁମ୍ଭମାନଙ୍କୁ ଜାଣିଥିବା କଥାସବୁ
କହିବି। ମୁଁ ଆପଣା ବାକ୍ୟସବୁ ତୁମ୍ଭମାନଙ୍କୁ ଜଣାଇବି।

24"କିନ୍ତୁ, ତୁମ୍ଭେମାନେ ମୋର ଶିକ୍ଷା ଶୁଣିବାକୁ ନାସ୍ତି
କଲ। ମୁଁ ତୁମ୍ଭକୁ ସାହାର୍ଯ୍ୟ କରିବାକୁ ଚେଷ୍ଟା କଲି। ମୁଁ ହାତ
ବଢାଇଲି କିନ୍ତୁ ତୁମ୍ଭେମାନେ ମୋର ସାହାଯ୍ୟ ଗ୍ରହଣ କରିବାକୁ
ମନାକଲ। 25ତୁମ୍ଭେମାନେ ମୋର ସମସ୍ତ ବାକ୍ୟକୁ ହେୟ
ଜ୍ଞାନ କଲ। ମୋର କୌଣସି ଅନୁଯୋଗକୁ ଗ୍ରହିଁଲ ନାହିଁ।
26ତେଣୁ ମୁଁ ତୁମ୍ଭମାନଙ୍କର ବିପଦ ବେଳେ ହସିବି। ତୁମ୍ଭମାନଙ୍କର
ଅସୁବିଧା ସମୟରେ ମୁଁ ପରିହାସ କରିବି। 27ପ୍ରଚଣ୍ଡ ଝଡପରି
ତୁମ୍ଭମାନଙ୍କର ଧ୍ୱଂସ ଆସିବ। ଏହା ତୁମ୍ଭକୁ ଆଘାତ କରିବ

ଏବଂ ଘୂର୍ଣ୍ଣିବାୟୁ ପରି ତୁମ୍ଭକୁ ପୋଡି ପକାଇବ। ତୁମ୍ଭମାନଙ୍କର
ଅସୁବିଧା ଓ ଦୁଃଖ ତୁମ୍ଭମାନଙ୍କର ବୋଝ ହେବ।
**28**"ଯେତେବେଳେ ଏହିସବୁ ଘଟିବ, ତୁମ୍ଭେମାନେ ମୋର
ସାହାର୍ଯ୍ୟ ଲୋଡିବ। କିନ୍ତୁ ମୁଁ ତୁମ୍ଭକୁ ସାହାଯ୍ୟ କରିବି ନାହିଁ।
ତୁମ୍ଭେମାନେ ମୋତେ ଖୋଜିବ। କିନ୍ତୁ ତୁମ୍ଭେମାନେ ମୋତେ
ପାଇବ ନାହିଁ। **29**ମୁଁ ତୁମ୍ଭମାନଙ୍କୁ ସାହାଯ୍ୟ କରିବି ନାହିଁ,
କାରଣ ତୁମ୍ଭେମାନେ ମୋର ଜ୍ଞାନ ଗ୍ରହଣ କଲ ନାହିଁ,
ତୁମ୍ଭେମାନେ ଏହା ଘୃଣାକଲ। ସଦାପ୍ରଭୁଙ୍କୁ ସମ୍ମାନ ଦେବା
ପାଇଁ ତୁମ୍ଭେମାନେ ନାସ୍ତି କଲ। **30**ତୁମ୍ଭେମାନେ ତୁମ୍ଭର ନିଜ
ଇଚ୍ଛାରେ ବାସକଲ, ତୁମ୍ଭେ ତୁମ୍ଭର ନିଜର ମନ୍ଦବ୍ୟବସ୍ଥାଗୁଡିକ
ଅନୁସରଣ କଲ। ତେଣୁ ବର୍ତ୍ତମାନ ତୁମ୍ଭେ ନିଜ କର୍ମର ଫଳ
ନିଶ୍ଚୟ ଗ୍ରହଣ କରିବ। **31**ନିର୍ବୋଧ ଲୋକମାନେ ନିର୍ବୋଧ
ଜୀବନ ଶୈଳିକୁ ପରିଗୃଳିତ ଦେଅନ୍ତି, ଯାହା ସେମାନଙ୍କୁ
ବିନାଶ କରିବ। ନିର୍ବୋଧମାନେ କୁକର୍ମର ପ୍ରତିଫଳ ନିମନ୍ତେ
ସେମାନେ ଧ୍ୱଂଶ ପାଇବେ।
**32**"କିନ୍ତୁ ଯିଏ ନା କେହି ମୋର ଶୁଣିବ, ସେ ସୁରକ୍ଷାରେ
ପ୍ରବେଶ କରିବ। ତାହାର କେବେ ହେଲେ କୌଣସି ଦୂର୍ଭାଗ୍ୟ
ନଥିବ। **33**ମାତ୍ର ଯେଉଁଲୋକ ମୋର ବାକ୍ୟ ମାନି ଚଳେ।
ସେ ନିରାପଦରେ ବାସ କରିବ, ତା'ର ଅମଙ୍ଗଳ ହେବ
ନାହିଁ।"

### ଜ୍ଞାନ ବାକ୍ୟ ଗ୍ରହଣ କର

**2** ହେ ମୋର ପୁତ୍ର, ମୋର ବାକ୍ୟ ଗ୍ରହଣ କର। ମୋର
ନିର୍ଦ୍ଦେଶ ମନେ କର। **2**ଜ୍ଞାନକୁ ଶୁଣ ଏବଂ ବୁଝିବା
ପାଇ ତୀକ୍ଷ୍ଣ ମନ ପ୍ରୟୋଗ କର। **3**ସୁବିବେଚନା ପ୍ରତି ଡାକ
ପକାଅ। ବୁଦ୍ଧି ନିମନ୍ତେ ଉଚ୍ଚସ୍ୱର କର। **4**ନ୍ୟାୟ ରୂପା ତୁଲ୍ୟ
ଅଟେ, ତାକୁ ଖୋଜ। ପୋତାଧନ ପରି ତା'ର ଅନ୍ୱେଷଣ
କର। **5**ଯଦି ତୁମ୍ଭେ ଏପରି କର। ତେବେ ତୁମ୍ଭେ ସଦାପ୍ରଭୁଙ୍କ
ବିଷୟକ ଭୟ ବୁଝିବ ଓ ପରମେଶ୍ୱରଙ୍କ ବିଷୟକ ତତ୍ତ୍ୱଜ୍ଞାନ
ପାଇବ। **6**ଯେହେତୁ ସଦାପ୍ରଭୁ ଜ୍ଞାନ ଦିଅନ୍ତି। ତାଙ୍କ ମୁଖରୁ
ଜ୍ଞାନ ଓ ବୁଦ୍ଧି ନିର୍ଗତ ହୁଏ। **7**ସେ ସତ୍ ଲୋକଙ୍କ ପାଇଁ
ତତ୍ତ୍ୱଜ୍ଞାନ ସଞ୍ଚୟ କରନ୍ତି। ସେ ନିରୀହ ଲୋକମାନଙ୍କର ଢାଲ
ସ୍ୱରୂପ ଅଟନ୍ତି। **8**ସେ ଯେଉଁ ଲୋକମାନେ ନ୍ୟାୟ ପଥରେ
ଚାଲନ୍ତି, ସେମାନଙ୍କୁ ରକ୍ଷା କରନ୍ତି ଏବଂ ତାଙ୍କର ପବିତ୍ର
ଲୋକମାନଙ୍କର ଗତି ସୁରକ୍ଷିତ କରନ୍ତି।
**9**ତେଣୁ ତୁମ୍ଭେ ଧାର୍ମିକତା, ସୁବିଚାର, ନ୍ୟାୟ, ଓ ମଙ୍ଗଳର
ପ୍ରତ୍ୟେକ ସୁପଥ ଜାଣିବ। **10**ଜ୍ଞାନ ତୁମ୍ଭ ହୃଦୟରେ ପ୍ରବେଶ
କରିବ, ବିଦ୍ୟା ତୁମ୍ଭ ପ୍ରାଣର ଆନନ୍ଦଦାୟକ ହେବ।
**11**ଜ୍ଞାନ ତୁମ୍ଭକୁ ରକ୍ଷା କରିବ, ପରିଣାମଦର୍ଶୀତା ତୁମ୍ଭର
ପ୍ରହରୀ ହେବ। **12**ସତର୍କତା ଓ ବୁଝାମଣା ଦୁଷ୍ଟ ଲୋକମାନଙ୍କ
ପରି ଭୁଲ୍ ପଥରେ ଜୀବନଧାରଣରୁ ତୁମ୍ଭକୁ ରକ୍ଷା କରିବ,
ଲୋକମାନଙ୍କଠାରୁ, ଯେଉଁମାନେ ମନ୍ଦ କଥା କହନ୍ତି। **13**ସେମାନେ
ସତ୍ୟପଥ ପରିତ୍ୟାଗ କରି କୁପଥରେ ବାସ କରନ୍ତି। **14**ସେମାନେ
ଆନନ୍ଦ ପାଆନ୍ତି, ଯେତେବେଳେ ସେମାନେ କୁକର୍ମ କରନ୍ତି
ଏବଂ ମନ୍ଦତାକୁ ସେମାନେ ଉପଭୋଗ କରନ୍ତି। **15**ସେମାନଙ୍କର
ରାସ୍ତା ମୋଡ଼ ହେବା ଅବସ୍ଥା, ସେମାନଙ୍କର ରାସ୍ତା ବକ୍ର
ଅଟେ।
**16**ଜ୍ଞାନ ତୁମ୍ଭକୁ ପର ସ୍ତ୍ରୀ ଓ ଯିଏ ବ୍ୟଭିଚାରୀ ଚାଟୁବାଦିନୀ
ଲୋକଠାରୁ ମଧ୍ୟ ରକ୍ଷା କରିବ। **17**ସେ ଯୁବାବସ୍ଥାରେ ବିବାହ
କରିଥିବ। କିନ୍ତୁ ସେ ତା'ର ସ୍ୱାମୀକୁ ଛାଡ଼ି ଥିବ। ପରମେଶ୍ୱରଙ୍କ
ଠାରେ ଶପଥ କରି ବିବାହ କରିଥିବା କଥା ସେ ଭୁଲି ଯିବ।
**18**ଯେଉଁ ରାସ୍ତା ତାହାର ଘର ଆଡକୁ, ତାହାର ମୃତ୍ୟୁ ଆଡକୁ
ଗଡେଇବ। ତୁମ୍ଭେ ଯଦି ତାକୁ ଅନୁସରଣ କର ସେ ତୁମ୍ଭକୁ
କବରଖାନାକୁ ଆଗେଇ ନେବ। **19**ସେ ନିଜେ ଏକ କବରପରି,
ଯେଉଁମାନେ ତା'ର ନିକଟକୁ ଯାଆନ୍ତି ସେମାନେ ସେମାନଙ୍କର
ଜୀବନ ହରାଇବେ, ସେମାନେ ଫେରି ପାରିବେ ନାହିଁ।
**20**ଜ୍ଞାନୀମାନଙ୍କୁ ଅନୁସରଣ କରିବା ପାଇଁ, ଜ୍ଞାନ ତୁମ୍ଭକୁ
ସାହାଯ୍ୟ କରିବ। ଉତ୍ତମ ଲୋକର ମାର୍ଗ ଅନୁସରଣ ପାଇଁ,
ଜ୍ଞାନ ତୁମ୍ଭର ସହାୟ ହେବ। **21**ସରଳ ଲୋକମାନେ
ଦେଶରେ ବାସ କରିବେ। ନିର୍ଦ୍ଦୋଷୀମାନେ ତହିଁରେ ରହିବେ।
**22**ଦୁଷ୍ଟଗଣ ଦେଶରୁ ଉଚ୍ଛିନ୍ନ ହେବେ ଓ ବିଶ୍ୱାସଘାତକମାନେ
ତହିଁରୁ ଉତ୍ପୀଡନ ହେବେ।

### ସତ୍ମାର୍ଗ ଅନୁସରଣକାରୀମାନଙ୍କର ଜୀବନ ସୁଦୀର୍ଘ ହେବ

**3** ହେ ମୋର ପୁତ୍ର, ମୋର ଶିକ୍ଷା ପାଶୋର ନାହିଁ।
ମୋର ଆଜ୍ଞାମାନ ମନେ ପକାଅ। **2**ମୋର ଶିକ୍ଷା ତୁମ୍ଭ
ଜୀବନକୁ ଦୀର୍ଘମୟ ଓ ଶାନ୍ତି ପ୍ରଦାୟକ ହେବ।
**3**ପ୍ରେମ, ବିଶ୍ୱାସ ଏବଂ ସତ୍ୟତା ତୁମ୍ଭକୁ କେବେ ପରିତ୍ୟାଗ
କରିବା ଉଚିତ୍ ନୁହେଁ। ଆପଣା ଗଳାରେ ସେଗୁଡିକ ବାନ୍ଧି
ରଖ। ଆପଣା ହୃଦୟରେ ସେଗୁଡିକ ଲେଖିରଖ। **4**ଯଦି
ତୁମ୍ଭେ ଏହା କର, ତୁମ୍ଭେ ଜ୍ଞାନୀ ହେବ, ପରମେଶ୍ୱର ଓ
ମନୁଷ୍ୟମାନଙ୍କଠାରୁ ସୁବିବେଚନା ଲାଭ କରିବ।

### ସଦାପ୍ରଭୁଙ୍କଠାରେ ବିଶ୍ୱାସ ରଖ

**5**ତୁମ୍ଭେ ସର୍ବାନ୍ତଃ ହୃଦୟରେ ସଦାପ୍ରଭୁଙ୍କୁ ବିଶ୍ୱାସ କର
ଏବଂ ନିଜର ଚତୁରତା ଉପରେ ନିର୍ଭର କରନାହିଁ। **6**ତୁମ୍ଭର
ପ୍ରତ୍ୟେକ କାର୍ଯ୍ୟରେ ତାଙ୍କୁ ମନେ କର ଓ ସେ ତୁମ୍ଭର
ପଥସବୁ ସରଳ କରିବେ। **7**ନିଜେ ନିଜକୁ ଜ୍ଞାନୀ ବୋଲି
ଭାବ ନାହିଁ। କିନ୍ତୁ ସଦାପ୍ରଭୁଙ୍କୁ ଭୟ ଓ ସମ୍ମାନ କର:
ମନ୍ଦଠାରୁ ଦୂରେଇ ରୁହ। **8**ଯଦି ତୁମ୍ଭେ ଏପରି କର, ତେବେ
ଏହା ତୁମ୍ଭର ଶରୀର ପାଇଁ ଔଷଧ କି ତାଜ ତୁମ୍ଭ ପାଇଁ
ଗୋଟିଏ ପୁଷ୍ଟିକର ତରଳ ଔଷଧ ହୋଇ ତୁମ୍ଭକୁ ଶକ୍ତିଶାଳୀ
କରିବ।

### ସଦାପ୍ରଭୁଙ୍କୁ ଦାନକର

**9**ତୁମ୍ଭ ସମ୍ପଦରୁ ସଦାପ୍ରଭୁଙ୍କ ସମ୍ମାନ କର। ତାଙ୍କୁ ତୁମ୍ଭ
ପ୍ରଥମ ଅମଳର କିଛି ଅଂଶ ଦିଅ। **10**ତହିଁରେ ତୁମ୍ଭ ଭଣ୍ଡାର
ପରିପୂର୍ଣ୍ଣ ହେବ ଓ ତୁମ୍ଭ କୁଣ୍ଡରେ ନୂତନ ଦ୍ରାକ୍ଷାରସ ଉଛୁଳି
ପଡ଼ିବ।

### ସଦାପ୍ରଭୁଙ୍କ ଦଣ୍ଡକୁ ଆଦରରେ ଗ୍ରହଣ କର

**11**ହେ ମୋର ପୁତ୍ର, ବେଳେବେଳେ ସଦାପ୍ରଭୁ ତୁମ୍ଭର
ଭୁଲ୍ ଦେଖାଇ ଶାସ୍ତିବିଧାନ କରନ୍ତି। ସେଥିରେ ତୁମ୍ଭେ
କ୍ରୋଧିତ ହୁଅ ନାହିଁ। ସେଥିରୁ ଶିକ୍ଷା କରିବାକୁ ଚେଷ୍ଟା କର।

12କାହିଁକି? ସଦାପ୍ରଭୁ ଯେଉଁମାନଙ୍କୁ ଭଲପା'ନ୍ତି, ସେମାନଙ୍କୁ
ଶାସନ କରନ୍ତି। ହଁ, ସଦାପ୍ରଭୁ ହେଉଛନ୍ତି ପିତାଙ୍କ ପରି।
ପିତା ଯେପରି ଭଲ ପାଉଥିବା ପୁତ୍ରଙ୍କୁ ଶାସ୍ତି ବିଧାନ କରନ୍ତି,
ସଦାପ୍ରଭୁ ସେହିପରି ଶାସ୍ତିବିଧାନ କରନ୍ତି।

## ଜ୍ଞାନର ଆଶୀର୍ବାଦ

13ଯେଉଁ ଲୋକ ଜ୍ଞାନ ପାଏ ଓ ବୁଦ୍ଧି ଲାଭ କରେ ସେ
ଧନ୍ୟ। 14ରୂପାର ବାଣିଜ୍ୟଠାରୁ ଜ୍ଞାନ ଅଧିକ ଲାଭଦାୟକ,
ସୁନା ବ୍ୟବସାୟଠାରୁ ବିଦ୍ୟା ମଧ୍ୟ ଅଧିକ ଲାଭଦାୟକ।
15ଜ୍ଞାନ ମୁକ୍ତାଠାରୁ ଅଧିକ ମୂଲ୍ୟବାନ, ତୁମ୍ଭର କୌଣସି
ଇଷ୍ଟବସ୍ତୁ ତାହା ତୁଲ୍ୟ ହେବାକୁ ଯୋଗ୍ୟ ନୁହେଁ।

16ତା' ଡାହାଣ ହସ୍ତରେ ଦୀର୍ଘାୟୁ ଏବଂ ବାମ
ହସ୍ତରେ ଧନ ଓ ସମ୍ମାନ ଧାରଣ କରିଛି। 17ଜ୍ଞାନୀ
ଲୋକମାନେ ସୁଖ ଶାନ୍ତିରେ ବାସ କରନ୍ତି। 18ଜ୍ଞାନ ହେଉଛି
ଜୀବନଦାୟକ ବୃକ୍ଷ ସ୍ୱରୂପ। ଯେଉଁମାନେ ତା'ର ଆଶ୍ରୟ
ନିଅନ୍ତି ସେମାନେ ଜୀବନ ପାଆନ୍ତି। ସେହିମାନେ ବାସ୍ତବରେ
ଧନ୍ୟ।

19ସଦାପ୍ରଭୁ ଜ୍ଞାନରେ ଭରପୂର ପୃଥିବୀ ସ୍ଥାପନ କଲେ।
ସେ ତାଙ୍କ ଜ୍ଞାନରେ ଆକାଶ ମଣ୍ଡଳ ସୃଷ୍ଟି କଲେ। 20ସଦାପ୍ରଭୁ
ତାଙ୍କ ଜ୍ଞାନରେ ସମୁଦ୍ରଗୁଡ଼ିକୁ ଓ ମେଘ ସୃଷ୍ଟି କଲେ, ଯାହା
ଆମ୍ଭକୁ ବର୍ଷା ଦିଏ।

21ହେ ମୋର ପୁତ୍ର, ଜ୍ଞାନକୁ ତୁମ୍ଭ ଦୃଷ୍ଟିରୁ ଦୂର
କରନାହିଁ। ତୁମ୍ଭେ ତତ୍ତ୍ୱଜ୍ଞାନ ଓ ପରିଣାମଦର୍ଶୀତା ରକ୍ଷା କର।
22ତାହା ତୁମ୍ଭ ପ୍ରାଣର ଜୀବନ ଓ କଣ୍ଠର ଭୂଷଣ ହେବ।
23ତେବେ ତୁମ୍ଭେ ଆପଣା ପଥରେ ନିର୍ଭୟରେ ଚାଲିବ। ତୁମ୍ଭେ
କେଉଁଠାରେ ଝୁଣ୍ଟିବ ନାହିଁ। 24ଶୟନ ସମୟରେ ତୁମ୍ଭର ଭୟ
ହେବ ନାହିଁ। ତୁମ୍ଭେ ଶୟନ କରିବ ଓ ତୁମ୍ଭର ନିଦ୍ରା
ସୁଖଜନକ ହେବ। 25ହଠାତ୍ ଉତ୍ପନ୍ନ ଆଶଙ୍କାକୁ କିମ୍ବା
ଦୁଷ୍ଟମାନଙ୍କ ଉପସ୍ଥିତି ବିନାଶକୁ ଭୟ କର ନାହିଁ। 26କାରଣ
ସଦାପ୍ରଭୁ ତୁମ୍ଭକୁ ରକ୍ଷା କରିବେ। ସେ ତୁମ୍ଭର ପାଦକୁ ଫାନ୍ଦରୁ
ପଡ଼ିବା ପୂର୍ବରୁ ରକ୍ଷା କରିବେ।

## ଜ୍ଞାନ ବଞ୍ଚିବାର ଅଧିକାର

27ଯେତେବେଳେ ତୁମ୍ଭେ ପାରିବ, ସେତେବେଳେ ତୁମ୍ଭେ
ଅନ୍ୟମାନଙ୍କର ଉପକାର କର। 28ଯଦି ତୁମ୍ଭର ପଡ଼ୋଶୀ
ତୁମ୍ଭକୁ କିଛି ପଦାର୍ଥ ମାଗେ ଏବଂ ତାହା ଯଦି ତୁମ୍ଭ
ନିକଟରେ ଥାଏ, ତେବେ ତାକୁ ସାଙ୍ଗେ ସାଙ୍ଗେ ଦିଅ। "କାଲି
ଆସ, ଏପରି କୁହ ନାହିଁ।"

29ଯେତେବେଳେ ତୁମ୍ଭର ପଡ଼ୋଶୀ ସେ ବିଶ୍ୱାସ କରି
ତୁମ୍ଭ ପାଖରେ ବାସ କରେ। ତୁମ୍ଭେ ପଡ଼ୋଶୀଙ୍କ ବିରୁଦ୍ଧରେ
ଷଡ଼ଯନ୍ତ୍ର କର ନାହିଁ।

30ବିନା କାରଣରେ ତୁମ୍ଭର ପଡ଼ୋଶୀକୁ ବିଚାରାଳୟକୁ
ନିଅ ନାହିଁ। ସେ ଯଦି ନିର୍ଦ୍ଦୋଷ ହୋଇଥାଏ, ତେବେ ତାଙ୍କ
ପ୍ରତି ଏପରି କର ନାହିଁ।

31କିଛି ଲୋକ ଅଛନ୍ତି ଯେଉଁମାନେ ସହଜରେ ରାଗିଯାନ୍ତି
ଓ ଶୀଘ୍ର କୁକର୍ମମାନ କରି ବସନ୍ତି। ତୁମ୍ଭେ ସେପରି ହୁଅ
ନାହିଁ। 32କାହିଁକି? କାରଣ ସଦାପ୍ରଭୁ ଉତ୍ତମ ସରଳ ଧାର୍ମିକ
ଲୋକମାନଙ୍କୁ ପ୍ରେମ କରନ୍ତି କିନ୍ତୁ କୁକର୍ମ ଲୋକମାନଙ୍କୁ ଘୃଣା
କରନ୍ତି।

33ସଦାପ୍ରଭୁ କୁକର୍ମ ଲୋକମାନଙ୍କ ଗୃହ ବିରୁଦ୍ଧରେ ଥାଆନ୍ତି।
କିନ୍ତୁ ଧର୍ମିକ ଲୋକମାନଙ୍କର ଗୃହକୁ ଆଶୀର୍ବାଦ କରନ୍ତି।
34ସଦାପ୍ରଭୁ ନିନ୍ଦକମାନଙ୍କୁ ନିନ୍ଦା କରନ୍ତି। ଏବଂ ନମ୍ର
ଲୋକମାନଙ୍କୁ ଅନୁଗ୍ରହ କରନ୍ତି।
35ଜ୍ଞାନବାନ୍‌ଙ୍କର ଜୀବନ ସେମାନଙ୍କୁ ସମ୍ମାନ ଦିଏ। ମାତ୍ର
ଅଜ୍ଞାନମାନଙ୍କର ଜୀବନ ସେମାନଙ୍କୁ ଲଜ୍ୟା ଦିଏ।

## 'ଜ୍ଞାନର ମହତ୍ତ୍ୱ'

4 ହେ ପୁତ୍ରଗଣ, ତୁମ୍ଭ ପିତାଙ୍କର ଉପଦେଶ ଶୁଣ।
ବୁଝାମଣା ଲାଭ କରିବା ପାଇଁ ନିଜକୁ ଅଭିନିବେଶ
କର। 2କାହିଁକି? କାରଣ ମୁଁ ତୁମ୍ଭକୁ ଉତ୍ତମ ଶିକ୍ଷା ଦେଉଅଛି।
ତେଣୁ ମୋର ଆଦେଶ ପରିତ୍ୟାଗ କର ନାହିଁ। 3ଏକଦା ମୁଁ
ମଧ୍ୟ ମୋର ପିତାଙ୍କର ଗୋଟିଏ ପୁତ୍ର ଥିଲି। ମୁଁ ମୋ
ମାଆଙ୍କର ସୁକୁମାର ଏବଂ ଏକ ବଳ ପୁତ୍ର ଥିଲି। 4ମୋର
ପିତା ମୋତେ ଏହି ଶିକ୍ଷାସବୁ ଶିଖାଇ ଥିଲେ। ସେ ମୋତେ
କହିଲେ, "ମୋର କଥାସବୁ ମନେରଖ, ମୋର ଆଜ୍ଞା ମାନି
ତୁମ୍ଭେ ବଞ୍ଚିବ। 5ଜ୍ଞାନ ଅର୍ଜନ କର, ସୁବିବେଚନା ଲାଭ
ତହିଁରେ କର। ତାହା ଭୁଲ ନୁହେଁ, ମୋ ମୁଖରୁ ନିର୍ଗତ
ବାକ୍ୟକୁ ବିମୁଖ କରନାହିଁ। 6ଜ୍ଞାନଠାରୁ ଦୂରେଇ ଯାଅ ନାହିଁ।
ଜ୍ଞାନ ତୁମ୍ଭକୁ ସହାୟ ହେବ। ଜ୍ଞାନକୁ ଭଲ ପାଅ। ଜ୍ଞାନ
ତୁମ୍ଭକୁ ନିରାପଦରେ ରଖିବ।"

7ଜ୍ଞାନ ହେଉଛି ସର୍ବଶ୍ରେଷ୍ଠ ବିଷୟ, ଏଣୁ ଜ୍ଞାନ ଲାଭକର।
ତୁମ୍ଭର ସମସ୍ତ ଲାଭ ମଧ୍ୟରେ ସୁବିବେଚନା ଲାଭକର।
8ଜ୍ଞାନକୁ ସମ୍ମାନ କର, ଏବଂ ସେ ତୁମ୍ଭକୁ ପ୍ରତିଷ୍ଠିତ କରିବ।
ତୁମ୍ଭେ ଯଦି ତାହାକୁ ଆଲିଙ୍ଗନ କର, ତେବେ ସେ ତୁମ୍ଭ
ନିକଟକୁ ସମ୍ମାନ ଆଣିଦେବ। 9ଜ୍ଞାନ ତୁମ୍ଭ ମସ୍ତକରେ
ଅନୁଗ୍ରହରୂପକ ମୁକୁଟ ପିନ୍ଧାଇ ଦେବ। ସେ ତୁମ୍ଭକୁ ଶୋଭାର
ମୁକୁଟ ଅର୍ପଣ କରିବ।

10ହେ ମୋର ପୁତ୍ର, ମୋର କଥା ଶୁଣ, ମୋର
କଥାମାନ ଗ୍ରହଣ କର, ତହିଁରେ ତୁମ୍ଭେ ଦୀର୍ଘାୟୁ ହେବ।
11ମୁଁ ତୁମ୍ଭକୁ ଜ୍ଞାନ ମାର୍ଗରେ ପରିଚାଳିତ କରୁଛି। ମୁଁ
ସାଧୁତା'ର ପଥରେ ତୁମ୍ଭକୁ କଢ଼ାଇ ଅଛି। 12ତୁମ୍ଭେ ଚାଲିବେଳେ
ତୁମ୍ଭର ପାଦ ଫାନ୍ଦରେ ପଡ଼ିବ ନାହିଁ, ଦୌଡ଼ିବା ବେଳେ ତୁମ୍ଭେ
ଝୁଣ୍ଟି ପଡ଼ିବ ନାହିଁ। 13ଉପଦେଶମାନ ଦୃଢ଼ତାରେ ଗ୍ରହଣ
କର। ତାହାକୁ ପରିତ୍ୟାଗ କର ନାହିଁ। ଏହା ଉପରେ ନିଜର
ରଖ, କାରଣ ତାହା ତୁମ୍ଭର ଜୀବନ।

14ମନ୍ଦ ଲୋକମାନଙ୍କର ପଥ ଅନୁସରଣ କର ନାହିଁ।
ସେମାନଙ୍କ ପରି ବାସ କର ନାହିଁ। ସେମାନଙ୍କ ପରି
ହେବାକୁ ଚେଷ୍ଟା କର ନାହିଁ। 15ସେମାନଙ୍କ ପଥରୁ ଦୂରେଇ
ରୁହ, ତହିଁର ନିକଟକୁ ଯାଅ ନାହିଁ। ତହିଁରୁ ବିମୁଖ ହୋଇ
ଚାଲିଯାଅ। 16ମନ୍ଦ ଲୋକମାନେ ମନ୍ଦକାର୍ଯ୍ୟ ନକଲା ପର୍ଯ୍ୟନ୍ତ,
ସେମାନଙ୍କୁ ନିଦ ହୁଏ ନାହିଁ। ଯଦି ସେମାନେ କାହାକୁ
ଆଘାତ ନକରନ୍ତି, ସେମାନେ ଶୟନ କରିବେ ନାହିଁ। 17ମନ୍ଦ
କି ଅସତ୍ୟ କାମ କରିବା ସେମାନଙ୍କର ଖାଦ୍ୟ ଓ ପାନୀୟ!
ଏହା ବ୍ୟତୀତ ସେମାନେ ବଞ୍ଚିପାରିବେ ନାହିଁ।

18ଧାର୍ମିକ ଲୋକମାନେ ପ୍ରଭାତର ସୂର୍ଯ୍ୟକିରଣ ପରି।
ସୂର୍ଯ୍ୟୋଦୟ ପରେ ମଧ୍ୟାହ୍ନରେ ସୂର୍ଯ୍ୟ ଯେପରି ତେଜସ୍ୱୀ
ହୋଇ ଉଠେ, 19କୁକର୍ମୀ ଲୋକମାନଙ୍କ ପଥ ଅନ୍ଧକାରର
ରାତ୍ରି ତୁଲ୍ୟ, ସେମାନେ କାହିଁରେ ଝୁଣ୍ଟି ପଡ଼ନ୍ତି, ତାହା
ସେମାନେ ଜାଣିନ୍ତି ନାହିଁ।

20ହେ ମୋର ପୁତ୍ର, ତୁମ୍ଭେ ମୋର ବାକ୍ୟପ୍ରତି ଆକୃଷ୍ଟ
ହୁଅ। ତୁମ୍ଭେ କର୍ଣ୍ଣ ଦେଇ ମୋ କଥା ଶୁଣ। 21ମୋର
ବାକ୍ୟପ୍ରତି ବିମୁଖ ହୁଅ ନାହିଁ। ମୋର ବାକ୍ୟସବୁ ସର୍ବଦା
ସ୍ମରଣ କର। 22ମୋର ବାକ୍ୟ ଯେଉଁମାନେ ଗ୍ରହଣ କରନ୍ତି,
ସେମାନେ ଧନ୍ୟ। ସେମାନେ ସ୍ୱଚ୍ଛତା ଦ୍ୱାରା ଅଙ୍ଗକୁ ସ୍ୱାସ୍ଥ୍ୟ
ପ୍ରଦାନ କରନ୍ତି।

23ତୁମ୍ଭର ହୃଦୟକୁ ଅତି ଯତ୍ନର ସହ ପରିଚାଳିତ କର।
ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମ ଲାଭ କରେ।

24ତୁମ୍ଭ ମୁଖରୁ ଅସତ୍ୟ ବାକ୍ୟକୁ ବାହାରି ନ ଆସୁ।
ମିଥ୍ୟା କୁହ ନାହିଁ। 25ଲକ୍ଷ୍ୟସ୍ଥଳ ପାଇଁ ତୁମ୍ଭର ଚକ୍ଷୁ ଦ୍ୱୟକୁ
ଆଗକୁ ଦେଖିବା ପାଇଁ ରଖ, ସର୍ବଦା ସିଧା ଦେଖ।
26ଧାର୍ମିକତାଠାରୁ ତୁମ୍ଭକୁ ଦୂରେଇ ନିଅ ନାହିଁ। ଜ୍ଞାନଠାରୁ
ଦୂରେଇ ଯାଅ ନାହିଁ। 27ସଳଖପଥ ପରିତ୍ୟାଗ କରନାହିଁ,
ଯେଉଁପଥ ଉତ୍ତମ ଏବଂ ଠିକ୍। କିନ୍ତୁ ସର୍ବଦା ଅଧର୍ମଠାରୁ
ଦୂରେଇ ରୁହ।

### ବ୍ୟଭିଚାରୁ ନିବାରଣର ଜ୍ଞାନ

5 ହେ ମୋର ପୁତ୍ର, ମୋ' ଜ୍ଞାନରେ ମନ ଦିଅ। ମୋର
ବୁଦ୍ଧି ପାଇଁ କାନ ଡେର। 2ତେବେ ତୁମ୍ଭେ ଚତୁର
ହେବ ଓ ତୁମ୍ଭ ଓଷ୍ଠାଧାର ଜ୍ଞାନ କଥା କହିବ। 3ପର ସ୍ତ୍ରୀ
ସୁନ୍ଦର ହୋଇପାରେ, ତା'ର ମୁଖରୁ ମଧୁର ବାକ୍ୟ ଶୁଣାଯାଏ।
4କିନ୍ତୁ ଶେଷରେ ସେ ତିକ୍ତତା ଓ ଯନ୍ତ୍ରଣା ଆଣିବ। ଯନ୍ତ୍ରଣା
ଯାହା ବିଷତୁଲ୍ୟ ଓ ତିକ୍ଷ୍ଣ ଖଣ୍ଡାତୁଲ୍ୟ ଆଘାତ କରେ। 5ସେ
ହେଉଛି ମୃତ୍ୟୁର ପଥ, ସେ ତୁମ୍ଭକୁ ସିଧା କବର ପାଖକୁ
ନେଇଯିବ। 6ତା'ର ପଥ ଅନୁସରଣ କର ନାହିଁ। କାରଣ
ସେ ଜାଣେ ନାହିଁ ଯେ ସେ ନିଜେ ପଥ ହରାଉଛି।
ସାବଧାନ! ତୁମ୍ଭେ ଜୀବନର ପଥକୁ ଅନୁସରଣ କର।

### ଯୌବନ ତୁମ୍ଭକୁ କ୍ଷୀଣ କରିପାରେ

7ବର୍ତ୍ତମାନ ପୁତ୍ରମାନେ, ମୋର ବାକ୍ୟ ଶ୍ରବଣ କର।
ମୋର ବାକ୍ୟ ପାଶୋର ନାହିଁ। 8ସେହି ସ୍ତ୍ରୀଠାରୁ ତୁମ୍ଭେ
ଦୂରେଇ ରୁହ। ଏପରିକି ତା'ର ଗୃହର ଦ୍ୱାର ନିକଟକୁ ମଧ
ଯାଅ ନାହିଁ। 9ଯଦି ତୁମ୍ଭେ ତାହା କର, ତେବେ ତୁମ୍ଭେ
ପାଇବା ସମ୍ମାନ ଅନ୍ୟମାନେ ପାଇବେ। ଏବଂ ନିର୍ଦ୍ଦୟ ଲୋକମାନେ
ସବୁକିଛି ନେଇଯିବେ, ଯାହା ତୁମ୍ଭେ ବର୍ଷ ସାରା କାର୍ଯ୍ୟ କରି
ସଂଗ୍ରହ କରିଥିବ। 10ଅପରିଚିତ ଲୋକମାନେ ତୁମ୍ଭ ବଳରେ
ବଳୀୟାନ ହେବେ। ତୁମ୍ଭ ଶ୍ରମର ଫଳ ଅନ୍ୟମାନେ ଭୋଗ
କରିବେ। 11ଜୀବନର ଶେଷ ଭାଗରେ ତୁମ୍ଭର ମାଂସ ଓ
ଶରୀର କ୍ଷୟ ପାଇବ। ତୁମ୍ଭେ ସେତେବେଳେ ବିଳାପ କରିବ।
12-13ସେତେବେଳେ ତୁମ୍ଭେ କହିବ, "କାହିଁକି ମୁଁ ମୋର
ପିତାଙ୍କ କଥା ଶୁଣିଲି ନାହିଁ। ମୁଁ କାହିଁକି ମୋର ଶିକ୍ଷକମାନଙ୍କର
କଥା ଶୁଣିଲି ନାହିଁ, ମୁଁ ଶାସନାଧିନ ହେବାକୁ ମନା କଲି, ମୁଁ
ନିଜକୁ ସଂଶୋଧିତ କରିବା ପାଇଁ ମନା କଲି। 14ଶୀଘ୍ର ମୁଁ
ସବୁ ପ୍ରକାର ଅସୁବିଧା, ଅପମାନ, ଯନ୍ତ୍ରଣା ଜନସମାବେଶ
ଆଗରେ ପଡ଼ିଲି।"

### ନିଜର ସ୍ତ୍ରୀକୁ ଉପଭୋଗ କର

15ତୁମ୍ଭ ନିଜ କୂଅରୁ ଜଳପାନ କର। ତୁମ୍ଭର ଶାରିରୀକ
ସମ୍ପର୍କ ତୁମ୍ଭର ସ୍ତ୍ରୀ ସହିତ ରଖ। 16ଯଦି ନାହିଁ, ତୁମ୍ଭର
ଝରଣା ରାସ୍ତା ବାହାରକୁ ବହିଯିବ। ଅନ୍ୟମାନେ ତୁମ୍ଭର ସ୍ତ୍ରୀ
ସହିତ ଶାରିରୀକ ସଂପର୍କ ରଖିବେ। 17ତୁମ୍ଭର ଝରଣା ତୁମ୍ଭର
ହେଉ, ଏବଂ ଅନ୍ୟମାନଙ୍କ ସହ ଭାଗ କରନାହିଁ। 18ତୁମ୍ଭର
ନିର୍ଝର ଆଶୀର୍ବାଦରେ ପ୍ରାପ୍ତ ହେଉ। ତୁମ୍ଭେ ସେହି ସ୍ତ୍ରୀକୁ
ଉପଭୋଗ କର ଯାହାକୁ ଯୌବନକାଳରେ ବିବାହ କରିଥିଲ।
19ସେ ପ୍ରେମିକା ହରିଣୀ ଓ ରୂପବତୀ ବାଉଁଚି ପରି ତା'ର
ବକ୍ଷ ସର୍ବଦା ତୁମ୍ଭକୁ ତୁଷ୍ଟ କରୁ। ଆଉ ତା'ର ପ୍ରେମରେ
ତୁମ୍ଭେ ସର୍ବଦା ଆସକ୍ତ ହୁଅ। 20ହେ ମୋ ପୁତ୍ର ପରକୀୟା
ସ୍ତ୍ରୀ ଠାରେ ପାଗଳ ହୁଅ ନାହିଁ। ବ୍ୟଭିଚାରିଣୀର ଘନିଷ୍ଠତାକୁ
ଆଲିଙ୍ଗନ କର ନାହିଁ। 21ସଦାପ୍ରଭୁ ମନୁଷ୍ୟର ସମସ୍ତ ଗତି
ଦେଖନ୍ତି। ସଦାପ୍ରଭୁ ତୁମ୍ଭର ପ୍ରତ୍ୟେକ ପଥକୁ ସମାନ କରନ୍ତି।
22ଦୁଷ୍ଟ ଲୋକର ନିଜ ଅପରାଧ ତାହାକୁ ଧରିବ। ସେ ତା'ର
ନିଜ ପାପ ରୂପକ ଦୌଡ଼ିରେ ବନ୍ଧା ହେବ। 23ସେ ତା'ର
ନିର୍ବୋଧତା ଦ୍ୱାରା ବିପଥଗାମି ହେବ। ସେ ଶୃଙ୍ଖଳାର ଅଭାବ
ଯୋଗୁ ମୃତ୍ୟୁବରଣ କରିବ।

### ଋଣରେ ମଧ୍ୟସ୍ଥି ହୁଅନାହିଁ

6 ହେ ମୋର ପୁତ୍ର, ଅନ୍ୟ ଲୋକର ଋଣରେ ତୁମ୍ଭେ
ମଧ୍ୟସ୍ଥି ହୁଅ ନାହିଁ। ଅନ୍ୟର ଋଣ ପରିଶୋଧ କରିବା
ପାଇଁ ପ୍ରତିଜ୍ଞା କର ନାହିଁ। ସେ ସାଙ୍ଗ ହେଉ କି ଜଣେ
ଅଜଣା ଆଗନ୍ତୁକ ହେଉ? 2ଯଦି ତୁମ୍ଭେ କର, ତେବେ ତୁମ୍ଭେ
ଆପଣା ପ୍ରତିଜ୍ଞା ଦ୍ୱାରା ଫାନ୍ଦରେ ପଡ଼ିଅଛ ଓ ଆପଣା କଥା
ପାଇଁ ଧରାଯାଇ ଅଛ। 3ତୁମ୍ଭେ ଆପଣାକୁ ଏଥିରୁ ଉଦ୍ଧାର
କର। ଯେହେତୁ ତୁମ୍ଭେ ଆପଣା ବନ୍ଧୁର ହସ୍ତଗତ ହୋଇଅଛ।
ଯାଅ ଆପଣାକୁ ନମ୍ରକରି ତୁମ୍ଭ ପ୍ରତିବେଶୀକି ବାରମ୍ବାର
ବିନତି କର। ସେ ଋଣରୁ ତୁମ୍ଭକୁ ମୁକ୍ତ କରୁ। 4ତୁମ୍ଭେ
ବିଶ୍ରାମ କର ନାହିଁ କିମ୍ବା ନିଦ୍ରା ଯାଅ ନାହିଁ। 5ଆପଣାକୁ
ଉଦ୍ଧାର କର, ଯେପରି ହରିଣ ବ୍ୟାଧଠାରୁ ଦୌଡି ପଳାଏ ଓ
ପକ୍ଷୀମାନେ ଫାସରୁ ଉଡଯାଆନ୍ତି।

### ଅଳସୁଆ ପଣିଆର ବିପଦଗୁଡ଼ିକ

6ହେ ଅଳସୁଆ ଲୋକମାନେ! ତୁମ୍ଭେ ପିମ୍ପୁଡି ନିକଟକୁ
ଯାଅ। ଦେଖ, ପିମ୍ପୁଡିମାନେ କିପରି କର୍ମ କରୁଛନ୍ତି। ସେମାନଙ୍କଠାରୁ
ଶିଖ ଓ ସେମାନଙ୍କର ଉଦାହରଣରୂପେ କାର୍ଯ୍ୟ କର।
7ପିମ୍ପୁଡିମାନଙ୍କର ନେତା କି ନିରୀକ୍ଷକ କିଅବା ଶାସକ କେହି
ନଥାନ୍ତି। 8ସେମାନେ ଗ୍ରୀଷ୍ମକାଳରେ ଖାଦ୍ୟ ଏକତ୍ର କରନ୍ତି
ଏବଂ ଶୀତକାଳରେ ପ୍ରଚୁର ପରିମାଣରେ ସେମାନେ ଖାଦ୍ୟ
ସଂଗୃହିତ କରିଥାନ୍ତି।

9ହେ ଅଳସୁଆ ଲୋକମାନେ, କେତେକାଳ ପର୍ଯ୍ୟନ୍ତ
ତୁମ୍ଭେମାନେ ସେଠାରେ ପଡି ରହିବ? ତୁମ୍ଭେ କେତେକାଳ

ପର୍ଯ୍ୟନ୍ତ ତୁମ୍ଭର ନିଦ୍ରା ଭାଙ୍ଗି ଉଠିବ? 10ଅଳସୁଆମାନେ
କହନ୍ତି, "ଆଉ ଟିକିଏ ଶୋଇବି, ଆଉ ଟିକିଏ ଢୁଳାଏ। ଆଉ
ଟିକିଏ ନିଦ୍ରା ଯିବା ପାଇଁ ଭିଡି ମୋଡି ହୁଏ।" 11କିନ୍ତୁ ସେ
ଶୋଇ ରହେ ଓ ଆଉ ଶୋଇ ରହେ। ସେ ଦରିଦ୍ରରୁ
ଦରିଦ୍ରତର ହୋଇଯାଏ। ଖୁବ୍‌ଶୀଘ୍ର ତା'ର ଆଉ କିଛି ନ
ଥାଏ। ଅଳସୁଆମୀ ଖଣ୍ଟି ପରି ତୁମ୍ଭର ସମସ୍ତ ଧନ ଏକାଥରେ
ଛଡାଇ ନେବ।

## ପାପାଧମ ବ୍ୟକ୍ତି

12ପାପାଧମ ବ୍ୟକ୍ତି, ଅପରାଧୀ ମନୁଷ୍ୟ ସର୍ବଦା ମିଥ୍ୟା
କଥା କହନ୍ତି। 13ସେ ଆଖିରେ ଠାରଇ, ସେ ଗୋଡ଼ରେ ଓ
ଅଙ୍ଗୁଳି ଦ୍ୱାରା ସଙ୍କେତ କରଇ। 14ତା'ର ହୃଦୟରେ କୁଟିଳତା
ଥାଏ। ସେ ସର୍ବଦା ଅନିଷ୍ଟ ଯୋଜନା କରେ। ସେ ଯୁକ୍ତିତର୍କ
ଓ କଳି ଆରମ୍ଭ କରେ। 15କିନ୍ତୁ ତା'ର ବିପଦ ଶୀଘ୍ର
ଉପସ୍ଥିତ ହେବ। ସେ ଆକସ୍ମିକ ଶୀଘ୍ର ବିନାଶ ହେବ। ଏବଂ
ତାଙ୍କୁ କିଛି ଉପାୟ ମିଳିବ ନାହିଁ।

## ସାତଟି କଥା ସଦାପ୍ରଭୁ ସର୍ବଦା ଘୃଣା କରନ୍ତି

16ସଦାପ୍ରଭୁ ଏହି ଛଅଗୋଟି ବିଷୟକୁ ଘୃଣା କରନ୍ତି।
ସପ୍ତବସ୍ତୁ ମଧ୍ୟ ତାଙ୍କର ଘୃଣା ଯୋଗ୍ୟ।
17ଅହଙ୍କାର ଦୃଷ୍ଟି, ମିଥ୍ୟାବାଦୀ ଜିହ୍ୱା, ନିର୍ଦ୍ଦୋଷର
ରକ୍ତପାତକାରୀ ହସ୍ତ।
18ହୃଦୟ କୁକର୍ମ କରିବା ପାଇଁ ଯୋଜନା କରେ, କୁକର୍ମ
କରିବାକୁ ବେଗଗାମୀ ଚରଣ।
19ମିଥ୍ୟା ସାକ୍ଷୀ, ଯେ ମିଥ୍ୟା କହି ଭାଇମାନଙ୍କ ମଧ୍ୟରେ
କଳିର ବୀଜ ବୁଣେ।
20ହେ ମୋର ପୁତ୍ର, ଆପଣା ପିତାର ଆଜ୍ଞା ପାଳନ
କର। ଏବଂ ମାତାର ଉପଦେଶ ଭୁଲ ନାହିଁ। 21ସେମାନଙ୍କର
ଆଜ୍ଞାସବୁ ଏବଂ ଶିକ୍ଷାଗୁଡିକ ସର୍ବଦା ମନେ ରଖ। ତାହାକୁ
ତୁମ୍ଭ ହୃଦୟରେ ବାନ୍ଧି ରଖ ଏବଂ ତାହାକୁ ତୁମ୍ଭର ଗଳାର
ଫୁଲହାର ପରି ବାନ୍ଧ। 22ଯେତେବେଳେ ତୁମ୍ଭେ ଚାଲିବ,
ସେମାନଙ୍କର ଶିକ୍ଷାଗୁଡିକ ତୁମ୍ଭକୁ ପଥ ଦେଖାଇବେ। ଯେତେବେଳେ
ତୁମ୍ଭେ ଶୟନ କରିବାକୁ ଯିବ ସେମାନେ ତୁମ୍ଭର ପ୍ରହରୀ
ହେବ। ଯେତେବେଳେ ତୁମ୍ଭେ ଜାଗ୍ରତ ହେବ, ସେମାନେ ତୁମ୍ଭ
ସହ ଆଳାପ କରିବେ।
23ତୁମ୍ଭ ପିତାମାତାଙ୍କର ଶିକ୍ଷା ଆଲୋକ ବର୍ତ୍ତିକା ପରି
ତୁମ୍ଭକୁ ସର୍ବଦା ସତ୍ ପଥରେ ଚଳାଇ ନେବ। ତାହା ତୁମ୍ଭକୁ
ତାଲିମ ପ୍ରାପ୍ତ କରିବ ଓ ଜୀବନ ପଥରେ ଚଳାଇ ନେବ।
24ସେମାନଙ୍କର ଶିକ୍ଷା ତୁମ୍ଭକୁ ଅନ୍ୟ ପୁରୁଷର ସ୍ତ୍ରୀଠାରୁ ଓ
ଗଣିକାର ଚାଟୁବାକ୍ୟଠାରୁ ଦୂରେଇ ରଖୁ। 25ତୁମ୍ଭ ହୃଦୟରେ
ସେହି ସୁନ୍ଦର ସ୍ତ୍ରୀର ସୌନ୍ଦର୍ଯ୍ୟକୁ ଲୋଭ କର ନାହିଁ। ତା'ର
ଚକ୍ଷୁ ତୁମ୍ଭକୁ ପ୍ରତାରିତ ନକରୁ। 26ବ୍ୟଭିଚାରିଣୀକୁ ପାଉଁରୋଟୀର
ଦାମ ଦେବାକୁ ପଡିବ, ଅନ୍ୟ ଜଣଙ୍କ ସ୍ତ୍ରୀ ପାଇଁ ତୁମ୍ଭ
ଜୀବନର ଦାମ ଦେବାକୁ ପଡିବ।
27ଯଦି କେହିଲୋକ ତା'ର ବକ୍ଷ ଦେଶରେ ନିଆଁ ରଖିବ,
ତେବେ ତାହା ପୋଡ଼ି ଯିବ। 28ଯଦି କେହି ଲୋକ ଜ୍ୱଳନ୍ତା
ଅଙ୍ଗାର ଉପରେ ଚାଲେ, ତେବେ ତା'ର ପାଦ ପୋଡ଼ିଯିବ।
29ଏହା ଠିକ୍ ସେହିପରି ହେବ, ଯଦି ତୁମ୍ଭେ ପର ସ୍ତ୍ରୀ ସହିତ
ଶୟନ କରିବ। ଯେକେହି ଏହା ଇଚ୍ଛା କରେ ଦଣ୍ଡିତରୁ
ପଳାଇ ଯାଇପାରିବ ନାହିଁ।
30ଭୋକିଲା ଯୋଗୁ ଯଦି ଚୋରି କରେ। ତେବେ
ଲୋକେ ତାକୁ ଘୃଣା କରିବେ। 31ମାତ୍ର ଯଦି ଧରାପଡେ,
ତେବେ ତାକୁ ସାତଗୁଣ ଫେରାଇବାକୁ ପଡେ। ଆପଣା ଗୃହର
ସର୍ବସ୍ୱ ତାକୁ ଦେବାକୁ ହେବ।
32ଜଣେ ବ୍ୟବୀଚାରୀ ଲୋକ ନିର୍ବୋଧ ଅଟେ। ସେ
ତା'ର ନିଜର ବିନାଶ ଆଣିବ। 33ଲୋକମାନେ ଏଥିପାଇଁ
ନିଜର ସମସ୍ତ ସମ୍ମାନ ହରାନ୍ତି। ତା'ର କଳଙ୍କ ମାର୍ଜିତ ହେବ
ନାହିଁ। 34ସେହି ସ୍ତ୍ରୀର ସ୍ୱାମୀ ନିତ୍ୟାନ୍ତ ଈର୍ଷାପରାୟଣ ହେବ।
ତା'ର ସ୍ୱାମୀ ନିତ୍ୟାନ୍ତ କ୍ରୋଧିତ ହେବ। ପ୍ରତିହିଂସା କରିବା
ବେଳେ ସେ କିଛି ମାନିବ ନାହିଁ। 35ଯେ କୌଣସି ମୂଲ୍ୟ
ତା'ର କ୍ରୋଧକୁ ଶାନ୍ତ କରିପାରିବ ନାହିଁ। ଯେତେ ଅର୍ଥ
ଦେଲେ ବି ତା'ର କ୍ରୋଧ ଶାନ୍ତ ହେବ ନାହିଁ।

## ଜ୍ଞାନ ତୁମ୍ଭକୁ ଯୌନବିକାରରୁ ରକ୍ଷା କରିବ

7 ହେ ମୋର ପୁତ୍ର, ମୋର ବାକ୍ୟକୁ ମନେ ରଖ, ମୋର
ଆଦେଶକୁ ଭୁଲ ନାହିଁ। 2ମୋର ଆଜ୍ଞାସବୁ ପାଳନ
କରି ବଞ୍ଚ। ମୋର ଶିକ୍ଷାକୁ ଜୀବନର ଶ୍ରେଷ୍ଠ ଜିନିଷ ଭାବେ
ଗ୍ରହଣ କର। 3ତାହାକୁ ଆଙ୍ଗୁଳିରେ ବାନ୍ଧି ରଖ, ନିଜ
ହୃଦୟରେ ଲେଖି ରଖ। 4ଜ୍ଞାନକୁ ତୁମ୍ଭର ଭଉଣୀପରି ଗ୍ରହଣ
କର। ସୁବିବେଚନାକୁ ତୁମ୍ଭର ପରିବାରର ସଦସ୍ୟରୂପେ ଗ୍ରହଣ
କର। 5ତେବେ ତାହା ତୁମ୍ଭକୁ ଅନ୍ୟ ପର ସ୍ତ୍ରୀଠାରୁ ରକ୍ଷା
କରିବ। ଏବଂ ବ୍ୟଭିଚାରିଣୀ ସ୍ତ୍ରୀଙ୍କଠାରୁ ମଧ୍ୟ ରକ୍ଷା କରିବ।
6ଦିନେ ମୁଁ ମୋର ଝରକା ଜାଲିପରଦା ଦେଇ ଚାହୁଁଥିଲି।
7ମୁଁ ଅଜ୍ଞାନ ଯୁବାମାନଙ୍କ ମଧ୍ୟରେ ଜଣେ ବୁଦ୍ଧିହୀନ ଯୁବକ
ଦେଖିଲି। 8ସେ ବ୍ୟଭିଚାରିଣୀ ଗୃହ ନିକଟସ୍ଥ ଗଳି ଦେଇ,
ଯିବାବେଳେ ତା'ର ଗୃହକୁ ଥିବା ପଥରେ ଚାଲିଲା। 9ଏହା
ଥିଲା ସୂର୍ଯ୍ୟାସ୍ତ ହେବା ସମୟର। ସନ୍ଧ୍ୟା ଆରମ୍ଭ ହେଉଥିଲା।
10ସେହି ସ୍ତ୍ରୀ ତା'ର ଗୃହରୁ ବାହାରି ଆସିଲା, ତାକୁ ସାକ୍ଷାତ
କରିବାକୁ। ସେ ବେଶ୍ୟାରୂପ ଧାରଣ ପୋଷାକ ପରିଧାନ
କରିଥିଲା। ସେ ବହୁତ ହୃଦୟରେ ଚତୁରୀ ଥିଲା। 11ସେ ବଡ
ତୁଣ୍ଡେଇ ଓ ଅବାଧ୍ୟା ଥିଲା। ତା'ର ପାଦ ଆଦୌ ଗୃହରେ
ରହୁ ନ ଥିଲା। 12ସେ କେତେବେଳେ ରାସ୍ତାର ଉପରେ
ଥାଏ, କେତେବେଳେ ଛକରେ ଥାଏ। ସେ ପ୍ରତ୍ୟେକ କୋଣରେ
ଛଳନାର ସହିତ ଅପେକ୍ଷା କରେ। 13ସେହି ସ୍ତ୍ରୀ ଜଣକ
ସେହି ଯୁବକକୁ ଧରିଲା ଓ ତାକୁ ଚୁମ୍ବନ କଲା। ଆଉ ନିର୍ଲ୍ଲଜ
ମୁଖରେ କହିଲା, 14"ମଙ୍ଗଳାର୍ଥକ ବଳି ଅଛି। ଆଜି ମୁଁ
ମୋର ପ୍ରତିଜ୍ଞା ପୂର୍ଣ୍ଣ କରିଅଛି। 15ଏଣୁ ମୁଁ ତୁମ୍ଭ ସହିତ
ସାକ୍ଷାତ କରିବାକୁ ଆସିଲି। ତୁମ୍ଭକୁ ଦେଖି ଆସୁଥିଲି ଓ
ବର୍ତ୍ତମାନ ମୁଁ ତୁମ୍ଭକୁ ପାଇଲି। 16ମୁଁ ସୁଜନୀ ଓ ମିସ୍ରୀୟ ସୂକ୍ଷ୍ମ
ସୂତ୍ରର ଡୋରିଆ ବସ୍ତ୍ର ଆପଣା ପଲଙ୍କରେ ବିଛାଇ ଅଛି।
17ଗନ୍ଧରସ ଓ ଅଗୁରୁ ଚନ୍ଦନରେ, ମୋହର ଶଯ୍ୟା ସୁବାସିତ
କରିଅଛି। 18ଆସ ଆମ୍ଭେମାନେ ପ୍ରଭାତଯାଏ କାମରସରେ ମତ୍ତ
ଓ ପ୍ରେମରେ ଭୋଳ ହେବା। 19ମୋର ସ୍ୱାମୀ
ଘରେ ନାହାଁନ୍ତି, ସେ ଦୂର ଯାତ୍ରା କରିଛନ୍ତି। 20ସେ ତୋଡାଏ

ଟଙ୍କା ସାଙ୍ଗରେ ନେଇ ଯାଇଛନ୍ତି। ସେ ପୂର୍ଣ୍ଣିମା ଦିନରେ
ଫେରିବେ।"
**21**ସେହି ସ୍ତ୍ରୀ ଜଣକ ଏପରି ମଧୁର ଭାଷା କହି ତାଙ୍କର
ମନ ହରଣ କଲା। ତା'ର ଗୁହ୍ଟ ବାକ୍ୟରେ ତାକୁ ଟାଣି
ନେଲା। **22**ସେ ତା'ର ପଥ ଅନୁସରଣ କଲା, ଯେପରି ଗୋରୁ
କଂସେଇଖାନାକୁ ଯାଏ। ସେ ଜଣେ ହରିଣ ପରି ଜାଲ
ଭିତରକୁ ଚାଲି ଯାଉଥିଲା **23**ଯେମିତି ପକ୍ଷୀଟିଏ ଶିକାରୀ
ତୀରଦ୍ୱାରା, ତା'ର ଛାତିକୁ ଲକ୍ଷ୍ୟଭେଦ କରୁଛି, ତାହା
ଜାଣିପାରି ନଥାଏ। ଠିକ୍ ସେହିପରି ସେ ଯୁବପୁରୁଷ ବିପଦରେ
ଅଛି ବୋଲି ଜାଣି ନପାରି ସେ ସ୍ତ୍ରୀର ଜାଲ ଭିତରକୁ
ଯାଉଅଛି।
**24**ଏଣୁ ହେ ମୋର ପୁତ୍ରମାନେ, ମୋର କଥା ଶୁଣ।
ମୋ କଥାରେ ମନୋନିବେଶ କର। **25**ତୁମ୍ଭର ହୃଦୟ ସେହି
ବେଶ୍ୟାମାନଙ୍କର ପଛରେ ନ ରହୁ। ତୁମ୍ଭେ ତା'ର ପଥରେ
ବିପଥଗାମୀ ହୁଅ ନାହିଁ। **26**ସେ ଅନେକଙ୍କୁ କ୍ଷତବିକ୍ଷତ
କରିଅଛି। ସେ ମଧ୍ୟ ଅନେକଙ୍କୁ ହତ୍ୟା କରିଅଛି। **27**ତା'ର
ଗୃହ ସିଧାସଳଖ କବରକୁ ଯିବା ପାଇଁ ବାଟ। ଯାହା ମୃତ୍ୟୁର
ଆଳୟକୁ ଯାଏ।

## ଜ୍ଞାନ ଓ ଉତ୍ତମ ସ୍ତ୍ରୀ

**8** ଶୁଣ! ଜ୍ଞାନ ତାଙ୍କଠାରୁ ଶୁଣିବାକୁ ଡାକୁଛନ୍ତି।
**2**ସେ ପଥ ପାର୍ଶ୍ୱସ୍ଥ ଉଚ୍ଚସ୍ଥାନରେ ଠିଆ ହୁଏ। ସେ
ପ୍ରତ୍ୟେକ ସଂଯୋଗ ରାସ୍ତାରେ ଠିଆ ହୁଏ।
**3**ସେ ନଗରଦ୍ୱାର ନିକଟରେ ଠିଆ ହୁଏ ଏବଂ ଡାକେ।
**4**ଜ୍ଞାନୀ କହେ, "ହେ ମନୁଷ୍ୟଗଣ ମୁଁ ତୁମ୍ଭମାନଙ୍କୁ
ଡାକୁଅଛି। ମୁଁ ପ୍ରତ୍ୟେକ ଲୋକଙ୍କୁ ଡାକେ।
**5**ଯଦି ତୁମ୍ଭମାନଙ୍କର ଅଭିଜ୍ଞତା ନାହିଁ, ତୁମ୍ଭେ ଜ୍ଞାନୀ
ହୁଅ। ହେ ନିର୍ବୋଧମାନେ, ତୁମ୍ଭେମାନେ ସୁବିବେଚନା କର।
**6**ଶୁଣ, କାରଣ ମୁଁ ତୁମ୍ଭକୁ ଉତ୍କୃଷ୍ଟ ବିଷୟ କହିବି। ଏବଂ
ମୁଁ ତୁମ୍ଭମାନଙ୍କୁ ଉଚିତ୍ କଥା କହିବି। ଯାହା ମୋ ପାଟିରୁ
ବାହାରିବ।
**7**ମୋର ବାକ୍ୟସବୁ ସତ୍ୟ ଅଟେ। ମୁଁ ଦୁଷ୍ଟତା ଛଳନାକୁ
ଘୃଣା କରେ।
**8**ମୁଁ ଯାହା କହେ, ତାହା ସତ୍ୟ ଓ ଯଥାର୍ଥ। ମୋର
ବାକ୍ୟରେ ମିଥ୍ୟା କିମ୍ବା କୁଟିଳତା ନ ଥାଏ।
**9**ଯେ ତାହା ସବୁ ବୁଝେ ସେସବୁ ତାପାଇଁ ସ୍ପଷ୍ଟ। ଯେଉଁ
ବ୍ୟକ୍ତିର ଜ୍ଞାନ ଅଛି, ସେ ସବୁ ବୁଝେ।
**10**ମୋର ଶିକ୍ଷା ଗ୍ରହଣ କର, ଏହା ରୂପାଠାରୁ ମୂଲ୍ୟବାନ୍।
ଏହା ମଧ୍ୟ ଶିନି ସୁନାଠାରୁ ମୂଲ୍ୟବାନ୍।
**11**ଜ୍ଞାନ ମୁକ୍ତାଠାରୁ ମୂଲ୍ୟବାନ, ତୁମ୍ଭେ ଯାହା ଆଶା
କରୁଛ ତାହା ଏହାଠାରୁ ଅଧିକ ମୂଲ୍ୟବାନ୍।"

## ଜ୍ଞାନ କଣ କରିପାରେ

**12**"ମୁଁ ହେଉଛି ଜ୍ଞାନ, ମୁଁ ସାବଧାନତାର ସହିତ ବାସ
କରିଛି। ମୁଁ ଜ୍ଞାନ ଓ ଉତ୍ତମ ପରିଣାମ ସହିତ ପାଇଥାଏ।
**13**ଯଦି କେହି ଲୋକ ସଦାପ୍ରଭୁଙ୍କୁ ଭୟ ଓ ସମ୍ମାନ
କରେ, ତେବେ ସେ ଲୋକ କୁକର୍ମକୁ ଘୃଣା କରିବ। ମୁଁ
(ଜ୍ଞାନ) ଗର୍ବ, ଅହଙ୍କାର ଓ କୁପଥ ଏବଂ କୁଟିଳତାକୁ ଘୃଣା
କରେ।
**14**ମନ୍ତ୍ରଣା ଓ ତତ୍ତ୍ୱଜ୍ଞାନ ମୋଠାରେ ଥାଏ। ମୁଁ ହିଁ
'ସୁବିବେଚନା' ମୋଠାରେ ବଳ ଅଛି।
**15**ମୋ ମାଧ୍ୟମରେ ରାଜାମାନେ ରାଜତ୍ୱ କରନ୍ତି।
ଶାସନକର୍ତ୍ତାମାନେ ମୋ ଦ୍ୱାରା ଯଥାର୍ଥ ବିଚାର କରନ୍ତି।
**16**ମୋ ଦ୍ୱାରା ରାଜକୁମାରୀ ଏବଂ ଶ୍ରେଷ୍ଠଗଣ ଶାସନ
କରନ୍ତି, ଯେଉଁମାନେ ଲୋକଙ୍କୁ ନିଷ୍କପଟ ଭାବରେ ଶାସନ
କରନ୍ତି।
**17**ଯେଉଁମାନେ ମୋତେ ପ୍ରେମ କରନ୍ତି, ମୁଁ ସେମାନଙ୍କୁ
ପ୍ରେମ କରେ। ଯେଉଁମାନେ ଚେଷ୍ଟା କରନ୍ତି, ମୋର ଅନ୍ୱେଷଣ
କରନ୍ତି, ସେମାନେ ମୋତେ ପାଆନ୍ତି।
**18**ମୋ ସହିତ ଧନସମ୍ପଦ ଓ ସମ୍ମାନ ଅଛି। ମୁଁ ସତ୍ୟର
ସମ୍ପତ୍ତି ଓ ଧାର୍ମିକତା ଦେଉଛି।
**19**ମୋର ଫଳ ଶୁଦ୍ଧ ସୁବର୍ଣ୍ଣ ଅପେକ୍ଷା ଉତ୍ତମ ଅଟେ।
ମୋର ଆୟ ରୂପା ଅପେକ୍ଷା ଉତ୍ତମ ଅଟେ।
**20**ମୁଁ ଧାର୍ମିକତାର ମାର୍ଗରେ, ବିଚାରର ପଥ ମଧ୍ୟରେ
ଗମନ କରେ।
**21**ଯେଉଁମାନେ ମୋତେ ପ୍ରେମ କରନ୍ତି, ସେମାନଙ୍କୁ
ସବୁ ସମ୍ପତ୍ତିର ଅଧିକାରୀ କରେ। ସେମାନଙ୍କ ଭଣ୍ଡାର ପୂର୍ଣ୍ଣ
କରେ।
**22**ସଦାପ୍ରଭୁ ନିଜ ଗତିର ଆରମ୍ଭରେ, ତାଙ୍କ କର୍ମ
ସକଳର ପୂର୍ବରେ ମୋତେ ଅଧିକାର କରିଥିଲେ।
**23**ଅନାଦିକାଳରୁ ଅବା ଆଦ୍ୟ କାଳାବଧି, ଅବା ପୃଥିବୀର
ମୂଳ ସ୍ଥାପନର ପୂର୍ବରୁ ମୁଁ ସ୍ଥାପିତ ଅଛି।
**24**ଯେତେବେଳେ ଗଭୀର ସମୁଦ୍ର ନଥିଲା ଏବଂ ଯେତେବେଳେ
ନିର୍ଝର ସକଳ ଜଳପୂର୍ଣ୍ଣ ନ ଥିବା ସମୟରେ ମୁଁ ଜନ୍ମ
ହୋଇଥିଲି।
**25**ପର୍ବତଗଣ ଓ ଉପପର୍ବତ ଗଣ ସ୍ଥାପିତ ହେବା ପୂର୍ବରୁ,
ମୁଁ ଜନ୍ମ ହୋଇଥିଲି।
**26**ସେସମୟରେ ଭୂମି କି ପ୍ରାନ୍ତର, କି ଜଗତସ୍ଥ ଧୂଳିର
ଅଗ୍ରିମାଂଶ ସେ ସୃଷ୍ଟି କରିନଥିଲେ।
**27**ଯେଉଁ ସମୟରେ ସେ ସ୍ୱର୍ଗ ସ୍ଥାପନ କଲେ, ସମୁଦ୍ରର
ସୀମା ସ୍ଥିର କଲେ। ସେ ସମୟରେ ମୁଁ ସେଠାରେ ଥିଲି।
**28**ସେ ମେଘକୁ ଆକାଶରେ ଝୁଲାଇଲେ, ଯେତେବେଳେ
ସେ ସମୁଦ୍ରର ଉତ୍ସକୁ ପୂର୍ଣ୍ଣ କଲେ।
**29**ଯେଉଁ ସମୟରେ ସେ ସମୁଦ୍ରର ସୀମା ନିରୂପଣ କଲେ
ଜଳସମୂହ ଯେପରି ତାଙ୍କର ଆଜ୍ଞା ଲଙ୍ଘନ କରି ନପାରେ,
ଯେଉଁ ସମୟରେ ଜଗତର ମୂଳଦୁଆସବୁ ତିଆରି କଲେ।
**30**ସେହି ସମୟରେ ମୁଁ ତାଙ୍କ ନିକଟରେ କର୍ମକର୍ତ୍ତା
ଥିଲି। ମୁଁ ପ୍ରତିଦିନ ଆନନ୍ଦଦାୟୀ ହୋଇ ତାଙ୍କ ସମ୍ମୁଖରେ
ସର୍ବଦା ଆନନ୍ଦ ପ୍ରଦାନ କରୁଥିଲି।
**31**ସେ ସୃଷ୍ଟି କରିଥିବା ପୃଥିବୀରେ ମୁଁ ଉପଭୋଗ କଲି।
ମୋର ଆନନ୍ଦ ଲୋକମାନଙ୍କ ସହିତ ଥିଲା।
**32**"ଏଥିପାଇଁ ହେ ମୋର ପୁତ୍ରମାନେ, ମୋର କଥା
ଶୁଣ। ଯଦି ତୁମ୍ଭେମାନେ ମୋର ପଥ ଧରିବ, ତୁମ୍ଭେ ଧନ୍ୟ
ହେବ।

33ମୋର ଉପଦେଶ ଶୁଣ ଓ ଜ୍ଞାନବାନ ହୁଅ। ତାହାକୁ
ଅଗ୍ରାହ୍ୟ କର ନାହିଁ।
34ଯେକେହି ମୋର କଥା ଶୁଣେ, ସେ ଖୁସି ହେବ।
ସେ ମୋ ଦ୍ୱାର ନିକଟରେ ସବୁଦିନ ଶୀଘ୍ର ଆସେ ଏବଂ ମୋର
ଦ୍ୱାର ବାହାରେ ଅପେକ୍ଷା କରେ।
35ଯେଉଁ ଲୋକ ମୋତେ ପାଏ, ସେ ଜୀବନ ପାଏ।
ସେ ସଦାପ୍ରଭୁଙ୍କର ଅନୁଗ୍ରହ ପ୍ରାପ୍ତ ହେବ।
36କିନ୍ତୁ ଯେ ମୋର ବିରୁଦ୍ଧରେ ପାପ କରେ, ସେ
ଆପଣା ପ୍ରାଣର କ୍ଷତି କରେ। ଯେଉଁ ସବୁ ଲୋକ ମୋତେ
ଘୃଣା କରନ୍ତି, ସେମାନେ ମୃତ୍ୟୁକୁ ଭୟ କରନ୍ତି।"

## ଜ୍ଞାନୀ ଏବଂ ଦୁଷ୍ଟ

9 ଜ୍ଞାନ ତା'ର ଗୃହ ନିର୍ମାଣ କରିଅଛି। ସେ ତା'ର
ସପ୍ତସ୍ତମ୍ଭ ନିର୍ମାଣ କରିଅଛି। 2ଜ୍ଞାନ ମାଂସ ରାନ୍ଧିଅଛି ଏବଂ
ଦ୍ରାକ୍ଷାରସ ପ୍ରସ୍ତୁତ କରିଅଛି। ସେ ଆପଣା ମେଜରେ ଖାଦ୍ୟ
ସଜାଇ ଅଛି। 3ସେ ଆପଣା ଦାସୀମାନଙ୍କୁ ପଠାଇ ଅଛି, ସେ
ନଗରର ସର୍ବୋଚ୍ଚ ସ୍ଥାନରୁ ଡାକ କହେ, 4"ଯେଉଁ ଲୋକର
ଅଭିଜ୍ଞତା ନାହିଁ ମୋ ପାଖକୁ ଆସ, ଯେଉଁମାନେ ନିର୍ବୋଧ,
ସେ ତାହାଙ୍କୁ କହେ।" 5"ଆସ ମୋର ଖାଦ୍ୟକୁ ଭକ୍ଷଣ କର
ଏବଂ ମୋର ଦ୍ରାକ୍ଷାରସ ପାନକର। 6ଅବୋଧ ଲୋକମାନଙ୍କର
ସାଙ୍ଗ ପରିତ୍ୟାଗ କରି ତୁମ୍ଭେ ଜୀବନ ରକ୍ଷା କର। ସୁବିବେଚନାର
ପଥରେ ଚାଲ।"
7ଜଣେ ଯିଏ ଗୋଟିଏ ମନୁଷ୍ୟକୁ ଭର୍ତ୍ସନା କରେ, ଯିଏ
ଅନ୍ୟମାନଙ୍କୁ ଅପମାନିତ କରେ, ସେ ନିଜେ ଅପମାନ
ପାଇବ। ଯେ ଦୁଷ୍ଟକୁ ଗାଳି ଦିଏ, ସେ ନିଜେ କଳଙ୍କ ପାଏ।
8ନିନ୍ଦକକୁ ଅନୁଯୋଗ କରନାହିଁ, କଲେ ସେ ତୁମ୍ଭକୁ ଘୃଣା
କରିବ। ଜ୍ଞାନୀକୁ ଅନୁଯୋଗ କର, ତହିଁରେ ସେ ତୁମ୍ଭକୁ
ପ୍ରେମ କରିବ। 9ଯଦି ଜ୍ଞାନୀକୁ ଉପଦେଶ ଦେବ ସେ ଆହୁରି
ଜ୍ଞାନବାନ ହେବ। ଯଦି ତୁମ୍ଭେ ଜଣେ ଧାର୍ମିକ ବ୍ୟକ୍ତିକୁ ଶିକ୍ଷା
ଦେବ, ତା'ର ପାଣ୍ଡିତ୍ୟ ବୃଦ୍ଧି ପାଇବ।
10ସଦାପ୍ରଭୁ ବିଷୟକ ଭୟ ଜ୍ଞାନର ଆରମ୍ଭ, ଏବଂ ପବିତ୍ର
ସ୍ୱରୂପଙ୍କ ବିଷୟକ ଜ୍ଞାନର ସୁବିବେଚନା ଅଟେ। 11କାରଣ
ମୋଦ୍ୱାରା ତୁମ୍ଭର ଜୀବନ ବୃଦ୍ଧି ପାଇବ। ତୁମ୍ଭେ ଦୀର୍ଘଜୀବି
ହେବ। 12ଯଦି ତୁମ୍ଭେ ଜ୍ଞାନୀ ଅଟ, ତେବେ ନିଜକୁ ନିଜେ
ତୁମ୍ଭେ ଲାଭବାନ ହେବ। ଯଦି ତୁମ୍ଭେ ଜଣେ ନିନ୍ଦାକାରୀ,
ତୁମ୍ଭେ ନିଜେ ଦୁଃଖ ଭୋଗିବ।
13ଅଜ୍ଞାନ କଳହପ୍ରିୟ ସ୍ତ୍ରୀ ଉଚ୍ଚସ୍ୱରରେ ନିର୍ବୋଧ ବିଷୟରେ
କହେ। ସେ କିଛି ବୁଝିପାରେ ନାହିଁ। 14ସେ ଆପଣା
ଗୃହଦ୍ୱାର ନିକଟରେ ଓ ନଗରର ଉଚ୍ଚ ସ୍ଥାନରେ ଆସନ
ପାରି ବସିବ। 15ଯେତେବେଳେ ଲୋକମାନେ ନିଜ ନିଜ
ପଥରେ ସଳଖ କରିଯା'ନ୍ତି, ସେହି ପଥିକମାନଙ୍କୁ ଡାକ କହେ,
16"ଯେ ଅବୋଧ ସେ ଏଠାକୁ ଆସୁ," ସେ ମୂର୍ଖ ଲୋକକୁ
ଏହି କଥା କହେ। 17କିନ୍ତୁ ସେ କହେ, "ଯଦି ତୁମ୍ଭେ ଜଳ
ଚୋରିକର ତାହା ତୁମ୍ଭ ନିଜ ଜଳଠାରୁ ମଧୁର। ଯଦି ତୁମ୍ଭେ
ରୋଟୀ ଚୋରି କର, ତାହା ତୁମ୍ଭ ନିଜ ଦ୍ୱାରା ପ୍ରସ୍ତୁତ
ରୋଟୀଠାରୁ ସ୍ୱାଦିଷ୍ଟ।"
18ସେହି ମୂର୍ଖ ଲୋକମାନେ ଜାଣନ୍ତି ନାହିଁ ଯେ ମୃତ
ପ୍ରେତାତ୍ମା ତା'ର ଗୃହରେ ଅଛି ବୋଲି, ଏବଂ ତା'ର
ନିମନ୍ତ୍ରିତଗଣ ପାତାଳର ଗଭୀର ସ୍ଥାନରେ ଅଛନ୍ତି ବୋଲି।

## ଶଲୋମନଙ୍କର ହିତୋପଦେଶ

10 ଏଗୁଡିକ ହେଉଛି ଶଲୋମନଙ୍କ ହିତୋପଦେଶ ଅଟେ।
ଜ୍ଞାନୀ ପୁତ୍ର ପିତାକୁ ଆନନ୍ଦିତ କରେ। କିନ୍ତୁ ମୂର୍ଖ
ପୁତ୍ର ତା'ର ମାତାର ଦୁଃଖ ବଢାଏ।
2ଯଦି ଜଣେ କୁକର୍ମ କରି ଧନ ଅର୍ଜ୍ଜନ କରେ, ତେବେ
ତାହା କାର୍ଯ୍ୟରେ ଲାଗେ ନାହିଁ। ଧାର୍ମିକତା ମୃତ୍ୟୁରୁ ରକ୍ଷାକରେ।
3ସଦାପ୍ରଭୁ ଧାର୍ମିକମାନଙ୍କର ଯତ୍ନ ନିଅନ୍ତି। ସେ ଆବଶ୍ୟକ
ପରିମାଣର ଖାଦ୍ୟ ଯୋଗାନ୍ତି। କିନ୍ତୁ ସଦାପ୍ରଭୁ ଦୁଷ୍ଟମାନଙ୍କର
କାମନା କ୍ଷୁର୍ଣ୍ଣ କରନ୍ତି।
4ଅଳସୁଆ ଦରିଦ୍ର ହେବ। ପରିଶ୍ରମୀ ଲୋକ ଧନୀ
ହେବ।
5ବୁଦ୍ଧିମାନ ଲୋକ ଉତ୍ତମ ସମୟରେ ଶସ୍ୟ ସଂଗ୍ରହ
କରେ, କିନ୍ତୁ ଯେଉଁ ବ୍ୟକ୍ତି ଏହି ସମୟରେ ଶୋଇପଡେ,
ତାହା ଲଜ୍ଜାଜନକ।
6ଧାର୍ମିକର ମସ୍ତକରେ ଆଶୀର୍ବାଦ ବର୍ଷେ, ମାତ୍ର ଦୁଷ୍ଟର
ମୁଖ ଦୌରାତ୍ମ୍ୟରେ ପରିପୂର୍ଣ୍ଣ ହୁଏ।
7ଧାର୍ମିକ ଲୋକମାନେ ଆଦର ସହକାରେ ମନେ ରଖନ୍ତି,
କିନ୍ତୁ ଦୁଷ୍ଟ ବ୍ୟକ୍ତର ନାମ ଦୁର୍ଗନ୍ଧି ବାସନା ପରି ହୁଏ।
8ଜ୍ଞାନୀ ଲୋକ ଆଜ୍ଞାସବୁ ମାନେ କିନ୍ତୁ ମୂର୍ଖ ଲୋକ
ଯୁକ୍ତି କରେ ଓ ନିଜକୁ ବିପର୍ଯ୍ୟ ଆଡକୁ ଟାଣିନିଏ।
9ଜଣେ ସଚ୍ଚୋଟ ବ୍ୟକ୍ତି ରକ୍ଷା ପାଏ, କିନ୍ତୁ ଦୁଷ୍ଟ ଲୋକ
ଧରା ପଡିଯାଏ।
10ଜଣେ ଯିଏ ସତ୍ୟକୁ ଲୁଚାଏ, ସେ ଅସୁବିଧାର କାରଣ
ଅଟେ। ଜଣେ ଯିଏ ଖୋଲାଖୋଲି ଭାବରେ କଥା କୁହେ,
ଶାନ୍ତି ବଗିଜିତ କରେ*।
11ଧାର୍ମିକ ଲୋକର ମୁଖ ଜୀବନର ନିର୍ଝର। କିନ୍ତୁ ଦୁଷ୍ଟର
ଲୋକର ମୁଖ ଦୌରାତ୍ମ୍ୟ ବଢାଏ।
12ହିଂସା କଳି ଆଣେ। କିନ୍ତୁ ପ୍ରେମ ସବୁ ଅଧର୍ମକୁ କ୍ଷମା
କରେ।
13ବୁଦ୍ଧିମାନ୍ ଲୋକମାନଙ୍କର ଓଷ୍ଠରେ ଜ୍ଞାନ ଥାଏ। ମାତ୍ର
ନିର୍ବୋଧର ପିଠି ପାଇଁ ବାଡ଼ି।
14ଜ୍ଞାନୀମାନେ ଜ୍ଞାନ ସଞ୍ଚୟ କରନ୍ତି। କିନ୍ତୁ ନିର୍ବୋଧର
ମୁଖ ବିନାଶକୁ ନିମନ୍ତ୍ରଣ କରେ।
15ଧନୀ ଲୋକର ଧନ ତା'ର ଦୃଢ ନଗର ସଦୃଶ। କିନ୍ତୁ
ଦରିଦ୍ର ଲୋକମାନଙ୍କର ଦରିଦ୍ରତା ସେମାନଙ୍କର ବିନାଶ ଆଣେ।
16ଧାର୍ମିକର ପରିଶ୍ରମ ପୁଣ୍ୟଜନକ, ପୁଣି ଅଧାର୍ମିକର ଆୟ
ପାପଜନକ।
17ଯେଉଁ ବ୍ୟକ୍ତି ଉପଦେଶ ଶୁଣେ, ସେ ଜୀବନ ପଥରେ
ଆଗେଇ ଚାଲେ, କିନ୍ତୁ ଯେଉଁ ବ୍ୟକ୍ତି ଅନୁଯୋଗ ତ୍ୟାଗ
କରେ, ସେ ଲୋକମାନଙ୍କୁ କୁପଥରେ ନିଏ।
18ଯେ ହିଂସା ଆଚରଣ କରେ, ତା'ର ଓଷ୍ଠାଧର ମିଥ୍ୟାବାଦୀ,
ପୁଣି ଯେ ଅପବାଦ ରଚନା କରେ ସେ ଅଜ୍ଞାନ।

---

**ଖୋଲାଖୋଲି...କରେ:** ଏହା ପ୍ରାଚୀନ ଗ୍ରୀକ୍ ଅନୁବାଦରୁ ଗୃହୀତ। ହିବ୍ରୁ 8 ନମ୍ବର ଦ୍ୱିତୀୟ ପରିଚ୍ଛେଦ ପନରାବୃତି କରେ।

19ବହୁ ବାକ୍ୟରେ ଅଧର୍ମର ଅଭାବ ନ ଥାଏ। ମାତ୍ର ଯେ
ଆପଣା ଓଷ୍ଠାଧରକୁ ଦମନ କରେ, ସେ ବୁଦ୍ଧିମାନ୍।
20ଧାର୍ମିକ ପୁରୁଷମାନଙ୍କର ବାକ୍ୟଗୁଡ଼ିକ ମନୋନୀତ
ରୂପାତୁଲ୍ୟ, କିନ୍ତୁ ଦୁଷ୍ଟ ଦୁଷ୍ଟଲୋକମାନଙ୍କର ଚିନ୍ତାର ମୂଲ୍ୟ
ନଥାଏ।
21ଧାର୍ମିକର ଓଷ୍ଠାଧର, ଅନେକଙ୍କୁ ପ୍ରତିପାଳନ କରେ।
ମାତ୍ର ଅଜ୍ଞାନମାନେ ନିର୍ବୋଧତା କାରଣରୁ ମୃତ୍ୟୁବରଣ
କରନ୍ତି।
22ସଦାପ୍ରଭୁଙ୍କ ଆଶୀର୍ବାଦ ଧନବାନ୍ କରେ, ପୁଣି ତାହା
ଦୁଃଖ ନିବାରଣ କରେ।
23କୁକର୍ମ କରିବା ନିର୍ବୋଧର ଆନନ୍ଦ, ସେହିପରି ଜ୍ଞାନ
ବୁଦ୍ଧିମାନ୍ ପୁରୁଷର।
24ଦୁଷ୍ଟ ଲୋକ ଯାହା ଭୟ କରେ, ତାହାହିଁ ତାକୁ
ଘଟେ। ମାତ୍ର ଧାର୍ମିକର ମନୋବାଞ୍ଛା ତାକୁ ଦିଆଯାଇଥାଏ।
25ଯେତେବେଳେ ଘୂର୍ଣ୍ଣିବାୟୁ ବହେ, ଦୁଷ୍ଟ ଲୋକ ଅନ୍ତର୍ଧାନ
ହୋଇଯିବ। କିନ୍ତୁ ଧାର୍ମିକ ପୁରୁଷ ଅନନ୍ତକାଳସ୍ଥାୟୀ ସ୍ୱରୂପ
ରହେ।
26ଯେପରି ଦନ୍ତକୁ କଟୁରସ ଓ ଚକ୍ଷୁକୁ ଧୂଆଁ ସେହିପରି
ଆପଣା ପ୍ରେରକମାନଙ୍କ ପ୍ରତି ଅଳସୁଆ,
27ସଦାପ୍ରଭୁଙ୍କ ବିଷୟକ ଭୟର ଦିନ ବଢ଼ାଏ! ମାତ୍ର
ଦୁଷ୍ଟର ବର୍ଷ ଶେଷ କରାଯିବ।
28ଧାର୍ମିକ ଲୋକମାନେ ଆଶା କରିଥିବା ଆନନ୍ଦ ଆଣିଦିଏ,
କିନ୍ତୁ ଦୁଷ୍ଟ ଲୋକମାନଙ୍କର ଆଶା ଧ୍ୱଂସ ପାଇବ।
29ସଦାପ୍ରଭୁ ଧାର୍ମିକ ଲୋକମାନଙ୍କୁ ସୁରକ୍ଷା କରନ୍ତି, ମାତ୍ର
କୁକର୍ମକାରୀମାନଙ୍କୁ ସେ ବିନାଶ କରନ୍ତି।
30ଧାର୍ମିକ ଲୋକମାନେ ନିରାପଦରେ ରହିବେ, କିନ୍ତୁ ଦୁଷ୍ଟ
ଲୋକମାନଙ୍କୁ ଦେଶରୁ ବାହାର କରି ଦିଆଯିବ।
31ଧାର୍ମିକର ମୁଖ ଜ୍ଞାନ ଜନ୍ମାଏ, ମାତ୍ର କୁଟିଳବାଦୀର
ଜିହ୍ୱା ଉଚ୍ଛିନ୍ନ ହେବ।
32ଧାର୍ମିକ ଲୋକମାନେ କଣ କହିବାକୁ ହେବ ଜାଣନ୍ତି,
କିନ୍ତୁ ଦୁଷ୍ଟଗଣ କହନ୍ତି ଯାହା ଅସୁବିଧାରେ ପକାଏ।

11 ସଦାପ୍ରଭୁ ମିଥ୍ୟାର ନିକତିକୁ ଘୃଣା କରନ୍ତି। କିନ୍ତୁ
ସେ ସଠିକ ଓଜନକୁ ଭଲ ପାଆନ୍ତି।
2ଗର୍ବ ଲଜ୍ଜା ଆଣେ, କିନ୍ତୁ ନମ୍ରତା ଜ୍ଞାନ ଆଣେ।
3ସତ୍ୟପ୍ରିୟ ଲୋକମାନଙ୍କର ସରଳତା ସେମାନଙ୍କୁ ପଥ
ଦେଖାଇବ, କିନ୍ତୁ ବିଶ୍ୱାସଘାତ ଲୋକମାନଙ୍କ କୁଟିଳାଚରଣ
ସେମାନଙ୍କୁ ନାଶ କରିବ।
4ପ୍ରଭୁଙ୍କ କ୍ରୋଧର ଦିନରେ ଧନ ନିଷ୍ଫଳ ଅଟେ, ମାତ୍ର
ଧାର୍ମିକତା ମୃତ୍ୟୁରୁ ରକ୍ଷା କରିବ।
5ସତ୍ୟପ୍ରିୟ ଲୋକମାନଙ୍କର ଧର୍ମିକତା ତାହାର ପଥ
ପ୍ରଦର୍ଶକ କରିବ। କିନ୍ତୁ ଦୁଷ୍ଟର ଦରଜା ସେମାନଙ୍କ ଦୁଷ୍ଟତା
ଦ୍ୱାରା ଧ୍ୱଂସ ହେବ।
6ସତ୍ୟପ୍ରିୟ ଲୋକମାନଙ୍କର ଧାର୍ମିକତା ସେମାନଙ୍କୁ ଉଦ୍ଧାର
କରେ। କିନ୍ତୁ ବିଶ୍ୱାସ ଘାତକଲୋକ ସେମାନଙ୍କ ଅଭିଲାଷ
ଦ୍ୱାରା ଧରା ପଡ଼ିବେ।
7ଯେତେବେଳେ ଦୁଷ୍ଟ ମରେ ତାହାର ଭରସା ନଷ୍ଟ ହୁଏ
ଓ ଅଧାର୍ମିକମାନଙ୍କର ଆଶା ଧ୍ୱଂସ ହୁଏ।
8ଜଣେ ଧାର୍ମିକ ମନୁଷ୍ୟ ସମସ୍ୟାର ରକ୍ଷା ପାଏ ଏବଂ ତା
ବଦଳରେ ଏହା ଦୁଷ୍ଟ ମନୁଷ୍ୟ ଉପରକୁ ଆସେ।
9ଜଣେ ଦୁଷ୍ଟ ମନୁଷ୍ୟ ତା'ର କୁବାକ୍ୟଗୁଡ଼ିକରେ ତା'ର
କୁମୁଖରେ ପ୍ରତିବେଶୀକୁ ନାଶ କରେ। କିନ୍ତୁ ଧାର୍ମିକ
ଲୋକମାନେ ସେମାନଙ୍କର ଜ୍ଞାନର ସହିତ ସେମାନଙ୍କୁ ରକ୍ଷା
କରନ୍ତି।
10ଧାର୍ମିକର ମଙ୍ଗଳ ହେଲେ, ନଗର ଆନନ୍ଦ କରେ।
ମାତ୍ର ଦୁଷ୍ଟର ବିନାଶ ହେଲେ ଜୟଧ୍ୱନି ହୁଏ।
11ନିଷ୍କପଟ ଲୋକମାନେ ଆଶୀର୍ବାଦ କରନ୍ତି ଯେତେବେଳେ
ଗୋଟିଏ ନଗର ଉତ୍ପନ୍ନ ହୁଏ, କିନ୍ତୁ ଦୁଷ୍ଟ ଲୋକମାନଙ୍କର
କଥାଗୁଡ଼ିକ ଏହାର ବିନାଶ ଆଣେ।
12ଯିଏ ଆପଣାର ପ୍ରତିବେଶୀକୁ ତାଚ୍ଛଲ୍ୟ ମନୋଭାବ
ଦେଖାଏ, ସେ ନିର୍ବୋଧ। କିନ୍ତୁ ଜଣେ ବୁଦ୍ଧିମାନ୍ ଚୂପ୍ ହୋଇ
ରହେ।
13ଜଣେ କୁତ୍ସାରଟନାକାରୀ ଯେଉଁଆଡେ ସେ ଯାଏ ବିଶ୍ୱାସରେ
ବିଶ୍ୱାସଘାତକତା କରେ। କିନ୍ତୁ ଜଣେ ବିଶ୍ୱସ୍ତନୀୟ ଲୋକ
ଗୁପ୍ତକଥା ଲୁଚାଇ ରଖେ।
14ଗୋଟିଏ ଜାତି ଠିକ୍ ଦେଖାଶୁଣା ଅଭାବ ଯୋଗୁ ଧ୍ୱଂସ
ହୋଇଥାଏ, କିନ୍ତୁ ବହୁତ ଉପଦେଷ୍ଟାମାନଙ୍କ ଦ୍ୱାରା ସଫଳତା
ଆସିଥାଏ।
15ଅଜଣା ଲୋକ ପାଇଁ ଯେ ଲଗା ହୁଏ, ସେ ଅବଶ୍ୟ
କ୍ଲେଶ ପାଏ। ମାତ୍ର ଲଗା ହେବାକୁ ଯେ ଘୃଣା କରେ ସେ
ନିରାପଦରେ ଥାଏ।
16ଅନୁଗ୍ରହ ସ୍ତ୍ରୀ ଗୌରବ ଧରି ରଖେ, ପୁଣି ଦୁଷ୍ଟ
ଲୋକେ ସମ୍ପତ୍ତି ଧରି ରଖନ୍ତି।
17ଦୟାଳୁ ଲୋକ ଆପଣା ପ୍ରାଣର ହିତ କରେ। ମାତ୍ର
ଯେ ନିର୍ଦ୍ଦୟ ସେ ଆପଣା ଶରୀରକୁ ଦୁଃଖ ଦିଏ।
18ଦୁଷ୍ଟଲୋକ ମିଥ୍ୟା ଉପାର୍ଜ୍ଜନ କରେ। ମାତ୍ର ଯେ
ଧର୍ମବୀଜ ବୁଣେ ତାହାର ନିଶ୍ଚିତ ପୁରସ୍କାର ଅଛି।
19ଯେଉଁ ଲୋକ ଧାର୍ମିକତାରେ ଅଟଳ ଥାଏ, ସେ ବଞ୍ଚି
ରହିବ, ମାତ୍ର ଯିଏ କୁକର୍ମର ପଛରେ ଯାଏ, ସେ ଆପଣାର
ମୃତ୍ୟୁ ଘଟାଇବ।
20ଜଣେ ପ୍ରବଞ୍ଚକ ମନୁଷ୍ୟ ସଦାପ୍ରଭୁଙ୍କ ଦ୍ୱାରା ଘୃଣିତ
ହୁଏ, କିନ୍ତୁ ଯିଏ ନିଷ୍କପଟ ଜୀବନ ଯାପନ କରେ, ପ୍ରଭୁ
ତା'କୁ ଭଲ ପାଆନ୍ତି।
21ଏହା ନିଶ୍ଚିତ ସତ୍ୟ ଯେ ଦୁଷ୍ଟଲୋକମାନେ ଦଣ୍ଡ
ପାଇବେ। ଏବଂ ଧାର୍ମିକମାନେ ମୁକ୍ତ ପାଇବେ।
22ଯଦି ଜଣେ ସ୍ତ୍ରୀ ସୁନ୍ଦର, କିନ୍ତୁ ସେ ଦୁଷ୍ଟ, ଏହା ଠିକ୍
ସେହିପରି ଯେପରି ଘୁଷୁରିର ଥୋମଣି ସୁବର୍ଣ୍ଣ ଥାଏ।
23ଧାର୍ମିକମାନଙ୍କର ବାଞ୍ଛାର ଫଳ କେବଳ ମଙ୍ଗଳ, ମାତ୍ର
ଦୁଷ୍ଟମାନଙ୍କ ଭରସାର ଫଳ କ୍ରୋଧ ଅଟେ।
24କେହି କେହି ଦାନ କରି ଆହୁରି ଧନ ବଢ଼ାନ୍ତି। ପୁଣି
କେହି କେହି ଉଚିତ୍ ବ୍ୟୟ ଅସ୍ୱୀକାର କଲେ ହେଁ ତହିଁରୁ
କେବଳ ଅଭାବ ଜନ୍ମେ।
25ଯେଉଁମାନେ ଅନ୍ୟମାନଙ୍କୁ ଆଶୀର୍ବାଦ କରନ୍ତି, ସେମାନେ
ଉନ୍ନତି କରିବେ ଏବଂ ସେ ଯିଏ ଅନ୍ୟମାନଙ୍କର ଶୋଷ
ମେଣ୍ଟାଏ ତା'ର ଶୋଷ ମେଣ୍ଟା ହେବ।

26ଜଣେ ବ୍ୟକ୍ତି ଯିଏ ତା'ର ଶସ୍ୟ ବିକ୍ରୀ କରିବାକୁ ମନା
କରେ*, ତାହାକୁ ଲୋକମାନେ ଅଭିଶାପ ଦେବେ। କିନ୍ତୁ
ଯେକେହି ଶସ୍ୟ ବିକ୍ରୟ କରେ ଇଚ୍ଛା ଏବଂ ନ୍ୟାୟ ସହିତ
ତା'ର ମସ୍ତକକୁ ଆଶୀର୍ବାଦ ମିଳେ।
27ଯେଉଁ ବ୍ୟକ୍ତି ଯତ୍ନରେ ହିତ ଚେଷ୍ଟା କରେ, ସେ
ଅନୁଗ୍ରହ ପାଏ। ପୁଣି ଯେ ଅନ୍ୟର ମନ୍ଦ କରିବାକୁ ଚାହେଁ,
ତା' ପ୍ରତି ସେହିପରି ଘଟେ।
28ଆପଣା ଧନରେ ଯେ ନିର୍ଭର ରଖେ, ସେ ସତେଜ
ପତ୍ରପରି ବଞ୍ଚେ। ମାତ୍ର ଧାର୍ମିକ ଲୋକ ସତେଜ ପତ୍ରପରି
ପ୍ରଫୁଲ୍ଲ ହେବ।
29ଜଣେ ଯିଏ ଆପଣା ପରିବାରକୁ ସମସ୍ୟାର କାରଣ
ହୁଏ, କିଛି ଅଧିକାର ପାଏ ନାହିଁ। ପୁଣି ସେ ଜଣେ ଅଜ୍ଞାନୀ
ବିଜ୍ଞ ବ୍ୟକ୍ତିର ଦାସ ହେବ।
30ଧାର୍ମିକ ବ୍ୟକ୍ତିର ଫଳ ଜୀବନଦାୟକ ବୃକ୍ଷ ଅଟେ।
ଜଣେ ଯିଏ ଜ୍ଞାନୀ* ଲୋକମାନଙ୍କର ଜୀବନ ଲାଭ କରେ।
31ଭଲ ଲୋକମାନେ ପୃଥିବୀରେ ପୁରସ୍କୃତ ହେବେ, ଦୁଷ୍ଟ
ପାପୀଗଣ ତାଙ୍କର ପାପ ଭୋଗ କରିବେ।

12 ଯଦି ଜଣେ ଜ୍ଞାନୀ ହେବାକୁ ଚାହେଁ, ସେ ତା'ର
ଭୁଲକୁ ଠିକ୍ କରିବାକୁ ଭଲ ପାଏ। ଯେଉଁ ଲୋକ
ଅନୁଯୋଗ ଘୃଣା କରେ ସେ ମୂର୍ଖ।
2ସତ୍ ଲୋକ ସଦାପ୍ରଭୁଙ୍କଠାରୁ ଅନୁଗ୍ରହ ପା'ନ୍ତି। କିନ୍ତୁ
ଯେଉଁ ବ୍ୟକ୍ତି କୁପଥ କଳ୍ପନା କରେ, ସେ ଭ୍ରଷ୍ଟ ହେବ।
3କୁପଥ ଦ୍ୱାରା କେହି ସୁରକ୍ଷିତ ହେବ ନାହିଁ। କିନ୍ତୁ
ଧାର୍ମିକ ଲୋକମାନେ ନିରାପଦରେ ରହିବେ।
4ଗୁଣବତୀ ସ୍ତ୍ରୀ ଆପଣା ସ୍ୱାମୀର ମୁକୁଟ ସ୍ୱରୂପ। ଲଜ୍ଜାଦାୟିନୀ
ସ୍ତ୍ରୀ ତା'ର ହାଡ ସବୁର କ୍ଷୟ ସ୍ୱରୂପ।
5ଧାର୍ମିକମାନଙ୍କର ଯୋଜନାସବୁ ଯଥାର୍ଥ, କିନ୍ତୁ ଦୁଷ୍ଟ
ଲୋକମାନଙ୍କର ଉପଦେଶ ପ୍ରବଞ୍ଚନାପୂର୍ଣ୍ଣ।
6ଦୁଷ୍ଟମାନେ ରକ୍ତପାତ କରିବାକୁ ସେମାନଙ୍କର ଶବ୍ଦଗୁଡ଼ିକ
ବ୍ୟବହାର କରନ୍ତି। କିନ୍ତୁ ନିଷ୍ଠାପର ଲୋକମାନଙ୍କର ଶବ୍ଦଗୁଡ଼ିକ
ଅନ୍ୟଲୋକମାନଙ୍କୁ ବିପର୍ଯ୍ୟୟରୁ ରକ୍ଷା କରନ୍ତି।
7ଦୁଷ୍ଟମାନେ ସମ୍ପୂର୍ଣ୍ଣ ଭାବେ ବିନାଶ ହୁଅନ୍ତି। ସେମାନଙ୍କ
ସତ୍ତା ଲୋପ ପାଏ। ମାତ୍ର ଧାର୍ମିକମାନେ ମରିଗଲେ ମଧ୍ୟ
ସେମାନେ ସ୍ମୃତିରେ ହିଁ ରହନ୍ତି।
8ସେ କହୁଥିବା ଜ୍ଞାନ କଥା ପାଇଁ ମନୁଷ୍ୟ ପ୍ରଶଂସିତ
ହେବ। କିନ୍ତୁ ସେହି ମନୁଷ୍ୟ ଯାହାର ହୃଦୟ ଦୁଷ୍ଟ ଓ
ଜିଦ୍‌ଖୋର ତାକୁ ଲୋକମାନେ ତୁଚ୍ଛ ବୋଲି ଭାବିବେ।
9ଯେଉଁ ଲୋକ ତୁଚ୍ଛୀକୃତ ଆଉ ଯାହାର ଦାସ ଅଛି,
ସେ ଅନ୍ୟଙ୍କଠାରୁ ଶ୍ରେଷ୍ଠ, ଯିଏ ନିଜକୁ ମହତ୍ତ୍ୱ ବୋଲି ଛଳନା
କରେ, କିନ୍ତୁ ତା ପାଖରେ ଯଥେଷ୍ଟ ଖାଦ୍ୟ ନଥାଏ।
10ଧାର୍ମିକ ଲୋକମାନେ ଆପଣା ପଶୁର ଦରକାରକୁ ଅତି
ଯତ୍ନ ସହକାରେ କରନ୍ତି, ମାତ୍ର ଦୁଷ୍ଟ ଲୋକମାନେ ନିର୍ଦ୍ଦୟ
ଅଟନ୍ତି।
11ଯେଉଁ ଲୋକ ଆପଣା ଭୂମି ଚଷେ, ସେ ଯଥେଷ୍ଟ
ଆହାର ପାଇବ। ମାତ୍ର ଯେ ବୃଥା ଅଭିମାନରେ ପ୍ରବୃତ୍ତ ହୁଏ,
ସେ ବୁଦ୍ଧିହୀନ।
12ଦୁଷ୍ଟ ଲୋକମାନେ କୁକର୍ମକାରୀ ଲୋକମାନଙ୍କର ଫାନ୍ଦକୁ
ଆଦରି ନିଅନ୍ତି। ମାତ୍ର ଧାର୍ମିକର ମୂଳ ଫଳଦାୟକ ଅଟେ।
13ଦୁଷ୍ଟର ଓଷ୍ଠରେ ଅଧର୍ମର ଫାନ୍ଦ ଥାଏ। ମାତ୍ର ଧାର୍ମିକମାନେ
ଦୁଃଖରୁ ଉଦ୍ଧାର ପାଇବେ।
14ମନୁଷ୍ୟ ଆପଣା ମୁଖର ଫଳଦ୍ୱାରା ମଙ୍ଗଳରେ ପରିତୃପ୍ତ
ହେବ। ଏବଂ ସେ ହସ୍ତକୃତ କର୍ମଫଳ ତାହାକୁ ଭୋଗ
କରିବାକୁ ହେବ।
15ଅଜ୍ଞାନର ପଥ ତା'ର ନିଜ ଦୃଷ୍ଟିରେ ଯଥାର୍ଥ ମାତ୍ର
ଜ୍ଞାନବାନ୍‌ମାନେ ପରାମର୍ଶ ଶୁଣନ୍ତି।
16ଅଜ୍ଞାନର ବିରକ୍ତି ହଠାତ୍ ପ୍ରକାଶ ପାଏ; କିନ୍ତୁ ବିଜ୍ଞ
ମନୁଷ୍ୟ ଅପମାନକୁ ଉପେକ୍ଷା କରେ।
17ସତ୍ୟବାଦୀମାନେ ନ୍ୟାୟପୂର୍ଣ୍ଣ କଥା କହନ୍ତି। ମାତ୍ର
ମିଥ୍ୟାସାକ୍ଷୀମାନେ ପ୍ରବଞ୍ଚନା ପ୍ରକାଶ କରନ୍ତି।
18ଯେଉଁ ଲୋକମାନେ କୌଣସି ଚିନ୍ତା ନକରି କହନ୍ତି,
ସେମାନଙ୍କର ଶବ୍ଦଗୁଡ଼ିକ ଦ୍ୱିଶାଣିତ ଖଡ୍ଗ ପରି ଆଘାତ କରେ।
ମାତ୍ର ଜ୍ଞାନୀ ଲୋକର କଥା ଉପଶମ ଆଣେ।
19ମିଥ୍ୟାବାଦୀର କଥା କେବଳ ଅଳ୍ପକ୍ଷଣ ନିମନ୍ତେ ତିଷ୍ଠେ,
କିନ୍ତୁ ସତ୍ୟତାପୂର୍ଣ୍ଣ ଶବ୍ଦଗୁଡ଼ିକ ଚିରଦିନ ରହେ।
20ଅନିଷ୍ଟ ଚିନ୍ତାକାରୀର ହୃଦୟରେ ପ୍ରବଞ୍ଚନା ଥାଏ। ମାତ୍ର
ଶାନ୍ତି ପରାମର୍ଶଦାତାମାନଙ୍କର ହୃଦୟ ଆନନ୍ଦପ୍ରଦ ହୁଏ।
21ଧାର୍ମିକ ପ୍ରତି କୌଣସି ବିପର୍ଯ୍ୟୟ ଘଟିବ ନାହିଁ, ମାତ୍ର
ଦୁଷ୍ଟ ଲୋକମାନଙ୍କର ବହୁତ ସମସ୍ୟା ହେବ।
22ମିଥ୍ୟାବାଦୀର ଶବ୍ଦଗୁଡ଼ିକ ସଦାପ୍ରଭୁଙ୍କ ଦ୍ୱାରା ଘୃଣିତ
ଅଟେ। ମାତ୍ର ଯେଉଁମାନେ ସତ୍ୟ କୁହନ୍ତି, ସେମାନେ ତାଙ୍କର
ସୁଖ କର।
23ଚତୁର ଲୋକ ଜ୍ଞାନ ଆହରଣ କରେ। ମାତ୍ର ମୂର୍ଖମାନଙ୍କର
ମନ ଅଜ୍ଞାନତା ପ୍ରକାଶ କରେ।
24ଜଣେ କର୍ମଶୀଳଙ୍କ ହସ୍ତ କର୍ତ୍ତୃତ୍ୱ କରିବ, ମାତ୍ର
ଅଳସୁଆ ଲୋକ ଦାସ ହେବ।
25ମନୁଷ୍ୟର ମନୋବ୍ୟଥା ମନକୁ ନତ କରେ। ମାତ୍ର
ମଙ୍ଗଳର ବାକ୍ୟ ତାହାର ହରଷ ଜନ୍ମାଏ।
26ଧାର୍ମିକ ଲୋକ ଆପଣା ପ୍ରତିବେଶୀର ଠିକ୍ ପଥ
ପ୍ରଦର୍ଶକ, ମାତ୍ର ଦୁଷ୍ଟମାନଙ୍କ ପଥ ସେମାନଙ୍କୁ ଭୁଲାଏ।
27ଅଳସୁଆ ମୃଗୟାରେ ଧରିଲା ପଶୁକୁ ପାକ କରେ
ନାହିଁ। ମାତ୍ର ମନୁଷ୍ୟମାନଙ୍କର ବହୁମୂଲ୍ୟ ସମ୍ପତ୍ତି ପରିଶ୍ରମର
ପକ୍ଷରେ ରହେ।
28ଧାର୍ମିକତା ରୂପ ପଥରେ ଜୀବନ ଥାଏ। ପୁଣି ତହିଁର
ଗମନ ମାର୍ଗରେ ମୃତ୍ୟୁ ନଥାଏ।

13 ଜ୍ଞାନୀ ପୁତ୍ର ପିତାଙ୍କର ଉପଦେଶ ଯତ୍ନ ସହକାରେ
ଶୁଣେ। କିନ୍ତୁ ଗର୍ବୀ ମୂର୍ଖ ଲୋକ କାହାରି ଉପଦେଶ
ଶୁଣେ ନାହିଁ।
2ଉତ୍ତମ ଲୋକମାନେ ସେମାନଙ୍କର ଶବ୍ଦଗୁଡ଼ିକର ଉତ୍ତମ
ଫଳ ଭୋଗ କରନ୍ତି। ମାତ୍ର ବିଶ୍ୱାସଘାତକ ଲୋକମାନେ
ହିଂସାରୁ ଭୋଗ କରେ।

---

**ଜଣେ** ବ୍ୟକ୍ତି...ଶସ୍ୟଗୁଡ଼ିକ: ସେ ଶସ୍ୟ ଗଚ୍ଛିତର ଯେପର୍ଯ୍ୟନ୍ତ ମୂଲ୍ୟ କହିନାହିଁ ଅଭାବ ଯୋଗୁ।

**ଜ୍ଞାନୀ:** ଜ୍ଞାନୀ ନୂତନଜୀବନ ଲୋକମାନଙ୍କୁ ଦିଏ କିମ୍ବା ଗୋଟିଏ ଜ୍ଞାନୀ ଲୋକ ଆତ୍ମାଗୁଡ଼ିକ ନିଏ।

3ଯେଉଁ ଲୋକ ଆପଣା ମୁଖର କଥାକୁ ଜଗେ ସେ ତା'ର ଜୀବନ ରକ୍ଷା କରେ। ଯେ ଚିନ୍ତା ନ କରି କହେ ସେ ବିନାଶ ପ୍ରାପ୍ତ ହୁଏ।

4ଅଳସୁଆ ଯାହା ଇଚ୍ଛାକରେ, ତାହା ପାଏ ନାହିଁ। ମାତ୍ର କର୍ମଶୀଳ ଲୋକ ବା ପରିଶ୍ରମୀ ଲୋକ ତା'ର ଇଚ୍ଛାନୁସାରେ ଫଳ ଭୋଗକରେ।

5ଧାର୍ମିକଲୋକ ମିଥ୍ୟାକୁ ଘୃଣା କରେ। ମାତ୍ର ଦୁଷ୍ଟଲୋକ ଲଜ୍ଜା ଭୋଗକରେ।

6ଧାର୍ମିକତା ସରଳ ପଥଗାମୀକୁ ରକ୍ଷା କରେ। ମାତ୍ର ଦୁଷ୍ଟତା ପାପୀକୁ ପରାସ୍ତ କରେ।

7କେହି କେହି ଆପଣାକୁ ଧନୀ ବୋଲି ପରିଚୟ ଦିଅନ୍ତି। କିନ୍ତୁ ତା'ର କିଛି ନଥାଏ। ମାତ୍ର କେତେକଙ୍କର ଧନ ଥାଇ ମଧ୍ୟ ସେମାନେ ଦରିଦ୍ରପରି ଆଚରଣ କରନ୍ତି।

8ମନୁଷ୍ୟର ଧନ ତାହାର ପ୍ରାଣର ପ୍ରାୟଶ୍ଚିତ୍ତ ସ୍ୱରୂପ। ମାତ୍ର ଦରିଦ୍ରଲୋକ ଧମକ ଶୁଣେ ନାହିଁ।

9ଧାର୍ମିକ ଲୋକେ ଆଲୋକବର୍ତ୍ତିକା ପରି, ଯାହାକି ଉଜ୍ଜ୍ୱଳ ପରି ଆଲୋକ ଦିଏ।

10ଅହଙ୍କାରରୁ କେବଳ କଳି ଉତ୍ପନ୍ନ ହୁଏ। ମାତ୍ର ସୁପରାମର୍ଶ ଗ୍ରାହକଠାରେ ଜ୍ଞାନ ଅଛି।

11ଅସତ୍ୟ ଉପାୟରେ ଅର୍ଜିଥିବା ଧନ ଧ୍ୱଂସ ପାଇବ। ମାତ୍ର ସତ୍ୟ ଅର୍ଜିତ ଧନ ବୃଦ୍ଧି ପାଇବ।

12ଆଶା ସିଦ୍ଧିର ବିଳମ୍ବ ମନର ପୀଡାଜନକ। ମାତ୍ର ବାଞ୍ଛାର ସିଦ୍ଧିଜୀବନ ବୃକ୍ଷ ସ୍ୱରୂପ।

13ଯେଉଁଲୋକ ପରମେଶ୍ୱରଙ୍କ ବାକ୍ୟକୁ ତୁଚ୍ଛ ମନେ କରେ, ସେ ନିଜର ବିନାଶ କରେ। ମାତ୍ର ଯେ ଆଜ୍ଞାକୁ ଭୟ କରେ, ସେ ପୁରସ୍କାର ପ୍ରାପ୍ତ ହେବ।

14ଜ୍ଞାନୀ ଲୋକର ଶିକ୍ଷା ଜୀବନରେ ଝର ସ୍ୱରୂପ ଅଟେ, ସେ ମୃତ୍ୟୁ ଫାନ୍ଦରୁ ଅନ୍ୟକୁ ରକ୍ଷା କରେ।

15ଜଣେ ମନୁଷ୍ୟ ଯିଏ ଭଲ ଉପଦେଶ ଦିଏ, ଅନୁଗ୍ରହ ଲାଭ କରେ କିନ୍ତୁ ପ୍ରତାରକଗଣ ସେମାନଙ୍କୁ ବିପର୍ଯ୍ୟୟକୁ ଆଗେଇ ନିଅନ୍ତି।

16ପ୍ରତ୍ୟେକ ଚତୁର ଲୋକ ବୁଦ୍ଧିରେ କର୍ମ କରେ। ମାତ୍ର ମୂର୍ଖ ଅଜ୍ଞାନତା ବିସ୍ତାର କରେ।

17ଦୁଷ୍ଟ ବାର୍ତ୍ତାବାହକ ଆପଦରେ ପଡେ, ମାତ୍ର ବିଶ୍ୱସ୍ତ ଦୂତ ସ୍ୱାସ୍ଥ୍ୟଜନକ।

18ଯେଉଁ ଜନ ଶାସନ ଅଗ୍ରାହ୍ୟ କରେ, ସେ ଦରିଦ୍ରତା ଓ ଲଜ୍ଜ୍ୟା ପାଏ। ମାତ୍ର ଯେ ଅନୁଯୋଗ ଗ୍ରହଣ କରେ, ସେ ମର୍ଯ୍ୟାଦା ପାଏ।

19ବାଞ୍ଛା ସିଦ୍ଧି ପ୍ରାଣକୁ ଆନନ୍ଦ ଦିଏ। ଏବଂ ମନ୍ଦ ତ୍ୟାଗ କରିବା ମୂର୍ଖ ଲୋକ ପାଇଁ ଘୃଣାର ବିଷୟ।

20ଜ୍ଞାନୀର ସଙ୍ଗୀ ହୁଅ, ତହିଁରେ ତୁମ୍ଭେ ଜ୍ଞାନୀ ହେବ। ମାତ୍ର ମୂର୍ଖମାନଙ୍କର ସଙ୍ଗୀ କଷ୍ଟଦାୟକ।

21ପାପୀମାନଙ୍କ ପଛରେ ମନ୍ଦ ଅନୁସରଣ କରେ। ମାତ୍ର ଧାର୍ମିକମାନଙ୍କୁ ମଙ୍ଗଳରୂପ ପୁରସ୍କାର ଦତ୍ତ ହେବ।

22ଉତ୍ତମ ଲୋକ ଆପଣା ଆପଣା ପୌତ୍ରମାନଙ୍କ ପାଇଁ ଅଧିକାର ଛାଡଯାଏ। ମାତ୍ର ପାପୀର ଧନ ଧାର୍ମିକମାନଙ୍କ ପାଇଁ ସଞ୍ଚିତ ହୁଏ।

23ଯେଉଁଭଳି ଗରୀବ ଲୋକ ତା'ର ଜମି ଚାଷ କରେ, ସେ ପ୍ରଚୁର ଶସ୍ୟ ପାଇପାରେ କିନ୍ତୁ ଅନ୍ୟାୟ କାରଣରୁ ଏହା ବିନାଶ ହୁଏ।

24ଯେ ବାଡ ବ୍ୟବହାର କରିବାକୁ ତ୍ରୁଟି କରେ, ସେ ଆପଣା ପୁତ୍ରକୁ ଘୃଣା କରେ। ଯେ ତାହାକୁ ପ୍ରେମ କରେ, ସେ ଯଥା ସମୟରେ ଶାସ୍ତି ଦିଏ।

25ଧାର୍ମିକ ଆପଣା ପ୍ରାଣର ତୃପ୍ତି ପର୍ଯ୍ୟନ୍ତ ଖାଏ। ମାତ୍ର ପାପୀର ଉଦର ଅତୃପ୍ତ ଥାଏ।

14 ଜ୍ଞାନବତୀ ସ୍ତ୍ରୀ ଆପଣା ଗୃହକୁ ଜ୍ଞାନ ବଳରେ ଗଢେ। ମାତ୍ର ଅଜ୍ଞାନୀ ସ୍ତ୍ରୀ ତା'ର ଅଜ୍ଞାନତାରେ ସ୍ୱହସ୍ତରେ ତା'ର ଗୃହକୁ ଧ୍ୱଂସ କରେ।

2ଯେଉଁ ଜନ ଆପଣା ସରଳତାରେ ଆଚରଣ କରେ, ସେ ସଦାପ୍ରଭୁଙ୍କୁ ଭୟ କରେ। ମାତ୍ର ଅସାଧୁଲୋକ ସଦାପ୍ରଭୁଙ୍କୁ ଘୃଣା କରେ।

3ଅଜ୍ଞାନର କଥା ସର୍ବଦା ସମସ୍ୟା ଆଣେ। କିନ୍ତୁ ଜ୍ଞାନବାନ୍‌ର କଥା ତାହାକୁ ସୁରକ୍ଷା ଦିଏ।

4ଯଦି ଗୋରୁଗୁଡିକ ସେଠାରେ ନାହାନ୍ତି, କାର୍ଯ୍ୟ ପାଇଁ ଶସ୍ୟ ଘର ଶୂନ୍ୟ ଅଟେ। ମାତ୍ର ଷଣ୍ଢମାନଙ୍କର ଶକ୍ତି ବଡ ଅମଳ ଆଣିଥାଏ।

5ବିଶ୍ୱସ୍ତ ସାକ୍ଷୀ ମିଥ୍ୟା କହେ ନାହିଁ। ମାତ୍ର ମିଥ୍ୟାବାଦୀ ସାକ୍ଷୀ ମିଥ୍ୟାଚରଣ କରେ।

6ନିନ୍ଦୁକମାନେ ଜ୍ଞାନ ଲୋଡିଲେ ପାଆନ୍ତି ନାହିଁ। ମାତ୍ର ବୁଦ୍ଧିମାନ୍ ପାଇଁ ବିଦ୍ୟା ସହଜ ଅଟେ।

7ମୂର୍ଖ ଲୋକର ବନ୍ଧୁ ହୁଅ ନାହିଁ। ତା'ଠାରୁ ଶିକ୍ଷା ପାଇବାକୁ କିଛି ନ ଥାଏ।

8ଚତୁର ଲୋକମାନେ ଜ୍ଞାନୀ, କାରଣ ସେମାନେ ଯେପରି ଭାବରେ ରହନ୍ତି, ସେପରି ଚିନ୍ତା କରନ୍ତି। କିନ୍ତୁ ମୂର୍ଖମାନଙ୍କର ନିର୍ବୋଧତା ଏହି ଯେ, ଅନ୍ୟମାନଙ୍କୁ ଠକି କିପରି ବଞ୍ଚିବେ ସେହି କଥା ଭାବନ୍ତି।

9ଅଜ୍ଞାନୀମାନେ ଦୋଷକୁ କୌତୁକ ବୋଲି ଗ୍ରହଣ କରନ୍ତି। ମାତ୍ର ସରଳ ଲୋକମାନଙ୍କ ନିକଟରେ ଅନୁଗ୍ରହ ଥାଏ।

10ଯଦି ଜଣେ ଲୋକ ଦୁଃଖ କରେ, ତା'ର ଅନ୍ତରର ବେଦନା ଅନ୍ୟ କେହି ଜାଣନ୍ତି ନାହିଁ। ସେହିପରି ଜଣେ ଲୋକ ଆନନ୍ଦ ପାଇଲେ ତା'ର ଆନନ୍ଦ ଅନ୍ୟ କେହି ଅନୁଭବ କରିପାରେ ନାହିଁ।

11ଦୁଷ୍ଟମାନଙ୍କର ଗୃହ ନିପାତ ହେବ। ମାତ୍ର ସରଳ ଲୋକମାନଙ୍କର ଗୃହ ଉନ୍ନତ ହେବ।

12ମନୁଷ୍ୟର ଦୃଷ୍ଟିରେ ଯେ କୌଣସି ପଥ ସରଳ ଦେଖାଯାଏ ତାହା ଶେଷରେ ମୃତ୍ୟୁର ପଥ ହୋଇଥାଏ।

13ଏପରିକି ହସୁଥିବାବେଳେ ହୃଦୟ ବ୍ୟଥା କରିପାରେ ଏବଂ ଖୁସିର ସମାପ୍ତି ଦୁଃଖର ହୋଇପାରେ।

14ଦୁଷ୍ଟ ଲୋକମାନେ ତାଙ୍କର କର୍ମଫଳ ଅନୁସାରେ ଦଣ୍ଡ ଭୋଗ କରିବେ। ମାତ୍ର ଧାର୍ମିକ ଲୋକେ ତାଙ୍କର ଉତ୍ତମ କାର୍ଯ୍ୟ ପାଇଁ ପୁରସ୍କୃତ ହେବେ।

15ନିର୍ବୋଧ ଯାହାସବୁ ଶୁଣେ, ବିଶ୍ୱାସ କରେ। ମାତ୍ର ଜ୍ଞାନୀମାନେ ପ୍ରତ୍ୟେକ କଥାକୁ ଅନୁଶୀଳନ କରନ୍ତି।

16ଜ୍ଞାନୀ ଲୋକମାନେ ସଦାପ୍ରଭୁଙ୍କୁ ସମ୍ମାନ କରନ୍ତି ଏବଂ କୁକର୍ମକୁ ଘୃଣା କରନ୍ତି। ମାତ୍ର ଅଧର୍ମିମାନେ ଦାମ୍ଭିକଭାବ ବହି ଦୁଃସାହସୀ ହୁଏ।

17ଜଣେ ଯିଏ ହଠାତ୍ କ୍ରୋଧିତ ହୁଏ, ମୂର୍ଖାମୀର କାର୍ଯ୍ୟ କରେ, କିନ୍ତୁ ଜଣେ ବ୍ୟକ୍ତି ଯିଏ ମନ୍ଦ ଯୋଜନା କରେ ସେ ଘୃଣିତ ହୁଏ।

18ଅନଭିଜ୍ଞ ଲୋକମାନେ ନିର୍ବୋଧ ହୋଇ ରହିବେ। କିନ୍ତୁ ଜ୍ଞାନୀ ଲୋକମାନେ ଜ୍ଞାନରେ ବିଭୂଷିତ ହେବେ।

19ମନ୍ଦଲୋକମାନେ ଉତ୍ତମ ଲୋକମାନଙ୍କ ଆଗରେ ପରାସ୍ତ ହୋଇ ମଥାନତ କରିବେ ଏବଂ ଦୁଷ୍ଟ ଲୋକମାନେ ଧାର୍ମିକ ଲୋକମାନଙ୍କ ଆଗରେ ମଥାନତ କରିବେ।

20ଦରିଦ୍ର ଆପଣା ପ୍ରତିବେଶୀରେହିଁ ଘୃଣିତ ହୁଅନ୍ତି। ମାତ୍ର ଧନବାନର ଅନେକ ବନ୍ଧୁଥା'ନ୍ତି।

21ଯେଉଁଲୋକ ପ୍ରତିବେଶୀକୁ ତୁଚ୍ଛବୋଧ କରେ, ସେ ପାପ କରେ ମାତ୍ର ଯେଉଁ ଜନ ଦରିଦ୍ରକୁ ଦୟା କରେ, ସେ ଧନ୍ୟ।

22ଯେଉଁମାନେ ଅନ୍ୟର ଅନିଷ୍ଟ ଚିନ୍ତା କରନ୍ତି, ସେମାନେ ପଥଭ୍ରଷ୍ଟ ହୁଅନ୍ତି। କିନ୍ତୁ ଯେଉଁମାନେ ଅନ୍ୟର ଭଲ ଚିନ୍ତା କରନ୍ତି ସେଠାରେ ସତ୍ୟ ଓ ଦୟା ଥାଏ।

23ପ୍ରତ୍ୟେକ କଠିନ ପରିଶ୍ରମର ପୁରସ୍କାର ଅଛି, କିନ୍ତୁ ଯଦି ଜଣେ ବ୍ୟକ୍ତି କେବଳ କଥା କହିବା ଚାଲୁରଖେ, ଏହା ତାକୁ ଦରିଦ୍ରତା ଆଡକୁ ଆଗେଇ ନିଏ।

24ଜ୍ଞାନୀମାନଙ୍କ ମୁକୁଟ ସେମାନଙ୍କର ଧନ, ପୁଣି ମୂର୍ଖମାନଙ୍କର ଅଜ୍ଞାନତା କେବଳ ଅଜ୍ଞାନତା।

25ସତ୍ୟ ସାକ୍ଷୀ ତା'ର ପ୍ରାଣ ରକ୍ଷା କରେ। ମାତ୍ର ମିଥ୍ୟା ପ୍ରବଞ୍ଚନା ଜନକ।

26ସଦାପ୍ରଭୁ ବିଷୟକ ଭୟ ଦୃଢ ଶରଣ ଭୂମି। ଆଉ ତାଙ୍କର ସନ୍ତାନମାନେ ସେଠାରେ ଆଶ୍ରୟସ୍ଥାନ ପାଇବେ।

27ସଦାପ୍ରଭୁଙ୍କର ସମ୍ମାନ ଜୀବନର ଝର ସ୍ୱରୂପ। ଏହା ମୃତ୍ୟୁର ଫାନ୍ଦରୁ ଲୋକଙ୍କୁ ରକ୍ଷା କରେ।

28ଅଧିକ ଜନସଂଖ୍ୟା ରାଜାଙ୍କର ଗୌରବ ଅଟେ। ପ୍ରଜା ମାନଙ୍କର ଅଭାବ ରାଜଙ୍କର ବିନାଶ ଆଣେ।

29ଯେ କ୍ରୋଧରେ ଧୀର, ସେ ବଡ ଜ୍ଞାନୀ। ଜଣେ ଯିଏ ହଠାତ୍ ରାଗେ, ସେ ଅଜ୍ଞ ବୋଲି ଦର୍ଶାଏ।

30ଶାନ୍ତ ଅନ୍ତଃକରଣ ଦେହର ଜୀବନ ସ୍ୱରୂପ, ପୁଣି ଈର୍ଷା ହାଡର କ୍ଷୟ ସ୍ୱରୂପ।

31ଯେଉଁ ଲୋକ ଦୀନହୀନ ପ୍ରତି ଉପଦ୍ରବ କରେ, ସେ ତା'ର ସୃଷ୍ଟିକର୍ତ୍ତାଙ୍କୁ ଅପମାନିତ କରେ। କିନ୍ତୁ ଯିଏ ଦରିଦ୍ରକୁ ଦୟାକରେ, ସେ ତା'ର ନିର୍ମାଣ କର୍ତ୍ତା ସମ୍ମାନ ବିକ୍ତ ହୁଏ।

32ଦୁଷ୍ଟଲୋକ ଆପଣା ମନ୍ଦ କର୍ମରେ ତଡ ଦିଆଯାଏ। ମାତ୍ର ମରଣକାଳରେ ଧାର୍ମିକର ଆଶ୍ରୟ ଥାଏ।

33ଜ୍ଞାନ ବୁଦ୍ଧିମାନ୍‌ର ହୃଦୟରେ ଥାଏ। ମାତ୍ର ମୂର୍ଖମାନଙ୍କ ମଧ୍ୟରେ ଏହା ନଥାଏ।

34ଧାର୍ମିକତା ରାଜ୍ୟକୁ ଉନ୍ନତି ଆଣିଦିଏ, ମାତ୍ର ପାପ ଯେକୌଣସି ଦେଶର ଅପମାନ ଅଟେ।

35ବୁଦ୍ଧିମାନ୍ ଦାସ ରାଜାଙ୍କର ଅନୁଗ୍ରହର ପାତ୍ର। ପୁଣି ଯେ ଲଜ୍ଜା ଜନ୍ମାଏ ତାହା ପ୍ରତି ସେ କ୍ରୋଧ କରନ୍ତି।

15 କୋମଳ ପୂର୍ଣ୍ଣ ଉତ୍ତର କ୍ରୋଧକୁ ଦମନ କରେ। ମାତ୍ର କଟୁବାକ୍ୟ କୋପ ଜନ୍ମାଏ।

2ଜଣେ ଜ୍ଞାନୀ ଲୋକ ତା'ର ଚିନ୍ତାଧାରା ଭଲ ଭାବରେ କହିପାରେ। କିନ୍ତୁ ନିର୍ବୋଧ ନିର୍ବୋଧତାକୁ ବଖାଣେ।

3ସଦାପ୍ରଭୁ ସର୍ବଦା ସବୁଠାରେ ଘଟୁଥିବା ଘଟଣାକୁ ଦେଖନ୍ତି। ସେ ଅଧମ ଓ ଉତ୍ତମ ଲୋକମାନଙ୍କୁ ମଧ୍ୟ ନୀରିକ୍ଷଣ କରନ୍ତି।

4ଶାନ୍ତିର ବାକ୍ୟ ଜୀବନର ବୃକ୍ଷ ସ୍ୱରୂପ। ମାତ୍ର କୁଟିଳ ବାକ୍ୟ ଆତ୍ମା ନଷ୍ଟ କରେ।

5ଅଜ୍ଞାନ ଆପଣା ପିତାର ଶାସନକୁ ଅବହେଳା କରେ, ମାତ୍ର ବିଜ୍ଞୋଚିତ ବ୍ୟକ୍ତି ଭର୍ତ୍ସନାକୁ ଆଦର ସହ ଗ୍ରହଣ କରନ୍ତି।

6ଧାର୍ମିକର ଗୃହରେ ବହୁ ସମ୍ପତ୍ତି ଥାଏ। ମାତ୍ର ଦୁଷ୍ଟର ଆୟରେ ସବୁବେଳେ କଷ୍ଟ ଥାଏ।

7ଜ୍ଞାନୀମାନଙ୍କର ବାକ୍ୟ ଜ୍ଞାନ ପ୍ରସାରଣ କରେ। ମାତ୍ର ମୂର୍ଖର ମନ ସେପରି କରେ ନାହିଁ।

8ଦୁଷ୍ଟମାନଙ୍କ ବଳିଦାନ ସଦାପ୍ରଭୁଙ୍କଠାରେ ଘୃଣାର ବିଷୟ ଅଟେ। ମାତ୍ର ସରଳ ଲୋକଙ୍କର ପ୍ରାର୍ଥନାକୁ ସେ ଗ୍ରହଣ କରନ୍ତି।

9ଦୁଷ୍ଟର ଗତି ସଦାପ୍ରଭୁଙ୍କର ଘୃଣା ବିଷୟ। ମାତ୍ର ଧାର୍ମିକତାର ଅନୁଗାମୀକୁ ସେ ପ୍ରେମ କରନ୍ତି।

10ଜଣେ ଯିଏ ଜ୍ଞାନର ପଥ ତ୍ୟାଗ କରେ, ପୁଣି ଯେଉଁଲୋକ ଅନୁଯୋଗ ଘୃଣା କରେ ସେ ମରିବ।

11ମୃତ୍ୟୁ ଓ ବିନାଶ ସଦାପ୍ରଭୁଙ୍କ ଆଗରେ ଖୋଲା ପଡିଥାଏ। ଲୋକମାନଙ୍କର ହୃଦୟର ଅଭିପ୍ରାୟ ତା ଅପେକ୍ଷା ତାହାଠାରୁ ଅଧିକ ସ୍ପଷ୍ଟ।

12ଜଣେ ନିନ୍ଦୁକ ଅନୁଯୋଗ ପାଇବାକୁ ଭଲପାଆନ୍ତି ନାହିଁ। ସେମାନେ କଦାପି ଜ୍ଞାନୀ ଲୋକମାନଙ୍କ ନିକଟକୁ ଯାଆନ୍ତି ନାହିଁ।

13ଗୋଟିଏ ଆନନ୍ଦିତ ହୃଦୟ ମୁଖକୁ ପ୍ରଫୁଲ୍ଲ କରେ। କିନ୍ତୁ ହୃଦୟର ଦୁଃଖ ସହିତ, ଆତ୍ମା ଦୁଃଖୀ ହେବ ଏବଂ ଭାଙ୍ଗି ଯାଏ।

14ବୁଦ୍ଧିମାନର ମନ ଜ୍ଞାନ ଲୋଡେ। ମାତ୍ର ମୂର୍ଖମାନଙ୍କର ମୁଖ ଅଜ୍ଞାନତା ଆହାର କରେ।

15ଗୋଟିଏ ମାତ୍ର ଜଣେ ଦୁଷ୍ଟଚିତ୍ତ ପାଇଁ ପ୍ରତ୍ୟେକ ଦିନ ଗୋଟିଏ ଭୋଜି ଅଟେ।

16ଅଶାନ୍ତି ଯୁକ୍ତ ବହୁ ସମ୍ପତ୍ତି ଅପେକ୍ଷା ସଦାପ୍ରଭୁଙ୍କ ଭୟଯୁକ୍ତ ଅଳ୍ପ ସମ୍ପତ୍ତି ଭଲ।

17ହିଂସା ସହିତ ହୃଷ୍ଟପୃଷ୍ଟ ଗୋମାଂସ ଭୋଜନ ଅପେକ୍ଷା ପ୍ରେମଥିବା ସ୍ଥାନରେ ଶାକାନ୍ନ ଭଲ।

18କ୍ରୋଧୀ ଲୋକ ବିବାଦ ଆରମ୍ଭ କରେ କିନ୍ତୁ ଜଣେ ଧୈର୍ଯ୍ୟ ମଣିଷ ଯାହାର ଗୋଟିଏ ବିବାଦକୁ ସମାଧାନ କରେ।

19ଅଳସର ବାଟ କଣ୍ଟାବାଡ ପରି, ମାତ୍ର ଗୋଟିଏ ସାଧୁ ଲୋକର ପଥ ଗୋଟିଏ ରାଜପଥ ପରି ଅଟେ।

20ଜ୍ଞାନୀ ପୁତ୍ର ପିତାର ଆହ୍ଲାଦ ଜନ୍ମାଏ, ମାତ୍ର ମୂର୍ଖ ପୁତ୍ର ଆପଣା ମାତାକୁ ତୁଚ୍ଛକରେ।

21ନିର୍ବୋଧ ପ୍ରତି, ଅଜ୍ଞାନତା କୌତୁହଳପୂର୍ଣ୍ଣ , ମାତ୍ର ବୁଦ୍ଧିମାନ୍ ଲୋକ ଆପଣା ଗତି ଯଥୋଚିତ୍ କରନ୍ତି।

22ମନ୍ତ୍ରଣା ଅଭାବରେ ସଙ୍କଳ୍ପ ବଫଳ ହୁଏ। ମାତ୍ର ବହୁତ ମନ୍ତ୍ରଣାଦ୍ୱାରା ତାହା ସ୍ଥିରୀକୃତ ହୁଏ।

23ଉତ୍ତମ ଉତ୍ତର ଦେଇ ଜଣେ ଆନନ୍ଦ ପାଏ, କନ୍ତୁ କେତେ ଭଲ ଯଥୋଚତ କଥା ଯଥୋଚତ ସମୟରେ ଅଟେ।

24ନୀଚସ୍ଥିତ ପାତାଳକୁ ତ୍ୟାଗ କରବା ପାଇଁ ବୁଦ୍ଧିମାନ୍ ଲୋକଙ୍କ ନମନ୍ତେ ଜୀବନର ପଥ ଊର୍ଦ୍ଧ୍ୱଗାମୀ।

25ଗର୍ବୀ ଲୋକର ଗୃହକୁ ସଦାପ୍ରଭୁ ବନାଶ କରବେ। ମାତ୍ର ବଧବାର ସୀମା ସଦାପ୍ରଭୁ ସ୍ଥିର କରବେ।

26ଦୁଷ୍ଟ ଲୋକର ଚନ୍ତାଧାରାଗୁଡକ ସଦାପ୍ରଭୁଙ୍କର ନକଟରେ ଘୃଣ୍ୟ ଅଟେ। ମାତ୍ର ସ୍ୱଚ୍ଛ କଥା ଆନନ୍ଦ ଦାୟକ।

27ଲୋଭୀ ଆପଣା ପରଜନକୁ ଦୁଃଖ ଦଏ। ମାତ୍ର ଯେଉଁ ଲୋକ ଲାଞ୍ଚକୁ ଘୃଣା କରେ, ସେ ବଞ୍ଚିବ।

28ଧାର୍ମିକର ମନ ବବେଚନା କର ଉତ୍ତର ଦଏ। ମାତ୍ର ଦୁଷ୍ଟମାନଙ୍କ ମୁଖ ମନ୍ଦକଥା ସର୍ବଦା କହେ।

29ସଦାପ୍ରଭୁ ଦୁଷ୍ଟମାନଙ୍କଠାରୁ ଦୂରରେ ଥାନ୍ତ। ପୁଣି ଧାର୍ମିକମାନଙ୍କର ପ୍ରାର୍ଥନା ସେ ଶୁଣନ୍ତ।

30ଚକ୍ଷୁର ଦୀପ୍ତି ମନକୁ ଆନନ୍ଦତ କରେ। ଉତ୍ତମ ସମାଚାର ଅସ୍ଥିଗୁଡକୁ ପୁଷ୍ଟି ଯୋଗାଏ।

31ଯେଉଁ କର୍ଣ୍ଣ ଜୀବନ ଦାୟକ ଅନୁଯୋଗ ଶୁଣେ, ତାହା ଜ୍ଞାନୀମାନଙ୍କ ମଧ୍ୟରେ ବାସ କରେ।

32ଯେଉଁ ଲୋକ ଶାସନ ଅଗ୍ରାହ୍ୟ କରେ, ସେ ଆପଣା ପ୍ରାଣ କାଳକୁ ହ୍ରାସ କରେ। ମାତ୍ର ଅନୁଯୋଗ ଯେ ଶୁଣେ, ସେ ବୃଦ୍ଧି ପାଏ।

33ସଦାପ୍ରଭୁଙ୍କର ସମ୍ମାନ ଜ୍ଞାନପ୍ରଦ ଉପଦେଶ ଅଟେ। ଏବଂ ନମ୍ରତା ସମ୍ଭ୍ରମର ସମ୍ମୁଖରେ ଥାଏ।

16 ମନୁଷ୍ୟ କଳ୍ପନା କରେ। କନ୍ତୁ ନର୍ଣ୍ଣୟ ସଦାପ୍ରଭୁଙ୍କ ପାଖରୁ ଆସେ।

2ଜଣେ ଲୋକ ଭାବେ ସେ ଯାହା କରୁଛି, ତାହା ଠିକ୍। କନ୍ତୁ ସଦାପ୍ରଭୁ ଆତ୍ମାମାନଙ୍କୁ ପରୀକ୍ଷା କରନ୍ତ।

3ସଦାପ୍ରଭୁଙ୍କଠାରେ ତୁମ୍ଭର ସମସ୍ତ କାର୍ଯ୍ୟ ସମର୍ପଣ କର। ତେବେ ତୁମ୍ଭେ ସବୁ କାର୍ଯ୍ୟରେ ଜୟଯୁକ୍ତ ହେବ।

4ସଦାପ୍ରଭୁ ପ୍ରତ୍ୟେକ ବଷୟକୁ ତହଁର ନଜ ଉଦ୍ଦେଶ୍ୟ ସାଧନ ନମନ୍ତେ କରଅଛନ୍ତ। ସଦାପ୍ରଭୁଙ୍କ ବଚାରରେ ଦୁଷ୍ଟମାନେ ବନାଶ ହେବେ।

5ସଦାପ୍ରଭୁ ସେହମାନଙ୍କୁ ଘୃଣା କରନ୍ତ, ଯେଉଁମାନେ ଭାବନ୍ତ ସେ ସମସ୍ତଙ୍କଠାରୁ ଶ୍ରେଷ୍ଠତର। ସଦାପ୍ରଭୁ ଏହପର ଗର୍ବୀ ଲୋକମାନଙ୍କୁ ନଃସନ୍ଦେହରେ ଦଣ୍ଡିତ କରବେ।

6ଦୟା ଓ ସତ୍ୟତାରେ ପାପର ପ୍ରାୟଶ୍ଚିତ୍ତ ହୁଏ। ସଦାପ୍ରଭୁ ବଷୟକ ଭୟଦ୍ୱାରା ମନୁଷ୍ୟମାନେ କୁକ୍ରିୟା ତ୍ୟାଗ କରନ୍ତ।

7ଯଦ ମଣିଷର ରୀତି କଥାଧାରା ସଦାପ୍ରଭୁଙ୍କୁ ତୁଷ୍ଟି କରେ, ସେ ତା'ର ଶତ୍ରୁମାନଙ୍କୁ ତାଙ୍କ ସହତ ଶାନ୍ତରେ ରହବା ପାଇଁ ବାଧ କରନ୍ତ।

8ଅନ୍ୟାୟରେ ପ୍ରଚୁର ରୋଜଗାର, ଧାର୍ମିକତାରେ ଅଳ୍ପ ରୋଜଗାରହଁ ଭଲ ଅଟେ।

9ମନୁଷ୍ୟର ମନ ଆପଣାର ପଥ ବଷୟରେ କଳ୍ପନା କରେ, ମାତ୍ର ସଦାପ୍ରଭୁ ତାହାର ଚାଲବାକୁ ନର୍ଦ୍ଦେଶ କରନ୍ତ।

10ଯେତେବେଳେ ରାଜା ଯାହା କହନ୍ତ ତାହା ନୟମ ହୋଇଯାଏ। ତେଣୁ ତା'ର ବଚାର ସ୍ୱଚ୍ଛ ହେବା ଉଚତ୍।

11ଓଜନ ଓ ଦଣ୍ଡି ସଦାପ୍ରଭୁଙ୍କର ଅଟେ, କନ୍ତୁ ସଦାପ୍ରଭୁ ଯାହା ଓଜନ ପାଇଁ ବ୍ୟବହାର କରବାକୁ ବଟକରାସବୁ ତିଆର କଲେ।

12କୁକର୍ମ କରବା ରାଜାଙ୍କ ନମନ୍ତେ ଘୃଣାର ବଷୟ, ଯେହେତୁ ଧାର୍ମିକତାରେ ସିଂହାସନ ସ୍ଥିରୀକୃତ ହୁଏ।

13ଧର୍ମଯୁକ୍ତ କଥା ରାଜାଙ୍କ ପାଇଁ ତୁଷ୍ଟିକର। ସେମାନେ ଯଥାର୍ଥ କରନ୍ତ ଯେଉଁମାନେ ପ୍ରେମ କରନ୍ତ।

14ରାଜାଙ୍କର କ୍ରୋଧ ମୃତ୍ୟୁର ଦୂତପର। ମାତ୍ର ଜ୍ଞାନୀଲୋକ ତାହା ଶାନ୍ତ କରେ।

15ରାଜାର ପ୍ରସନ୍ନ ବଦନରେ ଜୀବନ ଥାଏ। ତାଙ୍କର ଅନୁଗ୍ରହ ଶେଷ ବର୍ଷାର ମେଘସ୍ୱରୂପ।

16ସୁନା ଅପେକ୍ଷା ଜ୍ଞାନଲାଭ କରବା ଉତ୍ତମ। ସୁବବେଚନା ପାଇବା ରୂପାଠାରୁ ଅଧିକ ମୂଲ୍ୟବାନ।

17ଧାର୍ମିକ ଲୋକମାନଙ୍କର ଚଳଣି ଅଧର୍ମର ବହୁତ ଦୂରରେ। ଯେଉଁ ଲୋକ ଆପଣା ପଥ ଜଗି ଚାଲେ, ସେ ଆପଣା ପ୍ରାଣ ରକ୍ଷା କରେ।

18ଅହଙ୍କାର ସର୍ବନାଶର ସମ୍ମୁଖରେ ଆସେ ଏବଂ ଅହଙ୍କାରୀ ପ୍ରକୃତି ପତନର ସମ୍ମୁଖରେ ଆସେ।

19ଅହଙ୍କାରୀମାନଙ୍କ ସହତ ଲୁଣ୍ଠିତ ଦ୍ରବ୍ୟ ଭାଗ କରବା ଅପେକ୍ଷା ଦରଦ୍ରତାର ସହତ ନମ୍ର ହେବା ଭଲ।

20ଯେଉଁ ଲୋକ ପରମେଶ୍ୱରଙ୍କ ବାକ୍ୟରେ ମନୋଯୋଗ କରେ, ସେ ସାଫଲ୍ୟ ଅର୍ଜନ କରେ। ପୁଣି ସେହ ଲୋକ ଧନ୍ୟ ଯେ ସଦାପ୍ରଭୁଙ୍କଠାରେ ନର୍ଭର କରେ।

21କଏ ଜ୍ଞାନୀ ବା ବୁଦ୍ଧିମାନ, ଲୋକମାନେ ଜାଣିପାରବେ। ବାକ୍ୟର ମିଷ୍ଟତା ପାଣ୍ଡିତ୍ୟ ବଢାଏ।

22ସଦ୍‌ବୁଦ୍ଧି ପାଇଥିବା ଲୋକ ଜୀବନର ଝର ସ୍ୱରୂପ ଅଟେ। ମାତ୍ର ଅଜ୍ଞାନତା ଅଜ୍ଞାନମାନଙ୍କର ଶାସ୍ତି।

23ଜ୍ଞାନବାନର ହୃଦୟ ଆପଣା ମୁଖକୁ ଶିକ୍ଷା ଦଏ। ପୁଣି ତା'ର ବାକ୍ୟ ପାଣ୍ଡିତ୍ୟ ବଢାଏ।

24ଦୟାପୂର୍ଣ୍ଣ କଥା ମହୁପର ଅଟେ। ଏହାକୁ ଗ୍ରହଣ କରବା ସହଜ ଏବଂ ସ୍ୱାସ୍ଥ୍ୟ ପାଇଁ ଉତ୍ତମ।

25ମନୁଷ୍ୟର ଦୃଷ୍ଟିରେ ଯେଉଁ ପଥ ସରଳ ଦଶେ କନ୍ତୁ ତାହା ମୃତ୍ୟୁରେ ହଁ ଶେଷ ହୁଏ।

26ପରଶ୍ରମୀ କାରର କ୍ଷୁଧା ତାକୁ ପରଶ୍ରମ କରବାକୁ ବାଧ କରେ। ତା'ର ଭୋକଲା ପାଟି କଠିନ ପରଶ୍ରମ ପାଇଁ ଅଭିଯାନ କରନ୍ତ।

27ପାପାଧାମ ଲୋକ ଅନଷ୍ଟ କଳ୍ପନା କରେ। ଏବଂ ତାହାର ବାକ୍ୟଗୁଡକ ଅଗ୍ନିପର ଜଳେ।

28କୁଟଳ ମନୁଷ୍ୟ ବବାଦ ବୁଣେ। କାନକୁହା ଲୋକମାନେ ବନ୍ଧୁତ୍ୱ ନଷ୍ଟ କରନ୍ତ।

29ଅତ୍ୟାଚାରୀ ଆପଣା ମିତ୍ରଗଣକୁ ଭୁଲାଏ। ଏବଂ ପ୍ରତବେଶୀକୁ କୁପଥରେ କଢାଇ ନଏ।

30ଯେଉଁ ଲୋକ ଆପଣା ଆଖି ମିଞ୍ଜି ମିଞ୍ଜି କରେ, ସେ କୁଟଳ ବଷୟ କଳ୍ପନା କରେ, ଏବଂ ଯେ ଆପଣା ଓଷ୍ଠ ଜାବୁଡ ଧରେ, ମନ୍ଦକର୍ମ ସିଦ୍ଧ କରୁଥାଏ।

31ପାଚିଲା କେଶ ଶୋଭାଜନକ ମୁକୁଟ। ତାହା ଧର୍ମ ପଥରେ ପ୍ରାପ୍ତ ହୁଏ।

32ଯେ କ୍ରୋଧରେ ଧୀର, ସେ ବୀର ଅପେକ୍ଷା ଶ୍ରେଷ୍ଠ। ପୁଣି ଯେ ଆପଣା ଆତ୍ମା ଉପରେ କର୍ତ୍ତୃତ୍ୱ କରେ, ସେ ନଗର ବିଜୟୀଠାରୁ ଭଲ।

33ନିଷ୍ପତ୍ତି ପାଇଁ ଗୁଳାବାଣ୍ଟ ପଡେ, କିନ୍ତୁ ନିଷ୍ପତ୍ତି ସଦାପ୍ରଭୁଙ୍କ ଠାରୁ ଆସେ।

17 ବିବାଦଯୁକ୍ତ ଭୋଜିରେ ପୂର୍ଣ୍ଣ ଗୃହ ଅପେକ୍ଷା ଶାନ୍ତି ସହିତ ଖଣ୍ଡିଏ ଶୁଷ୍କ ଅନ୍ନ ଭଲ।

2ଯେଉଁ ଦାସ ବୁଦ୍ଧି ପୂର୍ବକ ଚଳେ ସେ ଲଜ୍ଜ୍ୟାଜନକ ପୁତ୍ର ଉପରେ କର୍ତ୍ତୃତ୍ୱ କରେ। ପୁଣି ଭାଇମାନଙ୍କ ସଙ୍ଗରେ ସଂପତ୍ତି ବାଣ୍ଟ ପାଏ।

3ନିଆଁରେ ସୁନା ଓ ରୂପାର ବିଶୁଦ୍ଧତା ପରୀକ୍ଷା କରାଯାଏ। ମାତ୍ର ସଦାପ୍ରଭୁ ଅନ୍ତଃକରଣର ପରୀକ୍ଷା କରନ୍ତି।

4କୁକ୍ରିୟାକାରୀ ଲୋକ ଦୁଷ୍ଟ କଥା ଶୁଣେ। ପୁଣି ମିଥ୍ୟାବାଦୀ ଅନ୍ୟ ଲୋକର ମିଥ୍ୟାରେ କର୍ଣ୍ଣପାତ କରେ।

5ଯେଉଁ ଲୋକ ଦରିଦ୍ରକୁ ଉପହାସ କରେ, ସେ ଆପଣାର ସୃଷ୍ଟିକର୍ତ୍ତାଙ୍କୁ ଅପମାନ କରେ। ପୁଣି ଯେ କେହି ଅନ୍ୟ ଲୋକର ବିପଦରେ ଆନନ୍ଦ କରେ, ସେ ଦଣ୍ଡ ପାଇବ।

6ସନ୍ତାନଗଣର ସନ୍ତାନମାନେ ବୃଦ୍ଧ ଲୋକମାନଙ୍କର ମୁକୁଟ ସଦୃଶ। ପୁଣି ସନ୍ତାନମାନଙ୍କର ଗୌରବ ସେମାନଙ୍କ ପିତୃଗଣ।

7ଜଣେ ନିର୍ବୋଧ ବେଶି କଥା କହିବା ଉଚିତ୍ ନୁହଁ। ସେହିପରି ଜଣେ ଶାସକ ମିଛଗୁଡିକ କହିବା ଉଚିତ୍ ନୁହେଁ।

8ଗୋଟିଏ ଉତ୍କୋଚ ଗୋଟିଏ ଯାଦୁ ପଥର ପରି ଏହା ଜଣେ ଦେଇଥିବାର ଆଖିରେ ଅଛି, ସେ ଯେଉଁ ଦିଗରେ ଘୁରେ, ସେ କୃପାଲାଭ କରେ।

9ଯଦି ତୁମ୍ଭେ ଦୋଷୀକୁ କ୍ଷମା କର, ତେବେ ସେ ତୁମ୍ଭର ବନ୍ଧୁ ହେବ। ମାତ୍ର ତା'ର ଦୋଷକୁ ଯେବେ ତୁମ୍ଭେ ମନେ ପକାଇବ, ତେବେ ତୁମ୍ଭର ବନ୍ଧୁତ୍ୱ ନଷ୍ଟ ହେବ।

10ମୂର୍ଖକୁ ଶହେ ମାଡ ଅପେକ୍ଷା ବୁଦ୍ଧିମାନ୍‌କୁ ପଦେ ଅନୁଯୋଗ ଅଧିକ କାଟେ।

11ଦୁର୍ଜ୍ଜନ କେବଳ ବିଦ୍ରୋହ ଲୋଡେ, ଏଣୁ ତାକୁ ଶାସ୍ତି ଦେବା ପାଇଁ ଜଣେ କଠୋର ହୃଦୟ ଦୂତକୁ ପଠାଯିବ।

12ଛୁଆ ହରାଇଥିବା ଭାଲୁକୀ ମନୁଷ୍ୟକୁ ପଛେ ଭେଟୁ ମାତ୍ର ନିଜ ଅଜ୍ଞାନତାରେ ମଗ୍ନ ମୂର୍ଖ ନ ଭେଟୁ।

13ଯେଉଁ ଲୋକ ଭଲ ବଦଳରେ ମନ୍ଦ କରେ, ତାହାର ଗୃହକୁ ମନ୍ଦ କେବେ ଛାଡ଼ିବ ନାହିଁ।

14ଗୋଟିଏ ଯୁକ୍ତିର ଆରମ୍ଭ ଗୋଟିଏ ବନ୍ଧରେ ଭାଙ୍ଗି ଗୋଟିଏ ଗାଢ କଲାପରି। ତେଣୁ ବିବାଦ ହେବାପୂର୍ବରୁ ଯୁକ୍ତି ବନ୍ଦ କର। ତେବେ ଅକ୍ତଆର ବାହାର ହୋଇଯାଏ।

15ଯେ ଦୁଷ୍ଟକୁ ନିର୍ଦ୍ଦୋଶ କରେ ଓ ଯେ ଧାର୍ମିକକୁ ଦୋଷୀ କରେ, ସେ ଦୂତ ହିଁ ସଦାପ୍ରଭୁଙ୍କଠାରେ ସମାନ ଭାବେ ଘୃଣିତ।

16ଜ୍ଞାନ କ୍ରୟ କରିବା ନିମନ୍ତେ ମୂର୍ଖ ହାତରେ ଧନ ଥିଲେ ତାହା ମୂଲ୍ୟହୀନ ଅଟେ। କାରଣ ମୂର୍ଖ ଲୋକ ଧନବଦଳରେ ଜ୍ଞାନ କ୍ରୟ କରିପାରେ ନାହିଁ।

17ବନ୍ଧୁ ସର୍ବଦା ପ୍ରେମ କରେ। ଏବଂ ଭାଇ ଦୁର୍ଦ୍ଦଶା ସମୟରେ ସର୍ବଦା ଥାଏ।

18ନିର୍ବୋଧ ଲୋକ ହାତ ଦେଇ ଆପଣା ପ୍ରତିବେଶୀ ସାକ୍ଷାତରେ ଲଗା ହୁଏ।

19ଯେ ବିବାଦ ଭଲପାଏ, ସେ ଅପରାଧ ହିଁ ଭଲପାଏ। ପୁଣି ଯେ କେହି ଆପଣା ଦ୍ୱାର ଉଚ୍ଚ କରେ, ସେ ବିନାଶ ଖୋଜେ।

20ଯାହାର ହୃଦୟ କୁଟିଳ, ସେ ମଙ୍ଗଳ ପାଏ ନାହିଁ। ଯାହାର ବାକ୍ୟ ଖରାପ ସେ ବିପଦରେ ପଡେ।

21ମୂର୍ଖର ଜନ୍ମଦାତା ଆପଣାର ଶୋକ ସଞ୍ଚୟ କରେ, ଏବଂ ମୂଢର ପିତା ଆନନ୍ଦ ପାଇବ ନାହିଁ।

22ଆନନ୍ଦିତ ହୃଦୟ ଉତ୍ତମ ଔଷଧ। ମାତ୍ର ଭଗ୍ନ ଆତ୍ମା ଅସ୍ଥି ସବୁକୁ ଶୁଷ୍କ କରେ।

23ଦୁଷ୍ଟ ଲୋକ ନ୍ୟାୟରୁ ବଞ୍ଚିବାକୁ ଲୁଚେଇ କରି ଉତ୍କୋଚ ନିଏ।

24ବୁଦ୍ଧିମାନ୍‌ର ସମ୍ମୁଖରେ ଜ୍ଞାନ ଥାଏ। ମାତ୍ର ମୂର୍ଖର ଦୃଷ୍ଟି ପୃଥିବୀର ପ୍ରାନ୍ତରେ ଥାଏ।

25ମୂର୍ଖ ପୁତ୍ର ଆପଣା ପିତାର ଶୋକ ଓ ସେ ଆପଣା ଜନନୀକୁ ଦୁଃଖ ଆଣିବାର କାରଣ ହୁଏ।

26ଜଣେ ସାଧାରଣ ଲୋକଙ୍କୁ ଶାସ୍ତି ଦେବା କିମ୍ବା କୌଣସି ପଥ ପ୍ରଦର୍ଶକକାରୀଙ୍କୁ ତାଙ୍କ ସଚ୍ଚୋଟତା ପାଇଁ ଦଣ୍ଡଦେବା ଯଥାର୍ଥ ନୁହେଁ।

27ଯେ ଅଳ୍ପ କଥା କହେ, ତାହାର ଜ୍ଞାନ ଥାଏ। ଯାହାର ଶାନ୍ତ ଆତ୍ମା ସେ ବୁଦ୍ଧିମାନ୍।

28ଅଜ୍ଞାନମାନେ ଚୁପ୍ ରହିଲେ ଜ୍ଞାନବାନ ଗଣିତ ହୁଏ। ପୁଣି ସେ ଆପଣା କଥା ବନ୍ଦ କଲେ ବୁଦ୍ଧିମାନ ଗଣିତ ହୁଏ।

18 ଯେ ଆପଣାକୁ ପୃଥକ୍ କରେ, ସେ ଆପଣା ଇଷ୍ଟ ଚେଷ୍ଟା କରେ ଓ ସର୍ବପ୍ରକାର ତତ୍ତ୍ୱ ଜ୍ଞାନ ପ୍ରତ୍ୟାଖାନ କରେ।

2ମୂର୍ଖ ଲୋକ ଅନ୍ୟଠାରୁ ଶିକ୍ଷା ପାଇଁ ଭଲ ପାଏ ନାହିଁ। କେବଳ ଆପଣା ମନର କଥା ପ୍ରକାଶ କରିବାରେ ସନ୍ତୋଷ ପାଏ।

3ଦୁଷ୍ଟ ଆସିଲେ ଅବଜ୍ଞା ଆସେ। ପୁଣି ଅପମାନ ସଙ୍ଗେ ଦୁର୍ନାମ ଆସେ।

4ମନୁଷ୍ୟର ମୁଖର ବାକ୍ୟ ଗଭୀର ଜଳତୁଲ୍ୟ। ପୁଣି ଜ୍ଞାନରେ ଉତ୍ପତ୍ତି ସ୍ଥାନ ଜଳସ୍ରୋତ ସଦୃଶ।

5ଦୁଷ୍ଟର କଥାକୁ ଅପେକ୍ଷା କରିବା ଅବା ବିଚାରରେ ଧାର୍ମିକ ପ୍ରତି ଅନ୍ୟାୟ କରିବା ଭଲ ନୁହେଁ।

6ମୂର୍ଖର କଥା ବିବାଦରେ ପ୍ରବର୍ତ୍ତେ। ପୁଣି ତା'ର କଥା ମାଡ ଖାଇବାକୁ ଡାକେ।

7ମୂର୍ଖର କଥା ତା'ର ବିନାଶର କାରଣ। ପୁଣି ତା'ର ବାକ୍ୟ ପ୍ରାଣର ଫାନ୍ଦ ସ୍ୱରୂପ।

8ନିନ୍ଦାର ବାକ୍ୟଗୁଡିକ, ସୁସମ ଖାଦ୍ୟ ପରି ଅଟେ, ଯାହା ପାକସ୍ଥଳି ତଳକୁ ଯାଏ।

9ଆପଣା କାର୍ଯ୍ୟରେ ଯେ ଅଳସ, ସେ ବିନାଶକର ଭାଇ।

10ସଦାପ୍ରଭୁଙ୍କର ନାମ ଦୃଢଗଡ ସଦୃଶ। ଧାର୍ମିକ ଲୋକମାନେ ସେଠାକୁ ଯାଇ ରକ୍ଷା ପାଆନ୍ତି।

11ଧନବାନର ଧନ ତାହାର ଦୃଢ ନଗର। ପୁଣି ତାହାର ଜ୍ଞାତରେ ଏହା ଉଚ୍ଚ ପ୍ରାଚୀର ସ୍ୱରୂପ, ଯେ କେହି ହେଲେ ଚଢିପାରିବେ ନାହିଁ।।

12ଗର୍ବିତ ମନୁଷ୍ୟର ମନ ବିନାଶ ସମ୍ମୁଖରେ ଥାଏ। ପୁଣି ନମ୍ରତା ସମ୍ଭ୍ରମର ସମ୍ମୁଖବର୍ତ୍ତୀ।

13ଯେ ଶୁଣିବା ପୂର୍ବରୁ ଉତ୍ତର କରେ, ଗୋଟିଏ ଅଜ୍ଞାନତାପରି ସିଏ ବିବେଚନା ହୁଏ ଓ ଲଜ୍ଜିତର କାରଣ ହୁଏ।

14ଯେତେବେଳେ ଜଣେ ମନୁଷ୍ୟ ଅସୁସ୍ଥ ହୁଏ ତା'ର ଆତ୍ମା ତା'ର ଅସୁସ୍ଥତାକୁ ସହିବା, କିନ୍ତୁ କେହିହେଲେ ଗୋଟିଏ ରୋଗ ଗ୍ରସ୍ତ ଆତ୍ମାକୁ ସହିପାରିନ ନହିଁ।

15ବୁଦ୍ଧିମାନ୍‌ର ମନ ଜ୍ଞାନ ଉପାର୍ଜନ କରେ। ପୁଣି ଜ୍ଞାନୀର କର୍ଣ୍ଣ ଜ୍ଞାନ ଶୁଣିବାକୁ ଆଗ୍ରହ ପ୍ରକାଶ କରେ।

16ମନୁଷ୍ୟର ଭେଟି ତାକୁ ପ୍ରବେଶ ଦିଏ। ପ୍ରଭାବଶାଳୀ ଲୋକମାନଙ୍କର ଉପସ୍ଥିତ ଭିତରକୁ।

17ଯେଉଁ ଲୋକ ପ୍ରଥମେ ଆପଣା ଘଟଣା ଉପସ୍ଥାପନା କରେ ଓ ବିବାଦ ଜଣାଏ, ସେ ଧାର୍ମିକ। ଯେପର୍ଯ୍ୟନ୍ତ ସେ ଅନ୍ୟଲୋକ ଦ୍ୱାରା ପରୀକ୍ଷା ହୋଇନାହିଁ।

18ଗୁଳିବାଣ୍ଟ ବିରୋଧ ମେଣ୍ଟାଇ ଦିଏ ଓ ବଳବାନମାନଙ୍କୁ ପୃଥକ କରେ।

19ବିରକ୍ତ ଭାଇ ଦୃଢ ନଗର ଅପେକ୍ଷା କଷ୍ଟକର। ଏରୂପ ବିବାଦ ଗଡର ଅର୍ଗଳ ସ୍ୱରୂପ।

20ମନୁଷ୍ୟର ଉଦର ତା'ର ମୁଖ ଫଳରେ ପୂର୍ଣ୍ଣ ହୁଏ। କିନ୍ତୁ ସେ ଆପଣା ଓଷ୍ଠର କଥାରେ ତୃପ୍ତ ହୁଏ।

21ମରଣ ଓ ଜୀବନ ଜିହ୍ୱାର ଅଧୀନ। ଯେଉଁମାନେ କଥା କହିବାକୁ ଭଲ ଜାଣନ୍ତି, ଏହାର ଫଳ ଭୋଗିବେ।

22ଯେଉଁ ଲୋକ ଭାର୍ଯ୍ୟା ପାଏ, ସେ ଉତ୍ତମ ବସ୍ତୁ ପାଏ ଓ ସଦାପ୍ରଭୁଙ୍କଠାରୁ ଅନୁଗ୍ରହ ପାଏ।

23ଦରିଦ୍ର ଲୋକ ବିନୟ କରେ। ମାତ୍ର ଧନବାନ କଠିନ ଉତ୍ତର ଦିଏ।

24ଯେ ଅନେକ ମିତ୍ର କରେ, ସେମାନେ ତାଙ୍କର ବିନାଶର କାରଣ ହୋଇପାରନ୍ତି। ମାତ୍ର ଜଣେ ପ୍ରେମକାରୀ ଅଛନ୍ତି ଯେ ଭାଇ ଅପେକ୍ଷା ଅଧିକ ଘନିଷ୍ଠ ହୋଇ ରହନ୍ତି।

19 ଗରିବ ହେଲେ ମଧ୍ୟ ସେ ସାଧୁତା, ସେ ମୂର୍ଖ, ମିଛୁଆ, ଠକଠାରୁ ନିଶ୍ଚିତ ଭଲ।

2ଆଗ୍ରସହ ଜ୍ଞାନହୀନ ହେବାର ଭଲ ନୁହେଁ। ଯେଉଁମାନେ ହଠାତ୍ ପ୍ରବେଶ କରନ୍ତି ଭୁଲ କରେ।

3ମନୁଷ୍ୟର ଅଜ୍ଞାନତା ନିଜର ଜୀବନକୁ ଧ୍ୱଂସ କରେ। କିନ୍ତୁ ତା'ପରେ ସେ ସଦାପ୍ରଭୁଙ୍କୁ ବଦନାମ୍ କରେ।

4ଧନ ବହୁମିତ୍ର ଲାଭକରେ, ମାତ୍ର ଦରିଦ୍ରତା ବନ୍ଧୁ ନାଶକରେ।

5ଯେଉଁ ଲୋକ ଅନ୍ୟ ବିରୁଦ୍ଧରେ ମିଥ୍ୟା ରଚନା କରେ, ସେ ଦଣ୍ଡ ପାଇବ। ଯେ ମିଛ କହେ ସେ ଶାସ୍ତିରୁ ରକ୍ଷା ପାଇବ ନାହିଁ।

6ଅନେକ ଲୋକ ବଦାନ୍ୟ ଲୋକର ଅନୁଗ୍ରହ ପ୍ରାର୍ଥନା କରନ୍ତି। ପୁଣି ପ୍ରତ୍ୟେକ ଲୋକ ସେହି ଲୋକର ବନ୍ଧୁ ହୁଅନ୍ତି ଯିଏ ଉପହାର ଦିଏ।

7ଦରିଦ୍ର ଲୋକଙ୍କୁ ତା'ର ପରିବାର ମଧ୍ୟ ଭଲ ପାଏ ନାହିଁ। ତା'ର ମିତ୍ରମାନେ ତାଠାରୁ ଅଧିକ ଦୂରତା ରକ୍ଷା କରନ୍ତି। ସେ ସେମାନଙ୍କର ସାହାଯ୍ୟ ପାଇଁ ଭିକ୍ଷା କରେ, କିନ୍ତୁ ସେମାନେ ତା'ର ନିକଟକୁ ଯାଆନ୍ତି ନାହିଁ।

8ଯଦି ଜଣେ ଲୋକ ତା ନିଜକୁ ଅଧିକ ଭଲ ପାଏ, ସେ କଠିନ ପରିଶ୍ରମ କରି ଜ୍ଞାନୀ ହେବ। ଯେ ବିବେଚନା ପାଇଁ କଠିନ ପରିଶ୍ରମ କରେ, ସେ ପୁରସ୍କାର ପାଇବ।

9ମିଥ୍ୟା ସାକ୍ଷୀ ଦଣ୍ଡିତ ହେବ। ମିଥ୍ୟାବାଦୀ ଧ୍ୱଂସ ପାଇବ।

10ମୂର୍ଖ ଲୋକ କେବେହେଲେ ଧନୀ ହୋଇପାରିବ ନାହିଁ। ଯେପରି ଅଧିପତି ଉପରେ ଦାସର କର୍ତ୍ତୃତ୍ୱ।

11ମନୁଷ୍ୟର ସୁବୁଦ୍ଧି ତାହାକୁ କ୍ରୋଧରୁ କ୍ଷାନ୍ତ କରେ। ଏବଂ ଏହା ହେଉଛି ଆଶ୍ଚର୍ଯ୍ୟ ସେ ଦୋଷୀମାନଙ୍କୁ କ୍ଷମା କରି ଦିଏ।

12ରାଜାର କ୍ରୋଧ ସିଂହର ଗର୍ଜ୍ଜନ ସଦୃଶ। କିନ୍ତୁ ତା'ର ଅନୁଗ୍ରହ ତୃଣ ଉପରେ ଥିବା କାକର ତୁଲ୍ୟ।

13ମୂର୍ଖ ପୁତ୍ର ତା'ର ପିତାର ଦୁଃଖର କାରଣ ହେବ। ଏବଂ କଳହକାରୀ ସ୍ତ୍ରୀ ଅବିରତ ବିନ୍ଦୁପାତ ପରି।

14ଗୃହ ଓ ଧନ ପିତୃ ଲୋକଙ୍କଠାରୁ ପ୍ରାପ୍ତ ଅଧିକାର। ମାତ୍ର ବୁଦ୍ଧିମତୀ ସ୍ତ୍ରୀ ସଦାପ୍ରଭୁଙ୍କଠାରୁ ପ୍ରାପ୍ତ ହୁଏ।

15ଆଳସ୍ୟ ନିଦ୍ରା ଆଣେ। ଅଳସ ପ୍ରାଣୀ କ୍ଷୁଧାଭୋଗ କରେ।

16ଆଜ୍ଞା ପାଳନକାରୀ ଆପଣା ପ୍ରାଣ ରକ୍ଷା କରେ। ମାତ୍ର ଆପଣା ପଥ ବିଷୟରେ ଯେ ଅସାବଧାନ ହୁଏ, ସେ ମରିବ।

17ଯେ ଦରିଦ୍ରକୁ ଦୟା କରେ, ସେ ସଦାପ୍ରଭୁଙ୍କୁ ଋଣ ଦିଏ। ସେ ତାହାର ଉତ୍ତମ କର୍ମର ପରିଶୋଧ କରିବେ।

18ଆପଣା ପୁତ୍ରକୁ ଶାସନ କର, କାରଣ ଭରସା ଅଛି। ଯଦି ତୁମ୍ଭେ ଏହା କରିବ ନାହିଁ, ତୁମ୍ଭେ ତା'ର ବିନାଶର କାରଣ ହେବ।

19ଅତି ରାଗୀଲୋକ ଶାସ୍ତି ଭୋଗ କରିବ। ଯେହେତୁ ତୁମ୍ଭେ ତାକୁ ଥରେ ଉଦ୍ଧାର କଲେ ତାହା ତୁମ୍ଭକୁ ପୁନର୍ବାର କରିବାକୁ ହେବ।

20ଶେଷାବସ୍ଥାରେ ତୁମ୍ଭେ ଯେପରି ଜ୍ଞାନବାନ ହୁଅ, ଏଥିପାଇଁ ମନ୍ତ୍ରଣା ଶୁଣ ଓ ଉପଦେଶ ଗ୍ରହଣ କର।

21ମନୁଷ୍ୟର ମନରେ ନାନାପ୍ରକାର ଯୋଜନା ଥାଏ। ମାତ୍ର ସଦାପ୍ରଭୁଙ୍କର ଇଚ୍ଛା ପ୍ରକାଶ ହେବ।

22ଜଣେ ଲୋକ ତାଙ୍କର ବିଶ୍ୱ ଜରିଆରେ ଗୋଟିଏ ଭଲ ପ୍ରସିଦ୍ଧ ପାଇବାକୁ ଦରକାର କରେ। ଏବଂ ମିଥ୍ୟାବାଦୀ ଅପେକ୍ଷା ଦରିଦ୍ର ଲୋକ ଶ୍ରେଷ୍ଠ। ଯିଏ ଯାହାକୁ ବିଶ୍ୱ କରାଯାଇ ପାରେ ନାହିଁ।

23ସଦାପ୍ରଭୁ ବିଷୟକ ଭୟ ଜୀବନଦାୟକ, ତାହା ଯେଉଁ ଲୋକଠାରେ ଥାଏ, ସେ ଶାନ୍ତିରେ ବାସ କରିପାରିବ। ବିପଦ ତା'ର ନିକଟରେ ଯାଇ ପାରିବ ନାହିଁ।

24ଅଳସୁଆ ଆପଣା ଥାଳରେ ହାତ ବୁଡାଇଲେ ଆଉଥରେ ତା'ର ମୁହଁକୁ ନେବାକୁ ଇଚ୍ଛା କରେ ନାହିଁ।

25ନିନ୍ଦକକୁ ପ୍ରହାର କଲେ, ନିର୍ବୋଧ ଲୋକ ସତର୍କତା ଶିକ୍ଷା କରିବ। ଯଦି ତୁମ୍ଭେ ବୁଦ୍ଧିମାନ୍ ବ୍ୟକ୍ତିକୁ ଭର୍ତ୍ସନା କରିବ, ସେ ଅଧିକ ଶିକ୍ଷା ଲାଭ କରିବ।

26ଯେଉଁ ପୁତ୍ର ଆପଣା ପିତାର ଧନ ଚୋରୀ କରେ ଏବଂ
ଆପଣା ମାତାକୁ ତଡ଼ିଦିଏ ଗୋଟିଏ ଲଜ୍ଜ୍ୟାକର ଓ ଅପମାନ
ଜନକ ପୁତ୍ର ଅଟେ।
27ହେ ଆମ୍ଭର ପୁତ୍ର, ଯେଉଁ ଉପଦେଶ ଜ୍ଞାନର କଥାରୁ
ତୁମ୍ଭକୁ ବିଚ୍ୟୁତ କରେ, ତାହା ଶୁଣିବାରୁ ନିବୃତ୍ତ ହୁଅ।
28ପାଷାଣ୍ଡ ସାକ୍ଷୀ ନ୍ୟାୟ ବିଚାରକୁ ନିନ୍ଦା କରେ ଏବଂ
ଦୁଷ୍ଟ ଲୋକର ମୁଖମଣ୍ଡଳ ଅନିଷ୍ଟରେ ପରିପୂର୍ଣ୍ଣ।
29ନିନ୍ଦୁକମାନଙ୍କ ପାଇଁ ଦଣ୍ଡାଜ୍ଞା ଓ ମୂର୍ଖମାନଙ୍କ ପିଠି
ପାଇଁ ପ୍ରହାର ପ୍ରସ୍ତୁତ କରେ।
20 ଦ୍ରାକ୍ଷାରସ ଓ ମଦ୍ୟ ଲୋକମାନଙ୍କୁ ନିୟନ୍ତ୍ରଣ କରି
ବାହାରକୁ ନେଇଯାଏ। ଯେ କେହି ସେଥିରେ ଭ୍ରାନ୍ତ
ହୁଏ, ସେ ଜ୍ଞାନୀ ହୋଇପାରିବ ନାହିଁ।
2ରାଜାଙ୍କର ରାଗ ସିଂହର ଗର୍ଜ୍ଜନ ପରି, ଯେ ତାଙ୍କର
କ୍ରୋଧ ଜନ୍ମାଏ, ସେ ନିଜେ ତା'ର ଜୀବନ ପ୍ରତି ବିପଦ
ଆଣେ।
3ଯେ କୌଣସି ନିର୍ବୋଧ ସର୍ବଦା ଯୁକ୍ତି କରେ। ତେଣୁ
ତୁମ୍ଭେ ସର୍ବଦା ସେହି ଲୋକକୁ ସମ୍ମାନ କର ଯେ ଯୁକ୍ତି
କରିବାକୁ ବାରଣ କରେ।
4ଜଣେ ଅଳସୁଆ ତା'ର ଅଳସୁଆପଣ ଯୋଗୁଁ ଶସ୍ୟ
ବୁଣେ ନାହିଁ। କିନ୍ତୁ ଫସଲ କଟା ସମୟରେ ସେ ଫସଲ
ଖୋଜିଲେ ପାଏ ନାହିଁ।
5ମନୁଷ୍ୟ ମନର ଭାବନା ଗଭୀର କୂଅର ଜଳ ପରି।
ମାତ୍ର ବୁଦ୍ଧିମାନ ଲୋକ ସେହି ଗଭିର ଜଳକୁ କାଢ଼ି ପାରିବ।
6ବହୁତ ଲୋକମାନଙ୍କ ମଧ୍ୟରେ ଜଣେ ପ୍ରଭୁଭକ୍ତ ଖୋଜ,
କିନ୍ତୁ କିଏ ଖୋଜି ପାରିବ ଜଣେ ଲୋକ ଯିଏକି ପ୍ରକୃତରେ
ବିଶ୍ୱାସନୀୟ।
7ଯେଉଁ ଧାର୍ମିକ ଲୋକ ସରଳତାରେ ବାସ କରେ, ତା'
ଉତ୍ତରେ ତା'ର ପୁତ୍ରଗଣ, ସନ୍ତାନଗଣ ଧନ୍ୟ ହୁଅନ୍ତି।
8ଯେଉଁ ରାଜା ବିଚାର ସ୍ଥାନରେ ବସେ, ସେ ନିଜର
ସ୍ୱଚକ୍ଷୁରେ ଅସତ୍ୟ ବିଷୟସବୁକୁ ପୁଙ୍ଖାନୁପୁଙ୍ଖ ରୂପେ ପରୀକ୍ଷା
କରନ୍ତି।
9ଆମ୍ଭେ ଆପଣା ମନ ନିର୍ମଳ କରିଅଛୁ, ଆମ୍ଭେ ଆପଣା
ପାପରୁ ପରିଷ୍କୃତ ଅଛୁ, ଏହା କେହି କହିପାରିବେ ନାହିଁ।
10ନାନା ପ୍ରକାର ମାପ ଓଜନରେ ଯେଉଁମାନେ ଠକନ୍ତି,
ସେମାନେ ସଦାପ୍ରଭୁଙ୍କଠାରେ ଘୃଣିତ।
11ଏପରିକି ଜଣେ ଛୋଟ ପିଲା କରୁଥିବା କର୍ମରୁ
ଜଣାଯାଏ, ଯଦିବା ସେ ଯାହା କରେ ତାହା ନିର୍ମଳ ଏବଂ
ସରଳ।
12କାନରେ ଶୁଣିବା ଆଖିରେ ଦେଖିବା ଏହି ଦୁହିଁଙ୍କୁ
ସଦାପ୍ରଭୁ ନିର୍ମାଣ କରିଛନ୍ତି।
13ନିଦ୍ରାକୁ ଭଲ ପାଅ ନାହିଁ। ନହେଲେ ତୁମ୍ଭେ ଦରିଦ୍ର
ହେବ। ତୁମ୍ଭେ କର୍ମଦକ୍ଷ ହୁଅ, ତହିଁରେ ତୁମ୍ଭେ ଖାଦ୍ୟରେ
ପରିତୃପ୍ତ ହେବ।
14କିଣିବା ଲୋକ କହେ, "ଭଲ ନୁହେଁ, ଭଲ ନୁହେଁ,
ଏହାର ମୂଲ୍ୟ ବହୁତ ଅଧିକ।" ମାତ୍ର ଆପଣା ବାଟରେ
ଗଲାବେଳେ ଦର୍ପ କରେ।
15ସୁନା ଓ ଅଳଙ୍କାର ଲୋକଙ୍କୁ ଧନୀ କରେ। କିନ୍ତୁ
ଯେଉଁଲୋକ ଜ୍ଞାନୀ, ସେ ଏହି ଅଳଙ୍କାରଠାରୁ ମୂଲ୍ୟବାନ୍
ଅଟେ।
16ଅପରିଚିତ ଲୋକ ପାଇଁ ଯେ ଲଗାହୁଏ, ତାହାର ବସ୍ତ୍ର
ନିଅ। ପୁଣି ଯେ କେହି ବିଦେଶୀ ଲୋକଙ୍କ ନିମନ୍ତେ ଜାମିନ
ହୁଏ ତାହାକୁ ବନ୍ଧକ ରଖ।
17ମିଥ୍ୟା ଅର୍ଜିତ ଆହାର ମନୁଷ୍ୟକୁ ମିଠା ଲାଗେ। ମାତ୍ର
ପଛରେ ତା'ର ପାଟି ଗୋଡ଼ିରେ ପୂର୍ଣ୍ଣ ହେବ।
18ମନ୍ତ୍ରଣା ଦ୍ୱାରା ପ୍ରତ୍ୟେକ ସଂକଳ୍ପ ସ୍ଥିର ହେବ। ମାତ୍ର
ଯଦି ତୁମ୍ଭେ ଯୁଦ୍ଧ କରିବାକୁ ଯାଅ ଭଲ ପରାମର୍ଶ ଗ୍ରହଣ
କର।
19ଯେ ଖଚୁଆ ହୋଇ ବୁଲେ, ସେ ଗୁପ୍ତକଥା ପ୍ରକାଶ
କରେ। ଏଥିପାଇଁ ତା'ସଙ୍ଗେ କୌଣସି ପ୍ରକାର ସମ୍ବନ୍ଧ ରଖ
ନାହିଁ। ଯେ ଗପିବାକୁ ଭଲ ପାଏ।
20ଯେ ଆପଣା ପିତା କି ଆପଣା ମାତାଙ୍କୁ ଅଭିଶାପ
ଦିଏ, ଘୋର ଅନ୍ଧକାରରେ ତା'ର ପ୍ରଦୀପ ଲିଭିଯିବ।
21ଧନ ସମ୍ପତ୍ତି ହଠାତ୍ ମିଳିପାରେ ଓ ସହଜରେ ଲାଭ
ହୁଏ, ପୁଣି ଶେଷରେ ଆଶୀର୍ବାଦ ଯୁକ୍ତ ହେବନାହିଁ।
22ମୁଁ ତାଙ୍କୁ ଫେରାଇଦେବି ଏହିପରି ଚିନ୍ତା କରନାହିଁ,
ଯଦି କେହି କିଛି ତୁମ୍ଭ ବିରୁଦ୍ଧରେ କରେ, ସଦାପ୍ରଭୁଙ୍କ ପାଇଁ
ଅପେକ୍ଷା କର, ସେ ତୁମ୍ଭକୁ ଉଦ୍ଧାର କରିବେ।
23ଲୋକମାନଙ୍କୁ ଓଜନ ଓ ମାପରେ ଠକି ସଦାପ୍ରଭୁଙ୍କ
ଘୃଣାର ବିଷୟ, ଅର୍ଥାତ ଦଣ୍ଡିରେ ଠକିବା ନିତ୍ୟାନ୍ତ
ଖରାପ।
24ସଦାପ୍ରଭୁଙ୍କଠାରୁ ମନୁଷ୍ୟର ପାଦଗତି ହୁଏ, ତେଣୁ
ମନୁଷ୍ୟ ଆପଣା ବାଟ ଠିକ୍ ରୂପେ ବୁଝିପାରେ ନାହିଁ।
25ବିନା ଚିନ୍ତା କରି ପ୍ରତିଜ୍ଞା କଲେ ଏହା ଭୟଜନକ
ଅଟେ, ମୁଁ ଏହି ଉପହାର ପରମେଶ୍ୱରଙ୍କୁ ଉତ୍ସର୍ଗ କରିବି।
ଏବଂ ତା'ପରେ ସେହି ପ୍ରତିଜ୍ଞା ପୁନଃବିଚାର କରାଯାଏ।
26ଜ୍ଞାନୀ ରାଜା ଦୁଷ୍ଟମାନଙ୍କୁ ଅଲଗା କରେ, ଶସ୍ୟରୁ
ଅଗାଡ଼ି ଅଲଗା କଲାପରି ତା' ଉପରେ ସେ ଚକ୍ର ବୁଲାଏ।
27ମନୁଷ୍ୟର ଆତ୍ମା ସଦାପ୍ରଭୁଙ୍କ ପାଇଁ ପ୍ରଦୀପପରି ଏହା
ଆତ୍ମାର ସମସ୍ତ ଅନ୍ତରାଳ ବିଷୟ ପରିପ୍ରକାଶ କରେ।
28ଦୟା ଓ ସତ୍ୟତା ରାଜାଙ୍କୁ ରକ୍ଷା କରେ। ପୁଣି
ଦୟାଦ୍ୱାରା ତାହାର ସିଂହାସନ ସ୍ଥିର ହୁଏ।
29ଯୁବକମାନଙ୍କ ବଳ ସେମାନଙ୍କର ଭୂଷଣ। ବୃଦ୍ଧମାନଙ୍କର
ପକ୍ୱ କେଶ ସେମାନଙ୍କର ଶୋଭା।
30ଅସତ ମାର୍ଗ କ୍ଷତଜନକ ପ୍ରହାରରେ ପରିଷ୍କାର କରେ,
ଆଘାତ ନିଜ ଅନ୍ତରାଳୟକୁ ପ୍ରଭାବିତ କରେ।
21 କୃଷକ ତା'ର ଜମିରେ ପାଣି ମଡ଼ାଇବା ପାଇଁ
ଛୋଟ ନାଳ କରେ। ସେ ତା'ର ଜଳ ଯୁଆଡ଼େ
ନେବାକୁ ଚାହେଁ ସେଆଡ଼େ ତା'ର ନାଳ ବଙ୍କେଇ ନିଏ।
ରାଜାଙ୍କର ମନ ଠିକ୍ ଜଳର ଗତିପରି, ଯୁଆଡ଼େ ଇଚ୍ଛା
ସିଆଡ଼େ ନେଇଯାଏ।
2ମନୁଷ୍ୟ ଯାହା କର୍ମ କରେ ତାହା ତା'ର ଦୃଷ୍ଟିରେ ଠିକ୍
ଅଟେ। ମାତ୍ର ସଦାପ୍ରଭୁ ହୃଦୟ ସବୁ ତୌଲନ୍ତି।
3ବଳିଦାନ ଅପେକ୍ଷା ନ୍ୟାୟ ଓ ସୁବିଚାର ସଦାପ୍ରଭୁଙ୍କ ପ୍ରିୟ
ବିଷୟ।

4ଦୁଷ୍ଟ ଲୋକମାନଙ୍କର ଗର୍ବ ଗୃହାଁଣି ଓ ଗର୍ବିତ ଚିନ୍ତା ପାପପର। ତାହା ଲୋକର ପ୍ରଦୀପ ପର ଦେଖାଯାଏ, ତାହା ଦୁଷ୍ଟମାନଙ୍କୁ ଅନୁଶାସନ କରେ।

5ଚିନ୍ତାଧାରା ଯୋଜନା ଏବଂ କଠିନ କର୍ମ ପ୍ରଚୁରତା ଜନ୍ମାଏ। କିନ୍ତୁ ଦ୍ରୁତ ଭାବରେ ଅଳ୍ପକୁ ଅତିଶୀଘ୍ର ଧରେ। କେବଳ ଦାରିଦ୍ର୍ୟ ଆଡକୁ ପଥ ଦେଖାଏ।

6ଯଦ ତୁମ୍ଭେ ଠକକର ଧନ ଅର୍ଜ୍ଜନ କରଥାଅ, ସେହ ଧନ ଶୀଘ୍ର ଗୃଲଯିବ, ଠିକ୍ ବାଷ୍ପପର। ସେହ ଧନ ମୃତ୍ୟୁ ଆଡକୁ ପରଗୃଳତ ହେବ।

7ଦୁଷ୍ଟମାନଙ୍କର ଦୌରାତ୍ମ୍ୟ ସେମାନଙ୍କୁ ବନାଶ କରବ। ଯେହେତୁ ସେମାନେ ନ୍ୟାୟ କର୍ମ କରବାକୁ ନାସ୍ତି କରନ୍ତ।

8ଦୋଷରେ ଭାରାକ୍ରାନ୍ତ ଲୋକର ପଥ ଅତିଶୟ ବକ୍ର, ମାତ୍ର ଜଣେ ପବତ୍ର ଲୋକର ପଥ ସଳଖ ଏବଂ ସାଧୁ।

9କଳହପ୍ରିୟ- ସ୍ତ୍ରୀ ସଙ୍ଗରେ ପ୍ରଶସ୍ତ ଗୃହରେ ବାସ କରବା ଅପେକ୍ଷା ଛାତର ଏକ କୋଣରେ ବାସ କରବା ଭଲ।

10ଦୁଷ୍ଟ ଲୋକର ମନ ସର୍ବଦା ଅନଷ୍ଟ ପାଞ୍ଚେ। ପୁଣି ତା'ର ଦୃଷ୍ଟିରେ ତା'ର ପ୍ରତିବେଶୀ କଛ ଅନୁଗ୍ରହ ପାଏ ନାହିଁ।

11ନନ୍ଦକମାନଙ୍କୁ ଦଣ୍ଡ ଦେଲେ, ନର୍ବୋଧ ଲୋକ ବୁଦ୍ଧିମାନ୍ ହୁଏ। ମାତ୍ର ବୁଦ୍ଧିମାନ୍‌କୁ ବୁଝାଇ ଦେଲେ ସେ ଆହୁର ଜ୍ଞାନବାନ୍ ହୁଏ।

12ଧାର୍ମିକ ଲୋକ ଦୁଷ୍ଟର ବଂଶ ବଷୟରେ ବବେଚନା କରେ। ସେହ ଦୁଷ୍ଟ ଲୋକମାନେ କପର ଉତ୍ପାଟିତ ହୋଇ କପର ସର୍ବନାଶ ହୁଅନ୍ତ। ଏହା ସୁବବେଚନା କରେ।

13ଯେଉଁ ଲୋକ ଦୁଃଖୀ ଦରଦ୍ରର ଡ଼ାକ ଶୁଣେ ନାହିଁ, ସେ ମଧ ଆପେ ଡାକବ। କନ୍ତୁ ଉତ୍ତର ପାଇବ ନାହିଁ।

14ଗୁପ୍ତରେ ଦାନ ଦେଲେ କ୍ରୋଧ ଶାନ୍ତ ହୁଏ। ପୁଣି ଅଣ୍ଟିରେ ଲାଞ୍ଚ ପ୍ରଦାନ ପ୍ରଚଣ୍ଡ କୋପ ଶାନ୍ତ କରେ।

15ନ୍ୟାୟ ଆଚରଣ ଧାର୍ମିକ ପ୍ରତି ଆନନ୍ଦର ବଷୟ। ମାତ୍ର ତାହା କୁକର୍ମକାରୀମାନଙ୍କ ପ୍ରତି ବନାଶଜନକ।

16ଯେ ଜ୍ଞାନ ପଥ ଛାଡ଼ ଭ୍ରମଣ କରେ, ସେ ମୃତ୍ୟୁ ଲୋକ ମଧରେ ଶେଷ ହେବ।

17ଯେଉଁ ଲୋକ ଆମୋଦ ଭଲପାଏ, ସେ ଦରଦ୍ର ହେବ। ପୁଣି ଯେ ଦ୍ରାକ୍ଷାରସ ଓ ତୈଳ ଭଲପାଏ, ସେ ଧନବାନ ହେବ ନାହିଁ।

18ଦୁଷ୍ଟଲୋକ ଧାର୍ମିକର ମୁକ୍ତର ମୂଲ୍ୟ ସ୍ୱରୂପ, ପୁଣି ବଶ୍ୱାସଘାତକ ସରଳ ଲୋକର ବଦଳ ସ୍ୱରୂପ।

19କଳହକାରଣୀ ଓ ଚଡ଼ଚଡ଼ଆ ସ୍ତ୍ରୀ ସଙ୍ଗରେ ବାସ କରବା ଅପେକ୍ଷା ନର୍ଜନ ଭୂମିରେ ବାସ କରବା ଭଲ।

20ଜ୍ଞାନବାନର ଗୃହରେ ବହୁମୂଲ୍ୟ ସମ୍ପତ୍ତି ଥାଏ ଓ ତୈଳ ଥାଏ, ମାତ୍ର ଗୋଟିଏ ମୂର୍ଖ ଶୋଷି ଦଏ ଏବଂ ଏହା ସମସ୍ତ ଶେଷ କରେ।

21ଯେଉଁ ଲୋକ ଧାର୍ମିକତା ଓ ଦୟାର ପଶ୍ଚାଦ୍‌ଗାମୀ, ସେ ଜୀବନ, ଧାର୍ମିକତା ଓ ସମ୍ମାନ ପାଏ।

22ଜ୍ଞାନୀ ଲୋକ ବଳବାନ୍ ଲୋକମାନଙ୍କର ଆକ୍ରମଣ କଲେ। ପୁଣି ଦୁର୍ଗସବୁ ଧ୍ୱଂସ କଲେ ସେମାନେ ବଶ୍ୱାସ କରନ୍ତ।

23ଯେ ଆପଣା ମୁଖ ଓ ଜିହ୍ୱା ରକ୍ଷା କରେ ସେ କ୍ଳେଶରୁ ଆପଣା ପ୍ରାଣକୁ ରକ୍ଷା କରେ।

24ଅହଙ୍କାରୀ ଓ ଦାମ୍ଭିକ ଲୋକ ନନ୍ଦୁକ ନାମରେ ବଖ୍ୟାତ। ସେ ଆତ୍ମଗର୍ବ ଦେଖାଏ।

25ଅଳସୁଆର ବାଞ୍ଛିତ ବଷୟ ତାହାର ମୃତ୍ୟୁ ଘଟାଏ। କାରଣ ତାହାର ହସ୍ତ କର୍ମ କରବାକୁ ମନା କରେ।

26କଛି ଲୋଭି ଲୋକ ଦନଯାକ କଟାନ୍ତ ବହୁ ଜିନଷ ଗୁଡକ ପାଇଁ ପ୍ରଳ ବାସନା କର, ମାତ୍ର ଧାର୍ମିକ ଲୋକ ଉଦାର ସହତ ଦଅନ୍ତ।

27ଦୁଷ୍ଟମାନଙ୍କର ବଳଦାନ ଘୃଣାର ବଷୟ, ମାତ୍ର ସେ କୁଅଭିପ୍ରାୟରେ ତାହା କଲେ ବହୁତ ଘୃଣିତ ହୁଏ।

28ମିଥ୍ୟାସାକ୍ଷୀ ବନଷ୍ଟ ହେବ, କନ୍ତୁ ପ୍ରକୃତ ସାକ୍ଷୀ ପୁନର୍ବାର ପରୀକ୍ଷା ହେବ।

29ଦୁଷ୍ଟ ଲୋକ ଆପଣା ମୁଖ କଠିନ କରେ। ମାତ୍ର ସରଳ ଲୋକ ଆପଣା ବାଟ ଜାଣିଥାଏ।

30ସଦାପ୍ରଭୁଙ୍କ ବରୁଦ୍ଧରେ କୌଣସି ଜ୍ଞାନ କ ବୁଦ୍ଧି କ ମନ୍ତ୍ରଣା ନାହିଁ।

31ଯୁଦ୍ଧ ଦନ ପାଇଁ ଅଶ୍ୱ ସୁସଜ୍ଜିତ ହୁଏ। ମାତ୍ର ଜୟ ସଦାପ୍ରଭୁଙ୍କଠାରୁ ସର୍ବଦା ଆସେ।

# 22

ବହୁ ଧନ ଅପେକ୍ଷା ସୁନାମ ଅର୍ଜନ କରବା ଭଲ। ଖ୍ୟାତି ଅର୍ଜନ କରବା ସୁନା ରୁପା ଅର୍ଜନ କରବାଠାରୁ ନଶ୍ଚିତ ଉତ୍ତମ।

2ଧନୀ ଓ ଗରବ ସମସ୍ତେ ସମାନ। କାରଣ ସଦାପ୍ରଭୁ ସମସ୍ତଙ୍କର ସୃଷ୍ଟିକର୍ତ୍ତା।

3ଚତୁର ଲୋକ ବପଦ ଦେଖେ ଏବଂ ଏହାକୁ ଦୂର କରେ। ମାତ୍ର ଅବୋଧ ଲୋକମାନେ ବପଦକୁ ଆବୋର ନଅନ୍ତ ଏବଂ କ୍ଷତିଗ୍ରସ୍ତ ହୁଅନ୍ତ।

4ନମ୍ରତାର ଓ ସଦାପ୍ରଭୁଙ୍କ ବଷୟକ ଭୟର ପୁରସ୍କାର ଧନ, ସମ୍ମାନ ଓ ଜୀବନ ଅଟେ।

5କୁଟିଳ ଲୋକମାନଙ୍କ ପଥ କଣ୍ଟକାକୀର୍ଣ୍ଣ ଓ ଫାନ୍ଦପୂର୍ଣ୍ଣ। ଯେ ଆପଣା ପ୍ରାଣ ରକ୍ଷା କରେ, ସେମାନଙ୍କଠାରୁ ଦୂରରେ ରହବ।

6ନଜର ଯୁବାବସ୍ଥାରେ ସଠିକ୍ ଜୀବନ ଧାରଣ କରବା ପାଇଁ, ବାଳକକୁ ଶିକ୍ଷା ଦଅ। ତେଣୁ ସେ ବୃଦ୍ଧ ହେଲେ ହେଁ ତହିଁରୁ ବମୁଖ ହେବ ନାହିଁ।

7ଧନବାନ ଦରଦ୍ର ଉପରେ କର୍ତ୍ତୃତ୍ୱ କରେ, ପୁଣି ଋଣୀ ମହାଜନର ଦାସ ହୁଏ।

8ଯେ ଅଧର୍ମ ବୀଜ ବୁଣେ, ସେ ବପଦରୂପ ଶସ୍ୟ କାଟିବ ଏବଂ ତାହାର କୋପରୂପ ଦଣ୍ଡ ଲୁପ୍ତ ହେବ।

9ଯାହାର ଦୟାଳୁ ଦୃଷ୍ଟି, ସେ ଆଶିଷ ପାଇବ, ଯେହେତୁ ସେ ଆପଣା ଆହାରରୁ ଦୀନହୀନକୁ ବତରଣ କରେ।

10ନନ୍ଦକକୁ ବାହାର କର ଦଅ, ତହିଁରେ ବବାଦ ଓ ଅପମାନେ ବନ୍ଦ ହେବ।

11ଯେଉଁଲୋକ ହୃଦୟରେ ପବତ୍ର ତା'ର କଥା ଅନୁଗ୍ରହ ଯୁକ୍ତରେ ରାଜାର ବନ୍ଧୁ ହୋଇପାରବ।

12ସଦାପ୍ରଭୁଙ୍କ ଚକ୍ଷୁ ଜ୍ଞାନପ୍ରାପ୍ତ ଲୋକକୁ ନଜର ରଖନ୍ତ। ମାତ୍ର ବଶ୍ୱାସଘାତକର ସେ ବନାଶ କରନ୍ତ।

13ଆଳସ୍ୟ ଲୋକ କହେ, “ବାହାରେ ସିଂହ ଅଛି। ମୁଁ
ସଡକରେ ହତ ହେବ।”
14ପର ସ୍ତ୍ରୀର ମୁଖ ଗଭୀର ଗାତ ଅଟେ, ସଦାପ୍ରଭୁଙ୍କର
ଘୃଣିତ ଲୋକ ତହିଁରେ ପଡବ।
15ପିଲାର ମନରେ ଅଜ୍ଞାନତା ଥାଏ। ପୁଣି ଶାସନ ବାଡ
ତାହା ବାହାର କର ତାହାଠାରୁ ଦୂର କରଦଏ।
16ଯେଉଁଲୋକ ଆପଣା ଧନ ବଢାଇବା ପାଇଁ ଦରଦ୍ର
ପ୍ରତି ଉପଦ୍ରବ କରେ, ପୁଣି ଯେ ଧନକ ଦାନ କରେ,
ତାହାକୁ କେବଳ ଅଭାବ ଘଟବ।

### ତିରଶ ଗୋଟି ଜ୍ଞାନ ଉପଦେଶ

17ଆପଣା କର୍ଣ୍ଣ ଡେର ଜ୍ଞାନବାନମାନଙ୍କ କଥା ଶୁଣ, ମୁଁ
ଯାହା ଶିକ୍ଷା ଦଏ ଆପଣା ମନ ଲଗାଅ। 18ତୁମ୍ଭେ ଖୁସି
ହେବ, ଯଦ ତୁମ୍ଭେ ସେମାନଙ୍କୁ ମନେ ରଖିବ ଏବଂ ଆବୃତ୍ତି
କରବ। 19ମୁଁ ତୁମ୍ଭକୁ ବର୍ତ୍ତମାନ ସେହ ଶିକ୍ଷା ଦେବ। ତେଣୁ
ସଦାପ୍ରଭୁଙ୍କଠାରେ ତୁମ୍ଭେ ବଶ୍ୱାସ କରବ। 20ମୁଁ ତୁମ୍ଭମାନଙ୍କ
ପାଇଁ ତିରଶଟି ସତ୍ୟତାରୂପ ବାକ୍ୟ ଲେଖିଅଛି। ସେଗୁଡ଼କ
ଜ୍ଞାନ ଗର୍ଭକପୂର୍ଣ୍ଣକ ଉଦେଶ ଅଟେ। 21ଏହ ସତ୍ୟତା ରୂପକ
ବାକ୍ୟ ତୁମ୍ଭକୁ ସତ୍ୟତା ଗୁରୁତ୍ୱପୂର୍ଣ୍ଣ କଥା ଶିକ୍ଷା ଦେବ।
ଏହାପରେ ତୁମ୍ଭମାନେ ଉତ୍ତମ ଉତ୍ତର ଶିକ୍ଷା ଦେଇପାରବ।

*–1–*

22ଦରଦ୍ର ଲୋକଠାରୁ ଚୋର କରବା ଅତି ସହଜ କନ୍ତୁ
ଏପର କର ନାହିଁ। ଏବଂ ସେହ ଦରଦ୍ର ଲୋକମାନଙ୍କୁ
ନ୍ୟାୟରୁ ବଞ୍ଚିତ କର ନାହିଁ। 23ସଦାପ୍ରଭୁ ସେମାନଙ୍କ ପକ୍ଷରେ
ପ୍ରତିବାଦ କରବେ। ପୁଣି ଯେଉଁମାନେ ସେମାନଙ୍କ ଦ୍ରବ୍ୟ
ଅପହରଣ କରବେ, ସେ ସେମାନଙ୍କର ପ୍ରାଣ ଅପହରଣ
କରବେ।

*–2–*

24ରାଗୀ ଲୋକ ସଙ୍ଗରେ ମିତ୍ରତା କର ନାହିଁ। ପୁଣି
କ୍ରୋଧି ଲୋକ ସହତ ଗମନ କର ନାହିଁ।
25ଏପର କଲେ ତୁମ୍ଭେ ତାହାର ବାଟ ଶିକ୍ଷାକର ଆପଣା
ପ୍ରାଣ ପାଇଁ ଫାନ୍ଦ ପ୍ରସ୍ତୁତ କରବ।

*–3–*

26ଅନ୍ୟମାନଙ୍କର ଋଣ ପାଇଁ ତୁମ୍ଭେ ଲଗା ହୁଅ ନାହିଁ।
27ଯଦ ତୁମ୍ଭେ ତାହା ଋଣ ନଦେଇ ପାରବ, ତେବେ ତୁମ୍ଭେ
ତୁମ୍ଭର ସମସ୍ତ ହରାଇବ। କାହିଁକି ତୁମ୍ଭେ ତୁମ୍ଭର ଶଯ୍ୟା
ହରାଇବ?

*–4–*

28ତୁମ୍ଭର ପିତୃ ଲୋକମାନେ ଯେଉଁ ପୁସ୍ତକ ପୁରାତନ
ସୀମା ନର୍ଦ୍ଧାରଣ କରଛନ୍ତି, ତାହା ଘୁଞ୍ଚାଅ ନାହିଁ।

*–5–*

29ଯଦ ଜଣେ ଲୋକ ତା'ର କାର୍ଯ୍ୟରେ ନପୁଣ ଓ
ତତ୍ପର। ତେବେ ସେ ରାଜାଙ୍କର ସେବା କରବାକୁ ସକ୍ଷମ,
ସେ କୌଣସି ନୀଚ ଲୋକର ସେବା କରବ ନାହିଁ।

*–6–*

23ଯେତେବେଳେ ତୁମ୍ଭେ ଶାସନକର୍ତ୍ତା ସହତ ଭୋଜନରେ
ବସ ସେତେବେଳେ ତୁମ୍ଭ ସମ୍ମୁଖରେ କଅଣ ଅଛି,
ତାହା ଯତ୍ନପୂର୍ବକ ବବେଚନା କର। 2ଯେବେ ତୁମ୍ଭେ ଭୋକଲା
ହୁଅ। ତୁମ୍ଭେ ଆପଣା ଗଳାରେ ଛୁରୀ ଆପେ ରଖ। 3ତାହାର
ସୁସ୍ୱାଦୁ ଖାଦ୍ୟକୁ ଲୋଭ କର ନାହିଁ। ଯେହେତୁ ତାହା
ପ୍ରବଞ୍ଚନା ଜନକ ଖାଦ୍ୟ ଅଟେ।

*–7–*

4ଧନୀ ହେବାକୁ ନଜକୁ କ୍ଳାନ୍ତ କର ନାହିଁ।
କେତେବେଳେ ବନ୍ଦ କରବାକୁ ହୁଏ ଜାଣିବାକୁ ତାହର ଜ୍ଞାନ
ରଖ। 5ତୁମ୍ଭେ ଧନକୁ ଦେଖିବା ପୂର୍ବରୁ ସେ ପଳାଏ। କାରଣ
ଧନ ଉଡୁଥିବା ଉତ୍କ୍ରୋଶ ପକ୍ଷୀ ପର ଡେଣା ପାଏ ଏବଂ
ଉଡଯାଏ।

*–8–*

6ଜଣେ ଲୋକ ସହତ ଖାଦ୍ୟ ଖାଅ ନାହିଁ। ଯିଏ କୃପଣ
ଏବଂ ତାହାର ସୁସ୍ୱାଦୁ ଖାଦ୍ୟ ଖାଇବାକୁ କାମନା
କର ନାହିଁ। 7ସେ ହେଉଛ ଏହପର ଲୋକ ଯେ
କ ସର୍ବଦା ମୂଲ୍ୟ କଥା ଚନ୍ତା କରେ। ସେ ଏପର ତୁମ୍ଭକୁ
କହପାରେ, “ଖାଅ ପିଅ” କନ୍ତୁ ତାହା ତା'ର ଅନ୍ତରର କଥା
ନୁହେଁ। 8ତୁମ୍ଭେ ଯେଉଁ ଗୁଣ୍ଡାଏ ଖାଦ୍ୟ ଖାଇଅଛ ତାହା
ଉଦ୍‌ଗାର କରବ ଏବଂ ତୁମ୍ଭର ତା ପ୍ରତି ପ୍ରଶଂସା ବେକାର
ହୋଇଯିବ।

*–9–*

9ମୂର୍ଖର କର୍ଣ୍ଣଗୋଚରରେ କଥା କୁହ ନାହିଁ। ଯେହେତୁ
ସେ ତୁମ୍ଭ ବାକ୍ୟର ବଜ୍ଞତା ତୁଚ୍ଛ କରବ।

*–10–*

10ପୁରାତନ ଭୂମିର ଚହ୍ନ ସୀମା ଘୁଞ୍ଚାଅ ନାହିଁ। ପିତୃ
ମାତୃହୀନମାନଙ୍କର ଭୂମି ନଅ ନାହିଁ। 11କାରଣ ସେମାନଙ୍କ
ମୁକ୍ତିକର୍ତ୍ତା ବଳବାନ୍। ସେ ତୁମ୍ଭ ସହତ ସେମାନଙ୍କ ବବାଦର
ପ୍ରତିବାଦ କରବେ।

*–11–*

12ଉପଦେଶରେ ତୁମ୍ଭର ହୃଦୟ ଓ କର୍ଣ୍ଣ ଦ୍ୱାରା ଜ୍ଞାନର
ବାକ୍ୟକୁ ଗ୍ରହଣ କର।

*–12–*

13ପିଲାକୁ ଶାସ୍ତି ଦେବାକୁ ତ୍ରୁଟି କର ନାହିଁ। ତୁମ୍ଭେ
ତାହାକୁ ବାଡରେ ବାଡେଇଲେ ହେଁ ସେ ମରବ ନାହିଁ।
14ତୁମ୍ଭେ ତାକୁ ବାଡରେ ମାରବ ଓ ପାତାଳରୁ ତାହାର ପ୍ରାଣ
ରକ୍ଷା କରବ।

*–13–*

**15**ହେ ମୋର ପୁତ୍ର, ତୁମ୍ଭର ମନ ଜ୍ଞାନୀ ହେଲେ,
ମୋର, ବିଶେଷରେ ମୋର ମନ ହୃଷ୍ଟ ହେବ। **16**ତୁମ୍ଭେ
ଯଥାର୍ଥ କଥା କହିଲେ ମୋର ହୃଦୟ ଆନନ୍ଦିତ ହେବ।

*–14–*

**17**ପାପୀଗଣଙ୍କ ପ୍ରତି ଈର୍ଷାଳୁ ହୁଅ ନାହିଁ। ତୁମ୍ଭର ଜୀବନର
ସମସ୍ତ ଦିନଗୁଡ଼ିକ ସଦାପ୍ରଭୁଙ୍କ ପ୍ରତି ଈର୍ଷାପରାୟଣ ଭାବରେ
ସମ୍ମାନ ଓ ଭୟ କର। **18**ଯେହେତୁ ତୁମ୍ଭର ସର୍ବଦା
ଭବିଷ୍ୟତ ଅଛି, ତୁମ୍ଭର ଭରସା ଉଚ୍ଛିନ୍ନ ହେବନାହିଁ।

*–15–*

**19**ହେ ମୋର ପୁତ୍ର, ଶୁଣ, ଜ୍ଞାନୀ ହୁଅ। ପୁଣି ତୁମ୍ଭ
ମନକୁ ସତ୍ୟପଥରେ କଢ଼ାଇ ନିଅ। **20**ସେହି ଜଣଙ୍କ ପରି
ହୁଅ ନାହିଁ, ଯିଏ ଦ୍ରାକ୍ଷାରସ ପାନ କରେ ଆସକ୍ତ ଓ ପେଟୁ
ମାଂସ ଭକ୍ଷକ ଅଟେ। **21**ମାତାଲମାନେ ଓ ପେଟୁ ଦରିଦ୍ର
ପିଡ଼ୀତ ହେବେ। ପୁଣି ସେମାନଙ୍କୁ ଚିରା ବସ୍ତ୍ରରେ ଘୋଡ଼ାଇ
ଦିଏ।

*–16–*

**22**ତୁମ୍ଭର ଜନ୍ମଦାତା ପିତାର କଥା ଶୁଣ, ପିତାମାତା ବୃଦ୍ଧା
ହେଲେ ତାହାକୁ ତୁଚ୍ଛ କର ନାହିଁ। **23**ସତ୍ୟତା କିଣ, ତାହା
ବିକ୍ରି କର ନାହିଁ। ଜ୍ଞାନ, ଉପଦେଶ ଓ ସୁବିବେଚନା କ୍ରୟ
କର। **24**ଧାର୍ମିକର ପିତା ଅତିଶୟ ଆନନ୍ଦ କରେ। ପୁଣି
ଜ୍ଞାନୀ ସନ୍ତାନର ଜନ୍ମଦାତା ତାହା ହେତୁ ହୃଷ୍ଟ ହୁଏ।
**25**ତୁମ୍ଭର ପିତା ଓ ତୁମ୍ଭର ମାତା ହୃଷ୍ଟ ହୁଅନ୍ତୁ। ତୁମ୍ଭର ମାତା
ଆନନ୍ଦ କରୁ।

*–17–*

**26**ହେ ମୋର ପୁତ୍ର, ତୁମ୍ଭର ହୃଦୟ ମୋତେ ଦିଅ।
ତୁମ୍ଭର ଚକ୍ଷୁ ମୋ ପଥରେ ତୁଷ୍ଟ ହେଉ। **27**ବେଶ୍ୟା ହେଉଛି
ଗଭୀର ଖାତ ତୁଲ୍ୟ। ଜଣେ ବ୍ୟଭିଚାରିଣୀ ଏକ ସଂକୀର୍ଣ୍ଣ କୂପ
ତୁଲ୍ୟ ଅଟେ। **28**ଜଣେ ଖରାପ ସ୍ତ୍ରୀଲୋକ ଚୋରପରି ଆକସ୍ମିକ
ଆକ୍ରମଣ କରେ, ସେ ମନୁଷ୍ୟମାନଙ୍କ ମଧ୍ୟରେ ଅବିଶ୍ୱାସୀମାନଙ୍କର
ସଂଖ୍ୟା ବଢ଼ାଏ।

*–18–*

**29-30**ଯେଉଁମାନେ ଅତ୍ୟନ୍ତ ମଦ୍ୟପ ଏବଂ ସବୁ ସମୟ
ମଦ୍ୟ ପାନରେ ଉପଯୋଗ କରନ୍ତି, ଏହା ଲୋକମାନଙ୍କ ପାଇଁ
ବହୁ କ୍ଷତିକାରକ। ସେହିମାନଙ୍କର ବହୁତ ଝଗଡ଼ା ଓ ଯୁକ୍ତି
ହୁଏ। ତାହାର ଆଖି ରକ୍ତବର୍ଣ୍ଣ ଦେଖାଯାଏ। ସେ ନିଜେ ନିଜେ
ତା’ର କ୍ଷତବିକ୍ଷତ କରେ। ଏଥିରୁ କ୍ଷାନ୍ତ ହୁଅ।
**31**ଦ୍ରାକ୍ଷାରସ ରଙ୍ଗୀନ୍ ହେଲେ, ତାହା ପାତ୍ରରେ ଚକ୍‌ମକ୍
ଦେଖାଯାଏ ଓ ସହଜରେ ଗଳାଧଃକରଣ ହେଲେ ମଧ୍ୟ ତୁମ୍ଭେ
ତାକୁ ଅନାଅ ନାହିଁ। **32**ଶେଷରେ ତାହା ସର୍ପପରି କାମୁଡ଼େ
ଓ କାଳସର୍ପ ପରି ଦଂଶନ କରେ।
**33**ତୁମ୍ଭର ଚକ୍ଷୁ ବିପରୀତ ବିଷୟ ଦେଖିବ, ତୁମ୍ଭର ମନ
ଏବଂ ଭାଷଣ ଦ୍ୱନ୍ଦପୂର୍ଣ୍ଣ ହେବ। **34**ତୁମ୍ଭେ ସମୁଦ୍ର ମଧ୍ୟରେ
ଶୟନକାରୀ ଅବା ଜାହାଜର ମାସ୍ତୁଲ ଉପରେ ଶୟନକାରୀ
ଲୋକତୁଲ୍ୟ ହେବ। **35**ତୁମ୍ଭେ କହିବ, “ସେମାନେ ମୋତେ
ମାରିଲେ, ମାତ୍ର ମୁଁ କ୍ଷତ ହୋଇନାହିଁ। ସେମାନେ ମୋତେ
ପ୍ରହାର କଲେ ମାତ୍ର ମୁଁ କିଛି ଜାଣି ନାହିଁ। ମୁଁ ବର୍ତ୍ତମାନ
ଉଠିପାରିବି ନାହିଁ। ମୁଁ ଆଉ ପିଇବା ପାଇଁ ଚାହେଁ।”

*–19–*

**24** ମନ୍ଦ ଲୋକମାନଙ୍କ ପ୍ରତି ଈର୍ଷା କର ନାହିଁ।
ସେମାନଙ୍କର ମଧ୍ୟ ସାଙ୍ଗ ହୁଅ ନାହିଁ। **2**ସେମାନେ
ମନରେ ଦୌରାତ୍ମ୍ୟ କଳ୍ପନା କରନ୍ତି। ସେମାନେ ଅନିଷ୍ଟ କରିବା
ପାଇଁ କହନ୍ତି।

*–20–*

**3**ବୁଦ୍ଧି ଓ ଜ୍ଞାନଦ୍ୱାରା ଉତ୍ତମ ଗୃହ ନିର୍ମିତ ହୁଏ।
**4**ଜ୍ଞାନରେ ତାହାର କୋଠରୀ ସବୁ ବହୁମୂଲ୍ୟ ଓ ମନୋରମ
ବସ୍ତ୍ରରେ ପରିପୂର୍ଣ୍ଣ ହୁଏ।

*–21–*

**5**ଜ୍ଞାନବାନ ଲୋକମାନେ ବଳବାନ୍ ଅଟନ୍ତି। ଏବଂ ବିଦ୍ୱାନ
ଲୋକମାନେ ବଳ ବଢ଼ାନ୍ତି। **6**ଯୁଦ୍ଧ କରିବା ପୂର୍ବରୁ ଯତ୍ନରେ
ଯୋଜନା କରିବା ଉଚିତ୍। ଯଦି ତୁମ୍ଭେ ଯୁଦ୍ଧରେ ଜୟ
କରିବାକୁ ଚାହଁ, ତୁମ୍ଭମାନଙ୍କର ନିଶ୍ଚିତ ଉତ୍ତମ ଉପଦେଷ୍ଟା
ରହିବା ଉଚିତ୍।

*–22–*

**7**ଅଜ୍ଞାନ ଲୋକମାନେ ଜ୍ଞାନକୁ ବୁଝିପାରନ୍ତି ନାହିଁ।
ଯେତେବେଳେ ଲୋକମାନେ ଗୁରୁତ୍ୱପୂର୍ଣ୍ଣ କଥାବାର୍ତ୍ତା କରନ୍ତି
ବୋକାମାନେ ନୀରବ ରୁହନ୍ତି।

*–23–*

**8**ଯେଉଁ ଲୋକମାନେ ମନ୍ଦକାର୍ଯ୍ୟ କରିବାକୁ ଯୋଜନା
କରନ୍ତି, ଲୋକମାନେ ସେମାନଙ୍କୁ କୁସନ୍ଧାନୀ ବୋଲି କହିବେ।
ଏବଂ ସେମାନେ ତୁମ୍ଭମାନଙ୍କର କଥା ଶୁଣିବେ ନାହିଁ। **9**ନିର୍ବୋଧ
ଲୋକମାନେ ଯାହାସବୁ ଯୋଜନା କରନ୍ତି ଓ କରନ୍ତି, ତାହା
ପାପ। ଲୋକମାନେ ସେହି ଲୋକକୁ ଘୃଣା କରନ୍ତି ଯିଏ
ଅନ୍ୟମାନଙ୍କଠାରୁ ନିଜକୁ ଉତ୍ତମ ବୋଲି ବିବେଚନା କରେ।

*–24–*

**10**ବିପଦ ଦିନରେ ତୁମ୍ଭେ ଯଦି ଭୀରୁ ଦେଖାଇବ, ତେବେ
ତୁମ୍ଭର ଶକ୍ତି କ୍ଷୀଣ ହେବ।

*–25–*

**11**ଯଦି ଲୋକମାନେ ଯୋଜନା କରନ୍ତି ଏକ ଲୋକକୁ
ହତ୍ୟା କରିବାକୁ, ତେବେ ତୁମ୍ଭେ ତାଙ୍କୁ ରକ୍ଷାକର। **12**ତୁମ୍ଭେ
ଏପରି କୁହ ନାହିଁ, “ଏହା ମୋର କର୍ତ୍ତବ୍ୟ ନୁହେଁ।”
ଯେହେତୁ ସଦାପ୍ରଭୁ ସମସ୍ତ ବିଷୟ ଜାଣନ୍ତି। ସଦାପ୍ରଭୁ ତୁମ୍ଭର

ପ୍ରତ୍ୟେକ କର୍ମକୁ ଦେଖୁଛନ୍ତି। ତୁମ୍ଭେ କ'ଣସବୁ କରୁଅଛ।
ତେଣୁ ସଦାପ୍ରଭୁ ତୁମ୍ଭର ଉତ୍ତମ କାର୍ଯ୍ୟପାଇଁ ତୁମ୍ଭକୁ ପୁରସ୍କୃତ
କରିବେ।

*–26–*

13ହେ ମୋର ପୁତ୍ର, ତୁମ୍ଭେ ମହୁ ଖାଅ। ଯେହେତୁ ତାହା
ଭଲ। ତୁମ୍ଭେ ମଧୁ ଚାଖି ଖାଅ, ଯେହେତୁ ତାହା ତୁମ୍ଭକୁ
ସୁସ୍ୱାଦୁ ଲାଗିବ। 14ଠିକ୍ ସେହିପରି ଭାବରେ ଜ୍ଞାନ ତୁମ୍ଭମାନଙ୍କର
ପ୍ରାଣ ପାଇଁ ମହୁପରି ଅଟେ। ଯଦି ତୁମ୍ଭେ ଜ୍ଞାନ ଆହରଣ
କର, ତେବେ ତୁମ୍ଭର ଭବିଷ୍ୟତ ରହିବ, ଏବଂ ତୁମ୍ଭର ଆଶା
କେବେ ଶେଷ ହେବନାହିଁ।

*–27–*

15ହେ ଦୁଷ୍ଟଲୋକ, ତୁମ୍ଭେ ଧାର୍ମିକର ବାସସ୍ଥାନ ବିରୁଦ୍ଧରେ
ଓଗାଳି ବସ ନାହିଁ। ତାହାର ବିଶ୍ରାମ ସ୍ଥାନ ଲୁଟ କର ନାହିଁ।
16ଧାର୍ମିକମାନେ ସାତଥର ପଡ଼ିଲେ ହେଁ ପୁନର୍ବାର ଉଠନ୍ତି।
ମାତ୍ର ଦୁଷ୍ଟମାନେ ବିପଦରେ ପରାସ୍ତ ହୁଅନ୍ତି।

*–28–*

17ଯେତେବେଳେ ତୁମ୍ଭର ଶତ୍ରୁ ସମସ୍ୟାରେ ଅଛି, ତୁମ୍ଭେ
ହସ ନାହିଁ। ଯେତେବେଳେ ସେ ପଡ଼ିଯାଏ, ସେହି ସମୟରେ
ମଧ୍ୟ ତୁମ୍ଭେ ଖୁସି ହୁଅ ନାହିଁ। 18ଯଦି ତୁମ୍ଭେ ଏପରି କର,
ତାହା ମଧ୍ୟ ସଦାପ୍ରଭୁ ଦେଖିବେ। ସଦାପ୍ରଭୁ ଏପରି କର୍ମରେ
ତୁମ୍ଭମାନଙ୍କ ପ୍ରତି ଖୁସି ହେବେ ନାହିଁ। ଏହାପରେ ସଦାପ୍ରଭୁ
ତୁମ୍ଭର ଶତ୍ରୁକୁ ସାହାର୍ଯ୍ୟ କରିପାରନ୍ତି।

*–29–*

19ମନ୍ଦକର୍ମକାରୀମାନଙ୍କ ସକାଶେ ଚିନ୍ତିତ ହୁଅ ନାହିଁ।
ଏବଂ ଦୁଷ୍ଟମାନଙ୍କ ପ୍ରତି ଈର୍ଷା କର ନାହିଁ। 20ମନ୍ଦଲୋକମାନଙ୍କର
କୌଣସି ଭବିଷ୍ୟତ ନାହିଁ। ଓ ଦୁଷ୍ଟମାନଙ୍କର ପ୍ରଦୀପ ଲିଭିଯିବ।

*–30–*

21ହେ ମୋର ପୁତ୍ର, ସଦାପ୍ରଭୁଙ୍କୁ ଓ ରାଜାଙ୍କୁ ଭୟକର।
ସେହି ଲୋକମାନଙ୍କ ସହିତ ଜଡ଼ିତ ହୁଅ ନାହିଁ। ଯେଉଁମାନେ
ସେମାନଙ୍କର ବିପକ୍ଷରେ ଅଛନ୍ତି। 22କାରଣ ସେମାନଙ୍କର
ହଠାତ୍ ବିପଦ ଘଟିବ। ତୁମ୍ଭେ ଜାଣ ନାହିଁ ସଦାପ୍ରଭୁ ଏବଂ
ରାଜା ସେମାନଙ୍କର ଶତ୍ରୁମାନଙ୍କ ପାଇଁ କି ବିପଦ ଆଣନ୍ତି।

## ଅଧିକ ଜ୍ଞାନର କଥା

23ଏହିସବୁ ମଧ୍ୟ ଜ୍ଞାନୀମାନଙ୍କର କଥା ଅଟେ:
ବିଚାର ସର୍ବଦା ଯଥାର୍ଥ ହେବା ଉଚିତ୍, ଏଥିରେ ପକ୍ଷପାତିତା
ହେବା ଉଚିତ୍ ନୁହେଁ। 24ସେହି ଧାର୍ମିକ ଯିଏ ଏକ ଦୋଷୀ
ମନୁଷ୍ୟକୁ କହେ, 'ତୁମ୍ଭେ ନିରୀହ ଅଟ,' ଲୋକମାନେ ତାଙ୍କୁ
ଅଭିଶାପ ଦେବେ। ଏପରିକି ଅନ୍ୟ ଗୋଷ୍ଠୀୟମାନେ ନିନ୍ଦା
କରିବେ। 25ଯେଉଁମାନେ ନିଜର ଦୋଷକୁ ସାବ୍ୟସ୍ତ କରନ୍ତି,
ସେମାନେ ଧନବାନ୍ ହୁଅନ୍ତି। ସେମାନେ ଭଲ ଆଶୀର୍ବାଦ ଲାଭ
କରନ୍ତି।

26ଯିଏ ଯଥାର୍ଥ ଉତ୍ତର ଦିଏ ଲୋକମାନଙ୍କୁ ଆନନ୍ଦ ଦିଏ।
ଏହା ଓଠରେ ଚୁମ୍ବନ ତୁଲ୍ୟ।
27ବାହାରେ ତୁମ୍ଭ କାର୍ଯ୍ୟର ଆୟୋଜନ କର। ଆପଣା
ନିମନ୍ତେ ସେହି କ୍ଷେତ୍ର ପ୍ରସ୍ତୁତ କର। ଏହାପରେ ଆପଣା ଗୃହ
ନିର୍ମାଣ କର।
28ଏକ ଯଥାର୍ଥ କାରଣ ବିନା ତୁମ୍ଭର ପ୍ରତିବେଶୀର
ବିପକ୍ଷରେ ସାକ୍ଷୀ ହୁଅ ନାହିଁ। ମିଥ୍ୟା କୁହ ନାହିଁ।
29"ସେ ମୋପ୍ରତି ଯେପରି କରିଅଛି, ତାହା ପ୍ରତି ମୁଁ
ସେପରି କରିବି ଓ ତାହାର କର୍ମାନୁସାରେ ମୁଁ ତାହାକୁ
ପ୍ରତିଫଳ ଦେବି, ଏପରି କୁହ ନାହିଁ।"
30ମୁଁ ଅଳସୁଆର କ୍ଷେତ୍ର ଓ ନିର୍ବୋଧ ଲୋକର ଦ୍ରାକ୍ଷାକ୍ଷେତ୍ର
ଦେଇ ଗଲି। 31ମୁଁ ଦେଖିଲି ତହିଁର ସବୁଆଡ଼େ କଣ୍ଟା
ବଢ଼ିଅଛି। ବିଛୁଆତି ତହିଁ ଉପରେ ବଢ଼ିଅଛି। ତହିଁର ପଥର
ପ୍ରାଚୀର ସବୁ ଭାଙ୍ଗିଅଛି। 32ତେଣୁ ମୁଁ ଅନାଇଲି, ପୁଣି
ମନୋଯୋଗ କଲି, ମୁଁ ଦେଖିଲି ଓ ଉପଦେଶ ପାଇଲି।
33ବିଶ୍ରାମ ନେଇ ନିନବେଳେ ଗଡ଼ପଡ଼ ତୁମ୍ଭର ହାତକୁ ବିଶ୍ରାମ
ଦେଇ ତୁମ୍ଭେ ଯଦି ଶୋଇ ରୁହ, 34ତେବେ ଦରିଦ୍ରତା ତୁମ୍ଭ
ଉପରକୁ ଖଳବ୍ୟକ୍ତି ତୁଲ୍ୟ ଏବଂ ତୁମ୍ଭର ଅଭାବ ସସଜ୍ଜ
ଲୋକ ପରି ଆସିବ। ଯେଉଁଗୁଡ଼ିକୁ ତୁମ୍ଭେ ପରାସ୍ତ କରିବାକୁ
ଅସମର୍ଥ ହେବ।

## ଶଲୋମନଙ୍କ ହିତୋପଦେଶ

25 ଏଗୁଡ଼ିକ ହେଉଛି ଶଲୋମନଙ୍କ ରଚିତ ହିତୋପଦେଶ।
ଏହି ହିତୋପଦେଶ ଗୁଡ଼ିକ ଯିହୁଦାର ରାଜା ହିଷ୍କୀୟର
ଲୋକମାନେ ଲେଖି ଥିଲେ।
2ବିଷୟ ଗୋପନ କରିବା ପରମେଶ୍ୱରଙ୍କ ଗୌରବ। ଏହି
ବିଷୟ ଅନୁସନ୍ଧାନ କରିବା ରାଜାଙ୍କର ଗୌରବ।
3ଆକାଶର ଉଚ୍ଚତା ପୃଥିବୀର ଗଭୀରତା ପରି
ରାଜାଙ୍କର ମନରେ କ'ଣ ଅଛି, ଆମ୍ଭେ ତାହା ବୁଝିପାରିବା
ନାହିଁ।
4ରୂପାରୁ ଖାଦ କାଢ଼ି ପକାଅ, ତେବେ ସ୍ୱର୍ଣ୍ଣକାର ଏକ ପାତ୍ର
ତିଆରି କରିପାରିବ। 5ରାଜାର ଉପସ୍ଥିତିରୁ ଦୁଷ୍ଟ ଉପଦେଷ୍ଟାମାନଙ୍କୁ
ହଟାଇ ଦିଅ, ତାହାଲେ ତାଙ୍କର ସିଂହାସନ ଧାର୍ମିକତାରେ
ସ୍ଥାପିତ ହେବ।
6ରାଜାର ଛାମୁରେ ଆପଣାର ବଡ଼ିମା କରନାହିଁ। ପ୍ରଧାନ
ଲୋକଙ୍କ ସମୂହରେ ନିଜର ସ୍ଥାନ ପାଇଁ ଦାବି କର ନାହିଁ।
7ଯେଉଁ କୁଳୀନକୁ ତୁମ୍ଭର ଚକ୍ଷୁ ଦେଖିଅଛି। ତାହା ଛାମୁରେ
ତୁମ୍ଭର ନୀଚୀକୃତ ହେବା ଅପେକ୍ଷା ବରଂ ଏଠାକୁ ଆସିବୋଲି
କହିବା ଭଲ।
8ବିବାଦ କରିବାକୁ ହଠାତ୍ ବାହାରକୁ ଯାଅ ନାହିଁ। ଯଦି
କେହି ତୁମ୍ଭକୁ ଭୁଲ୍ ବୋଲି ପ୍ରମାଣିତ କରେ, ତେବେ ତୁମ୍ଭେ
ଲଜ୍ଜିତ ହେବ।
9ଯଦି ପ୍ରତିବେଶୀ ସହିତ ବିବାଦ ଅଛି, ତୁମ୍ଭେ ତୁମ୍ଭର
ମକଦ୍ଦମା ପାଇଁ ତର୍କ କର, କିନ୍ତୁ ଅନ୍ୟର ଗୋପନୀୟତାକୁ
ପ୍ରକଟ କର ନାହିଁ। 10ଯଦି ତୁମ୍ଭେ କୌଣସି ଲୋକର
ଗୋପନୀୟତାକୁ ପ୍ରକାଶ କର, ତେବେ ତୁମ୍ଭେ ଦୁର୍ନାମ ଅର୍ଜ୍ଜନ
କରିବ। ତୁମ୍ଭର ଏହି ଦୁର୍ନାମ କେବେ ଦୂର ହେବ ନାହିଁ।

11ଯଥା ସମୟରେ ଉଚିତ୍ କଥା କହିବା ଠିକ୍। ଏକ
ସୁବର୍ଣ୍ଣର ସେହି ରୂପାର ରଚାଇ ରଖିବା ପରି।
12ଯଦି ଜଣେ ଜ୍ଞାନୀ ଲୋକର ଗାଳି ପରି ଧ୍ୟାନ ଦିଅ,
ଏହା ଖାଣ୍ଟି ସୁବର୍ଣ୍ଣର ମୁଦିଠାରୁ କିମ୍ବା ସବୁଠୁ ଖାଣ୍ଟି ସୁବର୍ଣ୍ଣର
ଅନ୍ୟାନ୍ୟ ଅଳଙ୍କାରଠାରୁ ମୂଲ୍ୟବାନ ଅଟେ।
13ଫସଲ ସମୟରେ ହିମର ଶୀତଳତା ଯେପରି, ପ୍ରେରକଗଣ
ପ୍ରତି ବିଶ୍ୱସ୍ତ ଦୂତ ସେପରି। କାରଣ ସେ ଆପଣା କର୍ତ୍ତାମାନଙ୍କ
ପ୍ରାଣରେ ଆଶ୍ୱାସ ଦିଏ।
14ବୃଷ୍ଟିହୀନ ମେଘ ଓ ବାୟୁ ଯେପରି ଅଟେ, ଦାନ
ଦେବା ପାଇଁ ପ୍ରତିଜ୍ଞା କରିବା ଏବଂ ନଦେବା ହେଉଛି ଠିକ୍
ସେହିପରି।
15ଧୈର୍ଯ୍ୟ କଥାବାର୍ତ୍ତା ମାଧ୍ୟମରେ ଜଣେ ଶାସକ ଶାନ୍ତ
ହେବ। ଭଦ୍ର କଥାବାର୍ତ୍ତା ଅଧିକଭାବରେ ଶକ୍ତିଶାଳୀ।
16ମଧୁ ନିଶ୍ଚିତ ଉତ୍ତମ। ମାତ୍ର ତୁମ୍ଭର ଆବଶ୍ୟକତା ଠାରୁ
ଅଧିକ ନିଅ ନାହିଁ। ଯଦି ତୁମ୍ଭେ ଅଧିକ ଖାଇବ, ତେବେ
ତୁମ୍ଭେ ଅସୁସ୍ଥ ହେବ। 17ଠିକ୍ ସେହିପରି, ତୁମ୍ଭର ପ୍ରତିବେଶୀ
ଗୃହକୁ ଅଧିକ ଯାଅ ନାହିଁ। ଯଦି ତୁମ୍ଭେ ଏପରି କର ତେବେ
ସେ ତୁମ୍ଭକୁ ଘୃଣା କରିବ।
18ଜଣେ ଯିଏ ତା'ର ପଡ଼ୋଶୀ ବିପକ୍ଷରେ ମିଥ୍ୟା ସାକ୍ଷ୍ୟ
ଦିଏ, ସେ ଗଦା, ଖଡ୍ଗ ଓ ତିକ୍ଷ୍ଣ ବାଣ ସ୍ୱରୂପ ଭୟଙ୍କର
ଅଟେ। 19ଦୁର୍ଦ୍ଦଶା ସମୟରେ ବିଶ୍ୱାସଘାତକ ଲୋକଠାରେ
ପ୍ରତ୍ୟୟ, ଭଗ୍ନଦନ୍ତ ଓ ଖଞ୍ଜଖସା ଚରଣ ତୁଲ୍ୟ।
20ଦୁଃଖିପୂର୍ଣ୍ଣ ଲୋକ ନିକଟରେ ଖୁସି ଗୀତ ଗାଇବା
ଶୀତକାଳରେ ବସ୍ତ୍ର କାଢ଼ିନେବା ଓ ସୋଢ଼ା ଉପରେ ଅମ୍ଳରସ
ମିଶାଇବା ପରି ଅଟେ।
21ତୁମ୍ଭର ଶତ୍ରୁ କ୍ଷୁଧିତ ହେଲେ, ତାହାକୁ ଅନ୍ନ ଭୋଜନ
କରାଅ। ସେ ଯେବେ ତୃଷିତ ହୁଏ, ତାହାକୁ ଜଳପାନ
କରାଅ। 22ତହିଁରେ ତୁମ୍ଭେ ତାହାର ମସ୍ତକରେ ଜ୍ୱଳନ୍ତ
ଅଙ୍ଗାର ରାଶି କରି ଥୋଇବ। ପୁଣି ସଦାପ୍ରଭୁ ତୁମ୍ଭକୁ
ପୁରସ୍କାର ଦେବେ।
23ଯେପରି ଉତ୍ତରୀୟ ବାୟୁ ବୃଷ୍ଟିର ଉତ୍ପାଦକ, ସେହିପରି
ଖଚୁଆର ଜିହ୍ୱା କ୍ରୋଧ ଦୃଷ୍ଟିର ଉତ୍ପାଦକ।
24କଳିହୁଡ଼ୀ ସ୍ତ୍ରୀ ସଙ୍ଗରେ ଏକା ଗୃହରେ ବାସ କରିବା
ଅପେକ୍ଷା ଛାତର ଏକ କୋଣରେ ବାସ କରିବା ଭଲ।
25ତୃଷିତ ପ୍ରାଣକୁ ଶୀତଳଜଳ ଯେପରି, ଦୂର ଦେଶରୁ
ଆସିଥିବା ସୁସମାଚାର ସେହିପରି ଅଟେ।
26ଗୋଳିଆ ଜଳାଶୟ ଓ ମଳିନ ନିର୍ଝର ଯେପରି ଅଟେ,
ଦୁଷ୍ଟ ଆଗରେ ବିଚଳିତ ଧାର୍ମିକ ଠିକ୍ ସେହିପରି ଅଟେ।
27ବହୁତ ମହୁ ଖାଇବା ଯେପରି ଉତ୍ତମ ନୁହେଁ। ସେହିପରି
ମନୁଷ୍ୟମାନେ ଆପଣା ଗୌରବ ଅନୁସନ୍ଧାନ କରିବା ଭଲ
ନୁହେଁ।
28ଜଣେ ଯିଏ ନିଜକୁ ଆୟତ୍ତ କରିବାକୁ ଅସମର୍ଥ, ସେ
ବିନା ପ୍ରାଚୀରର ନଗର ତୁଲ୍ୟ ଅଟେ।

## ମୂର୍ଖମାନଙ୍କ ସମ୍ବନ୍ଧରେ ହିତୋପଦେଶ

26 ଗ୍ରୀଷ୍ମକାଳରେ ହିମ ଓ ଫସଲ ସମୟରେ ବୃଷ୍ଟି,
ସେହିପରି ମୂର୍ଖକୁ ସମ୍ମାନ ଅନୁପଯୁକ୍ତ ଅଟେ।
2ଘରଚଟିଆ ଭ୍ରମଣ କରୁଥିବା ବେଳେ ଓ ତାଳଚଞ୍ଚୁ
ଉଡୁଥିବା ବେଳେ ସେପରି ଅକାରଣରେ ଦତ୍ତ ଶାପ ନିକଟକୁ
ଆସେ ନାହିଁ।
3ଅଶ୍ୱପାଇଁ କୋରଡା, ଗର୍ଦ୍ଦଭପାଇଁ ଲଗାମ, ପୁଣି ମୂର୍ଖର
ପିଠି ପାଇଁ ବାଡ଼ି ଦରକାର।
4ମୂର୍ଖକୁ ତା'ର ଅଜ୍ଞାନତା ଅନୁସାରେ ଉତ୍ତର ଦିଅ ନାହିଁ।
ତୁମ୍ଭେ ଯଦି ଏପରି ଉତ୍ତର ଦିଅ, ତେବେ ତୁମ୍ଭେ ମଧ୍ୟ
ତାହାର ତୁଲ୍ୟ ହେବ। 5ମୂର୍ଖକୁ ତା'ର ଅଜ୍ଞାନତାନୁସାରେ
ଉତ୍ତର ଦିଅ। ନୋହିଲେ ସେ ଆପଣା ଦୃଷ୍ଟିରେ ଆପଣାକୁ
ଜ୍ଞାନୀ ବୋଧ କରିବ।
6 ମୂର୍ଖ ମାଧ୍ୟମରେ ଯେ ସମାଚାର ପଠାଏ, ସେ ଆପଣା
ପାଦ ଆପେ କାଟି କ୍ଷତି ଭୋଗ କରେ। ସେ ନିଜ ଉପରକୁ
ଅସୁବିଧା ନିଜେ ଆଣେ।
7ଲେଙ୍ଗେଡ଼ାର ଚରଣ ଯେପରି ଅଦରକାରୀ ଭାବେ ଝୁଲୁଥାଏ,
ଅଜ୍ଞାନର ମୁଖରେ ହିତୋପଦେଶ ବାକ୍ୟ ଠିକ୍ ସେହିପରି।
8ପ୍ରସ୍ତରକୁ ବାଟୁଳିରେ ବାନ୍ଧିବା ପାଇଁ ଚେଷ୍ଟା କରିବା
ଯେପରି ବ୍ୟବହାର୍ଯ୍ୟହୀନ, ସେହିପରି ନିର୍ବୋଧକୁ ସମ୍ମାନ
ଦେବା ଅଟେ।
9ମତ୍ତଲୋକର ହସ୍ତରେ କଣ୍ଟକ ଉଠାଯିବା ଯେପରି,
ମୂର୍ଖମାନଙ୍କ ମୁଖରେ ହିତୋପଦେଶ ବାକ୍ୟ ଠିକ୍ ସେହିପରି
ଅଟେ।
10ବାଣୁଆ ଯେପରି ସମସ୍ତଙ୍କୁ କ୍ଷତବିକ୍ଷତ କରେ, ସେପରି
ସେହି ଲୋକ ଯେ ମୂର୍ଖ ପଥିକକୁ ବେତନ ଦିଏ ଓ ଯେ
ମଦୁଆକୁ ବେତନ ଦିଏ।
11ଆପଣା ବାନ୍ତି ପ୍ରତି ଫେରିବା କୁକୁରର ଯେପରି,
ବାରମ୍ବାର ଆପଣା ଅଜ୍ଞାନତାରେ କର୍ମ କରିବା ମୂର୍ଖ ସେପରି।
12ଯେଉଁ ମୂର୍ଖ ଲୋକର ବହୁତ ଆଶା ଅଛି, ଅନ୍ୟ ଜଣ
ଅପେକ୍ଷା ଯିଏ ଭାବେ ସେ ଜ୍ଞାନୀ, ସେତେବେଳେ ସେ ଜ୍ଞାନୀ
ନଥାଏ।

## ଅଳସୁଆ ଲୋକମାନଙ୍କ ସମ୍ବନ୍ଧରେ ହିତୋପଦେଶ

13ଅଳସୁଆ କହେ, "ବାଟରେ ସିଂହ ଅଛି, ସଡ଼କରେ
ସିଂହ ଅଛି।"
14କବଜାରେ ଯେପରି କବାଟ ଝୁଲେ, ଠିକ୍ ସେପରି
ଅଳସୁଆ ଆପଣା ଶଯ୍ୟାରେ ଥାଇ ଝୁଲୁଥାଏ।
15ଅଳସୁଆ ଥାଳିରେ ହାତ ବୁଡାଇ ଆଉଥରେ ତାହା
ମୁଖକୁ ନେବାକୁ ଥକିଯାଏ।
16ସାତଜଣ ସୁବିଚାରଶୁଦ୍ଧ ଉତ୍ତରକାରୀ ଅପେକ୍ଷା ଅଳସୁଆ
ଆପଣା ଦୃଷ୍ଟିରେ ଜ୍ଞାନବାନ୍।
17ଜଣେ ପଥିକ ଯିଏ ଯୁକ୍ତିତର୍କରେ ଜଡିତ ହୁଏ, ଯାହା
ତା'ର ସଂପର୍କରେ ନଥାଏ। ସେ କୁକୁରର କାନ ଧରିବା
ଲୋକତୁଲ୍ୟ ଅଟେ।
18-19ଆପଣା ପ୍ରତିବେଶୀକି ଯେଉଁଲୋକ ଭୁଲାଇ କହେ,
ମୁଁ କୌତୁକ କରୁଛି। ସେ ଅଗ୍ନିବାଣ, ତୀର ଓ ମୃତ୍ୟୁ
ନିକ୍ଷେପକାରୀ ବାତୁଳପରି ଅଟେ।
20କାଠ ବିନା ଯେପରି ନିଆଁ ଲିଭିଯାଏ ଏବଂ କଳହକାରୀ
ବିନା ବାଜେ କଥା ସ୍ଥଗିତ ହୋଇଯାଏ।

21ଯେପରି ଭାବରେ ଜ୍ୱଳନ୍ତା ଅଙ୍ଗାରକୁ ଅଙ୍ଗାର ଆଲୋକ
ଦିଏ, ଅଗ୍ନିକୁ କାଠ ଠିକ୍ ସେହିପରି ବିବାଦ ବଢାଇବାକୁ
କଳହିତା ଲୋକ ଆରମ୍ଭ କରିଥାଏ।
22ଭତ୍ସନା ମନପସନ୍ଦ ଖାଦ୍ୟପରି ଅଟେ, ଏହା ଉଦରର
ଅନ୍ତରାଳୟକୁ ଚାଲିଯାଏ।
23ଅନୁରାଗୀ କଥା ଓ ମନ୍ଦ ହୃଦୟ ରୂପା ଖାଦରେ ମଣ୍ଡିତ
ମୃତ୍ତିକା ପାତ୍ର ତୁଲ୍ୟ ଅଟେ। 24ଘୃଣାକାରୀ ନିଜ
କଥାରେ କପଟ କରେ, କିନ୍ତୁ ସେ ହୃଦୟରେ ପ୍ରବଞ୍ଚନା
ରଖେ। 25ସେ ମିଷ୍ଟ ସ୍ୱରରେ କହିଲେ, ତାହାକୁ
ବିଶ୍ୱାସ କର ନାହିଁ। ଯେହେତୁ ତା'ର ହୃଦୟରେ ସାତଟା
ଘୃଣ୍ୟ ବିଷୟ ଥାଏ। 26ତାହାର ଘୃଣା କପଟରେ ଆପଣାକୁ
ଆବୃତ୍ତ କଲେ ହେଁ, ତା'ର ମନ୍ଦତା ସଭାରେ
ପ୍ରକାଶ ପାଏ।
27ଯେ ଗାତ ଖୋଳେ, ସେ ଆପେ ହିଁ ସେହି ଗାତରେ
ପଡ଼ିଥାଏ। ଏବଂ ଯେ ପଥର ଗଡାଏ, ତାହା ତା ଉପରକୁ
ଲେଉଟି ଥାଏ।
28ମିଥ୍ୟାବାଦୀ ଜିହ୍ୱା ଯାହାକୁ ଚୂର୍ଣ୍ଣ କରେ, ତାହାକୁ ହିଁ
ଘୃଣା କରେ। ପୁଣି ଚାଟୁବାଦୀ କଥା ସର୍ବନାଶ କରେ।

27 କାଲି ଯାହା ଘଟିବ, ସେଥିପ୍ରତି ତୁମ୍ଭେ ଦର୍ପ କର
ନାହିଁ। କାରଣ ତୁମ୍ଭେ ଜାଣ ନାହିଁ କାଲି କ'ଣ
ଘଟିବାକୁ ଯାଉଛି।
2ନିଜକୁ ପ୍ରଶଂସା କର ନାହିଁ, ଅନ୍ୟମାନେ ତୁମ୍ଭକୁ ପ୍ରଶଂସା
କରନ୍ତୁ।
3ପଥର ଭାରୀ ଅଟେ ମାତ୍ର ବାଲି ପ୍ରବଳ ଅଟେ।
ଅଜ୍ଞାନୀ ଦ୍ୱାରା ଯେଉଁ ସମସ୍ୟା ଆସେ ତାହା ଅନ୍ୟ ଅପେକ୍ଷା
ବହୁତ ଶକ୍ତିଶାଳୀ ଅଟେ।
4କଠୋର ହୃଦୟ ଓ କ୍ରୋଧ ପ୍ରଳୟକାରୀ, କେହି
ଅନ୍ତର୍ଜ୍ୱାଳା ଆଗରେ ଠିଆହୋଇ ପାରିବ ନାହିଁ।
5ଗୁପ୍ତ ପ୍ରେମଠାରୁ ପ୍ରକାଶିତ ଅନୁଯୋଗ ଭଲ।
6ଗୋଟିଏ ସାଙ୍ଗଠାରୁ କର୍କଶ ଶବ୍ଦସବୁ ତା'ର
ବିଶ୍ୱସନୀୟତାଠାରୁ ଅଙ୍କୁରିତ ହୁଏ। କିନ୍ତୁ ଶତ୍ରୁମାନଙ୍କର ଚୁମ୍ବନକୁ
ଭରସା କରାଯାଇ ପାରିବ ନାହିଁ।
7ତୃପ୍ତ ପ୍ରାଣୀ ମହୁକୁ ଘୃଣା କରେ। ମାତ୍ର କ୍ଷୁଧାର୍ତ୍ତ
ମନୁଷ୍ୟକୁ କୌଣସି ତିକ୍ତ ଦ୍ରବ୍ୟସବୁ ମିଷ୍ଟ ଲାଗେ।
8ଯେଉଁଲୋକ ଆପଣା ସ୍ଥାନ ଛାଡ଼ି ଭ୍ରମଣ କରେ, ସେ
ବସାହରା ଭ୍ରମଣକାରୀ ପକ୍ଷୀର ତୁଲ୍ୟ ଅଟେ।
9ତୈଳ ଓ ସୁଗନ୍ଧିତ ଧୂପ ମନକୁ ଆହ୍ଲାଦିତ କରେ।
ମନର ମନ୍ତ୍ରଣାରୁ ଜାତ ମନ୍ତ୍ରର ମିଷ୍ଟତା ତଦ୍ରୁପ କରେ।
10ନିଜର ବନ୍ଧୁକୁ ଓ ପିତାର ବନ୍ଧୁକୁ ତ୍ୟାଗ କର ନାହିଁ।
ତୁମ୍ଭର ବିପଦ ଦିନରେ ଆପଣା ଭାଇର ଗୃହକୁ ଯାଅ ନାହିଁ।
ଦୂରସ୍ଥ ଭାଇଠାରୁ ନିକଟସ୍ଥ ପଡ଼ୋଶୀ ଭଲ।
11ହେ ମୋର ପୁତ୍ର, ଜ୍ଞାନବାନ୍ ହୁଅ, ମୋର ମନକୁ
ଆହ୍ଲାଦିତ କର, ତହିଁରେ ମୁଁ ଆପଣା ନିନ୍ଦୁକକୁ ଉତ୍ତର
ଦେଇପାରିବି।
12ଚତୁର ଲୋକ ବିପଦ ଦେଖି ଆପଣାକୁ ଲୁଚାଏ। ମାତ୍ର
ଅସତର୍କ ଲୋକ ଆଗ ବଢି ଶାସ୍ତି ପାଏ।
13ଅପରିଚିତ ଲୋକପାଇଁ ଯେ ଲଗାହୁଏ, ତାହାର ବସ୍ତ୍ର
ନିଅ। ପୁଣି ପରସ୍ତ୍ରୀ ପାଇଁ ଯେ ଜାମିନ ହୁଏ, ତାହାକୁ ବନ୍ଧକ
ରଖ।
14ଜଣେ ଯିଏ "ଅତି ପ୍ରଭାତରୁ" ଆପଣାର ପଡୋଶୀକୁ
ଆଶୀର୍ବାଦ କରେ, ତା'ର ପଡୋଶୀ ଏହାକୁ ଆଶୀର୍ବାଦ
ବଦଳରେ ଅଭିଶାପ ଭାବେ ଗ୍ରହଣ କରେ।
15ଭାରୀ ବୃଷ୍ଟି ଦିନରେ ଅବିରତ ବିନ୍ଦୁପାତ ଓ କଳହିତୀ
ସ୍ତ୍ରୀ ଏହି ଦୁଇଜଣ ଏକ ପ୍ରକାର ଅଟନ୍ତି।
16ତାକୁ କଳି କରିବାରୁ କ୍ଷାନ୍ତ କରିବା ଅର୍ଥ ବାୟୁକୁ ବନ୍ଦ
କରିବା ପାଇଁ ଚେଷ୍ଟା କରିବା ପରି ଅଟେ କିମ୍ବା କାହାରି
ହାତରେ ତୈଳ ଧାରଣ କରିବା ପାଇଁ ଚେଷ୍ଟା କରିବା ପରି
ଅଟେ।
17ଯେପରି ଲୁହା ଲୁହାକୁ ଧାର କରେ, ସେପରି ବନ୍ଧୁ
ତା'ର ବନ୍ଧୁତ୍ୱର ମନକୁ ତୀକ୍ଷ୍ଣ କରେ।
18ଯିଏ ଡିମ୍ବିରି ବୃକ୍ଷ ରକ୍ଷା କରେ, ସେ ତହିଁର ଫଳ
ଖାଏ। ପୁଣି ଯେ ଆପଣା ପ୍ରଭୁ ପ୍ରତି ଅନୁଯୋଗୀ ଥାଏ, ସେ
ସମ୍ମାନ ପାଏ।
19ପାଣି ଭିତରକୁ ଦେଖ ଏବଂ ତୁମ୍ଭେ ତୁମ୍ଭର ନିଜର
ମୁହଁ ଦେଖିବ। ତୁମ୍ଭର ହୃଦୟକୁ ଦେଖ ଏବଂ ତୁମ୍ଭେ ପ୍ରକୃତ
ନିଜକୁ ଦେଖିବ।
20ଯେପରି କବର ଓ ବିନାଶସ୍ଥାନ କେବେହେଁ ତୃପ୍ତ
ନୁହେଁ, ସେହିପରି ମଧ୍ୟ ମନୁଷ୍ୟର ଚକ୍ଷୁ କେତେବେଳେ ତୃପ୍ତ
ନୁହେଁ।
21କୌଣ୍ଡିରେ ରୂପା, ଉହ୍ମେଇରେ ସୁନା, ପ୍ରଶଂସାରେ
ମନୁଷ୍ୟ ପରୀକ୍ଷିତ ହୁଏ।
22ତୁମ୍ଭେ ଗହମ ସହିତ ଅଜ୍ଞାନକୁ ଢିଙ୍କିରେ କୁଟିଲେ ହେଁ
ତା'ର ଅଜ୍ଞାନତା ଛାଡ଼ିବ ନାହିଁ।
23ତୁମ୍ଭେ ଆପଣା ମେଷପଲର ଅବସ୍ଥା ଜାଣିବା ପାଇଁ
ଯତ୍ନବାନ୍ ହୁଅ। ପୁଣି ଆପଣା ପଶୁପଲ ବିଷୟରେ ଉତ୍ତମରୂପେ
ମନୋଯୋଗ କର। 24ସମ୍ପତ୍ତି ସର୍ବଦା ସ୍ଥାୟୀ ନୁହେଁ। ମୁକୁଟ
ମଧ୍ୟ ପୁରୁଷାନୁକ୍ରମେ ରହେ ନାହିଁ। 25ଘାସ କଟାହେଲେ
କଅଁଳ ଘାସ ଜନ୍ମେ। ଆଉ ପର୍ବତମାନରୁ ତୃଣ ସଂଗୃହିତ
ହୁଏ। 26ମେଷ ଛୁଆମାନେ ତୁମ୍ଭକୁ ବସ୍ତ୍ର ଦେବେ। ମାତ୍ର
ଛେଳି ତୁମ୍ଭ କ୍ଷେତ୍ରର ମୂଲ୍ୟ ସ୍ୱରୂପ ଅଟେ। 27ଛେଳି ଦୁଧ
ତୁମ୍ଭ ପାଇଁ ଓ ତୁମ୍ଭ ପରିବାର ପାଇଁ ଯଥେଷ୍ଟ ହେବ ଏବଂ
ତୁମ୍ଭ ଦାସୀମାନଙ୍କ ଭକ୍ଷ୍ୟ ଉପଜୀବିକା ହେବ।

28 ଦୁଷ୍ଟ ଲୋକମାନେ ସବୁକୁ ଭୟ କରନ୍ତି। ମାତ୍ର
ଧାର୍ମିକ ଲୋକମାନେ ସିଂହପରି ଆତ୍ମନିର୍ଭରଶୀଳ
ହୁଅନ୍ତି।
2ଯଦି ଏକ ଦେଶର ଲୋକମାନେ କାହାକୁ ମାନିବେ
ନାହିଁ, ତେବେ ସେ ଦେଶରେ ଅଧିକ ଅଧିପତିମାନେ ସୃଷ୍ଟି
ହୁଅନ୍ତି। ମାତ୍ର ସେମାନେ ଖୁବ୍ କମ୍ ସମୟ ପାଇଁ ଶାସନ
କରନ୍ତି। କିନ୍ତୁ ଦେଶରେ ଧାର୍ମିକ ଶାସନକର୍ତ୍ତା ଥିଲେ, ସେ
ଅଧିକ ଦିନ ଶାସନ କରିବେ।
3ଯଦି ଶାସକ ଦରିଦ୍ରମାନଙ୍କୁ ଶୋଷଣ କରନ୍ତି, ସେହି
ରାଜା ପ୍ଲାବନକାରୀ ବୃଷ୍ଟି ପରି।
4ବ୍ୟବସ୍ଥା ତ୍ୟାଗକାରୀମାନେ ଦୁଷ୍ଟମାନଙ୍କୁ ପ୍ରଶଂସା କରନ୍ତି।
ମାତ୍ର ଆଜ୍ଞାପାଳକ ଲୋକମାନେ ସେମାନଙ୍କୁ ବିରୋଧ କରନ୍ତି।

5ମନ୍ଦ ଲୋକମାନେ ନ୍ୟାୟ ବୁଝନ୍ତି ନାହିଁ। ମାତ୍ର ସଦାପ୍ରଭୁଙ୍କ ଅନ୍ୱେଷଣକାରୀମାନେ ଏହି ବିଷୟକୁ ଭଲରେ ବୁଝନ୍ତି।

6ଜଣେ ଗରିବ ଲୋକ ଯିଏ ଦୋଷହୀନ ଭାବରେ ଜୀବନଯାପନ କରେ, ସେ ସେହି ଧନୀ ଲୋକଠାରୁ ଉତ୍ତମ ଯାହାର ପଥ କୁପଥଗାମୀ ହୋଇଛି।

7ଯେଉଁ ଲୋକ ବ୍ୟବସ୍ଥା ମାନେ, ସେ ବୁଦ୍ଧିମାନ ପୁତ୍ର ପୁଣି ଯେ ଭୋକାଳମାନଙ୍କର ସଙ୍ଗୀ ହୁଏ, ସେ ଆପଣା ପିତାକୁ ଲଜ୍ଜ୍ୟା ଦିଏ।

8ଯେଉଁମାନେ ସୁଧ ଓ ବୃଦ୍ଧିଦ୍ୱାରା ଆପଣା ସମ୍ପତ୍ତି ବୃଦ୍ଧି କରନ୍ତି, ସେମାନେ ଦୀନହୀନ ପାଇଁ ଦୟାକରିବା ପାଇଁ ତାହା ସଞ୍ଚୟ କରନ୍ତି।

9ଯେଉଁ ଲୋକ କିଛି ଶିକ୍ଷା ଶୁଣିବା ପୂର୍ବରୁ ଆପଣା କର୍ଣ୍ଣ ବନ୍ଦ କରିଦିଏ, ତାହାର ପ୍ରାର୍ଥନା ହିଁ ଘୃଣାର ବିଷୟ ହୁଏ।

10ଯେଉଁ ଲୋକ ସରଳ ଲୋକକୁ ମନ୍ଦ ପଥରେ ଯିବାକୁ ଭୁଲାଏ। ସେ ନିଜେ ଗାତରେ ପଡ଼ିବ। କିନ୍ତୁ ନିରୀହ ଲୋକମାନେ ଉତ୍ତମ ଜିନିଷର ଅଧିକାରୀ ହେବେ।

11ଧନବାନ ଆପଣା ଦୃଷ୍ଟିରେ ଜ୍ଞାନବାନ। ମାତ୍ର ବୁଦ୍ଧିମାନ ଦୀନହୀନ ଲୋକ ତାହାର ପରିଚୟ ନିଏ।

12ଧାର୍ମିକମାନେ ଜୟ କଲେ ମହା ଗୌରବ ହୁଏ। ମାତ୍ର ଦୁଷ୍ଟମାନଙ୍କର ଉନ୍ନତି ହେଲେ, ଲୋକେ ଆପଣାକୁ ଲୁଚାନ୍ତି।

13ଯେ ଆପଣା ଅଧର୍ମ ଆଚ୍ଛାଦନ କରେ, ସେ ମଙ୍ଗଳ ପାଏ ନାହିଁ। ମାତ୍ର ଯେଉଁ ଲୋକ ତାହା ସ୍ୱୀକାର କରି ତାକୁ ପରିତ୍ୟାଗ କରେ, ସେ ଦୟା ପାଇବ।

14ଯେଉଁ ଲୋକ ସର୍ବଦା ଭୟ ରଖେ, ସେ ଧନ୍ୟ, ମାତ୍ର ଯେ ଆପଣା ମନକୁ କଠିନ କରେ, ସେ ଆପଦରେ ପଡ଼ିବ।

15ଯେମନ୍ତ ଗର୍ଜନକାରୀ ସିଂହ ଓ ଭ୍ରମଣକାରୀ ଭାଲୁକ, ଠିକ୍ ସେହିପରି ଦୀନହୀନ ପ୍ରଜାଙ୍କ ଉପରେ ଦୁଷ୍ଟ ଶାସନକର୍ତ୍ତା ଅଟନ୍ତି।

16ଯେଉଁ ଅଧ୍ୟକ୍ଷ ବୁଦ୍ଧିହୀନ, ସେ ମଧ୍ୟ ଅତି ଉପଦ୍ରବୀ ହୁଏ। ମାତ୍ର ଯେ ଲୋଭକୁ ଘୃଣା କରେ, ସେ ଆପଣା ଦିନ ବଢ଼ାଇବ।

17ଯେଉଁ ଲୋକ କୌଣସି ଲୋକର ରକ୍ତରେ ଭାରଗ୍ରସ୍ତ ହୁଏ, ସେ ଗର୍ତ୍ତ ପର୍ଯ୍ୟନ୍ତ ପଳାଇବ। ତାକୁ କେହି ଅଟକାଇବେ ନାହିଁ।

18ସେହି ଜଣେ ଯିଏ ନିର୍ଦ୍ଦୋଷ ଭାବରେ ଜୀବନ ଯାପନ କରେ, ସେ ନିଜକୁ ରକ୍ଷା କରେ। କିନ୍ତୁ ଜଣେ ଯିଏ ତା'ର ନିଜ ପଥକୁ ବିପଥରେ ନିଏ ସେ ଅକସ୍ମାତ ପଡ଼ିଯିବ।

19ଆପଣା ଭୂମିକୁ ଯେ ଚଷେ, ସେ ଯଥେଷ୍ଟ ଆହାର ପାଇବ। ଯେଉଁ ଲୋକ ଅସାର ଲୋକର ଅନୁଗାମୀ ହେବ, ତାହାର ଯଥେଷ୍ଟ ଦରିଦ୍ରତା ପାଇବ।

20ବିଶ୍ୱସ୍ତ ଲୋକ ଆଶୀର୍ବାଦରେ ବର୍ଦ୍ଧିଷ୍ଣୁ ହେବ। ମାତ୍ର ଯେ ଧନବାନ ହେବାକୁ ଅତି ଉଦ୍ୟମ କରେ, ସେ ନିଶ୍ଚିତ ଦଣ୍ଡିତ ହେବ।

21ଜଣେ ବିଚାରକ ଜଣଙ୍କର ମୁହଁ ଦେଖି ବିଚାର କରିବା ଉଚିତ୍ ନୁହେଁ, କିଅବା ଲାଞ୍ଚ ନେଇ ବିଚାର କରିବା ଉଚିତ୍ ନୁହେଁ।

22କୃପଣ ମନୁଷ୍ୟ ଧନ ହେବାକୁ ବ୍ୟଗ୍ର। ମାତ୍ର ତାହାକୁ ଦାରିଦ୍ର୍ୟ ଗ୍ରାସ କରିବ ବୋଲି ସେ ଜାଣେ ନାହିଁ।

23ମୁହଁରେ ଚାଟୁବାକ୍ୟ କହିବା ଲୋକ ଅପେକ୍ଷା ମନୁଷ୍ୟକୁ ଅନୁଯୋଗ କରିବା ଲୋକ ଶେଷରେ ଅଧିକ ଅନୁଗ୍ରହ ପାଏ।

24ଯେ ଆପଣା ମାତା କି ପିତା ଧନ ଅପହରଣ କରି କହେ, "ଏଥିରେ କିଛି ଅଧର୍ମ ନାହିଁ," ସେ ସଂହାର କରି ସଙ୍ଗୀ ଅଟେ।

25ଜଣେ ଲୋଭି ମନୁଷ୍ୟ କଳହ ସୃଷ୍ଟି କରେ। କିନ୍ତୁ ସେହି ମନୁଷ୍ୟ ଯିଏ ସଦାପ୍ରଭୁଙ୍କ ଉପରେ ବିଶ୍ୱାସ ରଖେ ସେ ଉନ୍ନତି କରିବ।

26ଯେଉଁ ଲୋକ ନିଜ ବଳ ଉପରେ ବିଶ୍ୱାସ ରଖେ ସେ ମୂର୍ଖ। କିନ୍ତୁ ସେ ଯିଏ ଜ୍ଞାନରେ ଚାଲେ, ବିପର୍ଯ୍ୟୟରୁ ରକ୍ଷା ପାଇବ।

27ଯେ ଦରିଦ୍ରକୁ ଦାନ କରେ, ତାର ଅଭାବ ହେବ ନାହିଁ। ମାତ୍ର ଯେ ଆପଣା ଆଖି ବନ୍ଦ କରେ, ସେ ଅନେକ ଅଭିଶାପ ପାଇବ।

28ଦୁଷ୍ଟମାନେ ଉନ୍ନୀତ ହେଲେ, ଲୋକେ ଆପଣାମାନଙ୍କୁ ଲୁଚାନ୍ତି। ମାତ୍ର ସେମାନେ ବିନଷ୍ଟ ହେଲେ, ଧାର୍ମିକଗଣ ବର୍ଦ୍ଧିଷ୍ଣୁ ହୁଅନ୍ତି।

29 ଯେଉଁଲୋକ ଥରକୁଥର, ଅନୁଯୋଗ ପାଇ ମଧ୍ୟ ଆପଣା ଗ୍ରୀବା ଶକ୍ତ କରେ, ସେ ପ୍ରତିକାର ବିନା ଶୀଘ୍ର ବିନାଶ ହେବ।

2ଧାର୍ମିକମାନେ ବର୍ଦ୍ଧିଷ୍ଣୁ ହେଲେ, ଲୋକମାନେ ଆନନ୍ଦ କରନ୍ତି। ମାତ୍ର ଦୁଷ୍ଟମାନେ କର୍ତ୍ତୃତ୍ୱ ପାଇଲେ, ଲୋକମାନେ ଆର୍ତ୍ତସ୍ୱର କରନ୍ତି।

3ଯେଉଁ ପୁତ୍ର ଜ୍ଞାନକୁ ସ୍ନେହ କରେ, ସେ ଆପଣା ପିତାକୁ ଖୁସି ରଖେ। ମାତ୍ର ଯେ ବେଶ୍ୟାମାନଙ୍କଠାରେ ଅନୁରକ୍ତ, ସେ ଆପଣା ସମ୍ପତ୍ତି ଉଡାଇ ଦିଏ।

4ରାଜା ସୁବିଚାର ଦ୍ୱାରା ତାଙ୍କର ଦେଶକୁ ପ୍ରତିଷ୍ଠିତ କରେ। କିନ୍ତୁ ଜଣେ ଯିଏ ଲାଞ୍ଚକୁ ଭଲପାଏ, ସେ ଏହାକୁ ଧ୍ୱଂସ କରେ।

5ଯେଉଁଲୋକ ଆପଣା ପ୍ରତିବେଶୀର ଚାଟୁବାଦ କରେ, ସେ ତା'ର ପାଦ ପାଇଁ ଫାନ୍ଦ ବିଛାଏ।

6ମନ୍ଦ ଲୋକର ଅଧର୍ମରେ ଫାନ୍ଦ ଥାଏ, ମାତ୍ର ଧାର୍ମିକ ଗାନ ଓ ଆନନ୍ଦ କରେ।

7ଧାର୍ମିକ ଲୋକ ଦରିଦ୍ର ଲୋକର ନ୍ୟାୟ ପାଇଁ ଯତ୍ନବାନ୍ ଥାନ୍ତି। ମାତ୍ର ତାହା ଜାଣିବା ପାଇଁ ମୂର୍ଖ ଲୋକର ବୁଦ୍ଧି ନାହିଁ।

8ନିନ୍ଦକ ମନୁଷ୍ୟ ନଗରରେ ଅସୁବିଧା ପ୍ରଜ୍ୱଳିତ କରନ୍ତି। କିନ୍ତୁ ଜ୍ଞାନୀ ମନୁଷ୍ୟମାନେ କ୍ରୋଧକୁ ଶାନ୍ତ କରନ୍ତି।

9ଯେତେବେଳେ ଜଣେ ଜ୍ଞାନୀ ମୂର୍ଖ ସାଙ୍ଗରେ ବିଚାରାଳୟକୁ ଯାଏ, ମୂର୍ଖ ଲୋକ ରାଗି ଯାଏ ଏବଂ ଯୁକ୍ତି କରେ ଏବଂ ସେଠାରେ ବିବାଦର ସଂପୂର୍ଣ୍ଣ ସମାପ୍ତି ନଥାଏ।

10ରକ୍ତପାତ ପ୍ରିୟ ଲୋକମାନେ, ସିଦ୍ଧ ବ୍ୟକ୍ତିକୁ ଘୃଣା କରନ୍ତି। କିନ୍ତୁ ନ୍ୟାୟବାନ ଲୋକ ତା'ର ଜୀବନକୁ ରକ୍ଷା କରେ।

11ମୂର୍ଖ ଆପଣାର ସବୁ କ୍ରୋଧ ପ୍ରକାଶ କରେ। ମାତ୍ର
ଜ୍ଞାନୀ ତାହା ସମ୍ଭାଳି କ୍ଷାନ୍ତ କରେ।
12ଶାସନକର୍ତ୍ତା ଯଦି ମିଥ୍ୟାକୁ ଶୁଣନ୍ତି, ତେବେ ତାଙ୍କର
ସମସ୍ତ ଅଧିକାରୀ ଦୁର୍ନୀତିଗ୍ରସ୍ତ ହେବେ।
13ଦରିଦ୍ର ଓ ଉପଦ୍ରବୀ ଏକତ୍ର ମିଳନ୍ତି, ସଦାପ୍ରଭୁ ଉଭୟର
ଚକ୍ଷୁ ଦୀପ୍ତିମାନ କରନ୍ତି।
14ଯେଉଁ ରାଜା ବିଶ୍ୱସ୍ତ ରୂପେ ଦୀନହୀନମାନଙ୍କର ବିଚାର
କରେ ତାହାର ସିହାଂସନ ସଦାକାଳ ପାଇଁ ସୁସ୍ଥିର ହେବ।
15ବାଡ଼ି ଓ ଅନୁଯୋଗ ଜ୍ଞାନ ଦିଏ। ମାତ୍ର ପିଲାକୁ ତା’ର
ଇଚ୍ଛାରେ ଛାଡ଼ି ଦେଲେ, ସେ ତା’ର ମାତାକୁ ଲଜ୍ଜ୍ୟା ଦିଏ।
16ଦୁଷ୍ଟ ଲୋକମାନେ ବର୍ଦ୍ଧିଷ୍ଣୁ ହେଲେ, ଅଧର୍ମ ବଢେ।
ମାତ୍ର ଧାର୍ମିକମାନେ ସେମାନଙ୍କର ନିପାତ ଦେଖିବେ।
17ଯଦି ତୁମ୍ଭେ ତୁମ୍ଭର ପୁତ୍ରକୁ ଅନୁଶାସନ କର, ସେ
ତୁମ୍ଭକୁ ଶାନ୍ତି ଆଣି ଦେବ ଏବଂ ତୁମ୍ଭର ପ୍ରାଣକୁ ଆନନ୍ଦ
ଆଣିଦେବ।
18ଯଦି ଏକ ଜାତି ପରମେଶ୍ୱରଙ୍କର ପ୍ରକାଶିତବାକ୍ୟ ଦ୍ୱାରା
ନଚାଲେ, ଲୋକମାନେ ବିଶୃଙ୍ଖଳିତ ହୁଅନ୍ତି। କିନ୍ତୁ ଯେଉଁ
ଲୋକ ପରମେଶ୍ୱରଙ୍କର ନିୟମ ମାନି ଚଳେ, ସେ ଆଶୀର୍ବାଦ
ପାଏ।
19ମାତ୍ର କଥାରେ ସେବକକୁ ସଂଶୋଧିତ କରାଯାଇ
ପାରିବ ନାହିଁ କାରଣ ଯଦିଓ ସେ ବୁଝେ ସେ ପ୍ରତିକ୍ରିୟା
କରେ ନାହିଁ।
20ଯଦି ଜଣେ କିଛି ଚିନ୍ତା ନକରି କିଛି କହେ, ତାପ୍ରତି
ଭରସା ରଖନାହିଁ। ତା ଅପେକ୍ଷା ମୂର୍ଖ ଲୋକଠାରେ ଭରସା
ରଖିଲେ ଭଲ।
21ଯଦି ତୁମ୍ଭେ ତୁମ୍ଭ ସେବକକୁ ତା’ର ବାଲ୍ୟକାଳରୁ
ଅଧିକ ପ୍ରଶୟ ଦିଅ, ସେ ଜିଦ୍‌ଖୋର ସେବକ ହୋଇଯିବ।
22ରାଗିଲୋକ ସର୍ବଦା ବିଶୃଙ୍ଖଳା ବାତାବରଣ ସୃଷ୍ଟି କରନ୍ତି।
ରାଗି ଲୋକମାନେ କେତେକ ପାପ କରିବସନ୍ତି।
23ଯଦି ଜଣେ ଲୋକ ଗର୍ବି ତେବେ ତାହା ତାକୁ ଧ୍ୱଂସ
କରିବ। ଯଦି ଜଣେ ଲୋକ ବିନତ, ତେବେ ସମ୍ମାନ ପାଇବ।
24ଚୋରର ଭାଗିଦାର ଆପଣା ପ୍ରାଣକୁ ଘୃଣା କରେ। ଯଦି
ସେ ବିଚାରାଳୟରେ ବାଧ ହୁଏ କହିବାକୁ, ତେବେ ସେ ସତ୍ୟ
କହିବାକୁ ବହୁତ ଭୟ କରିବ।
25ଲୋକଭୟ ଫାନ୍ଦଜନକ, ମାତ୍ର ସଦାପ୍ରଭୁଙ୍କଠାରେ ଯେ
ନିର୍ଭର ରଖେ, ସେ ସୁରକ୍ଷିତ ହେବ।
26ଅନେକ ଶାସନକର୍ତ୍ତାର ପାଖରୁ ନ୍ୟାୟ ପାଇଁ ଇଚ୍ଛା
କରନ୍ତି। ମାତ୍ର ମନୁଷ୍ୟର ପ୍ରକୃତ ବିଚାର ସଦାପ୍ରଭୁଙ୍କଠାରୁ
ଆସିଥାଏ।
27ଅଧର୍ମକାରୀ ଲୋକ ଧାର୍ମିକର ଘୃଣାର ବିଷୟ, ପୁଣି
ସରଳ ପଥଗାମୀ ଦୁଷ୍ଟ ଲୋକର ଘୃଣା ବିଷୟ ହୁଏ।

## ଯାକିର ପୁତ୍ର ଆଗୁରର ଜ୍ଞାନପୂର୍ଣ୍ଣ ଉପଦେଶ

30 ଏଗୁଡିକ ହେଉଛି ଯାକିର ପୁତ୍ର ଆଗୁରର ଜ୍ଞାନପୂର୍ଣ୍ଣ
କଥା। ଏହା ହେଉଛି ଇଥୀୟେଲ ଓ ଉକଲଙ୍କ
ପାଇଁ ବାର୍ତ୍ତା*।
2ମୁଁ ହେଉଛି ପୃଥିବୀର ସବୁଠାରୁ ନିର୍ବୋଧ ଲୋକ।
ମୋଠାରେ ମନୁଷ୍ୟର ବିବେଚନା ନାହିଁ। 3ମୁଁ ଜ୍ଞାନ ଶିଖି
ନାହିଁ, ପରମେଶ୍ୱରଙ୍କ ବିଷୟରେ ମଧ୍ୟ ମୋର ଜ୍ଞାନ ନାହିଁ।
4କିଏ କେବେ ସ୍ୱର୍ଗକୁ ଯାଇଛି ଏବଂ ତଳକୁ ଫେରି
ଆସିଛି? କୌଣସି ଲୋକ ତା’ର ମୁଷ୍ଟିରେ ବାୟୁକୁ ଏକତ୍ର
କରି ନାହିଁ। କୌଣସି ଲୋକ କପଡାରେ ସମସ୍ତ ଜଳକୁ ବାନ୍ଧି
ନାହିଁ। କୌଣସି ଲୋକ ପୃଥିବୀର ସବୁ ସୀମା ନିରୂପଣ କରି
ନାହିଁ। ଯଦି କୌଣସି ଲୋକ ଏହା କରିଛି, ସେ କିଏ?
ତାଙ୍କର ପୁତ୍ରର ନାମ କଣ?
5ପରମେଶ୍ୱରଙ୍କର ପ୍ରତ୍ୟେକ ବାକ୍ୟ ପରୀକ୍ଷା ସିଦ୍ଧ, ଯେଉଁମାନେ
ତାଙ୍କଠାରେ ଆଶ୍ରୟ ନିଅନ୍ତି, ସେ ସେମାନଙ୍କର ଢ଼ାଲ ଅଟନ୍ତି।
6ତେଣୁ ପରମେଶ୍ୱରଙ୍କର ବାକ୍ୟକୁ ପରିବର୍ତ୍ତନ କରିବାକୁ
ଚେଷ୍ଟା କରନାହିଁ। ଯଦି ତୁମ୍ଭେ ଏପରି କର, ସେ ତୁମ୍ଭକୁ
ଶାସ୍ତି ଦେବେ, ଏବଂ ତୁମ୍ଭେ ମିଥ୍ୟା କହୁଛ ବୋଲି ପ୍ରମାଣିତ
ହେବ।
7ହେ ସଦାପ୍ରଭୁ, ମୋର ମଲା ପୂର୍ବରୁ ମୋତେ ଦୁଇଟି
ବର ଦିଅ। 8ମୋତେ ସହାୟ ହୁଅ, ମୁଁ ଯେପରି ମିଥ୍ୟା ନ
କହେ, ମୋତେ ଅତ୍ୟଧିକ ଧନୀ କି ଅତ୍ୟଧିକ ଗରିବ କର
ନାହିଁ। ମୋର ପ୍ରତ୍ୟେକ ଦିନର ଆବଶ୍ୟକତା କେବଳ ପୂରଣ
କର। 9ଯଦି ମୋର ଆବଶ୍ୟକତାଠାରୁ ଅଧିକ ଥାଏ, ତେବେ
ମୁଁ ହୁଏତ୍ ଚିନ୍ତା କରିପାରେ ଯେ, ମୁଁ ପରମେଶ୍ୱରଙ୍କୁ
ଦରକାର କରେ ନାହିଁ। ଯଦି ମୁଁ ଗରିବ, ତେବେ ମୁଁ ଚୋରି
ହୁଏତ କରିବି ଓ ପରମେଶ୍ୱରଙ୍କ ନାମକୁ ଲଜ୍ଜ୍ୟା ଆଣିବି।
10ଦାସର ପ୍ରଭୁ ସମ୍ମୁଖରେ ତା’ର କୁତ୍ସାରଟନା କର
ନାହିଁ। ଯଦି ତୁମ୍ଭେ ଏପରି କୁହ, ମୁନିବ ତୁମ୍ଭକୁ ବିଶ୍ୱାସ
କରିବ ନାହିଁ। ତୁମ୍ଭକୁ ସେ ଅପରାଧି ବୋଲି ବିବେଚନା
କରିବ।
11କିଛି ଲୋକ ଅଛନ୍ତି ଯେଉଁମାନେ ତାଙ୍କର ପିତାଙ୍କ
ବିରୁଦ୍ଧରେ କହନ୍ତି। ଏବଂ ସେମାନେ ସେମାନଙ୍କର ମାତାଙ୍କୁ
ସମ୍ମାନ ଦେଖାଉ ନାହାନ୍ତି।
12କେତେକ ଲୋକ ନିଜକୁ ବହୁତ ଭଲ ବୋଲି ଭାବନ୍ତି,
କିନ୍ତୁ ବାସ୍ତବରେ ସେମାନେ ଅତ୍ୟନ୍ତ ଖରାପ ଲୋକ ଅଟନ୍ତି।
13କେତେକ ଲୋକ ଅଛନ୍ତି, ଯେଉଁମାନେ ଭାବନ୍ତି ସେମାନେ
ବହୁତ ଭଲ। ସେମାନେ ଭାବନ୍ତି ଅନ୍ୟମାନଙ୍କଠାରୁ ଯଥେଷ୍ଟ
ଭଲ।
14କେତେକ ଲୋକ ଅଛନ୍ତି, ସେମାନଙ୍କର ବାକ୍ୟ ଖଣ୍ଡାଧାର
ଠାରୁ ତୀକ୍ଷ୍ଣ। ସେମାନଙ୍କର ଦାନ୍ତ ଛୁରୀପରି ଅଟେ। ସେମାନେ
ଏହାକୁ ଦରିଦ୍ର ଲୋକମାନଙ୍କୁ ଗ୍ରାସ କରିବାକୁ ବ୍ୟବହାର
କରନ୍ତି।
15କେତେକ ଲୋକ ଅଛନ୍ତି ସେମାନେ ସବୁ ନେବାକୁ
ଚାହାଁନ୍ତି। ସେମାନେ ସର୍ବଦା କହନ୍ତି, “ମୋତେ ଦିଅ, ମୋତେ
ଦିଅ।” ଏପରି ତିନୋଟି କଥାରେ ସେମାନେ ଆଦୌ ସନ୍ତୁଷ୍ଟ
ନୁହଁନ୍ତି। ଏବଂ ଚତୁର୍ଥଟି କେବେହେଲେ କହେ ନାହିଁ, “ମୋର
ପାଖରେ ଯଥେଷ୍ଟ ଅଛି।” 16ମୃତ୍ୟୁର ସ୍ଥାନ, ବନ୍ଧ୍ୟା ସ୍ତ୍ରୀ,
ଜଳରେ ଅତୃପ୍ତ ଭୂମି ଓ ଅଗ୍ନି ଯେଉଁମାନେ କହନ୍ତି ନାହିଁ,
ଯଥେଷ୍ଟ ହେଲା।

**ଏହା...ବାର୍ତ୍ତା:** ଏହି ମନୁଷ୍ୟ କହିଲା, ‘ମୁଁ ଅତ୍ୟନ୍ତ ଦୁର୍ବଳ। ମୁଁ ଅତ୍ୟନ୍ତ ଦୁର୍ବଳ। କିନ୍ତୁ ମୁଁ କୃତକାର୍ଯ୍ୟ ହେବି।

17ଯେଉଁ ବ୍ୟକ୍ତି ତା'ର ପିତାଙ୍କୁ ପରିହାସ କରେ ଓ
ତା'ର ମାତାଙ୍କୁ ସମ୍ମାନ କରେ ନାହିଁ, ସେ ଦଣ୍ଡିତ ହେବ।
ଏହିପରି ତା ପାଇଁ ହେବ। ତା'ର ଚକ୍ଷୁକୁ ଶାଗୁଣାମାନେ ତାଡି
ପକାଇବେ, ଡ଼ାମରାକାଉମାନେ ସେଗୁଡ଼ିକୁ ଖାଇଯିବେ।
18ତିନି କଥା ମୋତେ ରହସ୍ୟ ପରି ଲାଗେ। ପୁଣି ଚାରି
କଥା ମୁଁ ଜାଣେ ନାହିଁ। 19ଆକାଶରେ ଉତ୍କ୍ରୋଶ ପକ୍ଷୀର
ଗତି, ପ୍ରସ୍ତରରେ ସର୍ପର ଗତି, ସମୁଦ୍ର ମଧ୍ୟରେ ଜାହାଜର
ଗତି, ଯୁବତୀଠାରେ ପୁରୁଷର ଗତି।
20ସେହିପରି ବ୍ୟଭିଚାରିଣୀ ସ୍ତ୍ରୀର ଗତି। ସେ ଖାଇ ମୁହଁ
ପୋଛି ଦିଏ ଓ କହେ, "ମୁଁ କିଛି ଅଧର୍ମ କରି ନାହିଁ।"
21ତିନି କଥାର ଭାରରେ ପୃଥିବୀ କମ୍ପିତ ହୁଏ। ପୁଣି
ଚାରି କଥାର ଭାରରେ ମଧ୍ୟ ତାହା ସେ ସହିପାରେ ନାହିଁ।
22ଦାସର ଭାର ଯେତେବେଳେ ସେ ରାଜତ୍ୱ କରେ, ମୂର୍ଖର
ଭାର ଯେତେବେଳେ ସେ ଆହାରରେ ପରିତୃପ୍ତ। 23କେହି
ଭଲ ପାଉ ନଥିବା ସ୍ତ୍ରୀଲୋକକୁ ଯାହାର ବିବାହ ହୋଇଯାଏ।
ଏବଂ ଚାକରାଣୀର ଭାର ଯେତେବେଳେ ସେ ତା'ର ମାଲିକାଣିର
ସ୍ଥାନ ନିଏ।
24ଚାରି ପ୍ରାଣୀ ପୃଥିବୀରେ ସାନ, ମାତ୍ର ସେମାନେ
ଅତିଶୟ ଜ୍ଞାନବାନ୍ ଅଟନ୍ତି।
25ପିମ୍ପୁଡ଼ି ଜାତି ଦୁର୍ବଳ ଅଟନ୍ତି, ମାତ୍ର ଅତିଶୟ ଜ୍ଞାନବାନ,
ସେମାନେ ଗ୍ରୀଷ୍ମ ସମୟରେ ସେମାନଙ୍କର ଖାଦ୍ୟ ସଞ୍ଚୟ କରି
ରଖନ୍ତି।
26ଶାଫନ୍ ଜନ୍ତୁଗଣ ଶକ୍ତିହୀନ ଜାତି, ମାତ୍ର ସେମାନେ
ଶୈଳରେ ଆପଣାର ବସା ନିର୍ମାଣ କରନ୍ତି।
27ପଙ୍ଗପାଳମାନଙ୍କର କୌଣସି ରାଜା ନାହିଁ, ତଥାପି
ସେମାନେ ଦଳବଦ୍ଧ ହୋଇ ଗମନ କରନ୍ତି।
28ଝିଟିପିଟି ହସ୍ତଦ୍ୱାରା ଧରେ, ତଥାପି ସେ ରାଜାର
ଅଟ୍ଟାଳିକାରେ ଥାଏ।
29ତିନିପ୍ରାଣୀ ଗୌରବଶାଳୀ ଅଟନ୍ତି, ଯେତେବେଳେ ସେମାନେ
ସୈନିକ ରୀତିରେ ଅଗ୍ରସର ହୁଅନ୍ତି। ପୁଣି ଚାରିପ୍ରାଣୀ ଗୌରବଶାଳୀ
ଅଟନ୍ତି ଯେତେବେଳେ ସେମାନେ ଚାଲନ୍ତି।
30ସମସ୍ତ ପଶୁମାନଙ୍କ ମଧ୍ୟରେ ସବୁଠୁ ଶକ୍ତିଶାଳୀ ସିଂହ,
କାହାକୁ କେବେ ଭୟ କରେ ନାହିଁ।
31ଯୁଦ୍ଧାଶ୍ୱ, ଛାଗ ଓ ରାଜା ଯାହା ବିରୁଦ୍ଧରେ କେହି
ଉଠେ ନାହିଁ।
32ଯଦି ତୁମ୍ଭେ ଆପଣାକୁ ଉଚ୍ଚ କରିବାରେ ମୂଢ଼ର କର୍ମ
କରିଥାଅ, କିମ୍ବା ଯଦି କୁକଳ୍ପନା କରୁଥାଅ, ତେବେ ଆପଣା
ମୁଖରେ ହାତ ଦିଅ।
33କାରଣ ଯେପରି ଦୁଗ୍ଧମନ୍ଥନରୁ ଲହୁଣୀ ବାହାରେ ଓ
ନାସିକା ମନ୍ଥନରେ ରକ୍ତ ବାହାରେ, ଠିକ୍ ସେହିପରି କ୍ରୋଧ
ମନ୍ଥନରେ ବିବାଦ ବାହାରେ।

## ରାଜା ଲମୂୟେଲଙ୍କର ଜ୍ଞାନପୂର୍ଣ୍ଣ ବାକ୍ୟ

31 ଏହା ହେଉଛି ରାଜା ଲମୂୟେଲଙ୍କର ଉପଦେଶ
ପୂର୍ଣ୍ଣ ବାକ୍ୟ। ଯାହାକି ସେ ତାଙ୍କର ମାତାଙ୍କଠାରୁ
ସେ ଶିକ୍ଷା ଗ୍ରହଣ କରିଥିଲେ।
2ତୁମ୍ଭେ ହେଉଛ ମୋର ପୁତ୍ର, ମୁଁ ଯାହାକୁ ଭଲପାଏ,
ତୁମ୍ଭେ ହେଉଛ ସେହି ପୁତ୍ର ଯାହାକୁ ପାଇବା ପାଇଁ ମୁଁ
ପ୍ରାର୍ଥନା କରିଥିଲି। 3ତୁମ୍ଭେ ସ୍ତ୍ରୀ ଲୋକଙ୍କୁ ଆପଣାର ବଳ
ଦିଅ ନାହିଁ। ସେମାନେ ରାଜାମାନଙ୍କୁ ଧ୍ୱଂସ କଲେ। 4ହେ
ଲମୂୟେଲ, ରାଜାମାନଙ୍କର ଦ୍ରାକ୍ଷାରସ ପାନକରିବା ଉଚିତ୍
ନୁହେଁ। ଦ୍ରାକ୍ଷାରସ ପାନ କରିବା ଶାସକମାନଙ୍କ ପାଇଁ ଏହା
ଉଚିତ୍ ନୁହେଁ। 5ଯଦି ସେମାନେ ପାନ କରନ୍ତି, ସେମାନେ
ସବୁ ନିୟମ ଭୁଲି ଯାଆନ୍ତି ଏବଂ ଗରୀବ ଲୋକମାନଙ୍କ
ବିପକ୍ଷରେ ନ୍ୟାୟ କରନ୍ତି। 6ମୃତକଳ୍ପ ଲୋକକୁ ଦ୍ରାକ୍ଷାରସ
ଦିଅ ଓ ତିକ୍ତମନା ଲୋକକୁ ଦ୍ରାକ୍ଷାରସ ଦିଅ। 7ସେ ଲୋକ
ପାନକରି ଆପଣା ଦରିଦ୍ରତା ପାଶୋରନ୍ତୁ ଏବଂ ଆପଣା କ୍ଲେଶ
ଭୁଲି ଯାଆନ୍ତୁ।
8ତୁମ୍ଭର ପାଟି ଫିଟାଅ ଓ ସେମାନଙ୍କ ପାଇଁ କୁହ,
ଯେଉଁମାନେ ସେମାନଙ୍କ ପାଇଁ କହିପାରିବେ ନାହିଁ, କଷ୍ଟରେ
ଥିବା ଲୋକମାନଙ୍କର ଅଧିକାର ପାଇଁ କୁହ। 9ମୁଖ ଫିଟାଇ
ଯଥାର୍ଥ ବିଚାର କର। ଦୁଃଖୀ ଓ ଦରିଦ୍ରମାନଙ୍କର ସୁବିଚାର
କର।

## ଉପଯୁକ୍ତ ସ୍ତ୍ରୀ

10ଏହା ଅତ୍ୟନ୍ତ କଷ୍ଟ "ଏକ ଗୁଣବତୀ ସ୍ତ୍ରୀ ପାଇବା"
ତା'ର ମୂଲ୍ୟ, ମୁକ୍ତାଠାରୁ ଅଧିକ ମୂଲ୍ୟବାନ୍ ଅଟେ।
11ତା'ର ସ୍ୱାମୀର ହୃଦୟ ତାଠାରେ ନିର୍ଭର କରେ। ସେ
କଦାପି ଦରିଦ୍ର ହେବ ନାହିଁ।
12ସେ ଜୀବନସାରା ସ୍ୱାମୀର ମଙ୍ଗଳ କରେ। ସେ ତାଙ୍କୁ
କେବେ ଅସୁବିଧାରେ ପକାଏ ନାହିଁ।
13ସେ ମେଷଲୋମ ମସିନା ଖୋଜି ସନ୍ତୋଷରେ ଆପଣା
ହସ୍ତରେ କର୍ମ କରେ।
14ସେ ବାଣିଜ୍ୟ ଜାହାଜ ପରି, ଦୂରରୁ ଆପଣା ଆହାର
ଆଣେ।
15ସେ ରାତ୍ରି ଥାଉଥାଉ ଉଠେ, ଆପଣା ପରିଜନଙ୍କୁ
ଖାଦ୍ୟ ଓ ଦାସୀଗଣଙ୍କୁ ନିରୂପିତ କର୍ମଦିଏ।
16ସେ କ୍ଷେତ୍ରର ବିଷୟ ବୁଝି ତାହା କିଣେ। ସେ ଆପଣା
ହସ୍ତର ଫଳଦେଇ ଦ୍ରାକ୍ଷାକ୍ଷେତ୍ର ରୋପଣ କରେ।
17ସେ ଜଣେ ବଳବାନ୍ କାର୍ଯ୍ୟକାରୀ ସ୍ତ୍ରୀ ସେ ସବୁ
ସମୟ କଠିନ ପରିଶ୍ରମ କରେ।
18ଆପଣା ବ୍ୟାପାର ଯେ ଲାଭଜନକ, ଏହା ସେ ବୁଝେ।
ପୁଣି ରାତ୍ରି କାଳରେ ତାହାର ପ୍ରଦୀପ ଲିଭିଯାଏ ନାହିଁ।
19ସେ ନୋଟିକି ହାତ ବଢାଏ, ପୁଣି ତା'ର ହସ୍ତ ତାହା
ପାଇଁ ବସ୍ତ୍ର ବୁଣେ।
20ସେ ଦୁଃଖୀ ଲୋକମାନଙ୍କ ପ୍ରତି ମୁକ୍ତହସ୍ତା ହୁଏ ଓ
ଦରିଦ୍ରମାନଙ୍କ ପ୍ରତି ଦୟା ଦେଖାଏ।
21ସେ କେବେହେଲେ ନିଜର ପରିବାର ବିଷୟରେ ଶୀତ
ଋତୁରେ ଦୁଃଖିନ ହୁଏ ନାହିଁ। ଯେତେବେଳେ ବରଫପାତ
ହୁଏ କାରଣ ତାହାର ସମସ୍ତ ପରିବାର ଗରମ ବସ୍ତ୍ର ପିନ୍ଧନ୍ତି।
22ସେ ଆପଣା ନିମନ୍ତେ ଚିତ୍ରବିଚିତ୍ର ଆଚ୍ଛାଦାନ ବସ୍ତ୍ର
ପ୍ରସ୍ତୁତ କରେ। ସେ ଶୁଭ୍ର କ୍ଷୌମବସ୍ତ୍ର ପିନ୍ଧେ।
23ଲୋକମାନେ ତା'ର ସ୍ୱାମୀକୁ ସମ୍ମାନ କରନ୍ତି। ସେ
ଦେଶର ଜଣେ ମୁଖିଆ ଅଟେ।

24ସେ ଜଣେ ଉତ୍ତମ ବ୍ୟବସାୟୀ ସ୍ତ୍ରୀ ଅଟେ। ସେ ଲୁଗା ଓ ବେଲଟ୍ ପ୍ରସ୍ତୁତ କରେ ଓ ତାକୁ ବ୍ୟବସାୟୀମାନଙ୍କୁ ବିକେ।

25ସେ ପ୍ରଶଂସାର ଯୋଗ୍ୟ, ଲୋକମାନେ ତାଙ୍କୁ ସମ୍ମାନ କରନ୍ତି। ସେ ନିର୍ଭିକ ଭାବେ ତା'ର ଭବିଷ୍ୟତ ଦେଖିପାରେ।

26ସେ ଜ୍ଞାନପୂର୍ଣ୍ଣ କଥା କହେ। ସେ ଲୋକମାନଙ୍କୁ ଦୟା ଓ କରୁଣା ଶିକ୍ଷା ଦିଏ।

27ସେ କେବେ ଅଳସୁଆ ହୁଏ ନାହିଁ। ସେ ତା'ର ଗୃହର ପ୍ରତ୍ୟେକ ଦ୍ରବ୍ୟର ଯତ୍ନ ନିଏ।

28ତା'ର ସନ୍ତାନମାନେ ତାକୁ ଧନ୍ୟ ବୋଲି କହନ୍ତି। ତା'ର ସ୍ୱାମୀ ତା'ର ପ୍ରଶଂସା କରେ।

29"ବହୁତ ଭଲ ସ୍ତ୍ରୀଲୋକ ଅଛନ୍ତି। କିନ୍ତୁ ତୁମ୍ଭେ ସବୁଠାରୁ ଉତ୍ତମ।"

30ଲାବଣ୍ୟ ପ୍ରବଞ୍ଚନା ଜନକ ଓ ସୌନ୍ଦର୍ଯ୍ୟ ଅସାର, ମାତ୍ର ଯେଉଁ ସ୍ତ୍ରୀ ସଦାପ୍ରଭୁଙ୍କୁ ଭୟ କରେ, ସେ ପ୍ରଶଂସିତା ହେବ।

31ସେ ପାଇବାର ଉପଯୁକ୍ତ ପୁରସ୍କାର ତାକୁ ଦିଅ। ତାକୁ ତା' ନିଜର କର୍ମ କରିବାକୁ ଛାଡିଦିଅ। ସେ ଯାହା କରିଯାଇଛି ଲୋକମାନଙ୍କ ନଗର ଦ୍ୱାରରେ ତାହାର ପ୍ରଶଂସା ଆଣିଦିଏ।

# ଗୀତସଂହିତା

## ପ୍ରଥମ ପୁସ୍ତକ

### ଗୀତ 1

1 ଜଣେ ବ୍ୟକ୍ତି ପ୍ରକୃତରେ ଆଶୀର୍ବାଦ ଗ୍ରହଣ କରିବ, ଯଦି ସେ ଦୁଷ୍ଟ ଲୋକଙ୍କ ଉପଦେଶ ଗ୍ରହଣ କରେ ନାହିଁ, ପାପୀମାନଙ୍କ ପରି ଜୀବନ ଯାପନ କରେ ନାହିଁ, ଯେଉଁମାନେ କି ପରମେଶ୍ୱରଙ୍କୁ ସମ୍ମାନ ଦେଖାନ୍ତି ନାହିଁ, ସେହି ଲୋକମାନଙ୍କ ସହିତ ତା'ର ସମୟ କଟାଏ ନାହିଁ,

2 ଉତ୍ତମ ବ୍ୟକ୍ତି ସଦାପ୍ରଭୁଙ୍କ ପ୍ରତ୍ୟେକ ବ୍ୟବସ୍ଥାକୁ ଶ୍ରଦ୍ଧାରେ ଗ୍ରହଣ କରେ ଓ ଦିନ ରାତି ସଦାପ୍ରଭୁଙ୍କ ବ୍ୟବସ୍ଥା ଧ୍ୟାନ କରୁଥାଏ।

3 ତେଣୁ ସେହି ବ୍ୟକ୍ତି ଅଧିକ ବଳଶାଳୀ ହୁଏ, ପ୍ରଚୁର ପାଣି ପାଉଥିବା ବୃକ୍ଷର ସ୍ଥିତି ପରି। ସେହି ବ୍ୟକ୍ତି ଠିକ୍ ସମୟରେ ଫଳ ଦେଉଥିବା ଗୋଟିଏ ବୃକ୍ଷପରି ଅଟେ। ସେହି ବ୍ୟକ୍ତି ସେହି ବୃକ୍ଷ ପରି ଶକ୍ତିଶାଳୀ, ଯାହାର ପତ୍ର କେବେହେଲେ ଶୁଖିପଡ଼େ ନାହିଁ। ସେ ଯାହା କରେ, ତହିଁରେ କୃତକାର୍ଯ୍ୟ ହୁଏ।

4 ଦୁଷ୍ଟ ଲୋକମାନେ ସେପରି ନୁହନ୍ତି। ଦୁଷ୍ଟ ଲୋକମାନେ କେବଳ 'ଗ୍ୱେପା' ବା 'ତୁଷ' ଭଳି ଯାହାକୁକି ସହଜରେ ପବନ ଉଡ଼ାଇ ନେଇପାରେ।

5 ଯଦି ଧାର୍ମିକ ବ୍ୟକ୍ତିମାନେ ଏକତ୍ରିତ ହୋଇ କୌଣସି ମକଦ୍ଦମା ଫଇସଲା କରିବାକୁ ଯିବେ, ତାହାହେଲେ ଦୁଷ୍ଟ ଲୋକମାନେ ସହଜରେ ଦୋଷୀ ସାବ୍ୟସ୍ତ ହୋଇଯିବେ। ସେହି ପାପୀମାନେ କେବେହେଲେ ନିରପରାଧୀ ବୋଲି ପ୍ରମାଣିତ ହୋଇପାରିବେ ନାହିଁ।

6 କାରଣ ସଦାପ୍ରଭୁ କେବଳ ଧାର୍ମିକ ବ୍ୟକ୍ତିମାନଙ୍କୁ ରକ୍ଷା କରନ୍ତି ଦୁଷ୍ଟ ଲୋକମାନଙ୍କର କାର୍ଯ୍ୟ ବିନଷ୍ଟ କରନ୍ତି।

### ଗୀତ 2

1 କାହିଁକି ଅନ୍ୟ ଦେଶର ଲୋକମାନେ କଳହ କରନ୍ତି, କାହିଁକି ସେମାନେ ମନ୍ଦ ଯୋଜନା କରନ୍ତି?

2 ସେମାନଙ୍କ ରାଜା ଓ ନେତାମାନେ ଏକତ୍ରିତ ହୋଇ ସଦାପ୍ରଭୁଙ୍କ ବିରୁଦ୍ଧରେ ଓ ତାଙ୍କ ଦ୍ୱାରା ଅଭିଷିକ୍ତ ରାଜାଙ୍କ ବିରୁଦ୍ଧରେ ଯୁଦ୍ଧ କରନ୍ତି।

3 ସେହି ନେତାମାନେ କୁହନ୍ତି, "ଆସ ଆମ୍ଭେ ପରମେଶ୍ୱର ଓ ତାଙ୍କ ଅଭିଷିକ୍ତ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କରିବା। "ଆସ ସେମାନଙ୍କଠାରୁ ଆମ୍ଭର ବନ୍ଧନ ଛିନ୍ନ କରି ମୁକ୍ତ ହୋଇଯିବା।"

4 କିନ୍ତୁ ମୋର ପ୍ରଭୁ ଯିଏକି 'ସ୍ୱର୍ଗର ରାଜା' ସେମାନଙ୍କ ଏପରି କଥାକୁ ପରିହାସ କରିବେ।

5-6 କିନ୍ତୁ ପରମେଶ୍ୱର ସେମାନଙ୍କ ଉପରେ କ୍ରୋଧିତ ହୁଅନ୍ତି ଏବଂ କୁହନ୍ତି, "ମୁଁ ଏହି ବ୍ୟକ୍ତିକୁ ରାଜା ହେବାକୁ ପସନ୍ଦ କରିଛି ଏବଂ ସେ ସିୟୋନ ପର୍ବତରେ ଶାସନ କରିବ। ସିୟୋନ ହେଉଛି ମୋର ପବିତ୍ର ପର୍ବତ।" ସଦାପ୍ରଭୁଙ୍କର ଏହିସବୁ ବାକ୍ୟ ନେତାମାନଙ୍କୁ ସ୍ଥାପନ କରିଅଛି।

7 ମୁଁ ବର୍ତ୍ତମାନ ସଦାପ୍ରଭୁଙ୍କ ସେହି ନିୟମ ଘୋଷଣା କରୁଛି। ସଦାପ୍ରଭୁ ମୋତେ କହିଲେ, "ଆଜିଠାରୁ ମୁଁ ତୁମ୍ଭର ପିତା ହେଲି ଓ ତୁମ୍ଭେ ମୋର ପୁତ୍ର ହେଲ।

8 ଯଦି ତୁମ୍ଭେ ମୋତେ ମାଗିବ, ମୁଁ ତୁମ୍ଭକୁ ସମସ୍ତ ରାଜ୍ୟ ଦାନ କରିବି। ପୃଥିବୀରେ ବାସ କରୁଥିବା ସମସ୍ତ ଲୋକ ତୁମ୍ଭର ହେବେ।

9 ତୁମ୍ଭେ ସେହି ରାଜ୍ୟସବୁକୁ ମାଟିପାତ୍ରକୁ ଲୁହାଛଡ଼ରେ ଖଣ୍ଡ ଖଣ୍ଡ କରି ଗୁଣ୍ଡ କଲାଭଳି ଧ୍ୱଂସ କରିଦେଇ ପାରିବ।"

10 ଏଣୁ ହେ ରାଜାଗଣ ତୁମ୍ଭେ ବୁଦ୍ଧିମାନ ହୁଅ। ହେ ଶାସକ ଗଣ ଏହି କଥାକୁ ଶିକ୍ଷା କର।

11 ପ୍ରଭୁଙ୍କୁ ଭୟର ସହିତ ଭକ୍ତି କର ଓ ମାନ।

12 ଦେଖାଇଦିଅ ଯେ, ତୁମ୍ଭେମାନେ ତାଙ୍କର ପୁତ୍ର ଅନୁରକ୍ତ ଅଟ* ତା'ନହେଲେ ସେ କ୍ରୋଧିତ ହେବେ ଏବଂ ତୁମ୍ଭମାନଙ୍କୁ ବିନାଶ କରିବେ। ଯେଉଁମାନେ ସଦାପ୍ରଭୁଙ୍କର ବିଶ୍ୱାସୀ ସେମାନେ ସୁଖ-ଶାନ୍ତିରେ ଜୀବନ ବିତାନ୍ତି। କିନ୍ତୁ ଅନ୍ୟମାନେ ସାବଧାନ୍ ହେବା ଉଚିତ୍ କାରଣ ସଦାପ୍ରଭୁଙ୍କ କ୍ରୋଧର ଶିକାର ସେମାନେ ଯେ କୌଣସି ସମୟରେ ଧନ୍ୟ।

### ଗୀତ 3

*ଏହା ହେଉଛି ଦାଉଦଙ୍କର ନିଜ ପୁତ୍ର ଅବଶାଲୋମ ନିକଟରୁ ପଳାୟନ କାଳୀନ ଗୀତ।*

1 "ହେ ସଦାପ୍ରଭୁ, ମୋର ବହୁତ ଶତ୍ରୁ ଅଛନ୍ତି। ବହୁତ ଲୋକ ମୋ ବିରୁଦ୍ଧରେ ଲାଗିଛନ୍ତି।

2 ବହୁତ ଲୋକ ମୋ ବିରୁଦ୍ଧରେ କଥା ହେଉଛନ୍ତି। ସେହି ଲୋକମାନେ କହୁଛନ୍ତି, "ପରମେଶ୍ୱର ତାକୁ ରକ୍ଷା କରିପାରିବେ ନାହିଁ।"

3 କିନ୍ତୁ ହେ ସଦାପ୍ରଭୁ, ଏହା କେବଳ ତୁମ୍ଭେ ଯିଏକି ମୋର ଢାଲ ସ୍ୱରୂପ। ତୁମ୍ଭେ ମୋର ମହିମା। ତୁମ୍ଭେ ହିଁ ମୋତେ ପ୍ରାଧାନ୍ୟ ଦେଇଛ।

4 ମୁଁ ସଦାପ୍ରଭୁଙ୍କୁ ପ୍ରାର୍ଥନା କରିବି ଏବଂ ସେ ତାଙ୍କର ପବିତ୍ର ପର୍ବତରୁ ମୋତେ ଉତ୍ତର ଦେବେ।

---

**ଦେଖାଇଦିଅ ... ଅଟ** ଅଥବା ଦେଖାଇଦିଅ ତୁମ୍ଭେମାନେ ପରମେଶ୍ୱରଙ୍କର ମନୋନୀତ କରିଥିବା ରାଜାଙ୍କ ପ୍ରତି ଅନୁରକ୍ତ ଅଟ। ଆକ୍ଷରିକ ଭାବରେ "ପୁତ୍ରକୁ ଚୁମ୍ବନ ଦିଅ।"

5 ମୁଁ ଶୋଇଲି ଓ ବିଶ୍ରାମ ନେଲି ଏବଂ ମୁଁ ଜାଣେ ମୁଁ ପୁଣି ଜାଗ୍ରତ ହେବି କାହିଁକି? କାରଣ ସଦାପ୍ରଭୁ ମୋତେ ସର୍ବଦା ରକ୍ଷା କରନ୍ତି।

6 ହଜାର ହଜାର ସୈନ୍ୟମାନେ ମୋ ଗୃହକଡ଼ରେ ଘେରି ରହିଲେ ସୁଦ୍ଧା ମୁଁ ସେହି ଶତ୍ରୁମାନଙ୍କୁ କେବେ ଭୟ କରିବି ନାହିଁ।

7 ହେ ସଦାପ୍ରଭୁ, ତୁମ୍ଭେ ଉଠ! ହେ ପରମେଶ୍ୱର ତୁମ୍ଭେ ଆସ ଓ ମୋତେ ରକ୍ଷା କର। ତୁମ୍ଭେ ଅତି ବଳଶାଳୀ ଅଟ। ଯଦି ତୁମ୍ଭେ ମୋର ଶତ୍ରୁମାନଙ୍କ ଗାଲରେ ମାରିଥାନ୍ତ, ତୁମ୍ଭେ ସେହି ଦୁଷ୍ଟ ଲୋକମାନଙ୍କର ସବୁ ଦାନ୍ତଗୁଡ଼ିକୁ ସହଜରେ ଭାଙ୍ଗି ଦେଇଥାନ୍ତ।

8 ହେ ସଦାପ୍ରଭୁ ଶେଷରେ ତୁମ୍ଭର ହିଁ ବିଜୟୀ ହେବ। ଦୟାକରି ତୁମ୍ଭର ଲୋକମାନଙ୍କ ଉପରେ ଆଶୀର୍ବାଦ କର।

## ଗୀତ 4

*ତାରଯୁକ୍ତ ବାଦ୍ୟଯନ୍ତ୍ର ଦ୍ୱାରା ପ୍ରଧାନ ବାଦ୍ୟକର ନିମନ୍ତେ ଦାଉଦଙ୍କର ଗୀତ।*

1 ହେ ମୋର ଧର୍ମସ୍ୱରୂପ ପରମେଶ୍ୱର, ମୋତେ ଉତ୍ତର ଦିଅ। ମୁଁ ଯେତେବେଳେ ତୁମ୍ଭକୁ ପ୍ରାର୍ଥନା କରୁଛି, ମୋର ଗୁହାରି ଶୁଣ। ମୋ ପ୍ରତି ସଦୟ ହୁଅ। ମୋତେ ମୋର ସମସ୍ତ ଦୁଃଖ ଯନ୍ତ୍ରଣାରୁ ମୁକ୍ତି ପ୍ରଦାନ କର।

2 ହେ ଲୋକମାନେ ଆଉ କେତେ ଦିନ ଏପରି ଖରାପ କଥା ମୋ ବିରୁଦ୍ଧରେ ପ୍ରଚାର କରିବ। ତୁମ୍ଭେମାନେ କେତେଦିନ ନାନା ପ୍ରକାର ନୂଆ ନୂଆ ମିଥ୍ୟା କଥା ମୋ ବିଷୟରେ କହିବ। କାହିଁକି ତୁମ୍ଭେମାନେ ସେହି ମନ୍ଦ କଥା କହିବାକୁ ଭଲ ପାଉଛ।

3 ତୁମ୍ଭେ ଜାଣ ସଦାପ୍ରଭୁ ସବୁବେଳେ ତାଙ୍କ ଆଶ୍ରିତ ଧାର୍ମିକ ବ୍ୟକ୍ତିମାନଙ୍କ କଥା ଶୁଣନ୍ତି। ତେଣୁ ସେ ମୋ କଥା ମଧ୍ୟ ଶୁଣନ୍ତି, ମୁଁ ଯେତେବେଳେ ତାଙ୍କୁ ପ୍ରାର୍ଥନା କରେ।

4 ଯଦି ତୁମ୍ଭକୁ କୌଣସି କଥା ବିବ୍ରତ କରୁଛି, ତୁମ୍ଭେ ବିଛଣାକୁ ଶୋଇବାକୁ ଯିବା ପୂର୍ବରୁ ସେହି କଥାଗୁଡ଼ିକ ଚିନ୍ତା କର ଓ ଆନନ୍ଦ ମନରେ ଶାନ୍ତିରେ ଆରାମ କର।

5 ସଦାସର୍ବଦା ସଦାପ୍ରଭୁଙ୍କ ଉପରେ ବିଶ୍ୱାସ ରଖି ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଧର୍ମ ବଳିଦାନ ଉତ୍ସର୍ଗ କର।

6 ଅନେକ ଲୋକ କହନ୍ତି, "କିଏ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ, ଉତ୍ତମତା ଦେଖାଇ ପାରିବ। ହେ ସଦାପ୍ରଭୁ ତୁମ୍ଭେ ତୁମ୍ଭର ତେଜ ପ୍ରକାଶ ମୁଖକୁ ଆମ୍ଭମାନଙ୍କୁ ଦେଖାଅ।"

7 ହେ ସଦାପ୍ରଭୁ, ତୁମ୍ଭେ ମୋତେ ବହୁ ଭାବରେ ଅତି ଆନନ୍ଦ ପ୍ରଦାନ କରି ସୁଖୀ କରିଛ। ମୁଁ ବର୍ତ୍ତମାନ ବହୁତ ଖୁସି। ଫସଲ ଅମଳ ସମୟଠାରୁ। ଯେତେବେଳେ ଆମ୍ଭେ ଶସ୍ୟ ଅମଳ କରୁ, ଦ୍ରାକ୍ଷାରସ ଉତ୍ପାଦନ କରୁ ସେତେବେଳେ ଆମ୍ଭେ ଆନନ୍ଦରେ ଏହାକୁ ପର୍ବ ଭାବରେ ପାଳନ କରୁ।

8 ମୁଁ ବିଛଣାରେ ଶାନ୍ତିରେ ଶୟନ କରେ, କାରଣ ହେ ସଦାପ୍ରଭୁ ତୁମ୍ଭେ ମୋତେ ରକ୍ଷାକରି ନିରାପଦରେ ଶୋଇବାକୁ ସୁଯୋଗ ଦେଇଛ।

## ଗୀତ 5

*ପ୍ରଧାନ ବୀଣା ବାଦକଙ୍କ ଉଦ୍ଦେଶ୍ୟରେ ଦାଉଦଙ୍କର ଗୀତ।*

1 ହେ ସଦାପ୍ରଭୁ ମୋର କଥା ଶୁଣନ୍ତୁ। ବୁଝିବାକୁ ଚେଷ୍ଟାକରନ୍ତୁ ମୁଁ କ'ଣ କହିବାକୁ ଚାହୁଁଛି।

2 ହେ ମୋର ପରମେଶ୍ୱର ଓ ରାଜା ମୋର ପ୍ରାର୍ଥନାକୁ ଶୁଣ।

3 ପ୍ରତିଦିନ ସକାଳେ ହେ ସଦାପ୍ରଭୁ, ମୋର ରବ ଶୁଣିବେ ଓ ତୁମ୍ଭ ଉଦ୍ଦେଶ୍ୟରେ ଆପଣା ପ୍ରାର୍ଥନା ସଜାଏ ଏବଂ ପ୍ରତିଦିନ ସକାଳେ ତୁମ୍ଭେ ମୋର ପ୍ରାର୍ଥନା ଶୁଣ।

4 ହେ ପରମେଶ୍ୱର, ତୁମ୍ଭେ କେବେ ମନ୍ଦ କାର୍ଯ୍ୟ ପସନ୍ଦ କର ନାହିଁ। କାରଣ ମନ୍ଦ କାର୍ଯ୍ୟ ସହ ତୁମ୍ଭର କୌଣସି ସମ୍ପର୍କ ନାହିଁ।

5 ଗର୍ବୀମାନେ କେବେ ତୁମ୍ଭ ନିକଟକୁ ଆସିପାରିବେ ନାହିଁ। ଯେଉଁମାନେ ମନ୍ଦ କାର୍ଯ୍ୟ କରନ୍ତି ତୁମ୍ଭେ ସେମାନଙ୍କୁ ଘୃଣା କର।

6 ଯେଉଁମାନେ ମିଥ୍ୟା କହନ୍ତି, ତୁମ୍ଭେ ସେମାନଙ୍କୁ ବିନାଶ କରିବା। ତୁମ୍ଭେ ସେହି ଲୋକମାନଙ୍କୁ ଘୃଣା କର ଯେଉଁମାନେ ଅନ୍ୟ ଲୋକମାନଙ୍କୁ ଆଘାତ କରିବାକୁ ଗୋପନ ଷଡଯନ୍ତ୍ର କରନ୍ତି।

7 କିନ୍ତୁ ସଦାପ୍ରଭୁ ତୁମ୍ଭର ଅସୀମ କରୁଣା ଯୋଗୁ। ମୁଁ ନିଶ୍ଚୟ ତୁମ୍ଭ ପବିତ୍ର ମନ୍ଦିରରେ ପହଞ୍ଚିବି। ମୁଁ ନତମସ୍ତକରେ ତୁମ୍ଭର ସେହି ପବିତ୍ର ମନ୍ଦିରରେ ତୁମ୍ଭକୁ ଭୟ ଭକ୍ତି ଓ ସମ୍ମାନର ସହିତ ଉପାସନା କରିବି।

8 ହେ ସଦାପ୍ରଭୁ ମୋତେ ତୁମ୍ଭର ଧର୍ମ ପଥରେ ପ୍ରଦର୍ଶନ କର। ଲୋକମାନେ ମୋର ଦୁର୍ବଳତାକୁ ଚାହିଁ ବସିଛନ୍ତି। ତେଣୁ ମୋତେ ଉଚିତ ମାର୍ଗ ପ୍ରଦର୍ଶନ କରି ଧର୍ମ ପଥରେ କଢ଼ାଇ ନିଅ। ମୋର ପଥକୁ ସରଳ କର।

9 ସେହି ଲୋକମାନେ କେବେ ସତ୍ୟ କଥା କହନ୍ତି ନାହିଁ। ସେମାନେ ସବୁ ମିଥ୍ୟାବାଦୀ, ସତ୍ୟକୁ ଗୋପନ ରଖନ୍ତି। ସେମାନଙ୍କର ପାଟି ଏକ କବର ସ୍ୱରୂପ। ସେମାନେ ଅନାବୃତ ମଧୁର କଥା କହି ଲୋକଙ୍କୁ ବିପଥଗାମୀ କରନ୍ତି ଓ ସେମାନଙ୍କ ଉଦ୍ଦେଶ୍ୟ ହେଲା ଅନ୍ୟ ଲୋକଙ୍କୁ ଫାଶରେ ପକାଇବା।

10 ହେ ପରମେଶ୍ୱର ସେମାନଙ୍କୁ ଶାସ୍ତି ଦିଅ। ସେମାନେ ବାନ୍ଧିଥିବା ଫାଶରେ ସେମାନଙ୍କୁ ପକାଇ ଦିଅ। ସେମାନେ ତୁମ୍ଭର ବିରୁଦ୍ଧାଚରଣ କରିଛନ୍ତି, ତେଣୁ ସେମାନଙ୍କର ଅନେକ ଅପରାଧ ପାଇଁ ସେମାନଙ୍କୁ ଶାସ୍ତି ବିଧାନ କର।

11 କିନ୍ତୁ ଯେଉଁମାନେ ପରମେଶ୍ୱରଙ୍କ ଉପରେ ବିଶ୍ୱାସ ରଖନ୍ତି, ସେମାନେ ସୁଖରେ ରୁହନ୍ତୁ ଏବଂ ସେମାନେ ଚିରଦିନ ସୁଖରେ ରୁହନ୍ତୁ। ପରମେଶ୍ୱର, ତୁମ୍ଭେ ଆପଣା ଲୋକମାନଙ୍କୁ ରକ୍ଷା କର ଏବଂ ଯେଉଁମାନେ ତୁମ୍ଭର ନାମର ପ୍ରଶଂସା କରନ୍ତି, ସେମାନଙ୍କୁ ଅଧିକ ଶକ୍ତି ପ୍ରଦାନ କର।

12 ହେ ସଦାପ୍ରଭୁ ଯେତେବେଳେ ତୁମ୍ଭେ ଧାର୍ମିକ ଲୋକମାନଙ୍କୁ ଆନନ୍ଦ ପ୍ରଦାନ କର, ତୁମ୍ଭେ ସେମାନଙ୍କୁ ବିରାଟ ଢାଲ ସଦୃଶ ସମସ୍ତ କୁକାର୍ଯ୍ୟରୁ ରକ୍ଷା କର।

## ଗୀତ 6

*ପ୍ରଧାନ ବାଦ୍ୟଯନ୍ତ୍ର ଉଦ୍ଦେଶ୍ୟରେ ତାରଯୁକ୍ତ ଯନ୍ତ୍ରରେ ଶିମିନୀତ ସ୍ୱରରେ ଦାଉଦଙ୍କର ଗୀତ।*

1 ହେ ସଦାପ୍ରଭୁ, ତୁମ୍ଭେ କ୍ରୋଧିତ ହୋଇ ମୋତେ ଦଣ୍ଡିତ
କର ନାହିଁ। ତୁମ୍ଭେ ବିରକ୍ତ ହୋଇ ମୋତେ ଦଣ୍ଡ ଦିଅ
ନାହିଁ।
2 ହେ ସଦାପ୍ରଭୁ, ମୋ ପ୍ରତି ଦୟାକର। ମୁଁ ରୁଗ୍ଣ ଓ
ଦୁର୍ବଳ। ମୋତେ ସୁସ୍ଥ କର କାରଣ ମୋର ଅସ୍ଥି ସବୁ
କମ୍ପିତ ହେଉଅଛି।
3 ମୋର ସମଗ୍ର ଶରୀର କମ୍ପୁଅଛି। ହେ ସଦାପ୍ରଭୁ, ଆଉ
କେତେ କାଳ ପରେ ତୁମ୍ଭେ ମୋତେ ସୁସ୍ଥ କରିବ।
4 ହେ ସଦାପ୍ରଭୁ, ତୁମ୍ଭେ ଫେରିଆସ ଓ ମୋତେ ପୁନର୍ବାର
ଅଧିକ ବଳଶାଳୀ କର। ତୁମ୍ଭେ ଅତ୍ୟନ୍ତ କରୁଣାରେ
ମୋତେ ଉଦ୍ଧାର କର।
5 ମୃତ ଲୋକମାନେ ତୁମ୍ଭକୁ ସେମାନଙ୍କର କବରରେ କେବେ
ମନେ ପକାନ୍ତି ନାହିଁ। ମୃତମାନେ ତୁମ୍ଭକୁ ପ୍ରଶଂସା କରନ୍ତି
ନାହିଁ। ସେଥିପାଇଁ ମୋତେ ରକ୍ଷା କର।
6 ହେ ସଦାପ୍ରଭୁ, ସାରା ରାତି ମୁଁ ତୁମ୍ଭକୁ ପ୍ରାର୍ଥନା କଲି।
ମୋର ବିଛଣା ମୋର ଲୁହରେ ଭିଜିଗଲା। ମୁଁ ଅତି
ଦୁର୍ବଳ ତୁମ୍ଭକୁ କାକୁକ୍ତି କରି ଜଣାଉଛି।
7 ମୋର ଶତ୍ରୁମାନେ ମୋତେ ବହୁତ ଦୁଃଖ ଦେଇଛନ୍ତି,
ଯାହାକି ମୋତେ ବହୁତ ଦୁଃଖୀ କରିଛି। ବର୍ତ୍ତମାନ ମୋର
ଚକ୍ଷୁଦ୍ୱୟ ବହୁତ କ୍ରନ୍ଦନ କରିଥିବା ଯୋଗୁଁ କ୍ଷୀଣ।
8 ହେ ଅଧର୍ମୀ ଲୋକସବୁ, ମୋ ନିକଟରୁ ଦୂର ହୋଇଯାଅ।
କାରଣ ସଦାପ୍ରଭୁ ମୋର କ୍ରନ୍ଦନ ଶୁଣିଛନ୍ତି।
9 ସଦାପ୍ରଭୁ ମୋର ପ୍ରାର୍ଥନା ଶୁଣିଛନ୍ତି। ସଦାପ୍ରଭୁ ମୋର
ପ୍ରାର୍ଥନାକୁ ଗ୍ରହଣ କରିଛନ୍ତି ଓ ମୋର ପ୍ରାର୍ଥନାର ଉତ୍ତର
ମଧ୍ୟ ଦେଇଛନ୍ତି।
10 ମୋର ସମସ୍ତ ଶତ୍ରୁମାନେ ଲଜ୍ଜିତ ଓ ବ୍ୟାକୁଳ ହେବେ।
ଓ ସେମାନେ ସମସ୍ତେ ଲଜ୍ଜିତ ହୋଇ ଏସ୍ଥାନ ପରିତ୍ୟାଗ
କରିବେ।

## ଗୀତ 7

*ଦାଉଦଙ୍କର ସଦାପ୍ରଭୁଙ୍କର ଉଦ୍ଦେଶ୍ୟରେ ଏହି ଗୀତ।*
*ହି ଗୀତଟି ଶିଗାୟୋନ ଯିଏକି କୂଶଙ୍କର ପୁତ୍ର ଏବଂ ବିନ୍ୟାମୀନୀୟ ପରିବାରର ଅନ୍ତର୍ଭୁକ୍ତ।*

1 ହେ ସଦାପ୍ରଭୁ ମୋର ପରମେଶ୍ୱର, ମୁଁ ତୁମ୍ଭଠାରେ ଶରଣ
ନେଉଛି। ମୋ ପଛରେ ଗୋଡ଼ାଇଥିବା ଲୋକମାନଙ୍କଠାରୁ
ମୋତେ ରକ୍ଷା କର ଓ ଉଦ୍ଧାର କର।
2 ତୁମ୍ଭେ ଯଦି ମୋତେ ସାହାଯ୍ୟ ନକର ଶେଷରେ ସିଂହ
ଦ୍ୱାରା ଧରା ପଡ଼ିଥିବା ପଶୁଟି ପରି ମୋର ଅବସ୍ଥା ହେବ।
ମୋତେ ସେମାନେ ବୋହି ନେଇଯିବେ। ସେତେବେଳେ
କେହି ମୋତେ ରକ୍ଷା କରିବାକୁ ନ ଥିବେ।
3 ହେ ସଦାପ୍ରଭୁ ମୋର ପରମେଶ୍ୱର, ଯଦି ମୁଁ କିଛି ଭଲ
କରି ନାହିଁ। ମୁଁ ପ୍ରତିଜ୍ଞା କରି କହିପାରେ ମୁଁ କିଛି
କୁକର୍ମ କରି ନାହିଁ।
4 ଯେବେ ମୋର ବନ୍ଧୁମାନଙ୍କ ପ୍ରତି ମୁଁ ଭୁଲ୍ କରିଥାଏ ଓ
ମାତ୍ର ବିନା କାରଣରେ ଯେ ମୋର ବିପକ୍ଷ ମୁଁ ତାଙ୍କୁ
ରକ୍ଷା କରିବ।
5 ଏହା ଯଦି ସତ୍ୟ ନୁହେଁ ତାହାହେଲେ ମୋତେ ଶାସ୍ତି
ଦିଅ। ମୋର ଶତ୍ରୁ ମୋ ପଛରେ ଗୋଡ଼ାଇ ମୋତେ
ଧରି ମାରି ଦେଉ। ମୋର ଜୀବନକୁ ଭୂମିରେ ଦଳି
ପକାଉ। ମୋର ଆତ୍ମାକୁ ତଥା ଗୌରବକୁ ଧୂଳିସାତ୍
କରୁ।
6 ହେ ସଦାପ୍ରଭୁ, ତୁମ୍ଭେ ଜାଗ୍ରତ ହୁଅ ଓ ତୁମ୍ଭର କ୍ରୋଧ
ପ୍ରକାଶ କର। ମୋର ଶତ୍ରୁମାନେ କ୍ରୋଧିତ ତେଣୁ
ସେମାନଙ୍କ ସମ୍ମୁଖରେ ରହି ସେମାନଙ୍କ ବିରୁଦ୍ଧରେ ସଂଗ୍ରାମ
କର। ହେ ସଦାପ୍ରଭୁ, ମୋ ପକ୍ଷରେ ଜାଗ୍ରତ ହୁଅ ଓ
ନ୍ୟାୟ ବିଚାର କର।
7 ହେ ସଦାପ୍ରଭୁ, ଲୋକମାନଙ୍କର ବିଚାର କର। ଯେଉଁମାନେ
କି ତୁମ୍ଭ ରାଜ୍ୟର ଚତୁର୍ଦ୍ଦିଗରେ ଏକତ୍ରୀତ ହୋଇଛନ୍ତି।
8 ହେ ସଦାପ୍ରଭୁ, ଲୋକମାନଙ୍କର ବିଚାର କର। ମୋର
ମଧ୍ୟ ବିଚାର କର। ପ୍ରମାଣ କର ମୁଁ ଯାହା କହୁଛି ତାହା
ଠିକ୍। ପ୍ରମାଣ କର ଯେ ମୁଁ ନିରପରାଧ।
9 ଦୁଷ୍ଟ ଲୋକମାନଙ୍କୁ ଦଣ୍ଡ ଦିଅ। ସାଧୁ ସନ୍ଥ ଲୋକଙ୍କୁ
ସାହାଯ୍ୟ କର। ହେ ପରମେଶ୍ୱର ତୁମ୍ଭେ ଅତ୍ୟନ୍ତ ମହାନ୍
ଏବଂ ଲୋକଙ୍କ ହୃଦୟକୁ ସହଜରେ ଚିହ୍ନିପାର।
10 ପରମେଶ୍ୱର ସବୁବେଳେ ଯଥାର୍ଥ ହୃଦୟ ବ୍ୟକ୍ତିମାନଙ୍କୁ
ସାହାଯ୍ୟ କରନ୍ତି, ତେଣୁ ପରମେଶ୍ୱର ମୋତେ ନିଶ୍ଚୟ
ରକ୍ଷା କରିବେ।
11 ପରମେଶ୍ୱର ହେଉଛନ୍ତି ଧର୍ମମୟ ବିଚାରକର୍ତ୍ତା। ସେ
ସବୁବେଳେ ଦୁଷ୍ଟମାନଙ୍କର କାର୍ଯ୍ୟ ପାଇଁ କ୍ରୋଧ କରନ୍ତି।
12 ଯଦି ପରମେଶ୍ୱର କୌଣସି ନିଷ୍ପତ୍ତି ନିଅନ୍ତି ସେ ସହଜରେ
ତାଙ୍କ ମନ ପରିବର୍ତ୍ତନ କରନ୍ତି ନାହିଁ।
13 ପରମେଶ୍ୱର ସବୁବେଳେ ଦୁଷ୍ଟମାନଙ୍କୁ ଦଣ୍ଡ ଦେବାକୁ
ପ୍ରସ୍ତୁତ ଥାଆନ୍ତି।
14 କିଛି ଲୋକ ସବୁବେଳେ ମନ୍ଦ ଯୋଜନାରେ ବ୍ୟସ୍ତ
ଥାଆନ୍ତି। ସେମାନେ ଗୋପନ ଯୋଜନା କରନ୍ତି ଓ ମିଥ୍ୟା
ମଧ୍ୟ କହନ୍ତି।
15 ସେମାନେ ସବୁବେଳେ ଅନ୍ୟକୁ ଆଘାତ ଦେଇ ଫାନ୍ଦରେ
ପକାଇବାକୁ ଚେଷ୍ଟା କରନ୍ତି। କିନ୍ତୁ ଶେଷରେ ସେମାନେ
ନିଜ ଯନ୍ତାରେ ପଡ଼ି ଆଘାତ ପାଇବେ।
16 ସେମାନେ ନିଶ୍ଚୟ ଦଣ୍ଡ ପାଇବେ। ସେମାନେ ଅନ୍ୟ
ଲୋକମାନଙ୍କ ପ୍ରତି ନିଷ୍ଠୁର ବ୍ୟବହାର ପ୍ରଦର୍ଶନ କରନ୍ତି।
କିନ୍ତୁ ସେମାନେ ନିଜର ଦୌରାତ୍ମ୍ୟ ପାଇଁ ନିଜେ ହିଁ ଦଣ୍ଡ
ପାଇବେ।
17 ମୁଁ ସଦାପ୍ରଭୁଙ୍କର ଧନ୍ୟବାଦ୍ କରିବ କାରଣ ସେ
ମହାନ୍। ମୁଁ ସର୍ବୋପରିସ୍ଥ ସଦାପ୍ରଭୁଙ୍କର ନାମରେ ପ୍ରଶଂସା
ଗାନ କରିବ।

## ଗୀତ 8

*ପ୍ରଧାନ ବାଦ୍ୟକାର ନିମନ୍ତେ ଯିଏକି ଗିତ୍ତୀତ୍ ସ୍ୱରରେ ଗାନ କରେ। ଦାଉଦଙ୍କର ଏକ ଗୀତ।*

1 ହେ ସଦାପ୍ରଭୁ, ଆମ୍ଭମାନଙ୍କର ପ୍ରଭୁ, ତୁମ୍ଭର ନାମ ଏ

ପୃଥିବୀରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ପ୍ରଶଂସାଯୁକ୍ତ।
ତୁମ୍ଭର ନାମ ସ୍ୱର୍ଗରେ ମଧ୍ୟ ପ୍ରଶଂସା ଯୋଗ୍ୟ ଅଟେ।
2 ତୁମ୍ଭେ ତୁମ୍ଭର ଶତ୍ରୁମାନଙ୍କର ମୁହଁ ବନ୍ଦ କରିବାକୁ ଶିଶୁ
ଓ ପିଲାମାନଙ୍କ କଣ୍ଠରେ ଶକ୍ତିଶାଳୀ ଗୀତ ପ୍ରଦାନ
କରିଅଛ।
3 ହେ ସଦାପ୍ରଭୁ, ମୋ ଉପରେ ଥିବା ସ୍ୱର୍ଗକୁ ଚାହିଁଲେ
ତାହା ତୁମ୍ଭ ଅଙ୍ଗୁଳି ଦ୍ୱାରା ନିର୍ମିତ ବୋଲି ଜଣାପଡ଼େ। ମୁଁ
ସେହି ଆକାଶରେ ତୁମ୍ଭ ସୃଷ୍ଟି ଚନ୍ଦ୍ର ଓ ନକ୍ଷତ୍ରଗଣଙ୍କୁ
ଦେଖେ ଓ ଆଶ୍ଚର୍ଯ୍ୟ ହୁଏ।
4 କାହିଁକି ତୁମ୍ଭେ ମନୁଷ୍ୟମାନଙ୍କୁ ଏତେ ପ୍ରାଧାନ୍ୟ ଦିଅ?
କାହିଁକି ତୁମ୍ଭେ ସେମାନଙ୍କର କ୍ଷତ ନିଅ? କାହିଁକି ତୁମ୍ଭେ
ସେମାନଙ୍କୁ ଏତେ ଦୃଷ୍ଟି ଦିଅ?
5 କିନ୍ତୁ ଲୋକମାନେ ତୁମ୍ଭପାଇଁ ମହତ୍ତ୍ୱପୂର୍ଣ୍ଣ, ପରମେଶ୍ୱର
ତୁମ୍ଭେ ଲୋକମାନଙ୍କୁ ସୃଷ୍ଟି କରିଛ ଓ ସେମାନଙ୍କୁ
ଗୌରବ ଓ କୀର୍ତ୍ତିରେ ମୁକୁଟ ମଣ୍ଡିତ କରିଛ।
6 ତୁମ୍ଭେ ଆପଣା ହସ୍ତରେ ତିଆରି କରିଥିବା ସମସ୍ତ ବସ୍ତୁରେ
ସେହି ଲୋକମାନଙ୍କୁ ଅଧିଷ୍ଠିତ କରିଛ। ତୁମ୍ଭେ ସବୁ
ସେହିମାନଙ୍କ ନିୟନ୍ତ୍ରଣରେ ଛାଡ଼ି ଦେଇଛ।
7 ଗୋରୁଗାଈ ଓ ସମସ୍ତ ବଣୁଆ ପଶୁଗଣ।
8 ଆକାଶରେ ଉଡୁଥିବା ପକ୍ଷୀମାନେ ଓ ସମୁଦ୍ରର ମାଛମାନେ
ମଧ୍ୟ ଅଛନ୍ତି।
9 ହେ ସଦାପ୍ରଭୁ, ଆମ୍ଭମାନଙ୍କର ପ୍ରଭୁ, ଏହି ପୃଥିବୀରେ
ତୁମ୍ଭର ନାମ ସବୁଠାରେ ମହିମାନ୍ୱିତ।

## ଗୀତ 9

*ପ୍ରଧାନ ବାଦ୍ୟକର ନିମନ୍ତେ ବେନ୍‌ର ମୁତ୍-ଲବ୍ବେନ୍ ସ୍ୱରରେ ଦାଉଦଙ୍କର ଗୀତ।*

1 ମୁଁ ଅନ୍ତରର ସହିତ ସଦାପ୍ରଭୁଙ୍କୁ ପ୍ରଶଂସା କରେ। ହେ
ସଦାପ୍ରଭୁ ତୁମ୍ଭ ସୃଷ୍ଟିର ସମସ୍ତ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ
ସମ୍ପର୍କରେ ମୁଁ ବର୍ଣ୍ଣନା କରିବି।
2 ତୁମ୍ଭେ ମତେ ଅତି ଆନନ୍ଦ ଦେଇଛ। ହେ ସର୍ବୋପରିସ୍ଥ
ପରମେଶ୍ୱର, ମୁଁ ଶତମୁଖରେ ତୁମ୍ଭର ପ୍ରଶଂସାଗାନ କରିବି।
3 ଯେତେବେଳେ ସେମାନେ ମୋଠାରୁ ଦୌଡ଼ି ପଳାଇବା
ପାଇଁ ବୁଲି ପଡ଼ିଲେ, ମୋର ଶତ୍ରୁମାନେ ତୁମ୍ଭ ସାକ୍ଷାତରେ
ଧ୍ୱଂସ ହେଲେ।
4 ତୁମ୍ଭେ ହେଉଛ ସବୁଠାରୁ ବିଚାରବନ୍ତ। ତୁମ୍ଭେ ସିଂହାସନରେ
ବିଚାରପତିର ଆସନ ଅଳଂକୃତ କରି ବସୁଛ। ହେ
ସଦାପ୍ରଭୁ, ତୁମ୍ଭେ ମୋ କଥା କର୍ଣ୍ଣପାତ କଲ ଓ
ତା'ପରେ ମୋ ପାଇଁ ନିଷ୍ପତ୍ତି ନେଲ।
5 ତୁମ୍ଭେ ସେହି ଅନ୍ୟ ଲୋକମାନଙ୍କୁ ସମାଲୋଚନା କରିଛ।
ହେ ସଦାପ୍ରଭୁ, ତୁମ୍ଭେ ସେହି ଦୁଷ୍ଟ ଲୋକଙ୍କୁ ମଧ୍ୟ ଧ୍ୱଂସ
କରିଛ। ତୁମ୍ଭେ ସେହିମାନଙ୍କର ନାମ ସବୁଦିନ ପାଇଁ
ନିଶ୍ଚିହ୍ନ କରିଦେଇଛ। ଆଜି ସେହିମାନଙ୍କ ମଧ୍ୟରୁ କେହି
ଜୀବିତ ନାହାନ୍ତି।
6 ଶତ୍ରୁମାନେ ନିଶ୍ଚିହ୍ନ ହୋଇଛନ୍ତି। ହେ ସଦାପ୍ରଭୁ ତୁମ୍ଭେ
ସେମାନଙ୍କର ନଗରକୁ ଧ୍ୱଂସ କରିଛ। ବର୍ତ୍ତମାନ କେବଳ
ଭଙ୍ଗା ଅଟ୍ଟାଳିକାର ଧ୍ୱଂସବଶେଷ ବିଦ୍ୟମାନ। ଆଜି
ସେମାନଙ୍କୁ ମନେ ପକାଇବା ପାଇଁ କିଛି ଅବଶେଷ
ବାକିରହି ନାହିଁ।
7 କିନ୍ତୁ ସଦାପ୍ରଭୁ ଚିରକାଳ ରାଜାରୂପେ ବିଦ୍ୟମାନ, ସେ
ତାଙ୍କର ରାଜ୍ୟକୁ ଶକ୍ତିଶାଳୀ କରନ୍ତି। ସେ ଏହି ପୃଥିବୀର
ମଙ୍ଗଳ କରନ୍ତି।
8 ସଦାପ୍ରଭୁ ଏ ପୃଥିବୀର ସବୁ ମଣିଷ ପ୍ରତି ସମାନ ବିଚାର
ପ୍ରଦର୍ଶନ କରନ୍ତି। ସେ ସବୁ ରାଜ୍ୟମାନଙ୍କ ପ୍ରତି ସମାନ
ନ୍ୟାୟ ପ୍ରଦାନ କରନ୍ତି।
9 କେତେକ ଲୋକ ଦଳିତ ବୋଲି ଅନୁଭବ କରନ୍ତି
କାରଣ ସେମାନେ ଗରିବ ଏବଂ ସେମାନଙ୍କର ଅସୁବିଧା
ଅଛି। ଯେତେବେଳେ ସେମାନେ ସମସ୍ୟାରେ ପଡ଼ନ୍ତି
ସଦାପ୍ରଭୁ ସେମାନଙ୍କୁ ନିରାପତ୍ତା ଦିଅନ୍ତି।
10 ଯେଉଁଲୋକମାନେ ତୁମ୍ଭର ନାମକୁ ଜାଣନ୍ତି ସେମାନେ
ତୁମ୍ଭକୁ ବିଶ୍ୱାସ କରିବେ। ହେ ସଦାପ୍ରଭୁ ଯଦି ଲୋକମାନେ
ତୁମ୍ଭ ପାଖକୁ ଆସନ୍ତି ତୁମ୍ଭେ ସେମାନଙ୍କୁ ସାହାଯ୍ୟ ନ
କରି ଛାଡ଼ିଦିଅ ନାହିଁ।
11 ହେ ସିୟୋନ୍ ନିବାସୀ ତୁମ୍ଭେ ସର୍ବଦା ପରମେଶ୍ୱରଙ୍କର
ପ୍ରଶଂସା ଗାନ କର। ସେ କରିଥିବା ସମସ୍ତ ମହାନ
କାର୍ଯ୍ୟ ରାଜ୍ୟମାନଙ୍କ ଆଗରେ ପ୍ରକାଶ କର।
12 ସଦାପ୍ରଭୁ ତାଙ୍କ ନିକଟକୁ ସାହାଯ୍ୟ ପାଇଁ ଯାଇଥିବା
ଲୋକମାନଙ୍କୁ ମନେ ରଖନ୍ତି। ସେହି ଗରିବ ଲୋକମାନେ
ସାହାଯ୍ୟ ପାଇଁ ଆକୁଳ ନିବେଦନ କରନ୍ତି ଓ ସଦାପ୍ରଭୁ
ସେମାନଙ୍କ କଥା ଭୁଲି ପାରନ୍ତି ନାହିଁ।
13 ମୁଁ ଏହି ପ୍ରାର୍ଥନା ପରମେଶ୍ୱରଙ୍କ ନିକଟରେ
କରିବି, "ହେ ସଦାପ୍ରଭୁ, ମୋ ପ୍ରତି ଦୟାକର। ଦେଖ,
ମୋର ଶତ୍ରୁମାନେ କିଭଳି ମୋ ପଛରେ ମୋତେ ଆଘାତ
କରିବାକୁ ଲାଗିଛନ୍ତି। ମୋତେ 'ମୃତ୍ୟୁ ସ୍ଥାନରୁ' ଉଦ୍ଧାର
କର।
14 ତା'ପରେ ଯିରୁଶାଲମର ଫାଟକ ପାଖରେ ଥାଇ ତୁମ୍ଭକୁ
ପ୍ରଶଂସା କରି ମୁଁ ଗୀତ ଗାଇବି। ମୁଁ ଆଜି ଅତ୍ୟନ୍ତ
ଆନନ୍ଦିତ କାରଣ ତୁମ୍ଭେ ମୋତେ ରକ୍ଷା କରିଛ।"
15 ଅନ୍ୟ ରାଜ୍ୟର ସେହି ଲୋକମାନେ ଅନ୍ୟ ଲୋକମାନଙ୍କ
ବିରୁଦ୍ଧରେ ଗାଡ଼ ଖୋଳନ୍ତି ଓ ଯନ୍ତା ବସାନ୍ତି। କିନ୍ତୁ
ସେମାନେ ନିଜେ ବସାଇ ଥିବା ଯନ୍ତାରେ ପଡ଼ନ୍ତି। ସେହି
ଲୋକମାନେ ଅନ୍ୟକୁ ଧରିବା ପାଇଁ ଫାଶ ବସାଇ
ଥାଆନ୍ତି କିନ୍ତୁ ଶେଷରେ ସେମାନେ ନିଜେ ସେହି
ଜାଲରେ ଧରାପଡ଼ନ୍ତି।
16 ସଦାପ୍ରଭୁ ସେହି ଦୁଷ୍ଟ ଲୋକମାନଙ୍କୁ ଧରିପକାନ୍ତି, ଏହା
ଦ୍ୱାରା ଲୋକମାନେ ଶିକ୍ଷା କରନ୍ତି ଯେ ସଦାପ୍ରଭୁ ଦୁଷ୍ଟ
ଲୋକମାନଙ୍କୁ ଦଣ୍ଡ ଦିଅନ୍ତି।
17 ଯେଉଁମାନେ ପରମେଶ୍ୱରଙ୍କୁ ଭୁଲି ଯାଆନ୍ତି ସେମାନେ ମନ୍ଦ
ଲୋକ ଅଟନ୍ତି। ସେମାନେ ମୃତ୍ୟୁ ସ୍ଥାନକୁ ଯିବେ।
18 ବେଳେବେଳେ ଏହା ଜଣାପଡ଼େ ଯେ ପରମେଶ୍ୱର ବିପଦରେ
ପଡ଼ିଥିବା ଲୋକମାନଙ୍କୁ ଭୁଲି ଯାଆନ୍ତି। ଏହାର ଅର୍ଥ
ନୁହେଁ ଯେ ସେହି ଗରିବ ବ୍ୟକ୍ତିମାନଙ୍କର କୌଣସି ଆଶା
ନ ଥାଏ। କିନ୍ତୁ ପରମେଶ୍ୱର ସର୍ବଦା ସେମାନଙ୍କୁ ଭୁଲନ୍ତି
ନାହିଁ।

19 ହେ ସଦାପ୍ରଭୁ ତୁମ୍ଭେ ଜାଗ୍ରତ ହୁଅ। ସେହି ଜାତିମାନଙ୍କୁ
ନ୍ୟାୟ ପ୍ରଦାନ କର। ଲୋକମାନଙ୍କୁ ଭାବିବାକୁ ସୁଯୋଗ
ଦିଅ ନାହିଁ ଯେ ସେମାନେ ଶକ୍ତିଶାଳୀ ଅଟନ୍ତି।
20 ଲୋକମାନଙ୍କୁ ଏକ ଶିକ୍ଷା ପ୍ରଦାନ କର। ସେମାନେ
ଜାଣିବା ଉଚିତ୍ ଯେ ସେମାନେ କେବଳ ମନୁଷ୍ୟ ମାତ୍ର
ଅଟନ୍ତି। -ସେଲା-

## ଗୀତ 10

1 ହେ ସଦାପ୍ରଭୁ, ତୁମ୍ଭେ କାହିଁକି ଦୂରରେ ରହିଅଛ।
ଯେଉଁମାନେ ବିପଦରେ ପଡ଼ନ୍ତି ସେମାନେ ତୁମ୍ଭକୁ ଦେଖିପାରନ୍ତି
ନାହିଁ।
2 ଗର୍ବୀ ଓ ଦୁଷ୍ଟ ଲୋକମାନେ କୁମନ୍ତ୍ରଣା କରନ୍ତି ଓ
ସେମାନେ ଗରିବ ଲୋକମାନଙ୍କର କ୍ଷତି କରନ୍ତି।
3 ଦୁଷ୍ଟ ଲୋକମାନେ ଆପଣା ମନସ୍କାମନା ବିଷୟରେ ଗର୍ବ
ଅନୁଭବ କରନ୍ତି ଓ ସେହି ଲୋଭୀ ଲୋକମାନେ
ପରମେଶ୍ୱରଙ୍କୁ ଅଭିଶାପ ଦିଅନ୍ତି। ଏହି ଉପାୟରେ ସେହି
ମନ୍ଦ ଲୋକମାନେ ଦେଖାଇ ଦେବାକୁ ଚାହାଁନ୍ତି ସେମାନେ
ସଦାପ୍ରଭୁଙ୍କୁ ଘୃଣା କରନ୍ତି।
4 ଦୁଷ୍ଟମାନେ ଅହଂକାର ବଶତଃ ପରମେଶ୍ୱରଙ୍କୁ ଅନୁସରଣ
କରନ୍ତି ନାହିଁ। ସେମାନେ ସେମାନଙ୍କର ମନ୍ଦ ଯୋଜନାରେ
ବ୍ୟସ୍ତ ରହନ୍ତି। ସେମାନେ ଭାବନ୍ତି ଯେ ପରମେଶ୍ୱର
ଜାଣନ୍ତି ନାହିଁ।
5 ମନ୍ଦ ଲୋକମାନେ ସବୁବେଳେ ମନ୍ଦ କାର୍ଯ୍ୟ କରିବାକୁ
ମନ ବଳାନ୍ତି। ସେମାନେ ପରମେଶ୍ୱରଙ୍କ ବ୍ୟବସ୍ଥା ଓ
ସମସ୍ତ ଉତ୍ତମ ଶିକ୍ଷାକୁ ଗ୍ରହଣ କରନ୍ତି ନାହିଁ। ପରମେଶ୍ୱରଙ୍କର
ଶତ୍ରୁମାନେ ତାଙ୍କର ଉପଦେଶକୁ ଅବଜ୍ଞା କରନ୍ତି।
6 ସେହି ଲୋକମାନେ ଭାବନ୍ତି ଯେ ସେମାନଙ୍କ ଉପରେ
କେବେ ବିପଦ ଆସିବ ନାହିଁ। ସେମାନେ କହନ୍ତି,
"ଆମ୍ଭର ସବୁବେଳେ ଭଲ ହେବ ଏବଂ କେବେ ବି
ଆମ୍ଭେ ଦଣ୍ଡ ପାଇବୁ ନାହିଁ।"
7 ସେହି ଲୋକମାନେ ସବୁବେଳେ ଈଶ୍ୱରଙ୍କୁ ତିରସ୍କାର
କରନ୍ତି। ସେମାନେ ସବୁବେଳେ ଅନ୍ୟମାନଙ୍କ ବିଷୟରେ
ମନ୍ଦ କଥା କହନ୍ତି। ସେମାନେ ସବୁବେଳେ ମନ୍ଦକାର୍ଯ୍ୟ
କରିବାକୁ ଯୋଜନା କରନ୍ତି।
8 ସେହି ଲୋକମାନେ ଗୁପ୍ତସ୍ଥାନରେ ଲୁଚି ରହି ଲୋକମାନଙ୍କୁ
ଧରିବା ପାଇଁ ଅପେକ୍ଷା କରନ୍ତି। ସେମାନେ ଗୋପନରେ
ରହି ଲୋକଙ୍କୁ ଆଘାତ କରିବାକୁ ଚେଷ୍ଟା କରନ୍ତି।
ସେମାନେ ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରନ୍ତି।
9 ସେହି ଦୁଷ୍ଟ ଲୋକମାନେ ସିଂହ ଭଳି ଅନ୍ୟ ପ୍ରାଣୀମାନଙ୍କୁ
ଧରି ଖାଇ ଯାଆନ୍ତି। ସେମାନେ ଗରିବ ଲୋକମାନଙ୍କୁ
ଆକ୍ରମଣ କରନ୍ତି। ସେହି ନିରୀହ ଲୋକମାନେ ସହଜରେ
ସେହି ଦୁଷ୍ଟମାନଙ୍କ ଦ୍ୱାରା ବିସାଯାଇଥିବା ଯନ୍ତାରେ ପଡ଼ି
ଯାଆନ୍ତି।
10 ବାରମ୍ବାର ସେହି ଦୁଷ୍ଟ ଲୋକମାନେ ନିରୀହ ଲୋକମାନଙ୍କର
କ୍ଷତି କରନ୍ତି।
11 ତେଣୁ ସେହି ନିରୀହ ଲୋକମାନେ ଭାବିବାକୁ ଲାଗନ୍ତି,
"ପରମେଶ୍ୱର ଆମ୍ଭମାନଙ୍କୁ ଭୁଲି ଯାଇଛନ୍ତି। ସେ
ଆମ୍ଭମାନଙ୍କଠାରୁ ବହୁ ଦୂରକୁ ଚାଲି ଯାଇଛନ୍ତି। ଆମ୍ଭମାନଙ୍କ
ଉପରେ ଯାହା ଘଟୁଛି ସେ ବୋଧହୁଏ ଦେଖୁ ନାହାଁନ୍ତି।"
12 ହେ ସଦାପ୍ରଭୁ ତୁମ୍ଭେ ଜାଗ୍ରତ ହୁଅ, ଏବଂ ଆମ୍ଭମାନଙ୍କ
ପାଇଁ କିଛି କର। ହେ ପରମେଶ୍ୱର, ସେହି ଦୁଷ୍ଟମାନଙ୍କୁ
ଦଣ୍ଡ ଦିଅ! ଗରିବ ଲୋକମାନଙ୍କୁ ଭୁଲି ଯାଅନାହିଁ।
13 କାହିଁକି ଦୁଷ୍ଟ ଲୋକମାନେ ପରମେଶ୍ୱରଙ୍କ ବିରୁଦ୍ଧରେ
ଯାଆନ୍ତି? କାରଣ ସେମାନେ ଭାବନ୍ତି ସେ ତାଙ୍କୁ ଦଣ୍ଡ
ଦେବେ ନାହିଁ।
14 ହେ ସଦାପ୍ରଭୁ, ନିଶ୍ଚୟ ତୁମ୍ଭେ ସେହି ନିଷ୍ଠୁର ଲୋକମାନଙ୍କ
କାର୍ଯ୍ୟ ଦେଖୁଅଛ। ଥରେ ସେହି ମନ୍ଦକାର୍ଯ୍ୟକୁ ଚାହିଁ, ଓ
କିଛି କର। ଯେଉଁମାନେ ବିପଦରେ ପଡ଼ନ୍ତି, ନିଶ୍ଚୟ ତୁମ୍ଭ
ନିକଟକୁ ସାହାଯ୍ୟ ପାଇଁ ଆସନ୍ତି। ହେ ସଦାପ୍ରଭୁ ତୁମ୍ଭେ
ହେଉଛ ଏକମାତ୍ର, ଯିଏକି ସେହି ପିତୃହୀନମାନଙ୍କୁ ସାହାଯ୍ୟ
କରିପାର।
15 ହେ ସଦାପ୍ରଭୁ, ତୁମ୍ଭେ ଦୁଷ୍ଟମାନଙ୍କୁ ଧ୍ୱଂସ କର। ସେମାନଙ୍କର
କୁକାର୍ଯ୍ୟ ପାଇଁ ସେମାନଙ୍କୁ ଦଣ୍ଡିତ କର, ସେମାନେ ଧ୍ୱଂସ
ହୋଇ ନଯିବା ପର୍ଯ୍ୟନ୍ତ।
16 ସଦାପ୍ରଭୁ ଅନନ୍ତକାଳ ରାଜା ଅଟନ୍ତି। ସେହି ଦୁଷ୍ଟମାନଙ୍କୁ
ତୁମ୍ଭ ରାଜ୍ୟରୁ ବିତାଡ଼ିତ କର।
17 ହେ ସଦାପ୍ରଭୁ, ତୁମ୍ଭେ ସେହି ନିରୀହ ଲୋକମାନଙ୍କର
ଡ଼ାକ ଶୁଣିଛ ବା ସେମାନେ ଯାହା ଚାହୁଁଛନ୍ତି ଜାଣିପାରୁଛ।
ସେମାନଙ୍କର ପ୍ରାର୍ଥନା ଶୁଣ ଓ ସେମାନେ ଯାହା ଚାହୁଁଛନ୍ତି
ତାହା ପ୍ରଦାନ କର।
18 ହେ ସଦାପ୍ରଭୁ, ଯେଉଁ ପିଲାମାନଙ୍କର ପିତାମାତା ନାହାଁନ୍ତି
ସେମାନଙ୍କୁ ରକ୍ଷା କର। ଯେଉଁମାନେ ଅଧିକ ବିପଦରେ
ପଡ଼ିଛନ୍ତି, ସେହି ଲୋକମାନଙ୍କୁ ଅଧିକ ଦୁଃଖୀ କରାଅ
ନାହିଁ। ତେଣୁ ଦୁଷ୍ଟ ଲୋକମାନଙ୍କ ମନରେ ଭୟ ସଞ୍ଚାର
କର, ଯେଉଁମାନେ ଏଠାରେ ଅଛନ୍ତି।

## ଗୀତ 11

*ଦାଉଦଙ୍କର ଉଦ୍ଦେଶ୍ୟରେ ଲିଖିତ ଗୀତ।*

1 ମୁଁ ସର୍ବଦା ସଦାପ୍ରଭୁଙ୍କ ଆଶ୍ରୟ ନିଏ। ତେଣୁ କାହିଁକି
ମୋତେ ଲୁଚିବାକୁ କହୁଅଛ, "ପକ୍ଷୀ ପରି ଆପଣା
ପର୍ବତକୁ ଉଡ଼ିଯାଅ?"
2 ଦୁଷ୍ଟ ଲୋକମାନେ ଶିକାରୀ ଅଟନ୍ତି। ସେମାନେ ଅନ୍ଧାରରେ
ଲୁଚି ରହନ୍ତି। ସେମାନେ ଧନୁରେ ଗୁଣ ଚଢ଼ାନ୍ତି।
ସେମାନେ ତୀର ଦ୍ୱାରା ଲକ୍ଷ୍ୟ ସ୍ଥିର କରନ୍ତି ଏବଂ
ସେମାନେ ସିଧା ସାଧୁ ଓ ଉତ୍ତମ ବ୍ୟକ୍ତିର ହୃଦୟକୁ
ଶରବିଦ୍ଧ କରନ୍ତି।
3 ଯଦି ସେମାନେ ସବୁ ଉତ୍ତମ କାର୍ଯ୍ୟକୁ ନଷ୍ଟ କରନ୍ତି।
ତେବେ କ'ଣ ଘଟିବ? ତା'ପରେ ସବୁ ଧର୍ମାତ୍ମାମାନେ
କ'ଣ କରିପାରିବେ।
4 ସଦାପ୍ରଭୁ ତାଙ୍କର ପବିତ୍ର ମନ୍ଦିରରେ ବାସ କରନ୍ତି।
ସଦାପ୍ରଭୁଙ୍କ ସିଂହାସନ ସ୍ୱର୍ଗରେ, ସେ ସେଠାରୁ ଯାହାସବୁ
ଘଟୁଛି ସମସ୍ତ ବିଷୟ ଦେଖନ୍ତି। ସଦାପ୍ରଭୁ ମନୁଷ୍ୟକୁ ଯତ୍ନ
ସହକାରେ ଅତି ନିକଟରୁ ଭଲ କି ମନ୍ଦ ତାହା ବିଚାର
କରନ୍ତି।

5 ସଦାପ୍ରଭୁ ସବୁବେଳେ ଧାର୍ମିକମାନଙ୍କୁ ପରୀକ୍ଷା କରନ୍ତି।
କିନ୍ତୁ ସେ ନିଷ୍ଠୁର ତଥା ଖରାପ ଲୋକମାନଙ୍କୁ ପ୍ରତ୍ୟାଖ୍ୟାନ
କରନ୍ତି।
6 ସେ ଉତ୍ତପ୍ତ ଅଙ୍ଗାର ଓ ଜଳନ୍ତା ଗନ୍ଧକର ବର୍ଷା
ଦୁଷ୍ଟମାନଙ୍କ ଉପରେ ବର୍ଷାନ୍ତି। ସେହି ଦୁଷ୍ଟ ଲୋକମାନେ
ଶେଷରେ କିଛି ପାଇବେ ନାହିଁ, କିନ୍ତୁ ଉତ୍ତପ୍ତ ଓ ଜ୍ୱଳନ୍ତ
ଝାଞ୍ଜି ପବନ ଅନୁଭବ କରିବେ।
7 କିନ୍ତୁ ସଦାପ୍ରଭୁ ସବୁବେଳେ ଧର୍ମର ପଥ ଅନୁସରଣ
କରନ୍ତି ଏବଂ ଯେଉଁମାନେ ଧର୍ମର ପଥରେ ଚାଲନ୍ତି ଓ
ପ୍ରେମ କରନ୍ତି। ସେହିମାନେ ହିଁ ତାଙ୍କର ମୁଖ ଦର୍ଶନ
କରିପାରିବେ।

## ଗୀତ 12

*ପ୍ରଧାନ ବାଦ୍ୟକର ନିମନ୍ତେ ଶମୀନିତ ସ୍ୱରରେ ଦାଉଦଙ୍କର ଗୀତ।*

1 ହେ ସଦାପ୍ରଭୁ, ମୋତେ ଉଦ୍ଧାର କର, କାରଣ ଧାର୍ମିକ
ଲୋକମାନେ ଲୋପ ପାଉଅଛନ୍ତି। ଏ ପୃଥିବୀରେ ତୁମ୍ଭର
ପରମ ଅନୁରକ୍ତ ବିଶ୍ୱାସୀ ଲୋକର ହ୍ରାସ ହେଉଛି।
2 ଲୋକମାନେ ନିଜ ପଡ଼ୋଶୀ ସହିତ ମିଥ୍ୟା କହନ୍ତି।
ପ୍ରତ୍ୟେକ ମଣିଷ ଆଜି ଚାଟୁକାର ସାଜି ପଡ଼ୋଶୀମାନଙ୍କୁ
ମିଥ୍ୟା କଥାରେ ଭୁଲାଇ କହନ୍ତି।
3 ସଦାପ୍ରଭୁ ସେମାନଙ୍କର ଓଷ୍ଠ ବନ୍ଦ କରିବେ, ଯିଏ ମିଥ୍ୟା
ବାକ୍ୟ ଉଚ୍ଚାରଣ କରେ। ସଦାପ୍ରଭୁ ସେମାନଙ୍କର ଜିହ୍ୱା
ବନ୍ଦ କରିବେ, ଯିଏ ଗର୍ବର କାହାଣୀ ପ୍ରକାଶ କରେ।
4 ସେହି ଲୋକମାନେ କହନ୍ତି, "ଆମ୍ଭେମାନେ ଏହିପରି
ମିଥ୍ୟା କହି ଲୋକମାନଙ୍କ ମଧ୍ୟରେ ପ୍ରାଧାନ୍ୟ ବିସ୍ତାର
କରିବୁ। ଆମ୍ଭେ ଜାଣୁ ଆମ୍ଭକୁ କ'ଣ କହିବାକୁ ପଡ଼ିବ।
ଯାହାଫଳରେ କେହି ଆମ୍ଭମାନଙ୍କ ଉପରେ କର୍ତ୍ତା ସାଜି
ପାରିବ ନାହିଁ।"
5 କିନ୍ତୁ ସଦାପ୍ରଭୁ କହନ୍ତି, "ଦୁଷ୍ଟ ଲୋକମାନେ ନିରୀହ
ଲୋକଙ୍କଠାରୁ ଚୋରାଇ ନିଅନ୍ତି। ସେମାନେ ଅସହାୟ
ଲୋକଙ୍କଠାରୁ ଜିନିଷ ନେଇଯାଆନ୍ତି। କିନ୍ତୁ ମୁଁ ସେମାନଙ୍କ
ଉଦ୍ଦେଶ୍ୟ ସଫଳ ହେବାକୁ ଦେବି ନାହିଁ ଓ ମୁଁ ସେହି
ଦୁଃଖୀ ଲୋକଙ୍କୁ ରକ୍ଷା କରିବି।"
6 ସଦାପ୍ରଭୁଙ୍କର ବାକ୍ୟସବୁ ସତ୍ୟ ଓ ନିର୍ମଳ। ଯାହାକି
ଗରମ ନିଆଁରେ ତରଳା ଯାଉଥିବା ରୁପା ପରି। ସେଗୁଡ଼ିକ
ସାତଥର ତରଳା ଯାଇଥିବା ରୁପା ପରି ଶୁଦ୍ଧ।
7 ହେ ସଦାପ୍ରଭୁ, ସେହି ଅସହାୟ ଲୋକମାନଙ୍କର ଯତ୍ନ
ନିଅ। ସେମାନଙ୍କୁ ବର୍ତ୍ତମାନ ଓ ସବୁଦିନ ପାଇଁ ରକ୍ଷା
କର।
8 ସେହି ଦୁଷ୍ଟ ଲୋକମାନେ ଯଦିଓ ପ୍ରାଧାନ୍ୟ ବିସ୍ତାର
କରନ୍ତି, କିନ୍ତୁ ପ୍ରକୃତରେ ସେମାନେ ଦେଖିବାକୁ ସୁନ୍ଦର
ଗହଣା ପରି। ଏହା ବହୁମୂଲ୍ୟ ଭଳି ଜଣା ପଡ଼ିଲେବି
ପ୍ରକୃତରେ ଏହା ଅତି ଶସ୍ତା ଅଟେ।

## ଗୀତ 13

*ଦାଉଦଙ୍କର ଗୀତ।*

1 ହେ ସଦାପ୍ରଭୁ, କେତେଦିନ ମୋତେ ଭୁଲି ଯିବ?
ସତରେ କ'ଣ ତୁମ୍ଭେ ମୋତେ ସବୁଦିନ ପାଇଁ ଭୁଲି
ପାରିବ? କେତେଦିନ ପର୍ଯ୍ୟନ୍ତ ଗ୍ରହଣ କରିବାକୁ ମନା
କରିବ?
2 କେତେକାଳ ମୁଁ ଏଭଳି ବୁଲୁଥିବି। ଯଦି ତୁମ୍ଭେ ମୋତେ
ଭୁଲି ଯାଇଥିବ। କେତେକାଳ ପର୍ଯ୍ୟନ୍ତ ଏହି ଦୁଃଖକୁ ମୁଁ
ହୃଦୟରେ ବୋହି ଚାଲିବି? କେତେକାଳ ପର୍ଯ୍ୟନ୍ତ ମୋର
ଶତ୍ରୁ ମୋ ଉପରେ ବିଜୟ ଲାଭ କରିବ।
3 ହେ ସଦାପ୍ରଭୁ ମୋର ପରମେଶ୍ୱର, ମୋତେ ଥରେ ଚାହିଁ,
ମୋର ପ୍ରଶ୍ନର ଉତ୍ତର ଦିଅ। ମୋତେ ଜାଣିବାକୁ ଦିଅ,
ନଚେତ୍ ମୁଁ ଜୀବନ ହରାଇବି।
4 ଯଦି ତାହା ସତରେ ଘଟେ ତେବେ ମୋର ଶତ୍ରୁମାନେ
କହିବେ, "ଆମ୍ଭେ ସେମାନଙ୍କୁ ଜୟ କରିଅଛୁ।" ମୋର
ଶତ୍ରୁମାନେ ଖୁସି ହେବେ ଯଦି ସେମାନେ ମୋତେ ପରାସ୍ତ
କରନ୍ତି।
5 ହେ ସଦାପ୍ରଭୁ ତୁମ୍ଭେ ମୋତେ ସାହାଯ୍ୟ କରିବ ବୋଲି,
ମୁଁ ତୁମ୍ଭ ଉପରେ ଭରସା ରଖିଛି। ତୁମ୍ଭେ ମୋତେ
ଉଦ୍ଧାର କରି ମୋତେ ଖୁସି କରାଅ।
6 ମୁଁ ସଦାସର୍ବଦା ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ଖୁସିର
ଗୀତ ଗାନ କରିବି। କାରଣ ସେ ମୋ ପ୍ରତି ସଦୟ
ହୋଇ ଅଶେଷ ଉପକାର କରିଛନ୍ତି।

## ଗୀତ 14

*ପ୍ରଧାନ ନିର୍ଦ୍ଦେଶକଙ୍କୁ ଦାଉଦଙ୍କ ଗୀତ।*

1 ଏକ ମୁର୍ଖ ଲୋକ ନିଜ ହୃଦୟରେ କହେ, "ପରମେଶ୍ୱର
ନାହାଁନ୍ତି।" ସେହି ମୁର୍ଖମାନେ ଭ୍ରଷ୍ଟ ଓ ସେମାନେ ଘୃଣା
ଯୋଗ୍ୟ କାର୍ଯ୍ୟ କରନ୍ତି। ସେମାନଙ୍କ ମଧ୍ୟରେ ଉତ୍ତମ
କାର୍ଯ୍ୟ କରିଥିବା ଲୋକ କେହି ନାହାଁନ୍ତି।
2 ସଦାପ୍ରଭୁ ସ୍ୱର୍ଗରୁ ଥାଇ ତଳକୁ ଦୃଷ୍ଟି ନିକ୍ଷେପ କରି
ଦେଖନ୍ତି ଯେ ଯଦି କେହି ଜ୍ଞାନୀ ଲୋକ ତାଙ୍କ ଅନୁରକ୍ତ
ଅଛନ୍ତି ନା ନାହିଁ। ବିଜ୍ଞ ଲୋକମାନେ ସର୍ବଦା ପରମେଶ୍ୱରଙ୍କୁ
ସହାୟତା ପାଇଁ ପ୍ରାର୍ଥନା କରନ୍ତି।
3 କିନ୍ତୁ ପ୍ରତ୍ୟେକ ମଣିଷ ଆଜି ପରମେଶ୍ୱରଙ୍କଠାରୁ ଦୂରେଇ
ଯାଇଛନ୍ତି। ସବୁ ମଣିଷ ଆଜି ଦୁଷ୍ଟ ମଣିଷରେ ପରିଣତ
ହୋଇଛନ୍ତି। ଜଣେ ବି କେହି ଆଜି ଭଲ କାର୍ଯ୍ୟ
କରୁଥିବା ଲୋକ ନାହାଁନ୍ତି।
4 ଦୁଷ୍ଟ ଲୋକମାନେ ମୋର ଅନେକ ଲୋକଙ୍କୁ ନଷ୍ଟ
କରିଛନ୍ତି ଓ ସେହି ଦୁଷ୍ଟ ଲୋକମାନେ ପରମେଶ୍ୱରଙ୍କୁ
ଜାଣନ୍ତି ନାହିଁ ଏବଂ ସଦାପ୍ରଭୁଙ୍କ ସମ୍ମୁଖୀନ ହୋଇ ପାରନ୍ତି
ନାହିଁ।
5-6 ସେହି ଦୁଷ୍ଟ ଲୋକମାନେ ନିରୀହ ଲୋକର ଉପଦେଶକୁ
ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି କାହିଁକି? କାରଣ ସେହି ନିରୀହ
ଲୋକଟି ପରେମେଶ୍ୱରଙ୍କ ଉପରେ ନିର୍ଭରଶୀଳ କିନ୍ତୁ
ପରମେଶ୍ୱର ସର୍ବଦା ଧାର୍ମିକ ଲୋକମାନଙ୍କ ମଧ୍ୟରେ ବାସ
କରନ୍ତି। ତେଣୁ ଦୁଷ୍ଟ ଲୋକମାନେ ନିଶ୍ଚିତ ପରମେଶ୍ୱରଙ୍କୁ
ଭୟ କରିବା ଉଚିତ୍।
7 ମୁଁ ଆଶାକରେ କେହି ଜଣେ ତାଙ୍କର ମନ୍ଦିରରୁ ସିୟୋନ
ପର୍ବତ ଉପରକୁ ଆସନ୍ତା ଏବଂ ଇଶ୍ରାୟେଲକୁ ରକ୍ଷା

କରନ୍ତା। ସେତେବେଳେ ସଦାପ୍ରଭୁ ତାଙ୍କର ଲୋକମାନଙ୍କୁ
ପୁନର୍ବାର ଶକ୍ତିଶାଳୀ କରନ୍ତି, ତାହେଲେ ଯାକୁବ* ଆହ୍ଲାଦିତ
ହେବ। ଇଶ୍ରାୟେଲ ବହୁତ ଖୁସି ହେବ।

## ଗୀତ 15

*ଦାଉଦଙ୍କର ଗୀତ*

1 ହେ ସଦାପ୍ରଭୁ, କିଏ ତୁମ୍ଭର ପବିତ୍ର ତମ୍ବୁରେ ବାସ କରି
ପାରିବ? କିଏ ତୁମ୍ଭର ପବିତ୍ର ପର୍ବତରେ ବାସ କରିବ?
2 କେବଳ ଯେଉଁ ବ୍ୟକ୍ତି ଶୁଦ୍ଧ ଚିତ୍ତରେ ଜୀବନ-ଯାପନ
କରେ, ଭଲ କାର୍ଯ୍ୟ କରେ ଓ ଅନ୍ତରରୁ ସତ୍ୟକଥା
ପ୍ରକାଶ କରେ ସେ କେବଳ ତୁମ୍ଭର ପବିତ୍ର ପର୍ବତରେ
ବାସ କରିପାରିବ।
3 ସେହିଭଳି ମନୁଷ୍ୟ ଯିଏ କେବେ ଅନ୍ୟମାନଙ୍କ ବିଷୟରେ
ମିଥ୍ୟା କଥା କହେ ନାହିଁ। ସେହି ବ୍ୟକ୍ତି ଯିଏ କେବେ
ପଡ଼ୋଶୀ ପ୍ରତି ଅନିଷ୍ଟ ଚିନ୍ତା କରେ ନାହିଁ। ସେହି ବ୍ୟକ୍ତି
ଲଜ୍ଜାଜନକ କଥା ନିଜ ପରିବାର ବିଷୟରେ ମଧ୍ୟ କହେ
ନାହିଁ।
4 ଯେଉଁ ବ୍ୟକ୍ତି ପରମେଶ୍ୱରଙ୍କୁ ଘୃଣା କରେ ଓ ସମ୍ମାନ
କରେ ନାହିଁ, କିନ୍ତୁ ସେହି ବ୍ୟକ୍ତି ଯେଉଁମାନେ ସଦାପ୍ରଭୁଙ୍କ
ସେବା କରୁଥିବା ଲୋକମାନଙ୍କୁ ସମ୍ମାନ ଦେଖାଏ। ଯଦି
ସେ କୌଣସି ପ୍ରତିଶ୍ରୁତି ନିଜ ପଡ଼ୋଶୀକୁ ଦେଇଥାଏ
ତେବେ ସେହି ପ୍ରତିଶ୍ରୁତିକୁ ପାଳନ କରେ।
5 ଯଦି ଜଣେ ବ୍ୟକ୍ତି କିଛି ଧନ କରଜ ଦିଏ ଓ ସେ
ସେହି ଜନଠାରୁ କୌଣସି ସୁଧ ଆଦାୟ କରେ ନାହିଁ
କିଅବା ସେହି ବ୍ୟକ୍ତି ନିରୀହ ଲୋକମାନଙ୍କୁ ଆଘାତ କରି
ମୁଦ୍ରା ନିଏ ନାହିଁ। ଏହିପରି ଯେଉଁ ବ୍ୟକ୍ତି କରେ, ତେବେ
ସେହି ଧାର୍ମିକ ସର୍ବଦା ପରମେଶ୍ୱରଙ୍କ ନିକଟରେ ଅବସ୍ଥାନ
କରିବ।

## ଗୀତ 16

*ଦାଉଦଙ୍କର ମିକ୍ତାମ୍ ଗୀତ*

1 ହେ ପରମେଶ୍ୱର, ମୋତେ ତୁମ୍ଭେ ରକ୍ଷା କର କାରଣ ମୁଁ
ତୁମ୍ଭ ଉପରେ ନିର୍ଭର କରେ।
2 ମୁଁ ସଦାପ୍ରଭୁଙ୍କୁ କହିଅଛି, "ସଦାପ୍ରଭୁ ତୁମ୍ଭେ ମୋର ପ୍ରଭୁ।
ମୋର ଯାହା କିଛି ମଙ୍ଗଳମୟ ସେ ସବୁ ତୁମ୍ଭ କୃପାରୁ।"
3 ସଦାପ୍ରଭୁ ଯାହାକିଛି ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରନ୍ତି, ତାହା
ତାଙ୍କର ଏ ପୃଥିବୀରେ ଥିବା ଅନୁଗତ ଲୋକଙ୍କ ପାଇଁ।
ସଦାପ୍ରଭୁ ପ୍ରକୃତରେ ଦେଖାଇ ଦିଅନ୍ତି ଯେ ସେ ସେମାନଙ୍କୁ
ଭଲ ପାଆନ୍ତି।
4 କିନ୍ତୁ ଯେଉଁ ଲୋକମାନେ ଅନ୍ୟ ଦେବତାମାନଙ୍କୁ ପୂଜା
କରନ୍ତି, ସେମାନେ ଅଧିକ ଦୁଃଖ ପାଆନ୍ତି। ମୁଁ ସେମାନଙ୍କ
ସହିତ ଏକମତ ହୋଇପାରିବ ନାହିଁ। ଯେଉଁମାନେ ସେହି
ମୂର୍ତ୍ତିଗୁଡ଼ିକ ଆଗରେ ରକ୍ତ ଅର୍ପଣ କରନ୍ତି, ସେମାନଙ୍କର
ନାମ ମୁଁ କେବେ ଉଚ୍ଚାରଣ କରିବ ନାହିଁ।
5 ମୁଁ କେବଳ ମୋର ଭକ୍ତି ଓ ଶ୍ରଦ୍ଧାକୁ ସଦାପ୍ରଭୁଙ୍କଠାରେ
ଅର୍ପଣ କରିବ। ହେ ସଦାପ୍ରଭୁ, ତୁମ୍ଭେ ମୋର ସହାୟ
ହୁଅ ଏବଂ ମୋତେ ମୋର ପ୍ରାପ୍ୟ ପ୍ରଦାନ କର।
6 ମୋର ପ୍ରାପ୍ୟ ଅତି ଆଶ୍ଚର୍ଯ୍ୟଜନକ, ମୋର ଅଧିକାର
ମଧ୍ୟ ଅତି ସୁନ୍ଦର।
7 ମୁଁ ସଦାପ୍ରଭୁଙ୍କୁ ପ୍ରଶଂସା କରେ କାରଣ ସେ ମୋତେ
ଉଚିତ୍ ଶିକ୍ଷା ପ୍ରଦାନ କରନ୍ତି। ଏପରିକି ରାତ୍ରିରେ ମଧ୍ୟ
ସେ ତାଙ୍କର ଉପଦେଶକୁ ମୋର ମନରେ ପ୍ରବେଶ
କରାନ୍ତି।
8 ମୁଁ ସବୁବେଳେ ସଦାପ୍ରଭୁଙ୍କୁ ମୋର ସମ୍ମୁଖରେ ରଖିଅଛି।
ମୁଁ କେବେହେଲେ ତାଙ୍କର ଉପଯୁକ୍ତ ମାର୍ଗରୁ ବଞ୍ଚିତ
ହେବ ନାହିଁ।
9 ତେଣୁ ମୋର ହୃଦୟ ଓ ଆତ୍ମା ଅତି ଆନନ୍ଦିତ ହେବ।
ଏପରିକି ମୋର ଶରୀର ନିରାପଦରେ ରହିବ।
10 କାରଣ ତୁମ୍ଭେ ସଦାପ୍ରଭୁ ମୋର ଆତ୍ମାକୁ ମୃତ୍ୟୁ ସ୍ଥାନରେ
ପରିତ୍ୟାଗ କରିବ ନାହିଁ। ତୁମ୍ଭେ ଆପଣା ପବିତ୍ର ଜନକୁ
ପୃଥିବୀରେ କ୍ଷୟ ହେବାକୁ ଦେବ ନାହିଁ।
11 ତୁମ୍ଭେ ମୋତେ ବଞ୍ଚିବା ପାଇଁ ଜୀବନପଥ ଶିକ୍ଷା ଦେବ।
ଯେହେତୁ ମୁଁ ତୁମ୍ଭ ସହିତ ଅଛି। ହେ ସଦାପ୍ରଭୁ, ତୁମ୍ଭେ
ମୋତେ ସୁଖ ଶାନ୍ତିରେ ରହିବାକୁ ଦେବ। ଯେହେତୁ ମୁଁ
ତୁମ୍ଭର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ, ମୋ ପାଇଁ ଚିରଦିନ
ନିତ୍ୟ ସୁଖଭୋଗ ଆଣିଦେବ।

## ଗୀତ 17

*ଦାଉଦଙ୍କର ପ୍ରାର୍ଥନା*

1 ହେ ସଦାପ୍ରଭୁ, ମୋର ପ୍ରାର୍ଥନା ଥରେ ଶୁଣ ଓ ମୋତେ
ନ୍ୟାୟ ପ୍ରଦାନ କର। ମୁଁ ତୁମ୍ଭକୁ ଉଚ୍ଚ ସ୍ୱରରେ ଡ଼ାକୁ
ଅଛି। ଯେହେତୁ ମୁଁ ନିଷ୍କପଟ, ତେଣୁ ଯାହା ମୁଁ କହୁଛି,
ଦୟାକରି ମୋର ପ୍ରାର୍ଥନାକୁ ଶ୍ରବଣ କର।
2 ତୁମ୍ଭେ ନିଶ୍ଚୟ ମୋ ବିଷୟରେ ଉଚିତ୍ ନ୍ୟାୟ ପ୍ରଦର୍ଶନ
କରିବ, ତୁମ୍ଭେ ନିଶ୍ଚୟ ସତ୍ୟକୁ ଦେଖୁ ଅଛ।
3 ତୁମ୍ଭେ ମୋର ହୃଦୟର ଅନ୍ତଃସ୍ଥଳକୁ ଭଲ ଭାବରେ
ଜାଣ। ତୁମ୍ଭେ ସାରାରାତ୍ରି ମୋ ସହିତ ଥିଲ। ତୁମ୍ଭେ
ମୋତେ ପ୍ରଶ୍ନ କରିଛ ଏବଂ ମୋଠାରେ କିଛି ଭୁଲ
ଦେଖିନାହିଁ। ମୁଁ କିଛି ମନ୍ଦ ଯୋଜନା କରେ ନାହିଁ।
4 ମୁଁ ଯଥାସାଧ୍ୟ ଚେଷ୍ଟା କରିଛି ତୁମ୍ଭର ଆଦେଶ ମାନିବାକୁ।
5 ମୁଁ ତୁମ୍ଭର ମାର୍ଗ ଅନୁସରଣ କରୁଅଛି। ମୋର ପାଦ
ସେହି ପଥରୁ କେବେ ବିଚ୍ୟୁତ ହେବ ନାହିଁ।
6 ମୁଁ ଯେତେବେଳେ ତୁମ୍ଭକୁ ଡ଼ାକେ, ହେ ପ୍ରଭୁ ତୁମ୍ଭେ
ମୋତେ ଉତ୍ତର ଦିଅ। ତେଣୁ ବର୍ତ୍ତମାନ ମୋର କଥା
ଶୁଣ।
7 ପରମେଶ୍ୱର ତୁମ୍ଭର ଅଦ୍ଭୁତ କରୁଣା ଦେଖାଅ ଏବଂ
ଯେଉଁମାନେ ତୁମ୍ଭଠାରେ ନିର୍ଭର କରନ୍ତି ସେମାନଙ୍କୁ
ଉଦ୍ଧାର କର। ସେମାନଙ୍କର ପ୍ରତିପକ୍ଷମାନଙ୍କୁ ପରାସ୍ତ
କରିବା ପାଇଁ, ତୁମ୍ଭେ ତୁମ୍ଭର ମହାନ୍ ଶକ୍ତି ବ୍ୟବହାର
କର। ତେଣୁ ଏହି ପ୍ରାର୍ଥନାଟିକୁ ଗ୍ରହଣ କର। ଏହା
ଜଣକର ପ୍ରାର୍ଥନା ଯିଏ ତୁମ୍ଭଠାରେ ଆଶ୍ରୟ ନେଇଛି ଏବଂ
ଯିଏ ତୁମ୍ଭର ଅନୁସରଣକାରୀ ଅଟେ।

---

**ଯାକୁବ** ଅନ୍ୟ ଏକ ନାମ ଗ୍ରଷ୍ଟ ଇଶ୍ରାୟେଲର।

8 ମୋତେ ତୁମ୍ଭେ ଆପଣା ଚକ୍ଷୁର ପିତୁଳା ଭଳି ରକ୍ଷା କର, ଓ ତୁମ୍ଭର ବାହୁଚ୍ଛାୟା ତଳେ ଲୁଚାଇ ରଖ।
9 ହେ ସଦାପ୍ରଭୁ, ମୋତେ ସେହି ଦୁଷ୍ଟ ଲୋକଙ୍କଠାରୁ ବଞ୍ଚାଇ ରଖ। ଯେଉଁମାନେ କି ମୋତେ ଧ୍ୱଂସ କରିବାକୁ ଚାହୁଁଛନ୍ତି। ମୋର ଚାରିକଡ଼ରେ ଥିବା ସେହି ଦୁଷ୍ଟ ଲୋକଙ୍କ କବଳରୁ ମୋତେ ରକ୍ଷା କର। ଯେଉଁମାନେ ମୋତେ ଆଘାତ କରିବାକୁ ଚାହୁଁଛନ୍ତି।
10 ସେହି ଦୁଷ୍ଟ ଲୋକମାନେ ଅତ୍ୟନ୍ତ ଅହଂକାର ବଶତଃ ପରମେଶ୍ୱରଙ୍କ କଥା ଶୁଣନ୍ତି ନାହିଁ। ସେମାନେ କେବଳ ନିଜ ବିଷୟ ଚିନ୍ତା କରନ୍ତି।
11 ସେହି ଦୁଷ୍ଟ ଲୋକମାନେ ମୋତେ ଅନୁସରଣ କରୁଛନ୍ତି। ସେମାନେ ମୋର ଚତୁର୍ଦ୍ଦିଗରେ ଘେରି ଗଲେଣି ଓ ସେମାନେ ମୋତେ ଆକ୍ରମଣ କରିବାକୁ ପ୍ରସ୍ତୁତ।
12 ସେହି ଦୁଷ୍ଟ ଲୋକମାନେ ସିଂହ ସଦୃଶ ଯିଏକି ଅନ୍ୟ ପ୍ରାଣୀମାନଙ୍କୁ ଶିକାର କରି ଖାଇବାକୁ ଅପେକ୍ଷା କରିଥାଏ। ସେମାନେ ସିଂହ ଭଳି ଲୁଚି ରହି ଆକ୍ରମଣ କରିବାକୁ ସର୍ବଦା ପ୍ରସ୍ତୁତ ଥାଆନ୍ତି।
13 ହେ ସଦାପ୍ରଭୁ, ତୁମ୍ଭେ ଉଠ ଏବଂ ଶତ୍ରୁମାନଙ୍କ ପାଖକୁ ଯାଇ ତାଙ୍କୁ ଆତ୍ମା ସମର୍ପଣ କରିବାକୁ ବାଧ କର। ତୁମ୍ଭେ ଆପଣା ଖଡ୍ଗ ପ୍ରୟୋଗ କରି ସେହି ଦୁଷ୍ଟ ଲୋକଙ୍କ କବଳରୁ ମୋତେ ଉଦ୍ଧାର କର।
14 ହେ ସଦାପ୍ରଭୁ, ତୁମ୍ଭେ ଆପଣା ଶକ୍ତି ପ୍ରୟୋଗ କରି ଏ ସଂସାରରୁ ଦୁଷ୍ଟ ଲୋକମାନଙ୍କୁ ନିପାତ କର। ହେ ସଦାପ୍ରଭୁ, ବହୁତ ଲୋକ ତୁମ୍ଭ ପାଖକୁ ସାହାଯ୍ୟ ପାଇଁ ଆସନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କର ଏହି ଇହଲୋକରେ ଅଧିକ କିଛି ଆଶା ନ ଥାଏ। ସେହି ଲୋକମାନଙ୍କୁ ପ୍ରଚୁର ଖାଦ୍ୟ ପ୍ରଦାନ କର। ସେମାନଙ୍କର ଶିଶୁମାନଙ୍କର ଆବଶ୍ୟକତାକୁ ପୂରଣ କର। ସେମାନଙ୍କର ଶିଶୁମାନଙ୍କୁ ଏତେ ଖାଦ୍ୟ ପ୍ରଦାନ କର ଯେ, ଯାହା ସବୁଦିନ ପାଇଁ ସେମାନଙ୍କର ଆବଶ୍ୟକତା ପୂରଣ କରିବ।
15 ମୁଁ ନ୍ୟାୟ ପାଇଁ ଏସବୁ ପ୍ରାର୍ଥନା କରୁଛି। ତେଣୁ ମୁଁ ନିଶ୍ଚୟ ତୁମ୍ଭର ମୁଖ ଦର୍ଶନ କରିବି ଓ ହେ ସଦାପ୍ରଭୁ ତୁମ୍ଭକୁ ଦର୍ଶନ କରି ଅତ୍ୟନ୍ତ ତୃପ୍ତ ହେବି।

## ଗୀତ 18

*ପ୍ରଧାନ ବାଦ୍ୟକରଙ୍କ ନିମନ୍ତେ ସଦାପ୍ରଭୁଙ୍କ ଦାସ ଦାଉଦଙ୍କ ଗୀତ। ସଦାପ୍ରଭୁ ଶତ୍ରୁମାନଙ୍କ ହାତରୁ ଓ ଶାଉଲଙ୍କ ହସ୍ତରୁ ତାଙ୍କୁ ଉଦ୍ଧାର କରିବା ଦିନ ସେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ଗୀତ ନିବେଦନ କରିଥିଲେ।*

1 ସେ କହିଲେ, "ହେ ସଦାପ୍ରଭୁ, ତୁମ୍ଭେ ହିଁ ମୋର ଶକ୍ତିସ୍ୱରୂପ, ମୁଁ ତୁମ୍ଭକୁ ଭଲ ପାଏ।"
2 ହେ ସଦାପ୍ରଭୁ, ତୁମ୍ଭେ ମୋର ଶୈଳ, ମୋ' ନିରାପତ୍ତାରେ ଆଶ୍ରୟସ୍ଥଳ। ମୋର ପରମେଶ୍ୱର ମୋ ପାଇଁ ଶୈଳ ସଦୃଶ ଦୃଢ଼। ମୁଁ ତାଙ୍କର ନିକଟକୁ ରକ୍ଷା ପାଇଁ ଦୌଡ଼ି ଯାଏ। ପରମେଶ୍ୱର ମୋର ଢାଲ ସଦୃଶ। ତାଙ୍କର ଶକ୍ତି ମୋର ରକ୍ଷା ଶୃଙ୍ଗ। ସଦାପ୍ରଭୁ ଉଚ୍ଚ ପର୍ବତରେ ମୋର ଲୁଚିବା ସ୍ଥାନର ଆଶ୍ରୟସ୍ଥଳ।
3 ସେମାନେ ମୋତେ ପରିହାସ କଲେ, କିନ୍ତୁ ଯେତେବେଳେ ମୁଁ ସଦାପ୍ରଭୁଙ୍କୁ ଡ଼ାକିଲି, ସେ ମୋତେ ମୋର ଶତ୍ରୁମାନଙ୍କଠାରୁ ରକ୍ଷା କଲେ।
4 ମୋର ଶତ୍ରୁମାନେ ଯେତେବେଳେ ମୋତେ ହତ୍ୟା କରିବାକୁ ଚେଷ୍ଟା କରୁଥିଲେ ମୃତ୍ୟୁର ରଶି ମୋତେ ସେତେବେଳେ ବାନ୍ଧିବାକୁ ଯାଉଥିଲା ମୋର ଚାରିଆଡ଼େ। ମୁଁ ବନ୍ୟାରେ କବଳିତ ହୋଇ ମୃତ୍ୟୁ ଆଡ଼କୁ ଭାସି ଚାଲିଥିଲି,
5 କବରର ରଶି ମୋର ଚାରିଆଡ଼େ ଥିଲା, ମୃତ୍ୟୁର ଯନ୍ତା ମୋ ସମ୍ମୁଖରେ ଥିଲା।
6 ସେହି ଯନ୍ତାରେ ପଡ଼ି ସହାୟତା ପାଇଁ ମୁଁ ସଦାପ୍ରଭୁଙ୍କୁ ଡ଼ାକିବାକୁ ଲାଗିଲି। ହଁ, ମୁଁ ମୋର ପରମେଶ୍ୱରଙ୍କୁ ଡ଼ାକିଲି, ସେ ଆପଣା ମନ୍ଦିରରେ ଥାଇ ମୋର ଡ଼ାକ ଶୁଣିଲେ। ସେ ମୋର ସହାୟତା ପାଇଁ ଆର୍ତ୍ତନାଦ ଶୁଣିବାକୁ ପାଇଲେ।
7 ସେତିକିବେଳେ ପୃଥିବୀ ଟଳମଳ ଓ କମ୍ପିତ ହେଲା। ସ୍ୱର୍ଗରାଜ୍ୟର ଭିତ୍ତିଭୂମି ଥରି ଉଠିଲା, କାରଣ ସଦାପ୍ରଭୁ କ୍ରୋଧିତ ହେଲେ।
8 ତାଙ୍କ ନାକରୁ ଧୂଆଁ ନିର୍ଗତ ହେଲା। ଜ୍ୱଳନ୍ତ ଅଗ୍ନିଶିଖା ତାଙ୍କ ମୁଖରୁ ବାହାରିଲା। ଜ୍ୱଳନ୍ତା ଅଙ୍ଗାର ସବୁ ତାଙ୍କଠାରୁ ନିର୍ଗତ ହେବାକୁ ଲାଗିଲା।
9 ସଦାପ୍ରଭୁ ଆକାଶର ବକ୍ଷ ଚିରି ତଳକୁ ଓହ୍ଲାଇ ଆସିଲେ। ସେ ଘନ ଅନ୍ଧକାର ବାଦଲ ଖଣ୍ଡ ଉପରେ ଦଣ୍ଡାୟମାନ ହେଲେ।
10 ସଦାପ୍ରଭୁ ସେହି ଆକାଶ ବକ୍ଷର ଉଚ୍ଚରେ କିରୂବଦୂତମାନଙ୍କ ସହିତ ଉଡ଼ିବାକୁ ଲାଗିଲେ। ସେ ବାୟୁର ଗତିରେ ଉଡିବାକୁ ଲାଗିଲେ।
11 ପରମେଶ୍ୱର କଳା, ଘନ ବାଦଲଖଣ୍ଡ ଭିତରେ ଲୁଚି ଗଲେ। ସତେ ଯେମିତି ଏକ ଘନ ଅନ୍ଧକାରର ଏକ ତମ୍ବୁ ଭିତରେ ଲୁଚି ରହିଲେ। ସେ ଘନ ବିଜୁଳିଯୁକ୍ତ ମେଘ ଖଣ୍ଡ ଭିତରେ ଲୁଚି ଗଲେ।
12 ତା'ପରେ ସଦାପ୍ରଭୁଙ୍କ ଜ୍ୟୋତିରୁ ଉଜ୍ଜ୍ୱଳ ଆଲୋକ ମେଘଖଣ୍ଡ ଦେଇ ନିର୍ଗତ ହେଲା। ତାହା ଆକାଶ ମଧ୍ୟରେ ବିଜୁଳିର ଆଲୋକ ପରି ଆଲୋକିତ ହୋଇ ଉଠିଲା।
13 ସଦାପ୍ରଭୁ ଆକାଶ ମଧ୍ୟରୁ ଗର୍ଜ୍ଜନ କଲେ। ସର୍ବୋପରିସ୍ଥ ସେ ଆପଣା ଶବ୍ଦରେ ଚତୁର୍ଦ୍ଦିଗ ପ୍ରକମ୍ପିତ କଲେ।
14 ସଦାପ୍ରଭୁ ଆପଣା ବାଣ ପ୍ରୟୋଗ କଲେ ଓ ଶତ୍ରୁମାନଙ୍କୁ ବିନାଶ କଲେ। ସେ ବିଜୁଳି ମାରି ସେମାନଙ୍କୁ ଉଚ୍ଛିନ୍ନ କଲେ। ଲୋକେ ବୁଝି ପାରିଲେ ନାହିଁ କ'ଣ ସବୁ ଘଟୁଛି।
15 ହେ ସଦାପ୍ରଭୁ, ତୁମ୍ଭେ ଚିତ୍କାର କରି ତୁମ୍ଭର ଆଦେଶ ଘୋଷଣା କଲି ଓ ପ୍ରବଳ ବେଗରେ ପବନ ବହିବାକୁ ଲାଗିଲା। ହଠାତ୍ ସମୁଦ୍ର ଗର୍ଭର ଜଳ ଅପସାରିତ ହୋଇ ସମୁଦ୍ରର ନିମ୍ନ ଭାଗ ଦିଶିବାକୁ ଲାଗିଲା। ଆମ୍ଭେ ପୃଥିବୀର ଆଭ୍ୟନ୍ତରର ଭିତ୍ତି ଭୂମିକୁ ଦେଖିବାକୁ ଲାଗିଲୁ।
16 ସଦାପ୍ରଭୁ ଉର୍ଦ୍ଧ୍ୱରୁ ହସ୍ତ ବଢାଇ ମୋତେ ଉଦ୍ଧାର କଲେ। ସେ ମୋତେ ସେହି ଗଭୀର ଜଳରୁ ହାତ ବଢାଇ ଟେକି ଆଣିଲେ।

17 ମୋର ଶତ୍ରୁମାନେ ମୋଠାରୁ ଶକ୍ତିଶାଳୀ ଥିଲେ। ସେମାନେ
ମୋତେ ଘୃଣା କରୁଥିଲେ। ମୋର ଶତ୍ରୁମାନେ ମୋ
ଅପେକ୍ଷା ଅଧିକ ଶକ୍ତିଶାଳୀ ଥିଲେ। ତେଣୁ ପରମେଶ୍ୱର
ମୋତେ ରକ୍ଷା କଲେ।
18 ମୁଁ ବିପଦରେ ପଡ଼ିଥିଲି ମୋର ଶତ୍ରୁମାନେ ମୋତେ
ଆକ୍ରମଣ କରୁଥିଲେ, କିନ୍ତୁ ସଦାପ୍ରଭୁ ମୋତେ ରକ୍ଷା
କରିବାକୁ ସେଠାରେ ଉପସ୍ଥିତ ହେଲେ।
19 ସଦାପ୍ରଭୁ ମୋତେ ଭଲ ପାଆନ୍ତି। ତେଣୁ ସେ ମୋତେ
ଉଦ୍ଧାର କଲେ, ସେ ମୋତେ ନିରାପଦ ସ୍ଥାନକୁ ନେଇଗଲେ।
20 ମୁଁ ନିରପରାଧୀ। ତେଣୁ ସଦାପ୍ରଭୁ ମୋତେ ନିଶ୍ଚୟ ମୋର
ପୁରସ୍କାର ଦେବେ। ମୁଁ କିଛି ଭୁଲ୍ କରିନାହିଁ। ତେଣୁ ସେ
ମୋ ପାଇଁ ନିଶ୍ଚୟ ମଙ୍ଗଳ କରିବେ।
21 କାରଣ ମୁଁ ସଦାପ୍ରଭୁଙ୍କ ଆଦେଶକୁ ପାଳନ କରେ। ମୁଁ
ପରମେଶ୍ୱରଙ୍କ ବିରୁଦ୍ଧରେ କୌଣସି ପାପ କରିନାହିଁ।
22 ମୁଁ ସବୁବେଳେ ସଦାପ୍ରଭୁଙ୍କ ନିଷ୍ପତ୍ତିକୁ ମାନି ଆସିଛି। ମୁଁ
ତାଙ୍କ ବ୍ୟବସ୍ଥାଗୁଡ଼ିକୁ ପାଳନ କରେ।
23 ମୁଁ ତାଙ୍କ ଉଦ୍ଦେଶ୍ୟରେ ପବିତ୍ର ତଥା ସତ୍ ଚରିତ୍ର ଥିଲି।
ମୁଁ ନିଜକୁ ଅପରାଧ କରିବାରୁ ନିବୃତ୍ତ କଲି।
24 ତେଣୁ ମୋର ସଦାପ୍ରଭୁ ମୋତେ ପୁରସ୍କୃତ କଲେ
କାରଣ ମୁଁ ତାଙ୍କ ଦୃଷ୍ଟିରେ ସରଳ ତଥା ନିରପରାଧ
ଅଟେ। ମୁଁ କିଛି ଭୁଲ କରି ନାହିଁ। ତେଣୁ ସେ ମୋ
ପାଇଁ ନିଶ୍ଚୟ ମଙ୍ଗଳ କରିବେ।
25 ହେ ସଦାପ୍ରଭୁ, ଯଦି କେହି ତୁମ୍ଭକୁ ପ୍ରକୃତରେ ଭଲ
ପାଏ, ତୁମ୍ଭେ ନିଶ୍ଚୟ ତାକୁ ଭଲ ପାଇବ। ଯଦି ଜଣେ
ବ୍ୟକ୍ତି ତୁମ୍ଭ ପ୍ରତି ନିର୍ମଳ ଅନୁରକ୍ତି ପ୍ରକାଶ କରେ, ତୁମ୍ଭେ
ମଧ୍ୟ ତାକୁ ସେହିପରି ପ୍ରତିଦାନ ଦିଅ।
26 ସଦାପ୍ରଭୁ ତୁମ୍ଭେ ମହାନ ଓ ଯେଉଁମାନେ ଉତ୍ତମ ତଥା
ନିର୍ମଳ ହୃଦୟର, ତୁମ୍ଭେ ସେହିମାନଙ୍କ ପାଇଁ ପବିତ୍ର ଅଟ।
କିନ୍ତୁ ତୁମ୍ଭେ ଦୁଷ୍ଟ ଲୋକ ପ୍ରତି ଆପଣାକୁ ଚତୁର
ଦେଖାଇବ।
27 ହେ ସଦାପ୍ରଭୁ, ତୁମ୍ଭେ ଦୁଃଖୀ ଲୋକମାନଙ୍କୁ ସାହାଯ୍ୟ
କର। କିନ୍ତୁ ଅହଙ୍କାରୀର ଗର୍ବ ଓ ଦର୍ପକୁ ଚୂର୍ଣ୍ଣ କର।
28 ହେ ସଦାପ୍ରଭୁ, ତୁମ୍ଭେ ମୋର ଦୀପକୁ ଆଲୋକିତ କର।
ମୋ ଚତୁର୍ଦ୍ଦିଗରେ ଥିବା ଅନ୍ଧକାରକୁ ଦୂର କର।
29 ହେ ସଦାପ୍ରଭୁ ତୁମ୍ଭର ସାହାଯ୍ୟରେ ମୁଁ ସୈନ୍ୟମାନଙ୍କ
ସହିତ ଲଢ଼ିପାରେ। ପରମେଶ୍ୱରଙ୍କ ସାହାଯ୍ୟରେ ମୁଁ
ଶତ୍ରୁର ପ୍ରାଚୀରକୁ ଚଢ଼ିଯାଇପାରେ।
30 ପରମେଶ୍ୱରଙ୍କ ଶକ୍ତି ଅତୁଳନୀୟ। ସଦାପ୍ରଭୁଙ୍କ ବାକ୍ୟ
ସୁପରୀକ୍ଷିତ, ସେ ତାଙ୍କର ଆଶ୍ରିତମାନଙ୍କୁ ରକ୍ଷା କରନ୍ତି।
31 ସଦାପ୍ରଭୁଙ୍କ ବ୍ୟତୀତ ଅନ୍ୟ ପରମେଶ୍ୱର ନାହାନ୍ତି। ଆମ୍ଭମାନଙ୍କ
ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ ଶୈଳ ନାହିଁ।
32 ପରମେଶ୍ୱର ଆମ୍ଭକୁ ବଳ ପ୍ରଦାନ କରନ୍ତି। ସେ ମୋତେ
ଶୁଦ୍ଧ ଜୀବନଯାପନ କରିବା ପାଇଁ ସାହାଯ୍ୟ କରନ୍ତି।
33 ପରମେଶ୍ୱର ମୋତେ ହରିଣଠାରୁ ଅଧିକ ବେଗରେ
ଦୌଡ଼ିବାକୁ ସାହାଯ୍ୟ କରନ୍ତି। ସେ ମୋତେ ଉଚ୍ଚସ୍ଥଳୀରେ
ସ୍ଥାପନ କରନ୍ତି।
34 ପରମେଶ୍ୱର ମୋତେ ଯୁଦ୍ଧ କରିବା ପାଇଁ ଶିକ୍ଷା ଦିଅନ୍ତି।
ସେଥିପାଇଁ ମୋର ବାହୁଗୁଡ଼ିକ ଶକ୍ତ ଧନୁକୁ ବଙ୍କେଇବା
ପାଇଁ ଯଥେଷ୍ଟ ବଳିଷ୍ଠ।
35 ହେ ପରମେଶ୍ୱର, ମୋତେ ତୁମ୍ଭେ ରକ୍ଷା କରିଛ ଓ
ଜୟଲାଭ କରିବାକୁ ସାହାଯ୍ୟ କରିଛ। ତୁମ୍ଭେ ମୋତେ
ତୁମ୍ଭର ଦକ୍ଷିଣ ବାହୁ ଦ୍ୱାରା ସାହାଯ୍ୟ କରିଛ। ତୁମ୍ଭେ
ମୋତେ ମୋର ଶତ୍ରୁକୁ ପରାଜିତ କରିବାରେ ସାହାଯ୍ୟ
କରିଛ।
36 ମୋର ଗୋଡ଼ ଓ ଆଣ୍ଠୁକୁ ଅଧିକ ଶକ୍ତିଶାଳୀ କର,
ଯାହାଫଳରେ ମୁଁ ଦୁର୍ବଳ ହେବି ନାହିଁ ଏବଂ ପଡିବି
ନାହିଁ।
37 ତା'ପରେ ମୁଁ ମୋର ଶତ୍ରୁ ପଛରେ ଗୋଡ଼ାଇ ପାରିବି ଓ
ସେମାନଙ୍କୁ ଧରି ପାରିବି। ମୁଁ ସେମାନଙ୍କୁ ଧ୍ୱଂସ ନ କଲା
ପର୍ଯ୍ୟନ୍ତ ଫେରି ଆସିବି ନାହିଁ।
38 ମୁଁ ମୋର ଶତ୍ରୁମାନଙ୍କୁ ପରାଜିତ କରିବି। ସେମାନେ ଆଉ
ପୁନର୍ବାର ଉଠିପାରିବେ ନାହିଁ। ମୋର ଶତ୍ରୁମାନେ ମୋର
ପାଦ ତଳେ ପତିତ ହେବେ।
39 ହେ ପରମେଶ୍ୱର, ତୁମ୍ଭେ ମୋତେ ଯୁଦ୍ଧ କ୍ଷେତ୍ରରେ
ବଳଶାଳୀ କରିଛ। ତୁମ୍ଭେ ମୋର ଶତ୍ରୁମାନଙ୍କୁ ମୋ
ନିକଟରେ ପକାଇ ଦେଇଛ।
40 ତୁମ୍ଭେ ମୋତେ ସୁଯୋଗ ଦେଇଛ, ମୋର ଶତ୍ରୁମାନଙ୍କୁ
ଧରିବା ପାଇଁ ଓ ମୁଁ ମୋର ଶତ୍ରୁମାନଙ୍କୁ ଧ୍ୱଂସ କରିଅଛି।
41 ମୋର ଶତ୍ରୁମାନେ ସାହାଯ୍ୟ ପାଇଁ ଚିତ୍କାର କଲେ, କିନ୍ତୁ
କେହି ସେମାନଙ୍କୁ ରକ୍ଷା କରିବାକୁ ଆଗେଇ ଆସି
ନଥିଲେ। ସେମାନେ ସଦାପ୍ରଭୁଙ୍କୁ ମଧ୍ୟ ଡ଼ାକିଲେ କିନ୍ତୁ
ସେ ସେମାନଙ୍କୁ ଉତ୍ତର ଦେଲେନାହିଁ।
42 ମୁଁ ମୋର ଶତ୍ରୁମାନଙ୍କୁ ପରାସ୍ତ କରିଛି। ସେମାନେ ଧୂଳି
ସଦୃଶ ପବନରେ ଉଡ଼ିଯାଇଛନ୍ତି। ମୁଁ ସେମାନଙ୍କୁ ଛୋଟ
ଛୋଟ ଖଣ୍ଡ କରି ପେଷି ଦେଇଛି।
43 ଯେଉଁମାନେ ମୋ ବିରୁଦ୍ଧରେ ଲାଗିଛନ୍ତି ସେମାନଙ୍କଠାରୁ
ମୋତେ ରକ୍ଷା କର। ମୋତେ ସେହି ସବୁ ରାଜ୍ୟର
ନେତା କର। ଯେଉଁଲୋକମାନଙ୍କୁ ମୁଁ ଜାଣିନାହିଁ, ସେମାନେ
ମୋର ସେବା କରିବେ।
44 ସେହି ଲୋକମାନେ ମୋ କଥା ଶୁଣିବେ ଓ ଖୁବ୍ ଶୀଘ୍ର
ମୋତେ ମାନିବେ। ସେହି ବିଦେଶୀମାନେ ମୋତେ ଦେଖି
ଭୟଭୀତ ହେବେ।
45 ସେମାନେ ଭୟରେ ଦୁର୍ବଳ ହୋଇଯିବେ। ସେମାନେ
ଲୁଚିଥିବା ଗୁପ୍ତ ସ୍ଥାନମାନଙ୍କରୁ ଭୟରେ ଥରହର ହୋଇ
ବାହାରି ଆସିବେ।
46 ସଦାପ୍ରଭୁ ଜୀବନ୍ତ ଅଟନ୍ତି। ମୁଁ ସେହି ଶୈଳକୁ ପ୍ରଶଂସା
କରେ। ପରମେଶ୍ୱର ମୋତେ ରକ୍ଷା କରନ୍ତି। ସେ ମହାନ
ଅଟନ୍ତି।
47 ପରମେଶ୍ୱର ମୋ ପାଇଁ ମୋର ଶତ୍ରୁମାନଙ୍କୁ ଦଣ୍ଡ ଦିଅନ୍ତି।
ସେ ଲୋକମାନଙ୍କୁ ମୋର ନିୟନ୍ତ୍ରଣରେ ରଖନ୍ତି।
48 ହେ ସଦାପ୍ରଭୁ, ତୁମ୍ଭେ ମୋତେ ଶତ୍ରୁମାନଙ୍କ କବଳରୁ
ରକ୍ଷା କରିଅଛ। ଯେଉଁମାନେ ମୋ ବିରୁଦ୍ଧରେ ଲାଗିଥିଲେ
ତାଙ୍କୁ ପରାସ୍ତ କରି ମୋତେ ସାହାଯ୍ୟ କରିଛ। ତୁମ୍ଭେ
ନିଷ୍ଠୁର ଲୋକମାନଙ୍କ କବଳରୁ ମୋତେ ବଞ୍ଚାଇଛ।

49 ହେ ସଦାପ୍ରଭୁ, ସେଥିପାଇଁ ମୁଁ ଗୋଷ୍ଠୀୟମାନଙ୍କ ମଧ୍ୟରେ
ତୁମ୍ଭର ପ୍ରଶଂସା କରେ। ସେହି କାରଣରୁ ତୁମ୍ଭ ନାମରେ
ଜୟଗାନ କରି ଗୀତ ବୋଲେ।
50 ସଦାପ୍ରଭୁ ତାଙ୍କର ରାଜାଙ୍କୁ ଅନେକ ଯୁଦ୍ଧରେ ଜୟଲାଭ
କରିବାକୁ ସାହାଯ୍ୟ କରିଛନ୍ତି। ସେ ତାଙ୍କର ମନୋନୀତ
ରାଜାଙ୍କ ପ୍ରତି ପ୍ରେମ ଦେଖାଇଛନ୍ତି। ସେଥିପାଇଁ ସେ
ଦାଉଦ ଓ ତାଙ୍କର ବଂଶଧରମାନଙ୍କ ପ୍ରତି ସ୍ନେହପୂର୍ଣ୍ଣ
କରୁଣା ଅନନ୍ତକାଳ ପାଇଁ ଦେଖାଇଛନ୍ତି।

## ଗୀତ 19

*ଦାଉଦଙ୍କର ଏକ ଗୀତ*

1 ଆକାଶ ପରମେଶ୍ୱରଙ୍କର ମହିମା ଓ ଗୌରବ ବର୍ଣ୍ଣନା
କରେ। ଆକାଶ ତାଙ୍କର ହସ୍ତ ନିର୍ମିତ ସମସ୍ତ ଉତ୍ତମ
ବସ୍ତୁର ବର୍ଣ୍ଣନା କରେ।
2 ପ୍ରତି ନୂତନ ଦିନ, ନୂଆ ନୂଆ କାହାଣୀ କହିଚାଲେ।
ପ୍ରତ୍ୟେକ ରାତ୍ରି ପରମେଶ୍ୱରଙ୍କ ଶକ୍ତି ବିଷୟରେ ନାନା
ତଥ୍ୟ ପ୍ରଦାନ କରେ।
3 ତୁମ୍ଭେ କୌଣସି ବାକ୍ୟ କିମ୍ବା ଶବ୍ଦ ଶୁଣିପାରି ନାହିଁ
କାରଣ ଏହା କୌଣସି ଶବ୍ଦ ସୃଷ୍ଟି କରେ ନାହିଁ, ଯାହାକୁ
ଆମ୍ଭେ ଶୁଣି ପାରିବା।
4 କିନ୍ତୁ ସେମାନଙ୍କର "କଣ୍ଠସ୍ୱର" ସମଗ୍ର ପୃଥିବୀରେ ଶୁଣାଯାଏ।
ସେମାନଙ୍କର "ବାକ୍ୟ" ପୃଥିବୀର ଶେଷ ସୀମାକୁ ଯାଇପାରିବ।
ଆକାଶ ହେଉଛି ସୂର୍ଯ୍ୟର ବାସସ୍ଥଳୀ ଭଳି।
5 ସୂର୍ଯ୍ୟ ଆପଣା ଅନ୍ତଃପୁରରୁ ବରପରି ବାହାରି ଆସେ।
ସୂର୍ଯ୍ୟ ଆକାଶରେ ଚାଲିବାକୁ ଆରମ୍ଭ କରେ। ଠିକ୍
ଯେମିତି ଜଣେ କ୍ରୀଡ଼ାବିତ୍ ଦୌଡ଼ ପ୍ରତିଯୋଗିତାରେ ଦୌଡେ।
6 ସୂର୍ଯ୍ୟ ଆକାଶର ଗୋଟିଏ ଦିଗରୁ ଅନ୍ୟ ଦିଗ ପର୍ଯ୍ୟନ୍ତ
ଦୌଡ଼ ଦୌଡ଼ ଯାଏ। ତା'ର ଉତ୍ତପ୍ତ କିରଣରୁ କୌଣସି
ବସ୍ତୁ ଗୁପ୍ତ ହୋଇ ରହି ପାରିବ ନାହିଁ। ସଦାପ୍ରଭୁଙ୍କ
ନୀତିଶିକ୍ଷାଗୁଡ଼ିକ ଠିକ୍ ସେହିଭଳି।
7 ପରମେଶ୍ୱରଙ୍କର ଶିକ୍ଷାଗୁଡିକ ପାରଦର୍ଶୀ। ସେଗୁଡିକ
ଲୋକମାନଙ୍କୁ ବଳଶାଳୀ କରେ। ସଦାପ୍ରଭୁଙ୍କର ବ୍ୟବସ୍ଥାକୁ
ବିଶ୍ୱାସ କରାଯାଇପାରେ। ଏହା ମୂର୍ଖମାନଙ୍କ ଜ୍ଞାନୀ
କରେ।
8 ସଦାପ୍ରଭୁଙ୍କର ବ୍ୟବସ୍ଥାସବୁ ଯଥାର୍ଥ। ସେଗୁଡ଼ିକ ଲୋକଙ୍କୁ
ସୁଖୀ କରାଏ। ସଦାପ୍ରଭୁଙ୍କ ଆଜ୍ଞା ନିର୍ମଳ। ଏହା ଲୋକମାନଙ୍କୁ
ପ୍ରକୃତ ମାର୍ଗରେ ବଞ୍ଚିବାପାଇଁ ସାହାଯ୍ୟ କରେ।
9 ସଦାପ୍ରଭୁଙ୍କର ଉପାସନା ଆଲୋକ ସଦୃଶ। ଯାହା ଚିରକାଳ
ଆହୁରି ଉଜ୍ଜ୍ୱଳ ଆଲୋକ ପ୍ରଦାନ କରେ। ସଦାପ୍ରଭୁଙ୍କର
ବିଚାର ପଦ୍ଧତି ନିର୍ମଳ ଓ ନ୍ୟାୟପୂର୍ଣ୍ଣ। ସେଗୁଡ଼ିକ
ସର୍ବତୋଭାବେ ସତ୍ୟ।
10 ସଦାପ୍ରଭୁଙ୍କର ନୀତିଶିକ୍ଷା ଶୁଦ୍ଧ ସ୍ୱର୍ଣ୍ଣଠାରୁ ଅଧିକ ମୂଲ୍ୟବାନ।
ସେଗୁଡ଼ିକ ମହୁଠାରୁ ଅଧିକ ମଧୁର, ଯେଉଁ ମହୁ କି
ସିଧା ମହୁଫେଣାରୁ ଆସିଥାଏ।
11 ସଦାପ୍ରଭୁଙ୍କର ନୀତିଶିକ୍ଷା ତାଙ୍କର ଦାସମାନଙ୍କୁ ସତର୍କ
କରାଇଥାଏ। ଯଦି ତୁମ୍ଭେମାନେ ସେଗୁଡିକୁ ପାଳନ କର,
ତୁମ୍ଭମାନେ ଉତ୍ତମ ପୁରସ୍କାର ପାଇବ।
12 କେହି ନିଜର ସମସ୍ତ ଭ୍ରାନ୍ତ ଧାରଣାକୁ ବୁଝିପାରନ୍ତି ନାହିଁ।
ତେଣୁ ମୋତେ ଗୁପ୍ତ ପାପ କରିବାରୁ ନିବୃତ୍ତ କର।
13 ମୁଁ ଯେଉଁ ପାପସବୁ କରିବାକୁ ଚାହୁଁଛି ମୋତେ ସେଥିରୁ
ନିବୃତ୍ତ କର। ସେହି ପାପସବୁ ଯେପରି ମୋ ଉପରେ
ଶାସନ ନ କରୁ। ତୁମ୍ଭେ ଯଦି ମୋତେ ସହାଯ୍ୟ କରିବ
ତା'ହେଲେ ମୁଁ ଶୁଦ୍ଧ ଜୀବନଯାପନ ସହିତ ସମସ୍ତ ପାପରୁ
ମୁକ୍ତ ହୋଇ ପାରିବ।
14 ହେ ସଦାପ୍ରଭୁ, ମୁଁ ଆଶା କରୁଛି ମୋର କଥା ଓ
ଭାବନା ନିଶ୍ଚୟ ତୁମ୍ଭକୁ ସନ୍ତୁଷ୍ଟ କରିବ। ତୁମ୍ଭେ ମୋର
ଦୃଢ ବିଶ୍ୱାସର ପଥର ପରି ପ୍ରତୀକ ସଦୃଶ। ତୁମ୍ଭେ ହିଁ
କେବଳ ମୋର ରକ୍ଷାକର୍ତ୍ତା ଅଟ।

## ଗୀତ 20

*ଦାଉଦଙ୍କର ଏକ ଗୀତ।*

1 ତୁମ୍ଭେ ଯେତେବେଳେ ବିପଦରେ ପଡ଼ିଥାଅ, ସେହି ସଦାପ୍ରଭୁ
ତୁମ୍ଭର ଡ଼ାକ ଶୁଣି ତୁମ୍ଭକୁ ସାହାଯ୍ୟ କରିବାକୁ ଆଗେଇ
ଆସନ୍ତୁ। ଯାକୁବଙ୍କର ପରମେଶ୍ୱର ତୁମ୍ଭକୁ ରକ୍ଷା କରନ୍ତୁ।
2 ପରମେଶ୍ୱର ତାଙ୍କର ପବିତ୍ରସ୍ଥାନରୁ ତୁମ୍ଭକୁ ସାହାଯ୍ୟ
ପଠାନ୍ତୁ। ସିୟୋନ ପର୍ବତରୁ ସେ ତୁମ୍ଭକୁ ସାହାଯ୍ୟ
କରନ୍ତୁ।
3 ତୁମ୍ଭର ଉପହାର ସବୁ ଯାହା ତାଙ୍କ ଉଦ୍ଦେଶ୍ୟରେ ଅର୍ପିତ,
ପରମେଶ୍ୱର ତାକୁ ସ୍ମରଣ କରନ୍ତୁ। ତୁମ୍ଭର ହୋମବଳୀକୁ
ସେ ଗ୍ରହଣ କରନ୍ତୁ।
4 ତୁମ୍ଭେ ଯାହା ଚାହୁଁଛ, ପରମେଶ୍ୱର ତୁମ୍ଭକୁ ତାହା ପ୍ରଦାନ
କରନ୍ତୁ। ସେ ତୁମ୍ଭର ସକଳ ମନସ୍କାମନା ପୂରଣ କରନ୍ତୁ
ଓ ତୁମ୍ଭର ସକଳ ଯୋଜନାକୁ ସଫଳ କରନ୍ତୁ।
5 ଆମ୍ଭେ ସମସ୍ତେ ଖୁସି ହେବୁ ଯେତେବେଳେ
ପରମେଶ୍ୱର ତୁମ୍ଭକୁ ସାହାଯ୍ୟ କରିବେ। ଆସ ସମସ୍ତେ
ପରମେଶ୍ୱରଙ୍କ ନାମର ଜୟଗାନ କରିବା। ଯାହା ତୁମ୍ଭେ
ଚାହୁଁଛ, ସଦାପ୍ରଭୁ ତୁମ୍ଭର ସେହି ସକଳ କାମନା ପୂରଣ
କରନ୍ତୁ।
6 ବର୍ତ୍ତମାନ ମୁଁ ଜାଣେ ସଦାପ୍ରଭୁ ତାଙ୍କ ଅଭିଷିକ୍ତ ରାଜାକୁ
ସାହାଯ୍ୟ କରନ୍ତି। ପରମେଶ୍ୱର ତାଙ୍କର ପବିତ୍ର ସ୍ୱର୍ଗ
ରାଜ୍ୟରେ ଥାଆନ୍ତି ଓ ତାଙ୍କ ଅଭିଷିକ୍ତ ରାଜାକୁ ଉତ୍ତର
ଦିଅନ୍ତି। ସେ ତାଙ୍କର ମହାନ ଶକ୍ତିରେ ରାଜାଙ୍କୁ ତ୍ରାଣ
କରନ୍ତି।
7 କେତେକ ଲୋକ ସେମାନଙ୍କ ରଥ ଉପରେ ବିଶ୍ୱାସ
ରଖନ୍ତି। ଅନ୍ୟ ଲୋକମାନେ ସେମାନଙ୍କ ସୈନିକଙ୍କ
ଉପରେ ରଖନ୍ତି କିନ୍ତୁ ଆମ୍ଭେ ଆମ୍ଭର ସଦାପ୍ରଭୁ
ପରମେଶ୍ୱରଙ୍କର ନାମକୁ ଉଚ୍ଚସ୍ୱରରେ ଡାକୁ।
8 ସେହି ଅନ୍ୟ ଲୋକମାନେ ପରାସ୍ତ ହୋଇ ଯୁଦ୍ଧ କ୍ଷେତ୍ରରେ
ମୃତ୍ୟୁବରଣ କଲେ କିନ୍ତୁ ଆମ୍ଭେ ଜିତିଲୁ। ଆମ୍ଭେ ବିଜୟୀ
ଦଳ।
9 ସଦାପ୍ରଭୁ ତାଙ୍କର ମନୋନୀତ ରାଜାଙ୍କୁ ଉଦ୍ଧାର କଲେ।
କାରଣ ପରମେଶ୍ୱରଙ୍କ ମନୋନୀତ ରାଜା ତାଙ୍କୁ ସାହାଯ୍ୟ
ପାଇଁ ନିବେଦନ କଲେ ଓ ପରମେଶ୍ୱର ତାଙ୍କୁ ଉତ୍ତର
ଦେଲେ।

## ଗୀତ 21

*ଦାଉଦଙ୍କର ଏକ ଗୀତ।*

1 ହେ ସଦାପ୍ରଭୁ, ତୁମ୍ଭର ଶକ୍ତିହିଁ ରାଜାକୁ ସୁଖୀ କରାଏ।
ତୁମ୍ଭେ ଯେତେବେଳେ ତା'କୁ ଉଦ୍ଧାର କର, ସେ ଅତି
ଆନନ୍ଦିତ ହୁଏ।
2 ତୁମ୍ଭେ ସେହି ରାଜାକୁ ଯାହା ସେ ଚାହେଁ ପ୍ରଦାନ କଲ।
ହେ ସଦାପ୍ରଭୁ ସେହି ରାଜା ତୁମ୍ଭ ନିକଟରୁ କିଛି ଚାହିଁଥିଲା
ଓ ତୁମ୍ଭେ ତା'ର ସକଳ ଇଚ୍ଛା ପୂରଣ କଲ।
3 ହେ ସଦାପ୍ରଭୁ, ତୁମ୍ଭେ ପ୍ରକୃତରେ ରାଜାଙ୍କୁ ଆଶୀର୍ବାଦ
କରିଛ। ତୁମ୍ଭେ ତା'ର ମସ୍ତକରେ ସୁବର୍ଣ୍ଣ ମୁକୁଟ ପିନ୍ଧାଇ
ଦେଇଛ।
4 ହେ ପରମେଶ୍ୱର, ରାଜା ତୁମ୍ଭଙ୍କୁ ଜୀବନ ପ୍ରାର୍ଥନା କଲେ
ଓ ତୁମ୍ଭେ ତାକୁ ତାହା ପ୍ରଦାନ କରିଛ। ତୁମ୍ଭେ ତାକୁ
ଅନନ୍ତ ଜୀବନଦାନ କରିଛ, ଯାହା ଅନନ୍ତକାଳସ୍ଥାୟୀ।
5 ସେହି ରାଜାଙ୍କୁ ତୁମ୍ଭେ ବିଜୟ ପ୍ରଦାନ କରିଛ ଓ ତାକୁ
ଗୌରବରେ ମଣ୍ଡିତ କରିଛ। ତୁମ୍ଭେ ତାଙ୍କୁ ସମ୍ମାନ ଓ
ପ୍ରଶଂସା ପ୍ରଦାନ କରିଛ?
6 ହେ ପରମେଶ୍ୱର, ତୁମ୍ଭେ ପ୍ରକୃତରେ ସେହି ରାଜାଙ୍କୁ
ଚିରଦିନ ଲାଗି ଆଶୀର୍ବାଦ କରିଛ। ଯେତେବେଳେ ସେ
ତୁମ୍ଭର ମୁଖ ଦର୍ଶନ କରେ ତା'ର ଆନନ୍ଦ ଆହୁରି
ବଢ଼ିଯାଏ।
7 ରାଜା ସଦାପ୍ରଭୁଙ୍କ ଉପରେ ନିର୍ଭର କରେ। ସର୍ବୋପରିସ୍ଥ
ପରମେଶ୍ୱରଙ୍କ ସ୍ନେହପୂର୍ଣ୍ଣ କରୁଣା କେବେହେଲେ ତା'କୁ
ପଡ଼ିବା ପାଇଁ ଦେବେ ନାହିଁ।
8 ହେ ପରମେଶ୍ୱର ତୁମ୍ଭେ ଆପଣା ଶତ୍ରୁମାନଙ୍କୁ ଦେଖାଇ
ଦିଅ ଯେ ତୁମ୍ଭେ ସବୁଠାରୁ ଶକ୍ତିଶାଳୀ। ଯେଉଁମାନେ
ତୁମ୍ଭକୁ ଘୃଣା କରନ୍ତି। ତୁମ୍ଭର ଶକ୍ତି ସେ ସମସ୍ତଙ୍କୁ
ପରାଜିତ କରିବ।
9 ତୁମ୍ଭେ ଆପଣା ରାଜାଙ୍କୁ ଏକ ଜଳନ୍ତ ଚୁଲ୍ଲୀ ତୁଲ୍ୟ କରିବ,
ଯେତେବେଳେ ତୁମ୍ଭେ ତାଙ୍କୁ ସାହାଯ୍ୟ କରିବାପାଇଁ ଆସ,
ଏବଂ ତାଙ୍କ କ୍ରୋଧରେ ସେ ସମ୍ପୂର୍ଣ୍ଣଭାବରେ ସେମାନଙ୍କୁ
ଧ୍ୱଂସ କରିବେ।
10 ଏ ପୃଥିବୀରୁ ସେମାନଙ୍କର ଫଳ ଓ ମନୁଷ୍ୟ ସନ୍ତାନଗଣ
ମଧ୍ୟରୁ ସେମାନଙ୍କର ବଂଶ ଲୋପ କରିବ।
11 କାହିଁକି? କାରଣ ସେହି ଦୁଷ୍ଟ ଲୋକମାନେ ତୁମ୍ଭ
ବିରୁଦ୍ଧରେ ମନ୍ତ୍ରଣା କରୁଥିଲେ। ହେ ସଦାପ୍ରଭୁ, ସେମାନେ
ମନ୍ଦ କାର୍ଯ୍ୟ କରିବାକୁ ଯୋଜନା କରୁଥିଲେ କିନ୍ତୁ
ସେମାନେ ସେହି କାର୍ଯ୍ୟରେ ସଫଳ ହେଲେ ନାହିଁ।
12 ହେ ସଦାପ୍ରଭୁ, ତୁମ୍ଭେ ସେହି ଲୋକମାନଙ୍କୁ ତୁମ୍ଭର ଦାସ
କରିଛ। ସେମାନଙ୍କୁ ତୁମ୍ଭେ ରସିରେ ବାନ୍ଧି ପକାଇଛ।
ତୁମ୍ଭେ ରସିରେ ସେମାନଙ୍କର ବେକକୁ ଫାଶ କରି
ବସାଇ ଦେଇଛ। ତୁମ୍ଭେ ସେମାନଙ୍କୁ ଦାସ କରି ରଖିବାକୁ
ବାଧ୍ୟ କରିଛ।
13 ହେ ସଦାପ୍ରଭୁ ତୁମ୍ଭର ଶକ୍ତିର ବିଜୟ ଗୀତ ଚାରିଆଡ଼େ
ଗୁଞ୍ଜରିତ ହେଉ। ଆମ୍ଭେ ସେହି ଗୀତ ଗାନ କରି ଓ
ତୁମ୍ଭର ସଙ୍ଗୀତର ତାଳେ ତାଳେ ନୃତ୍ୟ କରି ତୁମ୍ଭର
ପରାକ୍ରମ ସମ୍ପର୍କରେ ଚାରିଆଡ଼େ ପ୍ରଚାର କରିବୁ।

## ଗୀତ 22

*ପ୍ରଧାନ ବାଦ୍ୟକାର ନିମନ୍ତେ ଅରଣ୍ୟର ମୃଗ ସ୍ୱରରେ*
*ଦାଉଦଙ୍କର ଏକ ଗୀତ।*

1 ହେ ମୋର ପରମେଶ୍ୱର, ହେ ମୋର ସଦାପ୍ରଭୁ, କାହିଁକି
ତୁମ୍ଭେ ମୋତେ ପରିତ୍ୟାଗ କଲ? ତୁମ୍ଭେ ମୋ ନିକଟରୁ
ବହୁତ ଦୂରରେ ଥାଇ କିପରି ମୋତେ ସାହାଯ୍ୟ କରିବ।
ତୁମ୍ଭେ ମୋର ସାହାଯ୍ୟ ପାଇଁ ଆର୍ତ୍ତ ଚିତ୍କାର ଏତେ
ଦୂରରୁ ଶୁଣି ପାରିବ?
2 ହେ ମୋର ପରମେଶ୍ୱର, ମୁଁ ତୁମ୍ଭକୁ ଦିନରେ ଡ଼ାକିଲି
କିନ୍ତୁ ତୁମ୍ଭେ ଉତ୍ତର ଦେଲ ନାହିଁ ଓ ପୁନର୍ବାର ତୁମ୍ଭକୁ
ରାତିରେ ଡ଼ାକିଲି।
3 ହେ ପରମେଶ୍ୱର, ତୁମ୍ଭେ ଏକମାତ୍ର ପବିତ୍ର ଅଟ। ତୁମ୍ଭେ
ରାଜାର ଆସନରେ ଆସୀନ। ଇଶ୍ରାୟେଲ ପ୍ରଶଂସା ହିଁ
ତୁମ୍ଭର ସିଂହାସନ ଅଟେ।
4 ଆମ୍ଭର ପୂର୍ବପୁରୁଷମାନେ ତୁମ୍ଭ ଉପରେ ବିଶ୍ୱାସ କରିଥିଲେ।
ହିଁ ସେମାନେ ତୁମ୍ଭକୁ ବିଶ୍ୱାସ କରୁଥିଲେ। ହେ ପରମେଶ୍ୱର,
ତୁମ୍ଭେ ହିଁ ସେମାନଙ୍କୁ ଉଦ୍ଧାର କରିଅଛ।
5 ହେ ପରମେଶ୍ୱର, ଆମ୍ଭର ପୂର୍ବପୁରୁଷମାନେ ତୁମ୍ଭଙ୍କୁ ସାହାଯ୍ୟ
ପାଇଁ ଡାକିଲେ ଏବଂ ସେମାନେ ଶତ୍ରୁମାନଙ୍କ କବଳରୁ
ରକ୍ଷା ପାଇଲେ। ସେମାନେ ତୁମ୍ଭଙ୍କୁ ବିଶ୍ୱାସ କରିଥିବାରୁ
ସେମାନେ ନିରାଶ ହେଲେ ନାହିଁ।
6 କିନ୍ତୁ ମୁଁ ଗୋଟିଏ କୀଟ, ବ୍ୟକ୍ତି ନୁହେଁ, ଲୋକମାନେ
ମୋ ପାଇଁ ଲଜ୍ଜିତ ହୁଅନ୍ତି ଓ ମୋତେ ଅବଜ୍ଞା କରନ୍ତି।
7 ପ୍ରତ୍ୟେକ ଯିଏ ମୋତେ ଦେଖେ ସେମାନେ ମୋର
ପରିହାସ କରନ୍ତି। ସେମାନେ ଓଷ୍ଠ ଲମ୍ବାଇ ମୁଣ୍ଡ ହଲାନ୍ତି।
8 ସେମାନେ ମୋତେ କହନ୍ତି, "ତୁମ୍ଭେ ସଦାପ୍ରଭୁଙ୍କୁ ସାହାଯ୍ୟ
ପାଇଁ ଡ଼ାକ, ସେ ତୁମ୍ଭକୁ ଉଦ୍ଧାର କରିପାରନ୍ତି। ଯଦି ସେ
ତୁମ୍ଭକୁ ପ୍ରକୃତରେ ଭଲ ପାଉଥାନ୍ତି ତେବେ ନିଶ୍ଚୟ
ତୁମ୍ଭକୁ ସାହାଯ୍ୟ କରିବାକୁ ଆଗେଇ ଆସିବେ।"
9 ହେ ପରମେଶ୍ୱର, ସତ୍ୟ କଥା ଏହି, ତୁମ୍ଭେ ହେଉଛ
ଏକମାତ୍ର ଯାହା ଉପରେ ମୁଁ ପ୍ରକୃତରେ ନିର୍ଭରଶୀଳ।
ତୁମ୍ଭେ ମୋର ଯତ୍ନ ନେଇଛ, ଯେଉଁଦିନରୁ ମୁଁ ଜନ୍ମଲାଭ
କରିଛି। ତୁମ୍ଭେ ମୋତେ ସୁରକ୍ଷା ତଥା ବିଶ୍ୱାସ ପ୍ରଦାନ
କରିଛ, ଯେବେଠୁଁ ମୁଁ ଏକ ଛୋଟ ପିଲା ଥିଲି।
10 ମାତୃ ଗର୍ଭରୁ ଜନ୍ମଲାଭ କଲାପରଠୁ ମୁଁ ତୁମ୍ଭକୁ ପରମେଶ୍ୱର
ବୋଲି ମାନି ଆସିଛି। ମୁଁ ମାତୃ ଗର୍ଭରୁ ବାହାରିବା
ପରଠାରୁ ତୁମ୍ଭ ଯତ୍ନରେ ଲାଳିତ ପାଳିତ ହୋଇଛି।
11 ତେଣୁ ହେ ପରମେଶ୍ୱର ତୁମ୍ଭେ ମୋତେ ପରିତ୍ୟାଗ କର
ନାହିଁ। ଆଗରେ ବିପଦ ମାଡି ଆସୁଛି, ମୋତେ ସାହାଯ୍ୟ
କରିବାକୁ କେହି ନାହିଁ।
12 ଲୋକମାନେ ମୋର ଚାରିପାଖରେ ଘେରି ରହିଛନ୍ତି।
ସେମାନେ ସମସ୍ତେ ଏକ ଶକ୍ତିଶାଳୀ ମାରଣା ଷଣ୍ଢ ପରି।
13 ସେମାନେ ମୁଖ ମେଲାଇ ରହିଛନ୍ତି ସତେ ଯେମିତି ଏକ
ସିଂହ ତା'ର ଶିକାର ପଶୁକୁ ଆଗରେ ଦେଖି ଗର୍ଜ୍ଜନ
କରେ।
14 ମୋର ବଳ କ୍ରମେ କ୍ଷୀଣ ହୋଇ ଆସୁଛି, ପାଣି ଭୂମିରେ
ଶୋଷିତ ହେଲାପରି ମୋର ଶକ୍ତି ଚାଲି ଯାଉଛି। ମୋର

ଅସ୍ଥିସବୁ ଭାଙ୍ଗି ଯାଉଛି। ମୋର ସାହାସ କ୍ରମେ କ୍ଷୀଣ
ହୋଇ ଆସୁଛି।
15 ମୋର ପାଟି ଖଣ୍ଡେ ଖପରା ପରି ଶୁଷ୍କ ହୋଇ ଯାଉଛି।
ମୋର ଜିଭ ତାଳୁରେ ଲାଗି ଯାଉଛି, ତୁମ୍ଭେ ମୋତେ
ମୃତ୍ୟୁର ଧୂଳିରେ ଫିଙ୍ଗି ଦେଇଛ।
16 "କୁକୁରମାନେ" ମୋର ଚାରିକଡ଼ରେ ଘେରି ରହିଛନ୍ତି।
ସେହି ଦୁଷ୍ଟ ଲୋକମାନେ ଦଳବଦ୍ଧ ହୋଇ ମୋତେ
ଯନ୍ତାରେ ପକାଇଛନ୍ତି। ସେମାନେ ମୋର ହାତ ଗୋଡ଼କୁ
ଛିଦ୍ର କରି ପକାଇଛନ୍ତି।
17 ମୋର ପଞ୍ଜରା ସବୁ ଗଣି ହୋଇ ଯାଉଛି ଓ ସେହି
ଲୋକମାନେ ମୋ ଆଡ଼କୁ କୁର ଦୃଷ୍ଟିରେ ଚାହିଁଛନ୍ତି।
18 ସେହି ଲୋକମାନେ ମୋର ବସ୍ତ୍ରସବୁ ନିଜ ଭିତରେ ବାଣ୍ଟି
ନେଲେ। ସେମାନେ ମୋର ଚୋଗାକୁ ବାଜି ଲଗାନ୍ତି।
19 ହେ ସଦାପ୍ରଭୁ, ତୁମ୍ଭେ ମୋତେ ପରିତ୍ୟାଗ କରନାହିଁ।
ତୁମ୍ଭେ ହିଁ ମୋର ଶକ୍ତି, ଶୀଘ୍ର ମୋତେ ସାହାଯ୍ୟ କର।
20 ହେ ସଦାପ୍ରଭୁ, ମୋର ପ୍ରାଣକୁ ସେହି ଖଡ୍ଗରୁ ରକ୍ଷା
କର। ସେହି କୁକୁରମାନଙ୍କ କବଳରୁ ମୋର ମୂଲ୍ୟବାନ
ଆତ୍ମାକୁ ରକ୍ଷା କର।
21 ମୋତେ ସିଂହ ମୁଖରୁ ଉଦ୍ଧାର କର। ମୋତେ ଷଣ୍ଢର
ମୁନିଆ ଶିଙ୍ଗରୁ ବଞ୍ଚାଅ।
22 ହେ ସଦାପ୍ରଭୁ, ମୁଁ ମୋର ଭାଇମାନଙ୍କ ଆଗରେ ତୁମ୍ଭ
ଗୁଣ ବର୍ଣ୍ଣନା କରିବି। ମୁଁ ବୃହତ୍ ସଭାକକ୍ଷରେ ତୁମ୍ଭର
ପ୍ରଶଂସା କରିବି।
23 ଯେଉଁମାନେ ତାଙ୍କୁ ଉପାସନା କରୁଛ ସଦାପ୍ରଭୁଙ୍କର
ଜୟଗାନ କର। ହେ ଯାକୁବର ବଂଶଧରଗଣ, ସଦାପ୍ରଭୁଙ୍କୁ
ପ୍ରସଂଶା ପ୍ରଦର୍ଶନ କର। ଇଶ୍ରାୟେଲର ବଂଶଧରଗଣ
ସଦାପ୍ରଭୁଙ୍କୁ ଭୟ ଓ ସମ୍ମାନ ଦେଖାଅ।
24 କାହିଁକି? କାରଣ ସଦାପ୍ରଭୁ ବିପଦରେ ପଡ଼ିଥିବା ଗରିବ
ବ୍ୟକ୍ତିମାନଙ୍କୁ ହିଁ ସାହାଯ୍ୟ କରନ୍ତି। ସେ ତାଙ୍କ ପାଇଁ
ଲଜ୍ଜିତ ହୁଅନ୍ତି ନାହିଁ। ସେ ସେମାନଙ୍କୁ ଘୃଣା କରନ୍ତି
ନାହିଁ। ଯଦି ଲୋକମାନେ ତାଙ୍କୁ ବିପଦରେ ପଡ଼ି ସାହାଯ୍ୟ
ପ୍ରାର୍ଥନା କରନ୍ତି, ସେ ସେମାନଙ୍କଠାରୁ ନିଜକୁ ଦୂରେଇ
ରଖି ପାରିବେ ନାହିଁ।
25 ହେ ସଦାପ୍ରଭୁ, ମୁଁ ମହାସଭାରେ ତୁମ୍ଭର ଯେଉଁ ଜୟଗାନ
କଲି ତାହା ତୁମ୍ଭ ପ୍ରେରଣାର ଫଳ। ସମସ୍ତ ଉପାସକମାନଙ୍କ
ସମ୍ମୁଖରେ ମୁଁ ମୋର ନୈବେଦ୍ୟ ତାଙ୍କ ଉଦ୍ଦେଶ୍ୟରେ
ଉତ୍ସର୍ଗ କରିବି ଯାହା ମୁଁ ପ୍ରତିଜ୍ଞା କରିଛି।
26 ଗରିବ ଲୋକମାନେ ଆସ, ଖାଅ ଓ ତୃପ୍ତ ହୁଅ। ତୁମ୍ଭେ
ଯେଉଁ ଲୋକମାନେ ସଦାପ୍ରଭୁଙ୍କ ଦର୍ଶନ ପାଇଁ ଆସିଅଛ
ତାଙ୍କର ଜୟଗାନ କର। ତୁମ୍ଭର ହୃଦୟ ଚିରଦିନ ପାଇଁ
ଜୀବନ୍ତ ରହୁ।
27 ଦୂର ଦୂରାନ୍ତ ଦେଶର ଲୋକମାନେ ସଦାପ୍ରଭୁଙ୍କୁ ସ୍ମରଣ
ରଖି ତାଙ୍କ ନିକଟକୁ ଆସନ୍ତୁ। ବିଦେଶର ଲୋକମାନେ
ତାଙ୍କୁ ପ୍ରଣାମ କରନ୍ତୁ।
28 କାହିଁକି? କାରଣ ସେ ହେଉଛନ୍ତି ରାଜା। ସେ ସବୁ
ରାଜ୍ୟକୁ ଶାସନ କରନ୍ତି।
29 ବଳଶାଳୀ, ସ୍ୱାସ୍ଥ୍ୟବାନ୍ ଲୋକମାନେ ଭୋଜନ କରି
ପରମେଶ୍ୱରଙ୍କ ସମ୍ମୁଖରେ ପ୍ରଣାମ ହେବେ। ପ୍ରକୃତରେ
ସବୁ ମଣିଷ ଯେଉଁମାନେ ମୃତ୍ୟୁବରଣ କରିବେ ଓ
ଯେଉଁମାନେ ମୃତ୍ୟୁ ବରଣ କରିଛନ୍ତି ପରମେଶ୍ୱରଙ୍କ
ସମ୍ମୁଖରେ ନତ ମସ୍ତକ ହେବେ।
30 ଏବଂ ଭବିଷ୍ୟତରେ ଆମ୍ଭର ବଂଶଧରମାନେ ସଦାପ୍ରଭୁଙ୍କ
ସେବା କରିବେ। ଲୋକମାନେ ଚିରଦିନ ତାଙ୍କର ଗୁଣଗାନ
କରିବେ।
31 ପ୍ରତ୍ୟେକ ପୀଢ଼ି ତା'ର ପିଲାମାନଙ୍କୁ ଧାର୍ମିକତା ବିଷୟ
କହିବେ, ଯାହା ସବୁ ପରମେଶ୍ୱର କରିଛନ୍ତି।

## ଗୀତ 23

*ଦାଉଦଙ୍କର ଏକ ଗୀତ।*

1 ସଦାପ୍ରଭୁ ମୋର ପ୍ରତିପାଳକ ଅଟନ୍ତି, ମୋର କିଛି ଅଭାବ
ହେବ ନାହିଁ।
2 ସେ ମୋତେ କୋମଳ ସବୁଜ ସ୍ଥାନରେ ଶୋଇବାକୁ
ଦିଅନ୍ତି। ସେ ମୋତେ ସ୍ଥିର ଜଳପୂର୍ଣ୍ଣ ପୁଷ୍କରିଣୀ ପାଖେ
ପାଖେ କଢ଼ାଇ ନିଅନ୍ତି।
3 ସେ ମୋର ପ୍ରାଣରେ ନୂତନ ବଳ ସଞ୍ଚାର କରନ୍ତି। ସେ
ମୋତେ ଧର୍ମପଥରେ କଢ଼ାଇ ନିଅନ୍ତି। ଏହାଦ୍ୱାରା ପ୍ରମାଣିତ
ହୁଏ ଯେ, ସେ ପ୍ରକୃତରେ ପରମେଶ୍ୱର ଅଟନ୍ତି।
4 ଯଦିଓ ମୁଁ "ମୃତ୍ୟୁଛାୟାର ରୂପ" ଉପତ୍ୟକାରେ ଏକା
ବାଟ ଚାଲେ, ଯାହାକି ଅନ୍ଧକାରରେ ଆଚ୍ଛାଦିତ ତଥାପି ମୁଁ
କୌଣସି ବିପଦ ଯୋଗୁ ଭୟଭୀତ ହେବି ନାହିଁ। କାରଣ
ସଦାପ୍ରଭୁ, ତୁମ୍ଭେ ମୋ ସହିତ ଅଛ। ତୁମ୍ଭର ଆଶାବାଡ଼ି
ଓ ପାଞ୍ଚଣ ବାଡ଼ି ମୋତେ ସୁରକ୍ଷା କରେ।
5 ହେ ସଦାପ୍ରଭୁ, ତୁମ୍ଭେ ମୋର ଶତ୍ରୁମାନଙ୍କ ସମ୍ମୁଖରେ
ମୋର ମେଜ ସଜାଇଅଛ। ତୁମ୍ଭେ ମୋର ମୁଣ୍ଡରେ ତେଲ
ଢ଼ାଳିଛ। ମୋ ପାନପାତ୍ର ପୂର୍ଣ୍ଣ ହୋଇ ଉଛୁଳି ପଡ଼ୁଛି।
6 ନିଶ୍ଚୟ ଧାର୍ମିକତା, ମଙ୍ଗଳ ଓ ଦୟା ମୋର ଅବଶିଷ୍ଟ
ଜୀବନର ପଶ୍ଚାତ୍‌ଗାମୀ ହେବ। ମୁଁ ଶେଷରେ ସଦାପ୍ରଭୁଙ୍କ
ଉପାସନା ମନ୍ଦିରରେ ସବୁଦିନ ପାଇଁ ବାସ କରିବି।

## ଗୀତ 24

*ଦାଉଦଙ୍କର ସଂଗୀତ।*

1 ପୃଥିବୀ ଓ ତହିଁରେ ଥିବା ସମସ୍ତ ବସ୍ତୁ ସଦାପ୍ରଭୁଙ୍କର
ଅଟେ। ପୃଥିବୀର ସମସ୍ତ ଲୋକ ତାଙ୍କ ଆଶ୍ରିତ ଅଟନ୍ତି।
2 ସଦାପ୍ରଭୁ, ପୃଥିବୀକୁ ଜଳଭାଗ ଉପରେ ସ୍ଥାପନ କରିଅଛନ୍ତି
ଓ ସେ ନଦୀ ଉପରେ ଏହାକୁ ନିର୍ମାଣ କରିଛନ୍ତି।
3 କିଏ ସଦାପ୍ରଭୁଙ୍କ ପବିତ୍ର ପର୍ବତ ସିୟୋନକୁ ଯାଇପାରିବ?
କିଏ ତାଙ୍କ ପବିତ୍ର ମନ୍ଦିରରେ ତାଙ୍କ ସମ୍ମୁଖରେ ଉପାସନା
କରିପାରିବ?
4 ଯେଉଁ ଲୋକମାନେ କେବେ କିଛି ମନ୍ଦ କାର୍ଯ୍ୟ କରିନାହାଁନ୍ତି,
ଯାହାଙ୍କର ହୃଦୟ ଓ ମନ ନିର୍ମଳ, ଯେଉଁ ଲୋକମାନେ
ମୋର ନାମର ଅସତ୍ୟ ବ୍ୟବହାର କରିନାହାଁନ୍ତି, ଯେଉଁ
ଲୋକମାନେ ମିଥ୍ୟା କହନ୍ତି ନାହିଁ କି ମିଥ୍ୟା ପ୍ରତିଶ୍ରୁତି
ଦିଅନ୍ତି ନାହିଁ, କେବଳ ସେହି ଲୋକମାନେ ସେଠାରେ
ଉପାସନା କରିପାରିବେ।

5 ଉତ୍ତମ ବ୍ୟକ୍ତିମାନେ ସଦାପ୍ରଭୁଙ୍କୁ ଅନ୍ୟମାନଙ୍କୁ ଆଶୀର୍ବାଦ କରିବାକୁ କହନ୍ତି। ସେମାନେ ପରମେଶ୍ୱରଙ୍କୁ ଯିଏ କି ସେମାନଙ୍କ ଉଦ୍ଧାର କର୍ତ୍ତା, ସେମାନଙ୍କ ପାଇଁ ଭଲ କାର୍ଯ୍ୟ କରିବାକୁ ଅନୁରୋଧ କରନ୍ତି।

6 ସେହି ଉତ୍ତମ ବ୍ୟକ୍ତିମାନେ ସର୍ବଦା ପରମେଶ୍ୱରଙ୍କ ପନ୍ଥା ଅନୁସରଣ କରନ୍ତି। ସେମାନେ ଯାକୁବର ପରମେଶ୍ୱରଙ୍କ ନିକଟକୁ ଯାଆନ୍ତି।

7 ହେ ନଗର ଫାଟକ ତୁମ୍ଭର ମସ୍ତକ ଟେକ। ହେ ପ୍ରାଚୀନ କବାଟ ସବୁ ଖୋଲ ଏବଂ ତହିଁରେ ଗୌରବମୟ ରାଜା ପ୍ରବେଶ କରିବେ।

8 କିଏ ସେହି ଗୌରବମୟ ରାଜା? ସଦାପ୍ରଭୁ ହିଁ ସେହି ରାଜା ଅଟନ୍ତି। ସେ ହେଉଛନ୍ତି ଶକ୍ତିଶାଳୀ ଯୋଦ୍ଧା। ସଦାପ୍ରଭୁ ହେଉଛନ୍ତି ସେହି ରାଜା ଯିଏ ଜଣେ ଯୁଦ୍ଧଜୟୀ ବୀର ଅଟନ୍ତି।

9 ହେ ଫାଟକ ସବୁ ଖୋଲି ଯାଅ। ହେ ପ୍ରାଚୀନ ଦ୍ୱାର ସବୁ ଖୋଲି ଦିଅ ଏବଂ ଗୌରବମୟ ରାଜା ପ୍ରବେଶ କରିବେ।

10 କିଏ ସେହି ଗୌରବମୟ ରାଜା? ସୈନ୍ୟାଧିପତି ସଦାପ୍ରଭୁ ସେହି ଗୌରବମୟ ରାଜା ଅଟନ୍ତି।

## ଗୀତ 25

*ଦାଉଦଙ୍କର ସଙ୍ଗୀତ।*

1 ହେ ସଦାପ୍ରଭୁ, ମୁଁ ତୁମ୍ଭ ନିକଟରେ ନିଜକୁ ସମର୍ପଣ କରୁଛି।

2 ହେ ମୋର ପରମେଶ୍ୱର, ମୁଁ ତୁମ୍ଭର ଶରଣାଗତ ଓ ମୁଁ କେବେ ନିରାଶ ହେବି ନାହିଁ। ମୋତେ ମୋର ଶତ୍ରୁମାନେ ଦେଖି କେବେ ହସିବେ ନାହିଁ।

3 ହିଁ ଯେଉଁମାନେ ତୁମ୍ଭ ନିକଟରେ ଶର ନିଅନ୍ତି, ସେମାନେ ନିରାଶ ହେବେ ନାହିଁ। କିନ୍ତୁ ବିଶ୍ୱାସଘାତକମାନେ ନିରାଶ ହେବେ। ସେମାନେ କିଛି ପାଇବେ ନାହିଁ।

4 ହେ ସଦାପ୍ରଭୁ, ମୋତେ ତୁମ୍ଭର ପଥରେ ଚାଲିବାକୁ ସାହାଯ୍ୟ କର। ତୁମ୍ଭର ମାର୍ଗରେ ଚାଲିବାକୁ ଶିକ୍ଷା ପ୍ରଦାନ କର।

5 ତୁମ୍ଭର ସତ୍ୟ ମାର୍ଗରେ ଚାଲିବାକୁ ମୋତେ କଢ଼ାଇ ନିଅ ଓ ଶିକ୍ଷା ଦିଅ। ତୁମ୍ଭେ ମୋର ପରିତ୍ରାଣର ପରମେଶ୍ୱର ଅଟ। ମୁଁ ପ୍ରତିଦିନ ତୁମ୍ଭ ଉପରେ ଭରସା ରଖେ।

6 ହେ ସଦାପ୍ରଭୁ, ମୋ ପ୍ରତି ଦୟା ଦେଖାଇବାକୁ ସ୍ମରଣ କର। ମୋତେ ଠିକ୍ ସେହିପରି ସ୍ନେହପୂର୍ଣ୍ଣ କରୁଣା ଦେଖାଅ, ଯାହାକି ତୁମ୍ଭେ ସର୍ବଦା ଦେଖାଇଅଛ।

7 ମୁଁ ଯୁବାବେଳେ କରିଥିବା ପାପ ଓ ଅପରାଧକୁ ଭୁଲି ଯାଅ। ତୁମ୍ଭର ପବିତ୍ର ନାମର ସାର୍ଥକତା ପାଇଁ, ହେ ସଦାପ୍ରଭୁ ମୋତେ ତୁମ୍ଭର ସ୍ନେହପୂର୍ଣ୍ଣ କରୁଣାରେ ବାନ୍ଧି ରଖ।

8 ସଦାପ୍ରଭୁ ହିଁ ପ୍ରକୃତରେ ମହାନ। ସେ ପାପୀକୁ ଉଚିତ ମାର୍ଗରେ ଚାଲିବାକୁ ନିର୍ଦ୍ଦେଶ ଦିଅନ୍ତି।

9 ସେ ଶୋଚନୀୟ ଲୋକକୁ ବିଚାର ମାର୍ଗ ଦେଖାନ୍ତି ଓ ନମ୍ର ଲୋକମାନଙ୍କୁ ତାଙ୍କ ପଥରେ ଚାଲିବାକୁ ପ୍ରେରିତ କରନ୍ତି।

10 ସଦାପ୍ରଭୁ ସେହିମାନଙ୍କ ପ୍ରତି ସ୍ନେହପୂର୍ଣ୍ଣ କରୁଣା ଦୃଷ୍ଟି ରଖନ୍ତି, ଯେଉଁମାନେ ତାଙ୍କର ନିୟମ ଓ ପ୍ରତିଜ୍ଞା ମାନି ଚଳନ୍ତି।

11 ହେ ସଦାପ୍ରଭୁ, ମୁଁ ଜୀବନରେ ଅନେକ ଅପରାଧ କରିଛି। କିନ୍ତୁ ତୁମ୍ଭର ମହାନୁଭବତା ଯୋଗୁଁ ମୁଁ କରିଥିବା ସମସ୍ତ ଅପରାଧ ମୋର କ୍ଷମା ହୋଇଛି। କାରଣ ତୁମ୍ଭେ ମହାନ।

12 ଯଦି ଜଣେ ବ୍ୟକ୍ତି ସଦାପ୍ରଭୁଙ୍କ ପଥକୁ ଅନୁସରଣ କରେ, ତା'ପରେ ପରମେଶ୍ୱର ତାକୁ ବଞ୍ଚିବା ପାଇଁ ଜୀବନପଥ ଦେଖାନ୍ତି।

13 ସେହି ବ୍ୟକ୍ତି ଅତି ଆନନ୍ଦରେ ଜୀବନଯାପନ କରିବ ଓ ତା'ର ସନ୍ତାନ-ସନ୍ତତିଗଣ ପରମେଶ୍ୱରଙ୍କ ପ୍ରଦତ୍ତ ଭୂମିରେ ବାସ କରିବେ।

14 ସଦାପ୍ରଭୁ ସର୍ବଦା ଗୁପ୍ତ ବିଷୟ ସବୁ ତାଙ୍କର ଅନୁଯୋଗୀମାନଙ୍କୁ କୁହନ୍ତି। ସେ ତାଙ୍କର ବ୍ୟବସ୍ଥା ସବୁ ସେମାନଙ୍କୁ ନିୟମ ପ୍ରଦାନ କରନ୍ତି।

15 ମୁଁ ସଦାସର୍ବଦା ସଦାପ୍ରଭୁଙ୍କର କୃପାପ୍ରାର୍ଥୀ। ସେ ସଦାସର୍ବଦା ମୋତେ ମୋର ବିପଦରୁ ମୁକ୍ତ କରନ୍ତି।

16 ହେ ସଦାପ୍ରଭୁ, ମୁଁ ଆଘାତ ପ୍ରାପ୍ତ ଓ ଏକୁଟିଆ। ତୁମ୍ଭର କୃପାଦୃଷ୍ଟି ମୋ ଉପରେ ପକାଅ।

17 ମୋତେ ବିପଦରୁ ମୁକ୍ତ କର। ମୋର ସମସ୍ୟାର ସମାଧାନରେ ସହାୟକ ହୁଅ।

18 ହେ ସଦାପ୍ରଭୁ ମୋର ଦୁଃଖ ଓ କ୍ଲେଶ ପ୍ରତି ଦୃଷ୍ଟିପାତ କର। ମୁଁ ଯେଉଁ ପାପ କରିଛି, ସେଥିଲାଗି ମୋତେ କ୍ଷମା କର।

19 ମୋର ଶତ୍ରୁମାନଙ୍କୁ ଥରେ ଚାହିଁ। ସେମାନେ ମୋତେ ଘୃଣା କରନ୍ତି ଓ ଆଘାତ କରିବାକୁ ଚାହାଁନ୍ତି।

20 ହେ ସଦାପ୍ରଭୁ, ମୋର ପ୍ରାଣ ରକ୍ଷା କର। ମୁଁ ତୁମ୍ଭ ଉପରେ ନିର୍ଭର ରଖିଛି। ତେଣୁ ମୋତେ ନିରାଶ କରନାହିଁ।

21 ହେ ସଦାପ୍ରଭୁ, ତୁମ୍ଭେ ପ୍ରକୃତରେ ମହାନ୍। ମୁଁ ତୁମ୍ଭକୁ ବିଶ୍ୱାସ କରେ, ତେଣୁ ମୋତେ ରକ୍ଷା କର।

22 ହେ ପରମେଶ୍ୱର, ଇସ୍ରାୟେଲର ଲୋକମାନଙ୍କୁ ସେମାନଙ୍କ ଶତ୍ରୁ କବଳରୁ ରକ୍ଷା କର।

## ଗୀତ 26

*ଦାଉଦଙ୍କର ସଙ୍ଗୀତ।*

1 ହେ ସଦାପ୍ରଭୁ, ମୋର ବିଚାର କର। ପ୍ରମାଣ କର ଯେ, ମୁଁ ଶୁଦ୍ଧ ଜୀବନଯାପନ କରିଛି। ମୁଁ କେବେ ସଦାପ୍ରଭୁଙ୍କର ବିରୁଦ୍ଧାଚରଣ କରି ନାହିଁ।

2 ହେ ସଦାପ୍ରଭୁ, ମୋତେ ପରୀକ୍ଷା କର, ପ୍ରମାଣ ନିଅ ଓ ମୋର ହୃଦୟ ଓ ମନକୁ ପରିଷ୍କାର କର।

3 ମୁଁ ସବୁବେଳେ ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଦୃଷ୍ଟି ଦେଖି ପାରୁଛି। ତୁମ୍ଭ ଉପରେ ଭରସା କରି ମୁଁ ସବୁକିଛି କରେ।

4 ମୁଁ ନିଷ୍ଠୁର ଲୋକଙ୍କ ସହ ବସେନାହିଁ। କିଅବା ମୁଁ କପଟୀମାନଙ୍କ ସଙ୍ଗେ ଗମନ କରେନାହିଁ।

5 ମୁଁ ସେହି କୁକର୍ମୀମାନଙ୍କୁ ଘୃଣା କରେ। ମୁଁ ସେହି
ଦୁଷ୍ଟମାନଙ୍କ ସାଙ୍ଗରେ କେବେହେଲେ ହାତ ମିଳାଏ ନାହିଁ।
6 ହେ ସଦାପ୍ରଭୁ, ମୁଁ ତୁମ୍ଭର ଧନ୍ୟବାଦ ସ୍ୱର ଶୁଣାଇବି। ମୁଁ
ତୁମ୍ଭର ଆଶ୍ଚର୍ଯ୍ୟଜନକ କାର୍ଯ୍ୟ, ଯାହା ତୁମ୍ଭେ କରିଛ, ତାହା
ଗାଇ ବୁଲିବି।
7 ହେ ସଦାପ୍ରଭୁ, ମୁଁ ମୋର ନିର୍ଦ୍ଦୋଷିତା ପ୍ରମାଣ ପାଇଁ
ମୋର ହାତ ପ୍ରକ୍ଷାଳନ କରେ, ତେଣୁ ତୁମ୍ଭର ଯଜ୍ଞବେଦୀ
ନିକଟକୁ ଆସିପାରେ।
8 ହେ ସଦାପ୍ରଭୁ, ମୁଁ ତୁମ୍ଭର ଉପାସନା ମନ୍ଦିରକୁ ଭଲପାଏ
ଓ ତୁମ୍ଭର ଗୌରବର ତମ୍ବୁକୁ ଭଲପାଏ।
9 ହେ ସଦାପ୍ରଭୁ, ମୋତେ ସେହି ପାପୀମାନଙ୍କ ସଙ୍ଗେ
ତୁଳନା କରନାହିଁ। ମୋତେ ସେହି ହତ୍ୟାକାରୀମାନଙ୍କ
ସହିତ ମାର ନାହିଁ।
10 ସେହି ଲୋକମାନେ ହୁଏତ ଅନ୍ୟକୁ ଠକି ଥାଇ ପାରନ୍ତି।
ସେମାନେ ଲାଞ୍ଚ ନେଇ ଖରାପ କାର୍ଯ୍ୟ କରିଥାଇ ପାରନ୍ତି।
11 କିନ୍ତୁ ମୁଁ ନିର୍ଦ୍ଦୋଷି ଅଟେ। ତେଣୁ ହେ ପରମେଶ୍ୱର ମୋ
ପ୍ରତି ସଦୟ ହୋଇ ମୋତେ ଉଦ୍ଧାର କର।
12 ମୁଁ ସମସ୍ତ ବିପଦରୁ ରକ୍ଷା ପାଇଅଛି। ମୁଁ ସେହି
ସଭାକକ୍ଷର ଲୋକମାନଙ୍କ ସହିତ ସ୍ୱର ମିଳାଇ ତୁମ୍ଭର
ପ୍ରଶଂସା କରିବି।

## ଗୀତ 27

*ଦାଉଦଙ୍କର ଗୀତ।*

1 ହେ ସଦାପ୍ରଭୁ ତୁମ୍ଭେ ମୋର ଆଲୋକବର୍ତ୍ତିକା ଓ ମୋର
ତ୍ରାଣକର୍ତ୍ତା। ମୁଁ କାହାଦ୍ୱାରା ଭୟଭୀତ ହେବନାହିଁ। ସଦାପ୍ରଭୁଙ୍କ
ଆଶ୍ରୟସ୍ଥଳ ମୋ ପାଇଁ ସବୁଠାରୁ ନିରାପଦସ୍ଥଳ। ତେଣୁ ମୁଁ
କାହାରକୁ ଭୟ କରିବି ନାହିଁ।
2 ଦୁଷ୍ଟ ଲୋକମାନେ ହୁଏତ ମୋତେ ଆକ୍ରମଣ କରିପାରନ୍ତି,
ସେମାନେ ମୋର ଶରୀରକୁ ଆଘାତ କରିବାକୁ ଚାହାଁନ୍ତି।
ମୋର ଶତ୍ରୁମାନେ ମୋତେ ଆକ୍ରମଣ କରି ଧ୍ୱଂସ
କରିଦେବାକୁ ଚାହାଁନ୍ତି।
3 ଯଦି ସମସ୍ତ ସେନାବାହିନୀ ମୋର ଚାରି ଦିଗରୁ ମୋତେ
ଘେରି ଯାଆନ୍ତି, ତେବେ ମୁଁ ଭୟ କରିବି ନାହିଁ। ଯଦି
ମୋତେ ଲୋକମାନେ ଯୁଦ୍ଧ କ୍ଷେତ୍ରରେ ଆକ୍ରମଣ କରନ୍ତି,
ତଥାପି ମୁଁ ଭୟଭୀତ ହେବି ନାହିଁ। କାରଣ ମୁଁ
ସଦାପ୍ରଭୁଙ୍କୁ ବିଶ୍ୱାସ କରେ।
4 ମୁଁ ସଦାପ୍ରଭୁଙ୍କଠାରେ ଗୋଟିଏ ମାତ୍ର ବିଷୟ ପ୍ରାର୍ଥନା
କରେ, "ଯେପରି ମୋର ଜୀବନସାରା ସଦାପ୍ରଭୁଙ୍କ ଉପାସନା
ମନ୍ଦିରରେ ବସିବାକୁ ସୁଯୋଗ ପାଏ, ଯାହା ଫଳରେ କି
ମୁଁ ସଦାପ୍ରଭୁଙ୍କ ସୌନ୍ଦର୍ଯ୍ୟକୁ ଦେଖିପାରିବି ଓ ତାଙ୍କ
ପ୍ରାସାଦକୁ ଦର୍ଶନ କରିପାରିବି।"
5 ସଦାପ୍ରଭୁ ମୋତେ ନିଶ୍ଚୟ ବିପଦରୁ ରକ୍ଷା କରିବେ। ସେ
ମୋତେ ତାଙ୍କ ମନ୍ଦିରରେ ଲୁଚାଇ ରଖିବେ। ସେ ମୋତେ
ନେଇ ତାଙ୍କ ନିରାପଦ ସ୍ଥାନରେ ରଖିବେ।
6 ମୋର ଶତ୍ରୁମାନେ ମୋତେ ଘେରି ଗଲେଣି। କିନ୍ତୁ ମୋର
ସଦାପ୍ରଭୁ ସେମାନଙ୍କୁ ପରାସ୍ତ କରି ମୋତେ ରକ୍ଷା
କରିବେ। ତା'ପରେ ମୁଁ ତାଙ୍କ ମନ୍ଦିରରେ ମୋର ବଳିଦାନ
ଅର୍ପଣ କରିବି। ମୁଁ ଆନନ୍ଦ ଧ୍ୱନିରେ ବଳିଦାନ ଉତ୍ସର୍ଗ
ଦେବି। ମୁଁ ଗୀତ ବୋଲି ସଦାପ୍ରଭୁଙ୍କର ମହିମା ବର୍ଣ୍ଣନା
କରି ତାଙ୍କ ପ୍ରତି ଥିବା ସମ୍ମାନକୁ ନିବେଦନ କରିବି।
7 ହେ ସଦାପ୍ରଭୁ, ମୋର ଡ଼ାକ ଶୁଣ। ମୋତେ ଉତ୍ତର
ଦିଅ ଓ ମୋ ପ୍ରତି ସଦୟ ହୁଅ।
8 ହେ ସଦାପ୍ରଭୁ, ମୁଁ ତୁମ୍ଭ ସହିତ କଥା ହେବାକୁ ଚାହେଁ।
ମୁଁ ତୁମ୍ଭ ସହିତ ଅନ୍ତରର ଗଭୀରତମ ପ୍ରଦେଶରୁ କଥା
ହେବାକୁ ଚାହେଁ। ମୁଁ ତୁମ୍ଭ ନିକଟକୁ କହିବା ପାଇଁ
ଆସିଛି।
9 ହେ ପରମେଶ୍ୱର, ମୋତେ ଆପଣା ମୁଖ ଲୁଚାଅ ନାହିଁ।
ମୋତେ ସାହାଯ୍ୟ କର। ମୋତେ ଦୂର କର ନାହିଁ।
ମୋତେ ପରିତ୍ୟାଗ କର ନାହିଁ। ମୋର ପରମେଶ୍ୱର,
ତୁମ୍ଭେ ହିଁ ମୋର ତ୍ରାଣକର୍ତ୍ତା।
10 ମୋର ପିତାମାତା ମୋତେ ଛାଡ଼ି ଚାଲିଗଲେ। କିନ୍ତୁ
ସଦାପ୍ରଭୁ ମୋତେ ଲାଳନପାଳନ କରିବେ।
11 ହେ ସଦାପ୍ରଭୁ, ମୋର ଶତ୍ରୁମାନେ ଅଛନ୍ତି। ତେଣୁ
ମୋତେ ନ୍ୟାୟମାର୍ଗ ପ୍ରଦର୍ଶନ କର। ମୋତେ ସରଳ
ମାର୍ଗରେ ଯିବାକୁ ଶିକ୍ଷା ଦିଅ।
12 ମୋର ଶତ୍ରୁମାନେ ମୋତେ ଆକ୍ରମଣ କରିଛନ୍ତି। ସେମାନେ
ମୋ ବିଷୟରେ ମିଥ୍ୟା କହିଛନ୍ତି। ସେମାନେ ମୋତେ
ମିଥ୍ୟା କହି ଆଘାତ ଦେଇଛନ୍ତି।
13 ମୁଁ ପ୍ରକୃତରେ ବିଶ୍ୱାସ କରେ ଯେ, ମୃତ୍ୟୁ ପୂର୍ବରୁ ମୁଁ
ନିଶ୍ଚୟ ସଦାପ୍ରଭୁଙ୍କର ମହିମା ଦର୍ଶନ କରିବି।
14 ସଦାପ୍ରଭୁଙ୍କ ସହାୟତା ପାଇଁ ଅପେକ୍ଷା କର, ବଳଶାଳୀ ଓ
ସାହାସୀକ ହୁଅ ଏବଂ ସଦାପ୍ରଭୁଙ୍କର ଅନୁସରଣ କର।

## ଗୀତ 28

*ଦାଉଦଙ୍କର ଗୀତ।*

1 ହେ ସଦାପ୍ରଭୁ, ତୁମ୍ଭେ ମୋର ଶକ୍ତିଶାଳୀ ଶୈଳ ସଦୃଶ।
ମୁଁ ତୁମ୍ଭକୁ ସାହାଯ୍ୟ ପାଇଁ ପ୍ରାର୍ଥନା କରୁଛି। ତୁମ୍ଭେ ମୋ
ପ୍ରତି ନୀରବ ହୁଅ ନାହିଁ। ଯଦି ମୋର ସହାୟତା ପାଇଁ
ପ୍ରାର୍ଥନାର ଉତ୍ତର ନ ଦିଅ, ତାହା ହେଲେ ଲୋକମାନେ
ଭାବିବେ ମୁଁ ସେହି କବର ଭିତରେ ଥିବା ଲୋକମାନଙ୍କଠାରୁ
କୌଣସି ଗୁଣରେ ନ୍ୟୁନ ନୁହେଁ।
2 ହେ ସଦାପ୍ରଭୁ, ମୁଁ ମୋର ଦୁଇହାତ ଟେକି ତୁମ୍ଭର
ମହାପବିତ୍ରସ୍ଥାନ ଆଡକୁ ପ୍ରାର୍ଥନା କରୁଛି। ମୁଁ ଯେତେବେଳେ
ତୁମ୍ଭକୁ ଡ଼ାକୁଛି। ମୋ ନିବେଦନ ଟିକେ ଶୁଣ। ମୋ ପ୍ରତି
କୃପା ପ୍ରଦର୍ଶନ କର।
3 ହେ ସଦାପ୍ରଭୁ, ମୋତେ ସେହି ଦୁଷ୍ଟ ଲୋକଙ୍କ ମଧ୍ୟରୁ
ଜଣେ ବୋଲି ଗଣ ନାହିଁ। ସେହି ଲୋକମାନେ ତାଙ୍କର
ପଡ଼ୋଶୀମାନଙ୍କୁ "ଶାନ୍ତିର ସନ୍ଦେଶ" ଶୁଣାନ୍ତି କିନ୍ତୁ ହୃଦୟ
ମଧ୍ୟରେ ସେମାନେ ସେହି ପଡ଼ୋଶୀମାନଙ୍କ ବିରୁଦ୍ଧରେ
ମନ୍ଦ ଯୋଜନା କରୁଥାଆନ୍ତି।
4 ସଦାପ୍ରଭୁ, ସେହି ଲୋକମାନେ ଅନ୍ୟ ଲୋକମାନଙ୍କ ପ୍ରତି
ଖରାପ ଆଚରଣ କରନ୍ତି। ତେଣୁ ସେମାନେ ସେମାନଙ୍କ
କର୍ମାନୁରୂପ ଫଳ ପାଆନ୍ତୁ। ସେମାନଙ୍କୁ ଯଥାଯୋଗ୍ୟ ଫଳ
ଦିଆଯାଉ।

5 ଦୁଷ୍ଟ ଲୋକମାନେ ସଦାପ୍ରଭୁଙ୍କ ସତ୍ୟ ଉଦ୍ଦେଶ୍ୟ ବୁଝିପାରନ୍ତି ନାହିଁ। ସେମାନେ ପରମେଶ୍ୱରଙ୍କ ଉତ୍ତମ କାର୍ଯ୍ୟକୁ ଦେଖିପାରନ୍ତି ନାହିଁ। ନା, ସେମାନେ କିଛି ବୁଝନ୍ତି ନାହିଁ। ସେମାନେ କେବଳ ଧ୍ୱଂସ କରିବାକୁ ଚାହାଁନ୍ତି।

6 ସଦାପ୍ରଭୁଙ୍କର ପ୍ରଶଂସା ହେଉ, କାରଣ ସେ ମୋର ପ୍ରାର୍ଥନା, ଦୟାଳୁ ହୋଇ ଶୁଣିଛନ୍ତି।

7 ସଦାପ୍ରଭୁ ହିଁ ମୋର ବଳ। ସେ ମୋର ଢ଼ାଲ ସଦୃଶ। ମୁଁ ତାଙ୍କଠାରେ ବିଶ୍ୱାସ କରେ କାରଣ ସେ ମୋତେ ରକ୍ଷା କଲେ। ମୁଁ ଆଜି ଅତି ଖୁସି। ମୁଁ ଆଜି ପ୍ରଶଂସାର ଗୀତ ଗାଇବି।

8 ସଦାପ୍ରଭୁ ତାଙ୍କର ଆଶ୍ରିତମାନଙ୍କୁ ରକ୍ଷା କରନ୍ତି। ସଦାପ୍ରଭୁ ତାଙ୍କୁ ଉଦ୍ଧାର କରନ୍ତି। ସଦାପ୍ରଭୁ ହିଁ ତା'ର ଏକମାତ୍ର ବଳ।

9 ହେ ପରମେଶ୍ୱର, ତୁମ୍ଭର ଲୋକମାନଙ୍କୁ ରକ୍ଷା କର। ଯେଉଁମାନେ ତୁମ୍ଭ ଉପରେ ନିର୍ଭରଶୀଳ, ସେମାନଙ୍କୁ ଆଶୀର୍ବାଦ କର। ସେମାନଙ୍କୁ ଅନନ୍ତକାଳ ପାଇଁ ପଥ ଦେଖାଅ ଓ ସମ୍ମାନନୀୟ କର।

## ଗୀତ 29

*ଦାଉଦଙ୍କର ଗୀତ।*

1 ହେ ପରମେଶ୍ୱରଙ୍କର ସନ୍ତାନଗଣ, ତାଙ୍କର ପ୍ରଶଂସା କର। ତାଙ୍କର ମହିମା ଓ ଶକ୍ତିର ପ୍ରଶଂସା କର।

2 ସଦାପ୍ରଭୁଙ୍କର ପ୍ରଶଂସା ଓ ତାଙ୍କର ନାମକୁ ଗୌରବ କର। ତାଙ୍କୁ ବିଶେଷ ପୋଷାକରେ ପ୍ରଣାମ କର।

3 ସଦାପ୍ରଭୁ ତାଙ୍କର ସ୍ୱର ସାଗରରେ ଉଠାଇଛନ୍ତି। ଗୌରବମୟ ପରମେଶ୍ୱରଙ୍କର ସ୍ୱର ସାଗରରେ ମେଘ ଗର୍ଜନ ସୃଷ୍ଟି କରନ୍ତି।

4 ସଦାପ୍ରଭୁଙ୍କର ସ୍ୱରରୁ ତାଙ୍କର ଶକ୍ତିର ପରିଚୟ ମିଳେ। ତାଙ୍କର ସ୍ୱର ତାଙ୍କର ଗୌରବର ପ୍ରମାଣ।

5 ତାଙ୍କର ସ୍ୱର ବୃହତ୍‌କାୟ ଏରସ ବୃକ୍ଷ ସବୁକୁ ଖଣ୍ଡଖଣ୍ଡ କରି ଭାଙ୍ଗି ପକାଏ। ସଦାପ୍ରଭୁ ଲିବାନୋନ୍‌ର ବୃହତ୍ ଏରସ ବୃକ୍ଷକୁ ଭାଙ୍ଗି ପକାନ୍ତି।

6 ସେ ଲିବାନୋନ୍‌କୁ ଦୋହଲାଇ ଦିଅନ୍ତି, ସତେ ଯେମିତି କଅଁଳା ବାଛୁରୀ ନୃତ୍ୟ କଲାପରି। ଶିରୟୋନ ପର୍ବତ ଦୋହଲି ଯାଏ ଓ ଛେଳି ଛୁଆଟିଏ କୁଦିଲା ଭଳି ଏହା ଦେଖାଯାଏ।

7 ସଦାପ୍ରଭୁଙ୍କର କଣ୍ଠସ୍ୱର ବିଜୁଳି ଗତିରେ ବାୟୁମଣ୍ଡଳକୁ ବିଭକ୍ତ କରେ।

8 ସଦାପ୍ରଭୁଙ୍କର ରବଦ୍ୱାରା ମରୁଭୂମି ଥରି ଉଠେ। ସଦାପ୍ରଭୁଙ୍କ ରବଦ୍ୱାରା କାଦେଶ ମରୁଭୂମି କମ୍ପିଉଠେ।

9 ସଦାପ୍ରଭୁଙ୍କର ସ୍ୱରରେ ହରିଣ ଭୟଭୀତ ହୋଇ ଉଠେ। ସଦାପ୍ରଭୁ ଜଙ୍ଗଲରୁ ପତ୍ରସବୁ ଝଡ଼େଇ ଦିଅନ୍ତି, କିନ୍ତୁ ତାଙ୍କର ମନ୍ଦିରରେ ଲୋକମାନେ ତାଙ୍କର ମହୀମା ପ୍ରଶଂସା କରନ୍ତି।

10 ସଦାପ୍ରଭୁ ହେଉଛନ୍ତି ବନ୍ୟା ସମୟରେ ରାଜା ତୁଲ୍ୟ ଓ ସଦାପ୍ରଭୁ ଅନନ୍ତକାଳ ରାଜା ହୋଇ ରହିବେ।

11 ସଦାପ୍ରଭୁ ତାଙ୍କର ସମସ୍ତ ଲୋକମାନଙ୍କୁ ରକ୍ଷା କରନ୍ତୁ। ସଦାପ୍ରଭୁ ତାଙ୍କର ଲୋକମାନଙ୍କୁ ଶାନ୍ତିରେ ବାସ କରିବାକୁ ଦିଅନ୍ତୁ।

## ଗୀତ 30

*ଦାଉଦଙ୍କର ଏକ ଗୀତ। ଏହି ଗୀତଟି ଈଶ୍ୱରଙ୍କ ମନ୍ଦିର ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ।*

1 ହେ ସଦାପ୍ରଭୁ, ତୁମ୍ଭେ ମୋତେ ମୋର ସମସ୍ତ ବିପଦରୁ ଉଦ୍ଧାର କରିଛ। ତୁମ୍ଭେ ମୋର ଶତ୍ରୁଙ୍କୁ ମୋତେ ପରାଜିତ କରିବାକୁ ସୁଯୋଗ ଦେଇ ନାହିଁ କି ସେମାନେ ମୋତେ ପରିହାସ କରିବାକୁ ଦେଇନାହିଁ। ତେଣୁ ମୁଁ ତୁମ୍ଭକୁ ସମ୍ମାନ ଜଣାଉଛି।

2 ହେ ସଦାପ୍ରଭୁ ମୋର ପରମେଶ୍ୱର, ମୁଁ ତୁମ୍ଭକୁ ସାହାର୍ଯ୍ୟ ପାଇଁ ପ୍ରାର୍ଥନା କଲି ଓ ତହିଁରେ ତୁମ୍ଭେ ମୋତେ ସୁସ୍ଥ କରିଅଛ।

3 ହେ ସଦାପ୍ରଭୁ, ତୁମ୍ଭେ ମୋତେ ମୃତ୍ୟୁ ଗୁମ୍ଫାରୁ ମୋର ପ୍ରାଣ ବଞ୍ଚାଇ ରଖିଛ। ମୋତେ ସେହି ମୃତ ଲୋକମାନଙ୍କ ସହିତ କବରରେ ରହିବାକୁ ଦେଇ ନାହିଁ।

4 ହେ ପରମେଶ୍ୱରଙ୍କ ଅନୁଗାମୀମାନେ ସଦାପ୍ରଭୁଙ୍କ ପ୍ରଶଂସା କରି ସଙ୍ଗୀତ ଗାନ କର। ତାଙ୍କର ସେହି ପବିତ୍ର ନାମର ପ୍ରଶଂସା କର।

5 ପରମେଶ୍ୱର କ୍ରୋଧିତ ହୁଅନ୍ତି। ତେଣୁ ତାଙ୍କର ନିଷ୍ପତ୍ତି ହିଁ "ମୃତ୍ୟୁ।" କିନ୍ତୁ ସେ ମୋ ପ୍ରତି କରୁଣା ପ୍ରଦର୍ଶନ କରି ମୋତେ "ଜୀବଦାନ" ଦେଇଛନ୍ତି। ସାରା ରାତି ମୁଁ କାନ୍ଦୁଥିଲି। ତା'ପରଦିନ ସକାଳୁ ଦେଖିଲି, ମୁଁ ଖୁସିରେ ଗୀତ ବୋଲୁଛି।

6 ମୁଁ ସେତେବେଳେ ନିରାପଦରେ ନିଶ୍ଚିନ୍ତ ଥିଲି, ମୁଁ ଭାବୁଥିଲି ମୋର କିଛି କ୍ଷତି ହେବ ନାହିଁ।

7 ହିଁ ସଦାପ୍ରଭୁ, ଯେତେବେଳେ ତୁମ୍ଭେ ମୋ ପ୍ରତି ଦୟା କଲେ, ମୁଁ ସେତେବେଳେ ଭାବିଲି, କେହି ମୋତେ ପରାସ୍ତ କରିପାରିବେ ନାହିଁ। କିନ୍ତୁ ତୁମ୍ଭେ ଯେତେବେଳେ ମୋ ପାଖରୁ ଦୂରେଇ ଗଲ, ମୁଁ ସେତେବେଳେ ବ୍ୟାକୁଳ ହୋଇ ଭୟରେ ଥରି ଉଠିଲି।

8 ତେଣୁ ହେ ପରମେଶ୍ୱର, ମୁଁ ତୁମ୍ଭକୁ ମୋ ପ୍ରତି ସଦୟ ହେବାକୁ ନିବେଦନ କଲି।

9 ମୁଁ କହିଲି, "ହେ ପ୍ରଭୁ କ'ଣ ଭଲ ହେବ ଯଦି ମୁଁ ମରିଯାଏ। ମୁଁ କବର ଭିତରକୁ ଗଲେ କ'ଣ ଲାଭ। ମୃତ ଲୋକମାନେ ସେହି ମାଟିର କବରରେ ଶୋଇ ରହନ୍ତି। ସେମାନେ ତୁମ୍ଭକୁ ପ୍ରଶଂସା କରନ୍ତି ନାହିଁ। ସେମାନେ ଲୋକମାନଙ୍କୁ କହନ୍ତି ନାହିଁ, ଆମ୍ଭେମାନେ କେତେ ତୁମ୍ଭ ଉପରେ ନିର୍ଭରଶୀଳ।

10 ହେ ସଦାପ୍ରଭୁ, ମୋର ପ୍ରାର୍ଥନା ଶୁଣ ଓ ମୋ ପ୍ରତି କରୁଣା ପ୍ରଦର୍ଶନ କର। ହେ ସଦାପ୍ରଭୂ ମୋର ସହାୟ ହୁଅ।"

11 ମୁଁ ତୁମ୍ଭକୁ ପ୍ରାର୍ଥନା କଲି। ତୁମ୍ଭେ ମୋତେ ସାହାଯ୍ୟ କଲ। ତୁମ୍ଭେ ମୋର କ୍ରନ୍ଦନକୁ ନୃତ୍ୟରେ ପରିଣତ କଲ। ତୁମ୍ଭେ ମୋର ଦୁଃଖର ପୋଷାକ ସବୁକୁ କାଢ଼ି ନେଲ ଓ ମୋତେ ସୁଖରେ ଆଚ୍ଛାଦିତ କରିଲ।

12 ହେ ସଦାପ୍ରଭୁ, ମୋର ପରମେଶ୍ୱର, ମୁଁ ଚିରଦିନ ତୁମ୍ଭର
ଗୁଣଗାନ କରିବି, କେବେ ନୀରବରେ ବସି ରହିବି
ନାହିଁ। ତେଣୁ ସବୁବେଳେ କେହି ନା କେହି ତୁମ୍ଭକୁ
ସମ୍ମାନ ଜଣାଇବା ପାଇଁ ତୁମ୍ଭର ଗୁଣଗାନ କରୁଥିବ।

## ଗୀତ 31

*ପ୍ରଧାନ ବାଦ୍ୟକରଙ୍କ ନିମନ୍ତେ ଦାଉଦଙ୍କ ଗୋଟିଏ ଗୀତ।*

1 ହେ ସଦାପ୍ରଭୁ, ମୁଁ ତୁମ୍ଭ ଉପରେ ନିର୍ଭରଶୀଳ। ମୋତେ
ତୁମ୍ଭେ ନିରାଶ କର ନାହିଁ। ମୋ ପ୍ରତି ଦୟା କର ଓ
ମୋତେ ଉଦ୍ଧାର କର।
2 ହେ ପରମେଶ୍ୱର, ମୋ ନିବେଦନ ଶୁଣ। ଶୀଘ୍ର ଆସି
ମୋତେ ଉଦ୍ଧାର କର। ମୋତେ ଚଟାଣ ସଦୃଶ ରକ୍ଷା
କର। ମୋର ନିରାପଦ ଆଶ୍ରୟସ୍ଥଳର ଦୁର୍ଗ ଭଳି କାର୍ଯ୍ୟ
କର। ମୋର ନିରାପତ୍ତା ବଳୟ ହୁଅ। ମୋତେ ରକ୍ଷା
କର।
3 ହେ ମୋର ପରମେଶ୍ୱର, ତୁମ୍ଭେ ମୋର ଦୃଢ଼ ଶୈଳ।
ତେଣୁ ମୋତେ ତୁମ୍ଭର ପଥ ଦେଖାଅ ଓ ଦିଗଦର୍ଶନ
ଦିଅ।
4 ମୋର ଶତ୍ରୁମାନେ ମୋ ସମ୍ମୁଖରେ ଏକ ଯନ୍ତା ବସାଇଛନ୍ତି।
ସେମାନଙ୍କ ସେହି ଯନ୍ତାରୁ ମୋତେ ଉଦ୍ଧାର କର। ତୁମ୍ଭେ
ମୋର ନିରାପଦ ସ୍ଥଳ।
5 ହେ ସଦାପ୍ରଭୁ, ତୁମ୍ଭେ ପରମେଶ୍ୱର ଯାହାଙ୍କୁ ଆମ୍ଭେ
ବିଶ୍ୱାସ କରିପାରିବୁ। ମୁଁ ମୋର ପ୍ରାଣକୁ ତୁମ୍ଭ ହସ୍ତରେ
ଅର୍ପଣ କରୁଛି। ମୋତେ ରକ୍ଷା କର।
6 ଯେଉଁମାନେ ମିଥ୍ୟା ଦେବତାଙ୍କୁ ପୂଜା କରନ୍ତି ମୁଁ ସେମାନଙ୍କୁ
ଘୃଣା କରେ। ମୁଁ କେବଳ ସଦାପ୍ରଭୁଙ୍କୁ ନିର୍ଭର କରେ।
7 ପରମେଶ୍ୱର ଦୟାର ସାଗର। ତେଣୁ ମୋତେ ସୁଖରେ
ରଖନ୍ତି। ତୁମ୍ଭେ ମୋର ଦୁରାବସ୍ଥା ଦେଖିଛ। ତୁମ୍ଭେ ଜାଣ
ମୋ ଉପରେ ଯେଉଁ ବିପଦ ପଡ଼ିଥିଲା।
8 ତୁମ୍ଭେ ମୋର ଶତ୍ରୁଙ୍କ ହସ୍ତରେ ମୋତେ ଅର୍ପଣ କରିବ
ନାହିଁ। ତୁମ୍ଭେ ସେମାନଙ୍କ ଯନ୍ତାରୁ ମୋତେ ମୁକ୍ତ କରିବ।
9 ହେ ସଦାପ୍ରଭୁ, ମୋ ଉପରେ ଅନେକ ବିପଦ
ପଡ଼ିଛି, ତେଣୁ ମୋ ପ୍ରତି କରୁଣା କର। ମୁଁ ଏତେ
ବିଚଳିତ ହୋଇ ପଡ଼ିଛି ଯେ ମୋର ଚକ୍ଷୁ ଯନ୍ତ୍ରଣା
କରୁଛି। ମୋର ଗଳା ଶୁଖି ଯାଉଛି, ମୋ ପାକସ୍ଥଳୀ
ଯନ୍ତ୍ରଣା ଦେଉଛି।
10 ମୋର ଜୀବନ ଦୁଃଖରେ ଶେଷ ହେବାକୁ ଯାଉଛି।
ମୋର ଜୀବନ ଦୁଃଖରେ ସରିଯିବ। ମୋର ଅସ୍ଥିସବୁ
କ୍ଷୀଣ ହୋଇ ଯାଉଛି ଓ ମୁଁ ଅଧିକରୁ ଅଧିକ ଦୁର୍ବଳ
ହୋଇଯାଉଛି।
11 ମୋର ଶତ୍ରୁମାନେ ମୋତେ ଘୃଣା କରନ୍ତି, ମୋର
ପଡ଼ୋଶୀମାନେ ମଧ୍ୟ ମୋତେ ଘୃଣା କରନ୍ତି। ମୋର
ବନ୍ଧୁବାନ୍ଧବମାନେ ରାସ୍ତାରେ ଦେଖା ହେଲେ ଭୟ କରି
ମୋଠାରୁ ଦୂରେଇ ଯାଆନ୍ତି।
12 ଲୋକମାନେ ମୋତେ ସମ୍ପୂର୍ଣ୍ଣ ଭୁଲି ଗଲେଣି ଯେମିତି
କୌଣସି ପୁରୁଣା ଭଙ୍ଗା ପାତ୍ର ପରି।
13 ମୁଁ ଲୋକମାନେ କହୁଥିବା ସେହି ଭୟଙ୍କର କଥାସବୁ
ଶୁଣେ, ସେମାନେ ମୋ ବିରୁଦ୍ଧରେ ଯୋଜନା କରୁଛନ୍ତି।
ସେମାନେ ମୋତେ ମାରିବାକୁ ମନ୍ତ୍ରଣା କରୁଛନ୍ତି।
14 ହେ ସଦାପ୍ରଭୁ, ମୁଁ ତୁମ୍ଭର ଆଶ୍ରିତ ଅଟେ। ତୁମ୍ଭେ ହିଁ
ମୋର ପରମେଶ୍ୱର।
15 ମୋର ଜୀବନ ତୁମ୍ଭ ହାତରେ, ମୋତେ ଶତ୍ରୁ କବଳରୁ
ତୁମ୍ଭେ ଉଦ୍ଧାର କର। କେତେକ ଲୋକ ମୋ ପଛରେ
ଗୋଡ଼ାଇଛନ୍ତି। ସେମାନଙ୍କଠାରୁ ମୋତେ ରକ୍ଷା କର।
16 ଆପଣା ସେବକକୁ ଦୟାକର ଓ ଆପଣା ସ୍ନେହପୂର୍ଣ୍ଣ
କରୁଣା ପ୍ରଦର୍ଶନ କରି ମୋର ଜୀବନ ରକ୍ଷା କର।
17 ହେ ସଦାପ୍ରଭୁ, ମୁଁ ତୁମ୍ଭକୁ ପ୍ରାର୍ଥନା କରୁଛି, ତୁମ୍ଭେ
ମୋତେ ନିରାଶ କରିବ ନାହିଁ। ଦୁଷ୍ଟ ଲୋକମାନେ ନିରାଶ
ହେବେ। ସେମାନେ ନୀରବରେ କବରକୁ ଯିବେ।
18 ସେହି ଦୁଷ୍ଟ ଲୋକମାନେ ମିଥ୍ୟାବାଦୀ। ସେମାନେ ଧାର୍ମିକ
ଲୋକଙ୍କ ବିରୁଦ୍ଧରେ ମିଥ୍ୟାକଥା କୁହନ୍ତି। ସେହି ଦୁଷ୍ଟ
ଲୋକମାନେ ଅତ୍ୟନ୍ତ ଅହଂକାରୀ। ସେମାନଙ୍କର ସେହି
ମିଥ୍ୟା କହୁଥିବା ଓଷ୍ଠ ନୀରବ ହୋଇଯିବ।
19 ପରମେଶ୍ୱର, ତୁମ୍ଭେ ଆପଣା ଅନୁସରଣକାରୀମାନଙ୍କ ପାଇଁ
ଉତ୍ତମତା ଏକ ଧନଭଣ୍ଡାର ପରି ରଖିଅଛ। ତୁମ୍ଭେ
ସମସ୍ତଙ୍କ ସମ୍ମୁଖରେ ଭଲ କାର୍ଯ୍ୟ କର। ସେହି ଲୋକମାନଙ୍କ
ପାଇଁ ଯେଉଁମାନେ ତୁମ୍ଭର ଅନୁଗତ।
20 ଦୁଷ୍ଟ ଲୋକମାନେ ଏକତ୍ରିତ ହୋଇ ଉତ୍ତମ ଲୋକଙ୍କର
କ୍ଷତି କରିବାକୁ ଚାହାଁନ୍ତି। ସେହି ଦୁଷ୍ଟ ଲୋକମାନେ
ବିବାଦ ଆରମ୍ଭ କରନ୍ତି କିନ୍ତୁ ତୁମ୍ଭେ ସେହି ଉତ୍ତମ
ଲୋକଙ୍କୁ ଲୁଚାଇ ରଖି ସେମାନଙ୍କୁ ସୁରକ୍ଷା ପ୍ରଦାନ କର
ଓ ତୁମ୍ଭେ ସେମାନଙ୍କୁ ଆପଣା ଆଶ୍ରୟ ସ୍ଥଳରେ
ରକ୍ଷାକର।
21 ସଦାପ୍ରଭୁ ମୋତେ ଆଶୀର୍ବାଦ କରନ୍ତୁ। ମୁଁ ଯେତେବେଳେ
ଶତ୍ରୁମାନଙ୍କ ଦ୍ୱାରା ବେଷ୍ଟିତ ନଗରରେ କବଳିତ ହେଲି,
ସେତେବେଳେ ସେ ମୋତେ ଅନୁଗ୍ରହ ପ୍ରଦର୍ଶନ କଲେ।
22 ମୁଁ ଭୟଭୀତ ହୋଇ ପଡ଼ିଲି ଓ ମୁଁ କହିଲି, "ମୁଁ ଏମିତି
ଏକ ସ୍ଥାନରେ ଅଛି, ଯେଉଁଠାରୁ ପରମେଶ୍ୱର ମୋତେ
ଦେଖିପାରିବେ ନାହିଁ।" କିନ୍ତୁ ମୁଁ ତୁମ୍ଭକୁ ପ୍ରାର୍ଥନା କଲି ଓ
"ପରମେଶ୍ୱର" ତୁମ୍ଭେ ସହାୟତା ପାଇଁ ମୋର ଡ଼ାକ
ଶୁଣିଲ।
23 ହେ ପରମେଶ୍ୱରଙ୍କ ଆଶ୍ରିତଗଣ, ତୁମ୍ଭେ ସଦାପ୍ରଭୁଙ୍କୁ ଭଲ
ପାଅ। ସଦାପ୍ରଭୁ ସେହିମାନଙ୍କୁ ରକ୍ଷା କରନ୍ତି, ଯେଉଁମାନେ
ତାଙ୍କର ଆଶ୍ରିତ ଅଟନ୍ତି, କିନ୍ତୁ ସଦାପ୍ରଭୁ ସେହି ଲୋକମାନଙ୍କୁ
ଦଣ୍ଡ ଦିଅନ୍ତି, ଯେଉଁମାନେ ନିଜ ଶକ୍ତିର ଅପବ୍ୟବହାର
କରନ୍ତି। ସେ ସେହିମାନଙ୍କୁ ଦଣ୍ଡ ପ୍ରଦାନ କରନ୍ତି ଯେଉଁମାନେ
ଦଣ୍ଡର ଅଧିକାରୀ।
24 ସାହାସୀ ହୁଅ, ତାହେଲେ ପରମେଶ୍ୱର ତୁମ୍ଭକୁ ଶକ୍ତିଶାଳୀ
କରିବେ। ହେ ଲୋକମାନେ ଯେଉଁମାନେ ସଦାପ୍ରଭୁଙ୍କ
ସାହାଯ୍ୟ ପାଇଁ ଅପେକ୍ଷା କରିଛ।

## ଗୀତ 32

*ଦାଉଦଙ୍କର ଏକ ଜ୍ଞାନଗର୍ଭକ ଗୀତ*

1 ଯାହାର ସବୁ ପାପ କ୍ଷମା କରାଯାଇଅଛି, ସେ ବ୍ୟକ୍ତି

ଧନ୍ୟ। ସେହି ବ୍ୟକ୍ତି ଅଧିକ ଭାଗ୍ୟଶାଳୀ, ଯେତେବେଳେ
ତା'ର ସମସ୍ତ ପାପ ଧୋଇ ଦିଆଯାଇଥାଏ।
2 ଜଣେ ବ୍ୟକ୍ତି ଅଧିକ ଖୁସି ହୁଏ, ଯେତେବେଳେ ସଦାପ୍ରଭୁ
ତାକୁ ଦୋଷୀ ବୋଲି କୁହନ୍ତି ନାହିଁ। ସେହି ବ୍ୟକ୍ତିଟି
ଅଧିକ ଭାଗ୍ୟଶାଳୀ ଯିଏ ନିଜର ପାପକୁ ଗୋପନ ରଖେ
ନାହିଁ।
3 ପ୍ରଭୁ ମୁଁ ବାରମ୍ବାର ତୁମ୍ଭକୁ ପ୍ରାର୍ଥନା କଲି କିନ୍ତୁ ମୁଁ
ମୋର ଗୋପନ ପାପ ବିଷୟରେ ତୁମ୍ଭକୁ କିଛି କହିଲି
ନାହିଁ। ମୁଁ କେବଳ ଦୁର୍ବଳ ହୋଇ ପଡ଼ିଲି, ପ୍ରତ୍ୟେକ
ଥର ଯେତେବେଳେ ମୁଁ ପ୍ରାର୍ଥନା କଲି।
4 ପ୍ରଭୁ ତୁମ୍ଭେ ମୋର ଜୀବନକୁ ପ୍ରତିଦିନ ଅଧିକରୁ ଅଧିକ
ଦୁର୍ବିସହ କରିଦେଲ। ମୁଁ କ୍ରମେ ଶୁଖି ଗଲି, ଗ୍ରୀଷ୍ମ
ଋତୁରେ ଯେମିତି ଭୂମି ଶୁଖି ଯାଏ।
5 କିନ୍ତୁ ତା'ପରେ ମୁଁ ନିଷ୍ପତ୍ତି ନେଲି ମୋର ସମସ୍ତ ପାପକୁ
ତୁମ୍ଭ ଆଗରେ ପ୍ରକାଶ କରିବି। ସଦାପ୍ରଭୁ ତୁମ୍ଭଙ୍କୁ ମୋର
ସମସ୍ତ ପାପ ବିଷୟରେ କହିଲି। ମୋର କୌଣସି ପାପ
ଲୁଚାଇ ରଖିଲି ନାହିଁ ଓ ତୁମ୍ଭେ ମୋତେ ମୋର ସମସ୍ତ
ପାପରୁ କ୍ଷମା କରିଦେଲ। –
6 ଏହି କାରଣରୁ ତୁମ୍ଭର ସମସ୍ତ ଅନୁଗାମୀମାନେ ତୁମ୍ଭକୁ
ପ୍ରାର୍ଥନା କରନ୍ତି। ଯଦିଓ ସେମାନଙ୍କର ବନ୍ୟାପରି ବହୁତ
ବିପଦ ଅଛି, ତଥାପି ସେମାନେ ନିରାପଦରେ ରହିବେ।
7 ପରମେଶ୍ୱର ତୁମ୍ଭେ ହିଁ ମୋର ଲୁଚିବାର ସ୍ଥାନ ଅଟ।
ତୁମ୍ଭେ ମୋତେ ସମସ୍ତ ବିପଦରୁ ଉଦ୍ଧାର କର। ତୁମ୍ଭେ
ମୋର ଚତୁର୍ଦ୍ଦିଗରେ ରହି ମୋତେ ରକ୍ଷା କର। ତେଣୁ
ଯେଉଁ ଉପାୟରେ ମୋତେ ବଞ୍ଚାଇଲ ମୁଁ ସେହି ବିଷୟରେ
ଗୀତ ବୋଲିବି।
8 ସଦାପ୍ରଭୁ କୁହନ୍ତି, "ମୁଁ ତୁମ୍ଭକୁ ଶିକ୍ଷା ଦେବି ଏବଂ ତୁମ୍ଭେ
ଯେଉଁ ମାର୍ଗରେ ବଞ୍ଚିବ ତାକୁ ମଧ୍ୟ ବତାଇ ଦେବି। ମୁଁ
ତୁମ୍ଭକୁ ରକ୍ଷା କରିବି ଏବଂ ତୁମ୍ଭର ତତ୍ତ୍ୱାବଧାରକ ହେବି।
9 ତୁମ୍ଭେମାନେ ନିର୍ବୁଦ୍ଧି ଗଧମାନଙ୍କୁ ଦଉଡ଼ି ଏବଂ ଅଶ୍ୱମାନଙ୍କୁ
ଲଗାମର ବ୍ୟବହାର କର। କାରଣ ସେମାନଙ୍କୁ ତୁମ୍ଭ
ପାଖକୁ ଆଣିବା ପାଇଁ, କିନ୍ତୁ ପରମେଶ୍ୱରଙ୍କ ସହିତ
ସେପରି ହୁଏନାହିଁ।"
10 ଦୁଷ୍ଟ ଲୋକମାନଙ୍କ ଉପରେ ଅନେକ ଅଘଟଣ ଘଟିଛି,
କିନ୍ତୁ ପରମେଶ୍ୱର ତାଙ୍କର ଆଶ୍ରିତମାନଙ୍କୁ ନିଜର କରୁଣା
ଦୃଷ୍ଟି ବଳରେ ରକ୍ଷା କରିବେ।
11 ହେ ଧାର୍ମିକଗଣ, ତୁମ୍ଭେ ସଦାପ୍ରଭୁଙ୍କଠାରେ ଆନନ୍ଦରେ
ଉଲ୍ଲସିତ ହୁଅ। ହେ ସରଳାନ୍ତଃକରଣର ବ୍ୟକ୍ତିମାନେ
ଆନନ୍ଦିତ ହୁଅ।

## ଗୀତ 33

1 ହେ ଧାର୍ମିକଗଣ, ସଦାପ୍ରଭୁଙ୍କଠାରେ ଆନନ୍ଦରେ ଉଲ୍ଲସିତ
ହୁଅ। ପରମେଶ୍ୱରଙ୍କୁ ପ୍ରଶଂସା କରିବା ସରଳ ଲୋକଙ୍କର
ଶୋଭନୀୟ।
2 ବୀଣା ବାଦ୍ୟ କରି ସଦାପ୍ରଭୁଙ୍କୁ ଧନ୍ୟବାଦ ଦିଅ। ଦଶ-ତାର
ବାଦ୍ୟରେ ତାଙ୍କର ପ୍ରଶଂସା ଗାନ କର।
3 ତାଙ୍କ ଉଦ୍ଦେଶ୍ୟରେ ଏକ ନୂତନ ଗୀତ ଶୁଣାଅ।
ସୁନ୍ଦର ସ୍ୱରରେ ମନୋହର ବାଦ୍ୟରେ ଏକ ଗୀତ ରଚନା
କର।
4 ପରମେଶ୍ୱରଙ୍କ ବାକ୍ୟ ସତ୍ୟ ଅଟେ। ତାଙ୍କର ସମସ୍ତ
କାର୍ଯ୍ୟକୁ ତୁମ୍ଭେ ବିଶ୍ୱାସ କରିପାର।
5 ପରମେଶ୍ୱର ସବୁ ପ୍ରକାର ନ୍ୟାୟ ବିଚାର ଓ ଉତ୍ତମ
କାର୍ଯ୍ୟକୁ ଭଲ ପାଆନ୍ତି। ପୃଥିବୀ ସଦାପ୍ରଭୁଙ୍କ ପ୍ରକୃତ
କରୁଣାରେ ପରିପୂର୍ଣ୍ଣ।
6 ସଦାପ୍ରଭୁ ଆଦେଶ ଦେଲେ ଓ ପୃଥିବୀ ସୃଷ୍ଟି ହେଲା।
ପରମେଶ୍ୱରଙ୍କ ନିଶ୍ୱାସରୁ ପୃଥିବୀରେ ସବୁକିଛି ସୃଷ୍ଟି ହେଲା।
7 ପରମେଶ୍ୱର ସମୁଦ୍ରରୁ ଜଳ ଆଣି ଗୋଟିଏ ସ୍ଥାନରେ
ଏକତ୍ରିତ କଲେ। ସେ ସମୁଦ୍ରକୁ ତା ସ୍ଥାନରେ ରଖିଦେଲେ।
8 ଏ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ସଦାପ୍ରଭୁଙ୍କୁ ଭୟ ଓ
ସମ୍ମାନ କରିବା ଉଚିତ। ଏ ପୃଥିବୀର ସମସ୍ତ ଲୋକ
ତାଙ୍କୁ ଭୟ କରିବା ଉଚିତ୍।
9 କାରଣ ପରମେଶ୍ୱରଙ୍କ ଆଦେଶ ମାତ୍ରକେ ପୃଥିବୀ ସୃଷ୍ଟି
ହେଲା ଓ ଯଦି ସେ କାହାରିକୁ ସ୍ଥିରରଖିବା ପାଇଁ ଚାହାନ୍ତି
ତେବେ ସ୍ଥିରରଖି ପାରିବେ।
10 ସଦାପ୍ରଭୁ ସମସ୍ତଙ୍କ ଉପଦେଶକୁ ବ୍ୟର୍ଥ କରି ପାରନ୍ତି।
ସେ ସେମାନଙ୍କ ସମସ୍ତ ଯୋଜନାକୁ ବ୍ୟର୍ଥ କରି
ପାରନ୍ତି।
11 କିନ୍ତୁ ସଦାପ୍ରଭୁଙ୍କ ଉପଦେଶ ଚିରଦିନ ମଙ୍ଗଳମୟ ତାଙ୍କର
ସଂକଳ୍ପ ସବୁ ଚିରକାଳ ଲାଗି ବଂଶାନୁକ୍ରମେ ଥାଏ।
12 ଯେଉଁ ଲୋକମାନେ ସଦାପ୍ରଭୁଙ୍କୁ ମାନନ୍ତି ସେମାନେ
ସମସ୍ତେ ଭାଗ୍ୟଶାଳୀ ଅଟନ୍ତି। କାରଣ ପରମେଶ୍ୱର ସେମାନଙ୍କୁ
ସ୍ୱତନ୍ତ୍ର ଭାବରେ ବିବେଚନା କରନ୍ତି।
13 ସଦାପ୍ରଭୁ ସ୍ୱର୍ଗରୁ ଥାଇ ସବୁ ଲୋକଙ୍କ ଉପରେ ଦୃଷ୍ଟିପାତ
କରନ୍ତି।
14 ସେ ତାଙ୍କର ଉଚ୍ଚ ସିଂହାସନରୁ ଏ ପୃଥିବୀରେ ବାସ
କରୁଥିବା ସବୁ ଜୀବନ୍ତ ପ୍ରାଣୀଙ୍କୁ ନିରୀକ୍ଷଣ କରନ୍ତି।
15 ପରମେଶ୍ୱର ସମସ୍ତ ମନୁଷ୍ୟମାନଙ୍କ ହୃଦୟକୁ ତିଆରି
କରିଛନ୍ତି। ତେଣୁ ପରମେଶ୍ୱର ଜାଣନ୍ତି ପ୍ରତ୍ୟେକ ମନୁଷ୍ୟ
କ'ଣ ଚିନ୍ତା କରୁଥାଏ।
16 ଜଣେ ରାଜା ନିଜର ଶକ୍ତିଦ୍ୱାରା ସୁରକ୍ଷିତ ହୁଏ ନାହିଁ।
ଜଣେ ଶକ୍ତିଶାଳୀ ସୈନିକ କେବଳ ତା'ର ନିଜର ବଳ
ଉପରେ ନିର୍ଭର କରି ଉଦ୍ଧାର ପାଏ ନାହିଁ।
17 ଅଶ୍ୱମାନେ କେବଳ ଯୁଦ୍ଧରେ ବିଜୟୀ କରାନ୍ତି ନାହିଁ।
ସେମାନଙ୍କର ଶକ୍ତି କେବଳ ତୁମ୍ଭକୁ ପ୍ରକୃତରେ ଉଦ୍ଧାର
କରିବାକୁ ସମର୍ଥ ହେବ ନାହିଁ।
18 ଯେଉଁମାନେ ସଦାପ୍ରଭୁଙ୍କୁ ଉପାସନା କରନ୍ତି, ପରମେଶ୍ୱର
ସେମାନଙ୍କର ଯତ୍ନ ନିଅନ୍ତି ଓ ସେମାନଙ୍କ ଉପରେ ଦୃଷ୍ଟି
ରଖନ୍ତି। ଯେଉଁମାନେ ତାଙ୍କର ଉପାସନା କରନ୍ତି, ସେହିମାନେ
ତାଙ୍କର ସ୍ୱର୍ଗୀୟ କରୁଣାରେ ରକ୍ଷା ପାଆନ୍ତି।
19 ପ୍ରଭୁ ସେହି ଲୋକମାନଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କରନ୍ତି।
ସେ ସେମାନଙ୍କୁ ଶକ୍ତି ପ୍ରଦାନ କରନ୍ତି। ଯେତେବେଳେ
ସେମାନେ ଅତ୍ୟନ୍ତ ଭୋକିଲା ଥାଆନ୍ତି।
20 ତେଣୁ ଆମ୍ଭେ ସଦାପ୍ରଭୁଙ୍କ ପାଇଁ ଅପେକ୍ଷା କରିବା। ସେ
ଆମ୍ଭକୁ ସାହାଯ୍ୟ କରନ୍ତି ଓ ରକ୍ଷା କରନ୍ତି।

21 ପରମେଶ୍ୱର ଆମ୍ଭକୁ ଆନନ୍ଦ ପ୍ରଦାନ କରନ୍ତି। ଆମ୍ଭେ ପ୍ରକୃତରେ ତାଙ୍କର ସେହି ପବିତ୍ର ନାମରେ ଭରସା କରିବା।

22 ହେ ସଦାପ୍ରଭୁ, ଆମ୍ଭେ ପ୍ରକୃତରେ ତୁମ୍ଭକୁ ଉପାସନା କରୁଛୁ। ତେଣୁ ତୁମ୍ଭର କୃପା ଦୃଷ୍ଟି ଓ ଦୟା ଆମ୍ଭମାନଙ୍କ ପ୍ରତି ରହିଥାଉ।

## ଗୀତ 34

*ଯେତେବେଳେ ଅବିମେଲେକ୍ ସାକ୍ଷାତରେ ନିଜର ଚିନ୍ତାଧାରା ଦାଉଦ ପରିବର୍ତ୍ତନ କଲେ ଓ ତାହାଦ୍ୱାରା ତଡ଼ାଖାଇ ଚାଲିଗଲେ। ସେହି ସମୟରେ ଦାଉଦଙ୍କ ଗୀତ।*

1 ମୁଁ ସର୍ବଦା ସଦାପ୍ରଭୁଙ୍କ ପ୍ରଶଂସା କରିବି। ତାଙ୍କର ପ୍ରଶଂସା ମୋର ଓଠରେ ସବୁବେଳେ ଲାଗିରହିବ।

2 ବିନୟୀ ଲୋକମାନେ ଶୁଣ ଓ ଆନନ୍ଦିତ ହୁଅ। ମୋର ଆତ୍ମା ସଦାପ୍ରଭୁଙ୍କ ଧ୍ୟାନରେ ବ୍ୟାକୁଳ ହେଉଅଛି।

3 ମୋ ସହିତ ପରମେଶ୍ୱରଙ୍କ ମାହାତ୍ମ୍ୟ ପ୍ରକାଶ କର। ତାଙ୍କ ନାମର ମହିମା କୀର୍ତ୍ତନ କର।

4 ମୁଁ ପରମେଶ୍ୱରଙ୍କୁ ପ୍ରାର୍ଥନା କଲି। ସେ ମୋତେ ସମସ୍ତ ଭୟରୁ ମୁକ୍ତ ପ୍ରଦାନ କଲେ।

5 ପରମେଶ୍ୱରଙ୍କ ନିକଟରେ ସାହାଯ୍ୟ ପ୍ରାର୍ଥନା କର। ତୁମ୍ଭର ପ୍ରାର୍ଥନା ସ୍ୱୀକାର କରାଯିବ। ଏଥିରେ ଲଜ୍ଜିତ ହେବାର କିଛି ନାହିଁ।

6 ଏହି ଦୁଃଖୀ ଲୋକଟି ସଦାପ୍ରଭୁଙ୍କ ନିକଟରେ ସାହାଯ୍ୟ ପାଇଁ ପ୍ରାର୍ଥନା କଲା ଓ ସଦାପ୍ରଭୁ ତାହା ଶୁଣିଲେ ସେ ମୋତେ ମୋର ସମସ୍ତ ବିପଦରୁ ଉଦ୍ଧାର କଲେ।

7 ଯେଉଁମାନେ ସଦାପ୍ରଭୁଙ୍କୁ ଉପାସନା କରନ୍ତି, ସଦାପ୍ରଭୁଙ୍କ ଦୂତ ସର୍ବଦା ସେମାନଙ୍କ ପାଖରେ ଥାଆନ୍ତି, ସେ ସେମାନଙ୍କୁ ଉଦ୍ଧାର କରନ୍ତି।

8 ସଦାପ୍ରଭୁ ଯେ ମଙ୍ଗଳମୟ, ଏହା ପରୀକ୍ଷା କରି ଦେଖ। ଯେଉଁ ବ୍ୟକ୍ତି ତାଙ୍କର ଶରଣାଗତ ସେ ତାଙ୍କୁ ସମସ୍ତ ସୁଖ ପ୍ରଦାନ କରନ୍ତି ଏବଂ ସେ ପ୍ରକୃତରେ ସୁଖୀ ହେବ।

9 ସଦାପ୍ରଭୁଙ୍କ ପବିତ୍ର ଭକ୍ତଗଣ ପରମେଶ୍ୱରଙ୍କ ଉପାସନା କର। ଯେଉଁ ଲୋକମାନେ ପରମେଶ୍ୱରଙ୍କ ଉପାସନା କରନ୍ତି, ସେମାନେ ଦରକାର କରୁଥିବା ବସ୍ତୁ ସର୍ବଦା ପାଇଥାନ୍ତି।

10 ଶକ୍ତିଶାଳୀ ଲୋକମାନେ ମଧ୍ୟ ଦୁର୍ବଳ ଓ ଭୋକିଲା ହେବେ। କିନ୍ତୁ ଯେଉଁ ଲୋକମାନେ ପରମେଶ୍ୱରଙ୍କ ସହାୟତା ପ୍ରାର୍ଥନା କରନ୍ତି, ସେମାନଙ୍କର ସବୁକିଛି ମଙ୍ଗଳ ଘଟିବ।

11 ହେ ପିଲାମାନେ, ଆସ ମୋ କଥା ଶୁଣ। ଓ ମୁଁ ତୁମ୍ଭକୁ କିପରି ସଦାପ୍ରଭୁଙ୍କୁ ସମ୍ମାନ କରାଯାଏ ଶିକ୍ଷା ଦେବି।

12 ଯଦି ଜଣେ ବ୍ୟକ୍ତି ଜୀବନକୁ ଭଲ ପାଏ ଏବଂ ସେ ଦୀର୍ଘ ନିରାମୟ ଜୀବନଯାପନ କରିବାକୁ ଇଚ୍ଛା କରେ।

13 ସେହି ବ୍ୟକ୍ତି ପ୍ରଥମେ ମନ୍ଦକଥା କହିବା ବନ୍ଦ କରିବା ଦରକାର ଓ ସେ ମିଥ୍ୟା କହିବା ଉଚିତ ନୁହେଁ।

14 ମନ୍ଦ କାର୍ଯ୍ୟ କରିବା ବନ୍ଦ କର। କେବଳ ଉତ୍ତମ କାର୍ଯ୍ୟ କର। ଶାନ୍ତି ପାଇଁ କାର୍ଯ୍ୟ କର। ଶାନ୍ତି ପାଇଲା ପର୍ଯ୍ୟନ୍ତ ଶାନ୍ତି ପଛରେ ଦୌଡ଼।

15 ସଦାପ୍ରଭୁ ଉତ୍ତମ ବ୍ୟକ୍ତିମାନଙ୍କୁ ରକ୍ଷା କରନ୍ତି। ସେ ସେମାନଙ୍କର ପ୍ରାର୍ଥନା ଶୁଣନ୍ତି।

16 କିନ୍ତୁ ସଦାପ୍ରଭୁ ଯେଉଁମାନେ ମନ୍ଦ କାର୍ଯ୍ୟ କରନ୍ତି ସେମାନଙ୍କ ବିରୁଦ୍ଧରେ ଯାଆନ୍ତି। ସେ ସେମାନଙ୍କୁ ସଂପୂର୍ଣ୍ଣ ଭାବେ ଧ୍ୱଂସ କରନ୍ତି।

17 ସଦାପ୍ରଭୁଙ୍କୁ ପ୍ରାର୍ଥନା କର ସେ ତୁମ୍ଭ ଡ଼ାକ ଶୁଣିବେ। ସେ ତୁମ୍ଭକୁ ତୁମ୍ଭର ସମସ୍ତ ବିପଦରୁ ଉଦ୍ଧାର କରିବେ।

18 ଯେତେବେଳେ ଲୋକଙ୍କ ଉପରେ ବିପଦ ପଡ଼େ ତା'ପରେ ସେମାନେ ଅହଂକାରୀ ପ୍ରବୃତ୍ତି ବନ୍ଦ କରନ୍ତି। ସଦାପ୍ରଭୁ ସେହି ଶୋଚନୀୟ ଲୋକମାନଙ୍କ ନିକଟତର ହୁଅନ୍ତି। ସେ ସେମାନଙ୍କୁ ଉଦ୍ଧାର କରନ୍ତି।

19 ଧାର୍ମିକ ବ୍ୟକ୍ତିମାନଙ୍କ ଉପରେ ହୁଏତ ବହୁତ ବିପଦ ଆସିପାରେ କିନ୍ତୁ ସଦାପ୍ରଭୁ ସେମାନଙ୍କୁ ସେମାନଙ୍କର ପ୍ରତ୍ୟେକ ବିପଦରୁ ଉଦ୍ଧାର କରିବେ।

20 ସଦାପ୍ରଭୁ ସେମାନଙ୍କ ଶରୀରର ଅସ୍ଥିକୁ ରକ୍ଷା କରିବେ ଯେପରିକି ଖଣ୍ଡିଏ ହାଡ଼ ଭାଙ୍ଗିବାକୁ ଦେବେ ନାହିଁ।

21 କିନ୍ତୁ ବିପଦ ସେହି ଦୁଷ୍ଟ ଲୋକମାନଙ୍କୁ ନିଶ୍ଚୟ ବିନଷ୍ଟ କରିବ। ଉତ୍ତମ ବ୍ୟକ୍ତିମାନଙ୍କର ଶତ୍ରୁମାନେ ସମୂଳେ ବିନାଶ ପ୍ରାପ୍ତ ହେବେ।

22 ସଦାପ୍ରଭୁ, ସେହି ଲୋକମାନଙ୍କର ପ୍ରାଣକୁ ଉଦ୍ଧାର କରିବେ, ଯେଉଁମାନେ ତାଙ୍କୁ ଆରାଧନା କରନ୍ତି। ଯେଉଁ ବ୍ୟକ୍ତିମାନେ ତାଙ୍କ ଉପରେ ନିର୍ଭରଶୀଳ, ସେ କେବେହେଲେ ସେମାନଙ୍କୁ ଧ୍ୱଂସ ହେବାକୁ ଦେବେ ନାହିଁ।

## ଗୀତ 35

*ଦାଉଦଙ୍କର ଗୀତ*

1 ସଦାପ୍ରଭୁ ଯେଉଁମାନେ ମୋ ସହିତ ବିବାଦ କରୁଛନ୍ତି ତୁମ୍ଭେ ସେମାନଙ୍କ ସହିତ ମୋ ନିମନ୍ତେ ଯୁଦ୍ଧ କର।

2 ସଦାପ୍ରଭୁ ତୁମ୍ଭେ ଢାଲ ଓ ସାଞ୍ଜୁ* ଉଠାଅ। ଜାଗ୍ରତ ହୁଅ, ମୋର ସହାୟ ହୁଅ।

3 ଏକ ବର୍ଚ୍ଛା ଓ କୁନ୍ତ ଧର ଓ ଯେଉଁମାନେ ମୋ ପଛରେ ଗୋଡ଼ାଇଛନ୍ତି ତାଙ୍କ ସହିତ ଯୁଦ୍ଧ କର। ସଦାପ୍ରଭୁ ମୋର ପ୍ରାଣକୁ କୁହ, "ଯେ ତୁମ୍ଭେ ମୋତେ ରକ୍ଷା କରିବ।"

4 କିଛି ଲୋକ ମୋତେ ହତ୍ୟା କରିବାକୁ ଚାହୁଁଛନ୍ତି। ସେମାନଙ୍କୁ ନିରାଶ କର ଓ ସେମାନଙ୍କୁ ଲଜ୍ଜିତ କର। ସେମାନଙ୍କୁ ଘଉଡ଼ାଇ ଦିଅ। ସେହି ଲୋକମାନେ ମୋତେ ବଧ କରିବାକୁ ଯୋଜନା କରୁଥିଲେ ସେମାନଙ୍କୁ ପରାସ୍ତ କର ଓ ହତୋତ୍ସାହ କର।

5 ସେହି ଲୋକମାନଙ୍କୁ ତୁଷ ତୁଲ୍ୟ ପବନରେ ଉଡ଼ାଇ ନିଅ। ସେମାନଙ୍କୁ ସଦାପ୍ରଭୁଙ୍କର ଦୂତ ଘଉଡ଼ାଇ ଦିଅନ୍ତୁ।

6 ସେମାନଙ୍କ ରାସ୍ତାକୁ ଅନ୍ଧକାର ଓ ପିଚ୍ଛିଳ କରିଦିଅ, ଯାହା ଫଳରେ ସଦାପ୍ରଭୁଙ୍କ ଦୂତମାନେ ସେମାନଙ୍କୁ ସହଜରେ ଧରି ପାରିବେ।

7 ମୁଁ କୌଣସି ଭୁଲ କାର୍ଯ୍ୟ କରି ନାହିଁ। ତଥାପି ସେ ଲୋକମାନେ ବିନା କାରଣରେ ମୋତେ ଯନ୍ତାରେ ପକାଇବାକୁ

---

**ସାଞ୍ଜୁ** ଶରୀରକୁ ଆକ୍ରମଣରୁ ରକ୍ଷା କରିବାର ପୋଷାକ।

ଚେଷ୍ଟା କରିଥିଲେ। ସେମାନେ ମୋତେ ଯନ୍ତାରେ ପକାଇବାକୁ
ଉଦ୍ୟମ କରିଥିଲେ।
8 ସଦାପ୍ରଭୁ ସେମାନଙ୍କୁ ସେମାନଙ୍କ ଯନ୍ତାରେ ପକାଇ ଦିଅ।
ସେମାନେ ତାଙ୍କ ବାନ୍ଧିଥିବା ଜାଲରେ ନିଜେ ଧରି ପଡ଼ନ୍ତୁ।
ସେମାନଙ୍କ ଉପରେ ଅଜଣା ବିପଦ ମାଡ଼ ଆସୁ।
9 ତା’ପରେ ମୁଁ ସଦାପ୍ରଭୁଙ୍କଠାରେ ଆନନ୍ଦିତ ହେବି। ମୁଁ
ଅଧିକ ଖୁସି ହେବି ଯେତେବେଳେ ସେ ମୋତେ ରକ୍ଷା
କରିବେ।
10 ସେତେବେଳେ ମୋର ସମ୍ପୂର୍ଣ୍ଣ ଶରୀର କହିବ, “ହେ
ସଦାପ୍ରଭୁ, ତୁମ୍ଭ ଭଳି ଆଉ କେହି ନାହିଁ। ତୁମ୍ଭେ ଜଣେ
ଦୁଃଖୀ ଲୋକକୁ ତାଠାରୁ ଅଧିକ ବଳଶାଳୀ ଶତ୍ରୁ
କବଳରୁ ଉଦ୍ଧାର କରିଛ। ତୁମ୍ଭେ ଦୁଃଖୀ ଲୋକଟିକୁ ମନ୍ଦ
ଲୋକଙ୍କ ପାଖରୁ ରକ୍ଷା କରିଛନ୍ତି, ଯେଉଁମାନେ ତାକୁ
ଲୁଣ୍ଠନ କରିବା ପାଇଁ ଚାହୁଁଥିଲେ।”
11 କେତେକ ଲୋକ ଯେଉଁମାନେ ବିଚାରାଳୟରେ ମିଥ୍ୟା
କହନ୍ତି, ମୋତେ ଆଘାତ କରିବାକୁ ମନ୍ତ୍ରଣା କରୁଛନ୍ତି।
ସେମାନେ ମୋତେ ଅନେକ ପ୍ରଶ୍ନ ପଚାରିବେ ମୁଁ ସେସବୁ
ବିଷୟରେ କିଛି ଜାଣେ ନାହିଁ।
12 ମୁଁ କେବଳ ଭଲ କାର୍ଯ୍ୟ କରିଛି। କିନ୍ତୁ ସେହି
ଲୋକମାନେ ମୋ ବିରୁଦ୍ଧରେ କେବଳ ମନ୍ଦ କାର୍ଯ୍ୟ
କରିଛନ୍ତି। ସଦାପ୍ରଭୁ ଦୟାକରି ମୋତେ କେବଳ ଭଲ
ଜିନିଷ ଦିଅ, ଯାହା ମୋର ପ୍ରାପ୍ୟ ଅଟେ।
13 ଯେତେବେଳେ ସେହି ଲୋକମାନେ ପୀଡିତ ଥିଲେ, ମୁଁ
ସେମାନଙ୍କ ପାଇଁ ଦୁଃଖିତ ହୋଇଥିଲି। ମୁଁ କିଛି ନ ଖାଇ
ମୋର ସମବେଦନା ଜଣାଇ ଥିଲି। ଏହା କ’ଣ ମୋ
ପାଇଁ ସେମାନଙ୍କର ଉପଯୁକ୍ତ ପ୍ରତିଦାନ?
14 ମୁଁ ସେମାନଙ୍କ ପାଇଁ ଶୋକାତୁର ପୋଷାକ ପିନ୍ଧିଥିଲି। ମୁଁ
ସେମାନଙ୍କୁ ମୋର ଭାଇ ବନ୍ଧୁ ପରି ବ୍ୟବହାର କରିଥିଲି।
ମୁଁ ଦୁଃଖିତ ହୋଇଥିଲି ଯେପରି ଜଣେ ବ୍ୟକ୍ତି ତା’ର
ମା’ର ମୃତ୍ୟୁରେ ଅଧୀର ହୋଇ କ୍ରନ୍ଦନ କରେ। ମୁଁ
ସେହି ଲୋକମାନଙ୍କ ପାଇଁ କଳା ପୋଷାକ ପରିଧାନ
କରିଥିଲି, ଯାହା ଶୋକର ପ୍ରତୀକ ଅଟେ। ମୁଁ ନତ
ମସ୍ତକ ହୋଇ ଶୋକରେ ଅଧୀର ହୋଇ ଚାଲିଥିଲି।
15 ମୁଁ ଯେତେବେଳେ ଗୋଟିଏ ଭୁଲ୍ କରି ବସିଲି, ସେହି
ଲୋକମାନେ ମୋତେ ଦେଖି ହସିଲେ। ସେହି ଲୋକମାନେ
ପ୍ରକୃତ ବନ୍ଧୁ ନୁହନ୍ତି। ମୁଁ ସେମାନଙ୍କୁ ସତେ ଯେମିତି
ଜାଣେ ନାହିଁ। ସେମାନେ ମୋତେ ଚାରିଆଡୁ ଘେରି
ଆକ୍ରମଣ କଲେ।
16 ସେମାନେ ମୋ ପ୍ରତି ଅଭଦ୍ର ଭାଷା ପ୍ରୟୋଗ କରି
ମୋତେ ପରିହାସ କରୁଥିଲେ। ସେହି ଲୋକମାନେ
ରାଗରେ ଦାନ୍ତ କଡ଼ମଡ଼ କରି ମୋ ଉପରେ ରାଗରେ
ଜଳି ଯାଉଥିଲେ।
17 ମୋର ପ୍ରଭୁ, ଆଉ କେତେଦିନ ଏପରି ଘଟଣା ମୋ
ଉପରେ ଘଟୁଥିବ? ସେହି ଲୋକମାନେ ମୋତେ ଧ୍ୱଂସ
କରିଦେବାକୁ ଚାହୁଁଛନ୍ତି। ସଦାପ୍ରଭୁ ମୋର ପ୍ରାଣକୁ ବଞ୍ଚାଅ।
ମୋର ଅତି ପ୍ରିୟ ଆତ୍ମାକୁ ସେହି ଦୁଷ୍ଟ ଲୋକମାନଙ୍କ
କବଳରୁ ଉଦ୍ଧାର କର। ସେମାନେ ସିଂହ ତୁଲ୍ୟ ଅଟନ୍ତି।
18 ହେ ସଦାପ୍ରଭୁ, ମୁଁ ତୁମ୍ଭକୁ ବିରାଟ ସମ୍ମିଳନୀ କକ୍ଷରେ
ପ୍ରଶଂସା କରିବି। ମୁଁ ତୁମ୍ଭକୁ ପ୍ରଶଂସା କରିବି ମୁଁ
ଯେତେବେଳେ ଶକ୍ତିଶାଳୀ ଲୋକମାନଙ୍କ ସଙ୍ଗରେ ଥାଏ।
19 ମୋର ଶତ୍ରୁମାନେ ବିନା କାରଣରେ ମୋ ସହିତ ଆଉ
ପରିହାସ କରିବେ ନାହିଁ। ସେମାନେ ନିଶ୍ଚୟ ତାଙ୍କର
ଗୋପନ ମନ୍ତ୍ରଣା ପାଇଁ ଦଣ୍ଡିତ ହେବେ।
20 ମୋର ଶତ୍ରୁମାନେ କେବେହେଲେ ଶାନ୍ତିର କଥା କହନ୍ତି
ନାହିଁ। ସେମାନେ ଗୋପନରେ ଶାନ୍ତି ପ୍ରିୟ ଲୋକମାନଙ୍କ
ବିରୁଦ୍ଧରେ ମନ୍ଦ କାର୍ଯ୍ୟ କରିବାକୁ କଳ୍ପନା କରନ୍ତି।
21 ମୋର ଶତ୍ରୁମାନେ ମୋ ବିରୁଦ୍ଧରେ ମନ୍ଦ କଥାମାନ
କହନ୍ତି। ସେମାନେ ମିଛରେ କହନ୍ତି, “ଆମ୍ଭେ ଜାଣୁ
ତୁମ୍ଭେ କ’ଣ କରୁଛ।”
22 ହେ ସଦାପ୍ରଭୁ, ନିଶ୍ଚୟ ତୁମ୍ଭେ ତାହା ଦେଖୁଅଛ, ଯାହାସବୁ
ଘଟି ଯାଉଛି। ତେଣୁ ତୁମ୍ଭେ ନୀରବ ରୁହ ନାହିଁ।
ମୋତେ ପରିତ୍ୟାଗ କର ନାହିଁ।
23 ହେ ସଦାପ୍ରଭୁ ଜାଗ୍ରତ ହୁଅ, ଉଠ। ମୋର ପରମେଶ୍ୱର
ଓ ମୋର ସଦାପ୍ରଭୁ, ମୋ ପାଇଁ ସଂଗ୍ରାମ କର ଏବଂ
ମୋତେ ନ୍ୟାୟ ପ୍ରଦାନ କର।
24 ହେ ସଦାପ୍ରଭୁ ମୋର ପରମେଶ୍ୱର, ତୁମ୍ଭର ନ୍ୟାୟରେ
ମୋର ବିଚାର କର। ସେହି ଲୋକମାନଙ୍କୁ ମୋତେ
ପରିହାସ କରିବାକୁ ଦିଅ ନାହିଁ।
25 ସେହି ଲୋକମାନଙ୍କୁ କହିବାକୁ ଦିଅ ନାହିଁ, “ଯାହା
ଆମ୍ଭେ ଚାହିଁଥିଲୁ ତାହା ଆମ୍ଭେ ପାଇଲୁ।” ସଦାପ୍ରଭୁ,
ସେମାନେ କୁହନ୍ତୁ ନାହିଁ, “ଆମ୍ଭେ ତାକୁ ଧ୍ୱଂସ କରିଛୁ।”
26 ମୁଁ ଆଶା କରୁଛି ମୋର ଶତ୍ରୁମାନେ ଲଜ୍ଜିତ ହେବେ ଓ
ନିରାଶ ହେବେ। ଯେତେବେଳେ ମୋ ଉପରେ ବିପଦ
ପଡ଼େ ସେହି ଲୋକମାନେ ଖୁସି ହୁଅନ୍ତି। ସେମାନେ
ଭାବନ୍ତି ସେମାନେ ମୋଠାରୁ ଭଲ। ତେଣୁ ସେହି
ଲୋକମାନଙ୍କର ମୁହଁ ଲଜ୍ଜା ଓ କାଳିମାରେ ଘୋଡ଼ାଇ
ହୋଇଯାଉ।
27 କିଛି ଲୋକ ଚାହାଁନ୍ତି ଭଲ ଘଟଣା ମୋ ଜୀବନରେ
ଘଟୁ। ମୁଁ ଆଶା କରେ, ସେହି ଲୋକମାନେ ଅତି
ଆନନ୍ଦିତ ଅଟନ୍ତି। କାରଣ ସେହି ଲୋକମାନେ ସର୍ବଦା
କୁହନ୍ତି, “ସଦାପ୍ରଭୁ ହେଉଛନ୍ତି ମହାନ। ସେ ଚାହାଁନ୍ତି
ତାଙ୍କର ଭୃତ୍ୟମାନଙ୍କର ସର୍ବଦା ମଙ୍ଗଳ ହେଉ।”
28 ତେଣୁ ସଦାପ୍ରଭୁ, ମୁଁ ଲୋକମାନଙ୍କୁ କହେ, ତୁମ୍ଭେ
କେତେ ମହାନ ଅଟ। ମୁଁ ପ୍ରତିଦିନ ତୁମ୍ଭକୁ ପ୍ରଶଂସା
କରେ।

## ଗୀତ 36

*ପ୍ରଭୁଙ୍କର ଦାସ ଦାଉଦଙ୍କର ଗୀତ*

1 ଜଣେ ଦୁଷ୍ଟ ଲୋକ ସବୁବେଳେ ମନ୍ଦ କାର୍ଯ୍ୟ କରେ।
ଯେତେବେଳେ ସେ ଆପଣା ହୃଦୟକୁ କହେ, “ମୁଁ
ପରମେଶ୍ୱରଙ୍କୁ ଭୟ ଓ ସମ୍ମାନ କରେ ନାହିଁ।”
2 ସେହି ଲୋକ ଆପଣାକୁ ମିଥ୍ୟା କହେ। ସେ ଲୋକ
ଆପଣା ତ୍ରୁଟି ଦେଖେ ନାହିଁ, ତେଣୁ ସେ କ୍ଷମା ପ୍ରାର୍ଥନା
କରେ ନାହିଁ।

3 ତା'ର ବାକ୍ୟସବୁ କେବଳ ମୂଲ୍ୟହୀନ ମିଥ୍ୟା ଅଟେ। ସେ
ଜ୍ଞାନୀ ହୋଇପାରେ ନାହିଁ ଅଥବା ସୁକର୍ମ କରିବା ଶିଖେ
ନାହିଁ।
4 ରାତ୍ରିରେ ସେ ମୂଲ୍ୟହୀନ କଥାସବୁ କରିବାକୁ ଯୋଜନା
କରେ। ସେ ସକାଳୁ ଉଠି କିଛି ଭଲ କାର୍ଯ୍ୟ କରେ
ନାହିଁ ଏବଂ ସେ ମନ୍ଦ କାର୍ଯ୍ୟ କରିବାରୁ ବିମୁଖ ହୁଏ
ନାହିଁ।
5 ହେ ସଦାପ୍ରଭୁ, ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଆକାଶଠାରୁ
ମହୀୟାନ୍। ତୁମ୍ଭର ବିଶ୍ୱସ୍ତତା ଆକାଶର ବାଦଲଠାରୁ
ଗରୀୟାନ୍।
6 ହେ ସଦାପ୍ରଭୁ, ତୁମ୍ଭର ମହାନୁଭବତା ସବୁଠାରୁ ଉଚ୍ଚ
ପର୍ବତଠାରୁ ମଧ୍ୟ ଅଧିକ ଉଚ୍ଚ। ତୁମ୍ଭର ନ୍ୟାୟ ପ୍ରିୟତା
ସମୁଦ୍ର ଠାରୁ ଅଧିକ ଗଭୀର। ହେ ସଦାପ୍ରଭୁ, ତୁମ୍ଭେ
ମନୁଷ୍ୟ ଓ ପଶୁମାନଙ୍କୁ ରକ୍ଷା କର।
7 ତୁମ୍ଭର ପ୍ରେମ ଓ କରୁଣାଠାରୁ କିଛି ଅଧିକ ମୂଲ୍ୟବାନ
ବସ୍ତୁ ନାହିଁ। ଲୋକମାନେ ଓ ସ୍ୱର୍ଗଦୂତମାନେ ତୁମ୍ଭ
ନିକଟକୁ ଉଦ୍ଧାର ପାଇବା ପାଇଁ ଆସନ୍ତି।
8 ହେ ସଦାପ୍ରଭୁ, ସେମାନେ ତୁମ୍ଭର ନିବାସସ୍ଥଳୀରୁ ନୂତନ
ବଳରେ ବଳୀୟାନ୍ ହୁଅନ୍ତି। ତୁମ୍ଭେ ତୁମ୍ଭର ନଦୀରୁ
ସେମାନଙ୍କୁ ପାନ କରିବାକୁ ଦିଅ।
9 ହେ ସଦାପ୍ରଭୁ, ଜୀବନର ନିର୍ଝର ତୁମ୍ଭ ନିକଟରୁ ପ୍ରବାହିତ
ହୁଏ ଓ ତୁମ୍ଭର ଆଲୋକ ଆମ୍ଭକୁ ଆଲୋକ ଦେଖାଏ।
10 ହେ ସଦାପ୍ରଭୁ, ଯେଉଁମାନେ ପ୍ରକୃତରେ ତୁମ୍ଭକୁ ଭଲ
ପାଆନ୍ତି। ତୁମ୍ଭେ ତୁମ୍ଭର କରୁଣା ଦୃଷ୍ଟି ସେମାନଙ୍କ ଉପରେ
ରଖ ଓ ତୁମ୍ଭର ବିଶ୍ୱସ୍ତ ସେମାନଙ୍କ ଜୀବନରେ ସୁକର୍ମମାନ
ଘଟଣା ସବୁ ଘଟୁ।
11 ହେ ସଦାପ୍ରଭୁ, ଅହଂକାରୀ ଲୋକମାନେ ମୋତେ ଯେମିତି
ଯନ୍ତ୍ରାରେ ନ ପକାନ୍ତି। ମୁଁ ଯେମିତି ଦୁଷ୍ଟ ଲୋକମାନଙ୍କ
ଦ୍ୱାରା ଧରାନଯାଏ।
12 ଏକଥା ସେମାନଙ୍କର କବର ଉପରେ ଲେଖିଦିଅ, "ଏହି
ଲୋକମାନେ ଦୁଷ୍ଟ ଲୋକ ଅଟନ୍ତି। ଏମାନେ ସମସ୍ତେ
ଅଧପତିତ ହୋଇଛନ୍ତି। ଏମାନେ ଆଉ ପୁନର୍ବାର ଉଠିବେ
ନାହିଁ।"

## ଗୀତ 37

*ଦାଉଦଙ୍କର ଗୀତ।*

1 ଦୁଷ୍ଟ ଲୋକମାନଙ୍କ କଥାରେ ହତାଶ ହେବାର ଆବଶ୍ୟକତା
ନାହିଁ। ଯେଉଁମାନେ କୁକର୍ମ କରିଛନ୍ତି, ସେହି ଲୋକମାନଙ୍କ
ଉପରେ ଈର୍ଷା କରନାହିଁ।
2 ଦୁଷ୍ଟ ଲୋକମାନେ ଘାସ ଓ ସବୁଜ ଲତା ତୁଲ୍ୟ ଯାହା
ଖୁବ୍ ଶୀଘ୍ର ଧୂସର ହୋଇ ମରିଯାଏ।
3 ଯଦି ତୁମ୍ଭେ ସଦାପ୍ରଭୁଙ୍କ ଉପରେ ବିଶ୍ୱାସ ରଖିବ ଓ
ସୁକର୍ମ କରିବ ତୁମ୍ଭେ ତା'ହେଲେ ଆନନ୍ଦରେ ରହିବ ଓ
ଅନେକ ଜିନିଷ ଉପଭୋଗ କରିବ ଯାହା ସେହି ଭୂମିରୁ
ତୁମ୍ଭେ ପାଇବ।
4 ସଦାପ୍ରଭୁଙ୍କଠାରେ ପ୍ରାର୍ଥନା କରିବାର ସୁଖ ଭୋଗକର
ତହିଁରେ ସେ ତୁମ୍ଭର ଇଚ୍ଛା ପୂରଣ କରିବେ।
5 ସଦାପ୍ରଭୁଙ୍କ ଉପରେ ନିର୍ଭର ରଖ। ତାଙ୍କୁ ବିଶ୍ୱାସ କର
ଓ ସେ ନିଶ୍ଚୟ ଯାହା କରିବା କଥା ସଫଳ କରିବେ।
6 ତୁମ୍ଭର ସାଧୁତା ଓ ନ୍ୟାୟପ୍ରିୟତା ମଧ୍ୟାହ୍ନର ସୂର୍ଯ୍ୟ କିରଣ
ଭଳି ଉଜ୍ଜ୍ୱଳ ଆଲୋକ ପ୍ରଦାନ କରୁ।
7 ସଦାପ୍ରଭୁଙ୍କୁ ବିଶ୍ୱାସ କର ଓ ତାଙ୍କ ସାହାଯ୍ୟ ପାଇଁ
ଅପେକ୍ଷା କର। ହତାଶ ହୁଅ ନାହିଁ। ଯେତେବେଳେ ଦୁଷ୍ଟ
ଲୋକମାନଙ୍କ ମନ୍ଦ କାର୍ଯ୍ୟ ସଫଳ ହୁଏ। ହତାଶ ହୁଅ
ନାହିଁ ଯେତେବେଳେ ଦୁଷ୍ଟ ଲୋକମାନେ ମନ୍ଦ କାର୍ଯ୍ୟ
କରିବାକୁ ମନ୍ତ୍ରଣା କରି ସେମାନଙ୍କର ଯୋଜନାରେ ସଫଳ
ହୁଅନ୍ତି।
8 କ୍ରୋଧ ତ୍ୟାଗ କର। କୋପ ତ୍ୟାଗ କର। ଏତେ
ଅଧୈର୍ଯ୍ୟ ହୁଅ ନାହିଁ, ଯାହାଫଳରେ ତୁମ୍ଭେ ମଧ୍ୟ ମନ୍ଦକାର୍ଯ୍ୟ
କରି ବସିବ।
9 କାରଣ ଦୁଷ୍ଟ ଲୋକମାନେ ଧ୍ୱଂସ ପାଇବେ କିନ୍ତୁ ଯେଉଁ
ଲୋକମାନେ ସଦାପ୍ରଭୁଙ୍କ ନିକଟରେ ସାହାଯ୍ୟ ପାଇଁ
ପ୍ରାର୍ଥନା କରନ୍ତି, ସେମାନେ ସମଗ୍ର ଭୂମିକୁ ନିୟନ୍ତ୍ରଣ
କରିପାରିବେ। ଏହା ପରମେଶ୍ୱର ସେମାନଙ୍କଠାରେ ପ୍ରତିଜ୍ଞା
କରିଛନ୍ତି।
10 ଆଉ ଅଳ୍ପ ଦିନପରେ ଦୁଷ୍ଟ ଲୋକମାନେ ନ ଥିବେ।
ତୁମ୍ଭେ ସେମାନଙ୍କୁ ଖୋଜିଲେ ବି ଆଉ ପାଇବ ନାହିଁ
କାରଣ ସେମାନେ ଆଉ ନ ଥିବେ।
11 ପରମେଶ୍ୱର ସେମାନଙ୍କୁ ପ୍ରତିଜ୍ଞା କରିଥିଲେ ଯେ, ନମ୍ର
ଲୋକମାନେ ଭୂମି ପାଇବେ ଓ ସେମାନେ ଶାନ୍ତି
ଉପଭୋଗ କରିବେ।
12 ପାପିଷ୍ଠ ଲୋକମାନେ ଧର୍ମାତ୍ମାମାନଙ୍କ ବିରୁଦ୍ଧରେ କୁମନ୍ତ୍ରଣା
କରନ୍ତି। ସେହି ଅଧର୍ମୀ ଲୋକମାନେ ଧାର୍ମିକମାନଙ୍କୁ
ଦେଖି ସେମାନଙ୍କ କ୍ରୋଧ ଦେଖାନ୍ତି ଓ ରାଗରେ ଦାନ୍ତ
କଡ଼ମଡ଼ କରି ଥାଆନ୍ତି।
13 କିନ୍ତୁ ଆମ୍ଭମାନଙ୍କର ପ୍ରଭୁ ସେହି ଦୁଷ୍ଟ ଲୋକମାନଙ୍କୁ
ଦେଖି ପରିହାସ କରିବେ। ସେ ଦେଖନ୍ତି ଯେ ସେହି
ଦୁଷ୍ଟ ଲୋକମାନଙ୍କର ଦିନ ସରି ଆସୁଛି।
14 ଦୁଷ୍ଟ ଲୋକମାନେ ଖଣ୍ଡାଧରି ଧନୁ ତୀର ଧରି ବାହାରି
ପଡ଼ନ୍ତି। ସେମାନେ ଦୁଃଖୀ ଓ ଅସହାୟ ଲୋକମାନଙ୍କୁ
ହତ୍ୟା କରିବାକୁ ଚାହାଁନ୍ତି। ସେମାନେ ସିଦ୍ଧ ଓ ଧାର୍ମିକ
ଲୋକମାନଙ୍କୁ ନିପାତ କରିବାକୁ ଚାହାଁନ୍ତି।
15 କିନ୍ତୁ ସେମାନଙ୍କର ଧନୁ ଭାଙ୍ଗିଯିବ। ସେମାନଙ୍କର ଖଣ୍ଡା
ସେମାନଙ୍କର ନିଜ ହୃଦୟରେ ପ୍ରବେଶ କରିବ।
16 ଧାର୍ମିକ ଲୋକମାନଙ୍କ ମଧ୍ୟରେ ଅଳ୍ପ ଥିଲେ ବି ତାହା
ଦୁଷ୍ଟ ଲୋକମାନଙ୍କ ମଧ୍ୟରେ ଥିବା ଧନୀ ଲୋକମାନଙ୍କ
ଅପେକ୍ଷା ଉତ୍ତମ ଅଟେ।
17 କାରଣ ଦୁଷ୍ଟ ଲୋକମାନେ ଧ୍ୱଂସ ପାଇବେ। କିନ୍ତୁ
ସଦାପ୍ରଭୁ ଧାର୍ମିକ ବ୍ୟକ୍ତିମାନଙ୍କୁ ରକ୍ଷା କରିବେ।
18 ସଦାପ୍ରଭୁ ସର୍ବଦା ସିଦ୍ଧ ଲୋକମାନଙ୍କୁ ସାହାଯ୍ୟ ଓ
ସେମାନଙ୍କର ସାରା ଜୀବନ ରକ୍ଷା କରନ୍ତି। ସେମାନଙ୍କର
ଅଧିକାର ଅନନ୍ତକାଳ ସ୍ଥାୟୀ ରୁହେ।
19 ଯେତେବେଳେ ବିପଦ ଆସେ ସେତେବେଳେ ଧାର୍ମିକ
ଲୋକମାନେ ଧ୍ୱଂସ ହେବେ ନାହିଁ। ଯେତେବେଳେ ଦୁର୍ଭିକ୍ଷ

ପଡ଼ିବ ସେତେବେଳେ ଧାର୍ମିକ ଲୋକ ପ୍ରଚୁର ଖାଦ୍ୟ
ପାଇବେ।
20 କିନ୍ତୁ ଦୁଷ୍ଟ ଲୋକମାନେ ହେଉଛନ୍ତି ସଦାପ୍ରଭୁଙ୍କର ଶତ୍ରୁ
ଓ ସେହି ଦୁଷ୍ଟ ଲୋକମାନେ ଧ୍ୱଂସ ପାଇବେ। ସେମାନଙ୍କର
ଉପତ୍ୟକା ସବୁ ଶୁଖି ଜଳିଯିବ। ସେମାନେ ସଂପୂର୍ଣ୍ଣ ଭାବେ
ଧ୍ୱଂସ ପାଇବେ।
21 ଦୁଷ୍ଟ ଲୋକ ଖୁବ୍ ଶୀଘ୍ର ଟଙ୍କା ଋଣ କରେ ଓ କେବେ
ତାକୁ ପରିଶୋଧ କରେ ନାହିଁ। କିନ୍ତୁ ଧାର୍ମିକ ବ୍ୟକ୍ତି
ତାକୁ ଅନ୍ୟମାନଙ୍କୁ ବାଣ୍ଟି ଦିଏ।
22 ଯଦି ଜଣେ ଧାର୍ମିକ ବ୍ୟକ୍ତି ଲୋକମାନଙ୍କୁ ଆଶୀର୍ବାଦ
କରେ ତା'ହେଲେ ପରମେଶ୍ୱରଙ୍କ ପ୍ରତିଜ୍ଞା ମୁତାବକ
ସେମାନେ ଭୂମି ପାଇବେ। କିନ୍ତୁ ଯଦି ସେମାନେ କୁକର୍ମ
ସବୁ ଘଟୁ ବୋଲି କୁହନ୍ତି, ସେହି ଲୋକମାନେ ଧ୍ୱଂସ
ହେବେ।
23 ସଦାପ୍ରଭୁ ଧାର୍ମିକ ବ୍ୟକ୍ତିକୁ ସତ୍‌ମାର୍ଗରେ ଜୀବନ ଧାରଣ
କରିବା ପାଇଁ ସାହାଯ୍ୟ କରନ୍ତି। ଯେତେବେଳେ ସେ
ତାହା କରେ, ସଦାପ୍ରଭୁ ଖୁସୀ ହୁଅନ୍ତି।
24 ସେମାନେ ଝୁଣ୍ଟି ପଡିବେ ନାହିଁ କାରଣ ସଦାପ୍ରଭୁ ସେମାନଙ୍କୁ
ସମର୍ଥନ କରନ୍ତି।
25 ମୁଁ ଯୁବା ଥିଲି ଓ ବର୍ତ୍ତମାନ ବୁଢ଼ା ହେଲିଣି ଓ ମୁଁ
କେବେ ଦେଖିନାହିଁ ପରମେଶ୍ୱର ଧାର୍ମିକ ଲୋକଙ୍କୁ ପରିତ୍ୟାଗ
କରନ୍ତି। ମୁଁ କେବେ ଦେଖି ନାହିଁ ଯେ, ଧାର୍ମିକ
ବ୍ୟକ୍ତିଙ୍କର ପିଲାମାନେ ଖାଦ୍ୟ ପାଇଁ ଭିକ୍ଷାବୃତ୍ତି କରନ୍ତି।
26 ଧାର୍ମିକ ବ୍ୟକ୍ତି ସବୁକିଛି ଅନ୍ୟମାନଙ୍କୁ ଦେଇଦିଏ। ତେଣୁ
ତା'ର ପିଲାମାନେ ଏକ ଆଶୀର୍ବାଦସୂଚକ।
27 ତୁମ୍ଭେ ଯଦି ମନ୍ଦକାର୍ଯ୍ୟ କରିବାକୁ ମନା କର ଓ ଯଦି
ତୁମ୍ଭେ ଭଲକାର୍ଯ୍ୟ କର, ତା'ହେଲେ ତୁମ୍ଭେ ନିଶ୍ଚୟ
ଚିରଦିନ ପାଇଁ ବଞ୍ଚି ରହିବ।
28 ସଦାପ୍ରଭୁ ନ୍ୟାୟକୁ ଭଲ ପାଆନ୍ତି ଓ ତାଙ୍କର ବିଶ୍ୱସ୍ତ
ଅନୁସରଣକାରୀମାନଙ୍କୁ ପରିତ୍ୟାଗ କରନ୍ତି ନାହିଁ, ତେଣୁ
ସେମାନେ ଚିରଦିନ ସୁରକ୍ଷିତ। କିନ୍ତୁ ଦୁଷ୍ଟ ଲୋକମାନେ
ଧ୍ୱଂସ ହେବେ।
29 ଧାର୍ମିକ ଲୋକମାନେ ପରମେଶ୍ୱରଙ୍କ ମୁତାବକ ରାଜ୍ୟ
ପାଇବେ। ସେମାନେ ସେଠାରେ ଚିରଦିନ ବାସ କରିବେ।
30 ଧାର୍ମିକ ବ୍ୟକ୍ତି ଜ୍ଞାନର ଉପଦେଶ ଦିଏ। ତା'ର ନିଷ୍ପତ୍ତି
ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରେ।
31 ସେ ସଦାପ୍ରଭୁଙ୍କ ଉପଦେଶ ସବୁ ଶିଖିଥାଏ। ତେଣୁ ସେ
କେବେହେଲେ ସେହି ପଥରୁ ବିଚ୍ୟୁତ ହେବ ନାହିଁ।
32 ଦୁଷ୍ଟ ଲୋକମାନେ ଧାର୍ମିକ ଲୋକମାନଙ୍କୁ ସବୁବେଳେ
ମାରିବାକୁ ଜଗି ବସିଥାଆନ୍ତି।
33 ସଦାପ୍ରଭୁ କେବେହେଲେ ଦୁଷ୍ଟ ଲୋକମାନଙ୍କ ହସ୍ତରେ
ଧାର୍ମିକ ଲୋକମାନଙ୍କୁ ଛାଡ଼ି ଦେବେ ନାହିଁ। ପରମେଶ୍ୱର
କେବେହେଲେ ଧାର୍ମିକ ଲୋକମାନଙ୍କୁ ଦୋଷୀ ସାବ୍ୟସ୍ତ
କରିବେ ନାହିଁ।
34 ସଦାପ୍ରଭୁଙ୍କର ଅନୁସରଣ କର ଓ ତାଙ୍କ ସାହାଯ୍ୟ ପାଇଁ
ଅପେକ୍ଷା କର। ସଦାପ୍ରଭୁ ତୁମ୍ଭକୁ ନିଶ୍ଚିତ ବିଜୟୀ
କରାଇବେ ଓ ପରମେଶ୍ୱରଙ୍କ ପ୍ରତିଜ୍ଞା ମୁତାବକ ତୁମ୍ଭେ
ତୁମ୍ଭର ରାଜ୍ୟ ଫେରି ପାଇବ, ସେତେବେଳେ ଦୁଷ୍ଟ
ଲୋକମାନେ ସେ ରାଜ୍ୟ ଛାଡ଼ି ଚାଲିଯିବେ।
35 ମୁଁ ଜଣେ ଦୁଷ୍ଟ ଲୋକଙ୍କୁ ଦେଖିଲି ଯିଏକି ଅତି
ଶକ୍ତିଶାଳୀ ଥିଲା। ସେ ଏକ ପୂର୍ଣ୍ଣାଙ୍ଗ ବୃକ୍ଷ ଭଳି
ଶକ୍ତିଶାଳୀ ଥିଲା।
36 କିନ୍ତୁ ସେ ଆଜି ନାହିଁ। ମୁଁ ତାଙ୍କୁ ଅନେକ ସ୍ଥାନରେ
ଖୋଜିଲି କିନ୍ତୁ ତାଙ୍କୁ ପାଇଲି ନାହିଁ।
37 ସିଦ୍ଧ ଓ ଧାର୍ମିକ ଲୋକ ହୁଅ। ଯେଉଁମାନେ ଶାନ୍ତିକୁ
ଭଲପାଆନ୍ତି ସେମାନଙ୍କର ଅନେକ ବଂଶଧର ବଢି ଚାଲିବ।
38 କିନ୍ତୁ ଅଧର୍ମାଚାରୀ ଲୋକମାନେ ସଂପୂର୍ଣ୍ଣ ଧ୍ୱଂସ ପାଇବେ ଓ
ସେମାନଙ୍କର ବଂଶଧରମାନେ ସେହି ସ୍ଥାନ ଛାଡ଼ିବାକୁ
ବାଧ୍ୟ ହେବେ।
39 ସଦାପ୍ରଭୁ ସର୍ବଦା ଧାର୍ମିକ ଲୋକଙ୍କୁ ରକ୍ଷା କରନ୍ତି।
ସଦାପ୍ରଭୁ ହିଁ ସେହି ଧାର୍ମିକ ଲୋକମାନଙ୍କର ସଂକଟ
ସମୟରେ ଏକମାତ୍ର ବଳ। ଯେତେବେଳେ ସେମାନେ
ଅସୁବିଧାରେ ପଡନ୍ତି।
40 ସଦାପ୍ରଭୁ ଧାର୍ମିକ ଲୋକମାନଙ୍କୁ ସାହାଯ୍ୟ କରନ୍ତି ଓ
ସେମାନଙ୍କୁ ରକ୍ଷା କରନ୍ତି। ସଦାପ୍ରଭୁ ସେହି ଲୋକମାନଙ୍କୁ
ଦୁଷ୍ଟ ଲୋକଙ୍କ କବଳରୁ ରକ୍ଷା କରନ୍ତି କାରଣ ସେମାନେ
ତାଙ୍କ ଉପରେ ନିର୍ଭରଶୀଳ।

## ଗୀତ 38

*ଦାଉଦଙ୍କ ସ୍ମରଣୀୟ ଗୀତ।*

1 ହେ ସଦାପ୍ରଭୁ, ମୋତେ ଆପଣା କୋପରେ ଅନୁଯୋଗ
କର ନାହିଁ। କିଅବା ମୋତେ ତୁମ୍ଭେ କ୍ରୋଧାନ୍ୱିତ ହୋଇ
ଦଣ୍ଡ ଦିଅ ନାହିଁ।
2 ହେ ସଦାପ୍ରଭୁ, ତୁମ୍ଭେ ମୋତେ ଆଘାତ କରିଛ। ତୁମ୍ଭର
ତୀର ମୋର ଅନ୍ତଃସ୍ଥଳକୁ ବିଦ୍ଧ କରିଛି।
3 ତୁମ୍ଭେ ମୋତେ ଦଣ୍ଡ ଦେଲ। ବର୍ତ୍ତମାନ ମୋର ସମସ୍ତ
ଶରୀର କମ୍ପୁଅଛି। ମୋର ପାପ ଲାଗି ତୁମ୍ଭେ ମୋତେ
ଦଣ୍ଡ ଦେଲ, ତେଣୁ ମୋର ଅସ୍ଥିରେ କିଛି ଆରାମ ନାହିଁ।
4 ମୁଁ ପାପ କରିଛି, ମନ୍ଦ କାର୍ଯ୍ୟ କରି ସେହି ପାପ
ମୋତେ ଓଜନ ଲାଗୁଛି। ମୁଁ ଅତ୍ୟନ୍ତ ଲଜ୍ଜିତ। ମୁଁ ମୁଣ୍ଡ
ଉପରକୁ ଟେକିପାରୁ ନାହିଁ।
5 ମୁଁ ଏକ ମୂର୍ଖାମୀ କାର୍ଯ୍ୟ କରିଛି। ମୋର ଅଜ୍ଞାନତା
ଯୋଗୁ ମୋର କ୍ଷତ ସବୁ ଦୁର୍ଗନ୍ଧି ଓ ବିକୃତ ହୋଇଛି।
6 ମୁଁ ଆଜି ନଇଁ ଯାଇଛି। ଭାଙ୍ଗି ପଡ଼ିଛି ସାରାଦିନ ମୁଁ
ବ୍ୟଥିତ ହୋଇଛି।
7 ମୋର ଶରୀର ଜ୍ୱାଳାରେ ପରିପୂର୍ଣ୍ଣ ଥିଲା। ମୋର ସମସ୍ତ
ଶରୀର ଯନ୍ତ୍ରଣାରେ ଛଟପଟ ହେଉଥିଲା।
8 ମୋତେ ଏତେ କଷ୍ଟ ହେଉଥିଲା, ମୁଁ କିଛି ଅନୁଭବ
କରିପାରୁ ନଥିଲି। ମୁଁ ହୃଦୟର ଅସ୍ଥିରତା ହେତୁରୁ
ଆର୍ତ୍ତନାଦ କରୁଥିଲି।
9 ହେ ମୋର ପ୍ରଭୁ, ତୁମ୍ଭେ ମୋର ପ୍ରାର୍ଥନା ଶୁଣିଲ। ତୁମ୍ଭେ
ମୋର ଆର୍ତ୍ତନାଦ ଶୁଣିଲ।
10 ମୋର ହୃଦୟ ବିଦିର୍ଣ୍ଣ ହେଉଅଛି। ମୋର ବଳସବୁ କ୍ଷୀଣ
ହୋଇଗଲାଣି ଓ ମୁଁ ଅନ୍ଧ ହୋଇଯାଉଛି।

11 ମୋର ରୋଗଯୋଗୁଁ ମୋର ବନ୍ଧୁ ଓ ପଡ଼ୋଶୀମାନେ
ମୋତେ ଦେଖା କରିବାକୁ ଆସନ୍ତି ନାହିଁ। ମୋର
ପରିବାରବର୍ଗ ମୋଠାରୁ ଦୂରେଇ ରହନ୍ତି।
12 ମୋର ଶତ୍ରୁମାନେ ମୋ ବିଷୟରେ ଖରାପ କଥା
କହନ୍ତି। ସେମାନେ ମିଛ ଓ ଗୁଜବ ସୃଷ୍ଟି କରନ୍ତି।
ସେମାନେ ସବୁବେଳେ ମୋ ବିଷୟରେ ଆଲୋଚନା
କରନ୍ତି।
13 ମୁଁ ଏକ ବଧୀର ବ୍ୟକ୍ତି ତୁଲ୍ୟ, ଯିଏ ଶୁଣିପାରେ ନାହିଁ।
ମୁଁ ଏକ ମୂକ ବ୍ୟକ୍ତି ତୁଲ୍ୟ, ଯିଏ କଥା କହିପାରେ
ନାହିଁ।
14 ମୁଁ ଜଣେ ବଧୀର ବ୍ୟକ୍ତି ପରି ଯିଏ, ପ୍ରତ୍ୟେକ
ଲୋକମାନେ ଯାହା କହନ୍ତି ସର୍ବଦା ଶୁଣିପାରେ ନାହିଁ। ମୁଁ
ସେମାନଙ୍କ ସହିତ ଯୁକ୍ତି ଏବଂ ପ୍ରମାଣ କରିପାରିବି ନାହିଁ
କାରଣ ମୋର ଶତ୍ରୁମାନେ ଭୁଲ୍ କରୁଛନ୍ତି।
15 ତେଣୁ, ହେ ସଦାପ୍ରଭୁ ତୁମ୍ଭେ ମୋତ ନିଶ୍ଚୟ ସହାୟ
ହେବ। ହେ ପରମେଶ୍ୱର ମୋର ସଦାପ୍ରଭୁ ତୁମ୍ଭେ ମୋ
ପାଇଁ ନିଶ୍ଚୟ କହିବ।
16 ଯଦି ମୁଁ କିଛି କହେ, ମୋର ଶତ୍ରୁମାନେ ମୋତେ
ପରିହାସ କରିବେ। ସେମାନେ ଦେଖିବେ ଯେ, ମୁଁ ଅସୁସ୍ଥ
ଅଛି ଓ କହିବେ ମୁଁ ପାପ କଲି। ସେମାନେ କହିବେ,
ପରମେଶ୍ୱର ମୋତେ ଦଣ୍ଡ ଦେଉଛନ୍ତି।
17 ମୁଁ ଜାଣେ ମୁଁ ପାପର ଶାସ୍ତି ଭୋଗୁଛି, ମୁଁ ମୋର
ଯନ୍ତ୍ରଣାକୁ ଭୁଲିପାରିବି ନାହିଁ।
18 ହେ ସଦାପ୍ରଭୁ, ମୁଁ କହେ, ମୁଁ ଯେଉଁ ମନ୍ଦ କାର୍ଯ୍ୟ
କରିଛି, ମୁଁ ସ୍ୱୀକାର କରେ ଯାହା ପାପ ମୁଁ କରିଛି। ମୁଁ
ମୋର ପାପଗୁଡ଼ିକ ପାଇଁ ବାସ୍ତବରେ ଦୁଃଖିତ।
19 ମୋର ଶତ୍ରୁମାନେ ସତେଜ ଓ ବଳବାନ ଅଟନ୍ତି।
ସେମାନେ ଅନେକ ଥର ମିଥ୍ୟା କହିଛନ୍ତି।
20 ମୋର ଶତ୍ରୁମାନେ ମୋ ପ୍ରତି ମନ୍ଦ ଆଚରଣ କରନ୍ତି।
କିନ୍ତୁ ମୁଁ ସେମାନଙ୍କ ପ୍ରତି ଉତ୍ତମ ବ୍ୟବହାର କରେ। ମୁଁ
ସବୁବେଳେ ଉତ୍ତମ କାର୍ଯ୍ୟ କରିବାକୁ ଚେଷ୍ଟା କରେ।
କିନ୍ତୁ ସେହି ଲୋକମାନେ ତଥାପି ମୋ ବିରୁଦ୍ଧରେ
ଯାଆନ୍ତି।
21 ହେ ସଦାପ୍ରଭୁ, ମୋତେ ପରିତ୍ୟାଗ କରନାହିଁ। ହେ
ମୋର ପରମେଶ୍ୱର ମୋର ନିକଟରେ ରୁହ।
22 ଶୀଘ୍ର ଆସ ଓ ମୋତେ ସାହାଯ୍ୟ କର। ହେ ମୋର
ପରମେଶ୍ୱର ମୋତେ ଉଦ୍ଧାର କର।

## ଗୀତ 39

*ପ୍ରଧାନ ବାଦ୍ୟକାର ନିମନ୍ତେ ଯିଦୂଥୂନ୍ ପାଇଁ ଦାଉଦଙ୍କର ଗୀତ।*

1 ମୁଁ କହିଲି, "ମୁଁ ଏଣିକି ଯାହା ବିଷୟରେ କହିବି
ସାବଧାନ ହେବି। ମୁଁ ମୋର ଜିହ୍ୱାକୁ ପାପ କରିବାକୁ
ସୁଯୋଗ ଦେବି ନାହିଁ। ମୁଁ ଯେତେବେଳେ ଦୁଷ୍ଟ ଲୋକଙ୍କ
ଗହଣରେ ଥିବି, ମୁଁ ମୋର ମୁଖକୁ ବନ୍ଦ ରଖିବି।"
2 ତେଣୁ ମୁଁ କିଛି କହିଲି ନାହିଁ। ଏପରିକି ମୁଁ କିଛି ଭଲ
କଥା ମଧ୍ୟ କହିବି ନାହିଁ। କିନ୍ତୁ ଏହା ଦ୍ୱାରା ମୁଁ ଅଧିକ
କ୍ରୋଧୀ ହେଲି।
3 ମୁଁ ଅତି କ୍ରୋଧିତ ଥିଲି। ମୁଁ ଯେତେବେଳେ ମୋର
କ୍ରୋଧ ବିଷୟରେ ଭାବିଲି ଆହୁରି ଅଧିକ କ୍ରୋଧୀ ହେଲି।
ତେଣୁ ମୁଁ ଜିହ୍ୱାରେ କିଛି କହି ପକାଇଲି।
4 ହେ ସଦାପ୍ରଭୁ, ତୁମ୍ଭେ ମୋତେ କୁହ ବର୍ତ୍ତମାନ
ମୋର ଅବସ୍ଥା କ'ଣ ହେବ? ମୋତେ ତୁମ୍ଭେ କୁହ ମୁଁ
ଆଉ କେତେ ଦିନ ବଞ୍ଚିବି? ମୋତେ ତୁମ୍ଭେ ଜଣାଅ
ପ୍ରକୃତରେ ମୋର ଜୀବନକାଳ ଆଉ କେତେ
ଦିନ ଅଛି।
5 ହେ ସଦାପ୍ରଭୁ, ତୁମ୍ଭେ ମୋତେ ଗୋଟିଏ କ୍ଷଣସ୍ଥାୟୀ
ଜୀବନ ଦେଇଛ। ମୋର କ୍ଷଣସ୍ଥାୟୀ ଜୀବନ ତୁମ୍ଭ
ତୁଳନାରେ କିଛି ନୁହେଁ। ପ୍ରତ୍ୟେକ ଲୋକର ଜୀବନ
ଏକ ମେଘଖଣ୍ଡ ସଦୃଶ ଯାହାକି ଖୁବ୍ ଶୀଘ୍ର ଭାସିଯାଏ,
କେହି ଚିରଦିନ ବଞ୍ଚିରହେ ନାହିଁ।
6 ଆମ୍ଭର ଜୀବନ ହେଉଛି ଏକ ଦର୍ପଣର ପ୍ରତିବିମ୍ବ ସଦୃଶ।
ଆମ୍ଭେ ଜୀବନସାରା ବସ୍ତୁ ପଛରେ ଧାଇଁ ଧାଇଁ କଟାଇ
ଦେଉ। କିନ୍ତୁ ଆମ୍ଭେ ଜାଣୁନା ଆମ୍ଭର ମୃତ୍ୟୁପରେ ସେ
ସବୁକୁ କିଏ ପାଇବ।
7 ହେ ମୋର ପ୍ରଭୁ, ମୋର ଆଉ କ'ଣ ଆଶା ଅଛି?
ତୁମ୍ଭେ ମୋର ସମସ୍ତ ଆଶା ଓ ଭରସା।
8 ହେ ସଦାପ୍ରଭୁ, ତୁମ୍ଭେ ମୋତେ ସମସ୍ତ ଅଧର୍ମରୁ ଉଦ୍ଧାର
କର। ମୋତେ ମୂର୍ଖ ଲୋକମାନଙ୍କ ଦ୍ୱାରା ନିନ୍ଦାପାତ୍ର କର
ନାହିଁ।
9 ମୁଁ ମୋର ପାଟି ଖୋଲି ନାହିଁ। ମୁଁ କିଛି କହି ନାହିଁ।
ହେ ସଦାପ୍ରଭୁ ତୁମ୍ଭେ ଯାହା କରିବା କଥା ତାହା କରିଛ।
10 ହେ ପରମେଶ୍ୱର, ମୋତେ ଆଉ ଦଣ୍ଡ ଦିଅ ନାହିଁ। ଯଦି
ତୁମ୍ଭେ ମୋତେ ଦଣ୍ଡ ଦେବା ବନ୍ଦ କରିବ ନାହିଁ, ତୁମ୍ଭେ
ମୋତେ ଧ୍ୱଂସ କରିଦେବ।
11 ହେ ସଦାପ୍ରଭୁ, ଯେଉଁମାନେ ଅପରାଧ କରନ୍ତି, ସେମାନଙ୍କୁ
ତୁମ୍ଭେ ଦଣ୍ଡ ଦିଅ। ଉଚିତ ଶିକ୍ଷା ଦେବା ପାଇଁ ଓ
ସତ୍ମାର୍ଗରେ ଯିବା ପାଇଁ କୀଟ ଯେପରି ଲୁଗାକୁ ନଷ୍ଟ
କରିଦିଏ, ସେହିଭଳି ତୁମ୍ଭେ ସେହି ବ୍ୟକ୍ତିଙ୍କର ମୂଲ୍ୟବାନ୍
ବସ୍ତୁକୁ ଧ୍ୱଂସ କର। ହିଁ, ଆମ୍ଭର ଜୀବନ ସବୁ
ହେଉଛି, ଛୋଟିଆ ବାଦଲ ଖଣ୍ଡ ପରି ଯାହା ଖୁବ୍ ଶୀଘ୍ର
ମିଳାଇ ଯାଏ।
12 ହେ ସଦାପ୍ରଭୁ ମୋର ପ୍ରାର୍ଥନା ଶୁଣ। ମୁଁ ଯାହା ରୋଦନ
କରି ତୁମ୍ଭକୁ କହୁଛି, ତାହା ତୁମ୍ଭେ ଶୁଣ। ମୋର
ଲୋତକକୁ ଗ୍ରହିଁ, ମୁଁ ଜଣେ ପଥିକ ଯିଏ କି ତୁମ୍ଭ
ସହିତ ଜୀବନ କଟାଉଛି। ମୋର ପୂର୍ବପୁରୁଷମାନଙ୍କ ପରି
ମୁଁ ମଧ୍ୟ ଏଠାରେ ଅଳ୍ପଦିନ ବଞ୍ଚିବି।
13 ହେ ସଦାପ୍ରଭୁ, ମୋତେ ତୁମ୍ଭେ ଏକୁଟିଆ ଛାଡ଼ିଦିଅ ଓ ମୁଁ
ମୃତ୍ୟୁମୁଖରେ ପଡ଼ି ନିଶ୍ଚିହ୍ନ ହେବା ପୂର୍ବରୁ ମୋତେ ତୁମ୍ଭେ
ପ୍ରଫୁଲ୍ଲ ରଖ।

## ଗୀତ 40

*ପ୍ରଧାନ ବାଦ୍ୟକର ନିମନ୍ତେ ଦାଉଦଙ୍କର ଗୀତ।*

1 ମୁଁ ସଦାପ୍ରଭୁଙ୍କୁ ଡ଼ାକିଲି, ସେ ମୋର ଡ଼ାକ ଓ କ୍ରନ୍ଦନ
ଧ୍ୱନି ଶୁଣିଲେ।

2 ସଦାପ୍ରଭୁ ମୋତେ ମୃତ୍ୟୁ ଗୁମ୍ଫାରୁ ଉଠାଇଲେ। ସେ ମୋତେ ସେହ ମାଟିର କବର ମଧରୁ ଉଠାଇ ଆଣିଲେ। ସେ ମୋତେ ଟେକ ଧରଲେ। ମୋତେ, ମୋର ପାଦ ତଳକୁ ଖସିଯିବା ପୂର୍ବରୁ ଶକ୍ତ ଭୂମିରେ ସ୍ଥାପନ କଲେ।

3 ସଦାପ୍ରଭୁ ମୋ ମୁଖରେ ଏକ ନୂତନ ଗୀତ ଉଚ୍ଚାରଣ କଲେ। ସେହ ଗୀତଟି ପରମେଶ୍ୱରଙ୍କ ପ୍ରଶଂସାରେ ପରପୂର୍ଣ୍ଣ ଥିଲା। ଅନେକ ଲୋକ ଦେଖିବେ ମୋ ପ୍ରତି ଯାହା ସବୁ ଘଟିଗଲା, ଯାହାଫଳରେ ସେମାନେ ପରମେଶ୍ୱରଙ୍କୁ ଉପାସନା କରବେ। ସେମାନେ ସଦାପ୍ରଭୁଙ୍କୁ ବଶ୍ୱାସ କରବେ।

4 ଯଦ ଜଣେ ସଦାପ୍ରଭୁଙ୍କୁ ବଶ୍ୱାସ କରେ, ସେହ ବ୍ୟକ୍ତିଟି ପ୍ରକୃତରେ ସୁଖୀ ହୁଏ। ଜଣେ ବ୍ୟକ୍ତ ପ୍ରକୃତରେ ଖୁସିରେ ରହେ, ଯଦ ସେ ପ୍ରେତମାନଙ୍କୁ କିଅବା ମିଥ୍ୟା ଦେବତାମାନଙ୍କୁ ଆଦର କର ନଥାଏ।

5 ହେ ସଦାପ୍ରଭୁ, ଆମ୍ଭମାନଙ୍କର ପରମେଶ୍ୱର, ତୁମ୍ଭେ ଅନେକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରଛ। ତୁମ୍ଭେ ଆମ୍ଭମାନଙ୍କ ପାଇଁ ଅନେକ ଆଶ୍ଚର୍ଯ୍ୟ ଯୋଜନାମାନ ରଖିଛ। କୌଣସି ବ୍ୟକ୍ତ ତାହା କେବେ ଗଣି ପାରବ ନାହିଁ। ମୁଁ ବାରମ୍ବାର ସେହସବୁ କଥା କହବ ଯାହାକୁ ଗଣିବା ଅସମ୍ଭବ।

6 ହେ ସଦାପ୍ରଭୁ, ତୁମ୍ଭେ ମୋତେ ଏହାକୁ ବୁଝିବାକୁ ସକ୍ଷମ କରଛ। ତୁମ୍ଭେ ବଳଦାନ ଓ ଶସ୍ୟ ନୈବେଦ୍ୟରେ ସନ୍ତୋଷ ନାହିଁ, ତୁମ୍ଭେ ପ୍ରକୃତରେ ହୋମବଳ ଓ ପାପାର୍ଥକବଳ ଚାହିଁ ନାହିଁ।

7 ତେଣୁ ମୁଁ କହଲ, “ମୁଁ ଉପସ୍ଥିତ ଅଛି, ମୋତେ ତୁମ୍ଭେ ନଅ। ଏହା ମୋ ବଷୟରେ ପୁସ୍ତକରେ ଲେଖାଯାଇଛି।

8 ହେ ମୋର ପରମେଶ୍ୱର, ତୁମ୍ଭେ ଯାହା ଚାହୁଁଛ, ମୁଁ ତାହା କରବାକୁ ଚାହୁଁଛି। ତୁମ୍ଭର ନୀତିଶିକ୍ଷା ମୋ’ ହୃଦୟରେ ଅଛି।

9 ମୁଁ ମହାସଭାରେ ତୁମ୍ଭର ବଜୟବାର୍ତ୍ତା ପ୍ରଚାର କରଅଛି। ହେ ସଦାପ୍ରଭୁ, ତାହା ତୁମ୍ଭେ ଜାଣ, ମୁଁ ଏହ ଶୁଭ ଖବର ପ୍ରଚାରରୁ କେବେ ହେଲେ ବରତ ରହବ ନାହିଁ।

10 ହେ ସଦାପ୍ରଭୁ ତୁମ୍ଭେ ଯେଉଁସବୁ ମଙ୍ଗଳ କାର୍ଯ୍ୟ କରଛ। ସେସବୁକୁ ମୁଁ ମୋର ହୃଦୟରେ ଗୋପନ କର ନାହିଁ। ହେ ସଦାପ୍ରଭୁ ମୋ ଲୋକମାନେ ତୁମ୍ଭ ଉପରେ ନର୍ଭର କଲେ ତୁମ୍ଭେ ସେମାନଙ୍କୁ ଉଦ୍ଧାର କରବ ବୋଲ ପ୍ରଚାର କରଅଛି। ମୁଁ ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଓ ସତ୍ୟତା ମହାସମାଜରୁ ଲୋକମାନଙ୍କଠାରୁ ଲୁଚାଇ ରଖି ନାହିଁ।

11 ତେଣୁ ହେ ସଦାପ୍ରଭୁ, ତୁମ୍ଭର ଦୟାକୁ ମୋଠାରେ ଲୁଚାଅ ନାହିଁ। ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଓ ସତ୍ୟତା ସର୍ବଦା ମୋତେ ରକ୍ଷା କରୁ।”

12 ଦୁଷ୍ଟ ଲୋକମାନେ ମୋ ଚାରକଡ଼ରେ ଘେର ରହଛନ୍ତ। ସେମାନେ ଅନେକ ଯାହାକ ଗଣିବା କଷ୍ଟକର। ମୋ ପାପ ମୋତେ ଧରାଇ ଦେଇଛି, ତେଣୁ ମୁଁ ମୋର ପାପରୁ ଉଦ୍ଧାର ପାଇପାରବ ନାହିଁ। ମୋର ପାପଗୁଡ଼କ ମସ୍ତକରେ ଥିବା କେଶ ସଂଖ୍ୟାଠାରୁ ଅଧିକ ଓ ମୋର ହୃଦୟ ମୋତେ ପରତ୍ୟାଗ କରଅଛି।

13 ହେ ସଦାପ୍ରଭୁ, ଅନୁଗ୍ରହ କର ମୋତେ ଉଦ୍ଧାର କର। ହେ ସଦାପ୍ରଭୁ ଶୀଘ୍ର ଆସ ଓ ମୋତେ ସାହାଯ୍ୟ କର।

14 ସେହ ଦୁଷ୍ଟ ଲୋକମାନେ ମୋ ପ୍ରାଣ ନାଶ ପାଇଁ ଉଦ୍ୟମ କରୁଛନ୍ତ। ହେ ସଦାପ୍ରଭୁ, ସେହ ଲୋକମାନଙ୍କୁ ଲଜ୍ଜିତ କର ସେମାନଙ୍କୁ ନରାଶ କର। ମୋ କ୍ଷତରେ ସନ୍ତୁଷ୍ଟ ଲଜ୍ଜିତ ହୁଅନ୍ତୁ।

15 ସେହ ଦୁଷ୍ଟ ଲୋକମାନେ ମୋତେ ପରହାସ କରଛନ୍ତ। ସେମାନେ କଥାବାର୍ତ୍ତା କରବାକୁ ବେଶି ଲଜ୍ଜିତ।

16 କନ୍ତୁ ଯେଉଁ ଲୋକମାନେ ତୁମ୍ଭ ନକଟକୁ ଆସନ୍ତ, ସେମାନେ ଖୁସି ଓ ଆନନ୍ଦତ ହୁଅନ୍ତୁ। ସେମାନଙ୍କର ତୁମ୍ଭର ସେବାରେ ହିଁ ଆନନ୍ଦ। ତେଣୁ ସେମାନେ ସର୍ବଦା ତୁମ୍ଭକୁ କୁହନ୍ତ, “ସଦାପ୍ରଭୁ ମହାନ୍।”

17 ହେ ସଦାପ୍ରଭୁ, ମୁଁ ଜଣେ ଗରବ ଓ ଅସହାୟ ଲୋକ ଅଟେ। ହେ ମୋର ପରମେଶ୍ୱର ଆଉ ବଳମ୍ବ କର ନାହିଁ। ମୋତେ ସାହାଯ୍ୟ କର ଓ ମୋତେ ଉଦ୍ଧାର କର।

## ଗୀତ 41

*ଦାଉଦଙ୍କର ଗୀତ।*

1 ଯେଉଁ ବ୍ୟକ୍ତ ଗରବ ଲୋକମାନଙ୍କୁ ସାହାଯ୍ୟ କରେ, ସେ ଅନେକ ଆଶୀର୍ବାଦ ପାଇବାକୁ ସକ୍ଷମ ହୁଏ। ଯେତେବେଳେ ବପଦ ଆସେ ସଦାପ୍ରଭୁ ସେହ ଲୋକକୁ ରକ୍ଷା କରନ୍ତ।

2 ସଦାପ୍ରଭୁ ସେହ ଲୋକକୁ ରକ୍ଷା କରନ୍ତ ଓ ତା’ର ଜୀବନ ବଞ୍ଚାନ୍ତ। ସେହ ବ୍ୟକ୍ତ ପୃଥିବୀରେ ଆଶୀର୍ବାଦ ପାଏ। ପରମେଶ୍ୱର ତା’ର ଶତ୍ରୁମାନଙ୍କ ଦ୍ୱାରା ତାକୁ ଧ୍ୱଂସ ହେବାକୁ ଦେବେ ନାହିଁ।

3 ସେହ ବ୍ୟକ୍ତିଟି ଯେତେବେଳେ ଅସୁସ୍ଥ ହୋଇ ଖଟରେ ପଡ଼ରହେ, ସଦାପ୍ରଭୁ ତାକୁ ବଳ ପ୍ରଦାନ କରନ୍ତ। ସେହ ବ୍ୟକ୍ତ ଅସୁସ୍ଥ ହୋଇ ବିଛଣାରେ ପଡ଼ଲେ, ସଦାପ୍ରଭୁ ତାକୁ ନଶ୍ଚୟ ଆରୋଗ୍ୟ କରନ୍ତ।

4 ମୁଁ କହଲ, “ହେ ସଦାପ୍ରଭୁ, ମୋ ପ୍ରତି ଦୟା କର। ମୁଁ ତୁମ୍ଭ ବରୁଦ୍ଧରେ ପାପ କରଛି, ତେଣୁ ମୋତେ କ୍ଷମା ଦଅ! ମୋ’ ପ୍ରାଣକୁ ସୁସ୍ଥ କର।”

5 ମୋର ଶତ୍ରୁମାନେ ମୋ ବଷୟରେ ଖରାପ କଥା କହନ୍ତ। ସେମାନେ କୁହନ୍ତ, “ସେ କେବେ ମରବ ଓ ତାହାର ନାମ ସଂପୂର୍ଣ୍ଣରୂପେ ଲୋପ ପାଇବ।”

6 ଲୋକମାନେ ମୋ ନକଟକୁ ଦେଖା କରବାକୁ ଆସନ୍ତ, କନ୍ତୁ ସେମାନେ କଛ କହନ୍ତ ନାହିଁ। ସେମାନେ କ’ଣ ସବୁ ପ୍ରକୃତରେ ଭାବନ୍ତ। ସେମାନେ ମୋ ନକଟକୁ କଛ ଖବର ଆଶାରେ ଆସନ୍ତ, ତା’ପରେ ସେମାନେ ଏଠାରୁ ଚାଲଯାଇ ନାନା ଗୁଜବ ପ୍ରଚାର କରନ୍ତ।

7 ମୋର ଶତ୍ରୁମାନେ ଫୁସ୍ ଫୁସ୍ କର ମୋ ବଷୟରେ କଥା ହୁଅନ୍ତ। ସେମାନେ ମୋ ବରୁଦ୍ଧରେ ଅନଷ୍ଟ କଳ୍ପନା କରନ୍ତ।

8 ସେମାନେ କହନ୍ତ, “ସେ ବୋଧହୁଏ କଛ ଖରାପ କାର୍ଯ୍ୟ କରଛି ଓ ସେଥିପାଇଁ ବେମାର ଅଛି। ମୁଁ ଆଶା କରୁଛ ସେ ଆଉ ଭଲ ହେବ ନାହିଁ।”

9 ମୋର ଅନ୍ତରଙ୍ଗ ବନ୍ଧୁ ମୋ ସହତ ଭୋଜନ କଲେ

ଏବଂ ମୁଁ ତାଙ୍କୁ ବିଶ୍ୱାସ କଲି। କିନ୍ତୁ ଦେଖ, ସେ ଆଜି
ମୋ ବିରୁଦ୍ଧରେ ଯାଉଛନ୍ତି।
10 ତେଣୁ ହେ ସଦାପ୍ରଭୁ, ମୋ ପ୍ରତି ଦୟା କର। ମୋତେ
ସୁସ୍ଥ ହେବାକୁ ଦିଅ, ତହିଁରେ ମୁଁ ସେମାନଙ୍କୁ ଉପଯୁକ୍ତ
ଜବାବ ଦେବି।
11 ହେ ସଦାପ୍ରଭୁ ମୋର ଶତ୍ରୁମାନଙ୍କୁ ମୋତେ ଆଘାତ
କରିବାକୁ ସୁଯୋଗ ଦିଅ ନାହିଁ। ତାହାହେଲେ ମୁଁ ଜାଣିବି
ଯେ ତୁମ୍ଭେ ମୋ ପ୍ରତି ସନ୍ତୁଷ୍ଟ ଅଛ।
12 ମୁଁ ନିରପରାଧ ଥିଲି। ତୁମ୍ଭେ ମୋତେ ସାହାଯ୍ୟ କରିଲ।
ତୁମ୍ଭେ ମୋତେ ଛିଡ଼ା ହେବାକୁ ସୁଯୋଗ ଦେଇ ତୁମ୍ଭର
ଚିରଦିନ ସେବା କରିବାକୁ ସୁଯୋଗ ଦେଲ।
13 ହେ ସଦାପ୍ରଭୁ, ତୁମ୍ଭେ ଇଶ୍ରାୟେଲର ପରମେଶ୍ୱର। ତୁମ୍ଭେ
ଅନାଦିକାଳରୁ ଥିଲ ଓ ଅନନ୍ତକାଳ ଧରି ରହିବ। ତୁମ୍ଭେ
ଧନ୍ୟ। ଆମେନ୍, ଆମେନ୍।

## ଦ୍ୱିତୀୟ ଖଣ୍ଡ

### ଗୀତ 42

*ପ୍ରଧାନ ବାଦ୍ୟକର ନିମନ୍ତେ। ଏହା ଏକ ସୂଚନାଯୁକ୍ତ ଗୀତ, କୋରହ ପରିବାରର।*

1 ହେ ପରମେଶ୍ୱର, ହରିଣଟି ଯେପରି ପାଣି ପାଇଁ ସ୍ରୋତ
ଆଡକୁ ଧାଏଁ, ସେପରି ମୋର ପ୍ରାଣ ତୁମ୍ଭ ଆଡକୁ
ଆକାଂକ୍ଷା କରେ।
2 ମୋର ପ୍ରାଣ ଜୀବନ୍ତ ପରମେଶ୍ୱରଙ୍କ ନିମନ୍ତେ ତୃଷିତ। ମୁଁ
କେବେ ପ୍ରଭୁଙ୍କ ଦର୍ଶନ ପାଇବି?
3 ମୋର ଶତ୍ରୁମାନେ ନିରନ୍ତର ମୋ ପ୍ରତି ପରିହାସ
କରୁଛନ୍ତି। ସେମାନେ କହନ୍ତି, "ତୁମ୍ଭର ପରମେଶ୍ୱର
କାହାନ୍ତି? ସେ କେବେ ତୁମ୍ଭକୁ ଉଦ୍ଧାର କରିବାକୁ
ଆସିଛନ୍ତି କି?" ଭୋଜନ କରିବା ପରିବର୍ତ୍ତେ କେବଳ ମୁଁ
କାନ୍ଦେ।
4 ଯେତେବେଳେ ମୁଁ ମନେ ପକାଏ, ମୋର ହୃଦୟ ବିଦୀର୍ଣ୍ଣ
ହୋଇଯାଏ। ସେହି ସୁଦିନ ଗୁଡ଼ିକୁ ଯାହା ମୁଁ ତୁମ୍ଭ
ମନ୍ଦିରରେ କଟାଇଥିଲି। ଯେତେବେଳେ ଲୋକଭିଡ ମଧ୍ୟରେ
ମୁଁ ପରମେଶ୍ୱରଙ୍କ ମନ୍ଦିରକୁ ଚାଲିଲି, ମୁଁ ମନେ ପକାଏ
ସେହିସବୁ ଖୁସିର ଦିନଗୁଡିକ ଓ ପ୍ରଶଂସାର ଗୀତ ସବୁ
ଯାହାକି ଲୋକମାନେ ପର୍ବପର୍ବାଣି ବେଳେ ଗାନ କରନ୍ତି।
5 ହେ ମୋର ପ୍ରାଣ କାହିଁକି ମୁଁ ଏତେ ବ୍ୟାକୁଳ? ମୁଁ
ପରମେଶ୍ୱରଙ୍କ ସହାୟତା ପାଇଁ ଅପେକ୍ଷା କରିବି। ମୁଁ
ତାଙ୍କୁ ପ୍ରଶଂସା କରିବାକୁ ସୁଯୋଗ ପାଇବି। ସେ ମୋତେ
ରକ୍ଷା କରିବେ।
6 ହେ ମୋର ପରମେଶ୍ୱର, ,ମୋର ପ୍ରାଣ ଅତି ଦୁଃଖିତ
କାରଣ ଏହି ସ୍ଥାନରୁ ଏହି ଛୋଟିଆ ପାହାଡ଼ରୁ ତୁମ୍ଭକୁ
ମନେ ପକାଉଛି। ଯେଉଁଠାରେ ହର୍ମୋଣ ପର୍ବତ ଓ
ଯର୍ଦ୍ଦନ ନଦୀ ପରସ୍ପରକୁ ଭେଟନ୍ତି।
7 ପୃଥିବୀର ଗଭୀରରୁ ଆସୁଥିବା ପାଣିର ଗର୍ଜନ ମୁଁ ଶୁଣେ।
ଯେତେବେଳେ ଜଳପ୍ରପାତ ଓଲଟି ପାଲଟି ହୋଇଯାଏ,
ନିମ୍ନଭାଗର ଜଳସ୍ରୋତ ଶବ୍ଦ କରେ। ସଦାପ୍ରଭୁ, ତୁମ୍ଭର
ଢେଉଗୁଡିକ ଗୋଟିଏ ପରେ ଗୋଟିଏ ଆସେ, ମୋର
ଚତୁଃପାର୍ଶ୍ୱରେ ଚୂର୍ଣ୍ଣ ହୋଇଯାଏ ଓ ମୋତେ ଚାପିଯାଏ।
8 ପ୍ରତି ଦିନ ସଦାପ୍ରଭୁ ତାଙ୍କର ପ୍ରକୃତ ପ୍ରେମ
ଢ଼ାଳି ଦିଅନ୍ତି। ସେହି ଜୀବନ୍ତ ପରମେଶ୍ୱରଙ୍କ ପାଇଁ ମୋ
ନିକଟରେ ଏକ ଗୀତ ଅଛି।
9 ମୁଁ ପରମେଶ୍ୱରଙ୍କୁ କହିଲି, ତୁମ୍ଭେ ମୋର ଦୃଢ଼ତାର
ପଥର। ମୁଁ କହେ, "ହେ ସଦାପ୍ରଭୁ କାହିଁକି ତୁମ୍ଭେ
ମୋତେ ଭୁଲି ଯାଇଛ? କାହିଁକି ମୁଁ ମୋର ଶତ୍ରୁମାନଙ୍କ
ପାଇଁ ଏତେ ଦୁଃଖିତ?"
10 ମୋର ଶତ୍ରୁମାନେ ନିରନ୍ତର ମୋତେ ଅପମାନିତ କରନ୍ତି
ଓ ଏକ ଶକ୍ତ ଚାପୁଡ଼ା ଦିଅନ୍ତି, ଯେତେବେଳେ ସେମାନେ
ମୋତେ ପଚାରନ୍ତି, "ତୁମ୍ଭର ପରମେଶ୍ୱର କେଉଁଠାରେ
ଅଛନ୍ତି? ସେ କ'ଣ ତୁମ୍ଭକୁ ଉଦ୍ଧାର କରିବାକୁ ଆସୁଛନ୍ତି?"
11 ହେ ମୋର ପ୍ରାଣ ତୁମ୍ଭେ କାହିଁକି ଦୁଃଖିତ ହେଉଅଛ?
କାହିଁକି ମୁଁ ଏତେ ଅସ୍ଥିର ହେଉଅଛି? ମୁଁ ପରମେଶ୍ୱରଙ୍କ
ସାହାଯ୍ୟ ପାଇଁ ଅପେକ୍ଷା କରିବି। ମୁଁ ପରମେଶ୍ୱରଙ୍କୁ
ପ୍ରଶଂସା କରିବାକୁ ସୁଯୋଗ ପାଇବି ଓ ସେ ମୋତେ
ଉଦ୍ଧାର କରିବେ।

### ଗୀତ 43

1 ହେ ପରମେଶ୍ୱର, ଜଣେ ଲୋକ ଥିଲା ଯିଏ କି ତୁମ୍ଭର
ଅନୁଗତ ଆଶ୍ରିତ ନ ଥିଲା। ସେହି ଲୋକଟି ଦୁଷ୍ଟ ବୁଦ୍ଧି
ସମ୍ପନ୍ନ ଓ ମିଥ୍ୟା କହେ। ହେ ପରମେଶ୍ୱର, ସେହି
ଲୋକଠାରୁ ମୋତେ ବଞ୍ଚାଅ। ମୋତେ ସାହାଯ୍ୟ କରି
ପ୍ରମାଣ କର ଯେ, ମୁଁ ଠିକ୍ ଅଟେ।
2 ହେ ପରମେଶ୍ୱର, ତୁମ୍ଭେ ହିଁ ମୋର ବଳସ୍ୱରୂପ। କାହିଁକି
ତୁମ୍ଭେ ମୋତେ ଛାଡ଼ି ଚାଲିଯିବ? କାହିଁକି ମୁଁ ଏତେ ଦୁଃଖ
ପାଇବି? କାରଣ ମୋର ଶତ୍ରୁର ନିଷ୍ଠୁର ଆଚରଣ
ଯୋଗୁଁ।
3 ହେ ପରମେଶ୍ୱର, ତୁମ୍ଭର ଆଲୋକ ଓ ସତ୍ୟତାର ବାର୍ତ୍ତା
ମୋ ନିକଟକୁ ପ୍ରେରିତ ହେଉ। ତୁମ୍ଭର ଆଲୋକ ଓ
ସତ୍ୟତା ମୋର ପଥ ପ୍ରଦର୍ଶକ ହେଉ। ସେମାନେ
ମୋତେ ବାଟ ଦେଖାଇ ତୁମ୍ଭର ପବିତ୍ର ପର୍ବତକୁ ନେଇଯିବେ।
ସେମାନେ ମୋତେ ତୁମ୍ଭର ପବିତ୍ର ଗୃହକୁ ପଥ ଦେଖାଇବେ।
4 ମୁଁ ପରମେଶ୍ୱରଙ୍କ ଯଜ୍ଞବେଦୀ ନିକଟକୁ ଆସିବି। ମୁଁ
ପରମେଶ୍ୱରଙ୍କ ନିକଟକୁ ଯିବି, ଯିଏ ମୋତେ ସମସ୍ତ ସୁଖ
ପ୍ରଦାନ କରିଛନ୍ତି। ସଦାପ୍ରଭୁ ମୋର ପରମେଶ୍ୱର, ମୁଁ
ଏହି ବୀଣା ବାଦ୍ୟଯନ୍ତ୍ରରେ ତୁମ୍ଭର ପ୍ରଶଂସା ଗାନ କରିବି।
5 ହେ ମୋର ପ୍ରାଣ, କାହିଁକି ଏତେ ଦୁଃଖିତ। ମୁଁ କାହିଁକି
ଏତେ ଅଧୀର ହେଉଛି। ମୁଁ ପରମେଶ୍ୱରଙ୍କ ସାହାଯ୍ୟ
ପାଇଁ ଅପେକ୍ଷା କରିବି। ତାଙ୍କୁ ପ୍ରସଂଶା କରିବା ପାଇଁ ମୁଁ
ନିଶ୍ଚୟ ସୁଯୋଗ ପାଇବି। ସେ ମୋତେ ରକ୍ଷା କରିବେ।

### ଗୀତ 44

*ପ୍ରଧାନ ବାଦ୍ୟକାର ନିମନ୍ତେ କୋରହ ପରିବାରର ଗୀତ, ମସ୍କିଲ।*

1 ହେ ପରମେଶ୍ୱର, ଆମ୍ଭେ ତୁମ୍ଭ ବିଷୟରେ ଶୁଣିଅଛୁ।
ଆମ୍ଭର ପିତୃପୁରୁଷଙ୍କୁ ଜୀବନକାଳରେ ଓ ପୂର୍ବରେ ତୁମ୍ଭେ

ଯାହାସବୁ କରିଥିଲ ତାହା ଆମ୍ଭେମାନେ ଶୁଣିଅଛୁ। ସେମାନେ ତାହା ଆମ୍ଭମାନଙ୍କୁ ଜଣାଇଅଛନ୍ତି।

2 ହେ ପରମେଶ୍ୱର, ତୁମ୍ଭର ଅସୀମ ଶକ୍ତି ବଳରେ ଏହି ରାଜ୍ୟକୁ ସେମାନଙ୍କଠାରୁ ଛଡ଼ାଇ ନେଇ ତାହା ଆମ୍ଭମାନଙ୍କୁ ଦେଇଅଛ। ତୁମ୍ଭେ ସେହି ବିଦେଶୀ ଲୋକମାନଙ୍କୁ ନିଶ୍ଚିହ୍ନ କରିଛ। ତୁମ୍ଭେ ସେମାନଙ୍କୁ ବିଦେଶ ଭୂମି ଛାଡ଼ିବାକୁ ବାଧ୍ୟ କରିଛ।

3 ଆମ୍ଭର ପିତୃପୁରୁଷଙ୍କ ଖଡ୍ଗଦ୍ୱାରା ଏ ରାଜ୍ୟ ମିଳି ନାହିଁ। ସେମାନଙ୍କର ବଳିଷ୍ଠ ବାହୁ ଯୁଗଳ ସେମାନଙ୍କୁ ବିଜୟୀ କରି ନାହିଁ। ଏହା କେବଳ ସମ୍ଭବ ହୋଇଛି, ତୁମ୍ଭେ ସେମାନଙ୍କ ସାଙ୍ଗରେ ଥିଲ। ହେ ପରମେଶ୍ୱର, ତୁମ୍ଭର ଅସୀମ ଶକ୍ତି ଆମ୍ଭର ପିତୃପୁରୁଷଙ୍କୁ ରକ୍ଷା କରିଥିଲା। କାରଣ ତୁମ୍ଭେ ସେମାନଙ୍କୁ ଭଲ ପାଉଥିଲ।

4 ହେ ମୋର ପରମେଶ୍ୱର, ତୁମ୍ଭେ ମୋର ରାଜା ଅଟ। ଆଜ୍ଞା ଦିଅ ଓ ଯାକୁବର ଲୋକଙ୍କୁ ମୁକ୍ତ କରାଅ।

5 ହେ ମୋର ପରମେଶ୍ୱର, ତୁମ୍ଭର ସାହାଯ୍ୟରେ ଆମ୍ଭର ଶତ୍ରୁମାନଙ୍କୁ ଆମ୍ଭେ ପଛକୁ ତଡ଼ି ଦେବୁ। ତୁମ୍ଭର ନାମକୁ ନେଇ ଆମ୍ଭେମାନେ ଆମ୍ଭର ଶତ୍ରୁମାନଙ୍କ ଉପରେ ଚଢ଼ି ଚାଲିଯିବୁ।

6 ମୁଁ ମୋର ଧନୁରେ ବିଶ୍ୱାସ କରେ ନାହିଁ, କିଅବା ମୋର ଖଣ୍ଡା ମୋତେ ରକ୍ଷା କରିପାରିବ ନାହିଁ।

7 ହେ ପରମେଶ୍ୱର, ତୁମ୍ଭେ ଆମ୍ଭଙ୍କୁ ମିଶରଠାରୁ ବଞ୍ଚାଇଛ। ତୁମ୍ଭେ ଆମ୍ଭର ଶତ୍ରୁମାନଙ୍କୁ ଲଜ୍ଜା ପ୍ରଦାନ କରିଛ।

8 ଆମ୍ଭେ ସାରାଦିନ ପରମେଶ୍ୱରଙ୍କ ପ୍ରଶଂସା କରିଛୁ। ଆମ୍ଭେ ଚିରକାଳ ତୁମ୍ଭର ପ୍ରଶଂସା କରିବୁ।

9 କିନ୍ତୁ ହେ ପରମେଶ୍ୱର, ତୁମ୍ଭେ ଆମ୍ଭକୁ ଛାଡ଼ି ଚାଲିଗଲ। ତୁମ୍ଭେ ଆମ୍ଭକୁ ମାନସିକ ଅଶାନ୍ତି କଲ। ତୁମ୍ଭେ ଆମ୍ଭ ସହିତ ଯୁଦ୍ଧ କ୍ଷେତ୍ରକୁ ଆସିଲ ନାହିଁ।

10 ଆମ୍ଭର ଶତ୍ରୁମାନେ ଆମ୍ଭକୁ ପଛକୁ ତଡ଼ି ଦେଲେ। ଆମ୍ଭର ଶତ୍ରୁମାନେ ଆମ୍ଭର ଧନ ସମ୍ପତ୍ତି ନେଇଗଲେ।

11 ତୁମ୍ଭେ ଆମ୍ଭକୁ ମେଣ୍ଢା ତୁଲ୍ୟ ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ନିମନ୍ତେ ସମର୍ପଣ କରିଅଛ। ତୁମ୍ଭେ ଆମ୍ଭକୁ ବିଦେଶୀମାନଙ୍କ ମଧ୍ୟରେ ଛିନ୍ନଭିନ୍ନ କରିଛ।

12 ହେ ପରମେଶ୍ୱର, ତୁମ୍ଭେ ଆପଣା ଲୋକଙ୍କୁ ବିନା ମୂଲ୍ୟରେ ବିକ୍ରୀ କରି ଦେଇଛ ଓ ସେମାନଙ୍କର ଉଚିତ୍ ଦାମ ପାଇଁ ମଧ୍ୟ ଆଲୋଚନା କରି ନାହିଁ।

13 ତୁମ୍ଭେ ଆମ୍ଭମାନଙ୍କୁ ଆମ୍ଭର ପଡ଼ୋଶୀମାନଙ୍କ ନିକଟରେ ପରିହାସର ପାତ୍ର କରିଛ। ସେମାନେ ଆମ୍ଭକୁ ଦେଖି ହସନ୍ତି ଓ ଥଟ୍ଟା କରନ୍ତି।

14 ତୁମ୍ଭେ ଆମ୍ଭକୁ ଏକ ବିପର୍ଯ୍ୟୟର କାହାଣୀରେ ପରିଣତ କରିଛ, ଯାହା ଲୋକମାନେ କହୁଛନ୍ତି। ଯେଉଁ ଲୋକଙ୍କର ନିଜର ରାଜ୍ୟ ମଧ୍ୟ ନାହିଁ, ସେମାନେ ଆମ୍ଭକୁ ଦେଖି ହସୁଛନ୍ତି ଓ ମୁଣ୍ଡ ହଲାଉଛନ୍ତି।

15 ଲଜ୍ଜାରେ ମୁଁ ଢ଼ାଙ୍କି ହୋଇଯାଇଛି। ସାରାଦିନ ମୁଁ ସେହି ତିରସ୍କାର ଦେଖୁଛି।

16 ଲୋକମାନେ ଯାହା କହୁଛନ୍ତି ସେଥିପାଇଁ ମୁଁ ଲଜ୍ଜିତ, ଏହିସବୁ ଯେଉଁ ଲୋକମାନେ କହୁଛନ୍ତି ଏ ମୋର ଶତ୍ରୁ।

17 ହେ ପରମେଶ୍ୱର, ଆମ୍ଭେ ତୁମ୍ଭକୁ ଭୁଲି ଯାଇ ନାହୁଁ। ତଥାପି ତୁମ୍ଭେ ଆମ୍ଭମାନଙ୍କ ପ୍ରତି ଏସବୁ ଘଟାଇଛ। ଯେତେବେଳେ ତୁମ୍ଭର ନିୟମକୁ ସ୍ୱୀକୃତି ପ୍ରଦାନ କରିଥିଲୁ ତୁମ୍ଭ ସହିତ ଅମ୍ଭେମାନେ ମିଥ୍ୟା କହି ନାହୁଁ।

18 ହେ ପରମେଶ୍ୱର, ଆମ୍ଭେମାନେ ତୁମ୍ଭ ନିକଟରୁ ଦୂରେଇ ଯାଇନାହୁଁ। ଆମ୍ଭେମାନେ ତୁମ୍ଭକୁ ଅନୁସରଣ କରିବାରେ ପଛେଇ ନାହୁଁ।

19 ହେ ପରମେଶ୍ୱର, ତୁମ୍ଭେ ଏହି ସ୍ଥାନରେ ଆମ୍ଭକୁ ପଦଦଳିତ କଲ। ଯେଉଁଠାରେ ଶୃଗାଳମାନେ ବାସ କରନ୍ତି। ତୁମ୍ଭେ ଆମ୍ଭକୁ ଏପରି ଏକ ସ୍ଥାନରେ ଛାଡ଼ିଦେଲ ଯାହା ମୃତ୍ୟୁଭଳି ଗାଢ଼ ଅନ୍ଧକାର ଅଟେ।

20 ଆମ୍ଭେ କ'ଣ ଆମ୍ଭ ପରମେଶ୍ୱରଙ୍କ ନାମ ଭୁଲି ଯାଇଛୁ? ଆମ୍ଭେ କ'ଣ ଅନ୍ୟ କୌଣସି ଦେବତାଙ୍କୁ ଡ଼ାକୁଛୁ? ନା।

21 ପ୍ରକୃତରେ ପରମେଶ୍ୱର ସେ ସବୁ କଥା ଜାଣନ୍ତି। ସେ ମଧ୍ୟ ଆମ୍ଭର ସମସ୍ତ ଗୋପନ କଥା ଜାଣନ୍ତି।

22 ହେ ପରମେଶ୍ୱର, ସାରାଦିନ ଆମ୍ଭେ ତୁମ୍ଭ ପାଇଁ ମୃତ୍ୟୁବରଣ କରୁଛୁ। ଆମ୍ଭେ ହେଉଛୁ ସେହି ମେଣ୍ଢାସବୁ ଯେଉଁମାନଙ୍କୁ ହତ୍ୟା କରିବାକୁ ନିଆ ଯାଉଥାଏ।

23 ମୋର ପ୍ରଭୁ ତୁମ୍ଭେ ଜାଗ୍ରତ ହୁଅ। କାହିଁକି ତୁମ୍ଭେ ଶୋଇ ରହିଛ? ଉଠ, ଚିରଦିନ ପାଇଁ ଆମ୍ଭକୁ ଛାଡ଼ିଯାଅ ନାହିଁ।

24 ହେ ପରମେଶ୍ୱର, କାହିଁକି ତୁମ୍ଭେ ଆମ୍ଭଠାରୁ ଲୁଚିଅଛ। ତୁମ୍ଭେ କ'ଣ ଆମ୍ଭର ଦୁଃଖ ଓ ଯନ୍ତ୍ରଣା ସବୁ ଭୁଲି ଯାଇଅଛ।

25 ଆମ୍ଭମାନଙ୍କୁ ଧୂଳିମାଟି ଭିତରକୁ ଠେଲି ଦିଆ ହୋଇଛି। ଆମ୍ଭମାନଙ୍କର ଉଦର ମାଟି ଧୂଳିରେ ପଡ଼ି ରହିଛି।

26 ହେ ପରମେଶ୍ୱର, ଜାଗ୍ରତ ହୁଅ। ଆମ୍ଭକୁ ସାହାଯ୍ୟ କର। ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ହେତୁ ଆମ୍ଭମାନଙ୍କୁ ଉଦ୍ଧାର କର।

## ଗୀତ 45

*ପ୍ରଧାନ ବାଦ୍ୟକାର ନିମନ୍ତେ ଶୋଶନ୍ନୀମ ସ୍ୱରରେ ଏହା ଏକ ପ୍ରେମର ଗୀତ—କୋରହ ପରିବାରର।*

1 ସୁନ୍ଦର ଭାବନାସବୁ ମୋର ମନକୁ ଭରି ଦିଏ, ଯେବେ ଏହିସବୁ ପଦଗୁଡ଼ିକ ରାଜାଙ୍କ ପାଇଁ କହେ। ଏହି ଶବ୍ଦଗୁଡ଼ିକ ମୋ ଜିହ୍ୱାରେ ପ୍ରବାହିତ ହୋଇଯାଏ। ନିପୁଣ ଲେଖକର କଲମରୁ ଆସିଲା ପରି

2 ତୁମ୍ଭେ ଅନ୍ୟମାନଙ୍କଠାରୁ ଅଧିକ ସୁନ୍ଦର ଅଟ, ଏବଂ ତୁମ୍ଭେ ଏପରି ସୁଖଦାୟକ କଥା କୁହ, ସେଥିପାଇଁ ପରମେଶ୍ୱର ତୁମ୍ଭକୁ ସର୍ବଦା ଆଶୀର୍ବାଦ କରିବେ।

3 ହେ ବୀର ତୁମ୍ଭର ଖଡ୍ଗ ଧାରଣ କର, ତୁମ୍ଭର ଶରୀରରେ ମହିମା ମଣ୍ଡିତ ପୋଷାକ ଶୋଭା ପାଉ।

4 ତୁମ୍ଭେ ଆଶ୍ଚର୍ଯ୍ୟ ଦିଶୁଛ। ଯାଅ ନ୍ୟାୟ ଓ ଧର୍ମପାଇଁ ଯୁଦ୍ଧରେ ବିଜୟୀ ହୁଅ। ତୁମ୍ଭର ଶକ୍ତିଶାଳୀ ଦକ୍ଷିଣ ବାହୁ ଅଦ୍ଭୁତ କାର୍ଯ୍ୟ କରିବାକୁ ପ୍ରଶିକ୍ଷିତ।

5 ତୁମ୍ଭର ଶକ୍ତିଶାଳୀ ମୁନିଆ ତୀର ଶତ୍ରୁର ବକ୍ଷସ୍ଥଳ ଭେଦ କରିବାକୁ ସମର୍ଥ ଲୋକମାନେ ତୁମ୍ଭ ସମ୍ମୁଖରେ ଧୂଳିରେ ଲୋଟି ଯିବେ।

6 ପରମେଶ୍ୱର*, ତୁମ୍ଭର ସିଂହାସନ ଅନନ୍ତକାଳସ୍ଥାୟୀ ବିରାଜମାନ କରିବ। ତୁମ୍ଭର ଉତ୍ତମତା ତୁମ୍ଭକୁ ଶାସନ କରିବାର କ୍ଷମତା ଦିଏ।
7 ତୁମ୍ଭେ ଧାର୍ମିକକୁ ଭଲ ପାଅ ଓ ଦୁଷ୍ଟକୁ ଘୃଣା କର। ପରମେଶ୍ୱର ତୁମ୍ଭର ବନ୍ଧୁମାନଙ୍କ ମଧ୍ୟରୁ ତୁମ୍ଭକୁ ରାଜା ହେବାକୁ ମନୋନୀତ କଲେ।
8 ତୁମ୍ଭର ପୋଷାକରୁ ଉତ୍ତମ ସୁଗନ୍ଧଯୁକ୍ତ ଅଗୁରୁ ଡାଲଚିନି ମସଲାର ବାସନା ଭାସି ଆସୁଛି। ଏହି ପ୍ରାସାଦ ହାତୀ ଦାନ୍ତରେ ସୁଶୋଭିତ ଓ ସେ ଭିତରୁ ଉତ୍ତମ ସଙ୍ଗୀତ ତୁମ୍ଭର ମନୋରଞ୍ଜନ ସକାଶେ ଗୁଞ୍ଜରିତ ହେଉଛି।
9 ତୁମ୍ଭ ବିବାହରେ ଯୋଗ ଦେଇଥିବା ସ୍ତ୍ରୀ ଲୋକମାନେ ରାଜକୁମାରୀ ଅଟନ୍ତି। ରାଜକୁମାରୀମାନେ ତୁମ୍ଭର ବଧୂ, ତୁମ୍ଭର ଦକ୍ଷିଣ ପାର୍ଶ୍ୱରେ ଶୁଦ୍ଧ ସୁବର୍ଣ୍ଣ ମୁକୁଟ ଓ ପୋଷାକ ପିନ୍ଧି ଛିଡ଼ା ହୋଇଛନ୍ତି।
10 ହେ ରାଜକୁମାରୀ, ଶୁଣ। ଯଦି ତୁମ୍ଭେ ମନଦେଇ ଶୁଣ ସବୁ ବୁଝିପାରିବ ଓ ତୁମ୍ଭର ପରିବାରକୁ ଭୁଲିଯାଅ।
11 ତୁମ୍ଭର ସୌନ୍ଦର୍ଯ୍ୟରେ ରାଜା ମୁଗ୍ଧ ହେବେ। ସେ ତୁମ୍ଭର ନୂତନ ପତି ହେବେ, ତେଣୁ ତୁମ୍ଭେ ସେମାନଙ୍କୁ ପ୍ରଣାମ କରିବା ଉଚିତ୍।
12 ସୋର ଦେଶର ଧନଶାଳୀ ବ୍ୟକ୍ତିମାନେ ତୁମ୍ଭକୁ ଉପହାର ଦେବାକୁ ଉପସ୍ଥିତ ହେବେ। ସେମାନେ ତୁମ୍ଭର ପକ୍ଷପାତ ଲୋଡ଼ିବେ।
13 ତା'ର ସମସ୍ତ ମହୀମାରେ, ମୁକ୍ତା ସୁବର୍ଣ୍ଣରେ ଖଚିତ ହେବାପରି ରାଜକୁମାରୀ ତାଙ୍କର ବସ୍ତ୍ରରେ ଦେଖାଯାନ୍ତି।
14 ସୌନ୍ଦର୍ଯ୍ୟରେ ମଣ୍ଡିତ ହୋଇ ସେ ରାଜାଙ୍କ ନିକଟକୁ ଆଗେଇ ଯାଏ ତା'ର ସଖିମାନେ ତା' ପଛରେ ଅନୁସରଣ କରନ୍ତି।
15 ସେମାନେ ଆନନ୍ଦ ଉଲ୍ଲାସରେ ଆସିବେ। ସେମାନେ ଆନନ୍ଦ ଉଲ୍ଲାସ ମଧ୍ୟରେ ରାଜାଙ୍କ ଅଟ୍ଟାଳିକାରେ ପ୍ରବେଶ କରିବେ।
16 ସେମାନଙ୍କର ପୂର୍ବପୁରୁଷଗଣଙ୍କ ପରି ତୁମ୍ଭର ପୁତ୍ରଗଣ ରାଜା ହେବେ। ସାରା ଦେଶରେ ତୁମ୍ଭେ ସେମାନଙ୍କୁ ଶାସନ କରିବ।
17 ତୁମ୍ଭେ ପୁରୁଷାନୁକ୍ରମେ ବିଖ୍ୟାତ ହେବ। ଲୋକମାନେ ଅନନ୍ତକାଳବଧି ତୁମ୍ଭକୁ ପ୍ରଶଂସା କରିବେ।

## ଗୀତ 46

*ପ୍ରଧାନ ବାଦ୍ୟକାର ନିମନ୍ତେ କୋରହ ପରିବାରର ଗୀତ। ଆଲମୋତର ଗୋଟିଏ ଗୀତ।*

1 ପରମେଶ୍ୱର ଆମ୍ଭମାନଙ୍କର ଆଶ୍ରୟ ଓ ବଳ। ଆମ୍ଭେ ବିପଦ ସମୟରେ ତାଙ୍କର ସାହାଯ୍ୟ ପାଇପାରୁ।
2 ତେଣୁ ଯେତେବେଳେ ଭୂମି କମ୍ପିତ ହୁଏ ଏବଂ ପର୍ବତ ସମୁଦ୍ରରେ ପଡେ ଆମ୍ଭେ ଭୟଭୀତ ହେବା ନାହିଁ।
3 ଯେତେବେଳେ ସମୁଦ୍ର ଅଶାନ୍ତ ଓ ଅନ୍ଧକାର ହୋଇଯାଏ ଏବଂ ପର୍ବତଗୁଡ଼ିକ ଥରଉଠେ, ତଥାପି ଆମ୍ଭେ ଭୟଭୀତ ହେବା ନାହିଁ।
4 ଏପରି ଏକ ନଦୀ ଅଛି ଯାହାର ପବିତ୍ର ଜଳଧାରା ସର୍ବୋପରିସ୍ଥ ପରମେଶ୍ୱରଙ୍କ ନଗରୀକୁ ଆନନ୍ଦିତ କରୁଛି।
5 ପରମେଶ୍ୱର ସେହି ନଗରୀରେ ବାସ କରନ୍ତି। ଏହା କେବେ ବି ଧ୍ୱଂସ ପାଇବ ନାହିଁ। ପରମେଶ୍ୱର ଏପରିକି ସୂର୍ଯ୍ୟୋଦୟ ପୂର୍ବରୁ ସାହାଯ୍ୟ କରିବାକୁ ଉପସ୍ଥିତ ଥାନ୍ତି।
6 ସଦାପ୍ରଭୁଙ୍କ ଚିତ୍କାର ଶୁଣି ରାଜ୍ୟମାନେ ଭୟରେ କମ୍ପି ଉଠନ୍ତି। ସେହି ରାଜ୍ୟସବୁ ଭାଙ୍ଗି ପଡ଼ିବ ଏବଂ ପୃଥିବୀରେ ଭୂମିକମ୍ପ ହେବ।
7 ସୈନ୍ୟାଧିପତି ସଦାପ୍ରଭୁ ଆମ୍ଭ ସହିତ ଅଛନ୍ତି। ଯାକୁବର ପରମେଶ୍ୱର ଆମ୍ଭ ସମସ୍ତଙ୍କର ନିରାପଦର ସ୍ଥାନ ଅଟନ୍ତି।
8 ସଦାପ୍ରଭୁ ସୃଷ୍ଟି କରିଥିବା ସେହି ଆଶ୍ଚର୍ଯ୍ୟଜନକ ବସ୍ତୁକୁ ଦେଖ। ଏ ପୃଥିବୀର ବସ୍ତୁକୁ ସେ କିପରି ଧ୍ୱଂସ କରିପାରନ୍ତି।
9 ସଦାପ୍ରଭୁ ଏ ପୃଥିବୀର ଯେକୌଣସି ସ୍ଥାନରେ ଚାହିଁଲେ ଯୁଦ୍ଧ ବନ୍ଦ କରିପାରିବେ। ଯଦି ସେ ଚାହିଁ ସୈନିକର ଧନୁକୁ ଭାଙ୍ଗି ପାରିବେ, ସେ ବର୍ଚ୍ଛାକୁ ଖଣ୍ଡ ଖଣ୍ଡ କରିପାରିବେ, ସେ ଢ଼ାଲକୁ ପୋଡ଼ି ଦେଇ ପାରିବେ।
10 ପରମେଶ୍ୱର କହନ୍ତି, "ଯୁଦ୍ଧ ବନ୍ଦ କର, ମନେରଖ ମୁଁ ହେଉଛି ପରମେଶ୍ୱର। ମୁଁ ରାଜ୍ୟମାନଙ୍କୁ ପରାସ୍ତ କରିଛି। ପୃଥିବୀକୁ ମୁଁ ନିୟନ୍ତ୍ରଣ କରେ।"
11 ସେହି ସୈନ୍ୟାଧିପତି ସଦାପ୍ରଭୁ ଆମ୍ଭ ସହିତ ଅଛନ୍ତି। ଯାକୁବର ପରମେଶ୍ୱର ଆମ୍ଭ ସମସ୍ତଙ୍କ ନିରାପଦ ଆଶ୍ରୟ ସ୍ଥଳ।

## ଗୀତ 47

*ପ୍ରଧାନ ବାଦ୍ୟକାର ନିମନ୍ତେ କୋରହ ପରିବାରର ଗୋଟିଏ ଗୀତ।*

1 ହେ ସର୍ବଗୋଷ୍ଠୀୟମାନେ ଆନନ୍ଦରେ କରତାଳି ଦିଅ। ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଜୟଧ୍ୱନି କର।
2 ସର୍ବୋପରିସ୍ଥ ସଦାପ୍ରଭୁ ସବୁଠାରୁ ଭୟଙ୍କର ଅଟନ୍ତି। ଏ ପୃଥିବୀରେ ସେ ସବୁଠାରୁ ଶ୍ରେଷ୍ଠ ରାଜା ଅଟନ୍ତି।
3 ସେ ଆମ୍ଭଙ୍କୁ ଅନ୍ୟ ଲୋକମାନଙ୍କୁ ପରାଜିତ କରିବାକୁ ସାହାଯ୍ୟ କରନ୍ତି। ସେ ସେହି ରାଜାମାନଙ୍କ ଉପରେ ଆମ୍ଭଙ୍କୁ ଶକ୍ତି ପ୍ରଦାନ କରନ୍ତି।
4 ପରମେଶ୍ୱର ଆମ୍ଭମାନଙ୍କୁ ଦେଶ ଦେବା ପାଇଁ ମନୋନୀତ କରିଛନ୍ତି। ସେ ଯାକୁବକୁ ଅଧିକ ଭଲ ପାଉଥିବାରୁ ତାଙ୍କ ପାଇଁ ସବୁଠାରୁ ଭଲ ଦେଶକୁ ମନୋନୀତ କରିଥିଲେ।
5 ସଦାପ୍ରଭୁ ଯେତେବେଳେ ତାଙ୍କ ସିଂହାସନରେ ବିଜେ ହୁଅନ୍ତି ସେତେବେଳେ ତୂରୀ ଓ ଜୟଜୟକାର ନାଦରେ ଗଗନ ପବନ ମୁଖରିତ ହୁଏ।
6 ପରମେଶ୍ୱରଙ୍କ ଗୁଣ କୀର୍ତ୍ତନ କର। ତାଙ୍କର ପ୍ରଶଂସାରେ ଗୀତ ମୁଖର ହୋଇ ଉଠ। ଆମ୍ଭର ରାଜାଙ୍କୁ ପ୍ରଶଂସା କର। ତାଙ୍କର ମହିମା ଗାନ କର।
7 ପରମେଶ୍ୱର ହେଉଛନ୍ତି ଏ ସମସ୍ତ ପୃଥିବୀର ରାଜା। ତେଣୁ ତାଙ୍କର ମହିମା ଗାନ କର।

---

**ପରମେଶ୍ୱର** ଏଠାରେ ଏହା ସମ୍ଭବତଃ ରାଜାଙ୍କୁ ଦର୍ଶାଏ। ଏହି ଉପାଧିର ବ୍ୟବହାର ସମୟ ସମୟରେ ବହୁ ମହତ୍ତ୍ୱପୂର୍ଣ୍ଣ ବିଗ୍ରହକୁ ଦର୍ଶାଏ।

8 ପରମେଶ୍ୱର ତାଙ୍କର ପବିତ୍ର ସିଂହାସନରେ ବସନ୍ତି।
ପରମେଶ୍ୱର ସମସ୍ତ ରାଜ୍ୟମାନଙ୍କୁ ଶାସନ କରନ୍ତି।
9 ସେହି ନେତାମାନେ ପରସ୍ପର ସହିତ ମିଳିତ ହୁଅନ୍ତି ଓ
ସେମାନେ ଅବ୍ରହାମର ପରମେଶ୍ୱରଙ୍କ ରାଜ୍ୟର ଲୋକମାନଙ୍କ
ସହିତ ମିଶନ୍ତି। ସେହିସବୁ ନେତାମାନେ ପରମେଶ୍ୱରଙ୍କ
ଆଶ୍ରିତ। ପରମେଶ୍ୱର ସେମାନଙ୍କ ଉର୍ଦ୍ଧ୍ୱରେ ଅଛନ୍ତି।

## ଗୀତ 48

*କୋରହ ପରିବାରର ପ୍ରଶଂସା ଯୁକ୍ତ ଗୀତ।*

1 ସଦାପ୍ରଭୁ ମହାନ୍ ଅଛନ୍ତି। ଆମ୍ଭର ପରମେଶ୍ୱରଙ୍କ ସାରା
ନଗରରେ ତାଙ୍କର ପବିତ୍ର ପର୍ବତରେ ସେ ପ୍ରଶଂସିତ
ହୁଅନ୍ତି।
2 ପରମେଶ୍ୱରଙ୍କ ପବିତ୍ର ନଗର ଏପରି ଏକ ମନୋରମ
ଉଚ୍ଚତାରେ ଅବସ୍ଥିତ। ଏହା ପୃଥିବୀର ସବୁ ଲୋକଙ୍କ
ପ୍ରାଣରେ ଆନନ୍ଦ ସଞ୍ଚାର କରେ। ସିୟୋନ ପର୍ବତ
ପ୍ରକୃତରେ ପରମେଶ୍ୱରଙ୍କ ପବିତ୍ର ପର୍ବତ ଅଟେ। ଏହା
ସେହି ମହାନ ରାଜାଙ୍କର ପ୍ରଧାନ ନଗର ଅଟେ।
3 ଯେଉଁ ଲୋକମାନେ ସେହିସବୁ ପ୍ରାସାଦମାନଙ୍କରେ ବାସ
କରନ୍ତି, ସେମାନେ ଜାଣନ୍ତି ଯେ ତାଙ୍କର ସମସ୍ତ ପ୍ରାସାଦର
ଆଶ୍ରୟସ୍ଥଳର ନିରାପଦ ଆଶ୍ରୟସ୍ଥଳ ପରମେଶ୍ୱର ଅଛନ୍ତି।
4 ଗୋଟିଏ ସମୟରେ ଅନେକ ରାଜା ଏକତ୍ରୀତ ହୋଇ ଏହି
ନଗରୀକୁ ଆକ୍ରମଣ କରିବାକୁ ଯୋଜନା କଲେ। ସେମାନେ
ସେହି ନଗର ଆଡ଼କୁ ଗମନ କଲେ।
5 କିନ୍ତୁ ସେହି ରାଜାମାନେ ସେଠାରେ ଯାହା ଦେଖିଲେ
ସେଥିରେ ସେମାନେ ଆଶ୍ଚର୍ଯ୍ୟ ହେଲେ। ସେମାନଙ୍କ
ମଧ୍ୟରେ ଆତଙ୍କ ଖେଳିଗଲା ଓ ସେମାନେ ଦୌଡ଼ି ପଳାଇ
ଗଲେ।
6 ଭୟ ସେହି ରାଜାମାନଙ୍କୁ ଥରାଇ ଦେଲା ଓ ସେମାନେ
ଭୟରେ ଥରି ଉଠିଲେ।
7 ହେ ପରମେଶ୍ୱର, ତୁମ୍ଭ ନିର୍ଦ୍ଦେଶରେ ପୂର୍ବଦିଗରୁ ପ୍ରବଳ
ଝଡ଼ ମାଡ଼ ଆସି ସେମାନଙ୍କ ବୃହତ ଜାହାଜ ସବୁକୁ
ଭାଙ୍ଗି ପକାଇଲା।
8 ହଁ, ଆମ୍ଭେମାନେ ତୁମ୍ଭର ଶକ୍ତି ବିଷୟରେ ସେହି ଗଳ୍ପ
ସବୁ ଶୁଣି ଅଛୁ। କିନ୍ତୁ ଆମ୍ଭେ ପରମେଶ୍ୱରଙ୍କର ଶକ୍ତି
ଦେଖି ଅଛୁ। ଆମ୍ଭେ ସେହି ପରମେଶ୍ୱରଙ୍କ
ନଗରରେ ବାସ କରୁ, ସେପରି ସୈନ୍ୟାଧିପତି ପରମେଶ୍ୱର
ଚିରଦିନ ଲାଗି ସେହି ନଗରକୁ ଅଧିକ ଶକ୍ତିଶାଳୀ
କରିଛନ୍ତି।
9 ପରମେଶ୍ୱର ତୁମ୍ଭ ମନ୍ଦିରରେ ଆମ୍ଭେ ତୁମ୍ଭର ସ୍ନେହପୂର୍ଣ୍ଣ
କରୁଣାକୁ ଧ୍ୟାନ କରୁ।
10 ହେ ପରମେଶ୍ୱର, ତୁମ୍ଭେ ମହାନ୍ ଅଟ। ଏ ପୃଥିବୀର
ସମସ୍ତ ଲୋକେ ତୁମ୍ଭକୁ ପ୍ରଶଂସା କରନ୍ତି। ସମସ୍ତେ ଜାଣନ୍ତି
ତୁମ୍ଭେ କେତେ ମହାନ ଅଟ।
11 ହେ ପରମେଶ୍ୱର, ତୁମ୍ଭର ପବିତ୍ର ସିୟୋନ ପର୍ବତ ଅତି
ଆନନ୍ଦିତ। ଯିହୁଦାର ସହର ସବୁ ଉଲ୍ଲସିତ। କେବଳ
ତୁମ୍ଭର ଉତ୍ତମ ଶାସନ ବିଧି ପାଇଁ ଏହା ସମ୍ଭବ
ହୋଇଛି।
12 ସିୟୋନ ପର୍ବତର ଚତୁର୍ଦ୍ଦିଗରେ ଭ୍ରମଣ କର। ସେହି
ନଗରୀକୁ ଗୃହଁ। ତାହାର ଗମ୍ବୁଜ ସବୁକୁ ଗଣ।
13 ବରଂଚ ଉଚ୍ଚ ପ୍ରାଚୀରସବୁ ଦେଖ। ସିୟୋନ ପ୍ରାସାଦକୁ
ନୀରିକ୍ଷଣ କର, ଯାହାଫଳରେ ତୁମ୍ଭେ ଆପଣା ପରବର୍ତ୍ତୀ
ବଂଶଧରମାନଙ୍କୁ ଏକଥା କହିପାରିବ।
14 ଏହି ପରମେଶ୍ୱର ହିଁ ଆମ୍ଭର ଚିରକାଳ ଲାଗି ପରମେଶ୍ୱର
ଅଛନ୍ତି। ସେ ଚିରକାଳ ଲାଗି ଆମ୍ଭକୁ ପଥ ପ୍ରଦର୍ଶନ
କରିବେ।

## ଗୀତ 49

*ପ୍ରଧାନ ବାଦ୍ୟକାର ନିମନ୍ତେ କୋରହ ପରିବାରର ଗୋଟିଏ ଗୀତ।*

1 ହେ ଜାତିଗଣ ସମୂହ ଶୁଣ, ହେ ପୃଥିବୀବାସୀ ଲୋକମାନେ
ଶୁଣ,
2 ପ୍ରତ୍ୟେକ ମଣିଷ ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତେ
ଶୁଣ,
3 ମୁଁ ତୁମ୍ଭକୁ ଅତି ଜ୍ଞାନଗର୍ଭକ ଓ ବୁଦ୍ଧିମାନର କଥା
କହିବି।
4 ମୁଁ ସେ ସବୁ ଯେ ଶୁଣି ଅଛି ଓ ବର୍ତ୍ତମାନ ମୁଁ ସେ
ସବୁକୁ ମୋର ବୀଣାବାଦନ ସହିତ ଗାୟନ କରିବ ଏବଂ
ତୁମ୍ଭ ନିକଟରେ ସେହି ଗୁଢ଼ ବିଷୟସବୁ ପ୍ରକାଶ କରିବ।
5 ଯଦି ବିପଦ ପଡ଼େ ମୁଁ କାହିଁକି ଭୟଭୀତ ହେବି। ଯଦି
ଦୁଷ୍ଟ ଲୋକମାନେ ମୋର ଗୋଇଠିକୁ ଘେରିଯାଇ
ମୋତେ ଯନ୍ତାରେ ପକାଇବାକୁ ଚେଷ୍ଟା କରନ୍ତି, ସେଠାରେ
ମଧ୍ୟ ମୋର ଭୟ କରିବାର କୌଣସି କାରଣ ନାହିଁ।
6 ଅନେକ ଲୋକ ଭାବନ୍ତି ସେମାନଙ୍କର ଧନ ଓ ବଳ
ସେମାନଙ୍କୁ ରକ୍ଷା କରିବ କିନ୍ତୁ ସେହି ଲୋକମାନେ ମୂର୍ଖ
ଅଛନ୍ତି।
7 କେହି ମନୁଷ୍ୟ ବନ୍ଧୁ ତୁମ୍ଭକୁ ବଞ୍ଚାଇପାରିବ ନାହିଁ କି
ତୁମ୍ଭେ ପରମେଶ୍ୱରଙ୍କୁ ଲାଞ୍ଚ ଦେଇପାରିବ ନାହିଁ।
8 ଏମିତି କୌଣସି ବ୍ୟକ୍ତି ନାହିଁ ଯିଏ ଅଧିକ ଧନ ଦେଇ
ତା'ର ଜୀବନକୁ ପ୍ରାୟଶ୍ଚିତ୍ତ କରିପାରିବ।
9 କୌଣସି ବ୍ୟକ୍ତିର ନିକଟରେ ଏତେ ଧନ ନାହିଁ ଯେ ସେ
ଚିରଦିନ ବଞ୍ଚିବା ପାଇଁ ସବୁ ଜିନିଷ ଧନରେ କିଣି
ପାରିବ ଓ ତା'ର ଶରୀରକୁ ରକ୍ଷା କରିପାରିବ, ଯାହାକି
କବର ମଧ୍ୟରେ ନଷ୍ଟ ହୋଇଥିବ।
10 ଦେଖ! ବୁଦ୍ଧିମାନ୍ ଲୋକମାନେ ମୃତ୍ୟୁବରଣ କରନ୍ତି,
ଯେମିତିକି ମୂର୍ଖ ଓ ନିର୍ବୋଧ ଲୋକମାନେ ମୃତ୍ୟୁବରଣ
କରନ୍ତି ଓ ନିଜର ସମ୍ପତ୍ତି ଅନ୍ୟ ପାଇଁ ଛାଡ଼ି ଯାଆନ୍ତି।
11 ସେମାନଙ୍କ କବର ସେମାନଙ୍କ ପାଇଁ ଚିରଦିନ ନୂତନ
ବାସସ୍ଥଳୀ ଅଟେ ଏବଂ ଯେତେ ଭୂମି ସେମାନେ ଅଧିକାର
କରିଥିଲେ ହେଁ, ଏହା ସେମାନଙ୍କ ପାଇଁ ମୂଲ୍ୟହୀନ
ଅଟେ।
12 ଲୋକମାନେ ବିତ୍ତଶାଳୀ ହୋଇ ପାରନ୍ତି। କିନ୍ତୁ ସେମାନେ
ଏଠାରେ ଚିରଦିନ ରହିପାରିବେ ନାହିଁ। ସେମାନେ ପଶୁ
ତୁଲ୍ୟ ମୃତ୍ୟୁବରଣ କରିବେ।
13 ସେହି ମୂର୍ଖ ଲୋକମାନଙ୍କ ଭାଗ୍ୟରେ ଏହିପରି ଘଟେ।
ଯେଉଁମାନେ ନିଜର ସମ୍ପତ୍ତିକୁ ଅଧିକ ଭଲ ପାଆନ୍ତି।

14 ସେହି ଲୋକମାନେ ମେଷମାନଙ୍କ ପରି ଅଟନ୍ତି। ସେମାନେ
ଶେଷରେ ସେହି କବରରେ ପତିତ ହେବେ ଓ ମୃତ୍ୟୁ
ସେମାନଙ୍କ ମେଷପାଳକ ହେବ। ତା'ପରେ ସେହି ସକାଳେ
ଉତ୍ତମ ବ୍ୟକ୍ତିଗଣ ବିଜୟୀ ହେବେ। ସେହି ଦୁଷ୍ଟ
ଲୋକମାନଙ୍କର ଶରୀର କବର ମଧ୍ୟରେ ଧୀରେ ଧୀରେ
ନଷ୍ଟ ହେବାକୁ ଲାଗିବ, ସେମାନଙ୍କର ନିଜ ସୁଶୋଭିତ
ଗୃହଠାରୁ ବହୁତ ଦୂରରେ ହେବ।
15 କିନ୍ତୁ ପରମେଶ୍ୱର ମୋତେ ସେଥିରୁ ମୁକ୍ତ କରିବେ ଓ
ମୋର ଜୀବନ ବଞ୍ଚାଇବେ। ସେ ମୋତେ ଉଦ୍ଧାର
କରିବେ, ସେହି ମୃତ୍ୟୁର କବର ମଧ୍ୟରୁ ସେତେବେଳେ
ସେ ମୋତେ ତାଙ୍କର ସାଙ୍ଗରେ ନେଇଯିବେ।
16 କେବଳ ସେମାନେ ଧନୀ ବୋଲି ସେମାନଙ୍କୁ ଭୟ କର
ନାହିଁ। ସେହି ଲୋକମାନଙ୍କୁ ଭୟ କର ନାହିଁ ଯେଉଁମାନଙ୍କର
ସୁଶୋଭିତ ଗୃହ ରହିଛି।
17 ସେହି ଲୋକମାନେ ଯେତେବେଳେ ମୃତ୍ୟୁବରଣ କରିବେ
ସେମାନେ ସାଙ୍ଗରେ କିଛି ନେଇଯିବେ ନାହିଁ। ତାଙ୍କର
ଐଶ୍ୱର୍ଯ୍ୟ ତାଙ୍କ ସାଙ୍ଗରେ ଯିବ ନାହିଁ।
18 ଜଣେ ଧନୀ ବ୍ୟକ୍ତି ପ୍ରକୃତରେ ନିଜ ଜୀବନରେ ଯାହା
ସବୁ କରିଛି ସେଥିପାଇଁ ନିଜକୁ କେବଳ ଧନ୍ୟବାଦ ଦିଏ।
ହଁ, ଅନ୍ୟ ଲୋକମାନେ ମଧ୍ୟ ତା'କୁ ପ୍ରଶଂସା କରି
କହନ୍ତି, ସେ ତା'ର ଜୀବନରେ କିପରି ଉତ୍ତମ ସଫଳତା
ହାସଲ କରିଛି।
19 ଶେଷରେ କିନ୍ତୁ ସମୟ ଆସିବ ତାକୁ ମରିବାକୁ ପଡ଼ିବ
ଓ ତାକୁ ତା'ର ପୂର୍ବପୁରୁଷଙ୍କ ନିକଟକୁ ଯିବାକୁ ପଡ଼ିବ ଓ
ସେ କେବେ ଆଉ ଦିନର ଆଲୋକ ଦେଖିପାରିବ ନାହିଁ।
20 ଲୋକମାନେ ବିତ୍ତଶାଳୀ ହୋଇପାରନ୍ତି, ତଥାପି ସେମାନେ
ବୁଝିପାରନ୍ତି ନାହିଁ ଯେ ସେମାନେ ମଧ୍ୟ ପଶୁଭଳି ମୃତ୍ୟୁବରଣ
କରିବେ।

## ଗୀତ 50

*ଆସଫ୍‌ର ଗୋଟିଏ ଗୀତ।*

1 ସଦାପ୍ରଭୁ ପରମେଶ୍ୱରଙ୍କର ବାକ୍ୟଗୁଡ଼ିକ ବିଷୟରେ କହିଛନ୍ତି।
ସେ ପୃଥିବୀର ସମସ୍ତ ଲୋକମାନଙ୍କୁ ଏକତ୍ରିତ କରନ୍ତି
ଏବଂ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ସେମାନଙ୍କୁ କହନ୍ତି।
2 ପରମ ସୌନ୍ଦର୍ଯ୍ୟମୟୀ* ପରମେଶ୍ୱର, ବାକ୍ୟସବୁ ସିୟୋନ୍
ପର୍ବତରେ ଥିବା ମନ୍ଦିରରେ କୁହାଯାଏ। ସେହି ମନ୍ଦିର
ପର୍ବତକୁ ଶୋଭା ମଣ୍ଡିତ କରିଥାଏ।
3 ଆମ୍ଭର ପରମେଶ୍ୱର ଆସୁଛନ୍ତି ଓ ସେ କେବେ ନୀରବରେ
ରହି ପାରିବେ ନାହିଁ। ତାଙ୍କ ସମ୍ମୁଖରେ ଅଗ୍ନି ଜଳୁଛି,
ସେଠାରେ ଏକ ବିରାଟ ଝଡ଼ ତାଙ୍କ ଚାରିପାଖରେ ଘୁରି
ବୁଲୁଛି।
4 ଆମ୍ଭର ପରମେଶ୍ୱର ଆକାଶ ଓ ପୃଥିବୀକୁ ଡ଼ାକି କହିଲେ,
ତୁମ୍ଭେ ଶୁଣ, ମୁଁ ପରମେଶ୍ୱରଙ୍କର ଲୋକମାନଙ୍କର ବିଚାର
କରିବ।
5 ପରମେଶ୍ୱର କହନ୍ତି, "ମୋର ଅନୁସରଣକାରୀଗଣ, ମୋ
ଚତୁଃପାର୍ଶ୍ୱରେ ଏକତ୍ରିତ ହୁଅ। ମୋର ଉପାସକଗଣ,
ଯେଉଁମାନେ ମୋ ସହିତ ଚୁକ୍ତି କଲ, ତୁମ୍ଭେମାନେ
ଆସ।"
6 ପରମେଶ୍ୱର ହେଉଛନ୍ତି ବିଚାରକର୍ତ୍ତା। ସ୍ୱର୍ଗ ତାଙ୍କର ନ୍ୟାୟ
ପ୍ରିୟତାକୁ ବର୍ଣ୍ଣନା କରେ।–
7 ପରମେଶ୍ୱର କହନ୍ତି, "ଇଶ୍ରାୟେଲର ଅଧିବାସୀଗଣ, ମୋର
ଅନୁଗାମୀମାନେ ମୋର କଥା ଶୁଣ, ମୁଁ ତୁମ୍ଭକୁ ତାହାର
ପ୍ରମାଣ ଦେଖାଇବ ଯାହା ତୁମ୍ଭ ବିରୁଦ୍ଧରେ ଯିବ। ମୁଁ ହିଁ
ପରମେଶ୍ୱର, ତୁମ୍ଭର ପରମେଶ୍ୱର।
8 ମୁଁ ତୁମ୍ଭର ବଳିଦାନ ବିଷୟରେ ଅଭିଯୋଗ କରୁ ନାହିଁ।
ତୁମ୍ଭେ ଇଶ୍ରାୟେଲର ଅଧିବାସୀଗଣ ପ୍ରତିଦିନ ମୋ ପାଇଁ
ହୋମବଳି ଆଣୁଅଛ। ତୁମ୍ଭେ ତାହାକୁ ମୋତେ ପ୍ରତିଦିନ
ଅର୍ପଣ କରୁଅଛ।
9 ମୁଁ ତୁମ୍ଭ ଗୃହରୁ ବଳଦମାନଙ୍କୁ ନେବ ନାହିଁ କି ମୁଁ
ତୁମ୍ଭର ଗୁହାଳରୁ ଛେଳିମାନଙ୍କୁ ନେବ ନାହିଁ।
10 ମୁଁ ସେହି ପଶୁମାନଙ୍କୁ ଚାହେଁ ନାହିଁ। ଜଙ୍ଗଲରେ ଥିବା
ସମସ୍ତ ପଶୁମାନେ ମୋର ଅଟନ୍ତି। ହଜାର ହଜାର ପଶୁ
ଯେଉଁମାନେ ପର୍ବତରେ ଥାଆନ୍ତି ସେମାନଙ୍କର ମାଲିକ ମୁଁ
ଅଟେ।
11 ମୁଁ ଅତିଉଚ୍ଚ ପର୍ବତରେ ଉଡୁଥିବା ପକ୍ଷୀକୁ ଜାଣେ। ଖୋଲା
ଦେଶ ଭିତରେ ସମସ୍ତ ପଶୁଗୁଡ଼ିକ ବାସ କରୁଥିବା ମୋର
ଅଟେ।
12 ମୁଁ ଭୋକିଲା ନୁହେଁ, ଯଦି ମୁଁ ଭୋକିଲା ଥାନ୍ତି,
କେବେହେଲେ ତୁମ୍ଭକୁ ଖାଦ୍ୟ ମାଗି ନଥାନ୍ତି। ମୁଁ ଏହି
ପୃଥିବୀର ମାଲିକ ଓ ତହିଁର ପୂର୍ଣ୍ଣତା ମୋର ଅଧୀନ
ଅଟେ।
13 ମୁଁ ଷଣ୍ଢର ମାଂସ ଖାଏ ନାହିଁ। ମୁଁ ଛେଳିର ରକ୍ତ ପିଏ
ନାହିଁ।"
14 ସର୍ବୋପରିସ୍ଥ ପରମେଶ୍ୱରଙ୍କଠାରେ ତୁମ୍ଭେ ଯାହା ପ୍ରତିଜ୍ଞା
କଲ, ତାଙ୍କୁ ଦିଅ। ତୁମ୍ଭର ବଳି ଉତ୍ସର୍ଗ କର।
15 ପରମେଶ୍ୱର କହନ୍ତି, "ତୁମ୍ଭେ ବିପଦରେ ପଡ଼ିଥିବା ବେଳେ
ଆମ୍ଭକୁ ଡ଼ାକ, ଆମ୍ଭେ ତୁମ୍ଭକୁ ସାହାଯ୍ୟ କରିବୁ ଓ
ତା'ପରେ ତୁମ୍ଭେ ଆମ୍ଭର ମହିମା କରିବ।"
16 ପରମେଶ୍ୱର ଦୁଷ୍ଟ ଲୋକମାନଙ୍କୁ କହନ୍ତି, "ତୁମ୍ଭେ ମୋର
ନିୟମ ଓ ବ୍ୟବସ୍ଥା ବିଷୟରେ ଆଲୋଚନା କରିବା ଠିକ୍
ନୁହେଁ।
17 କାରଣ ତୁମ୍ଭେମାନେ ଆନନ୍ଦିତ ନୁହଁ, ଯେତେବେଳେ ମୁଁ
ତୁମ୍ଭମାନଙ୍କୁ ଦଣ୍ଡିତ କରେ। ତୁମ୍ଭେମାନେ ମୋର କଥାକୁ
ଘୃଣା କର। ତୁମ୍ଭେମାନେ ମୋର କଥାକୁ ଅବଜ୍ଞା କର।
18 ତୁମ୍ଭେ ଗୋଟିଏ ଚୋରକୁ ଦେଖ ଓ ତା'ସହ ଦୌଡ଼ଯାଇ
ମିଶିଯାଅ। ଯେତେବେଳେ ବ୍ୟଭିଚାରୀମାନେ ପାପ କରନ୍ତି,
ତୁମ୍ଭେ ଆନନ୍ଦରେ ନାଚି ଉଠ।
19 ତୁମ୍ଭେମାନେ ସର୍ବଦା ମନ୍ଦକାର୍ଯ୍ୟ କର ଓ ମିଥ୍ୟା କୁହ।
20 ତୁମ୍ଭେ ନିରବଚ୍ଛିନ୍ନ ଭାବରେ ଅନ୍ୟମାନଙ୍କ ବିଷୟରେ ମନ୍ଦ
କଥା କୁହ, ଏପରିକି ତୁମ୍ଭ ନିଜ ଭ୍ରାତାମାନଙ୍କ ବିଷୟରେ
ନିନ୍ଦା କରୁଅଛ।

---

**ସୌନ୍ଦର୍ଯ୍ୟମୟୀ** ସିୟୋନରୁ ପରମେଶ୍ୱରଙ୍କର ଝଲକତା ସମ୍ପୂର୍ଣ୍ଣରୂପେ
ସୁନ୍ଦର ଅଟେ।

21 ଅତୀତରେ, ତୁମ୍ଭେ ମନ୍ଦକାର୍ଯ୍ୟ କଲ। ମୁଁ ଚୁପ୍ ରହିଲି। ତୁମ୍ଭେ ଭାବି ନେଇଛ ମୁଁ ମଧ୍ୟ ତୁମ୍ଭରିମାନଙ୍କ ପରି। ମୁଁ ଆଉ ନୀରବରେ ରହିପାରିବି ନାହିଁ। ମୁଁ ତୁମ୍ଭକୁ ପରିଷ୍କାର କରି କହିଦେଉଛି, ମୁଁ ତୁମ୍ଭକୁ ତିରସ୍କାର କରିବି।

22 ହେ ଲୋକମାନେ ତୁମ୍ଭେ ପରମେଶ୍ୱରଙ୍କୁ ଭୁଲି ଯାଇଛ। ତେଣୁ ତୁମ୍ଭେମାନେ ଭଲଭାବେ ବୁଝିବା ଉଚିତ୍ ଯେ ମୁଁ ତୁମ୍ଭକୁ ଖଣ୍ଡ ଖଣ୍ଡ କରି ଚିରିଦେବି। ଯଦି ତାହା ଘଟେ ତେବେ ତୁମ୍ଭକୁ କୌଣସି ବ୍ୟକ୍ତି ଉଦ୍ଧାର କରିପାରିବେ ନାହିଁ।

23 ଯେକେହି ମୋତେ ଧନ୍ୟବାଦାର୍ଥକ ନୈବେଦ୍ୟ ଉତ୍ସର୍ଗ କରେ, ମୋତେ ସମ୍ମାନ ପ୍ରଦର୍ଶନ କରେ ଏବଂ ଯିଏ କେହି ସତ୍‌ମାର୍ଗରେ ଚାଲିବାକୁ ନିଷ୍ପତ୍ତି ନିଏ, ସେ ମୋର ରକ୍ଷା କରିବାର ଶକ୍ତି ଦେଖିପାରିବ।"

## ଗୀତ 51

*ପ୍ରଧାନ ବାଦ୍ୟକର ନିମନ୍ତେ ଦାଉଦଙ୍କ ଗୀତ। ଦାଉଦ ବିଥ୍‌ଶେବାଠାରେ ଗମନ କଲାପରେ ତାଙ୍କ ନିକଟକୁ ନାଥ୍ ଭବିଷ୍ୟଦ୍‌ବକ୍ତା ଆସିବା ସମୟରେ ରଚିତ।*

1 ହେ ପରମେଶ୍ୱର, ଆପଣଙ୍କ ସ୍ନେହପୂର୍ଣ୍ଣ କରୁଣା ଅନୁସାରେ ମୋ ପ୍ରତି ଦୟାକର। ତୁମ୍ଭର ମହାନ କରୁଣା ଅନୁସାରେ, ମୋର ସମସ୍ତ ପାପ କ୍ଷମା କରନ୍ତୁ।

2 ମୋ ସବୁ ପାପ ଧୋଇ ଦିଅ, ଏବଂ ପୁଣି ମୋତେ ପବିତ୍ର କର।

3 ମୁଁ ଜାଣେ ମୁଁ ପାପ କରିଛି। ମୋର ପାପ ସବୁ ସର୍ବଦା ମୋର ସମ୍ମୁଖରେ ଦେଖାଯାଉଛି।

4 ହେ ପରମେଶ୍ୱର, ମୁଁ ତୁମ୍ଭ ବିରୁଦ୍ଧରେ ପାପ କରିଅଛି ଓ ତୁମ୍ଭେ ନିଜେ ମୁଁ ତାହାହିଁ କରିଛି ଯାହା ତୁମ୍ଭ ଦୃଷ୍ଟିରେ ଭୁଲ୍। ତୁମ୍ଭେ ଠିକ୍ କୁହ, ଯେତେବେଳେ ମୋର ବିଚାର ଓ ନ୍ୟାୟ କର ସେତେବେଳେ ମୋତେ ଦୋଷୀ ବୋଲି କୁହ।

5 ମୁଁ ପାପପୂର୍ଣ୍ଣ ପୃଥିବୀରେ ଜନ୍ମ ହେଲି ଓ ପାପରୁ ହିଁ ମୋର ମା ମୋତେ ଗର୍ଭରେ ଧାରଣ କଲା।

6 ହେ ପରମେଶ୍ୱର, ମୁଁ ବିଶ୍ୱସ୍ତ ହୁଏ ବୋଲି ତୁମ୍ଭେ ଚାହଁ, ତେଣୁ ମୋ ଅନ୍ତରରେ ପ୍ରକୃତ ଜ୍ଞାନ ପ୍ରଦାନ କର।

7 ଔଷଧୀୟ ବୃକ୍ଷର ପ୍ରୟୋଗ କରି ମୋତେ ବିଧି ସହକାରେ ଶୁଦ୍ଧ କର। ମୁଁ ବରଫଠାରୁ ଅଧିକ ଶୁକ୍ଳ ହେବା ପର୍ଯ୍ୟନ୍ତ ମୋତେ ପ୍ରକ୍ଷାଳନ କର।

8 ଆଉ ମୋତେ ଆନନ୍ଦ ପ୍ରଦାନ କରିବା ପରି ସମ୍ବାଦ ଦିଅ। ତୁମ୍ଭ ଦ୍ୱାରା ଭଗ୍ନ ଅସ୍ଥି ସବୁ ଆନନ୍ଦରେ ପ୍ରଫୁଲ୍ଲିତ ହେବ।

9 ମୋର ପାପଗୁଡ଼ିକ ପ୍ରତି ତୁମ୍ଭେ ମୁହଁ ବୁଲାଅ। ମୋର ପାପ ସବୁ ପୋଛିଦିଅ।

10 ହେ ପରମେଶ୍ୱର, ମୋ ଅନ୍ତରେ ଏକ ପବିତ୍ର ଆତ୍ମା ସୃଷ୍ଟି କର! ମୋତେ ଗୋଟିଏ ନୂଆ ଓ ବିଶ୍ୱସ୍ତ ଆତ୍ମା ଦିଅ।

11 ତୁମ୍ଭଠାରୁ ମୋତେ ଦୂର କର ନାହିଁ! ଏବଂ ତୁମ୍ଭର ପବିତ୍ର ଆତ୍ମା ମୋଠାରୁ ନିଅ ନାହିଁ!

12 ତୁମ୍ଭର ପରିତ୍ରାଣ ମୋତେ ଖୁସି କଲା! ପୁନର୍ବାର ମୋତେ ସେହି ଆନନ୍ଦ ପ୍ରଦାନ କର। ମୋର ଆତ୍ମାକୁ ସୁଦୃଢ଼ କର, ଯେପରିକି ମୁଁ ସର୍ବଦା ତୁମ୍ଭକୁ ମାନିବାକୁ ପ୍ରସ୍ତୁତ ହେବି।

13 ମୁଁ ଅପରାଧୀମାନଙ୍କୁ ତୁମ୍ଭ କଥିତ ବଞ୍ଚିବାର ପଥ ଶିଖାଇବି ଏବଂ ସେମାନେ ତୁମ୍ଭ ପାଖକୁ ଫେରିବେ।

14 ହେ ପରମେଶ୍ୱର, ମୃତ୍ୟୁ ଦଣ୍ଡରୁ ମୋତେ ରକ୍ଷା କର। ହେ ମୋର ପରମେଶ୍ୱର, ଆପଣ ହେଉଛନ୍ତି ଏକମାତ୍ର ଯେକି ମୋତେ ରକ୍ଷା କରି ପାରିବେ! ତୁମ୍ଭେ ମୋ ପାଇଁ କରିଥିବା ଧର୍ମ ବିଷୟ କାର୍ଯ୍ୟସବୁ ମୁଁ ଗାନ କରିବି।

15 ମୋର ପ୍ରଭୁ, ମୋତେ ପାଳନ କରିବାର କାରଣ ଦିଅ, ମୋର ଓଠ ଖୋଲ ତହିଁରେ ମୋର ମୁଖ ତୁମ୍ଭର ପ୍ରଶଂସା ଗାନ କରିବ।

16 ତୁମ୍ଭେ ପ୍ରକୃତରେ ବଳିଦାନ ଚାହଁ ନାହିଁ ଏବଂ ତୁମ୍ଭେ ହୋମବଳିରେ ସନ୍ତୁଷ୍ଟ ନୁହଁ। ତା' ହେଲେ ମୁଁ ସେଗୁଡ଼ିକ ଦେଇଥାନ୍ତି।

17 ନମ୍ର ଆତ୍ମା ପରମେଶ୍ୱରଙ୍କର ଗ୍ରାହ୍ୟବଳି। ହେ ପରମେଶ୍ୱର, ତୁମ୍ଭେ ନମ୍ର ହୃଦୟକୁ ଓ ପାପ ପାଇଁ ଅନୁତପ୍ତ ହୃଦୟକୁ ପ୍ରତ୍ୟାଖାନ କରିବ ନାହିଁ।

18 ହେ ପରମେଶ୍ୱର ନିଜର ଅନୁଗ୍ରହରେ ସିୟୋନର ମଙ୍ଗଳ କର। ତୁମ୍ଭେ ଯିରୁଶାଲମର ପ୍ରାଚୀରସବୁ ପୁନଃନିର୍ମାଣ କର।

19 ଏହାପରେ ତୁମ୍ଭେ ବଳିଦାନ ଓ ପୂର୍ଣ୍ଣ ହୋମବଳି, ଉପଭୋଗ କରିବ। ଏବଂ ଲୋକମାନେ ପୁନର୍ବାର ତୁମ୍ଭ ଯଜ୍ଞବେଦୀରେ ବୃଷଭମାନ ଉତ୍ସର୍ଗ କରିବେ।

## ଗୀତ 52

*ପ୍ରଧାନ ବାଦ୍ୟକର ନିମନ୍ତେ ଦାଉଦଙ୍କର ମସ୍କୀଲ, "ଦାଉଦ ଅହୀମେଲକର ଗୃହରେ ଅଛନ୍ତି" ବୋଲି ଇଦୋମୀୟ ଦୋୟେଗ୍ ଶାଉଲଙ୍କୁ ସମ୍ବାଦ ଦେବାବେଳେ ରଚିତ।*

1 ହେ ଶ୍ରେଷ୍ଠ, ମାନବ, ତୁମ୍ଭେ କରୁଥିବା ଅନିଷ୍ଟ କର୍ମରେ ବଡ଼ିମା ହେଉଛ କାହିଁକି? ପରମେଶ୍ୱରଙ୍କ ବିଶ୍ୱସ୍ତ ପ୍ରେମ ମୋତେ ଦିନ ତମାମ ସୁରକ୍ଷା କରିବ।

2 ତୁମ୍ଭେ ଲୋକମାନଙ୍କୁ ଧ୍ୱଂସ କରିବାକୁ ଚକ୍ରାନ୍ତ କରୁଅଛ। ତୁମ୍ଭର ଜିହ୍ୱା କ୍ଷୁରତୁଲ୍ୟ ତୀକ୍ଷ୍ଣ। ତୁମ୍ଭେ ମିଥ୍ୟା କହୁଛ ଏବଂ ଲୋକମାନଙ୍କୁ ଠକିବା ପାଇଁ ଚେଷ୍ଟା କରୁଛ!

3 ତୁମ୍ଭେ ସୁକର୍ମ ଅପେକ୍ଷା କୁକର୍ମକୁ ଅଧିକ ଭଲ ପାଉଛ। ତୁମ୍ଭେ ସତ କହିବା ଅପେକ୍ଷା, ମିଥ୍ୟା କହିବାକୁ ଅଧିକ ଭଲ ପାଉଛ।

4 ତୁମ୍ଭେ ଲୋକମାନଙ୍କୁ ଆଘାତ ଦେଉଥିବା ଶବ୍ଦକୁ ଓ ପ୍ରତାରଣା କରୁଥିବା ଜିହ୍ୱାକୁ ଭଲ ପାଉଛ।

5 ଏଣୁ ପରମେଶ୍ୱର ଚିରଦିନ ପାଇଁ ତୁମ୍ଭକୁ ଧ୍ୱଂସ କରିବେ। ସେ ତୁମ୍ଭକୁ ହଠାତ୍ ମାଡ଼ିବସିବେ ଏବଂ ତୁମ୍ଭକୁ ତୁମ୍ଭର ଘରୁ ଟାଣି ଆଣିବେ। ସେ ତୁମ୍ଭକୁ ସଜୀବ ପୃଥିବୀରୁ ଉତ୍ପାଟନ କରିବେ।

6 ଧାର୍ମିକ ଲୋକମାନେ ତାହା ଦେଖି ବିସ୍ମିତ ହେବେ। ସେମାନେ ତୁମ୍ଭକୁ ପରିହାସ କରି କହିବେ।

7 "ଦେଖ, ତାଙ୍କୁ କ'ଣ ହେଲା। ସେ ରକ୍ଷା ପାଇବା ପାଇଁ ପରମେଶ୍ୱରଙ୍କୁ ବିଶ୍ୱାସ କଲା ନାହିଁ। ସେ ଭାବିଲା, ତା'ର ଧନ ଏବଂ ମିଥ୍ୟା ତାକୁ ଉଦ୍ଧାର କରିବ।"

8 କିନ୍ତୁ ମୁଁ ପରମେଶ୍ୱରଙ୍କ ମନ୍ଦିରରେ ବଢୁଥିବା ଏକ ସତେଜ ଜିତବୃକ୍ଷ ତୁଲ୍ୟ ଅଛି। ମୁଁ ଅନନ୍ତକାଳ ପରମେଶ୍ୱରଙ୍କ ପ୍ରେମରେ ବିଶ୍ୱାସ କରେ।

9 ପରମେଶ୍ୱର, ତୁମ୍ଭେ କରିଥିବା କାମ ପାଇଁ ମୁଁ ତୁମ୍ଭକୁ ସର୍ବଦା ପ୍ରଶଂସା କରିବି। ମୁଁ ତୁମ୍ଭ ରାଜ ଭକ୍ତମାନଙ୍କ ଉପସ୍ଥିତିରେ ତୁମ୍ଭର ନାମର ଘୋଷଣା କରିବି, କାରଣ ତୁମ୍ଭେ ଉତ୍ତମ ଅଟ।

## ଗୀତ 53

*ପ୍ରଧାନ ବାଦ୍ୟକାର ନିମନ୍ତେ ମହଲତ୍ ସ୍ୱରରେ ଦାଉଦଙ୍କ ମସ୍କୀଲ୍।*

1 କେବଳ ନିର୍ବୋଧଗଣ ଭାବନ୍ତି ପରମେଶ୍ୱର ନାହାନ୍ତି। ସେମାନେ ଦୁର୍ନୀତିଗ୍ରସ୍ତ ଓ ସେମାନଙ୍କର କୁକର୍ମଗୁଡ଼ିକ ଭୟଙ୍କର, ଓ ସେମାନଙ୍କ ମଧ୍ୟରୁ କେହି ଭଲକାମ କରନ୍ତି ନାହିଁ।

2 ପରମେଶ୍ୱର ସ୍ୱର୍ଗରୁ ସମସ୍ତ ମନୁଷ୍ୟ ସମାଜକୁ ନିରୀକ୍ଷଣ କରନ୍ତି। ସେ ଲକ୍ଷ୍ୟ କରନ୍ତି, ଯଦି କେହି ଜ୍ଞାନୀ ବ୍ୟକ୍ତି ପରମେଶ୍ୱରଙ୍କୁ ଅନ୍ୱେଷଣ କରେ।

3 ସେମାନଙ୍କର ପ୍ରତ୍ୟେକ ଲୋକ ପରମେଶ୍ୱରଙ୍କଠାରୁ ବିମୁଖ ହୋଇଛନ୍ତି। ସେ ସମସ୍ତେ ଅଶୁଚି ହୋଇଅଛନ୍ତି। କୌଣସି ଲୋକ ସେମାନଙ୍କ ମଧ୍ୟରୁ ସୁକର୍ମ କରି ନାହାନ୍ତି। ନାଁ, ଜଣେ କେହି ନାହିଁ!

4 ପରମେଶ୍ୱର କହନ୍ତି, "ଦୁଷ୍ଟମାନେ କିଛି ବୁଝନ୍ତି ନାହିଁ? ଅଧର୍ମାଚାରୀମାନେ ଖାଦ୍ୟଗ୍ରାସ କଲାପରି ମୋ ଲୋକମାନଙ୍କୁ ଗ୍ରାସ କରୁଛନ୍ତି ଏବଂ ସେମାନେ ମୋତେ ପ୍ରାର୍ଥନା କରନ୍ତି ନାହିଁ।"

5 କିନ୍ତୁ ସେହି ଅଧର୍ମାଚାରୀ ଲୋକମାନେ ଭୟଭୀତ ହେବେ। ଏପରି ସେମାନେ ପୂର୍ବରୁ କେବେ ଭୟଭୀତ ହୋଇ ନଥିବେ। ଇଶ୍ରାୟେଲ, ସେହି ଦୁଷ୍ଟ ଲୋକମାନେ ତୁମ୍ଭକୁ ଆକ୍ରମଣ କରନ୍ତି। କିନ୍ତୁ ପରମେଶ୍ୱର ସେମାନଙ୍କୁ ପରିତ୍ୟାଗ କରିଛନ୍ତି। ତୁମ୍ଭେମାନେ ସେମାନଙ୍କୁ ପରାସ୍ତ କରିବ ଏବଂ ପରମେଶ୍ୱର ସେମାନଙ୍କର ଅସ୍ଥିସବୁ ଛିନ୍ନଭିନ୍ନ କରି ପକାଇବେ।

6 ମୁଁ ଇଚ୍ଛାକରେ, ସେହି ବିଜୟ ସିୟୋନ ପର୍ବତରୁ ଇଶ୍ରାୟେଲକୁ ଆସନ୍ତା! ଯେତେବେଳେ ପରମେଶ୍ୱର ଆପଣା ଲୋକମାନଙ୍କୁ ପୁଣିଥରେ ବନ୍ଦୀତ୍ୱରୁ ଆଣିବେ, ସେତେବେଳେ ଯାକୁବ ଆନନ୍ଦିତ ହେବେ ଏବଂ ଇଶ୍ରାୟେଲ ଉଲ୍ଲସିତ ହେବ।

## ଗୀତ 54

*ପ୍ରଧାନ ବାଦ୍ୟକାର ନିମନ୍ତେ ତାରଯୁକ୍ତ ଯନ୍ତ୍ରରେ ଦାଉଦଙ୍କର ମସ୍କୀଲ। ଯେତେବେଳେ ସୀଫୀୟମାନେ ଶାଉଲଠାକୁ ଗଲେ ଓ ଏହି କଥା କହିଲେ, "ଆମ୍ଭେମାନେ ଭାବୁଛୁ ଦାଉଦ ଆମ୍ଭମାନଙ୍କ ମଧ୍ୟରେ ଅଛନ୍ତି।" ସେହି ସମୟରେ ଏହା ରଚିତ।*

1 ହେ ପରମେଶ୍ୱର, ତୁମ୍ଭ ଶକ୍ତି ପ୍ରଦର୍ଶନ କରି, ମୋତେ ରକ୍ଷା କର। ତୁମ୍ଭ ମହାପରାକ୍ରମ ଶକ୍ତି ବ୍ୟବହାର କରି ପ୍ରମାଣ କର ଯେ, ମୁଁ ନିରହ।

2 ହେ ପରମେଶ୍ୱର, ମୋର ପ୍ରାର୍ଥନା ଶୁଣ। ମୋହର ଗୁହାରି ଶୁଣ।

3 ଅପରିଚିତ ଲୋକମାନେ କେହି ପରମେଶ୍ୱରଙ୍କୁ ଉପାସନା କରନ୍ତି ନାହିଁ। ପରାକ୍ରମଶାଳୀ ଲୋକମାନେ ମୋତେ ହତ୍ୟା କରିବା ପାଇଁ ଚେଷ୍ଟା କରୁଛନ୍ତି।

4 ଦେଖ, ପରମେଶ୍ୱର ମୋତେ ସାହାର୍ଯ୍ୟ କରିବେ, ମୋର ପ୍ରଭୁ ମୋର ସମର୍ଥନ କରିବେ।

5 ପରମେଶ୍ୱର ମୋର ଶତ୍ରୁମାନଙ୍କୁ ସେମାନଙ୍କର କୁକର୍ମ ପାଇଁ ପରିଶୋଧ କର। ପରମେଶ୍ୱର, ଦେଖାଇ ଦିଅ ଯେ, ତୁମ୍ଭେ ମୋ ପାଇଁ ସତ୍ୟ ଅଟ ଏବଂ ସେମାନଙ୍କୁ ଧ୍ୱଂସ କର।

6 ମୁଁ ସ୍ୱଇଚ୍ଛାରେ ନୈବେଦ୍ୟ ନେଇ ତୁମ୍ଭ ଉଦ୍ଦେଶ୍ୟରେ ଦେବି। ସଦାପ୍ରଭୁ, ମୁଁ ତୁମ୍ଭର ନାମର ଗୁଣଗାନ କରିବି, କାରଣ ତୁମ୍ଭେ ଉତ୍ତମ ଅଟ।

7 ତୁମ୍ଭେ ମୋତେ ମୋର ସବୁ ବିପଦରୁ ରକ୍ଷା କଲ। ମୋ ଶତ୍ରୁଗଣ ପରାଜିତ ହେବାର ମୁଁ ଦେଖିଛି।

## ଗୀତ 55

*ପ୍ରଧାନ ବାଦ୍ୟକାର ପାଇଁ ତାରଯୁକ୍ତ ଯନ୍ତ୍ରରେ ଦାଉଦଙ୍କର ମସ୍କୀଲ୍।*

1 ହେ ପରମେଶ୍ୱର, ମୋର ପ୍ରାର୍ଥନା ଶ୍ରବଣ କର। ମୋର କରୁଣା ପ୍ରାପ୍ତି କରୁଥିବା ପ୍ରାର୍ଥନାକୁ ଉପେକ୍ଷା କର ନାହିଁ।

2 ଦୟାକରି ମୋର କଥା ଶୁଣ ଓ ମୋତେ ଉତ୍ତର ଦିଅ। ମୋତେ ତୁମ୍ଭକୁ କହିବାକୁ ଦିଅ ଏବଂ ତୁମ୍ଭଙ୍କୁ କହିବ, ଯାହା ମୋତେ ବ୍ୟତିବ୍ୟସ୍ତ କରେ।

3 ମୋର ଶତ୍ରୁ ମୋତେ ଭୟଭୀତ କଲେ। ସେହି ଦୁଷ୍ଟ ଲୋକଟି ମୋ ଉପରେ ପାଟି କଲା। ମୋର ଶତ୍ରୁମାନେ ମୋ ଉପରେ ବିରକ୍ତ ହୋଇ ଆକ୍ରମଣ କଲେ। ସେମାନେ ମୋ ଉପରେ ବିଭିନ୍ନ ବିପଦ ବୃଷ୍ଟି ଆଣିଲେ।

4 ମୋ ଅନ୍ତରରେ ମୋର ହୃଦୟ ଅତ୍ୟନ୍ତ ବିଦର୍ଣ୍ଣ ହେଉଅଛି। ମୁଁ ମୃତ୍ୟୁକୁ ବହୁତ ଭୟ କରୁଛି।

5 ମୋତେ ଭୟ ଓ କମ୍ପ ଆକ୍ରମଣ କରିଅଛି, ଆଉ ମହାତ୍ରାସ ମୋତେ ଆଚ୍ଛନ୍ନ କରିଅଛି।

6 ଆଃ, ଯେବେ କପୋତ ପରି ମୋର ପକ୍ଷଥାଆନ୍ତା ତେବେ ମୁଁ ଉଡ଼ିଯାଆନ୍ତି ଓ ବିଶ୍ରାମ ପାଇଁ ସ୍ଥାନ ବାଛନ୍ତି।

7 ଦେଖ! ତେବେ ମୁଁ ଦୂରରୁ ଭ୍ରମଣ କରି ମୁଁ ମରୁଭୂମି ମଧ୍ୟକୁ ପଳାନ୍ତି।

8 ମୁଁ ପ୍ରବଳ ବାୟୁ ଓ ତୋଫାନ ମଧ୍ୟରୁ ତରବର ହୋଇ ଏକ ନିରାପଦ ସ୍ଥାନ ଖୋଜାଣ କରେ।

9 ହେ ମୋର ପ୍ରଭୁ, ସେମାନଙ୍କୁ ବିନାଶ କର। ସେମାନଙ୍କର ବକ୍ତୃତାକୁ ପଣ୍ଡ କର। ମୁଁ ନଗର ମଧ୍ୟରେ ଦୌରାତ୍ମ୍ୟ ଓ କଳହ ଦେଖିଛି।

10 ନଗରରେ ଦିନରାତି, ପ୍ରତ୍ୟେକଙ୍କ ପଡୋଶୀମାନଙ୍କଠାରେ ଦୋଷ ଓ ଅସଭ୍ୟତା ପୁରି ରହିଛି।

11 ଅପରାଧ ସବୁଠାରେ ପ୍ରଚଳିତ ଅଛି। ଅରାଜକତା ଓ ପ୍ରତାରଣା ସର୍ବସାଧାରଣ ସ୍ଥାନ କେବେ ଛାଡ଼ି ନାହିଁ।

12 ଯଦି କୌଣସି ଶତ୍ରୁ ମୋତେ ତିରସ୍କାର କଲା ମୁଁ ସହନ୍ତି। ଯଦି ମୋର ଶତ୍ରୁମାନେ ମୋ ବିରୁଦ୍ଧରେ ଆକ୍ରମଣ କରନ୍ତି। ମୁଁ ତାଙ୍କଠାରୁ ନିଜକୁ ଲୁଚାନ୍ତି।

13 କିନ୍ତୁ ତୁମ୍ଭେ ମୋର ସହଯୋଗୀ, ସହପାଠୀ ଓ ସାଙ୍ଗମାନେ, ଯିଏ ଏହା କରନ୍ତି।

14 ଆମ୍ଭେମାନେ ଏକତ୍ର ଗୁପ୍ତ ମନ୍ତ୍ରଣା କଲୁ। ଆମ୍ଭେମାନେ ଲୋକମାନଙ୍କ ସଙ୍ଗେ ପରମେଶ୍ୱରଙ୍କ ମନ୍ଦିରକୁ ଗଲୁ।

15 ମୁଁ ଇଚ୍ଛା କରେ ଯେ, ମୃତ୍ୟୁ ମୋର ଶତ୍ରୁଗଣଙ୍କୁ ହଠାତ୍ ଆକ୍ରମଣ କରୁ, ମୁଁ ଇଚ୍ଛାକରେ ପୃଥିବୀ ଖୋଲି ହୋଇଯାଉ ଓ ସେମାନଙ୍କୁ ଜିଅନ୍ତା ଗ୍ରାସ କରି ଗମନ କରନ୍ତୁ। କାରଣ ସେମାନଙ୍କର ବାସସ୍ଥାନରେ ସେମାନଙ୍କ ମଧ୍ୟରେ ଦୁଷ୍ଟତା ଅଛି।

16 ମୁଁ ପରମେଶ୍ୱରଙ୍କଠାରେ ସାହାର୍ଯ୍ୟ ପାଇଁ ପ୍ରାର୍ଥନା କରିବି। ଏବଂ ସଦାପ୍ରଭୁ ମୋତେ ରକ୍ଷା କରିବେ।

17 ମୁଁ ସନ୍ଧ୍ୟା, ସକାଳେ ଓ ମଧ୍ୟାହ୍ନରେ ପରମେଶ୍ୱରଙ୍କୁ କଥା କହିଲି। ମୁଁ ତାଙ୍କୁ କୁହେ, ମୋତେ କ'ଣ ବ୍ୟସ୍ତ କରୁଅଛି ଏବଂ ସେ ମୋର କଥା ଶୁଣନ୍ତି!

18 ସେ ଯୁଦ୍ଧରେ ମୋର ଜୀବନ ରକ୍ଷା କରିଛନ୍ତି। ଯେତେବେଳେ ବହୁତ ଲୋକ ମୋ ବିରୁଦ୍ଧରେ ଥିଲେ।

19 ପରମେଶ୍ୱର, ଯିଏ ଦୀର୍ଘଦିନ ଧରି ରାଜତ୍ୱ କରିଛନ୍ତି, ମୋ କଥା ଶୁଣିବେ ଓ ସେମାନଙ୍କୁ ଦଣ୍ଡିତ କରିବେ।

20 ମୋର ଶତ୍ରୁମାନେ ସେମାନଙ୍କର ଜୀବନ ଧାରଣର ପଥ ବଦଳାଇବେ ନାହିଁ। ସେମାନେ ପରମେଶ୍ୱରଙ୍କୁ ଭୟ କରନ୍ତି ନାହିଁ କି ସମ୍ମାନ ଦିଅନ୍ତି ନାହିଁ।

21 ମୋର ଶତ୍ରୁ ତା'ର ସାଙ୍ଗମାନଙ୍କୁ ଆକ୍ରମଣ କରେ ଏବଂ ତା'ର ପ୍ରତିଜ୍ଞା ଭଙ୍ଗ କରେ।

22 ତା'ର କଥାଗୁଡ଼ିକ ଲବଣୀ ତୁଲ୍ୟ ଚିକ୍କଣ। କିନ୍ତୁ ତା ହୃଦୟରେ ଘୃଣା ଅଛି। ତା'ର କଥାଗୁଡ଼ିକ ତେଲ ସଦୃଶ ପିଚ୍ଛିଳ, କିନ୍ତୁ ସେଗୁଡ଼ିକ ଧାରୁଆ ଖଡ୍ଗ ତୁଲ୍ୟ କାଟନ୍ତି।

23 ତୁମ୍ଭେ ସଦାପ୍ରଭୁଙ୍କୁ ଆପଣାର ଭାର ଦେଇଦିଅ, ତହିଁରେ ସେ ତୁମ୍ଭର ଯତ୍ନ ନେବେ। ସଦାପ୍ରଭୁ ଧାର୍ମିକ ଲୋକମାନଙ୍କୁ କଦାପି ପରାଜିତ ହେବାକୁ ଦେବେ ନାହିଁ।

24 ତୁମ୍ଭର ଚୁକ୍ତିର ଅଂଶ ରୂପେ ପରମେଶ୍ୱର ସେହି ମିଥ୍ୟାବାଦୀମାନଙ୍କୁ ଓ ହତ୍ୟାକାରୀମାନଙ୍କୁ ସେମାନଙ୍କର ଜୀବନ ଅଧା ମଧ୍ୟ ଶେଷ ନ ହୋଇଥିବା ପୂର୍ବରୁ କବରକୁ ପଠେଇ ଦିଅନ୍ତୁ! ମୋର ଚୁକ୍ତିର ଅଂଶ ରୂପେ ମୁଁ ମୋର ବିଶ୍ୱାସ ତୁମ୍ଭଠାରେ କରିବି।

## ଗୀତ 56

*ପ୍ରଧାନ ବାଦ୍ୟକର ପାଇଁ ଯୋନତ୍-ଏଲମ୍ ରହୋକୀମ୍ ସ୍ୱରରେ ଦାଉଦଙ୍କ ଗୀତ। ପଲେଷ୍ଟୀୟମାନେ ତାହାଙ୍କୁ ଗାଥ ନଗରରେ ଧରିବା ସମୟରେ ରଚିତ ଦାଉଦଙ୍କର ଏକ ମିକ୍ତାମ୍।*

1 ହେ ପରମେଶ୍ୱର, ମୋତେ ଦୟା କର। ଲୋକମାନେ ମୋତେ ଆକ୍ରମଣ କରିବାକୁ ଉଦ୍ୟମ କଲେ। ସେମାନେ ନିରନ୍ତର ଭାବରେ ମୋତେ ଅନୁଧାବନ କରୁଛନ୍ତି ଓ ଯୁଦ୍ଧ କରି ଆସୁଛନ୍ତି।

2 ମୋର ଶତ୍ରୁମାନେ ନିରନ୍ତର ଭାବରେ ମୋତେ ଆକ୍ରମଣ କରିବାକୁ ଉଦ୍ୟମ ସେହି ଯୋଦ୍ଧାମାନଙ୍କର ସଂଖ୍ୟା ବହୁତ। ହେ ସର୍ବୋପରିସ୍ଥ ପରମେଶ୍ୱର

3 ମୁଁ ଭୀତ ହେବା ସମୟରେ ତୁମ୍ଭ ଉପରେ ନିର୍ଭର କରେ।

4 ପରମେଶ୍ୱରଙ୍କ ଉପରେ ମୁଁ ନିର୍ଭର କରେ। ତାଙ୍କର ପ୍ରତିଜ୍ଞା ପାଇଁ ମୁଁ ତାଙ୍କୁ ପ୍ରଶଂସା କରେ। ମୁଁ ପରମେଶ୍ୱରଙ୍କ ଉପରେ ନିର୍ଭର କରେ, ତେଣୁ ମୁଁ ଭୟ କରିବେ ନାହିଁ। ଲୋକମାନେ ମୋତେ କ'ଣ କରିପାରିବେ!

5 ମୋର ଶତ୍ରୁମାନେ ମୋର କଥାକୁ ରୂପ ବଦଳାଇ ବିପରୀତ ଅର୍ଥ କରୁଛନ୍ତି। ସେମାନେ ମୋତେ ସର୍ବଦା କୁମନ୍ତ୍ରଣାରେ ଅନିଷ୍ଟ କରୁଛନ୍ତି।

6 ସେମାନେ ମୋତେ ହତ୍ୟା କରିବାର ଆଶା ନେଇ ଲୁଚି ରହନ୍ତି ଓ ମୋର ପ୍ରତ୍ୟେକ ଗତିବିଧି ଲକ୍ଷ୍ୟ କରନ୍ତି।

7 କାରଣ ସେମାନଙ୍କର ଅଧର୍ମ ପାଇଁ, ସେମାନଙ୍କୁ ପଳାଇ ଯିବାକୁ ଦିଅନାହିଁ। ପରମେଶ୍ୱର! ତୁମ୍ଭ କ୍ରୋଧରେ ସେହି ଜାତିଗଣଙ୍କୁ ନିମ୍ନ ଆଡ଼କୁ ନେଇଆସ।

8 ତୁମ୍ଭେ ନିଶ୍ଚୟ ମୋର ଦୁଃଖର ହିସାବ ରଖିଥିବ। ତୁମ୍ଭେ ନିଶ୍ଚିତଭାବରେ ଜାଣିଥିବ ଯେ, ମୁଁ କେତେ କ୍ରନ୍ଦନ କଲି। ନିଶ୍ଚିତରେ ତୁମ୍ଭେ ମୋର ସମସ୍ତ ଅଶ୍ରୁଜଳରେ ହିସାବ ରଖିଛ।

9 ମୁଁ ଜାଣେ କେତେବେଳେ ମୁଁ ସାହାଯ୍ୟ ପାଇଁ ଡାକିବି, ମୋର ଶତ୍ରୁଗଣ ବୁଲିପଡ଼ିବେ ଏବଂ ଦୌଡ଼ିବେ। ମୁଁ ତାହା ଜାଣେ କାରଣ ତୁମ୍ଭେ ମୋର ପରମେଶ୍ୱର।

10 ମୁଁ ପରମେଶ୍ୱରଙ୍କ ବାକ୍ୟର ପ୍ରଶଂସା କରିବି। ସଦାପ୍ରଭୁ ମୋତେ କରିଥିବା ପ୍ରତିଜ୍ଞା ପାଇଁ ମୁଁ ତାଙ୍କର ପ୍ରଶଂସା କରିବି।

11 ପରମେଶ୍ୱରଙ୍କ ଉପରେ ମୁଁ ନିର୍ଭର କରେ। ତେଣୁ ମୁଁ ଭୟ କରିବି ନାହିଁ। ଲୋକମାନେ ମୋର କ'ଣ କରିବେ!

12 ହେ ପରମେଶ୍ୱର, ତୁମ୍ଭ ନିକଟରେ କରିଥିବା ପ୍ରତିଜ୍ଞା, ମୁଁ ପୂରଣ କରିବି। ମୁଁ ତୁମ୍ଭକୁ ଧନ୍ୟବାଦ ରୂପକ ନୈବେଦ୍ୟ ଦେବି।

13 କାରଣ ତୁମ୍ଭେ ମୋତେ ମୃତ୍ୟୁମୁଖରୁ ରକ୍ଷା କରିଛ, ମୋତେ ପରାସ୍ତ ହେବାରୁ ଉଦ୍ଧାର କରିଛ। ତେଣୁ ମୁଁ ପରମେଶ୍ୱରଙ୍କ ଉପସ୍ଥିତିରେ ଚାଲିବି, ଜୀବନ ପ୍ରଦାନକାରୀ ରଶ୍ମି ତୁଲ୍ୟ। ଯେଉଁ ରଶ୍ମି ମୋତେ ଜୀବନ ପ୍ରଦାନ କରିଅଛି, ସେହି ପରମେଶ୍ୱରଙ୍କ ପାଇଁ ବଞ୍ଚିବି।

## ଗୀତ 57

*ପ୍ରଧାନ ବାଦ୍ୟକାର ନିମନ୍ତେ ଅଲ୍-ତଶ୍‌ହେତ୍ ଗୁମ୍ଫାରେ ଶାଉଲ ସମ୍ମୁଖରୁ ପଳାଇବା ବେଳେ ରଚିତ।*

1 ହେ ପରମେଶ୍ୱର, ମୋ ଉପରେ ଦୟାକର। ମୋ ଉପରେ ଦୟାକର କାରଣ ମୁଁ ସୁରକ୍ଷା ପାଇଁ ତୁମ୍ଭ ନିକଟକୁ ଆସେ। ବିପଦ ବହିଯିବା ପର୍ଯ୍ୟନ୍ତ ମୁଁ ତୁମ୍ଭ ପକ୍ଷର ଛାୟାରେ ଶରଣ ନେବାକୁ ଆସିଛି।

2 ମୁଁ ସର୍ବୋପରିସ୍ଥ ପରମେଶ୍ୱରଙ୍କ ନିକଟରେ ସାହାଯ୍ୟ ପାଇଁ ପ୍ରାର୍ଥନା କରିବି। ଏବଂ ପରମେଶ୍ୱର ମୋର ସଂପୂର୍ଣ୍ଣ ଭାବରେ ରକ୍ଷା କରିବେ!

3 ସେ ସ୍ୱର୍ଗରୁ ମୋତେ ସାହାଯ୍ୟ କରି ଓ ରକ୍ଷା କରନ୍ତି।
ଯେଉଁମାନେ ମୋତେ ଆକ୍ରମଣ କରନ୍ତି, ସେ ସେମାନଙ୍କୁ
ଲଜ୍ଜିତ କରନ୍ତି। ପରମେଶ୍ୱର ତାଙ୍କର ସ୍ୱର୍ଗୀୟ ପ୍ରେମ ଓ
ବିଶ୍ୱସ୍ତ ମଙ୍ଗଳ ପ୍ରଦାନ କରନ୍ତି।
4 ମୋର ଜୀବନ ସଙ୍କଟପୂର୍ଣ୍ଣ। ମୋର ଶତ୍ରୁମାନେ ମୋର
ଚତୁଃପାର୍ଶ୍ୱରେ ଘେରି ରହିଛନ୍ତି। ସେମାନେ ମଣିଷ ଖିଆ
ସିଂହ ପରି। ସେମାନଙ୍କର ଦାନ୍ତ ବର୍ଚ୍ଛା ଓ ବାଣ ତୁଲ୍ୟ।
ସେମାନଙ୍କର ଜିହ୍ୱା ତୀକ୍ଷ୍ଣ ଖଡ୍ଗ ତୁଲ୍ୟ।
5 ପରମେଶ୍ୱର, ସ୍ୱର୍ଗ ଉପରେ ଜାଗି ଉଠ। ସମୁଦାୟ
ଭୂମଣ୍ଡଳ ଉପରେ ତୁମ୍ଭର ମହିମା ଆଚ୍ଛାଦିତ ହେଉ।
6 ମୋର ଶତ୍ରୁମାନେ ମୋତେ ଫାନ୍ଦରେ ପକାଇବାକୁ ମୋ
ପାଇଁ ଜାଲ ବିସ୍ତାର କରିଛନ୍ତି। ସେମାନେ ମୋ ପାଇଁ
ଏକ ବଡ ଗାତ ଖୋଳିଛନ୍ତି। କିନ୍ତୁ ସେମାନେ ନିଜେ
ସେଥିରେ ପଡିଛନ୍ତି।
7 ମୋର ହୃଦୟ ସ୍ଥିର ଅଛି। ପରମେଶ୍ୱର ମୋର ହୃଦୟ
ସ୍ଥିର ଅଛି। ମୁଁ ତାଙ୍କର ପ୍ରଶଂସା ଓ ଗାନ କରିବି।
8 ଜାଗ୍ରତ ହୁଅ, ହେ ମୋର ପ୍ରାଣ! ଜାଗ୍ରତ ହୁଅ! ନେବଲ
ଓ ବୀଣା, ଜାଗ୍ରତ ହୁଅ ଓ ମୁଁ ଅତି ପ୍ରଭାତରେ ଜାଗ୍ରତ
ହେବି।
9 ହେ ପ୍ରଭୁ, ପ୍ରତ୍ୟେକ ବ୍ୟକ୍ତି ସମ୍ମୁଖରେ ମୁଁ ତୁମ୍ଭର
ଗୁଣଗାନ କରିବି। ମୁଁ ପ୍ରତ୍ୟେକ ଜାତିଗଣ ମଧ୍ୟରେ ତୁମ୍ଭ
ପ୍ରଶଂସାର ଗୀତ ଗାଇବି।
10 ତୁମ୍ଭର ପ୍ରେମ ଆକାଶ ପରି ଉଚ୍ଚ। ତୁମ୍ଭର ବିଶ୍ୱସନୀୟତା
ମେଘମାଳାକୁ ସ୍ପର୍ଶ କରୁଛି।
11 ପରମେଶ୍ୱର ,ସ୍ୱର୍ଗ ଉପରେ ଉଠ। ତୁମ୍ଭର ମହିମା
ସାରାପୃଥିବୀକୁ ଆଚ୍ଛାଦନ କରୁ।

## ଗୀତ 58

*ପ୍ରଧାନ ବାଦ୍ୟକାର ନିମନ୍ତେ ଅଲ୍-ତଶ୍‌ହେତ୍ ସ୍ୱରରେ ଦାଉଦଙ୍କର ଗୀତ; ମିକ୍ତାମ।*

1 ବିଗ୍ଭରକଗଣ! ତୁମ୍ଭେ ନ୍ୟାୟ ଭାବରେ କୁହ କି? ତୁମ୍ଭେ
ଲୋକମାନଙ୍କର ଧର୍ମ ବିଗ୍ଭର କର କି?।
2 ନା, ତୁମ୍ଭେ କେବଳ ମନ୍ଦକାର୍ଯ୍ୟ କରିବା ପାଇଁ ଚିନ୍ତା
କରୁଛ। ତୁମ୍ଭେମାନେ ନିଜେ ଏହି ଦେଶରେ ଅପରାଧ
କରୁଛ।
3 ସେହି ଦୁଷ୍ଟ ଲୋକମାନେ ଜନ୍ମ ହେବା ମାତ୍ରେ ବିପଥଗାମୀ।
ସେମାନେ ଜନ୍ମଠାରୁ ମିଥ୍ୟାବାଦୀ।
4 ସେମାନଙ୍କର କ୍ରୋଧ ସର୍ପର ବିଷତୁଲ୍ୟ ବିପଦପୂର୍ଣ୍ଣ। ଆଉ
ନାଗସାପ ପରି ଯିଏ ଶୁଣିପାରିବ ନାହିଁ, ସେମାନେ ସତ
କଥା ଶୁଣିବାକୁ ବାରଣ କରନ୍ତି।
5 ସାପୁଆକେଳାମାନଙ୍କର ବାଦ୍ୟ କିଅବା ଗୀତକୁ ନାଗସାପ
ଶୁଣି ପାରିବ ନାହିଁ। ଆଉ ସେହି ମନ୍ଦ ଲୋକମାନେ
ସେହିପରି, ଯେତେବେଳେ ସେମାନେ ସେମାନଙ୍କର ମନ୍ଦ
ଯୋଜନା କରନ୍ତି।
6 ହେ ପରମେଶ୍ୱର, ସେହି ଲୋକମାନେ ସିଂହ ପରି।
ତେଣୁ ହେ ପରମେଶ୍ୱର, ସେମାନଙ୍କର ଦାନ୍ତସବୁ ଭାଙ୍ଗି
ଦିଅ।
7 ସେମାନେ ବହିନ୍ତା ଜଳପରି ଅନ୍ତର୍ଦ୍ଧାନ ହୋଇ ଯାଆନ୍ତୁ।
ରାସ୍ତାର ଘାସ ତୁଲ୍ୟ ସେମାନେ ପଦଦଳିତ ହୁଅନ୍ତୁ।
8 ଶାମୁକା ଗତି କଲାବେଳେ ତରଳ ଯିବା ପରି ସେମାନେ
ତରଳି ଯାଆନ୍ତୁ। ସୂର୍ଯ୍ୟାଲୋକ ଦେଖିନଥିବା ମୃତବସ୍ଥାରେ
ଜନ୍ମଲାଭ କରିଥିବା ସନ୍ତାନ ପରି ହୁଅନ୍ତୁ।
9 ଜ୍ୱଳନ୍ତା କଣ୍ଟା ହାଣ୍ଡିକୁ ଗଲାପରି ସେମାନେ ଶୀଘ୍ର ଧ୍ୱଂସ
ହୁଅନ୍ତି।
10 ଜଣେ ଧାର୍ମିକ ଲୋକ ଯେତେବେଳେ ସେହି ଦୁଷ୍ଟ
ଲୋକମାନଙ୍କ ଦଣ୍ଡିତ ହେବାର ଦେଖେ, ସେ ଆନନ୍ଦିତ
ହେବ।
11 ଯେତେବଳେ ଏପରି ଘଟେ, ଲୋକମାନେ କହିବେ, "ଏଣୁ
ଯେଉଁ ଲୋକମାନେ ଯାହା ଧାର୍ମିକ ତାହା କରନ୍ତି,
ସତରେ ପୁରସ୍କୃତ ଅଟନ୍ତି। ସତରେ ପରମେଶ୍ୱର ଅଛନ୍ତି,
ଯିଏ ପୃଥିବୀ ଉପରେ ବିଗ୍ଭର କରନ୍ତି।

## ଗୀତ 59

*ପ୍ରଧାନ ବାଦ୍ୟକାର ନିମନ୍ତେ ଅଲ୍-ତଶ୍‌ହେତ୍ ସ୍ୱରରେ ଦାଉଦଙ୍କ ଗୀତ, ମିକ୍ତାମ ଓ ଶାଉଲ ଲୋକ ପଠାନ୍ତି। ସେମାନେ ଦାଉଦଙ୍କୁ ବଧ କରିବା ପାଇଁ ତାଙ୍କର ଗୃହ ଜଗିବସିବା ସମୟରେ ରଚିତ।*

1 ହେ ପରମେଶ୍ୱର, ମୋର ଶତ୍ରୁଗଣଠାରୁ ମୋତେ ଉଦ୍ଧାର
କର। ଆକ୍ରମଣ କରିବାକୁ ଆସିଥିବା ଲୋକମାନଙ୍କଠାରୁ
ମୋତେ ରକ୍ଷା କର।
2 କୁକର୍ମ କରୁଥିବା ସେହି ଲୋକମାନଙ୍କଠାରୁ ମୋତେ
ଉଦ୍ଧାର କର। ସେହି ହତ୍ୟାକାରୀମାନଙ୍କଠାରୁ ମୋତେ
ରକ୍ଷା କର।
3 ଦେଖ, ଲୋକମାନେ ମୋତେ ହତ୍ୟା କରିବାକୁ ଅପେକ୍ଷା
କରି ଲୁଚି ବସିଛନ୍ତି। ବଳବାନ ଲୋକମାନେ ମୋତେ
ଆକ୍ରମଣ କରିବାକୁ ପ୍ରସ୍ତୁତ କିନ୍ତୁ ସଦାପ୍ରଭୁ ମୁଁ ପାପ କରି
ନାହିଁ କିମ୍ବା ଅପରାଧ କରିନାହିଁ।
4 ମୁଁ କୌଣସି ଦୋଷ କରି ନାହିଁ। କିନ୍ତୁ ସେମାନେ
ଆକ୍ରମଣ ପାଇଁ ଦଉଡ଼ି ଆସୁଛନ୍ତି। ହେ ସଦାପ୍ରଭୁ, ଏହା
ତୁମ୍ଭେ ନିଜେ ଦେଖ!
5 ତୁମ୍ଭେ ହେଉଛ ସୈନ୍ୟାଧିପତି ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱର! ଜାଗି ଉଠ ଓ ଅନ୍ୟ ସମସ୍ତ ରାଷ୍ଟ୍ରଗୁଡିକୁ
ଦଣ୍ଡ ଦିଅ। ସେହି ଦୁଷ୍ଟ ବିଶ୍ୱାସଘାତକମାନଙ୍କୁ କୌଣସି
ଦୟା କର ନାହିଁ।
6 ସେହି ଦୁଷ୍ଟ ଲୋକମାନେ କୁକୁର ପରି। ସେମାନେ
ସନ୍ଧ୍ୟାବେଳେ ନଗରୀରେ ପଶି ଭୁକନ୍ତି ଓ ଏଣେ ତେଣେ
ହୁଅନ୍ତି।
7 ତୁମ୍ଭେ ସେମାନଙ୍କ ଧମକ ଓ ଅପମାନକୁ ଶୁଣ। ସେମାନେ
ଭାବନ୍ତି ସେମାନଙ୍କୁ କେହି ଶୁଣନ୍ତି ନାହିଁ। ଯେହେତୁ
ସେମାନେ ଖରାପ କଥା କହନ୍ତି।
8 କିନ୍ତୁ ହେ ସଦାପ୍ରଭୁ, ତୁମ୍ଭେ ସେମାନଙ୍କୁ ପରିହାସ କର।
ତୁମ୍ଭେ ସେହି ସମସ୍ତ ଦେଶକୁ ବିଦ୍ରୁପ କର।
9 ହେ ମୋର ଶକ୍ତି! ମୁଁ ତୁମ୍ଭପାଇଁ ଅପେକ୍ଷା କରିଛି। ହେ
ପରମେଶ୍ୱର, ତୁମ୍ଭେ ମୋର ଉଚ୍ଚ ପର୍ବତରେ ଥିବା
ନିରାପଦର ସ୍ଥାନ ଅଟ।

10 ପରମେଶ୍ୱର ମୋତେ ଭଲପାʼନ୍ତି। ଏବଂ ସେ ଆସିବେ ଓ ମୋତେ ସହାୟ ହେବେ ଶତ୍ରୁମାନଙ୍କୁ ପରାସ୍ତ କରିବା ପାଇଁ ସେ ମୋତେ ସହାୟ ହେବେ।
11 ହେ ପରମେଶ୍ୱର, ସେମାନଙ୍କୁ କେବଳ ହତ୍ୟା କର ନାହିଁ। ହୁଏତ ମୋର ଲୋକମାନେ ପାଶୋରି ଯାଇପାରନ୍ତି। ହେ ମୋର ପ୍ରଭୁ, ଆମ୍ଭମାନଙ୍କ ତ୍ରାଣକର୍ତ୍ତା, ତୁମ୍ଭ ମହାପରାକ୍ରମ ଶକ୍ତିରେ ସେମାନଙ୍କୁ ଛିନ୍ନଭିନ୍ନ କର ଓ ପରାସ୍ତ କର।
12 ସେହି ଦୁଷ୍ଟଲୋକମାନେ ଅଭିଶାପ ଦିଅନ୍ତି ଓ ମିଥ୍ୟା କହନ୍ତି। ସେମାନେ କରିଥିବା କର୍ମ ପାଇଁ ଦଣ୍ଡ ବିଧାନ କର। ସେମାନଙ୍କର ଅହଙ୍କାର ସେମାନଙ୍କୁ କବଳିତ କରୁ।
13 ସେମାନଙ୍କୁ ତୁମ୍ଭ କ୍ରୋଧରେ ଧ୍ୱଂସ କର। ସେମାନଙ୍କୁ ସଂପୂର୍ଣ୍ଣରୂପେ ଧ୍ୱଂସ କର। ତାହେଲେ ସମସ୍ତ ପୃଥିବୀବାସୀ ଜାଣିବେ ଯେ, ପରମେଶ୍ୱର ଇଶ୍ରାୟେଲର ଶାସକ।
14 ସେହି ଦୁଷ୍ଟ ଲୋକମାନେ କୁକୁର ପରି ଅଟନ୍ତି। ସେମାନେ ସନ୍ଧ୍ୟାବେଳେ ନଗରରେ ପଶି ଭୁକନ୍ତି ଓ ଏଣେ ତେଣେ ହୁଅନ୍ତି।
15 ସେମାନେ କିଛିଦ୍ରବ୍ୟ ଖାଇବା ଅନ୍ୱେଷଣରେ ଏଣେତେଣେ ଭ୍ରମଣ କରନ୍ତି। ମୁଁ ରାଣ ପକାଉଛି, ଯଦି ସେମାନେ ଯଥେଷ୍ଟ ପାଆନ୍ତି ତଥାପି ସେମାନେ ରାଗରେ ଗଁ ଗଁ କରନ୍ତି ଏବଂ ଅଭିଯୋଗ* କରନ୍ତି।
16 କିନ୍ତୁ ପ୍ରଭାତରେ, ମୁଁ ତୁମ୍ଭର ଶକ୍ତିର ପ୍ରଶଂସାର ଗୀତ ଗାନ କରିବି। ତୁମ୍ଭ ପ୍ରେମରେ ମୁଁ ଆନନ୍ଦିତ ହେବି। କାହିଁକି? କାରଣ ତୁମ୍ଭେ ମୋର ଉଚ୍ଚ ପର୍ବତରେ ଥିବା ନିରାପଦ ସ୍ଥାନ ଅଟ। ମୁଁ ତୁମ୍ଭ ପାଖକୁ ବିପଦ ସମୟରେ ଯାଏଁ।
17 ମୁଁ ତୁମ୍ଭର ସ୍ତୁତିଗାନ କରିବି। କାରଣ ତୁମ୍ଭେ ହେଉଛ ମୋର ଉଚ୍ଚ ପର୍ବତର ନିରାପଦ ସ୍ଥାନ, ଯେଉଁଠାକୁ ଅସୁବିଧା ସମୟରେ ଚାଲିଯାଏଁ।

## ଗୀତ 60

*ପ୍ରଧାନ ବାଦ୍ୟକାର ନିମନ୍ତେ ଶୂଶନ୍-ଏଦୁତ୍ ସ୍ୱରରେ ଶିକ୍ଷାର୍ଥକ ଦାଉଦଙ୍କର ମିକ୍ତାମ। ଅରାମନହରୟିମ ଓ ଅରାମ-ସୋବା ସଙ୍ଗରେ ଯୁଦ୍ଧ କରିବା ବେଳେ ଓ ଯୋୟାବ ଫେରି ଲବଣ ଉପତ୍ୟକାରେ ଇଦୋମୀୟ 12,000 ଲୋକଙ୍କୁ ବଧ କରିବା ସମୟରେ ରଚିତ।*

1 ପରମେଶ୍ୱର, ତୁମ୍ଭେ ଆମ୍ଭମାନଙ୍କୁ ପ୍ରତ୍ୟାଖ୍ୟାନ କରି ପରାଜିତ କରିଅଛ। ତୁମ୍ଭେ ଆମ୍ଭମାନଙ୍କ ସହିତ ରାଗିଛ। କିନ୍ତୁ ଦୟାକରି ତୁମ୍ଭେ ଆମ୍ଭମାନଙ୍କୁ ପୁନଃସ୍ଥାପନ କର।
2 ତୁମ୍ଭେ ଧରଣୀକୁ କମ୍ପିତ କରିଅଛ ଏବଂ ତାକୁ ଦୁଇ ଭାଗରେ ବିଦୀର୍ଣ୍ଣ କରିଛ। ଏହାର ଫାଟକକୁ ମରାମତି କର, କାରଣ ଏହାର ପତନ ହେଉଅଛି।
3 ତୁମ୍ଭେ ଆପଣା ଲୋକମାନଙ୍କୁ ବହୁତ ସମସ୍ୟା ଦେଇଛ,। ଆମ୍ଭେ ମଦ୍ୟପ ପରି ଟଳମଳ ହେଉଛୁ ଓ ପଡୁଛୁ।
4 ତୁମ୍ଭକୁ ଉପାସନା କରୁଥିବା ଲୋକଙ୍କୁ ତୁମ୍ଭେ ସତର୍କ କରିବା ପାଇଁ ପତାକା ଉଠାଇଲ। ଯାହାଫଳରେ ସେମାନେ ନିଜକୁ ତାଙ୍କର ଶତ୍ରୁମାନଙ୍କଠାରୁ ରକ୍ଷା କରିପାରିବେ।
5 ଯେପରି ତୁମ୍ଭର ମହାଶକ୍ତି ବଳରେ ଆମ୍ଭକୁ ଉଦ୍ଧାର କର! ମୋର ପ୍ରାର୍ଥନାର ଉତ୍ତର ଦିଅ। ତୁମ୍ଭେ ଶ୍ରଦ୍ଧା କରୁଥିବା ଆପଣାର ଲୋକଙ୍କୁ ରକ୍ଷାକର।
6 ପରମେଶ୍ୱର ତାଙ୍କ ମନ୍ଦିରରେ* କହିଲେ, “ମୁଁ ଯୁଦ୍ଧରେ ଜିତିବି ଏବଂ ଜୟଲାଭ ବିଷୟରେ ବହୁତ ଖୁସି ହେବି। ତାʼପରେ ମୁଁ ଏହି ଭୂମିକୁ ମୋର ଲୋକମାନଙ୍କ ମଧ୍ୟରେ ବାଣ୍ଟିଦେବି। ମୁଁ ଶିଖିମ ଓ ସୁକ୍କୋଥ ଉପତ୍ୟକାକୁ ସେମାନଙ୍କୁ ଦେଇଦେବି।
7 ଗିଲୟଦ ଓ ମନଃଶିର ମୋର ହେବେ। ଇଫ୍ରୟିମ୍ ମୋର ଶିରସ୍ତ୍ରାଣ ହେବ। ଯିହୁଦା ମୋର ରାଜଦଣ୍ଡ ହେବ।
8 ମୋୟାବ ମୋର ପାଦ ଧୋଇବା ପାଇଁ ପ୍ରକ୍ଷାଳନ ପାତ୍ର। ଇଦୋମ ମୋର ପାଦୁକା ବହନ କରିବ। ମୁଁ ପଲେଷ୍ଟୀୟମାନଙ୍କୁ ପରାସ୍ତ କରିବି। ତୁମ୍ଭେ ବିଜୟ ସକାଶେ ଉଚ୍ଚଧ୍ୱନି କର।”
9-10 କିଏ ମୋତେ ସେହି ଦୃଢ଼ ନଗର ଭିତରକୁ ଆଣିବ? କିଏ ମୋତେ ଇଦୋମ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଆଗେଇ ନେବ? ପରମେଶ୍ୱର, ତୁମ୍ଭେ ନୁହଁ କି? କିନ୍ତୁ ତୁମ୍ଭେ ଆମ୍ଭକୁ ପ୍ରତ୍ୟାଖ୍ୟାନ କରିଛ। ପରମେଶ୍ୱର, ତୁମ୍ଭେ ଆଉ ଦିନ ତମାମ ଆମ୍ଭର ଶତ୍ରୁମାନଙ୍କ ସହିତ ଯାଅ ନାହିଁ।
11 ହେ ପରମେଶ୍ୱର, ଶତ୍ରୁମାନଙ୍କୁ ପରାସ୍ତ କରିବାରେ ଆମ୍ଭକୁ ସହାୟ ହୁଅ। ଲୋକମାନେ ଆମ୍ଭମାନଙ୍କୁ ସାହାଯ୍ୟ କରିପାରିବେ ନାହିଁ।
12 ପରମେଶ୍ୱର ହିଁ ଆମ୍ଭକୁ ଶକ୍ତିଶାଳୀ କରିପାରିବେ। କେବଳ ସେ ଆମ୍ଭର ଶତ୍ରୁମାନଙ୍କୁ ପଦଦଳନ କରିପାରିବେ।

## ଗୀତ 61

*ପ୍ରଧାନ ବାଦ୍ୟକାର ନିମନ୍ତେ ତାରଯୁକ୍ତ ଯନ୍ତ୍ରରେ ଦାଉଦଙ୍କର ଏକ ଗୀତ।*

1 ପରମେଶ୍ୱର, ସାହାଯ୍ୟ ପାଇଁ ମୋର କ୍ରନ୍ଦନ ଶୁଣ। ମୋର ପ୍ରାର୍ଥନାରେ ମନଯୋଗ କର।
2 ମୁଁ ଯେତେବେଳେ ଭୟଭୀତ ହୁଏ, ପୃଥିବୀର ଶେଷ ପ୍ରାନ୍ତରୁ ମୁଁ ତୁମ୍ଭକୁ ଡାକେ। ତୁମ୍ଭେ ମୋତେ ଉଚ୍ଚସ୍ଥାନରେ ଥିବା ନିରାପଦ ସ୍ଥାନକୁ ନେଇଯାଅ।
3 ତୁମ୍ଭେ ମୋର ନିରାପଦ ଆଶ୍ରୟସ୍ଥଳ! ମୋର ଶତ୍ରୁମାନଙ୍କ କବଳରୁ ରକ୍ଷା କରୁଥିବା ତୁମ୍ଭେ ହିଁ ମୋର ଉଚ୍ଚ ଦୁର୍ଗ।
4 ମୁଁ ଚିରଦିନ ତୁମ୍ଭ ତମ୍ବୁରେ ବାସ କରିବାକୁ ଚାହେଁ। ମୁଁ ତୁମ୍ଭ ପକ୍ଷର ଛାୟାରେ ଆଶ୍ରୟ ନେବି।
5 ହେ ପରମେଶ୍ୱର, ତୁମ୍ଭେ ଶୁଣିଛ ମୁଁ ତୁମ୍ଭକୁ କʼଣ ଦେବାପାଇଁ ପ୍ରତିଜ୍ଞା କରିଛି। ଯେଉଁମାନେ ତୁମ୍ଭକୁ ସମ୍ମାନ କରନ୍ତି, ସେମାନଙ୍କୁ ସର୍ବଦା ତୁମ୍ଭେ ଯାହା ଦିଅ, ତାହା ତୁମ୍ଭେ ମୋତେ ଦେଲ।

---

**ମୁଁ … କରୁଛି** ଯଦି ସେମାନେ ଯଥେଷ୍ଟ ପାଆନ୍ତି ନାହିଁ, ସେମାନେ ଅଭିଯୋଗ କରିବେ।

**ମନ୍ଦିର** ଅଥବା ପରମେଶ୍ୱର ତାଙ୍କର ପବିତ୍ରତାରେ।

6 ତୁମ୍ଭେ ରାଜାଙ୍କୁ ଦୀର୍ଘ ଜୀବନ ପ୍ରଦାନ କର। ତାଙ୍କୁ
ଚିରଦିନ ପାଇଁ ବଞ୍ଚିବାକୁ ଦିଅ।
7 ସେ ପରମେଶ୍ୱରଙ୍କ ଆଶୀର୍ବାଦରେ ଚିରଦିନ ବାସ କରିବେ।
ଆପଣାର ସତ୍ୟତା ଓ ସ୍ନେହପୂର୍ଣ୍ଣ କରୁଣାନୁସାରେ ତାଙ୍କୁ
ରକ୍ଷା କର।
8 ଏବଂ ମୁଁ ସର୍ବଦା ତୁମ୍ଭ ନାମର ପ୍ରଶଂସା ଗାନ କରିବି ଓ
ପ୍ରତ୍ୟେକ ଦିନ, ମୁଁ ମୋର ପ୍ରତିଜ୍ଞା ପାଳନ କରିବି।

## ଗୀତ 62

*ପ୍ରଧାନ ବାଦ୍ୟକାର ପାଇଁ ଯିଦୂଥୂନର*
*ରୀତ୍ୟାନୁସାରେ ଦାଉଦଙ୍କର ଗୀତ।*

1 ହଁ, ମୋର ହୃଦୟ ଶାନ୍ତ ଭାବରେ ପରମେଶ୍ୱରଙ୍କ
ଅପେକ୍ଷା କରେ। ମୋର ପରିତ୍ରାଣ ତାଙ୍କଠାରୁ ଆସେ।
2 ହଁ, ପରମେଶ୍ୱର ମୋର ଶୈଳ ଯିଏ ମୋର ନିରାପଦ
ରଖନ୍ତି। ପରମେଶ୍ୱର ହେଉଛନ୍ତି ଉଚ୍ଚ ପର୍ବତରେ ଥିବା
ମୋର ଦୁର୍ଗ। ମୁଁ ଧ୍ୱଂସରୁ ନିରାପଦ ରହିବି।
3 କେତେକାଳ ପର୍ଯ୍ୟନ୍ତ ତୁମ୍ଭେମାନେ ମୋତେ ଆକ୍ରମଣ
କରିବ ଓ ହତ୍ୟା କରିବାକୁ ଚେଷ୍ଟା କରିବ? ମୁଁ ଗୋଟିଏ
ନଇଁ ପଡ଼ିଥିବା କାନ୍ଥ ଓ ଟଳମଳ ପ୍ରାଚୀର ତୁଲ୍ୟ। ମୁଁ
ଜଣେ ଉଚ୍ଚ ପଦାଧିକାରୀ ତଥାପି ଲୋକମାନେ ମୋତେ
ହତ୍ୟା କରିବାକୁ ଚେଷ୍ଟା କରୁଛନ୍ତି।
4 ମୋର ପ୍ରଭାବଶାଳୀ ପଦବୀ ସଂପନ୍ନ ବ୍ୟକ୍ତିମାନେ ମୋତେ
ତଳକୁ ଆଣିବା ପାଇଁ ଯୋଜନା କରନ୍ତି। ସେମାନେ ମୋ
ବିଷୟରେ ମିଥ୍ୟା କଥା କହି ଆନନ୍ଦିତ ହୁଅନ୍ତି। ସେମାନେ
ସର୍ବସାଧାରଣରେ ମୋର ବିଷୟରେ ଭଲ କହନ୍ତି, କିନ୍ତୁ
ଅନ୍ତରରେ ଅଭିଶାପ ଦିଅନ୍ତି।
5 ହେ ମୋର ପ୍ରାଣ, ସତରେ ଶାନ୍ତ ଭାବରେ ପରମେଶ୍ୱରଙ୍କୁ
ଅପେକ୍ଷା କର। କାରଣ ତାଙ୍କଠାରୁ ମୋର ଆଶା ଆସେ।
6 ହଁ, ସତରେ ପରମେଶ୍ୱର ହେଉଛନ୍ତି ମୋର ଶୈଳ,
ଯିଏକି ମୋତେ ସୁରକ୍ଷିତ ରଖନ୍ତି। ପରମେଶ୍ୱର ହେଉଛନ୍ତି
ଉଚ୍ଚତମ ପର୍ବତରେ ଥିବା ମୋର ଦୁର୍ଗ। ମୁଁ ଧ୍ୱଂସରୁ
ନିରାପଦ ରହିବି।
7 ମୋର ଗୌରବ ଓ ବିଜୟ ପରମେଶ୍ୱରଙ୍କଠାରୁ ଆସେ।
ସେ ମୋର ଦୃଢ଼ ଦୁର୍ଗ। ପରମେଶ୍ୱର ହିଁ ମୋର
ନିରାପଦ ସ୍ଥାନ।
8 ହେ ଲୋକମାନେ! ସବୁକାଳେ ପରମେଶ୍ୱରଙ୍କଠାରେ ନିର୍ଭର
କର। ପରମେଶ୍ୱରଙ୍କଠାରେ ତୁମ୍ଭର ଅସୁବିଧା କଥା ଭାଙ୍ଗି
କୁହ। ପରମେଶ୍ୱର ହେଉଛନ୍ତି ଆମ୍ଭର ନିରାପଦ ଆଶ୍ରୟସ୍ଥଳ।
9 ପ୍ରକୃତରେ, ଲୋକମାନେ ସାହାଯ୍ୟ କରିପାରିବେ ନାହିଁ।
ତୁମ୍ଭେ ସେମାନଙ୍କ ଉପରେ ଭରସା କରିପାରିବ ନାହିଁ।
ଯେତେବେଳେ ସେମାନେ ନିକତିରେ ଓଜନ ହୁଅନ୍ତି,
ସେମାନଙ୍କ ସମସ୍ତଙ୍କୁ ଏକାଠି ପକାଇଲେ ପବନଠାରୁ
ହାଲୁକା ହୁଅନ୍ତି।
10 ଦୌରାତ୍ମ୍ୟରେ ଭରସା କର ନାହିଁ। ଚୋରି କରି ଲାଭ
କରିବାର ଚିନ୍ତା କର ନାହିଁ, ଏବଂ ଯଦି ତୁମ୍ଭେ ଧନୀ
ହେଲ ତୁମ୍ଭର ଧନ ତୁମ୍ଭକୁ ସାହାଯ୍ୟ କରିବ ବୋଲି
ଆଶା କର ନାହିଁ।
11 ପରମେଶ୍ୱର ଏହା କହିଛନ୍ତି, ଏବଂ ମୁଁ ଏକରୁ ବହୁତ
ଥର ଶୁଣିଛି: "ପରମେଶ୍ୱର ବଳବାନ୍ ଅଟନ୍ତି।"
12 ହେ ମୋର ପ୍ରଭୁ, ତୁମ୍ଭର ପ୍ରେମ ହିଁ ପ୍ରକୃତ। ତୁମ୍ଭେ
ପ୍ରତ୍ୟେକ ମନୁଷ୍ୟକୁ ତାଙ୍କର ନିଜର କର୍ମାନୁସାରେ ଫଳ
ଦେଉଅଛ।

## ଗୀତ 63

*ଦାଉଦଙ୍କର ଏକ ଗୀତ, ସେ ଯିହୁଦା ମରୁଭୂମିରେ*
*ଥିବାବେଳେ ରଚିତ।*

1 ହେ ପରମେଶ୍ୱର, ତୁମ୍ଭେ ମୋର ପରମେଶ୍ୱର। ମୁଁ ତୁମ୍ଭକୁ
ବହୁତ ଚାହୁଁଛି। ମୋର ସମସ୍ତ ପ୍ରାଣ ତୁମ୍ଭ ପାଇଁ ଶୁଷ୍କ
ଭୂମି ତୁଲ୍ୟ ତୃଷାର୍ତ୍ତ।
2 ହଁ, ମୁଁ ତୁମ୍ଭକୁ ପବିତ୍ର ମନ୍ଦିରରେ ଦେଖିଅଛି। ମୁଁ ତୁମ୍ଭର
ପରାକ୍ରମ ଓ ଗୌରବ ଦେଖିଅଛି।
3 ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଜୀବନ ଅପେକ୍ଷା ଉତ୍ତମ।
ମୋର ଓଷ୍ଠାଧର ତୁମ୍ଭର ପ୍ରଶଂସା ଗାନ କରେ।
4 ହଁ, ମୁଁ ଜୀବନସାରା ତୁମ୍ଭର ପ୍ରଶଂସା କରିବି। ମୁଁ ତୁମ୍ଭର
ନାମ ଡାକି ପ୍ରାର୍ଥନା କଲା ସମୟରେ ମୋର ହସ୍ତ
ଉଠାଇବି।
5 ଯେମନ୍ତ ମେଦ ଓ ମଜ୍ଜା, ସେହିପରି ମୋର ପ୍ରାଣ
ପରିତୃପ୍ତ ହେବ। ମୋ ଆନନ୍ଦିତ ଓଷ୍ଠାଧରରେ ତୁମ୍ଭର
ପ୍ରଶଂସା କରିବି।
6 ମୁଁ ଶଯ୍ୟା ଉପରେ ଗଡୁଥିବା ସମୟରେ ତୁମ୍ଭକୁ ମନେ
କରିବି। ରାତି ସମୟରେ ମଧ୍ୟ ମୁଁ ତୁମ୍ଭ ବିଷୟରେ
ଭାବିବି।
7 ପ୍ରକୃତରେ ତୁମ୍ଭେ ମୋତେ ସାହାଯ୍ୟ କଲ। ମୁଁ ତୁମ୍ଭର
ପକ୍ଷ ଆଶ୍ରୟ ତଳେ ଆନନ୍ଦରେ ଗାନ କରିବି।
8 ମୁଁ ତୁମ୍ଭଠାରେ ଲାଗିରହେ। ତୁମ୍ଭର ଡାହାଣ ହସ୍ତ ମୋତେ
ସମର୍ଥନ କରେ।
9 କେତେଲୋକ ମୋର ପ୍ରାଣ ନେବା ପାଇଁ ଚେଷ୍ଟା
କରୁଛନ୍ତି। କିନ୍ତୁ ସେମାନଙ୍କୁ ଧ୍ୱଂସ କରାଯିବ। ସେମାନେ
ନିଜ କବରରେ ମିଶି ଯିବେ।
10 ସେମାନଙ୍କୁ ଖଡ୍ଗରେ ହତ୍ୟା କରାଯିବ। ସେମାନଙ୍କର
ଶବକୁ ଜଙ୍ଗଲି ଶୃଗାଳ ଖାଇବେ।
11 କିନ୍ତୁ ରାଜା ପରମେଶ୍ୱରଙ୍କଠାରେ ଆନନ୍ଦ କରିବେ।
ଯେଉଁମାନେ ପରମେଶ୍ୱରଙ୍କ ନାମରେ ଶପଥ କରନ୍ତି,
ସେମାନେ ଆନନ୍ଦିତ ହେବେ କାରଣ ମିଥ୍ୟାବାଦୀମାନଙ୍କର
ମୁଖ ବନ୍ଦ ହୋଇଯିବ।

## ଗୀତ 64

*ପ୍ରଧାନ ବାଦ୍ୟକାର ନିମନ୍ତେ ଦାଉଦଙ୍କର ଗୀତ।*

1 ହେ ପରମେଶ୍ୱର, ମୋହର ଅଭିଯୋଗ ଶୁଣ। ମୋ
ଶତ୍ରୁମାନେ ମୋତେ ଭୟଭୀତ କରିଛନ୍ତି। ସେମାନଙ୍କଠାରୁ
ମୋର ଜୀବନ ରକ୍ଷା କର।
2 ମୋ ଶତ୍ରୁମାନଙ୍କର ଗୁପ୍ତମନ୍ତ୍ରଣାରୁ, ମୋତେ ରକ୍ଷା କର।
ଦୁଷ୍ଟ ଲୋକମାନଙ୍କ ଦଳଠାରୁ ତୁମ୍ଭେ ମୋତେ ଲୁଚାଇ
ରଖ।

3 ସେମାନେ ସେମାନଙ୍କର ଜିହ୍ୱାକୁ କ୍ଷୁରପର ଶାଣିତ କରନ୍ତ, ସେମାନେ ସେମାନଙ୍କର ବଷାକ୍ତ ଶବ୍ଦଗୁଡକ ତୀର ତୁଲ୍ୟ ଓ ହୋଗ୍ରର ଦଅନ୍ତ।
4 ହଠାତ୍ ଭାବରେ ସେମାନଙ୍କର ଲୁଚବା ସ୍ଥାନରୁ ସେମାନେ ସେମାନଙ୍କର ତୀରଗୁଡକ ଉତ୍ତମ ନଷ୍ଠାପର ଲୋକମାନଙ୍କ ଉପରକୁ ବନା ଭୟରେ ନକ୍ଷେପ କରନ୍ତ।
5 ସେମାନେ ଭୁଲ୍ କରବା ପାଇଁ ପରସ୍ପରକୁ ଉତ୍ସାହତ କରନ୍ତ। ସେମାନେ ଏହା କହ ଫାନ୍ଦ ବସାଇବା ବଷୟରେ କଥାବାର୍ତ୍ତା ହୁଅନ୍ତ, “କେହ ଏଠାରେ ସେଗୁଡକୁ ଦେଖ ପାରବେ ନାହିଁ।”
6 କେହ ଆମ୍ଭର ଦୋଷକୁ ଆବଷ୍କାର କରବେ ନାହିଁ। କଏ ଦୋଷକୁ ଅନୁସନ୍ଧାନ କରବ? ଆମ୍ଭମାନଙ୍କର ସଂପୂର୍ଣ୍ଣ ଯୋଜନା ଅଛ। ଲୋକମାନେ ବହୁତ କୁଟଳ ଏବଂ ବୁଝବା ବହୁତ କଷ୍ଟ।
7 କନ୍ତୁ ହଠାତ୍ ଭାବରେ ପରମେଶ୍ୱର ତାଙ୍କର “ତୀର” ନକ୍ଷେପ କରବେ ଏବଂ ଦୁଷ୍ଟମାନେ ଆଘାତ ହେବେ।
8 ସେମାନଙ୍କ ନଜ ଜହ୍ୱା ସେମାନଙ୍କୁ ଧ୍ୱଂସର ବଷୟ ଆଣବ। ସେମାନଙ୍କୁ ଯିଏ ଦେଖିବେ ସେମାନେ ଦୁଃଖରେ ମୁଣ୍ଡ ହଲାଇବେ।
9 ତା'ହେଲେ ପ୍ରତ୍ୟେକ ବ୍ୟକ୍ତ ଭୟଭୀତ ହେବେ। ସେମାନେ ପରମେଶ୍ୱରଙ୍କର କାର୍ଯ୍ୟ ବଷୟରେ କହବେ ଏବଂ ସେ ଯାହା କରଛନ୍ତ ସେମାନେ ତାହା ଶିକ୍ଷା କରବେ।
10 ଧାର୍ମିକ ଲୋକମାନେ ସଦାପ୍ରଭୁଙ୍କ ସେବାରେ ଆନନ୍ଦ କରବେ। ସେମାନେ ତାଙ୍କଠାରେ ଶରଣାଗତ ହେବେ। ପୁଣି ସମସ୍ତ ସଜ୍ଜନମାନେ, ସଦାପ୍ରଭୁଙ୍କର ପାଳନ କରବେ।

## ଗୀତ 65

*ପ୍ରଧାନ ବାଦ୍ୟକାର ନମନ୍ତେ, ଦାଉଦଙ୍କର ଏକ ପ୍ରଶଂସାର ଗୀତ।*

1 ହେ ସିୟୋନର ପରମେଶ୍ୱର, ତୁମ୍ଭେ ପ୍ରଶଂସିତ ହେବାର ହକ୍‌ଦାର। ଆମ୍ଭେମାନେ ତୁମ୍ଭଠାରେ କରଥିବା ପ୍ରତଜ୍ଞା ପୂରଣ କରବୁ।
2 ଯିଏକ ଆମ୍ଭର ପ୍ରାର୍ଥନା ଶୁଣନ୍ତ, ସମସ୍ତ ଲୋକମାନେ ତୁମ୍ଭ ପାଖକୁ ଆସିବେ।
3 ଯେତେବେଳେ ଆମ୍ଭର ପାପ ଆମ୍ଭ ଉପରେ ଅତ୍ୟଧକ ହୁଏ ଓ ସହ ହୁଏ ନାହିଁ ସେତେବେଳେ ତୁମ୍ଭେ ହିଁ ଏକ ଯିଏ ଆମ୍ଭର ପାପକୁ କ୍ଷମା କରବ।
4 କେତେ ଭାଗ୍ୟବାନ୍ ସେମାନେ, ଯେଉଁମାନଙ୍କୁ ତୁମ୍ଭେ ତୁମ୍ଭ ମନ୍ଦରର ଆଗଣାରେ ରଖିବା ପାଇଁ ମନୋନୀତ କର। ତୁମ୍ଭ ପବତ୍ର ମନ୍ଦରରେ ଆମ୍ଭେ ଆଶୀର୍ବାଦର ଗୃହସହ ପରପୂର୍ଣ୍ଣ ହେଉ।
5 ହେ ପରମେଶ୍ୱର, ଆମ୍ଭମାନଙ୍କର ରକ୍ଷାକର୍ତ୍ତା, ତୁମ୍ଭେ ଆଶ୍ଚର୍ଯ୍ୟ କାର୍ଯ୍ୟ ମାଧ୍ୟମରେ ଉତ୍ତର ଦଅ ଓ ଯାହା ଯଥାର୍ଥ ତାହା କର। ସମଗ୍ର ବଶ୍ୱର ଲୋକମାନେ ବଶ୍ୱାସ ତୁମ୍ଭଠାରେ ରଖନ୍ତ।
6 ପରମେଶ୍ୱର ମହାଶକ୍ତ ସହ ପର୍ବତ ତିଆର କରଅଛ। ତୁମ୍ଭେ ଆପଣା ଶକ୍ତରେ ବସ୍ତ୍ରାବୃତ କରବ।
7 ପରମେଶ୍ୱର “ଅଶାନ୍ତ ସମୁଦ୍ରକୁ” ଓ ଉତ୍ତାଳ ତରଙ୍ଗକୁ ଶାନ୍ତ କର। ଏପରକ ଆମ୍ଭ ଚତୁପାର୍ଶ୍ୱର ଭୟଙ୍କର ଦେଶଗୁଡକୁ।
8 ଯେଉଁସବୁ ଅଦ୍‌ଭୁତ କାର୍ଯ୍ୟ ତୁମ୍ଭେ କର, ତାହା ଦେଖ ସମଗ୍ର ପୃଥିବୀର ଲୋକମାନେ ଭୟରେ ଛିଡା ହୋଇଯାଆନ୍ତ। ତୁମ୍ଭେ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ସମସ୍ତ ଲୋକଙ୍କୁ ଆନନ୍ଦରେ ଗୀତ ଗାନ କରାଅ। ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଆମ୍ଭମାନଙ୍କୁ ଖୁସି କରେ।
9 ତୁମ୍ଭେ ପୃଥିବୀର ଯତ୍ନ ନଅ। ତୁମ୍ଭେ ପୃଥିବୀରେ ବର୍ଷା କରାଇ ଭୂମିକୁ ବହୁତ ଉର୍ବର କରାଅ। ହେ ପରମେଶ୍ୱର, ତୁମ୍ଭେ ଝରଣାରେ ଜଳ ସୃଷ୍ଟି କର। ତୁମ୍ଭେ ଶସ୍ୟ କ୍ଷେତ୍ରମାନ ବଢ଼ାଇ ଥାଅ।
10 ତୁମ୍ଭେ କୃଷିକ୍ଷେତ୍ରକୁ ଯଥେଷ୍ଟ ପରମାଣରେ ବୃଷ୍ଟି ପଠାଅ। ତୁମ୍ଭେ ଲଙ୍ଗଳ ଗାରକୁ ଶୋଷିଲ। ତୁମ୍ଭେ ପୃଥିବୀର ମାଟିକୁ ନରମ କର। ତୁମ୍ଭେ ପୃଥିବୀରେ ଶସ୍ୟ କ୍ଷେତ୍ରକୁ ବୃଦ୍ଧି କରାଅ।
11 ତୁମ୍ଭେ ପ୍ରତ୍ୟେକ ନୂତନ ବର୍ଷରେ ଉତ୍ତମ ଶସ୍ୟ ଅମଳ କରାଅ। ଉତ୍ତମ ଶସ୍ୟରେ ଶଗଡ଼ ଭରଦଅ।
12 ମରୁଭୂମି ଓ ପର୍ବତଗୁଡ଼କୁ ତୁମ୍ଭେ ସବୁଜ ଘାସରେ ଆଚ୍ଛାଦତ କର।
13 ଚାରଣଭୂମି ସବୁ ମେଷପଲରେ ପୁର ଉଠନ୍ତ। ଉପତ୍ୟକା ସକଳ ଶସ୍ୟରେ ଆଚ୍ଛନ୍ନ ହୁଅନ୍ତ। ପ୍ରତ୍ୟେକେ ଆନନ୍ଦରେ ଗୀତ ଗାଆନ୍ତ ଓ ଜୟଧ୍ୱନ କରନ୍ତ।

## ଗୀତ 66

*ପ୍ରଧାନ ବାଦ୍ୟକାର ନମନ୍ତେ ଗାନାର୍ଥକ ଗୀତ।*

1 ହେ ପୃଥିବୀର ସକଳ ବସ୍ତୁ। ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଆନନ୍ଦ ଧ୍ୱନ କର!
2 ତାହାଙ୍କ ନାମର ମହମା ଗାନ କର। ସ୍ତୁତି ଗାନ କର ଗୌରବାନ୍ୱିତ କର।
3 ପରମେଶ୍ୱରଙ୍କୁ କୁହ, ତୁମ୍ଭର କାର୍ଯ୍ୟ ଆଶ୍ଚର୍ଯ୍ୟଜନକ ଅଟେ। ପରମେଶ୍ୱର ତୁମ୍ଭର ଶକ୍ତ ମହାନ! ତୁମ୍ଭର ଶତ୍ରୁମାନେ ତୁମ୍ଭ ସମ୍ମୁଖରେ ନତମସ୍ତକ ହୁଅନ୍ତ। ସେମାନେ ତୁମ୍ଭକୁ ଭୟ କରନ୍ତ!
4 ସମୁଦାୟ ପୃଥିବୀ ତୁମ୍ଭର ପ୍ରଣାମ କରୁ ଏବଂ ସମୁଦାୟ ଲୋକ ତୁମ୍ଭର ନାମ ପ୍ରଶଂସା ଗାନ କରନ୍ତୁ। ପ୍ରତ୍ୟେକ ବ୍ୟକ୍ତ ଗୀତ ଦ୍ୱାରା ତୁମ୍ଭର ନାମକୁ ପ୍ରଶଂଶା କରନ୍ତୁ।
5 ଦେଖ, ଯେଉଁ ସବୁ କାର୍ଯ୍ୟ ପରମେଶ୍ୱର କରଛନ୍ତ। ସେ ସମସ୍ତ କାର୍ଯ୍ୟ ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟ କରେ।
6 ପରମେଶ୍ୱର ପର୍ଯ୍ୟାୟକ୍ରମେ ସମୁଦ୍ରକୁ ଶୁଖାଇ ଥିଲେ। ତାଙ୍କର ଲୋକ ନଦୀକୁ ଅତକ୍ରମ କର ଚାଲଲେ।
7 ପରମେଶ୍ୱର ତାଙ୍କର ମହାନ୍ ଶକ୍ତରେ ପୃଥିବୀରେ ଶାସନ କରନ୍ତ। ପରମେଶ୍ୱର ଜାତଗଣକୁ ନରୀକ୍ଷଣ କରନ୍ତ। ତାଙ୍କ ବପକ୍ଷରେ ଜିଦ୍‌ଖୋର ହୋଇ ବଦ୍ରୋହୀ ଭାବେ ଛିଡା ହେବା ଉଚତ୍ ନୁହେଁ।
8 ହେ ମାନବ ସମାଜ, ଆମ୍ଭ ପରମେଶ୍ୱରଙ୍କର ପ୍ରଶଂସାଗାନ କର। ଉଚ୍ଚ ସ୍ୱରରେ ତାଙ୍କର ମହମା ଗାନ କର।

9 ପରମେଶ୍ୱର ଆମ୍ଭମାନଙ୍କୁ ଜୀବନ ଦେଲେ ଏବଂ ଆମ୍ଭକୁ
ଖସିଯିବାକୁ ଅନୁମତି ଦେଇନାହାନ୍ତି।
10 ହେ ପରମେଶ୍ୱର, ତୁମ୍ଭେ ଆମ୍ଭକୁ ଲୋକ ବୋଲି ପରୀକ୍ଷା
କରିଅଛ। ଯେପରି ଅଗ୍ନିରେ ଲୋକମାନେ ରୂପାକୁ ପରୀକ୍ଷା
କରନ୍ତି।
11 ପରମେଶ୍ୱର ତୁମ୍ଭେ ଆମ୍ଭମାନଙ୍କୁ ଜାଲରେ ପକାଇ ଅଛ।
ତୁମ୍ଭେ ଆମ୍ଭକୁ ଭାରୀ ବୋଝ ଦେଇଅଛ।
12 ତୁମ୍ଭେ ଆମ୍ଭର ଶତ୍ରୁମାନଙ୍କୁ ସେମାନଙ୍କର ଘୋଡାରେ ଚଢି
ଆମ୍ଭମାନଙ୍କ ମସ୍ତକ ଉପରେ ଯିବାକୁ ଦେଇଛ। ତୁମ୍ଭେ
ଅଗ୍ନି ଓ ଜଳ ମଧ୍ୟ ଦେଇ ଚାଲିବାକୁ କହିଛ। କିନ୍ତୁ
ତୁମ୍ଭେ ଆମ୍ଭମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେଇ ଆସିଛ।
13-14 ତେଣୁ, ମୁଁ ତୁମ୍ଭ ପବିତ୍ର ମନ୍ଦିରକୁ ହୋମବଳି ନେଇ
ଆସିବି। ଯେତେବେଳେ ମୁଁ ସଂକଟରେ ଥିଲି, ମୁଁ ତୁମ୍ଭର
ସାହାଯ୍ୟ ପାଇଁ ଅନୁରୋଧ କରିଥିଲି। ମୁଁ ତୁମ୍ଭ ଆଗରେ
ଶପଥ କରିଛି। ବର୍ତ୍ତମାନ ମୁଁ କରିଥିବା ଶପଥ ତୁମ୍ଭକୁ
ସମର୍ପଣ କରୁଛି।
15 ମୁଁ ତୁମ୍ଭକୁ ମାଂସିଳ ପଶୁମାନଙ୍କୁ ପାପାର୍ଥକବଳି ଆକାରରେ
ପ୍ରଦାନ କରିବି। ମୁଁ ମେଷ ସହିତ ସେମାନଙ୍କର
ସୁଗନ୍ଧ ପ୍ରଦାନ କରିବି। ମୁଁ ଛାଗ ସଙ୍ଗେ ବୃଷ ବଳିଦାନ
କରିବି।
16 ହେ ସମସ୍ତ ଲୋକ ଯେଉଁମାନେ ପରମେଶ୍ୱରଙ୍କୁ ଉପାସନା
କର, ଆସ ଏବଂ ମୁଁ ତୁମ୍ଭମାନଙ୍କୁ କହିବି ପରମେଶ୍ୱର
ମୋ ପାଇଁ କ'ଣ ସବୁ କରିଛନ୍ତି।
17 ମୁଁ ତାଙ୍କୁ ପ୍ରାର୍ଥନା କରିଥିଲି। ମୁଁ ତାଙ୍କର ପ୍ରଶଂସା
କରିଥିଲି।
18 ମୁଁ ଯେବେ ମୋର ମନ ମଧ୍ୟରେ ଅଧର୍ମକୁ ଆଦର
କରେ। ତେବେ ମୋର ପ୍ରଭୁ ମୋର କଥା ଶୁଣିବେ
ନାହିଁ।
19 ପରମେଶ୍ୱର ମୋର କଥା ଶୁଣିଅଛନ୍ତି। ପରମେଶ୍ୱର
ମୋର ପ୍ରାର୍ଥନା ଗ୍ରହଣ କରିଛନ୍ତି।
20 ପରମେଶ୍ୱରଙ୍କର ପ୍ରଶଂସା କର! ପରମେଶ୍ୱର ମୋ ପାଖରୁ
ମୁହଁ ଫେରାଇ ନାହାନ୍ତି। ସେ ମୋର ପ୍ରାର୍ଥନା ଶୁଣିଛନ୍ତି।
ପରମେଶ୍ୱର ତାଙ୍କର ପ୍ରେମ ମୋତେ ଦେଖାଇଛନ୍ତି।

## ଗୀତ 67

*ପ୍ରଧାନ ବାଦ୍ୟକାର ନିମନ୍ତେ ତାରଯୁକ୍ତ ଯନ୍ତ୍ରରେ ଗାନାର୍ଥକ ଗୀତ।*

1 ହେ ପରମେଶ୍ୱର, ଆମ୍ଭମାନଙ୍କ ଉପରେ ଦୟା କରନ୍ତୁ,
ଆମ୍ଭମାନଙ୍କୁ ଆଶୀର୍ବାଦ କରନ୍ତୁ ଏବଂ ଦୟାକରି ଆମ୍ଭମାନଙ୍କ
ଉପରେ ପ୍ରସନ୍ନ କରନ୍ତୁ।
2 ତା'ପରେ ପୃଥିବୀର ଲୋକେ ତୁମ୍ଭ ବିଷୟରେ ଜାଣିବେ
ଏବଂ ସମସ୍ତ ଜାତିଗଣ ତୁମ୍ଭର ଲୋକମାନଙ୍କୁ ରକ୍ଷା
କରିବାର ତୁମ୍ଭର ଶକ୍ତିର କ୍ଷମତା ଜାଣିବେ।
3 ହେ ପରମେଶ୍ୱର, ଗୋଷ୍ଠୀୟମାନେ ତୁମ୍ଭର ପ୍ରଶଂସା କରନ୍ତୁ।
ସମସ୍ତ ଲୋକମାନେ ତୁମ୍ଭର ପ୍ରଶଂସା କରନ୍ତୁ।
4 ଜାତିଗଣ ଖୁସି ହୁଅ ଓ ଆନନ୍ଦରେ ଜୟଗାନ କର,
କାରଣ ତୁମ୍ଭେ ଲୋକମାନଙ୍କୁ ପରଖିବାରେ ସକ୍ଷମ ଅଟ
ଓ ତୁମ୍ଭେ ପୃଥିବୀରେ ରାଷ୍ଟ୍ରମାନଙ୍କୁ ଆଗେଇ ନିଅ।
5 ହେ ପରମେଶ୍ୱର, ଗୋଷ୍ଠୀୟମାନେ ତୁମ୍ଭର ପ୍ରଶଂସା କରନ୍ତୁ।
ସମସ୍ତ ଗୋଷ୍ଠୀ ତୁମ୍ଭର ପ୍ରଶଂସା କରନ୍ତୁ।
6 ଭୂମି ତା'ର ଫସଲ ଦିଏ। ହେ ପରମେଶ୍ୱର, ଆମ୍ଭର
ପରମେଶ୍ୱର, ଆମ୍ଭକୁ ଆଶୀର୍ବାଦ କରିବା ଜାରି ରଖ।
7 ପରମେଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କରନ୍ତୁ ଏବଂ ପୃଥିବୀର
ସମସ୍ତ ଲୋକ ପରମେଶ୍ୱରଙ୍କୁ ଭୟ ଓ ସମ୍ମାନ କରନ୍ତୁ।

## ଗୀତ 68

*ପ୍ରଧାନ ବାଦ୍ୟକାର ନିମନ୍ତେ ଦାଉଦଙ୍କ ଗାନାର୍ଥକ ଗୀତ।*

1 ପରମେଶ୍ୱର ଉଠନ୍ତୁ ଏବଂ ତାଙ୍କର ଶତ୍ରୁଗଣଙ୍କୁ ଛିନ୍ନଭିନ୍ନ
କରନ୍ତୁ। ସମସ୍ତ ଶତ୍ରୁ ତାଙ୍କଠାରୁ ପଳାଇ ଯାଆନ୍ତୁ।
2 ଯେମିତି ପବନ ଦ୍ୱାରା ଧୂଆଁ ବିଚ୍ଛୁରିତ ହୁଏ, ସେହିପରି
ତୁମ୍ଭର ଶତ୍ରୁ ଛିନ୍ନଛତ୍ର ହୁଅନ୍ତୁ। ଯେପରି ନିଆଁରେ ମହମ
ତରଳି ଯାଏ, ଏହିପରି ତୁମ୍ଭର ଶତ୍ରୁମାନଙ୍କର ବିନାଶ
ହେଉ।
3 ପରମେଶ୍ୱରଙ୍କ ସହିତ ଧାର୍ମିକଲୋକମାନେ ଖୁସି ହୁଅନ୍ତି ଓ
ଧାର୍ମିକଲୋକମାନେ ପରମେଶ୍ୱରଙ୍କ ସମ୍ମୁଖରେ ଆନନ୍ଦିତ
ହୁଅନ୍ତି, ସେମାନେ ଆନନ୍ଦର ସହିତ ପାଳନ କରନ୍ତି।
4 ପରମେଶ୍ୱରଙ୍କ ନିମନ୍ତେ ସଂଗୀତ ଗାନ କର, ତାଙ୍କର
ନାମର ଗୁଣଗାନ କର। ପରମେଶ୍ୱରଙ୍କର ପ୍ରଶଂସା ହେଉ।
ଯିଏ ମେଘ ଉପରେ ଆରୋହଣ କରନ୍ତି, ତାଙ୍କ ଆଗରେ
ଆନନ୍ଦିତ ହୁଅ।
5 ତାଙ୍କର ପବିତ୍ର ମନ୍ଦିରରେ ପରମେଶ୍ୱର ଅନାଥମାନଙ୍କର
ନାଥ ଏବଂ ସେ ବିଧବାମାନଙ୍କୁ ସୁରକ୍ଷା କରନ୍ତି।
6 ଯିଏ ପରିବାରରେ ଏକାକୀ ଥାଏ, ପରମେଶ୍ୱର ଲୋକ
ପଠାନ୍ତି, ଏପରିକି ଏକାକୀ ଲୋକଙ୍କୁ ପରମେଶ୍ୱର ଆନନ୍ଦ
ଦିଅନ୍ତି ଓ ବନ୍ଦୀମାନଙ୍କୁ ବନ୍ଧନରୁ ମୁକ୍ତ କରନ୍ତି। କିନ୍ତୁ
ଯିଏ ପରମେଶ୍ୱରଙ୍କର ବିରୋଧ ହୁଏ, ସେମାନଙ୍କୁ ଶୁଷ୍କ
ଭୂମିରେ ରହିବାକୁ ପଡେ।
7 ହେ ପରମେଶ୍ୱର, ତୁମ୍ଭେ ଆପଣା ଭକ୍ତମାନଙ୍କୁ ମିଶରରୁ
ବାହାର କରି ଆଣିଲ ଏବଂ ପାଦରେ ଚଲାଇ ମରୁଭୂମିକୁ
ପାର କରାଇଲ।
8 ସୀନୟ ପରମେଶ୍ୱରଙ୍କର! ଇଶ୍ରାୟେଲର ପରମେଶ୍ୱର!
ତୁମ୍ଭ କାରଣରୁ ପୃଥିବୀ କମ୍ପିତ ହେଲା ଓ ଆକାଶ ମେଘ
ବୃଷ୍ଟି କଲା।
9 ହେ ପରମେଶ୍ୱର! ତୁମ୍ଭେ ବର୍ଷାକୁ ପଠାଇଲ ଏବଂ ପୁରୁଣା
ଓ ଦୁର୍ବଳ ଧରିତ୍ରୀକୁ ତୁମ୍ଭେ ପୁଣି ସତେଜ କଲ।
10 ତୁମ୍ଭର ଲୋକମାନେ ସେଠାରେ ବାସ କଲେ। ହେ
ପରମେଶ୍ୱର, ସେଠାର ଗରିବଲୋକମାନଙ୍କୁ ତୁମ୍ଭେ ଉତ୍ତମ
ବସ୍ତୁ ଦେଇଅଛ।
11 ତୁମ୍ଭର ଲୋକମାନେ ଉତ୍ତମ ଖବର ଘୋଷଣା କରିବାକୁ
ବାହାରି ଗଲେ।
12 "ବଳଶାଳୀ ରାଜାମାନଙ୍କର ସୈନ୍ୟମାନେ ଏଣେତେଣେ
ଦୌଡି ପଳାଇଲେ। ଗୃହରେ ଥିବା ସ୍ତ୍ରୀଲୋକମାନେ
ସୈନ୍ୟମାନଙ୍କର ଅତ୍ୟାଚାର ସହିଲେ।
13 ଘରେ ରହୁଥିବା ଲୋକମାନେ ମଧ୍ୟ ଧନ ଭାଗ ପାଇବେ।
ସେମାନେ ରୌପ୍ୟ ମଣ୍ଡିତ କପୋତର ଡ଼େଣା ପାଇବେ।

ସେମାନେ ସ୍ୱବର୍ଣ୍ଣରେ ଝଲ୍‌ମଲ କରୁଥିବା ଡ଼େଣା ପାଇବେ।”

14 ପରମେଶ୍ୱର ଯେତେବେଳେ ସଲମୋନା ପର୍ବତରେ ଶତ୍ରୁ ରାଜାମାନଙ୍କୁ ଛିନ୍ନଛତ୍ର କଲେ। ସେମାନେ ବରଫପାତ ପରି ଛିନ୍ନଛତ୍ର ହେଲେ।

15 ବାଶନ ପର୍ବତ ମହାନ ପର୍ବତ ଅଟେ, ଯାହାର ବହୁତ ଶୃଙ୍ଗ ଅଛି।

16 ବାଶନ ପର୍ବତ, ତୁମ୍ଭେ କାହିଁକି ସିୟୋନ୍ ପର୍ବତକୁ ଈର୍ଷା ଦୃଷ୍ଟିରେ ଦେଖୁଛ? ପରମେଶ୍ୱର ଏହାକୁ ପ୍ରେମ କରନ୍ତି। ପରମେଶ୍ୱର ଏହାକୁ ସେଠାରେ ଚିରଦିନ ରହିବା ପାଇଁ ମନୋନୀତ କରିଛନ୍ତି।

17 ପରମେଶ୍ୱରଙ୍କର ଅୟୁତ ଅୟୁତ ଓ ଲକ୍ଷ ଲକ୍ଷ ରଥ ଅଛି। ସଦାପ୍ରଭୁ ସିୟୋନ୍ ପର୍ବତରୁ ତାଙ୍କର ପବିତ୍ର ସ୍ଥାନକୁ ଆସିଲେ।

18 ସେ ଉଚ୍ଚ ପର୍ବତ ପର୍ଯ୍ୟନ୍ତ ଗଲେ, ସେ ବହୁତ ନିର୍ବାସିତମାନଙ୍କୁ ଆଗେଇ ନେଲେ ଏବଂ ଯଥେଷ୍ଟ ଉପହାରସବୁ ଗ୍ରହଣ କଲେ। ସେମାନଙ୍କଠାରୁ ଯେଉଁ ଲୋକମାନେ ତାଙ୍କ ବିରୁଦ୍ଧରେ ବିଦ୍ରୋହ କଲେ। ସଦାପ୍ରଭୁ ପରମେଶ୍ୱର ସେମାନଙ୍କ ମଧ୍ୟରେ ବାସ କରିବେ।

19 ସଦାପ୍ରଭୁଙ୍କର ପ୍ରଶଂସା କର। ପରମେଶ୍ୱର ଯିଏ ଆମ୍ଭମାନଙ୍କୁ ରକ୍ଷା କରନ୍ତି, ପ୍ରତିଦିନ ଆଶୀର୍ବାଦ ସଂଗ୍ରହ କରି ଦିଅନ୍ତି।

20 ଆମ୍ଭର ପରମେଶ୍ୱର ହେଉଛନ୍ତି ପରମେଶ୍ୱର ଯିଏକି ରକ୍ଷା କରନ୍ତି। ଆମ୍ଭମାନଙ୍କର ସଦାପ୍ରଭୁ ମୃତ୍ୟୁଠାରୁ ରକ୍ଷା କରନ୍ତି।

21 ପରମେଶ୍ୱର ତାଙ୍କର ଶତ୍ରୁମାନଙ୍କର ମସ୍ତକକୁ ଚୂର୍ଣ୍ଣ କରିବେ। ସେ ସେମାନଙ୍କର ଖପୁରୀକୁ ଚୂର୍ଣ୍ଣ କରିବେ, ଯେଉଁମାନେ କ୍ରମାଗତ ପାପ କରନ୍ତି।

22 ମୋର ପ୍ରଭୁ କହିଲେ, “ମୋର ଶତ୍ରୁଗଣ ହୁଏତ ବାଶନ ପର୍ବତକୁ ଅଥବା ଭୂମଧ୍ୟ ସାଗରର ଗଭୀରକୁ ପଳାଇ ଯାଇପାରନ୍ତି। କିନ୍ତୁ ମୁଁ ସେମାନଙ୍କୁ ଅକ୍ତିଆର କରିବି ଏବଂ ସେମାନଙ୍କୁ ଫେରାଇ ଆଣିବି।

23 ଯାହାଫଳରେ ତୁମ୍ଭେ ସେମାନଙ୍କ ରକ୍ତରେ ଚାଲିପାରିବ। ତୁମ୍ଭମାନଙ୍କର କୁକୁର ଗୁଡ଼ିକ ସେମାନଙ୍କର ରକ୍ତ ଚାଟି ପାରିବେ।”

24 ପରମେଶ୍ୱର, ତୁମ୍ଭେ ବିଜୟ ରଥର ନେତୃତ୍ୱ ନେବାର ଲୋକମାନେ ଦେଖୁଛନ୍ତି। ସେମାନେ ମୋର ପରମେଶ୍ୱର, ମୋର ରାଜା, ତାଙ୍କର ପବିତ୍ରସ୍ଥାନ ନିକଟକୁ ଯାଉଥିବାର ଦେଖନ୍ତି।

25 ଆଗେ ଆଗେ ଗାୟକମାନଙ୍କର ମଣ୍ଡଳୀ ଯାଉଛନ୍ତି। ପଛେ ପଛେ ବାଦ୍ୟକାରମାନଙ୍କର ମଣ୍ଡଳୀ ଆସୁଛନ୍ତି ଏବଂ ମଝିରେ କୁମାରୀକନ୍ୟାଗଣ ତୁମ୍ଫୁରା ବଜାଉଛନ୍ତି।

26 ପରମେଶ୍ୱରଙ୍କର ପ୍ରଶଂସା ଜନସମାଗମ ମଧ୍ୟରେ କର। ଇସ୍ରାୟେଲର ଲୋକମାନେ, ତୁମ୍ଭେମାନେ ସଦାପ୍ରଭୁଙ୍କର ଗୁଣ ଗାଅ।

27 ସେଠାରେ ଏକ ଛୋଟିଆ ଗୋଷ୍ଠୀ ଅଛନ୍ତି। ବିନ୍ୟାମୀନ ସେମାନଙ୍କର ନେତୃତ୍ୱ କରୁଛନ୍ତି। ବହୁତ ଭିଡ଼ ଏବଂ ଯିହୁଦାର ଏକ ପ୍ରଧାନ ସେଠାରେ ଅଛନ୍ତି। ଜବୂଲୂନ୍ ଓ ନପ୍ତାଲିର ନେତାମାନେ ସେଠାରେ ଅଛନ୍ତି।

28 ହେ ପରମେଶ୍ୱର, ଆମ୍ଭକୁ ଆପଣାର ଶକ୍ତି ଦେଖାଅ, ଯାହାର ଉପଭୋଗ ତୁମ୍ଭେ ଆମ୍ଭ ପାଇଁ ବିତିଯାଇଥିବା ଦିନରେ କରିଥିଲ।

29 ହେ ପରମେଶ୍ୱର, ତୁମ୍ଭର ଯିରୂଶାଲମସ୍ଥ ମନ୍ଦିରରୁ ରାଜାମାନେ ତୁମ୍ଭ ନିକଟକୁ ଉପହାର ଆଣିବାର ତୁମ୍ଭେ ଦେଖିବ।

30 ନଳବଣର ସେହି “ବନ୍ୟ ପଶୁମାନଙ୍କୁ,*” ଦଣ୍ଡ ଦିଅ। ସେହି ଜାତିଗୁଡ଼ିକର “ଷଣ୍ଢଗୁଡ଼ିକୁ” ଓ “ଗାଈଗୁଡ଼ିକୁ*” ଆଦେଶ ମାନିବାକୁ ପ୍ରସ୍ତୁତ କରାଅ। ତୁମ୍ଭେ ସେହି ଜାତିଗୁଡ଼ିକୁ ଯୁଦ୍ଧରେ ହରାଇଥିଲ। ବର୍ତ୍ତମାନ ସେହି ଲୋକମାନଙ୍କୁ ତୁମ୍ଭ ପାଇଁ ରୂପା ଆଣିବେ। ସେହି ଜାତିମାନଙ୍କୁ ବିକ୍ଷିପ୍ତ କର, ଯେଉଁମାନେ ଯୁଦ୍ଧକୁ ଭଲ ପାଆନ୍ତି।

31 ମିଶରୀୟମାନଙ୍କୁ ମୂଲ୍ୟବାନ ପିତ୍ତଳର ଉପହାରଗୁଡ଼ିକ ଆଣିବାକୁ ଆଜ୍ଞା କରାଅ। ପରମେଶ୍ୱର, ଇଥିଓପିଆର ଲୋକମାନଙ୍କୁ ଉପହାରଗୁଡ଼ିକ ତୁମ୍ଭ ନିକଟକୁ ଆଣିବାକୁ ଚଞ୍ଚଳ କରାଅ।

32 ହେ ଧରଣୀର ରାଜ୍ୟଗୁଡ଼ିକ ପରମେଶ୍ୱରଙ୍କ ପାଇଁ ଗୀତ ଗାନକର। ଆମ୍ଭର ପ୍ରଭୁଙ୍କୁ ପ୍ରଶଂସାଗାନ କର।

33 ପରମେଶ୍ୱରଙ୍କ ପାଇଁ ଗାଅ। ସେ ରଥ ଉପରେ ଚଢ଼ି ମହାକାଶରୁ ବାହାରି ଆସନ୍ତି। ତୁମ୍ଭେ ତାଙ୍କର ଗୁରୁ ଗମ୍ଭୀର ସ୍ୱରକୁ ଶୁଣ।

34 ଘୋଷଣା କର ଯେ, ପରମେଶ୍ୱର ଶକ୍ତିଶାଳୀ ଅଟନ୍ତି। ସେ ଇସ୍ରାୟେଲ ଉପରେ ରାଜତ୍ୱ କରନ୍ତି ଏବଂ ଆକାଶରେ ତାଙ୍କର ଶକ୍ତି ପ୍ରଦର୍ଶିତ ହୁଏ।

35 ପରମେଶ୍ୱର ତୁମ୍ଭେ ଆପଣା ମନ୍ଦିରରେ ଭକ୍ତିର ଉତ୍ସ। ଇସ୍ରାୟେଲର ପରମେଶ୍ୱର ଲୋକମାନଙ୍କୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତି। ପରମେଶ୍ୱରଙ୍କର ପ୍ରଶଂସା ଗୁଣଗାନ କର।

## ଗୀତ 69

*ପ୍ରଧାନ ବାଦ୍ୟକାର ନିମନ୍ତେ ଶୋଶନ୍ନୀମ୍ ସ୍ୱରରେ ଦାଉଦଙ୍କର ଗୀତ।*

1 ହେ ପରମେଶ୍ୱର, ମୋତେ ମୋର ସମସ୍ତ ବିପଦରୁ ବଞ୍ଚାଅ। ମୋର ପ୍ରାଣ ପର୍ଯ୍ୟନ୍ତ ଜଳରାଶି ମାଡ଼ି ଯାଇଛି।

2 ଯେଉଁଠାରେ ମୁଁ ଠିଆ ହୋଇ ପାରିବି ଏପରି କୌଣସି ବସ୍ତୁ ନାହିଁ। ମୁଁ ଗଭୀର ପଙ୍କ ଭିତରକୁ ଭାସି ଯାଉଛି। ମୁଁ ଅଗାଧ ଜଳରେ ଅଛି ଓ ମୋର ଚତୁଃପାର୍ଶ୍ୱରେ ଲହଡ଼ି ଢାଙ୍ଗୁଛି। କେବଳ ମୁଁ ବୁଡ଼ିଯିବା ଉପରେ।

3 ସାହାଯ୍ୟ ପାଇଁ ଡାକି ଡାକି ମୁଁ ଦୁର୍ବଳ ହେବାକୁ ଯାଉଛି। ମୋର କଣ୍ଠ ଯନ୍ତ୍ରଣା ହେଉଛି। ମୁଁ ତୁମ୍ଭର ସହାୟତା ପାଇବା ପାଇଁ ବାଟ ଚାହିଁଛି। ଏବଂ ଚାହିଁ ଚାହିଁ ମୋର ଆଖିଦ୍ୱୟ ଯନ୍ତ୍ରଣା କରୁଛି।

---

**ବନ୍ୟପଶୁ** ପ୍ରକୃତରେ ଏହିମାନେ ଅନ୍ୟ ରାଷ୍ଟ୍ରର ନେତାଗଣ।

**ଷଣ୍ଢଗୁଡ଼ିକ ଓ ଗାଈଗୁଡ଼ିକ** ପ୍ରକୃତରେ ଏହିମାନେ ଅନ୍ୟ ରାଷ୍ଟ୍ରର ନେତାଗଣ।

4 ମୋର ଶତ୍ରୁ, ମୋର ମୁଣ୍ଡବାଳଠାରୁ ଅଧିକ। ସେମାନେ
ବୃଥାରେ ମୋ ସହିତ ଶତ୍ରୁତା କରନ୍ତି। ସେମାନେ ମୋର
ବିନାଶର କାମନା ବହୁତ କରୁଛନ୍ତି। ମୋର ଅନେକ
ଶତ୍ରୁଗଣ ମୋ ବିଷୟରେ ମିଛ କଥା କହନ୍ତି। ସେମାନେ
ମିଛରେ ମୋତେ ଚୋର କହିଲେ ଏବଂ ସେହି ବସ୍ତୁଗୁଡିକ
ମୋତେ ଦେବାକୁ କହିଲେ, ଯାହା ମୁଁ ଚୋରି କରି
ନାହିଁ।
5 ହେ ପରମେଶ୍ୱର, ମୋର ମୂର୍ଖାମୀ ପାପଗୁଡିକ ତୁମ୍ଭେ
ଜାଣ। ମୁଁ ମୋର ପାପଗୁଡିକ ତୁମ୍ଭଠାରେ ଲୁଚାଇ ପାରିବି
ନାହିଁ।
6 ହେ ମୋର ପ୍ରଭୁ, ସୈନ୍ୟାଧିପତି ସଦାପ୍ରଭୁ, ଯେଉଁମାନେ
ତୁମ୍ଭ ନିକଟରେ ଆଶା ରଖନ୍ତି, ମୋ ପାଇଁ ଲଜ୍ଜିତ
ହେବାକୁ ଅନୁମତି ଦିଅ ନାହିଁ। ହେ ଇସ୍ରାୟେଲର
ପରମେଶ୍ୱର, ତୁମ୍ଭର ଉପାସକମାନେ ମୋ ପାଇଁ ଅପମାନିତ
ନ ହୁଅନ୍ତୁ।
7 ମୋର ମୁହଁ ଲଜ୍ୟାରେ ନଇଁ ପଡୁଛି। ମୁଁ ଏହି ଲଜ୍ଜାପାଇଁ
ତୁମ୍ଭ ନିକଟରେ ସହ୍ୟ କରିଛି।
8 ମୋ ନିଜ ଭାଇମାନେ ମୋ ସହିତ ଅଚିହ୍ନା ଲୋକ ପରି
ବ୍ୟବହାର କଲେ। ମୋର ମା'ଙ୍କର ପୁଅମାନେ ମୋତେ
ବିଦେଶୀ ପରି ବ୍ୟବହାର କଲେ।
9 ମୋର ମତରେ ତୁମ୍ଭ ମନ୍ଦିର ପାଇଁ ମୁଁ ଧ୍ୱଂସ ହୋଇଛି।
ଯେଉଁମାନେ ତୁମ୍ଭର ଉପହାସ କରନ୍ତି ତାହା ମୋତେ
ବାଧେ।
10 ମୁଁ କାନ୍ଦେ ଏବଂ ଉପବାସ କରେ, ଏଥିପାଇଁ ଲୋକମାନେ
ମୋର ଉପହାସ କରନ୍ତି।
11 ମୁଁ ଶୋକରେ ଚଟବସ୍ତ୍ର ପରିଧାନ କଲେ ଏବଂ ଲୋକମାନେ
ମୋତେ ପରିହାସ କଲେ।
12 ସେମାନେ, ସର୍ବସାଧାରଣ ସ୍ଥାନରେ ମୋର ଚର୍ଚ୍ଚା କରୁଛନ୍ତି
ଏବଂ ମଦୁଆମାନେ ମୋ ବିଷୟରେ ତାଚ୍ଛଲ୍ୟଭରା ଗୀତ
ଗାଉଛନ୍ତି।
13 ହେ ସଦାପ୍ରଭୁ, ମୋ ଜାଣିବାରେ ମୁଁ ପ୍ରାର୍ଥନା କରେ
ତୁମ୍ଭେ ମୋତେ ଗ୍ରହଣ କରିନିଅ। ହେ ପରମେଶ୍ୱର, ମୁଁ
ଆଶାକରେ ତୁମ୍ଭେ ମୋତେ ତୁମ୍ଭର ପରିତ୍ରାଣର ସତ୍ୟତା
ଅନୁସାରେ ଉତ୍ତର ଦିଅ। ମୁଁ ଜାଣେ, ପରିତ୍ରାଣ ପାଇଁ ମୁଁ
ତୁମ୍ଭଠାରେ ଭରସା କରିପାରିବି।
14 ମୋତେ ପଙ୍କ ସ୍ଥାନରୁ ବଞ୍ଚାଅ। ମୋତେ ପଙ୍କ ମଧ୍ୟରେ
ବୁଡିବାକୁ ଦିଅ ନାହିଁ। ଯେଉଁମାନେ ମୋତେ ଘୃଣା
କରନ୍ତି, ସେମାନଙ୍କଠାରୁ ମୋତେ ରକ୍ଷା କର। ମୋତେ
ଏହି ଗଭୀର ପାଣିରୁ ବଂଚାଅ।
15 ବନ୍ୟା ଲହରୀ ମୋତେ ଯେମିତି ବୁଡାଇ ନ ଦେଉ।
ଗଭୀର ସମୁଦ୍ର ମୋତେ ଗ୍ରାସ ନକରୁ। କବର ମୋତେ
ଗିଳି ନ ଦେଉ।
16 ହେ ସଦାପ୍ରଭୁ, ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଉତ୍ତମ। ତେଣୁ
ମୋତେ ଉତ୍ତର ଦିଅ। ମୋର ସହାୟତା ପାଇଁ କୃପାସହକାରେ
ମୋତେ ଚାହଁ।
17 ତୁମ୍ଭର ଦାସପ୍ରତି ମୁହଁ ଫେରାଅ ନାହିଁ। ମୁଁ ବିପଦରେ
ପଡିଛି, ମୋତେ ଶୀଘ୍ର ଉତ୍ତର କର।
18 ଆସ ମୋର ପ୍ରାଣ ରକ୍ଷା କର, ଆସ ଓ ମୋର
ଶତ୍ରୁମାନଙ୍କଠାରୁ ମୋତେ ବଞ୍ଚାଅ।
19 ତୁମ୍ଭେ ଜାଣ ମୋର ଶତ୍ରୁମାନେ ମୋତେ ନିନ୍ଦା ଓ
ଅପମାନିତ କରିଛନ୍ତି। ସେମାନେ ମୋ ସହିତ ଏହା
କରିବାର ତୁମ୍ଭେ ଦେଖିଛ।
20 ଲଜ୍ଜା ମୋତେ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଇଛି। କାରଣ
ଲଜ୍ଜା ଯୋଗୁଁ ମୁଁ ମୃତ୍ୟୁବରଣ କରିବା ଉପରେ, ମୁଁ
ସହାନୁଭୂତି ପାଇଁ ଡାକିଲି, କେହି ସହନଭୂତି ଦେଖାଇଲେ
ନାହିଁ। ମୁଁ ଲୋକମାନଙ୍କୁ ଖୋଜିଲି, କିନ୍ତୁ ଯେଉଁମାନେ
ମୋତେ ସାନ୍ତ୍ୱନା ଦେଇପାରିବେ, କେହି ସହନଭୂତି
ଦେଖାଇଲେ ନାହିଁ।
21 ସେମାନେ ମୋତେ ଖାଦ୍ୟ ବଦଳରେ ବିଷ ଏବଂ ଦ୍ରାକ୍ଷାରସ
ବଦଳରେ ଅମ୍ଳରସ ଦେଲେ।
22 ସେମାନଙ୍କର ମେଜ ଖାଦ୍ୟରେ ପୂର୍ଣ୍ଣ ଥିଲା। ସେମାନେ
ଏମିତି ସହଭାଗିତାର ଖାଦ୍ୟ ଖାଉଥିଲେ ଯେ, ମୁଁ ଆଶଙ୍କା
କଲି ସେହି ଖାଦ୍ୟ ସେମାନଙ୍କୁ ନଷ୍ଟ କରିବ।
23 ସେମାନେ ଅନ୍ଧ ହୁଅନ୍ତୁ। ସେମାନଙ୍କ ଅଣ୍ଟା ନଇଁ ଯାଉ।
24 ସେମାନଙ୍କ ଉପରେ ତୁମ୍ଭର ବଡ କ୍ରୋଧ ଢାଳି ଦିଅ।
ତୁମ୍ଭର କ୍ରୋଧ ସେମାନଙ୍କୁ ଗ୍ରାସ କରୁ।
25 ସେମାନଙ୍କର ଗୃହଗୁଡିକୁ ଶୂନ୍ୟ କର। କେହି ଜୀବିତ
ନରୁହନ୍ତୁ।
26 ତୁମ୍ଭେ ଆଘାତ କରିଥିବା ଲୋକମାନଙ୍କୁ, ସେମାନେ ଯାତନା
ଦିଅନ୍ତି। ସେମାନେ ଯନ୍ତ୍ରଣା ବିଷୟରେ କଥାବାର୍ତ୍ତା ହୁଅନ୍ତି,
ଯେଉଁମାନଙ୍କୁ ତୁମ୍ଭେ କ୍ଷତାକ୍ତ କରିଅଛ।
27 ସେମାନେ କରିଥିବା ମନ୍ଦକାର୍ଯ୍ୟ ପାଇଁ ସେମାନଙ୍କୁ
ଦଣ୍ଡ ଦିଅ। ତୁମ୍ଭର ଦୟା ପରାୟଣତା ତାଙ୍କୁ ଦେଖାଅ
ନାହିଁ।
28 ଜୀବନ-ପୁସ୍ତକରୁ ସେମାନଙ୍କର ନାମ ପୋଛି ଦିଅ ଓ
ସେମାନଙ୍କ ନାମ ଧାର୍ମିକମାନଙ୍କ ସହିତ ଲେଖ ନାହିଁ।
29 ମୁଁ ଦୁଃଖୀ ଓ ଶୋକାକୁଳ ଅଟେ। ହେ ପରମେଶ୍ୱର,
ମୋତେ ଉଦ୍ଧାର କର। ମୋତେ ରକ୍ଷା କର।
30 ମୁଁ ଗୀତରେ ପରମେଶ୍ୱରଙ୍କ ନାମର ପ୍ରଶଂସା ଗାନ କରିବି
ଓ ଧନ୍ୟବାଦ ସହ ତାଙ୍କର ଗୌରବ ଗାନ କରିବି।
31 ସଦାପ୍ରଭୁ ଏଥିରେ ପ୍ରସନ୍ନ ହେବେ। ଏକ ଶିଙ୍ଗ ଓ ଖୁରା
ସହିତ ଷଣ୍ଢ କିଅବା ପଶୁ ବଳି ଦେବା ଅପେକ୍ଷା ଏହା
ଅଧିକ ଉତ୍ତମ ଅଟେ।
32 ହେ ଗରିବ ଲୋକମାନେ, କିଏ ପରମେଶ୍ୱରଙ୍କ ଆରାଧନା
କରିବା ପାଇଁ ଆସିଅଛି, ତୁମ୍ଭେ ଏହି କଥା ଜାଣିବା ପାଇଁ
ଆନନ୍ଦିତ ହୋଇଯିବ।
33 ସଦାପ୍ରଭୁ ଅସହାୟମାନଙ୍କର ଗୁହାରି ଶୁଣନ୍ତି। ସେ ତାଙ୍କର
ବନ୍ଦୀଥିବା ଲୋକମାନଙ୍କୁ ଘୃଣା କରନ୍ତି ନାହିଁ।
34 ଆକାଶ ଓ ପୃଥିବୀ, ସମୁଦ୍ର ଓ ତନ୍ମଧ୍ୟସ୍ଥ ସକଳ ଜଙ୍ଗମ
ତାଙ୍କର ପ୍ରଶଂସା କରନ୍ତୁ।
35 ସଦାପ୍ରଭୁ ସିୟୋନ୍‌କୁ ପରିତ୍ରାଣ କରିବେ ଓ ଯିହୁଦାର
ନଗରସବୁ ପୁନଃନିର୍ମାଣ କରିବେ। ତାଙ୍କର ଲୋକମାନେ
ସେଠାରେ ରହିବେ ଏବଂ ଦେଶ ପୁଣି ଥରେ ତାଙ୍କର
ହେବ।

36 ତାହାଙ୍କ ଦାସମାନଙ୍କ ବଂଶଧର ତାହା ଭୋଗ କରିବେ।
ଆଉ ତାହାଙ୍କ ନାମର ସ୍ନେହକାରୀଗଣ ତହିଁ ମଧ୍ୟରେ
ବାସ କରିବେ।

## ଗୀତ 70

*ପ୍ରଧାନ ବାଦ୍ୟକାର ନିମନ୍ତେ ଦାଉଦଙ୍କର ଗୀତ।*
*ସ୍ମରଣାର୍ଥ ପ୍ରାର୍ଥନା।*

1 ହେ ପରମେଶ୍ୱର, ମୋତେ ରକ୍ଷା କର! ହେ ପରମେଶ୍ୱର,
ମୋତେ ଶୀଘ୍ର ଉଦ୍ଧାର କର!
2 ଲୋକମାନେ ମୋତେ ମାରିବା ପାଇଁ ଚେଷ୍ଟା କରୁଛନ୍ତି।
ସେମାନଙ୍କୁ ନିରାଶ ଓ ଅପମାନିତ କର! ଲୋକମାନେ
ମୋର କ୍ଷତି କରିବା ପାଇଁ ଚାହୁଁଛନ୍ତି। ମୁଁ ଆଶାକରେ
ତାଙ୍କୁ ଲଜ୍ଜା ଦେଇ ବିଦାକର।
3 ଲୋକମାନେ ମୋତେ ପରିହାସ କରନ୍ତି। ସେମାନେ
ସେମାନଙ୍କର ଲଜ୍ଜାର କାରଣ ପାଇଁ ଆସିପାରନ୍ତି।
4 ମୁଁ ଆଶାକରେ ଯେଉଁମାନେ ତୁମ୍ଭଙ୍କୁ ଅନ୍ୱେଷଣ କରନ୍ତି,
ସେମାନେ ବହୁତ ଉଲ୍ଲସିତ ଓ ଖୁସି ହୁଅନ୍ତି। ଯେଉଁମାନେ
ତୁମ୍ଭର ପରିତ୍ରାଣକୁ ଆଶା କରନ୍ତି, ସର୍ବଦା କହିବେ,
"ପରମେଶ୍ୱର ମହାନ ଅଟନ୍ତି।"
5 ମୁଁ ଏକ ନିଃସହାୟ ଲୋକ। ହେ ପରମେଶ୍ୱର, ଶୀଘ୍ର
ମୋତେ ଉଦ୍ଧାର କର! ହେ ପରମେଶ୍ୱର! ତୁମ୍ଭେ ହିଁ
କେବଳ ମୋର ସହାୟ ଓ ରକ୍ଷା କର। ସଦାପ୍ରଭୁ ବିଳମ୍ବ
କର ନାହିଁ।

## ଗୀତ 71

1 ହେ ସଦାପ୍ରଭୁ, ମୁଁ ଉଦ୍ଧାର ପାଇଁ ତୁମ୍ଭ ପାଖକୁ ଯାଉଛି।
ମୋତେ ନିରାଶ ହେବାକୁ ଦିଅ ନାହିଁ।
2 କାରଣ ତୁମ୍ଭେ ଯଥାର୍ଥ ଅଟ। ମୋତେ ଉଦ୍ଧାର କର ଓ
ବଞ୍ଚାଅ। ମୋହର ଗୁହାରି ଶୁଣ ଓ ମୋତେ ଉଦ୍ଧାର
କର।
3 ମୋର ଦୁର୍ଗ ହୁଅ। ତୁମ୍ଭେ ମୋ ପ୍ରତି ଶୈଳ ସ୍ୱରୂପ
ସୁରକ୍ଷାର ଗଡ ଯାହା ନିକଟକୁ ମୁଁ ଦୌଡ଼ି ଯିବି। ମୋର
ନିରାପଦର ସ୍ଥାନ। ତୁମ୍ଭେ ମୋତେ ପରିତ୍ରାଣ କରିବାକୁ
ଆଜ୍ଞା ଦିଅ।
4 ହେ ମୋର ପରମେଶ୍ୱର, ଦୁଷ୍ଟ ଲୋକମାନଙ୍କଠାରୁ ମୋତେ
ରକ୍ଷା କର। ଅନ୍ୟାୟକାରୀ ଓ ନିର୍ଦ୍ଦୟଲୋକ ହାତରୁ
ମୋତେ ରକ୍ଷା କର।
5 ହେ ମୋର ପ୍ରଭୁ, ସଦାପ୍ରଭୁ ତୁମ୍ଭେ ହିଁ ମୋର ଭରସା।
ମୋର ବାଲ୍ୟକାଳରୁ ତୁମ୍ଭେ ହିଁ ମୋର ବିଶ୍ୱାସ
ଭୂମି।
6 ଗର୍ଭରେ ଥିବା ସମୟରେ ମୁଁ ତୁମ୍ଭ ଉପରେ ନିର୍ଭରଶୀଳ
ଥିଲି। ମାତାର ଗର୍ଭରୁ ତୁମ୍ଭେ ମୋତେ ନିରାପତ୍ତା ସହିତ
ଆଣିଲ। ମୁଁ ତୁମ୍ଭକୁ ପ୍ରତିଦିନ ପ୍ରାଶଂସା କରିଛି।
7 ତୁମ୍ଭେ ହେଉଛ ମୋର ଦୃଢ଼ ଆଶ୍ରୟ, ତେଣୁ ମୁଁ ଅନେକ
ଲୋକମାନଙ୍କର ଉଦାହରଣ ହୋଇଅଛି।
8 ମୁଁ ସର୍ବଦା, ତୁମ୍ଭେ କରିଥିବା ଆଶ୍ଚର୍ଯ୍ୟ କର୍ମ ବିଷୟରେ
ଗାନ କରୁଛି।
9 ବୃଦ୍ଧା ଅବସ୍ଥା ହେତୁ ମୋତେ ପରିତ୍ୟାଗ କରନାହିଁ। ମୁଁ
ଦୁର୍ବଳ ହେବା ସମୟରେ ମୋତେ ପରିତ୍ୟାଗ କର
ନାହିଁ।
10 ମୋର ଶତ୍ରୁମାନେ ମୋ ବିରୁଦ୍ଧରେ ଯୋଜନା କରିଛନ୍ତି।
ସେହି ଲୋକମାନେ ଏକତ୍ରିତ ହେଲେ ଏବଂ ମୋତେ
ମାରିବା ପାଇଁ ଯୋଜନା କଲେ।
11 ମୋର ଶତ୍ରୁମାନେ କହିଲେ, "ତାଙ୍କୁ ଅନୁଧାବନ କର
ଏବଂ ଧରିଆଣ। ପରମେଶ୍ୱର ତାଙ୍କୁ ପରିତ୍ୟାଗ କରିଛନ୍ତି।
ତେଣୁ ତାଙ୍କୁ କୌଣସି ଲୋକ ଉଦ୍ଧାର କରିବେ ନାହିଁ।"
12 ହେ ପରମେଶ୍ୱର, ମୋ ପାଖରୁ ଦୂରେଇ ଯାଅ ନାହିଁ,
ହେ ପରମେଶ୍ୱର ଶୀଘ୍ର ମୋତେ ଉଦ୍ଧାର କର!
13 ମୋର ଶତ୍ରୁମାନଙ୍କୁ ପରାସ୍ତ କର! ସେମାନଙ୍କୁ ସଂପୂର୍ଣ୍ଣ
ଭାବରେ ଧ୍ୱଂସ କର। ସେମାନେ ମୋତେ ମାରିବା ପାଇଁ
ଚକ୍ରାନ୍ତ କରୁଛନ୍ତି। ସେମାନେ ଅପମାନିତ ହୁଅନ୍ତୁ।
14 କିନ୍ତୁ ମୋ ପକ୍ଷରେ ମୁଁ ନିରନ୍ତର ତୁମ୍ଭ ଉପରେ ବିଶ୍ୱାସ
ରଖିବି। ଏବଂ ମୁଁ ତୁମ୍ଭକୁ ଅଧିକ ପ୍ରଶଂସା କରିବା ପାଇଁ
ପ୍ରସ୍ତୁତ ହେବି।
15 ମୁଁ ଲୋକମାନଙ୍କୁ କହିବି ତୁମ୍ଭେ କିପରି ଉତ୍ତମ ଅଟ।
ତୁମ୍ଭେ ମୋତେ କିପରି ଅଗଣିତ ଥର ରକ୍ଷା କରିଥିଲ,
ଯେପରିକି କେତେଥର ଗଣତି କରିପାରିବି ନାହିଁ।
16 ହେ ସଦାପ୍ରଭୁ, ମୋର ପ୍ରଭୁ, ମୁଁ ତୁମ୍ଭର ମହାନତା
ବିଷୟରେ କହିବି। ମୁଁ କେବଳ ତୁମ୍ଭର ଉତ୍ତମତା ବିଷୟ
ବର୍ଣ୍ଣନା କରିବି।
17 ହେ ପରମେଶ୍ୱର, ତୁମ୍ଭେ ମୋତେ ବାଲ୍ୟକାଳରୁ ଶିକ୍ଷା
ଦେଇ ଆସୁଅଛ। ମୁଁ ଏପର୍ଯ୍ୟନ୍ତ ତୁମ୍ଭର ଆଶ୍ଚର୍ଯ୍ୟ କ୍ରିୟାସବୁ
ଲୋକମାନଙ୍କୁ କହିଛି।
18 ବର୍ତ୍ତମାନ ମୁଁ ବୃଦ୍ଧ ଓ ମୋର ବାଳ ପାଚିଯାଇଛି।
ମୋତେ ପରିତ୍ୟାଗ କର ନାହିଁ, ପରମେଶ୍ୱର। ମୋ
ସାଙ୍ଗରେ ରୁହ, ମୁଁ ଯେତେବେଳେ ତୁମ୍ଭର ଶକ୍ତି ଏବଂ
ମହାନତା ବିଷୟରେ ଭବିଷ୍ୟତ ବଂଶଧରଙ୍କ ଆଗରେ
କହିପାରିବି।
19 ହେ ପରମେଶ୍ୱର, ତୁମ୍ଭର ଧର୍ମ ବହୁତ ଉଚ୍ଚ। ହେ
ପରମେଶ୍ୱର, ତୁମ୍ଭପରି ଆଉ କେହି ପରମେଶ୍ୱର ନାହିଁ।
ତୁମ୍ଭେ ଆଶ୍ଚର୍ଯ୍ୟ କର୍ମମାନ କଲ।
20 ତୁମ୍ଭେ ମୋ ପାଇଁ ବହୁତ ଖରାପ ସମୟ ଓ ଅସୁବିଧା
ଦେଇଛ। ମୋ ଜୀବନକୁ ପୁନଃସ୍ଥାପନ କର। ଯେତେବେଳେ
ମୁଁ ପ୍ରାୟ ମୃତ ମୋ ଜୀବନକୁ ରକ୍ଷା କଲ।
21 ମୋତେ ସମ୍ମାନ ସହିତ ବିଶାଳ ଆକାରରେ ପୁନଃସ୍ଥାପନ
କର ଏବଂ ମୋତେ ପୁଣିଥରେ ସାନ୍ତ୍ୱନା ଦିଅ।
22 ତା'ପରେ ହେ ମୋର ପରମେଶ୍ୱର, ମୁଁ ତ୍ରିକୋଣାକାର
ବୀଣା ସହିତ ତୁମ୍ଭର ପ୍ରଶଂସା କରିବି। ତୁମ୍ଭ ଉପରେ
ଭରସା ରଖାଯାଇ ପାରିବ ବୋଲି ମୁଁ ଗୀତ ଗାଇବି।
ତୁମେ ଇଶ୍ରାୟେଲର ପବିତ୍ର ସଦାପ୍ରଭୁ ବୋଲି ମୁଁ ତୁମ୍ଭଙ୍କୁ
ବୀଣା ବାଦନ କରି ପ୍ରଶଂସା ଗାନ କରିବି।
23 ତୁମ୍ଭେ ମୋତେ ରକ୍ଷା କଲ, ମୁଁ ବହୁତ ଖୁସି ଅଟେ। ମୁଁ
ନିଜ ଓଷ୍ଠ ଦ୍ୱାରା ତୁମ୍ଭ ପ୍ରଶଂସାର ଗୀତ ଗାଇବି।
24 ମୋର ଜିହ୍ୱା ତୁମ୍ଭର ସର୍ବଦା ଉତ୍ତମତା ଗାନ କରିବ,

କାରଣ ମୋତେ ହତ୍ୟା କରିବାକୁ ଚାହୁଁଥିବା ଲୋକମାନେ
ପରାସ୍ତ ଓ ଅପମାନିତ ହେବେ।

## ଗୀତ 72

*ଶଲୋମନଙ୍କର ଗୀତ।*

1 ହେ ପରମେଶ୍ୱର, ରାଜାଙ୍କୁ ସାହାଯ୍ୟ କର, ଯାହାଫଳରେ
ସେ ତୁମ୍ଭ ପରି ବିବେକବାନ ନ୍ୟାୟ ପ୍ରଦାନ କରିବେ।
ତୁମ୍ଭର ନ୍ୟାୟ ପରାୟଣ ରାଜପୁତ୍ରମାନଙ୍କୁ ଦିଅ।
2 ରାଜାଙ୍କୁ ସାହାଯ୍ୟ କର, ଯେପରି ସେମାନେ ତୁମ୍ଭର
ଲୋକମାନଙ୍କୁ ସୁବିଚାର ଦେଇ ପାରିବେ। ତାଙ୍କୁ ସାହାଯ୍ୟ
କର, ଯେପରି ସେମାନେ ଗରିବ ଲୋକମାନଙ୍କୁ ଉଚିତ
ବ୍ୟବହାର କରିବେ।
3 ପର୍ବତ ଏବଂ ପାହାଡ଼ଗୁଡ଼ିକ ଶାନ୍ତି ଏବଂ ନ୍ୟାୟପୂର୍ଣ୍ଣ ବିଚାର
କରନ୍ତୁ।
4 ରାଜା ଧନହୀନ ଲୋକମାନଙ୍କ ପ୍ରତି ନ୍ୟାୟବାଦୀ ରୁହନ୍ତୁ।
ସେ ଅସହାୟ ଲୋକମାନଙ୍କୁ ସହାୟତା କରନ୍ତୁ। ସେ
ଏମାନଙ୍କ ଉପରେ ଉପଦ୍ରବ କରୁଥିବା ଲୋକମାନଙ୍କୁ
ଦଣ୍ଡିତ କରନ୍ତୁ।
5 ମୁଁ ଆଶା କରେ ସୂର୍ଯ୍ୟ ଓ ଚନ୍ଦ୍ର ଆକାଶରେ ଥିବା
ପର୍ଯ୍ୟନ୍ତ ଲୋକମାନେ ତୁମ୍ଭକୁ ପୁରୁଷାନୁକ୍ରମେ ଭୟ କରିବେ*।
6 ଭୂମିରେ ବୃଷ୍ଟି ତୁଲ୍ୟ, ଭୂମି ସେଚନକାରୀ ଜଳଧାରା ତୁଲ୍ୟ
ତୁମ୍ଭେ ରାଜାଙ୍କୁ ସହାୟ ହୁଅ। କ୍ଷେତ୍ରରେ ପଡୁଥିବା
ଜଳଧାରା ହେବା ପାଇଁ ତାଙ୍କୁ ସାହାଯ୍ୟ କର।
7 ଯେପର୍ଯ୍ୟନ୍ତ ରାଜା ଅଛନ୍ତି, ଧାର୍ମିକତା ବୃଦ୍ଧି ହେଉ। ଚନ୍ଦ୍ର
ଲୁପ୍ତ ନ ହେବା ପର୍ଯ୍ୟନ୍ତ ପ୍ରଚୁର ଶାନ୍ତି ସ୍ଥାପିତ ହେଉ।
8 ତାଙ୍କର ରାଜ୍ୟ ସମୁଦ୍ରରୁ ସମୁଦ୍ର ପର୍ଯ୍ୟନ୍ତ ଏବଂ ଫରାତ୍
ନଦୀଠାରୁ ଶେଷ ଧରଣୀକୁ ବ୍ୟାପି ଯାଉ।
9 ମରୁଭୂମିରେ ବାସକରୁଥିବା ଲୋକମାନେ ତାଙ୍କ ସମ୍ମୁଖରେ
ନତ ହେବେ। ତାହାଙ୍କ ଶତ୍ରୁଗଣ ଅଧୋମୁଖ ହୋଇ ନତ
ମସ୍ତକ ହେବେ।
10 ତର୍ଶୀଶର ରାଜା ଓ ଅନ୍ୟ ସୁଦୂର ରାଜାଗଣ ତାଙ୍କ ପାଇଁ
ଉପହାର ଆଣନ୍ତୁ। ଶିବାର ଓ ସିବାର ରାଜାଗଣ ତାଙ୍କ
ପାଇଁ ଭେଟି* ଆଣନ୍ତୁ।
11 ହିଁ ସବୁ ରାଜାଗଣ ଆମ୍ଭ ରାଜାଙ୍କ ସମ୍ମୁଖରେ ନତ ମସ୍ତକ
ହୁଅନ୍ତୁ। ସବୁ ଜାତିଗଣ ଲୋକମାନେ ତାଙ୍କର ସେବା
କରନ୍ତୁ।
12 ଆମ୍ଭର ରାଜା ସାହାଯ୍ୟ କରନ୍ତି, ଯେଉଁମାନେ ତାଙ୍କୁ
ଡାକନ୍ତି, ସେ ଗରିବ ଏବଂ ନିଃସହାୟମାନଙ୍କୁ ରକ୍ଷା
କରନ୍ତି।
13 ଦରିଦ୍ର ଓ ନିଃସହାୟ ଲୋକମାନଙ୍କର ସେ ଯତ୍ନ ନିଅନ୍ତି।
ରାଜା ସେମାନଙ୍କୁ ଜୀବିତ ରଖନ୍ତି।
14 ଆମ୍ଭ ରାଜା ସେମାନଙ୍କୁ ଦୁଷ୍ଟ ଲୋକମାନଙ୍କଠାରୁ ରକ୍ଷା
କରିବେ ଯେଉଁମାନେ କି ସେମାନଙ୍କୁ ଦୁଃଖ ଦେବା ପାଇଁ
ଚାହୁଁଛନ୍ତି। ରାଜାଙ୍କ ପାଇଁ ସେଇ ଦରିଦ୍ର ଲୋକମାନଙ୍କର
ଜୀବନ ବହୁତ ମହତ୍ୱପୂର୍ଣ୍ଣ ଅଟେ।
15 ରାଜା ଦୀର୍ଘଜୀବି ହୁଅନ୍ତୁ ଏବଂ ତାଙ୍କୁ ଶିବାର ସ୍ୱର୍ଣ୍ଣ
ହସ୍ତଗତ ହେଉ। ଲୋକମାନେ ନିରନ୍ତର ରାଜାଙ୍କ ପାଇଁ
ନିରନ୍ତର ପ୍ରାର୍ଥନା କରନ୍ତୁ ଏବଂ ତାଙ୍କୁ ସର୍ବଦା ଆଶୀର୍ବାଦ
ଦିଅନ୍ତୁ।
16 କ୍ଷେତରେ ପ୍ରଚୁର ପରିମାଣର ଫସଲ ହେଉ। ପର୍ବତଗୁଡ଼ିକ
ମଧ୍ୟ ଫସଲରେ ପୂର୍ଣ୍ଣ ହୋଇ ଲିବାନୋନ୍ କ୍ଷେତ ତୁଲ୍ୟ
ଉର୍ବର ହେଉ। କ୍ଷେତଗୁଡ଼ିକ ତୃଣରେ ପୂର୍ଣ୍ଣ ହେଲା ପରି
ନଗରଗୁଡ଼ିକ ଜନ ଗହଳରେ ପୂର୍ଣ୍ଣ ହେଉ।
17 ରାଜାଙ୍କର ପ୍ରସିଦ୍ଧି ସର୍ବଦା ଅକ୍ଷୁର୍ଣ୍ଣ ରହୁ। ଆକାଶରେ ସୂର୍ଯ୍ୟ
ଥିବା ପର୍ଯ୍ୟନ୍ତ ଲୋକମାନେ ତାଙ୍କର ନାମକୁ ମନେ
ରଖନ୍ତୁ। ସମସ୍ତ ପ୍ରଜା ତାଙ୍କ ଯୋଗୁଁ ଆଶୀର୍ବାଦ ପାଆନ୍ତୁ
ଓ ସମସ୍ତ ଜାତିଗଣ ତାଙ୍କୁ ପ୍ରସଂଶା କରନ୍ତୁ।
18 ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର ଅଟନ୍ତି। ଅନନ୍ତର
ପରମେଶ୍ୱରଙ୍କର ଗୁଣଗାନ କର। କେବଳ ପରମେଶ୍ୱର
ହିଁ ଏହିପରି ଆଶ୍ଚର୍ଯ୍ୟ କାର୍ଯ୍ୟମାନ କରି ପାରନ୍ତି।
19 ତାଙ୍କର ଗୌରବାନ୍ୱିତ ନାମର ମହିମା ଅନନ୍ତକାଳ ପର୍ଯ୍ୟନ୍ତ
ଗାନ କର। ତାହାଙ୍କ ଗୌରବରେ ସମୁଦାୟ ପୃଥିବୀ
ପରିପୂର୍ଣ୍ଣ ହେଉ! ଆମେନ୍, ଆମେନ୍।
20 ଯିଶୀର ପୁତ୍ର ଦାଉଦଙ୍କର ପ୍ରାର୍ଥନା ସବୁ ଏଠାରେ ଶେଷ
ହୁଏ।

# ତୃତୀୟ ପୁସ୍ତକ

## ଗୀତ 73

*ଆସଫର ପ୍ରଶଂସା ଜନିତ ପ୍ରାର୍ଥନା।*

1 ପରମେଶ୍ୱର ସତରେ ଇଶ୍ରାୟେଲର ମଙ୍ଗଳକାରୀ।
ଯେଉଁମାନଙ୍କର ହୃଦୟ ପବିତ୍ର ସେମାନଙ୍କ ନିମନ୍ତେ
ପରମେଶ୍ୱର ମଙ୍ଗଳମୟ ଅଟନ୍ତି।
2 କିନ୍ତୁ ମୋ ଅନୁସାରେ, ମୋର ପାଦ ପ୍ରାୟ ଖସିଗଲା।
ମୋର ବିଶ୍ୱାସ ପ୍ରାୟ ହରାଇଲି।
3 ମୁଁ ଗର୍ବୀ ଓ ଲୋକମାନଙ୍କ ପ୍ରତି ଈର୍ଷାପରାୟଣ ହୋଇଗଲି,
ଯେତେବେଳେ ସେମାନେ କୃତକାର୍ଯ୍ୟ ହେଉଥିବାର ଦେଖିଲି।
4 ସେହି ଲୋକମାନଙ୍କୁ ସୁସ୍ଥ ହୋଇ ବଞ୍ଚିବାକୁ କୌଣସି
ସଂଗ୍ରାମ କରିବାକୁ ପଡୁନାହିଁ।
5 ସେହି ଗର୍ବୀ ଲୋକମାନେ ଅନ୍ୟ ଲୋକଙ୍କ ପରି କୌଣସି
କଷ୍ଟରେ ପଡ଼ନ୍ତି ନାହିଁ। ସେମାନେ ଅନ୍ୟ ମନୁଷ୍ୟମାନଙ୍କ
ପରି ଦୁଃଖ ପାଆନ୍ତି ନାହିଁ।
6 ସେମାନେ ଗର୍ବକୁ ଗଳାର ହାରପରି ପରିଧାନ କରନ୍ତି
ଏବଂ ଆକର୍ଷଣୀୟ ବସ୍ତ୍ର ପିନ୍ଧି ବାହାରକୁ ସୁନ୍ଦର ଦେଖାଯାନ୍ତି।
7 ସେମାନେ ଯାହା ଚାହାଁନ୍ତି ତାହା କରନ୍ତି। ଯଦି ସେମାନେ
କିଛି ଦେଖନ୍ତି ଓ ପସନ୍ଦ କରନ୍ତି, ସେମାନେ ତାକୁ ଯେ
କୌଣସି ପ୍ରକାରେ ହାସଲ କରିଥାନ୍ତି।
8 ସେମାନେ ଅନ୍ୟମାନଙ୍କୁ ଉପହାସ କରନ୍ତି ଓ ସେମାନଙ୍କ
ବିରୁଦ୍ଧରେ କଥାଗୁଡ଼ିକ କହନ୍ତି। ସେମାନେ ଅହଂକାରୀ ଓ

---

**ମୁଁ ଆଶା କରେ … କରିବେ** ଆକ୍ଷରିକ ଭାବରେ ସୂର୍ଯ୍ୟ
ଆକାଶରେ ଝଲକୁଥିବା ପର୍ଯ୍ୟନ୍ତ ଏବଂ ଆକାଶରେ ଚନ୍ଦ୍ର ଥିବା
ପର୍ଯ୍ୟନ୍ତ ସେ ବଞ୍ଚି ରହିବେ।

**ଭେଟି** ପରାଜିତ ହୋଇଥିବା ଦେଶଗୁଡ଼ିକ ବିଜୟଲାଭ କରିଥିବା
ଦେଶକୁ ଦେଉଥିବା ଟଙ୍କା ଏବଂ ଉପହାର।

ଗର୍ବୀ ଅଟନ୍ତି। ସେମାନେ ଧମକ ଦିଅନ୍ତି ଯେ, ଅନ୍ୟମାନଙ୍କର ଉପକାରୀତାକୁ ଉତ୍ପୀଡ଼ନ କରିବେ।

9 ସେହି ଗର୍ବୀ ଲୋକମାନେ ନିଜକୁ ଦେବତା ବୋଲି ଭାବନ୍ତି। ସେମାନେ ଭାବନ୍ତି ସେମାନେ ହେଉଛନ୍ତି ଏହି ଭୂଖଣ୍ଡର ଅଧିପତି।

10 ଏପରିକି ଧାର୍ମିକ ଲୋକମାନେ ସେମାନଙ୍କ ପ୍ରତି ଆକୃଷ୍ଟ ହୁଅନ୍ତି, ସେମାନେ ଯାହା କୁହନ୍ତି ଏମାନେ ତାହା ପାଳନ କରନ୍ତି।

11 ସେହି ଦୁଷ୍ଟ ଲୋକମାନେ କହନ୍ତି, "ପରମେଶ୍ୱର ଜାଣି ନାହାଁନ୍ତି ଆମ୍ଭେ ଯାହା କରୁଛୁ। ସର୍ବୋପରିସ୍ଥ ପରମେଶ୍ୱର ଏହା ଜାଣନ୍ତି ନାହିଁ!"

12 ତାହା ହେଉଛି, ଯାହାକି ଦୁଷ୍ଟମାନେ ଚାହାଁନ୍ତି। ସେମାନଙ୍କ ପାଖରେ ଚିନ୍ତା ନାହିଁ, ଏବଂ ସେମାନେ ଧନୀରୁ ଅଧିକ ଧନୀ ହେଉଛନ୍ତି।

13 କାହିଁକି ମୁଁ ମୋର ହୃଦୟକୁ ପବିତ୍ର କରିଛି? କାହିଁକି ନିର୍ଦ୍ଦୋଷିତାରେ ମୋର ହସ୍ତ ପ୍ରକ୍ଷାଳନ କରିଅଛି?

14 ପରମେଶ୍ୱର, ମୁଁ ଦିନଯାକ ଦୁଃଖ, କଷ୍ଟ ପାଉଅଛି। ପ୍ରତିଦିନ ପ୍ରଭାତରେ ତୁମ୍ଭେ ମୋତେ ଶାସ୍ତି ଦେଉଅଛ।

15 ହେ ପରମେଶ୍ୱର, ମୁଁ ଅନ୍ୟମାନଙ୍କୁ ଏ ବିଷୟରେ କହିବା ପାଇଁ ଚାହୁଁଥିଲି। କିନ୍ତୁ ମୁଁ ଜାଣିଥିଲି ଏହା ତୁମ୍ଭର ଲୋକମାନଙ୍କ ବିରୁଦ୍ଧରେ ବିଶ୍ୱାସଘାତକତା ହୋଇଥାନ୍ତା।

16 ମୁଁ ଏହିକଥା ବୁଝିବାକୁ ବହୁତ ଚେଷ୍ଟା କଲି, କିନ୍ତୁ ଏହା ବୁଝିବା ମୋ ପାଇଁ ଅତି କଷ୍ଟକର ଥିଲା।

17 ଶେଷରେ, ମୁଁ ପରମେଶ୍ୱରଙ୍କ ମନ୍ଦିରକୁ ଗଲି ଓ ସେମାନଙ୍କ ପ୍ରତି କ'ଣ ଘଟିବ ବୁଝି ପାରିଲି।

18 ହେ ପରମେଶ୍ୱର, ତୁମ୍ଭେ ନିଶ୍ଚିତରେ ସେହି ଲୋକମାନଙ୍କୁ ଏକ ବିପଦପୂର୍ଣ୍ଣ ଅବସ୍ଥାରେ ରଖିଛ। ତୁମ୍ଭେ ସେମାନଙ୍କୁ ଧ୍ୱଂସ ମୁଖକୁ ପେଲି ଦିଅ।

19 ହଠାତ୍ ସେମାନେ ଧ୍ୱଂସରେ ପଡ଼ିଯାନ୍ତି। ସେମାନେ ଭୟଙ୍କର ଘଟଣାରେ ଲୋପ ପାଇଲେ।

20 ହେ ସଦାପ୍ରଭୁ, ସେହି ଲୋକମାନେ ରାତ୍ରିର ସ୍ୱପ୍ନ ପରି, ଯାହାକୁ ଆମ୍ଭେ ଉଠିଲା ମାତ୍ରେ ଭୁଲିଯାଉ। ତୁମ୍ଭେ ଏପରି ଲୋକଙ୍କୁ ସ୍ୱପ୍ନରେ ଦେଖିଥିବା ରାକ୍ଷସ ପରି ଅଦୃଶ୍ୟ କରିଦିଅ।

21-22 ମୁଁ ନିର୍ବୋଧ ଥିଲି, ମୁଁ ଧନୀ ଓ ଦୁଷ୍ଟ ଲୋକମାନଙ୍କ ବିଷୟରେ ଚିନ୍ତା କରି ବ୍ୟାକୁଳିତ ହେଲି। ପରମେଶ୍ୱର ମୁଁ ତୁମ୍ଭ ଉପରେ ରାଗି ନିର୍ବୋଧ ପଶୁ ପରି ବ୍ୟବହାର କରିଛି।

23 ମୁଁ ସର୍ବଦା ତୁମ୍ଭ ପାଖରେ ଅଛି। ହେ ପରମେଶ୍ୱର, ତୁମ୍ଭେ ମୋର ଦକ୍ଷିଣ ହସ୍ତ ଧରି ସାହାଯ୍ୟ ଦେଇଅଛ।

24 ହେ ପରମେଶ୍ୱର, ତୁମ୍ଭେ ମୋତେ ଆଗେଇ ନେଇଛ। ତୁମ୍ଭେ ମୋତେ ସୁନ୍ଦର ଉପଦେଶ ଦେଇଅଛ ଓ ଶେଷରେ ତୁମ୍ଭେ ମୋତେ ଗୌରବରେ ଗ୍ରହଣ କରିବ।

25 ହେ ପରମେଶ୍ୱର, ସ୍ୱର୍ଗରେ ତୁମ୍ଭ ବିନା ମୋର ଆଉ କେହି ନାହିଁ କାରଣ ତୁମ୍ଭେ ମୋ ପାଖରେ ଅଛ। ଏହି ଭୂମଣ୍ଡଳରେ ମୁଁ କିଛି ଇଚ୍ଛା କରୁ ନାହିଁ।

26 ମୋର ମନ ଏବଂ ଶରୀର ଦୁର୍ବଳ ହୁଏ, କିନ୍ତୁ ପରମେଶ୍ୱର ଅନନ୍ତକାଳ ମୋ ହୃଦୟକୁ ଓ ମୋତେ ସ୍ଥାୟୀତ୍ୱ ଦିଅନ୍ତି।

27 ହେ ପରମେଶ୍ୱର, ଯେ ତୁମ୍ଭକୁ ଛାଡ଼ିବ ସେ ବିନଷ୍ଟ ହେବ। ତୁମ୍ଭେ ସେହି ଲୋକମାନଙ୍କୁ ଧ୍ୱଂସ କର ଯେଉଁମାନେ ତୁମ୍ଭ ପ୍ରତି ବିଶ୍ୱସ୍ତ ନୁହଁନ୍ତି।

28 ପରମେଶ୍ୱରଙ୍କର ନିକଟବର୍ତ୍ତୀ ହେବାରେ ମୋର ମଙ୍ଗଳ। ସଦାପ୍ରଭୁ ମୋର ପ୍ରଭୁ, ହିଁ ମୋର ସୁରକ୍ଷାର ଦୁର୍ଗ। ହେ ପରମେଶ୍ୱର ତୁମ୍ଭେ କରିଥିବା ସମସ୍ତ କର୍ମକୁ ମୁଁ ବର୍ଣ୍ଣନା କରିବି।

## ଗୀତ 74

*ଆସଫର ମସ୍କୀଲ।*

1 ପରମେଶ୍ୱର, ତୁମ୍ଭେ କାହିଁକି ବହୁତ ଦିନ ଆମ୍ଭମାନଙ୍କୁ ପରିତ୍ୟାଗ କଲ? ତୁମ୍ଭେ କାହିଁକି ଆମ୍ଭମାନଙ୍କ ଉପରେ ଏତେ ରାଗିଅଛ, ଆମ୍ଭେ ଯେ ତୁମ୍ଭର ନିଜ ଦଳ?

2 ପୂର୍ବରୁ ତୁମ୍ଭର ଲୋକମାନଙ୍କୁ ସ୍ମରଣ କର ଯେଉଁମାନଙ୍କୁ ତୁମ୍ଭର ନିଜର କଲ। ତୁମ୍ଭର ଖୁବ୍ ନିଜର ଲୋକମାନଙ୍କୁ ସ୍ମରଣ କର ଯେଉଁମାନଙ୍କୁ ତୁମ୍ଭେ ରକ୍ଷା କଲ ଏବଂ ସିୟୋନ୍ ପର୍ବତକୁ ସ୍ମରଣ କର ଯେଉଁଠାରେ ତୁମ୍ଭେ ବାସ କଲ।

3 ପରମେଶ୍ୱର, ସେହି ପ୍ରାଚୀନର ଭଗ୍ନାବଶେଷ ଉପରେ ଚାଲନ୍ତୁ। ଯେଉଁଠାରେ ଶତ୍ରୁମାନେ ମନ୍ଦିରର ସବୁକିଛି ନଷ୍ଟ କରିଥିଲେ।

4 ତୁମ୍ଭର ଶତ୍ରୁଗଣ ବାହାର ମନ୍ଦିରରେ ଯୁଦ୍ଧ ଧ୍ୱନି କଲେ। ସେମାନେ ତାଙ୍କର ବିଜୟଧ୍ୱଜା ମନ୍ଦିର ଉପରେ ଉଡ଼ାଇଲେ।

5 ଜଙ୍ଗଲରେ କୁରାଢ଼ୀ ବ୍ୟବହାର କରୁଥିବା ଲୋକମାନଙ୍କ ପରି ଶତ୍ରୁ ସୈନ୍ୟମାନେ ଦେଖାଯାଉଥିଲେ।

6 ହେ ପରମେଶ୍ୱର, ସେମାନେ କୁରାଢ଼ି ଓ ଟାଙ୍ଗିଆ ଦ୍ୱାରା ତୁମ୍ଭ ମନ୍ଦିରର ଖୋଦିତ କାଠ ପଟାଗୁଡ଼ିକ ନଷ୍ଟ କଲେ।

7 ସେହି ସୈନ୍ୟଗଣ ତୁମ୍ଭ ପବିତ୍ର ସ୍ଥାନକୁ ଜାଳି ଦେଲେ। ସେହି ମନ୍ଦିର ତୁମ୍ଭ ନାମର ସମ୍ମାନାର୍ଥେ ତିଆରି ହୋଇଥିଲା, କିନ୍ତୁ ସେମାନେ ତାକୁ ଅଶୁଚି କରି ଧୂଳିସାତ୍ କରିଦେଲେ।

8 ସେମାନେ ନିଷ୍ପତ୍ତି କଲେ, ଆମ୍ଭମାନଙ୍କୁ ପୂରାପୂରି ଧ୍ୱଂସ କରିବାକୁ ସେମାନେ ଦେଶ ମଧ୍ୟରେ ପରମେଶ୍ୱରଙ୍କର ସକଳ ପବିତ୍ରସ୍ଥାନ ଦଗ୍ଧ କରିଦେଲେ।

9 ଆମ୍ଭେମାନେ ନିଜ ଚିହ୍ନସବୁ ଦେଖୁ ନାହୁଁ। କୌଣସି ଭବିଷ୍ୟଦ୍‌ବକ୍ତା ଆଉ ନାହାନ୍ତି। କ'ଣ କରିବାକୁ ହେବ କେହି ଜାଣନ୍ତି ନାହିଁ।

10 ହେ ପରମେଶ୍ୱର, ଶତ୍ରୁମାନେ କେତେକାଳ ତୁମ୍ଭର ନିନ୍ଦା କରିବେ? ତୁମ୍ଭେ ଚିରଦିନ କ'ଣ ତୁମ୍ଭର ଶତ୍ରୁମାନଙ୍କୁ ଅପମାନ କରିବା ପାଇଁ ସୁଯୋଗ ଦେବ?

11 ତୁମ୍ଭେ ଆମ୍ଭମାନଙ୍କୁ କାହିଁକି, ସାହାଯ୍ୟ କରିବ ନାହିଁ? ତୁମ୍ଭେ ଆପଣା ମହାଶକ୍ତିକୁ ବ୍ୟବହାର କରି ଶତ୍ରୁମାନଙ୍କୁ ପରାଜୟ କର।

12 ହେ ପରମେଶ୍ୱର, ତୁମ୍ଭେ ଆମ୍ଭମାନଙ୍କର ପୂର୍ବାବଧି ରାଜା ହୋଇଅଛ। ଏହି ଦେଶରେ ବହୁତ ଯୁଦ୍ଧରେ ଜିତିବାରେ ଆମ୍ଭକୁ ସାହାର୍ଯ୍ୟ କରିଛ।

13 ହେ ପରମେଶ୍ୱର, ତୁମ୍ଭେ ଆପଣା ମହାନ୍ ଶକ୍ତିକୁ
ବ୍ୟବହାର କରି ଲୋହିତ ସମୁଦ୍ରକୁ ଦୁଇଭାଗ କଲ।
14 ତୁମ୍ଭେ ସମୁଦ୍ରରେ ଥିବା ମହାନ ରାକ୍ଷାସକୁ ବଧ କଲ।
ତୁମ୍ଭେ ଲିବୟାଥନର ମସ୍ତକ ଖଣ୍ଡଖଣ୍ଡ କରି କାଟି
ପକାଇଲ। ତୁମ୍ଭେ ମରୁଭୂମିର ପଶୁମାନଙ୍କ ଖାଦ୍ୟ ନିମନ୍ତେ
ତାହାକୁ ଦେଲ।
15 ତୁମ୍ଭେ ନଦୀ ଓ ଝରଣା ସୃଷ୍ଟିକରି ସେଥିରୁ ପାଣି
ବୁହାଇଲ ଏବଂ ତୁମ୍ଭେ ନଦୀସବୁକୁ ଶୁଷ୍କ କରାଇଲ।
16 ହେ ପରମେଶ୍ୱର, ଦିବସ ଓ ରାତ୍ରିର ଶାସକ, ତୁମ୍ଭେ
ଚନ୍ଦ୍ର ଓ ସୂର୍ଯ୍ୟ ପ୍ରସ୍ତୁତ କରିଅଛ।
17 ତୁମ୍ଭେ ପୃଥିବୀର ସମସ୍ତ ସୀମା ନିର୍ଦ୍ଧାରଣ କରିଅଛ। ତୁମ୍ଭେ
ଗ୍ରୀଷ୍ମକାଳ ଓ ଶୀତକାଳ ସୃଷ୍ଟି କରିଅଛ।
18 ଅନନ୍ତର ସଦାପ୍ରଭୁ, ଶତ୍ରୁମାନେ ତୁମ୍ଭର ନାମକୁ ଅପମାନିତ
କରିଥିବା କଥାଗୁଡିକ ମନେ ପକାଅ ଯେ, କିପରି ସେହି
ମୂର୍ଖ ଲୋକମାନେ ତୁମ୍ଭର ନାମକୁ ଅପମାନିତ କଲେ।
19 ତୁମ୍ଭ କପୋତକୁ ବନ୍ୟ ପଶୁକୁ ସମର୍ପଣ କର ନାହିଁ।
ଆପଣା ଦୁଃଖୀ ଲୋକଙ୍କୁ ସବୁଦିନ ପାଇଁ ଭୂଲ ନାହିଁ।
20 ଆମ୍ଭମାନଙ୍କ ଚୁକ୍ତି ସ୍ମରଣ କର। ଏହି ଭୂମିର ଅନ୍ଧକାର
ସ୍ଥାନସବୁ ଦୌରାତ୍ମ୍ୟରେ ପରିପୂର୍ଣ୍ଣ ହେଲା।
21 କଷ୍ଟ ପାଉଥିବା ଲୋକମାନଙ୍କୁ ଆଉ ଲଜ୍ଜିତ ହେବାକୁ
ଦିଅ ନାହିଁ। ଗରିବ ଏବଂ ଅଭାବଯୁକ୍ତ ତୁମ୍ଭର ନାମକୁ
ପ୍ରଶଂସା କରନ୍ତୁ।
22 ପରମେଶ୍ୱର, ଉଠ ଏବଂ ତୁମ୍ଭର ସମ୍ମାନ ରକ୍ଷା କର।
ମୂର୍ଖ ଲୋକମାନେ କିପରି ଦିନଯାକ ତୁମ୍ଭକୁ ଅପମାନିତ
କରୁଛନ୍ତି ସ୍ମରଣ କର!
23 ତୁମ୍ଭର ଶତ୍ରୁମାନଙ୍କର ଉଦ୍‌ଘୋଷ କେବେ ଭୂଲିଯାଅ
ନାହିଁ। ସେମାନେ ତୁମ୍ଭକୁ ବାରମ୍ବାର ଅପମାନିତ କରନ୍ତି।

## ଗୀତ 75

*ପ୍ରଧାନ ବାଦ୍ୟକାର ନିମନ୍ତେ ଏକ ଗୀତ।*
*ନଷ୍ଟ କର ନାହିଁ ସ୍ୱରରେ ଆସଫର ଗୀତ।*

1 ହେ ପରମେଶ୍ୱର, ଆମ୍ଭେମାନେ ତୁମ୍ଭଙ୍କୁ ପ୍ରଶଂସା କରୁଛୁ!
ଆମ୍ଭେମାନେ ତୁମ୍ଭଙ୍କୁ ଧନ୍ୟବାଦ କରୁଛୁ! କାରଣ ତୁମ୍ଭେ
ଅତି ନିକଟବର୍ତ୍ତୀ ଲୋକମାନେ ତୁମ୍ଭର ଆଶ୍ଚର୍ଯ୍ୟ କ୍ରିୟା
ସକଳ ବର୍ଣ୍ଣନା କରନ୍ତି।
2 ପରମେଶ୍ୱର କହିଲେ, "ମୁଁ ବିଚାର ଦିନ ନିରୂପିତ
କରେ। ମୁଁ ନିରପେକ୍ଷଭାବେ ବିଚାର କରିବ।
3 ପୃଥିବୀ ଓ ତହିଁରେ ବାସ କରୁଥିବା ସମସ୍ତ ଜୀବ
ଟଳମଳ ହୋଇ ପତନ ହେବାକୁ ଯାଉଛନ୍ତି। କିନ୍ତୁ ମୁଁ
ତାକୁ ସ୍ଥିର କରିବ।"
4-5 "କିଛି ଲୋକ ବହୁତ ଗର୍ବୀ, ସେମାନେ ଭାବନ୍ତି ସେମାନେ
ବହୁତ ଶକ୍ତିଶାଳୀ। ଏବଂ ନିଜକୁ ବହୁତ ମୁଖ୍ୟବ୍ୟକ୍ତି
ବୋଲି ଭାବନ୍ତି। କିନ୍ତୁ ମୁଁ ସେହି ଲୋକମାନଙ୍କୁ କହେ,
'ଆତ୍ମଶ୍ଲାଘା ହୁଅ ନାହିଁ' 'ଗର୍ବ କରନାହିଁ।'"
6 କୌଣସି ବ୍ୟକ୍ତିକୁ ମହତ୍ୱପୂର୍ଣ୍ଣ କରିବାରେ ପୃଥିବୀର
କୌଣସି ଶକ୍ତି ନାହିଁ।
7 ପରମେଶ୍ୱର ବିଚାରକର୍ତ୍ତା ଅଟନ୍ତି ଏବଂ ପରମେଶ୍ୱର ନିଷ୍ପତ୍ତି
ନେବେ କିଏ ଯେ ମହାନ୍ ହେବ। ପରମେଶ୍ୱର ହିଁ ଯେ
କୌଣସି ବ୍ୟକ୍ତିକୁ ମହତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାପନ କରିପାରନ୍ତି।
8 ସଦାପ୍ରଭୁଙ୍କ ହସ୍ତରେ ଏକ ପିଆଲା ଅଛି, ଯାହାକି ବିଷାକ୍ତ
ଦ୍ରାକ୍ଷାରସରେ ପରିପୂର୍ଣ୍ଣ। ତାହା ମିଶ୍ରିତ ଦ୍ରବ୍ୟରେ ପୂର୍ଣ୍ଣ ଓ
ସେ ତହିଁରୁ ଢ଼ାଳିବେ ଏବଂ ପୃଥିବୀର ଦୁଷ୍ଟ ଲୋକ
ସମସ୍ତେ ତହିଁର ପାନୀୟ ନିଗାଡ଼ି ପିଇବେ।
9 ମୁଁ ଏହିସବୁ ବିଷୟରେ ସଦାକାଳ ପ୍ରଚାର କରିବ। ମୁଁ
ଇଶ୍ରାୟେଲର ପରମେଶ୍ୱରଙ୍କର ପ୍ରଶଂସା କରିବ।
10 ପରମେଶ୍ୱର କହନ୍ତି, "ମୁଁ ଦୁଷ୍ଟ ଲୋକମାନଙ୍କର ଶକ୍ତିସବୁ
ପୋଛି ଦେବ ଏବଂ ଧାର୍ମିକ ଲୋକମାନଙ୍କର ଶକ୍ତି ଉଚ୍ଚ
କରିବ।"

## ଗୀତ 76

*ପ୍ରଧାନ ବାଦ୍ୟକାର ନିମନ୍ତେ ଗୀତ, ତାରଯୁକ୍ତ*
*ବାଦ୍ୟ ଯନ୍ତ୍ରରେ ଆସଫର ଗୀତ।*

1 ପରମେଶ୍ୱର ଯିହୁଦା ମଧ୍ୟରେ ପରିଚିତ ଅଟନ୍ତି। ଇଶ୍ରାୟେଲ
ମଧ୍ୟରେ ତାଙ୍କ ନାମ ମହତ୍।
2 ପରମେଶ୍ୱରଙ୍କର ମନ୍ଦିର ଶାଲେମରେ ଅବସ୍ଥିତ।
ପରମେଶ୍ୱରଙ୍କର ବାସସ୍ଥାନ ସିୟୋନ୍ ପର୍ବତରେ ଅବସ୍ଥିତ।
3 ସେହି ସ୍ଥାନରେ ପରମେଶ୍ୱର ଧନୁର୍ବାଣ, ଢ଼ାଲ, ଖଡ୍ଗ ଏବଂ
ସମସ୍ତ ଯୁଦ୍ଧାସ୍ତ୍ର ଭଙ୍ଗ କଲେ।
4 ପରମେଶ୍ୱର, ତୁମ୍ଭେ ପର୍ବତରୁ ତୁମ୍ଭର ଶତ୍ରୁମାନଙ୍କୁ ପରାସ୍ତ
କରି ତେଜୋମୟ ଓ ମହିମାନ୍ୱିତ ଭାବେ ଫେରିଆସ।
5 ସେହି ସୈନିକମାନେ ଭାବୁଥିଲେ, ସେମାନେ ଅତି ଶକ୍ତିଶାଳୀ
ଯୋଦ୍ଧା ଅଟନ୍ତି। କିନ୍ତୁ ସେମାନେ ବର୍ତ୍ତମାନ ଯୁଦ୍ଧ ଭୂମିରେ
ମରିପଡ଼ିଛନ୍ତି। ସେମାନଙ୍କର ଶରୀର କ୍ଷତବିକ୍ଷତ ହୋଇଅଛି।
ସେହି ଯୋଦ୍ଧା ସୈନିକମାନଙ୍କ ମଧ୍ୟରୁ କେହି ହସ୍ତ
ଉଠାଇ ପାରି ନ ଥିଲେ।
6 ଯାକୁବର ପରମେଶ୍ୱର, ଯେତେବେଳେ ତୁମ୍ଭେ ଆପଣାର
ଯୁଦ୍ଧରବ କଲ, ସେମାନଙ୍କର ଅଶ୍ୱଗଣ ଏବଂ ରଥାରୋହୀଗଣ
ପଡି ମୃତ୍ୟୁବରଣ କଲେ।
7 ହେ ପରମେଶ୍ୱର, ତୁମ୍ଭେ ହିଁ ସମସ୍ତଙ୍କ ଦ୍ୱାରା ଭୟର
ପାତ୍ର। ତୁମ୍ଭେ ଥରେ କ୍ରୋଧ କଲେ, କେହି ତୁମ୍ଭ
ସାକ୍ଷାତରେ ଠିଆ ହୋଇ ପାରିବେ ନାହିଁ।
8-9 ସଦାପ୍ରଭୁ, ବିଚାରକ ପରି ଠିଆ ହୋଇଛନ୍ତି, ତୁମ୍ଭେ ନ୍ୟାୟ
ବିଚାର କଲ, ପରମେଶ୍ୱର ଏହି ଦେଶର ନୀଚ ଲୋକମାନଙ୍କୁ
ରକ୍ଷା କରିବା ପାଇଁ, ସ୍ୱର୍ଗରୁ ତାଙ୍କର ବିଚାର ଶୁଣାଇଛନ୍ତି।
ସମସ୍ତ ପୃଥିବୀବାସୀ ସ୍ତବ୍ଧ ଓ ଭୟଭୀତ ହୋଇଛନ୍ତି।
10 ହେ ପରମେଶ୍ୱର, ଯେତେବେଳେ ତୁମ୍ଭେ ଦୁଷ୍ଟ ଲୋକମାନଙ୍କୁ
ଦଣ୍ଡ ଦିଅ, ଲୋକମାନେ ତୁମ୍ଭକୁ ସମ୍ମାନ ଦିଅନ୍ତି। ତୁମ୍ଭେ
ଆପଣା କ୍ରୋଧ ପ୍ରକାଶ କର ଏବଂ ତିଷ୍ଠି ରହିବା
ଲୋକମାନେ* ଶକ୍ତିଶାଳୀ ହୁଅନ୍ତି।
11 ଲୋକମାନେ ପରମେଶ୍ୱରଙ୍କଠାରେ ମାନସିକ କରନ୍ତି, ଏବଂ
ସେସବୁକୁ ପରମେଶ୍ୱରଙ୍କଠାରେ ଅର୍ପଣ କରନ୍ତି। ଲୋକମାନେ

---

**ତିଷ୍ଠି ରହିବା ଲୋକମାନେ** ଏଠାରେ ଏହାର ଅର୍ଥ ଶତ୍ରୁଗଣ ଦ୍ୱାରା ଯିହୁଦା ଓ ଇଶ୍ରାୟେଲ ଧ୍ୱଂସ ହେଲା ସମୟରେ ଯେଉଁମାନେ ତିଷ୍ଠି ଯାଇଥିଲେ।

ଚତୁର୍ଦ୍ଦିଗରେ ଥିବା ଜାତିଗଣ ପରମେଶ୍ୱରଙ୍କ ନିକଟକୁ
ଉପହାର ଆଣିବା ଉଚିତ୍, ଯେଉଁମାନେ କି ସମ୍ମାନ ପାଇଁ
ଉପଯୁକ୍ତ ଅଟନ୍ତି।
12 ପରମେଶ୍ୱର ମହାନ୍ ନେତାମାନଙ୍କୁ ପରାସ୍ତ କରନ୍ତି। ପୃଥିବୀର
ସମସ୍ତ ରାଜା ତାହାଙ୍କୁ ଭୟ କରନ୍ତି।

## ଗୀତ 77

*ପ୍ରଧାନ ବାଦ୍ୟକାର ନିମନ୍ତେ ଯିଦୁଥୂନର*
*ରୀତ୍ୟନୁସାରେ ଆସଫର ଗୀତ।*

1 ମୁଁ, ସ୍ୱର ସହିତ ପରମେଶ୍ୱରଙ୍କୁ ସାହାଯ୍ୟ ପାଇଁ କ୍ରନ୍ଦନ
କରିବି। ମୁଁ ପରମେଶ୍ୱରଙ୍କୁ କ୍ରନ୍ଦନ କରିବି ଯେ, ସେ
ମୋ ଗୁହାରି ପ୍ରତି କର୍ଣ୍ଣପାତ କରିବେ।
2 ବିପଦ ସମୟରେ ମୁଁ ମୋର ପ୍ରଭୁଙ୍କୁ ସାହାଯ୍ୟ ପାଇଁ
ଗୁହାରିଅଛି। ରାତିସାରା ମୁଁ ପ୍ରାର୍ଥନା କରି ହାତ ବଢାଇଅଛି।
କିନ୍ତୁ ମୁଁ ଆଶ୍ୱାସନା ପାଇଲି ନାହିଁ।
3 ମୁଁ ପରମେଶ୍ୱରଙ୍କୁ ସ୍ମରଣ କରି, ମୁଁ ତାଙ୍କୁ ମୋର
ଅନୁଭୂତି କହିବାକୁ ଚେଷ୍ଟା କରିଛି। କିନ୍ତୁ ମୁଁ ପାରୁ
ନାହିଁ।
4 ତୁମ୍ଭେ ମୋ ଚକ୍ଷୁକୁ ଉଜାଗର କରି ରଖୁଅଛ। ମୁଁ ଏମନ୍ତ
ବ୍ୟାକୁଳ ଯେ କଥା କହିପାରୁ ନାହିଁ।
5 ବହୁତ ଆଗରୁ ଘଟିଯାଇଥିବା ଘଟଣା ବିଷୟରେ ମୁଁ ଚିନ୍ତା
କରେ।
6 ରାତିରେ ମୁଁ ନିଜ ଗୀତ ବିଷୟରେ ଭାବିଲି। ମୁଁ ନିଜକୁ
ନିଜେ ବୁଝେ ଏବଂ ଭାବେ। ମୋର ଆତ୍ମା ଯତ୍ନରେ
ଅନୁସନ୍ଧାନ କଲା।
7 ମୁଁ ଆଶ୍ଚର୍ଯ୍ୟ ହେଲି, "ପ୍ରଭୁ ସଦାକାଳ ପାଇଁ ଆମ୍ଭକୁ
ପରିତ୍ୟାଗ କରିଛନ୍ତି କି? ଆଉ ସେ କ'ଣ ସୁପ୍ରସନ୍ନ
ହେବେ ନାହିଁ?
8 ପରମେଶ୍ୱରଙ୍କ ଦୟା କ'ଣ ଚିରକାଳ ପାଇଁ ଲୁପ୍ତ
ହୋଇଛି? ତାଙ୍କର ପ୍ରତିଜ୍ଞା କ'ଣ ଚିରକାଳ ପାଇଁ ବିଫଳ
ହୋଇଛି?
9 ପରମେଶ୍ୱର କ'ଣ କୃପା କରିବାକୁ ପାସୋରି ଅଛନ୍ତି?
ତାଙ୍କର ଦୟା କ'ଣ କ୍ରୋଧରେ ପରିଣତ ହୋଇଅଛି?"
10 ଏହାପରେ ମୁଁ ଚିନ୍ତା କଲି, "ଏସବୁ ମୋତେ ବିବ୍ରତ
କରୁଅଛି, 'ସର୍ବପୋରିସ୍ଥ ପରମେଶ୍ୱର କ'ଣ ତାଙ୍କର ଶକ୍ତି
ହରାଇ ଅଛନ୍ତି।'"
11 ମୁଁ ସଦାପ୍ରଭୁଙ୍କ କର୍ମସବୁ ମନେ ପକାଏ। ହଁ, ତୁମ୍ଭେ
ପୂର୍ବେ କରିଥିବା ଆଶ୍ଚର୍ଯ୍ୟ କର୍ମସବୁ ମୁଁ ମନେ ପକାଏ।
12 ମୁଁ ତୁମ୍ଭର କର୍ମ ଉପରେ ପ୍ରତିଫଳିତ କରାଏ ଏବଂ
କାର୍ଯ୍ୟକୁ ଅନୁଧ୍ୟାନ କରେ।
13 ହେ ପରମେଶ୍ୱର, ତୁମ୍ଭର ପଥସବୁ ପବିତ୍ର। ତୁମ୍ଭପରି
ମହାନ କେହି ପରମେଶ୍ୱର ନାହାନ୍ତି।
14 ତୁମ୍ଭେ ହେଉଛ ପରମେଶ୍ୱର ଯିଏକି ଆଶ୍ଚର୍ଯ୍ୟଜନକ କାର୍ଯ୍ୟ
କରନ୍ତି। ତୁମ୍ଭେ ଗୋଷ୍ଠୀୟମାନଙ୍କ ମଧ୍ୟରେ ଆପଣା ପରାକ୍ରମ
ଜ୍ଞାତ କରିଅଛ।
15 ତୁମ୍ଭର ଶକ୍ତିଦ୍ୱାରା ତୁମ୍ଭ ଲୋକମାନଙ୍କୁ ରକ୍ଷା କରିଅଛ।
ଯାକୁବ ଓ ଯୋଷେଫର ସନ୍ତାନଗଣକୁ ରକ୍ଷା କରିଅଛ।
16 ହେ ପରମେଶ୍ୱର, ତୁମ୍ଭକୁ ଦେଖି ଜଳରାଶି ଡରିଗଲା।
ଗଭୀର ସମୁଦ୍ର ଭୟରେ ଥରି ଉଠିଲା।
17 ମେଘମାଳା ସେମାନଙ୍କର ଜଳବୃଷ୍ଟି କଲେ। ଆକାଶରେ
ମେଘର ଘୋର ଗର୍ଜ୍ଜନ ଲୋକମାନେ ଶୁଣିଲେ। ତା'ପରେ
ତୁମ୍ଭର ବିଜୁଳିର ବାଣସବୁ ମେଘମାଳାରେ ଚମକିଲା।
18 ଘୂର୍ଣ୍ଣିବାତ୍ୟାରେ ତୁମ୍ଭର ବଜ୍ରଧ୍ୱନି ସ୍ୱର ଶୁଣାଗଲା। ବିଜୁଳି
ଜଗତକୁ ଆଲୋକମୟ କଲା। ପୃଥିବୀ କମ୍ପିତ ହେଲା।
19 ହେ ପରମେଶ୍ୱର, ସମୁଦ୍ରରେ ତୁମ୍ଭେ ପାଦରେ ଚାଲି ପାରି
କିନ୍ତୁ ତୁମ୍ଭର ପାଦ ଚିହ୍ନ ଦେଖାଗଲା ନାହିଁ।
20 ତୁମ୍ଭେ ମୋଶା ଓ ହାରୋଣକୁ ବ୍ୟବହାର କରି ଆପଣା
ଲୋକମାନଙ୍କୁ ମେଷପଲ ପରି ଚଳାଇଲ।

## ଗୀତ 78

*ଆସଫର ମସ୍କୀଲ।*

1 ହେ ମୋର ଲୋକମାନେ, ତୁମ୍ଭେ ମୋର ଉପଦେଶକୁ
ଶୁଣ। ମୋହର ବାକ୍ୟକୁ କର୍ଣ୍ଣପାତ କର, ଯାହା ମୁଁ
କହୁଅଛି।
2 ମୁଁ ତୁମ୍ଭମାନଙ୍କୁ ଗୋଟିଏ ଗପ କହିବି। ମୁଁ ତୁମ୍ଭମାନଙ୍କୁ
ଅତୀତର ଗପ କହିବି, ଯାହାକି ବୁଝିବା ପାଇଁ କଷ୍ଟକର।
3 ଆମ୍ଭେ ଏହି ଗପ ଶୁଣିଅଛୁ ଏବଂ ଆମ୍ଭେ ସେମାନଙ୍କ
ବିଷୟରେ ଭଲଭାବରେ ଜାଣିଛୁ। ଯାହା ଆମ୍ଭମାନଙ୍କର
ପିତା ଆମ୍ଭମାନଙ୍କୁ କହିଥିଲେ।
4 ଆମ୍ଭେମାନେ ସେମାନଙ୍କ ବଂଶଧରମାନଙ୍କୁ ଏହା ଲୁଚାଇବୁ
ନାହିଁ। ସେମାନେ କାହିଁକି ସଦାପ୍ରଭୁଙ୍କୁ ପ୍ରଶଂସା କରିବା
ଉଚିତ୍, ଏହା ଆମ୍ଭେ ଆମ୍ଭର ଆସୁଥିବା ପୀଢିକୁ କହିବୁ,
ଆମ୍ଭେ ତାଙ୍କର ଶକ୍ତି ଏବଂ ଆଶ୍ଚର୍ଯ୍ୟତା ଯାହା ସେ କଲେ
ସେସବୁ ବିଷୟରେ ସେମାନଙ୍କୁ କହିବୁ।
5 ସଦାପ୍ରଭୁ ଯାକୁବ ସହିତ ଏକ ଚୁକ୍ତି କଲେ। ପରମେଶ୍ୱର
ଇଶ୍ରାୟେଲକୁ ବ୍ୟବସ୍ଥା ପ୍ରଦାନ କଲେ। ପରମେଶ୍ୱର
ଆମ୍ଭର ପୂର୍ବ ପୁରୁଷମାନଙ୍କୁ ଆଜ୍ଞା ଦେଲେ। ସେମାନଙ୍କର
ଉତ୍ତରାଧିକାରୀମାନଙ୍କୁ ଏହି ଶିକ୍ଷା ଦେବା ସମନ୍ଧେ।
6 ଏପରିକି ଯେଉଁ ପିଲାମାନେ ଜନ୍ମ ହେବେ, ସେମାନେ
ସେମାନଙ୍କର ପିଲାମାନଙ୍କୁ ଜଣାଇବେ। ତା'ପରେ ସେମାନେ
ଯେବେ ବଡ ହେବେ ସେମାନଙ୍କର ପିଲାମାନଙ୍କୁ କହିବେ।
7 ତେଣୁ ସମସ୍ତ ଲୋକ ପରମେଶ୍ୱରଙ୍କର ଆଜ୍ଞା ମାନିବେ।
ସେମାନେ କଦାପି ଭୁଲିବେ ନାହିଁ ଯେ ପରମେଶ୍ୱର କ'ଣ
କରିଥିଲେ। ସେମାନେ ଯତ୍ନ ସହକାରେ ପରମେଶ୍ୱରଙ୍କ
ଆଜ୍ଞାସବୁ ପାଳନ କରିବେ।
8 ଯଦି ଲୋକମାନେ ତାଙ୍କର ପିଲାମାନଙ୍କୁ ପରମେଶ୍ୱରଙ୍କର
ଆଦେଶ ଶିକ୍ଷା ଦିଅନ୍ତି, ତେବେ ସେମାନଙ୍କର ସନ୍ତାନଗଣ
ସେମାନଙ୍କର ପୂର୍ବପୁରୁଷଙ୍କ ପରି ହେବେ ନାହିଁ। ସେମାନଙ୍କ
ପୂର୍ବପୁରୁଷଗଣ ପରମେଶ୍ୱରଙ୍କ ବିରୋଧରେ ଗଲେ। ଏବଂ
ସେମାନେ ତାଙ୍କ ଆଦେଶ ମାନିଲେ ନାହିଁ। ସେମାନଙ୍କର
ହୃଦୟ ଦୃଢ ପରମେଶ୍ୱରଙ୍କଠାରେ ସମର୍ପିତ ନଥିଲା।
ସେମାନଙ୍କର ଆତ୍ମା ପରମେଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ନ ଥିଲା।
9 ଇଫ୍ରୟିମର ଲୋକମାନେ ଅସ୍ତ୍ରଧାରଣ କରିଥିଲେ, ମାତ୍ର
ସେମାନେ ଯୁଦ୍ଧ ହେବା ଦିନରେ ପଳାୟନ କଲେ।

10 ସେମାନେ ପରମେଶ୍ୱରଙ୍କ ସହିତ କରିଥିବା ଚୁକ୍ତି ପାଳନ
କଲେ ନାହିଁ। ସେମାନେ ତାଙ୍କର ବ୍ୟବସ୍ଥା ମାନିବାକୁ
ଅସ୍ୱୀକାର କଲେ।
11 ସେମାନେ ପରମେଶ୍ୱର କରିଥିବା ମହତ କାର୍ଯ୍ୟ ଭୁଲିଗଲେ।
ପରମେଶ୍ୱର ସେମାନଙ୍କୁ ଦେଖାଇଥିବା ଆଶ୍ଚର୍ଯ୍ୟ କାର୍ଯ୍ୟମାନ
ସେମାନେ ଭୁଲିଗଲେ।
12 ପରମେଶ୍ୱର ତାଙ୍କର ମହାନଶକ୍ତି ସିୟୋନ୍ ଓ ମିଶରରେ
ତାଙ୍କର ପୂର୍ବପୁରୁଷମାନଙ୍କୁ ଦେଖାଇଥିଲେ।
13 ପରମେଶ୍ୱର ଲୋହିତ ସମୁଦ୍ରକୁ ବିଦୀର୍ଣ୍ଣ କରି ଲୋକମାନଙ୍କୁ
ପାର କରାଇଥିଲେ ଏବଂ ସେ ଦୁଇପାର୍ଶ୍ୱର ଜଳରାଶୀକୁ
କଠିନ କାନ୍ଥ ରୂପେ ବିଦ୍ୟମାନ କରାଇଲେ।
14 ପ୍ରତି ଦିନ ଏବଂ ରାତ୍ରିରେ ପରମେଶ୍ୱର ମେଘଦ୍ୱାରା ଓ
ଅଗ୍ନିତେଜ ଦ୍ୱାରା ସେମାନଙ୍କୁ ପଥ କଢ଼ାଇଲେ।
15 ସେ ମରୁଭୂମିରେ ଶୈଳଗୁଡ଼ିକୁ ବିଦୀର୍ଣ୍ଣ କଲେ ଏବଂ ସେ
ଅଗାଧ ସ୍ଥଳରୁ, ଲୋକମାନଙ୍କୁ ଅଧିକରୁ ଅଧିକ ଜଳ
ପ୍ରଦାନ କରାଇଲେ।
16 ପରମେଶ୍ୱର, ଶୈଳରୁ ଝର ବାହାର କରାଇଲେ ଏବଂ
ଏହାର ଜଳ ନଦୀପରି ବୋହିଲା।
17 ତଥାପି ଲୋକମାନେ ପରମେଶ୍ୱରଙ୍କ ବିରୁଦ୍ଧରେ ପାପ
କରି ଚାଲିଲେ। ସେମାନେ ମରୁଭୂମିରେ ସର୍ବୋପରିସ୍ଥ
ପରମେଶ୍ୱରଙ୍କର ବିଦ୍ରୋହାଚରଣ କଲେ।
18 ଏହାପରେ ସେହି ଲୋକମାନେ ପରମେଶ୍ୱରଙ୍କୁ ପରୀକ୍ଷା
କରିବାକୁ ନିଷ୍ପତ୍ତି ନେଲେ। ସେମାନେ ପରମେଶ୍ୱରଙ୍କୁ
ଖାଦ୍ୟ ମାଗିଲେ। ଯାହା ସେମାନେ ଇଚ୍ଛା
କରିଥିଲେ।
19 ସେମାନେ ପରମେଶ୍ୱରଙ୍କୁ ଅଭିଯୋଗ କଲେ ଏବଂ କହିଲେ,
"କ'ଣ ପରମେଶ୍ୱର ମରୁଭୂମିରେ ଆମ୍ଭମାନଙ୍କୁ ଖାଦ୍ୟ
ଦେଇ ପାରିବେ?
20 ଏହା ସତ୍ୟ ଯେ, ସେ ଶୈଳକୁ ଆଘାତ କରନ୍ତେ ଜଳ
ନିର୍ଗତ ହେଲା, ସେ ମଧ୍ୟ କ'ଣ ଆମ୍ଭକୁ ରୋଟୀ ଦେଇ
ପାରିବେ? ସେ କ'ଣ ତାଙ୍କର ଲୋକମାନଙ୍କ ପାଇଁ ମାଂସ
ଦେଇ ପାରିବେ?"
21 ସେହି ଲୋକଙ୍କର କଥା ସଦାପ୍ରଭୁ ଶୁଣିଲେ, ପରମେଶ୍ୱର
ଯାକୁବ ଉପରେ ବହୁତ କ୍ରୋଧ ହେଲେ ଓ ପରମେଶ୍ୱର
ଇଶ୍ରାୟେଲ ବିରୁଦ୍ଧରେ ବହୁତ କ୍ରୋଧାନ୍ୱିତ ହେଲେ।
22 କାହିଁକି? କାରଣ ଲୋକମାନେ ତାଙ୍କ ଉପରେ ଆଶ୍ରିତ
ହେଲେ ନାହିଁ। ପରମେଶ୍ୱର ସେମାନଙ୍କୁ ରକ୍ଷା କରିବେ
ବୋଲି ସେମାନେ ବିଶ୍ୱାସ କଲେ ନାହିଁ।
23 କିନ୍ତୁ ଏହାପରେ ପରମେଶ୍ୱର ଉପରିସ୍ଥ ମେଘମାଳାକୁ
ଉନ୍ମୋଚନ କଲେ ଓ ଆକାଶର ଦ୍ୱାର ଖୋଲିଲେ।
24 ଭୋଜନାର୍ଥେ ସେମାନଙ୍କ ଉପରେ ମାନ୍ନା ବର୍ଷା କରାଇଲେ
ଏବଂ ସେ ସେମାନଙ୍କୁ ସ୍ୱର୍ଗର ଶସ୍ୟ ପ୍ରଦାନ କଲେ।
25 ଲୋକମାନେ ପରାକ୍ରମୀଗଣର ଆହାର ଭୋଜନ କଲେ।
ପରମେଶ୍ୱର, ସେମାନେ ଖାଇ ତୃପ୍ତି ହେବା ପର୍ଯ୍ୟନ୍ତ
ସେହି ସବୁ ପ୍ରକାର ଖାଦ୍ୟ ଯୋଗାଇଲେ।
26 ପରମେଶ୍ୱର ଆକାଶରେ ପୂର୍ବୀୟବାୟୁ ବହାଇଲେ ଓ ସେ
ତାଙ୍କର ଶକ୍ତି ଦ୍ୱାରା ଦକ୍ଷିଣବାୟୁ ଆଣିଲେ।
27 ପରମେଶ୍ୱର ତାଙ୍କର ଲୋକମାନଙ୍କ ଉପରେ ସେମାନଙ୍କର
ମାଂସ ପାଇଁ ପକ୍ଷୀଗଣ ବୃଷ୍ଟି କରାଇଲେ। ପକ୍ଷୀଗୁଡ଼ିକ ଧୂଳି
ପରି ବହଳରେ ପଡ଼ିଲେ ଓ ସମୁଦ୍ରକୂଳର ବାଲୁକା ତୁଲ୍ୟ
ବହୁତ ଥିଲେ।
28 ଏହି ପକ୍ଷୀମାନେ ସେମାନଙ୍କ ତମ୍ବୁର ଚତୁର୍ଦ୍ଦିଗରେ ଛାଉଣୀ
ଭିତରେ ପଡ଼ିଲେ।
29 ସେମାନେ ତୃପ୍ତି ହେବା ପର୍ଯ୍ୟନ୍ତ ଖାଇଲେ। ସେମାନେ
ଯାହା ଚାହିଁଲେ, ପରମେଶ୍ୱର ସେମାନଙ୍କୁ ଦେଲେ।
30 ସେମାନେ ସେମାନଙ୍କର ପ୍ରାପ୍ତ ବସ୍ତୁରେ ସନ୍ତୁଷ୍ଟ ହେଲେ
ନାହିଁ। ତେଣୁ ସେମାନଙ୍କ ପାଟିରେ ଖାଦ୍ୟ ଅବଚଳିତ
ଥିଲା,
31 ପରମେଶ୍ୱର ସମସ୍ତ ଲୋକମାନଙ୍କ ଉପରେ ପ୍ରବଳ କ୍ରୋଧ
ହେଲେ, ଏବଂ ସେମାନଙ୍କ ମଧ୍ୟରୁ ସବୁଠୁଁ ସ୍ୱାସ୍ଥ୍ୟବାନ
ଲୋକଙ୍କୁ ହତ୍ୟା କଲେ। ସେ ଇଶ୍ରାୟେଲର ଉତ୍ତମ
ଯୁବକମାନଙ୍କୁ ତଳକୁ ଖସାଇ ଆଣିଲେ।
32 କିନ୍ତୁ ଏହି ଲୋକମାନେ ପୁନର୍ବାର ପାପ କଲେ! ସେମାନେ
ପରମେଶ୍ୱରଙ୍କ ଆଶ୍ଚର୍ଯ୍ୟ କାର୍ଯ୍ୟରେ ବିଶ୍ୱାସ କଲେ ନାହିଁ।
ଯାହା ପରମେଶ୍ୱର କରିଥିଲେ।
33 ପରମେଶ୍ୱର ସେମାନଙ୍କର ଦିନଗୁଡ଼ିକୁ ନିଶ୍ୱାସ ପରି ଶିଘ୍ର
ସମାପ୍ତ କଲେ। ସେ ସେମାନଙ୍କର ବର୍ଷଗୁଡ଼ିକୁ ହଠାତ୍
ଦୁର୍ବିପାକରେ ସମାପ୍ତି କଲେ।
34 ଯେତେବେଳେ ପରମେଶ୍ୱର ସେମାନଙ୍କ ମଧ୍ୟରୁ କେତେକଙ୍କୁ
ମାରିଲେ, ଅନ୍ୟମାନେ ପରମେଶ୍ୱରଙ୍କ ନିକଟକୁ ଫେରିଆସିଲେ
ଏବଂ ତାଙ୍କଠାରୁ ସାହାଯ୍ୟ ପାଇବା ପାଇଁ ଉତ୍କଣ୍ଠିତ
ହେଲେ।
35 ସେମାନେ ମନେ କଲେ ଯେ, ପରମେଶ୍ୱର ସେମାନଙ୍କର
ଶୈଳ ଥିଲେ ଏବଂ ସେହି ସର୍ବୋପରିସ୍ଥ ପରମେଶ୍ୱର
ସେମାନଙ୍କୁ ରକ୍ଷା କଲେ।
36 କିନ୍ତୁ ସେମାନେ ନିଷ୍କପଟ ନଥିଲେ ଏବଂ ସେମାନେ ତାଙ୍କୁ
ମିଛ କହିଲେ।
37 ସେମାନଙ୍କର ହୃଦୟ ପରମେଶ୍ୱରଙ୍କ ପ୍ରତି ପ୍ରକୃତରେ ନ
ଥିଲା। ସେମାନେ ତାଙ୍କ ନିୟମରେ ବିଶ୍ୱସ୍ତ ନଥିଲେ।
38 କିନ୍ତୁ ପରମେଶ୍ୱର ସ୍ନେହଶୀଳ ଥିଲେ ଓ ସେମାନଙ୍କର
ପାପଗୁଡ଼ିକ କ୍ଷମା କଲେ, ସେମାନଙ୍କୁ ଧ୍ୱଂସ କଲେନାହିଁ।
ପରମେଶ୍ୱର ତାଙ୍କର କ୍ରୋଧକୁ ଅନେକ ଥର ସ୍ଥଗିତ
ରଖିଲେ। ସେ ନିଜକୁ ବହୁତ କ୍ରୋଧ ହେବାରେ ନିୟନ୍ତ୍ରଣ
କରିନଥିଲେ।
39 ଆଉ ପରମେଶ୍ୱର ସ୍ମରଣ କଲେ ସେମାନେ ମନୁଷ୍ୟମାତ୍ର,
ସେମାନେ ବାୟୁତୁଲ୍ୟ, ଯାହା ବହିଯାଏ ଏବଂ ଫେରିଆସେ
ନାହିଁ।
40 ସେହି ଲୋକମାନେ ମରୁଭୂମି ମଧ୍ୟରେ କେତେଥର
ପରମେଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କଲେ। ସେମାନେ
ତାଙ୍କୁ ଦୁଃଖିତ କଲେ।
41 ସେମାନେ ବାରମ୍ବାର ପରମେଶ୍ୱରଙ୍କୁ ପରୀକ୍ଷା କଲେ।
ସେମାନେ ପ୍ରକୃତରେ ଇଶ୍ରାୟେଲର ପବିତ୍ର ସ୍ୱରୂପଙ୍କୁ
ବିରକ୍ତ କଲେ।
42 ସେହି ଲୋକମାନେ ପରମେଶ୍ୱରଙ୍କର ଶକ୍ତିକୁ ଭୁଲିଗଲେ।

ସେମାନେ ଭୁଲିଗଲେ ଯେ, ପରମେଶ୍ୱର ସେମାନଙ୍କୁ
ସେମାନଙ୍କର ଶତ୍ରୁ କବଳରୁ କିପରି ରକ୍ଷା କରିଥିଲେ।
43 ସେମାନେ ମିଶରର ଆଶ୍ଚର୍ଯ୍ୟ କର୍ମ ଏବଂ ସିୟୋନ୍
କ୍ଷେତ୍ରରେ ଆଶ୍ଚର୍ଯ୍ୟ କର୍ମମାନ ଭୁଲିଗଲେ।
44 ପରମେଶ୍ୱର ନଦୀର ଜଳକୁ ରକ୍ତ ସ୍ରୋତରେ ପରିଣତ
କଲେ। ମିଶରୀୟମାନେ ପିଇବା ପାଇଁ ପାଣି ପାଇଲେ
ନାହିଁ।
45 ପରମେଶ୍ୱର ସେମାନଙ୍କ ମଧ୍ୟକୁ ଦଂଶକ ଝିଙ୍କ ପଠାଇଲେ।
ସେସବୁ ସେମାନଙ୍କୁ ଗ୍ରାସ କଲେ ଓ ସେମାନଙ୍କୁ ବିନାଶ
କଲେ।
46 ପରମେଶ୍ୱର ସେମାନଙ୍କ ଫସଲକୁ କୀଟ ପଠାଇଲେ।
ସେମାନଙ୍କର ପରିଶ୍ରମର ଫଳ ପଙ୍ଗପାଳମାନଙ୍କୁ ଦେଲେ।
47 ସେ ଶିଳାଦ୍ୱାରା ସେମାନଙ୍କ ଦ୍ରାକ୍ଷାଲତା ଓ ହିମଦ୍ୱାରା
ସେମାନଙ୍କ ବୃକ୍ଷ ଧ୍ୱଂସ କଲେ।
48 ପରମେଶ୍ୱର କୁଆପଥର ଦ୍ୱାରା ସେମାନଙ୍କ ପଶୁଗଣଙ୍କୁ ଓ
ସେମାନଙ୍କ ପଲଗଣଙ୍କୁ ପ୍ରଜ୍ୱଳିତ ବଜ୍ରାଘାତରେ ବଧ
କଲେ।
49 ପରମେଶ୍ୱର ଆପଣା କ୍ରୋଧ ମିଶର ଉପରେ ଦେଖାଇଲେ।
ସେମାନଙ୍କ ବିରୁଦ୍ଧରେ ଦୂତଦଳ ପଠାଇଲେ।
50 ପରମେଶ୍ୱର ନିଜ କ୍ରୋଧ ପାଇଁ ପଥ ପ୍ରସ୍ତୁତ କଲେ।
ସେ ମୃତ୍ୟୁରୁ ସେମାନଙ୍କ ପ୍ରାଣ ରକ୍ଷା କଲେ ନାହିଁ। ମାତ୍ର
ମହାମାରୀରେ ସେମାନଙ୍କ ଜୀବନକୁ ସମାପ୍ତ କଲେ।
51 ସେ ମିଶରରେ ସମସ୍ତ ପ୍ରଥମଜାତ ପୁତ୍ରମାନଙ୍କୁ ହତ୍ୟା
କଲେ। ହାମର ପରିବାରରେ ପ୍ରଥମଜାତ ପୁତ୍ରଗଣ।
52 ସେ ମେଷପାଳକପରି ତାଙ୍କର ଲୋକମାନଙ୍କର ନେତୃତ୍ୱ
ନେଲେ। ସେ ସେମାନଙ୍କୁ ମେଷତୁଲ୍ୟ ମରୁଭୂମି ମଧ୍ୟରେ
ପଥ କଢ଼ାଇ ନେଲେ।
53 ପରମେଶ୍ୱର ନିଜ ଲୋକମାନଙ୍କୁ ନିରାପଦରେ ଚଳାଇଲେ।
ତେଣୁ ସେମାନେ ଭୟଭୀତ ହେଲେ ନାହିଁ। କିନ୍ତୁ
ଶତ୍ରୁମାନଙ୍କୁ ପରମେଶ୍ୱର ଲୋହିତ ସମୁଦ୍ରରେ ବୁଡ଼ାଇଲେ।
54 ପରମେଶ୍ୱର ସେମାନଙ୍କୁ ଆପଣା ପବିତ୍ର ଦେଶକୁ ଓ
ପାର୍ବତ୍ୟ ଦେଶକୁ ଆଣିଲେ, ଯାହା ସେ ତାଙ୍କ ଶକ୍ତିବଳରେ
ନେଇଥିଲେ।
55 ପରମେଶ୍ୱର ଅନ୍ୟ ଜାତୀମାନଙ୍କୁ ସେହି ଭୂମିରୁ ବିତାଡ଼ିତ
କଲେ। ପରମେଶ୍ୱର ସେହି ଭୂମିରୁ ପ୍ରତ୍ୟେକକୁ ତାଙ୍କର
ଅଂଶ ଦେଲେ। ସେ ଇଶ୍ରାୟେଲର ପରିବାରବର୍ଗଙ୍କୁ ସେମାନଙ୍କ
ତମ୍ବୁରେ ରହିବାକୁ ଦେଲେ।
56 କିନ୍ତୁ ସେମାନେ ସର୍ବୋପରିସ୍ଥ ପରମେଶ୍ୱରଙ୍କୁ ପରୀକ୍ଷା
କଲେ ଓ ତାଙ୍କ ବିରୁଦ୍ଧରେ ବିଦ୍ରୋହ କଲେ। ଏବଂ
ସେମାନେ ପରମେଶ୍ୱରଙ୍କର ବାକ୍ୟ ପାଳନ କଲେ ନାହିଁ।
57 ପରମେଶ୍ୱରଙ୍କଠାରୁ ବିମୁଖ ହୋଇ ଇଶ୍ରାୟେଲର ଲୋକମାନେ
ନିଜର ପୂର୍ବପୁରୁଷଙ୍କ ପରି ବିଶ୍ୱାସଘାତକତା କଲେ।
ସେମାନେ ଗୋଟିଏ ବୁମେରିଂ* ତୁଲ୍ୟ ହେଲେ। ଯାହା
ଫେରିଗଲା ଓ ଅନ୍ୟ ଦିଗରେ ଚାଲିଗଲା।
58 କାରଣ ସେମାନେ ନିଜର ଉଚ୍ଚସ୍ଥଳୀ ଦ୍ୱାରା ପରମେଶ୍ୱରଙ୍କୁ
ବିରକ୍ତ କଲେ। ଏବଂ ଆପଣାମାନଙ୍କ ଖୋଦିତ ପ୍ରତିମାଦ୍ୱାରା
ସେମାନେ ପରମେଶ୍ୱରଙ୍କୁ ଈର୍ଷାନ୍ୱିତ କଲେ।
59 ପରମେଶ୍ୱର ଏହା ଶୁଣିଲେ ଓ କ୍ରୋଧ ହେଲେ। ଏବଂ
ସେ ସଂପୂର୍ଣ୍ଣଭାବେ ଇଶ୍ରାୟେଲବାସୀଙ୍କୁ ପ୍ରତ୍ୟାଖ୍ୟାନ କଲେ।
60 ପରମେଶ୍ୱର ଏପରିକି ଶୀଲୋସ୍ଥିତ ପବିତ୍ର ତମ୍ବୁ ତ୍ୟାଗ
କଲେ। ସେହି ତମ୍ବୁରେ ପରମେଶ୍ୱର ମନୁଷ୍ୟମାନଙ୍କ
ମଧ୍ୟରେ ରହୁଥିଲେ।
61 ସେ ତାଙ୍କର ଶକ୍ତିର ପ୍ରତୀକକୁ* କରାୟତ୍ତ କରିବା ପାଇଁ
ଦେଲେ। ସେ ତାଙ୍କର "ଗୌରବର ପ୍ରତୀକକୁ" ଶତ୍ରୁମାନଙ୍କ
ଦ୍ୱାରା ନିଆହେଲା।
62 ପରମେଶ୍ୱର ସେମାନଙ୍କ ସହିତ ବହୁତ ନିରାଶ ଥିଲେ।
ସେ ନିଜ ଲୋକମାନଙ୍କୁ ମଧ୍ୟ ଖଡ୍ଗରେ ସମର୍ପି ଦେଲେ।
63 ଯୁବକମାନେ ଅଗ୍ନିରେ ପୋଡ଼ି ମଲେ। ଏବଂ ସେମାନଙ୍କ
କନ୍ୟାମାନଙ୍କର ବିବାହରେ ଅନ୍ୟ ବିବାହ-ଗୀତ ଶୁଣି
ନାହିଁ।
64 ଯାଜକଗଣ ହତ୍ୟା ହେଲେ। କିନ୍ତୁ ବିଧବାମାନେ ସେମାନଙ୍କ
ପାଇଁ ବିଳାପ କରିବାକୁ ସୁଯୋଗ ଦେଲେ ନାହିଁ।
65 ଶେଷରେ ପ୍ରଭୁ ନିଦ୍ରାରୁ ଜାଗ୍ରତ ଲୋକଙ୍କ ପରି ଓ
ଅତ୍ୟଧିକ ମଦିରା ହେତୁ ହର୍ଷନାଦକାରୀ ବୀର ପରି
ଉଠିଲେ।
66 ପୁଣି ପରମେଶ୍ୱର ତାଙ୍କର ବିରୋଧକାରୀଙ୍କୁ ବଳପୂର୍ବକ
ତଡ଼ି ଦେଲେ। ପରମେଶ୍ୱର ତାଙ୍କର ଶତ୍ରୁଗଣଙ୍କୁ ପରାସ୍ତ
କଲେ ଓ ଚିରକାଳ ପାଇଁ ଅପମାନିତ କଲେ।
67 କିନ୍ତୁ ସେ ଯୋଶେଫ ପରିବାରକୁ ଅଗ୍ରାହ୍ୟ କଲେ।
ପରମେଶ୍ୱର ଇଫ୍ରୟିମ ଗୋଷ୍ଠୀକୁ ଗ୍ରହଣ କଲେ ନାହିଁ।
68 ନାଁ, ପରମେଶ୍ୱର ଯିହୁଦା ଗୋଷ୍ଠୀକୁ ମନୋନୀତ କଲେ
ଓ ଆପଣାର ପ୍ରିୟ ସିୟୋନ୍ ପର୍ବତକୁ ମନୋନୀତ
କଲେ।
69 ପରମେଶ୍ୱର ଉଚ୍ଚତମ ସ୍ୱର୍ଗପରି ତାଙ୍କର ମନ୍ଦିର ନିର୍ମାଣ
କଲେ। ଚିରସ୍ଥାୟୀ ପୃଥିବୀ ତୁଲ୍ୟ ସେ ତାଙ୍କର ପବିତ୍ର
ମନ୍ଦିର ନିର୍ମାଣ କଲେ।
70 ପରମେଶ୍ୱର ଦାଉଦଙ୍କୁ ତାଙ୍କର ବିଶେଷ ଦାସରୂପେ
ମନୋନୀତ କଲେ ଓ ମେଷ ଜଗିବା କାମରୁ ଆଣି ତାଙ୍କୁ
ଗ୍ରହଣ କଲେ।
71 ସେ ଦାଉଦଙ୍କୁ ମେଷ ଓ ମେଷଶାବକ ଜଗିବା କାମରୁ
ଆଣି, ତାଙ୍କୁ ଆପଣାର ଲୋକମାନଙ୍କୁ ଜଗିବାର ଦାୟିତ୍ୱ
ଦେଲେ। କାରଣ ଇଶ୍ରାୟେଲୀୟ ଓ ଯାକୁବର ଲୋକମାନେ,
ପରମେଶ୍ୱରଙ୍କର ସମ୍ପତ୍ତି ଥିଲେ।
72 ଏବଂ ପବିତ୍ର ହୃଦୟରେ ଦାଉଦ ସେହି ଇଶ୍ରାୟେଲବାସୀଙ୍କର
ନେତୃତ୍ୱ ନେଲେ ଏବଂ ସେ ନିପୁଣ ସହକାରେ ତାଙ୍କୁ
ଆଗେଇ ନେଲେ।

---

**ବୁମେରିଂ** ପକ୍ଷୀ ଶିକାର ପାଇଁ ବ୍ୟବହୃତ ହେଉଥିବା ଏକ ବକ୍ର ବାଡ଼ି। ଯେତେବେଳେ ଠିକ୍ ଦିଗରେ ଫିଙ୍ଗାଯାଏ, ସେ ସିଧା ଉଡ଼ିଯାଏ ଏବଂ ଭୂମି ଆଡ଼କୁ ବାଙ୍କି ଯାଏ ଏବଂ ହଠାତ୍ ଭାବରେ ବାୟୁ ଆଡ଼କୁ ବାଙ୍କିଯାଏ ସମୟ ସମୟରେ ଫୋପାଡ଼ିଥିବା ଲୋକ ପାଖକୁ ଫେରିଆସେ, ଆକ୍ଷରୀକ ଭାବରେ ଗୋଟିଏ "ଫୋପାଡ଼ିବା ଧନୁ" ଅଥବା "ତ୍ରୁଟିଯୁକ୍ତ ଧନୁ।"

**ତାଙ୍କର ଶକ୍ତିର ପ୍ରତିକ** ତାହା ନିୟମସିନ୍ଦୁକ ଅଟେ।

## ଗୀତ 79

*ଆସଫର ଗୀତ।*

1 ହେ ପରମେଶ୍ୱର, ଅନ୍ୟ ଦେଶୀୟ ଲୋକମାନେ ତୁମ୍ଭର
ଦେଶକୁ ଆକ୍ରମଣ କରିଛନ୍ତି। ସେମାନେ ତୁମ୍ଭର ପବିତ୍ର
ମନ୍ଦିର ଅଶୁଚି କରିଛନ୍ତି। ସେମାନେ ଯିରୁଶାଲମକୁ ଧ୍ୱସ୍ତ
ବିଧ୍ୱସ୍ତ କରିଛନ୍ତି।
2 ସେମାନେ ତୁମ୍ଭ ଦାସଗଣର ଶବ ଖାଦ୍ୟ ନିମନ୍ତେ
ଖେଚର ପକ୍ଷୀଗଣଙ୍କୁ ଦେଇଅଛନ୍ତି। ତୁମ୍ଭର ସଦ୍‌ଭକ୍ତମାନଙ୍କ
ମାଂସ ବନ୍ୟ ପଶୁଗଣଙ୍କୁ ଦେଇଛନ୍ତି।
3 ଶତ୍ରୁମାନେ ଯିରୁଶାଲମର ଚତୁର୍ଦ୍ଦିଗରେ ତୁମ୍ଭର ଲୋକମାନଙ୍କର
ରକ୍ତକୁ ପାଣି ପରି ବୁହାଇଲେ। ସେମାନଙ୍କୁ କବର
ଦେବା ପାଇଁ କାହାରିକୁ ରଖି ନ ଥିଲେ।
4 ଆମ୍ଭ ପଡୋଶୀ ଦେଶଗଣ ଆମ୍ଭମାନଙ୍କୁ ଅପମାନିତ କଲେ।
ଆମ୍ଭର ସବୁ ଚତୁପାର୍ଶ୍ୱରେ ଥିବା ଲୋକମାନେ ଆମ୍ଭମାନଙ୍କୁ
ପରିହାସ କଲେ।
5 ହେ ପରମେଶ୍ୱର, ଏହା ଆଉ କେତେ ଦିନ ପର୍ଯ୍ୟନ୍ତ
ଯିବ? ତୁମ୍ଭେ କ'ଣ ଚିରକାଳ ଆମ୍ଭମାନଙ୍କ ଉପରେ
କ୍ରୋଧ କରିଥିବ? ତୁମ୍ଭର ଅନ୍ତର କ'ଣ ଜ୍ୱାଳା ଅଗ୍ନିପରି
ସର୍ବଦା ଜଳିବ?
6 ଯେଉଁ ଜାତିମାନେ ତୁମ୍ଭକୁ ସ୍ୱୀକାର କରୁ ନାହାନ୍ତି, ଯେଉଁ
ରାଜ୍ୟ ସମୁହ ତୁମ୍ଭର ଉପାସନା କରନ୍ତି ନାହିଁ, ତୁମ୍ଭର
କ୍ରୋଧ ସେମାନଙ୍କ ଉପରେ ଢ଼ାଳି ଦିଅ।
7 ସେମାନେ ଯାକୁବଙ୍କ ପରିବାରକୁ ଧ୍ୱଂସ କରି ଅଛନ୍ତି। ଓ
ସେମାନେ ତା'ର ଗୃହଭୂମିକୁ ଧ୍ୱଂସ କରିଅଛନ୍ତି।
8 ଦୟାକରି ଆମ୍ଭମାନଙ୍କର ଅତୀତର ପାପ ପାଇଁ ଆମ୍ଭମାନଙ୍କୁ
ଦଣ୍ଡ ଦିଅ ନାହିଁ। ଶୀଘ୍ର ଆମ୍ଭମାନଙ୍କ ପ୍ରତି ଦୟା
ଦେଖାଅ! ଆମ୍ଭେମାନେ ଅତି କ୍ଷୀଣ ହୋଇଅଛୁ।
9 ହେ ଆମ୍ଭମାନଙ୍କର ପରିତ୍ରାଣର ପରମେଶ୍ୱର, ତୁମ୍ଭ ନାମର
ଗୌରବ ସକାଶେ ଆମ୍ଭମାନଙ୍କର ସାହାଯ୍ୟ କର ଏବଂ
ଆପଣା ନାମରେ ଆମ୍ଭମାନଙ୍କୁ ରକ୍ଷା କର ଏବଂ ପାପସବୁ
କ୍ଷମା କର।
10 ଅନ୍ୟ ଦେଶୀୟ ଲୋକମାନଙ୍କୁ କହିବାକୁ ଦିଅ ନାହିଁ।
"ସେମାନଙ୍କର ପରମେଶ୍ୱର କାହାଁନ୍ତି?" ହେ ପରମେଶ୍ୱର,
ସେହି ଲୋକମାନଙ୍କୁ ଦଣ୍ଡ ଦିଅ ଯାହାଫଳରେ କି
ଆମ୍ଭେମାନେ ମଧ୍ୟ ତାହା ଦେଖି ପାରିବୁ। ତୁମ୍ଭର
ସେବକମାନଙ୍କୁ ହତ୍ୟା କରିଥିବାରୁ ସେମାନଙ୍କୁ
ଦଣ୍ଡ ଦିଅ।
11 ଦୟାକରି ବନ୍ଦୀମାନଙ୍କର ଆର୍ତ୍ତନାଦ ଶୁଣ। ହେ ପରମେଶ୍ୱର,
ତୁମ୍ଭର ମହାଶକ୍ତି ପ୍ରୟୋଗ କରି ମରଣାର୍ଥେ ଲୋକମାନଙ୍କୁ
ରକ୍ଷା କର।
12 ହେ ପରମେଶ୍ୱର, ଆମ୍ଭମାନଙ୍କ ପ୍ରତିବାଶୀଗଣ ତୁମ୍ଭଙ୍କୁ
ଯେଉଁ ନିନ୍ଦା କରିଛନ୍ତି, ସେମାନଙ୍କୁ ସାତଗୁଣ ପ୍ରତିଫଳ
ଦଣ୍ଡ ଦିଅ।
13 ତା'ହେଲେ ଆମ୍ଭେ, ତୁମ୍ଭର ଲୋକ, ତୁମ୍ଭର ମେଷପଲ
ସର୍ବଦା ତୁମ୍ଭକୁ ଧନ୍ୟବାଦ ଦେବୁ। ପିଢ଼ୀ ପରେ ପିଢ଼ୀ,
ତୁମ୍ଭେ ଯାହା କରିଛ, ସେଥିପାଇଁ ଆମ୍ଭେ ତୁମ୍ଭକୁ ପ୍ରଶଂସା
କରିବୁ।

## ଗୀତ 80

*ପ୍ରଧାନ ବାଦ୍ୟକାର ନିମନ୍ତେ ଶୋଶନ୍ନୀମ୍ ଏଦୂତ୍
ସ୍ୱରରେ ଆସଫର ଗୀତ।*

1 ହେ ଇଶ୍ରାୟେଲର ପାଳକ, କର୍ଣ୍ଣପାତ କର। ତୁମ୍ଭେ
ଯୋଷେଫର ଲୋକମାନଙ୍କୁ ମେଷପରି ନେତୃତ୍ୱ କରିଅଛ।
କିରୂବଦୂତମାନଙ୍କ ଉପରେ ରାଜା ତୁଲ୍ୟ ଉପବିଷ୍ଟ ହେଲେ,
ଆମ୍ଭମାନଙ୍କୁ ତୁମ୍ଭେ ଦର୍ଶନ ଦିଅ।
2 ଇଫ୍ରୟିମ, ବିନ୍ୟାମୀନ, ମନଃଶିର ସାକ୍ଷାତରେ ଆପଣା
ପରାକ୍ରମ ଦେଖାଅ ଓ ଆସ ଓ ଆମ୍ଭମାନଙ୍କୁ
ରକ୍ଷା କର।
3 ହେ ପରମେଶ୍ୱର, ପୁନର୍ବାର ଆମ୍ଭମାନଙ୍କୁ ବଳବାନ୍ କର।
ଆମ୍ଭକୁ ପ୍ରଫୁଲ୍ଲ କର ଓ ରକ୍ଷାକର।
4 ହେ ସଦାପ୍ରଭୁ ସର୍ବଶକ୍ତିମାନ ପରମେଶ୍ୱର, ତୁମ୍ଭେ
କେତେକାଳ ପର୍ଯ୍ୟନ୍ତ କ୍ରୋଧ ଚାଲୁ ରଖିବ? କେତେବେଳେ
ତୁମ୍ଭେ ଆପଣା ଲୋକମାନଙ୍କର ପ୍ରାର୍ଥନା ଗ୍ରହଣ
କରିବ?
5 ତୁମ୍ଭେ ଆପଣା ଲୋକମାନଙ୍କୁ ତାଙ୍କର ଲୋତକ ପିଆଇଛ।
ତୁମ୍ଭେ ସେମାନଙ୍କୁ ବହୁ ପରିମାଣରେ ଅଶ୍ରୁ ପିଇବାକୁ
ଦେଇଛ।
6 ତୁମ୍ଭେ ଆମ୍ଭର ପ୍ରତିବେଶୀଗଣ ଦ୍ୱାରା ଆମ୍ଭମାନଙ୍କୁ ଘୃଣା
କରେଇଲ। ପୁଣି ଆମ୍ଭର ଶତ୍ରୁମାନେ ଆମ୍ଭମାନଙ୍କୁ ଉପହାସ
କଲେ।
7 ହେ ସୈନ୍ୟାଧିପତି ପରମେଶ୍ୱର, ଆମ୍ଭମାନଙ୍କୁ ପୁନର୍ବାର
ବଳବାନ୍ କର। ଆମ୍ଭମାନଙ୍କ ଉପରେ ପ୍ରଫୁଲ୍ଲ ହୁଅ ଓ
ରକ୍ଷା କର।
8 ତୁମ୍ଭେ ମିଶରରୁ ଗୋଟିଏ "ଦ୍ରାକ୍ଷାଲତା" ଆଣିଲ। ତୁମ୍ଭେ
ଅନ୍ୟ ଜାତିମାନଙ୍କୁ ସେହି ସ୍ଥାନରୁ ତଡ଼ି ଦେଇ ତୁମ୍ଭେ
ସେହି ଭୂମିରେ "ଦ୍ରାକ୍ଷାଲତା" ରୋପଣ କଲ।
9 ତୁମ୍ଭେ "ଦ୍ରାକ୍ଷାବୃକ୍ଷ" ପାଇଁ ଭୂମି ପ୍ରସ୍ତୁତ କଲ। ତହିଁରେ
ଚେରଗୁଡ଼ିକ ଗଭୀରକୁ ଗଲା। "ଦ୍ରାକ୍ଷାଲତା" ସମସ୍ତ
ଦେଶରେ ବ୍ୟାପିଗଲା।
10 ତାହାର ଛାୟାରେ ପର୍ବତଗୁଡ଼ିକ ଆବୃତ ହେଲେ ଓ
ତାହାର ଶାଖାସବୁ ପରମେଶ୍ୱରଙ୍କ ବିରାଟ ଦେବଦାରୁ
ବୃକ୍ଷକୁ ମଧ୍ୟ ଆଚ୍ଛାଦନ କଲା।
11 ଭୂମଧ୍ୟସାଗର ପର୍ଯ୍ୟନ୍ତ ଆପଣା ଶାଖା ଓ ଫରାତ୍ ନଦୀ
ପର୍ଯ୍ୟନ୍ତ ଆପଣା ପଲ୍ଲବ ବିସ୍ତାର କଲା।
12 ହେ ପରମେଶ୍ୱର, ତୁମ୍ଭେ କାହିଁକି ଦ୍ରାକ୍ଷାଲତାର ସୁରକ୍ଷା
ପ୍ରାଚୀର ଭାଙ୍ଗି ପକାଇଲ? ପଥିକମାନେ ସବୁ "ଅଙ୍ଗୁର"
ଛିଣ୍ଡାଇ ପକାଉଛନ୍ତି।
13 ବନରୁ ବରାହ ଆସି "ଦ୍ରାକ୍ଷାବୃକ୍ଷ" ଉପାଡ଼ି ପକାଏ, ବନର
ପଶୁଗଣ ତା'ର ପତ୍ର ଖାଇଯାନ୍ତି।
14 ହେ ସର୍ବଶକ୍ତିମାନ ପରମେଶ୍ୱର ଫେରିଆସ। ସ୍ୱର୍ଗରୁ
ତୁମ୍ଭର "ଦ୍ରାକ୍ଷାଲତା" ପ୍ରତି ଦୃଷ୍ଟି ପକାଅ ଏବଂ ଏହାର
ଯତ୍ନ ନିଅ।
15 ହେ ପରମେଶ୍ୱର, ସେହି "ଦ୍ରାକ୍ଷାଲତା"କୁ ଦେଖ, ଯାହା
ତୁମ୍ଭେ ଆପଣା ହସ୍ତରେ ରୋପଣ କରିଅଛ। ସେହି
ଛୋଟ ଲତାକୁ ଦେଖ ଯାହାକୁ ତୁମ୍ଭେ ବଢେଇଛ।

16 ତୁମ୍ଭର ଦ୍ରାକ୍ଷାଲତାଗୁଡିକ ଗୋବର ଘସିପରି ଅଗ୍ନିରେ ପୋଡି ଦିଆଗଲା। ତୁମ୍ଭେ ତା' ଉପରେ କ୍ରୋଧାନ୍ୱିତ ହୋଇ ତାକୁ ଧ୍ୱଂସ କଲ।

17 ହେ ପରମେଶ୍ୱର, ତୁମ୍ଭ ହସ୍ତ ତୁମ୍ଭ ଦକ୍ଷିଣ ପାର୍ଶ୍ୱରେ ଛିଡା ହୋଇଥିବା ମନୁଷ୍ୟ* ଉପରେ ତୁମ୍ଭେ ନିଜେ ହାତ ରଖି ଉଠାଅ।

18 ଆମ୍ଭେମାନେ ତୁମ୍ଭକୁ ପୁନର୍ବାର ଛାଡ଼ିବୁ ନାହିଁ। ଆମ୍ଭମାନଙ୍କୁ ନୂତନ ଜୀବନ ଦିଅ ଏବଂ ଆମ୍ଭେମାନେ ତୁମ୍ଭର ନାମରେ ଉପାସନା କରିବା।

19 ହେ ସଦାପ୍ରଭୁ ସୈନ୍ୟାଧିପତି ପରମେଶ୍ୱର, ପୁଣି ଆମ୍ଭମାନଙ୍କୁ ବଳବାନ୍ କର, ଆମ୍ଭମାନଙ୍କ ଉପରେ ପ୍ରଫୁଲ୍ଲ ହୁଅ ଓ ଆମ୍ଭମାନଙ୍କୁ ରକ୍ଷା କର।

## ଗୀତ 81

*ପ୍ରଧାନ ବାଦ୍ୟକାର ନିମନ୍ତେ ଗିତ୍ତୀତ୍ ସ୍ୱରରେ ଆସଫର ଗୀତ।*

1 ଆମ୍ଭମାନଙ୍କ ବଳସ୍ୱରୂପ ପରମେଶ୍ୱରଙ୍କର ଉଦ୍ଦେଶ୍ୟରେ ଉଚ୍ଚ ସ୍ୱରରେ ଜୟ୍ ଗାନ କର। ଯାକୁବର ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଜୟଧ୍ୱନି କର।

2 ଗୀତ ଆରମ୍ଭ କର ଓ ଦାରା ବଜାଅ, ନେବଲ ସହିତ ସୁମଧୁର ବୀଣାରେ ସ୍ୱର ବାହାର କର।

3 ଅମାବାସ୍ୟା ଦିନରେ ମେଣ୍ଢା ଶିଙ୍ଗା ବଜାଅ। ଆମ୍ଭର ପର୍ବଦିନରେ, ପୂର୍ଣ୍ଣିମାରେ ଏହାକୁ ବଜାଅ।

4 କାରଣ ଏହା ଇଶ୍ରାୟେଲ ପାଇଁ ନିୟମ। ଏହା ଯାକୁବର ପରମେଶ୍ୱରଙ୍କର ଆଦେଶ ଅଟେ।

5 ପରମେଶ୍ୱର ଯୋଷେଫଙ୍କ ଲୋକମାନଙ୍କ ପାଇଁ ଏହି ନିୟମ କରିଥିଲେ। ଯେତେବେଳେ ପରମେଶ୍ୱର ମିଶର ଭୂମି ବିରୁଦ୍ଧରେ ଗଲେ, ଯେଉଁଠାରେ ମୁଁ ଏକ ଭାଷା ଶୁଣିଲି ଯାହା ମୁଁ ବୁଝିପାରିଲି ନାହିଁ।

6 ପରମେଶ୍ୱର କହିଲେ, "ଆମ୍ଭେ ତୁମ୍ଭ କାନ୍ଧରୁ ଭାର ଉତ୍ତାରି ଦେଲୁ। ତାହାର ହସ୍ତ ଟୋକେଇରୁ ମୁକ୍ତ ହେଲା।

7 ତୁମ୍ଭେମାନେ ଯେତେବେଳେ ସଙ୍କଟରେ ଥିଲ, ତୁମ୍ଭେ ସାହାଯ୍ୟ ମାଗିଲ, ଏବଂ ଆମ୍ଭେ ତୁମ୍ଭକୁ ମୁକ୍ତ କଲୁ। ଆମ୍ଭେ ଘନ ଅନ୍ଧାର ବାଦଲରୁ ତୁମ୍ଭକୁ ଉତ୍ତର ଦେଲୁ। ଆମ୍ଭେ ମରୀବାଃ ପାଣି ନିକଟରେ ତୁମ୍ଭକୁ ପରୀକ୍ଷା କଲୁ।"

8 "ହେ ଆମ୍ଭର ଲୋକମାନେ, ଆମ୍ଭର କଥା ଶୁଣ। ଆମ୍ଭେ ତୁମ୍ଭକୁ ସତର୍କ କରୁଛୁ। ହେ ଇଶ୍ରାୟେଲ, ଆମ୍ଭର କଥା ଶୁଣ!

9 ତୁମ୍ଭେମାନେ ଅନ୍ୟ କୌଣସି ଦେବତାକୁ ପୂଜା କରିବ ନାହିଁ। ଯାହାକୁ ବିଦେଶୀମାନେ ପୂଜା କରୁଛନ୍ତି।

10 ଆମ୍ଭେ ସଦାପ୍ରଭୁ ତୁମ୍ଭର ପରମେଶ୍ୱର, ଆମ୍ଭେ ତୁମ୍ଭକୁ ମିଶର ଦେଶରୁ ବାହାର କରି ଆଣିଲ। ତୁମ୍ଭର ମୁଖ ବଡ କରି ଖୋଲ, ଆମ୍ଭେ ଖୁଆଇ ଦେବା।

11 "କିନ୍ତୁ ଆମ୍ଭର ଲୋକମାନେ ଆମ୍ଭର କଥାକୁ ଶୁଣିଲେ ନାହିଁ। ଇଶ୍ରାୟେଲବାସୀ ଆମ୍ଭର କଥା ମାନିଲେ ନାହିଁ।

12 ତେଣୁ ଆମ୍ଭେ ସେମାନଙ୍କୁ ସେମାନଙ୍କର ଇଚ୍ଛାନୁସାରେ କାର୍ଯ୍ୟ କରିବାକୁ ଦେଲୁ। ଇଶ୍ରାୟେଲୀୟମାନେ ସେମାନଙ୍କର ଇଚ୍ଛାନୁସାରେ କାର୍ଯ୍ୟମାନ କଲେ।

13 ଭଲହୁଅନ୍ତା, ଯଦି ଆମ୍ଭର ଲୋକମାନେ ଆମ୍ଭର କଥା ଶୁଣିଥାନ୍ତେ ଓ ଇଶ୍ରାୟେଲବାସୀ ଆମ୍ଭେ ଚାହୁଁଥିବା ଅନୁସାରେ ରହିଥାନ୍ତେ କି?

14 ତେବେ, ଆମ୍ଭେ ସେମାନଙ୍କର ଶତ୍ରୁମାନଙ୍କୁ ପରାସ୍ତ କରିବା। ଆମ୍ଭେ ସେମାନଙ୍କର ଶତ୍ରୁଗଣକୁ ଦଣ୍ଡିତ କରିବା।

15 ସଦାପ୍ରଭୁଙ୍କ ଘୃଣାକାରୀମାନେ ଭୟରେ ଥରିବେ। ସେମାନଙ୍କର ଦଣ୍ଡ ଚିରଦିନ ଧରି ରହିବ ସର୍ବଦା ଦଣ୍ଡ ପାଇବେ।

16 ଆମ୍ଭେ ତୁମ୍ଭମାନଙ୍କୁ ଉତ୍ତମ ଗହମ ସହ ଖୁଆଇବା। ଆମ୍ଭେ ତୁମ୍ଭମାନଙ୍କୁ ଶୈଳରୁ ମଧୁ ଦେଇ ସନ୍ତୁଷ୍ଟ କରିବା।"

## ଗୀତ 82

*ଆସଫର ଗୀତ।*

1 ପରମେଶ୍ୱର ପରମେଶ୍ୱରଙ୍କ ମଣ୍ଡଳୀ ମଧ୍ୟରେ ଛିଡ଼ା ହୁଅନ୍ତି। ସେ ବିଚାରକର୍ତ୍ତାମାନଙ୍କ ମଧ୍ୟରେ ବିଚାର କରନ୍ତି।

2 ପରମେଶ୍ୱର କହନ୍ତି, "ତୁମ୍ଭେମାନେ କେତେକାଳ ପର୍ଯ୍ୟନ୍ତ ଅନ୍ୟାୟ୍ ବିଚାର କରିବ? ତୁମ୍ଭେ କେତେକାଳ ପର୍ଯ୍ୟନ୍ତ ଦୁଷ୍ଟ ଲୋକମାନଙ୍କୁ ବିନା ଦଣ୍ଡରେ ମୁକ୍ତ କରିବ?"

3 "ଅନାଥ ଓ ଗରିବ ଲୋକମାନଙ୍କୁ ରକ୍ଷା କର। ଅତ୍ୟାଚାରିତ ଓ ଗରିବ ଲୋକମାନଙ୍କର ପ୍ରତି ନ୍ୟାୟ୍ ବ୍ୟବହାର କର।

4 ଗରିବ ଓ ଦୀନହୀନମାନଙ୍କୁ ରକ୍ଷା କର। ଦୁଷ୍ଟଗଣର ହସ୍ତରୁ ସେମାନଙ୍କୁ ରକ୍ଷା କର।

5 "ଯାହାସବୁ ଘଟୁଛି ସେମାନେ ଜାଣନ୍ତି ନାହିଁ କିଅବା ବୁଝନ୍ତି ନାହିଁ। ସେମାନେ ଅନ୍ଧାରରେ ଝୁଣ୍ଟି ପଡନ୍ତି। ସେମାନଙ୍କର ପୃଥିବୀ ସେମାନଙ୍କର ଚତୁଃପାର୍ଶ୍ୱରେ ତଳକୁ ପଡୁଛି।"

6 ମୁଁ (ପରମେଶ୍ୱର) କହିଲି, "ତୁମ୍ଭେମାନେ ଈଶ୍ୱରଗଣ ଓ ସର୍ବୋପରିସ୍ଥ ପରମେଶ୍ୱରଙ୍କର ସନ୍ତାନ।

7 ତଥାପି ତୁମ୍ଭେମାନେ ମନୁଷ୍ୟ ପରି ମରିବ। ତୁମ୍ଭେ ରାଜକୁମାର ପରି ମୃତ୍ୟୁବରଣ କରିବ।"

8 ହେ ପରମେଶ୍ୱର, ଉଠ! ପୃଥିବୀର ବିଚାର କର! ସମସ୍ତ ଜାତିଗଣ ତୁମ୍ଭର ଅଟେ।

## ଗୀତ 83

*ଆସଫର ଏକ ପ୍ରଶଂସା ଗୀତ।*

1 ହେ ପରମେଶ୍ୱର, ତୁମ୍ଭେ ନୀରବ ରୁହ ନାହିଁ! ତୁମ୍ଭର କାନ ବନ୍ଦ କର ନାହିଁ! ହେ ପରମେଶ୍ୱର, ଦୟାକରି କିଛି କୁହ!

2 ହେ ପରମେଶ୍ୱର, ତୁମ୍ଭର ଶତ୍ରୁଗଣ ତୁମ୍ଭ ବିରୁଦ୍ଧରେ ଯୋଜନା କରୁଛନ୍ତି ଏବଂ ସେମାନେ ଶୀଘ୍ର ତୁମ୍ଭକୁ ଆକ୍ରମଣ କରିବେ।

3 ସେମାନେ ତୁମ୍ଭର ଲୋକମାନଙ୍କ ବିରୁଦ୍ଧରେ ଗୁପ୍ତ ମନ୍ତ୍ରଣା କରନ୍ତି। ତୁମ୍ଭର ଶତ୍ରୁଗଣ ତୁମ୍ଭ ପ୍ରିୟ ଲୋକମାନଙ୍କ ବିରୁଦ୍ଧରେ ଯୋଜନା କରୁଛନ୍ତି।

4 ସେହି ଶତ୍ରୁମାନେ କହନ୍ତି, "ଆସ ଆମ୍ଭେମାନେ ସେମାନଙ୍କୁ ପୁରାପୁରି ଧ୍ୱଂସ କରିଦେବା, ତେବେ ସେମାନେ ଗୋଟିଏ

---

**ମନୁଷ୍ୟ** ଆକ୍ଷରିକ ଭାବରେ ମନୁଷ୍ୟପୁତ୍ର।

ଜାତି ହୋଇ ରହିବେ ନାହିଁ। ତାହାହେଲେ ଇଶ୍ରାୟେଲ"ର
ନାମକୁ କେହି ମନେପକାଇବେ ନାହିଁ।"
5 ହେ ପରମେଶ୍ୱର, ସେମାନେ ସେମାନଙ୍କର ଯୋଜନାରେ
ଏକତ୍ରିତ ହୋଇଛନ୍ତି। ସେମାନେ ତୁମ୍ଭ ବିରୁଦ୍ଧରେ ଯୁଦ୍ଧ
କରିବା ପାଇଁ ଏକ ଚୁକ୍ତି କରିଛନ୍ତି।
6-7 ଇଦୋମର ବଂଶଧର ଇଶ୍ମାୟେଲୀୟମାନେ, ମୋୟାବ ଓ
ହାଗରୀୟମାନେ, ଗବାଲ୍, ଅମ୍ମୋନ, ଅମାଲେକ୍ ଓ ସୋର
ନିବାସୀଙ୍କ ସହିତ ପଲେଷ୍ଟୀୟମାନେ, ସମସ୍ତେ ତୁମ୍ଭ ବିରୁଦ୍ଧରେ
ନିୟମ ସ୍ଥାପନ କରିଅଛନ୍ତି।
8 ଏପରିକି ଅଶୂରୀୟ ମଧ୍ୟ ସେମାନଙ୍କ ସଙ୍ଗେ ଯୋଗ
ଦେଇଛନ୍ତି। ସେମାନେ ଲୋଟ-ସନ୍ତାନଗଣଙ୍କୁ ବହୁତ ଶକ୍ତିଶାଳୀ
କରିଅଛନ୍ତି।
9 ହେ ପରମେଶ୍ୱର, ଶତ୍ରୁମାନଙ୍କୁ ଏପରି ପରାସ୍ତ କର,
ଯେପରି ମିଦିୟନମାନଙ୍କୁ, ସୀଷରା ଓ ଯାବୀନମାନଙ୍କୁ
କୀଶୋନ ନଦୀ ନିକଟରେ ପରାସ୍ତ କରିଥିଲ।
10 ସେମାନଙ୍କୁ ଐନ୍‌ଦୋର ନିକଟରେ ପରାସ୍ତ କଲ ଏବଂ
ସେମାନଙ୍କ ଶରୀର ସେହି ସ୍ଥାନରେ ସଢ଼ି ଗଲା।
11 ତୁମ୍ଭେ ସେମାନଙ୍କ ପ୍ରଧାନବର୍ଗଙ୍କୁ ଓରେବ୍, ସେବର,
ସେବହ ଓ ସଲମୁନଙ୍କୁ ପରାସ୍ତ କଲା ପରି ପରାସ୍ତ କର।
12 ସେହି ନେତାମାନେ କହିଲେ, ସେମାନେ ତୁମ୍ଭର ଭୂମି
ଛାଡିବା ପାଇଁ ଆମ୍ଭକୁ ବାଧ୍ୟ କରିବେ।
13 ମୋର ପରମେଶ୍ୱର ତୁମ୍ଭେ ସେମାନଙ୍କୁ ଘୂର୍ଣ୍ଣିବାୟୁ ଦ୍ୱାରା
ଗଛ ଉପୁଡିଲାପରି ଏବଂ ବାୟୁ ସମ୍ମୁଖରେ କୁଟାପରି
ଛିନ୍ନଛତ୍ର କର।
14 ଅଗ୍ନିରେ ପୋଡି, ଜଙ୍ଗଲ ଓ ପାହାଡ ଧ୍ୱଂସ ହେଲା ପରି
ଶତ୍ରୁମାନଙ୍କୁ ଧ୍ୱଂସ କର।
15 ହେ ପରମେଶ୍ୱର, ସେହି ଲୋକମାନଙ୍କୁ ଝଡ଼ରେ ଧୂଳି
ଉଡିଲାପରି ଘୁରେଇ ଦିଅ। ଆପଣା ପ୍ରଚଣ୍ଡ ବତାସଦ୍ୱାରା
ସେମାନଙ୍କୁ ଭୟଭୀତ କର।
16 ହେ ପରମେଶ୍ୱର, ସେମାନେ ଯେପରି ତୁମ୍ଭର ନାମ
ଅନ୍ୱେଷଣ ନକରିବା ପର୍ଯ୍ୟନ୍ତ ସେମାନଙ୍କୁ ଲଜ୍ଜାରେ ଆଚ୍ଛାଦନ
କର।
17 ହେ ପରମେଶ୍ୱର ସେମାନଙ୍କୁ ଭୟଭୀତ ଓ ଚିରଦିନ
ପାଇଁ ଲଜ୍ଜିତ କର। ସେମାନଙ୍କୁ ଅପମାନିତ କର ଓ
ବିନାଶ କର।
18 ଏହାପରେ ସେମାନେ ଜାଣିବେ ଯେ ଯାହାର ନାମ
ଯିହୋବା, ତୁମ୍ଭେ ପ୍ରକୃତରେ, ସମୁଦାୟ ଭୂମଣ୍ଡଳରେ
ସର୍ବୋପରିସ୍ଥ ପରମେଶ୍ୱର ଅଟ।

## ଗୀତ 84

*ପ୍ରଧାନ ବାଦ୍ୟକାର ନିମନ୍ତେ ଗିତ୍ତିତ୍ ସ୍ୱରରେ କୋରହ ସନ୍ତାନଗଣର ଗୀତ।*

1 ହେ ସର୍ବଶକ୍ତିମାନ୍ ସଦାପ୍ରଭୁ ତୁମ୍ଭର ପବିତ୍ର ତମ୍ବୁ*
ବାସ୍ତବରେ ସୁନ୍ଦର ଅଟେ।
2 ହେ ସଦାପ୍ରଭୁ, ମୁଁ ଅନ୍ୟ କିଛି ଅପେକ୍ଷା, ତୁମ୍ଭ ମନ୍ଦିରର
ଅଗଣାରେ ପ୍ରବେଶ କରିବାକୁ ଅଧିକ ଚାହେଁ। ମୁଁ ମୋର
ହୃଦୟ ଓ ଶରୀର ଆନନ୍ଦର ସହିତ ଜୀବନ୍ତ ପରମେଶ୍ୱରଙ୍କ
ଦର୍ଶନ ନିମନ୍ତେ ବ୍ୟାକୁଳ।
3 ହେ ସୈନ୍ୟାଧିପତି ସଦାପ୍ରଭୁ, ମୋର ରାଜା, ମୋର
ପରମେଶ୍ୱର, ଏପରିକି ପକ୍ଷୀମାନେ ନିଜପାଇଁ ଏକ ଗୃହ
ଏବଂ ପକ୍ଷୀମାନେ ଛୁଆ ରଖିବା ପାଇଁ ତୁମ୍ଭର ଯଜ୍ଞବେଦୀ
ପାଖରେ ଏକ ବସା ପାଇଛନ୍ତି।
4 ଯେଉଁ ଲୋକମାନେ ତୁମ୍ଭ ପବିତ୍ର ମନ୍ଦିରରେ ବାସ କରନ୍ତି
ସେମାନେ ଧନ୍ୟ, ସେମାନେ ସର୍ବଦା ତୁମ୍ଭର ପ୍ରଶଂସା
କରୁଥିବେ।
5 ସେହି ଲୋକମାନେ କେତେ ଭାଗ୍ୟବାନ୍ ଯେଉଁମାନଙ୍କର
ଶକ୍ତି ତୁମ୍ଭଠାରୁ ଆସେ। ଏବଂ ଯେଉଁମାନେ ତୁମ୍ଭ ମନ୍ଦିରରେ
ଭ୍ରମଣ ଚିନ୍ତା କରନ୍ତି।
6 ସେମାନେ କ୍ରନ୍ଦନ ଉପତ୍ୟକା ଦେଇ ଯାଆନ୍ତି, ଯେଉଁଠି
ଏକ ଝରଣା ପରି ସୃଷ୍ଟି ହୋଇଛି। ଶରତ ଋତୁରେ
ବର୍ଷାପାଣି ପୁଷ୍କରିଣୀ ସୃଷ୍ଟି କରେ।
7 ସେମାନେ ପ୍ରତ୍ୟେକ ସିୟୋନ୍‌ରେ ପରମେଶ୍ୱରଙ୍କ ଆଗରେ
ଉପସ୍ଥିତ ହେବା ପର୍ଯ୍ୟନ୍ତ ଲୋକମାନେ ସହରରୁ ସହରକୁ*
ଭ୍ରମଣ କରନ୍ତି।
8 ସର୍ବଶକ୍ତିମାନ ସଦାପ୍ରଭୁ ପରମେଶ୍ୱର, ମୋର ପ୍ରାର୍ଥନା
ଗ୍ରହଣ କର। ହେ ଯାକୁବର ପରମେଶ୍ୱର, ମୋର କଥା
ଶ୍ରବଣ କର।
9 ହେ ପରମେଶ୍ୱର, ଆମ୍ଭର ଢାଲ ସ୍ୱରୂପ ଦୃଷ୍ଟିପାତ କର
ଓ ତୁମ୍ଭର ଅଭିଷିକ୍ତ ରାଜାଙ୍କୁ ଦୟାକର।
10 ଅନ୍ୟସ୍ଥାନର ଏକ ହଜାର ଦିନଠାରୁ ତୁମ୍ଭ ମନ୍ଦିରରେ
ଏକଦିନ ବହୁତ ଭଲ। ଦୁଷ୍ଟ ଲୋକମାନଙ୍କ ଗୃହରେ
ବାସକରିବା ଅପେକ୍ଷା ପରମେଶ୍ୱରଙ୍କ ମନ୍ଦିର ସମ୍ମୁଖରେ
ଛିଡା ହେବା ଭଲ।
11 ସୂର୍ଯ୍ୟ ଯେପରି ତା'ର ଆଲୋକର କିରଣ ତଳକୁ
ପଠାଇବା ପରି ସଦାପ୍ରଭୁ ଆମ୍ଭକୁ କରୁଣା ଓ ଦୟା
ପ୍ରଦାନ କରନ୍ତି। ସେ ଆମ୍ଭର ଢାଲ ଅଟନ୍ତି, କିନ୍ତୁ
ଯେଉଁମାନେ ଠିକ୍ କାର୍ଯ୍ୟ କରନ୍ତି ସେମାନଙ୍କ ପାଖକୁ
ଆସୁଥିବା ଉତ୍ତମ ଜିନିଷଗୁଡିକୁ ସେ ଅଟକାନ୍ତି ନାହିଁ।
12 ହେ ସର୍ବଶକ୍ତିମାନ ସଦାପ୍ରଭୁ, ଯେଉଁ ଲୋକମାନେ ତୁମ୍ଭକୁ
ବିଶ୍ୱାସ କରନ୍ତି ସେମାନେ କେତେ ଭାଗ୍ୟବାନ୍।

## ଗୀତ 85

*ପ୍ରଧାନ ବାଦ୍ୟକାର ନିମନ୍ତେ କୋରହ ସନ୍ତାନଗଣଙ୍କର ଗୀତ।*

1 ହେ ସଦାପ୍ରଭୁ, ତୁମ୍ଭେ ନିଜ ଦେଶ ପ୍ରତି ଦୟା ଦେଖାଇଅଛ।
ବିଦେଶରେ ଯାକୁବର ଲୋକମାନେ ବନ୍ଦୀ ହୋଇଥିଲେ।
ସେମାନଙ୍କୁ ଛଡାଇ ତାଙ୍କର ନିଜ ଦେଶକୁ ନେଇଆସିଲ।
2 ହେ ସଦାପ୍ରଭୁ, ତୁମ୍ଭେ ଆପଣା ଲୋକମାନଙ୍କର ଅପରାଧ
ସବୁ କ୍ଷମା କଲ। ଆଉ ତୁମ୍ଭେ ସେମାନଙ୍କର ପାପସବୁ
ପୋଛିଲ।

---

**ପବିତ୍ର ତମ୍ବୁ** ତାହା ଯିରୁଶାଲମର ମନ୍ଦିର।

**ସହରରୁ ସହରକୁ** ଅଥବା "ଯେତେବେଳେ ସେମାନେ ଯାଆନ୍ତି ଶକ୍ତିଶାଳି ହୋଇ ଭ୍ରମଣ କରନ୍ତି, ସେମାନେ ସିୟୋନରେ ପରମେଶ୍ୱରଙ୍କ ନିକଟରେ ଉପସ୍ଥିତ ହେବା ପର୍ଯ୍ୟନ୍ତ।"

3 ଆପଣା ସମସ୍ତ କ୍ରୋଧରୁ ନିବୃତ୍ତ ହୁଅ। ଆପଣା କ୍ରୋଧରେ
ପ୍ରଚଣ୍ଡ ହୁଅନାହିଁ।
4 ହେ ଆମ୍ଭର ତ୍ରାଣକର୍ତ୍ତା ପରମେଶ୍ୱର, ଆମ୍ଭମାନଙ୍କୁ ତୁମ୍ଭ
ପାଖକୁ ଫେରାଇ ଆଣ ଏବଂ ଆମ୍ଭ ଉପରେ ଅପ୍ରସନ୍ନ
ହେବା ବନ୍ଦ କର।
5 ତୁମ୍ଭେ କି ସଦାକାଳ ଆମ୍ଭ ଉପରେ କ୍ରୋଧିତ ହୋଇ
ରହିବ?
6 ନିଶ୍ଚିତ ତୁମ୍ଭେ ଆଉଥରେ ଆମ୍ଭମାନଙ୍କୁ ବଞ୍ଚିବାକୁ ଦେବ।
ତେଣୁ ତୁମ୍ଭର ଲୋକମାନେ ତୁମ୍ଭ ସହିତ ଆନନ୍ଦ କରିବେ।
7 ହେ ସଦାପ୍ରଭୁ, ଆମ୍ଭମାନଙ୍କୁ ରକ୍ଷା କର ଏବଂ ଦେଖାଇ
ଦିଅ ଯେ ତୁମ୍ଭେ ଆମ୍ଭକୁ ପ୍ରେମ କରୁଛ।
8 ସଦାପ୍ରଭୁ ପରମେଶ୍ୱର ଯାହା କହିବେ ମୁଁ ଶୁଣିବି। ସେ
ପ୍ରତିଜ୍ଞା କରିଛନ୍ତି ଯେ, ଆପଣା ଲୋକମାନଙ୍କ ଓ ଆପଣା
ଅନୁସରଣକାରୀମାନଙ୍କ ପାଇଁ ଶାନ୍ତି ବିରାଜମାନ କରିବେ।
ସେମାନେ ପୁନର୍ବାର ମୂର୍ଖତା ଜୀବନଯାପନ କରିବା ପାଇଁ
ଫେରି ନ ଯାଆନ୍ତୁ।
9 ପରମେଶ୍ୱର ତାଙ୍କର ଅନୁସରଣକାରୀଙ୍କୁ ଶୀଘ୍ର ରକ୍ଷା
କରିବେ। ଆମ୍ଭେ ଖୁବ୍ ଶୀଘ୍ର ଆମ୍ଭ ଦେଶରେ ସମ୍ମାନର
ସହ ବାସ କରିବୁ।
10 ସ୍ନେହପୂର୍ଣ୍ଣ କରୁଣା ଓ ବିଶ୍ୱସ୍ତତା ଦେଶକୁ ପ୍ରତ୍ୟାବର୍ତ୍ତନ
କରେ। ଧର୍ମ ଓ ଶାନ୍ତି ପରସ୍ପରକୁ ବନ୍ଧୁପରି ଅଭିନନ୍ଦନ
କରନ୍ତି।
11 ପୃଥିବୀର ଲୋକମାନେ ପରମେଶ୍ୱରଙ୍କଠାରେ ବିଶ୍ୱସ୍ତ ହେବେ
ଏବଂ ସ୍ୱର୍ଗରେ ପରମେଶ୍ୱର ସେମାନଙ୍କର ମଙ୍ଗଳ
କରିବେ।
12 ସଦାପ୍ରଭୁ ଉତ୍ତମ ବସ୍ତୁ ପ୍ରଦାନ କରିବେ ଏବଂ ଆମ୍ଭମାନଙ୍କ
ଧରଣୀ ଫଳ ଉତ୍ପନ୍ନ କରିବ।
13 ଧର୍ମ ପରମେଶ୍ୱରଙ୍କର ଆଗେ ଆଗେ ଯିବ ଓ ତାଙ୍କ
ପଦଚିହ୍ନକୁ ଗମନର ପଥ ତିଆରି କରିବ।

## ଗୀତ 86

*ଦାଉଦଙ୍କର ପ୍ରାର୍ଥନା।*

1 ହେ ସଦାପ୍ରଭୁ, ମୋର ଗୁହାରି ଶୁଣ। ଏବଂ ମୋ
ପ୍ରାର୍ଥନାର ଉତ୍ତର ଦିଅ। କାରଣ ମୁଁ ଜଣେ ଦିନହୀନ
ନିଃସହାୟ ମଣିଷ।
2 ମୁଁ ତୁମ୍ଭର ଭକ୍ତ, ଦୟାକରି ମୋ ଜୀବନକୁ ରକ୍ଷା କର!
ମୁଁ ତୁମ୍ଭର ଦାସ, ତୁମ୍ଭେ ମୋର ପରମେଶ୍ୱର। ମୁଁ ତୁମ୍ଭକୁ
ବିଶ୍ୱାସ କରେ, ତେଣୁ ମୋତେ ରକ୍ଷା କର।
3 ହେ ମୋର ପ୍ରଭୁ, ମୋ ପ୍ରତି ଦୟା ଦେଖାଅ। ମୁଁ
ତୁମ୍ଭଠାରେ ପ୍ରତିଦିନ ପ୍ରାର୍ଥନା କରୁଅଛି।
4 ହେ ସଦାପ୍ରଭୁ, ମୁଁ ମୋ ଜୀବନ ତୁମ୍ଭ ହସ୍ତରେ ସମର୍ପଣ
କରିଛି, ତେଣୁ ମୋତେ ତୁମ୍ଭର ସେବକକୁ ଆନନ୍ଦ ଦିଅ।
5 ହେ ପ୍ରଭୁ, ତୁମ୍ଭେ ବହୁତ ଉତ୍ତମ ଓ କରୁଣାମୟ,
ଯେଉଁମାନେ ତୁମ୍ଭ ନିକଟରେ ପ୍ରାର୍ଥନାକାରୀ ସମସ୍ତଙ୍କ ପ୍ରତି
ଦୟାରେ ମହାନ।
6 ହେ ସଦାପ୍ରଭୁ, ମୋର ପ୍ରାର୍ଥନା ଶୁଣ। ହୃଦୟ ସହକାରେ
ମୋର କରୁଣାମୟ ପ୍ରାର୍ଥନା ଶୁଣ।
7 ସଦାପ୍ରଭୁ, ମୋର ବିପଦକାଳରେ ମୁଁ ତୁମ୍ଭକୁ ଡ଼ାକିବି। ମୁଁ
ଜାଣେ ତୁମ୍ଭେ ଉତ୍ତର ଦେବ।
8 ହେ ପରମେଶ୍ୱର, ଦେବଗଣଙ୍କ ମଧ୍ୟରେ ତୁମ୍ଭ ପରି ଆଉ
କେହି ନାହିଁ। ତୁମ୍ଭେ ଯାହା କରିଛ କେହି ଏପରି
କରିପାରିବେ ନାହିଁ।
9 ହେ ପ୍ରଭୁ, ତୁମ୍ଭେ ପ୍ରତ୍ୟେକ ଦେଶଗୁଡିକୁ ସୃଷ୍ଟି କରିଛ।
ସେମାନେ ଆସିବେ ଓ ମଥାନତ ହୋଇ ତୁମ୍ଭ ସମ୍ମୁଖରେ
ଛିଡା ହେବେ ଏବଂ ତୁମ୍ଭର ନାମକୁ ପ୍ରଶଂସା କରିବେ।
10 ତୁମ୍ଭେ ମହାନ ଓ ଆଶ୍ଚର୍ଯ୍ୟ କର୍ମମାନ କର। ତୁମ୍ଭେ ହିଁ
ଏକମାତ୍ର, ପରମେଶ୍ୱର ଅଟ!
11 ସଦାପ୍ରଭୁ, ତୁମ୍ଭର ପଥ, ମୋତେ ଶିକ୍ଷା ଦିଅ ଓ ମୁଁ
ତୁମ୍ଭପରି ହେବାକୁ ଶିଖିବି। ମୋତେ ତୁମ୍ଭର ନାମକୁ
ସମ୍ମାନ ଦେବାରେ ସାହାଯ୍ୟ କର, ଯାହା ମୋ ଜୀବନର
ମୁଖ୍ୟ ଜିନିଷ ଅଟେ।
12 ହେ ପ୍ରଭୁ, ମୋର ପରମେଶ୍ୱର, ମୁଁ ତୁମ୍ଭକୁ ହୃଦୟ
ସହିତ ପ୍ରଶଂସା କରିବି। ମୁଁ ସର୍ବଦା ତୁମ୍ଭ ନାମରେ
ଗୌରବ କରିବି।
13 ମୋ ପ୍ରତି ତୁମ୍ଭର ଦୟା ମହତ୍ ଅଟେ। ତୁମ୍ଭେ ମୋ
ଜୀବନକୁ ଶେଷାବସ୍ଥା ମୃତ୍ୟୁ ମୁଖରୁ ଉଦ୍ଧାର କରିଛ।
14 ହେ ପରମେଶ୍ୱର, ଗର୍ବୀ ଲୋକମାନେ ମୋତେ ଆକ୍ରମଣ
କରିଛନ୍ତି। ଦଳେ ଦୁଷ୍ଟ ଲୋକ ମୋତେ ହତ୍ୟା କରିବାକୁ
ଉଦ୍ୟମ କରୁଛନ୍ତି। ଏବଂ ସେମାନେ ତୁମ୍ଭକୁ ସମ୍ମାନ
କରନ୍ତି ନାହିଁ।
15 ହେ ମୋର ପ୍ରଭୁ, ତୁମ୍ଭେ ସ୍ନେହଶୀଳ ଓ କରୁଣାମୟ
ପରମେଶ୍ୱର। ତୁମ୍ଭେ ଧୈର୍ଯ୍ୟଶୀଳ, ପ୍ରେମ ଓ ସତ୍ୟତାରେ
ପରିପୂର୍ଣ୍ଣ ଅଟ।
16 ତୁମ୍ଭେ ମୋ ପ୍ରତି ଦୃଷ୍ଟି ଦିଅ ଏବଂ ଦୟା କର। ମୁଁ
ତୁମ୍ଭର ଦାସ, ମୋତେ ଶକ୍ତି ଦିଅ। ମୁଁ ତୁମ୍ଭର ଦାସ,
ମୋତେ ରକ୍ଷା କର।
17 ହେ ସଦାପ୍ରଭୁ, ମୋତେ ଟିକେ ସୂଚନା ଦିଅ ଯେ,
ମୋର ସବୁ କଷ୍ଟ ପାଇଁ ଉତ୍ତମ ହୋଇପାରିବ। ମୋର
ଶତ୍ରୁଗଣ ତାହା ଦେଖି ନିରାଶ ହେବେ। ଏଥିରୁ ସେମାନେ
ଜାଣିବେ ଯେ ତୁମ୍ଭେ ମୋର ପ୍ରାର୍ଥନା ଗ୍ରହଣ କଲ ଓ
ମୋତେ ସାନ୍ତ୍ୱନା କଲ।

## ଗୀତ 87

*କୋରହ ସନ୍ତାନଗଣର ଏକ ଗୀତ।*

1 ପରମେଶ୍ୱର ଯିରୁଶାଲମ ପର୍ବତ ଉପରେ ତାଙ୍କର ମନ୍ଦିର
ପ୍ରତିଷ୍ଠା କଲେ।
2 ସଦାପ୍ରଭୁ ଇଶ୍ରାୟେଲର ସମସ୍ତ ସ୍ଥାନ ଅପେକ୍ଷା ସିୟୋନର
ଦ୍ୱାର ସମୂହକୁ ଅଧିକ ସ୍ନେହ କରନ୍ତି।
3 ହେ ପରମେଶ୍ୱରଙ୍କ ନଗରୀ, ତୁମ୍ଭ ବିଷୟରେ ଲୋକମାନେ
ନାନାବିଧ ଗୌରବର କଥା କୁହନ୍ତି।
4-6 ପରମେଶ୍ୱର ତାଙ୍କର ଲୋକମାନଙ୍କର ଏକ ତାଲିକା
ରଖିଛନ୍ତି। ସେ ଜାଣନ୍ତି ତାଙ୍କର ପ୍ରତ୍ୟେକ ଲୋକ
କେଉଁଠାରେ ଜନ୍ମ ହୋଇଥିଲେ। ସେହିମାନଙ୍କ ମଧ୍ୟରୁ
ଯେଉଁମାନେ ତାଙ୍କର ସେବା କରନ୍ତି, ସେମାନେ ମିଶର

ଓ ବାବିଲରେ ବାସ କରନ୍ତି। ସେମାନଙ୍କ ମଧ୍ୟରୁ କେତେକ
ପଲେଷ୍ଟୀୟରେ, ସୋରରେ ଓ ଇଥିଓପିଆରେ ବାସ
କରନ୍ତି। ଆଉ ସିୟୋନ ସେମାନଙ୍କର ସମସ୍ତ ନାମକୁ
ଜାଣନ୍ତି ପ୍ରତ୍ୟେକ ସେଠାରେ ଜନ୍ମ ହୋଇଥିଲେ।
7 ସେହି ପର୍ବରେ ନର୍ତ୍ତକ ଓ ଗାୟକ କହିବେ। "ସମସ୍ତ
ଭଲ ଜିନିଷ ତୁମ୍ଭ ମଧ୍ୟରୁ ଆସେ।"

## ଗୀତ 88

*ଗୀତ, କୋରହ ସନ୍ତାନଗଣଙ୍କର ଗୀତ। ପ୍ରଧାନ ବାଦ୍ୟକାରଙ୍କ ନିମନ୍ତେ ମହଲତ୍ ଲିୟନ୍ନୋତ ସ୍ୱରରେ ଇଷ୍ରାହୀୟ ହେମନର ମସ୍କୀଲ।*

1 ହେ ସଦାପ୍ରଭୁ, ପରମେଶ୍ୱର, ତୁମ୍ଭେ ମୋର ପରିତ୍ରାଣକର୍ତ୍ତା।
ମୁଁ ଦିନ ଓ ରାତ୍ରି ତୁମ୍ଭ ନିକଟରେ ପ୍ରାର୍ଥନା କରିଅଛି।
2 ମୋର ପ୍ରାର୍ଥନା ପ୍ରତି ଟିକେ ଧ୍ୟାନ ଦିଅ। ମୋ ପ୍ରତି
ଦୟାକରି, ମୋର ପ୍ରାର୍ଥନାରେ କର୍ଣ୍ଣପାତ କର।
3 ମୋର ପ୍ରାଣ ଦୁଃଖରେ ଭରପୂର। ମୁଁ ଶୀଘ୍ର ମରିଯିବି।
4 ମୁଁ ଜଣେ ଶକ୍ତି ହରାଇଥିବା ପ୍ରାୟ ମୃତ ଲୋକପରି
ହୋଇଅଛି।
5 ମୃତଲୋକମାନଙ୍କ ମଧ୍ୟରେ ମୋତେ ଖୋଜ। ମୁଁ କବରରେ
ଶୋଇଥିବା ମୃତ ବ୍ୟକ୍ତିପରି ଏବଂ ଲୋକମାନେ ଏ
ବିଷୟରେ ସବୁ ଭୁଲିଗଲେ ଓ ସହାୟ ନାହିଁ।
6 ତୁମ୍ଭେ ମୋତେ ପୃଥିବୀର ଗାଢ଼ ଅନ୍ଧକାରର ଗଭୀର
ସ୍ଥାନରେ ରଖିଅଛ।
7 ତୁମ୍ଭ କ୍ରୋଧରେ ମୁଁ ବୋଝ ଅନୁଭବ କଲି। ତୁମ୍ଭର
ସମସ୍ତ ଢେଉ ମୋତେ ଓଲଟ ପାଲଟ କରି ପକାଏ।
8 ମୋର ବନ୍ଧୁମାନେ ମୋତେ ଛାଡ଼ିଗଲେ, ମୁଁ ଅଛୁଆଁ ପରି
ସେମାନେ ମୋଠାରୁ ଦୂରେଇ ଗଲେ। ମୁଁ ଏକ ଗୃହରେ
ବନ୍ଦୀ ଅଛି, ମୁଁ ବାହାରକୁ ଯାଇପାରିବି ନାହିଁ।
9 କ୍ଲେଶ ସକାଶୁ ମୋର ଚକ୍ଷୁ କ୍ଷୀଣ ହୋଇଅଛି। ହେ
ସଦାପ୍ରଭୁ, ମୁଁ ପ୍ରତିଦିନ ତୁମ୍ଭ ନିକଟରେ ପ୍ରାର୍ଥନା କରୁଅଛି।
ତୁମ୍ଭଠାରେ ମୁଁ ହାତ ପାଉ ଅଛି।
10 ତୁମ୍ଭେ କ'ଣ ମୃତ ଲୋକମାନଙ୍କ ପାଇଁ ଆଶ୍ଚର୍ଯ୍ୟ କ୍ରିୟା
କର? ମୃତ ଲୋକମାନେ କ'ଣ ଉଠି ଓ ତୁମ୍ଭର ପ୍ରଶଂସା
କରିବେ?
11 ମୃତ କବରରେ ଲୋକମାନେ ତୁମ୍ଭର ବିଶ୍ୱସ୍ତତା ବିଷୟରେ
କଥା ହୋଇ ପାରିବେ ନାହିଁ। ମୃତ ଲୋକମାନେ ତୁମ୍ଭର
ସ୍ନେହପୂର୍ଣ୍ଣ କରୁଣା ବିଷୟରେ ପ୍ରଚାର କରିପାରିବେ ନାହିଁ।
12 ଅନ୍ଧାରରେ ଥିବା ମୃତ ଲୋକମାନେ ତୁମ୍ଭର ଆଶ୍ଚର୍ଯ୍ୟ
କ୍ରିୟା ଦେଖି ପାରିବେ ନାହିଁ। ପୃଥିବୀରେ ମୃତ
ଲୋକମାନେ ଭୁଲିଯାଇ ତୁମ୍ଭ ସୁଗୁଣ ପ୍ରଶଂସା କରିପାରିବେ
ନାହିଁ।
13 ହେ ସଦାପ୍ରଭୁ, ମୁଁ ତୁମ୍ଭ ନିକଟରେ ଗୁହାରି କରୁଅଛି।
ମୋତେ ସାହାଯ୍ୟ ଦିଅ। ପ୍ରତ୍ୟେକ ପ୍ରଭାତରେ ମୁଁ ତୁମ୍ଭ
ନିକଟରେ ପ୍ରାର୍ଥନା କରିଅଛି।
14 ହେ ସଦାପ୍ରଭୁ, ତୁମ୍ଭେ କାହିଁକି ମୋତେ ପରିତ୍ୟାଗ
କରୁଛ? ତୁମ୍ଭେ କାହିଁକି ମୋ କଥା ଶୁଣୁ ନାହଁ?
15 ମୁଁ ବାଲ୍ୟକାଳରୁ ଦୁଃଖ ଭୋଗ କରି ମୃତ୍ୟୁର ଶେଷ
ଆଡକୁ ଆସିଅଛି। ମୁଁ ଭିଷଣ ଦୁଃଖ ପାଉଅଛି, ଯାହା
ତୁମ୍ଭେ କରିଅଛ।
16 ତୁମ୍ଭର କୋପ ମୋ ଉପରେ ବର୍ତ୍ତିଅଛି, ତୁମ୍ଭ ବିଷୟକ
ଭୟ ମୋତେ ଉଚ୍ଛିନ୍ନ କରିଅଛି।
17 ଏକ ବନ୍ୟାପରି ତୁମ୍ଭର ଆକ୍ରମଣ ମୋତେ ଦିନସାରା
ଘେରି ରହିଥିଲା। ସେମାନେ ସବୁଆଡୁ ମୋତେ ବନ୍ଦ
କଲେ।
18 ତୁମ୍ଭେ ମୋର ପ୍ରିୟ ଲୋକମାନଙ୍କୁ ମୋଠାରୁ ଦୂରେଇ
ରଖିଅଛ। ମୋ ପରିଚିତ ଲୋକମାନେ ଅନ୍ଧକାରରେ
ରହିଅଛନ୍ତି।

## ଗୀତ 89

*ଇଷ୍ରାହୀୟ ଏଥନର ମସ୍କୀଲ।*

1 ସଦାପ୍ରଭୁ, ମୁଁ ଚିରଦିନ ତୁମ୍ଭର ଦୟା ବିଷୟରେ ଗାନ
କରିବି। ମୋ ମୁଖରେ, ମୁଁ ତୁମ୍ଭର ବିଶ୍ୱସ୍ତତା ବିଷୟରେ
ବଂଶାନୁକ୍ରମ ପର୍ଯ୍ୟନ୍ତ ଗାଉଥିବି।
2 ମୁଁ କହିଲି, ତୁମ୍ଭର ଦୟା ଚିରଦିନ ନିର୍ମାଣ ହୋଇଅଛି।
ତୁମ୍ଭର ବିଶ୍ୱସ୍ତତା ସ୍ୱର୍ଗରେ ସ୍ଥାପନ କରାଯିବ।
3 ତୁମ୍ଭେ କହିଲ, "ମୁଁ ଆପଣା ମନୋନୀତ ରାଜା ସଙ୍ଗେ
ଏକ ଚୁକ୍ତି କରିଲି। ମୁଁ ମୋର ଦାସ ଦାଉଦ ସହିତ
ଏକ ପ୍ରତିଜ୍ଞା କଲି।
4 ହେ ଦାଉଦ, ମୁଁ ତୁମ୍ଭ ବଂଶକୁ ସଦାକାଳ ଅମର କରିବି
ଓ ପରମ୍ପରା କ୍ରମେ ତୁମ୍ଭର ସିଂହାସନକୁ ଶକ୍ତ କରିବି।"
5 ହେ ସଦାପ୍ରଭୁ, ସ୍ୱର୍ଗ ତୁମ୍ଭର ଆଶ୍ଚର୍ଯ୍ୟ କର୍ମମାନର ପ୍ରଶଂସା
କରୁଛି। ପବିତ୍ର ଗଣର ସମାଜ ତୁମ୍ଭ ବିଶ୍ୱସ୍ତତାରେ
ପ୍ରଶଂସା କରେ।
6 ସ୍ୱର୍ଗରେ ସଦାପ୍ରଭୁଙ୍କ ତୁଲ୍ୟ କେହି ନାହିଁ। "ଦେବଗଣ"ଙ୍କୁ
ସଦାପ୍ରଭୁଙ୍କ ସଙ୍ଗେ ତୁଳନା କରାଯାଇ ପାରିବ ନାହିଁ।
7 ପବିତ୍ର ଦୂତଗଣର ସମାଜ ପରମେଶ୍ୱରଙ୍କୁ ବହୁତ ଭୟ
କରନ୍ତି। ସିଂହାସନ ଚତୁଃପାର୍ଶ୍ୱରେ ଛିଡା ହେଉଥିବା ସମସ୍ତେ
ତାଙ୍କୁ ଭୟ କରନ୍ତି।
8 ସଦାପ୍ରଭୁ ସୈନ୍ୟାଧିପତି ପରମେଶ୍ୱର, ତୁମ୍ଭ ପରି କେହି
ନାହିଁ। ସଦାପ୍ରଭୁ ତୁମ୍ଭେ ସର୍ବଶକ୍ତିମାନ ଅଟ ଓ ଆମ୍ଭେ
ତୁମ୍ଭ ଉପରେ ସଂପୂର୍ଣ୍ଣ ବିଶ୍ୱାସ କରିପାରିବୁ।
9 ତୁମ୍ଭେ ଅହଙ୍କାରୀ ସମୁଦ୍ରର ଉପରେ କର୍ତ୍ତୃତ୍ୱ କରୁଅଛ।
ତୁମ୍ଭେ ତା'ର ଅଶାନ୍ତ ତରଙ୍ଗକୁ ଶାନ୍ତ କରୁଅଛ।
10 ତୁମ୍ଭେ ରାହାବକୁ ପରାସ୍ତ କରିଅଛ। ସେ ଏକ ଶବପରି
ଥିଲା। ତୁମ୍ଭେ ତୁମ୍ଭର ମହାଶକ୍ତି ଦ୍ୱାରା ତୁମ୍ଭର ଶତ୍ରୁମାନଙ୍କୁ
ଛିନ୍ନଛତ୍ର କରିଅଛ।
11 ସ୍ୱର୍ଗ ଓ ପୃଥିବୀ ତୁମ୍ଭର ଅଟେ। ତୁମ୍ଭେ ଜଗତକୁ ସୃଷ୍ଟି
କରିଛ ଓ ସମସ୍ତ ବସ୍ତୁଗୁଡିକ ଏହା ଉପରେ ଅଛି।
12 ଉତ୍ତର ଓ ଦକ୍ଷିଣ ଦିଗ ତୁମ୍ଭେ ସୃଷ୍ଟି କରିଅଛ। ତାବୋର
ଓ ହର୍ମୋଣ ତୁମ୍ଭ ନାମରେ ଆହ୍ଲାଦିତ କରନ୍ତି।
13 ତୁମ୍ଭେ ପରାକ୍ରାନ୍ତ! ତୁମ୍ଭର ଶକ୍ତି ମହାନ୍! ସର୍ବଦା ତୁମ୍ଭର
ଦକ୍ଷିଣ ହସ୍ତ ଉଚ୍ଚରେ ସ୍ଥାପିତ।
14 ଧର୍ମ ଓ ନ୍ୟାୟ ବିଚାର ତୁମ୍ଭ ସିଂହାସନର ଭିତ୍ତିମୂଳ।
ପ୍ରେମ ଓ ଭକ୍ତି ତୁମ୍ଭ ସିଂହାସନର ସେବକ।

15 ସଦାପ୍ରଭୁ! ଯେଉଁମାନେ ତୁମ୍ଭକୁ ପ୍ରଶଂସା କରନ୍ତି, ଆଶୀର୍ବାଦ
ପ୍ରାପ୍ତ ହୁଅନ୍ତି। ସେମାନେ ତୁମ୍ଭର ଦୟାର ଆଲୋକରେ
ବଞ୍ଚନ୍ତି।
16 ତୁମ୍ଭର ନାମ ସେମାନଙ୍କୁ ଦିନସାରା ଆନନ୍ଦ ପ୍ରଦାନ
କରେ। ସେମାନେ ତୁମ୍ଭର ଧାର୍ମିକତାକୁ ପ୍ରଶଂସା କରନ୍ତି।
17 ତୁମ୍ଭେ ସେମାନଙ୍କର ଅଦ୍‌ଭୁତ ଶକ୍ତି। ତୁମ୍ଭ ଦୟାର ସହ
ଆମ୍ଭେମାନେ ବିଜୟୀ ଅଟୁ।
18 ଆମ୍ଭର ସୁରକ୍ଷାକାରୀ ଆମ୍ଭମାନଙ୍କର ରାଜା, ଇଶ୍ରାୟେଲର
ଏକ ପବିତ୍ର ଆମ୍ଭମାନଙ୍କର ରାଜା ପରମେଶ୍ୱରଙ୍କ ଦ୍ୱାରା
ମନୋନୀତ।
19 ତୁମ୍ଭେ ଆପଣା ଅନୁସରଣକାରୀଙ୍କୁ ଦର୍ଶନ ଦେଇ କହିଲ,
“ଆମ୍ଭେ ଏକ ଯୁବକ ତୁମ୍ଭ ମଧ୍ୟରୁ ମନୋନୀତ କରି
ତାଙ୍କୁ ତୁମ୍ଭମାନଙ୍କ ମଧ୍ୟରେ ମୁଖ୍ୟ ସ୍ଥାପିତ କଲୁ। ଆମ୍ଭେ
ସେହି ସୈନିକକୁ ଶକ୍ତିଶାଳୀ କରି ଗଢ଼ି ତୋଳିଲୁ।
20 ଆମ୍ଭେ ଆପଣା ଦାସ ଦାଉଦକୁ ପାଇଅଛୁ। ଆମ୍ଭେ ପବିତ୍ର
ତୈଳରେ ତାଙ୍କୁ ଅଭିଷିକ୍ତ କରିଅଛୁ।
21 ଆମ୍ଭେ ଆପଣା ଡାହାଣ ହସ୍ତରେ ତାଙ୍କୁ ଆଶ୍ରୟ ଦେବା
ଏବଂ ଆମ୍ଭର ଶକ୍ତିରେ ତାକୁ ବଳବାନ୍ କରିବା।
22 ଶତ୍ରୁମାନେ ମନୋନୀତ ରାଜାଙ୍କୁ ପରାସ୍ତ କରିପାରିବେ
ନାହିଁ। ଦୁଷ୍ଟଲୋକମାନେ ତାଙ୍କୁ ପରାସ୍ତ କରିପାରିବେ
ନାହିଁ।
23 ଆମ୍ଭେ ତାହାର ବିପକ୍ଷଗଣଙ୍କୁ ତାହା ସମ୍ମୁଖରେ ଚୂର୍ଣ୍ଣ
କରିବା ଓ ତାହାର ଘୃଣାକାରୀମାନଙ୍କୁ ପରାସ୍ତ କରିବା।
24 ଆମ୍ଭେ ମନୋନୀତ ରାଜାଙ୍କୁ ସର୍ବଦା ପ୍ରେମ କରିବା ଏବଂ
ତାଙ୍କୁ ବିଜୟୀ କରିବା।
25 ଆମ୍ଭେ ସମୁଦ୍ର ଉପରେ ତାହାର କର୍ତ୍ତୃତ୍ୱ ଓ ନଦୀସମୂହ
ଉପରେ ତାହାର ନିୟନ୍ତ୍ରଣ ସ୍ଥାପନ କରାଇବା।
26 ସେ ଆମ୍ଭକୁ କହିବ, ‘ତୁମ୍ଭେ ମୋର ପିତା। ତୁମ୍ଭେ
ମୋର ପରମେଶ୍ୱର, ମୋର ଦୃଢ଼ ସୁରକ୍ଷାର ସ୍ଥାନ ଓ
ମୋର ତ୍ରାଣକର୍ତ୍ତା।’
27 ଆମ୍ଭେ ତାଙ୍କୁ ଆମ୍ଭର ପ୍ରଥମଜାତ ସନ୍ତାନ କରିବା। ସେ
ପୃଥିବୀର ଶକ୍ତିଶାଳୀ ରାଜା ହେବ।
28 ଆମ୍ଭେ ସର୍ବଦା ତାଙ୍କୁ ପ୍ରେମ କରିବା ଓ ତା’ ପ୍ରତି ବିଶ୍ୱସ୍ତ
ରହିବା। ଆମ୍ଭର ଚୁକ୍ତି ସର୍ବଦା ତା’ଠାରେ ରଖିବା, ତାହା
କେବେ ଶେଷ ହେବ ନାହିଁ।
29 ଆମ୍ଭେ ତା’ର ବଂଶକୁ ନିତ୍ୟସ୍ଥାୟୀ ବିରାଜମାନ କରିବା ଓ
ତା’ର ସିଂହାସନକୁ ଆକାଶ ଥିବା ପର୍ଯ୍ୟନ୍ତ ରହିବ।
30 ଯଦି ବଂଶଧରଗଣ ଆମ୍ଭ ବ୍ୟବସ୍ଥା ପରିତ୍ୟାଗ କରନ୍ତି ଓ
ଆମ୍ଭର ଆଜ୍ଞା ଅନୁସରଣ ନକରନ୍ତି, ଆମ୍ଭେ ସେମାନଙ୍କୁ
ଦଣ୍ଡ ଦେବା।
31 ଯଦି ସେମାନେ ମୋ ନିୟମ ଭଙ୍ଗ କରନ୍ତି ଏବଂ ମୋ
ଆଜ୍ଞା ନ ପାଳନ୍ତି,
32 ତେବେ ଆମ୍ଭେ ଲୌହ ନିର୍ମିତ ବାଡ଼ିରେ ସେମାନଙ୍କ
ଅପରାଧ ଓ ପ୍ରହାର ଦ୍ୱାରା ସେମାନଙ୍କୁ କଠୋର ଦଣ୍ଡ
ଦେବା,
33 ମାତ୍ର ସେମାନଙ୍କୁ ଦାଉଦଙ୍କ ପ୍ରେମଠାରୁ ବଞ୍ଚିତ କରିବା
ନାହିଁ। ଆମ୍ଭେ ସେମାନଙ୍କ ପ୍ରତି ଚିରଦିନ ବିଶ୍ୱସ୍ତ ରହିବା।
34 ଆମ୍ଭେ ଦାଉଦଙ୍କ ସହିତ କରିଥିବା ଚୁକ୍ତିକୁ ଲଙ୍ଘନ
କରିବା ନାହିଁ କିଅବା ଚୁକ୍ତିର ପରିବର୍ତ୍ତନ କରିବା ନାହିଁ।
35 ଆମ୍ଭେ ଆପଣା ପବିତ୍ରତା ଦ୍ୱାରା ସାକ୍ଷୀରଖି ଆମ୍ଭେ ଦାଉଦ
ନିକଟରେ ଏକ ବିଶେଷ ପ୍ରତିଜ୍ଞା କରିଥିଲୁ। ତେଣୁ
ଆମ୍ଭେ ଦାଉଦକୁ ଆପଣା ପ୍ରତିଜ୍ଞା ଭଙ୍ଗ କହିବା ନାହିଁ।
36 ଦାଉଦର ବଂଶ ସଦାକାଳ ରହିବ। ଦାଉଦର ସିଂହାସନ
ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ରହିବ।
37 ଏହା ଚନ୍ଦ୍ରପରି ଚିରଦିନ ରହିବ। ଏହା ଆକାଶପରି
ଚିରଦିନ ପାଇଁ ରହିବ।”
38 କିନ୍ତୁ ହେ ପରମେଶ୍ୱର, ତୁମ୍ଭେ ଆପଣା ଅଭିଷିକ୍ତ ପ୍ରତି
କ୍ରୋଧ ହୋଇଅଛ, ତୁମ୍ଭେ ତାକୁ ଛାଡିଲ ଏବଂ ତ୍ୟାଗ
କରିଅଛ।
39 ତୁମ୍ଭେ ଦାସ ସହିତ କରିଥିବା ତୁମ୍ଭର ଚୁକ୍ତିକୁ ଭଙ୍ଗ
କରିଅଛ। ତୁମ୍ଭେ ରାଜାଙ୍କର ମୁକୁଟ ଅଳିଆ ଗଦାରେ
ପକାଇ ଅଛ।
40 ତୁମ୍ଭେ ତା’ର ସମସ୍ତ ପ୍ରାଚୀର ଭାଙ୍ଗିଅଛ। ତୁମ୍ଭେ ତା’ର
ଦୃଢ଼ ଗଡ଼ସବୁ ଧ୍ୱଂସ କରିଅଛ।
41 ପଥ ଦେଇ ଯିବା ଲୋକ ସମସ୍ତେ ତାଙ୍କୁ ଲୁଟି କରନ୍ତି।
ଆପଣା ପ୍ରତିବେଶୀମାନେ ତାଙ୍କୁ ପରିହାସ କରନ୍ତି।
42 ତୁମ୍ଭେ ରାଜାଙ୍କର ଶତ୍ରୁମାନଙ୍କୁ ଯୁଦ୍ଧରେ ପରାଜିତ କରିଅଛ।
ତୁମ୍ଭେ ତା’ର ସମସ୍ତ ଶତ୍ରୁଙ୍କୁ ଖୁସି କରାଇଅଛ।
43 ହେ ପରମେଶ୍ୱର, ତୁମ୍ଭେ ସେମାନଙ୍କୁ ନିଜକୁ ରକ୍ଷା
କରିବାରେ ସାହାଯ୍ୟ କରିଛ। ତୁମ୍ଭେ ନିଜ ରାଜାଙ୍କୁ
ଯୁଦ୍ଧରେ ଜୟଲାଭ କରିବାକୁ ସାହାଯ୍ୟ କରିନାହିଁ।
44 ତୁମ୍ଭେ ତାଙ୍କୁ ଜିତିବାକୁ ଦେଇ ନାହିଁ। ତୁମ୍ଭେ ତା’ର
ସିଂହାସନକୁ ଭୂମିରେ ଫିଙ୍ଗିଅଛ।
45 ତୁମ୍ଭେ ତା’ର ଜୀବନକୁ କ୍ଷୀଣ କଲ। ତୁମ୍ଭେ ତାଙ୍କୁ
ଲଜ୍ଜାରେ ଆଚ୍ଛନ୍ନ କଲ।
46 ହେ ସଦାପ୍ରଭୁ, ଏହିପରି କେତେ ଦିନ ଚାଲିବ? ତୁମ୍ଭେ
କ’ଣ ସବୁଦିନ ପାଇଁ ଆମ୍ଭମାନଙ୍କଠାରୁ ଲୁଚେଇ ରହିବ?
ତୁମ୍ଭର କ୍ରୋଧ କ’ଣ ଚିରକାଳ ଅଗ୍ନି ତୁଲ୍ୟ ଜଳିବ?
47 ଏହା ସ୍ମରଣ କର ଯେ, ମୋର ଜୀବନ କେତେ କ୍ଷୀଣ।
ତୁମ୍ଭେ ଆମ୍ଭକୁ ସୃଷ୍ଟି କରିଛ ଅଳ୍ପ ଦିନ ପାଇଁ, ଏହାପରେ
ଆମ୍ଭେ ମରିବୁ।
48 ଏପରି କୌଣସି ମନୁଷ୍ୟ ନାହିଁ ଯିଏ କି କେବେବି ନ
ମରି ବଞ୍ଚି ରହିବ। ଏପରି କୌଣସି ମନୁଷ୍ୟ ନାହିଁ ଯିଏ
କି ସମାଧିରୁ ରକ୍ଷା ପାଇ ପାରିବ।
49 ହେ ପ୍ରଭୁ, ତୁମ୍ଭର ପୂର୍ବର ସ୍ନେହପୂର୍ଣ୍ଣ କରୁଣା କୁଆଡ଼େ
ଗଲା। ତୁମ୍ଭେ ଦାଉଦଙ୍କ ସହ ତୁମ୍ଭର ବିଶ୍ୱସ୍ତତା ଦେଖାଇବା
ପାଇଁ ପ୍ରତିଜ୍ଞା କରିଥିଲ।
50 ହେ ପ୍ରଭୁ, ସ୍ମରଣ କର କିପରି ସମସ୍ତ ଜାତୀଗଣ, ତୁମ୍ଭର
ଦାସ ମୋତେ ଅପମାନିତ ଦେଉଛନ୍ତି।
51 ହେ ସଦାପ୍ରଭୁ, ତୁମ୍ଭର ଶତ୍ରୁମାନେ ଅପମାନିତ କରିଅଛନ୍ତି,
ତୁମ୍ଭର ଅଭିଷିକ୍ତ ରାଜା ଯେଉଁଆଡେ ଯାଏ, ପଙ୍କର
ପଦଚିହ୍ନକୁ ନିନ୍ଦା କରିଅଛନ୍ତି।
52 ସଦାପ୍ରଭୁ ଅନନ୍ତକାଳ ଧନ୍ୟ ହେଉନ୍ତୁ। ଆମେନ୍!
ଆମେନ୍!

## ଚତୁର୍ଥ ପୁସ୍ତକ

### ଗୀତ 90

*ପରମେଶ୍ୱରଙ୍କ ଲୋକ ମୋଶାଙ୍କର ପ୍ରାର୍ଥନା।*

1 ହେ ପ୍ରଭୁ, ତୁମ୍ଭ ବଂଶାନୁକ୍ରମେ ଆମ୍ଭମାନଙ୍କର ବାସସ୍ଥାନ ହୋଇଅଛ।

2 ହେ ପରମେଶ୍ୱର, ତୁମ୍ଭେ ପର୍ବତମାଳାର ସୃଷ୍ଟି ପୂର୍ବରୁ ଏବଂ ପୃଥିବୀ ଓ ଜଗତ ସୃଷ୍ଟି ପୂର୍ବରୁ ପରମେଶ୍ୱର ଥିଲ। ତୁମ୍ଭେ ଚିରକାଳ ପରମେଶ୍ୱର ହୋଇ ରହିବ।

3 ତୁମ୍ଭେ ଲୋକମାନଙ୍କୁ ପୃଥିବୀକୁ ଆଣିଛ ଏବଂ ପରିଶେଷରେ ତୁମ୍ଭେ ସେମାନଙ୍କୁ ଧୂଳିରେ ପରିଣତ କରିଛ।

4 ତୁମ୍ଭ ଦୃଷ୍ଟିରେ, ସହସ୍ର ବର୍ଷ ଗତକାଲିର ତୁଲ୍ୟ ଓ ରାତ୍ରିର ଅଳ୍ପ ସମୟପରି।

5 ତୁମ୍ଭେ ସେମାନଙ୍କର ଜୀବନକୁ ଉଚ୍ଛେଦ କରିଛ, ଯାହା ମୃତ୍ୟୁରେ ଶୋଇ ଥିବା ପରି। ପ୍ରଭାତରେ ସେମାନେ ଗୁଜୁରିବା ତୃଣପରି।

6 ପ୍ରାତଃକାଳରେ ତୃଣ ସତେଜ ହୋଇ ବଢେ। ସନ୍ଧ୍ୟା କାଳରେ ତାହା ଶୁଖି ମରିଯାଏ।

7 ହେ ପରମେଶ୍ୱର, ତୁମ୍ଭ କ୍ରୋଧରେ ଆମ୍ଭେମାନେ କ୍ଷୟ ହେଉ। ପୁଣି ତୁମ୍ଭ କ୍ରୋଧ ଆମ୍ଭଙ୍କୁ ଭୟଭୀତ କରେ।

8 ତୁମ୍ଭେ ଆମ୍ଭମାନଙ୍କର ପାପ ବିଷୟରେ ଜାଣ। ତୁମ୍ଭେ ମଧ୍ୟ ଆମ୍ଭମାନଙ୍କର ଗୁପ୍ତ ପାପ ଦେଖିଅଛ।

9 ତୁମ୍ଭର କ୍ରୋଧ ଆମ୍ଭମାନଙ୍କ ଜୀବନକୁ ଶେଷ ଦିନ କରିଦେଇ ଆଣିଛି। ଆମ୍ଭେ ଆମ୍ଭର ବର୍ଷ ଅତିଶୀଘ୍ର ସମାପ୍ତ କରୁଥାଉ।

10 ଆମ୍ଭେ ହୁଏତ୍ ସତୁରି ବର୍ଷ ବଞ୍ଚିପାରୁ, ଅଥବା ଯଦି ଆମ୍ଭେ ଶକ୍ତିଶାଳୀ ତେବେ ଅଶୀ ବର୍ଷ ବଞ୍ଚିପାରୁ। ଆମ୍ଭମାନଙ୍କର ଜୀବନ କଠିନ ପରିଶ୍ରମ ଓ ଯନ୍ତ୍ରଣାରେ ଭରପୁର ହୋଇଥାଏ। ଏହାପରେ ହଠାତ୍ ଆମ୍ଭର ଜୀବନ ସମାପ୍ତ ହୁଏ ଓ ଆମ୍ଭେ ଉଡିଯାଉ।

11 କୌଣସି ଲୋକ ବାସ୍ତବରେ ତୁମ୍ଭର କ୍ରୋଧ ଗୁରୁତା ଜାଣନ୍ତି ନାହିଁ। କିନ୍ତୁ ତୁମ୍ଭର କ୍ରୋଧ ତୁମ୍ଭେ ଆଶା କରୁଥିବା ସମ୍ମାନଠାରୁ ଅଧିକ।

12 ଆମ୍ଭକୁ ଶିକ୍ଷା ଦିଅ, ଆମ୍ଭ ଜୀବନ କେତେ କ୍ଷୀଣ ଯାହାଫଳରେ ଆମ୍ଭେ ବୁଦ୍ଧିମାନ୍ ହୋଇ ପାରିବୁ।

13 ହେ ସଦାପ୍ରଭୁ, ଆମ୍ଭ ପାଖକୁ ଫେରି ଆସ, ଆଉ କେତେ ଦିନ ତୁମ୍ଭେ ଅପେକ୍ଷା କରିବ? ଆପଣା ଦାସ ପ୍ରତି ଦୟା କର।

14 ପ୍ରଭାତରେ, ଆମ୍ଭମାନଙ୍କୁ ତୁମ୍ଭ ଦୟାରେ ତୃପ୍ତ କର। ଆମ୍ଭମାନଙ୍କୁ ଯାବଜ୍ଜୀବନ ଖୁସି ଓ ଆନନ୍ଦିତ ହେବାକୁ ଦିଅ।

15 ତୁମ୍ଭେ ଜୀବନରେ ଆମ୍ଭକୁ ବହୁ ବର୍ଷଧରି କଷ୍ଟ ଓ ଯନ୍ତ୍ରଣା ଦେଲ। ବର୍ତ୍ତମାନ ଆମ୍ଭଙ୍କୁ ଆନନ୍ଦିତ କର, ଯେପରି ଯଥାର୍ଥ।

16 ତୁମ୍ଭେ କରିପାରୁଥିବା ଆଶ୍ଚର୍ଯ୍ୟ କର୍ମସବୁ ତୁମ୍ଭର ଦାସମାନଙ୍କୁ ଦେଖିବାକୁ ଦିଅ ଏବଂ ସେମାନଙ୍କ ସନ୍ତାନଗଣଙ୍କୁ ତୁମ୍ଭର ମହିମା ଦେଖାଅ।

17 ହେ ପରମେଶ୍ୱର ଆମ୍ଭମାନଙ୍କ ପ୍ରଭୁ, ଆମ୍ଭମାନଙ୍କୁ ଦୟାକର। ଆମ୍ଭର କାର୍ଯ୍ୟ ଆମ୍ଭକୁ ସମର୍ଥନ କରେ, ତେଣୁ ଦୟାକରି ଆମ୍ଭର କାର୍ଯ୍ୟକୁ ସମର୍ଥନ କର ଓ ଏହାକୁ ସଫଳ କରାଅ।

### ଗୀତ 91

1 ଯେଉଁ ବ୍ୟକ୍ତି ସର୍ବୋପରିସ୍ଥ ପରମେଶ୍ୱର ପାଖକୁ ଯାଏ, ସେ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଛାୟା ତଳେ ନିରାପତ୍ତା ପାଇଁ ବସତି କରିବ।

2 ମୁଁ ସଦାପ୍ରଭୁଙ୍କୁ କହିଲି, "ତୁମ୍ଭେ ମୋର ଆଶ୍ରୟ ଓ ଦୁର୍ଗ, ମୋର ପରମେଶ୍ୱର, ମୁଁ ତୁମ୍ଭ ନିକଟରେ ବିଶ୍ୱାସ ରଖେ।"

3 ପରମେଶ୍ୱର ତୁମ୍ଭକୁ ଗଭୀର ଡ଼ାଳ ରକ୍ଷା କରିବେ ଓ ସର୍ବନାଶକ ମହାମାରୀରୁ ରକ୍ଷା କରିବେ।

4 ତୁମ୍ଭେ ପରମେଶ୍ୱରଙ୍କ ନିକଟକୁ ସୁରକ୍ଷା ନିମନ୍ତେ ଯାଇପାରିବ। ପକ୍ଷୀ ତା'ର ଛୁଆମାନଙ୍କ ଉପରେ ଡେଣା ମେଲାଇ ରଖିଲା ଭଳି ସେ ତୁମ୍ଭକୁ ରକ୍ଷା କରିବେ। ସେ ତୁମ୍ଭର ରକ୍ଷାକାରୀ ଢାଲ ଓ ପ୍ରାଚୀର ଦୁର୍ଗ ସ୍ୱରୂପ ହେବେ।

5 ତୁମ୍ଭେ ରାତ୍ରିରେ ଭୟଭୀତ ହେବାର ଦରକାର ନାହିଁ କିଅବା ଦିନରେ ଶତ୍ରୁମାନଙ୍କର ବାଣ ପ୍ରତି ଭୟଭୀତ ହେବ ନାହିଁ।

6 ଅନ୍ଧକାରଗାମୀ ମହାମାରୀ, କିଅବା ମଧ୍ୟାହ୍ନରେ ସଂହାରକାରୀ ରୋଗ ବିଷୟରେ ଭୀତ ହେବ ନାହିଁ।

7 ତୁମ୍ଭ ପକ୍ଷରେ ହଜାର ହଜାର ଶତ୍ରୁମାନ ମାରିବା ସହଜ। ତୁମ୍ଭର ଦକ୍ଷିଣ ହସ୍ତ ଦଶ ହଜାର ଶତ୍ରୁଙ୍କୁ ପରାସ୍ତ କରିବ କିନ୍ତୁ ତୁମ୍ଭେ ଆଘାତପ୍ରାପ୍ତ ହେବ ନାହିଁ।

8 ତୁମ୍ଭେ ଦେଖିବ ଯେ, ଦୁଷ୍ଟଲୋକମାନେ ଦଣ୍ଡିତ ହୋଇଛନ୍ତି। ତୁମ୍ଭେ ଏହାକୁ ନିଜ ଆଖିରେ ଦେଖିପାରିବ।

9 ପ୍ରକୃତରେ ସଦାପ୍ରଭୁ ହେଉଛନ୍ତି ନିରାପତ୍ତାର ସ୍ଥାନ! ଯଦି ପରମେଶ୍ୱରଙ୍କୁ ତୁମ୍ଭେ ଆପଣା ସୁରକ୍ଷାର ସ୍ଥାନ କରିବ।

10 ତୁମ୍ଭର କୌଣସି ବିପଦ ଘଟିବ ନାହିଁ। କୌଣସି ଦୁର୍ବିପାକ ତୁମ୍ଭ ଗୃହକୁ ଆସିବ ନାହିଁ।

11 ପରମେଶ୍ୱର ତୁମ୍ଭ ରକ୍ଷା ପାଇଁ ଦୂତମାନଙ୍କୁ ଆଦେଶ ଦେବେ। ତୁମ୍ଭେ ଯେଉଁଠାକୁ ଗଲେ ମଧ୍ୟ, ସେମାନେ ତୁମ୍ଭକୁ ସୁରକ୍ଷା ଦେବେ।

12 ତୁମ୍ଭଙ୍କୁ ଦୂତମାନେ ସାହାର୍ଯ୍ୟ କରିବେ, ଯେପରିକି ତୁମ୍ଭର ପାଦ ପଥରରେ ବାଡେଇ ନହୁଏ।

13 ତୁମ୍ଭେ ସିଂହ ଏବଂ ସର୍ପ ଉପରେ ମାଡ ଚାଲି ଯିବ। ତୁମ୍ଭେ ଯୁବା ସିଂହ ଓ କାଳସର୍ପକୁ ପାଦତଳେ ଦଳି ଦେବ।

14 ସଦାପ୍ରଭୁ କହନ୍ତି, "ଯଦି କୌଣସି ଲୋକ ଆମ୍ଭଙ୍କୁ ପ୍ରେମ କରେ ଆମ୍ଭେ ତାଙ୍କୁ ରକ୍ଷା କରିବା ଓ ଯେଉଁମାନେ ଆମ୍ଭଙ୍କୁ ପ୍ରକୃତରେ ଜାଣନ୍ତି, ସେମାନଙ୍କୁ ଆମ୍ଭେ ଉଚ୍ଚରେ ରଖିବା।

15 ଆମ୍ଭର ଅନୁସରଣକାରୀମାନେ ଆମ୍ଭଙ୍କୁ ସାହାଯ୍ୟ ପାଇଁ ଡାକିବେ, ଆମ୍ଭେ ସେମାନଙ୍କର ଡାକ ଶୁଣିବା। ସେମାନଙ୍କ କଷ୍ଟ ସମୟରେ ଆମ୍ଭେ ସେମାନଙ୍କ ସହିତ ରହିବା। ଆମ୍ଭେ ସେମାନଙ୍କୁ ରକ୍ଷା କରିବା ଏବଂ ସମ୍ମାନ ଦେବା।

16 ଆମ୍ଭେ ଆପଣା ଅନୁସରଣକାରୀମାନଙ୍କୁ ଦୀର୍ଘାୟୁ କରିବା ଏବଂ ଆମ୍ଭେ ସେମାନଙ୍କୁ ରକ୍ଷା କରିବା।”

## ଗୀତ 92

*ଗୀତ-ବିଶ୍ରାମବାର ନିମିତ୍ତକ ଗୀତ।*

1 ସଦାପ୍ରଭୁଙ୍କର ଧନ୍ୟବାଦ କରିବା ଉତ୍ତମ। ହେ ସର୍ବୋପରିସ୍ଥ ପରମେଶ୍ୱର, ତୁମ୍ଭ ନାମର ପ୍ରଶଂସା ଗାନ କରିବା ଉତ୍ତମ।

2 ପ୍ରଭାତ ସମୟରେ ତୁମ୍ଭର ପ୍ରେମ ଗୀତ ବୋଲିବା ଉତ୍ତମ ଏବଂ ରାତ୍ରିରେ ତୁମ୍ଭର ବିଶ୍ୱସ୍ତତା ଗୀତ ଗାନ କରିବା ଉତ୍ତମ।

3 ହେ ପରମେଶ୍ୱର, ଦଶତାର ଯନ୍ତ୍ର ଓ ନେବଲରେ ବୀଣାର ଗମ୍ଭୀର ଧ୍ୱନିରେ ସୁ-ଗୀତ ଗାନ କରିବା ଭଲ।

4 ହେ ସଦାପ୍ରଭୁ, ତୁମ୍ଭ ନିଜ କର୍ମ ମୋତେ ଆନନ୍ଦିତ କରିଅଛ। ମୁଁ ତୁମ୍ଭ ହସ୍ତକୃତ କର୍ମର ଯଶଗାନ କରୁଛି।

5 ହେ ସଦାପ୍ରଭୁ, ତୁମ୍ଭର କର୍ମସବୁ ମହତ୍। ତୁମ୍ଭର ବିଚାରଧାରା ବୁଝିବା ଆମ୍ଭ ପକ୍ଷେ କଷ୍ଟକର।

6 ପଶୁବତ୍ ଲୋକମାନେ ଏହାକୁ ଜାଣି ନାହାଁନ୍ତି, କିଅବା ନିର୍ବୋଧମାନେ ବୁଝନ୍ତି ନାହିଁ।

7 ଯେତେବେଳେ ଦୁଷ୍ଟଗଣ ତୃଣପରି ଅଙ୍କୁରିତ ହୁଅନ୍ତି ଓ ଅଧର୍ମାଚାରୀମାନେ ଫୁଲ-ଫଳ ଗଛ ସଦୃଶ ବଢ଼ି ସମୃଦ୍ଧଶାଳୀ ହୋଇପାରନ୍ତି। ସେତେବେଳେ ସେମାନେ କରୁଥିବା ମୂଲ୍ୟହୀନ କାର୍ଯ୍ୟ ଚିରଦିନ ପାଇଁ ନଷ୍ଟ ହେବ।

8 କିନ୍ତୁ ସଦାପ୍ରଭୁ, ତୁମ୍ଭେ ଅନନ୍ତକାଳ ପାଇଁ ସର୍ବୋଚ୍ଚାଧିକାରୀ ଅଟ।

9 ହେ ସଦାପ୍ରଭୁ, ତୁମ୍ଭର ସମସ୍ତ ଶତ୍ରୁ ବିନଷ୍ଟ ହେବେ। ସେହି ସମସ୍ତ କୁକର୍ମ କରୁଥିବା ଲୋକ ପରାସ୍ତ ହେବେ ଏବଂ ଛିନ୍ନ ବିଚ୍ଛିନ୍ନ ହୋଇଯିବେ।

10 କିନ୍ତୁ ତୁମ୍ଭେ ମୋତେ ଶକ୍ତିଶାଳୀ କରିବ। ଶକ୍ତିଶାଳୀ ବଳଦର ଶିଙ୍ଗ ତୁଲ୍ୟ ମୁଁ ଦୃଢ଼ ହେବି। ତୁମ୍ଭେ ମୋତେ ବିଶେଷ କାର୍ଯ୍ୟ ପାଇଁ ମନୋନୀତ କରିଛ। ତୁମ୍ଭେ ମୋତେ ନୂତନ ତୈଳରେ ଅଭିଷିକ୍ତ କଲ।

11 ମୋର ଶତ୍ରୁମାନେ ମୋତେ ଆକ୍ରମଣ କରିବାର ମୁଁ ଦେଖୁଛି। ସେମାନେ ମୋ ବିଷୟରେ ଯାହା କଥାବାର୍ତ୍ତା କରିଛନ୍ତି, ତାହା ମୁଁ ଶୁଣିଅଛି।

12 ଉତ୍ତମ ଲୋକମାନେ ସଦାପ୍ରଭୁଙ୍କ ମନ୍ଦିରରେ ରୋପିତ ଲିବାନୋନର ଏରସ ଗଛ ତୁଲ୍ୟ।

13 ସେମାନେ ପରମେଶ୍ୱରଙ୍କ ମନ୍ଦିରର ଅଗଣାରେ ଅବସ୍ଥିତ ଅଙ୍କୁରିତ ତାଳଗଛ ସ୍ୱରୂପ।

14 ଏପରିକି ଯେତେବେଳେ ସେମାନେ ବୃଦ୍ଧ ହେବେ, ସେତେବେଳେ ମଧ୍ୟ ସେମାନେ ଫଳ ଉତ୍ପନ୍ନ କରିପାରିବେ। ସେମାନେ ସୁସ୍ଥ ରହିବେ ଏବଂ ସେମାନଙ୍କର ବହୁତ ପତ୍ର ରହିବ।

15 ଏହା ଦ୍ୱାରା ସଦାପ୍ରଭୁ ଯେ ଯଥାର୍ଥ ତାହା ପରିପ୍ରକାଶ ହେବ। ସେ ମୋର ଶୈଳ, ତାହାଙ୍କଠାରେ କୌଣସି ଅଧର୍ମ ନାହିଁ।

## ଗୀତ 93

1 ସଦାପ୍ରଭୁ ରାଜା ଅଟନ୍ତି। ସେ ମହିମା ଓ ଶକ୍ତି ରୂପକ ବସ୍ତ୍ର ପରିଧାନ କରନ୍ତି। ସେ ନିଜ କଟିରେ ସମଗ୍ର ବିଶ୍ୱକୁ ଧରିଛନ୍ତି। ଏହା ଯେପରି ଟଳମଳ ହୋଇ ନ ଯାଏ।

2 ହେ ପରମେଶ୍ୱର, ତୁମ୍ଭର ସିଂହାସନ ଅନନ୍ତକାଳରୁ ରହିଥିଲା, ତୁମ୍ଭେ ସର୍ବଦା ଜୀବିତ ଏବଂ ସର୍ବଦା ଶାସନ କରିବ।

3 ସଦାପ୍ରଭୁ, ସମୁଦ୍ରସବୁ ଘଡଘଡ ଭଳି ଧ୍ୱନି ବାହାର କଲେ। ସମୁଦ୍ରସବୁ ସେମାନଙ୍କର ଢେଉଭାଙ୍ଗି ଗର୍ଜ୍ଜନ କଲେ।

4 ଜଳରାଶିର ଧ୍ୱନି ଓ ସମୁଦ୍ରର ପ୍ରବଳ ତରଙ୍ଗ ଅପେକ୍ଷା ଉର୍ଦ୍ଧ୍ୱସ୍ଥ ସଦାପ୍ରଭୁ ବଳବାନ।

5 ହେ ସଦାପ୍ରଭୁ, ତୁମ୍ଭର ବ୍ୟବସ୍ଥା ସର୍ବଦା ରହିବ। ତୁମ୍ଭର ପବିତ୍ର ମନ୍ଦିର ଚିରସ୍ଥାୟୀ ରହିବ।

## ଗୀତ 94

1 ହେ ସଦାପ୍ରଭୁ, ପ୍ରତିଫଳ ଦାତା ପରମେଶ୍ୱର, ଯିଏ ଦଣ୍ଡ ଦିଅନ୍ତି, ତୁମ୍ଭର ମହାନତା ଦେଖାଅ।

2 ତୁମ୍ଭେ ହେଉଛ ସାରା ପୃଥିବୀର ବିଚାରକର୍ତ୍ତା। ଜାଗି ଉଠ ଏବଂ ଅହଙ୍କାରୀ ଲୋକମାନଙ୍କୁ ତାଙ୍କର କର୍ମାନୁସାରେ ଫଳ ଦିଅ, ଯାହା ସେମାନେ ଚାହାଁନ୍ତି।

3 ହେ ସଦାପ୍ରଭୁ, ଦୁଷ୍ଟମାନେ କେତେ କାଳଯାଏ ଶାସନ କରିବେ? ସଦାପ୍ରଭୁ ଆଉ କେତେ କାଳ?

4 ସେହି ଦାଗିମାନେ ଆଉ କେତେ କାଳ ଅହଙ୍କାର କଥା କହିବେ? ସେହି ଅଧର୍ମାଚାରୀମାନେ କେତେ କାଳ ଦର୍ପ କରିବେ?

5 ହେ ସଦାପ୍ରଭୁ, ସେମାନେ ତୁମ୍ଭ ଲୋକମାନଙ୍କୁ ନିରାଶ ଦିଅନ୍ତି। ସେମାନେ ତୁମ୍ଭର ଲୋକମାନଙ୍କୁ ଯନ୍ତ୍ରଣା ଦିଅନ୍ତି।

6 ସେହି ଲୋକମାନେ ବିଧବାମାନଙ୍କୁ ଓ ନିଜ ଦେଶରେ ଥିବା ଅତିଥିମାନଙ୍କୁ ବଧ କରନ୍ତି। ସେମାନେ ଅନାଥ ପିଲାମାନଙ୍କୁ ମଧ୍ୟ ହତ୍ୟା କରନ୍ତି।

7 ସେମାନେ ଏହିପରି କହନ୍ତି ଯେ, ସଦାପ୍ରଭୁ ସେମାନଙ୍କର କୁକର୍ମକୁ ଦେଖିପାରିବେ ନାହିଁ। କିଅବା ଯାକୁବର ପରମେଶ୍ୱର ବିବେଚନା କରିବେ ନାହିଁ।

8 ହେ ପଶୁବତ୍ ଲୋକମାନେ, ତୁମ୍ଭେ କେବେ ବୁଦ୍ଧି ପାଇବ? ହେ ନିର୍ବୋଧ ଅଧର୍ମକାରୀ ଲୋକ, ଚେଷ୍ଟାକର ଏବଂ ବୁଝ।

9 ପରମେଶ୍ୱର ଆମ୍ଭର କର୍ଣ୍ଣ ସୃଷ୍ଟି କଲେ, ସେ କ’ଣ ଶୁଣିପାରୁ ନାହାଁନ୍ତି! ପରମେଶ୍ୱର ଆମ୍ଭମାନଙ୍କର ଚକ୍ଷୁ ସୃଷ୍ଟି କରିଛନ୍ତି। ସେ କ’ଣ ଦେଖି ପାରିବେ ନାହିଁ! ଯାହା ସବୁ ଘଟିଯାଉଛି।

10 ଜଣେ ଯିଏକି ଜାତିଗଣକୁ ସଂଶୋଧନ କରନ୍ତି, ତୁମ୍ଭକୁ ଦଣ୍ଡ ଦେବେ? ସେ ମାନବମାନଙ୍କୁ ଜ୍ଞାନ ବିଷୟରେ ଶିକ୍ଷା ଦିଅନ୍ତି।

11 ସଦାପ୍ରଭୁ ଜାଣନ୍ତି ଲୋକମାନଙ୍କର ଚିନ୍ତାଧାରା ଅସାର ମାତ୍ର।

12 ହେ ସଦାପ୍ରଭୁ ଯେଉଁ ଲୋକମାନଙ୍କୁ ତୁମ୍ଭେ ଶାସନ କର,

ସେମାନେ ଆଶୀର୍ବାଦ ପ୍ରାପ୍ତ ହେବେ। ତୁମ୍ଭେ ଆପଣା
ନିୟମରେ ସେମାନଙ୍କୁ ବଞ୍ଚିବାର ଠିକ୍ ମାର୍ଗ ଶିକ୍ଷା ଦିଅ।
13 ବିପଦବେଳେ ସେମାନଙ୍କୁ ସୁସ୍ଥିର କର, ଦୁଷ୍ଟମାନେ ବିନାଶ
ହେବା ପର୍ଯ୍ୟନ୍ତ ତୁମ୍ଭର ଅନୁଗାମୀମାନଙ୍କୁ ସାହାଯ୍ୟ କର।
14 ସଦାପ୍ରଭୁ ଆପଣା ଲୋକମାନଙ୍କୁ ଦୂର କରିବେ ନାହିଁ।
ସେ ନିଜର ପ୍ରାଧାନ୍ୟତ୍ୱକୁ ପରିତ୍ୟାଗ କରିବେ ନାହିଁ।
15 ନ୍ୟାୟ ଫେରିବ ଏବଂ ଏହା ସ୍ୱଚ୍ଛତା ଆଣିବ ଏବଂ ଯେଉଁ
ସମସ୍ତ ବ୍ୟକ୍ତି ସତ୍ୟପ୍ରିୟ ଅଟନ୍ତି, ନ୍ୟାୟର ଅନୁଗାମୀ
କରିବେ।
16 ଦୁଷ୍ଟ ଲୋକମାନଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ କିଏ
ମୋତେ ସାହାଯ୍ୟ କରିବ? ଦୁଷ୍ଟ ଲୋକମାନଙ୍କ ବିପକ୍ଷରେ
କିଏ ମୋ ସହିତ ଠିଆ ହେବ?
17 ଯଦି ମୋତେ ସଦାପ୍ରଭୁ ସାହାଯ୍ୟ କରିନଥାନ୍ତେ, ତେବେ
ମୃତ୍ୟୁ ମୋର ପ୍ରାଣକୁ ଅତିକ୍ରମ କରି ଯାଇଥାନ୍ତା।
18 ମୁଁ ଭାବିଲି, ମୁଁ ତଳକୁ ଖସିବା ଅବସ୍ଥାରେ ଥିଲି କିନ୍ତୁ
ପ୍ରଭୁ ତୁମ୍ଭର ପ୍ରେମ, ମୋତେ ସକ୍ଷମ ହେଲା।
19 ମୁଁ ଅତି ବ୍ୟସ୍ତ ଓ ଚିନ୍ତିତ ଥିଲାବେଳେ, ସଦାପ୍ରଭୁ
ମୋତେ ଆନନ୍ଦ ଓ ଖୁସି ଦେଲେ।
20 ହେ ପରମେଶ୍ୱର, ତୁମ୍ଭେ ନିଷ୍ଠୁର ବିଗ୍ଭରକମାନଙ୍କୁ ସାହାଯ୍ୟ
କର ନାହିଁ। ସେହି ଅଧର୍ମୀ ବିଗ୍ଭରକମାନେ ଲୋକମାନଙ୍କର
ଜୀବନକୁ ଦୁର୍ବିସହ କରିବା ପାଇଁ ନିୟମକୁ ବ୍ୟବହାର
କରନ୍ତି।
21 ଯେଉଁ ବିଗ୍ଭରକଗଣ ଭଲ ଲୋକମାନଙ୍କୁ ନ୍ୟାୟ ଦିଅନ୍ତି
ନାହିଁ, ସେମାନେ କହନ୍ତି ନିରୀହ ଲୋକମାନେ ଦୋଷୀ
ଏବଂ ସେମାନଙ୍କୁ ମରଣର ଆରୋପ କର।
22 ମାତ୍ର ସଦାପ୍ରଭୁ ଉଚ୍ଚ ପର୍ବତରେ ମୋର ଉଚ୍ଚ ଦୁର୍ଗ ଓ
ମୋର ପରମେଶ୍ୱର ମୋର ଆଶ୍ରୟଶୈଳ ହୋଇଅଛନ୍ତି।
23 ପରମେଶ୍ୱର ସେହି ଅଧର୍ମୀ ବିଗ୍ଭରକମାନଙ୍କୁ ତାଙ୍କର କୃତ
କର୍ମ ପାଇଁ ଦଣ୍ଡ ଦେବେ। ଆମ୍ଭମାନଙ୍କର ସଦାପ୍ରଭୁ
ପରମେଶ୍ୱର ସେମାନଙ୍କୁ ଧ୍ୱଂସ କରିବେ।

## ଗୀତ 95

1 ଆସ, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆନନ୍ଦର ସହିତ ପ୍ରଶଂସା
ଗାନ କରିବା। ଆମ୍ଭମାନଙ୍କ "ପରିତ୍ରାଣର ଶୈଳ" ଉଦ୍ଦେଶ୍ୟରେ
ଆନନ୍ଦ ଧ୍ୱନି କରିବା, ଯିଏ ଆମ୍ଭମାନଙ୍କୁ ରକ୍ଷା କରନ୍ତି।
2 ଆସ ଆମ୍ଭେ ଧନ୍ୟବାଦ ସହ ତାଙ୍କ ସମ୍ମୁଖକୁ ଆସିବା
ଏବଂ ତାଙ୍କ ଉଦ୍ଦେଶ୍ୟରେ ଆନନ୍ଦର ସହିତ ପ୍ରଶଂସା ଗାନ
କରିବା।
3 କାରଣ ସଦାପ୍ରଭୁ ହେଉଛନ୍ତି ମହାନ୍ ପରମେଶ୍ୱର। ସେ
ସମସ୍ତ ସକଳ ଦେବତାଗଣଙ୍କ ଉପରେ ଶାସନ କରନ୍ତି।
4 ପୃଥିବୀର ଗଭୀର ସ୍ଥାନସବୁ ଓ ଉଚ୍ଚ ପର୍ବତଗଣ ମଧ୍ୟ
ସଦାପ୍ରଭୁଙ୍କର।
5 ସକଳ ସମୁଦ୍ର ତାଙ୍କର, ସେ ସେଗୁଡ଼ିକ ସୃଷ୍ଟି କରିଛନ୍ତି।
ଏବଂ ସ୍ଥଳଭାଗଗୁଡ଼ିକ ମଧ୍ୟ ପରମେଶ୍ୱର ତାଙ୍କର ନିଜ
ହସ୍ତରେ ସୃଷ୍ଟି କରିଛନ୍ତି।
6 ଆସ, ଆମ୍ଭେ ସମସ୍ତେ ତାଙ୍କ ଆଗରେ ନଇଁ ପଡ଼ି ପ୍ରଣାମ
କରିବା ଓ ଉପାସନା କରିବା! ଆସ, ସେହି ଆମ୍ଭର
ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ଆଗରେ ଆଣ୍ଠୁମାଡ଼ି ପ୍ରଶଂସା
କରିବା।
7 ସେ ହେଉଛନ୍ତି ଆମ୍ଭର ପରମେଶ୍ୱର ଏବଂ ଆମ୍ଭେ ତାଙ୍କର
ସନ୍ତାନଗଣ। ଆଜି ଆମ୍ଭେ ତାଙ୍କର ମେଷ ତୁଲ୍ୟ, ସିଏ
ତାଙ୍କ ନିଜର ତୃଣଭୂମିକୁ ଯତ୍ନ ନିଅନ୍ତି।
8 ପରମେଶ୍ୱର କହନ୍ତି, "ମିରୀବାଃ ଓ ମଃସା ମରୁଭୂମିରେ
ହେଲା ପରି ଜିଦ୍‌ଖୋର ହୁଅ ନାହିଁ।
9 ତୁମ୍ଭର ପୂର୍ବପୁରୁଷଗଣ ଆମ୍ଭର ପରୀକ୍ଷା ପାଇଁ ଆହ୍ୱାନ
କଲେ। ସେମାନେ ଜାଣି ପାରିଥିଲେ ଯେ ଆମ୍ଭେ କ'ଣ
କରିପାରୁ।
10 ଆମ୍ଭେ ଗ୍ଭଳିଶ ବର୍ଷ ପର୍ଯ୍ୟନ୍ତ ସେହି ବଂଶପ୍ରତି ବିରକ୍ତ
ହୋଇଥିଲୁ, ଆମ୍ଭେ କହିଲୁ ଯେ, ସେମାନେ ଆମ୍ଭ ପ୍ରତି
ବିଶ୍ୱାସୀ ନୁହଁନ୍ତି। ସେମାନେ ଆମ୍ଭର ନିୟମକୁ ମାନିବା
ପାଇଁ ମନା କରିଦେଲେ।
11 ତେଣୁ ଆମ୍ଭେ ତାଙ୍କ ଉପରେ କ୍ରୋଧିତ ହେଲୁ ଏବଂ
ପ୍ରତିଜ୍ଞା କଲୁ, ସେମାନେ ଆଉ ଆମ୍ଭର ବିଶ୍ରାମ ଭୂମିକୁ
ପ୍ରବେଶ କରିପାରିବେ ନାହିଁ।"

## ଗୀତ 96

1 ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ନୂତନ ଗୀତ ଗାଅ। ହେ
ପୃଥିବୀବାସୀ, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୀତ ଗାନ
କର।
2 ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗାନକରି ତାହାଙ୍କ ନାମର
ଧନ୍ୟବାଦ କର। ତାଙ୍କର ଶକ୍ତି ପରିତ୍ରାଣ ବିଷୟରେ,
ପ୍ରତିଦିନ ସୁ-ସମାଗ୍ଭର ଶୁଣାଅ।
3 ଜାତିମାନଙ୍କୁ କୁହ ଯେ, ପରମେଶ୍ୱର ଆଶ୍ଚର୍ଯ୍ୟଜନକ
ଅଟନ୍ତି। ପରମେଶ୍ୱରଙ୍କ ପ୍ରକୃତ ଆଶ୍ଚର୍ଯ୍ୟ କର୍ମମାନ ବିଷୟରେ
ସନ୍ତାନଗଣଙ୍କୁ କୁହ।
4 ସଦାପ୍ରଭୁ ମହାନ୍ ଓ ଅତ୍ୟନ୍ତ ପ୍ରଶଂସନୀୟ। ସେ ସମସ୍ତ
"ଦେବଗଣ"ଙ୍କ ଅପେକ୍ଷା ଭୟର ଯୋଗ୍ୟ।
5 ଅନ୍ୟ ସମସ୍ତ ଗୋଷ୍ଠୀୟମାନଙ୍କର "ଦେବଗଣ" କେବଳ
ପ୍ରତିମା, କିନ୍ତୁ ସଦାପ୍ରଭୁ ଏହି ଆକାଶର ସୃଷ୍ଟିକର୍ତ୍ତା।
6 ମହିମା ଏବଂ ସମ୍ମାନ ତାଙ୍କର ସମ୍ମୁଖରେ ଦୀପ୍ତି ପ୍ରକାଶ
କରୁଛି। ଶକ୍ତି ଓ ଶୋଭା ତାହାଙ୍କ ମନ୍ଦିରରେ ବିଦ୍ୟମାନ।
7 ହେ ନାନାଦେଶୀୟ ଗୋଷ୍ଠୀବର୍ଗ, ସଦାପ୍ରଭୁଙ୍କ ଗୌରବ ଓ
ପରାକ୍ରମର ଗୁଣ ଗାନ କର।
8 ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯଥୋଚିତ ଗୌରବ ଗାନ
କର, ଯାହା ସେ ପାଇବା ଯୋଗ୍ୟ ଏବଂ ତାଙ୍କର ପବିତ୍ର
ମନ୍ଦିରକୁ ନୈବେଦ୍ୟ ନେଇ ଆସ।
9 ସଦାପ୍ରଭୁଙ୍କର ପବିତ୍ର ମନ୍ଦିରରେ ତାଙ୍କର ଉପାସନା କର।
ପୃଥିବୀବାସୀ ତାଙ୍କ ଆଗରେ ଥରନ୍ତି।
10 ଏହା ଜାତିଗଣ ମଧ୍ୟରେ କୁହ, ସଦାପ୍ରଭୁ ହେଉଛନ୍ତି
ରାଜା! ପୃଥିବୀ ସୁସ୍ଥିର ରହିବ। ପରମେଶ୍ୱର ନ୍ୟାୟ ବିଗ୍ଭର
କରିବେ।
11 ଆକାଶ ଆନନ୍ଦିତ ହେଉ, ପୃଥିବୀ ଉଲ୍ଲାସ କରୁ। ସମୁଦ୍ର
ଓ ତହିଁର ସବୁ ବସ୍ତୁ ଆନନ୍ଦରେ ଗର୍ଜ୍ଜନ କରୁ।
12 ବନସ୍ଥ ବୃକ୍ଷ ସକଳ ଆନନ୍ଦରେ ଗାନ କରନ୍ତୁ।

13 ସଦାପ୍ରଭୁଙ୍କ ଆଗରେ ଉପସ୍ଥିତ ହୁଅ, କାରଣ ସେ
ଆସୁଛନ୍ତି। ସେ ପୃଥିବୀରେ ବିଗ୍ଭର କରିବାକୁ ଆସୁଛନ୍ତି।
ସେ ଧର୍ମ ଓ ସତ୍ୟତାରେ ପୃଥିବୀକୁ ଶାସନ କରିବେ।

## ଗୀତ 97

1 ସଦାପ୍ରଭୁ ଶାସନ କରନ୍ତି। ସକଳ ପୃଥିବୀ ଆନନ୍ଦ
ହେଉ। ଦୂର ସଦୃଶ ଭୂମି ମଧ୍ୟ ଆନନ୍ଦିତ ହୁଅନ୍ତୁ।
2 ମେଘମାଳ ଓ ଅନ୍ଧକାର ସଦାପ୍ରଭୁଙ୍କ ଚତୁର୍ଦ୍ଦିଗରେ ଥାଏ।
ଧର୍ମ ଓ ନ୍ୟାୟ, ତାହାଙ୍କ ସିଂହାସନର ମୂଳଭିତ୍ତି।
3 ସଦାପ୍ରଭୁଙ୍କ ସମ୍ମୁଖରୁ ଅଗ୍ନି ଝରି ତାଙ୍କର ଶତ୍ରୁଗଣଙ୍କୁ
ବିନାଶ କରେ।
4 ତାହାଙ୍କ ବିଜୁଳି ଜଗତକୁ ଦୀପ୍ତିମାନ କଲା, ଏହା ଦେଖି
ଲୋକେ ଭୟ କଲେ।
5 ସଦାପ୍ରଭୁଙ୍କ ସମ୍ମୁଖରେ ପୃଥିବୀର ସମସ୍ତ ପ୍ରଭୁ, ପର୍ବତଗୁଡିକ
ମହମ ପରି ତରଳି ଗଲେ।
6 ଆକାଶ ତାଙ୍କର ଧାର୍ମିକ ସତ୍ୟତା ପ୍ରଗ୍ଭର କରେ ଓ
ପ୍ରତ୍ୟେକ ଜାତିଗଣ ତାଙ୍କ ମହିମା ଦେଖନ୍ତି।
7 ଲୋକମାନେ ତାଙ୍କର ମୂର୍ତ୍ତିଗୁଡିକୁ ପୂଜା କରନ୍ତି। ସେମାନେ
ସେମାନଙ୍କର ଦେବଗଣଙ୍କ ବିଷୟରେ ବଡାଇ କରନ୍ତି।
ସେହି ଲୋକମାନେ ଲଜ୍ଜିତ ହେବେ। ସେମାନଙ୍କର ସମସ୍ତ
"ଦେବତାଗଣ" ସଦାପ୍ରଭୁଙ୍କ ଆଗରେ ମଥାନତ କରିବେ।
8 ସିୟୋନ୍ ଶୁଣିଛି ଓ ଆନନ୍ଦିତ ହୋଇଛି। ଯିହୁଦା ନଗରୀ,
ଖୁସୀ ହୋଇ ଆସୁଛନ୍ତି, କାରଣ ତୁମ୍ଭ ପାଇଁ ସଦାପ୍ରଭୁ
ବିଜ୍ଞ ନିଷ୍ପତ୍ତି କରନ୍ତି।
9 ହେ ସର୍ବୋପରିସ୍ଥ ସଦାପ୍ରଭୁ, ତୁମ୍ଭେ ହିଁ ସମଗ୍ର ପୃଥିବୀର
ଶାସକ। ତୁମ୍ଭେ ଅନ୍ୟ "ଦେବତାମାନଙ୍କ"ଠାରୁ
ଉତ୍ତମ।
10 ଯିଏ ସଦାପ୍ରଭୁଙ୍କୁ ଭଲପାʼନ୍ତି ମନ୍ଦତାକୁ ଘୃଣା କରନ୍ତି! ସେ
ସେହି ଆପଣା ସଦ୍‌ଭକ୍ତମାନଙ୍କ ପ୍ରାଣରକ୍ଷା କରନ୍ତି। ସେ
ଦୁଷ୍ଟମାନଙ୍କ ହସ୍ତରୁ ନିଜର ଶିଷ୍ୟମାନଙ୍କୁ ରକ୍ଷା କରନ୍ତି।
11 ଧାର୍ମିକମାନଙ୍କ ପାଇଁ ଦୀପ୍ତି ଓ ସତ୍ୟପ୍ରିୟମାନଙ୍କ ପାଇଁ
ଆନନ୍ଦ ଅଛି।
12 ହେ ଧାର୍ମିକଗଣ ତୁମ୍ଭେମାନେ ସଦାପ୍ରଭୁଙ୍କ ନିକଟରେ
ଆନନ୍ଦ କର। ପରମେଶ୍ୱରଙ୍କ ପବିତ୍ର ନାମରେ ଧନ୍ୟବାଦ
କର।

## ଗୀତ 98

*ଏକ ପ୍ରଶଂସାର ଗୀତ।*

1 ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ନୂତନ ସଙ୍ଗୀତ ଗାନ
କର। କାରଣ ସେ ଆଶ୍ଚର୍ଯ୍ୟ କର୍ମମାନ କରିଛନ୍ତି!
2 ତାଙ୍କର ପବିତ୍ର ଦକ୍ଷିଣ ହସ୍ତ ତାଙ୍କୁ ଆଉଥରେ ଗୌରବ
ଆଣିଛି।
3 ସଦାପ୍ରଭୁ ତାଙ୍କର ଦାସଗଣଙ୍କୁ ରକ୍ଷା କରିବା ପାଇଁ
ତାଙ୍କର ଶକ୍ତିକୁ ଜଣାଇଛନ୍ତି। ଜାତି ଦୃଶ୍ୟରେ, ସଦାପ୍ରଭୁ
ତାଙ୍କର ଉତ୍ତମତା ଦେଖାଇଛନ୍ତି।
4 ଇଶ୍ରାୟେଲୀୟମାନଙ୍କ ପ୍ରତି ପରମେଶ୍ୱରଙ୍କ ପ୍ରେମ ଓ
ବିଶ୍ୱସ୍ତତା, ତାଙ୍କର ଅନୁସରଣକାରୀମାନେ ମନେ ରଖିଛନ୍ତି।
ପୃଥିବୀର ପ୍ରାନ୍ତସ୍ଥ ସମସ୍ତେ ଆମ୍ଭମାନଙ୍କ ପରମେଶ୍ୱରଙ୍କ
ରକ୍ଷା କରିବାର ଶକ୍ତି ଦେଖିଛନ୍ତି।
5 ହେ ପୃଥିବୀର ପ୍ରତ୍ୟେକ ଲୋକ ସଦାପ୍ରଭୁଙ୍କର ଜୟଧ୍ୱନି
କର। ସ୍ତୁତି ଗାନ ଶୀଘ୍ର ଆରମ୍ଭ କର।
6 ବୀଣା ସହିତ ସଦାପ୍ରଭୁଙ୍କର ପ୍ରଶଂସା ଗାନ କର, ବୀଣାର
ମଧୁର ସଂଗୀତରେ ତାଙ୍କର ଗୁଣ ଗାନ କର।
7 ବଂଶୀ ବଜାଅ ଓ ଶିଙ୍ଗା ଫୁଙ୍କ। ଆମ୍ଭମାନଙ୍କର ରାଜା
ସଦାପ୍ରଭୁଙ୍କ ସମ୍ମୁଖରେ ଆନନ୍ଦ ଧ୍ୱନି କର।
8 ସମୁଦ୍ର ଜଗତ ଓ ତହିଁର ଜୀବ ସକଳ ସମସ୍ତେ ଗାନ
କର।
9 ନଦନଦୀଗଣ କରତାଳି ଦିଅ! ପର୍ବତଗଣ ଏକ ସଙ୍ଗେ
ଆନନ୍ଦ ଧ୍ୱନି କର।
10 ସଦାପ୍ରଭୁଙ୍କ ସମ୍ମୁଖରେ ଗାନ କର। କାରଣ ସେ
ଜଗତର ବିଗ୍ଭର କରିବା ପାଇଁ ଆସୁଛନ୍ତି। ସେ ପୃଥିବୀର
ଲୋକମାନଙ୍କୁ ଧର୍ମ ରୂପେ ବିଗ୍ଭର ଓ ନ୍ୟାୟ ଦେବେ।

## ଗୀତ 99

1 ସଦାପ୍ରଭୁଙ୍କ ଆଗରେ ଗାନ କର। ସେ ନ୍ୟାୟ
ବିଗ୍ଭର ପାଇଁ ପୃଥିବୀକୁ ଆସୁଛନ୍ତି। ସେ ତାଙ୍କର ଧାର୍ମିକତା
ଏବଂ ନ୍ୟାୟ ସହିତ ପୃଥିବୀର ଲୋକମାନଙ୍କର ବିଗ୍ଭର
କରିବେ।
2 ସଦାପ୍ରଭୁ ସିୟୋନ୍‌ରେ ମହାନ୍ ଓ ସମସ୍ତ ଜାତିମାନଙ୍କର
ନେତା ଅଟନ୍ତି।
3 ସମସ୍ତ ଜାତି ତୁମ୍ଭର ନାମର ପ୍ରଶଂସା ଓ ଭୟ କରନ୍ତୁ,
ଏହା ପବିତ୍ର ଅଟେ।
4 ଶକ୍ତିଶାଳୀ ରାଜା ନ୍ୟାୟ ବିଗ୍ଭରକୁ ଭଲପାନ୍ତି। ହେ
ପରମେଶ୍ୱର, ତୁମ୍ଭେ ନ୍ୟାୟ ସ୍ଥାପନ କରିଛ। ତୁମ୍ଭେ
ଇଶ୍ରାୟେଲର ନ୍ୟାୟ ଓ ଯଥାର୍ଥ୍ୟ ସାଧନ କରିଅଛ।
5 ଆମ୍ଭମାନଙ୍କ ପରମେଶ୍ୱର ସଦାପ୍ରଭୁଙ୍କର ପ୍ରଶଂସା କର।
ତାଙ୍କ ପବିତ୍ର ପାଦପୀଠରେ ଉପାସନା କର, ସେ ପବିତ୍ର
ଅଟନ୍ତି।
6 ମୋଶା ଏବଂ ହାରୋଣ ତାଙ୍କର ଯାଜକଗଣଙ୍କ ମଧ୍ୟରେ
ଅନ୍ୟତମ ଥିଲେ। ଶାମୁୟେଲ ଥିଲେ ଜଣେ ଯିଏକି,
ପରମେଶ୍ୱରଙ୍କ ନାମ ନେଇ ପ୍ରାର୍ଥନା କରିଥିଲେ। ସେମାନେ
ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲେ ଏବଂ ସେ
ସେମାନଙ୍କୁ ଉତ୍ତର ଦେଲେ।
7 ପରମେଶ୍ୱର ଉଚ୍ଚ ମେଘସ୍ତମ୍ଭ ମଧ୍ୟରୁ କହିଲେ, ସେମାନେ
ତାଙ୍କର ଆଦେଶ ମାନିଲେ ଏବଂ ସେ ନିୟମ ବ୍ୟବସ୍ଥା
ଦେଲେ।
8 ହେ ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର, ତୁମ୍ଭେ ତାଙ୍କ
ପ୍ରାର୍ଥନାର ଉତ୍ତର ଦେଲ। ତୁମ୍ଭେ ସେମାନଙ୍କୁ ଦେଖାଇଲ
ଯେ ତୁମ୍ଭେ ହିଁ କ୍ଷମାକାରୀ ପରମେଶ୍ୱର ଏବଂ ତୁମ୍ଭେ
ସେମାନଙ୍କର କୁକର୍ମ ପାଇଁ ଦଣ୍ଡ ଦିଅ।
9 ତୁମ୍ଭେମାନେ ଆମ୍ଭମାନଙ୍କର ପରମେଶ୍ୱରଙ୍କର ପ୍ରଶଂସା
କର। ତାଙ୍କର ପବିତ୍ର ପର୍ବତରେ ତାଙ୍କର ଉପାସନା
କର। ପ୍ରକୃତରେ ସଦାପ୍ରଭୁ ଆମ୍ଭର ପରମେଶ୍ୱର ପବିତ୍ର
ଅଟନ୍ତି।

## ଗୀତ 100

*ଧନ୍ୟବାଦାର୍ଥକ ଗୀତ।*

1 ହେ ସକଳ ଦେଶ, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆନନ୍ଦର
ଜୟ୍ ଗାନ କର।
2 ଆନନ୍ଦରେ ସଦାପ୍ରଭୁଙ୍କର ସେବା କର। ଆନନ୍ଦର ଜୟ୍
ଗାନ କରି ତାଙ୍କ ଆଗକୁ ଆସ!
3 ତୁମ୍ଭେମାନେ ଜାଣ ସଦାପ୍ରଭୁ ହିଁ ପରମେଶ୍ୱର ଅଟନ୍ତି।
ସେ ଆମ୍ଭକୁ ସୃଷ୍ଟି କରିଛନ୍ତି। ଆମ୍ଭେ ତାଙ୍କର ଲୋକ,
ଆମ୍ଭେ ତାଙ୍କର ମେଷ।
4 ଧନ୍ୟବାଦର ଗୀତ ଗାଇ ତାଙ୍କର ଦ୍ୱାରକୁ ଆସ। ଓ
ତାଙ୍କର ପ୍ରଶଂସାଗାନ କରି ତାଙ୍କ ପବିତ୍ର ମନ୍ଦିରକୁ ଆସ।
ତାଙ୍କୁ ଧନ୍ୟବାଦ ଦିଅ ଓ ତାହାଙ୍କ ନାମର ଗୁଣଗାନ
କର।
5 ସଦାପ୍ରଭୁ ଉତ୍ତମ ଅଟନ୍ତି। ତାଙ୍କର ପ୍ରେମ ଚିରକାଳସ୍ଥାୟୀ।
ଆମ୍ଭେ ସବୁଦିନ ପାଇଁ ତାଙ୍କ ଉପରେ ଭରସା କରି
ପାରିବା।

## ଗୀତ 101

*ଦାଉଦଙ୍କର ଏକ ଗୀତ।*

1 ମୁଁ ବିଶ୍ୱସ୍ତତା ଓ ସ୍ୱଚ୍ଛତାର ବିଷୟରେ ଗାନ କରିବି। ହେ
ସଦାପ୍ରଭୁ, ମୁଁ ତୁମ୍ଭକୁ ପ୍ରଶଂସା କରିବି।
2 ମୁଁ ଯତ୍ନଶୀଳ ହୋଇ ସିଦ୍ଧ ପଥରେ ଜୀବନଯାପନ
କରିବି। ହେ ସଦାପ୍ରଭୁ, କେବେ ତୁମ୍ଭେ ମୋ ନିକଟକୁ
ଆସିବ। ମୁଁ ମୋ ରାଜ ପ୍ରାସାଦରେ ଧାର୍ମିକତା ଜୀବନଯାପନ
କରିବି।
3 ମୁଁ ମୋର ସମ୍ମୁଖରେ କୌଣସି ମୂଲ୍ୟହୀନ ମୂର୍ତ୍ତି
ସ୍ଥାପନ କରିବି ନାହିଁ। ମୁଁ ଦୁଷ୍ଟମାନଙ୍କ କର୍ମକୁ ଘୃଣା
କରେ।
4 ମୁଁ ଦୁଷ୍ଟତାଠାରୁ ଦୁରରେ ରହିବି, ମୁଁ ମନ୍ଦକାର୍ଯ୍ୟରୁ
ଦୂରେଇ ରହିବି।
5 ଯେଉଁ ଲୋକ ଗୋପନରେ ଆପଣା ପଡ଼ୋଶୀର ଅପବାଦ
କରେ ମୁଁ ତାକୁ ଧ୍ୱଂସ କରିଦେବି। ମୁଁ ଲୋକମାନଙ୍କୁ
ଗର୍ବୀ ହେବାକୁ ଦେବି ନାହିଁ। ସେମାନେ
ଅନ୍ୟମାନଙ୍କଠାରୁ ଭଲ ବୋଲି ତାଙ୍କୁ ଚିନ୍ତା କରିବା ପାଇଁ
ଦେବି ନାହିଁ।
6 ସମଗ୍ର ଦେଶରେ ସେହି ବିଶ୍ୱସ୍ତ ଲୋକମାନଙ୍କ ଉପରେ
ଦୃଷ୍ଟି ରଖି ଭରସା କରାଯାଇପାରିବ, ଯାହା ଫଳରେ
ସେମାନେ ମୋ ପାଇଁ ମୋର ରାଜ ପ୍ରାସାଦ କାମ
କରିପାରିବେ। କେବଳ ଶୁଦ୍ଧ ପଥରେ ଜୀବନଯାପନ
କରୁଥିବା ଲୋକମାନେ ହିଁ ମୋର ସେବକ ହୋଇ
ପାରିବେ।
7 ଯେଉଁମାନେ ମିଥ୍ୟା କହନ୍ତି, ସେମାନେ ମୋର ଏହି
ରାଜପ୍ରାସାଦରେ ବାସ କରିପାରିବେ ନାହିଁ। ମିଥ୍ୟାବାଦୀମାନଙ୍କୁ
ମୋ ନିକଟତର ହେବା ପାଇଁ ଦେବିନାହିଁ।
8 ମୁଁ ଦୁଷ୍ଟମାନଙ୍କୁ ସଦାପ୍ରଭୁଙ୍କ ସହରରୁ ତଡ଼ିଦେବି ନିମନ୍ତେ,
ପ୍ରତ୍ୟେକ ଦିନ ମୁଁ ଅଧର୍ମାଚାରୀ ଲୋକମାନଙ୍କୁ ବିନାଶ
କରିବି।

## ଗୀତ 102

*ଅବସନ୍ନକାଳେ ସଦାପ୍ରଭୁଙ୍କ ଛାମୁରେ ଆପଣା ଦୁଃଖ ଜଣାଇବା
ବେଳେ ଦୁଃଖୀ ଲୋକର ପ୍ରାର୍ଥନା।*

1 ହେ ସଦାପ୍ରଭୁ, ମୋର ପ୍ରାର୍ଥନା ଶୁଣ! ମୋର ସାହାର୍ଯ୍ୟ
ପାଇ କରୁଥିବା ପ୍ରାର୍ଥନା ଶୁଣ।
2 ହେ ସଦାପ୍ରଭୁ, ମୋର ସଙ୍କଟ କାଳରେ ମୋର ନିକଟରୁ
ବିମୁଖ ହୁଅ ନାହିଁ। ମୋ ପ୍ରତି କର୍ଣ୍ଣପାତ କର।
ଯେତେବେଳେ ମୁଁ ସାହାଯ୍ୟ ପାଇଁ ପ୍ରାର୍ଥନା କରେ ଶୀଘ୍ର
ମୋତେ ଉତ୍ତର ଦିଅ।
3 ମୋର ଜୀବନ ଧୂଆଁ ପରି କ୍ଷୟ ପାଉଅଛି। ମୋର ଅସ୍ଥି
ନିଆଁ ଖୁଣ୍ଟାପରି ଜଳେ।
4 ମୋର ଶକ୍ତିସବୁ ଶେଷ ହୋଇଯାଇଛି। ମୁଁ ଯେପରି
ଶୁଖିଲା ତୃଣପରି। ଏପରିକି ମୁଁ ଖାଇବା ପାଇଁ କ୍ଷୁଧା
ହରେଇଅଛି।
5 ମୋର ଦୁଃଖ ସକାଶୁ ବର୍ତ୍ତମାନ ମୁଁ ଖାଲି ଚର୍ମ ଏବଂ
ଅସ୍ଥି ହୋଇଛି।
6 ମୁଁ ପୁରା ମରୁଭୂମିର ଏକାକୀ ପେଚା ପରି, ମୁଁ ଏକ
ପେଚାପରି ନିଃସଙ୍ଗ ଯିଏକି ଏକ ପୁରୁଣା ଧ୍ୱଂସିତ ପରିତ୍ୟକ୍ତ
କୋଠାରେ ବାସ କରୁଛି।
7 ଛାତ ଉପରସ୍ଥ ଏକାକୀ ଘରଚଟିଆ ପରି ମୁଁ ଶୋଇପାରେ
ନାହିଁ।
8 ମୋର ଶତ୍ରୁଗଣ ମୋତେ ସର୍ବଦା ଅପମାନିତ କରନ୍ତି।
ମୋତେ ସେମାନେ ପରିହାସ କରନ୍ତି।
9 ମୋର ଦୁଃଖ ହିଁ ଏକମାତ୍ର ଭୋଜନ। ମୋର ପେୟଦ୍ରବ୍ୟ
ଅଶ୍ରୁଜଳ ସଙ୍ଗେ ମିଶିଅଛି।
10 କାହିଁକି? କାରଣ ହେ ସଦାପ୍ରଭୁ, ତୁମ୍ଭେ ମୋ ପ୍ରତି କ୍ରୁଦ୍ଧ
ହେଲ। ତୁମ୍ଭେ ମୋତେ ଉପରକୁ ଟେକି ପୁଣି ଦୂରକୁ
ଫିଙ୍ଗି ଦେଲ।
11 ମୋର ଜୀବନ ପ୍ରାୟ ଶେଷ ହୋଇଅଛି। ମୁଁ ବର୍ତ୍ତମାନ
ଏକ ଶୁଷ୍କ ଏବଂ ମଲା ଘାସ ପରି, ଶେଷ ଦିନର ଛାଇ
ତୁଲ୍ୟ।
12 କିନ୍ତୁ ହେ ସଦାପ୍ରଭୁ, ତୁମ୍ଭେ ସବୁଦିନ ଶାସନ କର।
ତୁମ୍ଭର ନାମ ଚିରଦିନ ପାଇଁ ରହିଥିବ।
13 ତୁମ୍ଭେ ଉଠ ଓ ସିୟୋନ୍‌କୁ ଦୟା କର। ସେହି ଯଥାର୍ଥ
ସମୟ ଆସିଅଛି। ଯେତେବେଳେ ତୁମ୍ଭେ ସିୟୋନକୁ ଦୟା
କରିବ।
14 ତୁମ୍ଭର ଦାସଗଣ ସିୟୋନର ଶୈଳକୁ ପ୍ରେମ କରନ୍ତି।
ସେମାନେ ଏପରିକି ସହରର ଧୂଳିକି ମଧ୍ୟ ପ୍ରେମ
କରନ୍ତି।
15 ଜାତିଗୁଡିକ ସଦାପ୍ରଭୁଙ୍କ ନାମରେ ଉପାସନା କରିବେ।
ହେ ସଦାପ୍ରଭୁ, ପୃଥିବୀର ସମସ୍ତ ରାଜାଗଣ ତୁମ୍ଭର
ମହିମାକୁ ଭୟ କରିବେ।
16 ସଦାପ୍ରଭୁ ସିୟୋନ୍‌କୁ ପୁନର୍ବାର ତିଆରି କରିବେ। ଲୋକମାନେ
ତାଙ୍କର ମହିମା ପୁନର୍ବାର ଦେଖିବେ।
17 ଯେଉଁମାନେ ଗରିବ ଅବସ୍ଥାରେ ଅଛନ୍ତି, ପରମେଶ୍ୱର
ସେମାନଙ୍କର ପ୍ରାର୍ଥନା ଶୁଣିବେ। ସେ ସେମାନଙ୍କର ବିନତିକୁ
ଉପେକ୍ଷା କରିବେ ନାହିଁ।

18 ଭବିଷ୍ୟତ ବଂଶଧର ପାଇଁ ଏହିକଥା ଲେଖି ରଖ ଏବଂ
ଯେପରିକି ଲୋକମାନେ ଏପର୍ଯ୍ୟନ୍ତ ଜନ୍ମ ହୋଇ ନାହାନ୍ତି,
ଯେଉଁମାନେ ପରମେଶ୍ୱରଙ୍କୁ ପ୍ରଶଂସା କରିବେ।
19 ସଦାପ୍ରଭୁ ତାଙ୍କର ପବିତ୍ରସ୍ଥାନ ଉପରୁ ତଳକୁ ଚାହିଁବେ।
ସଦାପ୍ରଭୁ ସ୍ୱର୍ଗରୁ ପୃଥିବୀକୁ ଚାହିଁବେ।
20 ସେ ବନ୍ଦୀମାନଙ୍କର ପ୍ରାର୍ଥନା ଗ୍ରହଣ କରିବେ। ମୃତ୍ୟୁଦଣ୍ଡ
ପାଇଥିବା ଲୋକମାନଙ୍କୁ ମୁକ୍ତ କରିବେ।
21 ଏହାପରେ ସିୟୋନ୍‌ର ଲୋକମାନେ ସଦାପ୍ରଭୁଙ୍କ ବିଷୟରେ
କହିବେ। ସେମାନେ ତାଙ୍କ ନାମ ଯିରୁଶାଲମରେ ପ୍ରଶଂସା
କରିବେ।
22 ସମସ୍ତ ଜାତି ଏକତ୍ରୀତ ହେବେ ଓ ସକଳ ରାଜ୍ୟ
ସଦାପ୍ରଭୁଙ୍କର ସେବାପାଇଁ ଆସିବେ।
23 ମୋର ଜୀବନର ମଝିରେ ସଦାପ୍ରଭୁ ମୋର ବଳକୁ ହ୍ରାସ
କରି, ସେ ମୋର ଆୟୁ ଊଣା କରିଛନ୍ତି।
24 ତେଣୁ ମୁଁ କହିଲି, "ମୋ ପରମେଶ୍ୱର ଯୁବାବସ୍ଥାରେ
ମୋର ପ୍ରାଣ ନିଅ ନାହିଁ। ତୁମ୍ଭେ ଚିରଦିନ ଅମର।
25 ବହୁଦିନ ପୂର୍ବରୁ ତୁମ୍ଭେ ପୃଥିବୀକୁ ସୃଷ୍ଟି କଲ। ତୁମ୍ଭେ
ଆକାଶକୁ ନିଜ ହସ୍ତରେ ନିର୍ମାଣ କଲ।
26 ପୃଥିବୀ ଓ ଆକାଶ ଦିନେ ଶେଷ ହେବ। କିନ୍ତୁ ତୁମ୍ଭେ
ନିତ୍ୟ ବିରାଜିତ। ତାହାସବୁ ବସ୍ତ୍ରପରି ଜୀର୍ଣ୍ଣ ହୋଇଯିବ।
ତୁମ୍ଭେ ପରିଧେୟ ବସ୍ତ୍ରପରି ସେସବୁ ବଦଳାଇ ଦେବ।
27 କିନ୍ତୁ ତୁମ୍ଭେ ପରମେଶ୍ୱର, କେବେ ପରିବର୍ତ୍ତନ ହେବ
ନାହିଁ। ତୁମ୍ଭେ ଚିରକାଳ ରହିବ।
28 ଆମ୍ଭେମାନେ ତୁମ୍ଭର ଦାସ ଅଟୁ ଏବଂ ଆମ୍ଭର ସନ୍ତାନମାନେ
ଏଠାରେ ନିରାପଦରେ ବାସ କରିବେ। ଏବଂ ସେମାନଙ୍କର
ବଂଶଧରମାନେ ତୁମ୍ଭର ସୁରକ୍ଷାରେ ସୁରକ୍ଷିତ ରହିବେ।"

## ଗୀତ 103

*ଦାଉଦଙ୍କର ଏକ ଗୀତ।*

1 ହେ ମୋର ପ୍ରାଣ, ସଦାପ୍ରଭୁଙ୍କର ପ୍ରଶଂସା କର! ହେ
ମୋର ସବୁ ଅଙ୍ଗପ୍ରତ୍ୟଙ୍ଗ, ତାଙ୍କ ପବିତ୍ର ନାମର ପ୍ରଶଂସା
କର।
2 ହେ ମୋର ପ୍ରାଣ, ସଦାପ୍ରଭୁଙ୍କ ପ୍ରଶଂସା କର। ତାଙ୍କର
ମଙ୍ଗଳଦାନସବୁ ପାଶୋର ନାହିଁ।
3 ହେ ମୋର ପ୍ରାଣ, ସଦାପ୍ରଭୁ ତୁମ୍ଭର ସମସ୍ତ ପାପଗୁଡିକ
କ୍ଷମା କରନ୍ତି। ସେ ତୁମ୍ଭର ରୋଗସବୁ ସୁସ୍ଥ କରନ୍ତି।
4 ପରମେଶ୍ୱର ବିନାଶରୁ ମୋତେ ମୁକ୍ତ କରନ୍ତି। ସେ
ମୋତେ ସ୍ନେହପୂର୍ଣ୍ଣ କରୁଣା ଏବଂ ଦୟା ଦେଖାନ୍ତି।
5 ପରମେଶ୍ୱର ମୋତେ ପ୍ରଚୁର ସୁଦ୍ରବ୍ୟ ଦିଅନ୍ତି। ସେ
ମୋତେ ପୁନର୍ବାର ଉତ୍କ୍ରୋଷ ପକ୍ଷୀ ପରି ଯୁବକ କରନ୍ତି।
6 ସଦାପ୍ରଭୁ ନ୍ୟାୟବାନ୍! ସେ ସେହି ଲୋକମାନଙ୍କୁ ନ୍ୟାୟ
ପ୍ରଦାନ କରିବେ ଯେଉଁମାନଙ୍କୁ ଅନ୍ୟମାନଙ୍କ ଦ୍ୱାରା ଅନ୍ୟାୟ
କରାଯାଇଛି।
7 ପରମେଶ୍ୱର ମୋଶାଙ୍କୁ ଆପଣା ପଥ ଓ ଇଶ୍ରାୟେଲ
ସନ୍ତାନଗଣଙ୍କୁ ଆପଣା କ୍ରିୟାସବୁ ଜଣାଇଥିଲେ।
8 ସଦାପ୍ରଭୁ ସ୍ନେହଶୀଳ ଓ କୃପାମୟ, ସେ ଧୈର୍ଯ୍ୟଶୀଳ
ଏବଂ ପ୍ରେମରେ ପରିପୂର୍ଣ୍ଣ।
9 ସଦାପ୍ରଭୁ ସର୍ବଦା ସମାଲୋଚନା କରିବେ ନାହିଁ, କିଅବା
ସେ ଚିରଦିନ ପାଇଁ କ୍ରୋଧିତ ରହିବେ ନାହିଁ।
10 ଆମ୍ଭେ ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କରିଅଛୁ। କିନ୍ତୁ
ସେ ଆମ୍ଭକୁ ଦଣ୍ଡ ଦେଇ ନାହାନ୍ତି, ଯାହା ଆମ୍ଭେ ପାଇବା
କଥା।
11 ପୃଥିବୀରୁ ଆକାଶମଣ୍ଡଳ ଯେପରି ଉଚ୍ଚ ସେହିପରି ତାଙ୍କର
ସମ୍ମାନକାରୀଙ୍କ ପ୍ରତି ତାଙ୍କର ପ୍ରେମ ମହତ୍।
12 ପୂର୍ବରୁ ପଶ୍ଚିମ ଯେତେ ଦୂର, ପରମେଶ୍ୱର ଆମ୍ଭମାନଙ୍କଠାରୁ
ଆମ୍ଭମାନଙ୍କ ପାପ ସେତିକି ଦୂରେଇ ନେଇଛନ୍ତି।
13 ଯେପରି ଜଣେ ପିତା ତା'ର ସନ୍ତାନ ପ୍ରତି ପ୍ରେମ କରେ,
ସଦାପ୍ରଭୁ ତାଙ୍କର ଅନୁସରଣକାରୀମାନଙ୍କ ପ୍ରତି ସେପରି
ଦୟା କରନ୍ତି।
14 ପରମେଶ୍ୱର ଜାଣନ୍ତି, କିପରି ଆମ୍ଭେ ତିଆରି ହେଲୁ।
ପରମେଶ୍ୱର ମନେପକାନ୍ତି ଆମ୍ଭେ ଧୂଳିରୁ ସୃଷ୍ଟି।
15 ମଣିଷ ଜୀବନ ଘାସପରି। ସେମାନେ ଜଙ୍ଗଲ ଫୁଲ ପରି,
ଯାହାକି ଶୀଘ୍ର ବଢନ୍ତି ଏବଂ ସୌନ୍ଦର୍ଯ୍ୟ ଦିଅନ୍ତି।
16 କିନ୍ତୁ ଯେତେବେଳେ ଗରମ ପବନ ବହେ, ଏହା
ମରିଯାଏ। ହଠାତ୍ ତୁମ୍ଭେ କହିପାରିବ ନାହିଁ କେଉଁଠାରେ
ଫୁଲ ଫୁଟିଥିଲା ବୋଲି।
17 କିନ୍ତୁ ସଦାପ୍ରଭୁ ସର୍ବଦା ତାଙ୍କର ସମ୍ମାନକାରୀମାନଙ୍କୁ ପ୍ରେମ
କରନ୍ତି, ତାଙ୍କର ସେହି ସ୍ନେହ ଅନାଦୀକାଳରୁ ଅନନ୍ତକାଳ
ଲାଗି ରହିଥାଏ। ପରମେଶ୍ୱର ସେମାନଙ୍କୁ ଓ ସେମାନଙ୍କର
ସନ୍ତାନ ସନ୍ତତି ପ୍ରତି ମଙ୍ଗଳ କରନ୍ତି।
18 ଯେଉଁମାନେ ତାଙ୍କର ନିୟମ ମାନନ୍ତି ଏବଂ ତାଙ୍କର
ନିର୍ଦ୍ଦେଶରେ ଚାଲନ୍ତି, ସେହିମାନଙ୍କ ପ୍ରତି ପରମେଶ୍ୱର
ଉତ୍ତମ।
19 ପରମେଶ୍ୱରଙ୍କ ସିଂହାସନ ସ୍ୱର୍ଗରେ ଅଛି ଏବଂ ସେ
ସବୁଆଡ଼େ ଶାସନ କରନ୍ତି।
20 ହେ ଦୂତଗଣ, ସଦାପ୍ରଭୁଙ୍କର ପ୍ରଶଂସା କର! ତୁମ୍ଭେମାନେ
ହିଁ ସଦାପ୍ରଭୁଙ୍କର ଶକ୍ତିଶାଳୀ ସୈନ୍ୟ ଯେଉଁମାନେ
ପରମେଶ୍ୱରଙ୍କର ଆଦେଶ ମାନନ୍ତି ଓ ସେ ଯାହା କହନ୍ତି,
ତାଙ୍କର ବାକ୍ୟଗୁଡିକ ପାଳନ କରନ୍ତି।
21 ହେ ସଦାପ୍ରଭୁଙ୍କର ସୈନ୍ୟସକଳ, ତୁମ୍ଭେମାନେ ତାଙ୍କର
ଧନ୍ୟବାଦ କର। ତୁମ୍ଭେମାନେ ତାଙ୍କର ସେବକ ଅଟ।
ସଦାପ୍ରଭୁ ଯାହା ଚାହାଁନ୍ତି ତୁମ୍ଭେମାନେ ତାହା କର।
22 ହେ ସଦାପ୍ରଭୁଙ୍କ ହସ୍ତକୃତ ସୃଷ୍ଟିସକଳ ଓ ରାଜ୍ୟର ସର୍ବତ୍ର,
ସମସ୍ତେ ତାଙ୍କର ପ୍ରଶଂସା କର। ହେ ମୋର ପ୍ରାଣ,
ସଦାପ୍ରଭୁଙ୍କର ପ୍ରଶଂସା କର।

## ଗୀତ 104

1 ହେ ମୋର ପ୍ରାଣ, ସଦାପ୍ରଭୁଙ୍କର ପ୍ରଶଂସା କର! ହେ
ସଦାପ୍ରଭୁ ମୋର ପରମେଶ୍ୱର, ତୁମ୍ଭେ ମହାନ୍। ତୁମ୍ଭେ
ସମ୍ଭ୍ରମ ଓ ଐଶ୍ୱର୍ଯ୍ୟରେ ବିଭୂଷିତ।
2 ତୁମ୍ଭେ ରାଜବସ୍ତ୍ର ପରି ଦୀପ୍ତି ପରିଧାନ କର। ତୁମ୍ଭେ
ପରଦା ପରି ଆକାଶମଣ୍ଡଳ ବିସ୍ତାର କରିଅଛ।
3 ପରମେଶ୍ୱର ତୁମ୍ଭର ଗୃହ ଆକାଶର ଜଳରାଶି ଉପରେ
ଘର କଲ। ତୁମ୍ଭେ ମେଘମାଳାକୁ ଆପଣା ରଥପରି

କରିଛ। ତୁମ୍ଭେ ବାୟୁ ରୂପକ ପକ୍ଷ ଦ୍ୱାରା ଆକାଶରେ
ଗମନା ଗମନ କରୁଛ।
4 ହେ ପରମେଶ୍ୱର, ତୁମ୍ଭେ ଆପଣା ଦୂତମାନଙ୍କୁ ବାୟୁ ପରି
କଲ ଓ ତୁମ୍ଭର ସେବକମାନଙ୍କୁ ଅଗ୍ନି* ସଦୃଶ କଲ।
5 ହେ ପରମେଶ୍ୱର, ତୁମ୍ଭେ ପୃଥିବୀର ଭିତ୍ତିପ୍ରସ୍ତର ଏପରି
ସ୍ଥାପନ କରିଛ ଯେ ତାହା ମୂଳରୁ କେବେ ଧକ୍କା ହେବ
ନାହିଁ।
6 ତୁମ୍ଭେ ତାହାକୁ ବାରିଧିର କମଳ ତୁଲ୍ୟ ଆଚ୍ଛାଦନ କଲ।
ପର୍ବତଗଣ ଉପରେ ଜଳରାଶି ଆଚ୍ଛାଦିତ ହେଲା।
7 କିନ୍ତୁ ତୁମ୍ଭେ ଆଜ୍ଞା ଦେଲ ଓ ଜଳରାଶି ସେଠାରୁ ଛାଡ଼ି
ପଳାଇଲା। ହେ ପରମେଶ୍ୱର, ତୁମ୍ଭେ ଜଳରାଶିକୁ ପାଟିକଲ
ଓ ତାହା ପଳାଇଲା।
8 ସେହି ପାଣିସବୁ ପର୍ବତ ଉପରୁ ଉପତ୍ୟକାକୁ ବହିଗଲା
ଏବଂ ତା'ପରେ ତୁମ୍ଭେ ସୃଷ୍ଟି କରିଥିବା ସ୍ଥାନକୁ ବହିଗଲା।
9 ତୁମ୍ଭେ ସମୁଦ୍ର ପାଇଁ ସୀମା ନିର୍ଦ୍ଧାରିତ କଲ। ଯେପରିକି
ସେମାନେ ତାହା ଅତିକ୍ରମ କରିପାରିବେ ନାହିଁ। ଜଳରାଶି
କେବେ ସୀମା ଲଙ୍ଘନ କରି ପୃଥିବୀକୁ ଆଚ୍ଛାଦନ
କରିପାରିବ ନାହିଁ।
10 ପରମେଶ୍ୱର ତୁମ୍ଭେ ହିଁ ଝରଣାରୁ ଜଳର ସ୍ରୋତ ବୁହାଇଲ।
ଏହା ପର୍ବତଗଣର ସ୍ରୋତରେ ମିଶି ବହି ଯାଏ।
11 ଏହି ଜଳ ବନ୍ୟ ପଶୁଗଣକୁ ଜଳ ଯୋଗାଏ। ବନ୍ୟ
ଗର୍ଦ୍ଦଭମାନେ ତହିଁରେ ନିଜ ନିଜର ତୃଷା ନିବାରଣ
କରନ୍ତି।
12 ବନ୍ୟ ପକ୍ଷୀଗଣ ଜଳାଶୟ ନିକଟରେ ବାସ କରିବା ପାଇଁ
ଆସନ୍ତି। ସେହି ପକ୍ଷୀଗୁଡିକ ଜଳାଶୟ ପାଖରେ ଥିବା
ବୃକ୍ଷର ଡାଳମାନଙ୍କରେ ଥାଇ ଗୀତ ଗାଆନ୍ତି।
13 ତୁମ୍ଭେ ତୁମ୍ଭର ପର୍ବତଗୁଡିକର ପାଦ ଦେଶରେ ବୃଷ୍ଟି
କରାଅ। କାରଣ ଯାହାସବୁ ତୁମ୍ଭେ କର, ପୃଥିବୀ ଦରକାର
କରୁଥିବା ସବୁ ଜିନିଷ ଏହା ମଧ୍ୟରେ ଅଛି।
14 ତୁମ୍ଭେ ପଶୁଗଣଙ୍କ ନିମନ୍ତେ ତୃଣ ଓ ମନୁଷ୍ୟର ସେବା
ନିମନ୍ତେ ବୃକ୍ଷ ଅଙ୍କୁରିତ କର। ଏହିପରି ଭାବରେ
ସେମାନେ ପୃଥିବୀରୁ ଖାଦ୍ୟ ପାଆନ୍ତି।
15 ହୃଦୟ ଚିତ୍ତ ଆନନ୍ଦକାରୀ ଦ୍ରାକ୍ଷାରସ ଦିଅ, ଆମ୍ଭମାନଙ୍କର
ମୁହଁ ଚକ୍‌କଣକାରୀ ତୈଳ ଓ ମନୁଷ୍ୟକୁ ଶକ୍ତିଶାଳୀ
କରୁଥିବା ଖାଦ୍ୟ ଦିଅ।
16 ଲେବାନନର ମହାନ୍ ବୃକ୍ଷଗୁଡିକ ପ୍ରଚୁର ପରିମାଣରେ
ବର୍ଷା ପାଆନ୍ତି। ସଦାପ୍ରଭୁ ସେହି ବୃକ୍ଷଗୁଡିକୁ ରୋପଣ
କରିଥିଲେ ଓ ସେମାନଙ୍କର ଆବଶ୍ୟକତାନୁଯାୟୀ ପାଣି
ଦେଉଥିଲେ।
17 ସେହି ବୃକ୍ଷଗୁଡିକ ମଧ୍ୟରେ ପକ୍ଷୀଗଣ ଆପଣା ଆପଣା
ବସା ନିର୍ମାଣ କରନ୍ତି। ସାରସ ପକ୍ଷୀ ସୋନେବର ବୃକ୍ଷରେ
ବାସ କରନ୍ତି।
18 ଉଚ୍ଚ ପର୍ବତଶ୍ରେଣୀ ବନ୍ୟ ଛାଗମାନଙ୍କ ବାସସ୍ଥାନ ଅଟେ।
ଶୈଳସବୁ ଶାଫନର* ଆଶ୍ରୟ।
19 ପରମେଶ୍ୱର ଋତୁ ନିରୂପଣ ନିମନ୍ତେ ଚନ୍ଦ୍ର ସୃଷ୍ଟି କରିଛନ୍ତି।
ସୂର୍ଯ୍ୟ ଆପଣା ଅସ୍ତଗମନ ଜାଣେ।
20 ତୁମ୍ଭେ ଅନ୍ଧକାର କଲେ ରାତ୍ରି ହୁଏ। ତହିଁରେ ସକଳ
ବନ୍ୟପଶୁ ବାହାରି ଭ୍ରମଣ କରନ୍ତି।
21 ଯୁବା ସିଂହଗଣ ମୃଗୟା ଚେଷ୍ଟାରେ ଗର୍ଜ୍ଜନ କରନ୍ତି। ସତେ
ଯେପରି ସେମାନେ ପରମେଶ୍ୱରଙ୍କଠାରୁ ଆହାର ଲୋଡ଼ନ୍ତି।
22 ସୂର୍ଯ୍ୟୋଦୟ ହେଲେ ସେମାନେ ନିଜ ନିଜ ବସାକୁ
ଚାଲିଯାନ୍ତି। ଏବଂ ନିଜ ନିଜ ବସାରେ ବିଶ୍ରାମ କରନ୍ତି।
23 ଏହାପରେ ମନୁଷ୍ୟ ତା'ର କାମକୁ ବାହାରେ ଏବଂ ସେ
ସନ୍ଧ୍ୟା ପର୍ଯ୍ୟନ୍ତ କାମ କରେ।
24 ସଦାପ୍ରଭୁ, ତୁମ୍ଭେ କେତେ ଜିନିଷ ତିଆରି କରିଅଛ।
ପୃଥିବୀ ତୁମ୍ଭ ସୃଷ୍ଟି ବସ୍ତୁରେ ପରିପୂର୍ଣ୍ଣ ଅଛି। ଜ୍ଞାନ
ବଳରେ ତୁମ୍ଭେ ସେସବୁ ଜିନିଷ ତିଆରି କରିଅଛ।
25 ମହାସାଗରକୁ ଦେଖ, ଏହା କେତେ ମହାନ୍! ବହୁତ
ଛୋଟ ଏବଂ ବଡ ଜୀବ ସେଥିରେ ବାସ କରୁଛନ୍ତି।
ସେଗୁଡିକୁ ଗଣନା କରିହେବନାହିଁ।
26 ତହିଁରେ ଜାହାଜ ଯାତାୟତ କରେ। ତହିଁରେ ଖେଳିବା
ପାଇଁ ତୁମ୍ଭର ସୃଷ୍ଟି ଲିବିୟାଥନ୍ ଥାଏ।
27 ଏ ସମସ୍ତ ପ୍ରାଣୀ ତୁମ୍ଭ ଉପରେ ନିର୍ଭର କରନ୍ତି,
ଯେପରିକି ଠିକ୍ ସମୟରେ ତୁମ୍ଭେ ସେମାନଙ୍କୁ ଖାଦ୍ୟ
ପ୍ରଦାନ କରିବ,
28 ତୁମ୍ଭେ ସେମାନଙ୍କୁ ଖାଦ୍ୟ ଦିଅ, ଯାହା ସେମାନେ ସଂଗ୍ରହ
କରନ୍ତି। ତୁମ୍ଭେ ତୁମ୍ଭର ହସ୍ତ ଖୋଲି ଦିଅ, ସେମାନେ
ପରିତୃପ୍ତ ହେବା ପର୍ଯ୍ୟନ୍ତ ଏଥିରୁ ଭୋଜନ କରିବେ।
29 ଏବଂ ତୁମ୍ଭେ ଯେତେବେଳେ ସେମାନଙ୍କର ବିମୁଖ ହୁଅ
ସେମାନେ ଭୟଭୀତ ହୁଅନ୍ତି। ଯେତେବେଳେ ତୁମ୍ଭେ
ସେମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ନେଇଯାଅ, ସେମାନେ
ଦୁର୍ବଳ ଓ ମୃତ୍ୟୁ ହୋଇ ଯାଆନ୍ତି, ପୁଣି ସେମାନଙ୍କ
ଶରୀର ଧୂଳିରେ ପରିଣତ ହୁଏ।
30 ହେ ସଦାପ୍ରଭୁ, ତୁମ୍ଭେ ଯେତେବେଳେ ଆପଣା ଆତ୍ମା
ପଠାଅ, ସେତେବେଳେ ନୂତନ ସୃଷ୍ଟି ହେବ। ଏବଂ ତୁମ୍ଭେ
ପୁଣି ସମସ୍ତ ନୂତନ ଜିନିଷ ପୃଥିବୀରେ ସୃଷ୍ଟି କର।
31 ସଦାପ୍ରଭୁଙ୍କର ମହିମା ଅନନ୍ତକାଳ ଥାଉ! ସଦାପ୍ରଭୁ ଆପଣା
ସୃଷ୍ଟିରେ ଆନନ୍ଦିତ ହୁଅନ୍ତି।
32 ସଦାପ୍ରଭୁ ପୃଥିବୀକୁ ଚାହିଁଲେ ପୃଥିବୀ କମ୍ପିତ ହୁଏ। ସେ
ପର୍ବତକୁ ସ୍ପର୍ଶକଲେ ସେଥିରୁ ଧୂଆଁ ନିର୍ଗତ ହୁଏ।
33 ମୁଁ ଜୀବନସାରା ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗାନ କରିବି।
ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ସଦାପ୍ରଭୁଙ୍କର ପ୍ରଶଂସା ଗାନ
କରିବି।
34 ମୁଁ ଆଶାକରେ ମୁଁ ଯାହାସବୁ କହିଲି ତାହା ଆନନ୍ଦ
ଦେବ। ମୁଁ ସଦାପ୍ରଭୁଙ୍କ ପାଇଁ ଆନନ୍ଦିତ ହେବି।
35 ପାପୀମାନେ ପୃଥିବୀରୁ ଉଭେଇ ଯାଆନ୍ତୁ। ସବୁଦିନ ପାଇଁ
ଦୁଷ୍ଟ ଲୋକମାନେ ନିଃଶେଷ ହୁଅନ୍ତୁ। ହେ ମୋର ପ୍ରାଣ,
ସଦାପ୍ରଭୁଙ୍କର ପ୍ରଶଂସା କର! ସଦାପ୍ରଭୁଙ୍କର ପ୍ରଶଂସା କର।

---

**ଅଗ୍ନି** ଅଥବା "ତୁମ୍ଭେ ବାୟୁ ସୃଷ୍ଟି କର, ତୁମ୍ଭର ଦୂତଗଣ ଓ ଅଗ୍ନିର ଶିଖାଗୁଡ଼ିକ, ତୁମ୍ଭର ସେବକଗଣ

**ଶାଫନ:-** ଭାଲୁ ଜାତୀୟ ବର୍ଣ୍ଣର ବାସ କରୁଥିବା ପ୍ରାଣୀ।

## ଗୀତ 105

1 ସଦାପ୍ରଭୁଙ୍କୁ ଧନ୍ୟବାଦ ଦିଅ। ତାଙ୍କର ନାମକୁ ଡାକ।
ଜାତିଗଣ ମଧ୍ୟରେ ତାଙ୍କର ଆଶ୍ଚର୍ଯ୍ୟ କ୍ରିୟାସକଳ ବିଷୟରେ
କୁହ।
2 ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗାନ କର। ତାଙ୍କର ପ୍ରଶଂସା
କର। ତାହାଙ୍କ ଦ୍ୱାରା କରାଯାଇଥିବା ଆଶ୍ଚର୍ଯ୍ୟ କ୍ରିୟା
ବିଷୟରେ କୁହ।
3 ଗର୍ବରେ ତାଙ୍କର ପବିତ୍ର ନାମରେ ପ୍ରଶଂସା କର।
ସଦାପ୍ରଭୁଙ୍କର ଉପାସକ ଆନନ୍ଦିତ ହେଉ।
4 ଶକ୍ତି ପାଇଁ ସଦାପ୍ରଭୁଙ୍କ ନିକଟକୁ ଯାଅ। ସାହାଯ୍ୟ ପାଇଁ
ସର୍ବଦା ତାଙ୍କ ପାଖକୁ ଯାଅ।
5 ସେ ଯେଉଁ ଆଶ୍ଚର୍ଯ୍ୟ କର୍ମମାନ କଲେ ତାହା ମନେପକାଅ।
ତାଙ୍କର ଅଲୌକିକ କାର୍ଯ୍ୟ ଏବଂ ତାଙ୍କ ବୁଦ୍ଧିମତାର
ବିଚାର ମନେପକାଅ।
6 ତୁମ୍ଭେ ହେଉଛ ତାଙ୍କର ସେବକ, ଯାକୁବର ସନ୍ତାନଗଣ
ତାଙ୍କର ମନୋନୀତ ବ୍ୟକ୍ତି।
7 ସେ ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର, ସେ ସମୁଦାୟ
ପୃଥିବୀରେ ଶାସନ କରନ୍ତି।
8 ସେ ଚିରଦିନ ଚୁକ୍ତି ମନେ ରଖନ୍ତି। ଏକ ହଜାର
ବଂଶଧର ପର୍ଯ୍ୟନ୍ତ, ସେ କରିଥିବା ପ୍ରତିଜ୍ଞା ରଖନ୍ତି।
9 ସେ ଅବ୍ରହାମଙ୍କ ସାଙ୍ଗରେ କରିଥିବା ଚୁକ୍ତିକୁ ପରମେଶ୍ୱର
ଇସହାକଙ୍କ ସହିତ କରିଥିବା ପ୍ରତିଜ୍ଞା ମନେ ରଖିବେ।
10 ପରମେଶ୍ୱର ଏହି ନିୟମ ଯାକୁବ ପାଇଁ ତିଆରି କରିଥିଲେ।
ପରମେଶ୍ୱର ଇସ୍ରାୟେଲ ସହିତ କରିଥିବା ନିୟମ ସବୁଦିନ
ପାଇଁ ଦୃଢ଼ ରହିବ।
11 ପରମେଶ୍ୱର କହିଲେ, "ଆମ୍ଭେ ତୁମ୍ଭକୁ କିଣାନ ଦେଶ
ଦେବା ଏବଂ ସେହି ଭୂମି ତୁମ୍ଭର ହେବ।"
12 ଯେତେବେଳେ ଅବ୍ରହାମ ପରିବାର ଅତି କ୍ଷୁଦ୍ର ଥିଲା
ସେତେବେଳେ ପରମେଶ୍ୱର ସେହି ପ୍ରତିଜ୍ଞା କରିଥିଲେ।
ପୁଣି ସେମାନେ ସେହି ଦେଶରେ ପ୍ରବାସୀ ପରି ରହୁଥିଲେ।
13 ସେମାନେ ଏକ ଦେଶରୁ ଅନ୍ୟ ଦେଶକୁ ଏବଂ ଏକ
ରାଜ୍ୟରୁ ଅନ୍ୟ ଏକ ରାଜ୍ୟକୁ ଭ୍ରମଣ କରୁଥିଲେ।
14 କିନ୍ତୁ ପରମେଶ୍ୱର, ସେମାନଙ୍କର ଉପରେ ଉପଦ୍ରବ କରିବାକୁ
କୌଣସି ମନୁଷ୍ୟକୁ ଅନୁମତି ଦେଲେ ନାହିଁ। ଆହୁରି ସେ
ରାଜଗଣଙ୍କୁ ସେମାନଙ୍କର କ୍ଷତି ନ କରିବା ପାଇଁ କହିଲେ।
15 ପରମେଶ୍ୱର କହିଲେ, "ଆମ୍ଭର ମନୋନୀତ ଲୋକମାନଙ୍କୁ
ଆଘାତ କର ନାହିଁ। ଏବଂ ଆମ୍ଭର ଭବିଷ୍ୟଦ୍‌ବକ୍ତାଗଣଙ୍କର
କୌଣସି କ୍ଷତି କର ନାହିଁ।"
16 ପରମେଶ୍ୱର ସେ ଦେଶରେ ଦୁର୍ଭିକ୍ଷ କରାଇଲେ। ଲୋକମାନେ
ଖାଦ୍ୟ ଖାଇବା ପାଇଁ ପାଇଲେ ନାହିଁ।
17 ସଦାପ୍ରଭୁ ସେମାନଙ୍କ ଆଗରେ ଯୋଷେଫ* ନାମକ ଏକ
ବ୍ୟକ୍ତିକୁ ମିଶରକୁ ପଠାଇଥିଲେ। ଯୋଷେଫ ଦାସପରି
ବିକ୍ରୀ ହୋଇଥିଲା।
18 ସେମାନେ ଯୋଷେଫଙ୍କର ପାଦରେ ବେଡ଼ି ପକାଇଲେ।
ସେମାନେ ଏକ ଲୁହାର କଡ଼ା ତା'ର ବେକରେ
ପକାଇଲେ।
19 ଯୋଷେଫ କ୍ରୀତଦାସ ହୋଇ ରହିଲା ତା'ର ବାକ୍ୟ ସତ୍ୟ
ହେବା ପର୍ଯ୍ୟନ୍ତ। ସଦାପ୍ରଭୁଙ୍କର ବାକ୍ୟ ଯୋଷେଫ ଠିକ୍
କହୁଥିଲେ ବୋଲି ପ୍ରମାଣିତ କଲା।
20 ତେଣୁ ମିଶରର ରାଜା ଲୋକ ପଠାଇ ତାଙ୍କୁ ମୁକ୍ତ
କଲେ। ତେଣୁ ସେହି ଦେଶର ରାଜା ତାଙ୍କୁ କାରାଗାରରୁ
ମୁକ୍ତ କଲେ।
21 ସେ ଯୋଷେଫଙ୍କୁ ତାଙ୍କର ଗୃହର କର୍ତ୍ତାରୂପେ ନିରୂପିତ
କଲେ। ରାଜାଙ୍କର ପ୍ରତ୍ୟେକ ଜିନିଷର ଭାର ଯୋଷେଫ
ନେଲେ।
22 ଯୋଷେଫ ଅନ୍ୟ କାର୍ଯ୍ୟକାରୀତାମାନଙ୍କୁ ନିର୍ଦ୍ଦେଶ ଦେଲେ,
ଯେପରି ସେ ମନେଲେ। ଯୋଷେଫ ରାଜାଙ୍କର
ଉପଦେଶକାରୀମାନଙ୍କୁ ଶିକ୍ଷା ଦେଲେ।
23 ଏହାପରେ ଇସ୍ରାୟେଲ ମିଶରକୁ ଆସିଲା। କିନ୍ତୁ ଯାକୁବ
ହାମ ଦେଶରେ ବାସ କଲା।
24 ସେ ତାଙ୍କର ଲୋକ ସଂଖ୍ୟା ବଢ଼ାଇଲେ। ସେମାନେ
ସେମାନଙ୍କର ଶତ୍ରୁଗଣଠାରୁ ଅଧିକ ଶକ୍ତିଶାଳୀ ହେଲେ।
25 ମିଶରୀୟମାନେ ତାଙ୍କର ଲୋକମାନଙ୍କୁ ଘୃଣା କରିବାକୁ
ଲାଗିଲେ ଏବଂ ତାଙ୍କର କ୍ରୀତଦାସଙ୍କ ବିରୁଦ୍ଧରେ ଯୋଜନା
କଲେ।
26 ଏଣୁ ପରମେଶ୍ୱର ତାଙ୍କ ଦାସ ମୋଶା ଏବଂ ମନୋନୀତ
ଯାଜକ ହାରୋଣଙ୍କୁ ପଠାଇଲେ।
27 ପରମେଶ୍ୱର ମୋଶା ଓ ହାରୋଣଙ୍କ ଦ୍ୱାରା ହାମ ଦେଶରେ
ବହୁ ଅଦ୍ଭୁତ କାର୍ଯ୍ୟମାନ କରାଇଲେ।
28 ପରମେଶ୍ୱର ଅନ୍ଧକାର ପଠାଇ ଦେଶକୁ ଅନ୍ଧକାର କଲେ,
କିନ୍ତୁ ମିଶରବାସୀମାନେ ତା କଥା ଶୁଣିଲେ ନାହିଁ।
29 ସେ ସେମାନଙ୍କର ଜଳକୁ ରକ୍ତ କଲେ ଓ ସେମାନଙ୍କର
ମାଛସବୁ ମରିଗଲେ।
30 ସେମାନଙ୍କର ଦେଶ ଏବଂ ସେମାନଙ୍କର ରାଜାଗଣର
ଅନ୍ତଃପୁର ବେଙ୍ଗରେ ପରିପୂର୍ଣ୍ଣ ହେଲା।
31 ପରମେଶ୍ୱର ଆଜ୍ଞା ଦେଲେ, ଦଂଶକର ଝାଙ୍କ ଉକୁଣିଆ
ପୋକ ଆସି ସବୁଆଡେ ଉଡ଼ି ହୋଇଗଲେ।
32 ପରମେଶ୍ୱର ସେମାନଙ୍କୁ ବର୍ଷା ବଦଳରେ କୁଆପଥର ବୃଷ୍ଟି
କରାଇଲେ ଏବଂ ଦେଶର ଚାରିଆଡେ ବିଜୁଳିର ଅଗ୍ନି
ବ୍ୟାପିଗଲା।
33 ପରମେଶ୍ୱର ସେମାନଙ୍କର ଦ୍ରାକ୍ଷାଲତା ଓ ଡ଼ିମ୍ବିରିବୃକ୍ଷସବୁକୁ
ନଷ୍ଟ କଲେ ଏବଂ ସେମାନଙ୍କ ସୀମାସ୍ଥିତ ବୃକ୍ଷସବୁ ଭାଙ୍ଗି
ପକାଇଲେ।
34 ପରମେଶ୍ୱର ନିର୍ଦ୍ଦେଶ ଦେଲେ ଓ ଅସଂଖ୍ୟ
ପଙ୍ଗପାଳ ଓ ପତଙ୍ଗ ଉପସ୍ଥିତ ହେଲେ, ସେମାନେ
ଅସଂଖ୍ୟ ଥିଲେ।
35 ପଙ୍ଗପାଳ ଓ ପତଙ୍ଗ ସେମାନଙ୍କ ଦେଶର ସମସ୍ତ
ଗଛପତ୍ର ଖାଇ ପକାଇଲେ। ସେମାନେ କ୍ଷେତରୁ ଶସ୍ୟସବୁ
ଖାଇ ପକାଇଲେ।
36 ଏବଂ ପରମେଶ୍ୱର ସେମାନଙ୍କ ଦେଶରେ ସମସ୍ତ ପ୍ରଥମଜାତ
ସନ୍ତାନକୁ ହତ୍ୟା କଲେ ଓ ସେ ସେମାନଙ୍କର ଶକ୍ତିର
ପ୍ରଥମ ଫଳକୁ ଆଘାତ କଲେ।

---

**ଯୋଷେଫ** ତାହା ଯାକୁବଙ୍କର ପ୍ରିୟ ପୁତ୍ର।

37 ପରମେଶ୍ୱର ତାଙ୍କର ଲୋକମାନଙ୍କୁ ମିଶରରୁ ବାହାର କରି ଆଣିଲେ। ସେମାନଙ୍କ ନିଜ ସହିତ ରୂପା ଓ ସୁନା ଆଣିଲେ। ଓ ତା'ଙ୍କର ଗୋଷ୍ଠୀ ମଧ୍ୟରେ ଜଣେ ଦୁର୍ବଳ ଲୋକ ହିଁ ନଥିଲେ, ଝୁଣ୍ଟି ପଡ଼ିବାକୁ।

38 ଇସ୍ରାୟେଲ ଲୋକମାନେ ଚାଲିଯିବାର ଦେଖି ମିଶରୀୟମାନେ ଖୁସି ହେଲେ। କାରଣ ସେମାନେ ପରମେଶ୍ୱରଙ୍କର ଲୋକମାନଙ୍କୁ ଭୟ କରୁଥିଲେ।

39 ପରମେଶ୍ୱର କମ୍ବଳ ସ୍ୱରୂପ ବାଦଲକୁ ମେଲି ଦେଲେ। ପରମେଶ୍ୱର ନିଜ ଲୋକମାନଙ୍କୁ ରାତିରେ ଦେଖାଇବା ପାଇଁ ଏକ ଅଗ୍ନିସ୍ତମ୍ଭ ପ୍ରଜ୍ୱଳନ କଲେ।

40 ଯେତେବେଳେ ଲୋକମାନେ ଖାଦ୍ୟ ମାଗନ୍ତେ, ପରମେଶ୍ୱର ଭାରୁଇ ପକ୍ଷୀମାନଙ୍କୁ ଦେଲେ। ପରମେଶ୍ୱର ସେମାନଙ୍କୁ ସ୍ୱର୍ଗରୁ ପ୍ରଚୁର ମାନ୍ନା ପ୍ରଦାନ କଲେ।

41 ପରମେଶ୍ୱର ଶୈଳକୁ ଫଟାନ୍ତେ ଜଳସ୍ରୋତ ବହିବା ଆରମ୍ଭ ହେଲା। ତାହା ଶୁଷ୍କ ଭୂମିରେ ନଦୀତୁଲ୍ୟ ପ୍ରବାହିତ ହେଲା।

42 ପରମେଶ୍ୱର ଆପଣା ପବିତ୍ର ବାକ୍ୟ ଓ ଆପଣା ଦାସ ଅବ୍ରହାମଠାରେ କରିଥିବା ପ୍ରତିଜ୍ଞା ମନେ କଲେ।

43 ପରମେଶ୍ୱର ଆପଣା ଲୋକମାନଙ୍କୁ ମିଶରରୁ ବାହାର କରି ଆଣିଲେ। ସେମାନେ ଆନନ୍ଦରେ ଗୀତ ଗାଇ ଗାଇ ଆସିଲେ।

44 ଏହାପରେ ପରମେଶ୍ୱର ତାଙ୍କର ଗୋଷ୍ଠୀୟବର୍ଗଙ୍କୁ ବାସ କରିବାକୁ ସ୍ଥାନ ଦେଲେ। ପରମେଶ୍ୱରଙ୍କର ଲୋକମାନେ ସମସ୍ତ ଦ୍ରବ୍ୟ ପାଇଲେ ଯେଉଁଥିପାଇଁ ଅନ୍ୟ ଜାତିଗଣ ବହୁ ପରିଶ୍ରମ କରିଥିଲେ।

45 ପରମେଶ୍ୱର ଏପରି କଲେ, ତେଣୁ ତାଙ୍କର ଲୋକମାନେ ତାଙ୍କର ନିୟମ ମାନିବେ ଓ ତାଙ୍କର ଦେଇଥିବା ଶିକ୍ଷା ପାଳନ କରିବେ। ପରମେଶ୍ୱରଙ୍କର ପ୍ରଶଂସା କର!

## ଗୀତ 106

1 ସଦାପ୍ରଭୁଙ୍କର ପ୍ରଶଂସା କର! ସଦାପ୍ରଭୁଙ୍କର ଧନ୍ୟବାଦ କର, କାରଣ ସେ ଉତ୍ତମ! ତାଙ୍କର ପ୍ରେମ ଅନନ୍ତକାଳସ୍ଥାୟୀ।

2 ସଦାପ୍ରଭୁଙ୍କୁ କେହି ବର୍ଣ୍ଣନା କରିପାରିବେ ନାହିଁ। ତାଙ୍କର ପୂର୍ଣ୍ଣ ପ୍ରଶଂସା କେହି କରିପାରିବେ ନାହିଁ।

3 ଯେଉଁଲୋକେ ପରମେଶ୍ୱରଙ୍କ ନିର୍ଦ୍ଦେଶ ମାନନ୍ତି ସେମାନେ ଖୁସି ରହନ୍ତି। ଯିଏ ସର୍ବଦା ସୁ-କାର୍ଯ୍ୟ କରିଥାନ୍ତି।

4 ହେ ସଦାପ୍ରଭୁ, ତୁମ୍ଭର ଲୋକମାନଙ୍କ ପ୍ରତି ଦୟାକଲା ସମୟରେ ମୋତେ ଠିକେ ମନେପକାଅ। ମୋତେ ମଧ୍ୟ ଉଦ୍ଧାର କରିବାକୁ ମନେପକାଅ।।

5 ହେ ସଦାପ୍ରଭୁ, ତୁମ୍ଭେ ମୋତେ ତୁମ୍ଭର ମନୋନୀତ ଲୋକମାନଙ୍କର ଭଲ କାର୍ଯ୍ୟରେ ନିୟୋଜିତ ହେବାକୁ ଦିଅ। ତୁମ୍ଭ ନିର୍ଣ୍ଣିତ ଲୋକମାନଙ୍କ ସହିତ ଆନନ୍ଦ କରିବାକୁ ଦିଅ, ଯେଉଁମାନେ କି ତୁମ୍ଭ ସହିତ ଆସନ୍ତି।

6 ଆମ୍ଭେମାନେ ଠିକ୍ ଆମ୍ଭର ପୂର୍ବପୁରୁଷଙ୍କ ପରି ପାପ କରିଛୁ। ଆମ୍ଭେ ଅଧର୍ମ କରିଅଛୁ। ଆମ୍ଭେମାନେ ଅଧର୍ମ ଭାବରେ କାମ କରିଅଛୁ।

7 ହେ ସଦାପ୍ରଭୁ, ମିଶରରେ ଯେଉଁ ଆଶ୍ଚର୍ଯ୍ୟ କ୍ରିୟାମାନ ଦେଖାଇଥିଲ ଆମ୍ଭର ପୂର୍ବପୁରୁଷ ସେଥିରୁ କିଛି ଶିଖି ନାହାଁନ୍ତି। ତୁମ୍ଭର ବହୁତ ଦୟାର କାମକୁ ସେମାନେ ମନେ ରଖିଲେ ନାହିଁ। ଲୋହିତ ସମୁଦ୍ର ନିକଟରେ ଆମ୍ଭର ପୂର୍ବପୁରୁଷ ତୁମ୍ଭର ବିଦ୍ରୋହାଚରଣ କଲେ।

8 କିନ୍ତୁ ପରମେଶ୍ୱର ଆପଣା ନାମ ସକାଶୁ ଆମ୍ଭର ପୂର୍ବପୁରୁଷମାନଙ୍କୁ ରକ୍ଷା କଲେ। ସେ ତାଙ୍କର ମହାଶକ୍ତିର ପରିଚୟ ଦେବା ପାଇଁ ସେମାନଙ୍କୁ ରକ୍ଷା କଲେ।

9 ପରମେଶ୍ୱର ନିର୍ଦ୍ଦେଶ ଦେଲେ ଏବଂ ଲୋହିତ ସାଗର ଶୁଖିଗଲା। ପରମେଶ୍ୱର ଆମ୍ଭ ପୂର୍ବପୁରୁଷମାନଙ୍କୁ ସେହି ଗଭୀର ସମୁଦ୍ର ମଧ୍ୟରେ ଚଲାଇ ନେଲେ, ମରୁଭୂମିରେ ଚଳାଇବା ପରି।

10 ପରମେଶ୍ୱର ଆମ୍ଭର ପୂର୍ବପୁରୁଷମାନଙ୍କୁ ସେମାନଙ୍କର ଶତ୍ରୁଗଣଙ୍କଠାରୁ ପରିତ୍ରାଣ କଲେ! ସେମାନଙ୍କର ଶତ୍ରୁମାନଙ୍କ ହସ୍ତରୁ ସେମାନଙ୍କୁ ଉଦ୍ଧାର କଲେ।

11 ପରମେଶ୍ୱର ଜଳରାଶିଦ୍ୱାରା ତାଙ୍କର ଶତ୍ରୁଗଣଙ୍କୁ ଆଚ୍ଛାଦନ କଲେ। ସେମାନଙ୍କ ମଧ୍ୟରୁ ଜଣେ କେହି ରକ୍ଷା ପାଇଲେ ନାହିଁ।

12 ଏହାପରେ ଆମ୍ଭର ପୂର୍ବପୁରୁଷମାନେ ପରମେଶ୍ୱର ଯାହା କଲେ ତାହା ବିଶ୍ୱାସ କଲେ। ସେମାନେ ତାଙ୍କର ପ୍ରଶଂସା କରି ଗୀତ ଗାଇଲେ।

13 କିନ୍ତୁ ପରମେଶ୍ୱର କରିଥିବା କାର୍ଯ୍ୟଗୁଡ଼ିକୁ ଆମ୍ଭର ପୂର୍ବପୁରୁଷମାନେ ଅତି ଶୀଘ୍ର ଭୁଲିଗଲେ। ସେମାନେ ପରମେଶ୍ୱରଙ୍କ ଉପଦେଶ ଶୁଣିଲେ ନାହିଁ।

14 ପ୍ରାନ୍ତରରେ ଆମ୍ଭର ପୂର୍ବପୁରୁଷଗଣ ଅତିଶୟ ଲୋଭଗ୍ରସ୍ତ ହେଲେ ଓ ମରୁଭୂମିରେ ପରମେଶ୍ୱରଙ୍କୁ ପରୀକ୍ଷା କଲେ।

15 କିନ୍ତୁ ପରମେଶ୍ୱର ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କର ଇଚ୍ଛାନୁରୂପେ ଫଳ ଦେଲେ। କିନ୍ତୁ ପରମେଶ୍ୱର ସେମାନଙ୍କୁ ଭୟଙ୍କର ରୋଗ ଦେଲେ।

16 ଲୋକମାନେ ମୋଶାଙ୍କ ପ୍ରତି ଈର୍ଷା କଲେ। ଲୋକମାନେ ସଦାପ୍ରଭୁଙ୍କର ପବିତ୍ର ଯାଜକ ହାରୋଣଙ୍କ ପ୍ରତି ଈର୍ଷାପରାୟଣ ହେଲେ।

17 ତେଣୁ ପରମେଶ୍ୱର ସେହି ଈର୍ଷାପରାୟଣ ଲୋକମାନଙ୍କୁ ଦଣ୍ଡିତ କଲେ। ପୃଥିବୀ ଫାଟି ଯାଇ ଦାଥନକୁ ଗ୍ରାସ କଲା ଓ ଅବୀରାମର ଦଳକୁ ମଧ୍ୟ ଗ୍ରାସ କଲା ପୁଣି ଯୋଡ଼ି ହୋଇଗଲା।

18 ଏହାପରେ ସେମାନଙ୍କ ଦଳ ମଧ୍ୟରେ ଅଗ୍ନି ପ୍ରଜ୍ୱଳିତ ହେଲା। ଏବଂ ଅଗ୍ନିଶିଖା ଦୁଷ୍ଟମାନଙ୍କୁ ଦଗ୍ଧ କଲା।

19 ସେହି ଲୋକମାନେ ହୋରେବରେ ଏକ ଗୋବତ୍ସ ନିର୍ମାଣ କଲେ ଓ ଛାଞ୍ଚରେ ଢ଼ଳା ପ୍ରତିମାକୁ ପୂଜା କଲେ।

20 ସେହି ଲୋକମାନେ ମହିମାନ୍ୱିତ ପରମେଶ୍ୱରଙ୍କର ଏକ ତୃଣଭକ୍ଷଣକାରୀ ଷଣ୍ଢ଼ର ପ୍ରତିମୂର୍ତ୍ତି ତିଆରି କରି ବେପାର କଲେ।

21 ପରମେଶ୍ୱର ଆମ୍ଭ ପୂର୍ବପୁରୁଷଗଣକୁ ରକ୍ଷା କଲେ କିନ୍ତୁ ସେମାନେ ତାଙ୍କ ବିଷୟରେ ସଂପୂର୍ଣ୍ଣ ଭୁଲିଗଲେ। ସେ ସେମାନଙ୍କ ପାଇଁ ମିଶରରେ କରିଥିବା ଆଶ୍ଚର୍ଯ୍ୟ କାର୍ଯ୍ୟମାନ ସେମାନେ ଭୁଲିଗଲେ।

22 ପରମେଶ୍ୱର ହାମୋସ ଦେଶରେ ଆଶ୍ଚର୍ଯ୍ୟ କ୍ରିୟାମାନ କଲେ। ପରମେଶ୍ୱର ଲୋହିତ ସମୁଦ୍ର ନିକଟରେ ଭୟଙ୍କର କାର୍ଯ୍ୟସାଧନ କରିଥିଲେ।

23 ପରମେଶ୍ୱର ଗୃହିଁଥିଲେ ସେହି ଲୋକମାନଙ୍କୁ ସଂପୂର୍ଣ୍ଣ ଧ୍ୱଂସ କରିବାକୁ କିନ୍ତୁ ମୋଶା ତାହାଙ୍କ ମନୋନୀତ ବ୍ୟକ୍ତି ତାଙ୍କର କୋପ ଫେରାଇବା ନିମନ୍ତେ ଭଗ୍ନ ସ୍ଥାନରେ ତାଙ୍କର ସମ୍ମୁଖରେ ଠିଆ ହେଲେ, ସେଥିପାଇଁ ପରମେଶ୍ୱର ସେମାନଙ୍କୁ ବିନାଶ କଲେ ନାହିଁ।

24 କିନ୍ତୁ ତା'ପରେ ସେହି ଲୋକମାନେ କିଣାନର ଆଶ୍ଚର୍ଯ୍ୟ ପୂର୍ଣ୍ଣ ସ୍ଥାନକୁ ଯିବାପାଇଁ ମନାକଲେ। ସେମାନେ ପରମେଶ୍ୱରଙ୍କୁ ବିଶ୍ୱାସ କଲେ ନାହିଁ ଯେ ପରମେଶ୍ୱର ସେଠାରେ ବାସ କରୁଥିବା ଲୋକମାନଙ୍କୁ ସାହାଯ୍ୟ କରିବେ।

25 ଆମ୍ଭର ପୂର୍ବପୁରୁଷଗଣ ପରମେଶ୍ୱରଙ୍କୁ ମାନିବାକୁ ମନା କଲେ ଏବଂ ସେମାନଙ୍କ ଗୃହରେ ସେମାନେ ଅଭିଯୋଗ କଲେ।

26 ତେଣୁ ପରମେଶ୍ୱର ସେମାନଙ୍କୁ ମରୁଭୂମିରେ ବିନାଶ କରିବା ପାଇଁ ଶପଥ କଲେ।

27 ପରମେଶ୍ୱର ପ୍ରତିଜ୍ଞା କଲେ ଯେ, ଅନ୍ୟ ଦେଶରେ ସେହି ଲୋକମାନଙ୍କର ଭବିଷ୍ୟତ ବଂଶଧରଙ୍କୁ ପରାସ୍ତ କରିବେ। ସେହି ଅନ୍ୟ ଦେଶ ମଧ୍ୟରେ ସେ ସେମାନଙ୍କ ପୂର୍ବପୁରୁଷଗଣଙ୍କୁ ଛିନ୍ନଛତ୍ର କଲେ।

28 ଏହାପରେ ପରମେଶ୍ୱରଙ୍କ ଲୋକମାନେ ବାଲ୍-ପିୟୋର ସେବା କଲେ। ସେମାନେ ଅନ୍ୟ ଦେବତାମାନଙ୍କଠାରେ ବଳି ଦିଆଯାଇଥିବା ପଶୁମାନଙ୍କର ମାଂସ ଭକ୍ଷଣ କଲେ।

29 ପରମେଶ୍ୱର ସେମାନଙ୍କ ଉପରେ କ୍ରୋଧ ପ୍ରକାଶ କଲେ। ତେଣୁ ସେ ସେମାନଙ୍କ ମଧ୍ୟରେ ମହାମାରୀ ପ୍ରଦର୍ଶନ ହେଲା।

30 କିନ୍ତୁ ପୀନହସ୍ ପରମେଶ୍ୱରଙ୍କୁ ପ୍ରାର୍ଥନା କଲେ ଏବଂ ପରମେଶ୍ୱର ତା'ର ମହାମାରୀ ଦୂର କଲେ।

31 ପରମେଶ୍ୱର ଜାଣିଲେ ପୀନହସ୍ ସୁକର୍ମ କଲା। ପରମେଶ୍ୱର ତାଙ୍କୁ ଅନନ୍ତକାଳ ମନେ ରଖିଲେ।

32 ଲୋକମାନେ ମିରୀବାଃ ଜଳଠାରେ ସଦାପ୍ରଭୁଙ୍କୁ ବହୁତ କ୍ରୁଦ୍ଧ କଲେ, ତେଣୁ ସେମାନଙ୍କ ସକାଶୁ ମୋଶାଙ୍କୁ ବହୁତ ବିପଦ ଘଟିଲା।

33 ସେ ଲୋକମାନେ ମୋଶାକୁ ବିରକ୍ତ କଲେ। ତେଣୁ ମୋଶା କିଛି ନ ବିଗ୍ଭରି କହିବାକୁ ଲାଗିଲେ।

34 କିଣାନୀୟଠାରେ ରହୁଥିବା ଅନ୍ୟ ବିଦେଶୀୟମାନଙ୍କୁ ନଷ୍ଟ କରିବା ପାଇଁ ପରମେଶ୍ୱର କହିଲେ, କିନ୍ତୁ ଇଶ୍ରାୟେଲୀୟମାନେ ତାଙ୍କ କଥା ମାନିଲେ ନାହିଁ।

35 ସେମାନେ ଅନ୍ୟଦେଶୀୟଙ୍କ ସଙ୍ଗେ ମିଶିଲେ ଏବଂ ସେମାନଙ୍କ କ୍ରିୟାସକଳ କଲେ।

36 ପରମେଶ୍ୱରଙ୍କ ଲୋକମାନେ ଦେବତାମାନଙ୍କୁ ପୂଜା କରିବାକୁ ଆରମ୍ଭ କଲେ, ଯାହାକି ଅନ୍ୟ ଲୋକମାନେ କରୁଥିଲେ ଏବଂ ସେହି ମୂର୍ତ୍ତିଗୁଡ଼ିକ ଫାନ୍ଦରେ ପରିଗଣିତ ହେଲେ।

37 ଏପରିକି ପରମେଶ୍ୱରଙ୍କର ଲୋକମାନେ ସେମାନଙ୍କର ପିଲାମାନଙ୍କୁ ଅନ୍ୟ ଦେବତାଙ୍କ ନିକଟରେ ବଳିଦେଲେ।

38 ପରମେଶ୍ୱରଙ୍କର ଲୋକମାନେ ନିରୀହ ପିଲାମାନଙ୍କୁ ହତ୍ୟା କଲେ। ସେମାନେ ମଧ୍ୟ ସେମାନଙ୍କ ନିଜ ସନ୍ତାନମାନଙ୍କୁ ହତ୍ୟା କରି ମିଥ୍ୟା ଦେବଗଣ ନିକଟରେ ବଳି ଦେଲେ। ତେଣୁ ଭୂମି, ହତ୍ୟା ପାପରେ ଦୂଷିତ ହୋଇଗଲା।

39 ତେଣୁ ପରମେଶ୍ୱରଙ୍କର ଲୋକମାନେ ସେମାନଙ୍କର କାର୍ଯ୍ୟଦ୍ୱାରା ଅପବିତ୍ର ହୋଇଥିଲେ। ପରମେଶ୍ୱରଙ୍କର ଲୋକମାନେ ତାଙ୍କ ପ୍ରତି ବିଶ୍ୱାସୀ ହେଲେ ନାହିଁ। ଅନ୍ୟ ଦେଶୀୟ ଲୋକମାନେ ଯେଉଁ କର୍ମ କରୁଥିଲେ ଏମାନେ ମଧ୍ୟ ସେପରି କାର୍ଯ୍ୟ କଲେ।

40 ଏହି ହେତୁ, ସଦାପ୍ରଭୁ ତାଙ୍କର ଲୋକମାନଙ୍କ ସହିତ ବହୁତ କ୍ରୋଧ କଲେ। ପରମେଶ୍ୱର ସେମାନଙ୍କ ପ୍ରତି ବିରକ୍ତ ହେଲେ।

41 ପରମେଶ୍ୱର ସେମାନଙ୍କୁ ଅନ୍ୟ ଦେଶୀୟମାନଙ୍କ ହସ୍ତରେ ସମର୍ପଣ କଲେ ଓ ସେମାନଙ୍କ ଶତ୍ରୁମାନେ ସେମାନଙ୍କ ଉପରେ ଶାସନ କଲେ।

42 ପରମେଶ୍ୱରଙ୍କ ଲୋକମାନଙ୍କର ଶତ୍ରୁମାନେ ସେମାନଙ୍କୁ ନିୟନ୍ତ୍ରଣ କଲେ ଏବଂ ସେମାନଙ୍କର ଜୀବନ ଦୁଃର୍ବିସହ ହୋଇଗଲେ।

43 ଅନେକ ଥର ପରମେଶ୍ୱର ସେମାନଙ୍କୁ ଉଦ୍ଧାର କଲେ। ମାତ୍ର ସେମାନେ କ୍ରମାଗତ ପରମେଶ୍ୱରଙ୍କ ବିଦ୍ରୋହୀ ହେଲେ ଏବଂ ଆପଣା ଇଚ୍ଛାନୁସାରେ କାର୍ଯ୍ୟରେ ବହୁତ ଗଭୀର ପର୍ଯ୍ୟନ୍ତ ବୁଡିଗଲେ।

44 କିନ୍ତୁ ଯେତେବେଳେ ପରମେଶ୍ୱରଙ୍କ ଲୋକ ବିପଦରେ ପଡ଼ିଲେ ସେମାନେ ସର୍ବଦା ପରମେଶ୍ୱରଙ୍କୁ ସାହାଯ୍ୟ ପାଇଁ ଡାକିଲେ। ଏବଂ ପ୍ରତ୍ୟେକ ଥର ପରମେଶ୍ୱର ସେମାନଙ୍କ ପ୍ରାର୍ଥନା ଶୁଣିଲେ।

45 ପରମେଶ୍ୱର ସର୍ବଦା ତାଙ୍କର ଚୁକ୍ତି ମନେ କରନ୍ତି ଏବଂ ତାଙ୍କର ମହାନ କରୁଣା ପାଇଁ ଦଣ୍ଡ ଦେବାରେ ତାଙ୍କର ମନକୁ ପରିବର୍ତ୍ତନ କଲେ।

46 ସେ ସେମାନଙ୍କର ସମସ୍ତଙ୍କୁ ବନ୍ଦିକରିଥିବା ମନରେ ଦୟା ଦେଖାଇଲେ।

47 ହେ ସଦାପ୍ରଭୁ ପରମେଶ୍ୱର ଆମ୍ଭକୁ ରକ୍ଷାକର। ଏବଂ ପରମେଶ୍ୱର ଆମ୍ଭମାନଙ୍କୁ ଅନ୍ୟ ଦେଶୀୟମାନଙ୍କଠାରୁ ଫେରାଇ ଆଣ। ଯେପରିକି ଆମ୍ଭେ ତୁମ୍ଭର ପବିତ୍ର ନାମର ପ୍ରଶଂସା କରିପାରିବୁ ଓ ଆମ୍ଭେ ତୁମ୍ଭର ପ୍ରଶଂସା କରି ଗର୍ବିତ ହୋଇପାରିବୁ।

48 ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର ଅନାଦିକାଳରୁ ଅନନ୍ତକାଳ ପର୍ଯ୍ୟନ୍ତ ଧନ୍ୟ ହୁଅନ୍ତୁ। ପରମେଶ୍ୱର ସର୍ବଦା ଜୀବିତ ରହି ଆସୁଛନ୍ତି ଏବଂ ସେ ସର୍ବଦା ଜୀବିତ ରହିବେ। ସମସ୍ତ ଲୋକ କହନ୍ତୁ "ଆମେନ୍! ସଦାପ୍ରଭୁଙ୍କର ପ୍ରଶଂସା କର।"

## ପଞ୍ଚମ ପୁସ୍ତକ

### ଗୀତ 107

1 ସଦାପ୍ରଭୁଙ୍କୁ ଧନ୍ୟବାଦ ଦିଅ। କାରଣ ସେ ମହାନ୍। ତାଙ୍କର ଦୟା ଅନନ୍ତକାଳସ୍ଥାୟୀ।

2 ପ୍ରତ୍ୟେକ ବ୍ୟକ୍ତି ଯେଉଁମାନଙ୍କୁ ସଦାପ୍ରଭୁ ରକ୍ଷା କରିଛନ୍ତି, କହିବା ଉଚିତ୍। ସଦାପ୍ରଭୁ ସେମାନଙ୍କର ଶତ୍ରୁମାନଙ୍କଠାରୁ ସେମାନଙ୍କୁ ରକ୍ଷା କରିଛନ୍ତି।

3 ବିଭିନ୍ନ ଦେଶମାନଙ୍କରୁ ସଦାପ୍ରଭୁ ତାଙ୍କର ଲୋକମାନଙ୍କୁ ଏକତ୍ରିତ କଲେ। ସେ ସେମାନଙ୍କୁ ପୂର୍ବ, ପଶ୍ଚିମ, ଉତ୍ତର ଓ ନଦୀ ସମୁଦ୍ର ସ୍ଥାନରୁ ଏକତ୍ରିତ କଲେ।

4 ସେମାନଙ୍କ ମଧ୍ୟରୁ କେତେକ ଶୁଷ୍କ ମରୁଭୂମିରେ ଏଣେତେଣେ ଭ୍ରମଣ କଲେ। ସେମାନେ ସହରରେ ବାସ କରିବାକୁ ଏକ ସ୍ଥାନ ଖୋଜୁଥିଲେ, ସେମାନେ ପାଇଲେ ନାହିଁ।

5 ସେମାନେ କ୍ଷୁଧିତ ଓ ତୃଷାର୍ତ୍ତ ଥିଲେ ଏବଂ ସେମାନେ ଦୁର୍ବଳ ହୋଇଯାଇଥିଲେ।

6 ସେମାନେ ବିପଦରେ ଥିଲେ, ତେଣୁ ସେମାନେ ସଦାପ୍ରଭୁଙ୍କ ନିକଟରେ ସାହାଯ୍ୟ ପାଇଁ କାକୂକ୍ତି କଲେ। ଏବଂ ସେ ତାଙ୍କୁ ସେହି ବିପଦରୁ ମୁକ୍ତ କଲେ।

7 ପରମେଶ୍ୱର ସେମାନଙ୍କୁ ବସତି ନଗରକୁ ଆଗେଇ ନେଲେ, ଯେଉଁଠାରେ ସେମାନେ ବାସ କରିପାରିବେ।

8 ସେମାନେ ସଦାପ୍ରଭୁଙ୍କ କରୁଣା ପାଇଁ ତାଙ୍କୁ ଧନ୍ୟବାଦ କରିବା ଉଚିତ୍ କାରଣ ସେ ଲୋକମାନଙ୍କ ପାଇଁ ବହୁତ ଆଶ୍ଚର୍ଯ୍ୟ କର୍ମମାନ କରିଛନ୍ତି।

9 କାରଣ ପରମେଶ୍ୱର ତୃଷାର୍ତ୍ତ ପ୍ରାଣକୁ ଶାନ୍ତ କରିଛନ୍ତି। କ୍ଷୁଧାର୍ତ୍ତମାନଙ୍କର ଉଦର ପରମେଶ୍ୱର ପୂର୍ଣ୍ଣ କରିଛନ୍ତି।

10 ପରମେଶ୍ୱରଙ୍କର କିଛି ଲୋକ ଦୁଃଖ ଓ ଲୌହ ଶୃଙ୍ଖଳରେ ବନ୍ଧାହୋଇ ଅନ୍ଧକାରରେ ଥିଲେ।

11 କାହିଁକି? କାରଣ ସେମାନେ ପରମେଶ୍ୱରଙ୍କ ବାକ୍ୟର ବିରୁଦ୍ଧାଚରଣ କଲେ। ସେମାନେ ସର୍ବୋପରିସ୍ଥ ପରମେଶ୍ୱରଙ୍କ ଉପଦେଶକୁ ମାନିବାକୁ ମନା କଲେ।

12 ପରମେଶ୍ୱର ସେମାନଙ୍କୁ ନମ୍ର କରେଇବା ପାଇଁ ଅସୁବିଧାର ସମ୍ମୁଖୀନ କଲେ। ସେମାନେ ପତିତ ହେଲେ ଓ ସାହାଯ୍ୟ କରିବାକୁ କେହି ନ ଥିଲେ।

13 ସେମାନେ ବିପଦରେ ଥିଲେ,, ତେଣୁ ସେମାନେ ସଦାପ୍ରଭୁଙ୍କ ନିକଟରେ ସାହାଯ୍ୟ ପାଇଁ କାକୂକ୍ତି କଲେ। ଏବଂ ସେ ସେମାନଙ୍କୁ ବିପଦରୁ ରକ୍ଷା କଲେ।

14 ପରମେଶ୍ୱର ସେମାନଙ୍କୁ ଅନ୍ଧକାର ଓ ମୃତ୍ୟୁ ଛାୟାରୁ ସେମାନଙ୍କୁ ବାହାର କରି ଆଣିଲେ ଓ ସେମାନଙ୍କ ବନ୍ଧନ ଛେଦନ କଲେ।

15 ସେମାନେ ସଦାପ୍ରଭୁଙ୍କର କରୁଣା ପ୍ରେମ ପାଇଁ ତାଙ୍କୁ ଧନ୍ୟବାଦ କରନ୍ତୁ। ଲୋକମାନଙ୍କ ପାଇଁ ବହୁତ ଆଶ୍ଚର୍ଯ୍ୟ କର୍ମମାନ କରିଛନ୍ତି ବୋଲି।

16 ପରମେଶ୍ୱର ପିତ୍ତଳ ଫାଟକକୁ ଭାଙ୍ଗି ଦେଇପାରିବେ। ସେ କଏଦୀମାନଙ୍କର ଲୌହ ନିର୍ମିତ ଫାଟକରେ ଥିବା ଲୁହା ଅର୍ଗଳକୁ ଭାଙ୍ଗି ଚୂନା କରିପାରିବେ।

17 କେତେକ ମୂର୍ଖ ହୋଇଗଲେ କାରଣ ସେମାନଙ୍କର ନିଜର ପାପ ଯୋଗୁଁ ଏବଂ ସେମାନେ ଅଧର୍ମାଚରଣ କଲେ।

18 ସେହି ଲୋକମାନେ ବହୁତ ରୁଗ୍ଣ ଥିଲେ। ଖାଦ୍ୟ ପରିତ୍ୟାଗ କରିଥିଲେ। ସେମାନେ ପ୍ରାୟ ମୃତବତ୍ ରହିଥିଲେ।

19 ସେମାନେ ବିପଦରେ ଥିଲେ, ତେଣୁ ସେମାନେ ସଦାପ୍ରଭୁଙ୍କ ନିକଟରେ ସହାୟତା ପାଇଁ କାକୂକ୍ତି କଲେ ଏବଂ ସେ ସେମାନଙ୍କ ଦୁର୍ଦ୍ଦଶାରୁ ସେମାନଙ୍କୁ ମୁକ୍ତ କଲେ।

20 ପରମେଶ୍ୱର ଆପଣା ଆଦେଶ ପଠାଇ ତାଙ୍କୁ ସୁସ୍ଥ କଲେ। ଏବଂ ସେ ବିନାଶରୁ ସେମାନଙ୍କୁ ମୁକ୍ତ କଲେ।

21 ସଦାପ୍ରଭୁଙ୍କୁ ତାଙ୍କର ସ୍ନେହପୂର୍ଣ୍ଣ କରୁଣା ନିମନ୍ତେ ଧନ୍ୟବାଦ କର କାରଣ ସେ ଆପଣା ଲୋକମାନଙ୍କ ପାଇଁ ଆଶ୍ଚର୍ଯ୍ୟ କର୍ମମାନ କରିଛନ୍ତି।

22 ସେମାନେ ଧନ୍ୟବାଦାର୍ଥକ ବଳି ଉତ୍ସର୍ଗ କରନ୍ତୁ ଓ ଗାନକରି ତାଙ୍କ କର୍ମସକଳ ବର୍ଣ୍ଣନା କରନ୍ତୁ।

23 କେତେକ ଲୋକ ସେମାନଙ୍କର କାର୍ଯ୍ୟପାଇଁ ନୌକାରେ ସମୁଦ୍ର ପାର ହୁଅନ୍ତି।

24 ସେମାନେ ସଦାପ୍ରଭୁଙ୍କର କାର୍ଯ୍ୟ ଓ ସମୁଦ୍ର ଜଳରେ ତାଙ୍କର ଅଦ୍ଭୁତ କାର୍ଯ୍ୟ ଦେଖନ୍ତି।

25 ପରମେଶ୍ୱର ଆଜ୍ଞା କଲେ ଏବଂ ପ୍ରବଳ ବାୟୁ ଉଠି ଆସିଲା। ଢେଉଗୁଡିକ ସମୁଦ୍ରର ଦୁଇଗୁଣ ଉପର ଉଚ୍ଚରେ ଆସିଲା।

26 ସେମାନେ ସେହି ଢେଉରେ ଆକାଶକୁ ଉଠିଲେ ଓ ଏହାପରେ ଜଳ ଗର୍ଭକୁ ଖସିଲେ। ଝଡ ଏତେ ବିପଦପୂର୍ଣ୍ଣ ଥିଲା ଯେ, ସେମାନେ ସେମାନଙ୍କର ସାହସ ହରାଇଲେ।

27 ସେମାନେ ମତ୍ତଲୋକ ପରି ଏକଡ ସେକଡ ଦୋହଲନ୍ତି। ଏବଂ ସେମାନଙ୍କର ବୁଦ୍ଧି ହଜିଯାଏ।

28 ତେବେ ସେମାନେ ଆପଣା ସଙ୍କଟ ସମୟରେ ସଦାପ୍ରଭୁଙ୍କଠାରେ ସହାୟତା ପାଇଁ କାକୂକ୍ତି କଲେ ଏବଂ ତହିଁରେ ପରମେଶ୍ୱର ସେମାନଙ୍କୁ ସଙ୍କଟରୁ ଉଦ୍ଧାର କଲେ।

29 ପରମେଶ୍ୱର ବତାସକୁ ସ୍ଥିର କଲେ ଓ ସମୁଦ୍ରର ତରଙ୍ଗମାଳାକୁ ଶାନ୍ତ କଲେ।

30 ସମୁଦ୍ର ଶାନ୍ତ ହୋଇଗଲା ବୋଲି ନାବିକମାନେ ଖୁସି ହେଲେ, କାରଣ ସେମାନେ ଯେଉଁଠାକୁ ଯିବାକୁ ଚାହିଁଥିଲେ ପରମେଶ୍ୱର ତାଙ୍କୁ ପୋତାଶ୍ରୟକୁ ନିରାପଦରେ ଆଗେଇ ନେଲେ।

31 ସେମାନେ ସଦାପ୍ରଭୁଙ୍କ ମଙ୍ଗଳଦାନ ପାଇଁ ତାଙ୍କୁ ଧନ୍ୟବାଦ କର, ଲୋକମାନଙ୍କ ପାଇଁ ବହୁତ ଆଶ୍ଚର୍ଯ୍ୟ କର୍ମମାନ କରିଛନ୍ତି ବୋଲି।

32 ଲୋକମାନଙ୍କ ମହାସଭାରେ ପରମେଶ୍ୱରଙ୍କର ପ୍ରଶଂସା କରିବା ଉଚିତ୍ ଓ ପ୍ରାଚୀନବର୍ଗମାନଙ୍କ ସଭାରେ ତାଙ୍କ ପ୍ରଶଂସା କରିବା ଉଚିତ୍।

33 ପରମେଶ୍ୱର ନଦନଦୀକୁ ମରୁଭୂମିରେ ପରିଣତ କରିପାରିବେ ଏବଂ ଝରଣାର ଜଳସ୍ରୋତକୁ ବନ୍ଦ କରିପାରନ୍ତି।

34 ପରମେଶ୍ୱର ଉର୍ବର ଜମିକୁ ଲବଣାକ୍ତ ଭୂମିରେ ବଦଳାଇ ପାରନ୍ତି। କାରଣ ଦେଶର ଅଧର୍ମୀ ଲୋକମାନେ ସେଠାରେ ବାସ କରନ୍ତି।

35 କିନ୍ତୁ ପରମେଶ୍ୱର ମଧ୍ୟ ମରୁଭୂମିକୁ ଜଳାଶୟରେ ପରିବର୍ତ୍ତିତ କରିପାରନ୍ତି। ସେ ପୁଣି ଶୁଷ୍କ ଭୂମିରେ ଝରଣା ବୁହାଇ ପାରନ୍ତି।

36 ପରମେଶ୍ୱର କ୍ଷୁଧାର୍ତ୍ତ ଲୋକମାନଙ୍କୁ ଉର୍ବର ଭୂମିକୁ ଆଗେଇ ନିଅନ୍ତି। ଏବଂ ସେଠାରେ ସେମାନେ ତାଙ୍କର ରହିବା ପାଇଁ ନୂତନ ସହର ସୃଷ୍ଟି କରନ୍ତି।

37 ସେହି ଲୋକମାନେ ସେମାନଙ୍କର ଜମିରେ ବୀଜ ରୋପଣ କଲେ ଓ ସେମାନେ ଦ୍ରାକ୍ଷାଲତା ଲଗେଇଲେ ଏବଂ ଭଲ ଫସଲ ଅମଳ କରିପାରନ୍ତି।

38 ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କରନ୍ତି। ତହିଁରେ ସେମାନେ ଅତିଶୟ ବୃଦ୍ଧିପାନ୍ତି। ଏବଂ ସେମାନଙ୍କର ବହୁତ ପଶୁପଲ ଊଣା ହୁଅନ୍ତି ନାହିଁ।

39 ଯେତେବେଳେ ପରମେଶ୍ୱରଙ୍କର ଲୋକମାନେ ଛୋଟ ହୋଇଗଲେ ଏବଂ ଅତ୍ୟାଚାର, ଅସୁବିଧା ଏବଂ ଦୁଃଖ ଯୋଗୁଁ ଅପମାନିତ ହେଲେ।

40 ପରମେଶ୍ୱର ସେମାନଙ୍କର ଅଧିପତିମାନଙ୍କୁ ଅପମାନିତ ଓ ବିଚଳିତ କରିଥିଲେ, ଯେଉଁମାନେ ତାଙ୍କୁ ଅତ୍ୟାଚାର କରିଥିଲେ। ପୁଣି ସେମାନଙ୍କୁ ପଥହୀନ ମରୁଭୂମିରେ ଭ୍ରମଣ କରାଇଥିଲେ।

41 କିନ୍ତୁ ପରମେଶ୍ୱର ସେହି ଧନହୀନ ଲୋକମାନଙ୍କୁ ଦୁଃଖରୁ ଉଦ୍ଧାର କଲେ। ସେ ସେମାନଙ୍କର ପରିବାରକୁ ମେଷପଲ ତୁଲ୍ୟ ପାଳନ କରନ୍ତି।

42 ସରଳ ଲୋକମାନେ ତାହା ଦେଖି ଆନନ୍ଦିତ ହେଲେ ଏବଂ ଦୁଷ୍ଟ ଲୋକମାନେ କ’ଣ କହିବା କଥା ତାହା ଜାଣନ୍ତି ନାହିଁ।

43 ଯେ ଜ୍ଞାନବାନ, ସେ ଏହିସବୁ ବିଷୟରେ ମନଯୋଗ କରିବେ। ପୁଣି ସେ ପରମେଶ୍ୱରଙ୍କର ପ୍ରକୃତ କରୁଣା ପ୍ରେମକୁ ସେ ବୁଝିବା ଉଚିତ୍।

## ଗୀତ 108

*ଦାଉଦଙ୍କ ପ୍ରଶଂସାପୂର୍ଣ୍ଣ ଏକ ଗୀତ।*

1 ହେ ପରମେଶ୍ୱର, ମୁଁ ଗୀତଗାନ ଓ ପ୍ରଶଂସା କରିବି, ମୋର ପ୍ରାଣ ଜାଗ୍ରତ ହୁଅ।

2 ଜାଗ୍ରତ ହୁଅ! ହେ ମୋର ପ୍ରାଣ, ଜାଗ୍ରତ ହୁଅ! ନେବଲ ଓ ବୀଣା, ଜାଗ୍ରତ ହୁଅ, ମୁଁ ଅତି ପ୍ରଭାତରେ ଜାଗ୍ରତ ହେବି।

3 ସଦାପ୍ରଭୁ, ମୁଁ ଜାତୀମାନଙ୍କ ମଧ୍ୟରେ ତୁମ୍ଭର ପ୍ରଶଂସା କରିବି। ମୁଁ ଲୋକ ସମୁହରେ ତୁମ୍ଭର ପ୍ରଶଂସାଗାନ କରିବି।

4 ସଦାପ୍ରଭୁ ତୁମ୍ଭର ପ୍ରେମ ଆକାଶଠାରୁ ମହତ୍। ତୁମ୍ଭର ବିଶ୍ୱାସନୀୟତା ଗଗନସ୍ପର୍ଶୀ ଆକାଶ ପର୍ଯ୍ୟନ୍ତ ପହଞ୍ଚେ।

5 ପରମେଶ୍ୱର, ତୁମ୍ଭର ମହାନତାକୁ ଆକାଶମଣ୍ଡଳରେ ଦେଖାଅ। ତୁମ୍ଭର ମହିମା ସାରା ପୃଥିବୀକୁ ଦେଖିବାକୁ ଦିଅ।

6 ହେ ପରମେଶ୍ୱର, ଏପରି କିଛି କର ଯେଉଁଥିରେ ତୁମ୍ଭର ପ୍ରିୟତମଗଣ ରକ୍ଷାପାଇବେ। ମୋ ପ୍ରାର୍ଥନାର ଉତ୍ତର ଦିଅ। ରକ୍ଷା କରିବାକୁ ତୁମ୍ଭର ମହାଶକ୍ତି ବ୍ୟବହାର କର।

7 ପରମେଶ୍ୱର, ତାଙ୍କ ପବିତ୍ର ମନ୍ଦିରରେ ଉତ୍ତର ଦେଲେ, “ମୁଁ ଯୁଦ୍ଧରେ ଜିତିବି ଏବଂ ଏହି ଜୟଲାଭରେ ଆନନ୍ଦିତ ହେବି। ଏବଂ ଏହି ଦେଶକୁ ମୋର ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେବି। ମୁଁ ଶିଖିମ୍‌କୁ ସେମାନଙ୍କୁ ଦେବି। ସକ୍କୋତ ଉପତ୍ୟକାକୁ ସେମାନଙ୍କୁ ଦେବି।

8 ଗିଲୟଦ ମୋର, ମନଃଶି ମୋର, ଇଫ୍ରୟିମ ମୋର ଶିରସ୍ତ୍ରାଣ, ଯିହୁଦା ମୋର ରାଜଦଣ୍ଡ ସ୍ୱରୂପ।

9 ମୋୟାବ ମୋର ପାଦର ପ୍ରକ୍ଷାଳନପାତ୍ର। ଇଦୋମ୍ ମୋର ପାଦୁକା ବହିବ। ମୁଁ ପଲେଷ୍ଟୀୟମାନଙ୍କୁ ପରାସ୍ତ କରିବି ଏବଂ ଜୟଧ୍ୱନି କରିବି।”

10 କିଏ ମୋତେ ଶତ୍ରୁମାନଙ୍କ ଦୁର୍ଗକୁ ନେଇଯିବ? କିଏ ଇଦୋମ ବିରୁଦ୍ଧରେ ଯୁଦ୍ଧ କରିବାରେ ମୋର ନେତୃତ୍ୱ ନେବ?

11 କିଏ ମୋତେ ସେହି ସବଳ ସହରକୁ ନେବ? କିଏ ଇଦୋମ ବିରୁଦ୍ଧରେ ଯୁଦ୍ଧ କରିବାରେ ମୋର ନେତୃତ୍ୱ ନେବ? ତୁମ୍ଭେ ନୁହଁ କି, ପରମେଶ୍ୱର? କିନ୍ତୁ ତୁମ୍ଭେ ଆମ୍ଭକୁ ପରିତ୍ୟାଗ କଲ। ତୁମ୍ଭେ ଆମ୍ଭ ସୈନ୍ୟମାନଙ୍କ ସହିତ ଆଉ ଯାଉ ନାହଁ।

12 ହେ ପରମେଶ୍ୱର, ଆମ୍ଭର ଶତ୍ରୁମାନଙ୍କୁ ପରାସ୍ତ କରିବାରେ ଆମ୍ଭକୁ ସାହାଯ୍ୟ କର। ଲୋକମାନେ ଆମ୍ଭକୁ ସାହାଯ୍ୟ କରିପାରିବେ ନାହିଁ।

13 କେବଳ ପରମେଶ୍ୱର ଆମ୍ଭକୁ ଶକ୍ତିଶାଳୀ କରିପାରିବେ। ପରମେଶ୍ୱର ଆମ୍ଭର ଶତ୍ରୁମାନଙ୍କୁ ପରାସ୍ତ କରିବେ।

## ଗୀତ 109

*ପ୍ରଧାନ ବାଦ୍ୟକାର ନିମନ୍ତେ ଦାଉଦଙ୍କର ଗୀତ।*

1 ପରମେଶ୍ୱର, ଯାହାଙ୍କୁ ମୁଁ ପ୍ରଶଂସା କରେ, ନୀରବ ରୁହ ନାହିଁ।

2 ଦୁଷ୍ଟ ଲୋକମାନେ ମୋ ବିରୁଦ୍ଧରେ ମିଛ କହନ୍ତି। ସେମାନେ ଯେଉଁ କଥା କୁହନ୍ତି ତାହା ସତ୍ୟ ନୁହେଁ।

3 ଲୋକମାନେ ମୋ ପ୍ରତି ଘୃଣାକାରୀ କଥା କହନ୍ତି। ବିନା କାରଣରେ ମୋ ପ୍ରତି ଲୋକମାନେ ଆକ୍ରମଣ କରନ୍ତି।

4 ମୁଁ ସେମାନଙ୍କୁ ପ୍ରେମ କଲି। କିନ୍ତୁ ସେମାନେ ମୋତେ ଦୋଷି କଲେ। କିନ୍ତୁ ମୁଁ କ୍ରମାଗତ ପ୍ରାର୍ଥନା କରିଚାଲିଛି।

5 ମୁଁ ସେହି ଲୋକମାନଙ୍କ ପାଇଁ ମଙ୍ଗଳ କାର୍ଯ୍ୟ କଲି। ସେମାନେ ମୋ ପ୍ରତି ଅମଙ୍ଗଳ କାର୍ଯ୍ୟ କଲେ। ମୁଁ ସେମାନଙ୍କୁ ପ୍ରେମ କଲି କିନ୍ତୁ ସେମାନେ ମୋତେ ଘୃଣା କଲେ।

6 ସେମାନେ କହିଲେ, ତାଙ୍କୁ ନ୍ୟାୟ ଦେବା ପାଇଁ କେହିଜଣେ ଦୁଷ୍ଟ ଲୋକକୁ ନିଯୁକ୍ତ କର। କାହାକୁ ଜଣେ ବାହାର କର ଯିଏକି ଭୁଲ୍ ବୋଲି କହୁ।

7 ଯେତେବେଳେ ସେ ନ୍ୟାୟ ଦିଅନ୍ତି, ସେ ଦୋଷୀ ବୋଲି ବାହାର କରିବ ଏବଂ ତାଙ୍କର ପ୍ରାର୍ଥନାକୁ ପାପପୂର୍ଣ୍ଣ ଧରାଯିବ।

8 ତାଙ୍କର ଜୀବନ କାଳ ଛୋଟ ହେଉ। ଅନ୍ୟକେହି ଜଣେ ତାଙ୍କର କାମ ନିଅନ୍ତୁ।

9 ତାଙ୍କର ପିଲାମାନେ ଅନାଥ ହୁଅନ୍ତୁ ଏବଂ ତାଙ୍କର ସ୍ତ୍ରୀମାନେ ବିଧବା ହୁଅନ୍ତୁ।

10 ତାଙ୍କର ଘର ଉଜୁଡ଼ ଯାଉ। ସେମାନେ ସବୁ ଭିକାରୀ ହୁଅନ୍ତୁ।

11 ସେ ଋଣୀ ଦେଇଥିବା ଲୋକ ତାଙ୍କର ସର୍ବସ୍ୱ ନେଇଯାଉ।
ଏବଂ ବିଦେଶୀମାନେ ତାହାର ଶ୍ରମର ଫଳ ଲୁଟି କରନ୍ତୁ।
12 ମୁଁ ଆଶା କରେ ସେମାନଙ୍କୁ କେହି ଦୟା ନ କରନ୍ତୁ।
ତାଙ୍କର ପିଲାମାନଙ୍କୁ କେହି ଦୟା ନ ଦେଖାନ୍ତୁ।
13 ତାଙ୍କର ସବୁ ସନ୍ତାନ-ସନ୍ତତି ମରନ୍ତୁ। ଗୋଟିଏ ପିଢ଼ୀ
ଭିତରେ ତା'ର ନାମକୁ ଲୁପ୍ତ କରିଦିଅନ୍ତୁ।
14 ତାଙ୍କ ପିତୃ ଲୋକଙ୍କର ଅପରାଧ ସଦାପ୍ରଭୁଙ୍କ ମନରେ
ଥାଉ ଓ ତାହାର ମାତାର ପାପ ପୋଛି ନ ହେଉ।
15 ସଦାପ୍ରଭୁ ସେମାନଙ୍କ ପାପକୁ ଚିରଦିନ ମନେ ପକାନ୍ତୁ,
କିନ୍ତୁ ପୃଥିବୀରେ ଲୋକମାନେ ସେହି ପରିବାର ବିଷୟରେ
ସମ୍ପୂର୍ଣ୍ଣ ଭାବରେ ଭୁଲିଯାଆନ୍ତୁ।
16 କାରଣ ସେ ଦୟାଳୁ ଭାବେ କାମ କରିବାକୁ ମନେ କରି
ନଥିଲେ। ସେ ଅତ୍ୟାଚାର କରୁଥିଲେ ଏବଂ ସେ ଗରିବ
ଓ ଦରିଦ୍ର ଲୋକମାନଙ୍କୁ ମାରିଦେଲେ। ଯେଉଁମାନେ
ଦିନହୀନ ଓ ହତାଶ ହୁଅନ୍ତି।
17 ସେ ଅନ୍ୟମାନଙ୍କର ମନ୍ଦ କାମକୁ ଭଲ ପାଇଲେ। ସେହି
ମନ୍ଦ, ସେମାନଙ୍କ ପାଇଁ ଘଟୁ। ସେ ଅନ୍ୟର ମଙ୍ଗଳ
କରିଲେ ନାହିଁ। ତାଙ୍କଠାରୁ ମଙ୍ଗଳ ଦୂରେଇଯାଉ।
18 ଅଭିଶାପ ତା'ର ବସ୍ତ୍ର ହେଉ। ଅଭିଶାପ ସେ
ପିଉଥିବା ପାଣି ହେଉ। ଅଭିଶାପ ତା'ର ଶରୀରର ତୈଳ
ହେଉ।
19 ଅଭିଶାପ ଦୁଷ୍ଟବ୍ୟକ୍ତି ବସ୍ତ୍ର ପରି ହେଉ ଓ ତାହାର ନିତ୍ୟ
କଟିବନ୍ଧନ ପରି ହେଉ।'"
20 ଏହା ମୋର ଶତ୍ରୁଗଣ ମୋ ବିଷୟରେ କହନ୍ତି, ମୁଁ
ଆଶାକରେ ମୋ ବିରୁଦ୍ଧରେ ଯିଏ ଦୁଷ୍ଟକଥା କୁହେ
ସଦାପ୍ରଭୁ ଏହିସବୁ ବିଷୟ ସେହି ଲୋକମାନଙ୍କ ପ୍ରତି
କରନ୍ତୁ।
21 ହେ ସଦାପ୍ରଭୁ, ତୁମ୍ଭେ ମୋର ପ୍ରଭୁ। ତେଣୁ ମୋତେ
ସେହି ବାଟରେ ଚଲାଅ ଯେଉଁଥିରେ ତୁମ୍ଭ ନାମର ସମ୍ମାନ
ଆସୁ। କାରଣ ତୁମ୍ଭେ ଦୟାମୟ, ମଙ୍ଗଳମୟ, ଏଣୁ
ମୋତେ ଉଦ୍ଧାର କର।
22 ମୁଁ ଏକମାତ୍ର ଦିନହୀନ ଓ ଅସହାୟ ବ୍ୟକ୍ତି ଅଟେ। ମୁଁ
ବାସ୍ତବରେ ଦୁଃଖିତ। ମୋର ହୃଦୟ ଭାଙ୍ଗିପଡ଼ିଛି।
23 ମୁଁ ଅନୁଭବ କରୁଛି, ଯେପରି ମୋର ଜୀବନ ଶେଷ
ହୋଇ ଆସୁଛି। ଯେପରି ଦିନର ବିରାଟ ଛାଇପରି
ସରିସରି ଆସୁଛି। ମୁଁ ଛାରପୋକ ପରି ନ୍ୟାୟ ଚାଲିତ
ହେଉଅଛି।
24 ମୋର ଆଣ୍ଠୁ ଦୁର୍ବଳ ହୋଇଛି। କାରଣ ମୁଁ ଭୋକିଲା
ଅଟେ। ମୁଁ ମୋର ଓଜନ ହରାଉଛି ଓ ପତଳା ହୋଇ
ଯାଉଛି।
25 ମନ୍ଦ ଲୋକମାନେ ମୋତେ ଅପମାନିତ କରୁଛନ୍ତି। ସେମାନେ
ମୋତେ ଦେଖି ମୁଣ୍ଡ ହଲାଉଛନ୍ତି।
26 ହେ ସଦାପ୍ରଭୁ ମୋର ପରମେଶ୍ୱର, ମୋତେ ସାହାଯ୍ୟ
କର। ତୁମ୍ଭର ପ୍ରକୃତ କରୁଣା ପ୍ରେମ ମୋତେ ଦେଖାଅ
ଓ ମୋତେ ରକ୍ଷା କର।
27 ଏହାପରେ ସେହି ଲୋକମାନେ ଜାଣିବେ, ଯେ ତୁମ୍ଭେ
ମୋତେ ସାହାଯ୍ୟ କଲ। ଏହାପରେ ସେମାନେ ଜାଣିବେ
ଯେ ଏହାଥିଲା ତୁମ୍ଭର ଶକ୍ତି ଯାହାକି ମୋତେ ସାହାଯ୍ୟ
କଲା।
28 ସେହି ମନ୍ଦ ଲୋକମାନେ ମୋତେ ଅଭିଶାପ ଦିଅନ୍ତି।
କିନ୍ତୁ ହେ ସଦାପ୍ରଭୁ, ତୁମ୍ଭେ ମୋତେ ଆଶୀର୍ବାଦ କରିବ।
ଯେତେବେଳେ ସେମାନେ ମୋ ବିରୁଦ୍ଧରେ ଆକ୍ରମଣ
କରିବେ, ସେମାନେ ଅପମାନିତ ହେବେ। ଏହାପରେ ମୁଁ
ତୁମ୍ଭର ଦାସ, ଖୁସି ହେବ।
29 ମୋର ଶତ୍ରୁମାନଙ୍କୁ ଲଜ୍ଜିତ କରାଅ। ସେମାନେ ଉତ୍ତରୀୟ
ବସ୍ତ୍ରତୁଲ୍ୟ ନିଜ ଲଜ୍ଜାରେ ଆଚ୍ଛାଦିତ ହୁଅନ୍ତୁ।
30 ମୁଁ ସଦାପ୍ରଭୁଙ୍କୁ ବହୁତ ଧନ୍ୟବାଦ ଦେବି, ବହୁତ ଲୋକମାନଙ୍କ
ସମ୍ମୁଖରେ ମୁଁ ତାଙ୍କର ପ୍ରଶଂସା କରିବ।
31 କାରଣ ସଦାପ୍ରଭୁ ନିଃସହାୟ ଲୋକମାନଙ୍କ ସପକ୍ଷରେ
ଠିଆ ହୁଅନ୍ତି ଏବଂ ପରମେଶ୍ୱର ସେମାନଙ୍କୁ ଅନ୍ୟମାନଙ୍କଠାରୁ
ରକ୍ଷା କରନ୍ତି। ଯେଉଁମାନେ ତାଙ୍କୁ ନିନ୍ଦା କରନ୍ତି।

## ଗୀତ 110

*ଦାଉଦଙ୍କର ଏକ ପ୍ରଶଂସାପୂର୍ଣ୍ଣ ଗୀତ।*

1 ସଦାପ୍ରଭୁ ମୋର ପ୍ରଭୁଙ୍କୁ କହିଲେ, "ମୋ ସହିତ ମୋର
ଦକ୍ଷିଣ ପାଖରେ ବସ। ଆମ୍ଭେ ତୁମ୍ଭ ଶତ୍ରୁଗଣଙ୍କୁ ତୁମ୍ଭର
ପାଦପୀଠ କରିବା ପର୍ଯ୍ୟନ୍ତ।"
2 ସଦାପ୍ରଭୁ ତୁମ୍ଭର ରାଜ୍ୟ ସିୟୋନ୍‌ରୁ ବଢାଇବେ, ଯେପରିକି
ତୁମ୍ଭେ ଶତ୍ରୁଗଣର ରାଜ୍ୟକୁ ଶାସନ କର।
3 ତୁମ୍ଭ ପରାକ୍ରମର ଦିନରେ, ଯେତେବେଳେ ତୁମ୍ଭର
ସୈନ୍ୟବାହିନୀ ଏକତ୍ର ହେବେ, ତୁମ୍ଭ ଲୋକମାନେ ସ୍ୱଇଚ୍ଛାରେ
ମିଶିବେ। ପବିତ୍ର ପର୍ବତ ଉପରେ ଅତି ପ୍ରଭାତରେ
ସେମାନେ ମିଳିତ ହେବେ। ସେହି ସମସ୍ତ ଯୁବକ ତୁମ୍ଭ
ଚାରିପଟେ ପଡ଼ିଆରେ କାକର ଟୋପା ପରି ବେଢ଼ି
ରହିବେ।
4 ସଦାପ୍ରଭୁ ପ୍ରତିଜ୍ଞା କଲେ, ସେ ତାଙ୍କର ମନ ପରିବର୍ତ୍ତନ
କରିବେ ନାହିଁ। "ଯାଜକ ମଲ୍‌କୀଷେଦକଙ୍କ ପରି ତୁମ୍ଭେ
ଅନନ୍ତକାଳୀନ ଯାଜକ ହେବ।"
5 ମୋର ପ୍ରଭୁ ତୁମ୍ଭର ଦକ୍ଷିଣ ପାର୍ଶ୍ୱରେ ଅଛନ୍ତି। ଯେତେବେଳେ
ସେ କୋପ କରିବେ, ଅନ୍ୟ ରାଜାମାନଙ୍କୁ ପରାସ୍ତ
କରିବେ।
6 ପରମେଶ୍ୱର ଦେଶଗୁଡ଼ିକର ବିଚାର କରିବେ। ଏହି ଭୂମିସବୁ
ମୃତ ଦେହରେ ଆଚ୍ଛାଦିତ ହେବ। ସେ ପୃଥିବୀର
ଶକ୍ତିଶାଳୀ ନେତାମାନଙ୍କୁ ଧ୍ୱଂସ କରିବେ।
7 ରାଜାମାନେ ପଥ ମଧ୍ୟରେ ଥିବା ଝରଣାରୁ ଜଳପାନ
କରିବେ ଏବଂ ଏହିହେତୁ ସେ ଆପଣା ମସ୍ତକ ଉଠାଇବେ
ଏବଂ ଶକ୍ତିଶାଳୀ ହେବେ।

## ଗୀତ 111

1 ସଦାପ୍ରଭୁଙ୍କର ପ୍ରଶଂସା କର। ସରଳ ଲୋକଙ୍କ ସଭାରେ
ଓ ମଣ୍ଡଳୀ ମଧ୍ୟରେ ମୁଁ ସର୍ବାନ୍ତଃକରଣ ସହିତ ସଦାପ୍ରଭୁଙ୍କୁ
ଧନ୍ୟବାଦ ଦେବି।
2 ସଦାପ୍ରଭୁ ଆଶ୍ଚର୍ଯ୍ୟ କର୍ମମାନ କରନ୍ତି। ଯେଉଁମାନେ ତାଙ୍କୁ
ଗ୍ରହଣ କରନ୍ତି ସେମାନେ ସମସ୍ତେ ଆଗ୍ରହରେ ଅପେକ୍ଷା କରନ୍ତି।

3 ପରମେଶ୍ୱର ବାସ୍ତବରେ ଗୌରବପୂର୍ଣ୍ଣ ଓ ଆଶ୍ଚର୍ଯ୍ୟଜନକ
କାର୍ଯ୍ୟମାନ କରନ୍ତି ଓ ତାଙ୍କର ଉତ୍ତମତା ଅନନ୍ତକାଳସ୍ଥାୟୀ।
4 ସେ ଆପଣାର ଆଶ୍ଚର୍ଯ୍ୟ କର୍ମମାନ ସବୁ ସ୍ମରଣ କରାଇଛନ୍ତି।
ସଦାପ୍ରଭୁ ହେଉଛନ୍ତି ଦୟାଳୁ ଓ କରୁଣାମୟ।
5 ଯେଉଁମାନେ ତାଙ୍କୁ ଭୟ କରନ୍ତି ଏବଂ ସମ୍ମାନ ଦିଅନ୍ତି
ସେ ସେମାନଙ୍କୁ ଖାଦ୍ୟ ଦିଅନ୍ତି। ସେ ସଦାକାଳ ଆପଣା
ଚୁକ୍ତି ସ୍ମରଣ କରନ୍ତି।
6 ସେ ନିଜ ଲୋକମାନଙ୍କୁ ଅନ୍ୟଦେଶୀୟମାନଙ୍କ ଅଧିକାର
ଦେଇ ତାଙ୍କର ଶକ୍ତିର ଆପଣା କର୍ମର ପ୍ରଭାବ ସେମାନଙ୍କୁ
ଦେଖାଇଥିଲେ।
7 ତାହାଙ୍କ ଦ୍ୱାରା ହୋଇଥିବା ଆଜ୍ଞାସବୁ ସତ୍ୟ ଓ ତାଙ୍କର
ନିୟମସବୁ ବିଶ୍ୱାସ ଯୋଗ୍ୟ।
8 ପରମେଶ୍ୱରଙ୍କର ନିର୍ଦ୍ଦେଶ ଅନନ୍ତକାଳସ୍ଥାୟୀ। ତାଙ୍କର ଆଜ୍ଞା
ବିଶ୍ୱସ୍ତତା ଓ ସରଳତାରେ ସାଧିତ କରାଯାଏ।
9 ପରମେଶ୍ୱର ତାଙ୍କର ଲୋକମାନଙ୍କୁ ରକ୍ଷା କଲେ। ସେ
ଗୋଟିଏ ଚୁକ୍ତି କଲେ ଏବଂ ଏହା ଅନନ୍ତକାଳସ୍ଥାୟୀ
ହୋଇ ରହିଲା। ତାଙ୍କର ନାମ ପବିତ୍ର ଏବଂ ଭୟଙ୍କର।
10 ଜ୍ଞାନ ପରମେଶ୍ୱରଙ୍କ ପ୍ରତି ଭୟ ଓ ସମ୍ମାନରୁ ଆରମ୍ଭ
ହୁଏ। ଯେଉଁମାନେ ତାଙ୍କର ଆଦେଶ ପାଳନ କରନ୍ତି,
ସେମାନେ ଜ୍ଞାନୀ ଅଟନ୍ତି। ତାହାଙ୍କ ପ୍ରଶଂସା ସଦାକାଳ
ପାଇଁ ଗାନ କରାଯିବ।

## ଗୀତ 112

1 ସଦାପ୍ରଭୁଙ୍କର ପ୍ରଶଂସା କର। ଯେଉଁଲୋକ ସଦାପ୍ରଭୁଙ୍କୁ
ଭୟ ଓ ସମ୍ମାନ କରେ, ସେମାନେ ସମ୍ମାନରେ ଭାଗ୍ୟବାନ୍
ହୁଅନ୍ତି, ଯିଏକି ତାଙ୍କର ଆଦେଶ ପାଳନ କରିବାରେ
ବହୁତ ବିଶ୍ୱସ୍ତ ହୋଇଥାଏ,
2 ତା'ର ବଂଶଧର ଭୂପୃଷ୍ଠରେ ବିକ୍ରମଶାଳୀ ହେବେ। ସରଳ
ଲୋକର ବଂଶଧର ଆଶୀର୍ବାଦ ପ୍ରାପ୍ତ ହେବେ।
3 ସେହି ଲୋକର ପରିବାର ଧନଶାଳୀ ହେବେ ଏବଂ ତା'ର
ଧର୍ମ ଚିରକାଳସ୍ଥାୟୀ ହେବ।
4 ଧାର୍ମିକ ଲୋକଙ୍କ ପ୍ରତି ପରମେଶ୍ୱର ଅନ୍ଧକାରରେ ଆଲୋକ
ସଦୃଶ୍ୟ। ସେ କୃପାମୟ, ସ୍ନେହଶୀଳ ଓ ଧାର୍ମିକ।
5 ଦରକାର ବେଳେ ଋଣ ଦେବା ଏବଂ ଉଧାର ହେବା,
ଏହା ଗୋଟିଏ ଲୋକର ଭଲ ଗୁଣ। କୌଣସି ବ୍ୟକ୍ତି
ନିଜର ବ୍ୟାପାରରେ ଧାର୍ମିକତା ଅବଲମ୍ବନ କରିବା ମଙ୍ଗଳ
ଅଟେ।
6 ସେହି ଲୋକ କଦାପି ବିଚଳିତ ହେବ ନାହିଁ। ଧାର୍ମିକଲୋକ
ଅନନ୍ତକାଳ ସ୍ମରଣରେ ରହିବ।
7 ସେ କୁସମ୍ବାଦ ଶୁଣି ଭୟ କରିବ ନାହିଁ। ସେହିଲୋକ
ସୁସ୍ଥିର ହେବ କାରଣ ସେ ସଦାପ୍ରଭୁଙ୍କୁ ବିଶ୍ୱାସ କରେ।
8 ସେହି ଲୋକ ସୁସ୍ଥିର ଥାଏ। ସେ କେବେ ଭୟ କରେ
ନାହିଁ। ସେ ତା'ର ଶତ୍ରୁମାନଙ୍କୁ ପରାସ୍ତ ହେବାର ଦେଖିବ।
9 ଯେଉଁ ଲୋକ ମୁକ୍ତ ଭାବରେ ଦିନହୀନମାନଙ୍କୁ ଦାନ
କରେ, ତା'ର ଧର୍ମ ଏକ। ଚିରକାଳସ୍ଥାୟୀ। ସେ ବିଜୟ
ଏବଂ ସମ୍ମାନ ପାଇବ।
10 ଦୁଷ୍ଟ ଲୋକ ଏହା ଦେଖି କ୍ରୋଧ କରିବେ। ସେମାନେ
ଘୃଣାରେ ଦାନ୍ତ କଡ଼ମଡ଼ କରିବେ। କିନ୍ତୁ ଏହାପରେ
ସେମାନେ ଅଦୃଶ୍ୟ ହେବେ। ଦୁଷ୍ଟ ଲୋକମାନଙ୍କର ଇଚ୍ଛା
କଦାପି ପୂର୍ଣ୍ଣ ହେବ ନାହିଁ।

## ଗୀତ 113

1 ସଦାପ୍ରଭୁଙ୍କର ପ୍ରଶଂସା କର! ହେ ସଦାପ୍ରଭୁଙ୍କ ଦାସଗଣ,
ତାଙ୍କର ପ୍ରଶଂସା କର। ସଦାପ୍ରଭୁଙ୍କ ନାମର ପ୍ରଶଂସା
କର।
2 ଅଦ୍ୟାବଧି ଚିରକାଳ ସଦାପ୍ରଭୁଙ୍କର ନାମ ଧନ୍ୟ ହେଉ।
3 ସୂର୍ଯ୍ୟର ଉଦୟ ସ୍ଥାନଠାରୁ ତା'ର ଅସ୍ତ ସ୍ଥାନ ପର୍ଯ୍ୟନ୍ତ
ସଦାପ୍ରଭୁଙ୍କର ନାମ ପ୍ରଶଂସନୀୟ।
4 ସଦାପ୍ରଭୁ ସମୁଦାୟ ବହୁ ଜାତିଗଣ ଉପରେ ଓ ତାଙ୍କର
ଗୌରବ ଆକାଶମଣ୍ଡଳଠାରୁ ଉଚ୍ଚ।
5 କୌଣସି ଲୋକ ଆମ୍ଭର ସଦାପ୍ରଭୁ ପରମେଶ୍ୱରଙ୍କ ତୁଲ୍ୟ
ନୁହେଁ। ପରମେଶ୍ୱର ଆକାଶର ଉର୍ଦ୍ଧ୍ୱରେ ବିଦ୍ୟମାନ।
6 ତେଣୁ ପରମେଶ୍ୱର ଆକାଶ ଏବଂ ପୃଥିବୀକୁ ଦେଖିବାକୁ
ତଳକୁ ଚାହିଁଲେ।
7 ପରମେଶ୍ୱର ଗରିବମାନଙ୍କୁ ଧୂଳିରୁ ଉଠାନ୍ତି। ସେ ଦୀନହୀନ
ଏବଂ ଅସହାୟମାନଙ୍କୁ ଅଳିଆ ଗଦାରୁ ଉଠାନ୍ତି।
8 ଏବଂ ପରମେଶ୍ୱର ସେହି ଲୋକମାନଙ୍କୁ ଗୁରୁତ୍ୱ ଦିଅନ୍ତି।
ପରମେଶ୍ୱର ସେହି ଲୋକମାନଙ୍କୁ ତାଙ୍କ ଅଧିପତି କରାନ୍ତି।
9 ଜଣେ ସ୍ତ୍ରୀ ବନ୍ଧ୍ୟା ହୋଇପାରେ। କିନ୍ତୁ ପରମେଶ୍ୱର ତା'
କୋଳରେ ସନ୍ତାନ ଦେଇ ତାକୁ ଖୁସି କରାନ୍ତି। ସଦାପ୍ରଭୁଙ୍କର
ପ୍ରଶଂସା କର!

## ଗୀତ 114

1 ଯେତେବେଳେ ଇଶ୍ରାୟେଲ ମିଶରରୁ ପରିତ୍ୟାଗ କଲେ।
ଯାକୁବ ବଂଶ ବିଦେଶୀ ଲୋକଙ୍କଠାରୁ ବାହାରିଲେ।
2 ସେହି ସମୟରେ ଯିହୁଦା ପରମେଶ୍ୱରଙ୍କର ବିଶେଷ
ଲୋକ ହେଲେ। ଇଶ୍ରାୟେଲ ତାଙ୍କର ରାଜ୍ୟ ହେଲା।
3 ସୁଫ ସମୁଦ୍ର ତାହା ଦେଖି ଘୁଞ୍ଚି ଗଲା। ଯର୍ଦ୍ଦନ ନଦୀ
ଉଜାଣି ବହିଲା।
4 ପର୍ବତଗଣ ମେଷପରି ଡ଼େଇଁଲେ। ମେଷ ଛୁଆପରି
ଉପପର୍ବତଗଣ ଡ଼ିଆଁ ମାରିଲେ।
5 ହେ ସୁଫ ସମୁଦ୍ର, ତୁମ୍ଭେ କାହିଁକି ଘୁଞ୍ଚିଗଲ? ହେ ଯର୍ଦ୍ଦନ
ତୁମ୍ଭେ କାହିଁକି ଉଜାଣି ବହୁଛ?
6 ହେ ପର୍ବତଗଣ, ତୁମ୍ଭେ କାହିଁକି ମେଷମାନଙ୍କ ପରି
ଡ଼େଇଁଲ? ହେ ଉପପର୍ବତଗଣ, ତୁମ୍ଭେ କାହିଁକି ମେଷ
ଶାବକଙ୍କ ପରି ଡେଇଁଲ?
7 ହେ ପୃଥିବୀ, ଯାକୁବର ପରମେଶ୍ୱରଙ୍କ ସମ୍ମୁଖରେ କମ୍ପିତ
ହୁଅ।
8 ପରମେଶ୍ୱର ହେଉଛନ୍ତି ସେହି ଯାହାଙ୍କ ଯୋଗୁ ପର୍ବତରୁ
ଝରଣା ବୁହାଇଲେ ଓ ପରମେଶ୍ୱର ଚକ୍‌ମକି ପଥରରୁ
ନିର୍ଝର ବୁହାଇଲେ।

## ଗୀତ 115

1 ହେ ସଦାପ୍ରଭୁ, ଆମ୍ଭେମାନେ କୌଣସି ମହିମାର ଯୋଗ୍ୟ

ନୁହଁ। ମହିମା ତ ତୁମ୍ଭର। ତୁମ୍ଭର ପ୍ରେମ ନିଷ୍ଠା ଯୋଗୁଁ
ତୁମ୍ଭର ଗୌରବ ହେଉ।
2 କାହିଁକି ଅନ୍ୟ ଦେଶୀୟମାନେ କହିବେ ଆମ୍ଭମାନଙ୍କର
ପରମେଶ୍ୱର କେଉଁଠାରେ?
3 ଆମ୍ଭମାନଙ୍କର ପରମେଶ୍ୱର ସ୍ୱର୍ଗରେ ଅଛନ୍ତି। ଏବଂ ସେ
ଯାହା ଗ୍ଭହାଁନ୍ତି ତାହା କରିପାରନ୍ତି।
4 ଅନ୍ୟ ଜାତିଗଣର "ଦେବଗଣ" ସେମାନଙ୍କ ହସ୍ତକୃତ
ସୁନା ଓ ରୂପାର ନିର୍ମିତ ପ୍ରତିମା ଅଟନ୍ତି। ଏହି
ପ୍ରତିମାଗୁଡିକ ମନୁଷ୍ୟମାନଙ୍କ ହସ୍ତରେ ତିଆରି
ହୋଇଥିଲେ।
5 ସେହି ପ୍ରତିମାମାନଙ୍କର ପାଟି ଅଛି କିନ୍ତୁ କଥା କହିପାରନ୍ତି
ନାହିଁ। ସେମାନଙ୍କର ଆଖି ଅଛି କିନ୍ତୁ ଦେଖି ପାରନ୍ତି
ନାହିଁ।
6 ସେମାନଙ୍କର କାନ ଅଛି କିନ୍ତୁ ଶୁଣିପାରନ୍ତି ନାହିଁ।
ସେମାନଙ୍କର ନାକ ଅଛି କିନ୍ତୁ ଆଘ୍ରାଣ କରିପାରନ୍ତି
ନାହିଁ।
7 ସେମାନଙ୍କର ହାତ ଅଛି କିନ୍ତୁ ତାହା ସ୍ପର୍ଶ କରିପାରନ୍ତି
ନାହିଁ। ସେମାନଙ୍କର ଗୋଡ଼ ଅଛି କିନ୍ତୁ ଗ୍ଭଲିପାରନ୍ତି
ନାହିଁ। ସେମାନଙ୍କ ଗଳାରୁ କୌଣସି ସ୍ୱର ବାହାରେ
ନାହିଁ।
8 ସେମାନଙ୍କର ନିର୍ମାଣକାରୀମାନେ ଓ ସେମାନଙ୍କଠାରେ
ବିଶ୍ୱାସକାରୀମାନେ ସେହିପରି ହେବେ!
9 ହେ ଇଶ୍ରାୟେଲର ଲୋକମାନେ, ସଦାପ୍ରଭୁଙ୍କଠାରେ ବିଶ୍ୱାସ
କର। ସଦାପ୍ରଭୁ ହେଉଛନ୍ତି ସେମାନଙ୍କର ଶକ୍ତି ଓ ଢ଼ାଲ।
10 ହେ ହାରୋଣ ପରିବାର, ସଦାପ୍ରଭୁଙ୍କଠାରେ ବିଶ୍ୱାସ କର।
ସଦାପ୍ରଭୁ ହେଉଛନ୍ତି ସେମାନଙ୍କର ଶକ୍ତି ଓ ଢ଼ାଲ।
11 ହେ ସଦାପ୍ରଭୁଙ୍କର ଅନୁସରଣକାରୀ, ତୁମ୍ଭେମାନେ
ସଦାପ୍ରଭୁଙ୍କଠାରେ ବିଶ୍ୱାସ କର। ସଦାପ୍ରଭୁ ସେମାନଙ୍କର
ଶକ୍ତି ଓ ଢ଼ାଲ।
12 ସଦାପ୍ରଭୁ ଆମ୍ଭମାନଙ୍କୁ ସ୍ମରଣରେ ରଖନ୍ତି। ସଦାପ୍ରଭୁ
ଆମ୍ଭକୁ ଆଶୀର୍ବାଦ କରିବେ। ସଦାପ୍ରଭୁ ଇଶ୍ରାୟେଲକୁ
ଆଶୀର୍ବାଦ କରିବେ। ସଦାପ୍ରଭୁ ହାରୋଣଙ୍କ ପରିବାରକୁ
ମଧ୍ୟ ଆଶୀର୍ବାଦ କରିବେ।
13 ସଦାପ୍ରଭୁ ତାଙ୍କ ସାନ ଓ ବଡ଼ ସମସ୍ତ ଅନୁସରଣକାରୀମାନଙ୍କୁ
ଆଶୀର୍ବାଦ କରିବେ।
14 ସଦାପ୍ରଭୁ ତୁମ୍ଭକୁ ଓ ତୁମ୍ଭ ସନ୍ତାନମାନଙ୍କୁ ଅଧିକରୁ ଅଧିକ
ବୃଦ୍ଧି କରନ୍ତୁ।
15 ସ୍ୱର୍ଗ ଓ ପୃଥିବୀର ସୃଷ୍ଟିକର୍ତ୍ତା ସଦାପ୍ରଭୁ ତୁମ୍ଭକୁ ଆଶୀର୍ବାଦ
କରନ୍ତୁ।
16 ସ୍ୱର୍ଗ ସଦାପ୍ରଭୁଙ୍କର କିନ୍ତୁ ସେ ମନୁଷ୍ୟ ସନ୍ତାନଗଣଙ୍କୁ
ପୃଥିବୀ ଦେଇଛନ୍ତି।
17 ମୃତ ଲୋକମାନେ ସଦାପ୍ରଭୁଙ୍କର ପ୍ରଶଂସା କରନ୍ତି ନାହିଁ।
ଯେଉଁମାନେ କବରରେ ଅଛନ୍ତି ସେମାନେ ନୀରବ
ଅଟନ୍ତି।
18 ମାତ୍ର ଆମ୍ଭେମାନେ ଆଜିଠାରୁ ଚିରକାଳ ପର୍ଯ୍ୟନ୍ତ ସଦାପ୍ରଭୁଙ୍କର
ଧନ୍ୟବାଦ କରିବା। ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା
କର।

## ଗୀତ 116

1 ମୁଁ ତାଙ୍କୁ ପ୍ରେମ କରେ, କାରଣ ସଦାପ୍ରଭୁ ମୋର
ପ୍ରାର୍ଥନା ଶୁଣିଅଛନ୍ତି।
2 ମୁଁ ତାଙ୍କୁ ଭଲ ପାଏ ଯେତେବେଳେ ସେ ମୋ ପ୍ରାର୍ଥନା
ଶୁଣିଲେ ଏବଂ ମୁଁ ମୃତ୍ୟୁବରଣ କଲା ପୂର୍ବରୁ* ଉତ୍ତର
ଦେଲେ।
3 ମୃତର ରଜ୍ଜୁ ଚତୁଃପାର୍ଶ୍ୱରେ ପ୍ରାୟ ମୋତେ ବାନ୍ଧି ଦେଲା।
କବର ତା'ର ଫାନ୍ଦ ସହିତ ମୋର ପାଖାପାଖି ହୋଇଥିଲା।
ମୁଁ ସଙ୍କଟ ଓ ଦୁଃଖରେ ଥିଲି।
4 ଏହାପରେ ମୁଁ ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କଲି, ମୁଁ
କହିଲି, "ହେ ସଦାପ୍ରଭୁ ମୋତେ ରକ୍ଷା କର!"
5 ସଦାପ୍ରଭୁ ହେଉଛନ୍ତି ଧର୍ମମୟ ଓ ଦୟାଳୁ ଏବଂ ଯାହା
ଯଥାର୍ଥ ସେ କରନ୍ତି। ଆମ୍ଭମାନଙ୍କର ପରମେଶ୍ୱର ଦୟାଳୁ
ଅଟନ୍ତି।
6 ସଦାପ୍ରଭୁ ଅସହାୟ ଲୋକମାନଙ୍କର ଯତ୍ନ ନିଅନ୍ତି। ମୁଁ
ଯେତେବେଳେ ଦିନହୀନ ଥିଲି ସଦାପ୍ରଭୁ ମୋତେ ରକ୍ଷା
କଲେ।
7 ହେ ମୋର ପ୍ରାଣ ବିଶ୍ରାମ କର। ସଦାପ୍ରଭୁ ତୁମ୍ଭପ୍ରତି
ମଙ୍ଗଳମୟ ଅଟନ୍ତି।
8 ସଦାପ୍ରଭୁ, ତୁମ୍ଭେ ମୃତ୍ୟୁରୁ ମୋର ପ୍ରାଣକୁ ରକ୍ଷା କଲ।
ମୋର ଲୋତକ ବନ୍ଦ କଲ। ତୁମ୍ଭେ ଝୁଣ୍ଟି ପଡ଼ିଯିବାରୁ
ମୋତେ ରକ୍ଷା କଲ।
9 ଜୀବିତମାନଙ୍କ ଦେଶରେ ମୁଁ ସଦାପ୍ରଭୁଙ୍କ ସେବା କରିବି।
10 ଏପରିକି ମୁଁ ଯେବେ କହିଲି, "ମୁଁ ବହୁତ କଷ୍ଟ
ପାଉଅଛି" ତଥାପି ମୁଁ ବିଶ୍ୱାସ କଲି।
11 ମୁଁ ଯେତେବେଳେ ଭୟରେ ଥିଲି, କହିଲି, "ସମସ୍ତ
ମନୁଷ୍ୟ ମିଥ୍ୟାଗ୍ଭରୀ ଅଟନ୍ତି।"
12 ସେ କରିଥିବା ମଙ୍ଗଳଦାନର ଫଳସ୍ୱରୂପ ମୁଁ ସଦାପ୍ରଭୁଙ୍କୁ
କ'ଣ ଦେଇପାରେ?
13 ସେ ମୋତେ ରକ୍ଷା କଲେ। ତେଣୁ ମୁଁ ତାଙ୍କୁ ପେୟ
ନୈବେଦ୍ୟ ଉତ୍ସର୍ଗ କରିବି। ଏବଂ ମୁଁ ସଦାପ୍ରଭୁଙ୍କ ନାମ
ପ୍ରାର୍ଥନା କରିବି।
14 ମୁଁ ସଦାପ୍ରଭୁଙ୍କଠାରେ କରିଥିବା ପ୍ରତିଜ୍ଞାକୁ ତାଙ୍କର ସବୁ
ଲୋକଙ୍କ ଆଗରେ ପୂର୍ଣ୍ଣ କରିବି।
15 ସଦାପ୍ରଭୁଙ୍କର ଅନୁସରଣକାରୀ ମଧ୍ୟରୁ ସଦ୍‌ଭକ୍ତମାନଙ୍କ
ମୃତ୍ୟୁ ବହୁମୂଲ୍ୟ ଅଟେ।
16 ମୁଁ ତୁମ୍ଭର ଦାସ। ମୁଁ ତୁମ୍ଭର ଜଣେ ଦାସୀର ସନ୍ତାନ
ଅଟେ। ହେ ସଦାପ୍ରଭୁ, ତୁମ୍ଭେ ମୋତେ ମୃତ୍ୟୁର ଶିଙ୍କୁଳିରୁ
ମୁକ୍ତ କର।
17 ମୁଁ ତୁମ୍ଭକୁ ଏକ ଧନ୍ୟବାଦାର୍ଥକ ବଳି ଦେବି। ମୁଁ
ସଦାପ୍ରଭୁଙ୍କର ନାମକୁ ଡାକିବି।
18 ମୁଁ ସଦାପ୍ରଭୁଙ୍କଠାରେ କରିଥିବା ପ୍ରତିଜ୍ଞାକୁ ତାଙ୍କ ଲୋକମାନଙ୍କ
ଆଗରେ ପୂର୍ଣ୍ଣ କରିବି।
19 ମୁଁ ତାଙ୍କର ଯିରୁଶାଲମରେ ଥିବା ମନ୍ଦିରକୁ ଯିବି।
ସଦାପ୍ରଭୁଙ୍କର ପ୍ରଶଂସା କର!

---

**ମୃତ୍ୟୁବରଣ ପୂର୍ବରୁ** ଆକ୍ଷରିକ ଭାବରେ "ମୋ ଜୀବନରେ।"

## ଗୀତ 117

1 ହେ ସମସ୍ତ ଜାତିଗଣ, ସଦାପ୍ରଭୁଙ୍କର ପ୍ରଶଂସା କର। ହେ
ସମସ୍ତ ଲୋକ, ସଦାପ୍ରଭୁଙ୍କର ପ୍ରଶଂସା କର।
2 କାରଣ ପରମେଶ୍ୱର ଆମ୍ଭମାନଙ୍କୁ ବହୁତ ପ୍ରେମ କରନ୍ତି!
ସେ ଚିରକାଳ ଆମ୍ଭମାନଙ୍କ ପାଇଁ ସତ୍ୟ ରହିବେ।
ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର।

## ଗୀତ 118

1 ସଦାପ୍ରଭୁଙ୍କୁ ପ୍ରଶଂସା କର କାରଣ ସେ ମଙ୍ଗଳମୟ
ପରମେଶ୍ୱର ଅଟନ୍ତି। ତାଙ୍କର ସ୍ନେହପୂର୍ଣ୍ଣ କରୁଣା
ଅନନ୍ତକାଳସ୍ଥାୟୀ!
2 ଇଶ୍ରାୟେଲ ଏବେ କହନ୍ତୁ, "ତାଙ୍କର ସ୍ନେହପୂର୍ଣ୍ଣ କରୁଣା
ଅନନ୍ତକାଳସ୍ଥାୟୀ।"
3 ହାରୋଣର ପରିବାରବର୍ଗ* ବର୍ତ୍ତମାନ ଏବେ ଏହା କୁହନ୍ତୁ
ଯେ, "ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।"
4 ହେ ସଦାପ୍ରଭୁଙ୍କର ଉପାସନା କରୁଥିବା ଲୋକମାନେ,
ଏହା କୁହ, "ତାହାଙ୍କ ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।"
5 ମୁଁ ସଙ୍କଟରେ ଥିଲି, ତେଣୁ ସଦାପ୍ରଭୁଙ୍କର ସାହାଯ୍ୟ
ପାଇଁ ଡାକିଲି। ସଦାପ୍ରଭୁ ଉତ୍ତର ଦେଲେ ଏବଂ ମୋତେ
ସେଥିରୁ ମୁକ୍ତ କଲେ।
6 ସଦାପ୍ରଭୁ ମୋ ସହିତ ଅଛନ୍ତି। ତେଣୁ ମୁଁ ଭୟ କରିବି
ନାହିଁ। ଲୋକମାନେ, ମୋତେ କ'ଣ କରିପାରିବେ,
7 ସଦାପ୍ରଭୁ ମୋର ସାହାଯ୍ୟକାରୀ। ମୁଁ ମୋର ଶତ୍ରୁମାନଙ୍କର
ପରାସ୍ତ ଦେଖିବି।
8 ଲୋକମାନଙ୍କଠାରେ ବିଶ୍ୱାସ ରଖିବା ଅପେକ୍ଷା
ସଦାପ୍ରଭୁଙ୍କଠାରେ ରକ୍ଷା ପାଇଁ ନିର୍ଭର ରଖିବା ନିଶ୍ଚିତ
ଉତ୍ତମ।
9 ଅଧିପତିମାନଙ୍କ ଉପରେ ବିଶ୍ୱାସ କରିବା ଅପେକ୍ଷା
ପରମେଶ୍ୱରଙ୍କଠାରେ ଶରଣାଗତ ହେବା ଉତ୍ତମ।
10 ଶତ୍ରୁମାନେ ମୋତେ ଘେରି ଯାଇଥିଲେ, କିନ୍ତୁ ସଦାପ୍ରଭୁଙ୍କ
ଶକ୍ତି ବଳରେ ମୁଁ ସେମାନଙ୍କୁ ପରାସ୍ତ କଲି।
11 ଶତ୍ରୁଗଣ ବାରମ୍ବାର ମୋତେ ଘେରି ରହୁଛନ୍ତି। ମୁଁ
ସେମାନଙ୍କୁ ସଦାପ୍ରଭୁଙ୍କ ଶକ୍ତିରେ ପରାସ୍ତ କରିବି।
12 ଶତ୍ରୁମାନେ ମହୁମାଛି ଦଳ ପରି ମୋର ଚତୁଃପାର୍ଶ୍ୱରେ
ବାରମ୍ବାର ଘେରିଗଲେ। କିନ୍ତୁ ସେମାନେ କଣ୍ଟା ବୁଦାର
ନିଆଁ ପରି ଶୀଘ୍ର ନଷ୍ଟ ହେଲେ। ମୁଁ ସଦାପ୍ରଭୁଙ୍କ
ଶକ୍ତିରେ ସେମାନଙ୍କୁ ପରାସ୍ତ କଲି।
13 ମୋର ଶତ୍ରୁମାନେ ମୋତେ ଆକ୍ରମଣ କରି ପ୍ରାୟ ଧ୍ୱଂସ
କରିବା ଉପରେ ଥିଲେ, କିନ୍ତୁ ସଦାପ୍ରଭୁ ମୋତେ
ସାହାଯ୍ୟ କଲେ।
14 ଯାହାଙ୍କୁ ମୁଁ ଗୀତରେ ଏବଂ ସ୍ତୁତିରେ* ପ୍ରଶଂସା କରେ,
ସେ ହିଁ ସଦାପ୍ରଭୁ, ମୋର ଶକ୍ତି ଓ ସୁରକ୍ଷା। ସଦାପ୍ରଭୁ
ମୋତେ ରକ୍ଷା କଲେ।
15 ଧାର୍ମିକମାନଙ୍କ ତମ୍ବୁରେ ଆନନ୍ଦ ଓ ବିଜୟ ଧ୍ୱନି ତୁମ୍ଭେ
ଶୁଣିପାରିବ। ସଦାପ୍ରଭୁ ପୁନର୍ବାର ତାଙ୍କର ମହାନ୍ ଶକ୍ତି
ପ୍ରଦର୍ଶନ କଲେ।
16 ସଦାପ୍ରଭୁଙ୍କ ଦକ୍ଷିଣ ହସ୍ତ ବିଜୟ ପାଇଁ ଉତ୍ଥିତ ହେଲା।
ଦେଖ, ସଦାପ୍ରଭୁ ପୁଣି ତାଙ୍କର ମହାଶକ୍ତି ଦେଖାଇଲେ।
17 ମୁଁ ମରିବି ନାହିଁ କିନ୍ତୁ ବଞ୍ଚିବି ଏବଂ ସଦାପ୍ରଭୁଙ୍କ କର୍ମସବୁ
ବର୍ଣ୍ଣନା କରିବି।
18 ସଦାପ୍ରଭୁ ମୋତେ ବହୁତ ଶାସ୍ତି ଦେଇଅଛନ୍ତି। ମାତ୍ର ସେ
ମୋତେ ମରିବାକୁ ଦେଲେ ନାହିଁ।
19 ହେ ପରମେଶ୍ୱର ମୋ ପାଇଁ ସତ୍ୟତାର ଫାଟକ ସବୁ
ଫିଟାଅ। ମୁଁ ତହିଁ ମଧ୍ୟରେ ପ୍ରବେଶ କରିବି ଏବଂ
ସଦାପ୍ରଭୁଙ୍କୁ ପ୍ରଶଂସା କରିବି।
20 ଏହିସବୁ ସଦାପ୍ରଭୁଙ୍କର ଦ୍ୱାର ସମୁହ। କେବଳ ଧାର୍ମିକ
ଲୋକମାନେ ତହିଁରେ ପ୍ରବେଶ କରିପାରିବେ।
21 ହେ ସଦାପ୍ରଭୁ, ତୁମ୍ଭେ ମୋର ପ୍ରାର୍ଥନାର ଉତ୍ତର ଦେଇଥିବାରୁ
ମୁଁ ତୁମ୍ଭକୁ ଧନ୍ୟବାଦ ଦେଉଛି। ମୋତେ ପରିତ୍ରାଣ
କରିଥିବାରୁ ତୁମ୍ଭଙ୍କୁ ଧନ୍ୟବାଦ।
22 ନିର୍ମାଣକାରୀମାନେ ଯେଉଁ ପଥର ସବୁ ଅଗ୍ରାହ୍ୟ କଲେ।
ତାହା କୋଣର ପ୍ରଧାନ ପଥର ହୋଇଅଛି।
23 ଏହାସବୁ ସଦାପ୍ରଭୁଙ୍କ କର୍ମ। କିନ୍ତୁ ଆମ୍ଭ ଦୃଷ୍ଟିରେ ଏହା
ଆଶ୍ଚର୍ଯ୍ୟ।
24 ଆଜି ଦିନକୁ ସଦାପ୍ରଭୁ ହିଁ ତିଆରି କରିଛନ୍ତି। ଆସ
ଆମ୍ଭେମାନେ ଆଜି ଆନନ୍ଦ ଓ ଉଲ୍ଲାସ କରିବା।
25 ଲୋକମାନେ କହନ୍ତି, "ହେ ସଦାପ୍ରଭୁ, ଆମ୍ଭକୁ ରକ୍ଷା
କର। "ସଦାପ୍ରଭୁ, ଆମ୍ଭକୁ ସଫଳତା ଦିଅ।"
26 ଯାଜକମାନେ କହନ୍ତି, "ଯିଏ ସଦାପ୍ରଭୁଙ୍କ ନାମରେ ଆସନ୍ତି
ତାଙ୍କୁ ପରମେଶ୍ୱର ଆଶୀର୍ବାଦ କରନ୍ତୁ। ଆମ୍ଭେମାନେ ମଧ୍ୟ
ସଦାପ୍ରଭୁଙ୍କ ମନ୍ଦିରରେ ଆଶୀର୍ବାଦ କରୁ।
27 ସଦାପ୍ରଭୁ ପରମେଶ୍ୱର ଅଟନ୍ତି। ଏବଂ ସେ ଆମ୍ଭମାନଙ୍କୁ
ଗ୍ରହଣ କରନ୍ତି। ଯଜ୍ଞବେଦୀର ଶିଙ୍ଗରେ ରଜ୍ଜୁ ଦ୍ୱାରା ମେଷକୁ
ବାନ୍ଧ।"
28 ହେ ସଦାପ୍ରଭୁ, ତୁମ୍ଭେ ମୋର ପରମେଶ୍ୱର, ମୁଁ ତୁମ୍ଭ
ନାମର ଧନ୍ୟବାଦ କରୁଛି। ମୁଁ ତୁମ୍ଭକୁ ପ୍ରଶଂସା କରୁଛି।
29 ସଦାପ୍ରଭୁଙ୍କର ପ୍ରଶଂସା କର, କାରଣ ସେ ମଙ୍ଗଳମୟ।
ହିଁ, ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।

## ଗୀତ 119

### ଆଲେଫ୍

1 ଯେଉଁ ଲୋକମାନେ ପବିତ୍ର ଭାବରେ ଜୀବନଯାପନ
କରନ୍ତି, ଓ ଯେଉଁମାନେ ସଦାପ୍ରଭୁଙ୍କର ନିୟମସବୁ ଅନୁସରଣ
କରନ୍ତି, ସେମାନେ ଧନ୍ୟ!
2 ଯେଉଁ ଲୋକମାନେ ସଦାପ୍ରଭୁଙ୍କର ଚୁକ୍ତି ମାନନ୍ତି, ଓ
ଯେଉଁମାନେ ହୃଦୟରେ ସଦାପ୍ରଭୁଙ୍କୁ ଖୋଜନ୍ତି, ସେମାନେ
ଧନ୍ୟ!
3 ସେହି ଲୋକମାନେ କୌଣସି ଅଧର୍ମ କାର୍ଯ୍ୟ କରନ୍ତି
ନାହିଁ, କିନ୍ତୁ ସେମାନେ ସଦାପ୍ରଭୁଙ୍କ ପଥ ଅନୁସରଣ
କରନ୍ତି।
4 ହେ ସଦାପ୍ରଭୁ, ତୁମ୍ଭେ ଆପଣା ନିର୍ଦ୍ଦେଶସବୁ ଏବଂ

---

**ହାରୋଣର ପରିବାରବର୍ଗ** ତାହା ହେଉଛି, ହେ ଯାଜକଗଣ।

**ସ୍ତୁତି** ଅଥବା ସଦାପ୍ରଭୁ ମୋର ଶକ୍ତି ଏବଂ ସୁରକ୍ଷା।

ବଧାନସବୁକୁ ସତର୍କ ରୂପେ ମାନବା ପାଇଁ ନର୍ଦ୍ଦେଶ ଦେଇଅଛ।

5 ମୁଁ ଆଶା କରୁଛ ଯେ, ମୁଁ ବୋଧହୁଏ ତୁମ୍ଭର ନୟମ ଅପରବର୍ତ୍ତନୀୟ ଭାବରେ ଅଧିକ ମାନବ।

6 ଯଦ ମୁଁ ତୁମ୍ଭର ଆଜ୍ଞା ସକଳ ପ୍ରତି ଦୃଷ୍ଟି ରଖିବ, ତେବେ ମୁଁ ଲଜ୍ଜିତ ହେବ ନାହିଁ।

7 ମୁଁ ତୁମ୍ଭକୁ ସର୍ବାନ୍ତକରଣ ହୃଦୟ ସହତ ପ୍ରଶଂସା କରବ, ଯେତେବେଳେ ମୁଁ ତୁମ୍ଭର ନ୍ୟାୟପରାୟଣତା ବଷୟରେ ଜାଣିବ।

8 ମୁଁ ତୁମ୍ଭର ବଧିସବୁ ପାଳନ କରବ। ମୋତେ ଏକୁଟିଆ କର ଛାଡ ନାହିଁ।

## ବୈତ୍

9 ତୁମ୍ଭର ବାକ୍ୟାନୁଯାୟୀ କପର ଜଣେ ଯୁବକ ତା'ର ଜୀବନକୁ ପବତ୍ର କରପାରବ?

10 ସଦାପ୍ରଭୁ, ମୁଁ ଚେଷ୍ଟା କରବ ମୋର ସର୍ବାନ୍ତକରଣ ହୃଦୟରେ ତୁମ୍ଭର ସେବା କରବ। ତୁମ୍ଭର ଆଜ୍ଞାରୁ ଚାଲିଯିବାକୁ ମୋତେ ପ୍ରତିରୋଧ କର।

11 ମୁଁ ମୋ ହୃଦୟରେ ତୁମ୍ଭର ପ୍ରତିଜ୍ଞାକୁ ସଞ୍ଚୟ କର ରଖିଅଛ, ଯେପର ମୁଁ ତୁମ୍ଭ ବରୁଦ୍ଧରେ ପାପ ନ କରବ।

12 ସଦାପ୍ରଭୁ, ମୁଁ ତୁମ୍ଭଙ୍କୁ ପ୍ରଶଂସା କରେ। ତୁମ୍ଭର ବ୍ୟବସ୍ଥା ମୋତେ ଶିଖାଅ।

13 ମୋ ଓଷ୍ଠସହ ତୁମ୍ଭର ନ୍ୟାୟପରାୟଣତାକୁ ବାରମ୍ବାର କହଅଛ।

14 ତୁମ୍ଭର ବାକ୍ୟରେ ରହ ମୁଁ ସବୁ ସମ୍ଭବ ସମ୍ପଦ ପାଇଅଛ।

15 ମୁଁ ତୁମ୍ଭର ନର୍ଦ୍ଦେଶର ମଧ୍ୟସ୍ଥି ହେବାକୁ ଚାହୁଁଛ ଏବଂ ଯେଉଁ ରାସ୍ତା ତୁମ୍ଭେ ଅନୁସରଣ କରବାକୁ କହଅଛ ମୁଁ ତାହା ଅନୁସରଣ କରବ।

16 ମୁଁ ତୁମ୍ଭ ବ୍ୟବସ୍ଥାରେ ଆନନ୍ଦ କରବ। ମୁଁ ତୁମ୍ଭର ବାକ୍ୟ ପାଶୋରବ ନାହିଁ।

## ଗିମେଲ୍

17 ମୁଁ ଯେମନ୍ତ ବଞ୍ଚିପାରବ, ଏଥିପାଇଁ ତୁମ୍ଭେ ଆପଣା ଦାସର ମଙ୍ଗଳ କର, ଯେଉଁଥିରେ ମୁଁ ତୁମ୍ଭର ବାକ୍ୟ ପାଳନ କରପାରବ,

18 ହେ ସଦାପ୍ରଭୁ, ମୋର ଆଖି ଉନ୍ମୁକ୍ତ କର। ଯେଉଁଥିରେ ମୁଁ ତୁମ୍ଭର ବ୍ୟବସ୍ଥାରୁ ଆଶ୍ଚର୍ଯ୍ୟ ବଷୟମାନ ଦେଖିପାରବ।

19 ମୁଁ ଏହ ସ୍ଥାନରେ ଜଣେ ପ୍ରବାସୀ। ହେ ସଦାପ୍ରଭୁ, ତୁମ୍ଭର ଆଜ୍ଞାସବୁ ମୋ ଠାରୁ ଲୁଚାଅ ନାହିଁ।

20 ମୁଁ ସର୍ବଦା ତୁମ୍ଭର ଶାସନସକଳ ପଢିବା ପାଇଁ ବହୁତ ଚାହେଁ।

21 ସଦାପ୍ରଭୁ ତୁମ୍ଭେ ଗର୍ବୀ ଲୋକମାନଙ୍କୁ ଉପହାସ କର। ଯେଉଁମାନେ ତୁମ୍ଭର ଆଜ୍ଞାଗୁଡକୁ ଅନୁସରଣ କରବାକୁ ବନ୍ଦ କରନ୍ତ ସେମାନେ ଅଭିଶପ୍ତ ହୁଅନ୍ତ।

22 ମୋଠାରୁ ନନ୍ଦା ଓ ଅପମାନସବୁ ଦୂର କର। ମୁଁ ତୁମ୍ଭର ବାକ୍ୟ ଅନୁସରଣ କରଅଛ।

23 ଏପରକ ଅଧିପତିମାନେ ମିଶନ୍ତ ଏବଂ ମୋ ବରୁଦ୍ଧରେ ମନ୍ଦ ଉପାୟ କରନ୍ତ। ମୁଁ ତୁମ୍ଭର ଦାସ, ତୁମ୍ଭର ନୟମର ମଧ୍ୟସ୍ଥି ହୋଇଛ।

24 ତୁମ୍ଭର ଆଇନଗତ ଆଦେଶ ମୋତେ ଆନନ୍ଦ ଦଏ। ସେମାନେ ମୋର ଅତି ଆପଣାର ଆଦେଶଦାତା।

## ଦାଲତ୍

25 ମୁଁ ମରବାବେଳେ ଧୂଳରେ ଗଡେ। ଯେପର ତୁମ୍ଭର ବାକ୍ୟ ଦ୍ୱାରା ପ୍ରତିଜ୍ଞା କରଛ, ମୋତେ ବଞ୍ଚିବାକୁ ଦଅ।

26 ମୁଁ ତୁମ୍ଭକୁ ମୋର ଜୀବନ ବଷୟରେ କହଅଛ। ଏବଂ ତୁମ୍ଭେ ମୋତେ ଉତ୍ତର ଦେଇଅଛ। ବର୍ତ୍ତମାନ ତୁମ୍ଭର ବ୍ୟବସ୍ଥା ମୋତେ ଶିଖାଅ।

27 ତୁମ୍ଭର ନର୍ଦ୍ଦେଶଗୁଡକ ଅନୁସାରେ ମୋତେ ବୁଝିବା ପାଇଁ ସାହାଯ୍ୟ କର। ତେବେ ମୁଁ ତୁମ୍ଭର ଆଶ୍ଚର୍ଯ୍ୟ କର୍ମମାନ ବଷୟରେ ଗଭୀରତମ ଭାବବ।

28 ମୁଁ ଦୁଃଖିତ ଓ କ୍ଲାନ୍ତ ଅଟେ। ତୁମ୍ଭର ବାକ୍ୟର ପ୍ରତିଜ୍ଞା ଅନୁସାରେ ମୋତେ ପୁଣି ଶକ୍ତଶାଳୀ କର।

29 ମୋତେ ମିଥ୍ୟା ଜୀବନ ବଡାଇବାକୁ ଦଅ ନାହିଁ। ଦୟାକର ମୋତେ ତୁମ୍ଭର ବ୍ୟବସ୍ଥା ଶିଖାଅ।

30 ମୁଁ ତୁମ୍ଭ ନକଟରେ ବଶ୍ୱସ୍ତ ହେବା ପାଇଁ ମନୋନୀତ ହୋଇଅଛ। ମୁଁ ଯତ୍ନ ସହକାରେ ତୁମ୍ଭର ନ୍ୟାୟପରାୟଣତାକୁ ଶିକ୍ଷା କରବ।

31 ମୁଁ ତୁମ୍ଭ ବାକ୍ୟ ନକଟବର୍ତ୍ତୀ ହୋଇ ଅନୁସରଣ କଲ। ହେ ସଦାପ୍ରଭୁ, ମୋତେ ନରାଶ କରନାହିଁ।

32 ମୁଁ ବହୁ ଆନନ୍ଦ ସହକାରେ ତୁମ୍ଭର ଆଦେଶସବୁ ମାନବ, ଯେତେବେଳେ ତୁମ୍ଭେ ମୋର ବୁଝିବା ଶକ୍ତକୁ ପ୍ରଶସ୍ତ କରବ।

## ହେ

33 ସଦାପ୍ରଭୁ, ତୁମ୍ଭ ନୟମ ଦ୍ୱାରା ମୋତେ କପର ବଞ୍ଚିବାକୁ ହେବ ଶିଖାଅ ଏବଂ ତାକୁ ଅନୁସରଣ କଲେ ମୋର ପୁରସ୍କାର ହେବ।

34 ସେସବୁକୁ ବୁଝିବା ପାଇଁ ମୋତେ ସାହାଯ୍ୟ କର। ଏବଂ ମୁଁ ତୁମ୍ଭର ଶିକ୍ଷା ମାନବ। ମୁଁ ସମ୍ପୂର୍ଣ୍ଣ ହୃଦୟ ସହତ ତାହାକୁ ପାଳନ କରବ।

35 ସଦାପ୍ରଭୁ ତୁମ୍ଭର ନର୍ଦ୍ଦେଶ ପଥରେ ମୋତେ ଆଗେଇ ନଅ। ମୁଁ ବାସ୍ତବରେ ସେହପର ଜୀବନ ବଡାଇବା ପାଇଁ ବହୁତ ଭଲପାଏ।

36 ମୋତେ ଧନୀ ହେବା ପରବର୍ତ୍ତେ ମୋତେ ବାକ୍ୟ ବଷୟରେ ବୁଝିବା ପାଇଁ ସାହାଯ୍ୟ କର।

37 ସଦାପ୍ରଭୁ ଅସାର ବସ୍ତୁ ମୋତେ ଦେଖିବାକୁ ଦଅ ନାହିଁ। ତୁମ୍ଭ ପଥରେ ଚାଲକ ମୋତେ ଜୀବନ ଖୋଜିବାକୁ ଦଅ।

38 ତୁମ୍ଭେ ଆପଣା ଦାସପାଇଁ ଯାହା ପ୍ରତିଜ୍ଞା କରଅଛ, ତାହା କର। ତେଣୁ ଲୋକମାନେ ତୁମ୍ଭକୁ ସମ୍ମାନ କରବେ।

39 ସଦାପ୍ରଭୁ ଅପମାନତାକୁ ଦୂରେଇ ନଅ ଯାହାକୁ ମୁଁ ଭୟ କରେ। ତୁମ୍ଭର ବଜ୍ଞ ନଷ୍ପତ୍ତି ଉତ୍ତମ।

40 ଦେଖ, ମୁଁ ତୁମ୍ଭର ନିର୍ଦ୍ଦେଶ ସବୁକୁ ଭଲପାଏ। ତୁମ୍ଭର
ଧର୍ମରେ ମୋତେ ବଞ୍ଚିବାକୁ ଦିଅ।

### ୱୌ

41 ହେ ସଦାପ୍ରଭୁ, ମୋ ପ୍ରତି ତୁମ୍ଭର ପ୍ରେମ ପ୍ରଦର୍ଶନ କର।
ତୁମ୍ଭର ପ୍ରତିଜ୍ଞାନୁସାରେ ମୋତେ ପରିତ୍ରାଣ କର।
42 ତହିଁରେ ମୁଁ ସେମାନଙ୍କୁ ଉତ୍ତର ଦେବି। ଯେଉଁମାନେ
ମୋତେ ଅପମାନିତ କରୁଥିଲେ। ହେ ସଦାପ୍ରଭୁ, ବାସ୍ତବରେ
ମୁଁ ତୁମ୍ଭ ବାକ୍ୟରେ ଭରସା କରେ।
43 ମୋତେ ତୁମ୍ଭର ସତ୍ୟ ଶିକ୍ଷା ବିଷୟରେ କହିବାକୁ ଦିଅ।
ମୁଁ ତୁମ୍ଭର ବୁଦ୍ଧିମାନ ବାକ୍ୟରେ ନିର୍ଭର କରେ।
44 ମୁଁ ଅନନ୍ତକାଳ ପର୍ଯ୍ୟନ୍ତ ତୁମ୍ଭର ଶିକ୍ଷା ଅନୁସରଣ କରିବି।
45 ତେଣୁ ମୁଁ ମୁକ୍ତ ହେବି, କାରଣ ମୁଁ ତୁମ୍ଭର ନିର୍ଦ୍ଦେଶସବୁ
ଅନୁସରଣ କରିବାକୁ ଚେଷ୍ଟା କରେ।
46 ମୁଁ ରାଜାମାନଙ୍କ ସହିତ ତୁମ୍ଭର ବାକ୍ୟ ବିଷୟରେ
ଆଲୋଚନା କରିବି। ଏବଂ ମୁଁ ଲଜ୍ଜିତ ହେବି ନାହିଁ।
47 ମୁଁ ତୁମ୍ଭର ନୀତି ଆଦେଶମାନ ମାନି ବହୁତ ଖୁସି। ହେ
ସଦାପ୍ରଭୁ, ମୁଁ ତୁମ୍ଭର ଆଜ୍ଞାସମୂହ ସ୍ନେହ କରିଅଛି।
48 ମୁଁ ତୁମ୍ଭର ଆଦେଶଗୁଡ଼ିକୁ ପ୍ରଶଂସା କରେ, ଯେଉଁଗୁଡ଼ିକକି
ମୁଁ ଭଲପାଏ। ଏବଂ ମୁଁ ତୁମ୍ଭର ବ୍ୟବସ୍ଥାସବୁ ଧ୍ୟାନ
କରିବି।

### ସୟିନ୍

49 ହେ ସଦାପ୍ରଭୁ, ତୁମ୍ଭେ ମୋ ପ୍ରତି କରିଥିବା ପ୍ରତିଜ୍ଞା
ସ୍ମରଣ କର। ସେହି ପ୍ରତିଜ୍ଞା ମୋତେ ଭରସା ଦେଇଛି।
50 ମୁଁ ଯେତେବେଳେ ଦୁଃଖରେ ଥିଲି, ତୁମ୍ଭେ ସେତେବେଳେ
ମୋତେ ସାନ୍ତ୍ୱନା ଦେଇଅଛ। ତୁମ୍ଭର ବାକ୍ୟସବୁ ମୋତେ
ପୁନଃର୍ଜୀବିତ କରିଅଛି।
51 ଲୋକମାନେ ଭାବନ୍ତି ସେମାନେ ମୋଠାରୁ ଉତ୍ତମ ଏବଂ
ମୋତେ ଅତିଶୟ ଅପମାନିତ କରିଛନ୍ତି, କିନ୍ତୁ ମୁଁ ତୁମ୍ଭ
ଶିକ୍ଷାରୁ ବିଚ୍ୟୁତ ହୋଇ ନାହିଁ।
52 ମୁଁ ତୁମ୍ଭର ପୂର୍ବରୁ ଦେଇଥିବା ଶାସନକୁ ସ୍ମରଣ କରେ
ଏବଂ ସେଗୁଡ଼ିକ ମୋତେ ସାନ୍ତ୍ୱନା ଦିଏ।
53 ମୁଁ କ୍ରୋଧିତ ହୋଇଯାଏ, ଯେତେବେଳେ ଦେଖେ ଦୁଷ୍ଟ
ଲୋକମାନେ ତୁମ୍ଭର ଶିକ୍ଷା ସମୁହକୁ ଆଉ ଅନୁସରଣ
କରୁ ନାହାଁନ୍ତି।
54 ମୋର ଗୃହରେ ମୁଁ ତୁମ୍ଭର ବ୍ୟବସ୍ଥାସବୁ ଗାନ କରେ।
55 ହେ ସଦାପ୍ରଭୁ, ରାତ୍ରିରେ ମୁଁ ତୁମ୍ଭ ନାମ ସ୍ମରଣ କରେ।
ମୁଁ ତୁମ୍ଭର ଶିକ୍ଷାସବୁ ସ୍ମରଣ କରେ।
56 ଏହିପରି ଘଟେ କାରଣ ମୁଁ ତୁମ୍ଭର ନିର୍ଦ୍ଦେଶସବୁ ଯତ୍ନର
ସହକାରେ ମାନି ଚଳେ।

### ହେତ୍

57 ସଦାପ୍ରଭୁ, ମୁଁ ନିଷ୍ପତ୍ତି କରିଛି ମୋର କର୍ତ୍ତବ୍ୟ ହେଉଛି
ତୁମ୍ଭର ଆଜ୍ଞାକୁ ମାନିବା।
58 ସଦାପ୍ରଭୁ ମୁଁ ମୋର ସମ୍ପୂର୍ଣ୍ଣ ହୃଦୟ ସହିତ ତୁମ୍ଭକୁ ଭିକ୍ଷା
କରେ। ତୁମ୍ଭର ପ୍ରତିଜ୍ଞା ଅନୁସାରେ ମୋ ପ୍ରତି ଦୟାକର।
59 ମୁଁ ମୋ ଜୀବନକୁ ଯତ୍ନ ସହକାରେ ଅନୁଶୀଳନ କଲି।
ଏବଂ ମୁଁ ତୁମ୍ଭର ନିୟମକୁ ପୁଣି ଫେରିଲି।
60 ମୁଁ ତୁମ୍ଭର ଆଜ୍ଞାସବୁ ପାଳନ କରିବାରେ, ବିଳମ୍ବ କରି
ନାହିଁ।
61 ଦୁଷ୍ଟଲୋକମାନେ ମୋ ଗୃହପାଖରେ ଫାନ୍ଦ ବସାଇଛନ୍ତି,
କିନ୍ତୁ ମୁଁ ତୁମ୍ଭର ଶିକ୍ଷାସବୁ ଭୁଲି ନାହିଁ।
62 ମୁଁ ତୁମ୍ଭର ଧର୍ମମୟ ନିଷ୍ପତ୍ତିକୁ ଧନ୍ୟବାଦ ଦେବାପାଇଁ
ମଧ୍ୟରାତ୍ରୀରେ ଉଠିଥାଏ।
63 ଯେଉଁମାନେ ତୁମ୍ଭଙ୍କୁ ଉପାସନା କରନ୍ତି ଓ ଯେଉଁମାନେ
ତୁମ୍ଭର ନିର୍ଦ୍ଦେଶ ମାନନ୍ତି, ମୁଁ ସେମାନଙ୍କର ବନ୍ଧୁ।
64 ହେ ସଦାପ୍ରଭୁ, ପୃଥିବୀ ତୁମ୍ଭର ଦୟାରେ ପୂର୍ଣ୍ଣ। ତୁମ୍ଭର
ବ୍ୟବସ୍ଥାସବୁ ମୋତେ ଶିଖାଅ।

### ଟେହ୍

65 ହେ ସଦାପ୍ରଭୁ, ତୁମ୍ଭେ ନିଜ ଦାସ ପ୍ରତି ଉତ୍ତମ ବ୍ୟବହାର
କରିଛ। ତୁମ୍ଭେ ଯାହା କରିବାକୁ ପ୍ରତିଜ୍ଞା କରିଥିଲ ଠିକ୍
ତାହା କରିଛ।
66 ହେ ସଦାପ୍ରଭୁ, ମୋତେ ବିଜ୍ଞ ନିଷ୍ପତ୍ତି କରିବା ପାଇଁ
ଜ୍ଞାନ ପ୍ରଦାନ କର। ମୁଁ ତୁମ୍ଭର ଆଜ୍ଞା ସମୂହରେ ବିଶ୍ୱାସ
କରିଅଛି।
67 ମୁଁ ଦୁଃଖ ଭୋଗିବା ପୂର୍ବରୁ ବହୁତ କୁକର୍ମମାନ କଲି।
ମାତ୍ର ମୁଁ ବର୍ତ୍ତମାନ ତୁମ୍ଭର ନିର୍ଦ୍ଦେଶ ଯତ୍ନରେ ମାନୁଅଛି।
68 ହେ ପରମେଶ୍ୱର, ତୁମ୍ଭେ ମଙ୍ଗଳମୟ, ତୁମ୍ଭେ ମଙ୍ଗଳ
କର। ମୋତେ ତୁମ୍ଭର ନିୟମସବୁ ଶିଖାଅ।
69 ଯେଉଁ ଲୋକମାନେ ଭାବନ୍ତି ସେମାନେ ମୋଠାରୁ ଉତ୍ତମ,
ସେମାନେ ମୋ ବିଷୟରେ ମିଥ୍ୟା କହିଛନ୍ତି। କିନ୍ତୁ ହେ
ସଦାପ୍ରଭୁ, ମୁଁ ହୃଦୟ ଅନ୍ତକରଣ ସହକାରେ ତୁମ୍ଭର
ନିର୍ଦ୍ଦେଶ ଅନୁସରଣ କରିଅଛି।
70 ସେହି ଲୋକମାନେ ବହୁତ ମୂର୍ଖ। ମାତ୍ର ମୁଁ ତୁମ୍ଭ
ଶିକ୍ଷାରେ ଆନନ୍ଦିତ ହୁଏ।
71 ଏହି ଯନ୍ତ୍ରଣା ଭୋଗ କରିବା ମୋ ପାଇଁ ଉତ୍ତମ ଥିଲା,
ଯେପରିକି ମୁଁ ତୁମ୍ଭ ବ୍ୟବସ୍ଥା ଶିକ୍ଷା କରିପାରେ।
72 ତୁମ୍ଭର ଶିକ୍ଷାସବୁ ମୋ ପାଇଁ ଉତ୍ତମ, ଏହା ଏକହଜାର
ଖଣ୍ଡ ସୁନା ଓ ରୂପାଖଣ୍ଡଠାରୁ ଉତ୍ତମ।

### ଇୟୁଦ୍

73 ହେ ସଦାପ୍ରଭୁ, ତୁମ୍ଭର ହସ୍ତ ମୋତେ ନିର୍ମାଣ କଲା ଏବଂ
ମୁଁ କ'ଣ ତିଆରି କଲି? ମୋତେ ବୁଝିବା ଶକ୍ତି ପ୍ରଦାନ
କର, ଯେପରିକି ମୁଁ ତୁମ୍ଭର ନିର୍ଦ୍ଦେଶସବୁ ଶିକ୍ଷା କରିପାରେ।
74 ସଦାପ୍ରଭୁ ଯେଉଁମାନେ ତୁମ୍ଭକୁ ସମ୍ମାନ ଦିଅନ୍ତି, ସେମାନେ
ମୋତେ ଦେଖିବେ ଏବଂ ଖୁସି ହେବେ। କାରଣ ମୁଁ
ତୁମ୍ଭଠାରେ ଭରସା କରେ।
75 ହେ ସଦାପ୍ରଭୁ, ମୁଁ ଜାଣେ ତୁମ୍ଭ ନିଷ୍ପତ୍ତି ସବୁ ଧର୍ମମୟ।
ମୋତେ ତୁମ୍ଭେ ଦଣ୍ଡ ଦେଇ ଠିକ୍ କରିଥିଲ।
76 ତୁମ୍ଭର ପ୍ରକୃତ ପ୍ରେମରେ ମୋତେ ସାନ୍ତ୍ୱନା ଦିଅ। ତୁମ୍ଭ
ପ୍ରତିଜ୍ଞାନୁସାରେ, ତୁମ୍ଭର ଦାସକୁ ସାନ୍ତ୍ୱନା ଦିଅ।
77 ସଦାପ୍ରଭୁ ମୋ ଉପରେ ଦୟା ରଖ, ଯେପରିକି ମୁଁ

ବଞ୍ଚିପାରେ। ମୁଁ ବାସ୍ତବରେ ତୁମ୍ଭର ଶିକ୍ଷାକୁ ଉପଭୋଗ କରେ।

78 ଯେଉଁ ଲୋକମାନେ ନିଜକୁ ମୋଠାରୁ ଧାର୍ମିକ ଭାବନ୍ତି, ମୋ ବିଷୟରେ ମିଥ୍ୟା କହନ୍ତି। ମୁଁ ଆଶାକରେ ସେମାନେ ଲଜ୍ଜିତ ହୁଅନ୍ତୁ। ହେ ସଦାପ୍ରଭୁ, ମୁଁ ତୁମ୍ଭର ଶିକ୍ଷାସବୁ ଉପରେ ଧାନ କରେ।

79 ଯେଉଁମାନେ ତୁମ୍ଭକୁ ସମ୍ମାନ କରିପାରନ୍ତି, ତୁମ୍ଭେ ସେମାନଙ୍କୁ ମୋ ପାଖକୁ ଫେରାଅ। ଯେପରିକି ସେମାନେ ତୁମ୍ଭର ବାକ୍ୟ ବିଷୟରେ ଶିକ୍ଷା କରିପାରିବେ।

80 ସଦାପ୍ରଭୁ ମୁଁ ସମ୍ପୂର୍ଣ୍ଣ ହୃଦୟ ସହିତ ତୁମ୍ଭର ନିୟମକୁ ମାନିପାରେ, ତେବେ ମୁଁ ଲଜ୍ଜିତ ହେବି ନାହିଁ।

## କଫ୍

81 ସଦାପ୍ରଭୁ ତୁମ୍ଭକୁ ଅପେକ୍ଷା କରି ମୁଁ ଦୁର୍ବଳ ଅଟେ ତୁମ୍ଭେ ମୋତେ ରକ୍ଷା କର। କିନ୍ତୁ ମୁଁ ତୁମ୍ଭର ବାକ୍ୟ ଉପରେ ନିର୍ଭର ରଖେ।

82 ସଦାପ୍ରଭୁ ତୁମ୍ଭେ କରିଥିବା ପ୍ରତିଜ୍ଞାର ଅପେକ୍ଷାରେ ମୋର ଚକ୍ଷୁକ୍ଳାନ୍ତ ହେଲାଣି, ତୁମ୍ଭେ ମୋତେ କେବେ ସାନ୍ତ୍ୱନା ଦେବ?

83 ଏପରିକି ମୁଁ ଅଳିଆ ଗଦାରେ ପଡିଥିବା ଏକ ପଶୁ ଚମଡା ଥଳୀ ଅଟେ। ମୁଁ ତୁମ୍ଭର ନିୟମ ଭୁଲିବି ନାହିଁ

84 କେତେଦିନ ମୁଁ ବଞ୍ଚିବି? ହେ ସଦାପ୍ରଭୁ ତୁମ୍ଭେ କେବେ ମୋର ଦଣ୍ଡବିଧାନକାରୀମାନଙ୍କୁ ଦଣ୍ଡିତ କରିବ।

85 ଅହଂକାରୀମାନେ ମିଥ୍ୟାଦ୍ୱାରା ଆଘାତ କରନ୍ତି ଏବଂ ତାହା ତୁମ୍ଭ ଶିକ୍ଷା ବିରୁଦ୍ଧ ଅଟେ।

86 ହେ ସଦାପ୍ରଭୁ, ତୁମ୍ଭର ଆଦେଶସବୁ ବିଶ୍ୱାସନୀୟ। ସେମାନେ ଅନ୍ୟାୟରେ ମୋତେ ତାଡ଼ନା କରନ୍ତି। ମୋତେ ସାହାଯ୍ୟ କର!

87 ସେହି ଲୋକମାନେ ମୋତେ ଧ୍ୱଂସ କରି ଦେଲେଣି। ମାତ୍ର ମୁଁ ତୁମ୍ଭର ଆଦେଶ ପରିତ୍ୟାଗ କରି ନାହିଁ।

88 ସଦାପ୍ରଭୁ ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ମୋତେ ଦେଖାଅ ଏବଂ ମୋତେ ବଞ୍ଚାଅ। ଯେପରି ମୁଁ ତୁମ୍ଭର ଆଦେଶ ରଖିପାରେ।

## ଲାମଦ୍

89 ହେ ସଦାପ୍ରଭୁ, ତୁମ୍ଭର ବାକ୍ୟ ସର୍ବଦା ପାଇଁ ସ୍ୱର୍ଗରେ ସଂସ୍ଥାପିତ ଅଛି।

90 ତୁମ୍ଭର ବିଶ୍ୱସ୍ତତା ବଂଶାନୁକ୍ରମେ ଚାଲିବ। ତୁମ୍ଭେ ପୃଥିବୀକୁ ଉଚିତ୍ ଜାଗାରେ ରଖିଛ ଏବଂ ଏହା ଏଠାରେ ସବୁବେଳେ ରହିଅଛି।

91 ତୁମ୍ଭର ବ୍ୟବସ୍ଥା ଯୋଗୁଁ ସ୍ୱର୍ଗ ଓ ପୃଥିବୀ ଆଜି ପର୍ଯ୍ୟନ୍ତ ଚାଲୁ ରହିଛି। କାରଣ ସବୁକିଛି ତୁମ୍ଭର ଦାସମାନେ।

92 ଯଦି ମୁଁ ଶିକ୍ଷାଗୁଡିକ ପସନ୍ଦ କରିନଥାନ୍ତି, ମୁଁ ଆପଣା କଷ୍ଟରେ ବିନଷ୍ଟ ହୋଇଥାନ୍ତି।

93 ସଦାପ୍ରଭୁ ତୁମ୍ଭର ନିର୍ଦ୍ଦେଶକୁ ମୁଁ କଦାପି ପାଶୋରିବି ନାହିଁ। କାରଣ ସେମାନଙ୍କ ଦ୍ୱାରା ମୋତେ ତୁମ୍ଭେ ଜୀବିତ ରହିବାକୁ ଦିଅ।

94 ମୁଁ ତୁମ୍ଭର, ତେଣୁ ମୋତେ ରକ୍ଷା କର। କାରଣ ମୁଁ ତୁମ୍ଭର ନିର୍ଦ୍ଦେଶସବୁଇ ଅନ୍ୱେଷଣ କରିଅଛି।

95 ଦୁଷ୍ଟ ଲୋକମାନେ ମୋତେ ଧ୍ୱଂସ କରିବାକୁ ଅପେକ୍ଷା କରୁଛନ୍ତି, କିନ୍ତୁ ମୁଁ ତୁମ୍ଭର ବାକ୍ୟ ବିଷୟରେ ଭାବିବି।

96 ମୁଁ ଦେଖିଅଛି ଯେ, ସବୁ ଜିନିଷର ତା'ର ସୀମା ରହିଅଛି, ତୁମ୍ଭର ବ୍ୟବସ୍ଥା ଛଡା।

## ମେମ୍

97 ହେ ସଦାପ୍ରଭୁ, ମୁଁ ତୁମ୍ଭର ଶିକ୍ଷାଗୁଡିକୁ ଭଲ ପାଏ। ତାହା ମୁଁ ଦିନସାରା ଭାବେ।

98 ତୁମ୍ଭର ନିର୍ଦ୍ଦେଶ ମୋତେ ମୋର ଶତ୍ରୁମାନଙ୍କଠାରୁ ବୁଦ୍ଧିମାନ୍ କରିଛି। ତୁମ୍ଭର ନିୟମ ସର୍ବଦା ମୋ ସହିତ ଅଛି।

99 ମୋର ସମସ୍ତ ଗୁରୁଙ୍କଠାରୁ ମୁଁ ଅଧିକ ବୁଦ୍ଧିମାନ୍। କାରଣ ମୁଁ ତୁମ୍ଭର ବାକ୍ୟସବୁ ଶିକ୍ଷା କରେ।

100 ମୁଁ ପ୍ରାଚୀନବର୍ଗମାନଙ୍କଠାରୁ ଅଧିକ ବୁଝେ। କାରଣ ମୁଁ ତୁମ୍ଭର ନିର୍ଦ୍ଦେଶ ରକ୍ଷା କରେ।

101 ସଦାପ୍ରଭୁ, ପ୍ରତ୍ୟେକ କୁପଥଠାରୁ ମୁଁ ଦୂରେଇ ରହିବି, ଯେପରିକି ମୁଁ ତୁମ୍ଭର ବାକ୍ୟ ରକ୍ଷା କରିପାରିବି।

102 ସଦାପ୍ରଭୁ ମୁଁ ତୁମ୍ଭର ଶାସନରୁ ଫେରି ନାହିଁ, କାରଣ ତୁମ୍ଭେ ନିଜେ ମୋତେ ଶିକ୍ଷା ଦେଇଅଛ।

103 ତୁମ୍ଭର ପ୍ରତିଜ୍ଞା ସର୍ବଦା ମୋ ପାଟିକୁ ମହୁଠାରୁ ଅଧିକ ମଧୁର ଲାଗେ।

104 ତୁମ୍ଭର ଶିକ୍ଷା ମୋତେ ବୁଦ୍ଧିମାନ କରେ। ତେଣୁ ମୁଁ ସବୁ ମିଥ୍ୟା ଶିକ୍ଷାକୁ ଘୃଣା କରେ।

## ନୂନ୍

105 ସଦାପ୍ରଭୁ ତୁମ୍ଭର ବାକ୍ୟ ମୋର ପାଦ ପାଇଁ ବତୀ ସଦୃଶ, ଓ ମୋର ପଥ ପାଇଁ ଆଲୋକ ଅଟେ।

106 ତୁମ୍ଭର ବିଚାର ଉତ୍ତମ ଏବଂ ମୁଁ ତାହାସବୁ ମାନିବା ପାଇଁ ଶପଥ କରେ।

107 ହେ ସଦାପ୍ରଭୁ, ମୁଁ ବହୁତ ଯନ୍ତ୍ରଣା ଭୋଗି ଅଛି। ଦୟାପୂର୍ବକ ମୋତେ ନିର୍ଦ୍ଦେଶ ଦିଅ ଓ ମୋତେ ଆଉଥରେ ବଞ୍ଚିବାକୁ ଦିଅ।

108 ସଦାପ୍ରଭୁ, ମୋର ପ୍ରଶଂସା ଗ୍ରହଣ କର। ତୁମ୍ଭର ବ୍ୟବସ୍ଥା ମୋତେ ଶିଖାଅ।

109 ମୋ ଜୀବନ ବିପଦପୂର୍ଣ୍ଣ ସବୁବେଳେ ଥାଏ, କିନ୍ତୁ ମୁଁ ଏବେ ପର୍ଯ୍ୟନ୍ତ କଦାପି ତୁମ୍ଭ ଶିକ୍ଷା ପଥରୁ ବିଚ୍ୟୁତ ହୋଇ ନାହିଁ।

110 ଦୁଷ୍ଟ ଲୋକମାନେ ସର୍ବଦା ମୋତେ ଫାନ୍ଦରେ ପକାଇବାକୁ ଚେଷ୍ଟା କରନ୍ତି। କିନ୍ତୁ ମୁଁ ତୁମ୍ଭର ନିର୍ଦ୍ଦେଶ କେବେ ଅବମାନନା କରି ନାହିଁ।

111 ସଦାପ୍ରଭୁ ମୁଁ ତୁମ୍ଭର ନିୟମକୁ ସବୁଦିନ ଦେଖାଇବାକୁ ଉପହାର ଆକାରରେ ଗ୍ରହଣ କରିଅଛି। ଏହା ମୋତେ ବହୁ ଆନନ୍ଦ ଦିଏ।

112 ତୁମ୍ଭର ନିୟମସବୁ ମାନିବା ପାଇଁ ମୁଁ ଆପଣା ମନକୁ ପ୍ରବର୍ତ୍ତାଇବି, ତାହା ମୋର ପୁରସ୍କାର ହେବ।

## ସାମକ୍

113 ହେ ସଦାପ୍ରଭୁ, ଯେଉଁମାନେ ସମ୍ପୂର୍ଣ୍ଣ ଭାବେ ତୁମ୍ଭ ପ୍ରତି ବିଶ୍ୱସ୍ତ ନୁହଁନ୍ତି, ମୁଁ ସେମାନଙ୍କୁ ଘୃଣା କରେ। କିନ୍ତୁ ମୁଁ ତୁମ୍ଭର ଶିକ୍ଷାଗୁଡ଼ିକୁ ଭଲ ପାଏ।

114 ତୁମ୍ଭେ ହେଉଛ ମୋର ଲୁଚିବା ସ୍ଥାନ ଏବଂ ସୁରକ୍ଷା ବ୍ୟକ୍ତି। ମୁଁ ତୁମ୍ଭ ବାକ୍ୟରେ ସର୍ବଦା ଭରସା କରେ।

115 ମନ୍ଦ ଲୋକମାନେ, ମୋ ନିକଟକୁ ଆସନ୍ତୁ ନାହିଁ, ଯେପରିକି ମୁଁ ମୋର ପରମେଶ୍ୱରଙ୍କର ଆଜ୍ଞାମାନ ପାଳନ କରିପାରିବି।

116 ସଦାପ୍ରଭୁ, ତୁମ୍ଭର ପ୍ରତିଜ୍ଞା ଅନୁସାରେ ମୋତେ ମନୋନୀତ କର, ଯେପରି ମୁଁ ବଞ୍ଚିପାରିବି। ମୁଁ ତୁମ୍ଭ ଉପରେ ଭରସା ରଖେ, ମୋତେ ହତୋତ୍ସାହ କର ନାହିଁ।

117 ମୋତେ ସହାୟ ହୁଅ, ସଦାପ୍ରଭୁ, ମୁଁ ସୁରକ୍ଷିତ ହେବି। ମୁଁ ସର୍ବଦା ତୁମ୍ଭର ନିୟମ ମାନିବି।

118 ସଦାପ୍ରଭୁ ଯେଉଁମାନେ ତୁମ୍ଭ ବ୍ୟବସ୍ଥାରୁ ଦୂରେଇ ଯାଆନ୍ତି ତୁମ୍ଭେ ତାଙ୍କୁ ଗ୍ରହଣ କର ନାହିଁ। କାରଣ ସେମାନେ ମିଥ୍ୟାବାଦୀ ଏବଂ ତୁମ୍ଭ ପ୍ରତି ବିଶ୍ୱସ୍ତ ନୁହଁନ୍ତି।

119 ହେ ସଦାପ୍ରଭୁ, ପୃଥିବୀର ଦୁଷ୍ଟଗଣଙ୍କୁ ତୁମ୍ଭେ ଆବର୍ଜ୍ଜନା ପରି ଫିଙ୍ଗିଦିଅ। ଯେପରି ମୁଁ ତୁମ୍ଭର ନିୟମକୁ ସ୍ନେହ କରିବି।

120 ତୁମ୍ଭ ପ୍ରତି ଭୟ ଯୋଗୁଁ ମୁଁ ଥରେ। ମୁଁ ତୁମ୍ଭର ବ୍ୟବସ୍ଥାକୁ ଭୟ କରେ ଓ ସମ୍ମାନ କରେ।

## ଅଇନ୍

121 ମୁଁ ନ୍ୟାୟ ଓ ଧର୍ମାଚରଣ କରିଅଛି। ହେ ସଦାପ୍ରଭୁ, ଉପଦ୍ରବ କରୁଥିବା ଲୋକମାନଙ୍କ ହସ୍ତରେ ମୋତେ ସମର୍ପଣ କରନାହିଁ।

122 ମୋତେ ସାହାଯ୍ୟ କରିବାକୁ ପ୍ରତିଜ୍ଞା କର। ମୁଁ ତୁମ୍ଭର ସେବକ। ହେ ସଦାପ୍ରଭୁ, ଅହଙ୍କାରୀମାନଙ୍କୁ ମୋ ପ୍ରତି କ୍ଷତି କରିବାକୁ ଦିଅ ନାହିଁ।

123 ସଦାପ୍ରଭୁ ତୁମ୍ଭର ବିଶ୍ୱସ୍ତ ପ୍ରତିଜ୍ଞା ସତ୍ୟ ହେବାକୁ, ତୁମ୍ଭର ପରିତ୍ରାଣ ପଥକୁ ଚାହିଁ ଚାହିଁ ମୋର ଚକ୍ଷୁ କ୍ଷୀଣ ହୋଇଯାଏ।

124 ମୁଁ ତୁମ୍ଭର ସେବକ ଅଟେ। ମୋ ପ୍ରତି ତୁମ୍ଭର ପ୍ରେମ ଦେଖାଅ। ତୁମ୍ଭର ବ୍ୟବସ୍ଥାମାନ ଶିଖାଅ।

125 ମୁଁ ତୁମ୍ଭର ଦାସ, ତୁମ୍ଭର ବ୍ୟବସ୍ଥାସବୁ ବୁଝିବାରେ ମୋତେ ସାହାଯ୍ୟ କର।

126 ହେ ସଦାପ୍ରଭୁ, ତୁମ୍ଭର କାର୍ଯ୍ୟ କରିବାର ସମୟ ଏହି। କାରଣ ଲୋକମାନେ ତୁମ୍ଭ ନିୟମ ଭାଙ୍ଗିଛନ୍ତି।

127 ସଦାପ୍ରଭୁ ଶୁଦ୍ଧ ସୁବର୍ଣ୍ଣ ଅପେକ୍ଷା ମୁଁ ତୁମ୍ଭର ନିର୍ଦ୍ଦେଶକୁ ସ୍ନେହ କରେ।

128 ମୁଁ ଯତ୍ନର ସହକାରେ ତୁମ୍ଭର ନିର୍ଦ୍ଦେଶକୁ ଅନୁସରଣ କରେ। ମୁଁ ମିଥ୍ୟା ଉପଦେଶକୁ ଘୃଣା କରେ।

## ପେ

129 ସଦାପ୍ରଭୁ ତୁମ୍ଭର ବାକ୍ୟସକଳ ଆଶ୍ଚର୍ଯ୍ୟଜନକ ଅଟେ। ସେଥିପାଇଁ ମୁଁ ତାହା ଅନୁସରଣ କରେ।

130 ତୁମ୍ଭର କଥାର ବିସ୍ତାରିତ ମସ୍ତକର ଆଲୋକ ପ୍ରଦାନ କରେ। ଏପରି ଏହା ମୂର୍ଖ ଲୋକମାନଙ୍କୁ ମଧ୍ୟ ବୁଦ୍ଧିମାନ କରେ।

131 ହେ ସଦାପ୍ରଭୁ, ମୁଁ ତୁମ୍ଭର ସମସ୍ତ ନିର୍ଦ୍ଦେଶ ଶିକ୍ଷା କରିବାକୁ ଚାହେଁ। ମୁଁ ସେସବୁ ପାଇଁ ଧୈର୍ଯ୍ୟଶୀଳ ହୋଇ ଅପେକ୍ଷା କରୁଅଛି, ମୁଁ ପ୍ରାୟ ନିଶ୍ୱାସ ଅପ୍ରଚଳିତ।

132 ହେ ପରମେଶ୍ୱର, ମୋତେ ଦେଖ ଓ ମୋ ପ୍ରତି ଦୟା କର। ତୁମ୍ଭର ନାମକୁ ଭଲପାଉଥିବା ଲୋକମାନଙ୍କ ପାଇଁ ଯାହା କରିବା ଉଚିତ୍ ତାହା କର।

133 ହେ ସଦାପ୍ରଭୁ, ତୁମ୍ଭର ପ୍ରତିଜ୍ଞା ଅନୁସାରେ ମୋତେ ପରିଚାଳିତ କର। ମୋ ପ୍ରତି କୌଣସି ଅଘଟଣ ଘଟିବାକୁ ଦିଅ ନାହିଁ।

134 ହେ ସଦାପ୍ରଭୁ, ଯେଉଁମାନେ ମୋତେ ଆହତ କରନ୍ତି ସେମାନଙ୍କଠାରୁ ମୋତେ ରକ୍ଷା କର ଯେପରିକି ମୁଁ ତୁମ୍ଭର ନିର୍ଦ୍ଦେଶ ସକଳ ମାନିବି।

135 ହେ ସଦାପ୍ରଭୁ, ତୁମ୍ଭର ଦାସକୁ ଗ୍ରହଣ କର। ଏବଂ ତୁମ୍ଭର ବ୍ୟବସ୍ଥାମାନ ମୋତେ ଶିକ୍ଷା ଦିଅ।

136 ମୋ ଚକ୍ଷୁରୁ ଅଶ୍ରୁ ନଦୀପରି ବହୁଛି। କାରଣ ଲୋକମାନେ ତୁମ୍ଭର ବ୍ୟବସ୍ଥାମାନ ପାଳନ କରୁ ନାହାଁନ୍ତି।

## ସାଦେ

137 ହେ ସଦାପ୍ରଭୁ, ତୁମ୍ଭେ ଧାର୍ମିକ ଅଟ। ଏବଂ ତୁମ୍ଭର ନିୟମ ସବୁ ଧର୍ମମୟ।

138 ତୁମ୍ଭେ ଆପଣା ନିୟମ ଦେଇଅଛ। ସେଗୁଡିକ ଧର୍ମମୟ ଓ ଆମ୍ଭେ ତା'ଉପରେ ସମ୍ପୂର୍ଣ୍ଣରୂପେ ଭରସା କରିପାରିବୁ।

139 ମୋର ଦୃଢ ଅନୁଭବ ମୋତେ ଗ୍ରାସ କରିଅଛି। ମୁଁ ବହୁତ ମାନସିକ ଅଶାନ୍ତିରେ ଅଛି। କାରଣ ମୋର ଶତ୍ରୁଗଣ ତୁମ୍ଭର ବାକ୍ୟସବୁ ପାଶୋରି ଯାଇଛନ୍ତି।

140 ସଦାପ୍ରଭୁ, ତୁମ୍ଭର ପ୍ରତିଜ୍ଞା ପରୀକ୍ଷା ହୋଇଅଛି ଏବଂ ବିଶ୍ୱସ୍ତ ବାହାରିଲା, ମୁଁ ତୁମ୍ଭର ଦାସ, ଏହାକୁ ଭଲ ପାଏ।

141 ମୁଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ଏବଂ ଲୋକମାନେ ମୋତେ ସମ୍ମାନ କରନ୍ତି ନାହିଁ। କିନ୍ତୁ ମୁଁ ତୁମ୍ଭର ନିର୍ଦ୍ଦେଶସବୁ ଭୁଲି ନାହିଁ।

142 ହେ ସଦାପ୍ରଭୁ, ତୁମ୍ଭର ଧାର୍ମିକତା ଅନନ୍ତକାଳସ୍ଥାୟୀ। ତୁମ୍ଭର ବ୍ୟବସ୍ଥାସବୁକୁ ଭରସା କରାଯାଇ ପାରିବ।

143 କ୍ଳେଶ ଓ ଯନ୍ତ୍ରଣା ମୋ ଉପରେ ଆସିଅଛି। କିନ୍ତୁ ମୁଁ ତୁମ୍ଭର ଆଜ୍ଞାରେ ଆନନ୍ଦିତ ହୁଏ।

144 ସଦାପ୍ରଭୁ, ତୁମ୍ଭର ପ୍ରମାଣ ବାକ୍ୟଗୁଡିକ ଚିରକାଳ ଉତ୍ତମ। ତାହାସବୁ ବୁଝିବାରେ ସହାୟ ହୁଅ, ଯେପରିକି ମୁଁ ବଞ୍ଚିପାରିବି।

## କଫ

145 ହେ ସଦାପ୍ରଭୁ, ମୁଁ ହୃଦୟ ସହକାରେ ତୁମ୍ଭକୁ ପ୍ରାର୍ଥନା କରେ। ମୋତେ ଉତ୍ତର ଦିଅ! ମୁଁ ତୁମ୍ଭର ନିୟମସବୁ ଅନୁସରଣ କରିବି।

146 ହେ ସଦାପ୍ରଭୁ, ମୁଁ ତୁମ୍ଭ ନିକଟରେ ଡାକ ପକାଉଛି, ମୋତେ ରକ୍ଷା କର, ଏବଂ ମୁଁ ତୁମ୍ଭର ବାକ୍ୟ ଅନୁସରଣ କରିବି।

147 ମୁଁ ପ୍ରଭାତରୁ ଉଠିଲି ଏବଂ ମୁଁ ତୁମ୍ଭକୁ ପ୍ରାର୍ଥନା କଲି। ମୁଁ ତୁମ୍ଭ ବାକ୍ୟରେ ଭରସା କରେ।
148 ମୁଁ ତୁମ୍ଭର ପ୍ରତିଜ୍ଞା ଧ୍ୟାନ କରିବା ପାଇଁ ରାତ୍ରି ଉଜାଗର ରହିଲି।
149 ହେ ସଦାପ୍ରଭୁ, ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ସହକାରେ ମୋର ପ୍ରାର୍ଥନା ଶୁଣ। ତୁମ୍ଭ ଶାସନ ଦ୍ୱାରା ମୋତେ ବଞ୍ଚିବାକୁ ଦିଅ।
150 ମନ୍ଦ ଯୋଜନା ସହିତ ଲୋକମାନେ ମୋତେ ଆକ୍ରମଣ କରିବା ପାଇଁ ମୋ ପାଖକୁ ଆସନ୍ତି। ସେମାନେ ତୁମ୍ଭର ଶିକ୍ଷାଠାରୁ ବହୁ ଦୂରରେ।
151 ହେ ସଦାପ୍ରଭୁ, ତୁମ୍ଭେ ମୋର ନିକଟବର୍ତ୍ତୀ। ତୁମ୍ଭର ଆଦେଶ ସକଳ ଭରସା ଯୋଗ୍ୟ।
152 ବହୁତ ଦିନ ପୂର୍ବରୁ ମୁଁ ଜାଣେ ଯେ, ତୁମ୍ଭର ଶାସନ ଅଛି। ମୁଁ ଜାଣେ ଯେ, ତୁମ୍ଭେ ସେମାନଙ୍କୁ ଅନନ୍ତକାଳ ପାଇଁ ଶେଷ କରିପକାଇଲ।

## ରେଶ୍

153 ହେ ସଦାପ୍ରଭୁ, ମୋର ଯନ୍ତ୍ରଣାକୁ ଦେଖ ଓ ମୋତେ ଉଦ୍ଧାର କର। କାରଣ ମୁଁ ତୁମ୍ଭର ଶିକ୍ଷାମାନ ଭୁଲି ନାହିଁ।
154 ହେ ସଦାପ୍ରଭୁ, ତୁମ୍ଭେ ମୋ ପାଇଁ ନିଷ୍ପତ୍ତି କର ଏବଂ ମୋତେ ରକ୍ଷା କର। ତୁମ୍ଭର ପ୍ରତିଜ୍ଞାନୁସାରେ ମୋତେ ବଞ୍ଚିବାକୁ ଦିଅ।
155 ଦୁଷ୍ଟଗଣ କେବେ ବିଜୟୀ ହେବେ ନାହିଁ। କାରଣ ସେମାନେ ତୁମ୍ଭର ବ୍ୟବସ୍ଥା ଅନୁସରଣ କରନ୍ତି ନାହିଁ।
156 ହେ ସଦାପ୍ରଭୁ, ତୁମ୍ଭେ ମହାନ ଦୟାଳୁ। ତୁମ୍ଭର ଶାସନ ନିୟମାନୁସାରେ କାମ କର ଓ ମୋତେ ବଞ୍ଚିବାକୁ ଦିଅ।
157 ମୋତେ କଷ୍ଟ ଦେବାକୁ ଚେଷ୍ଟା କରନ୍ତି, ସେହିପରି ମୋର ବହୁତ ଶତ୍ରୁ ଅଛନ୍ତି, କିନ୍ତୁ ମୁଁ ତୁମ୍ଭର ବାକ୍ୟରୁ ବିଚ୍ୟୁତ ହୋଇ ନାହିଁ।
158 ମୁଁ ବିଶ୍ୱାସଘାତକମାନଙ୍କୁ ଦେଖେ। ସେମାନେ ତୁମ୍ଭର ବାକ୍ୟ ମାନନ୍ତି ନାହିଁ। ମୁଁ ସେମାନଙ୍କୁ ଘୃଣାକରେ।
159 ଦେଖ, ମୁଁ ତୁମ୍ଭର ନିର୍ଦ୍ଦେଶସବୁ ପାଳନ କରିବା ପାଇଁ କଠିନ ଚେଷ୍ଟା କରୁଛି। ହେ ସଦାପ୍ରଭୁ, ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଅନୁସାରେ ମୋତେ ବଞ୍ଚିବାକୁ ଦିଅ।
160 ଆରମ୍ଭରୁ ତୁମ୍ଭର ସମୁଦାୟ ବାକ୍ୟ ଭରସା ଯୋଗ୍ୟ ଓ ତୁମ୍ଭର ସବୁ ଧର୍ମମୟ ବ୍ୟବସ୍ଥା ନିତ୍ୟସ୍ଥାୟୀ ପାଇଁ ସୁନ୍ଦର ହୋଇ ରହିବ।

## ଶିନ୍

161 ସଦାପ୍ରଭୁ ଶକ୍ତିଶାଳୀ ଅଧିପତିମାନେ ବିନା କାରଣରେ ମୋତେ ଆକ୍ରମଣ କରନ୍ତି। କିନ୍ତୁ ମୁଁ କେବଳ ତୁମ୍ଭର ବାକ୍ୟକୁ ଭୟ ଓ ସମ୍ମାନ କରେ।
162 ତୁମ୍ଭର ପ୍ରତିଜ୍ଞା ମୋତେ ଆନନ୍ଦ ଦିଏ, ଯେପରି ଜଣେ ବ୍ୟକ୍ତି ବହୁତ ଲୁଣ୍ଠଧନ ପାଇବା ପରେ ଖୁସି ହୁଏ।
163 ମୁଁ ମିଥ୍ୟାକୁ ଘୃଣା କରେ ଓ ଏହାକୁ ଅଶ୍ରଦ୍ଧା କରେ। ମାତ୍ର ମୁଁ ତୁମ୍ଭ ଶିକ୍ଷାସବୁ ସ୍ନେହ କରେ।
164 ତୁମ୍ଭର ଯଥାର୍ଥ ବିଚାର ପାଇଁ, ମୁଁ ଦିନରେ ସାତଥର ତୁମ୍ଭର ପ୍ରଶଂସା କରେ।
165 ଯେଉଁ ବ୍ୟକ୍ତି ତୁମ୍ଭର ଶିକ୍ଷାକୁ ଭଲ ପାଏ, ସେ ଶାନ୍ତି ପାଇବ। ତାକୁ କୌଣସି ବସ୍ତୁ ପକେଇ ପାରିବ ନାହିଁ।
166 ହେ ସଦାପ୍ରଭୁ, ମୁଁ ତୁମ୍ଭକୁ ଚାହିଁ ଅଛି, ମୋତେ ରକ୍ଷା କର। ମୁଁ ତୁମ୍ଭର ଆଦେଶସବୁ ପାଳନ କଲି।
167 ମୁଁ ତୁମ୍ଭର ବାକ୍ୟକୁ ଅନୁସରଣ କରିଅଛି। ଏବଂ ସେଗୁଡିକୁ ବହୁଳ ପରିମାଣରେ ଭଲ ପାଏ।
168 ମୁଁ ତୁମ୍ଭର ନିୟମ ଓ ନିର୍ଦ୍ଦେଶ ପାଳନ କରିଅଛି। ତୁମ୍ଭେ ସବୁ ଜାଣ, ଯାହା ମୁଁ କରିଅଛି।

## ତୌ

169 ହେ ସଦାପ୍ରଭୁ, ମୋର ସାହାଯ୍ୟ ପାଇଁ କାକୂକ୍ତି ଶୁଣ। ତୁମ୍ଭର ପ୍ରତିଜ୍ଞା ଅନୁସାରେ ମୋତେ ବୁଦ୍ଧିମାନ କର।
170 ସଦାପ୍ରଭୁ ମୋର ପ୍ରାର୍ଥନା ଶୁଣ। ତୁମ୍ଭର ପ୍ରତିଜ୍ଞା ଅନୁସାରେ ମୋତେ ରକ୍ଷା କର।
171 ମୁଁ ତୁମ୍ଭର ପ୍ରଶଂସା ଗାନ କରିବି। କାରଣ ତୁମ୍ଭେ ଆପଣା ବ୍ୟବସ୍ଥାମାନ ମୋତେ ଶିଖାଇ ଅଛ।
172 ସଦାପ୍ରଭୁ ମୁଁ ତୁମ୍ଭର ପ୍ରତିଜ୍ଞା ବିଷୟରେ ଗାନ କରିବି। କାରଣ ତୁମ୍ଭର ବ୍ୟବସ୍ଥାମାନ ଉତ୍ତମ।
173 ତୁମ୍ଭର ନିର୍ଦ୍ଦେଶଗୁଡିକୁ ମାନିବା ପାଇଁ ମୁଁ ମନୋନୀତ କରିଅଛି। ତେଣୁ ମୋର ସାହାଯ୍ୟ ପାଇଁ ବାହାର ଆସ।
174 ହେ ସଦାପ୍ରଭୁ, ମୁଁ ଚାହେଁ ତୁମ୍ଭେ ମୋତେ ରକ୍ଷା କର। ତୁମ୍ଭର ଶିକ୍ଷାସବୁ ମୋତେ ଉଲ୍ଲାସ ପ୍ରଦାନ କରେ।
175 ମୋତେ ବଞ୍ଚିବାକୁ ଦିଅ, ଯେପରିକି ମୁଁ ତୁମ୍ଭକୁ ପ୍ରଶଂସା କରିପାରେ। ତୁମ୍ଭର ବ୍ୟବସ୍ଥା ମୋର ସହାୟ ହେଉ।
176 ମୁଁ ହଜି ଯାଇଥିବା ମେଷପରି, ଏଣେତେଣେ ବୁଲୁଅଛି, ହେ ସଦାପ୍ରଭୁ, ଆପଣା ଦାସକୁ ଖୋଜ। କାରଣ ମୁଁ ତୁମ୍ଭର ଆଜ୍ଞା ସକଳ ପାଶୋରି ନାହିଁ।

## ଗୀତ 120

*ମନ୍ଦିର ଆରୋହଣର ଗୀତ।*

1 ମୁଁ ଆପଣା ବିପଦ ସମୟରେ ସଦାପ୍ରଭୁଙ୍କଠାରେ ପ୍ରାର୍ଥନା କଲି ଏବଂ ସେ ମୋତେ ଉତ୍ତର ଦେଲେ।
2 ହେ ସଦାପ୍ରଭୁ, ମୋ ବିଷୟରେ ମିଥ୍ୟା କହୁଥିବା ଲୋକମାନଙ୍କଠାରୁ ମୋତେ ଉଦ୍ଧାର କର। ସେମାନେ ଯେଉଁ କଥାସବୁ କହୁଥିଲେ, ତାହାସବୁ ସତ୍ୟ ନଥିଲା।
3 ହେ ମିଥ୍ୟାବାଦୀମାନେ, ତୁମ୍ଭଙ୍କୁ କ'ଣ ଦିଆଯିବ, ତୁମ୍ଭେ କ'ଣ ପାଇବ? କ'ଣ ତୁମ୍ଭେ ଜାଣ?
4 ତୁମ୍ଭକୁ ଦଣ୍ଡ ଦେବା ପାଇଁ ସୈନିକର ତୀକ୍ଷ୍ଣ ଶର ଓ ଗରମ କୋଇଲା ପରମେଶ୍ୱର ଆଣିବେ।
5 ମିଥ୍ୟାବାଦୀ ଲୋକମାନେ, ମେଶକରେ ବାସ କଲା ପରି ତୁମ୍ଭ ପାଖରେ ବାସ କରୁଛନ୍ତି। ଏହା କେଦାରର ତମ୍ବୁରେ ବାସ କରିବା ସଦୃଶ।
6 ଶାନ୍ତି ଘୃଣାକାରୀମାନଙ୍କ ସହିତ ମୁଁ ଦୀର୍ଘଦିନଧରି ବାସ କରିଅଛି।

7 ମୁଁ କହିଲି, ମୁଁ ଶାନ୍ତି ଚାହେଁ, କିନ୍ତୁ ସେମାନେ ଯୁଦ୍ଧ
ଚାହାଁନ୍ତି।

## ଗୀତ 121

*ଏକ ଆରୋହଣ ଗୀତ।*

1 ମୁଁ ସାହାଯ୍ୟ ପାଇଁ ପର୍ବତଗଣ ଆଡ଼େ ଚାହେଁ। କିନ୍ତୁ
ପ୍ରକୃତରେ କେଉଁଠାରୁ ମୋର ସାହାଯ୍ୟ ଆସିବ?
2 ମୋର ସାହାଯ୍ୟ ସଦାପ୍ରଭୁଙ୍କଠାରୁ ଆସିବ ଯିଏକି ଆକାଶ
ଓ ପୃଥିବୀର ସୃଷ୍ଟିକର୍ତ୍ତା।
3 ସେ ତୁମ୍ଭର ପାଦକୁ ଟଳମଳ ହେବାକୁ ଦେବେ ନାହିଁ।
ତୁମ୍ଭର ରକ୍ଷାକର୍ତ୍ତା କେବେ ହେଲେ ନିଦ୍ରିତ ହେବେ
ନାହିଁ।
4 ଇଶ୍ରାୟେଲର ରକ୍ଷାକର୍ତ୍ତା କେବେ ନିଦ୍ରା ଯିବେ ନାହିଁ। କି
କେବେ ଶୋଇବେ ନାହିଁ।
5 ସଦାପ୍ରଭୁ ତୁମ୍ଭର ରକ୍ଷାକର୍ତ୍ତା। ସଦାପ୍ରଭୁ ତୁମ୍ଭର ଦକ୍ଷିଣ
ପାର୍ଶ୍ୱରେ ତୁମ୍ଭକୁ ଢାଲ ଘୋଡାନ୍ତି ଏବଂ ରକ୍ଷା କରନ୍ତି।
6 ଦିନରେ ସୂର୍ଯ୍ୟ ତୁମ୍ଭକୁ ଆଘାତ କରିପାରିବ ନାହିଁ କିମ୍ବା
ରାତିରେ ଚନ୍ଦ୍ର ତୁମ୍ଭକୁ ଆଘାତ କରିପାରିବ ନାହିଁ।
7 ସମସ୍ତ ବିପଦରୁ ସଦାପ୍ରଭୁ ତୁମ୍ଭକୁ ରକ୍ଷା କରିବେ। ସେ
ତୁମ୍ଭର ଜୀବନକୁ ରକ୍ଷା କରିବେ।
8 ବର୍ତ୍ତମାନ ଏବଂ ସବୁଦିନ ପାଇଁ ଯିବା ଆସିବା ବେଳେ
ସଦାପ୍ରଭୁ ତୁମ୍ଭକୁ ରକ୍ଷା କରିବେ।

## ଗୀତ 122

*ଦାଉଦ ମନ୍ଦିର ଯିବା ସମୟରେ ଗୀତ।*

1 ମୁଁ ଖୁସି ହେଲି, ଯେତେବେଳେ ଲୋକମାନେ କହିଲେ,
"ଚାଲ ସଦାପ୍ରଭୁଙ୍କ ମନ୍ଦିରକୁ ଯିବା।"
2 ହେ ଯିରୁଶାଲମ! ଏହିଠାରେ ଆମ୍ଭେମାନେ ତୁମ୍ଭର ଫାଟକ
ପାଖରେ ଠିଆ ହୋଇଅଛୁ।
3 ଯିରୁଶାଲମ ସହର ଭଲ ତିଆରି ହୋଇଅଛି, ଏହା ଦୃଢ
ଭାବରେ ଏବଂ କଠିନ ଭାବରେ ନିର୍ମିତ ହେବା ଉଚିତ୍।
4 ଏହା ହେଉଛି ଯେଉଁଠାରେ କି ଗୋଷ୍ଠୀବର୍ଗ ଆସନ୍ତି।
ସଦାପ୍ରଭୁଙ୍କର ଗୋଷ୍ଠୀବର୍ଗ ତାଙ୍କୁ ପ୍ରଶଂସା କରିବା ପାଇଁ
ଏଠାକୁ ଆସନ୍ତି। ଇଶ୍ରାୟେଲକୁ ଏହିସବୁ କରିବା ପାଇଁ
ଆଦେଶ ଦିଆହୁଏ।
5 ଦାଉଦଙ୍କ ପରିବାରର ରାଜାମାନେ ସେମାନଙ୍କର ସିଂହାସନ
ଏଠାରେ ସ୍ଥାପନ କରିଥିଲେ। ସେମାନେ ସେଠାରେ
ଲୋକମାନଙ୍କୁ ସୁବିଚାର ଦେବା ପାଇଁ ସିଂହାସନ ସ୍ଥାପନ
କଲେ।
6 ଯିରୁଶାଲମରେ ସୁଖ ସମୃଦ୍ଧି ପାଇଁ ପ୍ରାର୍ଥନା କର। "ମୁଁ
ଆଶାକରେ ଯେଉଁମାନେ ତୁମ୍ଭକୁ ପ୍ରେମ କରନ୍ତି ସେମାନେ
ସେଠାରେ ଶାନ୍ତି ପାଇବେ।
7 ମୁଁ ଆଶାକରେ ସେଠାରେ ତୁମ୍ଭର ପବିତ୍ର ଗୃହ ଭିତରେ
ଶାନ୍ତି ମିଳିବ। ମୁଁ ଆଶା କରେ ଯେ, ତୁମ୍ଭର ବିରାଟ
ରାଜ ପ୍ରାସାଦରେ ନିରାପଦ ହେଉ।"
8 ମୋର ପରିବାର ଏବଂ ମୋର ପଡ଼ୋଶୀମାନଙ୍କର ମଙ୍ଗଳ
ପାଇଁ ଯିରୁଶାଲମ, ତୁମ୍ଭର ଶାନ୍ତି ପାଇଁ ପ୍ରାର୍ଥନା କରେ।
9 ସଦାପ୍ରଭୁ ଆମ୍ଭର ପରମେଶ୍ୱରଙ୍କର ମନ୍ଦିରର ମଙ୍ଗଳ
ନିମନ୍ତେ ମୁଁ ପ୍ରାର୍ଥନା କରେ ଯେ, ଯିରୁଶାଲମ ତୁମ୍ଭ ପାଇଁ
ସବୁ ଉତ୍ତମ ଘଟୁ।

## ଗୀତ 123

*ଏକ ଆରୋହଣ ଗୀତ।*

1 ସଦାପ୍ରଭୁ, ମୁଁ ତୁମ୍ଭକୁ ଚାହିଁ, ପ୍ରାର୍ଥନା କରେ। ତୁମ୍ଭେ
ସ୍ୱର୍ଗରେ ରାଜାପରି ବସ।
2 କ୍ରୀତଦାସମାନେ ସେମାନଙ୍କ ଆବଶ୍ୟକ ଦ୍ରବ୍ୟ ପାଇଁ
ତାଙ୍କର କର୍ତ୍ତାଙ୍କ ଉପରେ ନିର୍ଭର କରନ୍ତି।
3 ଠିକ୍ ସେହିପରି, ଆମ୍ଭେ ଆପଣା ସଦାପ୍ରଭୁ
ପରମେଶ୍ୱରଙ୍କଠାରେ ନିର୍ଭର କରୁ। ଆମ୍ଭେ ପରମେଶ୍ୱରଙ୍କ
ପାଇଁ ଅପେକ୍ଷା କରୁ, ଆମ୍ଭକୁ ଦୟା ଦେଖାଅ।
4 ଆମ୍ଭମାନଙ୍କ ପ୍ରତି ଦୟାଶୀଳ ହୁଅ, ସଦାପ୍ରଭୁ, ଆମ୍ଭମାନଙ୍କ
ପ୍ରତି ଦୟାଶୀଳ ହୁଅ! ଆମ୍ଭେମାନେ ଦୀର୍ଘ ସମୟ ଅପମାନିତ
ହୋଇଅଛୁ।
5 ସେହି ଅଳସୁଆ ଓ ଅହଙ୍କାରୀମାନଙ୍କଠାରୁ ଆମ୍ଭକୁ ବହୁତ
ଅପମାନ ଓ ଘୃଣ୍ୟ ବାକ୍ୟସବୁ ମିଳିଅଛି।

## ଗୀତ 124

*ଦାଉଦଙ୍କ ରଚିତ ଏକ ଆରୋହଣ ଗୀତ।*

1 ସଦାପ୍ରଭୁ ଯଦି ଆମ୍ଭମାନଙ୍କର ସପକ୍ଷ ହୋଇ ନ ଥାନ୍ତେ
ତେବେ ଆମ୍ଭମାନଙ୍କ ପ୍ରତି କ'ଣ ହୋଇଥା'ନ୍ତା? ଇଶ୍ରାୟେଲ
ଆମ୍ଭମାନଙ୍କୁ ଉତ୍ତର ଦିଅ।
2 କ'ଣ ହୋଇଥାନ୍ତା ଆମ୍ଭମାନଙ୍କର ଯଦି ସଦାପ୍ରଭୁ ଆମ୍ଭମାନଙ୍କର
ସପକ୍ଷ ହୋଇ ନ ଥାନ୍ତେ। ଯେତେବେଳେ ଆମ୍ଭ ପ୍ରତିପକ୍ଷଗଣ
ଆମ୍ଭମାନଙ୍କୁ ଆକ୍ରମଣ କରିଥିଲେ?
3 ଆମ୍ଭମାନଙ୍କ ବିରୁଦ୍ଧରେ ସେମାନଙ୍କ କୋପ ପ୍ରଜ୍ୱଳିତ
ହେବାବେଳେ ସେମାନେ ଆମ୍ଭମାନଙ୍କୁ ସଜୀବ ଗ୍ରାସ
କରିଥା'ନ୍ତେ।
4 ଆମ୍ଭମାନଙ୍କ ଶତ୍ରୁ ସୈନ୍ୟମାନେ ଆମ୍ଭମାନଙ୍କୁ ଜଳରାଶି
ପରି ମଗ୍ନ କରିଥାନ୍ତେ। ସ୍ରୋତ ଆମ୍ଭମାନଙ୍କର ପ୍ରାଣ
ଉପର ଦେଇ ଯାଇଥା'ନ୍ତା।
5 ଗର୍ଜୁଥିବା ଜଳରାଶି ଆମ୍ଭକୁ ବୁଡ଼ାଇ ଦେଇଥା'ନ୍ତା।
6 ସଦାପ୍ରଭୁଙ୍କର ପ୍ରଶଂସା କର। ସେ ଆମ୍ଭମାନଙ୍କୁ ସେମାନଙ୍କର
ଦାନ୍ତର ଶିକାର ହେବାକୁ ନାହାନ୍ତି।
7 ଆମ୍ଭେମାନେ ହେଉଛୁ ଜାଲରେ ପଡ଼ିଥିବା ଚଢ଼େଇମାନଙ୍କ
ପରି, ଯେଉଁମାନେ ଜାଲରୁ ରକ୍ଷା ପାଇଥା'ନ୍ତି।
ତା'ପରେ ଜାଲ ଛିଣ୍ଡିଗଲା ଓ ଆମ୍ଭେମାନେ ରକ୍ଷା
ପାଇଗଲୁ।
8 ଆମ୍ଭମାନଙ୍କର ସାହାଯ୍ୟ ସଦାପ୍ରଭୁଙ୍କଠାରୁ ଆସିଲା, ଯିଏ
ସ୍ୱର୍ଗ ଓ ପୃଥିବୀକୁ ନିର୍ମାଣ କଲେ।

## ଗୀତ 125

*ଆରୋହଣ ଗୀତ।*

1 ଯେଉଁ ଲୋକମାନେ ସଦାପ୍ରଭୁଙ୍କଠାରେ ବିଶ୍ୱାସ ରଖନ୍ତି
ସେମାନେ ସିୟୋନ୍ ପର୍ବତ ତୁଲ୍ୟ। ସେମାନେ କେବେ

ମଧ୍ୟ ଥରିବେ ନାହିଁ। ସେମାନେ ନିତ୍ୟସ୍ଥାୟୀ ପାଇଁ ବଞ୍ଚି
ରହିବେ।
2 ଯେମନ୍ତ ଯିରୁଶାଲମର ଚତୁର୍ଦ୍ଦିଗରେ ପର୍ବତମାନ ଥାଏ,
ସେହିପରି ସଦାପ୍ରଭୁ ଆପଣା ଲୋକମାନଙ୍କର ଚତୁଃର୍ଦ୍ଦିଗରେ
ଥା'ନ୍ତି। ସେ ତାଙ୍କର ଲୋକମାନଙ୍କୁ ଚିରଦିନ ପାଇଁ ରକ୍ଷା
କରିବେ।
3 ଧାର୍ମିକ ଲୋକମାନଙ୍କର ଭୂମିକୁ ସଦାକାଳ ଅଧର୍ମ ଲୋକମାନେ
ନିଜ ନିୟନ୍ତ୍ରଣରେ ରଖିପାରିବେ ନାହିଁ। ଯଦି ଏପରି
ଘଟିଲା, ତେବେ ଧାର୍ମିକ ଲୋକମାନେ ଅଧର୍ମ କାର୍ଯ୍ୟ
କରିବାକୁ ଆରମ୍ଭ କରିଦେବେ।
4 ସଦାପ୍ରଭୁ, ଉତ୍ତମ ଲୋକମାନଙ୍କ ପ୍ରତି ମଙ୍ଗଳ କର।
ପବିତ୍ର ହୃଦୟ ସହିତ ଲୋକମାନଙ୍କର ମଙ୍ଗଳ କର।
5 ସଦାପ୍ରଭୁ, ସେହିମାନଙ୍କୁ ଦଣ୍ଡ ଦିଅ, ଯେଉଁମାନେ ଅପରାଧ
ଦିଗ ଆଡ଼କୁ ମାଡନ୍ତି। ସେହିମାନଙ୍କୁ ଦଣ୍ଡ ଦିଅ, ଯେଉଁମାନେ
ଅପରାଧ କରନ୍ତି। ଇଶ୍ରାୟେଲ ଉପରେ ଶାନ୍ତି ବର୍ତ୍ତୁ।

## ଗୀତ 126

*ଦାଉଦଙ୍କର ଏକ ମନ୍ଦିର ଆରୋହଣ ଗୀତ।*

1 ଯେତେବେଳେ ସଦାପ୍ରଭୁ ସିୟୋନରେ ପୁନଃସ୍ଥାପନ କରନ୍ତି।
ଏହା ଏକ ସ୍ୱପ୍ନ ତୁଲ୍ୟ ଥିଲା।
2 ଆମ୍ଭେମାନେ ଖୁସିରେ ପୂର୍ଣ୍ଣ ହୋଇଥିଲୁ ଏବଂ ଖୁସିରେ
ଗୀତ ଗାଇଲୁ। ଅନ୍ୟ ଜାତିର ଲୋକମାନେ କହିଲେ,
"ସଦାପ୍ରଭୁ ସେମାନଙ୍କ ପାଇଁ ମହତ କର୍ମ କଲେ।"
3 ହଁ, ସଦାପ୍ରଭୁ ଆମ୍ଭ ପାଇଁ ମହତ କର୍ମ କଲେ, ତହିଁରେ
ଆମ୍ଭେମାନେ ଖୁସି ଅଛୁ।
4 ସଦାପ୍ରଭୁ, ଆଉଥରେ ଆମ୍ଭର ଶାନ୍ତି ପୁନଃସ୍ଥାପନ କର,
ଯେପରି ମରୁଭୂମିରେ ଝରଣାରୁ ଜଳସ୍ରୋତ ବହେ।
5 ଜଣେ ଲୋକ ବିହନ ବୁଣିବା ସମୟରେ ଦୁଃଖ ପାଇଥାଏ,
କିନ୍ତୁ ସେ ଅମଳ ସମୟରେ ବହୁତ ଖୁସି ହୁଏ।
6 ଯଦିଓ ସେ ବିହନ କାନ୍ଦି କାନ୍ଦି ଆପଣା କ୍ଷେତକୁ
ନେଇଯାଏ, ତଥାପି ସେ ଅମଳ ଘରକୁ ଆଣିବା ସମୟରେ
ଖୁସି ହୁଏ।

## ଗୀତ 127

*ଶଲୋମନଙ୍କର ରଚିତ ଆରୋହଣ ଗୀତ।*

1 ସଦାପ୍ରଭୁ ଯେବେ ଗୃହ ନିର୍ମାଣ ନ କରନ୍ତି, ତେବେ
ନିର୍ମାଣକାରୀମାନଙ୍କ ପରିଶ୍ରମ ବ୍ୟର୍ଥ ହୁଏ। ଯେବେ ସଦାପ୍ରଭୁ
ନଗର ରକ୍ଷା ନ କରନ୍ତି, ତେବେ ପ୍ରହରୀ ଜାଗ୍ରତ ହେବା
କେବଳ ବୃଥା ଅଟେ।
2 ତୁମ୍ଭେମାନେ ଦୈନନ୍ଦିନ ଜୀବିକା ଉପାର୍ଜନ ନିମନ୍ତେ ପ୍ରଭାତରେ
ଉଠ, ଏବଂ ବିଳମ୍ବରେ ବିଶ୍ରାମ କର, ଏହା ତୁମ୍ଭମାନଙ୍କ
ନିକଟରେ ବୃଥା। କାରଣ ସଦାପ୍ରଭୁ ଭଲ ପାଉଥିବା
ଲୋକମାନଙ୍କୁ ନିଦ୍ରିତ ଅବସ୍ଥାରେ ମଧ୍ୟ ଯତ୍ନ ନିଅନ୍ତି।
3 ଦେଖ, ସନ୍ତାନଗଣ ସଦାପ୍ରଭୁଙ୍କର ଉପହାର। ଗର୍ଭାଶୟରୁ
ଶିଶୁମାନେ ସଦାପ୍ରଭୁଙ୍କର ପୁରସ୍କାର ଅଟନ୍ତି।
4 ଯୁବକର ପୁତ୍ରଗଣ ଏକ ସୈନ୍ୟର ହସ୍ତର ବାଣଗୁଡ଼ିକ
ସଦୃଶ ଅଟେ।
5 ସେହି ବ୍ୟକ୍ତି ଭାଗ୍ୟବାନ୍, ଯେଉଁ ବ୍ୟକ୍ତିର ସେମାନେ
କେବେବି ପରାସ୍ତ ହେବେ ନାହିଁ, ଯେତେବେଳେ ସେମାନେ
ଶତ୍ରୁଗଣଙ୍କୁ ନଗର ଫାଟକରେ ଅବରୋଧ କରନ୍ତି। ପୁତ୍ର
ରୂପକ ବାଣରେ ଭର୍ତ୍ତି ହୁଏ, ସେ ହେଉଛି ଭାଗ୍ୟବାନ୍।

## ଗୀତ 128

*ଆରୋହଣ ଗୀତ।*

1 ଯେଉଁମାନେ ସଦାପ୍ରଭୁଙ୍କୁ ଭୟ କରନ୍ତି, ସେମାନଙ୍କର
ପ୍ରତ୍ୟେକ ବ୍ୟକ୍ତି ଧନ୍ୟ ଓ ସଦାପ୍ରଭୁଙ୍କର ପଥରେ
ଚାଲନ୍ତି।
2 ତୁମ୍ଭେ ଆପଣା ହସ୍ତକୃତ ପରିଶ୍ରମର ଫଳ ଭୋଗ କରିବ।
ତୁମ୍ଭେ ସୁଖୀ ହେବ ଓ ତୁମ୍ଭର ମଙ୍ଗଳ ହେବ।
3 ତୁମ୍ଭର ସ୍ତ୍ରୀ ତୁମ୍ଭ ଗୃହର ଅନ୍ତପୁରରେ ଫଳବତୀ ଦ୍ରାକ୍ଷାଲତା
ତୁଲ୍ୟ ହେବ। ତୁମ୍ଭର ସନ୍ତାନମାନେ ତୁମ୍ଭ ମେଜର
ଚାରିଆଡ଼େ ଜିତବୃକ୍ଷର ଚାରାପରି ହେବେ।
4 ଯିଏ ସଦାପ୍ରଭୁଙ୍କୁ ସମ୍ମାନ ଦିଏ, ସେ ଏହି ପ୍ରକାର
ଆଶୀର୍ବାଦ ପ୍ରାପ୍ତ ହେବ।
5 ସଦାପ୍ରଭୁ ସିୟୋନରୁ ତୁମ୍ଭକୁ ଆଶୀର୍ବାଦ କରନ୍ତୁ। ଆଉ
ଯିରୁଶାଲମ ସୁଖସମୃଦ୍ଧିକୁ ତୁମ୍ଭେ ସାରା ଜୀବନରେ ଅଂଶିଦାର
ହୁଅ।
6 ତୁମ୍ଭେ ଆପଣା ନାତିନାତୁଣୀକୁ ଦେଖିପାର। ଇଶ୍ରାୟେଲ
ଉପରେ ଶାନ୍ତି ବର୍ତ୍ତୁ।

## ଗୀତ 129

*ଏକ ଆରୋହଣ ସଙ୍ଗୀତ।*

1 ମୋର ଜୀବନସାରା ବହୁ ଶତ୍ରୁ ମୋତେ ଆକ୍ରମଣ କଲେ।
ଇଶ୍ରାୟେଲ, ଏହାକୁ ଆଉଥରେ କୁହ।
2 ମୋ ଜୀବନସାରା ବହୁ ଶତ୍ରୁ ମୋତେ ଆକ୍ରମଣ କରିଛନ୍ତି।
କିନ୍ତୁ ସେମାନେ କେବେ ମୋତେ ପରାସ୍ତ କରିପାରିଲେ
ନାହିଁ।
3 ସେମାନେ ମୋ ପିଠିରେ ଗଭୀର କ୍ଷତ ହେବା ପର୍ଯ୍ୟନ୍ତ
ଆଘାତ କରନ୍ତି। ମୋର ପିଠି ହଳ କରା ପଡ଼ିଆ ପରି
ଜଣାଗଲା।
4 କିନ୍ତୁ ସଦାପ୍ରଭୁ ଯିଏ ଯାହା ଠିକ୍ କରନ୍ତି, ସେହି ରଜ୍ଜୁ
କାଟି ପକାଇଲେ ଏବଂ ଦୁଷ୍ଟମାନଙ୍କଠାରୁ ମୁକ୍ତ
କଲେ।
5 ଯେଉଁ ଲୋକମାନେ ସିୟୋନ୍‌କୁ ଘୃଣା କରନ୍ତି, ସେମାନେ
ଲଜ୍ଜିତ ହୁଅନ୍ତୁ। ସେମାନେ ଅଟକି ଯାଆନ୍ତୁ ଏବଂ ଅନୁଧାବିତ
ହୁଅନ୍ତୁ।
6 ସେମାନେ ଗୃହର ଛାତ ଉପରସ୍ଥ ତୃଣତୁଲ୍ୟ ବଢ଼ିବା
ପୂର୍ବରୁ ଶୁଖି ଯାଆନ୍ତୁ।
7 ଯେପରି କଟାଳି ତା'ର ହେଳାପୂର୍ଣ୍ଣ କରିପାରେ
ନାହିଁ। ଏବଂ ବିଡ଼ା ବନ୍ଧନକାରୀ ଆପଣା ଅଣ୍ଟି ପୂର୍ଣ୍ଣ କରେ
ନାହିଁ।
8 ତାଙ୍କ ବାଟେ ଦେଇ ଯାଉଥିବା ଲୋକମାନେ କହନ୍ତି ନାହିଁ,
"ସଦାପ୍ରଭୁ ତୁମ୍ଭର ମଙ୍ଗଳ କରନ୍ତୁ।" କିମ୍ବା "ଆମ୍ଭେ
ସଦାପ୍ରଭୁଙ୍କ ନାମରେ ତୁମ୍ଭକୁ ଆଶୀର୍ବାଦ କରୁଛୁ।"

## ଗୀତ 130

*ଏକ ଆରୋହଣ ଗୀତ।*

1 ହେ ସଦାପ୍ରଭୁ, ମୁଁ ଘୋର ବିପତ୍ତିରେ ଅଛି। ତେଣୁ ମୁଁ
ତୁମ୍ଭକୁ ସାହାଯ୍ୟ ପାଇଁ ଡାକୁଛି।
2 ହେ ମୋର ପ୍ରଭୁ, ମୋର ଗୁହାରି ଶୁଣ। ସାହାଯ୍ୟ ପାଇଁ
ମୋର ଡାକ ଶୁଣ।
3 ହେ ସଦାପ୍ରଭୁ, ତୁମ୍ଭେ ଯଦି ସମସ୍ତ ଲୋକଙ୍କୁ ସେମାନଙ୍କର
ପାପ ପାଇଁ ଦଣ୍ଡିତ କର, ତେବେ କେହି ବଞ୍ଚିବେ ନାହିଁ।
4 ହେ ସଦାପ୍ରଭୁ, ତୁମ୍ଭେ ଲୋକମାନଙ୍କୁ କ୍ଷମା କର,
ସେଥିପାଇଁ ସେମାନେ ତୁମ୍ଭଙ୍କୁ ଡରନ୍ତି ଏବଂ ଉପାସନା
କରନ୍ତି।
5 ମୁଁ ସଦାପ୍ରଭୁଙ୍କର ସାହାଯ୍ୟକୁ ଅପେକ୍ଷା କରିଛି। ମୋର
ପ୍ରାଣ ତାଙ୍କୁ ଚାହିଁ ରହିଛି। ମୁଁ ସଦାପ୍ରଭୁଙ୍କର ବାକ୍ୟରେ
ଭରସା ରଖିଛି।
6 ମୁଁ ମୋର ପ୍ରଭୁଙ୍କ ପାଇଁ ଅପେକ୍ଷା କରେ,
ଯେପରି ଜଣେ ପ୍ରହରୀ ସକାଳ ଆସିବା ପର୍ଯ୍ୟନ୍ତ ଅପେକ୍ଷା
କରେ।
7 ହେ ଇଶ୍ରାୟେଲ, ସଦାପ୍ରଭୁଙ୍କଠାରେ ଭରସା ରଖ। ସଦାପ୍ରଭୁ
ହେଉଛନ୍ତି ଜଣେ, ଯିଏକି ବିଶ୍ୱାସୀ ଏବଂ ସତ୍ୟ ଅଟନ୍ତି।
ତାଙ୍କଠାରେ ମୁକ୍ତ କରିବାର ଶକ୍ତି ଅଛି।
8 ଏବଂ ସେ ହେଉଛନ୍ତି ଜଣେ, ଯିଏ ଇଶ୍ରାୟେଲକୁ ତା'ର
ସମସ୍ତ ପାପରୁ ମୁକ୍ତ କରିବେ।

## ଗୀତ 131

*ଏକ ଆରୋହଣ ସଙ୍ଗୀତ।*

1 ହେ ସଦାପ୍ରଭୁ, ମୁଁ ଗର୍ବୀ ବା ଅହଂକାରୀ ନୁହେଁ। ମୁଁ
ଗୁରୁତ୍ୱପୂର୍ଣ୍ଣ ଜିନିଷ କରିବା ପାଇଁ ଚେଷ୍ଟା କରୁ ନାହିଁ। ମୁଁ
ମହାନ କାର୍ଯ୍ୟ କିଅବା ବହୁତ ଆଶ୍ଚର୍ଯ୍ୟ କାର୍ଯ୍ୟ କରିବା
ପାଇଁ ଆଗ୍ରହୀ ହୋଇନାହିଁ।
2 ମୁଁ ଶାନ୍ତ ଅଟେ, ମୋର ପ୍ରାଣ ଧୀର ଅଟେ।
3 ଏକ ଶିଶୁ ତା'ର ମା କୋଳରେ ଥିବାପରି ମୁଁ ପ୍ରାଣ
ଶାନ୍ତ ଓ ସୁସ୍ଥିର ଅଟେ।
4 ହେ ଇଶ୍ରାୟେଲ, ବର୍ତ୍ତମାନ ଏବଂ ଅନନ୍ତକାଳ ପାଇଁ
ସଦାପ୍ରଭୁଙ୍କଠାରେ ବିଶ୍ୱାସ ରଖ।

## ଗୀତ 132

*ଆରୋହଣ ଗୀତ।*

1 ସଦାପ୍ରଭୁ, ଦାଉଦଙ୍କର ସପକ୍ଷରେ ତାଙ୍କର ସମସ୍ତ ମହାନ
କାର୍ଯ୍ୟକୁ ସ୍ମରଣ କର।
2 ଏବଂ ସ୍ମରଣ କର, କିପରି ସେ ସଦାପ୍ରଭୁଙ୍କଠାରେ ଶପଥ
ନେଲେ, ଦାଉଦ ଯାକୁବର ଶକ୍ତିମାନ୍ ପରମେଶ୍ୱରଙ୍କଠାରେ
ଏକ ବିଶେଷ ପ୍ରତିଜ୍ଞା କଲେ।
3 ସଦାପ୍ରଭୁଙ୍କ ପାଇଁ ମୁଁ ଏକ ପବିତ୍ର ଗୃହ ନ ପାଇବା
ପର୍ଯ୍ୟନ୍ତ ସର୍ବଶକ୍ତିମାନ ଯାକୁବର ପରମେଶ୍ୱରଙ୍କ ପାଇଁ
ଏକ ତମ୍ବୁ କରିବ।"
4 ମୁଁ ଶୟନ କରିବ ନାହିଁ। ମୁଁ ମୋର ଚକ୍ଷୁକୁ ବିଶ୍ରାମ
ଦେବ ନାହିଁ।
5 "ମୁଁ ମୋର ଗୃହକୁ ଯିବ ନାହିଁ ଏବଂ ମୁଁ ମୋ ବିଛଣାରେ
ଗଡ଼ିବ ନାହିଁ।"
6 ଦେଖ ଆମ୍ଭେମାନେ ଇଫ୍ରାଥାରେ ନିୟମ-ସିନ୍ଦୁକ
ବିଷୟରେ ଶୁଣିଲୁ। ଆମ୍ଭେମାନେ ବନମ୍ର କ୍ଷେତ୍ରରେ ଏହାକୁ
ପାଇଲୁ।
7 ଚାଲ ସେହି ପବିତ୍ର ତମ୍ବୁକୁ ଯିବା। ଆମ୍ଭେ ତାଙ୍କ
ପାଦପୀଠରେ ଉପାସନା କରିବା।
8 ସଦାପ୍ରଭୁ, ଉଠ ଏବଂ ତୁମ୍ଭର ବିଶ୍ରାମ ସ୍ଥାନକୁ ଯାଅ,
ସିନ୍ଦୁକ ସହିତ ଯାଅ, ତାହା ତୁମ୍ଭର ଶକ୍ତିକୁ ପ୍ରଦର୍ଶନ
କରେ।
9 ସଦାପ୍ରଭୁ ତୁମ୍ଭର ଯାଜକମାନେ ବିଜୟ ପରିହିତ ହୁଅନ୍ତୁ
ଏବଂ ତୁମ୍ଭ ଅନୁସରଣକାରୀମାନେ ବହୁତ ଆନନ୍ଦରେ ପାଟି
କରନ୍ତୁ।
10 ତୁମ୍ଭ ଦାସ ଦାଉଦଙ୍କ ସକାଶୁ ତୁମ୍ଭର ଅଭିଷିକ୍ତ ରାଜାଙ୍କୁ
ପରିତ୍ୟାଗ କର ନାହିଁ।
11 ସଦାପ୍ରଭୁ ଦାଉଦଙ୍କୁ ପ୍ରତିଜ୍ଞା କଲେ, ତାଙ୍କ ପ୍ରତି
ବିଶ୍ୱାସର ଗୋଟିଏ ଶପଥ କଲେ, "ଆମ୍ଭେ ତୁମ୍ଭର
ବଂଶରୁ ଜଣକୁ ସବୁଦିନ ପାଇଁ ରାଜସିଂହାସନରେ ଅଧିଷ୍ଠିତ
କରିବା।
12 "ଦାଉଦ, ଯଦି ତୁମ୍ଭର ଉତ୍ତରାଧିକାରୀଗଣ ଆମ୍ଭର ନିୟମକୁ
ଓ ଆମ୍ଭେ ଯେଉଁ ବ୍ୟବସ୍ଥା ଶିକ୍ଷା ସେମାନଙ୍କୁ ଦିଏ
ସେଗୁଡ଼ିକୁ ମାନନ୍ତି, ତେବେ ତୁମ୍ଭ ପରିବାରରୁ କେହିଜଣେ
ସବୁଦିନ ରାଜା ହୋଇ ରହିବ।"
13 ସଦାପ୍ରଭୁ ସିୟୋନକୁ ତାଙ୍କର ମନ୍ଦିର ପାଇଁ ବାଛିଲେ। ଓ
ସେ ସେହି ସ୍ଥାନକୁ ଆପଣା ବାସସ୍ଥାନ ପାଇଁ ମନୋନୀତ
କଲେ।
14 ସଦାପ୍ରଭୁ କହିଲେ, "ଏହା ଚିରକାଳ ମୋର ବିଶ୍ରାମସ୍ଥାନ
ହେବ। ଏହା ହେଉଛି ଗୋଟିଏ ସ୍ଥାନ ଯେଉଁଥିରେ ଆମ୍ଭେ
ସିଂହାସନରେ ବସିବାକୁ ଚାହୁଁ।
15 ଆମ୍ଭେ ସେହି ସହରର ଖାଦ୍ୟ ଉପରେ ବହୁଳ ରୂପେ
ଆଶୀର୍ବାଦ କରିବା। ଏପରିକି ସେଠାକାର ଗରିବମାନେ
ମଧ୍ୟ ପ୍ରଚୁର ଖାଦ୍ୟ ପାଇବେ।
16 ଆମ୍ଭେ ତାଙ୍କର ଯାଜକଗଣଙ୍କୁ ହିଁ ପରିତ୍ରାଣ ରୂପକ ବସ୍ତ୍ର
ପିନ୍ଧାଇବା ଓ ଆମ୍ଭର ଅନୁଗାମୀମାନେ ଆନନ୍ଦରେ ଧ୍ୱନି
କରିବେ।
17 ଏହା ଗୋଟିଏ ଜାଗା ଯେଉଁଠାରେ କି ଆମ୍ଭେ ଦାଉଦଙ୍କର
ପରିବାରକୁ ଶକ୍ତିଶାଳୀ କରିବା। ଆମ୍ଭେ ଆପଣା ବଛାଯାଇଥିବା
ରାଜାଙ୍କର ପ୍ରଦୀପ ଜଳିବାକୁ କେବେହେଲେ ନିବୃତ୍ତ
କରିବା ନାହିଁ।
18 ତାଙ୍କର ଶତ୍ରୁଗଣଙ୍କୁ ଲଜ୍ଜାରେ ଆଚ୍ଛାଦିତ କରିବା, କିନ୍ତୁ
ତାଙ୍କ ମୁଣ୍ଡ ଉପରେ ଚକ୍‌ଚକ୍ କରୁଥିବା ରାଜମୁକୁଟ
ଶୋଭା ପାଇବ।"

## ଗୀତ 133

*ଦାଉଦଙ୍କ ରଚିତ ଏକ ଆରୋହଣ ଗୀତ।*

1 ଏହା କେଡ଼େ ଭଲ ଓ ବଡ଼ ଆନନ୍ଦର କଥା ଯେତେବେଳେ
ସବୁ ଭାଇମାନେ ଏକତ୍ର ଜୀବନଯାପନ କରନ୍ତି।

2 ଏହା ହାରୋଣଙ୍କର ମସ୍ତକରେ ବହୁମୂଲ୍ୟ ତୈଳ ସ୍ୱରୂପ
ଯାହା ତାଙ୍କ ଦାଢ଼ି ବାଟେ ବହି ତାହାଙ୍କ ବସ୍ତ୍ରାଞ୍ଚଳରେ
ପଡେ।
3 ଏହା ହର୍ମୋଣ ପର୍ବତରୁ ସିୟୋନ ପର୍ବତ ଉପରେ
ପଡୁଥିବା ମୃଦୁ ବୃଷ୍ଟି ତୁଲ୍ୟ। ସେହିଠାରେ ସଦାପ୍ରଭୁ
ଚିରଦିନ ପାଇଁ ଆଶୀର୍ବାଦ କରିବାର ଆଦେଶ ଦେଇଛନ୍ତି।

## ଗୀତ 134

*ଆରୋହଣ ଗୀତ।*

1 ହେ ସଦାପ୍ରଭୁଙ୍କର ସମସ୍ତ ଦାସଗଣ, ଯେଉଁମାନେ ରାତିସାରା
ତାଙ୍କର ମନ୍ଦିରରେ ତାଙ୍କର ସେବା କରନ୍ତି, ସେମାନେ
ସଦାପ୍ରଭୁଙ୍କର ପ୍ରଶଂସା କରନ୍ତୁ!
2 ତୁମ୍ଭର ହାତ ମନ୍ଦିର ଆଡକୁ ଉଠାଅ ଏବଂ ସଦାପ୍ରଭୁଙ୍କର
ପ୍ରଶଂସା କର।
3 ସ୍ୱର୍ଗ ଓ ପୃଥିବୀର ନିର୍ମାଣକର୍ତ୍ତା, ସିୟୋନ୍‌ରୁ ତୁମ୍ଭଙ୍କୁ
ଆଶୀର୍ବାଦ କରନ୍ତୁ।

## ଗୀତ 135

1 ସଦାପ୍ରଭୁଙ୍କର ପ୍ରଶଂସା କର। ସଦାପ୍ରଭୁଙ୍କ ନାମର ପ୍ରଶଂସା
କର। ହେ ସଦାପ୍ରଭୁଙ୍କର ଦାସମାନେ, ତାଙ୍କୁ ପ୍ରଶଂସା
କର।
2 ତୁମ୍ଭେ ଯେଉଁ ଲୋକମାନେ ସଦାପ୍ରଭୁଙ୍କର ମନ୍ଦିରରେ ଛିଡ଼ା
ହୋଇଅଛ। ଯେଉଁମାନେ ତାଙ୍କ ପ୍ରାଙ୍ଗଣରେ ଛିଡ଼ା ହୋଇଅଛ,
ତାଙ୍କର ଧନ୍ୟବାଦ କର।
3 ସଦାପ୍ରଭୁଙ୍କୁ ପ୍ରଶଂସା କର କାରଣ ସଦାପ୍ରଭୁ ମଙ୍ଗଳମୟ
ଅଟନ୍ତି। ତାଙ୍କ ନାମର ପ୍ରଶଂସାଗାନ କର, କାରଣ ଏହା
ଆନନ୍ଦ ଆଣେ।
4 ସଦାପ୍ରଭୁ ଆପଣା ନିମନ୍ତେ ଯାକୁବଙ୍କୁ ମନୋନୀତ କଲେ।
ସେ ନିଜର ଅତି ଆପଣା ଲୋକ ହେବା ପାଇଁ ସେ
ଇସ୍ରାୟେଲକୁ ମନୋନୀତ କଲେ।
5 ମୁଁ ଜାଣେ ସଦାପ୍ରଭୁ ମହାନ ଅଟନ୍ତି! ଆମ୍ଭମାନଙ୍କର ପ୍ରଭୁ
ସମସ୍ତ ଦେବତାମାନଙ୍କ ଅପେକ୍ଷା ଶ୍ରେଷ୍ଠ।
6 ସ୍ୱର୍ଗରେ, ପୃଥିବୀରେ, ସମୁଦ୍ରରେ ଓ ସମଗ୍ର ବାରିଧିରେ
ସଦାପ୍ରଭୁ ଯାହା ଇଚ୍ଛା କରନ୍ତି, ତାହା କରନ୍ତି।
7 ପରମେଶ୍ୱର ପୃଥିବୀର ଉପରେ ଆକାଶ ସୃଷ୍ଟି କରିଛନ୍ତି।
ସେ ବର୍ଷା ସହିତ ବିଜୁଳି କରନ୍ତି। ଏବଂ ସେ ତାଙ୍କର
ଭଣ୍ଡାର ଘରୁ ପବନ ପ୍ରବାହିତ କରନ୍ତି।
8 ପରମେଶ୍ୱର ମିଶରର ସମସ୍ତ ପ୍ରଥମଜାତ ମନୁଷ୍ୟ ଓ
ପଶୁଗଣଙ୍କୁ ହତ୍ୟା କଲେ।
9 ପରମେଶ୍ୱର ମିଶରରେ ବହୁତ ଆଶ୍ଚର୍ଯ୍ୟ ଓ ଅଦ୍‌ଭୂତ
କାର୍ଯ୍ୟମାନ କଲେ। ସେ ସେଗୁଡିକୁ ଫାରୋ ଓ ତାଙ୍କର
ପଦାଧିକାରୀମାନଙ୍କ ବିପକ୍ଷରେ ବ୍ୟବହାର କଲେ।
10 ପରମେଶ୍ୱର ଅନେକ ଗୋଷ୍ଠୀଙ୍କୁ ପରାସ୍ତ କଲେ। ସେ
ବହୁତ ଶକ୍ତିଶାଳୀ ରାଜାମାନଙ୍କୁ ହତ୍ୟା କଲେ।
11 ପରମେଶ୍ୱର ଇମୋରୀୟମାନଙ୍କ ରାଜା ସୀହୋନକୁ ଓ
ବାଶନର ରାଜା ଓଗକୁ ଏବଂ କିଣାନର ସକଳ ରାଜ୍ୟକୁ
ପରାସ୍ତ କଲେ।
12 ଆଉ ସଦାପ୍ରଭୁ ସେମାନଙ୍କର ଦେଶ ଇସ୍ରାୟେଲକୁ ଦେଲେ।
ସଦାପ୍ରଭୁ ସେହି ଭୂମି ତାଙ୍କର ନିଜ ଲୋକମାନଙ୍କୁ
ଦେଲେ।
13 ହେ ସଦାପ୍ରଭୁ, ତୁମ୍ଭ ନାମ ଅନନ୍ତକାଳ ପାଇଁ ପ୍ରସିଦ୍ଧ
ହେବ। ହେ ସଦାପ୍ରଭୁ, ତୁମ୍ଭଙ୍କୁ ଲୋକମାନେ ଚିରଦିନ
ପାଇଁ ସ୍ମରଣ କରିବେ।
14 ସଦାପ୍ରଭୁ ତାଙ୍କ ଲୋକମାନଙ୍କ ପ୍ରତି ରକ୍ଷା କରନ୍ତି। ସେ
ତାଙ୍କର ସେବକମାନଙ୍କ ପ୍ରତି ଦୟା ଦେଖାନ୍ତି।
15 ଅନ୍ୟ ଦେଶୀୟମାନଙ୍କ ମୂର୍ତ୍ତିସବୁ ରୂପା ଓ ସୁନା ଥିଲା।
ସେଗୁଡିକ ମନୁଷ୍ୟର ହସ୍ତ ଦ୍ୱାରା ନିର୍ମିତ ହେଉଥିଲା।
16 ସେହି ମୂର୍ତ୍ତିମାନଙ୍କର ମୁଖ ଅଛି ମାତ୍ର ସେମାନେ କଥା
କହିପାରିବେ ନାହିଁ। ସେମାନଙ୍କର ଆଖି ଅଛି, କିନ୍ତୁ
ସେମାନେ ଦେଖି ପାରିବେ ନାହିଁ।
17 ସେମାନଙ୍କର କାନ ଅଛି ମାତ୍ର ସେମାନେ ଶୁଣି ପାରିବେ
ନାହିଁ। ସେମାନଙ୍କର ନାକ ଅଛି, କିନ୍ତୁ ଶ୍ୱାସ ପ୍ରଶ୍ୱାସ
ନାହିଁ।
18 ଯେଉଁମାନେ ମୂର୍ତ୍ତି ତିଆରି କରନ୍ତି ଏବଂ ସେମାନଙ୍କଠାରେ
ବିଶ୍ୱାସ ରଖନ୍ତି, ସେମାନେ ସେମାନଙ୍କ ତୁଲ୍ୟ ହେବେ।
19 ହେ ଇସ୍ରାୟେଲର ପରିବାର, ସଦାପ୍ରଭୁଙ୍କର ପ୍ରଶଂସା
କର। ହେ ହାରୋଣର ପରିବାର, ସଦାପ୍ରଭୁଙ୍କର ପ୍ରଶଂସା
କର।
20 ହେ ଲେବୀର ପରିବାର, ସଦାପ୍ରଭୁଙ୍କର ପ୍ରଶଂସା କର।
ତୁମ୍ଭେ ଯିଏକି ସଦାପ୍ରଭୁଙ୍କୁ ଭୟ କର, ସଦାପ୍ରଭୁଙ୍କର
ପ୍ରଶଂସା କର।
21 ଯିରୁଶାଲମବାସୀ, ସଦାପ୍ରଭୁ ସିୟୋନ୍‌ଠାରୁ ଧନ୍ୟ ହୁଅନ୍ତୁ।
ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର।

## ଗୀତ 136

1 ସଦାପ୍ରଭୁଙ୍କର ପ୍ରଶଂସା କର, କାରଣ ସେ ମଙ୍ଗଳମୟ।
ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
2 ଦେବତାମାନଙ୍କର ଦେବତାର ପ୍ରଶଂସା କର! ତାଙ୍କର
ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
3 ପ୍ରଭୁମାନଙ୍କର ସଦାପ୍ରଭୁଙ୍କ ପ୍ରଶଂସା କର। ତାହାଙ୍କ ସ୍ନେହପୂର୍ଣ୍ଣ
କରୁଣା ଅନନ୍ତକାଳସ୍ଥାୟୀ।
4 ଯେ ଆଶ୍ଚର୍ଯ୍ୟକାର୍ଯ୍ୟମାନ କରନ୍ତି, ତାଙ୍କର ପ୍ରଶଂସା କର।
ତାଙ୍କ ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
5 ପରମେଶ୍ୱରଙ୍କର ପ୍ରଶଂସା କର ଯିଏ ତାଙ୍କ ବୁଦ୍ଧିରେ
ଆକାଶମଣ୍ଡଳ ନିର୍ମାଣ କଲେ। ତାହାଙ୍କ ସ୍ନେହପୂର୍ଣ୍ଣ କରୁଣା
ଅନନ୍ତକାଳସ୍ଥାୟୀ।
6 ପରମେଶ୍ୱର ଯେ ଭୂମଣ୍ଡଳକୁ ଜଳରାଶି ଉପରେ ବିସ୍ତୀର୍ଣ୍ଣ
କଲେ, ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
7 ପରମେଶ୍ୱର ମହାନ ଜ୍ୟୋତିର୍ଗଣ ନିର୍ମାଣ କଲେ। ତାହାଙ୍କ
ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
8 ପରମେଶ୍ୱର ଦିବସରେ କର୍ତ୍ତୃତ୍ୱ କରିବା ପାଇଁ
ସୂର୍ଯ୍ୟକୁ ସୃଷ୍ଟି କଲେ, ତାଙ୍କର ସ୍ନେହପୂର୍ଣ୍ଣ କରୁଣା
ଅନନ୍ତକାଳସ୍ଥାୟୀ।
9 ପରମେଶ୍ୱର ରାତ୍ରିରେ କର୍ତ୍ତୃତ୍ୱ କରିବା ପାଇଁ ଚନ୍ଦ୍ର ଓ

ତାରାଗଣ ସୃଷ୍ଟି କଲେ। ତାହାଙ୍କ ସ୍ନେହପୂର୍ଣ୍ଣ କରୁଣା
ଅନନ୍ତକାଳସ୍ଥାୟୀ।
10 ପରମେଶ୍ୱର ମିଶରର ପ୍ରଥମଜାତ ମନୁଷ୍ୟ ଏବଂ ପଶୁମାନଙ୍କୁ
ହତ୍ୟା କଲେ। ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
11 ପରମେଶ୍ୱର ମିଶର ମଧ୍ୟରୁ ଇଶ୍ରାୟେଲକୁ ବାହାର କରି
ଆଣିଲେ। ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
12 ପରମେଶ୍ୱର ତାଙ୍କର ମହାନ ଶକ୍ତି ଏବଂ ପରାକ୍ରମ
ଦେଖାଇଲେ। ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
13 ପରମେଶ୍ୱର ସୁଫସାଗରକୁ ଦୁଇ ଭାଗରେ ବିଭକ୍ତ କଲେ।
ତାଙ୍କର ବିଶ୍ୱସ୍ତ ପ୍ରେମ ଅନନ୍ତକାଳସ୍ଥାୟୀ।
14 ପରମେଶ୍ୱର ଇଶ୍ରାୟେଲକୁ ଏଥି ମଧ୍ୟରେ ଗମନ କରାଇଲେ।
ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
15 ପରମେଶ୍ୱର ଫାରୋ ଓ ତାହାର ସୈନ୍ୟଗଣଙ୍କୁ ସୁଫ
ସାଗରରେ ବୁଡାଇ ଦେଲେ। ତାଙ୍କର ସ୍ନେହପୂର୍ଣ୍ଣ କରୁଣା
ଅନନ୍ତକାଳସ୍ଥାୟୀ।
16 ପରମେଶ୍ୱର ମରୁଭୂମି ଦେଇ ଆପଣା ଲୋକମାନଙ୍କୁ
ଆଗେଇ ନେଲେ। ତାଙ୍କର ସ୍ନେହପୂର୍ଣ୍ଣ କରୁଣା
ଅନନ୍ତକାଳସ୍ଥାୟୀ।
17 ପରମେଶ୍ୱର ଶକ୍ତିଶାଳୀ ରାଜାମାନଙ୍କୁ ପରାସ୍ତ କଲେ।
ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
18 ପରମେଶ୍ୱର ପରାକ୍ରାନ୍ତ ରାଜାମାନଙ୍କୁ ପରାସ୍ତ କଲେ।
ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
19 ପରମେଶ୍ୱର ଇମୋରୀୟମାନଙ୍କର ରାଜା ସୀହୋନକୁ ପରାସ୍ତ
କଲେ। ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
20 ପରମେଶ୍ୱର ବାଶନର ରାଜା ଓଗକୁ ପରାସ୍ତ କଲେ।
ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
21 ପରମେଶ୍ୱର ଇଶ୍ରାୟେଲୀୟମାନଙ୍କୁ ତାଙ୍କ ଭୂମି ଦେଲେ।
ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
22 ପରମେଶ୍ୱର ସେହି ଭୂମିକୁ ଇଶ୍ରାୟେଲଙ୍କୁ ଦାନ କଲେ।
ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
23 ପରମେଶ୍ୱର ଆମ୍ଭମାନଙ୍କର ସ୍ମରଣ କଲେ, ଯେତେବେଳେ
ଆମ୍ଭେ ପରାସ୍ତ ଥିଲୁ। ତାଙ୍କର ସ୍ନେହପୂର୍ଣ୍ଣ କରୁଣା
ଅନନ୍ତକାଳସ୍ଥାୟୀ।
24 ପରମେଶ୍ୱର ଆମ୍ଭମାନଙ୍କର ଶତ୍ରୁମାନଙ୍କଠାରୁ ଆମ୍ଭକୁ ରକ୍ଷା
କଲେ। ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
25 ପରମେଶ୍ୱର ସମସ୍ତ ଜୀବିତ ପ୍ରାଣୀମାନଙ୍କ ନିମନ୍ତେ ଆହାର
ଯୋଗାନ୍ତି। ତାଙ୍କର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ।
26 ସ୍ୱର୍ଗର ପରମେଶ୍ୱରଙ୍କ ପ୍ରଶଂସା କର! ତାଙ୍କର ସ୍ନେହପୂର୍ଣ୍ଣ
କରୁଣା ଅନନ୍ତକାଳସ୍ଥାୟୀ।

## ଗୀତ 137

1 ଆମ୍ଭେମାନେ ବାବିଲୀୟ ନଦୀ ନିକଟରେ ସିୟୋନକୁ
ସ୍ମରଣ କଲାବେଳେ ସେଠାରେ ବସି ରୋଦନ କଲୁ।
2 ଆମ୍ଭେମାନେ ସେଠାରେ ଥିବା ବାଇଶୀ ବୃକ୍ଷରେ ନିଜ
ନିଜର ବୀଣା ଟାଙ୍ଗାଇ ରଖିଲୁ।
3 ବାବିଲରେ ଯେଉଁ ଲୋକମାନେ ଆମ୍ଭମାନଙ୍କୁ ବନ୍ଦୀ କରିଥିଲେ,
ଆମ୍ଭେ ଗୀତ ଗାଉ ବୋଲି ସେମାନେ ଚାହିଁଲେ। ସେମାନଙ୍କର
ମନୋରଞ୍ଜନ କରିବାକୁ ସେମାନେ ଆମ୍ଭମାନଙ୍କୁ ଡାକିଲେ:
ଆମ୍ଭମାନଙ୍କ ନିକଟରେ ସିୟୋନର ଗୋଟିଏ ଗୀତ ଗାନ
କର।
4 କିନ୍ତୁ ଆମ୍ଭେମାନେ ସଦାପ୍ରଭୁଙ୍କର ଗୀତ କିପରି ବିଦେଶରେ
ଗାନ କରିପାରିବା।
5 ହେ ଯିରୁଶାଲମ, ଯଦି ମୁଁ ତୁମ୍ଭକୁ ଭୁଲେ, ତେବେ
ମୋର ଦକ୍ଷିଣ ହସ୍ତ ଆପଣାର କର୍ମ କୌଶଳ ପାସୋରି
ଯାଉ।
6 ହେ ଯିରୁଶାଲମ, ଯଦି ମୁଁ ତୁମ୍ଭକୁ କେବେ ଭୁଲେ,
ତେବେ ମୋର କାମନା କି ମୁଁ ଆଉ କୌଣସି ଗୀତ
ଗାଇ ପାରିବିନାହିଁ।
7 ମୁଁ ପ୍ରତିଜ୍ଞା କରୁଅଛି ଯେ, ଯିରୁଶାଲମ ସର୍ବଦା ମୋର
ଆନନ୍ଦ ଧାମ ହୋଇ ରହିବ। ହେ ସଦାପ୍ରଭୁ,
ଇଦୋମୀୟମାନଙ୍କୁ ସ୍ମରଣ କର ଏବଂ ଯିରୁଶାଲମ ଅବରୋଧ
ହେବା ସମୟ ସେମାନେ ଯାହା କଲେ ସେଥିପାଇଁ
ସେମାନଙ୍କୁ ଦଣ୍ଡିତ କର। ସ୍ମରଣ କର ସେମାନେ କିପରି
ଚିତ୍କାର କଲେ, "ଏହି କୋଠାଘରକୁ ଧ୍ୱଂସ କର!
ସେମାନଙ୍କୁ ଟାଣିଆଣି ଧୂଳିରେ ମିଶାଇ ଦିଅ।
8 ହେ ବାବିଲୋନ, ତୁମ୍ଭେ ଧ୍ୱଂସ ହେବ! ମୁଁ
ଯେ କୌଣସି ଲୋକକୁ ଆଶୀର୍ବାଦ ଦେବି, ଯିଏ
ତୁମ୍ଭକୁ ପ୍ରତିଦାନ ଦେବ, ଯାହା ତୁମ୍ଭେ ଆମ୍ଭ ପ୍ରତି
କରିଥିଲ।
9 ମୁଁ ଯେ କୌଣସି ବ୍ୟକ୍ତିକୁ ଆଶୀର୍ବାଦ ଦେବି, ଯିଏ
ତୁମ୍ଭର ଶିଶୁଗଣକୁ ତୁମ୍ଭଠାରୁ ଛଡ଼ାଇ ଆଣିବ ଏବଂ
ସେମାନଙ୍କୁ ପଥରରେ ପିଟି ଦେବ।

## ଗୀତ 138

*ଦାଉଦଙ୍କର ଗୀତ*

1 ହେ ପରମେଶ୍ୱର, ମୁଁ ମୋର ହୃଦୟ ସହିତ ତୁମ୍ଭର
ପ୍ରଶଂସା ଗାନ କରିବି। ସମସ୍ତ ଦେବତାଗଣଙ୍କ ସମ୍ମୁଖରେ
ମୁଁ ତୁମ୍ଭ ପାଇଁ ପ୍ରଶଂସାର ଗୀତ ଗାନ କରିବି।
2 ହେ ପରମେଶ୍ୱର, ମୁଁ ତୁମ୍ଭର ପବିତ୍ର ମନ୍ଦିର ପ୍ରତି ପ୍ରଣାମ
ଦଣ୍ଡବତ କରିବି। ମୁଁ ତୁମ୍ଭର ନାମ, ତୁମ୍ଭର ସ୍ନେହପୂର୍ଣ୍ଣ
କରୁଣା ଏବଂ ତୁମ୍ଭର ସତ୍ୟତାକୁ ପ୍ରଶଂସା କରିବି। ତୁମ୍ଭେ
ପ୍ରସିଦ୍ଧ ଅଟ ଏବଂ ଯାହା ତୁମ୍ଭେ କରିବା ପାଇଁ ପ୍ରତିଜ୍ଞା
କଲ ତାହା ଏପରିକି ମଧ୍ୟ ତୁମ୍ଭକୁ ଅଧିକ ପ୍ରସିଦ୍ଧ
କରିବ।
3 ହେ ପରମେଶ୍ୱର, ମୁଁ ତୁମ୍ଭର ସାହାଯ୍ୟ ପାଇଁ ଡାକିଲି।
ତୁମ୍ଭେ ମୋତେ ଉତ୍ତର ଦେଲ! ତୁମ୍ଭେ ମୋତେ ସାହାସୀ
ଏବଂ ଶକ୍ତି କଲ।
4 ସଦାପ୍ରଭୁ, ପୃଥିବୀର ସମସ୍ତ ରାଜା ତୁମ୍ଭକୁ ପ୍ରଶଂସା
କରିବେ, ଯେତେବେଳେ ସେମାନେ ତୁମ୍ଭର ପ୍ରତିଜ୍ଞାଗୁଡିକୁ
ଶୁଣିବେ।
5 ସେମାନେ ସଦାପ୍ରଭୁଙ୍କର ପଥ ବିଷୟରେ ଗାନ କରିବେ,
କାରଣ ସଦାପ୍ରଭୁଙ୍କର ମହିମା ହେଉଛି ମହାନ୍।
6 ସଦାପ୍ରଭୁ ସମସ୍ତଙ୍କ ଉପରେ ମୁଖ୍ୟ ଅଟନ୍ତି। କିନ୍ତୁ
ଏପର୍ଯ୍ୟନ୍ତ ନମ୍ର ଲୋକମାନଙ୍କର ଯତ୍ନ ନିଅନ୍ତି। କିନ୍ତୁ

ଏପରିକି ବହୁ ଦୂରରୁ, ସେ ଜାଣନ୍ତି ଗର୍ବୀ ଲୋକମାନେ କ'ଣ କରୁଛନ୍ତି।

7 ହେ ସଦାପ୍ରଭୁ, ଯଦି ମୁଁ ସଙ୍କଟ ମଧ୍ୟରେ ପଡେ ମୋତେ ଜୀବିତ ରଖ। ଯଦି ମୋର ଶତ୍ରୁଗଣ କେବେ ମୋ ଉପରେ କ୍ରୋଧ କରନ୍ତି, ତୁମ୍ଭେ ସେମାନଙ୍କଠାରୁ ମୋତେ ବଞ୍ଚାଅ।

8 ସଦାପ୍ରଭୁ, ତୁମ୍ଭେ ପ୍ରତିଜ୍ଞା କରିଥିବା ଜିନିଷ ମୋତେ ଦିଅ। ହେ ସଦାପ୍ରଭୁ, ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଅନନ୍ତକାଳସ୍ଥାୟୀ। ହେ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କୁ ସୃଷ୍ଟି କଲ। ତେଣୁ ଆମ୍ଭକୁ ପରିତ୍ୟାଗ କର ନାହିଁ।

## ଗୀତ 139

*ପ୍ରଧାନ ବାଦ୍ୟକାର ନିମନ୍ତେ ଦାଉଦଙ୍କର ଗୀତ।*

1 ହେ ସଦାପ୍ରଭୁ, ତୁମ୍ଭେ ମୋତେ ପରୀକ୍ଷା କରିଅଛ। ତୁମ୍ଭେ ମୋର ସମସ୍ତ ବିଷୟରେ ଜାଣିଅଛ।

2 ତୁମ୍ଭେ ଜାଣ ଯେତେବେଳେ ମୁଁ ବସେ ଏବଂ ଯେତେବେଳେ ମୁଁ ଛିଡା ହୁଏ। ଯଦିଓ ତୁମ୍ଭେ ଦୂରରେ ଅଛ, ତୁମ୍ଭେ ମୋର ମନକଥା ଜାଣ।

3 ସଦାପ୍ରଭୁ ତୁମ୍ଭେ ଜାଣ, ମୁଁ କେଉଁଠାକୁ ଯାଏ ଏବଂ କେତେବେଳେ ମୁଁ ତଳେ ପଡେ। ମୁଁ ଯାହା କିଛି କରୁଛି ତାହାସବୁ ତୁମ୍ଭେ ଜାଣ।

4 ହେ ସଦାପ୍ରଭୁ, ମୋ ମୁହଁରୁ ଶବ୍ଦ ବାହାରିବା ପୂର୍ବରୁ ତୁମ୍ଭେ ଜାଣ ଯେ, ମୁଁ କ'ଣ କହିବାକୁ ଯାଉଛି।

5 ସଦାପ୍ରଭୁ ତୁମ୍ଭେ ମୋର ଚତୁଃପାର୍ଶ୍ୱରେ ଅଛ, ମୋ ଆଗରେ ଓ ପଛରେ ଅଛ। ତୁମ୍ଭେ ଆପଣା ସୁରକ୍ଷାର ହାତ ମୋ ଉପରେ ରଖିଥାଅ।

6 ମୁଁ ଆଶ୍ଚର୍ଯ୍ୟ ହୁଏ ଯେ, ତୁମ୍ଭେ ଯାହାସବୁ ଜାଣ। ମୁଁ ତାକୁ ବୁଝିପାରେ ନାହିଁ।

7 ମୁଁ ଯୁଆଡେ ଯାଏ, ତୁମ୍ଭର ଆତ୍ମା ସବୁଠାରେ ଥାଏ। ମୁଁ ତୁମ୍ଭର ଉପସ୍ଥିତିରୁ ଖସିଯାଇ ପାରିବି ନାହିଁ।

8 ହେ ସଦାପ୍ରଭୁ ଯଦି ମୁଁ ସ୍ୱର୍ଗକୁ ଯାଏ ତେବେ ତୁମ୍ଭେ ସେଠାରେ ଥାଅ। ଯଦି ମୁଁ ପାତାଳକୁ ଯାଏ, ତେବେ ସେଠାରେ ମଧ୍ୟ ତୁମ୍ଭେ ଅଛ।

9 ସଦାପ୍ରଭୁ ମୁଁ ଯଦି ପୂର୍ବକୁ ଯାଏଁ ଯେଉଁଠାରେ ସୂର୍ଯ୍ୟ ଉଦୟ ହେଉଅଛି। ଯଦି ମୁଁ ପଶ୍ଚିମରେ ସମୁଦ୍ରର ପ୍ରାନ୍ତ ସୀମାକୁ ଯାଏ,

10 ସେଠାରେ ମଧ୍ୟ ତୁମ୍ଭର ହସ୍ତ ମୋତେ ଆଗକୁ ନେଇଥାନ୍ତା ଏବଂ ତୁମ୍ଭର ଦକ୍ଷିଣ ହସ୍ତ ହୁଏତ ମୋତେ ଧରିଥାନ୍ତା।

11 ହେ ସଦାପ୍ରଭୁ, ମୁଁ ତୁମ୍ଭଠାରୁ ଲୁଚିବା ପାଇଁ ଚେଷ୍ଟା କରି କୁହେ, "ଯଦି ରାତ୍ରି ଦିନରେ ପରିଣତ ହେବ ତେବେ ଅନ୍ଧକାର ନିଶ୍ଚିତ ଭାବରେ ମୋତେ ଆଚ୍ଛାଦନ କରିବ।"

12 କିନ୍ତୁ ସଦାପ୍ରଭୁ, ଏପରିକି ଅନ୍ଧକାର ତୁମ୍ଭପାଇଁ ଅନ୍ଧକାର ନୁହେଁ। ରାତ୍ରି ହେଉଛି ଦିନ ଭଳି ଉଜ୍ଜ୍ୱଳ। ଅନ୍ଧକାର ଏବଂ ଉଜ୍ଜ୍ୱଳ ହେଉଛି ତୁମ୍ଭ ପାଇଁ ସମାନ।

13 ସଦାପ୍ରଭୁ ତୁମ୍ଭେ ମୋର ସମଗ୍ର ଅଂଶକୁ ତିଆରି କଲ। ତୁମ୍ଭେ ମୋତେ ମୋ ମାତୃ ଗର୍ଭରେ ସମସ୍ତ ଶରୀର ସହିତ ରଖିଲ।

14 ହେ ସଦାପ୍ରଭୁ, ମୁଁ ତୁମ୍ଭଙ୍କୁ ଧନ୍ୟବାଦ ଦିଏ କାରଣ ତୁମ୍ଭେ ମୋତେ ଏଭଳି ଏକ ଆଶ୍ଚର୍ଯ୍ୟଜନକ ପଥରେ ତିଆରି କରିଅଛ। ମୁଁ ଭଲ ଭାବରେ ଜାଣେ ଯେ, ତୁମ୍ଭର କାମ ଅଦ୍ଭୁତ ଅଟେ।

15 ଯେତେବେଳେ ମୁଁ ନିଜ ମାତୃ ଗର୍ଭରେ ଥିଲି, ଯେତେବେଳେ ମୋର ଗଠିତ ହେଉଥିଲା, ସେତେବେଳେ ତୁମ୍ଭେ ମୋର ଅସ୍ଥି ପିଞ୍ଜରାକୁ ଦେଖିଲ।

16 ତୁମ୍ଭେ ପ୍ରତ୍ୟେକ ଦିନ ମୋର ଶରୀରର ବୃଦ୍ଧିକୁ ମୋର ମାତୃଗର୍ଭରେ ଦେଖିଲ। ତୁମ୍ଭ ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗକୁ ମୋ ତାଲିକାଭୁକ୍ତ କଲ ଏବଂ ସେଗୁଡିକ ମଧ୍ୟରୁ ଗୋଟିଏ ହେଲେ ବି ବାଦ୍ ଦେଇ ନାହିଁ*।

17 ପରମେଶ୍ୱର, ତୁମ୍ଭର ଚିନ୍ତାଧାରା ମୋ ପାଇଁ ବୁଝିବା କଷ୍ଟକର ଅଟେ। ତହିଁରେ ସେଗୁଡିକ ଗଣନା କରାଯାଇ ପାରିବ ନାହିଁ।

18 ତୁମ୍ଭେ ଯାହା କିଛି ଜାଣ, ସେ ସବୁକୁ ଯଦି ମୁଁ ଗଣିପାରୁଥା'ନ୍ତି, ତା'ହେଲେ ସେ ସବୁ ପୃଥିବୀର ଧୂଳିକଣାଠାରୁ ଅଧିକ ହେବ, କିନ୍ତୁ ଯଦି ମୁଁ ତାହା ଗଣିପାରିବି, ତା'ହେଲେ ମୁଁ ତୁମ୍ଭକୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣଭାବରେ ବୁଝି ପାରିଥା'ନ୍ତି।

19 ହେ ପରମେଶ୍ୱର, ଦୁଷ୍ଟ ଲୋକମାନଙ୍କୁ ହତ୍ୟା କର। ହେ ହତ୍ୟାକାରୀଗଣ, ମୋଠାରୁ ତୁମ୍ଭେ ଦୂରେଇ ଯାଅ।

20 ସେହି ଦୁଷ୍ଟ ଲୋକମାନେ ତୁମ୍ଭ ବିଷୟରେ ଖରାପ ମନ୍ତବ୍ୟ ଦେଉଛନ୍ତି। ତୁମ୍ଭର ଶତ୍ରୁମାନେ ତୁମ୍ଭର ନାମକୁ ଭୁଲ୍ ଭାବରେ ବ୍ୟବହାର କରନ୍ତି।

21 ହେ ସଦାପ୍ରଭୁ, ଯେଉଁମାନେ ତୁମ୍ଭକୁ ଘୃଣା କରନ୍ତି, ମୁଁ ସେହି ଲୋକମାନଙ୍କୁ ଘୃଣା କରେ। ଯେଉଁମାନେ ତୁମ୍ଭ ବିରୁଦ୍ଧରେ ଯାଆନ୍ତି, ସେହି ଲୋକମାନେ ମୋର ଶତ୍ରୁ।

22 ମୁଁ ସେମାନଙ୍କୁ ସଂପୂର୍ଣ୍ଣ ରୂପେ ଘୃଣା କରେ। ତୁମ୍ଭର ଶତ୍ରୁ ମଧ୍ୟ ମୋର ଶତ୍ରୁ ଅଟନ୍ତି।

23 ପରମେଶ୍ୱର, ମୋପ୍ରତି ଦୃଷ୍ଟି ଦିଅ ଏବଂ ମୋର ମନ କଥା ପଢ। ମୋତେ ପରୀକ୍ଷା କର ଏବଂ ମୋ ହୃଦୟକୁ ଜାଣ।

24 ଏହା ନିଶ୍ଚିତ କର ଯେ, ମୁଁ କୌଣସି ଦୁଷ୍ଟତାର ବାଟରେ ଯାଉନାହିଁ। ମୋତେ ସେହି ବାଟରେ ଆଗେଇ ନିଅ, ଯାହା ସବୁଦିନ ପାଇଁ ସତ୍ୟ ହୋଇ ଅଛି।

## ଗୀତ 140

*ପ୍ରଧାନ ବାଦ୍ୟକାର ନିମନ୍ତେ ଦାଉଦଙ୍କର ଗୀତ।*

1 ହେ ସଦାପ୍ରଭୁ, ଦୁଷ୍ଟ ଲୋକମାନଙ୍କଠାରୁ ମୋତେ ଉଦ୍ଧାର କର। ଦୌରାତ୍ମ୍ୟକାରୀ ଲୋକମାନଙ୍କଠାରୁ ମୋତେ ରକ୍ଷା କର।

2 ଯେଉଁ ଦୁର୍ଜ୍ଜନମାନେ, ଦୁଷ୍ଟ ଯୋଜନା କରନ୍ତି। ସେମାନେ ପ୍ରତ୍ୟେକ ଦିନ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୁଅନ୍ତି।

---

**ତୁମ୍ଭ ... ନାହିଁ** କିମ୍ବା "ତୁମ୍ଭେ ମୋତେ ଦେଖିଲ ମୋର ଜନ୍ମ ପୂର୍ବରୁ ତୁମ୍ଭର ପୁସ୍ତକରୁ ଯୋଜନାର ଦିନଗୁଡିକର ଘଟଣା ଘଟି ଆଗରୁ ତାହା ତୁମ୍ଭେ ଲେଖିଥିଲ।

3 ସେମାନଙ୍କର ଜିହ୍ୱା ବିଷଧର ସର୍ପପରି, ଯେପରି ସେମାନଙ୍କର
ଜିହ୍ୱାତଳେ ନାଗର ଗରଳ ରହିଛି।
4 ହେ ସଦାପ୍ରଭୁ, ଦୁଷ୍ଟ ଲୋକମାନଙ୍କଠାରୁ ମୋତେ ରକ୍ଷା
କର। ଦୌରାତ୍ମ୍ୟକାରୀମାନଙ୍କଠାରୁ ମୋତେ ସୁରକ୍ଷା ଦିଅ।
ଯେଉଁମାନେ ମୋ ପଛରେ ପଡିଛନ୍ତି ଏବଂ ଦୁଃଖ
ଦେବାପାଇଁ ଯୋଜନା କରୁଛନ୍ତି।
5 ସେହି ଗର୍ବୀଲୋକମାନେ ମୋ ପାଇଁ ଫାନ୍ଦ ବିଛାଇଛନ୍ତି।
ସେମାନେ ମୋତେ ଧରିବା ପାଇଁ ଜାଲ ବିଛାଇଛନ୍ତି।
ସେମାନେ ମୋ ପଥରେ ଯନ୍ତା ବସାଇଛନ୍ତି।
6 ମୁଁ ସଦାପ୍ରଭୁଙ୍କୁ କହିଲି, ତୁମ୍ଭେ ମୋର ପରମେଶ୍ୱର। ହେ
ସଦାପ୍ରଭୁ, ମୋର ପ୍ରାର୍ଥନାକୁ ଗ୍ରହଣ କର।
7 ହେ ସଦାପ୍ରଭୁ, ମୋର ପ୍ରଭୁ, ତୁମ୍ଭେ ହେଉଛ ଶକ୍ତିଶାଳୀ,
ଯିଏକି ମୋତେ ରକ୍ଷା କରେ। ତୁମ୍ଭେ ମୋର ମସ୍ତକର
ରକ୍ଷାକବଚ, ଯାହା ମୋର ଯୁଦ୍ଧ ସମୟରେ ମସ୍ତକ
ଆଚ୍ଛାଦନ କରି ସୁରକ୍ଷା ଦିଅ।
8 ହେ ସଦାପ୍ରଭୁ, ସେହି ଲୋକମାନେ ଦୁଷ୍ଟ ପ୍ରକୃତିର।
ସେମାନଙ୍କର ଇଚ୍ଛା ପୂର୍ଣ୍ଣ ହେବାକୁ ଦିଅନାହିଁ। ସେମାନଙ୍କର
ଯୋଜନାକୁ ସଫଳ ହେବାକୁ ଦିଅନାହିଁ।
9 ହେ ସଦାପ୍ରଭୁ, ମୋର ଶତ୍ରୁମାନଙ୍କୁ ବିଜୟୀ କରାଅ ନାହିଁ।
ସେହି ଦୁଷ୍ଟ ଲୋକମାନଙ୍କର ଯୋଜନା ମନ୍ଦ ଅଟେ।
ସେମାନଙ୍କ ମନ୍ଦ ଯୋଜନା ତୁମ୍ଭେ ସେହିଠାରେ ଶେଷ
କର।
10 ସେମାନଙ୍କ ମୁଣ୍ଡରେ ଜଳନ୍ତା କୋଇଲା ପଡୁ। ମୋର
ଶତ୍ରୁମାନଙ୍କୁ ଅଗ୍ନିରେ ନିକ୍ଷେପ କର। ସେମାନେ ଯେପରି
ଉଠିପାରିବେ ନାହିଁ ଏଥିପାଇଁ ତାଙ୍କୁ ଗଭୀର ଗର୍ତ୍ତରେ
ନିକ୍ଷେପ କର।
11 ସଦାପ୍ରଭୁ ସେହି ମିଥ୍ୟାବାଦୀ ଲୋକମାନଙ୍କୁ ସୁଖ ସମୃଦ୍ଧି
ଦିଅ ନାହିଁ। ସେମାନଙ୍କୁ ଆକସ୍ମିକ ବିପତ୍ତି ଶିକାର
କରିନେଉ।
12 ମୁଁ ଜାଣେ ଯେ, ସଦାପ୍ରଭୁ ଗରିବ ଲୋକମାନଙ୍କୁ ଉଚିତ୍
ନ୍ୟାୟ ପ୍ରଦାନ କରିବେ ଏବଂ ସେ ନିଃସହାୟ ଲୋକମାନଙ୍କୁ
ଆକ୍ରମଣରୁ ରକ୍ଷା କରିବେ।
13 ହେ ସଦାପ୍ରଭୁ, ଧାର୍ମିକ ଲୋକମାନେ ତୁମ୍ଭ ନାମର
ପ୍ରଶଂସା କରିବେ। ଧାର୍ମିକ ଲୋକମାନେ ତୁମ୍ଭର ଉପସ୍ଥିତିରେ
ବଞ୍ଚିବେ।

## ଗୀତ 141

*ଦାଉଦଙ୍କର ଏକ ପ୍ରଶଂସାପୂର୍ଣ୍ଣ ଗୀତ।*

1 ହେ ସଦାପ୍ରଭୁ, ମୁଁ ତୁମ୍ଭ ସହାୟତା ପାଇଁ ପ୍ରାର୍ଥନା କରେ।
ଯେତେବେଳେ ମୁଁ ଡାକୁଛି ସେତେବେଳେ ତୁମ୍ଭେ ମୋର
ପ୍ରାର୍ଥନାରେ କର୍ଣ୍ଣପାତ କର। ଯଥା ଶୀଘ୍ର ମୋତେ
ସାହାଯ୍ୟ କର।
2 ସଦାପ୍ରଭୁ ଜଳୁଥିବା ଧୂପକାଠିର ସୁଗନ୍ଧି ଧୂପ
ପରି ମୋର ପ୍ରାର୍ଥନାକୁ ଗ୍ରହଣ କର। ସନ୍ଧ୍ୟାବେଳର
ଉତ୍ସର୍ଗ ପରି ମୁଁ ମୋର ହାତ ବଢାଇ କରୁଥିବା
ପ୍ରାର୍ଥନାକୁ ଗ୍ରହଣ କର।
3 ହେ ସଦାପ୍ରଭୁ, ମୁଖ ଆଗର ପ୍ରହରୀ, ମୋତେ ସାହାଯ୍ୟ
କର। କୌଣସି ପାପପୂର୍ଣ୍ଣ କଥା କହିବାଠାରୁ ମୋତେ
ରକ୍ଷା କର।
4 ମୋତେ ମନ୍ଦକାର୍ଯ୍ୟ କରିବାର ଇଚ୍ଛା ଦିଅ ନାହିଁ। ଦୁଷ୍ଟ
ସାଙ୍ଗ ଓ ତାଙ୍କର ଖାଦ୍ୟ ଏବଂ ମନ୍ଦ କାର୍ଯ୍ୟରେ ମୋତେ
ମିଶିବା ପାଇଁ ବନ୍ଦ କର। ଏପରି ସେମାନଙ୍କର ଭୋଜିଠାରୁ
ଦୂରରେ ରହିବାକୁ ମୋତେ ସାହାଯ୍ୟ କର।
5 ଗୋଟିଏ ଧାର୍ମିକ ଲୋକ ମୋତେ ସୁଧାରି ପାରେ। ତାହା
ତାଙ୍କ ପ୍ରତି ବହୁତ ଦୟା ହେବ। ଯଦି ସେ ମୋତେ
ସମାଲୋଚନା କରେ, ମୁଁ ଏହା ହାର୍ଦ୍ଦିକ ସ୍ୱାଗତ* ଭଳି
ଗ୍ରହଣ କରିବି। କିନ୍ତୁ ମୁଁ ସର୍ବଦା ଦୁଷ୍ଟମାନେ କରୁଥିବା
କୁକର୍ମ ବିରୁଦ୍ଧରେ ପ୍ରାର୍ଥନା କରେ।
6 ସେମାନଙ୍କର ନ୍ୟାୟଧୀଶମାନଙ୍କୁ ପର୍ବତର ଶୀର୍ଷରୁ ଫିଙ୍ଗା
ଯାଉ। ତେବେ ଲୋକମାନେ ଜାଣିବେ ଯେ, ମୁଁ ସତ୍ୟ
କହିଅଛି।
7 ଚାଷୀମାନେ ଭୂମିରେ ହଳ କରିଥିବା ପଥରପରି, ଠିକ୍
ସେହିପ୍ରକାର ଆମ୍ଭମାନଙ୍କର ଅସ୍ଥିସବୁ କବରରେ ମିଶିଯିବ।
8 ସଦାପ୍ରଭୁ, ମୋର ପ୍ରଭୁ, ମୁଁ ତୁମ୍ଭ ଆଡେ ଚାହିଁ ଅଛି। ମୁଁ
ସୁରକ୍ଷା ପାଇଁ ତୁମ୍ଭ ଆଡେ ଚାହିଁଅଛି। ତେଣୁ ମୋତେ
ମୃତ୍ୟୁବରଣ କରିବାକୁ ଦିଅ ନାହିଁ।
9 ମନ୍ଦ ଲୋକମାନେ ମୋ ପାଇଁ ଫାଶ ବସାନ୍ତି। ସେମାନଙ୍କର
ଫାଶରେ ମୋତେ ପଡିବା ପାଇଁ ଦିଅ ନାହିଁ।
10 ଦୁଷ୍ଟମାନେ ନିଜନିଜ ଜାଲରେ ପଡ଼ନ୍ତୁ। ସେହି ଅବସରରେ
ମୁଁ ରକ୍ଷା ପାଏ।

## ଗୀତ 142

*ଗୁମ୍ଫାରେ ଥିବାବେଳେ ଦାଉଦଙ୍କର ମସ୍କୀଲ, ପ୍ରାର୍ଥନା।*

1 ମୁଁ ସଦାପ୍ରଭୁଙ୍କୁ ସାହାଯ୍ୟ ପାଇଁ ଡାକିବି। ମୁଁ ସଦାପ୍ରଭୁଙ୍କ
ଆଗରେ ପ୍ରାର୍ଥନା କରେ।
2 ମୁଁ ସଦାପ୍ରଭୁଙ୍କୁ ମୋର ସମସ୍ୟା ବିଷୟରେ କହିବି।
ମୋର ଅସୁବିଧାସକଳ ବିଷୟରେ ସଦାପ୍ରଭୁଙ୍କୁ କହିବି।
3 ଆଶା ଛାଡିଦେବା ପାଇଁ ମୁଁ ପ୍ରସ୍ତୁତ ଅଟେ। କିନ୍ତୁ
ସଦାପ୍ରଭୁ, ତୁମ୍ଭେ ଜାଣ ଯେଉଁ ପଥ ଉପରେ ମୁଁ ଅଛି,
ମୋର ଶତ୍ରୁଗଣ ମୋ ପାଇଁ ଫାନ୍ଦ ବସାଇଅଛନ୍ତି।
4 ମୋର ଚତୁଃପାର୍ଶ୍ୱରେ କୌଣସି ବନ୍ଧୁଙ୍କୁ ପାଉ ନାହିଁ।
ମୋତେ କେଉଁଠାକୁ ରକ୍ଷା ପାଇବାକୁ ଦୌଡ଼ି ଯିବାକୁ
ସ୍ଥାନ ନାହିଁ। କୌଣସି ଲୋକ ମୋତେ ରକ୍ଷା କରିବା
ପାଇଁ ଚେଷ୍ଟା କରନ୍ତି ନାହିଁ।
5 ସଦାପ୍ରଭୁ, ମୁଁ ସାହାଯ୍ୟ ପାଇଁ ତୁମ୍ଭକୁ ଡାକେ: ସଦାପ୍ରଭୁ
ତୁମ୍ଭେ ମୋର ନିରାପଦର ସ୍ଥାନ। ତୁମ୍ଭେ ହେଉଛ ସବୁକିଛି
ଯାହା ମୁଁ ଜୀବନରେ ଦରକାର କରେ।
6 ହେ ସଦାପ୍ରଭୁ, ମୋର ପ୍ରାର୍ଥନା ଶୁଣ। ମୁଁ ବହୁତ ଦୁର୍ବଳ
ଅଟେ। ସେହି ଲୋକମାନଙ୍କଠାରୁ ମୋତେ ରକ୍ଷା କର
ଯେଉଁମାନେ ମୋ ପଛରେ ଗୋଡ଼ାଉଛନ୍ତି। ସେହି ଲୋକମାନେ
ମୋ ଠାରୁ ଅଧିକ ଶକ୍ତିଶାଳୀ।

---

**ହାର୍ଦ୍ଦିକ ସ୍ୱାଗତ** ଅଥବା "ମୋ ମସ୍ତକରେ ତୈଳ ଢଳାହେବା ସଦୃଶ।

7 ଏହି ଫାନ୍ଦରୁ ମୋତେ ଉଦ୍ଧାର କରିବାରେ ସାହାଯ୍ୟ କର। ଯେପରିକି ମୁଁ ତୁମ୍ଭ ନାମକୁ ଧନ୍ୟବାଦ ଦେଇପାରିବି। ଧାର୍ମିକମାନେ ମୋ ସହିତ ପାଳନ କରିବେ, କାରଣ ତୁମ୍ଭେ ମୋର ଯତ୍ନ ନେଲ।

## ଗୀତ 143

*ଦାଉଦଙ୍କର ଏକ ଗୀତ।*

1 ହେ ସଦାପ୍ରଭୁ, ମୋର ପ୍ରାର୍ଥନା ଶୁଣ। ମୋର ସାହାଯ୍ୟ ପାଇଁ ପ୍ରାର୍ଥନାରେ କର୍ଣ୍ଣପାତ କର। ତୁମ୍ଭର ବିଶ୍ୱସ୍ତତା ଏବଂ ତୁମ୍ଭର ଧାର୍ମିକତାରେ ମୋତେ ଉତ୍ତର ଦିଅ।

2 ମୋତେ ବିଚାର କରନାହିଁ, ତୁମ୍ଭର ନିଜ ଦାସ। କାରଣ କେହି ଜିବୀତ ମଣିଷ ତୁମ୍ଭ ଆଖିରେ ଧାର୍ମିକ ବୋଲି ବିଚାରରେ ଆସିପାରିବ ନାହିଁ।

3 ଶତ୍ରୁଗଣ ମୋ ପଛରେ ଗୋଡାଉଛନ୍ତି। ସେମାନେ ମୋ ଜୀବନକୁ ଭୂମିରେ ଚୂର୍ଣ୍ଣ କରିଅଛନ୍ତି। ସେମାନେ ବହୁକାଳରୁ ମୃତ ଲୋକମାନଙ୍କ ତୁଲ୍ୟ ମୋତେ ଅନ୍ଧକାର ସ୍ଥାନରେ ବାସ କରିବା ପାଇଁ ବାଧ କରୁଛନ୍ତି।

4 ମୁଁ ତ୍ୟାଗ କରିବାକୁ ପ୍ରସ୍ତୁତ। ମୁଁ ମୋର ସାହସ ହରାଉଛି।

5 ମୁଁ ପୁରୁଣା ଦିନସବୁ ମନେ ପକାଏ। ମୁଁ ତୁମ୍ଭର କର୍ମ ବିଷୟରେ ଭାବେ। ତୁମ୍ଭେ ଯାହାସବୁ କଲ ମୁଁ ସେସବୁ ବିଷୟରେ ଭାବେ।

6 ହେ ସଦାପ୍ରଭୁ, ମୁଁ ହସ୍ତ ପ୍ରସାରୀ ତୁମ୍ଭକୁ ପ୍ରାର୍ଥନା କରୁଅଛି। ମୁଁ ତୁମ୍ଭର ସାହାଯ୍ୟ ଅପେକ୍ଷାରେ ଅଛି, ଯେପରି ଶୁଷ୍କଭୂମି ବର୍ଷାକୁ ଅପେକ୍ଷା କରିଥାଏ।

7 ହେ ସଦାପ୍ରଭୁ, ଶୀଘ୍ର ମୋତେ ଉତ୍ତର ଦିଅ। ମୁଁ ମୋର ସାହସ ହରାଇଛି। ମୋଠାରୁ ଦୂରେଇ ଯାଅ ନାହିଁ। ମୋତେ ମରିବାକୁ ଦିଅ ନାହିଁ, ନହେଲେ କବରରେ ଥିବା ମୃତ ତୁଲ୍ୟ ହେବି।

8 ସଦାପ୍ରଭୁ ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ମୋତେ ପ୍ରଭାତରେ ଦେଖାଅ। ମୁଁ ତୁମ୍ଭ ଉପରେ ଭରସା କରେ। ମୁଁ ଯେଉଁ ପଥରେ ଯିବା ଉଚିତ୍ ମୋତେ ସେହି ପଥ ଦେଖାଅ। କାରଣ ମୁଁ ମୋର ପ୍ରାଣ ତୁମ୍ଭ ହାତରେ ଟେକି ଦେଇଅଛି।

9 ହେ ସଦାପ୍ରଭୁ, ମୁଁ ତୁମ୍ଭଠାରୁ ସୁରକ୍ଷା ପାଇବା ପାଇଁ ଆସିଅଛି। ମୋର ଶତ୍ରୁମାନଙ୍କ କବଳରୁ ମୋତେ ରକ୍ଷା କର।

10 ତୁମ୍ଭେ କ'ଣ ମୋ ପାଇଁ କରିବାକୁ ଚାହଁ ତାହା ମୋତେ ଦେଖାଅ? ତୁମ୍ଭେ ମୋର ପରମେଶ୍ୱର, ତୁମ୍ଭର ଆତ୍ମା ମୋତେ ଭୂମି ସ୍ତରରେ ଆଗେଇ ନେଉ।

11 ହେ ସଦାପ୍ରଭୁ, ମୋତେ ବଞ୍ଚିବାକୁ ଦିଅ, ଯେପରି ଲୋକମାନେ ତୁମ୍ଭ ନାମର ପ୍ରଶଂସା କରିବେ। କାରଣ ତୁମ୍ଭେ ଆପଣା ଲୋକମାନଙ୍କ ପ୍ରତି ଧାର୍ମିକ ଅଟ, ତେଣୁ ମୋର ଦୁଃଖରୁ ମୋତେ ରକ୍ଷା କର।

12 ସଦାପ୍ରଭୁ ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଦ୍ୱାରା ମୋର ଶତ୍ରୁମାନଙ୍କୁ ପରାସ୍ତ କର। ଯେଉଁମାନେ ମୋତେ ହତ୍ୟା କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଧ୍ୱଂସ କର। କାରଣ ମୁଁ ତୁମ୍ଭର ସେବକ ଅଟେ।

## ଗୀତ 144

*ଦାଉଦଙ୍କ ଗୀତ*

1 ସଦାପ୍ରଭୁ ମୋର ଶୈଳ, ତାଙ୍କର ପ୍ରଶଂସା ହେଉ। ସେ ମୋତେ ଯୁଦ୍ଧ ପାଇଁ ଶିକ୍ଷା ଦିଅନ୍ତି। ସଦାପ୍ରଭୁ ମୋତେ ଯୁଦ୍ଧ ପାଇଁ ଶିକ୍ଷା ଦିଅନ୍ତି।

2 ସେ ମୋତେ ସ୍ନେହ କରନ୍ତି ଏବଂ ରକ୍ଷା କରନ୍ତି। ସେ ମୋର ଉଚ୍ଚ ପର୍ବତର ନିରାପଦ ସ୍ଥାନ। ସେ ମୋତେ ଉଦ୍ଧାର କରନ୍ତି। ସେ ମୋର ଢାଲ, ସେ ହେଉଛନ୍ତି ମୋ ଆଶ୍ରୟସ୍ଥଳ। ସଦାପ୍ରଭୁ ମୋର ଲୋକମାନଙ୍କୁ ଶାସନ କରିବାରେ ମୋତେ ସାହାଯ୍ୟ କରନ୍ତି।

3 ହେ ସଦାପ୍ରଭୁ, ଲୋକମାନେ ତୁମ୍ଭ ପାଇଁ ଏତେ ମହତ୍ତ୍ୱପୂର୍ଣ୍ଣ କାହିଁକି? ତୁମ୍ଭେ ଆମ୍ଭମାନଙ୍କ ପ୍ରତି କାହିଁକି ଧ୍ୟାନ ଦିଅ?

4 ମନୁଷ୍ୟ ଜୀବନ ପବନର ଫୁତ୍କାର। ତାହାର ଜୀବନ ବହିଯିବା ଦିନର ଛାୟା ତୁଲ୍ୟ।

5 ହେ ସଦାପ୍ରଭୁ, ଆପଣା ଗଗନ ମଣ୍ଡଳକୁ ଚିର ତଳକୁ ଆସ। ପର୍ବତଗଣକୁ ସ୍ପର୍ଶ କର ଯେଉଁଥିରେ ସେମାନେ ଧୂମ ନିର୍ଗତ କରିବେ।

6 ବିଜୁଳି ନିକ୍ଷେପ କର ଶତ୍ରୁମାନଙ୍କୁ ଘଉଡାଇ ଦିଅ। ତୁମ୍ଭର "ବାଣ" ନିକ୍ଷେପ କର ଏବଂ ସେମାନଙ୍କୁ ତଡ଼ ଦିଅ।

7 ସଦାପ୍ରଭୁ ସ୍ୱର୍ଗରୁ ଓହ୍ଲାଇ ଆସ ଏବଂ ମୋତେ ରକ୍ଷା କର। ମୋତେ ଶତ୍ରୁରୂପକ ସମୁଦ୍ରରେ ବୁଡାଅ ନାହିଁ। ମୋତେ ବିଦେଶୀମାନଙ୍କଠାରୁ ରକ୍ଷା କର।

8 ସେହି ଶତ୍ରୁଗଣ ମିଥ୍ୟାବାଦୀ ଏପରିକି ଯେତେବେଳେ ସେମାନେ ସତ୍ୟ କହିବାକୁ ଶପଥ ନିଅନ୍ତି।

9 ହେ ସଦାପ୍ରଭୁ, ତୁମ୍ଭ ବିଷୟରେ ମୁଁ ନୂତନ ଗୀତ ଗାନ କରିବି। ଦଶତାର ଯନ୍ତ୍ରରେ ତୁମ୍ଭ ଉଦ୍ଦେଶ୍ୟରେ ମୁଁ ପ୍ରଶଂସାଗାନ କରିବି।

10 ହେ ସଦାପ୍ରଭୁ, ତୁମ୍ଭ ରାଜାମାନଙ୍କୁ ସେମାନଙ୍କ ଯୁଦ୍ଧରେ ବିଜୟୀ କରାଅ। ସଦାପ୍ରଭୁ, ତୁମ୍ଭେ ଆପଣା ସେବକ ଦାଉଦଙ୍କୁ ଶତ୍ରୁ ଖଡ୍ଗର ସମ୍ମୁଖରୁ ଉଦ୍ଧାର କଲ।

11 ମୋତେ ସେହି ବିଦେଶୀଙ୍କ ଠାରୁ ରକ୍ଷା କର। ସେହି ଶତ୍ରୁମାନେ ମିଥ୍ୟାବଦୀ, ଏପରିକି ଯେତେବେଳେ ସେମାନେ ସତ୍ୟ କହିବାକୁ ଶପଥ ନିଅନ୍ତି।

12 ଆମ୍ଭର ପୁତ୍ରଗଣ ସେହି ବୃକ୍ଷଗୁଡ଼ିକ ପରି ହୁଅନ୍ତୁ ଯେଉଁଗୁଡ଼ିକ ଖୁବ୍ଶୀଘ୍ର ବଢ଼ି ପୂର୍ଣ୍ଣ ବୃକ୍ଷରେ ପରିଣତ ହୁଅନ୍ତି। ଆମ୍ଭମାନଙ୍କ କନ୍ୟାଗଣ ରାଜପ୍ରାସାଦର ଖୋଦିତ କୋଣର ଖମ୍ବ ତୁଲ୍ୟ ହୁଅନ୍ତୁ।

13 ଆମ୍ଭମାନଙ୍କର ଭଣ୍ଡାର ସର୍ବପ୍ରକାର ଶସ୍ୟରେ ପରିପୂର୍ଣ୍ଣ ହେଉ। ଆମ୍ଭମାନଙ୍କର ମେଷଗଣ ସହସ୍ର ସହସ୍ର ଓ ଅୟୁତ ଅୟୁତ ଶାବକ ପ୍ରସବ କରନ୍ତୁ।

14 ଆମ୍ଭର ଗାଈଗୋରୁ ଉତ୍ପାଦନ ଦ୍ୱାରା ଅଧିକ ଓଜନିଆ ହୋଇ ପଡନ୍ତୁ। ଆମ୍ଭମାନଙ୍କର ଶତ୍ରୁଗଣ ଆମ୍ଭର ପ୍ରାଚୀରକୁ ଭାଙ୍ଗନ୍ତୁ ନାହିଁ। ଆମ୍ଭମାନଙ୍କ ମଧ୍ୟରୁ କେହି ନିର୍ବାସିତ

ନହୁଅନ୍ତି। ଆମ୍ଭମାନଙ୍କ ଛକସ୍ଥାନରେ କୌଣସି କୋଳାହଳ ନହେଉ।

15 ସେହିପରି ଲୋକମାନେ ହେଉଛନ୍ତି ଧନ୍ୟ, ଯାହାର ଏହିଭଳି ଅଛି। ସେହି ଲୋକମାନେ ଧନ୍ୟ ହୁଅନ୍ତି, ଯାହାର ପରମେଶ୍ୱର ହେଉଛନ୍ତି ସଦାପ୍ରଭୁ।

## ଗୀତ 145

*ପ୍ରଶଂସାର ଗୀତ, ଦାଉଦଙ୍କ ରଚିତ।*

1 ହେ ରାଜନ୍, ମୋର ପରମେଶ୍ୱର, ମୁଁ ତୁମ୍ଭର ପ୍ରଶଂସା କରିବି। ମୁଁ ସଦାସର୍ବଦା ତୁମ୍ଭ ନାମର ଧନ୍ୟବାଦ କରିବି।

2 ପ୍ରତିଦିନ ମୁଁ ତୁମ୍ଭର ପ୍ରଶଂସା କରେ। ପୁଣି ସଦାସର୍ବଦା ମୁଁ ତୁମ୍ଭ ନାମର ପ୍ରଶଂସା କରିବି।

3 ସଦାପ୍ରଭୁ ହେଉଛନ୍ତି ମହାନ ଏବଂ ସେ ଅତ୍ୟନ୍ତ ପ୍ରଶଂସନୀୟ। ଆମ୍ଭେମାନେ ତାଙ୍କର ମହାନତାକୁ ପୁରାପୁରି ଜାଣି ପାରିବୁ ନାହିଁ।

4 ଲୋକମାନେ ପୁରୁଷାନୁକ୍ରମେ ତୁମ୍ଭ କ୍ରିୟା ସକଳର ପ୍ରଶଂସା କରନ୍ତୁ ସେମାନେ ତୁମ୍ଭର କାର୍ଯ୍ୟ ବିଷୟରେ କୁହନ୍ତୁ।

5 ତୁମ୍ଭ ଗୌରବ ଓ ମହିମା ଆଶ୍ଚର୍ଯ୍ୟପୂର୍ଣ୍ଣ। ମୁଁ ତୁମ୍ଭ ଅଦ୍ଭୁତ କର୍ମ ବିଷୟ ଧ୍ୟାନ କରିବି।

6 ହେ ସଦାପ୍ରଭୁ, ଲୋକମାନେ ତୁମ୍ଭ ଭୟାନକ କର୍ମର ଶକ୍ତି ବିଷୟରେ ବ୍ୟକ୍ତ କରନ୍ତୁ। ପୁଣି ମୁଁ ତୁମ୍ଭର ମହାନତା ବିଷୟରେ ପ୍ରଚାର କରିବି।

7 ଲୋକମାନେ ତୁମ୍ଭର ମହାନ୍ ଉତ୍ତମତା ବିଷୟରେ କୁହନ୍ତୁ ଓ ସେମାନେ ତୁମ୍ଭ ଧାର୍ମିକତା ବିଷୟରେ ଗାନ କରନ୍ତୁ।

8 ସଦାପ୍ରଭୁ ଅତ୍ୟନ୍ତ ଦୟାବାନ, ସହାନୁଭୂତିଶୀଳ, ଧୈର୍ଯ୍ୟଶୀଳ ଏବଂ ସ୍ନେହଶୀଳ।

9 ସଦାପ୍ରଭୁ ସମସ୍ତଙ୍କ ପ୍ରତି ମଙ୍ଗଳମୟ। ପରମେଶ୍ୱରଙ୍କର ହସ୍ତକୃତ ସମସ୍ତ କର୍ମ ଉପରେ ତାଙ୍କର ଦୟା ଥାଏ।

10 ସଦାପ୍ରଭୁ, ତୁମ୍ଭେ ଯାହା କରିଅଛ, ସେଗୁଡ଼ିକ ସମସ୍ତେ ତୁମ୍ଭର ପ୍ରଶଂସା କରନ୍ତୁ। ତୁମ୍ଭର ବିଶ୍ୱସ୍ତ ଅନୁସରଣକାରୀମାନେ ତୁମ୍ଭର ଧନ୍ୟବାଦ କରନ୍ତୁ।

11 ସେମାନେ ତୁମ୍ଭ ରାଜ୍ୟର ଗୌରବ ବ୍ୟକ୍ତ କରନ୍ତୁ ଓ ତୁମ୍ଭ ପରାକ୍ରମ ବିଷୟରେ କୁହନ୍ତୁ।

12 ତେଣୁ ଅନ୍ୟ ଲୋକମାନେ ତୁମ୍ଭର ମହାନ କାର୍ଯ୍ୟ ବିଷୟରେ ଜାଣିବେ ଏବଂ ତୁମ୍ଭର ଶାସନ କେତେ ଆଶ୍ଚର୍ଯ୍ୟଜନକ ଓ ମହାନ।

13 ହେ ସଦାପ୍ରଭୁ, ତୁମ୍ଭର ଶାସନ ଅନନ୍ତକାଳସ୍ଥାୟୀ ରହିବ। ତୁମ୍ଭେ ଅନନ୍ତକାଳ ରାଜତ୍ୱ କରିବ। ସଦାପ୍ରଭୁଙ୍କ ଉପରେ ବିଶ୍ୱାସ କରାଯାଇ ପାରିବ, ଯାହା ସେ କୁହନ୍ତି। ସେ କରୁଥିବା ସମସ୍ତ କର୍ମ ଉପରେ ବିଶ୍ୱସ୍ତ*।

14 ସଦାପ୍ରଭୁ ସମସ୍ତ ପଡ଼ିବା ଲୋକଙ୍କୁ ଧରି ରଖନ୍ତି। ଏବଂ ନଇଁ ପଡ଼ୁଥିବା ଲୋକମାନଙ୍କୁ ଉଠାନ୍ତି।

15 ହେ ସଦାପ୍ରଭୁ, ସମସ୍ତ ସଜୀବ ପ୍ରାଣୀ ଖାଦ୍ୟ ପାଇଁ ତୁମ୍ଭକୁ ଅନାଇଥାନ୍ତି। କାରଣ ଉପଯୁକ୍ତ ସମୟରେ ତୁମ୍ଭେ ଆହାର ଯୋଗାଇ ଥାଅ।

16 ହେ ସଦାପ୍ରଭୁ, ତୁମ୍ଭେ ଆପଣା ହସ୍ତ ମେଲାଇ ପ୍ରତ୍ୟେକ ପ୍ରାଣୀର କାମନା ପୂର୍ଣ୍ଣ କରୁଛ।

17 ସଦାପ୍ରଭୁ ଯାହା କିଛି କରନ୍ତି ତାହା ଉତ୍ତମ ଓ ତାଙ୍କର ନିଜର ସମସ୍ତ କାର୍ଯ୍ୟ ବିଶ୍ୱସ୍ତତାକୁ ପ୍ରଦର୍ଶନ କରେ।

18 ସଦାପ୍ରଭୁ ସମସ୍ତ ପ୍ରାର୍ଥନାକାରୀଙ୍କର ନିକଟବର୍ତ୍ତୀ ଅଟନ୍ତି, ଯେଉଁମାନେ ତାଙ୍କୁ ସାହାଯ୍ୟ ପାଇଁ ଡାକନ୍ତି।

19 ସେ ଆପଣା ଅନୁସରଣକାରୀମାନଙ୍କ ବାଞ୍ଛାପୂର୍ଣ୍ଣ କରନ୍ତି। ସେ ସେମାନଙ୍କର ଗୁହାରି ଶୁଣନ୍ତି ଏବଂ ସେମାନଙ୍କୁ ରକ୍ଷା କରନ୍ତି।

20 ସଦାପ୍ରଭୁ ସେହିମାନଙ୍କୁ ରକ୍ଷା କରନ୍ତି ଯେଉଁମାନେ ତାଙ୍କୁ ଭଲ ପାଆନ୍ତି, ମାତ୍ର ସମସ୍ତ ଦୁଷ୍ଟ ଲୋକମାନଙ୍କୁ ଧ୍ୱଂସ କରିବେ।

21 ମୁଁ ସଦାପ୍ରଭୁଙ୍କର ପ୍ରଶଂସା କରିବି! ସମୁଦାୟ ପ୍ରାଣୀ ଅନନ୍ତକାଳ ତାଙ୍କର ପବିତ୍ର ନାମର ପ୍ରଶଂସା କରିବା ଉଚିତ୍।

## ଗୀତ 146

1 ସଦାପ୍ରଭୁଙ୍କର ପ୍ରଶଂସା କର! ମୁଁ ନିଜକୁ କହେ, ସଦାପ୍ରଭୁଙ୍କର ପ୍ରଶଂସା କର।

2 ମୁଁ ଜୀବନସାରା ସଦାପ୍ରଭୁଙ୍କର ପ୍ରଶଂସା କରିବି। ମୁଁ ଜୀବନସାରା ମୋର ପରମେଶ୍ୱରଙ୍କର ପ୍ରଶଂସାର ଗୀତ ଗାଇବି।

3 ସାହାଯ୍ୟ ପାଇଁ ଅଧିପତିମାନଙ୍କ ଉପରେ ନିର୍ଭର ରଖ ନାହିଁ। ଲୋକମାନଙ୍କ ପ୍ରତି ଭରସା କର ନାହିଁ। କାରଣ ଲୋକମାନେ ତୁମ୍ଭକୁ ରକ୍ଷା କରିପାରିବେ ନାହିଁ।

4 ଲୋକମାନେ ମରନ୍ତି ଓ କବର ନିଅନ୍ତି। ଆଉ ସେହିଦିନ, ସେମାନଙ୍କର ଯୋଜନା ସବୁ ମଧ୍ୟ ମରିଯାଏ।

5 କିନ୍ତୁ ସେହିମାନେ ଭାଗ୍ୟବାନ୍ ଯେଉଁମାନଙ୍କର ଯାକୁବର ପରମେଶ୍ୱର ଅଛନ୍ତି, ସେହିମାନଙ୍କୁ ସାହାଯ୍ୟ କରିବା ପାଇଁ, ସେହିମାନେ ସେମାନଙ୍କର ପରମେଶ୍ୱର ସଦାପ୍ରଭୁଙ୍କ ଉପରେ ନିର୍ଭର କରନ୍ତି।

6 ସଦାପ୍ରଭୁ ସ୍ୱର୍ଗ, ପୃଥିବୀ, ସମୁଦ୍ର ଏବଂ ଏଥିରେ ଥିବା ପ୍ରତ୍ୟେକ ବସ୍ତୁ ମଧ୍ୟ ତିଆରି କଲେ। ସେ ସର୍ବଦା ବିଶ୍ୱସ୍ତ ଅଟନ୍ତି।

7 ସଦାପ୍ରଭୁ ଉପଦ୍ରବ ଗ୍ରସ୍ତ ଲୋକ ପକ୍ଷରେ ଯାହା ନ୍ୟାୟ ତାହା କରନ୍ତି। ସେ କ୍ଷୁଧାର୍ତ୍ତମାନଙ୍କୁ ଖାଦ୍ୟ ଦିଅନ୍ତି। ସଦାପ୍ରଭୁ ବନ୍ଦୀଗଣଙ୍କୁ ମୁକ୍ତ କରନ୍ତି।

8 ସଦାପ୍ରଭୁ ଅନ୍ଧମାନଙ୍କୁ ଦୃଷ୍ଟି ପ୍ରଦାନ କରନ୍ତି। ସଦାପ୍ରଭୁ ବିପଦରେ ପଡୁଥିବା ଲୋକମାନଙ୍କୁ ଉଠାନ୍ତି। ସଦାପ୍ରଭୁ ଧାର୍ମିକମାନଙ୍କୁ ପ୍ରେମ କରନ୍ତି।

9 ସଦାପ୍ରଭୁ ଆମ୍ଭ ଦେଶରେ ରହୁଥିବା ବିଦେଶୀମାନଙ୍କୁ ରକ୍ଷା କରନ୍ତି। ସେ ପିତୃହୀନ ଓ ବିଧବାଙ୍କର ଯତ୍ନ ନିଅନ୍ତି, ମାତ୍ର ସେ ଦୁଷ୍ଟମାନଙ୍କୁ ଧ୍ୱଂସ କରନ୍ତି।

---

**ସଦାପ୍ରଭୁ ... ବିଶ୍ୱସ୍ତ** ଏହା ଉନ୍ନତମାନର ହିବ୍ରୁ ଅନୁବାଦରେ ନାହିଁ, କିନ୍ତୁ କମ୍‌ରାନରୁ ଓ ପ୍ରାଚୀନ ଗ୍ରୀସ୍ ଓ ସିରିଆର ଅନୁବାଦରୁ ଆନୀତ।

10 ସଦାପ୍ରଭୁ ଚିରକାଳ ରାଜ୍ୟ କରିବେ। ହେ ସିୟୋନ,
ତୁମ୍ଭର ପରମେଶ୍ୱର ସଦାସର୍ବଦା ରାଜ୍ୟ କରିବେ। ସଦାପ୍ରଭୁଙ୍କର
ପ୍ରଶଂସା କର।

## ଗୀତ 147

1 ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର! କାରଣ ଆମ୍ଭର
ପରମେଶ୍ୱରଙ୍କର ଉଦ୍ଦେଶ୍ୟରେ ପ୍ରଶଂସା ଗାନ କରିବା
ଉତ୍ତମ। ପରମେଶ୍ୱରଙ୍କୁ ପ୍ରଶଂସା କରିବା କେତେ ଉତ୍ତମ
ଓ ମନୋହର ଅଟେ।
2 ସଦାପ୍ରଭୁ ହେଉଛନ୍ତି ଜଣେ ଯିଏ ଯିରୁଶାଲମକୁ ପୁନଃନିର୍ମାଣ
କରନ୍ତି। ସେ ହିଁ ଜଣେ ଇଶ୍ରାୟେଲର ନିର୍ବାସିତମାନଙ୍କୁ
ଏକତ୍ରିତ କରନ୍ତି।
3 ସେ ସେମାନଙ୍କର ଭଗ୍ନ ହୃଦୟକୁ ସୁସ୍ଥ କରନ୍ତି ଓ
ସେମାନଙ୍କ କ୍ଷତରେ ପଟି ବାନ୍ଧନ୍ତି।
4 ସେ ତାରାଗଣଙ୍କୁ ଗଣନା କରନ୍ତି। ସେ ପ୍ରତ୍ୟେକଙ୍କର
ଗୋଟି ଗୋଟି କରି ନାମ ଧରି ଡାକନ୍ତି।
5 ଆମ୍ଭର ପ୍ରଭୁ ଅତି ମହାନ୍ ଏବଂ ଶକ୍ତିମାନ୍। ତାଙ୍କର
ବୁଝାମଣା ଅସୀମ।
6 ସଦାପ୍ରଭୁ ନମ୍ର ଲୋକମାନଙ୍କ ସପକ୍ଷରେ ଥାଆନ୍ତି। ଏବଂ
ସେ ଦୁଷ୍ଟମାନଙ୍କୁ ବିଚଳିତ କରନ୍ତି।
7 ସଦାପ୍ରଭୁଙ୍କୁ ଗୀତରେ ଧନ୍ୟବାଦ ଦିଅ। ବୀଣାଯନ୍ତ୍ରରେ
ଆମ୍ଭମାନଙ୍କ ପରମେଶ୍ୱରଙ୍କ ପ୍ରଶଂସା କର।
8 ପରମେଶ୍ୱର ଆକାଶକୁ ମୋଟା ମେଘମାଳାରେ ଆଚ୍ଛନ୍ନ
କରନ୍ତି। ସେ ପୃଥିବୀ ନିମନ୍ତେ ବୃଷ୍ଟି ପ୍ରସ୍ତୁତ କରନ୍ତି। ସେ
ପର୍ବତଗଣରେ ତୃଣ ଉତ୍ପାଦନ କରନ୍ତି।
9 ପରମେଶ୍ୱର ପଶୁମାନଙ୍କୁ ଆହାର ଦିଅନ୍ତି। ସେ ପକ୍ଷୀ
ଶାବକମାନଙ୍କୁ ମଧ୍ୟ ଆହାର ଦିଅନ୍ତି, ଯାହା ପାଇଁ
ସେମାନେ ଚିତ୍କାର କରନ୍ତି।
10 ଯୁଦ୍ଧ ଅଶ୍ୱର ଓ ପରାକ୍ରମୀ ସୈନ୍ୟ ତାଙ୍କୁ ଖୁସି କରିପାରନ୍ତି
ନାହିଁ।
11 ଯେଉଁ ଲୋକମାନେ ତାଙ୍କୁ ଭୟ କରନ୍ତି ଓ ବିଶ୍ୱସ୍ତ
ପ୍ରେମରେ ଭରସା ରଖନ୍ତି, ସେ ସେମାନଙ୍କ ଉପରେ
ସନ୍ତୁଷ୍ଟ ହୁଅନ୍ତି।
12 ହେ ଯିରୁଶାଲମ, ସଦାପ୍ରଭୁଙ୍କର ପ୍ରଶଂସା କର। ହେ
ସିୟୋନ୍, ତୁମ୍ଭ ପରମେଶ୍ୱରଙ୍କର ପ୍ରଶଂସା କର!
13 ହେ ଯିରୁଶାଲମ, ପରମେଶ୍ୱର ତୁମ୍ଭ ଫାଟକକୁ ଦୃଢ଼
କରିଛନ୍ତି, ଏବଂ ସେ ତୁମ୍ଭ ସହରର ଲୋକମାନଙ୍କୁ
ଆଶୀର୍ବାଦ କରିଛନ୍ତି।
14 ସେ ତୁମ୍ଭ ଦେଶକୁ ଧନ ଧାନ୍ୟରେ ପୂର୍ଣ୍ଣ କରନ୍ତି,
ଯେଉଁଥିପାଇଁ ତୁମ୍ଭମାନଙ୍କର ଖାଇବା ପାଇଁ ଯଥେଷ୍ଟ ଖାଦ୍ୟ
ଅଛି।
15 ପରମେଶ୍ୱର ପୃଥିବୀକୁ ଆପଣା ଆଦେଶ ଦିଅନ୍ତି। ତାଙ୍କର
ବାକ୍ୟସବୁ ଅତିଶୀଘ୍ର ପାଳନ କରାଯାଏ।
16 ପରମେଶ୍ୱର ପୃଥିବୀ ଧଳା ପଶମ ତୁଲ୍ୟ ହେବାପାଇଁ
ହିମପାତ କରାନ୍ତି। ସେ ଧୂଳିପରି ପୃଥିବୀରେ ତାହା ବିକ୍ଷିପ୍ତ
କରନ୍ତି।
17 ପରମେଶ୍ୱର ପଥର ପରି ଆକାଶରୁ ଖଣ୍ଡ ଖଣ୍ଡ ବରଫ
ପକାନ୍ତି, ତାଙ୍କ ପଠାଯାଇଥିବା ଶୀତ ଆଗରେ କେହି
ଠିଆ ହୋଇ ପାରିବେ ନାହିଁ।
18 ଏହାପରେ ସେ ଗୋଟିଏ ଆଦେଶରେ ବରଫଗୁଡ଼ିକ
ତରଳାଇ ପକାନ୍ତି, ଏବଂ ତାଙ୍କ ଆଜ୍ଞାରେ ପବନ ବହିଲେ
ଜଳସ୍ରୋତ ବହେ।
19 ପରମେଶ୍ୱର ଯାକୁବକୁ ଆପଣା ଆଦେଶ ଦେଲେ,
ପରମେଶ୍ୱର ଇଶ୍ରାୟେଲ ପ୍ରତି ଆପଣା ବ୍ୟବସ୍ଥା ଓ ବିଧି
ପ୍ରକାଶ କଲେ!
20 ପରମେଶ୍ୱର କୌଣସି ଦେଶ ପାଇଁ କେବେ ଏହିପରି
କରି ନାହାଁନ୍ତି। ସେ ତାଙ୍କର ନିୟମସବୁ ଅନ୍ୟ ଲୋକମାନଙ୍କୁ
ଶିଖାଇ ନାହାଁନ୍ତି। ସଦାପ୍ରଭୁଙ୍କର ପ୍ରଶଂସା କର।

## ଗୀତ 148

1 ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର! ଆକାଶ ମଣ୍ଡଳରୁ
ସଦାପ୍ରଭୁଙ୍କୁ ପ୍ରଶଂସା କର! ସ୍ୱର୍ଗରୁ ତାଙ୍କର ପ୍ରଶଂସା କର!
2 ହେ ତାଙ୍କର ସମସ୍ତ ସ୍ୱର୍ଗଦୂତଗଣ, ତାଙ୍କର ପ୍ରଶଂସା କର।
ହେ ତାଙ୍କର ସମସ୍ତ ସୈନ୍ୟଗଣ, ତାଙ୍କର ପ୍ରଶଂସା କର।
3 ହେ ସୂର୍ଯ୍ୟ ଓ ଚନ୍ଦ୍ର, ତାଙ୍କର ପ୍ରଶଂସା କର! ହେ
ଆକାଶର ଦୀପ୍ତିମୟ ତାରାଗଣ ତାଙ୍କର ପ୍ରଶଂସା କର!
4 ହେ ଉଚ୍ଚତମ ସ୍ୱର୍ଗ, ତାଙ୍କର ପ୍ରଶଂସା କର! ହେ ଗଗନ
ଉପରିସ୍ଥ ଜଳ ସମୂହ, ତାଙ୍କର ପ୍ରଶଂସା କର।
5 ସେମାନେ ସଦାପ୍ରଭୁଙ୍କ ନାମର ପ୍ରଶଂସା କରିବା ଉଚିତ୍
କାରଣ ତାଙ୍କର ଆଦେଶରେ ସମସ୍ତେ ସୃଷ୍ଟି ହେଲେ।
6 ସେ ଏହିସବୁ ଜିନିଷକୁ ଚିରଦିନ ପାଇଁ ସ୍ଥାପନ କଲେ,
ଏହିପରି ଗୋଟିଏ ବ୍ୟବସ୍ଥା ଦେଲେ ଯାହା କେବେହେଲେ
ପରିବର୍ତ୍ତନ ହେବ ନାହିଁ।
7 ପୃଥିବୀରୁ ସଦାପ୍ରଭୁଙ୍କର ପ୍ରଶଂସା କର। ହେ ସମୁଦ୍ରର
ମହାନ୍ ପ୍ରାଣୀ ଏବଂ ସମସ୍ତ ସମୁଦ୍ର, ତାଙ୍କର ପ୍ରଶଂସା
କର!
8 ପରମେଶ୍ୱରଙ୍କୁ ପ୍ରଶଂସା କର, ଅଗ୍ନି, ଶିଳା, ହିମ, ବାଷ୍ପ
ଏବଂ ପ୍ରଚଣ୍ଡ ବାୟୁ ତାଙ୍କର ବାର୍ତ୍ତା ପାଳନ କରନ୍ତି।
9 ସମସ୍ତ ପର୍ବତ ଓ ଉପପର୍ବତ, ଫଳବତି ବୃକ୍ଷ ଓ ଏରସ
ବୃକ୍ଷଗଣ ତାଙ୍କୁ ପ୍ରଶଂସା କଲେ।
10 ସମସ୍ତ ବନ୍ୟ ପଶୁଗଣ ଓ ଗୃହପାଳିତ ପଶୁଗଣ ତାଙ୍କର
ପ୍ରଶଂସା କର। ସେ ସରୀସୃପ ଓ ଉଡନ୍ତା ପକ୍ଷୀମାନଙ୍କୁ
ସୃଷ୍ଟି କରିଛନ୍ତି।
11 ପୃଥିବୀର ସମସ୍ତ ରାଜାଗଣ ଓ ଜାତିଗଣ ତାଙ୍କର ପ୍ରଶଂସା
କର। ପରମେଶ୍ୱର ସମସ୍ତ ବିଚାରକ ଓ ଅଧିପତିଗଣଙ୍କୁ
ସୃଷ୍ଟି କରିଛନ୍ତି।
12 ହେ ଯୁବକ ଓ ଯୁବତୀମାନେ, ବୃଦ୍ଧ ଲୋକମାନଙ୍କ ସହିତ
ଏକତ୍ରିତ ହୋଇ ପରମେଶ୍ୱରଙ୍କ ପ୍ରଶଂସା କର।
13 ସେମାନେ ସମସ୍ତେ ସଦାପ୍ରଭୁଙ୍କ ନାମକୁ ପ୍ରଶଂସା କରିବା
ଉଚିତ୍। ତାଙ୍କର ନାମ ଅନ୍ୟ ସମସ୍ତଙ୍କଠାରୁ ଉଚ୍ଚ।
ତାଙ୍କର ଖ୍ୟାତି ସ୍ୱର୍ଗ ଏବଂ ପୃଥିବୀରେ ମହାନ୍।
14 ସେ ତାଙ୍କର ଲୋକମାନଙ୍କୁ ଶକ୍ତିଶାଳୀ କଲେ, ତେଣୁ
ସେ ତାଙ୍କର ବିଶ୍ୱସ୍ତ ଲୋକମାନଙ୍କ ଦ୍ୱାରା ପ୍ରଶଂସିତ
ହୁଅନ୍ତି। ତୁମ୍ଭେମାନେ ସଦାପ୍ରଭୁଙ୍କୁ ପ୍ରଶଂସା କର।

## ଗୀତ 149

1 ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର! ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ଏକ ନୂତନ ଗୀତ ଗାନ କର। ତାଙ୍କ
ଅନୁସରଣକାରୀମାନଙ୍କ ଗ୍ରହଣରେ ତାଙ୍କର ଗୁଣ ଗାନ
କର।
2 ଇଶ୍ରାୟେଲ, ଆପଣା ନିର୍ମାଣକର୍ତ୍ତାଙ୍କଠାରେ, ଆନନ୍ଦ କର।
ସିୟୋନର ଲୋକମାନେ ଆପଣାମାନଙ୍କ ରାଜାଙ୍କଠାରେ
ଉଲ୍ଲସିତ ହୁଅ।
3 ସେହି ଲୋକମାନେ ତାଙ୍କୁ ନାଚ ନାଚ ପ୍ରଶଂସା କରନ୍ତୁ,
ଦାରା ଓ ବୀଣା ବାଦନ କରି।
4 ସଦାପ୍ରଭୁ ଆପଣା ଲୋକମାନଙ୍କ ଉପରେ ଆନନ୍ଦିତ
ହୁଅନ୍ତି। ସେ ନମ୍ର ଲୋକମାନଙ୍କ ପାଇଁ ଆଶ୍ଚର୍ଯ୍ୟ କ୍ରିୟାମାନ
କରିଛନ୍ତି। ସେ ସେମାନଙ୍କୁ ରକ୍ଷା କଲେ।
5 ପରମେଶ୍ୱରଙ୍କ ଅନୁସରଣକାରୀ ତୁମ୍ଭେମାନେ ଗୌରବରେ
ଆନନ୍ଦ କର! ଆପଣା ଶଯ୍ୟା ଉପରେ ମଧ୍ୟ ଆନନ୍ଦର
ସହ ଗାନ କର।
6 ସେହି ଲୋକମାନେ ପରମେଶ୍ୱରଙ୍କ ପ୍ରଶଂସା ଉଚ୍ଚ ସ୍ୱରରେ
କରନ୍ତୁ ଏବଂ ସେମାନଙ୍କ ନିଜ ହସ୍ତରେ ନିଜର ଖଡ୍ଗମାନ
ଧରନ୍ତୁ।
7 ସେମାନଙ୍କୁ ଅନ୍ୟ ଗୋଷ୍ଠୀମାନଙ୍କୁ ଦଣ୍ଡିତ କରିବାକୁ ଯାଆନ୍ତୁ।
ସେମାନଙ୍କୁ ଯିବାକୁ ଓ ଦଣ୍ଡ ଦେବାକୁ ଦିଅ।
8 ପରମେଶ୍ୱରଙ୍କର ଲୋକମାନେ ତାଙ୍କର ରାଜା ଓ
ପ୍ରଧାନବର୍ଗମାନଙ୍କୁ ଲୌହ କଡ଼ରେ ବାନ୍ଧନ୍ତୁ।
9 ପରମେଶ୍ୱରଙ୍କ ଆଦେଶ ଅନୁସାରେ ତାଙ୍କ ଲୋକମାନେ
ସେମାନଙ୍କର ଶତ୍ରୁମାନଙ୍କୁ ଦଣ୍ଡ ଦେବେ। ଏହା
ପରମେଶ୍ୱରଙ୍କର ସମସ୍ତ ବିଶ୍ୱସ୍ତ ଅନୁସରଣକାରୀମାନଙ୍କୁ
ସମ୍ମାନ ଆଣି ଦେବ। ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା
କର।

## ଗୀତ 150

1 ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର। ପରମେଶ୍ୱରଙ୍କର
ପବିତ୍ର ମନ୍ଦିରରେ ତାଙ୍କର ପ୍ରଶଂସା କର! ତାଙ୍କର
ଶକ୍ତିଶାଳୀରୁ ଉତ୍ପନ୍ନ ଶୂନ୍ୟମଣ୍ଡଳରେ ତାଙ୍କର ପ୍ରଶଂସା
କର।
2 ପରମେଶ୍ୱର କରିଥିବା ସମସ୍ତ ମହାନ୍ କାର୍ଯ୍ୟ ନିମନ୍ତେ
ତାଙ୍କର ପ୍ରଶଂସା କର। ତାଙ୍କର ମହାନତା ପାଇଁ ତାଙ୍କୁ
ପ୍ରଶଂସା କର।
3 ତୂରୀ ଧ୍ୱନିରେ ପରମେଶ୍ୱରଙ୍କର ପ୍ରଶଂସା କର। ନେବଲ
ଓ ବୀଣା ଯନ୍ତ୍ରରେ ତାଙ୍କର ପ୍ରଶଂସା କର!
4 ଦାରା ବାଦ୍ୟ ଓ ନୃତ୍ୟଦ୍ୱାରା ପରମେଶ୍ୱର ପ୍ରଶଂସା
କର। ତାରଯୁକ୍ତ ଯନ୍ତ୍ର ଓ ବଂଶୀରେ ତାଙ୍କର ପ୍ରଶଂସା
କର।
5 ଉଚ୍ଚ କରତାଳରେ ପରମେଶ୍ୱର ପ୍ରଶଂସା କର। ଉଚ୍ଚ
କରତାଳ ଧ୍ୱନିରେ ତାଙ୍କର ପ୍ରଶଂସା କର।
6 ନିଶ୍ୱାସ ପ୍ରଶ୍ୱାସଧାରୀ ପ୍ରତ୍ୟେକ ପ୍ରାଣୀ ସଦାପ୍ରଭୁଙ୍କର
ପ୍ରଶଂସା କର! ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର!

# ଆୟୁବ ପୁସ୍ତକ

## ଉତ୍ତମ ବ୍ୟକ୍ତି ଆୟୁବ

1 ଉଷ୍ ଦେଶରେ ଆୟୁବ ନାମରେ ଜଣେ ବ୍ୟକ୍ତି ବାସ
କରୁଥିଲା। ଆୟୁବ ଜଣେ ଉତ୍ତମ ଓ ଧାର୍ମିକ ବ୍ୟକ୍ତି
ଥିଲା। ଆୟୁବ ପରମେଶ୍ୱରଙ୍କ ଉପାସନା କରିବା ବ୍ୟତୀତ
ଅନ୍ୟ ସମସ୍ତ ପ୍ରକାର ମନ୍ଦ କାର୍ଯ୍ୟରୁ ବିରତ ରହୁଥିଲା।
2ଆୟୁବର ସାତୋଟି ପୁତ୍ର ଓ ତିନୋଟି ଝିଅ ଥିଲେ। 3ଆୟୁବ
7,000 ମେଣ୍ଢା, 3,000 ଓଟ, 1,000 ଷଣ୍ଢ ଏବଂ 500
ମାଈ ଗଧର ମାଲିକ ଥିଲା। ତା'ର ଅନେକ ଗୁଡ଼ିଏ ଭୃତ୍ୟ
ଥିଲେ। ଆୟୁବ ପୂର୍ବାଞ୍ଚଳ ଦେଶମାନଙ୍କ ମଧ୍ୟରେ ସବୁଠାରୁ
ବେଶୀ ଧନୀ ଥିଲା।

4ଆୟୁବର ପୁଅମାନେ ପାଳି ପାଳି କରି ସେମାନଙ୍କ
ଘରେ ଭୋଜି ପ୍ରସ୍ତୁତ କଲେ ଏବଂ ସେମାନଙ୍କ ତିନି
ଭଉଣୀଙ୍କୁ ଏହି ଭୋଜିଗୁଡ଼ିକରେ ଯୋଗ ଦେବାକୁ ନିମନ୍ତ୍ରଣ
କଲେ। 5ଆୟୁବ ଉତ୍ସବ ପରଦିନ ପ୍ରାତଃ କାଳରୁ ଶଯ୍ୟା
ତ୍ୟାଗ କରି ତା'ର ପ୍ରତ୍ୟେକ ପୁଅର ମଙ୍ଗଳ ପାଇଁ ପରମେଶ୍ୱରଙ୍କ
ନିକଟରେ ହୋମବଳି ଅର୍ପଣ କରୁଥିଲା। ସେ ଭାବୁଥିଲା, "ମୋ
ପିଲାମାନେ ହୁଏତ ହୃଦୟରେ ପାପକରି ପରମେଶ୍ୱରଙ୍କୁ ଶାପ
ଦେଇଥାଇ ପାରନ୍ତି। ଆୟୁବ ପ୍ରତ୍ୟେକ ଥର ଏପରି କଲେ।"

6ସଦାପ୍ରଭୁଙ୍କ ସହିତ ସାକ୍ଷାତ ଲାଗି ସ୍ୱର୍ଗଦୂତମାନଙ୍କ ପାଇଁ
ସେହି ଦିନଟି ଉପସ୍ଥିତ ହେଲା। ସେହି ସ୍ୱର୍ଗଦୂତମାନଙ୍କ ସହିତ
ଶୟତାନ ମଧ୍ୟ ସେଠାରେ ଉପସ୍ଥିତ ହେଲା। 7ସଦାପ୍ରଭୁ
ଶୟତାନକୁ ପଚାରିଲେ, "ତୁମ୍ଭେ କେଉଁଠାରୁ ଆସିଲ?"

ଶୟତାନ ସଦାପ୍ରଭୁଙ୍କୁ ଉତ୍ତର ଦେଲା, "ମୁଁ ପୃଥିବୀର
ଏଣେତେଣେ ବିଚରଣ କରୁଥିଲି।"

8ତା'ପରେ ସଦାପ୍ରଭୁ ଶୟତାନକୁ ପଚାରିଲେ, "ତୁମ୍ଭେ
ମୋର ସେବକ ଆୟୁବକୁ ଦେଖିଛ କି? ଆୟୁବ ଭଳି ଜଣେ
ବ୍ୟକ୍ତି ଏ ପୃଥିବୀରେ କେହି ନାହିଁ। ଆୟୁବ ଜଣେ ଉତ୍ତମ ଓ
ଧାର୍ମିକ ବ୍ୟକ୍ତି ଅଟେ। ସେ ପରମେଶ୍ୱରଙ୍କୁ ଉପାସନା କରେ
ଏବଂ ମନ୍ଦକାର୍ଯ୍ୟ କରିବାକୁ ପ୍ରତ୍ୟାଖାନ କରେ।"

9ଶୟତାନ ଉତ୍ତର ଦେଲା, "ନିଶ୍ଚୟ! କିନ୍ତୁ ଆୟୁବର
ପରମେଶ୍ୱରଙ୍କୁ ଉପାସନା କରିବାର ଯଥେଷ୍ଟ କାରଣ ରହିଛି।
10ଆପଣ ସବୁବେଳେ ଆୟୁବକୁ ସୁରକ୍ଷା ପ୍ରଦାନ କରନ୍ତି।
ତା'ର ପରିବାରକୁ, ତା'ର ଯାହା କିଛି ନିଜର, ସବୁକୁ ଆପଣ
ସୁରକ୍ଷା ଦିଅନ୍ତି। ସେ ଯେଉଁ କାର୍ଯ୍ୟ କରେ ସବୁଥିରେ ଆପଣ
ତାକୁ କୃତକାର୍ଯ୍ୟ କରାନ୍ତି। ହଁ, ଆପଣ ତାକୁ ଆଶୀର୍ବାଦ
ପ୍ରଦାନ କରନ୍ତି, ସେଥିପାଇଁ ସବୁଥିରେ ସେ ଏତେ ଧନୀ ଯେ,
ତା'ର ମେଷପଲ ଓ ଗୋପଲ ସାରଦେଶରେ ଥିଲେ। 11ମୁଁ
ପ୍ରତିଜ୍ଞା କରି କହିପାରେ ଆପଣ ତା'ର ସର୍ବସ୍ୱ ନଷ୍ଟ କରି
ଦିଅନ୍ତୁ, ଆପଣ ଦେଖିବେ ସେ କିପରି ଆପଣଙ୍କୁ ଆପଣଙ୍କ
ସମ୍ମୁଖରେ ଅଭିଶାପ ଦେବ।"

12ତା'ପରେ ସଦାପ୍ରଭୁ ଶୟତାନକୁ କହିଲେ, "ଠିକ୍ ଅଛି,
ତା'ର ଯାହାସବୁ ଅଛି, ସେଗୁଡ଼ିକ ସହିତ ତୁମ୍ଭେ ଯେପରି
ଚାହଁ କର, କିନ୍ତୁ ସେହି ବ୍ୟକ୍ତିକୁ ସ୍ପର୍ଶ କର ନାହିଁ।"
ତା'ପରେ ଶୟତାନ ସଦାପ୍ରଭୁଙ୍କ ଉପସ୍ଥିତିରୁ ଚାଲିଗଲା।

## ଆୟୁବ ସର୍ବସ୍ୱ ହରାଇଲା

13ଗୋଟିଏ ଦିନ ଭୋଜି ମଧ୍ୟରେ, ଆୟୁବର ପୁଅ ଓ
ଝିଅମାନେ ବଡ ଭାଇର ଘରେ ଏକତ୍ର ଖାଇବା ସହିତ
ଦ୍ରାକ୍ଷାରସ ପାନ କରୁଥିଲେ। 14ଏହି ସମୟରେ ଜଣେ
ସମ୍ବାଦବାହକ ଆୟୁବକୁ ଖବର ଦେଲା, "ବଳଦମାନେ ଜମିରେ
ହଳ କରୁଥିବା ବେଳେ, ଗଧଗୁଡ଼ିକ ସେମାନଙ୍କ ନିକଟରେ
ଚରୁଥିଲେ। 15ଶିବାୟୀୟମାନେ ଆକ୍ରମଣ କଲେ ଏବଂ ଆମ୍ଭଠାରୁ
ସମସ୍ତ ପଶୁମାନଙ୍କୁ ନେଇଗଲେ। ସେମାନେ ତୁମ୍ଭର ଦାସମାନଙ୍କୁ
ମଧ୍ୟ ଖଡ୍ଗରେ ହତ୍ୟା କଲେ। ମୁଁ ହେଉଛି କେବଳ ଏକମାତ୍ର
ଯିଏ ରକ୍ଷା ପାଇଛି ଏବଂ ତୁମ୍ଭକୁ ଏ ବିଷୟରେ କହିବାକୁ।"

16ସେ କଥା କହୁଥିଲାବେଳେ, ଆଉ ଜଣେ ବାର୍ତ୍ତାବହ
ଆସିଲା ଏବଂ କହିଲା, "ଆକାଶରୁ ବିଜୁଳି ପଡ଼ି ତୁମ୍ଭର ମେଣ୍ଢା
ଓ ଛେଳି ଓ ତୁମ୍ଭର ଦାସମାନଙ୍କୁ ପୋଡ଼ିଦେଲା। ମୁଁ କେବଳ
ଏକମାତ୍ର ଯିଏ ରକ୍ଷା ପାଇଛି ତୁମ୍ଭକୁ ଏହି ବିଷୟରେ କହିବା
ପାଇଁ।"

17ସେ କଥା କହୁଥିବାବେଳେ, ଆଉ ଜଣେ ବାର୍ତ୍ତାବହ
ଆସିଲା ଏବଂ କହିଲା, "କଲ୍ଦୀୟମାନେ ତିନି ଦଳ ସୈନିକଙ୍କୁ
ପଠାଇଛନ୍ତି ଏବଂ ଆକ୍ରମଣ କରିଛନ୍ତି ଏବଂ ଓଟମାନଙ୍କୁ ନେଇ
ଗଲେ ଓ ସମସ୍ତ ଭୃତ୍ୟମାନଙ୍କୁ ଖଡ୍ଗରେ ହତ୍ୟା କଲେ। ମୁଁ
କେବଳ ଏକମାତ୍ର ଯିଏ ଏ ବିଷୟରେ ଆପଣଙ୍କୁ କହିବା
ପାଇଁ ରକ୍ଷା ପାଇଅଛି।"

18ସେ କଥା କହୁଥିଲାବେଳେ, ଅନ୍ୟ ଜଣେ ବାର୍ତ୍ତାବହ
ଆସି କହିଲା, "ଆପଣଙ୍କ ପୁଅ-ଝିଅମାନେ ଯେତେବେଳେ ବଡ
ଭାଇର ଘରେ ଦ୍ରାକ୍ଷାରସ ପାନ ଓ ଖାଇବାରେ ବ୍ୟସ୍ତଥିଲେ
19ସେହି ସମୟରେ ଏକ ଝଡ଼ ମରୁଭୂମି ଆଡୁ ଆସିଲା ଏବଂ
ତାଙ୍କର ଘରକୁ ଭାଙ୍ଗି ଦେଲା। ଏବଂ ଆପଣଙ୍କ ପୁଅ
ଝିଅମାନଙ୍କ ଉପରେ ପଡ଼ି ସମସ୍ତଙ୍କୁ ମାରିଦେଲା। ମୁଁ କେବଳ
ଏକମାତ୍ର ଯିଏ ଆପଣଙ୍କୁ ଏହା କହିବାକୁ ରକ୍ଷା ପାଇଛି।"

20ଆୟୁବ ଯେତେବେଳେ ଏସବୁ ଶୁଣିଲା ସେ ନିଜର
ପୋଷାକପତ୍ର ଚିରିଦେଲା ଏବଂ ଦୁଃଖ ଓ ଗ୍ଲାନିରେ ଲଣ୍ଡା
ହୋଇପଡ଼ିଲା। ତା'ପରେ ଆୟୁବ ଭୂମିରେ ବସି ପଡ଼ି ପରମେଶ୍ୱରଙ୍କୁ
ଉପାସନା କରିବାକୁ ଲାଗିଲା। 21ସେ ପ୍ରାର୍ଥନା କରି କହିଲା,

"ମୁଁ ଯେତେବେଳେ ଏହି ପୃଥିବୀରେ ଜନ୍ମ ଲାଭ କଲି
ସେତେବେଳେ ମୁଁ ଥିଲି ଲଙ୍ଗଳା ଓ ମୋ ପାଖରେ କିଛି ନ
ଥିଲା। ଠିକ୍ ସେହିପରି ମୁଁ ଯେତେବେଳେ ମୃତ୍ୟୁବରଣ କରିବି

ଓ ଏ ପୃଥିବୀକୁ ତ୍ୟାଗ କରିବି ସେତେବେଳେ ମଧ୍ୟ ଲଙ୍ଗଳା
ଓ ଖାଲି ହାତରେ ଯିବି। ସଦାପ୍ରଭୁ ସବୁକିଛି ଦିଅନ୍ତି ଏବଂ
ସବୁକିଛି ନେଇ ଯାଆନ୍ତି। ତେଣୁ ସଦାପ୍ରଭୁଙ୍କ ନାମ ହିଁ
ପ୍ରଶଂସା ଯୋଗ୍ୟ।” 22ଏତେ ସବୁ ଘଟିଲା ପରେ ଆୟୁବ
ପାପ କଲା ନାହିଁ ଏବଂ ପରମେଶ୍ୱର କିଛି ଭୁଲ କରିଛନ୍ତି
ବୋଲି ସେ କହିଲା ନାହିଁ।

## ଶୟତାନ ଆୟୁବକୁ ଚିନ୍ତାରେ ପକାଇଲା

2 ଅନ୍ୟ ଦିନ ସ୍ୱର୍ଗଦୂତଗଣ ସଦାପ୍ରଭୁଙ୍କ ସମ୍ମୁଖରେ ସେମାନଙ୍କୁ
ଉପସ୍ଥିତ କରିବା ପାଇଁ ଆସିଲେ ଏବଂ ଶୟତାନ ମଧ୍ୟ
ସଦାପ୍ରଭୁଙ୍କ ସମ୍ମୁଖରେ ନିଜକୁ ଉପସ୍ଥିତ କରିବାକୁ ଆସିଲା।
2ସଦାପ୍ରଭୁ ଶୟତାନକୁ ପଚାରିଲେ, “ତୁମ୍ଭେ ଏତେଦିନ ଧରି
କେଉଁଠାରେ ଥିଲ?” ଶୟତାନ ସଦାପ୍ରଭୁଙ୍କୁ ଉତ୍ତର ଦେଲା,
“ମୁଁ ପୃଥିବୀରେ ଚାରିଆଡ଼େ ବିଚରଣ କରୁଥିଲି।”

3ତା'ପରେ ସଦାପ୍ରଭୁ ଶୟତାନକୁ ପଚାରିଲେ, “ତୁମ୍ଭେ
ଆମ୍ଭ ସେବକ ଆୟୁବକୁ ଦେଖିଛ କି? ଆୟୁବ ଭଳି ଜଣେ
ବ୍ୟକ୍ତି ଏ ପୃଥିବୀରେ କେହି ନାହାଁନ୍ତି। ଆୟୁବ ଜଣେ ଉତ୍ତମ
ଓ ଧାର୍ମିକ ବ୍ୟକ୍ତି। ସେ ପରମେଶ୍ୱରଙ୍କୁ କେବଳ ଉପାସନା
କରେ ଓ ମନ୍ଦକାର୍ଯ୍ୟ କରିବାକୁ ବାରଣ କରେ। ସେ ଏବେ
ମଧ୍ୟ ନିର୍ଦ୍ଦୋଷ ଯଦିଓ ତୁମ୍ଭେ ତା'ର ବିନା କାରଣରେ ସମସ୍ତ
ବସ୍ତୁକୁ ନଷ୍ଟ କରିବା ପାଇଁ ମୋତେ ପ୍ରବର୍ତ୍ତାଇଥିଲ।” 4ଶୟତାନ
ଉତ୍ତର ଦେଲା, “ଚର୍ମ, ଚର୍ମ ପାଇଁ! ଜଣେ ମନୁଷ୍ୟ ନିଜ
ଜୀବନ ରକ୍ଷା କରିବା ପାଇଁ ସବୁକିଛି ଦେଇ ଦେବ। 5ଯଦି
ଆପଣ ତା'ର ଶରୀରକୁ କିଛି କରନ୍ତି, ସେ ନିଶ୍ଚୟ ଆପଣଙ୍କୁ
ଆପଣଙ୍କ ସମ୍ମୁଖରେ ଅଭିଶାପ ଦେବ।” 6ଏହାପରେ ସଦାପ୍ରଭୁ
ଶୟତାନକୁ କହିଲେ, “ଠିକ୍ ଅଛି, ଏବେ ମୁଁ ଆୟୁବକୁ ତୁମ୍ଭ
ଅଧିକାର ଭିତରକୁ ପ୍ରଦାନ କରୁଛି, ଗୋଟିଏ ସର୍ତ୍ତରେ, ଯେ
ତୁମ୍ଭେ ତା'ର ଜୀବନକୁ ଛାଡିଦେବ।”

7ତା'ପରେ ଶୟତାନ ସଦାପ୍ରଭୁଙ୍କଠାରୁ ବିଦାୟ ନେଇ
ଚାଲିଗଲା। ସେ ଆୟୁବକୁ ଯନ୍ତ୍ରଣାଦାୟକ କ୍ଷତ ଦେଲା। ଏହି
କ୍ଷତଗୁଡିକ ସମଗ୍ର ଶରୀରରେ ମୁଣ୍ଡଠାରୁ ପାଦ ପର୍ଯ୍ୟନ୍ତ ଥିଲା।
8ସେଥିପାଇଁ ଆୟୁବ ଅଳିଆଗଦା ପାଖରେ ବସିଲା। ସେ
ଖଣ୍ଡିଏ ଭଙ୍ଗା ପାତ୍ରରେ ନିଜର କ୍ଷତ ହୋଇଥିବା ସ୍ଥାନକୁ
କୁଣ୍ଡାଇବାକୁ ଲାଗିଲା। 9ଏହି ସମୟରେ ଆୟୁବର ସ୍ତ୍ରୀ ଆୟୁବ
ନିକଟକୁ ଆସି ତା'ର ଦୁଃଖାବସ୍ଥା ଦେଖି କହିଲା, “ଏବେ ବି
ତୁମ୍ଭେ ପରମେଶ୍ୱରଙ୍କ ବିଶ୍ୱସ୍ତ ବୋଲି ଭାବୁଛ। ତୁମ୍ଭେ କାହିଁକି
ପରମେଶ୍ୱରଙ୍କୁ ଅଭିଶାପ ଦେଇ ମୃତ୍ୟୁବରଣ କରୁ ନାହଁ।”

10ଆୟୁବ ତା'ର ପତ୍ନୀକୁ ଉତ୍ତର ଦେଲା, “ତୁମ୍ଭେ ଜଣେ
ମୂର୍ଖ ସ୍ତ୍ରୀ ଭଳି କଥା କହୁଛ। ପରମେଶ୍ୱର ଆମ୍ଭକୁ ସବୁକିଛି
ଭଲ ଜିନିଷ ଦେଇଛନ୍ତି, ଆମ୍ଭେ ତାକୁ ଗ୍ରହଣ କରିଅଛୁ।
ସେହିଭଳି ଆମ୍ଭେ ମଧ୍ୟ ସେ ଦେଉଥିବା କଷ୍ଟକୁ ଗ୍ରହଣ
କରିବା ଉଚିତ୍।” ଯଦିଓ ଏହାସବୁ ଘଟିଲା ଆୟୁବ ତା'
ଓଷ୍ଠରେ ପାପ କଲା ନାହିଁ।

## ଆୟୁବର ତିନିବନ୍ଧୁ ତା' ନିକଟକୁ ଦେଖା କରିବାକୁ ଆସିଲେ

11ଆୟୁବର ତିନି ଜଣ ବନ୍ଧୁ ଥିଲେ। ସେମାନେ ହେଲେ
ତୈମନୀୟ ଇଲୀଫସ୍, ଶୂହୀୟ ବିଲ୍ଦଦ୍ ଓ ନାମାଥୀୟ
ସୋଫର। ଏହି ତିନି ବନ୍ଧୁ ଆୟୁବ ଉପରେ ପଡିଥିବା ସମସ୍ତ
ବିପଦ କଥା ଶୁଣିଲେ। ସେହି ତିନି ବନ୍ଧୁ ନିଜର ଘର
ଛାଡ଼ିଲେ ଏବଂ ଏକତ୍ରିତ ହେଲେ। ସେମାନେ ତା'ର ଦୁଃଖ
ସମୟରେ ଆୟୁବକୁ ସାନ୍ତ୍ୱନା ତଥା ସମବେଦନା ଜଣାଇବାକୁ
ମନସ୍ଥ କଲେ। 12କିନ୍ତୁ ଯେତେବେଳେ ସେହି ତିନି ବନ୍ଧୁ
ଦୂରରୁ ଆୟୁବକୁ ଦେଖିଲେ, ସେମାନେ ତାକୁ ଚିହ୍ନି ପାରି
ଉଚ୍ଚ ସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲେ। ଆଉ ସେମାନେ
ଆପଣା ବସ୍ତ୍ର ଚିରି ସ୍ୱର୍ଗ ଆଡକୁ ଚାହିଁ ଆପଣା ମୁଣ୍ଡ ଉପରେ
ଧୂଳି ଫିଙ୍ଗିଲେ। 13ତା'ପରେ ସେହି ତିନି ବନ୍ଧୁ ଆୟୁବ
ସହିତ ସାତଦିନ ଓ ସାତରାତି ଭୂମିରେ ବସିଲେ। ସେମାନଙ୍କ
ପାଟିରୁ ପଦଟିଏ କଥା ବାହାରୁ ନଥିଲା। ସେମାନେ ଆୟୁବକୁ
କଥାପଦେ କହିଲେ ନାହିଁ, କାରଣ ସେମାନେ ଦେଖିଲେ ଯେ,
ସେ କେତେ ଯନ୍ତ୍ରଣା ଭୋଗୁଛି।

## ଆୟୁବ ନିଜର ଜନ୍ମ ଦିନକୁ ଅଭିଶାପ ଦେଲେ

3 ଏହାପରେ ଆୟୁବ ନିଜର ପାଟି ଖୋଲିଲା ଏବଂ ତା'ର
ଜନ୍ମ ଦିନକୁ ଅଭିଶାପ ଦେଲା। 2-3ସେ କହିଲା,

“ମୁଁ ଚାହୁଁଛି ଯେଉଁଦିନ ମୁଁ ଜନ୍ମଲାଭ କଲି, ସେଭଳି ଦିନ
ସବୁଦିନ ପାଇଁ ଲୋପ ପାଇଯାଉ। ମୁଁ ଚାହୁଁଛି ଯେଉଁ
ରାତ୍ରୀରେ ସେମାନେ କହିଲେ, ‘ଏହା ଏକ ବାଳକ!’ କେବେ
ହୋଇ ନଥାନ୍ତା।

4ମୁଁ ଚାହେଁ ସେହି ଦିନଟି ଅନ୍ଧାର ରହିଥାଆନ୍ତା ଏବଂ ମୁଁ
ଚାହେଁ ପରମେଶ୍ୱର ସେହି ଦିନଟିକୁ ଭୁଲି ଯାଆନ୍ତୁ। ମୁଁ ଚାହେଁ
ଯେ ସେଦିନ ଦୀପ୍ତି ପ୍ରକାଶିତ ହୋଇନଥାଆନ୍ତା।

5ମୁଁ ଚାହେଁ ସେହି ଦିନଟି ମୃତ୍ୟୁ ଭଳି ଅନ୍ଧକାର ହୋଇ
ରହନ୍ତା। ମୁଁ ଚାହେଁ ବାଦଲ ତାକୁ ଲୁଚାଇ ଦିଅନ୍ତା। ମୁଁ ଚାହେଁ
ଯେଉଁଦିନ ମୁଁ ଜନ୍ମ ଲାଭ କଲି କଳାବାଦଲ ସେହିଦିନର
ଆଲୋକକୁ ଭୟଭୀତ କରାଇଦେଉ।

6ସେହି ରାତ୍ରିଟିକୁ ଘନ ଅନ୍ଧକାର ଘୋଡ଼ାଇଦେଉ, ସେହି
ରାତ୍ରିଟି କ୍ୟାଲେଣ୍ଡରରୁ ଲିଭିଯାଉ। ସେହି ରାତ୍ରିଟିକୁ କୌଣସି
ମାସରେ ସ୍ଥାନ ଦିଆ ନ ଯାଉ।

7ସେହି ରାତ୍ରିରେ କୌଣସି ଉତ୍ପାଦନ ନ ହେଉ। ସେହି
ରାତିରେ କୌଣସି ଶୁଭ ଖବର ଶୁଣା ନ ଯାଉ।

8କେତେକ ଯାଦୁକର ସବୁବେଳେ ଲିବିୟାଥନକୁ ଆବାହନ
କରି ଜଗାନ୍ତି। ସେହିମାନେ ସେହି ଦିନକୁ ଅଭିଶାପ ଦିଅନ୍ତୁ।
ଯେଉଁଦିନ ମୁଁ ଜନ୍ମିଲି।

9ସେହି ଦିନର ପ୍ରାତଃକାଳୀନ ନକ୍ଷତ୍ର କାଳିମାମୟ ହୋଇ
ଅନ୍ଧକାରରେ ଲୁଚି ଯାଉ। ରାତ୍ରିଟି ପ୍ରଭାତର ପ୍ରତୀକ୍ଷାରେ ରହୁ
ଏବଂ ସୂର୍ଯ୍ୟର ପ୍ରଥମ କିରଣ ନ ଦେଖୁ।

10କାହିଁକି? କାରଣ ସେହି ରାତ୍ରିଟି ମୋର ଜନ୍ମ ମୁହୂର୍ତ୍ତକୁ
ଅଟକାଇ ପାରିଲା ନାହିଁ। ସେହି ରାତ୍ରିଟି ମୋତେ ଏଭଳି
ଦୁଃଖ ଦେଖିବାରୁ ବଞ୍ଚିତ କରିପାରିଲା ନାହିଁ।

11ମୁଁ ଜନ୍ମ ସମୟରେ କାହିଁକି ନମଲି? ମୁଁ କାହିଁକି ନ
ମରି ବଞ୍ଚିଛି?

12କାହିଁକି ମୋର ମା' ତା'ର ଆଣ୍ଠୁରେ ମୋତେ ବସାଇ
ରଖିଲା? ମୋର ମା କାହିଁକି ମୋତେ ତା'ର ଛାତିରୁ
ସ୍ତନ୍ୟପାନ କରାଇଲା?

13ମୁଁ ଯଦି ଜନ୍ମ ହେଲାବେଳେ ମରିଯାଇଥାନ୍ତି, ବର୍ତ୍ତମାନ ଶାନ୍ତିରେ ଥାନ୍ତି। ମୁଁ ଇଚ୍ଛାକରେ ମୁଁ ଶୋଇରହିଥାଆନ୍ତି ଏବଂ ବିଶ୍ରାମ ପାଇଥାନ୍ତି।

14ରାଜାମାନଙ୍କ ସହିତ ଜ୍ଞାନୀଲୋକ, ଯେଉଁମାନେ ଅତୀତରେ ଏହି ପୃଥିବୀରେ ଥିଲେ ଏବଂ ନିଜ ପାଇଁ ପ୍ରାସାଦ ନିର୍ମାଣ କରିଥିଲେ ବର୍ତ୍ତମାନ ଧ୍ୱଂସାବସ୍ଥାରେ ଅଛନ୍ତି।

15ମୋତେ ଯଦି ସେହି ଶାସକମାନଙ୍କ ସହିତ କବର ଦିଆଯାଇଥାନ୍ତା। ସେମାନଙ୍କର ଘରଗୁଡିକ ସୁନା ରୂପାରେ ଭରିଥିଲା।

16ମୁଁ ଯେତେବେଳେ ଶିଶୁ ବା ପିଲାଥିଲି କାହିଁକି ନ ମରି ଭୂମିରେ କବର ନ ନେଲି? ମୁଁ ଇଚ୍ଛା କରେ ମୁଁ ଏଭଳି ଏକ ଶିଶୁ ଯିଏ କି ପ୍ରଥମ କିରଣ ଦେଖିବାର ନ ଥିଲା।

17ଦୁଷ୍ଟଲୋକମାନେ କବର ମଧ୍ୟରେ କାହାକୁ ଅସୁବିଧାରେ ପକାନ୍ତି ନାହିଁ ଏବଂ ଲୋକେ କ୍ଲାନ୍ତ ହେଲେ କବରରେ ବିଶ୍ରାମ ନିଅନ୍ତି।

18ଏପରିକି ବନ୍ଦୀମାନେ ମଧ୍ୟ କବରରେ ଶାନ୍ତି ପାଆନ୍ତି କାରଣ ସେଠାରେ ଜଗୁଆଳର ଶବ୍ଦ ଶୁଣାଯାଏ ନାହିଁ।

19ସବୁ ପ୍ରକାରର ଲୋକେ ଯଥା ଦରକାରୀ ଲୋକ ଓ ଅଦରକାରୀ ଲୋକ, ଏପରିକି କ୍ରୀତଦାସମାନେ ମଧ୍ୟ ସେମାନଙ୍କ ମୁନିବଙ୍କଠାରୁ କବରରେ ମୁକ୍ତ ପାଆନ୍ତି।

20କାହିଁକି ଜଣେ ପୀଡିତ ବ୍ୟକ୍ତି ବଞ୍ଚିରହିବା ଉଚିତ? କାହିଁକି ଜଣେ ବ୍ୟକ୍ତିକୁ ଜୀବନ ଦେବା ଯାହାର ଆତ୍ମା ତିକ୍ତ।

21ସେହି ବ୍ୟକ୍ତି ମରିବାକୁ ଚାହୁଁଛି ଅଥଚ ମୃତ୍ୟୁ ତା' ନିକଟକୁ ଆସୁନାହିଁ। ସେହି ଲୋକଟି ଗୁପ୍ତଧନ ସନ୍ଧାନଠାରୁ ଅଧିକ ମୃତ୍ୟୁକୁ ଖୋଜି ବୁଲୁଛି।

22ସେହି ଲୋକମାନେ ସେମାନଙ୍କର କବର ପାଇ ଖୁସି ହେବେ, ସେମାନେ ତାଙ୍କର ସମାଧି ପାଇ ଉଲ୍ଲସିତ ହେବେ।

23କିନ୍ତୁ ପରମେଶ୍ୱର ସେମାନଙ୍କର ଭବିଷ୍ୟତକୁ ଗୋପନ ରଖନ୍ତି ଏବଂ ସେହିମାନଙ୍କୁ ରକ୍ଷା କରିବା ନିମନ୍ତେ ଏକ ପ୍ରାଚୀର ନିର୍ମାଣ କରନ୍ତି।

24ଏପରିକି ମୁଁ ଖାଦ୍ୟ ଖାଇବା ପୂର୍ବରେ, ମୁଁ ଦୁଃଖରେ ବିଳାପ କଲି ଏବଂ ମୋର ଲୋତକ ପାଣିପରି ବହିଗଲା।

25କାରଣ ମୁଁ ଯେଉଁ ବିଷୟରେ ଭୟ କରୁଥିଲି ତାହା ହିଁ ମୋ ପ୍ରତି ଘଟିଲା ଏବଂ ଯେଉଁ ବିଷୟରେ ଅତି ଆଶଙ୍କା କରୁଥିଲି ତାହା ମୋ ନିକଟରେ ଉପସ୍ଥିତ ହେଲା।

26ମୁଁ ସ୍ଥିର କରିପାରୁ ନଥିଲି। ମୁଁ ନିରବ ରହୁନଥିଲି, ମୋର ବିଶ୍ରାମ ନଥିଲା, ମୁଁ କେବଳ ବିବ୍ରତ ହେଉଥିଲି।"

## ଇଲୀଫସ୍ କହିଲା

4 ତୈମନୀୟ ଇଲୀଫସ୍ ଉତ୍ତର ଦେଲେ, 2"ମୁଁ ନିଶ୍ଚୟ କିଛି କହିବି, ଏହାଦ୍ୱାରା ତୁମ୍ଭେ ଦୁଃଖିତ ହେବ କି?

3ଆୟୁବ ତୁମ୍ଭେ ବହୁତ ଲୋକଙ୍କୁ ଶିକ୍ଷା ଦେଇଛ। କେତେ ଦୁର୍ବଳ ଲୋକକୁ ତୁମ୍ଭେ ବଳବାନ କରିଛ।

4ତୁମ୍ଭର ବାକ୍ୟ ଲୋକଙ୍କୁ ଛିଡ଼ା ହେବାକୁ ଶକ୍ତି ଦେଇଛି। ତୁମ୍ଭେ ସେହିମାନଙ୍କୁ ବଳବାନ କରିଛ, ଯେଉଁମାନେ ଦିନେ ନିଜ ଗୋଡରେ ଛିଡ଼ା ହୋଇ ପାରୁ ନ ଥିଲେ।

5କିନ୍ତୁ ବର୍ତ୍ତମାନ ତୁମ୍ଭ ନିକଟକୁ ବିପଦ ଆସିଛି ଓ ତୁମ୍ଭେ ହତାଶ୍ ହୋଇଛ, ବିପଦ ତୁମ୍ଭକୁ ଆଘାତ କରିଛି ଓ ତୁମ୍ଭେ ବିବ୍ରତ ହେଉଛ।

6ତୁମ୍ଭେ ପରମେଶ୍ୱରଙ୍କୁ ଉପାସନା କର। ତୁମ୍ଭେ ତାଙ୍କୁ ବିଶ୍ୱାସ କର। ତୁମ୍ଭେ ଜଣେ ଉତ୍ତମ ବ୍ୟକ୍ତି। ତାହାହିଁ ତୁମ୍ଭର ଆଶାର ସ୍ରୋତ ହେଉ।

7ଆୟୁବ ଥରେ ଭାବି ଦେଖିଲ, କେହି ନିରପରାଧ ବ୍ୟକ୍ତି କେବେ ଧ୍ୱଂସ ହୋଇଛନ୍ତି! ଉତ୍ତମ ବ୍ୟକ୍ତିମାନଙ୍କର ବିନାଶ ଘଟେ ନାହିଁ।

8ମୁଁ ଦେଖିଛି କେତେକ ବ୍ୟକ୍ତି ଅନ୍ୟକୁ ବିପଦରେ ପକାନ୍ତି ଏବଂ ସେମାନଙ୍କ ଜୀବନକୁ ଦୁଃଖମୟ କରି ଦିଅନ୍ତି। କିନ୍ତୁ ଶେଷରେ ସେମାନେ ହିଁ ଦଣ୍ଡ ପାଆନ୍ତି।

9ପରମେଶ୍ୱରଙ୍କ ଦଣ୍ଡରେ ସେମାନେ ମୃତ୍ୟୁବରଣ କରନ୍ତି। ପରମେଶ୍ୱରଙ୍କ କ୍ରୋଧରେ ସେମାନେ ଧ୍ୱଂସ ହୁଅନ୍ତି।

10ଦୁଷ୍ଟଲୋକ ସିଂହ ଭଳି ଗର୍ଜନ କରି ଶୀଘ୍ର ବଢିଯାନ୍ତି। କିନ୍ତୁ ପରମେଶ୍ୱର ସେମାନଙ୍କୁ ନିରବ କରାଇ ଦିଅନ୍ତି ଓ ସେମାନଙ୍କର ଦାନ୍ତକୁ ଭାଙ୍ଗି ଦିଅନ୍ତି।

11ହିଁ, ସେହି ଦୁଷ୍ଟଲୋକ ଗୁଡ଼ାକ ସିଂହ ଭଳି, ଯେଉଁମାନେ ପ୍ରାଣୀମାନଙ୍କୁ ମାରିବାକୁ ପାଆନ୍ତି ନାହିଁ। ସେମାନେ ଶେଷରେ ମୃତ୍ୟୁବରଣ କରନ୍ତି ଓ ସେମାନଙ୍କର ପିଲାମାନେ ଚାରିଆଡ଼େ ଘୁରି ବୁଲନ୍ତି।

12ଗୁପ୍ତରେ ମୋ ନିକଟକୁ ଗୋଟିଏ ଖବର ଆସିଲା। ମୋର କାନ ସେହି ବିଷୟରେ କିଛି ଗୁଣୁଗୁଣୁ ଶବ୍ଦ ଶୁଣିଲା।

13ରାତ୍ରିର ଗୋଟିଏ ଖରାପ ସ୍ୱପ୍ନ ଭଳି ଏହା ମୋର ନିଦ୍ରାକୁ ନଷ୍ଟ କରିଦେଲା।

14ମୁଁ ଭୟଭୀତ ହେଲି ଓ ମୋର ହାଡସବୁ ଥରିଲା।

15ଏହି ସମୟରେ ଗୋଟିଏ ଆତ୍ମା ମୋର ମୁହଁ ସମ୍ମୁଖରେ ଚାଲିଗଲା ଏବଂ ମୋର ରୋମ ଟାଙ୍କୁରି ଉଠିଲା।

16ସେହି ଆତ୍ମା ମୋର ସମ୍ମୁଖରେ ଥିଲା କିନ୍ତୁ ମୁଁ ତାକୁ ଦେଖି ପାରୁନଥିଲି। ତା'ର ମୂର୍ତ୍ତି ମୋ ଚକ୍ଷୁ ସମ୍ମୁଖରେ ଥିଲା ଏବଂ ଚାରିଆଡ଼େ ନିଶବ୍ଦ ଥିଲା। ତା'ପରେ ମୁଁ ଏକ ଧୀର ସ୍ୱର ଶୁଣିବାକୁ ପାଇଲି।

17'ଜଣେ ମନୁଷ୍ୟ କ'ଣ ପରମେଶ୍ୱରଙ୍କଠାରୁ ଅଧିକ ଧାର୍ମିକ ହୋଇ ପାରିବ? ନିଜ ସୃଷ୍ଟିକର୍ତ୍ତାଠାରୁ ମନୁଷ୍ୟ କ'ଣ ଅଧିକ ପବିତ୍ର ହୋଇପାରିବ?

18ଦେଖ, ପରମେଶ୍ୱର ତାଙ୍କ ସ୍ୱର୍ଗୀୟ ସେବକଗଣଙ୍କୁ ମଧ୍ୟ ବିଶ୍ୱାସ କରିପାରନ୍ତି ନାହିଁ। ପରମେଶ୍ୱର ତାଙ୍କ ଦୂତଗଣଠାରେ ମଧ୍ୟ ଭୁଲ୍ ପାଆନ୍ତି।

19ନିଶ୍ଚିତ ରୂପେ ମନୁଷ୍ୟମାନେ ଅଧିକ ଖରାପ। ସେମାନେ ମାଟି ଘରେ ବାସ କରନ୍ତି। ସେମାନଙ୍କର ପ୍ରାରମ୍ଭ ଧୂଳିରୁ, ସେମାନେ ଦଳିତ ହୋଇ ପକ୍ଷଯୁକ୍ତ ପୋକ ମରିବାଠାରୁ ଅଧିକ ସହଜରେ ମରିଯାନ୍ତି।

20ଲୋକମାନେ ପ୍ରାତଃକାଳଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ମରନ୍ତି, ଏବଂ ତାହା କେହି ଖାତିରି କରନ୍ତି ନାହିଁ। ସେମାନେ ମରନ୍ତି ଏବଂ ଚିରକାଳ ପାଇଁ ଚାଲି ଯାଆନ୍ତି।

21ସେମାନଙ୍କର ତମ୍ବୁର ରସିସବୁ ଛିଣ୍ଡିଯାଏ, ସେମାନେ ଜ୍ଞାନଭ୍ରଷ୍ଟ ହୋଇ ମୃତ୍ୟୁବରଣ କରନ୍ତି।'

5 "ଆୟୁବ, ତୁମ୍ଭେ ତାଙ୍କୁ ଡାକ, ଯଦ ତୁମ୍ଭେ ଗୃହୁଁଛ,
କନ୍ତୁ କେହ ତୁମ୍ଭକୁ ଉତ୍ତର ଦେବାକୁ ଏଠାରେ ନାହିଁ।
ତୁମ୍ଭେ ସ୍ୱର୍ଗଦୂତମାନଙ୍କୁ ବଦଳାଇ ପାରବନାହିଁ।
2ଜଣେ ନର୍ବୋଧ ଲୋକର ରାଗ ହିଁ ତାକୁ ହତ୍ୟା କରେ
ଓ କ୍ରୋଧ ନୀରହ ଲୋକକୁ ବଧ କରେ।
3ମୁଁ ଜଣେ ଏପର ନର୍ବୋଧ ଲୋକକୁ ଦେଖିଛ ଯିଏ
ଭାବୁଥିଲା ଯେ ସେ ସୁରକ୍ଷିତ, କନ୍ତୁ ହଠାତ୍ ସେ ଅଭିଶପ୍ତ
ହେଲା।
4ତା'ର ସନ୍ତାନମାନଙ୍କୁ ସାହାଯ୍ୟ କରବାକୁ କେହ ନ
ଥିଲେ। ସେମାନଙ୍କୁ ଦରବାରରେ କେହ ପକ୍ଷସମର୍ଥନ କଲେନାହିଁ।
5କ୍ଷୁଧାର୍ତ୍ତ ଲୋକେ ସେମାନଙ୍କର ଶସ୍ୟସବୁ ଖାଇଦେଇଛନ୍ତ।
ସେହ କ୍ଷୁଧାର୍ତ୍ତ ଲୋକେ ମଧ କଣ୍ଟା ମଧରୁ ଶସ୍ୟକଣାକୁ
ନେଇଯାଇଛନ୍ତ। ଲୋଭୀ ଲୋକ ସେମାନଙ୍କର ସବୁକଛ ଲୁଟି
ନେଇଛନ୍ତ।
6ଦୁଃସମୟ ଧୂଳରୁ ଉତ୍ପନ୍ନ ହୁଏ ନାହିଁ, କଷ୍ଟ ଭୂମିରୁ
ଉତ୍ପନ୍ନ ହୁଏ ନାହିଁ।
7କନ୍ତୁ ମଣିଷ ଜନ୍ମ ହୋଇଛ କଷ୍ଟ ସହବା ଲାଗି ଯେପର
ନଶ୍ଚୟ ଅଗ୍ନିକଣିକା ଅଗ୍ନିରୁ ଉପରକୁ ଉଡ଼ବୁଲେ।
8କନ୍ତୁ ଆୟୁବ ମୁଁ ଯଦ ତୁମ୍ଭ ଜାଗାରେ ଥାନ୍ତ ନଶ୍ଚୟ
ପରମେଶ୍ୱରଙ୍କୁ ଡ଼ାକ ନଜର ସମସ୍ତ ଦୁଃଖ ତାଙ୍କୁ ଜଣାନ୍ତ।
9ଲୋକେ ପରମେଶ୍ୱରଙ୍କ ଆଶ୍ଚର୍ଯ୍ୟକର୍ମକୁ ବୁଝିପାରନ୍ତ ନାହିଁ
କ ତାଙ୍କର ଅଲୌକକ କାର୍ଯ୍ୟର ମଧ ଅନ୍ତ ନାହିଁ।
10ପରମେଶ୍ୱର ପୃଥିବୀରେ ବର୍ଷା କରାନ୍ତ ଓ ଶସ୍ୟ
କ୍ଷେତ୍ରକୁ ଜଳ ପ୍ରଦାନ କରନ୍ତ।
11ପରମେଶ୍ୱର ନମ୍ର ଲୋକକୁ ଉପରକୁ ଉଠାନ୍ତ ଏବଂ
ଯେଉଁମାନେ ଅତି ଦୁଃଖି ସେମାନଙ୍କୁ ଖୁସି କରାନ୍ତ।
12ପରମେଶ୍ୱର ମନ୍ଦ ଓ ଚତୁର ଲୋକର କାମନାକୁ
ବ୍ୟର୍ଥ କରନ୍ତ ଏବଂ ସେମାନଙ୍କୁ ସଫଳତା ଦଅନ୍ତ ନାହିଁ।
13ପରମେଶ୍ୱର ଚତୁର ଲୋକମାନଙ୍କୁ ମଧ ତାଙ୍କ ଫାନ୍ଦରେ
ଧରନ୍ତ, ସେମାନଙ୍କର ଚତୁର ଯୋଜନା ସଫଳ କରାନ୍ତ ନାହିଁ।
14ସେହ ଚତୁର ଲୋକମାନେ ଦନବେଳେ ଝୁଣ୍ଟି ପଡନ୍ତ,
ଯେପର କ ତାହା ଅନ୍ଧକାର, ମଧାହ୍ନରେ ମଧ ସେମାନେ
ଏପର ଲୋକପର ରାସ୍ତା ଅଣ୍ଡାଳ ହୁଅନ୍ତ, ଯେପର କ ତାହା
ମଧରାତ୍ରୀ।
15ପରମେଶ୍ୱର ଗରୀବ ଲୋକମାନଙ୍କୁ ସେହ ଚତୁର
ଲୋକଙ୍କର କଟୁବାକ୍ୟର ରକ୍ଷା କରନ୍ତ। ସେ ଗରୀବ ଲୋକଙ୍କୁ
ପରାକ୍ରମୀ ଲୋକ କବଳରୁ ଉଦ୍ଧାର କରନ୍ତ।
16ସେଥିପାଇଁ ଗରୀବ ଲୋକଙ୍କ ପାଇଁ ଭରସା ଅଛ ଓ
ଅନ୍ୟାୟକାରୀ ନଶ୍ଚୟ ନୀରବ ରହବ।
17ଯେଉଁ ମନୁଷ୍ୟକୁ ପରମେଶ୍ୱର ସଂଶୋଧନ କରନ୍ତ, ସେ
ଭାଗ୍ୟବାନ୍। ତେଣୁ ସେହ ସର୍ବଶକ୍ତିମାନ ପରମେଶ୍ୱର
ଯେତେବେଳେ ତୁମ୍ଭକୁ ଦଣ୍ଡ ଦଅନ୍ତ, ତାଙ୍କ ବରୁଦ୍ଧରେ
ଅଭିଯୋଗ କରନାହିଁ।
18ପରମେଶ୍ୱରଙ୍କ ଦଣ୍ଡରେ ଯେଉଁ କ୍ଷତ ହୁଏ ପୁଣି ସେ
ନଜେ ସେମାନଙ୍କର କ୍ଷତରେ ପଟି ବାନ୍ଧନ୍ତ। ପରମେଶ୍ୱର
ହୁଏତ ଜଣକୁ ଆଘାତ କରନ୍ତ କନ୍ତୁ ତାଙ୍କ ହାତ ସୁସ୍ଥତା
ମଧ ଆଣେ।
19ସେ ତୁମ୍ଭକୁ ବପଦରୁ ଉଦ୍ଧାର କରପାରବେ। ହିଁ,
ଦରକାର ପଡ଼ଲେ ବନା ଆଘାତରେ ସାତୋଟି ଦୁର୍ବପାକରୁ
ରକ୍ଷା କରପାରବେ।
20ଦୁର୍ଭିକ୍ଷ ସମୟରେ ପରମେଶ୍ୱର ତୁମ୍ଭକୁ ମୃତ୍ୟୁ ମୁଖରୁ
ରକ୍ଷା କରପାରବେ। ଯୁଦ୍ଧ ସମୟରେ ତୁମ୍ଭକୁ ଖଡ୍ଗ ମୁଖରୁ
ବଞ୍ଚାଇ ପାରବେ।
21ପରମେଶ୍ୱର ତୁମ୍ଭକୁ ଲୋକଙ୍କ ଜହ୍ୱାର ଅନଷ୍ଟକର
ବାକ୍ୟରୁ ଉଦ୍ଧାର କର ପାରବେ। ପରମେଶ୍ୱର ତୁମ୍ଭକୁ ରକ୍ଷା
କରବେ, ତେଣୁ ଯେତେବେଳେ ବପଦ ଆସୁଛ, ତୁମ୍ଭେ
ଭୟଭୀତ ହୁଅ ନାହିଁ।
22ବନାଶ ଓ ଦୁର୍ଭିକ୍ଷ ପ୍ରତି ତୁମ୍ଭେ ହସପାର। ତୁମ୍ଭେ
ବଣୁଆ ହଂସ୍ର ଜନ୍ତୁକୁ ଭୟ କର ନାହିଁ।
23ତୁମ୍ଭର ପରମେଶ୍ୱରଙ୍କ ସହତ ଚୁକ୍ତ ହୋଇଛ। ତେଣୁ
କ୍ଷେତର ପଥର ଏପରକ ବଣର ହଂସ୍ର ଜନ୍ତୁ ମଧ ତୁମ୍ଭ
ସହତ ଶାନ୍ତରେ ରହବେ।
24ତୁମ୍ଭେ ଶାନ୍ତରେ ରହପାରବ କାରଣ ତୁମ୍ଭର ତମ୍ବୁ
ସୁରକ୍ଷିତ ଅଛ। ତୁମ୍ଭେ ତୁମ୍ଭର ସମ୍ପତ୍ତିକୁ ଗଣିପାରବ ଏବଂ
ଦେଖିବ କଛ ହଜଯାଇ ନାହିଁ।
25ତୁମ୍ଭର ଅନେକ ସନ୍ତାନସନ୍ତତ ହେବେ, ଏତେ ଅଧିକ
ଯେପର କ ପୃଥିବୀ ଉପରେ ଘାସର ଝାଡ ପର।
26ତୁମ୍ଭେ ଗହମ କ୍ଷେତ୍ରରେ ଗହମ ସଦୃଶ ଯିଏ ଅମଳ
ସମୟ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ହିଁ ତୁମ୍ଭେ ଅତ୍ୟଧିକ ବୃଦ୍ଧ
ହେଲା ପର୍ଯ୍ୟନ୍ତ ବଞ୍ଚି ରହବ।
27ଆୟୁବ, ଦେଖ ଆମ୍ଭେମାନେ ଏସବୁ ଜନଷ ଅନୁସନ୍ଧାନ
କର ସେମାନଙ୍କୁ ଜାଣିଛୁ ଏବଂ ଏସବୁ ସତ୍ୟ ବୋଲ ମଧ
ଜାଣିଛୁ। ତେଣୁ ଆମ୍ଭ କଥା ଶୁଣ ଏବଂ ସେଗୁଡ଼କ ଆପଣା
ମଙ୍ଗଳ ନମନ୍ତେ ଶିକ୍ଷା କର।"

## ଆୟୁବ ଇଲୀଫସ୍‌କୁ ଉତ୍ତର ଦେଲା

6 ଏହାପରେ ଆୟୁବ ଉତ୍ତର ଦେଇ କହଲା, "ଯଦ ମୋର
ଦୁଃଖ ଓଜନ କରାଯାଇ ପାରନ୍ତା।
2ଯଦ ମୋର ସମସ୍ତ ଦୁର୍ଗତି ତରାଜୁର ଏକ ପାଖରେ
ରଖା ଯାଆନ୍ତା,
3ତୁମ୍ଭେ ମୋର ଦୁଃଖକୁ ବୁଝି ପାରନ୍ତ। ମୋର ଦୁଃଖ
ସମୁଦ୍ରର ସମସ୍ତ ବାଲଠାରୁ ଅଧିକ ଭାରୀ ହୁଅନ୍ତା।
ତେଣୁ ସେଥିପାଇଁ ମୋର କଥାସବୁ ମୂର୍ଖାମୀ ବୋଲ ଜଣା
ପଡୁଛ।
4ପରମେଶ୍ୱର ସର୍ବଶକ୍ତିମାନ, ତାଙ୍କର ବାଣସବୁ ମୋର
ଅନ୍ତରକୁ ବଦ୍ଧ କରୁଛ। ମୋର ଆତ୍ମା ସେହ ବାଣର ବଷକୁ
ପାନ କରୁଛ। ପରମେଶ୍ୱରଙ୍କ ମାରାତ୍ମକ ଅସ୍ତ୍ରଶସ୍ତ୍ର ସବୁ ମୋ
ବରୁଦ୍ଧରେ ଗୋଟିଏ ଧାଡ଼ରେ ସଜାଇ ରଖାଯାଇଛ।
5ତୁମ୍ଭର ବାକ୍ୟସବୁ କହବାକୁ ସହଜ, ଯେତେବେଳେ
କଛ ଅଘଟଣ ଘଟି ନଥାଏ। ଏପରକ ଗୋଟିଏ ବଣୁଆ ଗଧ
ମଧ କଛ ଅଭିଯୋଗ କରେ ନାହିଁ ଯେତେବେଳେ ସେ
ପ୍ରଚୁର ଘାସ ଖାଇବାକୁ ପାଏ ଏବଂ ଗୋଟିଏ ଗାଇ ମଧ କଛ
ଅଭିଯୋଗ କରେ ନାହିଁ, ଯେତେବେଳେ ତା' ନକଟରେ ତା'
ନଜର ଖାଦ୍ୟ ଥାଏ।

6ଲବଣ ବନା ଖାଦ୍ୟ ସ୍ୱାଦଷ୍ଟ ଲାଗେ ନାହିଁ। ଅଣ୍ଡାର ଧଳା ଲାଳର ଯେମିତି କୌଣସି ସ୍ୱାଦ ନଥାଏ।

7ମୁଁ ତାକୁ ସ୍ପର୍ଶ କରବାକୁ ମନାକରେ କାରଣ ସେପ୍ରକାର ଖାଦ୍ୟ ମୋତେ ରୋଗୀଣା କର ପକାଏ। ସେହଭଳ ତୁମ୍ଭର କଥାଗୁଡ଼କ ମୁଁ ଅନୁଭବ କରୁଛ।

8ମୁଁ ଚାହୁଁଛି, ମୁଁ ଯାହା ମାଗିଛ ତାହା ମୁଁ ପାଆନ୍ତ। ମୁଁ ଇଚ୍ଛାକରେ ଯାହା ମୋର ଦରକାର ପରମେଶ୍ୱର ମୋତେ ଦେବେ।

9ମୁଁ ଇଚ୍ଛା କରେ ପରମେଶ୍ୱର ମୋତେ ଦଳ ଦଅନ୍ତୁ, ତୁମ୍ଭର ହାତ ବଢାଅ ଓ ମାର ଦଅ।

10ଯଦ ସେ ତାହା କର ମୋତେ ମାର ଦଅନ୍ତେ, ମୁଁ ଗୋଟିଏ ବଷୟରେ ଅନ୍ତତଃ ସାନ୍ତ୍ୱନା ପାଆନ୍ତ, ଏହ ନଷ୍ଠୁର ଯନ୍ତ୍ରଣା ମଧରେ ମୁଁ ଆନନ୍ଦ ପାଆନ୍ତ କାରଣ ପରମେଶ୍ୱରଙ୍କ ସେହ ପବତ୍ର ଜଣଙ୍କର କୌଣସି ଆଜ୍ଞାକୁ ମୁଁ ଅବମାନନା କର ନାହିଁ।

11ମୋର କ'ଣ ଶକ୍ତ ବାକ ରହଛ ଯେ ମୁଁ ଆଶା କରବ? ମୁଁ ଜାଣେନା ମୋର କ'ଣ ହେବାକୁ ଯାଉଛ। ସେଥିପାଇଁ ମୋର ଧୈର୍ଯ୍ୟ ଧରବା ପାଇଁ କୌଣସି କାରଣ ନାହିଁ।

12ମୁଁ ପଥର ଭଳ ଶକ୍ତ ନୁହେଁ। ମୋର ମାଂସ ତମ୍ବାରେ ତିଆର ନୁହେଁ।

13ନଜକୁ ସାହାଯ୍ୟ କରବାକୁ ମୋର ଶକ୍ତ ବର୍ତ୍ତମାନ ନାହିଁ। କାରଣ ସମସ୍ତ ସଫଳତା ମୋଠାରୁ କାଢି ନଆଯାଇଛ।

14ଜଣେ ବ୍ୟକ୍ତର ସାଙ୍ଗମାନେ ତା'ର କଷ୍ଟ ସମୟରେ ତାକୁ ଦୟା କରବା କଥା, ଯଦଓ ସେ ସର୍ବଶକ୍ତମାନ ପରମେଶ୍ୱରଙ୍କଠାରୁ ବମୁଖ ହୁଏ।

15କନ୍ତୁ ତୁମ୍ଭେ ମୋର ଭାଇମାନେ ମୋ ପ୍ରତ ବଶ୍ୱସ୍ତ ନୁହଁ। ମୁଁ ତୁମ୍ଭ ଉପରେ ନର୍ଭର କରପାରବ ନାହିଁ। ତୁମ୍ଭେ ଝରଣା ପର ସମୟ ସମୟରେ ବହୁଥାଅ ଓ ଅନ୍ୟ ସମୟରେ ନୁହଁ। ତୁମ୍ଭେ ସେହ ଉଚ୍ଛୁଳବା ଝରଣାପର।

16କେତେବେଳେ ବରଫରେ ଭର୍ତ୍ତି ହୋଇଯାଏ ଏବଂ ବରଫ ତରଳ ଯାଏ।

17କନ୍ତୁ ସେତେବେଳେ ପାଗ ଉତ୍ତପ୍ତ ଓ ଶୁଖିଲା ଥାଏ ଜଳ ପ୍ରବାହତ ବନ୍ଦ ହୁଏ।

18ବ୍ୟବସାୟୀ ତାଙ୍କ ପଥରୁ ପାଣି ଖୋଜିବା ପାଇଁ ବମୁଖ ହୁଅନ୍ତ। ସେମାନେ ମରୁଭୂମିକୁ ଚାଲଯାଆନ୍ତ ଓ ହଜିଯାଆନ୍ତ।

19'ତେମାର ବ୍ୟବସାୟୀ ପାଣିର ଅନ୍ୱେଷଣ କଲେ। ଶିବାର ପଥିକଗଣ ଆଶାକର ଅପେକ୍ଷା କରନ୍ତ।

20ସେମାନେ ନଶ୍ଚିତ ଥିଲେ ଯେ ସେମାନେ ନଶ୍ଚୟ ପାଣି ପାଇବେ କନ୍ତୁ ଶେଷରେ ସେମାନେ ନରାଶ ହେଲେ।

21ବର୍ତ୍ତମାନ ତୁମ୍ଭେ ସେହ ସ୍ରୋତଭଳ କଛ ନୁହଁ। ତୁମ୍ଭେ ମୋର ବପଦ ଦେଖି ଭୟଭୀତ ହେଉଅଛ କ?

22ମୁଁ ତୁମ୍ଭକୁ ସାହାଯ୍ୟ ମାଗିଛ କ? ନାଁ, କନ୍ତୁ ତୁମ୍ଭେ ସ୍ୱଇଚ୍ଛାରେ ମୋତେ ତୁମ୍ଭର ଉପଦେଶ ଦେଉଅଛ।

23ମୁଁ ତୁମ୍ଭକୁ କହଛ କ? 'ମୋତେ ଶତ୍ରୁ କବଳରୁ ଉଦ୍ଧାର କର। ମୋତେ ନଷ୍ଠୁର ଲୋକଙ୍କ କବଳରୁ ବଞ୍ଚାଅ।'

24ମୋତେ ଶିକ୍ଷା ଦଅ। ତା' ଉତ୍ତାରେ ମୁଁ ନରବ ରହବ। ମୋତେ କୁହ ମୁଁ କ'ଣ ଭୁଲ କରୁଛ।

25ସାଧୁ ବାକ୍ୟ ବଡ଼ ଶକ୍ତଶାଳୀ, କନ୍ତୁ ତୁମ୍ଭର ଯୁକ୍ତ କଛ ପ୍ରମାଣ କରୁନାହିଁ।

26ତୁମ୍ଭେ କ'ଣ ମୋତେ ସମାଲୋଚନା କରବା ପାଇଁ ଯୋଜନା କରୁଛ ଯେ, ବନା କୌଣସି ଆଶାର ବକ୍ତା ପବନ ପର ଅଟେ।

27ତୁମ୍ଭ ଅନାଥଙ୍କର ଜନଷ ଜିତିବା ପାଇଁ ମଧ ଗୁଳାବାଣ୍ଟ କରବ, ତୁମ୍ଭେ ନଜର ବନ୍ଧୁକୁ ମଧ ବକ୍ରି କରଦେବ।

28ଏବେ ବର୍ତ୍ତମାନ ତୁମ୍ଭେ ମୋର ମୁହଁ ଦେଖି କୁହ ମୁଁ ତୁମ୍ଭକୁ ମିଛ କହବ? ନା!

29ସେଥିପାଇଁ ତୁମ୍ଭର ମନ ପରବର୍ତ୍ତନ କର ଓ ପକ୍ଷପାତ କର ନାହିଁ। ପୁନର୍ବାର ବଚାର କର ମୁଁ ନରୀହ ଅଟେ।

30ମୁଁ ମିଛ କହୁନାହିଁ। ଏବଂ ମୁଁ ଜାଣେ କେଉଁଟି ଭଲ ଓ ମନ୍ଦ।"

7 ଆୟୁବ ଉତ୍ତର ଦେଲା, "ପୃଥିବୀରେ କ'ଣ ମନୁଷ୍ୟ ସଂଗ୍ରାମ କରେ ନାହିଁ? ତା'ର ଜୀବନ ହେଉଛ ଜଣେ ବେତନ ପାଉଥିବା ଶ୍ରମିକର ଜୀବନ ସଦୃଶ।

2ମଣିଷ, ଜଣେ ଦାସ ଯେଉଁଭଳ ଦନର କଠିନ ଶ୍ରମ ପରେ ଶୀତଳ ଛାୟା ଚାହେଁ। ମଣିଷ ଜଣେ ମୂଲ ପାଉଥିବା ବ୍ୟକ୍ତ ଯେମିତି ତା'ର ବେତନ ଦନକୁ ଅପେକ୍ଷା କରେ।

3ଅନେକ ମାସ ମୋତେ ନରାଶ କର ରାତ୍ରି ପରେ ରାତ୍ରି କଷ୍ଟ ଦଆଯାଇ ଥିଲା।

4ଯେତେବେଳେ ମୁଁ ଶୟନ କରେ, ମୁଁ କହେ, 'ଆଉ କେତେ ସମୟ ପରେ ଶଯ୍ୟା ତ୍ୟାଗ କରବ।' ମାତ୍ର ରାତ୍ରି ଦୀର୍ଘ ହୁଏ। ଏବଂ ପ୍ରଭାତ ପର୍ଯ୍ୟନ୍ତ ମୁଁ ବଛଣାରେ ଛଟପଟ ହୁଏ।

5ଯଦଓ ମୋର ଶରୀର ପୋଷାକ ଆଚ୍ଛାଦତ ଏକ କୀଟ ଓ ଧୂଳର ସମାହାର। ମୋର ଚର୍ମ ଫାଟିଯାଏ ଏବଂ ବହୁଥିବା ଘାରେ ଢାଙ୍କି ହୋଇଛ।

6ମୋର ଦନଗୁଡ଼କ ଶୀଘ୍ର ଗତଯାଏ। ଏହା ତନ୍ତୀର ନଳୀଠାରୁ ଆହୁର ଦ୍ରୁତଗାମୀ। ଶେଷରେ ଜୀବନଟା କୌଣସି ଆଶାର ପୂରଣ ବନା ଶେଷ ହୋଇଯାଏ।

7ପରମେଶ୍ୱର, ମନେକର ମୋର ଜୀବନ କେବଳ ଗୋଟିଏ ପ୍ରଶ୍ୱାସ। ମୁଁ କେବେ ଆଉ କୌଣସି ଭଲ ବଷୟ ଦେଖିବ ନାହିଁ।

8ତୁମ୍ଭେ ବ ମୋତେ ଆଉ ଦେଖିବ ନାହିଁ। ତୁମ୍ଭେ ମୋତେ ଖୋଜିବ କନ୍ତୁ ମୁଁ ନ ଥିବ।

9ଭାସା ମେଘ ଅଦୃଶ୍ୟ ହେଲାପର, ଜଣେ ବ୍ୟକ୍ତ କବର* ଭିତରକୁ ଯାଏ ଏବଂ ସେ ସେଥିରୁ ଫେର ଆସେ ନାହିଁ।

10ସେ ଆଉ ତା'ର ଆପଣା ବାସଗୃହକୁ କେବେ ଆସିବ ନାହିଁ। ଏବଂ ତା'ର ସେ ପୁରୁଣା ଘର ମଧ ତାକୁ ଆଉ ଚହ୍ନିବ ନାହିଁ।

---

**କବର** ହିବ୍ରୁ ସିୟୋଲ, ମୃତ୍ୟୁଲୋକ, ମୃତ ଲୋକମାନେ ଯାଉଥିବା ସ୍ଥାନ।

11ତେଣୁ ମୁଁ ଆଉ ନୀରବ ରହିପାରିବି ନାହିଁ, ମୁଁ ମୋର
ଆତ୍ମାର ବେଦନା ପ୍ରକାଶ କରିବି। ମୁଁ ଅଭିଯୋଗ କରିବି
କାରଣ ମୋର ଆତ୍ମା ତିକ୍ତ ହୋଇଅଛି।
12ହେ ପରମେଶ୍ୱର, କାହିଁକି ତୁମ୍ଭେ ମୋତେ ପ୍ରହରୀ
ଦେଉଛ? ମୁଁ କ'ଣ ସମୁଦ୍ର ପରି ନା ସାମୁଦ୍ରିକ ରାକ୍ଷସ ପରି?
13ଯଦି ମୁଁ କହେ ମୋର ବିଛଣା ମୋତେ ଆନନ୍ଦ ଆଣି
ଦେବା ଉଚିତ୍। ମୋର ବିଛଣା ମୋତେ ବିଶ୍ରାମ ଓ ଶାନ୍ତି
ଆଣି ଦେବା ଉଚିତ୍।
14କିନ୍ତୁ ହେ ପରମେଶ୍ୱର, ମୋର ଶୟନ ସମୟରେ
ତୁମ୍ଭେ ମୋତେ ସ୍ୱପ୍ନରେ ଭୟ ଦେଖାଉଛ। ତା'ପରେ ତୁମ୍ଭେ
ମୋତେ ଦର୍ଶନରେ ଡରାଉଛ।
15ତେଣୁ ମୁଁ ବଞ୍ଚିବାଠାରୁ ଶ୍ୱାସରୋଧ ହୋଇ ମରିବାକୁ
ଅଧିକ ପସନ୍ଦ କରେ।
16ମୁଁ ଏ ଜୀବନକୁ ଘୃଣା କରେ। ମୁଁ ତ୍ୟାଗ କରୁଛି, ମୁଁ
ଅଧିକ ଦିନ ବଞ୍ଚିବି ନାହିଁ। ମୋତେ ଛାଡ଼, ମୋର ବଞ୍ଚିବାର
କିଛି ଅର୍ଥ ନାହିଁ।
17ହେ ପରମେଶ୍ୱର, କାହିଁକି ମଣିଷ ତୁମ୍ଭ ପାଇଁ ଏତେ
ମହତ୍ତ୍ୱପୂର୍ଣ୍ଣ। ତୁମ୍ଭେ କାହିଁକି ତାକୁ ସମ୍ମାନ ଦେବ? ତୁମ୍ଭେ
କାହିଁକି ତା'ପ୍ରତି ଧ୍ୟାନ ଦେବ?
18କାହିଁକି ମଣିଷକୁ ତୁମ୍ଭେ ପ୍ରତ୍ୟେକ ସକାଳରେ ସାକ୍ଷାତ
କର ଏବଂ ତା'ର ପ୍ରତ୍ୟେକ ମୂହୁର୍ତ୍ତକୁ ପରୀକ୍ଷା କର।
19ତୁମ୍ଭେ କେତେକାଳ ପର୍ଯ୍ୟନ୍ତ ମୋଠାରୁ ଆପଣା ଦୃଷ୍ଟି
ଦୂରେଇ ରଖିବ? ତୁମ୍ଭେ ମୋତେ ଏକାକି ବହୁକାଳ ପର୍ଯ୍ୟନ୍ତ
ଗ୍ରାସିତ ହେବାକୁ ଛାଡି ଦିଅ ନାହିଁ।
20ଯଦି ମୁଁ କିଛି ପାପ କରିଛି ତାହା କିପରି ତୁମ୍ଭକୁ
ଆଘାତ କରୁଛି? ଯିଏ ମଣିଷମାନଙ୍କ ଉପରେ ସତର୍କ ଦୃଷ୍ଟି
ରଖନ୍ତି। କାହିଁକି ତୁମ୍ଭେ ମୋତେ ଆପଣା ଲକ୍ଷ୍ୟ
ସ୍ୱରୂପ ରଖିଛ? ମୁଁ କ'ଣ ତୁମ୍ଭ ପାଇଁ କୌଣସି ସମସ୍ୟା
ହୋଇଛି?
21କାହିଁକି ତୁମ୍ଭେ ମୋତେ କ୍ଷମା କରୁ ନାହଁ, ଯଦି ମୁଁ
କିଛି ଅଧର୍ମ କରିଥାଏ? କାହିଁକି ମୋର କୌଣସି ପାପ କ୍ଷମା
କରୁନାହଁ?"

## ବିଲଦଦ୍ ଆୟୁବକୁ ଉତ୍ତର ଦେଲା

8 ବିଲ୍‌ଦଦ୍ ଶୂହୀୟକୁ ଉତ୍ତର ଦେଇ କହିଲା, ତୁମ୍ଭେ
କେତେକାଳ ଏହିପରି କଥା କହିବ?
2"ତୁମ୍ଭର କଥାସବୁ ପ୍ରବଳ ବାୟୁ ତୁଲ୍ୟ ଅଟେ।
3ପରମେଶ୍ୱର କ'ଣ ବିଚାରର ବିପରୀତ କରନ୍ତି କି?
ଅଥବା ସର୍ବଶକ୍ତିମାନ ନ୍ୟାୟର ବିପରୀତ କରନ୍ତି କି?
4ଯଦି ତୁମ୍ଭର ପୁତ୍ର କନ୍ୟାଗଣ ପରମେଶ୍ୱରଙ୍କ ବିରୁଦ୍ଧରେ
ପାପ କରିଅଛନ୍ତି, ସେଥିପାଇଁ ସେ ସେମାନଙ୍କୁ ସେମାନଙ୍କର
ଅପରାଧ ପାଇଁ ଶାସ୍ତି ପ୍ରଦାନ କରିଛନ୍ତି।
5କିନ୍ତୁ ବର୍ତ୍ତମାନ ଆୟୁବ ତୁମ୍ଭେ ପରମେଶ୍ୱରଙ୍କୁ ଦେଖ
ଏବଂ ସେହି ସର୍ବଶକ୍ତିମାନ ପରମେଶ୍ୱରଙ୍କୁ ପ୍ରାର୍ଥନା କର।
6ଯଦି ତୁମ୍ଭେ ଶୁଦ୍ଧ ଓ ନିର୍ଦ୍ଦୋଷ ତେବେ ସେ ନିଶ୍ଚିତ
ଭାବରେ, ସେ ତୁମ୍ଭକୁ ସାହାଯ୍ୟ କରିବେ ଏବଂ ତୁମ୍ଭର ଯଥାର୍ଥ
ବାସସ୍ଥାନକୁ ପୁନଃସ୍ଥାପନ କରିବେ।
7ତୁମ୍ଭର ପ୍ରଥମ ଅବସ୍ଥା ଯାହା ଥିଲା ତାହାଠାରୁ ତୁମ୍ଭକୁ
ସେ ଅଧିକ ଉନ୍ନତ କରିବେ।
8ପ୍ରାଚୀନ କାଳର ଲୋକମାନଙ୍କୁ ପଚାର ଓ ସେମାନଙ୍କ
ପୂର୍ବପୁରୁଷମାନେ ସେମାନଙ୍କୁ ଯାହା ଶିକ୍ଷା ଦେଇଥିଲେ, ତାକୁ
ମନୋଯୋଗ ଦେଇ ଶୁଣ।
9ଯାହା ଦେଖାଯାଉଛି, ସତେ ଯେମିତି ଆମ୍ଭେ ଗତକାଲି
ଜନ୍ମ ଗ୍ରହଣ କରିଛୁ। ଆମ୍ଭେ କିଛି ଜାଣି ନାହୁଁ ପୃଥିବୀରେ
ଆମ୍ଭର ଦିନ ଛାୟା ପରି।
10ସେହି ପୂର୍ବର ଲୋକମାନେ ତୁମ୍ଭକୁ ଶିକ୍ଷା ଦେବେ।
ସେମାନେ ଯାହା ଶିକ୍ଷା କରିଥିଲେ, ତୁମ୍ଭକୁ ତାହା ଶିକ୍ଷା
ଦେବେ।
11ବିଲଦଦ୍ ଉତ୍ତର ଦେଲା, "ଶୁଖିଲା ଭୂମିରେ
କ'ଣ ନଳବଣ ବଢିପାରେ? ଜଳବିନା କ'ଣ ସନ୍ତରି
ବଢିପାରେ।
12ଯଦି ଜଳ ଶୁଖିଯାଏ, ସେହିସବୁ ବୃକ୍ଷ ମଧ୍ୟ ଶୁଖିଯିବ
ଏପରିକି ଯେତେବେଳେ ସେମାନେ ବଢୁଥିଲା ବେଳେ ଅନ୍ୟ
କୌଣସି ବୃକ୍ଷ ପୂର୍ବରୁ ସେମାନେ ଶୁଖି ଯାଆନ୍ତି।
13ଯେଉଁ ଲୋକମାନେ ପରମେଶ୍ୱରଙ୍କୁ ଭୁଲି ଯାଆନ୍ତି
ସେମାନେ ସେହି ଘାସ ସଦୃଶ। ପରମେଶ୍ୱରଙ୍କୁ ଭୁଲି ଯାଇଥିବା
ଲୋକର କୌଣସି ଆଶା ନ ଥାଏ।
14ସେ ଲୋକର ଆଉ ଯିବା ପାଇଁ କିଛି ନାହିଁ। ତା'ର
ସୁରକ୍ଷା ବୁଢିଆଣୀର ଜାଲପରି।
15ସେ ଯଦି ତା' ଉପରେ ଆଉଜି ପଡେ, ତାହା
ଛିଣ୍ଡିଯିବ। ସେ ତାକୁ ଧରି ରଖିଲେ ଏହା ତାକୁ ଧରି ରଖି
ପାରିବ ନାହିଁ।
16ସେହି ବ୍ୟକ୍ତି ଏକ ଲତା ସଦୃଶ ଯିଏ ପ୍ରଚୁର ପାଣି ଓ
ସୂର୍ଯ୍ୟ କିରଣରେ ବଢେ। ତାହାର ଶାଖା ପ୍ରଶାଖା ସମସ୍ତ
ଉଦ୍ୟାନରେ ବ୍ୟାପି ଥାଏ।
17ଏହା ତା'ର ଚେର ଦ୍ୱାରା ଗଦାଏ ପଥରକୁ ଗୁଡାଇ
ଦିଏ।
18ଯଦି ସେହି ଲତାକୁ ତା'ର ନିଜ ସ୍ଥାନରୁ ବିଚ୍ୟୁତ
କରାଯାଏ ଏହା ମରିଯିବ ଏବଂ କେହି ଜାଣିପାରିବେ ନାହିଁ।
ପୂର୍ବରୁ ଏପରି ଏକ ଲତା ଏଠାରେ ଥିଲା।
19କିନ୍ତୁ ସେ ଗଛ ଖୁସି ଥିଲା। ତାହା ଜାଗାରେ ଅନ୍ୟ
ଏକ ଲତା ମାଡ଼ିବ।
20ପରମେଶ୍ୱର ଅନ୍ୟାୟସବୁକୁ କେବେ ପ୍ରତ୍ୟାଖାନ
କରନ୍ତି ନାହିଁ କି ଦୁଷ୍ଟ ଲୋକକୁ ସାହାଯ୍ୟ କରନ୍ତି ନାହିଁ।
21ପରମେଶ୍ୱର ପୁଣି ତୁମ୍ଭ ମୁଖରେ ହସ ଫୁଟାଇବେ।
ତୁମ୍ଭେ ଓଠରେ ଖୁସିର ଶବ୍ଦ ଭରି ଦେବେ।
22ତୁମ୍ଭର ଶତ୍ରୁମାନେ ଲଜ୍ଜାର ପୋଷାକ ପିନ୍ଧିବେ ଓ ଦୁଷ୍ଟ
ଲୋକର ଗୃହ ଗୁଡ଼ିକ ଧ୍ୱଂସ ହେବ।"

## ଆୟୁବ ବିଲଦଦକୁ ଉତ୍ତର ଦେଲା

9 ତା'ପରେ ଆୟୁବ ବିଲଦଦକୁ ଉତ୍ତର ଦେଲା।
2"ହଁ, ଏହା ସତ୍ୟ ବୋଲି ମୁଁ ଜାଣେ ଯାହା
ତୁମ୍ଭେ କହୁଛ। ଜଣେ ପରମେଶ୍ୱରଙ୍କୁ ଯୁକ୍ତିରେ କିପରି ଜିତି
ପାରିବ?

3ଜଣେ ବ୍ୟକ୍ତି ପରମେଶ୍ୱରଙ୍କ ସହିତ ବାଦାନୁବାଦ କରିପାରିବ
ନାହିଁ। ପରମେଶ୍ୱର ତାକୁ 1000 ପ୍ରଶ୍ନ କରିପାରନ୍ତି ସେ
କିନ୍ତୁ ଗୋଟିକର ଉତ୍ତର ମଧ୍ୟ ଦେଇ ପାରିବ ନାହିଁ।
4ପରମେଶ୍ୱର ଅତି ବିଜ୍ଞ ଓ ଶକ୍ତିଶାଳୀ ଅଟନ୍ତି। କେହି
ତାଙ୍କ ବିରୁଦ୍ଧରେ ଛିଡ଼ା ହୋଇ କେବେ ଅକ୍ଷତ ରହିପାରିବ
ନାହିଁ।
5ପରମେଶ୍ୱର କ୍ରୋଧ ହେଲେ ପର୍ବତକୁ ମଧ୍ୟ ତା' ନିଜ
ସ୍ଥାନରୁ ହଟାଇ ଦେଇ ପାରନ୍ତି। ଏବଂ ସେହି ପର୍ବତ ମଧ୍ୟ
ନିଜେ ଜାଣିପାରେ ନାହିଁ।
6ପରମେଶ୍ୱର ଇଚ୍ଛାକଲେ ଭୂମିକମ୍ପ ସୃଷ୍ଟି କରି ପୃଥିବୀକୁ
ହଲାଇ ପାରନ୍ତି। ପରମେଶ୍ୱର ପୃଥିବୀର ମୂଳଦୁଆ ଦୋହଲାଇ
ଦେଇ ପାରନ୍ତି।
7ପରମେଶ୍ୱର ସୂର୍ଯ୍ୟକୁ କହି ତା'ର ଉଦୟ ହେବାକୁ ବନ୍ଦ
କରିଦେଇ ପାରନ୍ତି। ସେ ତାରାଗଣକୁ ଚମକିବା ବନ୍ଦ କରି
ଦେଇପାରନ୍ତି।
8ପରମେଶ୍ୱର ଏକାକୀ ଆକାଶକୁ ବିସ୍ତାର କରିଛନ୍ତି।
ପରମେଶ୍ୱର ସମୁଦ୍ରର ତରଙ୍ଗ ଉପରେ ଚାଲନ୍ତି।
9ପରମେଶ୍ୱର ନକ୍ଷତ୍ରପୁଞ୍ଜ, ତାରାଗଣ ଓ ସପ୍ତର୍ଷିମଣ୍ଡଳ
ନିର୍ମାଣ କରିଛନ୍ତି। ସେ ଗ୍ରହ ନିର୍ମାଣ କରିଛନ୍ତି। ଯାହା ଦକ୍ଷିଣ
ଆକାଶକୁ ପାରିକରେ।
10ପରମେଶ୍ୱର ଅନେକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରନ୍ତି,
ଯାହା ଲୋକେ ବୁଝି ପାରନ୍ତି ନାହିଁ। ପରମେଶ୍ୱରଙ୍କ ଆଶ୍ଚର୍ଯ୍ୟ
କାର୍ଯ୍ୟର କୌଣସି ଶେଷ ନାହିଁ।
11ପରମେଶ୍ୱର ମୋ ନିକଟରେ ଗମନ କରନ୍ତି। କିନ୍ତୁ ମୁଁ
ତାଙ୍କୁ ଦେଖେ ନାହିଁ। ପରମେଶ୍ୱର ଯେତେବେଳେ ମୋ
ନିକଟ ଦେଇ ଯାଆନ୍ତି। ମୁଁ ତାଙ୍କୁ ଚିହ୍ନିପାରେ ନାହିଁ।
12ଯଦି ପରମେଶ୍ୱର କାହାଠାରୁ କିଛି ଛଡ଼ାଇ ନିଅନ୍ତି କିଏ
ତାଙ୍କୁ ମନାକରି ପାରିବ। କିଏ ତାଙ୍କୁ କହି ପାରିବ, 'ତୁମ୍ଭେ
କ'ଣ କରୁଛ?'
13ପରମେଶ୍ୱର ତାଙ୍କ କ୍ରୋଧ ଧରିରଖି ପାରିବେ ନାହିଁ।
ରାହବର ସାହାଯ୍ୟକାରୀମାନେ ମଧ୍ୟ ତାଙ୍କୁ ଭୟ କରନ୍ତି।
14ତେଣୁ ମୁଁ ପରମେଶ୍ୱରଙ୍କ ସହିତ ଯୁକ୍ତି କରିପାରିବ
ନାହିଁ ଏବଂ ତାଙ୍କୁ କ'ଣ କହିବ ତାହା ମଧ୍ୟ ଜାଣି ନାହିଁ।
15ମୁଁ ନିରୀହ, କିନ୍ତୁ ମୁଁ ତାଙ୍କୁ ଉତ୍ତର ଦେଇପାରିବ
ନାହିଁ। ମୁଁ ମୋର ବିଚାରକର୍ତ୍ତାଙ୍କୁ ଦୟା ପାଇଁ ଭିକ୍ଷା କରିପାରେ।
16ମୁଁ ତାଙ୍କୁ ଯଦି ଡାକେ ଏବଂ ସେ ମୋତେ ଉତ୍ତର
ଦିଅନ୍ତି, ମୁଁ ତଥାପି ବିଶ୍ୱାସ କରେ ନାହିଁ ଯେ ସେ ମୋର
କଥା ଶୁଣିବେ।
17ପରମେଶ୍ୱର ମୋତେ ଚକଟି ଦେବା ପାଇଁ ଝଡ
ପଠାଇବେ, କୌଣସି କାରଣ ନଥାଇ ସେ ମୋତେ ଅଧିକ
ଆଘାତ କରିବେ।
18ପରମେଶ୍ୱର ମୋତେ ପୁନର୍ବାର ନିଶ୍ୱାସ ନେବାକୁ
ଦେବେ ନାହିଁ, କିନ୍ତୁ ଅଧିକ କଷ୍ଟ ଦେବେ।
19ମୁଁ ପରମେଶ୍ୱରଙ୍କୁ ପରାସ୍ତ କରିପାରିବ ନାହିଁ। ପରମେଶ୍ୱର
ଅତ୍ୟନ୍ତ ପରାକ୍ରମଶାଳୀ, ମୁଁ ତାଙ୍କୁ ନ୍ୟାୟାଳୟକୁ ନେଇ ପାରିବ
ନାହିଁ। ଏବଂ ମୋ ପ୍ରତି ସଦୟ ହେବାକୁ ବାଧ୍ୟ କରିପାରିବ
ନାହିଁ। କିଏ ତାଙ୍କୁ ନ୍ୟାୟାଳୟକୁ ଆସିବାକୁ ବାଧ୍ୟ କରିପାରିବ।
20ମୁଁ ନିରୀହ ହେଲେ ହେଁ ମୋ ନିଜ କଥା ମୋତେ
ଦୋଷୀ ସାବ୍ୟସ୍ତ କରିବ। ମୁଁ ନିର୍ଦ୍ଦୋଷ ଏବଂ ମୁଁ ଯାହା କହୁଛି
ତାହା ମୋତେ ଦୋଷୀ ସାବ୍ୟସ୍ତ କରୁଛି।
21ମୁଁ ନିରୀହ, କିନ୍ତୁ କ'ଣ ଚିନ୍ତା କରିବାକୁ ପଡ଼ିବ ମୁଁ
ଜାଣେ ନାହିଁ। ମୋ ଜୀବନକୁ ମୁଁ ଘୃଣା କରେ।
22ମୁଁ ନିଜକୁ କହେ, 'ସମସ୍ତଙ୍କ ପ୍ରତି ସମାନ ଘଟଣା
ଘଟେ। ନିରୀହ ଲୋକ ମଧ୍ୟ ଦୋଷୀ ବ୍ୟକ୍ତିଭଳି ମରନ୍ତି।
ପରମେଶ୍ୱର ସମସ୍ତଙ୍କୁ ସଂହାର କରନ୍ତି।'
23ଯଦି ହଠାତ୍ କିଛି ଭୟଙ୍କର ଘଟଣା ଘଟେ ଓ ଜଣେ
ନିରୀହ ବ୍ୟକ୍ତି ପ୍ରାଣ ହରାଏ, ପରମେଶ୍ୱର କ'ଣ ନିର୍ଦ୍ଦୋଷର
ମୃତ୍ୟୁରେ କେବଳ ହସି ପାରିବେ?
24ଯେତେବେଳେ ଜଣେ ଦୁଷ୍ଟ ବ୍ୟକ୍ତି କୌଣସି ଜାଗା
ଅଧିକାର କରେ, ପରମେଶ୍ୱର ସେହି ନେତାଙ୍କୁ ଗତିରୋଧ
କରନ୍ତି, ଯାହାସବୁ ଘଟୁଛି ତାକୁ ଦେଖି? ଯଦି ପରମେଶ୍ୱର
ତାହା ନ କରନ୍ତି, ତେବେ କିଏ?
25ମୋର ଦିନ ସବୁ ଶୀଘ୍ର ଗତି ଚାଲିଛି ଜଣେ ଦୌଡ଼ାଳି
ଭଳି। ମୋର ଦିନ ସବୁ ଗତି ଚାଲିଛି। ମୋ ଜୀବନରେ
କୌଣସି ସୁଖ ନାହିଁ।
26ମୋର ଦିନ ସବୁ ଗତି ଯାଉଛି ବେଗଶାଳୀ ନଳତୃଣ
ନିର୍ମିତ ଜାହାଜ ଭଳି ଓ ଶିକାର ଉପରେ ଝାମ୍ପ ଦେବାକୁ
ଉଦ୍ୟତ ଉତ୍କ୍ରୋଶ ପକ୍ଷୀଭଳି।
27ମୁଁ ଯଦି କହେ, 'ମୁଁ ଅଭିଯୋଗ କରିବ ନାହିଁ, ମୁଁ
ମୋର ଯନ୍ତ୍ରଣା ଭୁଲି ଯିବି। ମୋ ମୁହଁରେ ହସ ଫୁଟାଇବି।'
28ଏହା ପ୍ରକୃତରେ କିଛି ପରିବର୍ତ୍ତନ ଘଟାଏ ନାହିଁ, ସେହି
ଯନ୍ତ୍ରଣା ଏବେ ବି ମୋତେ ଭୟଭୀତ କରେ।
29ମୁଁ ଦୋଷୀ ସାବ୍ୟସ୍ତ ହୋଇସାରିଛି, ତେଣୁ କାହିଁ ବୃଥା
ପରିଶ୍ରମ କରିବ। ତେଣୁ ମୁଁ କହୁଛି, 'ସବୁକିଛି ଭୁଲିଯାଅ।'
30ଯଦି ମୁଁ ବରଫରେ ନିଜକୁ ଧୌତ କରେ। ମୁଁ
ହାତଗୁଡ଼ିକୁ ସାବୁନରେ ଧୋଇ ସଫା କରେ।
31ତଥାପି ପରମେଶ୍ୱର ମୋତେ ଖସଡ଼ା ଗାତ ମଧ୍ୟକୁ
ଠେଲି ଦେବେ। ତା'ପରେ ମୋର ନିଜର ବସ୍ତ୍ର ମୋତେ ଘୃଣା
କରିବ।
32ପରମେଶ୍ୱର ମୋଭଳି ମନୁଷ୍ୟ ନୁହନ୍ତି ଯେ ମୁଁ ତାହାଙ୍କୁ
ଉତ୍ତର ଦେବି। ଆମ୍ଭେ କେବେ ଗୋଟିଏ ନ୍ୟାୟାଳୟରେ
ଏକତ୍ର ପରସ୍ପର ସାକ୍ଷାତ ହୋଇପାରିବ ନାହିଁ।
33ମୁଁ ଚାହେଁ କିଏ ମଧ୍ୟସ୍ଥ ହୁଅନ୍ତା, ଯିଏ
ଦୁଇପକ୍ଷର କଥା ଶୁଣି ଏବଂ ଆମ୍ଭକୁ ଏକତ୍ର ଆଣନ୍ତା, କିନ୍ତୁ
କେହି ନାହିଁ।
34ମୁଁ ଚାହେଁ କେହି ପରମେଶ୍ୱରଙ୍କ ଦଣ୍ଡ ଦେବାର
ବାଡ଼ିଟିକୁ ତାଙ୍କଠାରୁ ନେଇ ଯାଆନ୍ତା? ତେବେ ପରମେଶ୍ୱର
ମୋତେ ଭୟଭୀତ କରନ୍ତେ ନାହିଁ।
35ତେବେ ମୁଁ କହନ୍ତି, ଯାହା ମୁଁ କହିବାକୁ ଚାହେଁ
ପରମେଶ୍ୱରଙ୍କୁ ଭୟ ନକରି। କିନ୍ତୁ ବର୍ତ୍ତମାନ ତାହା ମୁଁ
କହିପାରିବ ନାହିଁ।

**10** ମୁଁ ମୋର ନିଜର ପ୍ରାଣକୁ ଘୃଣା କରେ ତେଣୁ ମୁଁ
ସ୍ୱଚ୍ଛନ୍ଦରେ ମୋର ଅଭିଯୋଗ କରିବ। ମୋର ଆତ୍ମା
ତିକ୍ତ ହୋଇ ଗଲାଣି। ତେଣୁ ବର୍ତ୍ତମାନ ମୁଁ କହିପାରିବ।

2ମୁଁ ପରମେଶ୍ୱରଙ୍କୁ କହ ପାରବ, 'ମୋତେ କଳଙ୍କିତ
କର ନାହିଁ। ମୋତେ କେବଳ ଏତିକି କୁହନ୍ତୁ, ମୁଁ କ'ଣ
ଭୁଲ କରଛି। ଆପଣଙ୍କର ମୋ ବପକ୍ଷରେ କ'ଣ କହବାର
ଅଛି।
3ଯେତେବେଳେ ପରମେଶ୍ୱର, ମୋତେ ଆଘାତ କରନ୍ତ,
ତାହା କ'ଣ ତୁମ୍ଭକୁ ଖୁସି କରେ? ଏପର ଦେଖାଯାଉଛି
ଯେପର ତୁମ୍ଭେ ଯାହାକୁ ଗଢ଼ିଛ, ତାହାର କୌଣସି ଯତ୍ନ
ନେଉନାହିଁ। କନ୍ତୁ ତୁମ୍ଭେ ଦୁଷ୍ଟ ଲୋକଙ୍କର ଯୋଜନାରେ
ଖୁସି।
4ହେ ପରମେଶ୍ୱର, ତୁମ୍ଭର କ'ଣ ଚର୍ମର ଚକ୍ଷୁ ଅଛି।
ମନୁଷ୍ୟମାନେ ଯେପର ଦେଖନ୍ତ, ତୁମ୍ଭେ କ'ଣ ସେପର
ଦେଖ।
5ତୁମ୍ଭର ଆୟୁ କ'ଣ ମନୁଷ୍ୟର ଆୟୁ ଭଳ କ୍ଷୀଣ। ତୁମ୍ଭର
ଜୀବନ କ'ଣ ମନୁଷ୍ୟର ଜୀବନଭଳ କ୍ଷଣସ୍ଥାୟୀ?
6ତୁମ୍ଭେ ମୋର ଅଧର୍ମ ଓ ପାପକୁ ଖୋଜୁଛ।
7ତୁମ୍ଭେ ତ ଜାଣ ମୁଁ ନର୍ଦ୍ଦୋଷ। କନ୍ତୁ ତୁମ୍ଭ ହାତରୁ
ମୋତେ କେହ ଉଦ୍ଧାର କରପାରବେ ନାହିଁ।
8ହେ ପରମେଶ୍ୱର, ତୁମ୍ଭେ ମୋତେ ତୁମ୍ଭ ହାତରେ
ଗଢ଼ିଛ। ମୋର ଶରୀରକୁ ତୁମ୍ଭେ ନର୍ମାଣ କରଛ। କନ୍ତୁ
ବର୍ତ୍ତମାନ ତୁମ୍ଭେ ବଦଳଛ ଏବଂ ମୋତେ ଧ୍ୱଂସ କରଛ।
9ହେ ପରମେଶ୍ୱର, ତୁମ୍ଭେ ମନେରଖ ତୁମ୍ଭେ ମୋତେ
ମାଟି ତୁଲ୍ୟ ତିଆର କରଥିଲ। ପୁଣି ମୋତେ ଧୂଳରେ
ମିଶାଇ ଦେବ କି?
10ତୁମ୍ଭେ କ୍ଷୀର ପର ମୋତେ ଢାଳ ଦେଇଛ, ତୁମ୍ଭେ
ଛେନା ପର ମୋତେ ଘୁରାଅ ଏବଂ ଚପୁଡ ଦଅ।
11ଏବେ ତୁମ୍ଭେ ମୋତେ ହାଡ ଓ ଶିରାରେ ମୋର
ଶରୀର ଗଢ଼ିଛ ତା'ପରେ ଚର୍ମ ଓ ମାଂସରେ ମୋର ଶରୀର
ଆଚ୍ଛାଦତ କରଛ।
12ତୁମ୍ଭେ ମୋତେ ଜୀବନ ଦାନ କରଛ ଏବଂ ମୋତେ
ଦୟା ଦେଖାଇଛ। ତୁମ୍ଭେ ମୋର ଯତ୍ନ ନେଇଛ ଏବଂ ମୋର
ଆତ୍ମାର ପର୍ଯ୍ୟବେକ୍ଷକ ହୋଇଛ।
13ତଥାପି ଏସବୁ ବିଷୟ ତୁମ୍ଭେ ତୁମ୍ଭ ହୃଦୟରେ ଗୋପନ
ରଖିଥିଲ ମୁଁ ଜାଣେ ଏହା ତୁମ୍ଭ ମନର ଗୋପନ ଅଭିପ୍ରାୟ।
ହିଁ, ମୁଁ ଜାଣେ ଏହାହିଁ ତୁମ୍ଭ ମନର ବିଗ୍ରର।
14ଯଦ ମୁଁ ପାପ କରଛ, ତୁମ୍ଭେ ମୋତେ ଦେଖିବ,
ଯେହେତୁ ତୁମ୍ଭେ ମୋତେ ଅଧର୍ମ କରଥିବାରୁ ଶାସ୍ତି ଦେବ।
15ମୁଁ ଯେତେବେଳେ ପାପ କରେ, ମୁଁ ଦୋଷୀ ହୁଏ
ଏବଂ ତାହା ମୋ ପ୍ରତି ବହୁତ ଖରାପ। ଯଦଓ ମୁଁ ନର୍ଦ୍ଦୋଷ
ମୁଁ ମୁଣ୍ଡ ଟେକ ପାରେ ନାହିଁ। ମୁଁ ଏତେ ଲଜ୍ଜିତ ଓ ବଚଳତ
ହୁଏ।
16ଯଦ ମୋ ଜୀବନରେ କଛି ସଫଳତା ଆସିଛି ଏବଂ
ଯେଉଁଥିପାଇଁ ମୁଁ ଗର୍ବତ ବା ମୁଣ୍ଡ ଟେକ ବାଟ ଚ୍ଚଲବାର
ଶକ୍ତି ହାସଲ କରଛ ତଥାପି ସିଂହକୁ ଶିକାର କଲାପର ତୁମ୍ଭେ
ମୋତେ ସଂହାର କରୁଛ। ଏବେ ପୁନର୍ବାର ତୁମ୍ଭେ ତୁମ୍ଭର
ଶକ୍ତିକୁ ମୋ ବରୁଦ୍ଧରେ ପ୍ରୟୋଗ କରୁଛ।
17ତୁମ୍ଭେ ନୂଆ ସାକ୍ଷୀମାନଙ୍କୁ ମୋ ବରୁଦ୍ଧରେ ନେଇଆସ
ମୋତେ ଅଧର୍ମ ପ୍ରମାଣିତ କରବା ପାଇଁ। ତୁମ୍ଭେ ଆପଣା
ରାଗକୁ ମୋ ଉପରେ ବାରମ୍ବାର ନାନା ପ୍ରକାରରେ ବୃଦ୍ଧି
କରୁଛ। ତୁମ୍ଭେ ସୈନ୍ୟ ପରେ ସୈନ୍ୟ ମୋ ବରୁଦ୍ଧରେ
ପଠାଇଛ।
18ହେ ପରମେଶ୍ୱର, ତୁମ୍ଭେ ମୋତେ କାହିଁକି ଜନ୍ମ
ହେବାକୁ ଦେଲ? ମୁଁ ଇଚ୍ଛା କରେ କେହ ମୋତେ ଦେଖିବା
ପୂର୍ବରୁ ମରଯାଇଥାଆନ୍ତି।
19ମୋତେ ଭଲ ହୋଇଥାଆନ୍ତା ଯଦ ମୁଁ ବଞ୍ଚିନଥାଆନ୍ତି।
କି ମାତୃଗର୍ଭରୁ ସିଧା କବରକୁ ଯାଇଥିଲେ ଭଲ ହୋଇଥାନ୍ତା।
20ମୋର ଜୀବନ ପ୍ରାୟ ଶେଷ ହୋଇଯାଇଛି, ତେଣୁ
ମୋତେ ଛାଡ଼ ଦଅ। ଯାହା କଛି ଅଳ୍ପ ସମୟ ଜୀବନର
ବାକ ଅଛି, ଆନନ୍ଦ କରବାକୁ ଦଅ।
21ପୂର୍ବରୁ ମୁଁ ସେହ ସ୍ଥାନକୁ ଯିବି ଯେଉଁଠାରୁ କେହ
କେବେ ଫେରେ ନାହିଁ। ଯାହା ମୃତ୍ୟୁ ଓ ଅନ୍ଧକାର ଅଟେ।
22ମୋର ଯେଉଁ ଅଳ୍ପ ଅବଶିଷ୍ଟ ଜୀବନ ବାକ ଅଛି ତାକୁ
ଭୋଗ କରବାକୁ ଦଅ ସେହ ଦେଶକୁ ଯିବା ପୂର୍ବରୁ ଯାହାକୁ
କେହ କେବେ ଦେଖି ନାହିଁ, ସେହ ଅନ୍ଧକାର ଅବ୍ୟବସ୍ଥା
ରାଜ୍ୟରେ ଆଲୋକ ମଧ ଘନ ଅନ୍ଧକାର ସମାନ ଅଟେ।'"

## ସୋଫର ଆୟୁବକୁ ଉତ୍ତର ଦେଲା

11 ଏହାପରେ ନାମଥାୟ ସୋଫର ଆୟୁବକୁ ଉତ୍ତର
ଦେଇ କହଲା।
2"ଏତେ ଶବ୍ଦର ବନ୍ୟାର କଛି ଉତ୍ତର ଦଆଯିବ ନାହିଁ
କି। ଏହା କ'ଣ ଆୟୁବର ନର୍ଦ୍ଦୋଷତା ପ୍ରମାଣ କରୁଛି? ନାଁ।
3ତୁମ୍ଭେ କ'ଣ ଭାବୁଛ ଆୟୁବ ଆମ୍ଭ ପାଖରେ ତୁମ୍ଭକୁ
ଉତ୍ତର ଦେବାକୁ କଛି ନାହିଁ। ତୁମ୍ଭେ ପରମେଶ୍ୱରଙ୍କୁ ପରହାସ
କଲ, ଲୋକେ କ'ଣ ତୁମ୍ଭକୁ ଚେତାବନୀ ନ ଶୁଣାଇ
ନୀରବରେ ତାହା ସହ୍ୟ କରବେ।
4ଆୟୁବ ତୁମ୍ଭେ ପରମେଶ୍ୱରଙ୍କୁ କହୁଛ, 'ମୋର ଯୁକ୍ତିତର୍କ
ସବୁ ଠିକ୍ ଏବଂ ମୁଁ ତୁମ୍ଭ ଦୃଷ୍ଟିରେ ପବତ୍ର।'
5ଆୟୁବ, ଆହା ସତରେ ଯଦ ପରମେଶ୍ୱର ତୁମ୍ଭକୁ କଥା
କହନ୍ତେ ଏବଂ କହନ୍ତେ ତୁମ୍ଭେ ଭଲ।
6ପରମେଶ୍ୱର ତୁମ୍ଭକୁ ଜ୍ଞାନର ନଗୂଢ଼ ରହସ୍ୟ ବିଷୟରେ
କହନ୍ତେ ଏବଂ ସେ କହ ପାରନ୍ତେ କପର ଗୋଟିଏ ଗପର
ଦୁଇଟି ପାଖ ରହଛି। ଆୟୁବ ତୁମ୍ଭେ ଶୁଣ, ପରମେଶ୍ୱର
ତୁମ୍ଭକୁ ଦଣ୍ଡ ଦେଉ ନାହାଁନ୍ତି ଯେତିକି ସେ ତୁମ୍ଭକୁ ଦେବା
କଥା।
7ଆୟୁବ, ତୁମ୍ଭେ କ'ଣ ସତରେ ପରମେଶ୍ୱରଙ୍କୁ ବୁଝିଅଛ?
ତୁମ୍ଭେ କ'ଣ ସତରେ ସର୍ବଶକ୍ତିମାନ ପ୍ରଭୁଙ୍କର ସୀମା
ବୁଝିପାରୁଛ?
8ସେଗୁଡକ ସ୍ୱର୍ଗ ଅପେକ୍ଷା ଉଚ୍ଚରେ। ସେଗୁଡକ ବିଷୟରେ
ତୁମ୍ଭେ କ'ଣ କରପାରବ? ସେଗୁଡକ କବର ଅପେକ୍ଷା
ଗଭୀର। ତୁମ୍ଭେ ସେହ ବିଷୟରେ କ'ଣ ଜାଣ?
9ପରମେଶ୍ୱର ପୃଥିବୀଠାରୁ ଉଚ୍ଚ ଗରୀୟାନ ସମୁଦ୍ରଠାରୁ
ଆହୁର ଗଭୀର।
10ଯଦ ପରମେଶ୍ୱର ତୁମ୍ଭକୁ ବନ୍ଦୀକର ବିଚାର ସଭାରେ
ଉପସ୍ଥାପିତ କରାନ୍ତ, କିଏ ତାକୁ ବାରଣ କରବ।
11ସତରେ ପରମେଶ୍ୱର ଜାଣନ୍ତ କିଏ ଅଯୋଗ୍ୟ। ପରମେଶ୍ୱର

ଯେତେବେଳେ ମନ୍ଦ ବିଷୟ ଦେଖନ୍ତି, ସେ ତାହା ମନେ
ପକାନ୍ତି।
12ଗୋଟିଏ ବଣୁଆ ଗଧ ମଣିଷକୁ ଜନ୍ମ ଦେଇପାରେ
ନାହିଁ। ଜଣେ ବୋକା କେବେ ଜ୍ଞାନୀ ହୋଇପାରିବ ନାହିଁ।
13କିନ୍ତୁ ଆୟୁବ ତୁମ୍ଭେ ଯଥାର୍ଥରୂପେ ଅନ୍ତରର ସହିତ
ପରମେଶ୍ୱରଙ୍କ ସେବାପାଇଁ ପ୍ରସ୍ତୁତ ହେବା ଉଚିତ। ଏବଂ ତାଙ୍କ
ଉପାସନା ପାଇଁ ତୁମ୍ଭର ଦୁଇହାତ ପ୍ରସାରିତ କର।
14ଯଦି ତୁମ୍ଭ ହାତରେ ପାପ ବା ଅଧର୍ମ ଥାଏ ତା'ହେଲେ
ତାକୁ ଦୂର କର ଓ ଅନ୍ୟାୟକୁ ତୁମ୍ଭ ଗୃହରେ ବାସ
କରିବାକୁ ଦିଅନାହିଁ।
15ତା'ପରେ ତୁମ୍ଭେ ଲଜ୍ଜ୍ୟାରହିତ ହୋଇ ପରମେଶ୍ୱରଙ୍କୁ
ଦେଖି ପାରିବ ଏବଂ ତୁମ୍ଭେ ବିନା ଭୟରେ ପରମେଶ୍ୱରଙ୍କ
ଆଗରେ ଶକ୍ତିଶାଳୀ ହୋଇ ଛିଡା ହୋଇ ପାରିବ।
16ତା'ପରେ ତୁମ୍ଭେ ତୁମ୍ଭର ବିପଦକୁ ଭୁଲିଯିବ। ବହିଗଲା
ଜଳ ପରି ତୁମ୍ଭର ସମସ୍ତ ଦୁଃଖ ଦୂର ହୋଇଯିବ।
17ତା'ପରେ ତୁମ୍ଭର ଜୀବନ ମଧ୍ୟାହ୍ନର ସୂର୍ଯ୍ୟ କିରଣଠାରୁ
ଆହୁରି ନିର୍ମଳ ହେବ। ଜୀବନର ଅନ୍ଧକାରମୟ ସମୟଗୁଡ଼ିକ
ପ୍ରଭାତର ସୂର୍ଯ୍ୟ ତୁଲ୍ୟ ଚକ୍‌ଚକ୍ ହେବ।
18ପରମେଶ୍ୱର ତୁମ୍ଭର ଯତ୍ନ ନେବେ ଏବଂ ତୁମ୍ଭକୁ ଶାନ୍ତି
ଦେବେ। ତା'ପରେ ତୁମ୍ଭେ ତୁମ୍ଭର ଚତୁଃପାର୍ଶ୍ୱକୁ ଅନାଇବ
ଏବଂ ନିରାପଦରେ ବିଶ୍ରାମ ନେବ।
19ତୁମ୍ଭେ ଶାନ୍ତିରେ ଶୋଇପାରିବ! କେହି ତୁମ୍ଭକୁ ବିବ୍ରତ
କରିପାରିବେ ନାହିଁ। ତୁମ୍ଭର ସାହାଯ୍ୟ ପାଇଁ ବହୁ ଲୋକ ତୁମ୍ଭ
ନିକଟକୁ ଆସିବେ।
20ଦୁଷ୍ଟ ଲୋକମାନଙ୍କର ଚକ୍ଷୁ ସେମାନଙ୍କୁ ବିଫଳତା
ଦେବ। ଦୁଷ୍ଟ ଲୋକ ସାହାଯ୍ୟ ପାଇଁ ହାତ ବଢାଇ ପାରନ୍ତି।
କିନ୍ତୁ ସେମାନେ ତାଙ୍କ ଅସୁବିଧାରୁ ରକ୍ଷା ପାଇପାରିବେ ନାହିଁ।
ସେମାନଙ୍କର ଆଶା କେବଳ ମୃତ୍ୟୁ ଆଡକୁ ନେଇଯାଏ।"

## ଆୟୁବ ସୋଫରଙ୍କୁ ଉତ୍ତର ଦେଲା

12 ତା'ପରେ ଆୟୁବ ସେମାନଙ୍କୁ ଉତ୍ତର ଦେଇ କହିଲା,
2"ତୁମ୍ଭେ ଭାବୁଛ ତୁମ୍ଭେ କେବଳ ଜ୍ଞାନୀ ଲୋକ।
ତୁମ୍ଭେ ଭାବୁଛ ତୁମ୍ଭେ ମରିଗଲେ ତୁମ୍ଭ ସହିତ ଜ୍ଞାନ ମଧ୍ୟ
ମରିଯିବ।
3କିନ୍ତୁ ମୋର ମନ ତୁମ୍ଭର ମନ ଭଳି ଭଲ। ମୁଁ ତୁମ୍ଭ
ଠାରୁ ନ୍ୟୁନ ନୁହେଁ। ଯେ କୌଣସି ଲୋକ ଏହା ସତ୍ୟ
ବୋଲି ଦେଖିପାରିବ।
4ମୁଁ ମୋର ବନ୍ଧୁମାନଙ୍କର ହାସ୍ୟାସ୍ପଦର ପାତ୍ର ହୋଇଅଛି।
ସେମାନେ କୁହନ୍ତି: ସେ 'ପରମେଶ୍ୱରଙ୍କୁ ଡାକିଲା ଓ ପରମେଶ୍ୱର
ତାକୁ ଉତ୍ତର ଦେଲେ। ସେଥିପାଇଁ ଏପରି ସବୁ ଅମଙ୍ଗଳ
ତାକୁ ଘଟିଲା।' "ମୁଁ ଜଣେ ଧାର୍ମିକ ବ୍ୟକ୍ତି, ମୁଁ ସରଳ ତଥାପି
ସେମାନେ ମୋତେ ଦେଖି ହସନ୍ତି।
5ମଶାଲ ତା' ପାଇଁ ଆବଶ୍ୟକ ନାହିଁ ଯିଏ ନିଜକୁ
ସୁରକ୍ଷିତ ବୋଲି ଭାବେ। ଏହା ସେହିମାନଙ୍କ ପାଇଁ ଉପଯୋଗୀ,
ଯେଉଁମାନଙ୍କର ପାଦ ଖସି ଯାଉଛି।
6ଡକାୟତମାନଙ୍କ ତମ୍ବୁଗୁଡ଼ିକ ସୁରକ୍ଷିତ ଅଟେ।
ଯେଉଁମାନେ ପରମେଶ୍ୱରଙ୍କୁ ବିରକ୍ତ କରାନ୍ତି, ସେମାନେ ଶାନ୍ତିରେ
ରହନ୍ତି ଏବଂ ସେମାନଙ୍କର ବଳ ହେଉଛି ସେମାନଙ୍କର
ପରମେଶ୍ୱର।
7ତୁମ୍ଭେ ଜନ୍ତୁମାନଙ୍କୁ ପଚାର ସେମାନେ ତୁମ୍ଭକୁ ଶିକ୍ଷାଦେବେ,
ତୁମ୍ଭେ ଆକାଶର ପକ୍ଷୀମାନଙ୍କୁ ପଚାର ସେମାନେ ତୁମ୍ଭକୁ
କହିବେ।
8ତୁମ୍ଭେ ପୃଥିବୀକୁ ପଚାର ସେ ତୁମ୍ଭକୁ ଶିକ୍ଷା ଦେବ।
ତୁମ୍ଭେ ସମୁଦ୍ରର ମାଛକୁ ପଚାର ସେ ତୁମ୍ଭକୁ ଜ୍ଞାନ କଥା
କହିବ।
9ଏକଥା ସମସ୍ତେ ଜାଣନ୍ତି ସଦାପ୍ରଭୁ ଏସବୁ ସୃଷ୍ଟି କରିଛନ୍ତି।
10ପ୍ରତ୍ୟେକ ଜୀବନ୍ତ ପ୍ରାଣୀ ଓ ନିଶ୍ୱାସ ନେଇ ବଞ୍ଚିଥିବା
ମଣିଷସବୁ ପରମେଶ୍ୱରଙ୍କ ଶକ୍ତିର ଅଧିନରେ।
11କିନ୍ତୁ ଜିହ୍ୱା ଯେପରି ଖାଦ୍ୟର ସ୍ୱାଦ ବାରିପାରେ। କାନ
ସେପରି ଶୁଣୁଥିବା ଶବ୍ଦକୁ ବାରିପାରେ।
12ତେଣୁ ଆମ୍ଭେ କହୁଛୁ, 'ଜ୍ଞାନ ବୃଦ୍ଧ ଲୋକମାନଙ୍କଠାରେ
ଅଛି। ବୁଝାମଣା ଦୀର୍ଘଜୀବନ ବଢାଏ।'
13କିନ୍ତୁ ଜ୍ଞାନ ଓ ଶକ୍ତି ପରମେଶ୍ୱରଙ୍କଠାରେ ଅଛି।
ସଦୁପୋଦେଶ ଓ ବୁଝିବା ଶକ୍ତି ତାଙ୍କର ଅଛି।
14ଯଦି ପରମେଶ୍ୱର କିଛି ଚିରି ଦିଅନ୍ତି, ଲୋକେ ତାହାକୁ
ଆଉ ପୁଣି ତିଆରି କରିପାରନ୍ତି ନାହିଁ। ଯଦି ପରମେଶ୍ୱର
ଜଣକୁ ବନ୍ଦୀଗୃହରେ ପକାଇ ଦିଅନ୍ତି, ଲୋକେ ଚେଷ୍ଟାକରି
ମଧ୍ୟ ତାକୁ ମୁକୁଳାଇ ପାରନ୍ତି ନାହିଁ।
15ଯେତେବେଳେ ପରମେଶ୍ୱର ବର୍ଷାକୁ ରୋକି କରନ୍ତି,
ତା'ହେଲେ ପୃଥିବୀ ଶୁଷ୍କ ହୋଇଯାଏ ଏବଂ ସେ ଯେତେବେଳେ
ବର୍ଷା ଛାଡି ଦିଅନ୍ତି, ତା'ହେଲେ ପୃଥିବୀରେ ବନ୍ୟା ହୋଇଯାଏ।
16ପରମେଶ୍ୱର ଅତ୍ୟନ୍ତ ବଳଶାଳୀ, ସବୁଠାରେ ତାଙ୍କର
ବିଜୟ ସୁନିଶ୍ଚିତ। ତେଣୁ ହାରିବା ଓ ଜିତିବା ସବୁ ପରମେଶ୍ୱରଙ୍କ
ଉପରେ ନିର୍ଭର କରେ।
17ପରମେଶ୍ୱର ପରାମର୍ଶଦାତାମାନଙ୍କର ଜ୍ଞାନକୁ ହରଣ
କରି ନିଅନ୍ତି ଓ ନେତା ବା ବିଚାରକମାନଙ୍କୁ ନିର୍ବୋଧରେ
ପରିଣତ କରନ୍ତି।
18ରାଜା ଲୋକମାନଙ୍କୁ ବନ୍ଦୀ ଗୃହରେ ନିକ୍ଷେପ କରନ୍ତି।
କିନ୍ତୁ ପରମେଶ୍ୱର ସେହି ଲୋକମାନଙ୍କୁ ମୁକ୍ତ ଦେଇ ଆହୁରି
ଅଧିକ ଶକ୍ତିଶାଳୀ କରି ଦିଅନ୍ତି।
19ପରମେଶ୍ୱର ଯାଜକମାନଙ୍କ ଶକ୍ତିକୁ ହରଣ କରି ନିଅନ୍ତି
ଓ ଅଧିକ ପରାକ୍ରମଶାଳୀ ପାରିଷଦମାନଙ୍କୁ ପରାସ୍ତ କରନ୍ତି,
ଯେଉଁମାନେ କି ନିଜକୁ ସବୁଠାରୁ ନିରାପଦ ମନେକରନ୍ତି।
20ପରମେଶ୍ୱର ବିଶ୍ୱସ୍ତ ପରାମର୍ଶଦାତାମାନଙ୍କୁ ମଧ୍ୟ ଚୁପ
କରାଇ ଦିଅନ୍ତି ଓ ବୃଦ୍ଧ ଲୋକମାନଙ୍କ ବୁଦ୍ଧିକୁ ହରଣ କରି
ନିଅନ୍ତି।
21ପରମେଶ୍ୱର ନେତାମାନଙ୍କୁ ତୁଚ୍ଛ କରି ଦିଅନ୍ତି। ସେ
ଶାସକଠାରୁ କ୍ଷମତା ମଧ୍ୟ ଛଡ଼ାଇ ନିଅନ୍ତି।
22ପରମେଶ୍ୱର ଅନ୍ଧକାରର ଗୂଢ ରହସ୍ୟକୁ ଜାଣନ୍ତି। ସେ
ମୃତ୍ୟୁଭଳି ଘନ ଅନ୍ଧକାର ଆଚ୍ଛାଦିତ ସ୍ଥାନକୁ ଆଲୋକିତ
କରିଦେଇ ପାରନ୍ତି।
23ପରମେଶ୍ୱର ରାଜ୍ୟକୁ ଦୃଢ ଓ ଶକ୍ତିଶାଳୀ କରନ୍ତି ଓ
ଶେଷରେ ତାକୁ ବିଛାଡ଼ି ପକାନ୍ତି। ସେ ରାଜ୍ୟକୁ ବୃଦ୍ଧି କରନ୍ତି
ଏବଂ ତା'ର ଲୋକମାନଙ୍କୁ ବିନାଶ କରନ୍ତି।

24ପରମେଶ୍ୱର ନେତାମାନଙ୍କୁ ବୋକା ବନାଇ ମରୁଭୂମିରେ
ଉଦ୍ଦେଶ୍ୟହୀନ ଭାବରେ ବୁଲାଇ ବାଟବଣା କରିଦିଅନ୍ତି।
25ସେହି ନେତାମାନେ ଆଲୋକ ବିନା ଅନ୍ଧାରରେ ଦରିଣ୍ଡି
ହୁଅନ୍ତି। ପରମେଶ୍ୱର ସେମାନଙ୍କୁ ମାତାଲ ଭଳି ଟଳମଳ ଓ
ଇତସ୍ତତଃ କରାନ୍ତି।"

**13** ଆୟୁବ ଉତ୍ତର ଦେଲି, "ଦେଖ ଏସବୁ କଥା ମୁଁ
ଆଗରୁ ଦେଖିଛି। ମୁଁ ତୁମ୍ଭର ପ୍ରତ୍ୟେକ କଥା
ଶୁଣିଅଛି। ମୁଁ ସେସବୁ କଥା ଶୁଣିଛି ଓ ବୁଝିଛି ମଧ୍ୟ। 2ଯାହା
ତୁମ୍ଭେମାନେ ଜାଣିଛ ତାହା ମୁଁ ବି ଜାଣିଛି। ମୁଁ ତୁମ୍ଭଠାରୁ
କୌଣସି ଗୁଣରେ ନ୍ୟୁନ ନୁହେଁ। 3ମୁଁ ତୁମ୍ଭ ସହିତ ତର୍କ
କରିବାକୁ ଚାହୁଁ ନାହିଁ। ମୁଁ ସେହି ସର୍ବଶକ୍ତିମାନ ପରମେଶ୍ୱରଙ୍କୁ
କହିବାକୁ ଚାହେଁ। ମୁଁ ପରମେଶ୍ୱରଙ୍କ ସହିତ ମୋ ବିପଦ
ସଂପର୍କରେ ଯୁକ୍ତି କରିବାକୁ ଇଚ୍ଛା କରେ। 4କିନ୍ତୁ ତୁମ୍ଭେମାନେ
ଏକ କୁହୁକ ବିଦ୍ୟାକାରୀ ଏବଂ ମୂଲ୍ୟହୀନ ବୈଦ୍ୟ ଅଟ। 5ମୁଁ
ଚାହେଁ ତୁମ୍ଭେ ଅନ୍ତତଃ ନୀରବ ରୁହ ତାହା ସବୁଠାରୁ
ବୁଦ୍ଧିମାନର କାମ ତୁମ୍ଭେ କରିବ।
6"ଏବେ ମୋର ଯୁକ୍ତି ଶୁଣ। ମୁଁ ଯାହା କହିବାକୁ
ଇଚ୍ଛାକରେ ତାକୁ ମଧ୍ୟ ଶୁଣ।
7ତୁମ୍ଭେ କ'ଣ ପରମେଶ୍ୱରଙ୍କ ପକ୍ଷରେ ମିଥ୍ୟା କଥା
କହିବ। ତୁମ୍ଭେ କ'ଣ ବିଶ୍ୱାସ କରୁଛ ଯେ ତୁମ୍ଭର ମିଥ୍ୟା
କଥା ପରମେଶ୍ୱରଙ୍କ ଦ୍ୱାରା ସମର୍ଥିତ ହେବ।
8ତୁମ୍ଭେ କ'ଣ ପରମେଶ୍ୱରଙ୍କ ପକ୍ଷ ସମର୍ଥନ କରୁଛ,
କେବଳ ସେ ପରମେଶ୍ୱର ବୋଲି? ତୁମ୍ଭେ ପରମେଶ୍ୱରଙ୍କ
ପକ୍ଷ ସମର୍ଥନ କରୁଛ କି?
9ଯଦି ପରମେଶ୍ୱର ତୁମ୍ଭକୁ ଅତି ନିକଟରୁ ପରୀକ୍ଷା
କରିବେ, ଏହା କ'ଣ ଭଲ ହେବ ଯେ ତୁମ୍ଭକୁ ପରମେଶ୍ୱର
ଠିକ୍ ବୋଲି କହିବେ? ତୁମ୍ଭେ କ'ଣ ସତରେ ଭାବୁଛ ତୁମ୍ଭେ
ପରମେଶ୍ୱରଙ୍କୁ ପ୍ରତାରିତ କରିବ, ଯେମିତିକି ତୁମ୍ଭେ ଲୋକମାନଙ୍କୁ
ପ୍ରତାରିତ କରି ପାର।
10ତୁମ୍ଭେ ଜାଣ ଯଦି ତୁମ୍ଭେ ନ୍ୟାୟାଳୟରେ ଜଣକ ପକ୍ଷ
ସମର୍ଥନ କର କାରଣ ସେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ତାହାହେଲେ
ପରମେଶ୍ୱର ତୁମ୍ଭକୁ ସମାଲୋଚନା କରିବେ।
11ପରମେଶ୍ୱରଙ୍କ ମହତ୍ତ୍ୱ କ'ଣ ତୁମ୍ଭକୁ ଡରାଇବ ନାହିଁ?
ତୁମ୍ଭେ ତାଙ୍କ ଦ୍ୱାରା ଭୟଭୀତ ହେଉନାହଁ।
12ତୁମ୍ଭର ଯୁକ୍ତି ସବୁ ଅସାର। ତୁମ୍ଭର ଉତ୍ତର ସବୁ
ମୂଲ୍ୟହୀନ।
13ତୁମ୍ଭେ ଚୁପ ରୁହ ଏବଂ ମୋତେ କହିବାକୁ ଦିଅ।
ଯାହା ମୋ ପ୍ରତି ଘଟିବ ତାକୁ ମୁଁ ସମସ୍ତ ଗ୍ରହଣ କରିବ।
14ମୁଁ ନିଜକୁ ବିପଦରେ ପକାଇବ ଏବଂ ମୋ ଜୀବନ
ନିଜ ହାତରେ ଦେବ।
15ସେ ମୋତେ ମାରି ଦେଇ ପାରନ୍ତି, ମୁଁ ଭରସା
ବିହନ। ତଥାପି ତାଙ୍କ ସମ୍ମୁଖରେ ମୋର ପକ୍ଷ
ପ୍ରସ୍ତୁତ କରିବ।
16ଯଦି ପରମେଶ୍ୱର ମୋତେ ମୁକ୍ତି ପ୍ରଦାନ କରନ୍ତି, ଏହା
କେବଳ ମୋର ସାହସିକ ବକ୍ତବ୍ୟ ପାଇଁ। କୌଣସି ଦୁଷ୍ଟ
ବ୍ୟକ୍ତି କେବେ ପରମେଶ୍ୱରଙ୍କ ସମ୍ମୁଖକୁ ଆସିବାକୁ ସାହାସ
କରିବେ ନାହିଁ।
17ମୁଁ ଯାହା କହୁଛି, ମୋ କଥା ମନଯୋଗ ଦେଇଶୁଣ।
ମୋତେ ବୁଝାଇ କହିବାକୁ ଦିଅ।
18ମୁଁ ବର୍ତ୍ତମାନ ମୋ ପକ୍ଷ ସମର୍ଥନ କରିବାକୁ ପ୍ରସ୍ତୁତ
ଅଛେ। ମୁଁ ସତର୍କତାର ସହିତ ମୋର ତର୍କ ଉପସ୍ଥାପନ
କରିବି। ମୁଁ ଜାଣେ ମୁଁ ଶେଷରେ ନିଜକୁ ସରଳ ବୋଲି
ପ୍ରମାଣିତ କରିପାରିବି।
19ଯଦି କୌଣସି ବ୍ୟକ୍ତି ପ୍ରମାଣ କରିପାରେ ଯେ ମୁଁ
ଭୁଲ ତା'ହେଲେ ମୁଁ ସାଙ୍ଗେ ସାଙ୍ଗେ ଚୁପ ହୋଇଯିବି।
20ହେ ପରମେଶ୍ୱର ମୋତେ କେବଳ ଦୁଇଟି ବସ୍ତୁ ଦିଅ
ଓ ମୁଁ ତୁମ୍ଭଠାରୁ ଲୁଚିବ ନାହିଁ।
21ମୋତେ ଦଣ୍ଡ ଦେବା ବନ୍ଦକର, ଏବଂ ମୋତେ ତୁମ୍ଭ
ଭୟାବହତାରେ ଭୟଭୀତ କରନାହିଁ।
22ତା'ପରେ ମୋତେ ଡାକ ମୁଁ ଉତ୍ତର ଦେବି କିମ୍ବା ମୁଁ
କହିବି ତୁମ୍ଭେ ଉତ୍ତର ଦିଅ।
23ମୁଁ କେତେ ପାପ କରିଛି? ମୁଁ କ'ଣ ଅଧର୍ମ କରିଛି?
ମୋତେ ମୋର ପାପ ଓ ଭୁଲ୍ ସବୁ ଜଣାଇ ଦିଅ।
24ହେ ପରମେଶ୍ୱର, ଆପଣ କାହିଁକି ମୋଠାରୁ ଦୂରେଇ
ଯାଉଛନ୍ତି, ଏବଂ ଶତ୍ରୁଭଳି ବ୍ୟବହାର କରୁଛନ୍ତି?
25ତୁମ୍ଭେ କ'ଣ ମୋତେ ଡରାଇବାକୁ ଚେଷ୍ଟା କରୁଛ? ମୁଁ
ଏକ ପାତ୍ର ଯାହାକି ପବନରେ ଉଡ଼ିଯାଏ। ତୁମ୍ଭେ କ'ଣ
କୁଟାଖିଅ ପଛରେ ଗୋଡ଼ାଇବ?
26ହେ ପରମେଶ୍ୱର, ତୁମ୍ଭେ ମୋ ବିରୁଦ୍ଧରେ ତିକ୍ତ କଥା
କହୁଛ ଏବଂ ହୁଏତ ମୋ ଯୌବନର ପାପ ପାଇଁ ମୋତେ
ଶାସ୍ତି ପ୍ରଦାନ କରୁଛ।
27ତୁମ୍ଭେ ମୋ ପାଦରେ ବେଡ଼ି ବାନ୍ଧିଛ ଏବଂ ମୋର
ପ୍ରତ୍ୟେକ ଆଗେଇବା ପାଦକୁ ଲକ୍ଷ୍ୟ ରଖିଛ ଓ ମୋର
ପ୍ରତ୍ୟେକ ଗତିବିଧିକୁ ଲକ୍ଷ୍ୟ କରୁଛ।
28ତେଣୁ ମୁଁ ଧୀରେ ଧୀରେ ଦୁର୍ବଳ ହୋଇ ପଡୁଅଛି
ଖଣ୍ଡେ ପଚା କାଠପରି ତଥା ଖଣ୍ଡେ ପୋକଖିଆ କପଡ଼ା
ପରି।"

**14** "ଆମ୍ଭେମାନେ ସମସ୍ତେ ମନୁଷ୍ୟ। ଆମ୍ଭର ଜୀବନ
ଅଳ୍ପାୟୁ ତଥା ନାନା ବିପଦରେ ପୂର୍ଣ୍ଣ। 2ମଣିଷର
ଜୀବନ ଫୁଲ ସଦୃଶ। ସେ ଖୁବ ଶୀଘ୍ର ବଢ଼ିଯାଏ ଓ
ଶେଷରେ ମରିଯାଏ। ମଣିଷର ଜୀବନ ଛାୟା ତୁଲ୍ୟ ଏଠାରେ
ଖୁବ୍ କମ ସମୟ ପାଇଁ। ଘଡ଼ିକେ ଦେଖାଯାଏ ପୁଣି ଅଦୃଶ୍ୟ
ହୋଇଯାଏ। 3ଏହା ସତ୍ୟ, କିନ୍ତୁ ପରମେଶ୍ୱର ତୁମ୍ଭେ କ'ଣ
ଜଣେ ବ୍ୟକ୍ତିକୁ ଦେଖିବ? ତୁମ୍ଭେ କ'ଣ ମୋ ସହିତ
ବିଚାରସ୍ଥଳକୁ ଆସିବ ଏବଂ ଆମ୍ଭେ ଦୁଇଜଣ ନିଜ ନିଜର ଯୁକ୍ତି
ଉପସ୍ଥାପନା କରିବା।
4"ଅପରିଷ୍କାର ବସ୍ତୁରୁ କିଏ ପରିଷ୍କାର ବସ୍ତ୍ର ଉତ୍ପନ୍ନ
କରିପାରେ। ନା, କେହି ଜଣେ ମନୁଷ୍ୟ କରି ପାରିବ ନାହିଁ।
5ମଣିଷର ଜୀବନର ଏକ ନିର୍ଦ୍ଦିଷ୍ଟ ସୀମା ଅଛି। ହେ
ପରମେଶ୍ୱର, ତୁମ୍ଭେ ନିର୍ଣ୍ଣୟ କର ଜଣେ ମନୁଷ୍ୟ କେତେ
ଦିନ ବଞ୍ଚିବ। ତୁମ୍ଭେ ମଣିଷ ପାଇଁ ସେହି ସୀମା ନିର୍ଦ୍ଦିଷ୍ଟ
କରିଛ। ଏହା କ'ଣ କେହି ବଦଳାଇ ପାରେ?
6ତେଣୁ ହେ ପରମେଶ୍ୱର ଆମ୍ଭକୁ ନିରୀକ୍ଷଣ କରିବା ବନ୍ଦ
କର। ଆମ୍ଭର କ୍ଷଣିକ ଜୀବନ ଆମ୍ଭକୁ ଏକୁଟିଆ ଉପଭୋଗ

କରିବା ପାଇଁ ଦିଅ। ଯେପରି ଦିନ ମଜୁରିଆ କାମ ଶେଷ ପରେ ତା'ର ମଜୁରିକୁ ଉପଭୋଗ କରିଥାଏ।

7ଗୋଟିଏ ଗଛ ପାଇଁ ମଧ୍ୟ ଆଶା ଅଛି। ଯଦି ଥରେ ଏହା କଟା ହୋଇଯାଏ, ଏହା ମଧ୍ୟ ପୁଣି ବଞ୍ଚିପାରେ। ପୁଣି ଡାଳପତ୍ର ମେଲି ଶାଖା ବୃଦ୍ଧି କରିପାରେ।

8ଯଦିଓ ତାହାର ଚେର ଭୂମି ତଳେ ଜୀର୍ଣ୍ଣ ହୋଇଯାଏ ଏବଂ ତାହାର କର୍ତ୍ତିତ ମୂଳଟି ଭୂମିରେ ମରିଯାଏ।

9କିନ୍ତୁ ପାଣିର ବନ୍ଧ ପାଇବା ମାତ୍ରେ ଏହା ତାହାର ଶାଖା ଗୋଟିଏ ଯୁବା ବୃକ୍ଷପରି ବଢାଇପାରେ।

10କିନ୍ତୁ ମଣିଷ ଯେତେବେଳେ ମରିଯାଏ। ସେ ସମସ୍ତ ଶକ୍ତି ହରାଇ ଦିଏ। ସେପରି ଶେଷ ନିଶ୍ୱାସ ନିଏ ଏବଂ ତା'ପରେ ସେ କେଉଁଠାରେ?

11ହ୍ରଦରୁ ପାଣି ଶୂନ୍ୟ ହୋଇଯାଏ ଏବଂ ଜଳ ପ୍ରପାତର ପ୍ରବାହ ବନ୍ଦ ହୋଇଯାଏ ଏବଂ ଶୁଖିଯାଏ।

12ଠିକ୍ ସେହିପରି, ମଣିଷ ଶୋଇପଡେ ଏବଂ ଆଉ ଉଠେ ନାହିଁ। ଯେପର୍ଯ୍ୟନ୍ତ ସ୍ୱର୍ଗ ଅଛି, ମୃତ ଲୋକ କେବେ ସେହି ନିଦ୍ରାରୁ ଉଠିବେ ନାହିଁ।

13ମୁଁ ଇଚ୍ଛାକରେ, ତୁମ୍ଭେ ମୋତେ ପାତାଳରେ ଲୁଚାଇ ରଖନ୍ତ। ମୁଁ ଇଚ୍ଛାକରେ, ତୁମ୍ଭେ ମୋତେ ଲୁଚାଇ ରଖନ୍ତ, ଯେ ପର୍ଯ୍ୟନ୍ତ ତୁମ୍ଭର ରାଗ ଶାନ୍ତ ନ ହୋଇଛି। ତା'ପରେ ତୁମ୍ଭେ ମୋତେ ମନେକରିବା ପାଇଁ ଗୋଟେ ସମୟ ଠିକ୍ କରିବ।

14ମନୁଷ୍ୟ ମଲେ କ'ଣ ପୁଣି ଆଉ ବଞ୍ଚିବ? ମୁଁ ନିର୍ଣ୍ଣୟ ଅପେକ୍ଷା କରିବି ଯେତେଦିନ ପର୍ଯ୍ୟନ୍ତ ମୁଁ ମୁକ୍ତ ନ ହୋଇଛି।

15ହେ ପରମେଶ୍ୱର, ତୁମ୍ଭେ ମୋତେ ଡାକିବ ଏବଂ ମୁଁ ତୁମ୍ଭକୁ ଉତ୍ତର ଦେବି। ତା'ପରେ ତୁମ୍ଭେ ଯେଉଁ ମଣିଷକୁ ତିଆରି କରିଛ, ସେ ତୁମ୍ଭ ପାଇଁ ମୁଖ୍ୟ ହେବ।

16ତୁମ୍ଭେ ତଥାପି ମୋର ପ୍ରତିଟି ପଦକ୍ଷେପକୁ ନିରୀକ୍ଷଣ କରୁଛ, କିନ୍ତୁ ତୁମ୍ଭେ ମୋର ପାପଗୁଡ଼ିକୁ ମନେ ପକାଇବ ନାହିଁ।

17ତୁମ୍ଭେ ମୋର ସମସ୍ତ ପାପକୁ ଏକ ଥଳିରେ ବାନ୍ଧି ଦେଇ ନିଜର ମୋହର ଦେଇ ବାହାରକୁ ଫିଙ୍ଗି ଦେବ।

18ପର୍ବତ ସବୁ ଭାଙ୍ଗିପଡି ଚୂନା ହୋଇଯାଆନ୍ତେ, ବଡ ପଥର ଖଣ୍ଡମାନ ଭାଙ୍ଗି ଚୂନା ହୋଇ ବିଛାଡ଼ି ହୋଇ ପଡ଼ନ୍ତେ।

19ପଥର ଉପରେ ପାଣି ବହି ତାକୁ କ୍ଷୟ କରିଦିଏ। ବନ୍ୟା ଭୂମିରୁ ସବୁ ପଟୁମାଟି ପାଣିରେ ପୋଛି ନିଏ। ସେହିଭଳି ହେ ପରମେଶ୍ୱର ତୁମ୍ଭେ ବ୍ୟକ୍ତିର ସମସ୍ତ ଆଶାକୁ ଧୂଳିସାତ କର।

20ତୁମ୍ଭେ ତାକୁ ସଂପୂର୍ଣ୍ଣ ପରାସ୍ତ କର ଏବଂ ତାକୁ ଛାଡି ଦିଅ। ତୁମ୍ଭେ ତାକୁ ଦୁଃଖି କରାଅ ଏବଂ ତାକୁ ମରଣ ସ୍ଥାନକୁ ପଠାଇଦିଅ।

21ଯଦି ତା'ର ସନ୍ତାନଗଣ ସମ୍ମାନିତ ହୁଅନ୍ତି, ସେ ଆଦୌ ଜାଣେ ନାହିଁ। ଯଦି ତା'ର ସନ୍ତାନଗଣ ହତାଦର ହୁଅନ୍ତି, ସେ ତାହା ଦେଖିପାରେ ନାହିଁ।

22ସେହି ବ୍ୟକ୍ତି କେବଳ ନିଜ ଶରୀରରେ ଯନ୍ତ୍ରଣାକୁ ଅନୁଭବ କରିପାରେ ଏବଂ କେବଳ ନିଜ ପାଇଁ ଶୋକ କରେ।"

## ଇଲୀଫସ ଆୟୁବଙ୍କୁ ଉତ୍ତର ଦେଲା

15 ତା'ପରେ ତୈମନର ଇଲୀଫସ ଆୟୁବଙ୍କୁ ଉତ୍ତର ଦେଲା,

2"ଆୟୁବ, ଯଦି ତୁମ୍ଭେ ପ୍ରକୃତରେ ଜ୍ଞାନୀ, ତେବେ ତୁମ୍ଭେ ବ୍ୟକ୍ତିଗତ ମୂଲ୍ୟହୀନ ମତରେ ଉତ୍ତର ଦିଅନ୍ତ ନାହିଁ। ଜଣେ ଜ୍ଞାନୀ ଲୋକ ଏତେ ଗରମ ପବନରେ ଉତ୍ତର୍ଜି ହୋଇ ରହିବ ନାହିଁ।

3ତୁମ୍ଭେ କ'ଣ ଭାବୁଛ ଜ୍ଞାନୀ ଲୋକ ଏପରି ମୂଲ୍ୟହୀନ କଥାକୁ ନେଇ ଯୁକ୍ତି କରିବ, ଯେଉଁ କଥାଗୁଡ଼ିକର କୌଣସି ମୂଲ୍ୟ ନାହିଁ।

4କିନ୍ତୁ ତୁମ୍ଭର ଭୟ ନାହିଁ, ତୁମ୍ଭେ ଏତେ କଥାବାର୍ତ୍ତା କର ଯେ, ପରମେଶ୍ୱରଙ୍କ ସମ୍ମୁଖରେ ଭକ୍ତି କରିବା ପାଇଁ ସମୟ ପାଆନ୍ତି ନାହିଁ।

5କାରଣ ତୁମ୍ଭର କଥା ତୁମ୍ଭର ପାପକୁ ହିଁ ସ୍ୱୀକାର କରୁଛି। ଆୟୁବ ତୁମ୍ଭେ ତୁମ୍ଭର ପାପକୁ ଲୁଚାଇବାକୁ ଚେଷ୍ଟା କରୁଛ, ଚତୁରତା ପୂର୍ଣ୍ଣ ବାକ୍ୟ ମଧ୍ୟରେ।

6ଏହା ଦ୍ୱାରା ମୁଁ ପ୍ରମାଣ କରିବାକୁ ଚେଷ୍ଟା କରୁନାହିଁ ଯେ ତୁମ୍ଭେ ଯାହା କରୁଛ ସବୁ ଅଧର୍ମ ବୋଲି। ଯେଉଁ ବିଷୟ ତୁମ୍ଭ ନିଜ ମୁଖ ଦ୍ୱାରା କହୁଛି ତାହା ତୁମ୍ଭେ ଭୁଲ୍ ବୋଲି ଦେଖାଉଛି। ତୁମ୍ଭର ନିଜ ଓଠ ତୁମ୍ଭ ବିରୁଦ୍ଧରେ ସାକ୍ଷ୍ୟ ଦେଉଛି।

7ଆୟୁବ, ତୁମ୍ଭେ କ'ଣ ପ୍ରଥମ ବ୍ୟକ୍ତି ଜନ୍ମ ହୋଇଛ? ଏହି ପର୍ବତସବୁ ପୂର୍ବରୁ ତୁମ୍ଭେ ଗର୍ଭରେ ଧାରଣ ହୋଇଥିଲ କି?

8ତୁମ୍ଭେ ପରମେଶ୍ୱରଙ୍କ ଗୋପନ ଯୋଜନା ବିଷୟରେ କିଛି ଜାଣ କି? ତୁମ୍ଭେ କ'ଣ ନିଜକୁ ଏକମାତ୍ର ଜ୍ଞାନୀ ବୋଲି ଭାବୁଛ?

9ଆୟୁବ, ତୁମ୍ଭେ ଯାହା କର ତାହାଠାରୁ ଆମ୍ଭେ ଅଧିକ ଜାଣୁ। ଆମ୍ଭେ ସେ କଥା ବୁଝିପାରୁ ଯାହା ତୁମ୍ଭେ ଜାଣ ନାହିଁ।

10ସେହି ପାଚିଲାବାଳିଆ ଓ ବୃଦ୍ଧ ଲୋକଗୁଡ଼ିକ ଆମ୍ଭମାନଙ୍କ କଥାରେ ଏକମତ ହେବେ, ଏପରିକି ତୁମ୍ଭର ପିତାଙ୍କଠାରୁ ଆହୁରି ବୃଦ୍ଧ ଲୋକମାନେ ମଧ୍ୟ ଆମ୍ଭ ସହିତ ଅଛନ୍ତି।

11ପରମେଶ୍ୱର ତୁମ୍ଭକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରନ୍ତି। ତାହା ତୁମ୍ଭ ପାଇଁ ଯଥେଷ୍ଟ ନୁହେଁ। ଆମ୍ଭେମାନେ ପରମେଶ୍ୱରଙ୍କ ବାଣୀ ତୁମ୍ଭକୁ ଅତି ମୃଦୁ ବାକ୍ୟରେ ବୁଝାଇ କହିଲୁ।

12ଆୟୁବ ତୁମ୍ଭେ କାହିଁକି ବୁଝିବାକୁ ଚେଷ୍ଟା କରୁ ନାହଁ? ତୁମ୍ଭେ କାହିଁକି ସତ୍ୟକୁ ସ୍ୱୀକାର କରୁ ନାହଁ?

13ତୁମ୍ଭେ ଏହି ଦ୍ୱେଷପୂର୍ଣ୍ଣ କଥାଗୁଡାକ କହି ପରମେଶ୍ୱରଙ୍କ ବିରୁଦ୍ଧାଚରଣ କରୁଛ।

14ମନୁଷ୍ୟ କ'ଣ ସତରେ ଶୁଦ୍ଧ ହୋଇପାରିବ? ଜଣେ ସ୍ତ୍ରୀ ଲୋକଠାରୁ ଜନ୍ମ ହୋଇଥିବା କେହି ଧାର୍ମିକ ହୋଇପାରିବ କି?

15ପରମେଶ୍ୱର ଏମିତିକି ନିଜର ଦୂତମାନଙ୍କୁ ବିଶ୍ୱାସ କରନ୍ତି ନାହିଁ। ପରମେଶ୍ୱରଙ୍କ ଅନୁସାରେ ଆକାଶମଣ୍ଡଳ ମଧ୍ୟ ପବିତ୍ର ନୁହେଁ।

16ମନୁଷ୍ୟମାନେ ଆହୁରି ତା'ଠାରୁ ଖରାପ। ମନୁଷ୍ୟ ଅତି

ଅପରିଷ୍କାର ଓ ଭ୍ରଷ୍ଟ ମଧ୍ୟ। ସେ ଅଧର୍ମକୁ ଜଳପରି ପାନ କରେ।

17ମୋ କଥା ଶୁଣ ଆୟୁବ, ମୁଁ ତୁମ୍ଭକୁ ବୁଝାଇ ଦେଉଛି। ମୁଁ ଯାହା ଜାଣିଛି ତୁମ୍ଭକୁ କହିବି।

18ମୁଁ ତୁମ୍ଭକୁ ସେହି ଜ୍ଞାନୀ ଲୋକଙ୍କ କଥା କହିବି ଯାହା ସେମାନେ ମୋତେ କହିଥିଲେ। ଜ୍ଞାନୀ ଲୋକମାନଙ୍କର ପୂର୍ବପୁରୁଷମାନେ ସେମାନଙ୍କୁ ଏହିସବୁ କହିଥିଲେ। ସେମାନେ କୌଣସି କଥା ମୋଠାରେ ଗୋପନ କି ଗୁପ୍ତ ରଖି ନଥିଲେ।

19କେବଳ ସେମାନେ ହିଁ ସେମାନଙ୍କ ଦେଶରେ ବାସ କରୁଥିଲେ। ସେହି ଦେଶରେ ବିଦେଶୀମାନଙ୍କର ଗତାଗତ ନ ଥିଲା। ତେଣୁ ସେମାନଙ୍କୁ କେହି ବିଚିତ୍ର ମତ ଦେଇ ନଥିଲେ।

20ସେହି ଜ୍ଞାନୀ ଲୋକମାନେ କହିଥିଲେ, "ଦୁଷ୍ଟଲୋକ ଆପଣାର କୁକର୍ମକୁ ସାରାଜୀବନ ଭୋଗ କରେ। ଜଣେ ନିଷ୍ଠୁର ବ୍ୟକ୍ତି ତା'ର ପ୍ରତ୍ୟେକ ଗଣିତ ବର୍ଷରେ କ୍ଳେଶ ଭୋଗ କରେ।

21ପ୍ରତ୍ୟେକ ଶବ୍ଦ ତା'ର ଭୟ ସଞ୍ଚାର କରେ। ତା'ର ଶତ୍ରୁ ତାକୁ ଆକ୍ରମଣ କରନ୍ତି, ଯେତେବେଳେ ସେ ନିଜକୁ ନିରାପଦ ମଣୁଥାଏ।

22ଜଣେ ଦୁଷ୍ଟ ବ୍ୟକ୍ତି ବହୁତ ହତାଶ, ତା'ର ଅନ୍ଧକାରରୁ ମୁକ୍ତି ପାଇବାର କୌଣସି ଆଶା ନଥାଏ। ଗୋଟିଏ ଦୁଷ୍ଟ ମନୁଷ୍ୟ ପାଇଁ ଗୋଟିଏ ଖଡ୍ଗ କେଉଁଠାରେ ହେଲେ ଅପେକ୍ଷା କରିଥାଏ।

23ସେ ଏଣେତେଣେ ଘୁରିବୁଲେ। କିନ୍ତୁ ତା'ର ଶରୀର ଶେଷରେ ଶାଗୁଣାର ଖାଦ୍ୟ ହୁଏ। ସେ ଜାଣେ ତା'ର ମୃତ୍ୟୁ ନିକଟ ହୋଇ ଆସିଲାଣି।

24ଚିନ୍ତା ଓ ଦୁଃଖ ଯନ୍ତ୍ରଣା ତାକୁ ଭୟଭୀତ କରାଏ। ଏସବୁ ରାଜାପରି ତାକୁ ଆକ୍ରମଣ କରି ତୁରନ୍ତ ଧ୍ୱଂସ କରନ୍ତି।

25କାହିଁକି? କାରଣ ଦୁଷ୍ଟ ବ୍ୟକ୍ତି ପରମେଶ୍ୱରଙ୍କ ଆଦେଶକୁ ପ୍ରତ୍ୟାଖ୍ୟାନ କରେ। ସେ ପରମେଶ୍ୱରଙ୍କ ବିରୁଦ୍ଧରେ ହସ୍ତ ଉଠାଏ ଏବଂ ସର୍ବଶକ୍ତିମାନ ପରମେଶ୍ୱରଙ୍କୁ ପରାସ୍ତ କରିବାକୁ ପ୍ରୟାସ କରେ।

26ସେହି ଦୁଷ୍ଟଲୋକ ଅତ୍ୟନ୍ତ ଶକ୍ତଗ୍ରୀବ। ସେ ଆପଣା କଠିନ ଢାଲ ଧରି ପରମେଶ୍ୱରଙ୍କୁ ଆକ୍ରମଣ କରିବାକୁ ଆଗେଇ ଆସେ।

27ଜଣେ ବ୍ୟକ୍ତି ଧନୀ ଓ ମେଦ ବହୁଳ ହୋଇପାରେ।

28କିନ୍ତୁ ତା'ର ସହର ଧ୍ୱଂସ ପାଇବ। ତା'ର ଗୃହ ଧ୍ୱଂସ ହେବ। ତା'ର ଘର ଶୂନ୍ୟ ହେବ।

29ଦୁଷ୍ଟ ଲୋକ ବେଶୀଦିନ ଧନୀ ହୋଇପାରନ୍ତି ନାହିଁ। ତା'ର ସମ୍ପତ୍ତି ବେଶୀଦିନ ତିଷ୍ଠିବ ନାହିଁ। ତା'ର ସମ୍ପତ୍ତି ସମଗ୍ର ଦେଶରେ ବ୍ୟାପ୍ତ ହେବ ନାହିଁ।

30ଦୁଷ୍ଟଲୋକ ଅନ୍ଧକାରରୁ ରକ୍ଷାପାଇ ପାରିବ ନାହିଁ। ସେ ଏକ ବୃକ୍ଷ ସଦୃଶ, ଯାହାର ପତ୍ର ରୋଗିଣା ହୋଇ ଶୁଖିଯାଏ ଏବଂ ପବନ ତାକୁ ଉଡାଇ ନିଏ।

31ଦୁଷ୍ଟଲୋକ ନିଜକୁ ଭ୍ରାନ୍ତ କରିବ ନାହିଁ ଯେତେବେଳେ ସେ ଅସାର ବିଷୟରେ ବିଶ୍ୱାସ କରେ। କାହିଁକି? ସେ କିଛି ପାଇବ ନାହିଁ।

32ତା'ର ଜୀବନ ଶେଷ ହେବା ପୂର୍ବରୁ ଦୁଷ୍ଟ ବ୍ୟକ୍ତି ବୁଢା ହୋଇ ଦୁର୍ବଳ ହୋଇଯାଇଥିବ। ସେ ଗୋଟିଏ ଶୁଖିଲା ତାଳ ସଦୃଶ, ପୁଣି ଯାହାକି ଆଉ କେବେ ସବୁଜ ହୋଇପାରିବ ନାହିଁ।

33ଦୁଷ୍ଟଲୋକ ଜଣେ ଅପରିପକ୍ୱ ଲୋକ ଯିଏ ଅଙ୍ଗୁରଲତା ସଦୃଶ ଫଳ ପାଚିଲା ପୂର୍ବରୁ ଝଡ଼ି ଯାଏ। ସେହି ବ୍ୟକ୍ତି ଜୀତବୃକ୍ଷଭଳି ନିଜର କଢ଼କୁ ମଧ୍ୟ ହରାଇ ବସିବ।

34କାହିଁକି? କାରଣ ମନୁଷ୍ୟଗଣ ପରମେଶ୍ୱରଙ୍କ ବିନା କିଛି ନୁହଁନ୍ତି। ଯେଉଁ ଲୋକମାନଙ୍କ ପାଖରେ ପଇସା ଥାଏ ସେମାନେ ଲାଞ୍ଚ ଦିଅନ୍ତି।

35ଦୁଷ୍ଟ ବୁଦ୍ଧି ଲୋକମାନେ ସବୁବେଳେ ଅନ୍ୟର ମନ୍ଦ ବୁଦ୍ଧି ପାଞ୍ଚୁଥାନ୍ତି, କିପରି ଅନ୍ୟର କ୍ଷତି କରି ତାକୁ ବିପଦରେ ପକାଇବେ। ସେମାନେ ସବୁବେଳେ ଯୋଜନା କରୁଥାନ୍ତି କିପରି ଲୋକମାନଙ୍କୁ ଠକି ହେବ।"

## ଆୟୁବ ଇଲୀଫସ୍‌କୁ ଉତ୍ତର ଦେଲା

16 ତା'ପରେ ଆୟୁବ ଉତ୍ତର ଦେଲା, "ମୁଁ ଏସବୁ କଥା ପୂର୍ବରୁ ଶୁଣି ଅଛି।

2ତୁମ୍ଭେ ତିନି ଜଣ ମୋତେ ସାନ୍ତ୍ୱନା ନ ଦେଇ ଦୁଃଖ ଦେଉଛ।

3ତୁମ୍ଭର ଶୂନ୍ୟ ବାକ୍ୟର କ'ଣ ଅନ୍ତ ହେବ ନାହିଁ। ତୁମ୍ଭକୁ ଯୁକ୍ତି କରିବାକୁ କ'ଣ ପ୍ରବର୍ତ୍ତାଉଛି ମୋତେ ଉତ୍ତର ଦିଅ।

4ମୁଁ ମଧ୍ୟ ସେହିଭଳି କଥା ତୁମ୍ଭକୁ କହିପାରେ, ଯଦି ତୁମ୍ଭର ମୋଭଳି ବିପଦ ପଡ଼ିଥାନ୍ତା। ମୁଁ ମଧ୍ୟ ତୁମ୍ଭ ବିରୁଦ୍ଧରେ ବୁଦ୍ଧିମାନର ବାକ୍ୟ କହି ପାରନ୍ତି ଏବଂ ତୁମ୍ଭମାନଙ୍କ ପ୍ରତି ମୋ ମୁଣ୍ଡ ହଲାଇ ପାରନ୍ତି।

5କିନ୍ତୁ ମୁଁ ତୁମ୍ଭକୁ ମୋର ବାକ୍ୟଦ୍ୱାରା ଉତ୍ସାହିତ କରିଥାଆନ୍ତି, ସାନ୍ତ୍ୱନା ଦେଇଥାଆନ୍ତି ଏବଂ ତୁମ୍ଭର କଷ୍ଟକୁ କମେଇ ଦେଇଥାଆନ୍ତି।

6ତଥାପି ମୁଁ ଯଦି କହେ, ମୋ ଦୁଃଖର ଉପଶମ ହେଉନାହିଁ ଏବଂ ଯଦି ମୁଁ ଚୁପ୍ ରହେ ତାହା ମଧ୍ୟ ମୋତେ ସାହାଯ୍ୟ କରେ ନାହିଁ।

7କିନ୍ତୁ ବର୍ତ୍ତମାନ ପରମେଶ୍ୱର ପ୍ରକୃତରେ ମୋତେ ନିଃଶେଷ କରି ଦେଇଛନ୍ତି। ତୁମ୍ଭେ ମୋର ପରିବାରକୁ ଧ୍ୱଂସ କରିଛ।

8ତୁମ୍ଭେ ମୋ ଶରୀରକୁ ଜରାଜୀର୍ଣ୍ଣ କରିଛ। ସେଥିପାଇଁ ଲୋକମାନେ ମୋତେ ଦୋଷୀବୋଲି ଭାବୁଛନ୍ତି।

9ପରମେଶ୍ୱର ମୋତେ ଆକ୍ରମଣ କରିଛନ୍ତି। ସେ ମୋ ଉପରେ କୋପ କରିବାରୁ ମୋର ଶରୀର ଲୋତକରେ ଭିଜି ଯାଇଛି। ପରମେଶ୍ୱର ମୋ ବିରୁଦ୍ଧରେ ତାଙ୍କ ଦାନ୍ତ ରଗଡ଼ନ୍ତି। ମୋର ଶତ୍ରୁ ମୋତେ ଘୃଣା ଚକ୍ଷୁରେ ଦେଖନ୍ତି।

10ଲୋକମାନେ ମୋ ଗ୍ଭରିକଡ଼ରେ ଏକତ୍ରିତ ହୋଇଛନ୍ତି ଏବଂ ସେମାନେ ମୋତେ ଉପହାସ କରନ୍ତି, ଏବଂ ମୋ ଗାଲରେ ଗ୍ଭପୁଡ଼ା ମାରନ୍ତି।

11ପରମେଶ୍ୱର ମୋତେ ଦୁଷ୍ଟ ଲୋକଙ୍କ ହାତରେ ସମର୍ପି ଦେଇଛନ୍ତି। ସେ ଦୁଷ୍ଟ ଲୋକମାନଙ୍କୁ ମୋତେ ଆଘାତ କରିବାକୁ ଅନୁମତି ଦେଇଛନ୍ତି।

12ମୋର ଗୋଟିଏ ଆରାମଦାୟକ ଜୀବନ ଥିଲା। ତା'ପରେ ସେ ମୋତେ ଚୂର୍ଣ୍ଣବିଚୂର୍ଣ୍ଣ କଲେ। ସେ ମୋର ବେକକୁ ଧରି ମୋତେ ଛୋଟ ଛୋଟ ଖଣ୍ଡ କରି ଭାଙ୍ଗି ଦେଲେ। ସେ ଲକ୍ଷ୍ୟ ଅଭ୍ୟାସ ପାଇଁ ମୋତେ ବ୍ୟବହାର କଲେ।

13ପରମେଶ୍ୱରଙ୍କ ତୀରବାହକମାନେ ମୋର ଚତୁଃପାର୍ଶ୍ୱରେ ଅଛନ୍ତି। ସେ ମୋର ବୃକ୍କକୁ ଶରଦ୍ୱାରା ବିଦ୍ଧ କରନ୍ତି। ସେ କୌଣସି ପ୍ରକାର ଦୟା ଦେଖାନ୍ତି ନାହିଁ। ସେ ମୋର ଅନ୍ତନାଳୀକୁ ଭୂମିରେ ଫିଙ୍ଗି ଦିଅନ୍ତି।

14ପରମେଶ୍ୱର ମୋତେ ବାରମ୍ବାର ଆକ୍ରମଣ କରନ୍ତି। ସେ ଯୁଦ୍ଧ କ୍ଷେତ୍ରର ସୈନିକ ପରି ମୋତେ ଆକ୍ରମଣ କରନ୍ତି।

15ମୋର ଦୁଃଖରେ ମୁଁ ମୋର ବସ୍ତ୍ର ଚଟରୁ ବସ୍ତ୍ର ତିଆରି କଲି। ଜଣେ ପରାଜିତ ଲୋକ ପରି ମୁଁ ଏହି ଧୂଳି ଓ ପାଉଁଶ ଉପରେ ବସିଛି।

16କାନ୍ଦି କାନ୍ଦି ମୋର ମୁହଁ ଲାଲ ପଡିଗଲାଣି। ମୋର ଆଖିର ଚତୁର୍ଦ୍ଦିଗରେ କଳା କଳା ଦାଗ ଦିଶିଲାଣି।

17ମୁଁ ଜୀବନରେ କାହାପ୍ରତି ନିଷ୍ଠୁର ଆଚରଣ କରିନାହିଁ ତଥାପି ଏହିସବୁ ଅମଙ୍ଗଳ ମୋତେ ଘଟିଲା। ମୋର ପ୍ରାର୍ଥନା ନିର୍ମଳ ଓ ପବିତ୍ର ଅଟେ।

18ପୃଥିବୀ, ମୋ ପ୍ରତି ଯେଉଁ ଅନ୍ୟାୟ କରାଯାଇଛି ତାହା ଲୁଚାଅ ନାହିଁ। ନ୍ୟାୟ ପାଇଁ ମୋର ଭିକ୍ଷା ବନ୍ଦ ନ ହେଉ।

19ଏବେ ବି ବର୍ତ୍ତମାନ ମୋ ପାଇଁ ସ୍ୱର୍ଗରାଜ୍ୟରେ କେହି ଜଣେ ଅଛି, ଯିଏ ମୋ ପକ୍ଷରେ କଥା କହିବେ। କେହି ଜଣେ ମୋ ପାଇଁ ସାକ୍ଷ୍ୟ ଦେବେ।

20ମୋ ମିତ୍ରଗଣ ମୋ ପାଇଁ କୁହ, କିପରି ମୋର ଚକ୍ଷୁ ପରମେଶ୍ୱରଙ୍କ ପାଇଁ ଲୁହ ଢାଳି ଦେଉଛି।

21ସେ ମୋ ପାଇଁ ପରମେଶ୍ୱରଙ୍କୁ କୁହନ୍ତି ଯେମିତିକି ଜଣେ ବ୍ୟକ୍ତି ତା'ର ବନ୍ଧୁ ପାଇଁ ଯୁକ୍ତି କରେ।

22ଆଉ କିଛି ବର୍ଷ ପରେ ମୁଁ ସେହି ମୃତ୍ୟୁ ରାଜ୍ୟକୁ ଯିବି ଯେଉଁଠାରୁ କେହି କେବେ ଫେରେ ନାହିଁ।

17 ମୋର ଆତ୍ମା ଭାଙ୍ଗି ଯାଇଛି। ମୁଁ ସବୁ ତ୍ୟାଗ କରିବାକୁ ପ୍ରସ୍ତୁତ ଅଛି। ମୋର ଜୀବନ ପ୍ରାୟ ନଷ୍ଟ ହୋଇଯାଇଛି। ମୋ ପାଇଁ କବର ଅପେକ୍ଷା କରିଛି।

2ଲୋକମାନେ ମୋ ଚାରିପାଖରେ ଛିଡ଼ା ହୋଇ ହସୁଛନ୍ତି। ମୁଁ ସେମାନଙ୍କୁ ଦେଖୁଛି ସେମାନେ ଯେତେବେଳେ ମୋତେ ପରିହାସ ଏବଂ ଅପମାନ କରୁଛନ୍ତି।

3ହେ ପରମେଶ୍ୱର ତୁମ୍ଭେ ମୋତେ ଦେଖାଇ ଦିଅ ଯେ ତୁମ୍ଭେ ପ୍ରକୃତରେ ମୋତେ ସମର୍ଥନ କର। ଅନ୍ୟ କେହି ମୋତେ ସମର୍ଥନ ଦେବେ ନାହିଁ।

4ତୁମ୍ଭେ ମୋର ବନ୍ଧୁମାନଙ୍କ ମନକୁ ବୁଝିବାକୁ ବାରଣ କରିଛ। ସେଥିପାଇଁ ସେମାନେ ଠିକ୍ ବୋଲି ତୁମ୍ଭେ ସେମାନଙ୍କୁ ଚିନ୍ତା କରିବାକୁ ଦେବେ ନାହିଁ।

5ଯଦି କେହି ଗୋଟିଏ ପୁରସ୍କାର ପାଇଁ ସାଙ୍ଗ ବିରୁଦ୍ଧରେ କହେ, 'ତା'ର ପିଲାମାନଙ୍କର ଚକ୍ଷୁ ଫୁଟିଯାଉ।' କିନ୍ତୁ ମୋର ବନ୍ଧୁଗଣ ମୋ ବିରୁଦ୍ଧରେ ଗଲେ।

6ପରମେଶ୍ୱର ମୋର ନାମକୁ ସମସ୍ତଙ୍କ ପାଇଁ ଏକ ଖରାପ ବାକ୍ୟ କରିଛନ୍ତି। ଲୋକେ ମୋ ମୁହଁରେ ଛେପ ପକାଉଛନ୍ତି।

7କାରଣ ମୋର ଦୁଃଖ ଯୋଗୁଁ ମୋର ଚକ୍ଷୁ ଅନ୍ଧ ପ୍ରାୟ ହୋଇଗଲାଣି। ମୋର ଶରୀର ଛାଇପରି କ୍ଷୀଣ ହୋଇଗଲାଣି।

8ଭଲ ଲୋକମାନେ ଏବିଷୟରେ ସ୍ତମ୍ଭିତ ହୋଇଛନ୍ତି। ନିରୀହ ଲୋକମାନେ ସେହିମାନଙ୍କ ଉପରେ କ୍ଷୁବ୍ଧ ହୁଅନ୍ତି, ଯେଉଁମାନେ ପରମେଶ୍ୱରଙ୍କୁ ଖାତିର୍ କରନ୍ତି ନାହିଁ।

9କିନ୍ତୁ ଧାର୍ମିକ ଲୋକମାନେ କ୍ରମାଗତ ଭାବରେ ସତ୍ୟପଥରେ ରହିବେ। ନିରୀହ ଲୋକମାନେ ଆହୁରୀ ଶକ୍ତିଶାଳୀ ହେବେ।

10ବର୍ତ୍ତମାନ ତୁମ୍ଭେମାନେ ସମସ୍ତେ ଫେରିଆସ। ତୁମ୍ଭମାନଙ୍କ ଭିତରୁ କେହି ଜଣେ ଜ୍ଞାନୀ ଲୋକ ମୁଁ ପାଇ ପାରିବି ନାହିଁ।

11ମୋର ଜୀବନ ସରିସରି ଆସୁଛି। ମୋର ସମସ୍ତ ଯୋଜନା ପଣ୍ଡ ହୋଇଗଲା। ମୋର ସବୁ ଆଶା ଧୂଳିସାତ ହେଲା।

12ମୋର ମିତ୍ରଗଣ ସବୁ ସନ୍ଦେହରେ ଅଛନ୍ତି। ସେମାନେ ରାତିକୁ ଦିନ ବୋଲି ଭାବନ୍ତି। ସେମାନେ କହନ୍ତି, ଏହା ଶୀଘ୍ର ଆଲୋକିତ ହେବ, ଯେତେବେଳେ ଏହା ଅନ୍ଧକାର ହେଉଛି।

13ମୁଁ ହୁଏତ କବରକୁ ମୋର ନୂଆ ଘର ବୋଲି ଆଶା କରିବି। ମୁଁ ଆଶା କରୁଛି, ମୋର ବିଛଣା ଅନ୍ଧକାର ବିବରଣ କରିବି।

14ମୁଁ ସେହି କବର ସ୍ଥାନକୁ 'ମୋର ପିତାବୋଲି ସମ୍ବୋଧନ କରିବି।' ସେହି ଜିଆପୋକ 'ମୋ ମା' ଓ 'ମୋ ଭଉଣୀ' ଭାବିବି।

15ଯଦି ତାହାହିଁ ମୋର ଗୋଟିଏ ଆଶା, ତେବେ ମୋର କୌଣସି ଆଶା ନାହିଁ। ଯଦି ତାହା ମୋର ଆଶା ତେବେ ଲୋକ ମୋଠାରେ କୌଣସି ଭରସା ପାଇବେ ନାହିଁ।

16ମୋର ଆଶା କ'ଣ ମୋ ସହିତ ମରିଯିବ? ଏହା ମଧ୍ୟ କ'ଣ ମୃତ୍ୟୁ ତଳକୁ ଯିବ? ଆମ୍ଭେ ମଧ୍ୟ କ'ଣ ମାଟି ତଳକୁ ଏକତ୍ରିତ ଯିବୁ?"

## ବିଲ୍ଦଦ୍ ଆୟୁବଙ୍କୁ ଉତ୍ତର ଦେଲା

18 ଏହାପରେ ଶୂହୀୟ ବିଲ୍ଦଦ ଉତ୍ତର ଦେଇ କହିଲା,
2"ଆୟୁବ ତୁମ୍ଭେ କେତେବେଳେ କଥା କହିବା ବନ୍ଦ କରିବ। ତୁମ୍ଭେ ଚୁପ ହୁଅ ଏବଂ ଶୁଣ। ଆମ୍ଭକୁ କିଛି କହିବାକୁ ଦିଅ।

3ତୁମ୍ଭେ କାହିଁକି ଭାବୁଛ ଯେ ଆମ୍ଭେ ସମସ୍ତେ ଗାଈ ପଶୁଭଳି ବୋକା?

4ଆୟୁବ, ତୁମ୍ଭର ରାଗ କେବଳ ତୁମ୍ଭକୁ ଆଘାତ କରିବ। କେବଳ ତୁମ୍ଭପାଇଁ କ'ଣ ଲୋକେ ପୃଥିବୀକୁ ପରିତ୍ୟାଗ କରିବେ? ତୁମ୍ଭେ କ'ଣ ଭାବୁଛ ତୁମ୍ଭକୁ ସନ୍ତୁଷ୍ଟ କରିବା ପାଇଁ ପରମେଶ୍ୱର ପର୍ବତକୁ ଘୁଞ୍ଚାଇ ଦେବେ?

5"ହଁ, ଦୁଷ୍ଟ ଲୋକର ଆଲୋକ ଲିଭିଯିବ। ତାଙ୍କର ଅଗ୍ନି ଜଳିବା ବନ୍ଦ ହେବ।

6ତାଙ୍କ ଘରର ଆଲୋକ ଅନ୍ଧକାରରେ ପରିଣତ ହେବ। ତାଙ୍କର ତାଙ୍କ ନିକଟରେ ଥିବା ବତୀ ଲିଭିଯିବ।

7ତାଙ୍କର ଶକ୍ତ ପାଦ କ୍ଷୀଣ ହୋଇଯିବ ଏବଂ ତା'ର ନିଜର ଚକ୍ରାନ୍ତ ତାକୁ ତଳକୁ ଆଣିବ।

8ତାଙ୍କ ନିଜର ପାଦ ତାଙ୍କୁ ଯନ୍ତା ଭିତରକୁ ଟାଣି ନେବ।
ସେ ସେହି ଯନ୍ତା ଭିତରକୁ ଯାଇ ତା' ଭିତରେ ବନ୍ଦୀ ହେବ।
9ଗୋଟିଏ ଯନ୍ତା ତା'ର ପାଦକୁ ଧରିନେବ। ଯନ୍ତା
ଭିତରେ ସେ ଦୃଢ଼ ଭାବରେ ରହିଯିବେ।
10ଭୂମିରେ ଲୁକ୍କାୟିତ ଗୋଟିଏ ଦଉଡ଼ି ତାକୁ ଫାଶରେ
ପକାଇବ। ସେ ପଡ଼ିବାକୁ ଥିବା ଯନ୍ତା ତାଙ୍କ ବାଟରେ ତାଙ୍କୁ
ଅପେକ୍ଷା କରିଛି।
11ଭୟଙ୍କରତା ତାଙ୍କ ଚାରିପାଖରେ ଅପେକ୍ଷା କରିଛି, ଭୟ
ତାଙ୍କର ପ୍ରତିଟି ପଦକ୍ଷେପକୁ ଗୋଡ଼େଇବ।
12ଖରାପ ବିଷୟ ତାପାଇଁ ଭୋକିଲା ଅଛି। ଧ୍ୱଂସ ବିଧ୍ୱସ୍ତ
ତା'ପାଇଁ ପ୍ରସ୍ତୁତ ଅଛନ୍ତି ସେ ଯେତେବେଳେ ପଡ଼ିବ।
13ଭୟଙ୍କର ବ୍ୟାଧି ତା'ର ଚମଡ଼ାକୁ ଖାଇଯିବ, ତାହାପରେ
ବାହୁ ଓ ଗୋଡ଼କୁ ପଚେଇ ଦେବ।
14ଦୁଷ୍ଟ ବ୍ୟକ୍ତି ଶେଷରେ ତା'ର ନିରାପଦ ମଣୁଥିବା ଘରୁ
ତଡ଼ା ଖାଇବ। ତାକୁ ଧରି ନିଆଯାଇ ଆତଙ୍କବାଦୀ ରାଜାଙ୍କ
ସମ୍ମୁଖରେ ଉପସ୍ଥାପନା କରାଯିବ।
15ତା'ର ବାସଗୃହ ଶୂନ୍ୟ ହୋଇଯିବ। କାହିଁକି? ତା'ର
ଘର ଚାରିପାଖରେ ଜଳନ୍ତା ଗନ୍ଧକ ବିଞ୍ଚାଯିବ।
16ତା'ର ମୂଳ ଶୁଷ୍କ ହୋଇଯିବ ଓ ତା'ର ଉପରର ଡାଳ
ଶାଖାପ୍ରଶାଖା ମରିଯିବ।
17ଏ ପୃଥିବୀର ମଣିଷ ତାକୁ ମନେ ରଖିବେ ନାହିଁ।
ତାକୁ ଆଉ କେହି ମନେ ରଖିବେ ନାହିଁ।
18ଲୋକମାନେ ତାକୁ ଆଲୁଅରୁ ଅନ୍ଧାରକୁ ଠେଲି ଦେବେ।
ସେମାନେ ତାକୁ ଏ ପୃଥିବୀରୁ ତଡ଼ି ଦେବେ।
19ତା'ର କୌଣସି ସନ୍ତାନ ସନ୍ତତି ଓ ନାତି ନାତୁଣୀ
ହେବ ନାହିଁ। ତା' ପରିବାରର କେହି ଗୃହରେ ବାସ କରିବା
ନିମନ୍ତେ ରହିବେ ନାହିଁ।
20ପଶ୍ଚିମ ଦେଶର ଲୋକମାନେ ଯେତେବେଳେ ଶୁଣିବେ
ଦୁଷ୍ଟ ଲୋକର ଅବସ୍ଥା ଏପରି ହୋଇଛି ସେମାନେ ସ୍ତମ୍ଭିତ
ହେବେ। ପୂର୍ବ ଦେଶର ଲୋକମାନେ ଏକଥା ଶୁଣି ଭୟରେ
କମ୍ପି ଉଠିବେ।
21ମନ୍ଦ ଲୋକର ଘର ପ୍ରତି ଏହା ନିଶ୍ଚିତ ରୂପରେ
ଘଟିବାକୁ ଯାଉଛି। ଏହାହିଁ ଘଟିବ ସେ ଲୋକକୁ ଯିଏ
ପରମେଶ୍ୱରଙ୍କୁ ଜାଣେ ନାହିଁ।"

### ଆୟୁବ ଉତ୍ତର ଦେଲା

19 ତା'ପରେ ଆୟୁବ ଉତ୍ତର ଦେଲା,
2"ତୁମ୍ଭେ କେତେ କାଳ ମୋତେ ଆଘାତ କରିବ
ଏବଂ ତୁମ୍ଭ ବାକ୍ୟ ଦ୍ୱାରା ଭାଙ୍ଗିବ?
3ତୁମ୍ଭେ ବର୍ତ୍ତମାନ ସୁଦ୍ଧା ମୋତେ ଦଶଥର ଅପମାନିତ
କଲଣି। ତୁମ୍ଭକୁ ଟିକେ ଲଜ୍ଜା ଲାଗୁନି ଯେତେବେଳେ ମୋତେ
ଆକ୍ରମଣ କରୁଛ।
4ଯଦି ବି ସତରେ ପାପ କରିଛି, ଏହା ମୋର ସମସ୍ୟା।
ଏହା କୌଣସି ପ୍ରକାରେ ତୁମ୍ଭକୁ ଆଘାତ କରୁ ନାହିଁ। 5ତୁମ୍ଭେ
କେବଳ ମୋଠାରୁ ଭଲ ଦେବା ପାଇଁ ଚାହୁଁଛ। ତେଣୁ ମୋର
ଅପମାନିତ ଅବସ୍ଥାକୁ ମୋ ବିରୁଦ୍ଧରେ ଏକ ଯୁକ୍ତି ରୂପେ
ବ୍ୟବହାର କରୁଛ।
6କିନ୍ତୁ ସେ ପରମେଶ୍ୱର ମୋ ପ୍ରତି ଭୁଲ କରିଛନ୍ତି? ସେ
ମୋତେ ଧରିବାକୁ ନିଜର ଫାନ୍ଦ ବସାଇଲେ।
7ମୁଁ ଚିତ୍କାର କଲି, କିନ୍ତୁ କେହି ମୋର ରବ ଶୁଣି
ସହାୟତା ପାଇଁ ଉତ୍ତର ଦେଲେ ନାହିଁ। ମୁଁ ଚିତ୍କାର କଲି,
ମୋତେ ରକ୍ଷା କର! କିନ୍ତୁ ସେଠାରେ ନ୍ୟାୟ ନାହିଁ।
8ପରମେଶ୍ୱର ମୋର ପଥରୋଧ କରିଛନ୍ତି। ମୁଁ ତାହାକୁ
ଅତିକ୍ରମ କରି ପାରିବିନାହିଁ। ସେ ମୋର ବାଟକୁ ଅନ୍ଧକାରରେ
ବୁଡ଼ାଇ ରଖିଛନ୍ତି।
9ପରମେଶ୍ୱର ମୋର ସମ୍ମାନକୁ କାଢ଼ି ନେଇଛନ୍ତି। ସେ
ମୋର ମସ୍ତକରୁ ମୁକୁଟ କାଢ଼ି ନେଇଛନ୍ତି।
10ପରମେଶ୍ୱର ମୋତେ ସବୁ ଦିଗରୁ ଆଘାତ କରୁଛନ୍ତି,
ମୁଁ ଶେଷ ନ ହେଲା ଯାଏ। ଉତ୍ପାଟିତ ବୃକ୍ଷ ତୁଲ୍ୟ, ସେ
ମୋର ଆଶାକୁ କାଢ଼ି ନେଇଛନ୍ତି।
11ପରମେଶ୍ୱରଙ୍କ ରାଗ ମୋ ବିରୁଦ୍ଧରେ ପ୍ରଜ୍ୱଳିତ ହେବାରେ
ଲାଗିଛି। ସେ ମୋତେ ତାଙ୍କର ଶତ୍ରୁ ଭାବୁଛନ୍ତି।
12ପରମେଶ୍ୱର ତାଙ୍କର ସୈନ୍ୟଦଳମାନଙ୍କୁ ମୋ ବିରୁଦ୍ଧରେ
ଆକ୍ରମଣ କରିବାକୁ ପଠାଇଛନ୍ତି। ସେମାନେ ମୋର
ଚତୁଃପାର୍ଶ୍ୱରେ ଆକ୍ରମଣ ପାଇଁ ଦୁର୍ଗ ନିର୍ମାଣ କରିଛନ୍ତି।
ଏବଂ ସେମାନେ ମୋର ଛାଉଣୀର ଚତୁଃପାର୍ଶ୍ୱରେ ଛାଉଣୀ
କରିଛନ୍ତି।
13ସେ ମୋର ଭାଇମାନଙ୍କୁ ମୋଠାରୁ ବହୁତ ଦୂରକୁ
ନେଇଯାଇଛନ୍ତି। ମୋର ନିଜର ସାଙ୍ଗମାନେ ମୋ ପାଇଁ
ଅଚହ୍ନା ହୋଇଛନ୍ତି।
14ମୋର ଜ୍ଞାତିମାନେ ମୋତେ ଛାଡ଼ି ଚାଲିଗଲେ। ମୋର
ବନ୍ଧୁମାନେ ମୋତେ ଭୁଲିଗଲେ।
15ମୋ ଘରକୁ ଆସୁଥିବା ଆଗନ୍ତୁକ ଏପରିକି ଦାସୀମାନେ
ମଧ୍ୟ ମୋତେ ଏପରି ଦୃଷ୍ଟିରେ ଦେଖୁଛନ୍ତି ଯେପରିକି ମୁଁ
ଜଣେ ଅପରିଚିତ ବିଦେଶୀ।
16ମୁଁ ଚାକରମାନଙ୍କୁ ଡାକିଲେ ସେମାନେ ମୋତେ ଉତ୍ତର
ଦିଅନ୍ତି ନାହିଁ। ମୁଁ ସାହାଯ୍ୟ ପାଇଁ ପ୍ରାର୍ଥନା କଲେ ବି ମୋର
ଚାକରମାନେ ଉତ୍ତର ଦିଅନ୍ତି ନାହିଁ।
17ମୋର ପତ୍ନୀ ମୋର ନିଶ୍ୱାସର ପବନକୁ ମଧ୍ୟ ଘୃଣା
କରେ। ଓ ନିଜ ଭାଇମାନେ ମୋତେ ଘୃଣା କରନ୍ତି।
18ଛୋଟ ପିଲାମାନେ ମୋତେ ଦେଖି ଥଟ୍ଟା କରନ୍ତି ଓ
ମୋତେ ଖରାପ କଥା କହି ଗାଳି ଦିଅନ୍ତି। ଯେତେବେଳେ ମୁଁ
ତାଙ୍କ ପାଖକୁ ଯାଏ।
19ମୋର ନିକଟତମ ବନ୍ଧୁମାନେ ମୋତେ ଘୃଣା କରନ୍ତି।
ମୁଁ ଯେଉଁ ଲୋକମାନଙ୍କୁ ଭଲପାଏ, ସେମାନେ ମୋ ବିରୁଦ୍ଧରେ
ଯାଉଛନ୍ତି।
20ତେଣୁ ମୁଁ ଅତି କ୍ଷୀଣ ହୋଇଗଲିଣି। ମୋର ଚର୍ମ
ଓହଳି ପଡ଼ିଲାଣି। ମୋର ଚମଡ଼ା ମୋର ହାଡ଼ ଉପରେ
ଝୁଲୁଛି। ମୋର ଅଳ୍ପ ଜୀବନ ବାକିଅଛି।
21ମୋତେ ଦୟା କରନ୍ତୁ। ମୋର ବନ୍ଧୁଗଣ ମୋତେ
ଦୟାକର। କାହିଁକି? କାରଣ ପରମେଶ୍ୱର ମୋ ବିରୁଦ୍ଧରେ।
22କାହିଁକି? ତୁମ୍ଭେ ମୋତେ ଅତ୍ୟାଚାର କରୁଛ ପରମେଶ୍ୱରଙ୍କ
ପରି? ତୁମ୍ଭେ ମୋତେ ଆଘାତ ଦେଇ ଦେଇ କ'ଣ କ୍ଲାନ୍ତ
ଅନୁଭବ କରୁ ନାହିଁ?

23ମୁଁ ଗୃହେଁ କେହ ଜଣେ ମନେରଖୁ ଯାହା ମୁଁ କହୁଛ
ଓ ଯାହା ଗୋଟିଏ ବହରେ ଲେଖିଛ। ମୁଁ ଗୃହେଁ ମୋର
କଥାସବୁ ପୁସ୍ତକରେ ଲଖିତ ହୋଇରହୁ।
24ମୋର ଲୁହା ଲେଖନୀ ଓ ସୀସା ଦ୍ୱାରା ମୋର
ବାକ୍ୟସବୁ ଖୋଦତ ହେବା ଉଚତ୍। ସେଗୁଡକ ଚରଦନ
ପାଇଁ ପ୍ରସ୍ତର ଉପରେ ଖୋଦତ ହେବା ଉଚତ୍।
25ମୁଁ ଜାଣେ ମୋର ରକ୍ଷାକର୍ତ୍ତା ଜୀବତ ଏବଂ ଶେଷରେ
ସେ ମୋତେ ରକ୍ଷା କରବା ପାଇଁ ପୃଥିବୀରେ ଠିଆହେବେ।
26ମୋର ଚମଡା ଧ୍ୱଂସ ହେଲା ପରେ, ବନା ମାଂସରେ ମୁଁ
ପରମେଶ୍ୱରଙ୍କୁ ଦେଖିବ।
27ମୁଁ ପରମେଶ୍ୱରଙ୍କୁ ନଜ ଆଖିରେ ଦେଖିବ। ମୁଁ, ମୋର
ନଜ ପାଇଁ ପରମେଶ୍ୱରଙ୍କୁ ଦେଖିବ। ମୁଁ ଇଚ୍ଛାକରେ ମୋର
ନଜ ଆଖି ତାଙ୍କୁ ଦେଖିବ ଅନ୍ୟ କାହାର ଆଖି ନୁହେଁ।
ମୋର ଅତିରକ୍ତ ଅନୁଭବ ଦ୍ୱାରା, ମୁଁ କ୍ଲାନ୍ତ ହୋଇ ପଡଛ।
28ତୁମ୍ଭେ ହୁଏତ କହପାର, 'ଆମ୍ଭେ କପର ତାଙ୍କୁ
ହଇରାଣ କରବା। ତଥାପି ତୁମ୍ଭେ ଚନ୍ତା କରୁଛ, ସମସ୍ୟାର
ମୂଳ ମୋଠାରେ ଅଛ।'
29କନ୍ତୁ ତୁମ୍ଭେ ନଜେ ଖଡ୍ଗ ଦ୍ୱାରା ଭୟଭୀତ ହେବ।
କାରଣ ପରମେଶ୍ୱର ଦୋଷୀଙ୍କୁ ଦଣ୍ଡ ଦଅନ୍ତ। ପରମେଶ୍ୱର
କେବଳ ତୁମ୍ଭକୁ ଦଣ୍ଡ ଦେବାକୁ ତାଙ୍କର ଖଡ୍ଗ ବ୍ୟବହାର
କରବେ। ସେତେବେଳେ ତୁମ୍ଭେ ଜାଣିବ ଯେ ଉପଯୁକ୍ତ ସମୟ
ଆସିଲେ ସେ ହିଁ ନ୍ୟାୟ ପ୍ରଦାନ କର ବଗ୍ଚର କରନ୍ତ।"

## ସୋଫର ଉତ୍ତର ଦେଲା

20 ତା'ପରେ ନାମାଥୀୟ ସୋଫର ଉତ୍ତର ଦେଇ
କହଲା,
2"ମୋର ଉଦ୍‌ବେଗ ଚନ୍ତା ମୋତେ ବାଧ୍ୟ କରଛ ତୁମ୍ଭକୁ
ଉତ୍ତର ଦେବା ପାଇଁ, କାରଣ ମୁଁ ଅତିରକ୍ତ ବଚଳତ।
3ତୁମ୍ଭେ ତୁମ୍ଭର ଉତ୍ତରରେ ଆମ୍ଭକୁ ଅପମାନତ କରଛ।
କନ୍ତୁ ମୁଁ ଜ୍ଞାନୀ, ତେଣୁ ତୁମ୍ଭକୁ କପର ଉତ୍ତର ଦେବାକୁ
ହେବ ମୁଁ ଜାଣେ।
4-5ତୁମ୍ଭେ ଜାଣ ଦୁଷ୍ଟ ଲୋକର ଆନନ୍ଦ ବେଶୀ ସମୟ
ତିଷ୍ଠିପାରେ ନାହିଁ। ଏହା ସତ୍ୟ ବହୁ ସମୟରୁ, ଯେତେବେଳଠାରୁ
ଆଦମ ଏ ପୃଥିବୀରେ ରଖାଯାଇଥିଲା। ଯେଉଁ ବ୍ୟକ୍ତ ପରମେଶ୍ୱରଙ୍କ
ବନା ବାସ କରେ, ସେ ଲୋକର ଆନନ୍ଦ କ୍ଷଣସ୍ଥାୟୀ ଅଟେ।
6ଦୁଷ୍ଟ ଲୋକର ଗର୍ବ ହୁଏତ ଆକାଶ ସ୍ପର୍ଶ କରପାରେ।
ତା'ର ମସ୍ତକ ମେଘକୁ ଛୁଇଁ ପାରେ।
7କନ୍ତୁ ସେ ନଜର ଶରୀର ଭଳି ଦନେ ନଶ୍ଚିହ୍ନ
ହୋଇଯିବ। ଯେଉଁ ବ୍ୟକ୍ତମାନେ ତାଙ୍କୁ ଜାଣିଥିଲେ ସେମାନେ
କହବେ, 'ସେ କାହିଁ?'
8ସେ ସ୍ୱପ୍ନ ଭଳ ମିଳାଇଯିବ। ଆଉ ତାଙ୍କୁ କେହ
ପାଇବେ ନାହିଁ। ସେ ଗୋଟିଏ ରାତ୍ରିର ଦୁଃସ୍ୱପ୍ନ ଭଳ ଭୂଲ
ହୋଇଯିବ।
9ଯେଉଁ ବ୍ୟକ୍ତ ତାଙ୍କୁ ଦେଖିଥିଲେ ଆଉ ତାଙ୍କୁ ଦେଖିପାରବେ
ନାହିଁ। ତା'ର ପରବାର ମଧ୍ୟ ତା' ଆଡକୁ ପୁଣି ଅନାଇବେ
ନାହିଁ।
10ଦୁଷ୍ଟ ବ୍ୟକ୍ତର ପିଲାମାନେ ସେ ଅପହରଣ କରଥିବା
ଗରୀବ ଲୋକର ସମ୍ପତ୍ତିକୁ ପୁଣି ଫେରାଇ ଦେବେ। ତା'ର
ନଜ ହାତ ମଧ୍ୟ ତା'ର ସମ୍ପତ୍ତିକୁ ଫେରାଇ ଦେବ।
11ଯେତେବେଳେ ସେ ଯୁବକ ଥିଲା, ତା'ର ହାଡ ଶକ୍ତ
ଥିଲା। କନ୍ତୁ ତା'ର ଶରୀରର ଅନ୍ୟାନ୍ୟ ଅଙ୍ଗଭଳ ସେ ମଧ୍ୟ
ଶୀଘ୍ର ମାଟିରେ ମିଶିଯିବ।
12ଦୁଷ୍ଟତା ତା' ପାଟିକୁ ମିଠା ଲାଗେ, ସେ ସଂପୂର୍ଣ୍ଣ
ଆନନ୍ଦ ପାଇବାକୁ ତାଙ୍କୁ ତା' ଜିଭତଳେ ରଖେ।
13ଦୁଷ୍ଟ ଲୋକ ଦୁଷ୍କର୍ମକୁ ଭଲପାଏ। ସେ ଏହା ପରତ୍ୟାଗ
କରବାକୁ ଘୃଣା କରେ। ଏକ ମିଠା ମିଶ୍ରି ଭଳ ତା'ର
ମୁଖରେ ଏହା ଥାଏ।
14ସେ ମିଠା ତା'ର ପାକସ୍ଥଳୀରେ ବଷରେ ପରଣତ ହୁଏ
ଏବଂ ତାହା ତିକ୍ତ ବଷ ତା' ଭିତରେ ହୋଇଯାଏ, ଯେପର
ସାପର ବଷ।
15ଦୁଷ୍ଟ ଲୋକ ଯେଉଁ ଧନ ଗିଳଥାଏ, ତାହା ଉଦ୍‌ଗାର
କରବ। ପରମେଶ୍ୱର ତାହା ତାଙ୍କୁ ବାନ୍ତ କରାଇ ଦେବେ।
16ସାପର ଗରଳ ଦୁଷ୍ଟ ଲୋକର ପାନୀୟରେ ପରଣତ
ହେବ। ସେହ ସାପର ବଷଦାନ୍ତ ଶେଷରେ ତାଙ୍କୁ ଦଂଶନ
କର ମାରବ।
17ଦୁଷ୍ଟ ଲୋକ ଜଳସ୍ରୋତ ଓ ନଦୀ ପର ବହ ଯାଉଥିବା
ମହୁ ଓ ଦୁଧସରକୁ ଉପଭୋଗ କର ପାରନ୍ତ ନାହିଁ।
18ଦୁଷ୍ଟ ଲୋକ ତା'ର ଲାଭ ଫେରାଇବାକୁ ବାଧ୍ୟ ହେବ।
ସେ ଯାହା ପାଇଁ ଏତେ କଷ୍ଟ ସ୍ୱୀକାର କଲା, ତାଙ୍କୁ ସେ
ଭୋଗ କର ପାରବ ନାହିଁ।
19କାହିଁକି? କାରଣ ସେ ଗରୀବକୁ ଲୁଣ୍ଠନ କରଛ ଏବଂ
ସେମାନଙ୍କୁ ପରତ୍ୟାଗ କରଛ। ସେ ସେମାନଙ୍କ ସମ୍ପତ୍ତିକୁ
ନେଇଯାଇଛ। ସେ ନଜେ ନର୍ମାଣ କର ନଥିବା ଗୃହକୁ
ମାଡବସିଲା।
20ଦୁଷ୍ଟଲୋକ କେବେ ବ ଅନ୍ତରରେ ବଶ୍ରାମ ନେଇପାରେ
ନାହିଁ। ସେ ତା'ର ପ୍ରିୟ ଧନ ତାଙ୍କୁ ରକ୍ଷା କରପାରବ ନାହିଁ।
21ସେ ଖାଇବା ପରେ ବଳକା ରହେ ନାହିଁ। ସେଥିପାଇଁ
ତା'ର ଉତ୍ତମ ଦ୍ରବ୍ୟସବୁ ସ୍ଥାୟୀ ହୁଏ ନାହିଁ।
22ଯେତେବେଳେ ଦୁଷ୍ଟ ଲୋକର ପ୍ରଚୁର ଥାଏ, ଦୁର୍ଦ୍ଦଶା
ତା' ଉପରକୁ ଆସିବ, ତା'ର କଷ୍ଟ ତା' ଉପରକୁ ସମସ୍ତ
ଶକ୍ତ ସହତ ଆସିବ।
23ଦୁଷ୍ଟଲୋକ ଯେତେବେଳେ ସେ ଗୃହୁଁଥିବା ଖାଦ୍ୟ ଖାଇ
ସାରବ। ପରମେଶ୍ୱର ତା'ଉପରେ ରାଗରେ ପ୍ରଚଣ୍ଡ ଆକ୍ରମଣ
କରବେ। ପରମେଶ୍ୱର ତା' ଉପରେ ଶାସ୍ତି ବୃଷ୍ଟି କରବେ।
24ସେ ହୁଏତ ଲୁହା ଖଡ୍ଗରୁ ରକ୍ଷା ପାଇଯାଇପାରେ କନ୍ତୁ
ତମ୍ବାର ଧନୁ ତାଙ୍କୁ ବନ୍ଧି ପକେଇବ।
25ସେହ ତମ୍ବାତୀର ତା'ର ପୂରା ଶରୀର ଦେଇ ଗତି
କରବ। ତା'ର ପିଠି ପଟ ଦେଇ ବାହାର ପଡବ। ଏହାର
ମୁନଆ ଅଗ୍ରଭାଗ ତା'ର କଲଜାକୁ ଚରଦେବ, ଏବଂ ତା'
ଉପରେ ଆତଙ୍କ ଆସିବ।
26ତା'ର ଭଣ୍ଡାର ଘର ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ପାଇବ। ଅଗ୍ନି
ସେ ସବୁ ଧ୍ୱଂସ କରବ। ଏହା କୌଣସି ମନୁଷ୍ୟକୃତ ଅଗ୍ନି ନ
ଥିବ। ଏହା ଦୈବାଗ୍ନି ତା' ଘରର ସମସ୍ତ ପଦାର୍ଥକୁ ଜାଳ
ଦେବ।

27ସ୍ୱର୍ଗ ଦୁଷ୍ଟ ଲୋକର ଅପରାଧକୁ ପ୍ରମାଣ କରିବ। ପୃଥିବୀ ତା' ବିରୁଦ୍ଧରେ ସାକ୍ଷୀ ଦେବ।

28ପରମେଶ୍ୱରଙ୍କ କୋପର ବନ୍ୟା ତା' ଘରର ସମସ୍ତ ପଦାର୍ଥକୁ ବୋହି ନେଇଯିବ।

29ସେଥିପାଇଁ ପ୍ରଭୁ ଦୁଷ୍ଟ ଲୋକଙ୍କ ପ୍ରତି ଯାହା କରିବେ, ତାହାହିଁ ପରମେଶ୍ୱର ଯୋଜନା କରିଛନ୍ତି ତାଙ୍କୁ ଦେବା ପାଇଁ।"

## ଆୟୁବ ଉତ୍ତର ଦେଲା

21 ତା'ପରେ ଆୟୁବ ଉତ୍ତର ଦେଲା,
2"ମୁଁ ଯାହା କହୁଛି ମନଦେଇ ଶୁଣ। ତାହା ତୁମ୍ଭମାନଙ୍କର ମୋ ପ୍ରତି ସାନ୍ତ୍ୱନା ହେଉ।

3ମୁଁ କହିଲାବେଳେ ଧୈର୍ଯ୍ୟ ଧରି ଶୁଣ। ମୁଁ କହିସାରିଲା ପରେ ତୁମ୍ଭେ ମୋ କଥାକୁ ବ୍ୟଙ୍ଗ କରିପାର।

4ମୁଁ ଲୋକମାନଙ୍କ ବିରୁଦ୍ଧରେ ଅଭିଯୋଗ କରୁ ନାହିଁ। ଏହାର ମଧ୍ୟ ଏକ ନିର୍ଦ୍ଦିଷ୍ଟ କାରଣ ଅଛି କାହିଁକି ମୁଁ ଧୈର୍ଯ୍ୟ ଧରିପାରୁ ନାହିଁ।

5ତୁମ୍ଭେ ମୋତେ ଦେଖ ଓ ସ୍ତମ୍ଭିତ ହୁଅ। ତୁମ୍ଭ ମୁହଁରେ ତୁମ୍ଭେ ହାତ ଦେଇ ମୋତେ ଚକିତ ହୋଇ ଚାହଁ।

6ମୁଁ ଯେତେବେଳେ ଚିନ୍ତା କରେ ମୋ ପ୍ରତି କ'ଣ ସବୁ ଘଟିଗଲା। ଭୟରେ ମୋର ସର୍ବାଙ୍ଗ ଥରଥର କମ୍ପି ଉଠେ।

7କାହିଁକି ଦୁଷ୍ଟ ଲୋକ ବେଶୀଦିନ ବଞ୍ଚନ୍ତି। କାହିଁକି ସେମାନେ ବଢନ୍ତି ଏବଂ ସଫଳତା ଅର୍ଜନ୍ତି।

8ଦୁଷ୍ଟ ଦେଖନ୍ତି ତାଙ୍କର ପିଲାମାନେ ତାଙ୍କ ସହିତ ବଢନ୍ତି, ସେମାନେ ବଞ୍ଚନ୍ତି ତାଙ୍କ ନାତି-ନାତୁଣୀ ଦେଖିବା ପାଇଁ।

9ସେମାନଙ୍କ ଘର ସବୁ ନିରାପଦ ଥାଏ। ସେମାନେ କାହାରିକି ଭୟ କରନ୍ତି ନାହିଁ। ପରମେଶ୍ୱର ମଧ୍ୟ ସେମାନଙ୍କୁ ଶାସ୍ତି ଦେବାକୁ ବାଡିଟିଏ ବ୍ୟବହାର କରନ୍ତି ନାହିଁ।

10ସେମାନଙ୍କ ଷଣ୍ଢ ସଂଗମ କରି ନିଷ୍ଫଳ ହୁଏ ନାହିଁ। ସେମାନଙ୍କ ଗାଈସବୁ ବାଛୁରୀ ପ୍ରସବ କରେ। ବାଛୁରୀ ସବୁ ଜନ୍ମ ହେଲାବେଳେ ମରନ୍ତି ନାହିଁ।

11ଦୁଷ୍ଟ ଲୋକମାନେ ସେମାନଙ୍କ ପିଲାମାନଙ୍କୁ ମେଣ୍ଢା ପରି ବାହାରକୁ ଖେଳିବାକୁ ପଠାନ୍ତି। ସେହି ପିଲାମାନେ ଚାରିଆଡ଼େ ନୃତ୍ୟ କରନ୍ତି।

12ସେମାନେ ତବଲା ଓ ବୀଣା ବଜାଇ ନୃତ୍ୟ ଗୀତରେ ମାତନ୍ତି।

13ଦୁଷ୍ଟବ୍ୟକ୍ତି ସାରାଜୀବନ ସୌଭାଗ୍ୟରେ ଦିନ କାଟନ୍ତି। ତା'ପରେ ସେମାନେ ମୃତ୍ୟୁ ମୁଖରେ ପଡନ୍ତି। କୌଣସି ଯନ୍ତ୍ରଣା ଭୋଗ ନକରି ସେମାନେ କବରକୁ ଯାଆନ୍ତି।

14କିନ୍ତୁ ଦୁଷ୍ଟଲୋକମାନେ ପରମେଶ୍ୱରଙ୍କୁ କହିଲେ, 'ଆମ୍ଭକୁ ଏକା ଛାଡିଦିଅ। ତୁମ୍ଭେ ଯାହା କରିବାକୁ ଚାହୁଁଛ ଆମ୍ଭେ ତାହା ଖାତିର୍ କରୁନାହୁଁ।'

15ଦୁଷ୍ଟଲୋକମାନେ କହନ୍ତି, 'ସର୍ବଶକ୍ତିମାନ ପରମେଶ୍ୱର କିଏ ଯେ, ଆମ୍ଭେ ତାଙ୍କର ସେବା କରିବୁ ବୋଲି। ତାଙ୍କ ନିକଟରେ ପ୍ରାର୍ଥନା କଲେ ଆମ୍ଭେ କି ଲାଭ ପାଇବା।'

16ଏହା ସତ୍ୟ ଦୁଷ୍ଟ ଲୋକମାନଙ୍କର ସୌଭାଗ୍ୟ ସେମାନଙ୍କ ହାତରେ ନାହିଁ। ମୁଁ ସେମାନଙ୍କ ଉପଦେଶ ଗ୍ରହଣ କରିପାରିବି ନାହିଁ।

17ପରମେଶ୍ୱର କେତେ ଦୁଷ୍ଟଲୋକଙ୍କ ଜୀବନଦୀପ ଲିଭାଇ ଦିଅନ୍ତି। ଦୁଷ୍ଟ ଲୋକେ କେତେଥର ବିପଦରେ ପଡନ୍ତି। କେତେ ଥର ସେମାନେ ପରମେଶ୍ୱରଙ୍କ କ୍ରୋଧର ଶିକାର ହୋଇ ଦଣ୍ଡ ପାଆନ୍ତି।

18ପବନ କୁଟା ଖଣ୍ଡକୁ ଉଡାଇ ନେଲାପରି ପରମେଶ୍ୱର କେତେ ଥର ସେମାନଙ୍କୁ ଉଡାଇ ନିଅନ୍ତି। ବତାସରେ କେତେ ଥର ସେମାନେ ତୁଷପରି ଉଡି ଯାଆନ୍ତି।

19କିନ୍ତୁ ତୁମ୍ଭେ କୁହ, 'ପରମେଶ୍ୱର ତା'ର ପିତାର ପାପଗୁଡିକ ପାଇଁ ତା'ର ପୁତ୍ରକୁ ଶାସ୍ତି ଦିଅନ୍ତି।' ନା, ସେ ନିଜେ ଦୁଷ୍ଟଲୋକକୁ ହିଁ ଶାସ୍ତି ପ୍ରଦାନ କରନ୍ତୁ। ତା'ହେଲେ ଯାଇ ଦୁଷ୍ଟ ଲୋକ ଜାଣିବ ଯେ ସେ ତା'ର ପାପଗୁଡିକ ପାଇଁ ଦୁଃଖ ଭୋଗ କରୁଛି।

20ସେହି ପାପୀ ନିଜେ ନିଜର ବିନାଶ ଦେଖୁ। ସେ ସର୍ବଶକ୍ତିମାନ ପରମେଶ୍ୱରଙ୍କ କ୍ରୋଧର ଶିକାର ହେଉ।

21ଯେତେବେଳେ ତାକୁ ଦିଆ ହୋଇଥିବା ସମୟ ଶେଷ ହୁଏ ଓ ସେତେବେଳେ ସେ ମରିଯାଏ। ସେ ତା'ର ପଛରେ ଛାଡ଼ିଯାଉଥିବା ପରିବାର ବିଷୟରେ କାହିଁକି ଭାବିବ?

22କେହି ପରମେଶ୍ୱରଙ୍କୁ ଜ୍ଞାନ ବିଷୟରେ ଶିକ୍ଷା ଦେଇ ପାରିବ କି? ପରମେଶ୍ୱର ମଧ୍ୟ ଅତି ଉଚ୍ଚ ସ୍ଥାନରେ ବାସ କରୁଥିବା ଲୋକମାନଙ୍କ କଥା ବିଚାର କରନ୍ତି।

23କେହି ହୁଏତ ସମ୍ପୂର୍ଣ୍ଣ ଜୀବନ ସହିତ ସୌଭାଗ୍ୟ ଲାଭକରି ମୃତ୍ୟୁବରଣ କରେ। ସେ ଏକ ନିରାପଦ ଓ ଆରାମ ଦାୟକ ଜୀବନ ଯାପନ କରେ।

24ତା'ର ଶରୀର ସମ୍ପୂର୍ଣ୍ଣ ଖାଦ୍ୟ ଗ୍ରହଣ କରିଥାଏ। ତା'ର ହାଡ ଶକ୍ତ ହୋଇଥାଏ।

25କିନ୍ତୁ ଅନ୍ୟ ଜଣେ ବ୍ୟକ୍ତି କିଛି ଆତ୍ମା ସହିତ କଠିନ ଜୀବନ ପରେ ମରେ, ସେ କେତେବେଳେ ମଙ୍ଗଳର ସ୍ୱାଦ ପାଇପାରେ ନାହିଁ।

26ଶେଷରେ ସେହି ଦୁଇ ଜଣ କବରରେ ବିଶ୍ରାମ ନିଅନ୍ତି। କୀଟ ସେହି ଦୁଇ ଜଣଙ୍କୁ ଖାଇଯାଏ।

27କିନ୍ତୁ ମୁଁ ଜାଣେ ତୁମ୍ଭେ କ'ଣ ଚିନ୍ତା କରୁଛ ଏବଂ ଏକଥା ଜାଣେ ତୁମ୍ଭେ ମୋତେ ଆଘାତ ଦେବାକୁ ଚାହୁଁଛ।

28ତୁମ୍ଭେ ମୋତେ କହିପାର, 'ଜଣେ ଭଲ ଲୋକର ଗୃହକୁ ମୋତେ ଦେଖାଅ। ମୋତେ ମନ୍ଦ ଲୋକ ଯେଉଁଠାରେ ବାସ କରନ୍ତି ଦେଖାଅ।'

29ନିଶ୍ଚୟ ତୁମ୍ଭେ ପଥିକମାନଙ୍କ ସହିତ କଥା ହୋଇଛ। ନିଶ୍ଚୟ ସେମାନଙ୍କ କାହାଣୀକୁ ସ୍ୱୀକାର କରିବ।

30ବିପଦ ଆସିଲେ ବି ଦୁଷ୍ଟ ଲୋକମାନେ ରକ୍ଷାପାଇ ଯାଆନ୍ତି। ପରମେଶ୍ୱର ରାଗ କଲେ ବି ସେମାନେ ବର୍ତ୍ତି ଯାଆନ୍ତି।

31କେହି ଦୁଷ୍ଟ ଲୋକକୁ ତା'ର ମୁହଁ ଉପରେ ସମାଲୋଚନା କରନ୍ତି ନାହିଁ, ସେ ଯାହା ଅନ୍ୟାୟ କଲେ ବି। କେହି ତା'ର ଅନ୍ୟାୟ କାର୍ଯ୍ୟ ପାଇଁ ତାକୁ ଦଣ୍ଡ ଦିଅନ୍ତି ନାହିଁ।

32ତଥାପି ଦୁଷ୍ଟ ବ୍ୟକ୍ତି କବରକୁ ବୁହାଯିବ ଓ ତାକୁ ପ୍ରହରୀ ଜଗିବେ।

33ଉପତ୍ୟକାର ମାଟି ମଧ୍ୟ ଦୁଷ୍ଟ ଲୋକଙ୍କ ପାଇଁ ସ୍ୱାଦିଷ୍ଟ ହେବ। ହଜାର ହଜାର ଲୋକ ତା'ର ଶବ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିବେ।

34ତେଣୁ ତୁମ୍ଭେ ମୋତେ ତୁମ୍ଭର ବୃଥା କଥାରେ ସାନ୍ତ୍ୱନା ଦେଇ ପାରିବ ନାହିଁ। ତୁମ୍ଭର ସମସ୍ତ ଉତ୍ତରଗୁଡ଼ିକ ଭୁଲ୍ ଅଟେ।"

## ଇଲୀଫସ୍ ଉତ୍ତର ଦେଲା

22 ତୈମନୀୟ ଇଲୀଫସ ଉତ୍ତର ଦେଇ କହିଲା,

2"ପରମେଶ୍ୱର କ'ଣ ଆମ୍ଭର ସାହାଯ୍ୟ ଆବଶ୍ୟକ କରନ୍ତି? ନା, ଏପରିକି ଜଣେ ଅତି ଜ୍ଞାନୀ ମଧ୍ୟ ପରମେଶ୍ୱରଙ୍କ ପ୍ରତି ଦରକାରୀ ନୁହେଁ।

3ତୁମ୍ଭେ ଯେ ଜଣେ ଧାର୍ମିକ ଅଟ ଏହା କ'ଣ ପରମେଶ୍ୱରଙ୍କ ସୁଖର କାରଣ ଅଟେ? ନାଁ, ତାଦ୍ୱାରା ସର୍ବଶକ୍ତିମାନ ପରମେଶ୍ୱର କ'ଣ କିଛି ଲାଭ ପାଆନ୍ତି ଯଦି ତୁମ୍ଭେ ତାଙ୍କୁ ଅନୁସରଣ କର। ନାଁ!

4ଏହା କ'ଣ ତାଙ୍କ ପ୍ରତି ଭୟ କାରଣରୁ ପରମେଶ୍ୱର ତୁମ୍ଭ ବିରୁଦ୍ଧରେ ଅଭିଯୋଗ କଲେ କି? ଏହା କ'ଣ ସେ କାରଣ ଯେ ତୁମ୍ଭେ ତାଙ୍କୁ ଉପାସନା କର?

5ନା, ଏହାର କାରଣ ତୁମ୍ଭେ ଅତ୍ୟଧିକ ପାପ କରିଛ। ତୁମ୍ଭେ କେବେ ନିବୃତ୍ତ ରହି ନାହଁ।

6ହୋଇପାରେ ତୁମ୍ଭେ ତୁମ୍ଭର ଭାଇକୁ କିଛି ଟଙ୍କା କରଜ ଦେଇଥିଲ ଏବଂ ତାକୁ ବାଧ୍ୟ କରିଥିଲ ତୁମ୍ଭକୁ କିଛି ବନ୍ଧକ ଦେବାକୁ ପ୍ରମାଣ ସ୍ୱରୂପ ଯାହା ଫଳରେ ସେ ତୁମ୍ଭକୁ ଫେରସ୍ତ କରିବ। ହୋଇପାରେ ତୁମ୍ଭେ ଗରୀବ ଲୋକଠାରୁ କପଡ଼ା ମଧ୍ୟ ନେଇଛ ବନ୍ଧକ ସ୍ୱରୂପ କରଜ ଦେଇ। ହୋଇପାରେ ତୁମ୍ଭେ ଏହା ବିନାକାରଣରେ କରିଅଛ।

7ହୋଇପାରେ ତୁମ୍ଭେ ଜଳ ଓ ଖାଦ୍ୟ ତୃଷାର୍ତ୍ତ ଓ ଭୋକିଲା ଲୋକକୁ ଦେଇନାହଁ।

8ଆୟୁବ, ତୁମ୍ଭର ବହୁତ ଶକ୍ତି ଜମି ଥିଲା ଏବଂ ଲୋକମାନେ ତୁମ୍ଭକୁ ସମ୍ମୋଧନ କରୁଥିଲେ।

9ଏହାବି ହୋଇପାରେ ତୁମ୍ଭେ ବିଧବାମାନଙ୍କୁ କିଛି ନ ଦେଇ ପଠାଇ ଦେଇଛ। ଆୟୁବ, ତୁମ୍ଭେ ଅନାଥମାନଙ୍କୁ ଠକିଛ।

10ବୋଧହୁଏ ସେଥିପାଇଁ ତୁମ୍ଭ ଚାରି କଡ଼ରେ ଫାନ୍ଦ ବସାଯାଇଛି ଓ ହଠାତ୍ ବିପଦ ପଡ଼ିବାରୁ ତୁମ୍ଭେ ଭୟଭୀତ ହୋଇ ପଡ଼ିଛ।

11ଏହି କାରଣ ପାଇଁ ଏତେ ଅନ୍ଧକାର ଘୋଟିଛି ଯେ, ତୁମ୍ଭେ କିଛି ଦେଖି ପାରୁନାହଁ କାହିଁକି? ତୁମ୍ଭେ ପ୍ରବଳ ବନ୍ୟାଜଳରେ ଢାଙ୍କି ହୋଇଛ।

12ପରମେଶ୍ୱରଙ୍କ ନିବାସସ୍ଥାନ ସ୍ୱର୍ଗର ସବୁଠୁ ଉର୍ଦ୍ଧ୍ୱରେ ନୁହଁ କି? ଦେଖ ନକ୍ଷତ୍ର ଗଣ ମଧ୍ୟ କେତେ ଉଚ୍ଚରେ ଅଛନ୍ତି।

13ଆୟୁବ ତୁମ୍ଭେ ହୁଏତ କହିପାର, 'ପରମେଶ୍ୱର କ'ଣ ଜାଣନ୍ତି? ପରମେଶ୍ୱର କ'ଣ ସେହି ଘନ ଅନ୍ଧକାର ବାଦଲ ମଧ୍ୟରୁ ଆମ୍ଭକୁ ଦେଖି ବିଗ୍ଭର କରନ୍ତି?

14ଘନ ବାଦଲ ପରମେଶ୍ୱରଙ୍କୁ ଆମ୍ଭଠାରୁ ଲୁଚାଇ ରଖେ, ତେଣୁ ସେ ଆମ୍ଭକୁ ଦେଖିପାରନ୍ତି ନାହିଁ। ସେ ଆକାଶ ସୀମାର ଉପରେ ଚାଲି ପାରନ୍ତି।'

15ଆୟୁବ ତୁମ୍ଭେ ସେହି ପୁରୁଣା ବାଟରେ ଚାଲୁଛ, ଯେଉଁ ପଥରେ ଦୁଷ୍ଟ ଲୋକେ ପୂର୍ବ କାଳରେ ଯାଉଥିଲେ।

16ସେହି ଦୁଷ୍ଟମାନେ ଧ୍ୱଂସ ପାଇ ସାରିଛନ୍ତି। ସେମାନଙ୍କର ମୃତ୍ୟୁ ସମୟ ଆସିବା ପୂର୍ବରୁ। ସେମାନେ ବନ୍ୟାରେ ଭାସି ଯାଇଛନ୍ତି।

17ସେହି ଲୋକମାନେ ପରମେଶ୍ୱରଙ୍କୁ କହିଥିଲେ, 'ଆମ୍ଭକୁ ଏକା ଛାଡ଼ି ଦିଅ! ପରମେଶ୍ୱର ସର୍ବଶକ୍ତିମାନ ଆମ୍ଭକୁ କିଛି କରିପାରନ୍ତି ନାହିଁ।'

18ଯଦ୍ୟପି ପରମେଶ୍ୱର ସେମାନଙ୍କ ଗୃହରେ ଉତ୍ତମ ଦ୍ରବ୍ୟ ପୂର୍ଣ୍ଣ କରିଥିଲେ। ମୁଁ ସେହି ଦୁଷ୍ଟ ଲୋକଙ୍କ ଉପଦେଶ ମାନିବି ନାହିଁ।

19ଧାର୍ମିକ ଲୋକେ ସେମାନଙ୍କ ଧ୍ୱଂସ ଦେଖିବାକୁ ଚାହାଁନ୍ତି। ଏବେ ସେହି ଧାର୍ମିକ ଲୋକମାନେ ଆନନ୍ଦିତ ହେବେ। ନିରୀହ ଲୋକ ଦୁଷ୍ଟ ଲୋକଙ୍କ ବିଷୟରେ ହାସ୍ୟ କରିବେ।

20'ସତରେ ଆମ୍ଭ ଶତ୍ରୁମାନେ ଧ୍ୱଂସ ହୋଇଛନ୍ତି। ଅଗ୍ନି ସେମାନଙ୍କ ସମ୍ପତ୍ତିକୁ ଜାଳି ଦେଇଛି।'

21ବର୍ତ୍ତମାନ ଆୟୁବ, ତୁମ୍ଭେ ପରମେଶ୍ୱରଙ୍କ ନିକଟରେ ନିଜକୁ ସମର୍ପି ଦିଅ ତାଙ୍କ ସହିତ ଶାନ୍ତିରେ ବାସ କର। ଏହା କଲେ ତୁମ୍ଭେ ଅନେକ ଭଲ ବସ୍ତୁ ପାଇବ।

22ତାହାଙ୍କ ଶିକ୍ଷା ଗ୍ରହଣ କର। ସେ ଯାହା କହୁଛନ୍ତି ତା' ପ୍ରତି ଧ୍ୟାନ ଦିଅ।

23ତୁମ୍ଭେ ପରମେଶ୍ୱରଙ୍କ ନିକଟକୁ ଫେରିଆସ। ସର୍ବଶକ୍ତିମାନ ପରମେଶ୍ୱର ତୁମ୍ଭକୁ ପୁନଃସ୍ଥାପନ କରିବେ। କିନ୍ତୁ ତୁମ୍ଭେ ତୁମ୍ଭର ଘରୁ ଦୁଷ୍ଟତା ଦୂର କର।

24ତୁମ୍ଭେ ତୁମ୍ଭର ସୁବର୍ଣ୍ଣକୁ ଧୂଳି ମାଟି ଛଡ଼ା କିଛି ନୁହେଁ ବୋଲି ଭାବ। ତୁମ୍ଭର ମୂଲ୍ୟବାନ ସୁନାକୁ ନଦୀର ପଥର ଖଣ୍ଡ ସଦୃଶ ବିଗ୍ଭର କର।

25ତୁମ୍ଭର ସୁବର୍ଣ୍ଣ ସେହି ସର୍ବଶକ୍ତିମାନ ପରମେଶ୍ୱର ଅଟନ୍ତି। ସେ ତୁମ୍ଭର ମୂଲ୍ୟବାନ ରୂପା ସଦୃଶ ଅଟନ୍ତି।

26ତା'ପରେ ତୁମ୍ଭେ ସର୍ବଶକ୍ତିମାନ ପରମେଶ୍ୱରଙ୍କୁ ଉପଭୋଗ କର। ସେମାନେ ତା'ପରେ ପରମେଶ୍ୱରଙ୍କୁ ଅନାଇବେ।

27ତା'ପରେ ତୁମ୍ଭେ ତାଙ୍କୁ ପ୍ରାର୍ଥନା କରିବ ଏବଂ ସେ ତୁମ୍ଭର ଡାକ ଶୁଣିବେ। ଯାହାସବୁ ପ୍ରତିଜ୍ଞା ତାଙ୍କଠାରେ କରିଛ, ତାହା ତୁମ୍ଭେ ରଖିବାକୁ ସକ୍ଷମ ହେବ।

28ଯଦି ତୁମ୍ଭେ କିଛି କରିବାକୁ ସ୍ଥିର କରିଛ, ନିଶ୍ଚୟ ତାହା ସଫଳ ହେବ। ତା'ହେଲେ ପ୍ରକୃତରେ ତୁମ୍ଭର ଭବିଷ୍ୟତ ଉଜ୍ଜ୍ୱଳ ହେବ।

29ପରମେଶ୍ୱର ଗର୍ବୀ ଲୋକକୁ ଲଜ୍ଜିତ କରାନ୍ତି। କିନ୍ତୁ ନମ୍ର ଲୋକକୁ ସାହାଯ୍ୟ କରନ୍ତି।

30ଯିଏ ନିରୀହ ନୁହେଁ ତାକୁ ମଧ୍ୟ ସେ ଉଦ୍ଧାର କରନ୍ତି। ଏହିପରି ଜଣେ ଲୋକ ଉଦ୍ଧାର ହେବ କାରଣ ତୁମ୍ଭର ହସ୍ତ ଶୁଦ୍ଧ ଅଟେ।"

### ଆୟୁବର ଉତ୍ତର

23 ତା'ପରେ ଆୟୁବ ଉତ୍ତର ଦେଲା,
2"ମୁଁ ଆଜି ବି ଅଭିଯୋଗ କରୁଛି କାରଣ ମୁଁ
ଆଜିବି କଷ୍ଟ ପାଉଛି।
3ମୁଁ ଇଚ୍ଛା କରେ ମୁଁ ଜାଣିଥାନ୍ତି ପରମେଶ୍ୱର କେଉଁଠି
ମିଳିବେ ଏବଂ ମୁଁ ଜାଣେ ତାଙ୍କ ନିକଟକୁ କିପରି ଯାଇହେବ।
4ମୁଁ ମୋର କଥା ତାଙ୍କ ଆଗରେ ବର୍ଣ୍ଣନା କରିବି। ମୁଁ ଯେ
ନିର୍ଦ୍ଦୋଷ ଏକଥା ତାଙ୍କ ଆଗରେ ଯୁକ୍ତି ବଳରେ ଉପସ୍ଥାପନା
କରିବି।
5ମୁଁ ଜାଣିବାକୁ ଚାହେଁ ପରମେଶ୍ୱର ମୋ ଯୁକ୍ତିର କିପରି
ଉତ୍ତର ଦେବେ। ପରମେଶ୍ୱରଙ୍କ ଉତ୍ତରକୁ ମୁଁ ବୁଝିବାକୁ
ଚାହେଁ।
6ପରମେଶ୍ୱର କ'ଣ ତାଙ୍କର ଶକ୍ତି ମୋ ବିରୁଦ୍ଧରେ
ପ୍ରୟୋଗ କରିବେ? ନା ସେ ମୋ କଥା ଶୁଣିବେ।
7ମୁଁ ଜଣେ ସଚ୍ଚୋଟ ଲୋକ। ପରମେଶ୍ୱର ନିଶ୍ଚିତ ମୋ
କାହାଣୀ କହିବାକୁ ମୋତେ ଦେବେ। ତା'ପରେ ମୋର
ବିଚାରକର୍ତ୍ତା ମୋତେ ମୁକ୍ତ କରିଦେବ।
8କିନ୍ତୁ ମୁଁ ଯଦି ପୂର୍ବକୁ ଯାଏ ପରମେଶ୍ୱର ସେଠାରେ
ନାହାଁନ୍ତି। ମୁଁ ପଶ୍ଚିମକୁ ଯାଏ ସେଠାରେ ପରମେଶ୍ୱରଙ୍କୁ
ଦେଖିପାରେ ନାହିଁ।
9ଯେତେବେଳେ ପରମେଶ୍ୱର ଉତ୍ତରରେ କାମ କରୁଛନ୍ତି,
ମୁଁ ଯଦି ସେଠାରେ ତାଙ୍କୁ ଦେଖିପାରୁ ନାହିଁ। ପରମେଶ୍ୱର
ଯଦି ଦକ୍ଷିଣକୁ ଯାଆନ୍ତି ମୁଁ ତଥାପି ତାଙ୍କୁ ଦେଖେ ନାହିଁ।
10ପରମେଶ୍ୱର ମୋତେ ଜାଣନ୍ତି। ସେ ମୋତେ ପରୀକ୍ଷା
କରୁଛନ୍ତି, ଶେଷରେ ସେ ଦେଖିବେ ମୁଁ ସୁନାପରି ଖାଣ୍ଟି।
11ମୁଁ ସର୍ବଦା ପରମେଶ୍ୱରଙ୍କ ପଥରେ ଚାଲିଛି। ମୁଁ
କେବେ ତାଙ୍କୁ ଅନୁସରଣ କରିବା ବନ୍ଦ କରିନାହିଁ।
12ମୁଁ ସବୁବେଳେ ପରମେଶ୍ୱରଙ୍କ ଆଦେଶ ମାନିଛି। ମୁଁ
ପରମେଶ୍ୱରଙ୍କ ମୁଖରୁ ନିସୃତ ବାଣୀକୁ ମୋର ପ୍ରିୟ ଖାଦ୍ୟଠାରୁ
ଅଧିକ ଭଲ ପାଇଛି।
13କିନ୍ତୁ ପରମେଶ୍ୱର କେବେହେଲେ ବଦଳନ୍ତି ନାହିଁ।
କେହି ବ୍ୟକ୍ତି ପରମେଶ୍ୱରଙ୍କ ବିରୁଦ୍ଧରେ ଛିଡ଼ା ହୋଇପାରିବେ
ନାହିଁ। ପରମେଶ୍ୱର ଯାହା ଇଚ୍ଛା କରନ୍ତି ତାହା ସେ କରନ୍ତି।
14ପରମେଶ୍ୱର ମୋ ପ୍ରତି ଯାହା କରିବାକୁ ଚାହାଁନ୍ତି ତାହା
ସେ ନିଶ୍ଚୟ କରିବେ। ତାଙ୍କର ମଧ୍ୟ ମୋ ପ୍ରତି ଅନେକ
କିଛି କରିବାକୁ ଯୋଜନା ଥିବ।
15ସେଥିପାଇଁ ମୁଁ ପରମେଶ୍ୱରଙ୍କୁ ଭୟ କରେ। ମୁଁ ଏକଥା
ବୁଝିପାରେ। ତେଣୁ ମୁଁ ପରମେଶ୍ୱରଙ୍କୁ ଭୟ କରେ।
16ପରମେଶ୍ୱର ମୋର ହୃଦୟକୁ ଦୁର୍ବଳ କରିଛନ୍ତି। ମୁଁ
ସାହସ ହରାଇ ଦେଉଛି। ସର୍ବଶକ୍ତିମାନ ପରମେଶ୍ୱର ମୋତେ
ଭୟଭୀତ କରୁଛନ୍ତି।
17ମୋ ଉପରେ ଘଟିଯାଇଥିବା ବିପଦସବୁ କଳାବାଦଲ
ସଦୃଶ ଯାହାକି ମୋ ମୁଖ ମଣ୍ଡଳକୁ ଆଚ୍ଛାଦିତ କରିଛି। କିନ୍ତୁ
ସେହି କଳା ଅନ୍ଧକାର ମୋତେ ଚୁପ କରି ରଖିପାରିବ ନାହିଁ।
24 "କାହିଁକି ସର୍ବଶକ୍ତିମାନଙ୍କଠାରୁ ସମୟ ଲୁଚି ରହେନି,
କିନ୍ତୁ ଯେଉଁମାନେ ତାଙ୍କୁ ଜାଣନ୍ତି, କେତେବେଳେ
ସେ ପଦକ୍ଷେପ ନେବେ ତାହା ଜାଣନ୍ତି।"
2କେହି କେହି ବ୍ୟକ୍ତି ନିଜର ଜମିର ସୀମାକୁ ଘୁଞ୍ଚାଇ
ପଡ଼ୋଶୀର ଜମି ମାରି ଦେବାକୁ ଚେଷ୍ଟା କରନ୍ତି। କେହି
ଅନ୍ୟର ମେଷପଲ ହରଣ କରି ଅନ୍ୟ ଚରାଭୂମିକୁ ନେଇ
ଯାଆନ୍ତି।
3ସେମାନେ ଅନାଥମାନଙ୍କ ଗଧକୁ ଚୋରାଇ ନିଅନ୍ତି।
କେହି ବିଧବାର ଗାଈ ନେଇ ବନ୍ଧକ ରୂପେ ରଖନ୍ତି ଯେ
ପର୍ଯ୍ୟନ୍ତ ସେ ତା'ର ପ୍ରାପ୍ୟ ପରିଶୋଧ ନକରିଛି।
4ସେମାନେ ଗରୀବ ଲୋକର ଗୃହରୁ ତଡ଼ିଦେଇ ଏଣେତେଣେ
ବୁଲିବାକୁ ଛାଡ଼ି ଦିଅନ୍ତି। ଏହି ଗରୀବମାନେ ସେମାନଙ୍କ
କୋପରୁ ରକ୍ଷା ପାଇବାକୁ ଲୁଚି ବୁଲନ୍ତି।
5ଗରୀବ ଲୋକମାନେ ବଣୁଆ ଗଧଭଳି ମରୁଭୂମିରେ
ଖାଦ୍ୟ ଅନ୍ୱେଷଣରେ ଇତସ୍ତତ ଘୁରି ବୁଲନ୍ତି। ସେମାନେ
ପ୍ରାତଃକାଳରୁ ଉଠି ଖାଦ୍ୟ ଅନ୍ୱେଷଣରେ ବୁଲନ୍ତି। ସେମାନେ
ନିଜ ପିଲାମାନଙ୍କ ଖାଦ୍ୟ ପାଇଁ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ
ପରିଶ୍ରମ କରନ୍ତି।
6ଗରୀବ ଲୋକମାନେ ବହୁତ ବିଳମ୍ବିତ ରାତ୍ରୀଯାଏ ଫସଲ
ଅମଳ କରନ୍ତି। ସେମାନେ ନିଶ୍ଚୟ ଧନୀ ଲୋକମାନଙ୍କ ପାଇଁ
ତାଙ୍କ ଅଙ୍ଗୁର କ୍ଷେତ୍ରରେ ଅଙ୍ଗୁର ସଂଗ୍ରହ କରନ୍ତି।
7ଗରୀବ ଲୋକେ ବିନା ବସ୍ତ୍ରରେ ସାରା ରାତି ଶୟନ
କରନ୍ତି। ଶୀତରୁ ରକ୍ଷା ପାଇବା ପାଇଁ ସେମାନଙ୍କ ନିକଟରେ
ଘୋଡ଼ାଇବା ବସ୍ତ୍ର ନ ଥାଏ।
8ସେମାନେ ପାହାଡ଼ ପର୍ବତରେ ବର୍ଷାରେ ଭିଜନ୍ତି। ଥଣ୍ଡାରୁ
ରକ୍ଷା ପାଇବାକୁ ସେମାନଙ୍କ ପାଖରେ କିଛି ନଥାଏ। ତେଣୁ
ସେମାନେ ବଡ଼ ପଥର ପାଖରେ ଶରଣ ନିଅନ୍ତି ଥଣ୍ଡାରୁ ରକ୍ଷା
ପାଇବା ପାଇଁ।
9ଦୁଷ୍ଟ ଲୋକେ ମା କୋଳରୁ ସ୍ତନ୍ୟପାନ କରୁଥିବା
ସନ୍ତାନକୁ ଛଡ଼ାଇ ନିଅନ୍ତି। ସେମାନେ ଗରୀବ ଲୋକର
ପିଲାକୁ କରଜର ବନ୍ଧକ ସ୍ୱରୂପ ରଖନ୍ତି।
10ଗରୀବ ଲୋକର ବସ୍ତ୍ର ନ ଥିବାରୁ ସେମାନେ ଉଲଗ୍ନ
ହୋଇ କାମ କରନ୍ତି। ସେମାନେ ଧାନ ବିଡ଼ା ବୁହନ୍ତି, ତଥାପି
ସେମାନେ କ୍ଷୁଧାର୍ତ୍ତ ହୋଇ ଯାଆନ୍ତି।
11ଗରୀବ ଲୋକେ ତେଲ ଉତ୍ପନ୍ନ କରନ୍ତି। ସେମାନେ
ଅଙ୍ଗୁର କ୍ଷେତ୍ରରେ ଅଙ୍ଗୁର ରସ ନେଇ ମଦ୍ୟ ପ୍ରସ୍ତୁତରେ
ସାହାଯ୍ୟ କରନ୍ତି ଅଥଚ ନିଜେ ପାନ କରିବାକୁ କିଛି ପାଆନ୍ତି
ନାହିଁ।
12ସହରରେ ମରୁଥିବା ମନୁଷ୍ୟମାନଙ୍କ କାନ୍ଦଣା ତୁମ୍ଭେ
ନିଶ୍ଚୟ ଶୁଣିପାରୁଥିବ। ସେହି ଦୁଃଖି ମନୁଷ୍ୟମାନଙ୍କର ସାହାଯ୍ୟ
ପାଇଁ ଆର୍ତ୍ତ ଚିତ୍କାର, ପରମେଶ୍ୱର କାନରେ ଶୁଣି ପାରନ୍ତି
ନାହିଁ।
13କେତେକ ଲୋକ ଆଲୁଅ ବିରୁଦ୍ଧରେ ବିଦ୍ରୋହ ଘୋଷଣା
କରନ୍ତି। ସେମାନେ ଜାଣିପାରନ୍ତି ନାହିଁ ପରମେଶ୍ୱର କ'ଣ
ଚାହାଁନ୍ତି? ପରମେଶ୍ୱର ଚାହୁଁ ଥିବା ରାସ୍ତାରେ ସେମାନେ ଚାଲନ୍ତି
ନାହିଁ।
14ହତ୍ୟାକାରୀ ସକାଳୁ ଉଠି ଗରୀବ ଅସହାୟ
ଲୋକକୁ ହତ୍ୟା କରେ ଏବଂ ରାତିରେ ସେ ଚୋର
ପାଲଟିଯାଏ।
15ଯେଉଁ ମନୁଷ୍ୟ ବ୍ୟଭିଚାର କରେ ରାତି ହେବାକୁ

ଅପେକ୍ଷା କରେ। ସେ ଭାବେ, 'କେହି ତାକୁ ଦେଖି ପାରିବେ ନାହିଁ।' ତଥାପି ସେ ତା'ର ମୁଖକୁ ଘୋଡାଇଥାଏ।

16ରାତି ହେଲେ ଦୁଷ୍ଟଲୋକ ଅନ୍ଧକାରରେ ଅନ୍ୟ ଲୋକର ଘର ଭାଙ୍ଗି ପଶେ କିନ୍ତୁ ଦିନବେଳେ ନିଜ ଘରେ କବାଟ କିଳି ରହିଥାଏ, ଏବଂ ଆଲୁଅଠାରୁ ଦୂରରେ ରୁହନ୍ତି।

17ଦୁଷ୍ଟଲୋକ ପାଇଁ ଘନ ଅନ୍ଧକାର ରାତି ହିଁ ସକାଳ ସଦୃଶ। ସେମାନେ ଅନ୍ଧକାରର ଭୟାନକତାରେ ଅଭ୍ୟସ୍ତ।

18ବନ୍ୟା ଜଳରେ ବସ୍ତୁ ଭାସିଗଲାପରି ଦୁଷ୍ଟଲୋକ ଭାସିଯାଏ। ଯେଉଁ ଜମିର ସେ ମାଲିକ ଥାଏ ତାହା ଶେଷରେ ତାପାଇଁ ଅଭିଶାପରେ ପରିଣତ ହୁଏ। ତେଣୁ ସେମାନେ ନିଜ କ୍ଷେତରୁ ମଧ୍ୟ ଅଙ୍ଗୁର ସଂଗ୍ରହ କରି ପାରନ୍ତିନାହିଁ।

19ଯେପରି ଗରମ, ଶୁଖିଲା ପାଗ ଶୀତ ଦିନର ବରଫରୁ ଆସୁଥିବା ପାଣି ନେଇଯାଏ। ଠିକ୍ ସେହିଭଳି ସେ ପାପୀମାନେ କବରକୁ ବୁହା ହେବେ।

20ଏପରିକି ଦୁଷ୍ଟ ବ୍ୟକ୍ତି ମଲାପରେ ତା'ର ଗର୍ଭଧାରିଣୀ ମା' ତାକୁ ପାଶୋରିବ। ତା'ର ସ୍ୱଗଠିତ ହୃଦୟ ସହିତ ଶରୀର କୀଟମାନଙ୍କ ସୁସ୍ୱାଦୁ ଖାଦ୍ୟ ହେବ। ଲୋକେ ତାକୁ ମନେ ରଖିବେ ନାହିଁ। ସେହି ଦୁଷ୍ଟ ଲୋକଟି ପଚା ବାଡପରି ଭାଙ୍ଗି ପଡ଼ିବ।

21ଦୁଷ୍ଟଲୋକ ବନ୍ଧ୍ୟା ନାରୀକୁ ଆଘାତ କରେ। ଏବଂ ସେ ବିଧବାନାରୀମାନଙ୍କୁ ସାହାଯ୍ୟ କରିବାକୁ ମନା କରେ।

22ଦୁଷ୍ଟ ଲୋକମାନେ ତାଙ୍କ ଶକ୍ତି ବ୍ୟବହାର କରନ୍ତି ଶକ୍ତିଶାଳୀ ଲୋକମାନଙ୍କୁ ଧ୍ୱଂସ କରିବାକୁ। ଯଦିଓ ଦୁଷ୍ଟ ଲୋକ ହୁଏତ ଶକ୍ତିଶାଳୀ ସେମାନେ ତାଙ୍କ ନିଜ ଜୀବନ ବିଷୟରେ ନିଶ୍ଚୟତା ନାହିଁ।

23ଦୁଷ୍ଟଲୋକ ଅଳ୍ପ ସମୟ ପାଇଁ ନିଜକୁ ନିର୍ଭର ଓ ନିରାପଦ ମଣେ। ସେମାନେ ଶକ୍ତିଶାଳୀ ହେବାକୁ ଚେଷ୍ଟା କରନ୍ତି।

24ଦୁଷ୍ଟ ଲୋକ କମ୍ ସମୟରେ ସଫଳତା ହାସଲ କଲେବି ଶେଷରେ ସେମାନେ ଚିରଦିନ ଲାଗି ବିଦାୟ ନେବେ। ସେମାନେ ଶେଷରେ ଶସ୍ୟ କଣାଭଳି କଟା ହେବେ ଠିକ୍ ଅନ୍ୟମାନଙ୍କ ପରି।

25ମୁଁ ଶପଥ କରି କହିପାରେ। ଏସବୁ ସତ୍ୟ ଅଟେ। କିଏ ପ୍ରମାଣ କରିବ ଯେ ମୁଁ ମିଥ୍ୟା କହୁଛି? କିଏ ଦେଖାଇ ଦେଇ ପାରିବ ମୁଁ ଭୁଲ କହୁଛି ବୋଲି?"

### ବିଲ୍ଦଦ୍ ଆୟୁବକୁ ଉତ୍ତର ଦେଲା

25 ଏହାପରେ ଶୁହୀୟ ବିଲ୍ଦଦ୍ ଉତ୍ତର କରି କହିଲା, 2"ପରମେଶ୍ୱର ରାଜ୍ୟ କରନ୍ତି। ସେ ଲୋକଙ୍କୁ ଭୟାଳୁ କରନ୍ତି ଓ ତାକୁ ସମ୍ମାନ କରନ୍ତି। ସେ ସ୍ୱର୍ଗ ରାଜ୍ୟରେ ଶାନ୍ତି ସ୍ଥାପନ କରନ୍ତି।

3କେହି ବ୍ୟକ୍ତି ତାଙ୍କର ତାରାଗଣର ସଂଖ୍ୟା ଗଣନା କରିପାରିବ ନାହିଁ। ସେ ସମସ୍ତଙ୍କୁ ସମାନ ଭାବରେ ସୂର୍ଯ୍ୟକିରଣ ପ୍ରଦାନ କରନ୍ତି।

4ପରମେଶ୍ୱରଙ୍କ ସହିତ ବିବାଦ କରି, କେହି ମନୁଷ୍ୟ କିପରି ଭଲ ହୋଇପାରିବ? କିମ୍ବା ସ୍ତ୍ରୀ ଲୋକ ପାଖରୁ ଜନ୍ମ ହୋଇ ଜଣେ ମନୁଷ୍ୟ କିପରି ନିରୀହ ହୋଇ ପାରିବ।

5ପରମେଶ୍ୱରଙ୍କ ଦୃଷ୍ଟିରେ ଚନ୍ଦ୍ର ମଧ୍ୟ ପବିତ୍ର ଓ ଦୀପ୍ତିମାନ ନୁହେଁ। ଏପରିକି ନକ୍ଷତ୍ର ସମୂହ ମଧ୍ୟ ନିର୍ମଳ ନୁହଁନ୍ତି।

6ଲୋକମାନେ ବହୁତ କମ ନିର୍ମଳ। ଲୋକମାନେ କୀଟାଣୁ ପରି ମୂଲ୍ୟହୀନ ଜୀବାଣୁ।"

### ଆୟୁବ ବିଲ୍ଦଦ୍‌କୁ ଉତ୍ତର ଦେଲା

26 ତା'ପରେ ଆୟୁବ ଉତ୍ତର କରି କହିଲା, 2"କେମିତି ତୁମ୍ଭେ ଜଣକୁ ସାହାଯ୍ୟ କରିଛ, ଯାହାର ଶକ୍ତି ନାହିଁ? ତୁମ୍ଭେ କେମିତି ଜଣକୁ ସାହାଯ୍ୟ କଲ ଯାହାର ବାହୁରେ ନିଜକୁ ରକ୍ଷା କରିବା ପାଇଁ ସାମର୍ଥ୍ୟ ନାହିଁ।

3ତୁମ୍ଭେ ମୋ ଭଳି ଅଜ୍ଞାନୀକୁ ପରାମର୍ଶ ଦେଇଛ ତୁମ୍ଭେ ଏହାଦ୍ୱାରା ପ୍ରମାଣ କରିଛ, ତୁମ୍ଭେ କେତେ ଜ୍ଞାନୀ।

4କିଏ ତୁମ୍ଭକୁ ଏସବୁ କଥା କହିବାକୁ ପ୍ରେରଣା ଦେଲା? କାହାର ଆତ୍ମା ତୁମ୍ଭ ଦ୍ୱାରା କହିଲା?

5ପ୍ରେତଗଣ ପାତାଳରେ ଥିବା ଜଳରେ କମ୍ପି ଉଠନ୍ତି।

6କିନ୍ତୁ ପରମେଶ୍ୱର ସେହି ମୃତ ଲୋକଙ୍କୁ ପରିଷ୍କାର ଭାବରେ ଦେଖିପାରନ୍ତି। ମୃତ୍ୟୁ ପରମେଶ୍ୱରଙ୍କ ପାଖରୁ ଲୁଚିରହି ପାରିବ ନାହିଁ।

7ପରମେଶ୍ୱର ଉତ୍ତର ଆକାଶ ବିସ୍ତାର କରନ୍ତି, ଶୂନ୍ୟ ସ୍ଥାନରେ ପରମେଶ୍ୱର ପୃଥିବୀକୁ ଶୂନ୍ୟରେ ଟଙ୍ଗାଇ ରଖନ୍ତି।

8ତଥାପି ପରମେଶ୍ୱର ସେହି ବହୁତ ଭାରୀ ଓଜନ ଦ୍ୱାରା ମେଘକୁ ଭାଙ୍ଗି ଖୋଲନ୍ତି ନାହିଁ। ଘନବାଦଲକୁ ଜଳକଣା ଯୁକ୍ତ କରନ୍ତି। କିନ୍ତୁ ପରମେଶ୍ୱର ଏତେ ଭାରୀ ହେଲେବି ମେଘ ଖଣ୍ଡ ଖଣ୍ଡ ହୋଇ ଖୋଲିଯାଏ ନାହିଁ।

9ପରମେଶ୍ୱର ପୂର୍ଣ୍ଣିମୀ ଚନ୍ଦ୍ରର ମୁଖକୁ ଘୋଡ଼ାଇ ଦିଅନ୍ତି। ସେ ତାହାକୁ ବାଦଲ ଦ୍ୱାରା ଆଚ୍ଛାଦିତ କରି ଲୁଚାଇ ପକାନ୍ତି।

10ପରମେଶ୍ୱର ସମୁଦ୍ରରେ ଆକାଶ ଓ ପୃଥିବୀ ମଧ୍ୟରେ ଦିଗବଳୟ ସୃଷ୍ଟି କରନ୍ତି। ଯେଉଁଠାରେ ଆଲୋକ ଓ ଅନ୍ଧକାର ପରସ୍ପର ସହିତ ମିଳିତ ହୁଅନ୍ତି।

11ଯେଉଁ ଭିତ୍ତିମୂଳଗୁଡିକ ଉପରେ ଆକାଶ ମଣ୍ଡଳ ଅବସ୍ଥିତ ପରମେଶ୍ୱର ତାକୁ ଧମକ ଦେଲେ ଉଭୟ କମ୍ପି ଉଠେ।

12ପରମେଶ୍ୱର ନିଜ ଶକ୍ତି ବଳରେ ସମୁଦ୍ରକୁ ଶାନ୍ତ କରନ୍ତି। ତାଙ୍କ ଜ୍ଞାନ ବଳରେ ସମୁଦ୍ର ରାକ୍ଷସ ରାହବ କ୍ଷତାକ୍ତ ହୁଅନ୍ତି।

13ପରମେଶ୍ୱରଙ୍କ ଶ୍ୱାସ ଦ୍ୱାରା ଆକାଶ ନିର୍ମଳ ଶୋଭାପାଏ। ପରମେଶ୍ୱରଙ୍କ ହସ୍ତଦ୍ୱାରା ପଳାଇଯିବା ସମୁଦ୍ର ସାପ ବନ୍ଦୀ ହୁଏ।

14ଏହି କେତେକ ଆଶ୍ଚର୍ଯ୍ୟ ବିଷୟ ପରମେଶ୍ୱର କରନ୍ତି। ତାଙ୍କ ବିଷୟରେ ଆମ୍ଭେ କେବଳ ଗୋଟିଏ ମୃଦୁ ଶବ୍ଦ ଶୁଣୁ। ସମ୍ଭବତଃ କିଏ ତାଙ୍କର ବଜ୍ରନାଦର ଶକ୍ତି ବୁଝି ପାରିବ।"

27 ତା'ପରେ ଆୟୁବ ତା'ର କାହାଣୀ ବର୍ଣ୍ଣନା କରି କହିଲା,

2"ପ୍ରକୃତରେ ପରମେଶ୍ୱର ଜିବୀତ ଏବଂ ଯେତେ ସତ୍ୟ ଭାବରେ ସେ ଅଛନ୍ତି, ସେ ସତରେ ମୋ ପ୍ରତି ଅନ୍ୟାୟ କରିଛନ୍ତି। ପରମେଶ୍ୱର, ସର୍ବଶକ୍ତିମାନ ମୋ ଜୀବନ ତିକ୍ତ କରିଛନ୍ତି।

3ଯେ ପର୍ଯ୍ୟନ୍ତ ମୋ ଶରୀରରେ ପ୍ରାଣ ଅଛି ଏବଂ ଯେ ପର୍ଯ୍ୟନ୍ତ ପରମେଶ୍ୱର ପ୍ରଦତ୍ତ ନିଶ୍ୱାସ ବାୟୁ ମୋ ନାକରୁ ନିର୍ଗତ ହେଉଛି।

4ଏହାପରେ ମୋ ଓଠରୁ ଖରାପ ବିଷୟ ବାହାରିବ ନାହିଁ। ମୋର ଜିହ୍ୱା ମିଥ୍ୟାକଥା କହିବ ନାହିଁ।

5ମୁଁ କେବେ ମାନିବି ନାହିଁ ତୁମ୍ଭେ ସତ୍ୟ। ମୁଁ ମଲା ପର୍ଯ୍ୟନ୍ତ କହିଯିବି ଯେ, ମୁଁ ନିରପରାଧ ଅଟେ।

6ମୁଁ ମୋର ଧାର୍ମିକତାକୁ ଦୃଢ ଭାବରେ ଧରିବି। ମୁଁ କେବେ ଠିକ ବାଟକୁ ପରିତ୍ୟାଗ କରିବି ନାହିଁ। ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ମୋର ବିବେକ ମୋତେ ନିନ୍ଦା କରିବ ନାହିଁ।

7ଲୋକେ ମୋ ବିରୁଦ୍ଧରେ ଛିଡ଼ା ହେବେ। ମୁଁ ଆଶା କରୁଛି ମୋର ଶତ୍ରୁମାନେ ଦଣ୍ଡ ପାଇଥିବେ ଦୁଷ୍ଟ ଲୋକଙ୍କ ଭଳି।

8ପରମେଶ୍ୱରଙ୍କଠାରେ ଆସ୍ଥା ବିହୀନ ବ୍ୟକ୍ତି ମୃତ୍ୟୁ ସମୟରେ କ'ଣ ଆଶା କରିବ? ଯେତେବେଳେ ପରମେଶ୍ୱର ତା'ର ପ୍ରାଣ ନିଅନ୍ତି, ସେହି ଲୋକର କୌଣସି ଆଶା ନ ଥାଏ।

9ପରମେଶ୍ୱର କ'ଣ ତା'ର ସାହାଯ୍ୟର ଡାକ ଶୁଣିବେ, ଯେତେବେଳେ ତା' ପ୍ରତି ଅସୁବିଧା ଆସିବ?

10ସେହି ଲୋକ କ'ଣ ସର୍ବଶକ୍ତିମାନଙ୍କୁ ଗୁହାରି କରି ଆନନ୍ଦ ଅନୁଭବ କରିବ। ସେ ସବୁ ସମୟରେ ପରମେଶ୍ୱରଙ୍କୁ ଡ଼ାକିବା ଉଚିତ ଥିଲା।

11ମୁଁ ତୁମ୍ଭକୁ ପରମେଶ୍ୱରଙ୍କ ଶକ୍ତି ସମ୍ପର୍କରେ ଶିକ୍ଷା ଦେବି। ମୁଁ ପରମେଶ୍ୱରଙ୍କ କୌଣସି ଯୋଜନା ତୁମ୍ଭଠାରେ ଲୁଗ୍ଇବି ନାହିଁ।

12ତୁମ୍ଭେ ନିଜ ଆଖିରେ ପରମେଶ୍ୱରଙ୍କ ଶକ୍ତି ଦେଖିଛ। ତେଣୁ କାହିଁକି ତୁମ୍ଭେ ସେହି ବାଜେ କଥା କହୁଛ?

13ତେଣୁ ଏହା ହିଁ ପରମେଶ୍ୱରଙ୍କ ଇଚ୍ଛା ଦୁଷ୍ଟଲୋକଙ୍କ ପାଇଁ, ଏହା ହିଁ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଇଚ୍ଛା ନିଷ୍ଠୁର ଲୋକମାନଙ୍କ ପ୍ରତି।

14ଜଣେ ଦୁଷ୍ଟ ଲୋକର ବହୁତ ସନ୍ତାନ ଥାଇ ପାରନ୍ତି। ତା'ର ସମସ୍ତ ସନ୍ତାନ ଯୁଦ୍ଧରେ ମୃତ୍ୟୁବରଣ କରିବେ। ଦୁଷ୍ଟ ଲୋକର ପିଲାମାନେ ଖାଇବାକୁ ଯଥେଷ୍ଟ ପାଇବେ ନାହିଁ।

15ତା'ର ସମସ୍ତ ପିଲାମାନେ ମରିବେ ଏବଂ ତା'ର ବିଧବାମାନେ ଦୁଃଖ କରିବେ ନାହିଁ।

16ଜଣେ ଦୁଷ୍ଟ ଲୋକ ହୁଏତ ବହୁତ ରୂପା ପାଇବ, ତାହା ତା' ପ୍ରତି ମଇଳା ପରି। ତା'ର ହୁଏତ ଏତେ ଲୁଗା ଥିବ, ଯାହା ତା' ପ୍ରତି ମାଟିଗଦା ପରି।

17କିନ୍ତୁ ଜଣେ ଧାର୍ମିକ ଲୋକ ତା'ର ପୋଷାକ ପିନ୍ଧିବାକୁ ପାଇବ। ନିରୀହ ଲୋକ ତା'ର ରୂପାସବୁ ପାଇବ।

18ଜଣେ ଦୁଷ୍ଟ ଲୋକର ଗୃହ ତିଆରି କଲେ ବି ଏହା ବେଶୀଦିନ ତିଷ୍ଠିବ ନାହିଁ। ଏହା ବୁଢିଆଣୀ ଜାଲଭଳି ହେବ କିମ୍ବା ପ୍ରହରୀର ତମ୍ବୁଭଳି ହେବ।

19ଦୁଷ୍ଟ ବ୍ୟକ୍ତି ଶୋଇବାକୁ ଗଲାବେଳେ ତା' ପାଖରେ ଅମାପ ଧନ ଥିବ କିନ୍ତୁ ସକାଳୁ ସେ ଆଖି ଖୋଲିବା ମାତ୍ରେ ତା'ର ଧନ ଆଉ ନ ଥିବ।

20ଆତଙ୍କ ତା' ବିରୁଦ୍ଧରେ ହଠାତ୍ ବନ୍ୟା ପରି ଆସିବ। ଏବଂ ବାତ୍ୟା ରାତିରେ ଆସି ତାକୁ ଉଡାଇ ନେଇଯିବ।

21ପୂର୍ବ ଦିଗର ପବନ ତାକୁ ଉଡାଇ ନେବ। ସେ ଚିରଦିନ ପାଇଁ ବିଦାୟ ନେବ, ଝଡ ତାକୁ ତା'ର ଘରୁ ଉଡାଇ ନେବ।

22ଦୁଷ୍ଟ ବ୍ୟକ୍ତି ସେହି ଝଡରୁ ରକ୍ଷା ପାଇବାକୁ ସକଳ ପ୍ରକାର ଚେଷ୍ଟା କରିବ। କିନ୍ତୁ ସେହି ଝଡ ତାକୁ ନିର୍ଦ୍ଦୟ ଭାବରେ ଆଘାତ କରିବ।

23ଲୋକେ ତାକୁ ଦେଖି ତାଳି ମାରିବେ। ଯେତେବେଳେ ସେ ନିଜ ଘରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବ, ଲୋକେ ହୁଇସିଲ ମାରି ଦେଖୁଥିବେ।

28 "ଏପରି ଖଣିସବୁ ଅଛି ଯେଉଁଠାରେ ରୂପା ମିଳେ। ଏପରି ସ୍ଥାନ ସବୁ ଅଛି। ଯେଉଁଠାରେ ସୁନାକୁ ତରଳାଇ ଶୁଦ୍ଧ କରାଯାଏ।

2ଲୋକେ ଲୁହା ପାଇଁ ଭୂମି ଖୋଳନ୍ତି। ପଥର ତରଳାଇ ତମ୍ବା ବାହାର କରାଯାଏ।

3ଶ୍ରମିକମାନେ ହାତରେ ଆଲୁଅ ଧରି ଖଣି ଭିତରକୁ ଯାଆନ୍ତି। ସେ ଗୁମ୍ଫା ଭିତରେ ସେମାନେ ପଥର ସବୁ ଅନ୍ଧକାରରେ ସନ୍ଧାନ କରନ୍ତି।

4ଶ୍ରମିକମାନେ ଭୂମିରେ ଗଭୀରଗାତ ଖୋଳି ଖଣିଜ ଦ୍ରବ୍ୟର ପଶ୍ଚାଦ୍‌ବର୍ତ୍ତୀ ହୁଅନ୍ତି। ସେମାନେ ଖଣିର ନିମ୍ନ ଦେଶକୁ ବହୁତ ତଳକୁ ଯାଆନ୍ତି, ଯାହା ଲୋକମାନଙ୍କ ବାସ କରୁଥିବା ସ୍ଥାନଠାରୁ ବହୁତ ଦୂର। ଯେଉଁଠାକୁ ଆଗରୁ କେହି କେବେ ଯାଇ ନଥିଲେ। ସେମାନେ ଦଉଡି ଦ୍ୱାରା ଝୁଲି ଭୂମିର ବହୁ ତଳକୁ ଯାଆନ୍ତି, ଅନ୍ୟ ଲୋକମାନଙ୍କଠାରୁ ମଧ୍ୟ ବହୁତ ଦୂର।

5ଖାଦ୍ୟ ଶସ୍ୟ ଭୂମିର ଉପରେ ହୁଏ କିନ୍ତୁ ତଳେ ଏହା ସମ୍ପୂର୍ଣ୍ଣ ଅଲଗା। ସତେ ଯେପରିକି ସବୁକିଛି ଅଗ୍ନିଦ୍ୱାରା ତରଳି ଯାଏ।

6ଭୂମିର ନିମ୍ନ ଭାଗରେ ଇନ୍ଦ୍ରନୀଳମଣୀ ଏବଂ ଶୁଦ୍ଧ ସୁବର୍ଣ୍ଣର ରେଣୁ ସେଠାରେ ଥାଏ।

7ବଣୁଆ ପକ୍ଷୀ ମାଟିତଳେ ଥିବା ରାସ୍ତା ବିଷୟରେ କିଛି ଜାଣନ୍ତି ନାହିଁ। କୌଣସି ଉତ୍କ୍ରୋଶ ପକ୍ଷୀ ମଧ୍ୟ ସେଭଳି ଅନ୍ଧାର ବାଟ ଦେଖି ନ ଥାଏ।

8ବଣୁଆ ଜନ୍ତୁମାନେ ମଧ୍ୟ ସେଭଳି ବାଟରେ ଯାଇ ନଥିବେ। ସିଂହମାନେ ମଧ୍ୟ ସେ ବାଟରେ ଯାଇ ନ ଥିବେ।

9ଶ୍ରମିକମାନେ ସବୁଠାରୁ ଟାଣ ପଥରକୁ ଖୋଳନ୍ତି। ସେହି ଶ୍ରମିକମାନେ ପର୍ବତକୁ ଖୋଳନ୍ତି ଏବଂ ତାକୁ ଖାଲିକରି ଦିଅନ୍ତି।

10ଶ୍ରମିକମାନେ ପଥର କାଟି ସୁଡଙ୍ଗ ତିଆରି କରନ୍ତି। ସେମାନେ ପଥର ତଳେ ଥିବା ରତ୍ନ ଭଣ୍ଡାରର ସନ୍ଧାନ କରନ୍ତି।

11ଶ୍ରମିକମାନେ ବନ୍ଧ ତିଆରି କରନ୍ତି ପାଣିର ଗତି ବନ୍ଦ କରିବା ପାଇଁ। ସେମାନେ ଲୁଚିବା ବସ୍ତୁକୁ ଆଲୁଅକୁ ଆଣନ୍ତି।

12କିନ୍ତୁ କେଉଁଠି ଜଣେ ଲୋକ ଜ୍ଞାନ ପାଇବ? କେଉଁଠାକୁ ଆମ୍ଭେ ଯିବା ଜ୍ଞାତ ହେବା ପାଇଁ?

13ଆମ୍ଭେ ଜାଣୁନା ଜ୍ଞାନର ମୂଲ୍ୟ କେତେ। ପୃଥିବୀର ଲୋକେ ଖଣି ଖୋଳି ଜ୍ଞାନର ଭଣ୍ଡାର ପାଇ ପାରିବେ ନାହିଁ।

14ମହାସାଗର କହେ, 'ଜ୍ଞାନ ମୋ ପାଖରେ ନାହିଁ।' ସମୁଦ୍ର କହେ, 'ତାହା ମୋ ପାଖରେ ନାହିଁ।'

15ତୁମ୍ଭେ ଜ୍ଞାନକୁ ଶୁଦ୍ଧ ସ୍ୱର୍ଣ୍ଣର ବିନିମୟରେ କିଣି ପାରିବ ନାହିଁ। ପୃଥିବୀରେ ଏତେ ରୂପା ମହଜୁଦ ନାହିଁ ଜ୍ଞାନକୁ କିଣିବା ପାଇଁ।

16ତୁମ୍ଭେ ଜ୍ଞାନକୁ ଓଫୀରର ସୁନା, ବହୁମୂଲ୍ୟ, ଗୋମେଦକ ଓ ନୀଳକାନ୍ତ ମଣି ବଦଳରେ କିଣିପାରିବ ନାହିଁ।

17ଜ୍ଞାନ ସୁନା ଓ ମୂଲ୍ୟବାନ ପଥରଠାରୁ ଅଧିକ ମୂଲ୍ୟବାନ। ମୂଲ୍ୟବାନ ସ୍ୱଚ୍ଛ ଉଜ୍ଜ୍ୱଳ ସୁନା ମଧ୍ୟ ଜ୍ଞାନକୁ କିଣି ପାରିବ ନାହିଁ।

18ଜ୍ଞାନ ଅଧିକ ମୂଲ୍ୟବାନ ମୁକ୍ତାଠାରୁ ଓ ନୀଳମଣି ପଥରଠାରୁ, ଜ୍ଞାନ ମଧ୍ୟ ମୋତିଠାରୁ ମୂଲ୍ୟବାନ।

19କୂଶ ଦେଶରୁ ମିଳୁଥିବା ହଳଦିଆ ପୋଖରାଜ ମଣି ମଧ୍ୟ ଜ୍ଞାନଭଳି ମୂଲ୍ୟବାନ ନୁହେଁ। ତୁମ୍ଭେ ଖାଣ୍ଟି ସୁନା ବଦଳରେ ଜ୍ଞାନ କିଣିପାରିବ ନାହିଁ।

20ତେବେ ଜ୍ଞାନ କେଉଁଠାରୁ ଆସେ? ବୁଝିବାର ସ୍ଥାନ କାହିଁ?

21ଜ୍ଞାନ ଏ ପୃଥିବୀର ସମସ୍ତ ପ୍ରାଣୀଙ୍କଠାରୁ ଲୁଚିଯାଇଛି। ଏପରିକି ଆକାଶରେ ଉଡୁଥିବା ପକ୍ଷୀମାନେ ମଧ୍ୟ ଜ୍ଞାନକୁ ଦେଖିପାରିବେ ନାହିଁ।

22ବିନାଶ ଓ ମୃତ୍ୟୁ ମଧ୍ୟ କହନ୍ତି, 'ଆମ୍ଭେମାନେ ଜ୍ଞାନକୁ କେଉଁଠାରେ ପାଇ ନାହୁଁ। କେବଳ ଆମ୍ଭେମାନେ ତା' ବିଷୟରେ ଜନରବ ଶୁଣିଅଛୁ।'

23କେବଳ ପରମେଶ୍ୱର ଜ୍ଞାନକୁ ପାଇବାର ପଥ ଜାଣିଛନ୍ତି। କେବଳ ପରମେଶ୍ୱର ଜାଣନ୍ତି ଜ୍ଞାନ କେଉଁଠାରେ ଅଛି।

24ପରମେଶ୍ୱର ପୃଥିବୀର ଶେଷ ପର୍ଯ୍ୟନ୍ତ ଦେଖିପାରନ୍ତି। ସେ ଆକାଶର ନିମ୍ନରେ ଥିବା ସବୁକିଛି ଦେଖି ପାରନ୍ତି।

25ପରମେଶ୍ୱର ତାଙ୍କର ଶକ୍ତିକୁ ପବନକୁ ଦେଇଛନ୍ତି। ସେ ସ୍ଥିର କରନ୍ତି କେତେ ବଡ ସମୁଦ୍ର ହୋଇପାରିବ।

26ପରମେଶ୍ୱର ସ୍ଥିର କରନ୍ତି କେଉଁଠାରୁ ବର୍ଷା ପଠେଇବେ ଏବଂ କେଉଁଠାକୁ ଘଡଘଡି ଘୂର୍ଣ୍ଣିବାତ୍ୟା ଯିବ।

27ସେହି ସମୟରେ ପରମେଶ୍ୱର ଜ୍ଞାନକୁ ଦେଖିଲେ ଏହାକୁ ଘୋଷଣା କଲେ। ପରମେଶ୍ୱର ଜ୍ଞାନ ସ୍ଥାପନ କଲେ ଏବଂ ଏହାକୁ ପରୀକ୍ଷା କଲେ।

28ପରମେଶ୍ୱର ଲୋକମାନଙ୍କୁ କହିଲେ, ସଦାପ୍ରଭୁଙ୍କୁ ଭୟ ଓ ସମ୍ମାନ କର। ତାହାହିଁ ଜ୍ଞାନ ଅଟେ। ମନ୍ଦ କାର୍ଯ୍ୟ କର ନାହିଁ। ତାହାହିଁ ବୁଝିବା ଶକ୍ତି ଅଟେ। ଆୟୁବ ତା'ର କାହାଣୀ କହି ଚାଲିଥିଲା।"

### ଆୟୁବ ତା'ର କାହାଣୀ କହି ଚାଲିଲା

29 ଆୟୁବ ତା'ର କାହାଣୀ ଚାଲୁ ରଖିଲା,

2"ମୁଁ ଇଚ୍ଛାକରେ, କିଛିମାସ ପୂର୍ବରୁ ମୋର ଜୀବନ ଯେପରି ଥିଲା ସେହିପରି ରହନ୍ତା। ପରମେଶ୍ୱର ମୋ ଉପରେ ଦୃଷ୍ଟି ରଖିଲେ, ମୋର ଯତ୍ନ ନେଉଥିଲେ।

3ଯେତେବେଳେ ପରମେଶ୍ୱର ମୋ ମୁଣ୍ଡ ଉପରେ ଉଜ୍ଜ୍ୱଳ ଆଲୋକ ପକାଉଥିଲେ, ତାଙ୍କ ଆଲୋକ ବଳରେ ମୁଁ ଅନ୍ଧକାରରେ ଚାଲିବାକୁ ସକ୍ଷମ ହୋଇଥିଲି।

4ମୁଁ ସେହି ଦିନଗୁଡିକ ନିମନ୍ତେ ଇଚ୍ଛାକରେ ଯେତେବେଳେ ମୋର ସାଫଲ୍ୟ ଥିଲା ଏବଂ ଯେତେବେଳେ ପରମେଶ୍ୱରଙ୍କର ବନ୍ଧୁତା ମୋର ଗୃହକୁ ଆଶୀର୍ବାଦ କଲେ।

5ଆହା, ଯେଉଁ ସମୟରେ ସର୍ବଶକ୍ତିମାନ ପରମେଶ୍ୱର ମୋ ସହିତ ଥିଲେ ମୋର ପିଲାମାନେ ମୋ ଚାରି ପାଖରେ ଥିଲେ ସେହି ସମୟକୁ ମୁଁ ଚାହେଁ।

6ଜୀବନ ଅତି ସୁଖକର ଥିଲା। ମୁଁ ମୋର ପାଦକୁ ଦୁଗ୍ଧ ଲହୁଣୀରେ ଧୌତ କରୁଥିଲି। ମୋ ନିକଟରେ ଅନେକ ତୈଳ ନଦୀ ପ୍ରବାହିତ ହେଉଥିଲା।

7ସେହିସବୁ ଦିନଗୁଡ଼ିକରେ ମୁଁ ନଗରର ଛକ ଜାଗାକୁ ଯାଉଥିଲି। ନଗରର ବଡ଼ମାନଙ୍କ ସହିତ ବସୁଥିଲି, ଯେଉଁ ସ୍ଥାନରେ ଲୋକମାନେ ବସି ସଭା କରୁଥିଲେ।

8ସବୁ ଲୋକମାନେ ମୋତେ ସମ୍ମାନ କରୁଥିଲେ, ସାନ ସାନ ପିଲାମାନେ ମୋ ଆସିବା ଦେଖି ସେ ମୋ ବାଟରୁ ଆଡେଇ ହୋଇ ଯାଉଥିଲେ। ବଡଲୋକ ସମ୍ମାନ ସ୍ୱରୂପ ଛିଡ଼ା ହୋଇ ପଡୁଥିଲେ।

9ମୋତେ ଦେଖି ନେତାମାନେ ଚୂପ ହୋଇ ଯାଉଥିଲେ ଏବଂ ତାଙ୍କ ମୁଖରେ ହାତ ଦେଉଥିଲେ।

10ଏପରିକି ଗଣମାନ୍ୟ ବ୍ୟକ୍ତି ମଧ୍ୟ ତାଙ୍କର କଥା କହିଲା ବେଳେ ଆସ୍ତେ କଥା ହେଉଥିଲେ, ଏହା ଦେଖାଯାଉଥିଲା ଯେପରି ତାଙ୍କର ଜିଭ ପାଟିରେ ଅଟକି ଯାଉଥିଲା।

11ମୁଁ ଯାହା କହୁଥିଲି ସେମାନେ ତାହା ମନ ଦେଇ ଶୁଣୁଥିଲେ ଏବଂ ଏହାପରେ ମୋ ବିଷୟରେ ଭଲ କଥା ହେଉଥିଲେ। ମୁଁ ଯାହା କରୁଥିଲି, ଲୋକେ ତାକୁ ଦେଖୁଥିଲେ ଓ ପ୍ରଶଂସା କରୁଥିଲେ।

12କାହିଁକି? କାରଣ ଯେତେବେଳେ କୌଣସି ଗରୀବ ଲୋକଟିଏ ସାହାଯ୍ୟ ପାଇଁ ଡାକୁଥିଲା ମୁଁ ତାକୁ ସାହାଯ୍ୟ କରୁଥିଲି। ମୁଁ ମଧ୍ୟ ସେହି ପିଲାମାନଙ୍କୁ ସାହାଯ୍ୟ କରୁଥିଲି। ଯାହାଙ୍କର ପିତାମାତା ନ ଥିଲେ ଏବଂ ସେମାନଙ୍କର ଯତ୍ନ ନେବାକୁ କେହି ନ ଥିଲେ।

13ଯେଉଁ ମଣିଷ ମରି ଯାଉଥିଲା ସେ ମୋତେ ଆଶୀର୍ବାଦ କଲା। ମୁଁ ସେହି ବିଧବାମାନଙ୍କୁ କିଛି ଖାଇବା ନିମନ୍ତେ ଦେଲି।

14ଧାର୍ମିକତା ମୋର ବସ୍ତ୍ର ନ୍ୟାୟ ମୋର ଚୋଗା ଓ ମୋର ପଗଡି ଥିଲା।

15ମୁଁ ଅନ୍ଧ ଲୋକର ଚକ୍ଷୁ ସଦୃଶ ଥିଲି। ସେମାନେ ଯେଉଁ ଆଡ଼କୁ ଯିବାକୁ ଇଚ୍ଛା କରୁଥିଲେ ସେହି ପଥରେ ଯିବାକୁ ମୁଁ ସାହାଯ୍ୟ କରୁଥିଲି। ଛୋଟା ଲୋକର ମୁଁ ପାଦ ସଦୃଶ ଥିଲି। ମୁଁ ତାଙ୍କୁ ବୋହି ନେଉଥିଲି। ଯେଉଁ ସ୍ଥାନକୁ ସେମାନେ ଯିବାକୁ ଇଚ୍ଛା କରୁଥଲେ।

16ମୁଁ ଗରୀବ ଲୋକର ପିତା ସଦୃଶ ଥିଲି। ମୁଁ ନ ଜାଣିଥିବା ଲୋକଙ୍କୁ ମଧ୍ୟ ସାହାଯ୍ୟ କରୁଥିଲି। ସେମାନଙ୍କୁ ଅଦାଲତରେ ତର୍କରେ ଜିତାଇ ଦେଉଥିଲି।

17ଦୁଷ୍ଟ ଲୋକର କ୍ଷମତାର ଅପବ୍ୟବହାରରୁ ନିରୀହ ଲୋକଙ୍କୁ ଉଦ୍ଧାର କରୁଥିଲି।

18ମୁଁ ଭାବୁଥିଲି, ମୁଁ ମୋ ଗୃହରେ ମୃତ୍ୟୁବରଣ କରିବ, କିନ୍ତୁ ମୋର ଦିନଗୁଡିକ ସମୁଦ୍ରର ବାଲିକଣା ପରି ହେବ।

19ମୁଁ ସବୁଦିନ ସ୍ୱାସ୍ଥ୍ୟବାନ କାର୍ଯ୍ୟ କ୍ଷମ ଥିବି। ଗୋଟିଏ
ସବଳ ବୃକ୍ଷଭଳି ଯାହାର ଚେର ମାଟିତଳେ ଜଳକୁ ସ୍ପର୍ଶ କରି
ଅନେକ ଡାଳ ଶାଖା ପ୍ରଶାଖା ମେଲି କାକରରେ ଭିଜି
ଯାଇଥିବି।
20ମୋ ପାଇଁ ପ୍ରତ୍ୟେକ ଦିନ ଗୋଟିଏ ନୂଆଦିନ ହୋଇଥିବ
ଯାହା ମୋର ଗୌରବରେ ପୂର୍ଣ୍ଣ ହେବା ସହିତ ବହୁତ ନୂଆ
ସମ୍ଭାବନାକୁ ମଧ୍ୟ ସାକାର କରୁଥିବ।
21ଅତୀତରେ ଲୋକେ ମୋ କଥାକୁ ନୀରବ ଚୁପ
ଶୁଣିଥିଲେ। ଯେତେବେଳେ ସେମାନେ ମୋ ପାଖକୁ କୌଣସି
ଉପଦେଶ ପାଇଁ ଆସୁଥିଲେ।
22ମୁଁ ମୋର ବକ୍ତବ୍ୟ ସମାପ୍ତି କଲାପରେ ଲୋକମାନେ
ସମସ୍ତ ବିଷୟରେ ଶୁଣି ପାରିଲେ, ପରେ ସେମାନଙ୍କର ଆଉ
କିଛି କହିବାକୁ ନ ଥାଏ। ମୋର ସମସ୍ତ କଥା ସେମାନଙ୍କ
କାନକୁ ମୃଦୁ ଭାବରେ ପ୍ରବେଶ କରୁଥିଲା।
23ଲୋକେ ବର୍ଷାକୁ ଅପେକ୍ଷା କଲାପରି ମୋ କଥା
ଶୁଣିବାକୁ ଅପେକ୍ଷା କରୁଥିଲେ। ଲୋକେ ମୋର କଥାକୁ
ବସନ୍ତଋତୁର ବର୍ଷାଭଳି ପାନ କରୁଥିଲେ।
24ମୁଁ ସେହି ଲୋକମାନଙ୍କ ସହିତ ହସିଲି ଏବଂ ସେମାନେ
ତାହା ବିଶ୍ୱାସ କରିପାରିଲେ ନାହିଁ। ମୋର ହସ ଦ୍ୱାରା
ସେମାନେ ଅଧିକ ଖୁସି ଅନୁଭବ କଲେ।
25ମୁଁ ସେମାନଙ୍କର ନେତା ଥିଲେ ବି ସେମାନଙ୍କ
ସଙ୍ଗରେ ମିଳିମିଶି ରହିବାକୁ ପସନ୍ଦ କରୁଥିଲି। ମୁଁ ସୈନ୍ୟମାନଙ୍କ
ମଧ୍ୟରେ ଜଣେ ରାଜା ଥିଲି। ଯେଉଁମାନେ ଦୁଃଖରେ ଥିଲେ
ସେମାନଙ୍କୁ ସାନ୍ତ୍ୱନା ପ୍ରଦାନ କରୁଥିଲି।

30 କିନ୍ତୁ ବର୍ତ୍ତମାନ ଯେଉଁମାନେ ମୋ'ଠାରୁ ବୟସରେ
ସାନ ସେମାନେ ମଧ୍ୟ ମୋତେ ପରିହାସ କରୁଛନ୍ତି।
ଆଉ ସେମାନଙ୍କ ପିତାଗଣ ଏଭଳି ଅଯୋଗ୍ୟ ଯେ ମୁଁ
ସେମାନଙ୍କୁ ମୋ ମେଣ୍ଢା ପଲ ଜଗୁଥିବା କୁକୁରମାନଙ୍କ ସହିତ
ରଖାଇବି ନାହିଁ।
2ସେହି ଯୁବକମାନଙ୍କର ପିତାଗଣ ଏତେ ଦୁର୍ବଳ ଯେ
ସେମାନେ ମୋତେ ସାହାଯ୍ୟ କରିପାରିବେ ନାହିଁ। ସେମାନେ
ଆଦି ବୃଦ୍ଧ କ୍ଲାନ୍ତ, ସେମାନଙ୍କ ମାଂସ ପେଶୀରେ ଶକ୍ତି ସାମର୍ଥ
ଆଉ ନାହିଁ।
3ସେମାନେ ମଲା ମଣିଷ ଭଳି। ସେମାନେ ଖାଦ୍ୟ ବିନା
ଅନାହାରରେ ସଢୁଛନ୍ତି। ବାଧହୋଇ ମରୁଭୂମିର ଶୁଖିଲା ଧୂଳିରେ
ପେଟ ପୁରାଉଛନ୍ତି।
4ସେମାନେ ମରୁଭୂମିରେ ଥିବା ଲୁଣିଆ ବୁଦାକୁ ଟାଣି
ଆଣନ୍ତି ଓ ରେତମ ବୃକ୍ଷର ଚେର ଖାଇ ବଞ୍ଚନ୍ତି।
5ସେମାନେ ବାଧ ହୋଇ ଅନ୍ୟମାନଙ୍କଠାରୁ ପଳାୟନ
କରନ୍ତି। ଚୋରକୁ ଦେଖିଲା ପରି, ଲୋକମାନେ ସେମାନଙ୍କ
ଉପରେ ପାଟି କରନ୍ତି।
6ଶୁଖିଲା ନଦୀ ଶଯ୍ୟା, ପାହାଡ଼ ଗୁମ୍ଫା ଓ ମାଟିରେ ଥିବା
ଗାତରେ ସେମାନେ ରହିବାକୁ ବାଧ।
7ସେମାନେ ବୁଦାରେ ରହି ଗଧପରି ବୋବାନ୍ତି ଓ
କଣ୍ଟାବୁଦା ତଳେ ରୁଣ୍ଡ ହୁଅନ୍ତି।
8ସେମାନେ ଦଳେ ଅଯୋଗ୍ୟ ନାମହୀନ ଲୋକ। ଯିଏ କି
ବାଧ ହୋଇ ଦେଶ ଛାଡ଼ିଥିଲେ।

9ବର୍ତ୍ତମାନ ସେହି ଲୋକମାନଙ୍କର ପୁଅମାନେ ମୋତେ
ନେଇ ପରିହାସ ସୂଚକ ଗୀତ ବୋଲନ୍ତି ଏବଂ ମୋ ନାଁ ଏକ
ଅପଶବ୍ଦରେ ପରିଣତ ହୋଇଛି।
10ସେହି ଯୁବକମାନେ ମୋତେ ଘୃଣା କରନ୍ତି। ମୋଠାରୁ
ଦୂରେଇ ଛିଡ଼ା ହୁଅନ୍ତି ଏବଂ ସେମାନେ ଭାବନ୍ତି ମୋ' ଠାରୁ
ବହୁତ ଭଲ ଏପରିକି ସେମାନେ ମୋ ମୁହଁରେ ଛେପ
ପକାନ୍ତି।
11ପରମେଶ୍ୱର ମୋ ଧନୁରୁ ବାଣ କାଢି ନେଇଛନ୍ତି ଏବଂ
ମୋତେ ଦୁର୍ବଳ କରି ଦେଇଛନ୍ତି। ସେହି ଯୁବକମାନେ ସମସ୍ତ
ପ୍ରକାର ଆକ୍ଷେପ କରନ୍ତି, ଯେତେବେଳେ ମୋତେ ଦେଖନ୍ତି।
12ସେମାନେ ମୋର ଡାହାଣ ପଟରୁ ଆକ୍ରମଣ କରନ୍ତି।
ସେମାନେ ମୋର ପାଦକୁ ମୋଠାରୁ ଠେଲି ଦିଅନ୍ତି ଯାହା ମୁଁ
ଗୋଟିଏ ଆକ୍ରାନ୍ତ ହୋଇଥିବା ସହର ମୋ ପାଚେରୀ ବିରୁଦ୍ଧରେ
ସେମାନେ ମାଟିର ମଞ୍ଚ ନିର୍ମାଣ କରନ୍ତି।
13ସେମାନେ ମୋର ରାସ୍ତାକୁ ଜଗନ୍ତି। ମୁଁ ଯାହା ଫଳରେ
ପଳାୟନ କରିପାରେ ନାହିଁ। ମୋତେ ଧ୍ୱଂସ କରିବାରେ
ସେମାନେ ସଫଳ ହୁଅନ୍ତି। ସେମାନେ କାହାରି ସାହାଯ୍ୟ
ଆବଶ୍ୟକ କରନ୍ତି ନାହିଁ।
14ସେମାନେ ପାଚେରୀରେ ଏକ ସିନ୍ଧି କରନ୍ତି ଓ ଯୋର
ଜବରଦସ୍ତ ସେହି ମଧ୍ୟ ଦେଇ ପ୍ରବେଶ କରନ୍ତି। ଝଡର
ତାଣ୍ଡବ ଲୀଳାରେ ସେମାନେ ସହଜରେ ଗତି କରନ୍ତି।
15ମୁଁ ଭୟରେ ଥରୁଅଛି। ବାୟୁ ଜିନିଷସବୁକୁ ଉଡ଼ାଇ
ନେଲାଭଳି ସେମାନେ ମୋର ସମ୍ମାନକୁ ଉଡ଼େଇ ନେଉଛନ୍ତି।
ମେଘଭଳି ମୋର ନିରାପତ୍ତା ହଜିଯାଉଛି।
16ବର୍ତ୍ତମାନ ମୋର ଜୀବନ ପ୍ରାୟ ଶେଷ ହୋଇଗଲାଣି
ଏବଂ ଶିଘ୍ର ମୁଁ ମରିଯିବି। ଯନ୍ତ୍ରଣାର ଦିନଗୁଡ଼ିକ ମୋତେ ମାଡ଼ି
ବସିଲାଣି।
17ମୋର ଦେହର ସମସ୍ତ ହାଡ଼ ରାତିରେ ଯନ୍ତ୍ରଣା ଦିଏ।
ମୋର କଷ୍ଟ କେବେ ମୋତେ ଚୋବେଇବା ବନ୍ଦ କରେ
ନାହିଁ।
18ଅତ୍ୟଧିକ ଶକ୍ତିରେ ମୋର ଲୁଗା ମୋଡମାଡ ହୋଇ
ଆକାର ବିହୀନ ହୋଇଯାଇଛି, ମୋର ଲୁଗାର ଗଳାବନ୍ଧା
ମୋର ଶ୍ୱାସରୋଧ କରୁଛି।
19ପରମେଶ୍ୱର ମୋତେ କାଦୁଅରେ ଫିଙ୍ଗିଦେଲେ ଓ ମୁଁ
ମଇଳା ଓ ପାଉଁଶ ଭଳି ହୋଇଗଲି।
20ପରମେଶ୍ୱର ତୁମ୍ଭର ସାହାଯ୍ୟ ପାଇଁ ମୁଁ ଚିତ୍କାର କରେ
କିନ୍ତୁ ତୁମ୍ଭେ ଉତ୍ତର ଦିଅନାହିଁ ଓ ପ୍ରାର୍ଥନା କରେ କିନ୍ତୁ ତୁମ୍ଭେ
କୌଣସି ଦୃଷ୍ଟି ଦିଅନାହିଁ।
21ହେ ପରମେଶ୍ୱର, ତୁମ୍ଭେ ଜୋର ପବନ ଦ୍ୱାରା ମୋତେ
ଉଡାଇ ଦିଅ। ତୁମ୍ଭେ ମୋତେ ଝଡ ଚାରିଆଡେ
ଫିଙ୍ଗିଦିଅ।
22ପରମେଶ୍ୱର ବତାସରେ ଉଡ଼ିଯିବାକୁ ମୋତେ ଅନୁମତି
ଦିଅ। ତୁମ୍ଭେ ଝଡ଼ରେ ମୋତେ ଫିଙ୍ଗି ଦିଅ।
23ମୁଁ ଜାଣେ ତୁମ୍ଭେ ମୃତ୍ୟୁ ଆଡକୁ କଢାଇ ଦେବ।
ପ୍ରତ୍ୟେକ ଜୀବିତ ବ୍ୟକ୍ତି ନିଶ୍ଚୟ ମରିବେ।
24କିନ୍ତୁ ନିଶ୍ଚୟ କେହି ଜଣକୁ ଆଘାତ କରିବନି ଯିଏ
ବିନଷ୍ଟ ହୋଇ ଯାଇଛି ଏବଂ ସାହାଯ୍ୟ ପାଇଁ କାନ୍ଦୁଛି।

25ହେ ପରମେଶ୍ୱର ତୁମ୍ଭେ ଜାଣ ଅସହାୟ ଲୋକଙ୍କ
ପାଇଁ ମୁଁ କାନ୍ଦିଛି। ଦୀନ ଦୁଃଖିଙ୍କ ପାଇଁ ମୋର ହୃଦୟ
ଦୁଃଖରେ ଭାଙ୍ଗି ପଡ଼ିଛି।
26କିନ୍ତୁ ମୁଁ ଯେତେବେଳେ ଭଲ ଜିନିଷ ଚାହେଁ, ତା'
ବଦଳରେ ଖରାପ ଜିନିଷ ପାଏ। ମୁଁ ଯେତେବେଳେ ଆଲୋକର
ସନ୍ଧାନ କରେ ସେତେବେଳେ ଅନ୍ଧକାର ମାଡ଼ି ଆସେ।
27ମୋର ଅନ୍ତନାଳୀ ଆଲୋଡିତ ହେଉଛି। ଯନ୍ତ୍ରଣାର
ଶେଷ ନାହିଁ ଏବଂ ବର୍ତ୍ତମାନ ମାତ୍ର ଯନ୍ତ୍ରଣା ଆରମ୍ଭ ହୋଇଛି।
28ଶୋକ କରି ମୁଁ ଘୁରିଆଡେ ବୁଲେ, କିନ୍ତୁ ସାନ୍ତ୍ୱନା
ପାଏ ନାହିଁ। ମୁଁ ପ୍ରାର୍ଥନା ସଭାରେ ଛିଡ଼ା ହୁଏ ଓ ସାହାଯ୍ୟ
ପାଇଁ ଆର୍ତ୍ତନାଦ କରେ।
29ବଣର କୁକୁର ଓ ମରୁଭୂମିର ଓଟ ପକ୍ଷୀଭଳି ମୁଁ
ଏକୁଟିଆ।
30ମୋ ଦେହର ଚମଡା ପୋଡି ଯାଇ ଛିଣ୍ଡି ପଡୁଛି।
ଜ୍ୱରରେ ମୋର ଦେହରେ ଭୀଷଣ ତାତି।
31ବିଷାଦର ଗୀତ ଗାଇବାପାଇଁ ମୋର ବୀଣା ବନ୍ଧା
ହୋଇଛି। କରୁଣ କ୍ରନ୍ଦନ କଲାଭଳି ମୋର ବଂଶୀ ଶବ୍ଦ ସୃଷ୍ଟି
କରୁଛି।

31 "ମୁଁ ମୋର ଚକ୍ଷୁ ସଙ୍ଗେ ଏପରି ଏକ ଚୁକ୍ତି କରିଛି
ଯେ ମୁଁ କୌଣସି ଝିଅକୁ ଏପରି ଭାବରେ ଦେଖିବି
ନାହିଁ, ଯଦ୍ୱାରା କି ମୁଁ ତାକୁ ଚାହିଁବି।
2ସର୍ବଶକ୍ତିମାନ ପରମେଶ୍ୱର ଲୋକଙ୍କ ପ୍ରତି କ'ଣ କରନ୍ତି?
ପରମେଶ୍ୱର ତାଙ୍କ ବାସସ୍ଥଳ ସ୍ୱର୍ଗରୁ କିପରି ଲୋକମାନଙ୍କୁ
ବେତନ ଦିଅନ୍ତି।
3ପରମେଶ୍ୱର ଦୁଷ୍ଟ ଲୋକଙ୍କ ପ୍ରତି ବିପଦ ଓ ଦୁର୍ଗତି
ସୃଷ୍ଟି କରନ୍ତି। ଯେଉଁ ଲୋକମାନେ ଭଲ କାମ ନକରନ୍ତି
ସେମାନଙ୍କ ପ୍ରତି ପରମେଶ୍ୱର ବିପତ୍ତି ସୃଷ୍ଟି କରନ୍ତି।
4ମୁଁ ଯାହାକରେ ବା ପଦକ୍ଷେପ ଗ୍ରହଣ କରେ, ପରମେଶ୍ୱର
ସେ ସବୁ ଜାଣନ୍ତି ଓ ଦେଖନ୍ତି।
5ମୁଁ କେବେ ମିଥ୍ୟା କହି ନାହିଁ କି ଲୋକଙ୍କୁ ଠକି
ନାହିଁ।
6ଯଦି ପରମେଶ୍ୱର ଯଥାର୍ଥ ମାନଦଣ୍ଡ ବ୍ୟବହାର କରନ୍ତି,
ତେବେ ସେ ଜାଣିପାରିବେ ମୁଁ ନିରପରାଧୀ।
7ମୁଁ ଯଦି ଠିକ୍ ବାଟରୁ ଆଡେଇ ଯାଏ, ଯଦି ମୋର
ଆଖି ହୃଦୟକୁ ଦୁଷ୍ଟତା ଆଡ଼କୁ ଟାଣି ନିଏ, ଯଦି ମୋର
ହାତ ପାପରେ ମଳିନ ହୁଏ। ତେବେ ପରମେଶ୍ୱର ଜାଣିବେ।
8ତେବେ ଅନ୍ୟ ଲୋକ ସେହି ଶସ୍ୟ ଖାଇଲେ ତାହା
ଠିକ୍ ହେବ, ମୁଁ ତାହା ଲଗାଇଲି ଏବଂ ବଢିଥିବା ଗଛକୁ ମୁଁ
ଉପାଡିଦେଲି।
9ଯଦି ମୁଁ ପର ସ୍ତ୍ରୀକୁ କାମନା କରିଥାଏ ବା ପଡ଼ୋଶୀ
ସ୍ତ୍ରୀ ସହ ପାପ କାର୍ଯ୍ୟ କରିବା ପାଇଁ ତା'ର ଦ୍ୱାର ଦେଶରେ
ଅପେକ୍ଷା କରିଥାଏ,
10ତେବେ ମୋର ସ୍ତ୍ରୀ ପରପୁରୁଷର ଖାଦ୍ୟ ରାନ୍ଧିପାରେ,
ଅନ୍ୟଜଣେ ପୁରୁଷ ତାକୁ ଶଯ୍ୟା ସଙ୍ଗିନୀ କରିବ।
11କାହିଁକି? କାରଣ ଯୌନାଗ୍ରହ ପାପ ନିନ୍ଦନୀୟ। ଏହି
ପାପୀ ନିଶ୍ଚିତ ଦଣ୍ଡ ପାଇବା ଉଚିତ୍।
12ଯୌନାଗ୍ରହ ପାପ ହେଉଛି ଏଭଳି ଏକ ଅଗ୍ନି ସବୁ
କିଛିକୁ ଧ୍ୱଂସ କଲା ପର୍ଯ୍ୟନ୍ତ ଜଳୁଥାଏ। ଏହା ମୋର କରିଥିବା
ସମସ୍ତ କାର୍ଯ୍ୟକୁ ନଷ୍ଟ କରିଦେଇ ପାରେ।
13ମୁଁ ଯଦି ମୋର କ୍ରୀତଦାସଙ୍କ ପ୍ରତି ନ୍ୟାୟ କରିବାକୁ
ମନା କରିଥାଏ। ସେତେବେଳେ ମୋ ବିରୁଦ୍ଧରେ ସେମାନଙ୍କର
ଅଭିଯୋଗ ଥାଏ।
14ତେବେ ପରମେଶ୍ୱରଙ୍କର ସମ୍ମୁଖୀନ ହେଲାବେଳେ ମୁଁ
କ'ଣ କରିବି? ମୁଁ ଯାହା କରିଛି ତା'ର ବ୍ୟାଖ୍ୟା କରିବାକୁ
ପରମେଶ୍ୱର ଯଦି କହନ୍ତି ତେବେ ମୁଁ କି ଉତ୍ତର ଦେବି?
15ପରମେଶ୍ୱର ମୋର ମା'ର ଶରୀର ଭିତରେ ମୋତେ
ସୃଷ୍ଟି କରିଛନ୍ତି। ସେ ମଧ୍ୟ ମୋର ଦାସମାନଙ୍କୁ ସୃଷ୍ଟି
କରିଛନ୍ତି। ପରମେଶ୍ୱର ଆମ୍ଭକୁ ମା'ର ଗର୍ଭ ଭିତରେ ଗଢିଛନ୍ତି।
16ମୁଁ କେବେ ଗରୀବ ଲୋକକୁ ସାହାଯ୍ୟ କରିବାକୁ ମନା
କରିନାହିଁ। ବିଧବାମାନଙ୍କୁ ସେମାନଙ୍କ ଦରକାର ମୁତାବକ
ଦେଇଛି।
17ମୁଁ କେବେ ଖାଦ୍ୟରେ କୃପଣ ନୁହେଁ। ମୁଁ ସବୁବେଳେ
ଅନାଥ ବାଳକମାନଙ୍କୁ ଖାଦ୍ୟ ପ୍ରଦାନ କରେ।
18ଅନାଥ ପିଲାମାନଙ୍କର ସାରା ଜୀବନ ମୁଁ ପିତାଭଳି କାମ
କରିଛି। ସାରା ଜୀବନ ବିଧବାମାନଙ୍କ ଯତ୍ନ ନେଇଛି।
19ଯେତେବେଳେ ବସ୍ତ୍ର ଅଭାବରେ କଷ୍ଟ ପାଉଥିବା
ଲୋକମାନଙ୍କୁ, ପୋଷାକ ନ ଥିବା ଦରିଦ୍ରମାନଙ୍କୁ ମୁଁ ଯେତେବେଳେ
ଦେଖିଛି,
20ମୁଁ ସବୁବେଳେ ସେମାନଙ୍କୁ ବସ୍ତ୍ର ଦେଇଛି ଓ ମୋ
ନିଜ ମେଣ୍ଢାର ପଶମ ଦେଇ ସେମାନଙ୍କୁ ଉଷ୍ମତା ଦେଇଛି
ଏବଂ ସେମାନେ ମଧ୍ୟ ହୃଦୟଭରି ମୋତେ ଆଶୀର୍ବାଦ
କରିଛନ୍ତି।
21ଅନାଥ ବାଳକକୁ ମୁଁ କେବେ ହାତ ଉଠାଏ ନାହିଁ
ବରଂ ମୋର ଫାଟକ ପାଖରେ ସାହାଯ୍ୟ କାମନା କରି ଛିଡ଼ା
ହୋଇ ଥିବାର ମୁଁ ତାକୁ ଦେଖେ।
22ମୁଁ ଯଦି କେବେ ତାହା କରିଥାଏ, ତେବେ ମୋର
ବାହୁ ଖଣ୍ଡାରୁ ଭାଙ୍ଗିଯାଉ ଓ ତାହାକୁ କାନ୍ଧ ଉପରୁ
ପଡିଯାଉ।
23କିନ୍ତୁ ସେହିସବୁ କଦର୍ଯ୍ୟ କାମ ଭିତରୁ କୌଣସି ମୁଁ
କେବେ କରି ନାହିଁ। ପରମେଶ୍ୱରଙ୍କ ଦଣ୍ଡକୁ ମୁଁ ସବୁବେଳେ
ଭୟ କରେ। ତାଙ୍କର ମହିମା ମୋତେ ଭୟଭୀତ କରେ।
24ମୋର ସମ୍ପତ୍ତିକୁ ମୁଁ କେବେ ବିଶ୍ୱାସ କରେନାହିଁ।
ପରମେଶ୍ୱରଙ୍କ ସାହାଯ୍ୟକୁ ବିଶ୍ୱାସ କରେ। ଖାଣ୍ଟି ସୁନାକୁ ମୁଁ
କେବେ କହେ ନାହିଁ, 'ତୁ ମୋର ଆଶା।'
25ମୁଁ ଧନୀ ଥିଲି। କିନ୍ତୁ ତାହା ମୋତେ ଗର୍ବ କରିନାହିଁ।
ମୁଁ ବହୁତ ଟଙ୍କା ରୋଜଗାର କରିଛି କିନ୍ତୁ ତାହା ମୋତେ
ଖୁସି କରିପାରି ନାହିଁ।
26ଦୀପ୍ତିମାନ ସୂର୍ଯ୍ୟ କି ସ୍ମରଣୀୟ ଚନ୍ଦ୍ରକୁ ମୁଁ କେବେ
ଉପାସନା କରି ନାହିଁ।
27ସୂର୍ଯ୍ୟ ଏବଂ ଚନ୍ଦ୍ରକୁ ଉପାସନା କଲାଭଳି ମୋର
ନିର୍ବୋଧତା ନାହିଁ।
28ଏହା ଏକ ପାପ ଯାହା ଦଣ୍ଡ ପାଇବା ଯୋଗ୍ୟ। ଯଦି
ମୁଁ ସେହି ବସ୍ତୁକୁ ପୂଜା କରିଥାଏ, ସର୍ବଶକ୍ତିମାନ ପରମେଶ୍ୱରଙ୍କ
ପ୍ରତି ମୁଁ ଅବିଶ୍ୱସ୍ତ ହୋଇଥାନ୍ତି।

29ମୋର ଶତ୍ରୁମାନେ ଯେତେବେଳେ ଧ୍ୱଂସ ହୋଇ ଯାଆନ୍ତି,
ସେତେବେଳେ ମୁଁ ଖୁସି ହୁଏ ନାହିଁ। ସେମାନଙ୍କ ବିପଦ
ସମୟରେ ମୁଁ କେବେ ହସେ ନାହିଁ।
30ମୋର ଶତ୍ରୁମାନଙ୍କୁ ଅଭିଶାପ ଦେଇ ଓ ସେମାନଙ୍କ
ମୃତ୍ୟୁ କାମନାରେ ମୋର ମୁଖକୁ ପାପଯୁକ୍ତ ହେବାକୁ ଦେଇ
ନାହିଁ।
31ଅଚିହ୍ନା ଲୋକଙ୍କୁ ମୁଁ ଯେ ସବୁବେଳେ ଆହାର ଦେଇ
ଆସିଛି ତାହା ମୋ ଗୃହର ସମସ୍ତ ଲୋକ ଜାଣନ୍ତି।
32ମୋ ଗୃହ ମଧ୍ୟକୁ ଅଜଣା ଲୋକଙ୍କୁ ସବୁବେଳେ
ଆମନ୍ତ୍ରଣ କରି ଆଣିଛି, ଯେଭଳି କି ରାତିରେ ରାସ୍ତାରେ
ଶୋଇବାକୁ ପଡ଼ିବ ନାହିଁ।
33ଅନ୍ୟ ଲୋକମାନେ ସେମାନଙ୍କର ପାପକୁ ଗୁପ୍ତ ରଖିବାକୁ
ଚାହାଁନ୍ତି। ମୁଁ କେବେ ମୋର ଦୋଷକୁ ଲୁଚାଏ ନାହିଁ।
34ଅନ୍ୟ ଲୋକମାନେ କ'ଣ କହିବେ ତାହାକୁ ମୁଁ
କେବେ ଭୟ କରି ନାହିଁ। ସେହି ଭୟ ମୋତେ କେବେ
ନୀରବ କରାଇ ନାହିଁ। ବାହାରକୁ ଯିବା ପାଇଁ ମୋତେ
କେବେ ପ୍ରତିରୋଧ କରିନାହିଁ। ଅନ୍ୟ ଲୋକର ଘୃଣାକୁ ମୁଁ
କେବେ ଭୟ କରିନାହିଁ।
35ମୁଁ କାମନା କରେ ମୋ କଥା ଜଣେ କେହି ଶୁଣ।
ମୋ ପକ୍ଷର କଥା କହିବାକୁ ମୋତେ ଦିଆଯାଉ। ମୁଁ ଚାହେଁ
ସର୍ବଶକ୍ତିମାନ ପରମେଶ୍ୱର ମୋତେ ଉତ୍ତର ଦିଅନ୍ତୁ। ମୁଁ କ'ଣ
ଭୁଲ୍ କରିଛି ବୋଲି ସେ ଭାବନ୍ତି। ମୁଁ ଚାହେଁ ସେ ତାହା
ଲେଖି ଦିଅନ୍ତୁ।
36ସେହି ଚିହ୍ନକୁ ମୁଁ ଗଳାର ମାଳ କରି ପିନ୍ଧିବି। ତାହାକୁ
ମୋ ମୁଣ୍ଡ ଉପରେ ମୁକୁଟ ଭଳି ଥୋଇବି।
37ଯଦି ପରମେଶ୍ୱର ତାହା କରନ୍ତି, ତେବେ ମୁଁ ଯାହା
କରିଛି ସବୁକିଛି ବୁଝାଇ ଦେବି। ଜଣେ ନେତାଭଳି ମୋର
ମୁଣ୍ଡ ଟେକି ମୁଁ ପରମେଶ୍ୱରଙ୍କ ପାଖକୁ ଆସିବି।
38ମୋର ଜମି ମୁଁ କାହାଠାରୁ ଚୋରି କରିନାହିଁ। ଏହା
ଚୋରି କରିଥିବା କଥା କେହି ମୋତେ ଦୋଷ ଦେଇ
ପାରିବେ ନାହିଁ।
39ଜମିରୁ ପାଉଥିବା ଖାଦ୍ୟ ପାଇଁ ମୁଁ କୃଷକମାନଙ୍କୁ
ସବୁବେଳେ ସେମାନଙ୍କ ପ୍ରାପ୍ୟ ଦେଇଛି। ଜମିର ଯିଏ ମାଲିକ,
ତାହାଠାରୁ ଜମି ଛଡ଼ାଇ ନେବାକୁ ମୁଁ କେବେ ଚେଷ୍ଟା
କରିନାହିଁ।
40ଯଦି ମୁଁ କେବେ ବି ସେହିସବୁ ଭୁଲ୍ କାମ କରିଥାଏ,
ତେବେ ମୋ ଜମିରେ ଗହମ ଓ ଯଅ ବଦଳରେ କଣ୍ଟା ଓ
ବାଳୁଙ୍ଗା ଉଠୁ।" ଏବଂ ତା'ପରେ ଆୟୁବର କଥା ସମାପ୍ତ
ହେଲା।

## ଇଲୀହୂ ଆଲୋଚନାରେ ଭାଗ ନେଲା

32 ଏହାପରେ ଆୟୁବର ତିନି ବନ୍ଧୁ ଉତ୍ତର ଦେବାକୁ
କ୍ଷାନ୍ତ ହେଲେ। କାରଣ ସେମାନେ ଦେଖିଲେ,
ଆୟୁବ ନିଜ ଆଖିରେ ଧାର୍ମିକ ଅଟେ। 2କିନ୍ତୁ ସେଠାରେ
ଜଣେ ଯୁବକ ଇଲୀହୂ ଉପସ୍ଥିତ ଥିଲା। ସେ ବାରଖେଲର
ପୁଅ ଥିଲା। ବାରଖେଲ ବୂଷୀୟ ନାମକ ଜଣେ ବ୍ୟକ୍ତିର
ବଂଶଧର ଥିଲା। ଇଲୀହୂ, ରାମ୍ ପରିବାରର ଲୋକ ଥିଲା।
ଇଲୀହୂ, ଆୟୁବ ଉପରେ ରାଗ କରିଥିଲା। କାହିଁକି? କାରଣ
ଆୟୁବ ନିଜେ ଠିକ୍ ବୋଲି ଘୋଷଣା କରୁଥିଲା। ଆୟୁବ
କହୁଥିଲା ସେ ଠିକ୍ ଏବଂ ପରମେଶ୍ୱର ଭୁଲ୍। 3ଇଲୀହୂ ମଧ୍ୟ
ଆୟୁବର ତିନି ବନ୍ଧୁ ଉପରେ ରାଗି ଥିଲା। କାହିଁକି? କାରଣ
ଆୟୁବର ତିନି ବନ୍ଧୁ ଆୟୁବର ଯୁକ୍ତିର ଉତ୍ତର ଦେଇପାରିଲେ
ନାହିଁ। କିନ୍ତୁ ତଥାପି ସେମାନେ ଆୟୁବକୁ ଦୋଷ ଦେଲେ।
4ଇଲୀହୂ ସେଠାରେ ସବୁଠାରୁ ସାନ ଥିଲା। ସେ ମଧ୍ୟ ସବୁ
କଥା ଶୁଣିସାରିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲା। ତା'ପରେ ସେ
ଭାବିଲା ସେ ବର୍ତ୍ତମାନ ଆୟୁବ ସହିତ କଥା କହିପାରିବ।
5କିନ୍ତୁ ତା'ପରେ ଇଲୀହୂ ଦେଖିଲା ଆୟୁବର ତିନୋଟି
ସାଙ୍ଗଙ୍କର ଅଧିକ କିଛି କହିବାର ନାହିଁ। ତେଣୁ ସେ
ରାଗିଗଲା। 6ତା'ପରେ ଇଲୀହୂ କହିବାକୁ ଆରମ୍ଭ କଲା। ସେ
କହିଲା,

"ମୁଁ ଜଣେ ଯୁବକ ମାତ୍ର ଏବଂ ଆପଣମାନେ ବୟସ୍କ
ଲୋକ। ସେଥିପାଇଁ ମୁଁ ଯାହା ଚିନ୍ତା କରୁଛି ତାହା ଆପଣଙ୍କୁ
କହିବାକୁ ଭୟ କରୁଛି।
7ମୁଁ ନିଜେ ଚିନ୍ତା କରିଥିଲି, 'ବୟସ୍କ ଲୋକମାନେ
ପ୍ରଥମେ କହିବା ଉଚିତ। ସେମାନେ ଅନେକ ଦିନହେଲା
ବଞ୍ଚିଛନ୍ତି। ସେମାନେ ଅନେକ କଥା ଶିଖିଛନ୍ତି।'
8କିନ୍ତୁ ମଣିଷ ଭିତରେ ଏକ ଆତ୍ମା ଅଛି ଏବଂ ଏହା
ସର୍ବଶକ୍ତିମାନଙ୍କର ନିଶ୍ୱାସ ଯାହା ସେମାନଙ୍କୁ ସମସ୍ତ ବୁଝାମଣା
ଦେଇଥାଏ।
9ବୟସ୍କ ଲୋକମାନେ କେବଳ ଜ୍ଞାନୀ ନୁହଁନ୍ତି, ଏହା
ନୁହେଁ ଯେ କେବଳ ବୃଦ୍ଧ ଲୋକମାନେ ଠିକ୍ ବୁଝନ୍ତି।
10ତେଣୁ ଦୟାକରି ମୋ କଥା ଶୁଣନ୍ତୁ। ଏବଂ ମୁଁ କ'ଣ
ଭାବୁଛି ତାହା କହିବି।
11ଆପଣମାନେ ଯାହା କଥାବାର୍ତ୍ତା ହେଉଥିଲେ ତାହା ମୁଁ
ଧୈର୍ଯ୍ୟର ସହ ଶୁଣିଲି। ଆପଣ ଆୟୁବକୁ ଯେଉଁ ଉତ୍ତର
ଦେଲେ ତାହା ଶୁଣିଲି।
12ଆପଣ ଯେଉଁ ଜିନିଷ କହିଲେ ତାହା ସାବଧାନ
ହୋଇ ଶୁଣିଲି। ଆପଣମାନଙ୍କ ମଧ୍ୟରୁ ଜଣେ କେହି ଆୟୁବଙ୍କୁ
ଭୁଲ୍ ବୋଲି ପ୍ରମାଣ କରି ପାରିଲ ନାହିଁ, କିମ୍ବା ତାଙ୍କର
ଯୁକ୍ତିର ଉତ୍ତର ଦେଇ ପାରିଲ ନାହିଁ।
13ଆପଣ ତିନିଜଣ କହିପାରିବେ ନାହିଁ ଯେ ଆପଣମାନେ
ଜ୍ଞାନ ଲାଭ କରି ଅଛନ୍ତି। ଆୟୁବର ଯୁକ୍ତିର ଉତ୍ତର
ପରମେଶ୍ୱର ନିଶ୍ଚୟ ଦେବା ଉଚିତ, ଲୋକମାନେ ନୁହଁନ୍ତି।
14ଆୟୁବ ତାଙ୍କ ଯୁକ୍ତି ମୋ ଆଗରେ ଉପସ୍ଥାପିତ କରି
ନାହାନ୍ତି। ଆପଣ ତିନିଜଣ ବ୍ୟବହାର କରିଥିବା ଯୁକ୍ତିକୁ ମୁଁ
ବ୍ୟବହାର କରିବି ନାହିଁ।
15ଆୟୁବ, ଏହି ଲୋକମାନେ ଯୁକ୍ତିରେ ହାରିଗଲେ।
ସେମାନଙ୍କର ଅଧିକ କିଛି କହିବାର ନାହିଁ। ସେମାନଙ୍କର
କୌଣସି ଅତିରିକ୍ତ ଉତ୍ତର ମଧ୍ୟ ନାହିଁ।
16ଆୟୁବ ଏହି ଲୋକମାନଙ୍କର ଉତ୍ତରକୁ ମୁଁ ଅପେକ୍ଷା
କଲି କିନ୍ତୁ ବର୍ତ୍ତମାନ ସେମାନେ ନୀରବ। ସେମାନେ ତୁମ୍ଭସହ
ଯୁକ୍ତି କରିବା ବନ୍ଦ କରି ଦେଇଛନ୍ତି।
17ସେଥିପାଇଁ ମୁଁ ବର୍ତ୍ତମାନ ମୋର ଉତ୍ତର ଦେବି। ହଁ,
ମୁଁ ଯାହା ଚିନ୍ତା କରୁଛି ମୁଁ କହିବି।

18ମୋର ବହୁତ କିଛି କହିବାର ଅଛି ଯେ ମୁଁ ପ୍ରାୟତଃ
ବିସ୍ଫୋରଣ କରିଯିବି।
19ମୁଁ ନୂଆ ଭରି ଯାଇଥିବା ଗୋଟିଏ ମଦ ବୋତଲ,
ଯାହା ଏପର୍ଯ୍ୟନ୍ତ ଖୋଲା ଯାଇ ନାହିଁ। ମୁଁ ଏକ ନୂଆ ମଦ୍ୟ
ଭାଣ୍ଡ ପରି ଯାହା ଫାଟିଯିବା ପାଇଁ ପ୍ରସ୍ତୁତ।
20ତେଣୁ ମୁଁ ନିଶ୍ଚୟ କହିବି। ତା'ପରେ ମୁଁ ବିଶ୍ୱାସ
ଅନୁଭବ କରିବି। ଆୟୁବର ଯୁକ୍ତିର ମୁଁ ଉତ୍ତର ଦେବି ଓ
ନିଶ୍ଚୟ କହିବି।
21ଅନ୍ୟ ବ୍ୟକ୍ତିମାନଙ୍କୁ ମୁଁ ଯେଭଳି ବ୍ୟବହାର କରେ,
ଆୟୁବ ସହିତ ମୁଁ ସେଭଳି ବ୍ୟବହାର କରିବି। ତା'ର
ମନଲାଖି କଥା କହିବା ପାଇଁ ମୁଁ ଚେଷ୍ଟା କରିବି ନାହିଁ। ଯାହା
ଉଚିତ ତାହା ମୁଁ କହିବି।
22ଗୋଟିଏ ବ୍ୟକ୍ତିଠାରୁ ଆଉ ଗୋଟିଏ ବ୍ୟକ୍ତିକୁ ଅଧିକ
ଭଲ ବ୍ୟବହାର କରିପାରିବି ନାହିଁ। ଯଦି ମୁଁ କରେ
ପରମେଶ୍ୱର ମୋତେ ଦଣ୍ଡ ଦେବେ।

33 "ଆୟୁବ ବର୍ତ୍ତମାନ ମୋର କଥା ଶୁଣ। ଯେଉଁ
ବିଷୟ ମୁଁ କହୁଛି, ତାହା ସାବଧାନ ହୋଇ ଶୁଣ।
2ମୁଁ କହିବା ପାଇଁ ପ୍ରସ୍ତୁତ।
3ମୋର ହୃଦୟ ନିର୍ମଳ। ସେଥିପାଇଁ ମୁଁ ସତ୍ ବାକ୍ୟ ହିଁ
କହିବି। ମୁଁ ଜାଣିଥିବା ବିଷୟରେ ସତ୍ୟହିଁ କେବଳ କହିବି।
4ପରମେଶ୍ୱରଙ୍କ ଆତ୍ମା ମୋତେ ତିଆରି କରିଛି।
ସର୍ବଶକ୍ତିମାନଙ୍କର ନିଶ୍ୱାସ ମୋତେ ଜୀବନ ଦେଇଛି।
5ଆୟୁବ ମୋ କଥା ଶୁଣ, ଯଦି ତୁମ୍ଭେ ପାର ମୋତେ
ଉତ୍ତର ଦିଅ। ତୁମ୍ଭ ଉତ୍ତର ପ୍ରସ୍ତୁତ ରଖ, ଯାହା ଫଳରେ
ତୁମ୍ଭେ ମୋ ସହିତ ଯୁକ୍ତି କରିପାରିବ।
6ପରମେଶ୍ୱରଙ୍କ ସମ୍ମୁଖରେ ତୁମ୍ଭେ ଏବଂ ମୁଁ ସମାନ।
ଆମ୍ଭକୁ ତିଆରି କରିବା ପାଇଁ ପରମେଶ୍ୱର ମାଟି ହିଁ
ବ୍ୟବହାର କରିଛନ୍ତି।
7ଆୟୁବ ମୋତେ ଭୟ କର ନାହିଁ। ମୁଁ ତୁମ୍ଭ ପ୍ରତି
କଠୋର ହେବି ନାହିଁ।
8କିନ୍ତୁ ଆୟୁବ, ତୁମ୍ଭେ ଯାହା କହିଲ ମୁଁ ଶୁଣିଲି।
9ତୁମ୍ଭେ କହିଲ, 'ମୁଁ ପବିତ୍ର, ମୁଁ ନିରୀହ, ମୁଁ କିଛି ଭୁଲ
କରିନାହିଁ, ମୁଁ ଦୋଷୀ ନୁହେଁ।
10ମୁଁ କିଛି ଭୁଲ କରିନାହିଁ ଅଥଚ ପରମେଶ୍ୱର ମୋ
ବିପକ୍ଷରେ। ପରମେଶ୍ୱର ମୋତେ ଶତ୍ରୁଭଳି ବ୍ୟବହାର କରନ୍ତି।
11ପରମେଶ୍ୱର ମୋର ପାଦ ଦୁଇଟିକୁ ଶୃଙ୍ଖଳାବଦ୍ଧ କରନ୍ତି।
ମୁଁ ଯାହା କରେ ପରମେଶ୍ୱର ତାହା ଲକ୍ଷ୍ୟ କରନ୍ତି।'
12କିନ୍ତୁ ଆୟୁବ ମୁଁ ତୁମ୍ଭକୁ କହୁଛି, ତୁମ୍ଭେ ସେସବୁ ଭୁଲ୍
କଥା କହିଛ। ପରମେଶ୍ୱର ଯେ କୌଣସି ମଣିଷ ଅପେକ୍ଷା
ବଡ଼।
13ତୁମ୍ଭେ ପରମେଶ୍ୱରଙ୍କ ସହିତ କାହିଁକି ଯୁକ୍ତି କରୁଛ।
ସେ ଯାହା କରୁଛନ୍ତି ସେ ସବୁର ହିସାବ ଦିଅନ୍ତି ନାହିଁ, ଏହି
କାରଣରୁ କି? ତୁମ୍ଭେ ଭାବୁଛ ପରମେଶ୍ୱର ସବୁକଥା ତୁମ୍ଭକୁ
ବୁଝାଇ କହିବେ।
14କିନ୍ତୁ ହୁଏତ ପରମେଶ୍ୱର ଏପରି ଭାବରେ କହନ୍ତି ଯେ
ମନୁଷ୍ୟମାନେ ବୁଝିପାରନ୍ତି ନାହିଁ।
15ପରମେଶ୍ୱର ହୁଏତ ଲୋକଙ୍କୁ ସ୍ୱପ୍ନରେ କହନ୍ତି କିମ୍ବା
ରାତିରେ ଦର୍ଶନ ଦେଇ କହନ୍ତି ଯେତେବେଳେ ସେମାନେ
ଗଭୀର ନିଦ୍ରା ଯାଇଥାନ୍ତି। 16ତା'ପରେ ସେ ମନୁଷ୍ୟମାନଙ୍କର
କାନ ଖୋଲି ଦିଅନ୍ତି ଏବଂ ସେମାନଙ୍କୁ ଭୟଭୀତ କରାନ୍ତି
ସେମାନେ ଯାହା ଶୁଣନ୍ତି।
17ପରମେଶ୍ୱର ଲୋକଙ୍କୁ ମନ୍ଦ କାର୍ଯ୍ୟରୁ ନିବୃତ୍ତ କରାଇବାକୁ
ଚେତାବନୀ ଶୁଣାନ୍ତି ଏବଂ ଲୋକମାନଙ୍କୁ ଗର୍ବ କରିବାରୁ
ବନ୍ଦ କରନ୍ତି।
18ପରମେଶ୍ୱର ଲୋକମାନଙ୍କୁ ଚେତାବନୀ ଦିଅନ୍ତି ଯାହା
ଫଳରେ ସେ ତା'ର ପ୍ରାଣକୁ ମୃତ୍ୟୁ ଗର୍ତ୍ତରୁ ରକ୍ଷା କରନ୍ତି।
ପରମେଶ୍ୱର ଏହା କରନ୍ତି ଖଡ୍ଗ ମୁଖରୁ ଆତ୍ମକୁ ରକ୍ଷା କରିବା
ପାଇଁ।
19କିମ୍ବା ଜଣେ ବ୍ୟକ୍ତି ବିଛଣାରେ ମଧ୍ୟ ପରମେଶ୍ୱରଙ୍କ
ବାଣୀ ଶୁଣିପାରେ ଓ ପରମେଶ୍ୱରଙ୍କ ପ୍ରଦତ୍ତ ଦଣ୍ଡ ଓ ଯନ୍ତ୍ରଣା
ସହ୍ୟ କରେ। ପରମେଶ୍ୱର ବ୍ୟାଧିଦ୍ୱାରା ସେହି ବ୍ୟକ୍ତିକୁ
ଚେତାବନୀ ଦିଅନ୍ତି। ସେହି ବ୍ୟକ୍ତି ଏତେ ଯନ୍ତ୍ରଣା ପାଏ ସତେ
ଯେମିତି ତା'ର ସବୁହାଡ଼ କଷ୍ଟ ପାଏ।
20ସେ ଏତେ ଯନ୍ତ୍ରଣା ଅନୁଭବ କରେ ଯେ ସେ
ଖାଇପାରେ ନାହିଁ। ସେ ଏପରିକି ସୁସ୍ୱାଦୁ ଖାଦ୍ୟକୁ ମଧ୍ୟ ଘୃଣା
କରେ।
21ତା'ର ଶରୀର ଦୁର୍ବଳ ହୋଇଯାଏ। ସେ କ୍ରମେ କ୍ଷୀଣ
ହୋଇଯାଏ। ତା'ର ହାଡ଼ସବୁ ପଦାକୁ ଦେଖାଯାଏ।
22ସେହି ଲୋକ ମୃତ୍ୟୁର ଦ୍ୱାର ଦେଶରେ ପହଞ୍ଚି ଯାଏ।
ତା'ର ଜୀବନ ମୃତ୍ୟୁର ନିକଟ ହୋଇ ଆସେ।
23ପରମେଶ୍ୱରଙ୍କର ହଜାରେ ଦୂତ ଅଛନ୍ତି। ସେହି ଦୂତମାନଙ୍କ
ମଧ୍ୟରୁ ଜଣେ ହୁଏତ ସେହି ବ୍ୟକ୍ତି ପ୍ରତି ଦୃଷ୍ଟି ରଖିଥାଏ।
ସେହି ଦୂତ ହୁଏତ ସେହି ଲୋକ କରିଥିବା ଭଲ କାର୍ଯ୍ୟଗୁଡ଼ିକୁ
ସେ କହିପାରେ।
24ହୁଏତ ସେହି ଦୂତ ସେହି ଲୋକକୁ କୃପା କରିବେ
ଏବଂ ତା' ତରଫରୁ ପରମେଶ୍ୱରଙ୍କୁ କହି ପାରନ୍ତି, 'ସେହି
ଲୋକ କବରକୁ ଯିବା ପାଇଁ ରକ୍ଷା ପାଉ' ମୁଁ କ୍ଷତି ପୂରଣ
ପାଇଅଛି।
25ସେହି ଲୋକର ଶରୀର ପୁଣି ସତେଜ ହେବ ଓ ସେ
ପୁଣି ସୁସ୍ଥ ସବଳ ହୋଇଯିବ। ସେ ଯେଭଳି ଯୁବକ ଥିଲା
ପୁଣି ସେହିଭଳି ହୋଇଯିବ।
26ସେହି ଲୋକ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବ ଓ
ପରମେଶ୍ୱର ମଧ୍ୟ ତା' ପ୍ରତି ପ୍ରସନ୍ନ ହେବେ। ତା'ପରେ ସେ
ପରମେଶ୍ୱରଙ୍କର ମୁଖ ଦେଖିବ ଓ ଆନନ୍ଦରେ ଚିତ୍କାର କରି
ଉଠିବ, ଯେତେବେଳେ ସେ ମନୁଷ୍ୟଙ୍କୁ ତା'ର ଯଥାର୍ଥ ଅବସ୍ଥା
ଫେରାଇ ଦେବେ।
27ତା'ପରେ ସେହି ବ୍ୟକ୍ତି ସମସ୍ତଙ୍କ ସମ୍ମୁଖରେ ସ୍ୱୀକାର
କରି କହିବ, 'ମୁଁ ପାପ କରିଛି। ମୁଁ ଭଲକୁ ମନ୍ଦରେ
ପରିଣତ କରିଛି। କିନ୍ତୁ ପରମେଶ୍ୱର ମୋତେ ଦଣ୍ଡ ଦେଇ
ନାହାଁନ୍ତି ଯାହାର କି ମୁଁ ହକଦାର ଥିଲି।
28ପରମେଶ୍ୱର ମୋର ଆତ୍ମାକୁ ରକ୍ଷା କରିଛନ୍ତି। ମୃତ୍ୟୁ
ଗମନରୁ ମୁଁ ପୁଣି ଜୀବନକୁ ଭୋଗ କରିପାରିବି।'
29ପରମେଶ୍ୱର ଏକଥା ବାରମ୍ବାର ସେହି ଲୋକପାଇଁ
କରନ୍ତି।

30କାହିଁକି? ସେହି ଲୋକକୁ ଚେତାବନୀ ଦେଇ ତା'ର
ଆତ୍ମାକୁ ମୁକ୍ତ ଦେଇ ତାକୁ ମରଣରୁ ରକ୍ଷା କରନ୍ତି। ଫଳରେ
ସେ ଲୋକ ତା' ଜୀବନ ଆନନ୍ଦରେ ବିତାଇବ।
31ଆୟୁବ, ମୋ କଥାକୁ ଧ୍ୟାନ ଦିଅ। ମୋ କଥା ଶୁଣ।
ନୀରବ ରୁହ ଏବଂ ମୋତେ କହିବାକୁ ଦିଅ।
32କିନ୍ତୁ ଆୟୁବ ତୁମ୍ଭେ ଯଦି ମୋ କଥାରେ ଏକମତ ନ
ହେଉଛ ତା'ହେଲେ ତୁମ୍ଭେ କହିଯାଅ। ତୁମ୍ଭର ଯୁକ୍ତି ମୋତେ
କୁହ ଯାହା ଫଳରେ ମୁଁ ତାକୁ ସଂଶୋଧନ କରିଦେବି।
33କିନ୍ତୁ ଆୟୁବ ଯଦି ତୁମ୍ଭର କିଛି କହିବାର ନାହିଁ ମୋ
କଥା ଶୁଣ। ନୀରବ ହୁଅ, ମୁଁ ଜ୍ଞାନ ଶିଖାଇବି।"

34 ତା'ପରେ ଇଲୀହୂ ତା'ର କଥାକୁ ଜାରିରଖି କହିଲା,
2"ହେ ଜ୍ଞାନୀମାନେ ମୋ କଥା ମନଦେଇ ଶୁଣ,
ଯାହା ମୁଁ କହିବାକୁ ଚାହୁଁଛି। ହେ ବୁଦ୍ଧିମାନ ମୋ କଥାକୁ
ଧ୍ୟାନ ଦେଇ ଶୁଣ।
3କାରଣ କର୍ଣ୍ଣ ଯାହା ଶୁଣେ ତାହା ପରୀକ୍ଷା କରେ, ଠିକ୍
ଜିହ୍ୱା ଖାଦ୍ୟର ସ୍ୱାଦ ବାରିବା ପରି।
4ତେଣୁ ଆସ ଏହିସବୁ ଯୁକ୍ତିକୁ ପରୀକ୍ଷା କରିବା ଏବଂ
ସ୍ଥିର କରିବା କେଉଁଟା ଠିକ ଆମ୍ଭମାନଙ୍କ ମଧ୍ୟରେ। ଆମ୍ଭେ
ସମସ୍ତେ ମିଶି ଶିଖିବା ଭଲ କାହାକୁ କହନ୍ତି।
5ଆୟୁବ କହେ, 'ମୁଁ ଆୟୁବ, ମୁଁ ନିରପରାଧୀ ଅଟେ।
ଏବଂ ପରମେଶ୍ୱର ମୋ' ପ୍ରତି ଉଚିତ୍ ନ୍ୟାୟ୍ କରି ନାହାଁନ୍ତି।
6ମୁଁ ନିରପରାଧୀ ହେଲେବି କିନ୍ତୁ ବିଚାର ମୋ ବିରୁଦ୍ଧରେ
ଯିବାରୁ ମୁଁ ମିଥ୍ୟାବାଦୀରେ ପରିଗଣିତ ହୋଇଅଛି। ମୁଁ
ନିରପରାଧୀ ହେଲେବି କିନ୍ତୁ ମୁଁ ବହୁତ କଷ୍ଟ ସହିଅଛି।'
7ଆୟୁବ ଭଳି ଆଉ କେହି ବ୍ୟକ୍ତି ଅଛନ୍ତି କି? ଆୟୁବ
ଖାତିର କରେ ନାହିଁ, ଯଦି ତୁମ୍ଭେ ତାକୁ ଅପମାନିତ କର।
8ଆୟୁବ ଦୁଷ୍ଟ ଲୋକଙ୍କ ସହିତ ବନ୍ଧୁତା କରିଛି। ଆୟୁବ
ଦୁଷ୍ଟ ଲୋକଙ୍କ ସହିତ ରହିବାକୁ ଭଲପାଏ।
9ମୁଁ ଏହା କାହିଁକି କହିଲି। କାରଣ ଆୟୁବ କହୁଛି,
'ଜଣେ ଯଦି ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରେ
ସେ ଲାଭ ପାଏ ନାହିଁ'।'
10ତୁମ୍ଭେମାନେ ବୁଝାମଣା ସମ୍ପନ୍ନ ମଣିଷ ମୋ କଥା
ଶୁଣ। କୌଣସି ମନ୍ଦ କାର୍ଯ୍ୟ କରିବା ଅର୍ଥାତ୍ ପରମେଶ୍ୱରଙ୍କ
ଦ୍ୱାରା ଅସମ୍ଭବ! ସର୍ବଶକ୍ତିମାନ ପରମେଶ୍ୱର କୌଣସି ଭୂଲ୍
କରନ୍ତି ନାହିଁ।
11ପରମେଶ୍ୱର ଜଣେ ବ୍ୟକ୍ତିକୁ ସେ ଯାହା କରିଥାଏ
ତାକୁ ତାହା ଦିଅନ୍ତି। ସେ ଲୋକଙ୍କୁ ଯାହା ପ୍ରାପ୍ୟ ତାହା
ଦିଅନ୍ତି।
12ଏହାହିଁ ସତ୍ୟ ଅଟେ। ପରମେଶ୍ୱର କୁକର୍ମ କରନ୍ତି
ନାହିଁ। ସର୍ବଶକ୍ତିମାନ ପରମେଶ୍ୱର ନ୍ୟାୟ ଭ୍ରଷ୍ଟ କରନ୍ତି ନାହିଁ।
13ପରମେଶ୍ୱରଙ୍କୁ ପୃଥିବୀର ଦାୟିତ୍ୱରେ ରହିବା ପାଇଁ
କେହି ମନୋନୀତ କରିନାହାନ୍ତି। କେହି ତାଙ୍କୁ ସମଗ୍ର
ପୃଥିବୀର ଦାୟିତ୍ୱ ଦେଇ ନାହିଁ।
14ଯଦି ପରମେଶ୍ୱର ସ୍ଥିର କରନ୍ତି ଲୋକମାନଙ୍କ ଜୀବନ
ଶରୀରରୁ ତାଙ୍କର ଆତ୍ମା ଓ ନିଶ୍ୱାସ ପ୍ରଶ୍ୱାସକୁ କାଢ଼ି ନେବେ।
15ତେବେ ପୃଥିବୀର ସମସ୍ତ ଲୋକେ ମୃତ୍ୟୁ ବରଣ
କରିବେ। ସବୁ ଲୋକ ପୁଣି ଧୂଳିରେ ପରିଣତ ହେବେ।
16ଯଦି ତୁମ୍ଭେ ଜ୍ଞାନୀ ମନୁଷ୍ୟ, ତା'ହେଲେ ମୋ କଥା
ମନଦେଇ ଶୁଣ।
17ଯେଉଁ ବ୍ୟକ୍ତି ସଚ୍ଚୋଟ ହେବାକୁ ଘୃଣା କରେ, ସେ
କେବେ ଶାସକ ହୋଇ ପାରିବ ନାହିଁ। ଆୟୁବ, ପରମେଶ୍ୱର
ଅତ୍ୟନ୍ତ ପରାକ୍ରମଶାଳୀ ଓ ନ୍ୟାୟ୍‌ପରାୟଣ ତୁମ୍ଭେ କ'ଣ ଭାବୁଛ
ତୁମ୍ଭେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିପାରିବ।
18କେହି ଜଣେ ରାଜାକୁ କହେ କି, 'ତୁମ୍ଭେ ଗୋଟିଏ
ଅପଦାର୍ଥ?' କିମ୍ବା କିଏ ନେତାମାନଙ୍କୁ କହେ, 'ତୁମ୍ଭେମାନେ
ଦୁଷ୍ଟ ଅଟ।'
19ପରମେଶ୍ୱର ଅନ୍ୟମାନଙ୍କଠାରୁ ନେତାମାନଙ୍କୁ ଭଲ ପାଆନ୍ତି
ନାହିଁ। ଏବଂ ପରମେଶ୍ୱର ଧନୀ ଲୋକମାନଙ୍କୁ ଗରୀବ
ଲୋକମାନଙ୍କ ଠାରୁ ଅଧିକ ଭଲ ପାଆନ୍ତି ନାହିଁ। କାହିଁକି?
କାରଣ ପରମେଶ୍ୱର ସମସ୍ତଙ୍କୁ ସୃଷ୍ଟି କରିଛନ୍ତି।
20ଲୋକେ ହଠାତ୍ ମଧ୍ୟ ରାତ୍ରିରେ ହୁଏତ ମରି ଯାଇପାରନ୍ତି।
ଲୋକେ ହୁଏତ ବେମାର ହୋଇ ମୃତ୍ୟୁମୁଖରେ ପଡ଼ି ପାରନ୍ତି।
ଏପରିକି କ୍ଷମତାଶାଳୀ ଲୋକ ବି କୌଣସି ସ୍ପଷ୍ଟ କାରଣ ନ
ଥାଇ ମରିପାରନ୍ତି।
21ପରମେଶ୍ୱର ଲୋକମାନଙ୍କର କାର୍ଯ୍ୟ କଳାପକୁ ଲକ୍ଷ୍ୟ
କରନ୍ତି। ପରମେଶ୍ୱର ମଣିଷର ପ୍ରତ୍ୟେକ ପାଦ ଗତିକୁ
ଜାଣନ୍ତି।
22ଏପରି କୌଣସି ଅନ୍ଧକାର ଅଧିକ ନୁହେଁ ଯାହା ଦୁଷ୍ଟ
ଲୋକମାନଙ୍କୁ ପରମେଶ୍ୱରଙ୍କଠାରୁ ଲୁଚାଇପାରେ।
23ପରମେଶ୍ୱର ଲୋକଙ୍କୁ ଆଉ ଟିକିଏ ପରୀକ୍ଷା କରିବା
ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ୍ ନିଅନ୍ତି ନାହିଁ। ପରମେଶ୍ୱର
ତାଙ୍କ ସମ୍ମୁଖକୁ ଲୋକଙ୍କୁ ଆଣି ବିଚାର କରିବାକୁ ଦରକାର
ମନେ କରନ୍ତି ନାହିଁ।
24ଯଦି କ୍ଷମତାଶାଳୀ ଲୋକେ ମନ୍ଦକାର୍ଯ୍ୟ କରନ୍ତି, ପରମେଶ୍ୱର
ସେମାନଙ୍କୁ ପ୍ରଶ୍ନ କରନ୍ତି ନାହିଁ। ସେ ସେମାନଙ୍କୁ କେବଳ
ଧ୍ୱଂସ କରିଦିଅନ୍ତି। ତାଙ୍କ ସ୍ଥାନରେ ଅନ୍ୟ ଲୋକଙ୍କୁ ନେତା
କରିବାକୁ ସେ ପସନ୍ଦ କରନ୍ତି।
25ତେଣୁ ପରମେଶ୍ୱର ଜାଣନ୍ତି ଲୋକେ କ'ଣ କରନ୍ତି।
ସେଥିପାଇଁ ପରମେଶ୍ୱର ଦୁଷ୍ଟ ଲୋକମାନଙ୍କୁ ରାତିକ ଭିତରେ
ପରାଜିତ କରିବେ ଓ ସେମାନେ ଧ୍ୱଂସ ହେବେ।
26ପରମେଶ୍ୱର ଦୁଷ୍ଟ ଲୋକଙ୍କୁ ଦଣ୍ଡ ଦେବେ। କାରଣ
ସେମାନେ ମନ୍ଦକାର୍ଯ୍ୟ କରନ୍ତି। ପରମେଶ୍ୱର ସେହି ଲୋକମାନଙ୍କୁ
ଶାସ୍ତି ଦେବେ, ଯେଉଁଠାରେ କି ଅନ୍ୟ ଲୋକମାନେ ଏହା
ଘଟୁଛି ବୋଲି ଦେଖି ପାରିବେ।
27କାହିଁକି? କାରଣ ଦୁଷ୍ଟ ଲୋକେ ପରମେଶ୍ୱରଙ୍କୁ ମାନନ୍ତି
ନାହିଁ। ସେହି ମନ୍ଦ ଲୋକଗୁଡ଼ାକ ପରମେଶ୍ୱର ଯାହା ଚାହାନ୍ତି
ତାହା କରିବାକୁ ଇଚ୍ଛା କରନ୍ତି ନାହିଁ।
28ସେହି ଦୁଷ୍ଟ ଲୋକେ ଗରୀବଙ୍କୁ ଆଘାତ କରନ୍ତି।
ଫଳରେ ସେହି ଗରୀବମାନେ ପରମେଶ୍ୱରଙ୍କ ସାହାଯ୍ୟ ପାଇଁ
ଚିତ୍କାର କରନ୍ତି। ଏବଂ ପରମେଶ୍ୱର ମଧ୍ୟ ସେମାନଙ୍କ ଡାକକୁ
ଶୁଣନ୍ତି।
29କିନ୍ତୁ ଯଦି ପରମେଶ୍ୱର ସ୍ଥିର କରନ୍ତି ସେମାନଙ୍କୁ
ସାହାଯ୍ୟ କରିବେ ନାହିଁ। ତା'ହେଲେ କେହି ପରମେଶ୍ୱରଙ୍କୁ
ଦୋଷ ଦେଇ ପାରିବ ନାହିଁ। ଯଦି ପରମେଶ୍ୱର ଲୋକଙ୍କଠାରୁ

ନିଜକୁ ଲୁଚେଇ ରଖନ୍ତି, କେହି ତାଙ୍କୁ ଖୋଜି ପାଇବ ନାହିଁ।
ପରମେଶ୍ୱର ଲୋକମାନଙ୍କର ଓ ଦେଶମାନଙ୍କର ଶାସନ
କର୍ତ୍ତା।
**30**ଯଦି ଜଣେ ଶାସକ ଲୋକଙ୍କ ପାପର କାରଣ ହୁଅନ୍ତି,
ତା'ହେଲେ ପରମେଶ୍ୱର ସେହି ବ୍ୟକ୍ତିକୁ ଶାସନ ଗାଦିରୁ
ହଟାଇ ଦିଅନ୍ତି।
**31**ଏହା ଘଟିବ ଯଦି ସେ ପରମେଶ୍ୱରଙ୍କୁ ପ୍ରାର୍ଥନା କରି
କହେ, 'ମୁଁ ଦୋଷୀ ଅଟେ। ମୁଁ ଆଉ ପାପ କରିବି ନାହିଁ।
**32**ହେ ପରମେଶ୍ୱର, ଯଦିଓ ମୁଁ ତୁମ୍ଭକୁ ଦେଖିପାରୁ ନାହିଁ,
ଜୀବନରେ କେଉଁଟା ଠିକ୍ ବାଟ ମୋତେ ତୁମ୍ଭେ ଶିକ୍ଷା ଦିଅ।
ଯଦି ମୁଁ କିଛି ଭୁଲ କରିଛି, ମୁଁ ଆଉ ସେପରି ପୁଣି ଥରେ
କରିବି ନାହିଁ।'
**33**ଆୟୁବ, ତୁମ୍ଭେ ଚାହୁଁଛ ପରମେଶ୍ୱର ତୁମ୍ଭକୁ ପୁରସ୍କୃତ
କରନ୍ତୁ। କିନ୍ତୁ ତୁମ୍ଭେ ପରିବର୍ତ୍ତନକୁ ମନା କରୁଛ। ଆୟୁବ
ଏହା ତୁମ୍ଭର ନିଷ୍ପତ୍ତି ମୋର ନୁହେଁ। ତୁମ୍ଭେ କୁହ ମୋତେ
ତୁମ୍ଭେ କ'ଣ ଭାବୁଛ।
**34**ଜଣେ ଜ୍ଞାନୀ ବ୍ୟକ୍ତି ମୋ କଥା ଶୁଣିବ। ଜଣେ ଜ୍ଞାନୀ
ବ୍ୟକ୍ତି କହିବ,
**35**'ଆୟୁବ ଜଣେ କିଛି ନଜାଣିଥିବା ଲୋକ ପରି କଥା
କୁହେ। ଆୟୁବ ଯେଉଁ କଥା କୁହେ ସେଥିର କିଛି ଅର୍ଥ ହୁଏ
ନାହିଁ।'
**36**ମୁଁ ଭାବୁଛି ଆୟୁବକୁ ଅଧିକ ଦଣ୍ଡ ଦିଆଯିବା ଦରକାର।
କାହିଁକି? କାରଣ ଆୟୁବ ଆମ୍ଭକୁ ଯାହା ଉତ୍ତର ଦେଲା,
ଯେମିତି ଜଣେ ଦୁଷ୍ଟ ବ୍ୟକ୍ତି ଉତ୍ତର ଦେବ।
**37**ଆୟୁବର ବିଦ୍ରୋହ ତା'ର ଅନ୍ୟ ପାପ ସହିତ ଯୋଗ
କରେ। ଆୟୁବ ଆମ୍ଭ ସମ୍ମୁଖରେ ବସେ ଏବଂ ଆମ୍ଭକୁ
ଅପମାନିତ କରେ ଏବଂ ପରମେଶ୍ୱରଙ୍କ ବିଷୟରେ ଅତ୍ୟଧିକ
କୁହେ।"

**35** ଇଲୀହୂ କଥା କହି ଚାଲିଲା: ସେ କହିଲା,
**2**"ଆୟୁବ, 'ତୁମ୍ଭେ କ'ଣ ଭାବୁଛ ଯେ ଏହା କହିବା
ନ୍ୟାଯ୍ୟ,' ମୁଁ ଠିକ୍ ମୋର ମକଦ୍ଦମାରେ ପରମେଶ୍ୱରଙ୍କ
ବିରୁଦ୍ଧରେ।
**3**ଏବଂ ଆୟୁବ ତୁମ୍ଭେ ପରମେଶ୍ୱରଙ୍କୁ ପଚାର, 'ଯଦି
ଜଣେ ତାଙ୍କୁ ଖୁସି କରିବାକୁ ଚେଷ୍ଟା କରେ, ସେ କ'ଣ ଲାଭ
ପାଇବ। ମୁଁ ଯଦି ପାପ ନକରେ, ତା'ହେଲେ ମୋର କି
ଉପକାର ସାଧିତ ହେବ।'
**4**ଆୟୁବ ମୁଁ ତୁମ୍ଭେ ଓ ତୁମ୍ଭର ସହିତ ଥିବା ବନ୍ଧୁମାନଙ୍କୁ
ଉତ୍ତର ଦେବାକୁ ଚାହେଁ।
**5**ଆୟୁବ, ଆକାଶକୁ ଦେଖ। ମେଘମାଳାକୁ ଲକ୍ଷ୍ୟ କର,
ସେ ସବୁ ତୁମ୍ଭଠାରୁ ବହୁ ଉର୍ଦ୍ଧ୍ୱରେ ଅବସ୍ଥିତ।
**6**ଆୟୁବ, ତୁମ୍ଭେ ଯଦି ପାପ କର, ତାହା ପରମେଶ୍ୱରଙ୍କୁ
ଆଘାତ କରେ ନାହିଁ। ଯଦି ତୁମ୍ଭେ ଅନେକ ପାପର
ଅଧିକାରୀ ହୁଅ, ତେବେ ସେଥିରେ ପରମେଶ୍ୱରଙ୍କର କିଛି
ହୁଏ ନାହିଁ।
**7**ଏବଂ ଆୟୁବ ତୁମ୍ଭେ ଯଦି ବହୁତ ଭଲ ଏହା ପରମେଶ୍ୱରଙ୍କୁ
ସାହାଯ୍ୟ କରେ ନାହିଁ। ପରମେଶ୍ୱର ତୁମ୍ଭଠାରୁ କିଛି ପାଆନ୍ତି
ନାହିଁ।
**8**ଆୟୁବ ତୁମ୍ଭେ କରୁଥିବା ଭଲ ଓ ମନ୍ଦ କାର୍ଯ୍ୟ ସବୁ
ତୁମ୍ଭଭଳି ଲୋକମାନଙ୍କୁ ଆକ୍ରାନ୍ତ କରେ। ସେ ସବୁ ପରମେଶ୍ୱରଙ୍କ
ସାହାଯ୍ୟ ବା କ୍ଷତି କରେ ନାହିଁ।
**9**ଦୁଷ୍ଟ ଲୋକମାନେ ଯେତେବେଳେ ଆଘାତ ପାଆନ୍ତି,
ସେମାନେ ସାହାଯ୍ୟ ପାଇଁ ଚିତ୍କାର କରନ୍ତି। ସେମାନେ
ଶକ୍ତିମାନ ଲୋକଙ୍କ ପାଖକୁ ଯାଆନ୍ତି ଓ ସେମାନଙ୍କର
ସାହାଯ୍ୟ ପ୍ରାର୍ଥନା କରନ୍ତି।
**10**କିନ୍ତୁ ସେହି ମନ୍ଦ ଲୋକମାନେ ପରମେଶ୍ୱରଙ୍କ ସାହାଯ୍ୟ
କାମନା କରନ୍ତି ନାହିଁ। ସେମାନେ କହିବେ ନାହିଁ,
'କେଉଁଠି ସେହି ପରମେଶ୍ୱର ଅଛନ୍ତି, ଯିଏ ମୋତେ ତିଆରି
କରିଛନ୍ତି। ଲୋକମାନେ ଯେତେବେଳେ ନିରାଶ ହୁଅନ୍ତି,
ପରମେଶ୍ୱର ସେତେବେଳେ ତାଙ୍କୁ ସାହାଯ୍ୟ କରନ୍ତି। ତେଣୁ
ସେ କାହାଁନ୍ତି।
**11**ପରମେଶ୍ୱର ଆମ୍ଭକୁ ପଶୁପକ୍ଷୀଙ୍କଠାରୁ ଅଧିକ ଜ୍ଞାନୀ
କରନ୍ତି, ସେ କାହାଁନ୍ତି?'
**12**କିମ୍ବା ଯଦି ସେହି ମନ୍ଦ ଲୋକମାନେ ପରମେଶ୍ୱରଙ୍କ
ସାହାଯ୍ୟ କାମନା କରନ୍ତି, ତେବେ ପରମେଶ୍ୱର ସେମାନଙ୍କୁ
ଉତ୍ତର ଦେବେ ନାହିଁ। କାହିଁକି? କାରଣ ସେହି ଲୋକମାନେ
ଅତ୍ୟଧିକ ଗର୍ବୀ। ସେମାନେ ତଥାପି ଭାବନ୍ତି ସେମାନଙ୍କ
ଗୁରୁତ୍ୱ ଅତ୍ୟଧିକ।
**13**ଏହା ସତ୍ୟ, ସେମାନଙ୍କର ମୂଲ୍ୟହୀନ ମାଗୁଣୀକୁ
ପରମେଶ୍ୱର ଶୁଣିବେ ନାହିଁ। ସର୍ବଶକ୍ତିମାନ ପରମେଶ୍ୱର ସେମାନଙ୍କ
ପ୍ରତି ମନୋଯୋଗ କରିବେ ନାହିଁ।
**14**ଏପରି କମ୍ ଭାବରେ ତୁମ୍ଭେ ଯେତେବେଳେ କୁହ
ତୁମ୍ଭେ ତାଙ୍କୁ ପାଇ ପାରିବ ନାହିଁ, ସେ ତୁମ୍ଭ କଥା ଶୁଣିବେ
ନାହିଁ। ତୁମ୍ଭର ମାମଲା ତାଙ୍କଠାରେ ପଡିଛି ଏବଂ ତୁମ୍ଭେ ନିଶ୍ଚିତ
ତାଙ୍କ ପାଇଁ ଅପେକ୍ଷା କରିବ।
**15**ଆୟୁବ ଭାବେ ପରମେଶ୍ୱର ମନ୍ଦଲୋକଙ୍କୁ ଶାସ୍ତି ଦିଅନ୍ତି
ନାହିଁ। ସେ ଚିନ୍ତା କରେ ପରମେଶ୍ୱର ପାପପ୍ରତି ମନୋଯୋଗ
କରନ୍ତି ନାହିଁ।
**16**ତେଣୁ ଆୟୁବ, ତାହାର ମୂଲ୍ୟହୀନ କଥା ଜାରି ରଖେ।
ଏହା ଅତି ସହଜରେ ଜଣାଯାଏ ଯେ, ଆୟୁବ ଜାଣେ ନାହିଁ
ସେ କ'ଣ କହୁଛି।"

**36** ଇଲୀହୂ ତା'ର କଥା ଜାରି ରଖି କହିଲା। ସେ
କହିଲା,
**2**"ମୋ ସହିତ ଟିକେ ସାମାନ୍ୟ ଅଧିକ ସମୟ ଧୈର୍ଯ୍ୟ
ଧର। ଯାହା ଫଳରେ ମୁଁ ମୋର ଯୁକ୍ତି ତୁମ୍ଭକୁ ଦେଇ
ପାରିବ। ତଥାପି ପରମେଶ୍ୱରଙ୍କ ତରଫରୁ ମୋତେ ବହୁତ
କିଛି କହିବାର ଅଛି।
**3**ମୋର ଜ୍ଞାନ ମୁଁ ସମସ୍ତଙ୍କ ମଧ୍ୟରେ ବାଣ୍ଟି ଦେବି।
ପରମେଶ୍ୱର ମୋତେ ସୃଷ୍ଟି କରିଛନ୍ତି ଓ ମୁଁ ପ୍ରମାଣ କରିଦେବି
ଯେ ପରମେଶ୍ୱର ନ୍ୟାୟନିଷ୍ଠ।
**4**ଆୟୁବ, ମୁଁ ସତ କହୁଛି ମୁଁ ଜାଣେ ମୁଁ କେଉଁ
ବିଷୟରେ କଥାବାର୍ତ୍ତା କରୁଛି।
**5**ପରମେଶ୍ୱର ଅତି ଶକ୍ତିଶାଳୀ କିନ୍ତୁ ସେ ଲୋକମାନଙ୍କୁ
ଘୃଣା କରନ୍ତି ନାହିଁ। ପରମେଶ୍ୱର ଅତ୍ୟନ୍ତ ଶକ୍ତିଶାଳୀ, ସେ
ମଧ୍ୟ ଅତି ଜ୍ଞାନୀ।

6ଦୁଷ୍ଟଲୋକଙ୍କୁ ବଞ୍ଚିବା ପାଇଁ ପରମେଶ୍ୱର ଅନୁମତି
ନେବେ ନାହିଁ। ପରମେଶ୍ୱର ଦରିଦ୍ର ଲୋକମାନଙ୍କ ପ୍ରତି ସଦା
ନ୍ୟାୟଶୀଳ।
7ପରମେଶ୍ୱର ସତ୍ ଲୋକମାନଙ୍କୁ ଦେଖାଚାହାଁ କେବେ
ବନ୍ଦ କରନ୍ତି ନାହିଁ। ସେ ସେମାନଙ୍କୁ ରାଜାମାନଙ୍କ ପରି
ଚିରଦିନ ସିଂହାସନରେ ବସାନ୍ତି ଏବଂ ସେ ସେମାନଙ୍କର
ଉତ୍‌ଥାନ କରନ୍ତି।
8ତେଣୁ ଯଦି ଲୋକମାନେ ଦଣ୍ଡ ପାଆନ୍ତି, ସେମାନେ ରସି
ଓ ଜଞ୍ଜିରରେ ବନ୍ଧା ହୁଅନ୍ତି।
9ଏବଂ ପରମେଶ୍ୱର ସେମାନଙ୍କୁ କହିବେ କ'ଣ ସେମାନେ
ଭୁଲ କରିଛନ୍ତି। ପରମେଶ୍ୱର ତାଙ୍କୁ କହିବେ, ସେ ପାପ
କରିଛି, ପରମେଶ୍ୱର ତାଙ୍କୁ କହିବେ ସେମାନେ ଗର୍ବୀ।
10ପରମେଶ୍ୱର ତାଙ୍କ ଚେତାବନୀ ଶୁଣିବାକୁ ସେମାନଙ୍କୁ
ବାଧ କରିବେ। ସେ ତାଙ୍କୁ ପାପ ବନ୍ଦ କରିବାକୁ ନିର୍ଦ୍ଦେଶ
ଦେବେ।
11ଯଦି ସେହି ଲୋକମାନେ ପରମେଶ୍ୱରଙ୍କ କଥା ଶୁଣନ୍ତି
ଓ ତାଙ୍କୁ ମାନନ୍ତି, ତା'ହେଲେ ପରମେଶ୍ୱର ତାଙ୍କୁ ସଫଳ
କରାଇବେ ଏବଂ ସେମାନେ ସୁଖ ଶାନ୍ତିରେ ଜୀବନ କଟାଇବେ।
12ଯଦି ସେହି ଲୋକମାନେ ପରମେଶ୍ୱରଙ୍କ ଆଦେଶ
ମାନିବାକୁ ମନା କରନ୍ତି, ତା'ହେଲେ ସେମାନେ ଧ୍ୱଂସ ହେବେ।
ସେମାନେ ମୂର୍ଖଙ୍କ ଭଳି ମରିବେ।
13ନାସ୍ତିକ ଲୋକମାନେ କ୍ରୋଧକୁ ସେମାନଙ୍କ ନିଜ ପାଇଁ
ସାଇତି ରଖନ୍ତି। ଯେତେବେଳେ ପରମେଶ୍ୱର ତାକୁ ଦଣ୍ଡ
ଦିଅନ୍ତି, ସେତେବେଳେ ସେମାନେ ପରମେଶ୍ୱରଙ୍କୁ ସାହାଯ୍ୟ
ପାଇଁ କ୍ରନ୍ଦନର ରୋଳ ଉଠାଇବାକୁ ମନା କରନ୍ତି।
14ସେହି ଲୋକମାନେ ମରିବେ, ଯେତେବେଳେ ସେମାନେ
ଅଦ୍ୟପି ଯୁବା, ମନ୍ଦିରର ପୁରୁଷ ବେଶ୍ୟାପରି।
15କିନ୍ତୁ ପରମେଶ୍ୱର ଦୁଃଖୀ ଲୋକମାନଙ୍କୁ ସେମାନଙ୍କର
ଦୁଃଖରୁ ଉଦ୍ଧାର କରନ୍ତି। ପରମେଶ୍ୱର ଏହି ଦୁଃଖ ମାଧ୍ୟମରେ
ଲୋକମାନଙ୍କୁ ସଚେତନ କରାଇ ଦିଅନ୍ତି, ତାଙ୍କ କଥା ଶୁଣିବା
ପାଇଁ।
16ପରମେଶ୍ୱର ତୁମ୍ଭକୁ କଷ୍ଟରୁ ବାହାର କରିବା ପାଇଁ
ଚାହାନ୍ତି ଏବଂ ତା' ବଦଳରେ ଏକ କଷ୍ଟବିହୀନ ଜୀବନ ଦେବା
ପାଇଁ ଚାହାଁନ୍ତି। ପରମେଶ୍ୱର ଚାହାଁନ୍ତି ତୁମ୍ଭ ଟେବୁଲରେ ପ୍ରଚୁର
ଖାଦ୍ୟ ରହୁ।
17କିନ୍ତୁ ବର୍ତ୍ତମାନ ଆୟୁବ, ତୁମ୍ଭେ ବିଚାରରେ ଦୋଷୀ
ସାବ୍ୟସ୍ତ ହେଲ। ତେଣୁ ତୁମ୍ଭେ ଜଣେ ମନ୍ଦ ବ୍ୟକ୍ତିଭଳି ଶାସ୍ତି
ପାଇଲ।
18ତୁମ୍ଭର କ୍ରୋଧ ତୁମ୍ଭକୁ ବଦଳାଇ ନଦେଉ, ଯାହା
ଫଳରେ ତୁମ୍ଭେ ପରମେଶ୍ୱରଙ୍କୁ ପରିହାସ କରିବ। ଏବଂ
ଗୁରୁତର କ୍ଷତିପୁରଣ ତୁମ୍ଭକୁ ଦୂରକୁ ନେଇ ନଯାଉ।
19ତୁମ୍ଭର ଟଙ୍କା ପଇସା ତୁମ୍ଭକୁ ବର୍ତ୍ତମାନ ସାହାଯ୍ୟ
କରିପାରେ ନାହିଁ କି ଶକ୍ତିଶାଳୀ ଲୋକ ମଧ୍ୟ ତୁମ୍ଭକୁ ସାହାଯ୍ୟ
କରିପାରେ ନାହିଁ।
20ରାତି ଆସୁ ବୋଲି ଇଚ୍ଛାକର ନାହିଁ। ଲୋକେ ରାତିରେ
ମିଳାଇ ଯିବାକୁ ଚେଷ୍ଟା କରନ୍ତି। ସେମାନେ ଭାବନ୍ତି ସେମାନେ
ପରମେଶ୍ୱରଙ୍କଠାରୁ ଲୁଚିକି ରହି ପାରିବେ।
21ଆୟୁବ, ତୁମ୍ଭେ ବହୁତ କଷ୍ଟ ସହିଲଣି। ତଥାପି ମନ୍ଦ
ବିଷୟ ପସନ୍ଦ କର ନାହିଁ। ସାବଧାନ, ଭୁଲ୍ କାମ କର
ନାହିଁ।
22ଦେଖ, ପରମେଶ୍ୱରଙ୍କ ଶକ୍ତି ତାଙ୍କୁ ମହାନ କରିଛି।
ପରମେଶ୍ୱର ହେଉଛନ୍ତି ସବୁଠାରୁ ବଡ଼ ଶିକ୍ଷକ।
23କେହି ଜଣେ ବ୍ୟକ୍ତି ପରମେଶ୍ୱରଙ୍କୁ କ'ଣ କାର୍ଯ୍ୟ
କରିବେ କହିପାରିବ ନାହିଁ। କେହି ତାଙ୍କୁ କହିପାରିବ ନାହିଁ,
'ହେ ପରମେଶ୍ୱର, ତୁମ୍ଭେ ଭୁଲ୍ କରିଛ।'
24ମନେରଖ, ପରମେଶ୍ୱରଙ୍କ କାର୍ଯ୍ୟ ପାଇଁ ତାଙ୍କୁ ପ୍ରଶଂସାକର।
ବହୁତ ଲୋକେ ପରମେଶ୍ୱରଙ୍କୁ ପ୍ରଶଂସା କରି ଅନେକ ଗୀତ
ଲେଖିଛନ୍ତି।
25ପ୍ରତ୍ୟେକ ଲୋକ ପରମେଶ୍ୱର କ'ଣ କରିଛନ୍ତି ଦେଖି
ପାରିବ। ଦୂର ଦେଶର ଲୋକମାନେ ସେହିସବୁ କଥା ଦେଖି
ପାରିବେ।
26ହଁ, ପରମେଶ୍ୱର ମହାନ୍ ଅଟନ୍ତି। ଆମ୍ଭେ କିନ୍ତୁ ତାଙ୍କର
ମହାନତାକୁ ବୁଝି ପାରୁ ନାହୁଁ। ଏହା ଜାଣିବା ଅସମ୍ଭବ
ପରମେଶ୍ୱର କେତେ ବର୍ଷରୁ ଅଛନ୍ତି।
27ପରମେଶ୍ୱର ଭୂମିରୁ ଜଳ ନିଅନ୍ତି ଓ ତାକୁ କୁହୁଡ଼ି ଓ
ବର୍ଷାରେ ପରିଣତ କରନ୍ତି।
28ତେଣୁ ବାଦଲ ଖଣ୍ଡ ଜଳ ବୃଷ୍ଟି କରନ୍ତି। ତା'ଫଳରେ
ବର୍ଷାଜଳ ଅନେକ ଲୋକଙ୍କ ଉପରେ ପଡ଼େ।
29କେହି ବୁଝିପାରିବେ ନାହିଁ ଯେ, ପରମେଶ୍ୱର ମେଘକୁ
ବାହାରେ ବିସ୍ତାର କରନ୍ତି କି ଆକାଶରେ ଘଡଘଡି କିପରି
ମାରେ।
30ଦେଖ, ପରମେଶ୍ୱର କେମିତି ପୃଥିବୀ ଉପରେ ବିଜୁଳିର
ଆଲୋକ ବିସ୍ତାର କରନ୍ତି ଓ ସମୁଦ୍ରର ଗଭୀରତମ ପ୍ରଦେଶକୁ
ମଧ୍ୟ ଆଚ୍ଛାଦିତ କରି ଦିଅନ୍ତି।
31ପରମେଶ୍ୱର ସେମାନଙ୍କୁ ବ୍ୟବହାର କରନ୍ତି ଦେଶମାନଙ୍କୁ
ନିୟନ୍ତ୍ରଣ କରିବା ପାଇଁ ଓ ପ୍ରଚୁର ଖାଦ୍ୟ ସେମାନଙ୍କୁ
ଦେବାପାଇଁ।
32ପରମେଶ୍ୱର ନିଜ ହାତରେ ବିଜୁଳି ଆଚ୍ଛାଦନ କରି
ସେ ନିଜେ ଚାହୁଁଥିବା ଜାଗାମାନଙ୍କୁ ମାରନ୍ତି।
33ଘଡଘଡି ସୂଚନା ଦିଏ ଯେ ଝଡ଼ ଆସୁଛି।
ଏପରିକି ପଶୁପଲ ମଧ୍ୟ ଆଗାମୀ ଝଡ଼ ବତାସ ଆସିବା ଜାଣି
ପାରନ୍ତି।

37 "ବିଜୁଳି ଓ ଘଡ଼ଘଡ଼ି ମୋତେ ଭୟଭୀତ କରେ।
ଛାତି ଭିତରର ହୃତପିଣ୍ଡ ଭୟରେ କମ୍ପି ଉଠେ।
2ସମସ୍ତେ ଶୁଣ! ପରମେଶ୍ୱରଙ୍କ ସ୍ୱର ଘଡ଼ଘଡ଼ି ଭଳି
ଶୁଣାଯାଏ। ସେହି ଘଡ଼ଘଡ଼ିର ଶବ୍ଦକୁ ଶୁଣ, ଯାହା ପରମେଶ୍ୱରଙ୍କ
ପାଟିରୁ ବାହାରେ।
3ପରମେଶ୍ୱର ତାଙ୍କର ବିଜୁଳିକୁ ମାରନ୍ତି ଯାହା ସମଗ୍ର
ଆକାଶକୁ କମ୍ପିତ କରେ। ଏହା ସମଗ୍ର ପୃଥିବୀକୁ ମଧ୍ୟ
ଝଲସାଇ ଦିଏ।
4ତା'ପରେ ବିଜୁଳି ମାରିବା ପରେ ପରମେଶ୍ୱରଙ୍କ ବଜ୍ର
ଗମ୍ଭିର କଣ୍ଠସ୍ୱର ଶୁଣାଯାଏ, ପରମେଶ୍ୱର ତାଙ୍କର ଚମତ୍କାର
ସ୍ୱରରେ ଘଡ଼ଘଡ଼ି କରନ୍ତି। ବିଜୁଳି ମାରିଲା ବେଳେ ପରମେଶ୍ୱରଙ୍କ
ସ୍ୱର ଘଡ଼ଘଡ଼ି ମାରେ।

5ପରମେଶ୍ୱରଙ୍କ ଘଡଘଡ କଣ୍ଠସ୍ୱର ଅଦ୍ଭୁତ ଧରଣର ସେ ଅନେକ ମହାନ କାର୍ଯ୍ୟ କରନ୍ତି, ଯାହାକୁ ଆମ୍ଭେ ବୁଝିପାରିବା ନାହିଁ।

6ପରମେଶ୍ୱର ବରଫକୁ କହନ୍ତି: "ପୃଥିବୀ ଉପରେ ପଡ" ଏବଂ ପରମେଶ୍ୱର ବର୍ଷାକୁ କହନ୍ତି 'ପୃଥିବୀରେ ଢାଳି ହୁଅ।'

7ପରମେଶ୍ୱର ତାହା କରନ୍ତି, ଯଦ୍ୱାରା ସମସ୍ତ ଲୋକ ଜାଣିପାରିବେ ପରମେଶ୍ୱର ତିଆରି କରିଛନ୍ତି ଏବଂ ସମସ୍ତେ ଜାଣିବେ ସେ କ'ଣ କରିପାରନ୍ତି। ଏହା ତାଙ୍କର ପ୍ରମାଣ ଅଟେ।

8ପଶୁମାନେ ସେମାନଙ୍କ ଆଶ୍ରୟସ୍ଥଳକୁ ଦୌଡ଼ି ପଳାନ୍ତି ଓ ସେଠାରେ ରୁହନ୍ତି।

9ଦକ୍ଷିଣ ଦିଗରୁ ବତାସ ମାଡ଼ି ଆସେ। ଥଣ୍ଡା ପବନ ଉତ୍ତର ଦିଗରୁ ମାଡ଼ି ଆସେ।

10ପରମେଶ୍ୱରଙ୍କ ନିଶ୍ୱାସରେ ବରଫ ସୃଷ୍ଟି ହୁଏ ଓ ସମୁଦ୍ର ଜମାଟ ବାନ୍ଧିଯାଏ।

11ପରମେଶ୍ୱର ବାଦଲକୁ ଜଳରେ ପୂର୍ଣ୍ଣ କରନ୍ତି ଓ ସେହି ମେଘରେ ବିଜୁଳି ସୃଷ୍ଟି କରିଛନ୍ତି।

12ପରମେଶ୍ୱର ମେଘକୁ ଆଦେଶ ଦିଅନ୍ତି ସମଗ୍ର ପୃଥିବୀରେ ଭ୍ରମଣ କରିବା ପାଇଁ। ମେଘମାଳା ସେ ଯାହା ଆଜ୍ଞା କରନ୍ତି ତାହା କରନ୍ତି।

13ଏହା ହୁଏତ ଲୋକଙ୍କୁ ଦଣ୍ଡ ଦେବା ପାଇଁ ଅବା ଦେଶର ଉନ୍ନତି କରାଇବା ପାଇଁ ଅବା ପ୍ରେମ ଦେଖାଇବା ପାଇଁ ସେ ଏହା କରନ୍ତି।

14ଆୟୁବ, ଗୋଟିଏ ମୁହୂର୍ତ୍ତ ପାଇଁ ବନ୍ଦକର, ଓ ଥରେ ଭାବିଲ ଯେଉଁ ଅଲୌକିକ କାର୍ଯ୍ୟସବୁ ପରମେଶ୍ୱର କରନ୍ତି।

15ଆୟୁବ, ତୁମ୍ଭେ ଜାଣ କି ପରମେଶ୍ୱର କିପରି ବାଦଲକୁ ନିୟନ୍ତ୍ରଣ କରନ୍ତି। ତୁମ୍ଭେ ଜାଣ କି ପରମେଶ୍ୱର ତାଙ୍କର ବିଜୁଳି ଚମକାନ୍ତି?

16ତୁମ୍ଭେ ଜାଣ କି ମେଘ ଖଣ୍ଡସବୁ ଆକାଶରେ କିପରି ଓହଳି ରୁହନ୍ତି। ସେହି ଅଲୌକିକ କାର୍ଯ୍ୟର ମେଘ ତ କେବଳ ଗୋଟିଏ ଉଦାହରଣ ଓ ପରମେଶ୍ୱର ମଧ୍ୟ ସେସବୁ ଜାଣନ୍ତି।

17କିନ୍ତୁ ଆୟୁବ, ତୁମ୍ଭେ ଏସବୁ ଜାଣ ନାହିଁ। ତୁମ୍ଭେ କେବଳ ଏତିକି ଜାଣ ଯେ ଦକ୍ଷିଣ ଦିଗରୁ ଯେତେବେଳେ ପବନ ପ୍ରବାହିତ ହୁଏ, ତୁମ୍ଭର ପୋଷାକ ପତ୍ର ଗରମ ହୋଇଯାଏ। ଏବଂ ଦେଶ ନୀରବ ହୋଇଯାଏ।

18ଆୟୁବ, ତୁମେ କ'ଣ ଆକାଶ ମଣ୍ଡଳ ବିସ୍ତାର କରିବା ପାଇଁ ପରମେଶ୍ୱରଙ୍କୁ ସାହାଯ୍ୟ କରିପାରିବ ଏବଂ ମାର୍ଜିତ ପିତଳ ପରି ଚକ୍‌ଚକ୍ କରିପାରିବ।

19ଆୟୁବ, ଆମ୍ଭକୁ ଟିକେ କୁହ ଆମ୍ଭେ ପରମେଶ୍ୱରଙ୍କୁ କ'ଣ କହିବା। ଆମ୍ଭକୁ କ'ଣ କହିବାକୁ ହେବ, ଭାବିପାରୁ ନାହୁଁ। କାରଣ ଆମ୍ଭେ ଅଜ୍ଞାନ ଅନ୍ଧକାରରେ ବୁଡ଼ି ରହିଛୁ।

20ମୁଁ ପରମେଶ୍ୱରଙ୍କୁ କହିବ ନାହିଁ ଯେ ମୁଁ ତାଙ୍କ ସହିତ କଥା ହେବାକୁ ଚାହେଁ। ଏହା ଧ୍ୱଂସକୁ ଡାକି ଆଣିବା ସହିତ ସମାନ ହେବ।

21କେହି ସୂର୍ଯ୍ୟଙ୍କୁ ଚାହିଁ ପାରିବେ ନାହିଁ। ଏହାର ଉଜ୍ଜ୍ୱଳକରଣ ଆକାଶରେ ଝଲମଲ କରେ, ଯେତେବେଳେ ବାଦଲ ସବୁ ବାୟୁଦ୍ୱାରା ଅପସରି ଯାଏ।

22ପରମେଶ୍ୱର ମଧ୍ୟ ଠିକ୍ ସେହିପରି, ତାଙ୍କର ସ୍ୱର୍ଣ୍ଣମୟ ମହିମା ପବିତ୍ର ପର୍ବତ ମଧ୍ୟରୁ ଚକ୍‌ଚକ୍ କରେ। ତାଙ୍କ ଚତୁର୍ଦ୍ଦିଗରେ ଉଜ୍ଜ୍ୱଳ କିରଣ ବିଚ୍ଛୁରିତ ହୋଇଥାଏ।

23ସର୍ବଶକ୍ତିମାନ ପରମେଶ୍ୱର ମହାନ ଅଟନ୍ତି। ଆମ୍ଭେ ପରମେଶ୍ୱରଙ୍କୁ ବୁଝି ପାରିବା ନାହିଁ। ସେ ପରମ ଶକ୍ତିଶାଳୀ କିନ୍ତୁ ସେ ଆମ୍ଭମାନଙ୍କ ପାଇଁ ବିଚାରବନ୍ତ ଓ ଧାର୍ମିକ। ସେ ଆମ୍ଭମାନଙ୍କୁ ଆଘାତ ଦେବାକୁ ଚାହାଁନ୍ତି ନାହିଁ।

24ସେଥିପାଇଁ ଲୋକେ ତାଙ୍କୁ ସମ୍ମାନ କରନ୍ତି। କିନ୍ତୁ ସେ ଗର୍ବୀ ତଥା ଯେଉଁମାନେ ନିଜକୁ ଜ୍ଞାନୀ ଭାବନ୍ତି ତାଙ୍କୁ ସମ୍ମାନ କରନ୍ତି ନାହିଁ।"

## ପରମେଶ୍ୱର ଆୟୁବଙ୍କୁ କହିଲେ

38 ତା'ପରେ ସଦାପ୍ରଭୁ ଆୟୁବଙ୍କୁ ଘୂର୍ଣ୍ଣିବାୟୁ ମଧ୍ୟରୁ ଉତ୍ତର ଦେଇ କହିଲେ,

2"କିଏ ଏହି ଅଜ୍ଞାନୀ ବ୍ୟକ୍ତି ଯିଏ କି ଏଭଳି ନିର୍ବୋଧ କଥା କହୁଛି?"

3ଆୟୁବ, ଜଣେ ମଣିଷ ପରି ଛିଡା ହୋଇଯାଅ, ଯାହା ଫଳରେ ମୁଁ ତୁମ୍ଭକୁ ପ୍ରଶ୍ନ ପଚାରି ପାରିବ ଏବଂ ତୁମ୍ଭେ ମୋତେ ଉତ୍ତର ଦେଇ ପାରିବ।

4ଆୟୁବ, ତୁମ୍ଭେ କେଉଁଠାରେ ଥିଲ, ଯେତେବେଳେ ମୁଁ ଏ ପୃଥିବୀକୁ ସୃଷ୍ଟି କଲି? ଯଦି ତୁମ୍ଭେ ଏତେ ବୁଦ୍ଧିମାନ ମୋତେ ଉତ୍ତର ଦିଅ।

5ଯଦି ତୁମ୍ଭେ ଜାଣ, କିଏ ସ୍ଥିର କରିଥିଲା ପୃଥିବୀର ଆକାର କେତେ ବଡ଼ ହେବ? କିଏ ଏହି ପୃଥିବୀକୁ ମାପଚୁପ କରିଥିଲା ଏକ ମାପିବା ରେଖା ଦ୍ୱାରା।

6ପୃଥିବୀ କାହା ଉପରେ ସ୍ଥିର ରହିଛି? କିଏ ଏହି ସ୍ଥାନରେ ପ୍ରଥମ ପଥର ରଖିଲା?

7ସକାଳର ତାରାଗଣ ଏକତ୍ର ଗୀତ ଗାଇଲେ ଏବଂ ଏହା ଯେତେବେଳେ ହେଲା ସ୍ୱର୍ଗଦୂତଗଣ ଆନନ୍ଦରେ ଚିତ୍କାର କଲେ।

8ଆୟୁବ, କିଏ ସମୁଦ୍ରକୁ ବନ୍ଦ କରିବା ପାଇଁ ଫାଟକ ବନ୍ଦ କଲା, ଯେତେବେଳେ ଏହା ଗଭୀର ଭାବରେ ପୃଥିବୀରେ ପ୍ରବାହିତ ହେଲା?

9ସେତେବେଳେ ମୁଁ ତାକୁ ମେଘଦ୍ୱାରା ଆବୃତ କଲି ଓ ଏହାକୁ ନିବିଡ଼ ଅନ୍ଧକାର ମଧ୍ୟରେ ଗୁଡ଼ାଇ ରଖିଲି।

10ମୁଁ ସମୁଦ୍ର ପାଇଁ ସୀମା ନିରୂପିତ କଲି ଏବଂ ତାହା ବନ୍ଦ ଥିବା ଫାଟକ ପଛଆଡେ ରଖିଦିଅ।

11ମୁଁ ସମୁଦ୍ରକୁ କହିଲି, 'ତୁମ୍ଭେ ଏତିକି ବାଟ ପର୍ଯ୍ୟନ୍ତ ଆସିବ ତାଠାରୁ ଅଧିକା ନୁହେଁ। ଏହି ସ୍ଥାନରେ ତୁମ୍ଭେ ଗର୍ବ ଢେଉ ଆସି ବନ୍ଦ ହେବ।'

12ଆୟୁବ, ତୁମ୍ଭେ କେବେ ତୁମ୍ଭର ଜୀବନକାଳ ମଧ୍ୟରେ ସକାଳକୁ ଆଜ୍ଞା କରିଛ ଆରମ୍ଭ ହେବା ପାଇଁ କି ଦିନ ଆରମ୍ଭ ହେବା ପାଇଁ?

13ଆୟୁବ ତୁମ୍ଭେ କେବେ ସକାଳର ସୂର୍ଯ୍ୟ କିରଣକୁ ପୃଥିବୀକୁ ଆଚ୍ଛାଦିତ କରିବାକୁ କହିଛ? ଏବଂ ଦୁଷ୍ଟ ଲୋକମାନଙ୍କୁ ହଲାଇ ଲୁଚିବା ଜାଗାରୁ ଖୋଜି ବାହାର କରିଛ?

**14**ସେମାନଙ୍କ ଆଲୋକ ଦ୍ୱାରା ପୃଥିବୀ ଏକ ମାଟିଗୁଳା ପରି ପରିବର୍ତ୍ତିତ ହେଲା। ଯେତେବେଳେ ଏହା ଏକ ମୋହର ଦ୍ୱାରା ମୋହରାଙ୍କିତ ହେଲା। ଏହାର ଆକାର କୋଟର ଭାଙ୍ଗ ଭଳି ଛିଡା ହୁଏ।

**15**ଦୁଷ୍ଟ ଲୋକମାନେ ଦିନର ଆଲୁଅକୁ ଭଲ ପାଆନ୍ତି ନାହିଁ। କାରଣ ଏହା ପ୍ରଖର କରିଣ ସେମାନଙ୍କୁ ମନ୍ଦ କରିବାକୁ ମନା କରେ।

**16**ଆୟୁବ ତୁମ୍ଭେ କେବେ ସମୁଦ୍ରର ଗଭୀର ସ୍ଥାନକୁ ଯାଇଛ କି। ଯେଉଁଠାରୁ ସମୁଦ୍ରର ଆରମ୍ଭ। ତୁମ୍ଭେ କେବେ ସମୁଦ୍ରର ନିମ୍ନ ଦେଶରେ ଚାଲିଛ କି?

**17**ଆୟୁବ ତୁମ୍ଭେ କେବେ ମୃତ୍ୟୁ ଦେଶର ଦ୍ୱାରକୁ ଦେଖିଛ କି? ତୁମ୍ଭେ କେବେ ସେହି ଫାଟକକୁ ଦେଖିଛ କି ଯାହା ଅନ୍ଧକାର ମରଣ ସ୍ଥାନକୁ ନେଇଯାଏ।

**18**ଆୟୁବ ତୁମ୍ଭେ ବୁଝି ପାରୁଛ କି ପୃଥିବୀ କେତେ ବଡ଼ ଅଟେ? ଯଦି ତୁମ୍ଭେ ଜାଣ ଉତ୍ତର ଦିଅ।

**19**ଆୟୁବ, ଆଲୋକ କେଉଁଠାରୁ ଆସେ? ଅନ୍ଧକାର କେଉଁଠାରୁ ଆସେ।

**20**ଆୟୁବ, ତୁମ୍ଭେ ଆଲୋକ ଓ ଅନ୍ଧକାରକୁ ତା'ର ପୂର୍ବ ସ୍ଥାନକୁ ଫେରାଇ ଦେଇ ପାରିବ କି? ତୁମ୍ଭେ ସେ ସ୍ଥାନକୁ କିପରି ଯାଇ ପାରିବ ଜାଣିଛ କି?

**21**ନିଶ୍ଚୟ ତୁମ୍ଭେ ଏକଥା ସବୁ ଜାଣିଛ। ତୁମ୍ଭେ ଅତି ବୃଦ୍ଧ ଓ ଜ୍ଞାନୀ ମଧ୍ୟ ଅଟ। ତୁମ୍ଭେ ବଞ୍ଚିଥିଲ ମୁଁ ଯେତେବେଳେ ଏହିସବୁ ଗଢିଥିଲି, ନୁହେଁ କି?

**22**ଆୟୁବ, ତୁମ୍ଭେ କେବେ ମୋର ଭଣ୍ଡାର ଘରକୁ ଯାଇଛ କି, ଯେଉଁଠାରେ କି ମୁଁ ବରଫ ଏବଂ କୁଆପଥର ରଖିଛି।

**23**ମୁଁ ବରଫ ଓ କୁଆପଥର ଖଣ୍ଡଗୁଡିକୁ, କଷ୍ଟ ସମୟ ପାଇଁ, ଯୁଦ୍ଧ ଓ ସଂଗ୍ରାମ ସମୟ ପାଇଁ ସଞ୍ଚୟ କରିଛି।

**24**ତୁମ୍ଭେ ସେହି ସ୍ଥାନକୁ ଯାଇଛ କି ଯେଉଁଠାରୁ ସୂର୍ଯ୍ୟ ଉଦୟ ହୁଏ ଏବଂ ଯେଉଁଠାରୁ ପୂର୍ବବାୟୁ ସାରା ପୃଥିବୀରେ* ଚାରିଆଡ଼େ ବିଛୁରିତ ହୋଇଯାଏ।

**25**ପ୍ରବଳ ବୃଷ୍ଟିପାତ ପାଇଁ କିଏ ଆକାଶରେ ଖାଲ ଖୋଳି ରଖିଛି? କିଏ ଘଡଘଡ଼ି ଝଡ ପାଇଁ ବାଟ ତିଆରି କରିଛି।

**26**କିଏ ବର୍ଷା ତିଆରି କରନ୍ତି ଏପରି ଜାଗାରେ ଯେଉଁଠାରେ କେହି ମନୁଷ୍ୟ ରହନ୍ତି ନାହିଁ।

**27**ସେହି ବର୍ଷାଜଳ ଖାଲି ସ୍ଥାନମାନଙ୍କୁ ପ୍ରଚୁର ପାଣି ଦିଏ। ଘାସ ଉଠିବାକୁ ଆରମ୍ଭ କରେ।

**28**ବର୍ଷାର କ'ଣ ପିତା ଅଛି? କିଏ କାକର ବୁନ୍ଦା ତିଆରି କରେ।

**29**ବରଫର କ'ଣ ମାତା ଅଛି? କିଏ କୁଆପଥରର ଜନ୍ମଦାତା ଅଟେ।

**30**ପାଣି ଜମାଟ ବାନ୍ଧି ପଥର ପରି ଟାଣ ହୁଏ। ଏପରିକି ସମୁଦ୍ର ଜଳ ମଧ୍ୟ ଜମାଟ ବାନ୍ଧି ଯାଏ।

**31**ଆୟୁବ, ତୁମ୍ଭେ ସପ୍ତର୍ଷି ନକ୍ଷତ୍ରକୁ ବାନ୍ଧି ପାରିବ କି? ତୁମ୍ଭେ ମୃଗଶିରା ନକ୍ଷତ୍ରର ବନ୍ଧନ ଫିଟାଇ ପାରିବ କି?

**32**ତୁମ୍ଭେ କ'ଣ ନକ୍ଷତ୍ର ମଣ୍ଡଳକୁ ଠିକ୍ ସମୟରେ ବାହାରକୁ ଆଣିପାରିବ? କି ତୁମ୍ଭେ କ'ଣ ଭାଲୁକୁ ତା'ର ଛୁଆମାନଙ୍କ ସହିତ କଢେଇ ନେବ।

**33**ତୁମ୍ଭେ ଆକାଶ ମଣ୍ଡଳର ନିୟମସବୁ ଜାଣ କି? ତୁମ୍ଭେ ତାକୁ ପୃଥିବୀକୁ ଶାସନ କରିବାକୁ କହି ପାରିବ କି?

**34**ଆୟୁବ, ତୁମ୍ଭେ ମେଘକୁ ନିର୍ଦ୍ଦେଶ ଦେଇପାରିବ, ସେମାନେ ବର୍ଷାରେ ତୁମ୍ଭକୁ ଘୋଡାଇ ପାରିବେ?

**35**ତୁମ୍ଭେ ବିଜୁଳି କି ଡ଼ାକି ପାରିବ କି? ସେ ତୁମ୍ଭ ନିକଟକୁ ଆସି କହିବ କି? 'ଆମ୍ଭେ ଏଠାରେ ଅଛୁ। ମହାଶୟ ଆପଣ କ'ଣ ଚାହାଁନ୍ତି।' ଏହା କ'ଣ ତୁମ୍ଭେ ଯେଉଁଠାକୁ ଯିବ ତୁମ୍ଭ ସାଥିରେ ଯାଇପାରିବେ କି?

**36**ଆୟୁବ କିଏ ମଣିଷକୁ ବୁଦ୍ଧିମାନ କରେ? କିଏ ତାଙ୍କ ଭିତରେ ଜ୍ଞାନ ଭର୍ତ୍ତି କରେ।

**37**ଏପରି କିଏ ବୁଦ୍ଧିମାନ ଅଛି, ଯିଏ ମେଘକୁ ଗଣିପାରେ ଏବଂ କିଏ ତାଙ୍କୁ ବକ୍ସିସ ଦେଇ ତାଙ୍କ ବୃଷ୍ଟି ଢାଳି ଦେବ।

**38**ତେଣୁ ଧୂଳି ରାସ୍ତା କାଦୁଅରେ ପରିଣତ ହୁଏ ଏବଂ ମାଟିମୁଣ୍ଡା ଲାଗିଯାଆନ୍ତି।

**39**ଆୟୁବ ତୁମ୍ଭେ ସିଂହ ପାଇଁ ଖାଦ୍ୟ ପାଇ ପାରିବ କି? ତୁମ୍ଭେ ସେମାନଙ୍କ ଭୋକିଲା ଶାବକକୁ ଖାଦ୍ୟ ଦିଅ କି?

**40**ସେହି ସିଂହମାନେ ତାଙ୍କ ଗୁମ୍ଫା ଭିତରେ। ସେମାନେ ଘାସ ଭିତରେ ଝୁଙ୍କି ପଡି ତାଙ୍କ ଶିକାରକୁ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହୋଇଥାଆନ୍ତି।

**41**କିଏ ଡାମରା କାଉକୁ ଖାଦ୍ୟ ଯୋଗାଇ ଦିଏ। ଯେତେବେଳେ ତା'ର ଶାବକମାନେ ପରମେଶ୍ୱରଙ୍କ ନିକଟରେ ରାବ କରି କରି ଖାଦ୍ୟ ବିନା ଭ୍ରମଣ କଲାବେଳେ ତାଙ୍କୁ ଖାଦ୍ୟ ଯୋଗାଇ ଦିଏ।

**39** "ଆୟୁବ ତୁମ୍ଭେ ଜାଣିଛ କି କେତେବେଳେ ପାହାଡ଼ୀ ଛେଳି ଜନ୍ମଗ୍ରହଣ କରେ। ତୁମ୍ଭେ କେବେ ଦେଖିଛ କି ମା ହରିଣକୁ ତା'ର ଛୁଆ ଦେବାର।

**2**ତୁମ୍ଭେ ଏକଥା ଜାଣିଛ କି କେତେ ମାସ ପାହାଡ଼ୀ ଛେଳି ଓ ହରିଣ ଶାବକର ଗର୍ଭମାସ ଧାରଣର କ୍ଷମତା? ତୁମ୍ଭେ ଜାଣ କି କେତେବେଳେ ସେମାନଙ୍କ ଜନ୍ମ ହେବାର ଉପଯୁକ୍ତ ସମୟ।

**3**ସେହି ପଶୁମାନେ ପଡ଼ିରହି ଗର୍ଭ ଯନ୍ତ୍ରଣା ଭୋଗକରି ତା'ର ପିଲାମାନଙ୍କୁ ଜନ୍ମ ଦିଅନ୍ତି।

**4**ସେହି ପଶୁ ଛୁଆମାନେ କ୍ଷେତରେ ବଡ ସବଳ ହୋଇଯାନ୍ତି। ତା'ପରେ ସେମାନେ ମାକୁ ଛାଡ଼ି ଚାଲି ଯାଆନ୍ତି, ଆଉ ଫେରନ୍ତି ନାହିଁ।

**5**ଆୟୁବ, କିଏ ବଣୁଆ ଗଧକୁ ଛାଡି ଦିଅନ୍ତି? ସେ ସେମାନଙ୍କର ଦଉଡିସବୁ ଫିଟାନ୍ତି ଏବଂ ସେମାନଙ୍କୁ ଛାଡି ଦିଅନ୍ତି।

**6**ମୁଁ ସେହି ବଣୁଆ ଗଧ ପାଇଁ ମରୁଭୂମିକୁ ତା'ର ବାସସ୍ଥାନ କରିଛି। ମୁଁ ସେହି ଲୁଣିଆ ସ୍ଥାନକୁ ସେମାନଙ୍କ ବ୍ୟବହାର ପାଇଁ ଛାଡ଼ି ଦେଇଛି।

**7**ବଣୁଆ ଗଧମାନେ ନଗରର କୋଳାହଳକୁ ତୁଚ୍ଛ କରନ୍ତି। କେହି ବ୍ୟକ୍ତି ସେମାନଙ୍କୁ ନିୟନ୍ତ୍ରଣ କରିପାରିବେ ନାହିଁ।

---

**ପୃଥିବୀରେ** କେଉଁଠାରେ ସେ ସ୍ଥାନ କୁହୁଡ଼ି ଅନ୍ତର୍ହିତ ହୁଏ ଏବଂ ସେ ସ୍ଥାନ ଯେଉଁଠାରେ ପୂର୍ବୋତ୍ତର ବାୟୁ ସାରା ପୃଥିବୀରେ ବିକ୍ଷିପ୍ତ ହୁଏ।

8ବଣୁଆ ଗଧମାନେ ପାହାଡ଼ରେ ବାସ କରନ୍ତି, ତାହା ସେମାନଙ୍କ ଚରିବା ସ୍ଥାନ। ସେହି ସ୍ଥାନରେ ସେମାନେ ତାଙ୍କର ଖାଦ୍ୟ ଅନୁସନ୍ଧାନ କରନ୍ତି।

9ଆୟୁବ, ଗୋଟିଏ ବଣୁଆ ଷଣ୍ଢ ତୁମ୍ଭ କଥାରେ ରାଜି ହୋଇ ତୁମ୍ଭ କାମ କରିବ କି? ସେ ତୁମ୍ଭ ଗୁହାଳରେ ରହିବ କି?

10ଗୋଟିଏ ବଣୁଆ ଷଣ୍ଢକୁ ଦଉଡ଼ିରେ ବାନ୍ଧି ହେବ କି? ଯଦ୍ଦ୍ୱାରା ତୁମ୍ଭେ ଆପଣା ଭୂମି ଚାଷ କରିବ।

11ବଣୁଆ ଷଣ୍ଢ ଅତି ବଳଶାଳୀ। ତୁମ୍ଭେ କ'ଣ ତା' ଉପରେ ନିର୍ଭର କରିପାରିବ ତୁମ୍ଭ କାମ କରିବା ପାଇଁ?

12ତୁମ୍ଭେ ତା' ଉପରେ ନିର୍ଭର କରିପାରିବ କି? ତୁମ୍ଭର ଶସ୍ୟ ଅମଳ କରିବା ପାଇଁ ଶସ୍ୟସବୁ ଖଳାକୁ ଆଣିବାକୁ?

13ଓଟ ପକ୍ଷୀ ଉତ୍ତେଜନାରେ ଡେଣା ହଲାଏ କିନ୍ତୁ ଏହା ଉଡ଼ିପାରିବ ନାହିଁ। ଏହାର ଡେଣା ବଗ ପରି ନୁହେଁ।

14ଓଟ ପକ୍ଷୀ ଭୂମିରେ ଅଣ୍ଡା ଦିଏ ଏବଂ ସେମାନେ ବାଲିରେ ଉଷ୍ମ ହୁଅନ୍ତି।

15ଓଟ ପକ୍ଷୀ ଭୁଲିଯାଏ ହୁଏତ ତା'ର ଅଣ୍ଡା ଉପରେ କିଏ ଚଢ଼ିଯିବ କିମ୍ବା କୌଣସି ବଣୁଆ ଜନ୍ତୁ ତା'ର ଅଣ୍ଡାକୁ ଭାଙ୍ଗି ଦେବେ।

16ଓଟପକ୍ଷୀ ତା'ର ଶାବକମାନଙ୍କୁ ଛାଡ଼ି ଯାଏ। ସେ ତା'ର ଶାବକମାନଙ୍କୁ ନିଜର ଛୁଆପରି ବ୍ୟବହାର କରେ ନାହିଁ। ତା'ର ଛୁଆ ମରିଗଲେ ସେ ଖାତିର କରେ ନାହିଁ ଯେପରି ସମସ୍ତ କାମ କିଛି ହେଲା ନାହିଁ।

17କାହିଁକି? କାରଣ ମୁଁ ସେହି ଓଟ ପକ୍ଷୀକୁ ଜ୍ଞାନ ଦେଇ ନାହିଁ। ସେହି ଓଟ ପକ୍ଷୀ ନିର୍ବୋଧ। ମୁଁ ମଧ୍ୟ ତାକୁ ସେପରି କରିଛି।

18କିନ୍ତୁ ସେହି ଓଟପକ୍ଷୀ ଠିଆ ହୁଏ ଦୌଡ଼ିବାକୁ ଆରମ୍ଭ କରେ। ସେ ଘୋଡ଼ା ଓ ତା'ର ସବାରୀକୁ ଦେଖି ହସି ପକାଏ। କାରଣ ସେ କୌଣସି ଘୋଡ଼ାଠାରୁ ଅଧିକ ବେଗରେ ଦୌଡ଼ିପାରେ ନାହିଁ।

19ଆୟୁବ ତୁମ୍ଭେ ସେହି ଘୋଡ଼ାକୁ ଶକ୍ତି ଦେଇଛ କି? ତୁମ୍ଭେ ଘୋଡ଼ାର ବେକରେ ବାଳ ଲଗାଇଛ କି?

20ତୁମ୍ଭେ ସେହି ଘୋଡ଼ାକୁ ପତଙ୍ଗପରି କୁଦିବାର ଶକ୍ତି ଦେଇଅଛ କି? ସେହି ଘୋଡ଼ା ଲୋକ ଦେଖିଲେ ବଡ଼ ପାଟିରେ ରବ କରେ।

21ଘୋଡ଼ାଟି ଶକ୍ତିଶାଳୀ ଥିବାରୁ ଖୁସିଥାଏ। ସେ ଭୂମିରେ ତା'ର ଖୁରା ଦ୍ୱାରା ଗାତ ଖୋଳି ପକାଏ। ସେ ଯୁଦ୍ଧ କ୍ଷେତ୍ରରେ ଖୁବ ଯୋରରେ ଦୌଡ଼ି ପାରେ।

22ଘୋଡ଼ା ଭୟରେ ହସେ। ସେ ଭୟଭୀତ ନୁହେଁ, ସେ ଯୁଦ୍ଧ ଭୂମିରୁ ପଳାୟନ କରିବ ନାହିଁ।

23ଯୋଦ୍ଧା ଘୋଡ଼ା ପିଠିରେ ବସି ତୂଣୀର ବାନ୍ଧି ଥାଏ। ବର୍ଚ୍ଛା, ଢାଲ ଆଦି ଅସ୍ତ୍ରଶସ୍ତ୍ର ସୂର୍ଯ୍ୟ କିରଣରେ ଝଲମଲ କରୁଥାଏ।

24ଘୋଡ଼ା ଅତ୍ୟଧିକ ଉତ୍ତେଜିତ ହୁଏ। ସେ ଭୂମି ଉପରେ ଖୁବ ଯୋରରେ ଦୌଡ଼େ। ସେ ତୂରୀ ଶବ୍ଦ ଶୁଣି ସ୍ଥିର ହୋଇ ଠିଆ ହୋଇ ରହିପାରେ ନାହିଁ।

25ଯେତେବେଳେ ତୂରୀ ଆଦି ବାଦ୍ୟ ଶୁଣେ ଘୋଡ଼ା ମଧ୍ୟ ପାଟିକରେ 'ହୁରେ!' ସେ ଦୂରରୁ ଯୁଦ୍ଧର ବାସନା ଓ ସେନାପତିମାନଙ୍କର ହୁଙ୍କାର ଜାଣିପାରେ।

26ଆୟୁବ, ତୁମ୍ଭେ ଉତ୍କ୍ରୋଶ ପକ୍ଷୀକୁ ଉଡ଼ାଇବା ଶିଖାଇଛ କି? ତାକୁ ତା'ର ଡେଣା କିପରି ମେଲାଇ ଦକ୍ଷିଣ ଦିଗକୁ ଉଡିବାକୁ ଶିଖାଇଛ କି?

27ତୁମ୍ଭେ ସେହି ବ୍ୟକ୍ତି କି ଯିଏ ଉତ୍କ୍ରୋଶ ପକ୍ଷୀକୁ ଆକାଶର ଖୁବ୍ ଉଚ୍ଚରେ ଉଡିବା ପାଇଁ କହିଛ। ତୁମ୍ଭେ ତାକୁ ଉଚ୍ଚ ପର୍ବତରେ ବସା ବାନ୍ଧିବାକୁ କହିଛ କି?

28ଉତ୍କ୍ରୋଶ ପକ୍ଷୀ ପର୍ବତର ଢାଲୁତଟରେ ବାସ କରେ। ପର୍ବତର ଢାଲୁତଟ ହେଉଛି ତା'ର ଦୁର୍ଗ।

29ଉତ୍କ୍ରୋଶ ପକ୍ଷୀ ତା'ର ଶିକାରକୁ ଦୂର ବସାରୁ ଦେଖିପାରେ। ସେ ବହୁତ ଦୂରରୁ ତା' ଖାଦ୍ୟ ଦେଖିପାରେ।

30ଉତ୍କ୍ରୋଶ ପକ୍ଷୀ ଏକତ୍ରିତ ହୁଅନ୍ତି, ଯେଉଁଠାରେ ଶବସବୁ ଥାଏ। ଏବଂ ତା'ର ଛୁଆମାନେ ମଧ୍ୟ ରକ୍ତ ଶୋଷନ୍ତି।"

40 ସଦାପ୍ରଭୁ ଆୟୁବଙ୍କୁ ଉତ୍ତର ଦେଇ କହିଲେ,

2"ଆୟୁବ, ତୁମ୍ଭେ ସର୍ବଶକ୍ତିମାନ ପରମେଶ୍ୱରଙ୍କ ସହିତ ଯୁକ୍ତି କରୁଛ। ଆମ୍ଭେ ଭୁଲ କରିଛୁ ବୋଲି ତୁମ୍ଭେ ବିଚାର କରିଛ, କ'ଣ ସ୍ୱୀକାର କରିବ ଯେ ତୁମ୍ଭେ ଭୁଲ କରିଛ ବୋଲି, ତୁମ୍ଭେ ମୋତେ ଉତ୍ତର ଦିଅ।

3ତା'ପରେ ଆୟୁବ ପରମେଶ୍ୱରଙ୍କୁ ଉତ୍ତର ଦେଇ କହିଲା,

4ମୁଁ ଅତି ନିକୃଷ୍ଟ କଥା କହିବାକୁ! ମୁଁ ବା ତୁମ୍ଭକୁ କି ଉତ୍ତର ଦେବି? ମୁଁ ତୁମ୍ଭକୁ ଉତ୍ତର ଦେଇ ପାରିବ ନାହିଁ। ମୁଁ ମୋର ହାତଦ୍ୱାରା ମୋର ମୁହଁ ବନ୍ଦ କରିବି।

5ମୁଁ କହିଛି କିନ୍ତୁ ଆଉ ଥରେ କହେ ନାହିଁ। ମୁଁ ଦୁଇଥର କହିଛି କିନ୍ତୁ ତା'ଠାରୁ ଅଧିକ କିଛି କହିପାରିବ ନାହିଁ।

6ତା'ପରେ ସଦାପ୍ରଭୁ ଆୟୁବଙ୍କୁ ସେହି ଝଡ଼ ଭିତରୁ ଉତ୍ତର ଦେଲେ। ସଦାପ୍ରଭୁ କହିଲେ,

7ଆୟୁବ, କଟିବନ୍ଧନ କର ଜଣେ ମନୁଷ୍ୟ ପରି। ଏବଂ ମୁଁ ଯାହା ପ୍ରଶ୍ନ କରିବ ତା'ର ଉତ୍ତର ଦେବାକୁ ପ୍ରସ୍ତୁତ ହୁଅ।

8ଆୟୁବ, ତୁମ୍ଭେ କ'ଣ ଭାବୁଛ ମୁଁ ନ୍ୟାୟୀ ନୁହେଁ? ତୁମ୍ଭେ କହୁଛ ମୁଁ ଅପରାଧୀ ଭୂଲକାମ କରି ଯଦ୍ଦ୍ୱାରା ତୁମ୍ଭେ ନୀରିହ ପ୍ରମାଣିତ ହେବ।

9ତୁମ୍ଭର ବାହୁ କ'ଣ ପରମେଶ୍ୱରଙ୍କ ବାହୁ ତୁଲ୍ୟ? ତୁମ୍ଭର କ'ଣ ପରମେଶ୍ୱରଙ୍କ ଭଳି କଣ୍ଠସ୍ୱର ରହିଛି। ଯାହାକି ଘଡ଼ଘଡ଼ି ପରି ଗର୍ଜ୍ଜନ କରିପାରେ।

10ଯଦି ତୁମ୍ଭେ ପରମେଶ୍ୱରଙ୍କ ପରି, ତା'ହେଲେ ତୁମ୍ଭେ ଗର୍ବ କରିପାର। ଯଦି ତୁମ୍ଭେ ପରମେଶ୍ୱରଙ୍କ ସହି ସମକକ୍ଷ, ତା'ହେଲେ ତୁମ୍ଭେ ପରମେଶ୍ୱରଙ୍କ ପରି ମହିମା ଓ ସମ୍ମାନର ବସ୍ତ୍ର ପରିଧାନ କରିପାର।

11ଯଦି ତୁମ୍ଭେ ପରମେଶ୍ୱରଙ୍କ ତୁଲ୍ୟ, ତା'ହେଲେ ତୁମ୍ଭେ ତୁମ୍ଭର କ୍ରୋଧ ପ୍ରକାଶ କରିପାର ଓ ଉଦ୍ଧତ ଲୋକମାନଙ୍କୁ ଦଣ୍ଡ ଦେଇପାର। ସେହି ଗର୍ବୀ ଲୋକମାନଙ୍କୁ ନମ୍ର କରିଅ।

12ହିଁ ଆୟୁବ, ସେହି ଗର୍ବୀ ଲୋକମାନଙ୍କୁ ଦେଖ ଏବଂ ସେମାନଙ୍କୁ ନମ୍ର କର। ଦୁଷ୍ଟମାନଙ୍କୁ ସେମାନେ ଛିଡ଼ା ହୋଇଥିବା ସ୍ଥାନରେ ହିଁ ଦଳି ଦିଅ।

13ସବୁ ଗର୍ବୀ ଲୋକମାନଙ୍କୁ ମାଟିରେ ପୋତିଦିଅ। ସେମାନଙ୍କର ଶରୀର ଗୁଡ଼ାଇ ଦିଅ ଏବଂ ସମାଧି ଭିତରେ ରଖିଦିଅ।

14ଆୟୁବ, ଯଦି ତୁମ୍ଭେ ଏସବୁ କରିପାରିବ ତା'ହେଲେ ମୁଁ ତୁମ୍ଭକୁ ପ୍ରଶଂସା କରିବି ଏବଂ ମୁଁ ସ୍ୱୀକାର କରେ ଯେ, ନିଜର ଦକ୍ଷିଣ ହସ୍ତ ଯୋଗୁଁ ତୁମ୍ଭେ ନିଜକୁ ରକ୍ଷା କରିବାକୁ ସମର୍ଥ।

15ଆୟୁବ, ତୁମ୍ଭେ ବହେମୋତକୁ ଦେଖ। ମୁଁ ପରମେଶ୍ୱର, ସେହି ବହେମୋତକୁ ସୃଷ୍ଟି କରିଛି ଓ ତୁମ୍ଭକୁ ମଧ୍ୟ ମୁଁ ସୃଷ୍ଟି କରିଛି। ବହେମୋତ ଗାଈପରି ଘାସ ଖାଏ।

16ବେହେମୋତର ଶରୀରରେ ଅତ୍ୟଧିକ ଶକ୍ତି ଅଛି। ତା'ର ପାକସ୍ଥଳୀର ମାଂସପେଶୀ ଅତି ବଳିଷ୍ଠ।

17ବହେମୋତର ଲାଞ୍ଜ ଏରସବୃକ୍ଷ ପରି ଶକ୍ତ। ତା'ର ଗୋଡ଼ର ମାଂସପେଶୀ ଅତି ଶକ୍ତ।

18ବହେମୋତର ହାଡ଼ସବୁ ତମ୍ବା ପରି ଅତି ଶକ୍ତ। ତା'ର ଗୋଡ଼ ଲୁହାଖମ୍ବ ଭଳି ଶକ୍ତ।

19ବେହେମୋତ ପରମେଶ୍ୱରଙ୍କ ସୃଷ୍ଟିରେ ସର୍ବୋତ୍ତମ। ଅନ୍ୟ କେହି ଯଦି ତାକୁ ସୃଷ୍ଟି କରିଛି ବୋଲି ଦାବୀ କରେ, ତାକୁ ତା'ର ଖଡ୍ଗ ବାହାର କରି ଏହି ଦାବିକୁ ପ୍ରତିରକ୍ଷା କରିବାକୁ ଦିଅ।

20ବହେମୋତ ପାହାଡ଼ ଉପରେ ଜନ୍ମିଥିବା ଘାସ ଖାଏ। ଯେଉଁଠାରେ ଜଙ୍ଗଲୀ ପ୍ରାଣୀମାନେ ଖେଳାବୁଲା କରନ୍ତି।

21ବହେମୋତ ପଦ୍ମବନ ତଳେ ଶୟନ କରେ। ବହେମୋତ ନଳବଣରେ ନିଜକୁ ଲୁଗ୍ଇ ରଖିପାରେ।

22ପଦ୍ମପତ୍ର ସବୁ ତା'ର ଛାୟାରେ ବହେମୋତକୁ ଲୁଗ୍ଇ ରଖିପାରେ। ସେ ନଦୀ କୂଳରେ ଜନ୍ମିଥିବା ବାଇଶ ବୃକ୍ଷ ତଳେ ବାସକରେ।

23ଯଦି ନଦୀରେ ବନ୍ୟା ଆସେ ବହେମୋତ ସେଠାରୁ ପଳାଇଯିବ ନାହିଁ। ସେ ଭୟଭୀତ ହୁଏ ନାହିଁ। ଯଦିଓ ଯର୍ଦ୍ଦନ ନଦୀର ପାଣି ତା' ନାକ ପର୍ଯ୍ୟନ୍ତ ପହଁଞ୍ଚେ।

24କେହି ମନୁଷ୍ୟ ବେହେମୋତର ଆଖିକୁ ଅନ୍ଧ କରିପାରେ ନାହିଁ ଏବଂ ଯନ୍ତାରେ ଧରିପାରେ ନାହିଁ।

41 "ଆୟୁବ ତୁମ୍ଭେ ବନଶୀ କଣ୍ଟାରେ ଲିବୟାଥନକୁ ଧରିପାରିବ କି? ତୁମ୍ଭେ ତା'ର ଜିଭକୁ ରସିରେ ବାନ୍ଧି ପାରିବ କି?

2ତୁମ୍ଭେ ତା' ନାକରେ ରସି ପୁରାଇ ପାରିବ କି? ତା'ର ଦାନ୍ତ ମାଢ଼ିରେ ଅଙ୍କୁଶ ପୁରାଇ ପାରିବ କି?

3ଲିବୟାଥନ ତୁମ୍ଭକୁ ଭିକ୍ଷା କରିବ କି ତାକୁ ମୁକୁଳାଇବା ପାଇଁ? ସେ ତୁମ୍ଭକୁ କୋମଳ ଶବ୍ଦରେ କଥା କହିବ କି?

4ଲିବୟାଥନ ତୁମ୍ଭ ସହିତ ଚୁକ୍ତି କରିବ କି? ଏବଂ ତୁମ୍ଭ ସହିତ ଚିରଦିନ ରହିବାକୁ ପ୍ରତିଜ୍ଞା କରିବ କି?

5ତୁମ୍ଭେ ଲିବୟାଥନ ସହିତ ଖେଳି ପାରିବ କି? ତୁମ୍ଭେ ପକ୍ଷୀ ସହିତ ଖେଳିଲା ଭଳି ତା' ସହିତ ଖେଳି ପାରିବ କି? ତୁମ୍ଭେ ତାକୁ ଏକ ରସିରେ ବାନ୍ଧି ତୁମ୍ଭର ଦାସୀକୁ ତା' ସହିତ ଖେଳାଇ ପାରିବ କି?

6କୈବର୍ତ୍ତ ତୁମ୍ଭଠାରୁ ତାକୁ କିଣିବାକୁ ଚେଷ୍ଟା କରିବେ କି? ସେମାନେ ତାକୁ ଖଣ୍ଡ ଖଣ୍ଡ କରି କାଟି ତାକୁ ବ୍ୟବସାୟୀମାନଙ୍କୁ ବିକିବେ କି?

7ତୁମ୍ଭେ ତା'ର ଚମଡ଼ା ଓ ମୁଣ୍ଡକୁ ବର୍ଚ୍ଛା ମାରି ପାରିବ କି?

8ଆୟୁବ, ତୁମ୍ଭେ ଯଦି ଥରେ ମାତ୍ର ଲିବୟାଥନ ଉପରେ ହାତ ରଖ, ତୁମ୍ଭେ କେବେ ଆଉଥରେ କରିବ ନାହିଁ! ଭାବ ସେ କି ପ୍ରକାର ଯୁଦ୍ଧ ହେବ।

9ତୁମ୍ଭେ କ'ଣ ଭାବୁଛ ତୁମ୍ଭେ ତାକୁ ପରାସ୍ତ କରିପାରିବ? ଭୁଲି ଯାଅ! କୌଣସି ଭରସା ନାହିଁ! ତା' ପ୍ରତି ଅନାଇଲେ ତୁମ୍ଭେ ଭୟଭୀତ ହେବ।

10କୌଣସି ମନୁଷ୍ୟ ଏତେ ସାହସୀ ନୁହେଁ ଯେ ତାକୁ ଉଠାଇବ ଓ ରଗାଇବ। ଏବଂ କେଉଁ ମନୁଷ୍ୟ ତା' ବିରୁଦ୍ଧରେ ଠିଆ ମଧ୍ୟ ହୋଇପାରିବ ନାହିଁ।

11କୌଣସି ଜିନିଷ ପାଇଁ ମୁଁ କାହାର ଋଣୀ ନୁହେଁ, ସ୍ୱର୍ଗରେ ଯାହାକିଛି ଅଛି, ସେ ସବୁ ମୋର ଅଧୀନ ଅଟେ।

12ମୁଁ ତୁମ୍ଭକୁ ଲିବୟାଥନର ଗୋଡ଼, ତା'ର ବଳ ଓ ମନୋହର ଆକାର ବିଷୟରେ କିଛି କହିବି।

13କୌଣସି ବ୍ୟକ୍ତି ତା'ର ଚର୍ମକୁ କଣା କରିପାରିବେ ନାହିଁ। ତା'ର ଚର୍ମ ଯୁଦ୍ଧସଜ୍ଜା ସ୍ୱରୂପ।

14କୌଣସି ବ୍ୟକ୍ତି ତା'ର ମାଢ଼ିକୁ ଖୋଲିବାକୁ ସକ୍ଷମ ହେବନାହିଁ। ତା'ର ଦାନ୍ତ ଲୋକଙ୍କୁ ଭୟଭୀତ କରେ।

15ତା'ର ପିଠି ଧାର ଧାର ଢାଲ ପରି, ଯାହାକି ଦୃଢ଼ ଭାବରେ ସଂଯୁକ୍ତ ହୋଇଥାଏ।

16ସେଗୁଡ଼ିକ ଏତେ ପାଖାପାଖି ଥାଏ ତା' ମଧ୍ୟରେ ପବନ ମଧ୍ୟ ପଶିପାରେ ନାହିଁ।

17ସେଗୁଡ଼ିକ ଗୋଟିଏ ଅନ୍ୟ ସହିତ ସଂଯୁକ୍ତ ଅଛି। ସେସବୁ ଏମିତି ଏକତ୍ର ଲାଗି ରହିଛି ଯେ ତାକୁ ଅଲଗା କରାଯାଇ ପାରିବ ନାହିଁ।

18ଯେତେବେଳେ ସେ ଛିଙ୍କେ, ସେଥିରୁ ବିଜୁଳି ସଦୃଶ ଆଲୁଅ ବାହାରେ, ତା'ର ଚକ୍ଷୁ ପ୍ରାତଃକାଳର ଆଲୁଅ ପରି ଝଟକେ।

19ତା'ର ମୁଖରୁ ଜ୍ୱଳନ୍ତ ଅଗ୍ନିକଣାର ମଶାଲ ବିଦ୍ୟୁତ ପରି ବାହକ ଦ୍ୱାରା ଉତ୍ପନ୍ନ ଆଲୋକର ଝଲକ ନିଃସୃତ ହୁଏ।

20ତା'ର ନାକରୁ ଧୂଆଁ ବାହାରେ ସତେ ଯେମିତି ରନ୍ଧା ହାଣ୍ଡିରୁ ଜଳନ୍ତ ଲୁଚା ବାମ୍ପ ବାହାରେ।

21ତା'ର ନିଶ୍ୱାସ ଅଙ୍ଗାରକୁ ଜଳାଇ ପାରେ। ତା' ମୁଖରୁ ଅଗ୍ନି ଶିଖା ନିର୍ଗତ ହୁଏ।

22ତା'ର ବେକ ବହୁତ ଶକ୍ତିଶାଳୀ। ଲୋକେ ତାକୁ ଦେଖିବା ମାତ୍ରେ ତା' ନିକଟରୁ ଦୌଡ଼ି ପଳାଇ ଯାଆନ୍ତି।

23ତା'ର ଚମଡ଼ାର କୌଣସି ସ୍ଥାନ ଦୁର୍ବଳ ନୁହେଁ, ଏହା ଲୁହାଭଳି ଶକ୍ତ।

24ତା'ର ହୃତପିଣ୍ଡ ପଥର ସଦୃଶ। ଏହା ପେଷଣାଶାଳାର ତଳ ପଥର ସଦୃଶ।

25ସେ ଯେତେବେଳେ ଉଠେ, ବଳବାନ ଲୋକମାନେ ମଧ୍ୟ ଭୟ ଭୀତ ହୋଇଯାଆନ୍ତି। ସେ ଯେତେବେଳେ ଲାଞ୍ଜ ବୁଲାଏ ସେମାନେ ଦୌଡ଼ି ପଳାନ୍ତି।

26ଖଣ୍ଡା, ବର୍ଚ୍ଛା, ଏବଂ ଶୂଳ ଲିବୟାଥନକୁ ବାଜେ, କିନ୍ତୁ କେବଳ ସେସବୁ ଡେଇଁ ପଡ଼ି ଫେରି ଆସେ। ସେହି ଅସ୍ତ୍ର ତାହାକୁ ଟିକେବି ଆଘାତ କରେ ନାହିଁ।

27ସେ ଲୁହାକୁ କୁଟା ସଦୃଶ ଭାଙ୍ଗି ପକାଏ। ଏହା
ତମ୍ବାକୁ ପଚାକାଠ ପରି ଭାଙ୍ଗି ପକାଏ।
28ତୀର ତାହାକୁ ଦଉଡାଇ ପାରେ ନାହିଁ। ପଥର ତେଙ୍ଗ
ପଡ଼ି କୁଟା ପରି ଫେରି ଆସେ।
29ଯେତେବେଳେ ଗୋଟିଏ କାଠଗଡ ତାକୁ ଆଘାତ
କରେ, ସେ ଅନୁଭବ କରେ ଯେପରି ଏକ କୁଟା ତା'
ଦେହରେ ଲାଗିଲା। ସେ ଅଟ୍ଟହାସ୍ୟ କରେ ଯେତେବେଳେ
ଲୋକ ତାକୁ ବର୍ଚ୍ଛା ଫିଙ୍ଗନ୍ତି।
30ତା'ର ତଳ ପେଟର ଚମଡା ଶକ୍ତ ଭଙ୍ଗା ଖପରା
ସଦୃଶ। ସେ କାଦୁଅରେ ଘୋଷାରି ହୋଇ ଗଲାବେଳେ
ବେଙ୍ଗଳାରେ ବାଡେଇବା ପରି ଚିହ୍ନ ଛାଡଯାଏ।
31ଲେବିୟାଥନ ପାଣିକୁ ଘାଣ୍ଟେ ହାଣ୍ଡି ଜଳ ଫୁଟିବା ପରି।
ସେ ଫୋଟକା ତିଆରି କରେ, ଯେପରି ଗୋଟିଏ ହାଣ୍ଡିରେ
ତେଲ ଫୁଟେ।
32ଲେବିୟାଥନ ଯେତେବେଳେ ପହଁରେ ତା' ପଛେ
ପଛେ ପଥ ଛାଡଯାଏ। ସେ ପାଣିକୁ ଘାଣ୍ଟି ପକାଏ ଏବଂ ତା'
ପଛ ଆଡେ ଧଳାଫେଣ ଛାଡଯାଏ।
33ପୃଥିବୀରେ ଲିବିୟାଥନ ପରି ଆଉ ଦ୍ୱିତୀୟ ଜୀବ
ନାହିଁ। ସେ ଏଭଳି ଏକ ପ୍ରାଣୀ, ଯାହାରକି କାହାରକୁ ଭୟ
ନାହିଁ।
34ଲେବିୟାଥନ ସବୁଠାରୁ ଗର୍ବୀ, ପଶୁକୁ ବି ନୀଚ
ଭାବରେ ଦେଖେ। ସେ ସବୁ ବଣୁଆ ଜନ୍ତୁମାନଙ୍କ ଉପରେ
ରାଜା ଅଟେ ଓ ମୁଁ ସେହି ଲେବିୟାଥନକୁ ସୃଷ୍ଟି କରିଛି।"

## ଆୟୁବ ସଦାପ୍ରଭୁଙ୍କୁ ଉତ୍ତର ଦେଲା

42 ତା'ପରେ ଆୟୁବ ସଦାପ୍ରଭୁଙ୍କୁ ଉତ୍ତର ଦେଇ
କହିଲା,
2"ହେ ସଦାପ୍ରଭୁ ମୁଁ ଜାଣେ ଆପଣ ସବୁକିଛି କରିପାରନ୍ତି।
ତୁମ୍ଭେ ଯାହା କର ବା କରିବାକୁ ଚାହଁ, କେହି ତୁମ୍ଭକୁ ସେ
କାମରୁ ନିବୃତ୍ତ କରାଇ ପାରିବେ ନାହିଁ।
3ହେ ସଦାପ୍ରଭୁ, ତୁମ୍ଭେ ମୋତେ ପଚାରିଲ, 'କିଏ ଏହି
ଜ୍ଞାନହୀନ ମଣିଷ, ଯିଏ ନିର୍ବୋଧ ଭଳି କଥା କହୁଛି।' ହେ
ସଦାପ୍ରଭୁ, ମୁଁ ସେହି ବିଷୟରେ କହିଥିଲି, ଯାହା ମୁଁ ବୁଝି ନ
ଥିଲି। ମୁଁ ସେହିସବୁ କଥା କହିଥିଲି ଯାହା ଏତେ ଆଶ୍ଚର୍ଯ୍ୟଜନକ
ଯେ ତାହା ମୋ ବୁଝିବା ଶକ୍ତିର ବାହାରେ।
4ହେ ସଦାପ୍ରଭୁ, ତୁମ୍ଭେ ମୋତେ କହିଲ, 'ଶୁଣ ଆୟୁବ,
ଆମ୍ଭେ ତୁମ୍ଭକୁ କହିବା। ଆମ୍ଭେ ତୁମ୍ଭକୁ ପ୍ରଶ୍ନ ପଚାରିବା ଓ
ତୁମ୍ଭେ ତା'ର ଉତ୍ତର ଦେବ।'
5ହେ ସଦାପ୍ରଭୁ, ଅତୀତରେ ମୁଁ ତୁମ୍ଭ ବିଷୟରେ ଶୁଣିଥିଲି।
କିନ୍ତୁ ଆଜି ମୁଁ ସ୍ୱଚକ୍ଷୁରେ ତୁମ୍ଭକୁ ଦେଖିଲି।
6ହେ ସଦାପ୍ରଭୁ, ମୁଁ ଫେରାଇ ନେଉଛି ଯାହା ମୁଁ
କହିଥିଲି। ହେ ସଦାପ୍ରଭୁ, ମୁଁ ବଡ଼ ଖେଦିତ ଯେପରି ମୁଁ
ଧୂଳି ଓ ପାଉଁଶ ଉପରେ ବସିଛି। ମୁଁ ମୋର ମନ
ପରିବର୍ତ୍ତନ କରିଛି।"

## ସଦାପ୍ରଭୁ ଆୟୁବକୁ ତା'ର ସମ୍ପତ୍ତି ଫେରାଇ ଦେଲେ

7ସଦାପ୍ରଭୁ ଆୟୁବ ସହିତ କଥା ଶେଷ କଲା ପରେ ସେ
ତୈମନୀୟ ଇଲୀଫସ୍ ସହିତ କଥା ହେଲେ। ସଦାପ୍ରଭୁ
ଇଲୀଫସକୁ କହିଲେ, "ଆମ୍ଭେ ତୁମ୍ଭ ଉପରେ ଓ ତୁମ୍ଭର
ଦୁଇ ବନ୍ଧୁଙ୍କ ଉପରେ କ୍ରୋଧିତ। କାହିଁକି? କାରଣ ତୁମ୍ଭେ
ଆମ୍ଭ ବିଷୟରେ ଉଚିତ କଥା କହିନାହଁ। କିନ୍ତୁ ଆୟୁବ
ଆମ୍ଭର ଆଶ୍ରିତ। ଆୟୁବ ଆମ୍ଭ ବିଷୟରେ ଉଚିତ କଥା
କହିଛି। 8ତେଣୁ ବର୍ତ୍ତମାନ ଇଲୀଫସ୍ ସାତୋଟି ଷଣ୍ଢ ଓ
ସାତୋଟି ମେଣ୍ଢା ନେଇ ମୋ ଭୃତ୍ୟ ଆୟୁବ ପାଖକୁ ଯାଅ।
ତାହା ବଧକରି ନିଜ ପାଇଁ ହୋମବଳି ପରି ଉତ୍ସର୍ଗ କର।
ଆମ୍ଭ ଦାସ ଆୟୁବ ତୁମ୍ଭ ପାଇଁ ପ୍ରାର୍ଥନା କରିବ ଏବଂ ଆମ୍ଭେ
ପ୍ରାର୍ଥନାର ଉତ୍ତର ଦେବା। ତା'ପରେ ଆମ୍ଭେ ତୁମ୍ଭକୁ ଦଣ୍ଡ
ଦେବା ନାହିଁ, ଯାହାର ତୁମ୍ଭେ ହକଦାର। ତୁମ୍ଭେ ଦଣ୍ଡ ପାଇବା
ଉଚିତ, କାରଣ ତୁମ୍ଭେ ଅତି ନିର୍ବୋଧ। ତୁମ୍ଭେ ଆମ୍ଭ
ବିଷୟରେ ଉଚିତ କଥା କହି ନାହିଁ। କିନ୍ତୁ ଆମ୍ଭର ଭୃତ୍ୟ
ଆୟୁବ ଆମ୍ଭ ବିଷୟରେ ଉଚିତ କଥା କହିଛି।"
9ତେଣୁ ତୈମନୀୟ ଇଲୀଫସ୍, ଶୂହୀୟ ବିଲଦଦ୍ ଓ
ନାମାଥୀୟ ସୋଫର ସଦାପ୍ରଭୁଙ୍କୁ ମାନିଲେ। ତା'ପରେ ସଦାପ୍ରଭୁ
ଆୟୁବର ପ୍ରାର୍ଥନାର ଉତ୍ତର ଦେଲେ।
10ଆୟୁବ ତା'ର ବନ୍ଧୁମାନଙ୍କ ପାଇଁ ପ୍ରାର୍ଥନା କଲା।
ତା'ପରେ ସଦାପ୍ରଭୁ ଆୟୁବକୁ ପୁଣି ସୌଭାଗ୍ୟ ଆଣି ଦେଲେ।
ଆୟୁବର ପୂର୍ବରୁ ଯାହା ଥିଲା ତା'ର ଦୁଇଗୁଣ ସେ ଦେଲେ।
11ତା'ପରେ ଆୟୁବର ଭାଇମାନେ, ଭଉଣୀମାନେ, ଯେଉଁ
ଲୋକମାନେ ଆୟୁବକୁ ଜାଣିଥିଲେ, ସମସ୍ତେ ତା' ଘରକୁ
ଆସିଲେ। ସେମାନେ ସମସ୍ତେ ଆୟୁବର ଘରେ ଏକ ବଡ଼
ଭୋଜିରେ ଯୋଗ ଦେଲେ। ସେମାନେ ଆୟୁବକୁ ସାନ୍ତ୍ୱନା
ଦେଲେ। ସେମାନେ ଦୁଃଖ ପ୍ରକାଶ କଲେ କାରଣ
ପରମେଶ୍ୱର ଆୟୁବ ପାଇଁ ବହୁତ କଷ୍ଟ ଦେଲେ। ପ୍ରତ୍ୟେକ
ବ୍ୟକ୍ତି ଆୟୁବକୁ ଖଣ୍ଡେ ରୂପା ଓ ଗୋଟିଏ ସୁନାମୁଦି ପ୍ରଦାନ
କଲେ।
12ସଦାପ୍ରଭୁ ଆୟୁବକୁ ଅଧିକ ଆଶୀର୍ବାଦ କଲେ, ତାହାଠାରୁ
ମଧ୍ୟ ଅଧିକ ଯାହା ତା'ର ପ୍ରଥମ ଥିଲା। ଆୟୁବ 14,000
ମେଣ୍ଢା, 6,000 ଓଟ, 1,000 ହଳ ବଳଦ, 1,000 ମାଈ
ଗଧ ପାଇଲେ। 13ଆୟୁବ ସାତଟି ପୁତ୍ର ଓ ତିନିଟି ଝିଅ ଲାଭ
କଲା।
14ଆୟୁବ ତା'ର ପ୍ରଥମ ଝିଅର ନାମ ଯିମୀମା, ଦ୍ୱିତୀୟ
ଝିଅର ନାମ କତ୍‌ସୀୟା ଓ ତୃତୀୟ ଝିଅର ନାମ କେରେଣ
ହାପ୍ପୁକ୍ ରଖିଲା। 15ଆୟୁବର ଝିଅମାନେ ସେ ଦେଶରେ
ସବୁଠାରୁ ସୁନ୍ଦରୀ ଥିଲେ ଏବଂ ତାଙ୍କର ପିତା ସେମାନଙ୍କୁ ଅଂଶ
ଦେଲେ ତାଙ୍କ ଭାଇମାନଙ୍କ ସହିତ।
16ଏହାପରେ ଆୟୁବ 140 ବର୍ଷ ଅଧିକା ବଞ୍ଚିଲା। ସେ
ନିଜର ପିଲାମାନଙ୍କର, ନାତିନାତୁଣୀମାନଙ୍କର ଚାରିପୁରୁଷ ପର୍ଯ୍ୟନ୍ତ
ଦେଖିଲା। 17ଏବଂ ଆୟୁବ ଦୀର୍ଘ ଓ ପୂର୍ଣ୍ଣ ଜୀବନ ବିତାଇବା
ପରେ ବୃଦ୍ଧାବସ୍ଥାରେ ମୃତ୍ୟୁବରଣ କଲା।

# ଏଷ୍ଟର ବିବରଣ

### ରାଣୀ ବଷ୍ଟୀ ରାଜାଙ୍କୁ ଅମାନ୍ୟ କଲେ

1 ଅକ୍ଷଶ୍ୱେରଶ ରାଜାଙ୍କ ସମୟରେ ଏପରି ଘଟିଥିଲା ଯେ
ସେ ହିନ୍ଦୁସ୍ଥାନଠାରୁ କୁଶଦେଶ ପର୍ଯ୍ୟନ୍ତ 127 ପ୍ରଦେଶ
ଉପରେ ରାଜତ୍ୱ କଲେ। 2ଏହି ଅକ୍ଷଶ୍ୱେରଶ ରାଜା ଶୂଶନ୍
ରାଜଧାନୀରେ ନିଜର ରାଜ ସିଂହାସନରେ ଉପବିଷ୍ଟ
ହେବାପରେ,

3ଆପଣା ଅଧିକାରର ତୃତୀୟ ବର୍ଷରେ ଆପଣାର ସବୁ
ଅଧିପତି ଓ ଦାସମାନଙ୍କ ପାଇଁ ଭୋଜି ପ୍ରସ୍ତୁତ କଲେ।
ତହିଁରେ ପାରସ୍ୟ ଓ ମାଦିୟା ଦେଶର ବିକ୍ରମି ଲୋକମାନେ
ଏବଂ କୂଳୀନ ଓ ପ୍ରଦେଶାଧିପତିମାନେ ତାଙ୍କର ସାକ୍ଷାତରେ
ଉପସ୍ଥିତ ହେଲେ। 4ସେ ଆପଣା ପ୍ରତାପାନ୍ୱିତ ରାଜ୍ୟର ଧନ
ଓ ଆପଣା ମହତ୍ତ୍ୱର ଶୋଭାର ଉତ୍କୃଷ୍ଟତା ଅନେକ ଦିନ,
ଅର୍ଥାତ୍ 180 ଦିନ ପର୍ଯ୍ୟନ୍ତ ପ୍ରଦର୍ଶନ କଲା। 5ତେଣୁ ଏସବୁ
ଦିନ ପରେ ରାଜା ସମସ୍ତ ଲୋକମାନଙ୍କୁ ଏକ ଭୋଜି
ଦେଲେ, ମାନ୍ୟଗଣ ଓ ସାଧାରଣ ଲୋକ ଯେଉଁମାନେ
ରାଜଧାନୀ ଶୂଶନରେ ଉପସ୍ଥିତ ଥିଲେ। ରାଜପୁରୀସ୍ଥ ଉଦ୍ୟାନରେ
ସାତ ଦିନ ପର୍ଯ୍ୟନ୍ତ ଭୋଜି ଚାଲିଲା। 6ସେଠାରେ ଧଳା ଓ
ନୀଳ କାର୍ପାସ ପରଦା ଥିଲା। ସେହି ପରଦାଗୁଡିକ ନାଇଲନ୍‌ରେ
ତିଆରି ରଜ୍ଜୁ ଓ ବାଇଗଣି ରଂଗର ରୌପ୍ୟମୟ କଡାରେ
ମାର୍ବଲ ସ୍ତମ୍ଭରେ ବନ୍ଧା ଥିଲା। ଏବଂ ଚଟାଣ ଉପରେ ମଧ୍ୟ
ଯାହାକି ବିଭିନ୍ନ ପ୍ରକାର ରଂଗିନ୍ ସ୍ଫଟିକ, ଶାମୁକା, ମୁକ୍ତା ଓ
ମାର୍ବଲ ପଥରରେ ନିର୍ମିତ ହୋଇଥିଲା। ସେଠାରେ ସୁବର୍ଣ୍ଣର ଓ
ରୂପାର ଆସନ ଥିଲା। 7ସେମାନେ ନାନାପ୍ରକାର ସୁବର୍ଣ୍ଣପାତ୍ରରେ
ପାନଦ୍ରବ୍ୟ ଓ ରାଜାର ବଦାନ୍ୟତାନୁସାରେ ପ୍ରଚୁର ରାଜକୀୟ
ଦ୍ରାକ୍ଷାରସ ଦେଲେ। 8ଦ୍ରାକ୍ଷାରସ ନିୟମ ଅନୁସାରେ ଥିଲା।
କାହାରିକୁ ମଧ୍ୟ ବଳାଗଲା ନାହିଁ।

9ବଷ୍ଟୀ ରାଣୀ ଅକ୍ଷଶ୍ୱେରଶର ରାଜଗୃହରେ ସ୍ତ୍ରୀମାନଙ୍କ ପାଇଁ
ଭୋଜି ପ୍ରସ୍ତୁତ କଲା।

10ସପ୍ତମ ଦିନରେ ଯେତେବେଳେ ରାଜା ଦ୍ରାକ୍ଷାରସ ଯୋଗୁଁ
ଅତ୍ୟଧିକ ମାତାଲ ହେଲେ, ସେ ମହୂମନ୍, ବିସ୍ଥା ହର୍ବୋଣା,
ବିଗଥା, ଅବଗଥ, ସେଥର ଓ କର୍କସଙ୍କୁ ଆଦେଶ ଦେଲେ।
ଏହି ସାତଜଣ ନପୁଂସକ ଯେଉଁମାନେ ରାଜା ଅକ୍ଷଶ୍ୱେରଶଙ୍କ
ସେବା କଲେ। 11ଲୋକମାନଙ୍କୁ ଓ ରାଜପୁତ୍ରମାନଙ୍କୁ ତାଙ୍କର
ସୌନ୍ଦର୍ଯ୍ୟ ଦେଖାଇବା ପାଇଁ, ରାଣୀ ବଷ୍ଟୀଙ୍କୁ ରାଜମୁକୁଟ
ପିନ୍ଧାଇ ରାଜାଙ୍କ ଆଗକୁ ଆଣ। ଯେହେତୁ ସେ ପରମ ସୁନ୍ଦରୀ
ଥିଲା।

12ମାତ୍ର ବଷ୍ଟୀରାଣୀ ନପୁଂସକମାନଙ୍କ ଦ୍ୱାରା ରାଜାର କଥିତ
ଆଜ୍ଞାରେ ଆସିବାକୁ ରାଜିହେଲା ନାହିଁ। ଏଣୁ ରାଜା ଅତିଶୟ
କ୍ରୋଧ କଲେ ଓ ତାହାର ଅନ୍ତକରଣରେ କ୍ରୋଧାଗ୍ନି ପ୍ରଜ୍ୱଳିତ
ହେଲା। 13ଏହାପରେ ରାଜା ଜ୍ଞାନୀଲୋକମାନଙ୍କୁ ପଚାରିଲେ,
ଯେଉଁମାନେ ରାଜକୀୟ ବିଧି ଜାଣିଥିଲେ। କାରଣ ବିଚାରକଗଣଙ୍କୁ
ଓ ଆଇନଜ୍ଞମାନଙ୍କୁ ଏପରି ପଚାରିବାର ରାଜାଙ୍କର ପ୍ରଥା ଥିଲା।
14ଏହି ସମୟରେ କର୍ଶନା, ଶେଥର, ଅଦ୍‌ମାଥା, ତର୍ଶୀଶ,
ମେରସ୍, ମେର୍ସନା ଓ ମମୁଖନ୍ ରାଜାର ନିକଟବର୍ତ୍ତୀ ଥିଲେ।
ଏହି ସାତ ଜଣ ପାରସ୍ୟ ଓ ମାଦିୟା ଦେଶର ଅଧିପତି,
ଯେଉଁମାନେ ରାଜାଙ୍କର ନିକଟତମ ଓ ରାଜ୍ୟକୁ ଶାସନ
କରୁଥିଲେ। 15ରାଜା ସେମାନଙ୍କୁ ପଚାରିଲେ, "ରାଣୀଙ୍କୁ ଆଇନ୍
ଅନୁଯାୟୀ କଣ କରାଯିବା ଉଚିତ୍, ଯେହେତୁ ସେ ରାଜା
ଦେଶ ଅବଜ୍ଞା କରିଛନ୍ତି, ଯାହାକି ନପୁଂସକମାନଙ୍କ ଦ୍ୱାରା
ଦିଆଯାଇଥିଲା?"

16ଏଥିରେ ରାଜାଙ୍କର ଓ ଅଧିପତି ଗଣର ସାକ୍ଷାତରେ
ମମୁଖନ ଉତ୍ତର ଦେଇ କହିଲେ, "ବଷ୍ଟୀରାଣୀ କେବଳ
ମହାରାଜାଙ୍କ ପ୍ରତି ନୁହେଁ, ମାତ୍ର ଅକ୍ଷଶ୍ୱେରଶ ରାଜାର ଅଧିନସ୍ଥ
ପ୍ରଦେଶର ସମସ୍ତ ଅଧିପତି ଓ ସମସ୍ତ ଲୋକଙ୍କ ପ୍ରତି ଭୂଲ
କର୍ମ କରୁଛନ୍ତି। 17କାରଣ ରାଣୀର ଏହି କର୍ମର କଥା ସକଳ
ସ୍ତ୍ରୀ ଲୋକଙ୍କ ମଧ୍ୟରେ ବ୍ୟାପିଯିବ। 'ଏହା କହି ସ୍ତ୍ରୀମାନେ
ସେମାନଙ୍କର ସ୍ୱାମୀମାନଙ୍କୁ ଅବମାନନା କରିବେ।' ଆଉ
ଅକ୍ଷଶ୍ୱେରଶ ରାଜା ବଷ୍ଟୀରାଣୀକି ଆପଣା ନିକଟକୁ ଆଣିବାକୁ
ଆଜ୍ଞା ଦେଲେ, ମାତ୍ର ସେ ଆସିଲା ନାହିଁ।

18"ପାରସ୍ୟ ଓ ମାଦିୟାର ଉଚ୍ଚକୁଳୀନା ସ୍ତ୍ରୀଗଣ ରାଣୀର
ଏହି କର୍ମର ସମାଚାର ଆଜି ଶୁଣି ଅଛନ୍ତି, ସେମାନେ ରାଜାର
ସମସ୍ତ ଅଧିପତିଙ୍କୁ ଏହିପରି କରିବେ। ତହିଁରୁ ଅତିଶୟ ନିନ୍ଦା
ଓ କ୍ରୋଧ ଉତ୍ପନ୍ନ ହେବ।

19"ଏଥିପାଇଁ ଯଦି ମହାରାଜା ସନ୍ତୁଷ୍ଟ ହୁଅନ୍ତି, ତେବେ
ବଷ୍ଟୀ ଅକ୍ଷଶ୍ୱେରଶ ରାଜା ନିକଟକୁ ଆଉ ନ ଆସିବାକୁ
ରାଜାଜ୍ଞା ଶ୍ରୀଛାମୁରୁ ପ୍ରକାଶିତ ହେଉ। ଏବଂ ଏହା ପାରସିକ
ଓ ମାଦୀୟ ବ୍ୟବସ୍ଥା ମଧ୍ୟରେ ଲିଖିତ ହେଉ, ଯାହା
ପରିବର୍ତ୍ତନ କରାଯାଇ ପାରିବ ନାହିଁ। ପୁଣି ମହାରାଜା ତାହାର
ରାଣୀପଦ ତାହାଠାରୁ ଉତ୍ତମା ଏକ ସ୍ତ୍ରୀକୁ ଦିଅନ୍ତୁ। 20ଆହୁରି
ରାଜ୍ୟ ବୃହତ୍, ଏଣୁ ରାଜ୍ୟର ସବୁସ୍ଥାନରେ ଏହି ରାଜାଜ୍ଞା
ପ୍ରକାଶିତ ହେଲା। ସ୍ୱାମୀ ସାମାଜିକ କ୍ଷେତ୍ରରେ କ୍ଷୁଦ୍ର ହେଉ କି
ମହାନ ହେଉ, ସମସ୍ତ ସ୍ତ୍ରୀମାନେ ନିଜ ନିଜ ସ୍ୱାମୀମାନଙ୍କୁ
ସମ୍ମାନ କରିବେ।"

21ଏହି କଥାରେ ରାଜା ଓ ଅଧିପତିଗଣ ସନ୍ତୁଷ୍ଟ ହେବାରୁ
ରାଜା ମମୁଖନର ପରାମର୍ଶାନୁସାରେ କର୍ମକଲା। 22ତେଣୁ ସେ
ପ୍ରତ୍ୟେକ ପ୍ରଦେଶର ଅକ୍ଷରାନୁସାରେ ଓ ପ୍ରତ୍ୟେକ ଗୋଷ୍ଠୀର
ଭାଷାନୁସାରେ ରାଜାର ଅଧିନ ପ୍ରତ୍ୟେକ ପ୍ରଦେଶକୁ ଏହିରୂପେ
ପତ୍ର ପଠାଇଲା, "ପ୍ରତ୍ୟେକ ପୁରୁଷ ନିଜ ନିଜ ଗୃହରେ
କର୍ତ୍ତୃତ୍ୱ କରୁ ଓ ସ୍ୱଗୋଷ୍ଠୀୟ ଭାଷାନୁସାରେ ତାହା ପ୍ରଚାର
କରୁ।"

## ଏଷ୍ଟର ରାଣୀ ତିଆରିଲେ

2 ଏହିସବୁ ଘଟଣା ପରେ ଅକ୍ଷଶ୍ୱେରଶ ରାଜାର କ୍ରୋଧ
ଶାନ୍ତ ହୁଅନ୍ତେ ସେ ବଷ୍ଟୀଙ୍କ ଓ ତାହାର କାର୍ଯ୍ୟ ଓ
ତାହା ପ୍ରତିକୂଳରେ ପ୍ରଦତ୍ତ ଆଜ୍ଞା ସ୍ମରଣ କଲା। 2ତେଣୁ
ରାଜାର ସେବାକାରୀ ଭୃତ୍ୟମାନେ ତାହାକୁ କହିଲେ, "ମହାରାଜାଙ୍କ
ପାଇଁ ସୁନ୍ଦରୀ ଯୁବତୀ କନ୍ୟାଗଣର ଅନ୍ୱେଷଣ କରାଯାଉ।
3ଆଉ ମହାରାଜା ଆପଣା ରାଜ୍ୟର ସମସ୍ତ ପ୍ରଦେଶରେ
କର୍ମଚାରୀଗଣ ନିଯୁକ୍ତ କରନ୍ତୁ। ସେମାନେ ସେହି ସବୁ ସୁନ୍ଦରୀ
କନ୍ୟାଗଣଙ୍କୁ ଶୂଶନ ରାଜଧାନୀରେ ଏକତ୍ର କରି ଅନ୍ତଃପୁରରେ
ସ୍ତ୍ରୀମାନଙ୍କ ରକ୍ଷକ ରାଜନପୁଂସକ ହେଗୟର ହସ୍ତରେ ସମର୍ପଣ
କରନ୍ତୁ। ପୁଣି ସେମାନଙ୍କ ଅଙ୍ଗରାଗାର୍ଥକ ଦ୍ରବ୍ୟ ସେମାନଙ୍କୁ
ଦତ୍ତ ହେଉ। 4ଏହାପରେ ଯେଉଁ କନ୍ୟା ମହାରାଜାଙ୍କର
ତୁଷ୍ଟିକାରିଣୀ ହେବ, ସେ ବଷ୍ଟୀ ବଦଳେ ରାଣୀ ହେବ।"
ଏହି କଥାରେ ରାଜା ସନ୍ତୋଷ ହେବାରୁ ସେ ଏପରି କଲା।

5ସେହି ସମୟରେ ମର୍ଦ୍ଦଖୟ ନାମରେ ଜଣେ ଯିହୁଦୀୟ
ଲୋକ ଶୂଶନ୍ ରାଜଧାନୀରେ ଥିଲା, ସେ ବିନ୍ୟାମୀନ ବଂଶୀୟ
ଯାୟୀରର ପୁତ୍ର, ଶିମିୟିର ପୌତ୍ର, କୀଶର ପ୍ରପୌତ୍ର। 6ଯେଉଁ
ଲୋକମାନେ ଯିହୁଦାର ରାଜା ଯିକନିୟ ସହିତ ବାବିଲର ରାଜା
ନବୁଖଦ୍‌ନିତ୍ସରର ଦ୍ୱାରା ନିର୍ବାସିତ ହୋଇଥିଲେ। ସେମାନଙ୍କ
ସହିତ କୀଶ ଯିରୂଶାଲମଠାରୁ ନିର୍ବାସିତ ହୋଇଥିଲା। 7ମର୍ଦ୍ଦଖୟ
ଆପଣା ମାମୁଁ କନ୍ୟା ହଦସାକୁ ଅର୍ଥାତ୍ ଏଷ୍ଟରକୁ ପ୍ରତିପାଳନ
କଲା କାରଣ ତାହାର ପିତା କି ମାତା ନ ଥିଲେ। ସେ
ପରମସୁନ୍ଦରୀ ଓ ସ୍ନେହମୟୀ ଥିଲା। ତାହାର ପିତାମାତା
ମଲାପରେ ମର୍ଦ୍ଦଖୟ ତାହାକୁ ନିଜର କନ୍ୟାରୂପେ ଗ୍ରହଣ
କରିଥିଲା।

8ଯେତେବେଳେ ରାଜାର ସେହି ବାକ୍ୟ ଓ ଆଜ୍ଞା
ପ୍ରଚାରିତ ହେଲା ଶୂଶନ୍ ରାଜଧାନୀରେ ହେଗୟ ନିକଟରେ
ଅନେକ କନ୍ୟା ସଂଗୃହିତ ହେବାବେଳେ ଏଷ୍ଟରକୁ ରାଜପୁରକୁ
ସ୍ତ୍ରୀ ରକ୍ଷକ ହେଗୟ ନିକଟକୁ ନିଆଗଲା। 9ଏଥିରେ ଏହି
ଯୁବତୀ ହେଗୟର ତୁଷ୍ଟିଜନକ ହୋଇ ତାହାଠାରୁ ଅନୁଗ୍ରହ
ପାଇଲା। ଏଣୁ ସେ ଶୀଘ୍ର ତାକୁ ରାଜଗୃହରୁ ମନୋନୀତ
ସାତଜଣ ଦାସୀଙ୍କ ସହିତ ସମସ୍ତ ଅଙ୍ଗ ପ୍ରସାଧନ ଏବଂ ତା'ର
ଭାଗ ଖାଦ୍ୟ ଦିଆଗଲା। ଆଉ ସେ ତାକୁ ତାହାର ଦାସୀଗଣ
ସହିତ ଅନ୍ତଃପୁରର ସର୍ବୋତ୍ତମ ସ୍ଥାନରେ ବାସ କରାଇଲା।
10ମାତ୍ର ଏଷ୍ଟର ଆପଣା ବଂଶ କି କୁଟୁମ୍ବର ପରିଚୟ କାହାକୁ
ଦେଲାନାହିଁ କାରଣ ମର୍ଦ୍ଦଖୟ ତାହା ନ ଜଣାଇବାକୁ ଆଜ୍ଞା
କରିଥିଲା। 11ଏହାପରେ, ଏଷ୍ଟର କିପରି ଅଛି ଓ ସେ କଣ
କରୁଛି, ଏହା ଜାଣିବା ପାଇଁ ମର୍ଦ୍ଦଖୟ ପ୍ରତିଦିନ ନ୍ୟାୟାଳୟରେ
ପ୍ରାଙ୍ଗଣ ସମ୍ମୁଖରେ ଯାତାୟତ କଲା।

12ଦ୍ୱାଦଶ ମାସ ଶେଷରେ, ରାଜା ଅକ୍ଷଶ୍ୱରଶ ନିକଟକୁ
ଏକ କୁଆଁରୀ କନ୍ୟାର ଉପସ୍ଥିତ ହେବାର ସମୟ ଆସିଲା।
କାରଣ ସେମାନଙ୍କର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଛଅ ମାସ
ଗନ୍ଧରସର ତୈଳ ଓ ଛଅ ମାସ ସୁଗନ୍ଧି ଓ ସ୍ତ୍ରୀ ଲୋକଙ୍କ
ଅଙ୍ଗରାଗାର୍ଥକ ଦ୍ରବ୍ୟ ସେବନ କରିବାକୁ ହେଲା। 13ପୁଣି
ରାଜାଙ୍କ ନିକଟକୁ ଯିବାକୁ ହେଲେ, ପ୍ରତ୍ୟେକ ଯୁବତୀ ନିମନ୍ତେ
ଏହିପରି ନିୟମ ଥିଲା। ସେ ଯେ କୌଣସି ଦ୍ରବ୍ୟ ମାଗିଲେ,
ଅନ୍ତଃପୁରରୁ ରାଜଗୃହକୁ ଯିବା ସମୟରେ ସାଙ୍ଗରେ ନେବା
ନିମନ୍ତେ ତାହାକୁ ଦିଆଗଲା। 14ରାଜାଙ୍କର ନପୁଂସକ ଶାଶ୍‌ଗସର
ତତ୍ତ୍ୱାବଧାନରେ ଜଣେ କନ୍ୟା ସନ୍ଧ୍ୟା ସମୟରେ ଦ୍ୱିତୀୟ
ହରେମଙ୍କ ନିକଟକୁ ଯିବ ଓ ସକାଳରେ ଫେରି ଆସିବ।
ଶାଶ୍‌ଗସ ରାଜାଙ୍କର ତତ୍ତ୍ୱାବଧାରକ ଥିଲା।

15ଏହାପରେ, ରାଜାଙ୍କ ନିକଟକୁ ଯିବାପାଇଁ ଏଷ୍ଟରର ପାଳି
ପଡିଲା। ଏଷ୍ଟର ମର୍ଦ୍ଦଖୟଙ୍କ ପାଳିତ କନ୍ୟା ଥିଲା। ସେ
ମର୍ଦ୍ଦଖୟର କକା ଅବୀହୟିଲର କନ୍ୟା ଥିଲା। ହେଗୟ
ରାଜାଙ୍କର ନପୁଂସକ ଓ ସ୍ତ୍ରୀଲୋକମାନଙ୍କର ତତ୍ତ୍ୱାବଧାରକ,
ଯାହା କହିଥିଲେ, ତାହା ଛଡା ଏଷ୍ଟର ଆଉ କିଛି ମାଗିଲା
ନାହିଁ। ସମସ୍ତେ ଯେଉଁମାନେ ହେଗୟଙ୍କୁ ଦେଖିଲେ, ତା ପ୍ରତି
ଅନୁକମ୍ପା କଲେ। 16ରାଜାର ଅଧିକାରର ସପ୍ତମ ବର୍ଷର
ଦଶମ ମାସରେ ଅର୍ଥାତ୍ ଟେବେତ୍ ମାସରେ, ଏଷ୍ଟରକୁ
ରାଜଗୃହରେ ଅକ୍ଷଶ୍ୱେରଶ ରାଜା ନିକଟକୁ ନିଆଗଲା।

17ତହିଁରେ ରାଜା ଅନ୍ୟସକଳ ସ୍ତ୍ରୀଠାରୁ ଏଷ୍ଟରକୁ ଅଧିକ
ପ୍ରେମ କଲା ଏବଂ ଅନ୍ୟ ସମସ୍ତ ଯୁବତୀଠାରୁ ସେ ରାଜାର
ଦୃଷ୍ଟିରେ ଅନୁଗ୍ରହ ଓ ଦୟା ପାଇଲା। ଏଣୁ ସେ ତାହାର
ମସ୍ତକରେ ରାଜ ମୁକୁଟ ଦେଇ ବଷ୍ଟୀ ବଦଳରେ ତାହାକୁ
ରାଣୀ କଲା। 18ଏହାପରେ ରାଜା ଓ ଆପଣା ସମସ୍ତ ଅଧିପତି
ଓ ଦାସମାନଙ୍କ ପାଇଁ ଏଷ୍ଟର ଭୋଜି ବୋଲି ମହାଭୋଜି
ପ୍ରସ୍ତୁତ କଲା ଓ ସବୁ ପ୍ରଦେଶର ଛୁଟି କଲା ଓ ରାଜାର
ବଦାନ୍ୟତାନୁସାରେ ଦାନ କଲା।

## ମର୍ଦ୍ଦଖୟ ଏକ ମନ୍ଦ ଯୋଜନା ବିଷୟରେ ଜାଣିଲେ

19କନ୍ୟାମାନେ ଦ୍ୱିତୀୟଥର ସଂଗୃହିତା ହେବା ସମୟରେ
ମର୍ଦ୍ଦଖୟ ରାଜ ଦ୍ୱାରରେ ବସିଲା। 20ଏଷ୍ଟର ମର୍ଦ୍ଦଖୟର
ଆଜ୍ଞାନୁସାରେ ଆପଣା ବଂଶ ଓ କୁଟୁମ୍ବର ପରିଚୟ କାହାକୁ
ହିଁ ଦେଲା ନାହିଁ। କାରଣ ଏଷ୍ଟର ମର୍ଦ୍ଦଖୟ ନିକଟରେ
ପ୍ରତିପାଳିତା ହେବା ସମୟରେ ଯେପରି କରୁଥିଲା ସେତେବେଳେ
ହିଁ ସେପରି ତାହାର ଆଜ୍ଞା ପାଳନ କଲା।

21ସେହି ସମୟରେ, ମର୍ଦ୍ଦଖୟ ରାଜଦ୍ୱାରରେ ବସିବା
ବେଳେ ଦ୍ୱାରପାଳମାନଙ୍କ ମଧ୍ୟରେ ବିଗ୍‌ଥନ୍ ଓ ତେରଶ୍
ନାମକ ରାଜାଙ୍କର ଦୁଇ ଜଣ ନପୁଂସକ କ୍ରୋଧିତ ହୋଇ
ଅକ୍ଷଶ୍ୱେରଶ ରାଜାକୁ ବଧ କରିବାକୁ ଷଡଯନ୍ତ୍ର କଲେ। 22ମାତ୍ର
ମର୍ଦ୍ଦଖୟ ଏହା ଜାଣି ଏଷ୍ଟର ରାଣୀକୁ ଜଣାଇଲା। ପୁଣି ଏଷ୍ଟର
ମର୍ଦ୍ଦଖୟ ନାମ ଦେଇ ରାଜାକୁ ତାହା ଜଣାଇଲା। 23ତହିଁରେ
ଅନୁସନ୍ଧାନ ଦ୍ୱାରା ସେହି କଥା ପ୍ରମାଣ ହେବାରୁ ସେହି
ଦୁଇଜଣ ବୃକ୍ଷରେ ଫାଶି ପାଇଲେ। ଆଉ ସେହି କଥା
ରାଜାର ସାକ୍ଷାତରେ କଚେରୀର ନକଲ ଖାତାରେ ଲେଖାଗଲା।

## ଯିହୁଦୀମାନଙ୍କୁ ଧ୍ୱଂସ କରିବା ପାଇଁ ହାମନର ଯୋଜନା ଥିଲା

3 ଏହିସବୁ ଘଟଣା ପରେ ଅକ୍ଷଶ୍ୱେରଶ ରାଜା ଅଗାଗୀୟ
ହମ୍ମଦାଥାର ପୁତ୍ର ହାମନକୁ ଉନ୍ନତ କରି ଉଚ୍ଚ ପଦାନ୍ୱିତ
କଲା। ଆଉ ତାହାର ସଙ୍ଗେ ସମସ୍ତ ଅଧିପତିର ଆସନ
ଅପେକ୍ଷା ତାକୁ ଶ୍ରେଷ୍ଠ ଆସନ ଦେଲା। 2ତହିଁରେ ରାଜାର
ଯେତେ ଦାସ ରାଜଦ୍ୱାରରେ ଥିଲେ, ସେ ସମସ୍ତେ ନତ ହୋଇ
ହାମନକୁ ପ୍ରଣାମ କଲେ। କାରଣ ରାଜା ତାହା ବିଷୟରେ
ସେହିପରି ଆଜ୍ଞା ଦେଇଥିଲେ। ମାତ୍ର ମର୍ଦ୍ଦଖୟ ନତହେଲା

ନାହିଁ କି ତାହାକୁ ପ୍ରଣାମ କଲା ନାହିଁ। **3**ଏଣୁ ରାଜଦ୍ୱାର-ବର୍ତ୍ତୀ
ରାଜାର ଦାସଗଣ ମର୍ଦ୍ଦଖୟକୁ କହିଲେ, "ତୁମ୍ଭେ କାହିଁକି
ରାଜାଜ୍ଞା ଲଙ୍ଘନ କରୁଅଛ?"

**4**ଏହିପରି ସେମାନେ ପ୍ରତ୍ୟେକ ଦିନ କହିଲେ। ତଥାପି
ସେ ସେମାନଙ୍କର କଥା ଶୁଣିଲା ନାହିଁ। ଏଣୁ ଏହି ମର୍ଦ୍ଦଖୟର
କଥା ରହିବ କି ନାହିଁ, ଏହା ଜାଣିବା ଇଚ୍ଛାରେ ସେମାନେ
ହାମନକୁ ତାହା ଜଣାଇଲେ। କାରଣ ମର୍ଦ୍ଦଖୟ ଯେକି
ଯିହୁଦୀୟ ଲୋକ, ଏହା ସେ ସେମାନଙ୍କୁ କହିଥିଲା। **5**ଯେତେବେଳେ
ହାମନ ଦେଖିଲା ମର୍ଦ୍ଦଖୟ ନତହେଲା ନାହିଁ, କି ତାହାକୁ
ପ୍ରଣାମ କଲାନାହିଁ। ସେତେବେଳେ ସେ ଅତି କ୍ରୋଧାନ୍ୱିତ
ହେଲା। **6**ମାତ୍ର ସେ କେବଳ ମର୍ଦ୍ଦଖୟ ଉପରେ ହସ୍ତକ୍ଷେପ
କରିବାକୁ ଲଘୁ ମଣିଲା। କାରଣ ସେମାନେ ତାହାକୁ ମର୍ଦ୍ଦଖୟର
ବଂଶୀୟ ଲୋକଙ୍କ କଥା ଜଣାଇଲେ। ତେଣୁ ହାମନ ଅକ୍ଷଶ୍ୱେରଶର
ସମୁଦାୟ ରାଜ୍ୟରେ ସମସ୍ତ ଯିହୁଦୀୟଙ୍କୁ ଅର୍ଥାତ୍ ମର୍ଦ୍ଦଖୟର
ଲୋକଙ୍କୁ ବିନାଶ କରିବାକୁ ଚେଷ୍ଟା କଲା।

**7**ରାଜା ଅକ୍ଷଶ୍ୱେରଶ ଦ୍ୱାଦଶ ବର୍ଷର ପ୍ରଥମ ମାସଟି,
ଯାହାକି "ନୀଷନ" ବୋଲି ପରିଚିତ, ସେମାନେ ଆଖିବୁଜି
ଦ୍ୱାଦଶ ମାସକୁ ମନୋନୀତ କଲେ, ଏହା ଅଦର ଯିହୁଦୀମାନଙ୍କୁ
ଧ୍ୱଂସ କରିବା ବୋଲି ଜଣାଯାଏ। **8**ଏହାପରେ ହାମନ୍ ଅକ୍ଷଶ୍ୱେରଶ
ରାଜାକୁ କହିଲା, "ଆପଣଙ୍କ ରାଜ୍ୟର ସମସ୍ତ ପ୍ରଦେଶସ୍ଥ
ଲୋକଙ୍କ ମଧ୍ୟରେ ଛିନ୍ନଭିନ୍ନ ଓ ପୃଥକ୍‌କୃତ ଏକ ଦେଶୀୟ
ଲୋକ ଅଛନ୍ତି। ଅନ୍ୟ ସକଳ ଲୋକଙ୍କର ବ୍ୟବସ୍ଥାଠାରୁ
ସେମାନଙ୍କ ବ୍ୟବସ୍ଥା ଭିନ୍ନ ସେମାନେ ମଧ୍ୟ ମହାରାଜାଙ୍କ
ବ୍ୟବସ୍ଥା ମାନନ୍ତି ନାହିଁ। ଏଣୁ ସେମାନଙ୍କ ବ୍ୟବହାର ସହ୍ୟ
କରିବା ମହାରାଜାଙ୍କର ଉଚିତ୍ ନୁହେଁ।

**9**"ମହାରାଜ ସନ୍ତୁଷ୍ଟ ହେଲେ ସେମାନଙ୍କୁ ବିନାଶ କରିବା
ପାଇଁ ପତ୍ର ଲେଖାଯାଉ। ତହିଁରେ ମୁଁ ରାଜକାର୍ଯ୍ୟରେ ନିଯୁକ୍ତ
ଲୋକଙ୍କ ହସ୍ତରେ ରାଜଭଣ୍ଡାରକୁ ଆଣିବା ପାଇଁ ଦଶହଜାର
ତାଳନ୍ତ ରୂପା ଦେବି।"

**10**ଏଥିରେ ରାଜା ଆପଣା ହସ୍ତରୁ ଅଙ୍ଗୁରୀୟ କାଢ଼ି
ଯିହୁଦୀୟମାନଙ୍କର ବୈରି ଅଗାଗୀୟ ହମ୍ମଦାଥାର ପୁତ୍ର ହାମନକୁ
ଦେଲା। **11**ପୁଣି ରାଜା ହାମନକୁ କହିଲା, "ସେହି ରୂପା ଓ
ସେହି ଦେଶୀୟ ଲୋକ ତୁମ୍ଭକୁ ଦିଆଗଲା। ସେମାନଙ୍କ ପ୍ରତି
ଯାହା ତୁମ୍ଭର ଇଚ୍ଛା, ତାହା କର।"

**12**ଏଣୁ ପ୍ରଥମ ମାସର ତ୍ରୟୋଦଶ ଦିନରେ ରାଜାର
ଲେଖକମାନେ ଆହୁତ ହୁଅନ୍ତେ, ହାମନର ସମସ୍ତ ଆଜ୍ଞାନୁସାରେ
ପ୍ରତ୍ୟେକ ପ୍ରଦେଶସ୍ଥ ରାଜ ପ୍ରତିନିଧିଗଣ ଓ ଅଧିପତିଗଣ ଓ
ପ୍ରତ୍ୟେକ ଦେଶୀୟ ଲୋକଙ୍କ ଭାଷାନୁସାରେ ପତ୍ର ଲିଖିତ
ହେଲା। ତାହା ଅକ୍ଷଶ୍ୱେରଶ ରାଜାର ନାମରେ ଲିଖିତ ଓ
ରାଜାର ଅଙ୍ଗୁରୀୟରେ ମୁଦ୍ରାଙ୍କିତ ହେଲା।

**13**ସମସ୍ତ ଯିହୁଦୀୟ ଆବାଳ, ବୃଦ୍ଧବନିତାଙ୍କୁ ବଧ କରିବା
ପାଇଁ, ତଣ୍ଟି କାଟିବା ପାଇଁ, ଧ୍ୱଂସ କରିବା ପାଇଁ ଏବଂ
ସେମାନଙ୍କର ଦ୍ରବ୍ୟଗୁଡ଼ିକୁ ଲୁଣ୍ଠନ କରିବା ପାଇଁ ଲୋକମାନଙ୍କୁ
ଅନୁମତି ପ୍ରଦାନ କରି, ରାଜା ସମସ୍ତ ପ୍ରଦେଶକୁ ପତ୍ରବାହକମାନଙ୍କ
ଦ୍ୱାରା ପତ୍ର ପଠାଇଲେ। ଏହା ମାତ୍ର ଗୋଟିଏ ଦିନରେ
କରାଯିବାର ଥିଲା, ତାହା ଦ୍ୱାଦଶ ମାସର ତ୍ରୟୋଦଶ ଦିନ
ଯାହା ଅଦର ମାସ କୁହାଯାଏ।

**14**ପୁଣି ସେହି ଦିନ ନିମନ୍ତେ ସମସ୍ତ ଲୋକ ଯେମିତି
ପ୍ରସ୍ତୁତ ହୁଅନ୍ତି ଏଥିପାଇଁ ପ୍ରତ୍ୟେକ ପ୍ରଦେଶରେ ଆଜ୍ଞା ପ୍ରଚାର
କରିବାକୁ ଓ ଯାବତୀୟ ଲୋକଙ୍କୁ ଜଣାଇବାକୁ ସେହି
ଲିଖନର ପ୍ରତିଲିପି ଦିଆଗଲା। **15**ଆଉ ଧାବକଗଣ ରାଜାଜ୍ଞା
ପାଇ ଶୀଘ୍ର ବାହାରି ଗଲେ, ପୁଣି ସେହି ଆଜ୍ଞା ଶୂଶନ୍
ରାଜଧାନୀରେ ପ୍ରକାଶିତ ହେଲା, ତହୁଁ ରାଜା ଓ ହାମନ୍ ପାନ
କରିବାକୁ ବସିଲେ, ମାତ୍ର ଶୂଶନ ନଗର ଉଦ୍‌ବିଗ୍ନ ହେଲା।

## ମର୍ଦ୍ଦଖୟ ଏଷ୍ଟରଙ୍କୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଲେ

**4** ମର୍ଦ୍ଦଖୟ ଏସବୁ ବିଷୟ ଜାଣିବାପରେ ନିଜର ବସ୍ତ୍ରକୁ
ଚିରି ପକାଇଲା ଓ ଚଟ ବସ୍ତ୍ର ପିନ୍ଧି ମୁଣ୍ଡରେ ଭସ୍ମ
ଲେପନ କଲା। ସେ ନଗର ମଧ୍ୟକୁ ଗଲା ଓ ଉଚ୍ଚ ସ୍ୱରରେ
ରୋଦନ କଲା। **2**ସେ ରାଜଦ୍ୱାର ସମ୍ମୁଖ ପର୍ଯ୍ୟନ୍ତ ଆସିଲା।
ମାତ୍ର ଶୋକ ବସ୍ତ୍ର ପିନ୍ଧି କେହି ରାଜଦ୍ୱାରରେ ପ୍ରବେଶ
କରିପାରିଲା ନାହିଁ। **3**ପ୍ରତ୍ୟେକ ପ୍ରଦେଶର ଯେଉଁ ଯେଉଁ
ସ୍ଥାନକୁ ଏହି ରାଜ ଆଜ୍ଞା ଓ ନିୟମ ପତ୍ର ଗଲା, ସେହିସବୁ
ସ୍ଥାନର ଯିହୁଦୀୟମାନଙ୍କ ମଧ୍ୟରେ ମହାଶୋକ ଓ ଉପବାସ ଓ
କ୍ରନ୍ଦନ ଓ ବିଳାପ ହେଲା। ପୁଣି ଅନେକେ ଅଖା ଓ ଭସ୍ମରେ
ଶୟନ କଲେ।

**4**ଏଷ୍ଟରର ଦାସୀଗଣ ଓ ନପୁଂସକମାନେ ଆସି ମର୍ଦ୍ଦଖୟ
ବିଷୟରେ ତାଙ୍କୁ ଜଣାଇଲେ। ତେଣୁ ରାଣୀ ଅତିଶୟ ବିଚଳିତ
ହୋଇଗଲେ। ପୁଣି ମର୍ଦ୍ଦଖୟଠାରୁ ଅଖାକାଢ଼ି ତାହାକୁ ପିନ୍ଧାଇବା
ପାଇଁ ବସ୍ତ୍ର ପଠାଇଲା। ମାତ୍ର ସେ ତାହା ଗ୍ରହଣ କଲା ନାହିଁ।
**5**ଏଥିପାଇଁ ରାଜାଙ୍କ ଦ୍ୱାରା ଏଷ୍ଟରର ସେବାରେ ନିଯୁକ୍ତ ହଥକ୍
ନାମେ ରାଜ ନପୁଂସକକୁ ଏଷ୍ଟର ଡାକି କ'ଣ ହେଲା ଓ
କିପରି ହେଲା ତାହା ଜାଣିବା ପାଇଁ ମର୍ଦ୍ଦଖୟ ନିକଟକୁ ଯିବା
ପାଇଁ ତାକୁ ଆଜ୍ଞା ଦେଲା। **6**ତାପରେ ହଥକ୍ ରାଜଦ୍ୱାର
ସମ୍ମୁଖସ୍ଥ ନଗରର ଛକ ସ୍ଥାନରେ ମର୍ଦ୍ଦଖୟ ନିକଟକୁ ଗଲା।
**7**ଏବଂ ମର୍ଦ୍ଦଖୟ ନିଜ ପ୍ରତି ଯାହା ଯାହା ଘଟିଥିଲା ଓ
ଯିହୁଦୀୟମାନଙ୍କୁ ବିନାଶ କରିବା ନିମନ୍ତେ ହାମନ୍ ରାଜଭଣ୍ଡାରରେ
ଠିକ୍ ଯେତେ ମୁଦ୍ରା ଦେବାକୁ ପ୍ରତିଜ୍ଞା କରିଥିଲା, ସେସବୁ
ତାକୁ କହିଲା। **8**ଆହୁରି ମଧ୍ୟ ସେମାନଙ୍କ ବିନାଶାର୍ଥେ ଯେଉଁ
ଆଜ୍ଞାପତ୍ର ଶୂଶନରେ ଦେଇଥିଲା, ତହିଁର ଏକ କପି ଏଷ୍ଟରକୁ
ଦେଖାଇ ଜ୍ଞାତ କରାଇବାକୁ ଦେଲା। ଆଉ ଏଷ୍ଟର ଯେପରି
ଆପଣା ଲୋକମାନଙ୍କ ପାଇଁ ରାଜାଙ୍କ ଛାମୁରେ ପ୍ରବେଶ କରି
ତାହାଙ୍କ ନିକଟରେ ନିବେଦନ ଓ ଅନୁରୋଧ କରିବ ଏପରି
ଆଦେଶ କରିବାକୁ କହିଲା।

**9**ତେଣୁ ହଥକ୍ ଆସି ମର୍ଦ୍ଦଖୟର କଥା ଏଷ୍ଟରକୁ
ଜଣାଇଲା।

**10**ଏହାପରେ ଏଷ୍ଟର ହଥକକୁ ଏହିକଥା କହି ମର୍ଦ୍ଦଖୟ
ନିକଟକୁ ଯିବାପାଇଁ ଆଜ୍ଞା କଲା। **11**"ବିନା ରାଜ ଡାକରାରେ
ପୁରୁଷ କି ସ୍ତ୍ରୀ ଯେ କେହି ଭିତର ପ୍ରାଙ୍ଗଣକୁ ରାଜାଙ୍କ
ନିକଟକୁ ଯାଏ ତାହାର ପ୍ରାଣଦଣ୍ଡ ହେବାର ଏକମାତ୍ର ବ୍ୟବସ୍ଥା
ଅଛି। କେବଳ ଯାହା ପ୍ରତି ରାଜା ସ୍ୱର୍ଣ୍ଣମୟ ରାଜଦଣ୍ଡ ବଢ଼ାନ୍ତି,
ସେହି ବଞ୍ଚେ। ଏହା ରାଜାଙ୍କର ସବୁ ଦାସ ଓ ରାଜାଙ୍କର ସବୁ
ପ୍ରଦେଶସ୍ଥ ଲୋକ ଜାଣନ୍ତି। ମାତ୍ର ଗତ ତିରିଶ ଦିନ ହେଲା
ମୁଁ ରାଜାଙ୍କ ନିକଟକୁ ଯିବାପାଇଁ ଡାକରା ପାଇନାହିଁ।"

**12-13**ସେମାନେ ଏଷ୍ଟରର ଏହକଥା ମର୍ଦ୍ଦଖୟ୍‌କୁ କହଲେ। ତେଣୁ ମର୍ଦ୍ଦଖୟ୍ ଏଷ୍ଟରକୁ, ଏହ ପ୍ରତ୍ୟୁତ୍ତର ଦେବାକୁ ସେମାନଙ୍କୁ କହଲା, "ସବୁ ଯିହୁଦୀୟ୍‌ମାନଙ୍କ ମଧ୍ୟରୁ କେବଳ ତୁମ୍ଭେ ରାଜ ଗୃହରେ ଥିବାରୁ ସେ ରକ୍ଷା ପାଇବ, ଏହା ଭାବ ନାହିଁ। **14**ଯଦ ତୁମ୍ଭେ ଏହ ସମୟ୍‌ରେ ନୀରବ ହୋଇ ରୁହ, ତେବେ ଅନ୍ୟ ଏକ ସ୍ଥାନରୁ ଯିହୁଦୀୟ୍‌ମାନଙ୍କ ନିମନ୍ତେ ଉପଶମ ଓ ପରିତ୍ରାଣ ଆସିବ। କନ୍ତୁ ତୁମ୍ଭେ ଏବଂ ତୁମ୍ଭର ପରିବାର ବିନାଶ ହେବ, କିଏ ଜାଣେ ତୁମ୍ଭେ ଏପରି ସମୟ୍‌ର ତୁମ୍ଭର ରାଜକୀୟ୍ ସ୍ଥାନ ପାଇପାର?"

**15-16**ଏହାପରେ ଏଷ୍ଟର ମର୍ଦ୍ଦଖୟ୍ ନିକଟକୁ ଉତ୍ତର ପଠାଇଲା, "ତୁମ୍ଭେ ଯାଇ ଶୂଶନରେ ଉପସ୍ଥିତ ସମସ୍ତ ଯିହୁଦୀମାନଙ୍କୁ ଏକତ୍ର କର ମୋ ଲାଗି ଉପବାସ କର। ପୁଣି ତିନ ଦିନ ଯାଏ, ଦିନରେ କ ରାତ୍ରିରେ କିଛ ଖାଅ ନାହିଁ ଓ କିଛ ପାନ କର ନାହିଁ। ମୁଁ ଓ ମୋର ଦାସୀଗଣ ସେହପରି ଉପବାସ କରିବୁ, ତହୁଁ ବ୍ୟବସ୍ଥାନୁଯାୟୀ ନୋହଲେ ହେଁ ମୁଁ ରାଜାଙ୍କ ନିକଟକୁ ଯିବ, ସେଥିରେ ମଲେ ପଛେ ମରିବ।"

**17**ତେଣୁ ମର୍ଦ୍ଦଖୟ୍ ଗଲେ, ସେ ଏଷ୍ଟରଙ୍କ କହବା ଅନୁଯାୟୀ କାର୍ଯ୍ୟ କଲେ।

## ଏଷ୍ଟର ରାଜାଙ୍କୁ କହଲେ

**5** ତୃତୀୟ୍ ଦିନ ଏଷ୍ଟର ରାଜକୀୟ୍ ବସ୍ତ୍ର ପିନ୍ଧି ରାଜଗୃହର ଭିତର ପ୍ରାଙ୍ଗଣରେ ରାଜଗୃହ ସମ୍ମୁଖରେ ଛିଡ଼ା ହେଲା। ସେହ ସମୟ୍‌ରେ ରାଜା ରାଜଗୃହରେ ଗୃହଦ୍ୱାର ସମ୍ମୁଖରେ ରାଜ ସିଂହାସନ ଉପରେ ଉପବିଷ୍ଟ ଥିଲେ। **2**ତାପରେ ରାଜା, ରାଣୀ ଏଷ୍ଟର ପ୍ରାଙ୍ଗଣରେ ଠିଆ ହେବାର ଦେଖିଲେ। ଏବଂ ରାଜା ତାକୁ ଦେଖି ଖୁସି ହେଲେ, ତେଣୁ ସେ ତାଙ୍କ ହାତରେ ଥିବା ସୁବର୍ଣ୍ଣର ରାଜଦଣ୍ଡ ରାଣୀ ଏଷ୍ଟର ଆଡକୁ ବଢାଇଲେ। ତେଣୁ ଏଷ୍ଟର ନିକଟକୁ ଆସିଲେ ଏବଂ ଆସି ରାଜଦଣ୍ଡର ଅଗ୍ର ଭାଗ ଛୁଇଁଲେ।

**3**ରାଜା ତାଙ୍କୁ ପଚାରିଲେ, "ରାଣୀ ଏଷ୍ଟର, ମୁଁ ତୁମ୍ଭ ପାଇଁ କ'ଣ କରିପାରେ? ତୁମର କଣ ପ୍ରାର୍ଥନା ଅଛି? ମୋର ଅର୍ଦ୍ଧେକ ରାଜ୍ୟ ପର୍ଯ୍ୟନ୍ତ ହେଲେହେଁ ତାହା ତୁମ୍ଭକୁ ଦିଆଯିବ।"

**4**ଏଷ୍ଟର କହଲା, "ଯେବେ ମହାରାଜାଙ୍କ ଦୃଷ୍ଟିରେ ଭଲ ଦିଶେ, ତେବେ ମୁଁ ଆପଣାଙ୍କ ପାଇଁ ଯେଉଁ ଭୋଜି ପ୍ରସ୍ତୁତ କରିଅଛି, ମହାରାଜ ଓ ହାମନ୍ ଆଜି ସେହ ଭୋଜିକୁ ଆଗମନ କରନ୍ତୁ।"

**5**ଏହାପରେ ରାଜା କହଲେ, "ହାମନକୁ ଶୀଘ୍ର ଆଣ, ତାହାହେଲେ ଏଷ୍ଟର ଯାହା କହଛନ୍ତି ଆମ୍ଭେ ତାହା କରିପାରିବୁ।"

ଏହାପରେ ରାଜା ଓ ହାମନ ଏଷ୍ଟରର ପ୍ରସ୍ତୁତ ନୈଶ ଭୋଜିକୁ ଆସିଲେ। **6**ଏଥିରେ ରାଜା ଭୋଜିରେ ଦ୍ରାକ୍ଷାରସ ପାନକରିବା ବେଳେ ଏଷ୍ଟରକୁ କହଲା, "ତୁମ୍ଭର କ'ଣ ନିବେଦନ ଅଛି? ତାହା ତୁମ୍ଭକୁ ଦିଆଯିବ। ତୁମ୍ଭର ପ୍ରାର୍ଥନା କ'ଣ? ମୋ ଅର୍ଦ୍ଧେକ ରାଜ୍ୟ ପର୍ଯ୍ୟନ୍ତ ହେଲେ ହେଁ ତାହା ଦିଆଯିବ।"

**7**ତହିଁରେ ଏଷ୍ଟର କହଲା, "ମୋର ନିବେଦନ ଓ ପ୍ରାର୍ଥନା ଏହ କ **8**ମୁଁ ଯେବେ ମୋର ଇଚ୍ଛା ପୂରଣ କରିବା ପାଇଁ ମହାରାଜାଙ୍କ ଦୃଷ୍ଟିରେ ଅନୁଗ୍ରହ ପାଇଅଛି, ଏବଂ ଏହା ଯେବେ ରାଜାଙ୍କୁ ଆନନ୍ଦ କରୁଥାଏ, ରାଜା ଓ ହାମନ ଆସନ୍ତାକାଲ ରାତ୍ରି ଭୋଜନକୁ ଆସନ୍ତୁ ଯାହା ମୁଁ ପ୍ରସ୍ତୁତ କରିବ। ସେହ ସମୟ୍‌ରେ ମୁଁ ରାଜାଙ୍କର ପ୍ରଶ୍ନର ଉତ୍ତର ଦେବ।"

## ହାମନ୍ ମର୍ଦ୍ଦଖୟ୍‌ଙ୍କ ଉପରେ କ୍ରୋଧ କଲେ

**9**ସେଦିନ ହାମନ୍ ଆନନ୍ଦିତ ହୋଇ ଚାଲିଗଲା। ମାତ୍ର ହାମନ, ରାଜଦ୍ୱାରରେ ନିଜ ସମ୍ମୁଖରେ ମର୍ଦ୍ଦଖୟ୍‌କୁ ଉଠି ଠିଆ ନ ହେବାର କ ପ୍ରଣାମ ନ କରିବାର ଦେଖି ସେ ମର୍ଦ୍ଦଖୟ୍ ବିରୁଦ୍ଧରେ କ୍ରୋଧରେ ପରିପୂର୍ଣ୍ଣ ହେଲା। **10**ତଥାପି ହାମନ ନିଜର କ୍ରୋଧକୁ ନିୟନ୍ତ୍ରଣ କଲା ଏବଂ ଗୃହକୁ ଗଲା। ତାପରେ ଆପଣା ମିତ୍ରଗଣକୁ ଓ ଆପଣା ଭାର୍ଯ୍ୟା ସେରଶକୁ ଡକାଇ ଆଣିଲା। **11**ଆଉ ହାମନ୍ ଆପଣା ଧନ ଓ ଐଶ୍ୱର୍ଯ୍ୟର କଥା ଓ ବହୁ ସନ୍ତାନମାନଙ୍କ କଥା ଓ ରାଜା କିରୂପେ ତାହାର ପଦ ବୃଦ୍ଧି କରିଛନ୍ତି, ତାଙ୍କୁ ଆପଣା ଅଧିପତିମାନଙ୍କ ଓ ଦାସମାନଙ୍କ ଉପରେ ଆସନ ଦେଇଛନ୍ତି। ଏହସବୁ ବିଷୟ୍ ସେମାନଙ୍କୁ ଶୁଣାଇଲା। **12**ହାମନ ଆହୁରି କହଲା, "ଏଷ୍ଟର ରାଣୀ ଆପଣା ପ୍ରସ୍ତୁତ ଭୋଜିକୁ ମୋ ଛଡ଼ା ଆଉ କାହାକୁ ରାଜାଙ୍କ ସଙ୍ଗେ ଯିବାକୁ ଦେଇ ନାହାଁନ୍ତି। ପୁଣି କାଲକ ମୁଁ ରାଜାଙ୍କ ସଙ୍ଗେ ତାଙ୍କ ଦ୍ୱାରା ନିମନ୍ତ୍ରିତ ହୋଇଅଛି। **13**କନ୍ତୁ ମୁଁ ପ୍ରତ୍ୟେକଥର ଯିହୁଦୀ ମର୍ଦ୍ଦଖୟ୍‌କୁ ରାଜାଙ୍କ ଫାଟକରେ ବସିବାର ଦେଖେ, ଏହାସବୁ ମୋର କିଛ ଭଲ କରେ ନାହିଁ।"

**14**ତେଣୁ ତାହାର ସ୍ତ୍ରୀ ସେରଶ୍ ଓ ତାର ସମସ୍ତ ମିତ୍ରଗଣ ତାକୁ କହଲେ,: "ପଚାଶ ହାତ ଉଚ୍ଚ ଏକ ଫାଶିକାଠ ପ୍ରସ୍ତୁତ କରାଯାଉ। ପୁଣି ମର୍ଦ୍ଦଖୟ୍‌କୁ ତହିଁରେ ଫାଶି ଦେବା ପାଇଁ କାଲ ସକାଳେ ରାଜାଙ୍କୁ କୁହ। ତହିଁ ପରେ ତୁଷ୍ଟ ହୋଇ ରାଜା ସହତ ଭୋଜିକୁ ଯାଅ।"

ଏହା ହାମନକୁ ଏକ ଭଲ ବୁଦ୍ଧି ପରି ଜଣାଗଲା, ତେଣୁ ସେ ଫାଶି କାଠ ପ୍ରସ୍ତୁତ କଲା।

## ମର୍ଦ୍ଦଖୟ୍‌କୁ ସମ୍ମାନ କରାଗଲା

**6** ସେହ ରାତ୍ରିରେ ରାଜା ଶୋଇ ପାରିଲେ ନାହିଁ। ଏଣୁ ସେ କଚେରୀ ବୃତ୍ତାନ୍ତ ପୁସ୍ତକ ଆଣିବାକୁ ଆଜ୍ଞା କଲେ, ଏବଂ ତାହା ରାଜାଙ୍କ ସମ୍ମୁଖରେ ପାଠ କରାଗଲା। **2**ତହିଁରେ ଏହ ଲିଖିତ କଥା ଦେଖାଗଲା, ରାଜାଙ୍କର ନପୁଂସକ ବିଗ୍‌ଥନ୍ ଓ ତେରଶ ନାମରେ ଦୁଇଜଣ ଦ୍ୱାରପାଳ ଅକ୍ଷଶ୍ୱେରଶ ରାଜାଙ୍କୁ ବଧ କରିବାକୁ ଚେଷ୍ଟା କରିଥିବାରୁ ମର୍ଦ୍ଦଖୟ୍ ତହିଁର ସମ୍ବାଦ ଦେଇଥିଲା।

**3**ଏଣୁ ରାଜା ପଚାରିଲେ, "ଏଥିପାଇଁ ମର୍ଦ୍ଦଖୟ୍‌କୁ କ ପ୍ରକାର ସମ୍ମାନ ଓ ଉଚ୍ଚପଦ ଦିଆ ଯାଇଅଛି?"

ରାଜାଙ୍କର ସେବାକାରୀ ଦାସମାନେ କହଲେ, "ତାହା ପାଇଁ କିଛ କରାଯାଇ ନାହିଁ।"

**4**ତେଣୁ ରାଜା ପଚାରିଲେ, "ପ୍ରାଙ୍ଗଣରେ କିଏ ଅଛି?" ଏହ ସମୟ୍‌ରେ ହାମନ୍ ନିଜର ପ୍ରସ୍ତୁତ ଫାଶି କାଠରେ ମର୍ଦ୍ଦଖୟ୍‌କୁ ଫାଶି ଦେବା ପାଇଁ ରାଜାଙ୍କୁ କହବା ନିମନ୍ତେ ରାଜଗୃହର ଦ୍ୱାର ପ୍ରାଙ୍ଗଣକୁ ଆସିଲା। **5**ତେଣୁ ରାଜାଙ୍କର ଦାସମାନେ ତାଙ୍କୁ କହଲେ, "ଦେଖନ୍ତୁ, ହାମନ୍ ପ୍ରାଙ୍ଗଣରେ ଛିଡ଼ା ହୋଇଅଛି।"

ତେଣୁ ରାଜା କହଲେ, "ସେ ଭିତରକୁ ଆସୁ।"

6ତହିଁରେ ହାମନ୍ ଭିତରକୁ ଆସିବାରୁ ରାଜା ତାହାକୁ
କହିଲା, "ରାଜା ଯାହାକୁ ସମ୍ମାନ କରିବାକୁ ତୁଷ୍ଟ ହୁଅନ୍ତି,
ତାହା ପ୍ରତି କ'ଣ କରାଯିବ?" ହାମନ ମନେମନେ ଭାବିଲା,
"ରାଜା ମୋ ବିନା ଆଉ କାହାକୁ ସମ୍ମାନ କରିବାକୁ ଅଧିକ
ତୁଷ୍ଟ ହେବେ?"
7ଏଣୁ ହାମନ୍ ରାଜାଙ୍କୁ ଉତ୍ତର ଦେଲା, "ମହାରାଜ ଯାହାକୁ
ସମ୍ମାନ କରିବାକୁ ତୁଷ୍ଟ ହୁଅନ୍ତି, 8ତାହା ପାଇଁ ମହାରାଜାଙ୍କ
ପରିଧେୟ ରାଜକୀୟ ବସନ ଏବଂ ଅଶ୍ୱ, ଯେଉଁଥିରେ ରାଜା
ଆରୋହଣ କରନ୍ତି ତାହା ଅଣାଯାଉ ଏବଂ ତାଙ୍କର ମସ୍ତକରେ
ରାଜମୁକୁଟ ପିନ୍ଧା ଯାଉ। 9ଆଉ ସେହି ବସନ ଓ ଅଶ୍ୱ
ମହାରାଜାଙ୍କର ଏକ ପ୍ରଧାନ ଅଧିପତିର ହସ୍ତରେ ଦିଆଯାଉ।
ପୁଣି ମହାରାଜ ଯାହାକୁ ସମ୍ମାନ କରିବାକୁ ତୁଷ୍ଟ ହୁଅନ୍ତି,
ତାହାକୁ ସେମାନେ ସେହି ରାଜ ବସନ ପିନ୍ଧାନ୍ତୁ ଓ ସେହି
ଅଶ୍ୱରେ ଆରୋହଣ କରାଇ ନଗର ଦାଣ୍ଡରେ ତାହାର ଆଗେ
ଆଗେ ଏହା ଘୋଷଣା କରନ୍ତୁ। 'ମହାରାଜ ଯାହାର ସମ୍ମାନରେ
ତୁଷ୍ଟ ହୁଅନ୍ତି, ତାହା ପ୍ରତି ଏହିପରି କରାଯାଏ।'"
10"ଏଥିରେ ରାଜା ହାମନକୁ କହିଲା, ତୁମ୍ଭେ ଏହା ଶୀଘ୍ର
କର, ଯେପରି କହିଲ। "ସେପରି ବସନ ଓ ସେହି ଅଶ୍ୱ
ଘେନି ରାଜଦ୍ୱାରରେ ଉପବିଷ୍ଟ ଯିହୁଦୀୟ ମର୍ଦ୍ଦଖୟ ପ୍ରତି କର।
ସେଥିରୁ କିଛି କଥା ଦିଅ ନାହିଁ, ଯାହା ତୁମ୍ଭେ କହିଲ।"
11ତେଣୁ ହାମନ୍ ସେହି ବସନ ଓ ଅଶ୍ୱନେଇ ମର୍ଦ୍ଦଖୟକୁ
ବସ୍ତ୍ରାନ୍ୱିତ କଲା ଓ ଅଶ୍ୱାରୋହଣ କରାଇ ନଗର ଦାଣ୍ଡରେ
ବୁଲାଇଲା। "ପୁଣି ମହାରାଜ ଯାହାକୁ ସମ୍ମାନ କରିବାକୁ ତୁଷ୍ଟ
ହୁଅନ୍ତି, ତାହାପ୍ରତି ଏହିପରି କରାଯାଏ।" ଏହିକଥା ତାହାର
ଆଗେ ଆଗେ ଘୋଷଣା କଲା।
12ଏହାପରେ ମର୍ଦ୍ଦଖୟ ପୁନର୍ବାର ରାଜଦ୍ୱାରକୁ ଆସିଲା।
ମାତ୍ର ମହାନ୍ ଶୋକାକୁଳ ହୋଇ ଓ ମସ୍ତକ ଢାଙ୍କି ଆପଣା
ଗୃହକୁ ଶୀଘ୍ର ଗଲା। 13ପୁଣି ହାମନ୍ ଆପଣା ପ୍ରତି ଘଟିତ
ଏହି ସମସ୍ତ କଥା ନିଜର ଭାର୍ଯ୍ୟା ସେରଶକୁ ଓ ଆପଣାର
ସମସ୍ତ ମିତ୍ରଙ୍କୁ କହିଲା। ତହିଁରେ ତାହାର ଜ୍ଞାନୀ ଲୋକମାନେ
ଓ ତାହାର ସ୍ତ୍ରୀ ସେରଶ ତାହାକୁ କହିଲେ, "ଯାହା
ସାକ୍ଷାତରେ ତୁମ୍ଭର ଏହି ପତନର ଆରମ୍ଭ ହୋଇଅଛି, ସେ
ମର୍ଦ୍ଦଖୟ ଯେବେ ଯିହୁଦୀ ବଂଶୀୟ ଲୋକ ହୁଏ, ତେବେ
ତୁମ୍ଭେ ତାହାକୁ ଜୟକରି ପାରିବ ନାହିଁ। ମାତ୍ର ତାହାର
ସାକ୍ଷାତରେ ନିଶ୍ଚିତ ପତିତ ହେବ।"
14ସେମାନେ ତାହା ସହିତ ଏହିପରି କଥାବାର୍ତ୍ତା କରୁ
କରୁ ରାଜ-ନପୁଂସକମାନେ ଆସି ଏଷ୍ଟରର ପ୍ରସ୍ତୁତ ଭୋଜିକୁ
ହାମନକୁ ନେବା ପାଇଁ ଚଞ୍ଚଳ ହେଲେ।

## ହାମନଙ୍କୁ ଫାଶି ଦିଆଗଲା

7 ତେଣୁ ଏଷ୍ଟର ରାଜା ଓ ହାମନ ରାଣୀ ସହିତ ଦ୍ରାକ୍ଷାରସ
ପାନ କରିବାକୁ ଗଲେ। 2ସେହି ଦ୍ୱିତୀୟ ଦିନ ରାଜା
ଦ୍ରାକ୍ଷାରସ ପାନକରିବା ବେଳେ ଏଷ୍ଟରଙ୍କୁ ପୁନର୍ବାର କହିଲେ,
"ରାଣୀ ଏଷ୍ଟର! ତୁମ୍ଭର ନିବେଦନ କ'ଣ? ତାହା ତୁମ୍ଭକୁ
ଦିଆଯିବ। ତୁମ୍ଭର ଇଚ୍ଛା କ'ଣ? ତାହା ମୋର ଅର୍ଦ୍ଧେକ ରାଜ୍ୟ
ହେଲେ ହେଁ ମୁଁ ତାହା ତୁମ୍ଭକୁ ଦେବ।"
3ଏହାପରେ ରାଣୀ ଏଷ୍ଟର କହିଲେ, "ହେ ମହାରାଜ, ମୁଁ
ଯଦି ଆପଣଙ୍କ ଦୃଷ୍ଟିରେ ଅନୁଗ୍ରହ ପାଇଅଛି, ଆଉ ଯେବେ
ମହାରାଜ ସନ୍ତୁଷ୍ଟ ହୋଇଛନ୍ତି, ତେବେ ମୋହର ନିବେଦନ
ଅନୁସାରେ ମୋ ପ୍ରାଣ ଓ ମୋର ପ୍ରାର୍ଥନାନୁସାରେ ମୋ
ଲୋକମାନଙ୍କୁ ମୋତେ ଦିଆଯାଉ। 4କାରଣ ମୁଁ ଓ ମୋହର
ଲୋକମାନେ ସଂହାରିତ, ହତ ଓ ବିନଷ୍ଟ ହେବା ନିମନ୍ତେ
ବିକ୍ରି ହୋଇଅଛୁ। ଯଦି ଆମ୍ଭେ ମାତ୍ର କ୍ରିତଦାସ ରୂପେ ବିକ୍ରୀ
ହୋଇଥାଆନ୍ତୁ ମୁଁ ନୀରବ ହୋଇ ରହିଥାନ୍ତି। ଯଦି ଏହା
ରାଜାଙ୍କୁ ବିବ୍ରତ କଲାପରି ଆମ୍ଭର ଅସୁବିଧା ହୋଇନଥାନ୍ତା।"
5ଏଥିରେ ଅକ୍ଷଶ୍ୱେରଶ ରାଜା ଏଷ୍ଟର ରାଣୀଙ୍କି କହିଲା,
"ଯେ ଏପର୍ଯ୍ୟନ୍ତ କର୍ମ କରିବାକୁ ମନରେ ସାହାସ ବାନ୍ଧି ଅଛି।
ସେ କିଏ ଓ ସେ କେଉଁଠାରେ ଅଛି?"
6ଏଷ୍ଟର କହିଲା, "ଏହି ଦୁଷ୍ଟ ହାମନ ଜଣେ ବିପକ୍ଷ ଓ
ଶତ୍ରୁ।"
ତହିଁରେ ରାଜା ଓ ରାଣୀ ସାକ୍ଷାତରେ ହାମନ୍ ଭୀତ
ହେଲା। 7ଆଉ ରାଜା କ୍ରୋଧରେ ଦ୍ରାକ୍ଷାରସ ପାନ ଶାଳାରୁ
ଉଠି ରାଜଗୃହର ଉଦ୍ୟାନକୁ ଗଲା। ତହିଁରେ ରାଜାଦ୍ୱାରା
ଆପଣାର ଅମଙ୍ଗଳ ନିଶ୍ଚିତ ହୋଇଅଛି, ଏହା ଜାଣି ହାମନ୍
ଏଷ୍ଟର ରାଣୀ ନିକଟରେ ଆପଣା ପ୍ରାଣଭିକ୍ଷା ମାଗିଲା। 8ତେବେ
ରାଜା ରାଜଗୃହର ଉଦ୍ୟାନରୁ ଦ୍ରାକ୍ଷାରସର ପାନଶାଳାକୁ ଲେଉଟି
ଆସିଲା, ସେତେବେଳେ ଏଷ୍ଟର ଯେଉଁ ଆସନରେ ବସିଥିଲା
ହାମନ୍ ତହିଁ ଉପରେ ବସି ପଡିଲା। ତେଣୁ ରାଜା କହିଲା,
"ଏ କ'ଣ ଗୃହ ମଧ୍ୟରେ ମୋ ସାକ୍ଷାତରେ ରାଣୀଙ୍କୁ ବଳାତ୍କାର
କରିବ?"
ଏହିକଥା ରାଜା ମୁଖରୁ ବାହାରିବା ମାତ୍ରେ ଲୋକମାନେ
ହାମନର ମୁଖ ଢାଙ୍କି ପକାଇଲେ। 9ଏହାପରେ ରାଜାର
ସାକ୍ଷାତରେ ଉପସ୍ଥିତ ହର୍ବୋଣା ନାମକ ଏକ ନପୁଂସକ ରାଜାଙ୍କୁ
କହିଲା, "ଦେଖନ୍ତୁ, ମହାରାଜାଙ୍କ ପକ୍ଷରେ ହିତଜନକ ସମ୍ବାଦଦାୟୀ
ମର୍ଦ୍ଦଖୟ ନିମନ୍ତେ ହାମନ୍ ପଚାଶ ହାତ ଉଚ୍ଚ ଫାଶିକାଠ
ପ୍ରସ୍ତୁତ କରିଅଛି। ତାହା ହାମନର ଗୃହରେ ସ୍ଥାପିତ ହୋଇଅଛି।"
ରାଜା କହିଲେ, "ତହିଁ ଉପରେ ଏହାକୁ ଫାଶି ଦିଅ।"
10ଏଥିରେ ହାମନ, ମର୍ଦ୍ଦଖୟ ନିମନ୍ତେ ଯେଉଁ ଫାଶିକାଠ
ପ୍ରସ୍ତୁତ କରିଥିଲା, ତହିଁ ଉପରେ ସେମାନେ ହାମନଙ୍କୁ ଫାଶି
ଦେଲେ। ତହିଁରେ ରାଜାଙ୍କର କ୍ରୋଧ ଶାନ୍ତ ହେଲା।

## ଯିହୁଦୀୟମାନଙ୍କୁ ସାହାଯ୍ୟ କରିବା ପାଇଁ ରାଜା ଆଦେଶ ଦେଲେ

8 ସେହିଦିନ ଅକ୍ଷଶ୍ୱେରଶ ରାଜା ଏଷ୍ଟର ରାଣୀଙ୍କୁ ଯିହୁଦୀୟ
ଲୋକମାନଙ୍କର ଶତ୍ରୁ ହାମନର ଗୃହ ଆଦି ଦେଲା।
ଆଉ ମର୍ଦ୍ଦଖୟ ରାଜାଙ୍କ ସାକ୍ଷାତରେ ଉପସ୍ଥିତ ହେଲା କାରଣ
ମର୍ଦ୍ଦଖୟ ସହିତ କି ସମ୍ପର୍କ ତାହା ଜଣାଇ ଦେଇଥିଲା।
2ଏଥିରେ ରାଜା ହାମନଠାରୁ ଯେଉଁ ଅଙ୍ଗୁରୀୟ ନେଇଥିଲା,
ତାହା କାଢି ମର୍ଦ୍ଦଖୟକୁ ଦେଲା। ଏବଂ ଏଷ୍ଟର ହାମନର ଗୃହ
ଉପରେ ମର୍ଦ୍ଦଖୟକୁ ନିଯୁକ୍ତ କଲା।
3ଏଷ୍ଟର ରାଜା ନିକଟରେ ପୁନର୍ବାର ନିବେଦନ କଲା, ପୁଣି
ଯିହୁଦୀୟମାନଙ୍କ ପ୍ରତିକୂଳରେ ଅଗାଗୀୟ ହାମନର କୃତ ଅମଙ୍ଗଳ
ଓ ତାର କଳ୍ପିତ କଳ୍ପନା ନିବାରଣାର୍ଥେ ତାହାର ଚରଣରେ
ପଡି ରୋଦନ କରି ପ୍ରାର୍ଥନା କଲା।

4ତହୁଁରେ ରାଜା ଏଷ୍ଟର ଆଡେ ସୁବର୍ଣ୍ଣ ଦଣ୍ଡ ବିସ୍ତାର
କରନ୍ତେ ଏଷ୍ଟର ଉଠି ରାଜାଙ୍କ ଛାମୁରେ ଠିଆ ହେଲା। 5ଏବଂ
କହିଲା, ଯେବେ ମହାରାଜ ସନ୍ତୁଷ୍ଟ ହୁଅନ୍ତି ଯେବେ ରାଜାଙ୍କ
ଦୃଷ୍ଟିରେ ମୁଁ ଅନୁଗ୍ରହ ପାଇଅଛି, "ଦୟାକରି ମୋ ପାଇଁ ଏହା
କରନ୍ତୁ। ଆଉ ଯଦି ଏହା ରାଜାଙ୍କୁ ସନ୍ତୁଷ୍ଟ କରେ, ତେବେ
ମହାରାଜାଙ୍କର ସମୁଦାୟ ପ୍ରଦେଶସ୍ଥ ଯିହୁଦୀୟମାନଙ୍କୁ ବିନାଶ
କରିବା ପାଇଁ ଅଗାଗୀୟ ହମ୍ମାଦାଥାର ପୁତ୍ର ହାମନ ଯେ
ସକଳ ପତ୍ର ଲେଖିବାକୁ ପରାମର୍ଶ ଦେଇଥିଲା, ତାହା ପ୍ରତ୍ୟାହୃତ
କରାଯାଉ। 6ଯେହେତୁ ମୋ ଲୋକଙ୍କ ପ୍ରତି ଯେଉଁ ଅମଙ୍ଗଳ
ଘଟିବ ତାହା ଦେଖି ମୁଁ କିପରି ସହିପାରିବି? ପୁଣି ଆପଣା
କୁଟୁମ୍ବମାନଙ୍କ ବିନାଶ ଦେଖି କିପରି ସହିପାରିବି?"
7ଏଥିରେ ଅକ୍ଷଶ୍ୱେରଶ ରାଜା ଏଷ୍ଟର ରାଣୀକୁ ଓ ଯିହୁଦୀୟ
ମର୍ଦ୍ଦଖୟକୁ କହିଲା, "ଦେଖ, ମୁଁ ଏଷ୍ଟରକୁ ହାମନର ଗୃହ
ଦେଲି, ଲୋକମାନେ ହାମନକୁ ଫାଶିକାଠରେ ଫାଶି ଦେଇଛନ୍ତି।
କାରଣ ସେ ଯିହୁଦୀୟମାନଙ୍କ ଉପରେ ହସ୍ତକ୍ଷେପ କରିଥିଲା।
8ତୁମ୍ଭେମାନେ ଯିହୁଦୀୟମାନଙ୍କ ସମ୍ବନ୍ଧରେ ନିଜ ନିଜ ଇଚ୍ଛାନୁସାରେ
ରାଜାଙ୍କ ନାମରେ ରାଜାଜ୍ଞା ଲେଖ ଓ ତାହା ରାଜାଙ୍କ
ଅଙ୍ଗୁରୀୟରେ ମୋହରାଙ୍କିତ କର। କାରଣ ରାଜାଙ୍କର ନାମରେ
ଲିଖିତ ଓ ରାଜାଙ୍କର ଅଙ୍ଗୁରୀୟରେ ମୋହରାଙ୍କିତ ପତ୍ର କେହି
ଅନ୍ୟଥା କରିପାରିବେ ନାହିଁ।"
9ତେଣୁ ତୃତୀୟ ମାସର ଅର୍ଥାତ୍ ସୀବନ ମାସର ତେଇଶ
ଦିନରେ ରାଜାର ଲେଖକମାନେ ଆହୂତ ହୁଅନ୍ତେ ମର୍ଦ୍ଦଖୟର
ଆଜ୍ଞା ଅନୁସାରେ ସମସ୍ତ ଯିହୁଦୀୟମାନଙ୍କ ନିକଟକୁ ଓ
ହିନ୍ଦୁସ୍ଥାନଠାରୁ କୂଶଦେଶ ପର୍ଯ୍ୟନ୍ତ 127 ପ୍ରଦେଶର ଅନ୍ତର୍ଗତ
ପ୍ରତ୍ୟେକ ପ୍ରଦେଶର ଅକ୍ଷରାନୁସାରେ କ୍ଷତ୍ରିପାଳ ଓ ଶାସନକର୍ତ୍ତା
ଓ ପ୍ରଦେଶାଧିପତିମାନଙ୍କ ନିକଟକୁ। ପୁଣି ପ୍ରତ୍ୟେକ ଗୋଷ୍ଠୀକି
ସେମାନଙ୍କ ଭାଷାନୁସାରେ, ଆଉ ଯିହୁଦୀୟ ଲୋକମାନଙ୍କ
ନିକଟକୁ ସେମାନଙ୍କ ଅକ୍ଷର ଓ ଭାଷାନୁସାରେ ପତ୍ର ଲେଖାଗଲା।
10ସେ ରାଜା ଅକ୍ଷଶ୍ୱେରଶ ନାମରେ ଲେଖି ଓ ରାଜାଙ୍କ
ଅଙ୍ଗୁରୀୟରେ ମୋହରାଙ୍କିତ କରି ଅଶ୍ୱଶାଳା-ଜାତ ରାଜକୀୟ
ଅଶ୍ୱବାହାରୂଢ଼ ଦ୍ରୁତଗାମୀ ଦୂତଗଣ ହସ୍ତରେ ପତ୍ର ପଠାଇଲା।
11ରାଜାଙ୍କର ଚିଠିରେ ଲିଖିତ ବିଷୟ ବସ୍ତୁ ଏହି:
ପ୍ରତ୍ୟେକ ନଗରରେ ଯିହୁଦୀୟମାନେ ସେମାନଙ୍କର ନିରାପଦ
ପାଇଁ ଏକତ୍ରିତ ହେବେ। ସେମାନେ ଧ୍ୱଂସ କରିପାରିବେ,
ତଳିତଳାନ୍ତ କରିପାରିବେ, ହତ୍ୟା କରିପାରିବେ, ଯେଉଁମାନେ
ସେମାନଙ୍କର ସ୍ତ୍ରୀ ଓ ପିଲାଙ୍କ ପ୍ରତି ଆକ୍ରମଣ କରିବେ ସେ
ଯେଉଁ ଗୋଷ୍ଠୀୟ ହୋଇଥାନ୍ତୁନା କାହିଁକି। ଏବଂ ଯିହୁଦୀୟମାନଙ୍କର
ଅଧିକାର ଅଛି ସେମାନେ ସେମାନଙ୍କର ଶତ୍ରୁମାନଙ୍କର ସମସ୍ତ
ଧନସମ୍ପତ୍ତି ନଷ୍ଟ କରିପାରିବେ।
12ସେଦିନ ଥିଲା ଅକ୍ଷଶ୍ୱେରଶ ରାଜାଙ୍କର ତ୍ରୟୋଦଶ ଦିନ
ଦ୍ୱାଦଶ ମାସର ଅଦାର ମାସରେ। ଯିହୁଦୀୟମାନଙ୍କୁ ସବୁ
ପ୍ରଦେଶରେ ପ୍ରଚାର କରିବା ପାଇଁ, ରାଜା ଅନୁମତି ଦେଇଥିଲେ।
13ସେହି ଚିଠିର ଏକ ନକଲ ରାଜାଙ୍କର ଏକ ଆଜ୍ଞାପତ୍ର ରୂରି
ଆଡ଼କୁ ପଠା ଯାଇଥିଲା। ଏହା ଏକ ବ୍ୟବସ୍ଥା ଥିଲା, ଏହି
ନିର୍ଦ୍ଦେଶ ସବୁ ପ୍ରଦେଶରେ ନିୟମରେ ପରିଣତ କରାଗଲା।
ସେହି ରାଜ୍ୟରେ ବାସ କରୁଥିବା ସବୁଜାତୀୟ ଲୋକଙ୍କ ପାଇଁ
ତାହା ପ୍ରଚାରିତ ହେଲା। ସେ ଏପରି କରିଥିଲେ କାରଣ
ଯିହୁଦୀୟମାନେ ସେହି ଦିନପାଇଁ ପ୍ରସ୍ତୁତ ହୋଇଥିଲେ।
ଯିହୁଦୀୟମାନଙ୍କୁ ସୁଯୋଗ ଦିଆ ଯାଇଥିଲା ସେମାନଙ୍କର
ଶତ୍ରୁମାନଙ୍କଠାରୁ ପ୍ରତିଶୋଧ ନେବାପାଇଁ। 14ତହୁଁରେ ଦ୍ରୁତଗାମୀ
ରାଜକୀୟ ଅଶ୍ୱାରୂଢ଼ ଦୂତମାନେ ରାଜାଙ୍କ ଆଜ୍ଞାରେ ଶିଘ୍ର
ଚାଲିଗଲେ, ଏବଂ ଏହା ଶୂଶନ ରାଜଧାନୀରେ ସେହି ଆଜ୍ଞା
ପ୍ରକାଶିତ ହେଲା।
15ଏହାପରେ ମର୍ଦ୍ଦଖୟ ନୀଳ ଓ ଶୁକ୍ଳବର୍ଣ୍ଣ ରାଜକୀୟ ବସ୍ତ୍ର
ପିନ୍ଧି ମସ୍ତକରେ ସୁବର୍ଣ୍ଣମୟ ବୃହତ ମୁକୁଟ ଦେଇ ସରୁ ଓ
ଏକ ସୂକ୍ଷ୍ମ ନାଇଲନ୍ ଓଢ଼ଣୀ ଓ ବାଇଗଣୀ ରଂଗର ବସ୍ତ୍ର ପିନ୍ଧି
ରାଜାଙ୍କ ଛାମୁରୁ ବାହାରି ଗଲା। ତହୁଁରେ ଶୂଶନ ରାଜଧାନୀ
ଆନନ୍ଦ ଓ ହର୍ଷନାଦରେ ପରିପୂର୍ଣ୍ଣ ହେଲା। 16ଆଉ
ଯିହୁଦୀୟମାନଙ୍କର ଦୀପ୍ତି ଓ ଆନନ୍ଦ ଓ ହର୍ଷ ଓ ସମ୍ଭ୍ରମର
ଉଦୟ ହେଲା।
17ଏବଂ ପ୍ରତି ପ୍ରଦେଶରେ ଓ ପ୍ରତି ନଗରରେ, ଯେ
କୌଣସି ସ୍ଥାନରେ ରାଜାଜ୍ଞା ଓ ନିୟମ ପତ୍ର ଉପସ୍ଥିତ ହେଲା,
ସେହି ସ୍ଥାନରେ ଯିହୁଦୀୟମାନଙ୍କର ଆନନ୍ଦ ଓ ଆମୋଦ,
ଭୋଜି ଓ ମଙ୍ଗଳର ଦିନ ହେଲା। ପୁଣି ଦେଶର ଅନେକ
ଲୋକ ଯିହୁଦୀୟ ମତାଵଲମ୍ବୀ ହେଲେ, ଯେହେତୁ ସେମାନେ
ଯିହୁଦୀୟମାନଙ୍କ ସକାଶେ ଭୟ କଲେ।

## ଯିହୁଦୀମାନଙ୍କର ଜୟ

9 ଅଦର ନାମକ ଦ୍ୱାଦଶ ମାସରେ ତ୍ରୟୋଦଶ ଦିନରେ
ରାଜା ଆଜ୍ଞା ଓ ନିୟମର ସିଦ୍ଧି ସମୟ ନିକଟତର
ହେଲା। ଅର୍ଥାତ୍ ଯେଉଁଦିନ ଯିହୁଦୀୟମାନଙ୍କ ଶତ୍ରୁଗଣ ସେମାନଙ୍କ
ଉପରେ କର୍ତ୍ତୃତ୍ୱ କରିବାକୁ ଅପେକ୍ଷା କରିଥିଲେ। ସେହିଦିନ
ଏପରି ବିପରୀତ ଘଟଣା ହେଲା, ଯେ ଯିହୁଦୀୟମାନେ ନିଜର
ଘୃଣାକାରୀମାନଙ୍କ ଉପରେ କର୍ତ୍ତୃତ୍ୱ କଲେ। 2ସେହି ସମୟରେ,
ରାଜା ଅକ୍ଷଶ୍ୱେରଶଙ୍କର ରାଜ୍ୟର ସମସ୍ତ ନଗରରେ
ଯିହୁଦୀୟମାନେ ସେମାନଙ୍କୁ କ୍ଷତି କରିବା ପାଇଁ ଚେଷ୍ଟା
କରୁଥିବା ଲୋକମାନଙ୍କ ବିରୁଦ୍ଧରେ ପ୍ରତିବାଦ କରିବାକୁ
ଏକତ୍ରିତ ହେଲେ। ପୁଣି ସେମାନଙ୍କ ସମ୍ମୁଖରେ କେହି ଠିଆ
ହୋଇପାରିଲେ ନାହିଁ, କାରଣ ସମୁଦାୟ ଲୋକେ
ସେମାନଙ୍କୁ ଭୟ କରୁଥିଲେ। 3ପ୍ରଦେଶ ଅଧିପତି ଓ କ୍ଷତ୍ରିପାଳ,
ଶାସନକର୍ତ୍ତା ଓ ରାଜ କର୍ମଚାରୀମାନେ ଯିହୁଦୀୟମାନଙ୍କୁ
ସାହାଯ୍ୟ କଲେ। କାରଣ ସେମାନେ ମର୍ଦ୍ଦଖୟକୁ ଭୟ
କରୁଥିଲେ। 4କାରଣ ମର୍ଦ୍ଦଖୟ ରାଜଗୃହ ମଧ୍ୟରେ ଶକ୍ତିଶାଳୀ
ଥିଲା ଓ ତାହାର ଯଶ ସର୍ବପ୍ରଦେଶରେ ପ୍ରଚାରିତ ହେଲା ଏବଂ
ମର୍ଦ୍ଦଖୟ ଲଗାତର ଭାବରେ ଅଧିକରୁ ଅଧିକ ଶକ୍ତିଶାଳୀ
ହେଉଥିଲା।
5ଯିହୁଦୀୟମାନେ ସେମାନଙ୍କର ସମସ୍ତ ଶତ୍ରୁଙ୍କୁ ଖଣ୍ଡାରେ
ହାଣି ବିନାଶ କଲେ। ସେମାନେ ସେମାନଙ୍କର ଘୃଣାକାରୀଗଣ
ପ୍ରତି ମନ ଇଚ୍ଛା ବ୍ୟବହାର କଲେ। 6ଏହିପରି ଯିହୁଦୀୟମାନେ
ଶୂଶନ ରାଜଧାନୀରେ 500 ଲୋକଙ୍କୁ ବଧ ଓ ବିନାଶ
କଲେ। 7ପୁଣି ପର୍ଶନ୍ଦାଥ ଓ ଦଲ୍ଫୋନ୍ ଓ ଅସ୍ପାଥଙ୍କୁ
ଯିହୁଦୀୟମାନେ ହତ୍ୟା କଲେ। 8ପୋରାଥ, ଅଦଲୀୟ, ଓ
ଅରିଦାଥ। 9ପର୍ମସ୍ତ ଓ ଅରୀଷୟ, ଅରୀଦୟ ଓ ବୟିଷାଥ।
10ଯିହୁଦୀୟମାନଙ୍କର ଶତ୍ରୁ ହମ୍ମଦାଥାର ପୁତ୍ର ହାମନର ଏହି

ଦଶ ପୁତ୍ରଙ୍କୁ ସେମାନେ ବଧ କଲେ। ମାତ୍ର ଲୁଟ କରିବାକୁ ସେମାନେ ଇଚ୍ଛା କଲେନାହିଁ।
11ସେହିଦିନ କେତେଜଣ ଲୋକଙ୍କୁ ରାଜଧାନୀ ଶୂଶନରେ
ହତ୍ୟା କରାଯାଇଥିଲା, ଏହା ରାଜାଙ୍କୁ କୁହାଗଲା। 12ତେଣୁ
ରାଜା ରାଣୀ ଏଷ୍ଟରଙ୍କୁ କହିଲେ, "ଯିହୁଦୀୟମାନେ 500 ଲୋକଙ୍କୁ ଶୂଶନରେ ହତ୍ୟା କରିଛନ୍ତି, ସେମାନଙ୍କ ମଧ୍ୟରେ ହାମନର ଦଶପୁତ୍ର ଅନ୍ତର୍ଭୁକ୍ତ। ସେମାନେ ଅନ୍ୟ ପ୍ରଦେଶରେ ଯାହା କରିଛନ୍ତି ଟିକେ ଚିନ୍ତା କର! ବର୍ତ୍ତମାନ ମୋତେ କଣ କରିବାକୁ ହେବ ବୋଲି ତୁମ୍ଭେମାନେ ଚାହୁଁଛ? ମୋତେ କୁହ ଏବଂ ମୁଁ ତାହା କରିବ।"
13ଏଷ୍ଟର କହିଲେ, "ଯଦି ଏହା ରାଜାଙ୍କୁ ଉତ୍ତମ ବୋଲି ଜଣା ପଡୁଛି, ତେବେ ଆଜି ପରି କାଲି ମଧ୍ୟ ଶୂଶନରେ ହେଉ। ଏବଂ ହାମନର ଦଶପୁତ୍ରଙ୍କୁ ଫାଶିକାଠରେ ଟଙ୍ଗାଯାନ୍ତୁ।"
14ତାପରେ ରାଜା କହିଲେ, "ସେହିପରି ହେଉ!" ଏବଂ ଶୂଶନରେ ଏହି ଆଦେଶ ଦିଆଗଲା। ଏବଂ ସେମାନେ ହାମନର ଦଶପୁତ୍ରଙ୍କୁ ଫାଶିକାଠରେ ଟଙ୍ଗାଇ ଦେଲେ।
15ଯିହୁଦୀୟମାନେ ଚତୁର୍ଦ୍ଦଶ ଦିନରେ ମଧ୍ୟ ସେଠାରେ ଏକତ୍ରିତ ହେଲେ। ଅଦର ମାସରେ ସେମାନେ ଶୂଶନରେ 300 ଲୋକଙ୍କୁ ହତ୍ୟା କଲେ। କିନ୍ତୁ ସେମାନେ ସେମାନଙ୍କର ଦ୍ରବ୍ୟ ଲୁଣ୍ଠନ କଲେ ନାହିଁ।
16ସେହି ସମୟରେ, ଅନ୍ୟ ପ୍ରଦେଶରେ ବାସ କରୁଥିବା ଯିହୁଦୀୟମାନେ ନିଜକୁ ଅଧିକ ଶକ୍ତଶାଳୀ କରିବା ପାଇଁ ଏକତ୍ରିତ ହେଲେ। ଏହିପରି ଭାବରେ ସେମାନେ ସେମାନଙ୍କର ଶତ୍ରୁମାନଙ୍କୁ ଜୟ କରିପାରିଲେ। ଯିହୁଦୀୟମାନେ ସେମାନଙ୍କର 75,000 ଶତ୍ରୁମାନଙ୍କୁ ହତ୍ୟା କଲେ। କିନ୍ତୁ ଯିହୁଦୀୟମାନେ ସେମାନଙ୍କର ଧନ ଲୁଣ୍ଠନ କଲେ ନାହିଁ। 17ଏହି ସମସ୍ତ
ଅଦର ମାସର ତ୍ରୟୋଦଶ ଦିନରେ ହେଲା ପୁଣି ସେହି ମାସର ଚତୁର୍ଦ୍ଦଶ ଦିନରେ ସେମାନେ ବିଶ୍ରାମ କରି ତାହା ଭୋଜନପାନ ଓ ଆନନ୍ଦ କରିବାର ଦିନ କଲେ।

## ପୂରୀମ୍ର ପର୍ବ

18ମାତ୍ର ଶୂଶନରେ ବାସ କରୁଥିବା ଯିହୁଦୀୟମାନେ ସେହି ମାସର ତ୍ରୟୋଦଶ ଓ ଚତୁର୍ଦ୍ଦଶ ଦିନରେ ଏକତ୍ରିତ ହେଲେ। ସେହି ମାସର ପଞ୍ଚଦଶ ଦିନରେ ବିଶ୍ରାମ କରି ତାହା ଭୋଜନ ପାନର ଓ ଆନନ୍ଦର ଦିନ କଲେ। 19ଏଥି ନିମନ୍ତେ ଗ୍ରାମର
ଏବଂ ପ୍ରଦେଶ ଘେରି ରହିଥିବା ନଗର ନିବାସୀ ଯିହୁଦୀୟମାନେ ଅଦର ମାସର ଚତୁର୍ଦ୍ଦଶ ଦିନକୁ ଆନନ୍ଦ, ଭୋଜନପାନର ଦିବସ ଭାବେ ପାଳନ କରନ୍ତି, ଯେଉଁଥିରେ ସେମାନେ ଜଣେ ଅନ୍ୟଜଣଙ୍କୁ ଉପହାର ପଠାନ୍ତି।
20ଏହାପରେ ମର୍ଦ୍ଦଖୟ ଏହିସବୁ ବିଷୟ ଲେଖିଲା ଓ ଅକ୍ଷଶ୍ୱେରଶ ରାଜାର ନିକଟସ୍ଥ ଓ ଦୂରସ୍ଥ ସକଳ ପ୍ରଦେଶରେ ଥିବା ସମସ୍ତ ଯିହୁଦୀୟମାନଙ୍କ ନିକଟକୁ ପତ୍ର ପଠାଇଲା।
21ଆଉ ଯେଉଁ ଦୁଇ ଦିନ ଯିହୁଦୀୟମାନେ ଆପଣାମାନଙ୍କ ଶତ୍ରୁଗଣଠାରୁ ବିଶ୍ରାମ ପାଇଲେ, ଯେଉଁ ମାସରେ ସେମାନଙ୍କର ଦୁଃଖ ସୁଖରେ ଓ ଶୋକ ମଙ୍ଗଳ ଦିନରେ ପରିଣତ ହେଲା।
22ସେ ଆଦେଶ ଦେଲେ ଯେ, ସେମାନେ ସେହି ଦିନଗୁଡ଼ିକ ପାଳନ କରିବେ, ଯେତେବେଳେ ସେମାନେ ଶତ୍ରୁମାନଙ୍କଠାରୁ ଆଶ୍ୱସ୍ତ ପାଇଲେ ଏବଂ ସେମାନଙ୍କର ଦୁଃଖ ଏବଂ ଶୋକ, ଆନନ୍ଦ ଓ ଉତ୍ସବରେ ବଦଳି ଗଲା, ଯେହେତୁ ଭୋଜିର ଦିନ, ଆନନ୍ଦର ଦିନରେ ଜଣେ ଅନ୍ୟ ଜଣ ପାଖକୁ ଉପହାର ପଠାଇବେ ଏବଂ ପ୍ରତ୍ୟେକ ବର୍ଷ ଗରିବ ଲୋକମାନଙ୍କ ପାଖକୁ ଉପହାର ପଠାଇବେ।
23ତହିଁରେ ଯିହୁଦୀୟମାନେ ଯେପରି ଆରମ୍ଭ କରିଥିଲେ ଓ ମର୍ଦ୍ଦଖୟ ଯେପରି ଲେଖିଥିଲେ, ସେମାନେ ଠିକ୍ ସେହିପରି କରିବାକୁ ରାଜି ହେଲେ।
24କାରଣ ସମୁଦାୟ ଯିହୁଦୀୟ ଲୋକର ଶତ୍ରୁ ଅଗାଗୀୟ ହମ୍ମଦାଥାର ପୁତ୍ର ହାମନ୍ ସେମାନଙ୍କୁ ବିନାଶ କରିବାର ସଂକଳ୍ପ କରି ସେମାନଙ୍କୁ ଲୁପ୍ତ ଓ ବିନାଶ କରିବା ପାଇଁ "ପୂର" ଅର୍ଥାତ୍ "ଗୋଟି" ଦ୍ୱାରା ସେମାନେ ନିଷ୍ପତ୍ତି କରିଥିଲେ।
25ହାମନ୍ ଏପରି କରିଥିଲେ କିନ୍ତୁ ଏଷ୍ଟର ରାଜାଙ୍କ ନିକଟରେ ଜଣାଇଲେ। ତେଣୁ ସେ ଆଉ ନୂତନ ନିର୍ଦ୍ଦେଶ ପଠାଇଲେ। ସେହି ନିର୍ଦ୍ଦେଶ ଯେ କେବଳ ହାମନର ଯୋଜନାକୁ ପଣ୍ଡ କଲା ତାହା ନୁହେଁ। ସେହି ନିର୍ଦ୍ଦେଶ ହାମନ୍ ଓ ତାର ପରିବାରରେ ଅନିଷ୍ଟ କରାଇଲା ତେଣୁ ହାମନ ଓ ତାର ପୁତ୍ରଗଣ ଫାଶୀଖୁଣ୍ଟରେ ଝୁଲାଗଲେ।
26-27ସେହି ସମୟରେ "ପୁରୀମ" ନାମ ଅନୁସାରେ ସେହି ଦୁଇ ନିୟମ ନାମ "ପୂରୀମ" ହେଲା। ଏବଂ ସେହି ଚିଠିର ସମସ୍ତ କଥା ଯୋଗୁଁ ଓ ସେ ବିଷୟରେ ସେମାନେ ଯାହା ଦେଖିଥିଲେ, ସେମାନଙ୍କ ପ୍ରତି ତାହା ଘଟିଥିଲା, ତହିଁ ସକାଶୁ ଯିହୁଦୀୟମାନେ ଆପଣାମାନଙ୍କର ଓ ନିଜ ନିଜ ବଂଶର ଯିହୁଦୀ ମତାଲମ୍ବି ଗଣର କର୍ତ୍ତବ୍ୟ ବୋଲି ଏହା ସ୍ଥିର କଲେ। ସେହି ସମ୍ପର୍କୀୟ ଲିଖିତ ଆଜ୍ଞା ଓ ନିରୂପିତ ସମୟାନୁସାରେ ସେମାନେ ବର୍ଷକୁ ବର୍ଷ ଏହି ଦୁଇଦିନ ପାଳନ କରିବେ ଓ କୌଣସି ମତେ ତାହା ଲୋପ କରିବେ ନାହିଁ।
28ସମସ୍ତ ପୁରୁଷ ପରମ୍ପରାରେ, ପ୍ରତ୍ୟେକ ବଂଶରେ ଓ ପ୍ରତ୍ୟେକ ପ୍ରଦେଶର ଓ ପ୍ରତ୍ୟେକ ନଗରରେ ସେହି ଦୁଇଦିନ ସ୍ମରଣ ଓ ପାଳନ କରାଯିବ। ପୁଣି ଏହି ପୂରୀମ ଦିନ ଯିହୁଦୀୟମାନଙ୍କ ମଧ୍ୟରୁ ଲୋପ ପାଇବ ନାହିଁ ଓ ସେମାନଙ୍କ ବଂଶଧରମାନଙ୍କ ମଧ୍ୟରୁ ସେହି ଦୁଇ ଦିନ ସ୍ମରଣ ଲୁପ୍ତ ହେବ ନାହିଁ।
29ତାପରେ, ଅବୀହୟିଲର କନ୍ୟା ରାଣୀ ଏଷ୍ଟର ଓ ଯିହୁଦୀୟ ମର୍ଦ୍ଦଖୟର ପୂରୀମ ଦିନ ବିଷୟରେ ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ସମ୍ପୂର୍ଣ୍ଣ ଅଧିକାର ସହିତ ଦ୍ୱିତୀୟ ପତ୍ର ଲେଖିଲେ। 30ତେଣୁ ସେ ରାଜା ଅକ୍ଷଶ୍ୱେରଶଙ୍କର
127ଟି ରାଜ୍ୟର ସମସ୍ତ ଯିହୁଦୀମାନଙ୍କୁ ଶାନ୍ତିର ଓ ସତ୍ୟର ବାର୍ତ୍ତାସବୁ ପଠାଇଲେ। 31ପୂରୀମ ପାଳନ କରିବା ପାଇଁ ଏହି
ତାରିଖଗୁଡ଼ିକ ଏହିପତ୍ର ସୁନିଶ୍ଚିତ କଲା, ଏବଂ ଯିହୁଦୀ ମର୍ଦ୍ଦଖୟ ଏବଂ ରାଣୀ ଏଷ୍ଟର ଆଦେଶ କରିଥିଲେ। ସେମାନଙ୍କର ଉପବାସ ଓ ସାହାଯ୍ୟ ପ୍ରାର୍ଥନାର ଦିନଗୁଡ଼ିକ ଉତ୍ସବ ଦ୍ୱାରା ସ୍ମୃତିରକ୍ଷା କରିବା ନିମନ୍ତେ ସେମାନେ ଏହି ପର୍ବଦିନଗୁଡ଼ିକ ସେମାନଙ୍କ ନିଜ ପାଇଁ ଓ ସେମାନଙ୍କର ଭବିଷ୍ୟତ୍ ବଂଶଧରମାନଙ୍କ ପାଇଁ ପ୍ରତିଷ୍ଠା କଲେ। 32ଏହିପରି ଏଷ୍ଟର ଆଜ୍ଞାଦ୍ୱାରା "ପୂରୀମ୍"
ଦିନରେ ବିଧି ସ୍ଥିରିକୃତ ହେଲା ଓ ତାହା ପୁସ୍ତକରେ ଲେଖାଗଲା।

### ମର୍ଦ୍ଦଖୟଙ୍କ ସମ୍ମାନ

10 ସେହ ଅକ୍ଷଶ୍ୱେରଶ ରାଜା ଦେଶ ଓ ସମୁଦ୍ରସ୍ଥ
ଉପଦ୍ୱୀପରେ କରଧାର୍ଯ୍ୟ କଲେ।
2ତାହାର ପରାକ୍ରମ ଓ ପ୍ରଭାବରେ ସବୁକଥା ଆଉ ରାଜା
ମର୍ଦ୍ଦଖୟକୁ ଯେଉଁ ମହତ୍ତ୍ୱ ଦେଇ ଉଚ୍ଚ ପଦରେ ନଯୁକ୍ତ
କଲ୍। ତହଁର ସମ୍ପୂର୍ଣ୍ଣ ବବରଣ କ ମାଦୟ ଓ ପାରସ୍ୟ
ଦେଶର ରାଜାମାନଙ୍କ ଇତିହାସ ପୁସ୍ତକର ଲଖିତ ନାହଁ।
3ଯିହୁଦୀୟ ମର୍ଦ୍ଦଖୟ ଅକ୍ଷଶ୍ୱେରଶ ରାଜାର ଦ୍ୱିତୀୟ
ସେନାପତି ହୋଇ ଯିହୁଦୀୟ ଲୋକମାନଙ୍କ ମଧ୍ୟରେ ମହାନ
ଓ ଆପଣା ଭ୍ରାତୃ ସମୂହ ମଧ୍ୟରେ ପ୍ରିୟପାତ୍ର ଏବଂ ନଜ
ଲୋକମାନଙ୍କର ମଙ୍ଗଳାନ୍ୱେଷୀ, ସମସ୍ତ ବଂଶ ପ୍ରତି ଶାନ୍ତ
ଆଣିଥିଲ।

# ନହିମିୟାଙ୍କର ପୁସ୍ତକ

### ନହିମିୟାଙ୍କର ପ୍ରାର୍ଥନା

1 ଏଗୁଡ଼ିକ ନହିମିୟାଙ୍କର ବାକ୍ୟ ଅଟେ। ନହିମିୟା ଥିଲେ
ହଖଲୟିର ପୁତ୍ର। ବିଂଶତିତମ ବର୍ଷର କିଶ୍‌ଲେବ୍ ମାସରେ
ମୁଁ ଶୂଶନର ରାଜଧାନୀରେ ଥିଲି। 2ମୁଁ ଯେତେବେଳେ
ଶୂଶନରେ ଥିଲି, ମୋର ଭାଇମାନଙ୍କ ମଧ୍ୟରୁ ଜଣେ ତାଙ୍କର
ନାମ ଥିଲା, ହନାନି ଓ ଯିହୁଦାରୁ କେତେ ଜଣ ଲୋକ
ଆସିଥିଲେ। ତହୁଁ ମୁଁ ସେମାନଙ୍କୁ ବନ୍ଦୀତ୍ୱରୁ ଫେରି ଆସିଥିବା
ଅବଶିଷ୍ଟ ଯିହୁଦୀୟମାନଙ୍କ ବିଷୟରେ ଓ ଯିରୁଶାଲମ ବିଷୟରେ
ପଚାରିଲି।

3ସେତେବେଳେ ସେମାନେ ମୋତେ କହିଲେ, "ଯେଉଁମାନେ
ବନ୍ଦୀତ୍ୱରୁ ଫେରି ଆସିଥିଲେ ସେହି ପ୍ରଦେଶସ୍ଥ ଅବଶିଷ୍ଟ
ଲୋକେ ମହା ଦୁଃଖ ଓ ଅପମାନରେ ଅଛନ୍ତି, କାରଣ
ଯିରୁଶାଲମର ପ୍ରାଚୀର ଭାଙ୍ଗି ଅଛି ଏବଂ ଏହାର ଫାଟକକୁ
ପୋଡ଼ି ଦିଆଯାଇଛି।"

4ଯେତେବେଳେ ମୁଁ ସେମାନଙ୍କଠାରୁ ଏହି ସମ୍ବାଦ ଶୁଣିଲି,
ମୁଁ ଦୁଃଖିତ ହେଲି। ମୁଁ ବସି କ୍ରନ୍ଦନ କଲି। ମୁଁ ଉପବାସରେ
ସ୍ୱର୍ଗସ୍ଥ ପରମେଶ୍ୱରଙ୍କୁ ବହୁ ଦିନ ଧରି ପ୍ରାର୍ଥନା କଲି।
5ତା'ପରେ ମୁଁ ଏହିପରି ପ୍ରାର୍ଥନା କଲି:

ହେ ସଦାପ୍ରଭୁ, ସ୍ୱର୍ଗର ପରମେଶ୍ୱର, ତୁମ୍ଭେ
ମହାନ ଓ ଶକ୍ତିଶାଳୀ ପରମେଶ୍ୱର ଅଟ। ଯେଉଁମାନେ
ତୁମ୍ଭକୁ ପ୍ରେମ କରନ୍ତି ଓ ତୁମ୍ଭର ଆଜ୍ଞା ସବୁ ପାଳନ
କରନ୍ତି, ତୁମ୍ଭେ ତୁମ୍ଭର ଚୁକ୍ତି ରକ୍ଷା କର ଓ
ସେମାନଙ୍କ ପ୍ରତି ଅନୁରକ୍ତ ରୁହ।

6ତୁମ୍ଭର କର୍ଣ୍ଣ ଶୁଣୁ ଏବଂ ତୁମ୍ଭର ଆଖି ଖୋଲ
ଏବଂ ମୋର ପ୍ରାର୍ଥନା ପ୍ରତି ଧ୍ୟାନ ଦିଅ। ଯାହା ମୁଁ
ଦିନ ଓ ରାତ୍ରି ତୁମ୍ଭକୁ ପ୍ରାର୍ଥନା କରୁଅଛି। ମୁଁ ତୁମ୍ଭ
ଦାସ ଇଶ୍ରାୟେଲୀୟମାନଙ୍କ ପାଇଁ ତୁମ୍ଭ ନିକଟରେ
ପ୍ରାର୍ଥନା କରୁଅଛି। ତୁମ୍ଭ ବିରୁଦ୍ଧରେ କରିଥିବା ପାପ
ଆମ୍ଭେ ସ୍ୱୀକାର କରିଛୁ। ଉଭୟ ମୁଁ ଓ ମୋର
ପରିବାର ପାପ କରିଛୁ। 7ଆମ୍ଭେ ଇଶ୍ରାୟେଲୀୟମାନେ
ତୁମ୍ଭ ବିରୁଦ୍ଧରେ ଅତିଶୟ ଭାବରେ ପାପ କରିଅଛୁ।
ଆମ୍ଭେମାନେ ତୁମ୍ଭର ଆଜ୍ଞା ବ୍ୟବସ୍ଥାଗୁଡ଼ିକ ଓ ବିଚାର
ପାଳନ କରୁନାହୁଁ, ତୁମ୍ଭର ଦାସ ମୋଶାଙ୍କ ମାଧ୍ୟମରେ
ଆମ୍ଭକୁ ଦେଇଥିଲ।

8ତୁମ୍ଭେ ଯାହା ସବୁ କହିଛ ତାହା ମନେ
ପକାଇବା ପାଇଁ ମୁଁ ତୁମ୍ଭକୁ ପଚାରୁଛି, ତୁମ୍ଭେ ଆଦେଶ
କରିଛ ଏବଂ ତୁମ୍ଭର ଦାସ ମୋଶାଙ୍କୁ କହିଥିଲ, "ଯଦି
ତୁମ୍ଭେମାନେ ପାପ କର ଆମ୍ଭେ ତୁମ୍ଭମାନଙ୍କୁ ନାନା
ଗୋଷ୍ଠୀ ମଧ୍ୟରେ ଛିନ୍ନଭିନ୍ନ କରିବା। 9କିନ୍ତୁ ଯଦି
ତୁମ୍ଭେମାନେ ଆମ୍ଭ ପାଖକୁ ଫେରି ଆସିବ ଓ ଆମ୍ଭେ
ଆଜ୍ଞା ପାଳନକରି ଓ ଅଭ୍ୟାସ କରି ବାସ କରିବ,
ତେବେ ଯଦିଓ ତୁମ୍ଭେମାନେ ଆକାଶର ପ୍ରାନ୍ତ ସୀମାରେ
ନିର୍ବାସିତ ଥିଲେ ହେଁ, ଆମ୍ଭେ ସେଠାରୁ ତୁମ୍ଭମାନଙ୍କୁ
ସଂଗ୍ରହ କରିବା ଓ ଆମ୍ଭେ ଆପଣା ନାମ ସ୍ଥାପନ
କରିବା ପାଇଁ ଯେଉଁ ସ୍ଥାନ ମନୋନୀତ କରିଅଛୁ,
ସେହି ସ୍ଥାନକୁ ସେମାନଙ୍କୁ ଆଣିବା।"

10ଏମାନେ ତୁମ୍ଭର ଦାସ ଓ ତୁମ୍ଭର ଲୋକ ତୁମ୍ଭେ
ଏମାନଙ୍କୁ ଆପଣାର ମହା ପରାକ୍ରମ ଓ ଆପଣାର
ବଳବାନ ହସ୍ତଦ୍ୱାରା ମୁକ୍ତ କରିଅଛ। 11ହେ ସଦାପ୍ରଭୁ,
ବିନୟ କରୁଅଛି, ଯେଉଁମାନେ ତୁମ୍ଭ ନାମକୁ ସମ୍ମାନ
କରିବାରେ ଆନନ୍ଦ କରନ୍ତି, ଏମନ୍ତ ତୁମ୍ଭ ଦାସର ଓ
ସମସ୍ତ ଦାସମାନଙ୍କର ପ୍ରାର୍ଥନା ପ୍ରତି ଟିକେ କର୍ଣ୍ଣପାତ
କର। ଆଉ ପ୍ରାର୍ଥନା କରୁଅଛି ଆଜି ଆପଣା ଦାସକୁ
ସଫଳ କରାଅ। ଏହି ବ୍ୟକ୍ତିର ଦୃଷ୍ଟିରେ ତାହାକୁ
ଦୟାପ୍ରାପ୍ତ ହେବାକୁ ଦିଅ। ଏ ସମୟରେ, ମୁଁ
ରାଜାଙ୍କର ପାନପାତ୍ରବାହକ ଥିଲି।

### ରାଜା ନହିମିୟାଙ୍କୁ ଯିରୁଶାଲମକୁ ପଠାଇଥିଲେ

2 ଅର୍ତ୍ତକ୍ଷସ୍ତ ରାଜାଙ୍କର ଅଧିକାରର ବିଂଶତମ ବର୍ଷରେ*
ନିଶାନ ମାସରେ ଏହିପରି ଘଟିଥିଲା। ଯେ ରାଜାଙ୍କ
ସମ୍ମୁଖରେ ଦ୍ରାକ୍ଷାରସ ଥିବାବେଳେ ମୁଁ ସେହି ଦ୍ରାକ୍ଷାରସ ନେଇ
ରାଜାଙ୍କୁ ଦେଲି। ଏହା ପୂର୍ବରୁ ମୁଁ ତାହାଙ୍କ ସାକ୍ଷାତରେ ଦୁଃଖିତ
ହୋଇ ନ ଥିଲି। 2ଏଥିରେ ରାଜା ମୋତେ ପଚାରିଲେ,
"ତୁମ୍ଭେ କ'ଣ ପୀଡିତ? ତୁମ୍ଭେ କାହିଁକି ଦୁଃଖିତ ଜଣା
ପଡୁଛ? ମୁଁ ଭାବୁଛି ତୁମ୍ଭର ହୃଦୟ ଦୁଃଖପୂର୍ଣ୍ଣ ଅଛି।"

ଏହାପରେ ମୁଁ ଭୟ କଲି। 3ଯଦିଓ ମୁଁ ଭୟ କଲି,
ତଥାପି ମୁଁ ରାଜାଙ୍କୁ କହିଲି, "ମହାରାଜ ଚିରଜୀବୀ ହୁଅନ୍ତୁ।
ଯେଉଁ ନଗର, ମୋର ପୂର୍ବପୁରୁଷଗଣର କବର ସ୍ଥାନ ତାହା
ଯେତେବେଳେ ଉଜାଡ଼ି ହୋଇ ପଡ଼ିଛି ଓ ତହିଁର ଦ୍ୱାରସବୁ
ଦଗ୍ଧ ହୋଇ ପଡ଼ିଛି ସେତେବେଳେ କାହିଁକି ମୋର ମୁଖ
ଦୁଃଖିତ ହେବ ନାହିଁ।"

4ଏହାପରେ ରାଜା ମୋତେ କହିଲେ, "ମୋ ନିକଟରୁ
କ'ଣ ସାହାଯ୍ୟ ତୁମେ ଚାହଁ।"

ମୁଁ ଉତ୍ତର ଦେବା ପୂର୍ବରୁ ସ୍ୱର୍ଗସ୍ଥ ପରମେଶ୍ୱରଙ୍କୁ ପ୍ରାର୍ଥନା
କଲି। 5ଏହାପରେ ମୁଁ ରାଜାଙ୍କୁ ଉତ୍ତର ଦେଲି, "ଯଦି
ମହାରାଜାଙ୍କର ସନ୍ତୋଷ ହୁଏ ଓ ଆପଣଙ୍କ ଦାସ ଯେବେ
ଆପଣଙ୍କ ଦୃଷ୍ଟିରେ ଅନୁଗ୍ରହ ପାଇଥାଏ, ତେବେ ଯିହୁଦା
ଦେଶକୁ ମୋର ପିତୃ ଲୋକଙ୍କ କବର ନଗରକୁ ମୋତେ

**ନିଶାନ** ଏହା ଫାଲ୍‌ଗୁନ- ଚୈତ୍ର, 943 B.C

ପଠାଇବାକୁ ଆଜ୍ଞା କରନ୍ତୁ। ମୁଁ ସେଠାକୁ ଯିବାକୁ ଚାହେଁ।
ଏବଂ ସେଠାରେ ମୁଁ ନଗର ପୁନର୍ବାର ପ୍ରତିଷ୍ଠା କରିବାକୁ
ଚାହେଁ।"

6ରାଣୀ ମଧ୍ୟ ରାଜାଙ୍କ ନିକଟରେ ବସିଥିଲେ। ରାଜା ଏବଂ
ରାଣୀ ମୋତେ ପଚାରିଲେ, "ତୁମ୍ଭର ଯାତ୍ରା କେତେ ଦିନ
ଲାଗିବ? ତୁମ୍ଭେ ଏଠାକୁ କେବେ ଫେରିବ?"

ରାଜା ମୋତେ ପଠାଇବା ପାଇଁ ସନ୍ତୁଷ୍ଟ ହେବାରୁ ମୁଁ
ତାଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ଦେଲି। 7ମୁଁ ମଧ୍ୟ ରାଜାଙ୍କୁ
କହିଲି, "ଯଦି ମହାରାଜାଙ୍କର ସନ୍ତୋଷ ହୁଏ, ତେବେ ନଦୀ
ସେପାରିସ୍ଥ ଦେଶାଧ୍ୟକ୍ଷମାନେ ଯେପରି ଯିହୁଦା ଦେଶରେ ଉପସ୍ଥିତ
ହେବା ପର୍ଯ୍ୟନ୍ତ ଯାତ୍ରା କରିବା ପାଇଁ ମୋତେ ଛାଡ଼ି ଦିଅନ୍ତି।
ଏଥିପାଇଁ ସେମାନଙ୍କ ନିକଟକୁ ମୋ ହାତରେ ପତ୍ର ପଠାନ୍ତୁ।
8ରାଜା ଆସଫ୍‌ଙ୍କ ନିମନ୍ତେ ମୋତେ ଗୋଟିଏ ପତ୍ର ଦେଲେ।
ଆସଫ୍ ବର୍ତ୍ତମାନ ରାଜାଙ୍କର ଜଙ୍ଗଲର ରକ୍ଷକ ଅଟନ୍ତି।" ସେ
ଆସଫ୍‌ଙ୍କୁ ମନ୍ଦିର ଫାଟକର ମୁଖଶାଳା, ସହରର କାନ୍ଥ ଏବଂ
ମନ୍ଦିର କବାଟ ପାଇଁ ମୋତେ ଖଣ୍ଡେ କାଠ ଦେବା ଲାଗି
କହିଲେ।

ରାଜା ଏପରି କରିଥିଲେ କାରଣ ପରମେଶ୍ୱର ମୋ ପାଇଁ
ମଙ୍ଗଳମୟ ଥିଲେ।

9ତେଣୁ ମୁଁ ନଦୀ ସେପାରିସ୍ଥ ଦେଶାଧ୍ୟକ୍ଷଙ୍କ ନିକଟକୁ
ଗଲି। ତାଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କୁ ରାଜାଙ୍କର
ପ୍ରଦତ୍ତ ପତ୍ର ଦେଲି। ତେଣୁ ଦେଶାଧ୍ୟକ୍ଷ ମୋ ସହିତ
ସେନାପତି ଓ ଅଶ୍ୱାରୋହୀମାନଙ୍କୁ ପଠାଇଲେ। 10ହୋରୋଣୀୟ
ସନ୍‌ବଲ୍ଲଟ ଓ ଅମ୍ମୋନୀୟ ଟୋବିୟ ଅଧିକାରୀଗଣ ଅତିଶୟ
ଦୁଃଖିତ ହେଲେ, ଯେତେବେଳେ ସେମାନେ ଶୁଣିଲେ ଯେ,
ଜଣେ ବ୍ୟକ୍ତି ଇଶ୍ରାୟେଲର ସନ୍ତାନଗଣଙ୍କୁ ସାହାଯ୍ୟ କରିବା
ପାଇଁ ଆସିଥିଲେ।

### ନିହିମିୟା ଯିରୁଶାଲମର କାନ୍ଥଗୁଡ଼ିକୁ ପରିଦର୍ଶନ କଲେ

11ମୁଁ ଯିରୁଶାଲମକୁ ଗଲି ଓ ସେଠାରେ ତିନିଦିନ ରହିଲି।
12ଏହାପରେ ରାତ୍ରି ସମୟରେ କିଛି ଲୋକଙ୍କ ସହିତ ବୁଲିବାକୁ
ଗଲି। ପରମେଶ୍ୱର ଯିରୁଶାଲମ ପାଇଁ ଯାହା କରିବାକୁ
ମୋତେ ପ୍ରେରଣା ଦେଇଥିଲେ କରିବାକୁ, ତାହା ମୁଁ କାହାରିଠାରେ
ପ୍ରକାଶ କଲି ନାହିଁ। ମୁଁ ଯେଉଁ ଘୋଡ଼ାରେ ଚଢିଥିଲି ସେହି
ଘୋଡ଼ାକୁ ଛାଡ଼ି ଦେଲେ ମୋ ନିକଟରେ ଆଉ ଘୋଡ଼ା ନ
ଥିଲା। 13ଅନ୍ଧାର ହେବା ମାତ୍ରେ ମୁଁ ଉପତ୍ୟକାର ଧାରଦେଇ
ନାଗକୂପ ଓ ଖତଦ୍ୱାର ପର୍ଯ୍ୟନ୍ତ ଗଲି ଓ ଯିରୁଶାଲମର ଭଗ୍ନ
ପ୍ରାଚୀର ଓ ତହିଁର ଅଗ୍ନିଦଗ୍ଧ ଦ୍ୱାରସବୁ ଦେଖିଲି। 14ତା'ପରେ
ମୁଁ ନିର୍ଝର ଦ୍ୱାର ଓ ରାଜ ପୁଷ୍କରିଣୀ ପର୍ଯ୍ୟନ୍ତ ଗଲି। ମାତ୍ର
ସେଠାରେ ମୋର ବାହାନ ପଶୁ ପାଇଁ ଯିବାର ସ୍ଥାନ ନଥିଲା।
15ତେଣୁ ମୁଁ ଉପତ୍ୟକା ଉପରକୁ ଅନ୍ଧାରରେ ଚଢିଲି ଓ
ପ୍ରାଚୀରକୁ ନିରୀକ୍ଷଣ କଲି ଏବଂ ଉପତ୍ୟକାର ଫାଟକ ଦେଇ
ଫେରି ଆସିଲି। 16ମୁଁ କେଉଁଆଡ଼େ ଗଲି ଓ କ'ଣ କଲି
ଶାସକଗଣ ତାହା ଜାଣି ପାରିଲେ ନାହିଁ। ଆଉ ମୁଁ ମଧ୍ୟ
ଯିହୁଦୀୟମାନଙ୍କୁ, ଯାଜକମାନଙ୍କୁ, ମୁଖ୍ୟମାନଙ୍କୁ, ଅଧିକାରୀମାନଙ୍କୁ
କି ଅନ୍ୟ କାହାରିକୁ ତାହା ଜଣାଇ ନ ଥିଲି।

17ଏହାପରେ ମୁଁ ସେମାନଙ୍କୁ କହିଲି, "ତୁମ୍ଭେମାନେ ଦେଖି
ପାରୁଛ ଆମ୍ଭେମାନେ ଖରାପ ଅବସ୍ଥାରେ ଅଛୁ। ଯିରୁଶାଲମ
କିପରି ଉଜାଡ଼ ହୋଇ ପଡ଼ିଛି ଏବଂ ଦ୍ୱାରସବୁ ଅଗ୍ନିରେ ଦଗ୍ଧ
ହୋଇଅଛି। ନିନ୍ଦିତ ନହେବା ଆସ, ଆସ ପୁଣି ଥରେ
ଯିରୁଶାଲମର ପ୍ରାଚୀରକୁ ପୁନଃନିର୍ମାଣ କରିବା।"

18ମୁଁ ମଧ୍ୟ ସେହି ଲୋକମାନଙ୍କୁ ଜଣାଇ ଦେଲି ଯେ,
ପରମେଶ୍ୱର ମୋ ଉପରେ ଦୟା କରିଛନ୍ତି ଏବଂ ଯାହା
ମୋତେ ରାଜା କହିଥିଲେ, ମୁଁ ସେମାନଙ୍କୁ କହିଲି। ତା'ପରେ
ସେହି ଲୋକମାନେ ଉତ୍ତର ଦେଲେ, "ତେବେ ଚାଲ,
ବର୍ତ୍ତମାନ ଆମ୍ଭେମାନେ କାର୍ଯ୍ୟ ଆରମ୍ଭ କରିବା।" ତେଣୁ
ସେମାନେ ନିଜକୁ ଏହି ଉତ୍ତମ କାମରେ ନିୟୋଜନ କଲେ।
19କିନ୍ତୁ ହୋରୋଣୀୟ ସନ୍‌ବଲ୍ଲଟ୍ ଓ ଅମ୍ମୋନୀୟ ଟୋବିୟ ଓ
ଆରବୀୟ ଗେଶମ ଏହା ଶୁଣି ଆମ୍ଭମାନଙ୍କୁ ପରିହାସ କଲେ
ଓ ଘୃଣା କଲେ। ସେମାନେ କହିଲେ, ତୁମ୍ଭେମାନେ କ'ଣ ଏ
କି କାର୍ଯ୍ୟ କରୁଅଛ? "ତୁମ୍ଭେମାନେ କ'ଣ ରାଜଦ୍ରୋହ
କରୁଛ?"

20କିନ୍ତୁ ମୁଁ ଏହିପରି କହିଲି, "ସ୍ୱର୍ଗସ୍ଥ ପରମେଶ୍ୱର
ଆମ୍ଭର କାର୍ଯ୍ୟ ସିଦ୍ଧ କରିବେ। ଆମ୍ଭେ ହେଉଛୁ ପରମେଶ୍ୱରଙ୍କ
ଦାସ। ଆମ୍ଭେମାନେ ଏହି ନଗରକୁ ପୁନଃନିର୍ମାଣ କରିବୁ। କିନ୍ତୁ
ଯିରୁଶାଲମରେ ତୁମ୍ଭର କିଛି କାର୍ଯ୍ୟ ନାହିଁ।"

### ପ୍ରାଚୀର ନିର୍ମାଣ କର୍ତ୍ତା

3 ଇଲିୟାଶୀବ ମହାଯାଜକ ଥିଲେ, ଇଲିୟାଶୀବ ଓ ତାଙ୍କର
ସାଥି ଯାଜକମାନେ ମେଷ ଫାଟକ ଗଠନ କରିବାକୁ
ଗଲେ। ସେମାନେ ସେହି ଫାଟକ ଉତ୍ସର୍ଗ କଲେ ଏବଂ
ଏହାର ଦ୍ୱାର ସ୍ଥାପନ କଲେ। ସେମାନେ ସହସ୍ର ଦୁର୍ଗର ଓ
ହନନେଲ ଦୁର୍ଗର କାର୍ଯ୍ୟ କଲେ।

2ଯିରୀହୋର ଲୋକମାନେ ସେମାନଙ୍କ ପରେ କାମ
କଲେ। ଇମ୍ରିର ପୁତ୍ର ସକ୍‌କୂର ଯିରୀହୋର ଲୋକମାନଙ୍କ
ପରେ କାମ କଲା।

3ହସନାୟାରର ପୁତ୍ରମାନେ ମତ୍ସ୍ୟଦ୍ୱାର ଗଠନ କଲେ।
ସେମାନେ ତାର କଡ଼ି ଚଢାଇଲେ, ତା'ର କବାଟ, ହୁଡୁକା ଓ
ଅର୍ଗଳ ସବୁ ଲଗାଇଲେ।

4ସେମାନଙ୍କ ପରେ ହକ୍‌କୋସର ପୁତ୍ର ଊରିୟ, ଊରିୟର
ପୁତ୍ର ମରେମୋତ୍ ତାପର ଅଂଶ ମରାମତି କଲା,

ଏବଂ ସେମାନଙ୍କ ପରେ ମଶେଷବେଲର ପୁତ୍ର ବେରିଖିୟ
ଓ ବେରିଖିୟର ପୁତ୍ର ମଶୁଲ୍ଲମ୍ ପରବର୍ତ୍ତୀ ଅଂଶ ମରାମତି
କଲା।

ଆଉ ସେମାନଙ୍କ ପରେ ବାନାର ପୁତ୍ର ସାଦୋକ୍ ପରବର୍ତ୍ତୀ
ଅଂଶ ମରାମତି କଲା।

5ତକୋୟୀୟ ଲୋକମାନେ ମରାମତି କଲେ। ସେମାନଙ୍କ
କୁଳୀନ ବର୍ଗ ଆପଣାମାନଙ୍କ ପ୍ରଭୁଙ୍କ କର୍ମରେ ହସ୍ତକ୍ଷେପ କଲେ
ନାହିଁ।

6ପାସେହର ପୁତ୍ର ଯିହୋୟାଦା ଓ ବସୋଦିୟାର ପୁତ୍ର
ମଶୁଲ୍ଲମ, ପୁରୁଣା ଫାଟକ ଲଗାଇଲେ। ସେମାନେ ତହିଁର
କଡ଼ି କବାଟ, କବ୍‌ଜା ଓ ଅର୍ଗଳ ଲଗାଇଲେ।

7ଗିବୟୋନୀୟରୁ ମଲ୍‌ଟିୟ ଓ ମରୋଣୋଥୀୟରୁ ଯାଦୋନ
ସେମାନଙ୍କର ପାର୍ଶ୍ୱ ପ୍ରାଚୀରକୁ ମରାମତି କଲେ। ସେହି

ଲୋକମାନେ ଗିବୟୋନ ଓ ମିସ୍‌ପାରୁ ଥିଲେ। ସେମାନେ
ନଦୀର ପଶ୍ଚିମାଞ୍ଚଳ ରାଜ୍ୟପାଳ ଦ୍ୱାରା ଶାସିତ ହେଲେ।
8ହର୍ହୟର ପୁତ୍ର ସ୍ୱର୍ଣ୍ଣକାର ଉଷୀୟେଲ ସେମାନଙ୍କ ପରେ
ଥିବା ପ୍ରାଚୀରର ଅଂଶ ମରାମତି କଲେ। ହନାନୀୟ ଯିଏ କି
ସୁଗନ୍ଧ ବ୍ୟାପାରୀ ତାଙ୍କ ପରେ ଥିବା ପ୍ରାଚୀରର ଅଂଶ
ମରାମତି କଲେ। ସେମାନେ ପ୍ରଶସ୍ତ ପ୍ରାଚୀର ପର୍ଯ୍ୟନ୍ତ ଯିରୁଶାଲମ
ଦୃଢ କଲେ।
9ସେମାନଙ୍କ ନିକଟରେ ଯିରୁଶାଲମସ୍ଥ ପ୍ରଦେଶର ଅର୍ଦ୍ଧଭାଗରେ
ଅଧ୍ୟକ୍ଷ ହୂରର ପୁତ୍ର ରଫାୟ ଭଗ୍ନ ପ୍ରାଚୀର ଗଠନ କଲେ।
10ହରୁମଫର ପୁତ୍ର ଯିଦାୟ ଆପଣା ଗୃହ ସମ୍ମୁଖରେ
ପ୍ରାଚୀର ଗଠନ କଲା। ତା ନିକଟକୁ ହଶବନୟର ପୁତ୍ର
ହଟୂଶ୍ ପ୍ରାଚୀର ଗଠନ କଲା। 11ହାରିମର ପୁତ୍ର ମଲ୍‌କୀୟ ଓ
ପହତ୍ ମୋୟାବର ପୁତ୍ର ହଶୂବ୍ ଅନ୍ୟ ଏକ ଅଂଶ ଓ ଭୁନ୍ଦୁରୁ
ଦୁର୍ଗ ଗଠନ କଲା।
12ତାହା ନିକଟରେ ଯିରୁଶାଲମର ପ୍ରଦେଶର ଅର୍ଦ୍ଧଭାଗରେ
ଅଧ୍ୟକ୍ଷ ହଲୋହେଶର ପୁତ୍ର, ଶଲ୍ଲୁମ ଓ ତାହାର କନ୍ୟାମାନେ
ଜିର୍ଣ୍ଣ ପ୍ରାଚୀର ଗଠନ କଲେ।
13ହାନୂନ୍ ଓ ସାନୋହର ନିବାସୀମାନେ ଉପତ୍ୟକା ଦ୍ୱାରର
ଭଗ୍ନାଂଶ ଗଠନ କଲେ। ସେମାନେ ତାହା ଗଢି ତାର କବାଟ,
କବ୍‌ଜା, ଅର୍ଗଳି ସବୁ ଲଗାଇଲେ। ଆଉ ଖତଦ୍ୱାର ପର୍ଯ୍ୟନ୍ତ
ପ୍ରାଚୀର ଏକ ହଜାର ହାତ ଦୃଢ କଲେ।
14ବୈଥ୍ ହକ୍କେରମ୍ ପ୍ରଦେଶର ଅଧ୍ୟକ୍ଷ ରେଖବର ପୁତ୍ର
ମଲକୀୟ ଖତଦ୍ୱାରର ଜିର୍ଣ୍ଣଅଂଶ ଗଠନ କଲେ ଓ ତହିଁର
କବାଟ, ହୁଡୁକା ଓ ଅର୍ଗଳି ଲଗାଇଲା।
15ମିସ୍‌ପା ପ୍ରଦେଶର ଶାସକ କଲ୍‌ହୋଷିର ପୁତ୍ର ଶଲ୍ଲୁନ୍
ଝର ଦ୍ୱାରର ଭଗ୍ନାଂଶ ଲଗାଇଲେ। ଏବଂ ତାର କବ୍‌ଜା,
ଢାଲ, ଅର୍ଗଳି ସବୁ ଲଗାଇଲା। ଦାଉଦ ନଗରରୁ ତଳକୁ ଯିବା
ପାବଛ ପର୍ଯ୍ୟନ୍ତ ସେ ରାଜାଙ୍କର ରାଜୋଦ୍ୟାନ ଓ ଶେଲା
ପୁଷ୍କରୀଣୀ ପ୍ରାଚୀର ମରାମତି କଲେ।
16ବୈଥ୍‌ସୂର ପ୍ରଦେଶର ଅର୍ଦ୍ଧଭାଗର ଅଧ୍ୟକ୍ଷ ଅସ୍‌ବୂକର
ପୁତ୍ର ନିହିମିୟା ଦାଉଦଙ୍କର କବର ସମ୍ମୁଖ ପର୍ଯ୍ୟନ୍ତ ଓ
ମନୁଷ୍ୟକୃତ ପୁଷ୍କରଣୀ ପର୍ଯ୍ୟନ୍ତ ଓ ବୀରମାନଙ୍କ ଗୃହ ପର୍ଯ୍ୟନ୍ତ
ମରାମତି କଲେ।
17ତାର ନିକଟକୁ ଲେବୀୟ ପରିବାରବର୍ଗରେ, ବାନିର ପୁତ୍ର
ରହୂମ୍ ଭଗ୍ନ ଅଂଶ ମରାମତି କଲା। ତାପରେ ଅର୍ଦ୍ଧ କିୟୀଲା
ପ୍ରଦେଶର ଅଧ୍ୟକ୍ଷ ହଶବୟ ମରାମତି କଲେ। ତାଙ୍କ ପ୍ରଦେଶ
ତରଫରୁ ସେ ମରାମତି କଲେ।
18ସେମାନଙ୍କ ଭ୍ରାତୃଗଣ କୟୀଲା ପ୍ରଦେଶର ଅର୍ଦ୍ଧଭାଗର
ଅଧ୍ୟକ୍ଷ ହେନାଦଦର ପୁତ୍ର ବବୟ ତାହା ନିକଟରେ ଭଗ୍ନ
ଅଂଶ ମରାମତି କଲେ।
19ତାହା ନିକଟରେ ମିସ୍‌ପାର ଅଧ୍ୟକ୍ଷ ଯେଶୂୟର ପୁତ୍ର
ଏସର୍ ପ୍ରାଚୀରର ବାଙ୍କ ନିକଟସ୍ଥ ଅସ୍ତ୍ରାଗାରର ଉଠାଣୀ ପଥ
ସମ୍ମୁଖରେ ଅନ୍ୟ ଏକ ଭଗ୍ନା ଅଂଶ ଗଠନ କଲେ। 20ତା'ର
ନିକଟକୁ ସବ୍‌ବୟର ପୁତ୍ର ବାରୁକ୍ ଯତ୍ନ କରି ପ୍ରାଚୀରର
ବାଙ୍କଠାରୁ ଇଲୀୟାଶୀବ୍ ମହାଯାଜକର ଗୃହଦ୍ୱାର ପର୍ଯ୍ୟନ୍ତ ଅନ୍ୟ
ଏକ ଅଂଶର ଭଗ୍ନ ଅଂଶ ଗଠନ କଲେ। 21ତାପରକୁ
ହକ୍କୋସର ପୌତ୍ର ଉରୀୟର ପୁତ୍ର ମରେମୋତ୍ ଇଲୀୟାଶୀବର
ଗୃହଦ୍ୱାରଠାରୁ ଇଲୀୟାଶୀବର ଗୃହ ପ୍ରାନ୍ତ ପର୍ଯ୍ୟନ୍ତ ଅନ୍ୟ ଏକ
ଭଗ୍ନ ଅଂଶ ଗଠନ କଲେ। 22ତା'ପରକୁ ପ୍ରାନ୍ତର ବାସୀ
ଯାଜକମାନେ ଭଗ୍ନ ଅଂଶ ଗଠନ କଲେ।
23ସେମାନଙ୍କ ପରେ ବିନ୍ୟାମୀନ ଓ ହଶୂବ୍ ସେମାନଙ୍କ
ଆପଣାମାନଙ୍କ ଗୃହଗୁଡିକ ସମ୍ମୁଖରେ ଭଗ୍ନ ଅଂଶ ମରାମତି
କଲେ। ସେମାନଙ୍କ ପରେ ଅନନୀୟର ପୁତ୍ର ମାସେୟ,
ମାସେୟର ପୁତ୍ର ଅସରିୟ ଆପଣା ଗୃହ ନିକଟରେ ଜିର୍ଣ୍ଣ
ପ୍ରାଚୀର ମରାମତି କଲେ।
24ତା'ପରକୁ ହେନାଦଦର ପୁତ୍ର ବିନ୍ନୁୟୀ ଅସରୀୟର
ଗୃହଠାରୁ ପ୍ରାଚୀର ବାଙ୍କ ଓ କୋଣ ପର୍ଯ୍ୟନ୍ତ ଅନ୍ୟ ଏକ
ଅଂଶର ଜିର୍ଣ୍ଣ ପ୍ରାଚୀର ଗଠନ କଲେ।
25ଊଷୟର ପୁତ୍ର ପାଲଲ ପ୍ରାଚୀରର ବାଙ୍କ ସମ୍ମୁଖରେ
ପ୍ରହରୀ ଶାଳାର ନିକଟସ୍ଥ ଉଚ୍ଚତର ରାଜଗୃହ ସମୀପରେ
ବାହାର ଦୁର୍ଗ ପାଖରେ ଜିର୍ଣ୍ଣ ପ୍ରାଚୀର ଗଠନ କଲେ।
ତାହାପରେ ପରୟୋଶର ପୁତ୍ର ପଦାୟ ଜିର୍ଣ୍ଣ ପ୍ରାଚୀର ଗଠନ
କଲେ।
26ଏହି ସମୟରେ ନଥୀନୀୟମାନେ ଜଳଦ୍ୱାରର ପୂର୍ବଦିଗରେ
ସମ୍ମୁଖ ପର୍ଯ୍ୟନ୍ତ ଓ ବାହାର ଦୁର୍ଗ ପର୍ଯ୍ୟନ୍ତ ଓ ଫଲରେ ବାସ
କରୁଥିଲେ।
27ତା'ପରେ ତକୋୟୀୟମାନେ ବାହାରସ୍ଥ ବଡ ଦୁର୍ଗ
ସମ୍ମୁଖରୁ ଓ ଫଲର ପ୍ରାଚୀର ପର୍ଯ୍ୟନ୍ତ ଅନ୍ୟ ଏକ ଅଂଶର
ଭଗ୍ନ ଅଂଶ ଗଠନ କଲେ।
28ଯାଜକମାନେ ପ୍ରତ୍ୟେକ ନିଜ ନିଜ ଗୃହ ସମ୍ମୁଖରେ
ଅଶ୍ୱଦ୍ୱାରର ଉପରଭାଗର ଭଗ୍ନଅଂଶ ଗଠନ କଲେ। 29ସେମାନଙ୍କ
ପରେ ଇମ୍ମେରର ପୁତ୍ର ସାଦୋକ୍ ଆପଣା ଗୃହ ସମ୍ମୁଖରେ
ଭଗ୍ନ ଅଂଶ ଗଠନ କଲେ। ତା'ପରେ ପୂର୍ବଦ୍ୱାରପାଳ ଶିଖନୀୟର
ପୁତ୍ର ଶମୟିୟ ଜିର୍ଣ୍ଣ ପ୍ରାଚୀର ଗଠନ କଲେ।
30ଶେଲିମିୟର ପୁତ୍ର ହନାନୀୟ ସାଲଫର ଷଷ୍ଠ ପୁତ୍ର
ହାନୂନ୍ ଅନ୍ୟ ଏକ ଅଂଶର ଭଗ୍ନାଂଶ ଗଠନ କଲେ।
ତାହାପରେ ବେରିଖିୟର ପୁତ୍ର ମଶୁଲ୍ଲମ୍ ଆପଣା କୋଠରୀ
ସମ୍ମୁଖରେ ଭଗ୍ନ ଅଂଶ ମରାମତି କଲେ। 31ତା'ପରେ ମଲକୀୟ
ନାମକ ଜଣେ ସ୍ୱର୍ଣ୍ଣକାର ସୈନ୍ୟମାନେ ଏକତ୍ରିତ ହେଉଥିବା
ଫାଟକ ଆଗରେ ମନ୍ଦିର ଦାସମାନଙ୍କର, ନଥିନୀୟମାନଙ୍କର ଓ
ବଣିକମାନଙ୍କର ଗୃହ ପର୍ଯ୍ୟନ୍ତ, ଆଉ କୋଣର ଉଠାଣି
ପର୍ଯ୍ୟନ୍ତ ଭଗ୍ନ ଅଂଶ ମରାମତି କଲେ। 32କୋଣର ଉଠାଣୀ ଓ
ମେଷଦ୍ୱାର ମଧ୍ୟରେ ସ୍ୱର୍ଣ୍ଣକାର ଓ ବଣିକମାନେ ଭଗ୍ନ ଅଂଶ
ଗଠନ କଲେ।

## ସନ୍‌ବଲ୍ଲଟ୍ ଏବଂ ଟୋବୟ

4 ସନ୍‌ବଲ୍ଲଟ ଯେତେବେଳେ ଶୁଣିଲା ଯେ ପ୍ରାଚୀର ଗଢିଅଛୁ,
ସେ ଅତିଶୟ କୋପିତ ହୋଇ ଯିହୁଦୀୟଙ୍କୁ ପରିହାସ
କଲା। 2ସେ ଆପଣା ଭ୍ରାତୃଗଣ ଓ ଶମରୀୟ ସୈନ୍ୟଦଳ
ସାକ୍ଷାତରେ ଏହି କଥା କହିଲା, "ଏହି ଦୁର୍ବଳ ଯିହୁଦୀମାନେ
କ'ଣ କରୁଛନ୍ତି? ସେମାନେ କ'ଣ ଗଡ଼ ବନ୍ଦ କରି ରହିବେ?
ସେମାନେ କାହିଁକି ବଳିଦାନ କରିବେ? ସେମାନେ କ'ଣ
ଦିନକରେ ସମାପ୍ତ କରିବେ? ସେମାନେ କ'ଣ ପୋଡା
ପ୍ରାଚୀରର ଗଦାରୁ ବ୍ୟବହାର୍ଯ୍ୟ ପଥର ବାଛି ପାରିବେ?"

3ଏହି ସମୟରେ ଅମ୍ମୋନୀୟ ଟୋବୀୟ ତାହା ପାଖରେ
ଥିଲା, ଆଉ ସେ କହିଲା, "ସେମାନେ ଯାହା ଗଢୁଛନ୍ତି,
ବିଲୁଆ ଚଢିଗଲେ ସେ ସେମାନଙ୍କ ପଥର ପ୍ରାଚୀରକୁ ଭାଙ୍ଗି
ପକାଇବ।"

4ମୁଁ ପ୍ରାର୍ଥନା କଲି, "ହେ ଆମ୍ଭର ପରମେଶ୍ୱର, ଆମ୍ଭର
ପ୍ରାର୍ଥନା ଗ୍ରହଣ କର, ସେହି ଲୋକମାନେ ଆମ୍ଭକୁ ଘୃଣା
କରୁଛନ୍ତି। ସେମାନଙ୍କର ପରିହାସ ସେମାନଙ୍କ ପାଖକୁ ଫେରାଇ
ଦିଅ। ସେମାନଙ୍କୁ ବିଦେଶରେ ବନ୍ଦୀକରି ସେମାନଙ୍କର ଧନ
ଲୁଣ୍ଠିତ କରାଗଲା। 5ସେମାନଙ୍କ ଅଧର୍ମ ଆଚ୍ଛାଦନ କରନାହିଁ ଓ
ତୁମ୍ଭ ଦୃଷ୍ଟିରେ ସେମାନଙ୍କ ପାପମାର୍ଜ୍ଜିତ ନହେଉ। କାରଣ
ନିର୍ମାଣକାରୀମାନଙ୍କୁ ସେମାନେ ଅପମାନିତ କରି ଅଛନ୍ତି।"

6ଆମ୍ଭେ ଯିରୁଶାଲମର ପ୍ରାଚୀର ଗଠନ କଲୁ। ଆମ୍ଭେ
ନଗରର ଚତୁଃପାର୍ଶ୍ୱରେ ପ୍ରାଚୀର ଗଠନ କଲୁ। କିନ୍ତୁ ତହିଁର
ଉଚ୍ଚତାରୁ ଅର୍ଦ୍ଧ ପର୍ଯ୍ୟନ୍ତ ସମୁଦାୟ ପ୍ରାଚୀର ଏକତ୍ର ସଂଯୁକ୍ତ
କରାଗଲା। ଯେହେତୁ କର୍ମ କରିବାକୁ ଲୋକମାନଙ୍କ ମନ
ଥିଲା।

7ମାତ୍ର ଯିରୁଶାଲମର ପ୍ରାଚୀରର ମରାମତି କାର୍ଯ୍ୟ ଅଗ୍ରସର
ହେଉଅଛି ଓ ଗର୍ତ୍ତଗୁଡିକ ଭର୍ତ୍ତି ହେବା ପାଇଁ ଯାଉଅଛି, ଏହା
ଶୁଣି ସନ୍‌ବଲ୍ଲଟ୍ ଓ ଟୋବୀୟ, ପୁଣି ଆରବୀୟମାନେ ଓ
ଅମ୍ମୋନୀୟମାନେ ଓ ଅସ୍‌ଦୋଦୀୟମାନେ ଅତିଶୟ ରାଗି
ଗଲେ। 8ଆଉ ସମସ୍ତେ ଯିରୁଶାଲମକୁ ଯାଇ ତହିଁ ବିରୁଦ୍ଧରେ
ଯୁଦ୍ଧ କରିବାକୁ ଓ ତହିଁ ମଧ୍ୟରେ ଗଣ୍ଡଗୋଳ ଉତ୍ପନ୍ନ
କରିବାକୁ ଏକତ୍ର ଚକ୍ରାନ୍ତ କଲେ। 9ମାତ୍ର ଆମ୍ଭେମାନେ
ସେମାନଙ୍କ ସକାଶୁ ଆପଣାମାନଙ୍କ ପରମେଶ୍ୱରଙ୍କ ନିକଟରେ
ପ୍ରାର୍ଥନା କଲୁ ଓ ଦିବାରାତ୍ରି ସେମାନଙ୍କ ବିରୁଦ୍ଧରେ ପ୍ରହରୀ
ରଖିଲୁ।

10ସେତେବେଳେ ଯିହୁଦା କହିଲା, ଭାରବାହକମାନଙ୍କର
ବଳ କ୍ଷୀଣ ହୋଇଅଛି, "ଆଉ ସେଠାରେ ଏତେ ଧ୍ୱଂସାବଶେଷ
ଅଛି, ଯେ ଆମ୍ଭେମାନେ ପ୍ରାଚୀର ମରାମତି କରିବାକୁ ସମର୍ଥ
ନାହୁଁ। 11ପୁଣି ଆମ୍ଭମାନଙ୍କ ବିପକ୍ଷମାନେ କହିଲେ, 'ଆମ୍ଭେମାନେ
ସେମାନଙ୍କ ମଧ୍ୟରେ ଉପସ୍ଥିତ ହୋଇ ସେମାନଙ୍କୁ ବଧ ଓ
ସେମାନଙ୍କ କାର୍ଯ୍ୟ ବନ୍ଦ କରିବା ପର୍ଯ୍ୟନ୍ତ ସେମାନେ ଜାଣିବେ
ନାହିଁ ଅବା ଦେଖିବେ ନାହିଁ।'

12"ଆଉ ସେମାନଙ୍କ ନିକଟରେ ବାସ କରୁଥିବା ଯିହୁଦୀମାନେ
ଆସି ଆମ୍ଭମାନଙ୍କୁ ଦଶଥର କହିଲେ, 'ଚାରିଆଡେ ସେମାନେ
ଆମ୍ଭର ବିରୋଧି ହେବେ।'"

13ଏଣୁ ମୁଁ ପ୍ରାଚୀର ପଛଆଡ଼େ ନୀଚସ୍ଥ ମେଲା ସ୍ଥାନରେ
ଲୋକମାନଙ୍କୁ ସେମାନେଙ୍କ ପରିବାର ଅନୁସାରେ ସେମାନଙ୍କୁ
ଖଡ୍ଗ ଓ ବର୍ଚ୍ଛା ଓ ଧନୁ ସହିତ ନିଯୁକ୍ତ କଲି। 14ଯେତେବେଳେ
ମୁଁ ଏ ପରିସ୍ଥିତି ଦେଖିଲି, ମୁଁ ଉଠିଲି ଏବଂ କୁଳୀନମାନଙ୍କୁ,
ଅଧ୍ୟକ୍ଷମାନଙ୍କୁ ଓ ଅନ୍ୟ ଲୋକମାନଙ୍କୁ କହିଲି, "ତୁମ୍ଭେମାନେ
ସେମାନଙ୍କୁ ଭୟ କର ନାହିଁ। ସଦାପ୍ରଭୁଙ୍କୁ ସ୍ମରଣ କର।
ସଦାପ୍ରଭୁ ମହାନ୍ ଓ ଭୟଙ୍କର ଅଟନ୍ତି। ଆଉ ତୁମ୍ଭେମାନେ
ଆପଣା ଆପଣା ଭ୍ରାତୃଗଣ, ପୁତ୍ର ଓ କନ୍ୟାଗଣ ଆପଣା
ଆପଣା ସ୍ତ୍ରୀଗଣ ଆପଣା ଗୃହ ନିମନ୍ତେ ଯୁଦ୍ଧ କର।"

15ଏହାପରେ ଆମ୍ଭମାନଙ୍କ ଶତ୍ରୁଗଣର ମନ୍ତ୍ରଣା ଆମ୍ଭମାନଙ୍କୁ
ଜଣା ଯାଇଅଛି ଓ ପରମେଶ୍ୱର ତାହା ବିଫଳ କରିଅଛନ୍ତି।
ଏହା ସେମାନେ ଶୁଣିବାରୁ ଆମ୍ଭେମାନେ ପ୍ରତ୍ୟେକ ପ୍ରାଚୀରରେ
ନିଜ ନିଜ କାର୍ଯ୍ୟକୁ ଫେରିଗଲୁ। 16ଆଉ ସେହି ଦିନଠାରୁ
ଆମ୍ଭ ଦାସଗଣର ଅର୍ଦ୍ଧେକ କର୍ମ କଲେ ଓ ସେମାନଙ୍କର
ଅର୍ଦ୍ଧେକ ବର୍ଚ୍ଛା, ଢାଲ, ଧନୁ, ସାଞ୍ଜୁଆ ଧରି ରହିଲେ। ପୁଣି
ଅଧିକାରୀମାନେ ଯିହୁଦାର ସମସ୍ତ ପରିବାରର ପଛରେ ରହିଲେ।
17ଯେଉଁମାନେ ପ୍ରାଚୀର ଗଢିଲେ ଓ ଯେଉଁମାନେ ଭାର
ବୋହିଲେ, ପ୍ରତ୍ୟେକ ଜଣ ଏକ ହସ୍ତରେ କର୍ମ କଲେ ଓ
ଅନ୍ୟ ହସ୍ତରେ ଅସ୍ତ୍ର ଧରିଲେ। 18ଆଉ ଗାନ୍ଥକମାନଙ୍କର
ପ୍ରତ୍ୟେକ ଆପଣା ଆପଣା କଟି ଦେଶରେ ଖଡ୍ଗ ବାନ୍ଧିଲେ।
ପୁଣି ତୂରୀ ବଜାଇବା ଲୋକ ଆମ୍ଭ ନିକଟରେ ରହିଲା।
19ଏହାପରେ ଆମ୍ଭେ କୁଳୀନମାନଙ୍କୁ ଓ ଅଧ୍ୟକ୍ଷମାନଙ୍କୁ ଓ
ଅନ୍ୟାନ୍ୟ ଲୋକଙ୍କୁ କହିଲୁ, "କାର୍ଯ୍ୟକାରୀ ଓ ବିସ୍ତୀର୍ଣ୍ଣ ପୁଣି
ଆମ୍ଭେମାନେ ପ୍ରାଚୀର ଉପରେ ପୃଥକ ହୋଇ ଜଣେ ଜଣକଠାରୁ
ଦୂରରେ ଅଛୁ। 20ଏଣୁ ଯେକୌଣସି ସ୍ଥାନରେ ତୂରୀର ଶବ୍ଦ
ଶୁଣିବ, ସେ ସ୍ଥାନରୁ ଆମ୍ଭମାନଙ୍କ ନିକଟକୁ ଆସିବ। ଆମ୍ଭମାନଙ୍କ
ପରମେଶ୍ୱର ଆମ୍ଭମାନଙ୍କ ପକ୍ଷରେ ଯୁଦ୍ଧ କରିବେ।"

21ଏହି ରୂପେ ଆମ୍ଭେମାନେ ସେହି କାର୍ଯ୍ୟରେ ପରିଶ୍ରମ
କଲୁ। ପୁଣି ଅରୁଣୋଦୟ ସମୟଠାରୁ ତାହା ଦେଖିବା ସମୟ
ପର୍ଯ୍ୟନ୍ତ ସେମାନଙ୍କର ଅର୍ଦ୍ଧେକ ଲୋକ ବର୍ଚ୍ଛା ଧରିଲେ।

22ସେହି ସମୟରେ ଆମ୍ଭେ ଲୋକମାନଙ୍କୁ ଆହୁରି କହିଲୁ,
"ପ୍ରତ୍ୟେକ ଲୋକ ରାତ୍ରି କାଳରେ ଆପଣା ଆପଣା ଦାସ
ସହିତ ଯିରୁଶାଲମ ଭିତରେ ରୁହନ୍ତୁ। ତହିଁରେ ସେମାନେ
ରାତ୍ରିରେ ଆମ୍ଭମାନଙ୍କର ପ୍ରହରୀ ହୋଇ ପାରିବେ ଓ ଦିବସରେ
କର୍ମ କରିପାରିବେ।" 23ଏହିପରି ମୁଁ କି ମୋର ଭାଇମାନେ
କି ମୋର ଦାସମାନେ କିଅବା ମୋ ପଶ୍ଚାଦବର୍ତ୍ତୀ ପ୍ରହରୀମାନେ
କେହି ଆପଣା ଦେହରୁ ବସ୍ତ୍ର କାଢିଲେ ନାହିଁ। ପ୍ରତ୍ୟେକ
ଲୋକର ତା ପାଖରେ ସର୍ବଦା ଅସ୍ତ୍ର ରଖିଥିଲେ।

## ନିହିମିୟା ଗରିବଲୋକମାନଙ୍କୁ ସାହାର୍ଯ୍ୟ କଲେ

5 ଅନେକ ଲୋକେ ଯିହୁଦୀୟ ଭାଇମାନଙ୍କ ବିରୁଦ୍ଧରେ
ଅଭିଯୋଗ କଲେ। 2ସେମାନଙ୍କ ମଧ୍ୟରୁ କେତେକ
କହିଲେ, "ଆମ୍ଭମାନଙ୍କର ଅନେକ ପୁତ୍ର ଓ କନ୍ୟା ଅଛନ୍ତି,
ଆସ ବଞ୍ଚିବା ପାଇଁ ଶସ୍ୟ କିଣିବା।"

3ଅନ୍ୟ ଲୋକେ କହିଲେ, "ଏହା ଦୁର୍ଭିକ୍ଷ ସମୟ, ଆମ୍ଭଙ୍କୁ
ଖାଦ୍ୟ ଦିଅ ଏବଂ ଆମ୍ଭମାନଙ୍କର ଜମି, ଦ୍ରାକ୍ଷାକ୍ଷେତ୍ର, ଗୃହ
ଇତ୍ୟାଦି ବନ୍ଧକଭାବେ ଏକାଥରେ ନେଇଯାଅ।"

4ଆହୁରି ଅନ୍ୟ ଲୋକେମାନେ କହିଲେ, "ଆମ୍ଭେମାନେ
ରାଜକର ପାଇଁ ଆମ୍ଭମାନଙ୍କର ଶସ୍ୟକ୍ଷେତ୍ର ଓ ଦ୍ରାକ୍ଷାକ୍ଷେତ୍ର
ବନ୍ଧକ ରଖି ମୁଦ୍ରାଋଣ କରିଛୁ। 5ଧନୀଲୋକମାନଙ୍କୁ ଦେଖ!
ଆମ୍ଭେମାନେ ଠିକ୍ ତାଙ୍କରି ପରି ଅଟୁ। ଆମ୍ଭମାନଙ୍କର
ପୁତ୍ରମାନେ ଠିକ୍ ତାଙ୍କରି ପୁତ୍ରମାନଙ୍କପରି ଅଟନ୍ତି। କିନ୍ତୁ
ଆମ୍ଭେମାନେ ଆପଣା ପୁତ୍ର ଓ କନ୍ୟାଗଣଙ୍କୁ ଦାସ ହେବାପାଇଁ
ବିକ୍ରି କରିବୁ। ଆମ୍ଭମାନଙ୍କ ମଧ୍ୟରୁ ଅନେକ ତାଙ୍କର କନ୍ୟାଗଣଙ୍କୁ
ଦାସୀ ଭାବରେ ବିକ୍ରୟ କରିସାରିଲେଣି। ଏପରି ଆଉ କିଛି
ନାହିଁ ଯାହା ଆମ୍ଭେ ନ କରି ପାରିବା। ଆମ୍ଭେମାନେ ଆମ୍ଭ
କ୍ଷେତ୍ର, ଦ୍ରାକ୍ଷାକ୍ଷେତ୍ର ହରାଇ ସାରିଲୁଣି, ଯାହାକି ବର୍ତ୍ତମାନ ଅନ୍ୟ
ଲୋକମାନଙ୍କ ଅଧିକାରରେ ଅଛି।"

6ଯେତେବେଳେ ମୁଁ ସେମାନଙ୍କର ଏହି ଅଭିଯୋଗ ସବୁ
ଶୁଣିଲି, ମୁଁ ଅତ୍ୟନ୍ତ କ୍ରୁଦ୍ଧ ହେଲି। 7ମୁଁ ଏ ବିଷୟରେ ଚିନ୍ତା
କଲି, ତା'ପରେ ମୁଁ କୁଳିନମାନଙ୍କ ଓ ଅଧିକାରୀମାନଙ୍କ
ବିରୁଦ୍ଧରେ ଏକ ନ୍ୟାୟିକ ବାଦାନୁବାଦ କଲି। ମୁଁ ସେମାନଙ୍କୁ
କହିଲି, "ତୁମ୍ଭେମାନେ ତୁମ୍ଭ ଭାଇମାନଙ୍କଠାରୁ ସୁଧ ନେଉଛ,
ତୁମ୍ଭର ସେଇଟା ବନ୍ଦକରିବା ଉଚିତ୍। ଏହାପରେ ମୁଁ ଏକ
ମହାସଭା ଡ଼ାକିବି। 8ଏବଂ ମୁଁ ସେହି ଲୋକମାନଙ୍କୁ କହିଲି,
'ଆମ୍ଭର ଯିହୁଦୀୟ ଭାଇମାନେ ଅନ୍ୟ ଦେଶୀୟ ଲୋକଙ୍କ
ନିକଟରେ ବିକା ଯାଇଥିଲେ, ଆମ୍ଭେମାନେ ସେମାନଙ୍କୁ ଆପଣା
ସାଧ୍ୟ ଅନୁସାରେ ମୁକ୍ତ କରିଅଛୁ। ଏବେ ତୁମ୍ଭେମାନେ ତୁମ୍ଭମାନଙ୍କର
ଭାଇମାନଙ୍କୁ ବିକ୍ରୀ କରୁଛ ଏବଂ ଆମ୍ଭେମାନେ ସେମାନଙ୍କୁ ପୁଣି
କିଣିବୁ।"

ଏଥିରେ ସେମାନେ ନୀରବ ରହିଲେ। ସେମାନେ କିଛି
ଉତ୍ତର ଦେଇପାରିଲେ ନାହିଁ। 9ମୁଁ ତାଙ୍କୁ ଆହୁରି ମଧ୍ୟ
କହିଲି, "ତୁମ୍ଭେମାନେ କିଛି ଭଲ କରୁ ନାହଁ। ତୁମ୍ଭେ ଏହା
ଜାଣ ତୁମ୍ଭର ପରମେଶରଙ୍କୁ ଭୟ ଓ ସମ୍ମାନ କରିବା ଉଚିତ୍।
ତୁମ୍ଭେମାନେ ଆମ୍ଭମାନଙ୍କର ଶତ୍ରୁଗଣ ଆମ୍ଭମାନଙ୍କୁ ପରିହାସ
କରିବାର ସୁଯୋଗ ଦେବା ଉଚିତ୍ ନୁହେଁ। 10ମୁଁ, ମୋର
ଆତ୍ମୀୟଗଣ ଏବଂ ମୋର ଦାସମାନେ ଅନ୍ୟମାନଙ୍କୁ ଟଙ୍କା ଏବଂ
ଶସ୍ୟ ଉଧାର ଦେଉଅଛୁ। କିନ୍ତୁ ଆସ ସେମାନଙ୍କଠାରୁ ସୁଧ
ଆଦାୟ କରିବା ନାହିଁ। 11ତୁମ୍ଭେମାନେ ଆଜି ନିଶ୍ଚିତ ସେମାନଙ୍କର
ଜମି, ଦ୍ରାକ୍ଷାକ୍ଷେତ୍ର, ଜିତକ୍ଷେତ୍ର ଏବଂ ଗୃହ ଫେରାଇ ଦେବ।
ଏହାକୁ ବର୍ତ୍ତମାନ ଫେରାଇ ଦିଅ ଏବଂ ତୁମ୍ଭେମାନେ ସେମାନଙ୍କର
ମୁଦ୍ରା, ଶସ୍ୟ, ଦ୍ରାକ୍ଷାରସ ଏବଂ ଜୀତତୈଳ ଯାହା ତୁମ୍ଭେମାନେ
ସେମାନଙ୍କଠାରୁ ସୁଧ ହିସାବରେ ନେଇଥିଲେ।"

12ଏହାପରେ ଧନୀଲୋକମାନେ ଓ ଅଧ୍ୟକ୍ଷମାନେ ତାଙ୍କୁ
କହିଲେ, "ଆମ୍ଭେମାନେ ଏସବୁ ଫେରାଇ ଦେବୁ, ସେମାନଙ୍କୁ
କିଛି ମାଗିବୁ ନାହିଁ। ଆପଣ ଯେପରି କହୁଛନ୍ତି ଆମ୍ଭେ
ସେହିପରି କରିବୁ।"

ଏହାପରେ ମୁଁ ଯାଜକମାନଙ୍କୁ ଡ଼ାକି ଏହି ପ୍ରତିଜ୍ଞା ଅନୁସାରେ
ସେମାନେ ଯେପରି କର୍ମ କରିବେ, ଏଥିପାଇଁ ସେମାନଙ୍କୁ
ଶପଥ କରାଇଲି। 13ମୁଁ ମୋର ବସ୍ତ୍ରର ଭଙ୍ଗକୁ ଝାଡିଲି ଏବଂ
କହିଲି, "ଯେଉଁଲୋକ ଏହି ପ୍ରତିଜ୍ଞା ପାଳନ କରିବ ନାହିଁ,
ପରମେଶ୍ୱର ତାର ଗୃହ ଓ ପରିଶ୍ରମର ଫଳରୁ ତାହାକୁ
ଏପରି ଝାଡ଼ି ଦିଅନ୍ତୁ। ସେ ଏହିପରି କମ୍ପିତ ହେଉ ଓ ଶୂନ୍ୟ
ହେଉ।"

ତାପରେ ସବୁ ଲୋକ ଏକତ୍ରୀତ ହେଲେ ଏବଂ କହିଲେ
"ଆମେନ୍" ଓ ସଦାପ୍ରଭୁଙ୍କର ପ୍ରଶଂସା କଲେ। ଏହାପରେ
ଲୋକମାନେ ଏହି ପ୍ରତିଜ୍ଞା ଅନୁସାରେ କର୍ମ କଲେ।

14ମୁଁ ଯିହୁଦା ଦେଶରେ ସେମାନଙ୍କର ଅଧ୍ୟକ୍ଷ ପଦରେ
ନିଯୁକ୍ତ ଥିବା ସମୟାବଧି ଅର୍ଥାତ୍ ଅର୍ତ୍ତକ୍ଷସ୍ତ ରାଜାର ଅଧିକାରର
କୋଡ଼ିଏ ବର୍ଷଠାରୁ ବତିଶ ବର୍ଷପର୍ଯ୍ୟନ୍ତ ସେହି ବାରବର୍ଷ ମୁଁ
କିମ୍ବା ମୋର ଭ୍ରାତୃଗଣ ଦେଶାଧ୍ୟକ୍ଷର ବୃତ୍ତି ଭୋଗ କଲୁ
ନାହିଁ। 15ମାତ୍ର ମୋର ପୂର୍ବବର୍ତ୍ତୀ ଦେଶାଧ୍ୟକ୍ଷମାନଙ୍କ ବ୍ୟୟଭାର
ଲୋକମାନଙ୍କୁ ବହିବାକୁ ପଡ଼ିଲା। ଆଉ ସେମାନେ ଚାଳିଶ
ଶେକଲ ରୌପ୍ୟ ମୁଦ୍ରା ଲୋକମାନଙ୍କଠରୁ ଖାଦ୍ୟ ଓ ଦ୍ରାକ୍ଷାରସ
ନେଲେ, କେବଳ ତାହା ନୁହେଁ, ସେମାନଙ୍କ ଦାସମାନେ
ଲୋକମାନଙ୍କ ଉପରେ କର୍ତ୍ତୃତ୍ୱ କଲେ। ମାତ୍ର ପରମେଶ୍ୱରଙ୍କ
ପ୍ରତି ଭୟ ସକାଶୁ ମୁଁ ସେପରି କଲିନାହିଁ। 16ମୁଁ ଯିରୁଶାଲମର
ପ୍ରାଚୀର କାର୍ଯ୍ୟରେ ନିଜକୁ ନିୟୋଜିତ କଲି। ମୁଁ କୌଣସି
ଭୂମି କିଣିଲି ନାହିଁ ଏବଂ ମୋର ଦାସ ସମସ୍ତେ ସେଠାରେ
କାର୍ଯ୍ୟରେ ବ୍ୟସ୍ତ ରହିଲେ।

17ତଥାପି ଆମ୍ଭମାନଙ୍କ ଚତୁଃର୍ଦ୍ଦିଗସ୍ଥ ଅନ୍ୟ ଦେଶୀୟମାନଙ୍କ
ମଧ୍ୟରୁ ଆମ୍ଭମାନଙ୍କ ନିକଟକୁ ଆସନ୍ତା ଲୋକମାନଙ୍କ ଛଡ଼ା
ଯିହୁଦି ଓ ଅଧ୍ୟକ୍ଷ 150 ଲୋକ ମୋ ଭୋଜନ ଆସନରେ
ବସିଲେ। 18ସେ ସମୟରେ ପ୍ରତିଦିନ ଏକ ବଳଦ ଓ ଛଅଟି
ବଛା ମେଷ ରୋଷେଇ କରାଗଲା। ମୋ ପାଇଁ କେତେକ
ପକ୍ଷୀପାକ କରାଗଲା ଓ ଦଶ ଦିନରେ ଥରେ ସବୁ ପ୍ରକାର
ଦ୍ରାକ୍ଷାରସ ଆୟୋଜନ କରାଗଲା। ତଥାପି ମୁଁ ଏହିସବୁ ଲାଗି
ଦେଶାଧ୍ୟକ୍ଷର ବୃତ୍ତି ମାଗିଲି ନାହିଁ। ଲୋକମାନଙ୍କ ଉପରେ
ଭାର ଗୁରୁତ୍ୱର ହୋଇଥିଲା। 19ହେ ପରମେଶ୍ୱର, ମୁଁ ଏହି
ଲୋକମାନଙ୍କ ନିମନ୍ତେ ଯେଉଁ ଉତ୍ତମ କାର୍ଯ୍ୟ କରିଅଛି,
ମୋର ତାହାସବୁ ସ୍ମରଣ କର।

## ଘୋର ସମସ୍ୟା

6 ଏହାପରେ ସନ୍‌ବଲ୍ଲଟ୍, ଟୋବିୟ, ଆରବୀୟ ଗେଶମ ଓ
ଆମ୍ଭମାନଙ୍କ ଶତ୍ରୁମାନେ ଶୁଣିଲେ ଯେ, ମୁଁ ପ୍ରାଚୀର
ନିର୍ମାଣ କରି ସାରିଛି। ପ୍ରାଚୀରରେ ଆଉ ଗର୍ତ୍ତ ନ ଥିଲା,
ମାତ୍ର କବାଟସବୁ ଫାଟକରେ ଲାଗି ନାହିଁ। 2ସେତେବେଳେ
ସନ୍‌ବଲ୍ଲଟ ଓ ଗେଶମ ମୋ ନିକଟକୁ ଲୋକ ପଠାଇ
କହିଲେ, "ଆସ ଆମ୍ଭେମାନେ ଓନୋ ପଦାସ୍ଥିତ କୌଣସି ଏକ
ଗ୍ରାମରେ ସାକ୍ଷାତ କରିବା।" ମାତ୍ର ସେମାନେ ମୋର ହିଂସା
କରିବାକୁ ବିଚାର କରିଥିଲେ।

3ଏଥିରେ ମୁଁ ସେମାନଙ୍କ ନିକଟକୁ ଦୂତଗଣ ପଠାଇ
କହିଲି, "ମୁଁ ଏକ ଗୁରୁତ୍ୱପୂର୍ଣ୍ଣ କର୍ମ କରୁଅଛି। ଏଥିପାଇଁ ମୁଁ
ଆସି ପାରିବି ନାହିଁ। ତୁମ୍ଭ ପାଖକୁ ଆସିବାକୁ ଓ ସାକ୍ଷାତ
କରିବାକୁ ମୁଁ ସେହି କାର୍ଯ୍ୟ ବନ୍ଦ କରିପାରିବି ନାହିଁ।"

4ସେମାନେ ସେହି ସମବାର୍ତ୍ତା ମୋ ପାଖକୁ ଚାରିଥର
ପଠାଇଲେ। ମୁଁ ସେମାନଙ୍କୁ ସେହି ପ୍ରକାର ଉତ୍ତର ଦେଲି।
5ଏହାପରେ ସନ୍‌ବଲ୍ଲଟ୍ ଆପଣା ଦାସ ହାତରେ ଖଣ୍ଡେ
ଚିଠିଦେଇ ପଞ୍ଚମ ଥର ସେହି ସମବାର୍ତ୍ତା ପଠାଇଲା। 6ସେଥିରେ
ଏହିପରି ଲେଖା ଯାଇଥିଲା, "ଗୋଷ୍ଠୀୟମାନଙ୍କ ମଧ୍ୟରେ ଏହି
ଜନରବ ହୋଇଅଛି। ମଧ୍ୟ ଗଶ୍ମୁ ଏହା କହୁଅଛି ଯେ ତୁମ୍ଭେ
ଓ ଯିହୁଦୀୟମାନେ ରାଜଦ୍ରୋହ କରିବାକୁ ବିଚାର କରୁଅଛ।
ତେଣୁ ତୁମ୍ଭେ ପ୍ରାଚୀର ନିର୍ମାଣ କରୁଅଛ। ଏହି ଜନରବ
ଅନୁସାରେ ତୁମ୍ଭେ ସେମାନଙ୍କର ରାଜା ହେବାକୁ ଇଚ୍ଛା
କରୁଅଛ। 7'ଯିହୁଦାରେ ଏକ ରାଜା ଅଛନ୍ତି!' ବୋଲି ଆପଣା
ବିଷୟ ଯିରୁଶାଲମରେ ଘୋଷଣା କରିବା ପାଇଁ ତୁମ୍ଭେ
ଭବିଷ୍ୟଦ୍‌ବକ୍ତାମାନଙ୍କୁ ନିଯୁକ୍ତ କରିଅଛ।

"ଏହି ଜନରବ ରାଜାଙ୍କ ନିକଟରେ ଉପସ୍ଥିତ ହେବ। ଏଣୁ
ଏବେ ଆସ ଆମ୍ଭେମାନେ ଏକତ୍ର ମନ୍ତ୍ରଣା କରିବା।"

8ତେଣୁ ମୁଁ ତାହା ନିକଟକୁ କହି ପଠାଇଲି, "ତୁମ୍ଭେ
ଯାହା କହୁଅଛ, ସେପରି କୌଣସି କାର୍ଯ୍ୟ କରାଯାଉ ନାହିଁ,
ତୁମ୍ଭେ କେବଳ ଆପଣା ମନରୁ ତାହାସବୁ କଳ୍ପନା କରୁଅଛ।"

9ଏହି ଚକ୍ରାନ୍ତ କରି ସେମାନେ ଆମ୍ଭକୁ ଭୟଭୀତ କଲେ,
ସେମାନଙ୍କ ହସ୍ତ ଦୁର୍ବଳ ହେବ ଓ "ପ୍ରାଚୀର କାର୍ଯ୍ୟ ଶେଷ
ହେବ ନାହିଁ।"
ତେଣୁ ମୁଁ ପ୍ରାର୍ଥନା କରି କହିଲି, "ହେ ମୋର
ପରମେଶ୍ୱର ମୋତେ ସବଳ କର।"
10ଦିନେ ମୁଁ ମହେଟବେଲର ପୁତ୍ର ଦଲାୟ, ଦଲାୟର
ପୁତ୍ର ଶମୟିୟ ନିକଟକୁ ଗଲି। ମାତ୍ର ତାକୁ ତା'ର ଗୃହରେ
ବନ୍ଦ କରାଯାଇ ଥିଲା। ମୁଁ ତାହା ଗୃହକୁ ଗଲି ସେ କହିଲା,

"ଆସ ଆମ୍ଭେମାନେ ପରମେଶ୍ୱରଙ୍କ ମନ୍ଦିର ଭିତରେ
ସାକ୍ଷାତ କରିବା ଓ ମନ୍ଦିରର ଦ୍ୱାରସବୁ ବନ୍ଦ କରିବା। କାରଣ
ସେମାନେ ତୁମ୍ଭକୁ ବଧ କରିବାକୁ ଆସିବେ। ରାତ୍ରିରେ
ସେମାନେ ତୁମ୍ଭକୁ ବଧ କରିବାକୁ ଆସିବେ।"

11କିନ୍ତୁ ଶମୟିୟଙ୍କୁ କହିଲି, "ମୋ ପରି ଲୋକ କ'ଣ
ଦୌଡ଼ି ପଳାଇବ? ମୋ ପରି ଲୋକ ପ୍ରାଣ ବଞ୍ଚାଇବା ପାଇଁ
ଯେ ମନ୍ଦିର ଭିତରକୁ ଯିବା ଉଚିତ୍ କି? ତେଣୁ ମୁଁ ପବିତ୍ର
ମନ୍ଦିର ଭିତରକୁ ଯିବି ନାହିଁ।"
12ମାତ୍ର ମୁଁ ଜାଣିଲି ଶମୟିୟଙ୍କୁ ପରମେଶ୍ୱର ପଠାଇ ନ
ଥିଲେ। ତଥାପି ସେ ମୋ' ପ୍ରତି କୂଳରେ ଏହି ଭବିଷ୍ୟଦ୍‌ବାକ୍ୟ
ପ୍ରଚାର କଲା। ଆଉ ଟୋବୀୟ ଓ ସନ୍‌ବଲ୍ଲଟ କାହାକୁ ବେତନ
ଦେଇଥିଲେ। 13ଏହି ଉଦ୍ଦେଶ୍ୟ ପାଇଁ ତାକୁ ଭଡ଼ାରେ ଅଣା
ଯାଇଥିଲା, ଯାହା ଫଳରେ ମୁଁ ଭୟରେ ଏହା କରି ପାପ
କରିବି ଏବଂ ତାପରେ ସେମାନେ ମୋର ନାମକୁ ଦୁର୍ନାମ
କରିବା ପାଇଁ ଓ ପରିହାସ କରିବା ପାଇଁ କାରଣ ପାଇବେ।
14ହେ ପରମେଶ୍ୱର, ଟୋବୀୟ ଓ ସନ୍‌ବଲ୍ଲଟର ଯାହା
କରିଛନ୍ତି ମନେ ପକାଅ, ନାରୀ ଭବିଷ୍ୟଦ୍‌ବକ୍ତା ନୋୟଦିୟା
ସହିତ ଅନ୍ୟ ଯାଜକମାନେ ମୋତେ ଭୟଭୀତ କରିବା ପାଇଁ
ଚେଷ୍ଟା କରିଥିଲେ।

## ପ୍ରାଚୀର ସଂପୂର୍ଣ୍ଣ ହେଲା

15ତେଣୁ 52 ଦିନ ମଧ୍ୟରେ ଇଲୂଲ୍ ମାସର ପଞ୍ଚିଂଶ
ଦିନରେ ପ୍ରାଚୀର ସମାପ୍ତ ହେଲା। 16ପୁଣି ଆମ୍ଭମାନଙ୍କର ଶତ୍ରୁ
ସମସ୍ତେ ଓ ଆମ୍ଭମାନଙ୍କ ଚତୁର୍ଦ୍ଦିଗସ୍ଥ ଅନ୍ୟ ଦେଶୀୟ ସମସ୍ତେ
ଏହା ଶୁଣି ଭୟ କଲେ ଓ ସେମାନଙ୍କର ବିଶ୍ୱାସ ହରାଇଲେ।
କାରଣ ଏହି କର୍ମ ଯେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ସାହାଯ୍ୟରେ
ହେଲା, ଏହା ସେମାନେ ବୁଝିଲେ।
17ଆହୁରି ସେହି ସମୟରେ ଯିହୁଦାର କୁଳିନମାନେ
ଟୋବୀୟ ନିକଟକୁ ଅନେକ ପତ୍ର ପଠାଇଲେ ଓ ଟୋବୀୟର
ନାନା ପତ୍ର ସେମାନଙ୍କ ନିକଟକୁ ଆସିଲା। 18କାରଣ ସେ
ଆରହର ପୁତ୍ର ଶଖନୀୟର ଜ୍ୱାଇଁ ହେବାରୁ ଓ ତାହାର ପୁତ୍ର
ଯିହୋହାନନ୍ ବେରିଖିୟର ପୁତ୍ର ମଶୁଲ୍ଲମର କନ୍ୟାକୁ ବିବାହ
କରି ଥିବାରୁ ଯିହୁଦାର ଅନେକ ଲୋକ ତା ନିକଟରେ ଶପଥ
କରିଥିଲେ। 19ସେମାନେ ମୋତେ ତା'ର ଉତ୍ତମ କାର୍ଯ୍ୟ
ବିଷୟରେ କହିଲେ ଓ ମୋ କଥା ତାଙ୍କୁ ସବୁ ଜଣାଇଲେ।
ଆଉ ମୋତେ ଭୟଗ୍ରସ୍ତ କରିବା ପାଇଁ ଟୋବୀୟ ନାନାପତ୍ର
ପଠାଇଲା।

7 ତେଣୁ ଆମ୍ଭେ ପ୍ରାଚୀର ନିର୍ମାଣ ସମାପ୍ତ କଲୁ। ଏହାପରେ
ଆମ୍ଭେ ସମସ୍ତ ଦ୍ୱାରରେ କବାଟ ଲଗାଇଲୁ। ଏହାପରେ,
ମୁଁ ଦ୍ୱାରପାଳ ଗାୟକ ଓ ଲେବୀୟମାନଙ୍କୁ ନିଯୁକ୍ତ କଲି।
2ଏହାପରେ ମୁଁ ମୋର ଭାଇ ହନାନିକ ଓ ଦୁର୍ଗର ଶାସନକର୍ତ୍ତା
ହନାନିୟକୁ ଯିରୁଶାଲମ ଉପରେ ନିଯୁକ୍ତ କଲି କାରଣ
ହନାନିୟ ବିଶ୍ୱସ୍ତ ଲୋକ ଥିଲା, ଆଉ ସେ ଅନ୍ୟ ଲୋକମାନଙ୍କ
ଅପେକ୍ଷା ପରମେଶ୍ୱରଙ୍କୁ ଭୟ କରୁଥିଲା। 3ଆଉ ମୁଁ ହନାନିକୁ
ଓ ହନାନୀୟକୁ କହିଲି, "ଦିନରେ ସୂର୍ଯ୍ୟ ପ୍ରଚଣ୍ଡ ନ ହେବା
ପର୍ଯ୍ୟନ୍ତ ଯେପରି ଫାଟକ ନ ଖୋଲା ଯାଏ, ଆଉ ଲୋକମାନେ
ପ୍ରହରୀ କର୍ମରେ ଠିଆ ହେବା ବେଳେ ସୂର୍ଯ୍ୟାସ୍ତ ସମୟରେ
ଦ୍ୱାରସବୁ ବନ୍ଦ କରନ୍ତୁ। ପୁଣି ତୁମ୍ଭେମାନେ ଯିରୁଶାଲମ
ନିବାସୀମାନଙ୍କୁ ପ୍ରହରୀ କରି ନିଯୁକ୍ତ କର। କେତେକ ପ୍ରହରୀ
ସେମାନଙ୍କ ଶିବିରରେ ଛିଡ଼ା ହୁଅନ୍ତୁ ଓ ଅନ୍ୟ ପ୍ରହରୀମାନେ
ନିଜ ଗୃହରେ ସମ୍ମୁଖରେ ରହନ୍ତୁ।"

## ଫେରିଥିବା ବନ୍ଦୀମାନଙ୍କର ତାଲିକା

4ବର୍ତ୍ତମାନ ନଗର ପ୍ରଶସ୍ତ ଥିଲା। ମାତ୍ର ତହିଁ ମଧ୍ୟରେ
ଅଳ୍ପଲୋକ ଥିଲେ ଓ ଗୃହସବୁ ନିର୍ମିତ ହୋଇନଥିଲା।
5ଏହାପରେ ବଂଶାବଳି କ୍ରମେ ଗଣିତ ହେବାପାଇଁ କୁଳୀନମାନଙ୍କୁ
ଓ ଅଧ୍ୟକ୍ଷମାନଙ୍କୁ ଓ ଲୋକମାନଙ୍କୁ ଏକତ୍ର କରିବାକୁ ମୋର
ପରମେଶ୍ୱର ମୋ ମନରେ ପ୍ରବୃତ୍ତି ଯାତ କଲେ। ଆଉ
ଯେଉଁମାନେ ପ୍ରଥମେ ଆସିଲେ, ମୁଁ ସେମାନଙ୍କର ବଂଶାବଳି
ପୁସ୍ତକ ପାଇଲି। ତହିଁରେ ଏହା ଲେଖା ଯାଇଥିବାର ଦେଖିଲି।
6ଯେଉଁମାନେ ବନ୍ଦୀରୂପେ ଥିଲେ, ସେମାନଙ୍କ ମଧ୍ୟରୁ
ପ୍ରଦେଶୀୟ ଏହି ସନ୍ତାନଗଣ ପ୍ରତ୍ୟେକ ଯିରୁଶାଲମ ଓ
ଯିହୁଦାସ୍ଥିତ ନିଜ ନିଜ ନଗରକୁ ଫେରି ଆସିଲେ। ବାବିଲର
ରାଜା ନବୂଖଦ୍‌ନିତ୍ସର ଯିହୁଦୀୟମାନଙ୍କୁ କରାୟତ୍ତ କରିଥିଲେ।
7ଏମାନେ ସରୁବ୍ବାବିଲ, ଯେଶୂୟ, ନିହିମିୟା, ଅସରିୟ, ରୟମା,
ନହମାନି ମର୍ଦ୍ଦଖୟ, ବିଲଶନ, ମିସ୍ପର, ବିଗ୍‌ବୟ, ନହୂମ,
ବାନା ସଙ୍ଗେ ଫେରି ଆସିଲେ। ଇସ୍ରାୟେଲ ବଂଶିୟ ପୁରୁଷମାନଙ୍କ
ସଂଖ୍ୟା ଏହିପରି ଥିଲା।

8 ପରିୟୋଶର ବଂଶଧର 2,172 ଜଣ।
9 ଶଫଟିୟର ବଂଶଧର 372 ଜଣ।
10 ଆରହର ବଂଶଧର 652 ଜଣ।
11 ଯେଶୂୟ ଓ ଯୋୟାବର ପରିବାର ମଧ୍ୟରୁ
ପହତ୍‌ମୋୟାବର ବଂଶଧର 2,818 ଜଣ।
12 ଏଲମର ବଂଶଧର 1,254 ଜଣ।
13 ସତ୍ତୂର ବଂଶଧର 845 ଜଣ।
14 ସକ୍କୟର ବଂଶଧର 760 ଜଣ।
15 ବିନ୍ନୁୟିର ବଂଶଧର 648 ଜଣ।
16 ବେବୟର ବଂଶଧର 628 ଜଣ।
17 ଅସ୍‌ଗଦର ବଂଶଧର 2,322 ଜଣ।
18 ଅଦୋନୀକାମର ବଂଶଧର 667 ଜଣ।
19 ବିଗ୍‌ବୟର ବଂଶଧର 2,067 ଜଣ।
20 ଅଦୀନର ବଂଶଧର 655 ଜଣ।
21 ହିଜକିୟର ଆଟେରର ବଂଶଧରରୁ 98 ଜଣ।
22 ହଶୂମର ବଂଶଧର 328 ଜଣ।

23 ବେତ୍ସୟର ବଂଶଧର 324 ଜଣ।
24 ହାରୀଫର ବଂଶଧର 112 ଜଣ।
25 ଗିବୟୋନର ବଂଶଧର 95 ଜଣ।
26 ବୈଥଲେହମ ଓ ନଟୋଫା ସହରରୁ 188 ଜଣ।
27 ଅନାଥୋତର ଲୋକ 128 ଜଣ।
28 ବେଥ୍-ଅସ୍ମାବତ ସହରରୁ 42 ଜଣ।
29 କିରୟତ୍ ୟିୟାରୀମ, କଫୀରା ଓ ବେରୋତ
ସହରରୁ 743 ଜଣ।
30 ରାମା ଓ ଗେବା ସହରରୁ 621 ଜଣ।
31 ମିକ୍ମସ ସହରରୁ 122 ଜଣ।
32 ବୈଥେଲ୍ ଓ ଅୟ ସହରରୁ 123 ଜଣ।
33 ଅନ୍ୟ ନବୋ ସହରରୁ 52 ଜଣ।
34 ଅନ୍ୟ ଏଲମ ସହରରୁ 1,254 ଜଣ।
35 ହାରୀମ ସହରରୁ 320 ଜଣ।
36 ଯିରୀହୋ ସହରରୁ 345 ଜଣ।
37 ଲୋଦ୍, ହାଦୀଦ୍ ଓ ଓନୋ ସହରରୁ 721 ଜଣ।
38 ସନାୟ ସହରରୁ 3,930 ଜଣ।

39ଯାଜକଗଣ: ଯେଉଁମାନେ
ଯିଦୟିୟର ଭବିଷ୍ୟତ ବଂଶଧର ଓ ଯେଶୂୟ ପରିବାରର
ସଭ୍ୟ 973 ଜଣ।
40 ଇମ୍ମେରର ବଂଶଧର 1,052 ଜଣ।
41 ପଶ୍ହୂରର ବଂଶଧର 1,247 ଜଣ।
42 ହାରିମର ବଂଶଧର 1,017 ଜଣ।

43କଦ୍ମୀୟେଲଙ୍କ ଦ୍ୱାରା ହୋଦବାର ମାଧ୍ୟମରେ ଯେଶୂୟ
ପରିବାରବର୍ଗରୁ ଆସିଥିବା ଲେବୀୟମାନଙ୍କର
ସଂଖ୍ୟା 74 ଜଣ।

44ଗାୟକଗଣ:
ଆସଫର ବଂଶଧର 148 ଜଣ।

45ଏହିମାନେ ହେଲେ ଦ୍ୱାରପାଳଗଣ:
ଶଲ୍ଲୁମର ବଂଶଧରମାନେ, ଆଟେର, ଟଲ୍ମୋନ, ଅକ୍କୁବ,
ହଟୀଟା ଓ ଶୋବୟ 138 ଜଣ।

46ମନ୍ଦିରର ଦାସମାନେ ହେଲେ:
ସୀହର ବଂଶଧରମାନେ, ହସୂଫା,
ଟବାୟୋତର ବଂଶଧର।
47 କେରୋସର, ସୀୟର, ପଦୋନ।
48 ଲବାନା, ହଗାବ, ଶଲ୍ମୟ,
49 ହାନନ, ଗିଦ୍ଦେଲ, ଗହର,
50 ରାୟା, ରତ୍ସୀନ, ନକୋଦ,
51 ଗସମ, ଉଷ, ପାସେହ,
52 ବେଷୟ, ମିୟୂନୀମ, ନଫୁଷୀମ,
53 ବକ୍ବୁକ, ହକୂଫା, ହର୍ହୂର,
54 ବସ୍ଲୂତ, ମହୀଦା, ହର୍ଶା,
55 ବର୍କୋସ, ସୀଷରା, ତେମହ,
56 ନତ୍ସୀହ, ହଟୀଫା।

57ଶଲୋମନର ଦାସମାନଙ୍କର ବଂଶଧରମାନେ ହେଲେ:
ସୋଟୟ, ସୋଫେରତ, ପରିଦା,
58 ଯାଲା, ଦର୍କୋଣ, ଗିଦ୍ଦେଲ,
59 ଶଫଟିୟ, ହଟୀଲ୍, ପୋଖେରତ୍-ହତ୍ସବାୟିମ
ଓ ଆମୋନ,
60 ମନ୍ଦିରର ସମୁଦାୟ ଦାସ ଓ ଶଲୋମନଙ୍କ ଦାସମାନଙ୍କର
ବଂଶଧର 392 ଜଣ।

61ତେଲମେଲହ, ତେଲହର୍ଶା, କରୁବ, ଅଦ୍ଦନ ଓ ଇମ୍ମେର,
ଏସବୁ ସ୍ଥାନରୁ ଲୋକମାନେ ସବୁ ଆସିଲେ। ମାତ୍ର ସେମାନେ
ଇଶ୍ରାୟେଲୀୟ ଲୋକମାନେ ବୋଲି ନିଜ ନିଜ ପିତୃ ପରିବାର
ଓ ଗୋଷ୍ଠୀର ପ୍ରମାଣ ଦର୍ଶାଇ ପାରିଲେ ନାହିଁ। ସେହି
ଲୋକମାନେ ହେଲେ ଏହିମାନେ।

62 ଦଲାୟ, ଟୋବୟ ଓ ନକୋଦ ବଂଶଧର
642 ଜଣ।

63ଯାଜକମାନଙ୍କ ପରିବାର ମଧ୍ୟରୁ
ହବାୟ, ହକୋସ ଓ ବର୍ସିଲ୍ଲୟର ବଂଶଧର। ଏହି
ବର୍ସିଲ୍ଲୟ ଗିଲୟଦୀୟ ବସିଲ୍ଲୟର ଏକ କନ୍ୟାକୁ
ବିବାହ କରିବାରୁ ତାହାର ନାମ ଅନୁସାରେ ସେ ଖ୍ୟାତ
ହେଲା।

64ସେମାନେ ସେମାନଙ୍କର ପରିବାରର ଇତିହାସ ଖୋଜିଲେ,
ସେମାନଙ୍କର ମଧ୍ୟରେ ଯେଉଁମାନଙ୍କର ପୂର୍ବପୁରୁଷ ପଞ୍ଜିକୃତ
ହୋଇଥିଲେ, ମାତ୍ର ସେମାନେ ପାଇଲେ ନାହିଁ। ତେଣୁ
ସେମାନେ ଯାଜକତ୍ୱରୁ ଅଯୋଗ୍ୟ ଘୋଷିତ ହେଲେ। 65ଶାସନକର୍ତ୍ତା
ସେମାନଙ୍କୁ କହିଲେ, ଯେଉଁ ଊରୀମ୍ ଓ ତୁମ୍ମୀମ୍ଧାରୀ ଯାଜକ
ଉତ୍ପନ୍ନ ନହେବା ପର୍ଯ୍ୟନ୍ତ ତୁମ୍ଭେମାନେ ପବିତ୍ର ବସ୍ତୁ ଭୋଜନ
କରିବ ନାହିଁ।
66ଆଉ ସମସ୍ତ ସମାବେଶରେ 42,360 ଜଣ ଥିଲେ।
67ଏହା ଛଡ଼ା ସେମାନଙ୍କ ଦାସଦାସୀ 7,337 ଜଣ ଥିଲେ।
ସେମାନଙ୍କର 245 ଜଣ ଗାୟକ ଗାୟିକା ଥିଲେ। 68ସେମାନଙ୍କର
736 ଅଶ୍ୱ, 245 ଖଚର, 69-435 ଓଟ, 6,720 ଗଧ
ଥିଲେ।
70ପରିବାରର ପ୍ରଧାନମାନଙ୍କ ମଧ୍ୟରୁ କେହି କେହି ସେହି
କର୍ମ ନିମନ୍ତେ ଦାନ କଲେ। ଶାସନକର୍ତ୍ତା 1,000 ସ୍ୱର୍ଣ୍ଣମୁଦ୍ରା,
ପଚାଶ କୁଣ୍ଡ, 530 ଯାଜକୀୟ ବସ୍ତ୍ର ଦେଲା। 71ଆଉ
ପରିବାରର କେତେକ ପ୍ରଧାନ ଲୋକ କୋଷାଗାରକୁ 20,000
ସ୍ୱର୍ଣ୍ଣ ମୁଦ୍ରା ଓ 2,200 ରୂପାମୁଦ୍ରା ଦେଲେ। 72ଅନ୍ୟ ଲୋକ
ସମସ୍ତେ ମିଶିକି 20,000 ସ୍ୱର୍ଣ୍ଣମୁଦ୍ରା ଓ 2,000 ରୂପା ମୁଦ୍ରା
ଓ ସତଷଠି ଯାଜକୀୟ ବସ୍ତ୍ର ଦେଲେ।
73ଏହାପରେ ଯାଜକମାନେ, ଲେବୀୟମାନେ, ଦ୍ୱାରପାଳମାନେ,
ଗାୟକମାନେ ଓ ମନ୍ଦିରର ସେବକମାନେ ଓ ସମଗ୍ର ଇଶ୍ରାୟେଲୀୟ

ନିଜ ନିଜ ନଗରରେ ବାସ କଲେ। ଏଣୁ ସପ୍ତମ ମାସରେ
ସମସ୍ତ ଇଶ୍ରାୟେଲୀୟମାନେ ନିଜ ନିଜ ନଗରରେ ଥିଲେ।

## ଏଜ୍ରା ବ୍ୟବସ୍ଥାମାନ ପଢିଲେ

8 ତେଣୁ ସମସ୍ତ ଲୋକମାନେ ଜଳଦ୍ୱାର ନିକଟରେ ଥିବା
ଛକରେ ଏକମନରେ ଏକତ୍ରୀତ ହେଲେ। ସଦାପ୍ରଭୁ
ଇଶ୍ରାୟେଲକୁ ମୋଶାଙ୍କର ଯେଉଁ ବ୍ୟବସ୍ଥା ପୁସ୍ତକ ଆଜ୍ଞା
କରିଥିଲେ, ତାହା ଆଣିବା ପାଇଁ ସେମାନେ ଏଜ୍ରା ଲିପିକାରଙ୍କୁ
କହିଲେ। 2ସପ୍ତମ ମାସର ପ୍ରଥମ ଦିନରେ ଯାଜକ ଏଜ୍ରା,
ପୁରୁଷ ଓ ସ୍ତ୍ରୀ ସମ୍ମୁଖରେ ବ୍ୟବସ୍ଥାପୁସ୍ତକ ଆଣିଲେ। ସମସ୍ତେ
ଯେଉଁମାନେ ଶୁଣିପାରିବେ ଓ ବୁଝିପାରିଲେ। 3ସେ ଜଳଦ୍ୱାର
ସମ୍ମୁଖସ୍ଥ ଛକରେ ପୁରୁଷ ଓ ସ୍ତ୍ରୀ ଆଦି ଯେତେଲୋକ ବୁଝି
ପାରନ୍ତି, ସେ ସମସ୍ତଙ୍କ ଆଗରେ ପ୍ରଭାତରୁ ମଧାହ୍ନ ପର୍ଯ୍ୟନ୍ତ
ସେହି ବ୍ୟବସ୍ଥା ପୁସ୍ତକରୁ ପାଠ କଲେ। ଆଉ ସମସ୍ତ ଲୋକେ
ତାହା ଶ୍ରବଣ କଲେ।

4ଏଜ୍ରା ଯାଜକ ସେହି କାର୍ଯ୍ୟ ନିମନ୍ତେ ନିର୍ମିତ କାଠମୟ
ମଞ୍ଚ ଉପରେ ଠିଆ ହେଲେ। ଆଉ ଦକ୍ଷିଣ ପାର୍ଶ୍ୱରେ ତାଙ୍କ
ନିକଟରେ ମତ୍ତଥିୟ, ଶେମା, ଅନାୟ, ଊରିୟ, ହିଲ୍‌କିୟ,
ମାସେୟ ଠିଆ ହେଲେ, ଏବଂ ତାଙ୍କ ବାମ ପାର୍ଶ୍ୱରେ ପଦାୟ
ଓ ମୀଶାୟେଲ, ମଲକିୟ, ହଶୁମ ଓ ହଶ୍‌ବଦ୍ଦାନା, ଜିଖରିୟ
ଓ ମଶୁଲ୍ଲମ ଠିଆ ହେଲେ।

5ଏହାପରେ ଏଜ୍ରା ସସସ୍ତ ଲୋକଙ୍କ ସମ୍ମୁଖରେ ସେହି
ବ୍ୟବସ୍ଥା ପୁସ୍ତକ ଫିଟାଇଲେ। କାରଣ ଏଜ୍ରା ସମସ୍ତଙ୍କଠାରୁ
ଉଚ୍ଚ ସ୍ଥାନରେ ଛିଡ଼ା ହୋଇଥିଲେ। ସେ ବ୍ୟବସ୍ଥା ପୁସ୍ତକ
ଫିଟାଇବା ସମୟରେ ସମସ୍ତେ ଛିଡ଼ା ହେଲେ। 6ତେଣୁ ଏଜ୍ରା
ସଦାପ୍ରଭୁ ମହାନ ପରମେଶ୍ୱରଙ୍କର ପ୍ରଶଂସା କଲା। ଏବଂ
ସମସ୍ତ ଲୋକ ନିଜ ନିଜର ହସ୍ତ ଉଠାଇ କହିଲେ,
"ଆମେନ୍! ଆମେନ୍!"

7ଯେଶୂୟ, ବାନି, ଶେରେବିୟ, ଯାମୀନ୍, ଅକ୍‌କୂବ୍, ଶବ୍ବଥୟ,
ହୋଦୀୟ, ମାସେୟ, କଲିଟ୍, ଅସରିୟ, ଯୋଷାବଦ୍, ହାନନ୍,
ପଲାୟ ଏହି ଲୋକମାନେ ଲେବୀୟ ଗୋଷ୍ଠୀର ଥିଲେ।
ସେମାନେ ଲୋକମାନଙ୍କୁ ବ୍ୟବସ୍ଥା ବୁଝାଇ ଦେଲେ ଏବଂ
ଲୋକମାନେ ନିଜ ନିଜ ସ୍ଥାନରେ ଛିଡ଼ା ହୋଇ ରହିଲେ।
8ସେମାନେ ସ୍ପଷ୍ଟରୂପେ ପରମେଶ୍ୱରଙ୍କ ବ୍ୟବସ୍ଥା ପୁସ୍ତକରୁ ପାଠ
କଲେ ଏବଂ ତହିଁର ଅର୍ଥ ବୁଝାଇ ଦେଲେ, ଯେଉଁଥିରେ
ଲୋକମାନେ ବୁଝି ପାରିଲେ।

9ଦେଶାଧକ୍ଷ ନିହିମିୟା, ଲିପିକାର ଓ ଯାଜକ ଏଜ୍ରା ଓ
ଲେବୀୟମାନେ, ଯେଉଁମାନେ ବୁଝିବାରେ ଲୋକମାନଙ୍କୁ
ସାହାଯ୍ୟ କଲେ, "ଆଜି ଦିନ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ପବିତ୍ର ଅଟେ। ଶୋକ କରନାହିଁ
କି ରୋଦନ କରନାହିଁ।" ସେମାନେ ଏହା କହିଲେ, କାରଣ
ବ୍ୟବସ୍ଥା ବାକ୍ୟ ଶ୍ରବଣ କରନ୍ତେ ସମସ୍ତ ଲୋକ ରୋଦନ
କଲେ।

10ଆଉ ସେ ସେମାନଙ୍କୁ କହିଲେ, "ଘରକୁ ଯାଅ,
ଚିକ୍‌କଣ ଦ୍ରବ୍ୟ ଭୋଜନ କର, ସୁମିଷ୍ଟ ଦ୍ରବ୍ୟ ପାନ କର ଓ
ଯାହା ପାଇଁ ପ୍ରସ୍ତୁତି ହୋଇ ନାହିଁ, ତାହା ପାଇଁ କିଛି ପଠାଅ।
କାରଣ ଆଜି ଆମ୍ଭମାନଙ୍କ ପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର
ଅଟେ। ତୁମ୍ଭେମାନେ ଦୁଃଖିତ ହୁଅ ନାହିଁ। ଯେଣୁ ସଦାପ୍ରଭୁଙ୍କ
ଆନନ୍ଦ ତୁମ୍ଭମାନଙ୍କର ବଳ ହେବ।"

11ଏହିପରି ଭାବରେ ଲେବୀୟମାନେ ସମସ୍ତ ଲୋକଙ୍କୁ
ଚୁପ କରାଇଲେ। "ତୁମ୍ଭେ ସମସ୍ତେ ନିରବ ହୁଅ, କାରଣ
ଆଜି ପବିତ୍ର ଦିନ। ତୁମ୍ଭେମାନେ ଦୁଃଖିତ ହୁଅ ନାହିଁ।"

12ଏହାପରେ ସମସ୍ତ ଲୋକମାନେ ଭୋଜନପାନ କରିବାକୁ,
ଉପହାର ପଠାଇବାକୁ ଓ ଆନନ୍ଦ କରିବାକୁ ଚାଲିଗଲେ,
କାରଣ ସେମାନେ ପଢିଥିବା ବାକ୍ୟର ଅର୍ଥ ବୁଝି ପାରିଲେ।

13ଏହାପରେ ଦ୍ୱିତୀୟ ଦିନ, ସମଗ୍ର ଲୋକଙ୍କର ପରିବାରର
ପ୍ରଧାନବର୍ଗ, ଯାଜକମାନେ ଓ ଲେବୀୟମାନେ ବ୍ୟବସ୍ଥାର
ବାକ୍ୟ ବିବେଚନା କରିବା ନିମନ୍ତେ ଏଜ୍ରା ଲିପିକାର ନିକଟରେ
ଏକତ୍ରୀତ ହେଲେ।

14ସେମାନେ ମୋଶାଙ୍କର ବ୍ୟବସ୍ଥା ପୁସ୍ତକ ପଢିଲେ ଏବଂ
ତାଙ୍କର ନିର୍ଦ୍ଦେଶ ସବୁ ପାଇଲେ। ସଦାପ୍ରଭୁ ମୋଶାଙ୍କ
ମାଧ୍ୟମରେ ତାଙ୍କର ନିର୍ଦ୍ଦେଶ ଜଣାଇଥିଲେ। ବର୍ଷର ସପ୍ତମ
ମାସରେ ଇଶ୍ରାୟେଲୀୟ ବାସୀମାନେ କ୍ଷଣସ୍ଥାୟୀ କୁଟୀରପର୍ବ
ପାଳନ କରିବା ଉଚିତ୍। 15ସେମାନେ ଯେତେବେଳେ ଏହା
ଶୁଣିଲେ, ସେମାନେ ଏହି ବାର୍ତ୍ତା ଯିରୁଶାଲମକୁ ଓ ସେମାନଙ୍କ
ସମସ୍ତ ନଗରକୁ ପଠାଇଲେ। "ପର୍ବତମୟ ଦେଶକୁ ଯାଅ
ଏବଂ ଅଲିଭ ବୃକ୍ଷରୁ ଡ଼ାଳ, ଜଙ୍ଗଲି ଅଲିଭି ତୁଲ୍ୟ, ମେହେନ୍ଦି
ବୃକ୍ଷର ଶାଖା, ଖଜୁରୀ ଶାଖା ଓ ଗହଳିଆ ଶାଖା ସଂଗ୍ରହ
କର। ଏହି ଶାଖାଗୁଡିକ କ୍ଷଣସ୍ଥାୟୀ ପତ୍ରକୁଟୀର ତିଆରି
କରିବାରେ ବ୍ୟବହାର କର। ଏହିପରି କର କାରଣ ତାହା
ବ୍ୟବସ୍ଥା ପୁସ୍ତକରେ ଲିଖିତ ଅଛି।"

16ତହିଁରେ ଲୋକମାନେ ବାହାରେ ଯାଇ ତାହା ସବୁ
ଆଣି ଆପଣା ପାଇଁ ପତ୍ର କୁଟୀର ନିର୍ମାଣ କଲେ। ପ୍ରତ୍ୟେକ
ନିଜ ନିଜ ଗୃହର ଛାତ ଉପରେ ଓ ପ୍ରାଙ୍ଗଣରେ ପରମେଶ୍ୱରଙ୍କ
ଗୃହର ସବୁ ପ୍ରାଙ୍ଗଣରେ ଓ ଜଳ ଦ୍ୱାର ଛକରେ ଓ ଇଫ୍ରୟିମ
ଦ୍ୱାର ଛକରେ ଅସ୍ଥାୟୀ କୁଟୀର ନିର୍ମାଣ କଲେ। 17ନିର୍ବାସିତ
ଫେରି ଆସିଥିବା ଲୋକଙ୍କର ସମଗ୍ର ଦଳ ପତ୍ରକୁଟୀର ନିର୍ମାଣ
କରି ତହିଁ ମଧ୍ୟରେ ବାସ କଲେ। ନୂନର ପୁତ୍ର ଯେଶୂୟର
ସମୟାବଧି ସେହିଦିନ ପର୍ଯ୍ୟନ୍ତ ଇଶ୍ରାୟେଲର ସନ୍ତାନଗଣ
ସେପରି କରି ନଥିଲେ। ଏଣୁ ଏଥିପାଇଁ ବଡ଼ ଆନନ୍ଦ ହେଲା।

18ଆହୁରି ସେ ପ୍ରଥମ ଦିନାବଧି ଶେଷଦିନ ପର୍ଯ୍ୟନ୍ତ
ପ୍ରତିଦିନ ପରମେଶ୍ୱରଙ୍କ ବ୍ୟବସ୍ଥା ପୁସ୍ତକରୁ ପାଠ କଲେ। ପୁଣି
ଲୋକମାନେ ସାତଦିନ ପର୍ଯ୍ୟନ୍ତ ପର୍ବପାଳନ କଲେ। ଆଉ
ନିୟମ ଅନୁସାରେ ଅଷ୍ଟମ ଦିନ ମହାସଭା ହେଲା।

## ଇଶ୍ରାୟେଲୀୟମାନେ ସେମାନଙ୍କର ପାପ ସ୍ୱିକାର କଲେ

9 ସେହି ମାସ ଚବିଶ ଦିନରେ ଇଶ୍ରାୟେଲର ଲୋକମାନେ
ଏକତ୍ରୀତ ହେଲେ। ସେମାନେ ଉପବାସ କରି ଦୁଃଖିଦ
ବସ୍ତ୍ର ପିନ୍ଧି ଏବଂ ସେମାନଙ୍କ ମୁଣ୍ଡରେ କାଦୁଅ ବୋଳି ଏକତ୍ର
ଠିଆ ହେଲେ। 2ସେହି ଲୋକମାନଙ୍କ ମଧ୍ୟରୁ ଯେଉଁମାନେ
ଇଶ୍ରାୟେଲୀୟ ବଂଶ ସେମାନେ ବିଦେଶିମାନଙ୍କ ନିକଟରୁ
ଅଲଗା ଠିଆ ହେଲେ। ଇଶ୍ରାୟେଲୀୟମାନେ ମନ୍ଦିରରେ ଠିଆ
ହୋଇ ନିଜର ପାପ ସ୍ୱିକାର କରିବା ସଙ୍ଗେ ସଙ୍ଗେ
ସେମାନଙ୍କ ପୂର୍ବପୁରୁଷଗଣ କରିଥିବା ପାପ ସ୍ୱିକାର କଲେ।

3ସେମାନେ ସେଠାରେ ପ୍ରାୟ ତିନ ଘଣ୍ଟାଧର ଠିଆ ହେଲେ,
ଏବଂ ଲୋକମାନେ ସଦାପ୍ରଭୁ ସେମାନଙ୍କ ପରମେଶ୍ୱରଙ୍କର
ବ୍ୟବସ୍ଥା ପୁସ୍ତକ ପାଠ କଲେ। ଏହାପରେ ସେମାନେ ସେଠାରେ
ତିନଘଣ୍ଟାରୁ ଉର୍ଦ୍ଧଧର ସେମାନଙ୍କର ପାପ ସ୍ୱୀକାର କଲେ ଓ
ନତମସ୍ତକ ହୋଇ ସଦାପ୍ରଭୁ ସେମାନଙ୍କ ପରମେଶ୍ୱରଙ୍କର
ଉପାସନା କଲେ।

4ଏହାପରେ, ଯେଶୂୟ, ବାନ, କଦ୍‌ମୀୟେଲ,, ଶବନୟ,
ବୁନ୍ନି, ଶେରେବୟ, ବାନ ଓ କନାନି ଲେବୀୟମାନଙ୍କ ପଛରେ
ଛିଡ଼ା ହୋଇ ସଦାପ୍ରଭୁ ସେମାନଙ୍କର ପରମେଶ୍ୱରଙ୍କଠାରେ
ଉଚ୍ଚସ୍ୱରରେ କ୍ରନ୍ଦନ କଲେ। 5ଏହାପରେ ଲେବୀୟମାନେ:
ଯେଶୂୟ, କଦମୀୟେଲ, ବାନ, ହଶବନୟ, ଶେରେବୟ,
ହୋଦୟ, ଶବନୟ, ଓ ପଥାହୟ କହଲେ, "ଉଠ ଅନାଦକାଳରୁ
ଅନନ୍ତକାଳସ୍ଥାୟୀ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କର ଧନ୍ୟବାଦ
କର।"

ସକଳ ଧନ୍ୟବାଦ ଓ ପ୍ରଶଂସାରୁ ଉନ୍ନତ ତୁମ୍ଭ ପ୍ରତାପାନ୍ୱିତ
ନାମ ଧନ୍ୟ ହେଉ।

6ତୁମ୍ଭେ ହିଁ ପରମେଶ୍ୱର ଅଟ। ହେ ସଦାପ୍ରଭୁ, କେବଳ
ତୁମ୍ଭେ ହିଁ ପରମେଶ୍ୱର ଅଟ। ତୁମ୍ଭେ ଆକାଶର ସୃଷ୍ଟିକର୍ତ୍ତା!
ତୁମ୍ଭେ ହିଁ ଉଚ୍ଚ ସ୍ୱର୍ଗ ସୃଷ୍ଟି କରଅଛ। ଏବଂ ସ୍ୱର୍ଗର ସମସ୍ତ
ବସ୍ତୁ ତୁମ୍ଭେ ହିଁ ସୃଷ୍ଟି କରଛ। ତୁମ୍ଭେ ପୃଥିବୀ ଓ ତହିଁରେ
ସକଳର ସୃଷ୍ଟିକର୍ତ୍ତା। ତୁମ୍ଭେ ସମୁଦ୍ରର ସୃଷ୍ଟିକର୍ତ୍ତା ଏବଂ ତନ୍‌ମଧରେ
ସମସ୍ତ ବସ୍ତୁର ସୃଷ୍ଟିକର୍ତ୍ତା। ତୁମ୍ଭେ ପ୍ରତ୍ୟେକର ଜୀବନଦାତା।
ସ୍ୱର୍ଗୀୟ ଦୂତଗଣ ତୁମ୍ଭକୁ ଉପାସନା କରନ୍ତ।

7ତୁମ୍ଭେ ହିଁ ସଦାପ୍ରଭୁ ପରମେଶ୍ୱର ଅଟ। ତୁମ୍ଭେ ହିଁ
ଅବ୍ରହାମଙ୍କୁ ମନୋନୀତ କଲ। ବାବଲୋନଆର ଉର୍ ଦେଶରୁ
ତାଙ୍କୁ ବାହାର କରଆଣି ଅବ୍ରହାମ ନାମ ଦେଲ।

8ତୁମ୍ଭେ ତାଠାରେ ତାର ଅନ୍ତକରଣ ବଶ୍ୱସ୍ତ ଦେଖିଲ,
ଏବଂ ତୁମ୍ଭେ ତାହା ସହତ ଗୋଟିଏ ଚୁକ୍ତ କଲ। କଣାନୀୟ,
ହତ୍ତୀୟ, ଇମୋରୀୟ, ପରଷୀୟ ଓ ଯିବୁଷୀୟ, ଗିର୍ଗାଶୀୟର
ଭୂମି ଅବ୍ରହାମର ବଂଶଧରମାନଙ୍କୁ ଏହା ଦେବାକୁ ପ୍ରତିଜ୍ଞା
କରଥିଲେ।

ଅବ୍ରହାମର ବଂଶକୁ ଏହାକୁ ଦେବାପାଇଁ ଏବଂ ତୁମ୍ଭେ
ତୁମ୍ଭର ପ୍ରତିଜ୍ଞା ରକ୍ଷା କରଛ। କାରଣ ତୁମ୍ଭେ ଧର୍ମମୟ ଅଟ।

9ତୁମ୍ଭେ ମିଶରଠାରେ ଆମ୍ଭ ପୂର୍ବପୁରୁଷଗଣର କ୍ଳେଶ
ଦେଖିଲ ଓ ସୂଫ ସାଗର ନକଟରେ ସେମାନଙ୍କର କ୍ରନ୍ଦନ
ଶୁଣିଲ।

10ତୁମ୍ଭେ ଫାରୋ ଓ ତାହାର ସମସ୍ତ ଦାସ ଓ ତା'ର
ଦେଶସ୍ଥ ସମୁଦାୟ ଲୋକଙ୍କ ପ୍ରତି ନାନା ଚହ୍ନ ଓ ଆଶ୍ଚର୍ଯ୍ୟ
କର୍ମମାନ ଦେଖାଇଲ। କାରଣ ମିଶରୀୟମାନେ ସେମାନଙ୍କ
ବରୁଦ୍ଧରେ ରୁକ୍ଷ ବ୍ୟବହାର କଲେ। ଏଣୁ ତୁମ୍ଭେ ଆଜିର
ନ୍ୟାୟ ଆପଣା ନାମ ପ୍ରସିଦ୍ଧ କରଅଛ।

11ତୁମ୍ଭେ ସେମାନଙ୍କ ସାକ୍ଷାତରେ ସମୁଦ୍ରକୁ ଭାଗ କଲ।
ସେମାନେ ଶୁଷ୍କ ଭୂମି ଦେଇ ଯିବାପର ସମୁଦ୍ର ମଧ୍ୟରେ
ଗଲେ। ମାତ୍ର ଗଭୀର ଜଳରେ ପ୍ରସ୍ତର ତୁଲ୍ୟ ତୁମ୍ଭେ
ସେମାନଙ୍କ ପଛେ ଗୋଡ଼ାଇବା ଲୋକମାନଙ୍କୁ ଅଗାଧ ସମୁଦ୍ରରେ
ନକ୍ଷେପ କଲ।

12ତୁମ୍ଭେ ଦବସରେ ମେଘ ସ୍ତମ୍ଭ ଦ୍ୱାରା, ରାତ୍ରରେ ସେମାନଙ୍କ
ଯିବା ବାଟକୁ ଦୀପ୍ତି ଦେବା ନମନ୍ତେ ଅଗ୍ନିସ୍ତମ୍ଭ ଦ୍ୱାରା ଗମନ
କରାଇଲ।

13ତୁମ୍ଭେ ସୀନୟ ପର୍ବତକୁ ଓହ୍ଲାଇ ଆସିଲ। ସ୍ୱର୍ଗରୁ
ସେମାନଙ୍କ ସହତ କଥାବାର୍ତ୍ତା କଲ। ସେମାନଙ୍କୁ ଯଥାର୍ଥ
ଶାସନ ଓ ସତ୍ୟ ବ୍ୟବସ୍ଥା, ଉତ୍ତମ ବଧି ଓ ଆଜ୍ଞା ପ୍ରଦାନ
କଲ।

14ସେମାନଙ୍କୁ ଆପଣାର ପବତ୍ର ବଶ୍ରାମ ଦନ ଜ୍ଞାତ
କରାଇଲ। ଆପଣା ଦାସ ମୋଶାଙ୍କ ହସ୍ତରେ ସେମାନଙ୍କୁ
ଆଜ୍ଞା ଓ ବଧି ବ୍ୟବସ୍ଥା ଆଦେଶ କଲ।

15ସେମାନଙ୍କ କ୍ଷୁଧା ନବାରଣ ନମନ୍ତେ ତୁମ୍ଭେ ସେମାନଙ୍କୁ
ସ୍ୱର୍ଗରୁ ଖାଦ୍ୟ ଦେଲ। ସେମାନଙ୍କ ତୃଷ୍ଣାପାଇଁ ତୁମ୍ଭେ ଶୈଳରୁ
ଜଳ ନର୍ଗତ କଲ। ତୁମ୍ଭେ 'ଆଜ୍ଞା ଦେଲ, ଯାଅ, ଭୂମିକୁ
ନଅ,' ଯେଉଁଟାକ ତୁମ୍ଭେ ସେମାନଙ୍କୁ ଦେବା ପାଇଁ ଶପଥ
କରଥିଲ।

16ମାତ୍ର ସେମାନେ, ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଗର୍ବ
ଆଚରଣ କଲେ। ସେମାନେ ଜିଦ୍‌ଖୋର ଥିଲେ ଓ ତୁମ୍ଭ
ଆଜ୍ଞା ସେମାନେ ପାଳନ କଲେ ନାହିଁ।

17ସେମାନେ ନୟମମାନ ପାଳନ କରବା ପାଇଁ ଅସମ୍ମତ
ହେଲେ ଏବଂ ସେମାନେ, ସେମାନଙ୍କ ପାଇଁ କରଥିବା ଆଶ୍ଚର୍ଯ୍ୟ
କର୍ମମାନ ମନେ ରଖିଲେ ନାହିଁ। ସେମାନେ ଜିଦ୍‌ଖୋର
ଥିଲେ। ଦାସତ୍ୱ ଅବସ୍ଥାକୁ ଫେରଯିବା ନମନ୍ତେ ବଦ୍ରୋହ
ଭାବରେ ଜଣଙ୍କୁ ପ୍ରଧାନ କର ନଯୁକ୍ତ କଲେ।

ତଥାପି ତୁମ୍ଭେ ସେମାନଙ୍କୁ କ୍ଷମା କରବାକୁ ଉଦ୍ୟତ,
କୃପାମୟ, ସ୍ନେହଶୀଳ, କ୍ରୋଧରେ ଧୀର ଓ ଦୟାରେ ପରପୂର୍ଣ୍ଣ
ପରମେଶ୍ୱର ଅଟ। ଏଣୁ ତୁମ୍ଭେ ସେମାନଙ୍କୁ ପରତ୍ୟାଗ କଲ
ନାହିଁ।

18ସେମାନେ ଯେତେବେଳେ ଛାଞ୍ଚଢଳା ଗୋବତ୍ସ ନର୍ମାଣ
କଲେ, 'ଯେଉଁ ଦେବତା ତୁମ୍ଭକୁ ମିଶର ଦେଶରୁ ବାହାର
କର ଆଣିଲେ,' ସେ ଇଏ ଅଟେ। ଏହା କହ ସେମାନେ
ପରମେଶ୍ୱରଙ୍କର ବହୁତ ନନ୍ଦା କଲେ।

19ସେତେବେଳେ ତୁମ୍ଭେ ତୁମ୍ଭର ମହାନ କରୁଣା ଯୋଗୁଁ
ସେମାନଙ୍କୁ ପ୍ରାନ୍ତରରେ ପରତ୍ୟାଗ କଲ ନାହିଁ। ପଥ କଢାଇବା
ନମନ୍ତେ ଦବସରେ ମେଘସ୍ତମ୍ଭ ଓ ରାତ୍ରିରେ ଅଗ୍ନି ମଶାଲକୁ
ସେମାନଙ୍କଠାରୁ ଛଡାଇ ନେଇ ନାହିଁ।

20ତୁମ୍ଭେ ସେମାନଙ୍କୁ ଶିକ୍ଷା ଦେବା ପାଇଁ ଆପଣାର
ମଙ୍ଗଳମୟ ଆତ୍ମା ପ୍ରଦାନ କଲ। ତୁମ୍ଭେ ସେମାନଙ୍କଠାରୁ
ତୁମ୍ଭର ମାନ୍ନା ଛଡ଼ାଇ ନେଲ ନାହିଁ। ସେମାନଙ୍କର ତୃଷ୍ଣା
ନବାରଣାର୍ଥେ ସେମାନଙ୍କୁ ଜଳ ଦେଲ।

21ତୁମ୍ଭେ ଚାଳିଶ ବର୍ଷ ପର୍ଯ୍ୟନ୍ତ ପ୍ରାନ୍ତରରେ ସେମାନଙ୍କୁ
ପ୍ରତିପାଳନ କଲ। ସେମାନଙ୍କର କିଛି ଅଭାବ ହେଲା ନାହିଁ।
ସେମାନଙ୍କର ବସ୍ତ୍ର ଜିର୍ଣ୍ଣ ହେଲା ନାହିଁ ଓ ସେମାନଙ୍କର ପାଦ
ଫୁଲିଲା ନାହିଁ।

22ହେ ସଦାପ୍ରଭୁ, ତୁମ୍ଭେ ତାଙ୍କୁ ନାନା ରାଜ୍ୟ
ଓ ଗୋଷ୍ଠୀ ଦେଲ ଓ ତାହା ସେମାନଙ୍କ ବାଣ୍ଟ ଅନୁସାରେ
ନରୂପଣ କଲ। ତେଣୁ ସେମାନେ ସୀହୋନ ଦେଶ ହିଷ୍‌ବୋନ୍
ରାଜାର ଦେଶ, ବାଶନର ଓଗ୍ ରାଜାର ଦେଶ ଅଧିକାର
କଲେ।

**23**ତୁମ୍ଭେ ସେମାନଙ୍କ ବଂଶଧରଗଣଙ୍କୁ ଆକାଶର
ନକ୍ଷେତ୍ରଗଣ ତୁଲ୍ୟ ବହୁ ସଂଖ୍ୟକ କଲ। ଯେଉଁଦେଶ
ସେମାନେ ଅଧିକାର କରିବାକୁ ଯିବେ ବୋଲି ତୁମ୍ଭେ ସେମାନଙ୍କ
ପୂର୍ବପୁରୁଷଗଣଙ୍କଠାରେ ଶପଥ କରିଥିଲ, ସେହି ଦେଶକୁ
ସେମାନଙ୍କୁ ଆଣିଲ।
**24**ଏହିପରି ସେହି ସନ୍ତାନଗଣ ଦେଶରେ ପଶି ଅଧିକାର
କଲେ। ଆଉ ତୁମ୍ଭେ ସେମାନଙ୍କ ସମ୍ମୁଖରେ ସେହି ଦେଶବାସୀ
କିଣାନୀୟମାନଙ୍କୁ ପରାସ୍ତ କଲ। ସେମାନେ ଯେପରି ନିଜ
ଇଚ୍ଛାମତେ ବ୍ୟବହାର କରିବେ। ଏଥିପାଇଁ ସେମାନଙ୍କୁ ଓ
ସେମାନଙ୍କ ରାଜଗଣଙ୍କୁ ଓ ଦେଶସ୍ଥ ନାନାଗୋଷ୍ଠୀଙ୍କୁ ସେମାନଙ୍କ
ହସ୍ତରେ ସମର୍ପଣ କଲ।
**25**ତହିଁରେ ସେମାନେ ପ୍ରାଚୀର ବେଷ୍ଟିତ ନଗର ସକଳ
ଓ ଉର୍ବର ଭୂମି ନେଲେ। ସର୍ବପ୍ରକାର ଉତ୍ତମ ଦ୍ରବ୍ୟରେ
ପରିପୂର୍ଣ୍ଣ ଗୃହ, ଖୋଦିତ କୂପ, ଦ୍ରାକ୍ଷାକ୍ଷେତ୍ର, ଜିତକ୍ଷେତ୍ର ଓ
ଅପାର ଫଳବୃକ୍ଷ ଅଧିକାର କଲେ। ସେମାନେ ତୃପ୍ତ ହେବା
ପର୍ଯ୍ୟନ୍ତ ଖାଇଲେ। ସେମାନେ ତୁମ୍ଭର ମହା ମଙ୍ଗଳ ଦାନରେ
ଆନନ୍ଦ କଲେ।
**26**ତଥାପି ସେମାନେ ଅନାଜ୍ଞାବହ ହେଲେ। ସେମାନେ
ତୁମ୍ଭ ବିରୁଦ୍ଧରେ ଦ୍ରୋହାଚରଣ କଲେ। ସେମାନେ ତୁମ୍ଭର
ବ୍ୟବସ୍ଥା ନିଜ ପଛକୁ ପକାଇଲେ। ସେମାନେ ତୁମ୍ଭର ଯେଉଁ
ଭବିଷ୍ୟଦ୍‌ବକ୍ତାମାନେ ତୁମ୍ଭ ପାଖକୁ ଫେରି ଆସିବା ପାଇଁ ଯୁକ୍ତି
କଲେ, ସେମାନଙ୍କୁ ହତ୍ୟା କଲେ ସେମାନେ ସେହି ଯାଜକମାନଙ୍କ
ପ୍ରତି ବହୁତ ନିନ୍ଦନୀୟ କାର୍ଯ୍ୟ କଲେ।
**27**ଏଣୁ ତୁମ୍ଭେ ସେମାନଙ୍କୁ ବିପକ୍ଷଗଣ ହସ୍ତରେ ସମର୍ପଣ
କରିବାରୁ ସେମାନେ ସେମାନଙ୍କୁ କ୍ଲେଶ ଦେଲେ। ମାତ୍ର କ୍ଲେଶ
ସମୟରେ, ସେମାନେ ତୁମ୍ଭଠାରେ ସାହାଯ୍ୟ ପାଇଁ ଚିତ୍କାର
କଲେ ଏବଂ ତୁମ୍ଭେ ସ୍ୱର୍ଗରୁ ତାହା ଶୁଣିଲ। ଆପଣାର ବହୁବିଧ
ଦୟାନୁସାରେ ସେମାନଙ୍କୁ ଉଦ୍ଧାର କର୍ତ୍ତାଗଣ ଦେଲ। ସେମାନେ
ବିପକ୍ଷଗଣ ହସ୍ତରୁ ସେମାନଙ୍କୁ ଉଦ୍ଧାର କଲେ।
**28**ମାତ୍ର ସେମାନେ ବିଶ୍ରାମ କଲାପରେ, ପୁନର୍ବାର ତୁମ୍ଭ
ବିରୁଦ୍ଧରେ କୁକର୍ମମାନ କଲେ। ଏଣୁ ତୁମ୍ଭେ ସେମାନଙ୍କୁ
ଶତ୍ରୁଗଣଙ୍କ ହସ୍ତରେ ସମର୍ପଣ କଲ। ସେମାନେ ସେମାନଙ୍କ
ଉପରେ କର୍ତ୍ତୃତ୍ୱ କଲେ। ତଥାପି ଯେତେବେଳେ ସେମାନେ
ଫେରି ତୁମ୍ଭ ନିକଟରେ କ୍ରନ୍ଦନ କଲେ, ସେତେବେଳେ ତୁମ୍ଭେ
ସ୍ୱର୍ଗରୁ ତାହା ଶୁଣିଲ। ଆଉ ଅନେକଥର ତୁମ୍ଭେ ଆପଣା
ଦୟା ଅନୁସାରେ ସେମାନଙ୍କୁ ଉଦ୍ଧାର କଲ।
**29**ପୁନର୍ବାର ତୁମ୍ଭେ ସେମାନଙ୍କୁ ସତର୍କ କଲ। ତୁମ୍ଭେ
ସେମାନଙ୍କୁ, ତୁମ୍ଭ ବ୍ୟବସ୍ଥା ନିକଟକୁ ଫେରିବା ପାଇଁ କହିଲ।
କିନ୍ତୁ ସେମାନେ ବହୁତ ଗର୍ବୀ ଥିଲେ। ସେମାନେ ତୁମ୍ଭର
ଆଜ୍ଞା ଶୁଣିଲେ ନାହିଁ। ଯଦି ଲୋକମାନେ ତୁମ୍ଭର ବ୍ୟବସ୍ଥା
ମାନନ୍ତି, ତେବେ ସେମାନେ ବାସ୍ତବରେ ବଞ୍ଚି ପାରିବେ। କିନ୍ତୁ
ଆମ୍ଭର ପୂର୍ବପୁରୁଷଗଣ ତୁମ୍ଭର ବ୍ୟବସ୍ଥା ଭଙ୍ଗ କଲେ।
ସେମାନେ ବହୁତ ଜିଦ୍‌ଖୋର ଥିଲେ ଏବଂ ତୁମ୍ଭଙ୍କୁ ପ୍ରତ୍ୟାଖାନ
କଲେ। ସେମାନେ ତୁମ୍ଭର ଆଜ୍ଞା ମାନିଲେ ନାହିଁ।
**30**ତଥାପି ବହୁବର୍ଷ ପର୍ଯ୍ୟନ୍ତ ତୁମ୍ଭେ ସେମାନଙ୍କୁ ସହ୍ୟ
କଲ ଓ ଆପଣା ଆତ୍ମାଦ୍ୱାରା ଆପଣା ଭବିଷ୍ୟଦ୍‌ବକ୍ତାମାନଙ୍କ
ମାଧ୍ୟମରେ ତୁମ୍ଭେ ସତର୍କ କଲ। ମାତ୍ର ସେମାନେ କର୍ଣ୍ଣପାତ
କରିବାକୁ ପ୍ରସ୍ତୁତ ହେଲେ ନାହିଁ। ଏଣୁ ତୁମ୍ଭେ ସେମାନଙ୍କୁ
ଅନ୍ୟ ଦେଶୀୟ ଗୋଷ୍ଠୀ ହସ୍ତରେ ସମର୍ପଣ କଲ।
**31**କାରଣ ତୁମ୍ଭେ ଦୟାବାନ, ତୁମ୍ଭେ ସେମାନଙ୍କୁ ପୁରାପୁରି
ଧ୍ୱଂସ କଲନାହିଁ। ତୁମ୍ଭେ ସେମାନଙ୍କୁ ପରିତ୍ୟାଗ କଲ ନାହିଁ
କାରଣ ତୁମ୍ଭେ କୃପାମୟ ଦୟାଳୁ ପରମେଶ୍ୱର ଅଟ।
**32**ଏଣୁ ହେ ଆମ୍ଭମାନଙ୍କର ପରମେଶ୍ୱର ମହାନ ପରାକ୍ରାନ୍ତ
ଓ ଭୟଙ୍କର ପରମେଶ୍ୱର ତୁମ୍ଭେ ନିୟମ ଓ ଦୟା ପାଳନ
କରିଥାଅ। ଅଶୂରୀୟ ରାଜଗଣର ସମୟାବଧି ଆଜି ପର୍ଯ୍ୟନ୍ତ
ଆମ୍ଭମାନଙ୍କ ଉପରେ, ଆମ୍ଭମାନଙ୍କ ରାଜଗଣ ଉପରେ, ଆମ୍ଭମାନଙ୍କ
ଅଧିପତିଗଣ ଉପରେ, ଆମ୍ଭମାନଙ୍କ ଯାଜକଗଣ ଉପରେ,
ଆମ୍ଭମାନଙ୍କ ଭବିଷ୍ୟଦ୍ ବକ୍ତୃଗଣ ଉପରେ, ଆମ୍ଭମାନଙ୍କ
ପିତୃଗଣ ଉପରେ ଓ ତୁମ୍ଭର ସମସ୍ତ ଲୋକଙ୍କ ଉପରେ
ଯେଉଁ କ୍ଲେଶ ଘଟିଅଛି, ତାହାସବୁ ତୁମ୍ଭ ଦୃଷ୍ଟିରେ କ୍ଷୁଦ୍ର ଦେଖା
ନଯାଉ।
**33**ତଥାପି ଆମ୍ଭମାନଙ୍କ ଉପରେ ଆଜି ପର୍ଯ୍ୟନ୍ତ ଯାହା
ଯାହା ଘଟିଅଛି, ସେ ସବୁରେ ତୁମ୍ଭେ ଧର୍ମମୟ ଅଟ। କାରଣ
ତୁମ୍ଭେ ସତ୍ୟ ବ୍ୟବହାର କରିଅଛ। ମାତ୍ର ଆମ୍ଭେମାନେ ଦୁଷ୍କର୍ମ
କରିଅଛୁ।
**34**ପୁଣି ଆମ୍ଭମାନଙ୍କ ରାଜଗଣ, ରାଜପୁତ୍ରଗଣ, ଆମ୍ଭର
ଯାଜକଗଣ ଓ ଆମ୍ଭର ପୂର୍ବପୁରୁଷଗଣ ତୁମ୍ଭ ବ୍ୟବସ୍ଥା ପାଳନ
କରି ନାହାଁନ୍ତି। ସେମାନେ ତୁମ୍ଭର ଆଜ୍ଞା ଏବଂ ତୁମ୍ଭର
ସତର୍କବାଣୀ ଶୁଣିଲେ ନାହିଁ, ଯାହା ତୁମ୍ଭେ ସେମାନଙ୍କ ବିରୁଦ୍ଧରେ
ଦେଇଥିଲ।
**35**ଯେହେତୁ ସେମାନେ ଆପଣାମାନଙ୍କ ରାଜ୍ୟରେ
ସେମାନଙ୍କୁ ତୁମ୍ଭର ପ୍ରଦତ୍ତ ମହାମଙ୍ଗଳରେ ଓ ସେମାନଙ୍କ
ସମ୍ମୁଖରେ ତୁମ୍ଭର ସମର୍ପିତ ପ୍ରଶସ୍ତ ଓ ଉର୍ବର ଦେଶରେ
ତୁମ୍ଭର ସେବା କରି ନାହାଁନ୍ତି। କି ନିଜ ନିଜ ଦୁଷ୍କର୍ମରୁ ଫେରି
ନାହାଁନ୍ତି।
**36**ଆଜି ଆମ୍ଭେମାନେ ଦାସ ହୋଇଅଛୁ। ପୁଣି ତୁମ୍ଭେ
ଆମ୍ଭମାନଙ୍କ ପିତୃପୁରୁଷଗଣଙ୍କୁ ଯେଉଁ ଦେଶର ଫଳ ଓ ଉତ୍ତମ
ଦ୍ରବ୍ୟ ଭୋଗ କରିବାକୁ ଦେଇଥିଲେ। ସେହି ଦେଶରେ
ଆମ୍ଭେମାନେ ଦାସ ହୋଇଅଛୁ।
**37**ଆଉ ଆମ୍ଭମାନଙ୍କ ପାପ ହେତୁ ତୁମ୍ଭେ ଯେଉଁ ରାଜଗଣଙ୍କୁ
ଆମ୍ଭମାନଙ୍କ ଉପରେ ସ୍ଥାପନ କରିଅଛ, ସେମାନଙ୍କ ପ୍ରତି
ସେହି ଦେଶ ପ୍ରଚୁର ଫଳ ଉତ୍ସର୍ଗ କରୁଅଛି। ଆମ୍ଭମାନଙ୍କ
ଶରୀର ଉପରେ ଓ ଆମ୍ଭମାନଙ୍କ ପଶୁଗଣ ଉପରେ ସେମାନଙ୍କର
ସ୍ୱେଚ୍ଛାମତ କ୍ଷମତା ଅଛି। ଆଉ ଆମ୍ଭେମାନେ ମହା କ୍ଲେଶରେ
ଅଛୁ।
**38**ତଥାପି ଏସବୁ ଘଟିଲେ ହେଁ ଆମ୍ଭେମାନେ ଏକ ନିଶ୍ଚିତ
ନିୟମ କରି ତାହା ଲେଖିଅଛୁ। ଆଉ ଆମ୍ଭମାନଙ୍କର ଅଧିପତିମାନେ,
ଆମ୍ଭମାନଙ୍କ ଲେବୀୟମାନେ ଓ ଆମ୍ଭମାନଙ୍କ ଯାଜକମାନେ
ତାହା ମୋହରାଙ୍କିତ କରୁଅଛନ୍ତି।

**10** ଏହି ଚୁକ୍ତି ପତ୍ରଗୁଡ଼ିକ ଏହିସବୁ ଅଧିକାରୀଙ୍କ ମୋହରରେ
ସ୍ୱାକ୍ଷରିତ ହୋଇଥିଲା। ଯଥା:- ରାଜ୍ୟପାଳ ନିହିମିୟା
ହଖଲୀୟଙ୍କ ପୁତ୍ର ସିଦିକୀୟ। **2**ସରାୟ, ଅସରୀୟ, ଯିରିମିୟ,
**3**ପଶ୍‌ହୂର, ଅମରୀୟ ମଲକୀୟ, **4**ହଟୂଶ୍, ଶବନୀୟ, ମଲ୍ଲୂକ୍,
**5**ହାରିମ୍, ମରେମୋତ୍ ଓବେଦୀୟ, **6**ଦାନିୟେଲ, ଗିନ୍ନଥୋନ୍,

ବାରୂକ୍, 7ମଶୁଲ୍ଲମ୍, ଅବୀୟ, ମିୟାମୀନ, 8ମାସିୟ, ବିଲ୍‌ଗୟ,
ଶମୟିୟ, ଏମାନେ ସମସ୍ତେ ଯାଜକ ଥିଲେ।
9ଲେବୀୟଗଣ ଯଥା: ଅସନୀୟର ପୁତ୍ର ଯେଶୂୟ, ହେନାଦଦର
ସନ୍ତାନଗଣ ମଧ୍ୟରୁ ବିନ୍ନୁୟି ଓ କଦ୍‌ମିୟେଲ୍। 10ସେମାନଙ୍କର
ଭ୍ରାତୃଗଣ, ଶବନୀୟ, ହୋଦୀୟ, କଲୀଟ, ପଲାୟ, ହାନନ୍,
11ମୀଖା, ରହୋବ, ହଶବୀୟ, 12ସକ୍କୁର, ଶେରେବୀୟ, ଶବନୀୟ,
13ହୋଦୀୟ, ବାନି, ବନୀନୁ,
14ଏହି ଲୋକମାନଙ୍କର ପ୍ରଧାନ ବର୍ଗମାନେ, ପରିୟୋଶ୍,
ପହତ୍-ମୋୟାବ, ଏଲମ୍, ସତ୍ତୁ, ବାନି, 15ବୁନ୍ନି, ଅସ୍‌ଗଦ୍,
ବେବୟ, 16ଅଦୋନୀୟ, ବିଗ୍‌ବୟ, ଅଦୀନ, 17ଆଟେର,
ହିଜକୀୟ, ଅସୂର, 18ହୋଦୀୟ, ହଶୁମ୍, ବେତ୍‌ସୟ, 19ହାରୀଫ୍,
ଅନାଥୋତ୍, ନୋବୟ ଓ ନେବୟ। 20ମଗ୍‌ପୀୟସ, ମଶୁଲ୍ଲମ୍
ଓ ହେଷୀର, 21ମଶେଷବେଲ, ସାଦୋକ୍ ଓ ଯଦ୍ଦୁୟ, 22ପଲଟୀୟ,
ହାନନ୍ ଓ ଅନାୟ, 23ହୋଶେୟ, ହନାନୀୟ, ଓ ହଶୁବ,
24ହଲୋହେସ ପିଲହ,ଶୋବେକ, 25ରହୂମ୍, ହଶବ୍‌ନା ଓ
ମାସେୟ, 26ଅହୀୟ, ହାନନ୍ ଓ ଅନାନ୍, 27ମଲ୍ଲୁକ୍, ହାରିମ୍
ଏବଂ ବାନା।
28-29ତେଣୁ ଏହି ଲୋକମାନେ ସମସ୍ତେ ମିଶି ପରମେଶ୍ୱରଙ୍କ
ନିକଟରେ ଏକ ଶପଥ କଲେ। ସେମାନେ କହିଲେ, "ଯଦି
ଆମ୍ଭେମାନେ ଆମ୍ଭର ଶପଥ ନରଖୁ, ତେବେ ଆମ୍ଭମାନଙ୍କ
ପାଇଁ ସବୁ ଅଘଟଣ ଘଟିବ।" ପରମେଶ୍ୱରଙ୍କ ବ୍ୟବସ୍ଥା
ତାଙ୍କର ଦାସ ମୋଶାଙ୍କ ଦ୍ୱାରା ଘୋଷଣା କରାଗଲା। ଏହି
ସମସ୍ତ ଲୋକମାନେ ସାବଧାନ ସହକାରେ ସଦାପ୍ରଭୁ
ପରମେଶ୍ୱରଙ୍କର ବ୍ୟବସ୍ଥା ଓ ନିୟମ ମାନିବା ପାଇଁ ଶପଥ
କଲେ। ସେମାନେ ହେଲେ, ଲୋକମାନଙ୍କର ଅବଶିଷ୍ଟାଂଶ
ଯାଜକମାନେ, ଲେବୀୟମାନେ, ଦ୍ୱାରପାଳମାନେ, ଗାୟକମାନେ,
ନଥୀନୀୟମାନେ ଓ ଯେ ସମସ୍ତ ଲୋକ ଯେଉଁମାନେ ସେମାନଙ୍କୁ
ଅନ୍ୟ ସ୍ଥାନରେ ଲୋକମାନଙ୍କଠାରୁ ଅଲଗା କଲେ, କାରଣ
ସେମାନେ ପରମେଶ୍ୱରଙ୍କର ବ୍ୟବସ୍ଥା ରଖିପାରିବେ। ସେମାନେ
ସେମାନଙ୍କର ସ୍ତ୍ରୀଗଣ, ସେମାନଙ୍କର ପୁତ୍ରଗଣ ଓ ସେମାନଙ୍କର
କନ୍ୟାଗଣ, ପ୍ରତ୍ୟେକ ଜ୍ଞାନବାନ ଓ ବୁଦ୍ଧିମାନ ଲୋକ,
ସେମାନେ ସେମାନଙ୍କର ଭ୍ରାତୃଗଣ, ସେମାନଙ୍କର କୁଳୀନଗଣ
ଏହି ଶପଥ ନେବା ପାଇଁ ରାଜି ଥିଲେ।
30ସେମାନେ ପ୍ରତିଜ୍ଞା କରି କହିଲେ, "ଆମ୍ଭେମାନେ ଅନ୍ୟ
ଦେଶୀୟ ଲୋକମାନଙ୍କୁ ଆପଣାମାନଙ୍କ କନ୍ୟାଗଣ ଦେବୁ
ନାହିଁ। କି ଆପଣାମାନଙ୍କ ପୁତ୍ରଗଣ ନିମନ୍ତେ ସେମାନଙ୍କ
କନ୍ୟାଗଣ ଗ୍ରହଣ କରିବୁ ନାହିଁ।
31"ଆମ୍ଭେ ପ୍ରତିଜ୍ଞା କରୁଅଛୁ, ଆଉ ଦେଶସ୍ଥ ଲୋକମାନେ
ବିଶ୍ରାମ ବାରରେ କୌଣସି ପଦାର୍ଥ କି ଖାଦ୍ୟଦ୍ରବ୍ୟ ବିକିବାକୁ
ଆଣିଲେ, ଆମ୍ଭେମାନେ ବିଶ୍ରାମଦିନରେ, କି ଅନ୍ୟ କୌଣସି
ପବିତ୍ର ଦିନରେ ସେମାନଙ୍କଠାରୁ ତାହା କିଣିବୁ ନାହିଁ। ଆଉ
ସପ୍ତମ ବର୍ଷ, ସର୍ବପ୍ରକାର ଋଣ ଆଦାୟ କରିବାର ଛାଡ଼ି
ଦେବୁ।
32"ଆମ୍ଭେମାନେ ଆପଣାମାନଙ୍କ ପରମେଶ୍ୱରଙ୍କ ସେବାକାର୍ଯ୍ୟ
ନିମନ୍ତେ ତାଙ୍କର ନିର୍ଦ୍ଦେଶସବୁ ମାନିବୁ। ଏବଂ ଏକ ତୃତୀୟାଂଶ
ଶେକଲ ରୂପା ପ୍ରତିବର୍ଷ ପରମେଶ୍ୱରଙ୍କ ମନ୍ଦିର କାର୍ଯ୍ୟ ପାଇଁ
ଦେବୁ। 33ଅର୍ଥାତ୍ ଦର୍ଶନୀୟ ରୋଟୀର ଓ ନିତ୍ୟ ଭକ୍ଷ୍ୟ
ନୈବେଦ୍ୟର ଓ ନିତ୍ୟ ହୋମବଳିର, ବିଶ୍ରାମ ବାରର ଅମାବାସ୍ୟାର,
ନିରୂପିତ ପର୍ବାଦିର ଓ ପବିତ୍ର ଦ୍ରବ୍ୟାଦିର ଓ ଇଶ୍ରାୟେଲର
ପ୍ରାୟଶ୍ଚିତ୍ତାର୍ଥକ ପାପବଳିର ଓ ଆମ୍ଭମାନଙ୍କ ପରମେଶ୍ୱରଙ୍କ
ମନ୍ଦିରର ସମସ୍ତ କାର୍ଯ୍ୟ ନିମନ୍ତେ।
34"ଆମ୍ଭେମାନେ ଗୁଳିବାଣ୍ଟ କରି ଯାଜକମାନଙ୍କ ବଂଶ
ପାଇଁ, ଲେବୀୟଗଣ ପାଇଁ, ସଦାପ୍ରଭୁଙ୍କ ମନ୍ଦିର ପାଇଁ କାଠ
ଆଣୁଥିବା ଲୋକମାନଙ୍କ ପାଇଁ ବାର୍ଷିକ କାର୍ଯ୍ୟ ନିର୍ଘଣ୍ଟ ସ୍ଥିର
କରିଅଛୁ। ବ୍ୟବସ୍ଥାରେ ଯାହା ଲିଖିତ ହୋଇଅଛି ସେହି
ଅନୁସାରେ ଆମ୍ଭ ସଦାପ୍ରଭୁ ପରମେଶ୍ୱରଙ୍କ ଯଜ୍ଞବେଦୀରେ
ସେହି କାଠଗୁଡ଼ିକ ଜଳାଯିବା ଉଚିତ୍।
35"ଆମ୍ଭମାନଙ୍କ ଜମିର ପ୍ରଥମଜାତ ଶସ୍ୟ ଓ ସର୍ବପ୍ରକାର
ବୃକ୍ଷର ପ୍ରଥମଜାତ ଫଳ, ବର୍ଷକୁ ବର୍ଷ ସଦାପ୍ରଭୁଙ୍କ ମନ୍ଦିରକୁ
ଆଣିବା ପାଇଁ ଏକଥା ଗ୍ରହଣ କରିଥିଲୁ।
36"ବ୍ୟବସ୍ଥା ପୁସ୍ତକର ଲିଖନ ଅନୁସାରେ ଆମ୍ଭମାନଙ୍କ
ସନ୍ତାନଗଣର ଓ ପଶୁଗଣର ପ୍ରଥମଜାତ ଆମ୍ଭମାନଙ୍କ ଗୋପଲର
ଓ ମେଷପଲର ପ୍ରଥମ ଜାତମାନଙ୍କୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ
ଗୃହକୁ, ଆମ୍ଭମାନଙ୍କ ପରମେଶ୍ୱରଙ୍କ ମନ୍ଦିରରେ ପରିଚର୍ଯ୍ୟାକାରୀ
ଯାଜକମାନଙ୍କ ନିକଟକୁ ଆଣିବା ପାଇଁ ମଧ୍ୟ ନିୟମ କରିଥିଲୁ।
37"ଏବଂ ଆମ୍ଭମାନେ ଉତ୍କୃଷ୍ଟ ଅଟା ଓ ସର୍ବପ୍ରକାର ବୃକ୍ଷର
ଫଳ ଓ ନୂତନ ଦ୍ରାକ୍ଷାରସ ଓ ତୈଳ ଯାଜକମାନଙ୍କ ନିକଟକୁ
ଓ ଆମ୍ଭମାନଙ୍କ ପରମେଶ୍ୱରଙ୍କ ମନ୍ଦିରର କୋଠରିକୁ ଆଣିବା
ପାଇଁ ଆମ୍ଭର ଦ୍ରବ୍ୟର ଏକ ଦଶମାଂଶ ଲେବୀୟମାନଙ୍କ
ନିକଟକୁ ଆଣିବା ପାଇଁ ସ୍ଥିର କଲୁ। କାରଣ ସେହି
ଲେବୀୟମାନେ ଆମ୍ଭମାନଙ୍କ ସକଳ କୃଷିନଗରରେ ଏକ
ଦଶମାଂଶ ଆଦାୟ କରନ୍ତି। 38ମାତ୍ର ଲେବୀୟମାନେ ଦଶମାଂଶ
ଆଦାୟ କରିବା ସମୟରେ ହାରୋଣଙ୍କ ସନ୍ତାନ ଯାଜକ
ଲେବୀୟମାନଙ୍କ ସଙ୍ଗେ ରହିବ। ଆଉ ଲେବୀୟମାନେ
ପରମେଶ୍ୱରଙ୍କ ମନ୍ଦିରସ୍ଥିତ ଭଣ୍ଡାର ଗୃହକୁ ଦଶମାଂଶର ଦଶମାଂଶ
ଆଣିବେ। 39ଇଶ୍ରାୟେଲର ଲୋକମାନେ ଏବଂ ଲେବୀୟମାନେ
ଭଣ୍ଡାର ଗୃହକୁ ନିମିତ୍ତରେ ତାଙ୍କର ଉପହାର ଆଣିବେ।
ସେମାନେ ଶସ୍ୟ, ଦ୍ରାକ୍ଷାରସ, ତୈଳ ସେହି କୋଠରୀକୁ
ଆଣିବେ, ଯେଉଁଠାରେ ଦାୟିତ୍ୱରେ ଥିବା ଯାଜକମାନେ,
ଦ୍ୱାରପାଳଗଣ ଓ ଗାୟକମାନେ ପବିତ୍ର ସାମଗ୍ରୀ ରଖନ୍ତି। ଏବଂ
"ଆମ୍ଭେମାନେ ଆମ୍ଭମାନଙ୍କର ପରମେଶ୍ୱରଙ୍କ ମନ୍ଦିର ପ୍ରତି
ହେଳା କରିବୁ ନାହିଁ।"

## ନୂତନ ଲୋକମାନଙ୍କର ଯିରୂଶାଲମକୁ ପ୍ରବେଶ

11 ଇଶ୍ରାୟେଲମାନଙ୍କର ଅଧିପତିମାନେ ଯିରୂଶାଲମରେ
ବାସ କଲେ। ଅବଶିଷ୍ଟ ଲୋକମାନେ ପବିତ୍ର ନଗର
ଯିରୂଶାଲମରେ ବାସ କରିବା ନିମନ୍ତେ ପ୍ରତି ଦଶଜଣ ମଧ୍ୟରୁ
ଜଣଙ୍କୁ ସେ ସ୍ଥାନକୁ ଆଣିବା ପାଇଁ ଓ ଅନ୍ୟ ନଅ ଜଣଙ୍କୁ
ଅନ୍ୟାନ ନଗରରେ ବାସ କରିବାକୁ ଗୁଲିବାଣ୍ଟ କଲେ। 2ଆଉ
ଯେଉଁମାନେ ଯିରୂଶାଲମରେ ବାସ କରିବାକୁ ସ୍ୱଇଚ୍ଛାରେ
ସମର୍ପଣ କଲେ, ଲୋକମାନେ ସେମାନଙ୍କର ଧନ୍ୟବାଦ
କଲେ।
3ପ୍ରଦେଶର ଏହି ପ୍ରଧାନବର୍ଗ ଯିରୂଶାଲମରେ ବାସ କଲେ।
କିନ୍ତୁ ଯିହୁଦାର ଏବଂ ଇଶ୍ରାୟେଲର ଅନ୍ୟ ନଗରରେ

ଲୋକମାନେ, ଯାଜକମାନେ, ଲେବୀୟମାନେ, ନଥୀନୀୟମାନେ
ଓ ଶଲୋମନଙ୍କର ଦାସଗଣର ସନ୍ତାନମାନେ ପ୍ରତ୍ୟେକ ନିଜ
ନିଜ ନଗରରେ ବାସ କଲେ। 4ଯିହୁଦାର ବଂଶଧରଗୁଡ଼କ
ମଧ୍ୟରୁ ଓ ବିନ୍ୟାମୀନର ବଂଶଧରଗୁଡ଼କ ମଧ୍ୟରୁ, କେତେକ
ଲୋକ ଯିରୁଶାଲମରେ ବାସ କଲେ।

ଯିହୁଦାର ବଂଶଧରମାନଙ୍କ ମଧ୍ୟରୁ ଉଷିୟର ପୁତ୍ର ଅଥାୟ,
ସେହି ଉଷିୟ ଜିଖରୟର ପୁତ୍ର, ତାଙ୍କର ପୁତ୍ର ଅମରୟର,
ଅମରୟର ପୁତ୍ର ଶଫଟିୟର, ତାଙ୍କର ପୁତ୍ର ମହଲଲେଲର,
ତାଙ୍କର ପୁତ୍ର, ପେରସର ପୁତ୍ରମାନଙ୍କ ମଧ୍ୟରୁ ଜଣେ। 5ବାରୂକର
ପୁତ୍ର ମାସେୟ, ବାରୂକ୍ କଲ୍-ହୋଷିର ପୁତ୍ର ଥିଲା। କଲ-ହୋଷି
ହସାୟର ପୁତ୍ର, ହସାୟ ଅଦାୟାର ପୁତ୍ର, ଅଦାୟା ଯୋୟାରୀବର
ପୁତ୍ର, ଯୋୟାରୀବ୍ ଜିଖରୟର ପୁତ୍ର ଥିଲା। ଜିଖରୟ
ଶୀଲୋନୀୟମାନଙ୍କର ଭବିଷ୍ୟତ୍ ବଂଶଧର ଥିଲା। 6ପେରସର
ବଂଶଧର ମୋଟ 468 ଜଣ ବୀର ପୁରୁଷ ଯିରୁଶାଲମରେ
ବାସ କଲେ।

7ବିନ୍ୟାମୀନର ବଂଶଧରମାନେ, ଯଥା: ମଶୁଲ୍ଲମର ପୁତ୍ର
ସଲ୍ଲୁ, ମଶୁଲ୍ଲମ ଯୋୟେଦର ପୁତ୍ର, ଯୋୟେଦ୍ ପଦାୟର ପୁତ୍ର
ଥିଲା, ପଦାୟ କୋଲାୟାର ପୁତ୍ରଥିଲା, କୋଲାୟା ମାସେୟର
ପୁତ୍ର ଥିଲା, ମାସେୟ ଇଥୀୟେଲର ପୁତ୍ର, ଇଥୀୟେଲ ଯିଶାୟାହର
ପୁତ୍ର ଥିଲା। 8ତାଙ୍କର ଭ୍ରାତାଗଣ ସହିତ ଗବ୍ବୟ, ସଲ୍ଲୟଆଦି
928 ଜଣ ଥିଲେ। 9ସିଖ୍ରିର ପୁତ୍ର ଯୋୟେଲ ସେମାନଙ୍କର
ମୁଖ୍ୟ ଥିଲେ। ହସନୂୟାର ପୁତ୍ର ଯିହୁଦା ନଗରର ଦ୍ୱିତୀୟ
ଶାସକ ଥିଲେ।

10ଏହି ଯାଜକମାନେ ଯେଉଁମାନେ ଯିରୁଶାଲମକୁ ଯାତ୍ରା
କରିଥିଲେ। ସେମାନେ ହେଲେ, ଯୋୟାରୀବର ପୁତ୍ର ଯିଦୟିୟ,
ଯାଖୀନ, 11ହିଲ୍‌କୀୟର ପୁତ୍ର ସରାୟ, ହିଲ୍‌କୀୟ ମଶୁଲ୍ଲମର
ପୁତ୍ର, ମଶୁଲ୍ଲମ ସାଦୋକର ପୁତ୍ର, ସାଦୋକ୍ ମରାୟୋତର
ପୁତ୍ର, ମରାୟୋତ୍ ଅହୀଟୂବ୍‌ର ପୁତ୍ର, ସରାୟ ପରମେଶ୍ୱରଙ୍କ
ମନ୍ଦିରର ନିରୀକ୍ଷକ ଥିଲେ। 12ସେମାନଙ୍କର ଆତ୍ମୀୟମାନଙ୍କ
ସହିତ ଏକାଠି ହୋଇ ଯେଉଁମାନେ ପରମେଶ୍ୱରଙ୍କ ମନ୍ଦିରରେ
କାମ କରୁଥିଲେ ସେମାନେ 822 ଜଣ ଥିଲେ। ଯିରୋହମର
ପୁତ୍ର ଅଦାୟା, ପଲଲୀୟର ଯିରୋହମ ପୁତ୍ର, ଅମ୍‌ସିର ପୁତ୍ର
ପଲଲୀୟ, ଜିଖରୟର ପୁତ୍ର ଅମସି, ପଶ୍‌ହୂରର ପୁତ୍ର ଜିଖରୟ,
ମଲ୍କିୟେଲର ପୁତ୍ର ପଶ୍‌ହୂର। 13ଅଦାୟାର ଭାତୃଗଣ 242 ଜଣ
ପିତୃବଂଶ ପ୍ରଧାନ ଥିଲେ, ଅସରେଲର ପୁତ୍ର ଅମଶୟ ସେହି
ଅସରେଲ୍ ଅହସୟର ପୁତ୍ର, ଅହସୟ ମଶିଲ୍ଲେମୋତର ପୁତ୍ର,
ମଶିଲ୍ଲେମୋତ୍ ଇମ୍ମେରର ପୁତ୍ର। 14ଆଉ ସେମାନଙ୍କ ଭାତୃଗଣ
128 ଜଣ ମହାବିକ୍ରମଶାଳୀ ପୁରୁଷ ଥିଲେ ଓ ହଗ୍‌ଦୋଲୀମର
ପୁତ୍ର ସବ୍‌ଦୀୟେଲ ସେମାନଙ୍କର ନିରୀକ୍ଷକ ଥିଲା।

15ଲେବୀୟମାନଙ୍କ ମଧ୍ୟରୁ ଯଥା: ହଶୂବର ପୁତ୍ର ଶମୟିୟ,
ହଶୂବ୍ ଅସ୍ରୀକାମର ପୁତ୍ର, ଅସ୍ରୀକାମ୍ ହସବୟର ପୁତ୍ର,
ହସବୟ ବୁନ୍ନିର ପୁତ୍ର। 16ଲେବୀୟ ପ୍ରଧାନ ବର୍ଗମଧ୍ୟରୁ
ଶବ୍ବଥୟ ଓ ଯୋଷାବଦ୍ ପରମେଶ୍ୱରଙ୍କ ମନ୍ଦିରର ବାହାର
କାର୍ଯ୍ୟର ନିରୀକ୍ଷକ ଥିଲେ। 17ମୀଖାର ପୁତ୍ର ମତ୍ତନୟ ଯିଏକି
ସବ୍‌ଦିର ଆସଫର ପୁତ୍ର ଥିଲା, ଯିଏକି ଶମ୍ମୂୟର ପୁତ୍ର
ବକ୍‌ବୁକୀୟ ଓ ଅବଦା ସହିତ ଧନ୍ୟବାଦ ଅର୍ପଣର ପ୍ରାର୍ଥନା
କରୁଥିଲେ। ଯିଏକି ଗାଲଲର ପୁତ୍ର, ଗାଲଲ ଯିଏକି ଯିଦୂଥୂନର
ପୁତ୍ର ଥିଲା। 18ପବିତ୍ର ନଗରସ୍ଥ ଲେବୀୟମାନେ ସର୍ବମୋଟ୍
284 ଜଣ ଥିଲେ।

19ଦ୍ୱାରପାଳ ଅକ୍‌କୂବ୍ ଟଲ୍‌ମୋନ ଓ ସେମାନଙ୍କର ଭାଇମାନେ,
ଯେଉଁମାନେ ନଗର ଫାଟକର ପ୍ରହରୀ ଥିଲେ, ସେମାନେ
172 ଜଣ ଥିଲେ।

20ଇସ୍ରାୟେଲର ଯାଜକମାନଙ୍କର ଓ ଲେବୀୟମାନଙ୍କ ଅବଶିଷ୍ଟ
ଲୋକମାନେ ଯିହୁଦାର ସମସ୍ତ ନଗରରେ ପ୍ରତ୍ୟେକ ନିଜ
ନିଜର ସମ୍ପତ୍ତିରେ ରହିଲେ। 21ମନ୍ଦିରର ସେବକମାନେ ଓଫଲ
ପର୍ବତରେ ବାସ କଲେ। ଆଉ ସୀହ ଓ ଗିଷ୍ପ ମନ୍ଦିରର
ସେବକମାନଙ୍କର ମୁଖ୍ୟ ଥିଲେ।

22ଉଷି ଯିରୁଶାଲମରେ ଲେବୀୟମାନଙ୍କର ନିରୀକ୍ଷକ ଥିଲେ।
ଉଷି ବାନିର ପୁତ୍ର, ବାନି ହଶବୟର ପୁତ୍ର, ହଶବୟ ଯିଏକି
ମତ୍ତନୟର ପୁତ୍ର, ମତ୍ତନୟ ଯିଏକି ମୀଖାର ପୁତ୍ର ଥିଲେ।
ଉଷି ପରମେଶ୍ୱରଙ୍କ ମନ୍ଦିରରେ ସେବା କରୁଥିବା ଗାୟକର ଓ
ଆସଫର ବଂଶଧର ଥିଲେ। 23ରାଜା ଆଜ୍ଞା ଦେଲେ ଯେ,
ପ୍ରତ୍ୟେକ ଦିନ ଗାୟକମାନଙ୍କୁ ପୁରସ୍କାର ଦିଆଯିବା ଉଚିତ୍।
24ଯିହୁଦାର ପୁତ୍ର ସେରହର ବଂଶଜାତ ମଶେଷବେଲର ପୁତ୍ର
ପଥାହିୟ ଲୋକମାନଙ୍କ ସମସ୍ତ କାର୍ଯ୍ୟ ବିଷୟରେ ରାଜାଙ୍କୁ
ଉପଦେଶ ଦେଲେ।

25ଯିହୁଦାର ଲୋକମାନଙ୍କ ମଧ୍ୟରୁ କେତେକ କ୍ଷେତ୍ରସ୍ଥ
ନଗରରେ ଅର୍ଥାତ୍ କିରୟତ୍‌ଅର୍ବ ଓ ତହିଁ ନିକଟସ୍ଥ ଦୀବୋନ
ଓ ତହିଁର ଉପନଗରରେ, ଯିକବ୍‌ସେଲ ଓ ତହିଁର ଗ୍ରାମରେ
ରହିଲେ। 26ଯେଶୂୟରେ, ମୋଲାଦାରେ ଓ ବୈଥ୍‌ପେଲଟରେ,
27ଆଉ ହତ୍‌ସର-ଶୁୟାଲରେ, ବେରଶେବା ଓ ତହିଁର
ଉପନଗରରେ ରହିଲେ। 28ଆଉ ସିକ୍ଳଗରେ, ମକୋନା ଓ
ତହିଁର ଉପନଗରରେ ରହିଲେ। 29ଐନରିମ୍ମୋଣରେ, ସରୟାରେ
ଓ ଯର୍ମୁତରେ, 30ସାନୋହ, ଅଦୁଲ୍ଲମ ଓ ତହିଁର ପାର୍ଶ୍ୱବର୍ତ୍ତୀ
ଗ୍ରାମରେ, ଲାଖୀଶ ଓ ତହିଁର କ୍ଷେତ୍ରରେ, ଅସେକା ଓ ତହିଁର
ଗ୍ରାମରେ ବାସ କଲେ। ଏହିପରି ସେମାନେ ବେର୍‌ଶେବାଠାରୁ
ହିନ୍ନୋମ ଉପତ୍ୟକା ପର୍ଯ୍ୟନ୍ତ ଛାଉଣି କଲେ।

31ବିନ୍ୟାମୀନ ସନ୍ତାନଗଣ ମଧ ଗେବାଠାରୁ ମିକ୍‌ମସ୍ ଓ
ଅୟାରେ, ବୈଥେଲ ଓ ତହିଁର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼କରେ
ବାସ କଲେ। 32ଅନାଥୋତ୍, ନୋବ୍ ଓ ଅନନୟାରେ,
33ହାତ୍‌ସୋର, ରାମା, ଗିତ୍ତୟିମରେ, 34ହାଦୀଦ, ସବୋୟିମ,
ନବଲାଟରେ, 35ଲୋଦ ଓ ଓନୋ, ଶିଳ୍ପକାରମାନଙ୍କ ଉପତ୍ୟକାରେ
ବାସ କଲେ। 36ଆଉ ଯିହୁଦାରେ ବାସ କରୁଥିବା କେତେକ
ଲେବୀୟ ବିନ୍ୟାମୀନ ସହିତ ସଂଯୁକ୍ତ ହେଲେ।

## ଯାଜକମାନେ ଓ ଲେବୀୟମାନେ

12 ଏହିମାନେ ହେଉଛନ୍ତି ଯାଜକ ଓ ଲେବୀୟ,
ଶଲ୍‌ଟୀୟେଲର ପୁତ୍ର ସରୁବାବିଲ ଓ ଯେଶୂୟ ସଙ୍ଗେ
ଆସିଲେ, ସେମାନେ ହେଲେ ସରାୟ, ଯିରମିୟ, ଏଜ୍ରା,
2ଅମରୟ, ମଲ୍ଲୂକ, ହଟୂଶ, 3ଶଖନୟ, ରହୂମ, ମରେମୋତ୍,
4ଇଦ୍ଦୋ, ଗିନ୍ନଥୋୟ, ଅବୟ, 5ମିୟାମୀନ୍, ମୋୟଦିୟ, ବିଲଗା,
6ଶମୟିୟ ଓ ଯୋୟାରୀବ, ଯିଦୟିୟ, 7ସଲ୍ଲୁ, ଆମୋକ,
ହିଲ୍‌କୀୟ, ଯିଦୟିୟ। ଏମାନେ ଯେଶୂୟ ସମୟରେ ଯାଜକମାନଙ୍କ
ଓ ଆପଣା ଆପଣା ଭାତୃଗଣ ମଧ୍ୟରେ ପ୍ରଧାନ ଥିଲେ।

8ଲେବୀୟମାନେ ଯଥା: ଯେଶୂୟ, ବିନୁୟି, କଦ୍ମୀୟେଲ,
ଶେରେବୟ, ଯିହୁଦା ଓ ମତ୍ତନୟ। ଏହି ମତ୍ତନୟ ଓ ତାହାର
ଭ୍ରାତୃଗଣ ପ୍ରଶଂସାର୍ଥକ ଗୀତର ମୁଖ୍ୟ ଥିଲେ। 9ସେମାନଙ୍କର
ଭାଇ ବକ୍‌ବୁକୟ ଓ ଉନ୍ନି ସେମାନଙ୍କ ସମ୍ମୁଖରେ ପ୍ରହରୀ କର୍ମ
କଲେ। 10ଯେଶୂୟ ଯୋୟାକୀମ୍‌ର ପିତା ଥିଲେ, ଯୋୟାକୀମ୍
ଇଲୀୟାଶୀବର ପିତା ଥିଲେ ଓ ଇଲୀୟାଶୀବ ଯୋୟାଦର ପିତା
ଥିଲେ। 11ଯୋୟାଦ ଯୋନାଥନର ପିତା ଥିଲେ ଏବଂ
ଯୋନାଥନ, ଯଦ୍ଦୂୟର ପିତା ଥିଲେ।
12ପୁଣି ଯୋୟାକୀମର ସମୟରେ ଏହି ଯାଜକଗଣ
ସେମାନଙ୍କର ପରିବାରବର୍ଗଗୁଡ଼ିକର ମୁଖ୍ୟ ଥିଲେ, ଯଥା:

ସରାୟ ବଂଶର ପ୍ରଧାନ ଥିଲେ ମରାୟ।
ଯିରିମିୟ ବଂଶର ମୁଖ୍ୟ ଥିଲେ ହନାନୀୟ,
13 ଏଜ୍ରା ପରିବାରର ମୁଖ୍ୟ ଥିଲେ ମଶୁଲ୍ଲମ୍।
ଅମରୀୟ ପରିବାରର ଯିହୋହାନନ୍ ମୁଖ୍ୟ ଥିଲେ।
14 ମଲ୍ଲୂକ ପରିବାରର ମୁଖ୍ୟ ଥିଲେ ଯୋନାଥନ।
ଶବନୀୟ ପରିବାରର ମୁଖ୍ୟ ଥିଲେ ଯୋଷେଫ,
15 ଅଦନ୍, ହାରିମ ପରିବାରର ମୁଖ୍ୟ ଥିଲେ।
ହିଲ୍‌କୟ ମରାୟୋତ ପରିବାରର ମୁଖ୍ୟ ଥିଲେ।
16 ଜିଖରୀୟ ଇଦ୍ଦୋ ପରିବାରର ମୁଖ୍ୟ ଥିଲେ,
ଗିନ୍ନଥୋନ ପରିବାରର ମଶୁଲ୍ଲମ ମୁଖ୍ୟ ଥିଲେ।
17 ସିଖ୍ରି, ଅବୀୟ ପରିବାରର ମୁଖ୍ୟ ଥିଲେ।
ପିଲ୍‌ଟୟ ମିନ୍ୟାମୀନ ଓ ମୋୟଦୀୟ
ପରିବାରର ମୁଖ୍ୟ ଥିଲେ।
18 ଶମ୍ମୂୟ, ବିଲ୍‌ଗା ପରିବାରର ମୁଖ୍ୟ ଥିଲେ।
ଯିହୋନାଥନ ଶମୟିୟ ପରିବାରର ମୁଖ୍ୟ ଥିଲେ।
19 ମତ୍ତନୟ, ଯୋୟାରୀବ ପରିବାରର ମୁଖ୍ୟ ଥିଲେ,
ଉଷି ଯିଦୟିୟ ପରିବାରର ମୁଖ୍ୟ ଥିଲେ।
20 କଲ୍ଲୟ ସଲ୍ଲୟ ପରିବାରର ମୁଖ୍ୟ ଥିଲେ।
ଏବର୍, ଆମୋକ ପରିବାରର ମୁଖ୍ୟ ଥିଲେ,
21 ହଶବୀୟ ହିଲ୍‌କୀୟ ପରିବାରର ମୁଖ୍ୟ ଥିଲେ।
ନଥନେଲ ଯିଦୟିୟ ପରିବାରର ମୁଖ୍ୟ ଥିଲେ।

22ଇଲୀୟାଶୀବ, ଯୋୟାଦ ଓ ଯୋହାନନ ଓ ଯଦ୍ଦୂୟ
ସମୟରେ ଲେବୀୟମାନେ ମଧ୍ୟ ପାରସିକ ଦାରୀୟାବସର
ଅଧିକାର ସମୟରେ ଯାଜକମାନେ ପୂର୍ବପୁରୁଷ ଗୃହର ମୁଖ୍ୟ
ରୂପେ ବଂଶାବଳୀରେ ଲିଖିତ ହେଲେ। 23ଲେବୀ ବଂଶଜାତ
ପିତୃବଂଶ ପ୍ରଧାନମାନଙ୍କ ନାମ ଇଲୀୟାଶୀବର ପୁତ୍ର ଯୋହାନନର
ସମୟ ପର୍ଯ୍ୟନ୍ତ ବଂଶାବଳୀ ପୁସ୍ତକରେ ଲିଖିତ ହେଲା।
24ଲେବୀୟମାନଙ୍କ ପ୍ରଧାନଗଣ, ହଶବୀୟ, ଶେରେବୀୟ ଓ
କଦ୍ମୀୟେଲର ପୁତ୍ର ଯେଶୂୟ ଓ ସେମାନଙ୍କ ସମ୍ମୁଖସ୍ଥ
ଭ୍ରାତୃଗଣ ପରମେଶ୍ୱରଙ୍କ ଲୋକ ଦାଉଦଙ୍କର ଆଜ୍ଞା ଅନୁସାରେ
ଦଳଦଳ ହୋଇ ପ୍ରଶଂସା ଓ ଧନ୍ୟବାଦ ଉତ୍ସର୍ଗ କରିବାକୁ
ନିଯୁକ୍ତ ହେଲେ।
25ମତ୍ତନୀୟ ଓ ବକ୍‌ବୁକୀୟ, ଓବଦୀୟ, ମଶୁଲ୍ଲମ, ଟଲ୍‌ମୋନ୍,
ଅକ୍କୁବ୍ ଦ୍ୱାରପାଳ ହୋଇ ଦ୍ୱାର ନିକଟବର୍ତ୍ତୀ ଭଣ୍ଡାର ଗୃହ
ସକଳର ପ୍ରହରୀ କର୍ମ କଲେ। 26ଏମାନେ ସମସ୍ତେ ଯୋଷାଦକର
ପୁତ୍ର ଯେଶୂୟର ପୁତ୍ର, ଯୋୟାକୀମ ସମୟରେ, ଆଉ ରାଜ୍ୟପାଳ
ନିହିମିୟା ଓ ଯାଜକ ଏଜ୍ରା ଓ ଲିପିକାର ସମୟରେ ଥିଲେ।

## ଯିରୁଶାଲମ ପ୍ରାଚୀରର ସମର୍ପଣ

27ଏହାପରେ ଯିରୁଶାଲମର ପ୍ରାଚୀର ପ୍ରତିଷ୍ଠା ସମୟରେ
ଲୋକମାନେ ଗିନ, ନେବଲ ଓ ବୀଣା ବଜାଇ ଧନ୍ୟବାଦ ଓ
ଗାନ ସହିତ ଆନନ୍ଦରେ ପ୍ରତିଷ୍ଠା ଉତ୍ସବ ପାଳନ କରିବା ପାଇଁ
ଲେବୀୟମାନଙ୍କୁ ଯିରୁଶାଲମକୁ ଆଣିବା ନିମନ୍ତେ ସେମାନଙ୍କ
ସବୁ ସ୍ଥାନରେ ସେମାନଙ୍କୁ ଅନ୍ୱେଷଣ କଲେ।
28-29ଗାୟକମାନେ ଯିରୁଶାଲମର ଚତୁର୍ଦ୍ଦିଗରୁ ଓ
ନଟୋଫାତୀୟମାନଙ୍କ ଗ୍ରାମରୁ ଆସିଲେ। ବୈଥ୍-ଗିଲ୍‌ଗଲରୁ
ଆଉ ଗେବା ଓ ଅସ୍ମାବତ କ୍ଷେତ୍ରରୁ ଏକତ୍ରିତ ହେଲେ।
କାରଣ ଗାୟକମାନେ ଯିରୁଶାଲମର ଚତୁର୍ଦ୍ଦିଗରେ ଆପଣାମାନଙ୍କ
ପାଇଁ ଗ୍ରାମ ବସାଇ ଥିଲେ।
30ଯାଜକମାନେ ଲେବୀୟମାନେ ନିଜ ନିଜକୁ ଶୁଚି କଲେ।
ଆଉ ସେମାନେ ଲୋକମାନଙ୍କୁ ଓ ଦ୍ୱାରସବୁ ଓ ପ୍ରାଚୀର ଶୁଚି
କଲେ।
31ଏହାପରେ ମୁଁ ଯିହୁଦାର ଅଧିପତିମାନଙ୍କୁ ପ୍ରାଚୀର
ଉପରକୁ ଆଣିଲି। ଧନ୍ୟବାଦ ଓ ସଂକୀର୍ତ୍ତନ କରିବା ପାଇଁ
ଦୁଇ ମହାଦଳ ନିଯୁକ୍ତ କଲି। ତହିଁରେ ଏକଦଳ ଦକ୍ଷିଣ
ପାର୍ଶ୍ୱରେ ପ୍ରାଚୀର ଉପରଦେଇ ଖତଦ୍ୱାର ଆଡ଼କୁ ଗଲେ।
32ସେମାନଙ୍କ ପଛେ ହୋଶୟିୟ ଓ ଯିହୁଦାର ଅଧିପତି
ବର୍ଗରେ ଅର୍ଦ୍ଧେକ, 33ଆଉ ଅସରୀୟ, ଏଜ୍ରା ଓ ମଶୁଲ୍ଲମ୍,
34ଯିହୁଦା ଓ ବିନ୍ୟାମୀନ୍ ଓ ଶମୟିୟ ଓ ଯିରିମିୟ।
35କେତେକ ଯାଜକ ତୂରୀ ନେଇ ଗଲେ। ଯିଖରୀୟ ଯିଏକି,
ଯୋନାଥନଙ୍କର ପୁତ୍ର, ଯିଏକି ଶମୟିୟର ପୁତ୍ର, ଯିଏକି
ମତ୍ତନୀୟଙ୍କର ପୁତ୍ର, ଯିଏକି ମିଖାୟଙ୍କର ପୁତ୍ର, ଯିଏକି
ସକ୍କୁରଙ୍କର ପୁତ୍ର, ଯିଏକି ଆସଫଙ୍କର ପୁତ୍ର ଥିଲେ। ତାଙ୍କର
ଭାଇମାନେ ଶମୟିୟ, ଅସରେଲ, ମିଲଲୟ, ଗିଲଲୟ, ମାୟିୟ,
ନଥନେଲ, ଯିହୁଦା ଓ ହନାନୀ। ପରମେଶ୍ୱରଙ୍କର ଏହି
ଲୋକମାନେ ପରମେଶ୍ୱରଙ୍କର ସେବକ ଦାଉଦ୍ ନିକଟରୁ
ବିଭିନ୍ନ ପ୍ରକାର ବାଦ୍ୟ ଯନ୍ତ୍ର ସହିତ ଗଲେ। ଲେଖକ ଏଜ୍ରା
ସେମାନଙ୍କ ଆଗରେ ଗଲେ। 36ତାହାର ଭ୍ରାତୃଗଣ ଶମୟିୟ
ଓ ଅସରେଲ, ମିଲଲୟ, ଗିଲଲୟ, ମାୟିୟ, ନଥନେଲ ଓ
ଯିହୁଦା, ହନାନ। ଏହି ଲୋକମାନେ ପରମେଶ୍ୱରଙ୍କ ସେବକ
ଦାଉଦଙ୍କର ନିରୂପିତ ନାନା ବାଦ୍ୟଯନ୍ତ୍ର ନେଇ ଗମନ କଲେ।
ଲିପିକାର ଏଜ୍ରା ସେମାନଙ୍କ ଆଗେ ଆଗେ ଗଲେ। 37ସେମାନେ
ଝର ଫାଟକ ନିକଟରେ ହେଲାପରେ ନିଜ ନିଜ ସମ୍ମୁଖସ୍ଥ
ସଳଖ ପଥରେ ଦାଉଦନଗରର ପାହଚ ଉଠିବା ପରେ ଉଠି
ଦାଉଦଙ୍କର ଗୃହ ଉପରେ ଦେଇ ପୂର୍ବ ଆଡ଼େ ଜଳଦ୍ୱାର
ଆଡ଼େ ଗଲେ।
38ତାପରେ ଅନ୍ୟ ଦଳ ଧନ୍ୟବାଦ ଉତ୍ସର୍ଗ କରିବାକୁ
ବାମ ପାର୍ଶ୍ୱକୁ ଗଲେ। ଲୋକମାନଙ୍କର ଅର୍ଦ୍ଧେକ ଓ ମୁଁ
ସେମାନଙ୍କ ପଛେ ପଛେ ପ୍ରାଚୀର ଉପରେ ଚୁଲ୍ଲୀରୁ ଦୁର୍ଗଦେଇ
ପ୍ରଶସ୍ତ ପ୍ରାଚୀର ପର୍ଯ୍ୟନ୍ତ ଗଲୁ। 39ଆଉ ଇଫ୍ରୟିମ ଦ୍ୱାର ଓ
ପୁରାତନ ଦ୍ୱାର ଓ ମତ୍ସ୍ୟଦ୍ୱାର ଓ ହନନେଲ ଦୁର୍ଗ ଓ ହମୟ
ଦୁର୍ଗ ଦେଇ ମେଷଦ୍ୱାର ପର୍ଯ୍ୟନ୍ତ ଗଲୁ। ଆଉ ସେମାନେ

ପ୍ରହରୀ ଦ୍ୱାରରେ ଠିଆ ହୋଇ ରହିଲେ। 40ଦୁଇ ଦଳ
ଯେଉଁମାନେ ପରମେଶ୍ୱରଙ୍କୁ ପ୍ରଶଂସା କରୁଥିଲେ ପରମେଶ୍ୱରଙ୍କ
ମନ୍ଦିରରେ ଛିଡ଼ାହେଲେ। ଅର୍ଦ୍ଧେକ ପଦାଧିକାରୀ ସହିତ ମୁଁ
ମଧ୍ୟ ସେପରି କଲି। 41ଇଲୀୟାକୀମ, ମାସେୟ, ମିନ୍ୟାମୀନ୍,
ମୀଖାୟ, ଇଲୀୟୋ-ଐନୟ, ଜିଖରୀୟ, ହନାନିୟ, ଆଦି ଯାଜକଗଣ
ମଧ୍ୟରେ ଅନ୍ୟତମ ଯେଉଁମାନେ ତୂରୀ ବାଦନ କରୁଥିଲେ।
42ଆଉ ମାସେୟ, ଶମୟିୟ, ଇଲୀୟାସର, ଉଷି, ଯିହୋହାନନ୍,
ମଲ୍‌କୀୟ, ଏଲମ୍ ଓ ଏଷର ସମସ୍ତେ ଠିଆ ହୋଇ ରହିଲେ।
ସେତେବେଳେ ଗାୟକମାନେ ଓ ସେମାନଙ୍କର ଅଧ୍ୟକ୍ଷ
ଯିଷ୍ରହିୟ, ଗାନ କଲେ। 43ପୁଣି ସେହି ଦିନ ଲୋକମାନେ
ମହାବଳିଦାନ କରି ଆନନ୍ଦ କଲେ। କାରଣ ପରମେଶ୍ୱର
ସେମାନଙ୍କୁ ମହା ଆନନ୍ଦରେ ଆନନ୍ଦିତ କରିଥିଲେ। ଆଉ
ସ୍ତ୍ରୀମାନେ ମଧ୍ୟ ଓ ବାଳକ ବାଳିକାଗଣ ଆନନ୍ଦ କଲେ।
ତହିଁରେ ଯିରୁଶାଲମର ଆନନ୍ଦ ଧ୍ୱନି ଅନେକ ଦୂର ପର୍ଯ୍ୟନ୍ତ
ଶୁଣାଗଲା।

44ସେହି ଦିନରେ ନଗରର ଲୋକମାନେ ଧନ, ଉପହାର,
ପ୍ରଥମଜାତ ଫଳ ଓ ଏକ ଦଶମାଂଶ ସାମଗ୍ରୀ, ନିୟମ
ଅନୁଯାୟୀ ଆଣିଲେ। ଲୋକମାନଙ୍କୁ କୋଠରୀରେ ନିରୀକ୍ଷଣ
କରିବା ପାଇଁ ନିଯୁକ୍ତ କରାଗଲା। ନିରୂପିତ ଅଂଶ ସଂଗ୍ରହ
କରିବା ପାଇଁ କୋଠରୀ ସବୁରେ ଲୋକମାନେ ନିଯୁକ୍ତ
ହେଲେ। କାରଣ ପରିଚର୍ଯ୍ୟାକାରୀ ଯାଜକ ଓ ଲେବୀୟମାନଙ୍କ
ସକାଶୁ ଯିହୁଦୀୟମାନେ ବହୁତ ଆନନ୍ଦିତ ହୋଇଥିଲା। 45ପୁଣି
ସେମାନେ ଦାଉଦ ଓ ତାଙ୍କର ପୁତ୍ର ଶଲୋମନଙ୍କର ଆଜ୍ଞା
ଅନୁସାରେ ଆପଣାମାନଙ୍କ ପରମେଶ୍ୱରଙ୍କ ରକ୍ଷଣୀୟ ଓ ଶୌଚର
ରକ୍ଷଣୀୟ ରକ୍ଷା କଲେ, ଆଉ ଗାୟକମାନେ ଓ ଦ୍ୱାରପାଳମାନେ
ସେହିପରି କଲେ। 46ପୂର୍ବକାଳରେ ଦାଉଦ ଓ ଆସଫ୍
ସମୟରେ ଗାୟକମାନଙ୍କର ଜଣେ ପ୍ରଧାନ ଥିଲା ଓ ପରମେଶ୍ୱରଙ୍କ
ଉଦ୍ଦେଶ୍ୟରେ ପ୍ରଶଂସା ଓ ଧନ୍ୟବାଦାର୍ଥକ ନାନା ଗୀତ ଥିଲା।
47ତେଣୁ ସରୁବାବିଲ ଓ ନହିମିୟାଙ୍କ ସମୟରେ ସମଗ୍ର
ଇଶ୍ରାୟେଲ ପ୍ରତିଦିନର ପ୍ରୟୋଜନ ଅନୁସାରେ ଗାୟକମାନଙ୍କର
ଓ ଦ୍ୱାରପାଳମାନଙ୍କର ଅଂଶ ଦେଲେ। ଆଉ ଲୋକମାନେ
ଲେବୀୟମାନଙ୍କ ନିମନ୍ତେ ସେମାନଙ୍କର ଉପହାରଗୁଡ଼ିକ ସମର୍ପଣ
କଲେ ଓ ଲେବୀୟମାନେ ହାରୋଣ ବଂଶଧରଗଣ ନିମନ୍ତେ
ଉପହାରଗୁଡ଼ିକ ସମର୍ପଣ କଲେ।

## ନହିମିୟାଙ୍କର ଶେଷ ନିର୍ଦ୍ଦେଶ

13 ସେହିଦିନ ସେମାନେ ଲୋକମାନଙ୍କୁ ଜଣାଇବାକୁ
ମୋଶାଙ୍କ ପୁସ୍ତକରୁ ପାଠ କଲେ। ପୁଣି ତହିଁ
ମଧ୍ୟରେ ଲିଖିତ ଏହି କଥା ମିଳିଲା, ଯେ ଅମ୍ମୋନୀୟ ଓ
ମୋୟାବୀୟ ଲୋକ କେବେ ପରମେଶ୍ୱରଙ୍କ ସଭାରେ ପ୍ରବେଶ
କରିବେ ନାହିଁ। 2କାରଣ ସେମାନେ ଅନ୍ନଜଳ ନେଇ ଇଶ୍ରାୟେଲ
ସନ୍ତାନଗଣଙ୍କୁ ଭେଟିଲେ ନାହିଁ। କିନ୍ତୁ ଇଶ୍ରାୟେଲୀୟମାନଙ୍କୁ
ଅଭିଶାପ ଦେବା ପାଇଁ ସେମାନେ ବିଲୀୟମକୁ ପାଉଣା
ଦେଲେ। ତଥାପି ଆମ୍ଭମାନଙ୍କ ପରମେଶ୍ୱର ସେହି ଅଭିଶାପକୁ
ଆଶୀର୍ବାଦରେ ପରିଣତ କଲେ। 3ସେତେବେଳେ ସେମାନେ
ଏହି ବ୍ୟବସ୍ଥା ଶୁଣି ଇଶ୍ରାୟେଲ ମଧ୍ୟରୁ ସମଗ୍ର ମିଶ୍ରିତ
ଜନତାକୁ ପୃଥକ କଲେ।

4ଏଥି ପୂର୍ବରୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ ମନ୍ଦିରସ୍ଥିତ
କୋଠରୀ ସବୁର ଦାୟିତ୍ୱ ଇଲୀୟାଶୀବ୍‌କୁ ଦିଆଗଲା। ଇଲୀୟାଶୀବ୍
ଯାଜକ ଟୋବୀୟର କୁଟୁମ୍ବ ଥିଲା। 5ତେଣୁ ସେ ତାକୁ ଏକ
ବଡ଼ କୋଠରୀ ଦେଲା। ସେହି କୋଠରୀକୁ ପୂର୍ବେ ଲୋକମାନେ
ସେହି ସ୍ଥାନରେ ଶସ୍ୟ ନୈବେଦ୍ୟ, ସୁଗନ୍ଧ ଏବଂ ଅନ୍ୟାନ୍ୟ
ସାମଗ୍ରୀ, ଲେବୀୟ ଓ ଗାୟକ ଓ ଦ୍ୱାରପାଳମାନଙ୍କ ନିମନ୍ତେ
ଶସ୍ୟ, ଦ୍ରାକ୍ଷାରସ ଓ ତୈଳର ଦଶମାଂଶ, ଆଉ ଯାଜକମାନଙ୍କ
ନିମନ୍ତେ ଉପହାର ରଖିବାରେ ବ୍ୟବହୃତ ହେଉଥିଲା।

6ମୁଁ ଏସବୁ ସମୟରେ ଯିରୁଶାଲମରେ ନଥିଲି, କାରଣ
ବାବିଲର ଅର୍ତ୍ତକ୍ଷସ୍ତ ରାଜାର ଅଧିକାରର ବତିଶ ବର୍ଷରେ ମୁଁ
ରାଜାଙ୍କ ନିକଟକୁ ଗଲି ଓ କେତେକ ଦିନ ପରେ ରାଜାଙ୍କୁ
ବିଦାୟ ମାଗିଲି। 7ଏହାପରେ ମୁଁ ଯିରୁଶାଲମକୁ ଫେରି ଆସିଲି
ଏବଂ ଇଲୀୟାଶୀବ୍, ଟୋବୀୟ ନିମନ୍ତେ ପରମେଶ୍ୱରଙ୍କ ମନ୍ଦିରର
ପ୍ରାଙ୍ଗଣରେ ଏକ କୋଠରୀ ପ୍ରସ୍ତୁତ କରି ଯେଉଁ ମନ୍ଦକର୍ମ
କରିଥିଲା ତାହା ବିଷୟରେ ଶୁଣିଲି। 8ଏହା ମୋତେ ବ୍ୟତିବ୍ୟସ୍ତ
କଲା, ଏଣୁ ମୁଁ ସେହି କୋଠରୀରୁ ଟୋବୀୟର ସମସ୍ତ ଗୃହ
ସାମଗ୍ରୀ ବାହାର କରି ପକାଇ ଦେଲି। 9ଏହାପରେ ମୁଁ ଆଜ୍ଞା
କରିବାରୁ, ସେମାନେ କୋଠରୀସବୁକୁ ଶୁଚିକଲେ। ତେବେ ମୁଁ
ସେଠାକୁ ପୁନର୍ବାର ପରମେଶ୍ୱରଙ୍କ ଗୃହର ପାତ୍ରାଦି ଓ ଶସ୍ୟ
ନୈବେଦ୍ୟ ଓ କୁନ୍ଦୁରୁ ଆଣିଲି।

10ମୁଁ ଜାଣିବାକୁ ପାଇଲି ଯେ, ଲେବୀୟମାନଙ୍କ ଅଂଶ
ତାଙ୍କୁ ଦିଆଯାଇ ନଥିଲା। ତେଣୁ ଲେବୀୟମାନେ ଓ ଗାୟକମାନେ
ଯେଉଁମାନେ ମନ୍ଦିରରେ କାର୍ଯ୍ୟ କରୁଥିଲେ ପ୍ରତ୍ୟେକ ନିଜ
ନିଜ ଭୂମିକୁ ଫେରି ଯାଇଥିଲେ। 11ତେଣୁ ମୁଁ ଅଧିକାରୀମାନଙ୍କୁ
ପଚାରିଲି, “କାହିଁକି ତୁମ୍ଭେ ପରମେଶ୍ୱରଙ୍କ ମନ୍ଦିରର ଅବହେଳା
କଲ?” ଏ ବିଷୟରେ ମୁଁ ସେମାନଙ୍କ ସହିତ ଯୁକ୍ତିତର୍କ କଲି।
ତାପରେ ମୁଁ ଲେବୀୟମାନଙ୍କୁ ଏକତ୍ର କଲି ଏବଂ ସେମାନଙ୍କୁ
ସେମାନଙ୍କର ନିଜ କ୍ଷେତ୍ରରେ ନିଯୁକ୍ତ କଲି। 12ତେଣୁ ସମଗ୍ର
ଯିହୁଦା ଶସ୍ୟର ଓ ନୂତନ ଦ୍ରାକ୍ଷାରସର ଓ ତୈଳର ଏକ
ଦଶମାଂଶ ଭଣ୍ଡାରକୁ ଆଣିଲେ।

13ତହିଁରେ ମୁଁ ଶେଲିମିୟ ଯାଜକକୁ ଓ ଲେଖକ
ସାଦୋକ ଓ ଲେବୀୟମାନଙ୍କ ମଧ୍ୟରୁ ପଦାୟକୁ ଭଣ୍ଡାର
ସମୂହର ଅଧ୍ୟକ୍ଷ କଲି। ଏବଂ ସକ୍‌କୂରର ପୁତ୍ର ହନାନ୍,
ମତ୍ତନୀୟର ପୁତ୍ର ସକ୍‌କୂର ସେମାନଙ୍କର ଅଧୀନରେ କାର୍ଯ୍ୟ
କଲେ। କାରଣ ସେମାନେ ବିଶ୍ୱସ୍ତ ଥିଲେ। ଏଣୁ ଆପଣା
ଭ୍ରାତୃଗଣଙ୍କୁ ବିତରଣ କରିବାର କାର୍ଯ୍ୟ ସେମାନଙ୍କର ହେଲା।

14ହେ ମୋର ପରମେଶ୍ୱର, ଏ ବିଷୟରେ ମୋତେ
ସ୍ମରଣ କର। ଆଉ ମୁଁ ମୋହର ପରମେଶ୍ୱରଙ୍କ ଗୃହ ଓ
ତହିଁର ବିଷୟ ପାଳନୀୟ ବିଷୟ ନିମନ୍ତେ ଯାହା କରିଅଛି
ମୋର କୃତ ସେହି ସୁକର୍ମ ସବୁ ଲିଭାଇ ଦିଅ।

15ସେହି ସମୟରେ ମୁଁ ଯିହୁଦା ମଧ୍ୟରେ କେତେକ
ଲୋକଙ୍କୁ ବିଶ୍ରାମ ଦିନରେ ଦ୍ରାକ୍ଷାଯନ୍ତ୍ର ଦଳିବାର ଓ ବିଡ଼ା
ଭିତରକୁ ଆଣିବାର ଓ ଗଧର୍ଭ ଉପରେ ବୋଝେଇ କରିବାର
ମଧ୍ୟ ବିଶ୍ରାମ ଦିନରେ ଦ୍ରାକ୍ଷାରସ, ଦ୍ରାକ୍ଷାଫଳ ଓ ଡିମ୍ବିରିଫଳ
ଓ ସର୍ବପ୍ରକାର ବୋଝ ଯିରୁଶାଲମକୁ ଆଣିବାର ଦେଖିଲି।
ତେଣୁ ବିଶ୍ରାମ ଦିନରେ କୌଣସି ଖାଦ୍ୟ ବିକ୍ରୟ ନ କରିବାକୁ
ମୁଁ ସେମାନଙ୍କୁ ସତର୍କ କଲି।

**16**ସେହି ନଗରରେ ସୋରୀୟ ଲୋକେ ବାସ କରୁଥିଲେ।
ସେମାନେ ମତ୍ସ୍ୟ ଓ ଅନ୍ୟ ବହୁତ ଦ୍ରବ୍ୟ ବିଶ୍ରାମ ଦିନରେ
ଯିହୁଦୀୟମାନଙ୍କୁ ଓ ଯିରୁଶାଲମରେ ବିକ୍ରୟ କଲେ। **17**ଏଥିପାଇଁ
ମୁଁ ଯିହୁଦାର କୁଳୀନ ନାଗରିକମାନଙ୍କ ସଙ୍ଗେ ଯୁକ୍ତି କରି
କରି ସେମାନଙ୍କୁ କହିଲି, “ତୁମ୍ଭେମାନେ ବିଶ୍ରାମ ଦିନ ଅପବିତ୍ର
କରିବା ପାଇଁ ବହୁତ କୁକର୍ମ କରୁଅଛ? **18**ତୁମ୍ଭମାନଙ୍କ
ପିତୃପୁରୁଷମାନେ କ’ଣ ଏପରି ବ୍ୟବହାର କରି ନଥିଲେ।
ଆଉ ତହିଁ ସକାଶୁ ଆମ୍ଭମାନଙ୍କ ପରମେଶ୍ୱର କି ଆମ୍ଭମାନଙ୍କ
ଉପରେ ଓ ଏହି ନଗର ଉପରେ ଏହି ସବୁ ଅମଙ୍ଗଳ
ଘଟାଇ ନାହାଁନ୍ତି? ତଥାପି ତୁମ୍ଭେମାନେ ବିଶ୍ରାମଦିନ ଅପବିତ୍ର
କରି ଇଶ୍ରାୟେଲ ଉପରକୁ କୋପ ଆଣୁଅଛ।”

**19**ଏହାପରେ ବିଶ୍ରାମବାର ପୂର୍ବରୁ ଯିରୁଶାଲମରେ
ଯେତେବେଳେ ଅନ୍ଧାର ହେବାକୁ ଲାଗିଲା। ମୁଁ କବାଟସବୁ ବନ୍ଦ
କରିବାକୁ ପ୍ରହରୀକୁ ଆଜ୍ଞା ଦେଲି ଆଉ ବିଶ୍ରାମବାର ଶେଷ
ହେବା ପର୍ଯ୍ୟନ୍ତ ନଖୋଲିବାକୁ ଆଜ୍ଞା ଦେଲି। ପୁଣି ବିଶ୍ରାମଦିନ
ଲୋକମାନଙ୍କୁ ବୋଝ ବୋହିବାରୁ ବିରତ କରିବା ପାଇଁ ମୁଁ
ଆପଣା ଦାସମାନଙ୍କ ମଧ୍ୟରୁ କେତେକଙ୍କୁ ଦ୍ୱାରମାନଙ୍କରେ
ନିଯୁକ୍ତ କଲି।

**20**ତହିଁରେ ବଣିକମାନେ ଓ ସର୍ବପ୍ରକାର ଦ୍ରବ୍ୟ
ବିକ୍ରୟକାରୀମାନେ ଥରେ ବା ଦୁଇଥର ଯିରୁଶାଲମ ବାହାରେ
ରାତ୍ରି କ୍ଷେପଣ କଲେ। **21**ତାପରେ ମୁଁ ସେମାନଙ୍କୁ ସତର୍କ
କଲି ଏବଂ କହିଲି, “ତୁମ୍ଭେମାନେ କାହିଁକି ପ୍ରାଚୀର ନିକଟରେ
ରାତ୍ରି ଯାପନ କରୁଅଛ? ତୁମ୍ଭେମାନେ ଆଉଥରେ ଏପରି
କଲେ ମୁଁ ତୁମ୍ଭମାନଙ୍କୁ ଧରିବି।” ସେହି ସମୟାବଧି ସେମାନେ
ଆଉ ବିଶ୍ରାମବାରରେ ଆସିଲେ ନାହିଁ।

**22**ଏହାପରେ ମୁଁ ଲେବୀୟମାନଙ୍କୁ ବିଶ୍ରାମଦିନ ପବିତ୍ର
କରିବା ନିମନ୍ତେ ନିଜ ନିଜକୁ ଶୁଚି କରିବାକୁ ଓ ଆସି
ଦ୍ୱାରସବୁ ଜଗିବାକୁ ଆଜ୍ଞା କଲି।

ହେ ପରମେଶ୍ୱର, ମୋ ପକ୍ଷରେ ଏହା ମଧ୍ୟ ସ୍ମରଣ କର
ଓ ଆପଣା ଶାଶ୍ୱତ ପ୍ରେମରେ ମୋତେ ରକ୍ଷା କର।

**23**ସେହି ସମୟରେ ଯେଉଁ ଯିହୁଦୀୟମାନେ ଅସଦୋଦ୍,
ଅମ୍ମୋନ ଓ ମୋୟାବ ଦେଶୀୟ ସ୍ତ୍ରୀମାନଙ୍କୁ ବିବାହ କରିଥିଲେ,
ସେମାନଙ୍କୁ ମୁଁ ଦେଖିଲି। **24**ସେମାନଙ୍କ ବାଳକମାନେ ଅଧେ
ଅସ୍‌ଦୋଦୀୟ ଭାଷାରେ କଥାବାର୍ତ୍ତା କଲେ। ସେମାନେ ଯିହୁଦୀୟ
ଭାଷାରେ କଥାବାର୍ତ୍ତା କରିପାରିଲେ ନାହିଁ। ମାତ୍ର ପ୍ରତ୍ୟେକ
ଗୋଷ୍ଠିର ଭାଷା ଅନୁସାରେ କଥା କହିଲେ। **25**ତେଣୁ ମୁଁ
ସେମାନଙ୍କ ସହିତ ବାଦାନୁବାଦ କଲି ଓ ସେମାନଙ୍କୁ ଅଭିଶାପ
ଦେଲି। ସେମାନଙ୍କ ମଧ୍ୟରୁ କେତେକଙ୍କୁ ପ୍ରହାର କଲି। ମୁଁ
ସେମାନଙ୍କ ଦାଢି ମଧ୍ୟ ଉତ୍ପାଟନ କଲି ଏବଂ ପରମେଶ୍ୱରଙ୍କ
ନାମରେ ସେମାନଙ୍କୁ ପ୍ରତିଜ୍ଞା କରାଇଲି, “ତୁମ୍ଭେମାନେ ସେମାନଙ୍କ
ପୁତ୍ରମାନଙ୍କୁ ଆପଣାର କନ୍ୟା ଦିଅନାହିଁ ଏବଂ କିମ୍ବା ଆପଣା
ପୁତ୍ର ନିମନ୍ତେ ସେମାନଙ୍କ କନ୍ୟା ଗ୍ରହଣ କର ନାହିଁ।
**26**ଇଶ୍ରାୟେଲର ରାଜା ଶଲୋମନ କ’ଣ ଏପରି କାର୍ଯ୍ୟ କରି
ପାପ କରି ନ ଥିଲେ? ଅନେକ ରାଷ୍ଟ୍ର ବା ଜାତି ମଧ୍ୟରେ
ତାଙ୍କପରି ରାଜା କେହି ନ ଥିଲେ ଓ ସେ ଆପଣା
ପରମେଶ୍ୱରଙ୍କ ପ୍ରିୟପାତ୍ର ଥିଲେ। ପରମେଶ୍ୱର ତାହାଙ୍କୁ ସମଗ୍ର
ଇଶ୍ରାୟେଲ ଉପରେ ରାଜା କଲେ। ତଥାପି ବିଦେଶୀୟ
ସ୍ତ୍ରୀମାନେ ତାହାଙ୍କୁ ହିଁ ପାପ କରାଇଲେ। **27**ତେଣୁ କଣ
ଆମ୍ଭେ କଥା ଶୁଣି ପରମେଶ୍ୱରଙ୍କ ବିରୁଦ୍ଧରେ ଯିବୁ? ବିଦେଶୀୟା
ସ୍ତ୍ରୀମାନଙ୍କୁ ବିବାହ କରି ମହାପାପ କରିବୁ?”

**28**ମହାଯାଜକ ଇଲିୟାଶୀବ୍‌ର ପୁତ୍ର ଯିହୋୟାଦାର
ପୁତ୍ରମାନଙ୍କ ମଧ୍ୟରୁ ଜଣେ ପୁତ୍ର ହାରୋଣୀୟ ସନ୍‌ବଲ୍ଲଟର
ଜ୍ୱାଇଁ ଥିଲା। ମୁଁ ସେହି ଲୋକଙ୍କୁ ମୋଠାରୁ ଚାଲିଯିବା ପାଇଁ
ବାଧ୍ୟ କରିଥିଲି।

**29**ହେ ମୋର ପରମେଶ୍ୱର, ସେମାନଙ୍କୁ ସ୍ମରଣ କର।
ଯେହେତୁ ସେମାନେ ଯାଜକପଦକୁ ଆଉ ଯାଜକ ପଦରେ ଓ
ଲେବୀୟମାନଙ୍କର ନିୟମକୁ କଳଙ୍କିତ କରିଛନ୍ତି। **30**ଏହିରୂପେ
ମୁଁ ସେମାନଙ୍କୁ ବିଦେଶୀୟ ସମସ୍ତଙ୍କଠାରୁ ପରିଷ୍କାର କଲି ଓ
ପ୍ରତ୍ୟେକର କାର୍ଯ୍ୟ ଅନୁସାରେ ଯାଜକମାନଙ୍କର ଓ
ଲେବୀୟମାନଙ୍କର କାର୍ଯ୍ୟ ନିରୂପଣ କଲି। **31**ନିରୂପିତ ସମୟରେ
କାଠ ଓ ପ୍ରଥମଜାତ ଫଳର ଉପହାର ନିମନ୍ତେ ଲୋକ
ନିଯୁକ୍ତ କଲି।

ହେ ମୋର ପରମେଶ୍ୱର ମଙ୍ଗଳ ନିମନ୍ତେ ମୋତେ
ସ୍ମରଣ କର।

# ଏଜ୍ରା

### ସାଇରସ ବନ୍ଦୀମାନଙ୍କୁ ଫେରିବାରେ ସାହାଯ୍ୟ କରନ୍ତି।

1 ପ୍ରଥମ ବର୍ଷରେ କୋରସ ପାରସ୍ୟର ରାଜା ଥିଲେ।
ସଦାପ୍ରଭୁ ତାଙ୍କୁ ଏକ ଘୋଷଣା ପତ୍ର ଲେଖିବା ପାଇଁ
ଉତ୍ସାହିତ କରିଥିଲେ ଓ ଉକ୍ତ ଘୋଷଣାନାମାକୁ ତାଙ୍କ ରାଜ୍ୟର
ଗୃହଆଡ଼େ ପଢ଼ି ଶୁଣାଇ ଥିଲେ। ଯିରିମିୟଙ୍କ ଦ୍ୱାରା କୁହାଯାଇଥିବା
ସଦାପ୍ରଭୁଙ୍କର ବାକ୍ୟ ପୂରଣ କରିବାକୁ ଏହା ଥିଲା। ସେହି
ଘୋଷଣା ନାମାଟି ଏହିପରି ଥିଲା।

2"ପାରସ୍ୟର ରାଜା କୋରସ ଏହିପରି କହିଛନ୍ତି:

ସଦାପ୍ରଭୁ, ସ୍ୱର୍ଗର ପରମେଶ୍ୱର, ପୃଥିବୀର ସମସ୍ତ
ରାଜ୍ୟ ମୋତେ ପ୍ରଦାନ କରିଛନ୍ତି। ଏବଂ ସଦାପ୍ରଭୁ
ମୋତେ ଯିହୁଦା ରାଜ୍ୟର ଯିରୁଶାଲମଠାରେ ତାହାଙ୍କ
ପାଇଁ ଏକ ମନ୍ଦିର ନିର୍ମାଣ କରିବା ପାଇଁ ନିରୂପଣ
କରିଛନ୍ତି। 3ତାଙ୍କ ସମସ୍ତ ଲୋକମାନଙ୍କ ମଧ୍ୟରୁ
ତୁମ୍ଭମାନଙ୍କ ଭିତରୁ ଯେ କେହି ହୁଅନ୍ତୁ, ତାର
ପରମେଶ୍ୱର ତା ସହିତ ରହନ୍ତୁ। ଯିହୁଦାସ୍ଥିତ ଯିରୁଶାଲମ
ପର୍ଯ୍ୟନ୍ତ ତାକୁ ଯିବାକୁ ଦିଅ ଏବଂ ତାକୁ ସଦାପ୍ରଭୁ
ଇଶ୍ରାୟେଲର ପରମେଶ୍ୱରଙ୍କ ମନ୍ଦିର ନିର୍ମାଣ କରିବାକୁ
ଦିଅ। ସେ ହିଁ ପରମେଶ୍ୱର ଯିଏକି ଯିରୁଶାଲମରେ
ଅଛନ୍ତି। 4ଆଉ ଯେ କୌଣସି ଲୋକ ଅନ୍ୟଠାରେ
ବାସ କରୁଛନ୍ତି, ସେହି ସ୍ଥାନର ଲୋକମାନେ ଯିରୁଶାଲମସ୍ଥ
ପରମେଶ୍ୱରଙ୍କ ମନ୍ଦିର ନିମନ୍ତେ ସ୍ୱଇଚ୍ଛାରେ ଦତ୍ତ
ନୈବେଦ୍ୟ ଛଡ଼ା ରୂପା, ସୁନା, ନାନାଦ୍ରବ୍ୟ ଓ ପଶୁ
ଦିଅନ୍ତୁ।"

5ଯିହୁଦା ଏବଂ ବିନ୍ୟାମୀନ ପରିବାରବର୍ଗର ମୁଖିଆମାନେ,
ଯାଜକଗଣ ଓ ଲେବୀୟମାନେ ଯିରୁଶାଲମକୁ ଯିବାପାଇଁ ପ୍ରସ୍ତୁତ
ହେଲେ। ସେମାନେ ସେଠାକୁ ସଦାପ୍ରଭୁଙ୍କର ମନ୍ଦିର ନିର୍ମାଣ
କରିବା ପାଇଁ ଗଲେ। ପରମେଶ୍ୱର ଯେଉଁମାନଙ୍କ ମନରେ
ପ୍ରବୃତ୍ତି ଦେଇଥିଲେ, ସେମାନଙ୍କ ସହିତ ପ୍ରତ୍ୟେକ ଲୋକ
ଯିବାପାଇଁ ପ୍ରସ୍ତୁତ ହେଲେ। 6ସେମାନଙ୍କର ପଡ଼ୋଶୀମାନେ
ସେମାନଙ୍କୁ ରୁପା, ସୁନା, ପଶୁ ଏବଂ ଅନ୍ୟାନ୍ୟ ବହୁମୂଲ୍ୟ
ଦ୍ରବ୍ୟ ସ୍ୱେଚ୍ଛାଦର ନୈବେଦ୍ୟ ସହିତ ଦେଲେ। 7ଆଉ
ନବୂଖଦ୍ନିତ୍ସର ସଦାପ୍ରଭୁଙ୍କ ମନ୍ଦିରର ଯେ ସକଳ ପାତ୍ର
ଯିରୁଶାଲମରୁ ଆଣି ଆପଣା ମିଥ୍ୟା ଦେବତାଗଣଙ୍କ ମନ୍ଦିରରେ
ରଖିଥିଲା, କୋରସ ରାଜା ତାହାସବୁ ବାହାର କରି ଆଣିଲା।
8ପାରସ୍ୟର ରାଜା କୋରସ୍ କୋଷାଧ୍ୟକ୍ଷ ମିତ୍ରଦାତକୁ ସେମାନଙ୍କୁ
ଦେଲେ ଏବଂ ସେ ସେମାନଙ୍କୁ ଯିହୁଦାର ରାଜପୁତ୍ର ଶେଶବସରଙ୍କର
ଉପସ୍ଥିତିରେ ଗଣିଲେ।

9ମିତ୍ରଦାତର ସଦାପ୍ରଭୁଙ୍କର ମନ୍ଦିରରୁ ଯେଉଁ ସବୁ ବସ୍ତୁ
ଆଣିଥିଲା, ସେହି ଦ୍ରବ୍ୟଗୁଡ଼ିକ ସଂଖ୍ୟା ଏହିପରି ଥିଲା:

| | | |
|---|---|---|
| | ସୁନାଥାଳୀ | 30 |
| | ରୂପାଥାଳୀ | 1,000 |
| | ଛୁରୀ | 29 |
| 10 | ସ୍ୱର୍ଣ୍ଣମୟ ପାନପାତ୍ର | 30 |
| | ରୌପ୍ୟମୟ ପାତ୍ର ମଧ୍ୟମ ପାନ ପାତ୍ର | 410 |
| | ଅନ୍ୟାନ ପାତ୍ର | 1,000 |

11ଏହି ସମସ୍ତ ମିଶି 5,400 ସ୍ୱର୍ଣ୍ଣ ଓ ରୌପମୟ ପାତ୍ର
ଥିଲା। ବନ୍ଦୀଲୋକମାନଙ୍କୁ ବାବିଲରୁ ଯିରୁଶାଲମକୁ ଅଣାଯିବା
ସମୟରେ ଶେଶବସର ଏହିସବୁ ଦ୍ରବ୍ୟ ଆଣିଥିଲା।

### ଫେରିଥିବା ବନ୍ଦୀମାନଙ୍କର ତାଲିକା

2 ପ୍ରଦେଶର ଏହି ଲୋକମାନେ ଯୁଦ୍ଧ ବନ୍ଦୀରୁ ମୁକ୍ତପାଇ
ଫେରି ଆସିଲେ। ଅତୀତରେ ବାବିଲର ରାଜା ନବୂଖଦ୍ନିତ୍ସର
ବନ୍ଦୀ ଭାବରେ ବାବିଲୋନକୁ ନେଇଯାଇଥିଲେ। ସେହି
ଲୋକମାନେ ଯିରୁଶାଲମ ଓ ଯିହୁଦାକୁ ଫେରି ଆସିଲେ।
ପ୍ରତ୍ୟେକ ଲୋକେ ସେମାନଙ୍କର ନିଜ ନିଜ ସହରକୁ ଫେରି
ଆସିଲେ। 2ଏହି ଲୋକମାନେ ସରୁବ୍ବାବିଲ, ଯେଶୂୟ, ନିହିମୀୟା,
ସରାୟ, ରିୟେଲାୟ, ମର୍ଦ୍ଦଖୟ, ବିଲଶନ, ମିସ୍ପର, ବିଗ୍ବୟ,
ରହୂମ୍ ଓ ବାନା ସଙ୍ଗେ ଫେରି ଆସିଲେ। ଇଶ୍ରାୟେଲୀୟ
ବଂଶୀୟ ପୁରୁଷମାନଙ୍କର ସଂଖ୍ୟା ଏହିପରି ଥିଲା।

3 ପରିୟୋଶର ବଂଶଧର 2,172 ଜଣ।
4 ଶଫଟିୟର ବଂଶଧର 372 ଜଣ।
5 ଆରହର ବଂଶଧର 775 ଜଣ।
6 ଯେଶୂୟ ଓ ଯୋୟାବର ପରିବାର ମଧ୍ୟରୁ ପହତ୍
ମୋୟାବର ବଂଶଧର 2,812 ଜଣ।
7 ଏଲମର ବଂଶଧର 1,254 ଜଣ।
8 ସତ୍ତୂର ବଂଶଧର 945 ଜଣ।
9 ସକ୍କୟର ବଂଶଧର 760 ଜଣ।
10 ବାନିର ବଂଶଧର 642 ଜଣ।
11 ବେବୟର ବଂଶଧର 623 ଜଣ।
12 ଅସଗଦର ବଂଶଧର 1,222 ଜଣ।
13 ଅଦୋନୀକାମର ବଂଶଧର 666 ଜଣ।
14 ବିଗ୍ବୟର ବଂଶଧର 2,056 ଜଣ।
15 ଅଦୀନର ବଂଶଧର 454 ଜଣ।
16 ହିଜକୀୟର ପରିବାରରୁ ଅଟେରର ବଂଶଧର 98 ଜଣ।
17 ବେତ୍ସୟର ବଂଶଧର 323 ଜଣ।
18 ଯୋରାହର ବଂଶଧର 112 ଜଣ।
19 ହଶୁମର ବଂଶଧର 223 ଜଣ।
20 ଗିବ୍ବରର ବଂଶଧର 95 ଜଣ।

21 ବୈଥଲେହମ ବଂଶଧର 123 ଜଣ।
22 ନଟୋଫାର ସହରରୁ 56 ଜଣ।
23 ଅନାଥୋତର ସହରରୁ 128 ଜଣ।
24 ଅସ୍ମାବତର ପୁତ୍ରଗଣ 42 ଜଣ।
25 କିରୟତ-ୟାରୀମ୍ ଓ କଫୀରା ଓ ବେରୋତ
ସହରରୁ 743 ଜଣ।
26 ରାମାର ଓ ଗେବା ସହରରୁ 621 ଜଣ।
27 ମିକ୍‌ମସର ସହରରୁ 122 ଜଣ।
28 ବୈଥେଲର ଓ ଅୟ ସହରରୁ 223 ଜଣ।
29 ନବୋର ସହରରୁ 52 ଜଣ।
30 ମଗ୍‌ବୀଶ ସହରରୁ 156 ଜଣ।
31 ଅନ୍ୟ ଏଲମ ସହରରୁ 1,254 ଜଣ।
32 ହାରୀମ ସହରରୁ 320 ଜଣ।
33 ଲୋଦ ଓ ହାଦୀଦ୍ ଓ ଓନୋ ସହରରୁ
725 ଜଣ।
34 ଯିରୀହୋ ସହରରୁ 345 ଜଣ।
35 ସନାୟା ସହରରୁ 3,630 ଜଣ।

36 ଯିଦୟିୟର ଯାଜକମାନଙ୍କର ସଂଖ୍ୟା-
ଯେଶୂୟ ପରିବାରରୁ 973 ଜଣ।
37 ଇମ୍ମେର ବଂଶଧର 1,052 ଜଣ।
38 ପଶ୍‌ହୂରର ବଂଶଧର 1,247 ଜଣ।
39 ହାରୀମର ବଂଶଧର 1,017 ଜଣ।

40 ଲେବୀୟ ପରିବାରବର୍ଗରୁ ହୋଦବୟର ପରିବାର
ମଧ୍ୟରୁ ଯେଶୂୟ ଓ କଦ୍‌ମୀୟେଲର ବଂଶଧର
74 ଜଣ।

41 ଗାୟକମାନଙ୍କ ସଂଖ୍ୟା:
ଆସଫର ବଂଶଧର 128 ଜଣ।

42 ମନ୍ଦିର ଦ୍ୱାରପାଳମାନଙ୍କ ବଂଶଧରମାନଙ୍କ ସଂଖ୍ୟା,
ଶଲ୍ଲୁମର ବଂଶଧରଗଣ, ଆଟେର ବଂଶଧରଗଣ,
ଟଲମୋନ ବଂଶଧରଗଣ, ଆକ୍କୁବ ବଂଶଧରଗଣ,
ହଟୀଟା ବଂଶଧରଗଣ ଓ ଶୋବୟର ବଂଶଧରଗଣ
ସର୍ବମୋଟ 139 ଜଣ।

43 ମନ୍ଦିରର ବିଶେଷ ଦାସମାନଙ୍କ ବଂଶଧରମାନେ ହେଲେ:
ସୀହ, ହସୂଫା, ଟବ୍ବାୟୋତ।
44 କେରୋସ, ସୀୟ, ପାଦୋନ,
45 ଲବାନାର, ହଗାବ, ଅକ୍କୁବ,
46 ହାଗବ, ଶମ୍‌ଲୟ, ହାନନ,
47 ଗଦ୍ଦେଲ, ଗହର, ରାୟା,
48 ରତ୍‌ସୀନ ବଂଶଧରଗଣ, ନକୋଦ ବଂଶଧରଗଣ,
ଗସମ ବଂଶଧରଗଣ,
49 ଉଷ ବଂଶଧରଗଣ, ପାସେହ ବଂଶଧରଗଣ,
ବେଷୟ ବଂଶଧରଗଣ,
50 ଅସ୍ନା ବଂଶଧରଗଣ, ମିୟୂନୀମ ବଂଶଧରଗଣ,
ନଫିଷୀମ ବଂଶଧରଗଣ,
51 ବକ୍‌ବୁକ ବଂଶଧରଗଣ, ହକୁଫା ବଂଶଧରଗଣ,
ହର୍ହୂର ବଂଶଧରଗଣ,
52 ବସ୍‌ଲୂତ ବଂଶଧରଗଣ, ମହୀଦା ବଂଶଧରଗଣ,
ହର୍ଶା ବଂଶଧରଗଣ,
53 ବର୍କୋସ ବଂଶଧରଗଣ, ସୀଷରା ବଂଶଧରଗଣ,
ତେମହ ବଂଶଧରଗଣ,
54 ନତ୍‌ସୀହ ବଂଶଧରଗଣ, ହଟୀଫା ବଂଶଧରଗଣ,

55 ଶଲୋମନର ଦାସମାନଙ୍କର ବଂଶଧରଗଣ,
ସୋଟୟ ବଂଶଧରଗଣ, ହସୋଫେରତ ବଂଶଧରଗଣ,
ପରୁଦା ବଂଶଧରଗଣ,
56 ଯାଲା ବଂଶଧରଗଣ, ଦର୍କୋଣ ବଂଶଧରଗଣ,
ଗିଦ୍ଦେଲ ବଂଶଧରଗଣ,
57 ଶଫଟିୟ ବଂଶଧରଗଣ, ହଟୀଲ ବଂଶଧରଗଣ,
ପୋଖେରତ୍ ବଂଶଧରଗଣ, ହତ୍‌ସବାୟିମ
ବଂଶଧରଗଣ, ଅମୀ ବଂଶଧରଗଣ,
58 ନଥନୀୟ ଶେଲୋମନଙ୍କ ଦାସମାନଙ୍କର ବଂଶଧର
ସର୍ବମୋଟ 392 ଜଣ।

59 ନିମ୍ନ ଲିଖିତ ଲୋକମାନେ ସହରରୁ ଆସିଲେ, ତେଲମେଲହ,
ତେଲହର୍ଶା, କେରୁବ, ଅଦ୍ଦନ୍ ଓ ଇମ୍ମେର, ମାତ୍ର ସେମାନେ
ଇଶ୍ରାୟେଲୀୟ ଲୋକ ବୋଲି ନିଜନିଜ ପିତୃବଂଶ ଓ ଗୋଷ୍ଠୀର
ପ୍ରମାଣ ଦର୍ଶାଇ ପାରିଲେ ନାହିଁ। ସେହି ଲୋକମାନେ ହେଲେ:
60 ଦଲାୟ, ଟୋବିୟ ଓ ନକୋଦର ବଂଶଧର
652 ଜଣ।

61 ଯାଜକମାନଙ୍କ ବଂଶଧରମାନଙ୍କ ମଧ୍ୟରୁ
ହବାୟ, ହକୋସ, ବର୍ସିଲ୍ଲୟ, ବର୍ସିଲ୍ଲୟ ଗିଲୟଦୀୟ
ବର୍ସିଲୟର ଏକ କନ୍ୟାକୁ ବିବାହ କରିବାରୁ ତାହାର
ନାମ ଅନୁସାରେ ଖ୍ୟାତି ହୋଇଥିଲା।

62 ଏହି ଲୋକମାନେ ସେମାନଙ୍କର ବଂଶାବଳୀର ନଥିପତ୍ର
ଖୋଜିଲେ, କିନ୍ତୁ ସେଗୁଡିକ ପାଇବାକୁ ଅକ୍ଷମ ହେଲେ,
ତେଣୁ ସେମାନଙ୍କୁ ଯାଜକତ୍ୱରୁ ବାହାର କରି ଦିଆଗଲା।
63 ଶାସନକର୍ତ୍ତା ସେମାନଙ୍କୁ କହିଲେ ଯେ, ସେମାନେ ସବୁଠୁ
ପବିତ୍ର ଖାଦ୍ୟ ଖାଇ ପାରିବେ ନାହିଁ, ଯେପର୍ଯ୍ୟନ୍ତ ଜଣେ
ଯାଜକ ଊରୀମ ଓ ତୁମ୍ମୀମ ସହିତ ପରାମର୍ଶ କରି ଉପସ୍ଥିତ
ହୋଇ ନାହିଁ।
64-65 ଏମାନେ ସମସ୍ତେ ମିଶି 42,360 ଜଣ ଥିଲେ।
ଏମାନଙ୍କର ଦାସଦାସୀ ମିଶି 7,337 ଜଣ। ସେମାନଙ୍କର
ମଧ୍ୟ 200 ଜଣ ଗାୟକ ଓ ଗାୟିକା ଥିଲେ। 66-67 ସେମାନଙ୍କର
736 ଘୋଡ଼ା ଥିଲା। 245 ଟି ଖଚର, 435 ଓଟ ଓ
6,720 ଗଧମାନ ଥିଲା।
68 ସେହି ଦଳଟି ଆସି ଯିରୁଶାଲମର ସଦାପ୍ରଭୁଙ୍କର ମନ୍ଦିରରେ
ଉପସ୍ଥିତ ହେଲେ। ସଦାପ୍ରଭୁଙ୍କର ସେହି ମନ୍ଦିର ସ୍ୱସ୍ଥାନରେ

ସ୍ଥାପନ କରିବା ପାଇଁ ସ୍ୱେଚ୍ଛାପୂର୍ବକ ଦାନ କଲେ। 69ସେମାନେ
ନିଜ ନିଜ ଶକ୍ତି ଅନୁସାରେ ସେହି କର୍ମର ଭଣ୍ଡାରରେ
61,000 ଡାରିକନାମକ ସ୍ୱର୍ଣ୍ଣମୁଦ୍ରା ଓ 5,000 ପାଉଣ୍ଡ ରୂପା
ଓ ଯାଜକମାନଙ୍କ ନିମନ୍ତେ 100 ବସ୍ତ୍ର ଦେଲେ।

70ଯାଜକମାନେ ଓ ଲେବୀୟମାନେ ଲୋକମାନଙ୍କ ମଧ୍ୟରୁ
କେତେକ ଏବଂ ଗାୟକମାନେ, ଦ୍ୱାରପାଳମାନେ, ନଥୀନୀୟମାନେ
ନିଜ ନିଜ ନଗରରେ ଓ ସମଗ୍ର ଇସ୍ରାୟେଲ ନିଜ ନିଜ
ନଗରରେ ବାସ କଲେ।

## ଯଜ୍ଞବେଦୀର ପୁନଃନିର୍ମାଣ

3 ଏହାପରେ ସପ୍ତମ ମାସରେ ଇସ୍ରାୟେଲ ସନ୍ତାନଗଣ
ଯିରୁଶାଲେମଠାରେ ଏକ ବ୍ୟକ୍ତି ତୁଲ୍ୟ ଏକତ୍ରିତ ହେଲେ।
2ଯୋଷାଦକର ପୁତ୍ର ଯେଶୂୟ ଓ ତାର ଯାଜକ ଭ୍ରାତୃଗଣ,
ଶେଲ୍ଟୀୟେଲର ପୁତ୍ର ସରୁବ୍ବାବିଲ ଓ ତାର ଭ୍ରାତୃଗଣ ମିଶି
ପରମେଶ୍ୱରଙ୍କ ଲୋକ ମୋଶାଙ୍କର ବ୍ୟବସ୍ଥାର ଲିଖନ ଅନୁସାରେ
ହୋମବଳି ଉତ୍ସର୍ଗ କରିବା ପାଇଁ ଇସ୍ରାୟେଲର ପରମେଶ୍ୱରଙ୍କ
ଯଜ୍ଞବେଦୀ ନିର୍ମାଣ କଲେ।

3ସେହି ଲୋକମାନେ ଅନ୍ୟ ଦେଶୀୟ ଲୋକମାନଙ୍କୁ ଭୟ
କରୁଥିଲେ ଯେଉଁମାନେ ସେମାନଙ୍କ ନିକଟରେ ବାସ କରୁଥିଲେ।
କିନ୍ତୁ ତାହା ସେମାନଙ୍କୁ ଏହା କରିବାରୁ ନିବୃତ୍ତ କରିପାରି
ନଥିଲା। ସେମାନେ ସେହି ପୁରୁଣା ଯଜ୍ଞବେଦୀ ଆଧାର
ଉପରେ ନୂତନ ଯଜ୍ଞବେଦୀ ନିର୍ମାଣ କଲେ। ସେମାନେ
ସକାଳେ ଓ ସନ୍ଧ୍ୟା ସମୟରେ ସଦାପ୍ରଭୁଙ୍କର ଉଦ୍ଦେଶ୍ୟରେ
ହୋମବଳି ଉତ୍ସର୍ଗ କଲେ। 4ଏହାପରେ ସେମାନେ ପତ୍ରକୁଟୀର
ପର୍ବ ପାଳନ କଲେ। ସେମାନେ ପ୍ରତିଦିନର ବ୍ୟବସ୍ଥାରେ
ଲେଖାଯାଇଥିବା ପ୍ରତ୍ୟେକ ଦିନର ଆବଶ୍ୟକ ସଂଖ୍ୟା ଅନୁସାରେ
ସେମାନେ ହୋମବଳି ଉତ୍ସର୍ଗ କଲେ। 5ଏହାପରେ ସେମାନେ
ନିତ୍ୟ ହୋମବଳି, ଅମାବାସ୍ୟାରେ ସଦାପ୍ରଭୁଙ୍କ ପବିତ୍ରୀକୃତ
ସକଳ ନିରୂପିତ ପର୍ବର ଏବଂ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ସ୍ୱେଚ୍ଛାଦତ୍ତ ନୈବେଦ୍ୟ ଉତ୍ସର୍ଗକାରୀ ପ୍ରତ୍ୟେକ ଲୋକର
ଉପହାର ଉତ୍ସର୍ଗ କଲେ। 6ସପ୍ତମ ମାସର ପ୍ରଥମ ଦିନରେ
ସେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋମବଳି ଉତ୍ସର୍ଗ
କରିବାକୁ ଆରମ୍ଭ କଲେ। ମାତ୍ର ସେ ସମୟରେ ସଦାପ୍ରଭୁଙ୍କ
ମନ୍ଦିରର ମୂଳ ଭିତ୍ତି ଆରମ୍ଭ ହୋଇ ନଥିଲା।

## ମନ୍ଦିରର ପୁନଃନିର୍ମାଣ

7ସେମାନେ ପାରସ୍ୟର ରାଜା କୋରସର ଅନୁମତି ଅନୁସାରେ
ରାଜମିସ୍ତ୍ରୀ ଓ ସୂତ୍ରଧରମାନଙ୍କୁ ମୁଦ୍ରା ଦେଲେ। ଏବଂ ଲିବାନୋନଠାରୁ
ଯାଫୋସ୍ଥିତ ସମୁଦ୍ରତୀର ପର୍ଯ୍ୟନ୍ତ ଏରସ କାଠ ଆଣିବା ପାଇଁ
ସୀଦୋନୀୟ ଓ ସୋରୀୟ ଲୋକମାନଙ୍କୁ ଖାଦ୍ୟ, ପାନୀୟ ଓ
ତୈଳ ଦେଲେ।

8ଏହାପରେ ଦ୍ୱିତୀୟ ବର୍ଷର ଦ୍ୱିତୀୟ ମାସରେ ପରମେଶ୍ୱରଙ୍କ
ଯିରୁଶାଲମସ୍ଥିତ ମନ୍ଦିରରେ ଶାଲ୍ଟୀୟେଲର ପୁତ୍ର ସରୁବ୍ବାବିଲ,
ଯୋଷାଦକର ପୁତ୍ର ଯେଶୂୟ ଓ ସେମାନଙ୍କର ଅବଶିଷ୍ଟ ଯାଜକ
ଓ ଲେବୀୟ ଭ୍ରାତୃଗଣ, ବନ୍ଦୀ ଦଶାରୁ ଯିରୁଶାଲମକୁ ଆଗତ
ଲୋକମାନେ ସଦାପ୍ରଭୁଙ୍କ ମନ୍ଦିର କାର୍ଯ୍ୟରେ ତତ୍ତ୍ୱାବଧାରଣ
ନିମନ୍ତେ କୋଡ଼ିଏ ବର୍ଷ ଓ ତତୋଧିକ ବୟସ୍କ ଲେବୀୟମାନଙ୍କୁ
ନିଯୁକ୍ତ କଲେ। 9ସେତେବେଳେ ଯୋଶୂୟ, ତାହାର ପୁତ୍ର ଓ
ଭ୍ରାତୃଗଣ, କଦ୍ମୀୟେଲ ଓ ତା'ର ପୁତ୍ରଗଣ ଯିହୁଦାର ପୁତ୍ରଗଣ
ପରମେଶ୍ୱରଙ୍କ ମନ୍ଦିରରେ କର୍ମକାରୀମାନଙ୍କ ତତ୍ତ୍ୱାବଧାରଣରେ
ଭାରପ୍ରାପ୍ତ ହେବା ପାଇଁ ଏକତ୍ର ଠିଆ ହେଲେ। ହେନାଦଦର
ପୁତ୍ରଗଣ ସେମାନଙ୍କର ପୁତ୍ର ଓ ଭ୍ରାତୃଗଣ ଏ ସମସ୍ତେ
ଲେବୀୟ ଥିଲେ। 10ଗାନ୍ଥକମାନେ ସଦାପ୍ରଭୁଙ୍କ ମନ୍ଦିରର
ଭିତ୍ତିମୂଳ ବସାଇବାବେଳେ ସେମାନେ ଇସ୍ରାୟେଲର ରାଜା
ଦାଉଦଙ୍କ ନିର୍ଣ୍ଣୟ ଅନୁସାରେ ସଦାପ୍ରଭୁଙ୍କର ପ୍ରଶଂସା କରିବା
ନିମନ୍ତେ ନିଜ ନିଜ ବସ୍ତ୍ର ପରିହିତ ଯାଜକମାନଙ୍କୁ ତୂରୀ
ସହିତ ଓ ଆସଫର ସନ୍ତାନ ଲେବୀୟଗଣଙ୍କୁ କରତାଳ ସହିତ
ସ୍ଥାପନ କଲେ। 11ସେମାନେ ସଦାପ୍ରଭୁଙ୍କ ପ୍ରଶଂସା ଓ
ଧନ୍ୟବାଦ ଦେଇ ଏକ ଆରେକ ପ୍ରତି ଗାନକରି କହିଲେ,
ସେ ମଙ୍ଗଳମୟ, ଯେହେତୁ ଇସ୍ରାୟେଲ ପ୍ରତି ତାଙ୍କର କରୁଣା
ଅନନ୍ତକାଳସ୍ଥାୟୀ ଆଉ ସଦାପ୍ରଭୁଙ୍କ ମନ୍ଦିରର ଭିତ୍ତିମୂଳ ବସାଯିବା
ସକାଶୁ ସେମାନେ ସଦାପ୍ରଭୁଙ୍କର ପ୍ରଶଂସା କରିବାବେଳେ
ସମଗ୍ର ଲୋକ ଉଚ୍ଚସ୍ୱରରେ ଜୟଧ୍ୱନି କଲେ।

12ମାତ୍ର ଯେଉଁ ଯାଜକ ଓ ଲେବୀୟ ଓ ପିତୃବଂଶ ପ୍ରଧାନ
ପ୍ରାଚୀନ ଲୋକମାନେ ପ୍ରଥମ ମନ୍ଦିର ଦେଖିଥିଲେ,
ସେମାନଙ୍କ ଦୃଷ୍ଟିରେ ଏହି ମନ୍ଦିର ଭିତ୍ତିମୂଳ ବସାଯିବା ବେଳେ
ସେମାନଙ୍କ ମଧ୍ୟରୁ ଅନେକେ ଉଚ୍ଚ ସ୍ୱରରେ ରୋଦନ କଲେ
ଓ ଅନେକେ ଆନନ୍ଦରେ ଜୟଧ୍ୱନି କଲେ। 13ତହିଁରେ
ଲୋକମାନେ ଆନନ୍ଦଧ୍ୱନିର ଓ ଜନତାର କ୍ରନ୍ଦନ ଶବ୍ଦର
ବାରଣ କରିପାରିଲେ ନାହିଁ। ତେଣୁ ଲୋକମାନେ ଉଚ୍ଚ
ସ୍ୱରରେ ମହାଧ୍ୱନି କଲେ। ଆଉ ତହିଁର ଶବ୍ଦ ବହୁ ଦୂରକୁ
ଶୁଣାଗଲା।

## ଶତ୍ରୁମାନେ ମନ୍ଦିରର ପୁନଃନିର୍ମାଣକୁ ବିରୋଧ କରୁଛନ୍ତି

4 1-2ବହୁତ ଲୋକ ସେହି ଅଞ୍ଚଳରେ ବାସ କରୁଥିଲେ
ଯେଉଁମାନେ କି ଯିହୁଦା ଓ ବିନ୍ୟାମୀନମାନଙ୍କୁ ବିରୋଧ
କରୁଥିଲେ। ସେମାନେ ଶୁଣିବାକୁ ପାଇଲେ ଯେ ନିର୍ବାସିତ
ସନ୍ତାନଗଣ ସଦାପ୍ରଭୁ ଇସ୍ରାୟେଲର ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ
ଏକ ମନ୍ଦିର ନିର୍ମାଣ କରୁଛନ୍ତି। ତେଣୁ ସେହି ଶତ୍ରୁମାନେ
ସରୁବ୍ବାବିଲ୍ ଓ ପିତୃବଂଶ ପ୍ରଧାନବର୍ଗମାନଙ୍କ ନିକଟକୁ ଆସିଲେ
ଏବଂ ସେମାନଙ୍କୁ କହିଲେ, "ଆମ୍ଭମାନଙ୍କୁ ତୁମ୍ଭମାନଙ୍କ ସହିତ
ନିର୍ମାଣ କରିବାକୁ ଦିଅ। କାରଣ ଆମ୍ଭେମାନେ ତୁମ୍ଭ ପରି
ଅଟୁ। ଆମ୍ଭେମାନେ ତୁମ୍ଭମାନଙ୍କର ପରମେଶ୍ୱରଙ୍କୁ ପ୍ରାର୍ଥନା
କରୁ। ଏବଂ ସେହି ସମୟରୁ ଅଶୂରୀୟ ରାଜା ଏସର-ହଦ୍ଦୋନ୍,
ଯେ ଆମ୍ଭମାନଙ୍କୁ ଏଠାକୁ ଆଣିଛନ୍ତି, ଆମ୍ଭେମାନେ ତାଙ୍କୁ
ବଳିଦାନ କରୁଅଛୁ।"

3ମାତ୍ର ସରୁବ୍ବାବିଲ ଓ ଯେଶୂୟ ଓ ଇସ୍ରାୟେଲର ଅନ୍ୟ
ପିତୃବଂଶ ପ୍ରଧାନମାନେ ସେମାନଙ୍କୁ କହିଲେ, "ଆମ୍ଭମାନଙ୍କ
ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ମନ୍ଦିର ନିର୍ମାଣ କରିବା ବିଷୟରେ
ଆମ୍ଭମାନଙ୍କ ସଙ୍ଗେ ତୁମ୍ଭମାନଙ୍କର କୌଣସି ସଂପର୍କ ନାହିଁ।
ମାତ୍ର ଆମ୍ଭମାନଙ୍କ ପ୍ରତି ପାରସ୍ୟ ରାଜା କୋରସ ରାଜାଙ୍କ
ଆଜ୍ଞା ପ୍ରମାଣେ ଆମ୍ଭେମାନେ ଆପେ ଏକତ୍ରିତ ହୋଇ
ଇସ୍ରାୟେଲର ପରମେଶ୍ୱର ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ମନ୍ଦିର
ନିର୍ମାଣ କରୁଅଛୁ।"

**4**ତେଣୁ ଏହି ଭୂମିରେ ବାସ କରୁଥିବା ଲୋକମାନେ,
ସେମାନେ ଯିହୁଦାର ଲୋକମାନଙ୍କୁ ମନ୍ଦିର ନିର୍ମାଣ କରିବା
ପାଇଁ ନିରୁତ୍ସାହିତ ଓ ଭୟଭୀତ କଲେ। **5**ସେମାନଙ୍କ ଅଭିପ୍ରାୟ
ଦୁର୍ବଳ କରିବା ପାଇଁ ପାରସ୍ୟ ରାଜା କୋରସର ଯାବଜ୍ଜୀବନ
ଓ ପାରସ୍ୟ ରାଜା ଦାରୟାବସର ଅଧିକାର ପର୍ଯ୍ୟନ୍ତ ସେମାନଙ୍କ
ପ୍ରତିକୂଳରେ ମନ୍ତ୍ରଣାକାରୀମାନଙ୍କୁ ବେତନ ଦେଇ ରଖିଲେ।
**6**ଆଉ ଅକ୍ଷଶ୍ୱେରଶର ସମୟରେ ତାହାର ଅଧିକାରର
ଆରମ୍ଭରେ ସେମାନେ ଯିହୁଦା ଓ ଯିରୁଶାଲମ ନିବାସୀମାନଙ୍କ
ବିରୁଦ୍ଧରେ ଏକ ଅପବାଦ ପତ୍ର ଲେଖିଲେ।

### ଶତ୍ରୁମାନେ ଯିରୁଶାଲମର ପୁନଃନିର୍ମାଣକୁ ବିରୋଧ କରୁଛନ୍ତି

**7**ଏହାପରେ ଅର୍ତ୍ତକ୍ଷସ୍ତର ଶାସନ ସମୟରେ ବିଶ୍ଲମ୍, ମିତ୍ରଦାତ୍,
ଟାବେଲ୍ ଓ ତାହାର ଅନ୍ୟ ସାଥୀମାନେ ପାରସ୍ୟର ରାଜା
ଅର୍ତ୍ତକ୍ଷସ୍ତ ନିକଟକୁ ଲେଖିଲେ। ସେହି ପତ୍ର ଅରାମୀୟ ଅକ୍ଷରରେ
ଲେଖା ଯାଇ ତାହା ଅରାମୀୟ ଭାଷାରେ ଅନୁବାଦ କରାଯାଇଥିଲା।
**8**ରହୂମ୍ ମନ୍ତ୍ରୀ ଓ ଶିମ୍ଶୟ ଲେଖକ ଅର୍ତ୍ତକ୍ଷସ୍ତ ରାଜା
ନିକଟକୁ ଯିରୁଶାଲମ ବିରୁଦ୍ଧରେ ଏହି ପ୍ରକାର ପତ୍ର ଲେଖିଲେ।

**9**ରହୂମ୍ ମନ୍ତ୍ରୀ ଓ ଶିମ୍ଶୟ ଲେଖକ ଓ ସେମାନଙ୍କର
ଅନ୍ୟ ସଙ୍ଗୀମାନେ ଯଥା:-ବିଚାରକଗଣ, ସେନାପତି,
ପାର୍ସୀ ଅଧିକାରୀଗଣ, ଅର୍କବୀୟମାନେ, ବାବିଲୀୟଗଣ
ଏବଂ ଶୂଶନରୁ ଏଲମୀୟଗଣ। **10**ଆଉ ମହାମହିମ
ସମ୍ଭ୍ରାନ୍ତ ଅସ୍ନପ୍ପର ଦ୍ୱାରା ଆନୀତ ପୁଣି ଶମରୟା
ନଗରରେ ଓ ଫରାତ୍ ନଦୀ ସେପାରସ୍ଥ ଦେଶର
ଅନ୍ୟାନ୍ୟ ସ୍ଥାନରେ ସ୍ଥାପିତ ଅନ୍ୟ ଗୋଷ୍ଠୀୟମାନେ
ମଧ୍ୟ ଏହା ଲେଖିଲେ।

**11**ସେମାନେ ଅର୍ତ୍ତକ୍ଷସ୍ତ ରାଜା ନିକଟକୁ ଯେଉଁ
ପତ୍ର ପଠାଇଥିଲେ, ତହିଁରେ ଅନୁଲିପି ଏହି ପ୍ରକାର
ଥିଲା।

ଫରାତ୍ ନଦୀ ସେପାରସ୍ଥ ଲୋକ ଆପଣଙ୍କ ଦାସମାନେ
ଇତ୍ୟାଦି।

**12**ଆମ୍ଭେମାନେ ରାଜାଙ୍କୁ କହିବାକୁ ଚାହୁଁ ଯେ,
ଯେଉଁ ଯିହୁଦୀୟ ଲୋକମାନଙ୍କୁ ଆପଣ ପଠାଇ ଥିଲେ
ସେମାନେ ଯିରୁଶାଲମକୁ ଆମ୍ଭମାନଙ୍କ ପାଖକୁ ଆସିଛନ୍ତି।
ସେମାନେ ସେହି ବିଦ୍ରୋହୀ ଏବଂ ଦୁଷ୍ଟନଗର ନିର୍ମାଣ
କରୁଛନ୍ତି। ସେମାନେ ପ୍ରାଚୀର ପୁନଃନିର୍ମାଣ ସମାପ୍ତ
କରି ଭିତ୍ତିମୂଳର ମରାମତି କରିଛନ୍ତି।

**13**ଆମ୍ଭେମାନେ ରାଜାଙ୍କୁ କହିବା ପାଇଁ ଚାହୁଁ ଯେ,
ଯେତେବେଳେ ଏହି ନଗର ନିର୍ମିତ ଓ ପ୍ରାଚୀର କାର୍ଯ୍ୟ
ସମାପ୍ତ ହେବ, ସେତେବେଳେ ସେହି ଲୋକମାନେ
କର, ରାଜସ୍ୱ ବା ମାଶୁଲ ଦେବେ ନାହିଁ। ପୁଣି
ଶେଷରେ ତାହା ରାଜାଙ୍କ ପାଇଁ କ୍ଷତିକାରକ ହେବ।

**14**ଆମ୍ଭେମାନେ ରାଜାଙ୍କ ନିକଟରେ ଅନୁରକ୍ତ ହେବାକୁ
ଚୁକ୍ତି କରିଅଛୁ ଓ ମହାରାଜାଙ୍କର ଅପମାନ ଦେଖିବା
ଆମ୍ଭମାନଙ୍କର ଉଚିତ ନୁହେଁ। ତେଣୁ ଆମ୍ଭେମାନେ
ଲୋକ ପଠାଇ ମହାରାଜାଙ୍କୁ ଏହା ଜଣାଇଲୁ।

**15**ଆପଣଙ୍କ ପିତୃପୁରୁଷଗଣର ଇତିହାସ ପୁସ୍ତକ
ଅନୁସନ୍ଧାନ କରାଯାଉ। ତେବେ ସେହି ଇତିହାସ
ପୁସ୍ତକରେ ଆପଣ ଦେଖିବେ ଓ ଜାଣିବେ ଯେ ଏହି
ନଗର ବିଦ୍ରୋହୀନଗର, ଆଉ ରାଜାଗଣ ଓ ପ୍ରଦେଶ
ସମୂହ ପ୍ରତି ଅନିଷ୍ଟ କରିଛନ୍ତି, ପୁଣି ସେମାନେ
ପୂର୍ବକାଳରେ ତହିଁ ମଧ୍ୟରେ ଗଣ୍ଡଗୋଳ ମଚାଇ ଅଛନ୍ତି।
ସେଥିପାଇଁ ଏହି ନଗର ଧ୍ୱଂସ ହୋଇଅଛି।

**16**ଆମ୍ଭେମାନେ ମହାରାଜାଙ୍କୁ ଜଣାଉଅଛୁ ଯେ,
ଏହି ନଗର ନିର୍ମିତ ଓ ଏହି ପ୍ରାଚୀର ସମାପ୍ତ ହେଲା,
ତଦ୍ୱାରା ନଦୀ ସେପାରରେ ଆପଣଙ୍କର କୌଣସି ଅଂଶ
ରହିବ ନାହିଁ।

**17**ଏଥିରେ ରାଜା ମନ୍ତ୍ରି ରହୂମର ଓ ଲେଖକ
ଶିମ୍ଶୟର ଓ ସେମାନଙ୍କ ଶମରୟା ନିବାସୀ ଅନ୍ୟ
ସଙ୍ଗୀମାନଙ୍କର ଆଉ ନଦୀ ସେପାରସ୍ଥ ଦେଶୀୟ
ଅନ୍ୟାନ୍ୟ ଲୋକଙ୍କର ନିକଟକୁ ଉତ୍ତର ପଠାଇଲା।
ଯଥା, ତୁମ୍ଭମାନଙ୍କର ମଙ୍ଗଳ ହେଉ।

**18**ତୁମ୍ଭେମାନେ ଆମ୍ଭମାନଙ୍କ ନିକଟକୁ ଯେଉଁ ପତ୍ର
ପଠାଇ ଅଛ ତାହା ଆମ୍ଭ ସାକ୍ଷାତରେ ସ୍ପଷ୍ଟରୂପେ ପାଠ
କରାଯାଇ ଅଛି। **19**ପୁଣି ଆମ୍ଭ ଆଜ୍ଞାରେ ଅନୁସନ୍ଧାନ
କରାଯାନ୍ତେ ଦେଖାଯାଇଅଛି, ଯେ ପୂର୍ବକାଳରେ ଏହି
ନଗର ରାଜଗଣ ବିରୁଦ୍ଧରେ ବିଦ୍ରୋହ କରିଅଛି ଓ
ତହିଁ ମଧ୍ୟରେ ରାଜଦ୍ରୋହ ଓ ଗଣ୍ଡଗୋଳ କରାଯାଇଅଛି।
**20**ମଧ୍ୟ ଯିରୁଶାଲମରେ ପରାକ୍ରାନ୍ତ ରାଜଗଣ ଥିଲେ।
ସେମାନେ ନଦୀ ସେପାରସ୍ଥ ତାବତ୍ ଦେଶରେ ରାଜତ୍ୱ
କଲେ। ଆଉ ସେମାନଙ୍କୁ କର, ରାଜସ୍ୱ ଓ ମାଶୁଲ
ଦିଆଗଲା।

**21**ଏଣୁ ଆମ୍ଭଠାରୁ ଆଜ୍ଞା ପ୍ରଚାରିତ ନୋହିବା
ପର୍ଯ୍ୟନ୍ତ ସେ ନଗରର ଯେପରି ନିର୍ମିତ ନୋହିବ
ଏଥିପାଇଁ ସେହି ଲୋକମାନଙ୍କୁ ଆଜ୍ଞା କର, ସେମାନେ
କାର୍ଯ୍ୟରୁ ନିବୃତ୍ତ ହୋଇବେ। **22**ସାବଧାନ୍, ତୁମ୍ଭେମାନେ
ଏ ବିଷୟରେ ହେଳା କରନାହିଁ। ରାଜାମାନଙ୍କ କ୍ଷତି
ନିମନ୍ତେ କାହିଁକି ଅନିଷ୍ଟ ବୃଦ୍ଧି ପାଇବ।

**23**ତହିଁରେ ରହୂମର ଓ ଲେଖକ ଶିମ୍ଶୟର ଓ ସେମାନଙ୍କ
ସଙ୍ଗୀମାନଙ୍କ ନିକଟରେ ଅର୍ତ୍ତକ୍ଷସ୍ତ ରାଜାର ପତ୍ରର ଅନୁଲିପି
ପଢାଯା'ନ୍ତେ ସେମାନେ ଶୀଘ୍ର ଯିରୁଶାଲମକୁ ଯିହୁଦୀୟମାନଙ୍କ
ନିକଟକୁ ଯାଇ ବଳ ଓ କ୍ଷମତାଦ୍ୱାରା ସେମାନଙ୍କୁ କାର୍ଯ୍ୟରୁ
ନିବୃତ୍ତ କଲେ।

### ମନ୍ଦିର କାର୍ଯ୍ୟ ବନ୍ଦ ହେଲା

**24**ତେଣୁ ଯିରୁଶାଲମରେ ପରମେଶ୍ୱରଙ୍କ ମନ୍ଦିରକାର୍ଯ୍ୟ ବନ୍ଦ
ହେଲା। ପୁଣି ପାରସ୍ୟ ରାଜା ଦାରୟାବସର ଅଧିକାରର
ଦ୍ୱିତୀୟ ବର୍ଷ ପର୍ଯ୍ୟନ୍ତ ତାହା ବନ୍ଦ ହୋଇ ରହିଲା।

**5** ଏହି ସମୟରେ ଭବିଷ୍ୟଦ୍‌ବକ୍ତା ହାଗୟ ଓ ଇଦ୍ଦୋର
ପୁତ୍ର ଜିଖରୀୟ, ଏହି ଭବିଷ୍ୟଦ୍‌ବକ୍ତାମାନେ ଯିହୁଦା ଓ
ଯିରୁଶାଲମସ୍ଥିତ ଯିହୁଦୀୟମାନଙ୍କ ନିକଟରେ ଭବିଷ୍ୟଦ୍‌ବାକ୍ୟ
ପ୍ରଚାର କଲେ। ସେମାନେ ପରମେଶ୍ୱରଙ୍କ ନାମରେ ସେମାନଙ୍କ
ନିକଟରେ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କଲେ। **2**ତେଣୁ ଶଲ୍ଟୀୟେଲର
ପୁତ୍ର ସରୁବ୍ବାବିଲ ଓ ଯୋଷାଦକର ପୁତ୍ର ଯେଶୂୟ ଉଠି

ଯିରୁଶାଲମରେ ପରମେଶ୍ୱରଙ୍କ ମନ୍ଦିର ନିର୍ମାଣ କରିବାକୁ
ଲାଗିଲେ। ଆଉ ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତାମାନେ ସେମାନଙ୍କ
ସଙ୍ଗେ ରହି ସାହାଯ୍ୟ କଲେ। 3ସେହି ସମୟରେ ତତ୍ତନୟ,
ନଦୀ ସେପାରିସ୍ଥ ଦେଶାଧ୍ୟକ୍ଷ ଓ ଶଥର ବୋଷଣୟ ଓ
ସେମାନଙ୍କ ସଙ୍ଗୀମାନେ ଆସି ସେମାନଙ୍କୁ ପଚାରିଲେ, "ଏହି
ମନ୍ଦିର ନିର୍ମାଣ କରିବାକୁ, ଏହି ପ୍ରାଚୀର ସମାପ୍ତ କରିବାକୁ
କିଏ ତୁମ୍ଭମାନଙ୍କୁ ଆଜ୍ଞା ଦେଲା।" 4ତେବେ ଆମ୍ଭେମାନେ
ସେମାନଙ୍କୁ ତଦନୁସାରେ ଉତ୍ତର ଦେଲୁ, "ସେମାନେ ପଚାରିଲେ,
ଏହି ଗାନ୍ଥକମାନଙ୍କ ନାମ କ'ଣ?"

5ମାତ୍ର ଯିହୁଦୀୟ ପ୍ରାଚୀନବର୍ଗ ପ୍ରତି ସେମାନଙ୍କ ପରମେଶ୍ୱରଙ୍କ
ଦୃଷ୍ଟି ଥିବାରୁ ଦାରିୟାବସ ନିକଟରେ ଏହି କଥା ଉପସ୍ଥିତ
ନହେବା ପର୍ଯ୍ୟନ୍ତ ଓ ପତ୍ରଦ୍ୱାରା ସେହି ବିଷୟରେ ଉତ୍ତର
ନଆସିବା ପର୍ଯ୍ୟନ୍ତ ଶତ୍ରୁମାନେ ସେମାନଙ୍କୁ କାର୍ଯ୍ୟରୁ ନିବୃତ୍ତ
କଲେ ନାହିଁ।

6ତତ୍ତନୟ ନଦୀ ସେପାରିସ୍ଥ ଦେଶାଧ୍ୟକ୍ଷ ଓ ଶଥରବୋଷଣୟ
ଓ ନଦୀ ସେପାରିସ୍ଥ ତାହାର ସଙ୍ଗୀ ଅଫର୍ସଖୀୟମାନଙ୍କର
ଦାରିୟାବସ ରାଜା ନିକଟକୁ ପ୍ରେରିତ ପତ୍ରର ଅନୁଲିପି
7ସେମାନେ ତାହା ନିକଟକୁ ଯେଉଁ ପତ୍ର ପଠାଇଲେ; ତହିଁରେ
ଏହିପରି ଲେଖାଥିଲା।

ମହାରାଜ ଦାରିୟାବସଙ୍କର ସର୍ବମଙ୍ଗଳ

8ଆମ୍ଭେମାନେ ରାଜାଙ୍କୁ ଏହା ଜଣାଇବାକୁ ଚାହୁଁ
ଯେ, "ଆମ୍ଭେମାନେ ଯିହୁଦା ପ୍ରଦେଶରେ ମହାନ୍
ପରମେଶ୍ୱରଙ୍କ ମନ୍ଦିରକୁ ଯାଇଥିଲୁ, ତାହା ବଡ ବଡ଼
ପ୍ରସ୍ତରରେ ନିର୍ମିତ ହେଉଅଛି ଓ କାନ୍ଥରେ କଡ଼ି ବସା
ଯାଉଅଛି। ଆଉ ଏହି କାର୍ଯ୍ୟ ଯତ୍ନ ସହକାରେ
ଚାଲୁଅଛି ଓ ସେମାନଙ୍କ ହସ୍ତରେ ଏହା ସଫଳ ହେଉ
ଅଛି। ଏହା ମଧ୍ୟ ଶୀଘ୍ର ସରିବ।

9ଆମ୍ଭେମାନେ ସେହି ପ୍ରାଚୀନବର୍ଗମାନଙ୍କୁ ଏହି
କାର୍ଯ୍ୟ ବିଷୟରେ କିଛି ପଚାରିଲୁ, ତାହାହେଲା, "ଏହି
ମନ୍ଦିର ନିର୍ମାଣ କରିବାକୁ ଓ ଏହି ପ୍ରାଚୀର ସମାପ୍ତ
କରିବାକୁ କିଏ ତୁମ୍ଭମାନଙ୍କୁ ଆଜ୍ଞା ଦେଲା?"
10ଆମ୍ଭେମାନେ ମଧ୍ୟ ସେମାନଙ୍କର ନାମ ପଚାରିଲୁ।
ଆମ୍ଭେମାନେ ମଧ୍ୟ ସେମାନଙ୍କର ନାମ ଲେଖିବାକୁ
ଚାହିଁଲୁ। 11ସେମାନେ ଏହି ଉତ୍ତର ଆମ୍ଭମାନଙ୍କୁ
ଦେଲେ,

"ଆମ୍ଭେମାନେ ସ୍ୱର୍ଗ ଓ ପୃଥିବୀର ପରମେଶ୍ୱରଙ୍କ
ଦାସ, ଆମ୍ଭେ ଏହି ଯେଉଁ ମନ୍ଦିର ନିର୍ମାଣ କରୁଅଛୁ,
ଏହା ଅନେକ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା।
ଇଶ୍ରାୟେଲର ଏକ ମହାରାଜ ତାହା ନିର୍ମାଣ କରି
ସମାପ୍ତ କରିଥିଲେ। 12ମାତ୍ର ଆମ୍ଭର ପୂର୍ବପୁରୁଷଗଣ
ସ୍ୱର୍ଗର ପରମେଶ୍ୱରଙ୍କୁ କ୍ରୋଧିତ କରିଥିଲେ। ତେଣୁ
ସେ ସେମାନଙ୍କୁ ବାବିଲର ରାଜା କଲଦୀୟ ନବୂଖଦ୍‌ନିତ୍ସର
ହସ୍ତରେ ସମର୍ପଣ କଲେ। ତେଣୁ ସେ ଏହି ମନ୍ଦିର
ବିନାଶକାରୀ ଲୋକମାନଙ୍କୁ ବାବିଲକୁ ନେଇଗଲେ।
13ବାବିଲର ରାଜା କୋରସଙ୍କର ଅଧିକାରର ପ୍ରଥମ
ବର୍ଷରେ ପରମେଶ୍ୱରଙ୍କ ଏହି ମନ୍ଦିର ନିର୍ମାଣ କରିବା
ପାଇଁ କୋରସର ରାଜା ଆଜ୍ଞା କଲେ। 14ଆହୁରି
ନବୂଖଦ୍‌ନିତ୍ସର ପରମେଶ୍ୱରଙ୍କ ମନ୍ଦିରର ଯେଉଁସବୁ
ସ୍ୱର୍ଣ୍ଣ ଓ ରୌପ୍ୟ ପାତ୍ର ଯିରୁଶାଲମସ୍ଥ ମନ୍ଦିରରୁ ନେଇ
ବାବିଲସ୍ଥ ମନ୍ଦିରକୁ ଆଣିଲା, ତାହାସବୁ କୋରସ୍ ରାଜା
ବାବିଲସ୍ଥ ମନ୍ଦିରରୁ ବାହାରକରି ଦେଲେ। ପୁଣି ସେସବୁ
ଶେଶବସର ନାମକ ତାଙ୍କ ଦ୍ୱାରା ନିଯୁକ୍ତ ଶାସନକର୍ତ୍ତା
ହସ୍ତରେ ସମର୍ପିତ କଲେ।

15ସେ ତାହାକୁ କହିଲେ, "ଏହିସବୁ ପାତ୍ର ନେଇ
ଯିରୁଶାଲମସ୍ଥ ମନ୍ଦିରରେ ରଖ ଓ ପରମେଶ୍ୱରଙ୍କ
ମନ୍ଦିର ସ୍ୱସ୍ଥାନରେ ନିର୍ମିତ ହେଉ।"

16ତେଣୁ ଶେଶବସର ଆସି ଯିରୁଶାଲମରେ
ପରମେଶ୍ୱରଙ୍କ ମନ୍ଦିରର ଭିତ୍ତିମୂଳ ସ୍ଥାପନ କଲା।
ଆଉ ସେହି ସମୟାବଧି ବର୍ତ୍ତମାନ ପର୍ଯ୍ୟନ୍ତ ତାହା
ନିର୍ମିତ ହେଉଅଛି। ତଥାପି ତାହା ସମ୍ପୂର୍ଣ୍ଣ ହୋଇ
ନାହିଁ।

17ଏଣୁ ଯେବେ ମହାରାଜାଙ୍କୁ ଉତ୍ତମ ଦେଖାଯାଏ,
ତେବେ କୋରସ ରାଜା ଯିରୁଶାଲମରେ ପରମେଶ୍ୱରଙ୍କ
ଏହି ମନ୍ଦିର ନିର୍ମାଣ କରିବାର ଆଜ୍ଞା ଦେଇଥିଲେ କି
ନାହିଁ ତାହା ବାବିଲସ୍ଥ ମହାରାଜାଙ୍କ ଭଣ୍ଡାର ଗୃହରେ
ଅନୁସନ୍ଧାନ କରନ୍ତୁ। ପୁଣି ଏହି ବିଷୟରେ ମହାରାଜ
ଆମ୍ଭମାନଙ୍କ ନିକଟକୁ ଆପଣାର ଅଭିମତ ପ୍ରେରଣ
କରନ୍ତୁ।

## ଦାରିୟାବସ୍‌ଙ୍କର ଆଦେଶ

6 ସେତେବେଳେ ଦାରିୟାବସ୍ ରାଜା ଆଜ୍ଞା କରିବାରୁ
ବାବିଲସ୍ଥ ଯେଉଁ ପୁସ୍ତକାଳୟରେ ଧନ ସଞ୍ଚିତ ଥିଲା,
ତାହା ଅନୁସନ୍ଧାନ କରାଗଲା। 2ଏବଂ ମାଦୀୟ ପ୍ରଦେଶସ୍ଥ
ଅକ୍ଷ୍ମଥା ଦୁର୍ଗରେ ଏକ ପୁସ୍ତକ ମିଳିଲା। ଏକ ଇତିହାସ ଏଥିରେ
ଲେଖା ଯାଇଥିଲା।

3କୋରସ ରାଜାଙ୍କ ଅଧିକାରର ପ୍ରଥମ ବର୍ଷରେ
କୋରସ ରାଜା ଯିରୁଶାଲମସ୍ଥିତ ପରମେଶ୍ୱରଙ୍କ ମନ୍ଦିର
ବିଷୟରେ ଆଜ୍ଞା କଲେ।

ଲୋକମାନଙ୍କ ବଳିଦାନ ସ୍ଥାନ ସେହି ମନ୍ଦିର
ନିର୍ମିତ ହେଉ। ତାହାର ମୂଳଭିତ୍ତି ମଜବୁତ୍ ହେଉ।
ତାହାର ଉଚ୍ଚତା ଷାଠିଏ ହାତ ଓ ତାର ପ୍ରସ୍ଥ ଷାଠିଏ
ହାତ ହେଉ। 4ତହିଁରେ ତିନିଧାଡ଼ି ବଡବଡ ପ୍ରସ୍ତରରେ
ଓ ଏକଧାଡ଼ି ନୂତନ କଡ଼ିକାଠରେ ଗୁନ୍ଥା ଯାଉ। ଆଉ
ରାଜଗୃହରୁ ତାର ବ୍ୟୟଭାର ଭରଣ କରାଯାଉ।
5ପରମେଶ୍ୱରଙ୍କ ମନ୍ଦିରର ଯେଉଁ ସବୁ ସୁନା ଓ
ରୂପାପାତ୍ର ନବୂଖଦ୍‌ନିତ୍ସର ଯିରୁଶାଲମସ୍ଥ ମନ୍ଦିରରୁ
ନେଇ ବାବିଲକୁ ଆଣିଥିଲା, ତାହାସବୁ ଫେରାଇ
ଦିଆଯାଉ। ଏବଂ ପ୍ରତ୍ୟେକ ପାତ୍ର ପୁନର୍ବାର ଯିରୁଶାଲମସ୍ଥ
ମନ୍ଦିରର ନିଜ ନିଜ ସ୍ଥାନକୁ ଅଣାଯାଉ। ଆଉ ତୁମ୍ଭେ
ପରମେଶ୍ୱରଙ୍କ ମନ୍ଦିରରେ ତାହା ସବୁ ରଖ।

6ଏଣୁ ହେ ତତ୍ତନୟ, ନଦୀ ସେ ପାରିସ୍ଥ
ଦେଶାଧ୍ୟକ୍ଷ ଏବଂ ଶଥର ବୋଷଣୟ, ତୁମ୍ଭେମାନେ ଓ
ତୁମ୍ଭମାନଙ୍କ ସାଥି ଅଧିକାରୀଗଣ ନଦୀ ସେପାରିସ୍ଥ

ତାଠାରୁ ଦୂରରେ ରୁହ। 7ପରମେଶ୍ୱରଙ୍କ ଏହି ମନ୍ଦିରର
କାର୍ଯ୍ୟରେ ହସ୍ତ ଦିଅ ନାହିଁ। ଯିହୁଦୀୟମାନଙ୍କର
ଅଧ୍ୟକ୍ଷ ଓ ଯିହୁଦୀୟମାନଙ୍କର ପ୍ରାଚୀନବର୍ଗ ପରମେଶ୍ୱରଙ୍କ
ଏହି ମନ୍ଦିର ସ୍ୱସ୍ଥାନରେ ନିର୍ମାଣ କରନ୍ତୁ।
8ପରମେଶ୍ୱରଙ୍କ ଏହି ମନ୍ଦିର ନିର୍ମାଣ କରିବା
ନିମନ୍ତେ ତୁମ୍ଭମାନଙ୍କର ଏହି ଯିହୁଦୀୟ ପ୍ରାଚୀନବର୍ଗ
ପ୍ରତି ଯାହା କର୍ତ୍ତବ୍ୟ, ତାହା ଆମ୍ଭେ ଆଜ୍ଞା କରୁଅଛୁ।
ସେମାନଙ୍କର ବାଧା ଯେପରି ସୃଷ୍ଟି ନ ହୁଏ, ଏଥିପାଇଁ
ସେହି ଲୋକମାନଙ୍କୁ ରାଜସମ୍ପତ୍ତିରୁ ଅର୍ଥାତ୍ ନଦୀ
ସେପାରିସ୍ଥ ରାଜକରରୁ ଅତି ଯତ୍ନପୂର୍ବକ ବ୍ୟୟ ଦିଆଯାଉ।
9ସ୍ୱର୍ଗସ୍ଥ ପରମେଶ୍ୱରଙ୍କ ହୋମବଳି ନିମନ୍ତେ ଯିରୁଶାଲମସ୍ଥ
ଯାଜକମାନଙ୍କ ବାକ୍ୟ ଅନୁଯାୟୀ ଯୁବାବୃଷ, ମେଷ,
ମେଷ ଶାବକ, ଗହମ, ଲବଣ, ଦ୍ରାକ୍ଷାରସ ଓ ତୈଳ,
ଯାହାସବୁ ସେମାନଙ୍କ ପ୍ରୟୋଜନ, ତାହାସବୁ ଦିନକୁ
ଦିନ ବିନା ବାଧାରେ ସେମାନଙ୍କୁ ଦିଆଯାଉ। 10ତହିଁରେ
ସେମାନେ ସ୍ୱର୍ଗସ୍ଥ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ
ସୌରଭାର୍ଥକ ବଳି ଉତ୍ସର୍ଗ କରିବେ, ଆଉ ରାଜାର ଓ
ତାହାର ପୁତ୍ରମାନଙ୍କର ଜୀବନ ପ୍ରାର୍ଥନା କରିବେ।
11ମୁଁ ଆହୁରି ଆଜ୍ଞା କରୁଅଛି କି ଯେ କେହି
ସେହି ବାକ୍ୟ ଅନ୍ୟଥା କରିବ ତାହାର ଗୃହରୁ ଏକ
କଡ଼ି ବାହାର କରାଯାଇ ସେହି କାଠରେ ସେ
ବନ୍ଧାହୋଇ ଟଙ୍ଗାଯିବ। ପୁଣି ତା ଲାଗି ତାର ଗୃହ
ଖତରାଶି କରାଯାଉ।
12ଆଉ ଯେଉଁ ରାଜାମାନେ ଓ ଗୋଷ୍ଠୀୟମାନେ
ପରମେଶ୍ୱରଙ୍କ ଯିରୁଶାଲମସ୍ଥ ଏହି ମନ୍ଦିର ବିନାଶ
କରିବା ଅଭିପ୍ରାୟରେ ଉକ୍ତ ବାକ୍ୟକୁ ଅନ୍ୟଥା କରିବାକୁ
ହସ୍ତକ୍ଷେପ କରିବେ, ସେ ସମସ୍ତଙ୍କୁ ଯିରୁଶାଲମରେ
ସ୍ୱନାମ ସ୍ଥାପନକାରୀ ପରମେଶ୍ୱର ଉଚ୍ଛିନ୍ନ କରିବେ।
ମୁଁ ଦାରୟାବସ୍ ଏହି ଆଜ୍ଞା ଦେଇଅଛି, ଏହା
ଅତି ଯତ୍ନପୂର୍ବକ କରାଯାଉ।

## ମନ୍ଦିରର ସମାପନ ଓ ସମର୍ପଣ

13ତହିଁରେ ଦାରୟାବସ୍ ରାଜା ଏହି ଆଜ୍ଞା ପଠାଇବାରୁ
ତତ୍ତନୟ, ନଦୀ ସେପାରିସ୍ଥ ଦେଶାଧ୍ୟକ୍ଷ ଓ ଶଥର ବୋଷଣୟ
ଓ ସେମାନଙ୍କ ସଙ୍ଗୀଗଣ ଅତି ଯତ୍ନପୂର୍ବକ କର୍ମମାନ କଲେ।
14ଏଥିରେ ହାଗୟ ଭବିଷ୍ୟଦ୍‌ବକ୍ତାର ଓ ଇଦ୍ଦୋର ପୁତ୍ର
ଜିଖରୀୟର ଭବିଷ୍ୟଦ୍‌ବାକ୍ୟ ସହକାରେ ଯିହୁଦୀୟ ପ୍ରାଚୀନବର୍ଗ
ମନ୍ଦିର ନିର୍ମାଣ କଲେ ଓ କୃତକାର୍ଯ୍ୟ ହେଲେ। ଆଉ
ସେମାନେ ଇଶ୍ରାୟେଲର ପରମେଶ୍ୱରଙ୍କ ଆଜ୍ଞା ଅନୁସାରେ ଓ
ପାରସ୍ୟ ରାଜା କୋରସ ଓ ଦାରୟାବସ ଓ ଅର୍ତ୍ତକ୍ଷସ୍ତର ଆଜ୍ଞା
ଅନୁସାରେ ନିର୍ମାଣ କରି ସମାପ୍ତ କଲେ। 15ଦାରୟାବସ
ରାଜାର ଅଧିକାରର ଷଷ୍ଠବର୍ଷରେ ଅଦର ନାମକ ମାସର
ତୃତୀୟ ଦିନରେ ଏହି ମନ୍ଦିର ସମାପ୍ତ ହେଲା।
16ଏହାପରେ ଇଶ୍ରାୟେଲର ଲୋକମାନେ, ଯାଜକମାନେ,
ଲେବୀୟମାନେ ଓ ନିର୍ବାସିତର ଅବଶିଷ୍ଟ ଲୋକମାନେ ଆନନ୍ଦରେ
ପରମେଶ୍ୱରଙ୍କ ଏହି ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆନନ୍ଦର ସହିତ
ପାଳନ କଲେ।
17ପୁଣି ପରମେଶ୍ୱରଙ୍କ ଏହି ମନ୍ଦିରର ପ୍ରତିଷ୍ଠା ସମୟରେ
ସେମାନେ 100 ବୃଷ, 200 ଅଣ୍ଡିରା ମେଷ, 400
ମେଷଶାବକ ଉତ୍ସର୍ଗ କଲେ। ଏବଂ ସମଗ୍ର ଇଶ୍ରାୟେଲର
ପାପାର୍ଥକ ବଳିଦାନ ନିମନ୍ତେ ଇଶ୍ରାୟେଲୀୟ ଗୋଷ୍ଠୀର ସଂଖ୍ୟା
ଅନୁସାରେ ବାରଗୋଟି ଛାଗ ଉତ୍ସର୍ଗ କଲେ। 18ସେମାନେ
ମୋଶା ପୁସ୍ତକର ଲିଖନ ପ୍ରମାଣେ ଯିରୁଶାଲମରେ ପରମେଶ୍ୱରଙ୍କ
ମନ୍ଦିରର ସେବାପାଇଁ ଯାଜକମାନଙ୍କୁ ସେମାନଙ୍କର ଦଳ ଅନୁସାରେ
ଓ ଲେବୀୟମାନଙ୍କୁ ସେମାନଙ୍କ ଦଳ ଅନୁସାରେ ନିଯୁକ୍ତ
କଲେ।

## ନିସ୍ତାର ପର୍ବ

19ଏହାପରେ ପ୍ରଥମ ମାସର ଚତୁର୍ଦ୍ଦଶ ଦିନରେ ବନ୍ଦୀତ୍ୱର
ସନ୍ତାନଗଣ ନିସ୍ତାରପର୍ବ ପାଳନ କଲେ। 20କାରଣ ଯାଜକମାନେ
ଓ ଲେବୀୟମାନେ ଏକତ୍ର ଆପଣାମାନଙ୍କୁ ଶୁଚି କଲେ। ସେ
ସମସ୍ତେ ଶୁଚି ହୋଇଥିଲେ। ଏଣୁ ସେମାନେ ବନ୍ଦୀତ୍ୱର ସମଗ୍ର
ସନ୍ତାନ ନିମନ୍ତେ ଆପଣା ଯାଜକ ଭ୍ରାତୃଗଣ ନିମନ୍ତେ ଓ
ଆପଣାମାନଙ୍କ ନିମନ୍ତେ ନିସ୍ତାରପର୍ବରେ ମେଷ ବଳି ବଧ
କଲେ। 21ବନ୍ଦୀତ୍ୱରୁ ପୁନରାଗତ ଇଶ୍ରାୟେଲ ସନ୍ତାନଗଣ ଓ
ଯେଉଁମାନେ ସେମାନଙ୍କର ପକ୍ଷ ହୋଇ ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱରଙ୍କର ଅନ୍ୱେଷଣ କରିବା ପାଇଁ ଦେଶନିବାସୀ ଅନ୍ୟ
ଦେଶୀୟମାନଙ୍କର ଅଶୁଚିତାରୁ ଆପଣାମାନଙ୍କୁ ପୃଥକ୍ କରିଥିଲେ।
ସେମାନେ ସମସ୍ତେ ନିସ୍ତାରପର୍ବରେ ଭୋଜନ କଲେ। 22ଏବଂ
ସାତଦିନ ଆନନ୍ଦରେ ତାଡ଼ୀଶୂନ୍ୟ ରୋଟୀର ପର୍ବ ପାଳନ
କଲେ। କାରଣ ସଦାପ୍ରଭୁ ସେମାନଙ୍କୁ ଆନନ୍ଦିତ କରିଥିଲେ ଓ
ପରମେଶ୍ୱରଙ୍କ ମନ୍ଦିର କାର୍ଯ୍ୟରେ ସେମାନଙ୍କ ହସ୍ତ ସବଳ
କରିବା ନିମନ୍ତେ ସେମାନଙ୍କ ପ୍ରତି ଅଶୂରୀୟ ରାଜାର ଅନ୍ତଃକରଣ
ଫେରାଇ ଥିଲେ।

## ଏଜ୍ରା ଯିରୁଶାଲମକୁ ଆସିଲେ

7 ଏହିସବୁ ଘଟଣାପରେ ପାରସ୍ୟ ରାଜା ଅର୍ତ୍ତକ୍ଷସ୍ତର ଶାସନ
ସମୟରେ ସରାୟର ପୁତ୍ର ଏଜ୍ରା ବାବିଲରୁ ଯାତ୍ରା କଲେ।
ଉକ୍ତ ସରାୟ ଅସରୀୟର ପୁତ୍ର, ଅସରୀୟ ହିଲ୍‌କୀୟର ପୁତ୍ର
ଥିଲେ। 2ହିଲ୍‌କୀୟ, ଶଲ୍ଲୁମର ପୁତ୍ର, ଶଲ୍ଲୁମ ସାଦୋକର ପୁତ୍ର,
ସାଦୋକ ଅହୀଟୂବ୍‌ର ପୁତ୍ର ଥିଲା। 3ଅହୀଟୂବ୍ ଅମରୀୟର ପୁତ୍ର
ଥିଲା। ଅମରୀୟ ଅସରୀୟର ପୁତ୍ର ଥିଲା। ଅସରୀୟ ମରାୟୋତର
ପୁତ୍ର ଥିଲା। 4ମରାୟୋତ୍ ସରହିୟର ପୁତ୍ର ଥିଲା। ସରହିୟ
ଉଷିର ପୁତ୍ର ଥିଲା। ଉଷି ବୁକ୍କିର ପୁତ୍ର ଥିଲା। 5ବୁକ୍କି
ଅବୀଶୂୟର ପୁତ୍ର ଥିଲା। ଅବୀଶୂୟ ପୀନହସର ପୁତ୍ର ଥିଲା।
ପୀନହସ୍ ଇଲୀୟାସର ପୁତ୍ର ଥିଲା। ଇଲୀୟାସର ପ୍ରଧାନ ଯାଜକ
ହାରୋଣଙ୍କର ପୁତ୍ର ଥିଲା। ଏଜ୍ରା ବାବିଲୋରୁ ଯିରୁଶାଲମକୁ
ଆସିଲେ। ଏଜ୍ରା ଜଣେ ଶିକ୍ଷକ ଥିଲେ। ସେ ମୋଶାଙ୍କର
ବ୍ୟବସ୍ଥା ଖୁବ୍ ଭଲ ରୂପେ ଜାଣିଥିଲେ। ମୋଶାଙ୍କର ବ୍ୟବସ୍ଥା
ସଦାପ୍ରଭୁ, ଇଶ୍ରାୟେଲର ପରମେଶ୍ୱରଙ୍କ ଦ୍ୱାରା ଦିଆଯାଇଥିଲା।
ରାଜା ଅର୍ତ୍ତକ୍ଷସ୍ତ ଏଜ୍ରାଙ୍କୁ ସବୁ ଦେଲେ ଯାହା ସେ ମାଗିଲେ।
କାରଣ ସଦାପ୍ରଭୁ ଏଜ୍ରାଙ୍କ ସହିତ ଥିଲେ।
6ଏହି ଏଜ୍ରା ଇଶ୍ରାୟେଲର ପରମେଶ୍ୱର ସଦାପ୍ରଭୁଙ୍କ ପ୍ରଦତ୍ତ
ମୋଶା ବ୍ୟବସ୍ଥାରେ ନିପୁଣ ଅଧ୍ୟାପକ ଥିଲା। ସେ ଯାହା

ମାଗୁଥିଲା ରାଜା ତାଙ୍କୁ ତାହା ପ୍ରଦାନ କରୁଥିଲେ। କାରଣ
ସଦାପ୍ରଭୁ ତା'ର ପରମେଶ୍ୱରଙ୍କ ହସ୍ତ ତା ଉପରେ ଥିଲା।
**7**ଅର୍ତ୍ତକ୍ଷସ୍ତ ରାଜାର ସପ୍ତମ ବର୍ଷରେ ଇଶ୍ରାୟେଲ ସନ୍ତାନମାନଙ୍କର
ଓ ଯାଜକମାନଙ୍କର ଓ ଲେବୀୟମାନଙ୍କର କେତେ ଜଣ ପୁଣି
ଗାୟକମାନେ ଓ ଦ୍ୱାରପାଳମାନେ ଓ ନଥୀନୀୟମାନେ ଯିରୁଶାଲମକୁ
ଗଲେ। **8**ଆଉ ଏଜ୍ରା ପଞ୍ଚମ ମାସରେ ଅର୍ଥାତ୍ ରାଜାର ସେହି
ସପ୍ତମ ବର୍ଷରେ ଯିରୁଶାଲମରେ ଉପସ୍ଥିତ ହେଲେ। **9**କାରଣ
ସେ ପ୍ରଥମ ମାସର ପ୍ରଥମ ଦିନ ବାବିଲରୁ ଯାତ୍ରା ଆରମ୍ଭ
କଲେ, ପୁଣି ତାଙ୍କ ପ୍ରତି ସଦାପ୍ରଭୁ ପରମେଶ୍ୱରଙ୍କ ମଙ୍ଗଳମୟ
ହସ୍ତର ସହାୟତା ପ୍ରମାଣେ ସେ ପଞ୍ଚମ ମାସର ପ୍ରଥମ
ଦିନରେ ଯିରୁଶାଲମରେ ଉପସ୍ଥିତ ହେଲେ। **10**ଏଜ୍ରା ସଦାପ୍ରଭୁଙ୍କ
ବ୍ୟବସ୍ଥା ଅନୁସନ୍ଧାନ ଓ ପାଳନ କରିବାରୁ ପୁଣି ଇଶ୍ରାୟେଲ
ମଧ୍ୟରେ ବ୍ୟବସ୍ଥା ଓ ଆଜ୍ଞା ଶିକ୍ଷା ଦେବାକୁ ଆପଣାକୁ
ବିନିଯୋଗ କରିଥିଲେ।

### ଏଜ୍ରାଙ୍କ ନିକଟକୁ ରାଜା ଅର୍ତ୍ତକ୍ଷସ୍ତଙ୍କ ପତ୍ର

**11**ରାଜା ଅର୍ତ୍ତକ୍ଷସ୍ତ ଏଜ୍ରା ଯାଜକଙ୍କୁ ଏକ ପତ୍ର ଦେଇଥିଲେ।
ଇଶ୍ରାୟେଲ ସମ୍ବନ୍ଧରେ ଏଜ୍ରା ସଦାପ୍ରଭୁଙ୍କର ଆଜ୍ଞାର ଲେଖକ
ଓ ଶିକ୍ଷକ ଥିଲେ। ଏହା ହେଉଛି ସେହି ଚିଠିର ଅନୁଲିପି
ଯାହା ଅର୍ତ୍ତକ୍ଷସ୍ତ ଏଜ୍ରାଙ୍କୁ ଦେଇଥିଲେ।

**12**ରାଜାଧିରାଜ ଅର୍ତ୍ତକ୍ଷସ୍ତଠାରୁ,
ସ୍ୱର୍ଗସ୍ଥ ପରମେଶ୍ୱରଙ୍କର ବ୍ୟବସ୍ଥା ଶିକ୍ଷକ ଓ ଯାଜକ
ଏଜ୍ରାଙ୍କୁ ଅଭିନନ୍ଦନ।

**13**ମୁଁ ଆଜ୍ଞା କରୁଅଛି, ଯେ ମୋ ରାଜ୍ୟସ୍ଥିତ
ଇଶ୍ରାୟେଲ ମଧ୍ୟରୁ ଯେତେଲୋକ, ସେମାନଙ୍କର ଯାଜକ
ଓ ଲେବୀୟମାନେ ଯିରୁଶାଲମକୁ ସ୍ୱଇଚ୍ଛାରେ ଯିବାକୁ
ମନ କରନ୍ତି। ସେମାନେ ତୁମ୍ଭ ଏଜ୍ରାଙ୍କ ସଙ୍ଗେ ଯାଆନ୍ତୁ।

**14**ଏଜ୍ରା, ମୁଁ ଏବଂ ମୋର ସାତଜଣ ଉପଦେଷ୍ଟା
ତୁମ୍ଭ ସହିତ ପଠାଉଛୁ। ତୁମ୍ଭେ ଯିହୁଦା ଓ ଯିରୁଶାଲମକୁ
ଯିବା ଉଚିତ୍। ପରମେଶ୍ୱରଙ୍କର ବ୍ୟବସ୍ଥା
ବିଷୟବସ୍ତୁଗୁଡ଼ିକରେ ଧ୍ୟାନ ଦେବା ଉଚିତ୍, ଯେଉଁଥିରେ
ତୁମ୍ଭେ ଜଣେ ବିଜ୍ଞ ଅଟ।

**15**ମୁଁ ଏବଂ ମୋର ଉପଦେଷ୍ଟାମାନେ ତୁମ୍ଭକୁ
ଯେଉଁ ସୁନା ଓ ରୂପା ଇଶ୍ରାୟେଲର ପରମେଶ୍ୱରଙ୍କୁ
ଦେଇଅଛୁ। ପରମେଶ୍ୱର ଯିରୁଶାଲମରେ ବାସ କରନ୍ତି।
ତୁମ୍ଭେ ନିଶ୍ଚିତ ଏହି ସୁନା ଓ ରୂପା ତୁମ୍ଭମାନଙ୍କ
ସହିତ ନେବ। **16**ବାବିଲର ସମୁଦାୟ ପ୍ରଦେଶରେ
ତୁମ୍ଭେ ସମସ୍ତ ସୁନା ଓ ରୂପା ପାଇବ। ପୁଣି
ଲୋକମାନେ ଓ ଯାଜକମାନେ ସେମାନଙ୍କ ପରମେଶ୍ୱରଙ୍କ
ଯିରୁଶାଲମସ୍ଥିତ ମନ୍ଦିର ପାଇଁ ସ୍ୱେଚ୍ଛାପୂର୍ବକ ଯାହା
ଦେବେ ସେହିସବୁ ଉପହାର ନେବା ପାଇଁ ତୁମ୍ଭେ
ରାଜା ଓ ତାଙ୍କର ସପ୍ତମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ
ହେଉଅଛ।

**17**ଏଣୁ ତୁମ୍ଭେ ଏହି ମୁଦ୍ରା ଦ୍ୱାରା ବୃଷ, ଅଣ୍ଡିରା
ମେଷ, ମେଷଶାବକ ଓ ତହିଁ ସଙ୍ଗେ ନିରୂପିତ ଶସ୍ୟ
ଓ ପେୟ ନୈବେଦ୍ୟ କ୍ରୟ କରି ତୁମ୍ଭମାନଙ୍କ
ପରମେଶ୍ୱରଙ୍କ ଯିରୁଶାଲମସ୍ଥିତ ମନ୍ଦିରର ଯଜ୍ଞବେଦୀ
ଉପରେ ଉତ୍ସର୍ଗ କରିବ। **18**ଆଉ ଅବଶିଷ୍ଟ ରୂପା ଓ
ସୁନାରେ ତୁମ୍ଭକୁ ଓ ତୁମ୍ଭ ଭ୍ରାତୃବର୍ଗଙ୍କୁ ଯାହା କରିବାକୁ
ଭଲ ଦିଶିବ, ତାହା ତୁମ୍ଭେମାନେ ଆପଣାମାନଙ୍କ
ପରମେଶ୍ୱରଙ୍କ ଇଚ୍ଛା ପ୍ରମାଣେ କରିବେ। **19**ପୁଣି
ତୁମ୍ଭେ ପରମେଶ୍ୱରଙ୍କ ମନ୍ଦିରର ସେବାର୍ଥକ ଯେ
ସକଳପାତ୍ର ତୁମ୍ଭକୁ ଦିଆ ଯାଉଅଛି। ତାହାସବୁ
ଯିରୁଶାଲମର ପରମେଶ୍ୱରଙ୍କ ସମ୍ମୁଖରେ ସମର୍ପଣ
କର। **20**ପୁଣି ତୁମ୍ଭ ପରମେଶ୍ୱରଙ୍କ ମନ୍ଦିର ନିମନ୍ତେ
ପ୍ରୟୋଜନୀୟ ଯାହା ଯାହା ନେବାକୁ ପଡ଼ିବ ତାହା
ରାଜାଙ୍କ ଭଣ୍ଡାର ଗୃହରୁ ନିଅ।

**21**ଆଉ ସ୍ୱର୍ଗସ୍ଥ ପରମେଶ୍ୱରଙ୍କ ବ୍ୟବସ୍ଥା ଅଧ୍ୟାପକ
ଯାଜକ ଏଜ୍ରା ଯାଜକ ତୁମ୍ଭମାନଙ୍କଠାରୁ ଯାହା ଯାହା
ଲୋଡ଼ିବ। **22**ତାହାସବୁ 100 ତାଳନ୍ତ ପର୍ଯ୍ୟନ୍ତ ରୂପା
ଓ 100 ମହଣ ପର୍ଯ୍ୟନ୍ତ ଗହମ ଓ 100 ମହଣ
ପର୍ଯ୍ୟନ୍ତ ଦ୍ରାକ୍ଷାରସ ଓ 100 ମହଣ ପର୍ଯ୍ୟନ୍ତ ତୈଳ
ଓ ଅପରିମିତ ଲବଣ ଯତ୍ନପୂର୍ବକ ଦେବା ପାଇଁ ଆମ୍ଭେ
ଆର୍ତ୍ତକ୍ଷସ୍ତ ରାଜା ନଦୀ ସେପାରିସ୍ଥ ସମସ୍ତ କୋଷାଧ୍ୟକ୍ଷଙ୍କୁ
ଆଜ୍ଞା କରୁଅଛୁ। **23**ସ୍ୱର୍ଗସ୍ଥ ପରମେଶ୍ୱରଙ୍କ ଦ୍ୱାରା
ଯାହା ଯାହା ଆଜ୍ଞା କରାଯାଇଛି, ତାହାସବୁ ସ୍ୱର୍ଗସ୍ଥ
ପରମେଶ୍ୱରଙ୍କ ମନ୍ଦିର ନିମନ୍ତେ ଠିକ୍‌ରୂପେ କରାଯାଉ,
କାରଣ ରାଜା ଓ ତାହାଙ୍କ ପୁତ୍ରଗଣର ରାଜ୍ୟବିରୁଦ୍ଧରେ
କାହିଁକି କୋପ ବର୍ତ୍ତିବ।

**24**ଆହୁରି ଯାଜକମାନଙ୍କର, ଲେବୀୟମାନଙ୍କର,
ଗାୟକମାନଙ୍କର, ଦ୍ୱାରପାଳମାନଙ୍କର ନଥୀନୀୟମାନଙ୍କର
ଓ ପରମେଶ୍ୱରଙ୍କ ଏହି ମନ୍ଦିରର ସେବକମାନଙ୍କର
କାହାରି ଉପରେ କର, ରାଜସ୍ୱ ବା ମାସୁଲ ବସାଇବା
ବ୍ୟବସ୍ଥା ବିରୁଦ୍ଧ ହେବ ବୋଲି ଆମ୍ଭେମାନେ ତୁମ୍ଭକୁ
ଜଣାଉ ଅଛୁ। **25**ହେ ଏଜ୍ରା, ତୁମ୍ଭ ପରମେଶ୍ୱରଙ୍କ
ବିଷୟକ ଯେଉଁଜ୍ଞାନ ତୁମ୍ଭ ହସ୍ତରେ ଅଛି, ତଦନୁସାରେ
ନଦୀ ସେପାରିସ୍ଥ ସମସ୍ତ ଲୋକଙ୍କର ବିଚାରାର୍ଥେ
ଯେଉଁମାନେ ତୁମ୍ଭ ପରମେଶ୍ୱରଙ୍କ ବ୍ୟବସ୍ଥା ଜାଣନ୍ତି,
ଏପରି ଶାସନକର୍ତ୍ତା ଓ ବିଚାରକର୍ତ୍ତାମାନଙ୍କୁ ତୁମ୍ଭେ
ନିଯୁକ୍ତ କର। ଆଉ ଯେ ତାହା ନ ଜାଣେ ତାହାକୁ
ତୁମ୍ଭେ ଶିକ୍ଷା ଦିଅ। **26**ଯଦି କୌଣସି ଲୋକ ତୁମ୍ଭ
ପରମେଶ୍ୱରଙ୍କ ବ୍ୟବସ୍ଥା ନ ମାନିବ, ରାଜାଙ୍କର ବ୍ୟବସ୍ଥା
ନ ମାନିବ, ସେମାନେ ନିଶ୍ଚିତରେ ଦଣ୍ଡିତ ହେବେ।
ତାହାର ଏହି ଦଣ୍ଡ ତାର ଦୋଷ ଉପରେ ନିର୍ଭର
କରେ। ତାହା ମୃତ୍ୟୁଦଣ୍ଡ ହୋଇପାରେ, ନିର୍ବାସିତ
ହୋଇପାରେ, ତାକୁ ଅର୍ଥଦଣ୍ଡ ହୋଇପାରେ ବା ବନ୍ଦୀତ୍ୱ
ଦଣ୍ଡ ଦିଆଯାଇ ପାରେ।

### ଏଜ୍ରାଙ୍କର ପରମେଶ୍ୱରଙ୍କୁ ପ୍ରଶଂସା

**27**ସଦାପ୍ରଭୁ, ଆମ୍ଭ ପୂର୍ବପୁରୁଷମାନଙ୍କ ପରମେଶ୍ୱରଙ୍କର
ପ୍ରଶଂସା କର। ଯିରୁଶାଲମସ୍ଥ ସଦାପ୍ରଭୁ ମନ୍ଦିରକୁ ସମ୍ମାନ
କରିବାକୁ ରାଜାର ଅନ୍ତଃକରଣରେ ପରମେଶ୍ୱର ଏହିପରି
ମନୋଭାବ ଦେଇଅଛନ୍ତି। ଯିରୁଶାଲମସ୍ଥ ସଦାପ୍ରଭୁଙ୍କ ମନ୍ଦିରକୁ

ସମ୍ମାନ କରିବାକୁ ରାଜାର ଅନ୍ତଃକରଣରେ ପରମେଶ୍ୱର ଏହିପରି
ପ୍ରବୃତ୍ତି ଦେଇଅଛନ୍ତି।
28ପୁଣି ସେ ରାଜାର ଓ ତାଙ୍କର ମନ୍ତ୍ରୀଗଣର ଓ
ରାଜାଙ୍କର ପରାକ୍ରାନ୍ତ ଅଧିପତି ସମସ୍ତଙ୍କ ସାକ୍ଷାତରେ ମୋ ପ୍ରତି
ଅଧିକ ଦୟା ପ୍ରକାଶ କରି ଅଛନ୍ତି। ମୁଁ ଶକ୍ତିଶାଳୀ ହେଲି
କାରଣ ସଦାପ୍ରଭୁ ପରମେଶ୍ୱରଙ୍କର ହସ୍ତ ମୋ ଉପରେ ଥିଲା।
ଏହି ପ୍ରକାରେ ମୁଁ ଇସ୍ରାଯେଲର ଲୋକମାନଙ୍କର ମୁଖ୍ୟମାନଙ୍କୁ
ମୋ ସହିତ ଯିବା ପାଇଁ ଏକତ୍ରିତ କଲି।

## ଏଜ୍ରାଙ୍କ ସହିତ ଆସିଥିବା ପ୍ରାଚୀନବର୍ଗଙ୍କ ତାଲିକା

8 ଏହି ନାମଗୁଡ଼ିକ ହେଉଛି ପିତୃବଂଶର ମୁଖ୍ୟମାନେ ଏବଂ
ଅନ୍ୟ ଲୋକମାନେ ଯେଉଁମାନେ ଏଜ୍ରାଙ୍କ ସହିତ
ବାବିଲୋନରୁ ଯିରୁଶାଲମକୁ ଆସିଥିଲେ। ଆମ୍ଭେ ଅର୍ତ୍ତକ୍ଷସ୍ତ
ରାଜାଙ୍କ ସମୟରେ ଯିରୁଶାଲମକୁ ଆସିଥିଲୁ। ଏହିଠାରେ
ସେମାନଙ୍କର ଶଠା ଦିଆଗଲା। 2ପୀନହସର ବଂଶଧରମାନଙ୍କ
ମଧ୍ୟରୁ ଗେର୍ଶୋମ, ଇଥାମରର ବଂଶଧରମାନଙ୍କ ମଧ୍ୟରୁ
ଦାନିୟେଲ। ଦାଉଦଙ୍କ ବଂଶଧରମାନଙ୍କ ମଧ୍ୟରୁ ହଟ୍ଟୂଶ୍।
3ଶଖନିୟର ଭବିଷ୍ୟତ୍ ବଂଶଧରମାନଙ୍କ ମଧ୍ୟରୁ, ପରିୟୋଶର
ଭବିଷ୍ୟତ୍ ବଂଶଧରମାନଙ୍କ ମଧ୍ୟରୁ ଜିଖରିୟ ଏବଂ 150 ଜଣ
ପୁରୁଷ ତାଙ୍କ ସହିତ ପଞ୍ଜିକୃତ ହୋଇଥିଲେ। 4ପହତ୍
ମୋୟାବର ବଂଶଧରମାନଙ୍କ ମଧ୍ୟରୁ ସରହିୟର ପୁତ୍ର ଇଲୀହୋ-
ଐନୟ ଓ ତାହା ସଙ୍ଗେ 200 ପୁରୁଷ। 5ଏବଂ ଜାତ୍ତୁଙ୍କର
ଭବିଷ୍ୟତ ବଂଶଧରମାନଙ୍କ ମଧ୍ୟରୁ ଯହସୀୟେଲର ପୁତ୍ର ଶଖନିୟ
ଏବଂ ତାହା ସଙ୍ଗେ 300 ପୁରୁଷ। 6ଆଉ ଆଦୀନର
ବଂଶଧରମାନଙ୍କ ମଧ୍ୟରୁ ଯୋନାଥନର ପୁତ୍ର ଏବଦ୍ ଓ ତାହା
ସଙ୍ଗେ ପଚାଶ ପୁରୁଷ। 7ଏଲମର ବଂଶଧରମାନଙ୍କ ମଧ୍ୟରୁ
ଅଥଲିୟର ପୁତ୍ର ଯିଶାୟାହ ଓ ତାଙ୍କ ସଙ୍ଗେ 70 ପୁରୁଷ।
8ଶଫଟିୟର ବଂଶଧରମାନଙ୍କ ମଧ୍ୟରୁ ମୀଖାୟେଲର ପୁତ୍ର
ସବଦିୟ ଓ ତାହା ସଙ୍ଗେ 80 ପୁରୁଷ। 9ଯୋୟାବର
ବଂଶଧରମାନଙ୍କ ମଧ୍ୟରୁ ଯିହିୟେଲର ପୁତ୍ର ଓବଦିୟ ଓ
ତାହାଙ୍କ ସଙ୍ଗେ 218 ପୁରୁଷ। 10ଆଉ ବାଣିର ଭବିଷ୍ୟତ
ବଂଶଧରମାନଙ୍କ ମଧ୍ୟରୁ ଯୋଷିଫିୟର ପୁତ୍ର ଶଲୋମୀତ ଓ
ତାହା ସଙ୍ଗେ 160 ପୁରୁଷ। 11ବେବୟର ବଂଶଧରମାନଙ୍କ
ମଧ୍ୟରୁ ବେବୟର ପୁତ୍ର ଜିଖରିୟ ଓ ତାହାଙ୍କ ସଙ୍ଗେ 28
ପୁରୁଷ। 12ଅସ୍‌ଗଦର ବଂଶଧରମାନଙ୍କ ମଧ୍ୟରୁ ହକାଟନର
ପୁତ୍ର ଯୋହାନନ୍ ଓ ତାହା ସଙ୍ଗେ 110 ପୁରୁଷ। 13ଅଦୋନୀକାମର
ବଂଶଧରମାନଙ୍କ ମଧ୍ୟରୁ କନିଷ୍ଠମାନେ ଓ ସେମାନଙ୍କ ନାମ
ଇଲିଫେଲଟ୍, ଯିୟୂୟେଲ୍, ଶମୟିମ ଓ ସେମାନଙ୍କ ସଙ୍ଗେ
60 ପୁରୁଷ। 14ଆଉ ବିଗ୍‌ୱୟ ବଂଶଧରମାନଙ୍କ ମଧ୍ୟରୁ ଉଥୟ
ଓ ସବୂଦ୍ ଓ ସେମାନଙ୍କ ସଙ୍ଗେ 70 ପୁରୁଷ।

## ଯିରୁଶାଲମକୁ ପ୍ରତ୍ୟାବର୍ତ୍ତନ

15ମୁଁ ଏହି ଲୋକମାନଙ୍କୁ ଅହବା ଆଡ଼କୁ ପ୍ରବାହିତ ନଦୀ
ନିକଟରେ ଏକତ୍ର କଲି। ସେଠାରେ ଆମ୍ଭେମାନେ ଛାଉଣୀ
କରି ତିନିଦିନ ରହିଲୁ। ମୁଁ ଲୋକମାନଙ୍କ ମଧ୍ୟରେ ଓ
ଯାଜକମାନଙ୍କ ମଧ୍ୟରେ ଖୋଜିଲି କିନ୍ତୁ ଲେବୀର କୌଣସି
ପୁତ୍ରକୁ ପାଇଲି ନାହିଁ। 16ତେଣୁ ମୁଁ ଇଲୀୟେଷର,
ଅରୀୟେଲ, ଶମୟିୟ ଓ ଇଲ୍‌ନାଥନ ଓ ଯାରିବ୍ ଇଲ୍‌ନାଥନ
ଓ ନାଥନ, ଜିଖରିୟ ଓ ମଶୁଲ୍ଲମ୍ ଏହି ପ୍ରଧାନ ଲୋକମାନଙ୍କୁ
ମଧ୍ୟ ଯୋୟାରୀବ ଓ ଇଲ୍‌ନାଥନ ଶିକ୍ଷକମାନଙ୍କୁ ଡ଼ାକିବାକୁ
ଲୋକ ପଠାଇଲି। 17ଏହାପରେ ମୁଁ ସେମାନଙ୍କୁ କାସିଫିଆ
ନାମକ ଏକ ସ୍ଥାନର ପ୍ରଧାନଲୋକ ଇଦ୍ଦୋ ନିକଟକୁ ପଠାଇଲି।
ଏବଂ ଆମ୍ଭମାନଙ୍କ ପରମେଶ୍ୱରଙ୍କ ମନ୍ଦିର ନିମନ୍ତେ ଆମ୍ଭମାନଙ୍କ
ନିକଟକୁ ପରିଚାରକମାନଙ୍କୁ ଆଣିବା ପାଇଁ କାସିଫିଆ ସ୍ଥାନସ୍ଥ
ଇଦ୍ଦୋକୁ ଓ ତା'ର ଭ୍ରାତୃଗଣ ନଥୀନୀୟମାନଙ୍କୁ କହିବାକୁ
ସେମାନଙ୍କୁ ଆଦେଶ ଦେଲି। 18ତେଣୁ ଆମ୍ଭମାନଙ୍କ ପ୍ରତି
ଆମ୍ଭମାନଙ୍କର ପରମେଶ୍ୱର ମଙ୍ଗଳମୟ ହସ୍ତର ସହାୟତା
ପ୍ରମାଣେ ସେମାନେ ଇସ୍ରାଯେଲର ପୌତ୍ର,

ଲେବୀର ପୁତ୍ର ମହଲିର ବଂଶଧରମାନଙ୍କ ମଧ୍ୟରୁ
ଜଣେ ପ୍ରବେଶ ଲୋକକୁ ଏବଂ ଶେରେବିୟ ଓ
ତାହାର ପୁତ୍ର ଓ ଭ୍ରାତୃଗଣ ସମେତ 18
ଜଣଙ୍କୁ ପଠାଇଲି।
19 ହସବିୟ ଓ ତାହା ସଙ୍ଗେ ମରାରି ବଂଶଧରମାନଙ୍କ
ମଧ୍ୟରୁ ଯିଶାୟାହ ତାହାର ଭ୍ରାତୃଗଣ ଓ
ସେମାନଙ୍କ ପୁତ୍ରଗଣ ଏପରି କୋଡ଼ିଏ ଜଣ।
20 ଦାଉଦ ଓ ଅଧିପତିମାନେ ଯେଉଁ ଲୋକମାନଙ୍କୁ
ଲେବୀୟମାନଙ୍କ ସେବାକାର୍ଯ୍ୟ ନିମନ୍ତେ
ଦେଇଥିଲେ, ସେମାନଙ୍କ ମଧ୍ୟରୁ 220 ଜଣ
ନଥନୀୟ ମନ୍ଦିରର ଦାସ ଆଣିଲେ। ଏହି
ସମସ୍ତଙ୍କ ନାମ ଲିଖିତ ହେଲା।

21ଏହାପରେ ଆମ୍ଭମାନଙ୍କ ନିମନ୍ତେ, ଆମ୍ଭମାନଙ୍କ
ସନ୍ତାନମାନଙ୍କ ନିମନ୍ତେ, ଆମ୍ଭମାନଙ୍କର ସମସ୍ତ ସାମଗ୍ରୀ ନିମନ୍ତେ
ଓ ସକଳ ସମ୍ପତ୍ତି ପାଇଁ ସରଳ ପଥ ପ୍ରାର୍ଥନା କରିବା
ଅଭିପ୍ରାୟରେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ସାକ୍ଷାତରେ
ଆପଣାମାନଙ୍କୁ ନମ୍ରକରିବା ପାଇଁ ମୁଁ ଅହବାନଦୀ ନିକଟରେ
ଉପବାସ ଘୋଷଣା କଲି। 22କାରଣ ପଥ ମଧ୍ୟରେ ଶତ୍ରୁ
ବିରୁଦ୍ଧରେ ଆମ୍ଭମାନଙ୍କୁ ସାହାର୍ଯ୍ୟ କରିବା ପାଇଁ ରାଜାଙ୍କୁ
ଏକଦଳ ସୈନ୍ୟ ଓ ଅଶ୍ୱାରୋହୀ ମାଗିବାକୁ ମୁଁ ଲଜ୍ଜାବୋଧ
କଲି। ମୁଁ ରାଜାଙ୍କୁ ଏହି କଥା କହିଲି, ଯେଉଁମାନେ
ଆମ୍ଭମାନଙ୍କ ପରମେଶ୍ୱରଙ୍କୁ ଭରସା କରନ୍ତି, "ସେମାନଙ୍କର
ମଙ୍ଗଳ ପାଇଁ ସେମାନଙ୍କ ପ୍ରତି ତାଙ୍କର ସହାୟତା ଅଛି। ମାତ୍ର
ଯେଉଁମାନେ ତାହାଙ୍କୁ ପରିତ୍ୟାଗ କରନ୍ତି, ତାଙ୍କର ଶକ୍ତି ଓ
କ୍ରୋଧ ସେମାନଙ୍କର ବିରୁଦ୍ଧରେ ଥାଏ।" 23ଏଣୁ ଆମ୍ଭେମାନେ
ଉପବାସ କଲୁ ଏବଂ ଆମ୍ଭମାନଙ୍କ ପରମେଶ୍ୱରଙ୍କ ନିକଟରେ
ବିନତୀ କଲୁ ଏବଂ ସେ ଆମ୍ଭମାନଙ୍କ ପ୍ରାର୍ଥନାର ଉତ୍ତର
ଦେଲେ।
24ତେଣୁ ମୁଁ ଯାଜକମାନଙ୍କ ମଧ୍ୟରୁ ବାରଜଣ ପ୍ରଧାନ
ଲୋକଙ୍କୁ ଅର୍ଥାତ୍ ଶେରେବିୟ, ହଶବିୟ ଓ ସେମାନଙ୍କ
ସହିତ ସେମାନଙ୍କର ଦଶଜଣ ଭ୍ରାତାଙ୍କୁ ପୃଥକ୍ କଲି। 25ଆଉ
ରାଜା ଓ ତାହାଙ୍କ ମନ୍ତ୍ରୀଗଣ ଓ ତାହାର ଅଧିପତିମାନେ ଓ
ଉପସ୍ଥିତ ଇସ୍ରାଯେଲ ସମସ୍ତ ଲୋକେ ଆମ୍ଭମାନଙ୍କ ପରମେଶ୍ୱରଙ୍କର
ମନ୍ଦିର ନିମନ୍ତେ ଯେଉଁ ରୂପା, ସୁନା ଓ ପାତ୍ରମାନସବୁ

ଉପହାର କରିଥିଲେ, ତାହା ମୁଁ ସେମାନଙ୍କୁ ତୌଲି ଦେଲି।
**26**ମୁଁ ସେମାନଙ୍କ ହସ୍ତରେ 650 ତାଳନ୍ତ ରୂପା ଓ 100
ତାଳନ୍ତ ରୌପ୍ୟପାତ୍ର ଓ 100 ତାଳନ୍ତ ସୁନା। **27**1,000
ଡାରିକ୍ ମୂଲ୍ୟର 20 ସ୍ୱର୍ଣ୍ଣମୟ ପାତ୍ର ଏବଂ ସ୍ୱର୍ଣ୍ଣ ତୁଲ୍ୟ
ବହୁମୂଲ୍ୟ ଉତ୍ତମ ଉଜ୍ଜ୍ୱଳ ପିତ୍ତଳର ଦୁଇପାତ୍ର ତୌଲି ଦେଲି।
**28**ଏବଂ ମୁଁ ବାରଜଣ ଯାଜକମାନଙ୍କୁ କହିଲି, "ତୁମ୍ଭେମାନେ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର ଓ ପାତ୍ର ସବୁ ପବିତ୍ର, ଆଉ
ଏହି ରୂପା ଓ ସୁନା ତୁମ୍ଭମାନଙ୍କ ସଦାପ୍ରଭୁ ପୂର୍ବପୁରୁଷମାନଙ୍କର
ପରମେଶ୍ୱର ଉଦ୍ଦେଶ୍ୟରେ ସ୍ୱେଚ୍ଛାଦତ୍ତ ଉପହାର ଅଟେ।
**29**ସଦାପ୍ରଭୁ ଯିରୁଶାଲମସ୍ଥ ମନ୍ଦିର କୋଠରୀରେ ପ୍ରଧାନ ଯାଜକ
ଗଣର ଓ ଲେବୀୟମାନଙ୍କର ଓ ଇଶ୍ରାୟେଲୀୟ ପରିବାରର
ନେତାମାନଙ୍କର ସାକ୍ଷାତରେ ଏହାସବୁ ତୌଲି ନଦେବା ପର୍ଯ୍ୟନ୍ତ
ତୁମ୍ଭେମାନେ ସତର୍କ ହୁଅ ଓ ଏହା ସବୁର ସୁରକ୍ଷା କର।"

**30**ତହିଁରେ ଯାଜକମାନେ ଓ ଲେବୀୟମାନେ ଆମ୍ଭମାନଙ୍କ
ଯିରୁଶାଲମସ୍ଥ ପରମେଶ୍ୱରଙ୍କ ମନ୍ଦିରକୁ ଆଣିବା ପାଇଁ ସେହି
ତୌଲା ରୂପା ଓ ସୁନାପାତ୍ର ଗ୍ରହଣ କଲେ।

**31**ଏହାପରେ ଆମ୍ଭେମାନେ ଯିରୁଶାଲମକୁ ଯାତ୍ରାକରିବା
ନିମନ୍ତେ ପ୍ରଥମ ମାସର ଦ୍ୱାଦଶ ଦିନ ଅହବା ନଦୀ ନିକଟରୁ
ପ୍ରସ୍ଥାନ କଲୁ। ଆମ୍ଭମାନଙ୍କ ପରମେଶ୍ୱରଙ୍କ ହସ୍ତ ଆମ୍ଭମାନଙ୍କର
ସହାୟ ହେଲା। ଆଉ ପଥ ମଧ୍ୟରେ ଶତ୍ରୁ ଓ ଓଗାଳି ବସିବା
ଲୋକମାନଙ୍କ ହସ୍ତରୁ ସେ ଆମ୍ଭକୁ ଉଦ୍ଧାର କଲେ। **32**ତେଣୁ
ଆମ୍ଭେମାନେ ଯିରୁଶାଲମରେ ଉପସ୍ଥିତ ହୋଇ ସେଠାରେ
ତିନିଦିନ ବିଶ୍ରାମ କଲୁ। **33**ଏହାପରେ ଚତୁର୍ଥଦିନ ସେହି ରୂପା
ଓ ସୁନାପାତ୍ର ସକଳ ଆମ୍ଭମାନଙ୍କ ପରମେଶ୍ୱରଙ୍କ ମନ୍ଦିରରେ
ତୌଲାଯାଇ ଊରିୟ ଯାଜକର ପୁତ୍ର ମରେମୋତ୍ ହସ୍ତରେ
ଦିଆଗଲା। ତାହା ସଙ୍ଗେ ପୀନହସର ପୁତ୍ର ଏଲୀୟାସର ଥିଲା।
ସେମାନଙ୍କ ସଙ୍ଗେ ଯେଶୂୟର ପୁତ୍ର ଯୋଷାବଦ୍ ଓ ବିନ୍ନୁୟିର
ପୁତ୍ର ନୋୟଦିୟ ଏହି ଲେବୀୟମାନେ ଥିଲେ। **34**ସମଗ୍ର ଦ୍ରବ୍ୟ
ଗଣା ଯାଇ ଓ ପରିମିତ ହୋଇ ଦିଆଗଲା ଓ ସେହି
ସମୟରେ ସେହିସବୁର ତୌଲ୍ୟ ଲେଖାଗଲା।

**35**ନିର୍ବାସନରୁ ଆଗତ ବନ୍ଦୀତ୍ୱର ସନ୍ତାନଗଣ ସମଗ୍ର
ଇଶ୍ରାୟେଲ ନିମନ୍ତେ ଇଶ୍ରାୟେଲ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ
ହୋମବଳି ରୂପେ 12 ବୃଷ, 96 ଅଣ୍ଡିରା ମେଷ, 77
ମେଷଶାବକ, ପାପାର୍ଥକ ବଳି ନିମନ୍ତେ 12 ଛାଗ ଉତ୍ସର୍ଗ
କଲେ। ଏହିସବୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋମବଳି ଥିଲା।

**36**ଏହାପରେ ସେମାନେ ନଦୀ ସେପାରିସ୍ଥ ରାଜ ପ୍ରତିନିଧିମାନଙ୍କୁ
ଓ ଦେଶାଧ୍ୟକ୍ଷମାନଙ୍କୁ ରାଜାଜ୍ଞାପତ୍ର ସମର୍ପଣ କଲେ। ତହିଁରେ
ସେମାନେ ଲୋକମାନଙ୍କର ଓ ପରମେଶ୍ୱରଙ୍କ ଗୃହ କାର୍ଯ୍ୟରେ
ସାହାର୍ଯ୍ୟ କଲେ।

### ଅଣ ଯିହୁଦୀ ଲୋକମାନଙ୍କ ସହିତ ବିବାହ

**9** ଏହିସବୁ କର୍ମ ସମାପ୍ତ ହେଲାପରେ, ଇଶ୍ରାୟେଲୀୟ
ମୁଖ୍ୟମାନେ ଆମ୍ଭ ନିକଟକୁ ଆସିଲେ ଓ ସେମାନେ
କହିଲେ, "ଏଜ୍ରା, ଇଶ୍ରାୟେଲର ଲୋକମାନେ, ଯାଜକମାନେ
ଓ ଲେବୀୟମାନେ ଅନ୍ୟଦେଶୀ ଗୋଷ୍ଠୀୟମାନଙ୍କଠାରୁ
ଆପଣାମାନଙ୍କୁ ପୃଥକ ନ କରି ସେମାନଙ୍କର ଅର୍ଥାତ୍ କିଣାନୀୟ,
ହିତ୍ତୀୟ, ପରିଷୀୟ, ଯିବୂଷୀୟ, ଅମ୍ମୋନୀୟ, ମୋୟାବୀୟ,
ମିସ୍ରୀୟ ଓ ଇମୋରୀୟମାନଙ୍କର ଘୃଣାଯୋଗ୍ୟ କର୍ମ ଅନୁସାରେ
କରୁଅଛନ୍ତି। **2**ସେମାନେ ଆପଣାମାନଙ୍କ ଓ ଆପଣାମାନଙ୍କ
ପୁତ୍ରଗଣଙ୍କ ନିମନ୍ତେ ସେମାନଙ୍କର କନ୍ୟାଗଣଙ୍କୁ ଗ୍ରହଣ କରିଅଛନ୍ତି।
ଏହିପରି ପବିତ୍ରବଂଶ ଅନ୍ୟଦେଶର ଗୋଷ୍ଠୀୟମାନଙ୍କ ସଙ୍ଗେ
ଆପଣାମାନଙ୍କୁ ମିଶ୍ରିତ କରିଅଛନ୍ତି। ଏହି ଅପରାଧରେ ଅଧିପତି
ଓ ଶାସନକର୍ତ୍ତାମାନଙ୍କ ହସ୍ତ ପ୍ରଧାନ ହୋଇଅଛି।" **3**ଯେତେବେଳେ
ମୁଁ ଏହିକଥା ଶୁଣିଲି ମୁଁ ମୋର ବସ୍ତ୍ର ଓ ଗ୍ରେଗା ଚିରି ନିଜ
ମସ୍ତକ ଓ ଦାଢ଼ିର କେଶ କ୍ଷୌରକରି ଚିନ୍ତିତ ହୋଇ ବସିଲି।
**4**ସେତେବେଳେ ନିର୍ବାସିତ ଲୋକମାନଙ୍କର ଅପରାଧ ପାଇଁ
ଇଶ୍ରାୟେଲର ପରମେଶ୍ୱରଙ୍କ ବ୍ୟବସ୍ଥାରେ କମ୍ପିତ ପ୍ରତ୍ୟେକ
ଲୋକ ମୋର ନିକଟରେ ଏକତ୍ରିତ ହେଲେ। ମୁଁ ସନ୍ଧ୍ୟାକାଳୀନ
ବଳିଦାନ ସମୟ ପର୍ଯ୍ୟନ୍ତ ଓ ମୋ ଚାରିପଟେ ସେମାନେ
ଏକତ୍ରିତ ହେବା ପର୍ଯ୍ୟନ୍ତ ଆଘାତ ପାଇ ବସିଲି।

**5**ସନ୍ଧ୍ୟାକାଳୀନ ବଳିଦାନ ସମୟରେ ମୁଁ ଉଠିଲି। ମୋ
ଦେହରେ ଚିରାବସ୍ତ୍ର ଓ ଗ୍ରେଗା ଥିଲା। ମୁଁ ମୋର ଆଣ୍ଠୁମାଡ଼ି
ସଦାପ୍ରଭୁ ମୋର ପରମେଶ୍ୱରଙ୍କ ଆଡ଼େ ହସ୍ତ ବିସ୍ତାର କରି
କହିଲି, **6**"ହେ ମୋର ପରମେଶ୍ୱର,
ମୁଁ ଲଜ୍ଜିତ ହୋଇଅଛି। ହେ ମୋର ପରମେଶ୍ୱର, ମୁଁ
ତୁମ୍ଭକୁ ମୁହଁ ଦେଖାଇବାକୁ ଲଜ୍ଜିତ କାରଣ ଆମ୍ଭମାନଙ୍କ
ଅପରାଧ ଆମ୍ଭମାନଙ୍କର ମସ୍ତକର ଉପରକୁ ଉଠିଅଛି। ଆମ୍ଭମାନଙ୍କ
ଦୋଷ ସ୍ୱର୍ଗସ୍ପର୍ଶୀ ହୋଇଅଛି। **7**ଆମ୍ଭମାନଙ୍କ ପୂର୍ବପୁରୁଷଗଣର
ସମୟାବଧି ଆଜି ପର୍ଯ୍ୟନ୍ତ ଆମ୍ଭେମାନେ ଅତିଶୟ ଦୋଷୀ
ହୋଇଅଛୁ। ଆମ୍ଭମାନଙ୍କର ଅପରାଧ ପାଇଁ ଆଜିର ନ୍ୟାୟ
ଆମ୍ଭେମାନେ ଆମ୍ଭମାନଙ୍କ ରାଜଗଣ ଓ ଆମ୍ଭମାନଙ୍କ ଯାଜକଗଣ
ନାନା ଦେଶୀୟ ରାଜଗଣ ହସ୍ତରେ, ଖଡ୍ଗରେ, ବନ୍ଦୀତ୍ୱରେ ଓ
ଅପମାନିତ ହେବା ପାଇଁ ସମର୍ପିତ ହୋଇଅଛୁ।

**8**ଆମ୍ଭମାନଙ୍କ ପରମେଶ୍ୱର ଯେପରି ଆମ୍ଭମାନଙ୍କ ମୁଖ
ପ୍ରସନ୍ନ କରିବେ ଓ ଆମ୍ଭମାନଙ୍କ ନିର୍ବାସିତ ଅବସ୍ଥାରେ
ଆମ୍ଭମାନଙ୍କୁ ନିଶ୍ଚିତ ଆଶ୍ୱାସନା ଦେବେ। ଆମ୍ଭମାନଙ୍କୁ ରକ୍ଷା
କରିବା ପାଇଁ ଆପଣା ପବିତ୍ରସ୍ଥାନରେ ଆମ୍ଭମାନଙ୍କୁ ଏକ ଖୁଣ୍ଟି
ଦେବାକୁ ବର୍ତ୍ତମାନ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କଠାରୁ
କ୍ଷଣକାଳ ଅନୁଗ୍ରହ ପାଇଅଛୁ। **9**ହଁ, ଆମ୍ଭେମାନେ ବନ୍ଦୀ ଥିଲୁ।
କିନ୍ତୁ ତୁମ୍ଭେ ଆମ୍ଭକୁ ବେଶିଦିନ ନିର୍ବାସିତ କରି ରଖି ନଥିଲ।
ତୁମ୍ଭେ ଆମ୍ଭପ୍ରତି ଦୟା କରିଥିଲ। ତୁମ୍ଭ ଯୋଗୁ ପାରସ୍ୟର
ରାଜା ଆମ୍ଭପ୍ରତି ଦୟା ଦେଖାଇ ଥିଲେ। ତୁମ୍ଭର ମନ୍ଦିର ଧ୍ୱଂସ
ହୋଇ ଯାଇଥିଲା। ଏବଂ ଆମ୍ଭେ ଏହାକୁ ପୁନଃନିର୍ମାଣ କରି
ଏହାକୁ ନୂତନ ଜୀବନ ଦେଲୁ। ପରମେଶ୍ୱର, ତୁମ୍ଭେ ଯିହୁଦା
ଓ ଯିରୁଶାଲମରେ ପ୍ରାଚୀର ଦେବାପାଇଁ ଆମ୍ଭର ସହାୟ
ହେଲ।

**10**ଏବେ ହେ ଆମ୍ଭର ପରମେଶ୍ୱର, ଏହାପରେ ଆମ୍ଭମାନଙ୍କର
କ'ଣ କରିବା ଉଚିତ୍? ଆମ୍ଭେ ତୁମ୍ଭର ଆଜ୍ଞାକୁ ଉପେକ୍ଷା
କରିଛୁ! **11**ହେ ପରମେଶ୍ୱର, ତୁମ୍ଭେ ଆପଣା ଦାସ
ଭବିଷ୍ୟଦ୍‌ବକ୍ତାଗଣ ଦ୍ୱାରା ଆଜ୍ଞାକରି କହିଥିଲ, "ତୁମ୍ଭେମାନେ
ଯେଉଁ ଦେଶ ଅଧିକାର କରିବାକୁ ଯାଉଅଛ। ତାହା ଅନ୍ୟ
ଦେଶ ଗୋଷ୍ଠୀୟମାନଙ୍କ ଅଶୌଚ ଦ୍ୱାରା ଅଶୁଚି ଦେଶ
ହୋଇଅଛି। ସେମାନଙ୍କର ଘୃଣାଯୋଗ୍ୟ କର୍ମ ଦେଶକୁ ଏକ
ସୀମାରୁ ଅନ୍ୟ ସୀମା ପର୍ଯ୍ୟନ୍ତ ସେମାନଙ୍କ ପାପରେ ପରିପୂର୍ଣ୍ଣ

କରିଅଛ। 12ଏଣୁ ହେ ଇସ୍ରାୟେଲର ଲୋକମାନେ ତୁମର
ସନ୍ତାନମାନଙ୍କୁ ସେମାନଙ୍କର ସନ୍ତାନମାନଙ୍କ ସହିତ ବିବାହ
ଦିଅ ନାହିଁ। କିମ୍ବା ସେମାନଙ୍କ ଶାନ୍ତି ଓ ସୌଭାଗ୍ୟ ପାଇଁ
କଦାପି ଚେଷ୍ଟା କରନାହିଁ। ତହିଁରେ ତୁମ୍ଭେମାନେ ବଳବାନ
ହେବ। ଦେଶର ଉତ୍ତମ ଦ୍ରବ୍ୟ ଭୋଜନ କରିବ ଓ ସବୁଦିନ
ପାଇଁ ଆପଣା ସନ୍ତାନଗଣର ଅଧିକାର ନିମନ୍ତେ ତାହା
ରଖିଯିବ। ମାତ୍ର ଆମ୍ଭେମାନେ ତୁମ୍ଭର ଏହି ଆଜ୍ଞା ପରିତ୍ୟାଗ
କରିଅଛୁ।"

13ହେ ପରମେଶ୍ୱର, ତୁମ୍ଭେ ଆମ୍ଭମାନଙ୍କର ପ୍ରାପ୍ୟଠାରୁ
କମ୍ ଦଣ୍ଡ ଦେଇଛ। ଏବଂ ଯଦିଓ ଆମ୍ଭର ପାପ ଓ ଦୋଷ
ଯୋଗୁଁ ଏସବୁ ଆମ ପାଖକୁ ଆସିଛି। ଆମ୍ଭମାନଙ୍କ ମଧ୍ୟରୁ
କେତେକଙ୍କୁ ଜୀବିତ ରଖିଅଛ। 14ଏହା ଦେଖିସାରିବା ପରେ
ଆମ୍ଭେମାନେ କ'ଣ ଆଉଥରେ ଏପରି ଭୁଲ୍ କରିବୁ। ଏହି
ଘୃଣାଯୋଗ୍ୟ କର୍ମ ଅନ୍ୟ ଗୋଷ୍ଠୀୟମାନଙ୍କ ସଙ୍ଗେ ବନ୍ଧୁ
କରିବୁ, ତୁମ୍ଭେ କ'ଣ ଆମ୍ଭମାନଙ୍କୁ ସମ୍ପୂର୍ଣ୍ଣ ନିଶେଷ କରିବ
ନାହିଁ।

15ହେ ସଦାପ୍ରଭୁ, ଇସ୍ରାୟେଲର ପରମେଶ୍ୱର, ତୁମ୍ଭେ ଧର୍ମ
ମଧ୍ୟ ଅଟ, ଯେଉଁଥିପାଇଁ ଆମ୍ଭେମାନେ ଆଜି ପର୍ଯ୍ୟନ୍ତ ରକ୍ଷା
ପାଇଅଛୁ। ଆମ୍ଭେମାନେ ତୁମ୍ଭ ସାକ୍ଷାତରେ ନିଜ ଦୋଷରେ
ଦୋଷୀ ହୋଇଅଛୁ। କାରଣ ସେଥିପାଇଁ କେହି ତୁମ୍ଭ ଛାମୁରେ
ଠିଆ ହୋଇପାରେ ନାହିଁ।

## ଲୋକମାନେ ସେମାନଙ୍କର ପାପ ସ୍ୱୀକାର କଲେ

10 ଏଜ୍ରା ପରମେଶ୍ୱରଙ୍କ ଗୃହ ସମ୍ମୁଖରେ ପ୍ରାର୍ଥନା କରୁଥିଲେ
ଓ ତାଙ୍କର ଦୋଷ ସ୍ୱୀକାର କରୁଥିଲେ। ଏହି
ସମୟରେ ସେ ପରମେଶ୍ୱରଙ୍କ ମନ୍ଦିର ସମ୍ମୁଖରେ ନତମସ୍ତକ
ହୋଇ କ୍ରନ୍ଦନ କରୁଥିଲେ। ଏଜ୍ରା ଏପରି କରୁଥିବା ସମୟରେ
ଦଳେ ଲୋକ ଇସ୍ରାୟେଲର ପୁରୁଷମାନେ, ସ୍ତ୍ରୀମାନେ ଓ
ପିଲାମାନେ ତାଙ୍କ ଚତୁଃପାର୍ଶ୍ୱରେ ଘେରି ରହିଥିଲେ। ସେହି
ଇସ୍ରାୟେଲୀୟମାନେ ମଧ୍ୟ ଅତିଶୟ କ୍ରନ୍ଦନ କରୁଥିଲେ। 2ଏହାପରେ
ଏଲମର ବଂଶଧରମାନଙ୍କ ମଧ୍ୟରୁ ଯିହୀୟେଲର ପୁତ୍ର ଶଖନୟ
ଏଜ୍ରାଙ୍କୁ କହିଲା, "ଆମ୍ଭେ ଆମ୍ଭର ପରମେଶ୍ୱରଙ୍କୁ ବିଶ୍ୱାସଘାତ
କରିଛୁ। ଆମ୍ଭେ ଅନ୍ୟ ଦେଶୀୟମାନଙ୍କୁ ବିବାହ କରିଛୁ। କିନ୍ତୁ
ଆମ୍ଭେ ଏପରି କଲେ ମଧ୍ୟ ଆମ୍ଭମାନଙ୍କର ଇସ୍ରାୟେଲଙ୍କ ପ୍ରତି
ଭରସା ଅଛି। 3ଏବେ ଆମ୍ଭେମାନେ ଆମ୍ଭ ପ୍ରଭୁଙ୍କର ଓ
ଆମ୍ଭମାନଙ୍କ ପରମେଶ୍ୱରଙ୍କ ଆଜ୍ଞାରେ କମ୍ପିତ ଲୋକମାନଙ୍କର
ମନ୍ତ୍ରଣାନୁସାରେ ଏହିସବୁ ସ୍ତ୍ରୀମାନଙ୍କୁ ଓ ଏମାନଙ୍କଠାରୁ ଜାତ
ସନ୍ତାନମାନଙ୍କୁ ଦୂର କରିଦେବା ପାଇଁ ଆମ୍ଭମାନଙ୍କ ପରମେଶ୍ୱରଙ୍କ
ସହିତ ଚୁକ୍ତି କରିବା ଏବଂ ଏହା ପରମେଶ୍ୱରଙ୍କ ବ୍ୟବସ୍ଥାନୁସାରେ
କରାଯାଉ। 4ହେ ଏଜ୍ରା, ଉଠନ୍ତୁ, କାରଣ ଏହା ତୁମ୍ଭ ଉପରେ
ଏହି କାର୍ଯ୍ୟର ଭାର ଅଛି, ତେଣୁ ଆମ୍ଭେମାନେ ତୁମ୍ଭକୁ
ସାହାଯ୍ୟ କରିବୁ। ସାହସିକ ହୋଇ ଏହି କାର୍ଯ୍ୟ କରନ୍ତୁ।"

5ତେଣୁ ଏଜ୍ରା ଉଠିଲେ। ସେହି ବାକ୍ୟ ଅନୁସାରେ କାର୍ଯ୍ୟ
କରିବା ପାଇଁ ଯାଜକମାନଙ୍କର, ଲେବୀୟମାନଙ୍କର ଓ ସମଗ୍ର
ଇସ୍ରାୟେଲର ପ୍ରଧାନବର୍ଗ ପ୍ରତିଜ୍ଞା କରାଇଲେ। 6ଏହାପରେ
ଏଜ୍ରା ପରମେଶ୍ୱରଙ୍କ ଗୃହ ସମ୍ମୁଖରୁ ଉଠିଗଲେ। ଏହାପରେ
ଇଲୀୟାଶୀବର ପୁତ୍ର ଯିହୋହାନନର କୋଠରୀକୁ ଗଲେ। ଏଜ୍ରା
ସେଠାରେ ରହିବା ସମୟରେ ସେ କୌଣସି ଖାଦ୍ୟ ଖାଇ
ନଥିଲେ, କି ଜଳପାନ କରିନଥିଲେ। ସେ ଏପରି କରିଥିଲେ
କାରଣ ସେ ବହୁତ ଦୁଃଖିତ ଥିଲେ। ସେ ଇସ୍ରାୟେଲମାନଙ୍କ
ପାପ ପାଇଁ ବହୁତ ଦୁଃଖିତ ଥିଲେ ଯେଉଁମାନେ ଯିରୁଶାଲମକୁ
ଫେରି ଆସିଥିଲେ। 7ଏହାପରେ ସେ ଯିହୁଦା ଓ ଯିରୁଶାଲମର
ପ୍ରତ୍ୟେକ ପ୍ରାନ୍ତରକୁ ଖବର ପଠାଇଲେ। ଏବଂ ସେ ସେହି
ଲୋକମାନଙ୍କୁ, ଯେଉଁମାନେ ବନ୍ଦୀତ୍ୱରୁ ଫେରି ଆସିଥିଲେ,
ସେମାନଙ୍କ ନିକଟରେ ଘୋଷଣା କରି କହିଲେ, ସେମାନେ
ଯିରୁଶାଲମରେ ଏକତ୍ରିତ ହେବେ। 8ଯଦି କୌଣସି ଲୋକ
ତିନି ଦିନ ମଧ୍ୟରେ ଯିରୁଶାଲମକୁ ନ ଆସିବ, ତେବେ ତାର
ସମସ୍ତ ସମ୍ପତ୍ତି ହରଣ କରାଯିବ। ଏହି ନିଷ୍ପତ୍ତି ଅଧିପତିମାନେ
ଓ ପ୍ରାଚୀନବର୍ଗମାନେ ନେଇଥିଲେ ଓ ସେମାନଙ୍କୁ ମଧ୍ୟ
ବନ୍ଦୀତ୍ୱର ସମାଜରୁ ପୃଥକ କରାଯିବ।

9ତେଣୁ ଯିହୁଦା ଓ ବିନ୍ୟାମିନର ସମଗ୍ର ଲୋକ ତିନିଦିନ
ମଧ୍ୟରେ ଯିରୁଶାଲମରେ ଏକତ୍ରିତ ହେଲେ। ସେହିଦିନ ନବମ
ମାସର ବିଂଶତିତମ ଦିନ ଥିଲା। ଆଉ ସମସ୍ତ ଲୋକେ
ପରମେଶ୍ୱରଙ୍କ ଗୃହର ସମ୍ମୁଖସ୍ଥ ଛକରେ ବସି ଉକ୍ତ ବିଷୟ
ଓ ମହାବୃଷ୍ଟି ସକାଶୁ କମ୍ପିତ ହେଉଥିଲେ। 10ଏହାପରେ
ଯାଜକ ଏଜ୍ରା ଠିଆ ହୋଇ ଲୋକମାନଙ୍କୁ କହିଲେ, "ତୁମ୍ଭେମାନେ
ଅବିଶ୍ୱସ୍ତ ହୋଇଅଛ ଓ ଇସ୍ରାୟେଲର ଦୋଷ ବଢାଇଅଛ,
କାରଣ ତୁମ୍ଭେମାନେ ଅଣ ଇସ୍ରାୟେଲୀୟ ସ୍ତ୍ରୀମାନଙ୍କୁ ବିବାହ
କରିଅଛ। 11ଏଣୁ ତୁମ୍ଭେ ତୁମ୍ଭର ପିତୃଗଣର ପରମେଶ୍ୱର
ସଦାପ୍ରଭୁଙ୍କ ନିକଟରେ ପ୍ରକାଶ କର। ତାଙ୍କର ତୁଷ୍ଟିଜନକ
କାର୍ଯ୍ୟ କର। ଦେଶସ୍ଥ ଅନ୍ୟ ଗୋଷ୍ଠୀୟମାନଙ୍କଠାରୁ ଓ ଅନ୍ୟ
ଦେଶୀୟା ସ୍ତ୍ରୀମାନଙ୍କଠାରୁ ଆପଣାମାନଙ୍କୁ ପୃଥକ କର।"

12ଏହାପରେ ସମଗ୍ର ସମାଜ ଏକତ୍ରିତ ହୋଇ ଏଜ୍ରାଙ୍କୁ
ଉତ୍ତର ଦେଇ କହିଲେ, "ହେ ଏଜ୍ରା, ତୁମ୍ଭେ ଠିକ୍ କହିଛ।
ତୁମ୍ଭେ ଆମ୍ଭକୁ ଯାହା କହିଲ ଆମ୍ଭେ ଠିକ୍ ସେହିପରି କରିବୁ।
13କିନ୍ତୁ ଏଠାରେ ବହୁତ ଲୋକ ଅଛନ୍ତି ଏବଂ ଏହା ବର୍ତ୍ତମାନ
ବୃଷ୍ଟିର ସମୟ। ଆଉ ଆମ୍ଭେମାନେ ବାହାରେ ଠିଆ ହେବା
ଅସମ୍ଭବ। ଏବଂ ଏହା ଅଳ୍ପ ଦିନର କାର୍ଯ୍ୟ ନୁହେଁ, ଯେହେତୁ
ଏହି ବିଷୟରେ ଆମ୍ଭେମାନେ ମହା ଅପରାଧ କରିଅଛୁ।
14ଏଣୁ ସମଗ୍ର ସମାଜ ନିମନ୍ତେ ଆମ୍ଭମାନଙ୍କ ଅଧିପତିମାନେ
ନିଯୁକ୍ତ ହୁଅନ୍ତୁ। ଯେଉଁ ଲୋକମାନେ ଅଣ-ଇସ୍ରାୟେଲୀୟ
ସ୍ତ୍ରୀମାନଙ୍କୁ ବିବାହ କରିଛନ୍ତି, ସେମାନେ ସମସ୍ତେ ନିରୂପିତ
ସମୟରେ ଆସନ୍ତୁ ଓ ସେମାନଙ୍କ ସଙ୍ଗେ ପ୍ରତ୍ୟେକ ନଗରର
ପ୍ରାଚୀନଗଣ ଓ ବିଚାର କର୍ତ୍ତାଗଣ ଆସନ୍ତୁ। ଆମ୍ଭ ପରମେଶ୍ୱରଙ୍କର
କ୍ରୋଧ ଯେପର୍ଯ୍ୟନ୍ତ ଅତିକ୍ରମ ନ ହୋଇଛି ଏହି କାରଣ
ଯୋଗୁଁ ଏହି ବିଷୟ ଗ୍ରହଣୀୟ ହେବ ନାହିଁ।"

15ଏହି କଥା ବିରୁଦ୍ଧରେ କେବଳ ଅସାହେଲର ପୁତ୍ର
ଯୋନାଥନ ଓ ତିକ୍ୱର ପୁତ୍ର ଯହସିୟ ଉଠିଲେ। ଆଉ
ମସୁଲମ୍ ଓ ଲେବୀୟ ଶବଥୟ ସେମାନଙ୍କର ସାହାଯ୍ୟ
କଲେ।

16ମାତ୍ର ବନ୍ଦୀତ୍ୱର ସନ୍ତାନମାନେ ସେହିପରି କର୍ମ କଲେ।
ପୁଣି ଯାଜକ ଏଜ୍ରା ସେଇ ଲୋକମାନଙ୍କୁ ବାଛିଲେ, ଯେଉଁମାନେ
ପରିବାରର ମୁଖ୍ୟ ଥିଲେ। ପ୍ରତ୍ୟେକ ପରିବାରରୁ ଜଣେ
ଲେଖାଁଏ ବଛାଗଲେ। ଆଉ ସେମାନେ ଦଶମ ମାସର ପ୍ରଥମ

ଦିନ ସେହି ବିଷୟ ଅନୁସନ୍ଧାନ କରିବାକୁ ବସିଲେ। **17**ପୁଣି
ସେମାନେ ପ୍ରଥମ ମାସର ପ୍ରଥମ ଦିନରେ ଅନ୍ୟ ଦେଶୀୟା
ସ୍ତ୍ରୀ ବିବାହକାରୀ ପୁରୁଷ ସମସ୍ତଙ୍କର ବିଚାର ସମାପ୍ତ କଲେ।

## ବିଦେଶିନୀ ସ୍ତ୍ରୀମାନଙ୍କୁ ବିବାହ କରିଥିବା ଲୋକମାନଙ୍କର ତାଲିକା

**18**ଯାଜକମାନଙ୍କ ବଂଶଗଣ ମଧ୍ୟରୁ ଯେଉଁମାନେ ଅନ୍ୟ
ଦେଶୀୟା ସ୍ତ୍ରୀମାନଙ୍କୁ ବିବାହ କରିଥିଲେ, ସେମାନେ ହେଲେ
ଯଥା:

ଯୋଷାଦକର ପୁତ୍ର ଯେଶୂୟର ସନ୍ତାନଗଣ ଓ ତାହାର
ଭ୍ରାତୃଗଣ ମଧ୍ୟରୁ ମାସେୟ, ଇଲୀୟେଷର, ଯାରିବ ଓ
ଗଦଲିୟ। **19**ଏମାନେ ଆପଣା ଆପଣା ସ୍ତ୍ରୀମାନଙ୍କୁ ଦୂର
କରିଦେବେ ବୋଲି କଥା ଦେଲେ। ଆଉ ଦୋଷୀ ହେବାରୁ
ସେମାନେ ନିଜ ନିଜର ଦୋଷ ସକାଶେ ପଲରୁ ଏକ ଏକ
ମେଷ ଦୋଷାର୍ଥକବଳି ରୂପେ ଉତ୍ସର୍ଗ କଲେ।

**20**ଆଉ ଇମ୍ମେରର ବଂଶଧରମାନଙ୍କ ମଧ୍ୟରୁ ହନାନି ଓ
ସବଦିୟ।

**21**ହାରିମର ବଂଶଧରମାନଙ୍କ ମଧ୍ୟରୁ ମାସେୟ ଓ ଏଲୀୟ
ଓ ଶମୟିୟ ଯିହୀୟେଲ ଓ ଉଷିୟ।

**22**ପଶହୂରର ସନ୍ତାନମାନଙ୍କର ମଧ୍ୟରୁ ଇଲୟୋ-ଐନୟ,
ମାସେୟ, ଇଶ୍ମାୟେଲ, ନଥନେଲ, ଯୋଷାବଦ୍ ଓ ଇଲୀୟାସା,

**23**ଆଉ ଲେବୀୟମାନଙ୍କ ମଧ୍ୟରୁ ଯୋଷାବଦ୍, ଶିମିୟି ଓ
କଲାୟ, ଏହାକୁ କଲିଟ୍ କହନ୍ତି, ପଥାହୟ, ଯିହୁଦା ଓ
ଇଲୀୟେଷର,

**24**ଗାୟକମାନଙ୍କ ମଧ୍ୟରୁ ଇଲୀୟାଶୀବ୍,

ଦ୍ୱାରପାଳକମାନଙ୍କ ମଧ୍ୟରୁ ଶଲ୍ଲୁମ୍ ଓ ଟେଲମ୍ ଓ ଊରି।

**25**ଇସ୍ରାୟେଲ ମଧ୍ୟରେ

ପରୋଶର ବଂଶଧରମାନଙ୍କ ମଧ୍ୟରୁ ରମିୟ ଓ ଯିଷିୟ,
ମଲ୍‌କୟ, ମିୟାମୀନ୍, ଇଲୀୟାସର, ମଲ୍‌କୟ ଓ ବନାୟ।

**26**ଏଲମର ବଂଶଧରଗଣ ମଧ୍ୟରୁ ମତ୍ତନୟ, ଜିଖରୀୟ,
ଯିହୀୟେଲ ଅବ୍‌ଦି, ଯିରେମୋତ୍ ଓ ଏଲୀୟ।

**27**ସତ୍ତୁର ବଂଶଧରଗଣ ମଧ୍ୟରୁ ଇଲୟୋ-ଐନୟ,
ଇଲୀୟାଶୀବ୍ ଓ ମତ୍ତନୟ, ଯିରେମୋତ୍, ଯାବଦ୍ ଓ ଅସୀସା।

**28**ବେବୟର ସନ୍ତାନଗଣ ମଧ୍ୟରୁ ଯିହୋହାନନ୍, ହନାନୟ,
ସବ୍ବୟ ଓ ଅତ୍ଲୟ।

**29**ଆଉ ବାନିର ବଂଶଧରଗଣ ମଧ୍ୟରୁ ମଶୁଲ୍ଲମ୍, ମଲ୍ଲୂକ
ଓ ଅଦାୟା, ୟାଶୂବ୍, ଶାଲ ଓ ୟିରେମୋତ୍।

**30**ଆଉ ପହତ୍ ମୋୟାବର ବଂଶଧରଗଣ ମଧ୍ୟରୁ ଅଦନ
ଓ କଲାଲ୍, ବନାୟ, ମାସେୟ, ମତ୍ତିନୟ, ବତ୍ସଲେଲ ଓ
ବିନ୍ନୁୟୀ ଓ ମନଶି।

**31**ହାରିମର ବଂଶଧରଗଣ ମଧ୍ୟରୁ ଇଲୀୟେଷର,
ଯିଶିୟ, ମଲ୍କିୟ, ଶମୟିୟ, ଶିମିୟୋନ, **32**ବିନ୍ୟାମୀନ, ମଲ୍ଲୂକ,
ଶମରିୟ,

**33**ହଶୂମର ବଂଶଧରଗଣ ମଧ୍ୟରୁ ମତ୍ତନୟ ମତ୍ତତ୍ତ,
ସାବଦ୍, ଇଲିଫେଲଟ୍, ଯିରେମୟ, ମନଃଶି, ଶିମିୟି।

**34**ବାନିର ବଂଶଧରଗଣ ମଧ୍ୟରୁ ମାଦୟ, ଅମ୍ରାମ ଓ
ଉୟେଲ, **35**ବନାୟ, ବେଦୟା, କଲୂହି, **36**ବନିୟ, ମରେମୋତ୍,
ଇଲୀୟାଶୀବ୍, **37**ମତ୍ତନୟ, ମତ୍ତନୟ ଓ ଯାଶୟ।

**38**ଏବଂ ବିନ୍ନୁୟି, ଶିମିୟିର ଭବିଷ୍ୟତ୍ ବଂଶଧର ମଧ୍ୟରୁ
**39**ଶେଲମିୟ, ନାଥନ୍ ଓ ଅଦାୟା, **40**ମଗ୍ନଦବୟ, ଶାଶୟ,
ଶାରୟ, **41**ଅସରେଲ, ଶେଲମିୟ, ଶମରିୟ, **42**ଶଲ୍ଲୁମ୍,
ଅମରିୟ ଓ ଯୋଷେଫ୍।

**43**ନବୋର ବଂଶଧରଗଣ ମଧ୍ୟରୁ ଯିୟୟେଲ, ମତ୍ତିଥିୟ,
ସାବଦ୍, ସବୀନଃ, ଇଦ୍ଦୋ, ଯୋୟେଲ ଓ ବନାୟ।

**44**ଏସମସ୍ତ, ଲୋକମାନେ ଅଣ ଇସ୍ରାୟେଲୀୟ ସ୍ତ୍ରୀମାନଙ୍କୁ
ବିବାହ କରିଥିଲେ। ଆଉ ସେମାନେ ସେମାନଙ୍କର
ବିଦେଶୀନି ସ୍ତ୍ରୀମାନଙ୍କୁ ସେମାନଙ୍କର ସନ୍ତାନମାନଙ୍କ ସହିତ
ପଠାଇ ଦେଲେ।

# ବଂଶାବଳୀର ଦ୍ୱିତୀୟ ପୁସ୍ତକ

### ଶଲୋମନ ଜ୍ଞାନ ମାଗନ୍ତି

1 ଯେହେତୁ ସଦାପ୍ରଭୁ ପରମେଶ୍ୱର ତାଙ୍କ ସହିତ ଥିଲେ,
ଦାଉଦଙ୍କର ପୁତ୍ର ଶଲୋମନ ଜଣେ ପ୍ରତିଷ୍ଠିତ ରାଜା
ହେବାକୁ ସକ୍ଷମ ହୋଇଥିଲେ। ସଦାପ୍ରଭୁ ତାଙ୍କୁ ଅତ୍ୟନ୍ତ
ମହାନ କରିପାରିଥିଲେ।

2ଇସ୍ରାୟେଲର ଲୋକମାନଙ୍କ ସହ ଶଲୋମନ କଥା
ହେଲେ। ସେ 1,000 ସୈନ୍ୟ ବିଶିଷ୍ଟ ସୈନ୍ୟଦଳର ଦଳପତି
ଓ 100 ସୈନ୍ୟ ବିଶିଷ୍ଟ ସୈନ୍ୟଦଳର ଦଳପତି ଓ
ବିଚାରକର୍ତ୍ତା ଏବଂ ସମସ୍ତ ଇସ୍ରାୟେଲର ନେତାମାନଙ୍କ ସହ
ପୁଣି ପରିବାରଗୁଡ଼ିକର ମୁଖ୍ୟଙ୍କ ସହ କଥା ହେଲେ। 3ଏହାପରେ
ଶଲୋମନ ଓ ତାଙ୍କ ସହିତ ସମଗ୍ର ସମାଜ ଏବଂ ଗିବିୟୋନର
ପର୍ବତ ଶିଖରସ୍ଥ ପୂଜାସ୍ଥଳକୁ ଗଲେ। ପରମେଶ୍ୱରଙ୍କ ସମାଗମ
ତମ୍ବୁ ସେଠାରେ ଥିଲା। ଯେତେବେଳେ ସେମାନେ ମରୁ
ପ୍ରାନ୍ତରରେ ଥିଲେ ସଦାପ୍ରଭୁଙ୍କ ଦାସ ମୋଶା ସେହି ତମ୍ବୁ
ନିର୍ମାଣ କରିଥିଲେ। 4ସଦାପ୍ରଭୁଙ୍କ ନିୟମ-ସିନ୍ଦୁକକୁ ଦାଉଦ
ଯିରୁଶାଲମକୁ କିରିୟତ ଯିୟାରୀମଠାରୁ ଆଣିଥିଲେ। ଯିରୁଶାଲମରେ
ଏହାକୁ ସ୍ଥାପନ କରିବା ନିମନ୍ତେ ଦାଉଦ ଏକ ସ୍ଥାନ ନିରୂପଣ
କରିଥିଲେ। ଦାଉଦ ଯିରୁଶାଲମରେ ସଦାପ୍ରଭୁଙ୍କ ନିୟମ-ସିନ୍ଦୁକ
ପାଇଁ ଏକ ତମ୍ବୁ ନିର୍ମାଣ କରିଥିଲେ। 5ହୂରଙ୍କ ପୁତ୍ର ଊରି,
ଊରିଙ୍କ ପୁତ୍ର ବତ୍ସଲେଲ ଏକ ପିତ୍ତଳର ଯଜ୍ଞବେଦୀ ନିର୍ମାଣ
କରିଥିଲେ। ଏହି ପିତ୍ତଳର ଯଜ୍ଞବେଦୀ ଗିବିୟୋନଠାରେ
ସଦାପ୍ରଭୁଙ୍କ ତମ୍ବୁ ସମ୍ମୁଖରେ ଥିଲା। ତେଣୁ ଶଲୋମନ ଏବଂ
ଲୋକମାନେ ଗିବିୟୋନକୁ ସଦାପ୍ରଭୁଙ୍କ ପରାମର୍ଶ କରିବାକୁ
ଗଲେ। 6ସମାଗମ ତମ୍ବୁର ସମ୍ମୁଖରେ ସଦାପ୍ରଭୁଙ୍କ ଆଗରେ
ପିତ୍ତଳ ବେଦୀ ଆଡ଼କୁ ଶଲୋମନ ଗଲେ। ବେଦୀ ଉପରେ
ଶଲୋମନ 1,000 ଗୋଟି ସଂପୂର୍ଣ୍ଣ ହୋମବଳି ଅର୍ପଣ କଲେ।

7ସେହି ରାତ୍ରିରେ ପରମେଶ୍ୱର ଶଲୋମନଙ୍କ ନିକଟକୁ
ଆସିଲେ। ପରମେଶ୍ୱର କହିଲେ, "ଶଲୋମନ, ଆମ୍ଭେ ତୁମ୍ଭକୁ
କ'ଣ ଦେବା ବୋଲି ତୁମ୍ଭେ ଚାହଁ, ତାହା ଆମ୍ଭକୁ ମାଗ।"

8ଶଲୋମନ ସଦାପ୍ରଭୁଙ୍କୁ କହିଲେ, "ତୁମ୍ଭେ ମୋର ବାପା
ଦାଉଦଙ୍କ ପ୍ରତି ଅତ୍ୟନ୍ତ ଦୟାଳୁ ଥିଲ। ମୋର ବାପାଙ୍କ
ସ୍ଥାନରେ ନୂତନ ରାଜା ହେବା ନିମନ୍ତେ ତୁମ୍ଭେ ମୋତେ
ମନୋନୀତ କଲ। 9ବର୍ତ୍ତମାନ, ସଦାପ୍ରଭୁ ପରମେଶ୍ୱର, ମୋର
ବାପା ଦାଉଦଙ୍କୁ ଦେଇଥିବା ପ୍ରତିଜ୍ଞା ରକ୍ଷା କର। ଏକ ଅତି
ବଡ଼ ଜାତିର ରାଜା ହେବା ନିମନ୍ତେ ତୁମ୍ଭେ ମୋତେ
ମନୋନୀତ କରିଛ। ସେଠାରେ ଅନେକ ଲୋକ ଅଛନ୍ତି
ସେମାନେ ପୃଥିବୀର ଧୂଳି ସଦୃଶ। 10ବର୍ତ୍ତମାନ ମୋତେ ଜ୍ଞାନ
ଓ ବୁଦ୍ଧି ଦିଅ, ଯେପରି ଏହି ଲୋକମାନଙ୍କୁ ମୁଁ ଉଚିତ୍
ମାର୍ଗରେ କଢ଼ାଇ ନେଇପାରିବି। ତୁମ୍ଭର ସାହାଯ୍ୟ ବିନା ଏହି
ଲୋମାନଙ୍କୁ କେହି ଶାସନ କରିପାରିବ ନାହିଁ।"

11ପରମେଶ୍ୱର ଶଲୋମନଙ୍କୁ କହିଲେ, "ଆମ୍ଭେ ଏହା
କରିବା କାରଣ ଏହା ତୁମ୍ଭର ଇଚ୍ଛା ଥିଲା। ତୁମ୍ଭେ ଧନ,
ସମ୍ପତ୍ତି ବା ସମ୍ମାନ ମାଗିଲ ନାହିଁ। ତୁମ୍ଭ ଶତ୍ରୁମାନଙ୍କର ବିନାଶ
ତୁମ୍ଭେ ଚାହିଁଲ ନାହିଁ। ପୁଣି ତୁମ୍ଭର ଦୀର୍ଘାୟୁ ମଧ୍ୟ ତୁମ୍ଭେ
ମାଗିଲ ନାହିଁ। ତୁମ୍ଭେ କେବଳ ଜ୍ଞାନ ଓ ବୁଦ୍ଧି ମାଗିଲ,
ଯେପରି ତୁମ୍ଭେ ମୋର ଲୋକମାନଙ୍କୁ ବୁଦ୍ଧିମାନରେ ନିଷ୍ପତ୍ତି
ଦେଇପାର, ଯେଉଁ ଲୋକମାନଙ୍କୁ ଶାସନ କରିବା ନିମନ୍ତେ
ଆମ୍ଭେ ତୁମ୍ଭକୁ ମନୋନୀତ କରିଛୁ। 12ଏଣୁ ଆମ୍ଭେ ତୁମ୍ଭକୁ
ଜ୍ଞାନ ଓ ବୁଦ୍ଧିରେ ପୂର୍ଣ୍ଣ କରିବା। ଆଉ ମଧ୍ୟ ଆମ୍ଭେ ତୁମ୍ଭକୁ
ଧନ, ସମ୍ପତ୍ତି ଓ ସମ୍ମାନ ପ୍ରଦାନ କରିବା। ତୁମ୍ଭ ପୂର୍ବରୁ
କୌଣସି ରାଜାର ଏପରି ଧନ ବା ସମ୍ମାନ ନ ଥିଲା। ଏବଂ
ଭବିଷ୍ୟତରେ ମଧ୍ୟ କୌଣସି ରାଜାର ଏପରି ଧନସମ୍ମାନ
ରହିବ ନାହିଁ।"

13ତା'ପରେ ଶଲୋମନ ସମାଗମ ତମ୍ବୁକୁ ତ୍ୟାଗ କଲେ
ଏବଂ ଯେଉଁଠାକି ଗିବିୟୋନରେ ଏକ ଉପାସନା ସ୍ଥଳରେ
ଥିଲା, ଯିରୁଶାଲମକୁ ଇସ୍ରାୟେଲର ରାଜା ଫେରିଗଲେ ଓ
ଶାସନ କଲେ।

### ଶଲୋମନ ତାଙ୍କର ସୈନ୍ୟଦଳ ଓ ସମ୍ପତ୍ତି ଗଠନ କରନ୍ତି

14ତାଙ୍କର ସୈନ୍ୟଦଳ ନିମନ୍ତେ ଶଲୋମନ ଘୋଡ଼ାସବୁ ଓ
ରଥସବୁ ସଂଗ୍ରହ କରିବାକୁ ଆରମ୍ଭ କଲେ। ଶଲୋମନ
1,400 ଟି ରଥ ଓ 12,000 ଅଶ୍ୱ ସଂଗ୍ରହ କଲେ।
ଶଲୋମନ ସେମାନଙ୍କୁ ରଥର ସହରରେ ରଖିଲେ। ଆଉ
କେତେକଙ୍କୁ ଶଲୋମନ ଯିରୁଶାଲମରେ ରାଜାଙ୍କ ନିକଟରେ
ରଖିଲେ। 15ଯେତେ ପରିମାଣରେ ପଥର, ଏରସ କାଠ,
ସିକ୍ମୋର କାଠ ଯିରୁଶାଲମରେ ଥିଲା, ରାଜା ସେତେ
ପରିମାଣର ସୁନା ଓ ରୂପା ଆଣିଲେ। 16କ୍ୟୁଏ ଏବଂ ମିଶରରୁ
ଶଲୋମନ ଘୋଡ଼ାସବୁ କିଣିଲେ। ରାଜାଙ୍କର ବଣିକମାନେ
ଘୋଡାସବୁ କିଣିବାକୁ କ୍ୟୁଏକୁ ଗଲେ। 17ଶଲୋମନଙ୍କ
ବେପାରୀମାନେ ମିଶରରୁ ଗୋଟିଏ ରଥକୁ 600 ରୂପା ମୁଦ୍ରା
ଏବଂ ଗୋଟିଏ ଘୋଡ଼ାକୁ 150 ରୂପା ମୁଦ୍ରା ଦେଇ କିଣିଲେ।
ଏହାପରେ ବେପାରୀମାନେ ଘୋଡ଼ା ଓ ରଥସବୁ ହିତ୍ତୀୟ ଓ
ଅରାମ ଲୋକମାନଙ୍କର ସମସ୍ତ ରାଜାମାନଙ୍କୁ ବିକଲେ।

### ମନ୍ଦିର ଓ ପ୍ରାସାଦ ନିର୍ମାଣ ନିମନ୍ତେ ଶଲୋମନ ଯୋଜନା ପ୍ରସ୍ତୁତ କରନ୍ତି

2 ସଦାପ୍ରଭୁଙ୍କ ନାମକୁ ସମ୍ମାନିତ କରିବା ନିମନ୍ତେ ଶଲୋମନ
ଏକ ମନ୍ଦିର ନିର୍ମାଣ କରିବାକୁ ଯୋଜନା କଲେ।
ଆହୁରି ମଧ୍ୟ ନିଜ ନିମନ୍ତେ ଏକ ରାଜକୀୟ ଗୃହ ନିର୍ମାଣ
କରିବାକୁ ଶଲୋମନ ଯୋଜନା କଲେ। 2ଶଲୋମନ

ପର୍ବତଗୁଡ଼ିକରୁ ପଥର କାଟିବା ନିମନ୍ତେ 70,000 ଶ୍ରମିକ ଓ
80,000 ପଥରକଟାଳୀ ସଂଗ୍ରହ କଲେ। ଆଉ ତଦାରଖ
କାର୍ଯ୍ୟ କରିବା ନିମନ୍ତେ 3,600 ତଦାରଖକାରୀଙ୍କୁ ମନୋନୀତ
କଲେ।

**3**ଏହାପରେ ଶଲୋମନ, ହୂରମ ନିକଟକୁ ବାର୍ତ୍ତା ପଠାଇଲେ।
ହୂରମ, ସୋର ସହରର ରାଜା ଥିଲେ। ଶଲୋମନ କହିଲେ,
"ମୋର ବାପା ଦାଉଦଙ୍କୁ ସାହାଯ୍ୟ କଲାପରି ମୋତେ ମଧ୍ୟ
ସାହାଯ୍ୟ କର। ତୁମ୍ଭେ ଦେବଦାରୁ ଗଛର କାଠ ତାଙ୍କ
ନିକଟକୁ ପଠାଇଲେ, ଯେପରି ସେ ବାସ କରିବା ନିମନ୍ତେ
ଏକ ଗୃହ ନିର୍ମାଣ କରିପାରନ୍ତି। **4**ସଦାପ୍ରଭୁ ମୋର ପରମେଶ୍ୱରଙ୍କ
ନାମକୁ ସମ୍ମାନ ଦେବା ନିମନ୍ତେ ମୁଁ ଏକ ମନ୍ଦିର ନିର୍ମାଣ
କରିବି। ମନ୍ଦିରରେ ଆମ୍ଭେ ସଦାପ୍ରଭୁଙ୍କ ସମ୍ମୁଖରେ ଧୂପ
ଜଳାଇବୁ ଏବଂ ବିଶେଷ ମେଜ ଉପରେ ପବିତ୍ର ରୋଟୀ
ସବୁବେଳେ ଅର୍ପଣ କରିବୁ। ଆମ୍ଭେମାନେ ପ୍ରତ୍ୟେକ ସକାଳ
ଏବଂ ସନ୍ଧ୍ୟାରେ, ପ୍ରତ୍ୟେକ ବିଶ୍ରାମଦିନରେ, ପ୍ରତ୍ୟେକ ଅମାବାସ୍ୟା
ଦିନରେ ଏବଂ ଅନ୍ୟାନ୍ୟ ପର୍ବ ଦିନରେ ସଦାପ୍ରଭୁ ଆମ୍ଭର
ପରମେଶ୍ୱରଙ୍କୁ ହୋମବଳି ଦେବୁ। ଇଶ୍ରାୟେଲ ଚିରଦିନ ଏହା
କରିବ।

**5**"ଆମର ପରମେଶ୍ୱର ଅନ୍ୟ ସମସ୍ତ ଦେବତାଗଣ ଅପେକ୍ଷା
ମହାନ ଅଟନ୍ତି। ତେଣୁ ମୁଁ ତାଙ୍କ ନିମନ୍ତେ ଏକ ବିରାଟ
ମନ୍ଦିର ନିର୍ମାଣ କରିବି। **6**ବାସ୍ତବରେ କୌଣସି ବ୍ୟକ୍ତି ଆମ୍ଭର
ପରମେଶ୍ୱରଙ୍କୁ ଭିତରେ ରଖିବା ପାଇଁ ଏକ ଗୃହ ନିର୍ମାଣ
କରି ପାରିବ ନାହିଁ। ଏପରିକି ସ୍ୱର୍ଗ ବା ସର୍ବୋଚ୍ଚ ସ୍ୱର୍ଗ ମଧ୍ୟ
ତାଙ୍କୁ ଧାରଣ କରି ପାରିବ ନାହିଁ। ମୁଁ ମଧ୍ୟ ପରମେଶ୍ୱରଙ୍କ
ନିମନ୍ତେ ଏକ ମନ୍ଦିର ନିର୍ମାଣ କରି ପାରିବି ନାହିଁ। କେବଳ
ତାଙ୍କଠାରେ ନୈବେଦ୍ୟ ଉତ୍ସର୍ଗ କରିବା ପାଇଁ ଏକ ସ୍ଥାନ
ନିର୍ମାଣ କରିପାରେ।

**7**"ବର୍ତ୍ତମାନ, ଆପଣ ମୋ ନିକଟକୁ ସ୍ୱର୍ଣ୍ଣ, ରୌପ୍ୟ,
ପିତ୍ତଳ ଓ ଲୌହ କର୍ମରେ ପାରଦର୍ଶୀ ଏକ ବ୍ୟକ୍ତିଙ୍କୁ
ପଠାଇବାକୁ ମୁଁ ଚାହେଁ। ସେହି ବ୍ୟକ୍ତି ବାଇଗଣୀ, ଲାଲ୍ ଏବଂ
ନୀଳ ବର୍ଣ୍ଣର ଲୁଗାରେ କାର୍ଯ୍ୟ କରିପାରୁଥିବା ଆବଶ୍ୟକ।
ମୋର ବାପାଙ୍କ ଦ୍ୱାରା ମନୋନୀତ କାରିଗରମାନଙ୍କ ସହ
ସେହି ବ୍ୟକ୍ତି ଯିହୁଦା ଏବଂ ଯିରୁଶାଲମରେ କାର୍ଯ୍ୟ କରିବ।
**8**ଆହୁରି ମଧ୍ୟ ଲିବାନୋନ୍‌ରୁ ମୋ ନିକଟକୁ ଦେବଦାରୁ ଏବଂ
ଚନ୍ଦନ ଗଛର କାଠ ପଠାନ୍ତୁ। ତୁମ୍ଭର ଦାସମାନେ ଲିବାନୋନ୍‌ର
କାଠଗଣ୍ଡି କାଟି ଆଣିବାରେ ସିଦ୍ଧ ହସ୍ତ, ଏହା ମୁଁ ଜାଣେ।
ମୋର ଦାସମାନେ, ତୁମ୍ଭର ଦାସମାନଙ୍କୁ ସାହାଯ୍ୟ କରିବେ।
**9**ମୁଁ ବହୁତ ପରିମାଣର କାଠ ଆବଶ୍ୟକ କରେ; କାରଣ
ଯେଉଁ ମନ୍ଦିର ମୁଁ ନିର୍ମାଣ କରୁଛି, ତାହା ବହୁତ ବଡ଼ ଓ
ସୌନ୍ଦର୍ଯ୍ୟରେ ପୂର୍ଣ୍ଣ ହେବ। **10**କାଠଗଣ୍ଡି ନିମନ୍ତେ ଗଛ
କାଟିବା ପାଇଁ ମୁଁ ଏହିଭଳି ଭାବରେ ତୁମ୍ଭ ଦାସମାନଙ୍କୁ ମୂଲ୍ୟ
ଦେଇପାରେ। ମୁଁ ସେମାନଙ୍କ ଖାଦ୍ୟ ନିମନ୍ତେ 20,000
ମହଣ ଗହମ, ଓ 20,000 ମହଣ ଦ୍ରାକ୍ଷାରସ ଏବଂ ତୈଳ
20,000 ମହଣ ପ୍ରଦାନ କରିବି।"

**11**ତା'ପରେ ସୋରର ରାଜା ହୂରମ, ଶଲୋମନ ନିକଟକୁ
ଏକ ଲିଖିତ ବାର୍ତ୍ତା ପଠାଇଲେ। ସେହି ବାର୍ତ୍ତା ଥିଲା:
"ସଦାପ୍ରଭୁ ତାଙ୍କର ଲୋକମାନଙ୍କୁ ଭଲ ପାଆନ୍ତି। ସେଥିପାଇଁ
ସେ ତୁମ୍ଭକୁ ରାଜା ରୂପେ ମନୋନୀତ କରିଅଛନ୍ତି।" **12**ହୂରମ୍
ଆହୁରି ମଧ୍ୟ କହିଲେ, "ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କ
ପ୍ରଶଂସା କର। ସେ ସ୍ୱର୍ଗ ଓ ମର୍ତ୍ତ୍ୟ ସୃଷ୍ଟି କଲେ। ସେ ରାଜା
ଦାଉଦଙ୍କୁ ଏକ ଜ୍ଞାନୀ ପୁତ୍ର ଦେଲେ, ଜଣେ ପୁତ୍ର ଯାହାର
ଜ୍ଞାନ ଓ ବୁଝାମଣା ଶକ୍ତି ଅଛି। ସେହି ପୁତ୍ର ସଦାପ୍ରଭୁଙ୍କ
ନିମନ୍ତେ ଏକ ମନ୍ଦିର ଏବଂ ନିଜ ନିମନ୍ତେ ଏକ ରାଜକୀୟ
ପ୍ରାସାଦ ନିର୍ମାଣ କରୁଛନ୍ତି। **13**ମୁଁ ମୋର ବାପାଙ୍କ କାରିଗରମାନଙ୍କ
ମଧ୍ୟରୁ ଜଣଙ୍କୁ ତୁମ୍ଭ ନିକଟକୁ ପଠାଇବି। **14**ତାଙ୍କର ମାଆ
ଦାନ ଗୋଷ୍ଠୀରୁ ଆସିଥିଲେ ଏବଂ ତାଙ୍କ ବାପା ସୋର
ସହରରୁ ଆସିଥିଲେ। ତାଙ୍କର ସ୍ୱର୍ଣ୍ଣ, ରୌପ୍ୟ, ପିତ୍ତଳ, ଲୌହ,
ପ୍ରସ୍ତର ଓ କାଠ ଉପରେ କାର୍ଯ୍ୟ କରିବାର ଦକ୍ଷତା ଅଛି ଏବଂ
ବାଇଗଣୀ, ଲାଲ୍, ନୀଳ ଓ ଦାମୀ ବସ୍ତ୍ର ଉପରେ ମଧ୍ୟ କାର୍ଯ୍ୟ
କରିବାର ଦକ୍ଷତା ଅଛି। ତାଙ୍କୁ ତୁମ୍ଭେ ଯାହାକିଛି ତିଆରି
କରିବାକୁ କହିବ, ସେ ତାହା କରିପାରିବେ। ସେ ତୁମ୍ଭର
କାରିଗର ଓ ତୁମ୍ଭ ବାପାଙ୍କ କାରିଗରମାନଙ୍କ ସହ ମିଶି କାର୍ଯ୍ୟ
କରିବେ।"

**15**"ମହାଶୟ, ବର୍ତ୍ତମାନ ଆମ୍ଭକୁ ଗହମ, ବାର୍ଲି, ତୈଳ ଓ
ଦ୍ରାକ୍ଷାରସ ଦିଅନ୍ତୁ, ଯାହା ଆପଣ ଦେବାକୁ ପ୍ରତିଜ୍ଞା କଲେ।
ଏହି ଦ୍ରବ୍ୟସବୁ ମୋର ଦାସମାନଙ୍କୁ ଦିଅ। **16**ଆଉ ଆମ୍ଭେ
ଲିବାନୋନ୍‌ରୁ କାଠ କାଟି ଆଣିବୁ। ତୁମ୍ଭେ ଯେତେ ପରିମାଣର
କାଠଗଣ୍ଡି ଚାହଁ, ତାହା ଆମ୍ଭେ କାଟି ଆଣିପାରିବୁ। ସମୁଦ୍ର
ଦେଇ କାଠଭେଳାରେ, କାଠଗଣ୍ଡିଗୁଡ଼ିକୁ ଆମ୍ଭେ ଜାଫୋକୁ
ଆଣିବୁ। ତା'ପରେ ତୁମ୍ଭେ ସେ କାଠଗଣ୍ଡିଗୁଡ଼ିକୁ ଯିରୁଶାଲମକୁ
ନେଇଯିବ।"

**17**ଏହାପରେ ଇଶ୍ରାୟେଲ ଦେଶରେ ରହୁଥିବା ପ୍ରତ୍ୟେକ
ବିଦେଶୀଙ୍କୁ ଶଲୋମନ ଗଣତି କଲେ। ଶଲୋମନଙ୍କର ପିତା
ଦାଉଦ ଗଣନା କଲା ପରେ ଏହା କରାଯାଇଥିଲା। ସେମାନେ
ଦେଶରେ 1,53,600 ବିଦେଶୀଙ୍କୁ ପାଇଲେ। **18**ଶଲୋମନ
70,000 ବିଦେଶୀଙ୍କୁ ଜିନିଷ ବୋହିବା ନିମନ୍ତେ ବାଛିଲେ।
ଶଲୋମନ 80,000 ବିଦେଶୀଙ୍କୁ ପର୍ବତରୁ ପଥର କାଟିବା
ନିମନ୍ତେ ବାଛିଲେ। ଆଉ ଶଲୋମନ 3,600 ବିଦେଶୀ
ଲୋକଙ୍କୁ କାର୍ଯ୍ୟ କରାଇବା ନିମନ୍ତେ ପର୍ଯ୍ୟବେକ୍ଷକ ରୂପେ
ବାଛିଲେ।

### ଶଲୋମନ ମନ୍ଦିର ନିର୍ମାଣ କରନ୍ତି

**3** ଯିରୁଶାଲମର ମୋରୀୟା ପର୍ବତ ଉପରେ ଶଲୋମନ
ସଦାପ୍ରଭୁଙ୍କର ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ।
ଏହି ମୋରୀୟା ପର୍ବତ ଉପରେ ସଦାପ୍ରଭୁ ଶଲୋମନଙ୍କ ବାପା
ଦାଉଦଙ୍କ ନିକଟରେ ଆବିର୍ଭାବ ହୋଇଥିଲେ। ଦାଉଦ ଯେଉଁ
ସ୍ଥାନ ପ୍ରସ୍ତୁତ କରିଥିଲେ, ଶଲୋମନ ସେହି ସ୍ଥାନ ଉପରେ
ମନ୍ଦିର ନିର୍ମାଣ କଲେ। ସେହି ସ୍ଥାନଟି ଯିବୂଷୀୟ ଅରୁଣାହଃ
ଗହମ ଦଳନ ସ୍ଥାନ ଥିଲା। **2**ଶଲୋମନଙ୍କର ରାଜତ୍ୱର ଚତୁର୍ଥ
ବର୍ଷର ଦ୍ୱିତୀୟ ମାସରେ ସେ କାର୍ଯ୍ୟ ଆରମ୍ଭ କଲେ।

**3**ପରମେଶ୍ୱରଙ୍କ ମନ୍ଦିରର ଭିତ୍ତିମୂଳ ସ୍ଥାପନ ନିମନ୍ତେ
ଶଲୋମନ ଏହି ପ୍ରକାରର ମାପ ବ୍ୟବହାର କରିଥିଲେ।
ଭିତ୍ତିମୂଳ ଷାଠିଏ ହାତ ଲମ୍ବ ଓ କୋଡିଏ ହାତ ପ୍ରସ୍ଥ ଥିଲା।
ଶଲୋମନ ମନ୍ଦିରର ମାପ ନେଲାବେଳକୁ ପୁରୁଣା ମାପର

ବ୍ୟବହାର କରିଥିଲେ। 4ମନ୍ଦିରର ସାମ୍ନା ଭାଗ ଅଗଣା
କୋଡ଼ିଏ ହାତ ମନ୍ଦିର ସହିତ ସମାନ ପ୍ରସ୍ଥ ଥିଲା ଓ 120
ହାତ ଉଚ୍ଚତା ବିଶିଷ୍ଟ ଥିଲା। ଏହି ଅଗଣାର ସାମ୍ନା ଭାଗର
ଭିତର ଅଂଶକୁ ଶଲୋମନ ଶୁଦ୍ଧ ସ୍ୱର୍ଣ୍ଣରେ ଢ଼ାଙ୍କି ଥିଲେ।
5ବଡ଼ କୋଠରୀର କାନ୍ଥରେ ଶଲୋମନ ଦେବଦାରୁ କାଠର
ଆସ୍ତରଣ ଦେଇ ତା'ଉପରେ ଶୁଦ୍ଧ ସ୍ୱର୍ଣ୍ଣ ଆଚ୍ଛାଦନ କଲେ।
ଏବଂ ସେଥିରେ ଖଜୁରୀ ଗଛ ଓ ଜଞ୍ଜିରର ଛବି ଦେଲେ।
6ସୌନ୍ଦର୍ଯ୍ୟତା ନିମନ୍ତେ ମନ୍ଦିରରେ ଶଲୋମନ ଦାମୀ
ପଥରସବୁ ଲଗାଇଲେ। ଶଲୋମନ ଯେଉଁ ସୁନା ବ୍ୟବହାର
କରୁଥିଲେ, ସେଗୁଡ଼ିକ ପର୍ବୟିମ ଦେଶରୁ ଆସିଥିଲା। 7କଡ଼ିକାଠ,
ଗ୍ରୈକାଠ, କାନ୍ଥ ଓ ଦ୍ୱାର ସବୁ ଶଲୋମନ ସ୍ୱର୍ଣ୍ଣରେ
ଆଚ୍ଛାଦନ କଲେ। କାନ୍ଥରେ କିରୁବଦୂତଗଣଙ୍କର ଛବି ଶଲୋମନ
ଖୋଦାଇଲେ।

8ଏହାପରେ ଶଲୋମନ ମହାପବିତ୍ର ସ୍ଥାନ ନିର୍ମାଣ କଲେ।
ଏହି ମହାପବିତ୍ର ସ୍ଥଳର ଦୈର୍ଘ୍ୟ କୋଡ଼ିଏ ହାତ ଏବଂ ପ୍ରସ୍ଥ
କୋଡ଼ିଏ ହାତ ଥିଲା। ଏହି ସ୍ଥାନ ମନ୍ଦିରର ଅବଶିଷ୍ଟ ସ୍ଥାନ
ଭଳି ଥିଲା। ଏହି ମହାପବିତ୍ର ସ୍ଥଳର କାନ୍ଥରେ ଶଲୋମନ
ଶୁଦ୍ଧ ସ୍ୱର୍ଣ୍ଣ ଚଢ଼ାଇଲେ। ଏହି ସୁନାର ଓଜନ 20,580
କିଲୋଗ୍ରାମରୁ ଅଧିକ ଥିଲା। 9ସ୍ୱର୍ଣ୍ଣ କଣ୍ଟକର ଓଜନ 575
ଗ୍ରାମ ଥିଲା। ଶଲୋମନ ଉପରିସ୍ଥ କୋଠରୀଗୁଡ଼ିକୁ ମଧ
ସୁନାରେ ଆଚ୍ଛାଦନ କଲେ। 10ଶଲୋମନ ମହାପବିତ୍ର ସ୍ଥାନରେ
ସ୍ଥାପନ କରିବା ନିମନ୍ତେ ଦୁଇଟି କିରୁବ ମୂର୍ତ୍ତି ନିର୍ମାଣ କଲେ।
କାରିଗରମାନେ ଏହି କିରୁବଦୂତଗଣଙ୍କର ମୂର୍ତ୍ତିଗୁଡ଼ିକୁ ସୁନାରେ
ଆଚ୍ଛାଦନ କଲେ। 11ଏହି କିରୁବଦୂତଗଣଙ୍କ ଡେଣା ପାଞ୍ଚ
ହାତ ଲମ୍ବ ଥିଲା। ଡେଣାମାନଙ୍କର ସମ୍ପୂର୍ଣ୍ଣ ଲମ୍ବ କୋଡ଼ିଏ ହାତ
ଥିଲା। ପ୍ରଥମ କିରୁବ ଦୂତଗଣର ଗୋଟିଏ ଡ଼େଣା କୋଠରୀର
ଏକ ପାଖ କାନ୍ଥକୁ ସ୍ପର୍ଶ କରୁଥିଲା। ଯେଉଁଟା କି ପାଞ୍ଚ ହାତ
ଦୂରରେ ଥିଲା। 12ଦ୍ୱିତୀୟ କିରୁବଦୂତଗଣର ଗୋଟିଏ ଡ଼େଣା
କୋଠରୀର ଆର ପାର୍ଶ୍ୱର କାନ୍ଥକୁ ସ୍ପର୍ଶ କରୁଥିଲା, ଯେଉଁଟାକି
ପାଞ୍ଚ ହାତ ଦୂରରେ ଥିଲା। ଦ୍ୱିତୀୟ କିରୁବଦୂତଗଣର ଅନ୍ୟ
ଡ଼େଣାଟି ପ୍ରଥମ କିରୁବଦୂତଗଣର ଗୋଟିଏ ଡ଼େଣାକୁ ସ୍ପର୍ଶ
କରୁଥିଲା, ଯେଉଁଟାକି ପାଞ୍ଚ ହାତ ଦୂରରେ ଥିଲା। 13ଏହି
କିରୁବଦୂତଗଣଙ୍କର ଡେଣା ମୋଟରେ କୋଡ଼ିଏ ହାତ ସ୍ଥାନ
ଆଚ୍ଛାଦନ କରୁଥିଲା। ଏହି କିରୁବଦୂତଗଣ ମନ୍ଦିର ଆଡ଼କୁ
ମୁହଁକରି ଛିଡ଼ା ହୋଇଥିଲେ।

14ଶଲୋମନ ନୀଳ, ବାଇଗଣୀ ଏବଂ ଲାଲ୍ ରଙ୍ଗର ଦାମୀ
ବସ୍ତ୍ର ବ୍ୟବହାର କରି ପରଦା ବନାଇଲେ। ଏହି ପରଦା
ଉପରେ ଶଲୋମନ କିରୁବା ଦୂତଗଣକୃତି ବୁଣିଲେ।

15ଶଲୋମନ ମନ୍ଦିରର ସାମନାରେ ଦୁଇଟି ସ୍ତମ୍ଭ ରଖିଲେ।
ଏହି ସ୍ତମ୍ଭ ପଞ୍ଚତିରିଶ ହାତ ଉଚ୍ଚ ଥିଲା। ଏହି ସ୍ତମ୍ଭ ଦୁଇଟିର
ଅଗ୍ରଭାଗ ପାଞ୍ଚ ହାତରୁ ଟିକେ ଅଧିକ ଲମ୍ବ ଥିଲା। 16ଶଲୋମନ
ହାର ପରି ଜଞ୍ଜିର ବନାଇଲେ। ଏହି ଜଞ୍ଜିରକୁ ସ୍ତମ୍ଭ ଦୁଇଟିର
ଉପରି ଭାଗରେ ରଖିଲେ। ଶଲୋମନ 100 ଟି ଡାଳିମ୍ବ
ଆକୃତି ଚିତ୍ର ବନାଇଲେ ଏବଂ ସେଗୁଡ଼ିକୁ ଜଞ୍ଜିରରେ ଲଗାଇଲେ।
17ଏହାପରେ ଶଲୋମନ ମନ୍ଦିର ସମ୍ମୁଖରେ ସ୍ତମ୍ଭ ଦୁଇଟିକୁ
ଛିଡ଼ା କରାଇଲେ। ଗୋଟିଏ ସ୍ତମ୍ଭ ବାମ ପାର୍ଶ୍ୱରେ ଓ ଅନ୍ୟଟି
ଦକ୍ଷିଣ ପାର୍ଶ୍ୱରେ ଛିଡ଼ା ହେଲା। ଦକ୍ଷିଣ ପାର୍ଶ୍ୱରେ ଥିବା ସ୍ତମ୍ଭର
ନାମ ଶଲୋମନ "ଯାଖୀନ୍" ରଖିଲେ। ଏବଂ ବାମ ପାର୍ଶ୍ୱସ୍ଥ
ସ୍ତମ୍ଭର ନାମ ଶଲୋମନ "ବୋୟସ୍" ରଖିଲେ।

### ମନ୍ଦିର ନିମନ୍ତେ ଆସବାବପତ୍ର

4 ଶଲୋମନ ଏକ ଯଜ୍ଞବେଦୀ ନିର୍ମାଣ ନିମନ୍ତେ ପିତ୍ତଳ
ବ୍ୟବହାର କଲେ। ସେହି ପିତ୍ତଳର ବେଦୀଟି କୋଡିଏ
ହାତ ଲମ୍ବ କୋଡିଏ ହାତ ଚଉଡ଼ା ଏବଂ ଦଶ ହାତ ଉଚ୍ଚତା
ବିଶିଷ୍ଟ ଥିଲା। 2ଏହାପରେ ଶଲୋମନ ତରଳ କଂସାରେ ଏକ
ବୃହତ୍ କୁଣ୍ଡ ନିର୍ମାଣ କଲେ। ଏହି ବୃହତ୍ କୁଣ୍ଡଟି ଗୋଲାକାର
ଥିଲା ଏବଂ ଏହାର ଏକ ବିନ୍ଦୁରୁ ଏହାର ଠିକ୍ ବିପରୀତ ବିନ୍ଦୁ
ପର୍ଯ୍ୟନ୍ତ ଦଶ ହାତ ଦୈର୍ଘ୍ୟ ବିଶିଷ୍ଟ ଥିଲା। ଏହାର ଉଚ୍ଚତା
ପାଞ୍ଚ ହାତ ଏବଂ ଏହାର ପରିଧି ତିରିଶ ହାତ ଥିଲା। 3ଏହି
ବୃହତ୍ ପିତ୍ତଳର କୁଣ୍ଡର ତଳ ପାର୍ଶ୍ୱର ଚତୁର୍ଦ୍ଦିଗରେ ଷଣ୍ଢର
ପ୍ରତିମୂର୍ତ୍ତି ସବୁ ଶୋଭା ପାଉଥିଲା। କୁଣ୍ଡର ଚତୁଃପାର୍ଶ୍ୱରେ ଦଶ
ହାତ ପର୍ଯ୍ୟନ୍ତ ଦୁଇ ଧାଡ଼ିରେ ସେଗୁଡ଼ିକ ଥିଲା। କୁଣ୍ଡକୁ
ଗଢାଯିବା ସମୟରେ ଏହି ଷଣ୍ଢ ପ୍ରତିମୂର୍ତ୍ତିଗୁଡ଼ିକୁ ତରଳେଇ
ଠିକ୍ ସ୍ଥାନରେ ବସେଇ ଦିଆ ଯାଇଥିଲା। 4ବାରଟି ବୃହତ୍
ଷଣ୍ଢର ପ୍ରତିମୂର୍ତ୍ତି ଉପରେ ଏହି ବୃହତ୍ ପିତ୍ତଳର କୁଣ୍ଡକୁ
ରଖାଯାଇଥିଲା। ତିନୋଟି ଷଣ୍ଢ ଉତ୍ତର ଦିଗକୁ ମୁହଁ କରିଥିଲେ।
ତିନୋଟି ଷଣ୍ଢ ପଶ୍ଚିମ ଦିଗକୁ ମୁହଁ କରିଥିଲେ। ତିନୋଟି ଷଣ୍ଢ
ଦକ୍ଷିଣ ଦିଗକୁ ମୁହଁ କରିଥିଲେ। ତିନୋଟି ଷଣ୍ଢ ପୂର୍ବ ଦିଗକୁ
ମୁହଁ କରିଥିଲେ। ଏହି ବୃହତ୍ ପିତ୍ତଳ କୁଣ୍ଡକୁ ଏହି ଷଣ୍ଢଗୁଡ଼ିକ
ଉପରେ ରଖା ଯାଇଥିଲା। ସବୁ ଷଣ୍ଢଗୁଡ଼ିକ ବାହାର ଆଡ଼କୁ
ମୁହଁ କରି ଛିଡ଼ା ହୋଇଥିଲେ। 5ଏହି ବୃହତ୍ ପିତ୍ତଳ କୁଣ୍ଡଟି
3,000 ମହଣ ମୋଟେଇ ବିଶିଷ୍ଟ ଥିଲା। ବୃହତ୍ କୁଣ୍ଡର
ଧାରଗୁଡ଼ିକ କପ୍ର ଧାରପରି ଥିଲା। ତାହାର ଧାର କଇଁ
ଫୁଲଭଳି ଦେଖା ଯାଉଥିଲା। ଏହା ଅଣସ୍ତରି କିଲୋଲିଟରର
ପାଣି ଧରି ରଖି ପାରୁଥିଲା। 6ଶଲୋମନ ଦଶଟି ପ୍ରକ୍ଷାଳନ
ପାତ୍ର ନିର୍ମାଣ କଲେ। ସେ ପାଞ୍ଚଟି ପ୍ରକ୍ଷାଳନ ପାତ୍ର ସେହି
ବୃହତ୍ କୁଣ୍ଡର ଦକ୍ଷିଣ ପାର୍ଶ୍ୱରେ ଏବଂ ଅନ୍ୟ ପାଞ୍ଚଟି ପ୍ରକ୍ଷାଳନ
ପାତ୍ର ତାହାର ବାମ ପାର୍ଶ୍ୱରେ ରଖିଲେ। ହୋମବଳିକୁ ଉତ୍ସର୍ଗ
କରିବା ପରେ ଧୋଇବା ନିମନ୍ତେ ଏହି ଦଶଟି ପ୍ରକ୍ଷାଳନ ପାତ୍ର
ବ୍ୟବହାର କରାଯାଏ। ମାତ୍ର ବୃହତ୍ ପିତ୍ତଳ କୁଣ୍ଡରେ କେବଳ
ଯାଜକମାନେ ପ୍ରକ୍ଷାଳନ କରିବେ।

7ସେମାନଙ୍କର ନିର୍ଦ୍ଦେଶଗୁଡିକୁ ଅନୁସରଣ କରି ଶଲୋମନ
ସୁନାର ଦଶଟି ବତୀଦଣ୍ଡ ନିର୍ମାଣ କଲେ। ସେହି ବତୀଦଣ୍ଡଗୁଡ଼ିକ
ମନ୍ଦିରରେ ଖଞ୍ଜାଗଲା। ପ୍ରତ୍ୟେକ ଦକ୍ଷିଣ ଓ ବାମ ପାର୍ଶ୍ୱରେ
ପାଞ୍ଚଟି ବତୀଦଣ୍ଡ ଖଞ୍ଜା ହେଲା। 8ଶଲୋମନ ଦଶଟି ମେଜ
ତିଆରି କରି ମନ୍ଦିରରେ ରଖିଲେ। ମନ୍ଦିରର ଉଭୟ ଦକ୍ଷିଣ
ଓ ବାମ ପାର୍ଶ୍ୱରେ ପାଞ୍ଚଟି କରି ମେଜ ରଖାଗଲା। ଆଉ
100 ଟି ଛୋଟ ପ୍ରକ୍ଷାଳନ ପାତ୍ର ତିଆରି କରିବା ନିମନ୍ତେ
ଶଲୋମନ ସୁନା ବ୍ୟବହାର କଲେ। 9ଶଲୋମନ ଯାଜକମାନଙ୍କ
ପାଇଁ ବୃହତ୍ ପ୍ରାଙ୍ଗଣ ନିର୍ମାଣ କଲେ। ସେ ବୃହତ୍ ପ୍ରାଙ୍ଗଣ
ନିମନ୍ତେ ଦ୍ୱାର ନିର୍ମାଣ କଲେ ଏବଂ ସେଗୁଡିକୁ ପିତ୍ତଳରେ
ଆଚ୍ଛାଦନ କଲେ। 10ଏହାପରେ ସେ ସେହି ବୃହତ୍ ପିତ୍ତଳ
କୁଣ୍ଡଟିକୁ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ସ୍ଥାପନ କଲେ, ଯେଉଁଟାକି
ମନ୍ଦିରର ଦକ୍ଷିଣପୂର୍ବ କୋଣରେ ଥିଲା।

11ହୂରମ ପାତ୍ର, ବେଲଚା ଓ ବେସିନ୍‌ସବୁ ନିର୍ମାଣ କଲେ।
ଏହିପରି ହୂରମ ପରମେଶ୍ୱରଙ୍କ ମନ୍ଦିରରେ ରାଜା ଶଲୋମନଙ୍କ
ନିମନ୍ତେ ନିଜର କାର୍ଯ୍ୟ ଶେଷ କଲେ। 12ହୂରମ ଦୁଇଟି ସ୍ତମ୍ଭ
ଏବଂ ଦୁଇଟି ସ୍ତମ୍ଭର ଉପରିସ୍ଥ ଭାଗରେ ବିରାଟ କୁଣ୍ଡର ନିର୍ମାଣ
କରିଥିଲେ। ଆହୁରି ହୂରମ ଏହି ଦୁଇଟି ସ୍ତମ୍ଭର ଉପରେ
ଥିବା ଦୁଇଟି ବିରାଟ କୁଣ୍ଡକୁ ଘୋଡ଼ାଇବା ନିମନ୍ତେ କାରୁକାର୍ଯ୍ୟ
ପୂର୍ଣ୍ଣ ଜାଲି ତିଆରି କରିଥିଲେ। 13ଏହି ଦୁଇଟି କାରୁକାର୍ଯ୍ୟ
ପୂର୍ଣ୍ଣ ଜାଲି ଘୋଡ଼ଣୀ ନିମନ୍ତେ ହୂରମ 400 ଟି ଡାଳିମ୍ବ
ଆକୃତି ତିଆରି କରିଥିଲେ। ପ୍ରତ୍ୟେକ ଜାଲି ନିମନ୍ତେ
ଦୁଇଧାଡ଼ି ଡାଳିମ୍ବ ଖଞ୍ଜା ଯାଇଥିଲା। ଦୁଇଟି ସ୍ତମ୍ଭର ଉପର
ଭାଗରେ ଥିବା ବୃହତ୍ କୁଣ୍ଡକୁ ଏହି ଜାଲି ଦୁଇଟି ଘୋଡ଼ାଉ
ଥିଲା। 14ଆହୁରି ହୂରମ ଦଶଟି ଦଣ୍ଡ ନିର୍ମାଣ କରିଥିଲେ ଏବଂ
ଏହିସବୁ ଦଶଟି ଦଣ୍ଡକୁ କୁଣ୍ଡରେ ଖଞ୍ଜିଥିଲେ। 15ହୂରମ
ବିରାଟ ପିତ୍ତଳ କୁଣ୍ଡ ଓ ତା'ର ତଳେ ବାରଟି ଷଣ୍ଢ ତିଆରି
କରିଥିଲେ। 16ପରମେଶ୍ୱରଙ୍କର ମନ୍ଦିର ପାଇଁ ରାଜା ଶଲୋମନଙ୍କ
ନିମନ୍ତେ ସମସ୍ତ ବସ୍ତୁ ଏବଂ ପାତ୍ରସବୁ, କରଚୁଲି ଓ କଣ୍ଟା
ଗୁମୁଚ ହୂରମ ତିଆରି କରିଥିଲେ। ଏହି ସମସ୍ତ ଜିନିଷଗୁଡ଼ିକ
ସ୍ୱଚ୍ଛ ପିତ୍ତଳରେ ନିର୍ମିତ ହୋଇଥିଲା। 17ରାଜା ଶଲୋମନ
ଏହିସବୁ ବସ୍ତୁକୁ ମାଟି କାଦୁଅର ଛାଞ୍ଚରେ ଢ଼ାଳିଲେ। ସୁକ୍କୋତ
ଓ ସରେଦା ସହରର ମଧ୍ୟବର୍ତ୍ତୀ ଯର୍ଦ୍ଦନ ଉପତ୍ୟକାରେ ଏହି
ଛାଞ୍ଚଗୁଡ଼ିକ ତିଆରି ହୋଇଥିଲା। 18ଶଲୋମନ ଏହିପରି
ଅନେକ ଜିନିଷ ଏତେ ପରିମାଣରେ ତିଆରି କରିଥିଲେ ଯେ
ଏଥିରେ ବ୍ୟବହୃତ ପିତ୍ତଳର ଓଜନ ମାପିବା ପାଇଁ କେହି
ଚେଷ୍ଟା କଲେ ନାହିଁ।

19ଶଲୋମନ ପରମେଶ୍ୱରଙ୍କ ମନ୍ଦିରରେ ବ୍ୟବହାର ନିମନ୍ତେ
ସବୁ ପାତ୍ର ତିଆରି କରିଥିଲେ। ଶଲୋମନ ଏକ ସ୍ୱର୍ଣ୍ଣ
ଯଜ୍ଞବେଦୀ ନିର୍ମାଣ କଲେ। ଉପସ୍ଥିତ ରୋଟୀକୁ ଅର୍ପଣ
କରିବା ନିମନ୍ତେ ଏକ ମେଜ ନିର୍ମାଣ କଲେ। 20ଶଲୋମନ
ଦୀପ ଓ ଦୀପଦାନୀ ସବୁ ଶୁଦ୍ଧ ସୁନାରେ ତିଆରି କରାଇଲେ।
ମନ୍ଦିର ଭିତରେ ଥିବା ମହାପବିତ୍ର ସ୍ଥଳର ସମ୍ମୁଖରେ ନିୟମାନୁଯାୟୀ
ଜଳାଯିବା ନିମନ୍ତେ ଦୀପଗୁଡ଼ିକ ରଖାଯାଇଥିଲା। 21ପୁଷ୍ପ, ଦୀପ
ଓ ଚିମୁଟାସବୁ ନିର୍ମାଣ କରିବା ନିମନ୍ତେ ଶଲୋମନ ଶୁଦ୍ଧସୁନା
ବ୍ୟବହାର କରିଥିଲେ। 22ଆଉ, କତୁରୀ, କୁଣ୍ଡ, ପାତ୍ର ଏବଂ
ଧୂପଦାନୀସବୁ ଶଲୋମନ ଶୁଦ୍ଧ ସୁନାରେ ତିଆରି କଲେ।
ମନ୍ଦିରର ଦ୍ୱାରସବୁ, ମହାପବିତ୍ର ସ୍ଥଳର ଭିତର ଦ୍ୱାରସବୁ ଏବଂ
ମୁଖ୍ୟ ଗୃହର ଦ୍ୱାରସବୁ ଶଲୋମନ ସୁନାରେ ତିଆରି କଲେ।

5 ଏହାପରେ ଶଲୋମନଙ୍କ ଦ୍ୱାରା ମନ୍ଦିର ନିର୍ମାଣ କାର୍ଯ୍ୟ
ସମାପ୍ତ ହେଲା। ଶଲୋମନଙ୍କ ବାପା ଦାଉଦ ମନ୍ଦିର
ନିମନ୍ତେ ଆଣିଥିବା ପ୍ରତ୍ୟେକ ବିଷୟ ସେ ବ୍ୟବହାର କଲେ।
ପ୍ରତ୍ୟେକ ଆସବାବପତ୍ର ଏବଂ ରୂପା ଓ ସୁନାରେ ନିର୍ମିତ
ପ୍ରତ୍ୟେକ ବସ୍ତୁ ଶଲୋମନ ଆଣିଲେ। ଏହି ସମସ୍ତ ଜିନିଷ
ଶଲୋମନ ଆଣି ପରମେଶ୍ୱରଙ୍କ ମନ୍ଦିରର ଭଣ୍ଡାର ଗୃହରେ
ରଖିଲେ।

### ପବିତ୍ର ସିନ୍ଦୁକକୁ ମନ୍ଦିର ଭିତରକୁ ନିଆଗଲା

2ଇଶ୍ରାୟେଲର ସମସ୍ତ ପ୍ରାଚୀନ ଏବଂ ପ୍ରତ୍ୟେକ ପରିବାରବର୍ଗର
ମୁଖିଆମାନଙ୍କୁ ଯିରୁଶାଲମରେ ସମ୍ମିଳିତ ହେବା ନିମନ୍ତେ ଶଲୋମନ
ଆଜ୍ଞା ଦେଲେ। ଏହି ଲୋକମାନେ ଇଶ୍ରାୟେଲର ପରିବାରଗୁଡ଼ିକର
ମୁଖିଆ ଥିଲେ। ସଦାପ୍ରଭୁଙ୍କର ନିୟମ-ସିନ୍ଦୁକ ସିୟୋନ ବାହାରକୁ
ଦାଉଦଙ୍କର ନଗରକୁ ଆଣିବା ନିମନ୍ତେ ଶଲୋମନ ଏପରି
କଲେ। 3ସପ୍ତମ ମାସରେ* ଭୋଜି ସମୟରେ ରାଜା
ଶଲୋମନଙ୍କ ସମ୍ମୁଖରେ ଇଶ୍ରାୟେଲର ସମସ୍ତ ଲୋକ ଏକତ୍ରିତ
ହେଲେ।

4ଯେତେବେଳେ ଇଶ୍ରାୟେଲର ସବୁ ମୁଖିଆମାନେ ଆସିଗଲେ,
ଲେବୀୟମାନେ ନିୟମ-ସିନ୍ଦୁକକୁ ଆଣିଲେ। 5ଏହାପରେ ଯାଜକ
ଓ ଲେବୀୟମାନେ ନିୟମ ସିନ୍ଦୁକକୁ ଯିରୁଶାଲମକୁ ବୋହି
ନେଇଗଲେ। ଯାଜକ ଓ ଲେବୀୟମାନେ ମଧ୍ୟ ସମାଗମ ତମ୍ବୁ
ଓ ତନ୍ମଧ୍ୟସ୍ଥ ପ୍ରତ୍ୟେକ ପବିତ୍ର ବସ୍ତୁକୁ ଯିରୁଶାଲମକୁ ବୋହି
ଆଣିଲେ। 6ରାଜା ଶଲୋମନ ଓ ଇଶ୍ରାୟେଲର ସମସ୍ତ ଲୋକ
ନିୟମ-ସିନ୍ଦୁକ ସମ୍ମୁଖରେ ଏକାଠି ହେଲେ। ରାଜା ଶଲୋମନ
ଓ ଇଶ୍ରାୟେଲର ସମସ୍ତ ଲୋକ ମେଷ ଓ ଷଣ୍ଢଗୁଡ଼ିକୁ
ହୋମବଳି ରୂପେ ବଳିଦାନ ଦେଲେ। ସେହି ବଳିକୃତ ମେଷ
ଓ ଷଣ୍ଢ ସଂଖ୍ୟା ଏତେ ଥିଲା ଯେ, ତା'କୁ କେହି ଗଣିପାରିଲେ
ନାହିଁ। 7ଏହାପରେ ଯାଜକମାନେ ସଦାପ୍ରଭୁଙ୍କର ନିୟମ-ସିନ୍ଦୁକକୁ
ତହିଁ ନିମନ୍ତେ ପ୍ରସ୍ତୁତ ହୋଇଥିବା ସ୍ଥାନକୁ ଆଣିଲେ। ସେହି
ସ୍ଥାନ ମନ୍ଦିରର ଭିତର ପାର୍ଶ୍ୱ କୋଠରୀରେ ଥିଲା ଓ ସବୁଠାରୁ
ପବିତ୍ରସ୍ଥାନ ଥିଲା ଏବଂ ଏହି କିରୂବଦୂତ ପକ୍ଷ ତଳେ ଥିଲା।
8ନିୟମ-ସିନ୍ଦୁକ ଥିବା ସ୍ଥାନ ଉପରେ କିରୂବଦୂତଗଣ ସେମାନଙ୍କର
ପକ୍ଷ ବିସ୍ତାର କରି ରହିଥିଲେ। କିରୂବଦୂତଗଣ ନିୟମ ସିନ୍ଦୁକ
ଓ ସିନ୍ଦୁକକୁ ବହି ନେଇଯିବା ଖମ୍ବଗୁଡ଼ିକ ଉପରେ ଦଣ୍ଡାୟମାନ
ଥିଲେ। 9ସେହି ଖମ୍ବଗୁଡ଼ିକ ଏତେ ଲମ୍ବା ଥିଲା ଯେ ପବିତ୍ର
ତମ୍ବୁ ସ୍ଥାନର ସମ୍ମୁଖରୁ ତାହାର ଦୁଇପାର୍ଶ୍ୱ ଦେଖା ଯାଉଥିଲା।
କିନ୍ତୁ ମନ୍ଦିର ସମ୍ମୁଖରୁ କୌଣସି ବ୍ୟକ୍ତି ସେହି ଖମ୍ବଗୁଡ଼ିକୁ
ଦେଖିପାରୁ ନ ଥିଲେ। ଆଜି ମଧ୍ୟ ସେହି ଖମ୍ବଗୁଡ଼ିକ ସେହି
ସ୍ଥାନରେ ରହିଅଛି। 10ଦୁଇଗୋଟି ପ୍ରସ୍ତର ଫଳକ ବିନା
ନିୟମ-ସିନ୍ଦୁକ ମଧ୍ୟରେ ଆଉ କିଛି ନ ଥିଲା। ମୋଶା
'ହୋରେବ' ପର୍ବତରେ ଏହି ଦୁଇଟି ଫଳକକୁ ନିୟମ-ସିନ୍ଦୁକ
ମଧ୍ୟରେ ରଖିଥିଲେ। 'ହୋରେବ' ସେହି ସ୍ଥାନ, ଯେଉଁଠାରେ
ସଦାପ୍ରଭୁ ଇଶ୍ରାୟେଲର ଲୋକମାନଙ୍କ ସହିତ ଏକ ଚୁକ୍ତି
କରିଥିଲେ। ଇଶ୍ରାୟେଲର ଲୋକମାନେ ମିଶରରୁ ବାହାରି
ଆସିବା ପରେ ଏହା ଘଟିଥିଲା।

11ସମସ୍ତ ଯାଜକଗଣ ସେମାନଙ୍କର ବିଶେଷ ଦଳଗୁଡ଼ିକୁ
ଖାତିର ନ କରି ନିଜକୁ ଶୁଚି କଲେ। ଯେତେବେଳେ
ସେମାନେ ପବିତ୍ର ସ୍ଥାନରୁ ବାହାରି ଆସିଲେ। 12ଲେବୀୟ
ଗାୟକମାନେ ଯଜ୍ଞବେଦୀର ପୂର୍ବପଟେ ଠିଆ ହେଲେ। ଆସଫ୍,
ହେମନ୍ ଓ ଯିଦୂଥୂନ୍‌ଙ୍କ ଗାୟକଦଳର ପ୍ରତ୍ୟେକ ସେଠାରେ
ଥିଲେ। ଆଉ, ସେମାନଙ୍କର ପୁତ୍ରଗଣ ଓ ଭ୍ରାତାଗଣ ମଧ୍ୟ
ସେଠାରେ ଥିଲେ। ସେହି ଲେବୀୟ ଗାୟକମାନେ ଶୁଭ୍ର
କାର୍ପାସ ବସ୍ତ୍ର ପିନ୍ଧିଥିଲେ। ସେମାନଙ୍କ ନିକଟରେ ଗିନି,
ସାରଙ୍ଗ ଓ ବୀଣାଯନ୍ତ୍ର ଥିଲା। ସେହି ଲେବୀୟ ଗାୟକମାନଙ୍କ
ନିକଟରେ 120 ଜଣ ଯାଜକ ଥିଲେ। ସେହି 120 ଜଣ
ଯାଜକ ତୂରୀ ବଜାଇଲେ। 13ତୂରୀ ବାଦକ ଓ ଗାୟକ

---

**ଭୋଜି** ପତ୍ରକୁଟୀର ପର୍ବ।

ଲୋକମାନେ ଜଣେ ବ୍ୟକ୍ତି ତୁଲ୍ୟ ଥିଲେ। ଯେତେବେଳେ
ସଦାପ୍ରଭୁଙ୍କର ପ୍ରଶଂସା ଓ ଧନ୍ୟବାଦ ଗାନ କରାଗଲା ସେମାନେ
ଏକ ଶବ୍ଦ କଲେ। ସେମାନେ ତୂରୀ, ଗିନି ଓ ବାଦ୍ୟଯନ୍ତ୍ର
ସହିତ ଉଚ୍ଚସ୍ୱର କଲେ। ସେମାନେ ଏହି ଗୀତ ଗାଇଲେ,
'ସଦାପ୍ରଭୁଙ୍କର ପ୍ରଶଂସା କଲେ, କାରଣ ସେ ମଙ୍ଗଳମୟ।
ତାଙ୍କର ସତ୍ୟ ପ୍ରେମ ଅନନ୍ତକାଳସ୍ଥାୟୀ ଅଟେ।
ଏହାପରେ, ସଦାପ୍ରଭୁଙ୍କ ମନ୍ଦିର ମେଘ ଦ୍ୱାରା ପୂର୍ଣ୍ଣ
ହେଲା। 14ସେହି ମେଘ ହେତୁ ଯାଜକମାନେ ସେମାନଙ୍କର
ସେବା ଜାରି ରଖିପାରିଲେ ନାହିଁ। କାରଣ, ସଦାପ୍ରଭୁଙ୍କ
ମହିମା ପରମେଶ୍ୱରଙ୍କ ମନ୍ଦିରକୁ ପୂର୍ଣ୍ଣ କରିଥିଲା।

6 ଏହାପରେ ଶଲୋମନ କହିଲେ, "ସଦାପ୍ରଭୁ ସେ ଗାଢ଼
ମେଘ ମଧ୍ୟରେ ବାସ କରିବେ। 2ହେ ସଦାପ୍ରଭୁ, ତୁମ୍ଭେ
ବାସ କରିବା ନିମନ୍ତେ ମୁଁ ଏକ ମନ୍ଦିର ନିର୍ମାଣ କରିଅଛି।
ଅନନ୍ତକାଳ ବାସ କରିବା ପାଇଁ ଏହା ତୁମ୍ଭ ନିମନ୍ତେ ଏକ
ଉଚ୍ଚ ମନ୍ଦିର ସ୍ଥାନ ଅଟେ।"

## ଶଲୋମନଙ୍କର ଭାଷଣ

3ରାଜା ଶଲୋମନ ତାହାଙ୍କ ସମ୍ମୁଖରେ ଛିଡା ହୋଇଥିବା
ଇଶ୍ରାୟେଲର ଲୋକମାନଙ୍କୁ ଆଶୀର୍ବାଦ କରିବାକୁ ବୁଲି ପଡିଲେ।
4ଶଲୋମନ କହିଲେ, "ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱରଙ୍କର
ପ୍ରଶଂସା କର। ସଦାପ୍ରଭୁ ମୋ ପିତା ଦାଉଦଙ୍କ ସହିତ କଥା
ହେବା ସମୟରେ ଯାହା କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ,
ତାହା ସଫଳ କରିଛନ୍ତି। ସଦାପ୍ରଭୁ ପରମେଶ୍ୱର ଏହା
କହିଥିଲେ: 5'ଆମ୍ଭେ ଆମ୍ଭର ଲୋକମାନଙ୍କୁ ମିଶର ଦେଶରୁ
ବାହାର କରି ଆଣିବା ଦିନଠାରୁ ଆମ୍ଭେ ଆମ୍ଭର ନାମରେ
ଗୃହଟିଏ ନିର୍ମାଣ କରିବା ନିମନ୍ତେ ଇଶ୍ରାୟେଲର କୌଣସି
ପରିବାରବର୍ଗର ନଗରରେ ଗୋଟିଏ ସ୍ଥାନ ସୁଦ୍ଧା ମନୋନୀତ
କରିନାହିଁ। ମୋର ଲୋକ, ଇଶ୍ରାୟେଲର ଲୋକମାନଙ୍କୁ ନେତୃତ୍ୱ
ଦେବା ନିମନ୍ତେ ଆମ୍ଭେ କୌଣସି ଗୋଟିଏ ଲୋକକୁ ସୁଦ୍ଧା
ମନୋନୀତ କରିନାହିଁ। 6କିନ୍ତୁ ଆମ୍ଭେ ବର୍ତ୍ତମାନ, ଯିରୁଶାଲମକୁ
ଆମ୍ଭର ନାମାର୍ଥେ ଏକ ସ୍ଥାନ ରୂପେ ନିରୂପଣ କରିଅଛୁ। ଏବଂ
ଆମ୍ଭେ ଆମ୍ଭର ଲୋକ ଦାଉଦକୁ ଇଶ୍ରାୟେଲକୁ ନେତୃତ୍ୱ
ଦେବା ନିମନ୍ତେ ମନୋନୀତ କରିଅଛୁ।'
7"ମୋର ପିତା ଦାଉଦ ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱରଙ୍କ
ନାମ ଉଦ୍ଦେଶ୍ୟରେ ଏକ ମନ୍ଦିର ନିର୍ମାଣ କରିବାକୁ ଚାହିଁଥିଲେ।
8କିନ୍ତୁ ସଦାପ୍ରଭୁ ମୋର ପିତା ଦାଉଦଙ୍କୁ କହିଲେ, 'ତୁମ୍ଭେ
ଆମ୍ଭ ନାମ ଉଦ୍ଦେଶ୍ୟରେ ଏକ ମନ୍ଦିର ନିର୍ମାଣ କରିବାକୁ
ଇଚ୍ଛା କରି ଖୁବ୍ ଉତ୍ତମ କର୍ମ କରିଅଛ। 9କିନ୍ତୁ, ତୁମ୍ଭେ
ନୁହେଁ, ତୁମ୍ଭର ନିଜର ପୁତ୍ର ମୋ ନାମ ଉଦ୍ଦେଶ୍ୟରେ ମନ୍ଦିର
ନିର୍ମାଣ କରିବ।' 10ବର୍ତ୍ତମାନ, ସଦାପ୍ରଭୁ ଯାହା କରିବେ
ବୋଲି କହିଥିଲେ, ସେ ତାହା କରିଛନ୍ତି। ଇଶ୍ରାୟେଲର ରାଜା
ରୂପେ ମୁଁ ମୋର ପିତାଙ୍କ ଉତ୍ତରାଧିକାରୀ ହୋଇଛି। ସଦାପ୍ରଭୁ
ତାହାହିଁ ପ୍ରତିଜ୍ଞା କରିଥିଲେ। ଆଉ, ମୁଁ ଇଶ୍ରାୟେଲର ସଦାପ୍ରଭୁ
ପରମେଶ୍ୱରଙ୍କ ନାମ ଉଦ୍ଦେଶ୍ୟରେ ମନ୍ଦିର ନିର୍ମାଣ କରିଅଛି।
11ସଦାପ୍ରଭୁ ଇଶ୍ରାୟେଲ ଲୋକମାନଙ୍କ ସହିତ କରିଥିବା
ବିଶେଷ ଚୁକ୍ତିର ପ୍ରତିନିଧିତ୍ୱ କରୁଥିବା ସିନ୍ଦୁକକୁ ମୁଁ ମନ୍ଦିରରେ
ରଖିଅଛି।"

## ଶଲୋମନଙ୍କର ପ୍ରାର୍ଥନା

12ଶଲୋମନ ସଦାପ୍ରଭୁଙ୍କ ଯଜ୍ଞବେଦୀର ସମ୍ମୁଖରେ
ଠିଆହେଲେ। ସେ ଏକତ୍ରିତ ହୋଇଥିବା ସମଗ୍ର ଇଶ୍ରାୟେଲର
ଲୋକମାନଙ୍କର ସମ୍ମୁଖରେ ଠିଆ ହେଲେ। ଏହାପରେ ଶଲୋମନ
ତାଙ୍କର ହସ୍ତ ପ୍ରସାରିତ କଲେ। 13ଶଲୋମନ 2.6 ମିଟର
ଲମ୍ବ ଓ 2.6 ମିଟର ପ୍ରସ୍ଥ ଓ 1.5 ମିଟର ଉଚ୍ଚତା ବିଶିଷ୍ଟ
ପିତ୍ତଳର ଏକ ମଞ୍ଚ ନିର୍ମାଣ କରିଥିଲେ ଓ ତାହାକୁ ବାହାର
ପ୍ରାଙ୍ଗଣର ମଧ୍ୟଭାଗରେ ସ୍ଥାପିତ କରିଥିଲେ। ଏହାପରେ, ସେ
ସେହି ମଞ୍ଚ ଉପରେ ଠିଆହେଲେ ଓ ଏକତ୍ରିତ ହୋଇଥିବା
ସମଗ୍ର ଇଶ୍ରାୟେଲର ଲୋକମାନଙ୍କ ସମ୍ମୁଖରେ ଆଣ୍ଠୋଇ
ପଡ଼ିଲେ। ଶଲୋମନ ଆକାଶ ଆଡ଼େ ଆପଣା ଦୁଇ ହସ୍ତ
ବିସ୍ତାର କଲେ। 14ଶଲୋମନ କହିଲେ,
"ହେ ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱର, ସ୍ୱର୍ଗରେ
କିଅବା ପୃଥିବୀରେ ତୁମ୍ଭ ତୁଲ୍ୟ ପରମେଶ୍ୱର ଆଉ କେହି
ନାହାନ୍ତି। ଯେଉଁମାନେ ତୁମ୍ଭକୁ ଅନ୍ତର ସହିତ ମାନନ୍ତି, ତୁମ୍ଭେ
ତୁମ୍ଭର ସେହି ଦାସମାନଙ୍କ ସହିତ ନିଶ୍ଚଳ ପ୍ରେମ ରଖିଥାଅ।
15ତୁମ୍ଭେ ତୁମ୍ଭର ଦାସ ଦାଉଦଙ୍କ ସହିତ କରିଥିବା ନିୟମ
ରକ୍ଷା କରିଅଛ। ଦାଉଦ ମୋର ପିତା ଥିଲେ। ତୁମ୍ଭେ
ଆପଣାର ମୁଖରେ ଏହି ପ୍ରତିଜ୍ଞା କରିଥିଲ। ଆଉ, ଆଜି
ତୁମ୍ଭେ ତୁମ୍ଭର ହସ୍ତ ଦ୍ୱାରା ସେହି ପ୍ରତିଜ୍ଞାକୁ ସତ୍ୟରେ ପରିଣତ
କରିଅଛ। 16ବର୍ତ୍ତମାନ, ହେ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର,
ତୁମ୍ଭର ଦାସ ଦାଉଦଙ୍କୁ ଦତ୍ତ ତୁମ୍ଭର ପ୍ରତିଜ୍ଞା ରକ୍ଷା କର।
ତୁମ୍ଭେ ଏହା ପ୍ରତିଜ୍ଞା କରିଥିଲ; ତୁମ୍ଭେ କହିଲ, 'ଦାଉଦ,
ତୁମ୍ଭର ଭବିଷ୍ୟତ ବଂଶଧରମାନଙ୍କରୁ ଜଣେ ସର୍ବଦା ମୋ
ସମ୍ମୁଖରେ ଇଶ୍ରାୟେଲର ସିଂହାସନ ଉପରେ ବିରାଜମାନ ହେବ।
ଯଦି ତୁମ୍ଭର ପୁତ୍ରମାନେ ନିଜର କର୍ମ ସାବଧାନତା ପୂର୍ବକ
କରିବେ, ତେବେ କେବଳ ଏହା ଘଟିବ। ତୁମ୍ଭେ ଯେପରି
ମୋର ଆଇନ୍ ସବୁ ପାଳନ କରିଅଛ, ସେହିପରି ସେମାନଙ୍କୁ
ମଧ୍ୟ ମୋର ଆଇନ୍ ମାନିବାକୁ ପଡ଼ିବ।' 17ବର୍ତ୍ତମାନ, ହେ
ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱର, ତୁମ୍ଭର ପ୍ରତିଜ୍ଞାକୁ ସଫଳ
କର। ତୁମ୍ଭେ ତୁମ୍ଭର ଦାସ ଦାଉଦଙ୍କୁ ଏହି ପ୍ରତିଜ୍ଞା ଦେଇଥିଲ।
18"କିନ୍ତୁ ଆମ୍ଭେମାନେ ଜାଣୁ ଯେ ତୁମ୍ଭେ, ପରମେଶ୍ୱର,
ପ୍ରକୃତରେ ଏହି ପୃଥିବୀରେ ମନୁଷ୍ୟମାନଙ୍କ ସହିତ ବସବାସ
କରିବ ନାହିଁ। ସ୍ୱର୍ଗ ଓ ଉଚ୍ଚତମ ସ୍ୱର୍ଗଗଣ ତୁମ୍ଭକୁ ଧାରଣ
କରିପାରନ୍ତି ନାହିଁ। ଆଉ, ଆମ୍ଭେମାନେ ଜାଣୁ ଯେ, ମୁଁ ନିର୍ମିତ
କରିଥିବା ଏହି ମନ୍ଦିର ତୁମ୍ଭକୁ ଧାରଣ କରି ନ ପାରେ।
19କିନ୍ତୁ, ମୋ ପ୍ରାର୍ଥନାରେ ଓ ମୁଁ ତୁମ୍ଭ ନିକଟରେ ଦୟା ଭିକ୍ଷା
କରିବା ସମୟରେ ସେଥିପ୍ରତି ଧ୍ୟାନ ଦିଅ। ହେ ସଦାପ୍ରଭୁ,
ମୋର ପରମେଶ୍ୱର, ମୁଁ ତୁମ୍ଭ ନିକଟରେ ଡାକ ପକାଇବା
ସମୟରେ ମୋର ଡାକ ଶୁଣ। ମୁଁ ତୁମ୍ଭ ନିକଟରେ ଯେଉଁ
ପ୍ରାର୍ଥନା କରିଅଛି, ତାହା ଶୁଣ। ମୁଁ ତୁମ୍ଭର ଦାସ ଅଟେ।
20ମୁଁ ପ୍ରାର୍ଥନା କରେ ଯେ, ଏହି ମନ୍ଦିର ପ୍ରତି ଦିବାରାତ୍ରି
ଦୃଷ୍ଟିପାତ କରିବା ନିମନ୍ତେ ତୁମ୍ଭର ଚକ୍ଷୁ ଯେପରି ଉନ୍ମୁକ୍ତ
ରହିଥାଉ। ତୁମ୍ଭେ କହିଅଛ ଯେ, ତୁମ୍ଭେ ଏହି ସ୍ଥାନ ଉପରେ
ତୁମ୍ଭର ନାମ ସ୍ଥାପନ କରିବ। ମୁଁ ଏହି ମନ୍ଦିର ଆଡ଼େ ଚାହିଁ
ପ୍ରାର୍ଥନା କରିବା ସମୟରେ ତୁମ୍ଭେ ମୋର ପ୍ରାର୍ଥନା ଶୁଣିବ।
21ମୁଁ ଯେଉଁ ପ୍ରାର୍ଥନା କରୁଅଛି ଓ ତୁମ୍ଭର ଲୋକ ଇଶ୍ରାୟେଲ

ଯେଉଁ ପ୍ରାର୍ଥନା କରୁଅଛନ୍ତି, ତାହା ଶୁଣ। ଆମ୍ଭେମାନେ ଏହି
ମନ୍ଦିର ଆଡ଼େ ଚାହିଁ ପ୍ରାର୍ଥନା କରିବା ସମୟରେ ଆମ୍ଭମାନଙ୍କର
ପ୍ରାର୍ଥନା ଶୁଣ। ତୁମ୍ଭେ ସ୍ୱର୍ଗରେ ଥାଇ ତାହା ଶୁଣ। ଆଉ,
ତୁମ୍ଭେ ଆମ୍ଭମାନଙ୍କର ପ୍ରାର୍ଥନା ଶୁଣି, ଆମ୍ଭମାନଙ୍କୁ କ୍ଷମା କର।

22“ଯଦି ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତି ବିରୁଦ୍ଧରେ
ଭୁଲ୍ କାର୍ଯ୍ୟ କରେ, ତାକୁ* ଶପଥ କରିବା ପାଇଁ ବାଧ୍ୟ
କରାଯାଏ। ଯେତେବେଳେ ସେ ମନ୍ଦିର ମଧ୍ୟରେ ତୁମ୍ଭର
ବେଦୀ ସମ୍ମୁଖରେ ଶପଥ କରିବାକୁ ଆସେ, 23ସେତେବେଳେ
ତୁମ୍ଭେ ସ୍ୱର୍ଗରୁ ତାହା ଶୁଣ। ତୁମ୍ଭର ଦାସମାନଙ୍କର ବିଚାର
କର ଓ କାର୍ଯ୍ୟ କର। ଦୁଷ୍ଟ ବ୍ୟକ୍ତିକୁ ଦଣ୍ଡିତ କର ଓ ସେ
ଅନ୍ୟ ଲୋକମାନଙ୍କୁ ଯେଉଁ ବିଷୟ ଦ୍ୱାରା କଷ୍ଟ ଭୋଗ
କରାଇଛି, ତାକୁ ସେହି ବିଷୟ ଦ୍ୱାରା କଷ୍ଟ ଭୋଗ କରାଅ।
କିନ୍ତୁ ଯଦି ଜଣେ ବ୍ୟକ୍ତି ନିର୍ଦ୍ଦୋଷ, ତୁମ୍ଭେ ତାକୁ ନିର୍ଦ୍ଦୋଷ
ବୋଲି ପ୍ରମାଣ କର।

24“ଯଦି ତୁମ୍ଭର ଇସ୍ରାଏଲର ଲୋକମାନେ ତୁମ୍ଭ ବିରୁଦ୍ଧରେ
ପାପ କଲେ ଜଣେ ଶତ୍ରୁ ଆସି ହୁଏତ ସେମାନଙ୍କୁ ପରାସ୍ତ
କରିପାରେ। ଆଉ ତା'ପରେ, ଯଦି ଇସ୍ରାଏଲର ଲୋକମାନେ
ତୁମ୍ଭ ନିକଟକୁ ଫେରି ଆସନ୍ତି ଓ ତୁମ୍ଭ ନିକଟରେ ପାପ
ସ୍ୱୀକାର କରନ୍ତି ଏବଂ ଏହି ମନ୍ଦିରରେ ତୁମ୍ଭ ନିକଟରେ
ପ୍ରାର୍ଥନା କରନ୍ତି ଓ ତୁମ୍ଭର କରୁଣା ଭିକ୍ଷା କରନ୍ତି। 25ତେବେ
ତୁମ୍ଭେ ସ୍ୱର୍ଗରୁ ତାହା ଶୁଣ ଓ ତୁମ୍ଭର ଲୋକ ଇସ୍ରାଏଲର
ପାପ କ୍ଷମା କର। ତୁମ୍ଭେ ସେମାନଙ୍କୁ ଓ ସେମାନଙ୍କର
ପୂର୍ବପୁରୁଷମାନଙ୍କୁ ଯେଉଁ ଦେଶ ଦେଇଅଛ, ସେମାନଙ୍କୁ ପୁନର୍ବାର
ସେଠାକୁ ଫେରାଇ ଆଣ।

26“ଆକାଶ ରୁଦ୍ଧ ହୋଇ ହୁଏତ ବର୍ଷା ହୋଇ ନ
ପାରେ। ଯଦି ଇସ୍ରାଏଲର ଲୋକମାନେ ତୁମ୍ଭ ବିରୁଦ୍ଧରେ
ପାପ କରନ୍ତି, ତେବେ ଏହା ଘଟିବ। ଆଉ ଯଦି, ଇସ୍ରାଏଲର
ଲୋକମାନେ ଏହି ମନ୍ଦିର ଆଡ଼େ ଚାହିଁ ତୁମ୍ଭ ଠାରେ ସ୍ୱୀକାର
କରନ୍ତି ଏବଂ ପ୍ରାର୍ଥନା କରନ୍ତି, ଆଉ ତୁମ୍ଭେ ସେମାନଙ୍କୁ ଦଣ୍ଡ
ଦେଇଥାଅ। ଯଦି ସେମାନେ ସେମାନଙ୍କର ପାପ ପାଇଁ
ଅନୁତାପ କରନ୍ତି। 27ତେବେ ତୁମ୍ଭେ ସ୍ୱର୍ଗରୁ ତାହା ଶୁଣ ଓ
ସେମାନଙ୍କର ପାପ ସବୁ କ୍ଷମା କର। ଇସ୍ରାଏଲର ଲୋକମାନେ
ତୁମ୍ଭର ଦାସ ଅଟନ୍ତି। ତେଣୁ ସେମାନେ ଯେଉଁ ପ୍ରକାର
ଜୀବନ କାଟିବା ଉଚିତ୍, ସେମାନଙ୍କୁ ସେହି ଯଥାର୍ଥ ପଥ
ଶିଖାଅ। ଆଉ, ତୁମ୍ଭର ଦେଶ ମଧ୍ୟକୁ ବର୍ଷା ପଠାଅ। ସେହି
ଦେଶକୁ ତୁମ୍ଭେ ତୁମ୍ଭର ଲୋକମାନଙ୍କୁ ଦେଇଅଛ।

28“ଦେଶରେ ହୁଏତ ଦୁର୍ଭିକ୍ଷ ପଡ଼ିପାରେ, କିଅବା ଭୟଙ୍କର
ରୋଗ ସବୁ ହୋଇପାରେ, ଅବା ଶସ୍ୟ ସବୁ ରୋଗଗ୍ରସ୍ତ
ହୋଇପାରେ, ଅଥବା ଫିମ୍ପି, କିଅବା ପଙ୍ଗପାଳ, ନତୁବା
ଝିଣ୍ଟିକା କିଅବା ଶତ୍ରୁମାନେ ଯଦି ଇସ୍ରାଏଲର ଲୋକମାନଙ୍କୁ
ସେମାନଙ୍କ ନଗର ମଧ୍ୟରେ ଆକ୍ରମଣ କରନ୍ତି, କିଅବା ଯଦି
ଇସ୍ରାଏଲରେ କୌଣସି ପ୍ରକାରର ରୋଗ ଦେଖାଯାଏ, 29ଆଉ,
ତା'ପରେ ଇସ୍ରାଏଲର ତୁମ୍ଭର ପ୍ରତ୍ୟେକ ବ୍ୟକ୍ତି ନିଜର
ସମସ୍ୟା ଓ କ୍ଲେଶ ଜାଣି ସେମାନଙ୍କ ମଧ୍ୟରୁ କେହି ତୁମ୍ଭ
ନିକଟରେ ପ୍ରାର୍ଥନା ଓ ବିନତି କରେ, - ଆଉ ଯଦି ସେହି
ବ୍ୟକ୍ତି ଏହି ମନ୍ଦିର ଆଡ଼େ ଚାହିଁ ତାହାର ହସ୍ତ ପ୍ରସାର କରେ,
30ତେବେ ତୁମ୍ଭେ ସ୍ୱର୍ଗରେ ଥାଇ ତାହା ଶୁଣ, ଯେଉଁଠାରେ
ତୁମ୍ଭେ ବାସ କର, ଓ କ୍ଷମା ଦିଅ। ପ୍ରତ୍ୟେକ ବ୍ୟକ୍ତିକୁ
ତାହାର ପ୍ରାପ୍ୟମତେ ଦିଅ। କେବଳ ତୁମ୍ଭେ ହିଁ ଜାଣ ଯେ,
ଜଣେ ବ୍ୟକ୍ତିର ହୃଦୟରେ କ'ଣ ଅଛି। 31ତେବେ ତୁମ୍ଭେ
ଆମ୍ଭମାନଙ୍କର ପୂର୍ବପୁରୁଷମାନଙ୍କୁ ଦେଇଥିବା ଦେଶରେ
ଲୋକମାନେ ଯେତେକାଳ ବାସ କରିବେ, ସେତେଦିନ ପର୍ଯ୍ୟନ୍ତ
ସେମାନେ ତୁମ୍ଭକୁ ଭୟ କରିବେ ଓ ତୁମ୍ଭକୁ ମାନିବେ।

32“ହୁଏତ ଜଣେ ଅପରିଚିତ ବ୍ୟକ୍ତି ଥାଇପାରେ, ଯିଏ
ଜଣେ ଇସ୍ରାଏଲୀୟ ହୋଇ ନ ଥିବ, କିନ୍ତୁ ଏକ ଦୂର
ଦେଶରୁ ଏଠାକୁ ଆସିଥାଇପାରେ। ସେହି ବିଦେଶୀ ବ୍ୟକ୍ତି
ତୁମ୍ଭର ମହାନ୍ ନାମ, ତୁମ୍ଭର ମହାନ୍ ଶକ୍ତି ଓ ଲୋକମାନଙ୍କୁ
ବିପଦରୁ ଉଦ୍ଧାର କରିବା ତୁମ୍ଭର ସାମର୍ଥ୍ୟ ଶୁଣି ଆସିପାରେ।
ଯେତେବେଳେ ସେହି ବ୍ୟକ୍ତି ଆସିବ ଓ ଏହି ମନ୍ଦିର ଆଡ଼କୁ
ଚାହିଁ ପ୍ରାର୍ଥନା କରିବ, 33ତେବେ ତୁମ୍ଭେ ଯେଉଁ ସ୍ୱର୍ଗରେ ବାସ
କର, ସେଠାରୁ ଥାଇ, ସେହି ବିଦେଶୀ ବ୍ୟକ୍ତିର କଥା ଶୁଣ
ଓ ତାହାର ପ୍ରାର୍ଥନାରେ ଉତ୍ତର ଦିଅ। ତେବେ ତୁମ୍ଭର ଲୋକ
ଇସ୍ରାଏଲ ଯେପରି ତୁମ୍ଭକୁ ସମ୍ମାନ କରନ୍ତି, ସେହିପରି ସାରା
ପୃଥିବୀର ଲୋକମାନେ ତୁମ୍ଭର ନାମକୁ ଜାଣିବେ, ଓ ତୁମ୍ଭକୁ
ସମ୍ମାନ କରିବେ। ଆଉ, ମୁଁ ନିର୍ମାଣ କରିଥିବା ଏହି ମନ୍ଦିର
ଯେ ତୁମ୍ଭ ନାମରେ ନାମିତ, ଏହା ପୃଥିବୀସ୍ଥ ସମସ୍ତ ଲୋକ
ଜାଣିବେ।

34“ତୁମ୍ଭେ ତୁମ୍ଭର ଲୋକମାନଙ୍କୁ ସେମାନଙ୍କ ଶତ୍ରୁମାନଙ୍କ
ବିରୁଦ୍ଧରେ ଯୁଦ୍ଧ କରିବାକୁ ଏକ ସ୍ଥାନକୁ ପ୍ରେରଣ କରିବ।
ସେମାନେ ତୁମ୍ଭ ଦ୍ୱାରା ମନୋନୀତ ଏହି ନଗର ଓ ତୁମ୍ଭ ନାମ
ନିମନ୍ତେ ମୁଁ ନିର୍ମାଣ କରିଥିବା ଏହି ମନ୍ଦିର ଆଡ଼େ ଚାହିଁ ତୁମ୍ଭ
ନିକଟରେ ପ୍ରାର୍ଥନା କରିବେ। 35ସ୍ୱର୍ଗରେ ଥାଇ ସେମାନଙ୍କର
ପ୍ରାର୍ଥନା ଶୁଣ। ସେମାନେ ସାହାଯ୍ୟ ପାଇଁ ଅନୁରୋଧ କରିବା
ସମୟରେ ସେମାନଙ୍କ ବିନତି ଶୁଣ। ଆଉ, ସେମାନଙ୍କୁ
ସାହାଯ୍ୟ କର।

36“ଲୋକମାନେ ତୁମ୍ଭ ବିରୁଦ୍ଧରେ ପାପ କରିବେ- ଏପରି
ବ୍ୟକ୍ତି କେହି ନାହିଁ, ଯେ ପାପ କରେ ନାହିଁ। ଆଉ ତୁମ୍ଭେ
ସେମାନଙ୍କ ଉପରେ କ୍ରୋଧ କରିବ। ତୁମ୍ଭେ ଜଣେ ଶତ୍ରୁଦ୍ୱାରା
ସେମାନଙ୍କୁ ପରାଜିତ କରାଇବ, ଆଉ ସେମାନଙ୍କୁ ବନ୍ଦୀ
କରାଇ ଦୂରବର୍ତ୍ତୀ କିଅବା ନିକଟବର୍ତ୍ତୀ କୌଣସି ଏକ ଦେଶକୁ
ବଳପୂର୍ବକ ଯିବାକୁ ଦେବ। 37କିନ୍ତୁ, ତାହାପରେ ସେମାନେ
ବନ୍ଦୀ ରୂପେ ରହିଥିବା ଦେଶରେ ଅନୁତାପ କରିବେ ଓ ତୁମ୍ଭ
ଦୟା ପାଇଁ ପ୍ରାର୍ଥନା କରିବେ। ସେମାନେ କହିବେ, 'ଆମ୍ଭେମାନେ
ପାପ କରିଅଛୁ, ଆମ୍ଭେମାନେ ଭୁଲ୍ କରିଅଛୁ ଓ ଆମ୍ଭେମାନେ
ଦୁଷ୍ଟତା ପୂର୍ବକ ଆଚରଣ କରିଅଛୁ।' 38ଆଉ, ତା'ପରେ
ସେମାନେ ବନ୍ଦୀରୂପେ ରହିଥିବା ଦେଶରେ ସେମାନଙ୍କର
ସମସ୍ତ ହୃଦୟ ଓ ଆତ୍ମା ସହିତ ତୁମ୍ଭ ନିକଟକୁ ଫେରିବେ।
ଆଉ ସେମାନେ ସେମାନଙ୍କର ଦେଶ, ଯେଉଁ ଦେଶ ତୁମ୍ଭେ
ସେମାନଙ୍କର ପୂର୍ବପୁରୁଷମାନଙ୍କୁ ଦେଇଥିଲ ଓ ତୁମ୍ଭର ମନୋନୀତ
ଏହି ନଗର ଆଡ଼େ ଚାହିଁ ପ୍ରାର୍ଥନା କରିବେ। ଆଉ ମୁଁ ତୁମ୍ଭ

---

**ଶପଥ** ଯଦି ଜଣେ ବ୍ୟକ୍ତିକୁ ତା'ର ପଡୋଶୀର ଦ୍ରବ୍ୟ ନେଇଥାଏ ବୋଲି ସନ୍ଦେହ କରାଯାଏ, ସେ ଶପଥ କରେ ଯେ, ସେ ତାହା କରି ନାହିଁ। ଉଦାହରଣ ସ୍ୱରୂପ ଦେଖନ୍ତୁ ଯାତ୍ରା ପୁସ୍ତକ 22:10-11।

ନାମ ନିମନ୍ତେ ନିର୍ମାଣ କରିଥିବା ମନ୍ଦିର ଆଡ଼େ ଚାହିଁ
ସେମାନେ ପ୍ରାର୍ଥନା କରିବେ। **39**ଯେତେବେଳେ ଏହା ଘଟିବ,
ସ୍ୱର୍ଗରେ ଥାଇ ତୁମ୍ଭେ ତାହା ଶୁଣିବ, ସେମାନେ ସାହାଯ୍ୟ
ନିମନ୍ତେ ଅନୁରୋଧ କଲେ, ସେମାନଙ୍କର ପ୍ରାର୍ଥନା ଗ୍ରହଣ
କର। ଆଉ ସେମାନଙ୍କୁ ସାହାଯ୍ୟ କର। ତୁମ୍ଭ ବିରୁଦ୍ଧରେ
ପାପ କରିଥିବା ତୁମ୍ଭର ଲୋକମାନଙ୍କୁ କ୍ଷମା କର। **40**ବର୍ତ୍ତମାନ,
ହେ ମୋର ପରମେଶ୍ୱର, ତୁମ୍ଭେ ତୁମ୍ଭର ଚକ୍ଷୁ ଓ କର୍ଣ୍ଣ
ଉନ୍ମୁକ୍ତ କରିବାକୁ ମୁଁ ତୁମ୍ଭଙ୍କୁ ନିବେଦନ କରେ। ଆମ୍ଭେମାନେ
ଏହି ସ୍ଥାନରେ ଯେଉଁ ପ୍ରାର୍ଥନା କରୁଅଛୁ, ତାହା ଶୁଣ।

**41**"ହେ ସଦାପ୍ରଭୁ ପରମେଶ୍ୱର, ବର୍ତ୍ତମାନ ଜାଗ୍ରତ ହୁଅ,
ନିୟମ-ସିନ୍ଦୁକ ଯାହାକି ତୁମ୍ଭର ଶକ୍ତି ପ୍ରଦର୍ଶନ କରେ, ତୁମ୍ଭର
ସେହି ବିଶେଷ ସ୍ଥାନକୁ ଆସ। ତୁମ୍ଭର ଯାଜକଗଣ ପରିତ୍ରାଣ
ଦ୍ୱାରା ସଜ୍ଜିତ ହୁଅନ୍ତୁ। ତୁମ୍ଭର ସତ୍ ଅନୁଗାମୀଗଣ, ଏହି ସମସ୍ତ
ଉତ୍ତମ ବିଷୟରେ ଆନନ୍ଦିତ ହୁଅନ୍ତୁ।

**42**ସଦାପ୍ରଭୁ ପରମେଶ୍ୱର, ତୁମ୍ଭର ଅଭିଷିକ୍ତ ରାଜାକୁ
ଗ୍ରହଣ କର। ତୁମ୍ଭର ଅନୁଗତ ଦାସ ଦାଉଦଙ୍କୁ ସ୍ମରଣ କର!"

## ମନ୍ଦିର ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହେଲା

**7** ଶଲୋମନ ପ୍ରାର୍ଥନା କରିସାରିବା ପରେ ଆକାଶରୁ ଅଗ୍ନି
ଆସି ହୋମବଳି ଓ ବଳିଦାନସବୁ ଗ୍ରାସକଲା ଓ
ସଦାପ୍ରଭୁଙ୍କ ଗୌରବ ମନ୍ଦିରକୁ ପୂର୍ଣ୍ଣ କଲା। **2**ସଦାପ୍ରଭୁଙ୍କ
ମହିମା ମନ୍ଦିରକୁ ପୂର୍ଣ୍ଣ କରିଥିବାରୁ ଯାଜକମାନେ ସଦାପ୍ରଭୁଙ୍କ
ମନ୍ଦିର ମଧ୍ୟରେ ପ୍ରବେଶ କରିପାରିଲେ ନାହିଁ। **3**ଇଶ୍ରାୟେଲର
ସମସ୍ତ ଲୋକ ସ୍ୱର୍ଗରୁ ଅଗ୍ନି ପଡ଼ିବା ଦେଖିଲେ। ଇଶ୍ରାୟେଲର
ଲୋକମାନେ ମନ୍ଦିର ଉପରେ ସଦାପ୍ରଭୁଙ୍କ ମହିମାକୁ ମଧ୍ୟ
ଦେଖି ପାରିଲେ। ସେମାନେ ଭୂମି ଉପରେ ସେମାନଙ୍କର ମୁଣ୍ଡ
ନୁଆଇଁ ଭୂମିଷ୍ଠ ପ୍ରଣାମ କଲେ। ସେମାନେ ସଦାପ୍ରଭୁଙ୍କର
ଉପାସନା ଓ ଧନ୍ୟବାଦ କଲେ। ସେମାନେ ଗାଇଲେ,
"ସଦାପ୍ରଭୁ ଉତ୍ତମ ଅଟନ୍ତି ଓ ତାଙ୍କର ଦୟା ଚିରକାଳ
ନିମନ୍ତେ ଅବିରତ ରହିଥାଏ।"

**4**ଏହାପରେ ରାଜା ଶଲୋମନ ଓ ଇଶ୍ରାୟେଲର ସମସ୍ତ
ଲୋକ ସଦାପ୍ରଭୁଙ୍କ ସମ୍ମୁଖରେ ବଳିଦାନ ଉତ୍ସର୍ଗ କଲେ।
**5**ରାଜା ଶଲୋମନ 22,000 ବଳଦ ଓ 120,000 ମେଣ୍ଢା
ଉତ୍ସର୍ଗ କଲେ। ରାଜା ଓ ସମସ୍ତ ଲୋକ ପରମେଶ୍ୱରଙ୍କ
ମନ୍ଦିରକୁ ସମର୍ପଣ କଲେ। **6**ଯାଜକମାନେ ସେମାନଙ୍କର କାର୍ଯ୍ୟ
କରିବା ନିମନ୍ତେ ପ୍ରସ୍ତୁତ ହୋଇ ଠିଆ ହୋଇ ରହିଥିଲେ।
ଲେବୀୟଗଣ ଯେଉଁ ବାଦ୍ୟଯନ୍ତ୍ରଗୁଡ଼ିକ ସହିତ ଠିଆ ହୋଇ
ରହିଥିଲେ, ସଦାପ୍ରଭୁଙ୍କୁ ଧନ୍ୟବାଦ ଦେବା ନିମନ୍ତେ ସେହି
ବାଦ୍ୟ ଯନ୍ତ୍ରଗୁଡ଼ିକ ରାଜା ଦାଉଦଙ୍କ ଦ୍ୱାରା ନିର୍ମିତ ହୋଇଥିଲା।
ଯାଜକ ଓ ଲେବୀୟମାନେ କହୁଥିଲେ, "ସଦାପ୍ରଭୁଙ୍କ ପ୍ରେମ
ଚିରକାଳସ୍ଥାୟୀ ଅଟେ!" ସେମାନେ ଲେବୀୟମାନଙ୍କ ଓ
ଇଶ୍ରାୟେଲର ସମସ୍ତ ଲୋକମାନଙ୍କର ବିପରୀତ ଦିଗରେ ଠିଆ
ହୋଇ ତୂରୀ ବଜାଇଲେ।

**7**ଶଲୋମନ ପ୍ରାଙ୍ଗଣର ମଧ୍ୟଭାଗରେ ବେଦୀକୁ ଧାର୍ମିକ
କାର୍ଯ୍ୟ ପାଇଁ ସମର୍ପଣ କଲେ। ଏହି ପ୍ରାଙ୍ଗଣ ସଦାପ୍ରଭୁଙ୍କ
ମନ୍ଦିରର ସମ୍ମୁଖରେ ଥିଲା। ସେଠାରେ ଶଲୋମନ ହୋମବଳି
ଓ ସହଭାଗିତାର ନୈବେଦ୍ୟର ଚର୍ବି ଉତ୍ସର୍ଗ କଲେ। ଶଲୋମନ
ପ୍ରାଙ୍ଗଣର ମଧ୍ୟଭାଗକୁ ବ୍ୟବହାର କଲେ, କାରଣ ସେ ଯେଉଁ
ପିତ୍ତଳ ନିର୍ମିତ ଯଜ୍ଞବେଦୀ ନିର୍ମାଣ କରିଥିଲେ, ତାହା ହୋମବଳି,
ଶସ୍ୟ ନୈବେଦ୍ୟ ଓ ଚର୍ବିକୁ ଏକାବେଳେ ଧାରଣ କରିପାରୁ
ନ ଥିଲା।

**8**ଶଲୋମନ ଓ ଇଶ୍ରାୟେଲର ସମସ୍ତ ଲୋକ ସାତଦିନ
ପର୍ଯ୍ୟନ୍ତ ଭୋଜି ଉତ୍ସବ ପାଳନ କଲେ। ଶଲୋମନଙ୍କ ସହିତ
ଲୋକମାନଙ୍କର ଏକ ବିରାଟ ସମାବେଶ ହେଲା। ସେହି
ଲୋକମାନେ ଲବୋ-ହମାତ୍ ଓ ମିଶରର ସୀମାରୁ ଆସିଥିଲେ।
**9**ଅଷ୍ଟମ ଦିନରେ ସେମାନେ ଏକ ପବିତ୍ର ସଭା କଲେ,
କାରଣ ସେମାନେ ସାତଦିନ ଯଜ୍ଞବେଦୀକୁ ଉତ୍ସର୍ଗ କରିବାରେ
କଟାଇଲେ। ଆଉ, ସେମାନେ ସାତଦିନ ପର୍ଯ୍ୟନ୍ତ ଭୋଜି
ଉତ୍ସବ ପାଳନ କଲେ। **10**ସପ୍ତମ ମାସର ତେଇଶତମ
ଦିନରେ ଶଲୋମନ ଲୋକମାନଙ୍କୁ ସେମାନଙ୍କ ଗୃହମାନଙ୍କୁ
ପଠାଇ ଦେଲେ। ଲୋକମାନେ ଅତ୍ୟନ୍ତ ଆନନ୍ଦିତ ଥିଲେ ଓ
ସେମାନଙ୍କ ହୃଦୟ ଆନନ୍ଦରେ ପୂର୍ଣ୍ଣ ଥିଲା, କାରଣ ସଦାପ୍ରଭୁ
ଦାଉଦ, ଶଲୋମନ ଓ ତାଙ୍କ ଲୋକ ଇଶ୍ରାୟେଲ ପ୍ରତି
ଅତ୍ୟନ୍ତ ମଙ୍ଗଳମୟ ହୋଇଥିଲେ।

## ସଦାପ୍ରଭୁ ଶଲୋମନଙ୍କ ନିକଟକୁ ଆସିଲେ

**11**ଶଲୋମନ ସଦାପ୍ରଭୁଙ୍କ ମନ୍ଦିର ଓ ରାଜାଙ୍କ ଗୃହକୁ
ସମାପ୍ତ କଲେ। ସଦାପ୍ରଭୁଙ୍କ ମନ୍ଦିର ଓ ତାଙ୍କ ସ୍ୱଗୃହ ନିମନ୍ତେ
ଶଲୋମନ ଯେଉଁ ସମସ୍ତ ଯୋଜନା କରିଥିଲେ, ସେହି ସମସ୍ତ
ବିଷୟ ସମ୍ପୂର୍ଣ୍ଣ କରିବାରେ ସଫଳ ହେଲା। **12**ଏହାପରେ
ସଦାପ୍ରଭୁ ରାତ୍ରି ସମୟରେ ଶଲୋମନଙ୍କ ନିକଟକୁ ଆସିଲେ।
ସଦାପ୍ରଭୁ ତାଙ୍କୁ କହିଲେ, "ଶଲୋମନ, ଆମ୍ଭେ ତୁମ୍ଭର ପ୍ରାର୍ଥନା
ଶୁଣିଅଛୁ ଏବଂ ଆମ୍ଭେ ଏହି ସ୍ଥାନକୁ ମନ୍ଦିର ରୂପେ ମନୋନୀତ
କରିଅଛୁ। ଯେଉଁଠାରେ ଲୋକମାନେ ମୋତେ ନୈବେଦ୍ୟ
ଉତ୍ସର୍ଗ କରିପାରିବେ। **13**ଯେତେବେଳେ ଆମ୍ଭେ ଆକାଶ ରୁଦ୍ଧ
କରୁ, ବର୍ଷା ହୁଏ ନାହିଁ, କି ଆମ୍ଭେ ପଙ୍ଗପାଳମାନଙ୍କୁ ଦେଶ
ବିନାଶ କରିବାକୁ ଆଦେଶ ଦେଉ ଅବା ଆମ୍ଭେ ଆମ୍ଭର
ଲୋକମାନଙ୍କ ନିକଟକୁ ରୋଗ ପ୍ରେରଣ କରୁ, **14**ସେତେବେଳେ
ଯଦି ଆମ୍ଭ ନାମରେ ନାମିତ ଲୋକମାନେ ନମ୍ର ହେବେ ଓ
ପ୍ରାର୍ଥନା କରିବେ ଓ ଆମ୍ଭକୁ ଖୋଜିବେ, ଆଉ ସେମାନଙ୍କର
ମନ୍ଦ ପଥରୁ ଫେରି ଆସିବେ, ସେତେବେଳେ ଆମ୍ଭେ ସ୍ୱର୍ଗରୁ
ସେମାନଙ୍କର ପ୍ରାର୍ଥନା ଶୁଣିବା। ଆଉ, ଆମ୍ଭେ ସେମାନଙ୍କର
ପାପସବୁ କ୍ଷମା କରିବା ଓ ଆମ୍ଭେ ସେମାନଙ୍କର ଦେଶକୁ ସୁସ୍ଥ
କରିବା। **15**ବର୍ତ୍ତମାନ, ଆମ୍ଭର ଚକ୍ଷୁ ଉନ୍ମୁକ୍ତ ହେବ ଓ ଏହି
ସ୍ଥାନରେ ଯେଉଁସବୁ ପ୍ରାର୍ଥନା କରାଯିବ, ତାହାକୁ ଆମ୍ଭର କର୍ଣ୍ଣ
ଧ୍ୟାନ ପୂର୍ବକ ଶୁଣିବ। **16**ଆମ୍ଭେ ଏହି ମନ୍ଦିରକୁ ମନୋନୀତ
କରିଅଛୁ ଏବଂ ଆମ୍ଭ ନାମ ଯେପରି ଚିରକାଳ ନିମନ୍ତେ ଏହି
ସ୍ଥାନରେ ରହିବ, ସେଥିନିମନ୍ତେ ଆମ୍ଭେ ଏହାକୁ ପବିତ୍ର
କରିଅଛୁ। ହଁ, ଆମ୍ଭ ଚକ୍ଷୁ ଓ ହୃଦୟ ଏହି ମନ୍ଦିରରେ
ସଦାସର୍ବଦା ରହିବ।

**17**"ବର୍ତ୍ତମାନ ହେ ଶଲୋମନ, ତୁମ୍ଭେ ତୁମ୍ଭର ପିତା
ଦାଉଦଙ୍କ ତୁଲ୍ୟ ଯଦି ଆମ୍ଭ ସମ୍ମୁଖରେ ଜୀବନଯାପନ କରିବ
ଓ ଆମ୍ଭେ ଯେ ସମସ୍ତ ଆଦେଶ ଦେଇଅଛୁ, ତାହାସବୁ ମାନିବ
ଏବଂ ଯଦି ତୁମ୍ଭେ ଆମ୍ଭର ସମସ୍ତ ନିୟମ ଓ ନୀତି ପାଳନ

କରିବ, 18ତା'ହେଲେ ଆମ୍ଭେ ତୁମ୍ଭର ରାଜ୍ୟକୁ ମହାନ୍
କରିବା। ଆମ୍ଭେ ତୁମ୍ଭର ପିତା ଦାଉଦଙ୍କ ସହିତ ଏହି ଚୁକ୍ତି
କରିଥିଲୁ। ଆମ୍ଭେ ତାଙ୍କୁ କହିଥିଲୁ, 'ଦାଉଦ, ତୁମ୍ଭ ବଂଶରୁ
ସର୍ବଦା ଜଣେ ବ୍ୟକ୍ତି ଇଶ୍ରାଏଲର ରାଜା ହେବ।'

19"କିନ୍ତୁ, ଯଦି ତୁମ୍ଭେ ଆମ୍ଭେ ଦେଇଥିବା ଆଦେଶ ଓ
ବ୍ୟବସ୍ଥାକୁ ବାଧ ହେବ ନାହିଁ, ଏବଂ ଯଦି ତୁମ୍ଭେ ଅନ୍ୟ
ଦେବତାମାନଙ୍କର ସେବା ଓ ଉପାସନା କରିବ, 20ତେବେ
ଆମ୍ଭେ ଇଶ୍ରାଏଲର ଲୋକଙ୍କୁ ଯେଉଁ ଦେଶ ଦେଇଅଛୁ,
ଆମ୍ଭର ସେହି ଦେଶରୁ ସେମାନଙ୍କୁ ବାହାର କରିଦେବା। ଆଉ
ଆମ୍ଭେ ଆମ୍ଭର ନାମ ନିମନ୍ତେ ପବିତ୍ର କରିଥିବା ଏହି ମନ୍ଦିରକୁ
ପରିତ୍ୟାଗ କରିବା। ଆମ୍ଭେ ଏହି ମନ୍ଦିରକୁ ଏପ୍ରକାର କରିବ
ଯେ, ସବୁ ଜାତିର ଲୋକମାନେ ଏହାକୁ ତାଚ୍ଛଲ୍ୟ କରିବେ।
21ଉଚ୍ଚସମ୍ମାନ ପ୍ରାପ୍ତ ଏହି ମନ୍ଦିର ପାର୍ଶ୍ୱ ଦେଇ ଯାଉଥିବା
ପ୍ରତ୍ୟେକ ବ୍ୟକ୍ତି ଆଶ୍ଚର୍ଯ୍ୟାନ୍ୱିତ ହେବେ। ସେମାନେ କହିବେ,
'ସଦାପ୍ରଭୁ କାହିଁକି ଏହି ଦେଶ ଓ ଏହି ମନ୍ଦିର ପ୍ରତି ଏ
ପ୍ରକାର ଭୟଙ୍କର ବିପତ୍ତି ଘଟାଇଲେ?' 22ତେବେ ଲୋକମାନେ
ଉତ୍ତର ଦେଇ କହିବେ, 'କାରଣ ଲୋକମାନେ ସେହି
ସଦାପ୍ରଭୁ ପରମେଶ୍ୱରଙ୍କୁ ପରିତ୍ୟାଗ କଲେ, ଯାହାଙ୍କୁ ସେମାନଙ୍କର
ପୂର୍ବପୁରୁଷମାନେ ମାନୁଥିଲେ। ସେହି ପରମେଶ୍ୱର ହିଁ ସେମାନଙ୍କୁ
ମିଶର ଦେଶରୁ ବାହାର କରି ଆଣିଥିଲେ। କିନ୍ତୁ ଇଶ୍ରାଏଲର
ଲୋକମାନେ ଅନ୍ୟ ଲୋକମାନଙ୍କର ଦେବତାମାନଙ୍କୁ ଗ୍ରହଣ
କଲେ। ସେମାନେ ଅନ୍ୟ ଦେବତାମାନଙ୍କର ଉପାସନା ଓ
ସେବା କଲେ। ଏଥି ନିମନ୍ତେ ସଦାପ୍ରଭୁ ଇଶ୍ରାଏଲର
ଲୋକମାନଙ୍କ ଉପରେ ଏପ୍ରକାର ଭୟଙ୍କର ବିପତ୍ତି ଘଟାଇଲେ।'"

## ଶଲୋମନ ନିର୍ମାଣ କରିଥିବା ନଗର ସକଳ

8 ସଦାପ୍ରଭୁଙ୍କ ମନ୍ଦିର ଓ ନିଜର ଗୃହ ନିର୍ମାଣ କରିବା
ନିମନ୍ତେ ଶଲୋମନଙ୍କୁ 20 ବର୍ଷ ଲାଗିଲା। 2ଏହାପରେ
ହୂରମ ରାଜା ଦେଇଥିବା ସହରଗୁଡ଼ିକୁ ଶଲୋମନ ଆଉଥରେ
ନିର୍ମାଣ କଲେ। ଆଉ ଶଲୋମନ ଏହି ସହରଗୁଡ଼ିକରେ ବାସ
କରିବା ନିମନ୍ତେ କିଛି ଇଶ୍ରାଏଲୀୟ ଲୋକଙ୍କୁ ଅନୁମତି
ଦେଲେ। 3ଏହାପରେ ଶଲୋମନ ସୋବାସ୍ଥିତ ହମାତ୍‌କୁ ଗଲେ
ଓ ତାହାକୁ ଅଧିକାର କଲେ। 4ଶଲୋମନ ମଧ୍ୟ ମରୁଭୂମି
ମଧ୍ୟରେ ତଦ୍‌ମୋର୍ ସହର ନିର୍ମାଣ କଲେ। ସେ ପ୍ରତିରକ୍ଷା
ନିମନ୍ତେ ହମାତ୍‌ରେ ସମସ୍ତ ସହର ନିର୍ମାଣ କଲେ। 5ଶଲୋମନ
ଉର୍ଦ୍ଧ୍ୱସ୍ଥ ବୈଥ୍-ହୋରଣ୍ ଓ ନୀଚସ୍ଥ ବୈଥ୍‌ହୋରଣ୍‌ର ସହରଗୁଡ଼ିକୁ
ଆଉଥରେ ନିର୍ମାଣ କଲେ। ସେ ଏହି ସହରଗୁଡ଼ିକୁ ଦୃଢ଼
ଦୁର୍ଗରେ ପରିଣତ କଲେ। ସେହି ସହରଗୁଡ଼ିକରେ ଅତି
ସୁଦୃଢ଼ ପ୍ରାଚୀର, ଦ୍ୱାର ଓ ଦ୍ୱାରଗୁଡ଼ିକରେ ଦୃଢ଼ ଅର୍ଗଳ ଥିଲା।
6ଏବଂ ଶଲୋମନ ବାଲତ୍ ସହର ଓ ଅନ୍ୟ ନଗରଗୁଡ଼ିକୁ
ସୁଦୃଢ଼ କରିଥିଲେ, ଯେଉଁଠାରେ ସେ ସୈନ୍ୟମାନଙ୍କ ଛାଉଣୀ
ପକାଇଥିଲେ। ସେ ଆହୁରି ଅନେକ ନଗରସବୁ ନିର୍ମାଣ
କଲେ, ଯେଉଁଠାରେ ଯୁଦ୍ଧରଥ ସବୁ ରଖା ଯାଉଥିଲା ଓ
ଅଶ୍ୱାରୋହୀମାନେ ବାସ କରୁଥିଲେ। ଶଲୋମନ ଯିରୁଶାଲମ,
ଲିବାନୋନ୍‌ରେ ଓ ସେ ରାଜା ଥିବା ସମସ୍ତ ଦେଶରେ ଯାହା
ନିର୍ମାଣ କରିବାକୁ ଚାହିଁଲେ, ତାହା ନିର୍ମାଣ କଲେ।

7ସେଠାରେ ହିତ୍ତୀୟ, ଇମୋରୀୟ, ପରିଷୀୟ, ହିବ୍ବୀୟ ଓ
ଯିବୂଷୀୟମାନେ ବାସ କରୁଥିଲେ। ସେମାନେ ଇଶ୍ରାଏଲୀୟ
ନୁହଁନ୍ତି। 8ସେମାନେ ସେହି ଲୋକମାନଙ୍କର ଭବିଷ୍ୟତ ବଂଶଧର,
ଯେଉଁମାନେ ସେ ପର୍ଯ୍ୟନ୍ତ ସେହି ଭୂମିରେ ଥିଲେ ଏବଂ
ଇଶ୍ରାଏଲ ଲୋକମାନଙ୍କ ଦ୍ୱାରା ବଧ କରାଯାଇ ନଥିଲେ।
ଶଲୋମନ ସେହି ବିଦେଶୀମାନଙ୍କୁ କ୍ରୀତଦାସ ଭାବରେ କାମ
କରିବାକୁ ବାଧ୍ୟ କଲେ। ସେମାନେ ଆଜି ପର୍ଯ୍ୟନ୍ତ କ୍ରୀତଦାସ
ଅଛନ୍ତି। 9ଶଲୋମନ ଇଶ୍ରାଏଲର ଲୋକମାନଙ୍କୁ କ୍ରୀତଦାସ
ହେବା ନିମନ୍ତେ ବାଧ୍ୟ କଲେ ନାହିଁ। ଇଶ୍ରାଏଲର ଲୋକମାନେ
ଶଲୋମନଙ୍କର ଦୁର୍ଦ୍ଧର୍ଷ ଯୋଦ୍ଧା ଥିଲେ। ସେମାନେ ଶଲୋମନଙ୍କର
ସାମରିକ ବାହିନୀର ପଦାଧିକାରୀ ଥିଲେ। ସେମାନେ
ଶଲୋମନଙ୍କର ଯୁଦ୍ଧ ରଥର ସେନାପତି ଥିଲେ। 10ଆଉ,
ଇଶ୍ରାଏଲର କିଛି ଲୋକଙ୍କୁ ଶ୍ରମିକମାନଙ୍କ କାର୍ଯ୍ୟ ତଦାରଖ
କରିବା ପାଇଁ ନିଯୁକ୍ତ କରିଥିଲେ। ସେଠାରେ 250 ଜଣ
ତଦାରଖକାରୀ ଥିଲେ।

11ଶଲୋମନ ଦାଉଦଙ୍କ ନଗରରୁ ଫାରୋଙ୍କର କନ୍ୟାଙ୍କୁ
ତାଙ୍କ ନିମନ୍ତେ ସେ ନିର୍ମିତ କରିଥିବା ଗୃହକୁ ଆଣିଲେ।
ଶଲୋମନ କହିଲେ, "ମୋର ସ୍ତ୍ରୀ ଇଶ୍ରାଏଲର ରାଜା
ଦାଉଦଙ୍କ ଗୃହରେ ବାସ କରିବ ନାହିଁ କାରଣ ଯେଉଁ
ସ୍ଥାନରେ ସଦାପ୍ରଭୁ ପରମେଶ୍ୱରଙ୍କର ବିଶେଷ ସିନ୍ଦୁକ ଥିଲା,
ତାହା ପବିତ୍ରସ୍ଥାନ ଅଟେ।"

12ଏହାପରେ ଶଲୋମନ ସଦାପ୍ରଭୁଙ୍କ ଯଜ୍ଞବେଦୀ ଉପରେ
ସଦାପ୍ରଭୁଙ୍କ ନିକଟରେ ହୋମବଳି ଉତ୍ସର୍ଗ କଲେ। ଶଲୋମନ
ମନ୍ଦିରର ବାରଣ୍ଡା ସମ୍ମୁଖରେ ସେହି ବଳିବେଦୀ ନିର୍ମାଣ
କରିଥିଲେ। 13ମୋଶା ଯେଉଁ ପ୍ରକାର ଆଦେଶ ଦେଇଥିଲେ,
ଶଲୋମନ ସେହି ପ୍ରକାରେ ପ୍ରତ୍ୟେକ ଦିନ ବଳି ଉତ୍ସର୍ଗ
କଲେ। ବିଶ୍ରାମବାର, ଅମାବାସ୍ୟା ଉତ୍ସବ ଓ ତ୍ରୟବାର୍ଷିକ
ଛୁଟିଦିବସ ଗୁଡ଼ିକରେ ବଳି ଉତ୍ସର୍ଗ କରାଯାଉ ଥିଲା। ଏହି
ତ୍ରୟବାର୍ଷିକ ଛୁଟିଦିବସଗୁଡ଼ିକ ଥିଲା ବିନା ଖମୀରର ତାଡ଼ିଶୂନ୍ୟ
ରୋଟୀର ପର୍ବ, ସପ୍ତାହବ୍ୟାପି ପର୍ବ ଓ ଆଶ୍ରୟଦାୟକ ପର୍ବ।
14ଶଲୋମନ ତାଙ୍କ ପିତା ଦାଉଦଙ୍କର ଦତ୍ତ ନିର୍ଦ୍ଦେଶାବଳୀକୁ
ପାଳନ କଲେ। ଶଲୋମନ ଯାଜକମାନଙ୍କର ଦଳକୁ ସେମାନଙ୍କର
ସେବାକାର୍ଯ୍ୟ ନିମନ୍ତେ ମନୋନୀତ କଲେ। ଶଲୋମନ
ଲେବୀୟମାନଙ୍କୁ ମଧ୍ୟ ସେମାନଙ୍କର ସେବାକାର୍ଯ୍ୟ ନିମନ୍ତେ
ମନୋନୀତ କଲେ। ଲେବୀୟମାନଙ୍କର କାର୍ଯ୍ୟ ଥିଲା ପ୍ରଶଂସା
ଗାନରେ ନେତୃତ୍ୱ ଦେବା ଓ ମନ୍ଦିରର ସେବାକାର୍ଯ୍ୟ ନିମନ୍ତେ
ଦୈନନ୍ଦିନ ଯେଉଁ ବିଷୟମାନ କରାଯାଏ, ସେଥିରେ ଯାଜକମାନଙ୍କୁ
ସାହାଯ୍ୟ କରିବା। ଆଉ ଶଲୋମନ ଦ୍ୱାର ନିକଟରେ ସେବାକାର୍ଯ୍ୟ
କରିବା ନିମନ୍ତେ ଦ୍ୱାରପାଳମାନଙ୍କୁ ସେମାନଙ୍କର ଦଳ ଅନୁଯାୟୀ
ମନୋନୀତ କଲେ। ପରମେଶ୍ୱରଙ୍କ ଲୋକ ଦାଉଦ ତାକୁ
ଏହା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। 15ଯାଜକ ଓ
ଲେବୀୟମାନେ ଠିକ୍ ସେହିପରି କଲେ, ଯାହା ଶଲୋମନ
ସେମାନଙ୍କୁ ମନ୍ଦିରରେ ଏବଂ ଏହାର କୋଷାଗାରରେ କରିବା
ପାଇଁ କହିଥିଲେ।

16ସଦାପ୍ରଭୁଙ୍କ ମନ୍ଦିରର ଭିତ୍ତି ପ୍ରସ୍ତର ସ୍ଥାପିତ ହେବା
ଦିନଠାରୁ ସଦାପ୍ରଭୁଙ୍କ ମନ୍ଦିର ଶେଷ ନ ହେଲା
ପର୍ଯ୍ୟନ୍ତ ଶଲୋମନଙ୍କର ସମସ୍ତ କାର୍ଯ୍ୟ ଭଲ ଭାବରେ
କରାଗଲା।

17ଏହାପରେ ଶଲୋମନ ଇତ୍‌ସିୟୋନ-ଗେବର ଓ ଏଲତ
ସହରମାନଙ୍କୁ ଗଲେ। ସେହି ସହରଗୁଡ଼ିକ ଇଦୋମ ଦେଶରେ
ସମୁଦ୍ର ନିକଟରେ ଥିଲା। 18ହୂରମ୍ ଶଲୋମନଙ୍କ ନିକଟକୁ
ଜାହାଜସବୁ ପଠାଇଲେ। ହୂରମ୍‌ଙ୍କ ନିଜସ୍ୱ ଲୋକମାନେ
ଜାହାଜଗୁଡ଼ିକୁ ବାହିଲେ। ହୂରମ୍‌ଙ୍କ ଲୋକମାନେ ଦକ୍ଷ ନାବିକ
ଥିଲେ। ହୂରମ୍‌ଙ୍କ ଲୋକମାନେ ଶଲୋମନଙ୍କର ଦାସମାନଙ୍କ
ସହିତ ଓଫୀରକୁ ଗଲେ ଓ ସେଠାରୁ ରାଜା ଶଲୋମନଙ୍କ
ନିମନ୍ତେ 450 ତାଳନ୍ତ ସୁନା ଆଣିଲେ।

## ଶିବାର ରାଣୀ ଶଲୋମନଙ୍କୁ ଭେଟିବା ନିମନ୍ତେ ଆସନ୍ତି

9 ଶିବାର ରାଣୀ ଶଲୋମନଙ୍କର ସୁଖ୍ୟାତି ବିଷୟରେ
ଶୁଣିବାକୁ ପାଇଲେ। ତେଣୁ ସେ କଠିନ ପ୍ରଶ୍ନ ଦ୍ୱାରା
ଶଲୋମନଙ୍କୁ ପରୀକ୍ଷା କରିବା ନିମନ୍ତେ ଯିରୁଶାଲମ୍‌କୁ ଆସିଲେ।
ଶିବାର ରାଣୀଙ୍କ ସହିତ ତାଙ୍କ ଲୋକମାନଙ୍କର ଏକ ବୃହତ୍
ଦଳ ଥିଲା। ତାଙ୍କ ସହିତ ମସଲା, ପ୍ରଚୁର ସୁନା ଓ ବହୁମୂଲ୍ୟ
ପଥରରେ ଲଦି ହୋଇଥିବା ଓଟମାନେ ଥିଲେ। ସେ ଶଲୋମନଙ୍କ
ନିକଟକୁ ଆସିଲେ ଓ ସେ ଯେଉଁ ବିଷୟରେ ଆଲୋଚନା
କରିବାକୁ ଚାହୁଁଥିଲେ, ସେ ବିଷୟରେ ପଚାରିଲେ। ଶଲୋମନଙ୍କୁ
ପଚାରିବା ନିମନ୍ତେ ତାଙ୍କ ନିକଟରେ ଅନେକ ପ୍ରଶ୍ନ ଥିଲା।
2ଶଲୋମନ ତାଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଦେଲେ।
ଶଲୋମନଙ୍କ ନିମନ୍ତେ ଉତ୍ତର ଦେବା କିମ୍ବା ବୁଝାଇ ଦେବା
ପାଇଁ କୌଣସି କଠିନ ବିଷୟ ନ ଥିଲା। 3ଶିବାର ରାଣୀ
ଶଲୋମନଙ୍କର ଜ୍ଞାନ ଓ ତାଙ୍କ ନିର୍ମିତ ଗୃହ ଦେଖିଲେ।
4ସେ ଶଲୋମନଙ୍କ ମେଜ ଉପରେ ରଖା ଯାଉଥିବା ଖାଦ୍ୟ
ଓ ତାଙ୍କର ଅନେକ ବିଶେଷ କର୍ମଚାରୀଗଣଙ୍କୁ ଦେଖିଲେ। ସେ
ତାଙ୍କର ଚାକରମାନଙ୍କର ବସ୍ତ୍ର ଓ କାର୍ଯ୍ୟ କରିବାର ପ୍ରଣାଳୀ
ଦେଖିଲେ। ସେ ଶଲୋମନଙ୍କର ମଦ୍ୟ ପରିବେଷଣକାରୀମାନଙ୍କୁ
ଓ ସେମାନଙ୍କର ବସ୍ତ୍ରକୁ ଦେଖିଲେ। ସେ ଶଲୋମନଙ୍କ ଦ୍ୱାରା
ସଦାପ୍ରଭୁଙ୍କ ମନ୍ଦିରରେ ଉତ୍ସର୍ଗୀକୃତ ହୋମବଳିଗୁଡ଼ିକୁ ଦେଖିଲେ।
ଶିବାର ରାଣୀ ଯେତେବେଳେ ଏହି ସବୁ ବିଷୟ ଦେଖିଲେ,
ସେ ହତଚକିତ ହୋଇଗଲେ। 5ଏହାପରେ ସେ ଶଲୋମନଙ୍କୁ
କହିଲେ, "ମୁଁ ମୋ ଦେଶରେ ଆପଣଙ୍କ ମହାନ୍ କାର୍ଯ୍ୟାବଳୀ
ଓ ଆପଣଙ୍କ ଜ୍ଞାନ ସମ୍ବନ୍ଧରେ ଯାହା ଶୁଣିଥିଲି, ତାହା ସତ୍ୟ
ଅଟେ। 6ମୁଁ ଏହି ସ୍ଥାନକୁ ନ ଆସିବା ପର୍ଯ୍ୟନ୍ତ ଓ ନିଜ
ଚକ୍ଷୁରେ ନ ଦେଖିବା ପର୍ଯ୍ୟନ୍ତ ସେହି ଗଳ୍ପଗୁଡ଼ିକୁ ବିଶ୍ୱାସ କରୁ
ନ ଥିଲି। ଓଃ, ଆପଣଙ୍କ ମହାନ୍ ଜ୍ଞାନର ଅର୍ଦ୍ଧେକ ସୁଦ୍ଧା
ମୋତେ କୁହାଯାଇ ନଥିଲା। ମୁଁ ଯେଉଁ ସମସ୍ତ ଗଳ୍ପ
ଶୁଣିଥିଲି। ଆପଣ ସେ ସବୁଥିରୁ ଆହୁରି ଅଧିକ ମହାନ୍
ଅଟନ୍ତି। 7ତୁମ୍ଭର ଲୋକମାନେ ଓ ସେବକଗଣ ଅତ୍ୟନ୍ତ
ସୌଭାଗ୍ୟଶାଳୀ ଅଟନ୍ତି। ସେମାନେ ଆପଣଙ୍କର ସେବା କରିବା
ସମୟରେ ଆପଣଙ୍କ ଜ୍ଞାନର କଥା ଶୁଣି ପାରିବେ।
8ଆପଣଙ୍କର ସଦାପ୍ରଭୁ ପରମେଶ୍ୱର ପ୍ରଶଂସିତ ହୁଅନ୍ତୁ। ସେ
ଆପଣଙ୍କଠାରେ ପ୍ରସନ୍ନ ଅଟନ୍ତି ଓ ଆପଣଙ୍କ ସଦାପ୍ରଭୁ
ପରମେଶ୍ୱରଙ୍କ ସେବା କରିବା ନିମନ୍ତେ ସେ ଆପଣଙ୍କୁ ଏହି
ସିଂହାସନରେ ଉପବିଷ୍ଟ କରାଇଅଛନ୍ତି। ଆପଣଙ୍କ ପରମେଶ୍ୱର
ଇଶ୍ରାୟେଲକୁ ପ୍ରେମ କରନ୍ତି ଓ ଅନନ୍ତକାଳ ନିମନ୍ତେ ଇଶ୍ରାୟେଲର
ସପକ୍ଷ ଅଟନ୍ତି। ସେଥିନିମନ୍ତେ ସଦାପ୍ରଭୁ ଉତ୍ତମ ଓ ଯଥାର୍ଥ
କର୍ମ କରିବା ନିମନ୍ତେ ଆପଣଙ୍କୁ ଇଶ୍ରାୟେଲର ରାଜା
କରିଅଛନ୍ତି।"

9ଏହାପରେ ଶିବାର ରାଣୀ ରାଜା ଶଲୋମନଙ୍କୁ 120
ତାଳନ୍ତ ସୁନା, ପ୍ରଚୁର ପରିମାଣର ମସଲା ଓ ମୂଲ୍ୟବାନ
ପ୍ରସ୍ତରମାନ ପ୍ରଦାନ କଲେ। ଶିବାର ରାଣୀଙ୍କ ପରି କୌଣସି
ବ୍ୟକ୍ତି ଶଲୋମନଙ୍କୁ ଏ ପ୍ରକାର ବିଶୁଦ୍ଧ ମସଲା ଦେଇ ନ
ଥିଲା।

10ହୂରମ୍‌ଙ୍କ ଦାସ ଓ ଶଲୋମନଙ୍କ ଦାସମାନେ ଓଫୀରରୁ
ସୁନା ଆଣିଲେ। ଆହୁରି ମଧ୍ୟ, ସେମାନେ ଆଲ୍‌ଗମ୍ କାଠ ଓ
ବହୁମୂଲ୍ୟ ପଥରସବୁ ଆଣିଲେ। 11ରାଜା ଶଲୋମନ ସଦାପ୍ରଭୁଙ୍କ
ମନ୍ଦିରର ପାହାଚ ଓ ରାଜାଙ୍କ ଗୃହ ନିର୍ମାଣ କରିବା ନିମନ୍ତେ
ଆଲ୍‌ଗମ୍ କାଠକୁ ବ୍ୟବହାର କଲେ। ଶଲୋମନ ଗାୟକମାନଙ୍କ
ନିମନ୍ତେ ବୀଣା ଓ ସାରଙ୍ଗୀ ବାଦ୍ୟ ନିର୍ମାଣ କରିବା ନିମନ୍ତେ
ମଧ୍ୟ ଆଲ୍‌ଗମ୍ କାଠ ବ୍ୟବହାର କଲେ। ଯିହୁଦା ଦେଶର
କୌଣସି ବ୍ୟକ୍ତି ଆଲ୍‌ଗମ୍ କାଠରୁ ଏପ୍ରକାର ସୁନ୍ଦର ବସ୍ତୁ
ନିର୍ମିତ ହେବା ପୂର୍ବରୁ କେବେ ମଧ୍ୟ ଦେଖି ନଥିଲେ।

12ଶିବାର ରାଣୀ ରାଜା ଶଲୋମନଙ୍କୁ ଯାହାକିଛି ମାଗିଲେ,
ସେ ତାଙ୍କୁ ସେହି ସମସ୍ତ ପ୍ରଦାନ କଲେ। ଶିବାର ରାଣୀ
ତାଙ୍କୁ ଦେବା ନିମନ୍ତେ ଯେଉଁ ସବୁ ବସ୍ତୁ ଆଣିଥିଲେ,
ଶଲୋମନ ତାହାଠାରୁ ଅଧିକ ପରିମାଣର ବସ୍ତୁ ତାଙ୍କୁ ଦେଲେ।
ଏହାପରେ ଶିବାର ରାଣୀ ଓ ତାଙ୍କର ଦାସମାନେ ନିଜ
ଦେଶକୁ ଫେରିଗଲେ।

## ଶଲୋମନଙ୍କର ଅସୁମାରୀ ଧନସଂପଦ

13ଏକ ବର୍ଷ ମଧ୍ୟରେ ଶଲୋମନ ଯେତେ ପରିମାଣର
ସୁନା ପାଇଥିଲେ, ତାହାର ଓଜନ 666 ତାଳନ୍ତ ହେଲା।
14ଭ୍ରମଣକାରୀ ବଣିକ ଓ ବ୍ୟବସାୟୀମାନେ ଶଲୋମନଙ୍କ
ନିମନ୍ତେ ଆହୁରି ସୁନା ଆଣିଲେ। ଆରବର ସମସ୍ତ ରାଜାଗଣ
ଓ ଦେଶର ଶାସକଗଣ ଶଲୋମନଙ୍କ ନିକଟକୁ ସୁନା ଓ
ରୂପା ନେଇ ଆସିଲେ। 15ଶଲୋମନ ପିଟା ସୁନାରୁ 200
ବୃହତ୍ ଢାଲ ନିର୍ମାଣ କଲେ। ପ୍ରତ୍ୟେକଟି ଢାଲ ନିମନ୍ତେ
600 ଶେକଲ ପିଟା ସୁନା ବ୍ୟବହୃତ ହୋଇଥିଲା। 16ଆହୁରି
ମଧ୍ୟ ଶଲୋମନ ପିଟା ସୁନାରୁ 300 ଟି କ୍ଷୁଦ୍ର ଢାଲ ନିର୍ମାଣ
କଲେ। ପ୍ରତ୍ୟେକ ଢାଲ ନିମନ୍ତେ 300 ଶେକଲ ସୁନା
ବ୍ୟବହୃତ ହୋଇଥିଲା। ରାଜା ଶଲୋମନ "ଲିବାନୋନର
ଅରଣ୍ୟ" ନାମକ ଗୃହରେ ଏହି ସୁବର୍ଣ୍ଣ ଢାଲଗୁଡ଼ିକ ରଖିଲେ।

17ରାଜା ଶଲୋମନ ଏକ ବୃହତ୍ ସିଂହାସନ ନିର୍ମାଣ
କରିବା ନିମନ୍ତେ ହାତୀଦାନ୍ତର ବ୍ୟବହାର କଲେ। ସେ ସେହି
ସିଂହାସନକୁ ଖାଣ୍ଟି ସୁନା ଦ୍ୱାରା ଆବୃତ କଲେ। 18ସେହି
ଛଅଗୋଟି ପାହାଚ ସିଂହାସନ ନିକଟକୁ ରାସ୍ତା କଢାଇ ନେଲା।
ସୁନାରେ ନିର୍ମିତ ଏକ ପାଦପୀଠ ତାହାର ଥିଲା। ସିଂହାସନର
ଆସନର ଉଭୟ ପାର୍ଶ୍ୱରେ ବାହୁଭରାମାନ ଥିଲା। ପ୍ରତ୍ୟେକ
ବାହୁଭରାର ପାର୍ଶ୍ୱରେ ଗୋଟିଏ ଲେଖାଏଁ ସିଂହମୂର୍ତ୍ତି ଦଣ୍ଡାୟମାନ
ଥିଲା। 19ଛଅଗୋଟି ପାହାଚରେ ବାରଗୋଟି ସିଂହଙ୍କର ପ୍ରତିମୂର୍ତ୍ତି
ଥିଲା। ପ୍ରତ୍ୟେକ ପାହାଚର ଶେଷରେ ଗୋଟିଏ ସିଂହ ଥିଲା।
ଅନ୍ୟ କୌଣସି ରାଜ୍ୟରେ ଏ ପ୍ରକାର ସିଂହାସନ ନିର୍ମିତ
ହୋଇ ନଥିଲା। 20ରାଜା ଶଲୋମନଙ୍କର ସମସ୍ତ ପାନପାତ୍ର

ସୁନାରେ ନିର୍ମିତ ହୋଇଥିଲା। ଲିବାନୋନ୍ର ଅରଣ୍ୟସ୍ଥିତ
ଗୃହର ସମସ୍ତ ଗୃହୋପକରଣ ଖାଣ୍ଟି ସୁନାରେ ନିର୍ମିତ ହୋଇଥିଲା।
ଶଲୋମନଙ୍କ ସମୟରେ ରୂପା ଏକ ବହୁମୂଲ୍ୟ ଦ୍ରବ୍ୟରୂପେ
ଗଣ୍ୟ ହେଉ ନଥିଲା। 21ରାଜା ଶଲୋମନଙ୍କର ଜାହାଜମାନ
ଥିଲା, ଯେଉଁଗୁଡ଼ିକ କି ତର୍ଶୀଶ୍କୁ ଯାଉଥିଲା। ହୂରମ୍ଙ୍କ
ଲୋକମାନେ ଶଲୋମନଙ୍କ ଜାହାଜର ନାବିକ ଥିଲେ। ପ୍ରତି
ତିନିବର୍ଷରେ ଥରେ ସେହି ଜାହାଜଗୁଡ଼ିକ ଶଲୋମନଙ୍କ ନିକଟକୁ
ସୁନା, ରୂପା, ହାତୀଦାନ୍ତ, ମାଙ୍କଡ଼ ଓ ମୟୁରମାନ ବହି
ଆଣୁଥିଲେ।

22ରାଜା ଶଲୋମନ ପୃଥିବୀସ୍ଥ ଅନ୍ୟ ରାଜାମାନଙ୍କଠାରୁ
ଧନସଂପଦ ଓ ଜ୍ଞାନରେ ଅତ୍ୟନ୍ତ ମହାନ୍ ହୋଇ ଉଠିଲେ।
23ପୃଥିବୀର ସମସ୍ତ ରାଜାଗଣ ଶଲୋମନଙ୍କୁ ସାକ୍ଷାତ କରିବାକୁ
ଓ ତାଙ୍କର ଜ୍ଞାନପୂର୍ଣ୍ଣ ବିଚାର ଶୁଣିବା ପାଇଁ ଆସିବାକୁ
ଲାଗିଲେ। ପରମେଶ୍ୱର ଶଲୋମନଙ୍କୁ ସେହିପରି ଜ୍ଞାନ ପ୍ରଦାନ
କରିଥିଲେ। 24ପ୍ରତି ବର୍ଷ ସେହି ରାଜାମାନେ ଶଲୋମନଙ୍କ
ନିମନ୍ତେ ଉପହାରମାନ ନେଇ ଆସୁଥିଲେ। ସେମାନେ ସୁନା,
ରୂପା ଦ୍ରବ୍ୟ, ବସ୍ତ୍ର, ଯୁଦ୍ଧସାଜ, ମଶାଲ, ଅଶ୍ୱଗୁଡ଼ିକ ଓ
ଖଚରମାନ ଆଣିଲେ। 25ଅଶ୍ୱ ଓ ରଥମାନଙ୍କୁ ରଖିବା
ନିମନ୍ତେ ଶଲୋମନଙ୍କର 4,000 ଅଶ୍ୱଶାଳା ଥିଲା। ତାଙ୍କର
12,000 ରଥଚାଳକ ଥିଲେ। ଶଲୋମନ ସେମାନଙ୍କୁ ତାଙ୍କ
ସଙ୍ଗରେ ଯିରୁଶାଲମରେ ଓ ରଥ ନିମନ୍ତେ ନିର୍ମିତ ବିଶେଷ
ନଗରଗୁଡ଼ିକରେ ରଖିଲେ। 26ଫରାତ୍ ନଦୀଠାରୁ ଆରମ୍ଭ କରି
ପଲେଷ୍ଟୀୟ ଲୋକମାନଙ୍କର ଦେଶ ଓ ମିଶରର ସୀମା
ପର୍ଯ୍ୟନ୍ତ ସମସ୍ତ ଦେଶ ଉପରେ ଶଲୋମନ ରାଜା ଥିଲେ।
27ରୂପାର ପରିମାଣ ଏତେ ଥିଲା ଯେ, ତାହା ଯିରୁଶାଲମର
ଗୋଡ଼ି ପଥର ତୁଲ୍ୟ ଥିଲା। ଆଉ, ତାଙ୍କ ନିକଟରେ ଏତେ
ପରିମାଣର ଦେବଦାରୁ କାଠ ଥିଲା ଯେ, ତାହା ଡିମ୍ବିରିଗଛ
ତୁଲ୍ୟ ଥିଲା, ଯାହା ମାଳଭୂମିରେ ଯଥେଷ୍ଟ ପରିମାଣରେ
ବଢେ। 28ଲୋକମାନେ ମିଶର ଓ ଅନ୍ୟାନ୍ୟ ଦେଶମାନଙ୍କରୁ
ଶଲୋମନଙ୍କ ନିମନ୍ତେ ଅଶ୍ୱମାନ ଆଣିଲେ।

## ଶଲୋମନଙ୍କର ମୃତ୍ୟୁ

29ଶଲୋମନ କରିଥିବା ଅନ୍ୟାନ୍ୟ କାର୍ଯ୍ୟସକଳ ଭବିଷ୍ୟଦ୍‌ବକ୍ତା
ନାଥନଙ୍କ ଲେଖାସବୁ, ଶୀଲୋନୀୟ ଭବିଷ୍ୟଦ୍‌ବକ୍ତା, ଅହିୟଙ୍କର
ଭବିଷ୍ୟଦ୍‌ବାଣୀ ଓ ଭବିଷ୍ୟଦ୍‌ବକ୍ତା ଇଦ୍ଦୋଙ୍କର ଦର୍ଶନ ପୁସ୍ତକରେ
ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଲେଖା ଯାଇଅଛି। ଇଦ୍ଦୋ ଯିଏ
ନବାଟଙ୍କ ପୁତ୍ର ଯାରବୟାମ୍ଙ୍କ ବିଷୟରେ ଲେଖିଛନ୍ତି। 30ଶଲୋମନ
ସମଗ୍ର ଇଶ୍ରାୟେଲ ଉପରେ ଯିରୁଶାଲମରେ ଚାଳିଶ ବର୍ଷ
ପର୍ଯ୍ୟନ୍ତ ରାଜା ହୋଇ ରହିଲେ। 31ଏହାପରେ, ଶଲୋମନ
ତାଙ୍କର ପୂର୍ବପୁରୁଷମାନଙ୍କ ସହିତ ବିଶ୍ରାମ ନେଲେ। ଲୋକମାନେ
ତାହାଙ୍କୁ ତାଙ୍କର ପିତା ଦାଉଦଙ୍କ ନଗରରେ କବର ଦେଲେ।
ଶଲୋମନଙ୍କ ସ୍ଥାନରେ ଶଲୋମନଙ୍କ ପୁତ୍ର ରିହିବୟାମ୍ ନୂତନ
ରାଜା ହେଲେ।

## ରିହିବୟାମ୍ ମୂର୍ଖାମୀର କର୍ମ କରନ୍ତି

10 ରିହିବୟାମ୍ ଶିଖିମ୍ ସହରକୁ ଗଲେ, କାରଣ
ଇଶ୍ରାୟେଲର ସମସ୍ତ ଲୋକ ତାଙ୍କୁ ରାଜା କରିବା
ନିମନ୍ତେ ସେଠାକୁ ଯାଇଥିଲେ। 2ରିହିବୟାମ୍ ମିଶରରେ ଥିଲେ,
କାରଣ ସେ ରାଜା ଶଲୋମନଙ୍କଠାରୁ ପଳାୟନ କରିଥିଲେ।
ଯାରବୟାମ୍ ନବାଟଙ୍କ ପୁତ୍ର ଥିଲେ। ଯାରବୟାମ୍ ଶୁଣିଲେ
ଯେ, ରିହିବୟାମ୍ ନୂତନ ରାଜା ହେବାକୁ ଯାଉଅଛନ୍ତି। ତେଣୁ
ଯାରବୟାମ୍ ମିଶରରୁ ଫେରି ଆସିଲେ। 3ଇଶ୍ରାୟେଲର
ଲୋକମାନେ ଯାରବୟାମ୍ଙ୍କୁ ସେମାନଙ୍କ ସଙ୍ଗରେ ଆସିବାକୁ
ନିମନ୍ତ୍ରଣ ଜଣାଇଲେ। ଏହାପରେ ଯାରବୟାମ୍ ଓ ଇଶ୍ରାୟେଲର
ସମସ୍ତ ଲୋକ ରିହିବୟାମ୍ଙ୍କ ନିକଟକୁ ଗଲେ। ସେମାନେ
ତାଙ୍କୁ କହିଲେ, "ରିହିବୟାମ୍, 4ତୁମ୍ଭର ପିତା ଆମ୍ଭମାନଙ୍କ
ଜୀବନକୁ ଅସହ୍ୟ କରିଛନ୍ତି। ଆମ୍ଭମାନଙ୍କୁ ତାହା ଏକ ଅତ୍ୟନ୍ତ
ଭାରୀ ବୋଝ ବୋହିଲା ପରି ଲାଗୁଅଛି। ସେହି ବୋଝକୁ
ଆମ୍ଭମାନଙ୍କ ନିମନ୍ତେ ହାଲୁକା କରିଦିଅ, ତେବେ ଆମ୍ଭେମାନେ
ତୁମ୍ଭର ସେବା କରିବୁ।"

5ରିହିବୟାମ୍ ସେମାନଙ୍କୁ କହିଲେ, "ମୋ' ନିକଟକୁ
ତିନିଦିନ ପରେ ପୁନର୍ବାର ଆସ।" ତେଣୁ ଲୋକମାନେ
ଫେରିଗଲେ।

6ଏହାପରେ ରାଜା ରିହିବୟାମ୍ ବୃଦ୍ଧ ବ୍ୟକ୍ତିମାନଙ୍କ ସହିତ
କଥା ହେଲେ, ଯେଉଁମାନେ କି ଅତୀତରେ ତାଙ୍କର ପିତା
ଶଲୋମନଙ୍କର ସେବା କରୁଥିଲେ। ରିହିବୟାମ୍ ସେମାନଙ୍କୁ
କହିଲେ, "ଏହି ଲୋକମାନଙ୍କୁ କହିବା ନିମନ୍ତେ ଆପଣମାନେ
ମୋତେ କେଉଁ ପରାମର୍ଶ ଦେଉଛନ୍ତି?"

7ବୃଦ୍ଧ ବ୍ୟକ୍ତିମାନେ ରିହିବୟାମ୍ଙ୍କୁ କହିଲେ, "ଯଦି ତୁମ୍ଭେ
ଏହି ଲୋକମାନଙ୍କ ପ୍ରତି ଦୟାଳୁ ହେବ ଓ ସେମାନଙ୍କୁ ସନ୍ତୁଷ୍ଟ
କରିବ ଏବଂ ସେମାନଙ୍କୁ ମଧୁର କଥା କହିବ, ତେବେ
ସେମାନେ ଚିରକାଳ ତୁମ୍ଭର ସେବା କରିବେ।"

8କିନ୍ତୁ ରିହିବୟାମ୍ ବୃଦ୍ଧ ଲୋକମାନେ ଦେଇଥିବା
ଉପଦେଶକୁ ଗ୍ରହଣ କଲେ ନାହିଁ। ରିହିବୟାମ୍ ତାଙ୍କ ସଙ୍ଗେ
ଏକତ୍ର ବଢ଼ିଥିବା ଓ ତାଙ୍କର ସେବା କରୁଥିବା ଯୁବା
ଲୋକମାନଙ୍କ ସହିତ କଥା ହେଲେ। 9ରିହିବୟାମ୍ ସେମାନଙ୍କୁ
କହିଲେ, "ତୁମ୍ଭେମାନେ ମୋତେ କେଉଁ ପରାମର୍ଶ ଦେଉଅଛ,
ଆମ୍ଭେମାନେ ଏହି ଲୋକମାନଙ୍କୁ କି ପ୍ରକାରେ ଉତ୍ତର ଦେବା
ଉଚିତ୍? ମୋର ପିତା ସେମାନଙ୍କ ଉପରେ ଯେଉଁ ଭାର
ରଖିଛନ୍ତି, ତାହା ମୁଁ ହାଲୁକା କରେ ବୋଲି ସେମାନେ
ଚାହାଁନ୍ତି।"

10ଏହାପରେ ରିହିବୟାମ୍ଙ୍କ ସହିତ ବଢ଼ିଥିବା ଯୁବା
ଲୋକମାନେ ତାଙ୍କୁ କହିଲେ, "ତୁମ୍ଭ ସହିତ କଥା ହୋଇଥିବା
ଲୋକମାନଙ୍କୁ ତୁମ୍ଭେ ଏହି ପ୍ରକାରେ ଉତ୍ତର ଦେବା ଉଚିତ୍।
ଲୋକମାନେ ତୁମ୍ଭକୁ କହିଲେ, 'ତୁମ୍ଭର ପିତା ଆମ୍ଭମାନଙ୍କ
ଜୀବନକୁ ଅସହ୍ୟ କରିଅଛନ୍ତି। ଆମ୍ଭମାନଙ୍କୁ ତାହା ଏକ ଭାରୀ
ବୋଝ ବହିଲା ପରି ମନେ ହେଉଛି। କିନ୍ତୁ ତୁମ୍ଭେ ଆମ୍ଭମାନଙ୍କର
ସେହି ବୋଝକୁ ହାଲୁକା କର ବୋଲି ଆମ୍ଭେମାନେ ଚାହୁଁ।'
କିନ୍ତୁ ସେମାନେ ରିହିବୟାମ୍ଙ୍କୁ କହିଲେ, ତୁମ୍ଭେ ସେହି
ଲୋକମାନଙ୍କୁ ଏହିପରି କହିବା ଉଚିତ୍; ସେମାନଙ୍କୁ କୁହ,
'ମୋର କନିଷ୍ଠ ଅଙ୍ଗୁଳି ମୋର ପିତାଙ୍କର ଅଣ୍ଟାଠାରୁ ମଧ
ମୋଟା! 11ମୋର ପିତା ତୁମ୍ଭମାନଙ୍କ ଉପରେ ଏକ ଭାରୀ
ବୋଝ ଲଦି ଦେଇଛନ୍ତି, ମୁଁ ସେହି ବୋଝକୁ ଆହୁରି ଭାରୀ
କରିବ। ମୋର ପିତା ତୁମ୍ଭକୁ ଚାବୁକ ଦ୍ୱାରା ଦଣ୍ଡ ଦେଉଥିଲେ।

ମୁଁ ତୁମ୍ଭମାନଙ୍କୁ ଏ ପ୍ରକାର ଚାବୁକ ଦ୍ୱାରା ଶାସନ କରିବି,
ଯେଉଁଥିରେ ମୁନିଆ କଣ୍ଟାମାନ ବାହାରିଥିବ।'"
12ତିନିଦିନ ପରେ, ଯାରବୀୟାମ୍ ଓ ଅନ୍ୟ ଲୋକମାନେ
ରିହବିୟାମ୍‌ଙ୍କ ନିକଟକୁ ଆସିଲେ। ରାଜା ରିହବିୟାମ୍ ସେମାନଙ୍କୁ
"ମୋ' ନିକଟକୁ ତିନିଦିନ ପରେ ଆସ" ବୋଲି କହିଥିଲେ।
13ଏହା ପରେ ରାଜା ସେମାନଙ୍କୁ ଅତି କର୍କଶ ଭାବେ କଥା
କହିଲେ। ରାଜା ରିହବିୟାମ୍ ବୃଦ୍ଧ ବ୍ୟକ୍ତିମାନଙ୍କର ଉପଦେଶକୁ
ଗ୍ରହଣ କରି ନଥିଲେ। 14ଯୁବା ଲୋକମାନେ ତାଙ୍କୁ ଯେ
ପ୍ରକାର ପରାମର୍ଶ ଦେଇଥିଲେ, ରାଜା ରିହବିୟାମ୍ ଲୋକମାନଙ୍କୁ
ସେହି ପ୍ରକାର କଥା କହିଲେ। ସେ କହିଲେ, "ମୋର ପିତା
ତୁମ୍ଭମାନଙ୍କର ବୋଝକୁ ଭାରୀ କରିଥିଲେ, କିନ୍ତୁ ମୁଁ ତାହାକୁ
ଆହୁରି ଭାରୀ କରିବି। ମୋର ପିତା ତୁମ୍ଭମାନଙ୍କୁ ଚାବୁକ୍ ଦ୍ୱାରା
ଦଣ୍ଡିତ କରୁଥିଲେ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ଏପରି ଚାବୁକ୍ ଦ୍ୱାରା
ଦଣ୍ଡ ଦେବି, ଯାହାର ଅଗରେ ମୁନିଆଁ କଣ୍ଟାମାନ ବାହାରିଥିବ।"
15ତେଣୁ ରାଜା ରିହବିୟାମ୍ ବୃଦ୍ଧ ଲୋକମାନଙ୍କର କଥା
ଶୁଣିଲେ ନାହିଁ। ପରମେଶ୍ୱର ଏହି ପ୍ରକାରେ ଏହିସବୁ ଘଟାଇଲେ।
ସଦାପ୍ରଭୁ ଅହିୟଙ୍କ ମାଧ୍ୟମରେ ଯାରବୀୟାମ୍‌ଙ୍କୁ ଯେଉଁ କଥା
କହିଥିଲେ, ତାହା ଯେପରି ସଫଳ ହୁଏ, ଏହା ସେପରି
ଘଟିଲା। ଅହିୟ ଶିଲୋନୀୟ ଲୋକ ଥିଲେ, ଏବଂ ଯାରବୀୟାମ୍
ନବାଟଙ୍କ ପୁତ୍ର ଥିଲେ।
16ଇସ୍ରାଏଲର ଲୋକମାନେ ଦେଖିଲେ ଯେ ରାଜା
ରିହବିୟାମ୍ ସେମାନଙ୍କର କଥା ଶୁଣିଲେ ନାହିଁ। ତେଣୁ
ସେମାନେ ରାଜାଙ୍କୁ କହିଲେ, "ଆମ୍ଭେମାନେ କ'ଣ ଦାଉଦଙ୍କ
ବଂଶର ଅଂଶ ବିଶେଷ ଅଟୁ? ନା! ଆମ୍ଭେମାନେ କ'ଣ ଯିଶୀଙ୍କ
ପୁତ୍ର ଠାରୁ କିଛି ପାଇଅଛୁ? ନା! ତେଣୁ ଇସ୍ରାଏଲ, ଆସ
ଆମ୍ଭେମାନେ ନିଜ ନିଜ ଗୃହକୁ ଫେରିଯିବା। ଦାଉଦ ତାଙ୍କର
ଆତ୍ମୀୟମାନଙ୍କ ଉପରେ ରାଜତ୍ୱ କରନ୍ତୁ।" ଏହାପରେ ଇସ୍ରାଏଲର
ସମସ୍ତ ଲୋକ ସେମାନଙ୍କର ଗୃହସବୁକୁ ଫେରିଗଲେ। 17କିନ୍ତୁ
ଇସ୍ରାଏଲରେ କେତେକ ଲୋକ ଥିଲେ, ଯେଉଁମାନେ କି
ଯିହୁଦାର ସହରଗୁଡ଼ିକରେ ବାସ କରୁଥିଲେ। ଆଉ, ରିହବିୟାମ୍
ସେହି ଲୋକମାନଙ୍କ ଉପରେ ରାଜତ୍ୱ କଲେ।
18ଯେଉଁ ଲୋକମାନଙ୍କୁ କାର୍ଯ୍ୟ କରିବାକୁ ବାଧ କରାଗଲା,
ହଦୋରାମ ସେମାନଙ୍କ ଦାୟିତ୍ୱରେ ଥିଲେ। ରିହବିୟାମ୍ ତାହାଙ୍କୁ
ଇସ୍ରାଏଲର ଲୋକମାନଙ୍କ ନିକଟକୁ ପଠାଇଲେ। କିନ୍ତୁ
ଇସ୍ରାଏଲର ଲୋକମାନେ ତାଙ୍କ ଉପରେ ପଥର ଫୋପାଡ଼ିଲେ
ଓ ତାଙ୍କୁ ହତ୍ୟା କଲେ। ଏହାପରେ ରିହବିୟାମ୍ ଦୌଡ଼ି ଯାଇ
ତାଙ୍କ ରଥ ଉପରକୁ ଡେଇଁ ଚଢ଼ିଗଲେ ଓ ଖସି ପଳାଇଲେ।
ସେ ଯିରୁଶାଲମକୁ ପଳାଇଗଲେ। 19ସେହି ସମୟଠାରୁ ଆଜି
ପର୍ଯ୍ୟନ୍ତ ଇସ୍ରାଏଲର ଲୋକମାନେ ଦାଉଦଙ୍କ ବଂଶର ବିରୋଧୀ
ହୋଇଅଛନ୍ତି।

11 ରିହବିୟାମ୍ ଯେତେବେଳେ ଯିରୁଶାଲମକୁ ଆସିଲେ,
ସେ ସର୍ବୋତ୍ତମ ସୈନିକମାନଙ୍କ ମଧ୍ୟରୁ 180,000
ଜଣଙ୍କୁ ଏକତ୍ର କଲେ। ସେ ଯିହୁଦା ଓ ବିନ୍ୟାମୀନ ଗୋଷ୍ଠୀରୁ
ଏହି ସୈନିକମାନଙ୍କୁ ସଂଗ୍ରହ କଲେ। ରିହବିୟାମ୍ ଯେପରି
ତାଙ୍କର ରାଜ୍ୟ ଫେରି ପାଇବେ, ଏଥିନିମନ୍ତେ ଇସ୍ରାଏଲ
ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ସେ ସେହି ସୈନ୍ୟମାନଙ୍କୁ
ଏକତ୍ର କଲେ। 2କିନ୍ତୁ ସଦାପ୍ରଭୁଙ୍କଠାରୁ ଶମୟିୟଙ୍କ ନିକଟକୁ
ବାର୍ତ୍ତା ଆସିଲା। ଶମୟିୟ ପରମେଶ୍ୱରଙ୍କର ଜଣେ ବ୍ୟକ୍ତି
ଥିଲେ। ସଦାପ୍ରଭୁ କହିଲେ, 3"ଶମୟିୟ! ଶଲୋମନଙ୍କ ପୁତ୍ର
ଯିହୁଦାର ରାଜା ରିହବିୟାମ୍ ଏବଂ ଯିହୁଦା ଓ ବିନ୍ୟାମୀନ
ନଗରରେ ବାସ କରୁଥିବା ଇସ୍ରାଏଲର ସମସ୍ତ ଲୋକଙ୍କୁ
କୁହ। ସେମାନଙ୍କୁ କୁହ: 4ସଦାପ୍ରଭୁ ଏହା କହନ୍ତି, 'ତୁମ୍ଭେମାନେ
ତୁମ୍ଭମାନଙ୍କର ଭ୍ରାତାମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବ ନାହିଁ।
ପ୍ରତ୍ୟେକ ଲୋକ ନିଜ ଗୃହକୁ ଫେରିଯାଉ। ଆମ୍ଭେ ଏହା
ଘଟାଇ ଅଛୁ।'" ଅତଏବ ରାଜା ରିହବିୟାମ୍ ଓ ତାଙ୍କର
ସୈନ୍ୟଦଳ ସଦାପ୍ରଭୁଙ୍କ ବାର୍ତ୍ତାର ବାଧ୍ୟ ହେଲେ ଓ ଫେରିଗଲେ।
ସେମାନେ ଯାରବୀୟାମ୍‌ଙ୍କ ଉପରେ ଆକ୍ରମଣ କଲେ ନାହିଁ।

## ରିହବିୟାମ୍ ଯିହୁଦାକୁ ସୁଦୃଢ଼ କଲେ

5ରିହବିୟାମ୍ ଯିରୁଶାଲମରେ ବାସ କଲେ। ସେ ଆକ୍ରମଣର
ପ୍ରତିରୋଧ କରିବା ନିମନ୍ତେ ଯିହୁଦାରେ ଦୃଢ଼ ନଗରମାନ
ନିର୍ମାଣ କଲେ। 6ସେ ବୈଥ୍‌ଲେହେମ, ଐଟମ୍, ତକୋୟର
ସମସ୍ତ ନଗରକୁ ସୁଦୃଢ଼ କଲେ। 7ବୈଥ୍‌ସୁର, ସୋଖୋ,
ଅଦୁଲ୍ଲମ୍, 8ଗାଥ୍, ମାରେଶା, ସୀଫ୍, 9ଅଦୋରୟିମ୍, ଲାଖୀଶ୍,
ଅସେକା, 10ସରା, ଅୟାଲୋନ୍ ଓ ହିବ୍ରୋଣ୍‌ର ନଗର ସବୁର
ମରାମତି କଲେ। ଯିହୁଦା ଓ ବିନ୍ୟାମୀନର ଏହି ନଗରଗୁଡ଼ିକ
ଦୃଢ଼ କରାଗଲା। 11ଯେତେବେଳେ ରିହବିୟାମ୍ ସେହି ନଗରଗୁଡ଼ିକୁ
ଦୃଢ଼ କଲେ, ସେ ସେଠାରେ ସେନାଧକ୍ଷମାନଙ୍କୁ ସ୍ଥାପନ
କଲେ। ସେ ସେହି ନଗରଗୁଡ଼ିକୁ ଖାଦ୍ୟ, ତୈଳ ଓ ଦ୍ରାକ୍ଷାରସ
ମଧ୍ୟ ଯୋଗାଣ କଲେ। 12ଆହୁରି ମଧ୍ୟ, ରିହବିୟାମ୍ ପ୍ରତ୍ୟେକ
ନଗରରେ ଢାଲ ଓ ବର୍ଚ୍ଛାମାନ ଗଚ୍ଛିତ ରଖିଲେ ଓ
ନଗରଗୁଡ଼ିକୁ ଅତ୍ୟନ୍ତ ଦୃଢ଼ କଲେ। ରିହବିୟାମ୍ ଯିହୁଦା ଓ
ବିନ୍ୟାମୀନର ନଗର ଓ ତାହାର ଲୋକମାନଙ୍କୁ ନିଜ ଅଧୀନରେ
ରଖିଲେ।
13ଇସ୍ରାଏଲର ସମସ୍ତ ଯାଜକ ଓ ଲେବୀୟଗଣ ରିହବିୟାମ୍
ସହ ଏକମତ ହେଲେ ଓ ତାଙ୍କ ସହିତ ଯୋଗ ଦେଲେ।
14ଲେବୀୟମାନେ ସେମାନଙ୍କର ତୃଣଭୂମି ଓ ନିଜର ସମ୍ପତ୍ତି
ସବୁକୁ ପରିତ୍ୟାଗ କଲେ ଏବଂ ଯିହୁଦା ଓ ଯିରୁଶାଲମକୁ ଚାଲି
ଆସିଲେ। ରିହବିୟାମ୍ ଓ ତାଙ୍କର ପୁତ୍ରମାନେ ଲେବୀୟମାନଙ୍କୁ
ସଦାପ୍ରଭୁଙ୍କ ଯାଜକରୂପେ ସେବାକାର୍ଯ୍ୟ କରିବାକୁ ବାରଣ
କରିବାରୁ ସେମାନେ ଏହିପରି କଲେ। 15ଯାରବୀୟାମ୍
ଉଚ୍ଚସ୍ଥାନମାନଙ୍କରେ ସେବାକାର୍ଯ୍ୟ କରିବା ନିମନ୍ତେ ସ୍ୱୟଂ
ଯାଜକମାନଙ୍କୁ ମନୋନୀତ କଲେ, ଯେଉଁ ସ୍ଥାନମାନଙ୍କରେ କି
ସେ ନିର୍ମାଣ କରିଥିବା ଛେଳି ଓ ବାଛୁରୀର ପ୍ରତିମା ସ୍ଥାପନ
କରିଥିଲେ। 16ଏହାପରେ ଇସ୍ରାଏଲ ସେହି ସମସ୍ତ ଘରର
ଲୋକମାନେ ଯେଉଁମାନେ ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱରଙ୍କ
ପ୍ରତି ବିଶ୍ୱସ୍ତ ଥିଲେ, ସେମାନଙ୍କର ପିତାଙ୍କର ସଦାପ୍ରଭୁ
ପରମେଶ୍ୱରଙ୍କୁ ନୈବେଦ୍ୟ ଉତ୍ସର୍ଗ କରିବା ପାଇଁ ଯିରୁଶାଲମକୁ
ଆସିଲେ। 17ସେହି ଲୋକମାନେ ଯିହୁଦା ରାଜ୍ୟକୁ ସୁଦୃଢ଼
କଲେ। ଆଉ ସେମାନେ ତିନି ବର୍ଷ ପର୍ଯ୍ୟନ୍ତ ଶଲୋମନଙ୍କ
ପୁତ୍ର ରିହବିୟାମ୍‌ଙ୍କର ସପକ୍ଷରେ ରହିଲେ। ସେମାନେ ଏପ୍ରକାର
କଲେ, କାରଣ ଦାଉଦ ଓ ଶଲୋମନ ଯେଉଁ ମାର୍ଗରେ
ଜୀବନ କାଟୁଥିଲେ, ସେହି ସମୟରେ ସେମାନେ ସେହି
ମାର୍ଗରେ ଜୀବନ କାଟିଲେ।

### ରିହବୟାମ୍‌ଙ୍କ ପରିବାର

**18**ରିହବୟାମ୍ ମହଲତ୍‌ଙ୍କୁ ବିବାହ କଲେ। ତାଙ୍କର ପିତା
ଥିଲେ ଯିରେମୋତ୍‌ର। ତାଙ୍କର ମାତା ଥିଲେ ଅବୀହୟିଲ।
ଯିରେମୋତ୍‌ର ଦାଉଦଙ୍କ ପୁତ୍ର ଥିଲେ। ଅବୀହୟିଲ ଇଲୀୟାବ୍‌ଙ୍କ
କନ୍ୟା ଥିଲେ। ଇଲୀୟାବ୍ ଯିଶୀଙ୍କ ପୁତ୍ର ଥିଲେ। **19**ମହଲତ୍
ରିହବୟାମ୍‌ଙ୍କୁ ଏହି ପୁତ୍ରମାନଙ୍କୁ ଦେଲେ: ଯିୟୁଶ୍, ଶମରିୟ ଓ
ସହମ। **20**ଏହାପରେ ରିହବୟାମ୍ ମାଖାଙ୍କୁ ବିବାହ କଲେ।
ମାଖା ଅବଶାଲୋମ୍‌ଙ୍କ ଝିଅ ଥିଲେ। ଆଉ ମାଖା ରିହବୟାମ୍‌ଙ୍କୁ
ଏହି ସନ୍ତାନମାନଙ୍କୁ ଦେଲେ: ଅବିୟ, ଅତ୍ତୟ, ସୀଷ ଓ
ଶଲୋମୀତ୍। **21**ରିହବୟାମ୍ ତାଙ୍କର ଅଠର ଜଣ ସ୍ତ୍ରୀ ଓ
ଷାଠିଏ ଜଣ ଉପପତ୍ନୀମାନଙ୍କ ମଧ୍ୟରେ ମାଖାଙ୍କୁ ସବୁଠାରୁ
ଅଧିକ ପ୍ରେମ କରୁଥିଲେ। ରିହବୟାମ୍ ଅଠେଇଶ ଜଣ ପୁତ୍ର
ଓ ଷାଠିଏ ଜଣ କନ୍ୟାଙ୍କର ପିତା ଥିଲେ।

**22**ରିହବୟାମ୍ ମାଖାର ପୁତ୍ର ଅବିୟଙ୍କୁ ତାଙ୍କ ନିଜ
ଭ୍ରାତାମାନଙ୍କ ମଧ୍ୟରେ ନେତା ହେବା ନିମନ୍ତେ ମନୋନୀତ
କଲେ। ରିହବୟାମ୍ ଅବିୟଙ୍କୁ ରାଜା କରିବା ନିମନ୍ତେ ଯୋଜନା
କରିଥିବାରୁ ଏହିପରି କଲେ। **23**ରିହବୟାମ୍ ଜ୍ଞାନର ସହିତ
କର୍ମ କଲେ ଓ ଯିହୁଦାର ସମସ୍ତ ଅଞ୍ଚଳ ତଥା ପ୍ରତ୍ୟେକ
ସୁଦୃଢ଼ ନଗରସାରା ତାଙ୍କର ପୁତ୍ରମାନଙ୍କୁ ବ୍ୟାପ୍ତ କରି ରଖିଲେ।
ଆଉ ରିହବୟାମ୍ ତାଙ୍କର ପୁତ୍ରମାନଙ୍କୁ ଯଥେଷ୍ଟ ଖାଦ୍ୟ
ଦେଲେ। ଆହୁରି ମଧ୍ୟ, ସେ ତାଙ୍କର ପୁତ୍ରମାନଙ୍କ ନିମନ୍ତେ
ସ୍ତ୍ରୀମାନଙ୍କୁ ଖୋଜିଲେ।

### ମିଶରର ରାଜା ଶୀଶକ୍ ଯିରୁଶାଲମ ଆକ୍ରମଣ କରନ୍ତି

**12** ରିହବୟାମ୍ ଜଣେ ଅତ୍ୟନ୍ତ ପରାକ୍ରମୀ ରାଜା ହୋଇ
ଉଠିଲେ, ଆହୁରି ମଧ୍ୟ ସେ ନିଜ ରାଜ୍ୟକୁ ଦୃଢ଼
କଲେ। ଏହାପରେ ରିହବୟାମ୍ ଓ ସମସ୍ତ ଇଶ୍ରାୟେଲୀୟ
ସଦାପ୍ରଭୁଙ୍କ ନିୟମ ମାନିବାକୁ ମନା କଲେ। **2**ରାଜା ରିହବୟାମ୍‌ଙ୍କ
ପଞ୍ଚମ ବର୍ଷରେ ଶୀଶକ୍ ଯିରୁଶାଲମ ନଗରକୁ ଆକ୍ରମଣ କଲା।
ଏହା ଘଟିଲା, କାରଣ ସେମାନେ ସଦାପ୍ରଭୁଙ୍କ ପ୍ରତି ବିଶ୍ୱସ୍ତ
ନଥିଲେ। **3**ଶୀଶକ୍‌ର 12,000 ରଥ, 60,000 ଅଶ୍ୱାରୋହୀ
ଓ ଏତେ ସଂଖ୍ୟକ ସୈନ୍ୟଦଳ ଥିଲେ ଯେ, ଯାହାକୁ କୌଣସି
ବ୍ୟକ୍ତି ଗଣନା କରି ପାରିବ ନାହିଁ। ଶୀଶକ୍‌ର ବିଶାଳ
ସୈନ୍ୟବାହିନୀରେ ଲୂବୀୟର ସୈନ୍ୟ ସୁକ୍କୀୟ ସୈନ୍ୟ ଓ
କୂଶୀୟ ସୈନ୍ୟମାନେ ଥିଲେ। **4**ଶୀଶକ୍ ଯିହୁଦାର ଦୃଢ଼
ନଗରଗୁଡ଼ିକୁ ପରାସ୍ତ କଲା। ଏହାପରେ ଶୀଶକ୍ ଯିରୁଶାଲମକୁ
ଆସିଲା। **5**ଏହାପରେ ଭବିଷ୍ୟଦ୍‌ବକ୍ତା ଶମୟିୟ, ରିହବୟାମ୍
ନିକଟକୁ ଓ ଯିହୁଦାର ନେତାମାନଙ୍କ ନିକଟକୁ ଆସିଲେ।
ଯିହୁଦାର ସେହି ନେତାମାନେ ଯିରୁଶାଲମରେ ରୁଣ୍ଡ ହୋଇଥିଲେ।
କାରଣ ସେମାନେ ଶୀଶକଙ୍କୁ ଅତ୍ୟନ୍ତ ଭୟ କରୁଥିଲେ।
ଶମୟିୟ ସେମାନଙ୍କୁ କହିଲେ, "ସଦାପ୍ରଭୁ କହନ୍ତି: 'ତୁମ୍ଭେମାନେ
ଆମ୍ଭଙ୍କୁ ପରିତ୍ୟାଗ କରିଛ। ତେଣୁ ବର୍ତ୍ତମାନ ଆମ୍ଭର ସାହାଯ୍ୟ
ବିନା ଶୀଶକ୍‌ର ସମ୍ମୁଖୀନ ହେବା ନିମନ୍ତେ ଆମ୍ଭେ ତୁମ୍ଭମାନଙ୍କୁ
ପରିତ୍ୟାଗ କରୁଅଛୁ।'"

**6**ଏହାପରେ ଇଶ୍ରାୟେଲର ନେତାଗଣ ଓ ରାଜା ରିହବୟାମ୍
ଅନୁତାପ କଲେ ଓ ନିଜ ନିଜକୁ ନମ୍ର କଲେ। ସେମାନେ
କହିଲେ, "ସଦାପ୍ରଭୁ ଠିକ୍ କହି ଅଛନ୍ତି।"

**7**ସଦାପ୍ରଭୁ ଦେଖିଲେ ଯେ, ସେମାନେ ନିଜକୁ ନମ୍ର
କରିଛନ୍ତି। ଏହାପରେ ସଦାପ୍ରଭୁଙ୍କର ବାର୍ତ୍ତା ଶମୟିୟଙ୍କ ନିକଟକୁ
ଆସିଲା। ସଦାପ୍ରଭୁ ଶମୟିୟଙ୍କୁ କହିଲେ, "ସେମାନେ ନିଜକୁ
ନମ୍ର କରିଅଛନ୍ତି। ତେଣୁ ଆମ୍ଭେ ସେମାନଙ୍କୁ ବିନଷ୍ଟ କରିବା
ନାହିଁ, କିନ୍ତୁ ଆମ୍ଭେ ସେମାନଙ୍କୁ ଅଳ୍ପ ଉପଶମ ଦେବା। କିନ୍ତୁ
ଯିରୁଶାଲମ ଉପରେ ଆମ୍ଭର କ୍ରୋଧ ଢାଳିବା ନିମନ୍ତେ ଆମ୍ଭେ
ଶୀଶକ୍‌କୁ ବ୍ୟବହାର କରିବା ନାହିଁ। **8**କିନ୍ତୁ ଯିରୁଶାଲମର
ଲୋକମାନେ ଶୀଶକ୍‌ର ଦାସ ହେବେ। ସେମାନେ ଯେପରି
ଶିକ୍ଷା କରିବେ, ଆମ୍ଭର ସେବା କରିବା ଅନ୍ୟ ଦେଶୀୟ
ରାଜାମାନଙ୍କର ସେବା କରିବାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ,
ଏଥିନିମନ୍ତେ ଏହା ଘଟିବ।"

**9**ଶୀଶକ୍ ଯିରୁଶାଲମ ଉପରେ ଆକ୍ରମଣ କଲେ ଓ
ସଦାପ୍ରଭୁଙ୍କ ମନ୍ଦିରରେ ଥିବା ଧନସଂପତ୍ତି ସବୁ ଲୁଟି ନେଇଗଲେ।
ଶୀଶକ୍ ମିଶରର ରାଜା ଥିଲେ। ଆଉ ସେ ରାଜାଙ୍କ ଗୃହରେ
ଥିବା ଧନସଂପତ୍ତି ସବୁ ଲୁଟି ନେଇଗଲେ। ଆହୁରି ମଧ୍ୟ ସେ
ଶଲୋମନ ନିର୍ମାଣ କରିଥିବା ସ୍ୱର୍ଣ୍ଣ ଢାଲ ନେଇଗଲେ।
**10**ରାଜା ରିହବୟାମ୍ ସେହି ସ୍ୱର୍ଣ୍ଣ ଢାଲ ରଖିବା ସ୍ଥାନରେ
ପିତ୍ତଳର ଢାଲମାନ ନିର୍ମାଣ କଲେ। ରାଜାଙ୍କ ଗୃହର ପ୍ରବେଶଦ୍ୱାରକୁ
ଜଗିବା ନିମନ୍ତେ ନିଯୁକ୍ତ ହୋଇଥିବା ସେନାଧ୍ୟକ୍ଷମାନଙ୍କୁ ରିହବୟାମ୍
ସେହି ପିତ୍ତଳ ଢାଲମାନ ଦେଲେ। **11**ରାଜା ଯେତେଥର
ସଦାପ୍ରଭୁଙ୍କ ମନ୍ଦିର ଭିତରେ ପ୍ରବେଶ କଲେ, ସେତେଥର
ରକ୍ଷୀମାନେ ସେହି ପିତ୍ତଳ ଢାଲଗୁଡ଼ିକୁ ଆଣିଲେ। ପୁଣି
ସେମାନେ ପୁନର୍ବାର ସେହି ପିତ୍ତଳ ଢାଲଗୁଡ଼ିକୁ ରକ୍ଷୀଗୃହକୁ
ଫେରାଇ ଆଣିଲେ।

**12**ରିହବୟାମ୍ ଯେତେବେଳେ ନିଜକୁ ନମ୍ର କଲେ, ସଦାପ୍ରଭୁ
ରିହବୟାମ୍‌ଙ୍କଠାରୁ ଆପଣା କ୍ରୋଧ ଫେରାଇ ନେଇଗଲେ।
ତେଣୁ ସଦାପ୍ରଭୁ ରିହବୟାମ୍‌ଙ୍କୁ ସଂପୂର୍ଣ୍ଣ ରୂପେ ବିନଷ୍ଟ କଲେ
ନାହିଁ। ଯିହୁଦାର କିଛି ମଙ୍ଗଳ ହେଲା।

**13**ରାଜା ରିହବୟାମ୍ ଯିରୁଶାଲମରେ ନିଜକୁ ଶକ୍ତିଶାଳୀ
କଲେ। ସେ ଯେତେବେଳେ ରାଜା ହେଲେ, ସେତେବେଳେ
ତାଙ୍କୁ ଏକଚାଳିଶ ବର୍ଷ ବୟସ ହୋଇଥିଲା। ରିହବୟାମ୍ ସତର
ବର୍ଷ ପର୍ଯ୍ୟନ୍ତ ଯିରୁଶାଲମରେ ରାଜା ହୋଇ ରହିଲେ। ଇଶ୍ରାୟେଲର
ସମସ୍ତ ବଂଶ ମଧ୍ୟରୁ ସଦାପ୍ରଭୁ ଯିରୁଶାଲମ ନଗରକୁ ହିଁ
ମନୋନୀତ କରିଥିଲେ। ସଦାପ୍ରଭୁ ଯିରୁଶାଲମରେ ତାଙ୍କର
ନାମ ସ୍ଥାପନ କରିବାକୁ ମନୋନୀତ କଲେ। ରିହବୟାମ୍‌ଙ୍କର
ମାତା ଥିଲେ ନୟମା। ନୟମା ଅମ୍ମୋନ ଦେଶରୁ ଆସିଥିଲେ।
**14**ରିହବୟାମ୍ ମନ୍ଦକର୍ମ କଲେ, କାରଣ ସେ ତାଙ୍କ ହୃଦୟରେ
ସଦାପ୍ରଭୁଙ୍କର ବାଧ୍ୟ ହେବା ନିମନ୍ତେ ସିଦ୍ଧାନ୍ତ ନେଇ ନ
ଥିଲେ।

**15**ରିହବୟାମ୍ ଯେତେବେଳେ ରାଜା ଥିଲେ, ତାଙ୍କର
ରାଜତ୍ୱର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯେଉଁ କର୍ମସବୁ କରିଥିଲେ,
ସେହିସବୁ ଭବିଷ୍ୟଦ୍‌ବକ୍ତା ଶମୟିୟଙ୍କ ଲିଖିତ ସକଳ ବିଷୟ
ଓ ଦାର୍ଶନିକ ଇଦ୍ଦୋଙ୍କ ଲିଖିତ ସକଳ ବିଷୟରେ ଲିପିବଦ୍ଧ
କରାଯାଇଅଛି। ସେହି ବ୍ୟକ୍ତିମାନେ ପାରିବାରିକ ଇତିହାସ ସବୁ
ଲେଖିଥିଲେ। ରିହବୟାମ୍ ଓ ଯାରବୟାମ୍ ଏହି ଦୁଇ ରାଜାଙ୍କ
ମଧ୍ୟରେ, ସେମାନଙ୍କ ରାଜତ୍ୱ କାଳରେ ସବୁ ସମୟରେ ଯୁଦ୍ଧ
ଲାଗି ରହିଥିଲା। **16**ରିହବୟାମ୍ ତାଙ୍କର ପୂର୍ବପୁରୁଷମାନଙ୍କ

ସହିତ ବିଶ୍ରାମ ନେଲେ। ରହବୟାମ୍‌ଙ୍କୁ ଦାଉଦଙ୍କ ନଗରରେ
କବର ଦିଆଗଲା। ଏହାପରେ ରହବୟାମ୍‌ଙ୍କ ପୁତ୍ର ଅବିୟ
ନୂତନ ରାଜା ହେଲେ।

## ଯିହୁଦାର ରାଜା ଅବିୟ

13 ରାଜା ଯାରବୟାମ୍‌ଙ୍କ ରାଜତ୍ୱର ଅଠର ବର୍ଷରେ
ଅବିୟ ଯିହୁଦାର ନୂତନ ରାଜା ହେଲେ। 2ଅବିୟ
ଯିରୁଶାଲମରେ ତିନିବର୍ଷ ରାଜା ରୂପେ ରହିଲେ। ଅବିୟଙ୍କର
ମାତା ଥିଲେ ମୀଖାୟା, ସେ ଉରୀୟେଲଙ୍କର କନ୍ୟା ଥିଲେ।
ଉରୀୟେଲ ଗିବୀୟା ସହରରୁ ଆସିଥିଲେ। ଅବିୟ ଓ ଯାରବୟାମ୍‌ଙ୍କ
ମଧ୍ୟରେ ଯୁଦ୍ଧ ଲାଗି ରହିଥିଲା। 3ଅବିୟଙ୍କ ସୈନ୍ୟଦଳରେ
400,000 ଜଣ ସାହସୀ ସୈନିକ ଥିଲେ। ଅବିୟ ସେହି
ସୈନ୍ୟଦଳକୁ ଯୁଦ୍ଧକ୍ଷେତ୍ରକୁ କଢ଼ାଇ ନେଲେ। ଯାରବୟାମ୍‌ଙ୍କ
ସୈନ୍ୟଦଳରେ 800,000 ଜଣ ସାହସୀ ସୈନିକ ଥିଲେ।
ଅବିୟଙ୍କ ସହିତ ଏକ ଯୁଦ୍ଧ ନିମନ୍ତେ ଯାରବୟାମ୍ ପ୍ରସ୍ତୁତ
ହେଲେ।

4ଏହାପରେ ଇଫ୍ରୟିମର ପାର୍ବତ୍ୟମୟ ଦେଶସ୍ଥ ସମାରୟିମ୍
ପର୍ବତ ଉପରେ ଅବିୟ ଠିଆ ହେଲେ। ଅବିୟ କହିଲେ,
"ଯାରବୟାମ୍ ଓ ସମଗ୍ର ଇସ୍ରାୟେଲ, ମୋ କଥା ଶୁଣ!
5ତୁମ୍ଭେମାନେ ଜାଣିବା ଉଚିତ ଯେ, ଇସ୍ରାୟେଲର ସଦାପ୍ରଭୁ
ପରମେଶ୍ୱର ଦାଉଦ ଓ ତାଙ୍କର ପୁତ୍ରମାନଙ୍କୁ ଚିରକାଳ
ନିମନ୍ତେ ଇସ୍ରାୟେଲର ରାଜା ହେବା ନିମନ୍ତେ ଅଧିକାର
ଦେଇଥିଲେ। ପରମେଶ୍ୱର ଦାଉଦଙ୍କୁ ଲବଣ ଚୁକ୍ତି ସହିତ ଏହି
ଅଧିକାର ପ୍ରଦାନ କରିଥିଲେ। 6କିନ୍ତୁ ଯାରବୟାମ୍ ତାଙ୍କର
ମାଲିକଙ୍କର ବିରୁଦ୍ଧରେ ଉଠିଲେ। ନବାଟର ପୁତ୍ର ଯାରବୟାମ୍
ଦାଉଦଙ୍କ ପୁତ୍ର ଶଲୋମନଙ୍କ ଜଣେ ଦାସର ପୁତ୍ର ଥିଲା।
7ଏହାପରେ ନିହାତି ଅଯୋଗ୍ୟ, ମନ୍ଦ ଲୋକମାନେ ଯାରବୟାମ୍‌ର
ସଙ୍ଗୀ ହେଲେ। ଆଉ ଯାରବୟାମ୍ ଓ ସେହି ମନ୍ଦ ଲୋକମାନେ
ଶଲୋମନଙ୍କର ପୁତ୍ର ରହବୟାମ୍‌ଙ୍କର ବିପକ୍ଷରେ ଉଠିଲେ।
ରହବୟାମ୍ ଅଳ୍ପବୟସ୍କ ଓ ଅନୁଭୂତିହୀନ ଥିଲେ। ତେଣୁ
ରହବୟାମ୍, ଯାରବୟାମ୍ ଓ ତାଙ୍କର ମନ୍ଦ ସଙ୍ଗୀମାନଙ୍କୁ
ଅଟକାଇ ପାରିଲେ ନାହିଁ।

8"ବର୍ତ୍ତମାନ, ତୁମ୍ଭେମାନେ ସଦାପ୍ରଭୁଙ୍କ ରାଜତ୍ୱକୁ ପରାସ୍ତ
କରିବା ନିମନ୍ତେ ସିଦ୍ଧାନ୍ତ ନେଇଅଛ-ଯେଉଁ ରାଜ୍ୟ ଦାଉଦଙ୍କ
ପୁତ୍ରମାନଙ୍କ ଦ୍ୱାରା ଶାସିତ ହେଉଅଛି। ତୁମ୍ଭମାନଙ୍କ ସହିତ
ବହୁତ ସଂଖ୍ୟକ ଲୋକ ଅଛନ୍ତି ଓ ତୁମ୍ଭମାନଙ୍କ ନିକଟରେ
ସେହି ସ୍ୱର୍ଣ୍ଣ ବାଛୁରୀଗୁଡ଼ିକ ଅଛି-ଯେଉଁ 'ଦେବତାମାନଙ୍କୁ'
ଯାରବୟାମ୍ ତୁମ୍ଭମାନଙ୍କ ନିମନ୍ତେ ନିର୍ମାଣ କରିଅଛି। 9ତୁମ୍ଭେମାନେ
ହାରୋଣଙ୍କ ବଂଶଧର, ସଦାପ୍ରଭୁ ଯାଜକମାନଙ୍କୁ ବାହାର
କରିଦେଲେ। ଆଉ ତୁମ୍ଭେମାନେ ଲେବୀୟମାନଙ୍କୁ ବାହାର
କରିଦେଲ। ଏହାପରେ ତୁମ୍ଭେମାନେ ନିଜେ ନିଜର ଯାଜକମାନଙ୍କୁ
ବାଛିଲ, ଠିକ୍ ଯେପରି ପୃଥିବୀର ଅନ୍ୟ ଦେଶର ଲୋକମାନେ
କରିଥାଆନ୍ତି। ଆଉ ବର୍ତ୍ତମାନ ଯେ କୌଣସି ବ୍ୟକ୍ତି ଗୋଟିଏ
ଅଳ୍ପବୟସ୍କ ବୃଷ ଓ ସାତୋଟି ମେଣ୍ଢା ଆଣିଦେଲେ ଜଣେ
ଯାଜକ ହୋଇ ପାରିବ। ଜଣେ ଯାଜକ ଯିଏକି
'ଅଣଦେବତାମାନଙ୍କର' ସେବା କରିବ।"

10"କିନ୍ତୁ ଆମ୍ଭମାନଙ୍କ ନିମନ୍ତେ, ସଦାପ୍ରଭୁ ଆମ୍ଭମାନଙ୍କର
ପରମେଶ୍ୱର ଅଟନ୍ତି। ଆମ୍ଭେମାନେ ଯିହୁଦାର ଲୋକମାନେ
ପରମେଶ୍ୱରଙ୍କୁ ମାନିବା ନିମନ୍ତେ ମନାକରି ନାହୁଁ। ଆମ୍ଭେମାନେ
ତାହାଙ୍କୁ ପରିତ୍ୟାଗ କରି ନାହୁଁ। ଯେଉଁ ଯାଜକମାନେ
ସଦାପ୍ରଭୁଙ୍କର ସେବା କରନ୍ତି, ସେମାନେ ହାରୋଣଙ୍କର ପୁତ୍ରଗଣ
ଅଟନ୍ତି। ଲେବୀୟମାନେ ସେମାନଙ୍କୁ ସେମାନଙ୍କର କାମ କରିବାରେ
ସାହାଯ୍ୟ କରନ୍ତି। 11ସେମାନେ ପ୍ରତି ପ୍ରଭାତରେ ଓ ପ୍ରତି
ସନ୍ଧ୍ୟାରେ ସଦାପ୍ରଭୁଙ୍କ ନିକଟରେ ହୋମବଳି ଓ ସୁଗନ୍ଧି ଧୂପ
ଉତ୍ସର୍ଗ କରନ୍ତି। ସେମାନେ ମନ୍ଦିର ମଧ୍ୟରେ ଥିବା ବିଶେଷ
ମେଜ ଉପରେ ଧାଡ଼ିରେ ରୋଟୀ ସଜାଇ ରଖନ୍ତି। ଆଉ
ସେମାନେ ସ୍ୱର୍ଣ୍ଣ ପ୍ରଦୀପାଧାର ଗୁଡ଼ିକର ଯତ୍ନ ନିଅନ୍ତି, ତେଣୁ
ପ୍ରତ୍ୟେକ ସନ୍ଧ୍ୟାରେ ପ୍ରଦୀପ ଝକ୍‌ମକ୍ କରେ। ଆମ୍ଭେମାନେ
ଅତି ଯତ୍ନପୂର୍ବକ ଆମ୍ଭମାନଙ୍କ ପରମେଶ୍ୱର ସଦାପ୍ରଭୁଙ୍କର
ସେବା କରୁ। କିନ୍ତୁ ତୁମ୍ଭେମାନେ ତାଙ୍କୁ ସଂପୂର୍ଣ୍ଣରୂପେ ତ୍ୟାଗ
କରିଅଛ। 12ପରମେଶ୍ୱର ସ୍ୱୟଂ ଆମ୍ଭମାନଙ୍କ ସହିତ ରହିଛନ୍ତି।
ସେ ଆମ୍ଭମାନଙ୍କର ଶାସକ ଅଟନ୍ତି, ଆଉ ତାଙ୍କର ଯାଜକମାନେ
ଆମ୍ଭମାନଙ୍କ ସହିତ ଅଛନ୍ତି। ତୁମ୍ଭ ବିରୁଦ୍ଧରେ ଯୁଦ୍ଧର ଆହ୍ୱାନ
ରୂପେ ପରମେଶ୍ୱରଙ୍କ ଯାଜକମାନେ ତାଙ୍କର ତୂରୀ ବଜାନ୍ତି।
ହେ ଇସ୍ରାୟେଲର ଲୋକମାନେ, ତୁମ୍ଭମାନଙ୍କର ପୂର୍ବପୁରୁଷମାନଙ୍କର
ସଦାପ୍ରଭୁ ପରମେଶ୍ୱରଙ୍କ ବିରୁଦ୍ଧରେ ଯୁଦ୍ଧ କର ନାହିଁ।
ତୁମ୍ଭେମାନେ କେବେ ସଫଳ ହେବ ନାହିଁ।"

13କିନ୍ତୁ ଯାରବୟାମ୍ ଅବିୟଙ୍କ ସୈନ୍ୟଦଳର ପଛେ ପଛେ
ଗୋପନରେ ଯିବା ନିମନ୍ତେ ଏକ ଦଳ ସୈନ୍ୟଙ୍କୁ ପଠାଇଲେ।
ଯାରବୟାମ୍‌ଙ୍କ ସୈନ୍ୟଦଳ ଯିହୁଦୀୟଙ୍କ ସୈନ୍ୟଦଳର ସମ୍ମୁଖରେ
ଥିଲେ। ଯାରବୟାମ୍‌ଙ୍କ ସୈନ୍ୟଦଳର ଲୁଚି ରହିଥିବା ସୈନ୍ୟମାନେ
ଯିହୁଦାର ପଶ୍ଚାତ୍‌ରେ ଥିଲେ। 14ଅବିୟଙ୍କ ସୈନ୍ୟଦଳରେ
ଥିବା ଯିହୁଦାର ସୈନ୍ୟଗଣ ଯେତେବେଳେ ଚତୁର୍ଦ୍ଦିଗକୁ ଚାହିଁଲେ,
ସେମାନେ ଦେଖିଲେ ଯେ, ଯାରବୟାମ୍‌ଙ୍କ ସୈନ୍ୟଦଳ ସମ୍ମୁଖରୁ
ଓ ପଶ୍ଚାତରୁ, ଉଭୟ ପାର୍ଶ୍ୱରୁ ଆକ୍ରମଣ କରୁଛନ୍ତି। ଯିହୁଦାର
ଲୋକମାନେ ସଦାପ୍ରଭୁଙ୍କ ନିକଟରେ ପାଟି କରି ଡାକ
ପକାଇଲେ ଓ ଯାଜକମାନେ ତୂରୀ ବଜାଇଲେ। 15ଏହାପରେ
ଯିହୁଦାର ଲୋକମାନେ ଜୋର୍‌ରେ ଚିତ୍କାର କଲେ। ଯିହୁଦାର
ଲୋକମାନେ ଯେତେବେଳେ ଜୋର୍‌ରେ ଚିତ୍କାର କଲେ,
ପରମେଶ୍ୱର ଯାରବୟାମ୍‌ଙ୍କ ସୈନ୍ୟଦଳକୁ ପରାସ୍ତ କଲେ।
ଇସ୍ରାୟେଲରୁ ଆଗତ ଯାରବୟାମ୍‌ଙ୍କ ସମସ୍ତ ସୈନ୍ୟଦଳ ଯିହୁଦାରୁ
ଆଗତ ଅବିୟଙ୍କ ସୈନ୍ୟଦଳ ଦ୍ୱାରା ପରାସ୍ତ ହେଲେ।
16ଇସ୍ରାୟେଲର ଲୋକମାନେ ଯିହୁଦାର ଲୋକମାନଙ୍କଠାରୁ
ପଳାୟନ କଲେ। ପରମେଶ୍ୱର ଇସ୍ରାୟେଲର ସୈନ୍ୟଗଣଙ୍କୁ
ପରାସ୍ତ କରିବା ନିମନ୍ତେ ଯିହୁଦାର ସୈନ୍ୟଦଳକୁ ଆଗେଇ
ନେଲେ। 17ଅବିୟଙ୍କ ସୈନ୍ୟଦଳ ଇସ୍ରାୟେଲର ସୈନ୍ୟଦଳକୁ
ଅତି ଗୁରୁତର ଭାବରେ ପରାସ୍ତ କଲେ ଓ ଇସ୍ରାୟେଲର
500,000 ଜଣ ସର୍ବଶ୍ରେଷ୍ଠ ବ୍ୟକ୍ତିମାନେ ନିହତ ହେଲେ।
18ତେଣୁ, ସେହି ସମୟରେ ଇସ୍ରାୟେଲର ଲୋକମାନେ ପରାସ୍ତ
ହେଲେ ଓ ଯିହୁଦାର ଲୋକମାନେ ବିଜୟୀ ହେଲେ।
ଯିହୁଦାର ସୈନ୍ୟଦଳ ସେମାନଙ୍କ ପୂର୍ବପୁରୁଷମାନଙ୍କର ସଦାପ୍ରଭୁ
ପରମେଶ୍ୱରଙ୍କ ଉପରେ ନିର୍ଭର କରିଥିବାରୁ ବିଜୟଲାଭ କଲେ।

19ଅବିୟଙ୍କ ସୈନ୍ୟଦଳ ଯାରବୟାମ୍‌ଙ୍କ ସୈନ୍ୟଦଳର ପଛେ
ପଛେ ଗୋଡ଼ାଇଲେ। ଅବିୟଙ୍କ ସୈନ୍ୟଦଳ ବୈଥେଲ, ଯିଶାନା

ଓ ଇଫ୍ରୋନ୍ ସହରଗୁଡ଼ିକ ଯାରବୟାମ୍‌ଙ୍କଠାରୁ ଦଖଲ କରିନେଲେ।
ସେହି ସହର ଓ ସେହି ସହରଗୁଡ଼ିକର ନିକଟରେ ଥିବା
କ୍ଷୁଦ୍ରଗ୍ରାମଗୁଡ଼ିକୁ ମଧ୍ୟ ସେମାନେ ଅଧିକାର କରିନେଲେ।
20ଅବିୟ ଜୀବିତ ଥିବା ପର୍ଯ୍ୟନ୍ତ ଯାରବୟାମ୍ ଆଉ
କଦାପି ପରାକ୍ରମୀ ହୋଇପାରିଲେ ନାହିଁ। ସଦାପ୍ରଭୁ ଯାରବୟାମ୍‌ଙ୍କୁ
ବଧ କଲେ। 21କିନ୍ତୁ ଅବିୟ ପରାକ୍ରମୀ ହୋଇ ଉଠିଲେ।
ସେ ଚଉଦ ଜଣ ସ୍ତ୍ରୀଙ୍କୁ ବିବାହ କଲେ, ଏବଂ ବାଇଶି ଜଣ
ପୁତ୍ର ଓ ଷୋହଳ ଜଣ କନ୍ୟାଙ୍କର ପିତା ହେଲେ। 22ଅବିୟ
ଆଉ ଯେଉଁ ସବୁ କର୍ମ କରିଥିଲେ, ତାହା ଇଦ୍ଦୋ
ଭବିଷ୍ୟତ୍‌ବକ୍ତାଙ୍କର ପୁସ୍ତକମାନଙ୍କରେ ଲେଖାଯାଇ ଅଛି।
14 ଅବିୟ ତାଙ୍କର ପୂର୍ବପୁରୁଷମାନଙ୍କ ସହିତ ଶୟନ
କଲେ। ଲୋକମାନେ ତାଙ୍କୁ ଦାଉଦଙ୍କ ନଗରରେ
କବର ଦେଲେ। ଏହାପରେ ଅବିୟଙ୍କ ପୁତ୍ର ଆସା, ଅବିୟଙ୍କ
ସ୍ଥାନରେ ନୂତନ ରାଜା ହେଲେ। ଦଶ ବର୍ଷ ପର୍ଯ୍ୟନ୍ତ
ଦେଶରେ ଶାନ୍ତି ଅବସ୍ଥାନ କରିଥିଲା।

## ଯିହୁଦାର ରାଜା ଆସା

2ଆସା ତାଙ୍କର ସଦାପ୍ରଭୁ ପରମେଶ୍ୱରଙ୍କ ସମ୍ମୁଖରେ
ଉତ୍ତମ ଓ ଯଥାର୍ଥ ବିଷୟମାନ କଲେ। 3ଆସା ଉଚ୍ଚ ସ୍ଥାନରେ
ଥିବା ବିଦେଶୀୟ ଯଜ୍ଞବେଦୀସବୁ ଉଠାଇ ଦେଲେ। ଆସା
ଉଚ୍ଚସ୍ଥାନ ସବୁ ଦୂର କରିଦେଲେ ଓ ସ୍ମରଣାର୍ଥକ ପବିତ୍ର
ପ୍ରସ୍ତର ସବୁକୁ ଭାଙ୍ଗି ଚୁରମାର କରିଦେଲେ। ଆଉ ଆସା
ଆଶେରା ସ୍ତମ୍ଭ ସବୁକୁ ଭାଙ୍ଗି ଦେଲେ। 4ଆସା ଯିହୁଦାର
ଲୋକମାନଙ୍କୁ ସଦାପ୍ରଭୁ ପରମେଶ୍ୱରଙ୍କ ଅନୁଗମନ କରିବା
ନିମନ୍ତେ ଆଦେଶ ଦେଲେ। ସେମାନଙ୍କର ପୂର୍ବପୁରୁଷମାନେ
ସେହି ପରମେଶ୍ୱରଙ୍କୁ ହିଁ ଅନୁଗମନ କରୁଥିଲେ। ଆଉ ଆସା
ସେମାନଙ୍କୁ ସଦାପ୍ରଭୁଙ୍କର ସମସ୍ତ ନିୟମ ଓ ଆଜ୍ଞାଗୁଡ଼ିକର
ବାଧ୍ୟ ହେବା ନିମନ୍ତେ ଆଦେଶ ଦେଲେ। 5ଆସା ଆହୁରି
ମଧ୍ୟ ଯିହୁଦାର ସମସ୍ତ ସହରଗୁଡ଼ିକରେ ଥିବା ଉଚ୍ଚସ୍ଥାନ ଓ
ସୁଗନ୍ଧି ଧୂପର ବେଦୀଗୁଡ଼ିକ ଧ୍ୱଂସ କରିଦେଲେ। ତେଣୁ ଆସା
ରାଜା ଥିବା ସମୟରେ ରାଜ୍ୟରେ ଶାନ୍ତି ରହିଲା। 6ଯିହୁଦାରେ
ଶାନ୍ତି ଥିବା ସମୟରେ ଆସା ଯିହୁଦାରେ ଦୃଢ଼ ନଗରମାନ
ସ୍ଥାପନ କଲେ। ସଦାପ୍ରଭୁ ତାଙ୍କୁ ଶାନ୍ତି ପ୍ରଦାନ କରିଥିବାରୁ
ସେହି ବର୍ଷଗୁଡ଼ିକରେ କୌଣସି ଯୁଦ୍ଧ ହୋଇ ନଥିଲା।
7ଆସା ଯିହୁଦାର ଲୋକମାନଙ୍କୁ କହିଲେ, "ଆସ, ଆମ୍ଭେମାନେ
ଏହିସବୁ ସହର ଓ ସେଗୁଡ଼ିକର ଚତୁର୍ଦ୍ଦିଗରେ ପ୍ରାଚୀର ନିର୍ମାଣ
କରିବା। ଆସ, ଆମ୍ଭେମାନେ ଦୁର୍ଗ, ଦ୍ୱାର ଓ ଦ୍ୱାରର କିଳିଣି
ସବୁ ନିର୍ମାଣ କରିବା ଆମ୍ଭେମାନେ ଏହି ଦେଶରେ ବାସ
କରୁଥିବା ସମୟରେ ହିଁ ଆସ, ଏହା କରିବା। ଏହି ଦେଶ
ଆମ୍ଭମାନଙ୍କର ଅଟେ, କାରଣ ଆମ୍ଭେମାନେ ସଦାପ୍ରଭୁ ଆମ୍ଭମାନଙ୍କର
ପରମେଶ୍ୱରଙ୍କ ଅନୁଗମନ କରିଅଛୁ। ସେ ଆମ୍ଭମାନଙ୍କର
ଚତୁର୍ଦ୍ଦିଗରେ ଶାନ୍ତି ପ୍ରଦାନ କରିଅଛନ୍ତି।" ତେଣୁ ସେମାନେ
ସମସ୍ତେ ସେସବୁ ନିର୍ମାଣ କଲେ ଓ ସଫଳତା ପାଇଲେ।
8ଆସାଙ୍କର ଯିହୁଦା ବଂଶରୁ 300,000 ଓ ବିନ୍ୟାମୀନ
ବଂଶରୁ 280,000 ଲୋକଙ୍କର ଏକ ସୈନ୍ୟଦଳ ଥିଲା।
ଯିହୁଦାର ଲୋକମାନେ ବିରାଟକାୟ ଢାଲ ଓ ବର୍ଚ୍ଛାମାନ ବହନ
କରୁଥିଲେ। ବିନ୍ୟାମୀନର ଲୋକମାନେ ଛୋଟ ଛୋଟ ଢାଲ
ଧରୁଥିଲେ ଓ ଧନୁରୁ ତୀର ନିକ୍ଷେପ କରୁଥିଲେ। ଏହି ସମସ୍ତ
ଲୋକ ଶକ୍ତିଶାଳୀ ଓ ସାହସୀ ଥିଲେ।
9ଏହାପରେ ସେରହ ଆସାଙ୍କ ସୈନ୍ୟଦଳର ବିରୁଦ୍ଧରେ
ଆସିଲା। ସେରହ ଇଥିଓପିଆର ମୁଖ୍ୟ ଥିଲା। ସେରହ ସହିତ
ଥିବା ସୈନ୍ୟଦଳରେ 10,00,000 ଲୋକ ଓ 300 ରଥ
ଥିଲେ। ସେରହର ସୈନ୍ୟଦଳ ମାରେଶା ସହର ପର୍ଯ୍ୟନ୍ତ
ମାଡ଼ିଗଲେ। 10ଆସା ସେରହଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ
ବାହାରିଲେ। ମାରେଶାର ସଫାଥା ଉପତ୍ୟକାର ମାରେଶାହି
ନିକଟରେ ଯୁଦ୍ଧ କରିବା ନିମନ୍ତେ ଆସାଙ୍କ ସୈନ୍ୟଦଳ ପ୍ରସ୍ତୁତ
ହୋଇ ରହିଲେ।
11ଆସା ତାଙ୍କର ସଦାପ୍ରଭୁ ପରମେଶ୍ୱରଙ୍କୁ ଡାକ ପକାଇଲେ
ଓ କହିଲେ, "ସଦାପ୍ରଭୁ, ତୁମ୍ଭ ପାଇଁ ଶକ୍ତିହୀନ ଲୋକଙ୍କୁ
ସାହାଯ୍ୟ କରିବା ଯେତିକି ସହଜ ଶକ୍ତିଶାଳୀ ଲୋକଙ୍କୁ
ସାହଯ୍ୟ କରିବା ସେତିକି ସହଜ। ଆମ୍ଭମାନଙ୍କୁ ସାହାଯ୍ୟ
କର। ହେ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କର ପରମେଶ୍ୱର
ଅଟ। ଏହି ବିଶାଳ ସୈନ୍ୟବାହୀନି ବିପକ୍ଷରେ ଥିଲେ ହେଁ
ଆମ୍ଭେମାନେ ତୁମ୍ଭ ଉପରେ ନିର୍ଭର କରୁ! ତୁମ୍ଭେ ତୁମ୍ଭ
ବିରୁଦ୍ଧରେ କାହାରିକୁ ଜୟ ଲାଭ କରିବାକୁ ଦିଅନାହିଁ।"
12ଏହାପରେ ସଦାପ୍ରଭୁ ଇଥିଓପିୟ ସୈନ୍ୟଦଳକୁ ପରାସ୍ତ
କରିବା ନିମନ୍ତେ ଆସା ଓ ଯିହୁଦାର ସୈନ୍ୟଦଳକୁ ବ୍ୟବହାର
କଲେ। ଆଉ ଇଥିଓପିୟ ସୈନ୍ୟଦଳ ଦୌଡ଼ି ପଳାଇଗଲେ।
13ଆସା ଏବଂ ତାଙ୍କ ସୈନ୍ୟଦଳ ଇଥିଓପିୟ ସୈନ୍ୟଦଳଙ୍କ
ପଛେ ପଛେ ଗରାର୍ ସହର ପର୍ଯ୍ୟନ୍ତ ଗୋଡ଼ାଇଲେ। ବହୁ
ସଂଖ୍ୟକ ସୈନ୍ୟଗଣ ସାଂଘାତିକ ଭାବରେ କ୍ଷତାକ୍ତ ହେଲେ
ଏବଂ ଆରୋଗ୍ୟ ହୋଇ ପାରିଲେ ନାହିଁ। ସେମାନେ ସଦାପ୍ରଭୁ
ଓ ତାଙ୍କ ସୈନ୍ୟଦଳ ଦ୍ୱାରା ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲେ ଆସା
ଓ ତାଙ୍କର ସୈନ୍ୟଦଳ ଶତ୍ରୁମାନଙ୍କଠାରୁ ଅନେକ ବହୁମୂଲ୍ୟ
ପଦାର୍ଥ ଲୁଟି ନେଲେ। 14ଆସା ଓ ତାଙ୍କର ସୈନ୍ୟଦଳ
ଗରାର୍‌ର ନିକଟସ୍ଥ ସମସ୍ତ ସହର ଉପରେ ବିଜୟଲାଭ
କଲେ। ସେହି ସହରଗୁଡ଼ିକରେ ବାସ କରୁଥିବା ଲୋକମାନେ
ସଦାପ୍ରଭୁଙ୍କୁ ଭୟ କଲେ। ସେହି ସହରଗୁଡ଼ିକରେ ଅନେକ
ବହୁମୂଲ୍ୟ ପଦାର୍ଥମାନ ରହିଥିଲା। ଆସାଙ୍କ ସୈନ୍ୟଦଳ ସେହି
ସହରଗୁଡ଼ିକରୁ ସେହି ସମସ୍ତ ବହୁମୂଲ୍ୟ ପଦାର୍ଥଗୁଡ଼ିକୁ ନେଇଗଲେ।
15ଆସାଙ୍କ ସୈନ୍ୟଦଳ ମେଷ ପାଳକମାନଙ୍କର ଛାଉଣୀ ଉପରେ
ମଧ୍ୟ ଆକ୍ରମଣ କଲେ। ସେମାନେ ଅନେକ ମେଷ ଓ ଓଟ
ନେଇଗଲେ। ଏହାପରେ ଆସାଙ୍କ ସୈନ୍ୟଦଳ ଯିରୁଶାଲମକୁ
ଫେରିଗଲେ।

## ଆସାଙ୍କର ପରିବର୍ତ୍ତନ

15 ପରମେଶ୍ୱର ଆତ୍ମା ଅସରିୟଙ୍କ ଉପରେ ଆସି ଅଧିଷ୍ଠାନ
କଲା। ଅସରିୟ ଓବେଦଙ୍କ ପୁତ୍ର ଥିଲେ। 2ଅସରିୟ
ଆସାଙ୍କୁ ସାକ୍ଷାତ କରିବାକୁ ଗଲେ। ଅସରିୟ କହିଲେ, "ଆସା
ଓ ଯିହୁଦା ଏବଂ ବିନ୍ୟାମୀନର ଲୋକ ସମସ୍ତେ, ତୁମ୍ଭେମାନେ
ମୋ କଥା ଶୁଣ। ତୁମ୍ଭେମାନେ ଯେତେବେଳେ ପରମେଶ୍ୱରଙ୍କ
ସହିତ ଥିଲ, ସେ ତୁମ୍ଭମାନଙ୍କ ସହିତରେ ଥିଲେ। ତୁମ୍ଭେମାନେ
ଯଦି ସଦାପ୍ରଭୁଙ୍କୁ ଖୋଜିବ, ତେବେ ତୁମ୍ଭେମାନେ ତାଙ୍କୁ
ପାଇବ। କିନ୍ତୁ ଯଦି ତୁମ୍ଭେମାନେ ତାଙ୍କୁ ପରିତ୍ୟାଗ କରିବ,

ସେ ତୁମ୍ଭମାନଙ୍କୁ ପରିତ୍ୟାଗ କରିବେ। 3ପ୍ରକୃତରେ ଇଶ୍ରାୟେଲ
ଦୀର୍ଘକାଳ ପର୍ଯ୍ୟନ୍ତ ପରମେଶ୍ୱରଙ୍କ ବିନା ରହିଥିଲା। ଆଉ
ସେମାନେ ଜଣେ ଶିକ୍ଷାଗୁରୁ ଯାଜକ ଓ ନିୟମ ବିନା
ରହୁଥିଲେ। 4କିନ୍ତୁ ଯେତେବେଳେ ଇଶ୍ରାୟେଲର ଲୋକମାନେ
ଦୁଃଖ ପାଇଲେ, ସେମାନେ ପୁନର୍ବାର ସଦାପ୍ରଭୁ ପରମେଶ୍ୱରଙ୍କ
ପ୍ରତି ଫେରିଲେ। ସେ ଇଶ୍ରାୟେଲର ପରମେଶ୍ୱର ଅଟନ୍ତି।
ସେମାନେ ସଦାପ୍ରଭୁଙ୍କୁ ଖୋଜିଲେ, ଆଉ ସେମାନେ ତାଙ୍କୁ
ପାଇଲେ। 5ସେହି ଦୁର୍ଦ୍ଦଶାର ସମୟରେ କୌଣସି ବ୍ୟକ୍ତି
ସୁରକ୍ଷିତ ଭାବରେ ଯାତ୍ରା କରିପାରୁ ନଥିଲେ। ସେହି ଦେଶର
ସମସ୍ତ ବାସିନ୍ଦା ଅସୁବିଧାରେ ପଡିଲେ। 6ଗୋଟିଏ ଦେଶ ଆଉ
ଏକ ଦେଶକୁ ବିନାଶ କରୁଥିଲା ଓ ଗୋଟିଏ ନଗର ଆଉ
ଗୋଟିଏ ନଗରକୁ ଧ୍ୱଂସ କରୁଥିଲା। ପରମେଶ୍ୱର ସେମାନଙ୍କ
ପ୍ରତି ସବୁ ପ୍ରକାର ଦୁର୍ଦ୍ଦଶା ଘଟାଉ ଥିବାରୁ ଏହିପରି
ଘଟୁଥିଲା। 7କିନ୍ତୁ ଆସା, ତୁମ୍ଭେ ଓ ଯିହୁଦା ଏବଂ ବିନ୍ୟାମୀନର
ଲୋକ ସମସ୍ତେ ଦୃଢ଼ ହୁଅ। ଦୁର୍ବଳ ହୁଅ ନାହିଁ, କାରଣ
ତୁମ୍ଭେମାନେ ତୁମ୍ଭମାନଙ୍କର ଉତ୍ତମ କାର୍ଯ୍ୟ ନିମନ୍ତେ ପୁରସ୍କାର
ପାଇବ।"

8ଆସା ଓବେଦ୍ ଭବିଷ୍ୟଦ୍‌ବକ୍ତାଙ୍କଠାରୁ ଏହି ସମସ୍ତ ବାର୍ତ୍ତା
ଶୁଣି ଉତ୍ସାହ ଅନୁଭବ କଲେ। ଏହାପରେ ସେ ଯିହୁଦା ଓ
ବିନ୍ୟାମୀନର ସମସ୍ତ ଅଞ୍ଚଳରୁ ଘୃଣ୍ୟ ପ୍ରତିମାଗୁଡ଼ିକ ଦୂର
କରିଦେଲେ। ଆସା ଇଫ୍ରୟିମ୍ର ପାର୍ବତ୍ୟମୟ ଦେଶର ଯେଉଁ
ସହରଗୁଡ଼ିକ ଅଧିକାର କରିଥିଲେ, ସେହି ସହରଗୁଡ଼ିକରୁ ମଧ୍ୟ
ସେହି ଘୃଣ୍ୟ ପ୍ରତିମାଗୁଡ଼ିକ ବାହାର କରି ଦେଲେ। ଆଉ ସେ
ସଦାପ୍ରଭୁଙ୍କ ମନ୍ଦିରର ବାରଣ୍ଡା ସମ୍ମୁଖସ୍ଥ ସଦାପ୍ରଭୁଙ୍କ ଯଜ୍ଞବେଦୀକୁ
ମରାମତି କଲେ।

9ଏହାପରେ ଆସା ଯିହୁଦା ଓ ବିନ୍ୟାମୀନର ସମସ୍ତ
ଲୋକଙ୍କୁ ଏକତ୍ରିତ କଲେ। ସେ ଆହୁରି ମଧ୍ୟ ଇଫ୍ରୟିମ,
ମନଃଶି ଓ ଶିମିୟୋନ ବଂଶର ଲୋକମାନଙ୍କୁ ଏକତ୍ରିତ
କଲେ, ଯେଉଁମାନେ ଇଶ୍ରାୟେଲ ଦେଶରୁ ବାହାରି ଯିହୁଦା
ଦେଶରେ ବାସ କରିବାକୁ ଆସିଥିଲେ, ସେହି ଲୋକମାନଙ୍କ
ମଧ୍ୟରେ ଅଧିକାଂଶ ଲୋକ ଯିହୁଦା ଦେଶକୁ ଚାଲି ଆସିଥିଲେ,
କାରଣ ସେମାନେ ଦେଖିଲେ ଯେ, ସଦାପ୍ରଭୁ, ଆସାଙ୍କର
ପରମେଶ୍ୱର, ଆସାଙ୍କର ସହିତ ଅଛନ୍ତି।

10ଆସାଙ୍କ ରାଜତ୍ୱର ପନ୍ଦରତମ ବର୍ଷର ତୃତୀୟ ମାସରେ
ଆସା ଓ ସେହି ଲୋକ ସମସ୍ତେ ଯିରୁଶାଲମରେ ଏକତ୍ରିତ
ହେଲେ। 11ସେହି ସମୟରେ ସେମାନେ 700 ବଳଦ,
7,000 ଛେଳି ଓ ମେଣ୍ଢା ସଦାପ୍ରଭୁଙ୍କ ନିକଟରେ ବଳିଦାନ
ଦେଲେ। ଆସାଙ୍କ ସୈନ୍ୟମାନେ ସେହିସବୁ ପଶୁପଲ ଓ
ଅନ୍ୟାନ୍ୟ ବହୁମୂଲ୍ୟ ପଦାର୍ଥ ସବୁକୁ ସେମାନଙ୍କର ଶତ୍ରୁଗଣଠାରୁ
ଲୁଟି ନେଇଥିଲେ। 12ସେମାନେ ସେମାନଙ୍କର ସମସ୍ତ ହୃଦୟ
ଓ ସମସ୍ତ ଆତ୍ମା ସହିତ ସଦାପ୍ରଭୁ ପରମେଶ୍ୱରଙ୍କର ସେବା
କରିବେ ବୋଲି ଏକ ଚୁକ୍ତି କଲେ। ସେମାନଙ୍କର ପୂର୍ବପୁରୁଷମାନେ
ସେହି ପରମେଶ୍ୱରଙ୍କର ହିଁ ସେବା ଆରାଧନା କରୁଥିଲେ।
13ଯେଉଁ ବ୍ୟକ୍ତି ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କର
ଉପାସନା କରିବାକୁ ମନା କଲା, ସେ ମୃତ୍ୟୁଦଣ୍ଡ ଭୋଗ
କରୁଥିଲା। ସେହି ବ୍ୟକ୍ତି ଜଣେ ବିଖ୍ୟାତ ବ୍ୟକ୍ତି ହେଉ କି ନ
ହେଉ, କିଅବା ସେହି ବ୍ୟକ୍ତି ଜଣେ ପୁରୁଷ ହେଉ ଅବା
ନାରୀ ହେଉ, ସେଥିରେ କିଛି ଫରକ୍ ପଡୁ ନ ଥିଲା।
14ଏହାପରେ ଆସା ଓ ଲୋକମାନେ ସଦାପ୍ରଭୁଙ୍କ ନିକଟରେ
ଏକ ଶପଥ କଲେ। ସେମାନେ ବଡ଼ ପାଟିରେ ଚିତ୍କାର
କଲେ। ଆହୁରି ମଧ୍ୟ ସେମାନେ ତୂରୀ ଓ ଶିଙ୍ଗା ବଜାଇଲେ।
15ଯିହୁଦାର ସମସ୍ତ ଲୋକ ଯେତେବେଳେ ଏହି ଶପଥ
ବିଷୟରେ ଶୁଣିଲେ ଅତି ଆନନ୍ଦିତ ହେଲେ, କାରଣ ସେମାନେ
ସେମାନଙ୍କର ସମସ୍ତ ହୃଦୟ ସହିତ ପରମେଶ୍ୱରଙ୍କର ଅନୁସରଣ
କଲେ। ସେମାନେ ପରମେଶ୍ୱରଙ୍କୁ ଖୋଜିଲେ ଓ ତାଙ୍କୁ
ପାଇଲେ। ତେଣୁ ସଦାପ୍ରଭୁ ସେମାନଙ୍କୁ ଚତୁର୍ଦ୍ଦିଗରେ ଶାନ୍ତି
ପ୍ରଦାନ କଲେ।

16ରାଜା ଆସା ତାଙ୍କର ମାତା ମହୀମାଖାଙ୍କୁ ରାଣୀମା’
ପଦରୁ ମଧ୍ୟ ବିତାଡ଼ିତ କଲେ। ମାଖା ଏକ ଘୃଣ୍ୟ ଆଶେରା
ସ୍ତମ୍ଭ ନିର୍ମାଣ କରିଥିବାରୁ ଆସା ଏହିପରି କଲେ। ଆସା ସେହି
ଆଶେରା ସ୍ତମ୍ଭକୁ କାଟି ପକାଇଲେ ଓ ତାହାକୁ ଭାଙ୍ଗି ଖଣ୍ଡ
ଖଣ୍ଡ କଲେ। ଏହାପରେ ସେ କିଦ୍ରୋଣ୍ ଉପତ୍ୟକାରେ ସେହି
ଖଣ୍ଡଗୁଡ଼ିକୁ ପୋଡ଼ି ପକାଇଲେ। 17ଯଦିଓ ଇଶ୍ରାୟେଲରୁ
ଉଚ୍ଚସ୍ଥାନଗୁଡ଼ିକ ଧ୍ୱଂସ କରାଯାଇ ନଥିଲା, କିନ୍ତୁ ଆସାଙ୍କର
ଜୀବନ ସାରା ତାଙ୍କର ହୃଦୟ ସଦାପ୍ରଭୁଙ୍କ ପ୍ରତି ବିଶ୍ୱସ୍ତ ଥିଲା।
18ଆଉ, ଆସା, ତାଙ୍କର ପିତା ଓ ସେ ନିଜେ ଦେଇଥିବା
ପବିତ୍ର ଭେଟିସବୁକୁ ପରମେଶ୍ୱରଙ୍କ ମନ୍ଦିରରେ ଆଣି ରଖିଲେ।
ସେହି ବସ୍ତୁଗୁଡ଼ିକ ରୂପା ଓ ସୁନାରେ ନିର୍ମିତ ହୋଇଥିଲା।
19ଆସାଙ୍କ ରାଜତ୍ୱର ପଞ୍ଚତିରିଶତମ ବର୍ଷ ପର୍ଯ୍ୟନ୍ତ ଆଉ ଯୁଦ୍ଧ
ହେଲା ନାହିଁ।

## ଆସାଙ୍କର ଶେଷ ବର୍ଷଗୁଡ଼ିକ

16 ଆସା ରାଜା ହେବାର ଛତିଶ୍‌ତମ ବର୍ଷରେ, ବାଶା
ଯିହୁଦା ଦେଶକୁ ଆକ୍ରମଣ କଲେ। ବାଶା ଇଶ୍ରାୟେଲର
ରାଜା ଥିଲେ। ସେ ରାମା ସହରକୁ ଗଲେ ଓ ତାହାକୁ ଏକ
ଦୁର୍ଗରେ ପରିଣତ କଲେ। ଯିହୁଦାର ରାଜା ଆସାଙ୍କ ନିକଟକୁ
ଯିବା ଆସିବା କରୁଥିବା ଲୋକମାନଙ୍କୁ ସ୍ଥଗିତ କରାଇବାର
ଏକ ସ୍ଥାନ ରୂପେ ବାଶା ରାମା ସହରକୁ ବ୍ୟବହାର କଲେ।

2ଆସା ସଦାପ୍ରଭୁଙ୍କ ମନ୍ଦିରର କୋଷାଗାରରୁ ରୂପା ଓ
ସୁନାସବୁ ଆଣିଲେ। ଆଉ ସେ ରାଜାଙ୍କର ଗୃହ ମଧ୍ୟରେ ଥିବା
ରୂପା ଓ ସୁନାସବୁ ଆଣିଲେ। ଏହାପରେ ଆସା ବିନ୍‌ହଦଦ୍
ନିକଟକୁ ବାର୍ତ୍ତାବାହକମାନଙ୍କୁ ପଠାଇଲେ। ବିନ୍‌ହଦଦ୍ ଅରାମ୍ର
ରାଜା ଥିଲେ ଓ ସେ ଦମ୍ମେଶକ ସହରରେ ବାସ କରୁଥିଲେ।
ଆସାଙ୍କ ବାର୍ତ୍ତା ଥିଲା: 3"ତୁମ୍ଭର ପିତା ଓ ମୋର ପିତାଙ୍କ
ମଧ୍ୟରେ ଯେପରି ଚୁକ୍ତି ସ୍ୱାକ୍ଷର ହୋଇଥିଲା, ଆମ୍ଭ ମଧ୍ୟରେ
ମଧ୍ୟ ସେହିଭଳି ଚୁକ୍ତି ହେଉ। ଦେଖ, ମୁଁ ତୁମ୍ଭ ନିକଟକୁ
ରୂପା ଓ ସୁନା ପଠାଉଛି। ବର୍ତ୍ତମାନ ତୁମ୍ଭେ ଇଶ୍ରାୟେଲର
ରାଜା ବାଶା ସହିତ ତୁମ୍ଭର ଚୁକ୍ତି ଭଙ୍ଗ କର, ତେବେ ସେ
ମୋତେ ଏକା ଛାଡ଼ି ଚାଲିଯିବ ଓ ମୋତେ ଆଉ ବ୍ୟସ୍ତ
କରିବ ନାହିଁ।"

4ବିନ୍‌ହଦଦ ରାଜା ଆସାଙ୍କ ସହିତ ସମ୍ମତ ହେଲେ।
ଇଶ୍ରାୟେଲର ସହରଗୁଡ଼ିକ ଉପରେ ଆକ୍ରମଣ କରିବା ନିମନ୍ତେ
ବିନ୍‌ହଦଦ୍ ତାଙ୍କ ସୈନ୍ୟଦଳର ସେନାପତିମାନଙ୍କୁ ପଠାଇଲେ।
ସେହି ସେନାପତିମାନେ ଇୟୋନ୍, ଦାନ ଓ ଆବେଲମୟିମ୍

ସହରଗୁଡ଼ିକ ଉପରେ ଆକ୍ରମଣ କଲେ। ସେମାନେ ନପ୍ତାଲି
ଅଞ୍ଚଳର ସମସ୍ତ ସହରଗୁଡ଼ିକ ଉପରେ ମଧ୍ୟ ଆକ୍ରମଣ କଲେ,
ଯେଉଁଠାରେ ଜିନିଷ ଠୁଳ କରି ରଖାଯାଇ ଥିଲା। 5ବାଶା
ଇଶ୍ରାୟେଲର ଏହି ସହରଗୁଡ଼ିକ ଉପରେ ଆକ୍ରମଣର ଖବର
ଶୁଣିଲା। ତେଣୁ ସେ ରାମା ସହରକୁ ଏକ ଦୁର୍ଗରେ ପରିଣତ
କରିବା କାର୍ଯ୍ୟ ବନ୍ଦ କଲା ଏବଂ ସେ ନିଜ ରାଜ୍ୟକୁ
ଫେରିଗଲା। 6ଏହାପରେ ରାଜା ଆସା ଯିହୁଦାର ସମସ୍ତ
ଲୋକଙ୍କୁ ଏକତ୍ର ଡାକିଲେ। ସେମାନେ ରାମା ସହରକୁ ଗଲେ
ଓ ବାଶା ଦୁର୍ଗ ନିର୍ମାଣ କରିବା ନିମନ୍ତେ ଯେଉଁ ପ୍ରସ୍ତର ଓ
କାଷ୍ଠ ବ୍ୟବହାର କରୁଥିଲା, ତାହା ନେଇଗଲେ। ଆସା ଓ
ଯିହୁଦାର ଲୋକମାନେ ଗେବା ଓ ମିସ୍ପା ସହରକୁ ଆହୁରି
ଦୃଢ଼ କରିବା ନିମନ୍ତେ ସେହି ପ୍ରସ୍ତର ଓ କାଷ୍ଠଗୁଡ଼ିକୁ
ବ୍ୟବହାର କଲେ।

7ସେହି ସମୟରେ ଦ୍ରଷ୍ଟା ହାନାନି ଯିହୁଦାର ରାଜା ଆସାଙ୍କ
ନିକଟକୁ ଆସିଲେ। ହାନାନି ତାଙ୍କୁ କହିଲେ, "ଆସା, ତୁମ୍ଭେ
ଅରାମର ରାଜା ଉପରେ ସାହାଯ୍ୟ ନିମନ୍ତେ ନିର୍ଭର କଲ ଓ
ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କ ଉପରେ ନିର୍ଭର କଲ ନାହିଁ।
କିନ୍ତୁ, ଯେହେତୁ ତୁମ୍ଭେ ସାହାଯ୍ୟ ନିମନ୍ତେ ସଦାପ୍ରଭୁଙ୍କ
ଉପରେ ନିର୍ଭର କଲ ନାହିଁ, ଅରାମ ରାଜାର ସୈନ୍ୟଦଳ
ତୁମ୍ଭଠାରୁ ଖସି ପଳାଇଗଲେ। 8କୂଶୀୟ ଓ ଲେବୀୟମାନଙ୍କର
ଏକ ଅତି ବୃହତ୍ ଓ ପରାକ୍ରମୀ ସୈନ୍ୟଦଳ ଥିଲା। ସେମାନଙ୍କର
ଅନେକ ରଥ ଓ ରଥଚାଳକମାନେ ଥିଲେ। କିନ୍ତୁ ଆସା,
ତୁମ୍ଭେ ସାହାଯ୍ୟ ନିମନ୍ତେ ଓ ସେହି ବୃହତ୍ ପରାକ୍ରମୀ
ସୈନ୍ୟଦଳକୁ ପରାସ୍ତ କରିବା ନିମନ୍ତେ ସଦାପ୍ରଭୁଙ୍କ ଉପରେ
ନିର୍ଭର କଲ, ଆଉ ସଦାପ୍ରଭୁ ସେମାନଙ୍କୁ ପରାସ୍ତ କରିବା
ନିମନ୍ତେ ତୁମ୍ଭକୁ ସାହାଯ୍ୟ କଲେ। 9ଯେଉଁ ଲୋକମାନେ
ସଦାପ୍ରଭୁଙ୍କ ନିକଟରେ ବିଶ୍ୱସ୍ତ ଅଟନ୍ତି, ସେମାନଙ୍କୁ ସେ
ବଳବାନ୍ କରି ପାରନ୍ତି, ଏଥିନିମନ୍ତେ ତାଙ୍କର ଚକ୍ଷୁ ପୃଥିବୀର
ଚତୁର୍ଦ୍ଦିଗରେ ଭ୍ରମଣ କରି ସେହି ଲୋକମାନଙ୍କୁ ତନ୍ନ ତନ୍ନ
କରି ଖୋଜନ୍ତି। ଆସା, ତୁମ୍ଭେ ଏକ ମୂର୍ଖାମୀର କାର୍ଯ୍ୟ
କରିଅଛ। ତେଣୁ ବର୍ତ୍ତମାନଠାରୁ ତୁମ୍ଭ ପ୍ରତି ଯୁଦ୍ଧ ଘଟିବ।"

10ହାନାନି ଏହିପରି କଥା କହିବାରୁ ଆସା ତାଙ୍କ ଉପରେ
କ୍ରୋଧ କଲେ। ଆସା ଏତେ ରାଗିଗଲେ ଯେ, ସେ ହାନାନିଙ୍କୁ
ବନ୍ଦୀଶାଳାରେ ନିକ୍ଷେପ କଲେ। ସେହି ସମୟରେ ଆସା ଆଉ
କେତେଜଣ ବ୍ୟକ୍ତିଙ୍କ ପ୍ରତି ମଧ୍ୟ ନିଷ୍ଠୁର ଥିଲେ।

11ଆସା ଯେଉଁ ସମସ୍ତ କର୍ମ କରିଥିଲେ, ତାହା ଆରମ୍ଭରୁ
ଶେଷ ପର୍ଯ୍ୟନ୍ତ ଯିହୁଦା ଓ ଇଶ୍ରାୟେଲର ରାଜାଗଣଙ୍କର
ଇତିହାସ ପୁସ୍ତକରେ ଲେଖା ଯାଇଅଛି। 12ଆସାଙ୍କ ରାଜତ୍ୱର
ଅଣଚାଳିଶତମ ବର୍ଷରେ ତାଙ୍କର ପାଦଦ୍ୱୟ ରୋଗଗ୍ରସ୍ତ ହୋଇ
ପଡ଼ିଲା। ତାଙ୍କର ରୋଗ ଅତ୍ୟନ୍ତ ଭୟଙ୍କର ହୋଇ ପଡ଼ିଲା,
କିନ୍ତୁ ସେ ସଦାପ୍ରଭୁଙ୍କଠାରୁ ସାହାଯ୍ୟ ଲୋଡ଼ିଲେ ନାହିଁ। ଆସା
ଡାକ୍ତରମାନଙ୍କର ସାହାଯ୍ୟ ଲୋଡ଼ିଲେ। 13ଆସା ତାଙ୍କର
ରାଜତ୍ୱର ଏକଚାଳିଶତମ ବର୍ଷରେ ମୃତ୍ୟୁବରଣ କଲେ। ଆଉ
ଆସା ତାଙ୍କର ପୂର୍ବପୁରୁଷମାନଙ୍କ ସହିତ କବର ପାଇଲେ।
14ଆସା ଦାଉଦଙ୍କ ନଗରରେ ନିଜ ନିମନ୍ତେ ଯେଉଁ ସମାଧି
ନିର୍ମାଣ କରିଥିଲେ, ଲୋକମାନେ ତାଙ୍କୁ ସେହି ସମାଧିରେ
କବର ଦେଲେ। ଲୋକମାନେ ତାଙ୍କୁ ଏପ୍ରକାର ଏକ ଶଯ୍ୟାରେ
ରଖିଲେ, ଯାହା ବିଭିନ୍ନ ପ୍ରକାର ମସଲା ଓ ମିଶ୍ରିତ ସୁଗନ୍ଧିତ
ଅତରରେ ପୂର୍ଣ୍ଣ ଥିଲା। ଆସାଙ୍କୁ ସମ୍ମାନ ଦେବା ନିମନ୍ତେ
ଲୋକମାନେ ଏକ ବିରାଟ ଅଗ୍ନିଦାହ କଲେ।

## ଯିହୁଦାର ରାଜା ଯିହୋଶାଫଟ୍

17 ଆସାଙ୍କ ସ୍ଥାନରେ ଯିହୋଶାଫଟ୍ ଯିହୁଦାର ନୂତନ
ରାଜା ହେଲେ। ଯିହୋଶାଫଟ୍ ଆସାଙ୍କର ପୁତ୍ର ଥିଲେ।
ଯିହୋଶାଫଟ୍ ଯିହୁଦାକୁ ଆହୁରି ବଳିଷ୍ଠ କଲେ, ଯେପରି
ସେମାନେ ଇଶ୍ରାୟେଲ ବିରୁଦ୍ଧରେ ଲଢ଼େଇ କରିପାରିବେ।
2ଯିହୁଦାର ଯେଉଁ ସହରଗୁଡ଼ିକ ଦୁର୍ଗମାନଙ୍କରେ ପରିଣତ
ହୋଇଥିଲା, ସେ ସେଠାରେ ସୈନ୍ୟମାନଙ୍କୁ ସ୍ଥାପନ
କଲେ। ଯିହୋଶାଫଟ୍ ତାଙ୍କର ପିତା ଆସା ଅଧିକାର କରିଥିବା
ଯିହୁଦା ଓ ଇଫ୍ରୟିମର ସହରଗୁଡ଼ିକରେ ଦୁର୍ଗମାନ ନିର୍ମାଣ
କଲେ।

3ସଦାପ୍ରଭୁ ଯିହୋଶାଫଟ୍‌ଙ୍କ ସହିତ ଥିଲେ, କାରଣ
ଯିହୋଶାଫଟ୍ ଆରମ୍ଭରୁ ତାଙ୍କର ପୂର୍ବପୁରୁଷ ଦାଉଦଙ୍କ ତୁଲ୍ୟ
ଉତ୍ତମ କର୍ମମାନ କରିଥିଲେ। ଯିହୋଶାଫଟ୍ ବାଲ୍ ପ୍ରତିମାମାନଙ୍କର
ଉପାସନା କଲେ ନାହିଁ। 4ଯିହୋଶାଫଟ୍‌ଙ୍କର ପୂର୍ବପୁରୁଷମାନେ
ଯେଉଁ ପରମେଶ୍ୱରଙ୍କର ଅନୁଗାମୀ ହୋଇଥିଲେ, ଯିହୋଶାଫଟ୍
ତାଙ୍କର ଅନ୍ୱେଷଣ କଲେ। ସେ ପରମେଶ୍ୱରଙ୍କ ଆଜ୍ଞା
ସକଳର ଅନୁଗାମୀ ହେଲେ। ଇଶ୍ରାୟେଲର ଲୋକମାନେ
ଯେପରି ଜୀବନ କାଟୁଥିଲେ, ସେ ସେପ୍ରକାର ଜୀବନ କାଟୁ
ନଥିଲେ। 5ସଦାପ୍ରଭୁ ଯିହୋଶାଫଟ୍‌ଙ୍କୁ ଯିହୁଦାର ଏକ ଅତି
ଶକ୍ତିଶାଳୀ ରାଜା କଲେ। ଯିହୁଦାର ସମସ୍ତ ଲୋକ ଯିହୋଶାଫଟ୍‌ଙ୍କ
ନିମନ୍ତେ ଉପହାରମାନ ଆଣିଲେ। ତେଣୁ ଯିହୋଶାଫଟ୍‌ଙ୍କର
ଧନସମ୍ପଦ ଓ ସମ୍ମାନ ପ୍ରଚୁର ହେଲା। 6ଯିହୋଶାଫଟ୍ ସଂପୂର୍ଣ୍ଣ
ଆନ୍ତରିକତାର ସହିତ ସଦାପ୍ରଭୁଙ୍କୁ ଉତ୍ସର୍ଗୀକୃତ ହୋଇଥିଲେ।
ସେ ସମସ୍ତ ଉଚ୍ଚସ୍ଥାନ ଓ ଆଶେରା ସ୍ତମ୍ଭଗୁଡ଼ିକୁ ଯିହୁଦା
ଦେଶରୁ ଫୋପାଡ଼ି ଦେଲେ।

7ଯିହୋଶାଫଟ୍ ତାଙ୍କର ନେତାଗଣଙ୍କୁ ଯିହୁଦାର ସହରମାନଙ୍କୁ
ଶିକ୍ଷା ଦେବା ନିମନ୍ତେ ପଠାଇଲେ। ଏହା ଯିହୋଶାଫଟ୍‌ଙ୍କ
ରାଜତ୍ୱର ତୃତୀୟ ବର୍ଷରେ ଘଟିଲା। ସେହି ନେତାମାନେ ଥିଲେ
ବିନ୍‌ହୟିଲ, ଓବଦୟ, ଜିଖରିୟ, ନଥନେଲ୍ ଓ ମୀଖାୟ,
8ଯିହୋଶାଫଟ୍ ଏହି ନେତାମାନଙ୍କ ସହିତ ଲେବୀୟମାନଙ୍କୁ
ମଧ୍ୟ ପଠାଇଲେ। ସେହି ଲେବୀୟମାନେ ଥିଲେ ଶମୟିୟ,
ନଥନିୟ, ସବ୍‌ଦିୟ,, ଅସାହେଲ, ଶମୀରାମୋତ୍, ଯିହୋନାଥନ,
ଅଦୋନିୟ, ଟୋବିୟ,, ଟୋବଦୋନିୟ, ଇଲୀଶାମା, ଯିହୋରାମ୍
ଓ ଯାଜକମାନଙ୍କୁ ମଧ୍ୟ ପଠାଇଲେ। 9ସେହି ନେତା ଓ
ଲେବୀୟ ଓ ଯାଜକମାନେ ଯିହୁଦାର ଲୋକମାନଙ୍କୁ ଶିକ୍ଷା
ଦେଲେ। ସେମାନଙ୍କ ନିକଟରେ "ସଦାପ୍ରଭୁଙ୍କ ନିୟମପୁସ୍ତକ"
ଥିଲା। ସେମାନେ ଯିହୁଦାର ସମସ୍ତ ସହର ମଧ୍ୟ ଦେଇଗଲେ
ଓ ଲୋକମାନଙ୍କୁ ଶିକ୍ଷା ଦେଲେ।

10ଯିହୁଦା ନିକଟସ୍ଥ ଦେଶଗୁଡ଼ିକ ସଦାପ୍ରଭୁଙ୍କୁ ଭୟ କରୁଥିଲେ।
ସେଥି ନିମନ୍ତେ ସେମାନେ ଯିହୋଶାଫଟ୍‌ଙ୍କ ବିରୁଦ୍ଧରେ ଯୁଦ୍ଧ
ଆରମ୍ଭ କଲେ ନାହିଁ। 11କେତେକ ପଲେଷ୍ଟୀୟ ଲୋକ
ଯିହୋଶାଫଟ୍‌ଙ୍କ ନିମନ୍ତେ ଉପହାରମାନ ଆଣିଲେ। ଆହୁରି
ମଧ୍ୟ ସେମାନେ ଯିହୋଶାଫଟ୍‌ଙ୍କ ନିମନ୍ତେ ରୁପା ଆଣିଲେ।

କେତେକ ଆରବୀୟ ଲୋକ ଯିହୋଶାଫଟଙ୍କ ନିମନ୍ତେ ପଶୁପଲ
ଭେଟି ସ୍ୱରୂପେ ଆଣିଲେ। ସେମାନେ ତାଙ୍କୁ 7,700 ଗୋଟି
ଛେଳି ଓ 7,700 ଗୋଟି ମେଣ୍ଢା ଦେଲେ।
**12**ଯିହୋଶାଫଟ୍ କ୍ରମେ ଅଧିକରୁ ଅଧିକ ପରାକ୍ରମୀ ହୋଇ
ଉଠିଲେ। ସେ ଯିହୁଦା ଦେଶରେ ଅନେକ ଦୁର୍ଗ ଓ ଭଣ୍ଡାର
ନଗରମାନ ନିର୍ମାଣ କଲେ। **13**ସେ ଯିହୁଦା ନଗରରେ ବହୁତ
କିଛି ରଖିଲେ। ଆଉ ଯିହୋଶାଫଟ୍ ଯିରୁଶାଲମରେ ତାଲିମପ୍ରାପ୍ତ
ସୈନ୍ୟମାନଙ୍କୁ ରଖିଲେ। **14**ସେହି ସୈନ୍ୟମାନଙ୍କୁ ସେମାନଙ୍କ
ପରିବାରବର୍ଗରେ ତାଲିକାଭୁକ୍ତ କରାଗଲା। ଯିରୁଶାଲମରେ
ଅବସ୍ଥାପିତ ସେହି ସୈନ୍ୟମାନଙ୍କର ତାଲିକା ଏହି:
ଯିହୁଦା ଗୋଷ୍ଠୀରୁ, ଏହି ଲୋକମାନେ ହଜାର ହଜାର
ସୈନ୍ୟଙ୍କର ସେନାପତି ଥିଲେ: ଅଦ୍ନ 3,00,000 ସୈନ୍ୟଙ୍କର
ସେନାଧକ୍ଷ ଥିଲେ। **15**ଯିହୋହାନନ୍ 2,80,000 ସୈନ୍ୟଙ୍କର
ସେନାଧକ୍ଷ ଥିଲେ, **16**ଅମସିୟ 2,00,000 ସୈନ୍ୟଙ୍କର
ସେନାଧକ୍ଷ ଥିଲେ। ସିଖ୍ରିଙ୍କର ପୁତ୍ର ଅମସିୟ ସଦାପ୍ରଭୁଙ୍କ
ସେବା କରିବା ନିମନ୍ତେ ଶପଥ କରିଥିଲେ।
**17**ବିନ୍ୟାମୀନ୍ ଗୋଷ୍ଠୀର ଏହିମାନେ ସେନାଧକ୍ଷ ଥିଲେ:
ଇଲୀୟାଦାଙ୍କର 2,00,000 ଜଣ ସୈନ୍ୟ ଥିଲେ, ଯେଉଁମାନେ
ଧନୁ, ତୀର ଓ ଢାଲ ବ୍ୟବହାର କରୁଥିଲେ। ଇଲୀୟାଦା
ଜଣେ ଅତି ସାହସୀ ସୈନ୍ୟ ଥିଲେ। **18**ଯୁଦ୍ଧ ନିମନ୍ତେ ପ୍ରସ୍ତୁତ
ଯିହୋଷାବଦଙ୍କର 1,80,000 ଜଣ ସୈନ୍ୟ ଥିଲେ। **19**ସେହିସବୁ
ସୈନ୍ୟମାନେ ରାଜା ଯିହୋଶାଫଟଙ୍କର ସେବା କରୁଥିଲେ।
ଯିହୁଦା ଦେଶସାରା ଥିବା ଦୁର୍ଗଗୁଡ଼ିକରେ ରାଜାଙ୍କର ଆହୁରି
ଅନ୍ୟ ଲୋକମାନେ ମଧ୍ୟ ଥିଲେ।

### ମୀଖାୟ ରାଜା ଆହାବଙ୍କୁ ସତର୍କ କଲେ

**18** ଯିହୋଶାଫଟଙ୍କର ପ୍ରଚୁର ଧନସମ୍ପଦ ଓ ପ୍ରତିପ୍ରତ୍ତି
ଥିଲା। ସେ ରାଜା ଆହାବଙ୍କ କନ୍ୟାକୁ ବିବାହ କରି
ତାଙ୍କ ସହିତ ଏକ ଚୁକ୍ତି କଲା। **2**କିଛି ବର୍ଷ ଉତ୍ତାରେ,
ଯିହୋଶାଫଟ୍ ଶମରୀୟା ସହରରେ ରାଜା ଆହାବଙ୍କୁ ଭେଟିବା
ନିମନ୍ତେ ଗଲେ। ଆହାବ ଯିହୋଶାଫଟ୍ ଓ ତାଙ୍କ ସହିତ
ଥିବା ଲୋକମାନଙ୍କ ନିମନ୍ତେ ଅନେକ ମେଣ୍ଢା ଓ ଗାଈ
ବଳିଦାନ ଦେଲେ। ଆହାବ ଯିହୋଶାଫଟଙ୍କୁ ରାମୋତ-ଗିଲୀୟଦ୍
ସହରକୁ ଆକ୍ରମଣ କରିବା ନିମନ୍ତେ ଉତ୍ସାହିତ କଲେ।
**3**ଆହାବ ଯିହୋଶାଫଟଙ୍କୁ କହିଲେ, "ତୁମ୍ଭେ ମୋ ସହିତ
ରାମୋତ୍-ଗିଲୀୟଦ୍‌କୁ ଆକ୍ରମଣ କରିବା ନିମନ୍ତେ ଯିବ କି?"
ଆହାବ ଇଶ୍ରାୟେଲର ରାଜା ଓ ଯିହୋଶାଫଟ୍ ଯିହୁଦାର ରାଜା
ଥିଲେ। ଯିହୋଶାଫଟ୍ ଆହାବଙ୍କୁ ଉତ୍ତର ଦେଲେ, "ମୁଁ ତୁମ୍ଭ
ତୁଲ୍ୟ ଅଟେ ଓ ମୋର ଲୋକମାନେ ତୁମ୍ଭ ଲୋକ ପରି
ଅଟନ୍ତି। ଆମ୍ଭେମାନେ ତୁମ୍ଭ ସହିତ ଯୁଦ୍ଧରେ ଯୋଗ ଦେବା।"
**4**ଯିହୋଶାଫଟ୍ ଇଶ୍ରାୟେଲର ରାଜା ଆହୁରି ମଧ୍ୟ କହିଲେ,
"କିନ୍ତୁ ଆସ ପ୍ରଥମେ, ଆମ୍ଭେ ସଦାପ୍ରଭୁଙ୍କଠାରୁ ଏକ ସନ୍ଦେଶ
ଲୋଡିବା।"
**5**ତେଣୁ ଇଶ୍ରାୟେଲର ରାଜା ସମସ୍ତ ଭବିଷ୍ୟତ୍‌ବକ୍ତାଙ୍କୁ
ଏକତ୍ର କଲେ, ସେମାନେ 400 ଜଣ ଥିଲେ। ଆହାବ
ସେମାନଙ୍କୁ କହିଲେ, "ଆମ୍ଭେମାନେ ରାମୋତ୍-ଗିଲୀୟଦ୍ ସହରକୁ
ଯୁଦ୍ଧ କରିବାକୁ ଯିବା, ନା ନାହିଁ?" ଭବିଷ୍ୟଦ୍‌ବକ୍ତାମାନେ
କହିଲେ, "ଯାଅ, କାରଣ ପରମେଶ୍ୱର ରାମୋତ୍-ଗିଲୀୟଦ୍‌କୁ
ରାଜାଙ୍କୁ ଦେବେ।"
**6**କିନ୍ତୁ ଯିହୋଶାଫଟ୍ କହିଲେ, "ସଦାପ୍ରଭୁଙ୍କର ଅନ୍ୟ
କୌଣସି ଭବିଷ୍ୟତ୍‌ବକ୍ତା ଏଠାରେ ନାହାନ୍ତି କି, ଯାହାକୁ ଆମ୍ଭେ
ପଚାରିପାରିବା?"
**7**ଏହାପରେ ଇଶ୍ରାୟେଲର ରାଜା ଯିହୋଶାଫଟଙ୍କୁ କହିଲେ,
"ଏଠାରେ ତଥାପି ଆହୁରି ଜଣେ ବ୍ୟକ୍ତି ଅଛନ୍ତି। ଆମ୍ଭେମାନେ
ତାଙ୍କ ମାଧ୍ୟମରେ ସଦାପ୍ରଭୁଙ୍କୁ ପଚାରିପାରିବା। କିନ୍ତୁ ମୁଁ ସେହି
ବ୍ୟକ୍ତିଙ୍କୁ ଘୃଣା କରେ, କାରଣ ସେ କେବେହେଁ ସଦାପ୍ରଭୁଙ୍କଠାରୁ
ମୋ ନିମନ୍ତେ ଗୋଟିଏ ସୁଦ୍ଧା ଶୁଭବାର୍ତ୍ତା ଆଣି ନାହିଁ। ସେ
ସର୍ବଦା ମୋ ନିକଟକୁ ମନ୍ଦ ଖବର ଆଣିଛି। ସେହି
ବ୍ୟକ୍ତିଙ୍କର ନାମ ହେଲା, ମୀଖାୟ। ସେ ଯିମ୍ଲଙ୍କ ପୁତ୍ର
ଅଟନ୍ତି।" କିନ୍ତୁ ଯିହୋଶାଫଟ୍ କହିଲେ, "ଜଣେ ରାଜା
ସେପରି କହିବା ଉଚିତ ନୁହେଁ।"
**8**ତା'ପରେ ଇଶ୍ରାୟେଲର ରାଜା ତାଙ୍କର ଜଣେ କର୍ମଚାରୀଙ୍କୁ
ଡାକିଲେ ଓ ତାକୁ କହିଲେ, "ଶୀଘ୍ର ଯାଅ, ଯିମ୍ଲଙ୍କର ପୁତ୍ର
ମୀଖାୟଙ୍କୁ ଏଠାକୁ ନେଇଆସ।"
**9**ଏହାପରେ ଇଶ୍ରାୟେଲର ରାଜା ଓ ଯିହୁଦାର ରାଜା
ଯିହୋଶାଫଟ୍ ସେମାନଙ୍କର ରାଜକୀୟ ପୋଷାକ ପିନ୍ଧିଥିଲେ।
ସେମାନେ ଶମରୀୟା ନଗରର ସମ୍ମୁଖଦ୍ୱାର ନିକଟସ୍ଥ ଶସ୍ୟମର୍ଦ୍ଦନ
ଚଟାଣ ନିକଟରେ ସେମାନଙ୍କର ସିଂହାସନମାନଙ୍କରେ ବସିଥିଲେ,
ସେହି ସମସ୍ତ ଭବିଷ୍ୟତ୍‌ବକ୍ତା ଦୁଇ ରାଜାଙ୍କ ସମ୍ମୁଖରେ
ସେମାନଙ୍କର ବାର୍ତ୍ତାମାନ କହୁଥିଲେ। **10**ସିଦିକୀୟ କନାନା
ନାମକ ବ୍ୟକ୍ତିର ପୁତ୍ର ଥିଲା। ସିଦିକୀୟ ଲୁହାରୁ କେତେକ
ଶିଙ୍ଗା ନିର୍ମାଣ କରିଥିଲା। ସିଦିକୀୟ କହିଲା, "ସଦାପ୍ରଭୁ
କହନ୍ତି, 'ସେମାନେ ସଂପୂର୍ଣ୍ଣ ବିନଷ୍ଟ ନ ହେବା ପର୍ଯ୍ୟନ୍ତ ତୁମ୍ଭେ
ଏହି ଲୌହ-ଶିଙ୍ଗା ଅରାମୀୟମାନଙ୍କୁ ବିଦାରିବା ନିମନ୍ତେ ବ୍ୟବହାର
କରିବ।'"
**11**ସବୁ ଭବିଷ୍ୟତ୍‌ବକ୍ତାମାନେ ସେହି ସମାନ କଥା କହିଲେ।
ସେମାନେ କହିଲେ, "ରାମୋତ୍-ଗିଲୀୟଦ୍‌ର ସହରକୁ ଯାଅ।
ତୁମ୍ଭେ ସଫଳତା ଓ ବିଜୟ ଲାଭ କରିବ। ସଦାପ୍ରଭୁ
ରାମୋତ୍-ଗିଲୀୟଦ୍‌କୁ ରାଜାଙ୍କୁ ଦେବେ।"
**12**ମୀଖାୟଙ୍କୁ ଯେଉଁ ବାର୍ତ୍ତାବାହକ ଡାକିବାକୁ ଯାଇଥିଲା,
ତାଙ୍କୁ କହିଲା, "ମୀଖାୟ, ଶୁଣ, ସବୁ ଭବିଷ୍ୟତ୍‌ବକ୍ତାମାନେ
ଏକପ୍ରକାର କଥା କହୁଅଛନ୍ତି। ସେମାନେ କହୁଛନ୍ତି ଯେ, ରାଜା
ସଫଳତା ଲାଭ କରିବେ। ତେଣୁ ସେମାନେ ଯାହା କହୁଛନ୍ତି,
ତୁମ୍ଭେ ମଧ୍ୟ ତାହା କହିବା ଉଚିତ୍। ତୁମ୍ଭେ ଉତ୍ତମ ବିଷୟମାନ
କହିବା ଉଚିତ୍।"
**13**କିନ୍ତୁ ମୀଖାୟ ଉତ୍ତର ଦେଲେ, "ନିଶ୍ଚିତ ଭାବରେ
ସଦାପ୍ରଭୁ ଥିବାଯାଏ, ମୋ ପରମେଶ୍ୱର ଯାହା କହନ୍ତି, ମୁଁ
କେବଳ ତାହା କହିପାରିବି।"
**14**ଏହାପରେ ମୀଖାୟ ରାଜାଙ୍କ ନିକଟକୁ ଆସିଲେ।
ରାଜା ତାଙ୍କୁ କହିଲେ, "ମୀଖାୟ, ଆମ୍ଭେମାନେ
ରାମୋତ୍-ଗିଲୀୟଦ ସହରକୁ ଯୁଦ୍ଧ କରିବା ନିମନ୍ତେ ଯିବୁ ନା
ନାହିଁ?" ମୀଖାୟ ଉତ୍ତର ଦେଲେ, "ଯାଅ ଓ ଆକ୍ରମଣ କର।
ତୁମ୍ଭେମାନେ ଅଧିକାର କରିବ ଏବଂ ସେହି ସହର ତୁମ୍ଭର
ହେବ।"

15ରାଜା ମୀଖାୟଙ୍କୁ କହିଲେ, "କେବଳ ସଦାପ୍ରଭୁଙ୍କ
ନାମରେ ସତ କହିବାକୁ କେତେଥର ମୋତେ ତୁମ୍ଭମାନଙ୍କୁ
ଶପଥ କରାଇବା ପାଇଁ ପଡୁଛି?"

16ଏହାପରେ ମୀଖାୟ କହିଲେ, "ମୁଁ ଇସ୍ରାୟେଲର ସମସ୍ତ
ଲୋକଙ୍କୁ ପର୍ବତ ଉପରେ ଛିନ୍ନବିଛିନ୍ନ ଦେଖିଲି। ସେମାନେ
ମେଷପାଳକ ବିହୀନ ମେଷ ତୁଲ୍ୟ ଥିଲେ। ସଦାପ୍ରଭୁ କହିଲେ,
'ସେମାନଙ୍କର କୌଣସି ନେତା ନାହାନ୍ତି। ପ୍ରତ୍ୟେକ ଲୋକ
ନିରାପଦରେ ନିଜ ଗୃହକୁ ଫେରିଯାଉ।'"

17ଇସ୍ରାୟେଲର ରାଜା ଯିହୋଶାଫଟ୍‌ଙ୍କୁ କହିଲେ, "ମୁଁ
ତୁମ୍ଭକୁ କହିଥିଲି ଯେ, ମୀଖାୟ ମୋ ନିମନ୍ତେ କୌଣସି
ଉତ୍ତମ ବାର୍ତ୍ତା ଆଣିବ ନାହିଁ। ମୋ' ନିମନ୍ତେ ସେ କେବଳ
ଖରାପ ବାର୍ତ୍ତା ଆଣେ।"

18ମୀଖାୟ କହିଲେ, "ସଦାପ୍ରଭୁଙ୍କଠାରୁ ଆସିଥିବା ଏହି
ବାର୍ତ୍ତା ଶୁଣ। ମୁଁ ସଦାପ୍ରଭୁଙ୍କୁ ତାଙ୍କର ସିଂହାସନରେ ବସିଥିବାର
ଦେଖିଲି। ସ୍ୱର୍ଗୀୟ ଦୂତଗଣ ତାଙ୍କର ଚତୁର୍ଦ୍ଦିଗରେ ଠିଆ
ହୋଇଥିଲେ, କେତେକ ତାଙ୍କର ବାମ ପାର୍ଶ୍ୱରେ ଓ କେତେକ
ତାଙ୍କର ଦକ୍ଷିଣ ପାର୍ଶ୍ୱରେ ଛିଡ଼ା ହୋଇଥିଲେ। 19ସଦାପ୍ରଭୁ
କହିଲେ, 'କିଏ ଇସ୍ରାୟେଲର ରାଜା ଆହାବଙ୍କୁ ପ୍ରତାରଣ
କରିବ, ସେଥିପାଇଁ ତାକୁ ରାମୋତ୍-ଗିଲୟାଦ୍‌ରେ ହତ୍ୟା
କରାଯିବ?' ସଦାପ୍ରଭୁଙ୍କ ଚତୁର୍ଦ୍ଦିଗରେ ଠିଆ ହୋଇଥିବା ଭିନ୍ନ
ଭିନ୍ନ ଲୋକମାନେ, ଭିନ୍ନ ଭିନ୍ନ କଥା କହିଲେ। କେତେକ
ଗୋଟିଏ କଥା କହିଲେ ଓ ଆଉ କେତେକ ଆଉ କିଛି
କହିଲେ। 20ଏହାପରେ ଗୋଟିଏ ଆତ୍ମା ଆସିଲା ଓ ସଦାପ୍ରଭୁଙ୍କ
ସମ୍ମୁଖରେ ଠିଆ ହେଲା। ଆତ୍ମାଟି କହିଲା, 'ମୁଁ ଅହାବଙ୍କୁ
ପ୍ରତାରିତ କରିବ।' ସଦାପ୍ରଭୁ ଆତ୍ମାକୁ ପଚାରିଲେ, 'କିପରି?'
21ସେହି ଆତ୍ମାଟି ଉତ୍ତର ଦେଲା, 'ମୁଁ ଯିବି ଓ ଆହାବଙ୍କ
ଭବିଷ୍ୟତ୍‌ବକ୍ତାମାନଙ୍କ ମୁଖରେ ଏକ ମିଥ୍ୟାବାଦୀ ଆତ୍ମା ହୋଇଯିବି।'
ଆଉ ସଦାପ୍ରଭୁ କହିଲେ, 'ନିଶ୍ଚିତ ଭାବରେ ତୁମ୍ଭେ ଆହାବକୁ
ପ୍ରତାରିତ କରିବାକୁ ସମର୍ଥ ହେବ। ତେଣୁ ଯାଅ ଓ ତାହା
କର।'

22"ଏଣୁ ହେ ଆହାବ, ଦେଖନ୍ତୁ, ସଦାପ୍ରଭୁ ଆପଣଙ୍କ
ଭବିଷ୍ୟତ୍‌ବକ୍ତାମାନଙ୍କର ମୁଖରେ ଏକ ମିଥ୍ୟାବାଦୀର ଆତ୍ମା
ଦେଇଛନ୍ତି, ସଦାପ୍ରଭୁ କହିଛନ୍ତି ଯେ, ତୁମ୍ଭପ୍ରତି ଅମଙ୍ଗଳ ହିଁ
ଘଟିବ।"

23ଏହା ଶୁଣି ସିଦିକୀୟ ମୀଖାୟ ନିକଟକୁ ଗଲା ଓ ତାଙ୍କ
ଗାଲକୁ ଆଘାତ କଲା। ସିଦିକୀୟ କହିଲା, "ମୀଖାୟ, ସଦାପ୍ରଭୁଙ୍କ
ଆତ୍ମା ତୋତେ ଏହା କହିବା ନିମନ୍ତେ ମୋ'ଠାରୁ କେଉଁ
ବାଟରେ ଗଲେ?" 24ମୀଖାୟ ଉତ୍ତର ଦେଲେ, "ସିଦିକୀୟ,
ତୁମ୍ଭେ ନିଜକୁ ଲୁଚାଇବା ନିମନ୍ତେ ଯେଉଁ ଦିନ ଭିତର
କୋଠରୀକି ଯିବ, ସେହିଦିନ ତାହା ଜାଣିବ!"

25ତାପରେ ଇସ୍ରାୟେଲର ରାଜା କହିଲେ, "ମୀଖାୟଙ୍କୁ
ନେଇଯାଅ ଓ ତାଙ୍କୁ ନଗରର ନଗରପାଳ ଆମୋନ ଓ
ରାଜାଙ୍କ ପୁତ୍ର ଯୋୟାଶଙ୍କ ନିକଟକୁ ପଠାଇଦିଅ। 26ଆମୋନ୍
ଓ ଯୋୟାଶଙ୍କୁ କୁହ, 'ରାଜା ଏହା କହନ୍ତି: ମୀଖାୟଙ୍କୁ
ବନ୍ଦୀଶାଳାରେ ପକାଇଦିଅ। ମୁଁ ଯୁଦ୍ଧରୁ ଫେରି ନଆସିବା
ପର୍ଯ୍ୟନ୍ତ ତାଙ୍କୁ ଅଳ୍ପ ରୋଟୀ ଓ ଜଳ ବ୍ୟତୀତ ଆଉ କିଛି
ଖାଦ୍ୟ ଭୋଜନ କରିବାକୁ ଦେବ ନାହିଁ।'"

27ମୀଖାୟ ଉତ୍ତର ଦେଲେ, "ଯଦି ତୁମ୍ଭେ ଯୁଦ୍ଧରୁ
ନିରାପଦରେ ଫେରି ଆସ, ତେବେ ସଦାପ୍ରଭୁ ମୋ ମାଧ୍ୟମରେ
କହି ନାହାନ୍ତି। ସବୁ ଲୋକମାନେ, ମୋ କଥା ଶୁଣ।"

### ଆହାବ ରାମୋତ୍ ଗିଲୟାଦ୍‌ରେ ହତ ହେଲେ

28ତେଣୁ ଇସ୍ରାୟେଲର ରାଜା ଓ ଯିହୁଦାର ରାଜା ଯିହୋଶାଫଟ୍
ରାମୋତ୍-ଗିଲୟାଦ୍ ସହର ଉପରେ ଆକ୍ରମଣ କଲେ,
29ଇସ୍ରାୟେଲର ରାଜା ଯିହୋଶାଫଟ୍‌ଙ୍କୁ କହିଲେ, "ଯୁଦ୍ଧକୁ
ଯିବା ପୂର୍ବରୁ ମୁଁ ଛଦ୍ମବେଶ ଧାରଣ କରିବି। କିନ୍ତୁ ତୁମ୍ଭେ
ତୁମ୍ଭର ରାଜକୀୟ ପୋଷାକ ପିନ୍ଧ।" ତେଣୁ ଇସ୍ରାୟେଲର ରାଜା
ଛଦ୍ମବେଶ ଧାରଣ କଲେ, ଆଉ ଦୁଇ ରାଜା ଯୁଦ୍ଧକୁ ଗଲେ।

30ଅରାମର ରାଜା ତାଙ୍କର ରଥ-ଚାଳକମାନଙ୍କୁ ଗୋଟିଏ
ଆଦେଶ ଦେଲେ। ସେ ସେମାନଙ୍କୁ କହିଲେ, "ମହାନ୍ ହେଉ
କି ଗୌଣ ହେଉ, କୌଣସି ବ୍ୟକ୍ତି ସହିତ ଯୁଦ୍ଧ କରନାହିଁ।
କିନ୍ତୁ କେବଳ ଇସ୍ରାୟେଲର ରାଜା ସହିତ ଯୁଦ୍ଧ କର।"
31ଯେତେବେଳେ ରଥ-ଚାଳକମାନେ ଯିହୋଶାଫଟ୍‌ଙ୍କୁ ଦେଖିଲେ,
ସେମାନେ ଭାବିଲେ, "ସେଠାରେ ଇସ୍ରାୟେଲର ରାଜା ଅଛନ୍ତି।"
ତେଣୁ ସେମାନେ ଯିହୋଶାଫଟ୍‌ଙ୍କ ଆଡ଼େ ଆକ୍ରମଣ କରିବାକୁ
ଗଲେ। ତେଣୁ ଯିହୋଶାଫଟ୍ ଚିତ୍କାର କଲେ, ଆଉ ସଦାପ୍ରଭୁ
ତାଙ୍କୁ ସାହାଯ୍ୟ କଲେ। ପରମେଶ୍ୱର ରଥ-ଚାଳକମାନଙ୍କୁ
ଯିହୋଶାଫଟ୍‌ଙ୍କ ଆଡୁ ଫେରାଇ ନେଲେ। 32ଯେତେବେଳେ
ସେମାନେ ଦେଖିଲେ ଯେ ଯିହୋଶାଫଟ୍ ଇସ୍ରାୟେଲର ରାଜା
ନୁହଁନ୍ତି, ସେମାନେ ତାଙ୍କ ପଛରେ ଆଉ ଗୋଡ଼ାଇଲେ ନାହିଁ।

33କିନ୍ତୁ ଜଣେ ଧନୁର୍ଦ୍ଧର ଲକ୍ଷ୍ୟହୀନ ଭାବରେ ତା' ଧନୁରୁ
ତୀରଟିଏ ମାରିଲା। ସେହି ତୀରଟି ଆସି ଇସ୍ରାୟେଲର ରାଜା
ଆହାବଙ୍କ ସାଞ୍ଜୁଆର ଏକ ସନ୍ଧି ସ୍ଥାନରେ ବାଜିଲା। ଇସ୍ରାୟେଲର
ରାଜା ତାଙ୍କର ରଥଚାଳକକୁ କହିଲେ, "ରଥକୁ ଫେରାଇ ନିଅ
ଓ ମୋତେ ଯୁଦ୍ଧ କ୍ଷେତ୍ରରୁ ନେଇଯାଅ। ମୁଁ ଆଘାତପ୍ରାପ୍ତ
ହୋଇଅଛି!" 34ଦିନ ତମାମ ଯୁଦ୍ଧ ଚାଲିଲା। ଇସ୍ରାୟେଲର
ରାଜା ଅରାମୀୟମାନଙ୍କୁ ଚାହିଁ ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କ ରଥ
ଉପରେ ଛିଡ଼ା ହୋଇ ରହିଲେ। ତା'ପରେ ସୂର୍ଯ୍ୟାସ୍ତ ସମୟରେ
ସେ ମୃତ୍ୟୁବରଣ କଲେ।

19 ଯିହୁଦାର ରାଜା ଯିହୋଶାଫଟ୍ ନିରାପଦରେ
ଯିରୁଶାଲମରେ ନିଜ ଗୃହକୁ ଫେରି ଆସିଲେ।
2ଦ୍ରଷ୍ଟା ଯେହୂ ଯିହୋଶାଫଟ୍‌ଙ୍କୁ ଭେଟିବାକୁ ଗଲେ। ଯେହୂଙ୍କର
ପିତାଙ୍କର ନାମ ହନାନି ଥିଲା। ଯେହୂ ରାଜା ଯିହୋଶାଫଟ୍‌କୁ
କହିଲେ, "ତୁମ୍ଭେ କାହିଁକି ଦୁଷ୍ଟ ଲୋକମାନଙ୍କୁ ସାହାଯ୍ୟ
କଲ? ସଦାପ୍ରଭୁ ଯେଉଁ ଲୋକମାନଙ୍କୁ ଘୃଣା କରନ୍ତି, ତୁମ୍ଭେ
କାହିଁକି ସେହି ଲୋକମାନଙ୍କୁ ପ୍ରେମ କଲ? ସେଥିନିମନ୍ତେ
ସଦାପ୍ରଭୁ ତୁମ୍ଭ ଉପରେ କ୍ରୋଧ କରିଅଛନ୍ତି। 3କିନ୍ତୁ ତୁମ୍ଭେ
ଜୀବନରେ କେତେକ ଉତ୍ତମ ବିଷୟ କରିଅଛ। ତୁମ୍ଭେ ଏହି
ଦେଶରୁ ଆଶେରା ସ୍ତମ୍ଭଗୁଡ଼ିକୁ ଧ୍ୱଂସ କରି ଦେଇଅଛ ଓ
ତୁମ୍ଭେ ପରମେଶ୍ୱରଙ୍କର ଅନୁଗମନ କରିବା ନିମନ୍ତେ ତୁମ୍ଭ
ଅନ୍ତରରେ ସିଦ୍ଧାନ୍ତ ନେଇଅଛ।"

### ଯିହୋଶାଫଟ୍ ବିଚାରକର୍ତ୍ତାମାନଙ୍କର ମନୋନୟନ କରନ୍ତି

4ଯିହୋଶାଫଟ୍ ଯିରୁଶାଲମରେ ବାସ କରୁଥିଲେ। ସେ

ବେର୍‌ଶେବାର ଲୋକମାନଙ୍କ ମଧ୍ୟରୁ ଇଫ୍ରୟିମ୍‌ର ପାର୍ବତ୍ୟମୟ
ଦେଶକୁ ବାହାରି ଗଲେ। ସଦାପ୍ରଭୁ ପରମେଶ୍ୱରଙ୍କ ନିକଟକୁ
ସେହି ଲୋକମାନଙ୍କୁ ଯିହୋଶାଫଟ୍ ପୁଣି ଫେରାଇ ଆଣିଲେ,
ଯିଏକି ସେମାନଙ୍କର ପୂର୍ବପୁରୁଷଗଣଙ୍କର ଅନୁସରଣ କରୁଥିଲେ।
**5**ଯିହୋଶାଫଟ୍ ଯିହୁଦାର ସମସ୍ତ ନଗରରେ ବିଚାରକର୍ତ୍ତାମାନଙ୍କୁ
ନିଯୁକ୍ତ କଲେ। ଯିହୁଦାର ପ୍ରତିଟି ସୁଦୃଢ଼ ଦୁର୍ଗରେ ରହିବା
ନିମନ୍ତେ ସେ ବିଚାରକର୍ତ୍ତାମାନଙ୍କୁ ନିଯୁକ୍ତ କଲେ। **6**ଯିହୋଶାଫଟ୍
ଏହି ବିଚାରକର୍ତ୍ତାମାନଙ୍କୁ କହିଲେ, "ତୁମ୍ଭେମାନେ ଯାହା କରୁଅଛ,
ସେ ବିଷୟରେ ବିଶେଷ ସାବଧାନ ହୁଅ, କାରଣ ଲୋକମାନେ
ବିଚାର କଲା ପରି ତୁମ୍ଭେମାନେ ନିର୍ଣ୍ଣିତ ସେପରି ବିଚାର
କରିବ ନାହିଁ, କିନ୍ତୁ ସଦାପ୍ରଭୁଙ୍କ ପରି କରିବ। ଯେତେବେଳେ
ତୁମ୍ଭେମାନେ ଗୋଟିଏ ନିଷ୍ପତ୍ତି ନେବ, ସେତେବେଳେ ସଦାପ୍ରଭୁ
ତୁମ୍ଭ ସହିତ ଥିବେ। **7**ବର୍ତ୍ତମାନ, ତୁମ୍ଭେମାନେ ପ୍ରତ୍ୟେକ
ସଦାପ୍ରଭୁଙ୍କୁ ନିତାନ୍ତ ଭୟ କରିବ। ଆମ୍ଭମାନଙ୍କର ସଦାପ୍ରଭୁ
ପରମେଶ୍ୱର ନ୍ୟାୟବାନ ଅଟନ୍ତି, ତେଣୁ ତୁମ୍ଭେମାନେ ଯାହା
କର, ସେ ବିଷୟରେ ବିଶେଷ ସାବଧାନ ହୁଅ। ସଦାପ୍ରଭୁ
କୌଣସି ମନୁଷ୍ୟକୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଗୁରୁତ୍ୱ
ଦିଅନ୍ତି ନାହିଁ। ଆଉ, ସେ ତାଙ୍କର ନିଷ୍ପତ୍ତି ବଦଳାଇବାକୁ
ଲାଞ୍ଚ ନିଅନ୍ତି ନାହିଁ।"

**8**ଯିରୁଶାଲମରେ ଯିହୋଶାଫଟ୍ କେତେକ ଲେବୀୟ, ଯାଜକ
ଓ ଇଶ୍ରାୟେଲୀୟ ବଂଶର ନେତାମାନଙ୍କୁ ବିଚାରକର୍ତ୍ତା ରୂପେ
ମନୋନୀତ କଲେ। ଯିରୁଶାଲମର ଲୋକମାନଙ୍କର ସମସ୍ୟା
ସମାଧାନ କରିବା ନିମନ୍ତେ ଏହି ଲୋକମାନଙ୍କୁ ସଦାପ୍ରଭୁଙ୍କ
ନିୟମ ବ୍ୟବହାର କରିବାର ଥିଲା। **9**ଯିହୋଶାଫଟ୍ ସେମାନଙ୍କୁ
କେତେକ ଆଦେଶ ଦେଲେ। ଯିହୋଶାଫଟ୍ କହିଲେ,
"ତୁମ୍ଭେମାନେ ତୁମ୍ଭମାନଙ୍କର ସମସ୍ତ ଅନ୍ତଃକରଣ ସହିତ ବିଶ୍ୱସ୍ତ
ଭାବରେ ସେବା କରିବ, ତୁମ୍ଭେମାନେ ସଦାପ୍ରଭୁଙ୍କୁ ଭୟ
କରିବ।

**10**ତୁମ୍ଭମାନଙ୍କ ନିକଟକୁ ହତ୍ୟା, ଆଇନ୍ ଅମାନ୍ୟ, ଶାସନ
ଓ ଅନ୍ୟ ଆଇନ୍ ସମ୍ପର୍କିତ ମାମଲାମାନ ଆସିବ, ଏହିସବୁ
ମାମଲା ଏହି ନଗରରେ ବାସ କରୁଥିବା ତୁମ୍ଭମାନଙ୍କର
ଭ୍ରାତାମାନଙ୍କର ମଧ୍ୟରୁ ହିଁ ଆସିବ। ଏହିସବୁ ମାମଲାରେ
ତୁମ୍ଭେମାନେ ଲୋକମାନଙ୍କୁ "ସଦାପ୍ରଭୁ"ଙ୍କ ବିରୁଦ୍ଧରେ
ପାପ ନ କରିବା ନିମନ୍ତେ ସତର୍କ କରାଇଦେବ। ଯଦି
ତୁମ୍ଭେମାନେ ବିଶ୍ୱସ୍ତ ଭାବେ ସେବା କରିବ ନାହିଁ, ତେବେ
ତୁମ୍ଭ ବିରୁଦ୍ଧରେ ଓ ତୁମ୍ଭମାନଙ୍କ ଭ୍ରାତାମାନଙ୍କ ବିରୁଦ୍ଧରେ
ସଦାପ୍ରଭୁଙ୍କ କୋପ ବର୍ତ୍ତିବ। ଏହିପରି କର, ତେବେ
ତୁମ୍ଭେମାନେ ଦୋଷୀ ହେବନାହିଁ। **11**ଅମରୀୟ ପ୍ରଧାନ ଯାଜକ
ଅଟନ୍ତି। ସଦାପ୍ରଭୁଙ୍କ ସଂପର୍କିତ ସମସ୍ତ ବିଷୟରେ ସେ
ତୁମ୍ଭମାନଙ୍କର ମାଲିକ ହେବେ। ଆଉ ରାଜାଙ୍କ ସଂପର୍କିତ
ସମସ୍ତ ବିଷୟରେ ସବଦୀୟ ତୁମ୍ଭମାନଙ୍କର ମାଲିକ ହେବେ।
ସବଦୀୟଙ୍କ ପିତାଙ୍କର ନାମ ଇଶ୍ମାୟେଲ ଅଟେ। ସବଦୀୟ
ଯିହୁଦା ଗୋଷ୍ଠୀର ଜଣେ ନେତା ଅଟନ୍ତି। ଆହୁରି ମଧ୍ୟ,
ଲେବୀୟମାନେ ତୁମ୍ଭମାନଙ୍କୁ ସାହାଯ୍ୟ କରିବେ ଯାହା ତୁମ୍ଭର
ଦରକାର। ତୁମ୍ଭେମାନେ ସମସ୍ତ କାର୍ଯ୍ୟ ସାହସର ସହିତ କର।
ଯେଉଁମାନେ ଯଥାର୍ଥ କର୍ମ କରନ୍ତି, ସଦାପ୍ରଭୁ ସେମାନଙ୍କର
ସହିତ ରହନ୍ତୁ।"

## ଯିହୋଶାଫଟ୍ ଯୁଦ୍ଧର ସମ୍ମୁଖୀନ ହେଲେ

**20** ପରେ ମୋୟାବୀୟ, ଅମ୍ମୋନୀୟ ଓ କେତେକ
ଅମ୍ମୋନୀୟ ଲୋକ ଯିହୋଶାଫଟ୍‌ଙ୍କ ସହିତ ଯୁଦ୍ଧ
କରିବାକୁ ଆସିଲେ। **2**କିଛି ଲୋକ ଆସି ଯିହୋଶାଫଟ୍‌ଙ୍କୁ
କହିଲେ, "ଇଦୋମରୁ ତୁମ୍ଭ ବିରୁଦ୍ଧରେ ଏକ ବୃହତ୍ ସୈନ୍ୟଦଳ
ଆସୁଛନ୍ତି। ସେମାନେ ମୃତସାଗରର ଅପର ପାର୍ଶ୍ୱରୁ ଆସୁଅଛନ୍ତି।
ସେମାନେ ହତସସୋନ୍-ତାମରରେ ଆସି ପୂର୍ବରୁ ପହଞ୍ଚି
ସାରିଲେଣି!" (ହତସସୋନ-ତାମରକୁ ଐନ୍ ଗଦୀ ବୋଲି
ମଧ୍ୟ କୁହାଯାଉ ଥିଲା।) **3**ଯେହୋଶାଫଟ୍ ଏହା ଶୁଣି ଭୟଭୀତ
ହୋଇପଡ଼ିଲେ ଓ କ'ଣ କରିବାକୁ ହେବ, ତାହା ସଦାପ୍ରଭୁଙ୍କଠାରୁ
ପଚାରିବା ନିମନ୍ତେ ସ୍ଥିର କଲେ, ସେ ସାରା ଯିହୁଦାରେ
ଉପବାସର ସମୟ ଘୋଷଣା କଲେ। **4**ଯିହୁଦାର ଲୋକମାନେ
ସଦାପ୍ରଭୁଙ୍କଠାରୁ ସାହାଯ୍ୟ ମାଗିବା ନିମନ୍ତେ ଏକତ୍ର ହେଲେ।
ସେମାନେ ସଦାପ୍ରଭୁଙ୍କଠାରୁ ସାହାଯ୍ୟ ଲୋଡ଼ିବାକୁ ଯିହୁଦାର
ସବୁ ସହରରୁ ବାହାରି ଆସିଲେ।

**5**ସଦାପ୍ରଭୁଙ୍କ ମନ୍ଦିରର ନୂତନ ପ୍ରାଙ୍ଗଣ ସମ୍ମୁଖରେ ଯିହୋଶାଫଟ୍
ଉପସ୍ଥିତ ଥିଲେ। ସେ ଯିହୁଦା ଓ ଯିରୁଶାଲମର ଲୋକମାନଙ୍କ
ମଧ୍ୟରୁ ଉଠି ଠିଆ ହେଲେ। **6**ସେ କହିଲେ,

"ହେ ଆମ୍ଭମାନଙ୍କ ପୂର୍ବପୁରୁଷଗଣଙ୍କର ସଦାପ୍ରଭୁ ପରମେଶ୍ୱର,
ତୁମ୍ଭେ ସ୍ୱର୍ଗସ୍ଥ ପରମେଶ୍ୱର ଅଟ। ତୁମ୍ଭେ ସବୁ ଜାତି ଓ ସବୁ
ରାଜ୍ୟ ଉପରେ ରାଜତ୍ୱ କର। ତୁମ୍ଭର ପରାକ୍ରମ ଓ ଶକ୍ତି
ଅଛି। କୌଣସି ବ୍ୟକ୍ତି ତୁମ୍ଭ ବିରୁଦ୍ଧରେ ଠିଆ ହୋଇ ନ
ପାରେ। **7**ତୁମ୍ଭେ ଆମ୍ଭମାନଙ୍କର ପରମେଶ୍ୱର ଅଟ। ତୁମ୍ଭେ
ଏହି ଦେଶର ଲୋକମାନଙ୍କୁ ବଳପୂର୍ବକ ତଡ଼ି ଦେଲ। ତୁମ୍ଭେ
ଏହି କର୍ମ ତୁମ୍ଭର ଲୋକ ଇଶ୍ରାୟେଲର ସମ୍ମୁଖରେ କଲ।
ତୁମ୍ଭେ ଅନନ୍ତକାଳ ନିମନ୍ତେ ଅବ୍ରହାମଙ୍କ ବଂଶଧରମାନଙ୍କୁ ଏହି
ଦେଶ ଦେଇଅଛ। ଅବ୍ରହାମ ତୁମ୍ଭର ବନ୍ଧୁ ଥିଲେ। **8**ଅବ୍ରହାମଙ୍କ
ବଂଶଧରମାନେ ଏହି ଦେଶରେ ବାସ କଲେ ଓ ତୁମ୍ଭ
ନାମରେ ଗୋଟିଏ ମନ୍ଦିର ନିର୍ମାଣ କଲେ। ସେମାନେ କହିଲେ,
**9**'ଯଦି ଆମ୍ଭମାନଙ୍କ ପ୍ରତି କୌଣସି ବିପଦ ଯେପରି ଖଡ୍ଗ,
ଦଣ୍ଡ, ରୋଗ ବା ମରୁଡ଼ି ଘଟେ, ତେବେ ଆମ୍ଭେମାନେ ଏହି
ମନ୍ଦିର ସମ୍ମୁଖରେ ଓ ତୁମ୍ଭ ସମ୍ମୁଖରେ ଠିଆ ହେବୁ। ଏହି
ମନ୍ଦିର ତୁମ୍ଭର ନାମ ବହନ କରେ, ଯେତେବେଳେ ଆମ୍ଭେମାନେ
ବିପଦରେ ପଡୁ, ସେତେବେଳେ ତୁମ୍ଭ ନିକଟରେ ଡାକ
ପକାଇବୁ। ତା'ପରେ ତୁମ୍ଭେ ଆମ୍ଭମାନଙ୍କ ଡାକ ଶୁଣିବ ଓ
ଆମ୍ଭମାନଙ୍କୁ ଉଦ୍ଧାର କରିବ।'

**10**"କିନ୍ତୁ ଦେଖ, ବର୍ତ୍ତମାନ ଏହି ସ୍ଥାନରେ ଅମ୍ମୋନ,
ମୋୟାବ୍ ଓ ସେୟୀର ପର୍ବତ ନିକଟର ଲୋକମାନେ ଉପସ୍ଥିତ
ହୋଇଛନ୍ତି। ଇଶ୍ରାୟେଲ ଲୋକମାନେ ଯେତେବେଳେ ମିଶରରୁ
ବାହାରି ଆସିଲେ, ତୁମ୍ଭେ ସେମାନଙ୍କୁ ସେମାନଙ୍କର ଦେଶରେ
ପ୍ରବେଶ କରିବାକୁ ଦେଲ ନାହିଁ। ତେଣୁ ଇଶ୍ରାୟେଲର
ଲୋକମାନେ ପଳାଇଗଲେ ଓ ସେହି ଲୋକମାନଙ୍କୁ ମଧ୍ୟ
ବିନଷ୍ଟ କଲ ନାହିଁ। **11**କିନ୍ତୁ ଦେଖ, ସେଥିପାଇଁ ସେମାନେ
ଆମ୍ଭମାନଙ୍କୁ କିପରି ପାରିଶ୍ରମିକ ଦେଉଛନ୍ତି। ସେମାନେ ଆମ୍ଭମାନଙ୍କୁ
ତୁମ୍ଭ ଦେଶରୁ ବଳପୂର୍ବକ ବାହାର କରିଦେବାକୁ ଆସିଛନ୍ତି।
ତୁମ୍ଭେ ଏହି ଦେଶ ଆମ୍ଭମାନଙ୍କୁ ଦେଇଥିଲ। **12**ହେ ଆମ୍ଭମାନଙ୍କର
ପରମେଶ୍ୱର, ସେହି ଲୋକମାନଙ୍କୁ ଦଣ୍ଡ ଦିଅ। ଏହି ଯେଉଁ

ବୃହତ୍ ସୈନ୍ୟଦଳ ଆମ୍ଭମାନଙ୍କ ବରୁଦ୍ଧରେ ଆସୁଛନ୍ତ, ସେମାନଙ୍କ
ବରୁଦ୍ଧରେ ଆମ୍ଭମାନଙ୍କର କୌଣସି ଶକ୍ତ ନାହିଁ। କ'ଣ
କରବାକୁ ହେବ, ତାହା ଆମ୍ଭେମାନେ ଜାଣି ନାହୁଁ। ସେଥିନମନ୍ତେ
ଆମ୍ଭେମାନେ ତୁମ୍ଭର ସାହାଯ୍ୟ ଲୋଡୁଅଛୁ।"

13ଯିହୁଦାର ସମସ୍ତ ଲୋକ ସେମାନଙ୍କ ଶିଶୁ, ସ୍ତ୍ରୀ ଓ
ସନ୍ତାନମାନଙ୍କୁ ନେଇ ସମ୍ମୁଖରେ ଠିଆ ହୋଇଥିଲେ। 14ଏହାପରେ
ସଦାପ୍ରଭୁଙ୍କ ଆତ୍ମା ମଣ୍ଡଳ ମଧ୍ୟରେ ଯିୟ୍ୟେଲଙ୍କ ଉପରେ
ଅଧିଷ୍ଠିତ ହେଲେ। ଯିୟ୍ୟେଲ ଜିଖରୟ୍ଙ୍କ ପୁତ୍ର ଥିଲେ।
ଜିଖରୟ୍ ବନାୟ୍ଙ୍କ ପୁତ୍ର ଥିଲେ। ବନାୟ୍ ଯହସୀୟେଲ୍ଙ୍କ
ପୁତ୍ର ଥିଲେ। ଆଉ ଯହସୀୟେଲ୍ ମତ୍ତାନୟ୍ଙ୍କ ପୁତ୍ର ଥିଲେ।
ଯିୟ୍ୟେଲ ଜଣେ ଲେବୀୟ୍ ଓ ଆସଫ୍ଙ୍କ ବଂଶଧର ଥିଲେ।
15ଯିୟ୍ୟେଲ କହଲେ, "ରାଜା ଯିହୋଶାଫଟ୍, ଯିହୁଦା ଏବଂ
ଯିରୁଶାଲମର ସମସ୍ତ ଲୋକ ମୋ କଥା ଶୁଣ। ସଦାପ୍ରଭୁ
ତୁମ୍ଭକୁ ଏହକଥା କହନ୍ତ: 'ଏହ ବୃହତ୍ ସୈନ୍ୟଦଳ ବଷୟରେ
ଭୀତ କମ୍ପା ବବ୍ରତ ହୁଅ ନାହିଁ, କାରଣ ଏହ ଯୁଦ୍ଧ ତୁମ୍ଭର
ଯୁଦ୍ଧ ନୁହେଁ, ଏହା ପରମେଶ୍ୱରଙ୍କର ଯୁଦ୍ଧ ଅଟେ। 16ଆସନ୍ତାକାଲ,
ତୁମ୍ଭେମାନେ ସେଠାକୁ ଓହ୍ଲାଇ ଯାଅ ଓ ସେହ ଲୋକମାନଙ୍କ
ସହତ ଯୁଦ୍ଧ କର। ସେମାନେ ସୀସ୍ ନାମକ ଗିରପଥ ମଧ
ଦେଇ ଆସିବେ। ତୁମ୍ଭେମାନେ ସେମାନଙ୍କୁ ଯେରୁୟେଲ ପ୍ରାନ୍ତର
ନକଟସ୍ଥ ଗିରପଥ ନକଟରେ, ଶେଷମୁଣ୍ଡରେ ପାଇବ।
17ତୁମ୍ଭମାନଙ୍କର ଏହ ଯୁଦ୍ଧରେ ଯୁଦ୍ଧ କରବା ଦରକାର ନାହିଁ।
ତୁମ୍ଭେମାନେ ନଜ ସ୍ଥାନରେ ଦୃଢ଼ ହୋଇ ଠିଆ ହୁଅ।
ସଦାପ୍ରଭୁ ତୁମ୍ଭମାନଙ୍କୁ ଉଦ୍ଧାର କରବେ, ଏହା ତୁମ୍ଭେମାନେ
ନଜେ ଦେଖିବ। ତୁମ୍ଭେ ଯିହୁଦା ଓ ଯିରୁଶାଲମର ଲୋକମାନେ,
ଭୟ କରନାହିଁ, ବବ୍ରତ ହୁଅନାହିଁ। ସଦାପ୍ରଭୁ ତୁମ୍ଭମାନଙ୍କର
ସଙ୍ଗରେ ଅଛନ୍ତ ଏଣୁ ଆସନ୍ତାକାଲ ଏହ ଲୋକମାନଙ୍କ
ବରୁଦ୍ଧରେ ବାହାର ଯାଅ।'"

18ଯିହୋଶାଫଟ୍ ତଳକୁ ମୁହଁ କର ମଥାନତ କଲେ।
ଆଉ ଯିହୁଦାର ସମସ୍ତ ଲୋକ ଓ ଯିରୁଶାଲମବାସୀମାନେ
ସମସ୍ତେ ସଦାପ୍ରଭୁଙ୍କ ସମ୍ମୁଖରେ ମଥାନତ କଲେ। ଆଉ
ସେମାନେ ସମସ୍ତେ ସଦାପ୍ରଭୁଙ୍କର ଉପାସନା କଲେ। 19କହାତୀୟ
ପରବାରବର୍ଗର ଲେବୀୟମାନେ ଓ କୋରହ ଠିଆ ହୋଇ
ଇସ୍ରାୟେଲର ସଦାପ୍ରଭୁ ପରମେଶ୍ୱରଙ୍କର ପ୍ରଶଂସାଗାନ କରବାକୁ
ଲାଗିଲେ। ସେମାନେ ଅତି ଉଚ୍ଚସ୍ୱରରେ ସଦାପ୍ରଭୁଙ୍କର ପ୍ରଶଂସାଗାନ
କରୁଥିଲେ।

20ଯିହୋଶାଫଟ୍ଙ୍କ ସୈନ୍ୟଦଳ ପ୍ରଭାତରେ ତକୋୟର
ମରୁଭୂମି ମଧ୍ୟକୁ ଯୁଦ୍ଧ ପାଇଁ ଯାତ୍ରା କଲେ। ସେମାନେ
ଯାତ୍ରାରମ୍ଭ କରବା ସମୟରେ ଯିହୋଶାଫଟ୍ ଉଠି ଠିଆହେଲେ
ଓ କହଲେ, "ଯିହୁଦା ଓ ଯିରୁଶାଲମର ସମସ୍ତ ଲୋକ ମୋ'
କଥା ଶୁଣ। ତୁମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱରଙ୍କଠାରେ ବଶ୍ୱାସ
ରଖ, ତେବେ ତୁମ୍ଭେମାନେ ଦୃଢ଼ ରୂପେ ଠିଆ ହୋଇ
ପାରବ। ସଦାପ୍ରଭୁଙ୍କର ଭବଷ୍ୟଦ୍‌ବକ୍ତାମାନଙ୍କଠାରେ ବଶ୍ୱାସ
ରଖ। ତୁମ୍ଭେମାନେ କୃତକାର୍ଯ୍ୟ ହେବ।"

21ଯିହୋଶାଫଟ୍ ଲୋକମାନଙ୍କର ଉପଦେଶ ଶୁଣିଲେ।
ଏହାପରେ ସେ ଗାୟକମାନଙ୍କୁ ସଦାପ୍ରଭୁଙ୍କ ପ୍ରଶଂସାଗାନ
କରବା ପାଇଁ ନଯୁକ୍ତ କଲେ, ସେମାନେ ପବତ୍ର ଚୋଗା
ପରଧାନ କରଛନ୍ତ। ସେମାନେ ସଦାପ୍ରଭୁଙ୍କର ପ୍ରଶଂସାଗାନ
କର ସୈନ୍ୟଦଳର ସମ୍ମୁଖରେ ଯାତ୍ରା କଲେ। ଗାୟକମାନେ
ଏହ ଗୀତ ଗାଉଥିଲେ, "ସଦାପ୍ରଭୁଙ୍କୁ ଧନ୍ୟବାଦ ଦଅ, କାରଣ
ତାଙ୍କର ପ୍ରେମ ଅନନ୍ତକାଳସ୍ଥାୟୀ।" 22ସେହ ଲୋକମାନେ
ପରମେଶ୍ୱରଙ୍କର ପ୍ରଶଂସା ଓ ଗାନ କରବା ସମୟରେ
ସଦାପ୍ରଭୁ ଅମ୍ମୋନ, ମୋୟାବ ଓ ସେୟୀର ପାର୍ବତ୍ୟାଞ୍ଚଳର
ଲୋକମାନଙ୍କର ଉପରେ ଅତର୍କତ ଆକ୍ରମଣ କରାଇଲେ।
ଯେଉଁ ଲୋକମାନେ ଯିହୁଦାକୁ ଆକ୍ରମଣ କରବାକୁ ଆସିଥିଲେ,
ସେମାନେ ପ୍ରହାରତ ହେଲେ। 23ଅମ୍ମୋନୀୟ ଓ ମୋୟାବୀୟମାନେ
ସେୟୀର ପାର୍ବତ୍ୟାଞ୍ଚଳର ଲୋକଙ୍କ ବରୁଦ୍ଧରେ ଯୁଦ୍ଧ କରବା
ଆରମ୍ଭ କରଦେଲେ। ଅମ୍ମୋନୀୟ ଓ ମୋୟାବୀୟମାନେ
ସେୟୀର ପାର୍ବତ୍ୟାଞ୍ଚଳର ଲୋକଙ୍କୁ ହତ୍ୟା ଓ ବନାଶ କଲେ।
ସେମାନେ ସେୟୀରର୍ ଲୋକମାନଙ୍କୁ ହତ୍ୟା କରବାପରେ,
ପରସ୍ପରକୁ ହତ୍ୟା କଲେ।

24ଯିହୁଦାର ଲୋକେ ମରୁଭୂମି ପ୍ରହରୀ ଦୁର୍ଗରେ ପହଞ୍ଚିଲେ।
ସେମାନେ ଶତ୍ରୁ ପକ୍ଷର ବୃହତ୍ ସୈନ୍ୟଦଳକୁ ଖୋଜି ବୁଲିଲେ।
କନ୍ତୁ ସେମାନେ କେବଳ ମୃତ ଶରୀର ଗୁଡ଼କୁ ଭୂମି ଉପରେ
ପଡ଼ ରହଥିବାର ଦେଖିଲେ। ଜଣେ ସୁଦ୍ଧା ଜୀବତ ନଥିଲା।
25ଯିହୋଶାଫଟ୍ ଓ ତାଙ୍କର ସୈନ୍ୟଦଳ ମୃତ ଶରୀରଗୁଡ଼କ
ନକଟରୁ ବହୁମୂଲ୍ୟ ପଦାର୍ଥସବୁ ଲୁଟି ନେବାକୁ ଆସିଲେ।
ସେମାନେ ଅନେକ ବହୁମୂଲ୍ୟ ଦ୍ରବ୍ୟ ପାଇଲେ। ଯିହୋଶାଫଟ୍
ଓ ତାଙ୍କର ସୈନ୍ୟଦଳ ସେହ ଦ୍ରବ୍ୟଗୁଡ଼କୁ ନଜ ନମନ୍ତେ
ନେଲେ। ସେହ ଦ୍ରବ୍ୟଗୁଡ଼କ ଯିହୋଶାଫଟ୍ ଓ ତାଙ୍କ
ଲୋକମାନଙ୍କର ବହନ କରବାର ସାମର୍ଥ୍ୟଠାରୁ ଯଥେଷ୍ଟ ଅଧିକ
ଥିଲା। ମୃତ ଶରୀରଗୁଡ଼କ ନକଟରୁ ସେହ ବହୁମୂଲ୍ୟ ଦ୍ରବ୍ୟଗୁଡ଼କ
କାଢ଼ିବା ନମନ୍ତେ ସେମାନଙ୍କୁ ତିନଦନ ଲାଗିଲା, କାରଣ ତାହା
ପ୍ରଚୁର ଥିଲା। 26ଚତୁର୍ଥ ଦନ ଯିହୋଶାଫଟ୍ ଓ ତାଙ୍କର
ସୈନ୍ୟଦଳ ବରାଖା ଉପତ୍ୟକାରେ ମିଳତ ହେଲେ। ସେହ
ସ୍ଥାନରେ ସେମାନେ ସଦାପ୍ରଭୁଙ୍କର ପ୍ରଶଂସା କଲେ। ତେଣୁ
ସେହ ସ୍ଥାନର ନାମ ଆଜି ପର୍ଯ୍ୟନ୍ତ "ବରାଖା ଉପତ୍ୟକା"
ହୋଇଅଛ।

27ତା'ପରେ ଯିହୋଶାଫଟ୍ ଯିହୁଦା ଓ ଯିରୁଶାଲମ ସମସ୍ତ
ଲୋକଙ୍କୁ ଫେରାଇ ଯିରୁଶାଲମ ନେଇଗଲେ। ପରମେଶ୍ୱର
ସେମାନଙ୍କର ଶତ୍ରୁମାନଙ୍କୁ ଯାହା କରଥିଲେ, ସେଥିରେ ସେମାନେ
ବହୁତ ଖୁସି ହେଲେ। 28ସେମାନେ ବୀଣା ବଜାଇ, ସୀତାର
ବଜାଇ ଓ ତୂରୀ ବଜାଇ ସଦାପ୍ରଭୁଙ୍କର ମନ୍ଦିର ଯିରୁଶାଲମକୁ
ଗଲେ।

29ସଦାପ୍ରଭୁ ଇସ୍ରାୟେଲର ଶତ୍ରୁମାନଙ୍କ ବରୁଦ୍ଧରେ ଯୁଦ୍ଧ
କରବାରୁ ସବୁ ଦେଶ ଓ ରାଜ୍ୟର ଲୋକମାନେ ସଦାପ୍ରଭୁଙ୍କୁ
ଭୟ କଲେ। 30ସେଥିନମନ୍ତେ ଯିହୋଶାଫଟ୍ଙ୍କ ରାଜ୍ୟ ଶାନ୍ତ
ଲାଭକଲା। ଯିହୋଶାଫଟ୍ଙ୍କ ପରମେଶ୍ୱର ତାଙ୍କର ଚତୁର୍ଦ୍ଦିଗରେ
ଶାନ୍ତ ପ୍ରଦାନ କଲେ।

### ଯିହୋଶାଫଟ୍ଙ୍କ ଶାସନର ଶେଷ

31ଯିହୋଶାଫଟ୍ ଯିହୁଦା ଉପରେ ରାଜତ୍ୱ କରବାକୁ ଆରମ୍ଭ
କଲେ, ଯେତେବେଳେ ସେ 35 ବର୍ଷ ବୟସ୍କ ହୋଇଥିଲେ।
ସେ ଯିରୁଶାଲମରେ ପଚଶ ବର୍ଷ ରାଜତ୍ୱ କଲେ। ତାଙ୍କ
ମାତାଙ୍କର ନାମ ଥିଲା ଅସୂବା। ଅସୂବା ଶିଲ୍‌ହରଙ୍କ କନ୍ୟା

ଥିଲେ। 32ଯିହୋଶାଫଟ୍ ତାଙ୍କର ପିତା ଆସାଙ୍କ ପରି ଉତ୍ତମ
ପଥରେ ଜୀବନଯାପନ କଲେ। ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା
ଯଥାର୍ଥ, ଯିହୋଶାଫଟ୍ ସେହିପରି କର୍ମ କଲେ। 33କିନ୍ତୁ
ଉଚ୍ଚସ୍ଥାନଗୁଡ଼ିକ ଦୂରୀକୃତ ହୋଇ ନଥିଲା। ଆଉ ଲୋକମାନେ
ସମ୍ପୂର୍ଣ୍ଣଭାବରେ ସେମାନଙ୍କ ପରମେଶ୍ୱରଙ୍କର ଅନୁଗାମୀ ହେଲେ
ନାହିଁ, ଯାହାଙ୍କର ଅନୁଗାମୀ ତାଙ୍କ ପୂର୍ବପୁରୁଷମାନେ ହୋଇଥିଲେ।

34ଯିହୋଶାଫଟ୍ ଆଉ ଯେଉଁସବୁ କର୍ମ କରିଥିଲେ, ସେହିସବୁ
ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହନାନିଙ୍କ ପୁତ୍ର ଯେହୂଙ୍କର ସରକାରୀ
ଦଲିଲରେ ଲିପିବଦ୍ଧ ହୋଇ ରହିଅଛି। ଏହି ବିଷୟଗୁଡ଼ିକର
ନକଲ କରାଗଲା ଓ ତାହାକୁ "ଇସ୍ରାୟେଲର ରାଜାମାନଙ୍କର
ଇତିହାସ" ପୁସ୍ତକର ଅନ୍ତର୍ଭୁକ୍ତ କରାଗଲା।

35ପରେ, ଯିହୁଦାର ରାଜା ଯିହୋଶାଫଟ୍, ଇସ୍ରାୟେଲର
ରାଜା ଅହସିୟଙ୍କ ସହିତ ଏକ ଚୁକ୍ତି କଲେ। ଅହସିୟ ମନ୍ଦ
କର୍ମ କଲେ। 36ଯିହୋଶାଫଟ୍ ଅହସିୟଙ୍କ ସହିତ ମିଳି
ତର୍ଶୀଶ୍ ସହରକୁ ଯାଉଥିବା ଜାହାଜମାନ ନିର୍ମାଣ କଲେ।
ସେମାନେ ଇତ୍ସିୟୋନ-ଗେବର୍ ସହରରେ ଜାହାଜ ନିର୍ମାଣ
କଲେ। 37ଏହାପରେ ଇଲୀୟେଷର ଯିହୋଶାଫଟ୍‌ଙ୍କ ବିରୁଦ୍ଧରେ
ଭବିଷ୍ୟତବାଣୀ କଲେ। ଇଲୀୟେଷର୍‌ଙ୍କ ପିତାଙ୍କର ନାମ ଥିଲା
ଦୋଦବାହୁ। ଇଲୀୟେଷର ମାରେଶା ସହରନିବାସୀ ଥିଲେ।
ସେ କହିଲେ, "ଯିହୋଶାଫଟ୍, ତୁମ୍ଭେ ଅହସିୟଙ୍କ ସହିତ
ଯୋଗ ଦେଲ, ଏଥିନିମନ୍ତେ ସଦାପ୍ରଭୁ ତୁମ୍ଭର ସମସ୍ତ କର୍ମ
ନଷ୍ଟ କରିବେ।" ସବୁ ଜାହାଜଗୁଡ଼ିକ ଭାଙ୍ଗିଗଲା, ତେଣୁ
ଯିହୋଶାଫଟ୍ ଓ ଅହସିୟ ସେଗୁଡ଼ିକୁ ତର୍ଶୀଶକୁ ପଠାଇ
ପାରିଲେ ନାହିଁ।

21 ଏହାପରେ ଯିହୋଶାଫଟ୍ ମୃତ୍ୟୁବରଣ କଲେ ଓ
ତାଙ୍କର ପୂର୍ବପୁରୁଷମାନଙ୍କ ସହିତ କବରପ୍ରାପ୍ତ ହେଲେ।
ସେ ଦାଉଦଙ୍କ ନଗରରେ କବର ପାଇଲେ। ଯିହୋଶାଫଟ୍‌ଙ୍କ
ସ୍ଥାନରେ ଯିହୋରାମ୍ ନୂତନ ରାଜା ହେଲେ। 2ଯିହୋରାମ୍
ଯିହୋଶାଫଟ୍‌ଙ୍କ ପୁତ୍ର ଥିଲେ।' ଯିହୋରାମ୍‌ଙ୍କ ଭ୍ରାତାମାନେ
ଥିଲେ ଅସରିୟ, ଯିହୀୟେଲ, ଜିଖରିୟ, ଅସରିୟାହ, ମୀଖାୟେଲ,
ଶଫଟିୟ। ଏହି ବ୍ୟକ୍ତିମାନେ ଯିହୋଶାଫଟ୍‌ଙ୍କର ପୁତ୍ରଗଣ
ଥିଲେ। ଯିହୋଶାଫଟ୍ ଯିହୁଦାର ରାଜା ଥିଲେ। 3ଯିହୋଶାଫଟ୍
ତାଙ୍କର ପୁତ୍ରମାନଙ୍କୁ ରୂପା, ସୁନା ଓ ଅନେକ ବହୁମୂଲ୍ୟ
ପଦାର୍ଥ ଉପହାର ଦେଇଥିଲେ। ସେ ସେମାନଙ୍କୁ ଯିହୁଦାର
ଦୃଢ଼ ଦୁର୍ଗମାନ ମଧ୍ୟ ପ୍ରଦାନ କରିଥିଲେ। କିନ୍ତୁ ଯିହୋଶାଫଟ୍,
ଯିହୋରାମ୍‌ଙ୍କୁ ରାଜ୍ୟ ଦେଲେ, କାରଣ ସେ ତାଙ୍କର ଜ୍ୟେଷ୍ଠ
ପୁତ୍ର ଥିଲେ।

## ଯିହୁଦାର ରାଜା ଯିହୋରାମ୍

4ଯିହୋରାମ୍ ତାଙ୍କର ପିତାଙ୍କର ରାଜ୍ୟପଦ ଗ୍ରହଣ କଲେ
ଓ ଆପଣାକୁ ଦୃଢ଼ କଲେ। ଏହାପରେ ସେ ନିଜ ଭ୍ରାତାମାନଙ୍କୁ
ବଧ କରିବା ନିମନ୍ତେ ଏକ ଖଡ୍ଗ ବ୍ୟବହାର କଲେ। ସେ
ଇସ୍ରାୟେଲର କେତେକ ନେତାଙ୍କୁ ମଧ୍ୟ ବଧ କଲେ।
5ଯିହୋରାମ୍ ରାଜ୍ୟ ଶାସନ କରିବାକୁ ଆରମ୍ଭ କରିବା ସମୟରେ
ତାଙ୍କୁ ବତିଶ ବର୍ଷ ବୟସ ହୋଇଥିଲା। ସେ ଯିରୁଶାଲମରେ
ଆଠବର୍ଷ ରାଜତ୍ୱ କଲେ। 6ସେ ଇସ୍ରାୟେଲର ରାଜାମାନଙ୍କ
ପରି ଜୀବନଯାପନ କଲେ। ଆହାବଙ୍କ ପରିବାର ଯେପରି
ଜୀବନ କାଟିଥିଲେ, ସେ ସେହିପରି ଜୀବନ କାଟିଲେ।
କାରଣ ଯିହୋରାମ୍ ଆହାବ୍‌ଙ୍କର କନ୍ୟାକୁ ବିବାହ କରିଥିଲେ।
ଆଉ ଯିହୋରାମ୍ ସଦାପ୍ରଭୁଙ୍କ ଦୃଷ୍ଟିରେ ମନ୍ଦକର୍ମ କଲେ।
7କିନ୍ତୁ ସଦାପ୍ରଭୁ ଦାଉଦଙ୍କ ସହିତ କରିଥିବା ଚୁକ୍ତି ହେତୁ
ଦାଉଦଙ୍କ ଗୃହକୁ ଧ୍ୱଂସ କଲେ ନାହିଁ। ସଦାପ୍ରଭୁ ପ୍ରତିଜ୍ଞା
କରିଥିଲେ ଯେ, ସେ ଦାଉଦ ଓ ତାଙ୍କର ସନ୍ତାନମାନଙ୍କ
ନିମନ୍ତେ ଚିରକାଳ ଏକ ପ୍ରଦୀପ ଜ୍ୱଳାଇ ରଖିବେ।

8ଯିହୋରାମ୍‌ଙ୍କ ସମୟରେ, ଇଦୋମ ଯିହୁଦାର ଅଧୀନତାକୁ
ଭଙ୍ଗ କଲା। ଇଦୋମୀୟମାନେ ସେମାନଙ୍କର ନିଜର ରାଜାଙ୍କୁ
ମନୋନୀତ କଲେ। 9ତେଣୁ ଯିହୋରାମ୍ ତାଙ୍କର ସମସ୍ତ
ସେନାପତିଗଣ ଓ ରଥଗୁଡ଼ିକୁ ନେଇ ଇଦୋମକୁ ଗଲେ।
ଯିହୋରାମ୍ ରାତିରେ ଇଦୋମୀୟମାନଙ୍କୁ ଆକ୍ରମଣ କଲେ।
ମାତ୍ର ଇଦୋମୀୟ ସୈନ୍ୟଦଳ ଯିହୋରାମ୍ ଓ ତାଙ୍କ ସୈନ୍ୟଦଳ
ତଥା ରଥସବୁକୁ ଚତୁର୍ଦ୍ଦିଗରୁ ଘେରିଗଲେ। 10ସେହି ସମୟଠାରୁ
ଆଜି ପର୍ଯ୍ୟନ୍ତ ଇଦୋମ ଯିହୁଦାର ବିରୋଧୀ ବିଦ୍ରୋହୀ ହୋଇ
ରହିଅଛି। ଲିବ୍ନା ସହରର ଲୋକମାନେ ମଧ୍ୟ ଯିହୋରାମ୍‌ଙ୍କ
ବିରୁଦ୍ଧରେ ଉଠିଲେ। ଯିହୋରାମ୍ ସଦାପ୍ରଭୁ ପରମେଶ୍ୱରଙ୍କୁ
ତ୍ୟାଗ କରିଥିବାରୁ ଏହିପରି ଘଟିଲା। ସେ ଯିହୋରାମ୍‌ଙ୍କ
ପୂର୍ବପୁରୁଷଗଣଙ୍କର ପରମେଶ୍ୱର ଅଟନ୍ତି। 11ଯିହୋରାମ୍ ଯିହୁଦାର
ପର୍ବତମାନଙ୍କରେ ଉଚ୍ଚସ୍ଥାନମାନ ନିର୍ମାଣ କଲେ। ଯିହୋରାମ୍
ଯିରୁଶାଲମର ଓ ଯିହୁଦାର ଲୋକମାନଙ୍କୁ ଭୁଲ୍ ପଥରେ
ଆଗେଇ ନେଲେ।

12ଯିହୋରାମ୍ ଭବିଷ୍ୟଦ୍‌ବକ୍ତା ଏଲୀୟଙ୍କଠାରୁ ଏକ ବାର୍ତ୍ତା
ପାଇଲେ। ସେହି ବାର୍ତ୍ତାରେ ଏହିପରି ଲେଖାଥିଲା: "ସଦାପ୍ରଭୁ
ପରମେଶ୍ୱର ଏହିକଥା କହନ୍ତି। ତୁମ୍ଭ ପିତା ଦାଉଦ ଯାହାଙ୍କର
ଅନୁଗମନ କରିଥିଲେ, ଏ ସେହି ପରମେଶ୍ୱର ଅଟନ୍ତି।
ସଦାପ୍ରଭୁ କହନ୍ତି, 'ଯିହୋରାମ୍, ତୁମ୍ଭ ପିତା ଯିହୋଶାଫଟ୍
ଯେଉଁ ପ୍ରକାର ଜୀବନଯାପନ କରିଥିଲେ, ତୁମ୍ଭେ ସେ ପ୍ରକାର
କରିନାହଁ। ଯିହୁଦାର ରାଜା ଆସା ଯେ ପ୍ରକାର ଜୀବନଯାପନ
କରିଥିଲେ, ତୁମ୍ଭେ ସେପରି ଜୀବନଯାପନ କରି ନାହଁ।
13କିନ୍ତୁ ତୁମ୍ଭେ ଇସ୍ରାୟେଲର ରାଜାମାନଙ୍କ ପରି ଜୀବନଯାପନ
କରିଅଛ। ତୁମ୍ଭେ ଯିହୁଦା ଓ ଯିରୁଶାଲମର ଲୋକମାନଙ୍କୁ
ପରମେଶ୍ୱରଙ୍କ ଇଚ୍ଛାନୁଯାୟୀ କର୍ମ କରିବାରୁ ନିବୃତ୍ତ କରିଅଛ।
ଆହାବ ଓ ତାଙ୍କର ପରିବାର ଏହିପରି କରିଥିଲେ। ସେମାନେ
ପରମେଶ୍ୱରଙ୍କ ପ୍ରତି ଅବିଶ୍ୱସ୍ତ ହୋଇଥିଲେ। ତୁମ୍ଭେ ତୁମ୍ଭର
ଭ୍ରାତାମାନଙ୍କୁ ହତ୍ୟା କରିଅଛ ଏବଂ ତୁମ୍ଭର ପିତାଙ୍କର ସମସ୍ତ
ସମ୍ପତ୍ତିକୁ ନଷ୍ଟ କରିଛ। ତୁମ୍ଭର ଭ୍ରାତାମାନେ ତୁମ୍ଭଠାରୁ ଉତ୍ତମ
ଥିଲେ। 14ତେଣୁ ବର୍ତ୍ତମାନ ସଦାପ୍ରଭୁ ଅତିଶୀଘ୍ର ତୁମ୍ଭର
ଲୋକମାନଙ୍କୁ ବହୁତ ଦଣ୍ଡ ଦେବେ। ସଦାପ୍ରଭୁ ତୁମ୍ଭର ସ୍ତ୍ରୀ,
ସନ୍ତାନ ଓ ସମସ୍ତ ସଂପତ୍ତିକୁ ଦଣ୍ଡିତ କରିବେ। 15ତୁମ୍ଭର
ଅନ୍ତରେ ଏକ ଭୟଙ୍କର ରୋଗ ହେବ। ତାହା ଦିନକୁ ଦିନ
ପ୍ରବଳତର ହେବ। ଶେଷରେ ସେହି ଭୟଙ୍କର ରୋଗ ହେତୁ
ତୁମ୍ଭର ଅନ୍ତବୁଜୁଳା ବାହାରି ପଡ଼ିବ।'"

16କୂଶୀୟମାନଙ୍କ ନିକଟରେ ବାସ କରୁଥିବା ପଲେଷ୍ଟୀୟ ଓ
ଆରବୀୟମାନଙ୍କୁ ଯିହୋରାମ୍‌ଙ୍କ ଉପରେ ସଦାପ୍ରଭୁ କ୍ରୋଧିତ
କରାଇଲେ। 17ସେହି ଲୋକମାନେ ଯିହୁଦା ଦେଶ ଆକ୍ରମଣ
କଲେ। ସେମାନେ ରାଜାଙ୍କ ଗୃହରେ ଥିବା ସମସ୍ତ ଧନରତ୍ନ

ଲୁଟି ନେଲେ ଓ ଯିହୋରାମ୍‌ଙ୍କ ପୁତ୍ର ଓ ସ୍ତ୍ରୀଗଣଙ୍କୁ ନେଇଗଲେ।
କେବଳ ଯିହୋରାମ୍‌ଙ୍କ କନିଷ୍ଠ ପୁତ୍ର ରକ୍ଷା ପାଇଯାଇଥିଲା।
ଯିହୋରାମ୍‌ଙ୍କ କନିଷ୍ଠ ପୁତ୍ରର ନାମ ଥିଲା ଯିହୋୟାହସ୍।
18ଏହି ସମସ୍ତ ଘଟଣା ଘଟିବା ପରେ, ସଦାପ୍ରଭୁ ଯିହୋରାମ୍‌ଙ୍କୁ
ଏକ ଭୟଙ୍କର ଆନ୍ତ୍ରିକ ରୋଗରେ ପୀଡ଼ିତ କଲେ, ଯାହାକି
ସୁସ୍ଥ ହୋଇ ପାରିଲା ନାହିଁ। 19ଆଉ, ଦୁଇବର୍ଷ ପରେ
ଅତିରିକ୍ତ ଅସୁସ୍ଥତା ହେତୁର ଯିହୋରାମ୍‌ଙ୍କର ଅନ୍ତବୁଜୁଳା
ବାହାରି ପଡ଼ିଲା। ଅତ୍ୟନ୍ତ ଯନ୍ତ୍ରଣା ଭୋଗି ସେ ମୃତ୍ୟୁବରଣ
କଲେ। ତାଙ୍କ ପିତାଙ୍କ ନିମନ୍ତେ ଯେପରି କରିଥିଲେ,
ଲୋକମାନେ ସେପରି ଯିହୋରାମ୍‌ଙ୍କ ସମ୍ମାନାର୍ଥେ ବିରାଟ ଅଗ୍ନିଦାହ
କଲେ ନାହିଁ। 20ଯିହୋରାମ୍ ରାଜା ହେବା ସମୟରେ ବତିଶ
ବର୍ଷ ବୟସ୍କ ଥିଲେ। ସେ ଯିରୁଶାଲମରେ ଆଠବର୍ଷ ରାଜତ୍ୱ
କଲେ। ଯିହୋରାମ୍‌ଙ୍କ ମୃତ୍ୟୁରେ କୌଣସି ବ୍ୟକ୍ତି ଦୁଃଖ
କଲେନାହିଁ। ଲୋକମାନେ ଯିହୋରାମ୍‌ଙ୍କୁ ଦାଉଦଙ୍କ ନଗରରେ
କବର ଦେଲେ ସତ, କିନ୍ତୁ ଯେଉଁଠାରେ ରାଜାମାନଙ୍କୁ କବର
ଦିଆଯାଏ, ସେଠାରେ କବର ଦେଲେ ନାହିଁ।

## ଯିହୁଦାର ରାଜା ଅହସିୟ

22 ଯିରୁଶାଲମର ଲୋକମାନେ ଅହସିୟଙ୍କୁ ଯିହୋରାମ୍‌ଙ୍କ
ସ୍ଥାନରେ ନୂତନ ରାଜା ରୂପେ ମନୋନୀତ କଲେ।
ଅହସିୟ ଯିହୋରାମ୍‌ଙ୍କର କନିଷ୍ଠ ପୁତ୍ର ଥିଲେ। ଯେଉଁ ଆରବୀୟ
ଲୋକମାନେ ଯିହୋରାମ୍‌ଙ୍କର ଛାଉଣୀ ଉପରେ ଆକ୍ରମଣ
କରିବାକୁ ଆସିଥିଲେ, ସେମାନେ ଯିହୋରାମ୍‌ଙ୍କର ସମସ୍ତ
ଜ୍ୟେଷ୍ଠପୁତ୍ରଙ୍କୁ ବଧ କରିଥିଲେ। ଅତଏବ, ଅହସିୟ ଯିହୁଦାରେ
ରାଜ୍ୟ ଶାସନ କରିବାକୁ ଆରମ୍ଭ କଲେ। 2ଅହସିୟ* ରାଜ୍ୟ
ଶାସନ କରିବାକୁ ଆରମ୍ଭ କରିବା ସମୟରେ ବାଇଶି ବର୍ଷ
ବୟସ୍କ ହୋଇଥିଲେ। ଅହସିୟ ଯିରୁଶାଲମରେ ଗୋଟିଏ ବର୍ଷ
ରାଜତ୍ୱ କଲେ। ତାଙ୍କ ମାତାଙ୍କର ନାମ ଥିଲା ଅଥଲୟା।
ଅଥଲୟାଙ୍କ ପିତାଙ୍କର ନାମ ଥିଲା ଅମ୍ରି। 3ଅହସିୟ ମଧ୍ୟ
ଆହାବଙ୍କ ପରିବାର ଭଳି ଜୀବନଯାପନ କଲେ। ସେ
ସେପ୍ରକାର ଜୀବନ କାଟିଲେ, କାରଣ ତାଙ୍କର ମାତା ତାଙ୍କୁ
ମନ୍ଦକାର୍ଯ୍ୟମାନ କରିବା ନିମନ୍ତେ ପ୍ରବର୍ତ୍ତାଉଥିଲେ। 4ଅହସିୟ
ସଦାପ୍ରଭୁଙ୍କ ଦୃଷ୍ଟିରେ ମନ୍ଦକର୍ମ କଲେ। ଆହାବଙ୍କ ପରିବାର
ମଧ୍ୟ ସେହିପରି କରିଥିଲେ। ଅହସିୟଙ୍କ ପିତାଙ୍କର ମୃତ୍ୟୁପରେ
ଆହାବଙ୍କ ପରିବାର ଅହସିୟଙ୍କୁ ପରାମର୍ଶ ଦେବାକୁ ଲାଗିଲେ।
ସେମାନେ ଅହସିୟଙ୍କୁ କୁପରାମର୍ଶ ଦେଲେ। ସେହି କୁପରାମର୍ଶ
ତାଙ୍କୁ ମରଣ ଆଡ଼କୁ କଢ଼ାଇ ନେଲା। 5ଆହାବଙ୍କ ପରିବାର
ତାଙ୍କୁ ଯେଉଁ ପରାମର୍ଶ ଦେଲେ, ଅହସିୟ ତାହା ପାଳନ
କଲେ। ଅହସିୟ ଇସ୍ରାଏଲ ରାଜା ଯିହୋରାମ୍‌ଙ୍କ ସହିତ ମିଳି
ଅରାମ୍‌ର ରାଜା ହସାୟେଲ ସହିତ ରାମୋତ୍-ଗିଲୟଦ୍‌ରେ ଯୁଦ୍ଧ
କରିବାକୁ ଗଲେ। ଆହାବ ଯିହୋରାମ୍‌ଙ୍କର ପିତା ଥିଲା। କିନ୍ତୁ
ଅରାମୀୟମାନେ ଯିହୋରାମକୁ ଯୁଦ୍ଧରେ କ୍ଷତାକ୍ତ କରି ପକାଇଲେ।
6ଯିହୋରାମ୍ ସୁସ୍ଥ ହେବା ନିମନ୍ତେ ଯିଷ୍ରିୟେଲ୍ ସହରକୁ
ଫେରିଗଲେ। ସେ ଅରାମର ରାଜା ହସାୟେଲ ବିରୁଦ୍ଧରେ
ରାମାଃହରେ ଯୁଦ୍ଧ କରୁଥିବା ସମୟରେ ଆହତ ହୋଇଥିଲେ।
ଏହାପରେ ଅହସିୟ, ଯିହୁଦା ରାଜା ଯୋରାମଙ୍କର ପୁତ୍ର,
ଆହାବଙ୍କର ପୁତ୍ର ଯିହୋରାମ୍‌ଙ୍କୁ ସାକ୍ଷାତ କରିବା ନିମନ୍ତେ
ଯିଷ୍ରିୟେଲ୍ ସହରକୁ ଗଲେ। ଯିହୋରାମ୍ ଯିଷ୍ରିୟେଲ୍ ସହରରେ
ଥିଲେ, କାରଣ ସେ ଆହତ ହୋଇଥିଲେ।
7ଅହସିୟ ଯୋରାମଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ।
ସେହି ସମୟରେ ହିଁ ପରମେଶ୍ୱର ତାଙ୍କ ପ୍ରତି ମୃତ୍ୟୁ
ଘଟାଇଲେ। ଅହସିୟ ଯାଇ ପହଞ୍ଚିଲେ ଓ ଯୋରାମଙ୍କ ସହିତ
ଯେହୂଙ୍କୁ ଭେଟିବା ନିମନ୍ତେ ଗଲେ। ଯେହୂଙ୍କ ପିତାଙ୍କର ନାମ
ଥିଲା ନିମଶିର। ଆହାବଙ୍କ ପରିବାରକୁ ବିନାଶ କରିବା
ନିମନ୍ତେ ସଦାପ୍ରଭୁ ଯେହୂଙ୍କୁ ମନୋନୀତ କରିଥିଲେ। 8ଯେହୂ
ଆହାବଙ୍କ ପରିବାରକୁ ଦଣ୍ଡ ଦେଉଥିଲେ। ଯେହୂ ଅହସିୟଙ୍କ
ସେବାକାରୀ ଯିହୁଦାର ନେତାଗଣ ଓ ଅହସିୟଙ୍କ ଆତ୍ମୀୟମାନଙ୍କୁ
ପାଇଲେ। ଯେହୂ ଯିହୁଦାର ସେହି ନେତାଗଣ ଓ ଅହସିୟଙ୍କ
ଆତ୍ମୀୟମାନଙ୍କୁ ହତ୍ୟା କଲେ। 9ତା'ପରେ ଯେହୂ ଅହସିୟଙ୍କର
ଅନ୍ୱେଷଣ କଲେ। ସେ ଶମରୀୟା ସହରରେ ଲୁଚିବାକୁ ଚେଷ୍ଟା
କରୁଥିବା ସମୟରେ ଯେହୂଙ୍କର ଲୋକମାନେ ତାଙ୍କୁ କାବୁ
କଲେ। ସେମାନେ ଅହସିୟଙ୍କୁ ଯେହୂଙ୍କ ନିକଟକୁ ଆଣିଲେ।
ସେମାନେ ଅହସିୟଙ୍କୁ ହତ୍ୟା କଲେ ଓ ତାଙ୍କୁ କବର
ଦେଲେ। ସେମାନେ କହିଲେ, "ଅହସିୟ ଯିହୋଶାଫଟ୍‌ଙ୍କ
ବଂଶଧର ଥିଲେ। ଯିହୋଶାଫଟ୍ ଆପଣାର ସମସ୍ତ ହୃଦୟ
ସହିତ ସଦାପ୍ରଭୁଙ୍କର ଅନୁସରଣ କରୁଥିଲେ।" ଯିହୁଦା ରାଜ୍ୟକୁ
ଏକତ୍ର ରଖିବା ନିମନ୍ତେ ଅହସିୟଙ୍କ ବଂଶର ଆଉ କୌଣସି
କ୍ଷମତା ରହିଲା ନାହିଁ।

## ରାଣୀ ଅଥଲୟା

10ଅଥଲୟା ଅହସିୟଙ୍କ ମାତା ଥିଲେ। ଯେତେବେଳେ
ସେ ଦେଖିଲେ ଯେ, ତାଙ୍କର ପୁତ୍ରର ମୃତ୍ୟୁ ହୋଇଅଛି, ସେ
ଯିହୁଦାରେ ରାଜାଙ୍କର ସବୁ ସନ୍ତାନମାନଙ୍କୁ ହତ୍ୟା କଲେ।
11କିନ୍ତୁ ଯିହୋଶାବତ୍, ଯୋୟାଶ୍ ଓ ତାଙ୍କ ଧାତ୍ରୀକୁ ଅନ୍ତଃପୁରସ୍ଥ
ଶୟନକକ୍ଷ ମଧ୍ୟରେ ଲୁଚାଇ ଦେଲେ। ଯିହୋଶାବତ୍ ରାଜା
ଯିହୋରାମ୍‌ଙ୍କର କନ୍ୟା ଥିଲେ। ସେ ଯିହୋୟାଦାଙ୍କର ପତ୍ନୀ
ମଧ୍ୟ ଥିଲେ। ଯିହୋୟାଦା ଜଣେ ଯାଜକ ଥିଲେ। ଆଉ
ଯିହୋଶାବତ୍ ଅହସିୟଙ୍କ ଭଗ୍ନୀ ଥିଲେ। ଅଥଲୟା ଯିହୋଶାବତ୍‌ଙ୍କୁ
ବଧ କରିପାରିଲେ ନାହିଁ, କାରଣ ଯିହୋଶାବତ୍ ତାଙ୍କୁ ଲୁଚାଇ
ଦେଇଥିଲେ। 12ଯୋୟାଶ୍ ଛଅ ବର୍ଷ ପର୍ଯ୍ୟନ୍ତ ପରମେଶ୍ୱରଙ୍କ
ମନ୍ଦିରରେ ଯାଜକମାନଙ୍କ ସହିତ ଲୁକ୍‌କାୟିତ ଭାବରେ ରହିଲେ।
ସେହି ସମୟରେ ଅଥଲୟା ଦେଶରେ ରାଣୀ ଭାବରେ ରାଜତ୍ୱ
କଲେ।

## ଯିହୋୟାଦା ଯାଜକ ଓ ରାଜା ଯିହୋଶାବତ୍

23 ଛଅ ବର୍ଷ ପରେ, ଯିହୋୟାଦା ତାଙ୍କ ଶକ୍ତିର
ପ୍ରଦର୍ଶନ କଲେ। ସେ ପ୍ରତ୍ୟେକଙ୍କର 100 ଜଣ
ସୈନ୍ୟ ଥିବା କପ୍ତାନଙ୍କର ସହିତ ଏକ ଚୁକ୍ତି କଲେ। ସେହି
କପ୍ତାନମାନେ ଥିଲେ: ଯିରୋହାମ୍‌ଙ୍କ ପୁତ୍ର ଅସରୀୟ, ଯିହୋୟାନାଙ୍କ
ପୁତ୍ର ଇଶ୍ମାୟେଲ, ଅସରୀୟଙ୍କ ପୁତ୍ର ଓଦେବ୍, ଅଦାୟାଙ୍କ ପୁତ୍ର

---

**ଅହସିୟ … ହୋଇଥିଲେ** କେତେକ ପୁରୁଣା ପ୍ରକାଶନର ନକଲ ବୟାଳିଶ ବର୍ଷ ଲେଖା ଅଛି, ଦ୍ୱିତୀୟ ରାଜାବଳି ୮:୨୬ କହେ, ଅହସିୟ ଯେତେବେଳେ ସେ ରାଜତ୍ୱ କଲେ, ସେତେବେଳେ ସେ ବାଇଶ ବର୍ଷର ହୋଇଥିଲେ।

ମାସେୟ ଓ ସିଖ୍ରିଙ୍କ ପୁତ୍ର ଇଲୀଶାଫଟ୍। 2ସେମାନେ ଯିହୁଦାର
ଚାରିଆଡ଼େ ଯାଇ ସବୁ ସହରରୁ ଲେବୀୟମାନଙ୍କୁ ସଂଗ୍ରହ
କଲେ। ସେମାନେ ଇଶ୍ରାୟେଲ ବଂଶର ନେତାମାନଙ୍କୁ ମଧ୍ୟ
ଏକତ୍ରୀତ କଲେ। ଏହାପରେ ସେମାନେ ଯିରୁଶାଲମକୁ
ଫେରିଗଲେ। 3ଏକତ୍ରୀତ ହୋଇଥିବା ସମସ୍ତ ଲୋକ ପରମେଶ୍ୱରଙ୍କ
ମନ୍ଦିରରେ ରାଜାଙ୍କ ସହିତ ଏକ ନିୟମ କଲେ।

ଯିହୋୟାଦା ସେହି ଲୋକମାନଙ୍କୁ କହିଲେ, "ରାଜାଙ୍କ
ପୁତ୍ର ରାଜ୍ୟ କରିବେ। ଦାଉଦଙ୍କ ବଂଶଧରମାନଙ୍କ ବିଷୟରେ
ସଦାପ୍ରଭୁ ଏହି ପ୍ରତିଜ୍ଞା କରିଥିଲେ। 4ବର୍ତ୍ତମାନ ତୁମ୍ଭମାନଙ୍କୁ
ଏହା କରିବାକୁ ପଡ଼ିବ: ତୁମ୍ଭମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ
ଯାଜକ ଓ ଲେବୀୟ, ଯେଉଁମାନେ ପବିତ୍ର ବିଶ୍ରାମ ଦିନରେ
କାର୍ଯ୍ୟ କରିବାକୁ ଯିବେ, ସେମାନେ ଦ୍ୱାର ନିକଟରେ ଜଗି
ରହିବେ। 5ତୁମ୍ଭମାନଙ୍କର ଏକ ତୃତୀୟାଂଶ ରାଜାଙ୍କ ଗୃହରେ
ରହିବ। ତୁମ୍ଭମାନଙ୍କର ଅନ୍ୟ ଏକ-ତୃତୀୟାଂଶ ଝର ଫାଟକ
ନିକଟରେ ଜଗି ରହିବ। କିନ୍ତୁ ଅନ୍ୟ ଲୋକ ସମସ୍ତେ
ସଦାପ୍ରଭୁଙ୍କ ମନ୍ଦିରର ପ୍ରାଙ୍ଗଣ ମଧ୍ୟରେ ରହିବେ। 6ସଦାପ୍ରଭୁଙ୍କ
ମନ୍ଦିର ମଧ୍ୟକୁ କୌଣସି ବ୍ୟକ୍ତିକୁ ଆସିବାକୁ ଦେବନାହିଁ।
କେବଳ ସେବାକାର୍ଯ୍ୟ କରୁଥିବା ଯାଜକ ଓ ଲେବୀୟମାନଙ୍କୁ
ସଦାପ୍ରଭୁଙ୍କ ମନ୍ଦିର ମଧ୍ୟକୁ ଆସିବାକୁ ଅନୁମତି ଦେବ, କାରଣ
ସେମାନେ ପବିତ୍ର ଅଟନ୍ତି। କିନ୍ତୁ ଅନ୍ୟ ସମସ୍ତ ଲୋକଙ୍କୁ
ସଦାପ୍ରଭୁ ଯେଉଁ କର୍ମ ଦେଇଛନ୍ତି, ତାହା ସେମାନଙ୍କୁ କରିବାକୁ
ପଡ଼ିବ। 7ଲେବୀୟମାନଙ୍କୁ ରାଜାଙ୍କ ନିକଟରେ ରହିବାକୁ ହେବ।
ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଖଡ୍ଗକୁ ସଙ୍ଗରେ ରଖିବେ। ଯଦି
କୌଣସି ବ୍ୟକ୍ତି ମନ୍ଦିର ମଧ୍ୟରେ ପ୍ରବେଶ କରିବାକୁ ଚେଷ୍ଟା
କରିବ, ତେବେ ତାହାକୁ ବଧ କରିବ। ରାଜା ଯେଉଁଆଡ଼େ
ଯିବେ, ତୁମ୍ଭମାନଙ୍କୁ ତାଙ୍କ ସହିତ ରହିବାକୁ ପଡ଼ିବ।"

8ଯିହୋୟାଦା ଯାଜକ ଯେଉଁସବୁ ଆଜ୍ଞା ଦେଲେ, ତାହାକୁ
ଲେବୀୟମାନେ ଓ ଯିହୁଦାର ସମସ୍ତ ଲୋକ ପାଳନ କଲେ।
ଯାଜକ ଯିହୋୟାଦା, ଯାଜକ ଦଳର କୌଣସି ବ୍ୟକ୍ତିକୁ କ୍ଷମା
ଦେଲେ ନାହିଁ। ତେଣୁ ପ୍ରତ୍ୟେକ କପ୍ତାନ ଓ ତାଙ୍କର ସବୁ
ଲୋକ ସେମାନଙ୍କୁ ଯାହା କୁହାଗଲା ତାହା କଲେ, ସେମାନେ
ସେହି ସପ୍ତାହରେ କାର୍ଯ୍ୟରେ ଉପସ୍ଥିତ ରୁହନ୍ତୁ କି ଛୁଟି
ନିଅନ୍ତୁ। 9ଯିହୋୟାଦା ଯାଜକ ଉଚ୍ଚାଧିକାରୀମାନଙ୍କୁ ରାଜା
ଦାଉଦଙ୍କ ବର୍ଚ୍ଛାସବୁ ଓ ବୃହତ୍ ତଥା କ୍ଷୁଦ୍ର ଢାଲଗୁଡ଼ିକ
ଦେଲେ। ପରମେଶ୍ୱରଙ୍କ ମନ୍ଦିରରେ ସେହି ଅସ୍ତ୍ରଗୁଡ଼ିକ
ରଖାଯାଇଥିଲା। 10ଏହାପରେ ଯିହୋୟାଦା ଲୋକମାନଙ୍କୁ
କେଉଁଠାରେ ଛିଡ଼ା ହେବାକୁ ପଡ଼ିବ, ତାହା କହିଲେ।
ପ୍ରତ୍ୟେକ ବ୍ୟକ୍ତି ତାହାର ଅସ୍ତ୍ରକୁ ନିଜ ହସ୍ତରେ ଧରିଲା।
ମନ୍ଦିରର ଦକ୍ଷିଣ ପାର୍ଶ୍ୱରୁ ମନ୍ଦିରର ବାମପାର୍ଶ୍ୱ ଯାଏଁ ଲୋକମାନେ
ଠିଆ ହୋଇ ରହିଲେ। ସେମାନେ ଯଜ୍ଞବେଦୀ ନିକଟରେ,
ମନ୍ଦିର ନିକଟରେ ଓ ରାଜାଙ୍କ ନିକଟରେ ଠିଆ ହୋଇ
ରହିଲେ। 11ସେମାନେ ରାଜାଙ୍କ ପୁତ୍ରଙ୍କୁ ବାହାରକୁ ଆଣିଲେ
ଓ ତାହାଙ୍କ ମସ୍ତକରେ ମୁକୁଟ ପିନ୍ଧାଇଲେ। ସେମାନେ ତାଙ୍କୁ
ନିୟମର ଏକ ନକଲ ଦେଲେ। ସେମାନେ ଯୋୟାଶଙ୍କୁ ରାଜା
କଲେ। ଯିହୋୟାଦା ଓ ତାଙ୍କ ପୁତ୍ରମାନେ ଯୋୟାଶଙ୍କୁ
ରାଜାଭିଷିକ୍ତ କଲେ। ସେମାନେ କହିଲେ, "ରାଜା ଦୀର୍ଘଜୀବି
ହୁଅନ୍ତୁ!"

12ଲୋକମାନେ ମନ୍ଦିରକୁ ଦୌଡ଼ିକରି ଯିବା ଓ ରାଜାଙ୍କର
ପ୍ରଶଂସା କରିବାର ଶବ୍ଦ ଅଥଲୀୟା ଶୁଣିବାକୁ ପାଇଲେ। ସେ
ସଦାପ୍ରଭୁଙ୍କ ମନ୍ଦିରରେ ଲୋକମାନଙ୍କ ନିକଟକୁ ଆସିଲେ।
13ସେ ଅନାଇଲେ ଓ ରାଜାଙ୍କୁ ଦେଖିଲେ। ରାଜା ମୁଖ୍ୟଦ୍ୱାର
ନିକଟରେ ଥିବା ରାଜସ୍ତମ୍ଭ ନିକଟରେ ଛିଡ଼ା ହୋଇଥିଲେ।
ଉଚ୍ଚାଧିକାରୀ ଓ ତୂରୀ ବଜାଉଥିବା ଲୋକମାନେ ରାଜାଙ୍କ
ନିକଟରେ ଛିଡ଼ା ହୋଇଥିଲେ। ଦେଶର ଲୋକେ ଅତ୍ୟନ୍ତ
ଆନନ୍ଦିତ ଥିଲେ ଓ ତୂରୀ ବଜାଉଥିଲେ। ଗାୟକମାନେ
ବାଦ୍ୟଯନ୍ତ୍ର ବଜାଉଥିଲେ। ଗାୟକଦଳ ଲୋକମାନଙ୍କୁ ପ୍ରଶଂସାଗୀତ
ଗାନ କରାଇବାରେ ନେତୃତ୍ୱ ନେଉଥିଲେ। ଏହା ଦେଖି
ଅଥଲୀୟା ନିଜର ବସ୍ତ୍ର ଚିରି ପକାଇଲେ ଓ କହିଲେ,
"ରାଜଦ୍ରୋହ! ରାଜଦ୍ରୋହ!"

14ଯିହୋୟାଦା ସେନାଧ୍ୟକ୍ଷମାନଙ୍କୁ ନେଇ ଆସିଲେ। ସେ
ସେମାନଙ୍କୁ କହିଲେ, "ଅଥଲୀୟାଙ୍କୁ ସୈନ୍ୟଦଳ ମଧ୍ୟରେ ରଖି
ବାହାରକୁ ନେଇଯାଅ। ଯଦି କୌଣସି ବ୍ୟକ୍ତି ତାଙ୍କର ଅନୁସରଣ
କରେ, ତାହାକୁ ତୁମ୍ଭର ଖଡ୍ଗରେ ବଧ କର।" ଏହାପରେ
ଯାଜକ ସୈନ୍ୟମାନଙ୍କୁ ସାବଧାନ୍ କରିଦେଲେ, "ସଦାପ୍ରଭୁଙ୍କ
ମନ୍ଦିର ମଧ୍ୟରେ ଅଥଲୀୟାକୁ ବଧ କରିବ ନାହିଁ।" 15ଏହାପରେ
ଅଥଲୀୟା ରାଜାଙ୍କ ଗୃହର ଅଶ୍ୱଦ୍ୱାର ନିକଟକୁ ଆସିବାରୁ ସେହି
ଲୋକମାନେ ତାଙ୍କୁ ଧରିଲେ। ଆଉ ସେମାନେ ସେହି
ସ୍ଥାନରେ ହିଁ ତାଙ୍କୁ ବଧ କଲେ।

16ଏହାପରେ ଯିହୋୟାଦା ସମସ୍ତ ଲୋକ ଓ ରାଜାଙ୍କ
ସହିତ ଏକ ନିୟମ କଲେ। ସେମାନେ ସମସ୍ତେ ଯେ
ସଦାପ୍ରଭୁଙ୍କ ଲୋକ ହେବେ, ଏଥିରେ ସମ୍ମତ ହେଲେ।
17ସବୁ ଲୋକମାନେ ବାଲ୍ ପ୍ରତିମାର ମନ୍ଦିରକୁ ଗଲେ ଓ
ତାହାକୁ ଭାଙ୍ଗି ପକାଇଲେ। ବାଲ୍‌ର ମନ୍ଦିରରେ ଥିବା ବେଦୀ
ଓ ମୂର୍ତ୍ତିଗୁଡ଼ିକୁ ମଧ୍ୟ ସେମାନେ ଭାଙ୍ଗି ପକାଇଲେ। ସେମାନେ
ବାଲ୍‌ର ଯାଜକ ମତ୍ତାନ୍‌କୁ ବାଲ୍‌ର ଯଜ୍ଞବେଦୀ ସମ୍ମୁଖରେ
ହତ୍ୟା କଲେ।

18ଏହାପରେ ଯିହୋୟାଦା ସଦାପ୍ରଭୁଙ୍କ ମନ୍ଦିରର ଯତ୍ନ
ନେବା ନିମନ୍ତେ ଯାଜକମାନଙ୍କୁ ମନୋନୀତ କଲେ। ସେହି
ଯାଜକମାନେ ଲେବୀୟ ଥିଲେ ଓ ଦାଉଦ ସେମାନଙ୍କୁ
ସଦାପ୍ରଭୁଙ୍କ ମନ୍ଦିରର ରକ୍ଷଣାବେକ୍ଷଣ କାର୍ଯ୍ୟର ଦାୟିତ୍ୱ ଦେଇଥିଲେ।
ସେହି ଲୋକମାନେ ମୋଶାଙ୍କ ନିୟମର ଆଦେଶ ଅନୁଯାୟୀ
ସଦାପ୍ରଭୁଙ୍କ ନିକଟରେ ଅଗ୍ନିଦଗ୍ଧ ଉପହାର ବଳିଦାନ କରୁଥିଲେ।
ଦାଉଦ ଯେଉଁ ପ୍ରକାର ଆଜ୍ଞା କରିଥିଲେ, ସେମାନେ ସେହି
ପ୍ରକାରେ ଆନନ୍ଦ ଓ ପ୍ରଶଂସାଗାନ ସହକାରେ ସେହି ଉପହାର
ବଳିଦାନ କଲେ। 19ଯିହୋୟାଦା ସଦାପ୍ରଭୁଙ୍କ ମନ୍ଦିରର ଫାଟକ
ନିକଟରେ ରକ୍ଷୀଗଣଙ୍କୁ ନିଯୁକ୍ତ କଲେ, ଯେପରି କୌଣସି
ଅପରିଷ୍କୃତ ବ୍ୟକ୍ତି ମନ୍ଦିର ମଧ୍ୟରେ ପ୍ରବେଶ କରିପାରିବ
ନାହିଁ।

20ଯିହୋୟାଦା ନିଜ ସହିତ ସେନାଧ୍ୟକ୍ଷ, ନେତା,
ଲୋକମାନଙ୍କର ଶାସକ ଓ ଦେଶର ସମସ୍ତ ଲୋକଙ୍କୁ
ନେଲେ। ଏହାପରେ ଯିହୋୟାଦା ସଦାପ୍ରଭୁଙ୍କ ମନ୍ଦିର ମଧ୍ୟରୁ
ରାଜାଙ୍କୁ ବାହାର କରି ଆଣିଲେ ଓ ଉପର ଦ୍ୱାର ଦେଇ
ସେମାନେ ରାଜାଙ୍କ ଗୃହ ମଧ୍ୟରେ ପ୍ରବେଶ କଲେ। ସେହି
ସ୍ଥାନରେ ସେମାନେ ରାଜାଙ୍କୁ ସିଂହାସନରେ ବସାଇଲେ। 21ଯିହୁଦାର

ସବୁ ଲୋକ ଅତ୍ୟନ୍ତ ଆନନ୍ଦିତ ଥିଲେ ଓ ଯିରୁଶାଲମ
ନଗରରେ ଶାନ୍ତି ବିରାଜିଲା, କାରଣ ଅଥଲୀୟା ଖଡ୍ଗ ଦ୍ୱାରା
ନିହତ ହୋଇଥିଲେ।

### ଯୋୟାଶ୍ ଆଉଥରେ ମନ୍ଦିର ନିର୍ମାଣ କଲେ

24 ଯୋୟାଶ୍ ରାଜା ହେବା ସମୟରେ ସାତବର୍ଷ ବୟସ୍କ
ହୋଇଥିଲେ। ସେ ଯିରୁଶାଲମରେ ଚାଳିଶ ବର୍ଷ
ରାଜତ୍ୱ କଲେ। ତାଙ୍କ ମାତାଙ୍କର ନାମ ଥିଲା ସିବୀୟା। ସିବୀୟା
ବେରସେବା ସହରରୁ ଆସିଥିଲେ। 2ଯାଜକ ଯିହୋୟାଦା
ଜୀବିତ ଥିବା ପର୍ଯ୍ୟନ୍ତ ଯୋୟାଶ୍ ଯଥାର୍ଥ କର୍ମ କଲେ।
3ଯିହୋୟାଦା ଯୋୟାଶଙ୍କ ନିମନ୍ତେ ଦୁଇଜଣ ସ୍ତ୍ରୀ ବାଛିଲେ।
ଯୋୟାଶ୍ ପୁତ୍ର ଓ କନ୍ୟାମାନଙ୍କୁ ଜନ୍ମ ଦେଲେ।

4ପରେ, ଯୋୟାଶ୍ ସଦାପ୍ରଭୁଙ୍କ ମନ୍ଦିରକୁ ପୁନଃନିର୍ମାଣ
କରିବା ନିମନ୍ତେ ନିଷ୍ପତ୍ତି ନେଲେ। 5ଯୋୟାଶ୍ ଯାଜକ ଓ
ଲେବୀୟମାନଙ୍କୁ ଏକତ୍ରୀତ କଲେ। ସେ ସେମାନଙ୍କୁ କହିଲେ,
"ଯିହୁଦାର ସହରଗୁଡ଼ିକୁ ଯାଅ ଓ ଇଶ୍ରାୟେଲର ଲୋକମାନେ
ପ୍ରତିବର୍ଷ ଯେଉଁ ଅର୍ଥ ଦିଅନ୍ତି, ତାହାକୁ ଠୁଳ କର। ତୁମ୍ଭମାନଙ୍କର
ପରମେଶ୍ୱରଙ୍କ ମନ୍ଦିରକୁ ପୁନଃନିର୍ମିତ କରିବା ନିମନ୍ତେ ସେହି
ଅର୍ଥକୁ ବ୍ୟବହାର କର। ଶୀଘ୍ର ଯାଅ ଓ ଏହି କାର୍ଯ୍ୟ କର।"
କିନ୍ତୁ ଲେବୀୟମାନେ ଚଞ୍ଚଳ ହେଲେ ନାହିଁ।

6ତେଣୁ ରାଜା ଯୋୟାଶ୍ ମୁଖ୍ୟଯାଜକ ଯିହୋୟାଦାଙ୍କୁ
ଡକାଇଲେ। ରାଜା କହିଲେ, "ଯିହୋୟାଦା, ଯିହୁଦା ଓ
ଯିରୁଶାଲମରୁ ସଂଗୃହିତ ଖଜଣା ଆଣିବାକୁ ତୁମ୍ଭେ କାହିଁକି
ଲେବୀୟମାନଙ୍କୁ ପଠାଉ ନାହିଁ? ସଦାପ୍ରଭୁଙ୍କ ଦାସ ମୋଶା ଓ
ଇଶ୍ରାୟେଲର ଲୋକମାନେ ସେହି ଖଜଣାକୁ ପବିତ୍ର ତମ୍ବୁ
ନିମନ୍ତେ ବ୍ୟବହାର କରୁଥିଲେ।"

7ଅତୀତରେ, ଅଥଲୀୟାଙ୍କ ପୁତ୍ରମାନେ ପରମେଶ୍ୱରଙ୍କ ମନ୍ଦିର
ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ସଦାପ୍ରଭୁଙ୍କ ମନ୍ଦିରର
ପବିତ୍ର ସାମଗ୍ରୀଗୁଡ଼ିକୁ ସେମାନେ ବାଲ୍-ଦେବଗଣର ପୂଜା
କରିବା ନିମନ୍ତେ ବ୍ୟବହାର କରିଥିଲେ। ଅଥଲୀୟା ଜଣେ ଅତି
ଦୁଷ୍ଟା ସ୍ତ୍ରୀ ଥିଲେ। 8ରାଜା ଯୋୟାଶ୍ ଏକ ବାକ୍ସ ନିର୍ମାଣ
କରିବାକୁ ଓ ସଦାପ୍ରଭୁଙ୍କ ମନ୍ଦିର ଦ୍ୱାରର ବାହାର ପାର୍ଶ୍ୱରେ
ରଖିବାକୁ ଆଦେଶ ଦେଲେ। 9ଏହାପରେ ଲେବୀୟମାନେ
ଯିହୁଦା ଓ ଯିରୁଶାଲମରେ ଏକ ଘୋଷଣା କଲେ। ସେମାନେ
ସଦାପ୍ରଭୁଙ୍କ ନିମନ୍ତେ ଖଜଣା ଦେବାକୁ ଲୋକମାନଙ୍କୁ କହିଲେ।
ଇଶ୍ରାୟେଲର ଲୋକମାନେ ମରୁଭୂମିରେ ଥିବା ସମୟରେ
ପରମେଶ୍ୱରଙ୍କ ଦାସ ମୋଶା ସେମାନଙ୍କୁ ଖଜଣା ଦେବାକୁ
କହିଥିଲେ। 10ସବୁ ନେତା ଓ ଲୋକମାନେ ଆନନ୍ଦିତ
ହେଲେ। ସେମାନେ ସେମାନଙ୍କର ଟଙ୍କା ଆଣି ସେହି ବାକ୍ସରେ
ପକାଇଲେ। ବାକ୍ସଟି ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସେମାନେ ଦାନ
ଦେବାକୁ ଲାଗିଲେ। 11ଏହାପରେ ଲେବୀୟମାନେ ସେହି
ବାକ୍ସକୁ ରାଜାଙ୍କର ପଦାଧିକାରୀମାନଙ୍କ ନିକଟକୁ ନେଇଗଲେ।
ସେମାନେ ଦେଖିଲେ ଯେ, ସେହି ବାକ୍ସ ଟଙ୍କାରେ ପୂର୍ଣ୍ଣ
ହୋଇଥିଲା। ରାଜାଙ୍କ ସଚିବ ଓ ମୁଖ୍ୟ ଯାଜକଙ୍କ ପଦାଧିକାରୀମାନେ
ଆସିଲେ ଓ ବାକ୍ସରୁ ଟଙ୍କାତକ କାଢ଼ି ନେଲେ। ଏହାପରେ
ସେମାନେ ସେହି ବାକ୍ସକୁ ପୁନର୍ବାର ତାହାର ସ୍ଥାନରେ
ରଖିଦେଲେ। ପ୍ରତିଦିନ ସେମାନେ ଏହିପରି କଲେ ଓ ପ୍ରଚୁର
ଟଙ୍କା ଜମା କଲେ। 12ଏହାପରେ ରାଜା ଯୋୟାଶ୍ ଓ
ଯିହୋୟାଦା ସଦାପ୍ରଭୁଙ୍କ ମନ୍ଦିରରେ କାର୍ଯ୍ୟ କରୁଥିବା ଲୋକମାନଙ୍କୁ
ସେହି ଟଙ୍କା ଦେଲେ। ଆଉ ସଦାପ୍ରଭୁଙ୍କ ମନ୍ଦିରରେ କାର୍ଯ୍ୟ
କରୁଥିବା ଲୋକମାନେ ଦକ୍ଷ କାଷ୍ଠ ଖୋଦନକାରୀ ଓ ବଢ଼େଇମାନଙ୍କୁ
ପାରିଶ୍ରମିକ ଦେଇ ନିଯୁକ୍ତ କଲେ। ଆଉ ଯେଉଁମାନେ ଲୁହା
ଓ ପିତ୍ତଳର କାର୍ଯ୍ୟ ଜାଣିଥିଲେ, ସେମାନେ ସେମାନଙ୍କୁ ମଧ୍ୟ
ସଦାପ୍ରଭୁଙ୍କ ମନ୍ଦିରର ପୁନଃନିର୍ମାଣ କାର୍ଯ୍ୟରେ ପାରିଶ୍ରମିକ
ଦେଇ ନିଯୁକ୍ତ କଲେ।

13ଯେଉଁ ବ୍ୟକ୍ତିମାନେ ତତ୍ତ୍ୱାବଧାନ କାର୍ଯ୍ୟ କରୁଥିଲେ,
ସେମାନେ ଅତି ବିଶ୍ୱସ୍ତ ଥିଲେ। ସଦାପ୍ରଭୁଙ୍କ ପୁନଃନିର୍ମାଣ
କାର୍ଯ୍ୟ ସଫଳ ହେଲା। ପରମେଶ୍ୱରଙ୍କ ମନ୍ଦିର ପୂର୍ବରୁ ଯେଉଁପରି
ଥିଲା, ସେମାନେ ତାହାକୁ ସେପ୍ରକାର ନିର୍ମାଣ କଲେ ଓ
ସେମାନେ ତାହାକୁ ଆହୁରି ଦୃଢ଼ କଲେ। 14ଯେତେବେଳେ
ଶ୍ରମିକମାନଙ୍କର କାର୍ଯ୍ୟ ସମାପ୍ତ ହେଲା, ସେମାନେ ବଳିଥିବା
ଟଙ୍କାକୁ ରାଜା ଯୋୟାଶ୍ ଓ ଯିହୋୟାଦାଙ୍କ ନିକଟକୁ ଆଣିଲେ।
ସେମାନେ ସେହି ଟଙ୍କାକୁ ସଦାପ୍ରଭୁଙ୍କ ମନ୍ଦିରର ସାମଗ୍ରୀ
ନିର୍ମାଣ କରିବାରେ ବ୍ୟବହାର କଲେ। ସେହି ସାମଗ୍ରୀଗୁଡ଼ିକ
ମନ୍ଦିରର ସେବାକାର୍ଯ୍ୟ ଓ ନୈବେଦ୍ୟ ହୋମବଳି ଉପହାର
ଉତ୍ସର୍ଗ କରିବା ପାଇଁ ବ୍ୟବହୃତ ହେଲା। ସେମାନେ ସୁନା ଓ
ରୂପାରୁ ପାତ୍ରମାନ ଓ ଅନ୍ୟାନ୍ୟ ସାମଗ୍ରୀ ନିର୍ମାଣ କଲେ।
ଯିହୋୟାଦା ଜୀବିତ ଥିବା ପର୍ଯ୍ୟନ୍ତ ଯାଜକମାନେ ସଦାପ୍ରଭୁଙ୍କ
ମନ୍ଦିରରେ ପ୍ରତିଦିନ ହୋମବଳି ଉପହାରମାନ ଉତ୍ସର୍ଗ କଲେ।

15ଯିହୋୟାଦା ବୃଦ୍ଧ ହେଲେ। ସେ ଦୀର୍ଘଜୀବି ଥିଲେ,
ତା'ପରେ ସେ ମୃତ୍ୟୁବରଣ କଲେ। ଯିହୋୟାଦା 130 ବର୍ଷ
ବୟସରେ ମୃତ୍ୟୁବରଣ କଲେ। 16ଲୋକମାନେ ଯିହୋୟାଦାଙ୍କୁ
ଦାଉଦଙ୍କ ନଗରରେ, ଯେଉଁଠାରେ ରାଜାମାନେ କବରପ୍ରାପ୍ତ
ହୋଇଛନ୍ତି, ସେହିଠାରେ କବର ଦେଲେ। ଲୋକମାନେ ସେହି
ସ୍ଥାନରେ ଯିହୋୟାଦାଙ୍କୁ କବର ଦେଲେ, କାରଣ ସେ
ଆପଣାର ଜୀବନକାଳରେ ଇଶ୍ରାୟେଲ ମଧ୍ୟରେ ପରମେଶ୍ୱରଙ୍କ
ନିମନ୍ତେ ଓ ପରମେଶ୍ୱରଙ୍କ ମନ୍ଦିର ନିମନ୍ତେ ବହୁତ ଉତ୍ତମ
କର୍ମ କରିଥିଲେ।

17ଯିହୋୟାଦାଙ୍କ ମୃତ୍ୟୁ ପରେ, ଯିହୁଦାର ନେତାମାନେ
ଆସିଲେ ଓ ରାଜା ଯୋୟାଶଙ୍କ ସମ୍ମୁଖରେ ପ୍ରଣିପାତ କଲେ।
ରାଜା ସେହି ନେତାମାନଙ୍କର କଥା ଶୁଣିଲେ। 18ରାଜା ଓ
ସେହି ନେତାମାନେ ସଦାପ୍ରଭୁ ପରମେଶ୍ୱରଙ୍କର ମନ୍ଦିରକୁ
ଅଗ୍ରାହ୍ୟ କଲେ। ସେମାନଙ୍କର ପୂର୍ବପୁରୁଷମାନେ ସଦାପ୍ରଭୁ
ପରମେଶ୍ୱରଙ୍କର ଅନୁଗମନ କରିଥିଲେ। ସେମାନେ ଆଶେରା
ସ୍ତମ୍ଭ ଓ ଅନ୍ୟ ମୂର୍ତ୍ତିଗୁଡ଼ିକୁ ପୂଜା କଲେ। ପରମେଶ୍ୱର
ଯିହୁଦାର ଓ ଯିରୁଶାଲମର ଲୋକମାନଙ୍କ ଉପରେ କ୍ରୋଧ
କଲେ, କାରଣ ରାଜା ଓ ସେହି ନେତାମାନେ ଦୋଷୀ ଥିଲେ।
19ଲୋକମାନଙ୍କୁ ସଦାପ୍ରଭୁଙ୍କ ପ୍ରତି ଫେରାଇ ଆଣିବାକୁ ପରମେଶ୍ୱର
ସେମାନଙ୍କ ନିକଟକୁ ଭବିଷ୍ୟଦ୍‌ବକ୍ତାମାନଙ୍କୁ ପ୍ରେରଣ କଲେ।
ଭବିଷ୍ୟଦ୍‌ବକ୍ତାମାନେ ଲୋକମାନଙ୍କୁ ସାବଧାନ କରାଇ ଦେଲେ।
କିନ୍ତୁ ଲୋକମାନେ ଶୁଣିବାକୁ ମନାକଲେ।

20ପରମେଶ୍ୱରଙ୍କର ଆତ୍ମା ଜିଖରୀୟଙ୍କ ଉପରେ ଅବତରଣ
କଲେ। ଯିହୋୟାଦା ଯାଜକ ଜିଖରୀୟଙ୍କ ପିତା ଥିଲେ।
ଜିଖରୀୟ ଲୋକମାନଙ୍କ ସମ୍ମୁଖରେ ଛିଡା ହେଲେ ଓ କହିଲେ,

“ପରମେଶ୍ୱର ଏହା କହନ୍ତି: ‘ତୁମ୍ଭେମାନେ କାହିଁକି ସଦାପ୍ରଭୁଙ୍କ
ଆଜ୍ଞାର ବାଧ ହେବା ନିମନ୍ତେ ଅଗ୍ରାହ୍ୟ କରୁଛ? ତୁମ୍ଭେମାନେ
କୃତକାର୍ଯ୍ୟ ହେବ ନାହିଁ। ତୁମ୍ଭେମାନେ ସଦାପ୍ରଭୁଙ୍କୁ ତ୍ୟାଗ
କରିଅଛ। ତେଣୁ ସଦାପ୍ରଭୁ ତୁମ୍ଭମାନଙ୍କୁ ତ୍ୟାଗ କରିଅଛନ୍ତି!’”

**21**କିନ୍ତୁ ଲୋକମାନେ ଜିଖରିୟଙ୍କ ବିରୁଦ୍ଧରେ ମନ୍ତ୍ରଣା
କଲେ। ଜିଖରିୟଙ୍କୁ ବଧ କରିବା ନିମନ୍ତେ ରାଜା ଆଦେଶ
ଦେଲେ, ତେଣୁ ମୃତ୍ୟୁ ହେବା ପର୍ଯ୍ୟନ୍ତ ସେମାନେ ତାଙ୍କ
ଆଡ଼କୁ ପଥର ଫୋପାଡ଼ିଲେ। ସଦାପ୍ରଭୁଙ୍କର ମନ୍ଦିର ପ୍ରାଙ୍ଗଣ
ମଧ୍ୟରେ ଲୋକମାନେ ଏହା କଲେ। **22**ରାଜା ଯୋୟାଶ୍‌ଙ୍କ
ପ୍ରତି ଯିହୋୟାଦା ଯେଉଁ ଦୟା କରିଥିଲେ, ତାହାକୁ ସ୍ମରଣ
କଲେ ନାହିଁ। ଯିହୋୟାଦା ଜିଖରିୟଙ୍କ ପିତା ଥିଲେ। କିନ୍ତୁ
ଯୋୟାଶ୍, ଯିହୋୟାଦାଙ୍କ ପୁତ୍ର ଜିଖରିୟଙ୍କୁ ହତ୍ୟା କଲେ।
ଜିଖରିୟ ମୃତ୍ୟୁଭୋଗ କରିବା ପୂର୍ବରୁ ଏହିକଥା କହିଲେ,
“ତୁମ୍ଭେମାନେ ଯାହା କରୁଅଛ, ସଦାପ୍ରଭୁ ତାହା ଦେଖନ୍ତୁ ଓ
ତୁମ୍ଭମାନଙ୍କୁ ଦଣ୍ଡ ଦିଅନ୍ତୁ!”

**23**ବର୍ଷର ଶେଷ ଆଡ଼କୁ ଅରାମୀୟ ସୈନ୍ୟଦଳ ଯୋୟାଶ୍‌ଙ୍କ
ବିରୁଦ୍ଧରେ ଆସିଲେ। ସେମାନେ ଯିହୁଦା ଓ ଯିରୁଶାଲମକୁ
ଆକ୍ରମଣ କଲେ ଏବଂ ଲୋକମାନଙ୍କର ସବୁ ନେତାମାନଙ୍କୁ
ହତ୍ୟା କଲେ। ସେମାନେ ସବୁ ବହୁମୂଲ୍ୟ ସାମଗ୍ରୀଗୁଡ଼ିକୁ
ଦମ୍ମେଶକର ରାଜାଙ୍କ ନିକଟକୁ ପଠାଇ ଦେଲେ। **24**ଅରାମୀୟ
ସୈନ୍ୟଦଳ ନିଜ ସହିତ ଲୋକମାନଙ୍କର ଏକ କ୍ଷୁଦ୍ରଦଳକୁ
ନେଇ ଆସିଥିଲେ କିନ୍ତୁ ସଦାପ୍ରଭୁ ସେମାନଙ୍କୁ ଯିହୁଦାର ବୃହତ୍
ସୈନ୍ୟଦଳ ଉପରେ ବିଜୟଲାଭ କରିବାକୁ ଦେଲେ। ସଦାପ୍ରଭୁ
ଏହିପରି କଲେ, କାରଣ ଯିହୁଦାର ଲୋକମାନେ ସେମାନଙ୍କ
ପୂର୍ବପୁରୁଷମାନେ ଯେଉଁ ସଦାପ୍ରଭୁ ପରମେଶ୍ୱରଙ୍କର ଅନୁଗାମୀ
ହୋଇଥିଲେ, ସେମାନେ ତାଙ୍କୁ ପରିତ୍ୟାଗ କରିଥିଲେ। ତେଣୁ
ଯୋୟାଶ୍ ଦଣ୍ଡିତ ହେଲେ। **25**ଅରାମୀୟମାନେ ଯୋୟାଶ୍‌ଙ୍କ
ନିକଟରୁ ଯେତେବେଳେ ପ୍ରସ୍ଥାନ କଲେ, ସେ ଗୁରୁତର
ଭାବରେ ଆହତ ହୋଇଥିଲେ। ଯୋୟାଶ୍‌ଙ୍କର ନିଜ ଭୃତ୍ୟମାନେ
ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କଲେ। ଯୋୟାଶ୍ ଯିହୋୟାଦା
ଯାଜକଙ୍କର ପୁତ୍ର ଜିଖରିୟଙ୍କୁ ହତ୍ୟା କରିଥିବାରୁ ସେମାନେ
ଏହିପରି କଲେ। ସେହି ଭୃତ୍ୟମାନେ ଯୋୟାଶ୍‌ଙ୍କୁ ତାଙ୍କର
ଶଯ୍ୟା ଉପରେ ହିଁ ବଧ କଲେ। ଯୋୟାଶ୍ ମୃତ୍ୟୁଭୋଗ
କରିବା ପରେ, ଲୋକମାନେ ତାଙ୍କୁ ଦାଉଦଙ୍କ ନଗରରେ
କବର ଦେଲେ, କିନ୍ତୁ ସେମାନେ ତାଙ୍କୁ ରାଜାମାନେ ଯେଉଁ
ସ୍ଥାନରେ କବର ପାଆନ୍ତି, ସେ ସ୍ଥାନରେ କବର ଦେଲେ
ନାହିଁ।

**26**ଯୋୟାଶ୍‌ଙ୍କ ବିରୁଦ୍ଧରେ ଏହି ଭୃତ୍ୟମାନେ ଷଡ଼ଯନ୍ତ୍ର
କରିଥିଲେ: ସାବଦ୍ ଓ ଯିହୋଷାବଦ୍, ସାବଦ୍‌ଙ୍କ ମାତାଙ୍କର
ନାମ ଥିଲା ଶିମିୟତ୍। ଶିମିୟତ୍ ଅମ୍ମୋନରୁ ଆସିଥିଲେ। ଆଉ
ଯିହୋଷାବଦ୍‌ଙ୍କର ମାତାଙ୍କର ନାମ ଥିଲା ଶିମ୍ରୀତ୍। ଶିମ୍ରୀତ୍
ମୋୟାବରୁ ଆସିଥିଲେ। **27**ଯୋୟାଶ୍‌ଙ୍କ ପୁତ୍ରମାନଙ୍କ କାହାଣୀ,
ତାଙ୍କ ବିରୁଦ୍ଧରେ ମହାନ୍ ଭବିଷ୍ୟତ୍‌ବାଣୀଗୁଡ଼ିକ ଓ ସେ କିପରି
ପୁନର୍ବାର ପରମେଶ୍ୱରଙ୍କ ମନ୍ଦିରର ନିର୍ମାଣ କଲେ, ସେହିସବୁ
ରାଜାମାନଙ୍କର ବିବରଣୀ ପୁସ୍ତକରେ ଲେଖାଯାଇ ଅଛି। ଅମତ୍‌ସିୟ
ତାଙ୍କ ଉତ୍ତାରେ ନୂତନ ରାଜା ହେଲେ। ଅମତ୍‌ସିୟ ଯୋୟାଶ୍‌ଙ୍କର
ପୁତ୍ର ଥିଲେ।

## ଯିହୁଦାର ରାଜା ଅମତ୍‌ସିୟ

**25** ଅମତ୍‌ସିୟ ରାଜା ହେବା ସମୟରେ ପଚିଶ ବର୍ଷ
ବୟସ୍କ ହୋଇଥିଲେ। ସେ ଯିରୁଶାଲମରେ
ଅଣତିରିଶ ବର୍ଷ ରାଜତ୍ୱ କଲେ। ତାଙ୍କ ମାତାଙ୍କର ନାମ ଥିଲା
ଯିହୋୟଦ୍ଦନ୍। ଯିହୋୟଦ୍ଦନ୍ ଯିରୁଶାଲମରୁ ଆସିଥିଲେ। **2**ଅମତ୍‌ସିୟ
ସଦାପ୍ରଭୁଙ୍କ ଇଚ୍ଛାନୁଯାୟୀ କର୍ମ କଲେ। କିନ୍ତୁ ସେ ଆପଣାର
ସଂପୂର୍ଣ୍ଣ ହୃଦୟର ସହିତ ତାହା କଲେ ନାହିଁ। **3**ଅମତ୍‌ସିୟ
ଜଣେ ପରାକ୍ରମୀ ରାଜା ହେଲେ। ଏହାପରେ ଯେଉଁ
ପଦାଧିକାରୀମାନେ ତାଙ୍କର ପିତା, ରାଜାଙ୍କୁ ହତ୍ୟା କରିଥିଲେ,
ସେ ସେହି ପଦାଧିକାରୀମାନଙ୍କୁ ହତ୍ୟା କଲେ। **4**କିନ୍ତୁ
ଅମତ୍‌ସିୟ ସେହି ପଦାଧିକାରୀମାନଙ୍କର ସନ୍ତାନମାନଙ୍କୁ ହତ୍ୟା
କଲେ ନାହିଁ; କାହିଁକି? ସେ ମୋଶାଙ୍କ ପୁସ୍ତକରେ ଲିଖିତ
ନିୟମକୁ ମାନିଲେ। ସଦାପ୍ରଭୁ ଆଦେଶ ଦେଇଥିଲେ,
“ପିତାମାତାମାନଙ୍କୁ ସେମାନଙ୍କ ସନ୍ତାନମାନଙ୍କର ଅପରାଧ ପାଇଁ
ହତ୍ୟା କରାଯିବ ନାହିଁ। ଆଉ ସନ୍ତାନମାନଙ୍କୁ ସେମାନଙ୍କ
ପିତାମାତାଙ୍କର ଅପରାଧ ପାଇଁ ହତ୍ୟା କରାଯିବ ନାହିଁ। ଜଣେ
ବ୍ୟକ୍ତିକୁ କେବଳ ତା’ର ନିଜର ମନ୍ଦକର୍ମ ପାଇଁ ହତ୍ୟା
କରାଯିବା ଉଚିତ୍।”

**5**ଅମତ୍‌ସିୟ ଯିହୁଦାର ଲୋକମାନଙ୍କୁ ଏକତ୍ର ଠୁଳ କଲେ,
ସେ ସେମାନଙ୍କ ବଂଶାନୁଯାୟୀ ସେମାନଙ୍କୁ ଦଳଭୁକ୍ତ କଲେ ଓ
ସେ ସେନାଧକ୍ଷ ଓ ସେନାପତିମାନଙ୍କୁ ସେହି ଦଳଗୁଡ଼ିକର
ଦାୟିତ୍ୱରେ ରଖିଲେ। ସେହି ନେତାମାନେ ଯିହୁଦା ଓ ବିନ୍ୟାମୀନର
ଆଗତ ସମସ୍ତ ସୈନ୍ୟମାନଙ୍କର ଦାୟିତ୍ୱରେ ଥିଲେ। ଯେଉଁ
ବ୍ୟକ୍ତିମାନଙ୍କୁ ସୈନ୍ୟରୂପେ ମନୋନୀତ କରାଯାଇଥିଲା, ସେମାନେ
କୋଡିଏ ବର୍ଷ ବା ତଦୁର୍ଦ୍ଧ ବୟସର ଥିଲେ। ସର୍ବମୋଟ
3,00,000 ଦକ୍ଷ ସୈନ୍ୟମାନେ ବର୍ଚ୍ଛା ଓ ଢାଲ ସହିତ ଯୁଦ୍ଧ
କରିବା ନିମନ୍ତେ ପ୍ରସ୍ତୁତ ଥିଲେ। **6**ଅମତ୍‌ସିୟ ମଧ୍ୟ ଇଶ୍ରାୟେଲରୁ
1,00,000 ସୈନ୍ୟ ଭଡ଼ାରେ ଆଣିଲେ। ସେ ସେହି
ସୈନ୍ୟମାନଙ୍କ ନିମନ୍ତେ 100 ତାଳନ୍ତ ରୂପା ଦେଲେ। **7**କିନ୍ତୁ
ପରମେଶ୍ୱରଙ୍କର ଜଣେ ବ୍ୟକ୍ତି ଅମତ୍‌ସିୟଙ୍କ ନିକଟକୁ ଆସିଲେ।
ପରମେଶ୍ୱରଙ୍କର ସେହି ବ୍ୟକ୍ତି କହିଲେ, “ରାଜା, ଇଶ୍ରାୟେଲର
ସୈନ୍ୟମାନଙ୍କୁ ତୁମ୍ଭ ସହିତ ଯିବାକୁ ଦିଅ ନାହିଁ। ସଦାପ୍ରଭୁ
ଇଶ୍ରାୟେଲର ସହିତରେ ନାହାଁନ୍ତି। ସଦାପ୍ରଭୁ ଇଫ୍ରୟିମର
ଲୋକମାନଙ୍କ ସହିତରେ ନାହାଁନ୍ତି। **8**ହୋଇପାରେ, ତୁମ୍ଭେ
ନିଜକୁ ଦୃଢ଼ ଓ ଯୁଦ୍ଧ ନିମନ୍ତେ ସୁ-ପ୍ରସ୍ତୁତ କରିପାର, କିନ୍ତୁ
ପରମେଶ୍ୱର ହିଁ ତୁମ୍ଭକୁ ବିଜୟୀ କିଅବା ପରାଜୟୀ ହେବା
ନିମନ୍ତେ ସାହାଯ୍ୟ କରିପାରନ୍ତି।” **9**ଅମତ୍‌ସିୟ ପରମେଶ୍ୱରଙ୍କ
ସେହି ବ୍ୟକ୍ତିଙ୍କୁ କହିଲେ, “କିନ୍ତୁ ମୁଁ ଇଶ୍ରାୟେଲୀୟ ସୈନ୍ୟଦଳକୁ
ଯେଉଁ 100 ତାଳନ୍ତ ରୂପା ଦେଇସାରିଛି, ତାହା ବିଷୟରେ
କଣ କରାଯିବ?” ପରମେଶ୍ୱରଙ୍କ ବ୍ୟକ୍ତି ଉତ୍ତର ଦେଲେ,
“ସଦାପ୍ରଭୁଙ୍କର ପ୍ରଚୁର ଅଛି, ସେ ତୁମ୍ଭକୁ ତାହାଠାରୁ ଯଥେଷ୍ଟ
ଅଧିକ ଦେଇପାରନ୍ତି!”

**10**ତେଣୁ ଅମତ୍‌ସିୟ ଇଶ୍ରାୟେଲୀୟ ସୈନ୍ୟଦଳଙ୍କୁ ସେମାନଙ୍କ
ଗୃହକୁ, ଇଫ୍ରୟିମକୁ ଫେରାଇ ଦେଲେ। ସେହି ଲୋକମାନେ
ରାଜା ଓ ଯିହୁଦାର ଲୋକମାନଙ୍କ ଉପରେ ଭୟଙ୍କର କ୍ରୋଧ
କଲେ। ସେମାନେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଗୃହକୁ
ଫେରିଗଲେ।

11ଏହାପରେ ଅମତ୍ସିୟ ଅତ୍ୟନ୍ତ ସାହସୀ ହୋଇ ଉଠିଲେ
ଓ ତାଙ୍କର ସୈନ୍ୟଦଳକୁ ଲବଣ-ଉପତ୍ୟକାକୁ କଢ଼ାଇ ନେଲେ।
ସେହି ସ୍ଥାନରେ, ଅମତ୍ସିୟଙ୍କ ସୈନ୍ୟଦଳ ସେୟୀରର 10,000
ଲୋକଙ୍କୁ ହତ୍ୟା କଲେ। 12ଯିହୁଦାର ସୈନ୍ୟଦଳ ମଧ୍ୟ
ସେୟୀରର 10,000 ଲୋକଙ୍କୁ କରାୟତ୍ତ କଲେ। ସେମାନେ
ସେହି ଲୋକମାନଙ୍କୁ ସେୟୀରରୁ ସେଲାର ଶୀର୍ଷକୁ ନେଇଗଲେ।
ସେହି ଲୋକମାନେ ସେତେବେଳେ ଜୀବିତ ଥିଲେ। ଏହାପରେ
ଯିହୁଦାର ସୈନ୍ୟଦଳ ସେହି ଲୋକମାନଙ୍କୁ ସେଲାରୁ ତଳକୁ
ଫୋପାଡି ଦେଲେ, ଆଉ ସେମାନଙ୍କର ଶରୀର ତଳେ ଥିବା
ପଥରରେ ପଡ଼ି ଖଣ୍ଡ ବିଖଣ୍ଡ ହୋଇଗଲା।

13କିନ୍ତୁ ସେହି ସମୟରେ ହିଁ ଇଶ୍ରାୟେଲୀୟ ସୈନ୍ୟଦଳ
ଯିହୁଦାର କେତେକ ସହର ଉପରେ ଆକ୍ରମଣ କରୁଥିଲେ।
ସେମାନେ ଶମରିୟାଠାରୁ ବୈଥ୍-ହୋରଣ୍ ପର୍ଯ୍ୟନ୍ତ ସହରଗୁଡ଼ିକୁ
ଆକ୍ରମଣ କଲେ। ସେମାନେ 3,000 ଲୋକଙ୍କୁ ହତ୍ୟା କଲେ
ଓ ଅନେକ ବହୁମୂଲ୍ୟ ସାମଗ୍ରୀମାନ ନେଇଗଲେ। ଅମତ୍ସିୟ
ସେମାନଙ୍କୁ ଯୁଦ୍ଧରେ ଯୋଗ ଦେଇନଥିଲେ।

14ଅମତ୍ସିୟ ଇଦୋମୀୟ ଲୋକମାନଙ୍କୁ ପରାସ୍ତ କରିବା
ପରେ ଗୃହକୁ ବାହୁଡ଼ି ଆସିଲେ। ସେୟୀରର ଲୋକମାନେ
ଯେଉଁ ଦେବ ପ୍ରତିମାକୁ ପୂଜା କରୁଥିଲେ, ସେଗୁଡ଼ିକୁ ସଙ୍ଗରେ
ଆଣିଥିଲେ। ଅମତ୍ସିୟ ସେହି ଦେବ ପ୍ରତିମାକୁ ପୂଜା
କରିବାକୁ ଆରମ୍ଭ କଲେ। ସେ ସେହି ଦେବତାମାନଙ୍କର
ସମ୍ମୁଖରେ ପ୍ରଣିପାତ କଲେ ଓ ସେ ସେମାନଙ୍କର ନିକଟରେ
ଧୂପ ଜ୍ୱଳାଇଲେ। 15ସଦାପ୍ରଭୁ ଅମତ୍ସିୟଙ୍କ ପ୍ରତି ଅତ୍ୟନ୍ତ
କ୍ରୋଧ କଲେ। ସଦାପ୍ରଭୁ ଅମତ୍ସିୟଙ୍କ ନିକଟକୁ ଜଣେ
ଭବିଷ୍ୟଦ୍‌ବକ୍ତାଙ୍କୁ ପଠାଇଲେ। ଭବିଷ୍ୟଦ୍‌ବକ୍ତା କହିଲେ,
“ଅମତ୍ସିୟ, ତୁମ୍ଭେ କାହିଁକି ସେହି ଲୋକମାନେ ପୂଜା
କରୁଥିବା ଦେବତାମାନଙ୍କର ପୂଜା କଲ? ସେହି ଦେବତାମାନେ
ସେମାନଙ୍କ ନିଜ ଲୋକମାନଙ୍କୁ ସୁଦ୍ଧା ତୁମ୍ଭଠାରୁ ରକ୍ଷା କରିପାରିଲେ
ନାହିଁ।”

16ଭବିଷ୍ୟଦ୍‌ବକ୍ତା ଯେତେବେଳେ ଏହି କଥା କହିଲେ,
ଅମତ୍ସିୟ ସେହି ଭବିଷ୍ୟଦ୍‌ବକ୍ତାଙ୍କୁ କହିଲେ, “ତୁମ୍ଭେ ରାଜାଙ୍କର
ଜଣେ ପରାମର୍ଶଦାତା ନୁହଁ। ନୀରବ ରୁହ! ଯଦି ତୁମ୍ଭେ
ନୀରବ ନ ରୁହ, ତେବେ ତୁମ୍ଭକୁ ହତ୍ୟା କରାଯିବ!”
ଭବିଷ୍ୟଦ୍‌ବକ୍ତା ନୀରବ ହୋଇଗଲେ, କିନ୍ତୁ ତା'ପରେ କହିଲେ,
“ପରମେଶ୍ୱର ପ୍ରକୃତରେ ତୁମ୍ଭକୁ ବିନଷ୍ଟ କରିବା ନିମନ୍ତେ ସ୍ଥିର
କରିଛନ୍ତି। କାହିଁକି? କାରଣ ତୁମ୍ଭେ ସେହି ମନ୍ଦ କାର୍ଯ୍ୟସବୁ
କଲ ଓ ମୋର ଉପଦେଶ ଶୁଣିଲ ନାହିଁ।”

17ଯିହୁଦାର ରାଜା ଅମତ୍ସିୟ, ତାଙ୍କର ପରାମର୍ଶଦାତାମାନଙ୍କ
ସହିତ ଆଲୋଚନା କଲେ। ଏହାପରେ ସେ ଇଶ୍ରାୟେଲର
ରାଜା ଯୋୟାଶ୍‌ଙ୍କ ନିକଟକୁ ଏକ ବାର୍ତ୍ତା ପଠାଇଲେ। ଯୋୟାଶ୍
ଯିହୋୟାହସଙ୍କର ପୁତ୍ର ଥିଲେ। ଯିହୋୟାହସ ଯେହୁଙ୍କ ପୁତ୍ର
ଥିଲେ। ଅମତ୍ସିୟ ଯୋୟାଶ୍‌ଙ୍କୁ କହିଲେ, “ଆସ, ପରସ୍ପରକୁ
ସାମ୍ନା-ସାମ୍ନି ଭେଟିବା।”

18ଏହାପରେ ଯୋୟାଶ୍ ଅମତ୍ସିୟଙ୍କ ନିକଟକୁ ତାଙ୍କର
ଉତ୍ତର ପଠାଇଲେ। ଯୋୟାଶ୍ ଇଶ୍ରାୟେଲର ରାଜା ଓ
ଅମତ୍ସିୟ ଯିହୁଦାର ରାଜା ଥିଲେ। ଯୋୟାଶ୍ ଏହି ବାର୍ତ୍ତା
କହିଲେ: “ଲିବାନୋନ୍‌ର ଏକ କ୍ଷୁଦ୍ର କଣ୍ଟାବୁଦା, ଲିବାନୋନ୍‌ର
ଏକ ବିରାଟ ଦେବଦାରୁ ବୃକ୍ଷ ନିକଟକୁ ଏହି ବାର୍ତ୍ତା ପଠାଇଲା।
କ୍ଷୁଦ୍ର କଣ୍ଟାବୁଦା ଏହି କଥା କହିଲା, ‘ତୁମ୍ଭର କନ୍ୟା ମୋର
ପୁତ୍ରକୁ ବିବାହ କରୁ।’ କିନ୍ତୁ ଏକ ହିଂସ୍ରଜନ୍ତୁ ଆସିଲା ଓ
କଣ୍ଟାବୁଦା ଉପର ଦେଇ ଚାଲିଗଲା। ଆଉ ତାହାକୁ ସଂପୂର୍ଣ୍ଣ
ନଷ୍ଟ କରିଦେଲା। 19ତୁମ୍ଭେ ନିଜକୁ କହିଲ, ‘ମୁଁ ଇଦୋମକୁ
ପରାଜିତ କରିଦେଲି!’ ତୁମ୍ଭେ ଗର୍ବୀ ଓ ଅତ୍ୟନ୍ତ ଦର୍ପୀ। କିନ୍ତୁ
ତୁମ୍ଭେ ଗୃହରେ ରହିବା ଉଚିତ୍। ତୁମ୍ଭର ଦୁର୍ଭାଗ୍ୟ ଭୋଗିବା
ଦରକାର ନାହିଁ। ଯଦି ତୁମ୍ଭେ ମୋ ସହିତ ଯୁଦ୍ଧ କରିବ,
ତେବେ ତୁମ୍ଭେ ଓ ଯିହୁଦା ନଷ୍ଟ ହେବ।”

20କିନ୍ତୁ ଅମତ୍ସିୟ ତାହା ଶୁଣିଲେ ନାହିଁ। ଏହା ପରମେଶ୍ୱରଙ୍କ
ଆଡ଼ୁ ହେଲା। ପରମେଶ୍ୱର ଇଶ୍ରାୟେଲ ଦ୍ୱାରା ଯିହୁଦାକୁ ପରାସ୍ତ
କରିବାକୁ ଯୋଜନା କରିଥିଲେ, କାରଣ ଯିହୁଦାର ଲୋକମାନେ
ଇଦୋମର ଲୋକମାନଙ୍କ ଦେବତାର ଅନୁଗାମୀ ହୋଇଥିଲେ।
21ତେଣୁ ଇଶ୍ରାୟେଲର ରାଜା ଯୋୟାଶ୍ ବୈଥ୍-ଶେମଶ୍ ସହରରେ
ଯିହୁଦାର ରାଜା ଅମତ୍ସିୟଙ୍କୁ ସାମ୍ନା-ସାମ୍ନି ହୋଇ ଭେଟିଲେ।
ବୈଥ୍-ଶେମଶ୍ ଯିହୁଦାର ଅଞ୍ଚଳ ଅଟେ। 22ଇଶ୍ରାୟେଲ ଯିହୁଦାକୁ
ପରାସ୍ତ କଲେ। ଯିହୁଦାର ପ୍ରତ୍ୟେକ ଲୋକ ନିଜ ଗୃହକୁ
ଦୌଡ଼ି ପଳାଇଲେ। 23ଯୋୟାଶ୍ ଯିହୁଦାର ରାଜା ଅମତ୍ସିୟଙ୍କୁ
ବୈଥ୍-ଶେମଶ୍‌ଠାରେ ଧରିଲେ ଓ ତାଙ୍କୁ ଯିରୁଶାଲମକୁ
ନେଇଗଲେ। ଅମତ୍ସିୟଙ୍କ ପିତାଙ୍କ ନାମ ଥିଲା ଯୋୟାଶ,
ଯୋୟାଶ୍‌ଙ୍କ ପିତାଙ୍କର ନାମ ଥିଲା ଯିହୋୟାହସ୍। ଇଶ୍ରାୟେଲର
ରାଜା ଯୋୟାଶ ଇଫ୍ରୟିମ୍ ଫାଟକଠାରୁ କୋଣସ୍ଥିତ ଫାଟକ
ପର୍ଯ୍ୟନ୍ତ ଯିରୁଶାଲମର 400 ହାତ ପ୍ରାଚୀରକୁ ଭାଙ୍ଗି ପକାଇଲେ।
24ପରମେଶ୍ୱରଙ୍କ ମନ୍ଦିରରେ ଏବଂ ରାଜାଙ୍କ ପ୍ରାସାଦରେ ସୁନା,
ରୁପା ଓ ଆହୁରି ଅନେକ ସାମଗ୍ରୀ ସବୁ ରହିଥିଲା। ଓବେଦ୍-ଇଦୋମ
ଏହି ସମସ୍ତର ଦାୟିତ୍ୱରେ ଥିଲେ। କିନ୍ତୁ ଯୋୟାଶ୍ ସେହି
ସବୁତକ ସାମଗ୍ରୀ ନେଇଗଲେ। ଏହାପରେ ଯୋୟାଶ୍ କିଛି
ଲୋକଙ୍କୁ ବନ୍ଦୀକରି ନେଇଗଲେ ଓ ଶମରିୟାକୁ ଫେରିଗଲେ।

25ଯିହୋୟାହସଙ୍କ ପରେ, ତାଙ୍କ ପୁତ୍ର ଇଶ୍ରାୟେଲର ରାଜା
ଯୋୟାଶ୍‌ଙ୍କର ମୃତ୍ୟୁ ହେଲା, ଯୋୟାଶ୍‌ଙ୍କର ପୁତ୍ର ଅମତ୍ସିୟ
ଯିହୁଦାର ରାଜା ଆହୁରି ପନ୍ଦର ବର୍ଷ ବଞ୍ଚିଲେ। 26ଅମତ୍ସିୟ
ଅନ୍ୟ ଯେଉଁ ସମସ୍ତ କର୍ମ କରିଥିଲେ, ତାହା ଆରମ୍ଭରୁ ଶେଷ
ପର୍ଯ୍ୟନ୍ତ “ଯିହୁଦା ଓ ଇଶ୍ରାୟେଲର ରାଜାମାନଙ୍କର ପୁସ୍ତକ”ରେ
ଲେଖାଯାଇଅଛି। 27ଯେତେବେଳେ ଅମତ୍ସିୟ ସଦାପ୍ରଭୁଙ୍କର
ବାଧ୍ୟ ହେବା ବନ୍ଦକରି ଦେଲେ, ଯିରୁଶାଲମର ଲୋକମାନେ
ଅମତ୍ସିୟଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କଲେ। ସେ ଲାଖୀଶ୍
ସହରକୁ ଦୌଡ଼ି ପଳାଇଗଲେ। କିନ୍ତୁ ଲୋକମାନେ ଲାଖୀଶ୍
ସହରକୁ ଲୋକ ପଠାଇଲେ ଓ ସେମାନେ ସେଠାରେ
ଅମତ୍ସିୟଙ୍କୁ ହତ୍ୟା କଲେ। 28ଏହାପରେ ସେମାନେ ଅମତ୍ସିୟଙ୍କ
ଶରୀରକୁ ଅଶ୍ୱ ପୃଷ୍ଠରେ ବୋହି ନେଲେ ଓ ତାଙ୍କୁ ତାଙ୍କର
ପୂର୍ବପୁରୁଷଗଣ ସହିତ ଯିହୁଦା ନଗରରେ କବର ଦେଲେ।

### ଯିହୁଦାର ରାଜା ଉଷିୟ

26 ଏହାପରେ ଯିହୁଦାର ଲୋକମାନେ ଉଷିୟଙ୍କୁ
ଅମତ୍ସିୟଙ୍କ ସ୍ଥାନରେ ନୂତନ ରାଜା ହେବା ନିମନ୍ତେ
ମନୋନୀତ କଲେ। ଅମତ୍ସିୟ ଉଷିୟଙ୍କ ପିତା ଥିଲେ।
ଉଷିୟ ଷୋହଳ ବର୍ଷ ବୟସ୍କ ହୋଇଥିବା ସମୟରେ ଏହିପରି

ଘଟିଲା। **2**ଉଷିୟ୍ ପୁନର୍ବାର ଏଲତ୍ ସହର ନିର୍ମାଣ କଲେ ଓ
ଯିହୁଦାକୁ ତାହା ଫେରାଇ ଦେଲେ। ଅମତ୍‌ସିୟ୍ ମୃତ୍ୟୁଭୋଗ
କରିବା ଓ ତାଙ୍କର ପୂର୍ବପୁରୁଷମାନଙ୍କ ସହିତ କବରପ୍ରାପ୍ତ
ହେବାପରେ ଉଷିୟ୍ ଏହା କଲେ।

**3**ଉଷିୟ୍ ରାଜା ହେବା ସମୟରେ ଷୋହଳ ବର୍ଷ ବୟସ୍କ
ଥିଲେ। ସେ ଯିରୁଶାଲମରେ ବାଉନ ବର୍ଷ ରାଜତ୍ୱ କଲେ।
ତାଙ୍କ ମାତାଙ୍କର ନାମ ଥିଲା ଯିଖଲୟା। ଯିଖଲୟା ଯିରୁଶାଲମରୁ
ଆସିଥିଲେ। **4**ଉଷିୟ୍ ଏହିସବୁ ସଦାପ୍ରଭୁଙ୍କ ଇଚ୍ଛାନୁଯାୟୀ
କଲେ। ସେ ତାଙ୍କର ପିତା ଅମତ୍‌ସିୟଙ୍କ ପରି ପରମେଶ୍ୱରଙ୍କୁ
ମାନିଲେ। **5**ଉଷିୟ୍ ଜିଖରିୟଙ୍କ ଜୀବନକାଳ ମଧ୍ୟରେ
ପରମେଶ୍ୱରଙ୍କର ଅନୁଗମନ କଲେ। ପରମେଶ୍ୱରଙ୍କୁ କିପରି
ସମ୍ମାନ କରିବାକୁ ଓ ତାଙ୍କର ବାଧ୍ୟ ହେବାକୁ ହେବ, ତାହା
ଜିଖରିୟ୍ ଉଷିୟଙ୍କୁ ଶିକ୍ଷା ଦେଲେ। ଉଷିୟ୍ ଯେତେବେଳେ
ସଦାପ୍ରଭୁଙ୍କର ବାଧ୍ୟ ହେଲେ, ପରମେଶ୍ୱର ତାଙ୍କୁ ସଫଳତା
ଦେଲେ।

**6**ଉଷିୟ୍ ପଲେଷ୍ଟୀୟ ଲୋକମାନଙ୍କ ବିରୁଦ୍ଧରେ ଗୋଟିଏ
ଯୁଦ୍ଧ କଲେ। ସେ ଗାଥ୍, ଯବ୍‌ନିର ଓ ଅସ୍‌ଦୋଦ୍ ସହରର
ଚତୁର୍ଦ୍ଦିଗରେ ଥିବା ପ୍ରାଚୀର ସବୁ ଭାଙ୍ଗି ପକାଇଲେ। ଉଷିୟ୍
ଅସ୍‌ଦୋଦ୍ ସହର ନିକଟରେ ଓ ଅନ୍ୟାନ୍ୟ ସ୍ଥାନରେ ପଲେଷ୍ଟୀୟ
ଲୋକମାନଙ୍କ ମଧ୍ୟରେ ସହରମାନ ନିର୍ମାଣ କଲେ। **7**ପରମେଶ୍ୱର
ଉଷିୟଙ୍କୁ ପଲେଷ୍ଟୀୟ ଲୋକ, ଗୁର୍-ବାଲ୍ ସହରରେ ବାସ
କରୁଥିବା ଆରବୀୟ ଓ ମିୟୂନୀୟ ଲୋକମାନଙ୍କ ବିରୁଦ୍ଧରେ
ଯୁଦ୍ଧ କରିବାରେ ସାହାଯ୍ୟ କଲେ। **8**ଅମ୍ମୋନୀୟମାନେ ଉଷିୟଙ୍କୁ
ରାଜକର ଦେଲେ। ମିଶରର ସୀମା ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ
ଉଷିୟଙ୍କ ନାମ ବିଖ୍ୟାତ ହୋଇ ଉଠିଲା, ସେ ବିଖ୍ୟାତ
ହେଲେ, କାରଣ ସେ ଅତ୍ୟନ୍ତ ପରାକ୍ରମୀ ଥିଲେ।

**9**ଉଷିୟ୍ ଯିରୁଶାଲମର କୋଣସ୍ଥିତ ଦ୍ୱାର, ଉପତ୍ୟକା ଦ୍ୱାର
ଓ ପ୍ରାଚୀର ବୁଲିଯାଇଥିବା ସ୍ଥାନରେ ଉଚ୍ଚ ଦୁର୍ଗମାନ ନିର୍ମାଣ
କଲେ। ଉଷିୟ୍ ସେହି ଦୁର୍ଗଗୁଡ଼ିକୁ ଦୃଢ଼ କଲେ। **10**ଉଷିୟ୍
ମରୁଭୂମି ମଧ୍ୟରେ ଦୁର୍ଗମାନ ନିର୍ମାଣ କଲେ। ଆହୁରି ମଧ୍ୟ,
ସେ ଅନେକ କୂପ ଖୋଳିଲେ। ପାର୍ବତ୍ୟମୟ ଦେଶ ଓ
ସମତଳ ଭୂମିରେ ତାଙ୍କର ପ୍ରଚୁର ପଶୁପଲ ଥିଲା। ପାର୍ବତ୍ୟାଞ୍ଚଳ
ଓ ଉତ୍ତମ ଶସ୍ୟ ଉତ୍ପନ୍ନ ହେଉଥିବା ସ୍ଥାନମାନଙ୍କରେ ଉଷିୟଙ୍କର
କୃଷକମାନେ ଥିଲେ। ଅଙ୍ଗୁରକ୍ଷେତ୍ର ଗୁଡ଼ିକର ଯତ୍ନ ନେବା
ନିମନ୍ତେ ସେ ଲୋକମାନଙ୍କୁ ନିଯୁକ୍ତ କଲେ। ସେ କୃଷିକର୍ମକୁ
ଭଲ ପାଉଥିଲେ।

**11**ଉଷିୟଙ୍କର ତାଲିମପ୍ରାପ୍ତ ସୈନିକମାନଙ୍କର ଏକ ସୈନ୍ୟଦଳ
ଥିଲା। ସେହି ସୈନିକମାନେ ସଚିବ ଯିୟୂୟେଲ୍ ଓ ପଦାଧିକାରୀ
ମାସେୟଙ୍କ ଦ୍ୱାରା ବିଭିନ୍ନ ଦଳରେ ଭର୍ତ୍ତି କରାଯାଇ ଥିଲେ।
ହାନାନୀୟ୍ ସେମାନଙ୍କର ନେତା ଥିଲେ। ଯିୟୂୟେଲ୍ ଓ
ମାସେୟ୍ ସେହି ସୈନିକମାନଙ୍କୁ ଗଣନା କରୁଥିଲେ ଓ ବିଭିନ୍ନ
ଦଳଭୁକ୍ତ କରୁଥିଲେ। ହାନାନୀୟ୍ ରାଜାଙ୍କର ଜଣେ ପଦାଧିକାରୀ
ଥିଲେ। **12**ସୈନିକମାନଙ୍କ ଉପରେ 2,600 ଜଣେ ନେତା
ଥିଲେ। **13**ସେହି ନେତାମାନେ 307,500 ଜଣ ଲୋକଙ୍କର
ଦାୟିତ୍ୱରେ ଥିଲେ, ଯେଉଁମାନେ ମହାପରାକ୍ରମ ସହ ଯୁଦ୍ଧ
କରୁଥିଲେ। ସେହି ସୈନିକମାନେ ରାଜାଙ୍କୁ ଶତ୍ରୁ ବିରୁଦ୍ଧରେ
ସାହାଯ୍ୟ କରୁଥିଲେ। **14**ଉଷିୟ୍ ସୈନ୍ୟଦଳକୁ ଢାଲ, ବର୍ଚ୍ଛା,
ଟୋପର, ସାଞ୍ଜୁଆ, ଧନୁ ଓ ଛାଟେଣୀ ପାଇଁ ପଥର ଦେଲେ।
**15**ଯିରୁଶାଲମରେ ଉଷିୟ୍ ଚତୁର ଲୋକମାନଙ୍କ ଦ୍ୱାରା ଉଦ୍ଭାବିତ
ମେସିନ୍‌ସବୁ ନିର୍ମାଣ କଲେ। ସେହି ମେସିନ୍‌ଗୁଡ଼ିକ ଦୁର୍ଗ ଓ
କୋଣସ୍ଥିତ ପ୍ରାଚୀର ଉପରେ ରଖାଗଲା। ସେହି ମେସିନ୍‌ଗୁଡ଼ିକ
ତୀର ଓ ପଥର କ୍ଷେପଣ କରିପାରୁ ଥିଲା। ଉଷିୟ୍ ବିଖ୍ୟାତ
ହୋଇ ଉଠିଲେ। ଦୂରଦୂରାନ୍ତର ସ୍ଥାନର ଲୋକମାନେ ସୁଦ୍ଧା
ତାଙ୍କର ନାମ ଜାଣିଥିଲେ। ତାଙ୍କୁ ପ୍ରଚୁର ସାହାଯ୍ୟ ମିଳୁଥିଲା
ଓ ସେ ଜଣେ ପରାକ୍ରମଶାଳୀ ରାଜା ହୋଇ ଉଠିଲେ।

**16**କିନ୍ତୁ ଉଷିୟ୍ ଯେତେବେଳେ ଶକ୍ତିଶାଳୀ ହୋଇ ଉଠିଲେ,
ତାଙ୍କର ଗର୍ବ ତାଙ୍କର ବିନାଶର କାରଣ ହେଲା। ସେ ତାଙ୍କର
ସଦାପ୍ରଭୁ ପରମେଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ହୋଇ ରହିଲେ ନାହିଁ।
ସେ ସୁଗନ୍ଧିଧୂପର ବେଦୀ ଉପରେ ସୁଗନ୍ଧିଧୂପ ଜ୍ୱଳାଇବା
ନିମନ୍ତେ ସଦାପ୍ରଭୁଙ୍କ ମନ୍ଦିରକୁ ଗଲେ। **17**ଅସରିୟ୍ ଯାଜକ ଓ
ସଦାପ୍ରଭୁଙ୍କ ସେବାକାର୍ଯ୍ୟ କରୁଥିବା ଅଶୀ ଜଣ ସାହସୀ
ଯାଜକମାନେ ଉଷିୟଙ୍କ ପଛେ ପଛେ ମନ୍ଦିର ମଧ୍ୟକୁ ଗଲେ।
**18**ସେମାନେ ଉଷିୟଙ୍କୁ କହିଲେ ଯେ, ସେ ଭୁଲ୍ କାର୍ଯ୍ୟ
କରୁଛନ୍ତି। ସେମାନେ ତାଙ୍କୁ କହିଲେ, "ଉଷିୟ୍, ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ଧୂପ ଜ୍ୱଳାଇବା ତୁମ୍ଭର କାର୍ଯ୍ୟ ନୁହେଁ। ଏହି
କାର୍ଯ୍ୟ କରିବା ତୁମ୍ଭ ନିମନ୍ତେ ମଙ୍ଗଳଜନକ ନୁହେଁ। ଯାଜକ
ଓ ହାରୋଣଙ୍କ ବଂଶଧରମାନେ କେବଳ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ସୁଗନ୍ଧିଧୂପ ଜ୍ୱଳାନ୍ତି। ଏହି ଯାଜକମାନେ ସୁଗନ୍ଧିଧୂପ ଜ୍ୱଳାଇବାର
ପବିତ୍ର ସେବାକାର୍ଯ୍ୟ ନିମନ୍ତେ ତାଲିମପ୍ରାପ୍ତ ହୋଇଛନ୍ତି। ଏହି
ମହାପବିତ୍ର ସ୍ଥାନରୁ ବାହାରି ଯାଅ। ତୁମ୍ଭେ ବିଶ୍ୱସ୍ତ ହୋଇ
ନାହଁ। ସଦାପ୍ରଭୁ ପରମେଶ୍ୱର ଏଥି ନିମନ୍ତେ ତୁମ୍ଭକୁ ସମ୍ମାନିତ
କରିବେ ନାହିଁ।"

**19**କିନ୍ତୁ ଉଷିୟ୍ କ୍ରୋଧାନ୍ୱିତ ହେଲେ। ସୁଗନ୍ଧିଧୂପ ଜଳାଇବା
ନିମନ୍ତେ ସେ ତାଙ୍କ ହାତରେ ଏକ ପାତ୍ର ଧରିଥିଲେ। ଉଷିୟ୍
ଯାଜକମାନଙ୍କ ଉପରେ କ୍ରୋଧ କରୁଥିବା ସମୟରେ ହିଁ
କୁଷ୍ଠରୋଗ ତାଙ୍କର କପାଳରେ ପ୍ରକାଶ ପାଇଲା। ଏହା
ସଦାପ୍ରଭୁଙ୍କ ମନ୍ଦିରରେ, ସୁଗନ୍ଧିଧୂପର ଯଜ୍ଞବେଦୀ ନିକଟରେ
ଯାଜକମାନଙ୍କ ସମ୍ମୁଖରେ ଘଟିଲା। **20**ପ୍ରଧାନ ଯାଜକ ଅସରିୟ୍
ଓ ଅନ୍ୟ ସମସ୍ତ ଯାଜକମାନେ ଉଷିୟଙ୍କ ପ୍ରତି ଅନାଇଲେ।
ସେମାନେ ତାଙ୍କ କପାଳରେ କୁଷ୍ଠରୋଗର ଚିହ୍ନ ଦେଖିବାକୁ
ପାଇଲେ। ଏଣୁ ଯାଜକମାନେ ଅତିଶୀଘ୍ର ଉଷିୟଙ୍କୁ ବଳପୂର୍ବକ
ମନ୍ଦିରରୁ ବାହାର କରିଦେଲେ। ଉଷିୟ୍ ନିଜେ ତରବର
ହୋଇ ବାହାରି ଗଲେ, କାରଣ ସଦାପ୍ରଭୁ ତାହାଙ୍କୁ ଦଣ୍ଡିତ
କରିଥିଲେ। **21**ରାଜା ଉଷିୟ୍ ଜଣେ କୁଷ୍ଠ ରୋଗଗ୍ରସ୍ଥ। ସେ
ସଦାପ୍ରଭୁଙ୍କ ମନ୍ଦିର ମଧ୍ୟରେ ପ୍ରବେଶ କରିପାରିବେ ନାହିଁ।
ଉଷିୟଙ୍କ ପୁତ୍ର ଯୋଥମ୍ ରାଜାଙ୍କ ଗୃହକୁ ନିୟନ୍ତ୍ରଣ କଲେ ଓ
ଲୋକମାନଙ୍କର ରାଜ୍ୟପାଳ ହେଲେ।

**22**ଉଷିୟ୍ ଅନ୍ୟ ଯେଉଁ ସମସ୍ତ କାର୍ଯ୍ୟ କରିଥିଲେ,
ସେହିସବୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆମୋସ୍‌ଙ୍କ ପୁତ୍ର
ଭବିଷ୍ୟତ୍‌ବକ୍ତା ଯିଶାଇୟଙ୍କ ପୁସ୍ତକରେ ଲେଖା ଯାଇଅଛି।
**23**ଉଷିୟ୍ ମୃତ୍ୟୁବରଣ କଲେ ଓ ତାଙ୍କର ପୂର୍ବପୁରୁଷମାନଙ୍କ
ନିକଟରେ କବର ପାଇଲେ। ଉଷିୟ୍ ରାଜାମାନଙ୍କ କବରସ୍ଥାନ
ନିକଟସ୍ଥ କ୍ଷେତରେ କବର ପାଇଲେ। କାହିଁକି? କାରଣ
ଲୋକମାନେ କହିଲେ, "ଉଷିୟଙ୍କଠାରେ କୁଷ୍ଠରୋଗ ଥିଲା।"

ଆଉ ଯୋଥମ୍ ଉଷିୟଙ୍କ ସ୍ଥାନରେ ନୂତନ ରାଜା ହେଲେ।
ଯୋଥମ୍ ଉଷିୟଙ୍କ ପୁତ୍ର ଥିଲେ।

## ଯିହୁଦାର ରାଜା ଯୋଥମ୍

**27** ଯୋଥମ୍ ରାଜା ହେବା ସମୟରେ ପଚିଶ ବର୍ଷ
ବୟସ୍କ ହୋଇଥିଲେ। ସେ ଯିରୁଶାଲମରେ ଷୋହଳ
ବର୍ଷ ରାଜତ୍ୱ କଲେ। ତାଙ୍କର ମାତାଙ୍କର ନାମ ଥିଲା ଯିରୁଶା।
ଯିରୁଶା ସାଦୋକ୍‌ଙ୍କର କନ୍ୟା ଥିଲେ। **2**ଯୋଥମ୍ ସଦାପ୍ରଭୁଙ୍କ
ଇଚ୍ଛାନୁଯାୟୀ କର୍ମ କଲେ। ତାଙ୍କର ପିତା ଉଷିୟ ଯେଉଁପରି
କରିଥିଲେ, ସେ ସେହିପରି ପରମେଶ୍ୱରଙ୍କର ବାଧ୍ୟ ହେଲେ।
କିନ୍ତୁ ଯୋଥମ୍ ତାଙ୍କର ପିତାଙ୍କ ପରି ସୁଗନ୍ଧିଧୂପ ଜ୍ୱଳାଇବା
ନିମନ୍ତେ ସଦାପ୍ରଭୁଙ୍କ ମନ୍ଦିରରେ ପ୍ରବେଶ କରି ନ ଥିଲେ।
କିନ୍ତୁ ଲୋକମାନେ ମନ୍ଦକର୍ମ କରିବା ଜାରି ରଖିଲେ। **3**ଯୋଥମ୍
ପୁନର୍ବାର ସଦାପ୍ରଭୁଙ୍କ ମନ୍ଦିରର ଉର୍ଦ୍ଧ୍ୱସ୍ଥ ଦ୍ୱାର ନିର୍ମାଣ କଲେ।
ସେ ଓଫଲର୍ ନାମକ ସ୍ଥାନର ପ୍ରାଚୀରକୁ ଅଧିକ ନିର୍ମାଣ
କଲେ। **4**ଯୋଥମ୍ ଯିହୁଦାର ପାର୍ବତ୍ୟାଞ୍ଚଳମାନଙ୍କରେ ମଧ୍ୟ
ସହରସବୁ ନିର୍ମାଣ କଲେ। ଯୋଥମ୍ ଅରଣ୍ୟ ମଧ୍ୟରେ ଦୃଢ଼
ଦୁର୍ଗ ଓ ଗଡ଼ମାନ ନିର୍ମାଣ କଲେ। **5**ଯୋଥମ୍ ଅମ୍ମୋନୀୟ
ଲୋକମାନଙ୍କର ରାଜା ଓ ତାଙ୍କର ସୈନ୍ୟଦଳ ବିରୁଦ୍ଧରେ ମଧ୍ୟ
ଯୁଦ୍ଧ କଲେ ଓ ସେମାନଙ୍କୁ ପରାସ୍ତ କଲେ। ତେଣୁ ତିନିବର୍ଷ
ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ଆମ୍ମୋନୀୟମାନେ ଯୋଥମଙ୍କୁ 100
ତାଳନ୍ତ ରୂପା ଦଶ ସହସ୍ର ଗହମ ଓ ଦଶ ସହସ୍ର ବୁଶେଲ
ପରିମାଣର ବାର୍ଲି ଦେଲେ।
**6**ଯୋଥମ୍ ବିଶ୍ୱସ୍ତ ଭାବରେ ସଦାପ୍ରଭୁ ତାଙ୍କର ପରମେଶ୍ୱରଙ୍କର
ବାଧ୍ୟ ହେବାରୁ ପରାକ୍ରମୀ ହୋଇ ଉଠିଲେ। **7**ଯୋଥମ୍ ଅନ୍ୟ
ଯେ ସମସ୍ତ କାର୍ଯ୍ୟ କରିଥିଲେ ଓ ସେ କରିଥିବା ଯୁଦ୍ଧର
ବିବରଣୀ "ଇସ୍ରାୟେଲ ଓ ଯିହୁଦାର ରାଜାମାନଙ୍କର ପୁସ୍ତକରେ"
ଲେଖା ଯାଇଅଛି। **8**ଯୋଥମ୍ ରାଜା ହେବା ସମୟରେ ପଚିଶ
ବର୍ଷ ବୟସ୍କ ହୋଇଥିଲେ। ସେ ଯିରୁଶାଲମରେ ଷୋହଳ ବର୍ଷ
ରାଜତ୍ୱ କଲେ। **9**ଏହାପରେ ଯୋଥମ୍ ମୃତ୍ୟୁବରଣ କଲେ ଓ
ତାଙ୍କର ପୂର୍ବପୁରୁଷମାନଙ୍କ ସହିତ କବରପ୍ରାପ୍ତ ହେଲେ।
ଲୋକମାନେ ତାଙ୍କୁ ଦାଉଦଙ୍କ ନଗରରେ କବର ଦେଲେ।
ଆହସ୍ ଯୋଥମ୍‌ଙ୍କ ସ୍ଥାନରେ ରାଜା ହେଲେ। ଆହସ୍ ଯୋଥମ୍‌ଙ୍କ
ପୁତ୍ର ଥିଲେ।

## ଯିହୁଦାର ରାଜା ଆହସ୍

**28** ଆହସ୍ ରାଜା ହେବା ସମୟରେ କୋଡିଏ ବର୍ଷ
ବୟସ୍କ ହୋଇଥିଲେ। ସେ ଯିରୁଶାଲମରେ ଷୋହଳ
ବର୍ଷ ରାଜତ୍ୱ କଲେ। ଆହସ୍ ତାଙ୍କର ପୂର୍ବପୁରୁଷ ଦାଉଦଙ୍କ
ପରି ଯଥାର୍ଥ ଜୀବନଯାପନ କରୁ ନଥିଲେ। ଆହସ୍ ସଦାପ୍ରଭୁଙ୍କ
ଇଚ୍ଛାନୁଯାୟୀ କାର୍ଯ୍ୟ କଲେ ନାହିଁ। **2**ଆହସ୍ ଇସ୍ରାୟେଲର
ରାଜାମାନଙ୍କର ମନ୍ଦ ଉଦାହରଣକୁ ଅନୁସରଣ କଲେ। ସେ
ବାଲ୍ ଦେବତାର ପୂଜା କରିବା ନିମନ୍ତେ ମୂର୍ତ୍ତିମାନ ସ୍ଥାପନ
କଲେ। **3**ଆହସ୍ 'ହିନ୍ନୋମ ପୁତ୍ର' ଉପତ୍ୟକାରେ ସୁଗନ୍ଧିଧୂପ
ଜ୍ୱଳାଇଲେ। ସେ ନିଜ ପୁତ୍ରମାନଙ୍କୁ ଅଗ୍ନିରେ ଦଗ୍ଧ କରି
ବଳିଦାନ ସ୍ୱରୂପେ ଉତ୍ସର୍ଗ କଲେ। ସେହି ଦେଶରେ ବାସ
କରୁଥିବା ଲୋକମାନେ ଯେଉଁସବୁ ଭୟଙ୍କର ପାପ କରୁଥିଲେ,
ସେ ମଧ୍ୟ ସେହିସବୁ କଲେ। ଇସ୍ରାୟେଲର ଲୋକମାନେ
ଯେତେବେଳେ ସେହି ଦେଶରେ ପ୍ରବେଶ କଲେ, ସଦାପ୍ରଭୁ
ସେମାନଙ୍କୁ ବଳପୂର୍ବକ ସେଠାରୁ ବାହାର କରିଦେଲେ। **4**ଆହସ୍
ଉଚ୍ଚସ୍ଥାନମାନଙ୍କରେ ପ୍ରତ୍ୟେକ ସବୁଜ ବୃକ୍ଷ ତଳେ ବଳିଦାନ
ଉତ୍ସର୍ଗ କଲେ ଓ ସୁଗନ୍ଧିଧୂପ ଜ୍ୱଳାଇଲେ।
**5**ଆହସ୍ ପାପ କଲେ, ତେଣୁ ସଦାପ୍ରଭୁ ତାଙ୍କର ପରମେଶ୍ୱର
ଅରାମର ରାଜାଙ୍କ ଦ୍ୱାରା ଆହସ୍‌ଙ୍କୁ ପରାସ୍ତ କଲେ। ଅରାମର
ରାଜା ଓ ତାଙ୍କର ସୈନ୍ୟଦଳ ଆହସ୍‌ଙ୍କୁ ପରାସ୍ତ କଲେ ଓ
ଯିହୁଦାର ଅନେକ ଲୋକଙ୍କୁ ବନ୍ଦୀ କରି ନେଲେ। ଅରାମର
ରାଜା ସେହି ବନ୍ଦୀମାନଙ୍କୁ ଦମ୍ମେଶକ ନଗରକୁ ନେଇଗଲେ।
ସଦାପ୍ରଭୁ ଇସ୍ରାୟେଲର ରାଜା ପେକହଙ୍କ ଦ୍ୱାରା ମଧ୍ୟ ଆହସ୍‌ଙ୍କୁ
ପରାସ୍ତ କଲେ। **6**ପେକହଙ୍କ ପିତାଙ୍କର ନାମ ଥିଲା ରମଲୀୟ।
ପେକହ ଓ ତାଙ୍କର ସୈନ୍ୟଦଳ ଗୋଟିଏ ଦିନରେ ଯିହୁଦାର
120,000 ଜଣ ସାହସୀ ସୈନିକଙ୍କୁ ହତ୍ୟା କଲେ। ପେକହ
ଯିହୁଦାର ସେହି ଲୋକମାନଙ୍କୁ ହତ୍ୟା କଲେ, କାରଣ
ସେମାନଙ୍କର ପୂର୍ବପୁରୁଷମାନେ ଯେଉଁ ସଦାପ୍ରଭୁ ପରମେଶ୍ୱରଙ୍କୁ
ମାନୁଥିଲେ, ସେମାନେ ତାଙ୍କୁ ମାନଲେ ନାହିଁ। **7**ସିଖ୍ରି ଇଫ୍ରୟିମର
ଜଣେ ସାହାସୀ ସୈନିକ ଥିଲେ। ସିଖ୍ରି ଆହସଙ୍କ ପୁତ୍ର
ମାସେୟଙ୍କୁ, ରାଜ ପ୍ରାସାଦର ଅଧିକାରୀ ଦାୟିତ୍ୱରେ ଥିବା
ଅସ୍ରିକାମଙ୍କୁ ଏବଂ ଇଲ୍‌କାନା, ଯିଏକି ରାଜାଙ୍କ ପରେ ଦ୍ୱିତୀୟ
ସ୍ଥାନରେ ଥିବା ଅଧିକାରୀଙ୍କୁ) ହତ୍ୟା କଲେ।
**8**ଇସ୍ରାୟେଲୀୟ ସୈନ୍ୟଦଳ ଯିହୁଦାରେ ବାସ କରୁଥିବା
ସେମାନଙ୍କର ନିଜ ଆତ୍ମୀୟମାନଙ୍କ ମଧ୍ୟରୁ 2,00,000 ଲୋକଙ୍କୁ
ବନ୍ଦୀ କରିନେଲେ। ସେମାନେ ସ୍ତ୍ରୀ ଲୋକ, ସନ୍ତାନଗଣ ଓ
ଯିହୁଦାରୁ ଅନେକ ବହୁମୂଲ୍ୟ ସାମଗ୍ରୀ ଲୁଟିନେଲେ।
ଇସ୍ରାୟେଲୀୟମାନେ ସେହି ବନ୍ଦୀମାନଙ୍କୁ ଓ ସାମଗ୍ରୀଗୁଡ଼ିକୁ
ଶମରିୟାକୁ ନେଇଗଲେ। **9**କିନ୍ତୁ ସଦାପ୍ରଭୁଙ୍କର
ଭବିଷ୍ୟତ୍‌ବକ୍ତାମାନଙ୍କ ମଧ୍ୟରୁ ଜଣେ ଥିଲେ। ଏହି
ଭବିଷ୍ୟତ୍‌ବକ୍ତାଙ୍କର ନାମ ଥିଲା ଓବେଦ୍। ଓବେଦ୍ ଶମରିୟାକୁ
ଫେରି ଆସିଥିବା ଇସ୍ରାୟେଲୀୟ ସୈନ୍ୟଦଳକୁ ଭେଟିଲେ।
ଓବେଦ୍ ଇସ୍ରାୟେଲୀୟ ସୈନ୍ୟଦଳକୁ କହିଲେ, "ତୁମ୍ଭମାନଙ୍କର
ପୂର୍ବପୁରୁଷମାନେ ଯେଉଁ ସଦାପ୍ରଭୁ ପରମେଶ୍ୱରଙ୍କୁ ମାନିଥିଲେ,
ସେ ତୁମ୍ଭମାନଙ୍କ ଦ୍ୱାରା ଯିହୁଦାର ଲୋକମାନଙ୍କୁ ପରାସ୍ତ କଲେ,
କାରଣ ସେ ସେମାନଙ୍କ ପ୍ରତି ଅତ୍ୟନ୍ତ କ୍ରୋଧ କରିଛନ୍ତି।
ତୁମ୍ଭେମାନେ ଯିହୁଦାର ଲୋକମାନଙ୍କୁ ଅତ୍ୟନ୍ତ କଦର୍ଯ୍ୟ ଭାବରେ
ହତ୍ୟା ଓ ଦଣ୍ଡିତ କରିଅଛ। **10**ତୁମ୍ଭେମାନେ ଯିହୁଦା ଓ
ଯିରୁଶାଲମର ଲୋକମାନଙ୍କୁ ତୁମ୍ଭର କ୍ରୀତଦାସରୂପେ ରଖିବା
ନିମନ୍ତେ ଯୋଜନା କରିଅଛ। ଏହା କରି ତୁମ୍ଭେମାନେ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କର ବିରୁଦ୍ଧରେ ମଧ୍ୟ
ପାପ କରିଅଛ। **11**ବର୍ତ୍ତମାନ ମୋର କଥା ଶୁଣ, ତୁମ୍ଭେମାନେ
ତୁମ୍ଭମାନଙ୍କର ଯେଉଁ ଭ୍ରାତା ଓ ଭଗ୍ନୀମାନଙ୍କୁ ବନ୍ଦୀ କରି
ଆଣିଅଛ, ସେମାନଙ୍କୁ ପଠାଇ ଦିଅ। ଏହିପରି କର, କାରଣ
ସଦାପ୍ରଭୁ ତୁମ୍ଭମାନଙ୍କର ବିରୁଦ୍ଧରେ ଭୟଙ୍କର କ୍ରୋଧ କରିଛନ୍ତି।"
**12**ଏହାପରେ ଇଫ୍ରୟିମର କେତେକ ନେତା ଦେଖିଲେ
ଯେ, ଇସ୍ରାୟେଲୀୟ ସୈନ୍ୟମାନେ ଯୁଦ୍ଧରୁ ଗୃହକୁ ପ୍ରତ୍ୟାବର୍ତ୍ତନ
କଲେ। ସେହି ନେତାମାନେ ଇସ୍ରାୟେଲୀୟ ସୈନ୍ୟମାନଙ୍କୁ
ଭେଟିଲେ। ସେହି ନେତାମାନେ ଥିଲେ ଯିହୋହାନନ୍‌ଙ୍କ ପୁତ୍ର

ଅସରୟ୍, ମଶିଲ୍ଲେମୋତ୍‌ଙ୍କ ପୁତ୍ର ବେରିଖିୟ୍, ଶଲ୍ଲୁମଙ୍କର ପୁତ୍ର
ଯିହିଷ୍କିୟ୍ ଓ ହଦ୍‌ଲୟ୍‌ଙ୍କର ପୁତ୍ର ଅମାସା। **13**ସେହି ନେତାମାନେ
ଇଶ୍ରାୟେଲୀୟ ସୈନ୍ୟମାନଙ୍କୁ କହିଲେ, "ଯିହୁଦାର ବନ୍ଦୀମାନଙ୍କୁ
ଏଠାକୁ ଆଣ ନାହିଁ। ଯଦି ତୁମ୍ଭେମାନେ ତାହା କରିବ, ତଦ୍ଦ୍ୱାରା
ଆମ୍ଭମାନଙ୍କୁ ସଦାପ୍ରଭୁଙ୍କ ବିରୁଦ୍ଧରେ ଆହୁରି ଜଘନ୍ୟ ପାପ
କରାଇବ। ତାହା ଆମ୍ଭମାନଙ୍କର ପାପ ଓ ଦୋଷକୁ ଆହୁରି
ଗୁରୁତ୍ୱ କରିଦେବ ଓ ସଦାପ୍ରଭୁ ଇଶ୍ରାୟେଲ ବିରୁଦ୍ଧରେ
ଭୟଙ୍କର କ୍ରୋଧ କରିବେ।"

**14**ତେଣୁ ସେହି ସୈନିକମାନେ ବନ୍ଦୀମାନଙ୍କୁ ଓ ବହୁମୂଲ୍ୟ
ସାମଗ୍ରୀଗୁଡ଼ିକୁ ସେହି ନେତାମାନଙ୍କୁ ଓ ଇଶ୍ରାୟେଲର ଲୋକମାନଙ୍କୁ
ଫେରାଇ ଦେଲେ। **15**ସେହି ନେତାମାନେ ବନ୍ଦୀମାନଙ୍କୁ ସାହାଯ୍ୟ
କରିବା ପାଇଁ ନିଜକୁ ପ୍ରସ୍ତୁତ କଲେ। ସେହି ଚାରିଜଣ ବ୍ୟକ୍ତି
ଇଶ୍ରାୟେଲୀୟ ସୈନ୍ୟଦଳ ଲୁଟିନେଇଥିବା ବସ୍ତୁସବୁ ପୁନରୁଦ୍ଧାର
କଲେ ଓ ନଗ୍ନଥିବା ଲୋକମାନଙ୍କୁ ବସ୍ତ୍ର ନେଇ ଦେଲେ।
ସେହି ନେତାମାନେ ସେହି ଲୋକମାନଙ୍କୁ ଜୋତା ମଧ୍ୟ
ଦେଲେ। ସେମାନେ ଯିହୁଦାର ବନ୍ଦୀମାନଙ୍କୁ କିଛି ଖାଦ୍ୟ ଓ
ପାନୀୟ ଦେଲେ। ସେମାନେ ସେହି ଲୋକମାନଙ୍କ ଶରୀରରେ
ତେଲ ମାଲିସ୍ କଲେ। ଏହାପରେ ଇଫ୍ରୟିମର ସେହି
ନେତାମାନେ ଦୁର୍ବଳ ବନ୍ଦୀମାନଙ୍କୁ ଗଧ ଉପରେ ବସାଇଲେ
ଓ ଯିରୀହୋରେ ଥିବା ସେମାନଙ୍କ ଗୃହ ଓ ପରିବାରକୁ
ସେମାନଙ୍କୁ ନେଇଗଲେ। ଯିରୀହୋକୁ 'ଖର୍ଜ୍ଜୁରୀବୃକ୍ଷର ନଗର'
ବୋଲି କୁହାଯାଉ ଥିଲା। ଏହାପରେ ସେହି ଚାରିଜଣ ନେତା
ଶମରୀୟାକୁ ଫେରିଗଲେ।

**16-17**ସେହି ସମୟରେ, ଇଦୋମର ଲୋକମାନେ ଆଉଥରେ
ଆସିଲେ ଓ ଯିହୁଦାର ଲୋକମାନଙ୍କୁ ପରାସ୍ତ କଲେ।
ଇଦୋମୀୟମାନେ ଲୋକମାନଙ୍କୁ ଧରିଲେ ଓ ସେମାନଙ୍କୁ ବନ୍ଦୀ
କରି ନେଇଗଲେ। ତେଣୁ ରାଜା ଆହସ୍, ଅଶୂରୀୟ ରାଜାଙ୍କୁ
ସାହାଯ୍ୟ ମାଗିଲେ। **18**ପଲେଷ୍ଟୀୟ ଲୋକମାନେ ଯିହୁଦାର
ମାଳଭୂମିରେ ଓ ଦକ୍ଷିଣରେ ଥିବା ସହରଗୁଡ଼ିକ ଉପରେ ମଧ୍ୟ
ଆକ୍ରମଣ କଲେ। ପଲେଷ୍ଟୀୟ ଲୋକମାନେ ବୈଥ୍-ଶେମଶ୍,
ଅୟାଲୋନ୍, ଗଦେରୋତ୍, ସୋଖୋ, ତିମ୍ନାହ ଓ ଗିମ୍‌ସୋ
ସହରଗୁଡ଼ିକୁ ଅଧିକାର କରିନେଲେ। ସେମାନେ ସୋଖ,
ତିମନା ଓ ଗିମଜ ଚତୁଃପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକୁ ମଧ୍ୟ
ଅଧିକାର କଲେ। ଏହାପରେ ପଲେଷ୍ଟୀୟମାନେ ସେହି
ସହରଗୁଡ଼ିକରେ ବାସ କରିବାକୁ ଲାଗିଲେ। **19**ସଦାପ୍ରଭୁ
ଯିହୁଦାକୁ କଷ୍ଟ କଲେ, କାରଣ ଯିହୁଦାର ରାଜା ଆହସ୍
ଯିହୁଦାର ଲୋକମାନଙ୍କୁ ପାପ କରିବାକୁ ଉତ୍ସାହିତ କରିଥିଲେ।
ସେ ସଦାପ୍ରଭୁଙ୍କ ପ୍ରତି ଅତି ଅବିଶ୍ୱସ୍ତ ଥିଲେ। **20**ଅଶୂରୀୟ
ରାଜା ତିଲ୍‌ଗତ-ପିଲ୍‌ନେଷର ଆସିଲେ ଓ ଆହସ୍ ରାଜାଙ୍କୁ
ସାହାଯ୍ୟ କରିବା ପରିବର୍ତ୍ତେ କଷ୍ଟ ଦେଲେ। **21**ଆହସ୍
ସଦାପ୍ରଭୁଙ୍କ ମନ୍ଦିରରୁ, ରାଜାଙ୍କ ଗୃହରୁ ଓ ମାନ୍ୟଗଣଙ୍କଠାରୁ
କିଛି ମୂଲ୍ୟବାନ୍ ସାମଗ୍ରୀ ନେଲେ। ଆହସ୍ ସେହି ସାମଗ୍ରୀଗୁଡ଼ିକୁ
ଅଶୂରୀୟ ରାଜାଙ୍କୁ ଦେଲେ। କିନ୍ତୁ ସେ ଆହସ୍‌ଙ୍କୁ କିଛି
ସାହାଯ୍ୟ କଲା ନାହିଁ।

**22**ରାଜା ଆହସ୍‌ଙ୍କ ଦୁଃଖ ସମୟରେ, ସେ ଆହୁରି ପାପ
କଲେ ଓ ସଦାପ୍ରଭୁଙ୍କ ପ୍ରତି ଅଧିକ ଅବିଶ୍ୱସ୍ତ ହେଲେ।
**23**ଦମ୍ମେଶକ ଲୋକମାନେ ଯେଉଁ ଦେବତାର ପୂଜା କରୁଥିଲେ,
ସେ ସେମାନଙ୍କ ନିକଟରେ ବଳିଦାନ ଉତ୍ସର୍ଗ କଲେ।
ଦମ୍ମେଶକୀୟ ଲୋକମାନେ ଆହସ୍‌ଙ୍କୁ ପରାସ୍ତ କଲେ, ତେଣୁ
ସେ ମନେ ମନେ ଭାବିଲେ, "ଅରାମର ଲୋକମାନେ ଯେଉଁ
ଦେବତାର ପୂଜା କରନ୍ତି, ସେ ସେମାନଙ୍କୁ ସାହାଯ୍ୟ କଲେ।
ତେଣୁ ଯଦି ମୁଁ ସେହି ଦେବତାମାନଙ୍କ ନିକଟରେ ବଳିଦାନ
ଉତ୍ସର୍ଗ କରିବ, ତେବେ ହୁଏତ ସେମାନେ ମୋତେ ମଧ୍ୟ
ସାହାଯ୍ୟ କରିପାରନ୍ତି।" ଆହସ୍ ସେହି ଦେବତାମାନଙ୍କୁ ପୂଜା
କଲେ। ଏହି ପ୍ରକାରେ ସେ ନିଜେ ପାପ କଲେ ଓ
ଇଶ୍ରାୟେଲର ଲୋକମାନଙ୍କୁ ପାପ କରାଇଲେ।

**24**ଆହସ୍ ପରମେଶ୍ୱରଙ୍କ ମନ୍ଦିରରୁ ସାମଗ୍ରୀସବୁ ନେଲେ
ଓ ତାହାକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାଇଲେ। ଏହାପରେ
ସେ ସଦାପ୍ରଭୁଙ୍କ ମନ୍ଦିରର ଦ୍ୱାର ସବୁ ବନ୍ଦ କରିଦେଲେ। ସେ
ଯଜ୍ଞବେଦୀ ସବୁ ନିର୍ମାଣ କଲେ ଓ ସେଗୁଡ଼ିକୁ ଯିରୁଶାଲମର
ଚାରିଆଡ଼େ ସ୍ଥାପନ କଲେ। **25**ଯିହୁଦାର ସମସ୍ତ ସହରରେ
ଅନ୍ୟ ଦେବତାମାନଙ୍କ ପୂଜା କରିବା ପାଇଁ ସୁଗନ୍ଧିଧୂପ
ଜଳାଇବା ଉଦ୍ଦେଶ୍ୟରେ ଆହସ୍ ଉଚ୍ଚସ୍ଥାନମାନ ନିର୍ମାଣ କଲେ।
ଆହସ୍‌ଙ୍କର ପୂର୍ବପୁରୁଷମାନେ ଯେଉଁ ସଦାପ୍ରଭୁ ପରମେଶ୍ୱରଙ୍କର
ବାଧ ହୋଇଥିଲେ, ସେ ତାଙ୍କୁ ଅତ୍ୟନ୍ତ କ୍ରୋଧାନ୍ୱିତ କଲେ।

**26**ଆହସ୍ ଅନ୍ୟ ଯେ ସମସ୍ତ କର୍ମ କରିଥିଲେ, ସେହିସବୁ
ଆରମ୍ଭରୁ ଶେଷ ପର୍ଯ୍ୟନ୍ତ "ଯିହୁଦା ଓ ଇଶ୍ରାୟେଲର ରାଜାମାନଙ୍କର
ପୁସ୍ତକ"ରେ ଲେଖାଯାଇ ଅଛି। **27**ଆହସ୍ ମୃତ୍ୟୁବରଣ କଲେ
ଓ ତାଙ୍କର ପୂର୍ବପୁରୁଷମାନଙ୍କ ସହିତ କବରପ୍ରାପ୍ତ ହେଲେ।
ଲୋକମାନେ ଆହସ୍‌ଙ୍କୁ ଯିରୁଶାଲମ ନଗରରେ କବର
ଦେଲେ। କିନ୍ତୁ ସେମାନେ ଆହସ୍‌ଙ୍କୁ ଇଶ୍ରାୟେଲର ରାଜାମାନଙ୍କର
କବର ସ୍ଥାନରେ କବର ଦେଲେ ନାହିଁ। ହିଜକୀୟ ଆହସ୍‌ଙ୍କ
ସ୍ଥାନରେ ନୂତନ ରାଜା ହେଲେ। ହିଜକୀୟ ଆହସ୍‌ଙ୍କ ପୁତ୍ର
ଥିଲେ।

## ଯିହୁଦାର ରାଜା ହିଜକୀୟ

**29** ହିଜକୀୟ ରାଜା ହେବା ସମୟରେ ପଚିଶ ବର୍ଷ
ବୟସ୍କ ହୋଇଥିଲେ। ସେ ଯିରୁଶାଲମରେ ଅଣତିରିଶ
ବର୍ଷ ରାଜତ୍ୱ କଲେ। ତାଙ୍କ ମାତାଙ୍କର ନାମ ଥିଲା ଅବିଜା।
ଅବିଜା ଜିଖରୀୟଙ୍କ କନ୍ୟା ଥିଲେ। **2**ହିଜକୀୟ ସଦାପ୍ରଭୁଙ୍କ
ଇଚ୍ଛାନୁଯାୟୀ କାର୍ଯ୍ୟ କଲେ। ସେ ତାଙ୍କର ପୂର୍ବପୁରୁଷ
ଦାଉଦଙ୍କ ପରି ଯଥାର୍ଥ କର୍ମ କଲେ।

**3**ହିଜକୀୟ ସଦାପ୍ରଭୁଙ୍କ ମନ୍ଦିରର ଦ୍ୱାରସବୁ ମରାମତି
କଲେ। ହିଜକୀୟ ମନ୍ଦିରକୁ ପୁନର୍ବାର ଉନ୍ମୁକ୍ତ କଲେ। ସେ
ରାଜା ହେବାର ପ୍ରଥମ ବର୍ଷର ପ୍ରଥମ ମାସରେ ହିଁ ଏହା
କଲେ। **4**ହିଜକୀୟ ଯାଜକ ଓ ଲେବୀୟମାନଙ୍କୁ ଏକ ସଭାରେ
ସମ୍ମିଳିତ କରାଇଲେ। ମନ୍ଦିରର ପୂର୍ବ ପାର୍ଶ୍ୱସ୍ଥ ଉନ୍ମୁକ୍ତ ପ୍ରାଙ୍ଗଣରେ
ସେ ସେମାନଙ୍କ ସହିତ ଏକ ସଭା କଲେ। **5**ହିଜକୀୟ
ସେମାନଙ୍କୁ କହିଲେ, "ହେ ଲେବୀୟମାନେ, ମୋ' କଥା
ଶୁଣ। ତୁମ୍ଭର ପୂର୍ବପୁରୁଷମାନଙ୍କ ସଦାପ୍ରଭୁ ପରମେଶ୍ୱରଙ୍କ
ମନ୍ଦିରରେ ସେବା କରିବା ପାଇଁ ନିଜକୁ ଉତ୍ସର୍ଗୀକୃତ କର।
ଅପବିତ୍ର ବସ୍ତୁକୁ ମନ୍ଦିରରୁ ବାହାର କରିନିଅ। **6**ଆମ୍ଭମାନଙ୍କର
ପୂର୍ବପୁରୁଷମାନେ ସଦାପ୍ରଭୁଙ୍କୁ ତ୍ୟାଗ କଲେ। ସଦାପ୍ରଭୁ ପରମେଶ୍ୱର
ମନ୍ଦ ବୋଲି ବିବେଚନା କରିଥିବା କାର୍ଯ୍ୟକୁ ସେମାନେ କଲେ।

ସେମାନେ ସଦାପ୍ରଭୁଙ୍କୁ ଅବମାନନା କଲେ। ସେମାନେ ସଦାପ୍ରଭୁଙ୍କୁ
ପଛ କଲେ। **7**ସେମାନେ ମନ୍ଦିର ଅଳନ୍ଦର ଦ୍ୱାରସବୁ ବନ୍ଦ
କରିଦେଲେ ଓ ପ୍ରଦୀପର ଶିଖା ଲିଭାଇ ଦେଲେ। ସେମାନେ
ଇଶ୍ରାୟେଲର ପରମେଶ୍ୱରଙ୍କର ପବିତ୍ର ସ୍ଥାନରେ ସୁଗନ୍ଧିଧୂପ
ଜଳାଇବା ଓ ନୈବେଦ୍ୟ ହୋମବଳି ଉପହାର ଉତ୍ସର୍ଗ କରିବା
ବନ୍ଦ କରିଦେଲେ। **8**ତେଣୁ, ସଦାପ୍ରଭୁ ଯିହୁଦା ଓ ଯିରୁଶାଲମର
ଲୋକମାନଙ୍କ ପ୍ରତି ଅତ୍ୟନ୍ତ କ୍ରୋଧ କଲେ। ସଦାପ୍ରଭୁ
ସେମାନଙ୍କୁ ଦଣ୍ଡିତ କଲେ। ଯିହୁଦା ଓ ଯିରୁଶାଲମର
ଲୋକମାନଙ୍କର ସଦାପ୍ରଭୁ ଯାହା ଘଟାଇଲେ, ତାହା ଯେତେବେଳେ
ଅନ୍ୟ ଲୋକମାନେ ଦେଖିଲେ, ସେମାନେ ଅତ୍ୟନ୍ତ ଭୟଭୀତ
ଓ ହତଚକିତ ହୋଇପଡ଼ିଲେ। ସେହି ଅନ୍ୟ ଦେଶମାନେ
ଯିହୁଦାର ଲୋକଙ୍କ ନିମନ୍ତେ ଘୃଣା ଓ ଲଜ୍ଜାରେ ଆପଣା
ଆପଣା ମୁଣ୍ଡ ନୁଆଁଇଲେ। ତୁମ୍ଭେମାନେ ତାହା ସ୍ୱଚକ୍ଷୁରେ
ଦେଖୁଅଛ। **9**ଆଉ ସେଥି ନିମନ୍ତେ ଆମ୍ଭମାନଙ୍କର ପୂର୍ବପୁରୁଷଗଣ
ଯୁଦ୍ଧରେ ନିହତ ହେଲେ। ଆମ୍ଭମାନଙ୍କ ପୁତ୍ର ଓ କନ୍ୟା ଓ
ସ୍ତ୍ରୀମାନେ ବନ୍ଦୀରୂପେ ନିଆଗଲେ। **10**ତେଣୁ ବର୍ତ୍ତମାନ ମୁଁ
ହିଜକିୟ, ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱରଙ୍କ ସହିତ ଏକ
ନିୟମ କରିବାକୁ ମନସ୍ଥ କରିଅଛି। ତେବେ ସେ ଆମ୍ଭମାନଙ୍କ
ଉପରେ ଆଉ କ୍ରୋଧ କରିବେ ନାହିଁ। **11**ତେଣୁ ହେ ମୋର
ପୁତ୍ରଗଣ, ଆଉ ପରିଚର୍ଯ୍ୟା କରନାହିଁ କି ଆଉ ସମୟ ନଷ୍ଟ
କରନାହିଁ। ସଦାପ୍ରଭୁ ତୁମ୍ଭମାନଙ୍କୁ ତାଙ୍କର ସେବାକାର୍ଯ୍ୟ ନିମନ୍ତେ
ମନୋନୀତ କରିଅଛନ୍ତି। ସେ ତୁମ୍ଭମାନଙ୍କୁ ତାଙ୍କର ମନ୍ଦିରରେ
ସେବାକାର୍ଯ୍ୟ କରିବା ଓ ସୁଗନ୍ଧିଧୂପ ଜଳାଇବା ନିମନ୍ତେ
ମନୋନୀତ କରିଛନ୍ତି।"

**12-14**ଯେଉଁ ଲେବୀୟମାନେ କାର୍ଯ୍ୟ କରିବାକୁ ଆରମ୍ଭ
କଲେ, ସେମାନଙ୍କର ତାଲିକା ଏହି: କହାତ୍ ବଂଶର ଅମାସୟଙ୍କ
ପୁତ୍ର ମାହତ୍ ଓ ଅସରିୟଙ୍କ ପୁତ୍ର ଯୋୟେଲ୍ ଥିଲେ। ମରାରି
ବଂଶଧରର ଅବ୍ଦିଙ୍କ ପୁତ୍ର କୀଶ୍ ଓ ଯିହଲେଲେଲଙ୍କ ପୁତ୍ର
ଅସରିୟ ଥିଲେ। ଗେର୍ଶୋନ ବଂଶଧରରୁ ସିମ୍ମଙ୍କ ପୁତ୍ର
ଯୋୟାହ ଓ ଯୋୟାହଙ୍କ ପୁତ୍ର ଏଦନ୍ ଥିଲେ। ଇଲୀଶାଫନ୍‌ଙ୍କ
ବଂଶଧରମାନଙ୍କ ମଧ୍ୟରୁ ଶିମ୍ରି ଓ ଯିୟୁୟେଲ ଥିଲେ। ଆସଫ୍
ବଂଶଧରମାନଙ୍କ ମଧ୍ୟରୁ ଜିଖରିୟ ଓ ମତ୍ତନୀୟ ଥିଲେ।
ହେମନ୍‌ଙ୍କ ବଂଶଧରମାନଙ୍କ ମଧ୍ୟରୁ ଯିହୀୟେଲ୍ ଓ ଶିମିୟି
ଥିଲେ। ଯିଦୂଥୂନ୍‌ଙ୍କ ବଂଶଧରମାନଙ୍କ ମଧ୍ୟରୁ ଶମୟିୟ ଓ
ଉଷୀୟେଲ ଥିଲେ। **15**ଏହାପରେ ଏହି ଲେବୀୟମାନେ ସେମାନଙ୍କର
ଭ୍ରାତାମାନଙ୍କୁ ଏକତ୍ର କଲେ ଓ ମନ୍ଦିରର ପବିତ୍ର ସେବାକାର୍ଯ୍ୟ
ନିମନ୍ତେ ସେମାନଙ୍କୁ ପ୍ରସ୍ତୁତ କଲେ। ସେମାନେ ରାଜାଙ୍କର
ଆଦେଶ ମାନିଲେ, ଯାହାକି ସଦାପ୍ରଭୁଙ୍କଠାରୁ ଆସିଥିଲା।
**16**ଯାଜକମାନେ ମନ୍ଦିରକୁ ପରିଷ୍କାର କରିବା ନିମନ୍ତେ ତାହା
ମଧ୍ୟରେ ପ୍ରବେଶ କଲେ। ସଦାପ୍ରଭୁଙ୍କ ମନ୍ଦିର ମଧ୍ୟରେ
ଯେତେ ଅପବିତ୍ର ବସ୍ତୁ ପାଇଲେ, ତାହାକୁ ବାହାର କରିଦେଲେ।
ସେମାନେ ସେହି ଅପବିତ୍ର ବସ୍ତୁଗୁଡ଼ିକୁ ସଦାପ୍ରଭୁଙ୍କ ମନ୍ଦିରର
ପ୍ରାଙ୍ଗଣକୁ ଆଣିଲେ। ଏହାପରେ ଲେବୀୟମାନେ ଅପବିତ୍ର
ବସ୍ତୁଗୁଡ଼ିକୁ ବାହାର କରି କିଦ୍ରୋଣ ଉପତ୍ୟକାକୁ ନେଇଗଲେ।
**17**ପ୍ରଥମ ମାସର ପ୍ରଥମ ଦିନରେ ଲେବୀୟମାନେ ପବିତ୍ର
ସେବାକାର୍ଯ୍ୟ ନିମନ୍ତେ ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଲେ।
ମାସର ଅଷ୍ଟମ ଦିନରେ, ଲେବୀୟମାନେ ସଦାପ୍ରଭୁଙ୍କ ମନ୍ଦିରର
ଅଳନ୍ଦକୁ ଆସିଲେ। ସଦାପ୍ରଭୁଙ୍କ ମନ୍ଦିରକୁ ପବିତ୍ରରୂପେ ବ୍ୟବହାର
କରିବା ପାଇଁ ସେମାନେ ଆହୁରି ଆଠ ଦିନ ପର୍ଯ୍ୟନ୍ତ
ସେମାନେ ତାକୁ ପରିଷ୍କାର କଲେ। ସେମାନେ ପ୍ରଥମ ମାସର
ଷୋହଳତମ ଦିନରେ ତାହା ସମାପ୍ତ କଲେ।

**18**ଏହାପରେ ସେମାନେ ରାଜା ହିଜକିୟଙ୍କ ନିକଟକୁ
ଗଲେ। ସେମାନେ ତାଙ୍କୁ କହିଲେ, "ରାଜା ହିଜକିୟ, ଆମ୍ଭେମାନେ
ସଦାପ୍ରଭୁଙ୍କ ସମଗ୍ର ମନ୍ଦିର, ସୁଗନ୍ଧିଧୂପ ଜ୍ୱଳାଇବାର ଯଜ୍ଞବେଦୀ
ଓ ମନ୍ଦିରସ୍ଥ ସମସ୍ତ ବିଷୟକୁ ପରିଷ୍କାର କରିଅଛୁ। ଧାଡ଼ିଧାଡ଼ି
ଦର୍ଶନୀୟ ରୋଟୀ ରଖାଯିବାର ମେଜ ଓ ମେଜରେ ବ୍ୟବହୃତ
ସାମଗ୍ରୀକୁ ଆମ୍ଭେମାନେ ପରିଷ୍କାର କରିଅଛୁ। **19**ଆହସ୍ ରାଜା
ଥିବା ସମୟରେ ପରମେଶ୍ୱରଙ୍କର ବିରୁଦ୍ଧରେ ବିଦ୍ରୋହ କଲେ।
ସେ ମନ୍ଦିର ମଧ୍ୟରେ ଥିବା ଅନେକ ସାମଗ୍ରୀକୁ ଫୋପାଡ଼ି
ଦେଇଥିଲେ। କିନ୍ତୁ ଆମ୍ଭେମାନେ ସେହିସବୁ ସାମଗ୍ରୀକୁ ନିରୂପିତ
କରିଅଛୁ ଓ ସେଗୁଡ଼ିକୁ ବିଶେଷ ବ୍ୟବହାର ନିମନ୍ତେ ପ୍ରସ୍ତୁତ
କରିଅଛୁ। ସେଗୁଡିକ ବର୍ତ୍ତମାନ ସଦାପ୍ରଭୁଙ୍କ ଯଜ୍ଞବେଦୀର
ସମ୍ମୁଖରେ ଅଛି।"

**20**ରାଜା ହିଜକିୟ ପରବର୍ତ୍ତୀ ଦିନ ପ୍ରତ୍ୟୁଷରେ ନଗରର
ପଦାଧିକାରୀମାନଙ୍କୁ ଏକତ୍ର କଲେ ଓ ସଦାପ୍ରଭୁଙ୍କ ମନ୍ଦିରକୁ
ଗଲେ। **21**ସେମାନେ ସାତଗୋଟି ବଳଦ, ସାତୋଟି ମେଷ,
ସାତୋଟି ମେଷଶାବକ ଓ ସାତୋଟି ବୋଦା ଆଣିଲେ। ଏହି
ପଶୁଗୁଡ଼ିକ ପବିତ୍ର ସ୍ଥାନର ଓ ଯିହୁଦାର ଲୋକମାନଙ୍କ
ନିମନ୍ତେ ପାପାର୍ଥକ ବଳିସ୍ୱରୂପେ ଉତ୍ସର୍ଗୀକୃତ ହେବାକୁ ଥିଲା।
ରାଜା ହିଜକିୟ ହାରୋଣଙ୍କ ବଂଶଧର ଯାଜକମାନଙ୍କୁ ସଦାପ୍ରଭୁଙ୍କ
ଯଜ୍ଞବେଦୀ ଉପରେ ସେହି ପଶୁଗୁଡ଼ିକ ଉତ୍ସର୍ଗ କରିବାକୁ
ଆଦେଶ ଦେଲେ।

**22**ତେଣୁ ଯାଜକମାନେ ବଳଦମାନଙ୍କୁ ହତ୍ୟା କଲେ ଓ
ରକ୍ତକୁ ରଖିଲେ। ଆଉ ସେମାନେ ସେହି ବଳଦର ରକ୍ତକୁ
ବେଦୀ ଉପରେ ସିଞ୍ଚିଲେ। ଏହାପରେ ଯାଜକମାନେ ମେଷମାନଙ୍କୁ
ହତ୍ୟା କଲେ ଓ ମେଷମାନଙ୍କର ରକ୍ତ ଯଜ୍ଞବେଦୀ ଉପରେ
ସିଞ୍ଚନ କଲେ। **23-24**ଏହାପରେ ଯାଜକମାନେ ଛାଗଗୁଡ଼ିକୁ
ରାଜାଙ୍କ ସମ୍ମୁଖକୁ ଆଣିଲେ ଓ ଲୋକମାନେ ଏକତ୍ର ସମ୍ମିଳିତ
ହେଲେ। ଏହି ଛାଗଗୁଡ଼ିକ ପାପାର୍ଥକ ବଳି ଥିଲା। ଯାଜକମାନେ
ସେମାନଙ୍କ ହସ୍ତ ଛାଗମାନଙ୍କ ମସ୍ତକ ଉପରେ ରଖିଲେ ଓ
ଛାଗଗୁଡ଼ିକୁ ବଧ କଲେ। ଛାଗମାନଙ୍କର ରକ୍ତକୁ ଯଜ୍ଞବେଦୀ
ଉପରେ ଉତ୍ସର୍ଗ କରି ଯାଜକମାନେ ପାପାର୍ଥକ ବଳି ଉତ୍ସର୍ଗ
କଲେ। ପରମେଶ୍ୱର ଯେପରି ଇଶ୍ରାୟେଲର ଲୋକମାନଙ୍କର
ପାପସବୁ କ୍ଷମା କରନ୍ତି, ଏଥିନିମନ୍ତେ ସେମାନେ ଏହିପରି
କଲେ। ରାଜା କହିଲେ ଯେ, ଇଶ୍ରାୟେଲର ସମସ୍ତ ଲୋକଙ୍କ
ନିମନ୍ତେ ହୋମବଳି ଉପହାର ଓ ପାପାର୍ଥକ ବଳି ଏକତ୍ର
ଉତ୍ସର୍ଗ କରାଯିବା ଉଚିତ୍।

**25**ଦାଉଦ, ରାଜାଙ୍କ ଭବିଷ୍ୟଦ୍‌ବକ୍ତା ଗାଦ୍ ଓ ନାଥନ୍
ଭବିଷ୍ୟଦ୍‌ବକ୍ତା ଯେଉଁ ପ୍ରକାର ଆଦେଶ ଦେଇଥିଲେ, ରାଜା
ହିଜକିୟ ସେହି ପ୍ରକାରେ ଲେବୀୟମାନଙ୍କୁ ଝାଞ୍ଜ, ବୀଣା ଓ
ସାରଙ୍ଗ ସହିତ ସଦାପ୍ରଭୁଙ୍କ ମନ୍ଦିରରେ ଅବସ୍ଥାପିତ କଲେ।
ଏହି ଆଦେଶ ସଦାପ୍ରଭୁଙ୍କଠାରୁ ତାଙ୍କର ଭବିଷ୍ୟଦ୍‌ବକ୍ତାମାନଙ୍କର
ମାଧ୍ୟମରେ ଆସିଥିଲା। **26**ତେଣୁ ଲେବୀୟମାନେ ଦାଉଦଙ୍କ
ବାଦ୍ୟଯନ୍ତ୍ରସବୁ ସହିତ ପ୍ରସ୍ତୁତ ହୋଇ ଠିଆ ହେଲେ ଓ

ଯାଜକମାନେ ସେମାନଙ୍କର ତୂରୀ ସହିତ ପ୍ରସ୍ତୁତ ହୋଇ ଠିଆ ହେଲେ। **27**ଏହାପରେ ହିଜକିୟ ବେଦୀ ଉପରେ ବଳିଦାନ ଉପହାର ଉତ୍ସର୍ଗ କରିବାକୁ ଆଦେଶ ଦେଲେ। ହୋମବଳି ଉପହାରର ଉତ୍ସର୍ଗ ଯେତେବେଳେ ଆରମ୍ଭ ହେଲା, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ସଙ୍ଗୀତଗାନ ସେତେବେଳେ ଆରମ୍ଭ ହେଲା। ତୂରୀ ବଜାଗଲା ଓ ଇଶ୍ରାୟେଲ ରାଜା ଦାଉଦଙ୍କ ବାଦ୍ୟଯନ୍ତ୍ର ସବୁ ବଜାଗଲା। **28**ହୋମବଳି ଉପହାରର ଉତ୍ସର୍ଗୀକରଣ ଶେଷ ନ ହେବା ପର୍ଯ୍ୟନ୍ତ ସମସ୍ତ ଜନତା ନତ ମସ୍ତକ ହେଲେ, ଗାୟକମାନେ ଗୀତଗାନ କଲେ ଓ ତୂରୀବାଦ୍ୟକାରୀମାନେ ତୂରୀ ବଜାଇଲେ।

**29**ଉତ୍ସର୍ଗ କାର୍ଯ୍ୟ ଶେଷ ହେବାପରେ, ରାଜା ହିଜକିୟ ଓ ତାଙ୍କ ସହିତ ସମସ୍ତ ଜନତା ନତମସ୍ତକ ହେଲେ ଓ ଉପାସନା କଲେ। **30**ରାଜା ହିଜକିୟ ଓ ତାଙ୍କର ପଦାଧିକାରୀମାନେ ଲେବୀୟମାନଙ୍କୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଶଂସାଗାନ କରିବାକୁ ଆଦେଶ ଦେଲେ। ସେମାନେ ଦାଉଦ ଓ ଆସଫ ଭବିଷ୍ୟଦ୍‌ବକ୍ତାଙ୍କ ରଚିତ ସଙ୍ଗୀତମାନ ଗାନ କଲେ। ସେମାନେ ପରମେଶ୍ୱରଙ୍କର ପ୍ରଶଂସା କଲେ ଓ ଆନନ୍ଦିତ ହେଲେ। ସେମାନେ ସମସ୍ତେ ନତମସ୍ତକ ହେଲେ ଓ ପରମେଶ୍ୱରଙ୍କର ଉପାସନା କଲେ। **31**ହିଜକିୟ କହିଲେ, "ବର୍ତ୍ତମାନ, ଯିହୁଦାର ଲୋକମାନେ, ତୁମ୍ଭେମାନେ ନିଜକୁ ସଦାପ୍ରଭୁଙ୍କୁ ଉତ୍ସର୍ଗୀକୃତ କରିଅଛ। ନିକଟକୁ ଆସ ଓ ସଦାପ୍ରଭୁଙ୍କ ମନ୍ଦିରକୁ ବଳିଦାନ ଓ ଧନ୍ୟବାଦର ଉପହାରସବୁ ଆଣ।" ଏହାପରେ ଲୋକମାନେ ବଳିଦାନ ଓ ଧନ୍ୟବାଦର ଉପହାରସବୁ ଆଣିଲେ। ଯଦି କୌଣସି ଲୋକ ଚାହିଁଲା, ସେ ହୋମବଳି ଉପହାରସବୁ ଆଣିଲା। **32**ସମ୍ମିଳିତ ଜନତା ଏହିପରି ଭାବରେ ହୋମବଳି ଉପହାର ସବୁ ଆଣିଲେ: ସତୁରି ବଳଦ, 100 ଗୋଟି ମେଷ ଓ 200 ଗୋଟି ମେଷଶାବକ। ଏହି ସବୁ ପଶୁଙ୍କୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋମବଳି ଉପହାର ସ୍ୱରୂପେ ଉତ୍ସର୍ଗ କରାଗଲା। **33**ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର ନୈବେଦ୍ୟ ଥିଲା 600ଟି ଷଣ୍ଢ ଓ 3,000 ମେଷ ଓ ଛାଗ।

**34**କିନ୍ତୁ ଏହି ସମସ୍ତ ପଶୁଙ୍କୁ କାଟି ଓ ଚମଡ଼ା ପରିଷ୍କାର କରି ହୋମବଳି ନୈବେଦ୍ୟ ସ୍ୱରୂପେ ଉତ୍ସର୍ଗ କରିବା ନିମନ୍ତେ ଯଥେଷ୍ଟ ସଂଖ୍ୟକ ଯାଜକ ନ ଥିଲେ। ତେଣୁ ସେମାନଙ୍କର ଆତ୍ମୀୟମାନେ ଓ ଲେବୀୟମାନେ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଓ ଯାଜକମାନେ ପବିତ୍ର ସେବାକାର୍ଯ୍ୟ ନିମନ୍ତେ ନିଜକୁ ପ୍ରସ୍ତୁତ କରିବା ପର୍ଯ୍ୟନ୍ତ ସେମାନଙ୍କୁ ସାହାଯ୍ୟ କଲେ। ଲେବୀୟମାନେ ସଦାପ୍ରଭୁଙ୍କ ସେବା କରିବା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଅତ୍ୟନ୍ତ ସଚେତନ ଥିଲେ। ସେମାନେ ଯାଜକମାନଙ୍କଠାରୁ ମଧ୍ୟ ଅଧିକ ସଚେତନ ଥିଲେ। **35**ସେଠାରେ ଅନେକ ହୋମବଳି ନୈବେଦ୍ୟ ଓ ମଙ୍ଗଳାର୍ଥକ ନୈବେଦ୍ୟ ସ୍ୱରୂପ ଚର୍ବିର ଉତ୍ସର୍ଗ ଓ ପେୟ ନୈବେଦ୍ୟ ଉତ୍ସର୍ଗ କରାଗଲା। ଏହିପରି ଭାବରେ, ସଦାପ୍ରଭୁଙ୍କ ମନ୍ଦିରରେ ସେବାକାର୍ଯ୍ୟ ଆଉଥରେ ଆରମ୍ଭ ହେଲା। **36**ପରମେଶ୍ୱର ତାଙ୍କର ଲୋକମାନଙ୍କ ନିମନ୍ତେ ଯେଉଁସବୁ ବିଷୟ ପ୍ରସ୍ତୁତ କରିଥିଲେ, ସେଥିନିମନ୍ତେ ହିଜକିୟ ଓ ଲୋକମାନେ ଅତ୍ୟନ୍ତ ଆନନ୍ଦିତ ଥିଲେ। ଆଉ ସେ ତାହା ଏତେ ଶୀଘ୍ର କଲେ, ଯେ ସେଥିନିମନ୍ତେ ସେମାନେ ଆନନ୍ଦିତ ଥିଲେ।

### ହିଜକିୟ ନିସ୍ତାରପର୍ବ ପାଳନ କଲେ

**30** ରାଜା ହିଜକିୟ ଇଶ୍ରାୟେଲ ଓ ଯିହୁଦାର ସବୁ ଲୋକମାନଙ୍କ ନିକଟକୁ ବାର୍ତ୍ତାମାନ ପ୍ରେରଣ କଲେ। ସେ ଇଫ୍ରୟିମ୍ ଓ ମନଃଶିର ଲୋକମାନଙ୍କ ନିକଟକୁ ମଧ୍ୟ ପତ୍ରମାନ ଲେଖିଲେ। ହିଜକିୟ ସେହି ସମସ୍ତ ଲୋକଙ୍କୁ ଯିରୁଶାଲମସ୍ଥ ସଦାପ୍ରଭୁଙ୍କ ମନ୍ଦିରକୁ ଆସିବା ନିମନ୍ତେ ନିମନ୍ତ୍ରଣ ଜଣାଇଲେ, ଯେପରି ସେମାନେ ସମସ୍ତ ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱରଙ୍କ ନିମନ୍ତେ ନିସ୍ତାରପର୍ବ ପାଳନ କରି ପାରିବେ। **2**ଦ୍ୱିତୀୟ ମାସରେ ନିସ୍ତାରପର୍ବ ପାଳିବା ନିମନ୍ତେ ରାଜା ହିଜକିୟ ତାଙ୍କର ସମସ୍ତ ପଦାଧିକାରୀ ଓ ଯିରୁଶାଲମର ସମସ୍ତ ଜନତାଙ୍କ ସହ ଏକମତ ହେଲେ। **3**ସେମାନେ ନିୟମିତ ସମୟରେ ନିସ୍ତାରପର୍ବର ଉତ୍ସବ ପାଳନ କରିପାରିଲେ ନାହିଁ। କାରଣ ପବିତ୍ର ସେବାକାର୍ଯ୍ୟ ନିମନ୍ତେ ଯଥେଷ୍ଟ ସଂଖ୍ୟକ ଯାଜକ ନିଜକୁ ପ୍ରସ୍ତୁତ କରିପାରି ନ ଥିଲେ। ଆଉ ଗୋଟିଏ କାରଣ ଥିଲା, ଲୋକମାନେ ଯିରୁଶାଲମରେ ଏକତ୍ରିତ ହୋଇ ନ ଥିଲେ। **4**ଏହି ଚୁକ୍ତି ରାଜା ହିଜକିୟ ଓ ସମଗ୍ର ଜନତାଙ୍କୁ ସନ୍ତୁଷ୍ଟ କଲା। **5**ତେଣୁ ସେମାନେ ବେର୍‌ଶେବା ସହରଠାରୁ ଦାନ ସହର ପର୍ଯ୍ୟନ୍ତ ଇଶ୍ରାୟେଲର ପ୍ରତ୍ୟେକ ସ୍ଥାନରେ ଏକ ଘୋଷଣା କଲେ। ସେମାନେ ଲୋକମାନଙ୍କୁ ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱରଙ୍କ ନିମନ୍ତେ ନିସ୍ତାରପର୍ବ ପାଳନ କରିବା ପାଇଁ ଯିରୁଶାଲମକୁ ଆସିବାକୁ କହିଲେ। ମୋଶାଙ୍କ ଦତ୍ତ ବ୍ୟବସ୍ଥା ନିୟମରେ ଯେଉଁ ପ୍ରକାର ଭାବେ ନିସ୍ତାରପର୍ବ ପାଳନ କରିବାକୁ କୁହାଯାଇଅଛି, ସେପ୍ରକାର ଭାବେ ଇଶ୍ରାୟେଲର ବହୁତ ସଂଖ୍ୟକ ଲୋକ ଅନେକ ବର୍ଷ ଧରି ପାଳନ କରି ନ ଥିଲେ। **6**ତେଣୁ ବାର୍ତ୍ତାବାହକମାନେ ରାଜାଙ୍କର ପତ୍ର ନେଇ ଇଶ୍ରାୟେଲ ଓ ଯିହୁଦାର ସମସ୍ତ ଅଞ୍ଚଳକୁ ଗଲେ। ସେହି ପତ୍ରରେ ଏହିପରି ଲେଖାଥିଲା।

> "ଇଶ୍ରାୟେଲ* ସନ୍ତାନଗଣ, ଅବ୍ରହାମ, ଇସ୍‌ହାକ ଓ ଇଶ୍ରାୟେଲ ଯେଉଁ ସଦାପ୍ରଭୁ ପରମେଶ୍ୱରଙ୍କୁ ମାନୁଥିଲେ, ତାଙ୍କ ନିକଟକୁ ଫେରିଆସ। ଯେଉଁ ଲୋକମାନେ ବର୍ତ୍ତମାନ ସୁଦ୍ଧା ଜୀବିତ ଅଛ ଓ ଅଶୂର ରାଜାର କବଳରୁ ଖସି ଆସିଛ, ପରମେଶ୍ୱରଙ୍କ ନିକଟକୁ ତୁମ୍ଭମାନେ ଫେରି ଆସିବ। **7**ତୁମ୍ଭମାନଙ୍କର ପିତାଙ୍କର କିମ୍ବା ତୁମ୍ଭମାନଙ୍କର ଭ୍ରାତାଗଣଙ୍କ ପରି ହୁଅନାହିଁ। ସଦାପ୍ରଭୁ ସେମାନଙ୍କର ପୂର୍ବପୁରୁଷମାନଙ୍କର ପରମେଶ୍ୱର ଥିଲେ, କିନ୍ତୁ ସେମାନେ ତାଙ୍କର ବିରୁଦ୍ଧରେ ଗଲେ। ତେଣୁ ସଦାପ୍ରଭୁ ସେମାନଙ୍କୁ ଧ୍ୱଂସ କଲେ, ଏହା ତୁମ୍ଭେ ଜାଣ। **8**ତୁମ୍ଭମାନଙ୍କ ପୂର୍ବପୁରୁଷଙ୍କ ପରି ଦାମ୍ଭିକ ହୁଅ ନାହିଁ। କିନ୍ତୁ ଇଚ୍ଛୁକ ହୃଦୟର ସହିତ ସଦାପ୍ରଭୁଙ୍କର ଆଜ୍ଞାକାରୀ ହୁଅ। ସେହି ପବିତ୍ର ସ୍ଥାନକୁ ଆସ। ସଦାପ୍ରଭୁ ତାଙ୍କ ପବିତ୍ର ସ୍ଥାନକୁ ଚିରଦିନ ନିମନ୍ତେ ପବିତ୍ର କରିଛନ୍ତି। ତୁମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱରଙ୍କର ସେବା କର। ତେବେ ସଦାପ୍ରଭୁଙ୍କର କ୍ରୋଧ ତୁମ୍ଭମାନଙ୍କଠାରୁ ନିବୃତ୍ତ ହେବ। **9**ଯଦି ତୁମ୍ଭେମାନେ ଫେରିଆସିବ ଓ ସଦାପ୍ରଭୁଙ୍କୁ ମାନିବ, ତେବେ

---

**ଇଶ୍ରାୟେଲ** ଯାକୁବ।

ତୁମ୍ଭମାନଙ୍କର ଆତ୍ମୀୟମାନେ ଓ ତୁମ୍ଭମାନଙ୍କର
ସନ୍ତାନସନ୍ତତିଗଣ ସେମାନଙ୍କୁ ବନ୍ଦୀ କରି ନେଇଯାଇଥିବା
ଲୋକମାନଙ୍କଠାରୁ ଦୟା ପାଇବେ। ଆଉ ତୁମ୍ଭମାନଙ୍କର
ଆତ୍ମୀୟମାନେ ଓ ତୁମ୍ଭମାନଙ୍କର ସନ୍ତାନଗଣ ଏହି
ଦେଶକୁ ଫେରି ଆସିବେ। ତୁମ୍ଭମାନଙ୍କର ସଦାପ୍ରଭୁ
ପରମେଶ୍ୱର ଦୟାଳୁ ଓ ଅନୁଗ୍ରହରେ ପୂର୍ଣ୍ଣ ଅଟନ୍ତି।
ଯଦି ତୁମ୍ଭେମାନେ ତାହାଙ୍କ ନିକଟକୁ ଫେରି ଆସିବ,
ତେବେ ସେ ତୁମ୍ଭମାନଙ୍କୁ ତ୍ୟାଗ କରି ଯିବେ ନାହିଁ।”

10ବାର୍ତ୍ତାବାହକମାନେ ଇଫ୍ରୟିମ ଓ ମନଃଶି ଅଞ୍ଚଳର
ପ୍ରତ୍ୟେକ ସହରକୁ ଗଲେ। ସେମାନେ ସବୂଲୂନ୍‌ର ଅଞ୍ଚଳ
ପର୍ଯ୍ୟନ୍ତ ମଧ୍ୟ ଗଲେ। କିନ୍ତୁ ଲୋକମାନେ ବାର୍ତ୍ତାବାହକମାନଙ୍କ
ପ୍ରତି ଅଟ୍ଟହାସ୍ୟ ଓ ବିଦ୍ରୂପ କଲେ। 11କିନ୍ତୁ ଆଶେର୍,
ମନଃଶି ଓ ସବୂଲୂନ୍‌ର କେତେକ ଲୋକ ସେମାନଙ୍କୁ ନମ୍ର
କଲେ ଓ ଯିରୁଶାଲମକୁ ଗଲେ। 12ଆହୁରି ମଧ୍ୟ, ଯିହୁଦାରେ
ପରମେଶ୍ୱରଙ୍କ ଶକ୍ତି ଲୋକମାନଙ୍କୁ ଏକତ୍ରିତ କଲା, ଯେପରି
ସେମାନେ ରାଜା ଓ ତାଙ୍କ ପଦାଧିକାରୀମାନଙ୍କର ବାଧ
ହୋଇପାରନ୍ତି। ଏହି ପ୍ରକାରେ, ସେମାନେ ସଦାପ୍ରଭୁଙ୍କ ବାକ୍ୟର
ବାଧ ହେଲେ।

13ଅନେକ ଲୋକ ତାଡ଼ୀଶୂନ୍ୟ ରୋଟୀର ପର୍ବ ପାଳନ
କରିବା ନିମନ୍ତେ ଆସି ଯିରୁଶାଲମରେ ଦ୍ୱିତୀୟ ମାସରେ
ଏକତ୍ର ହେଲେ। ତାହା ଏକ ଅତି ବୃହତ୍ ଜନତାର ଭିଡ଼
ଥିଲା। 14ସେହି ଲୋକମାନେ ଯିରୁଶାଲମରେ ଥିବା ଭଣ୍ଡ
ଦେବତାମାନଙ୍କର ଯଜ୍ଞବେଦୀ ସବୁ ନିଃଶେଷ କରିଦେଲେ।
ଆହୁରି ମଧ୍ୟ, ସେମାନେ ଭଣ୍ଡ ଦେବତାମାନଙ୍କର ସମସ୍ତ
ସୁଗନ୍ଧିଧୂପର ବେଦୀ ନଷ୍ଟ କରିଦେଲେ। ସେମାନେ ସେହି
ଯଜ୍ଞବେଦୀଗୁଡ଼ିକୁ କିଦ୍ରୋଣ ଉପତ୍ୟକାରେ ଫିଙ୍ଗି ଦେଲେ।
15ଏହାପରେ ସେମାନେ ଦ୍ୱିତୀୟ ମାସର ଚତୁର୍ଦ୍ଦଶତମ ଦିନରେ
ନିସ୍ତାରପର୍ବର ମେଷଶାବକକୁ ହତ୍ୟା କଲେ। ଯାଜକମାନେ ଓ
ଲେବୀୟମାନେ ଲଜ୍ଜିତ ହେଲେ। ସେମାନେ ପବିତ୍ର ସେବାକାର୍ଯ୍ୟ
ନିମନ୍ତେ ନିଜକୁ ପ୍ରସ୍ତୁତ କଲେ। ଯାଜକ ଓ ଲେବୀୟମାନେ
ସଦାପ୍ରଭୁଙ୍କ ମନ୍ଦିରକୁ ହୋମବଳି ଉପହାର ଆଣିଲେ।
16ପରମେଶ୍ୱରଙ୍କ ଲୋକ ମୋଶାଙ୍କ ବ୍ୟବସ୍ଥା ନିୟମରେ ଯେଉଁ
ପ୍ରକାର କୁହାଯାଇଥିଲା, ସେମାନେ ସେହି ପ୍ରକାରେ ସେମାନଙ୍କର
ନିୟମିତ ସ୍ଥାନ ଗ୍ରହଣ କଲେ। ଲେବୀୟମାନେ ଯାଜକମାନଙ୍କୁ
ରକ୍ତ ଦେଲେ। ତା’ପରେ ଯାଜକମାନେ ଯଜ୍ଞବେଦୀ ଉପରେ
ରକ୍ତକୁ ସିଞ୍ଚନ କଲେ। 17ଦଳରେ ଅନେକ ଲୋକ ଥିଲେ,
ଯେଉଁମାନେ ପବିତ୍ର ସେବାକାର୍ଯ୍ୟ ନିମନ୍ତେ ନିଜକୁ ପ୍ରସ୍ତୁତ କରି
ନଥିଲେ, ତେଣୁ ସେମାନଙ୍କୁ ନିସ୍ତାରପର୍ବର ମେଷଶାବକକୁ ବଧ
କରିବାକୁ ଅନୁମତି ଦିଆଗଲା ନାହିଁ। ତେଣୁ ପରିଷ୍କୃତ ହୋଇ
ନଥିବା ପ୍ରତ୍ୟେକ ବ୍ୟକ୍ତିର ନିମନ୍ତେ ଲେବୀୟମାନେ ନିସ୍ତାରପର୍ବର
ମେଷଶାବକଗୁଡ଼ିକୁ ହତ୍ୟା କରିବାର ଦାୟିତ୍ୱ ନେଲେ।
ଲେବୀୟମାନେ ପ୍ରତ୍ୟେକ ମେଷଶାବକକୁ ସଦାପ୍ରଭୁଙ୍କ ନିମନ୍ତେ
ପବିତ୍ର କଲେ।

18-19ଇଫ୍ରୟିମ, ମନଃଶି, ଇଷାଖର ଓ ସବୂଲୂନ୍‌ର ଅନେକ
ଲୋକ ନିଜଙ୍କୁ ଯଥାର୍ଥରୂପେ ନିସ୍ତାରପର୍ବ ନିମନ୍ତେ ପ୍ରସ୍ତୁତ କରି
ନଥିଲେ। ସେମାନେ ନିସ୍ତାରପର୍ବକୁ ଯଥାର୍ଥରୂପେ, ଯେପରି
ମୋଶାଙ୍କ ବ୍ୟବସ୍ଥା ନିୟମରେ କୁହାଯାଇଥିଲା, ସେହିପରି
ପାଳନ କଲେ ନାହିଁ। କିନ୍ତୁ ହିଜକିୟ ସେହି ଲୋକମାନଙ୍କ
ନିମନ୍ତେ ପ୍ରାର୍ଥନା କଲେ। ହିଜକିୟ ଏହି ପ୍ରକାରେ ପ୍ରାର୍ଥନା
କଲେ, “ହେ ସଦାପ୍ରଭୁ ପରମେଶ୍ୱର, ତୁମ୍ଭେ ମଙ୍ଗଳକାରୀ
ଅଟ। ଏହି ଲୋକମାନେ ପ୍ରକୃତରେ ଯଥାର୍ଥ ରୂପେ ତୁମ୍ଭର
ଉପାସନା କରିବାକୁ ଚାହିଁଥିଲେ, କିନ୍ତୁ ସେମାନେ ବ୍ୟବସ୍ଥା
ନିୟମାନୁଯାୟୀ ନିଜକୁ ପରିଷ୍କୃତ କରିପାରିଲେ ନାହିଁ। ଦୟାକରି
କରୁଣା ପ୍ରଦର୍ଶନ କର ଓ ସେହି ଲୋକମାନଙ୍କୁ କ୍ଷମା କର।
ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଯାହାଙ୍କୁ ମାନୁଥିଲେ ତୁମ୍ଭେ
ସେହି ପରମେଶ୍ୱର ଅଟ।” 20ସଦାପ୍ରଭୁ ରାଜା ହିଜକିୟଙ୍କ
ପ୍ରାର୍ଥନା ଶୁଣିଲେ। ସଦାପ୍ରଭୁ ଲୋକମାନଙ୍କୁ କ୍ଷମା ଦେଲେ।
21ଯିରୁଶାଲମରେ ଇସ୍ରାୟେଲର ସନ୍ତାନମାନେ ତାଡ଼ୀଶୂନ୍ୟ
ପାଉଁରୋଟୀର ପର୍ବ ସାତଦିନ ପର୍ଯ୍ୟନ୍ତ ପାଳନ କଲେ।
ସେମାନେ ଅତ୍ୟନ୍ତ ଆନନ୍ଦିତ ଥିଲେ। ଲେବୀୟ ଓ ଯାଜକମାନେ
ପ୍ରତିଦିନ ସେମାନଙ୍କର ସମସ୍ତ ଶକ୍ତି ସହିତ ସଦାପ୍ରଭୁଙ୍କର
ପ୍ରଶଂସା କଲେ। 22ସଦାପ୍ରଭୁଙ୍କ ସେବାକାର୍ଯ୍ୟ କିପରି କରିବାକୁ
ହେବ, ଏହା ଯେଉଁ ଲେବୀୟମାନେ ଜାଣିଥିଲେ, ସେମାନଙ୍କୁ
ରାଜା ହିଜକିୟ ଉତ୍ସାହିତ କଲେ। ଲୋକମାନେ ସାତଦିନ
ପର୍ଯ୍ୟନ୍ତ ଉତ୍ସବ ପାଳନ କଲେ ଓ ବଳି ଉତ୍ସର୍ଗ କଲେ।
ସେମାନେ ସେମାନଙ୍କ ପୂର୍ବପୁରୁଷମାନଙ୍କର ସଦାପ୍ରଭୁ
ପରମେଶ୍ୱରଙ୍କର ଧନ୍ୟବାଦ ଓ ପ୍ରଶଂସା କଲେ।

23ସବୁ ଲୋକମାନେ ଆଉ ଅଧିକ ସାତଦିନ ରହିବା
ନିମନ୍ତେ ସମ୍ମତ ହେଲେ। ସେମାନେ ଆହୁରି ସାତଦିନ
ପର୍ଯ୍ୟନ୍ତ ନିସ୍ତାରପର୍ବ ପାଳନ କରି ଅତ୍ୟନ୍ତ ଆନନ୍ଦିତ ହେଲେ।
24ଯିହୁଦାର ରାଜା ହିଜକିୟ ସମ୍ମିଳିତ ଜନତାକୁ 1,000
ବଳଦ ଓ 7,000 ମେଷକୁ ହତ୍ୟାକରି ଭୋଜନ କରିବା
ନିମନ୍ତେ ପ୍ରଦାନ କଲେ। ନେତାମାନେ ସମ୍ମିଳିତ ଜନତାକୁ
1,000 ବଳଦ ଓ 10,000 ମେଷ ଦେଲେ। ଅନେକ
ଯାଜକମାନେ ପବିତ୍ର ସେବାକାର୍ଯ୍ୟ ନିମନ୍ତେ ନିଜଙ୍କୁ ପ୍ରସ୍ତୁତ
କଲେ। 25ଯିହୁଦାର ସମ୍ମିଳିତ ଜନତା, ଯାଜକଗଣ ଓ
ଲେବୀୟ ସମସ୍ତେ, ଇସ୍ରାୟେଲର ସମସ୍ତ ସମ୍ମିଳିତ ଜନତା ଓ
ଇସ୍ରାୟେଲୀୟମାନେ ଓ ଯିହୁଦାରେ ବାସ କରୁଥିବା ବିଦେଶୀଗଣ
ଅତ୍ୟନ୍ତ ଆନନ୍ଦିତ ଥିଲେ। 26ତେଣୁ ଯିରୁଶାଲମରେ ମହାଆନନ୍ଦ
ହେଲା। ଇସ୍ରାୟେଲର ରାଜା ଦାଉଦଙ୍କ ପୁତ୍ର ଶଲୋମନଙ୍କ
ସମୟରେ ଏପରି ଆନନ୍ଦ ଉତ୍ସବ ହୋଇଥିଲା, ଆଉ କେବେହେଁ
ହୋଇ ନଥିଲା। 27ଯାଜକମାନେ ଓ ଲେବୀୟମାନେ ଉଠି
ଛିଡ଼ା ହେଲେ ଓ ଲୋକମାନଙ୍କୁ ଆଶୀର୍ବାଦ କରିବା ନିମନ୍ତେ
ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲେ। ପରମେଶ୍ୱର ସେମାନଙ୍କ
କଥା ଶୁଣିଲେ, ସେମାନଙ୍କର ପ୍ରାର୍ଥନା ସଦାପ୍ରଭୁଙ୍କ ପବିତ୍ର ଗୃହ
ସ୍ୱର୍ଗରେ ପହଞ୍ଚିଲା।

## ରାଜା ହିଜକିୟ ଉନ୍ନତିମୂଳକ କାର୍ଯ୍ୟ କଲେ

31 ନିସ୍ତାରପର୍ବର ଉତ୍ସବ ଶେଷ ହେଲା। ନିସ୍ତାରପର୍ବ
ନିମନ୍ତେ ଯିରୁଶାଲମରେ ଥିବା ଇସ୍ରାୟେଲର
ଲୋକମାନେ ଯିହୁଦାର ସହରଗୁଡ଼ିକୁ ଫେରିଗଲେ। ଏହାପରେ
ସେମାନେ ସେହି ସହରଗୁଡ଼ିକରେ ଥିବା ପଥରର ମୂର୍ତ୍ତିକୁ
ଭାଙ୍ଗି ଧୂଳିସାତ୍ କଲେ। ସେହି ପଥର ମୂର୍ତ୍ତିଗୁଡିକ ଭଣ୍ଡ

ଦେବତାମାନଙ୍କର ପୂଜା କରିବା ନିମନ୍ତେ ବ୍ୟବହୃତ ହେଉଥିଲା।
ସେହି ଲୋକମାନେ ଆଶେରା ସ୍ତମ୍ଭଗୁଡ଼ିକୁ ମଧ୍ୟ କାଟି ପକାଇଲେ।
ଆଉ ସେମାନେ ଯିହୁଦା ଓ ବିନ୍ୟାମୀନରେ ଥିବା ଉଚ୍ଚ ସ୍ଥାନ
ଓ ଯଜ୍ଞବେଦୀଗୁଡ଼ିକୁ ନଷ୍ଟ କରିଦେଲେ। ଲୋକମାନେ ଇଫ୍ରୟିମ୍
ଓ ମନଃଶିର ସମସ୍ତ ଅଞ୍ଚଳରେ ମଧ୍ୟ ସେହି ପ୍ରକାର କଲେ।
ଭଣ୍ଡ ଦେବତାର ପୂଜା ଉଦ୍ଦେଶ୍ୟରେ ବ୍ୟବହୃତ ସମସ୍ତ ବସ୍ତୁକୁ
ବିନଷ୍ଟ ନ କରିବା ପର୍ଯ୍ୟନ୍ତ ଲୋକମାନେ ଏହିପରି କାର୍ଯ୍ୟ
କଲେ। ଏହାପରେ ସମସ୍ତ ଇଶ୍ରାୟେଲୀୟମାନେ ସେମାନଙ୍କର
ନିଜ ସହର ଓ ଗୃହକୁ ଫେରିଗଲେ।

**2**ରାଜା ହିଜକିୟ ଯାଜକ ଓ ଲେବୀୟମାନଙ୍କୁ ସେମାନଙ୍କର
ଭିନ୍ନ ଭିନ୍ନ ଦଳ ଅନୁସାରେ ସଂଗଠିତ କଲେ। ପ୍ରତ୍ୟେକ
ଦଳର ନିଜସ୍ୱ ବିଶେଷ କାର୍ଯ୍ୟ ରହିଥିଲା। ତେଣୁ ଯାଜକମାନେ
ଓ ଲେବୀୟମାନେ ପୁନର୍ବାର ହୋମବଳି ଉପହାର ଓ
ମଙ୍ଗଳାର୍ଥକ ନୈବେଦ୍ୟ ଉତ୍ସର୍ଗ କରିବାର କାର୍ଯ୍ୟ କଲେ।
ଆଉ ମଧ୍ୟ ପରମେଶ୍ୱର ମନ୍ଦିରରେ ସେବାକାର୍ଯ୍ୟ ଏବଂ
ସଦାପ୍ରଭୁଙ୍କ ମନ୍ଦିର ଦ୍ୱାରଗୁଡ଼ିକ ନିକଟରେ ପ୍ରଶଂସାଗାନ କରିବା
କାର୍ଯ୍ୟ ସେମାନଙ୍କର ଥିଲା। **3**ହିଜକିୟ ତାଙ୍କର ନିଜର
ପଶୁପଲ ମଧ୍ୟରୁ କେତୋଟିକୁ ହୋମବଳି ଉପହାର ସ୍ୱରୂପେ
ଉତ୍ସର୍ଗ କରିବାକୁ ଦେଲେ। ଏହିସବୁ ପଶୁଗୁଡ଼ିକୁ ପ୍ରତିଦିନ
ସକାଳେ ଓ ସନ୍ଧ୍ୟା ସମୟରେ ହୋମବଳି ଉପହାର ସ୍ୱରୂପେ
ବ୍ୟବହାର କରାଯାଉଥିଲା। ଏହି ପଶୁଗୁଡ଼ିକୁ ବିଶ୍ରାମର ବିଶେଷ
ଦିନ, ଅମାବାସ୍ୟା ଉତ୍ସବ ଓ ଅନ୍ୟାନ୍ୟ ବିଶେଷ ସଭାମାନଙ୍କରେ
ଉତ୍ସର୍ଗ କରାଯାଉଥିଲା। ସଦାପ୍ରଭୁଙ୍କ ବ୍ୟବସ୍ଥା ନିୟମରେ ଯେଉଁପରି
ଲେଖାଯାଇଥିଲା, ଏହା ସେହିପରି କରାଯାଉଥିଲା। **4**ହିଜକିୟ
ଯିରୁଶାଲମରେ ବାସ କରୁଥିବା ଲୋକମାନଙ୍କୁ ସେମାନଙ୍କର
ଶସ୍ୟର ପ୍ରଥମ ଅଂଶ ଯାଜକ ଓ ଲେବୀୟମାନଙ୍କୁ ଦେବା
ନିମନ୍ତେ ଆଦେଶ ଦେଲେ, ଯେଉଁଥିପାଇଁ ଯାଜକ ଓ ଲେବୀୟମାନେ
ବ୍ୟବସ୍ଥା ନିୟମାନୁଯାୟୀ କାର୍ଯ୍ୟ କରିବାରେ ସେମାନଙ୍କର
ସମସ୍ତ ସମୟ ଅତିବାହିତ କରିପାରିବେ। **5**ଦେଶର ଚତୁର୍ଦ୍ଦିଗର
ଲୋକମାନେ ଏହି ଆଦେଶ ଶୁଣିଲେ। ଅତଏବ ଇଶ୍ରାୟେଲର
ଲୋକମାନେ ସେମାନଙ୍କର ଅମଳ ହୋଇଥିବା ଖାଦ୍ୟଶସ୍ୟ,
ଅଙ୍ଗୁର ରସ, ତୈଳ, ମହୁ, ଓ ସେମାନଙ୍କ କ୍ଷେତ୍ରରେ
ହେଉଥିବା ସମସ୍ତ ଫସଲର ପ୍ରଥମ ଅଂଶ ଦେଲେ। ସେମାନେ
ସେହି ସମସ୍ତ ସାମଗ୍ରୀଗୁଡ଼ିକର ଦଶମାଂଶ ଆଣିଲେ, ଯେଉଁଗୁଡ଼ିକ
ଯଥେଷ୍ଟ ଭାବରେ ଯୋଗାଇଲେ। **6**ଇଶ୍ରାୟେଲୀୟ ଓ ଯିହୁଦୀୟ
ଲୋକମାନେ, ଯେଉଁମାନେ ଯିହୁଦାର ନଗରରେ ବାସ କରୁଥିଲେ,
ସେମାନଙ୍କର ପଶୁପଲ ଓ ମେଷପଲର ମଧ୍ୟ ଦଶମାଂଶ
ଆଣିଲେ। ସଦାପ୍ରଭୁଙ୍କ ନିମନ୍ତେ ଉତ୍ସର୍ଗୀତ ପବିତ୍ର ଜିନିଷର
ଏକ ଦଶମାଂଶ ଆଣିଲେ। ଏହି ସମସ୍ତ ସାମଗ୍ରୀ ସେମାନେ
ସଦାପ୍ରଭୁ ସେମାନଙ୍କର ପରମେଶ୍ୱରଙ୍କ ନିକଟକୁ ଆଣିଲେ।
ସେମାନେ ଏହି ସମସ୍ତ ସାମଗ୍ରୀକୁ ଗଦାକରି ରଖିଲେ।

**7**ଲୋକମାନେ ସେହି ସାମଗ୍ରୀଗୁଡ଼ିକୁ ତୃତୀୟମାସ *ରେ
ଆଣିବାକୁ ଆରମ୍ଭ କଲେ ଓ ସେମାନେ ସେହି ବସ୍ତୁସବୁ
ସପ୍ତମ ମାସ*ରେ ସଂଗ୍ରହ କରି ରଖିବା ଶେଷ କଲେ।
**8**ଯେତେବେଳେ ହିଜକିୟ ଓ ନେତାମାନେ ଆସିଲେ, ସେମାନେ
ସେହି ସଂଗୃହୀତ ବସ୍ତୁ ସବୁର ସ୍ତୁପସବୁ ଦେଖିବାକୁ ପାଇଲେ।
ସେମାନେ ସଦାପ୍ରଭୁଙ୍କର ଓ ତାଙ୍କର ଲୋକ, ଇଶ୍ରାୟେଲର
ଲୋକମାନଙ୍କର ପ୍ରଶଂସା କଲେ।

**9**ଏହାପରେ ହିଜକିୟ, ଯାଜକ ଓ ଲେବୀୟମାନଙ୍କୁ ଏହି
ସ୍ତୁପୀକୃତ ବସ୍ତୁଗୁଡ଼ିକ ବିଷୟରେ ପଚାରିଲେ। **10**ସାଦୋକ୍
ବଂଶର ମୁଖ୍ୟଯାଜକ ଅସରିୟ ହିଜକିୟଙ୍କୁ କହିଲେ, "ଲୋକମାନେ
ଯେଉଁ ସମୟଠାରୁ ସଦାପ୍ରଭୁଙ୍କ ଗୃହକୁ ଉପହାରସବୁ ଆଣିବା
ଆରମ୍ଭ କଲେ, ସେହି ସମୟଠାରୁ ଆମ୍ଭେମାନେ ପ୍ରଚୁର ଖାଦ୍ୟ
ଭୋଜନ କରିବାକୁ ପାଉଅଛୁ। ଆମ୍ଭମାନଙ୍କ ଉଦର ପୂର୍ଣ୍ଣ
ହେବା ପର୍ଯ୍ୟନ୍ତ ଆମ୍ଭେମାନେ ଭୋଜନ କରିସାରିଲୁଣି ଓ
ଆହୁରି ପ୍ରଚୁର ବଳି ପଡ଼ିଅଛି! ସଦାପ୍ରଭୁ ତାଙ୍କର ଲୋକମାନଙ୍କୁ
ଆଶୀର୍ବାଦ କରିଛନ୍ତି। ସେଥିନିମନ୍ତେ ଆମ୍ଭମାନଙ୍କର ଏତେ
ଖାଦ୍ୟ ବଳିପଡୁଅଛି।"

**11**ଏହାପରେ ହିଜକିୟ, ଯାଜକମାନଙ୍କୁ ସଦାପ୍ରଭୁଙ୍କ ମନ୍ଦିର
ନିମନ୍ତେ ଭଣ୍ଡାରଘର ସବୁ ପ୍ରସ୍ତୁତ କରିବାକୁ କହିଲେ। ତେଣୁ
ଏହିପରି କରାଗଲା। **12**ଏହାପରେ ଯାଜକମାନେ ନୈବେଦ୍ୟ
ଦଶମାଂଶ ଓ ଅନ୍ୟାନ୍ୟ ବସ୍ତୁସବୁ ଆଣିଲେ, ଯେଉଁଗୁଡ଼ିକ
କେବଳ ସଦାପ୍ରଭୁଙ୍କୁ ଦିଆଯିବା ନିମନ୍ତେ ଉଦ୍ଦିଷ୍ଟ ଥିଲା, ସେହି
ସମସ୍ତ ସଂଗୃହୀତ ବସ୍ତୁ ମନ୍ଦିର ମଧ୍ୟସ୍ଥ ଭଣ୍ଡାର ଘରମାନଙ୍କରେ
ରଖାଗଲା। ଲେବୀୟ କନାନିୟ ସେହି ସମସ୍ତ ସଂଗୃହୀତ
ବସ୍ତୁର ଦାୟିତ୍ୱରେ ଥିଲେ, ଶିମିୟି ଦ୍ୱିତୀୟରେ ଏହି ଦାୟିତ୍ୱରେ
ଥିଲେ। ଶିମିୟି କନାନିୟଙ୍କ ଭ୍ରାତା ଥିଲେ। **13**କନାନିୟ ଓ
ତାଙ୍କର ଭ୍ରାତା ଶିମିୟି ଏହି ଲୋକମାନଙ୍କର ତତ୍ତ୍ୱାବଧାରକ
ଥିଲେ: ଯିହୀୟେଲ୍, ଅସସିୟ, ନହତ୍, ଅସାହେଲ୍, ଯିରେମୋତ୍,
ଯୋଷାବଦ୍, ଇଲୀୟେଲ, ଯିଷ୍ମଖିୟ, ମାହତ୍ ଓ ବନାୟ। ରାଜା
ହିଜକିୟ ଓ ପରମେଶ୍ୱର ମନ୍ଦିର ଦାୟିତ୍ୱରେ ଥିବା ପଦାଧିକାରୀ
ଅସରିୟ ସେହି ଲୋକମାନଙ୍କୁ ମନୋନୀତ କଲେ।
**14**ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଲୋକମାନେ ମୁକ୍ତ ଭାବରେ
ଯେଉଁ ନୈବେଦ୍ୟ ଦେଉଥିଲେ, କୋରି ତାହାର ଦାୟିତ୍ୱରେ
ଥିଲେ। ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦତ୍ତ, ସଂଗୃହୀତ ଦାନଗୁଡ଼ିକୁ
ବିତରଣ କରିବା ଦାୟିତ୍ୱ ତାଙ୍କର ଥିଲା। ଆଉ, ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ପବିତ୍ରୀକୃତ ହୋଇଥିବା ଉପହାରଗୁଡ଼ିକୁ ବିତରଣ
କରିବାର ଦାୟିତ୍ୱ ମଧ୍ୟ ତାଙ୍କର ଥିଲା। କୋରି ପୂର୍ବଦିଗରେ
ଥିବା ଦ୍ୱାରର ଦ୍ୱାରପାଳ ଥିଲେ। ତାଙ୍କ ପିତାଙ୍କର ନାମ ଥିଲା
ଲେବୀୟ ଯିମ୍ନା। **15**ସେ ଏଦନ୍, ମିନ୍ୟାମୀନ୍, ଯେଶୂୟ,
ଶମୟିୟ, ଅମରିୟ ଓ ଶିଖନିୟ କୋରିଙ୍କୁ ସାହାଯ୍ୟ କରୁଥିଲେ।
ସେହି ବ୍ୟକ୍ତିମାନେ, ଯାଜକମାନେ ବାସ କରୁଥିବା ସହରଗୁଡ଼ିକରେ
ବିଶ୍ୱସ୍ତ ଭାବରେ ସେବାକାର୍ଯ୍ୟ କରୁଥିଲେ। ସେମାନେ ସଂଗୃହୀତ
ସାମଗ୍ରୀକୁ ସେମାନଙ୍କର ଆତ୍ମୀୟ ଯାଜକମାନଙ୍କୁ ଦେଲେ,
ସେମାନେ ବୃଦ୍ଧ ହୁଅନ୍ତୁ ବା ତରୁଣ। **16**ଏହି ବ୍ୟକ୍ତିଗଣ
ଲେବୀୟ ବଂଶର ଇତିହାସରେ ନାମ ଲେଖାଥିବା ତିରିଶ
ବର୍ଷୀୟଠାରୁ ଅଧିକ ବୟସ୍କ ପୁରୁଷଙ୍କ ଦ୍ୱାରା ସଂଗୃହୀତ
ବସ୍ତୁଗୁଡ଼ିକ ଦେଉଥିଲେ। ଏହି ସମସ୍ତ ପୁରୁଷମାନଙ୍କୁ ପ୍ରତ୍ୟହ
ସେବାକାର୍ଯ୍ୟ କରିବା ନିମନ୍ତେ ସଦାପ୍ରଭୁଙ୍କ ମନ୍ଦିରରେ ପ୍ରବେଶ
କରିବାକୁ ପଡୁଥିଲା, ପ୍ରତ୍ୟେକ ଦଳରେ ଲେବୀୟମାନଙ୍କର
ସେମାନଙ୍କର ନିଜ ଦାୟିତ୍ୱ ରହିଥିଲା। **17**ଯାଜକମାନଙ୍କୁ

---

**ତୃତୀୟ ମାସ:** ମେ/ଜୁନ୍।

**ସପ୍ତମ ମାସ** ସେପ୍ଟେମ୍ବର/ଅକ୍ଟୋବର।

ସେମାନଙ୍କର ସଂଗୃହୀତ ବସ୍ତୁର ଅଂଶ ଦିଆଯାଉ ଥିଲା।
ଏହିସବୁ ବିଭିନ୍ନ ବଂଶକୁ, ଯେଉଁ ଅନୁଯାୟୀ ବଂଶ ଇତିହାସରେ
ତାଲିକାଭୁକ୍ତ ହୋଇଛନ୍ତି, ତହିଁନୁଯାୟୀ କରାଯାଉଥିଲା। କୋଡ଼ିଏ
ବୟସ୍କ ଓ ତଦୁର୍ଦ୍ଧ୍ୱ ବୟସର ଲେବୀୟମାନେ ସେମାନଙ୍କର
ସଂଗୃହୀତ ଅଂଶ ପାଉଥିଲେ। ଏହା ସେମାନଙ୍କର ଦାୟିତ୍ୱ ଓ
ସେମାନଙ୍କର ଦଳାନୁଯାୟୀ ନିରୂପଣ କରାଯାଉଥିଲା। **18**ଲେବୀୟ
ଶିଶୁ, ସ୍ତ୍ରୀ, ପୁତ୍ର ଓ କନ୍ୟାଗଣ ମଧ୍ୟ ଏହି ସଂଗୃହୀତ ବସ୍ତୁର
ଅଂଶ ଲାଭ କରୁଥିଲେ। ଯେଉଁ ଲେବୀୟମାନେ ବଂଶର
ଇତିହାସରେ ତାଲିକାଭୁକ୍ତ ହୋଇଥିଲେ, ସେମାନଙ୍କ ନିମନ୍ତେ
ଏହିପରି କରାଯାଉ ଥିଲା। କାରଣ ଲେବୀୟମାନେ ସର୍ବଦା
ସେବାକାର୍ଯ୍ୟ ନିମନ୍ତେ ନିଜଙ୍କୁ ପବିତ୍ର ଓ ପ୍ରସ୍ତୁତ କରି
ରଖୁଥିଲେ। **19**ଲେବୀୟମାନେ ଯେଉଁ ସହରରେ ବାସ କରୁଥିଲେ,
ତାହା ନିକଟରେ ହାରୋଣଙ୍କ ବଂଶଧର କେତେଜଣ ଯାଜକଙ୍କର
ଶସ୍ୟକ୍ଷେତ ଥିଲା। ଆଉ ହାରୋଣଙ୍କର କେତେଜଣ ବଂଶଧର
ମଧ୍ୟ ସହରମାନଙ୍କରେ ବାସ କରୁଥିଲେ। ହାରୋଣଙ୍କର ଏହି
ବଂଶଧରମାନଙ୍କୁ ସଂଗୃହୀତ ଦ୍ରବ୍ୟରୁ ଅଂଶ ଦେବା ନିମନ୍ତେ
ଏହି ପ୍ରତ୍ୟେକ ସହରର ଲୋକମାନଙ୍କୁ ସେମାନଙ୍କ ନାମ ଦ୍ୱାରା
ମନୋନୀତ କରାଯାଉ ଥିଲା। ଲେବୀୟମାନଙ୍କ ବଂଶର ଇତିହାସରେ
ନାମଭୁକ୍ତ କରାଯାଇଥିବା ସମସ୍ତ ପୁରୁଷ ଓ ଅନ୍ୟମାନେ
ସଂଗୃହୀତ ଦ୍ରବ୍ୟର ଅଂଶ ଲାଭ କରୁଥିଲେ।

**20**ଅତଏବ ରାଜା ହିଜକିୟ ଯିହୁଦାରେ ଏହି ସମସ୍ତ
ଉତ୍ତମ କାର୍ଯ୍ୟ କଲେ। ସେ ତାଙ୍କର ସଦାପ୍ରଭୁ ପରମେଶ୍ୱରଙ୍କ
ଦୃଷ୍ଟିରେ ଉତ୍ତମ ଓ ଯଥାର୍ଥ କର୍ମ କଲେ ଓ ବିଶ୍ୱସ୍ତ ଥିଲେ।
**21**ଯେଉଁ ପ୍ରତ୍ୟେକ କାର୍ଯ୍ୟ ସେ ଆରମ୍ଭ କଲେ, ଯଥା:-
ପରମେଶ୍ୱରଙ୍କ ମନ୍ଦିରର ସେବାକାର୍ଯ୍ୟ ଓ ବ୍ୟବସ୍ଥା ନିୟମ ଓ
ଆଦେଶର ବାଧ୍ୟ ହେବା ଏବଂ ତାଙ୍କର ପରମେଶ୍ୱରଙ୍କର
ଅନୁଗମନ କରିବାରେ ସେ ସଫଳ ହେଲେ। ହିଜକିୟ ଏହି
ସମସ୍ତ ବିଷୟ ତାଙ୍କର ହୃଦୟର ସହିତ କଲେ।

### ଅଶୂରର ରାଜା ହିଜକିୟଙ୍କୁ ହଇରାଣ କଲେ

**32** ହିଜକିୟ ଏହି ସମସ୍ତ ବିଷୟ ବିଶ୍ୱସ୍ତତାର ସହିତ
ସମାପ୍ତ କରିବା ପରେ ଏହିପରି ଘଟିଲା, ଅଶୂରର
ରାଜା ସନ୍‌ହେରୀବ୍ ଯିହୁଦା ଦେଶ ଆକ୍ରମଣ କରିବାକୁ
ଆସିଲେ। ସନ୍‌ହେରୀବ୍ ଓ ତାଙ୍କର ସୈନ୍ୟଦଳ ଦୁର୍ଗଗୁଡ଼ିକର
ବାହାରେ ଛାଉଣୀ ସ୍ଥାପନ କଲେ। ସେ ସେହି ସହରଗୁଡ଼ିକୁ
ପରାସ୍ତ କରିବାର ଯୋଜନା କରିଥିବାରୁ ଏହିପରି କଲେ।
ସନ୍‌ହେରୀବ୍ ନିଜ ନିମନ୍ତେ ଏହିସବୁ ସହର ଜୟ କରିବାକୁ
ଇଚ୍ଛା କରୁଥିଲେ। **2**ହିଜକିୟ ଜାଣିଥିଲେ ଯେ, ସନ୍‌ହେରୀବ୍
ଯିରୁଶାଲମକୁ ଆକ୍ରମଣ କରିବା ନିମନ୍ତେ ଆସିଛନ୍ତି। **3**ଏହାପରେ
ହିଜକିୟ ତାଙ୍କର ପଦାଧିକାରୀ ଓ ସେନାଧିକାରୀମାନଙ୍କ ସହିତ
କଥା ହେଲେ। ସେମାନେ ସମସ୍ତ ନଗର ବାହାରେ ଥିବା
ଜଳନିର୍ଝରଗୁଡ଼ିକର ଜଳକୁ ବନ୍ଦ କରିବା ନିମନ୍ତେ ଏକମତ
ହେଲେ। ସେହି ପଦାଧିକାରୀ ଓ ସେନାଧିକାରୀମାନେ ହିଜକିୟଙ୍କୁ
ସାହାଯ୍ୟ କଲେ। **4**ଅନେକ ଲୋକ ଏକତ୍ର ଆସିଲେ ଓ
ଦେଶ ମଧ୍ୟ ଦେଇ ପ୍ରବାହିତ ହେଉଥିବା ଝରଣା ଓ ନଦୀ
ସବୁର ଜଳକୁ ରୋକି ଦେଲେ। ସେମାନେ କହିଲେ ଯେ,
"ଅଶୂରର ରାଜା ଏହି ସ୍ଥାନକୁ ଆସିଲେ ବେଶୀ କିଛି ଜଳ
ପାଇବ ନାହିଁ।" **5**ହିଜକିୟ ଯିରୁଶାଲମକୁ ଆହୁରି ଦୃଢ଼
କଲେ। ସେ ତାହା ଏହି ପ୍ରକାରେ କଲେ; ସେ ପ୍ରାଚୀରର
ଭଗ୍ନସ୍ଥାନ ସବୁ ପୁନଃନିର୍ମାଣ କଲେ। ସେ ପ୍ରାଚୀର ଉପରେ
ଦୁର୍ଗ ନିର୍ମାଣ କଲେ। ସେ ପ୍ରଥମ ପ୍ରାଚୀରର ବାହ୍ୟ ଭାଗରେ
ଆଉ ଏକ ପ୍ରାଚୀର ନିର୍ମାଣ କଲେ। ସେ ଯିରୁଶାଲମ ପ୍ରାଚୀନ
ଅଂଶର ପୂର୍ବକୁ ଏକ ଶକ୍ତିଶାଳୀ ସ୍ଥାନ ପୁନଃନିର୍ମାଣ କଲେ।
ସେ ଅନେକ ଅସ୍ତ୍ର ଓ ଢାଲମାନ ନିର୍ମାଣ କଲେ। **6**ଲୋକମାନଙ୍କର
ଦାୟିତ୍ୱ ନେବା ନିମନ୍ତେ ହିଜକିୟ ଯୁଦ୍ଧର ପଦାଧୀକାରୀମାନଙ୍କୁ
ମନୋନୀତ କଲେ। ନଗରଦ୍ୱାର ନିକଟସ୍ଥ ଉନ୍ମୁକ୍ତ ସ୍ଥାନରେ
ସେ ସେହି ପଦାଧିକାରୀମାନଙ୍କୁ ସାକ୍ଷାତ କଲେ। ସେ କହିଲେ,
**7**"ଦୃଢ଼ ଓ ସାହସୀ ହୁଅ। ଅଶୂରର ରାଜା ଅଥବା ତାଙ୍କ
ସହିତ ଥିବା ବିଶାଳ ସୈନ୍ୟବାହିନୀ ବିଷୟରେ ଭୟ କରନାହିଁ
କିମ୍ବା ବ୍ୟସ୍ତ ହୁଅ ନାହିଁ। ଅଶୂରର ରାଜାଙ୍କର ଶକ୍ତିଠାରୁ
ଆମ୍ଭମାନଙ୍କ ସହିତ ଆହୁରି ମହାନ୍ ଶକ୍ତି ଅଛି। **8**ଅଶୂରର
ରାଜାଙ୍କ ସହିତ କେବଳ ଲୋକମାନେ ଅଛନ୍ତି। କିନ୍ତୁ ଆମ୍ଭମାନଙ୍କ
ସହିତ ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର ଅଛନ୍ତି। ଆମ୍ଭମାନଙ୍କର
ପରମେଶ୍ୱର ଆମ୍ଭମାନଙ୍କୁ ସାହାଯ୍ୟ କରିବେ। ସେ ଆମ୍ଭମାନଙ୍କର
ନିମନ୍ତେ ଯୁଦ୍ଧ କରିବେ।" ଏହିପରି ଯିହୁଦାର ରାଜା ହିଜକିୟ
ଲୋକମାନଙ୍କୁ ଉତ୍ସାହିତ କଲେ ଓ ସେମାନଙ୍କୁ ଶକ୍ତିଯୁକ୍ତ
କଲେ।

**9**ଅଶୂରର ରାଜା ସନ୍‌ହେରୀବ୍ ଓ ତାଙ୍କର ସମସ୍ତ
ସୈନ୍ୟଦଳ ଲାଖୀଶ ସହର ନିକଟରେ ଛାଉଣୀ କଲେ,
ଯେପରି ସେମାନେ ତାହାକୁ ଜୟ କରିପାରନ୍ତି। ଏହାପରେ
ସନ୍‌ହେରୀବ୍, ଯିହୁଦାର ରାଜା ହିଜକିୟ ଓ ଯିରୁଶାଲମରେ
ଥିବା ଯିହୁଦାର ସମସ୍ତ ଲୋକଙ୍କ ନିକଟକୁ ତାଙ୍କର ଭୃତ୍ୟମାନଙ୍କୁ
ପଠାଇଲା। ହିଜକିୟ ଓ ଯିରୁଶାଲମର ସବୁ ଲୋକଙ୍କ ନିମନ୍ତେ
ସନ୍‌ହେରୀବ୍‌ଙ୍କ ଭୃତ୍ୟର ଏକ ବାର୍ତ୍ତା ଥିଲା। **10**ସେମାନେ
କହିଲେ, "ଅଶୂରର ରାଜା ସନ୍‌ହେରୀବ୍ ଏହି କଥା କହନ୍ତି,
'ତୁମ୍ଭେମାନେ କେଉଁ ବିଷୟରେ ନିର୍ଭର କରି ଆକ୍ରମଣ
ସମୟରେ ସୁଦ୍ଧା ଯିରୁଶାଲମରେ ରହୁଅଛ? **11**ହିଜକିୟ ତୁମ୍ଭମାନଙ୍କୁ
ପ୍ରତାରଣା କରୁଅଛି। ତୁମ୍ଭେମାନେ ଯେପରି କ୍ଷୁଧା ଓ ତୃଷାରେ
ମୃତ୍ୟୁବରଣ କରିବ; ଏଥିନିମନ୍ତେ ତୁମ୍ଭମାନଙ୍କୁ କୌଶଳକ୍ରମେ
ଯିରୁଶାଲମରେ ରଖାଯାଉଅଛି। ହିଜକିୟ ତୁମ୍ଭଙ୍କୁ କହେ,
"ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ଆମ୍ଭମାନଙ୍କୁ ଅଶୂରର
ରାଜାର ହସ୍ତରୁ ରକ୍ଷା କରିବେ।" **12**ହିଜକିୟ ନିଜେ ସଦାପ୍ରଭୁଙ୍କ
ଉଚ୍ଚସ୍ଥାନ ଓ ଯଜ୍ଞବେଦୀ ସବୁ ବାହାର କରିଦେଲା। ଯିହୁଦା
ଓ ଯିରୁଶାଲମର ଲୋକମାନେ! ତୁମ୍ଭମାନଙ୍କୁ ସେ କହିଲା ଯେ,
ତୁମ୍ଭମାନଙ୍କୁ କେବଳ ଗୋଟିଏ ଯଜ୍ଞବେଦୀ ଉପରେ ପୂଜା ଓ
ସୁଗନ୍ଧିଧୂପ ଜ୍ୱଳାଇବାକୁ ପଡ଼ିବ। **13**ମୋର ପୂର୍ବପୁରୁଷଗଣ ଓ
ମୁଁ ଅନ୍ୟାନ୍ୟ ଦେଶର ସମସ୍ତ ଲୋକଙ୍କ ପ୍ରତି କ'ଣ କରିଅଛି,
ତାହା ତୁମ୍ଭେମାନେ ଅବଶ୍ୟ ଜାଣ। ଅନ୍ୟ ଦେଶର ଦେବତାମାନେ
ସେମାନଙ୍କର ନିଜ ଲୋକମାନଙ୍କୁ ରକ୍ଷା କରିପାରିଲେ ନାହିଁ।
ସେହି ଦେବତାମାନେ ମୋତେ ସେମାନଙ୍କର ଲୋକମାନଙ୍କୁ
ବିନଷ୍ଟ କରିବାରୁ ରକ୍ଷା କରିପାରିଲେ ନାହିଁ। **14**ମୋର
ପୂର୍ବପୁରୁଷମାନେ ସେହି ଦେଶଗୁଡ଼ିକୁ ଧ୍ୱଂସ କଲେ। ଏପରି
କେହି ଦେବତା ନାହିଁ, ଯିଏ ମୋତେ ତାହାର ଲୋକମାନଙ୍କୁ
ବିନଷ୍ଟ କରିବାରୁ ରୋକି ପାରିବ। ତେଣୁ ତୁମ୍ଭେମାନେ କ'ଣ

ଭାବୁଛ ଯେ, ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କୁ ମୋ'ଠାରୁ
ରକ୍ଷା କରିପାରିବେ? 15ତୁମ୍ଭମାନଙ୍କୁ ମୂର୍ଖ ବନେଇବା କି
ପ୍ରତାରଣା କରିବାକୁ ହିଜକିୟକୁ ଦିଅନାହିଁ। ତାହାକୁ ଆଦୌ
ବିଶ୍ୱାସ କରନାହିଁ, କାରଣ କୌଣସି ରାଜ୍ୟ ବା କୌଣସି
ଦେଶ ତାହାର ଲୋକମାନଙ୍କୁ ମୋ'ଠାରୁ ବା ମୋର
ପୂର୍ବପୁରୁଷମାନଙ୍କଠାରୁ ରକ୍ଷା କରିପାରି ନାହିଁ। ତେଣୁ ତୁମ୍ଭମାନଙ୍କ
ପରମେଶ୍ୱର ଯେ ତୁମ୍ଭମାନଙ୍କୁ ବିନଷ୍ଟ କରିବାରୁ ମୋତେ
ରୋକିପାରିବ, ଏହା ଆଦୌ ଭାବ ନାହିଁ।'"

16ଅଶୂର ରାଜାର ଭୃତ୍ୟମାନେ ସଦାପ୍ରଭୁ ପରମେଶ୍ୱର ଓ
ପରମେଶ୍ୱରଙ୍କ ଦାସ ହିଜକିୟଙ୍କ ବିରୁଦ୍ଧରେ ଆହୁରି ଜଘନ୍ୟ
କଥାସବୁ କହିଲେ। 17ଅଶୂରର ରାଜା ଆହୁରି ମଧ୍ୟ ଏପରି
ପତ୍ରମାନ ଲେଖିଲା, ଯାହା ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱରଙ୍କୁ
ଅପମାନିତ କରୁଥିଲା। ଅଶୂରର ରାଜା ସେହି ପତ୍ରଗୁଡ଼ିକରେ
ଏହିପରି ଲେଖିଲା: "ଅନ୍ୟ ଦେଶର ଦେବତାମାନେ ମୋତେ
ସେମାନଙ୍କର ଲୋକମାନଙ୍କୁ ବିନଷ୍ଟ କରିବାରୁ ରୋକି ପାରିଲେ
ନାହିଁ। ସେହିପ୍ରକାରେ ମଧ୍ୟ ହିଜକିୟର ପରମେଶ୍ୱର ମୋତେ
ତାହାର ଲୋକମାନଙ୍କୁ ବିନଷ୍ଟ କରିବାରୁ ରୋକିପାରିବ ନାହିଁ।"
18ଏହାପରେ ଅଶୂରର ରାଜାର ଭୃତ୍ୟମାନେ ଯିରୁଶାଲମର
ପ୍ରାଚୀର ଉପରେ ଥିବା ଲୋକମାନଙ୍କୁ ଉଚ୍ଚସ୍ୱରରେ ଡାକିଲେ।
ସେହି ଭୃତ୍ୟମାନେ ଯିରୁଶାଲମର ଲୋକମାନଙ୍କୁ ଭୟଭୀତ
କରାଇବା ନିମନ୍ତେ ଏହିପରି କଲେ। ସେମାନେ ଯେପରି
ଯିରୁଶାଲମ ନଗରକୁ ହସ୍ତଗତ କରିପାରନ୍ତି, ସେଥିନିମନ୍ତେ
ସେହିସବୁ କଥା କହିଲେ। 19ସେହି ସେବକଗଣ ଏପରି
କାର୍ଯ୍ୟ କଲେ, ଯେପରି ଇଶ୍ରାୟେଲ ପରମେଶ୍ୱର ଅନ୍ୟ
ଦେଶର ଲୋକମାନଙ୍କର ହସ୍ତ ନିର୍ମିତ ମୂର୍ତ୍ତି ଅଟନ୍ତି।

20ରାଜା ହିଜକିୟ ଓ ଆମୋସ୍‌ଙ୍କ ପୁତ୍ର ଭବିଷ୍ୟଦ୍‌ବକ୍ତା
ଯିଶାଇୟ ଏହି ସମସ୍ୟା ସମ୍ବନ୍ଧରେ ପ୍ରାର୍ଥନା କଲେ। ସେମାନେ
ସ୍ୱର୍ଗ ପ୍ରତି ଅତି ଉଚ୍ଚସ୍ୱରରେ ପ୍ରାର୍ଥନା କଲେ। 21ଏହାପରେ
ସଦାପ୍ରଭୁ ଅଶୂର ରାଜାର ଛାଉଣୀକୁ ଜଣେ ସ୍ୱର୍ଗଦୂତଙ୍କୁ
ପଠାଇଲେ। ସେହି ସ୍ୱର୍ଗଦୂତ ଅଶୂରର ସୈନ୍ୟଦଳର ସମସ୍ତ
ସୈନ୍ୟ, ନେତାଗଣ ଓ ସେନାଧିକାରୀମାନଙ୍କୁ ହତ୍ୟା କଲେ।
ତେଣୁ ଅଶୂରର ରାଜା ନିଜ ଗୃହକୁ ଓ ଦେଶକୁ ଫେରିଗଲା
ଓ ତାହାର ଲୋକମାନେ ତା' ନିମନ୍ତେ ଲଜ୍ଜା ଅନୁଭବ
କଲେ। ସେ ତାହାର ଦେବତାର ମନ୍ଦିରକୁ ଗଲା ଓ ତା'ର
ନିଜର ପୁତ୍ରମାନେ କେତେଜଣ ସେହି ସ୍ଥାନରେ ତାହାକୁ ଏକ
ଖଡ୍ଗରେ ବଧ କଲେ। 22ଏହି ପ୍ରକାରେ ସଦାପ୍ରଭୁ ହିଜକିୟ
ଓ ଯିରୁଶାଲମର ଲୋକମାନଙ୍କୁ ଅଶୂରର ରାଜା ସନ୍‌ହେରୀବ୍
ଓ ଅନ୍ୟ ସମସ୍ତ ଲୋକଙ୍କଠାରୁ ରକ୍ଷା କଲେ। ସଦାପ୍ରଭୁ
ସେମାନଙ୍କୁ ସବୁ ପ୍ରକାର ଧମକରୁ ଉଦ୍ଧାର କଲେ। 23ସଦାପ୍ରଭୁଙ୍କ
ପାଇଁ ଉପହାର ନେଇ ବହୁତ ଲୋକ ଯିରୁଶାଲମକୁ ଆସିଲେ।
ସେମାନେ ଯିହୁଦାର ରାଜା ହିଜ୍‌କିୟଙ୍କ ପାଇଁ ମୂଲ୍ୟବାନ୍
ସାମଗ୍ରୀ ଆଣିଲେ। ସମସ୍ତ ଦେଶର ଲୋକମାନେ ହିଜିକିୟଙ୍କୁ
ସମ୍ମାନ କଲେ।

24ସେହି ଦିନମାନଙ୍କର ହିଜକିୟ ଗୁରୁତର ଭାବରେ
ଅସୁସ୍ଥ ହେଲେ ଓ ମରଣାପନ୍ନ ହେଲେ। ସେ ସଦାପ୍ରଭୁଙ୍କ
ନିକଟରେ ପ୍ରାର୍ଥନା କଲେ। ସଦାପ୍ରଭୁ ହିଜକିୟଙ୍କୁ କଥା
କହିଲେ ଓ ଗୋଟିଏ ଚିହ୍ନ ଦେଲେ। 25କିନ୍ତୁ ହିଜକିୟଙ୍କ
ହୃଦୟ ଗର୍ବୀ ଥିଲା, ତେଣୁ ସେ ପରମେଶ୍ୱରଙ୍କ ମହାଦୟା
ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ ନାହିଁ। ଏଥି ନିମନ୍ତେ
ପରମେଶ୍ୱର ହିଜକିୟ ଓ ଯିହୁଦା ଏବଂ ଯିରୁଶାଲମର ଲୋକଙ୍କ
ପ୍ରତି କ୍ରୋଧ କଲେ। 26କିନ୍ତୁ ହିଜକିୟ ଓ ଯିରୁଶାଲମରେ
ବାସ କରୁଥିବା ଲୋକମାନେ ସେମାନଙ୍କର ହୃଦୟ ଓ
ଜୀବନକୁ ପରିବର୍ତ୍ତିତ କଲେ। ସେମାନେ ନିଜକୁ ନମ୍ର କଲେ
ଓ ଆଉ ଗର୍ବ କଲେ ନାହିଁ। ତେଣୁ ହିଜକିୟ ଜୀବିତ ଥିବା
ପର୍ଯ୍ୟନ୍ତ ସଦାପ୍ରଭୁ ସେମାନଙ୍କ ଉପରେ କ୍ରୋଧ କଲେ।

27ହିଜକିୟ ଅନେକ ଧନସଂପଦ ଓ ସମ୍ମାନ ଲାଭ
କଲେ। ସେ ରୂପା, ସୁନା, ବହୁମୂଲ୍ୟ ମଣିମୁକ୍ତା, ମସଲା,
ଢାଲ ଓ ସମସ୍ତ ପ୍ରକାର ଦ୍ରବ୍ୟ ରଖିବା ନିମନ୍ତେ ସ୍ଥାନସବୁ
ନିର୍ମାଣ କଲେ। 28ଲୋକମାନେ ହିଜକିୟଙ୍କ ନିକଟକୁ ଯେଉଁ
ଖାଦ୍ୟଶସ୍ୟ, ନୂତନ ଦ୍ରାକ୍ଷାରସ ଓ ତୈଳ ପଠାଉଥିଲେ, ତାହା
ରଖିବା ନିମନ୍ତେ ତାଙ୍କର ଭଣ୍ଡାରଗୃହ ସବୁ ଥିଲା। ସମସ୍ତ
ପଶୁପଲ ଓ ମେଷପଲ ନିମନ୍ତେ ତାଙ୍କର ଗୁହାଳ ସବୁ ଥିଲା।
29ହିଜକିୟ ମଧ୍ୟ ବହୁତ ନଗର ନିର୍ମାଣ କଲେ ଏବଂ ସେ
ବହୁତ ମେଷ ଓ ଗୋରୁ ପଲ ପାଇଲେ। ପରମେଶ୍ୱର
ହିଜକିୟଙ୍କୁ ପ୍ରଚୁର ଧନରତ୍ନ ଦେଇଥିଲେ। 30ହିଜକିୟ ହିଁ
ଯିରୁଶାଲମରେ ଗୀହୋନ ଝରଣାର ଉର୍ଦ୍ଧ୍ୱସ୍ଥ ଉତ୍ସକୁ ବନ୍ଦ
କଲେ ଓ ସେହି ଜଳକୁ ଦାଉଦଙ୍କ ନଗରର ଦକ୍ଷିଣ ପାର୍ଶ୍ୱରେ
ସଳଖ ଭାବରେ ନିମ୍ନଗାମୀ କଲେ। ଆଉ ହିଜକିୟ ଯେଉଁ
ସମସ୍ତ କର୍ମ କଲେ, ସେଥିରେ ସଫଳ ହେଲେ।

31ଥରେ ବାବିଲୀୟ ନେତାମାନେ ହିଜକିୟଙ୍କ ନିକଟକୁ
ବାର୍ତ୍ତାବାହକମାନଙ୍କୁ ପ୍ରେରଣ କଲେ। ସେହି ବାର୍ତ୍ତାବାହକମାନେ
ଦେଶ ମଧ୍ୟରେ ଘଟିଥିବା ଏକ ଅଦ୍ଭୁତ ଚିହ୍ନ ସମ୍ବନ୍ଧରେ
ପଚାରିଲେ। ଯେତେବେଳେ ସେମାନେ ଆସିଲେ ସେତେବେଳେ
ହିଜକିୟଙ୍କୁ ପରୀକ୍ଷା କରିବା ନିମନ୍ତେ ଓ ହିଜକିୟଙ୍କ ହୃଦୟରେ
ଯାହା କିଛି ଅଛି, ତାହା ଜାଣିବା ନିମନ୍ତେ ପରମେଶ୍ୱର
ହିଜକିୟଙ୍କୁ ଏକାକୀ ଛାଡ଼ିଗଲେ।

32ହିଜକିୟଙ୍କର ଅନ୍ୟ ସମସ୍ତ ଅବଶିଷ୍ଟ କର୍ମ ଓ ସଦାପ୍ରଭୁଙ୍କୁ
କେତେ ପ୍ରେମ କଲେ, ତାହା "ଆମୋସଙ୍କ ପୁତ୍ର ଭବିଷ୍ୟଦ୍‌ବକ୍ତା
ଯିଶାଇୟଙ୍କ ଦର୍ଶନ ପୁସ୍ତକ ଓ "ଯିହୁଦା ଓ ଇଶ୍ରାୟେଲର
ରାଜାମାନଙ୍କ ପୁସ୍ତକ"ରେ ଲେଖା ଯାଇଅଛି। 33ହିଜକିୟ
ମୃତ୍ୟୁବରଣ କଲେ ଓ ତାଙ୍କର ପୂର୍ବପୁରୁଷମାନଙ୍କ ସହିତ
କବରପ୍ରାପ୍ତ ହେଲେ। ଦାଉଦଙ୍କ ପୁତ୍ରମାନଙ୍କର କବର ଯେଉଁ
ପର୍ବତ ଉପରେ ଥିଲା, ଲୋକମାନେ ହିଜକିୟଙ୍କୁ ସେହିଠାରେ
କବର ଦେଲେ। ହିଜକିୟ ମୃତ୍ୟୁବରଣ କଲାପରେ ଯିହୁଦା ଓ
ଯିରୁଶାଲମରେ ବାସ କରୁଥିବା ସମସ୍ତ ଲୋକ ତାହାଙ୍କୁ ସମ୍ମାନ
ଦେଖାଇଲେ। ମନଃଶି ହିଜକିୟଙ୍କ ସ୍ଥାନରେ ନୂତନ ରାଜା
ହେଲେ। ମନଃଶି ହିଜକିୟଙ୍କ ପୁତ୍ର ଥିଲେ।

## ଯିହୁଦାର ରାଜା ମନଃଶି

33 ମନଃଶି ଯିହୁଦାର ରାଜା ହେବା ସମୟରେ ବାରବର୍ଷ
ବୟସ୍କ ଥିଲେ। ସେ ଯିରୁଶାଲମରେ ପଞ୍ଚାବନ ବର୍ଷ
ପର୍ଯ୍ୟନ୍ତ ରାଜା ହୋଇ ରହିଲେ। 2ଯେଉଁ ବିଷୟଗୁଡ଼ିକ କରିବା
ଭୁଲ୍ ବୋଲି ସଦାପ୍ରଭୁ କହିଥିଲେ, ମନଃଶି ସେହିସବୁ କାର୍ଯ୍ୟ
କଲେ। ସଦାପ୍ରଭୁ ଯେଉଁ ଦେଶଗୁଡ଼ିକୁ ଇଶ୍ରାୟେଲର ଲୋକମାନଙ୍କ

ସମ୍ମୁଖରୁ ବଳପୂର୍ବକ ବାହାର କରି ଦେଇଥିଲେ, ମନଃଶି
ସେହି ଦେଶବାସୀମାନଙ୍କର ଭୟାନକ ଓ ପାପପୂର୍ଣ୍ଣ ପଥରେ
ଅନୁଗମନ କଲେ। **3**ମନଃଶି ପୁନର୍ବାର ଉଚ୍ଚସ୍ଥାନ ସବୁ ନିର୍ମାଣ
କଲେ, ଯେଉଁଗୁଡ଼ିକୁ ତାଙ୍କର ପିତା ହିଜକିୟ ଭାଙ୍ଗି ଦେଇଥିଲେ,
ମନଃଶି ବାଲ୍ ଦେବତାଗୁଡ଼ିକ ପାଇଁ ଯଜ୍ଞବେଦୀସବୁ ଓ
ଆଶେରା ସ୍ତମ୍ଭମାନ ନିର୍ମାଣ କଲେ। ସେ ତାରାଗଣଙ୍କ ସମ୍ମୁଖରେ
ମସ୍ତକ ଅବନତ କଲେ ଓ ସେହି ଦଳର ତାରକାଗୁଡ଼ିକୁ ପୂଜା
କଲେ। **4**ମନଃଶି ସଦାପ୍ରଭୁଙ୍କ ମନ୍ଦିରରେ ଯଜ୍ଞବେଦୀମାନ
ନିର୍ମାଣ କଲେ। ସଦାପ୍ରଭୁ ଏହି ମନ୍ଦିର ବିଷୟରେ ଏହା
କହିଲେ, "ଯିରୁଶାଲମରେ ଆମ୍ଭ ନାମ ଚିରକାଳ ରହିବ।"
**5**ସଦାପ୍ରଭୁଙ୍କ ମନ୍ଦିରର ଦୁଇଟି ପ୍ରାଙ୍ଗଣରେ ମନଃଶି ସମସ୍ତ
ଦଳର ତାରାଗଣଙ୍କ ନିମନ୍ତେ ଯଜ୍ଞବେଦୀ ସବୁ ନିର୍ମାଣ କଲେ।
**6**ମନଃଶି ମଧ୍ୟ ନିଜ ପୁତ୍ରକୁ ବେନ୍-ହିନ୍ନୋମ ଉପତ୍ୟକାରେ
ବଳିରୂପେ ଜ୍ୱଳାଇଲେ। ମନଃଶି କୁହୁକ ବିଦ୍ୟା, ଭବିଷ୍ୟତ
କହିବା ଓ ଅଲୌକିକ କାର୍ଯ୍ୟ କଲେ ଏବଂ ସେ ମଧ୍ୟ
ଯାଦୁବିଦ୍ୟା କଲେ। ସେ ଭୂତୁଡ଼ିଆ ଓ ଗୁଣିଆମାନଙ୍କ ସହିତ
କଥାବାର୍ତ୍ତା କଲେ, ସଦାପ୍ରଭୁ ଯେଉଁ କର୍ମକୁ କୁକର୍ମ ବୋଲି
କହିଥିଲେ, ମନଃଶି ସେହିପରି ଅନେକ କର୍ମ କଲେ, ଆଉ
ଏହା ସଦାପ୍ରଭୁଙ୍କୁ ବହୁତ କ୍ରୋଧାନ୍ୱିତ କଲା। **7**ମନଃଶି ଆହୁରି
ମଧ୍ୟ ଏକ ଦେବତାର ମୂର୍ତ୍ତି ନିର୍ମାଣ କଲେ ଓ ତାହାକୁ
ପରମେଶ୍ୱରଙ୍କ ମନ୍ଦିର ମଧ୍ୟରେ ରଖିଲେ–ସେହି ମନ୍ଦିର, ଯାହା
ବିଷୟରେ ପରମେଶ୍ୱର ଦାଉଦ ଓ ତାଙ୍କ ପୁତ୍ର ଶଲୋମନଙ୍କୁ
କହିଥିଲେ। ପରମେଶ୍ୱର କହିଥିଲେ, "ମୁଁ ଏହି ଗୃହରେ ଓ
ଯିରୁଶାଲମରେ ମୋର ନାମ ସ୍ଥାପନ କରିବି, ଯାହା ମୁଁ
ଇଶ୍ରାୟେଲ ସମସ୍ତ ପରିବାରବର୍ଗଙ୍କ ମଧ୍ୟରେ ମନୋନୀତ
କରିଅଛି। ଆଉ ଆମ୍ଭ ନାମ ସେଠାରେ ଚିରକାଳ ନିମନ୍ତେ
ରହିବ। **8**ଆମ୍ଭେ ଇଶ୍ରାୟେଲକୁ ସେହି ଭୂମିରୁ ବାହାର କରିବା
ନାହିଁ, ଯାହା ଆମ୍ଭେ ସେମାନଙ୍କର ପୂର୍ବପୁରୁଷମାନଙ୍କୁ
ଦେବାପାଇଁ ପ୍ରତିଜ୍ଞା କରିଛୁ। କିନ୍ତୁ ସେମାନଙ୍କୁ ସେହି ସମସ୍ତ
ଆଜ୍ଞା, ବ୍ୟବସ୍ଥା, ବିଧି ଓ ବିଧାନ ପାଳନ କରିବାକୁ ପଡ଼ିବ।
ଯାହାକି ଆମ୍ଭେ ସେମାନଙ୍କୁ ମୋଶାଙ୍କ ମାଧ୍ୟମରେ
ଦେଇଥିଲୁ।"

**9**ମନଃଶି ଯିହୁଦାର ଲୋକ ଓ ଯିରୁଶାଲମରେ ବାସ
କରୁଥିବା ଲୋକମାନଙ୍କୁ ମନ୍ଦ କାର୍ଯ୍ୟ କରିବା ନିମନ୍ତେ
ଉତ୍ସାହିତ କଲେ। ଇଶ୍ରାୟେଲୀୟମାନଙ୍କ ପୂର୍ବରେ ଦେଶରେ
ଯେଉଁ ଜାତିଗଣ ଥିଲେ, ସେମାନଙ୍କଠାରୁ ଏହି ଲୋକମାନେ
ଆହୁରି ଅଧିକ ମନ୍ଦ ହେଲେ–ଆଉ ସଦାପ୍ରଭୁ ସେହି ଅନ୍ୟ
ଜାତୀୟମାନଙ୍କୁ ବିନଷ୍ଟ କରିଥିଲେ।

**10**ସଦାପ୍ରଭୁ ମନଃଶିଙ୍କୁ ଓ ତାଙ୍କର ଲୋକମାନଙ୍କୁ କଥା
କହିଲେ, ମାତ୍ର ସେମାନେ ତାଙ୍କର କଥା ଶୁଣିଲେ ନାହିଁ।
**11**ତେଣୁ ସଦାପ୍ରଭୁ ସୈନ୍ୟବାହିନୀର ସେନାପତିଙ୍କୁ ଆଣିଲେ,
ଯିଏକି ଅଶୂରର ରାଜାର ସେବା କରୁଥିଲେ ଏବଂ ସେମାନେ
ଯିହୁଦାକୁ ଆକ୍ରମଣ କଲେ। ସେହି ସେନାପତିମାନେ
ମନଃଶିଙ୍କୁ ଧରିଲେ ଓ ତାଙ୍କୁ ବନ୍ଦୀ କରିନେଲେ। ସେମାନେ
ତାଙ୍କ ଶରୀରରେ ଆଙ୍କୁଡ଼ି ଲଗାଇଲେ ଓ ତାଙ୍କ ହାତରେ
ପିତ୍ତଳର ଜଞ୍ଜିର ପିନ୍ଧାଇଲେ ଓ ତାଙ୍କୁ ବାବିଲ ଦେଶକୁ
ନେଇଗଲେ।

**12**ତାଙ୍କ ଉପରକୁ ଯେତେବେଳେ ଏହିସବୁ ବିପଦ ଆସିଲା,
ମନଃଶି ସଦାପ୍ରଭୁ ତାଙ୍କର ପରମେଶ୍ୱରଙ୍କଠାରୁ ସାହାଯ୍ୟ
ଲୋଡ଼ିଲେ। ମନଃଶି ନିଜକୁ ତାଙ୍କର ପୂର୍ବପୁରୁଷମାନଙ୍କର
ପରମେଶ୍ୱରଙ୍କ ସମ୍ମୁଖରେ ନମ୍ର କଲେ। **13**ମନଃଶି ପରମେଶ୍ୱରଙ୍କ
ନିକଟରେ ପ୍ରାର୍ଥନା କଲେ ଓ ତାଙ୍କୁ ସାହାଯ୍ୟ କରିବା
ନିମନ୍ତେ ପରମେଶ୍ୱରଙ୍କୁ ଅନୁରୋଧ କରିବାକୁ ଲାଗିଲେ।
ସଦାପ୍ରଭୁ ମନଃଶିଙ୍କ ପ୍ରାର୍ଥନା ଶୁଣିଲେ ଓ ତାଙ୍କୁ ଦୟା କଲେ।
ସଦାପ୍ରଭୁ ତାଙ୍କୁ ଯିରୁଶାଲମକୁ ଓ ତାଙ୍କ ସିଂହାସନକୁ ଫେରାଇ
ଆଣିଲେ। ଏହାପରେ ମନଃଶି ଜାଣିଲେ ଯେ, ସଦାପ୍ରଭୁ
ପରମେଶ୍ୱର ହିଁ ସତ୍ୟ ଅଟନ୍ତି।

**14**ଏହି ସମସ୍ତ ଘଟିଲା ପରେ, ମନଃଶି ଦାଉଦଙ୍କ ନଗର
ବାହାରେ ଏକ ପ୍ରାଚୀର ନିର୍ମାଣ କଲେ। ଏହି ପ୍ରାଚୀର
ଉପତ୍ୟକାରେ ଥିଲା ଏବଂ ଗୀହୋନ ଝରଣାର ପଶ୍ଚିମ ପାର୍ଶ୍ୱରୁ
ମତ୍ସ୍ୟ ଦ୍ୱାରର ପ୍ରବେଶପଥ ପର୍ଯ୍ୟନ୍ତ, ଓଫଲ ପର୍ବତର
ଚତୁର୍ଦ୍ଦିଗରେ ବେଷ୍ଟନ କରି ରହିଥିଲା। ସେ ସେହି ପ୍ରାଚୀରକୁ
ଅତି ଉଚ୍ଚ କଲେ। ଏହାପରେ ଯିହୁଦାର ସବୁ ଦୁର୍ଗଗୁଡ଼ିକରେ
ପଦାଧିକାରୀମାନଙ୍କୁ ସ୍ଥାପନ କଲେ। **15**ମନଃଶି ଅଦ୍ଭୁତ ଦେବତା
ମୂର୍ତ୍ତିଗୁଡ଼ିକୁ ବାହାର କରିଦେଲେ। ସେ ସଦାପ୍ରଭୁଙ୍କ ମନ୍ଦିରରୁ
ମୂର୍ତ୍ତିକୁ ବାହାର କରିଦେଲେ। ସେ ମନ୍ଦିର ଥିବା ପର୍ବତ ଓ
ଯିରୁଶାଲମରେ ଯେଉଁସବୁ ଯଜ୍ଞବେଦୀ ନିର୍ମାଣ କରିଥିଲେ,
ସେଗୁଡ଼ିକୁ ନଷ୍ଟ କରିଦେଲେ। ମନଃଶି ସେହିସବୁ ବେଦୀକୁ
ଯିରୁଶାଲମ ନଗର ବାହାରେ ଫିଙ୍ଗି ଦେଲେ। **16**ଏହାପରେ
ସେ ସଦାପ୍ରଭୁଙ୍କ ଯଜ୍ଞବେଦୀକୁ ସ୍ଥାପନ କଲେ ଓ ତାହା
ଉପରେ ମଙ୍ଗଳାର୍ଥକ ବଳି ଓ ଧନ୍ୟବାଦର ବଳି ଉତ୍ସର୍ଗ
କଲେ। ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱରଙ୍କର ସେବା
କରିବାକୁ ମନଃଶି ଯିହୁଦାର ସମସ୍ତ ଲୋକଙ୍କୁ ଆଦେଶ
ଦେଲେ। **17**ଲୋକମାନେ ଉଚ୍ଚସ୍ଥାନମାନଙ୍କରେ ବଳି ଉତ୍ସର୍ଗ
କରିବାକୁ ଲାଗିଲେ। କିନ୍ତୁ ସେମାନେ କେବଳ ସଦାପ୍ରଭୁ
ସେମାନଙ୍କର ପରମେଶ୍ୱରଙ୍କ ନିକଟରେ ସେହି ବଳି ଉତ୍ସର୍ଗ
କରୁଥିଲେ।

**18**ମନଃଶି ଅନ୍ୟ ଯେଉଁ ସମସ୍ତ କର୍ମ କରିଥିଲେ ଓ
ପରମେଶ୍ୱରଙ୍କ ନିକଟରେ ଯେଉଁ ପ୍ରାର୍ଥନା କରିଥିଲେ ଏବଂ
ଭବିଷ୍ୟତ୍‌ବକ୍ତାମାନେ ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱରଙ୍କ
ନାମରେ ତାଙ୍କୁ ଯେଉଁ ସମସ୍ତ କଥା କହିଥିଲେ, ସେହିସବୁ
"ଇଶ୍ରାୟେଲର ରାଜାମାନଙ୍କ ପୁସ୍ତକ"ରେ ଲିପିବଦ୍ଧ ହୋଇ
ରହିଅଛି। **19**ମନଃଶିଙ୍କ ପ୍ରାର୍ଥନା ଓ ପରମେଶ୍ୱର କିପରି
ତାଙ୍କର ପ୍ରାର୍ଥନା ଶୁଣିଲେ ଓ ତାଙ୍କ ନିମନ୍ତେ ଦୁଃଖିତ ହେଲେ,
ତାହା 'ଭବିଷ୍ୟତ୍‌ବକ୍ତାମାନଙ୍କ ପୁସ୍ତକ'ରେ ଲେଖାଯାଇଅଛି।
ମନଃଶିର ସମସ୍ତ ପାପ ଓ ମନ୍ଦକର୍ମ ଏବଂ ସେହି ଉଚ୍ଚସ୍ଥାନଗୁଡିକ
ଯାହା ସେ ନିର୍ମାଣ କରିଥିଲେ, ଆଶେରା ସ୍ତମ୍ଭମାନ ଏବଂ
ମୂର୍ତ୍ତିଗୁଡିକ ଯାହା ସେ ପୂର୍ବରୁ ସ୍ଥାପନ କରିଥିଲେ ଓ ସମ୍ମାନ
କରିଥିଲେ, ସେହିସବୁ "ଭବିଷ୍ୟତ୍‌ବକ୍ତାମାନଙ୍କ ପୁସ୍ତକ"ରେ
ଲେଖାଯାଇଅଛି। **20**ଏହାପରେ ମନଃଶି ମୃତ୍ୟୁଭୋଗ କଲେ ଓ
ତାଙ୍କର ପୂର୍ବପୁରୁଷମାନଙ୍କ ସହିତ କବରପ୍ରାପ୍ତ ହେଲେ।
ଲୋକମାନେ ମନଃଶିଙ୍କୁ ତାଙ୍କର ନିଜ ରାଜଗୃହରେ କବର
ଦେଲେ। ଆମୋନ୍ ମନଃଶିଙ୍କ ସ୍ଥାନରେ ନୂତନରାଜା ହେଲେ।
ଆମୋନ୍ ମନଃଶିଙ୍କ ପୁତ୍ର ଥିଲେ।

### ଯିହୁଦାର ରାଜା ଆମୋନ୍

21ଆମୋନ୍ ଯିହୁଦାର ରାଜା ହେବା ସମୟରେ ବାଇଶ
ବର୍ଷ ବୟସ୍କ ହୋଇଥିଲେ। ସେ ଯିରୁଶାଲମରେ ଦୁଇବର୍ଷ
ପର୍ଯ୍ୟନ୍ତ ରାଜା ହୋଇଥିଲେ। 22ସଦାପ୍ରଭୁ ଯାହା ମନ୍ଦକାର୍ଯ୍ୟ
ରୂପେ ବିବେଚନା କରନ୍ତି ଆମୋନ୍ ସେସବୁ କଲେ, ଠିକ୍
ତାଙ୍କ ପିତା ମନଃଶି ଯାହା କରିଥିଲେ। ଆମୋନ୍ ସମସ୍ତ
ଖୋଦିତ ମୂର୍ତ୍ତି ଓ ପ୍ରତିମା ନିମନ୍ତେ ବଳି ଉତ୍ସର୍ଗ କଲେ,
ଯେଉଁଗୁଡ଼ିକୁ ତାଙ୍କର ପିତା ମନଃଶି ନିର୍ମାଣ କରିଥିଲେ।
23ଆମୋନ୍ ତାଙ୍କର ପିତା ମନଃଶିଙ୍କ ପରି ସଦାପ୍ରଭୁଙ୍କ
ସମ୍ମୁଖରେ ନିଜକୁ ନମ୍ର କଲେ ନାହିଁ। କିନ୍ତୁ ଆମୋନ୍ ଆହୁରି
ଅଧିକରୁ ଅଧିକ ପାପ କଲେ। 24ଆମୋନ୍‌ଙ୍କ ଭୃତ୍ୟମାନେ
ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କଲେ। ସେମାନେ ଆମୋନ୍‌ଙ୍କୁ
ତାଙ୍କର ନିଜ ଗୃହରେ ହତ୍ୟା କଲେ। 25କିନ୍ତୁ ଯେଉଁ
ଭୃତ୍ୟମାନେ ରାଜା ଆମୋନ୍‌ଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିଥିଲେ,
ଯିହୁଦାର ଲୋକମାନେ ସେମାନଙ୍କୁ ହତ୍ୟା କଲେ। ଏହାପରେ
ଲୋକମାନେ ଯୋଶିୟଙ୍କୁ ନୂତନ ରାଜା ରୂପେ ମନୋନୀତ
କଲେ। ଯୋଶିୟ ଆମୋନ୍‌ଙ୍କ ପୁତ୍ର ଥିଲେ।

### ଯିହୁଦାର ରାଜା ଯୋଶିୟ

34 ଯୋଶିୟ ରାଜା ହେବା ସମୟରେ ଆଠ ବର୍ଷ
ବୟସ୍କ ହୋଇଥିଲେ। ସେ ଯିରୁଶାଲମରେ ଏକତିରିଶ
ବର୍ଷ ପର୍ଯ୍ୟନ୍ତ ରାଜା ହୋଇଥିଲେ। 2ଯୋଶିୟ ଯଥାର୍ଥ କର୍ମ
କଲେ। ସେ ସଦାପ୍ରଭୁଙ୍କ ଇଚ୍ଛାନୁଯାୟୀ କାର୍ଯ୍ୟ କଲେ। ସେ
ତାଙ୍କର ପୂର୍ବପୁରୁଷ ଦାଉଦଙ୍କ ପରି ଉତ୍ତମ କାର୍ଯ୍ୟମାନ
କଲେ। ଯୋଶିୟ ଉତ୍ତମକର୍ମ କରିବାରୁ କ୍ଷାନ୍ତ ହେଲେ ନାହିଁ।
3ଯୋଶିୟ ପରମେଶ୍ୱରଙ୍କର ଇଚ୍ଛା ଅନୁସରଣ କରିବାକୁ ଲାଗିଲେ,
ଯାହାଙ୍କୁ ତାଙ୍କର ପୂର୍ବପୁରୁଷ ଦାଉଦ ତାଙ୍କ ରାଜତ୍ୱର ଅଷ୍ଟମ
ବର୍ଷରେ ଅନୁସରଣ କରିଥିଲେ। ଯୋଶିୟ ପରମେଶ୍ୱରଙ୍କୁ
ଅନୁସରଣ କରିବାକୁ ଆରମ୍ଭ କରିବା ସମୟରେ ତଥାପି
ଅଳ୍ପବୟସ୍କ ଥିଲେ। ଯୋଶିୟଙ୍କ ରାଜତ୍ୱର ଦ୍ୱାଦଶ ବର୍ଷରେ ସେ
ଯିହୁଦା ଓ ଯିରୁଶାଲମରେ ଥିବା ଉଚ୍ଚସ୍ଥାନ, ଆଶେରା ସ୍ତମ୍ଭ,
ଖୋଦିତ ପ୍ରତିମା ଓ ଛାଞ୍ଚରେ ଢ଼ଳା ମୂର୍ତ୍ତିସବୁକୁ ବିନଷ୍ଟ
କଲେ। 4ଲୋକମାନେ ବାଲ୍ ଦେବତାର ଯଜ୍ଞବେଦୀ ସବୁ
ଭାଙ୍ଗି ପକାଇଲେ। ସେମାନେ ଯୋଶିୟଙ୍କ ଉପସ୍ଥିତିରେ ଏହା
କଲେ। ଏହାପରେ ଯୋଶିୟ ଲୋକମାନଙ୍କ ସମ୍ମୁଖରେ ଦଣ୍ଡାୟମାନ
ଉଚ୍ଚ ସୁଗନ୍ଧିଧୂପର ଯଜ୍ଞବେଦୀ ଭାଙ୍ଗି ପକାଇଲେ। ସେ
ଖୋଦିତ ମୂର୍ତ୍ତି ସବୁ ଓ ଛାଞ୍ଚରେ ଢଳା ମୂର୍ତ୍ତିସବୁ ଭାଙ୍ଗି
ପକାଇଲେ। ସେ ସେହି ମୂର୍ତ୍ତିଗୁଡ଼ିକୁ ଭାଙ୍ଗି ଧୂଳିରେ ପରିଣତ
କରିଦେଲେ। ଏହାପରେ ଯେଉଁ ଲୋକମାନେ ମୂର୍ତ୍ତିଗୁଡିକ
ସମ୍ମୁଖରେ ବଳି ଉତ୍ସର୍ଗ କରିଥିଲେ, ଯୋଶିୟ ସେମାନଙ୍କ
କବର ଉପରେ ସେହି ଗୁଣ୍ଡକୁ ସିଞ୍ଚିଲେ। 5ଯୋଶିୟ ଯାଜକମାନଙ୍କ
ନିଜ ଯଜ୍ଞବେଦୀ ଉପରେ ସେମାନଙ୍କର ହାଡ଼କୁ ମଧ୍ୟ
ଜ୍ୱଳାଇଲେ। ଏହି ପ୍ରକାରେ ଯୋଶିୟ ଯିହୁଦା ଓ ଯିରୁଶାଲମକୁ
ପବିତ୍ର କଲେ। 6ଯୋଶିୟ, ମନଃଶି, ଇଫ୍ରୟିମ୍, ଶିମିୟୋନ ଓ
ନପ୍ତାଲି ପର୍ଯ୍ୟନ୍ତ ଅଞ୍ଚଳର ସମସ୍ତ ସହରରେ ଏହିପରି କଲେ।
ସେ ସେହି ସହରଗୁଡ଼ିକର ନିକଟରେ ଥିବା ଭଗ୍ନାବଶେଷ
ପ୍ରତି ମଧ୍ୟ ସେହିରୂପ କଲେ। 7ଯୋଶିୟ ଯଜ୍ଞବେଦୀ ଓ
ଆଶେରା ସ୍ତମ୍ଭସବୁ ଭାଙ୍ଗି ପକାଇଲେ। ସେ ମୂର୍ତ୍ତିଗୁଡ଼ିକୁ ଭାଙ୍ଗି
ଧୂଳିରେ ପରିଣତ କରିଦେଲେ। ସେ ଇଶ୍ରାୟେଲର ସାରା
ଦେଶରେ ସମସ୍ତ ସୁଗନ୍ଧିବେଦୀ ଭାଙ୍ଗି ପକାଇଲେ। ଏହାପରେ
ଯୋଶିୟ ଯିରୁଶାଲମକୁ ଫେରିଗଲେ।
8ତାଙ୍କର ରାଜତ୍ୱର ଅଷ୍ଟାଦଶ ବର୍ଷରେ ସେ ସବୁ ସ୍ଥାନ ଓ
ମନ୍ଦିର ପବିତ୍ର କଲାପରେ, ଯୋଶିୟ, ଶାଫନ୍, ମାସେୟ ଏବଂ
ଯୋୟାହଙ୍କୁ ସଦାପ୍ରଭୁ ପରମେଶ୍ୱରଙ୍କର ମନ୍ଦିର ମରାମତି ପାଇଁ
ପଠାଇଲେ। ଶାଫାନ୍‌ଙ୍କ ପିତାଙ୍କର ନାମ ଥିଲା ଅତ୍ସଲୟ।
ମାସେୟ ନଗରର ନେତା ଥିଲେ ଓ ଯୋୟାହଙ୍କ ପିତାଙ୍କର
ନାମ ଥିଲା ଯୋୟାହସ। ଯୋୟାହ ବିବରଣ ରକ୍ଷକ ଥିଲେ।
9ସେହି ଲୋକମାନେ ପ୍ରଧାନ ଯାଜକ ହିଲ୍‌କିୟଙ୍କ ନିକଟକୁ
ଆସିଲେ ଓ ଲୋକମାନେ ମନ୍ଦିର ନିମନ୍ତେ ଦେଇଥିବା ଟଙ୍କା
ତାଙ୍କୁ ଦେଲେ। ଲେବୀୟ ଦ୍ୱାରପାଳଗଣ ମନଃଶି, ଇଫ୍ରୟିମ
ଓ ଇଶ୍ରାୟେଲର ଅବଶିଷ୍ଟ ଲୋକମାନଙ୍କଠାରୁ ଟଙ୍କା ସଂଗ୍ରହ
କରିଥିଲେ। ସେମାନେ ଯିହୁଦା, ବିନ୍ୟାମୀନ ଓ ଯିରୁଶାଲମରେ
ବାସ କରୁଥିବା ସମସ୍ତ ଲୋକଙ୍କଠାରୁ ମଧ୍ୟ ଏହି ଟଙ୍କା ସଂଗ୍ରହ
କରିଥିଲେ। 10ଏହାପରେ ଲେବୀୟମାନେ ସଦାପ୍ରଭୁଙ୍କ ମନ୍ଦିରର
ତଦାରଖ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ମଜୁରୀ ଦେଲେ।
ଆଉ ତଦାରଖକାରୀମାନେ ସଦାପ୍ରଭୁଙ୍କ ମନ୍ଦିର ମରାମତି
କରୁଥିବା ଶ୍ରମିକମାନଙ୍କୁ ମଜୁରୀ ଦେଲେ। 11କାଟା ହୋଇଥିବା
ବର୍ଗାକାର ପ୍ରସ୍ତର ଓ କାଠ କଣିକା ନିମନ୍ତେ ସେମାନେ
ବଢ଼େଇ ଓ ଗୃହ ନିର୍ମାଣକାରୀମାନଙ୍କୁ ଟଙ୍କା ଦେଲେ। ଗୃହର
ପୁନଃନିର୍ମାଣ ଓ ଗୃହର କଡ଼ି ନିର୍ମାଣ କରିବା ନିମନ୍ତେ ଏହି
କାଠ ବ୍ୟବହୃତ ହେଲା। ଅତୀତରେ ଯିହୁଦାର ରାଜାମାନେ
ମନ୍ଦିରର ଅଟ୍ଟାଳିକା ଯତ୍ନ ନେଇ ନ ଥିଲେ। ସେହି
ଅଟ୍ଟାଳିକାଗୁଡ଼ିକ ପୁରାତନ ଓ ଭଗ୍ନପ୍ରାୟ ହୋଇଯାଇ ଥିଲା।
12-13ଲୋକମାନେ ଅତି ବିଶ୍ୱସ୍ତଭାବରେ କାର୍ଯ୍ୟ କରୁଥିଲେ।
ସେମାନଙ୍କର ତଦାରଖକାରୀମାନେ ଥିଲେ ଯହତ୍ ଓ ଓବଦିୟ।
ଯହତ୍ ଓ ଓବଦିୟ ଲେବୀୟ ଓ ମରାରିଙ୍କ ବଂଶଧର ଥିଲେ।
ଅନ୍ୟ ତଦାରଖକାରୀମାନେ ଥିଲେ ଜିଖରିୟ ଓ ମଶୁଲ୍ଲମ୍।
ସେମାନେ କହାତ୍ ବଂଶର ଥିଲେ। ଯେଉଁ ଲେବୀୟମାନେ
ବାଦ୍ୟଯନ୍ତ୍ର ସବୁ ବଜାଇବାରେ ନିପୁଣ ଥିଲେ, ସେହିମାନେ
ମଧ୍ୟ ଶ୍ରମିକ ଓ ଅନ୍ୟ କାର୍ଯ୍ୟକାରୀମାନଙ୍କର କାର୍ଯ୍ୟ ତଦାରଖ
କଲେ। କିଛି ଲେବୀୟ ସଚିବ ଓ କାର୍ଯ୍ୟାଧିକାରୀ ଦ୍ୱାରପାଳରୂପେ
କାର୍ଯ୍ୟ କଲେ।

### ବ୍ୟବସ୍ଥା ନିୟମର ପୁସ୍ତକ ମିଳିଲା

14ଲେବୀୟମାନେ ସଦାପ୍ରଭୁଙ୍କ ମନ୍ଦିରରେ ଥିବା ଟଙ୍କାକୁ
ବାହାର କରୁଥିଲେ। ଆଉ ସେହି ସମୟରେ ହିଲ୍‌କିୟ ଯାଜକ
ମୋଶାଙ୍କ ଦ୍ୱାରା ପ୍ରଦତ୍ତ ସଦାପ୍ରଭୁଙ୍କ ବ୍ୟବସ୍ଥା ନିୟମ ପୁସ୍ତକଟି
ପାଇଲେ। 15ହିଲ୍‌କିୟ ସଚିବ ଶାଫନ୍‌ଙ୍କୁ କହିଲେ, "ମୁଁ
ସଦାପ୍ରଭୁଙ୍କ ଗୃହରେ ବ୍ୟବସ୍ଥା ନିୟମ ପୁସ୍ତକଟି ପାଇଅଛି!"
ହିଲ୍‌କିୟ ଶାଫନଙ୍କୁ ସେହି ପୁସ୍ତକଟି ଦେଲେ। 16ଶାଫନ୍
ସେହି ପୁସ୍ତକକୁ ରାଜା ଯୋଶିୟଙ୍କ ନିକଟକୁ ଆଣିଲେ।
ଶାଫନ୍ ରାଜାଙ୍କୁ କହିଲେ, "ତୁମ୍ଭେ ତୁମ୍ଭର ଭୃତ୍ୟମାନଙ୍କୁ ଯାହା
କରିବାକୁ କହିଅଛ, ତାହା ସେମାନେ କରୁଛନ୍ତି। 17ସେମାନେ
ସଦାପ୍ରଭୁଙ୍କ ମନ୍ଦିର ମଧ୍ୟରେ ଥିବା ଟଙ୍କା ଆଣି ତଦାରଖକାରୀ

ଓ ଶ୍ରମିକମାନଙ୍କୁ ପଇଠ କରିଛନ୍ତି।" 18ଏହାପରେ ଶାଫନ୍
ଯିଏକି ସମ୍ପାଦକ, ରାଜା ଯୋଶିୟଙ୍କୁ କହିଲେ, "ଯାଜକ
ହିଲ୍‌କିୟ ମୋତେ ଏକ ପୁସ୍ତକ ଦେଇଛନ୍ତି।" ଏହାପରେ
ଶାଫନ୍ ସେହି ପୁସ୍ତକ ପାଠ କରି ରାଜାଙ୍କୁ ଶୁଣାଇଲେ।
19ରାଜା ଯୋଶିୟ ଯେତେବେଳେ ବ୍ୟବସ୍ଥା ନିୟମର ବାକ୍ୟଗୁଡ଼ିକ
ପଢ଼ାଯିବାର ଶୁଣିଲେ, ସେ ଦୁଃଖ ପ୍ରକାଶ କରିବାକୁ ନିଜର
ବସ୍ତ୍ରକୁ ଚିରି ପକାଇଲେ। 20ଏହାପରେ ରାଜା ହିଲ୍‌କିୟ,
ଶାଫନ୍‌ଙ୍କର ପୁତ୍ର ଅହୀକାମ୍, ମୀଖାୟଙ୍କର ପୁତ୍ର ଅବ୍‌ଦୋନ,
ସଚିବ ଶାଫନ୍ ଓ ଭୃତ୍ୟ ଆସାୟଙ୍କୁ ଏକ ଆଦେଶ ଦେଲେ।
ରାଜା କହିଲେ, 21"ଯାଅ, ମୋ' ତରଫରୁ ଓ ଯିହୁଦା ଏବଂ
ଇଶ୍ରାୟେଲରେ ଅବଶିଷ୍ଟ ଲୋକଙ୍କ ତରଫରୁ ସଦାପ୍ରଭୁଙ୍କୁ
ପଚାର। ଯେଉଁ ପୁସ୍ତକ ମିଳିଅଛି, ସେଥିରେ ଥିବା ବାକ୍ୟ
ସମ୍ବନ୍ଧରେ ସଦାପ୍ରଭୁଙ୍କୁ ପଚାର। ସଦାପ୍ରଭୁ ଆମ୍ଭମାନଙ୍କ ପ୍ରତି
ଅତ୍ୟନ୍ତ କ୍ରୋଧ କରିଅଛନ୍ତି, କାରଣ ଆମ୍ଭମାନଙ୍କର
ପୂର୍ବପୁରୁଷମାନେ ସଦାପ୍ରଭୁଙ୍କ ବାକ୍ୟ ମାନିଲେ ନାହିଁ। ଏହି
ପୁସ୍ତକରେ ଯେଉଁସବୁ ବିଷୟ ଉଲ୍ଲେଖ ହୋଇଅଛି, ତାହା
ସେମାନେ କଲେ ନାହିଁ।"

22ହିଲ୍‌କିୟ ଓ ରାଜାଙ୍କର ସେବକମାନେ ଭବିଷ୍ୟତ୍‌ବକ୍ତ୍ରୀ
ହୁଲ୍‌ଦାଙ୍କ ନିକଟକୁ ଗଲେ। ହୁଲ୍‌ଦା ଶଲ୍ଲୁମଙ୍କ ପତ୍ନୀ ଥିଲେ।
ଶଲ୍ଲୁମ୍ ତୋଖତ୍‌ଙ୍କ ପୁତ୍ର ଥିଲେ। ତୋଖତ୍ ହସ୍ରଙ୍କ ପୁତ୍ର
ଥିଲେ। ଶଲ୍ଲୁମ ରାଜାଙ୍କ ବସ୍ତ୍ର ତତ୍ତ୍ୱାବଧାରକ ଥିଲେ। ହୁଲ୍‌ଦା
ଯିରୁଶାଲମର ଦ୍ୱିତୀୟ ମହଲାରେ ବାସ କରୁଥିଲେ। ହିଲ୍‌କିୟ
ଓ ରାଜାଙ୍କ ସେବକଗଣ ହୁଲ୍‌ଦାଙ୍କୁ ସମସ୍ତ ଘଟଣା ଜଣାଇଲେ।
23ହୁଲ୍‌ଦା ସେମାନଙ୍କୁ କହିଲେ, "ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱର କହନ୍ତି: ସେହି ଲୋକଙ୍କୁ କୁହ, ଯିଏ ତୁମ୍ଭକୁ
ମୋ ପାଖକୁ ପଠାଇଥିଲେ। 24ସଦାପ୍ରଭୁ ଏହିକଥା କହନ୍ତି,
'ଆମ୍ଭେ ଏହି ସ୍ଥାନକୁ ଓ ଏହଠାରେ ବାସ କରୁଥିବା ଲୋକଙ୍କ
ନିମନ୍ତେ ବିପଦ ଆଣିବା। ଯିହୁଦାର ରାଜାଙ୍କ ସମ୍ମୁଖରେ ଏହି
ପୁସ୍ତକରୁ ଯେଉଁ ସବୁ ବିଷୟ ପାଠ କରାଗଲା, ଆମ୍ଭେ ସେହି
ସମସ୍ତ ଭୟଙ୍କର ବିଷୟ ଘଟାଇବା। 25ଆମ୍ଭେ ଏହା କରିବା,
କାରଣ ଲୋକମାନେ ଆମ୍ଭଙ୍କୁ ପରିତ୍ୟାଗ କରିଅଛନ୍ତି ଓ ଅନ୍ୟ
ଦେବତାଗଣଙ୍କ ନିକଟରେ ସୁଗନ୍ଧିଧୂପ ଜାଳିଛନ୍ତି। ସେହି
ଲୋକମାନେ ଯେଉଁସବୁ ମନ୍ଦକର୍ମମାନ କରିଛନ୍ତି, ତଦ୍ୱାରା
ଆମ୍ଭଙ୍କୁ କ୍ରୋଧାନ୍ୱିତ କରିଛନ୍ତି। ତେଣୁ ଆମ୍ଭେ ଏହି ସ୍ଥାନ
ଉପରେ ଆମ୍ଭକୁମୋର ନିର୍ବାପିତ ହୋଇ ପାରୁନଥିବା ଅଗ୍ନିପରି
କ୍ରୋଧ ଢାଳିବା।'

26"କିନ୍ତୁ ଯିହୁଦାର ରାଜାଙ୍କୁ ଏହିକଥା ତୁମ୍ଭର କହିବା
ଉଚିତ୍। ସେ ତୁମ୍ଭମାନଙ୍କୁ ସଦାପ୍ରଭୁଙ୍କ ନିକଟକୁ ପଚାରିବା
ନିମନ୍ତେ ପଠାଇଲେ: ତୁମ୍ଭେ କିଛିକ୍ଷଣ ପୂର୍ବେ ଯେଉଁ ବାକ୍ୟ
ଶୁଣିଲ, ସେ ବିଷୟରେ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର
ଏହି କଥା କହନ୍ତି: 27'ଯେତେବେଳେ ତୁମ୍ଭେମାନେ ଏହି ସ୍ଥାନ
ବିଷୟରେ ଓ ଏଠାରେ ବାସ କରୁଥିବା ଲୋକମାନଙ୍କ
ବିଷୟରେ ପରମେଶ୍ୱରଙ୍କର ବାର୍ତ୍ତା ଶୁଣିଲ, ତୁମ୍ଭେମାନେ ଦୁଃଖ
କଲ, ପରମେଶ୍ୱରଙ୍କ ଆଗରେ ନିଜକୁ ନମ୍ର କଲ ଏବଂ
ଦୁଃଖରେ ନିଜର ବସ୍ତ୍ରକୁ ଚିରି ପକାଇଲ। ଆମ୍ଭେ ତାହା
ଦେଖିଲୁ, ସଦାପ୍ରଭୁ କହନ୍ତି,। 28ଆମ୍ଭେ ତୁମ୍ଭକୁ ତୁମ୍ଭର
ପୂର୍ବପୁରୁଷମାନଙ୍କ ନିକଟକୁ ନେଇଯିବା। ତୁମ୍ଭେ ତୁମ୍ଭର କବରକୁ
ଶାନ୍ତିରେ ଯିବ। ଆମ୍ଭେ ଏହିସ୍ଥାନ କି ଏଠାରେ ବାସ କରୁଥିବା
ଲୋକମାନଙ୍କ ଉପରେ ଯେଉଁ ବିପଦ ଆଣିବି, ତାହା ତୁମ୍ଭକୁ
ଦେଖିବାକୁ ପଡ଼ିବ ନାହିଁ।'" ହିଲ୍‌କିୟ ଓ ରାଜାଙ୍କ ସେବକମାନେ
ଏହି ବାର୍ତ୍ତାସବୁ ରାଜା ଯୋଶିୟଙ୍କ ନିକଟକୁ ଆଣିଲେ।

29ଏହାପରେ ରାଜା ଯୋଶିୟ ଯିହୁଦା ଓ ଯିରୁଶାଲମର
ସମସ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ତାଙ୍କୁ ସାକ୍ଷାତ କରିବାକୁ
ଡାକିଲେ। 30ରାଜା ସଦାପ୍ରଭୁଙ୍କ ମନ୍ଦିରକୁ ଗଲେ। ଯିହୁଦାର
ସମସ୍ତ ଲୋକ, ଯିରୁଶାଲମରେ ବାସ କରୁଥିବା ଲୋକମାନେ,
ଯାଜକମାନେ, ଲେବୀୟମାନେ ଏବଂ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଓ
ଗୁରୁତ୍ୱହୀନ ଲୋକମାନେ, ଯୋଶିୟଙ୍କ ସହିତ ଥିଲେ। ଯୋଶିୟ
ସେମାନଙ୍କ ନିକଟରେ ବ୍ୟବସ୍ଥା ନିୟମ ପୁସ୍ତକରୁ ସବୁ ବାକ୍ୟ
ପଢ଼ି ଶୁଣାଇଲେ। ସଦାପ୍ରଭୁଙ୍କ ମନ୍ଦିର ମଧ୍ୟରୁ ସେହି ପୁସ୍ତକ
ମିଳିଥିଲା। 31ଏହାପରେ ରାଜା ତାଙ୍କ ସ୍ଥାନରେ ଉଠି ଛିଡ଼ା
ହେଲେ ଓ ସେ ସଦାପ୍ରଭୁଙ୍କ ସହିତ ଗୋଟିଏ ନିୟମ କଲେ।
ସେ ସଦାପ୍ରଭୁଙ୍କ ଅନୁଗମନ କରିବା ଓ ସଦାପ୍ରଭୁଙ୍କ ଆଦେଶ,
ନିୟମ ଓ ନୀତିକୁ ମାନିବା ପାଇଁ ସମସ୍ତ ହୃଦୟ ଓ ଆତ୍ମାର
ସହିତ ପୁସ୍ତକରେ ଥିବା ନିୟମର ବାକ୍ୟକୁ ମାନିବା ନିମନ୍ତେ
ସମ୍ମତ ହେଲେ। 32ଏହାପରେ ଯୋଶିୟ ଯିରୁଶାଲମ ଓ
ବିନ୍ୟାମୀନର ସମସ୍ତ ଲୋକଙ୍କୁ ସେହି ନିୟମକୁ ଗ୍ରହଣ କରିବା
ନିମନ୍ତେ ଶପଥ କରାଇଲେ। ଯିରୁଶାଲମର ଲୋକମାନେ
ସେମାନଙ୍କର ପୂର୍ବପୁରୁଷମାନେ ଯେଉଁ ପରମେଶ୍ୱରଙ୍କର ବାଧ
ହୋଇଥିଲେ, ସେହି ପରମେଶ୍ୱରଙ୍କ ନିୟମର ବାଧ ହେଲେ।
33ଇଶ୍ରାୟେଲର ଲୋକମାନଙ୍କ ନିକଟରେ ଅନେକ ଦେଶର
ଦେବାଦେବୀ ମୂର୍ତ୍ତିମାନ ଥିଲା। କିନ୍ତୁ ଯୋଶିୟ ସେହି ସବୁ
ଭୟଙ୍କର ମୂର୍ତ୍ତିଗୁଡ଼ିକୁ ଧ୍ୱଂସ କରିଦେଲେ। ଯୋଶିୟ ଇଶ୍ରାୟେଲର
ସମସ୍ତ ଲୋକଙ୍କୁ ସଦାପ୍ରଭୁ ସେମାନଙ୍କର ପରମେଶ୍ୱରଙ୍କର
ସେବା କରାଇଲେ। ଯୋଶିୟ ଜୀବିତ ଥିବା ପର୍ଯ୍ୟନ୍ତ ଲୋକମାନେ
ସଦାପ୍ରଭୁ, ସେମାନଙ୍କ ପୂର୍ବପୁରୁଷମାନଙ୍କ ପରମେଶ୍ୱରଙ୍କର ସେବା
କଲେ।

### ଯୋଶିୟ ନିସ୍ତାରପର୍ବ ପାଳନ କରନ୍ତି

35 ରାଜା ଯୋଶିୟ ଯିରୁଶାଲମରେ ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ନିସ୍ତାରପର୍ବ ପାଳନ କଲେ। ପ୍ରଥମ
ମାସର ଚତୁର୍ଦ୍ଦଶତମ ଦିବସରେ ନିସ୍ତାରପର୍ବର ମେଷଶାବକକୁ
ହତ୍ୟା କରାଗଲା। 2ଯୋଶିୟ ଯାଜକମାନଙ୍କୁ ସେମାନଙ୍କ କାର୍ଯ୍ୟ
କରିବା ନିମନ୍ତେ ମନୋନୀତ କଲେ। ଯାଜକମାନେ ସଦାପ୍ରଭୁଙ୍କ
ମନ୍ଦିର ମଧ୍ୟରେ ସେବାକାର୍ଯ୍ୟ କରୁଥିବା ସମୟରେ ସେ
ସେମାନଙ୍କୁ ଉତ୍ସାହ ପ୍ରଦାନ କଲେ। 3ଇଶ୍ରାୟେଲର ଲୋକମାନଙ୍କୁ
ଶିକ୍ଷା ଦେଉଥିବା ଓ ସଦାପ୍ରଭୁଙ୍କ ସେବାକାର୍ଯ୍ୟ ନିମନ୍ତେ
ପବିତ୍ରୀକୃତ ହୋଇଥିବା ଲୋକମାନଙ୍କ ସହିତ ମଧ୍ୟ ଯୋଶିୟ
କଥା ହେଲେ। ସେ ସେହି ଲେବୀୟମାନଙ୍କୁ କହିଲେ:
"ଶଲୋମନ ଯେଉଁ ମନ୍ଦିର ନିର୍ମାଣ କରିଛନ୍ତି, ତା'ମଧ୍ୟରେ
ପବିତ୍ର ସିନ୍ଦୁକକୁ ରଖ। ଶଲୋମନ ଦାଉଦଙ୍କ ପୁତ୍ର ଥିଲେ।
ଦାଉଦ ଇଶ୍ରାୟେଲର ରାଜା ଥିଲେ। ପୁନର୍ବାର ତୁମ୍ଭମାନଙ୍କ
କାନ୍ଧରେ ବୋହି ପବିତ୍ର ସିନ୍ଦୁକକୁ ସ୍ଥାନକୁ ସ୍ଥାନ ନିଅ ନାହିଁ।
ବର୍ତ୍ତମାନ ତୁମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱରଙ୍କର ସେବା
କର। ପରମେଶ୍ୱରଙ୍କ ଲୋକ, ଇଶ୍ରାୟେଲର ଲୋକମାନଙ୍କର

ସେବା କର। 4ତୁମ୍ଭମାନଙ୍କର ପରିବାର ଅନୁଯାୟୀ ମନ୍ଦିରର
ସେବାକାର୍ଯ୍ୟ ନିମନ୍ତେ ନିଜକୁ ପ୍ରସ୍ତୁତ କର। ରାଜା ଦାଉଦ ଓ
ତାଙ୍କର ପୁତ୍ର ରାଜା ଶଲୋମନ ତୁମ୍ଭମାନଙ୍କୁ ଯେଉଁ କାର୍ଯ୍ୟସବୁ
କରିବାକୁ ଦେଇଛନ୍ତି, ତାହା କର। 5ଲେବୀୟମାନଙ୍କର ଏକଦଳ
ସହ ପବିତ୍ର ସ୍ଥାନରେ ଛିଡ଼ା ହୁଅ। ପ୍ରତ୍ୟେକ ଭିନ୍ନ ଭିନ୍ନ ବଂଶ
ନିମନ୍ତେ ଏହିପରି କର। ତେବେ ତୁମ୍ଭେମାନେ ସେମାନଙ୍କୁ
ସାହାଯ୍ୟ କରିପାରିବ। 6ନିସ୍ତାରପର୍ବର ମେଷଶାବକଗୁଡ଼ିକୁ ହତ୍ୟା
କର, ସଦାପ୍ରଭୁଙ୍କ ନିମନ୍ତେ ନିଜକୁ ପବିତ୍ର କର। ତୁମ୍ଭମାନଙ୍କର
ଭ୍ରାତାଗଣ, ଇଶ୍ରାୟେଲ ଲୋକମାନଙ୍କ ନିମନ୍ତେ ସେହି
ମେଷଶାବକଗୁଡ଼ିକୁ ପ୍ରସ୍ତୁତ କର, ସଦାପ୍ରଭୁ ଆମ୍ଭମାନଙ୍କୁ ଯେଉଁସବୁ
ବିଷୟ କରିବାକୁ ଆଦେଶ ଦେଇଛନ୍ତି। ସଦାପ୍ରଭୁ ଆମ୍ଭମାନଙ୍କୁ
ଏହି ଆଦେଶସବୁ ମୋଶାଙ୍କ ମାଧ୍ୟମରେ ଦେଇଥିଲେ।”

7ଯୋଶିୟ ଇଶ୍ରାୟେଲର ଲୋକମାନଙ୍କୁ 30,000 ମେଷ
ଓ ଛାଗ ନିସ୍ତାରପର୍ବ ବଳି ନିମନ୍ତେ ହତ୍ୟା କରିବାକୁ
ଦେଲେ। ସେ ଆହୁରି ମଧ୍ୟ ଲୋକମାନଙ୍କୁ 3,000 ପଶୁପଲ
ଦେଲେ। ଏହି ସମସ୍ତ ପଶୁ ରାଜା ଯୋଶିୟଙ୍କ ନିଜସ୍ୱ
ପଶୁପଲର ଥିଲା। 8ଯୋଶିୟଙ୍କ ପଦାଧିକାରୀମାନେ ଲୋକମାନଙ୍କୁ,
ଯାଜକମାନଙ୍କୁ ଓ ଲେବୀୟମାନଙ୍କୁ ନିସ୍ତାରପର୍ବରେ ବ୍ୟବହାର
କରିବା ନିମନ୍ତେ ସ୍ୱେଚ୍ଛାକୃତ ଉପହାର ଦେଲେ। ପ୍ରଧାନ
ଯାଜକ ହିଲ୍କିୟ, ଜିଖରିୟ ଓ ଯିହୀୟେଲ ଏହି ପଦାଧିକାରୀମାନେ
ସଦାପ୍ରଭୁଙ୍କ ମନ୍ଦିର ଦାୟିତ୍ୱରେ ଥିଲେ। ସେମାନେ ଯାଜକମାନଙ୍କୁ
2,600 ମେଷଶାବକ ଓ ଛାଗ ଓ 300 ବଳଦ ନିସ୍ତାରପର୍ବର
ବଳି ନିମନ୍ତେ ଦେଲେ। 9ଆହୁରି ମଧ୍ୟ କନାନିୟ, ତାଙ୍କ ଭାଇ
ଶମୟିୟ, ନଥନେଲ୍‌ଙ୍କ ହଶବିୟ, ଯିୟୁୟେଲ ଓ ଯୋଷାବଦ୍
ସହିତ 500 ମେଷ ଓ ଛାଗ ଏବଂ 500 ବଳଦ ନିସ୍ତାରପର୍ବ
ନିମନ୍ତେ ଲେବୀୟମାନଙ୍କୁ ଦେଲେ। ସେହି ଲୋକମାନେ
ଲେବୀୟମାନଙ୍କର ନେତାଗଣ ଥିଲେ।

10ନିସ୍ତାରପର୍ବର ସେବାକାର୍ଯ୍ୟ ଆରମ୍ଭ ହେବା ନିମନ୍ତେ
ସମସ୍ତ ବିଷୟର ପ୍ରସ୍ତୁତି ଶେଷ ହେବାପରେ, ଯାଜକ ଓ
ଲେବୀୟମାନେ ସେମାନଙ୍କର ସ୍ଥାନକୁ ଗଲେ। ରାଜା ଏହାହିଁ
ଆଦେଶ ଦେଇଥିଲେ। 11ନିସ୍ତାରପର୍ବର ମେଷଶାବକଗୁଡ଼ିକୁ
ହତ୍ୟା କରାଗଲା। ଏହାପରେ ଲେବୀୟମାନେ ପଶୁଗୁଡ଼ିକର
ଚମଡା ଉତ୍ତାରିଲେ ଓ ଯାଜକମାନଙ୍କୁ ରକ୍ତ ଦେଲେ।
ଯାଜକମାନେ ଯଜ୍ଞବେଦୀ ଉପରେ ସେହି ରକ୍ତକୁ ସିଞ୍ଚିଲେ।
12ଏହାପରେ ସେମାନେ ବିଭିନ୍ନ ବଂଶକୁ ହୋମବଳି ଉପହାର
ସ୍ୱରୂପେ ଉତ୍ସର୍ଗ କରିବାକୁ ପଶୁଗୁଡ଼ିକୁ ଦେଲେ। ମୋଶାଙ୍କ
ବ୍ୟବସ୍ଥା ନିୟମ ଯେ ପ୍ରକାର ଶିକ୍ଷା ଦେଇଥିଲା, ସେ ପ୍ରକାରେ
ହୋମବଳି ଉପହାରଗୁଡ଼ିକୁ ଉତ୍ସର୍ଗ କରିବା ନିମନ୍ତେ ଏହିପରି
କରାଗଲା। 13ଲେବୀୟମାନଙ୍କୁ ଯେ ପ୍ରକାର ଆଦେଶ ଦିଆଯାଇଥିଲା,
ସେମାନେ ସେହି ପ୍ରକାରେ ଅଗ୍ନି ଉପରେ ନିସ୍ତାରପର୍ବର
ବଳିକୁ ପାକ କଲେ। ଆଉ ସେମାନେ ହାଣ୍ଡି, କେଟ୍‌ଲି ଓ
କରେଇରେ ପବିତ୍ର ନୈବେଦ୍ୟଗୁଡ଼ିକୁ ସିଦ୍ଧ କଲେ। ଏହାପରେ
ସେମାନେ ଶୀଘ୍ର ସେହି ମାଂସକୁ ଲୋକମାନଙ୍କୁ ଦେଲେ।
14ଏହା ସମାପ୍ତ ହେବାପରେ, ଲେବୀୟମାନେ ସେମାନଙ୍କ
ନିମନ୍ତେ ଓ ହାରୋଣଙ୍କ ବଂଶଧର ଯାଜକମାନଙ୍କ ନିମନ୍ତେ
ମାଂସ ଆଣିଲେ। ଅନ୍ଧକାର ହେବା ପର୍ଯ୍ୟନ୍ତ ଯାଜକମାନେ ଏହି
କାର୍ଯ୍ୟରେ ଅତି ବ୍ୟସ୍ତ ରହିଲେ। ସେମାନେ ହୋମବଳି
ଉପହାର ଓ ବଳିର ଚର୍ବି ଜଳାଇବାରେ କଠିନ ପରିଶ୍ରମ
କଲେ। 15ଆସଫ୍‌ଙ୍କ ପରିବାରର ଗାୟକମାନେ ସେହି ସ୍ଥାନରେ
ଛିଡ଼ା ହେଲେ, ଯେଉଁଠାରେ ରାଜା ଦାଉଦ, ଆସଫ, ହେମନ୍
ଏବଂ ରାଜାଙ୍କର ଯାଜକ ଯିଦୁଥୂନ ସେମାନଙ୍କୁ ନିଯୁକ୍ତ କରିଥିଲେ।
ଦ୍ୱାରପାଳଗଣ ଯେଉଁମାନେ ପ୍ରତ୍ୟେକ ଫାଟକରେ ଥିଲେ,
ସେମାନଙ୍କୁ ସେମାନଙ୍କର ସ୍ଥାନ ଛାଡିବାକୁ ପଡିଲା ନାହିଁ,
କାରଣ ସେମାନଙ୍କର ଭ୍ରାତା ଲେବୀୟଗଣ ସେମାନଙ୍କ ପାଇଁ
ନିସ୍ତାରପର୍ବର ସାମଗ୍ରୀ ପ୍ରସ୍ତୁତ କରିଥିଲେ।

16ତେଣୁ ରାଜା ଯୋଶିୟଙ୍କ ଆଦେଶାନୁଯାୟୀ ସଦାପ୍ରଭୁଙ୍କ
ଉପାସନା ନିମନ୍ତେ ସେହିଦିନ ସମସ୍ତ କାର୍ଯ୍ୟ କରାଗଲା।
ନିସ୍ତାରପର୍ବ ପାଳିତ ହେଲା ଓ ହୋମବଳି ଉପହାରସବୁ
ସଦାପ୍ରଭୁଙ୍କ ଯଜ୍ଞବେଦୀ ଉପରେ ଉତ୍ସର୍ଗୀକୃତ ହେଲା।
17ଇଶ୍ରାୟେଲର ଯେଉଁ ଲୋକମାନେ ସେଠାରେ ଥିଲେ,
ସେମାନେ ସାତଦିନ ପର୍ଯ୍ୟନ୍ତ ନିସ୍ତାରପର୍ବ ଓ ଖମୀରବିହୀନ
ପାଉଁରୋଟୀର ପର୍ବ ପାଳନ କଲେ। 18ଭବିଷ୍ୟଦ୍‌ବକ୍ତା
ଶାମୁୟେଲଙ୍କ ସମୟଠାରୁ ନିସ୍ତାରପର୍ବ ଆଉ କେବେହେଲେ
ଏହିପରି ଭାବରେ ପାଳିତ ହୋଇ ନ ଥିଲା। ଇଶ୍ରାୟେଲର
କୌଣସି ରାଜା କେବେହେଲେ ଏହିପରି ଭାବରେ ନିସ୍ତାରପର୍ବ
ପାଳି ନ ଥିଲେ। ରାଜା ଯୋଶିୟ, ଯାଜକମାନେ, ଲେବୀୟମାନେ
ଏବଂ ଯିରୁଶାଲମର ସମସ୍ତ ଲୋକଙ୍କ ସହିତ ସେଠାରେ ଥିବା
ଯିହୁଦା ଓ ଇଶ୍ରାୟେଲର ଲୋକମାନେ ଏକ ବିଶେଷ ପ୍ରକାରେ
ନିସ୍ତାରପର୍ବର ଉତ୍ସବ ପାଳନ କଲେ। 19ଯୋଶିୟଙ୍କ ରାଜତ୍ୱର
ଅଷ୍ଟାଦଶତମ ବର୍ଷରେ ସେମାନେ ଏହି ନିସ୍ତାରପର୍ବ ପାଳନ
କଲେ।

## ଯୋଶିୟଙ୍କ ମୃତ୍ୟୁ

20ଯୋଶିୟ ମନ୍ଦିର ନିମନ୍ତେ ସେହି ସମସ୍ତ ଉତ୍ତମ କାର୍ଯ୍ୟ
କରିଥିଲେ। ପରେ, ମିଶରର ରାଜା ନଖୋ, ଫରାତ୍ ନଦୀ
ନିକଟରେ ଥିବା କର୍କମୀଶ ସହର ବିରୁଦ୍ଧରେ ଯୁଦ୍ଧ କରିବାକୁ
ଆସିଲେ। ରାଜା ଯୋଶିୟ ନଖୋ ବିରୁଦ୍ଧରେ ଯୁଦ୍ଧ କରିବାକୁ
ଗଲେ। 21କିନ୍ତୁ ନଖୋ, ଯୋଶିୟଙ୍କ ନିକଟକୁ ବାର୍ତ୍ତାବାହକମାନଙ୍କୁ
ପଠାଇଲେ। ସେମାନେ କହିଲେ, “ଯିହୁଦାର ରାଜା, ଏହି ଯୁଦ୍ଧ
ତୁମ୍ଭର ସମସ୍ୟା ନୁହେଁ। ମୁଁ ତୁମ୍ଭ ବିରୁଦ୍ଧରେ ଯୁଦ୍ଧ କରିବାକୁ
ଆସି ନାହିଁ। ମୁଁ ମୋର ନିଜ ଶତ୍ରୁମାନଙ୍କ ସହିତ ଯୁଦ୍ଧ
କରିବାକୁ ଆସିଅଛି। ପରମେଶ୍ୱର ମୋତେ ତ୍ୱରାନ୍ୱିତ କଲେ।
ପରମେଶ୍ୱର ମୋର ସପକ୍ଷରେ ଅଛନ୍ତି। ତେଣୁ ମୋତେ
ହଇରାଣ କରନାହିଁ। ଯଦି ତୁମ୍ଭେ ମୋ’ ବିରୁଦ୍ଧରେ ଯୁଦ୍ଧ
କର, ପରମେଶ୍ୱର ତୁମ୍ଭକୁ ବିନଷ୍ଟ କରିବେ।” 22କିନ୍ତୁ
ଯୋଶିୟ ଚାଲିଗଲେ ନାହିଁ। ସେ ନଖୋଙ୍କ ବିରୁଦ୍ଧରେ ଯୁଦ୍ଧ
କରିବାକୁ ସ୍ଥିର କଲେ, ତେଣୁ ସେ ତାଙ୍କର ରୂପ ବଦଳାଇଲେ
ଓ ଯୁଦ୍ଧ କରିବା ନିମନ୍ତେ ଯୁଦ୍ଧକ୍ଷେତ୍ରକୁ ଗଲେ। ନଖୋ
ପରମେଶ୍ୱରଙ୍କ ଆଦେଶ ସମ୍ବନ୍ଧରେ ଯାହା କହିଲେ, ଯୋଶିୟ
ତାହା ଶୁଣିବାକୁ ଅଗ୍ରାହ୍ୟ କଲେ। ଯୋଶିୟ ମାଗିଦୋ ସମତଳ
ଭୂମିରେ ଯୁଦ୍ଧ କରିବାକୁ ଗଲେ। 23ଏହାପରେ ରାଜା ଯୋଶିୟ
ଯୁଦ୍ଧକ୍ଷେତ୍ରରେ ତୀରଦ୍ୱାରା ଆଘାତପ୍ରାପ୍ତ ହେଲେ। ସେ ତାଙ୍କର
ଭୃତ୍ୟମାନଙ୍କୁ କହିଲେ, “ମୋତେ ଏଠାରୁ ନେଇଯାଅ। ମୁଁ
ଭୟଙ୍କର ଭାବରେ ଆଘାତପ୍ରାପ୍ତ ହୋଇଛି!”

**24**ତେଣୁ ଯୋଶିୟଙ୍କ ଭୃତ୍ୟମାନେ ତାହାଙ୍କ ରଥରୁ ତାଙ୍କୁ
ନେଇଗଲେ ଓ ସେ ତାଙ୍କ ସଙ୍ଗରେ ଯୁଦ୍ଧକୁ ଆଣିଥିବା ଆଉ
ଏକ ରଥରେ ରଖିଲେ। ଏହାପରେ ସେମାନେ ଯୋଶିୟଙ୍କୁ
ଯିରୁଶାଲମକୁ ନେଇଗଲେ। ରାଜା ଯୋଶିୟ ଯିରୁଶାଲମରେ
ମୃତ୍ୟୁବରଣ କଲେ। ଯୋଶିୟ ତାଙ୍କର ପୂର୍ବପୁରୁଷମାନଙ୍କ
କବରରେ କବରପ୍ରାପ୍ତ ହେଲେ। ଯିହୁଦା ଓ ଯିରୁଶାଲମର
ସମସ୍ତ ଲୋକ ଯୋଶିୟଙ୍କ ମୃତ୍ୟୁ ଯୋଗୁଁ ଅତ୍ୟନ୍ତ ଦୁଃଖିତ
ହେଲେ। **25**ଯିରିମିୟ ଯୋଶିୟଙ୍କ ନିମନ୍ତେ ସମାଧିକାଳୀନ
କେତୋଟି ଗୀତ ଲେଖିଲେ ଓ ତାହାକୁ ଗାନ କଲେ। ଆଜି
ପର୍ଯ୍ୟନ୍ତ ପୁରୁଷ ଓ ସ୍ତ୍ରୀ ଗାୟକ ଗାୟିକାମାନେ ସେହି
ବିଷାଦପୂର୍ଣ୍ଣ ସଙ୍ଗୀତଗାନ କରିଆଥାନ୍ତି। ଇସ୍ରାୟେଲର ଲୋକମାନେ
ଏହିପ୍ରକାର ସବୁବେଳେ କଲେ। ସେମାନେ ଯୋଶିୟଙ୍କ ନିମନ୍ତେ
ଏକ ବିଷାଦପୂର୍ଣ୍ଣ ସଙ୍ଗୀତ ଗାନ କଲେ। ସେହି ଗୀତଗୁଡ଼ିକ
ସମାଧିକାଳୀନ ସଙ୍ଗୀତ ପୁସ୍ତକରେ ଲେଖାଯାଇଅଛି।
**26-27**ଯୋଶିୟ ରାଜା ଥିବା ସମୟରେ ଅନ୍ୟ ଯେଉଁ
ସମସ୍ତ କର୍ମ କରିଥିଲେ, ତାଙ୍କ ରାଜତ୍ୱର ଆରମ୍ଭରୁ ଶେଷ
ପର୍ଯ୍ୟନ୍ତ ଇସ୍ରାୟେଲ ଓ ଯିହୁଦାର ରାଜାମାନଙ୍କର ପୁସ୍ତକରେ
ଲେଖାଯାଇଅଛି। ଏହି ପୁସ୍ତକ ଆମ୍ଭମାନଙ୍କୁ ସଦାପ୍ରଭୁଙ୍କ ପ୍ରତି
ତାଙ୍କର ଆନୁଗତ୍ୟ ଓ ସେ କିପରି ସଦାପ୍ରଭୁଙ୍କ ନିୟମକୁ
ମାନିଥିଲେ, ତାହା କହେ।

## ଯିହୁଦାର ରାଜା ଯିହୋୟାହସ୍

**36** ଯିହୁଦାର ଲୋକମାନେ ଯିହୋୟାହସ୍‌ଙ୍କୁ ଯିରୁଶାଲମରେ
ନୂତନ ରାଜା ରୂପେ ମନୋନୀତ କଲେ। ଯିହୋୟାହସ୍
ଯୋଶିୟଙ୍କ ପୁତ୍ର ଥିଲେ। **2**ଯିହୋୟାହସ୍ ଯିହୁଦାର ରାଜା
ହେବା ସମୟରେ ତେଇଶ ବର୍ଷ ବୟସ୍କ ହୋଇଥିଲେ। ସେ
ତିନିମାସ ପର୍ଯ୍ୟନ୍ତ ଯିରୁଶାଲମରେ ରାଜା ହୋଇଥିଲେ। **3**ଏହାପରେ
ମିଶରର ରାଜା ଯିହୋୟାହସ୍‌ଙ୍କୁ ଯିରୁଶାଲମରୁ ଗାଦିଚ୍ୟୁତ
କଲେ। ସେ 100 ତାଲନ୍ତ ରୂପା ଓ ଏକ ତାଲନ୍ତ ସୁନା
ଜୋରିମାନା ରୂପେ ସଂଗ୍ରହ କଲେ। **4**ମିଶରର ରାଜା
ଯିହୋୟାହସ୍‌ଙ୍କ ଭ୍ରାତା ଇଲୀୟାକୀମଙ୍କୁ ଯିହୁଦା ଓ ଯିରୁଶାଲମର
ନୂତନ ରାଜା କଲେ। ଏହାପରେ ମିଶରର ରାଜା ଇଲୀୟାକୀମ୍‌ଙ୍କର
ନାମକୁ ପରିବର୍ତ୍ତନ କରି ଯିହୋୟାକୀମ୍ ଦେଲେ। କିନ୍ତୁ
ନିଖୋ ଯିହୋୟାକୀମ୍‌ର ଭାଇ ଯିହୋୟାହସ୍‌ଙ୍କୁ ମିଶରକୁ
ନେଇଗଲେ।

## ଯିହୁଦାର ରାଜା ଯିହୋୟାକୀମ୍

**5**ଯିହୋୟାକୀମ୍ ଯିହୁଦାର ନୂତନ ରାଜା ହେବା ସମୟରେ
ପଚିଶ ବର୍ଷ ବୟସ୍କ ହୋଇଥିଲେ। ସେ ଏଗାର ବର୍ଷ ପର୍ଯ୍ୟନ୍ତ
ଯିରୁଶାଲମର ରାଜା ଥିଲେ। ଯିହୋୟାକୀମ୍ ସଦାପ୍ରଭୁଙ୍କ
ଇଚ୍ଛାନୁଯାୟୀ କାର୍ଯ୍ୟ କଲେ ନାହିଁ।
**6**ବାବିଲ୍‌ର ରାଜା ନବୂଖଦ୍‌ନିତ୍ସର ଯିହୁଦାକୁ ଆକ୍ରମଣ
କଲେ। ସେ ଯିହୋୟାକୀମ୍‌ଙ୍କୁ ବନ୍ଦୀ କରିନେଲେ ଓ ତାଙ୍କ
ଉପରେ ପିତ୍ତଳର ଜଞ୍ଜିର ପକାଇଲେ। ଏହାପରେ ନବୂଖଦ୍‌ନିତ୍ସର
ରାଜା ଯିହୋୟାକୀମଙ୍କୁ ବାବିଲକୁ ନେଇଗଲେ। **7**ନବୂଖଦ୍‌ନିତ୍ସର
ସଦାପ୍ରଭୁଙ୍କ ମନ୍ଦିରରୁ କେତେକ ଦ୍ରବ୍ୟ ନେଇଗଲେ। ସେ
ସେହି ବସ୍ତୁଗୁଡ଼ିକୁ ବାବିଲକୁ ନେଇଗଲେ ଓ ସେଗୁଡ଼ିକୁ ନେଇ
ନିଜ ଗୃହରେ ରଖିଲେ। **8**ଯିହୋୟାକୀମ୍ ଅନ୍ୟ ଯେଉଁ ସମସ୍ତ
କାର୍ଯ୍ୟ କରିଥିଲେ, ସେ ଯେଉଁ ଭୟଙ୍କର ପାପସବୁ କରିଥିଲେ
ଓ ସେ ଯେଉଁସବୁ ଦୋଷ କରିଥିଲେ, ସେହିସବୁ "ଇସ୍ରାୟେଲ
ଓ ଯିହୁଦାର ରାଜାମାନଙ୍କ ପୁସ୍ତକରେ" ଲେଖାଯାଇଅଛି।
ଯିହୋୟାଖୀନ୍, ଯିହୋୟାକୀମ୍‌ଙ୍କ ସ୍ଥାନରେ ନୂତନ ରାଜା ହେଲେ।
ଯିହୋୟାଖୀନ୍, ଯିହୋୟାକୀମ୍‌ଙ୍କ ପୁତ୍ର ଥିଲେ।

## ଯିହୁଦାର ରାଜା ଯିହୋୟାଖୀନ୍

**9**ଯିହୋୟାଖୀନ୍ ଯିହୁଦାର ରାଜା ହେବା ସମୟରେ ଅଠର
ବର୍ଷ ବୟସ୍କ ହୋଇଥିଲେ। ସେ ଯିରୁଶାଲମରେ ତିନି ମାସ ଓ
ଦଶ ଦିନ ପର୍ଯ୍ୟନ୍ତ ରାଜା ହୋଇଥିଲେ। ସେ ସଦାପ୍ରଭୁଙ୍କ
ଇଚ୍ଛାନୁଯାୟୀ କାର୍ଯ୍ୟ କଲେ ନାହିଁ। **10**ବସନ୍ତ ଋତୁରେ, ରାଜା
ନବୂଖଦ୍‌ନିତ୍ସର ଯିହୋୟାଖୀନ୍‌ଙ୍କୁ ଆଣିବା ନିମନ୍ତେ କେତେକ
ଭୃତ୍ୟଙ୍କୁ ପଠାଇଲେ। ସେମାନେ ଯିହୋୟାଖୀନ୍ ଓ ସଦାପ୍ରଭୁଙ୍କ
ମନ୍ଦିରରୁ ବହୁମୂଲ୍ୟ ଧନସମ୍ପଦରୁ କିଛି ବାବିଲକୁ ନେଇଗଲେ।
ନବୂଖଦ୍‌ନିତ୍ସରର ସିଦିକିୟଙ୍କୁ ଯିହୁଦା ଓ ଯିରୁଶାଲମର ନୂତନ
ରାଜା ରୂପେ ମନୋନୀତ କଲେ। ସିଦିକିୟ ଯିହୋୟାଖୀନ୍‌ଙ୍କର
ଜଣେ ଆତ୍ମୀୟ ଥିଲେ।

## ଯିହୁଦାର ରାଜା ସିଦିକିୟ

**11**ସିଦିକିୟ ଯିହୁଦାର ରାଜା ହେବା ସମୟରେ ଏକୋଇଶ
ବର୍ଷ ବୟସ୍କ ହୋଇଥିଲେ। ସେ ଯିରୁଶାଲମରେ ଏଗାର ବର୍ଷ
ପର୍ଯ୍ୟନ୍ତ ରାଜା ହେଲେ। **12**ସେ ସଦାପ୍ରଭୁଙ୍କ ଇଚ୍ଛାନୁଯାୟୀ
କର୍ମ କଲେ ନାହିଁ। ଭବିଷ୍ୟଦ୍‌ବକ୍ତା ଯିରିମିୟ ସଦାପ୍ରଭୁଙ୍କଠାରୁ
ଆଗତ ବାର୍ତ୍ତାସବୁ କହିଲେ। କିନ୍ତୁ ସିଦିକିୟ ନିଜକୁ ନମ୍ର
କଲେ ନାହିଁ ଓ ଯିରିମିୟ ଯେଉଁସବୁ କଥା କହିଲେ, ତାହା
ମାନିଲେ ନାହିଁ।

## ଯିରୁଶାଲମ ଧ୍ୱଂସ ହେଲା

**13**ସିଦିକିୟ ରାଜା ନବୂଖଦ୍‌ନିତ୍ସରର ବିରୁଦ୍ଧରେ ବିଦ୍ରୋହ
କଲେ। ଅତୀତରେ ନବୂଖଦ୍‌ନିତ୍ସର ସିଦିକିୟଙ୍କୁ ଏକ ଶପଥ
କରାଇଥିଲେ ଯେ, ସେ ନବୂଖଦ୍‌ନିତ୍ସର ନିକଟରେ ବିଶ୍ୱସ୍ତ
ରହିବେ। ସିଦିକିୟ ପରମେଶ୍ୱରଙ୍କ ନାମ ନେଇ ଶପଥ
କରିଥିଲେ ଯେ, ସେ ନବୂଖଦ୍‌ନିତ୍ସରଙ୍କ ନିକଟରେ ବିଶ୍ୱସ୍ତ
ରହିବେ। କିନ୍ତୁ ସିଦିକିୟ ବଡ଼ ଦାମ୍ଭିକ ଥିଲେ ଓ ଇସ୍ରାୟେଲର
ସଦାପ୍ରଭୁ ପରମେଶ୍ୱରଙ୍କ ନିକଟକୁ ଫେରିଆସିବାକୁ ଓ ମାନିବା
ନିମନ୍ତେ ଅଗ୍ରାହ୍ୟ କଲେ। **14**ଆହୁରି ମଧ୍ୟ, ଯାଜକମାନଙ୍କର
ନେତାଗଣ ଓ ଯିହୁଦାର ଲୋକମାନେ ଭୟଙ୍କର ପାପ କଲେ
ଓ ସଦାପ୍ରଭୁଙ୍କ ନିକଟରେ ଆହୁରି ଅବିଶ୍ୱସ୍ତ ହେଲେ।
ସେମାନେ ଅନ୍ୟ ଦେଶମାନଙ୍କର ମନ୍ଦ ଦୃଷ୍ଟାନ୍ତକୁ ଅନୁକରଣ
କଲେ। ସେହି ନେତାମାନେ ସଦାପ୍ରଭୁଙ୍କ ମନ୍ଦିରକୁ ଅପବିତ୍ର
କଲେ। ସଦାପ୍ରଭୁ ଯିରୁଶାଲମର ମନ୍ଦିରକୁ ପବିତ୍ର କରିଥିଲେ।
**15**ସଦାପ୍ରଭୁ, ସେମାନଙ୍କ ପୂର୍ବପୁରୁଷମାନଙ୍କର ପରମେଶ୍ୱର,
ତାଙ୍କର ଲୋକମାନଙ୍କୁ ଚେତାବନୀ ଦେବା ନିମନ୍ତେ ଦୂତମାନଙ୍କୁ
ବାରମ୍ବାର ପଠାଇଲେ। ସଦାପ୍ରଭୁ ତାଙ୍କର ମନ୍ଦିର ଓ ଏହି
ଲୋକମାନଙ୍କ ନିମନ୍ତେ ଦୁଃଖ ଅନୁଭବ କରିବାରୁ ଏହି ପ୍ରକାର
କଲେ। **16**କିନ୍ତୁ ଲୋକମାନେ ପରମେଶ୍ୱରଙ୍କ ଦୂତମାନଙ୍କୁ

ପରିହାସ କଲେ। ସେମାନେ ପରମେଶ୍ୱରଙ୍କ ବାର୍ତ୍ତାକୁ ଘୃଣା
କଲେ। ସେମାନେ ପରମେଶ୍ୱରଙ୍କର ଭବିଷ୍ୟଦ୍‌ବକ୍ତାଙ୍କୁ ଏପରି
ପରିହାସ କଲେ, ଯେପର୍ଯ୍ୟନ୍ତ ପରମେଶ୍ୱର ତାହାଙ୍କ ଲୋକମାନଙ୍କ
ପ୍ରତି କ୍ରୋଧ କରି ନାହାନ୍ତି। ତାକୁ ପ୍ରଶମିତ କରିବା ନିମନ୍ତେ
କୌଣସି ବିଷୟ ନ ଥିଲା। **17**ତେଣୁ ପରମେଶ୍ୱର ଯିହୁଦା ଓ
ଯିରୁଶାଲମର ଲୋକମାନଙ୍କୁ ଆକ୍ରମଣ କରିବା ନିମନ୍ତେ ବାବିଲ୍‌ର
ରାଜାକୁ ଆଣିଲେ। ଯୁବା ଲୋକମାନେ ମନ୍ଦିର ମଧ୍ୟରେ ଥିଲେ
ସୁଦ୍ଧା, ବାବିଲର ରାଜା ସେମାନଙ୍କୁ ହତ୍ୟା କଲେ। ସେ
ଯିହୁଦା ଓ ଯିରୁଶାଲମର ଲୋକମାନଙ୍କୁ କିଛି ଦୟା କଲେ
ନାହିଁ। ବାବିଲର ରାଜା ଉଭୟ ଯୁବା ଓ ବୃଦ୍ଧ ଲୋକମାନଙ୍କୁ
ହତ୍ୟା କଲେ। ସେ ପୁରୁଷ ଓ ସ୍ତ୍ରୀଙ୍କୁ ହତ୍ୟା କଲେ। ସେ
ରୋଗୀ ଓ ସୁସ୍ଥ ଲୋକଙ୍କୁ ହତ୍ୟା କଲେ, ପରମେଶ୍ୱର
ଯିହୁଦା ଓ ଯିରୁଶାଲମର ଲୋକମାନଙ୍କ ଉପରେ ନବୂଖଦ୍‌ନିତ୍ସରଙ୍କୁ
ବିଜୟୀ କଲେ। **18**ନବୂଖଦ୍‌ନିତ୍ସର ପରମେଶ୍ୱରଙ୍କ ମନ୍ଦିରରୁ
ସବୁ ପଦାର୍ଥ ବାବିଲ୍‌କୁ ବୋହି ନେଇଗଲେ। ସେ ମନ୍ଦିରରୁ,
ରାଜାଙ୍କ ନିକଟରୁ ଓ ରାଜାଙ୍କ ପଦାଧିକାରୀମାନଙ୍କଠାରୁ ବହୁମୂଲ୍ୟ
ବସ୍ତୁ ସବୁ ନେଇଗଲେ। **19**ନବୂଖଦ୍‌ନିତ୍ସର ଓ ତାଙ୍କର
ସୈନ୍ୟଦଳ ମନ୍ଦିରକୁ ଜ୍ୱଳାଇ ଦେଲେ। ସେମାନେ ଯିରୁଶାଲମ
ପ୍ରାଚୀରକୁ ଭାଙ୍ଗି ପକାଇଲେ ଓ ରାଜା ଓ ତାଙ୍କର
ପଦାଧିକାରୀମାନଙ୍କର ସବୁ ଗୃହ ଜ୍ୱଳାଇ ଦେଲେ। ସେମାନେ
ଯିରୁଶାଲମରେ ଥିବା ପ୍ରତ୍ୟେକ ବହୁମୂଲ୍ୟ ଦ୍ରବ୍ୟକୁ ନେଇଗଲେ
ନିଚେତ୍ ଧ୍ୱଂସ କରି ଦେଲେ। **20**ନବୂଖଦ୍‌ନିତ୍ସର ଅବଶିଷ୍ଟ
ଜୀବିତ ଥିବା ଲୋକଙ୍କୁ ବାବିଲ୍‌କୁ ନେଇଗଲେ ଓ ସେମାନଙ୍କୁ
ବଳପୂର୍ବକ ଭାବରେ କ୍ରୀତଦାସ କରି ରଖିଲେ। ପାରସିକ
ରାଜ୍ୟ, ବାବିଲର ରାଜ୍ୟକୁ ପରାସ୍ତ କରିବା ପର୍ଯ୍ୟନ୍ତ ସେହି
ଲୋକମାନେ ବାବିଲରେ କ୍ରୀତଦାସରୂପେ ରହିଲେ। **21**ଏହିପରି
ଭାବରେ ସଦାପ୍ରଭୁ ଯିରିମିୟ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ଯେଉଁ
ସବୁ ବିଷୟ କହିଥିଲେ, ତାହା ପ୍ରକୃତରେ ଘଟିଲା। ସଦାପ୍ରଭୁ
ଯିରିମିୟଙ୍କ ମାଧ୍ୟମରେ କହିଥିଲେ: "ଏହି ସ୍ଥାନ ସତୁରି ବର୍ଷ
ପର୍ଯ୍ୟନ୍ତ ଧ୍ୱଂସର ସ୍ଥାନ ହୋଇ ରହିବ। କାରଣ ଲୋକମାନେ
ବିଶେଷ ବିଶ୍ରାମବାରରେ ବିଶ୍ରାମ ନ କରିଥିବାରୁ ତାହାକୁ
ଭରଣା କରିବା ନିମନ୍ତେ ଏହିପରି ଘଟିଲା। ଏହା ସତୁରି ବର୍ଷ
ଲାଗିରହିବ।"

**22**କୋରସ୍ ପାରସ୍ୟର ରାଜା ହୋଇଥିବାର ପ୍ରଥମ ବର୍ଷରେ,
ସଦାପ୍ରଭୁ କୋରସ୍‌ଙ୍କ ଦ୍ୱାରା ଏକ ବିଶେଷ ଘୋଷଣା କରାଇଲେ।
ସଦାପ୍ରଭୁ ଯିରିମିୟ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ଯେଉଁ ଶପଥ
କରିଥିଲେ, ତାହା ଯେପରି ପ୍ରକୃତରେ ଘଟିବ, ସେଥିନିମନ୍ତେ
ସେ ଏହିପରି କଲେ। କୋରସ୍ ତାଙ୍କ ରାଜ୍ୟର ପ୍ରତ୍ୟେକ
ସ୍ଥାନକୁ ବାର୍ତ୍ତାବାହକମାନଙ୍କୁ ପଠାଇଲେ। ସେମାନେ ଏହି ବାର୍ତ୍ତା
ବହନ କରୁଥିଲେ।

**23**ପାରସ୍ୟର ରାଜା କୋରସ୍ କହନ୍ତି, ସଦାପ୍ରଭୁ,
ସ୍ୱର୍ଗର ପରମେଶ୍ୱର, ମୋତେ ସାରା ପୃଥିବୀ ଉପରେ
ରାଜା କରିଛନ୍ତି। ସେ ମୋତେ ଯିହୁଦାସ୍ଥିତ ଯିରୁଶାଲମ
ନିମନ୍ତେ ଏକ ମନ୍ଦିର ନିର୍ମାଣ କରିବାର ଦାୟିତ୍ୱ
ଦେଇଅଛନ୍ତି। ବର୍ତ୍ତମାନ, ତୁମ୍ଭେ ଯେଉଁମାନେ
ପରମେଶ୍ୱରଙ୍କ ଲୋକ ଅଟ, ଯିରୁଶାଲମକୁ ଫେରି
ଯିବା ନିମନ୍ତେ ସ୍ୱାଧୀନ ଅଟ ଏବଂ ସଦାପ୍ରଭୁ ପରମେଶ୍ୱର
ତୁମ୍ଭ ପ୍ରତ୍ୟେକଙ୍କ ସହିତରେ ରୁହନ୍ତୁ।

# ବଂଶାବଳୀର ପ୍ରଥମ ପୁସ୍ତକ

### ଆଦମଙ୍କଠାରୁ ନୋହଙ୍କ ପର୍ଯ୍ୟନ୍ତ ପାରିବାରିକ ଇତିହାସ

1 1-3ଆଦମ, ଶେଥ, ଇନୋଶ, କୟିନାନ, ମହଲଲେଲ,
ଯେରଦ, ହନୋକ, ମଥୂଶେଲହ, ଲେମକ, ନୋହ।
4ନୋହଙ୍କର ପୁତ୍ରମାନଙ୍କର ନାମ ଥିଲା ଶେମ, ହାମ,
ଯେଫତ୍।

### ଯେଫତ୍ଙ୍କର ବଂଶଧରଗଣ

5ଯେଫତ୍ଙ୍କର ପୁତ୍ରମାନେ ଥିଲେ: ଗୋମର, ମାଗୋଗ,
ମାଦୟ, ଯବନ, ତୁବଲ, ମେଶକ୍ ଓ ତୀରସ୍।
6ଗୋମରଙ୍କର ପୁତ୍ରମାନେ ଥିଲେ: ଅସ୍କିନସ୍, ଦୀଫତ୍ ଓ
ତୋଗର୍ମ।
7ଯବନର ପୁତ୍ରମାନେ ଥିଲେ ଇଲୀଶା, ତର୍ଶୀଶ୍, କତ୍ତୀମ
ଓ ରୋଦାନମ୍।

### ହାମରଙ୍କ ବଂଶଧର

8ହାମର ସନ୍ତାନମାନେ ଥିଲେ: କୂଶ୍ (ଇଥିଓପିଆ) ଓ
ମିଶର, ପୂଟ୍ ଓ କଣାନ।
9ପୁଣି କୂଶଙ୍କର ପୁତ୍ରମାନେ ଥିଲେ: ସବା, ହବୀଲା, ସପ୍ତା,
ରୟମା ଓ ସପ୍ତକା। ରୟମାର ସନ୍ତାନମାନେ ଶିବା ଓ
ଦଦାନ୍।
10କୂଶ୍ଙ୍କର ବଂଶଧରମାନଙ୍କ ମଧ୍ୟରୁ ନିମ୍ରୋଦ ନାମକ
ଜଣେ ବ୍ୟକ୍ତି ବୃଦ୍ଧିପ୍ରାପ୍ତ ହୋଇ ପୃଥିବୀର ସବୁଠାରୁ ଶକ୍ତିଶାଳୀ
ଯୋଦ୍ଧା ହେବାକୁ ଲାଗିଲା।
11ମିସ୍ରୟୀମ (ମିଶର), ଲୂଦୀୟ, ଅନାମୀୟ, ଲହାବୀୟ ଓ
ନପ୍ତୂହୀୟମାନଙ୍କର ପିତା ଥିଲେ। 12ପଥ୍ରୋଷୀୟ, କସ୍ଲୁହୀୟ
ଓ (ପଲେଷ୍ଟୀୟମାନେ ସେମାନଙ୍କ ପାଖରୁ ଆସିଲେ) କପ୍ତୋରୀୟ।
13କଣାନ ସୀଦୋନର ପିତା ଥିଲା। ସୀଦୋନ ତାହାର
ପ୍ରଥମ ସନ୍ତାନ ଥିଲା। କଣାନ ହତ୍ତୀୟମାନଙ୍କର 14ଯିବୂଷୀୟ,
ଇମୋରୀୟ, ଗିର୍ଗାଶୀୟ; 15ହିବ୍ବୀୟ, ଅର୍କୀୟ, ସୀନୀୟ;
16ଅର୍ବଦୀୟ, ସମାରୀୟ ଓ ହମାତୀୟମାନଙ୍କର ମଧ୍ଯ ପିତା
ଥିଲେ।

### ଶେମଙ୍କର ବଂଶଧରଗଣ

17ଶେମର ସନ୍ତାନଗଣ ଥିଲେ: ଏଲମ୍, ଅଶୂର, ଅର୍ଫକ୍ଷଦ,
ଲୂଦ୍, ଅରାମ। ଅରାମଙ୍କର ପୁତ୍ରମାନେ ଥିଲେ: ଉସ୍, ହୂଲ,
ଗେଥର ଓ ମେଶକ୍।
18ଅର୍ଫକ୍ଷଦ, ଶେଲହଙ୍କର ପିତା ଥିଲେ। ଶେଲହ
ଏବରଙ୍କ ପିତା ଥିଲା।
19ଏବରର ଦୁଇ ପୁତ୍ର ଥିଲେ। ଜଣକର ନାମ ଥିଲା
ପେଲଗ୍; କାରଣ ତାହାର ଜନ୍ମ ସମୟରେ ପୃଥିବୀର ଲୋକମାନଙ୍କ
ମଧ୍ୟରେ ଭାଷାର ପ୍ରଭେଦ ଜନ୍ମି ଥିଲା। ଯକ୍ତନ୍ ପେଲଗ୍ଙ୍କର
ଭ୍ରାତା ଥିଲେ। 20ଏହି ଯକ୍ତନ୍, ଅଲ୍ମୋଦଦ, ଶେଲଫ୍,
ହତ୍ସର୍ମାବତ୍, ଯେରହ 21ହଦୋରାମ, ଊସଲ, ଦିକ୍ଲା, 22ଓବଲ,
ଅବୀମାୟେଲ, ଶିବା, 23ଓଫୀର, ହବୀଲା, ଯୋବବଙ୍କର
ପିତା ଥିଲେ। ଏହି ସମସ୍ତ ବ୍ୟକ୍ତିଗଣ ଯକ୍ତନର ପୁତ୍ରଗଣ
ଥିଲେ।

### ଅବ୍ରାହାମଙ୍କର ପରିବାର

24ତେଣୁ, ଶେମଙ୍କର ବଂଶଧରଗଣ ଥିଲେ: ଶେମ, ଅର୍ଫକ୍ଷଦ,
ଶେଲହ; 25ଏବର, ପେଲଗ୍, ରିୟୂ; 26ସରୁଗ୍, ନାହୋର,
ତେରହ, 27ଅବ୍ରାମଙ୍କୁ ଅବ୍ରହାମ୍ ବୋଲି କୁହାଯାଉଥିଲା।
28ଅବ୍ରହାମଙ୍କର ପୁତ୍ରମାନେ ଥିଲେ: ଇସ୍ହାକ୍ ଓ
ଇଶ୍ମାୟେଲ। 29ସେମାନଙ୍କର ବଂଶଧରଗଣ ଏହିପରି ଥିଲେ:-

### ହାଗାରଙ୍କର ବଂଶଧରଗଣ

ଇଶ୍ମାୟେଲର ପ୍ରଥମ ପୁତ୍ର ଥିଲେ ନବାୟୋତ୍।
ଇଶ୍ମାୟେଲଙ୍କର ଅନ୍ୟ ପୁତ୍ରମାନେ ଥିଲେ: କେଦାର, ଅଦ୍ବେଲ୍,
ମିବସମ୍, 30ମିଶ୍ମ, ଦୂମା, ମସା; ହଦଦ୍, ତେମା, ଯିଟୂର,
ନାଫୀଶ୍ ଓ କେଦମା। 31ଏସମସ୍ତେ ଇଶ୍ମାୟେଲଙ୍କର ପୁତ୍ରମାନେ
ଥିଲେ।

### କଟୂରାଙ୍କର ବଂଶଧର

32କଟୂରା ଅବ୍ରହାମଙ୍କର ଜଣେ ଦାସୀ ଥିଲେ। ସେ
ସିମ୍ରନ୍, ଯକଷନ୍, ମଦାନ୍, ମିଦୟନ୍, ଯିଶ୍ବକ୍ ଓ ଶୂହକୁ
ଜନ୍ମ ଦେଲେ।
ଯକଷନ୍ଙ୍କର ପୁତ୍ରମାନେ ଥିଲେ: ଶିବା ଓ ଦଦାନ୍।
33ମିଦୟନର ପୁତ୍ରଗଣ ଥିଲେ; ଐଫା, ଏଫର, ହନୋକ,
ଅବୀଦ, ଇଲଦାୟ। ଏହି ସମସ୍ତ ବ୍ୟକ୍ତିମାନେ କଟୂରାର
ବଂଶଧର ଥିଲେ।

### ସାରାହଙ୍କର ପୁତ୍ରଗଣ

34ଅବ୍ରହାମ୍ ଇସ୍ହାକଙ୍କର ପିତା ଥିଲେ। ସେହି ଇସ୍ହାକଙ୍କର
ପୁତ୍ରମାନେ ଥିଲେ: ଏଷୌ ଓ ଇସ୍ରାୟେଲ।
35ଏଷୌର ପୁତ୍ରମାନେ ଥିଲେ: ଇଲୀଫସ୍, ରୁୟେଲ,
ଯିୟୂସ୍, ଯାଲମ୍ ଓ କୋରହ।
36ଇଲୀଫସଙ୍କର ପୁତ୍ରମାନେ ଥିଲେ: ତୈମନ, ଓମାର,
ସଫୀ, ଗୟିତମ ଓ କନସ, ଇଲଫସ, ତିମ୍ନଙ୍କର ଓ
ଅମାଲେକ।
37ରୁୟେଲଙ୍କର ପୁତ୍ରମାନେ ଥିଲେ: ନହତ୍, ସେରହ, ଶମ୍ମ
ଓ ମିସା।

### ସେୟୀରରୁ ଆଗତ ଇଦୋମୀୟ

38ସେୟୀରର ପୁତ୍ରମାନେ ଥିଲେ: ଲୋଟନ୍, ଶୋବଲ୍,
ସିବୟୋନ୍, ଅନା, ଦିଶୋନ୍, ଏତ୍ସର ଓ ଦୀଶନ୍।
39ଲୋଟନର ପୁତ୍ରମାନେ ଥିଲେ: ହୋରି ଓ ହୋମମ୍।
ଲୋଟନଙ୍କର ତିମ୍ନା ନାମ୍ନୀ ଜଣେ ଭଗିନୀ ଥିଲେ।
40ଶୋବଲର ପୁତ୍ରମାନେ ଥିଲେ: ଅଲୟନ୍, ମାନହତ୍,
ଏବଲ; ଶଫୀ ଓ ଓନମ୍।
ସିବୟୋନର ପୁତ୍ରମାନେ ଥିଲେ: ଅୟା ଓ ଅନା।
41ଅନାର ପୁତ୍ର ଦିଶୋନ୍।
ଆଉ ଦିଶୋନର ପୁତ୍ରମାନେ ଥିଲେ: ହମ୍ରଣ, ଇଶ୍ବନ୍,
ଯିତ୍ରନ୍ ଓ କରାଣ।
42ଏତ୍ସରଙ୍କର ପୁତ୍ରମାନେ ଥିଲେ: ବିଲ୍ହନ୍, ସାବନ୍ ଓ
ଯାକନ୍। ଦୀଶନର ପୁତ୍ରମାନେ ଥିଲେ: ଊସ୍ ଓ ଅରାଣ।

### ଏଦୋମର ରାଜାଗଣ

43ଇଶ୍ରାୟେଲର ରାଜାଗଣଙ୍କର ବହୁ ପୂର୍ବରୁ ଇଦୋମର
ରାଜାମାନେ ଥିଲେ। ଇଦୋମର ରାଜାଗଣଙ୍କର ନାମ ଏହିପରି
ଥିଲା:
ବିୟୋରଙ୍କର ପୁତ୍ର ବେଲା; ପ୍ରଥମ ରାଜା ଥିଲେ। ବେଲାଙ୍କର
ନଗରର ନାମ ଥିଲା, ଦିନ୍ହାବା।
44ବେଲାଙ୍କର ମୃତ୍ୟୁ ହୁଅନ୍ତେ,ସେରହଙ୍କର ପୁତ୍ର ଯୋବବ୍
ନୂତନ ରାଜା ହେଲେ। ଯୋବବ୍ ବସ୍ରାରୁ ଆସିଥିଲେ।
45ଯୋବବ୍ଙ୍କ ମୃତ୍ୟୁ ପରେ ବେଦାଦ୍ଙ୍କର ପୁତ୍ର ନୂତନ
ରାଜା ହେଲେ। ହୂଶମ୍ ତେମାନୀୟମାନଙ୍କର ଦେଶରୁ ଆସିଥିଲେ।
46ହୂଶମ୍ଙ୍କର ମୃତ୍ୟୁ ପରେ ହଦଦ୍ ନୂତନ ରାଜା ହେଲେ।
ସେ ମୋୟାବ ଦେଶରେ ମିଦୟନୀୟଙ୍କୁ ପରାସ୍ତ କଲେ। ତାଙ୍କ
ନଗରର ନାମ ଥିଲା ଅବୀତ୍।
47ହଦଦ୍ଙ୍କର ମୃତ୍ୟୁ ପରେ ସମ୍ଲ ନୂତନ ରାଜା ହେଲେ।
ଏହି ସମ୍ଲ ମସ୍ରେକାରୁ ଆସିଥିଲେ।
48ସମ୍ଲଙ୍କ ମୃତ୍ୟୁ ପରେ ଶୌଲ୍ ନୂତନ ରାଜା ହେଲେ।
ଶୌଲ୍ ଫରାତ୍ ନଦୀ କୂଳସ୍ଥ ରହୋବୋତ୍ରୁ ଆସିଥିଲେ।
49ଶୌଲ୍ଙ୍କର ମୃତ୍ୟୁ ପରେ ଅକ୍ବୋରଙ୍କ ପୁତ୍ର ବାଲ୍ହାନନ୍
ନୂତନ ରାଜା ହେଲେ।
50ବାଲ୍ହାନନ୍ଙ୍କର ମୃତ୍ୟୁ ପରେ ହଦଦ୍ ନୂତନ ରାଜା
ହେଲେ। ହଦଦ୍ଙ୍କର ନଗରର ନାମ ଥିଲା ପାୟୀ। ହଦଦ୍ଙ୍କ
ସ୍ତ୍ରୀଙ୍କର ନାମ ଥିଲା ମହେଟବେଲ। ମହେଟବେଲ ମଟ୍ରେଦରଙ୍କ
କନ୍ୟା ଥିଲେ। ମଟ୍ରେଦର ମେଷାହବଙ୍କର କନ୍ୟା ଥିଲେ।
51ତା'ପରେ ହଦଦ୍ଙ୍କର ମୃତ୍ୟୁ ଘଟିଲା।
52ଇଦୋମର ନେତାମାନେ ଥିଲେ ତିମ୍ନ, ଅଲୟା, ଯିଥେତ୍
ଓ ଅହଲୀବାମା, ଏଲା, ପୀନୋନ୍, 53କନସ, ତୈମନ,
ମିବ୍ସର, 54ମଗ୍ଦୀୟେଲ ଓ ଈରମ୍। ଏହା ହିଁ ଇଦୋମଙ୍କର
ନେତାମାନଙ୍କର ତାଲିକା ଅଟେ।

### ଇଶ୍ରାୟେଲଙ୍କର ପୁତ୍ରଗଣ

2 ଇଶ୍ରାୟେଲଙ୍କର ପୁତ୍ରମାନେ ଥିଲେ ରୁବେନ୍, ଶିମିୟୋନ,
ଲେବୀ, ଯିହୁଦା, ଇଷାଖର, ସବୂଲୂନ 2ଦାନ୍, ଯୋଷେଫ,
ବିନ୍ୟାମୀନ, ନପ୍ତାଲୀ, ଗାଦ୍ ଓ ଆଶେର୍,

### ଯିହୁଦାଙ୍କର ପୁତ୍ରଗଣ

3ଯିହୁଦାଙ୍କର ପୁତ୍ରମାନେ ଥିଲେ ଏର୍, ଓନନ୍ ଓ ଶେଲା,
ବତ୍ଶୂୟା। ସେମାନଙ୍କର ମାତା ବତ୍ଶୂୟା କିଣାନ୍ ଦେଶରୁ
ଆଗତା ଜଣେ ସ୍ତ୍ରୀ ଥିଲେ। ସଦାପ୍ରଭୁ ଦେଖିଲେ ଯେ,
ଯିହୁଦାଙ୍କର ପ୍ରଥମ ପୁତ୍ର ଏର୍ ଅତ୍ୟନ୍ତ ମନ୍ଦ ଥିଲା। ତେଣୁ
ସଦାପ୍ରଭୁ ତାହାକୁ ହତ୍ୟା କଲେ। 4ଯିହୁଦାଙ୍କର ପୁତ୍ରବଧୂ
ତାମର ପେରସ ଓ ସେରହଙ୍କୁ ଜନ୍ମ ଦେଲା। ଏହିପରି
ଯିହୁଦାଙ୍କର ପାଞ୍ଚ ପୁତ୍ର ଥିଲେ।
5ପେରସଙ୍କର ପୁତ୍ରମାନେ ଥିଲେ ହିଷ୍ରୋଣ୍ ଓ ହାମୂଲ।
6ସେରହଙ୍କର ପାଞ୍ଚପୁତ୍ର ଥିଲେ। ସେମାନଙ୍କର ନାମ ଥିଲା
ସିମ୍ରି, ଏଥନ୍, ହେମନ୍, କଲ୍କୋଲ୍ ଓ ଦେରା।
7ସିମ୍ରିଙ୍କର ପୁତ୍ର ଥିଲେ କାର୍ମି। କାର୍ମିଙ୍କର ପୁତ୍ର ଥିଲେ*
ଆଖର। ଏହି ଆଖର ଇଶ୍ରାୟେଲ ନିମନ୍ତେ ବହୁତ ଦୁଃଖ
ବିପଦକୁ ଡାକି ଆଣିଥିଲେ ଯିଏକି ଆଖର ଯୁଦ୍ଧରେ ପାଇଥିବା
ବସ୍ତୁଗୁଡ଼କୁ ନିଜ ପାଖରେ ରଖିଥିଲେ କିନ୍ତୁ ସେ ସେହି
ବସ୍ତୁଗୁଡିକୁ ପରମେଶ୍ୱରଙ୍କୁ ଦେଇ ଦେବାର ଥିଲା।
8ଏଥନ୍ଙ୍କର ପୁତ୍ର ଥିଲେ ଅସରୀୟା।
9ହିଷ୍ରୋଣଙ୍କର ପୁତ୍ରମାନେ ଥିଲେ ଯିରହମେଲ, ରାମ୍ ଓ
କାଲୁବାୟ୍।

### ରାମ୍ଙ୍କର ବଂଶଧରଗଣ

10ରାମ୍ ଅମ୍ମୀନାଦବଙ୍କର ପିତା ଥିଲେ ଓ ଅମ୍ମୀନାଦବ
ଯିହୁଦାର ପରିବାରବର୍ଗ ମୁଖ୍ୟ ନହଶୋନଙ୍କର ପିତା ଥିଲେ।
11ନହଶୋନ ସଲ୍ମାଙ୍କର ପିତା ଥିଲେ। ସଲ୍ମା ବୋୟାଜଙ୍କ
ପିତା ଥିଲେ। 12ବୋୟଜ ଓବେଦଙ୍କର ପିତା ଥିଲେ। ଓବେଦ
ଯିଶୀଙ୍କର ପିତା ଥିଲେ। 13ଯିଶୀ ଇଲୀୟାବଙ୍କର ପିତା ଥିଲେ।
ଇଲୀୟାବ ଯିଶୀଙ୍କର ପ୍ରଥମ ଜାତ ପୁତ୍ର ଥିଲେ। ଯିଶୀଙ୍କର
ଦ୍ୱିତୀୟ ପୁତ୍ର ଥିଲେ ଅବିନାଦବ, ତାଙ୍କର ତୃତୀୟ ପୁତ୍ର ଥିଲେ
ଶିମ୍ମ। 14ନଥନେଲ ଯିଶୀଙ୍କର ଚତୁର୍ଥ ପୁତ୍ର ଥିଲେ। ଯିଶୀଙ୍କର
ପଞ୍ଚମ ପୁତ୍ର ଥିଲେ ରଦ୍ଦୟ। 15ଓତ୍ସମ ଯିଶୀଙ୍କର ଷଷ୍ଠ ପୁତ୍ର
ଥିଲେ ଓ ଦାଉଦ ଥିଲେ ତାଙ୍କର ସପ୍ତମ ପୁତ୍ର। ସେମାନଙ୍କର
ଭଉଣୀମାନେ ଥିଲେ ସରୁୟା ଓ ଅବୀଗଲ। 16ସରୁୟାର ତିନି
ପୁତ୍ର ଥିଲେ ଅବୀଶୟ, ଯୋୟାବ ଓ ଅସାହେଲ। 17ଅବୀଗେଲ
ଅମାସାର ମାତା ଥିଲେ। ଅମାସାଙ୍କର ପିତା ଥିଲେ ଯେଥର।
ଏହି ଯେଥର୍ ଇଶ୍ମାୟେଲୀୟ ଲୋକଙ୍କ ମଧ୍ୟରୁ ଆସିଥିଲା।

### କାଲେବଙ୍କର ବଂଶଧରଗଣ

18କାଲେବ୍ ହିଷ୍ରୋଣଙ୍କର ପୁତ୍ର ଥିଲେ। କାଲେବଙ୍କର
ନିଜ ସ୍ତ୍ରୀ ଅସୂବାରଙ୍କଠାରୁ ସନ୍ତାନ ଜନ୍ମ ହୋଇ ଥିଲେ।
ଅସୂବାର ଯିରୀୟୋତର କନ୍ୟା ଥିଲେ। ଅସୂବାରଙ୍କର ପୁତ୍ରମାନେ
ଥିଲେ: ଯେଶର, ଶୋବବ୍ ଓ ଅର୍ଦୋନ। 19ଅସୁବାରଙ୍କର
ମୃତ୍ୟୁ ପରେ କାଲେବ ଇଫ୍ରାଥାଙ୍କୁ ବିବାହ କଲେ। କାଲେବ
ଓ ଇଫ୍ରାଥାଙ୍କର ଗୋଟିଏ ପୁତ୍ର ହେଲା। ସେମାନେ ତାହାର
ନାମ ହୂର ଦେଲେ। 20ହୂର ଊରିଙ୍କର ପିତା ଥିଲେ। ଊରି
ବସଲେଲଙ୍କର ପିତା ଥିଲେ।

---

**ଆଖର** ଆଖର "ଆଖନ" ଯିହୋଶୂୟ 7:11 ଦେଖନ୍ତୁ।

21ପରେ, ହିଷ୍ରୋଣ ଷାଠିଏ ବର୍ଷ ବୟସରେ ମାଖୀରଙ୍କର
ଝିଅକୁ ବିବାହ କଲେ। ମାଖୀର ଗିଲୟଦ୍‌ଙ୍କର ପିତା ଥିଲେ।
ହିଷ୍ରୋଣ ମାଖୀରଙ୍କ ଝିଅ ସହିତ ସହବାସ କଲେ ଓ ସେ
ସଗୂବଙ୍କୁ ଜନ୍ମ ଦେଲେ। 22ସଗୂବ ଯାୟୀରଙ୍କର ପିତା ଥିଲେ।
ଗିଲୟଦ ଦେଶରେ ଯାୟୀରଙ୍କର ତେଇଶ ଗୋଟି ସହର
ଥିଲା, 23କିନ୍ତୁ ଗଶୂର ଓ ଅରାମ୍ ଯାୟୀରଙ୍କର ଗ୍ରାମଗୁଡ଼ିକୁ
ନେଇଗଲେ। ସେଗୁଡ଼ିକ ମଧ୍ୟରେ କନାତ୍ ଓ ତା' ଚାରପଟେ
ଛୋଟଛୋଟ ସହରଗୁଡ଼ିକ ଥିଲା। ସମୁଦାୟ ଷାଠିଏଟି ସହର
ଥିଲା। ଗିଲୟଦଙ୍କର ପିତା ମାଖୀରଙ୍କର ଏହି ସବୁ ସହର
ଥିଲା।
24ହିଷ୍ରୋଣ ମୃତ୍ୟୁବରଣ କଲାପରେ, କାଲେବଙ୍କର ସ୍ତ୍ରୀ
ଇଫ୍ରାଥା ଏକ ପୁତ୍ରକୁ ଜନ୍ମ ଦେଲେ। (ହିଷ୍ରୋଣର ସ୍ତ୍ରୀ ନାମ
ଅବୀୟାହ) ସେହି ପୁତ୍ରର ନାମ ଦିଆଗଲା ଅହୂସର। ଅହୂସର
ତକୋୟ ସହର ପ୍ରତିଷ୍ଠା କରିଥିଲେ।

## ଯିରହମେଲଙ୍କର ବଂଶଧରଗଣ

25ଯିରହମେଲ ହିଷ୍ରୋଣଙ୍କର ପ୍ରଥମ ପୁତ୍ର ଥିଲେ।
ଯିରହମେଲଙ୍କର ପୁତ୍ରମାନେ ଥିଲେ ରାମ୍, ବୂନା, ଓରଣ,
ଓତ୍ସମ ଓ ଅହିୟ। ରାମ ଯିରହମେଲଙ୍କର ପ୍ରଥମ ପୁତ୍ର
ଥିଲେ। 26ଯିରହମେଲଙ୍କର ଅଟାରା ନାମରେ ଆଉ ଜଣେ ସ୍ତ୍ରୀ
ଥିଲେ। ଏହି ଅଟାରା, ନାସଙ୍କର ମାତା ଥିଲେ।
27ଯିରହମେଲଙ୍କର ପ୍ରଥମ ପୁତ୍ର ଅରାମଙ୍କର ପୁତ୍ରମାନେ
ଥିଲେ ମାଷ୍ଠ, ଯାମୀନ ଓ ଏକର।
28ଓନମଙ୍କର ପୁତ୍ରମାନେ ଥିଲେ: ଶମ୍ମୟ ଓ ଯାଦା।
ଶମ୍ମୟଙ୍କର ପୁତ୍ରମାନେ ଥିଲେ: ନାଦବ ଓ ଅବୀଶୂର।
29ଅବୀଶୂରଙ୍କର ପତ୍ନୀଙ୍କର ନାମ ଥିଲା: ଅବୀହୟିଲ୍।
ସେମାନଙ୍କର ଦୁଇ ପୁତ୍ର ଥିଲେ। ସେହି ପୁତ୍ରମାନଙ୍କର ନାମ
ଥିଲା: ଅହବାନ୍ ଓ ମୋଲୀଦ୍।
30ନାଦବଙ୍କର ପୁତ୍ରମାନେ ଥିଲେ: ସେଲଦ୍ ଓ ଅପ୍ପୟିମ।
ସେଲଦ୍ ନିଃସନ୍ତାନ ହୋଇ ମୃତ୍ୟୁବରଣ କରିଥିଲେ।
31ଯିଶୟି ଅପ୍ପୟିମଙ୍କର ପୁତ୍ର ଥିଲେ। ଯିଶୟିଙ୍କର ପୁତ୍ର
ଥିଲେ: ଶେଶନ୍। ଶେଶନ୍‌ଙ୍କର ପୁତ୍ର ଥିଲେ: ଅହଲୟ।
32ଯାଦା ଶମ୍ମୟଙ୍କର ଭ୍ରାତା ଥିଲେ। ଯାଦାଙ୍କର ପୁତ୍ରମାନେ
ଥିଲେ: ଯେଥର , ଯୋନାଥନ। ଯେଥର ନିଃସନ୍ତାନ ହୋଇ
ମୃତ୍ୟୁବରଣ କଲେ।
33ଯୋନାଥନଙ୍କର ପୁତ୍ରମାନେ ଥିଲେ: ପେଲତ୍ ଓ ସାସା।
ଏହା ଯିରହମେଲଙ୍କ ସନ୍ତାନଗଣଙ୍କର ତାଲିକା ଅଟେ।
34ଶେଶନ୍‌ଙ୍କର କୌଣସି ପୁତ୍ର ନଥିଲେ। ତାଙ୍କର କେବଳ
କନ୍ୟାମାନେ ଥିଲେ। ଶେଶନ୍‌ଙ୍କର ଯାର୍ହା ନାମରେ ଜଣେ
ମିଶରୀୟ କ୍ରୀତଦାସ ଥିଲା। 35ଶେଶନ୍ ନିଜ ଝିଅକୁ ଯାର୍ହା
ସହିତ ବିବାହ ଦେଲେ। ସେମାନଙ୍କର ପୁତ୍ରଟିଏ ଜନ୍ମ ହେଲା।
ତାହାର ନାମ ଥିଲା: ଅତ୍ତୟ।
36ଅତ୍ତୟ ନାଥନଙ୍କର ପିତା ଥିଲେ। ନାଥନ ସାବଦକ୍‌ର
ପିତା ଥିଲେ। 37ସାବଦକ୍ ଇଫ୍‌ଲଲଙ୍କର ପିତା ଥିଲେ।
ଇଫ୍‌ଲଲ ଓବେଦ୍‌ଙ୍କର ପିତା ଥିଲେ। 38ଓବେଦ୍ ଯେହୁଙ୍କର
ପିତା ଥିଲେ। ଯେହୁ ଅସରୟଙ୍କ ପିତା ଥିଲେ। 39ଅସରୟ
ହେଲସଙ୍କର ପିତା ଥିଲେ। ହେଲସ ଇଲୀୟାସାଙ୍କ ପିତା
ଥିଲେ। 40ଇଲୀୟାସ ସିସମୟଙ୍କର ପିତା ଥିଲେ। ସିସମୟ
ଶଲ୍ଲୁମଙ୍କର ପିତା ଥିଲେ। 41ଶଲ୍ଲୁମ୍ ଯିକମିୟଙ୍କ ପିତା ଥିଲେ
ଏବଂ ଯିକମିୟ ଇଲୀଶାମାଙ୍କର ପିତା ଥିଲେ।

## କାଲେବ୍‌ଙ୍କର ପରିବାର

42କାଲେବ୍ ଯିରହମେଲଙ୍କର ଭ୍ରାତା ଥିଲେ। କାଲେବଙ୍କର
କେତୋଟି ପୁତ୍ର ଥିଲେ। ପ୍ରଥମ ପୁତ୍ର ଥିଲେ ମେଶା। ମେଶା
ସୀଫ୍‌ଙ୍କର ପିତା ଥିଲେ। କାଲେବଙ୍କର ଆହୁରି ମଧ୍ୟ ପୁତ୍ର
ଥିଲେ। ମାରେଶା ହିବ୍ରୋଣଙ୍କ ପିତା ଥିଲେ।
43ହିବ୍ରୋଣଙ୍କ ପୁତ୍ରମାନେ ଥିଲେ: କୋରହ, ତପୂହ,
ରେକମ୍ ଓ ଶେମା। 44ଶେମା ରହମ୍‌ଙ୍କ ପିତା ଥିଲେ।
ରହମ୍ ଯର୍କୟମଙ୍କ ପିତା ଥିଲେ। ରେକମ୍ ଶମ୍ମୟଙ୍କ ପିତା
ଥିଲେ। 45ଶମ୍ମୟ ମାୟୋନ୍‌ଙ୍କର ପୁତ୍ର ଥିଲେ। ମାୟୋନ୍
ବୈଥ୍-ସୂରଙ୍କର ପିତା ଥିଲେ।
46କାଲେବଙ୍କର ଦାସୀର ନାମ ଥିଲା ଐଫା। ଐଫା
ହାରଣ, ମୋତ୍‌ସା ଓ ଗାସେସଙ୍କର ମାତା ଥିଲେ। ହାରଣ
ଗାସେସଙ୍କର ପିତା ଥିଲେ।
47ଯେହଦୟଙ୍କର ପୁତ୍ରମାନେ ଥିଲେ: ରେଗମ୍, ଯୋଥମ୍,
ଗେଶନ୍, ପେଲଟ, ଐଫା ଓ ଶାଫ୍।
48ମାଖା ନାମ୍ନୀ କାଲେବରଙ୍କର ଆଉ ଜଣେ ଦାସୀ
ଥିଲେ। ମାଖା ଶେବର ଓ ତିର୍ହନଃଙ୍କର ମାତା ଥିଲେ।
49ମାଖା ଶାଫ ଓ ଶିବାଙ୍କର ମଧ୍ୟ ମାତା ଥିଲେ। ଶାଫ
ମଦମନ୍ନାଙ୍କର ପିତା ଥିଲେ। ଶିବା ମଗବେନାର ଓ ଗିବୟାଙ୍କର
ପିତା ଥିଲେ। କାଲେବରଙ୍କର ଝିଅ ଥିଲେ ଅକ୍‌ଷା।
50ଏହା କାଲେବଙ୍କର ଉତ୍ତରାଧିକାରୀ ବଂଶମାନଙ୍କର ତାଲିକା
ଅଟେ। ହୂର କାଲେବଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ। ସେ
ଇଫ୍ରାଥାଙ୍କ ଠାରୁ ଜନ୍ମ ହୋଇଥିଲେ। ହୂରଙ୍କର ପୁତ୍ର ଶୋବଲ
ଥିଲେ, କିରୟତ୍-ଯିୟାରୀମ୍‌ର ପ୍ରତିଷ୍ଠାତା ଥିଲେ। 51ଶଲ୍‌ମ
ବୈଥ୍‌ଲେହମର ପ୍ରତିଷ୍ଠାତା ଓ ହାରେଫ୍ ବୈଥ୍‌ଗାଦରର ପ୍ରତିଷ୍ଠାତା
ଥିଲେ।
52ଶୋବଲ କିରୟତ୍-ଯିୟାରୀମ୍‌ର ପ୍ରତିଷ୍ଠାତା ଥିଲେ। ଏହା
ଶୋବଲଙ୍କ ବଂଶଧରମାନଙ୍କର ଏକ ତାଲିକା ଅଟେ। ହରୋୟା,
ମନୁହୋଥର ଅର୍ଦ୍ଧେକ ଲୋକ; 53କିରୟତ୍-ଯିୟାରୀମ ପରିବାର
ବର୍ଗମାନେ ଥିଲେ, ଯିତ୍ରୀୟ, ପୂଥୀୟ, ଶୂମାଥୀୟ ଓ ମିଶ୍ରାୟୀୟ।
ସରାୟୀୟ ଓ ଇଷ୍ଟାୟୋଲୀୟଗଣ ମିସ୍ରାୟୀୟରୁ ଆସିଥିଲେ।
54ଶଲ୍‌ମଙ୍କର ବଂଶଧରମାନେ ଥିଲେ, ବୈଥଲେହମ୍
ନଟୋଫାତୀୟ, ଅଟ୍ରୋତ୍‌ବେତ୍ ଯୋୟାବ ମନହୋତୀୟର
ସରରୀୟର ଅର୍ଦ୍ଧେକ ଲୋକ, 55ଏବଂ ଯାବେସ୍‌ରେ ବାସ
କରୁଥିବା ଲିପିକାରମାନଙ୍କର ପରିବାରସବୁ ତିରୟାଥୀୟ,
ଶିମିୟଥୀୟ ଓ ସୂଖାଥୀୟ ଥିଲେ। ଏହି କୀନୀୟ ଲୋକମାନେ
ହମ୍ମତ୍‌ରୁ ଆସିଥିଲେ। ହମ୍ମତ୍ ବେଥ-ରେଖାବର ପ୍ରତିଷ୍ଠାତା
ଥିଲେ।

## ଦାଉଦଙ୍କର ପୁତ୍ରଗଣ

3 ଦାଉଦଙ୍କର କେତୋଟି ପୁତ୍ର ହିବ୍ରୋଣ ସହରରେ ଜନ୍ମ
ହୋଇଥିଲେ। ଦାଉଦଙ୍କ ପୁତ୍ରମାନଙ୍କର ତାଲିକା ଏହି
ପ୍ରକାରରେ ଥିଲା:

ଦାଉଦଙ୍କର ପ୍ରଥମଜାତ ପୁତ୍ର ଥିଲେ ଅମ୍ନୋନ୍। ଅମ୍ନୋନ୍‌ଙ୍କର
ମାତା ଥିଲେ ଅହୀନୋୟମ। ସେ ଯିଷ୍ରିୟେଲୀୟ ସହରରୁ
ଆସିଥିଲେ।
ଦ୍ୱିତୀୟ ପୁତ୍ର ଥିଲେ ଦାନୟେଲ୍। ତାଙ୍କର ମାତା ଅବୀଗଲ
କାର୍ମିଲୀୟାରୁ ଆସିଥିଲେ।
2ତୃତୀୟ ପୁତ୍ର ଥିଲେ ଅବଶାଲୋମ୍। ତାଙ୍କର ମାତା ମାଖା
ତଲ୍‌ମୟଙ୍କର ଝିଅ ଥିଲେ। ଏହ ତଲ୍‌ମୟ ଗଶୂରର ରାଜା
ଥିଲେ।
ଚତୁର୍ଥ ପୁତ୍ର ଥିଲେ ଅଦୋନୀୟ। ତାଙ୍କର ମାତା ଥିଲେ
ହଗୀତ୍।
3ପଞ୍ଚମ ପୁତ୍ର ଥିଲେ ଶଫଟୀୟ। ତାଙ୍କର ମାତା ଥିଲେ:
ଅବୀଟଲ୍।
ଷଷ୍ଠ ପୁତ୍ର ଥିଲେ ଯିତ୍ରିୟମ। ତାଙ୍କର ମାତା ଇଗ୍ଲା,
ଦାଉଦଙ୍କର ସ୍ତ୍ରୀ ଥିଲେ। 4ଦାଉଦ ହବ୍ରୋଣରେ ଥିବା ସମୟରେ
ଏହ ଛଅ ପୁତ୍ର ଜନ୍ମ ହୋଇଥିଲେ।
ଦାଉଦ ସେଠାରେ ସାତବର୍ଷ ଓ ଛଅମାସ ରାଜତ୍ୱ କଲେ
ଏବଂ ତା'ପରେ ସେ ତେତିଶ ବର୍ଷ ଯିରୁଶାଲମରେ ରାଜତ୍ୱ
କଲେ।
5ଯିରୁଶାଲମରେ ଦାଉଦଙ୍କର ଏହ ପୁତ୍ରମାନେ ଜନ୍ମ
ହୋଇଥିଲେ।
ବତ୍‌ଶୂୟାଙ୍କଠାରୁ ଚାରି ସନ୍ତାନ ଜନ୍ମ ହୋଇଥିଲେ। ବତ୍‌ଶୂୟା
ଅମ୍ମୀୟେଲଙ୍କ ଝିଅ ଥିଲେ। ଶିମିୟ, ଶୋବବ୍, ନାଥନ ଓ
ଶଲୋମନ୍। 6-8ଅନ୍ୟ ନଅ ଜଣ ପୁତ୍ର ହେଲେ: ଯିଭର,
ଇଲୀଶାମା, ଇଲୀଫେଲଟ୍, ନୋଗହ, ନେଫଗ୍, ଯାଫୀୟ,
ଇଲୀୟାଦା, ଇଲୀଶାମା ଓ ଇଲୀଫେଲଟ୍। 9ଏମାନେ ସମସ୍ତେ
ଦାଉଦଙ୍କ ପୁତ୍ରଗଣ ଥିଲେ। ଏହାଛଡା ତାଙ୍କର ଉପପତ୍ନୀମାନଙ୍କର
ମଧ୍ୟ ପୁତ୍ରଗଣ ଥିଲେ। ତାମର ସେମାନଙ୍କର ଭଉଣୀ ଥିଲେ।

## ଦାଉଦଙ୍କ ରାଜତ୍ୱ ପରେ ଯିହୁଦାର ରାଜାଗଣ

10ଶଲୋମନଙ୍କର ପୁତ୍ର ଥିଲେ ରହବୟାମ୍ ଓ ରହବୟାମ୍‌ଙ୍କର
ପୁତ୍ର ଥିଲେ ଅବୟ। ଅବୟଙ୍କର ପୁତ୍ର ଥିଲେ ଆସା।
ଆସାଙ୍କର ପୁତ୍ର ଥିଲେ ଯିହୋଶାଫଟ୍। 11ଯିହୋଶାଫଟ୍‌ଙ୍କର
ପୁତ୍ର ଥିଲେ ଯୋରାମ। ଯୋରାମଙ୍କର ପୁତ୍ର ଥିଲେ ଅହସିୟ।
ଅହସିୟଙ୍କର ପୁତ୍ର ଥିଲେ ଯୋୟାଶ୍। 12ଯୋୟାଶ୍‌ଙ୍କ ପୁତ୍ର
ଥିଲେ ଅମତ୍‌ସିୟ। ଅମତ୍‌ସିୟଙ୍କ ପୁତ୍ର ଥିଲେ ଅସରୟ।
ଅସରୟଙ୍କ ପୁତ୍ର ଥିଲେ ଯୋଥମ୍। 13ଯୋଥମ୍‌ଙ୍କ ପୁତ୍ର ଥିଲେ
ଆହସ। ଆହସଙ୍କ ପୁତ୍ର ଥିଲେ ହଜକୟ। ହଜକୟଙ୍କ ପୁତ୍ର
ଥିଲେ ମନଃଶି। 14ମନଃଶିଙ୍କ ପୁତ୍ର ଥିଲେ ଆମୋନ୍।
ଆମୋନ୍‌ଙ୍କ ପୁତ୍ର ଥିଲେ ଯୋଶିୟ।
15ଯୋଶିୟଙ୍କ ପୁତ୍ରମାନଙ୍କର ତାଲିକା ଏହ: ପ୍ରଥମ ପୁତ୍ର
ଯୋହାନନ୍, ଦ୍ୱିତୀୟ ପୁତ୍ର ଯିହୋୟାକୀମ୍, ତୃତୀୟ ପୁତ୍ର
ସିଦକୟ, ଚତୁର୍ଥ ପୁତ୍ର ଶଲ୍ଲୁମ୍।
16ଯିହୋୟାକୀମଙ୍କ ପୁତ୍ର ଥିଲେ ଯିହୋୟାଚୀନ*, ତାଙ୍କର
ପୁତ୍ର ଥିଲେ ସିଦକୟ।

## ବାବଲୋନ୍ ଯିହୁଦାକୁ ପରାସ୍ତ କରିବାପରେ ଦାଉଦଙ୍କର ପରିବାର ବର୍ଗ

17ଯିକନୟ ବାବଲୋନ୍‌ରେ ବନ୍ଦୀ ହୋଇ ଯିବା ପରେ,
ଯିକନୟଙ୍କର ସନ୍ତାନମାନଙ୍କର ତାଲିକା। ତାଙ୍କର ସନ୍ତାନମାନେ
ଥିଲେ; ଶଲ୍‌ଟୀୟେଲ୍, 18ମଲ୍‌କୀରାମ୍, ପଦାୟ, ଶିନତ୍‌ସର,
ଯିକମିୟ, ହୋଶାମା ଓ ନଦବୟ।
19ପଦାୟଙ୍କର ପୁତ୍ରମାନେ ଥିଲେ ସରୁବ୍ବାବେଲ ଓ ଶିମିୟି।
ସରୁବ୍ବାବିଲଙ୍କର ପୁତ୍ରମାନେ ଥିଲେ ମଶୁଲ୍ଲମ ଓ ହନାନୟ।
ଶଲୋମୀତ ସେମାନଙ୍କର ଭଉଣୀ ଥିଲେ। 20ସରୁବ୍ବାବିଲଙ୍କର
ଆହୁରି ପାଞ୍ଚ ପୁତ୍ର ଥିଲେ। ସେମାନଙ୍କର ନାମ ଥିଲା ହଶୂବା,
ଓହେଲ, ବେରେଖିୟ, ହସଦୟ ଓ ଯୁଶବ ହେଷଦ୍।
21ହନାନୟଙ୍କର ପୁତ୍ରମାନେ ଥିଲେ ପ୍ଲଟିୟ ଓ ତାଙ୍କର
ପୁତ୍ର ଥିଲେ ଯିଶାୟାହ। ତାଙ୍କର ପୁତ୍ର ଥିଲେ: ରଫାୟର ଓ
ତାଙ୍କର ପୁତ୍ର ଥିଲେ ଅର୍ଣ୍ଣନର ଓ ତାଙ୍କର ପୁତ୍ର ଥିଲେ
ଓବଦୟର ଓ ତାଙ୍କର ପୁତ୍ର ଥିଲେ ଶଖନୟର।
22ଶଖନୟରଙ୍କର ବଂଶଧରମାନଙ୍କର ତାଲିକା ଏହ: ଶମୟିୟ।
ଶମୟିୟଙ୍କର ଛଅ ପୁତ୍ର ଥିଲେ: ହଟୁଶ୍, ଯିଗାଲ, ବାରୀହ,
ନୟରୟ, ଶେମାୟିହ ଓ ଶାଫଟ୍।
23ନୟରୟଙ୍କର ତିନି ପୁତ୍ର ଥିଲେ, ସେମାନେ ହେଲେ
ଇଲୀୟୋ-ଐନୟ, ହଜକୟ, ଅସ୍ରୀକାମ।
24ଇଲୀୟୋ-ଐନୟଙ୍କର ସାତ ପୁତ୍ର ଥିଲେ। ସେମାନେ
ହେଲେ ହୋଦବୟ, ଇଲୀୟାଶୀବ, ପ୍ଲାୟ, ଅକ୍କୂବ୍, ଯୋହାନନ୍,
ଦଲାୟ ଓ ଅନାନ।

## ଯିହୁଦାର ଅନ୍ୟାନ୍ୟ ପରିବାରବର୍ଗ

4 ଯିହୁଦାଙ୍କର ପୁତ୍ରଗଣଙ୍କ ତାଲିକା ଏହପରି ଅଟେ।
ସେମାନେ ଥିଲେ ପେରସ, ହଷ୍ରୋଣ, କର୍ମି, ହୂର ଓ
ଶୋବଲ୍।
2ଶୋବଲ୍‌ଙ୍କର ପୁତ୍ର ଥିଲେ ରାୟା। ରାୟା ଯହତଙ୍କର
ପିତା ଥିଲେ। ଯହତ ଅହୂମୟ ଓ ଲହଦଙ୍କର ପିତା ଥିଲେ।
ଏମାନେ ସରୀୟାୟଙ୍କର ବଂଶଧର ଅଟନ୍ତି।
3ଐଟମ୍‌ଙ୍କର ପୁତ୍ରମାନେ ଥିଲେ ଯିଷ୍ରିୟେଲ, ଯିଶ୍ମା, ଓ
ଯିଦ୍‌ବଶ। ଆଉ ସେମାନଙ୍କର ହତ୍‌ସଲ୍ଲେଲ-ପୋନୀ ନାମ୍ନୀ ଜଣେ
ଭଉଣୀ ଥିଲା।
4ପନୂୟେଲ୍ ଗଦୋରଙ୍କ ପିତା ଥିଲେ ଏବଂ ଏସର
ହୂଶରଙ୍କ ପିତା ଥିଲେ।
ଏହ ସମସ୍ତେ ହୂରଙ୍କର ପୁତ୍ରଗଣ ଥିଲେ। ହୂର ଇଫ୍ରାଥାଙ୍କର
ପ୍ରଥମ ପୁତ୍ର ଥିଲେ ଏବଂ ଇଫ୍ରାଥା ବୈଥଲେହମର ପ୍ରତିଷ୍ଠାତା
ଥିଲେ।
5ଅସହୂର ତକୋୟଙ୍କର ପିତା ଥିଲେ। ଅସହୂରଙ୍କର ଦୁଇ
ପତ୍ନୀ ଥିଲେ। ସେମାନଙ୍କର ନାମ ଥିଲା ହଲା ଓ ନାରା।
6ନାରାଙ୍କର ପୁତ୍ରମାନେ ଥିଲେ ଅହୁଷମ୍, ହେଫର,
ତୈମିନିକ ଓ ଅହସ୍ତରିକ। ଅସହୂରଙ୍କଠାରୁ ନାରା ଏହ
ପୁତ୍ରମାନଙ୍କୁ ଜନ୍ମ ଦେଇଥିଲେ। 7ହଲାଙ୍କର ପୁତ୍ରମାନେ ଥିଲେ
ସେରତ, ଯିତ୍‌ସୋହର, ଓ ଇତ୍‌ନନ୍। 8କୋଜ୍ ଆନୁବ୍,
ହକ୍କୋସଙ୍କର ଓ ଅହ୍‌ହେଲଙ୍କ ପିତା ଥିଲେ। ଅହହେଲ
ହାରୁମଙ୍କ ପୁତ୍ର ଥିଲେ।

---

**ଯିହୋୟାଚୀନ** ଏହାଙ୍କୁ ମଧ୍ୟ ଯିକନୟ କହୁଥିଲେ।

**9**ଯାବେଷ୍ ତାଙ୍କର ଭ୍ରାତାମାନଙ୍କ ଅପେକ୍ଷା ଅଧିକ ସମ୍ମାନିତ
ହେଲେ। ତାଙ୍କର ମାତା କହିଲେ, "ମୁଁ ତାହାର ନାମ
ଯାବେଷ୍* ଦେଇଅଛି, କାରଣ ତାହାକୁ ଜନ୍ମ ଦେବା ସମୟରେ
ମୋତେ ଅତିଶୟ ଯନ୍ତ୍ରଣା ହୋଇଥିଲା।" **10**ଯାବେଷ୍ ଇସ୍ରାଏଲର
ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରି କହିଲେ, "ମୁଁ
ପ୍ରାର୍ଥନା କରୁଅଛି ତୁମ୍ଭେ ମୋତେ ଆଶୀର୍ବାଦ କର। ମୁଁ ଇଚ୍ଛା
କରେ ଯେ, ତୁମ୍ଭେ ମୋତେ ଅଧିକ ଦେଶ ରାଜତ୍ୱ କରିବାକୁ
ଦିଅ। ତୁମ୍ଭେ ମୋର ପାଖେ ପାଖେ ରୁହ ଓ ମୋତେ
ଆଘାତ କରିବାକୁ କାହାକୁ ଦିଅନାହିଁ। ତେବେ ମୋହର
କୌଣସି କଷ୍ଟ ହେବ ନାହିଁ।" ଯାବେଷ୍ ଯାହାକିଛି ମାଗିଲେ,
ପରମେଶ୍ୱର ତାଙ୍କୁ ସେହି ସବୁ ପ୍ରଦାନ କଲେ।

**11**କଲୂବ୍ ଶୁହଙ୍କ ଭ୍ରାତା ଥିଲେ। କଲୂବ୍ ମହୀରଙ୍କ ପିତା
ଥିଲେ। ମହୀର ଇଷ୍ଟୋନର ପିତା ଥିଲେ। **12**ଇଷ୍ଟୋନ
ବୈଥ୍ରଫା, ପାସେହ ଓ ତହିନ୍ନଙ୍କର ପିତା ଥିଲେ। ତହିନ୍ନ
ଇର, ନାହସ୍ଙ୍କର ପିତା ଥିଲେ। ଏହି ବ୍ୟକ୍ତିଗଣ ରେକା
ନିବାସୀ ଥିଲେ।

**13**କନସଙ୍କର ପୁତ୍ରମାନେ ଥିଲେ ଅତ୍ନୀୟେଲ ଓ ସରାୟ,
ଅତ୍ନୀୟେଲଙ୍କର ପୁତ୍ରମାନେ ଥିଲେ ହଥତ୍ ଓ ମିୟୋନୋଥୟ୍।
**14**ମିୟୋନୋଥୟ୍ ଅଫ୍ରାଙ୍କର ପିତା ଥିଲେ।

ଏବଂ ସରାୟ୍ ଯୋୟାବଙ୍କର ପିତା ଥିଲେ। ଯୋୟାବ
କାରିଗର ଉପତ୍ୟକା ସହରର ପ୍ରତିଷ୍ଠାତା ଥିଲେ। ଏହି ସହର
କାରିଗର ଉପତ୍ୟକା ନାମରେ ଡକାଯାଏ। ସେହି ସ୍ଥାନର
ଅଧିବାସୀମାନେ ଏହି ନାମ ବ୍ୟବହାର କରୁଥିଲେ। କାରଣ
ଏହାର ଲୋକମାନେ ଖୁବ୍ ଦକ୍ଷ କାରିଗର ଥିଲେ।

**15**କାଲେବ୍ ଯିଫୁନ୍ନିଙ୍କର ପୁତ୍ର ଥିଲେ। କାଲେବଙ୍କର
ପୁତ୍ରମାନେ ଥିଲେ ଈରୁ, ଏଲା ଓ ନୟମ। ଏଲାଙ୍କର ପୁତ୍ର
ଥିଲେ କନସ୍।

**16**ଯିହଲଲେଲ୍ଙ୍କର ପୁତ୍ରମାନେ ଥିଲେ ସୀଫ୍, ସୀଫା,
ତୀରିୟ୍ ଓ ଅସାରେଲ।

**17-18**ଏଜ୍ରାଙ୍କର ପୁତ୍ରମାନେ ଥିଲେ ଯେଥର, ମେରଦ,
ଏଫର ଓ ଯାଲୋନ୍। ମେରଦଙ୍କର ବିଥିୟା ନାମ୍ନୀ ଜଣେ
ମିଶରୀୟା ସ୍ତ୍ରୀ ଥିଲେ। ସେ ଗର୍ଭଧାରଣ କଲେ ଏବଂ
ମରିୟମ, ଶମ୍ମୟ ଓ ଇଷ୍ଟିମୋୟଙ୍କର ପିତା ଯିଶ୍ବହଙ୍କୁ ଜନ୍ମ
ଦେଲେ ଏବଂ ତାଙ୍କର ଯିହୁଦୀୟ ପତ୍ନୀ ଯେରଦ୍, ହେବର ଓ
ଯିକୂଥୀୟେଲଙ୍କୁ ଜନ୍ମ ଦେଲେ। ଯେରଦ୍ ଗଦୋରଙ୍କ ପିତା
ଥିଲେ। ହେବର୍ ସଖୋଙ୍କର ପିତା ଥିଲେ ଏବଂ ଯିକୁଥୀୟେଲ
ଯିନୋହଙ୍କର ପିତା ଥିଲେ। ଏହିସବୁ ପୁତ୍ର ବିଥିୟାଙ୍କର
ଥିଲେ। ବିଥିୟା ଫାରୋଙ୍କର କନ୍ୟା ଥିଲେ। ସେ ମେରଦଙ୍କର
ମିଶରୀୟା ପତ୍ନୀ ଥିଲେ।

**19**ମେରଦଙ୍କର ସ୍ତ୍ରୀ ହୋଦୟ ନହମଙ୍କର ଭଗିନୀ ଥିଲେ।
ମେରଦଙ୍କ ସ୍ତ୍ରୀଙ୍କ ପୁତ୍ରମାନେ କିୟୀଲା ଓ ଇଷ୍ଟିମୋୟଙ୍କ ପିତା
ଥିଲେ। କିୟୀଲା ଗର୍ମୀୟ ଲୋକମାନଙ୍କ ମଧ୍ୟରୁ ଆସିଥିଲେ ଓ
ଇଷ୍ଟିମୋୟ-ମାଖାତୀୟ ଲୋକମାନଙ୍କ ମଧ୍ୟରୁ ଆସିଥିଲେ।
**20**ଶିମୋନର ପୁତ୍ରମାନେ ଥିଲେ ଅମ୍ନୋନ୍, ରିର୍ଣ୍ଣ, ବିନ୍ହାନନ
ଓ ତୀଲୋନ।

ଯିଶୀୟିଙ୍କ ପୁତ୍ର ମାନେ ଥିଲେ: ସୋହେତ୍ ଓ ବିନ୍
ସୋହେତ୍। **21**ଶେଲା ଯିହୁଦାର ପୁତ୍ର ଥିଲେ। ତାଙ୍କର
ପୁତ୍ରମାନେ ଥିଲେ, ଲେକାର ପିତା ଏର ଓ ମାରେଶାଙ୍କର
ପିତା ଲାଦା ଏବଂ ଏହି ପରିବାରବର୍ଗ ବେଥ୍-ଅସବେୟରେ
ଥିବା କାର୍ପାସ କାର୍ଯ୍ୟର କର୍ତ୍ତା ଥିଲେ। **22**ଯୋକୀମ ଏବଂ
କୋଷେବାର ଲୋକେ, ଯୋୟାଶ ଓ ସାରଫ ମୋୟାବୀୟ*
ସ୍ତ୍ରୀମାନଙ୍କୁ ବିବାହ କରିଥିଲେ। ଏହାପରେ ସେମାନେ
ବୈଥଲେହମକୁ ଫେରି ଯାଇଥିଲେ। ଏହି ଲେଖାଗୁଡିକ ଅତି
ପ୍ରାଚୀନ ଅଟେ। **23**ଶେଲାଙ୍କ ପୁତ୍ରମାନେ ମୃତ୍ତିକାରୁ ବିଭିନ୍ନ
ବସ୍ତୁ ନିର୍ମାଣକାରୀ ମୃତ୍ତିକାର ଥିଲେ। ସେମାନେ ନତାୟିମ ଓ
ଗଦେରାରେ ବାସ କରୁଥିଲେ। ସେମାନେ ସେହି ସହରଗୁଡିକରେ
ରହି ରାଜାଙ୍କ ନିମନ୍ତେ କାର୍ଯ୍ୟ କରୁଥିଲେ।

## ଶିମିୟୋନଙ୍କ ସନ୍ତାନଗଣ

**24**ଶିମିୟୋନଙ୍କର ପୁତ୍ରମାନେ ଥିଲେ ନମୂୟେଲ, ଯାମୀନ,
ଯାରୀବ, ସେରହ ଓ ଶୌଲ। **25**ଶୌଲଙ୍କର ପୁତ୍ର ଥିଲେ
ଶଲ୍ଲୁମ। ଶଲ୍ଲୁମଙ୍କର ପୁତ୍ର ଥିଲେ ମିବ୍ସମ୍। ମିବ୍ସମ୍ଙ୍କର ପୁତ୍ର
ଥିଲେ ମିସ୍ମ।

**26**ମିସ୍ମଙ୍କର ପୁତ୍ର ଥିଲେ ହାମୁୟେଲ। ହାମୁୟେଲଙ୍କର
ପୁତ୍ର ଥିଲେ ସାକ୍କୁର। ସାକ୍କୁରଙ୍କର ପୁତ୍ର ଥିଲେ ଶିମୟି।
**27**ଶିମୟିଙ୍କର ଷୋହଳ ଜଣ ପୁତ୍ର ଥିଲେ ଓ ଛଅ ଜଣ
କନ୍ୟା ଥିଲେ। କିନ୍ତୁ ଶିମୟିଙ୍କର ଭ୍ରାତାମାନଙ୍କର କୌଣସି
ସନ୍ତାନ ସନ୍ତତି ନ ଥିଲେ। ଶିମୟିଙ୍କର ଭ୍ରାତାମାନଙ୍କର
କୌଣସି ବଡ଼ ପରିବାର ନ ଥିଲା। ଯିହୁଦାର ଅନ୍ୟାନ୍ୟ
ପରିବାରଗୁଡ଼ିକ ପରି ସେମାନଙ୍କର ପରିବାରବର୍ଗ ବଡ଼ ନ
ଥିଲା।

**28**ଶିମୟିଙ୍କର ବଂଶଧରମାନେ ବେରଶେବା, ମୋଲାଦାର,
ହତ୍ସରଶୂୟାଲ, **29**ବିଲ୍ହା, ଏତ୍ସମ, ତୋଲଦ୍, **30**ବଥୂୟେଲ,
ହର୍ମା, ସିକ୍ଲଗ, **31**ବେଥ୍ମର୍କାବୋଦ, ହତ୍ସର, ସୂଷୀମ, ବୈଥବିରୀ
ଓ ସାରୟିମରେ ବାସ କରୁଥିଲେ। ଦାଉଦ ରାଜା ହେବା
ପର୍ଯ୍ୟନ୍ତ ସେମାନେ ସେହି ସବୁ ନଗରରେ ବାସ କରୁଥିଲେ।
**32**ଏହି ସହରଗୁଡ଼ିକ ନିକଟରେ ଥିବା ପାଞ୍ଚଗୋଟି ଗ୍ରାମର
ନାମ ଥିଲା ଐଟମ୍, ଐନ୍, ରିମ୍ମୋନ, ତୋଖେନ୍ ଓ ଆଶନ୍।
**33**ବାଲ ପରି କେତୋଟି ସୁଦୂରବର୍ତ୍ତୀ ଗ୍ରାମ ମଧ୍ୟ ଥିଲା। ଏହି
ସବୁ ସ୍ଥାନରେ ସେମାନେ ବାସ କରୁଥିଲେ। ଆହୁରି ମଧ୍ୟ
ସେମାନେ ନିଜର ପରିବାରର ଇତିହାସ ଲେଖି ରଖୁଥିଲେ।

**34-38**ଏହା ହେଉଛି ସେମାନଙ୍କ ପରିବାରବର୍ଗ ନେତାମାନଙ୍କର
ତାଲିକା। ସେମାନେ ଥିଲେ ମଶୋବବ୍, ଯମ୍ଲେକ୍, ଯୋଶ
ଅମତ୍ସିୟରଙ୍କ ପୁତ୍ର ଯୋୟେଲ୍, ଯୋଶିବିୟଙ୍କ ପୁତ୍ର ଯେହୂ,
ସରାୟଙ୍କ ପୁତ୍ର ଅସୀୟେଲ୍, ଇଲୟୋ-ଐନୟ୍, ଯାକୋବା,
ଯିଶୋହାୟ, ଅସାୟ, ଅଦୀୟେଲ୍, ଯିଶୀମିୟେଲ, ବନାୟ ଓ
ସୀଷଃ, ଶିଫୀଙ୍କ ପୁତ୍ର। ଶିଫିୟି ଆଲୋନଙ୍କ ପୁତ୍ର ଓ
ଆଲ୍ଲୋନ ଯିଦାୟଙ୍କ ପୁତ୍ର, ଯିଦାୟ ଶମୟିଙ୍କ ପୁତ୍ର ଓ ଶିମିୟି
ଶମୟିୟଙ୍କ ପୁତ୍ର ଥିଲେ।

---

**ଯାବେଷ** ଯନ୍ତ୍ରଣାର ହିବ୍ରୁ ଶବ୍ଦ, ଯାବୁଷ ପରି ଶୁଣାଯାଏ।

**ମୋୟାବୀୟ** ସ୍ତ୍ରୀ କିମ୍ବା ମୋୟାବରେ ନିଜର ସଂପତ୍ତି କିମ୍ବା ମୋୟାବର ନେତାଗଣ କିମ୍ବା ମୋୟାବ ପାଇଁ କାମ କରିଥିବ।

ଏହି ବ୍ୟକ୍ତିମାନଙ୍କର ପରିବାର ବୃଦ୍ଧି ଲାଭ କରି ଅତି
ବୃହତ୍ ହେଲା। 39ସେମାନେ ଉପତ୍ୟକାର ପୂର୍ବ ପାର୍ଶ୍ୱସ୍ଥ
ଗଦୋର ସହରର ବହିର୍ଦ୍ଦେଶରେ ଥିବା ସ୍ଥାନକୁ ଗମନ
କଲେ। ସେମାନେ ନିଜର ପଶୁ ଓ ମେଷ ପଲ ନିମନ୍ତେ
ଚାରଣଭୂମି ଖୋଜିବାକୁ ସେହି ସ୍ଥାନକୁ ଗଲେ। 40ସେମାନେ
ସେଠାରେ ପ୍ରଚୁର ଘାସରେ ଭରା ଅତ୍ୟୁତ୍ତମ ଚାରଣଭୂମି
ପାଇଲେ। ସେଠାରେ ସେମାନ ଅନେକ ଉତ୍ତମସ୍ଥାନ ମଧ୍ୟ
ପାଇଲେ। ସେହି ସ୍ଥାନ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଓ ସୁଖପ୍ରଦ ଥିଲା।
ଅତୀତରେ ହାମ୍‌ଙ୍କ ବଂଶଧରମାନେ ସେଠାରେ ବାସ କରୁଥିଲେ।
41ହିଜକିୟ ଯିହୁଦାର ରାଜା ଥିବା ସମୟରେ ଏହା ଘଟିଲା।
ସେହି ଲୋକମାନେ ଗଦୋରକୁ ଆସିଲେ ଓ ହାମ୍‌ଙ୍କ
ବଂଶଧରମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ। ସେମାନେ ହମାତୀୟ
ଲୋକମାନଙ୍କର ତମ୍ବୁ ସବୁ ନଷ୍ଟ କରିଦେଲେ। ସେହି
ଲୋକମାନେ ସେଠାରେ ବାସ କରୁଥିବା ମିୟୂନୀୟ ଲୋକମାନଙ୍କ
ସହିତ ମଧ୍ୟ ଯୁଦ୍ଧ କଲେ। ସେମାନେ ସମସ୍ତେ ମିୟୂନୀୟ
ଲୋକମାନଙ୍କୁ ବିନାଶ କଲେ। ଆଜି ମଧ୍ୟ ସେଠାରେ କୌଣସି
ମିୟୂନୀୟ ଲୋକ ନାହାନ୍ତି। ତେଣୁ ଏହି ଲୋକମାନେ
ସେଠାରେ ବସବାସ କରିବାକୁ ଆରମ୍ଭ କଲେ।

42ଶିମିୟୋନଙ୍କ ପରିବାରବର୍ଗର 500 ଲୋକ ସେୟୀରର
ପାର୍ବତ୍ୟମୟ ଦେଶକୁ ଗମନ କଲେ। ଯିଶୀୟିଙ୍କର ପୁତ୍ରମାନେ
ସେହି ଲୋକମାନଙ୍କୁ ପଥ କଢାଇ ନେଇଗଲେ। ସେହି
ପୁତ୍ରମାନେ ଥିଲେ: ପଲଟୀୟ, ନୟରୀୟ, ରଫାୟ ଓ ଉଷୀୟେଲ।
ଶିମିୟୋନୀୟ ଲୋକମାନେ ସେହି ସ୍ଥାନରେ ବାସ କରୁଥିବା
ଲୋକଙ୍କ ବିରୁଦ୍ଧରେ ଯୁଦ୍ଧ କଲେ। 43ସେଠାରେ କେବଳ
ଅଳ୍ପମାତ୍ର ଅମାଲେକୀୟ ଲୋକ ରହିଲେ। ଆଉ ଏହି
ଶିମିୟୋନୀୟ ଲୋକମାନେ ସେମାନଙ୍କୁ ବଧ କଲେ। ସେହି
ସମୟଠାରୁ ଆଜି ପର୍ଯ୍ୟନ୍ତ ଶିମିୟୋନୀୟ ଲୋକମାନେ ସେୟୀରରେ
ବସବାସ କରି ଆସୁ ଅଛନ୍ତି।

## ରୁବେନ୍‌ଙ୍କର ବଂଶଧରଗଣ

5 1-3ରୁବେନ୍ ଇଶ୍ରାୟେଲଙ୍କର ପ୍ରଥମଜାତ ପୁତ୍ର ଥିଲେ।
ସେଥିପାଇଁ ସେ ବିଶେଷ ଆଶୀର୍ବାଦ ପାଇବାର ଉଚିତ୍
ଥିଲା, କିନ୍ତୁ ସେ ନିଜ ପିତାଙ୍କର ସ୍ତ୍ରୀଙ୍କ ସହିତ ଯୌନ
ସଂପର୍କ ସ୍ଥାପନ କରିଥିଲେ। ତେଣୁ ଏହି ସମସ୍ତ ଆଶୀର୍ବାଦ
ଯୋଷେଫଙ୍କ ପୁତ୍ରକୁ ଦିଆହେଲା। ପରିବାରର ଇତିହାସରେ
ଜନ୍ମଗତ ଅଧିକାର ଅନୁସାରେ, ପ୍ରଥମଜାତ ପୁତ୍ର ଭାବରେ
ରୁବେନ୍‌ଙ୍କ ନାମ ଲିଖିତ ହୁଏ ନାହିଁ। ଯଦିଓ ଯିହୁଦା ତାଙ୍କର
ଭ୍ରାତାମାନଙ୍କ ମଧ୍ୟରେ ଅଧିକ ଶକ୍ତିଶାଳୀ ହେଲେ ଏବଂ ଜଣେ
ଶାସକ ତାଙ୍କ ବଂଶରୁ ଆସିଲେ ଜନ୍ମଗତ ଅଧିକାର ଓ
ଆଶୀର୍ବାଦ ଯୋଷେଫଙ୍କ ପରିବାର ପାଇଲା। ରୁବେନ୍‌ଙ୍କ ପୁତ୍ରମାନେ
ଥିଲେ: ହନୋକ, ପଲ୍ଲୁ, ହିଷ୍ରୋଣ ଓ କର୍ମୀ।

4ଯୋୟେଲଙ୍କ ବଂଶଧରମାନଙ୍କର ନାମ ଏହି: ଶିମୟିୟ
ଯୋୟେଲଙ୍କ ପୁତ୍ର, ଗୋଗ୍ ଶିମିୟିୟଙ୍କ ପୁତ୍ର ଓ ଶିମିୟି
ଗୋଗ୍‌ଙ୍କ ପୁତ୍ର ଥିଲେ। 5ମୀଖା ଶିମିୟିଙ୍କ ପୁତ୍ର, ରାୟା ମିଖାଙ୍କ
ପୁତ୍ର। ବାଲ୍ ରାୟାଙ୍କ ପୁତ୍ର। 6ବେରା ବାଲ୍‌ଙ୍କ ପୁତ୍ର ଥିଲେ।
ଅଶୂର ରାଜା ତିଗଲତ୍ ପିଲ୍‌ନେଷର ବେରାଙ୍କୁ ତାଙ୍କର ଗୃହରୁ
ନିର୍ବାସିତ କରି ନେଇ ଗଲେ। ତେଣୁ ବେରା ଅଶୂର
ରାଜାଙ୍କର ବନ୍ଦୀ ରୂପେ ରହିଲେ। ବେରା ରୁବେନ୍‌ଙ୍କ ଗୋଷ୍ଠୀୟର
ମୁଖ୍ୟ ଥିଲେ।

7ପରିବାରର ଇତିହାସରେ ଯେଉଁପରି ଲେଖା ଯାଇଅଛି,
ଠିକ୍ ସେହିପରି ଯୋୟେଲଙ୍କ ଭ୍ରାତୃଗଣ ଓ ତାହାଙ୍କ ପରିବାରବର୍ଗ
ତାଲିକା କରା ଯାଇଅଛି। ଯିୟିୟେଲ ପ୍ରଥମ ପୁତ୍ର ଥିଲେ,
ତା'ପରେ ଜିଖରିୟ। 8ବେଲା ଆସସ୍‌ରଙ୍କ ପୁତ୍ର ଥିଲେ।
ଆସସ୍‌ର ଶେମାଙ୍କ ପୁତ୍ର ଥିଲେ, ଶେମା ଯୋୟେଲଙ୍କ ପୁତ୍ର
ଥିଲେ। ସେମାନେ ନବୋ ଓ ବାଲ୍‌ମିୟୋନ ପର୍ଯ୍ୟନ୍ତ ବିସ୍ତୃତ
ଅରୋୟେର ବାସ କରୁଥିଲେ। 9ବେଲାଙ୍କ ବଂଶଧରମାନେ
ପୂର୍ବ ଦିଗରେ ମରୁଭୂମିର ସୀମାବର୍ତ୍ତୀ ଫରାତ୍ ନଦୀ ନିକଟରେ
ବାସ କରୁଥିଲେ। ଗିଲୟଦ୍‌ରେ ସେମାନଙ୍କର ଅନେକ ଗୋପଲ
ଥିବାରୁ ସେମାନେ ସେହି ସ୍ଥାନରେ ବାସ କରୁଥିଲେ। 10ଶାଉଲ୍
ରାଜା ଥିବା ସମୟରେ ବେଲାଙ୍କ ବଂଶଧରମାନେ ହାଗରୀୟ
ଲୋକଙ୍କ ବିରୁଦ୍ଧରେ ଯୁଦ୍ଧ କଲେ। ସେମାନେ ହାଗରୀୟ
ଲୋକମାନଙ୍କୁ ପରାସ୍ତ କଲେ। ସେମାନେ ତମ୍ବୁ ଗୃହରେ ବାସ
କରୁଥିଲେ ଓ ଗିଲୟଦର ପୂର୍ବ ପାର୍ଶ୍ୱସ୍ଥ ସ୍ଥାନ ଗୁଡିକରେ
ଭ୍ରମଣ କରୁଥିଲେ।

## ଗାଦ୍‌ଙ୍କର ବଂଶଧରଗଣ

11ଗାଦ୍‌ଙ୍କ ଗୋଷ୍ଠୀ ରୁବେନୀୟମାନଙ୍କ ନିକଟରେ ବାସ
କରୁଥିଲେ। ଏହି ଗାଦୀୟ ଲୋକମାନେ ସଲ୍‌ଖା ସହର
ପର୍ଯ୍ୟନ୍ତ ବିସ୍ତୃତ ବାଶନର ଭୂମିରେ ବାସ କରୁଥିଲେ। 12ଯୋୟେଲ
ବାଶନର ପ୍ରଥମ ନେତା ଥିଲେ। ଶାଫମ୍ ଦ୍ୱିତୀୟ ନେତା
ଥିଲେ। ଏହାପରେ ଯାନୟ ନେତା ହେଲେ। 13ସେମାନଙ୍କ
ପିତ୍ରାଳୟରେ ସାତଜଣ ଭ୍ରାତା ଏହିପରି ଥିଲେ ମୀଖାୟେଲ୍,
ମଶୁଲ୍ଲମ୍, ଶେବା, ଯୋରୟ, ଯାକନ୍, ସୀୟ ଓ ଏବର୍।
14ଏହି ବ୍ୟକ୍ତିମାନେ ଅବୀହୟିଲର ବଂଶଧର ଥିଲେ। ଅବୀହୟିଲ
ହୂରିଙ୍କର ପୁତ୍ର ଥିଲେ। ହୂରି ଯାରୋହଙ୍କ ପୁତ୍ର , ଯାରହୋ
ଗିଲୟଦଙ୍କ ପୁତ୍ର। ଗିଲୟଦ୍ ମୀଖାୟେଲ୍‌ଙ୍କ ପୁତ୍ର, ମୀଖାୟେଲ୍
ଯିହିଶୟଙ୍କ ପୁତ୍ର, ଯିହିଶୟ ଯହଦୋଙ୍କ ପୁତ୍ର, ଯହଦୋ ବୂଷ୍‌ଙ୍କ
ପୁତ୍ର ଥିଲେ। 15ଅହି ଅବଦୟେଲଙ୍କ ପୁତ୍ର, ଅବଦୟେଲ
ଗୂନିଙ୍କ ପୁତ୍ର ଥିଲେ। ଅହି ସେମାନଙ୍କ ପରିବାରର ନେତା
ଥିଲେ।

16ଗାଦ୍‌ଙ୍କ ଗୋଷ୍ଠୀର ଲୋକମାନେ ଗିଲୟଦ ଦେଶରେ
ବାସ କରୁଥିଲେ। ସେମାନେ ବାଶନ୍‌ରେ, ବାଶନ୍ ଚତୁର୍ଦ୍ଦିଗସ୍ଥ
ଛୋଟ ସହର ଗୁଡିକରେ ଓ ଶାରୋଣରେ ଥିବା ସବୁ
ଚାରଣଭୂମି ଓ ସୀମା ପର୍ଯ୍ୟନ୍ତ ସ୍ଥାନମାନଙ୍କରେ ବାସ
କରୁଥିଲେ।

17ଯୋଥମ୍ ଓ ଯାରବୟାମଙ୍କ ସମୟରେ, ଗାଦ୍‌ଙ୍କ ଗୋଷ୍ଠୀ
ଇତିହାସରେ ଏହି ବ୍ୟକ୍ତିମାନଙ୍କର ନାମ ଲିଖିତ ହୋଇଥିଲା।
ଯୋଥମ୍ ଯିହୁଦାର ରାଜା ଓ ଯାରବୟାମ ଇଶ୍ରାୟେଲର ରାଜା
ଥିଲେ।

## କେତେକ ସୈନ୍ୟ ଯୁଦ୍ଧବିଦ୍ୟାରେ ପ୍ରବୀଣ ଥିଲେ।

18ରୁବେନଙ୍କର ବଂଶଧରମାନଙ୍କରୁ, ଗାଦଙ୍କର
ବଂଶଧରମାନଙ୍କରୁ ଏବଂ ମନଃଶିଙ୍କର ଅର୍ଦ୍ଧେକ ପରିବାରବର୍ଗର
ବଂଶଧରମାନଙ୍କରୁ 44,760 ଜଣ ସାହସୀ ସୈନ୍ୟ ଯୁଦ୍ଧ

ନମନ୍ତେ ପ୍ରସ୍ତୁତ ଥିଲେ। ସେମାନେ ଯୁଦ୍ଧବଦ୍ୟାରେ ପ୍ରବୀଣ
ଥିଲେ। ସେମାନେ ଢାଲ ଓ ଖଡ୍ଗ ଧାରଣ କରଥିଲେ ଏବଂ
ସେମାନେ ଧନୁ ଓ ତୀର ଚାଳନାରେ ନପୁଣ ଥିଲେ।
**19**ସେମାନେ ହାଗରୀୟ ଲୋକ ଓ ଯିଟୂର, ନାଫୀଶ୍ ଏବଂ
ନୋଦବର ଲୋକମାନଙ୍କ ବରୁଦ୍ଧରେ ଏକ ଯୁଦ୍ଧ ଆରମ୍ଭ
କଲେ। **20**ମନଃଶିର ରୁବେନ ଓ ଗାଦ୍ ଗୋଷ୍ଠୀୟର ଏହ
ଲୋକମାନେ ଯୁଦ୍ଧ କ୍ଷେତ୍ରରେ ପରମେଶ୍ୱରଙ୍କ ନକଟରେ ପ୍ରାର୍ଥନା
କଲେ। ପରେମଶ୍ୱର ସେମାନଙ୍କୁ ଯେପର ସାହାଯ୍ୟ କରନ୍ତ,
ଏଥିନମନ୍ତେ ସେମାନେ ତାଙ୍କ ନକଟରେ ବୀନତି କଲେ।
କାରଣ ସେମାନେ ତାଙ୍କ ଠାରେ ବଶ୍ୱାସ କରୁଥିଲେ। ତେଣୁ
ପରମେଶ୍ୱର ସେମାନଙ୍କୁ ସାହାଯ୍ୟ କଲେ। ହାଗରୀୟ ଲୋକମାନଙ୍କୁ
ପରାସ୍ତ କରବାକୁ ପରମେଶ୍ୱର ସେମାନଙ୍କୁ ଅନୁମତି ଦେଲେ।
ଆହୁର ମଧ୍ଯ ସେମାନେ ହାଗରୀୟ ଲୋକମାନଙ୍କ ସହତରେ
ଥିବା ଅନ୍ୟ ଲୋକମାନଙ୍କୁ ମଧ୍ଯ ପରାସ୍ତ କଲେ। **21**ସେମାନେ
ହାଗରୀୟ ଲୋକମାନଙ୍କର ପଶୁଗଣକୁ ନେଇଗଲେ। ସେମାନେ
50,000 ଓଟ, 2,50,000 ମେଷ, 2,000 ଗଧ ଓ
1,00,000 ଲୋକଙ୍କୁ ନେଇଗଲେ। **22**ପରମେଶ୍ୱର ସେମାନଙ୍କୁ
ଯୁଦ୍ଧରେ ବଜୟ ଲାଭକରବାକୁ ସାହାଯ୍ୟ କରବାରୁ ଅନେକ
ହାଗରୀୟ ଲୋକ ନହତ ହେଲେ। ଏହାପରେ ମନଃଶିର,
ରୁବେନ୍ ଓ ଗାଦ୍ ବଂଶର ବଂଶଧରଗଣ ହାଗରୀୟ ଲୋକମାନଙ୍କର
ଦେଶରେ ସେଠାରୁ ବାବଲକୁ ନର୍ବାସିତ ହେବା ପର୍ଯ୍ୟନ୍ତ ବାସ
କଲେ।

**23**ବାଲ୍-ହର୍ମୋଣ, ସନୀର ଓ ହର୍ମୋଣ ପର୍ବତ ପର୍ଯ୍ୟନ୍ତ
ବସ୍ତୃତ ମନଃଶିରଙ୍କ ଗୋଷ୍ଠୀର ଅର୍ଦ୍ଧେକ ଲୋକ ବାସ କଲେ।
ସେମାନେ ଏକ ବଶାଳ ଗୋଷ୍ଠୀରେ ପରଣତ ହେଲେ।

**24**ସେମାନଙ୍କ ପରବାର ନେତାଗଣ ଥିଲେ: ଏଫର, ଯୀଶି,
ଇଲୀୟେଲ୍, ଅସ୍ରୀୟେଲ, ଯିରମିୟ, ହୋଦବିୟ ଓ ଯହଦୀୟେଲ,
ସେହ ଲୋକମାନେ ଅତ୍ୟନ୍ତ ବଳଷ୍ଠ ସାହସୀ ଏବଂ ବଖ୍ୟାତ
ବ୍ୟକ୍ତଗଣ ଥିଲେ। ସେମାନେ ସେମାନଙ୍କର ପରବାରବର୍ଗର
ମୁଖ୍ୟ ଥିଲେ। **25**କନ୍ତୁ ଏହ ନେତାମାନେ ସେମାନଙ୍କର
ପୂର୍ବପୁରୁଷମାନଙ୍କର ପରମେଶ୍ୱରଙ୍କ ବରୁଦ୍ଧରେ ପାପ କଲେ।
ସେମାନେ ସେହ ଲୋକମାନଙ୍କର ମିଥ୍ୟା ଦେବତାଗଣର
ଉପାସନା କରବାକୁ ଆରମ୍ଭ କଲେ, ଯେଉଁମାନଙ୍କୁ ପରମେଶ୍ୱର
ସେମାନଙ୍କ ସମ୍ମୁଖରେ ନଷ୍ଟ କରଥିଲେ।

**26**ତେଣୁ ଇସ୍ରାୟେଲର ପରମେଶ୍ୱର ଅଶୂର ରାଜା ପୂଲର
ମନରେ ଯୁଦ୍ଧ ନମନ୍ତେ ଯିବା ପାଇଁ ଉତ୍ତେଜନା ସୃଷ୍ଟି କଲେ।
ପୁଲ୍ ଅଶୂର ରାଜା ଥିଲେ। ତେଣୁ ତାଙ୍କୁ ତିଗ୍ଲତ-ପିଲ୍‌ନେଷର
ମଧ୍ଯ କୁହାଯାଏ। ସେ ରୁବେନ ଓ ଗାଦ୍ ଗୋଷ୍ଠୀର ମନଃଶିର
ଅର୍ଦ୍ଧେକ ଗୋଷ୍ଠୀ ସହତ ଯୁଦ୍ଧ କଲେ। ସେ ବଳପୂର୍ବକ
ସେମାନଙ୍କୁ ଗୃହରୁ ବତାଡତ କଲେ ଓ ବନ୍ଦୀ କର
ନେଇଗଲେ। ପୂଲ ସେମାନଙ୍କୁ ହଲହ, ହାବୋର, ହାରା ଓ
ଗୋଶନ୍ ନଦୀ ନକଟକୁ ଆଣିଲେ। ସେହ ଦନଠାରୁ ସେମାନେ
ସେହ ସ୍ଥାନରେ ବାସ କରୁଛନ୍ତ।

## ଲେବୀଙ୍କ ବଂଶଧରଗଣ

**6** ଲେବୀଙ୍କ ପୁତ୍ରମାନେ ଥିଲେ ଗେର୍ଶୋନ, କହାତ୍ ଓ
ମରାର।

**2**କହାତଙ୍କର ପୁତ୍ରମାନେ ଥିଲେ ଅମ୍ରାମ୍, ଯିଷହାର, ହବ୍ରୋଣ୍
ଓ ଉଷିୟେଲ।

**3**ଅମ୍ରାମ୍‌ଙ୍କର ସନ୍ତାନମାନେ ଥିଲେ ହାରୋଣ, ମୋଶା ଓ
ମରୟମ୍।

ହାରୋଣଙ୍କ ପୁତ୍ରମାନେ ଥିଲେ ନାଦବ୍, ଅବୀହୂ, ଇଲୟାସର
ଓ ଇଥାମର। **4**ଇଲୟାସର ପୀନ୍‌ହସଙ୍କ ପିତା ଥିଲେ।
ପୀନ୍‌ହସ୍ ଅବଶୂୟଙ୍କ ପିତା ଥିଲେ। **5**ଅବିଶୂୟ ବୁକ୍କିଙ୍କ ପିତା
ଥିଲେ। ବୁକ୍କି ଉଷିଙ୍କ ପିତା ଥିଲେ। **6**ଉଷି ସରହୟଙ୍କ
ପିତା ଥିଲେ। ସରହୟ ମରାୟୋତଙ୍କ ପିତା ଥିଲେ। **7**ମରାୟୋତ
ଅମରୟଙ୍କ ପିତା ଥିଲେ। ଅମରୟ ଅହୀଟୂବ୍‌ଙ୍କ ପିତା ଥିଲେ।
**8**ଅହୀଟୂବ୍ ସାଦୋକ୍‌ଙ୍କ ପିତା ଥିଲେ। ସାଦୋକ୍ ଅହୀମାସ୍‌ଙ୍କ
ପିତା ଥିଲେ। **9**ଅହୀମାସ ଅସରୟଙ୍କ ପିତା ଥିଲେ। ଅସରୟ
ଯୋହାନନ୍‌ଙ୍କ ପିତା ଥିଲେ। **10**ଯୋହାନନ୍ ଅସରୟଙ୍କ ପିତା
ଥିଲେ (ଶଲୋମନ୍ ଯିରୁଶାଲମ୍‌ରେ ଯେଉଁ ମନ୍ଦିର ନର୍ମାଣ
କରଥିଲେ ସେଠାରେ ଏହ ଅସରୟ ଯାଜକ ଭାବେ କାର୍ଯ୍ୟ
କରୁଥିଲେ)। **11**ଅସରୟ ଅମରୟଙ୍କ ପିତା ଥିଲେ। ଅମରୟ
ଅହୀଟୂବ୍‌ଙ୍କ ପିତା ଥିଲେ। **12**ଅହୀଟୂବ୍ ସାଦୋକଙ୍କ ପିତା
ଥିଲେ। ସାଦୋକ ଶଲ୍ଲୁମ୍‌ଙ୍କ ପିତା ଥିଲେ। **13**ଶଲ୍ଲୁମ ହଲ୍‌କୟଙ୍କ
ପିତା ଥିଲେ। ହଲ୍‌କୟ ଅସରୟଙ୍କ ପିତା ଥିଲେ। **14**ଅସରୟ
ସରାୟଙ୍କ ପିତା ଥିଲେ। ସରାୟ ଯିହୋସାଦକଙ୍କ ପିତା ଥିଲେ।

**15**ସଦାପ୍ରଭୁ ଯେତେବେଳେ ଯିହୁଦା ଓ ଯିରୁଶାଲମ୍‌କୁ
ନର୍ବାସିତ କଲେ, ଯିହୋସାଦକ ଲୋକମାନଙ୍କ ସହତ ବନ୍ଦୀରୂପେ
ନଆଗଲେ। ସଦାପ୍ରଭୁ ନବୂଖଦ୍‌ନତ୍ସରଙ୍କ ଦ୍ୱାରା ଯିହୁଦା ଓ
ଯିରୁଶାଲମ୍‌ର ଲୋକମାନଙ୍କୁ ନର୍ବାସନରେ ପଠାଇଲେ।

## ଲେବୀଙ୍କର ଅନ୍ୟାନ୍ୟ ବଂଶଧରଗଣ

**16**ଲେବୀଙ୍କ ପୁତ୍ରମାନେ ଥିଲେ ଗେର୍ଶୋନ, କହାତ୍ ଓ
ମରାର।

**17**ଗେର୍ଶୋନଙ୍କ ପୁତ୍ରମାନେ ଥିଲେ ଲବନ ଓ ଶମିୟି।

**18**କହାତ୍‌ଙ୍କ ପୁତ୍ରମାନେ ଥିଲେ ଅମ୍ରାମ୍, ଯିଷହର, ହବ୍ରୋଣ୍
ଓ ଉଷୀୟେଲ।

**19**ମରାରଙ୍କ ପୁତ୍ରମାନେ ଥିଲେ ମହଲ ଓ ମୂଶି।

ଲେବୀଙ୍କ ଗୋଷ୍ଠୀଗୁଡକର ଏହାହିଁ ଏକ ତାଲକା ଅଟେ।
ସେମାନଙ୍କ ପିତାଗଣଙ୍କର ନାମାନୁସାରେ ହିଁ ସେମାନଙ୍କର ନାମ
ତାଲକାଭୁକ୍ତ ହୋଇଅଛି।

**20**ଏହମାନେ ଗେର୍ଶୋନଙ୍କ ବଂଶଧର ଥିଲେ: ଲବ୍‌ନ
ଗେର୍ଶୋନଙ୍କ ପୁତ୍ର ଥିଲେ। ଯହତ୍ ଲବ୍‌ନଙ୍କ ପୁତ୍ର ଥିଲେ।
ସିମ୍ମ ଯହତ୍‌ଙ୍କ ପୁତ୍ର ଥିଲେ। **21**ଯୋୟାହ ସିମ୍ମଙ୍କ ପୁତ୍ର
ଥିଲେ। ଇଦୋ ଯୋୟାହଙ୍କ ପୁତ୍ର ଥିଲେ। ସେରହ ଇଦୋଙ୍କ
ପୁତ୍ର ଥିଲେ। ଯିୟତ୍ରୟ ସେରହଙ୍କର ପୁତ୍ର ଥିଲେ।

**22**ଏହମାନେ କହାତଙ୍କ ବଂଶଧର ଥିଲେ। ଅମ୍ମୀନାଦବ୍
କହାତ୍‌ଙ୍କ ପୁତ୍ର ଥିଲେ। କୋରହ ଅମ୍ମୀନାଦବଙ୍କ ପୁତ୍ର ଥିଲେ।
ଅସୀର କୋରହଙ୍କ ପୁତ୍ର ଥିଲେ। **23**ଇଲ୍‌କାନା ଅସୀରଙ୍କ
ପୁତ୍ର ଥିଲେ, ଅବୀୟାସଫ ଇଲ୍‌କାନାଙ୍କ ପୁତ୍ର ଥିଲେ। ଅସୀର
ଅବୀୟାସଫଙ୍କ ପୁତ୍ର ଥିଲେ। **24**ତହତ୍ ଅସୀରଙ୍କ ପୁତ୍ର
ଥିଲେ। ଉରୀୟେଲ ତହତ୍‌ଙ୍କ ପୁତ୍ର ଥିଲେ। ଉଷିୟ ଉରୀୟେଲଙ୍କ
ପୁତ୍ର ଥିଲେ। ଶୌଲ୍ ଉଷିୟଙ୍କ ପୁତ୍ର ଥିଲେ।

25ଇଲ୍‌କାନାଙ୍କ ପୁତ୍ରମାନେ ଥିଲେ ଅମାସୟ୍ ଓ ଅହୀମୋତ୍।
26ଇଲ୍‌କାନା ଅହୀମୋତ୍‌ଙ୍କର ପୁତ୍ର ଥିଲେ। ସୋଫୀୟ୍ ଇଲ୍‌କାନାଙ୍କ
ପୁତ୍ର ଥିଲେ। ନହାତ୍ ସୋଫୀଙ୍କ ପୁତ୍ର ଥିଲେ। 27ଇଲୀୟାବ୍
ନହାତ୍‌ଙ୍କ ପୁତ୍ର ଥିଲେ। ଯିରୋହମ୍ ଇଲୀୟାବ୍‌ଙ୍କ ପୁତ୍ର ଥିଲେ।
ଇଲ୍‌କାନା ଯିରୋହମ୍‌ଙ୍କ ପୁତ୍ର ଥିଲେ। ଶାମୁୟେଲ୍ ଇଲ୍‌କାନାଙ୍କ
ପୁତ୍ର ଥିଲେ।

28ଶାମୁୟେଲ୍‌ଙ୍କ ପୁତ୍ରମାନେ ଥିଲେ: ଯୋୟେଲ ଜ୍ୟେଷ୍ଠ
ପୁତ୍ର ଓ ଅବୀୟ୍ କନିଷ୍ଠ ପୁତ୍ର।

29ଏହିମାନେ ମଗ୍ରାରଙ୍କ ପୁତ୍ର ଥିଲେ: ମହଲି, ମଗ୍ରାରଙ୍କ
ପୁତ୍ର ଥିଲେ। ଲିବ୍‌ନି ମହଲିଙ୍କ ପୁତ୍ର ଥିଲେ। 30ଶିମିୟି
ଲିବ୍‌ନିଙ୍କ ପୁତ୍ର ଥିଲେ। ଉଷଃ ଶିମିୟିଙ୍କ ପୁତ୍ର ଥିଲେ। ଶିମିୟ୍
ଉଷଃଙ୍କ ପୁତ୍ର ଥିଲେ। ହଗିୟ୍ ଶିମିୟ୍‌ଙ୍କ ପୁତ୍ର ଥିଲେ। ଅସାୟ୍
ହଗିୟ୍‌ଙ୍କ ପୁତ୍ର ଥିଲେ।

## ମନ୍ଦିରର ବାଦ୍ୟକାରୀଗଣ

31ନିୟମସିନ୍ଦୁକ ସଦାପ୍ରଭୁଙ୍କ ଗୃହର ତମ୍ବୁ ମଧ୍ୟରେ ରଖାଯିବା
ପରେ ଦାଉଦ ଏହି ବ୍ୟକ୍ତିମାନଙ୍କୁ ବାଦ୍ୟକାରୀ ରୂପେ ମନୋନୀତ
କଲେ। 32ଏହି ବ୍ୟକ୍ତିମାନେ ପବିତ୍ର ତମ୍ବୁ ମଧ୍ୟରେ ସଂଗୀତ
ଗାନ କରି ସେବା କାର୍ଯ୍ୟ କଲେ। ଏହି ପବିତ୍ର ତମ୍ବୁକୁ
ସମାଗମ ତମ୍ବୁ ବୋଲି ମଧ୍ୟ କୁହା ଯାଉଥିଲା। ଶଲମୋନ
ଯିରୁଶାଲମ୍‌ରେ ସଦାପ୍ରଭୁଙ୍କ ମନ୍ଦିର ନିର୍ମାଣ କରିବା ପର୍ଯ୍ୟନ୍ତ
ଏହି ବ୍ୟକ୍ତିମାନେ ସେବା କାର୍ଯ୍ୟ କଲେ। ସେମାନଙ୍କ କାର୍ଯ୍ୟ
ନିମନ୍ତେ ସେମାନଙ୍କୁ ଦିଆଯାଇଥିବା ନିୟମାବଳୀକୁ ସୁଚାରୁରୂପେ
ପାଳନକରି ସେମାନେ ସେବାକାର୍ଯ୍ୟ କଲେ।

33ସଂଗୀତ ଦ୍ୱାରା ସେବାକାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଓ
ସେମାନଙ୍କର ପୁତ୍ରଗଣ କହାତଙ୍କର ବଂଶଧର ଥିଲେ,

ଗାୟକ ହେମନ୍। ହେମନ୍ ଯୋୟେଲଙ୍କ ପୁତ୍ର ଥିଲେ।
ଯୋୟେଲ ଶାମୁୟେଲଙ୍କ ପୁତ୍ର ଥିଲେ। 34ଶାମୁୟେଲ ଇଲ୍‌କାନାଙ୍କ
ପୁତ୍ର ଥିଲେ। ଇଲ୍‌କାନା ଯିରୋହମ୍‌ଙ୍କ ପୁତ୍ର ଥିଲେ। ଯିରୋହମ୍
ଇଲୀୟେଲ୍‌ଙ୍କ ପୁତ୍ର ଥିଲେ। ଇଲୀୟେଲ୍ ତୋହଙ୍କ ପୁତ୍ର
ଥିଲେ। 35ତୋହ ସୂଫ୍‌ଙ୍କ ପୁତ୍ର ଥିଲେ। ସୂଫ୍ ଇଲ୍‌କାନାଙ୍କ
ପୁତ୍ର ଥିଲେ। ଇଲ୍‌କାନା ମାହତ୍‌ଙ୍କ ପୁତ୍ର ଥିଲେ। ମାହତ୍
ଅମାସୟ୍‌ଙ୍କ ପୁତ୍ର ଥିଲେ। 36ଅମାସୟ୍ ଇଲ୍‌କାନାଙ୍କ ପୁତ୍ର
ଥିଲେ। ଇଲ୍‌କାନା ଯୋୟେଲଙ୍କ ପୁତ୍ର ଥିଲେ। ଯୋୟେଲ
ଅସରୟ୍‌ଙ୍କ ପୁତ୍ର ଥିଲେ। ଅସରୟ୍ ସଫନିୟ୍‌ରଙ୍କ ପୁତ୍ର ଥିଲେ।
37ସଫନିୟ୍‌ର ତହତ୍‌ଙ୍କ ପୁତ୍ର ଥିଲେ। ଅବୀୟାସଫ୍ କୋରହଙ୍କ
ପୁତ୍ର ଥିଲେ। 38କୋରହ ଯିଷହରଙ୍କ ପୁତ୍ର ଥିଲେ। ଯିଷହର
କହାତ୍‌ଙ୍କ ପୁତ୍ର ଥିଲେ। କହାତ୍ ଲେବୀଙ୍କ ପୁତ୍ର ଥିଲେ।
ଲେବୀ ଇସ୍ରାୟେଲଙ୍କ ପୁତ୍ର ଥିଲେ।

39ହେମନ୍‌ଙ୍କ ଆତ୍ମୀୟ୍ ଥିଲେ ଆସଫ୍। ଆସଫ୍ ହେମନ୍‌ଙ୍କ
ଦକ୍ଷିଣ ପାର୍ଶ୍ୱରେ ରହି ସେବାକାର୍ଯ୍ୟ କରୁଥିଲେ। ଆସଫ
ବେରଖିୟ୍‌ଙ୍କ ପୁତ୍ର ଥିଲେ। ବେରିଖିୟ୍ ଶିମିୟ୍‌ଙ୍କ ପୁତ୍ର ଥିଲେ।
40ଶିମିୟ୍ ମୀଖାୟେଲଙ୍କ ପୁତ୍ର ଥିଲେ। ମୀଖାୟେଲ ବାସେୟ୍‌ଙ୍କ
ପୁତ୍ର ଥିଲେ। ବାସେୟ୍ ମଲ୍‌କିୟ୍‌ରଙ୍କ ପୁତ୍ର ଥିଲେ। 41ମଲ୍‌କିୟ୍‌ର
ଇତ୍‌ନିଙ୍କ ପୁତ୍ର ଥିଲେ। ଇତ୍‌ନି ସେରହଙ୍କ ପୁତ୍ର ଥିଲେ।
ସେରହ ଅଦାୟାଙ୍କ ପୁତ୍ର ଥିଲେ। 42ଅଦାୟା ଏଥନ୍‌ଙ୍କ ପୁତ୍ର
ଥିଲେ। ଏଥନ୍ ସିମ୍ନଙ୍କ ପୁତ୍ର ଥିଲେ। ସିମ୍ନ ଶିମିୟ୍‌ଙ୍କ ପୁତ୍ର
ଥିଲେ। 43ଶିମିୟ୍ ଯହତଙ୍କ ପୁତ୍ର ଥିଲେ। ଯହତ୍ ଗେର୍ଶୋନଙ୍କ
ପୁତ୍ର ଥିଲେ। ଗେର୍ଶୋନ ଲେବୀଙ୍କ ପୁତ୍ର ଥିଲେ।

44ମଗ୍ରାରଙ୍କ ବଂଶଧର ମାନେ ହେମନ୍ ଓ ଆସଫ୍‌ଙ୍କ
ଆତ୍ମୀୟ୍ ଥିଲେ। ସେମାନେ ହେମନ୍‌ଙ୍କ ବାମ ପାର୍ଶ୍ୱସ୍ଥ ସଂଗୀତଦଳ
ଥିଲେ। ଏଥନ କୀଶିଙ୍କ ପୁତ୍ର ଥିଲେ। କୀଶି ଅବଦିଙ୍କ ପୁତ୍ର
ଥିଲେ। ଅବଦି ମାଲ୍ଲୁକଙ୍କ ପୁତ୍ର ଥିଲେ। 45ମାଲ୍ଲୁକ ହଶବୟ୍‌ଙ୍କ
ପୁତ୍ର ଥିଲେ। ହଶବୟ୍ ଅମତ୍‌ସିୟ୍‌ଙ୍କ ପୁତ୍ର ଥିଲେ। ଅମତ୍‌ସିୟ୍
ହିଲ୍‌କିୟ୍‌ଙ୍କ ପୁତ୍ର ଥିଲେ। 46ହିଲ୍‌କିୟ୍ ଅମ୍‌ସିଙ୍କ ପୁତ୍ର ଥିଲେ।
ଅମ୍‌ସି ବାନିଙ୍କ ପୁତ୍ର ଥିଲେ। ବାନି ଶେମରଙ୍କ ପୁତ୍ର ଥିଲେ।
47ଶେମର ମହଲିଙ୍କ ପୁତ୍ର ଥିଲେ। ମହଲି ମୂଶିଙ୍କ ପୁତ୍ର
ଥିଲେ। ମୂଶି ମଗ୍ରାରଙ୍କ ପୁତ୍ର ଥିଲେ। ମଗ୍ରାର ଲେବୀଙ୍କ ପୁତ୍ର
ଥିଲେ। 48ହେମନ୍ ଓ ଆସଫ୍‌ଙ୍କ ଭ୍ରାତାମାନେ ଲେବୀଙ୍କ
ଗୋଷ୍ଠୀର ଥିଲେ। ଲେବୀଙ୍କ ଗୋଷ୍ଠୀମାନଙ୍କୁ ଲେବୀୟ୍ ମଧ୍ୟ
କୁହାଯାଉଥିଲା। ପବିତ୍ର ତମ୍ବୁରେ ସେବାକାର୍ଯ୍ୟ କରିବା ନିମନ୍ତେ
ଏହି ଲେବୀୟ୍‌ମାନେ ମନୋନୀତ ହୋଇଥିଲେ। ପରମେଶ୍ୱରଙ୍କ
ଗୃହରେ ପବିତ୍ର ତମ୍ବୁ ରହିଥିଲା, 49କିନ୍ତୁ କେବଳ ହାରୋଣ
ଏବଂ ତାଙ୍କର ବଂଶଧରମାନଙ୍କୁ ହୋମବଳି, ଯଜ୍ଞବେଦୀ ସୁଗନ୍ଧିବେଦୀ
ଉପରେ ସୁଗନ୍ଧି ଧୂପ ଜଳାଇବା ନିମନ୍ତେ ଅନୁମତି ଦିଆଯାଇ
ଥିଲା। ପରମେଶ୍ୱରଙ୍କ ଗୃହର ମହାପବିତ୍ରତମ ସ୍ଥାନର ସମସ୍ତ
କାର୍ଯ୍ୟ ଏବଂ ଇସ୍ରାୟେଲ ପାଇଁ ମଧ୍ୟ ପ୍ରାୟଶ୍ଚିତ୍ତ କରନ୍ତି।
ମୋଶା ପରମେଶ୍ୱରଙ୍କ ସେବକ, ଯେଉଁ ସମସ୍ତ ନୀତି ଓ
ଆଇନ ଦେଇଥିଲେ ସେହି ସବୁ ସେମାନେ ପାଳନ କଲେ।

## ହାରୋଣଙ୍କ ବଂଶଧରଗଣ

50ଏହିମାନେ ହାରୋଣଙ୍କ ପୁତ୍ରଗଣ ଥିଲେ: ଇଲୀୟାସର
ହାରୋଣଙ୍କ ପୁତ୍ର ଥିଲେ। ପୀନ୍‌ହସ୍ ଇଲୀୟାସରଙ୍କ ପୁତ୍ର
ଥିଲେ। ଅବୀଶୂୟ୍ ପୀନ୍‌ହସ୍‌ଙ୍କ ପୁତ୍ର ଥିଲେ। 51ବୁକ୍କି ଅବୀଶୂୟ୍‌ଙ୍କ
ପୁତ୍ର ଥିଲେ। ଉଷି ସରହିୟ୍‌ଙ୍କ ପୁତ୍ର ଥିଲେ। ସରହିୟ୍ ଯିଷିଙ୍କ
ପୁତ୍ର ଥିଲେ। 52ମରାୟୋତ୍ ସରହିୟ୍‌ଙ୍କ ପୁତ୍ର ଥିଲେ।
ଅମରିୟ୍ ମରାୟୋତ୍‌ଙ୍କ ପୁତ୍ର ଥିଲେ। 53ସାଦୋକ ଅହୀଟୂବ୍‌ଙ୍କ
ପୁତ୍ର ଥିଲେ। ଅହୀମାସ୍ ସାଦୋକ୍‌ଙ୍କ ପୁତ୍ର ଥିଲେ।

## ଲେବୀୟ୍ ଗୋଷ୍ଠୀ ନିମନ୍ତେ ବାସସ୍ଥାନ

54ଏହି ସମସ୍ତ ସ୍ଥାନରେ ହାରୋଣଙ୍କ ବଂଶଧରମାନେ ବାସ
କଲେ। ସେମାନଙ୍କୁ ଦତ୍ତ ହୋଇଥିବା ଦେଶରେ ସେମାନେ
ଛାଉଣୀ ମଧ୍ୟରେ ବାସ କଲେ। ଲେବୀୟ୍ ଲୋକମାନଙ୍କୁ
ଦିଆଯାଇଥିବା ଦେଶରେ କହାତୀୟ୍‌ମାନେ ପ୍ରଥମ ଅଂଶ ପାଇଲେ।
55ସେମାନଙ୍କୁ ହିବ୍ରୋଣ୍ ଓ ତାହାର ଚତୁର୍ଦ୍ଦିଗରେ ଥିବା
କ୍ଷେତ୍ରମାନ ଦତ୍ତ ହେଲା। 56କିନ୍ତୁ, ସେମାନେ ସହରଠାରୁ
ଦୂରରେ ଥିବା କ୍ଷେତ୍ର ଓ ଗ୍ରାମସବୁ ଯିଫୁନ୍ନିର ପୁତ୍ର କାଲେବଙ୍କୁ
ଦେଲେ। 57ହାରୋଣର ବଂଶଧରମାନଙ୍କୁ ଦିଆଯାଇଥିବା ଆଶ୍ରୟ
ନଗର *ସବୁ ହିବ୍ରୋଣ, ଲିବ୍‌ନା, ଯତ୍ତୀର, ଇଷ୍ଟିମୋୟ୍, 58ହିଲେନ୍,

---

**ଆଶ୍ରୟ ନଗର** କିଛି ଏପରି ନଗର ଯେଉଁଠାରେ ଯାଜକମାନେ ରହୁଥିଲେ। ଯାହାକୁ ନିରାପଦ ସ୍ଥାନ କୁହା ଯାଉଥିଲା। ଯଦି କୌଣସି ଇସ୍ରାୟେଲ ଦୁର୍ଘଟଣା ବଶତଃ କାହାକୁ ମାରିଦିଏ, ତେବେ ତାର ଦୋଷିତ ସମ୍ପର୍କୀୟ୍‌ଙ୍କଠାରୁ ଲୁଚି ସେ ନିଜର ରକ୍ଷାପାଇଁ ସେହି ସହରକୁ ଯାଉଥିଲେ।

ଦବୀର ଏବଂ ସେମାନଙ୍କର କ୍ଷେତ* 59ଆଶନ୍, ବୈଥ୍-ଶେମଶ
ଏବଂ ସେମାନଙ୍କ କ୍ଷେତ। 60ବନ୍ୟାମୀନ ଗୋଷ୍ଠୀଠାରୁ ସେମାନେ
ଗିବୟୋନ, ଗେବା, ଆଲେମତ୍ ଓ ଅନାଥୋତ୍ ଏବଂ ସେମାନଙ୍କର
କ୍ଷେତ ସହର ସହିତ ପ୍ରାପ୍ତ ହେଲା। କହାତୀୟମାନଙ୍କୁ ତେରଟି
ନଗର ଦିଆଗଲା।

### କହାତ ବଂଶକୁ ତେରୋଗୋଟି ନଗର ଦତ୍ତ ହେଲା

61କହାତ୍ତୀୟମାନଙ୍କୁ ମନଃଶିଙ୍କ ଅର୍ଦ୍ଧେକ ଗୋଷ୍ଠୀଠାରୁ
ଯର୍ଦ୍ଦନ ନଦୀର ପୂର୍ବରେଥିବା ଦଶଗୋଟି ସହର ଦିଆଯାଇଥିଲା।
62ଗେର୍ଶୋନଙ୍କ ଗୋଷ୍ଠୀ ତେରଗୋଟି ନଗର ପ୍ରାପ୍ତ ହେଲା।
ସେମାନେ ଇଷାଖର, ଆଶେର, ନପ୍ତାଲି ଓ ବାଶନ ଅଞ୍ଚଳରେ
ବାସ କରୁଥିବା ମନଃଶିର ଅବଶିଷ୍ଟ ବଂଶଠାରୁ ସେହି ନଗରଗୁଡ଼ିକ
ପ୍ରାପ୍ତ ହେଲେ।
63ମରାରି ବଂଶର ପରିବାରବର୍ଗଙ୍କୁ ବାରଗୋଟି ନଗର
ପ୍ରାପ୍ତ ହେଲା। ସେମାନେ ରୁବେନ୍, ଗାଦ୍, ସବୁଲୂନର ଗୋଷ୍ଠୀଠାରୁ
ସେହି ସମସ୍ତ ନଗର ପ୍ରାପ୍ତ ହେଲେ। ସେମାନେ ଗୁଲିବାଣ୍ଟ
ଦ୍ୱାରା ସେହି ନଗର ସବୁ ପ୍ରାପ୍ତ କଲେ।
64ତେଣୁ ଇଶ୍ରାୟେଲୀୟ ଲୋକମାନେ ସେହିସବୁ ସହର
ଓ କ୍ଷେତ୍ରଗୁଡ଼ିକୁ ଲେବୀୟମାନଙ୍କୁ ଦେଇଦେଲେ। 65ସେହି
ସମସ୍ତ ନଗରୀ ସେମାନେ ଯିହୁଦା, ଶିମିୟୋନ୍, ଓ ବିନ୍ୟାମୀନର
ଗୋଷ୍ଠୀଙ୍କଠାରୁ ପ୍ରାପ୍ତ ହୋଇଥିଲେ। ଯେଉଁ ଗୁଡ଼ିକର ନାମ
ଗୁଳିବାଣ୍ଟରେ ଉଲ୍ଲେଖ କରାଯାଇଛି।
66ଇଫ୍ରୟିମ୍ ଗୋଷ୍ଠୀ କହାତ୍ର କେତେକ ପରିବାର କିଛି
ନଗରୀଗୁଡ଼ିକ ଦେଲେ। 67ଇଫ୍ରୟିମର ପାର୍ବତ୍ୟମୟ ଦେଶରେ,
ସେମାନଙ୍କୁ ସୁରକ୍ଷାର ନଗରୀ ଶିଖିମ ଏବଂ ଗେଷର ଓ
ସେମାନଙ୍କର କ୍ଷେତ୍ରଗୁଡ଼ିକ ଦିଆଗଲା। 68ଯକମିୟାମ୍, ବୈଥ୍-
ହୋରଣ ସେମାନଙ୍କର କ୍ଷେତସବୁ। 69ଅୟାଲୋନ୍ ଓ
ଗାତ୍-ରିମ୍ମୋନ୍ ମଧ୍ୟ ସେମାନଙ୍କୁ ଦିଆଯାଇ ଥିଲା। ସେମାନେ
ସେହି ନଗରୀଗୁଡ଼ିକ ସହିତ କ୍ଷେତ୍ରଗୁଡ଼ିକ ମଧ୍ୟ ପାଇଲେ।
70ଇଶ୍ରାୟେଲର ମନଃଶିର ଗୋଷ୍ଠୀର ଅଧା ଲୋକ ଆନେର
ଓ ବିଲୟମ ସହରଗୁଡ଼ିକ କହାତ୍ ଗୋଷ୍ଠୀଗୁଡ଼ିକୁ ଦେଲେ।
ସେହି କହାତ୍ ଗୋଷ୍ଠୀ ସହରଗୁଡ଼ିକ ସହିତ କ୍ଷେତ୍ରଗୁଡ଼ିକ ମଧ୍ୟ
ପାଇଲେ।

### ଅନ୍ୟ ଲେବୀୟ ଗୋଷ୍ଠୀଗୁଡ଼ିକ ବାସସ୍ଥାନ ପାଇଲେ

71ଗେର୍ଶୋନଙ୍କ ଗୋଷ୍ଠୀ ମନଃଶିଙ୍କ ଅର୍ଦ୍ଧେକ ଗୋଷ୍ଠୀଠାରୁ
ଭୂମି ପାଇଲେ, ସେମାନେ ଗୋଲନର ନଗରସବୁ ବାଶନର
ଓ ଅଷ୍ଟାରୋତ ନଗରସବୁ ଚାରଣ ଭୂମି ସହ ପାଇଲେ।
72-73ଗେର୍ଶୋନଙ୍କ ଗୋଷ୍ଠୀ ଆହୁରି ମଧ୍ୟ ଇଷାଖରର
ଗୋଷ୍ଠୀଠାରୁ କାଦେଶ, ଦାବରତ, ରାମୋତ୍ ଓ ଆନେମ୍
ସହରଗୁଡ଼ିକ ପାଇଲେ। ଏହି ସହରଗୁଡ଼ିକ ନିକଟରେ ଥିବା
କ୍ଷେତ୍ର ସବୁ ମଧ୍ୟ ସେମାନେ ଲାଭ କଲେ।

74-75ଗେର୍ଶୋନଙ୍କ ଗୋଷ୍ଠୀ ଆହୁରି ମଧ୍ୟ ଆଶେରର
ପରିବାରବର୍ଗଠାରୁ ମଶାଲ୍, ଅବ୍ଦୋନ, ହୁକ୍କୋକ୍ ଓ ରହୋବ
ସହରଗୁଡ଼ିକ ପ୍ରାପ୍ତ ହେଲେ। ସେହି ସହରଗୁଡ଼ିକ ନିକଟରେ
ଥିବା କ୍ଷେତ୍ର ସବୁ ମଧ୍ୟ ସେମାନେ ଲାଭକଲେ।
76ଗେର୍ଶୋନଙ୍କ ପରିବାର ଆହୁରି ମଧ୍ୟ ନପ୍ତାଲି ଗୋଷ୍ଠୀଙ୍କଠାରୁ
ଗାଲୀଲର କେଦେଶ, ହମ୍ମୋନ୍ ଓ କିରୟାଥୟିମ୍ ସହର ମଧ୍ୟ
ପ୍ରାପ୍ତ ହେଲେ। ସେହି ସହରଗୁଡ଼ିକ ନିକଟରେ ଥିବା କ୍ଷେତ୍ରସବୁ
ମଧ୍ୟ ସେମାନେ ଲାଭ କଲେ।
77ଲେବୀୟ ଲୋକମାନଙ୍କ ମଧ୍ୟରେ ଆଉ କେବଳ ମରାରି
ପରିବାରଗୁଡ଼ିକ ଅବଶିଷ୍ଟ ରହିଲେ। ସେମାନେ ସବୂଲୂନ୍
ଗୋଷ୍ଠୀଠାରୁ ରିମ୍ମୋନ ଓ ତାବୋର୍ ସହରଗୁଡ଼ିକ ଚାରଣଭୂମି
ସହିତ ପ୍ରାପ୍ତ ହେଲେ।
78-79ମରାରି ବଂଶ ଆହୁରି ମଧ୍ୟ ରୁବେନ୍ ଗୋଷ୍ଠୀଠାରୁ
ମରୁଭୂମିସ୍ଥ ବେତ୍ସର ସହର, ଯହସ, କଦେମୋତ୍ ଓ
ମେଫାତ୍ ସହରଗୁଡ଼ିକ ପ୍ରାପ୍ତ ହେଲେ। ରୁବେନ୍ ଗୋଷ୍ଠୀ
ଯେରିଖୋ ନଗରର ପୂର୍ବ ପାର୍ଶ୍ୱ ଓ ଯର୍ଦ୍ଦନ ନଦୀର ପୂର୍ବ
ପାର୍ଶ୍ୱରେ ବାସ କରୁଥିଲେ। ମରାରିର ଏହି ପରିବାରଗୁଡ଼ିକ
ସେହି ସହରଗୁଡ଼ିକ ନିକଟରେ ଥିବା କ୍ଷେତ୍ରସବୁ ମଧ୍ୟ ଲାଭ
କଲେ।
80-81ମରାରିର ପରିବାରବର୍ଗ ଗାଦ ଗୋଷ୍ଠୀଠାରୁ ଗିଲୟଦସ୍ଥ
ରାମୋତ୍, ହିଷ୍ବୋନ୍ ଓ ଯାସେର୍ ସହରଗୁଡ଼ିକ ପ୍ରାପ୍ତ
ହେଲେ। ସେହି ସହରଗୁଡ଼ିକ ନିକଟରେ ଥିବା କ୍ଷେତ୍ରସବୁ
ମଧ୍ୟ ସେମାନେ ଲାଭ କଲେ।

### ଇସାଖରଙ୍କର ବଂଶଧରଗଣ

7 ଇଷାଖରଙ୍କର ଚାରି ପୁତ୍ର ଥିଲେ। ସେମାନଙ୍କର ନାମ
ଥିଲା: ତୋଲୟ, ପୂୟ, ଯାଶୁବ୍ ଓ ଶିମ୍ରୋଣ୍।
2ତୋଲୟଙ୍କର ପୁତ୍ରମାନେ ଥିଲେ, ଉଷି, ରଫାୟ, ଯିରୀୟେଲ୍,
ଯହମୟ, ଯିବ୍ସମ୍ ଓ ଶାମୁୟେଲ। ସେମାନେ ସେମାନଙ୍କ
ପରିବାରର ମୁଖ୍ୟ ଥିଲେ। ସେହି ବ୍ୟକ୍ତିଗଣ ସେମାନଙ୍କର
ବଂଶାନୁସାରେ ଅତି ଶକ୍ତିଶାଳୀ ଯୋଦ୍ଧା ଥିଲେ। ରାଜା ଦାଉଦଙ୍କ
ସମୟରେ ସେମାନଙ୍କର ସଂଖ୍ୟା ବୃଦ୍ଧି ଘଟି 22,600ରେ
ପହଞ୍ଚି ଥିଲା, ସେମାନେ ଯୁଦ୍ଧ ନିମନ୍ତେ ସଦାପ୍ରସ୍ତୁତ ଥିଲେ।
3ଉଷିଙ୍କର ପୁତ୍ର ଥିଲେ ଯିଷ୍ରାହିୟ। ଯିଷ୍ରାହିୟଙ୍କର ପୁତ୍ରମାନେ
ଥିଲେ, ମୀଖାୟେଲ, ଓବଦିୟ, ଯୋୟେଲ ଓ ଯିଶିୟ। ଏହି
ପାଞ୍ଚଜଣ ଯାକ ସେମାନଙ୍କ ପରିବାରର ମୁଖ୍ୟ ଥିଲେ।
4ସେମାନଙ୍କର ପରିବାରର ଇତିହାସ ଦର୍ଶାଏ ଯେ, ସେମାନଙ୍କର
36,000 ସୈନିକ ଯୁଦ୍ଧ ନିମନ୍ତେ ସଦାପ୍ରସ୍ତୁତ ହୋଇ
ରହୁଥିଲେ। ସେମାନଙ୍କର ଏକ ବୃହତ୍ ପରିବାର ଥିଲା, କାରଣ
ସେମାନଙ୍କର ଅନେକ ସ୍ତ୍ରୀ ଓ ସନ୍ତାନ ସନ୍ତତି ଥିଲେ।
5ପରିବାରର ଇତିହାସରୁ ଜଣାପଡେ ଯେ, ଇଷାଖରର
ସମସ୍ତ ଗୋଷ୍ଠୀ ମଧ୍ୟରେ 87,000 ଜଣ ବଳଶାଳୀ ଯୋଦ୍ଧା
ଥିଲେ।

### ବିନ୍ୟାମୀନଙ୍କର ବଂଶଧରଗଣ

6ବିନ୍ୟାମୀନଙ୍କର ତିନି ପୁତ୍ର ଥିଲେ। ସେମାନଙ୍କର ନାମ
ଥିଲା: ବେଲା, ବେଖର ଓ ଯିଦୀୟେଲ।

---

**ସେମାନଙ୍କର କ୍ଷେତ** ନଗରର ପ୍ରାଚୀରର 2000 ହାତ (1000 ଗଜ ଭିତରେ) ଚତୁର୍ଦ୍ଦିଗରେ ଯାଜକ ଓ ଲେବୀୟମାନଙ୍କୁ ଭୂମି ସହିତ ଦିଆଯାଇଥିଲା। ଦେଖନ୍ତୁ ଗଣନା ପୁସ୍ତକ (୩୫: ୧-୮)

7ବେଲାଙ୍କର ପାଞ୍ଚପୁତ୍ର ଥିଲେ। ସେମାନଙ୍କର ନାମ ଥିଲା:
ଇଷ୍‌ବୋନ୍, ଉଷ, ଉଷୀୟେଲ, ଯିରେମୋତ୍ ଓ ଇରୀ।
ସେମାନେ ସେମାନଙ୍କ ପରିବାରର ମୁଖ୍ୟ ଥିଲେ। ସେମାନଙ୍କ
ପରିବାରର ଇତିହାସରୁ ଜଣାଯାଏ ଯେ, ସେମାନଙ୍କ ମଧ୍ୟରେ
22,034 ଜଣ ସୈନିକ ଥିଲେ।

8ବେଖରଙ୍କର ପୁତ୍ରମାନେ ଥିଲେ: ସମୀର, ଯୋୟାଶ,
ଇଲୀୟେଷର, ଇଲୟୋ-ଐନୟ, ଅମ୍ରି, ଯିରେମୋତ୍, ଅବୀୟ,
ଅନାଥୋତ୍ ଓ ଆଲେମତ୍। ଏମାନେ ସମସ୍ତେ ବେଖରର
ସନ୍ତାନ ଥିଲେ। 9ସେମାନଙ୍କ ପରିବାରର ଇତିହାସ ଜଣାଏ
ଯେ, ସେମାନଙ୍କର ମଧ୍ୟ 20,000 ଜଣ ସୈନିକ ଥିଲେ।

10ଯିଦୀୟେଲଙ୍କର ପୁତ୍ର ଥିଲେ ବିଲ୍‌ହନ୍। ବିଲ୍‌ହନ୍‌ଙ୍କର
ପୁତ୍ରମାନେ ଥିଲେ: ଯିୟୁଶ, ବିନ୍ୟାମୀନ, ଏହୂଦ୍, କାନାନା,
ସେଥନ୍, ତର୍ଶୀଶ୍ ଓ ଅହୀଶହର। 11ଯିଦୀୟେଲଙ୍କ
ସବୁ ପୁତ୍ର ସେମାନଙ୍କ ପରିବାରର ମୁଖ୍ୟ ଥିଲେ। ସେମାନଙ୍କ
ମଧ୍ୟରେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ 17,200 ଜଣ ସୈନ୍ୟ
ଥିଲେ।

12ଶୁପ୍ପୀମ ଓ ହୁପ୍ପୀମମାନେ ଈର୍ ବଂଶଧର ଥିଲେ।
ହୂଶୀମ ଅହେରଙ୍କର ପୁତ୍ର ଥିଲେ।

## ନପ୍ତାଲୀଙ୍କର ବଂଶଧରଗଣ

13ନପ୍ତାଲୀଙ୍କ ପୁତ୍ରମାନେ ଥିଲେ ଯହସିୟେଲ, ଗୂନି,
ଯେତ୍‌ସର ଓ ଶଲ୍ଲୁମ୍।

ଏବଂ ଏହିମାନେ ବିଲ୍‌ହାଙ୍କର ବଂଶଧର ଥିଲେ।

## ମନଃଶିଙ୍କର ବଂଶଧର

14ଏହିମାନେ ମନଃଶିଙ୍କର ବଂଶଧର ଥିଲେ: ମନଃଶି ଓ
ତାଙ୍କର ଅରାମୀୟ ଦାସୀଙ୍କଠାରୁ ଅସ୍ରୀୟେଲ ନାମକ ପୁତ୍ର ଜାତ
ହୋଇଥିଲା। ସେମାନଙ୍କର ମାଖୀର ନାମକ ମଧ୍ୟ ପୁତ୍ରଟିଏ
ଥିଲା। ମାଖୀର ଗିଲୟଦ୍‌ଙ୍କ ପିତା ଥିଲେ। 15ମାଖୀର ହୁପ୍ପୀମ
ଓ ଶୁପ୍ପୀମ ପାଇଁ ଜଣେ ଜଣେ ସ୍ତ୍ରୀକୁ ନେଲେ। ମାଖୀରଙ୍କ
ଭଉଣୀର ନାମ ଥିଲା ମାଖା। ତା'ର ଦ୍ୱିତୀୟ ପୁତ୍ରର ନାମ
ସଲଫାଦ ଥିଲା। ସଲଫାଦର କେବଳ କନ୍ୟାମାନେ ଥିଲେ।
16ମାଖୀରଙ୍କ ସ୍ତ୍ରୀ ମାଖାଙ୍କର ପୁତ୍ରଟିଏ ହୋଇଥିଲା। ମାଖା ଏହି
ପୁତ୍ରର ନାମ ପେରଶ ଦେଲେ। ତା'ର ଭାଇଙ୍କ ନାମ ଥିଲା
ଶେରଶ। ଶେରଶଙ୍କ ପୁତ୍ରମାନେ ଥିଲେ ଊଲମ ଓ ରେକମ।

17ଊଲମଙ୍କ ପୁତ୍ର ଥିଲେ, ବଦାନ।

ଏହିମାନେ ଗିଲୟଦର ବଂଶଧର ଥିଲେ। ଗିଲୟଦ ମାଖୀର୍‌ଙ୍କ
ପୁତ୍ର, ମାଖୀର୍ ମନଃଶିଙ୍କ ପୁତ୍ର ଥିଲେ। 18ମାଖୀରଙ୍କ ଭଉଣୀ
ହମ୍ମୋଲେକତ୍ ଈଶହୋଦ୍, ଅବୀୟେଷର ଓ ମହଲାଙ୍କୁ ଜନ୍ମ
ଦେଲେ। 19ଶମୀଦାଙ୍କ ପୁତ୍ରମାନେ ଥିଲେ: ଅହିୟନ୍, ଶେଖମ୍,
ଲିକ୍‌ହି ଓ ଅନୀୟାମ୍।

## ଇଫ୍ରୟିମଙ୍କ ବଂଶଧରଗଣ

20ଇଫ୍ରୟିମଙ୍କ ବଂଶଧରଗଣଙ୍କର ନାମ ଏହିପରି ଥିଲା।
ଇଫ୍ରୟିମଙ୍କ ପୁତ୍ର ଥିଲେ ଶୁଥେଲହ। ଶୁଥେଲହଙ୍କର ପୁତ୍ର
ଥିଲେ, ବେରଦ। ବେରଦଙ୍କର ପୁତ୍ର ଥିଲେ, ତହତ୍। ତହତ୍‌ଙ୍କର
ପୁତ୍ର ଥିଲେ, ଇଲୟାଦା। 21ଇଲୟାଦଙ୍କର ପୁତ୍ର ଥିଲେ,
ତହତ୍। ତହତ୍‌ଙ୍କର ପୁତ୍ର ଥିଲେ ସାବଦ୍। ସାବଦ୍‌ଙ୍କ ପୁତ୍ର
ଥିଲେ ଶୁଥେଲହ।

ଗାଥ୍ ନଗରରେ ବଢିଥିବା କେତେକ ଲୋକ ଏତ୍‌ସର ଓ
ଇଲୟାଦ୍‌କୁ ବଧ କଲେ। ଏତ୍‌ସର ଓ ଇଲୟାଦ୍ ଏହି
ଲୋକମାନଙ୍କର ଗୋ'ପଲ ଓ ମେଷପଲ ଚୋରାଇବା ନିମନ୍ତେ
ଗାଥ୍‌କୁ ଯାଇଥିବାରୁ ଏହିପରି ଘଟିଲା। 22ଇଫ୍ରୟିମ, ଏତ୍‌ସର
ଓ ଇଲୟାଦ୍‌ର ପିତା ଥିଲେ। ଏତ୍‌ସର ଓ ଇଲୟାଦ୍‌ଙ୍କର
ମୃତ୍ୟୁ ଘଟିବାରୁ ଇଫ୍ରୟିମ ଅନେକଦିନ ପର୍ଯ୍ୟନ୍ତ କ୍ରନ୍ଦନକଲେ।
ଇଫ୍ରୟିମଙ୍କର ପରିବାର ତାଙ୍କୁ ସାନ୍ତ୍ୱନା ଦେବା ନିମନ୍ତେ
ଆସିଲେ। 23ଏହାପରେ, ଇଫ୍ରୟିମ ତାଙ୍କର ସ୍ତ୍ରୀଙ୍କ ସହିତ
ଯୌନ ସଂପର୍କ ସ୍ଥାପନ କଲେ। ଇଫ୍ରୟିମଙ୍କ ସ୍ତ୍ରୀ ଗର୍ଭବତୀ
ହେଲେ ଓ ଗୋଟିଏ ପୁତ୍ରକୁ ଜନ୍ମ ଦେଲେ। ଇଫ୍ରୟିମ ଏହି
ନବଜାତ ପୁତ୍ରର ନାମ ବରୀୟ ଦେଲେ, କାରଣ ତାଙ୍କର
ପରିବାରରେ ଏକ ଦୁଃଖଦାୟକ ଘଟଣା ଘଟିଯାଇଥିଲା।
24ଇଫ୍ରୟିମଙ୍କ ଝିଅର ନାମ ଥିଲା ଶୀରା। ଶୀରା, ନିମ୍ନତର
ବୈଥ୍‌ହୋରଣ୍ ଓ ଉଚ୍ଚତର ବୈଥ-ହୋରଣ, ଏବଂ
ନିମ୍ନତର ଉଷେନ୍ ଶୀରା ଓ ଉଚ୍ଚତର ଉଷେନ ଶୀରା ନିର୍ମାଣ
କଲା।

25ରେଫହ୍ ଇଫ୍ରୟିମଙ୍କ ପୁତ୍ର ଥିଲେ। ରେଶଫ୍ ରେଫହ୍‌ଙ୍କ
ପୁତ୍ର ଥିଲେ। ତେଲହ ରେଶଫ୍‌ଙ୍କ ପୁତ୍ର ଥିଲେ। ତହନ୍
ତେଲହଙ୍କ ପୁତ୍ର ଥିଲେ। 26ଲାଦନ୍ ତହନ୍‌ଙ୍କ ପୁତ୍ର ଥିଲେ।
ଅମ୍ମୀହୂଦ ଲାଦନଙ୍କ ପୁତ୍ର ଥିଲେ। ଇଲୀଶାମା ଅମ୍ମୀହୂଦଙ୍କ ପୁତ୍ର
ଥିଲେ। 27ନୁନ୍ ଇଲୀଶାମାଙ୍କ ପୁତ୍ର ଥିଲେ। ଯିହୋଶୂୟ
ନୁନ୍‌ଙ୍କ ପୁତ୍ର ଥିଲେ।

28ଏହି ସମସ୍ତ ନଗର ଓ ଦେଶମାନଙ୍କରେ ଇଫ୍ରୟିମଙ୍କ
ବଂଶଧରମାନେ ବାସ କରୁଥିଲେ। ବୈଥେଲ ଓ ତାହାର
ନିକଟବର୍ତ୍ତୀ ଗ୍ରାମଗୁଡିକ ପୂର୍ବରେ ନାରନ୍, ପଶ୍ଚିମରେ ଗେଷର
ଓ ତାହାର ନିକଟବର୍ତ୍ତୀ ଗ୍ରାମଗୁଡିକ ଶିଖିମ୍, ଅଯା ପର୍ଯ୍ୟନ୍ତ ଓ
ତାହାର ନିକଟବର୍ତ୍ତୀ ଗ୍ରାମ ଓ ତତ୍ ସଂଲଗ୍ନ ଗ୍ରାମଗୁଡିକ।
29ମନଃଶିଙ୍କ ଦେଶର ସୀମାବର୍ତ୍ତୀ ସହରଗୁଡିକ ଥିଲା, ବୈଥ୍‌ଶାନ,
ତାନକ, ମଗିଦ୍ଦୋ ଓ ଡୋର ଏବଂ ତାହାର ନିକଟବର୍ତ୍ତୀ
ଗ୍ରାମଗୁଡିକରେ ଯୋଷେଫଙ୍କ ବଂଶଧରମାନେ ବାସ କରୁଥିଲେ।
ଯୋଷେଫ ଇସ୍ରାଏଲଙ୍କ ପୁତ୍ର ଥିଲେ।

## ଆଶେରଙ୍କ ବଂଶଧରଗଣ

30ଆଶେରଙ୍କ ପୁତ୍ରମାନେ ଥିଲେ ଯିମ୍ନା, ଯିଶ୍ୱା, ଯିଶ୍ୱି ଓ
ବରୀୟ। ସେମାନଙ୍କ ଭଗିନୀର ନାମ ଥିଲା ସେରହ୍।

31ବରୀୟଙ୍କ ପୁତ୍ରମାନେ ଥିଲେ ହେବର ଓ ମଲ୍‌କୀୟେଲ।
ମଲ୍‌କୀୟେଲ ବିର୍ଷୋତଙ୍କ ପିତା ଥିଲେ।

32ହେବର୍, ଯଫ୍‌ଲେଟ୍, ଶୋମର୍ ଓ ହୋଥମ୍ ଓ
ସେମାନଙ୍କ ଭଗିନୀ ଶୂୟାଙ୍କ ପିତା ଥିଲେ।

33ଯଫ୍‌ଲେଟ୍‌ଙ୍କ ପୁତ୍ରମାନେ ଥିଲେ ପାସକ୍, ବିମ୍‌ହଲ୍ ଓ
ଅଶ୍ୱତ୍। ଏହିମାନେ ଯଫ୍‌ଲେଟ୍‌ଙ୍କର ସନ୍ତାନ ଥିଲେ।

34ଶେମରଙ୍କ ପୁତ୍ରମାନେ ଥିଲେ ଅହି, ରୋହଗ, ଯିହୁବ
ଓ ଅରାମ।

35ଶୋମରଙ୍କ ଭ୍ରାତାଙ୍କ ନାମ ଥିଲା ହେଲମ। ହେଲମଙ୍କ
ପୁତ୍ରମାନେ ଥିଲେ ଶୋଫହ, ଯିମ୍ନା, ଶେଲଶ୍ ଓ ଆମଲ୍।

36ଶୋଫହଙ୍କ ପୁତ୍ରମାନେ ଥିଲେ: ସୂହ, ହର୍ଣ୍ଣେଫର୍,
ଶୂୟାଲ୍, ବେରୀ, ଯିମ୍ର, 37ବେତ୍ସର୍, ହୋଦ, ଶମ୍ମ, ଶିଲ୍ଶ,
ଯିତ୍ରନ୍ ଓ ବେରା।
38ଯେଥର୍ଙ୍କ ପୁତ୍ରମାନେ ଥିଲେ: ଯେଫୁନ୍ନି, ପିଷ୍ପ ଓ
ଅରା।
39ଉଲ୍ଲଙ୍କ ପୁତ୍ରମାନେ ଥିଲେ: ଆରହ, ହନ୍ନୀୟେଲ ଓ
ରିତ୍ସିୟ୍।
40ଏହି ବ୍ୟକ୍ତିମାନେ ଆଶେରଙ୍କ ବଂଶଧର ଥିଲେ। ସେମାନେ,
ସେମାନଙ୍କ ପରିବାରର ମୁଖ୍ୟ ଥିଲେ। ସେମାନେ ସର୍ବୋତ୍ତମ
ବ୍ୟକ୍ତି ଥିଲେ। ସେମାନେ ସମସ୍ତେ ଯୋଦ୍ଧା ଓ ମହାନ
ନେତାଗଣ ଥିଲେ। ସେମାନଙ୍କ ପରିବାରର ଇତିହାସ ଜଣାଏ
ଯେ, 26,000 ସୈନ୍ୟ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୋଇ
ରହିଥିଲେ।

### ରାଜା ଶାଉଲଙ୍କର ପାରିବାରିକ ଇତିହାସ

8 ବିନ୍ୟାମୀନ ବେଲାଙ୍କ ପିତା ଥିଲେ। ବେଲା ବିନ୍ୟାମୀନଙ୍କ
ପ୍ରଥମଜାତ ପୁତ୍ର ଥିଲେ। ଅସବେଲ୍ ବିନ୍ୟାମୀନଙ୍କ
ଦ୍ୱିତୀୟ ପୁତ୍ର ଥିଲେ। ଅହର୍ଦ୍ଦ ବିନ୍ୟାମୀନଙ୍କ ତୃତୀୟ ପୁତ୍ର
ଥିଲେ। 2ନୋହା ବିନ୍ୟାମୀନଙ୍କ ଚତୁର୍ଥ ପୁତ୍ର ଥିଲେ। ଏବଂ
ରାଫା ବିନ୍ୟାମୀନଙ୍କ ପଞ୍ଚମ ପୁତ୍ର ଥିଲେ।
3-5ବେଲାଙ୍କର ପୁତ୍ରମାନେ ଥିଲେ, ଅଦ୍ଦର, ଗେରା, ଅବୀହୂଦ,
ଅବୀଶୂୟ, ନାମାନ୍, ଆହୋହ, ଗେରା, ଶଫୂଫନ ଓ ହୂରମ୍।
6-7ଏହିମାନେ ଏହୂଦଙ୍କର ବଂଶଧର ଥିଲେ। ଗେବାରେ
ସେମାନେ ନିଜ ପରିବାରର ମୁଖ୍ୟ ଥିଲେ। ନିଜର ଗୃହ
ତ୍ୟାଗ କରି ମାନହତକୁ ଯିବା ନିମନ୍ତେ ସେମାନଙ୍କୁ ବାଧ୍ୟ
କରାଗଲା। ଏହୂଦଙ୍କ ବଂଶଧରମାନେ ଥିଲେ ନାମାନ୍, ଅହିୟ
ଓ ଗେରା। ଗେରା ସେମାନଙ୍କୁ ଗୃହତ୍ୟାଗ କରିବା ନିମନ୍ତେ
ବଳପ୍ରୟୋଗ କଲେ। ଗେରା ଉଷ ଓ ଅହୀହୂଦଙ୍କ ପିତା
ଥିଲେ। 8ଶହରୟିମ୍ ତାଙ୍କର ସ୍ତ୍ରୀଗଣ, ହୂଶୀମ୍ ଓ ବାରାଙ୍କୁ
ମୋୟାବରେ ଛାଡପତ୍ର ଦେଲେ। ଏହାପରେ, ସେ ତାଙ୍କର
ଆଉଜଣେ ସ୍ତ୍ରୀଙ୍କଠାରୁ କେତେଗୋଟି ସନ୍ତାନ ଲାଭ କଲେ।
9-10ଶହରୟିମ୍ ଆପଣା ସ୍ତ୍ରୀ ହୋଦଶଙ୍କ ଦ୍ୱାରା ଯୋବବ୍,
ସିବିୟ, ମେଶା, ମଲକମ୍, ଯିୟୂଶ, ଶଖିୟ ଓ ମିର୍ମାଙ୍କୁ ଜାତ
କଲେ। ସେମାନେ ନିଜ ପରିବାରର ମୁଖ୍ୟ ଥିଲେ। 11ଶହରୟିମ୍
ଓ ହୂଶୀମ୍ଙ୍କର ଆବୀଟୂବ୍ ଓ ଇଲ୍ପାଲ ନାମକ ଦୁଇ ପୁତ୍ର
ଥିଲେ।
12ଇଲ୍ପାଲଙ୍କ ପୁତ୍ରମାନେ ଥିଲେ ଏବର୍, ମିଶିୟମ,
ଶେମଦ୍। ଶେମଦ, ଓନୋ ଓ ଲୋଦ୍ ସହିତ ଏହାର ନଗର
ନିର୍ମାଣ କଲେ। 13ବରୀୟ ଓ ଶେମା ଅୟାଲୋନର ନିବାସୀମାନଙ୍କ
ପରିବାରର ମୁଖ୍ୟ ଥିଲେ। ସେହି ପୁତ୍ରମାନେ ଗାଥର ନିବାସୀମାନଙ୍କୁ
ସେମାନଙ୍କ ନଗର ଛାଡି ଚାଲିଯିବା ପାଇଁ ବାଧ୍ୟ କଲେ।
14ସେମାନଙ୍କର ଭାଇମାନେ ଥିଲେ, ଅହିୟୋ, ଶାଶକ୍ ଓ
ଯିରେମୋତ୍, 15ସବଦିୟ, ଅରାଦ, ଏଦର୍, 16ମୀଖାୟେଲ,
ଯିଶ୍ପା ଓ ଯୋହ, ବରୀୟଙ୍କ ପୁତ୍ରଗଣ ଥିଲେ। 17ଇଲ୍ପାଲଙ୍କ
ପୁତ୍ରମାନେ ଥିଲେ: ସବଦିୟ, ମଶୁଲ୍ଲମ୍, ହିଷ୍କି, ହେବର୍,
18ଯିଷ୍ମରୟ ଓ ଯୋବବ୍।
19ଶିମିୟିଙ୍କ ପୁତ୍ରମାନେ ଥିଲେ: ଯାକୀମ୍, ସିଖ୍ରି, ସବ୍ଦି,
20ଇଲୀ-ଐନୟ, ସିଲ୍ଲଥୟ ଇଲୀୟେଲ, 21ଅଦାୟା, ବରାୟା
ଓ ଶିମ୍ରତ୍।
22ଶାଶକ୍ଙ୍କ ପୁତ୍ରମାନେ ଥିଲେ: ଯିଶ୍ପନ, ଏବର୍, ଇଲୀୟେଲ୍,
23ଅବ୍ଦୋନ, ସିଖ୍ରି, ହାନନ୍, 24ହନାନୟ, ଏଲମ୍, ଅନ୍ତୋଥିୟ,
25ଯିଫ୍ଦିୟ ଓ ପନୂୟେଲ।
26ଯିରୋହମଙ୍କ ପୁତ୍ରମାନେ ଥିଲେ: ଶମ୍ଶରୟ, ଶହରିୟ,
ଅଥଲୟ, 27ଯାରିଶିୟ, ଏଲୟ ଓ ସିଖ୍ରି,
28ଏହି ବ୍ୟକ୍ତିମାନେ ସେମାନଙ୍କ ପରିବାରର ମୁଖ୍ୟ ଥିଲେ।
ସେମାନଙ୍କର ପାରିବାରିକ ଇତିହାସରେ ସେମାନଙ୍କୁ ମୁଖ୍ୟ
ଭାବେ ଉଲ୍ଲେଖ କରାଯାଇଅଛି। ସେମାନେ ଯିରୁଶାଲମ୍ରେ
ବାସ କରୁଥିଲେ।
29ଯିୟେଲ୍ ଗିବିୟୋନଙ୍କ ପିତା ଥିଲେ। ସେ ଗିବିୟୋନ
ସହରରେ ବାସ କରୁଥିଲେ। ଯିୟେଲଙ୍କ ସ୍ତ୍ରୀଙ୍କ ନାମ ଥିଲା
ମାଖା। 30ଯିୟେଲଙ୍କ ଜ୍ୟେଷ୍ଠପୁତ୍ର ଥିଲେ ଅବ୍ଦୋନ୍। ତାଙ୍କର
ଅନ୍ୟ ପୁତ୍ରମାନେ ଥିଲେ ସୂର୍, କୀଶ୍, ବାଲ୍, ନାଦବ୍,
31ଗଦୋର, ଅହିୟୋ, ସଖର୍, (ଓ ମିକ୍ଲୋତ)। 32ମିକ୍ଲୋତ୍
ଶିମିୟଙ୍କ ପିତା ଥିଲେ। ଏହି ପୁତ୍ରମାନେ ମଧ୍ୟ ଯିରୁଶାଲମରେ
ସେମାନଙ୍କର ଆତ୍ମୀୟମାନଙ୍କ ନିକଟରେ ବାସ କରୁଥିଲେ।
33ନେର୍ କୀଶ୍ଙ୍କ ପିତା ଥିଲେ। କୀଶ୍ ଶାଉଲଙ୍କ ପିତା
ଥିଲେ। ଏବଂ ଶାଉଲ ଯୋନାଥନ, ମଲକୀଶୂୟ, ଅବୀନାଦବ୍
ଓ ଇଶ୍ବାଲଙ୍କ ପିତା ଥିଲେ।
34ଯୋନାଥନ୍ଙ୍କ ପୁତ୍ର ଥିଲେ ମରୀବ୍ବାଲ୍। ମରୀବ୍ବାଲ
ମୀଖାଙ୍କ ପିତା ଥିଲେ।
35ମୀଖାଙ୍କ ପୁତ୍ରମାନେ ଥିଲେ, ପିଥୋନ୍, ମେଲକ୍, ତରେୟ
ଓ ଆହସ।
36ଆହସ୍ ଯିହୋୟାଦାଙ୍କ ପିତା ଥିଲେ। ଯିହୋୟାଦା
ଆଲେମତ୍, ଅସ୍ମାବତ ଓ ସିମ୍ରିଙ୍କ ପିତା ଥିଲେ। ସିମ୍ରି
ମୋତ୍ସାଙ୍କ ପିତା ଥିଲେ। 37ମୋତ୍ସା ବିନୟାଙ୍କ ପିତା
ଥିଲେ। ରାଫା ବିନୟାଙ୍କ ପୁତ୍ର ଥିଲେ। ଇଲୀୟାସା ରାଫାଙ୍କ
ପୁତ୍ର ଥିଲେ। ଏବଂ ଆତ୍ସେଲ, ଇଲୀୟାସାଙ୍କ ପୁତ୍ର ଥିଲେ।
38ଆତ୍ସେଲଙ୍କ ଛଅ ପୁତ୍ର ଥିଲେ। ସେମାନଙ୍କର ନାମ
ଏହିପରି ଥିଲା- ଅସ୍ରୀକାମ୍, ବୋଖରୁ, ଇଶ୍ମାୟେଲ୍, ଶିୟରୟ,
ଓବଦିୟ ଓ ହାନନ।
39ଆତ୍ସେଲଙ୍କ ଭ୍ରାତା ଥିଲେ ଏଶକ୍। ଏଶକ୍ଙ୍କର କେତେକ
ପୁତ୍ର ଥିଲେ। ଏହିମାନେ ହେଲେ: ଉଲମ୍, ଏଶକ୍ଙ୍କର ଜ୍ୟେଷ୍ଠ
ପୁତ୍ର, ଯିୟୂଶ୍, ଏଶକ୍ଙ୍କର ଦ୍ୱିତୀୟ ପୁତ୍ର, ଏଲୀଫେଲଟ୍ ତୃତୀୟ
ପୁତ୍ର ଥିଲେ। 40ଉଲମ୍ଙ୍କର ପୁତ୍ରମାନେ ପରାକ୍ରମୀ ସୈନ୍ୟ ଓ
ଉତ୍ତମ ଧନୁର୍ଦ୍ଧର ଥିଲେ। ଉଲମଙ୍କର ପୁତ୍ରର ଅନେକ ପୁତ୍ର
ଓ ନାତିଗଣ ଥିଲେ। ସର୍ବମୋଟ 150 ଜଣ।
ଏହି ସମସ୍ତ ବ୍ୟକ୍ତିଗଣ ବିନ୍ୟାମୀନଙ୍କର ବଂଶଧର ଥିଲେ।

9 ଇସ୍ରାୟେଲର ସମସ୍ତ ଲୋକଙ୍କର ନାମ ସେମାନଙ୍କ
ପରିବାରର ଇତିହାସରେ ଲିଖିତ ହୋଇଅଛି। ସେହି
ପାରିବାରିକ ଇତିହାସକୁ ଇସ୍ରାୟେଲର ରାଜାମାନଙ୍କ ଇତିହାସ
ପୁସ୍ତକରେ ଅନ୍ତର୍ଭୁକ୍ତ କରାଯାଇଛି।

### ଯିରୁଶାଲମରେ ଲୋକମାନେ

ଯିହୁଦାକୁ ବଳପୂର୍ବକ ବାବିଲକୁ ନିର୍ବାସିତ କରାଗଲା।

କାରଣ ସେମାନେ ପରମେଶ୍ୱରଙ୍କଠାରେ ବିଶ୍ୱସ୍ତ ନ ଥିଲେ।
2ଯେଉଁମାନେ ପ୍ରଥମେ ଫେରିଆସି ସେମାନଙ୍କର ଅଧିକାରରେ
ସେଠାରେ ସେମାନଙ୍କର ନଗରରେ ବାସ କଲେ, ସେଥିମଧ୍ୟରୁ
କେତେକ ଇଶ୍ରାୟେଲୀୟ, ଯାଜକଗଣ, ଲେବୀୟଗଣ ଓ
ସେବକଗଣ ଥିଲେ।

## ବାବିଲରୁ ଫେରିଥିବା ଯିହୂଦାର ଲୋକମାନଙ୍କର ତାଲିକା

3ଏହି ଲୋକମାନେ ଯେଉଁମାନେ ଯିରୁଶାଲମରେ ବାସ
କରୁଥିଲେ ସେମାନେ ଯିହୁଦା, ବିନ୍ୟାମୀନ, ଇଫ୍ରୟିମ ଓ
ମନଃଶିଙ୍କ ଗୋଷ୍ଠୀର ଥିଲେ।
4ଊଥୟ ଅମ୍ମୀହୂଦ୍‌ଙ୍କ ପୁତ୍ର ଥିଲେ। ଅମ୍ମୀହୂଦ୍ ଅମ୍ରିଙ୍କ ପୁତ୍ର
ଥିଲେ। ଅମ୍ରି ଇମ୍ରିଙ୍କ ପୁତ୍ର ଥିଲେ। ଇମ୍ରି ବାନିଙ୍କ ପୁତ୍ର
ଥିଲେ। ବାନି ପେରସ୍‌ଙ୍କ ଜଣେ ବଂଶଧର ଥିଲେ। ପେରସ୍
ଯିହୁଦାଙ୍କ ପୁତ୍ର ଥିଲେ।
5ଯିରୁଶାଲେମରେ ବାସ କରୁଥିବା ଶୀଲୋନୀୟ ଲୋକମାନେ
ଥିଲେ, ଅସାୟ ଜ୍ୟେଷ୍ଠ ପୁତ୍ର ଓ ଅସାୟଙ୍କର ପୁତ୍ରମାନେ
ଥିଲେ।
6ଯିରୁଶାଲମରେ ବାସ କରୁଥିବା ସେରହର ଲୋକମାନେ
ଥିଲେ, ଯୁୟେଲ ଓ ତାଙ୍କର ଆତ୍ମୀୟମାନେ। ସେମାନେ
ସମୁଦାୟ 690 ଜଣ ଥିଲେ।
7ଏହି ଲୋକମାନେ ଯିରୁଶାଲମରେ ବାସ କରୁଥିବା
ବିନ୍ୟାମୀନ ପରିବାରବର୍ଗର ଥିଲେ; ସଲ୍ଲୁ ମଶୁଲ୍ଲମଙ୍କ ପୁତ୍ର
ଥିଲେ। ମଶୁଲ୍ଲମ୍ ହୋଦ୍‌ବୟଙ୍କ ପୁତ୍ର ଥିଲେ। ହୋଦ୍‌ବିୟ
ହସନୁୟେଲଙ୍କ ପୁତ୍ର ଥିଲେ। 8ଯିବ୍‌ନୟ ଯିରୋହମଙ୍କ ପୁତ୍ର
ଥିଲେ। ଏଲା ଉଷିଙ୍କ ପୁତ୍ର ଥିଲେ। ଉଷି ମିଖ୍ରିଙ୍କ ପୁତ୍ର
ଥିଲେ। ମଶୁଲ୍ଲମ ଶଫଟିୟଙ୍କ ପୁତ୍ର ଥିଲେ। ଶଫଟିୟ ରୁୟେଲଙ୍କ
ପୁତ୍ର ଥିଲେ ଏବଂ ରୁୟେଲ ଇବ୍‌ନୟଙ୍କ ପୁତ୍ର ଥଲେ।
9ବିନ୍ୟାମୀନଙ୍କ ପରିବାରର ଇତିହାସ ଦର୍ଶାଏ ଯେ, ସେମାନଙ୍କ
ମଧ୍ୟରୁ 956 ଜଣ ଯିରୁଶାଲମରେ ବାସ କରୁଥିଲେ। ଏହି
ସମସ୍ତ ବ୍ୟକ୍ତିମାନେ ସେମାନଙ୍କ ପରିବାରର ମୁଖ୍ୟ ଥିଲେ।
10ଯିରୁଶାଲମରେ ଏହି ଯାଜକମାନେ ବାସ କରୁଥିଲେ:
ଯିଦୟିୟ ଯିହୋୟାରୀବ୍, ଯାଖୀନ୍ ଏବଂ ଅସରୟ। 11ଅସରୟ
ହିଲ୍‌କୟଙ୍କ ପୁତ୍ର ଥିଲେ। ହିଲକୟ ମଶୁଲ୍ଲମ୍‌ଙ୍କ ପୁତ୍ର ଥିଲେ।
ମଶୁଲ୍ଲମ୍ ସାଦୋକ୍‌ଙ୍କ ପୁତ୍ର ଥିଲେ। ସାଦୋକ୍ ମରାୟୋତଙ୍କ
ପୁତ୍ର ଥିଲେ। ମରାୟୋତ ଅହୀଟୂବ୍‌ଙ୍କ ପୁତ୍ର ଥିଲେ। ଅହୀଟୂବ୍
ପରମେଶ୍ୱରଙ୍କ ମନ୍ଦିରର ସୁରକ୍ଷା ଦାୟିତ୍ୱରେ ଥିବା ବିଶେଷ
କାର୍ଯ୍ୟକାରୀ ଥିଲେ। ଆହୁରି ମଧ୍ୟ ସେଠାରେ ଯିରୋହମଙ୍କ
ପୁତ୍ର ଅଦାୟା ଥିଲେ। ଯିରୋହମ୍ ପଶ୍‌ହୂରଙ୍କ ପୁତ୍ର ଥିଲେ।
12ପଶ୍‌ହୂର୍ ମଲକୟଙ୍କ ପୁତ୍ର ଥିଲେ। ଆହୁରି ମଧ୍ୟ ସେଠାରେ
ଅଦୀୟେଲଙ୍କ ପୁତ୍ର ମାସୟ ଥିଲେ। ଅଦୀୟେଲ ଯହସେରାଙ୍କ
ପୁତ୍ର ଥିଲେ। ଯହସେରା ମଶୁଲ୍ଲମ୍‌ଙ୍କ ପୁତ୍ର ଥିଲେ। ମଶୁଲ୍ଲମ୍
ମଶିଲ୍ଲମୋତ୍‌ଙ୍କ ପୁତ୍ର ଥିଲେ। ମଶିଲ୍ଲମୋତ୍ ଇମ୍ମେରଙ୍କ ପୁତ୍ର
ଥିଲେ।
13ସମୁଦାୟ 1,760 ଜଣ ଯାଜକ ଥଲେ, ଯେଉଁମାନେ
କି ସେମାନଙ୍କ ପରିବାରର ମୁଖ୍ୟ ଥିଲେ। ସେମାନେ ପରମେଶ୍ୱରଙ୍କ
ମନ୍ଦିରରେ ସେବା କରିବାରେ ଦକ୍ଷ ଲୋକ ଥିଲେ।
14ଲେବୀଙ୍କ ପରିବାରବର୍ଗର ଏହି ଲୋକମାନେ ଯିରୁଶାଲମରେ
ବାସ କରୁଥିଲେ: ହଶୂବ୍‌ଙ୍କ ପୁତ୍ର ଶମୟିୟ। ହଶୂୟ ଅସ୍ରୀକାମ୍‌ଙ୍କ
ପୁତ୍ର ଥିଲେ। ଅସ୍ରୀକାମ୍ ହଶୂବ୍‌ଙ୍କ ପୁତ୍ର ଥିଲେ। ହଶବିୟ
ମରାରିଙ୍କ ବଂଶଧର ଥିଲେ। 15ଯିରୁଶାଲମରେ ଆହୁରି ମଧ୍ୟ
ଏହିମାନେ ବାସ କରୁଥିଲେ: ବକ୍‌ବକର, ହେରଶ, ଗାଲଲ୍ ଓ
ମତ୍ତନୟ। ମତ୍ତନୟ ମୀଖାଙ୍କ ପୁତ୍ର ଥିଲେ। ମୀଖା ସିଖ୍ରିଙ୍କ
ପୁତ୍ର ଥିଲେ। ସିଖ୍ରି ଆସଫ୍‌ଙ୍କ ପୁତ୍ର ଥିଲେ। 16ଓବଦିୟ
ଶମୟିୟଙ୍କ ପୁତ୍ର ଥିଲେ। ଶମୟିୟ ଗାଲଲ୍‌ଙ୍କ ପୁତ୍ର ଥିଲେ।
ଗାଲଲ୍ ଯିଦୂଥନ୍‌ଙ୍କ ପୁତ୍ର ଥିଲେ। ବେରିଖିୟ ଆସାଙ୍କ ପୁତ୍ର
ଥିଲେ। ଆସା ଇଲକାନାଙ୍କ ପୁତ୍ର ଥିଲେ। ସେ ନଟୋଫାରେ
ଲୋକମାନଙ୍କ ସହରରେ ବାସ କରୁଥିଲେ।
17ଯିରୁଶାଲମ୍‌ରେ ଏହି ଦ୍ୱାରପାଳମାନେ ବାସ କରୁଥିଲେ:
ଶଲ୍ଲୁମ୍, ଅକ୍କୂବ୍, ଟଲ୍‌ମୋନ୍, ଅହୀମାନ ଓ ସେମାନଙ୍କର
ଆତ୍ମୀୟବର୍ଗ। ଶଲ୍ଲୁମ୍ ସେମାନଙ୍କର ମୁଖ୍ୟ ଥିଲେ। 18ଏହି
ଲୋକମାନେ ପୂର୍ବଦିଗରେ ରାଜାଙ୍କ ଦ୍ୱାରର ପରବର୍ତ୍ତୀ ପାର୍ଶ୍ୱରେ
ଛିଡା ହେଉଥିଲେ। ଲେବୀଙ୍କ ପରିବାରବର୍ଗର ଏହିମାନେ
ଦ୍ୱାରପାଳ ଥିଲେ। 19ଶଲ୍ଲୁମ୍ କୋରହଙ୍କ ପୁତ୍ର ଥିଲେ।
କୋରହ୍ ଅବୀୟାସଫ୍‌ଙ୍କ ପୁତ୍ର ଥିଲେ। ଅବୀୟାସଫ୍ କୋରିଙ୍କ
ପୁତ୍ର ଥିଲେ। ଶଲ୍ଲୁମ୍ ଓ ତାଙ୍କର ଭ୍ରାତାମାନେ ଦ୍ୱାରପାଳ
ଥିଲେ। ସେମାନେ କୋରହ ପରିବାରବର୍ଗର ଥିଲେ। ସେମାନେ
ମନ୍ଦିରର ସେବାକାର୍ଯ୍ୟ ଦାୟିତ୍ୱରେ ଥିଲେ। ସେମାନେ ପବିତ୍ର
ତମ୍ବୁର ଦ୍ୱାର ଜଗିବା କାର୍ଯ୍ୟ କରୁଥିଲେ। ସେମାନେ ଠିକ୍
ସେହିପରି କଲେ, ଯେପରି ସେମାନଙ୍କର ପୂର୍ବପୁରୁଷମାନେ
ପବିତ୍ର ତମ୍ବୁର ପ୍ରବେଶ ଦ୍ୱାର ଜଗିବା କାର୍ଯ୍ୟ କରୁଥିଲେ।
20ଅତୀତରେ, ଇଲୀୟାସରଙ୍କ ପୁତ୍ର ପୀନ୍‌ହସ ସେମାନଙ୍କର
ଶାସକ ଥିଲେ ଏବଂ ସଦାପ୍ରଭୁ ତାଙ୍କ ସହିତ ଥିଲେ।
21ପବିତ୍ର ତମ୍ବୁର ପ୍ରବେଶ ଦ୍ୱାରରେ ଜିଖରୀୟ ମଶେଲିମିୟଙ୍କ
ପୁତ୍ର ଦ୍ୱାରପାଳ ଥିଲେ।
22ପ୍ରବେଶ ଦ୍ୱାରର ଦ୍ୱାରପାଳ ନିମନ୍ତେ ସମୁଦାୟ 212
ଜଣ ଲୋକଙ୍କୁ ମନୋନୀତ କରାଯାଇଥିଲା। ସେମାନଙ୍କର ନାମ
ସେମାନଙ୍କ ପରିବାର ଇତିହାସରେ ଓ ସେମାନଙ୍କ ଗ୍ରାମଗୁଡିକରେ
ଲେଖାଯାଇଅଛି। ଦାଉଦ ଓ ଦର୍ଶକ ଶାମୁୟେଲ ସେମାନଙ୍କୁ
ସେହି ଜାଗାରେ ନିଯୁକ୍ତ କରିଥଲେ। କାରଣ ସେମାନେ
ବିଶ୍ୱସ୍ତ ଥିଲେ। 23ଦ୍ୱାରପାଳମାନେ ଓ ସେମାନଙ୍କର ବଂଶଧରମାନେ
ସଦାପ୍ରଭୁଙ୍କ ଗୃହ, ପବିତ୍ର ତମ୍ବୁର ସୁରକ୍ଷା ଦାୟିତ୍ୱରେ ଥିଲେ।
24ଚାରିଗୋଟି ପାର୍ଶ୍ୱରେ ଦ୍ୱାରମାନ ଥିଲା: ପୂର୍ବ, ପଶ୍ଚିମ, ଉତ୍ତର
ଓ ଦକ୍ଷିଣ। 25ଦ୍ୱାରପାଳମାନଙ୍କର ଯେଉଁ ଆତ୍ମୀୟମାନେ ଛୋଟ
ସହରଗୁଡିକରେ ବାସ କରୁଥିଲେ, ସେମାନଙ୍କୁ ଆସି କେତେକ
ନିର୍ଦ୍ଦିଷ୍ଟ ସମୟରେ ସାହାଯ୍ୟ କରିବାକୁ ପଡୁଥିଲା। ସେମାନେ
ଆସୁଥିଲେ ଓ ପ୍ରତ୍ୟେକ ଥର ଦ୍ୱାରପାଳମାନଙ୍କୁ ସାତଦିନ
ପର୍ଯ୍ୟନ୍ତ ସାହାଯ୍ୟ କରୁଥିଲେ।
26ସମସ୍ତ ଦ୍ୱାରପାଳମାନଙ୍କର ମୁଖ୍ୟ ଚାରି ଦ୍ୱାରପାଳ
ଥିଲେ। ସେମାନେ ଲେବୀୟ ଲୋକ ଥିଲେ। ସେମାନଙ୍କର
କାର୍ଯ୍ୟ ଥିଲା, ପରମେଶ୍ୱରଙ୍କ ମନ୍ଦିରରେ ଥିବା ସକଳ କୋଠରୀର
ଓ ଧନସମ୍ପଦର ରକ୍ଷଣା ବେକ୍ଷଣା କରିବା। 27ସେମାନେ ସାରା
ରାତ୍ରି ପରମେଶ୍ୱରଙ୍କ ମନ୍ଦିରକୁ ଜଗି ରହୁଥିଲେ। ଆଉ
ପ୍ରତିଦିନ ପ୍ରଭାତରେ ପରମେଶ୍ୱରଙ୍କ ମନ୍ଦିରର ଦ୍ୱାର ଖୋଲିବା
ସେମାନଙ୍କର କାର୍ଯ୍ୟ ଥିଲା।

28ମନ୍ଦିରର ସେବାକାର୍ଯ୍ୟରେ ବ୍ୟବହୃତ ହେଉଥିବା
ପାତ୍ରମାନଙ୍କର ଯତ୍ନ ନେବା କେତେକ ଦ୍ୱାରପାଳଙ୍କର କାର୍ଯ୍ୟ
ଥିଲା। ସେମାନେ ସେହି ପାତ୍ରଗୁଡ଼ିକୁ ଆଣିବା ସମୟରେ ତାହା
ଗଣି ଦେଖୁଥିଲେ। ପୁଣି, ସେହି ପାତ୍ରଗୁଡ଼ିକୁ ନେଇଯିବା
ସମୟରେ ମଧ୍ୟ ଗଣି ରଖୁଥିଲେ। 29ଅନ୍ୟ ଦ୍ୱାରପାଳମାନେ
କାଠ ଆସବାବପତ୍ର ଓ ବିଶେଷ ପାତ୍ରଗୁଡ଼ିକର ଯତ୍ନ ନେବା
ନିମନ୍ତେ ମନୋନୀତ ହୋଇଥିଲେ। ଆହୁରି ମଧ୍ୟ ସେମାନେ
ମଇଦା, ଦ୍ରାକ୍ଷାରସ, ତୈଳ, ସୁଗନ୍ଧଦ୍ରବ୍ୟ ଓ ବିଶେଷ ତୈଳର
ଯତ୍ନ ନେଉଥିଲେ। 30କିନ୍ତୁ ଯାଜକ ହିଁ ବିଶେଷ ତୈଳର
ମିଶ୍ରଣ କାର୍ଯ୍ୟ କରୁଥିଲେ।

31ମତ୍ତଥିୟ ନାମକ ଜଣେ ଲେବୀୟ ଥିଲେ, ଯିଏକି
ନୈବେଦ୍ୟ ନିମନ୍ତେ ବ୍ୟବହୃତ ହେଉଥିବା ରୋଟୀ ସେଙ୍କିବାର
କାର୍ଯ୍ୟ କରୁଥିଲେ। ମତ୍ତଥିୟ ଶଲ୍ଲୁମ୍‌ଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ।
ଶଲ୍ଲୁମ୍ କୋରହ ବଂଶଜ ଥିଲେ। 32କୋରହ ବଂଶଜ
କେତେଜଣ ଦ୍ୱାରପାଳ ପ୍ରତ୍ୟେକ ବିଶ୍ରାମବାରରେ ମେଜ ଉପରେ
ପରିବେଷିତ ହେଉଥିବା ରୋଟୀ ପ୍ରସ୍ତୁତ କରିବାର କାର୍ଯ୍ୟ
କରୁଥିଲେ। 33ସେହି ଲେବୀୟ ଗାୟକଗଣ ସେମାନଙ୍କର
ପରିବାରର ମୁଖ୍ୟ ଥିଲେ ଏବଂ ସେମାନେ ମନ୍ଦିର ମଧ୍ୟରେ
ଥିବା କୋଠରୀଗୁଡ଼ିକରେ ରହୁଥିଲେ। ସେମାନେ ଅନ୍ୟ କାର୍ଯ୍ୟରୁ
ମୁକ୍ତ ଥିଲେ। କାରଣ ଦିନରାତି ମନ୍ଦିରର କାର୍ଯ୍ୟ କରିବା
ଦାୟିତ୍ୱ ସେମାନଙ୍କ ଉପରେ ଥିଲା।

34ସେମାନଙ୍କର ପରିବାରର ଇତିହାସ ଅନୁସାରେ ଏହି
ଲେବୀୟଗଣ ସେମାନଙ୍କର ପରିବାରର ମୁଖ୍ୟ ଥିଲେ, ସେମାନେ
ପରିବାରର ମୁଖ୍ୟ ଯିରୁଶାଲମରେ ବାସ କରୁଥିଲେ।

## ରାଜା ଶାଉଲଙ୍କର ପାରିବାରିକ ଇତିହାସ

35ଯିୟେଲ ଗିବୟୋନଙ୍କ ପିତା ଥିଲେ। ଯିୟେଲ ଗିବୟୋନ
ସହରରେ ବାସ କରୁଥିଲେ। ଯିୟେଲଙ୍କ ସ୍ତ୍ରୀଙ୍କ ନାମ ଥିଲା
ମାଖା। 36ଯିୟେଲଙ୍କ ଜ୍ୟେଷ୍ଠପୁତ୍ରର ନାମ ଥିଲା: ଅବ୍‌ଦୋନ୍।
ଅନ୍ୟ ପୁତ୍ରମାନେ ଥିଲେ ସୂର୍, କୀଶ୍, ନେର୍, ବାଲ୍, ନାଦବ।
37ଗଦୋର୍, ଅହିୟୋ, ଜିଖରିୟ ଓ ମିକ୍‌ଲୋତ୍। 38ମିକ୍‌ଲୋତ୍
ଶିମିୟାମ୍‌ଙ୍କ ପିତା ଥିଲେ। ଯିୟେଲଙ୍କ ପରିବାର ଯିରୁଶାଲମରେ
ସେମାନଙ୍କ ଆତ୍ମୀୟମାନଙ୍କ ନିକଟରେ ବାସ କରୁଥିଲେ।

39ନେର୍ କୀଶ୍‌ଙ୍କ ପିତା ଥିଲେ। କୀଶ୍ ଶାଉଲଙ୍କ ପିତା
ଥିଲେ ଏବଂ ଶାଉଲ ଯୋନାଥନ୍, ମଲକୀଶୂୟ, ଅବୀନାଦବ ଓ
ଇଶ୍-ବାଲ୍‌ଙ୍କ ପିତା ଥିଲେ।

40ଯୋନାଥନ୍‌ଙ୍କ ପୁତ୍ର ଥିଲେ ମରୀବ୍ବାଲ, ମରୀବ୍ବାଲ
ମୀଖାଙ୍କ ପିତା ଥିଲେ।

41ମୀଖାଙ୍କ ପୁତ୍ରମାନେ ଥିଲେ: ପିଥୋନ୍, ମେଲକ, ତହରେୟ
ଓ ଆହସ। 42ଆହସ୍ ଯାରହଙ୍କ ପିତା ଥିଲେ। ଯାରହ
ଆଲେମତ୍, ଅସ୍ମାବତ୍ ଓ ସିମ୍ରି। ସିମ୍ରି ମୋତ୍‌ସାଙ୍କ ପିତା
ଥିଲେ। 43ମୋତ୍‌ସା ବିନୟାଙ୍କ ପିତା ଥିଲେ ଏବଂ ରଫାୟ
ବିନୟାଙ୍କ ପୁତ୍ର ଥିଲେ। ଇଲୀୟାସା ରଫାୟଙ୍କପୁତ୍ର ଥିଲେ।
ଏବଂ ଆତ୍‌ସେଲ ଇଲୀୟାସଙ୍କ ପୁତ୍ର ଥିଲେ।

44ଆତ୍‌ସେଲଙ୍କ ଛଅପୁତ୍ର ଥିଲେ। ସେମାନଙ୍କର ନାମ
ଥିଲା: ଅସ୍ରୀକାମ, ବୋଖରୁ, ଇଶ୍ମାୟେଲ, ଶିୟରିୟ, ଓବଦିୟ
ଓ ହାନନ୍। ଏହି ସମସ୍ତ ଆତ୍‌ସେଲଙ୍କ ସନ୍ତାନ ଥିଲେ।

## ରାଜା ଶାଉଲଙ୍କ ମୃତ୍ୟୁ

10 ପଲେଷ୍ଟୀୟ ଲୋକମାନେ ଇସ୍ରାୟେଲ ଲୋକମାନଙ୍କର
ବିରୁଦ୍ଧରେ ଯୁଦ୍ଧ କଲେ। ଇସ୍ରାୟେଲ ଲୋକମାନେ
ପଲେଷ୍ଟୀୟମାନଙ୍କ ନିକଟରୁ ପଳାୟନ କଲେ। ଅନେକ
ଇସ୍ରାୟେଲୀୟ ଲୋକ ଗିଲ୍‌ବୋୟ ପର୍ବତ ଉପରେ ନିହତ
ହେଲେ। 2ପଲେଷ୍ଟୀୟ ଲୋକମାନେ ଶାଉଲ ଓ ତାଙ୍କ
ପୁତ୍ରମାନଙ୍କ ପଛେ ପଛେ ଗୋଡ଼ାଇଲେ। ସେମାନେ ସେମାନଙ୍କୁ
ଧରି ହତ୍ୟା କଲେ। ପଲେଷ୍ଟୀୟମାନେ ଶାଉଲଙ୍କ ପୁତ୍ର
ଯୋନାଥନ, ଅବୀନାଦବ ଓ ମାଲ୍‌କୀଶୂୟଙ୍କୁ ଧରି ହତ୍ୟା
କଲେ। 3ଶାଉଲଙ୍କ ଚତୁର୍ଦ୍ଦିଗରେ ଯୁଦ୍ଧ କ୍ରମେ ପ୍ରବଳତର
ହେବାକୁ ଲାଗିଲା। ଏବଂ ଧନୁର୍ଦ୍ଧରମାନେ ଶାଉଲଙ୍କୁ ତାଙ୍କ ଶର
ଦ୍ୱାରା ବିନ୍ଧି ପକାଇଲେ ଏବଂ ସେ ସେମାନଙ୍କ ଶର ଦ୍ୱାରା
କ୍ଷତାକ୍ତ ହେଲେ।

4ଏହାପରେ ଶାଉଲ ନିଜର ଅସ୍ତ୍ରବାହକକୁ କହିଲେ,
"ତୁମ୍ଭର ଖଡ୍ଗ ବାହାର କର ଓ ମୋତେ ସେଥିରେ ବଧ
କର। ତେବେ ସେହି ଅସୁନ୍ନତ ବିଦେଶୀମାନେ ଆସି ମୋର
ଉପହାସ କରିପାରିବେ ନାହିଁ।"

କିନ୍ତୁ ଶାଉଲଙ୍କ ଅସ୍ତ୍ରବାହକ ଭୟ କଲା। ସେ ଶାଉଲଙ୍କୁ
ବଧ କଲା ନାହିଁ। ତେଣୁ ଶାଉଲ ନିଜ ଖଡ୍ଗ ଉପରେ
ପଡ଼ିଯାଇ ନିଜକୁ ବଧ କଲେ। 5ଅସ୍ତ୍ରବାହକ ଦେଖିଲା ଯେ,
ଶାଉଲ ମୃତ୍ୟୁଭୋଗ କରିଅଛନ୍ତି। ଏଣୁ ସେ ମଧ୍ୟ ନିଜକୁ ବଧ
କଲା। ସେ ନିଜ ଖଡ୍ଗ ମୁନ ଉପରେ ପଡ଼ି ମୃତ୍ୟୁଭୋଗ
କଲା। 6ଏହିପରି ଭାବରେ ଶାଉଲ ଓ ତାଙ୍କର ତିନି ପୁତ୍ର
ମୃତ୍ୟୁବରଣ କଲେ। ଶାଉଲଙ୍କ ପରିବାରର ସମସ୍ତେ ଏକତ୍ର
ମରଣ ଲଭିଲେ।

7ଉପତ୍ୟକାରେ ବାସ କରୁଥିବା ସମସ୍ତ ଇସ୍ରାୟେଲୀୟ
ଯେତେବେଳେ ଅନାଇ ଦେଖିଲେ ଯେ, ସେମାନଙ୍କର ସୈନ୍ୟଦଳ
ପଳାୟନ କରିଅଛନ୍ତି ଏବଂ ଶାଉଲ ଓ ତାଙ୍କର ପୁତ୍ରମାନେ
ମୃତ୍ୟୁବରଣ କରି ଅଛନ୍ତି, ତେଣୁ ସେମାନେ ନିଜର ସହର
ଛାଡ଼ି ପଳାୟନ କଲେ। ଏବଂ ପଲେଷ୍ଟୀୟ ଲୋକମାନେ ସେହି
ସହରଗୁଡ଼ିକରେ ବସବାସ କଲେ।

8ପରବର୍ତ୍ତୀଦିନ, ମୃତ ଶରୀରଗୁଡ଼ିକ ନିକଟରୁ ବହୁମୂଲ୍ୟ
ଦ୍ରବ୍ୟଗୁଡ଼ିକ ନେବା ନିମନ୍ତେ ପଲେଷ୍ଟୀୟ ଲୋକମାନେ ଆସିଲେ।
ସେମାନେ ଗିଲ୍‌ବୋୟ ପର୍ବତ ଉପରେ ଶାଉଲଙ୍କ ଶରୀର ଓ
ତାଙ୍କର ପୁତ୍ରମାନଙ୍କ ଶରୀରକୁ ପାଇଲେ। 9ପଲେଷ୍ଟୀୟମାନେ
ଶାଉଲଙ୍କୁ ଉଲଗ୍ନ କଲେ ଏବଂ ତାଙ୍କର ମସ୍ତକ ଓ ଯୁଦ୍ଧସାଜ
ନେଇଗଲେ ଏବଂ ସେମାନେ ଦେଶସାରା ବାର୍ତ୍ତାବାହକମାନଙ୍କୁ
ପ୍ରେରଣ କରି, ସେମାନଙ୍କ ଭଣ୍ଡ ଦେବତା ଓ ଲୋକମାନଙ୍କ
ପାଖରେ ଏହି ଖବର ପହଞ୍ଚାଇଲେ। 10ପଲେଷ୍ଟୀୟମାନେ
ସେମାନଙ୍କ ଭଣ୍ଡ ଦେବତାର ମନ୍ଦିରରେ ଶାଉଲଙ୍କ ଯୁଦ୍ଧସାଜକୁ
ନେଇ ରଖିଲେ। ସେମାନେ ଦାଗୋନ ଦେବତାର ମନ୍ଦିରରେ
ଶାଉଲଙ୍କ ଖପୁରିକୁ ଟାଙ୍ଗିଲେ।

11ପଲେଷ୍ଟୀୟମାନେ ଶାଉଲଙ୍କ ପ୍ରତି ଯେଉଁ ଯେଉଁ କର୍ମ
କଲେ, ସେହିସବୁ ଯାବେଶ-ଗିଲୟଦରେ ବାସ କରୁଥିବା
ଲୋକମାନେ ଶୁଣିଲେ। 12ଯାବେଶ-ଗିଲୟଦର ସମସ୍ତ ସାହସୀ
ଲୋକମାନେ ଶାଉଲ ଓ ତାଙ୍କର ପୁତ୍ରମାନଙ୍କର ମୃତ ଶରୀର
ଆଣିବା ନିମନ୍ତେ ଗଲେ ଓ ନେଇ ଆସିଲେ। ଯାବେଶସ୍ଥିତ

ଏକ ବରଗଛ ବୃକ୍ଷ ତଳେ ସେମାନଙ୍କ ଅସ୍ଥିକୁ କବର ଦେଲେ।
ଏହାପରେ ସେମାନେ ସାତଦିନ ପର୍ଯ୍ୟନ୍ତ ଉପାବାସ କଲେ।
13ଶାଉଲ ସଦାପ୍ରଭୁଙ୍କ ନିକଟରେ ବିଶ୍ୱସ୍ତ ନ ଥିବାରୁ
ମୃତ୍ୟୁବରଣ କଲେ। ଶାଉଲ ସଦାପ୍ରଭୁଙ୍କ ବାକ୍ୟର ବାଧ୍ୟ
ହେଲେ ନାହିଁ। ଶାଉଲ ଜଣେ ଗୁଣିଆ ସ୍ତ୍ରୀ ପାଖକୁ ମଧ୍ୟ
ଯାଇଥିଲେ ଓ ସଦାପ୍ରଭୁଙ୍କ ପରାମର୍ଶ ନ ଲୋଡ଼ି ତାହାର
ପରାମର୍ଶ ଲୋଡ଼ିଥିଲେ। 14ତେଣୁ ସଦାପ୍ରଭୁ ଶାଉଲଙ୍କୁ
ବଧ କଲେ ଓ ଯିଶୀର ପୁତ୍ର ଦାଉଦଙ୍କୁ ରାଜ୍ୟଭାର ଅର୍ପଣ
କଲେ।

## ଦାଉଦ ଇଶ୍ରାୟେଲର ରାଜା ହେଲେ

11 ଇଶ୍ରାୟେଲର ସମସ୍ତ ଲୋକ ହିବ୍ରୋଣ ସହରରେ
ଦାଉଦଙ୍କ ନିକଟକୁ ଆସିଲେ। ସେମାନେ ଦାଉଦଙ୍କୁ
କହିଲେ, "ଆମ୍ଭେମାନେ ତୁମ୍ଭର ନିଜ ମାଂସ ଓ ରକ୍ତ।
2ଯେତେବେଳେ ଶାଉଲ ରାଜା ଥିଲେ, ତୁମ୍ଭେ ଆମ୍ଭମାନଙ୍କର
ନେତୃତ୍ୱ ନେଇ ଇଶ୍ରାୟେଲକୁ ଆଣିଲ। ସଦାପ୍ରଭୁ
ତୁମ୍ଭକୁ କହିଲେ, 'ଦାଉଦ, ତୁମ୍ଭେ ଆମ୍ଭର ଲୋକମାନଙ୍କର
ମୁଖ୍ୟ ହେବ।'"
3ଇଶ୍ରାୟେଲର ସମସ୍ତ ନେତାମାନେ ହିବ୍ରୋଣରେ ରାଜା
ଦାଉଦଙ୍କ ପାଖକୁ ଆସିଲେ। ଦାଉଦ ହିବ୍ରୋଣରେ ସଦାପ୍ରଭୁଙ୍କ
ସମ୍ମୁଖରେ ସେମାନଙ୍କ ସହିତ ଏକ ଚୁକ୍ତି କଲେ। ତା'ପରେ
ନେତାମାନେ ଦାଉଦଙ୍କୁ ଇଶ୍ରାୟେଲର ରାଜା ରୂପେ ଅଭିଷିକ୍ତ
କଲେ। ସଦାପ୍ରଭୁ ପ୍ରତିଜ୍ଞା କରିଥିଲେ ଯେ, ଶାମୁୟେଲଙ୍କ
ଭବିଷ୍ୟତବାଣୀ ଅନୁସାରେ ଏହା ଅବଶ୍ୟ ଘଟିବ।

## ଦାଉଦ ଯିରୁଶାଲମ ଅଧିକାର କଲେ

4ଦାଉଦ ଓ ଇଶ୍ରାୟେଲର ସମସ୍ତ ଲୋକ ଯିରୁଶାଲମକୁ
ଗଲେ। ସେହି ସମୟରେ ଯିରୁଶାଲମକୁ ଯିବୂଷ ବୋଲି
କୁହାଯାଉ ଥିଲା। ସେହି ନଗରରେ ବାସ କରୁଥିବା ଲୋକମାନଙ୍କୁ
ଯିବୂଷୀୟ ନାମରେ ନାମିତ କରାଯାଇ ଥିଲା। 5ଯିବୂଷରେ ବାସ
କରୁଥିବା ଲୋକମାନେ ଦାଉଦଙ୍କୁ କହିଲେ, "ତୁମ୍ଭେ ଆମ୍ଭମାନଙ୍କ
ନଗର ମଧ୍ୟରେ ପ୍ରବେଶ କରିପାରିବ ନାହିଁ।" କିନ୍ତୁ ଦାଉଦ
ସେମାନଙ୍କୁ ପରାସ୍ତ କରି ଦେଲେ। ଦାଉଦ ସିୟୋନ ଦୁର୍ଗକୁ
ଅଧିକାର କରିନେଲେ। ଯାହା ଦାଉଦଙ୍କ ନଗର ନାମରେ
ଜଣାଗଲା।
6ଦାଉଦ କହିଲେ, "ଯେଉଁ ବ୍ୟକ୍ତି ଯିବୂଷୀୟ ଲୋକମାନଙ୍କ
ଉପରେ ଆକ୍ରମଣର ନେତୃତ୍ୱ ନେବ, ସେ ମୋର ସମଗ୍ର
ସେନାବାହିନୀର ସେନାପତି ହେବ।" ତେଣୁ ଯୋୟାବ୍ ଏହି
ଆକ୍ରମଣର ନେତୃତ୍ୱ ନେଲେ। ଯୋୟାବ୍ ସରୁୟାଙ୍କ ପୁତ୍ର
ଥିଲେ। ଯୋୟାବ ସୈନ୍ୟଦଳର ସେନାପତି ହେଲେ।
7ଏହାପରେ ଦାଉଦ ଦୁର୍ଗ ମଧ୍ୟରେ ଆପଣାର ଗୃହ
ନିର୍ମାଣ କଲେ। ତେଣୁ ତାହାକୁ ଦାଉଦଙ୍କ ନଗର ବୋଲି
ନାମିତ କରାଗଲା। 8ଦାଉଦ ଦୁର୍ଗ ଚତୁର୍ଦ୍ଦିଗରେ ନଗର ନିର୍ମାଣ
କଲେ। ସେ ମିଲ୍ଲୋଠାରୁ ନଗର ଚତୁର୍ଦ୍ଦିଗସ୍ଥ ପ୍ରାଚୀର ପର୍ଯ୍ୟନ୍ତ
ତାହା ନିର୍ମାଣ କଲେ। ଯୋୟାବ ନଗରର ଅନ୍ୟ ଅଂଶଗୁଡ଼ିକର
ମରାମତି କାର୍ଯ୍ୟ କଲେ। 9ଦାଉଦ ବୃଦ୍ଧି ପାଇବାକୁ ଲାଗିଲା।
ଏବଂ ସୈନ୍ୟାଧିପତି ସଦାପ୍ରଭୁ ତାଙ୍କ ସହିତରେ ଥିଲେ।

## ତିନି ବୀର

10ଦାଉଦଙ୍କ ବିଶେଷ ସୈନ୍ୟଗଣଙ୍କର ନେତାମାନଙ୍କର
ଏହା ଏକ ତାଲିକା ଅଟେ। ଦାଉଦଙ୍କ ସହିତ ତାଙ୍କ ରାଜ୍ୟରେ
ଏହି ତିନି ବୀର ଅତ୍ୟନ୍ତ ପରାକ୍ରମୀ ହୋଇ ଉଠିଲେ।
ସେମାନେ ଓ ଇଶ୍ରାୟେଲର ସମସ୍ତ ଲୋକ ଦାଉଦଙ୍କୁ ସମର୍ଥନ
କଲେ ଓ ତାହାଙ୍କୁ ରାଜା କଲେ, ପରମେଶ୍ୱର ଯେ ପ୍ରକାର
ପ୍ରତିଜ୍ଞା କରିଥିଲେ, ଠିକ୍ ସେ ପ୍ରକାରେ ଏ ସମସ୍ତ ଘଟିଲା।
11ଦାଉଦଙ୍କ ବିଶେଷ ସୈନ୍ୟଗଣଙ୍କର ତାଲିକା ଏହି
ପ୍ରକାରରେ ଥିଲା:
ହକ୍ମୋନୀୟ ଯାଶ୍ବୟାମ୍। ଯାଶ୍ବୟାମ୍ ରଥାଧିକାରୀମାନଙ୍କ
ନେତା ଥିଲା। ଯାଶ୍ବୟାମ୍ ନିଜର ବର୍ଚ୍ଛା ଦ୍ୱାରା ଏକା ଥରକେ
300 ଲୋକଙ୍କୁ ବଧ କରିଥିଲା।
12ତା'ପରେ ଅହୋହୀୟ ଦୋଦୟର ପୁତ୍ର ଇଲୀୟାସର।
ଇଲୀୟାସର ଏହି ତିନି ବୀରଙ୍କ ମଧ୍ୟରେ ଜଣେ ଥିଲେ।
13ଇଲୀୟାସର ଦାଉଦଙ୍କ ସହିତ ପସଦମ୍ମୀମରେ ଥିଲେ।
ପଲେଷ୍ଟୀୟମାନେ ଯୁଦ୍ଧ କରିବା ନିମନ୍ତେ ସେହି ସ୍ଥାନକୁ
ଆସିଥିଲେ। ସେହି ସ୍ଥାନରେ ଯବରେ ପରିପୂର୍ଣ୍ଣ କ୍ଷେତଟିଏ
ଥିଲା। ଇଶ୍ରାୟେଲର ଲୋକମାନେ ପଲେଷ୍ଟୀୟମାନଙ୍କୁ ଡରି
ପଳାୟନ କଲେ। 14କିନ୍ତୁ ସେହି ତିନି ବୀର ସେହି କ୍ଷେତ
ମଧ୍ୟରେ ଠିଆ ହୋଇ ରହିଲେ ଓ ସେମାନଙ୍କର ପ୍ରତିରୋଧ
କଲେ। ସେମାନେ ପଲେଷ୍ଟୀୟମାନଙ୍କୁ ପରାସ୍ତ କଲେ।
ସଦାପ୍ରଭୁ ଇଶ୍ରାୟେଲର ଲୋକମାନଙ୍କୁ ଏକ ମହାବିଜୟ ପ୍ରଦାନ
କଲେ।
15ଥରେ, ଦାଉଦ ଅଦୁଲ୍ଲମ ଗୁମ୍ଫାରେ ଥିଲାବେଳେ,
ଯେତେବେଳେ ପଲେଷ୍ଟୀୟ ସୈନ୍ୟମାନେ ରଫାୟୀମ ଉପତ୍ୟକାରେ
ଛାଉଣୀ ପକାଇ ଥିଲେ, ତିରିଶ ଜଣ ବୀରଙ୍କ ମଧ୍ୟରୁ ତିନି
ଜଣ ଭୂମିରେ ସମ୍ପୂର୍ଣ୍ଣ ପେଟେଇ ପେଟେଇ ଦାଉଦଙ୍କ ନିକଟରେ
ପହଞ୍ଚିଲେ।
16ଆଉଥରେ, ଦାଉଦ ଦୁର୍ଗ ମଧ୍ୟରେ ଥିଲେ ଓ ପଲେଷ୍ଟୀୟ
ସୈନ୍ୟମାନଙ୍କର ଏକ ଦଳ ବୈଥ୍ଲେହମରେ ଥିଲେ। 17ଦାଉଦ
କହିଲେ, "ବୈଥ୍ଲେହମର ଫାଟକ ନିକଟରେ ଥିବା କୂଅରୁ
କେହି ମୋତେ ପାଣି ପିଇବାକୁ ଦିଅନ୍ତା କି!"
18କିନ୍ତୁ ଏହି ତିନିଜଣ ପଲେଷ୍ଟୀୟ ସୈନ୍ୟମାନଙ୍କ ସହିତ
ଯୁଦ୍ଧ କରି କରି ସେମାନଙ୍କ ମଧ୍ୟ ଦେଇ ଗଲେ। ଏହି ତିନି
ବ୍ୟକ୍ତି ବୈଥ୍ଲେହମ ନଗରର ଦ୍ୱାର ନିକଟରେ ଥିବା କୂପରୁ
କିଛି ଜଳ ନେଲେ। ଏହାପରେ ଏହି ତିନି ବୀର ସେହି
ଜଳକୁ ନେଇ ଦାଉଦଙ୍କ ନିକଟକୁ ଆସିଲେ। କିନ୍ତୁ ଦାଉଦ
ସେହି ଜଳପାନ କରିବାକୁ ମନା କଲେ। ସେ ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ନୈବେଦ୍ୟ ସ୍ୱରୂପେ ସେହି ଜଳକୁ ଭୂମିରେ
ଢାଳିଲେ।
19ଦାଉଦ କହିଲେ, "ହେ ପରମେଶ୍ୱର, ମୁଁ ଏହି ଜଳକୁ
ପାନ କରି ନ ପାରେ। କାରଣ ଯେଉଁ ଲୋକମାନେ ନିଜ
ଜୀବନକୁ ବିପନ୍ନ କରି ଏହି ଜଳ ମୋ' ନିମନ୍ତେ ଆଣି
ଅଛନ୍ତି, ମୁଁ ତାହା ପାନ କରିବା ଦ୍ୱାରା ସେମାନଙ୍କ ରକ୍ତ ପାନ
କରିବା ସଦୃଶ ହେବ।" ସେଥି ନିମନ୍ତେ ଦାଉଦ ସେହି
ଜଳପାନ କରିବାକୁ ମନା କଲେ। ଏହିପରି ଏହି ତିନିବୀର
ଅନେକ ଦୁଃସାହସିକ କାର୍ଯ୍ୟମାନ କରିଥିଲେ।

### ଅନ୍ୟାନ୍ୟ ସାହସୀ ସୈନ୍ୟଗଣ

20ଯୋୟାବଙ୍କ ଭ୍ରାତା ଅବୀଶୟ, ଏହି ତିନି ବୀରଙ୍କର
ନେତା ଥିଲେ। ସେ ନିଜର ବର୍ଚ୍ଛା ଦ୍ୱାରା 300 ଲୋକଙ୍କ
ସହିତ ଯୁଦ୍ଧ କରିଥିଲେ ଓ ସେମାନଙ୍କୁ ବଧ କରିଥିଲେ।
ଅବୀଶୟ ମଧ୍ୟ ଏହି ତିନି ବୀରଙ୍କ ତୁଲ୍ୟ ସୁପ୍ରସିଦ୍ଧ ଥିଲେ।
21ଅବୀଶୟ ତିରିଶ ଜଣ ବୀରଙ୍କଠାରୁ ଦ୍ୱିଗୁଣ ପ୍ରସିଦ୍ଧ ଥିଲେ।
ସେ ତିନି ବୀରଙ୍କ ମଧ୍ୟରୁ ଅନ୍ୟତମ ନ ହୋଇଥିଲେ ସୁଦ୍ଧା
ସେମାନଙ୍କର ନେତା ହୋଇପାରିଥିଲେ।

22ଯିହୋୟାଦାରଙ୍କ ପୁତ୍ର ବନାୟ ଜଣେ ପରାକ୍ରମୀ ବ୍ୟକ୍ତିଙ୍କର
ପୁତ୍ର ଥିଲେ। ସେ କବସେଲୀୟ ଲୋକ ଥିଲେ। ବନାୟ
ସାହସୀ କାର୍ଯ୍ୟମାନ କଲେ। ବନାୟ ମୋୟାବ ଦେଶର
ସର୍ବୋତ୍ତମ ଲୋକମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ବଧ କଲେ।
ଦିନେ, ତୁଷାରପାତ ହେଉଥିବା ସମୟରେ ବନାୟ ଭୂମି
ମଧ୍ୟସ୍ଥ ଏକ ଗାତ ମଧ୍ୟରେ ପଶି ଗୋଟିଏ ସିଂହକୁ ବଧ
କଲେ। 23ବନାୟ ଜଣେ ଅତିକାୟ ମିସ୍ରୀୟ ସୈନ୍ୟକୁ ବଧ
କଲେ। ସେହି ବ୍ୟକ୍ତି ପାଞ୍ଚ ହାତ ଦୀର୍ଘ ଉଚ୍ଚ ଥିଲା। ସେହି
ମିସ୍ରୀୟ ନିକଟରେ ଏକ ବଡ ଓ ଓଜନିଆ ବର୍ଚ୍ଛା ଥିଲା।
ତାହା ଏକ ବୁଣାକାରର ତନ୍ତର ଦଣ୍ଡପରି ବିରାଟ ଥିଲା।
ବନାୟ ନିକଟରେ କେବଳ ଠେଙ୍ଗାଟିଏ ଥିଲା। ବନାୟ ସେହି
ମିସ୍ରୀୟ ବ୍ୟକ୍ତିର ହସ୍ତରୁ ବର୍ଚ୍ଛା ଧରି ଛଡ଼େଇ ନେଲେ।
ଏହାପରେ ବନାୟ ସେହି ମିସ୍ରୀୟକୁ ତାହାର ନିଜ ବର୍ଚ୍ଛା ଦ୍ୱାରା
ବିଦ୍ଧ କରି ହତ୍ୟା କଲେ। 24ଯିହୋୟାଦାଙ୍କ ପୁତ୍ର ବନାୟ
ଏହି ତିନି ବୀରଙ୍କ ତୁଲ୍ୟ ସୁପ୍ରସିଦ୍ଧ ଥିଲେ। 25ବନାୟ ତିରିଶ
ଜଣ ବୀରଙ୍କଠାରୁ ମଧ୍ୟ ବିଖ୍ୟାତ ଥିଲେ, କିନ୍ତୁ ସେ ତିନି
ବୀରଙ୍କ ମଧ୍ୟରୁ ଜଣେ ନ ଥିଲେ। ଦାଉଦ ବନାୟଙ୍କୁ ତାଙ୍କର
ଅଙ୍ଗରକ୍ଷୀମାନଙ୍କ ନେତା ଭାବରେ ମନୋନୀତ କଲେ।

### ତିରିଶ ଜଣ ବୀର

26ବୀର ସୈନ୍ୟ, ତିରିଶ ଜଣ ବୀରମାନେ ଥିଲେ:
ଯୋୟାବର ଭ୍ରାତା ଅସାହେଲ, ବୈଥ୍‌ଲେହମସ୍ଥ ଦୋଦୟର
ପୁତ୍ର ଇଲ୍‌ହାନନ୍; 27ହରୋରୀୟ ଶମ୍ମୋତ୍, ପଲୋନୀୟ ହେଲସ୍,
28ତକୋୟିୟ ଇକ୍କେଶର ପୁତ୍ର ଇରା, ଅନାଥୋତୀୟ ଅବୀୟେଷର;
29ହୂଶାତୀୟ ସିବ୍ବଖୟ, ଅହୋହୀୟ ଇଲୟ; 30ନଟୋଫାତୀୟ
ମହରୟ, ନଟୋଫାତୀୟ ବାନାଙ୍କର ପୁତ୍ର ହେଲଦ୍; 31ବିନ୍ୟାମୀନସ୍ଥ
ଗିବୀୟାର ରୀବୟଙ୍କ ପୁତ୍ର ଇତ୍ତୟ, ପିରିୟାଥୋନୀୟ ବନାୟ;
32ଗାଶ୍ ନଦୀ ତୀରସ୍ଥ ହୂରୟ, ଅର୍ବତୀୟ ଅବୀୟେଲ;
33ବାହରୁମୀୟ ଅସ୍ମାବତ୍, ଶାଲବୋନୀୟ ଇଲୀୟହବ;
34ଗିଷୋନୀୟ ହାଷେମଙ୍କ ପୁତ୍ରଗଣ, ହରାରୀୟ ଶାଗିର ପୁତ୍ର
ଯୋନାଥନ; 35ହରାରୀୟ ସାଖରଙ୍କ ପୁତ୍ର ଅହୀୟାମ୍, ଉରର
ପୁତ୍ର ଇଲୀଫାଲ; 36ମଖେରାତୀୟ ହେଫର, ପଲୋନୀୟ
ଅହୀୟ; 37କର୍ମିଲୀୟ ହିଷ୍ରୟ, ଇଷ୍‌ବୟଙ୍କ ପୁତ୍ର ନାରୟ;
38ନାଥନଙ୍କ ଭ୍ରାତା ଯୋୟେଲ, ହଗ୍ରିଙ୍କ ପୁତ୍ର ମିଭର; 39ଅମ୍ମୋନୀୟ
ସେଲକ, ବେରୋତୀର ନହରୟ (ନହରୟ ସରୁୟାଙ୍କ ପୁତ୍ର
ଯୋୟାବର ଅସ୍ତ୍ରବାହକ ଥିଲା) 40ଯିତ୍ରୀୟ ଗାରେବ; 41ହିତ୍ତୀୟ
ଉରିୟ, ଅହଲୟର ପୁତ୍ର ସାବଦ୍; 42ରୁବେନଙ୍କ ପରିବାର
ବର୍ଗରୁ ଶୀଷାଙ୍କ ପୁତ୍ର ଅଦୀନା। (ସେ ରୁବେନ ପରିବାର
ବର୍ଗର ମୁଖ୍ୟ ଥିଲେ, ଏବଂ ତାଙ୍କ ସହିତ ତିରିଶ ଜଣ ସୈନ୍ୟ
ଥିଲେ।); 43ମାଖାର ପୁତ୍ର ହାନନ୍, ମିତ୍ନୀୟ ଯୋଶାଫଟ୍;
44ଅଷ୍ଟରୋତୀୟ ଉଷିୟ; ଅରୋୟେରୀୟ ହୋଥମଙ୍କ ପୁତ୍ରଗଣ
ଶାମ୍ ଓ ଯିୟୀୟେଲ୍; 45ଶିମ୍ରିଙ୍କ ପୁତ୍ର ଯିଦୀୟେଲ, ତୀଷୀୟ
ଯୋହା ଓ ତାଙ୍କ ଭ୍ରାତା ଯୋହା; 46ମହବୀୟ ଇଲୀୟେଲ,
ଇଲ୍‌ନାମଙ୍କ ପୁତ୍ରଗଣ ଯିରୀବୟ ଓ ଯୋଶବୀୟ; ମୋୟାବୀୟ
ଯିତ୍‌ମା; 47ଇଲୀୟେଲ ଓ ଓବେଦ୍ ଓ ମସୋବାୟିୟ
ଯାସୀୟେଲ।

### ଦାଉଦଙ୍କ ସହିତ ଯୋଗ ଦେଇଥିବା ସାହସୀ ବୀରଗଣ

12 ଦାଉଦ ସିକ୍ଲଗରେ ଥିବା ସମୟରେ ଯେଉଁ ବ୍ୟକ୍ତିମାନେ
ତାହାଙ୍କ ନିକଟକୁ ଆସିଥିଲେ, ସେମାନଙ୍କର ତାଲିକା
ଏହା ଥିଲା। ଦାଉଦ ଯେତେବେଳେ କୀଶଙ୍କ ପୁତ୍ର ଶାଉଲଙ୍କଠାରୁ
ଲୁଚି ରହିଥିଲେ, ସେତେବେଳେ ଏହା ଘଟିଥିଲା। ଏହି
ଲୋକମାନେ ଦାଉଦଙ୍କୁ ଯୁଦ୍ଧ ସମୟରେ ସାହାଯ୍ୟ କରିଥିଲେ।
2ଏହି ଲୋକମାନେ ଧନୁର୍ଦ୍ଧର ଥିଲେ, ଯେଉଁମାନେ ଡାହାଣ ଓ
ବାମ ଉଭୟ ହସ୍ତଦ୍ୱାରା ଧନୁରୁ ତୀର ମାରିପାରୁଥିଲେ। ଆହୁରି
ମଧ୍ୟ, ସେମାନେ ସେମାନଙ୍କ ଡାହାଣ ଓ ବାମ, ଉଭୟ
ହସ୍ତଦ୍ୱାରା ବାଟୁଳି ଦ୍ୱାରା ପଥର ମାରିପାରୁ ଥିଲେ। ସେମାନେ
ବିନ୍ୟାମୀନୀୟ ଗୋଷ୍ଠୀବର୍ଗ ଓ ଶାଉଲଙ୍କ ଆତ୍ମୀୟ ଥିଲେ।
3ଅହୀୟେଷର, ସେମାନଙ୍କ ନେତା ଓ ଯୋୟାଶ (ଅହୀୟେଷର
ଓ ଯୋୟାଶ, ଗିବୀୟାଥୀୟରୁ ଶମାୟରଙ୍କ ପୁତ୍ର ଥିଲେ)।
ଯିଷୀୟେଲ ଓ ପେଲଟ ଅସ୍ମାବତଙ୍କର ପୁତ୍ର ଥିଲେ; ଅନାଥୋତୀୟରୁ
ବରାଖା ଓ ଯେହୂ ଥିଲେ। 4ଗିବୟୋନ ଯିଶ୍ମୟିୟ ତିରିଶ ଜଣ
ବୀରଙ୍କ ମଧ୍ୟରେ ବଳଶାଳୀ ଥିଲେ ଓ ସେ ଏହି ତିରିଶ ଜଣ
ବୀରଙ୍କର ଜଣେ ନେତା ଥିଲେ। ଗଦେରାଥୀୟ ଲୋକମାନଙ୍କ
ମଧ୍ୟରୁ ଯିରମିୟ, ଯହସୀୟେଲ, ଯୋହାନନ ଓ ଯୋଷାବଦ୍
ଥିଲେ 5ଇଲୟୂଷୟ, ଯିରେମୋତ୍, ବାଲୟା, ଶମରୟ ଓ
ହରୂଫୀୟ ଶଫଟିୟ; 6ଇଲ୍‌କାନା, ଯିଶିୟ, ଅସରେଲ, ଯୋୟେଷର
ଓ ଯାଶ୍‌ବୟାମ୍, କୋରହ ପରିବାରବର୍ଗର ସମସ୍ତ ଲୋକ,
7ଗଦୋର ସହରର ଯିରୋହମଙ୍କ ପୁତ୍ର ଯୋୟେଲା ଓ
ସବଦୟ ସାହାସୀ ଥିଲେ।

### ଗାଦୀୟଗଣ

8ଦାଉଦଙ୍କର ମରୁଭୂମିସ୍ଥ ଦୁର୍ଗରେ ଗାଦ୍ ପରିବାର ବର୍ଗର
କେତେଜଣ ଆସି ସେଠାରେ ବାସ କଲେ। ସେମାନେ ଯୁଦ୍ଧ
ବିଦ୍ୟାରେ ତାଲିମପ୍ରାପ୍ତ ଅତି ସାହସୀ ସୈନ୍ୟଗଣ ଥିଲେ।
ସେମାନେ ବର୍ଚ୍ଛା ଓ ଢାଲ ଚାଳନାରେ ଦକ୍ଷ ଥିଲେ। ସେମାନେ
ସିଂହ ପରି ଅତି ଭୟଙ୍କର ଥିଲେ। ପର୍ବତରେ ହରିଣ ସଦୃଶ
ଦ୍ରୁତ ଗତିରେ ଦୌଡ଼ି ମଧ୍ୟ ପାରୁଥିଲେ।

9ଏସର, ଗାଦ୍ ଗୋଷ୍ଠୀର ସୈନ୍ୟଦଳର ସେନାପତି ଥିଲେ।
ଓବଦିୟ ଦ୍ୱିତୀୟ ସେନାଧକ୍ଷ ଥିଲେ। ଇଲୀୟାବ୍ ତୃତୀୟ
ସେନାଧକ୍ଷ ଥିଲେ। 10ମିଶ୍‌ମନ୍ନା ଚତୁର୍ଥ ସେନାଧକ୍ଷ ଥିଲେ,
ଯିରମିୟ ପଞ୍ଚମ ସେନାଧକ୍ଷ ଥିଲେ, 11ଅତ୍ତୟ ଷଷ୍ଠ ସେନାଧକ୍ଷ
ଥିଲେ, ଇଲୀୟେଲ ସପ୍ତମ ସେନାଧକ୍ଷ ଥିଲେ, 12ଯୋହାନନ
ଅଷ୍ଟମ ସେନାଧକ୍ଷ ଥିଲେ, ଇଲ୍‌ସାବଦ୍ ନବମ ସେନାଧକ୍ଷ
ଥିଲେ, 13ଯିରମିୟ ଦଶମ ସେନାଧକ୍ଷ ଥିଲେ, ମଗ୍‌ବନ୍ନୟ
ଏକାଦଶ ସେନାଧକ୍ଷ ଥିଲେ।

14ଏହି ବ୍ୟକ୍ତିମାନେ ଗାଦ୍‌ର ସୈନ୍ୟଦଳର ନେତା ଥିଲେ।
ସେହି ଦଳର ସବୁଠାରୁ ଦୁର୍ବଳ ବ୍ୟକ୍ତି 100 ଜଣ ଶତ୍ରୁ
ସୈନ୍ୟଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ସମର୍ଥ ଥିଲା। ଆଉ
ସେହି ଦଳର ସବୁଠାରୁ ପରାକ୍ରମୀ ବ୍ୟକ୍ତି 1,000 ଜଣ ଶତ୍ରୁ
ସୈନ୍ୟଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ସାମର୍ଥ ଥିଲା।
15ଗାଦ ଗୋଷ୍ଠୀର ଏହି ସୈନ୍ୟମାନେ ବର୍ଷର ପ୍ରଥମ ମାସରେ
ଯର୍ଦ୍ଦନ ନଦୀ ପାର ହୋଇ ଯାଇଥିଲେ। ବର୍ଷର ଏହି
ସମୟରେ ଯର୍ଦ୍ଦନ ନଦୀ ବନ୍ୟା ଜଳରେ ପୂର୍ଣ୍ଣ ହୋଇ
ରହିଥିଲା। ସେମାନେ ଉପତ୍ୟକାରେ ବାସ କରୁଥିବା ସମସ୍ତ
ଲୋକଙ୍କୁ ତଡ଼ି ପକାଇଥିଲେ। ସେମାନେ ସେହି ଲୋକମାନଙ୍କୁ
ପୂର୍ବ ଓ ପଶ୍ଚିମ ଦିଗକୁ ତଡ଼ି ପଠାଇ ଦେଇଥିଲେ।

## ଅନ୍ୟ ସୈନ୍ୟମାନେ ଦାଉଦଙ୍କ ସହିତ ଯୋଗ ଦେଲେ

16ସେହି ଦୁର୍ଗରେ ବିନ୍ୟାମୀନ ଓ ଯିହୁଦା ଗୋଷ୍ଠୀର
ଲୋକମାନେ ମଧ୍ୟ ଆସି ଦାଉଦଙ୍କ ସହିତ ଯୋଗ ଦେଲେ।
17ଦାଉଦ ସେମାନଙ୍କୁ ସାକ୍ଷାତ କରିବାକୁ ଗଲେ। ଦାଉଦ
ସେମାନଙ୍କୁ କହିଲେ, "ଯଦି ତୁମ୍ଭେ ଶାନ୍ତି ସହକାରେ ମୋତେ
ସାହାଯ୍ୟ କରିବାକୁ ଆସିଅଛ, ତେବେ ମୁଁ ତୁମ୍ଭକୁ ସ୍ୱାଗତ
କରୁଅଛି। ମୋ' ସହିତ ସହଯୋଗ କର। କିନ୍ତୁ ମୁଁ କୌଣସି
ଭୁଲ୍ କାର୍ଯ୍ୟ କରି ନ ଥିବା ସତ୍ତ୍ୱେ ଯଦି ତୁମ୍ଭେ ମୋ'
ବିରୁଦ୍ଧରେ ଗୁପ୍ତଚର ବୃତ୍ତି କରିବାକୁ ଆସିଅଛ, ତେବେ
ଆମ୍ଭମାନଙ୍କ ପୂର୍ବ ପୁରୁଷଗଣଙ୍କର ପରମେଶ୍ୱର ତାହା ଦେଖନ୍ତୁ
ଓ ସେ ତୁମ୍ଭକୁ ଦଣ୍ଡ ଦିଅନ୍ତୁ।"
18ଅମାସୟ ତିରିଶ ବୀରଙ୍କର ନେତା ଥିଲେ। ଏହାପରେ,
ଆତ୍ମା ଅମାସୟଙ୍କ ଉପରେ ଅବତରଣ କଲେ, ଓ ସେ
କହିଲେ,

"ହେ ଦାଉଦ, ଆମ୍ଭେମାନେ ତୁମ୍ଭର ଅଟୁ! ହେ ଯିଶୀଙ୍କ
ପୁତ୍ର, ଆମ୍ଭେମାନେ ତୁମ୍ଭ ସହିତରେ ଅଛୁ! ତୁମ୍ଭପ୍ରତି, ଶାନ୍ତି
ବର୍ତ୍ତୁ! ଯେଉଁ ଲୋକମାନେ ତୁମ୍ଭକୁ ସାହାଯ୍ୟ କରନ୍ତି, ସେହି
ସମସ୍ତଙ୍କ ପ୍ରତି ଶାନ୍ତି ବର୍ତ୍ତୁ। କାହିଁକି? କାରଣ ତୁମ୍ଭର
ପରମେଶ୍ୱର ତୁମ୍ଭକୁ ସାହାଯ୍ୟ କରନ୍ତି!"

ତେଣୁ ଦାଉଦ ଏହି ଲୋକମାନଙ୍କୁ ତାଙ୍କ ଦଳରେ ସ୍ୱାଗତ
କଲେ ଓ ସେମାନଙ୍କୁ ବିଭିନ୍ନ ସେନାଦଳର ଦାୟିତ୍ୱରେ
ରଖିଲେ।

19ମନଃଶୀୟ ଗୋଷ୍ଠୀର କେତେକ ବ୍ୟକ୍ତି ମଧ୍ୟ ଦାଉଦଙ୍କ
ସହିତ ଯୋଗ ଦେଲେ। ଦାଉଦ ଯେତେବେଳେ ପଲେଷ୍ଟୀୟମାନଙ୍କ
ସହିତ ଶାଉଲଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଯାଇଥିଲେ,
ସେତେବେଳେ ସେମାନେ ତାହାଙ୍କ ସହିତ ଯୋଗ ଦେଇଥିଲେ।
କିନ୍ତୁ ଦାଉଦ ଓ ତାଙ୍କ ଲୋକମାନେ ପ୍ରକୃତରେ ପଲେଷ୍ଟୀୟମାନଙ୍କୁ
ସାହାଯ୍ୟ କରି ନ ଥିଲେ। ଦାଉଦ ଯେ ସେମାନଙ୍କୁ ସାହାଯ୍ୟ
କରୁଅଛନ୍ତି, ଏହା ପଲେଷ୍ଟୀୟ ନେତାମାନେ କଥାବାର୍ତ୍ତା ହେଉଥିଲେ,
କିନ୍ତୁ ତା'ପରେ ସେମାନେ ତାହାଙ୍କୁ ପଠାଇଦେବା ନିମନ୍ତେ
ସ୍ଥିର କଲେ। ସେହି ଶାସକମାନେ କହିଲେ, "ଯଦି ଦାଉଦ
ତାଙ୍କ ମୁନିବ ଶାଉଲଙ୍କ ପାଖକୁ ଫେରିଯାଏ, ତେବେ ଆମ୍ଭମାନଙ୍କର
ମୁଣ୍ଡକାଟି ହେବ!" 20ଦାଉଦ ସିକ୍ଲଗ ସହରକୁ ଯିବାବେଳେ
ମନଃଶିର ଏହି ଲୋକମାନେ ତାଙ୍କ ସହିତ ଯୋଗ ଦେଇଥିଲେ;
ଅଦ୍‌ନହ, ଯୋଷାବଦ୍, ଯିଦୀୟେଲ, ମୀଖାୟେଲ, ଯୋଷାବଦ୍,
ଇଲୀହୂ, ଓ ସିଲ୍ଲଥୟ। ଯେଉଁମାନେ ମନଃଶିର 1,000 ଜଣ
ସୈନ୍ୟଙ୍କର ମୁଖ୍ୟ ଥିଲେ। 21ସେମାନେ ମନ୍ଦ ଲୋକମାନଙ୍କ
ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ଦାଉଦଙ୍କୁ ସାହାଯ୍ୟ
କରୁଥିଲେ। ଏହି ମନ୍ଦ ଲୋକମାନେ ଦେଶସାରା ବ୍ୟାପି
ଯାଇଥିଲେ ଓ ଲୋକମାନଙ୍କର ଜିନିଷପତ୍ର ଚୋରି କରିନେଇ
ଯାଉଥିଲେ। ମନଃଶିର ଏହି ଲୋକମାନେ ଦୁଃସାହସୀ ସୈନ୍ୟ
ଥିଲେ। ସେମାନେ ଦାଉଦଙ୍କ ସୈନ୍ୟଦଳର ସେନାଧ୍ୟକ୍ଷ
ହେଲେ।

22ଦାଉଦଙ୍କୁ ସାହାଯ୍ୟ କରିବା ନିମନ୍ତେ ପ୍ରତ୍ୟେକ ଦିନ
ଅଧିକରୁ ଅଧିକ ସଂଖ୍ୟକ ଲୋକ ଆସିବାକୁ ଲାଗିଲେ। ତେଣୁ
ଦାଉଦଙ୍କର ଏକ ବିଶାଳ ଓ ମହାପରାକ୍ରମୀ ସୈନ୍ୟଦଳ
ହେଲା।

## ଅନ୍ୟ ଲୋକମାନେ ହିବ୍ରୋଣଠାରେ ଦାଉଦଙ୍କ ସହିତ ଯୋଗ ଦେଲେ

23ହିବ୍ରୋଣ ସହରରେ ଦାଉଦଙ୍କ ନିକଟକୁ ଆସିଥିବା
ଲୋକମାନଙ୍କର ସଂଖ୍ୟା ଏହିପରି ଥିଲା। ଏହି ଲୋକମାନେ
ଯୁଦ୍ଧ ନିମନ୍ତେ ସଦା ପ୍ରସ୍ତୁତ ଥିଲେ। ସେମାନେ ଶାଉଲଙ୍କ
ରାଜ୍ୟକୁ ଦାଉଦଙ୍କ ହସ୍ତରେ ଅର୍ପଣ କରିବାକୁ ଆସିଥିଲେ।
ଏହା ହିଁ ଘଟିବ ବୋଲି ସଦାପ୍ରଭୁ କହିଥିଲେ। ସେମାନଙ୍କ
ସଂଖ୍ୟା ଏହିପରି ଥିଲା।
24ଯିହୁଦା ଗୋଷ୍ଠୀରୁ 6,800 ଲୋକ ଯୁଦ୍ଧ ନିମନ୍ତେ
ପ୍ରସ୍ତୁତ ଥିଲେ। ସେମାନେ ଢାଲ ଓ ବର୍ଚ୍ଛା ବହନ କରୁଥିଲେ।
25ଶିମିୟୋନ ଗୋଷ୍ଠୀରୁ 7,100 ଲୋକ ଥିଲେ। ଯୁଦ୍ଧ
ନିମନ୍ତେ ପ୍ରସ୍ତୁତ ସେମାନେ ସାହସୀ ସୈନ୍ୟଗଣ ଥିଲେ।
26ଲେବୀ ଗୋଷ୍ଠୀରୁ 4,600 ଲୋକ ଥିଲେ। 27ଯିହୋୟାଦା
ସେହି ଦଳରେ ଥିଲେ। ସେ ହାରୋଣଙ୍କ ପରିବାରର ମୁଖ୍ୟ
ଥିଲେ। ଯିହୋୟାଦାଙ୍କ ସହିତ 3,700 ଲୋକ ଥିଲେ।
28ସାଦୋକ୍ ମଧ୍ୟ ସେହି ଦଳରେ ଥିଲେ। ସେ ଜଣେ
ସାହସୀ ଯୁବା ସୈନ୍ୟ ଥିଲେ। ସେ ତାଙ୍କ ପରିବାରର ବାଇଶ
ଜଣ କାର୍ଯ୍ୟକାରୀଙ୍କ ସହିତ ଆସିଲେ।
29ବିନ୍ୟାମୀନ ଗୋଷ୍ଠୀରୁ 3,000 ଲୋକ ଥିଲେ। ସେମାନେ
ଶାଉଲଙ୍କ ଆତ୍ମୀୟ ଥିଲେ। ସେହି ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ
ଅଧିକାଂଶ ଶାଉଲଙ୍କ ପରିବାର ପ୍ରତି ବିଶ୍ୱସ୍ତ ଥିଲେ।
30ଇଫ୍ରୟିମ ଗୋଷ୍ଠୀରୁ 20,800 ଲୋକ ଥିଲେ। ସେମାନେ
ସାହସୀ ସୈନ୍ୟ ଥିଲେ। ସେମାନେ ନିଜର ପରିବାରରେ ଅତି
ପ୍ରସିଦ୍ଧ ଥିଲେ।
31ମନଃଶି ଅର୍ଦ୍ଧେକ ଗୋଷ୍ଠୀରୁ 18,000 ଲୋକ ଥିଲେ।
ଦାଉଦଙ୍କୁ ରାଜା କରିବା ପାଇଁ ସେମାନଙ୍କୁ ନାମ ଧରି ଡକା
ଯାଇଥିଲା।
32ଇଷାଖର ଗୋଷ୍ଠୀରୁ 200 ଜଣ ଜ୍ଞାନୀ ନେତା ଥିଲେ।
ସେହି ବ୍ୟକ୍ତିମାନେ ଇଶ୍ରାୟେଲ ନିମନ୍ତେ ଯଥାର୍ଥ ସମୟରେ କି
ପ୍ରକାର କର୍ମ କରିବା ଉଚିତ୍, ତାହା ବୁଝିପାରୁ ଥିଲେ।
ସେମାନଙ୍କର ଆତ୍ମୀୟମାନେ ସେମାନଙ୍କ ସହିତରେ ଓ ସେମାନଙ୍କ
ଅଧୀନରେ ଥିଲେ।
33ସବୂଲୂନ ଗୋଷ୍ଠୀରୁ 50,000 ସୈନ୍ୟ ଥିଲେ। ସେମାନେ
ସବୁପ୍ରକାର ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ନିମନ୍ତେ ତାଲିମପ୍ରାପ୍ତ

ହୋଇଥିଲେ। ଏବଂ ଦାଉଦଙ୍କୁ ବିନା ସନ୍ଦେହରେ ସାହାଯ୍ୟ
କଲେ।
34ନପ୍ତାଲି ଗୋଷ୍ଠୀ 1,000 କାର୍ଯ୍ୟକାରୀ ଥିଲେ। ସେମାନଙ୍କ
ସହିତ 37,000 ଲୋକ ଥିଲେ। ଏହି ଲୋକମାନେ ଢାଲ
ଓ ବର୍ଚ୍ଛାଧାରୀ ଥିଲେ।
35ଦାନୀୟ ଗୋଷ୍ଠୀ 28,600 ଲୋକ ଯୁଦ୍ଧ ନିମନ୍ତେ
ପ୍ରସ୍ତୁତ ହୋଇ ରହିଥିଲେ।
36ଆଶେର ଗୋଷ୍ଠୀରୁ 40,000 ତାଲିମପ୍ରାପ୍ତ ସୈନ୍ୟ
ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୋଇ ରହିଥିଲେ।
37ଯର୍ଦ୍ଦନ ନଦୀର ପୂର୍ବ ଦିଗରୁ ରୁବେନ, ଗାଦ ଓ
ମନଃଶିର ଅର୍ଦ୍ଧେକ ପରିବାରବର୍ଗର 120,000 ଲୋକ ଥିଲେ।
ଏହି ଲୋକମାନଙ୍କ ନିକଟରେ ସବୁ ପ୍ରକାରର ଅସ୍ତ୍ରଶସ୍ତ୍ର ଥିଲା।
38ସେହି ସମସ୍ତ ଲୋକମାନେ ସାହସୀ ସୈନ୍ୟ ଥିଲେ।
ସେମାନେ ସଂପୂର୍ଣ୍ଣ ଏକମତ ହୋଇ ଦାଉଦଙ୍କୁ ଇଶ୍ରାୟେଲର
ରାଜା କରିବା ନିମନ୍ତେ ହିବ୍ରୋଣ ସହରକୁ ଆସିଥିଲେ।
ଇଶ୍ରାୟେଲର ଅବଶିଷ୍ଟ ସମସ୍ତ ଲୋକ ମଧ୍ୟ ଦାଉଦଙ୍କୁ ରାଜା
କରିବା ନିମନ୍ତେ ସମ୍ମତ ହୋଇଥିଲେ। 39ସେହି ଲୋକମାନେ
ଦାଉଦଙ୍କ ସହିତ ହିବ୍ରୋଣରେ ତିନିଦିନ କଟାଇଲେ। ସେମାନେ
ଭୋଜନ କଲେ ଓ ପାନ କଲେ, କାରଣ ସେମାନଙ୍କର
ଆତ୍ମୀୟମାନେ ସେମାନଙ୍କ ନିମନ୍ତେ ଖାଦ୍ୟ ପ୍ରସ୍ତୁତ କରୁଥିଲେ।
40ଆହୁରି ମଧ୍ୟ ସେମାନଙ୍କର ପଡ଼ୋଶୀ ଇଷାଖର, ସବୂଲୂନ
ଓ ନପ୍ତାଲି ଗୋଷ୍ଠୀର ଲୋକମାନେ ଗଧ, ଓଟ, ଖଚର ଓ
ବଳଦ ଉପରେ ଖାଦ୍ୟଦ୍ରବ୍ୟ ଲଦି ସେମାନଙ୍କ ନିକଟକୁ
ଆଣୁଥିଲେ। ସେମାନେ ବହୁତ ପରିମାଣରେ ମଇଦା, ଡିମ୍ବିରି
ଫଳରୁ ପ୍ରସ୍ତୁତ ପିଠା, କିସ୍‌ମିସ୍, ଦ୍ରାକ୍ଷାରସ, ତୈଳ, ଗୋପଲ
ଓ ମେଷପଲ ନେଇ ଆସୁଥିଲେ। ଇଶ୍ରାୟେଲର ଲୋକମାନେ
ଅତ୍ୟନ୍ତ ଆନନ୍ଦିତ ଥିଲେ।

## ନିୟମସିନ୍ଦୁକ ଫେରାଇ ଅଣାଗଲା

13 ଦାଉଦ ତାଙ୍କ ସୈନ୍ୟଦଳର ସମସ୍ତ ସେନାଧକ୍ଷମାନଙ୍କ
ସହିତ କଥାବାର୍ତ୍ତା ହେଲେ। 2ଏହାପରେ ଦାଉଦ
ଇଶ୍ରାୟେଲର ସମସ୍ତ ଲୋକଙ୍କୁ ଏକତ୍ର କରି ଆପଣା ନିକଟକୁ
ଡାକିଲେ। ସେ ସେମାନଙ୍କୁ କହିଲେ, "ଯଦି ତୁମ୍ଭେମାନେ
ଭାବୁଛ ଯେ ଏହା ଏକ ଉତ୍ତମ ବିଷୟ ଓ ସଦାପ୍ରଭୁ ଯଦି
ତାହା ହିଁ ଇଚ୍ଛା କରନ୍ତି, ତେବେ ଆସ, ଇଶ୍ରାୟେଲର ସମସ୍ତ
ଅଞ୍ଚଳରେ ଥିବା ଆମ୍ଭମାନଙ୍କର ଭ୍ରାତାମାନଙ୍କ ନିକଟକୁ ଗୋଟିଏ
ବାର୍ତ୍ତା ପ୍ରେରଣ କରିବା। ଆମ୍ଭମାନଙ୍କ ଭ୍ରାତାମାନଙ୍କ ସହିତ
ସେମାନଙ୍କ ସହରରେ ଓ ସହର ନିକଟସ୍ଥ କ୍ଷେତ୍ରମାନଙ୍କରେ
ବାସ କରୁଥିବା ଯାଜକ ଓ ଲେବୀୟମାନଙ୍କ ନିକଟକୁ ମଧ୍ୟ
ବାର୍ତ୍ତା ପଠାଇବା। ଏହି ବାର୍ତ୍ତା ସେମାନଙ୍କୁ ଜଣାଉ ଯେ,
ସେମାନେ ଆସି ଆମ୍ଭମାନଙ୍କ ସହିତ ଯୋଗ ଦିଅନ୍ତୁ। 3ଆମ୍ଭେମାନେ
ଯିରୁଶାଲମରେ ଆମ୍ଭମାନଙ୍କ ନିକଟକୁ ନିୟମସିନ୍ଦୁକକୁ ଫେରାଇ
ଆଣିବା। ଶାଉଲ ରାଜା ଥିବା ସମୟରେ ଆମ୍ଭେମାନେ
ନିୟମସିନ୍ଦୁକ ପ୍ରତି ଯତ୍ନଶୀଳ ହୋଇ ନାହୁଁ।" 4ଇଶ୍ରାୟେଲର
ସମସ୍ତ ଲୋକ ଦାଉଦଙ୍କ ସହିତ ଏକମତ ହେଲେ। ସେମାନଙ୍କର
ହୃଦ୍‌ବୋଧ ହେଲା ଯେ, ଏହାହିଁ ଯଥାର୍ଥ କର୍ମ ଅଟେ।
5ତେଣୁ ଦାଉଦ ମିଶରର ଶିୟୋରନଦୀଠାରୁ ହମାତର
ସହର ପର୍ଯ୍ୟନ୍ତ ଇଶ୍ରାୟେଲର ଲୋକମାନଙ୍କୁ ଏକତ୍ର କଲେ।
ସେମାନେ କିରୟତ୍-ଯିୟାରୀମ ସହରରୁ ନିୟମସିନ୍ଦୁକ ଫେରାଇ
ଆଣିବା ନିମନ୍ତେ ଏକତ୍ର ହେଲେ। 6ଦାଉଦ ଓ ତାଙ୍କ ସହିତ
ଇଶ୍ରାୟେଲର ସମସ୍ତ ଲୋକ ଯିହୁଦାର ବାଲାକୁ ଗଲେ। ବାଲା
କିରୟତ୍-ଯିୟାରୀମର ଅନ୍ୟ ଏକ ନାମ ଅଟେ। ସେମାନେ
ନିୟମସିନ୍ଦୁକ ଆଣିବା ନିମନ୍ତେ ସେଠାକୁ ଗଲେ। ସେହି
ନିୟମସିନ୍ଦୁକ ପରମେଶ୍ୱର ସଦାପ୍ରଭୁଙ୍କ ସିନ୍ଦୁକ ଅଟେ। ସେ
କିରୂବ ଦୂତଗଣ ଉପରେ ବିଦ୍ୟମାନ ଥାଆନ୍ତି। ଏହି ସିନ୍ଦୁକ
ହିଁ ସଦାପ୍ରଭୁଙ୍କ ନାମରେ ନାମିତ ଅଟେ।
7ଲୋକମାନେ ନିୟମସିନ୍ଦୁକକୁ ଅବୀନାଦବଙ୍କ ଗୃହରୁ କାଢ଼ି
ଆଣିଲେ। ସେମାନେ ତାହାକୁ ଏକ ନୂତନ ଶଗଡ଼ଗାଡ଼ିରେ
ରଖିଲେ। ଉଷ ଓ ଅହିୟୋ ସେହି ଶଗଡ଼କୁ ଚଳାଇଲେ।
8ଦାଉଦ ଓ ଇଶ୍ରାୟେଲର ସମସ୍ତ ଲୋକ ପରମେଶ୍ୱରଙ୍କ
ସମ୍ମୁଖରେ ଆନନ୍ଦ ଉତ୍ସବ କରୁଥିଲେ। ସେମାନେ ପରମେଶ୍ୱରଙ୍କ
ପ୍ରଶଂସା କରୁଥିଲେ ଓ ସଂଗୀତମାନ ଗାନ କରୁଥିଲେ।
ସେମାନେ ବୀଣା, ସାରଙ୍ଗ, ଢୋଲ, ଗିନି ଓ ତୂରୀ ବାଦ୍ୟସବୁ
ବଜାଇଲେ।
9ସେମାନେ କୀଦୋନ୍‌ସ୍ଥିତ ଶସ୍ୟ ଖାଡ଼ିବା ସ୍ଥାନକୁ ଆସିଲେ।
ଶଗଡ଼ଗାଡ଼ିକୁ ଟାଣୁଥିବା ବଳଦମାନେ ଝୁଣ୍ଟିପଡ଼ିଲେ। ଏବଂ
ନିୟମସିନ୍ଦୁକ ପ୍ରାୟ ପଡ଼ିଯିବା ଭଳି ହେଲା। ତେଣୁ ଉଷ
ସିନ୍ଦୁକଟିକୁ ଧରିବା ନିମନ୍ତେ ନିଜର ହାତ ବଢାଇଲା। 10ସଦାପ୍ରଭୁ
ଉଷଙ୍କ ପ୍ରତି ଅତ୍ୟନ୍ତ କ୍ରୋଧାନ୍ୱିତ ହେଲେ। ସଦାପ୍ରଭୁ ଉଷଙ୍କୁ
ବଧ କଲେ, କାରଣ ସେ ସିନ୍ଦୁକକୁ ସ୍ପର୍ଶ କଲା। ତେଣୁ ଉଷ
ସେହିଠାରେ ପରମେଶ୍ୱରଙ୍କ ସମ୍ମୁଖରେ ମୃତ୍ୟୁଭୋଗ କଲା।
11ପରମେଶ୍ୱର ଉଷଙ୍କ ପ୍ରତି ଆପଣାର କ୍ରୋଧ ପ୍ରକାଶିତ
କଲେ। ଏଥି ନିମନ୍ତେ ଦାଉଦ ଅସନ୍ତୁଷ୍ଟ ହେଲେ। ସେହି
ସମୟଠାରୁ ଆଜି ପର୍ଯ୍ୟନ୍ତ ସେହି ସ୍ଥାନ "ପେରସ-ଉଷ"
ନାମରେ ନାମିତ ହୋଇଅଛି।
12ସେହିଦିନ ଦାଉଦ ପରମେଶ୍ୱରଙ୍କୁ ଭୟ କଲେ। ଦାଉଦ
କହିଲେ, "ମୁଁ ଏଠାକୁ ମୋ ନିକଟକୁ ନିୟମସିନ୍ଦୁକକୁ ଆଣିପାରିବି
ନାହିଁ।" 13ତେଣୁ ଦାଉଦ ନିୟମସିନ୍ଦୁକକୁ ତାଙ୍କ ସହିତ
ଦାଉଦ ନଗରକୁ ନେଲେ ନାହିଁ। ସେ ନିୟମସିନ୍ଦୁକକୁ
ଓବେଦ୍-ଇଦୋମର ଗୃହରେ ଛାଡ଼ିଦେଇ ଗଲେ। ଓବେଦ୍-ଇଦୋମ
ଗାଥ୍ ନଗରର ଲୋକଥିଲେ। 14ନିୟମସିନ୍ଦୁକ ଓବେଦ୍-
ଇଦୋମଙ୍କର ପରିବାର ସହିତ ତାହାଙ୍କ ଗୃହରେ ତିନିମାସ
ରହିଲା। ସଦାପ୍ରଭୁ ଓବେଦ୍-ଇଦୋମଙ୍କର ପରିବାରକୁ ଓ
ଓବେଦ୍-ଇଦୋମଙ୍କର ନିଜସ୍ୱ ସମସ୍ତ ସମ୍ପତ୍ତି ଉପରେ ଆଶୀର୍ବାଦ
କଲେ।

## ଦାଉଦଙ୍କ ରାଜ୍ୟ ବୃଦ୍ଧି ପାଇଲା

14 ହୀରମ୍ ସୋର ନଗରର ରାଜା ଥିଲେ। ହୀରମ୍
ଦାଉଦଙ୍କ ନିକଟକୁ ବାର୍ତ୍ତାବାହକମାନଙ୍କୁ ପ୍ରେରଣ କଲେ।
ହୀରମ୍ ଆହୁରି ମଧ୍ୟ ଏରସ ବୃକ୍ଷର ବଡ଼ ବଡ଼ କାଠଗଣ୍ଡି,
ପଥର କଟାଳୀ ଓ ବଢେଇମାନଙ୍କୁ ଦାଉଦଙ୍କ ନିକଟକୁ
ପଠାଇଲେ। ଦାଉଦଙ୍କ ନିମନ୍ତେ ଏକ ଗୃହ ନିର୍ମାଣ କରିବା
ନିମନ୍ତେ ହୀରମ୍ ସେମାନଙ୍କୁ ପଠାଇଲେ। 2ଦାଉଦ ଜାଣିପାରିଲେ
ଯେ, ସଦାପ୍ରଭୁ ତାଙ୍କୁ ଇଶ୍ରାୟେଲ ଉପରେ ରାଜା କରାଇଛନ୍ତି।

ସଦାପ୍ରଭୁ ତାଙ୍କର ଲୋକମାନଙ୍କ, ଇଶ୍ରାୟେଲ ପାଇଁ ଦାଉଦଙ୍କ ରାଜ୍ୟକୁ ଏକ ବଶାଳ ରାଜ୍ୟରେ ପରଣିତ କଲେ।

**3**ଦାଉଦ ଯିରୁଶାଲମରେ ଆହୁର ସ୍ତ୍ରୀମାନଙ୍କୁ ବବାହ କଲେ। ତାଙ୍କର ଆହୁର ପୁତ୍ର ଓ କନ୍ୟାମାନ ଜନ୍ମିଲେ। **4**ଯିରୁଶାଲମରେ ଜନ୍ମ ହୋଇଥିବା ଦାଉଦଙ୍କର ସନ୍ତାନମାନଙ୍କର ନାମ ଏହ: ଶମ୍ମୁୟ, ଶୋବବ, ନାଥନ, ଶଲୋମନ, **5**ଯିଭର, ଇଲୀଶୂୟ, ଇଲ୍ପେଲଟ୍, **6**ନୋଗହ, ନେଫଗ, ଯାଫିୟ, **7**ଇଲୀଶାମା, ବୀଲୟାଦା ଓ ଇଲୀଫେଲଟ।

### ଦାଉଦ ପଲେଷ୍ଟୀୟମାନଙ୍କୁ ପରାସ୍ତ କଲେ

**8**ପଲେଷ୍ଟୀୟ ଲୋକମାନେ ଶୁଣିବାକୁ ପାଇଲେ ଯେ, ଦାଉଦ ଇଶ୍ରାୟେଲର ରାଜା ହେବା ନମନ୍ତେ ମନୋନୀତ ହୋଇ ଅଛନ୍ତି। ତେଣୁ, ସମସ୍ତ ପଲେଷ୍ଟୀୟ ଲୋକେ ଦାଉଦଙ୍କୁ ଦେଖିବାକୁ ଗଲେ। ଦାଉଦ ତାହା ଶୁଣିଲେ। ତେଣୁ ସେ ପଲେଷ୍ଟୀୟମାନଙ୍କ ବରୁଦ୍ଧରେ ଯୁଦ୍ଧ କରବାକୁ ଗଲେ। **9**ପଲେଷ୍ଟୀୟମାନେ ରଫାୟୀମ ଉପତ୍ୟକାରେ ବାସ କରୁଥିବା ଲୋକମାନଙ୍କୁ ଆକ୍ରମଣ କର ସେମାନଙ୍କର ଜିନଷପତ୍ର ଚୋର କର ନେଇଗଲେ। **10**ଦାଉଦ ପରମେଶ୍ୱରଙ୍କୁ ପଚାରଲେ, "ମୁଁ ଯାଇ ପଲେଷ୍ଟୀୟମାନଙ୍କ ସହତ ଯୁଦ୍ଧ କରବ କି? ତୁମ୍ଭେ ମୋତେ ସେମାନଙ୍କ ଉପରେ ବଜୟ ପ୍ରଦାନ କରବ କି?" ସଦାପ୍ରଭୁ ଦାଉଦଙ୍କୁ ଉତ୍ତର ଦେଲେ, "ଯାଅ, ଆମ୍ଭେ ତୁମ୍ଭକୁ ପଲେଷ୍ଟୀୟ ଲୋକଙ୍କ ଉପରେ ବଜୟ ପ୍ରଦାନ କରାଇବା।"

**11**ଏହାପରେ ଦାଉଦ ଓ ତାଙ୍କ ଲୋକମାନେ ବାଲ୍-ଫରାସୀମ ସହରକୁ ଗଲେ ଓ ପଲେଷ୍ଟୀୟମାନଙ୍କୁ ପରାସ୍ତ କଲେ। ଦାଉଦ କହଲେ, "ପରମେଶ୍ୱର ମୋ ଦ୍ୱାରା ମୋ ଶତ୍ରୁମାନଙ୍କୁ ବନ୍ୟା ବ୍ୟାପିବା ତୁଲ୍ୟ ଧ୍ୱଂସ କରଛନ୍ତି।" ତେଣୁ ସେହ ସ୍ଥାନର ନାମ ବାଲ୍-ପରାସୀମ୍ ରଖାଗଲା। **12**ପଲେଷ୍ଟୀୟ ଲୋକମାନେ ବାଲ୍-ପରାସୀମ୍ଠାରେ ସେମାନଙ୍କର ପ୍ରତିମାମାନଙ୍କୁ ଛାଡ଼ ପଳାଇଗଲେ। ସେହ ପ୍ରତିମାମାନଙ୍କୁ ଜ୍ୱଳାଇ ଦେବା ନମନ୍ତେ ଦାଉଦ ତାଙ୍କର ଲୋକମାନଙ୍କୁ ଆଦେଶ ଦେଲେ।

### ପଲେଷ୍ଟୀୟ ଲୋକଙ୍କ ଉପରେ ଆଉ ଏକ ବଜୟ

**13**ପଲେଷ୍ଟୀୟମାନେ ରଫାୟୀମ୍ ଉପତ୍ୟକାରେ ରହୁଥିବା ଲୋକମାନଙ୍କ ଉପରେ ଆଉଥରେ ଆକ୍ରମଣ କଲେ। **14**ଦାଉଦ ପରମେଶ୍ୱରଙ୍କ ନକଟରେ ଆଉଥରେ ପ୍ରାର୍ଥନା କଲେ। ପରମେଶ୍ୱର ଦାଉଦଙ୍କ ପ୍ରାର୍ଥନାର ଉତ୍ତର ଦେଲେ। ପରମେଶ୍ୱର କହଲେ, "ଦାଉଦ, ତୁମ୍ଭେ ଯେତେବେଳେ ଆକ୍ରମଣ କରବ, ସେତେବେଳେ ପଲେଷ୍ଟୀୟମାନଙ୍କ ପଛେ ପଛେ ପର୍ବତ ଉପରକୁ ଯିବ ନାହିଁ। ବରଂ, ସେମାନଙ୍କ ଚତୁର୍ଦ୍ଦିଗରେ ଯାଇ ତୂତ୍ ବୃକ୍ଷ ଆଡୁଆଳରେ ନଜକୁ ଲୁଚାଅ। **15**ଜଣେ ଜଗୁଆଳୀକୁ ଗଛ ଉପରେ ଚଢ଼ି ଜଗି ରହବାକୁ କୁହ। ସେ ଯୁଦ୍ଧ ଯାତ୍ରାର ଶବ୍ଦ ଶୁଣିବା ମାତ୍ରକେ ତୁମ୍ଭେ ପଲେଷ୍ଟୀୟମାନଙ୍କ ଉପରେ ଆକ୍ରମଣ କରବ। ଆମ୍ଭେ ପରମେଶ୍ୱର, ତୁମ୍ଭ ସମ୍ମୁଖରେ ଯିବା ଓ ପଲେଷ୍ଟୀୟ ସୈନ୍ୟଦଳକୁ ପରାସ୍ତ କରବା।" **16**ପରମେଶ୍ୱର ତାଙ୍କୁ ଯେପର କରବାକୁ କହଲେ, ଦାଉଦ ଠିକ୍ ସେହପର କଲେ। ତେଣୁ ଦାଉଦ ଓ ତାଙ୍କର ଲୋକମାନେ ପଲେଷ୍ଟୀୟ ସୈନ୍ୟଦଳଙ୍କୁ ପରାସ୍ତ କଲେ। ସେମାନେ ଗିବୟୋନ୍ ସହରଠାରୁ ଗେଷର ସହର ପର୍ଯ୍ୟନ୍ତ ପଡ଼ିଥିବା ସାରା ପଥରେ ପଲେଷ୍ଟୀୟମାନଙ୍କୁ ବଧ କଲେ। **17**ତେଣୁ ଦାଉଦ ସବୁ ଦେଶରେ ବଖ୍ୟାତ ହୋଇ ଉଠିଲେ। ସଦାପ୍ରଭୁ ସମସ୍ତ ଦେଶଗଣଙ୍କୁ ଦାଉଦଙ୍କ ପ୍ରତି ଭୟଭୀତ କରାଇଲେ।

### ଯିରୁଶାଲମରେ ନୟମସିନ୍ଦୁକ

**15** ଦାଉଦ ଆପଣା ନମନ୍ତେ ଦାଉଦ ନଗରରେ ଗୃହମାନ ନର୍ମାଣ କଲେ। ଏହାପରେ ସେ ନୟମସିନ୍ଦୁକ ରଖିବା ନମନ୍ତେ ଏକ ସ୍ଥାନ ନର୍ମାଣ କଲେ। ସେ ସେଥି ନିମନ୍ତେ ଏକ ତମ୍ବୁ ନର୍ମାଣ କଲେ। **2**ଏହାପରେ ଦାଉଦ କହଲେ, "କେବଳ ଲେବୀୟମାନେ ନୟମସିନ୍ଦୁକକୁ ବହ ନେଇ ପାରବେ। କାରଣ ସଦାପ୍ରଭୁ ସେମାନଙ୍କୁ ନୟମସିନ୍ଦୁକ ବହନେବା ନମନ୍ତେ ଓ ଚରକାଳ ତାଙ୍କର ସେବା କରବା ନମନ୍ତେ ମନୋନୀତ କର ଅଛନ୍ତି।"

**3**ଲେବୀୟମାନେ ନୟମସିନ୍ଦୁକକୁ ଦାଉଦଙ୍କ ଦ୍ୱାରା ପ୍ରସ୍ତୁତ ସ୍ଥାନକୁ ବହନେବା ସମୟରେ ଇଶ୍ରାୟେଲର ସମସ୍ତ ଲୋକଙ୍କୁ ଯିରୁଶାଲମରେ ଏକତ୍ରିତ ହେବା ନମନ୍ତେ ଦାଉଦ କହଲେ। **4**ଦାଉଦ ହାରୋଣ ଓ ଲେବୀୟମାନଙ୍କ ବଂଶଧରମାନଙ୍କୁ ଏକତ୍ର ଡାକଲେ। **5**କହାତଙ୍କ ପରବାରବର୍ଗରୁ 120 ଜଣ ଲୋକ ଆସିଲେ। ଉରୀୟେଲ ସେମାନଙ୍କର ନେତା ଥିଲେ। **6**ମରାର ପରବାରବର୍ଗରୁ 220 ଜଣ ଲୋକ ଆସିଲେ। ଅସାୟ ସେମାନଙ୍କର ନେତା ଥିଲେ। **7**ଗେର୍ଶୋନଙ୍କ ପରବାରବର୍ଗରୁ 130 ଜଣ ଲୋକ ଆସିଲେ। ଯୋୟେଲ ସେମାନଙ୍କର ନେତା ଥିଲେ। **8**ଇଲୀଶାଫନଙ୍କ ପରବାରବର୍ଗରୁ 200 ଜଣ ଲୋକ ଆସିଲେ। ଶମୟିୟ ସେମାନଙ୍କର ନେତା ଥିଲେ। **9**ହବ୍ରୋଣଙ୍କ ପରବାରବର୍ଗରୁ ଅଶୀ ଜଣ ଲୋକ ଆସିଲେ। ଇଲୀୟେଲ ସେମାନଙ୍କର ନେତା ଥିଲେ। **10**ଉଷୀୟେଲଙ୍କ ପରବାରବର୍ଗରୁ 112 ଜଣ ଲୋକ ଆସିଲେ। ଅମ୍ମୀନାଦବ ସେମାନଙ୍କର ନେତା ଥିଲେ।

### ଦାଉଦ ଯାଜକ ଓ ଲେବୀୟମାନଙ୍କ ସହତ କଥା ହେଲେ

**11**ଏହାପରେ ଦାଉଦ, ଯାଜକ ସାଦୋକ ଓ ଅବୟାଥରଙ୍କୁ ଆପଣା ନକଟକୁ ଡାକଲେ। ଦାଉଦ ଏହସବୁ ଯାଜକଗଣ ଓ ଲେବୀୟମାନଙ୍କୁ ମଧ ଡାକଲେ: ଉରୀୟେଲ, ଅସାୟ, ଯୋୟେଲ, ଶମୟିୟ, ଇଲୀୟେଲ ଓ ଅମ୍ମୀନାଦବ। **12**ଦାଉଦ ସେମାନଙ୍କୁ କହଲେ, "ତୁମ୍ଭେମାନେ ଲେବୀ ଗୋଷ୍ଠୀର ନେତା ଅଟ। ତୁମ୍ଭେ ଓ ଅନ୍ୟ ଲେବୀୟମାନେ ନଜକୁ ପବତ୍ର କରବା ନତାନ୍ତ ଆବଶ୍ୟକ। ଏହାପରେ ମୁଁ ନୟମସିନ୍ଦୁକ ନମନ୍ତେ ଯେଉଁ ସ୍ଥାନ ପ୍ରସ୍ତୁତ କରଅଛି, ତୁମ୍ଭେମାନେ ତାହାକୁ ସେହ ସ୍ଥାନକୁ ଆଣିବ। **13**ନୟମସିନ୍ଦୁକକୁ କପର ବହ ନେବାକୁ ହେବ, ତାହା କ'ଣ ଆମ୍ଭେ ଗତଥର ସଦାପ୍ରଭୁଙ୍କୁ ପଚାର ନ ଥିଲୁ? ତୁମ୍ଭେ କ'ଣ ଲେବୀୟମାନେ ତାହାକୁ ବହନ କର ନ ଥିଲ, ସେଥିନମନ୍ତେ ସଦାପ୍ରଭୁ ଆମ୍ଭମାନଙ୍କୁ ଦଣ୍ଡ ଦେଲେ।"

**14**ଏହାପରେ ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱରଙ୍କ ନୟମସିନ୍ଦୁକକୁ ବହ ନେଇଯିବା ନମନ୍ତେ ଯାଜକ ଓ ଲେବୀୟମାନେ ନଜକୁ ପବତ୍ର କଲେ। **15**ମୋଶା ଯେଉଁପର ଆଦେଶ

ଦେଇଥିଲେ, ସେହିପରି ଭାବରେ ନିୟମସିନ୍ଦୁକକୁ ବହି ନେଇଯିବା ନିମନ୍ତେ ଲେବୀୟମାନେ ବିଶେଷ କାଷ୍ଠଦଣ୍ଡର ବ୍ୟବହାର କଲେ। ସଦାପ୍ରଭୁ ଯେଉଁପରି କହିଥିଲେ, ଠିକ୍ ସେହିପରି ସେମାନେ ନିୟମସିନ୍ଦୁକକୁ ବହି ନେଲେ।

### ଗାୟକ ଦଳ

16ଦାଉଦ, ଲେବୀୟ ନେତାମାନଙ୍କୁ ସେମାନଙ୍କ ଭ୍ରାତାଗଣ
ଗାୟକମାନଙ୍କୁ ଆଣିବା ନିମନ୍ତେ କହିଲେ। ଗାୟକମାନେ
ସେମାନଙ୍କର ବୀଣା, ସାରଙ୍ଗ ଓ ଗିନି ଆଣିବେ ଓ ଆନନ୍ଦରେ
ଗୀତଗାନ କରିବେ।
17ଏହାପରେ ଲେବୀୟମାନେ ହେମନ ଏବଂ ତାଙ୍କ ଭ୍ରାତାଗଣ
ଆସଫ ଓ ଏଥନଙ୍କୁ ଆଣିଲେ। ହେମନ ଯୋୟେଲଙ୍କ ପୁତ୍ର
ଥିଲେ। ଆସଫ ବେରିଖିୟଙ୍କ ପୁତ୍ର ଥିଲେ। ଏଥନ କୁଶାୟାଙ୍କ
ପୁତ୍ର ଥିଲେ। ଏହି ଲୋକମାନେ ମରାରି ପରିବାରବର୍ଗର
ଥିଲେ। 18ସେହି ଲେବୀୟମାନଙ୍କର ଆଉ ଏକ ଦ୍ୱିତୀୟ ଦଳ
ମଧ୍ୟ ଥିଲେ। ସେମାନେ ଥିଲେ ଜିଖରିୟ, ବେନ, ଯାସୀୟେଲ,
ଶମୀରାମୋତ, ଯିହୀୟେଲ, ଉନ୍ନି, ଇଲୀୟାବ, ବନାୟ,
ମାସେୟ, ମତ୍ତଥିୟ, ଇଲୀଫଲେହୁ, ମିକ୍ନେୟ, ଓବେଦ୍-ଇଦୋମ
ଓ ଯିୟୁୟେଲ। ଏହିମାନେ ଦ୍ୱାରପାଳ ଥିଲେ।
19ଗାୟକ ହେମନ୍, ଆସଫ ଓ ଏଥନ ପିତ୍ତଳ ନିର୍ମିତ
ଗିନି ବଜାଉଥିଲେ। 20ଜିଖରିୟ, ଅସୀୟେଲ, ଶମୀରାମୋତ୍,
ଯିହୟେଲ, ଉନ୍ନି, ଇଲୀୟାବ, ମାସେୟ ଓ ବନାୟ ଅଲାମୋତ୍*
ବୀଣା ବଜାଉଥିଲେ। 21ମତ୍ତଥିୟ, ଇଲୀଫଲେହୁ, ମିକ୍ନେୟ,
ଓବେଦ୍-ଇଦୋମ୍, ଯିୟୁୟେଲ ଓ ଅସସିୟ ଶିମିନୀତ୍* ତମ୍ବୁରା
ବଜାଉଥିଲେ। ଚିରକାଳ ନିମନ୍ତେ ସେମାନଙ୍କର ଏହି କାର୍ଯ୍ୟ
ଥିଲା। 22ଲେବୀୟ ନେତା କନନିୟ ଗାୟନ ଦାୟିତ୍ୱରେ
ଥିଲେ। କନନିୟ ସଂଗୀତ ବିଦ୍ୟାରେ ଅତ୍ୟନ୍ତ ପ୍ରବୀଣ ଥିବାରୁ
ତାହାଙ୍କୁ ଏହି କାର୍ଯ୍ୟ ଦତ୍ତ ହୋଇଥିଲା।
23ନିୟମସିନ୍ଦୁକକୁ ଜଗିବା ନିମନ୍ତେ ମନୋନୀତ ହୋଇଥିବା
ରକ୍ଷୀମାନଙ୍କ ମଧ୍ୟରେ ଦୁଇଜଣ ଥିଲେ ବେରିଖିୟ ଓ ଇଲ୍କାନା।
24ଶବନିୟ, ଯୋଶାଫଟ୍, ନଥନେଲ, ଅମାସୟ, ଜିଖରିୟ,
ବନାୟ ଓ ଇଲୀୟେଷର, ଏମାନଙ୍କର କାର୍ଯ୍ୟ ଥିଲା, ନିୟମସିନ୍ଦୁକର
ସମ୍ମୁଖରେ ତୂରୀ ବଜାଇବା। ଓବେଦ୍-ଇଦୋମ୍ ଓ ଯିହିୟ
ନିୟମସିନ୍ଦୁକର ଦ୍ୱାରପାଳ ଥିଲେ।
25ଦାଉଦ, ଇଶ୍ରାୟେଲର ପ୍ରାଚୀନବର୍ଗ ଓ ସେନାଧ୍ୟକ୍ଷମାନେ
ନିୟମସିନ୍ଦୁକ ଆଣିବା ନିମନ୍ତେ ଗଲେ। ସେମାନେ ତାହାକୁ
ଓବେଦ୍-ଇଦୋମ୍ଙ୍କ ଗୃହରୁ ନେଇ ଆସିଲେ। ସମସ୍ତେ ବହୁତ
ଆନନ୍ଦିତ ଥିଲେ। 26ପରମେଶ୍ୱର ନିୟମସିନ୍ଦୁକ ବହିନେଇ
ଯାଉଥିବା ଲେବୀୟମାନଙ୍କୁ ସାହାଯ୍ୟ କଲେ। ସେମାନେ ସାତଗୋଟି
ବଳଦ ଓ ସାତୋଟି ମେଣ୍ଢାକୁ ଉତ୍ସର୍ଗ କଲେ। 27ଦାଉଦ ଓ
ନିୟମସିନ୍ଦୁକ ବହୁଥିବା ସମସ୍ତ ଲେବୀୟମାନେ ଓ ଗାୟକ
କିଣାନିୟମାନେ ସୂକ୍ଷ୍ମ ନାଇଲନ୍ ବସ୍ତ୍ର ପିନ୍ଧିଥିଲେ। ଦାଉଦ ମଧ୍ୟ
ଏକ ନାଇଲନ୍ ଏଫୋଦ ପିନ୍ଧିଥିଲେ।
28ଏହିପରି, ଇଶ୍ରାୟେଲର ସମସ୍ତ ଲୋକ ନିୟମସିନ୍ଦୁକକୁ
ନେଇ ଆସିଲେ। ସେମାନେ ଉଚ୍ଚସ୍ୱର କଲେ, ସେମାନେ
ମେଣ୍ଢା ଶିଙ୍ଗରୁ ନିର୍ମିତ ବାଦ୍ୟ ଓ ତୂରୀ ବଜାଇଲେ, ଆହୁରି
ମଧ୍ୟ ସେମାନେ ଗିନି, ସାରଙ୍ଗ ଓ ବୀଣା ବଜାଇଲେ।
29ନିୟମସିନ୍ଦୁକ ଯେତେବେଳେ ଦାଉଦଙ୍କ ନଗରରେ
ପହଞ୍ଚିଲା, ମୀଖଲ୍ ଏକ ଝରକା ଦେଇ ଅନାଇଲେ। ମୀଖଲ୍
ଶାଉଲଙ୍କ ଝିଅ ଥିଲେ। ସେ ଦେଖିଲେ ଯେ, ରାଜା ଦାଉଦ
ନୃତ୍ୟ ଓ ଆନନ୍ଦ କରୁଅଛନ୍ତି। ସେ ହୃଦୟରେ ତାଙ୍କୁ ଘୃଣା
କଲେ। ସେ ଭାବିଲେ, ଦାଉଦ ଏକ ମୂର୍ଖ ପରି ଆଚରଣ
କରୁଅଛନ୍ତି।

16 ତା'ପରେ ସେମାନେ ନିୟମସିନ୍ଦୁକକୁ ବୋହି ଆଣିଲେ
ଓ ତମ୍ବୁ ଭିତରେ ରଖିଲେ, ଯାହାକି ଦାଉଦ ପ୍ରସ୍ତୁତ
କରିଥିଲେ। ଏହାପରେ ସେମାନେ ପରମେଶ୍ୱରଙ୍କ ଆଗରେ
ହୋମବଳି ଓ ମଙ୍ଗଳାର୍ଥକ ବଳି ଉତ୍ସର୍ଗ କଲେ। 2ଦାଉଦ
ହୋମବଳି ଓ ମଙ୍ଗଳାର୍ଥକ ନୈବେଦ୍ୟ ଉତ୍ସର୍ଗ କରିସାରିବା
ପରେ ସଦାପ୍ରଭୁଙ୍କ ନାମରେ ଲୋକମାନଙ୍କୁ ଆଶୀର୍ବାଦ କଲେ।
3ଏହାପରେ ସେ ପ୍ରତ୍ୟେକ ଇଶ୍ରାୟେଲୀୟ ପୁରୁଷ ଓ ସ୍ତ୍ରୀଙ୍କୁ
ପାଉଁରୋଟୀର ଏକ ଖଣ୍ଡ, କିଛି ଖଜୁରୀ କୋଳି ଓ କିସ୍ମିସ୍
ଦେଲେ।
4ଏହାପରେ ନିୟମସିନ୍ଦୁକ ସମ୍ମୁଖରେ ସେବାକାର୍ଯ୍ୟ କରିବା
ନିମନ୍ତେ ଦାଉଦ କେତେଜଣ ଲେବୀୟଙ୍କୁ ମନୋନୀତ କଲେ।
ଇଶ୍ରାୟେଲର ପରମେଶ୍ୱର, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଶଂସା
ଓ ଧନ୍ୟବାଦ କରିବା ଏବଂ ଆନନ୍ଦ ଉତ୍ସବ କରିବା ସେହି
ଲେବୀୟମାନଙ୍କ କାର୍ଯ୍ୟ ଥିଲା। 5ଆସଫ ପ୍ରଥମ ଦଳର ନେତା
ଥିଲେ। ଆସଫଙ୍କ ଦଳ ଗିନି ବଜାଉଥିଲେ। ଜିଖରିୟ ଦ୍ୱିତୀୟ
ଦଳର ନେତା ଥିଲେ। ଅନ୍ୟ ଲେବୀୟମାନେ ଥିଲେ: ଯିୟୁୟେଲ,
ଶମୀରାମୋତ୍, ଯିହୀୟେଲ, ମତ୍ତଥିୟ, ଇଲୀୟାବ, ବନାୟ,
ଓବେଦ୍-ଇଦୋମ୍ ଓ ଯିୟୁୟେଲ। ଏହି ବ୍ୟକ୍ତିମାନେ ତମ୍ବୁରା
ଓ ବୀଣା ବଜାଉଥିଲେ। 6ବନାୟ ଓ ଯହସୀୟେଲ, ଏହି
ଦୁଇଜଣ ଯାଜକ ସର୍ବଦା ନିୟମସିନ୍ଦୁକ ସମ୍ମୁଖରେ ତୂରୀ
ବଜାଉଥିଲେ। 7ଏହି ସମୟରେ ଦାଉଦ ପ୍ରଥମେ ଆସଫ ଓ
ତାଙ୍କର ଭ୍ରାତାମାନଙ୍କୁ ସଦାପ୍ରଭୁଙ୍କ ନିକଟରେ ପ୍ରଶଂସାଗୀତ
ଗାନ କରିବାର ଦାୟିତ୍ୱ ଅର୍ପଣ କଲେ।

### ଦାଉଦଙ୍କର ଧନ୍ୟବାଦର ଗୀତ

8ପରମେଶ୍ୱରଙ୍କର ପ୍ରଶଂସା କର, ତାହାଙ୍କ ନାମରେ
ବିନତି କର। ସଦାପ୍ରଭୁ ଯେଉଁସବୁ ମହାନ କର୍ମମାନ କରିଅଛନ୍ତି,
ତାହା ଲୋକମାନଙ୍କୁ କୁହ।
9ପରମେଶ୍ୱରଙ୍କ ନିକଟରେ ଗାୟନ କର, ସଦାପ୍ରଭୁଙ୍କ
ନିକଟରେ ପ୍ରଶଂସାଗାନ କର, ସମସ୍ତଙ୍କୁ ତାଙ୍କର ମହତ୍ କାର୍ଯ୍ୟ
ସକଳ ଜଣାଅ।
10ପରମେଶ୍ୱରଙ୍କ ପବିତ୍ର ନାମ ପାଇଁ ଗର୍ବ କର। ହେ
ସଦାପ୍ରଭୁଙ୍କ ନିକଟକୁ ଆସୁଥିବା ଜନବୃନ୍ଦ, ଆନନ୍ଦିତ ହୁଅ।
11ପରମେଶ୍ୱର ଓ ତାଙ୍କ ପରାକ୍ରମକୁ ଦେଖ, ସର୍ବଦା
ତାଙ୍କର ସାହାଯ୍ୟ ଲୋଡ଼।
12ସଦାପ୍ରଭୁ ଯେଉଁ ସମସ୍ତ ମହତ୍ କର୍ମମାନ କରିଅଛନ୍ତି,
ସେହିସବୁ ସ୍ମରଣ କର। ତାଙ୍କର ସିଦ୍ଧାନ୍ତ ସକଳ ଓ ତାହାଙ୍କ
କୃତ ପରାକ୍ରମର କାର୍ଯ୍ୟମାନ ସ୍ମରଣ କର।

---

**ଅଲାମୋତ୍** ଏହାର ଅର୍ଥ ଉଚ୍ଚ ତାନରେ।

**ଶିମିନୀତ୍** ଏହାର ଅର୍ଥ ସମ୍ଭବତଃ ନିମ୍ନ ତାନରେ।

13ଇଶ୍ରାୟେଲର ଲୋକମାନେ, ସଦାପ୍ରଭୁଙ୍କର ଦାସ ଅଟନ୍ତି।
ଯାକୁବର ବଂଶଧରମାନେ, ସଦାପ୍ରଭୁଙ୍କର ମନୋନୀତ ଲୋକ
ଅଟନ୍ତି।

14ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର ଅଟନ୍ତି। ତାଙ୍କର
ପରାକ୍ରମ ସର୍ବବ୍ୟାପୀ।

15ଚିରକାଳ ନିମନ୍ତେ ତାହାଙ୍କ ଦତ୍ତ ନିୟମ ସ୍ମରଣ କର।
ସେ ସହସ୍ର ପୁରୁଷ ନିମନ୍ତେ ସେହି ଆଜ୍ଞାମାନ ଦେଇ
ଅଛନ୍ତି।

16ସଦାପ୍ରଭୁ ଅବ୍ରହାମଙ୍କ ସହିତ ଯେଉଁ ପାରମ୍ପାରିକ
ନିୟମ କରିଅଛନ୍ତି ଏବଂ ଇସହାକ୍‌ଙ୍କ ସହିତ ସେ ଯେଉଁ
ପ୍ରତିଜ୍ଞା କରିଅଛନ୍ତି, ତାହା ସ୍ମରଣ କର।

17ସଦାପ୍ରଭୁ ଯାକୁବ ନିମନ୍ତେ ଏକ ନିୟମ କରିଛନ୍ତି।
ଇଶ୍ରାୟେଲ ସହିତ ସେହି ନିୟମ, ଅନନ୍ତକାଳୀନ ଅଟେ।

18ସଦାପ୍ରଭୁ ଇଶ୍ରାୟେଲକୁ କହିଲେ, "ଆମ୍ଭେ କିଣାନ୍
ଦେଶ ତୁମ୍ଭକୁ ଦେବା, ସେହି ପ୍ରତିଜ୍ଞାତ ଭୂମି
ତୁମ୍ଭର ହେବ।"

19ସେଠାରେ ଅଳ୍ପ ସଂଖ୍ୟକ ଲୋକଥିଲେ, ଏକ ବିଦେଶୀ
ଭୂମିରେ ଖୁବ୍ ଅଳ୍ପସଂଖ୍ୟକ ଅଜ୍ଞାତ ବ୍ୟକ୍ତି ଥିଲେ।

20ସେମାନେ ଗୋଟିଏ ଦେଶରୁ ଆଉ ଏକ ଦେଶକୁ
ଗଲେ, ସେମାନେ ଗୋଟିଏ ରାଜ୍ୟରୁ ଆଉ ଏକ ରାଜ୍ୟକୁ
ଗଲେ।

21କିନ୍ତୁ ସଦାପ୍ରଭୁ କାହାରିକୁ ସେମାନଙ୍କୁ ଆଘାତ କରିବାକୁ
ଅନୁମତି ଦେଲେ ନାହିଁ, ସେମାନଙ୍କୁ ଆଘାତ ନ କରିବାକୁ
ସଦାପ୍ରଭୁ ରାଜାଗଣଙ୍କୁ ସତର୍କ କରାଇ ଦେଲେ।

22ସଦାପ୍ରଭୁ ସେହି ରାଜାମାନଙ୍କୁ କହିଲେ, "ଆମ୍ଭର
ମନୋନୀତ ବ୍ୟକ୍ତିଙ୍କୁ ସ୍ପର୍ଶ କର ନାହିଁ। ଆମ୍ଭର
ଭବିଷ୍ୟଦ୍‌ବକ୍ତାମାନଙ୍କୁ ଆଘାତ କର ନାହିଁ।"

23ସକଳ ପୃଥିବୀବାସୀ, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗାୟନ
କର। ସଦାପ୍ରଭୁ ଆମ୍ଭମାନଙ୍କୁ ଉଦ୍ଧାର କରିଅଛନ୍ତି, ଏହି
ସୁସମାଚାର ପ୍ରତିଦିନ କୁହ।

24ସବୁ ଦେବଗଣ ନିକଟରେ ସଦାପ୍ରଭୁଙ୍କ ମହିମା ବର୍ଣ୍ଣନା
କର। ସେ ଯେ ଅତ୍ୟନ୍ତ ମହତ୍ ଅଟନ୍ତି, ଏହା ସମସ୍ତଙ୍କୁ
କୁହ।

25ସଦାପ୍ରଭୁ ଅତ୍ୟନ୍ତ ମହାନ୍ ଅଟନ୍ତି ଓ ସେ ପ୍ରଶଂସାର
ଯୋଗ୍ୟ ଅଟନ୍ତି। ଅନ୍ୟ ସବୁ ଦେବତାଗଣଙ୍କ ଅପେକ୍ଷା
ସଦାପ୍ରଭୁ ଅଧିକ ଭୟଙ୍କର ଅଟନ୍ତି।

26କାହିଁକି? କାରଣ ପୃଥିବୀର ସମସ୍ତ ଦେବତାଗଣ କେବଳ
ମୂଲ୍ୟହୀନ ପ୍ରତିମାସକଳ ଅଟନ୍ତି। କିନ୍ତୁ ସଦାପ୍ରଭୁ ଆକାଶକୁ
ନିର୍ମାଣ କଲେ।

27ଗୌରବ ଓ ମହିମା ତାଙ୍କ ପାଇଁ ଅଛି। ଶକ୍ତି ଓ
ଉଲ୍ଲାସ ତାଙ୍କ ସ୍ଥାନରେ ଅଛି।

28ପରିବାର ସକଳ ଓ ଜନବୃନ୍ଦ ସଦାପ୍ରଭୁଙ୍କ ମହିମା ଓ
ପରାକ୍ରମର ପ୍ରଶଂସାଗାନ କର।

29ସଦାପ୍ରଭୁଙ୍କ ମହିମାର ପ୍ରଶଂସାଗାନ କର। ତାଙ୍କ ନାମକୁ
ସମ୍ମାନ କର। ତାଙ୍କ ନିକଟକୁ ତୁମ୍ଭର ନୈବେଦ୍ୟ
ଆଣ। ସୁନ୍ଦରତାରେ ଓ ପବିତ୍ରତାରେ ସଦାପ୍ରଭୁଙ୍କର ଉପାସନା
କର।

30ତାଙ୍କ ସମ୍ମୁଖରେ ସମସ୍ତ ପୃଥିବୀ କମ୍ପମାନ ହୁଅ। କିନ୍ତୁ
ସେ ପୃଥିବୀକୁ ସଶକ୍ତ କଲେ, ଯେପରି ଏହା ନ ହଲେ।

31ପୃଥିବୀ ଓ ଆକାଶ ଆନନ୍ଦିତ ହୁଅନ୍ତୁ। ସର୍ବତ୍ର ଲୋକମାନେ
ଏହା କୁହନ୍ତୁ, "ସଦାପ୍ରଭୁ ରାଜ୍ୟ କରନ୍ତି!"

32ସମୁଦ୍ର ଓ ତନ୍ମଧ୍ୟସ୍ଥ ସମସ୍ତ ପ୍ରାଣୀ ଉଚ୍ଚସ୍ୱର କରନ୍ତୁ।
କ୍ଷେତ୍ରସବୁ ଓ ତନ୍ମଧ୍ୟସ୍ଥ ସମସ୍ତ ବିଷୟ ସେମାନଙ୍କର ଆନନ୍ଦ
ପ୍ରକାଶ କରନ୍ତୁ।

33ସଦାପ୍ରଭୁଙ୍କ ସମ୍ମୁଖରେ ଅରଣ୍ୟର ବୃକ୍ଷଗଣ ଆନନ୍ଦରେ
ଜୟଗାନ କରିବେ। କାହିଁକି? କାରଣ ସଦାପ୍ରଭୁ ଆସୁ ଅଛନ୍ତି।
ସେ ଏହି ପୃଥିବୀର ବିଚାର କରିବା ନିମନ୍ତେ ଆସୁ ଅଛନ୍ତି।

34ଓଃ, ସଦାପ୍ରଭୁଙ୍କର ଧନ୍ୟବାଦ କର, ସେ ଅତି ଉତ୍ତମ
ଅଟନ୍ତି। ସଦାପ୍ରଭୁଙ୍କର ପ୍ରେମ ଅନନ୍ତକାଳୀନ ଅଟେ।

35ସଦାପ୍ରଭୁଙ୍କୁ କୁହ, "ହେ ପରମେଶ୍ୱର, ଆମ୍ଭମାନଙ୍କର
ଉଦ୍ଧାରକର୍ତ୍ତା, ଆମ୍ଭମାନଙ୍କୁ ଉଦ୍ଧାର କର। ଆମ୍ଭମାନଙ୍କୁ ଏକତ୍ର
କର ଓ ଅନ୍ୟ ଦେଶଠାରୁ ଆମ୍ଭମାନଙ୍କୁ ରକ୍ଷା କର। ତେବେ,
ଆମ୍ଭେମାନେ ତୁମ୍ଭ ପବିତ୍ର ନାମର ପ୍ରଶଂସାଗାନ କରିବା।
ତେବେ ଆମ୍ଭେମାନେ ସଂଗୀତ ଗାନ କରି ତୁମ୍ଭର ପ୍ରଶଂସା
କରିବା।"

36ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କୁ, ଯୁଗେ ଯୁଗେ
ପ୍ରଶଂସା କର।

ତା'ପରେ ସମସ୍ତ ଲୋକ କହିଲେ, "ଆମେନ୍" ଓ
ସଦାପ୍ରଭୁଙ୍କର ପ୍ରଶଂସା କଲେ।

37ଏହାପରେ, ଦାଉଦ ଆସଫ ଓ ତାଙ୍କର ଭ୍ରାତାମାନଙ୍କୁ
ନିୟମସିନ୍ଦୁକ ସମ୍ମୁଖରେ ଛାଡ଼ି ଚାଲିଗଲେ। ଦାଉଦ ସେମାନଙ୍କୁ
ପ୍ରତିଦିନ ତାହା ସମ୍ମୁଖରେ ସେବାକାର୍ଯ୍ୟ କରିବା ନିମନ୍ତେ ଛାଡ଼ି
ଗଲେ। 38ଓବେଦ୍ ଇଦୋମ ଓ ଅନ୍ୟ ଅଠଷଠି ଜଣ
ଭ୍ରାତାମାନଙ୍କୁ ସେ ମଧ୍ୟ ସେହି ସ୍ଥାନରେ ଛାଡ଼ିଗଲେ। ଯେଦୂଥୂନ୍‌ଙ୍କ
ପୁତ୍ର ଓବେଦ୍ ଇଦୋମ, ହୋଷ ରକ୍ଷୀ ଥିଲେ।

39ଦାଉଦ, ସାଦୋକ ଯାଜକ ଓ ତାଙ୍କ ସହିତ ଗିବୟୋନସ୍ଥିତ
ଉଚ୍ଚ ସ୍ଥାନରେ ସଦାପ୍ରଭୁଙ୍କ ତମ୍ବୁ ସମ୍ମୁଖରେ ସେବାକାର୍ଯ୍ୟ
କରୁଥିବା ଅନ୍ୟ ଯାଜକମାନଙ୍କୁ ସେଠାରେ ଛାଡ଼ି ଗଲେ।
40ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ସାଦୋକ୍ ଓ ଅନ୍ୟ
ଯାଜକମାନେ ଯଜ୍ଞବେଦୀ ଉପରେ ହୋମବଳି ଉତ୍ସର୍ଗ କରୁଥିଲେ।
ସଦାପ୍ରଭୁ ଇଶ୍ରାୟେଲକୁ ଦେଇଥିବା ସଦାପ୍ରଭୁଙ୍କ ନିୟମରେ
ଲିଖିତ ବିଧିକୁ ପାଳନ କରି ସେମାନେ ଏହିପରି କରୁଥିଲେ।
41ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଶଂସାର ଗୀତଗାନ କରିବା
ନିମନ୍ତେ ହେମନ୍, ଯିଦୂଥୂନ୍‌ଙ୍କୁ ଓ ଅନ୍ୟ ସମସ୍ତ ଲେବୀୟଗଣଙ୍କୁ
ନାମଧରି ମନୋନୀତ କରାଯାଇଥିଲା, କାରଣ ସଦାପ୍ରଭୁଙ୍କ
ପ୍ରେମ ଅନନ୍ତକାଳବ୍ୟାପୀ। 42ହେମନ୍ ଓ ଯିଦୂଥୂନ୍ ସେମାନଙ୍କ
ସହିତ ଥିଲେ। ତୂରୀ ଓ ଗିନି ବଜାଇବା ସେମାନଙ୍କର କାର୍ଯ୍ୟ
ଥିଲା। ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ସଂଗୀତମାନ ଗାନ କରାଯିବା
ସମୟରେ ସେମାନେ ଅନ୍ୟାନ୍ୟ ବାଦ୍ୟ ମଧ୍ୟ ବଜାଉଥିଲେ।
ଯିଦୂଥୂନ୍‌ଙ୍କ ପୁତ୍ରମାନେ ଦ୍ୱାର ଜଗି ରହୁଥିଲେ। 43ଉତ୍ସବ
ଶେଷ ହେଲା ପରେ, ସବୁ ଲୋକମାନେ ଫେରିଗଲେ।
ପ୍ରତ୍ୟେକ ଲୋକ ନିଜ ଗୃହକୁ ଫେରିଗଲେ। ଏବଂ ଦାଉଦ
ମଧ୍ୟ ନିଜ ପରିବାରକୁ ଆଶୀର୍ବାଦ କରିବା ନିମନ୍ତେ ଗୃହକୁ
ଫେରିଗଲେ।

### ଦାଉଦଙ୍କୁ ପରମେଶ୍ୱରଙ୍କ ଦତ୍ତ ପ୍ରତିଜ୍ଞା

17 ଦାଉଦ ନିଜ ଗୃହକୁ ଫେରିଯିବା ପରେ, ନାଥନ୍
ଭବିଷ୍ୟଦ୍‌ବକ୍ତାଙ୍କୁ କହିଲେ, "ଦେଖ, ମୁଁ ଦେବଦାରୁ
କାଠରେ ନିର୍ମିତ ଗୃହରେ ବାସ କରୁଅଛି, କିନ୍ତୁ ନିୟମସିନ୍ଦୁକ
ଏକ ତମ୍ବୁ ମଧ୍ୟରେ ରହିଅଛି। ମୁଁ ପରମେଶ୍ୱରଙ୍କ ନିମନ୍ତେ
ଏକ ମନ୍ଦିର ନିର୍ମାଣ କରିବାକୁ ଚାହୁଁଅଛି।"
2ନାଥନ୍ ଦାଉଦଙ୍କୁ ଉତ୍ତର ଦେଲେ, "ତୁମ୍ଭେ ଯାହା ଇଚ୍ଛା
କରୁଅଛ, ତାହା କରିପାର। ପରମେଶ୍ୱର ତୁମ୍ଭ ସହିତରେ
ଅଛନ୍ତି।"
3କିନ୍ତୁ, ସେହି ଦିନ ରାତ୍ରିରେ ପରମେଶ୍ୱରଙ୍କ ବାକ୍ୟ
ନାଥନଙ୍କ ନିକଟକୁ ଆସିଲା। 4ପରମେଶ୍ୱର କହିଲେ, "ଯାଅ
ଓ ଏହିସବୁ ବିଷୟ ମୋହର ଦାସ ଦାଉଦକୁ ଜଣାଅ;
ସଦାପ୍ରଭୁ କହନ୍ତି, 'ଦାଉଦ, ଆମ୍ଭେ ଯେଉଁ ଗୃହରେ ବାସ
କରିବା, ସେହି ଗୃହକୁ ନିର୍ମାଣ କରିବା ଲୋକ ତୁମ୍ଭେ ନୁହଁ।
5-6ଇସ୍ରାଯେଲକୁ ମିଶରରୁ ବାହାର କରି ଆଣିବା ଦିନଠାରୁ
ବର୍ତ୍ତମାନ ପର୍ଯ୍ୟନ୍ତ, ଆମ୍ଭେ ଗୃହ ମଧ୍ୟରେ ବାସ କରିନାହୁଁ। ମୁଁ
ତମ୍ବୁ ମଧ୍ୟରେ ରହୁଛି। ମୁଁ ଇସ୍ରାଯେଲ ନିମନ୍ତେ ନେତା
ମନୋନୀତ କରିଥିଲି। ସେମାନେ ମେଷପାଳକ ତୁଲ୍ୟ ଥିଲେ।
ଆମ୍ଭେ ଇସ୍ରାଯେଲୀୟମାନଙ୍କ ସହିତ ଗଲା ସମୟରେ କେବେ
ହେଲେ ଜଣେ ସୁଦ୍ଧା ନେତାଙ୍କୁ କହି ନାହୁଁ: ତୁମ୍ଭେ ଆମ୍ଭ
ନିମନ୍ତେ କାହିଁକି ଦେବଦାରୁ କାଠରେ ଗୃହ ନିର୍ମାଣ କରି
ନାହଁ?'
7"ବର୍ତ୍ତମାନ, ଏହିସବୁ ବିଷୟ ମୋର ଦାସ ଦାଉଦକୁ
କୁହ: ସର୍ବଶକ୍ତିମାନ ସଦାପ୍ରଭୁ କହନ୍ତି, 'ଆମ୍ଭେ ତୁମ୍ଭକୁ କ୍ଷେତ୍ର
ମଧ୍ୟରୁ ଓ ମେଷ ଚରାଇବା ସ୍ଥାନରୁ ଆଣିଲୁ। ଆମ୍ଭେ ତୁମ୍ଭକୁ
ଆପଣା ଲୋକ ଇସ୍ରାଯେଲ ଉପରେ ରାଜା କଲୁ। 8ତୁମ୍ଭେ
ଯେଉଁ ଆଡ଼େ ଗଲ, ଆମ୍ଭେ ତୁମ୍ଭ ସହିତରେ ରହିଲୁ। ଆମ୍ଭେ
ତୁମ୍ଭ ସମ୍ମୁଖରେ ତୁମ୍ଭର ଶତ୍ରୁଗଣଙ୍କୁ ବଧ କଲୁ। ବର୍ତ୍ତମାନ
ଆମ୍ଭେ ତୁମ୍ଭକୁ ପୃଥିବୀର ସବୁଠାରୁ ବିଖ୍ୟାତ ଲୋକଙ୍କ ମଧ୍ୟରେ
ଜଣେ କରିବା। 9ଆମ୍ଭେ ଆମ୍ଭର ଲୋକ ଇସ୍ରାଯେଲକୁ ଏହି
ସ୍ଥାନ ଦେଉଅଛୁ। ସେମାନେ ବୃକ୍ଷ ରୋପଣ କରିବେ ଓ
ସେହି ବୃକ୍ଷସବୁର ତଳେ ଶାନ୍ତିରେ ବସିବେ। ସେମାନେ ଆଉ
କୌଣସି ବିଷୟରେ ଚିନ୍ତିତ ହେବେ ନାହିଁ। ପୂର୍ବ ପରି ମନ୍ଦ
ଲୋକେ ଆଉ ସେମାନଙ୍କୁ ଆଘାତ କରିବେ ନାହିଁ। 10ସେହି
ଅମଙ୍ଗଳର ଘଟଣା ସବୁ ଘଟିଲା, କିନ୍ତୁ ଆମ୍ଭର ଲୋକ
ଇସ୍ରାଯେଲର ଯତ୍ନ ନେବା ନିମନ୍ତେ ଆମ୍ଭେ ନେତାମାନଙ୍କୁ
ମନୋନୀତ କଲୁ। ଏବଂ ଆମ୍ଭେ ତୁମ୍ଭର ସମସ୍ତ ଶତ୍ରୁଗଣଙ୍କୁ
ମଧ୍ୟ ପରାଜିତ କରିବା।
"'ଆମ୍ଭେ ତୁମ୍ଭକୁ କହୁଅଛୁ, ସଦାପ୍ରଭୁ ତୁମ୍ଭ ନିମନ୍ତେ ଏକ
ଗୃହ ନିର୍ମାଣ କରିବେ। 11ତୁମ୍ଭେ ଯେତେବେଳେ ମୃତ୍ୟୁଭୋଗ
କରିବ ଓ ତୁମ୍ଭର ପୂର୍ବପୁରୁଷମାନଙ୍କ ପାଖକୁ ଯିବ, ସେତେବେଳେ
ଆମ୍ଭେ ତୁମ୍ଭର ପୁତ୍ରକୁ ନୂତନ ରାଜା କରିବା। ତୁମ୍ଭର
ପୁତ୍ରଗଣଙ୍କ ମଧ୍ୟରୁ ଜଣେ ନୂତନ ରାଜା ହେବ, ଏବଂ ଆମ୍ଭେ
ତା'ର ରାଜ୍ୟକୁ ଶକ୍ତିଶାଳୀ କରିବା। 12ତୁମ୍ଭର ପୁତ୍ର ଆମ୍ଭ
ନିମନ୍ତେ ଏକ ଗୃହ ନିର୍ମାଣ କରିବ। ଆମ୍ଭେ ତୁମ୍ଭ ପୁତ୍ରର
ବଂଶକୁ ଚିରକାଳ ନିମନ୍ତେ ରାଜ୍ୟଭାର ଦେବା। 13ଆମ୍ଭେ
ତାହାର ପିତା ହେବା ଓ ସେ ଆମ୍ଭର ପୁତ୍ର ହେବ। ଶାଉଲ
ତୁମ୍ଭ ପୂର୍ବରୁ ରାଜା ଥିଲେ ଓ ଆମ୍ଭେ ଶାଉଲଠାରୁ ଆମ୍ଭର
ସମର୍ଥନ ପ୍ରତ୍ୟାହାର କରିନେଲୁ। କିନ୍ତୁ, ଆମ୍ଭେ କଦାପି ତୁମ୍ଭ
ପ୍ରତି ଆମ୍ଭର ପ୍ରେମକୁ ପରିତ୍ୟାଗ କରିବା ନାହିଁ। 14ଆମ୍ଭେ
ତାକୁ ଆମ୍ଭର ଗୃହର ଓ ଆମ୍ଭର ରାଜ୍ୟର ଦାୟିତ୍ୱ ଦେବା ଓ
ତା'ର ସିଂହାସନ ଚିରକାଳ ତିଷ୍ଠି ରହିବ।'"
15ପରମେଶ୍ୱର ଯେଉଁ ସମସ୍ତ ବିଷୟ ଓ ଦର୍ଶନ କରାଇଥିଲେ,
ନାଥନ ସେହିସବୁ ଦାଉଦଙ୍କୁ ଜଣାଇଲେ।

### ଦାଉଦଙ୍କ ପ୍ରାର୍ଥନା

16ଏହାପରେ ରାଜା ଦାଉଦ ପବିତ୍ର ତମ୍ବୁକୁ ଗଲେ ଓ
ସଦାପ୍ରଭୁଙ୍କ ସମ୍ମୁଖରେ ବସିଲେ। ଦାଉଦ କହିଲେ, "ସଦାପ୍ରଭୁ
ପରମେଶ୍ୱର, ତୁମ୍ଭେ ମୋ' ନିମନ୍ତେ ଓ ମୋର ପରିବାର
ନିମନ୍ତେ ଅନେକ ମହାନ୍ କାର୍ଯ୍ୟମାନ କରିଅଛ। ଆଉ, ମୁଁ
ଜାଣେନା କାହିଁକି। 17ସର୍ବୋପରି, ଭବିଷ୍ୟତରେ ମୋ' ପରିବାର
ପ୍ରତି କଣ ଘଟିବ, ତାହା ମଧ୍ୟ ତୁମ୍ଭେ ମୋତେ ଜାଣିବାକୁ
ଦେଲ। ସତେଯେପରି ମୁଁ ଜଣେ ଅତି ମହାନ୍ ବ୍ୟକ୍ତି ଅଟେ,
ତୁମ୍ଭେ ମୋ'ପ୍ରତି ସେ ପ୍ରକାର ବ୍ୟବହାର କଲ। 18ମୁଁ ଆଉ
ଅଧିକ କ'ଣ ବା କହିବି? ତୁମ୍ଭେ ମୋ' ନିମନ୍ତେ ବହୁତ
ମହାନ୍ କାର୍ଯ୍ୟମାନ କରିଅଛ। ଏବଂ ତୁମ୍ଭେ ଜାଣ ଯେ, ମୁଁ
କେବଳ ତୁମ୍ଭର ଜଣେ ଦାସ ମାତ୍ର ଅଟେ। 19ହେ ସଦାପ୍ରଭୁ,
ତୁମ୍ଭେ ମୋ' ନିମନ୍ତେ ଏହି ଆଶ୍ଚର୍ଯ୍ୟଜନକ କାର୍ଯ୍ୟଟି କରିଅଛ।
ଆଉ, ତୁମ୍ଭେ ନିଜ ଇଚ୍ଛାରେ ତାହା କରିଅଛ। 20ହେ
ସଦାପ୍ରଭୁ, ତୁମ୍ଭ ତୁଲ୍ୟ ଆଉ କେହି ନାହାନ୍ତି। ତୁମ୍ଭ ବିନା
ଆଉ କୌଣସି ପରମେଶ୍ୱର ନାହାନ୍ତି। ଆଉ କୌଣସି
ଦେବାଦେବୀ ଏପରି ମହତ୍ କର୍ମମାନ କରିବା ଆମ୍ଭେମାନେ
କେବେ ଶୁଣିନାହୁଁ। 21ଇସ୍ରାଯେଲ ପରି ଆଉ କୌଣସି ଦେଶ
ଅଛି କି? ନା! ଇସ୍ରାଯେଲ ହିଁ ପୃଥିବୀରେ ଏକମାତ୍ର ଦେଶ
ଅଟେ। ଯାହା ନିମନ୍ତେ ତୁମ୍ଭେ ଏପ୍ରକାର ଆଶ୍ଚର୍ଯ୍ୟ କର୍ମମାନ
କରିଅଛ। ତୁମ୍ଭେ ଆମ୍ଭମାନଙ୍କୁ ମିଶରରୁ ବାହାର କରି ଆଣିଲ
ଓ ତୁମ୍ଭେ ଆମ୍ଭମାନଙ୍କୁ ମୁକ୍ତ କଲ। ତୁମ୍ଭେ ଆପଣାକୁ ମହାନ୍
କରିଅଛ। ତୁମ୍ଭେ ତୁମ୍ଭର ଲୋକମାନଙ୍କ ଅଗ୍ରତରେ ଗମନ
କଲ ଓ ଆମ୍ଭମାନଙ୍କ ନିମନ୍ତେ ଅନ୍ୟ ଦେଶୀୟମାନଙ୍କୁ ସେମାନଙ୍କ
ଦେଶରୁ ତଡ଼ି ଦେଲ। 22ତୁମ୍ଭେ ଚିରକାଳ ନିମନ୍ତେ ଇସ୍ରାଯେଲକୁ
ଆପଣାର ଲୋକ କରିନେଲ। ହେ ସଦାପ୍ରଭୁ, ତୁମ୍ଭେ ସେମାନଙ୍କର
ପରମେଶ୍ୱର ହେଲ।
23"ହେ ସଦାପ୍ରଭୁ, ତୁମ୍ଭେ ମୋ ନିକଟରେ ଓ ମୋର
ପରିବାର ନିକଟରେ ଏହି ପ୍ରତିଜ୍ଞା କରିଅଛ, ବର୍ତ୍ତମାନ,
ଚିରକାଳ ନିମନ୍ତେ ତୁମ୍ଭର ସେହି ପ୍ରତିଜ୍ଞାକୁ ତୁମ୍ଭେ ରକ୍ଷା
କରିବ। ପ୍ରଭୁ, ତୁମ୍ଭେ ଯାହା କରିବାକୁ କହିଅଛ, ତାହା କର।
24ଲୋକମାନେ ଯେପରି ଚିରକାଳ ତୁମ୍ଭ ନାମକୁ ଭକ୍ତି
କରିବେ, ଏଥିନିମନ୍ତେ ତୁମ୍ଭର ପ୍ରତିଜ୍ଞା ରକ୍ଷା କର। ତେବେ
ଲୋକମାନେ ଏହା କହିବେ, 'ସର୍ବଶକ୍ତିମାନ ସଦାପ୍ରଭୁ ଇସ୍ରାଯେଲର
ପରମେଶ୍ୱର ଅଟନ୍ତି।' ମୁଁ ତୁମ୍ଭର ଦାସ ଅଟେ, ଦୟାକରି
ମୋର ପରିବାରକୁ ସଦାସର୍ବଦା ତୁମ୍ଭର ସେବା କରିବା
ନିମନ୍ତେ ବଳିଷ୍ଠ କର।
25"ହେ ମୋର ସଦାପ୍ରଭୁ, ମୁଁ ତୁମ୍ଭର ଦାସ, ମୋତେ
ତୁମ୍ଭେ ପରିଷ୍କାର ଭାବରେ କହିଲ। ତୁମ୍ଭେ କହିଲେ ଯେ,

ତୁମ୍ଭେ ମୋ ପାଇଁ ଏକ ଗୃହ ନିର୍ମାଣ କରିବ, ଏଥିପାଇଁ ତୁମ୍ଭ
ଆଗରେ ପ୍ରାର୍ଥନା କରିବା ପାଇଁ ମୁଁ ସାହସ ପାଇଛି। **26**ହେ
ସଦାପ୍ରଭୁ, ତୁମ୍ଭେ ପରମେଶ୍ୱର ଅଟ। ଆଉ ହେ ପରମେଶ୍ୱର,
ତୁମ୍ଭେ ମୋ ନିମନ୍ତେ ଏହି ସମସ୍ତ ଉତ୍ତମ କର୍ମ କରିବ
ବୋଲି ପ୍ରତିଜ୍ଞା କରିଅଛ। **27**ହେ ସଦାପ୍ରଭୁ, ତୁମ୍ଭେ ସ୍ୱୟଂ
ମୋର ପରିବାରକୁ ଆଶୀର୍ବାଦ କରିଅଛ, ତେଣୁ ମୋର
ପରିବାର ପ୍ରକୃତରେ ଚିରକାଳ ନିମନ୍ତେ ଆଶୀର୍ବାଦ ପ୍ରାପ୍ତ
ହେବ।”

### ଦାଉଦ ବିଭିନ୍ନ ଦେଶ ଉପରେ ବିଜୟଲାଭ କଲେ

**18** ପରେ ଦାଉଦ ପଲେଷ୍ଟୀୟ ଲୋକଙ୍କୁ ଆକ୍ରମଣ
କଲେ। ସେ ସେମାନଙ୍କୁ ପରାସ୍ତ କଲେ। ସେ
ପଲେଷ୍ଟୀୟମାନଙ୍କଠାରୁ ଗାଥ ସହର ଓ ତାହାର ଚତୁର୍ଦ୍ଦିଗରେ
ଥିବା କ୍ଷୁଦ୍ର ସହରଗୁଡ଼ିକୁ ଛିନ୍ନ କରି ନେଇଗଲେ।
**2**ଏହାପରେ ଦାଉଦ ମୋୟାବ ଦେଶକୁ ପରାସ୍ତ କଲେ।
ମୋୟାବୀୟ ଲୋକମାନେ ଦାଉଦଙ୍କ ଦାସ ହେଲେ। ସେମାନେ
ଦାଉଦଙ୍କୁ ରାଜଦେୟ ଅର୍ପଣ କଲେ।
**3**ଦାଉଦ ଆହୁରି ମଧ୍ୟ ହଦରେଷରଙ୍କ ସୈନ୍ୟବାହିନୀ
ସହିତ ଯୁଦ୍ଧ କଲେ। ହଦରେଷର ସୋବାର ରାଜା ଥିଲେ।
ଦାଉଦ ହମାତ ସହର ପର୍ଯ୍ୟନ୍ତ ପଥରେ ସେହି ସୈନ୍ୟବାହିନୀ
ସହିତ ଯୁଦ୍ଧ କଲେ। ହଦରେଷର ଫରାତ୍ ନଦୀ ପର୍ଯ୍ୟନ୍ତ
ତାହାଙ୍କ ରାଜ୍ୟ ବିସ୍ତାର କରିବାକୁ ଚେଷ୍ଟା କରିବାରୁ ଦାଉଦ
ଏହିପରି କଲେ। **4**ଦାଉଦ ହଦରେଷରଙ୍କଠାରୁ 1,000 ରଥ,
7,000 ରଥଚାଳକ ଓ 20,000 ସୈନ୍ୟ ନେଇଗଲେ। ରଥ
ଟାଣିବା ନିମନ୍ତେ ବ୍ୟବହୃତ ହେଉଥିବା ହଦରେଷରଙ୍କ ଅଧିକାଂଶ
ଅଶ୍ୱକୁ ଦାଉଦ ପଙ୍ଗୁ କରିଦେଲେ। କିନ୍ତୁ, ଦାଉଦ 100
ଗୋଟି ରଥକୁ ଟାଣିବା ନିମନ୍ତେ ଯଥେଷ୍ଟ ଅଶ୍ୱକୁ ସୁରକ୍ଷିତ
ରଖିଲେ।
**5**ଅରାମୀୟ ଲୋକମାନେ ଦମ୍ମେଶକରୁ ହଦରେଷରଙ୍କୁ ସାହାଯ୍ୟ
କରିବାକୁ ଆସିଲେ। ମାତ୍ର ସେହି ଅରାମୀୟର 22,000
ସୈନ୍ୟଙ୍କୁ ଦାଉଦ ମାରିଦେଲେ। **6**ତା'ପରେ ଦାଉଦ ଦମ୍ମେଶକ
ସହରର ଅରାମରେ ପ୍ରହରୀ ସ୍ଥାପନ କଲେ। ଅରାମୀୟ
ଲୋକମାନେ ଦାଉଦଙ୍କର ଦାସ ହେଲେ ଓ ଦର୍ଶନୀ ଆଣିଲେ।
ତେଣୁ ଦାଉଦ ଯେଉଁଆଡେ ଗଲେ ସଦାପ୍ରଭୁ ତାଙ୍କୁ ବିଜୟ
ପ୍ରଦାନ କଲେ।
**7**ଦାଉଦ ହଦରେଷରଙ୍କ ସେନାପତିମାନଙ୍କଠାରୁ ସ୍ୱର୍ଣ୍ଣ
ଢାଲଗୁଡ଼ିକ ନେଇଗଲେ ଓ ସେଗୁଡ଼ିକୁ ଯିରୁଶାଲମକୁ ଆଣିଲେ।
**8**ଦାଉଦ ଆହୁରି ମଧ୍ୟ ହଦରେଷରର ଟିଭତ୍ ଓ କୂନ
ସହରରୁ ବହୁତ ପିତ୍ତଳ ଆଣିଲେ। ଶଲୋମନ ସେହି
ପିତ୍ତଳରୁ ପିତ୍ତଳ ଜଳାଧାର, ପିତ୍ତଳ ସ୍ତମ୍ଭ ଓ ଅନ୍ୟାନ୍ୟ ବସ୍ତୁ
ନିର୍ମାଣ କଲେ।
**9**ତୟି ହମାତ ନଗରୀର ରାଜା ଥିଲେ। ହଦରେଷର
ସୋବାର ରାଜା ଥିଲେ। ତୟି ଶୁଣିବାକୁ ପାଇଲେ ଯେ,
ଦାଉଦ ହଦରେଷରଙ୍କ ସମସ୍ତ ସୈନ୍ୟବାହିନୀକୁ ପରାସ୍ତ କରିଛନ୍ତି।
**10**ତେଣୁ ତୟି ଅଭ୍ୟର୍ଥନା ଜଣାଇବା ନିମନ୍ତେ ଓ ତାଙ୍କ
ସହିତ ସନ୍ଧି କରିବା ନିମନ୍ତେ ନିବେଦନ କରି ଆପଣା ପୁତ୍ର
ହଦୋରାମଙ୍କୁ ଦାଉଦଙ୍କ ପାଖକୁ ପଠାଇଲେ। ସେ ଏପରି
କଲେ, କାରଣ ତୟି ହଦରେଷରଙ୍କ ବିରୁଦ୍ଧରେ ଯୁଦ୍ଧରେ
ଥିଲେ। ତୟି ଦାଉଦଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ପିତ୍ତଳ ନିର୍ମିତ
ଉପହାର ପ୍ରଦାନ କଲେ। **11**ରାଜା ଦାଉଦ ସେହିସବୁ ବସ୍ତୁକୁ
ପବିତ୍ର କଲେ ଓ ସଦାପ୍ରଭୁଙ୍କୁ ଅର୍ପଣ କଲେ। ଦାଉଦ
ଇଦୋମ, ମୋୟାବ ଓ ଅମ୍ମୋନୀୟ, ପଲେଷ୍ଟୀୟ ଓ
ଅମାଲେକୀୟମାନଙ୍କଠାରୁ ଆଣିଥିବା ରୁପା ଓ ସୁନାରେ ଠିକ୍
ସେହି ପ୍ରକାର ସାମଗ୍ରୀ ତିଆରି କଲେ।
**12**ଲବଣ ଉପତ୍ୟକାରେ ସରୁୟାଙ୍କ ପୁତ୍ର ଅବୀଶୟ 18,000
ଇଦୋମୀୟ ଲୋକଙ୍କୁ ହତ୍ୟା କଲେ। **13**ଅବୀଶୟ ଇଦୋମରେ
ମଧ୍ୟ ଦୁର୍ଗମାନ ନିର୍ମାଣ କଲେ ଓ ସମସ୍ତ ଇଦୋମୀୟ ଲୋକ
ଦାଉଦଙ୍କ ଦାସ ହେଲେ। ଦାଉଦ ଯେଉଁ ସବୁ ସ୍ଥାନକୁ
ଗଲେ, ସେହିଠାରେ ସଦାପ୍ରଭୁ ତାଙ୍କୁ ବିଜୟ ପ୍ରଦାନ କଲେ।

### ଦାଉଦଙ୍କର ବିଶିଷ୍ଟ ପଦାଧିକାରୀଗଣ

**14**ଦାଉଦ ସମଗ୍ର ଇଶ୍ରାୟେଲ ଉପରେ ରାଜା ଥିଲେ।
ଏବଂ ସେ ସମସ୍ତଙ୍କ ପାଇଁ ନ୍ୟାୟବାନ ଥିଲେ। **15**ସରୁୟାର
ପୁତ୍ର ଯୋୟାବ ଦାଉଦଙ୍କ ସୈନ୍ୟଦଳର ସେନାପତି ଥିଲେ।
ଦାଉଦ ଯେଉଁସବୁ କର୍ମ କରୁଥିଲେ, ତାହାକୁ ଅହୀଲୂଦଙ୍କ
ପୁତ୍ର ଯିହୋଶାଫଟ୍ ଲେଖି ରଖୁଥିଲେ। **16**ସାଦୋକ୍ ଓ
ଅହୀମେଲକ୍ ଯାଜକ ଥିଲେ। ସାଦୋକ୍ ଅହୀଟୂବର ପୁତ୍ର
ଏବଂ ଅହୀମେଲକ୍ ଅବିୟାଥରଙ୍କ ପୁତ୍ର ଥିଲେ। ଶାବ୍‌ଶା
ଲିପିକାର ଥିଲେ। **17**ବନାୟ, କରେଥୀୟ ଓ ପଲେଥୀୟ
ରକ୍ଷୀମାନଙ୍କର ଦାୟିତ୍ୱରେ ଥିଲେ। ବନାୟ ଯିହୋୟାଦାଙ୍କ ପୁତ୍ର
ଥିଲେ। ଆଉ, ଦାଉଦଙ୍କ ପୁତ୍ରମାନେ ରାଜା ଦାଉଦଙ୍କର ସେବା
ନିମନ୍ତେ ମୁଖ୍ୟ ପଦାଧିକାରୀ ଥିଲେ।

### ଅମ୍ମୋନୀୟମାନେ ଦାଉଦଙ୍କ ଲୋକମାନଙ୍କୁ ଅପମାନିତ କଲେ

**19** ନାହଶ୍ ଅମ୍ମୋନୀୟ ଲୋକଙ୍କର ରାଜା ଥିଲେ।
ନାହଶ୍ ମୃତ୍ୟୁଭୋଗ କଲେ ଓ ତାଙ୍କର ପୁତ୍ର ନୂତନ
ରାଜା ହେଲେ। **2**ଏ ଉତ୍ତାରେ ଦାଉଦ କହିଲେ, “ନାହଶ୍
ମୋ ପ୍ରତି ଦୟାଳୁ ହୋଇଥିଲେ, ତେଣୁ ମୁଁ ନାହଶଙ୍କ ପୁତ୍ର
ହାନୂନ ପ୍ରତି ଦୟାଳୁ ହେବି।” ତେଣୁ ହାନୂନଙ୍କୁ ତାହାଙ୍କ
ପିତାଙ୍କ ମୃତ୍ୟୁ ବିଷୟକ ସାନ୍ତ୍ୱନା ଦେବା ନିମନ୍ତେ ଦାଉଦ
ବାର୍ତ୍ତାବାହକମାନଙ୍କୁ ପଠାଇଲେ। ଦାଉଦଙ୍କ ବାର୍ତ୍ତାବାହକମାନେ
ହାନୂନଙ୍କୁ ସାନ୍ତ୍ୱନା ଦେବା ନିମନ୍ତେ ଅମ୍ମୋନ ଦେଶକୁ ଗଲେ।
**3**କିନ୍ତୁ ଅମ୍ମୋନୀୟ ନେତାମାନେ ହାନୂନଙ୍କୁ କହିଲେ,
“ଆପଣ ବିଶ୍ୱାସ କରୁଛନ୍ତି କି, ପ୍ରକୃତରେ ଦାଉଦ ଆପଣଙ୍କ
ପିତାଙ୍କୁ ସମ୍ମାନ ଦେବା ପାଇଁ, ସାନ୍ତ୍ୱନା ଦେବା ପାଇଁ
ଲୋକମାନଙ୍କୁ ଆପଣଙ୍କ ପାଖକୁ ପଠାଇଛନ୍ତି? ନା, ତାଙ୍କର
ଦାସ ଆପଣଙ୍କ ବିଷୟରେ ଓ ଆପଣଙ୍କ ଦେଶ ବିଷୟରେ
ତଥ୍ୟ ଅନୁସନ୍ଧାନ କରିବା ନିମନ୍ତେ ଆସିଛନ୍ତି।” **4**ତେଣୁ
ହାନୂନ ଦାଉଦଙ୍କ ଦାସମାନଙ୍କୁ ବନ୍ଦୀ କଲେ ଓ ସେମାନଙ୍କ
ଦାଢ଼ି କାଟି ପକାଇଲେ। ଆହୁରି ମଧ୍ୟ, ହାନୂନ ସେମାନଙ୍କ
ନିତମ୍ବ ନିକଟରୁ ବସ୍ତ୍ର କାଟି ପକାଇଲେ। ଏହାପରେ ସେ
ସେମାନଙ୍କୁ ପଠାଇ ଦେଲେ।
**5**ଦାଉଦଙ୍କର ଦାସମାନେ ଗୃହକୁ ଫେରିଯିବା ନିମନ୍ତେ
ଅତ୍ୟନ୍ତ ଲଜ୍ଜାବୋଧ କଲେ। କେତେକ ଲୋକ ଦାଉଦଙ୍କ

ନିକଟକୁ ଗଲେ ଓ ତାଙ୍କ ଲୋକମାନଙ୍କ ପ୍ରତି କ'ଣ ଘଟିଛି,
ତାହା ତାଙ୍କୁ ଜଣାଇଲେ। ତେଣୁ ଦାଉଦ ତାଙ୍କର ଲୋକମାନଙ୍କ
ନିକଟକୁ ଏହି ବାର୍ତ୍ତା ପଠାଇ କହିଲେ, "ତୁମ୍ଭର ଦାଢ଼ି ଆଉ
ଥରେ ବଢ଼ିବା ପର୍ଯ୍ୟନ୍ତ ଯିରୀହୋ ସହରରେ ରୁହ। ଏହାପରେ
ତୁମ୍ଭେ ଗୃହକୁ ଫେରି ଆସିବ।"
6ଅମ୍ମୋନୀୟ ଲୋକମାନେ ଦେଖିଲେ ଯେ, ସେମାନେ
ନିଜକୁ ଦାଉଦଙ୍କର ଅତ୍ୟନ୍ତ ଘୃଣ୍ୟ ଶତ୍ରୁ କରିଅଛନ୍ତି। ଏହାପରେ
ହାନୂନ ଓ ଅମ୍ମୋନୀୟ ଏକ ସହସ୍ର ତାଳନ୍ତ ରୂପା ଦେଇ
ମସୋପଟେମିୟାର ଅରାମସ୍ଥ ମାଖାରୁ ଓ ସୋବାରୁ ରଥ ଓ
ରଥଚାଳକମାନଙ୍କୁ କିଣିଲେ। 7ଅମ୍ମୋନୀୟ ଲୋକେ 32,000
ରଥ କିଣିଲେ ମଧ୍ୟ ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ
ସେମାନେ ମାଖାର ରାଜା ଓ ତାଙ୍କର ଲୋକମାନଙ୍କୁ ଅର୍ଥ
ଦେଲେ। ମାଖାର ରାଜା ଓ ତାଙ୍କର ଲୋକମାନେ ମେଦବା
ସହର ନିକଟରେ ଛାଉଣୀ ସ୍ଥାପନ କଲେ। ଅମ୍ମୋନୀୟ
ଲୋକମାନେ ନିଜେ ମଧ୍ୟ ସହରରୁ ବାହାରି ଆସିଲେ ଓ ଯୁଦ୍ଧ
ନିମନ୍ତେ ପ୍ରସ୍ତୁତ ହୋଇ ରହିଲେ।
8ଅମ୍ମୋନୀୟ ଲୋକମାନେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେଉଛନ୍ତି
ବୋଲି ଦାଉଦ ଶୁଣିବାକୁ ପାଇଲେ। ତେଣୁ ଅମ୍ମୋନୀୟ
ଲୋକମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ସେ ଯୋୟାବ
ଓ ଇସ୍ରାୟେଲର ସମସ୍ତ ସୈନ୍ୟ ବାହିନୀକୁ ପଠାଇଲେ।
9ଅମ୍ମୋନୀୟ ଲୋକମାନେ ବାହାରି ଆସିଲେ ଓ ଯୁଦ୍ଧ
ନିମନ୍ତେ ପ୍ରସ୍ତୁତ ହୋଇଗଲେ। ସେମାନେ ନଗର-ଦ୍ୱାର ନିକଟରେ
ଥିଲେ। ଯେଉଁ ରାଜାମାନେ ସାହାଯ୍ୟ କରିବାକୁ ଆସିଥିଲେ,
ସେମାନେ ବାହାରେ ଥିବା କ୍ଷେତ୍ରଗୁଡ଼ିକ ମଧ୍ୟରେ ରହିଲେ।
10ଯୋୟାବ ଦେଖିଲେ ଯେ, ତାଙ୍କ ବିରୁଦ୍ଧରେ ଯୁଦ୍ଧ
କରିବା ନିମନ୍ତେ ଦୁଇଗୋଟି ସୈନ୍ୟଦଳ ପ୍ରସ୍ତୁତ ହୋଇ
ଅଛନ୍ତି। ଗୋଟିଏ ଦଳ ତାଙ୍କର ସମ୍ମୁଖରେ ଅଛନ୍ତି ଓ ଅନ୍ୟଟି
ପଶ୍ଚାତ୍‌ରେ ଅଛନ୍ତି। ତେଣୁ ଯୋୟାବ ଇସ୍ରାୟେଲର କେତେଜଣ
ସର୍ବୋତ୍କୃଷ୍ଟ ଯୋଦ୍ଧାଙ୍କୁ ବାଛିଲେ। ସେ ସେମାନଙ୍କୁ ଅରାମର
ସୈନ୍ୟଦଳ ବିରୁଦ୍ଧରେ ଯୁଦ୍ଧ କରିବାକୁ ପଠାଇଲେ। 11ଯୋୟାବ
ଅବୀଶୟଙ୍କ ଅଧୀନରେ ଇସ୍ରାୟେଲର ଅବଶିଷ୍ଟ ସୈନ୍ୟଦଳକୁ
ରଖିଲେ। ଅବୀଶୟ ଯୋୟାବଙ୍କ ଭ୍ରାତା ଥିଲେ। ସେହି
ସୈନ୍ୟମାନେ ଅମ୍ମୋନୀୟ ସୈନ୍ୟଦଳ ବିରୁଦ୍ଧରେ ଯୁଦ୍ଧ କରିବାକୁ
ବାହାରି ଗଲେ। 12ଯୋୟାବ ଅବୀଶୟଙ୍କୁ କହିଲେ, "ଯଦି
ଅରାମର ସୈନ୍ୟଦଳ ମୋ'ନିମନ୍ତେ ପ୍ରବଳ ହୁଅନ୍ତି, ତେବେ
ତୁମ୍ଭେ ମୋତେ ନିତାନ୍ତ ସାହାଯ୍ୟ କରିବ। କିନ୍ତୁ ଯଦି
ଅମ୍ମୋନୀୟ ସୈନ୍ୟଦଳ ତୁମ୍ଭ ନିମନ୍ତେ ପ୍ରବଳ ହୁଅନ୍ତି, ତେବେ
ମୁଁ ତୁମ୍ଭକୁ ସାହାଯ୍ୟ କରିବି। 13ଆମ୍ଭମାନଙ୍କ ପରମେଶ୍ୱରଙ୍କ
ନଗର ଓ ଆମ୍ଭମାନଙ୍କର ଲୋକମାନଙ୍କ ନିମନ୍ତେ ଯୁଦ୍ଧ
କରିବାକୁ ଆସିଅଛୁ, ଆମ୍ଭେମାନେ ସାହସୀ ଓ ବଳବାନ
ହେଉ! ସଦାପ୍ରଭୁ ଯାହା ଉତ୍ତମ ମନେକରନ୍ତି, ତାହା କରନ୍ତୁ।"
14ଯୋୟାବଙ୍କ ସୈନ୍ୟବାହିନୀ ଅରାମର ସୈନ୍ୟଦଳକୁ
ଆକ୍ରମଣ କଲେ। ଅରାମର ସୈନ୍ୟଦଳ ଯୋୟାବ ଓ ତାଙ୍କର
ସୈନ୍ୟବାହିନୀଠାରୁ ପଳାୟନ କଲେ। 15ଅମ୍ମୋନୀୟ ସୈନ୍ୟଦଳ
ଦେଖିଲେ ଯେ, ଅରାମର ସୈନ୍ୟଦଳ ପଳାୟନ କରୁଅଛନ୍ତି,
ତେଣୁ ସେମାନେ ମଧ୍ୟ ପଳାୟନ କଲେ। ସେମାନେ ଅବୀଶୟ
ଓ ତାଙ୍କର ସୈନ୍ୟଦଳଠାରୁ ପଳାୟନ କଲେ। ଅମ୍ମୋନୀୟମାନେ
ସେମାନଙ୍କ ନଗରକୁ ଫେରିଗଲେ ଓ ଯୋୟାବ ଯିରୁଶାଲମକୁ
ଫେରି ଆସିଲେ।
16ଅରାମୀୟ ନେତାମାନେ ଦେଖିଲେ ଯେ, ଇସ୍ରାୟେଲ
ସେମାନଙ୍କୁ ପରାଜିତ କରିଅଛି। ତେଣୁ ସେମାନେ ଫରାତ୍
ନଦୀର ପୂର୍ବଆଡ଼େ ବାସ କରୁଥିବା ଅରାମୀୟ ଲୋକମାନଙ୍କଠାରୁ
ସାହାଯ୍ୟ ମାଗିବା ନିମନ୍ତେ ବାର୍ତ୍ତାବାହକମାନଙ୍କୁ ପ୍ରେରଣ କଲେ।
ଶୋଫକ୍ ଅରାମରୁ ଆସିଥିବା ହଦରେଷରଙ୍କ ସୈନ୍ୟଦଳର
ସେନାପତି ଥିଲେ। ଶୋଫକ୍ ଅନ୍ୟ ଅରାମୀୟ ସୈନ୍ୟଦଳକୁ
ମଧ୍ୟ ପରିଚାଳିତ କରୁଥିଲେ।
17ଅରାମୀୟ ଲୋକମାନେ ଯୁଦ୍ଧ ନିମନ୍ତେ ଏକତ୍ର ହେଉଅଛନ୍ତି
ବୋଲି ଦାଉଦ ଶୁଣିଲେ। ତେଣୁ ଦାଉଦ ଇସ୍ରାୟେଲର ସମସ୍ତ
ଲୋକଙ୍କୁ ଏକତ୍ର କଲେ। ଦାଉଦ ସେମାନଙ୍କୁ ଯର୍ଦ୍ଦନ ନଦୀ
ପାର କରାଇନେଲେ। ସେମାନେ ଅରାମୀୟମାନଙ୍କ ସହିତ
ସମ୍ମୁଖାସମ୍ମୁଖି ହେଲେ। ଦାଉଦ ଯୁଦ୍ଧ ନିମନ୍ତେ ନିଜ ସୈନ୍ୟଦଳକୁ
ପ୍ରସ୍ତୁତ କଲେ ଓ ସେମାନେ ଅରାମୀୟମାନଙ୍କୁ ଆକ୍ରମଣ
କଲେ। 18ଦାଉଦ ଓ ତାଙ୍କର ସୈନ୍ୟବାହିନୀ 7,000
ଅରାମୀୟ ରଥଚାଳକ ଓ 40,000 ଅରାମୀୟ ସୈନ୍ୟଙ୍କୁ
ହତ୍ୟା କଲେ। ଦାଉଦ ଓ ତାଙ୍କର ସୈନ୍ୟବାହିନୀ ଅରାମୀୟ
ସୈନ୍ୟଦଳର ସେନାପତି ଶୋଫକ୍‌କୁ ମଧ୍ୟ ହତ୍ୟା କଲେ।
19ହଦରେଷରଙ୍କ ପଦାଧିକାରୀମାନେ ଯେତେବେଳେ
ଦେଖିଲେ ଯେ, ଇସ୍ରାୟେଲ ସେମାନଙ୍କୁ ପରାଜିତ କରିଅଛି,
ସେମାନେ ଦାଉଦଙ୍କ ସହିତ ଶାନ୍ତି ସ୍ଥାପନ କଲେ। ସେମାନେ
ଦାଉଦଙ୍କର ଦାସ ହେଲେ। ତେଣୁ ଅରାମୀୟମାନେ
ଅମ୍ମୋନୀୟମାନଙ୍କୁ ଆଉ ସାହାଯ୍ୟ କରିବାକୁ ରାଜିହେଲେ
ନାହିଁ।

## ଯୋୟାବ ଅମ୍ମୋନୀୟମାନଙ୍କୁ ବିନାଶ କଲେ

20 ବସନ୍ତକାଳରେ, ଯୋୟାବ ଇସ୍ରାୟେଲ ସୈନ୍ୟବାହିନୀକୁ
ଯୁଦ୍ଧ ନିମନ୍ତେ କଢ଼ାଇ ନେଲେ। ବର୍ଷର ସେହି
ସମୟରେ ରାଜାମାନେ ଯୁଦ୍ଧ କରିବା ନିମନ୍ତେ ବାହାରି
ଆସୁଥିଲେ, କିନ୍ତୁ ଦାଉଦ ଯିରୁଶାଲମରେ ରହିଲେ। ଇସ୍ରାୟେଲର
ସୈନ୍ୟବାହିନୀ ଅମ୍ମୋନ ଦେଶକୁ ଗଲେ ଓ ତାକୁ ବିନାଶ
କଲେ। ସେମାନେ ରବ୍ବା ନଗରୀକୁ ଗଲେ ଓ ତା'ର
ଚତୁର୍ଦ୍ଦିଗରେ ଛାଉଣୀ ସ୍ଥାପନ କଲେ। ନଗର ମଧ୍ୟରୁ ବାହାରକୁ
କିଅବା ନଗର ମଧ୍ୟକୁ କାହାରିକୁ ଯିବାକୁ ଅନୁମତି ଦେଲେ
ନାହିଁ। ଯୋୟାବ ଓ ଇସ୍ରାୟେଲ ସୈନ୍ୟଗଣ ରବ୍ବା ନଗରୀକୁ
ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କଲେ।
2ଦାଉଦ ସେମାନଙ୍କ ରାଜାର ମସ୍ତକରୁ ମୁକୁଟ କାଢ଼ି
ନେଲେ। ସେହି ସ୍ୱର୍ଣ୍ଣ ମୁକୁଟର ଓଜନ ଥିଲା ଏକ ତାଳନ୍ତ।
ସେହି ମୁକୁଟରେ ଅତି ମୂଲ୍ୟବାନ ପଥରସବୁ ଲାଗିଥିଲା।
ଦାଉଦଙ୍କ ମସ୍ତକରେ ସେହି ମୁକୁଟ ପିନ୍ଧାଗଲା। ଏହାପରେ
ଦାଉଦ ରବ୍ବା ନଗରୀରୁ ମିଳିଥିବା ଅନେକ ମୂଲ୍ୟବାନ ବସ୍ତୁ
ପ୍ରାପ୍ତ ହେଲେ। 3ଦାଉଦ ରବ୍ବାର ଲୋକମାନଙ୍କୁ ବାହାର କରି
ଆଣିଲେ ଓ ସେମାନଙ୍କୁ କରତ, ଶାବଳ ଓ କୁରାଢ଼ି ଦ୍ୱାରା
କାର୍ଯ୍ୟ କରିବାକୁ ବାଧ୍ୟ କଲେ। ଦାଉଦ ଅମ୍ମୋନୀୟ ଲୋକମାନଙ୍କର
ସମସ୍ତ ନଗରଗୁଡ଼ିକରେ ସେହି ପ୍ରକାର କଲେ। ଏହାପରେ
ଦାଉଦ ଓ ସମସ୍ତ ସୈନ୍ୟବାହିନୀ ଯିରୁଶାଲମକୁ ଫେରିଗଲେ।

### ପଲେଷ୍ଟୀୟ ଦୈତ୍ୟମାନେ ନହତ ହେଲେ

4ଏହାପରେ ଗେଷର ସହରରେ ଇଶ୍ରାୟେଲୀୟମାନେ
ପଲେଷ୍ଟୀୟ ଲୋକଙ୍କ ସହତ ଯୁଦ୍ଧ କଲେ। ସେହ ସମୟରେ
ହଶାତୀୟ ସିବ୍ବଖୟ ସିପ୍ପୟ୍କୁ ବଧ କଲେ। ଏହ ସିପ୍ପୟ
ଦୈତ୍ୟପୁତ୍ରମାନଙ୍କ ମଧରୁ ଜଣେ ଥିଲା। ତେଣୁ ପଲେଷ୍ଟୀୟ
ଲୋକମାନେ ଇଶ୍ରାୟେଲୀୟମାନଙ୍କର କ୍ରୀତଦାସ ତୁଲ୍ୟ
ହୋଇଗଲେ।
5ଆଉ ଏକ ସମୟରେ ଇଶ୍ରାୟେଲର ଲୋକମାନେ ପଲେଷ୍ଟୀୟ
ଲୋକମାନଙ୍କ ସହତ ଆଉଥରେ ଯୁଦ୍ଧ କଲେ। ଯାୟୀରଙ୍କ
ପୁତ୍ର ଇଲହାନନ୍ ଲହମି କୁ ବଧ କଲେ। ଲହମି ଗଲୟାତର
ଭ୍ରାତା ଥିଲେ। ଗଲୟାତ ଗାଥ ସହରବାସୀ ଥିଲେ। ଲହମିଙ୍କ
ବର୍ଚ୍ଛା ବହୁତ ବଡ଼ ଓ ଭାରୀ ଥିଲା। ତାହା ଗୋଟିଏ ଲୁଗାତନ୍ତ
ଉପରେ ଲାଗିଥିବା ବରାଟ ଖମ୍ବ ସଦୃଶ ଥିଲା।
6ଗାଥ ସହରରେ ପୁଣି ଏକ ଯୁଦ୍ଧ ହେଲା। ସେଠାରେ
ଜଣେ ବରାଟକାୟ ଲୋକ ଥିଲା, ଯାହାର ପ୍ରତ୍ୟେକ ହାତରେ
ଛଅଟି ଆଙ୍ଗୁଳ ଓ ପ୍ରତ୍ୟେକ ପାଦରେ ମଧ ଛଅଟି ଆଙ୍ଗୁଳ
ଥିଲା। ସେ ମଧ ଜଣେ ଦୈତ୍ୟପୁତ୍ର ଥିଲା। 7ସେହ ଲୋକ
ଇଶ୍ରାୟେଲକୁ ବଦ୍ରୁପ କରବାରୁ ଯୋନାଥନ ତାହାକୁ ବଧ
କଲେ। ଯୋନାଥନ ଶିମିୟିଙ୍କ ପୁତ୍ର ଥିଲେ। ଶିମିୟି ଦାଉଦଙ୍କ
ଭ୍ରାତା ଥିଲେ। 8ସେହ ପଲେଷ୍ଟୀୟ ଲୋକମାନେ ଗାଥ
ସହରବାସୀ ଦୈତ୍ୟମାନଙ୍କର ପୁତ୍ର ଥିଲେ। ଦାଉଦ ଓ ତାଙ୍କର
ଦାସମାନେ ସେହ ଦୈତ୍ୟମାନଙ୍କୁ ବଧ କଲେ।

### ଦାଉଦ ଇଶ୍ରାୟେଲର ଗଣନା କର ପାପ କଲେ

21 ଶୟତାନ ଇଶ୍ରାୟେଲ ବରୁଦ୍ଧରେ ଛିଡ଼ା ହେଲା।
ଶୟତାନ ଇଶ୍ରାୟେଲ ଲୋକମାନଙ୍କୁ ଗଣନା କରବା
ନମନ୍ତେ ସେ ଦାଉଦଙ୍କୁ ପ୍ରବର୍ତ୍ତାଇଲା। 2ତେଣୁ ଦାଉଦ
ଯୋୟାବ ଓ ଲୋକମାନଙ୍କର ନେତାମାନଙ୍କୁ କହଲେ, "ଯାଅ,
ଓ ଇଶ୍ରାୟେଲର ସମସ୍ତ ଲୋକଙ୍କୁ ଗଣନା କର। ବେରଶେବା
ସହରଠାରୁ ଦାନ ସହର ପର୍ଯ୍ୟନ୍ତ ଦେଶରେ ଥିବା ପ୍ରତ୍ୟେକ
ଜଣକୁ ଗଣନା କର। ଏହାପରେ ଆସି ମୋତେ ସତ୍ୟ କୁହ,
ତେବେ ଦେଶର ଲୋକସଂଖ୍ୟା କେତେ, ତାହା ମୁଁ ଜାଣିପାରବ।"
3କନ୍ତୁ ଯୋୟାବ ଉତ୍ତର ଦେଲେ, "ସଦାପ୍ରଭୁ ତାଙ୍କର
ଦେଶକୁ 100 ଗୁଣ ବର୍ଦ୍ଧିତ କରନ୍ତୁ। ମହୋଦୟ, ସମଗ୍ର
ଇଶ୍ରାୟେଲର ଲୋକ ଆପଣଙ୍କ ଦାସ ଅଟନ୍ତ।" ହେ ମୋର
ମହାଶୟ ଓ ରାଜା, ଆପଣ କାହିଁକ ଏହା କରବାକୁ ଇଚ୍ଛା
କରୁଅଛନ୍ତ? ଏହା ଦ୍ୱାରା ଆପଣ ଇଶ୍ରାୟେଲର ଲୋକମାନଙ୍କୁ
ପାପ ଦୋଷରେ ଦୋଷୀ କରାଇବେ।"
4କନ୍ତୁ ଦାଉଦ ନଜ ଜିଦ୍‌ରେ ଅଟଳ ରହଲେ। ରାଜା
ଯାହା ଆଦେଶ ଦେଲେ, ଯୋୟାବଙ୍କୁ ତାହା କରବାକୁ
ପଡ଼ଲା। ତେଣୁ ଯୋୟାବ ଗଲେ ଓ ଇଶ୍ରାୟେଲର ସାରା
ଦେଶ ମଧରେ ଲୋକମାନଙ୍କୁ ଗଣିଲେ। ଏହାପରେ ଯୋୟାବ
ଯିରୁଶାଲମକୁ ଫେର ଆସିଲେ, 5ଓ ଦାଉଦଙ୍କୁ ଲୋକମାନଙ୍କର
ସଂଖ୍ୟା ଜଣାଇଲେ। ଇଶ୍ରାୟେଲ ମଧରେ ଖଡ୍ଗ ବ୍ୟବହାର
କରୁଥିବା 1,100,000 ଜଣ ଲୋକ ଥିଲେ। ଯିହୁଦାରେ
ଖଡ୍ଗ ବ୍ୟବହାର କରୁଥିବା 470,000 ଜଣ ଲୋକ ଥିଲେ।
6ଯୋୟାବ ଲେବୀ ଓ ବିନ୍ୟାମୀନ ଗୋଷ୍ଠୀର ଲୋକଙ୍କୁ ଗଣନା
କର ନ ଥିଲେ। କାରଣ ରାଜାଙ୍କର ଆଦେଶ ତାଙ୍କୁ
ଅପ୍ରୀତିକର ଲାଗୁଥିଲା। 7ଦାଉଦ ପରମେଶ୍ୱରଙ୍କ ଦୃଷ୍ଟିରେ ଏକ
ମନ୍ଦକର୍ମ କଲେ। ତେଣୁ ପରମେଶ୍ୱର ଇଶ୍ରାୟେଲକୁ ଦଣ୍ଡ
ଦେଲେ।

### ପରମେଶ୍ୱର ଇଶ୍ରାୟେଲକୁ ଦଣ୍ଡ ଦେଲେ

8ଏହାପରେ ଦାଉଦ ପରମେଶ୍ୱରଙ୍କୁ କହଲେ, "ମୁଁ ଅତି
ମୂର୍ଖତାର କାର୍ଯ୍ୟ କରଅଛି। ଇଶ୍ରାୟେଲର ଲୋକମାନଙ୍କୁ
ଗଣନା କର ମୁଁ ଏକ ଜଘନ୍ୟ ପାପ କରଅଛି। ମୁଁ
ପ୍ରାର୍ଥନା କରୁଅଛି, ମୁଁ ତୁମ୍ଭ ଦାସ ମୋର ସେହ ପାପକୁ
କ୍ଷମା କର।"
9-10ଗାଦ ଦାଉଦଙ୍କ ଭବଷ୍ୟଦ୍‌ବକ୍ତା ଥିଲେ। ସଦାପ୍ରଭୁ
ଗାଦଙ୍କୁ କହଲେ, "ଯାଅ ଓ ଦାଉଦଙ୍କୁ କୁହ: 'ଏହା ସଦାପ୍ରଭୁ
କହନ୍ତ ଆମ୍ଭେ ତୁମ୍ଭକୁ ତିନଗୋଟି ବଷୟ ଦେଉଅଛୁ। ତୁମ୍ଭକୁ
ତନ୍ମଧରୁ ଗୋଟିଏ ମନୋନୀତ କରବାକୁ ପଡ଼ିବ। ତୁମ୍ଭେ
ଯେଉଁଟିକୁ ମନୋନୀତ କରବ, ସେହ ଅନୁଯାୟୀ ଦଣ୍ଡିତ
ହେବ।'"
11-12ଏହାପରେ ଗାଦ ଦାଉଦଙ୍କ ନକଟକୁ ଗଲେ କହଲେ,
"ସଦାପ୍ରଭୁ ଏହପର କହନ୍ତ, 'ଦାଉଦ, ତୁମ୍ଭେ କେଉଁ ଦଣ୍ଡରେ
ଦଣ୍ଡିତ ହେବାକୁ ଇଚ୍ଛା କର, ତାହା ମନୋନୀତ କର:
ତିନବର୍ଷ ଦୁର୍ଭିକ୍ଷ ହେବ କଅବା ତୁମ୍ଭର ଶତ୍ରୁଗଣ ତିନମାସ
ପର୍ଯ୍ୟନ୍ତ ତୁମ୍ଭ ପଛେ ପଛେ ଖଡ୍ଗ ଧର ଗୋଡ଼ାଇବେ ଅଥବା,
ସଦାପ୍ରଭୁଙ୍କଠାରୁ ତିନ ଦନ ଦଣ୍ଡ ଭୋଗିବ। ଦେଶସାରା
ଭୟଙ୍କର ବ୍ୟାଧି ବ୍ୟାପି ଯିବ ଓ ସଦାପ୍ରଭୁଙ୍କର ଦୂତ
ଇଶ୍ରାୟେଲ ମଧ ଦେଇ ଯିବେ ଓ ଲୋକମାନଙ୍କୁ ବନାଶ
କରବେ।' ବର୍ତ୍ତମାନ ଯିଏ ମୋତେ ପଠାଇଥିଲେ ତାଙ୍କ ପାଇଁ
କେଉଁ ଉତ୍ତରଟି ନେଇଯିବ?"
13ଦାଉଦ ଗାଦଙ୍କୁ କହଲେ, "ମୁଁ ବଡ଼ ସମସ୍ୟାରେ
ପଡ଼ିଅଛି। କୌଣସି ମନୁଷ୍ୟ ଦ୍ୱାରା ମୋର ଦଣ୍ଡ ସ୍ଥିରୀକୃତ
ହେଉ ବୋଲି ମୁଁ ଚାହେଁ ନାହିଁ। ସଦାପ୍ରଭୁ ଅତ୍ୟନ୍ତ ଦୟାଳୁ
ଅଟନ୍ତ। ତେଣୁ ମୋତେ କପ୍ରକାରେ ଦଣ୍ଡିତ କରାଯିବ, ତାହା
ସଦାପ୍ରଭୁ ହିଁ ସ୍ଥିର କରନ୍ତୁ।"
14ତେଣୁ ସଦାପ୍ରଭୁ ଇଶ୍ରାୟେଲ ମଧକୁ ଭୟଙ୍କର ବ୍ୟାଧି
ପ୍ରେରଣ କଲେ ଏବଂ 70,000 ଲୋକ ମୃତ୍ୟୁବରଣ କଲେ।
15ଯିରୁଶାଲମକୁ ବନଷ୍ଟ କରବା ନମନ୍ତେ ପରମେଶ୍ୱର ଜଣେ
ସ୍ୱର୍ଗଦୂତଙ୍କୁ ପ୍ରେରଣ କଲେ। କନ୍ତୁ ସ୍ୱର୍ଗଦୂତ ଯେତେବେଳେ
ଯିରୁଶାଲମକୁ ବନାଶ କରବାକୁ ଆରମ୍ଭ କଲେ, ସଦାପ୍ରଭୁ
ତାହା ଦେଖି ଦୁଃଖିତ ହେଲେ। ତେଣୁ ସଦାପ୍ରଭୁ ଯିରୁଶାଲମକୁ
ବନଷ୍ଟ ନ କରବା ନମନ୍ତେ ସ୍ଥିର କଲେ। ବନାଶ କାର୍ଯ୍ୟ
ସାଧନ କରୁଥିବା ସ୍ୱର୍ଗଦୂତଙ୍କୁ ସଦାପ୍ରଭୁ କହଲେ, "ବନ୍ଦ କର!
ଯଥେଷ୍ଟ ହେଲା!" ସେହ ସମୟରେ ସଦାପ୍ରଭୁଙ୍କ ଦୂତ
ଯିବୂଷୀୟ ଅରଣନରରେ ଛିଡ଼ା ହୋଇଥିଲେ।
16ଦାଉଦ ଉର୍ଦ୍ଧ୍ୱେ ଆଡ଼େ ଚାହିଁ ସଦାପ୍ରଭୁଙ୍କର ଦୂତଙ୍କୁ
ଆକାଶରେ ଦେଖିଲେ। ସ୍ୱର୍ଗଦୂତ ଯିରୁଶାଲମ ନଗରୀ ଉପରେ
ତାଙ୍କର ଖଡ୍ଗ ବସ୍ତାର କର ରଖିଥିଲେ। ଏହାପରେ ଦାଉଦ ଓ
ପ୍ରାଚୀନବର୍ଗମାନେ ମୁହଁ ମାଡ଼ି ଭୂମିରେ ପଡ଼ିଲେ। ଦାଉଦ ଓ
ପ୍ରାଚୀନବର୍ଗମାନେ ନଜର ଦୁଃଖପ୍ରକାଶ କରବା ନମନ୍ତେ ବଶେଷ

ବସ୍ତ୍ରମାନ ପିନ୍ଧିଥିଲେ। **17**ଦାଉଦ ପରମେଶ୍ୱରଙ୍କୁ କହିଲେ, "ମୁଁ ହିଁ ପାପ କରିଥିବା ବ୍ୟକ୍ତି! ଲୋକମାନଙ୍କୁ ଗଣିବା ନିମନ୍ତେ ମୁଁ ଆଦେଶ ଦେଇଥିଲି। ମୁଁ ମନ୍ଦକାର୍ଯ୍ୟ କଲି। ଇଶ୍ରାୟେଲର ଲୋକମାନେ କୌଣସି ମନ୍ଦ କରି ନାହାଁନ୍ତି। ହେ ସଦାପ୍ରଭୁ, ମୋର ପରମେଶ୍ୱର, ମୋତେ ଓ ମୋର ପରିବାରକୁ ଦଣ୍ଡିତ କର। କିନ୍ତୁ ତୁମ୍ଭର ଲୋକମାନଙ୍କୁ ବଧ କରୁଥିବା ଏହି ଭୟଙ୍କର ବ୍ୟାଧିକୁ ଦୂର କର।"

**18**ଏହାପରେ ସଦାପ୍ରଭୁଙ୍କର ଦୂତ ଗାଦଙ୍କୁ କଥା କହିଲେ। ସେ କହିଲେ, "ସଦାପ୍ରଭୁଙ୍କ ଉପାସନା କରିବା ନିମନ୍ତେ ଦାଉଦଙ୍କୁ ଏକ ଯଜ୍ଞବେଦୀ ନିର୍ମାଣ କରିବାକୁ କୁହ। ଦାଉଦଙ୍କୁ ଯିବୂଷୀୟ ଅରଣାନର ଶସ୍ୟଦଳିବା ସ୍ଥାନ ନିକଟରେ ଏକ ଯଜ୍ଞବେଦୀ ନିର୍ମାଣ କରିବାକୁ ପଡ଼ିବ।" **19**ଗାଦ ଏହିସବୁ ବିଷୟ ଦାଉଦଙ୍କୁ କହିଲେ ଓ ଦାଉଦ ଅରଣାନର ଶସ୍ୟଦଳିବା ସ୍ଥାନକୁ ଗଲେ।

**20**ଅରଣାନ୍ ଗହମ ଦଳୁଥିଲେ। ଅରଣାନ୍ ବୁଲି ପଡ଼ିଲେ ଓ ସ୍ୱର୍ଗଦୂତଙ୍କୁ ଦେଖିଲେ। ଅରଣାନଙ୍କ ଚାରି ପୁତ୍ର ଲୁଚିବା ନିମନ୍ତେ ଦୌଡ଼ିଗଲେ। **21**ଦାଉଦ ଅରଣାନ୍‌ଙ୍କ ନିକଟକୁ ଗଲେ। ଅରଣାନ୍ ତାଙ୍କୁ ଦେଖି ଶସ୍ୟଦଳିବା ସ୍ଥାନରୁ ଉଠି ଆସି ଦାଉଦଙ୍କ ନିକଟକୁ ଗଲେ ଓ ଭୂମି ଆଡ଼କୁ ମୁହଁ କରି ମଥାନତ କଲେ।

**22**ଦାଉଦ ଅରଣାନ୍‌ଙ୍କୁ କହିଲେ, "ତୁମ୍ଭର ଶସ୍ୟଦଳିବା ସ୍ଥାନକୁ ମୋତେ ବିକ୍ରି କର। ମୁଁ ତୁମ୍ଭକୁ ତାହାର ସମ୍ପୂର୍ଣ୍ଣ ମୂଲ୍ୟ ଦେବି। ତେବେ ମୁଁ ସଦାପ୍ରଭୁଙ୍କ ନିମନ୍ତେ ଏକ ଯଜ୍ଞବେଦୀ ନିର୍ମାଣ କରିବି। ଆଉ, ତା'ପରେ ଏହି ମହାମାରୀ ଦୂର ହେବ।"

**23**ଅରଣାନ୍ ଦାଉଦଙ୍କୁ କହିଲେ, "ଏହି ଶସ୍ୟଦଳିବା ସ୍ଥାନ ଆପଣ ନିଅନ୍ତୁ। ଆପଣ ମୋର ସ୍ୱାମୀ ଓ ରାଜା ଅଟନ୍ତି। ଆପଣ ଯାହା ଚାହାଁନ୍ତି, ତାହା କରନ୍ତୁ। ଦେଖନ୍ତୁ, ହୋମବଳି ନୈବେଦ୍ୟ ନିମନ୍ତେ ମୁଁ ବଳଦ ଦେବି। ନିଆଁ ଜାଳିବା ପାଇଁ ମୁଁ କାଠ ଦେବି। ଶସ୍ୟ ନୈବେଦ୍ୟ ଉତ୍ସର୍ଗାର୍ଥେ ମୁଁ ଆପଣଙ୍କୁ ଗହମ ଦେବି।"

**24**କିନ୍ତୁ ରାଜା ଦାଉଦ ଅରଣାନ୍‌ଙ୍କୁ ଉତ୍ତର ଦେଲେ, "ନା, ମୁଁ ତୁମ୍ଭକୁ ସମ୍ପୂର୍ଣ୍ଣ ମୂଲ୍ୟ ଦେବି। ମୁଁ ତୁମ୍ଭଠାରୁ କିଛି ନେଇ ସଦାପ୍ରଭୁଙ୍କୁ ଦେବି ନାହିଁ। ମୁଁ ବିନା ମୂଲ୍ୟରେ ନୈବେଦ୍ୟ ଉତ୍ସର୍ଗ କରିବି ନାହିଁ।"

**25**ତେଣୁ ଦାଉଦ ଅରଣାନ୍‌ଙ୍କୁ ସେହି ସ୍ଥାନ ନିମନ୍ତେ ଦାଉଦଙ୍କୁ ପ୍ରାୟ 600 ଶେକଲ ସୁନା ଦେଲେ। **26**ସଦାପ୍ରଭୁଙ୍କର ଉପାସନା କରିବା ନିମନ୍ତେ ଦାଉଦ ଏକ ଯଜ୍ଞବେଦୀ ନିର୍ମାଣ କଲେ। ଦାଉଦ ହୋମବଳି ଏବଂ ମଙ୍ଗଳାର୍ଥକ ବଳି ଉତ୍ସର୍ଗ କଲେ। ଦାଉଦ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲେ। ସଦାପ୍ରଭୁ ସ୍ୱର୍ଗରୁ ଅଗ୍ନି ପଠାଇ ଦାଉଦଙ୍କ ପ୍ରାର୍ଥନାର ଉତ୍ତର ଦେଲେ। ହୋମବଳି, ନୈବେଦ୍ୟ ଉପରେ ସେହି ଅଗ୍ନି ଅବତରଣ କଲା। **27**ଏହାପରେ ସଦାପ୍ରଭୁ ସ୍ୱର୍ଗଦୂତଙ୍କୁ ତାଙ୍କର ଖଡ୍ଗ ଖାପରେ ରଖିବାକୁ ଆଦେଶ ଦେଲେ।

**28**ଦାଉଦ ଦେଖିଲେ ଯେ, ସଦାପ୍ରଭୁ ତାହାଙ୍କୁ ଅରଣାନ୍‌ଙ୍କ ଶସ୍ୟଦଳିବା ସ୍ଥାନରେ ଉତ୍ତର ଦେଲେ, ତେଣୁ ଦାଉଦ ସଦାପ୍ରଭୁଙ୍କ ନିକଟରେ ବଳିଦାନ ଉତ୍ସର୍ଗ କଲେ। **29**ଗିବୀୟୋନ ସହରର ଉଚ୍ଚସ୍ଥାନରେ ପବିତ୍ର ତମ୍ବୁ ଓ ହୋମବଳି, ନୈବେଦ୍ୟର ବେଦୀ ଥିଲା। ଇଶ୍ରାୟେଲର ଲୋକମାନେ ମରୁଭୂମିରେ ଥିବା ସମୟରେ ମୋଶା ପବିତ୍ର ତମ୍ବୁ ନିର୍ମାଣ କରିଥିଲେ। **30**ଦାଉଦ ପରମେଶ୍ୱରଙ୍କ ସହିତ କଥାବାର୍ତ୍ତା ନିମନ୍ତେ ପବିତ୍ର ତମ୍ବୁ ମଧ୍ୟକୁ ଯାଇପାରୁ ନ ଥିଲେ, କାରଣ ସେ ଭୟ କରୁଥିଲେ। ପରମେଶ୍ୱରଙ୍କ ଦୂତ ଓ ତାଙ୍କର ଖଡ୍ଗକୁ ଦାଉଦ ଅତ୍ୟନ୍ତ ଭୟ କରୁଥିଲେ।

**22** ଦାଉଦ କହିଲେ, "ସଦାପ୍ରଭୁ ପରମେଶ୍ୱରଙ୍କ ମନ୍ଦିର ଓ ଇଶ୍ରାୟେଲର ଲୋକମାନଙ୍କ ନିମନ୍ତେ ହୋମବଳି ଉତ୍ସର୍ଗ କରିବାର ବେଦୀ ଏହି ସ୍ଥାନରେ ହିଁ ନିର୍ମିତ ହେବ।"

### ଦାଉଦ ମନ୍ଦିର ନିମନ୍ତେ ଯୋଜନା ପ୍ରସ୍ତୁତ କଲେ

**2**ଇଶ୍ରାୟେଲ ମଧ୍ୟରେ ବାସ କରୁଥିବା ସମସ୍ତ ବିଦେଶୀୟମାନଙ୍କୁ ଏକତ୍ର ଠୁଳ ହେବା ନିମନ୍ତେ ଦାଉଦ ଆଦେଶ ଦେଲେ। ସେହି ବିଦେଶୀମାନଙ୍କ ମଧ୍ୟରୁ ଦାଉଦ ପଥରକଟାଳୀମାନଙ୍କୁ ମନୋନୀତ କଲେ। ପରମେଶ୍ୱରଙ୍କ ମନ୍ଦିର ନିର୍ମାଣରେ ବ୍ୟବହୃତ ହେବା ନିମନ୍ତେ ଉଦ୍ଦିଷ୍ଟ ପଥରକୁ କାଟି ପ୍ରସ୍ତୁତ କରି ରଖିବା ସେମାନଙ୍କର କାର୍ଯ୍ୟ ଥିଲା। **3**ପ୍ରବେଶ ଦ୍ୱାରର କବାଟ ନିମନ୍ତେ କଣ୍ଟା ଓ କବଜା ନିର୍ମାଣ କରିବା ନିମନ୍ତେ ଦାଉଦ ଲୁହା ସଂଗ୍ରହ କଲେ ଏବଂ ସେ ଏତେ ପରିମାଣର ପିତ୍ତଳ ପ୍ରସ୍ତୁତ କଲେ ଯେ, ତାହାକୁ ମପାଯାଇ ପାରିଲା ନାହିଁ। **4**ଦାଉଦ ଏତେ ସଂଖ୍ୟକ ଦେବଦାରୁ କାଠଗଣ୍ଡିମାନ ସଂଗ୍ରହ କଲେ ଯେ, ତାହା ଗଣାଯାଇ ନ ପାରେ। ସୀଦୋନ ଓ ସୋର ନଗରର ଲୋକମାନେ ଦାଉଦଙ୍କ ନିମନ୍ତେ ଅସଂଖ୍ୟ ଦେବଦାରୁ କାଠ ଆଣିଲେ।

**5**ଦାଉଦ କହିଲେ, "ଆମ୍ଭେମାନେ ସଦାପ୍ରଭୁଙ୍କ ନିମନ୍ତେ ଏକ ବିଶାଳ ମନ୍ଦିର ନିର୍ମାଣ କରିବା। କିନ୍ତୁ ମୋ ପୁଅ ଶଲୋମନ ଅଳ୍ପ ବୟସ୍କ ଅଟେ ଓ ଯେଉଁ ସବୁ ବିଷୟ ସେ ଜାଣିବା ଆବଶ୍ୟକ, ସେ ଏପର୍ଯ୍ୟନ୍ତ ତାହା ଶିକ୍ଷା କରି ନାହିଁ। ସଦାପ୍ରଭୁଙ୍କ ମନ୍ଦିର ଅତି ବିରାଟ ହେବା ଆବଶ୍ୟକ। ତାହାର ବିଶାଳତା ଓ ସୌନ୍ଦର୍ଯ୍ୟ ସକାଶେ ତାହା ସମସ୍ତ ଦେଶରେ ବିଖ୍ୟାତ ହେବା ଆବଶ୍ୟକ ସେଥିନିମନ୍ତେ ସଦାପ୍ରଭୁ ମନ୍ଦିର ନିର୍ମାଣ ପାଇଁ ମୁଁ ଯୋଜନା ପ୍ରସ୍ତୁତ କରିବି।" ତେଣୁ ଦାଉଦ ତାଙ୍କର ମୃତ୍ୟୁ ପୂର୍ବରୁ ମନ୍ଦିର ନିର୍ମାଣ କରିବା ନିମନ୍ତେ ଅନେକ ଯୋଜନା ପ୍ରସ୍ତୁତ କଲେ।

**6**ଏହାପରେ ଦାଉଦ ତାଙ୍କର ପୁତ୍ର ଶଲୋମନଙ୍କୁ ଡକାଇ ପଠାଇଲେ। **7**ଦାଉଦ ଶଲୋମନଙ୍କୁ କହିଲେ, "ମୋର ପୁତ୍ର, ମୁଁ ମୋର ପରମେଶ୍ୱର ସଦାପ୍ରଭୁଙ୍କ ନାମ ନିମନ୍ତେ ଏକ ମନ୍ଦିର ନିର୍ମାଣ କରିବାକୁ ଇଚ୍ଛା କରିଥିଲି। **8**କିନ୍ତୁ ସଦାପ୍ରଭୁ ମୋତେ କହିଲେ, 'ଦାଉଦ, ତୁମ୍ଭେ ଅନେକ ଯୁଦ୍ଧ କରିଅଛ ଓ ଅନେକ ଲୋକଙ୍କୁ ହତ୍ୟା କରିଅଛ। ତେଣୁ ତୁମ୍ଭେ ଆମ୍ଭ ନାମରେ ମନ୍ଦିର ନିର୍ମାଣ କରିପାରିବ ନାହିଁ। **9**କିନ୍ତୁ ତୁମ୍ଭର ଏକ ପୁତ୍ର ଅଛି, ଯେ କି ଶାନ୍ତିପ୍ରିୟ ଅଟେ। ଆମ୍ଭେ ତୁମ୍ଭର ପୁତ୍ରକୁ ଶାନ୍ତିରେ ଏକ ସମୟ ପ୍ରଦାନ କରିବା। ତା'ପରେ ଚତୁର୍ଦ୍ଦିଗରେ ଥିବା ଶତ୍ରୁମାନେ ତାହାକୁ ବ୍ୟତିବ୍ୟସ୍ତ କରିବେ ନାହିଁ। ତାହାର ନାମ ଶଲୋମନ, ଶଲୋମନ ରାଜା ହେବା ସମୟରେ ଆମ୍ଭେ ଇଶ୍ରାୟେଲକୁ ଶାନ୍ତି ଓ ସ୍ଥିରତା ପ୍ରଦାନ

କରିବା। **10**ଶଲୋମନ ଆମ୍ଭ ନାମରେ ଏକ ମନ୍ଦିର ନିର୍ମାଣ
କରିବ। ଶଲୋମନ ମୋର ପୁତ୍ର ହେବ ଏବଂ ଆମ୍ଭେ ତାହାର
ପିତା ହେବା। ଏବଂ ଆମ୍ଭେ ଶଲୋମନର ରାଜ୍ୟକୁ ଦୃଢ଼
କରିବା। ତାହାର ବଂଶରୁ କୌଣସି ଜଣେ ଇଶ୍ରାୟେଲ
ଉପରେ ସଦାସର୍ବଦା ରାଜତ୍ୱ କରିବ।'"

**11**ଦାଉଦ ଆହୁରି ମଧ୍ୟ କହିଲେ, "ବର୍ତ୍ତମାନ ପୁତ୍ର,
ସଦାପ୍ରଭୁ ତୁମ୍ଭ ସହିତରେ ରୁହନ୍ତୁ। ତୁମ୍ଭେ ସଫଳ ହୁଅ ଓ
ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭକୁ ଯେପରି କହିଅଛନ୍ତି,
ସେପରି ତୁମ୍ଭେ ତାହାଙ୍କ ନିମନ୍ତେ ଏକ ମନ୍ଦିର ନିର୍ମାଣ
କରିବ। **12**ସଦାପ୍ରଭୁ ତୁମ୍ଭକୁ ଇଶ୍ରାୟେଲର ରାଜା କରିବେ।
ତୁମ୍ଭେ ଯେପରି ଲୋକମାନଙ୍କୁ ପରିଚାଳିତ କରିପାରିବ ଓ
ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ନିୟମର ବାଧ୍ୟ ହୋଇପାରିବ,
ଏଥିନିମନ୍ତେ ସଦାପ୍ରଭୁ ତୁମ୍ଭକୁ ଜ୍ଞାନ ଓ ବୁଦ୍ଧି ପ୍ରଦାନ କରନ୍ତୁ।
**13**ସଦାପ୍ରଭୁ ଇଶ୍ରାୟେଲ ନିମନ୍ତେ ମୋଶାଙ୍କୁ ଯେଉଁସବୁ ବ୍ୟବସ୍ଥା
ପ୍ରଦାନ କରିଛନ୍ତି, ଯଦି ତୁମ୍ଭେ ତାହାର ବାଧ୍ୟ ହେବା ନିମନ୍ତେ
ଯତ୍ନ କରିବ, ତେବେ ତୁମ୍ଭେ ସଫଳତା ଲାଭ କରିବ।
ବଳବାନ ଓ ସାହସୀ ହୁଅ, ଭୟ କର ନାହିଁ।

**14**"ଶଲୋମନ, ସଦାପ୍ରଭୁଙ୍କ ମନ୍ଦିର ନିର୍ମାଣ କରିବା
ନିମନ୍ତେ ମୁଁ କଠିନ ପରିଶ୍ରମ କରି ଯୋଜନାମାନ ତିଆରି
କରିଛି। ମୁଁ ଏକ ଲକ୍ଷ ତାଳନ୍ତ ସ୍ୱର୍ଣ୍ଣ ଦେଇଅଛି, ଏବଂ ମୁଁ
ଦଶ ଲକ୍ଷ ତାଳନ୍ତ ରୂପା ଦେଇଅଛି। ମୁଁ ଏତେ ପରିମାଣରେ
ପିତ୍ତଳ ଓ ଲୁହା ଦେଇଅଛି ଯେ, ତାହା ତୌଲ କରାଯାଇ ନ
ପାରେ। ମୁଁ କାଠ ଓ ପ୍ରସ୍ତର ମଧ୍ୟ ଦେଇଅଛି। ଶଲୋମନ,
ତୁମ୍ଭେ ସେଥିରେ ଆହୁରି ଯୋଗ କରିପାର। **15**ତୁମ୍ଭର
ଅନେକ ପଥରକଟାଳୀ ଓ ବଢ଼େଇ ଅଛନ୍ତି। ପ୍ରତ୍ୟେକ ପ୍ରକାର
କାର୍ଯ୍ୟରେ ଦକ୍ଷ କାରିଗର ତୁମ୍ଭର ଅଛନ୍ତି। **16**ସେମାନେ ସ୍ୱର୍ଣ୍ଣ,
ରୌପ୍ୟ, ପିତ୍ତଳ ଓ ଲୁହା କାର୍ଯ୍ୟରେ ଦକ୍ଷ ଅଟନ୍ତି। ତୁମ୍ଭର
ଅଗଣ୍ୟ ଦକ୍ଷ କାରିଗରମାନେ ଅଛନ୍ତି। ବର୍ତ୍ତମାନ ହିଁ କାର୍ଯ୍ୟ
ଆରମ୍ଭ କର। ସଦାପ୍ରଭୁ ତୁମ୍ଭର ସହବର୍ତ୍ତୀ ହୁଅନ୍ତୁ।"

**17**ଏହାପରେ ଦାଉଦ, ତାଙ୍କର ପୁତ୍ର ଶଲୋମନଙ୍କୁ ସାହାଯ୍ୟ
କରିବା ପାଇଁ ଇଶ୍ରାୟେଲର ସମସ୍ତ ନେତାଙ୍କୁ ଆଦେଶ
ଦେଲେ। **18**ଦାଉଦ ଏହି ଲୋକମାନଙ୍କୁ କହିଲେ, "ସଦାପ୍ରଭୁ
ତୁମ୍ଭମାନଙ୍କ ପରମେଶ୍ୱର ତୁମ୍ଭମାନଙ୍କର ସହିତରେ ଅଛନ୍ତି।
ସେ ତୁମ୍ଭକୁ ଶାନ୍ତିର ଏକ ସମୟ ପ୍ରଦାନ କରିଅଛନ୍ତି।
ଆମ୍ଭମାନଙ୍କର ଚତୁର୍ଦ୍ଦିଗରେ ବାସ କରୁଥିବା ଲୋକମାନଙ୍କୁ
ପରାସ୍ତ କରିବା ନିମନ୍ତେ ସଦାପ୍ରଭୁ ମୋତେ ସାହାଯ୍ୟ କରିଅଛନ୍ତି।
ବର୍ତ୍ତମାନ ଏହି ଦେଶ ସଦାପ୍ରଭୁ ଓ ତାଙ୍କର ଲୋକମାନଙ୍କର
ଅଧୀନସ୍ଥ ହୋଇଅଛି। **19**ବର୍ତ୍ତମାନ, ତୁମ୍ଭେମାନେ ତୁମ୍ଭମାନଙ୍କର
ହୃଦୟ ଓ ଆତ୍ମାକୁ ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କଠାରେ
ଅର୍ପଣ କର ଓ ସେ ଯାହା କହନ୍ତି, ତାହା କର। ସଦାପ୍ରଭୁ
ପରମେଶ୍ୱରଙ୍କର ପବିତ୍ର ବାସସ୍ଥାନ ନିର୍ମାଣ କର। ସଦାପ୍ରଭୁଙ୍କ
ନାମ ନିମନ୍ତେ ମନ୍ଦିର ନିର୍ମାଣ କର। ଏହାପରେ, ନିୟମସିନ୍ଦୁକ
ଓ ଅନ୍ୟାନ୍ୟ ପବିତ୍ର ବସ୍ତୁ ସବୁକୁ ମନ୍ଦିର ମଧ୍ୟକୁ ଆଣ।"

## ଲେବୀୟମାନେ ମନ୍ଦିରରେ ସେବାକାର୍ଯ୍ୟ କରିବାର ଯୋଜନା

23 ଦାଉଦ ବୃଦ୍ଧ ହେଲେ, ତେଣୁ ସେ ତାଙ୍କର ପୁତ୍ର
ଶଲୋମନଙ୍କୁ ଇଶ୍ରାୟେଲର ନୂତନ ରାଜା କଲେ।
**2**ଦାଉଦ ଇଶ୍ରାୟେଲର ସମସ୍ତ ନେତାମାନଙ୍କୁ ଏକତ୍ରୀତ କଲେ।
ସେ ଯାଜକ ଓ ଲେବୀୟମାନଙ୍କୁ ମଧ୍ୟ ଏକତ୍ର କଲେ।
**3**ଯେଉଁ ଲେବୀୟମାନେ 30 ବର୍ଷ ବୟସ୍କ ଓ ତଦୁର୍ଦ୍ଧ୍ୱ ଥିଲେ,
ଦାଉଦ ସେମାନଙ୍କୁ ଗଣନା କଲେ। ସମୁଦାୟ 38,000
ଲେବୀୟ ହେଲେ। **4**ଦାଉଦ କହିଲେ, "24,000 ଲେବୀୟ
ସଦାପ୍ରଭୁଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ତଦାରଖ କରିବେ।
6,000 ଲେବୀୟ ପୋଲିସ୍ ଓ ବିଚାରକର୍ତ୍ତା ହେବେ।
**5**4000 ଲେବୀୟ ଦ୍ୱାରପାଳ ହେବେ ଏବଂ 4,000 ଲେବୀୟ
ବାଦ୍ୟକାର ହେବେ। ମୁଁ ସେମାନଙ୍କ ନିମନ୍ତେ ବିଶେଷ
ବାଦ୍ୟଯନ୍ତ୍ରସବୁ ନିର୍ମାଣ କରିଅଛି। ସେମାନେ ସଦାପ୍ରଭୁଙ୍କର
ପ୍ରଶଂସା କରିବା ନିମନ୍ତେ ସେହି ବାଦ୍ୟଯନ୍ତ୍ରଗୁଡ଼ିକୁ ବ୍ୟବହାର
କରିବେ।"

**6**ଦାଉଦ ଲେବୀୟମାନଙ୍କୁ ତିନିଗୋଷ୍ଠି ଦଳରେ ବିଭକ୍ତ
କଲେ। ସେମାନେ ଲେବୀୟ ତିନିପୁତ୍ର ଗେର୍ଶୋନ, କହାତ୍ ଓ
ମରାରିଙ୍କ ପରିବାରବର୍ଗରେ ଥିଲେ।

## ଗେର୍ଶୋନ ପରିବାରବର୍ଗ

**7**ଗେର୍ଶୋନଙ୍କ ବଂଶର ଲାଦନ୍ ଓ ଶିମିୟି। **8**ଲାଦନଙ୍କର
ତିନିପୁତ୍ର ଥିଲେ। ତାଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ ଯିହୀୟେଲ।
ତାଙ୍କର ଅନ୍ୟ ପୁତ୍ରମାନେ ଥିଲେ, ଯିହୀୟେଲ, ସେଥମ୍ ଓ
ଯୋୟେଲ। **9**ଶିମିୟିଙ୍କ ପୁତ୍ରମାନେ ଥିଲେ ଶଲୋମୀତ୍, ହସୀୟେଲ
ଓ ହାରୋଣ। ଏହି ତିନିପୁତ୍ର ଲାଦନଙ୍କ ପରିବାରର ମୁଖ୍ୟ
ଥିଲେ।

**10**ଶିମିୟିଙ୍କର ଚାରିପୁତ୍ର ଥିଲେ। ସେମାନେ ହେଲେ,
ଯହତ୍, ସୀଷ, ଯିୟୂଶ୍ ଓ ବରୀୟ। **11**ଯହତ୍ ଜ୍ୟେଷ୍ଠ ପୁତ୍ର
ଓ ସୀଷ ଦ୍ୱିତୀୟ ପୁତ୍ର ଥିଲେ। କିନ୍ତୁ ଯିୟୂଶ୍ ଓ ବରୀୟର
ଅନେକ ସନ୍ତାନ ନଥିଲେ। ତେଣୁ ଯିୟୂଶ୍ ଓ ବରୀୟଙ୍କୁ
ଗୋଟିଏ ପରିବାର ରୂପେ ଗଣ୍ୟ କରାଯାଉ ଥିଲା।

## କହାତ୍ ପରିବାରବର୍ଗ

**12**କହାତଙ୍କର ଚାରିପୁତ୍ର ଥିଲେ। ସେମାନେ ହେଲେ
ଅମ୍ରାମ୍, ଯିଷ୍ହର, ହିବ୍ରୋଣ ଓ ଉଷୀୟେଲ। **13**ଅମ୍ରାମଙ୍କ
ପୁତ୍ରମାନେ ଥିଲେ ହାରୋଣ ଓ ମୋଶା। ହାରୋଣ ବିଶେଷ
ରୂପେ ମନୋନୀତ କରାଯାଇଥିଲେ। ହାରୋଣ ଓ ତାଙ୍କର
ବଂଶଧରମାନେ ଚିରକାଳ ନିମନ୍ତେ, ବିଶେଷ ରୂପେ ମନୋନୀତ
ହୋଇଥିଲେ। ସଦାପ୍ରଭୁଙ୍କ ସେବାକାର୍ଯ୍ୟ ନିମନ୍ତେ ସବୁଠାରୁ
ମହାପବିତ୍ର ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ସେମାନଙ୍କୁ ମନୋନୀତ
କରାଯାଇଥିଲା। ସଦାପ୍ରଭୁ ସମ୍ମୁଖରେ ସୁଗନ୍ଧି ଧୂପ ଜଳାଇବା
ନିମନ୍ତେ ହାରୋଣ ଓ ତାହାଙ୍କ ବଂଶ ମନୋନୀତ ହୋଇଥିଲେ।
ସେମାନେ ଯାଜକରୂପେ ସଦାପ୍ରଭୁଙ୍କର ସେବାକାର୍ଯ୍ୟ କରିବା
ନିମନ୍ତେ ମନୋନୀତ ହୋଇଥିଲେ। ଚିରକାଳ ପାଇଁ ସଦାପ୍ରଭୁଙ୍କ
ନାମକୁ ବ୍ୟବହାର କରିବା ଓ ଲୋକମାନଙ୍କୁ ଆଶୀର୍ବାଦ
କରିବା ନିମନ୍ତେ ସେମାନେ ମନୋନୀତ ହୋଇଥିଲେ।

**14**ମୋଶା ପରମେଶ୍ୱରଙ୍କ ଲୋକ ଥିଲେ। ମୋଶାଙ୍କ
ପୁତ୍ରମାନେ ଲେବୀୟ ଗୋଷ୍ଠୀର ଅନ୍ତର୍ଭୁକ୍ତ ଥିଲେ। **15**ମୋଶାଙ୍କ
ପୁତ୍ରମାନେ ଥିଲେ ଗେର୍ଶୋନ ଓ ଇଲୀୟେଜର। **16**ଗେର୍ଶୋନଙ୍କ
ଜ୍ୟେଷ୍ଠ ପୁତ୍ର ଥିଲେ ଶବୂୟେଲ। **17**ଇଲୀୟେଜରଙ୍କ ଜ୍ୟେଷ୍ଠ

ପୁତ୍ର ଥିଲେ ରହବୟ୍। ଇଲୀୟେଷରଙ୍କ ଆଉ କୌଣସି ପୁତ୍ର
ସନ୍ତାନ ନ ଥିଲେ। କିନ୍ତୁ ରହବୟଙ୍କର ଅନେକ ପୁତ୍ର ଥିଲେ।
**18**ଯିଷ୍ହରର ଜ୍ୟେଷ୍ଠପୁତ୍ର ଥିଲେ ଶଲୋମୀତ୍।
**19**ହିବ୍ରୋଣଙ୍କ ଜ୍ୟେଷ୍ଠପୁତ୍ର ଥିଲେ ଯିରୀୟ୍। ହିବ୍ରୋଣଙ୍କ
ଦ୍ୱିତୀୟ ପୁତ୍ର ଥିଲେ ଅମରିୟ୍। ଯହସୀୟେଲ ତୃତୀୟ ପୁତ୍ର ଓ
ଯିକ୍ମିୟାମ୍ ଚତୁର୍ଥ ପୁତ୍ର ଥିଲେ।
**20**ଉଷୀୟେଲଙ୍କ ଜ୍ୟେଷ୍ଠପୁତ୍ର ଥିଲେ ମୀଖା ଓ ଯିଶିୟ
ତାଙ୍କର ଦ୍ୱିତୀୟ ପୁତ୍ର ଥିଲେ।

### ମରାରି ପରିବାରବର୍ଗ

**21**ମରାରିଙ୍କ ପୁତ୍ରମାନେ ଥିଲେ ମହଲି ଓ ମୂଶି। ମହଲିଙ୍କ
ପୁତ୍ରମାନେ ଥିଲେ ଇଲୀୟାସର ଓ କୀଶ୍। **22**ଇଲୀୟାସର
ଅପୁତ୍ରିକ ହୋଇ ମୃତ୍ୟୁବରଣ କଲେ। ତାଙ୍କର କେବଳ
କନ୍ୟାମାନେ ଥିଲେ। ଇଲୀୟାସରଙ୍କ କନ୍ୟାମାନେ ସେମାନଙ୍କର
ନିଜ ଆତ୍ମୀୟମାନଙ୍କୁ ବିବାହ କଲେ। କୀଶଙ୍କର ପୁତ୍ରମାନେ
ସେମାନଙ୍କର ଆତ୍ମୀୟ ଥିଲେ। **23**ମୂଶିଙ୍କ ପୁତ୍ରମାନେ ଥିଲେ,
ମହଲି, ଏଦର ଓ ଯିରେମୋତ୍। ସମୁଦାୟ ତିନି ଜଣ ପୁତ୍ର
ଥିଲେ।

### ଲେବୀୟମାନଙ୍କର କାର୍ଯ୍ୟ

**24**ଏହିମାନେ ଲେବୀଙ୍କ ଗୋଷ୍ଠୀର ଥିଲେ। ସେମାନେ
ସେମାନଙ୍କର ପରିବାର ଦ୍ୱାରା ତାଲିକାଭୁକ୍ତ ହୋଇଥିଲେ।
ସେମାନେ ପରିବାରର ମୁଖ୍ୟ ଥିଲେ। ପ୍ରତ୍ୟେକ ଲୋକର
ନାମ ତାଲିକାଭୁକ୍ତ କରାଗଲା। ଯେଉଁ ଲୋକମାନଙ୍କର ନାମ
ତାଲିକାଭୁକ୍ତ କରାଗଲା, ସେମାନେ କୋଡିଏ ବର୍ଷ ବା ତଦୁର୍ଦ୍ଧ୍ୱ
ବୟସର ଥିଲେ। ସେମାନେ ସଦାପ୍ରଭୁଙ୍କ ମନ୍ଦିରରେ ସେବାକାର୍ଯ୍ୟ
କଲେ।
**25**ଦାଉଦ କହିଥିଲେ, "ଇଶ୍ରାୟେଲ ସଦାପ୍ରଭୁ ପରମେଶ୍ୱର
ତାହାଙ୍କ ଲୋକମାନଙ୍କୁ ଶାନ୍ତି ପ୍ରଦାନ କରିଅଛନ୍ତି। ସଦାପ୍ରଭୁ
ଯିରୂଶାଲମରେ ଚିରକାଳ ନିମନ୍ତେ ବାସ କରିବାକୁ ଆସିଅଛନ୍ତି।
**26**ତେଣୁ ଲେବୀୟମାନଙ୍କୁ ଆଉ ପବିତ୍ର ତମ୍ବୁ କିଅବା
ସେଥିରେ ବ୍ୟବହୃତ ସାମଗ୍ରୀଗୁଡ଼ିକୁ ବୋହିକରି ନେବାକୁ
ପଡ଼ିବ ନାହିଁ।"
**27**ଇଶ୍ରାୟେଲୀୟମାନଙ୍କୁ ଦାଉଦଙ୍କର ଶେଷ ଆଦେଶ ଥିଲା
ଲେବୀୟ ଗୋଷ୍ଠୀର ବଂଶଧରମାନଙ୍କୁ ଗଣିବାକୁ କହିବା। ଯେଉଁ
ଲେବୀୟ ବ୍ୟକ୍ତି 20 ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ଥିଲେ,
ସେମାନେ ସେମାନଙ୍କୁ ଗଣନା କଲେ।
**28**ସଦାପ୍ରଭୁଙ୍କ ମନ୍ଦିରର ସେବାକାର୍ଯ୍ୟରେ ହାରୋଣଙ୍କ
ବଂଶଧରମାନଙ୍କୁ ସାହାଯ୍ୟ କରିବା ଲେବୀୟମାନଙ୍କ କାର୍ଯ୍ୟ
ଥିଲା। ଲେବୀୟମାନେ ଆହୁରି ମଧ୍ୟ ମନ୍ଦିରର ପ୍ରାଙ୍ଗଣ ଓ
ପାର୍ଶ୍ୱବର୍ତ୍ତୀ କୋଠରୀଗୁଡ଼ିକର ଯତ୍ନ ନେଉଥିଲେ। ସମସ୍ତ ପବିତ୍ର
ସାମଗ୍ରୀକୁ ଶୁଚି କରିବା ସେମାନଙ୍କର କାର୍ଯ୍ୟ ଥିଲା। ପରମେଶ୍ୱରଙ୍କ
ମନ୍ଦିରରେ ସେବା କରିବା କାର୍ଯ୍ୟ ସେମାନଙ୍କର ଥିଲା।
**29**ମନ୍ଦିରର ମେଜ ଉପରେ ବିଶେଷ ରୋଟୀ ରଖିବାର
ଦାୟିତ୍ୱ ସେମାନଙ୍କର ଥିଲା। ଆହୁରି ମଧ୍ୟ, ସେମାନଙ୍କର
ମଇଦା, ଶସ୍ୟ ନୈବେଦ୍ୟ ଓ ଖମିର ବିନା ରୋଟୀ ପ୍ରସ୍ତୁତ
କରିବାର ଦାୟିତ୍ୱ ଥିଲା। ପିଠା ପାକ କରିବା ଓ ମିଶ୍ରିତ
ନୈବେଦ୍ୟ ଉତ୍ସର୍ଗ କରିବା ଦାୟିତ୍ୱ ମଧ୍ୟ ସେମାନଙ୍କର ଥିଲା।
ସେମାନେ ସବୁ ପ୍ରକାର ମାପ ତୌଲ କରୁଥିଲେ। **30**ଲେବୀୟମାନେ
ପ୍ରତି ପ୍ରଭାତରେ ଛିଡ଼ା ହେଉଥିଲେ ଓ ସଦାପ୍ରଭୁଙ୍କର ପ୍ରଶଂସାଗାନ
କରୁଥିଲେ। ସେମାନେ ପ୍ରତିଦିନ ସନ୍ଧ୍ୟାରେ ମଧ୍ୟ ଏହିପରି
କରୁଥିଲେ। **31**ବିଶେଷ ବିଶ୍ରାମବାର, ଅମାବାସ୍ୟାର ଉତ୍ସବ ଓ
ସମସ୍ତ ବିଶେଷ ରୋଟୀମାନଙ୍କରେ ଲେବୀୟମାନେ ସବୁପ୍ରକାର
ହୋମବଳି ପ୍ରସ୍ତୁତ କରୁଥିଲେ। ସେମାନେ ସଦାପ୍ରଭୁଙ୍କ ସମ୍ମୁଖରେ
ପ୍ରତିଦିନ ସେବାକାର୍ଯ୍ୟ କରୁଥିଲେ। ପ୍ରତିଥର କେତେଜଣ
ଲେବୀୟ ସେବାକାର୍ଯ୍ୟ କରିବେ, ଏଥି ନିମନ୍ତେ ବିଶେଷ
ନିୟମମାନ ଥିଲା। **32**ତେଣୁ ଲେବୀୟମାନେ ଯେଉଁ କାର୍ଯ୍ୟ
କରିବା ଉଚିତ୍, ସେମାନେ ସେହିସବୁ କାର୍ଯ୍ୟ କରୁଥିଲେ।
ସେମାନେ ପବିତ୍ର ତମ୍ବୁର ଯତ୍ନ ନେଉଥିଲେ। ସେମାନେ
ପବିତ୍ର ସ୍ଥାନର ଯତ୍ନ ନେଉଥିଲେ। ଆଉ, ସେମାନେ ସେମାନଙ୍କର
ଆତ୍ମୀୟ, (ଯାଜକମାନେ) ହାରୋଣଙ୍କ ବଂଶଧରମାନଙ୍କୁ ସାହାଯ୍ୟ
କରୁଥିଲେ। ସଦାପ୍ରଭୁଙ୍କ ମନ୍ଦିରର ସେବାକାର୍ଯ୍ୟ କରିବା ସହିତ
ଲେବୀୟମାନେ ଯାଜକମାନଙ୍କୁ ସାହାଯ୍ୟ କରୁଥିଲେ।

### ଯାଜକମାନଙ୍କର ଦଳ

**24** ହାରୋଣଙ୍କ ପୁତ୍ରମାନଙ୍କର ଦଳ ଏହି ପ୍ରକାର ଥିଲା:
ହାରୋଣଙ୍କ ପୁତ୍ରମାନେ ଥିଲେ ନାଦବ୍, ଅବୀହୂ,
ଇଲୀୟାସର ଓ ଈଥାମର। **2**କିନ୍ତୁ ନାଦବ୍, ଅବୀହୂ ସେମାନଙ୍କ
ପିତାଙ୍କ ମୃତ୍ୟୁ ପୂର୍ବରୁ ମରଣ ଲଭିଥିଲେ। ଆଉ ନାଦବ୍ ଓ
ଅବୀହୂଙ୍କର କୌଣସି ପୁତ୍ର ସନ୍ତାନ ନ ଥିଲେ। ତେଣୁ
ଇଲୀୟାସର ଓ ଈଥାମର ଯାଜକରୂପେ ସେବାକାର୍ଯ୍ୟ କଲେ।
**3**ଦାଉଦ ଇଲୀୟାସରଙ୍କ ପରିବାରବର୍ଗ ଓ ଈଥାମରଙ୍କ ବଂଶକୁ
ଦୁଇଟି ଭିନ୍ନ ଦଳରେ ବିଭକ୍ତ କରିଥିଲେ। ସେହି ଦଳମାନେ
ସେମାନଙ୍କୁ ଦତ୍ତ କାର୍ଯ୍ୟ ଯେପରି ସୁଚାରୁରୂପେ କରିପାରନ୍ତି,
ସେଥିନିମନ୍ତେ ଦାଉଦ ଏହିପରି କରିଥିଲେ। ଦାଉଦ, ସାଦୋକ୍
ଓ ଅହୀମେଲକ୍ଙ୍କ ସାହାଯ୍ୟରେ ଏହା କରିଥିଲେ। ସାଦୋକ୍
ଇଲୀୟାସରଙ୍କ ବଂଶଧର ଓ ଅହୀମେଲକ୍ ଈଥାମରଙ୍କ ବଂଶଧର
ଥିଲେ। **4**ଈଥାମରଙ୍କ ପରିବାରଠାରୁ ଇଲୀୟାସରଙ୍କ ପରିବାରର
ଅଧିକ ନେତା ଥିଲେ। ଇଲୀୟାସରଙ୍କ ପରିବାରରୁ ଷୋହଳ
ଜଣ ଓ ଈଥାମରଙ୍କ ପରିବାରର ଆଠଜଣ ନେତା ଥିଲେ।
**5**ପ୍ରତି ପରିବାରରୁ ଲୋକମାନେ ମନୋନୀତ ହୋଇଥିଲେ।
ସେମାନେ ଗୁଳାବାଣ୍ଟ ଦ୍ୱାରା ମନୋନୀତ ହୋଇଥିଲେ। ପବିତ୍ରସ୍ଥାନର
ଦାୟିତ୍ୱରେ ରହିବା ନିମନ୍ତେ କେତେଜଣ ବ୍ୟକ୍ତିଙ୍କୁ ମନୋନୀତ
କରାଯାଇ ଥିଲା। ଆଉ ଅନ୍ୟଜଣ ବ୍ୟକ୍ତିଙ୍କୁ ଯାଜକକର୍ମ
ନିମନ୍ତେ ମନୋନୀତ କରାଯାଇ ଥିଲା। ଏହି ସମସ୍ତ ବ୍ୟକ୍ତିମାନେ
ଇଲୀୟାସର ଓ ଈଥାମରଙ୍କ ବଂଶରୁ ଆସିଥିଲେ।
**6**ଶମୟିୟ ସଂପାଦକ ଥିଲେ। ସେ ନଥନେଲଙ୍କ ପୁତ୍ର
ଥିଲେ। ଶମୟିୟ ଲେବୀ ଗୋଷ୍ଠୀରୁ ଆସିଥିଲେ। ଶମୟିୟ
ସେହି ବଂଶଧରମାନଙ୍କ ନାମ ଲେଖିଲେ। ସେ ସେହି ନାମଗୁଡ଼ିକୁ
ରାଜା ଦାଉଦ ଓ ସେହି ନେତାଗଣ: ଯାଜକ ସାଦୋକ,
ଅହୀମେଲକ, ଯାଜକମାନଙ୍କର ବଂଶଜ ନେତା ଓ ଲେବୀ
ବଂଶଜ ନେତାମାନଙ୍କ ସମ୍ମୁଖରେ ଲେଖିଲେ। ଅହୀମେଲକ
ଅବିୟାଥରଙ୍କ ପୁତ୍ର ଥିଲେ। ପ୍ରତିଥର ଗୁଳାବାଣ୍ଟ ଦ୍ୱାରା
ସେମାନେ ଜଣେ ବ୍ୟକ୍ତିଙ୍କୁ ମନୋନୀତ କଲେ ଓ ଶମୟିୟ

ସେହି ଲୋକର ନାମ ଲେଖି ରଖିଲେ। ତେଣୁ ସେମାନେ ଇଲୀୟାସର ଓ ଈଥାମରଙ୍କ ପରିବାରର ବ୍ୟକ୍ତିମାନଙ୍କର ମଧ୍ୟ କାମକୁ ଭାଗ କରିଦେଲେ।

7 ପ୍ରଥମ ଦଳ ଥିଲା ଯିହୋୟାରୀବଙ୍କ ଦଳ।
ଦ୍ୱିତୀୟ ଦଳ ଥିଲା ଯିଦୟିୟଙ୍କ ଦଳ।
8 ତୃତୀୟ ଦଳ ଥିଲା ହାରୀମଙ୍କ ଦଳ।
ଚତୁର୍ଥ ଦଳ ଥିଲା ସୀୟୋରୀମଙ୍କ ଦଳ।
9 ପଞ୍ଚମ ଦଳ ଥିଲା ମଲ୍କିୟଙ୍କ ଦଳ।
ଷଷ୍ଠ ଦଳ ଥିଲା ମିୟାମୀନଙ୍କ ଦଳ।
10 ସପ୍ତମ ଦଳ ଥିଲା ହକ୍କୋସଙ୍କ ଦଳ।
ଅଷ୍ଟମ ଦଳ ଥିଲା ଅବିୟାଙ୍କ ଦଳ।
11 ନବମ ଦଳ ଥିଲା ଯେଶୂୟଙ୍କ ଦଳ।
ଦଶମ ଦଳ ଥିଲା ଶଖନିୟଙ୍କ ଦଳ।
12 ଏକାଦଶ ଦଳ ଥିଲା ଇଲିୟାଶୀବଙ୍କ ଦଳ।
ଦ୍ୱାଦଶ ଦଳ ଥିଲା ଯାକୀମଙ୍କ ଦଳ।
13 ତ୍ରୟୋଦଶ ଦଳ ଥିଲା ହୁପ୍ପାଙ୍କ ଦଳ।
ଚତୁର୍ଦ୍ଦଶ ଦଳ ଥିଲା ଯେଶବାଙ୍କ ଦଳ।
14 ପଞ୍ଚଦଶ ଦଳ ଥିଲା ବିଲଗାଙ୍କ ଦଳ।
ଷୋଡଶ ଦଳ ଥିଲା ଇମ୍ମେରଙ୍କ ଦଳ।
15 ସପ୍ତଦଶ ଦଳ ହେଷୀରଙ୍କ ଦଳ ଥିଲା।
ଅଷ୍ଟାଦଶ ଦଳ ହପିଚ୍ଚେଙ୍କ ଦଳ ଥିଲା।
16 ଊନବିଂଶ ଦଳ ଥିଲା ପଥାହିୟଙ୍କ ଦଳ।
ବିଂଶ ଦଳ ଥିଲା ଯିହିଜ୍କେଲଙ୍କ ଦଳ।
17 ଏକବିଂଶ ଦଳ ଥିଲା ଯାଖୀନଙ୍କ ଦଳ।
ଦ୍ୱାବିଂଶ ଦଳ ଥିଲା ଗାମୂଲଙ୍କ ଦଳ।
18 ତ୍ରୟୋବିଂଶ ଦଳ ଥିଲା ଦଲାୟଙ୍କ ଦଳ।
ଚତୁର୍ବିଂଶ ଦଳ ଥିଲା ମାସିୟଙ୍କ ଦଳ।

19ମନ୍ଦିରରେ ସେବାକାର୍ଯ୍ୟ କରିବା ନିମନ୍ତେ ଏହି ଦଳଗୁଡ଼ିକ ମନୋନୀତ ହୋଇଥିଲେ। ମନ୍ଦିରରେ ସେବାକାର୍ଯ୍ୟ ପାଇଁ ହାରୋଣଙ୍କ ଦତ୍ତ ନିୟମର ସେମାନେ ବାଧ୍ୟ ହେଲେ। ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱର ହାରୋଣଙ୍କୁ ଏହି ନିୟମଗୁଡ଼ିକ ପ୍ରଦାନ କରିଥିଲେ।

## ଅନ୍ୟ ଲେବୀୟଗଣ

20ଲେବୀଙ୍କ ଅବଶିଷ୍ଟ ବଂଶଧରଙ୍କ ନାମ ଏହା ଥିଲା:
ଅମ୍ରାମଙ୍କ ବଂଶଧରମାନଙ୍କ ମଧ୍ୟରୁ: ଶୂୟେଲ
ଶବୂୟେଲଙ୍କ ବଂଶଧରମାନଙ୍କ ମଧ୍ୟରୁ: ଯେହଦିୟ
21 ରହବିୟରୁ: ଯିଶିୟ (ଯିଶିୟ ଜ୍ୟେଷ୍ଠ ପୁତ୍ର ଥିଲେ)
22 ଯିସ୍ହରୀୟ ପରିବାରବର୍ଗ ଶଲୋମୀତ୍।
ଶଲୋମୀତ୍ ପରିବାରରୁ: ଯହତ୍।
23 ହିବ୍ରୋଣଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ ଯିରୀୟ।
ଅମରୀୟ ତାଙ୍କର ଦ୍ୱିତୀୟ ପୁତ୍ର ଥିଲେ।
ଯହସୀୟେଲ ତାଙ୍କର ତୃତୀୟ ପୁତ୍ର ଥିଲେ।
ଓ ଯିକ୍‌ମିୟାମ୍ ତାଙ୍କର ଚତୁର୍ଥ ପୁତ୍ର ଥିଲେ।
24 ଉଷୀୟେଲଙ୍କ ପୁତ୍ର ଥିଲେ ମୀଖା।
ମୀଖାଙ୍କ ପୁତ୍ର ଥିଲେ ଶାମୀର୍।
25 ଯିଶିୟ ମୀଖାଙ୍କ ଭ୍ରାତା ଥିଲେ।
ଯିଶିୟଙ୍କ ପୁତ୍ର ଥିଲେ ଜିଖରୀୟ।
26 ମରାରିଙ୍କ ବଂଶଧରମାନେ ଥିଲେ ମହଲି ଓ
ମୂଶି ଓ ଯାସିୟ ତାଙ୍କର ପୁତ୍ର ଥିଲେ।
27 ମରାରିଙ୍କ ପୁତ୍ର ଯାସିୟଙ୍କ ପୁତ୍ରମାନେ ଥିଲେ: ବିନୋ,
ଶୋହମ୍, ସକ୍କୁର ଓ ଇବ୍ରି।
28 ମହଲିଙ୍କ ପୁତ୍ର ଥିଲେ ଇଲୀୟାସର। କିନ୍ତୁ ଇଲୀୟାସରଙ୍କ
ପୁତ୍ର ସନ୍ତାନ ନ ଥିଲେ।
29 କୀଶଙ୍କ ପୁତ୍ର ଥିଲେ ଯିରହମେଲ।
30 ମୂଶିଙ୍କ ପୁତ୍ରମାନେ ଥିଲେ ମହଲି, ଏଦର ଓ
ଯିରେମୋତ୍।

ଏହିମାନେ ଲେବୀୟ ଗୋଷ୍ଠୀର ନେତାଗଣ ଥିଲେ। ସେମାନେ
ସେମାନଙ୍କର ପରିବାରବର୍ଗ ଦ୍ୱାରା ତାଲିକାଭୁକ୍ତ ହେଲେ।
31ସେମାନେ ବିଶେଷ କର୍ମ କରିବା ନିମନ୍ତେ ମନୋନୀତ
ହୋଇଥିଲେ। ସେମାନେ ସେମାନଙ୍କର ଆତ୍ମୀୟ, ଯାଜକମାନଙ୍କ ପରି ଗୁଳାବାଣ୍ଟ କଲେ। ଯାଜକମାନେ ହାରୋଣଙ୍କ ବଂଶଧର ଥିଲେ। ସେମାନେ ରାଜା ଦାଉଦ, ସାଦୋକ, ଅହୀମେଲକ, ଯାଜକ ଏବଂ ଲେବୀୟ ବଂଶର ନେତାମାନଙ୍କ ସମ୍ମୁଖରେ ଗୁଳାବାଣ୍ଟ କଲେ। ଜ୍ୟେଷ୍ଠ ପରିବାର ଓ କନିଷ୍ଠ ପରିବାର ନିମନ୍ତେ ଯେତେବେଳେ କାର୍ଯ୍ୟ ସ୍ଥିରଗଲା, ସେତେବେଳେ ସେମାନଙ୍କ ପ୍ରତି ସମାନ ବ୍ୟବହାର କରାଗଲା।

## ବାଦ୍ୟକାରୀ ଦଳ

25 ଦାଉଦ ଓ ସେନାଧକ୍ଷମାନେ ଆସଫର ପୁତ୍ରମାନଙ୍କୁ ଏକ ବିଶେଷ ସେବାକାର୍ଯ୍ୟ କରିବା ନିମନ୍ତେ ପୃଥକ୍ କଲେ। ଆସଫଙ୍କର ପୁତ୍ରମାନେ ଥିଲେ ହେମନ ଓ ଯିଦୂଥୂନ। ବୀଣା, ସାରଙ୍ଗୀ ଓ ଗିନି ବଜାଇ ପରମେଶ୍ୱରଙ୍କ ବାର୍ତ୍ତା ଘୋଷଣା କରିବା ହିଁ ସେମାନଙ୍କର ବିଶେଷ କାର୍ଯ୍ୟ ଥିଲା। ଯେଉଁମାନେ ଏହିପ୍ରକାର ଭାବରେ ସେବାକାର୍ଯ୍ୟ କରୁଥିଲେ, ସେମାନଙ୍କର ତାଲିକା ଏହି:

2ଆସଫଙ୍କ ପରିବାରରୁ: ସକ୍କୁର, ଯୋଷେଫ୍, ନଥନିୟ ଓ ଅସାରେଲ। ପରମେଶ୍ୱରଙ୍କ ବାର୍ତ୍ତା ଘୋଷଣା କରିବା ନିମନ୍ତେ ରାଜା ଦାଉଦ ଆସଫଙ୍କୁ ମନୋନୀତ କରିଥିଲେ। ଆଉ ଆସଫ ତାଙ୍କର ପୁତ୍ରମାନଙ୍କୁ ପରିଚାଳନା କଲେ।

3ଯିଦୂଥୂନଙ୍କ ପରିବାରରୁ: ଗଦଲିୟ, ସରୀ, ଯିଶାୟାହ, ହଶବିୟ ଓ ମତ୍ତଥିୟ। ସେମାନେ ସମୁଦାୟ ଛଅ ଜଣ ଥିଲେ। ଯିଦୂଥୂନ ତାଙ୍କର ପୁତ୍ରମାନଙ୍କୁ ନିର୍ଦ୍ଦେଶ ଦେଲେ। ପରମେଶ୍ୱରଙ୍କ ବାର୍ତ୍ତା ଘୋଷଣା କରିବା ଓ ସଦାପ୍ରଭୁଙ୍କର ଧନ୍ୟବାଦ, ପ୍ରଶଂସା କରିବା ନିମନ୍ତେ ଯିଦୂଥୂନ ବୀଣାଯନ୍ତ୍ର ବ୍ୟବହାର କରୁଥିଲେ।

4ହେମନଙ୍କର ଯେଉଁ ପୁତ୍ରମାନେ ସେବାକାର୍ଯ୍ୟ କରୁଥିଲେ,
ସେମାନେ ହେଲେ: ବୁକ୍କିୟ, ମତ୍ତନିୟ, ଉଷୀୟେଲ, ଶବୂୟେଲ
ଓ ଯିରେମୋତ୍, ହନାନିୟ, ହନାନି, ଇଲୀୟାଥା, ଗିଦ୍ଦଲ୍ତି ଓ
ରୋମାମ୍ତି-ଏଷର, ଯଶ୍‌ବକାଶା, ମଲ୍ଲୋଥି, ହୋଥୀର,
ମହସୀୟୋତ୍। 5ଏମାନେ ସମସ୍ତେ ହେମନଙ୍କର ପୁତ୍ରଗଣ
ଥିଲେ। ହେମନ ଦାଉଦଙ୍କ ଭବିଷ୍ୟଦ୍‌ବକ୍ତା ଥିଲେ। ପରମେଶ୍ୱର

ପ୍ରତିଜ୍ଞା କରିଥିଲେ ଯେ, ସେ ହେମନଙ୍କୁ ବଳବାନ କରିବେ।
ତେଣୁ ହେମନଙ୍କର ଅନେକ ପୁତ୍ର ଜାତ ହେଲେ। ପରମେଶ୍ୱର
ହେମନଙ୍କୁ ଚଉଦ ପୁତ୍ର ଓ ତିନି କନ୍ୟା ଦେଲେ। 6ହେମନ
ସଦାପ୍ରଭୁଙ୍କ ମନ୍ଦିରରେ ଗୀତଗାୟନ କରିବାକୁ ତାଙ୍କର ପୁତ୍ରମାନଙ୍କୁ
ନିର୍ଦ୍ଦେଶ ଦେଲେ। ସେହି ପୁତ୍ରମାନେ ଗିନି, ସାରଙ୍ଗୀ ଓ ବୀଣା
ବଜାଉଥିଲେ। ସେମାନେ ଏହି ପ୍ରକାରେ ପରମେଶ୍ୱରଙ୍କ ମନ୍ଦିରରେ
ସେବାକାର୍ଯ୍ୟ କରୁଥିଲେ। ରାଜା ଦାଉଦ ଏହିସବୁ ବ୍ୟକ୍ତିମାନଙ୍କୁ
ମନୋନୀତ କରିଥିଲେ: ଆସଫ, ଯିଦୁଥୂନ ଓ ହେମନ।
7ଲେବୀ ଗୋଷ୍ଠୀର ସେହି ବ୍ୟକ୍ତିମାନେ ଓ ସେମାନଙ୍କର
ଆତ୍ମୀୟମାନେ ଗାୟନ ବିଦ୍ୟାରେ ତାଲିମପ୍ରାପ୍ତ ହୋଇଥିଲେ।
288 ଜଣ ବ୍ୟକ୍ତି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଶଂସାର ଗୀତ
ଗାନ କରିବା ଶିକ୍ଷା କଲେ। 8ସେମାନେ ଗୁଳାବାଣ୍ଟ ଦ୍ୱାରା
ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ବିଭିନ୍ନ କାର୍ଯ୍ୟ ନିରୂପଣ କଲେ।
ପ୍ରତ୍ୟେକ ଲୋକ ପ୍ରତି ସମାନ ବ୍ୟବହାର କରାଗଲା। ଯୁବା ଓ
ବୃଦ୍ଧ, ଉଭୟଙ୍କ ପ୍ରତି ସମବ୍ୟବହାର କରାଗଲା। ଛାତ୍ର ପ୍ରତି
ଯେ ପ୍ରକାର ବ୍ୟବହାର, ଶିକ୍ଷକ ପ୍ରତି ମଧ୍ୟ ସେ ପ୍ରକାର
ବ୍ୟବହାର କରାଗଲା।

9ପ୍ରଥମରେ, ଆସଫଙ୍କ ପରିବାରରୁ ଯୋଷେଫଙ୍କୁ ମନୋନୀତ
କରାଗଲା।

ଦ୍ୱିତୀୟରେ, ଗଦଲୟଙ୍କର ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

10ତୃତୀୟରେ, ସକ୍କୁରଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

11ଚତୁର୍ଥରେ, ଯିଷ୍ରିଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ ମଧ୍ୟରୁ
12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

12ପଞ୍ଚମରେ, ନଥନୀୟଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

13ଷଷ୍ଠରେ, ବୁକ୍କିୟଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ ମଧ୍ୟରୁ
12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

14ସପ୍ତମରେ, ଯିଶାରେଲାଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

15ଅଷ୍ଟମରେ, ଯିଶାୟାହଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

16ନବମରେ, ମତ୍ତନୀୟଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

17ଦଶମରେ, ଶିମିୟିଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

18ଏକାଦଶରେ, ଅସାରେଲଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

19ଦ୍ୱାଦଶରେ, ହଶବୀୟଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

20ତ୍ରୟୋଦଶରେ, ଶବୂୟେଲଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

21ଚତୁର୍ଦ୍ଦଶରେ, ମତ୍ତିଥୀୟଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

22ପଞ୍ଚଦଶରେ, ଯିରେମୋତ୍‌ଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

23ଷୋଡ଼ଶରେ, ହନାନୀୟଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

24ସପ୍ତଦଶରେ, ଯଶ୍‌ବକାଶାଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

25ଅଷ୍ଟାଦଶରେ, ହନାନିଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

26ଊନବିଂଶରେ, ମଲ୍ଲୋଥିଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

27ବିଂଶରେ, ଇଲୀୟାଥାଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

28ଏକବିଂଶରେ, ହୋଥୀରଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

29ଦ୍ୱାବିଂଶରେ, ଗିଦ୍ଦଲ୍ତିଙ୍କ ପୁତ୍ରଗଣ ଓ ଆତ୍ମୀୟମାନଙ୍କ
ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ କରାଗଲା।

30ତ୍ରୟୋବିଂଶରେ, ମହସୀୟୋତ୍‌ଙ୍କ ପୁତ୍ରଗଣ ଓ
ଆତ୍ମୀୟମାନଙ୍କ ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ
କରାଗଲା।

31ଚତୁର୍ବିଂଶରେ, ରୋମାମ୍ତି-ଏଷରଙ୍କ ପୁତ୍ରଗଣ ଓ
ଆତ୍ମୀୟମାନଙ୍କ ମଧ୍ୟରୁ 12 ଜଣ ବ୍ୟକ୍ତିଙ୍କୁ ମନୋନୀତ
କରାଗଲା।

### ଦ୍ୱାରପାଳଗଣ

26 ଦ୍ୱାରପାଳମାନଙ୍କର ଦଳଗୁଡ଼ିକ:
କୋରହ ପରିବାରର ଏହିମାନେ ଦ୍ୱାରପାଳ ଥିଲେ।
ମଶେଲମିୟ ଓ ତାଙ୍କର ପୁତ୍ରଗଣ। (ମଶେଲମିୟ କୋରଙ୍କର
ପୁତ୍ର ଥିଲେ। ସେ ଆସଫଙ୍କ ପରିବାରବର୍ଗରୁ ଆସିଥିଲେ।)
2ମଶେଲମିୟଙ୍କର ପୁତ୍ରଗଣ, ଜିଖରୀୟ ଜ୍ୟେଷ୍ଠପୁତ୍ର ଥିଲେ।
ଯିଦୀୟେଲ ଦ୍ୱିତୀୟ ପୁତ୍ର ଥିଲେ। ସବଦୀୟ ତୃତୀୟ ପୁତ୍ର
ଥିଲେ। ଯତ୍‌ନୀୟେଲ ଚତୁର୍ଥ ପୁତ୍ର ଥିଲେ। 3ଏଲମ ପଞ୍ଚମ
ପୁତ୍ର ଥିଲେ। ଯିହୋହାନନ୍ ଷଷ୍ଠ ପୁତ୍ର ଥିଲେ। ଆଉ
ଇଲୀୟୋ-ଐନୟ ସପ୍ତମ ପୁତ୍ର ଥିଲେ।

4ଓବେଦ୍-ଇଦୋମ ଓ ତାଙ୍କର ପୁତ୍ରଗଣ; ଓବେଦ୍-
ଇଦୋମଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ ଶମୟିୟ। ଯିହୋଷାବଦ୍
ତାଙ୍କର ଦ୍ୱିତୀୟ ପୁତ୍ର ଥିଲେ। ଯୋୟାହ ତାଙ୍କର ତୃତୀୟ ପୁତ୍ର
ଥିଲେ। ସାଖର୍ ତାଙ୍କର ଚତୁର୍ଥ ପୁତ୍ର ଥିଲେ। ନଥନେଲ
ତାଙ୍କର ପଞ୍ଚମ ପୁତ୍ର ଥିଲେ। 5ଅମ୍ମୀୟେଲ ତାଙ୍କର ଷଷ୍ଠ ପୁତ୍ର
ଥିଲେ। ଇଷାଖର ତାଙ୍କର ସପ୍ତମ ପୁତ୍ର ଥିଲେ। ଆଉ
ପିୟୁଲ୍ଲତୟ ତାଙ୍କର ଅଷ୍ଟମ ପୁତ୍ର ଥିଲେ। ପରମେଶ୍ୱର
ପ୍ରକୃତରେ ଓବେଦ୍-ଇଦୋମଙ୍କୁ ଆଶୀର୍ବାଦ କରିଥିଲେ।
6ଶେମୟିୟଙ୍କର ମଧ୍ୟ ପୁତ୍ରମାନେ ଥିଲେ। ଶମୟିୟଙ୍କ ପୁତ୍ରମାନେ
ତାଙ୍କ ପରିବାରର ମୁଖ୍ୟ ଥିଲେ, କାରଣ ସେମାନେ ଅତି
ସାହସୀ ଯୋଦ୍ଧା ଥିଲେ। 7ଶମୟିୟଙ୍କର ପୁତ୍ରମାନେ ଥିଲେ
ଅତ୍‌ନି, ରଫାୟେଲ, ଓବେଦ୍, ଇଲୀଶାବଦ୍, ଇଲୀହୂ ଓ
ସମଖିୟ। ଇଲୀଶାବଦ୍‌ଙ୍କର ଆତ୍ମୀୟମାନେ ଦକ୍ଷ କାରିଗର
ଥିଲେ। 8ଏହି ସମସ୍ତ ବ୍ୟକ୍ତିଗଣ ଓବେଦ୍-ଇଦୋମଙ୍କର ବଂଶଧର
ଥିଲେ। ସେହି ବ୍ୟକ୍ତିଗଣ ଓ ସେମାନଙ୍କର ପୁତ୍ରଗଣ ଓ
ଆତ୍ମୀୟମାନେ ମହାପରାକ୍ରମୀ ଥିଲେ। ସେମାନେ ଅତ୍ୟୁତ୍ତମ

ପ୍ରହରୀଗଣ ଥିଲେ। ଓବେଦ୍-ଇଦୋମଙ୍କର ବାଷଠି ଜଣ ବଂଶଧର
ଥିଲେ।

9ମଶେଲମିୟଙ୍କର ପୁତ୍ର ଓ ଆତ୍ମୀୟଗଣ ମହାପରାକ୍ରମୀ
ଥିଲେ। ସମୁଦାୟ ଅଠର ଜଣ ପୁତ୍ର ଓ ଆତ୍ମୀୟ ଥିଲେ।

10ଏହିମାନେ ମରାରି ବଂଶର ଦ୍ୱାରପାଳ ଥିଲେ, ହୋଷାର।
ସିମ୍ରି ପ୍ରଥମ ପୁତ୍ର ରୂପେ ମନୋନୀତ ହୋଇଥିଲେ। ଦ୍ୱାରପାଳମାନେ
ବିଶେଷ ପ୍ରକାରେ ସଦାପ୍ରଭୁଙ୍କ ମନ୍ଦିରରେ ସେବାକାର୍ଯ୍ୟ କରୁଥିଲେ।
ସିମ୍ରି ଜ୍ୟେଷ୍ଠପୁତ୍ର ନ ଥିଲେ, କିନ୍ତୁ ତାଙ୍କର ପିତା ତାଙ୍କୁ
ପ୍ରଥମଜାତ ପୁତ୍ର ରୂପେ ମନୋନୀତ କଲେ। 11ହିଲ୍‌କିୟ
ତାଙ୍କର ଦ୍ୱିତୀୟ ପୁତ୍ର ଥିଲେ। ଟବଲିୟ ତାଙ୍କର ତୃତୀୟ ପୁତ୍ର
ଥିଲେ। ଆଉ ଜିଖରିୟ ତାଙ୍କର ଚତୁର୍ଥ ପୁତ୍ର ଥିଲେ।
ସର୍ବମୋଟ, ହୋଷାଙ୍କର 13 ଜଣ ପୁତ୍ର ଓ ଆତ୍ମୀୟ ଥିଲେ।

12ଏହିମାନେ ଦ୍ୱାରପାଳମାନଙ୍କ ଦଳର ନେତା ଥିଲେ।
ଦ୍ୱାରପାଳମାନେ ଏକ ବିଶେଷ ପ୍ରକାରେ ସଦାପ୍ରଭୁଙ୍କ ମନ୍ଦିରରେ
ସେବାକାର୍ଯ୍ୟ କରୁଥିଲେ, ଠିକ୍ ଯେପରି ସେମାନଙ୍କର ଆତ୍ମୀୟମାନେ
କରୁଥିଲେ। 13ପ୍ରତ୍ୟେକ ପରିବାରକୁ ଜଗିବା ନିମନ୍ତେ ଗୋଟିଏ
ଦ୍ୱାର ଦିଆଯାଇ ଥିଲା। ଗୋଟିଏ ପରିବାର ନିମନ୍ତେ ଗୋଟିଏ
ଦ୍ୱାର ନିରୂପଣ କରିବା ନିମନ୍ତେ ଗୁଳାବାଣ୍ଟ କରାଯାଉଥିଲା।
ଯୁବା ଓ ବୃଦ୍ଧ ଉଭୟଙ୍କ ପ୍ରତି ସମବ୍ୟବହାର କରାଯାଉଥିଲା।

14ଶେଲମିୟଙ୍କୁ ପୂର୍ବ ପାର୍ଶ୍ୱର ଦ୍ୱାର ଜଗିବା ନିମନ୍ତେ
ମନୋନୀତ କରାଯାଇଥିଲା। ଏହାପରେ ଶେଲମିୟଙ୍କ ପୁତ୍ର
ଜିଖରିୟଙ୍କ ନିମନ୍ତେ ଗୁଳିବାଣ୍ଟ କରାଗଲା। ଜିଖରିୟ ଜଣେ
ଜ୍ଞାନୀ ପରାମର୍ଶଦାତା ଥିଲେ। ଜିଖରିୟଙ୍କୁ ଉତ୍ତରପାର୍ଶ୍ୱ ଦ୍ୱାର
ନିମନ୍ତେ ମନୋନୀତ କରାଗଲା। 15ଓବେଦ୍-ଇଦୋମଙ୍କୁ ଦକ୍ଷିଣପାର୍ଶ୍ୱ
ଦ୍ୱାର ନିମନ୍ତେ ମନୋନୀତ କରାଗଲା ଓ ଆଉ ଯେଉଁ ଗୃହରେ
ବହୁମୂଲ୍ୟ ସାମଗ୍ରୀମାନ ରଖାଯାଇଥିଲା, ତାହାକୁ ଜଗିବା ନିମନ୍ତେ
ଓବେଦ୍ ଇଦୋମଙ୍କର ପୁତ୍ରମାନଙ୍କୁ ମନୋନୀତ କରାଗଲା।
16ଶୁପ୍‌ପୀମ ଓ ହୋଷାଙ୍କୁ ପଶ୍ଚିମପାର୍ଶ୍ୱ ଦ୍ୱାର ଓ ଉଚ୍ଚତର
ପଥରେ ଥିବା ଶଲ୍ଲେଖତ୍ ଦ୍ୱାରକୁ ଜଗିବା ନିମନ୍ତେ ମନୋନୀତ
କରାଗଲା। ପ୍ରତ୍ୟେକ ପରିବାରରୁ ରକ୍ଷକମାନଙ୍କୁ ସେମାନଙ୍କର
ସ୍ଥାନରେ ମୁତୟନ କରାଗଲା।

17ଛଅଜଣ ଲେବୀୟ ପ୍ରତିଦିନ ରକ୍ଷକଭାବେ ପୂର୍ବ ଫାଟକରେ
ଛିଡାହେଲେ। ଚାରିଜଣ ଲେବୀୟ ଉତ୍ତର ଫାଟକରେ ରକ୍ଷକ
ଭାବରେ ଛିଡାହେଲେ। ଚାରିଜଣ ଲେବୀୟ ଦକ୍ଷିଣ ଫାଟକରେ
ରକ୍ଷକ ଭାବରେ ଛିଡାହେଲେ ଏବଂ ଦୁଇ ଜଣ ଲେବୀୟ
ଭଣ୍ଡାରଗୃହର ପ୍ରତ୍ୟେକ ଦ୍ୱାରରେ ଛିଡା ହେଲେ। 18ଚାରିଜଣ
ମଧ୍ୟ ପଶ୍ଚିମ ଦିଗରେ ଏବଂ ଦୁଇଜଣ ସୀମାନ୍ତବର୍ତ୍ତୀ ସ୍ଥାନରେ
ରହିଲେ।

19ଦ୍ୱାରପାଳମାନଙ୍କର ଏହିସବୁ ଦଳ ଥିଲା। ସେହି
ଦ୍ୱାରପାଳମାନେ କୋରହ ଓ ମରାରି ବଂଶର ଥିଲେ।

## କୋଷାଧକ୍ଷ ଓ ଅନ୍ୟ ପଦାଧିକାରୀଗଣ

20ଅହିୟ ଲେବୀୟ ଗୋଷ୍ଠୀରୁ ଆସିଥିଲେ। ଅହିୟ
ପରମେଶ୍ୱରଙ୍କ ମନ୍ଦିରରେ ଥିବା ବହୁମୂଲ୍ୟ ସାମଗ୍ରୀ ଗୁଡ଼ିକର
ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ। ଯେଉଁ ସ୍ଥାନମାନଙ୍କରେ
ପବିତ୍ର ସାମଗ୍ରୀଗୁଡ଼ିକ ରଖାଯାଇଥିଲା। ଅହିୟ ତାହାର ଦାୟିତ୍ୱରେ
ମଧ୍ୟ ଥିଲେ।

21ଲାଦନ୍ ଗେର୍ଶୋନ୍‌ଙ୍କ ପରିବାରରୁ ଆସିଥିଲେ। ଯେହିୟେଲି
ଲାଦନ୍‌ଙ୍କ ପରିବାରବର୍ଗର ନେତାମାନଙ୍କ ମଧ୍ୟରୁ ଜଣେ ଥିଲେ।
22ଯିହୀୟେଲିଙ୍କ ପୁତ୍ରମାନେ ଥିଲେ ସେଥମ୍ ଓ ସେଥମ୍‌ଙ୍କ
ଭ୍ରାତା ଯୋୟେଲ୍। ସଦାପ୍ରଭୁଙ୍କ ମନ୍ଦିରରେ ଥିବା ବହୁମୂଲ୍ୟ
ସାମଗ୍ରୀଗୁଡ଼ିକର ରକ୍ଷଣାବେକ୍ଷଣ କରିବା ସେମାନଙ୍କର ଦାୟିତ୍ୱ
ଥିଲା।

23ଅନ୍ୟ ନେତାମାନେ ଅମ୍ରାମୀ, ଯିଷହରୀୟ, ହିବ୍ରୋଣୀୟ
ଓ ଉଷିୟେଲଙ୍କ ପରିବାରବର୍ଗରୁ ମନୋନୀତ ହୋଇଥିଲେ।
24ନେତା ଶବୂୟେଲ ସଦାପ୍ରଭୁଙ୍କ ମନ୍ଦିରରେ ଥିବା ବହୁମୂଲ୍ୟ
ସାମଗ୍ରୀଗୁଡ଼ିକର ରକ୍ଷଣା ବେକ୍ଷଣ ଦାୟିତ୍ୱରେ ଥିଲେ। ଶବୂୟେଲ,
ଗେର୍ଶୋନଙ୍କ ପୁତ୍ର ଥିଲେ। ଗେର୍ଶୋନ ମୋଶାଙ୍କ ପୁତ୍ର ଥିଲେ।
25ଏହି ସମସ୍ତ ଶବୂୟେଲଙ୍କର ଆତ୍ମୀୟ ଥିଲେ: ଇଲୀୟେଷର
ତାଙ୍କର ଆତ୍ମୀୟ ଥିଲେ: ରହବିୟ, ଇଲୀୟେଷରଙ୍କ ପୁତ୍ର।
ଯିଶାୟାହ, ରହବିୟଙ୍କ ପୁତ୍ର। ଯୋରାମ୍, ଯିଶାୟାହଙ୍କ ପୁତ୍ର।
ସିଖ୍ରି ଯୋରାମଙ୍କ ପୁତ୍ର। ଆଉ ଶଲୋମୀତ୍, ସିଖ୍ରିଙ୍କ ପୁତ୍ର।
26ଦାଉଦ ଯେଉଁ ସମସ୍ତ ବସ୍ତୁ ମନ୍ଦିର ନିମନ୍ତେ ସଂଗ୍ରହ
କରିଥିଲେ, ଶଲୋମୀତ୍ ଓ ତାଙ୍କର ଆତ୍ମୀୟମାନେ ତାହାର
ଦାୟିତ୍ୱରେ ଥିଲେ।

ସେନାଧକ୍ଷମାନେ ମଧ୍ୟ ମନ୍ଦିର ନିମନ୍ତେ ସାମଗ୍ରୀମାନ
ପ୍ରଦାନ କଲେ। 27ଯୁଦ୍ଧରୁ ପ୍ରାପ୍ତ କେତେକ ବସ୍ତୁ ସେମାନେ
ପ୍ରଦାନ କଲେ। ସଦାପ୍ରଭୁଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ
ବ୍ୟବହୃତ ହେବା ନିମନ୍ତେ ସେମାନେ ସେହିସବୁ ବସ୍ତୁ ପ୍ରଦାନ
କଲେ। 28ଶଲୋମୀତ୍ ଓ ତାଙ୍କର ଆତ୍ମୀୟମାନେ
ଭବିଷ୍ୟତ୍‌ବକ୍ତା ଶାମୁୟେଲଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ପବିତ୍ର
ସାମଗ୍ରୀଗୁଡ଼ିକର ଯତ୍ନ ନେଲେ। କୀଶ୍‌ଙ୍କ ପୁତ୍ର ଶାଉଲ;
ନେର୍‌ଙ୍କ ପୁତ୍ର ଅବ୍‌ନର ଓ ସରୁୟାର ପୁତ୍ର ଯୋୟାବ।
ଶଲୋମୀତ୍ ଓ ତାଙ୍କ ଆତ୍ମୀୟମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଲୋକମାନଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ପବିତ୍ର ସାମଗ୍ରୀଗୁଡ଼ିକର
ଯତ୍ନ ନେଲେ।

29କନନିୟ ଯିଷହରୀୟଙ୍କ ପରିବାରରୁ ଆସିଥିଲେ। କନନିୟ
ଓ ତାଙ୍କର ପୁତ୍ରମାନଙ୍କର ମନ୍ଦିର ବାହାରେ କାର୍ଯ୍ୟ କରିବାର
ଦାୟିତ୍ୱ ଥିଲା। ସେମାନେ ଇଶ୍ରାୟେଲର ବିଭିନ୍ନ ସ୍ଥାନରେ
ପୋଲିସ ଓ ବିଚାରକର୍ତ୍ତା ଭାବରେ କାର୍ଯ୍ୟ କରିଥିଲେ।
30ହିବ୍ରୋଣଙ୍କର ପରିବାରରୁ ହଷବିୟ ଓ ତାଙ୍କର ଆତ୍ମୀୟମାନେ
ସଦାପ୍ରଭୁଙ୍କର ସମସ୍ତ କାର୍ଯ୍ୟ ଓ ଯର୍ଦ୍ଦନ ନଦୀର ପଶ୍ଚିମରେ
ଥିବା ରାଜାଙ୍କର ବ୍ୟବସାୟ ଦାୟିତ୍ୱରେ ଥିଲେ। ହଷବିୟଙ୍କ
ଦଳରେ 1,700 ଜଣ ପରାକ୍ରମୀ ବ୍ୟକ୍ତି ଥିଲେ। 31ହିବ୍ରୋଣ
ପରିବାରର ଇତିହାସ ଦର୍ଶାଏ ଯେ, ଯିରିୟ ସେମାନଙ୍କର
ନେତା ଥିଲେ। ଦାଉଦ ଚାଳିଶ ବର୍ଷ ବ୍ୟାପି ରାଜା ଥିବା
ସମୟରେ ପାରିବାରିକ ଇତିହାସଗୁଡ଼ିକୁ ଅନୁସନ୍ଧାନ କରି
ବଳବାନ୍ ଓ ଦକ୍ଷ ଲୋକମାନଙ୍କୁ ଖୋଜି ବାହାର କରିବାକୁ
ଆଦେଶ ଦେଇଥିଲେ। ଗିଲିୟଦର ଯାସେର ସହରରେ ବାସ
କରୁଥିବା ହିବ୍ରୋଣ୍ ପରିବାର ମଧ୍ୟରେ ଏହିପରି କେତେଜଣ
ଲୋକ ମିଳିଲେ। 32ଯିରିୟର ଆତ୍ମୀୟମାନେ ଦକ୍ଷ ଲୋକ
ଥିଲେ ସେମାନଙ୍କ ମଧ୍ୟରୁ 2,700 ଜଣ ପରିବାରର ମୁଖ୍ୟ
ଥିଲେ। ରାଜା ଦାଉଦ ସେମାନଙ୍କୁ ରୂବେନ ଓ ଗାଦ୍
ପରିବାରବର୍ଗମାନଙ୍କର ଓ ମନଃଶିଙ୍କର ଅର୍ଦ୍ଧେକ

ପରିବାରବର୍ଗମାନଙ୍କୁ ପରମେଶ୍ୱରଙ୍କ ସେବା ପାଇଁ ଏବଂ ରାଜାଙ୍କ
କାର୍ଯ୍ୟର ଦାୟିତ୍ୱ ଦେଲେ।

## ସୈନ୍ୟଦଳଗୁଡ଼ିକ

27 ରାଜାଙ୍କ ସୈନ୍ୟବାହିନୀରେ ସେବାକାର୍ଯ୍ୟ କରୁଥିବା
ଇସ୍ରାୟେଲୀୟ ଲୋକଙ୍କର ତାଲିକା ଏହି। ପ୍ରତ୍ୟେକ
ଦଳକୁ ପ୍ରତିବର୍ଷର ଗୋଟିଏ ମାସ ନିମନ୍ତେ କାର୍ଯ୍ୟରେ ରହିବାକୁ
ପଡୁଥିଲା। ଏହି ସମସ୍ତ ପରିବାରର ଶାସକ, କ୍ୟାପ୍ଟେନ୍,
ସେନାଧ୍ୟକ୍ଷ ଓ ପୋଲିସମାନେ ରାଜାଙ୍କର ସେବାକାର୍ଯ୍ୟ କରୁଥିଲେ।
ପ୍ରତ୍ୟେକ ସେନାଦଳରେ 24,000 ଲୋକ ଥିଲେ।
2ଯାଶ୍ବିୟାମ ପ୍ରଥମ ମାସ ନିମନ୍ତେ ପ୍ରଥମ ଦଳର
ଦାୟିତ୍ୱରେ ଥିଲେ। ଯାଶ୍ବିୟାମ ସବ୍ଦୀୟେଲଙ୍କ ପୁତ୍ର ଥିଲେ।
ଯାଶ୍ବିୟାମଙ୍କ ଦଳରେ 24,000 ଲୋକ ଥିଲେ। 3ଯାଶ୍ବିୟାମ୍
ପେରସଙ୍କ ପରିବାରର ଜଣେ ଥିଲେ। ଯାଶ୍ବିୟାମ ପ୍ରଥମ
ମାସ ନିମନ୍ତେ ସମସ୍ତ ସେନାଧ୍ୟକ୍ଷମାନଙ୍କର ନେତା ଥିଲେ।
4ଦୋଦୟ୍ ଦ୍ୱିତୀୟ ମାସ ନିମନ୍ତେ ସୈନ୍ୟଦଳର ଦାୟିତ୍ୱରେ
ଥିଲେ। ସେ ଅହୋହୀୟରୁ ଆସିଥିଲେ। ଦୋଦୟଙ୍କ ଦଳରେ
24,000 ଲୋକ ଥିଲେ।
5ବନାୟ୍ ତୃତୀୟ ସେନାଧ୍ୟକ୍ଷ ଥିଲେ। ବନାୟ୍ ତୃତୀୟ
ମାସର ସେନାଧ୍ୟକ୍ଷ ଥିଲେ। ବନାୟ୍ ଯିହୋୟାଦାଙ୍କ ପୁତ୍ର
ଥିଲେ। ଯିହୋୟାଦା ମୁଖ୍ୟ ଯାଜକ ଥିଲେ। ବନାୟଙ୍କ
ଦଳରେ 24,000 ଲୋକ ଥିଲେ। 6ସେହି ବନାୟ୍ ହିଁ
ତିରିଶ ଜଣ ବୀରଙ୍କ ମଧ୍ୟରେ ଜଣେ ସାହସୀ ବୀର ଥିଲେ।
ବନାୟ୍ ସେହି ଲୋକମାନଙ୍କୁ ପରିଚାଳିତ କରୁଥିଲେ। ବନାୟଙ୍କ
ପୁତ୍ର ଅମ୍ମୀଷାବଦ ବନାୟଙ୍କ ଦଳର ଦାୟିତ୍ୱରେ ଥିଲେ।
7ଅସାହେଲ ଚତୁର୍ଥ ସେନାଧ୍ୟକ୍ଷ ଥିଲେ। ସେ ଯୋୟାବ୍‌ଙ୍କ
ଭ୍ରାତା ଥିଲେ ଏବଂ ତାଙ୍କ ପରେ ତାଙ୍କ ପୁତ୍ର ସବଦୟ୍
ସେନାଧ୍ୟକ୍ଷ ହେଲେ। ଅସାହେଲ ଚତୁର୍ଥ ମାସର ସେନାଧ୍ୟକ୍ଷ
ଥିଲେ। ଅସାହେଲଙ୍କ ସୈନ୍ୟ ଦଳରେ 24,000 ଲୋକ
ଥିଲେ।
8ଯିଷ୍ରାହୀୟର ପଞ୍ଚମ ମାସ ପାଇଁ ପଞ୍ଚମ ସେନାଧ୍ୟକ୍ଷ
ଶମ୍ହୋତ୍‌ରେ ଥିଲେ। ତାଙ୍କ ଦଳରେ 24,000 ଲୋକ
ଥିଲେ।
9ଇରା ଷଷ୍ଠ ମାସରେ ସେନାଧ୍ୟକ୍ଷ ଥିଲେ। ଇରା ଇକ୍କେଶଙ୍କ
ପୁତ୍ର ଥିଲେ। ଇକ୍କେଶ ତକ୍କୋୟୀୟ୍ ସହର ନିବାସୀ ଥିଲେ।
ଇରାଙ୍କ ଦଳରେ 24,000 ଲୋକ ଥିଲେ।
10ହେଲସ୍ ସପ୍ତମ ସେନାଧ୍ୟକ୍ଷ ଥିଲେ। ହେଲସ୍ ସପ୍ତମ
ମାସର ସେନାଧ୍ୟକ୍ଷ ଥିଲେ। ସେ ଜଣେ ଅଜ୍ଞାତ ଜାଗାର
ଇଫ୍ରୟିମୀୟ୍ ଲୋକ। ହେଲସ୍‌ଙ୍କ ଦଳରେ 24,000 ଲୋକ
ଥିଲେ।
11ସିବ୍ବଖୟ୍ ଅଷ୍ଟମ ସେନାଧ୍ୟକ୍ଷ ଥିଲେ। ସିବ୍ବଖୟ୍ ଅଷ୍ଟମ
ମାସର ସେନାଧ୍ୟକ୍ଷ ଥିଲେ। ସିବ୍ବଖୟ୍ ହୂଶାତୀୟରୁ ଆସିଥିଲେ।
ସିବ୍ବଖୟ୍ ସେରହଙ୍କ ପରିବାରରୁ ଆସିଥିଲେ। ସିବ୍ବଖୟଙ୍କ
ଦଳରେ 24,000 ଲୋକ ଥିଲେ।
12ଅବୀୟେଷର ନବମ ସେନାଧ୍ୟକ୍ଷ ଥିଲେ। ଅବୀୟେଷର
ନବମ ମାସର ସେନାଧ୍ୟକ୍ଷ ଥିଲେ। ଅବୀୟେଷର୍ ଅନାଥୋତ୍
ସହରରୁ ଆସିଥିଲେ। ଅବୀୟେଷର ବିନ୍ୟାମୀନ ଗୋଷ୍ଠୀରୁ
ଆସିଥିଲେ। ଅବୀୟେଷର୍‌ଙ୍କ ଦଳରେ 24,000 ଲୋକ
ଥିଲେ।
13ମହରୟ୍ ଦଶମ ସେନାଧ୍ୟକ୍ଷ ଥିଲେ। ମହରୟ୍ ଦଶମ
ମାସର ସେନାଧ୍ୟକ୍ଷ ଥିଲେ। ମହରୟ୍ ନଟୋଫାରୁ ଆସିଥିଲେ।
ସେ ସେରହଙ୍କ ପରିବାରରୁ ଆସିଥିଲେ। ମହରୟଙ୍କ ଦଳରେ
24,000 ଲୋକ ଥିଲେ।
14ବନାୟ୍ ଏକାଦଶତମ ସେନାଧ୍ୟକ୍ଷ ଥିଲେ। ବନାୟ୍
ଏକାଦଶ ମାସର ସେନାଧ୍ୟକ୍ଷ ଥିଲେ। ବନାୟ୍ ପିରିୟାଥୋନ୍‌ରୁ
ଆସିଥିଲେ। ବନାୟ୍ ଇଫ୍ରୟିମ ପରିବାରବର୍ଗରୁ ଆସିଥିଲେ।
ବନାୟଙ୍କ ଦଳରେ 24,000 ଲୋକ ଥିଲେ।
15ହିଲ୍‌ଦୟ୍ ଦ୍ୱାଦଶତମ ସେନାଧ୍ୟକ୍ଷ ଥିଲେ। ହିଲ୍‌ଦୟ୍
ଦ୍ୱାଦଶ ମାସର ସେନାଧ୍ୟକ୍ଷ ଥିଲେ। ହିଲ୍‌ଦୟ୍ ନଟୋଫାରୁ
ଆସିଥିଲେ। ହିଲ୍‌ଦୟ୍ ଅତ୍‌ନୀୟେଲ ପରିବାରରୁ ଆସିଥିଲେ।
ହିଲ୍‌ଦୟଙ୍କ ଦଳରେ 24,000 ଲୋକ ଥିଲେ।

## ଗୋଷ୍ଠୀଗୁଡ଼ିକର ନେତାଗଣ

16ଇସ୍ରାୟେଲର ଗୋଷ୍ଠୀଗୁଡ଼ିକର ନେତାମାନେ ଥିଲେ:

ରୁବେନ୍: ସିଖ୍ରିଙ୍କ ପୁତ୍ର ଇଲୀୟେଷର୍।
ଶିମିୟୋନ୍: ମାଖାଙ୍କ ପୁତ୍ର ଶଫଟିୟ୍
17 ଲେବୀ: କମୂୟେଲଙ୍କ ପୁତ୍ର ହଶ୍‌ବୟ୍।
ହାରୋଣ୍: ସାଦୋକ୍
18 ଯିହୁଦା: ଇଲୀହୂ (ଇଲୀହୂ, ଦାଉଦଙ୍କର ଭ୍ରାତାମାନଙ୍କ
ମଧ୍ୟରୁ ଜଣେ ଥିଲେ।)
ଇଷାଖର: ମୀଖାୟେଲଙ୍କ ପୁତ୍ର ଅମ୍ରି।
19 ସବୂଲୂନ୍: ଓବଦୟଙ୍କ ପୁତ୍ର ଯିଶମୟିମ୍।
ନପ୍ତାଲି: ଅସ୍ରିୟେଲ୍‌ଙ୍କ ପୁତ୍ର ଯିରେମୋତ୍।
20 ଇଫ୍ରୟିମ: ଅସସିୟଙ୍କ ପୁତ୍ର ହୋଶେୟ୍।
ପଶ୍ଚିମ ମନଃଶିର: ପଦାୟଙ୍କ ପୁତ୍ର ଯୋୟେଲ।
21 ପୂର୍ବ ମନଃଶିର: ଯିଖରୟଙ୍କ ପୁତ୍ର ଯିଦୋ।
ବିନ୍ୟାମୀନ: ଅବ୍‌ନରଙ୍କ ପୁତ୍ର ଯାସୀୟେଲ।
22 ଦାନ୍: ଯିରୋହମ୍‌ଙ୍କ ପୁତ୍ର ଅସରେଲ।

ଏହି ସମସ୍ତେ ଇସ୍ରାୟେଲ ପରିବାରର ନେତାଗଣ ଥିଲେ।

## ଦାଉଦ ଇସ୍ରାୟେଲୀୟମାନଙ୍କୁ ଗଣନା କଲେ

23ଦାଉଦ ଇସ୍ରାୟେଲର ଲୋକମାନଙ୍କୁ ଗଣିବା ନିମନ୍ତେ
ସ୍ଥିର କଲେ। ସେଠାରେ ବହୁତ ଅଧିକ ଲୋକ ଥିଲେ,
କାରଣ ପରମେଶ୍ୱର ପ୍ରତିଜ୍ଞା କରିଥିଲେ ଯେ, ସେ ଇସ୍ରାୟେଲର
ଲୋକମାନଙ୍କୁ ଆକାଶର ତାରାଗଣ ତୁଲ୍ୟ ଅଗଣ୍ୟ କରିବେ।
ତେଣୁ ଦାଉଦ କେବଳ 20 ବର୍ଷ ବୟସ୍କ ଓ ତଦୁର୍ଦ୍ଧ୍ୱ
ବୟସର ଲୋକଙ୍କୁ ଗଣନା କଲେ। 24ସରୁୟାଙ୍କ ପୁତ୍ର
ଯୋୟାବ୍ ଲୋକମାନଙ୍କୁ ଗଣିବା ଆରମ୍ଭ କଲେ, ମାତ୍ର ଶେଷ
କରିପାରିଲେ ନାହିଁ। ପରମେଶ୍ୱର ଇସ୍ରାୟେଲର ଲୋକଙ୍କ ପ୍ରତି
କ୍ରୋଧାନ୍ୱିତ ହୋଇ ଉଠିଲେ। ସେଥି ନିମନ୍ତେ "ରାଜା ଦାଉଦଙ୍କ
ଇତିହାସ" ପୁସ୍ତକରେ ଲୋକମାନଙ୍କ ସଂଖ୍ୟା ଲେଖାଯାଇ
ନାହିଁ।

## ରାଜାଙ୍କର କାର୍ଯ୍ୟନିର୍ବାହକଗଣ

25ରାଜାଙ୍କ ସଂପତ୍ତିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା
ଲୋକମାନଙ୍କର ତାଲିକା ଏହି:

ଅଦୀୟେଲ୍‌ଙ୍କ ପୁତ୍ର ଅସ୍‌ମାବତ ରାଜାଙ୍କ ଭଣ୍ଡାରଘର
ଦାୟିତ୍ୱରେ ଥିଲେ।
ଉଷିୟଙ୍କ ପୁତ୍ର ଯୋନାଥନ କ୍ଷୁଦ୍ର ସହର,
ଗ୍ରାମ, କ୍ଷେତ ଓ ଦୁର୍ଗମାନଙ୍କରେ ଥିବା ଭଣ୍ଡାରଘର
ଗୁଡ଼ିକର ଦାୟିତ୍ୱରେ ଥିଲେ।
26 କଲୂବ୍‌ଙ୍କ ପୁତ୍ର ଇଷ୍ରି କ୍ଷେତମାନଙ୍କରେ କାର୍ଯ୍ୟ କରୁଥିବା
ଲୋକମାନଙ୍କ ଦାୟିତ୍ୱରେ ଥିଲେ।
27 ରାମାଥୀୟଙ୍କ ପୁତ୍ର ଶିମିୟି ଦ୍ରାକ୍ଷା କ୍ଷେତଗୁଡ଼ିକର
ଦାୟିତ୍ୱରେ ଥିଲେ।
ଶିଫମୀର ପୁତ୍ର ଜାବଦି ସଂଗ୍ରହାଗାର ଓ ଦ୍ରାକ୍ଷା
କ୍ଷେତମାନଙ୍କରୁ ଆସୁଥିବା ମଦ୍ୟର
ଦାୟିତ୍ୱରେ ଥିଲେ।
28 ଗାଦେରୀୟର ବାଲ୍‌ହାନନ୍ ପଶ୍ଚିମସ୍ଥ ପାର୍ବତ୍ୟମୟ
ଦେଶରେ ଥିବା ଅଲିଭ୍ ବୃକ୍ଷ ଓ ଡମ୍ବିର ଜାତୀୟ
ବୃକ୍ଷ ସବୁର ଦାୟିତ୍ୱରେ ଥିଲେ।
ଯୋୟାଶ ଅଲିଭ ତୈଳକୁ ସଞ୍ଚୟ କରି ରଖିବା
ଦାୟିତ୍ୱରେ ଥିଲେ।
29 ଶାରୋଣୀୟ ଶିଟ୍ରୟ ଶାରୋଣର ଚତୁର୍ଦ୍ଦିଗସ୍ଥ ପଶୁପଲର
ଦାୟିତ୍ୱରେ ଥିଲେ।
ଅଦ୍‌ଲୟଙ୍କ ପୁତ୍ର ଶାଫଟ୍ ଉପତ୍ୟକାସ୍ଥ ପଶୁପଲର
ଦାୟିତ୍ୱରେ ଥିଲେ।
30 ଇଶ୍‌ମାୟେଲୀୟ ଓବୀଲ୍ ଓଟମାନଙ୍କର ଦାୟିତ୍ୱରେ
ଥିଲେ।
ମେରୋଣୋଥୀୟ ଯେହଦୀୟ ଗଧମାନଙ୍କର ଦାୟିତ୍ୱରେ
ଥିଲେ।
31 ହାଗରୀୟ ଯାସୀଷ୍ ମେଷମାନଙ୍କର ଦାୟିତ୍ୱରେ ଥିଲେ।

ଏହି ସମସ୍ତ ବ୍ୟକ୍ତି ରାଜା ଦାଉଦଙ୍କର ସମ୍ପତ୍ତିର ଦାୟିତ୍ୱରେ
ଥିଲେ।
32ଯୋନାଥନ ଜଣେ ଜ୍ଞାନୀ ପରାମର୍ଶଦାତା ଓ ଲେଖକ
ଥିଲେ। ଯୋନାଥନ ଦାଉଦଙ୍କର କାକା ଥିଲେ। ଅକ୍‌ମୋନିଙ୍କ
ପୁତ୍ର ଯିହୀୟେଲ୍ ରାଜାଙ୍କ ପୁତ୍ରଗଣଙ୍କର ଯତ୍ନ ନେଉଥିଲେ।
33ଅହୀଥୋଫଲ ରାଜାଙ୍କର ପରାମର୍ଶଦାତା ଥିଲେ। ହୂଶୟ
ରାଜାଙ୍କ ବନ୍ଧୁ ଥିଲେ। ହୂଶୟ ଅର୍କୀୟ ଲୋକମାନଙ୍କ ମଧ୍ୟରୁ
ଆସିଥିଲେ। 34ଯିହୋୟାଦା ଓ ଅବୟାଥର୍ ପରେ ଅହୀଥୋଫଲଙ୍କ
ସ୍ଥାନରେ ରାଜାଙ୍କର ପରାମର୍ଶଦାତା ହେଲେ। ଯିହୋୟାଦା
ବନାୟଙ୍କ ପୁତ୍ର ଥିଲେ। ଯୋୟାବ୍ ରାଜାଙ୍କ ସୈନ୍ୟଦଳର
ସେନାପତି ଥିଲେ।

## ମନ୍ଦିର ନିମନ୍ତେ ରାଜାଙ୍କର ଯୋଜନା

28 ଦାଉଦ ଇଶ୍ରାୟେଲ ଲୋକମାନଙ୍କର ସମସ୍ତ
ନେତାଗଣଙ୍କୁ ଏକତ୍ର କଲେ। ସେ ସେହି ନେତାଗଣଙ୍କୁ
ଯିରୁଶାଲମକୁ ଆସିବା ନିମନ୍ତେ ଆଦେଶ ଦେଲେ। ଦାଉଦ
ସବୁ ଗୋଷ୍ଠୀର ନେତାଗଣ, ରାଜାଙ୍କ ସୈନ୍ୟଦଳର ସେନାଧ୍ୟକ୍ଷଗଣ,
ଅଧ୍ୟକ୍ଷଗଣ, ସେନାପତିଗଣ, ରାଜା ଓ ତାହାଙ୍କ ପୁତ୍ରମାନଙ୍କର
ସଂପତ୍ତି ଓ ପଶୁପଲର ଯତ୍ନ ନେଉଥିବା କାର୍ଯ୍ୟକାରୀଗଣ,
ରାଜାଙ୍କର ବିଶେଷ କର୍ମଚାରୀଗଣ, ପରାକ୍ରମୀ ବୀରଗଣ, ଓ
ସମସ୍ତ ସାହସୀ ସୈନ୍ୟଗଣଙ୍କୁ ଡାକି ପଠାଇଲେ।
2ରାଜା ଦାଉଦ ଉଠି ଠିଆ ହେଲେ ଓ କହିଲେ, "ହେ
ମୋର ଭ୍ରାତା ଓ ମୋର ଲୋକଗଣ, ମୋର କଥା ଶୁଣ।
ମୋର ହୃଦୟରେ ମୁଁ ସଦାପ୍ରଭୁଙ୍କ ନିୟମସିନ୍ଦୁକ ରଖିବା
ନିମନ୍ତେ ଏକ ସ୍ଥାନ ନିର୍ମାଣ କରିବାକୁ ମୁଁ ଇଚ୍ଛା କରିଥିଲି।
ପରମେଶ୍ୱରଙ୍କ ପାଦପୀଠ ହେବା ନିମନ୍ତେ ଏକ ସ୍ଥାନ ନିର୍ମାଣ
କରିବାକୁ ମୁଁ ଇଚ୍ଛା କରିଥିଲି। ଆଉ, ପରମେଶ୍ୱରଙ୍କ ସେହି
ମନ୍ଦିର ନିର୍ମାଣ କରିବା ନିମନ୍ତେ ମୁଁ ଅନେକ ଯୋଜନାମାନ
କରିଥିଲି। 3କିନ୍ତୁ ପରମେଶ୍ୱର ମୋତେ କହିଲେ, 'ନା,
ଦାଉଦ, ତୁମ୍ଭେ ମୋ ନାମରେ ଆଦୌ ମନ୍ଦିର ନିର୍ମାଣ କରିବ
ନାହିଁ। ତୁମ୍ଭେ ତାହା କରିବ ନାହିଁ, କାରଣ ତୁମ୍ଭେ ଜଣେ
ସୈନିକ ଓ ତୁମ୍ଭେ ଅନେକ ଲୋକଙ୍କୁ ହତ୍ୟା କରିଅଛ।'
4"ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱର ଇଶ୍ରାୟେଲର
ବାରଗୋଟି ଗୋଷ୍ଠୀକୁ ପରିଚାଳିତ କରିବା ନିମନ୍ତେ ଯିହୁଦା
ଗୋଷ୍ଠୀକୁ ମନୋନୀତ କଲେ। ଏହାପରେ ସେହି ଗୋଷ୍ଠୀରୁ
ସଦାପ୍ରଭୁ ମୋର ପିତାଙ୍କ ପରିବାରକୁ ମନୋନୀତ କଲେ।
ଆଉ ସେହି ପରିବାରରୁ ପରମେଶ୍ୱର ମୋତେ ଚିରକାଳ
ନିମନ୍ତେ ଇଶ୍ରାୟେଲର ରାଜା ହେବା ନିମନ୍ତେ ମନୋନୀତ
କଲେ। ପରମେଶ୍ୱର ମୋତେ ଇଶ୍ରାୟେଲର ରାଜା କରିବାକୁ
ଇଚ୍ଛା କଲେ। 5ସଦାପ୍ରଭୁ ମୋତେ ଅନେକ ପୁତ୍ର ଦେଇଛନ୍ତି।
ଆଉ ଏହି ସମସ୍ତ ପୁତ୍ରଗଣଙ୍କ ମଧ୍ୟରୁ ସଦାପ୍ରଭୁ ଶଲୋମନଙ୍କୁ
ସଦାପ୍ରଭୁଙ୍କ ରାଜ୍ୟର ସିଂହାସନରେ ବସିବା ପାଇଁ ଏବଂ
ଇଶ୍ରାୟେଲରେ ଶାସନ କରିବା ପାଇଁ ମନୋନୀତ କରିଅଛନ୍ତି।
6ସଦାପ୍ରଭୁ ମୋତେ କହିଲେ, 'ଦାଉଦ, ତୁମ୍ଭର ପୁତ୍ର ଶଲୋମନ
ଆମ୍ଭର ମନ୍ଦିର ଓ ତାହାର ଚତୁର୍ଦ୍ଦିଗସ୍ଥ ମନ୍ଦିର ପ୍ରାଙ୍ଗଣ ନିର୍ମାଣ
କରିବ। କାହିଁକି? କାରଣ, ଆମ୍ଭେ ଶଲୋମନଙ୍କୁ ଆମ୍ଭର
ପୁତ୍ରରୂପେ ମନୋନୀତ କରିଅଛୁ ଓ ଆମ୍ଭେ ତାହାର ପିତା
ହେବା। 7ଶଲୋମନ ବର୍ତ୍ତମାନ ଆମ୍ଭର ସମସ୍ତ ବ୍ୟବସ୍ଥା ଓ
ଆଜ୍ଞାର ବାଧ୍ୟ ହେଉଅଛି। ଯଦି ସେ ଆମ୍ଭର ବ୍ୟବସ୍ଥାଗୁଡ଼ିକର
ବାଧ୍ୟ ହେବା ଜାରି ରଖିବ, ତେବେ ଆମ୍ଭେ ଚିରକାଳ ନିମନ୍ତେ
ଶଲୋମନର ରାଜ୍ୟକୁ ଦୃଢ଼ କରିବା।'"
8ଦାଉଦ କହିଲେ, "ବର୍ତ୍ତମାନ, ସମଗ୍ର ଇଶ୍ରାୟେଲ ଓ
ପରମେଶ୍ୱରଙ୍କ ସାକ୍ଷାତରେ ମୁଁ ତୁମ୍ଭମାନଙ୍କୁ ଏହିକଥା କହୁଅଛି:
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କ ଦତ୍ତ ଆଦେଶଗୁଡ଼ିକର
ବାଧ୍ୟ ହେବା ନିମନ୍ତେ ଅତ୍ୟନ୍ତ ଯତ୍ନଶୀଳ ହୁଅ। ତେବେ
ତୁମ୍ଭେମାନେ ଏହି ଉତ୍ତମ ଦେଶକୁ ରକ୍ଷା କରିପାରିବ। ଆଉ,
ତୁମ୍ଭେ ତୁମ୍ଭର ବଂଶଧରମାନଙ୍କୁ ତାହା ଦେଇପାରିବ।"
9"ଏବଂ ତୁମ୍ଭେ, ମୋର ପୁତ୍ର ଶଲୋମନ, ତୁମ୍ଭ ପିତାର
ପରମେଶ୍ୱରଙ୍କୁ ଜାଣିଅଛ। ଶୁଦ୍ଧ ହୃଦୟରେ ପରମେଶ୍ୱରଙ୍କର
ସେବା କର। ପରମେଶ୍ୱରଙ୍କ ସେବା କରିବା ନିମନ୍ତେ
ହୃଦୟରେ ଆନନ୍ଦିତ ହୁଅ। କାହିଁକି? କାରଣ ପ୍ରତିଟି ବ୍ୟକ୍ତିର
ହୃଦୟରେ କ'ଣ ଅଛି, ତାହା ସଦାପ୍ରଭୁ ଜାଣନ୍ତି। ସଦାପ୍ରଭୁ
ତୁମ୍ଭ ହୃଦୟର ସମସ୍ତ ଚିନ୍ତାକୁ ବୁଝିପାରନ୍ତି। ଯଦି ତୁମ୍ଭେ

ସଦାପ୍ରଭୁଙ୍କ ନିକଟକୁ ସାହାଯ୍ୟ ମାଗିବା ନିମନ୍ତେ ଯିବ, ତୁମ୍ଭେ ଉତ୍ତର ପାଇବ। କିନ୍ତୁ, ତୁମ୍ଭେ ଯଦି ସଦାପ୍ରଭୁଙ୍କଠାରୁ ଫେରି ଦୂରକୁ ଚାଲିଯିବ, ତେବେ ସେ ତୁମ୍ଭକୁ ଚିରକାଳ ନିମନ୍ତେ ତ୍ୟାଗ କରିବେ। **10**ଶଲୋମନ, ସଦାପ୍ରଭୁ ଯେ ତୁମ୍ଭକୁ ତାଙ୍କର ପବିତ୍ରସ୍ଥାନର ମନ୍ଦିର ନିର୍ମାଣ କରିବା ନିମନ୍ତେ ମନୋନୀତ କରିଅଛନ୍ତି, ଏହା ତୁମ୍ଭର ବୁଝିବା ଉଚିତ୍। ଶକ୍ତିଶାଳୀ ହୁଅ ଏବଂ ଏହା କର।"

**11**ଏହାପରେ ଦାଉଦ ଶଲୋମନଙ୍କୁ ମନ୍ଦିର ନିର୍ମାଣ କରିବା ନିମନ୍ତେ ଯୋଜନାମାନ ପ୍ରଦାନ କଲେ। ମନ୍ଦିର ଚତୁର୍ଦ୍ଦିଗସ୍ଥ ବାରଣ୍ଡା, ତାହାର ଅଟ୍ଟାଳିକାମାନ, ତାହାର ଭଣ୍ଡାରଘରମାନ, ତାହାର ଉପରସ୍ଥ କୋଠରୀମାନ, ତାହାର ଭିତରର କୋଠରୀମାନ ଓ ଦୟାସନର ସ୍ଥାନ ନିମନ୍ତେ ମଧ୍ୟ ଏହି ଯୋଜନା ହୋଇଥିଲା। **12**ଦାଉଦ ମନ୍ଦିରର ସମସ୍ତ ବିଭାଗ ନିମନ୍ତେ ଯୋଜନା ପ୍ରସ୍ତୁତ କରିଥିଲେ। ଦାଉଦ ଶଲୋମନଙ୍କୁ ସେହି ଯୋଜନାଗୁଡ଼ିକ ଦେଲେ। ଦାଉଦ ତାହାଙ୍କୁ ସଦାପ୍ରଭୁଙ୍କ ମନ୍ଦିରର ଚତୁର୍ଦ୍ଦିଗସ୍ଥ ଅଗଣା ଓ ତାହାର ଚତୁର୍ଦ୍ଦିଗସ୍ଥ କୋଠରୀ ସମସ୍ତର ଯୋଜନା ପ୍ରଦାନ କଲେ। ଦାଉଦ ତାହାଙ୍କୁ ମନ୍ଦିରର ଭଣ୍ଡାର ଘର ଓ ମନ୍ଦିର ମଧ୍ୟରେ ବ୍ୟବହୃତ ହେଉଥିବା ପବିତ୍ର ସାମଗ୍ରୀଗୁଡ଼ିକର ଭଣ୍ଡାରଘର ଗୁଡ଼ିକର ଯୋଜନା ପ୍ରଦାନ କଲେ। **13**ଦାଉଦ ଶଲୋମନଙ୍କୁ ଯାଜକ ଓ ଲେବୀୟମାନଙ୍କ ଦଳ ବିଷୟରେ କହିଲେ। ଦାଉଦ ଶଲୋମନଙ୍କୁ ସଦାପ୍ରଭୁଙ୍କ ମନ୍ଦିରର ସେବାକାର୍ଯ୍ୟ ବିଷୟକ ସମସ୍ତ କାର୍ଯ୍ୟ ଓ ମନ୍ଦିରସେବାରେ ବ୍ୟବହୃତ ସକଳ ସାମଗ୍ରୀ ବିଷୟରେ କହିଲେ। **14**ମନ୍ଦିରରେ ବ୍ୟବହୃତ ହେବାକୁ ଥିବା ସକଳ ସାମଗ୍ରୀର ନିର୍ମାଣ ନିମନ୍ତେ କେତେ ପରିମାଣର ସ୍ୱର୍ଣ୍ଣ ଓ ରୌପ୍ୟ ବ୍ୟବହୃତ କରାଯିବା ଉଚିତ, ତାହା ଦାଉଦ ଶଲୋମନଙ୍କୁ କହିଲେ। **15**ସ୍ୱର୍ଣ୍ଣଦୀପ, ଦୀପରୁଖା ନିମନ୍ତେ ଯୋଜନାମାନ ଥିଲା, ଆଉ ରୌପ୍ୟ ଦୀପ ଓ ଦୀପରୁଖା ନିମନ୍ତେ ମଧ୍ୟ ଯୋଜନାମାନ ଥିଲା। ପ୍ରତିଟି ଦୀପରୁଖା ଓ ତାହାର ଦୀପ ନିମନ୍ତେ କେତେ ପରିମାଣର ସ୍ୱର୍ଣ୍ଣ ଓ ରୌପ୍ୟ ଆବଶ୍ୟକ ହେବ, ତାହା ଦାଉଦ ଶଲୋମନଙ୍କୁ ଜଣାଇଲେ। ଯେଉଁ ଯେଉଁ ସ୍ଥାନମାନଙ୍କରେ ଆବଶ୍ୟକ ସେହି ସ୍ଥାନମାନଙ୍କରେ ବିଭିନ୍ନ ପ୍ରକାର ଦୀପରୁଖାମାନ ବ୍ୟବହୃତ ହେବାର ଥିଲା। **16**ପବିତ୍ର ରୋଟୀର ମେଜ ନିମନ୍ତେ କେତେ ପରିମାଣର ସ୍ୱର୍ଣ୍ଣ ଆବଶ୍ୟକ ହେବ, ଦାଉଦ ତାହା କହିଲେ। ରୌପ୍ୟ ମେଜଗୁଡ଼ିକ ନିମନ୍ତେ କେତେ ପରିମାଣର ରୌପ୍ୟ ଆବଶ୍ୟକ ହେବ, ଦାଉଦ ତାହା କହିଲେ। **17**କଣ୍ଟାଚାମଚ., ସିଞ୍ଚନକାରୀ ପାତ୍ର ଓ କୁମ୍ଭ ନିର୍ମାଣ କରିବା ନିମନ୍ତେ କେତେ ପରିମାଣର ସ୍ୱର୍ଣ୍ଣ ଆବଶ୍ୟକ ହେବ, ଦାଉଦ ତାହା କହିଲେ। ପ୍ରତ୍ୟେକ ସ୍ୱର୍ଣ୍ଣ ପାତ୍ର ନିମନ୍ତେ କେତେ ପରିମାଣର ସ୍ୱର୍ଣ୍ଣ ଆବଶ୍ୟକ ହେବ ଓ ପ୍ରତ୍ୟେକ ରୌପ୍ୟପାତ୍ର ନିମନ୍ତେ କେତେ ପରିମାଣର ରୌପ୍ୟ ଆବଶ୍ୟକ ହେବ, ତାହା ଦାଉଦ କହିଲେ। **18**ସୁଗନ୍ଧିଧୂପର ଯଜ୍ଞବେଦୀ ନିମନ୍ତେ କେତେ ପରିମାଣର ଶୁଦ୍ଧ ସ୍ୱର୍ଣ୍ଣ ଆବଶ୍ୟକ ହେବ, ତାହା ଦାଉଦ କହିଲେ। ଦାଉଦ ଆହୁରି ମଧ୍ୟ ଶଲୋମନଙ୍କୁ ପରମେଶ୍ୱରଙ୍କ ରଥ–ଦୟାସନ ସହିତ ନିୟମସିନ୍ଦୁକ ଉପରେ କିରୂବଦୂତଗଣ ପକ୍ଷ ବିସ୍ତାର କରି ରହିଥିବାର ଯୋଜନା ମଧ୍ୟ ପ୍ରଦାନ କଲେ। କିରୂବ ଦୂତଗଣ ସ୍ୱର୍ଣ୍ଣ ନିର୍ମିତ ଥିଲେ।

**19**ଦାଉଦ କହିଲେ, "ସଦାପ୍ରଭୁ ମୋତେ ପରିଚାଳନା ଦେବା ସହିତ ଏହି ସମସ୍ତ ଯୋଜନା ଲିଖିତ ହୋଇଅଛି। ସଦାପ୍ରଭୁ ମୋତେ ଏହି ଯୋଜନାରେ ଲିଖିତ ସମସ୍ତ ବିଷୟ ବୁଝିବାରେ ସାହାଯ୍ୟ କରିଅଛନ୍ତି।"

**20**ଦାଉଦ ତାଙ୍କର ପୁତ୍ର ଶଲୋମନଙ୍କୁ ଆହୁରି ମଧ୍ୟ କହିଲେ, "ବଳବାନ୍ ଓ ସାହସୀ ହୁଅ ଏବଂ ଏହିକାର୍ଯ୍ୟ ଶେଷ କର। ଭୟ କରନାହିଁ, କାରଣ ସଦାପ୍ରଭୁ ପରମେଶ୍ୱର, ମୋର ପରମେଶ୍ୱର, ତୁମ୍ଭ ସହିତରେ ଅଛନ୍ତି। ସମସ୍ତ କାର୍ଯ୍ୟ ସମାପ୍ତ ହେବା ପର୍ଯ୍ୟନ୍ତ ସେ ତୁମ୍ଭକୁ ସାହାଯ୍ୟ କରିବେ। ସେ ତୁମ୍ଭକୁ ତ୍ୟାଗ କରିବେ ନାହିଁ। ତୁମ୍ଭେ ସଦାପ୍ରଭୁଙ୍କ ମନ୍ଦିର ନିର୍ମାଣ କରିବ। **21**ପରମେଶ୍ୱରଙ୍କ ମନ୍ଦିରର ସମସ୍ତ କାର୍ଯ୍ୟ କରିବା ନିମନ୍ତେ ଯାଜକ ଓ ଲେବୀୟମାନଙ୍କ ଦଳ ପ୍ରସ୍ତୁତ ହୋଇ ରହିଛନ୍ତି। ସମସ୍ତ କାର୍ଯ୍ୟରେ ତୁମ୍ଭକୁ ସାହାଯ୍ୟ କରିବା ନିମନ୍ତେ ସମସ୍ତ ଦକ୍ଷ କାରିଗରମାନେ ପ୍ରସ୍ତୁତ ହୋଇ ରହିଛନ୍ତି। ତୁମ୍ଭେ ଯେଉଁସବୁ ଆଦେଶ ଦେବ, ତାହା ସମସ୍ତ କାର୍ଯ୍ୟକାରୀ ଓ ଲୋକମାନେ ପାଳନ କରିବେ।"

## ମନ୍ଦିର ନିର୍ମାଣ ନିମନ୍ତେ ଭେଟୀ

**29** ଏକତ୍ରିତ ହୋଇଥିବା ଇସ୍ରାଏଲର ସମସ୍ତ ଲୋକଙ୍କୁ ରାଜା ଦାଉଦ କହିଲେ, "ପରମେଶ୍ୱର ମୋର ପୁତ୍ର ଶଲୋମନକୁ ମନୋନୀତ କରିଅଛନ୍ତି। ଶଲୋମନ ଅଳ୍ପବୟସ୍କ ଅଟେ ଓ ଏହି କାର୍ଯ୍ୟ ନିମନ୍ତେ ଯେଉଁ ସମସ୍ତ ବିଷୟ ଆବଶ୍ୟକ, ସେ ତାହା ଜାଣେ ନାହିଁ? କିନ୍ତୁ ଏହି କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ଅଟେ। ଏହି ମନ୍ଦିର ଲୋକମାନଙ୍କ ନିମନ୍ତେ ନୁହେଁ, ଏହି ମନ୍ଦିର ସଦାପ୍ରଭୁ ପରମେଶ୍ୱରଙ୍କ ନିମନ୍ତେ ଅଟେ। **2**ପରମେଶ୍ୱରଙ୍କ ମନ୍ଦିର ନିର୍ମାଣ କରିବା ନିମନ୍ତେ ମୁଁ ମୋର ସାଧ୍ୟମତେ ଯୋଜନା ପାଇଁ ଚେଷ୍ଟା କରିଅଛି। ମୁଁ ସ୍ୱର୍ଣ୍ଣରେ ନିର୍ମିତ ହେବାକୁ ଥିବା ସାମଗ୍ରୀଗୁଡିକ ନିମନ୍ତେ ସ୍ୱର୍ଣ୍ଣ ଦେଇଅଛି। ମୁଁ ରୌପ୍ୟରେ ନିର୍ମିତ ହେବାକୁ ଥିବା ସାମଗ୍ରୀଗୁଡିକ ନିମନ୍ତେ ରୌପ୍ୟ ଦେଇଅଛି। ମୁଁ ପିତ୍ତଳରେ ନିର୍ମିତ ହେବାକୁ ଥିବା ସାମଗ୍ରୀଗୁଡ଼ିକ ନିମନ୍ତେ ପିତ୍ତଳ ଦେଇଅଛି। ମୁଁ ଲୌହରେ ନିର୍ମିତ ହେବାକୁ ଥିବା ସାମଗ୍ରିଗୁଡିକ ନିମନ୍ତେ ଲୌହ ଦେଇଅଛି। ମୁଁ କାଠର ନିର୍ମିତ ହେବାକୁ ଥିବା ସାମଗ୍ରିଗୁଡ଼ିକ ନିମନ୍ତେ କାଠ ଦେଇଅଛି। ମୁଁ ଚିତ୍ରବିଚିତ୍ର ଟାଇଲ୍ ଓ ପ୍ରସ୍ତର ଖୋଦନ କାର୍ଯ୍ୟ ପାଇଁ ଓ ଗୋମେଦକମଣି ଓ ସମସ୍ତ ପ୍ରକାର ବିଭିନ୍ନରଙ୍ଗର ବହୁମୂଲ୍ୟ ପ୍ରସ୍ତର ଓ ଶୁଭ୍ର ମାର୍ବଲପ୍ରସ୍ତର ଦେଇଅଛି। ସଦାପ୍ରଭୁଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ନିମନ୍ତେ ମୁଁ ଏହି ପ୍ରକାର ଅନେକ ଅନେକ ସାମଗ୍ରୀ ଦେଇଅଛି। **3**ମୁଁ ମୋର ପରମେଶ୍ୱରଙ୍କ ମନ୍ଦିର ନିମନ୍ତେ ସ୍ୱର୍ଣ୍ଣ ଓ ରୌପ୍ୟ ନିର୍ମିତ ଏକ ବିଶେଷ ଉପହାର ନିର୍ମାଣ କରୁଅଛି। ମୁଁ ଏହା କରୁଅଛି, କାରଣ ମୋର ପରମେଶ୍ୱରଙ୍କ ମନ୍ଦିର ନିର୍ମିତ ହେଉ ବୋଲି ମୁଁ ପ୍ରକୃତରେ ଚାହେଁ। ଏହି ପବିତ୍ର ମନ୍ଦିର ନିର୍ମାଣ କରିବା ନିମନ୍ତେ ମୁଁ ଏହି ସମସ୍ତ ବସ୍ତୁ ଦାନ କରୁଅଛି। **4**ମୁଁ ଓଫୀରରୁ ପ୍ରସ୍ତୁତ ତିନି ହଜାର ତାଳନ୍ତ ଶୁଦ୍ଧ ସ୍ୱର୍ଣ୍ଣ ଦେଇଅଛି। ମୁଁ ସାତ ହଜାର ତାଳନ୍ତ ଶୁଦ୍ଧ ରୌପ୍ୟ ଦେଇଅଛି। ଏହି ରୌପ୍ୟ ମନ୍ଦିରର ଅଟ୍ଟାଳିକା ଗୁଡ଼ିକର କାନ୍ଥର ଆବରଣ ନିମନ୍ତେ ଉଦ୍ଦିଷ୍ଟ।

5ସୁବର୍ଣ୍ଣ ଓ ରୌପ୍ୟ ନିର୍ମିତ ସକଳ ବସ୍ତୁ ନିମନ୍ତେ ମୁଁ ସୁବର୍ଣ୍ଣ
ଓ ରୌପ୍ୟ ଦେଇଅଛି। ଦକ୍ଷ କାରିଗରମାନେ ଯେପରି ମନ୍ଦିର
ନିମନ୍ତେ ସବୁ ପ୍ରକାରର ବସ୍ତୁ ନିର୍ମାଣ କରିପାରନ୍ତି, ଏଥି
ନିମନ୍ତେ ମୁଁ ସୁବର୍ଣ୍ଣ ଓ ରୌପ୍ୟ ଦେଇଅଛି। ବର୍ତ୍ତମାନ,
ଇଶ୍ରାୟେଲର ଲୋକମାନଙ୍କ ମଧ୍ୟରୁ ତୁମ୍ଭେମାନେ କେତେଜଣ
ଆଜି ନିଜକୁ ସଦାପ୍ରଭୁଙ୍କ ନିମନ୍ତେ ଉତ୍ସର୍ଗ କରିବାକୁ ପ୍ରସ୍ତୁତ
ଅଛ?"

6ପରିବାରର ନେତାଗଣ, ଇଶ୍ରାୟେଲର ବିଭିନ୍ନ ଗୋଷ୍ଠୀର
ନେତାଗଣ, ସେନାପତିଗଣ, ସେନାଧ୍ୟକ୍ଷଗଣ ଓ ରାଜାଙ୍କର
କାର୍ଯ୍ୟନିର୍ବାହକଗଣ ସମସ୍ତେ ପ୍ରସ୍ତୁତ ଥିଲେ ଓ ସେମାନଙ୍କର
ବହୁମୂଲ୍ୟ ବସ୍ତୁସବୁ ଦେଇଦେଲେ। 7ସେମାନେ ଏହି ସମସ୍ତ
ବସ୍ତୁ ପରମେଶ୍ୱରଙ୍କ ମନ୍ଦିର ନିମନ୍ତେ ଦେଲେ: ପାଞ୍ଚ ହଜାର
ତାଳନ୍ତ ଓ ଦଶ ହଜାର ଡାରିକ୍ ମୁଦ୍ରା ଓ ଦଶ ହଜାର
ତାଳନ୍ତ ରୂପା ଓ ଅଠର ହଜାର ତାଳନ୍ତ ପିତ୍ତଳ ଓ ଏକ
ଲକ୍ଷ ତାଳନ୍ତ ଲୁହା ଦେଲେ। 8ଯେଉଁ ଲୋକମାନଙ୍କ ନିକଟରେ
ବହୁମୂଲ୍ୟ ପ୍ରସ୍ତରମାନ ଥିଲା, ସେମାନେ ତାହା ସଦାପ୍ରଭୁଙ୍କ
ମନ୍ଦିର ନିମନ୍ତେ ଦେଲେ। ଯିହୀୟେଲ ସେହି ବହୁମୂଲ୍ୟ
ପ୍ରସ୍ତରଗୁଡ଼ିକର ଯତ୍ନ ନେଲେ। ଯିହୀୟେଲ ଗେର୍ଶୋନ୍ ପରିବାରରୁ
ଆସିଥିଲେ। 9ନେତାଗଣ ଆନନ୍ଦ ମନରେ ଏତେ ପରିମାଣର
ଦାନ ଦେଉଥିବାରୁ ଲୋକମାନେ ମଧ୍ୟ ଅତ୍ୟନ୍ତ ଆନନ୍ଦିତ
ଥିଲେ। ନେତାଗଣ ଉତ୍ତମ ହୃଦୟରେ ମୁକ୍ତ ଭାବରେ ଦାନ
କରୁଥିଲେ। ରାଜା ଦାଉଦ ମଧ୍ୟ ଅତ୍ୟନ୍ତ ଆନନ୍ଦିତ ଥିଲେ।

## ଦାଉଦଙ୍କ ସୁନ୍ଦର ପ୍ରାର୍ଥନା

10ଏହାପରେ ଦାଉଦ ଏକତ୍ରିତ ହୋଇଥିବା ସମସ୍ତ ଲୋକଙ୍କ
ସାକ୍ଷାତରେ ସଦାପ୍ରଭୁଙ୍କର ପ୍ରଶଂସାଗାନ କଲେ। ଦାଉଦ କହିଲେ:
"ହେ ଆମ୍ଭମାନଙ୍କ ପିତା, ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱର,
ତୁମ୍ଭେ ଅନନ୍ତକାଳ ଓ ଚିରଦିନ ନିମନ୍ତେ ପ୍ରଶଂସିତ ହୁଅ।

11ମହାନତା, ପରାକ୍ରମ, ମହିମା, ବିଜୟ ଓ ଗୌରବ
ତୁମ୍ଭର ଅଟେ। କାହିଁକି? କାରଣ ସ୍ୱର୍ଗ ଓ ପୃଥିବୀସ୍ଥ ସମସ୍ତ
ବିଷୟ ତୁମ୍ଭର ଅଟେ; ହେ ସଦାପ୍ରଭୁ, ରାଜ୍ୟ ତୁମ୍ଭର ଅଟେ।
ତୁମ୍ଭେ ହିଁ ସକଳ ବିଷୟର ମୁଖ୍ୟ ରୂପେ ପ୍ରଶଂସିତ
ହୋଇଅଛ।

12ଧନ ଓ ସମ୍ମାନ ତୁମ୍ଭଠାରୁ ଆସେ। ତୁମ୍ଭେ ସକଳ
ବିଷୟକୁ ଶାସନ କର। ତୁମ୍ଭର ହସ୍ତରେ ପରାକ୍ରମ ଓ ଶକ୍ତି
ଅଛି। ଆଉ ତୁମ୍ଭ ହସ୍ତରେ ଯେକୌଣସି ବ୍ୟକ୍ତିକୁ ମହାନ୍ ଓ
ପରାକ୍ରମୀ କରାଇବାର କ୍ଷମତା ଅଛି।

13ବର୍ତ୍ତମାନ, ହେ ଆମ୍ଭମାନଙ୍କର ପରମେଶ୍ୱର, ଆମ୍ଭେମାନେ
ତୁମ୍ଭର ଧନ୍ୟବାଦ କରୁଅଛୁ ଓ ତୁମ୍ଭ ଗୌରବଯୁକ୍ତ ନାମର
ପ୍ରଶଂସା କରୁଅଛୁ।

14ଆମ୍ଭେମାନେ କିଏ ଯେ ଏପରି ସ୍ୱେଚ୍ଛାପୂର୍ବକ ଦାନ
କରିବାକୁ ସମର୍ଥ ହେବୁ? ଏହି ସମସ୍ତ ବସ୍ତୁ ମୋ'ଠାରୁ କିଅବା
ମୋର ଲୋକମାନଙ୍କଠାରୁ ଆସିନାହିଁ। ଏହି ସମସ୍ତ ବସ୍ତୁ
ତୁମ୍ଭଠାରୁ ଆସେ, ତୁମ୍ଭଠାରୁ ଯାହା ଆସିଅଛି, ଆମ୍ଭେ କେବଳ
ତାହା ତୁମ୍ଭକୁ ଦେଉଅଛୁ।

15ଆମ୍ଭେମାନେ ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କ ପରି କେବଳ
ଅପରିଚିତ ଆଗନ୍ତୁକ ଅଟୁ ଓ ଏହି ପୃଥିବୀ ମଧ୍ୟରେ ଭ୍ରମଣ
କରୁଅଛୁ। ଏହି ପୃଥିବୀର ଆମ୍ଭମାନଙ୍କର ସମୟ କେବଳ
ଅତିକ୍ରାନ୍ତ ଛାୟା ତୁଲ୍ୟ। ଆମ୍ଭେମାନେ ତାହାକୁ ବନ୍ଦ କରି ନ
ପାରୁ।

16ହେ ସଦାପ୍ରଭୁ, ଆମ୍ଭମାନଙ୍କର ପରମେଶ୍ୱର, ଆମ୍ଭେମାନେ
ଏହି ସମସ୍ତ ବସ୍ତୁ ତୁମ୍ଭର ମନ୍ଦିର ନିର୍ମାଣ କରିବା ନିମନ୍ତେ
ଏକତ୍ର କରିଅଛୁ। ଆମ୍ଭେମାନେ ତୁମ୍ଭ ନାମକୁ ସମ୍ମାନ ଦେବା
ନିମନ୍ତେ ଏହି ମନ୍ଦିର ନିର୍ମାଣ କରୁଅଛୁଁ। କିନ୍ତୁ ଏହି ସମସ୍ତ
ବସ୍ତୁ ତୁମ୍ଭଠାରୁ ଆସେ, ଓ ସକଳ ବସ୍ତୁ ତୁମ୍ଭର ଅଟେ।

17ହେ ମୋର ପରମେଶ୍ୱର, ମୁଁ ଜାଣେ ଯେ ତୁମ୍ଭେ
ଲୋକମାନଙ୍କର ପରୀକ୍ଷା ନିଅ, ଆଉ, ଲୋକମାନେ ଉତ୍ତମ
କର୍ମ କଲେ ତୁମ୍ଭେ ଆନନ୍ଦିତ ହୁଅ। ମୁଁ ଏକ ଶୁଦ୍ଧ, ବିଶ୍ୱସ୍ତ
ହୃଦୟରେ, ଆନନ୍ଦିତ ମନରେ ତୁମ୍ଭକୁ ଏହି ସମସ୍ତ ବସ୍ତୁ
ଦେଉଅଛି। ମୁଁ ତୁମ୍ଭର ଲୋକମାନଙ୍କୁ ଏଠାରେ ଏକତ୍ରିତ
ହେବାର ଦେଖୁଅଛି। ଆଉ, ସେମାନେ ତୁମ୍ଭ ଉଦ୍ଦେଶ୍ୟରେ
ଆନନ୍ଦିତ ମନରେ ଏହି ବସ୍ତୁଗୁଡ଼ିକ ଦାନ କରୁଥିବାର ମୁଁ
ଦେଖୁଅଛି।

18ହେ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କର ପୂର୍ବପୁରୁଷ ଅବ୍ରହାମ,
ଇସ୍ହାକ୍ ଓ ଇଶ୍ରାୟେଲଙ୍କର ପରମେଶ୍ୱର ଅଟ। ଅନୁଗ୍ରହ
କରି ଯଥାର୍ଥ ବିଷୟ ଯୋଜନା କରିବାକୁ ତୁମ୍ଭର ଲୋକମାନଙ୍କୁ
ସାହାଯ୍ୟ କର। ତୁମ୍ଭ ପ୍ରତି ଅନୁଗତ ଓ ବିଶ୍ୱସ୍ତ ହେବା
ନିମନ୍ତେ ସେମାନଙ୍କୁ ସାହାଯ୍ୟ କର।

19ଆଉ, ମୋର ପୁତ୍ର ଶଲୋମନକୁ ତୁମ୍ଭ ପ୍ରତି ବିଶ୍ୱସ୍ତ
ହେବା ନିମନ୍ତେ ସାହାଯ୍ୟ କର। ସର୍ବଦା ତୁମ୍ଭର ଆଜ୍ଞା, ବିଧି
ଓ ଶାସନ ସକଳର ବାଧ୍ୟ ହେବା ନିମନ୍ତେ ତାହାକୁ ସାହାଯ୍ୟ
କର। ଶଲୋମନଙ୍କୁ ଏହି ସମସ୍ତ ବିଷୟ କରିବା ନିମନ୍ତେ
ସାହାଯ୍ୟ କର ଓ ଏହି ପବିତ୍ର ମନ୍ଦିରରେ ନିର୍ମାଣ କରିବା
ନିମନ୍ତେ ମୁଁ ଯେଉଁ ଯୋଜନା କରିଅଛି, ସେଥିରେ ତାହାକୁ
ସାହାଯ୍ୟ କର।"

20ଏହାପରେ ଦାଉଦ ସବୁ ଦଳର ଲୋକମାନଙ୍କୁ ଏକତ୍ରିତ
କରି କହିଲେ, "ବର୍ତ୍ତମାନ ତୁମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱରଙ୍କର
ଧନ୍ୟବାଦ କର।" ତେଣୁ ସମସ୍ତ ଲୋକ ସଦାପ୍ରଭୁ ପରମେଶ୍ୱରଙ୍କର
ପ୍ରଶଂସାଗାନ କଲେ, ଯେଉଁ ପରମେଶ୍ୱରଙ୍କ ଉପାସନା ସେମାନଙ୍କର
ପୂର୍ବପୁରୁଷମାନେ ମଧ୍ୟ କରୁଥିଲେ। ସେମାନେ ସଦାପ୍ରଭୁ ଓ
ରାଜାଙ୍କୁ ସମ୍ମାନ ଜଣାଇବା ନିମନ୍ତେ ଭୂମିରେ ଆଣ୍ଠୁମାଡ଼ି
ପଡ଼ିଲେ।

## ଶଲୋମନ ରାଜା ହେଲେ

21ପରଦିନ ଲୋକମାନେ ସଦାପ୍ରଭୁଙ୍କ ନିକଟରେ ବଳିଦାନ
କଲେ। ସେମାନେ ସଦାପ୍ରଭୁଙ୍କୁ ହୋମବଳି ଅର୍ପଣ କଲେ।
ସେମାନେ 1,000 ବଳଦ, 1,000 ଅଣ୍ଡିରା ମେଷ, 1,000
ମେଷଶାବକ ଓ ପେୟ ନୈବେଦ୍ୟ ଉତ୍ସର୍ଗ କଲେ। ସେମାନେ
ଇଶ୍ରାୟେଲର ଲୋକମାନଙ୍କ ନିମନ୍ତେ ଅନେକ ମଙ୍ଗଳାର୍ଥକ
ନୈବେଦ୍ୟ ଉତ୍ସର୍ଗ କଲେ। 22ସେହିଦିନ ଲୋକମାନେ ସଦାପ୍ରଭୁଙ୍କ
ସହିତ ଏକତ୍ର ଭୋଜନ ଓ ପାନ କରି ଅତି ଆନନ୍ଦିତ
ହେଲେ।

ଆଉ, ସେମାନେ ଦାଉଦଙ୍କ ପୁତ୍ର ଶଲୋମନଙ୍କୁ ଦ୍ୱିତୀୟଥର
ନିମନ୍ତେ ରାଜା କଲେ। ସେମାନେ ଶଲୋମନଙ୍କୁ ରାଜାରୂପେ

ଅଭିଷିକ୍ତ କଲେ ଓ ସେମାନେ ସାଦୋକଙ୍କୁ ଯାଜକରୂପେ ଅଭିଷିକ୍ତ କଲେ। ସଦାପ୍ରଭୁ ଯେଉଁ ସ୍ଥାନରେ ଥିଲେ, ସେହି ସ୍ଥାନରେ ସେମାନେ ଏହିପରି କଲେ।

23ଏହାପରେ ଶଲୋମନ ସଦାପ୍ରଭୁଙ୍କ ସିଂହାସନରେ ରାଜାରୂପେ
ବସିଲେ। ଶଲୋମନ ତାଙ୍କ ପିତାଙ୍କ ସ୍ଥାନ ନେଲେ। ଶଲୋମନ
ଅତ୍ୟନ୍ତ ସଫଳ ହେଲେ। ଇଶ୍ରାୟେଲର ସମସ୍ତ ଲୋକ
ଶଲୋମନଙ୍କର ବାଧ୍ୟ ହେଲେ। 24ସମସ୍ତ ନେତାଗଣ, ସୈନ୍ୟଗଣ
ଓ ରାଜା ଦାଉଦଙ୍କର ପୁତ୍ରଗଣ ଶଲୋମନଙ୍କୁ ରାଜାରୂପେ
ସ୍ୱୀକାର କଲେ ଓ ତାଙ୍କର ବାଧ୍ୟ ହେଲେ। 25ସଦାପ୍ରଭୁ
ଶଲୋମନଙ୍କୁ ଅତି ମହାନ୍ କଲେ। ଇଶ୍ରାୟେଲର ସମସ୍ତ ଲୋକ ଜାଣିଥିଲେ ଯେ, ସଦାପ୍ରଭୁ ହିଁ ଶଲୋମନଙ୍କୁ ମହାନ୍ କରିଅଛନ୍ତି। ସଦାପ୍ରଭୁ ଶଲୋମନଙ୍କୁ ରାଜୋଚିତ ସମ୍ମାନ ପ୍ରଦାନ କଲେ। ଶଲୋମନଙ୍କ ପୂର୍ବରୁ ଇଶ୍ରାୟେଲର କୌଣସି ରାଜା ଏହିପରି ସମ୍ମାନ ପାଇ ନ ଥିଲେ।

### ଦାଉଦଙ୍କ ମୃତ୍ୟୁ

26-27ଯିଶୀଙ୍କ ପୁତ୍ର ଦାଉଦ ସମଗ୍ର ଇଶ୍ରାୟେଲ ଉପରେ
ଚାଳିଶ ବର୍ଷ ବ୍ୟାପି ରାଜା ଥିଲେ। ଦାଉଦ ହିବ୍ରୋଣ ନଗରରେ ସାତବର୍ଷ ପର୍ଯ୍ୟନ୍ତ ରାଜା ଥିଲେ। ଏହାପରେ ଦାଉଦ ଯିରୁଶାଲମ ନଗରରେ ତେତିଶ ବର୍ଷ ପର୍ଯ୍ୟନ୍ତ ରାଜା ଥିଲେ।
28ଦାଉଦ ବୃଦ୍ଧ ହେବାରୁ ମୃତ୍ୟୁଭୋଗ କଲେ। ଦାଉଦ ଏକ ଉତ୍ତମ, ଦୀର୍ଘ ଜୀବନଯାପନ କରିଥିଲେ। ଦାଉଦ ଅନେକ ଧନସମ୍ପତ୍ତି ଓ ସମ୍ମାନର ଅଧିକାରୀ ହୋଇଥିଲେ। ଆଉ, ଦାଉଦଙ୍କ ପରେ ତାଙ୍କର ପୁତ୍ର ଶଲୋମନ ରାଜା ହେଲେ।

29ରାଜା ଦାଉଦଙ୍କର କୃତ ସମସ୍ତ ବିଷୟ, ଆରମ୍ଭରୁ
ଶେଷ ପର୍ଯ୍ୟନ୍ତ ଶାମୁୟେଲ ଭବିଷ୍ୟଦ୍‌ବକ୍ତା, ନାଥନ ଭବିଷ୍ୟଦ୍‌ବକ୍ତା
ଓ ଗାଦ୍ ଭବିଷ୍ୟଦ୍‌ବକ୍ତାମାନଙ୍କର ପୁସ୍ତକ ଗୁଡ଼ିକରେ
ଲେଖାଯାଇଅଛି। 30ଦାଉଦ ଇଶ୍ରାୟେଲର ରାଜା ରୂପେ ଯେଉଁ
ସମସ୍ତ ବିଷୟ କରିଥିଲେ, ସେହି ଲେଖାଗୁଡ଼ିକ ତାହାର ବିବରଣୀ ପ୍ରଦାନ କରେ। ସେହି ଲେଖାଗୁଡ଼ିକ ଦାଉଦଙ୍କ ପରାକ୍ରମ ଓ ତାଙ୍କ ପ୍ରତି ଘଟିତ ସକଳ ବିଷୟ ବର୍ଣ୍ଣନା କରେ। ଆଉ ସେଗୁଡ଼ିକ ଇଶ୍ରାୟେଲ ଓ ତାହାର ଚତୁର୍ଦ୍ଦିଗରେ ଥିବା ରାଜ୍ୟଗୁଡ଼ିକ ପ୍ରତି ଘଟିଥିବା ସକଳ ବିଷୟ ବର୍ଣ୍ଣନା କରେ।

# ରାଜାବଳୀର ଦ୍ୱିତୀୟ ପୁସ୍ତକ

### ଅହସିୟଙ୍କ ପାଇଁ ଏକବାର୍ତ୍ତା

1 ଅନନ୍ତର ଆହାବ୍‌ଙ୍କ ମୃତ୍ୟୁପରେ ମୋୟାବ ଇଶ୍ରାୟେଲ
ବିରୁଦ୍ଧରେ ଦ୍ରୋହାଚରଣ କଲେ।
2ଏକଦା ଅହସିୟ ତାଙ୍କର ଶମରୟାସ୍ଥିତ ଗୃହର ଛାତ
ଉପରୁ ଝରକା ଦେଇ ପଡ଼ି ଆହତ ହେଲେ। ସେ ସଙ୍ଗେ
ସଙ୍ଗେ ଦୂତମାନଙ୍କୁ ଆଦେଶ ଦେଲେ, "ଯାଅ, ମୁଁ ଏହି
ଆଘାତରୁ ଆରୋଗ୍ୟ ଲାଭ କରିବି କି ନାହିଁ। ଏହା
ଇକ୍ରୋଣର ଯାଜକ ବାଲ୍-ସବୂବଙ୍କୁ ଅନୁସନ୍ଧାନ କରି ପଚାର।"
3ମାତ୍ର ସଦାପ୍ରଭୁଙ୍କ ଦୂତ ତିଶ୍‌ବୀୟ ଏଲୀୟଙ୍କୁ କହିଲେ,
"ଯାଅ, ଶମରୟା ରାଜାଙ୍କର ଦୂତମାନଙ୍କୁ ଭେଟ ଓ
ସେମାନଙ୍କୁ କୁହ, 'ଇଶ୍ରାୟେଲରେ କ'ଣ ଇଶ୍ରାୟେଲର ପରମେଶ୍ୱର
ନାହାଁନ୍ତି ଯେ, ତୁମ୍ଭେମାନେ ଇକ୍ରୋଣର ଦେବତା ବାଲ୍-ସବୂବଙ୍କୁ
ପରାମର୍ଶ କରିବାକୁ ଯାଉଛ? 4ପୁଣି ଅହସିୟଙ୍କୁ କୁହ,
"ଯେହେତୁ ତୁମ୍ଭେ ବାଲ୍-ସବୂବଙ୍କ ପରାମର୍ଶ କରିବାକୁ ଆଦେଶ
ଦେଲ, ଏଥିପାଇଁ ସଦାପ୍ରଭୁ ଯାହା କୁହନ୍ତି, 'ତୁମ୍ଭେ ଆଉ
ତୁମ୍ଭର ଶଯ୍ୟାରୁ ଉଠିବ ନାହିଁ। ତୁମ୍ଭେ ନିଶ୍ଚିତ ମୃତ୍ୟୁବରଣ
କରିବ।'" ଏଲୀୟ ଅହସିୟଙ୍କ ଦାସମାନଙ୍କୁ ଏହା କହି
ପରିତ୍ୟାଗ କଲେ।
5ବାର୍ତ୍ତାବହମାନେ ଅହସିୟଙ୍କ ନିକଟକୁ ଫେରି ଆସନ୍ତେ,
ଅହସିୟ ସେମାନଙ୍କୁ ପଚାରିଲେ, "ତୁମ୍ଭେମାନେ କାହିଁକି ଶୀଘ୍ର
ଫେରି ଆସିଲ?"
6ତହୁଁ ବାର୍ତ୍ତାବହମାନେ ଅହସିୟଙ୍କୁ କହିଲେ, "ଜଣେ
ଲୋକ ଆମ୍ଭକୁ ସାକ୍ଷାତ କରିବାକୁ ଆସିଲେ ଓ କହିଲେ, ତୁମ୍ଭ
ରାଜାଙ୍କ ପାଖକୁ ଫେରିଯାଅ ଓ ତାଙ୍କୁ କୁହ, ସଦାପ୍ରଭୁ
କୁହନ୍ତି, 'ଇଶ୍ରାୟେଲରେ କ'ଣ ପରମେଶ୍ୱର ନାହାଁନ୍ତି? ତେବେ
ତୁମ୍ଭେ କାହିଁକି ବାର୍ତ୍ତାବହମାନଙ୍କୁ ଇକ୍ରୋଣର ଦେବତା ବାଲ୍-
ସବୂବଙ୍କୁ ପଚାରିବାକୁ ପଠାଇଅଛ? ତେଣୁ ତୁମ୍ଭେ ଆଉ
ଶଯ୍ୟାରୁ ଉଠିବ ନାହିଁ, ସେହିଠାରେ ମରିବ।'"
7ଅହସିୟ ବାର୍ତ୍ତାବହମାନଙ୍କୁ ପଚାରିଲେ, "ଯେଉଁ ଲୋକ
ତୁମ୍ଭଙ୍କୁ ସାକ୍ଷାତ କରି ଆସି ଏହିସବୁ କହିଲା, ସେ ଜଣେ କି
ପ୍ରକାର ଲୋକ?"
8ବାର୍ତ୍ତାବହମାନେ ଅହସିୟଙ୍କୁ ଉତ୍ତର କଲେ, "ସେ
ଲୋକଟି ଲୋମଶ ବସ୍ତ୍ର ପରିଧାନ କରିଥିଲା* ଓ ତା'ର
କଟିରେ ଏକ ଚମଡ଼ାର ପଟୁକା ବନ୍ଧା ଥିଲା।"
ତା'ପରେ ଅହସିୟ କହିଲେ, "ସେ ପ୍ରକୃତରେ ତିଶ୍‌ବୀୟ
ଏଲୀୟ।"

### ଅହସିୟଙ୍କ ନିକଟରୁ ଆସିଥିବା ଲୋକମାନେ ଅଗ୍ନିରେ ଦଗ୍ଧୀଭୂତ ହୁଅନ୍ତି

9ଅନନ୍ତର ଅହସିୟ ଜଣେ ଅଧିନାୟକ ଓ ପଚାଶ
ଲୋକଙ୍କୁ ଏଲୀୟଙ୍କ ନିକଟକୁ ପଠାଇଲେ। ଅଧିନାୟକ ଉପରକୁ
ଯାଇ ଏଲୀୟଙ୍କୁ ମିଳିଲେ ଯିଏ ପର୍ବତ ଉପରେ ବସିଥିଲେ ଓ
କହିଲେ, "ହେ ପରମେଶ୍ୱରଙ୍କ ଲୋକ, ଦୟାକରି 'ତଳକୁ
ଆସ।'" କାରଣ ରାଜା ଆପଣଙ୍କୁ ଚାହାନ୍ତି।
10ଏଲୀୟ ସେହି ପଚାଶ ଲୋକ ଅଧିନାୟକଙ୍କୁ କହିଲେ,
"ଯଦି ମୁଁ ପରମେଶ୍ୱରଙ୍କ ଲୋକ ହୋଇଥାଏ, ତେବେ ସ୍ୱର୍ଗରୁ
ଅଗ୍ନି ଆସି ତୁମ୍ଭକୁ ଓ ତୁମ୍ଭର ପଚାଶ ଲୋକଙ୍କୁ ଗ୍ରାସ କରୁ।"
ତେଣୁ ସ୍ୱର୍ଗରୁ ଅଗ୍ନି ଆସି ଅଧିନାୟକଙ୍କ ସହିତ ତାଙ୍କର
ପଚାଶ ଲୋକଙ୍କୁ ଦଗ୍ଧୀଭୂତ କଲା।
11ପୁନର୍ବାର ଅହସିୟ ଆଉ ଜଣେ ଅଧିନାୟକ ଓ ପଚାଶ
ଲୋକଙ୍କୁ ଏଲୀୟ ନିକଟକୁ ପଠାଇଲେ। ସେ ଅଧିନାୟକ
ଏଲୀୟଙ୍କୁ ପୂର୍ବପରି କହିଲେ, "ହେ ପରମେଶ୍ୱରଙ୍କ ଲୋକ,
ରାଜା ତୁମ୍ଭକୁ ଚାହାନ୍ତି, 'ଦୟାକରି ତଳକୁ ଆସ।'"
12ଏଲୀୟ ସେ ଅଧିନାୟକଙ୍କୁ କହିଲେ, "ଯେବେ ମୁଁ
ପରମେଶ୍ୱରଙ୍କ ଲୋକ, ତେବେ ଆକାଶରୁ ଅଗ୍ନି ଆସୁ ଏବଂ
ତୁମ୍ଭକୁ ଓ ତୁମ୍ଭର ପଚାଶ ଲୋକଙ୍କୁ ଗ୍ରାସ କରୁ।"
ତେଣୁ ଅଗ୍ନି ସ୍ୱର୍ଗରୁ ଆସି ଅଧିନାୟକ ସହିତ ତା'ର
ପଚାଶ ଲୋକଙ୍କୁ ଗ୍ରାସ କଲା। 13ଏହାପରେ ଅହସିୟ ତୃତୀୟ
ଥର ଅଧିନାୟକ ସହିତ ପଚାଶ ଲୋକଙ୍କୁ ପୁଣି ପଠାଇଲେ।
ତୃତୀୟ ଅଧିନାୟକ ଏଲୀୟ ନିକଟକୁ ଯାଇ ଏଲୀୟଙ୍କ ଆଗରେ
ନମ୍ର ଭାବରେ ମଥାନତ କଲେ ଏବଂ କହିଲେ, "ହେ
ପରମେଶ୍ୱରଙ୍କ ଲୋକ, ମୁଁ ପ୍ରାର୍ଥନା କରୁଛି, ମୋର ଜୀବନ
ସହିତ ମୋର ପଚାଶ ଲୋକଙ୍କ ଜୀବନ ଆପଣ ବଞ୍ଚାନ୍ତୁ ଓ
ରକ୍ଷା କରନ୍ତୁ। 14ଅଗ୍ନି ସ୍ୱର୍ଗରୁ ଆସି ପୂର୍ବ ଦୁଇ ଅଧିପତି ଓ
ସେମାନଙ୍କର ପଚାଶ ଲୋକଙ୍କୁ ପୋଡ଼ି ପକାଇଲା। ମାତ୍ର
ବର୍ତ୍ତମାନ ଆପଣ ଦୟାକରି ଆମ୍ଭମାନଙ୍କୁ ବଞ୍ଚାନ୍ତୁ।"
15ତତ୍ପରେ ସଦାପ୍ରଭୁଙ୍କ ଦୂତ ଏଲୀୟଙ୍କୁ କହିଲେ,
"ଅଧିନାୟକଙ୍କ ସହିତ ଯାଅ, ତାଙ୍କୁ ଭୟ କରନାହିଁ।"
ତେଣୁ ଏଲୀୟ ଅହସିୟଙ୍କ ନିକଟକୁ ଗଲେ।
16ତହୁଁ ଏଲୀୟ ରାଜାଙ୍କୁ କହିଲେ, "ଇଶ୍ରାୟେଲରେ କ'ଣ
ପରମେଶ୍ୱର ନାହାଁନ୍ତି? ତୁମ୍ଭେ ଇକ୍ରୋଣ ଦେବତା ବାଲ୍-ସବୂବଠାରୁ
ପ୍ରଶ୍ନ ପଚାରିବାକୁ, କାହିଁକି ଦୂତ ପଠାଇଲ? ତୁମ୍ଭର ଏହି
କାର୍ଯ୍ୟ ଯୋଗୁଁ ତୁମ୍ଭେ ଶଯ୍ୟାରୁ ଆଉ ଉଠିବ ନାହିଁ, ସେହିଠାରେ
ତୁମ୍ଭେ ମରିବ। ସଦାପ୍ରଭୁ ଏହିସବୁ ବାକ୍ୟଗୁଡ଼ିକ କହିଲେ।"

### ଯିହୋରାମ ଅହସିୟଙ୍କ ସ୍ଥାନ ନେଲେ

17ସଦାପ୍ରଭୁ ଏଲୀୟଙ୍କୁ ଦେଇ କହିଥିବା ଅନୁସାରେ

---

**ସେ ... କରିଥିଲା** "ଏହି ବ୍ୟକ୍ତିଟି ଏକ ଲୋମଶ ବ୍ୟକ୍ତି ଥିଲା।"

ଅହସିୟଙ୍କର ମୃତ୍ୟୁ ହେଲା। ତାଙ୍କର ପୁତ୍ର ନଥିବାରୁ ଅହସିୟଙ୍କ
ପରେ ଯିହୁଦାର ରାଜା ଯିହୋଶାଫଟ୍‌ଙ୍କ ପୁତ୍ର ଯିହୋରାମର
ଦ୍ୱିତୀୟ ବର୍ଷ ରାଜତ୍ୱ କାଳରେ ଯିହୋରାମ ତାଙ୍କ ପଦରେ
ରାଜ୍ୟ କରିବାକୁ ଆରମ୍ଭ କଲେ।

18ଅହସିୟଙ୍କ ଅନ୍ୟ ସମସ୍ତ କାର୍ଯ୍ୟ ଇସ୍ରାଏଲ ରାଜାମାନଙ୍କର
ଇତିହାସ ପୁସ୍ତକରେ ଲିଖିତ ହୋଇଛି।

### ସଦାପ୍ରଭୁ ଏଲୀୟଙ୍କୁ ନେବାକୁ ଯୋଜନା କରନ୍ତି

2 ଅନନ୍ତର ସଦାପ୍ରଭୁ ଏଲୀୟଙ୍କୁ ଘୂର୍ଣ୍ଣିବାୟୁରେ ସ୍ୱର୍ଗକୁ
ଘେନିଯିବାକୁ ଉଦ୍ୟତ ଥିଲେ, ଏଲୀୟ ଓ ଇଲୀଶାୟ
ଗିଲ୍‌ଗଲଠାରୁ ସେମାନଙ୍କର ରାସ୍ତାରେ ଥିଲେ।

2ଏଲୀୟ ଇଲୀଶାୟଙ୍କୁ କହିଲେ, "ମୁଁ ବିନୟ କରୁଛି
ଏଠାରେ ରୁହନ୍ତୁ, କାରଣ ସଦାପ୍ରଭୁ ମୋତେ ବୈଥେଲକୁ
ଯିବାକୁ କହିଛନ୍ତି।"

ମାତ୍ର ଇଲୀଶାୟ କହିଲେ, "ମୁଁ ଶପଥ କରୁଛି ସଦାପ୍ରଭୁ
ଜୀବିତ ଥିବା ପର୍ଯ୍ୟନ୍ତ ଓ ତୁମ୍ଭେ ଜୀବିତ ଥିବା ପର୍ଯ୍ୟନ୍ତ ମୁଁ
ତୁମ୍ଭକୁ ଛାଡ଼ିବ ନାହିଁ।" ତେଣୁ ଉଭୟେ ବୈଥେଲକୁ ଗଲେ।

3ବୈଥେଲର ଦଳେ ଭବିଷ୍ୟଦ୍‌ବକ୍ତା ଇଲୀଶାୟଙ୍କ ପାଖକୁ
ଆସିଲେ ଓ କହିଲେ, "ଆଜି ସଦାପ୍ରଭୁ ତୁମ୍ଭ ମହାଶୟଙ୍କୁ
ତୁମ୍ଭଠାରୁ ନେଇଯିବେ ବୋଲି ତୁମ୍ଭେ କ'ଣ ଜାଣ ନାହିଁ?"

ଇଲୀଶାୟ କହିଲେ, "ହଁ, ମୁଁ ଏହା ଜାଣେ, କିନ୍ତୁ
ତୁମ୍ଭେମାନେ ତୁନି ହୁଅ।"

4ଏଲୀୟ ଇଲୀଶାୟଙ୍କୁ କହିଲେ, "ମୁଁ ବିନୟ କରୁଛି
ତୁମ୍ଭେ ଏଠାରେ ଥାଅ, କାରଣ ସଦାପ୍ରଭୁ ମୋତେ ଯିରୀହୋକୁ
ପଠାଇଛନ୍ତି।"

ମାତ୍ର ଇଲୀଶାୟ କହିଲେ, "ମୁଁ ଶପଥ କରୁଛି ସଦାପ୍ରଭୁ
ଓ ତୁମ୍ଭେ ଜୀବିତ ଥିବା ପର୍ଯ୍ୟନ୍ତ ମୁଁ ତୁମ୍ଭକୁ ଛାଡ଼ିବ ନାହିଁ।"
ତେଣୁ ଉଭୟେ ଯିରୀହୋକୁ ଗଲେ।

5ଯିରୀହୋର ଦଳେ ଭବିଷ୍ୟଦ୍‌ବକ୍ତା ଇଲୀଶାୟ ନିକଟକୁ
ଆସି କହିଲେ, "ତୁମ୍ଭେ କ'ଣ ଜାଣନାହିଁ ସଦାପ୍ରଭୁ ତୁମ୍ଭର
ମହାଶୟଙ୍କୁ ତୁମ୍ଭଠାରୁ ଆଜିଠାରୁ ନେଇଯିବେ?"

ଇଲୀଶାୟ ଉତ୍ତର କଲେ, "ହଁ, ମୁଁ ଏହା ଜାଣେ, କିନ୍ତୁ
ତୁମ୍ଭେମାନେ ନୀରବ ହୁଅ।"

6ଏଲୀୟ ଇଲୀଶାୟଙ୍କୁ କହିଲେ, "ମୁଁ ବିନୟ କରୁଛି,
ତୁମ୍ଭେ ଏହିଠାରେ ଥାଅ, କାରଣ ସଦାପ୍ରଭୁ ମୋତେ ଯର୍ଦ୍ଦନ
ନଦୀକୁ ପଠାଇଛନ୍ତି।"

ଇଲୀଶାୟ ଉତ୍ତର କଲେ, "ମୁଁ ପ୍ରତିଜ୍ଞା କରୁଛି, ସଦାପ୍ରଭୁ
ଓ ତୁମ୍ଭେ ଜୀବିତ ଥିବା ପ୍ରମାଣେ ମୁଁ ତୁମ୍ଭକୁ ଛାଡ଼ିବ ନାହିଁ।"
ତେଣୁ ଉଭୟେ ଆଗକୁ ଅଗ୍ରସର ହେଲେ।

7ପୁନଶ୍ଚ ଭବିଷ୍ୟଦ୍‌ବକ୍ତାମାନଙ୍କର ପୁତ୍ରମାନଙ୍କ ମଧ୍ୟରୁ ପଚାଶ
ଜଣ ତାଙ୍କର ପଶ୍ଚାଦ୍ଧାବନ କଲେ। ଏଲୀୟ ଓ ଇଲୀଶାୟ
ଯର୍ଦ୍ଦନ ନଦୀ ନିକଟକୁ ଯାଇ ଠିଆ ହେଲେ। ଆଉ ସେ
ପଚାଶ ଲୋକ ସେମାନଙ୍କଠାରୁ ଦୂରରେ ଛିଡ଼ା ହେଲେ।
8ଏଲୀୟ ଆପଣା କୋଟ ନେଇ ଏକତ୍ର ଗୁଡାଇ ଠିଆ ହୋଇ
ପାଣିକୁ ଆଘାତ କଲେ। ତହିଁରେ ଜଳ ଦକ୍ଷିଣ ଓ ବାମକୁ
ଦୁଇଭାଗ ହୋଇଗଲା ଓ ସେ ଦୁହେଁ ଶୁଷ୍କ ଭୂମି ଦେଇ ନଦୀ
ପାର ହେଲେ।

9ନଦୀ ପାର ହେଲାପରେ ଏଲୀୟ ଇଲୀଶାୟଙ୍କୁ କହିଲେ,
"ପରମେଶ୍ୱର ମୋତେ ତୁମ୍ଭଠାରୁ ନେବା ପୂର୍ବରୁ, ମୋଠାରୁ
ତୁମ୍ଭେ କ'ଣ ଚାହୁଁଛ ମାଗ।"

ଇଲୀଶାୟ କହିଲେ, "ମୁଁ ପ୍ରାର୍ଥନା କରେ, ଆପଣଙ୍କ
ଆତ୍ମାର ଦୁଇଗୁଣ ଅଂଶ ମୋ ଉପରେ ବର୍ତ୍ତୁ।"

10ଏଲୀୟ କହିଲେ, "ତୁମ୍ଭେ ଏକ କଷ୍ଟକର ବିଷୟ
ମାଗିଲ। ତଥାପି ମୁଁ ତୁମ୍ଭ ନିକଟରୁ ନେଇଯିବାବେଳେ, ତୁମ୍ଭେ
ଯଦି ମୋତେ ଦେଖିବ ତେବେ ତୁମ୍ଭପ୍ରତି ତାହା ଘଟିବ, କିନ୍ତୁ
ତୁମ୍ଭେ ଯଦି ମୋତେ ଦେଖିବ ନାହିଁ, ତାହାହେଲେ ସେପରି
ଘଟିବ ନାହିଁ।"

### ପରମେଶ୍ୱର ଏଲୀୟଙ୍କୁ ସ୍ୱର୍ଗକୁ ନେଲେ

11ଏହାପରେ ସେ ଦୁହେଁ ଏକତ୍ର କଥାବାର୍ତ୍ତା ହୋଇ
ଯାଉଥିବା ବେଳେ ହଠାତ୍ ଏକ ଅଗ୍ନିମୟ ରଥ ଓ ଅଗ୍ନିମୟ
ଅଶ୍ୱମାନ ଉପସ୍ଥିତ ହେଲେ ଏବଂ ସେ ଦୁହିଁଙ୍କୁ ପୃଥକ୍ କଲେ।
ତା'ପରେ ଏଲୀୟ ଘୂର୍ଣ୍ଣିବାୟୁରେ ସ୍ୱର୍ଗାରୋହଣ କଲେ।

12ଇଲୀଶାୟ ତାହା ଦେଖି ଉଚ୍ଚ ସ୍ୱରରେ ରୋଦନ କରି
କହିଲେ, "ହେ ମୋର ପିତା! ହେ ମୋର ପିତା! ହେ
ଇସ୍ରାଏଲର ରଥ ଓ ତହିଁର ଅଶ୍ୱାରୋହୀଗଣ!"

ତା'ପରେ ଇଲୀଶାୟ ଏଲୀୟଙ୍କୁ ଆଉ ଦେଖି ପାରିଲେ
ନାହିଁ। ଏଣୁ ସେ ଦୁଃଖର ପ୍ରତୀକ ସ୍ୱରୂପ ନିଜର ବସ୍ତ୍ରକୁ ଚିରି
ଦୁଇଖଣ୍ଡ କରିଦେଲେ। 13ଏଲୀୟଙ୍କ କୋଟ ଭୂମିରେ
ପଡ଼ିଲାମାତ୍ରେ ଇଲୀଶାୟ ତାକୁ ଉଠାଇ ନେଲେ। ତା'ପରେ
ସେ ଯର୍ଦ୍ଦନ ନଦୀ ତୀରରେ ଛିଡ଼ା ହୋଇ ପାଣିକୁ ଆଘାତ
କରି କହିଲେ, "ଏଲୀୟଙ୍କର ପରମେଶ୍ୱର, ସଦାପ୍ରଭୁ କେଉଁଠାରେ
ଅଛନ୍ତି?"

14ଇଲୀଶାୟ ଜଳକୁ ଆଘାତ କରନ୍ତେ, ଜଳ ଦକ୍ଷିଣ ଓ
ବାମକୁ ଦୁଇଭାଗ ହୋଇଗଲା ଏବଂ ଇଲୀଶାୟ ନଦୀ ପାର
ହେଲେ।

### ଭବିଷ୍ୟଦ୍‌ବକ୍ତାଙ୍କ ଏଲୀୟଙ୍କୁ ଅନ୍ୱେଷଣ

15ଯେତେବେଳେ ଯିରୀହୋ ନିବାସୀ ଭବିଷ୍ୟଦ୍‌ବକ୍ତାଙ୍କ
ପୁତ୍ରମାନଙ୍କ ମଧ୍ୟରୁ ଦଳେ ଇଲୀଶାୟଙ୍କୁ ଦେଖି କହିଲେ,
"ଏଲୀୟଙ୍କ ଆତ୍ମା ଇଲୀଶାୟଙ୍କ ଉପରେ ବର୍ତ୍ତିଲା।" ତେଣୁ
ଇଲୀଶାୟ ନିକଟକୁ ଆସି ତାଙ୍କୁ ଭୂମିଷ୍ଠ ପ୍ରଣାମ କଲେ।
16ସେମାନେ ତାଙ୍କୁ କହିଲେ, "ଦେଖ, ଆମ୍ଭ ସହିତ ପଚାଶ
ବଳବାନ୍ ଲୋକ ଅଛନ୍ତି। ଆମ୍ଭେ ବିନୟ କରୁଛୁ, ସେମାନଙ୍କୁ
ତୁମ୍ଭର ମହାଶୟଙ୍କୁ ଖୋଜିବାରେ ଯିବାକୁ ଦିଅ। ହୋଇପାରେ
ସଦାପ୍ରଭୁଙ୍କ ଆତ୍ମା ତାଙ୍କୁ ଉର୍ଦ୍ଧ୍ୱକୁ ନେଇ କୌଣସି ପର୍ବତ କି
ଉପତ୍ୟକା ଉପରେ ପକାଇ ଦେଇଥିବେ।"

ମାତ୍ର ଇଲୀଶାୟ କହିଲେ, "ତୁମ୍ଭେ ଏଲୀୟଙ୍କୁ ଖୋଜିବାକୁ
ଲୋକ ପଠାଅ ନାହିଁ।"

17ତା'ପରେ ସେ ବିହ୍ୱଳ ହେବା ପର୍ଯ୍ୟନ୍ତ ତାଙ୍କୁ ସେମାନେ
ପ୍ରବର୍ତ୍ତାନ୍ତେ, ସେ କହିଲେ, "ଭଲ କଥା, ଏଲୀୟଙ୍କୁ ଖୋଜିବାକୁ
ଲୋକ ପଠାଅ।"

ସେମାନେ ଦଳେ ଭବିଷ୍ୟତ୍‌ବକ୍ତାମାନେ ପଚାଶ ଜଣ
ଲୋକଙ୍କୁ ପଠାଇଲେ। ସେମାନେ ତିନିଦିନ ଖୋଜିଲେ, ମାତ୍ର

ଏଲୀୟଙ୍କୁ ପାଇଲେ ନାହିଁ। 18ପୁଣି ସେମାନେ ଯିରୀହୋରେ
ଇଲୀଶାୟ ନିକଟକୁ ଯାଇ କହିଲେ, ସେମାନେ ଏଲୀୟଙ୍କୁ
ପାଇଲେ ନାହିଁ। ଏଥିରେ ଇଲୀଶାୟ କହିଲେ, "ତୁମ୍ଭମାନଙ୍କୁ
ନ ଯିବା ପାଇଁ ମୁଁ କହିଥିଲି।"

### ଇଲୀଶାୟ ଜଳକୁ ନିର୍ମଳ କରନ୍ତି

19ନଗରର ଲୋକମାନେ ଇଲୀଶାୟ ନିକଟକୁ ଯାଇ
କହିଲେ, "ମହାଶୟ, ତୁମ୍ଭେ ଦେଖିପାରିବ ଯେ, ଏହି ନଗରଟି
ଅତି ସୁନ୍ଦର ଭାବରେ ଅବସ୍ଥିତ ଅଛି। ମାତ୍ର ଏହାର ଜଳ
ଅତ୍ୟନ୍ତ ଦୂଷିତ ହୋଇଯାଇଛି, ତେଣୁ ଭୂମି ଉତ୍ତମ ଶସ୍ୟ
ଦେଉନାହିଁ।"
20ଇଲୀଶାୟ କହିଲେ, "ମୋତେ ଗୋଟିଏ ନୂତନ ପାତ୍ର
ଆଣି ଦିଅ ଓ ତହିଁରେ କିଛି ଲୁଣ ରଖ।"
ତହୁଁ ଲୋକମାନେ ପାତ୍ରଟିଏ ଆଣି ଇଲୀଶାୟଙ୍କୁ ଦେଲେ।
21ତତ୍ପରେ ଇଲୀଶାୟ ଜଳ ନିର୍ଝରର ଉତ୍ପତ୍ତି ସ୍ଥଳକୁ ଯାଇ
ଲବଣକୁ ଜଳରେ ପକାଇଲେ ଓ କହିଲେ, "ସଦାପ୍ରଭୁ ଏହି
କଥା କହନ୍ତି, 'ମୁଁ ଏହି ଜଳକୁ ଶୁଦ୍ଧ କଲି। ଏଣିକି ଆଉ
ତାହା ମୃତ୍ୟୁର କାରଣ ହେବ ନାହିଁ କିଅବା ଜମିରେ ଅଙ୍କୁର
ବଢାଇବାର ବାଧକ ହେବନାହିଁ।'"
22ଜଳ ନିର୍ମଳ ହେଲା। ଇଲୀଶାୟଙ୍କ ବାକ୍ୟାନୁସାରେ
ତାହା ଆଜି ପର୍ଯ୍ୟନ୍ତ ନିର୍ମଳ ରହିଅଛି।

### କେତେକ ବାଳକ ଇଲୀଶାୟଙ୍କୁ ପରିହାସ କରନ୍ତି

23ଅନନ୍ତର ଇଲୀଶାୟ ବୈଥେଲକୁ ଗଲେ। ସେ ବାଟରେ
ଯାଉଥିଲା ବେଳେ କେତେକ କ୍ଷୁଦ୍ର ବାଳକ ନଗର ବାହାରକୁ
ଆସି ତାଙ୍କୁ ପରିହାସ କରି ଚିତ୍କାର କଲେ, "ଆରେ ଚନ୍ଦା
ମୁଣ୍ଡିଆ! ଉପରକୁ ଯା, ଆରେ ଚନ୍ଦା ମୁଣ୍ଡିଆ ଉପରକୁ ଯା!"
24ଇଲୀଶାୟ ପଛକୁ ଚାହିଁ ବାଳକମାନଙ୍କୁ ଦେଖିଲେ। ସେ
ସଦାପ୍ରଭୁଙ୍କ ନାମରେ ସେମାନଙ୍କୁ ଅଭିଶାପ ଦେଲେ। ତା'ପରେ
ଦୁଇଟି ଭାଲୁ ଜଙ୍ଗଲରୁ ଆସି ସେମାନଙ୍କୁ ଆକ୍ରମଣ କଲେ
ଓ ସେମାନଙ୍କ ମଧ୍ୟରୁ ବୟାଳିଶ ଜଣଙ୍କୁ ଧରି ଚିରି
ପକାଇଲେ।
25ଏହାପରେ ଇଲୀଶାୟ ବୈଥେଲରୁ କର୍ମିଲ ପର୍ବତକୁ ଓ
ସେଠାରୁ ଶମରୀୟାକୁ ଗଲେ।

### ଯିହୋରାମ ଇସ୍ରାଏଲର ରାଜା ହେଲେ

3 ଆହାବଙ୍କ ଅନ୍ତେ ତାଙ୍କ ପୁତ୍ର ଯିହୋରାମ ଶମରୀୟାରେ
ଇସ୍ରାଏଲ ଉପରେ ରାଜତ୍ୱ କଲେ। ସେ ଯିହୁଦାର
ରାଜା ଯିହୋଶାଫଟଙ୍କର ଅଷ୍ଟାଦଶ ବର୍ଷ ରାଜତ୍ୱ କାଳରେ ରାଜା
ହେଲେ ଓ ଇସ୍ରାଏଲରେ ବାରବର୍ଷ ରାଜ୍ୟ କଲେ। 2ସେ
ଏପରି କୁକର୍ମ କଲେ, ଯାହା ସଦାପ୍ରଭୁଙ୍କ ଦୃଷ୍ଟିରେ ମନ୍ଦକାର୍ଯ୍ୟ
ଥିଲା। ମାତ୍ର ସେ ତାଙ୍କର ପିତା ଓ ମାତାଙ୍କ ତୁଲ୍ୟ ନଥିଲେ।
କାରଣ ତାଙ୍କ ପିତା ନିର୍ମାଣ କରିଥିବା ବାଲ୍‌ର ସ୍ତମ୍ଭଗୁଡିକୁ
ଦୂର କରିଦେଲେ। 3ତଥାପି ନବାଟଙ୍କ ପୁତ୍ର ଯାରବୟାମ ଦ୍ୱାରା
ଇସ୍ରାଏଲୀୟମାନଙ୍କୁ ଯେଉଁ ପାପରେ ଆସକ୍ତ କରାଇଥିଲେ
ସେ ମଧ୍ୟ ସେହି ପାପଗୁଡିକରେ ଆସକ୍ତ ହେଲେ। ଯାରବୟାମ
ଏହି ପାପଗୁଡିକୁ ବନ୍ଦ କଲେ ନାହିଁ।

### ମୋୟାବ ଇସ୍ରାଏଲର ବିରୁଦ୍ଧାଚରଣ କରନ୍ତି

4ମୋୟାବର ରାଜା ମେଶା ମେଷାଧିକାରୀ ଥିଲେ। ସେ
ଇସ୍ରାଏଲର ରାଜାଙ୍କୁ କରରୂପେ 1,00,000 ମେଷବତ୍ସର ଓ
1,00,000 ମେଷର ଲୋମ ପ୍ରତିବର୍ଷ ଦେଉଥିଲେ। 5ମାତ୍ର
ଆହାବଙ୍କ ମୃତ୍ୟୁପରେ ମୋୟାବର ରାଜା ଇସ୍ରାଏଲର ରାଜାଙ୍କ
ବିରୁଦ୍ଧାଚରଣ କଲେ।
6ସେତେବେଳେ ରାଜା ଯିହୋରାମ ଶମରୀୟାରୁ ଯାଇ
ଇସ୍ରାଏଲର ସମସ୍ତ ଲୋକଙ୍କୁ ଏକତ୍ର କଲେ। 7ତତ୍ପରେ
ଯିହୋରାମ ଯିହୁଦାର ରାଜା ଯିହୋଶାଫଟଙ୍କ ନିକଟକୁ ଦୂତ
ପଠାଇ କହିଲେ, "ମୋୟାବର ରାଜା ମୋ ବିରୁଦ୍ଧରେ
ଦ୍ରୋହାଚରଣ କରିଛି, ତୁମ୍ଭେ ମୋ ସହିତ ଯୁଦ୍ଧ କରିବାକୁ
ମୋୟାବ ବିରୁଦ୍ଧରେ ଯିବ କି?"
ଯିହୋଶାଫଟ କହିଲେ, "ହଁ, ମୁଁ ତୁମ୍ଭ ସହିତ ଯୋଗ
ଦେବି। ଆମ୍ଭେ ଏକ ବୃହତ୍ ସେନା ସ୍ୱରୂପେ ଏକତ୍ରୀତ ଯୋଗ
ଦେବା। ମୋର ଲୋକ ତୁମ୍ଭ ଲୋକପରି ଓ ମୋର ଅଶ୍ୱ
ତୁମ୍ଭର ଅଶ୍ୱପରି।"

### ତିନି ରାଜା ଇଲୀଶାୟଙ୍କ ପରାମର୍ଶ ଚାହିଁଲେ

8ଯିହୋରାମଙ୍କୁ ଯିହୋଶାଫଟ ପଚାରିଲେ, "ଆମ୍ଭେମାନେ
କେଉଁ ପଥରେ ଯିବା?"
ଯିହୋରାମ ଉତ୍ତର ଦେଲେ, "ଆମ୍ଭେମାନେ ଇଦୋମର
ମରୁଭୂମି ପ୍ରାନ୍ତର ଦେଇ ଯିବା।"
9ତହୁଁ ଇସ୍ରାଏଲର ରାଜା, ଯିହୁଦାର ରାଜା ଓ ଇଦୋମର
ରାଜା ଏକତ୍ର ସାତଦିନ ଧରି ଯାତ୍ରା କଲେ। ସେମାନଙ୍କର
ସୈନ୍ୟମାନଙ୍କ ପାଇଁ ଓ ପଶୁମାନଙ୍କ ପାଇଁ କୌଣସି ଜଳ
ନଥିଲା। 10ଶେଷରେ ଇସ୍ରାଏଲର ରାଜା ଯିହୋରାମ କହିଲେ,
"ହାୟ, ସଦାପ୍ରଭୁ ମୋୟାବ ହସ୍ତରେ ସମର୍ପଣ କରିବାକୁ ଆମ୍ଭ
ତିନିଜଣଙ୍କୁ ଏକତ୍ର ଡାକିଛନ୍ତି।"
11ମାତ୍ର ଯିହୋଶାଫଟ କହିଲେ, "ସଦାପ୍ରଭୁଙ୍କର ଏପରି
କେହି ଭବିଷ୍ୟଦ୍‌ବକ୍ତା କ'ଣ ଏଠାରେ ନାହାଁନ୍ତି ଯାହାଙ୍କୁ ଦେଇ
ଆମ୍ଭେ ସଦାପ୍ରଭୁଙ୍କର ଅନୁସନ୍ଧାନ କରିପାରୁ?"
ଇସ୍ରାଏଲ ରାଜାଙ୍କର ଦାସମାନଙ୍କ ମଧ୍ୟରୁ ଜଣେ କହିଲେ,
"ଶାଫଟର ପୁତ୍ର ଇଲୀଶାୟ ଯେ ଏଲୀୟ ହସ୍ତରେ ଜଳ
ଢାଳୁଥିଲେ, ସେ ଏଠାରେ ଅଛନ୍ତି।"
12ତହୁଁ ଯିହୋଶାଫଟ କହିଲେ, "ସଦାପ୍ରଭୁଙ୍କ ବାକ୍ୟ
ତାଙ୍କ ପାଖରେ ଅଛି।"
ତେଣୁ ଇସ୍ରାଏଲର ରାଜା, ଯିହୋଶାଫଟ ଓ ଇଦୋମର
ରାଜା ଇଲୀଶାୟଙ୍କୁ ଭେଟ କରିବାକୁ ଗଲେ।
13ଏଥିରେ ଇଲୀଶାୟ ଇସ୍ରାଏଲର ରାଜା ଯିହୋରାମଙ୍କୁ
କହିଲେ, "ମୋ ପାଖରେ ତୁମ୍ଭର କି କାମ ଅଛି? ତୁମ୍ଭେ
ତୁମ୍ଭର ପିତା ମାତାଙ୍କର ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ଯାଅ।"
ଇସ୍ରାଏଲର ରାଜା ଉତ୍ତର ଦେଲେ, "ନାଁ ଆମ୍ଭେ ତୁମ୍ଭଙ୍କୁ
ଦେଖିବାକୁ ଆସିଲୁ, କାରଣ ମୋୟାବ ହସ୍ତରେ ସମର୍ପଣ
କରିବା ପାଇଁ ସଦାପ୍ରଭୁ ଏ ତିନି ରାଜାଙ୍କୁ ଏକତ୍ର ଡାକି
ଅଛନ୍ତି।"
14ପୁଣି ଇଲୀଶାୟ କହିଲେ, "ମୁଁ ଯିହୁଦାର ରାଜା
ଯିହୋଶାଫଟଙ୍କୁ ସମ୍ମାନ କରେ ଓ ମୁଁ, ସଦାପ୍ରଭୁ ସର୍ବଶକ୍ତିମୟଙ୍କର

ସେବା କରେ। ମୁଁ ସଦାପ୍ରଭୁଙ୍କ ଜୀବତ ପ୍ରମାଣେ ପ୍ରତିଜ୍ଞା କରୁଛି, କେବଳ ଯିହୋଶାଫଟ୍‌ଙ୍କ ସକାଶେ ମୁଁ ଏଠାକୁ ଆସିଲି। ଯଦି ଯିହୋଶାଫଟ୍ ଏଠି ନଥାନ୍ତେ ମୁଁ ତୁମ୍ଭକୁ ସମ୍ପୂର୍ଣ୍ଣ ଅବଜ୍ଞା କରିଥାନ୍ତି। ମୁଁ ତୁମ୍ଭ ଆଡ଼େ ସମ୍ପୂର୍ଣ୍ଣ ଦୃଷ୍ଟି ପକାଇ ନଥାନ୍ତି। 15ତଥାପି ଜଣେ ବୀଣାବାଦକକୁ ଆଣ।"

ଯେତେବେଳେ ସେହି ବାଦକ ଆସି ବୀଣା ବାଦନ କଲା ସଦାପ୍ରଭୁଙ୍କ ହସ୍ତ ଇଲୀଶାୟଙ୍କ ଉପରେ ଅବସ୍ଥାନ କଲା। 16ତା'ପରେ ଇଲୀଶାୟ କହିଲେ, "ସଦାପ୍ରଭୁ ଏହି କଥା କୁହନ୍ତି, ଏହି ଉପତ୍ୟକାରେ ଗାତମାନ ଖୋଳ। 17ସଦାପ୍ରଭୁ ଏହା ମଧ୍ୟ କୁହନ୍ତି, ତୁମ୍ଭେମାନେ ବାୟୁ ଦେଖିବ ନାହିଁ କି ବୃଷ୍ଟି ଦେଖିବ ନାହିଁ, ମାତ୍ର ଉପତ୍ୟକାଟି ଜଳରେ ପରିପୂର୍ଣ୍ଣ ହେବ। ତେବେ ତୁମ୍ଭେମାନେ ଓ ତୁମ୍ଭମାନଙ୍କର ସମସ୍ତ ଗୋମେଷାଦି ପଶୁମାନେ ଜଳପାନ କରିବେ। 18ଏହି କାର୍ଯ୍ୟ ସଦାପ୍ରଭୁଙ୍କ ପାଇଁ କରିବା ଅତି ସହଜ। ସେ ମଧ୍ୟ ମୋୟାବୀୟମାନଙ୍କୁ ତୁମ୍ଭମାନଙ୍କ ହସ୍ତରେ ପରାସ୍ତ କରାଇବେ। 19ତୁମ୍ଭେମାନେ ପ୍ରତ୍ୟେକ ପ୍ରାଚୀର ବେଷ୍ଟିତ ସୁଦୃଢ଼ ଓ ଉତ୍ତମ ନଗରଗୁଡ଼ିକୁ ଧ୍ୱଂସ କରିବ। ପ୍ରତ୍ୟେକ ଉତ୍ତମ ବୃକ୍ଷଗୁଡ଼ିକୁ କାଟି ପକାଇବ। ନିର୍ଝରଗୁଡ଼ିକର ଜଳକୁ ଅଟକାଇ ଓ ପ୍ରତ୍ୟେକ ଉତ୍ତମ ଭୂମି ଖଣ୍ଡକୁ ପଥର ଫୋପାଡି ବିନାଶ କରିବ।"

20ଏହାପରେ ପ୍ରାତଃକାଳୀନ ବଳିଦାନ ଉତ୍ସର୍ଗ କରିବା ସମୟରେ ଇଦୋମର ପଥ ଦେଇ ଜଳ ଆସିଲା ଏବଂ ଉପତ୍ୟକାକୁ ଜଳପୂର୍ଣ୍ଣ କଲା।

21ମୋୟାବୀୟମାନେ ଶୁଣିଲେ ଯେ ରାଜାମାନେ ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଆସିଛନ୍ତି। ତେଣୁ ସେମାନେ ସମସ୍ତେ ଏପରିକି ଅତ୍ୟଧିକ ବୃଦ୍ଧମାନେ ମଧ୍ୟ ସାଞ୍ଜୁ ପରିଧାନ କରି ଏକତ୍ରିତ ହେଲେ ଓ ଯୁଦ୍ଧ ପାଇଁ ସୀମାନ୍ତରେ ଅପେକ୍ଷା କରି ରହିଲେ। 22ମୋୟାବୀୟମାନେ ପ୍ରଭାତରେ ଉଠିଲାବେଳେ ସେହି ସମୟରେ ସୂର୍ଯ୍ୟ ଜଳ ଉପରେ ଚମକୁ ଥିଲା। ସେମାନେ ଏହାକୁ ସେମାନଙ୍କର ରକ୍ତ ତୁଲ୍ୟ ରଙ୍ଗପରି ଦେଖିଲେ। 23ମୋୟାବୀୟମାନେ କହିଲେ, "ରକ୍ତକୁ ଦେଖ, ରାଜାମାନେ ପରସ୍ପର ମଧ୍ୟରେ ଯୁଦ୍ଧ କରି ବିନଷ୍ଟ ହୋଇଛନ୍ତି। ସେମାନେ ପରସ୍ପର ମଧ୍ୟରେ ଯୁଦ୍ଧକରି ସେମାନଙ୍କର ଯୋଦ୍ଧାମାନଙ୍କୁ ବଧ କରିଛନ୍ତି। ଚାଲ ଏବଂ ସେହି ମୃତ ଶରୀରରୁ ମୂଲ୍ୟବାନ ଜିନିଷମାନ ଲୁଟିବା।"

24ଯେତେବେଳେ ମୋୟାବୀୟମାନେ ଇଶ୍ରାୟେଲୀୟମାନଙ୍କ ଶିବିରରେ ପହଞ୍ଚିଲେ, ଇଶ୍ରାୟେଲୀୟମାନେ ସେମାନଙ୍କୁ ଆକ୍ରମଣ କଲେ। ସେମାନେ ଯୁଦ୍ଧ ଭୂମିରୁ ପଳାୟନ କଲେ। ଇଶ୍ରାୟେଲୀୟ ଲୋକମାନେ ସେମାନଙ୍କୁ ଘଉଡାଇ ଦେଇ ମୋୟାବ ଭିତରୁ ପ୍ରବେଶ କଲେ। 25ଇଶ୍ରାୟେଲର ସେନା ନଗରଟିକୁ ଧ୍ୱଂସ କରିଦେଲେ। ପ୍ରତ୍ୟେକ ଉତ୍ତମ ଭୂମିଖଣ୍ଡରେ ପ୍ରସ୍ତରଦ୍ୱାରା ପୂର୍ଣ୍ଣ କଲେ। ସେମାନେ ଜଳ ନିର୍ଝରଗୁଡ଼ିକୁ ବୁଜି ଦେଲେ। ଉତ୍ତମ ବୃକ୍ଷଗୁଡ଼ିକୁ କାଟି ପକାଇଲେ, ଇଶ୍ରାୟେଲୀୟମାନେ କୀର୍ହେରସରୁର ସମସ୍ତ ପଥରେ ଯୁଦ୍ଧ କଲେ। ସେମାନେ ଏହାର ଚତୁର୍ଦ୍ଦିଗରେ ଘେରିଗଲେ ଓ ଏହା ଉପରେ ମଧ୍ୟ ଆକ୍ରମଣ କଲେ।

26ପୁଣି ମୋୟାବର ରାଜା ଦେଖିଲେ ଯେ ଯୁଦ୍ଧ ତାଙ୍କ ପାଇଁ ଅତି ଅସହ୍ୟ ହେଲା। ତେଣୁ ସେ ନିଷ୍ପତ୍ତି କଲେ, ଇଦୋମର ରାଜାଙ୍କୁ ହତ୍ୟାକରି ସେମାନଙ୍କ ଦ୍ୱାରା ଭାଙ୍ଗିଯିବା, ସେ ତାଙ୍କର 700 ଖଡ୍ଗଧାରୀ ସୈନ୍ୟ ସହିତ ଏହା କରିବାକୁ ଚେଷ୍ଟା କଲେ। କିନ୍ତୁ ସେ ତାହା ଭାଙ୍ଗିପାରିଲେ ନାହିଁ। 27ତହିଁ ସେ ଆପଣାର ଉତ୍ତରାଧିକାରୀ ଜ୍ୟେଷ୍ଠପୁତ୍ରଙ୍କୁ ନେଇ ପ୍ରାଚୀର ଉପରେ ହୋମବଳି ରୂପେ ଉତ୍ସର୍ଗ କଲେ। ଯିଏକି ପରବର୍ତ୍ତୀ ରାଜା ହୋଇଥାନ୍ତେ, ତାଙ୍କୁ ନେଇ ପ୍ରାଚୀର ଉପରେ ହୋମବଳି ରୂପେ ଉତ୍ସର୍ଗ କଲେ। ଏଥିରେ ଇଶ୍ରାୟେଲ ଲୋକମାନଙ୍କର ବିପର୍ଯ୍ୟସ୍ତ ବଢିଲା। ତେଣୁ ଇଶ୍ରାୟେଲୀୟମାନେ ମୋୟାବ ପରିତ୍ୟାଗ କରି ନିଜ ଦେଶକୁ ପ୍ରସ୍ଥାନ କଲେ।

## ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ବିଧବା ଇଲୀଶାୟଙ୍କ ସାହାଯ୍ୟ ଭିକ୍ଷା କରନ୍ତି

4 ଭବିଷ୍ୟଦ୍‌ବକ୍ତାଗଣ ଦଳର ମଧ୍ୟରୁ ଜଣକର ଭାର୍ଯ୍ୟା ଇଲୀଶାୟଙ୍କ ସମ୍ମୁଖରେ ଆସି କ୍ରନ୍ଦନ କରି କହିଲା, "ଆପଣଙ୍କର ଦାସ ଯିଏ ମୋର ସ୍ୱାମୀ ଥିଲେ, ସେ ମରିଅଛନ୍ତି। ଆପଣ ଜାଣନ୍ତି ସେ ସଦାପ୍ରଭୁଙ୍କୁ ଭୟ କରୁଥିଲେ। ମାତ୍ର ସେ ଟଙ୍କା ଏକ ମନୁଷ୍ୟଠାରୁ କରଜ କରିଥିଲେ ଓ ସେହି ମହାଜନ ମୋର ଦୁଇପୁତ୍ରଙ୍କୁ ଦାସ କରିନେବାକୁ ଆସିଅଛି।"

2ତହୁଁ ଇଲୀଶାୟ କହିଲେ, "ମୁଁ କିପରି ତୁମ୍ଭକୁ ସାହାଯ୍ୟ କରି ପାରିବି? ଏବେ କୁହ, ତୁମ୍ଭ ଘରେ କ'ଣ ଅଛି?"

ତହୁଁ ସ୍ତ୍ରୀ ଲୋକଟି କହିଲା, "ଏକ ତୈଳ ପାତ୍ର ଛଡ଼ା ମୋର ଘରେ ଆଉ କିଛି ନାହିଁ।"

3ତା'ପରେ ଇଲୀଶାୟ କହିଲେ, "ଯାଅ, ତୁମ୍ଭର ପଡ଼ୋଶୀମାନଙ୍କଠାରୁ ଖାଲି ପାତ୍ରଗୁଡ଼ିଏ ଧାର ଆଣ। ସେମାନଙ୍କର ଅନେକ ଶୂନ୍ୟ ପାତ୍ର ଥିବ। ସେଗୁଡ଼ିକୁ ସବୁ ଆଣ। 4ତା'ପରେ ତୁମ୍ଭ ଘରକୁ ଯାଇ ଦ୍ୱାର ବନ୍ଦ କର। କେବଳ ତୁମ୍ଭେ ଓ ତୁମ୍ଭର ପୁତ୍ରମାନେ ହିଁ ସେହି ଘରେ ରହିବ। ତା'ପରେ ସେହି ପାତ୍ରମାନଙ୍କରେ ତୈଳ ଢାଳିବ। ଯେଉଁ ପାତ୍ରଟି ପୂର୍ଣ୍ଣ ହେଉଛି, ତାକୁ ଅଲଗା ରଖିବ।"

5ଇଲୀଶାୟ ନିକଟରୁ ସେ ବିଧବା ସ୍ତ୍ରୀ ଲୋକଟି ନିଜ ଘରକୁ ଆସି ଘରର ଦ୍ୱାର ବନ୍ଦ କଲା। ସେ ଘର ଭିତରେ ସେ ଓ ତା'ର ଦୁଇପୁତ୍ର ମାତ୍ର ରହିଲେ। ତା'ର ପୁତ୍ରମାନେ ପାତ୍ରଗୁଡ଼ିକୁ ଆଣିଲେ ଓ ସେ ସେଥିରେ ତୈଳ ଢାଳିଲେ। 6ସେ ଅନେକ ପାତ୍ର ପୂର୍ଣ୍ଣ କଲା। ଶେଷରେ ତା'ର ପୁଅମାନଙ୍କୁ କହିଲା, "ମୋତେ ଆଉ ଗୋଟିଏ ପାତ୍ର ଦିଅ।"

ମାତ୍ର ପୁଅମାନଙ୍କ ମଧ୍ୟରୁ ଗୋଟିଏ ପୁଅ କହିଲା ସମସ୍ତ ପାତ୍ର ପୂର୍ଣ୍ଣ ହୋଇଅଛି, "ଆଉ କୌଣସି ପାତ୍ର ନାହିଁ।" ସେହି ସମୟରେ ସେ ପାତ୍ରରୁ ତୈଳ ବନ୍ଦ ହେଲା।

7ତା'ପରେ ସ୍ତ୍ରୀ ଲୋକଟି ପରମେଶ୍ୱରଙ୍କ ଲୋକ ଇଲୀଶାୟଙ୍କୁ ଯାହାସବୁ ଘଟିଥିଲା କହିଲେ। ତହୁଁ ଇଲୀଶାୟ କହିଲେ, "ଏବେ ଯାଅ, ସେ ସମସ୍ତ ତୈଳକୁ ବିକ୍ରି ଋଣ ପରିଶୋଧ କର ଓ ଅବଶିଷ୍ଟ ଅର୍ଥରେ ତୁମ୍ଭେ ଓ ତୁମ୍ଭର ପୁତ୍ରମାନେ କାଳାତିପାତ କର।"

### ଶୁନେମର ଜଣେ ସ୍ତ୍ରୀଲୋକ ଇଲୀଶାୟଙ୍କୁ ଏକ କୋଠରୀ ଦିଅନ୍ତି

8ଏକଦା ଇଲୀଶାୟ୍ ଶୁନେମକୁ ଗଲେ। ସେଠାରେ ଏକ
ମହତ୍ତ୍ୱପୂର୍ଣ୍ଣ ଧନୀ ସ୍ତ୍ରୀଲୋକ ତାଙ୍କୁ ଅନ୍ନଭୋଜନ
ଦେବାକୁ ବୁଲାଇଲା। ଏହାପରେ ଇଲୀଶାୟ୍ ଯେତେଥର ସେହି
ବାଟ ଦେଇ ଗଲେ ସେତେଥର ସେଠାରେ ଅନ୍ନଭୋଜନ
କଲେ।

9ସ୍ତ୍ରୀ ଲୋକଟି ଦିନେ ତା'ର ସ୍ୱାମୀକୁ କହିଲେ, "ଦେଖ,
ଏହି ଯେଉଁ ଲୋକଟି ଆମ୍ଭମାନଙ୍କ ଘର ନିକଟ ଦେଇ ସର୍ବଦା
ଯାତାୟାତ କରୁଛି, ସେ ପରମେଶ୍ୱରଙ୍କ ପବିତ୍ର ଲୋକ ବୋଲି
ମୁଁ ଅନୁଭବ କରୁଛି। 10ତେଣୁ ମୁଁ ତୁମ୍ଭକୁ ବିନୟ କରୁଛି,
ତୁମ୍ଭେମାନେ ଆମ୍ଭର ଛାତ ଉପରେ ଗୋଟିଏ ଛୋଟ କୋଠରୀ
ନିର୍ମାଣ କରି ଓ ସେଥିରେ ଗୋଟିଏ ଖଟ, ମେଜ, ଆସନ ଓ
ଦୀପରୁଖା ରଖିବ, ତେଣୁ ସେ ଆମ୍ଭମାନଙ୍କ ନିକଟକୁ ଆସିଲାବେଳେ
ସେଠାରେ ରହିବ।"

11ଦିନେ ଇଲୀଶାୟ୍ ସେହି ସ୍ତ୍ରୀ ଲୋକର ଗୃହକୁ
ଆସିଲେ ଓ ସେହି କୋଠରୀରେ ଯାଇ ଶୟନ କଲେ।
12ପୁଣି ସେ ନିଜର ଦାସ ଗିହେଜୀକୁ କହିଲେ, "ସେହି
ଶୁନେମୀୟା ସ୍ତ୍ରୀକୁ ଡାକ।"

ତହିଁର ଦାସ ତାକୁ ଡାକଲେ ଓ ସେ ଇଲୀଶାୟଙ୍କ
ସମ୍ମୁଖରେ ଛିଡ଼ା ହେଲେ। 13ପୁଣି ଇଲୀଶାୟ୍ ତାଙ୍କ ଦାସକୁ
କହିଲେ, "ବର୍ତ୍ତମାନ ସେହି ସ୍ତ୍ରୀ ଲୋକକୁ ଏହା କୁହ,
'ଦେଖ, ତୁମ୍ଭେ ଆମ୍ଭମାନଙ୍କର ବହୁ ଯତ୍ନ ନେଇ ସେବା
କରିଛ। ଆମ୍ଭେମାନେ ତୁମ୍ଭ ପାଇଁ କ'ଣ କରି ପାରିବୁ? ରାଜା
କିମ୍ବା ସେନାପତିଙ୍କ ନିକଟରେ ତୁମ୍ଭ ସପକ୍ଷରେ କିଛି କହିବାକୁ
ଇଚ୍ଛା କରୁଛ କି?'"

ତହୁଁ ସ୍ତ୍ରୀ ଲୋକଟି ଉତ୍ତର କଲା, "ମୁଁ ନିଜ ଲୋକଙ୍କ
ମଧ୍ୟରେ ଭଲରେ ବାସ କରୁଛି।"

14ଇଲୀଶାୟ୍ ଗିହେଜୀକୁ କହିଲେ, "ତେବେ ତା'ପାଇଁ
କ'ଣ କରାଯିବ?"

ଗିହେଜୀ ଉତ୍ତର କଲେ, "ମୁଁ ଜାଣେ ତା'ର ପୁତ୍ର ନାହିଁ
ଓ ତା'ର ସ୍ୱାମୀ ବୃଦ୍ଧ।"

15ତା'ପରେ ଇଲୀଶାୟ୍ କହିଲେ, "ତାକୁ ଡାକ।"

ତେଣୁ ଗିହେଜୀ ତାକୁ ଡାକଲେ ଓ ସେ ଆସି ଦ୍ୱାର
ନିକଟରେ ଛିଡ଼ା ହେଲା। 16ଇଲୀଶାୟ୍ ସେହି ସ୍ତ୍ରୀ ଲୋକକୁ
କହିଲେ, "ଏହି ସମୟର ପରବର୍ତ୍ତୀ ବସନ୍ତ ଋତୁ ହେଲାବେଳକୁ
ତୁମ୍ଭେ ଏକ ପୁତ୍ର ସନ୍ତାନ କୋଳ କରିବ।"

ସ୍ତ୍ରୀ ଲୋକଟି ଉତ୍ତର କଲା, "ନା, ମହାଶୟ, ହେ ମୋର
ପରମେଶ୍ୱରଙ୍କର ଲୋକ, ମୋତେ ମିଥ୍ୟା କୁହନ୍ତୁ ନାହିଁ, ମୁଁ
ଆପଣଙ୍କର ଦାସୀ।"

### ଶୁନେମୀୟାର ଏକ ପୁତ୍ର ଲାଭ

17ସ୍ତ୍ରୀ ଲୋକଟି ଗର୍ଭବତୀ ହେଲା। ଇଲୀଶାୟ୍ ତାଙ୍କୁ
କହିଲାପରି, ପରି ବସନ୍ତ ଋତୁରେ ସେ ଏକ ପୁତ୍ରକୁ ଜନ୍ମ
କଲା।

18ପିଲାଟି ବଢ଼ିବାକୁ ଲାଗିଲା। ଦିନେ ସେ କ୍ଷେତକୁ ଯାଇ
ଲୋକମାନେ ଓ ତା'ର ପିତା ଶସ୍ୟ କାଟୁଥିଲା ବେଳେ ତାଙ୍କ
ନିକଟକୁ ଗଲା। 19ପିଲାଟି ତା'ର ପିତାକୁ କହିଲା, "ଓଃ, ମୋ
ମୁଣ୍ଡ, ମୋ ମୁଣ୍ଡ।"

ତା'ର ପିତା ଗୋଟିଏ ଦାସକୁ କହିଲା, "ପିଲାଟିକୁ ତା'ର
ମାତାଙ୍କ ନିକଟକୁ ନେଇଯାଅ।"

20ଦାସ ପିଲାଟିକୁ ତା'ର ମାତା ନିକଟକୁ ନେଇଗଲା।
ପିଲାଟି ତା'ର ମାତା କୋଳରେ ମଧ୍ୟାହ୍ନ ପର୍ଯ୍ୟନ୍ତ ରହି
ମରିଗଲା।

### ସ୍ତ୍ରୀ ଲୋକଟି ଇଲୀଶାୟଙ୍କୁ ଦେଖା କରିବାକୁ ଯାଆନ୍ତି

21ଏହାପରେ ସ୍ତ୍ରୀ ଲୋକଟି ଉପର କୋଠରୀକୁ ଯାଇ
ପରମେଶ୍ୱର ଲୋକଙ୍କ ଖଟ ଉପରେ ପୁଅକୁ ଶୁଆଇ ଦେଇ
ଦ୍ୱାର ବନ୍ଦ କରି ବାହାରକୁ ଆସିଲା।

22ସେ ସ୍ତ୍ରୀ ଲୋକଟି ତା'ର ସ୍ୱାମୀକୁ ଡାକି କହିଲା, "ମୁଁ
ବିନୟ କରୁଛି, ଦାସମାନଙ୍କ ମଧ୍ୟରୁ ଜଣକୁ ଓ ଗୋଟିଏ
ଗର୍ଦ୍ଦଭକୁ ମୋ ନିକଟକୁ ପଠାନ୍ତୁ। ହେଲେ ମୁଁ
ପରମେଶ୍ୱରଙ୍କ ଲୋକ ଇଲୀଶାୟଙ୍କୁ ଶୀଘ୍ର ଆଣି ଫେରି
ଆସିବି।"

23ଏଥିରେ ତା'ର ସ୍ୱାମୀ କହିଲା, "ତୁମ୍ଭେ କାହିଁକି ଆଜି
ପରମେଶ୍ୱରଙ୍କ ଲୋକ ଇଲୀଶାୟଙ୍କ ନିକଟକୁ ଯିବ? ଆଜିତ
ଅମାବାସ୍ୟା ନୁହେଁ କି ବିଶ୍ରାମବାର ନୁହେଁ।"

ତହୁଁ ତାଙ୍କ ସ୍ତ୍ରୀ କହିଲା, "ତୁମ୍ଭେ ବ୍ୟସ୍ତ ହୁଅ ନାହିଁ, ସବୁ
ଠିକ୍ ହେବ।"

24ତା'ପରେ ସେ ଗର୍ଦ୍ଦଭ ସଜାଇ ତାଙ୍କର ସେବକକୁ
କହିଲେ, "ଦ୍ରୁତଗତିରେ ଗର୍ଦ୍ଦଭକୁ ଚଲାଅ ଓ ମୋର ଆଦେଶ
ନ ପାଇବା ପର୍ଯ୍ୟନ୍ତ ଗତି ଧୀର କରନାହିଁ।"

25ଏହିରୂପେ ସେ କର୍ମିଲ ପର୍ବତରେ ପହଞ୍ଚି ପରମେଶ୍ୱରଙ୍କ
ଲୋକ ଇଲୀଶାୟଙ୍କୁ ଦେଖିଲେ।

ଇଲୀଶାୟ୍ ମଧ୍ୟ ଦୂରରୁ ତାଙ୍କୁ ଆସୁଥିବାର ଦେଖି ନିଜର
ଦାସ ଗିହେଜୀକି କହିଲେ, "ଦେଖ, ଏହି ଶୁନେମୀୟା ସ୍ତ୍ରୀ
ଏଠାକୁ ଆସୁଛି। 26ମୁଁ ବିନୟ କରୁଛି, ଦୌଡ଼ଯାଇ ତାକୁ
ଭେଟି ପଚାରି, 'ସବୁ ଠିକ୍ ଅଛି କି? ତୁମ୍ଭ ସ୍ୱାମୀର ଓ ତୁମ୍ଭ
ପୁତ୍ରର ମଙ୍ଗଳ କି?'"

ଗିହେଜୀ ଯେତେବେଳେ ସ୍ତ୍ରୀ ଲୋକକୁ ଏହିସବୁ ପଚାରିଲେ
ସେ ଉତ୍ତର କଲା, "ସମସ୍ତେ ମଙ୍ଗଳ।"

27ଅନନ୍ତର ସେ ପରମେଶ୍ୱରଙ୍କ ଲୋକ ନିକଟକୁ ଆସି
ତାଙ୍କର ଚରଣ ତଳେ ପଡ଼ିଲା। ଏଥିରେ ଗିହେଜୀ ତାକୁ
ଟାଣିବାରୁ ପରମେଶ୍ୱରଙ୍କ ଲୋକ କହିଲେ, "ତାହାକୁ ଛାଡ଼ିଦିଅ।
କାରଣ ତା'ର ପ୍ରାଣ ଶୋକାକୁଳ। ମାତ୍ର ସଦାପ୍ରଭୁ ମୋତେ
ଜଣାଇଲେ ନାହିଁ କ'ଣ ବାଳକ ପ୍ରତି ଘଟିଅଛି। ସେ ଏହା
ମୋଠାରୁ ଗୋପନ ରଖିଲେ।"

28ତା'ପରେ ସ୍ତ୍ରୀ ଲୋକଟି କହିଲା, "ଗୁରୁ, ମୁଁ କ'ଣ
ପୁତ୍ର ମାଗିଥିଲି? ମୁଁ କି କହିନଥିଲି, 'ମୋତେ ପ୍ରତାରଣା
କରନାହିଁ।'"

29ଏହାପରେ ଇଲୀଶାୟ୍ ଗିହେଜୀକୁ କହିଲେ, "ଯିବାକୁ
ପ୍ରସ୍ତୁତ ହୁଅ। ମୋର ଯଷ୍ଟିଟିକୁ ସଙ୍ଗରେ ନିଅ। ଗଲାବେଳେ
କୌଣସି ସ୍ଥାନରେ ଟିକିଏ ହେଲେ ଅଟକିବ ନାହିଁ। ଏପରିକି
କାହାରକୁ ଦେଖିଲେ ନମସ୍କାର କରନାହିଁ ଓ କେହି ନମସ୍କାର

କଲେ ତାକୁ ଉତ୍ତର କରନାହିଁ। ମୋର ଯଷ୍ଟି ନେଇ ସେହି
ବାଳକର ମୁଖ ଉପରେ ରଖି ଦିଅ।"
30ଏଥିରେ ବାଳକର ମାଆ କହିଲା, "ମୁଁ ଶପଥ କରୁଛି,
ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ ଓ ଆପଣ ଜୀବିତ ଥିବା
ପର୍ଯ୍ୟନ୍ତ ମୁଁ ଆପଣଙ୍କୁ ଛାଡ଼ିବି ନାହିଁ।"
ତହୁଁ ଇଲୀଶାୟ ଉଠି ତାଙ୍କ ପଛେ ପଛେ ଗଲେ।
31ଗିହେଜୀ ଇଲୀଶାୟ ଓ ଶୁନେମୀୟା ସ୍ତ୍ରୀ ପହଞ୍ଚିବା
ପୂର୍ବରୁ ସ୍ତ୍ରୀ ଲୋକଟିର ଘରେ ପହଞ୍ଚିଲା। ସେ ଆଶାବାଡ଼କୁ
ବାଳକର ମୁଖ ଉପରେ ରଖିଲା। ମାତ୍ର ପିଲାଟିର କୌଣସି
ରବ କି ଶବ୍ଦ ହେଲାନାହିଁ। ତା'ପରେ ଗିହେଜୀ ଫେରିଆସି
ଇଲୀଶାୟଙ୍କୁ ଭେଟି ଜଣାଇଲା, "ବାଳକଟି ଉଠିଲା ନାହିଁ।"

### ଶୁନେମୀୟାର ପୁତ୍ର ପୁନର୍ଜୀବନ ଲାଭ କରେ

32ଅନନ୍ତର ଇଲୀଶାୟ ଗୃହ ମଧ୍ୟରେ ପ୍ରବେଶ କରି
ଦେଖିଲେ ବାଳକଟି ମୃତ ଅବସ୍ଥାରେ ଶଯ୍ୟା ଉପରେ ଶୋଇଛି।
33ତତ୍ପରେ ଇଲୀଶାୟ ଗୃହର ଦ୍ୱାର ବନ୍ଦ କଲେ ଓ ଏକୁଟିଆ
ବାଳକ ସହିତ ସେ ଘର ମଧ୍ୟରେ ରହିଲେ। ତା'ପରେ ସେ
ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ। 34ଇଲୀଶାୟ ଶଯ୍ୟା ଉପରକୁ
ଯାଇ ବାଳକଟିର ଉପରେ ଶୟନ କଲେ। ପୁଣି ତାହାର ମୁଖ
ଉପରେ ଆପଣା ମୁଖ, ତାହାର ଚକ୍ଷୁ ଉପରେ ଆପଣା ଚକ୍ଷୁ
ଓ ତାହାର ହାତ ଉପରେ ଆପଣା ହାତ ରଖିଲେ। ବାଳକର
ଶରୀରଟି ଉଷ୍ମ ହେବା ପର୍ଯ୍ୟନ୍ତ ସେ ତାହା ଉପରେ ନିଜକୁ
ଲମ୍ବାଇ ରଖିଲେ।
35ତା'ପରେ ଇଲୀଶାୟ ଉଠିପଡ଼ି ଗୃହ ମଧ୍ୟରେ ଏଣେ
ତେଣେ ବିଚରଣ କଲେ। ସେ ପୁଣି ବାଳକଟି ଉପରେ
ଶୋଇ ପଡ଼ିଲେ। ଏଥିରେ ବାଳକଟି ସାତଥର ଛିଙ୍କିଲା ଓ
ଚକ୍ଷୁ ଖୋଲିଲା।
36ଇଲୀଶାୟ ତାଙ୍କର ଦାସ ଗିହେଜୀକୁ ଡାକି କହିଲେ,
"ଶୁନେମୀୟାକୁ ଡାକ।"
ଗିହେଜୀ ଶୁନେମୀୟାକୁ ଡାକିବାରୁ ସେ ଇଲୀଶାୟ ନିକଟକୁ
ଆସିଲେ। ତହୁଁ ଇଲୀଶାୟ କହିଲେ, "ତୁମ୍ଭ ପୁତ୍ରକୁ ନିଅ।"
37ତତ୍ପରେ ଶୁନେମୀୟା ଗୃହ ମଧ୍ୟରେ ପ୍ରବେଶ କରି
ଇଲୀଶାୟଙ୍କ ପାଦ ତଳେ ପଡ଼ିଲେ ଓ ତା'ପରେ ପୁଅକୁ ଧରି
ବାହାରକୁ ଆସିଲେ।

### ଇଲୀଶାୟ ଓ ବିଷାକ୍ତ ପାକ

38ଅନନ୍ତର ଇଲୀଶାୟ ପୁନର୍ବାର ଗିଲ୍‌ଗଲ୍‌କୁ ଫେରିଗଲେ।
ସେହି ସମୟରେ ସେଠାରେ ସେହି ଭୂମିରେ ଦୁର୍ଭିକ୍ଷ ପଡ଼ିଥିଲା।
ଯେତେବେଳେ ଭବିଷ୍ୟଦ୍‌ବକ୍ତାଗଣଙ୍କର ପୁତ୍ରମାନେ ତାଙ୍କ ସମ୍ମୁଖରେ
ବସୁଥିବେଳେ ଇଲୀଶାୟ ନିଜର ଦାସକୁ କହିଲେ, "ହଣ୍ଡା
ଚୁଲିରେ ବସାଅ ଓ ଭବିଷ୍ୟଦ୍‌ବକ୍ତାଙ୍କର ସନ୍ତାନଗଣଙ୍କ ପାଇଁ
ବ୍ୟଞ୍ଜନ ପାକ କର।"
39ତହୁଁ ଜଣେ ଲୋକ ଶାକ ସଂଗ୍ରହ କରିବାକୁ କ୍ଷେତକୁ
ଗଲା। ମାତ୍ର ସେ ଏକ ବନ୍ୟଲତା ପାଇ ତାହାର ଫଳରେ
ଅଣ୍ଟି ପୂର୍ଣ୍ଣ କଲା। ସେହି ଫଳକୁ ଆଣି କାଟି ପାତ୍ରରେ
ଭରିଲା। କିନ୍ତୁ ସେମାନେ କି ଫଳ ବୋଲି ଜାଣି ପାରିଲେ
ନାହିଁ।

40ତହୁଁ ସେମାନେ ପାକ ପରେ ଲୋକମାନଙ୍କ ଭୋଜନ
ନିମନ୍ତେ ତାହା ଢାଳିଲେ। ଯେତେବେଳେ ସେମାନେ ଭୋଜନ
କରିବାକୁ ଆରମ୍ଭ କଲେ, ସେମାନେ ଇଲୀଶାୟଙ୍କୁ ଚିତ୍କାର
କରି ଡାକିଲେ, "ହେ ପରମେଶ୍ୱରଙ୍କ ଲୋକ, ହଣ୍ଡାରେ ବିଷ
ଅଛି।" ତେଣୁ ସେମାନେ ସେ ଖାଦ୍ୟ ଖାଇ ପାରିଲେ ନାହିଁ।
41ମାତ୍ର ଇଲୀଶାୟ କହିଲେ, "କିଛି ମଇଦା ଆଣ।"
ସେମାନେ କିଛି ମଇଦା ଆଣିଲେ ଓ ଇଲୀଶାୟ ସେହି
ପାତ୍ରରେ ପକାଇଲେ। ତା'ପରେ ସେ କହିଲେ, "ଲୋକମାନଙ୍କୁ
ପରଶ, ବର୍ତ୍ତମାନ ସେମାନେ ଖାଇପାରନ୍ତି।"
ବାସ୍ତବରେ ହଣ୍ଡାରେ ଏହି ସମୟରେ କିଛି ମନ୍ଦ ରହିଲା
ନାହିଁ। ଇଲୀଶାୟ ଭବିଷ୍ୟତବକ୍ତା ସମୂହକୁ ଖୁଆଇଲେ।

### ଇଲୀଶାୟ ଭବିଷ୍ୟଦ୍‌ବକ୍ତାଗଣଙ୍କୁ ଖୁଆଇଲେ

42ଅନନ୍ତର ଜଣେ ଲୋକ ବାଲ୍-ଶାଲିଶାରୁ ପରମେଶ୍ୱରଙ୍କ
ଲୋକଙ୍କ ନିକଟକୁ ପ୍ରଥମ ଫଳରେ ରୋଟୀ ଅର୍ଥାତ୍ କୋଡ଼ିଏ
ଯବ ରୋଟୀ ଓ ନୂତନ ଶସ୍ୟର ଶୀଷା ଆପଣା ଝୁଲିରେ
ନେଇ ଆସିଲା। ତହିଁରେ ଇଲୀଶାୟ କହିଲେ, "ଲୋକମାନଙ୍କୁ
ଦିଅ, ସେମାନେ ଭୋଜନ କରନ୍ତୁ।"
43ତହୁଁ ଇଲୀଶାୟଙ୍କ ସେବକ କହିଲା, "ଏଠାରେ ତ
100 ଲୋକ ଅଛନ୍ତି। ଏତିକି ରୋଟୀ କିପରି ଏତେ ଲୋକଙ୍କୁ
ଦେବି?"
ମାତ୍ର ଇଲୀଶାୟ କହିଲେ, "ଏହି ଖାଦ୍ୟ ସେମାନଙ୍କୁ
ଦିଅ। କାରଣ ସଦାପ୍ରଭୁ କହନ୍ତି, 'ସେମାନେ ଭୋଜନ
କରିବେ, ତଥାପି ଖାଦ୍ୟ ବଳିବ।'"
44ତା'ପରେ ଇଲୀଶାୟଙ୍କ ସେବକ ସେହି ଲୋକମାନଙ୍କ
ସମ୍ମୁଖରେ ଖାଦ୍ୟ ରଖିଲେ। ସେମାନେ ସମସ୍ତେ ଖାଦ୍ୟ
ଖାଇଲାପରେ ସଦାପ୍ରଭୁଙ୍କ ବାକ୍ୟାନୁସାରେ ଉଚ୍ଛିଷ୍ଟ ରଖିଲେ।

### ନାମାନ୍‌ଙ୍କ ସମସ୍ୟା

5 ଅରାମୀୟ ରାଜାଙ୍କର ନାମାନ୍ ନାମରେ ଜଣେ ସେନାପତି
ଥିଲେ। ସେ ତା'ର ମୁନିବ ପ୍ରତି ମହତ୍ତ୍ୱପୂର୍ଣ୍ଣ ଥିଲେ।
କାରଣ ସଦାପ୍ରଭୁ ତାଙ୍କର ସାହାଯ୍ୟରେ ଅରାମୀୟମାନଙ୍କୁ
ବିଜୟ ପ୍ରଦାନ କରିଥିଲେ। ଯଦିଓ ନାମାନ୍ ଅତି ମହାନ୍ ଓ
ପରାକ୍ରମଶାଳୀ ଥିଲେ, ସେ ଗୋଟିଏ ବଡ଼ ଚର୍ମ ରୋଗରେ
ଆକ୍ରାନ୍ତ ଥିଲେ।
2ଅରାମୀୟମାନେ ସୈନ୍ୟଦଳ ଦ୍ୱାରା ଇଶ୍ରାୟେଲ ବିରୁଦ୍ଧରେ
ଲଢୁଥିଲେ। ସେମାନେ ସେମାନଙ୍କର ଦାସ କରିବାକୁ ଇଶ୍ରାୟେଲରୁ
ଘେନି ଆସୁଥିଲେ। ଏକ ସମୟରେ ସେମାନେ ଗୋଟିଏ
ଛୋଟ ବାଳିକା ନେଇ ଆସିଥିଲେ। ସେହି ବାଳିକାଟି ନାମାନ୍
ଭାର୍ଯ୍ୟାର ଦାସୀ ହେଲା। 3ଅନନ୍ତର ସେହି ବାଳିକା ନିଜର
କର୍ତ୍ତ୍ରୀକୁ କହିଲା, "ମୁଁ ଆଶା କରୁଛି ମୋର ମହାଶୟ ନାମାନ୍
ଯଦି ଭବିଷ୍ୟଦ୍‌ବକ୍ତା ଇଲୀଶାୟଙ୍କୁ ସାକ୍ଷାତ୍ କରନ୍ତି, ଯେ
ବର୍ତ୍ତମାନ ଶମରୀୟାରେ ବାସ କରୁଛନ୍ତି। ସେ ନିଶ୍ଚୟ ତାଙ୍କୁ
ଏହି କୁଷ୍ଠରୋଗରୁ ଆରୋଗ୍ୟ କରିବେ।"
4ନାମାନ୍ ନିଜର ପ୍ରଭୁ ଅରାମ୍‌ର ରାଜାଙ୍କ
ନିକଟକୁ ଯାଇ ଇଶ୍ରାୟେଲୀୟ ବାଳିକା ଯାହା କହିଥିଲେ ସବୁ
କହିଲେ।

5ତା'ପରେ ଅରାମ୍‌ର ରାଜା କହିଲେ, "ବର୍ତ୍ତମାନ ତୁମ୍ଭେ
ଯାଅ, ଆଉ ମୁଁ ଇଶ୍ରାୟେଲ ରାଜାଙ୍କ ନିକଟକୁ ଏକ ପତ୍ର
ପଠାଇବି।"
ତହୁଁ ସେ ଗଲାବେଳେ ଦଶ ତାଳନ୍ତ ରୂପା 6,000 ସୁନା
ଖଣ୍ଡ ଓ ଦଶ ସାଜ ପୋଷାକ ଉପହାର ସ୍ୱରୂପ ସଙ୍ଗରେ
ନେଲେ। 6ନାମାନ୍ ଇଶ୍ରାୟେଲ ରାଜାଙ୍କ ନିକଟକୁ ଅରାମ୍
ରାଜାଙ୍କଠାରୁ ଖଣ୍ଡେ ପତ୍ର ଦେଲେ। ଚିଠିରେ ଲେଖାଥିଲା, "ମୁଁ
ମୋର ଦାସ ନାମାନ୍‌କୁ ତୁମ୍ଭ ପାଖକୁ ପଠାଇଲି। ଦୟାକରି
ତାକୁ ଚର୍ମରୋଗରୁ ତାକୁ ଆରୋଗ୍ୟ କର।"
7ଇଶ୍ରାୟେଲର ରାଜା ଯେତେବେଳେ ଚିଠିଟି ପାଠ କଲେ
ସେ ଦୁଃଖରେ ନିଜର ବସ୍ତ୍ରକୁ ଚିରି କହିଲେ, "ମୁଁ ସଦାପ୍ରଭୁ
ଯିଏ ମୃତ ଓ ଜନ୍ମ ଦେବା ମୋର ଅଧିନରେ ଅଛି କି?
କାହିଁକି ଚର୍ମ ରୋଗରୁ ଆରୋଗ୍ୟ ହେବ ବୋଲି ଅରାମ୍ ରାଜା
ମୋ ପାଖକୁ ଜଣେ ଲୋକ ପଠାଇଛି? ତେଣୁ ମୁଁ ବିନୟ
କରୁଛି, ତୁମ୍ଭେମାନେ ବିଚାର କର। ସେ କିପରି ଆମ୍ଭମାନଙ୍କ
ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଗୋଟିଏ ତ୍ରୁଟି ପାଇବାକୁ
ଚେଷ୍ଟା କରୁଅଛି।"
8ଏହାପରେ ପରମେଶ୍ୱରଙ୍କ ଲୋକ ଇଲୀଶାୟ ଶୁଣିଲେ
ଯେ ଇଶ୍ରାୟେଲର ରାଜା ନିଜର ବସ୍ତ୍ର ଚିରିଛନ୍ତି, ସେ ଗୋଟିଏ
ବାର୍ତ୍ତା ରାଜାଙ୍କ ନିକଟକୁ ପଠାଇ କହିଲେ, "ତୁମ୍ଭେ କାହିଁକି
ନିଜର ବସ୍ତ୍ର ଚିରିଲ। ନାମାନ୍ ମୋ ନିକଟକୁ ଆସୁ, ତାହା
ହେଲେ ଇଶ୍ରାୟେଲରେ ଭବିଷ୍ୟଦ୍‌ବକ୍ତା ଅଛନ୍ତି, ସେ ଜାଣିବ।"
9ତେଣୁ ନାମାନ୍ ନିଜର ଅଶ୍ୱ ଓ ରଥାଦି ସହିତ
ଇଲୀଶାୟଙ୍କ ଗୃହକୁ ଆସିଲେ। ସେ ଦ୍ୱାର ନିକଟରେ ଠିଆ
ହେଲେ। 10ଇଲୀଶାୟ ଏକ ଦୂତ ନାମାନ୍ ନିକଟକୁ ପଠାଇ
କହିଲେ, "ଯାଅ, ଯର୍ଦ୍ଦନ ନଦୀରେ ସାତଥର ସ୍ନାନ କର।
ତାହାହେଲେ ତୁମ୍ଭର ନୂତନ ମାଂସ ହେବ ଓ ତୁମ୍ଭେ ଶୁଚି
ହେବ।"
11ମାତ୍ର ନାମାନ୍ କ୍ରୁଦ୍ଧ ହୋଇ ଚାଲିଗଲେ। ସେ କହିଲେ,
"ମୁଁ ଭାବିଥିଲି ସେ ବାହାରି ଆସି ଥାଆନ୍ତା ଏବଂ ତାଙ୍କ
ସଦାପ୍ରଭୁଙ୍କ ନାମରେ ଡାକି ଥାଆନ୍ତା ଏବଂ ଆକ୍ରମିତ ଚର୍ମ
ଉପରେ ତାଙ୍କ ହାତ ରଖି ମୋତେ ଆରୋଗ୍ୟ କରିଥାଆନ୍ତା।
12ଇଶ୍ରାୟେଲର ସମସ୍ତ ଜଳ ଅପେକ୍ଷା ଦମ୍ମେଶକର ଓ ପର୍ପର
ନଦୀଗଣର ଜଳ ଅଧିକ ଭଲ ନୁହେଁ କି? ମୁଁ ଦମ୍ମେଶକର
ସେ ନଦୀରେ ସ୍ନାନ କରି କାହିଁକି ଶୁଚି ନ ହେବି?" ତେଣୁ
ସେ ରାଗି ଚାଲିଗଲେ।
13କିନ୍ତୁ ନାମାନ୍‌ର ଦାସମାନେ ତାଙ୍କ ନିକଟକୁ ଆସି
କହିଲେ, "ହେ ପିତା, ଯଦି ଭବିଷ୍ୟଦ୍‌ବକ୍ତା କିଛି ବଡ଼
କରିବାକୁ ତୁମ୍ଭକୁ କହିଲେ, ତୁମ୍ଭେ କ'ଣ ତାହା କରି
ନଥାନ୍ତ? ତେଣୁ ଦୟାକରି ତାଙ୍କ କଥାମାନ ଯଦିଓ ସେ
ତୁମ୍ଭକୁ ଏକ ସହଜ ଜିନିଷ କରିବାକୁ କହୁଛି। ତାଙ୍କର
ଉପଦେଶ ଅନୁସାରେ 'ସ୍ନାନ କର ଏବଂ ଶୁଚି ହୁଅ।'"
14ତେଣୁ ନାମାନ୍ ପରମେଶ୍ୱରଙ୍କ ଲୋକର ବାକ୍ୟାନୁସାରେ
ଗଲେ ଓ ଯର୍ଦ୍ଦନ ନଦୀରେ ନିଜକୁ ସାତଥର ବୁଡ଼ାଇଲେ।
ଏଥିରେ ତାଙ୍କର ଶରୀର ଶୁଚି ହେଲା ଓ ତାଙ୍କର ମାଂସ
ବାଳକର ମାଂସ ତୁଲ୍ୟ କୋମଳ ହେଲା।
15ଏହାପରେ ନାମାନ୍ ଓ ତା'ର ସମସ୍ତ ସାଥୀ ଲୋକମାନେ
ଫେରିଆସି ପରମେଶ୍ୱରଙ୍କ ଲୋକ ଇଲୀଶାୟ ସମ୍ମୁଖରେ ଆସି
ଛିଡ଼ା ହେଲେ ଓ କହିଲେ, "ଦେଖନ୍ତୁ, ମୁଁ ଏବେ ବୁଝିଲି
ଇଶ୍ରାୟେଲର ପରମେଶ୍ୱରଙ୍କ ଛଡ଼ା ସମଗ୍ର ପୃଥିବୀରେ ଆଉ
ପରମେଶ୍ୱର କେହି ନାହାଁନ୍ତି। ତେଣୁ ମୁଁ ବିନୟ କରି କହୁଛି,
ଆପଣ ଏ ଦାସଠାରୁ ଉପହାର ଗ୍ରହଣ କରନ୍ତୁ।"
16ମାତ୍ର ଇଲୀଶାୟ କହିଲେ, "ମୁଁ ସଦାପ୍ରଭୁଙ୍କ ସେବା
କରୁଛି। ମୁଁ ଶପଥ କରି କହୁଛି ସଦାପ୍ରଭୁଙ୍କ ଜୀବିତ ଥିବା
ପ୍ରମାଣେ ମୁଁ କୌଣସି ଉପହାର ଗ୍ରହଣ କରିବି ନାହିଁ।"
ନାମାନ୍ ତାଙ୍କୁ ବହୁତ ଅନୁରୋଧ କଲେ ମଧ୍ୟ ସେ ମନା
କରିଦେଲେ। 17ଏଥିରେ ନାମାନ୍ କହିଲେ, "ଆପଣ ଏହା
ଯଦି ସ୍ୱୀକାର ନ କରନ୍ତି, ତେବେ ମୁଁ ବିନୟ କରୁଛି, ମୋ
ପାଇଁ ଏହା କର। ଆପଣଙ୍କ ଏ ଦାସକୁ ଦୁଇ ଖଚରର
ଭାରମାଟି ଦିଆଯାଉ। କାରଣ ଆଜି ପର୍ଯ୍ୟନ୍ତ ଆପଣଙ୍କ ଏ
ଦାସ ସଦାପ୍ରଭୁଙ୍କ ବ୍ୟତୀତ ଆଉ କୌଣସି ଦେବତା
ଉଦ୍ଦେଶ୍ୟରେ ବଳିଦାନ କି ହୋମବଳି ଉତ୍ସର୍ଗ କରିବ ନାହିଁ।
18ଏହା ପାଇଁ ସଦାପ୍ରଭୁ ମୋତେ କ୍ଷମା କରି ପାରନ୍ତି: ମୋର
ପ୍ରଭୁ ରିମ୍ମୋଣ ମନ୍ଦିରରେ ପୂଜା କରିବା ପାଇଁ ଯିବା ବେଳେ
ମୋ ଉପରେ ନତ ହେବେ, ତେଣୁ ମୁଁ ମଧ୍ୟ ରିମ୍ମୋଣ
ମନ୍ଦିରରେ ପ୍ରଣାମ କରିବି, ଯେତେବେଳେ ସେ ପ୍ରଣାମ
କରନ୍ତି। ସଦାପ୍ରଭୁ ମୋତେ କ୍ଷମା କରିପାରନ୍ତି ଯେତେବେଳେ
ଏହା ଘଟେ।"
19ତା'ପରେ ଇଲୀଶାୟ ନାମାନ୍‌କୁ କହିଲେ, "ଶାନ୍ତିରେ
ଯାଅ।"
ତେଣୁ ନାମାନ୍ ଇଲୀଶାୟଙ୍କୁ ଛାଡ଼ି ଅଳ୍ପଦୂର ଗଲେ।
20କିନ୍ତୁ ପରମେଶ୍ୱରଙ୍କ ଲୋକ ଇଲୀଶାୟଙ୍କ ଦାସ ଗିହେଜୀ
କହିଲା, "ଦେଖ, ମୋର ପ୍ରଭୁ ଇଲୀଶାୟ ଏହି ଅରାମୀୟ
ନାମାନ୍‌ଠାରୁ କୌଣସି ଉପହାର ଗ୍ରହଣ କଲେ ନାହିଁ।
ସଦାପ୍ରଭୁଙ୍କ ଜୀବିତ ପ୍ରମାଣେ ମୁଁ ଶପଥ କରୁଛି, ଏହା ପଛେ
ପଛେ ଯାଇ ତାହାଠାରୁ କିଛି ନେବି।" 21ତେଣୁ ଗିହେଜୀ
ନାମାନ୍‌ଙ୍କୁ ଅନୁସରଣ କଲେ।
ନାମାନ୍ ଦେଖିଲେ କେହି ଜଣେ ତାଙ୍କର ପଛରେ
ଦୌଡୁଛି। ତେଣୁ ସେ ରଥରୁ ଓହ୍ଲାଇ ତାଙ୍କୁ ଅଭିନନ୍ଦନ
କଲେ ଓ ପଚାରିଲେ, "ସମସ୍ତ କୁଶଳତ?"
22ଏହାପରେ ଗିହେଜୀ କହିଲେ, "ହଁ, ସବୁ କୁଶଳ।
ମୋର ମହାଶୟ ଇଲୀଶାୟ ମୋତେ ତୁମ୍ଭକୁ କହିବାକୁ
ପଠାଇଛନ୍ତି, 'ଦେଖ, ଏହିକ୍ଷଣି ଇଫ୍ରୟିମର ପର୍ବତମୟ ଦେଶରୁ
ଭବିଷ୍ୟଦ୍‌ବକ୍ତାମାନଙ୍କ ପୁତ୍ରଗଣ ମଧ୍ୟରୁ ଦୁଇଜଣ ଯୁବକ ଆସିଲେ,
ମୁଁ ବିନୟ କରୁଛି ସେମାନଙ୍କୁ ଏକ ତାଳନ୍ତ ରୂପା ଓ ଦୁଇ
ସାଜ ପୋଷାକ ଦିଅ।'"
23ଏଥିରେ ନାମାନ୍ କହିଲେ, "ଅନୁଗ୍ରହପୂର୍ବକ ଦୁଇ
ତାଳନ୍ତ ରୂପା ନିଅ।" ଆଉ ସେ ଗିହେଜୀକୁ ବହୁ ଅନୁରୋଧ
କଲେ ରୂପା ନେବାକୁ। ସେ ଦୁଇଟି ଥଳୀରେ ଦୁଇ ତଳାନ୍ତ
ରୂପା ରହିଥିବା ନେଲା ଏବଂ ଦୁଇ ଶହ ସାଜ ପୋଷାକ
ନେଲେ। ନାମାନ ଏସବୁ ଜିନିଷଗୁଡ଼ିକୁ ଗିହେଜୀର ଦୁଇ
ଯୁବକ ସାହାଯ୍ୟକାରୀଗଣଙ୍କୁ ଦେଲେ ଏବଂ ସେମାନେ ଏହିସବୁ
ଗିହେଜୀ ଆଗକୁ ବହନ କରିନେଲେ। 24ଗିହେଜୀ ଉପପର୍ବତ
ନିକଟରେ ପହଞ୍ଚି ସେମାନଙ୍କଠାରୁ ସମସ୍ତ ଦ୍ରବ୍ୟ ନେଇ ଗୃହ

ଭିତରେ ଲୁଚାଇ ରଖିଲେ ଓ ସେହି ଦୁଇଜଣ ଦାସଙ୍କୁ ବିଦାୟ
ଦେବାରୁ ସେମାନେ ଚାଲିଗଲେ।
25ଏହାପରେ ସେ ଭିତରକୁ ଯାଇ ଆପଣା ମହାଶୟ
ସମ୍ମୁଖରେ ଛିଡ଼ା ହେଲେ। ତହୁଁ ଇଲୀଶାୟ ଗିହେଜୀକୁ
ପଚାରିଲେ, “ତୁମ୍ଭେ କେଉଁଠାରୁ ଆସିଲ?”
ଗିହେଜୀ କହିଲେ, “ଆପଣଙ୍କ ଦାସ କେଉଁଠାକୁ ଯାଇନାହିଁ।”
26ଏଥିରେ ଇଲୀଶାୟ ତାକୁ କହିଲେ, “ଏହା ସତ୍ୟ
ନୁହେଁ କି? ସେ ଲୋକ ତୁମ୍ଭକୁ ଭେଟିବାକୁ ଯେତେବେଳେ
ନିଜ ରଥରୁ ଫେରି ଆସିଲା, ସେତେବେଳେ ମୋର ଅନ୍ତଃକରଣ
ତୁମ୍ଭ ସାଥୀରେ ଥିଲା? ଅର୍ଥ, ବସ୍ତ୍ର, ତୈଳ, ଦ୍ରାକ୍ଷା, ମେଷ,
ଗୋରୁ ଓ ଦାସ-ଦାସୀ ଗ୍ରହଣ କରିବାର ତାହା କ’ଣ ସମୟ
ନୁହେଁ? 27ଏଣୁ ନାମାନ୍‌ର ଚର୍ମ ରୋଗ ତୁମ୍ଭଠାରେ ଓ ତୁମ୍ଭ
ବଂଶଠାରେ ଚିରକାଳ ପର୍ଯ୍ୟନ୍ତ ଲାଗି ରହିବ।”
ତୁରନ୍ତ ଗିହେଜୀର ଶରୀର ବରଫ ଚର୍ମ ରୋଗ ସହିତ
ଧବଳ ପାଲଟିଗଲା ଓ ସେ ସ୍ଥାନ ଛାଡ଼ି ଚାଲିଗଲା।

### ଇଲୀଶାୟ ଓ କୁରାଢ଼ି ଲୁହା

6 ଅନନ୍ତର ଭବିଷ୍ୟଦ୍‌ବକ୍ତାଙ୍କ ସନ୍ତାନମାନେ ଇଲୀଶାୟଙ୍କୁ
କହିଲେ, “ଆମ୍ଭେମାନେ ଆପଣଙ୍କ ସମ୍ମୁଖରେ ଯେଉଁ
ସ୍ଥାନରେ ବାସ କରୁଅଛୁ, ତାହା ଆମ୍ଭମାନଙ୍କ ପାଇଁ ଅତ୍ୟନ୍ତ
ସଂକୀର୍ଣ୍ଣ। 2ଆମ୍ଭେମାନେ ବିନୟ କରି କହୁଅଛୁ, ଆମ୍ଭେମାନେ
ଯର୍ଦ୍ଦନ ନଦୀ କୂଳକୁ ଯାଇ ପ୍ରତ୍ୟେକ ଜଣ ଗୋଟିଏ ଗୋଟିଏ
କଡ଼ିକାଠ ଆଣି ନିଜ ନିଜ ବସତିପାଇଁ ଗୋଟିଏ ସ୍ଥାନ ନିର୍ମାଣ
କରୁ।”
ଇଲୀଶାୟ ଉତ୍ତର ଦେଲେ, “ଏହା ଉତ୍ତମ, ଯାଇ ତାହା
କର।”
3ତନ୍ମଧ୍ୟରୁ ଜଣେ କହିଲା, “ବିନୟ କରୁଛି, ଆପଣ ଆମ୍ଭ
ସହିତ ଆସନ୍ତୁ।”
ଇଲୀଶାୟ କହିଲେ, “ଭଲ କଥା, ମୁଁ ତୁମ୍ଭମାନଙ୍କ ସହିତ
ଯିବି।”
4ତହୁଁ ଇଲୀଶାୟ ସେମାନଙ୍କ ସହିତ ଯର୍ଦ୍ଦନ ନଦୀକୁ
ଗଲେ। ସେମାନେ କାଠ କାଟିବା ଆରମ୍ଭ କଲେ। 5ମାତ୍ର
ଜଣେ କଡ଼ିକାଠ କାଟୁ କାଟୁ କୁରାଢ଼ିଟିର ଲୁହା
ବେଣ୍ଟରୁ ଖସି ପାଣିରେ ପଡ଼ିଗଲା। ଲୋକଟି ସଙ୍ଗେ ସଙ୍ଗେ
ଚିତ୍କାର କରି କହିଲା, “ହାୟ, ମୋର ପ୍ରଭୁ, ମୁଁ କୁରାଢ଼ିକୁ
ମାଗି ଆଣିଥିଲି।”
6ପରମେଶ୍ୱରଙ୍କ ଲୋକ କହିଲେ, “କେଉଁ ସ୍ଥାନରେ
ତାହା ପଡ଼ିଲା?”
ଲୋକଟି ସ୍ଥାନଟିକୁ ଚିହ୍ନଟ କଲେ। ତା’ପରେ ଇଲୀଶାୟ
ଖଣ୍ଡେ କାଠ ପାଣି ଭିତରକୁ ପକାଇଲେ, କାଠ ଲୁହା
କୁରାଢ଼ିକୁ ଧରି ଭାସିଲା। 7ତା’ପରେ ସେ କହିଲେ, “ତାହା
ଉଠାଇ ନିଅ।” ତା’ପରେ ସେ ହାତ ବଢ଼ାଇ ତାହା ନେଲା।

### ଅରାମ ଇସ୍ରାୟେଲ ଅଧିକାର କରିବାକୁ ଚେଷ୍ଟା କଲେ

8ଥରେ ଅରାମର ରାଜା ଇସ୍ରାୟେଲ ବିରୁଦ୍ଧରେ ଯୁଦ୍ଧ
କରୁଥିଲେ। ସେ ନିଜର ସେନାର ଉଚ୍ଚକର୍ମଚାରୀ ସହିତ ଏକ
ସଭା ଥିଲା ଓ ସେ ସେମାନଙ୍କୁ ଆଦେଶ ଦେଲେ, “ଏମିତି
ସ୍ଥାନରେ ଲୁଚିରୁହ ଯେତେବେଳେ ସେମାନେ ଆସିବେ।
ଇସ୍ରାୟେଲୀୟମାନଙ୍କୁ ଆକ୍ରମଣ କର।”
9ମାତ୍ର ପରମେଶ୍ୱରଙ୍କ ଲୋକ ଇଲୀଶାୟ ଇସ୍ରାୟେଲ
ରାଜାଙ୍କ ନିକଟକୁ ଏକ ବାର୍ତ୍ତା ପଠାଇ କହିଲେ, “ସାବଧାନ,
ତୁମ୍ଭେ ସେ ସ୍ଥାନ ଦେଇ ଯିବ ନାହିଁ। କାରଣ ଅରାମୀୟମାନେ
ସେ ସ୍ଥାନରେ ଗୋପନରେ ଅଛନ୍ତି।”
10ତହିଁରେ ପରମେଶ୍ୱରଙ୍କ ଲୋକ ଯେଉଁ ସ୍ଥାନ ବିଷୟରେ
ସାବଧାନ କରାଇଥିଲେ ଇସ୍ରାୟେଲର ରାଜା ତାଙ୍କ ଲୋକମାନଙ୍କୁ
ସେହି ସ୍ଥାନ ବିଷୟରେ ଜଣାଇ ସତର୍କ କରାଇଲେ। ଏହିପରି
ଇସ୍ରାୟେଲର ରାଜା ବହୁତ କମ ଲୋକମାନଙ୍କୁ ରକ୍ଷା କଲେ।
11ଏଥିରେ ଅରାମର ରାଜା ଅତ୍ୟନ୍ତ ବ୍ୟସ୍ତ ହୋଇ
ପଡ଼ିଲେ। ସେ ତାଙ୍କର ଉଚ୍ଚ କର୍ମଚାରୀଙ୍କୁ ଡାକି କହିଲେ,
“ତୁମ୍ଭେ ମୋତେ କୁହ ଆମ୍ଭମାନଙ୍କ ମଧ୍ୟରୁ କିଏ ଇସ୍ରାୟେଲ
ପାଇଁ ଗୋପନରେ ସନ୍ଧାନ କରୁଛି।”
12ଅରାମ ରାଜାଙ୍କ ଅଧିକାରୀଗଣ ମଧ୍ୟରୁ ଜଣେ କହିଲା,
“ନା, ସଦାପ୍ରଭୁ, ଆମ୍ଭମାନଙ୍କ ମଧ୍ୟରୁ କେହି ଗୁପ୍ତଚର କାମ
କରୁନାହାଁନ୍ତି। ଭବିଷ୍ୟଦ୍‌ବକ୍ତା ଇଲୀଶାୟ ବହୁତ ଗୋପନୀୟ
କଥା ଇସ୍ରାୟେଲ ରାଜାଙ୍କୁ ଜଣାନ୍ତି, ଏପରିକି ଶୟନ ଗୃହରେ
ଯେଉଁ କଥା କୁହନ୍ତି, ତାହା ମଧ୍ୟ ସେ ରାଜଙ୍କୁ ଜଣାଏ।”
13ତହୁଁ ଅରାମର ରାଜା କହିଲେ, “ଯାଇ ଦେଖ, ସେ
କେଉଁଠାରେ ଅଛି? ମୁଁ ଲୋକ ପଠାଇ ତାକୁ ଆଣିବି।”
ତାଙ୍କର ଦାସମାନେ କହିଲେ, “ଇଲୀଶାୟ ବର୍ତ୍ତମାନ
ଦୋଥନରେ ଅଛି।”
14ତା’ପରେ ଅରାମର ରାଜା ଅଶ୍ୱାରୋହୀ, ରଥାରୋହୀ ଓ
ଏକ ବିରାଟ ସୈନ୍ୟବାହିନୀକୁ ଦୋଥନ ପଠାଇଲେ। ସେମାନେ
ରାତ୍ରିରେ ନଗରଟିକୁ ଚତୁର୍ଦ୍ଦିଗରୁ ବେଷ୍ଟନ କଲେ। 15ଇଲୀଶାୟର
ଦାସ ପ୍ରତ୍ୟୁଷରୁ ଉଠି ବାହାରକୁ ଗଲା ଓ ନଗରର ଚତୁର୍ଦ୍ଦିଗରେ
ଅଶ୍ୱାରୋହୀ ଓ ରଥାରୋହୀମାନଙ୍କୁ ବେଢ଼ି ରହିଥିବାର ଦେଖିଲା।
ତହୁଁ ସେ ଯାଇ ଇଲୀଶାୟଙ୍କୁ କହିଲା, “ହେ ମୋର
ପ୍ରଭୁ, ଆମ୍ଭେମାନେ କ’ଣ କରିବା?” 16ଇଲୀଶାୟ କହିଲେ,
“ଭୟ କରନାହିଁ, କାରଣ ଯୋଦ୍ଧା ଆମ୍ଭ ପାଇଁ ଯିଏ ଯୁଦ୍ଧ
କରୁଛନ୍ତି, ସେମାନଙ୍କଠାରୁ ଅଧିକ।”
17ତା’ପରେ ଇଲୀଶାୟ ପ୍ରାର୍ଥନା କରି କହିଲେ, “ହେ
ସଦାପ୍ରଭୁ, ମୁଁ ବିନୟ କରୁଛି, ମୋର ସେବକର ଆଖି ଖୋଲି
ଦିଅ, ଯେପରି ସେ ଦେଖିପାରିବ।”
ସଦାପ୍ରଭୁ ସେହି ସେବକ ଯୁବକର ଆଖି ଖୋଲି
ଦେଲେ ଓ ସେ ଦେଖିଲା ପର୍ବତଟି ଅଗ୍ନିମୟ ଅଶ୍ୱ ଓ
ରଥରେ ପରିପୂର୍ଣ୍ଣ ହୋଇଥିଲା। ସେମାନେ ଇଲୀଶାୟଙ୍କୁ
ଘେରିଗଲେ।
18ତା’ପରେ ଅରାମର ସୈନ୍ୟଗଣ ଇସ୍ରାୟେଲରେ ପହଞ୍ଚିଲେ।
ଇଲୀଶାୟ ସଦାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲେ, “ମୁଁ ବିନୟ
କରୁଛି, ସେହି ଲୋକମାନଙ୍କୁ ଅନ୍ଧ କରି ଦିଅନ୍ତୁ।”
ଇଲୀଶାୟର ପ୍ରାର୍ଥନା ଅନୁସାରେ ସଦାପ୍ରଭୁ ଅରାମର
ସୈନ୍ୟମାନଙ୍କୁ ଅନ୍ଧ କରିଦେଲେ। 19ଇଲୀଶାୟ ଅରାମର
ସୈନ୍ୟଗଣଙ୍କୁ କହିଲେ, “ଏହା ଠିକ୍ ପଥ ନୁହେଁ କି ଏହା
ଠିକ୍ ନଗର ନୁହେଁ। ମୋତେ ଅନୁସରଣ କର, ତୁମ୍ଭେମାନେ
ଯେଉଁ ଲୋକକୁ ଖୋଜୁଛ, ତା’ ନିକଟକୁ ମୁଁ ନେଇଯିବି।”

ତା'ପରେ ସେ ଅରାମର ସେନା ଶମରୟାକୁ ପରିତ୍ୟକ୍ତ
କଲେ।
20ଯେତେବେଳେ ସେମାନେ ଶମରୟାରେ ପହଞ୍ଚିଲେ,
ଇଲୀଶାୟ କହିଲେ, "ହେ ସଦାପ୍ରଭୁ, ଏମାନେ ଯେପରି
ଦେଖି ପାରିବେ ଏଥିପାଇଁ ସେମାନଙ୍କ ଚକ୍ଷୁ ଖୋଲିଦିଅ।"
ତା'ପରେ ସଦାପ୍ରଭୁ ସେମାନଙ୍କ ଚକ୍ଷୁ ଖୋଲି ଦେବାରୁ,
ସେମାନେ ଶମରୟାରେ ଅଛନ୍ତି ବୋଲି ଦେଖିଲେ। 21ଇସ୍ରାଏଲର
ରାଜା ଅରାମୀୟମାନଙ୍କୁ ଦେଖି ଇଲୀଶାୟଙ୍କୁ କହିଲେ, "ହେ
ମୋର ପିତା! ମୁଁ କ'ଣ ଏମାନଙ୍କୁ ବଧ କରିବି? ମୁଁ କ'ଣ
ଏମାନଙ୍କୁ ବଧ କରିବି?"
22ଇଲୀଶାୟ ଉତ୍ତର କଲେ, "ନା, ସେମାନଙ୍କୁ ବଧ
କରିନାହିଁ। ତୁମ୍ଭର ଖଡ୍ଗ ଦ୍ୱାରା ବନ୍ଦୀ କରିଥିବା ଏହି
ଲୋକମାନେ ତୁମ୍ଭର ବନ୍ଦୀ କି? ସେମାନଙ୍କ ସମ୍ମୁଖରେ ରୋଟୀ
ଓ ଜଳ ରଖ। ସେମାନଙ୍କୁ ଭୋଜନ ଓ ପାନ କରାଇ
ଆପଣା ପ୍ରଭୁ ନିକଟକୁ ପଠାଇ ଦିଅ।"
23ଇସ୍ରାଏଲର ରାଜା ସେମାନଙ୍କ ପାଇଁ ପ୍ରଚୁର ଖାଦ୍ୟ
ପ୍ରସ୍ତୁତ କଲେ। ଅରାମୀୟମାନେ ପାନ ଓ ଭୋଜନ କଲାପରେ
ସେ ସେମାନଙ୍କୁ ନିଜ ନିଜ ଘରକୁ ଫେରି ଯିବାକୁ ବିଦାୟ
ଦେଲେ। ଅରାମର ସୈନ୍ୟମାନେ ନିଜ ନିଜ ସହାଶୟଙ୍କ
ନିକଟକୁ ଫେରିଗଲେ। ଏହାପରେ ଅରାମର ସୈନ୍ୟଦଳ ଆଉ
କେବେ ଇସ୍ରାଏଲକୁ ଯୁଦ୍ଧରେ ଆକ୍ରମଣ କରିବାକୁ ଆସିଲେ
ନାହିଁ।

### ଏକ ଭୟଙ୍କର ଦୁର୍ଭିକ୍ଷ ଶମରୟାକୁ ଆଘାତ କରେ

24ଏହାପରେ ଅରାମର ରାଜା ବିନ୍ହଦଦ୍ ନିଜର ସମସ୍ତ
ସୈନ୍ୟ ଏକତ୍ର କରି ଶମରୟାକୁ ଯାଇ ଘେରିଗଲେ ଓ
ଆକ୍ରମଣ କଲେ। 25ନଗର ଅବରୋଧ ଥିଲା। ଲୋକେ
ନଗର ଭିତରକୁ ଖାଦ୍ୟ ଆଣି ପାରିଲେ ନାହିଁ। ଫଳରେ
ସେଠାରେ ମହାଦୁର୍ଭିକ୍ଷ ଦେଖା ଦେଲା। ଏପରି ଶୋଚନୀୟ
ହେଲା ଶମରୟାର ଗୋଟିଏ ଗର୍ଦ୍ଦଭ ମୁଣ୍ଡ ଅଶୀ ରୌପ୍ୟ
ମୁଦ୍ରାରେ ଓ କପୋତମଳର ଏକ ଚତୁର୍ଥାଂଶ ପାଞ୍ଚ ରୌପ୍ୟ
ମୁଦ୍ରାରେ ବିକ୍ରୟ ହେଲା।
26ଥରେ ଇସ୍ରାଏଲର ରାଜା ନଗରର ଚତୁପାର୍ଶ୍ୱ ପ୍ରାଚୀର
ଉପରେ ବୁଲିଲାବେଳେ ଜଣେ ସ୍ତ୍ରୀଲୋକ ଚିତ୍କାର କରି
କହିଲା, "ହେ ମୋର ପ୍ରଭୁ, ମହାରାଜ! ବିନୟ କରୁଛି
ମୋତେ ସାହାଯ୍ୟ କରନ୍ତୁ।"
27ଇସ୍ରାଏଲର ରାଜା କହିଲେ, "ଯଦି ସଦାପ୍ରଭୁ ତୁମ୍ଭକୁ
ସାହାଯ୍ୟ ନ କରନ୍ତି ତେବେ ମୁଁ କିପରି ତୁମ୍ଭକୁ ସାହାଯ୍ୟ
କରି ପାରିବି? ମୋ ପାଖରେ ତୁମ୍ଭକୁ ଦେବାକୁ କିଛି ନାହିଁ।
ଶସ୍ୟ ଖଳାରେ ଶସ୍ୟ ନାହିଁକି ଦ୍ରାକ୍ଷାକ୍ଷେତ୍ରରେ ଦ୍ରାକ୍ଷାରସ
ନାହିଁ।" 28ଆଉ ରାଜା ପଚାରିଲେ, "ତୁମ୍ଭର ଦୁଃଖ କ'ଣ?"
ସ୍ତ୍ରୀ ଲୋକଟି ଉତ୍ତର କଲା, "ଏହି ସ୍ତ୍ରୀ ଲୋକଟି ମୋତେ
କହିଲା, 'ତୁମ୍ଭ ପୁତ୍ରଟିକୁ ଦିଅ, ଆମ୍ଭେମାନେ ତାକୁ ଆଜି ମାରି
ଖାଇବା। ଆସନ୍ତା କାଲି ମୋର ପୁଅକୁ ଖାଇବା।' 29ତେଣୁ
ଆମ୍ଭେମାନେ ମୋର ପୁଅକୁ ସିଦ୍ଧ କରି ଖାଇଲୁ। ପରଦିନ ମୁଁ
ସେ ସ୍ତ୍ରୀ ଲୋକକୁ କହିଲି, 'ତୁମ୍ଭ ପୁତ୍ରକୁ ଦିଅ, ଆମ୍ଭେମାନେ
ତାକୁ ମାରି ଖାଇବା।' କିନ୍ତୁ ସେ ତା' ପୁଅକୁ ଲୁଚାଇ ଅଛି।"
30ସେହି ସ୍ତ୍ରୀ ଲୋକର କଥା ଶୁଣି ରାଜା ତାଙ୍କର ଲୁଗା
ଚିରିଦେଲେ। ଯେତେବେଳେ ସେମାନେ ପ୍ରାଚୀର ଉପରେ
ଯାଉଥିଲେ, ଲୋକମାନେ ତାଙ୍କୁ ଅଖା ପିନ୍ଧିଥିବାର ଦେଖିଲେ।
ଏଥିରୁ ସେ ଦୁଃଖିତ ଓ ବ୍ୟସ୍ତ ବୋଲି ଜଣା ଯାଉଥିଲେ।
31ରାଜା କହିଲେ, "ଯଦି ଇଲୀଶାୟର ମସ୍ତକ ତାହା
ଦେହରେ ରହେ, ଆଜି ଦିନଠାରୁ ଶେଷ ଯାଏ ସଦାପ୍ରଭୁ
ମୋତେ ଦଣ୍ଡ ଦେଇ ପାରନ୍ତି।"
32ରାଜା ଗୋଟିଏ ଦୂତ ଇଲିଶାୟଙ୍କ ନିକଟକୁ ପଠାଇଲେ।
ଇଲୀଶାୟ ସେତେବେଳେ ପ୍ରାଚୀନବର୍ଗଙ୍କ ସହ ତାଙ୍କ ଘରେ
ବସିଥିଲେ। ଦୂତ ପହଞ୍ଚିବା ପୂର୍ବରୁ ଇଲୀଶାୟ ସେହି ପ୍ରାଚୀନବର୍ଗଙ୍କୁ
କହିଲେ, "ଏଠାକୁ ଦେଖ, ଏହି ନରହତ୍ୟାକାରୀର ପୁତ୍ର
ମୋର ମୁଣ୍ଡ ଛେଦନ କରିବାକୁ ଲୋକ ପଠାଇଛି। ଦେଖ,
ସେ ଦୂତ ପହଞ୍ଚିଲା ବେଳେ ଦ୍ୱାର ବନ୍ଦ କରି ଓ ତାକୁ
ଗୃହରେ ପ୍ରବେଶ ନ କରାଇ ଦେବାପାଇଁ ଦ୍ୱାରକୁ ଦୃଢ଼
ଭାବରେ ଧର। ମୁଁ ଶୁଣେ ତା' ପ୍ରଭୁର ପଦଶବ୍ଦ ତା'ର
ପଛରେ?"
33ଇଲୀଶାୟ ଏହିପରି କଥାବାର୍ତ୍ତା କରୁଥିବା ବେଳେ, ସେ
ଦୂତ ତାହା ପାଖକୁ ଆସିଲା, ଆଉ ସେ କହିଲା, "ଏହି
ଅସୁବିଧା ସଦାପ୍ରଭୁଙ୍କଠାରୁ, ମୁଁ କାହିଁକି ଆଉ ସଦାପ୍ରଭୁଙ୍କ
ପାଇଁ ଅପେକ୍ଷା କରିବି?"
7 ଇଲୀଶାୟ କହିଲେ, "ତୁମ୍ଭେମାନେ ସଦାପ୍ରଭୁଙ୍କ ବାକ୍ୟ
ଶୁଣ, ସଦାପ୍ରଭୁ ଏହି କଥା କହନ୍ତି, 'କାଲି ପ୍ରାୟ ଏହି
ସମୟକୁ ପ୍ରଚୁର ଖାଦ୍ୟ ଆସିବ ଏବଂ ଏହା ପୁଣି ଅତି ଶସ୍ତା
ହେବ। ଜଣେ ବ୍ୟକ୍ତି ଶମରୟାର ନଗର ଦ୍ୱାରରେ ଏକ
ଶେକଲରେ ଏକ ଝୁଡ଼ିର ସୁନ୍ଦର ମଇଦା ଓ ସେହି ମୂଲ୍ୟରେ
ଦୁଇ ଝୁଡ଼ି ଯବ କିଣିବ।'"
2ସେନାପତି ଯିଏ ରାଜା*ଙ୍କର ନିକଟରେ ଥିଲେ ପରମେଶ୍ୱର
ଲୋକଙ୍କୁ ଉତ୍ତର ଦେଲେ। "ଦେଖ, ଯେବେ ସଦାପ୍ରଭୁ
ସ୍ୱର୍ଗରେ ଦ୍ୱାର ଖୋଲନ୍ତି ତେବେ ମଧ୍ୟ ସମ୍ଭବ ହୋଇ ପାରିବ
ନାହିଁ?"
ତହିଁରେ ଇଲୀଶାୟ କହିଲେ, "ଦେଖ, ତୁମ୍ଭେ ସ୍ୱଚକ୍ଷୁରେ
ତାହା ଦେଖିବ। ମାତ୍ର ତୁମ୍ଭେ ସେଥିରୁ କିଛି ଖାଇବ ନାହିଁ।"

### କୁଷ୍ଠ ରୋଗୀମାନେ ଅରାମୀୟମାନଙ୍କ ତମ୍ବୁଶୂନ୍ୟ ଥିବାର ଦେଖନ୍ତି

3ସେହି ସମୟରେ ନଗରଦ୍ୱାର ପ୍ରବେଶ ସ୍ଥାନରେ ଚାରିଜଣ
କୁଷ୍ଠୀ ଥିଲେ। ସେମାନେ ପରସ୍ପରକୁ କହିଲେ, "ଆମ୍ଭେମାନେ
ମୃତ୍ୟୁକୁ ଅପେକ୍ଷା କରି ଏଠାରେ କାହିଁକି ବସିଅଛୁ? 4ଶମରୟାରେ
ଦୁର୍ଭିକ୍ଷ, ଆମ୍ଭେମାନେ ଯଦି ନଗର ଭିତରକୁ ଯିବା ତେବେ
ମରିବା। ଯଦି ଏହି ସ୍ଥାନରେ ରହିବା, ତେବେ ବି ମରିବା।
ତେଣୁ ଚାଲ ଅରାମୀୟ ସୈନ୍ୟ ଶିବିରକୁ ଯିବା। ଯଦି
ସେମାନେ ବଞ୍ଚାଇବେ, ତେବେ ଆମ୍ଭେ ବଞ୍ଚିବା। ଯେବେ
ଆମ୍ଭକୁ ମାରିବେ, ତେବେ ଆମ୍ଭେମାନେ ମରିବା।"
5ତେଣୁ ସେହିଦିନ ସନ୍ଧ୍ୟାରେ ସେ ଚାରିଜଣ କୁଷ୍ଠୀ
ଅରାମୀୟ ଶିବିରକୁ ଗଲେ। ସେମାନେ ଅରାମୀୟ ଶିବିରର

**ରାଜା** ଆକ୍ଷରିକ ଭାବରେ ଯାହାର ବାହୁରେ ଡେରି ହୋଇଥିଲେ।

ବାହାର ସୀମାରେ ପହଞ୍ଚି ଦେଖିଲେ, ସେଠାରେ କୌଣସି
ମନୁଷ୍ୟ ନାହିଁ। 6କାରଣ ସଦାପ୍ରଭୁ ଅରାମୀୟ ସୈନ୍ୟମାନଙ୍କୁ
ରଥ ଶବ୍ଦ, ଅଶ୍ୱ ଶବ୍ଦ ଓ ବିପୁଳ ସୈନ୍ୟବାହିନୀର ଶବ୍ଦ
ଶୁଣାଇବାକୁ କାରଣ ହେଲେ। ତହିଁରେ ସେମାନେ ପରସ୍ପରକୁ
କହିଲେ, "ଦେଖ, ଇଶ୍ରାୟେଲର ରାଜା ଆମ୍ଭମାନଙ୍କୁ ଆକ୍ରମଣ
କରିବାକୁ ହିତ୍ତୀୟ ଓ ମିଶରୀୟ ରାଜାଗଣଙ୍କୁ ଆମ୍ଭ ବିରୁଦ୍ଧରେ
ବେତନ ଦେଇ ନିଯୁକ୍ତ କରିଅଛି।"

7ତେଣୁ ଅରାମୀୟ ସୈନ୍ୟମାନେ ଗୋଧୂଳି ସମୟରେ
ଶିବିର ଛାଡ଼ି ପଳାୟନ କଲେ। ସେମାନେ ସେମାନଙ୍କର
ତମ୍ବୁ, ଅଶ୍ୱ ଗର୍ଦ୍ଦଭ ଆଦି ସମସ୍ତ ଜିନିଷ ଛାଡ଼ି ଜୀବନ ରକ୍ଷା
କରିବାକୁ ପଳାୟନ କଲେ।

## କୁଷ୍ଠୀମାନେ ଶତ୍ରୁ ଶିବିରରେ

8ଏହାପରେ କୁଷ୍ଠୀମାନେ ଗୋଟିଏ ଶିବିର ଭିତରକୁ ଗଲେ
ଏବଂ ଭୋଜନ ଓ ପାନ କଲେ। ଅଧିକନ୍ତୁ ସେମାନେ ସେହି
ତମ୍ବୁରୁ ରୂପା, ସୁନା ଓ ବସ୍ତ୍ର ସେମାନଙ୍କ ପାଇଁ ନେଇଗଲେ
ଏବଂ ପଳାଇଲେ ଏବଂ ସେହି ଜିନିଷଗୁଡ଼ିକୁ ଲୁଚାଇ ରଖିଲେ।
ତା'ପରେ ଶିବିରକୁ ଫେରିଆସିଲେ ଓ ଅନ୍ୟ ଏକ ତମ୍ବୁ
ଲୁଣ୍ଠନ କଲେ। ସେ ଦ୍ରବ୍ୟ ନେଇଯାଇ ତାକୁ ଲୁଚାଇ
ରଖିଲେ। 9ତା'ପରେ ଏହି କୁଷ୍ଠୀମାନେ ପରସ୍ପର ମଧ୍ୟରେ
କଥାବାର୍ତ୍ତା ହେଲେ, "ଆମ୍ଭେମାନେ ଭଲ କରୁନାହୁଁ, ଆଜି
ସୁସମ୍ବାଦର ଦିନ, ମାତ୍ର ଆମ୍ଭେମାନେ ନୀରବ ରହୁଛୁ। ଯଦି
ଆମ୍ଭେ ପ୍ରଭାତ ହେବା ପର୍ଯ୍ୟନ୍ତ ବିଳମ୍ବ କରିବା ତେବେ
ଆମ୍ଭେମାନେ ଦଣ୍ଡିତ ହେବା। ତେବେ ଆସ ଏ ସମ୍ବାଦ
ରାଜଗୃହରେ ଦେବା।"

## କୁଷ୍ଠୀମାନେ ସୁସମ୍ବାଦ ଦିଅନ୍ତି

10ତେଣୁ ଏହି କୁଷ୍ଠୀମାନେ ଆସି ନଗରର ଦ୍ୱାରୀକୁ ଡାକି
କହିଲେ। ସେମାନଙ୍କୁ ଜଣାଇ କହିଲେ, "ଆମ୍ଭେମାନେ ଅରାମୀୟ
ଛାଉଣୀକୁ ଯାଇଥିଲୁ ଏବଂ ସେଠାରେ କାହାକୁ ପାଇଲୁ ନାହିଁ।
ଆମ୍ଭେ କୌଣସି ବ୍ୟକ୍ତି ବିଷୟରେ ଶୁଣିଲୁ ନାହିଁ। କୌଣସି
ମଣିଷ ନଥିଲେ, କାହାରି ଶବ୍ଦ ଶୁଣିଲୁ ନାହିଁ। ଅଶ୍ୱ ଗର୍ଦ୍ଦଭ
ସେଠାରେ ବନ୍ଧା ହୋଇ ରହିଛନ୍ତି ଓ ତମ୍ବୁଗୁଡ଼ିକ ସେହିପରି
ଅଛି।"

11ତା'ପରେ ଦ୍ୱାରୀମାନେ ଚିତ୍କାର କରି ଏସମ୍ବାଦ ରାଜଗୃହର
ଲୋକମାନଙ୍କୁ ଦେଲେ। 12ସେହି ରାତ୍ରି ସମୟରେ ରାଜା ଉଠି
ନିଜର ଦାସମାନଙ୍କୁ କହିଲେ, "ଅରାମୀୟ ସୈନ୍ୟମାନେ ଯାହା
ଆମ୍ଭମାନଙ୍କ ପ୍ରତି କରିଛନ୍ତି ତାହା ମୁଁ ଏବେ କହିବି।
ସେମାନେ ଜାଣନ୍ତି ଆମ୍ଭେମାନେ କ୍ଷୁଧାର୍ତ୍ତ। ତେଣୁ ସେମାନେ
ଶିବିରରୁ ବାହାରି କ୍ଷେତ୍ର ମଧ୍ୟରେ ଲୁଚି ରହିଛନ୍ତି। ସେମାନେ
ଭାବିଛନ୍ତି 'ଯେତେବେଳେ ଆମ୍ଭେମାନେ ନଗରରୁ ବାହାରିବା
ସେମାନେ ଆମ୍ଭମାନଙ୍କୁ ଜୀବନ୍ତ ଧରି ନଗରରେ ପ୍ରବେଶ
କରିବେ।'"

13ରାଜାଙ୍କର ଉଚ୍ଚ ଅଧିକାରୀ ମଧ୍ୟରୁ ଜଣେ କହିଲା,
"ନଗର ବାହାରେ ଅବଶିଷ୍ଟ ଥିବା ପାଞ୍ଚଟି ଅଶ୍ୱରେ
କେତେକ ଲୋକ ଯାଇ ଦେଖନ୍ତୁ। ନଗରରେ ସେହି
ଅଶ୍ୱଗୁଡ଼ିକ ପଳାଇଛନ୍ତି, କିନ୍ତୁ ଇଶ୍ରାୟେଲର ଲୋକମାନେ
ଯେଉଁମାନେ ନଗରରୁ ପଳାଇଛନ୍ତି ସେହିପରି ସେମାନେ
ମରିବେ।"

14ତେଣୁ ସେମାନେ ଅଶ୍ୱ ସହିତ ଦୁଇଟି ରଥ ନେଲେ।
ରାଜା ସେମାନଙ୍କୁ ଅରାମୀୟ ସୈନ୍ୟମାନଙ୍କ ପଛେ ପଠାଇଲେ।
ରାଜା ସେମାନଙ୍କୁ କହିଲେ, "ଯାଅ ଏବଂ ଦେଖ କ'ଣ
ଘଟିଛି?"

15ଅରାମୀୟ ସୈନ୍ୟମାନେ ଯାଇଥିବା ପଥରେ ସେମାନେ
ଯର୍ଦ୍ଦନ ନଦୀ ପର୍ଯ୍ୟନ୍ତ ଗଲେ। ସମଗ୍ର ପଥଟି ଅରାମୀୟମାନଙ୍କର
ଦ୍ରୁତ ପଳାୟନରେ ଛାଡ଼ି ଯାଇଥିବା ବସ୍ତ୍ର ଓ ଅସ୍ତ୍ର ଆଦି
ପାତ୍ରମାନଙ୍କରେ ପୂର୍ଣ୍ଣ ଥିଲା। ସେମାନେ ଫେରିଆସି ରାଜାଙ୍କୁ
ଏହା ଜଣାଇଲେ।

16ତା'ପରେ ଲୋକମାନେ ନଗର ବାହାରକୁ ଗଲେ ଓ
ଅରାମୀୟମାନଙ୍କ ଛାଉଣୀରେ ପଶି ସମସ୍ତ ଲୁଣ୍ଠନ କଲେ।
ସେଥିରେ ପ୍ରଚୁର ସାମଗ୍ରୀମାନ ଥିଲା। ସଦାପ୍ରଭୁଙ୍କ ବାକ୍ୟାନୁସାରେ
ଏକ ଝୁଡ଼ି ସରୁ ମଇଦା ଏକ ଶେକଲରେ ଓ ଦୁଇ ଝୁଡ଼ି
ଯବ ଏକ ଶେକଲରେ ବିକ୍ରି କରାଗଲା।

17ରାଜା ତାଙ୍କ ଅତି ନିକଟ ସେନାପତିଙ୍କୁ ନଗରଦ୍ୱାର
ରକ୍ଷା କରିବାକୁ ନିଯୁକ୍ତ କଲେ। ମାତ୍ର ଲୋକମାନେ ଖାଦ୍ୟ
ଆଣିବାକୁ ଗଲାବେଳେ ସେମାନେ ସେନାପତିଙ୍କଙ୍କ ଲୋକକୁ
ଦଳି ଦେଲେ ତହିଁରେ ସେ ମରିଗଲା। ରାଜା ଯେତେବେଳେ
ଇଲୀଶାୟ ଗୃହକୁ ଯାଇଥିଲେ ଇଲୀଶାୟ ଯାହା କହିଥିଲେ
ତାହାହିଁ ସବୁ ଘଟିଲା। 18ଇଲୀଶାୟ ରାଜାଙ୍କୁ କହିଥିଲେ,
"କାଲି ପ୍ରାୟ ଏହି ସମୟରେ ଶମରୟାର ନଗର ଦ୍ୱାରରେ
ଜଣେ ଲୋକ ଏକ ଝୁଡ଼ି ମଇଦା ଏକ ଶେକଲରେ ଓ ଦୁଇ
ଝୁଡ଼ି ଯବ ଏକ ଶେକଲରେ ବିକ୍ରି କରିବ।"

19ମାତ୍ର ସେହି ସେନାପତି ପରମେଶ୍ୱରଙ୍କ ଲୋକକୁ
ଉତ୍ତର କରି କହିଥିଲା, "ଦେଖ, ଯଦି ସଦାପ୍ରଭୁ ସ୍ୱର୍ଗରେ
ଦ୍ୱାର ଖୋଲନ୍ତି, ଏପରି ଘଟିବ ନାହିଁ?" ସେତେବେଳେ
ଇଲୀଶାୟ ସେନାପତିଙ୍କୁ ଉତ୍ତର ଦେଲେ, "ତୁମ୍ଭେ ନିଜେ
ସ୍ୱଚକ୍ଷୁରେ ଏହା ଦେଖିବ, ମାତ୍ର ତୁମ୍ଭେ ସେଥିରୁ ଭୋଜନ
କରିବ ନାହିଁ।" 20ସେହିପରି ତାହା ପ୍ରତି ଘଟିଲା। କାରଣ
ଲୋକମାନେ ନଗରଦ୍ୱାରରେ ତାକୁ ଦଳି ଦେବାରୁ
ସେ ମଲା।

## ରାଜା ଓ ଶୁନେମୀୟା ସ୍ତ୍ରୀ ଲୋକ

8 ଇଲୀଶାୟ ଯେଉଁ ସ୍ତ୍ରୀର ମୃତ ପୁତ୍ର ପୁନର୍ଜୀବିତ କରିଥିଲେ,
ସେହି ସ୍ତ୍ରୀକୁ କହିଲେ, "ତୁମ୍ଭେ ଓ ତୁମ୍ଭର ପରିବାର
ଯାଇ ଅନ୍ୟ ଦେଶରେ ବାସ କରିବା ଉଚିତ୍। କାରଣ
ସଦାପ୍ରଭୁ ଏହି ଦେଶରେ ଦୁର୍ଭିକ୍ଷ ପାଇଁ ଆଜ୍ଞା କରିଅଛନ୍ତି।
ପୁଣି ଏହି ଦୁର୍ଭିକ୍ଷ ସାତବର୍ଷ ପାଇଁ ଏହି ଦେଶରେ ରହିବ।"

2ପରମେଶ୍ୱରଙ୍କ ଲୋକଙ୍କର ବାକ୍ୟାନୁସାରେ ସେ ସ୍ତ୍ରୀ
ଲୋକଟି ଆପଣା ପରିବାର ସହିତ ଯାଇ ପ୍ରବାସ ପଲେଷ୍ଟୀୟମାନଙ୍କ
ଦେଶରେ ସାତବର୍ଷ ବାସ କଲା। 3ପୁଣି ସାତବର୍ଷ ସମାପ୍ତି
ପରେ ସେ ସ୍ତ୍ରୀ ଲୋକ ପଲେଷ୍ଟୀୟମାନଙ୍କ ଦେଶରୁ ଫେରି
ଆସିଲା।

ଆଉ ସେ ନିଜ ଗୃହ ଓ ଜମି ଫେରି ପାଇବାକୁ ଗୁହାରି
କରିବା ପାଇଁ ରାଜାଙ୍କ ନିକଟକୁ ଗଲା।

4ସେହି ସମୟରେ ରାଜା ପରମେଶ୍ୱରଙ୍କ ଲୋକଙ୍କର ଦାସ
ଗିହେଜୀ ସହିତ କଥାବାର୍ତ୍ତା କରୁଥିଲେ। ସେ ଗିହେଜୀଙ୍କୁ
କହିଲେ, "ମୁଁ ବିନୟ କରୁଛି, ଇଲୀଶାୟ ଯେଉଁ ମହାନ୍
କାର୍ଯ୍ୟମାନ କରିଛନ୍ତି ମୋତେ ଜଣାଅ।"
5ଇଲୀଶାୟ କିପରି ମୃତ ଲୋକକୁ ପୁନଃଜୀବିତ କରିଥିଲେ,
ଏହା ଗିହେଜୀ ରାଜାଙ୍କୁ କହିବାବେଳେ, ଦେଖ! ଯେଉଁ ସ୍ତ୍ରୀର
ପୁତ୍ରକୁ ଇଲୀଶାୟ ପୁନଃଜୀବିତ କରିଥିଲେ, ସେ ସ୍ତ୍ରୀ ରାଜାଙ୍କ
ପାଖକୁ ଆପଣା ଘର ଓ ଜମି ଫେରି ପାଇବାକୁ ଗୁହାରି
ନିମନ୍ତେ ପହଞ୍ଚିଲା। ଗିହେଜୀ କହିଲେ, "ହେ ମୋର ମହାଶୟ,
ମହାରାଜ! ଏ ହେଉଛି ସେହି ସ୍ତ୍ରୀ ଯାହାର ପୁତ୍ରକୁ ଇଲୀଶାୟ
ପୁନଃଜୀବିତ କରିଥିଲେ।"
6ରାଜା ସ୍ତ୍ରୀ ଲୋକଟିକୁ ଆସିବାର କାରଣ ପଚାରିବାରୁ ସ୍ତ୍ରୀ
ଲୋକଟି ସମସ୍ତ କଥା କହିଲା,

ରାଜା ତାକୁ ସାହାଯ୍ୟ କରିବା ପାଇଁ ଏକ କର୍ମଚାରୀକୁ ନିଯୁକ୍ତ କରି କହିଲେ, "ତା'ର ଯେଉଁ ସର୍ବସ୍ୱ ଥିଲା ଓ ଏ ଯେଉଁଦିନ ଦେଶ ଛାଡ଼ିଲା ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଏହାର ଜମିର ଉତ୍ପନ୍ନ ଶସ୍ୟର ଫଳ ସେ ସ୍ତ୍ରୀକୁ ଫେରାଇ ଦିଅ।" ସେ ସମସ୍ତ ଫେରି ପାଇଛି ବୋଲି ନିଶ୍ଚିତ ହେଉ।

### ବିନ୍ହଦଦ୍‌ଙ୍କ ହସାୟେଲଙ୍କୁ ଇଲୀଶାୟଙ୍କ ନିକଟକୁ ପ୍ରେରଣ

7ଇଲୀଶାୟ ଦମ୍ମେଶକରେ ପହଞ୍ଚିଲେ। ଏହି ସମୟରେ
ଅରାମର ରାଜା ବିନ୍ହଦଦ୍ ପୀଡ଼ିତ ଥିଲେ। ଜଣେ ଲୋକ
ବିନ୍ହଦଦ୍‌କୁ କହିଲା, "ପରମେଶ୍ୱରଙ୍କ ଲୋକ ସେ ସ୍ଥାନକୁ
ଆସିଛନ୍ତି" ବୋଲି ତାଙ୍କୁ ସମ୍ବାଦ ଦିଆଗଲା।
8ତତ୍ପରେ ରାଜା ବିନ୍ହଦଦ୍ ହସାୟେଲକୁ କହିଲେ, "ଏହି
ଉପହାର ନେଇ ପରମେଶ୍ୱର ଲୋକଙ୍କୁ ସାକ୍ଷାତ କର ଓ ମୁଁ
ଏହି ପୀଡ଼ାରୁ ମୁକ୍ତ ହେବି କି ନାହିଁ, ଏହି କଥା ତାଙ୍କ ଦ୍ୱାରା
ସଦାପ୍ରଭୁଙ୍କୁ ପଚାର।"
9ତେଣୁ ହସାୟେଲ ଇଲୀଶାୟଙ୍କୁ ସାକ୍ଷାତ କରିବାକୁ
ଗଲେ। ଦମ୍ମେଶକର ସମସ୍ତ ଉତ୍ତମ ପଦାର୍ଥ ଉପହାର ସ୍ୱରୂପ
ଚାଳିଶଟି ଓଟ ଦ୍ୱାରା ନେଇ ତାଙ୍କ ସମ୍ମୁଖରେ ଉଭା ହୋଇ
କହିଲେ, "ଆପଣଙ୍କ ପୁତ୍ର ବିନ୍ହଦଦ୍ ଅରାମର ରାଜା ଆପଣଙ୍କ
ନିକଟକୁ ମୋତେ ପଠାଇଛନ୍ତି, ସେ ଜାଣିବାକୁ ଇଚ୍ଛା କରୁଛି,
ମୁଁ କ'ଣ ଅସୁସ୍ଥତାଠାରୁ ଆରୋଗ୍ୟଲାଭ ହେବି କି?"
10ତହିଁରେ ଇଲୀଶାୟ କହିଲେ, "ଯାଅ, ବିନ୍ହଦଦ୍‌କୁ
କୁହ, 'ତୁମ୍ଭେ ଅବଶ୍ୟ ବଞ୍ଚିବ।' କିନ୍ତୁ ପ୍ରକୃତରେ ସଦାପ୍ରଭୁ
ମୋତେ କହିଛନ୍ତି ଯେ, 'ସେ ଅବଶ୍ୟ ମରିବ।'"

### ଇଲୀଶାୟ ହସାୟେଲ ସମ୍ବନ୍ଧରେ ଭବିଷ୍ୟଦ୍‌ବାଣୀ ଶୁଣାନ୍ତି

11ସେତେବେଳେ ଇଲୀଶାୟ ହସାୟେଲ ପତି ଏପରିସ୍ଥିର
ଦୃଷ୍ଟି କଲେ ଯେ, ସେ ଲଜ୍ଜିତ ହେବା ପର୍ଯ୍ୟନ୍ତ ବିହ୍ୱଳ
ହେଲେ। ପୁଣି ପରମେଶ୍ୱରଙ୍କ ଲୋକ ରୋଦନ କଲେ।
12ତହୁଁ ହସାୟେଲ ପଚାରିଲେ, "ହେ ମୋର ମହାଶୟ,
କାହିଁକି ରୋଦନ କଲେ?"

ଇଲୀଶାୟ ଉତ୍ତର କଲେ, "ତୁମ୍ଭେ ଇସ୍ରାୟେଲୀୟଙ୍କ ସନ୍ତାନଗଣଙ୍କ ପାଇଁ ଅନିଷ୍ଟର କାରଣ କରିବାକୁ ଯାଉଛ, ଏହା ମୁଁ ଜାଣେ। ମୁଁ ଏହି ନିମନ୍ତେ ରୋଦନ କରୁଛି କାରଣ ତୁମ୍ଭେ ସେମାନଙ୍କର ସୁଦୃଢ଼ ନଗରଗୁଡ଼ିକୁ ଅଗ୍ନିରେ ଦଗ୍ଧିଭୂତ କରିବ, ସେମାନଙ୍କର ଯୁବକମାନଙ୍କୁ ଖଡ୍ଗରେ ହତ୍ୟା କରିବ, ସେମାନଙ୍କର ଶିଶୁସନ୍ତାନକୁ ଭୂମିରେ କଚାଡ଼ି ମାରିବ ଓ ସେମାନଙ୍କର ଗର୍ଭବତୀ ସ୍ତ୍ରୀମାନଙ୍କ ଉଦର ବିଦୀର୍ଣ୍ଣ କରିବ।"
13ହସାୟେଲ କହିଲେ, "ମୁଁ ତ ସେପରି ଶକ୍ତିଶାଳୀ*
ନୁହେଁ, ମୁଁ ସେହି ସାମରିକ କୃତିବ ପାରିବି ନାହିଁ?"

ଇଲୀଶାୟ ଉତ୍ତର କଲେ, "ସଦାପ୍ରଭୁ ମୋତେ ଜଣାଇଛନ୍ତି ତୁମ୍ଭେ ଅରାମର ରାଜା ହେବ।"
14ତା'ପରେ ହସାୟେଲ ଇଲୀଶାୟଙ୍କଠାରୁ ବିଦାୟ ନେଇ
ରାଜାଙ୍କ ନିକଟକୁ ଗଲେ। ବିନ୍ହଦଦ୍ ହସାୟେଲଙ୍କୁ କହିଲେ,
"ଇଲୀଶାୟ ତୁମ୍ଭକୁ କ'ଣ କହିଛନ୍ତି।"

ହସାୟେଲ ଉତ୍ତର କଲେ, "ଇଲୀଶାୟ କହିଲେ ଯେ, ଆପଣ ନିଶ୍ଚୟ ବଞ୍ଚିବେ।"

### ହସାୟେଲ ବିନ୍ହଦଦ୍‌ଙ୍କୁ ହତ୍ୟା କଲେ

15ମାତ୍ର ପରଦିନ ହସାୟେଲ ଏକ ପତଳା ବସ୍ତ୍ର ନେଇ
ଜଳରେ ବୁଡ଼ାଇଲେ ଓ ରାଜା ବିନ୍ହଦଦ୍‌ର ମୁଖ ଉପରେ
ଆବୃତ କଲେ। ତହିଁରେ ତାଙ୍କର ଶ୍ୱାସରୁଦ୍ଧ ହୋଇ ସେ
ମଲେ ଓ ହସାୟେଲ ତାଙ୍କ ପଦରେ ରାଜତ୍ୱ କଲେ।

### ଯିହୋରାମଙ୍କ ଶାସନ ଆରମ୍ଭ

16ଆହାବ୍‌ଙ୍କ ପୁତ୍ର ଯୋରାମଙ୍କ ଶାସକ ଇସ୍ରାୟେଲରେ
ରାଜତ୍ୱ କରିବାର ପଞ୍ଚମ ବର୍ଷରେ ଯିହୋଶାଫଟଙ୍କ ପୁତ୍ର
ଯିହୋରାମ ଯିହୁଦାର ରାଜା ହେଲେ। 17ଯିହୋରାମଙ୍କୁ
ଯେତେବେଳେ ବତିଶ ବର୍ଷ ହୋଇଥିଲେ, ସେ ରାଜ୍ୟ ଉପରେ
ଶାସନ କରିବା ଆରମ୍ଭ କଲେ। ସେ ଯିରୂଶାଲମରେ ଆଠବର୍ଷ
ରାଜତ୍ୱ କଲେ। 18ଯିହୋରାମ ଇସ୍ରାୟେଲ ରାଜାଗଣ ପରି
ବାସ କଲେ ଏବଂ ସଦାପ୍ରଭୁଙ୍କ ବିରୁଦ୍ଧରେ ପାପ କଲେ। ସେ
ଆହାବ ବଂଶାନୁସାରେ ଚାଲିଲେ କାରଣ ସେ ଆହାବ୍‌ଙ୍କ
କନ୍ୟାକୁ ବିବାହ କରିଥିଲେ। 19ମାତ୍ର ସଦାପ୍ରଭୁ ଯିହୁଦାକୁ
ବିନାଶ କଲେ ନାହିଁ, କାରଣ ସେ ଆପଣା ଦାସ ଦାଉଦଙ୍କୁ
ପ୍ରତିଜ୍ଞା କରି କହିଥିଲେ ତାଙ୍କର ପରିବାରମାନଙ୍କ ମଧ୍ୟରୁ
ଜଣେ ସର୍ବଦା ରାଜା ହେବ।
20ତାଙ୍କ ସମୟରେ ଯିହୁଦାର ଶାସନ ବିରୁଦ୍ଧରେ
ଇଦୋମୀୟମାନେ ବିଦ୍ରୋହ କଲେ ଓ ସେମାନେ ସେମାନଙ୍କର
ଏକ ରାଜା ବାଛିଲେ।
21ତା'ପରେ ଯିହୋରାମ ଓ ତାଙ୍କର ସମସ୍ତ ରଥ ସାୟୀରକୁ
ଯାତ୍ରା କଲେ। ଇଦୋମୀୟ ସୈନ୍ୟମାନେ ସେମାନଙ୍କୁ ଚତୁର୍ଦ୍ଦିଗରୁ
ଘେରିଗଲେ। ଯିହୋରାମ ଓ ତାଙ୍କର ସେନାଧକ୍ଷମାନେ ସେମାନଙ୍କୁ
ଆକ୍ରମଣ କଲେ। ସେଥିରେ ଶତ୍ରୁମାନେ ପ୍ରାଣଭୟରେ ଦୌଡ଼ି
ପଳାୟନ କଲେ। ମାତ୍ର ଯିହୋରାମଙ୍କର ସମସ୍ତ ସୈନ୍ୟ ନିଜ
ନିଜ ତମ୍ବୁକୁ ଫେରି ଆସିଲେ। 22ତେଣୁ ଇଦୋମୀୟ
ଲୋକମାନେ ଯିହୁଦା ବିରୁଦ୍ଧରେ ବିଦ୍ରୋହ କଲେ। ସେମାନେ
ଆଜି ପର୍ଯ୍ୟନ୍ତ ଯିହୁଦାର ରାଜତ୍ୱରୁ ମୁକ୍ତ ଅଛନ୍ତି।

---

**ମୁଁ ... ଶକ୍ତିଶାଳୀ ଲୋକ** ସାହିତିକ ଅର୍ଥ "ତୁମ୍ଭର ସେବକ କେବଳ ଗୋଟିଏ କୁକୁର!" ରାଜା ସାହିତିକ ଅର୍ଥ "ପ୍ରଭୁ"।

ଠିକ୍ ସେହି ସମୟରେ ଲିବ୍ନା ମଧ୍ୟ ଯିହୁଦାର ନିୟମ
ଭଙ୍ଗ କଲା।
23ଯିହୋରାମଙ୍କର ଅବଶିଷ୍ଟ ବୃତ୍ତାନ୍ତ ଓ କାର୍ଯ୍ୟାବଳୀ
ଯିହୁଦା ରାଜବଂଶର ଇତିହାସ ପୁସ୍ତକରେ ଲିପିବଦ୍ଧ ହୋଇଅଛି।
24ଯିହୋରାମଙ୍କର ମୃତ୍ୟୁବରଣ କଲେ ଓ ସେ ତାଙ୍କର
ପୂର୍ବପୁରୁଷଙ୍କ ସହିତ ଦାଉଦ ନଗରରେ କବର ନେଲେ।
ତା'ପରେ ଯିହୋରାମଙ୍କ ପୁତ୍ର ଅହସିୟ ତାଙ୍କ ପଦରେ ରାଜା
ହେଲେ।

## ଅହସିୟ ତାଙ୍କର ଶାସନ ଆରମ୍ଭ କଲେ

25ଆହାବ୍‌ଙ୍କ ପୁତ୍ର ଯୋରାମ ଇସ୍ରାୟେଲ ଭୂଖଣ୍ଡର ରାଜା
ଦ୍ୱାଦଶ ବର୍ଷରେ ଯିହୋରାମଙ୍କ ପୁତ୍ର ଅହସିୟ ଯିହୁଦାର ରାଜା
ହେଲେ। 26ଅହସିୟଙ୍କୁ ଯେତେବେଳେ ବାଇଶି ବର୍ଷ ହୋଇଥିଲା,
ସେ ଯିହୁଦାର ରାଜା ହେଲେ। ସେ ଯିରୁଶାଲମରେ ଏକବର୍ଷ
ରାଜତ୍ୱ କଲେ। ତାଙ୍କର ମାତାଙ୍କର ନାମ ଅଥଲିୟା, ସେ
ଇସ୍ରାୟେଲର ରାଜା ଅମ୍ରିଙ୍କର କନ୍ୟା ଥିଲେ। 27ଅହସିୟ ମଧ୍ୟ
ଆହାବ୍‌ର ବଂଶଧର ପରି ବାସ କଲେ ଏବଂ ସଦାପ୍ରଭୁଙ୍କ
ଦୃଷ୍ଟିରେ କୁକର୍ମ କଲେ। ସେ ଏହିପରି ବାସ କଲେ, କାରଣ
ସେ ଆହାବ ବଂଶର ଜାମାତା ଥିଲେ।

## ହସାୟେଲଙ୍କ ଯୁଦ୍ଧ ବିରୁଦ୍ଧରେ ଯୋରାମ ଆହତ

28ଯୋରାମ ଆହାବ୍ ବଂଶର ଥିଲେ। ଏ ନିମନ୍ତେ ସେ
ଅହସିୟଙ୍କ ସଙ୍ଗେ ମିଶି ଅରାମର ରାଜା ହସାୟେଲଙ୍କ
ବିରୁଦ୍ଧରେ ରାମୋତ-ଗିଲୟଦରେ ଯୁଦ୍ଧ କରିବାକୁ ଗଲେ।
ଏଥିରେ ଅରାମୀୟମାନେ ଯୋରାମଙ୍କୁ କ୍ଷତବିକ୍ଷତ କଲେ। ରାଜା
ଯୋରାମ, ସେ ତା'ର କ୍ଷତରୁ ସୁସ୍ଥ ହେବା ପାଇଁ ଯିଷ୍ରିୟେଲକୁ
ଫେରିଗଲେ। ଯୋରାମ ପୀଡ଼ିତ ହେବା ଯୋଗୁଁ, ଯିହୁଦାର
ରାଜା ଅହସିୟ ଯିହୋରାମଙ୍କୁ ଦେଖା କରିବାକୁ ଯିଷ୍ରିୟେଲକୁ
ଗଲେ।

## ଇଲୀଶାୟ ଯେହୂଙ୍କୁ ଅଭିଷିକ୍ତ କରିବାକୁ ଜଣେ ଯୁବ ଭବିଷ୍ୟଦ୍‌ବକ୍ତାଙ୍କୁ କହିଲେ

9 ଇଲୀଶାୟ ଭବିଷ୍ୟଦ୍‌ବକ୍ତାଙ୍କ ସନ୍ତାନଗଣଙ୍କ ମଧ୍ୟରୁ ଜଣକୁ
ଡାକି କହିଲେ, "ତୁମ୍ଭେ କଟିରେ ବସ୍ତ୍ର ବାନ୍ଧି ଏହି
ତୈଳଶିଶି ହାତରେ ଧରି ରାମୋତ୍-ଗିଲୟଦକୁ ଯାଅ। 2ତୁମ୍ଭେ
ସେଠାରେ ଉପସ୍ଥିତ ହେଲେ, ନିମ୍ଶିଙ୍କର ପୌତ୍ର, ଯିହୋଶାଫଟଙ୍କ
ପୁତ୍ର ଯେହୂଙ୍କର ଅନ୍ୱେଷଣ କର। ତା'ପରେ କୋଠରୀ
ଭିତରକୁ ଯାଇ ତାଙ୍କର ଭାଇମାନଙ୍କ ମଧ୍ୟରୁ ତାଙ୍କୁ ଉଠାଇ
ଏକ ଭିତର କୋଠରୀକୁ ନେଇଯାଅ। 3ଏହି ଛୋଟ ତୈଳ
ଶିଶି ନେଇ ତାଙ୍କ ମସ୍ତକରେ ତୈଳ ଢାଳି କୁହ, 'ସଦାପ୍ରଭୁ
ଏହା କହୁଛନ୍ତି; ଆମ୍ଭେ ତୁମ୍ଭକୁ ଇସ୍ରାୟେଲ ଉପରେ ରାଜାଭିଷିକ୍ତ
କଲୁ।' ତା'ପରେ ତୁମ୍ଭେ ଦ୍ୱାର ଫିଟାଇ ଦୌଡ଼ ଯାଅ, ଆଉ
ବିଳମ୍ବ କରନାହିଁ।"
4ତେଣୁ ସେହି ଯୁବକ, ଭବିଷ୍ୟଦ୍‌ବକ୍ତା ରାମୋତ୍-ଗିଲୟଦକୁ
ଗଲେ। 5ସେହି ଯୁବା ଉପସ୍ଥିତ ହୋଇ ସେନାପତିମାନେ
ବସିଥିବାର ଦେଖିଲେ। ତହୁଁ ଯୁବକ କହିଲେ, "ହେ ସେନାପତି,
ମୁଁ ତୁମ୍ଭ ପାଇଁ ଏକ ବାର୍ତ୍ତା ଆଣିଛି।"
ତହୁଁ ଯେହୂ କହିଲେ, "ଆମ୍ଭ ସମସ୍ତଙ୍କ ମଧ୍ୟରୁ ତୁମ୍ଭର
କାହାଠାରେ କାମ ଅଛି?"
ତହିଁରେ ଯୁବକ ଜଣକ କହିଲେ, "ହେ ସେନାପତି,
ମୋର ପାଖରେ ତୁମ୍ଭ ପାଇଁ ଏକ ବାର୍ତ୍ତା ଅଛି।"
6ଏଥିରେ ଯେହୂ ଉଠି ଘର ଭିତରକୁ ଗଲେ। ତା'ପରେ
ଯୁବ ଭବିଷ୍ୟଦ୍‌ବକ୍ତା ଯେହୂଙ୍କ ମସ୍ତକରେ ସେହି ତୈଳ ଢାଳି
କହିଲେ, "ସଦାପ୍ରଭୁ ଇସ୍ରାୟେଲର ପରମେଶ୍ୱର ଏହିକଥା
କୁହନ୍ତି, 'ଆମ୍ଭେ ତୁମ୍ଭକୁ ସଦାପ୍ରଭୁଙ୍କ ଲୋକ ଅର୍ଥାତ୍ ଇସ୍ରାୟେଲ
ଉପରେ ରାଜାଭିଷିକ୍ତ କଲୁ।' 7ତେଣୁ ତୁମ୍ଭେ ନିଶ୍ଚୟ ଆହାବ୍‌ର
ବଂଶକୁ ବିନାଶ କରିବ। ଏହି ରୂପେ ଆମ୍ଭେ ଆମ୍ଭର ସେବକ
ଭବିଷ୍ୟଦ୍‌ବକ୍ତାଗଣଙ୍କର ମୃତ୍ୟୁ ଓ ସଦାପ୍ରଭୁଙ୍କ ଦାସ ସମୂହର
ମୃତ୍ୟୁ ପାଇଁ ଈଷେବଲ ଉପରେ ପ୍ରତିଶୋଧ ନେବୁ। 8ତେଣୁ
ଆହାବ୍ ବଂଶର ସମସ୍ତେ ବିନଷ୍ଟ ହେବେ, ଏପରିକି ଆହବ
ବଂଶର ସମସ୍ତ ପୁଂସନ୍ତାନକୁ ବଦ୍ଧ ହେଉ କି ମୁକ୍ତ ହେଉ
ଇସ୍ରାୟେଲରେ ବିନାଶ ହେବେ, କେହି ପଳାୟନ କରି
ପାରିବେ ନାହିଁ। 9ଆଉ ମଧ୍ୟ ଆମ୍ଭେ ଆହାବ୍‌ର ବଂଶକୁ
ନବାଟର ପୁତ୍ର ଯାରବିୟାମର ବଂଶ ତୁଲ୍ୟ ଓ ଅହିୟର ପୁତ୍ର
ବାଶାର ବଂଶ ତୁଲ୍ୟ କରିବା। 10ଯଦି କୁକୁରମାନେ ଈଷେବଲର
ଶରୀରକୁ ଯିଷ୍ରିୟେଲ ଭୂମିରେ ଖାଇବେ ପୁଣି ସେ କବର
ପ୍ରାପ୍ତ ହେବ ନାହିଁ।"
ତା'ପରେ ସେହି ଯୁବା ଭବିଷ୍ୟଦ୍‌ବକ୍ତା ଦ୍ୱାର ଫିଟାଇ
ଦୌଡ଼ି ପଳାଇଲେ।

## ଦାସମାନେ ଯେହୂଙ୍କୁ ରାଜା ରୂପେ ଘୋଷଣା କରନ୍ତି

11ଅନନ୍ତର ଯେହୂ ଯେତେବେଳେ ତାଙ୍କର ପ୍ରଭୁର ରାଜା
ଅଧିକାରୀମାନଙ୍କ ନିକଟକୁ ଫେରିଲେ। ସେମାନଙ୍କ ମଧ୍ୟରୁ
ଜଣେ ଯେହୂଙ୍କୁ ପଚାରିଲେ, "ସବୁ ମଙ୍ଗଳ ତ? ସେହି ପାଗଳ
ଲୋକ କାହିଁକି ତୁମ୍ଭକୁ ମିଶିବାକୁ ଆସିଲା?" ଯେହୂ ସେବକକୁ
କହିଲେ, "ସେ ଲୋକକୁ ଓ ତା'ର ବାତୁଳ ସବୁ ତୁମ୍ଭେ
ଜାଣ, ସେ କହନ୍ତି।"
12ମାତ୍ର ଉଚ୍ଚ ଅଧିକାରୀମାନେ ଉତ୍ତର କଲେ, "ନା!
ଆମ୍ଭମାନଙ୍କୁ ସତ୍ୟକଥା କୁହ, ସେ ଲୋକ ତୁମ୍ଭଙ୍କୁ କ'ଣ
କହିଲା?" ଯେହୂ ସେହି ଦାସମାନଙ୍କୁ ଯୁବା ଭବିଷ୍ୟଦ୍‌ବକ୍ତା
ଯାହା ଯାହା କହିଥିଲେ ତାହା ସବୁ କହିଲା। ଯେହୁ କହିଲା,
"ସଦାପ୍ରଭୁ କୁହନ୍ତି, 'ଆମ୍ଭେ ତୁମ୍ଭକୁ ଇସ୍ରାୟେଲ ଉପରେ ନୂଆ
ରାଜା ଭାବେ ଅଭିଷିକ୍ତ କଲୁ।'"
13ତା'ପରେ ସମସ୍ତ ଉଚ୍ଚ ଅଧିକାରୀମାନେ ଶିଘ୍ର ଆପଣା
ଆପଣା କୋଟ ନେଇ ସୋପାନ ଉପରେ ଯେହୂଙ୍କ ସମ୍ମୁଖରେ
ରଖିଲେ। ତା'ପରେ ସେମାନେ ତୂରୀ ବଜାଇ ଘୋଷଣା
କଲେ, "ଯେହୂ ରାଜା ହେଲେ।"

## ଯେହୂ ଯିଷ୍ରିୟେଲକୁ ଗଲେ

14ଅନନ୍ତର ନିମ୍ଶିଙ୍କର ପୌତ୍ର, ଯିହୋଶାଫଟଙ୍କ ପୁତ୍ର
ଯେହୂ ଯୋରାମଙ୍କ ବିରୁଦ୍ଧରେ ଚକ୍ରାନ୍ତ କଲେ।
ସେ ସମୟରେ ଯୋରାମ ଓ ସମସ୍ତ ଇସ୍ରାୟେଲୀୟ
ଅରାମର ରାଜା ହସାୟେଲଠାରୁ ରାମୋତ୍-ଗିଲୟଦକୁ ରକ୍ଷା
କରିବାକୁ ଚେଷ୍ଟା କଲେ। 15ରାଜା ଯୋରାମ ଅରାମର ରାଜା

ଇସ୍ରାୟେଲଙ୍କ ବିରୁଦ୍ଧରେ ଯୁଦ୍ଧ କଲାବେଳେ ଅରାମୀୟମାନେ
ତାଙ୍କୁ କ୍ଷତ ବିକ୍ଷତ କରିଦେଲେ। ସେ ସେହି କ୍ଷତରୁ ସୁସ୍ଥ
ହେବା ପାଇଁ ଯିଷ୍ରିୟେଲକୁ ଗଲେ।
ତେଣୁ ଯେହୂ ଦାସମାନଙ୍କୁ କହିଲେ, "ଯଦି ମୁଁ ରାଜା
ବୋଲି ତୁମ୍ଭେମାନେ ଏକମତ ତେବେ କାହାରିକୁ ଯିଷ୍ରିୟେଲରେ
ଜଣାଇବା ପାଇଁ ନଗର ବାହାରକୁ ଛାଡ଼ି ଦିଅନାହିଁ।"
16ଯୋରାମ ଯିଷ୍ରିୟେଲରେ ବିଶ୍ରାମ ନେଉଥିଲେ। ତେଣୁ
ଯେହୂ ଆପଣା ରଥରେ ଚଢ଼ି ଯିଷ୍ରିୟେଲ ଯାତ୍ରା କଲେ।
ଯିହୁଦାର ରାଜା ଅହସିୟ ମଧ୍ୟ ଯୋରାମଙ୍କୁ ଦେଖିବାକୁ
ଯିଷ୍ରିୟେଲ ଆସିଥିଲେ।
17ଜଣେ ବିଶ୍ୱାସ ଯୋଗ୍ୟ ପ୍ରହରୀ ଯିଷ୍ରିୟେଲର ଦୁର୍ଗ
ଉପରେ ଛିଡ଼ା ହୋଇ ଦେଖିଲା, ଯେହୂର ବଡ ଦଳ
ଆସୁଅଛନ୍ତି। ସେ ଯୋରାମ ନିକଟକୁ ଯାଇ କହିଲେ, "ମୁଁ
ଏକ ବଡ ଦଳ ଲୋକ ଆସିବାର ଦେଖୁଛି।"
ଯୋରାମ ତାଙ୍କୁ କହିଲେ, "ଜଣେ ଅଶ୍ୱାରୋହୀକୁ ପଠାଅ
ସେ ସେମାନଙ୍କୁ ସାକ୍ଷାତ କରୁ ଓ ସେମାନଙ୍କୁ ପଚାରୁ, ଯଦି
ତାଙ୍କର ପରିଭ୍ରମଣ ଶାନ୍ତିରେ ତ?"
18ତେଣୁ ଦୂତ ଅଶ୍ୱ ପୃଷ୍ଠରେ ଯାଇ ଯେହୂଙ୍କୁ ସାକ୍ଷାତ
କରି ପଚାରିଲେ, "ରାଜା ଯୋରାମ ଜାଣିବାକୁ ଚାହାନ୍ତି, 'ତୁମ୍ଭେ
ଶାନ୍ତି ଉଦ୍ଦେଶ୍ୟରେ ଆସିଛ ତ?'"
ତେଣୁ ଯେହୂ କହିଲେ, "ତୁମ୍ଭର କୁଶଳରେ କିଛି ଯାଏ
ଆସେ ନାହିଁ। ଆମ୍ଭ ପଛେ ପଛେ ଆସ।"
ପ୍ରହରୀ ଜଣଙ୍କ ଯୋରାମଙ୍କୁ କହିଲେ, "ଦୂତ ସେ ଦଳଙ୍କ
ନିକଟକୁ ଯାଇ ଏପର୍ଯ୍ୟନ୍ତ ଫେରିଲା ନାହିଁ।"
19ତା'ପରେ ଯୋରାମ ଦ୍ୱିତୀୟ ଦୂତକୁ ଅଶ୍ୱ ପୃଷ୍ଠରେ
ପଠାଇଲେ। ଦୂତ ସେମାନଙ୍କୁ ଭେଟିଲେ ଏବଂ କହିଲେ,
"ରାଜା ପଚାରୁଛନ୍ତି, 'କୁଶଳ କି?'"
ଯେହୂ କହିଲେ, "କୁଶଳରେ ତୁମ୍ଭର ଯାଏ ଆସେ ନାହିଁ,
ତୁମ୍ଭେ ଆମ୍ଭ ପଛେ ପଛେ ଆସ।"
20ପ୍ରହରୀ ଯୋରାମଙ୍କୁ କହିଲା, "ଦ୍ୱିତୀୟ ଦୂତ ସେହି ଦଳ
ନିକଟକୁ ଗଲେ କିନ୍ତୁ ଏପର୍ଯ୍ୟନ୍ତ ଫେରିଲେ ନାହିଁ। କିନ୍ତୁ ମୁଁ
ଦେଖେ ଜଣେ ଲୋକ ଯେହୂପରି ନିମ୍‌ଶିର ନାତି ଗୋଟିଏ
ରଥରେ ଦୂତଗୁଡ଼ିକୁ ଚଳାଉଛନ୍ତି। ସେ ପାଗଳ ମନୁଷ୍ୟ ପରି
ଅତି ପ୍ରଚଣ୍ଡ ବେଗରେ ରଥ ଚଳାଉଛନ୍ତି।"
21ଏଥିରେ ଯୋରାମ କହିଲେ, "ମୋର ରଥ ପ୍ରସ୍ତୁତ
କର।"
ତେଣୁ ତାଙ୍କର ଦାସମାନେ ରଥ ପ୍ରସ୍ତୁତ କଲେ। ଉଭୟେ
ଇସ୍ରାୟେଲର ରାଜା ଯୋରାମ ଓ ଯିହୁଦାର ରାଜା ଅହସିୟ
ଆପଣା ଆପଣା ରଥରେ ବସି ଯିହୂଙ୍କୁ ସାକ୍ଷାତ କରିବାକୁ
ଗଲେ। ସେମାନେ ତାଙ୍କୁ ଯିଷ୍ରିୟେଲୀୟ ନାବୋତ ଭୂମିରେ
ତାଙ୍କୁ ଭେଟିଲେ।
22ଯୋରାମ ଯେହୂଙ୍କୁ ଦେଖି ପଚାରିଲେ, "ହେ ଯେହୂ,
ତୁମ୍ଭେ ଶାନ୍ତିର ସହିତ ଆସିଛ ତ?"
ଯେହୂ ଉତ୍ତର କଲେ, "ଯେ ପର୍ଯ୍ୟନ୍ତ ତୁମ୍ଭ ମାତା
ଇଷେବଲ୍ ନାନା ବ୍ୟଭିଚାର ଓ ମାୟାବତୀ କାର୍ଯ୍ୟରେ ସଂପୃକ୍ତ
ଅଛନ୍ତି, କି ଶାନ୍ତି ଏଠାରେ ଅଛି?"
23ଏଥିରେ ଯୋରାମ ଆପଣା ରଥ ବୁଲାଇ ପଳାୟନ
କଲେ। ଯୋରାମ ଅହସିୟଙ୍କୁ କହିଲେ, "ହେ ଅହସିୟ,
ଶଠତା ହେଲା।"
24ମାତ୍ର ଯେହୂ ଆପଣା ସମସ୍ତ ଶକ୍ତି ଖଟାଇ ତୀର
ନିକ୍ଷେପ କଲେ ଓ ଏହା ଯୋରାମଙ୍କ ପୃଷ୍ଠ ଦେଶରେ ବିଦ୍ଧ
କଲା। ତୀରଟି ପୃଷ୍ଠ ଦେଶରୁ ହୃଦୟକୁ ବିଦ୍ଧ କରି ବାହାରିଗଲା।
ତହିଁରେ ଯୋରାମ ରଥ ଉପରେ ନଇଁ ପଡ଼ିଗଲେ।
25ଯେହୂ ତାଙ୍କର ସାରଥି ବିଦ୍‌କରକୁ କହିଲେ, "ତାକୁ
ଉଠାଇ ନେଇ ଯିଷ୍ରିୟେଲୀୟ ନାବୋତ କ୍ଷେତ୍ର ଭୂମିରେ
ପକାଇ ଦିଅ। କାରଣ ଆରୋହଣ କରି ଏକତ୍ର ତାହାର ପିତା
ଆହାବର ପଶ୍ଚାତ ଗମନ କରିବାବେଳେ, ସଦାପ୍ରଭୁ କି
ପ୍ରକାରେ ମୁଁ ଓ ତୁମ୍ଭେ ତାହା ଉପରେ ଏହି ଭାରକୁ
ଥୋଇଥିଲେ ତାହା ସ୍ମରଣ କର। 26ସଦାପ୍ରଭୁ କହିଥିଲେ,
'ଆମ୍ଭେ ଗତକାଲି ନାବୋତର ରକ୍ତ ଓ ତା'ର ପୁତ୍ରମାନଙ୍କ
ରକ୍ତ ଦେଖିଲୁ। ତେଣୁ ମୁଁ ଆହାବ୍‌କୁ ଏହି ଭୂମିରେ ପ୍ରତିଫଳ
ଦେବି।' ସଦାପ୍ରଭୁ ଏହା କହିଥିଲେ। ତେଣୁ ସଦାପ୍ରଭୁଙ୍କ
ବାକ୍ୟାନୁସାରେ ଯୋରାମଙ୍କୁ ନେଇ ସେହି କ୍ଷେତ୍ର ଭୂମିରେ
ପକାଅ।"
27ଯିହୁଦାର ରାଜା ଅହସିୟ ଏହା ଦେଖି ପଳାୟନ
କଲେ। ସେ ଉଦ୍ୟାନ ଗୃହ ଦେଇ ପଳାୟନ କରୁଥିବା
ବେଳେ ଯେହୂ ତାଙ୍କ ପଛେ ପଛେ ଯାଇ କହିଲେ,
"ଅହସିୟଙ୍କୁ ମଧ୍ୟ ସେହି ରଥରେ ଆଘାତ କର।"
ତେଣୁ ସେମାନେ ଯିବ୍‌ଲୟମ ନିକଟସ୍ଥ ଗୂର ନାମକ
ଉଠାଣି ନିକଟରେ ତାଙ୍କୁ ଆଘାତ କଲେ ଓ ସେ ମଗିଦ୍ଦୋକୁ
ପଳାଇ ସେଠାରେ ମୃତ୍ୟୁବରଣ କଲେ। 28ଅହସିୟଙ୍କ ଦାସମାନେ
ତାଙ୍କ ମୃତ ଶରୀରକୁ ରଥରେ ଯିରୁଶାଲମକୁ ନେଇଗଲେ ଓ
ଦାଉଦ ନଗରରେ ତାଙ୍କର ପୂର୍ବପୁରୁଷ ଲୋକଙ୍କ ସହିତ ତାଙ୍କ
କବରରେ ତାଙ୍କୁ କବର ଦେଲେ।
29ଆହାବଙ୍କ ପୁତ୍ର ଯୋରାମଙ୍କର ରାଜତ୍ୱରର ଏକାଦଶ
ବର୍ଷରେ ଅହସିୟ ଯିହୁଦା ଉପରେ ରାଜ୍ୟ କରିବାକୁ ଆରମ୍ଭ
କରିଥିଲେ।

### ଇଷେବଲଙ୍କ ଦୁଃଖଦାୟକ ମୃତ୍ୟୁ

30ତା'ପରେ ଯେହୂ ଯିଷ୍ରିୟେଲର ପଥରେ ଗଲେ। ଇଷେବେଲ
ଏବିଷୟରେ ଯାଣିବାକୁ ପାଇଲେ। ତେଣୁ ସେ ନିଜକୁ ସଜାଇ
ଓ ଆପଣା କେଶ ବିନ୍ୟାସ କରି ଝରକା ନିକଟରେ ଛିଡା
ହୋଇ ବାହାରକୁ ଚାହିଁଲେ। 31ଯେତେବେଳେ ଯେହୂ ନଗର
ଫାଟକରେ ପ୍ରବେଶ କଲେ, ଇଷେବଲ କହିଲେ, "ହେ
ଆପଣା ମହାଶୟର ହତ୍ୟାକାରୀ ସିମ୍ରି*, ତୁମ୍ଭେ ଶାନ୍ତିରେ ଅଛ
କି?"
32ଯେହୂ ଝରକା ଆଡ଼େ ମୁଖ ଉଠାଇ କହିଲେ, "କିଏ
ମୋ ପକ୍ଷରେ ଅଛି?"
ଦୁଇ ତିନିଜଣ ନପୁଂସକ ଯେହୂଙ୍କ ଆଡ଼େ ଚାହିଁଲେ।
33ଯେହୂ ସେମାନଙ୍କୁ କହିଲେ, "ଇଷେବଲକୁ ତଳକୁ ପକାଇ
ଦିଅ।"
ତା'ପରେ ସେହି ନପୁଂସକମାନେ ଇଷେବଲକୁ ତଳକୁ

**ସିମ୍ରି** ସିମ୍ରି ଜଣେ ଲୋକ ଯିଏ ଇଲାହାକୁ ଏବଂ ବହୁବର୍ଷ ପୂର୍ବେ ଇସ୍ରାୟେଲର ବାସାର ପରିବାରକୁ ମାରିଲେ।

ପକାଇ ଦେଲେ। କିଛି ରକ୍ତ ପ୍ରାଚୀର ଉପରେ ଓ କିଛି ଅଶ୍ୱ
ଉପରେ ପଡ଼ିଲା। ଅଶ୍ୱଗୁଡ଼ିକ ଇଷେବଲଙ୍କୁ ଦଳି ଦେଲେ।
34ଯେହୂ ଭିତରକୁ ଯାଇ ଭୋଜନ ପାନ କଲେ। ତା'ପରେ
ସେ କହିଲେ, "ବର୍ତ୍ତମାନ ଏହି ଅଭିଶପ୍ତା ନାରୀ କଥା ବୁଝ
ଓ ତାଙ୍କୁ କବର ଦିଅ, କାରଣ ସେ ରାଜକନ୍ୟା।"
35ଲୋକମାନେ ଇଷେବଲଙ୍କୁ କବର ଦେବାକୁ ଗଲେ।
ମାତ୍ର ସେମାନେ ତା'ର ମୁଣ୍ଡର ଖପୁରି, ପାଦ ଓ ହାତର
ପାପୁଲି ଛଡ଼ା କିଛି ପାଇଲେ ନାହିଁ। 36ତେଣୁ ସେମାନେ
ଯେହୂ ନିକଟକୁ ଫେରିଆସି ସବୁକଥା କହିଲେ। ଯେହୂ
କହିଲେ, "ସଦାପ୍ରଭୁ ଆପଣା ଦାସ ତିଶ୍‌ବୀୟକୁ ଏଲୀୟ ଏହି
ବାର୍ତ୍ତା ଦେଇଥିଲେ। ଏଲୀୟ କହିଥିଲେ, 'କୁକୁରମାନେ
ଯିଷ୍ରିୟେଲୀୟ ଭୂମିରେ ଇଷେବଲର ଶରୀରକୁ ଗୃଠି ଖାଇବେ।
37ପୁଣି ଇଷେବଲଙ୍କ ଶରୀର ଯିଷ୍ରିୟେଲୀୟ ଭୂମି ଉପରେ
ଖତପରି ହେବ। ତହିଁରେ କେହି ଏହି ଶରୀରକୁ ଜାଣିପାରିବେ
ନାହିଁ ଏବଂ କହିପାରିବେ ନାହିଁ ଯେ, ଏହା ଇଷେବଲ।'"

### ଯେହୂ ଶମରିୟାର ପ୍ରାଚୀନବର୍ଗଙ୍କୁ ଲେଖନ୍ତି

10 ଆହାବଙ୍କର ସତୁରି ପୁତ୍ର ଶମରୟାରେ ଥିଲେ।
ଯେହୂ ଶମରୟାରେ ଯିଷ୍ରିୟେଲର ଅଧକ୍ଷ ଅର୍ଥାତ
ପ୍ରାଚୀନବର୍ଗମାନଙ୍କୁ ଓ ଆହାବଙ୍କ ପୁତ୍ରମାନଙ୍କ ପ୍ରତିପାଳକମାନଙ୍କ
ନିକଟକୁ ଏହିପରି ପତ୍ରମାନ ଲେଖି ପଠାଇଲେ। ଯଥା:
2-3"ଏହି ଚିଠି ପାଇବା ମାତ୍ରେ, ତୁମ୍ଭେମାନେ ତୁମ୍ଭ ପିତାଙ୍କର
ପୁତ୍ରମାନଙ୍କ ମଧ୍ୟରୁ ଅତି ଉତ୍ତମ ଓ ଯୋଗ୍ୟତମ ସନ୍ତାନଟିକୁ
ବାଛ। ତୁମ୍ଭମାନଙ୍କର ରଥମାନ ଅଛି, ଅଶ୍ୱମାନ ଅଛନ୍ତି ଓ
ତୁମ୍ଭେମାନେ ଏକ ସୁଦୃଢ଼ ନଗରରେ ବାସ କରୁଛ, ଆଉମଧ୍ୟ
ତୁମ୍ଭମାନଙ୍କର ଅସ୍ତ୍ର ଶସ୍ତ୍ର ଅଛି। ତେଣୁ ସେହି ଯୋଗ୍ୟତମ
ସନ୍ତାନକୁ ତୁମ୍ଭ ପିତାର ସିଂହାସନ ପାଇଁ ବାଛଅଛ ଓ
ତୁମ୍ଭେମାନେ ଆପଣା ପ୍ରଭୁର ପରିବାର ପାଇଁ ଯୁଦ୍ଧ କର।"
4ମାତ୍ର ଯିଷ୍ରିୟେଲର ଅଧକ୍ଷ ଓ ପ୍ରାଚୀନବର୍ଗଗଣ ଭୟଭୀତ
ହୋଇ ପଡିଲେ। ସେମାନେ କହିଲେ, "ଯେତେବେଳେ ସେ
ଦୁଇ ରାଜା ଯେହୂଙ୍କୁ ବନ୍ଦ କରି ପାରିଲେ ନାହିଁ। ଆମ୍ଭେ
କିପରି ତାଙ୍କୁ ବନ୍ଦ କରିବା?"
5ତେଣୁ ଗୃହାଧ୍ୟକ୍ଷ, ନଗର ରାଜ୍ୟପାଳ, ପ୍ରାଚୀନଗଣ, ଆହାବଙ୍କ
ପୁତ୍ରମାନଙ୍କ ପ୍ରତିପାଳକମାନେ ଯେହୂଙ୍କ ନିକଟକୁ ଏହିକଥା
କହି ପଠାଇଲେ, "ଆମ୍ଭେମାନେ ଆପଣଙ୍କର ଦାସ, ଆପଣ
ଆମ୍ଭମାନଙ୍କୁ ଯାହା ଆଜ୍ଞା କରିବେ ଆମ୍ଭେମାନେ ତାହା ସବୁ
ପାଳନ କରିବୁ, ଆମ୍ଭେମାନେ କୌଣସି ଲୋକକୁ ରାଜା କରିବୁ
ନାହିଁ, ଯାହା ଆପଣଙ୍କ ଦୃଷ୍ଟିରେ ଭଲ ତାହା ଆପଣ
କରନ୍ତୁ।"

### ଶମରୟାରେ ପ୍ରାଚୀନଗଣ ଆହାବ୍‌ଙ୍କ ସନ୍ତାନମାନଙ୍କୁ ହତ୍ୟା କରନ୍ତି।

6ତା'ପରେ ଯେହୂ ଦ୍ୱିତୀୟ ଚିଠି ନେତୃବର୍ଗ ଓ
ପ୍ରାଚୀନବର୍ଗମାନଙ୍କ ନିକଟକୁ ଏହା କହି ଲେଖିଲେ, "ଯଦି
ତୁମ୍ଭେମାନେ ମୋ ସପକ୍ଷରେ ଓ ମୋ ଆଜ୍ଞା ପାଳନ କରିବ,
ତେବେ ଆହାବ୍‌ଙ୍କ ପୁତ୍ରମାନଙ୍କ କଣ୍ଠାମୁଣ୍ଡ ଧରି ଆସନ୍ତାକାଲି
ଏହି ସମୟରେ ଯିଷ୍ରିୟେଲକୁ ମୋ ନିକଟକୁ ଆସ।"
ଆହାବଙ୍କ ସତୁରି ପୁତ୍ର ନଗରର ଅଧିକାରୀ ସହିତ
ଥିଲେ, ତାହା ସେମାନଙ୍କୁ ଉଠାଇଲା। 7ଯେତେବେଳେ ନେତୃବର୍ଗ
ଏବଂ ପ୍ରାଚୀନବର୍ଗମାନେ ଏହି ଚିଠି ପାଇଲେ, ସେମାନେ ସେହି
ସତୁରି ରାଜାଙ୍କର ପୁତ୍ରମାନଙ୍କୁ ନେଇ ବଧ କଲେ, ସେମାନେ
ସେହି କଣ୍ଠାମୁଣ୍ଡକୁ ଡାଲାରେ ରଖି ଯିଷ୍ରିୟେଲକୁ ଯେହୂଙ୍କ
ନିକଟକୁ ପଠାଇଲେ। 8ତା'ପରେ ଦୂତ ଆସି ଯେହୂଙ୍କୁ
କହିଲା, "ସେମାନେ ରାଜପୁତ୍ରମାନଙ୍କର କଣ୍ଠାମୁଣ୍ଡ ଆଣିଛନ୍ତି।"
ତା'ପରେ ଯେହୂ କହିଲେ, "ସେଗୁଡିକୁ ନଗରର ଦ୍ୱାର
ଦେଶରେ ଦୁଇଟି ଗଦାକରି ସକାଳ ପର୍ଯ୍ୟନ୍ତ ରଖ।"
9ପ୍ରଭାତରେ ଯେହୂ ବାହାରକୁ ଯାଇ ଲୋକମାନଙ୍କ ସମ୍ମୁଖରେ
ଛିଡାହୋଇ କହିଲେ, "ତୁମ୍ଭେମାନେ ନିରିହ ଲୋକ, ମୁଁ
ଆପଣା ମହାଶୟଙ୍କୁ ଚକ୍ରାନ୍ତ କରି ବଧ କଲି, ମାତ୍ର ଏହି
ଆହାବଙ୍କର ପୁତ୍ରମାନଙ୍କୁ କିଏ ବଧ କଲା? ତୁମ୍ଭେମାନେ
ସେମାନଙ୍କୁ ବଧ କଲ। 10ଏବେ ତୁମ୍ଭେମାନେ ଜାଣ ସଦାପ୍ରଭୁ
ଯାହା ଆହାବ୍ ବଂଶ ବିଷୟରେ କହିଥିଲେ, ତାହା ନିଶ୍ଚୟ
ଘଟିବ। ସଦାପ୍ରଭୁ ତାଙ୍କର ଦାସ ଏଲୀୟ ଦ୍ୱାରା ଯାହା
କହିଥିଲେ ତାହା ଆଜି ସଫଳ କରାଇଛନ୍ତି।"
11ତେଣୁ ଯେହୂ ଯିଷ୍ରିୟେଲରେ ବାସ କରୁଥିବା ଆହାବ୍‌ଙ୍କର
ବଂଶର ସମସ୍ତ ଲୋକଙ୍କୁ ଅର୍ଥାତ୍ ତାଙ୍କର ପ୍ରଧାନ ଲୋମାନଙ୍କୁ
, ଆତ୍ମୀୟ ବନ୍ଧୁମାନଙ୍କୁ ଓ ଯାଜକମାନଙ୍କୁ ବଧ କଲେ।
ଆହାବ୍‌ଙ୍କ ଲୋକରୁ କେହି ଜଣେ ହେଲେ ଜୀବିତ ଛଡାଗଲା
ନାହିଁ।

### ଯେହୂ ଅହସିୟଙ୍କ ସମ୍ପର୍କୀୟଙ୍କୁ ହତ୍ୟା କରନ୍ତି

12ଯେହୂ ଯିଷ୍ରିୟେଲ ତ୍ୟାଗ କରି ଶମରୟାକୁ ଗଲେ।
ସେ ପଥ ମଧ୍ୟରେ ମେଷପାଳକମାନଙ୍କ ଛାଉଣୀ ନିକଟରେ
ଅଟକି ଗଲେ। ଯେଉଁଠାରେ ସେମାନେ ସେମାନଙ୍କ
ମେଷଠାରୁ ଲୋମ କାଟିଥିଲେ। 13ଯେହୂ ଯିହୁଦାର ରାଜା
ଅହସିୟଙ୍କ ସମ୍ପର୍କୀୟମାନଙ୍କୁ ଦେଖି ପଚାରିଲେ, "ତୁମ୍ଭେମାନେ
କିଏ?"
ସେମାନେ ଉତ୍ତର ଦେଲେ, "ଆମ୍ଭେମାନେ ଅହସିୟ
ରାଜାଙ୍କର ସମ୍ପର୍କୀୟ। ଆମ୍ଭେମାନେ ରାଜାଙ୍କର ସନ୍ତାନମାନଙ୍କର
ଓ ରାଣୀଙ୍କର ସନ୍ତାନମାନଙ୍କର ମଙ୍ଗଳ କାମନା କରିବାକୁ
ଯାଉଅଛୁ।"
14ତା'ପରେ ଯେହୂ ତାଙ୍କ ଲୋକମାନଙ୍କୁ ଆଦେଶ ଦେଲେ,
"ଏମାନଙ୍କୁ ଜୀବନ୍ତ ଧର।"
ଯେହୂଙ୍କର ଦାସମାନେ ଅହସିୟଙ୍କର ସମ୍ପର୍କୀୟମାନଙ୍କୁ ଜୀବନ୍ତ
ଧରିଲେ ଓ ମେଷଛେଦନ ଗୃହର ବର୍ତ୍ତି ବିକଟରେ ସେହି
ବୟାଳିଶ ଜଣଙ୍କୁ ବଧ କଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ
ମଧ୍ୟ ଛାଡିଲେ ନାହିଁ।

### ଯିହୋନାଦବଙ୍କ ସହିତ ଯେହୂଙ୍କ ସାକ୍ଷାତ

15ଏହାପରେ ଯେହୂ ସେଠାରୁ ପ୍ରସ୍ଥାନ କଲାବେଳେ ତାଙ୍କୁ
ସାକ୍ଷାତ କରିବାକୁ ଆସୁଥିବା ରେଖବର ପୁତ୍ର ଯିହୋନାଦବଙ୍କୁ
ଭେଟିଲେ। ସେ ଯିହୋନାଦବଙ୍କୁ ସ୍ୱାଗତ କରି ପଚାରିଲେ,
"ତୁମ୍ଭେ ମୋର ବିଶ୍ୱସ୍ତ ବନ୍ଧୁ କି? ମୁଁ ଯେପରି ତୁମ୍ଭ ପ୍ରତି
ସରଳ ଓ ବିଶ୍ୱସ୍ତ?"

ଯିହୋନାଦବ ଉତ୍ତର ଦେଲେ, "ହଁ, ମୁଁ ତୁମ୍ଭର ଜଣେ
ବିଶ୍ୱସ୍ତ ବନ୍ଧୁ।"
ତେଣୁ ଯେହୂ କହିଲେ, "ତେବେ ମୋତେ ତୁମ୍ଭ ହସ୍ତ
ଦିଅ।"
ଯେତେବେଳେ ସେ ହସ୍ତ ବଢାଇଲେ ଯେହୂ ତାଙ୍କୁ
ଆପଣା ରଥ ଉପରକୁ ଟାଣି ଆଣିଲେ।
**16**ଯେହୂ କହିଲେ, "ମୋ ସହିତ ଆସ, ସଦାପ୍ରଭୁଙ୍କ
ପ୍ରତି ମୋର କିପରି ଦୃଢ ଆସ୍ଥା ତାହା ଦେଖି ପାରିବ।"
ତେଣୁ ସେ ଯେହୂଙ୍କର ରଥରେ ଆରୋହଣ କଲେ।
**17**ଯେହୂ ଶମରୀୟାକୁ ଆସି ଆହାବ୍‌ଙ୍କ ଅବଶିଷ୍ଟ ବଂଶଧରଙ୍କୁ
ବଧ କଲେ। ସଦାପ୍ରଭୁ ଏଲୀୟଙ୍କୁ କହିବାନୁସାରେ ଯେହୂ ସେ
ସମସ୍ତଙ୍କୁ ହତ୍ୟା କଲେ।

### ଯେହୂ ବାଲ୍ ଉପାସକମାନଙ୍କୁ ଡାକନ୍ତି

**18**ପୁଣି ଯେହୂ ସମସ୍ତଙ୍କୁ ଏକତ୍ର କରି ସେମାନଙ୍କୁ ଡାକି
କହିଲେ, "ଆହାବ୍ ବାଲ୍‌ର ଅଳ୍ପ ସେବା କଲା, ମାତ୍ର ଯେହୂ
ତା'ର ବହୁତ ସେବା କରିବ। **19**ବର୍ତ୍ତମାନ ବାଲ୍‌ର ସମସ୍ତ
ଭବିଷ୍ୟତବକ୍ତାଙ୍କୁ, ତା'ର ସମସ୍ତ ପୂଜକଙ୍କୁ ଓ ତା'ର ସମସ୍ତ
ଯାଜକମାନଙ୍କୁ ମୋ ନିକଟକୁ ଡାକ। ଦେଖ ଯେ କେହି
ଅନୁପସ୍ଥିତ ନ ରହନ୍ତୁ, କାରଣ ବାଲ୍ ଉଦ୍ଦେଶ୍ୟରେ ମୋର
ଏକ ବଡ ବଳିଦାନ କରିବାର ଇଚ୍ଛା ଏବଂ ଆଉ ଯେଉଁ
ଲୋକ ଅନୁପସ୍ଥିତ ରହିବ ନିଶ୍ଚୟ ହତ୍ୟା କରାଯିବ।"
ଯେହୂ ସେମାନଙ୍କ ସହିତ ଛଳନା କଲେ, ତାଙ୍କର ପ୍ରକୃତ
ଅଭିପ୍ରାୟ ବାଲ୍‌ର ସମସ୍ତ ଯାଜକ ଓ ପୂଜକମାନଙ୍କୁ ହତ୍ୟା
କରିବା ଥିଲା। **20**ପୁଣି ଯେହୂ କହିଲେ, "ବାଲ୍ ଉଦ୍ଦେଶ୍ୟରେ
ଏକ ପବିତ୍ର ମହାସଭା ଆୟୋଜନ କର।" ଆଉ ଯାଜକମାନେ
ତାହା ଘୋଷଣା କଲେ। **21**ତା'ପରେ ଯେହୂ ଇଶ୍ରାୟେଲର
ସମଗ୍ର ଅଞ୍ଚଳକୁ ବାର୍ତ୍ତା ପଠାଇଲେ। ବାଲ୍‌ର ସମସ୍ତ ପୂଜକ ଓ
ଯାଜକ ଆସିଲେ ଓ କେହି ଜଣେ ହେଲେ ଅନୁପସ୍ଥିତ
ରହିଲେ ନାହିଁ। ସମସ୍ତ ବାଲ୍‌ପୂଜକ ବାଲ ମନ୍ଦିରରେ ପହଞ୍ଚିଲେ
ଓ ମନ୍ଦିରଟି ଲୋକରେ ପରିପୂର୍ଣ୍ଣ ହେଲା।
**22**ଯେହୂ ବସ୍ତ୍ରାଗାରରେ ଅଧକ୍ଷକୁ ଆଦେଶ ଦେଲେ,
"ସମସ୍ତ ବାଲ୍ ପୂଜକଙ୍କ ପାଇଁ ବସ୍ତ୍ର ବାହାର କରି ଦିଅ।"
ତେଣୁ ସେ ବସ୍ତ୍ର ବାହାର କରି ଆଣିଲା।
**23**ତା'ପରେ ଯେହୂ ଓ ରେଖବର ପୁତ୍ର ଯିହୋନାଦବ
ବାଲ୍ ମନ୍ଦିରକୁ ଗଲେ। ଯେହୂ ବାଲ୍ ମନ୍ଦିରର ଉପାଶକମାନଙ୍କୁ
କହିଲେ, "ଚତୁଃପାର୍ଶ୍ୱକୁ ଦେଖ! ଏଠାରେ ବାଲ୍ ପୂଜାରୀମାନଙ୍କ
ଛଡା ଯେପରି ଏଠାରେ ଆଉ କେହି ନ ଥାଏ। ଏଥିପାଇଁ
ଖୋଜି ନିଶ୍ଚିତ ହୁଅ ଯେ, ତୁମ୍ଭମାନଙ୍କ ସହିତ ସଦାପ୍ରଭୁଙ୍କ
ଦାସ ଏଠାରେ ନାହାନ୍ତି।" **24**ଏହାପରେ ବାଲ୍‌ପୂଜକମାନେ
ବଳିଦାନ ଓ ହୋମବଳି କରିବାକୁ ଭିତରକୁ ଗଲେ। ଯେହୂ
ନିଜର ଅଶୀ ଜଣଙ୍କୁ ବାହାରେ ନିଯୁକ୍ତ କରିଥିଲେ। ସେ
ସେମାନଙ୍କୁ କହିଲେ, "ଏହି ଲୋକମାନଙ୍କ ମଧ୍ୟରୁ ଯେପରି
ଜଣେ କେହି ପଳାଇ ନ ଯାଆନ୍ତି। ଯଦି
ଜଣେ କେହି ପଳାଇ ଯାଏ, ଯେଉଁ ଲୋକ ତାକୁ ଛାଡି
ଦେଇ ଥିବ, ସେ ତା'ର ଜୀବନ ତା'ର ବଦଳରେ ଦେବ।"
**25**ଯେହୂ ନୈବେଦ୍ୟ ହୋମବଳି ଉତ୍ସର୍ଗ କରିବାର ସମାପ୍ତି
ପରେ ସେ ପ୍ରହରୀ ଓ ସେନାପତିମାନଙ୍କୁ କହିଲେ, "ଭିତରକୁ
ଯାଅ ଓ ସମସ୍ତ ବାଲ୍ ପୂଜାରୀଙ୍କୁ ହତ୍ୟା କର। କାହାରିକୁ
ମନ୍ଦିର ବାହାରକୁ ଆସିବାକୁ ଦିଅ ନାହିଁ।"
ତେଣୁ ସେମାନେ ଖଡ୍ଗ ଦ୍ୱାରା ସେମାନଙ୍କୁ ବଧ କଲେ।
ଆଉ ପ୍ରହରୀ ଓ ସେନାପତିମାନେ ସେମାନଙ୍କ ଶରୀରକୁ
ବାହାରେ ପକାଇ ଦେଲେ ଓ ବାଲ୍ ମନ୍ଦିରର ଗୃହକୁ ଗଲେ।
**26**ପୁଣି ସେମାନେ ବାଲ୍ ମନ୍ଦିରରୁ ସ୍ମୃତିସ୍ତମ୍ଭମାନ ବାହାର କରି
ଆଣି ପୋଡି ପକାଇଲେ। **27**ସେମାନେ ବାଲ୍‌ର ସ୍ମରଣାର୍ଥକ
ପ୍ରସ୍ତରଗୁଡିକୁ ଭାଙ୍ଗି ପକାଇଲେ ଓ ବାଲ୍ ମନ୍ଦିରକୁ ଧୂଳିସାତ
କଲେ ଓ ଏହାକୁ ଶୌଚାଳୟ କଲେ। ସେଗୁଡିକ ଆଜିଯାଏ
ବ୍ୟବହାର ହେଉଛି। **28**ଏହିରୂପେ ଯେହୂ ଇଶ୍ରାୟେଲରୁ ବାଲ୍
ପୂଜା ଦୂର କଲେ। **29**ନବାଟଙ୍କ ପୁତ୍ର ଯାରବୀୟାମଙ୍କର ପାପକୁ
ଯେହୂ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କଲେ ନାହିଁ, ଯିଏ
ଇଶ୍ରାୟେଲର ପାପ କରିବାର କାରଣ ହୋଇଥିଲା। ଯେହୂ
ମଧ ବୈଥେଲ ଓ ଦାନରେ ଥିବା ସୁବର୍ଣ୍ଣ ବାଛୁରୀ ଧ୍ୱଂସ
କରି ପାରିଲେ ନାହିଁ।

### ଇଶ୍ରାୟେଲରେ ଯେହୂଙ୍କ ଶାସନ

**30**ଅନନ୍ତର ସଦାପ୍ରଭୁ ଯେହୂକୁ କହିଲେ, "କାରଣ ମୋ
ଦୃଷ୍ଟିରେ ଯାହା ଯଥାର୍ଥ, ତୁମ୍ଭେ ଠିକ୍ କରିଅଛ। ଯାହା ମୋର
ଇଚ୍ଛା ଅନୁସାରେ ତୁମ୍ଭେ ଆହାବ୍‌ର ବଂଶକୁ ବିନାଶ କରିଅଛ।
ଏଣୁ ଚାରି ପୁରୁଷ ପର୍ଯ୍ୟନ୍ତ ତୁମ୍ଭର ସନ୍ତାନମାନେ ଇଶ୍ରାୟେଲ
ସିଂହାସନରେ ରାଜତ୍ୱ କରିବେ।"
**31**ତଥାପି ତା'ପରେ ଯେହୂ ସଦାପ୍ରଭୁଙ୍କର ଆଦେଶଗୁଡିକ
ପୂର୍ଣ୍ଣହୃଦୟରେ ଅନୁକରଣ କଲେ ନାହିଁ। ନବାଟଙ୍କ ପୁତ୍ର
ଯାରବୀୟାମଙ୍କର ପାପକୁ ଯେହୂ ସଂପୂର୍ଣ୍ଣ ରୂପେ ପରିତ୍ୟାଗ
କରି ପାରିଲେ ନାହିଁ, ଯିଏ ଇଶ୍ରାୟେଲର ପାପ କରିବାର
କାରଣ ହୋଇଥିଲା।

### ହସାୟେଲଙ୍କ ଇଶ୍ରାୟେଲ ଧ୍ୱଂସ

**32**ସେହି ସମୟରେ ସଦାପ୍ରଭୁ ଇଶ୍ରାୟେଲକୁ ଭାଗ କରିବାକୁ
ଆରମ୍ଭ କଲେ। ପୁଣି ଅରାମର ରାଜା ହସାୟେଲ ଇଶ୍ରାୟେଲର
ସମସ୍ତ ସୀମାରେ ଇଶ୍ରାୟେଲୀୟମାନଙ୍କୁ ପରାସ୍ତ କଲେ।
**33**ହସାୟେଲ ଯର୍ଦ୍ଦନ ପୂର୍ବ ଦିଗରୁ ସମସ୍ତ ଗିଲୟଦ ଦେଶ
ଅର୍ଣ୍ଣୋନ ଉପତ୍ୟକା ନିକଟସ୍ଥ ଅରୋୟେରଠାରୁ ଗାଦ୍, ରୁବେନ୍
ଓ ମନଃଶି ପରିବାରବର୍ଗର ଲୋକମାନଙ୍କ ଦେଶ ଜୟକଲେ।
ସେ ବାଶନ ଓ ଗିଲୟଦର ଅର୍ଣ୍ଣୋନ ଉପତ୍ୟକା ଦ୍ୱାରା
ଆରୋୟେରଠାରୁ ସମସ୍ତ ଦେଶ ଜୟଲାଭ କଲା।

### ଯେହୂଙ୍କ ମୃତ୍ୟୁ

**34**ଯେହୂଙ୍କ ଅବଶିଷ୍ଟ ବୃତ୍ତାନ୍ତ ଓ ତାଙ୍କର ସମସ୍ତ କ୍ରିୟା
ପରାକ୍ରମ ଇଶ୍ରାୟେଲ ବଂଶ ରାଜାମାନଙ୍କ ଇତିହାସ ପୁସ୍ତକରେ
ଲିଖିତ ହୋଇଅଛି। **35**ଯେହୂଙ୍କ ମୃତ୍ୟୁ ଅନ୍ତେ ସେ ନିଜ
ପୂର୍ବପୁରୁଷଗଣଙ୍କ ସହିତ ଶମରୀୟାରେ ସମାଧିସ୍ଥ ହେଲେ।
ତାଙ୍କ ପରେ ତାଙ୍କ ପୁତ୍ର ଯିହୋୟାହସ ଇଶ୍ରାୟେଲରେ ରାଜା
ହେଲେ। **36**ଶମରୀୟାରେ ଇଶ୍ରାୟେଲ ଉପରେ ଯେହୂ ଅଠାଇଶ
ବର୍ଷ ରାଜତ୍ୱ କଲେ।

### ଅଥଲୀୟା ରାଜପୁତ୍ରମାନଙ୍କୁ ଯିହୁଦାରେ ହତ୍ୟା କରନ୍ତି।

11 ଅନନ୍ତର ଅହସିୟଙ୍କର ମାତା ଅଥଲୀୟା ନିଜ ପୁତ୍ରର
ମୃତ୍ୟୁ ଦେଖି, ସମସ୍ତ ରାଜବଂଶକୁ ବିନାଶ କଲେ।
2ମାତ୍ର ଯୋରାମ ରାଜକନ୍ୟା, ଅହସିୟଙ୍କର ଭଗିନୀ
ଯିହୋଶେବା ଯେତେବେଳେ ଦେଖିଲେ ରାଜପୁତ୍ରମାନେ ନିହତ
ହେଲେ, ସେ ପୁତ୍ରମାନଙ୍କ ମଧ୍ୟରୁ ଯୋୟାଶଙ୍କୁ ନେଇଗଲେ।
ସେ ଶିଶୁ ଓ ତାହାର ଧାତ୍ରୀକୁ ନେଇ ଶୟନାଗାରରେ ଲୁଚାଇ
ରଖିଲା। ତାକୁ ଲୁଚାଇ ରଖିବାରୁ ସେ ଅଥଲୀୟାଠାରୁ ହତ
ହେଲା ନାହିଁ।
3ତା'ପରେ ଯୋୟାଶ ଓ ଯହୋଶେବା ସଦାପ୍ରଭୁଙ୍କ ମନ୍ଦିରରେ
ଛଅବର୍ଷ ଗୋପନରେ ରହିଲେ ଓ ସେତେବେଳେ ଅଥଲୀୟା
ଯିହୁଦାରେ ରାଜତ୍ୱ କଲେ।
4ଏହାପରେ ସପ୍ତମ ବର୍ଷରେ ଯିହୋୟାଦା ଲୋକ ପଠାଇ
କରୀୟମାନଙ୍କର ଓ ପ୍ରହରିବର୍ଗର ଅଧ୍ୟକ୍ଷମାନଙ୍କୁ ଅଣାଇ ସେମାନଙ୍କୁ
ଏକତ୍ରିତ କରି ସଦାପ୍ରଭୁଙ୍କ ମନ୍ଦିରକୁ ଆପଣା ନିକଟକୁ ନେଲା,
ଆଉ ସେ ସେମାନଙ୍କ ସହିତ ଏକ ଚୁକ୍ତି କରାଇଲା ଓ
ସଦାପ୍ରଭୁଙ୍କ ମନ୍ଦିରରେ ସେମାନଙ୍କୁ ଶପଥ କରାଇ ରାଜପୁତ୍ର
ଯୋୟାଶଙ୍କୁ ଦେଖାଇଲା।
5ତା'ପରେ ସେ ସେମାନଙ୍କୁ ଆଜ୍ଞା ଦେଇ କହିଲେ,
"ତୁମ୍ଭେମାନେ ଏହା ନିଶ୍ଚୟ କରିବ। ତୁମ୍ଭମାନଙ୍କ ମଧ୍ୟରୁ ଏକ
ତୃତୀୟାଂଶ ବିଶ୍ରାମ ଦିନ ଆରମ୍ଭରେ ଏହି ପ୍ରାସାଦକୁ ପ୍ରହରା
ଦେବାକୁ ନିଶ୍ଚୟ ଆସିବ। 6ଅନ୍ୟ ଏକତୃତୀୟାଂଶ ସୂର
ଫାଟକରେ ରହିବେ ଓ ଆଉ ଏକତୃତୀୟାଂଶ ପ୍ରହରିମାନଙ୍କର
ପଛ ଫାଟକରେ ରହିବେ। ଏହିରୂପେ ତୁମ୍ଭେମାନେ ପୁରା
ଦମ୍‌ରେ ପ୍ରାସାଦକୁ ଜଗିବ। 7ପୁଣି ବିଶ୍ରାମ ବାରର ଦୁଇ
ଭାଗର ଲୋକ ଯେଉଁମାନେ କର୍ମକ୍ଷେତ୍ରକୁ ଯାଇ ସଦାପ୍ରଭୁଙ୍କ
ମନ୍ଦିରର ପ୍ରହରୀ ରହିବେ ଓ ରାଜା ଯୋୟାଶ୍‌କୁ ରକ୍ଷା
କରିବେ। 8ତୁମ୍ଭେମାନେ ରାଜା ଯୋୟାଶଙ୍କୁ ବେଷ୍ଟନ କରି
ରହିବ। ସେ ଯେତେବେଳେ ଯିବେ, ତୁମ୍ଭେ ତାଙ୍କ ସହିତ
ନିଶ୍ଚୟ ରହିବ। ତୁମ୍ଭେମାନେ ସର୍ବଦା ଅସ୍ତ୍ରରେ ସଜ୍ଜିତ ହୋଇ
ରହିବ। ଯେ କୈଣସି ଲୋକ ତୁମ୍ଭର ଅତି ନିକଟକୁ ଆସେ
ତାକୁ ହତ୍ୟା କରାଯିବ।"
9ଯିହୋୟାଦା ଯାଜକ ଯାହାସବୁ ଆଦେଶ କଲେ, ଅଧ୍ୟକ୍ଷମାନେ
ତଦନୁସାରେ ପାଳନ କଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ
ତାଙ୍କର ପୁରୁଷମାନଙ୍କୁ ଆଣିଲେ, ଉଭୟ ଯେଉଁମାନେ ବିଶ୍ରାମ
ଦିନରେ କାର୍ଯ୍ୟକୁ ଯାଉଥିଲେ ଓ ଯେଉଁମାନେ କାର୍ଯ୍ୟକୁ
ନଯାଉଥିଲେ, ଏହି ଲୋକମାନେ ଯିହୋୟାଦା ଯାଜକ ନିକଟକୁ
ଗଲେ। 10ଦାଉଦ ରାଜା ଯେଉଁସବୁ ବର୍ଚ୍ଛା ଓ ଢାଲ
ସଦାପ୍ରଭୁଙ୍କ ମନ୍ଦିରରେ ରଖିଥିଲେ, ଯାଜକ ସେସବୁ କାଢି
ସେମାନଙ୍କୁ ଦେଇଦେଲେ। 11ଏହି ପ୍ରହରୀମାନେ ସଦାପ୍ରଭୁଙ୍କ
ମନ୍ଦିରର ଦକ୍ଷିଣ ପାର୍ଶ୍ୱରୁ ବାମପାର୍ଶ୍ୱ ପର୍ଯ୍ୟନ୍ତ ଯଜ୍ଞବେଦୀ ଓ
ରାଜାଙ୍କ ଚତୁଃପାର୍ଶ୍ୱରେ ହସ୍ତରେ ଅସ୍ତ୍ର ଧରି ଠିଆହୋଇ
ରହିଲେ। 12ସେତେବେଳେ ସେମାନେ ରାଜପୁତ୍ରକୁ ବାହାରକୁ
ଆଣି ତାହା ମସ୍ତକରେ ମୁକୁଟ ପିନ୍ଧାଇଲେ ଓ ତାହାକୁ ସାକ୍ଷ
ପୁସ୍ତକ ଦେଲେ। ପୁଣି ସେମାନେ ତାଙ୍କୁ ରାଜାକରି ଅଭିଷେକ
କଲେ। ଆଉ କରତାଳି ଦେଇ କହିଲେ, "ରାଜା ଚିରଜୀବି
ହୁଅନ୍ତୁ।"
13ଏଥିରେ ଅଥଲୀୟା ପ୍ରହରୀବର୍ଗର ଓ ଲୋକମାନଙ୍କର
କୋଳାହଳ ଶୁଣି ସଦାପ୍ରଭୁଙ୍କ ମନ୍ଦିରର ଲୋକମାନଙ୍କ ନିକଟକୁ
ଆସିଲା। 14ଅଥଲୀୟା ଦେଖିଲେ ରାଜା ବିଧି ଅନୁସାରେ
ଯେଉଁଠି ଛିଡା ହେବା କଥା ସେଠି ଛିଡା ହୋଇଛନ୍ତି। ରାଜାଙ୍କ
ନିକଟରେ ସେନାପତିମାନେ ଥିଲେ, ଲୋକମାନେ ତୂରୀ
ବଜାଉଥିଲେ। ଦେଶର ସମସ୍ତ ଲୋକ ଆନନ୍ଦ କରୁଥିଲେ।
ଏଥିରେ ଅଥଲୀୟା ନିଜର ବସ୍ତ୍ର ଚିରି "ରାଜଦ୍ରୋହ! ରାଜଦ୍ରୋହ!"
ବୋଲି ଚିତ୍କାର କଲା।
15ଏଥିରେ ଯାଜକ ଯିହୋୟାଦା ସୈନ୍ୟମାନଙ୍କର ଅଧ୍ୟକ୍ଷମାନଙ୍କୁ
ଆଦେଶ ଦେଲେ, "ଅଥଲୀୟାକୁ ମନ୍ଦିର ବାହାରକୁ ନେଇଯାଅ।
ଯିଏ ତା'ର ପଶ୍ଚାତ ଧାବନ କରୁଛି, ନିଶ୍ଚୟ ହତ୍ୟା କରାଯିବ।
ତାକୁ କିମ୍ବା ତା'ର ଅନୁସରଣକାରୀମାନଙ୍କୁ ମନ୍ଦିର ଭିତରେ
ହତ୍ୟା କର ନାହିଁ।"
16ତହୁଁ ଅଥଲୀୟା ଅଶ୍ୱଦ୍ୱାରର ପଥଦେଇ ରାଜଗୃହକୁ
ଗଲାବେଳେ ସେମାନେ ତାକୁ ଧରି ବଧ କଲେ।
17ତା'ପରେ ଯିହୋୟାଦା ସଦାପ୍ରଭୁ, ରାଜା ଓ ଲୋକମାନଙ୍କ
ମଧ୍ୟରେ ଏକ ଚୁକ୍ତି କଲେ। ଏହି ଚୁକ୍ତି ଅନୁସାରେ ରାଜା ଓ
ଲୋକମାନେ ସଦାପ୍ରଭୁଙ୍କର ଲୋକ ହେଲେ। ପୁଣି ଯିହୋୟାଦା
ରାଜା ଓ ଲୋକମାନଙ୍କ ପାଇଁ ଏକ ଚୁକ୍ତି କରି କହିଲେ ଯେ,
ରାଜା ଲୋକମାନଙ୍କ ପାଇଁ ଯାହା କରିବେ ଓ ଲୋକମାନେ
ରାଜାଙ୍କୁ ମାନିବେ ଓ ତାଙ୍କ ଅନୁଗାମୀ ହେବେ।
18ଏଥି ଉତ୍ତାରେ ସମସ୍ତ ଲୋକ ବାଲ୍ ମନ୍ଦିରକୁ ଗଲେ
ଓ ସେଠାରେ ମନ୍ଦିର, ଯଜ୍ଞବେଦୀଗୁଡିକ ଓ ବାଲ୍‌ର ପ୍ରତିମାଗୁଡିକୁ
ଭାଙ୍ଗି ଚୂର୍ଣ୍ଣ କରିଦେଲେ। ସେମାନେ ମଧ୍ୟ ବାଲ୍‌ର ଯାଜକ
ମତ୍ତନକୁ ଯଜ୍ଞବେଦୀ ସମ୍ମୁଖରେ ବଧ କଲେ।
ତା'ପରେ ଯାଜକ ଯିହୋୟାଦା ସଦାପ୍ରଭୁଙ୍କ ମନ୍ଦିର ମରାମତି
କାର୍ଯ୍ୟ ତଦାରଖ କରିବା ପାଇଁ ଲୋକମାନଙ୍କୁ ନିଯୁକ୍ତ କଲେ।
19ପୁଣି ସେ ଯାଜକ ସେନାପତିମାନଙ୍କୁ, କରୀୟମାନଙ୍କୁ,
ପ୍ରହରୀମାନଙ୍କୁ ଓ ସମସ୍ତ ଲୋକମାନଙ୍କୁ ଧରି ସଦାପ୍ରଭୁଙ୍କ
ମନ୍ଦିରରୁ ରାଜଗୃହକୁ ଚାଲିଲେ। ସେମାନେ ପ୍ରହରୀବର୍ଗର ଦ୍ୱାର
ଦେଇ ରାଜଗୃହକୁ ଆସିଲେ। ତା'ପରେ ଯୋୟାଶ ସିଂହାସନ
ଉପରେ ଉପବିଷ୍ଟ ହେଲେ। 20ସମସ୍ତ ଲୋକ ଆନନ୍ଦିତ
ହେଲେ ଓ ନଗର ସୁସ୍ଥିର ହେଲା। ଆଉ ରାଜଗୃହ ନିକଟରେ
ଅଥଲୀୟା ଖଡ୍ଗରେ ନିହତ ହେଲା।
21ଯୋୟାଶ ସାତବର୍ଷ ବୟସରେ ରାଜତ୍ୱ କଲେ।

### ଯୋୟାଶଙ୍କ ଶାସନ ଆରମ୍ଭ

12 ଇଶ୍ରାୟେଲରେ ଯେହୂଙ୍କ ରାଜତ୍ୱର ସପ୍ତମ ବର୍ଷରେ
ଯୋୟାଶଙ୍କ ଶାସନ ଆରମ୍ଭ ହେଲା। ସେ ଯିରୁଶାଲମରେ
ଚାଳିଶ ବର୍ଷ ରାଜତ୍ୱ କଲେ। ତାଙ୍କର ମାତା ବେରଶେବା
ନିବାସିନୀ ସିବିୟା ନାମରେ ଖ୍ୟାତ ଥିଲେ। 2ଯୋୟାଶ୍
ତାଙ୍କର ସମଗ୍ର ଜୀବନ କାଳରେ ଯାଜକ ଯିହୋୟାଦାଙ୍କ
ଶିକ୍ଷାନୁସାରେ ସଦାପ୍ରଭୁଙ୍କ ଆଜ୍ଞାପାଳନ କଲେ ଏବଂ ସେ
ଯାହା କଲେ ତାହା ସଦାପ୍ରଭୁଙ୍କ ଦୃଷ୍ଟିରେ ଉତ୍ତମ ଥିଲା।
3ତଥାପି ସେ, ଉଚ୍ଚସ୍ଥଳୀ ଗୁଡ଼ିକୁ ଧ୍ୱଂସ କଲେ ନାହିଁ।
ଲୋକମାନେ ତଥାପି ବଳିଦାନ ଉତ୍ସର୍ଗ କଲେ ଓ ସେହି ଉଚ୍ଚ
ସ୍ଥାନମାନଙ୍କରେ ଧୂପ ଜଳାଇଲେ।

## ଯୋୟାଶ୍ ସଦାପ୍ରଭୁଙ୍କ ମନ୍ଦିର ପୁନଃନିର୍ମାଣ ପାଇଁ ଆଦେଶ କରନ୍ତି

4-5ଅନନ୍ତର ଯୋୟାଶ୍ ଯାଜକମାନଙ୍କୁ କହିଲେ, "ସଦାପ୍ରଭୁଙ୍କ
ମନ୍ଦିରରେ ଅଧିକ ଟଙ୍କା ରହିଛି, ଯାହାକୁ ଲୋକମାନେ
ଆଣିଲେ। ସେମାନେ ଜନ ଗଣନା ସମୟରେ କର ଦେଲେ।
ସେମାନେ ସେମାନଙ୍କର ଅନୁସାରେ ମୁଦ୍ରା ଦେଲେ।
ଲୋକମାନଙ୍କଠାରୁ ପ୍ରତ୍ୟେକ ନିରୁପିତ ମୁଦ୍ରା ପ୍ରାପ୍ତ କରି, ଯିଏ
ସେବା କରିଛି। ମନ୍ଦିରର ଭଗ୍ନସ୍ଥଳର ମରାମତିରେ ଯାଜକମାନେ
ମୁଦ୍ରା ବ୍ୟବହାର କରନ୍ତୁ।"
6ମାତ୍ର ଯାଜକମାନେ ଯୋୟାଶଙ୍କ ରାଜତ୍ୱର ତେଇଶି ବର୍ଷ
ପର୍ଯ୍ୟନ୍ତ ଗୃହର କ୍ଷତିସ୍ଥାନ ମରାମତି କରି ନ ଥିଲେ। 7ତେଣୁ
ରାଜା ଯୋୟାଶ୍ ଯାଜକ ଯିହୋୟାଦା ଓ ଅନ୍ୟ ଯାଜକମାନଙ୍କୁ
ଡ଼କାଇଲେ ଏବଂ କହିଲେ, "ତୁମ୍ଭେମାନେ ସଦାପ୍ରଭୁ ମନ୍ଦିରର
ଭଗ୍ନସ୍ଥାନମାନ କାହିଁକି ମରାମତି କରୁ ନାହଁ? ତୁମ୍ଭେ ସେବା
କରିଥିବା ଲୋକମାନଙ୍କଠାରୁ ଆଉ ମୁଦ୍ରା ନିଅ ନାହିଁ। ସେହି
ମୁଦ୍ରାକୁ ସଦାପ୍ରଭୁଙ୍କ ମନ୍ଦିରର ଭଗ୍ନସ୍ଥାନ ପାଇଁ ମରାମତିରେ
ବ୍ୟବହାର ହେଉ।"
8ତେଣୁ ଯାଜକମାନେ ଲୋକମାନଙ୍କଠାରୁ ଟଙ୍କା ନନେବାକୁ
ସମ୍ମତ ହେଲେ। ଏବଂ ମଧ୍ୟ ମନ୍ଦିର ମରାମତି ନ କରିବାକୁ
ସ୍ଥିର କଲେ। 9ତେଣୁ ଯାଜକ ଯିହୋୟାଦା ଗୋଟିଏ ସିନ୍ଦୁକ
ନେଇ ତା'ର ଢ଼ାଙ୍କୁଣିରେ ଏକ ଛିଦ୍ର କରି ଯଜ୍ଞବେଦୀ
ନିକଟରେ ସଦାପ୍ରଭୁଙ୍କ ମନ୍ଦିରରେ ପ୍ରବେଶ ସ୍ଥାନର ଦକ୍ଷିଣ
ପାର୍ଶ୍ୱରେ ରଖିଲା। ପୁଣି ଦ୍ୱାର ରକ୍ଷକ ଯାଜକମାନେ ସଦାପ୍ରଭୁଙ୍କ
ମନ୍ଦିରକୁ ଆନୀତ ଟଙ୍କାସବୁ ଲୋକମାନଙ୍କ ଦ୍ୱାରା ଆଣିଲେ,
ସେହି ଦ୍ୱାର ନିକଟରେ ରଖିଲେ।
10ତା'ପରେ ଲୋକମାନେ ସେହି ସିନ୍ଦୁକରେ ଟଙ୍କା ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ପକାଇଲେ। ଯେତେବେଳେ ରାଜାଙ୍କ ସଚିବ ଓ
ମହାଯାଜକ ଦେଖିଲେ ସିନ୍ଦୁକରେ ପ୍ରଚୁର ଟଙ୍କା ହୋଇଗଲା,
ସେମାନେ ଆସି ତାକୁ ନେଇଗଲେ ଓ ଥଳିରେ ରଖି
ଗଣିଲେ। 11ସେମାନେ ସଦାପ୍ରଭୁଙ୍କ ମନ୍ଦିରରେ କାର୍ଯ୍ୟ କରୁଥିବା
ଶ୍ରମିକମାନଙ୍କୁ, ବଢ଼େଇମାନଙ୍କୁ ଓ ଅନ୍ୟ ରାଜମିସ୍ତ୍ରୀଗଣ ସଦାପ୍ରଭୁଙ୍କ
ମନ୍ଦିର ପୁନଃନିର୍ମାଣ କାର୍ଯ୍ୟ ମରାମତିରେ ଏହି ଟଙ୍କା ଦେଲେ।
12ସେମାନେ ମଧ୍ୟ ପ୍ରସ୍ତର କାରିଗର, ପ୍ରସ୍ତରକଟାଳିମାନଙ୍କୁ
ଦେଲେ ଓ ମନ୍ଦିରର ପୁନଃନିର୍ମାଣ ନିମନ୍ତେ ଆବଶ୍ୟକୀୟ
ସଦାପ୍ରଭୁଙ୍କ ମନ୍ଦିର ମରାମତି ପାଇଁ କାଠ, ଖୋଦିତ ପ୍ରସ୍ତର ଓ
ଅନ୍ୟାନ୍ୟ ଦ୍ରବ୍ୟ କିଣିବାରେ ସେହି ମୁଦ୍ରାକୁ ବ୍ୟବହାର କଲେ।
13-14ମାତ୍ର ଯାଜକମାନେ ସଦାପ୍ରଭୁଙ୍କ ମନ୍ଦିରକୁ ଆନୀତ
ମୁଦ୍ରାରେ ଗୃହ ନିମନ୍ତେ ରୌପ୍ୟ ପାତ୍ର, କତ୍ତୁରିକୁଣ୍ଡ, ତୂରୀ
କୌଣସି ସ୍ୱର୍ଣ୍ଣ ପାତ୍ର କିମ୍ବା ରୌପ୍ୟପାତ୍ର ନିର୍ମାଣ କଲେ
ନାହିଁ। ସଦାପ୍ରଭୁଙ୍କ ମନ୍ଦିର ମରାମତି ପାଇଁ କୁଶଳ ଶ୍ରମିକମାନଙ୍କୁ
ମଜୁରିରେ ବ୍ୟୟ କରାଗଲା। 15ମାତ୍ର ଶ୍ରମିକମାନଙ୍କୁ ଦେବା
ପାଇଁ ଯେଉଁମାନଙ୍କ ହସ୍ତରେ ସେ ଟଙ୍କା ଦିଆଗଲା, ସେମାନଙ୍କଠାରୁ
କେହି ହିସାବ ନେଲେ ନାହିଁ। କାରଣ ସେମାନେ ଅତି ବିଶ୍ୱସ୍ତ
ଭାବରେ କାମ କଲେ।
16କୌଣସି ଦୋଷ ପାଇଁ ଓ ପାପ ପାଇଁ ଉତ୍ସର୍ଗୀକୃତ
ମୁଦ୍ରା ସଦାପ୍ରଭୁଙ୍କ ମନ୍ଦିରର ପୁନଃନିର୍ମାଣରେ ବ୍ୟବହୃତ ହେଲା
ନାହିଁ। ତାହା ଯାଜକମାନଙ୍କର ହେଲା।

## ଯୋୟାଶ୍ ହସାୟେଲଠାରୁ ଯିରୁଶାଲମକୁ ରକ୍ଷା କରନ୍ତି

17ଅନନ୍ତର ଅରାମର ରାଜା ହସାୟେଲ ଗାଥ ବିରୁଦ୍ଧରେ
ଯୁଦ୍ଧ କରି ତାକୁ ଅଧିକାର କଲେ। ତା'ପରେ ସେ ଯିରୁଶାଲମ
ବିରୁଦ୍ଧରେ ଯୁଦ୍ଧ କରିବାକୁ ଯୋଜନା କଲେ।
18ଏଥିରେ ଯିହୁଦାର ରାଜା ଯୋୟାଶ୍ ଆପଣା ପୂର୍ବପୁରୁଷ
ଯିହୋଶାଫଟ, ଯିହୋରାମ ଓ ଅହସିୟ ପ୍ରଭୃତି ରାଜାଗଣ
ସଦାପ୍ରଭୁଙ୍କୁ ଅର୍ପଣ କରିଥିବା ସମସ୍ତ ପବିତ୍ର ବସ୍ତ୍ର ଓ ସ୍ୱର୍ଣ୍ଣ
ଓ ଯୋୟାଶ୍ ସଦାପ୍ରଭୁଙ୍କ ଭଣ୍ଡାରରେ ଏବଂ ରାଜ ପ୍ରାସାଦରେ
ରଖାଯାଇଥିବା ସ୍ୱର୍ଣ୍ଣ ଆଦି ମୂଲ୍ୟବାନ ଦ୍ରବ୍ୟଗୁଡ଼ିକୁ ଅରାମର
ରାଜା ହସାୟେଲ ନିକଟକୁ ପଠାଇଲେ, ତେଣୁ ସେ ଆଉ
ଯିରୁଶାଲମ ବିରୁଦ୍ଧରେ ଗଲେ ନାହିଁ।

## ଯୋୟାଶଙ୍କ ମୃତ୍ୟୁ

19ଯୋୟାଶଙ୍କ ଅବଶିଷ୍ଟ ବୃତ୍ତାନ୍ତ ଓ ସମସ୍ତ କାର୍ଯ୍ୟ କଳାପ
ଯିହୁଦା ରାଜବଂଶ ଇତିହାସ ପୁସ୍ତକରେ ଲିଖିତ ହୋଇଅଛି।
20ଏହାପରେ ଯୋୟାଶଙ୍କର ଦାସମାନେ ଚକ୍ରାନ୍ତ କରି
ସିଲ୍ଲାକୁ ଯିବା ପରେ ମିଲ୍ଲୋ ନାମକ ଗୃହରେ ତାଙ୍କୁ ବଧ
କଲେ। 21ଶିମିୟତର ପୁତ୍ର ଯୋଷାଖର ଓ ଶୋମରର ପୁତ୍ର
ଯିହୋଷାବଦ୍ ନାମକ ଯୋୟାଶଙ୍କର ଦୁଇଟି ଦାସ ତାଙ୍କୁ ବଧ
କଲେ। ତା'ପରେ ସେମାନେ ଦାଉଦ ନଗରରେ ତାଙ୍କ
ପୂର୍ବପୁରୁଷଗଣଙ୍କ ସହିତ ତାଙ୍କୁ କବର ଦେଲେ। ତାଙ୍କ
ପଦରେ ତାଙ୍କର ପୁତ୍ର ଅମତ୍ସିୟ ରାଜ୍ୟ କଲେ।

## ଯିହୋୟାହସଙ୍କ ଶାସନ ଆରମ୍ଭ

13 ଯିହୁଦାର ରାଜା ଅହସିୟଙ୍କ ପୁତ୍ର ଯୋୟାଶଙ୍କ ରାଜତ୍ୱର
ତ୍ରୟୋବିଂଶ ବର୍ଷରେ ଯେହୂଙ୍କର ପୁତ୍ର ଯିହୋୟାହସ୍
ଶମରୟାରେ ଇଶ୍ରାୟେଲ ଉପରେ ରାଜା ହେଲେ। ସେ
ସତର ବର୍ଷ ରାଜତ୍ୱ କଲେ।
2ସେ ସଦାପ୍ରଭୁଙ୍କ ବିରୁଦ୍ଧରେ ପାପ କଲେ। ନବାଟଙ୍କ
ପୁତ୍ର ଯାରବୀୟାମ ଦ୍ୱାରା ପାପକୁ ସେ ଅନୁସରଣ କଲେ, ଯାହା
ସେ ଇଶ୍ରାୟେଲୀୟମାନଙ୍କୁ କରାଇଲେ। ସେ ପାପଗାମୀ ହେଲେ
ଓ ସେଥିରୁ ବିମୁଖ ହେଲେ ନାହିଁ। 3ଏଥିରେ ସଦାପ୍ରଭୁ
ଇଶ୍ରାୟେଲ ବିରୁଦ୍ଧରେ କ୍ରୋଧାନ୍ୱିତ ହେଲେ। ତେଣୁ ସେ
ଅରାମର ରାଜା ହସାୟେଲ ଓ ତାଙ୍କର ପୁତ୍ର ବିନ୍‌ହଦଦ୍
ଶାସନର ଅଧୀନରେ ଇଶ୍ରାୟେଲକୁ ଦୀର୍ଘ ସମୟ ପାଇଁ
ଦେଲେ।

## ସଦାପ୍ରଭୁଙ୍କର ଇଶ୍ରାୟେଲୀୟମାନଙ୍କ ଉପରେ ଦୟା

4ତା'ପରେ ଯିହୋୟାହସ୍ ସଦାପ୍ରଭୁଙ୍କ କୃପା ଭିକ୍ଷା କଲେ।
ସେ ତାଙ୍କର ନିବେଦନ ଶୁଣିଲେ ଓ ଇଶ୍ରାୟେଲ ଉପରେ
ଅରାମ ରାଜାଙ୍କର ଉପଦ୍ରବ ଓ ଇଶ୍ରାୟେଲୀୟମାନଙ୍କର ଦୁର୍ଦ୍ଦଶା
ଦେଖିଲେ।
5ତେଣୁ ସଦାପ୍ରଭୁ ଇଶ୍ରାୟେଲ ଉଦ୍ଧାର ପାଇଁ ଏକ ଲୋକ
ପଠାଇଲେ। ଫଳରେ ଇଶ୍ରାୟେଲୀୟମାନେ ଅରାମୀୟମାନଙ୍କଠାରୁ
ମୁକ୍ତ ହେଲେ ଓ ପୂର୍ବପରି ନିଜ ନିଜ ଗୃହକୁ ଗଲେ।
6ତଥାପି ଇଶ୍ରାୟେଲୀୟମାନେ ଯାରବୀୟାମ ବଂଶ କୃତ
ପାପ ପଥରୁ ବିମୁଖ ହେଲେ ନାହିଁ। ସେମାନେ ସେହି

ପୂର୍ବପରି ପାପ କରି ଚାଲିଲେ, ଯାହା ସେମାନେ
ଇଶ୍ରାୟେଲୀୟମାନଙ୍କୁ ପାପ କରାଇଥିଲେ। ସେମାନେ ମଧ
ଶମରିୟାରେ ଆଶେରା ଖମ୍ବଗୁଡ଼ିକ ରଖିଲେ।
7ଅରାମର ରାଜା ଯିହୋୟାଶ୍‌ଙ୍କ ସୈନ୍ୟବାହିନୀକୁ ପରାସ୍ତ
କରି ତାଙ୍କର ମାତ୍ର ପଚାଶ ଅଶ୍ୱାରୋହୀ, ଦଶଟି ରଥ ଓ
10,000 ପଦାତିକଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କୁ ବଧ କଲେ।
ଯିହୋୟାଶ୍‌ଙ୍କ ସୈନ୍ୟମାନେ ଶସ୍ୟ ଅମଳ ସମୟରେ ଅଗାଡ଼ି
ତୁଲ୍ୟ ପବନରେ ଗୁଳିଗଲେ।
8ଯିହୋୟାଶ୍‌ଙ୍କ ଅବଶିଷ୍ଟ ବୃତ୍ତାନ୍ତ ଓ ସମସ୍ତ ମହାନ୍
କାର୍ଯ୍ୟାବଳୀ ଇଶ୍ରାୟେଲ ରାଜାମାନଙ୍କ ଇତିହାସ ପୁସ୍ତକରେ
ଲିଖିତ ହୋଇଛି। 9ଅନନ୍ତର ଯିହୋୟାଶ୍‌ଙ୍କ ମୃତ୍ୟୁ ହେଲା ଓ
ଲୋକମାନେ ଶମରିୟାରେ ତାଙ୍କୁ ପୂର୍ବପୁରୁଷଙ୍କ ନିକଟରେ
କବର ଦେଲେ। ତାଙ୍କ ଅନ୍ତେ ତାଙ୍କ ପୁତ୍ର ଯୋୟାଶ୍ ରାଜ୍ୟ
ଶାସନ କଲେ।

## ଇଶ୍ରାୟେଲରେ ଯୋୟାଶ୍‌ଙ୍କ ଶାସନ

10ଯିହୁଦାରେ ଯୋୟାଶ୍ ରାଜାଙ୍କ ସପ୍ତତ୍ରିଂଶ ବର୍ଷ ରାଜତ୍ୱ
କାଳରେ ଯିହୋୟାଶ୍‌ଙ୍କ ପୁତ୍ର ଯୋୟାଶ୍ ଶମରିୟାରେ ଇଶ୍ରାୟେଲ
ଉପରେ ରାଜତ୍ୱ କରିବାକୁ ଯାଇ ଷୋହଳ ବର୍ଷ ରାଜ୍ୟଶାସନ
କଲେ। 11ଇଶ୍ରାୟେଲର ରାଜା ଯୋୟାଶ ସଦାପ୍ରଭୁଙ୍କ ଦୃଷ୍ଟିରେ
କୁକର୍ମ କଲେ। ନବାଟଙ୍କ ପୁତ୍ର ଯାରବୟାମ, ଇଶ୍ରାୟେଲୀୟମାନଙ୍କୁ
ଯେଉଁ ପାପରେ ଲିପ୍ତ କରୁଥିଲେ ସେହି ସମାନ ପାପ
ଅନୁସରଣ କଲେ ଯିଏ ଇଶ୍ରାୟେଲ ପାପର କାରଣ ହେଲା।
12ଯୋୟାଶଙ୍କ ଅବଶିଷ୍ଟ ବୃତ୍ତାନ୍ତ, ତାଙ୍କର ସମସ୍ତ କ୍ରିୟା ଓ
ଯେଉଁ ପରାକ୍ରମରେ ସେ ଯିହୁଦାରେ ରାଜା ଅମତ୍‌ସିୟ ସଙ୍ଗେ
ଯୁଦ୍ଧ କରିଥିଲେ ତାହା ସବୁ ଇଶ୍ରାୟେଲ ରାଜବଂଶ ଇତିହାସ
ପୁସ୍ତକରେ ଲିଖିତ ହୋଇଅଛି। 13ଯୋୟାଶ୍‌ଙ୍କ ମୃତ୍ୟୁ ହେଲା
ଓ ସେ ପୂର୍ବପୁରୁଷଗଣଙ୍କ ସହିତ କବର ନେଲେ। ଯାରବୟାମ
ତାଙ୍କ ଅନ୍ତେ ସିଂହାସନରେ ଉପବିଷ୍ଟ ହେଲେ ଓ ଯୋୟାଶ୍
ଇଶ୍ରାୟେଲର ରାଜାମାନଙ୍କ ସହିତ ଶମରିୟାରେ କବର ପ୍ରାପ୍ତ
ହେଲେ।

## ଇଲୀଶାୟଙ୍କୁ ଯୋୟାଶ୍‌ଙ୍କ ପରିଦର୍ଶନ

14ଇଲୀଶାୟ ପୀଡ଼ିତ ହେଲେ, ପରେ ଅସୁସ୍ଥତାରୁ ମୃତ୍ୟୁ
ବରଣ କଲେ। ଇଶ୍ରାୟେଲ ରାଜା ଯୋୟାଶ୍ ତାଙ୍କୁ ସାକ୍ଷାତ
କରିବାକୁ ଗଲେ। ସେ ରୋଦନ କରି କହିଲେ, "ହେ
ମୋର ପିତା! ହେ ମୋର ପିତା! ହେ ଇଶ୍ରାୟେଲର ରଥ ଓ
ତହିଁର ଅଶ୍ୱାରୋହୀଗଣ ପାଇଁ ଏହା ସମୟ କି?"
15ଇଲୀଶାୟ ଯୋୟାଶଙ୍କୁ କହିଲେ, "ଧନୁଗୁଡ଼ିକ ଓ ବାଣ
ଧର।"
ଯୋୟାଶ୍ ଧନୁଗୁଡ଼ିକ ଓ ବାଣ ଧରିଲେ। 16ତା'ପରେ
ଇଲୀଶାୟ ରାଜାଙ୍କୁ ପୁଣି କହିଲେ, "ଧନୁରେ ତୁମ୍ଭହାତ ଦିଅ।"
ତେଣୁ ରାଜା ଧନୁ ଉପରେ ହାତ ରଖିଲେ। ତା'ପରେ
ଇଲୀଶାୟ ତାଙ୍କ ହାତ ରାଜାଙ୍କ ହାତ ଉପରେ ରଖିଲେ।
17ଇଲୀଶାୟ କହିଲେ, "ପୂର୍ବ ଦିଗରେ ଥିବା ଝରକା ଖୋଲ।"
ଯୋୟାଶ୍ ଝରକା ଖୋଲିଲେ। ତା'ପରେ ଇଲୀଶାୟ କହିଲେ,
"ତୀର ନିକ୍ଷେପ କର।"
ଯୋୟାଶ୍ ତୀର ମାରିଲେ। ତା'ପରେ ଇଲୀଶାୟ କହିଲେ,
"ଏହା ହେଉଛି ସଦାପ୍ରଭୁଙ୍କ ଜୟବାଣ, ଅରାମ ବିପକ୍ଷରେ
ଜୟବାଣ,କାରଣ ତୁମ୍ଭେ ଅଫେକରେ ଅରାମୀୟମାନଙ୍କୁ ପରାସ୍ତ
କରି ବିନାଶ କରିବ।"
18ପୁଣି ଇଲୀଶାୟ କହିଲେ, "ତୀରଗୁଡ଼ିକ ନିଅ।" ସେ
ତୀରଗୁଡ଼ିକ ନେଲେ। ତା'ପରେ ଇଲୀଶାୟ ରାଜାଙ୍କୁ କହିଲେ,
"ଭୂମିକୁ ଆଘାତ କର।"
ଯୋୟାଶ ତିନିଥର ଭୂମିକୁ ଆଘାତ କଲେ, ତା'ପରେ
ସେ ନିବୃତ୍ତ ହେଲେ। 19ପରମେଶ୍ୱରଙ୍କ ଲୋକ ତାଙ୍କ
ଉପରେ କ୍ରୁଦ୍ଧ ହୋଇ କହିଲେ, "ତୁମ୍ଭେ ପାଞ୍ଚ କିମ୍ବା ଛଅ
ଥର ଆଘାତ କରିବା କଥା। ତାହା ହୋଇଥିଲେ ତୁମ୍ଭେ
ଅରାମକୁ ନିଃଶେଷ କରିବା ପର୍ଯ୍ୟନ୍ତ ସେମାନଙ୍କୁ ହରାଇଥାନ୍ତ।
କିନ୍ତୁ ବର୍ତ୍ତମାନ ଅରାମକୁ କେବେଳ ତିନି ଥର ପାଇଁ
ହରାଇବ।"

## ଇଲୀଶାୟଙ୍କ କବର ଖାନାରେ ଏକ ଅଲୌକିକ କାର୍ଯ୍ୟ

20ଇଲୀଶାୟଙ୍କ ମୃତ୍ୟୁପରେ ଲୋକମାନେ ତାଙ୍କୁ କବର
ଦେଲେ।
ସେତେବେଳେ ମୋୟାବୀୟ ଲୁଟକାରୀ ଦଳ ଲୁଣ୍ଠନ
କରିବାକୁ ଦେଶ ଆକ୍ରମଣ କଲେ। 21କେତେକ ଇଶ୍ରାୟେଲୀୟ
ଜଣେ ମୃତବ୍ୟକ୍ତିକୁ କବର ଦେଉଥିବା ବେଳେ ସେମାନେ
ମୋୟାବୀୟ ସୈନ୍ୟମାନଙ୍କୁ ନିକଟକୁ ଆସୁଥିବାର ଦେଖିଲେ।
ତହୁଁ ସେମାନେ ଭୟରେ ସେହି ମୃତ ଶରୀରକୁ ଇଲୀଶାୟ
କବର ଭିତରେ ପକାଇଦେଲେ ଏବଂ ଦୌଡ଼ି ପଳାଇଗଲେ।
ସେହିମୃତ ବ୍ୟକ୍ତି ଇଲୀଶାୟଙ୍କ ଅସ୍ଥି ସ୍ପର୍ଶ କଲାମାତ୍ରେ ଜୀବନ୍ତ
ହୋଇ ନିଜ ଗୋଡ଼ରେ ଛିଡ଼ା ହେଲା।

## ଯୋୟାଶ ଇଶ୍ରାୟେଲ ନଗରକୁ ପୁନର୍ବାର ଜୟ କରନ୍ତି

22ଯିହୋୟାହସଙ୍କ ରାଜତ୍ୱ କାଳର ସମସ୍ତ ସମୟ ଅରାମର
ରାଜା ହସାୟେଲ ଇଶ୍ରାୟେଲର କ୍ଲେଶର କାରଣ ହେଲେ।
23ମାତ୍ର ସଦାପଭୁ ଇଶ୍ରାୟେଲୀୟମାନଙ୍କ ପ୍ରତି ଅତ୍ୟନ୍ତ ଦୟାଳୁ
ଥିଲେ ଓ ସେମାନଙ୍କ ପ୍ରତି କୃପା ଦୃଷ୍ଟି କଲେ। କାରଣ
ଅବ୍ରହାମ, ଇସ୍‌ହାକ୍ ଓ ଯାକୁବ୍ ସହିତ ସଦାପ୍ରଭୁଙ୍କର ଚୁକ୍ତି
ହୋଇଥିଲା। ସେ ସେମାନଙ୍କୁ ବିନାଶ କରିବେ ନାହିଁ କି
ଦୂରେଇ ଦେବେ ନାହିଁ।
24ହସାୟେଲଙ୍କ ମୃତ୍ୟୁପରେ ବିନ୍‌ହଦଦ୍ ନୂଆ ରାଜା
ହେଲେ। 25ତାଙ୍କର ମୃତ୍ୟୁ ପୂର୍ବରୁ ଯୋୟାଶଙ୍କର ପିତା
ଯିହୋୟାହସ୍‌ଙ୍କଠାରୁ ନଗରଗୁଡ଼ିକୁ ହସାୟେଲ ଅଧିକାର
କରିନେଲେ। ଯିହୋୟାହସ୍‌ଙ୍କ ପୁତ୍ର ଯୋୟାଶ୍ ହସାୟେଲ୍‌ର
ପୁତ୍ର ବିନ୍‌ହଦଦ୍‌ଙ୍କଠାରୁ ସେହି ନଗର ଗୁଡ଼ିକ ପୁନର୍ବାର
ନେଲେ। ଯୋୟାଶ୍ ବିନହଦଦ୍‌ଙ୍କୁ ତିନିଥର ପରାସ୍ତ କରି
ଇଶ୍ରାୟେଲର ନଗରଗୁଡ଼ିକୁ ନେଇଥିଲେ।

## ଯିହୁଦାରେ ଅମତ୍‌ସିୟ ଶାସନ ଆରମ୍ଭ କରନ୍ତି

14 ଇଶ୍ରାୟେଲର ରାଜା ଯିହୋୟାହସ୍‌ଙ୍କ ପୁତ୍ର ଯୋୟାଶଙ୍କର
ରାଜତ୍ୱର ଦ୍ୱିତୀୟ ବର୍ଷରେ ଯିହୁଦାର ରାଜା ଯୋୟାଶଙ୍କର
ପୁତ୍ର ଅମତ୍‌ସିୟ ରାଜ୍ୟ କରିବାକୁ ଆରମ୍ଭ କଲେ। 2ସେ

ପଚିଶ ବର୍ଷ ବୟସରେ ରାଜ୍ୟ ଶାସନ ଆରମ୍ଭ କରିଥିଲେ ଓ
ସେ ଅଣତିରିଶ ବର୍ଷ ଯିରୁଶାଲମରେ ଶାସନ କଲେ। ତାଙ୍କର
ମାତାଙ୍କର ନାମ ଯିହୋୟାଦ୍ଦନ ଓ ସେ ସ୍ତ୍ରୀ ଯିରୁଶାଲମ
ନିବାସିନୀ ଥିଲେ। 3ପୁଣି ଅମତ୍‌ସିୟ ସଦାପ୍ରଭୁଙ୍କ ଦୃଷ୍ଟିରେ
ଯଥାର୍ଥ କର୍ମ କଲେ। ମାତ୍ର ସେ ତାଙ୍କ ପୂର୍ବପୁରୁଷ ଦାଉଦଙ୍କ
ପରି ସମ୍ପୂର୍ଣ୍ଣ ଭାବରେ ପରମେଶ୍ୱରଙ୍କ ଅନୁଗାମୀ ହେଲେ
ନାହିଁ। ସେ ନିଜର ପିତା ଯୋୟାଶ୍‌ଙ୍କର କୃତ କର୍ମାନୁସାରେ
କର୍ମ କଲେ। 4ସେ ଉଚ୍ଚସ୍ଥଳୀଗୁଡ଼ିକ ଧ୍ୱଂସ କଲେ ନାହିଁ।
ଲୋକମାନେ ତଥାପି ସେ ଉଚ୍ଚସ୍ଥାନମାନଙ୍କରେ ବଳିଦାନ
କଲେ ଓ ଧୂପ ଜଳାଇଲେ।

5ସେତେବେଳେ ଅମତ୍‌ସିୟଙ୍କର ରାଜ୍ୟ ଉପରେ ଦୃଢ଼
ନିୟନ୍ତ୍ରଣ ଥିଲା। ସେ ତାଙ୍କର ଦାସମାନଙ୍କ ମଧ୍ୟରୁ ଯେଉଁମାନେ
ତାଙ୍କ ପିତାଙ୍କର ହତ୍ୟାକାରୀ ଥିଲେ। ସେମାନଙ୍କୁ ବଧ କଲେ।
6ମାତ୍ର, ସେ ହତ୍ୟାକାରୀମାନଙ୍କ ସନ୍ତାନମାନଙ୍କୁ ବଧ କଲେ
ନାହିଁ। କାରଣ ମୋଶାଙ୍କର ବ୍ୟବସ୍ଥା ପୁସ୍ତକରେ ସଦାପ୍ରଭୁଙ୍କ
ଏହି ଆଜ୍ଞା ଲିଖିତ ହୋଇଛି ଯେ, "ସନ୍ତାନମାନଙ୍କ ପାପପାଇଁ
ପିତାମାତା ଦଣ୍ଡିତ ହେବେ ନାହିଁ, କିମ୍ବା ପିତାମାତାଙ୍କ ପାପ
ଯୋଗୁଁ ସନ୍ତାନଗଣ ମୃତ୍ୟୁଦଣ୍ଡ ପାଇବେ ନାହିଁ। ପ୍ରତ୍ୟେକ
ଲୋକ ନିଜ ପାପ ଲାଗି ଦଣ୍ଡିତ ଭୋଗ କରିବ।"
7ଅମତ୍‌ସିୟ ଲବଣ ଉପତ୍ୟକାରେ 10,000 ଇଦୋମ
ଲୋକଙ୍କୁ ବଧ କଲେ ଓ ଯୁଦ୍ଧରେ ସେଲା ନଗର ଅଧିକାର
କରି ତାହାର ନାମ "ଯକ୍ତେଲ" ରଖିଲେ। ତାହା ଆଜି ମଧ୍ୟ
"ଯକ୍ତେଲ" ନାମରେ ପରିଚିତ।

## ଅମତ୍‌ସିୟଙ୍କ ଯୋୟାଶ୍ ବିରୁଦ୍ଧରେ ଯୁଦ୍ଧ

8ଅମତସିୟ ଯେହୂଙ୍କ ପୌତ୍ର ଓ ଯିହୋୟାହସ୍‌ଙ୍କ ପୁତ୍ର
ଯୋୟାଶଙ୍କ ନିକଟକୁ ସନ୍ଦେଶବାହ ପଠାଇଲେ, ଇସ୍ରାଏଲ
ରାଜା କହୁଛନ୍ତି, "ଆସ, ଆମ୍ଭେମାନେ ପରସ୍ପର ସମ୍ମୁଖା ସମ୍ମୁଖୀ
ହୋଇ ଯୁଦ୍ଧ କରିବା।"
9ଇସ୍ରାଏଲର ରାଜା ଯୋୟାଶ ଯିହୁଦାର ରାଜା ଅମତ୍‌ସିୟ
ନିକଟକୁ ଲୋକ ପଠାଇ କହିଲେ, "ଲିବାନୋନ୍‌ର କଣ୍ଟକଲତା
ଏରସ୍‌ବୃକ୍ଷ ନିକଟକୁ କହି ପଠାଇଲେ, 'ତୁମ୍ଭ କନ୍ୟାକୁ ଆମ୍ଭ
ପୁତ୍ର ସଙ୍ଗେ ବିବାହ କରିଦିଅ।' ମାତ୍ର ଲିବାନୋନ୍‌ର ଏକ
ବନ୍ୟ ପଶୁ ସେହି ବାଟ ଦେଇ ଯାଉଥିଲା ଓ ସେ
କଣ୍ଟକଲତାକୁ ପାଦରେ ଦଳି ଦେଲା। 10ଏହା ସତ୍ୟ ତୁମ୍ଭେ
ଇଦୋମ ଅଧିକାର କରିଛ। ସେଥିପାଇଁ ତୁମ୍ଭେ ଗର୍ବିତ କାରଣ
ତୁମ୍ଭେ ଇଦୋମ ଜୟ କରିଛ। ସେହି ଗୌରବ ନେଇ ସନ୍ତୁଷ୍ଟ
ହୋଇ ରୁହ। ଆଉ ନିଜ ଉପରେ କ୍ଳେଶ ଆଣ ନାହିଁ। ଯଦି
ତୁମ୍ଭେ ଏହା କର, ତୁମ୍ଭେ ଯିହୁଦାର ସହିତ ପତନ ହେବ।"
11ମାତ୍ର ଅମତ୍‌ସିୟ ଯୋୟାଶଙ୍କ କଥା ଶୁଣିଲେ ନାହିଁ।
ତେଣୁ ଯୋୟାଶ ଓ ଅମତ୍‌ସିୟ ଯିହୁଦାର ବୈଥଶେମଶରେ
ପରସ୍ପର ଯୁଦ୍ଧରେ ସମ୍ମୁଖୀନ ହେଲେ। 12ଇସ୍ରାଏଲ ଯିହୁଦାକୁ
ପରାସ୍ତ କଲା ଓ ଯିହୁଦାର ପ୍ରତ୍ୟେକ ଲୋକ ନିଜନିଜ ତମ୍ବୁକୁ
ପଳାୟନ କଲେ। 13ଇସ୍ରାଏଲ ରାଜା ଯୋୟାଶର ପୁତ୍ର
ଯିହୁଦାର ରାଜା ଓ ଅହସିୟଙ୍କର ପୌତ୍ର ବୈଥଶେମଶକୁ
ଅଧିକାର କଲେ। ପ୍ରାୟ 600 ଫୁଟ୍ ଇଫ୍ରୟିମର ଦ୍ୱାରଠାରୁ
କୋଣର ଦ୍ୱାର ପର୍ଯ୍ୟନ୍ତ ନଗର ପାଚେରୀ ଯୋୟାଶୟ ଭାଙ୍ଗି
ଦେଇଥିଲେ। 14ପୁଣି ସଦାପ୍ରଭୁଙ୍କ ମନ୍ଦିରରେ ଓ ରାଜଗୃହର
ଭଣ୍ଡାରରେ ଥିବା ସମସ୍ତ ସୁବର୍ଣ୍ଣ, ରୌପ୍ୟ ଓ ପାତ୍ର ନେଇ
ବନ୍ଦୀମାନଙ୍କୁ ମଧ୍ୟ ସଙ୍ଗରେ ନେଇ ଶମରୟାକୁ ଫେରି ଗଲେ।
15ପୁଣି ଯୋୟାଶଙ୍କର ଅବଶିଷ୍ଟ ବୃତ୍ତାନ୍ତ, ତାଙ୍କର ସମସ୍ତ
କ୍ରିୟା ଓ ପରାକ୍ରମ ଏବଂ ସେ ଯିହୁଦା ରାଜା ଅମତ୍‌ସିୟଙ୍କ
ସଙ୍ଗେ କି ପ୍ରକାର ଯୁଦ୍ଧ କଲେ ସେ ସବୁ ଇସ୍ରାଏଲ
ରାଜବଂଶ ଇତିହାସ ପୁସ୍ତକରେ ଲିଖିତ ହୋଇଅଛି।
16ଯୋୟାଶଙ୍କର ମୃତ୍ୟୁ ହେଲା ଓ ସେ ନିଜର ପୂର୍ବପୁରୁଷଗଣଙ୍କ
ସହିତ ଶମରୟାରେ ଇସ୍ରାଏଲ ରାଜାମାନଙ୍କ ସଙ୍ଗେ କବର
ନେଲେ। ତାଙ୍କ ଅନ୍ତେ ତାଙ୍କ ପୁତ୍ର ଯାରବୟାମ ନୂତନ
ରାଜା ରୂପେ ପରିଚିତ ହେଲେ।

## ଅମତ୍‌ସିୟଙ୍କ ମୃତ୍ୟୁ

17ଇସ୍ରାଏଲ ରାଜା ଯିହୋୟାହସଙ୍କର ପୁତ୍ର ଯୋୟାଶଙ୍କର
ମୃତ୍ୟୁ ପରେ ଯିହୁଦାର ରାଜା ଯୋୟାଶଙ୍କର ପୁତ୍ର ଅମିତ୍‌ସିୟ
ପନ୍ଦର ବର୍ଷ ବଞ୍ଚିଲେ। 18ଅମତ୍‌ସିୟ ଅବଶିଷ୍ଟ ବୃତ୍ତାନ୍ତ ଓ
ସମସ୍ତ କାର୍ଯ୍ୟ ପରାକ୍ରମ ଯିହୁଦା ରାଜବଂଶର ଇତିହାସ
ପୁସ୍ତକରେ ଲିଖିତ ହୋଇଅଛି। 19ଅନନ୍ତର ଯିରୁଶାଲମରେ
ଲୋକମାନେ ତାଙ୍କ ବିରୁଦ୍ଧରେ ଚକ୍ରାନ୍ତ କଲେ। ତେଣୁ ସେ
ଲାଖୀଶକୁ ପଳାଇଲେ। ମାତ୍ର ସେମାନେ ଲାଖୀଶକୁ ଲୋକ
ପଠାଇ ତାଙ୍କୁ ବଧ କଲେ। 20ପୁଣି ସେମାନେ ତାଙ୍କର ମୃତ
ଶବକୁ ଅଶ୍ୱପୃଷ୍ଠରେ ଆଣି ତାଙ୍କ ପୂର୍ବପୁରୁଷଗଣଙ୍କ ସହିତ
ଯିରୁଶାଲମରେ ଦାଉଦ ନଗରରେ କବର ଦେଲେ।

## ଅସରିୟ ଯିହୁଦାରେ ରାଜ୍ୟ ଶାସନ କରନ୍ତି

21ଅନନ୍ତର ଯିହୁଦାର ସମସ୍ତ ଲୋକ ଅମତ୍‌ସିୟଙ୍କର
ଷୋଳବର୍ଷର ପୁତ୍ର ଅସରିୟଙ୍କୁ ତାଙ୍କ ପିତାଙ୍କ ପଦରେ ରାଜା
କଲେ। 22ଅମତ୍‌ସିୟ ନିଜ ପୂର୍ବପୁରୁଷଗଣଙ୍କ ସହିତ କବର
ନେଲେ। ତତ୍ପରେ ଅସରିୟ ଏଲତ୍ ନଗରକୁ ଦୃଢ଼ କରି
ତାହା ପୁନର୍ବାର ଯିହୁଦାର ଅଧୀନକୁ ଆଣିଲେ।

## ଯାରବୟାମ ଇସ୍ରାଏଲରେ ରାଜ୍ୟ ଶାସନ କଲେ

23ଯିହୁଦାର ରାଜା ଯୋୟାଶଙ୍କର ପୁତ୍ର ରାଜା ଅମତ୍‌ସିୟଙ୍କ
ରାଜତ୍ୱର ପନ୍ଦର ବର୍ଷରେ ଇସ୍ରାଏଲର ରାଜା ଯୋୟାଶଙ୍କର
ପୁତ୍ର ଯାରବୟାମ ଶମରୟାରେ ରାଜ୍ୟ ଶାସନ ଆରମ୍ଭ କଲେ
ଓ ସେ ଏକଚାଳିଶ ବର୍ଷ ରାଜତ୍ୱ କଲେ। 24ସଦାପ୍ରଭୁଙ୍କ
ଦୃଷ୍ଟିରେ ଏପରି କର୍ମ କରିଗଲେ ଯାହା ସଦାପ୍ରଭୁଙ୍କ ଦୃଷ୍ଟିରେ
କୁକର୍ମ ଥିଲା। ନବାଟଙ୍କ ପୁତ୍ର ଯାରବୟାମ ଯେଉଁ ପାପ ନିଜେ
କରିଥିଲେ, ତାହା ଇସ୍ରାଏଲୀୟମାନଙ୍କୁ ମଧ୍ୟ କରାଇଲେ। ସେ
ସେଥିରୁ ବିରତ ହେଲେ ନାହିଁ। 25ସଦାପ୍ରଭୁ ଇସ୍ରାଏଲର
ପରମେଶ୍ୱରଙ୍କ ବାକ୍ୟ ଅନୁସାରେ ଅମିତ୍ତୟର ପୁତ୍ର ଗାଥହେଫର
ନିବାସୀ ଆପଣା ସେବକ ଯୂନସ ଭବିଷ୍ୟତବକ୍ତାଙ୍କ ହସ୍ତରେ
ଯାହା କହିଥିଲେ, ତାଙ୍କର ସେହି ବାକ୍ୟାନୁସାରେ ସେ
ହମାତର ପ୍ରବେଶ ସ୍ଥାନଠାରୁ ଅରାବା ସାଗର ପର୍ଯ୍ୟନ୍ତ
ଇସ୍ରାଏଲର ସୀମା ପୁନର୍ବାର ଯାରବୟାମ ଖେଳ କଲେ।
26କାରଣ ସଦାପ୍ରଭୁ ଇସ୍ରାଏଲୀୟ ଲୋକମାନଙ୍କୁ ଦୟନୀୟ
ଯନ୍ତ୍ରଣା ଦେଖିଲେ। ଯେଉଁମାନେ ଦୋଷି ଥିଲେ ଯେଉଁମାନେ

ମୁକ୍ତ ଥିଲେ। ଏହା କାରଣ ଥିଲା, ଇଶ୍ରାୟେଲକୁ ସାହାଯ୍ୟ
କରିବାକୁ କେହି ନଥିଲେ। 27ମାତ୍ର ସଦାପ୍ରଭୁ କହିଲେ ନାହିଁ
ଯେ, ସେ ପୃଥିବୀରୁ ଇଶ୍ରାୟେଲର ନାମ ନିଶ୍ଚିହ୍ନ କରିବେ।
ତେଣୁ ସେ ଯୋୟାଶଙ୍କ ପୁତ୍ର ଯାରବୟାମଙ୍କ ଦ୍ୱାରା ସେମାନଙ୍କୁ
ଉଦ୍ଧାର କଲେ।

28ଯାରବୟାମଙ୍କର ଅବଶିଷ୍ଟ ବୃତ୍ତାନ୍ତ,ତାଙ୍କର ସମସ୍ତ କ୍ରିୟା,
ସମସ୍ତ ପରାକ୍ରମ, ସେ କି ପ୍ରକାର ଯୁଦ୍ଧ କଲେ ଓ
ଇଶ୍ରାୟେଲ ପାଇଁ ସେ କିପରି ଯିହୁଦାର ପୂର୍ବାଧିକୃତ ଦମ୍ମେଶକ
ଓ ହମାତ ପୁନର୍ବାର ଅଧିକାର କଲେ, ସେ ସବୁ ଇଶ୍ରାୟେଲ
ରାଜାମାନଙ୍କ ଇତିହାସ ପୁସ୍ତକରେ ଲିଖିତ ହୋଇଅଛି। 29ଅନନ୍ତର
ଯାରବୟାମଙ୍କ ମୃତ୍ୟୁ ହେଲା ଓ ସେ ଇଶ୍ରାୟେଲର ରାଜାମାନଙ୍କ
ସହିତ କବର ନେଲେ। ତାଙ୍କ ପଦରେ ତାଙ୍କ ପୁତ୍ର ଜିଖରୀୟ
ଇଶ୍ରାୟେଲର ରାଜା ହେଲେ।

## ଯିହୁଦାରେ ଅସରୀୟଙ୍କ ରାଜତ୍ୱ

15 ଇଶ୍ରାୟେଲରେ ଯାରବୟାମଙ୍କ ରାଜତ୍ୱର ସପ୍ତବିଂଶ
ବର୍ଷରେ ଅମତ୍ସିୟଙ୍କର ପୁତ୍ର ଅସରୀୟ ଯିହୁଦାରେ
ରାଜା ହେଲେ। 2ଷୋଡ଼ଶ ବର୍ଷ ବୟସରେ ଅସରୀୟ ରାଜ୍ୟ
ଶାସନ ଆରମ୍ଭ କଲେ ଓ ସେ ଯିରୁଶାଲମରେ ବାବନ ବର୍ଷ
ରାଜତ୍ୱ କଲେ। ତାଙ୍କର ମାତାଙ୍କର ନାମ ଯିଖଲୀୟା ଓ ସେ
ଯିରୁଶାଲମ ନିବାସିନୀ ଥିଲେ। 3ସଦାପ୍ରଭୁଙ୍କ ଦୃଷ୍ଟିରେ ଅସରୀୟ
ଯଥାର୍ଥ କର୍ମମାନ କଲେ। ଠିକ୍ ସେହିପରି ତାଙ୍କର ପିତା
ଅମତ୍ସିୟ ପରି ସେ କରିଥିଲେ। 4ମାତ୍ର ସେ ଉଚ୍ଚସ୍ଥଳୀଗୁଡ଼ିକୁ
ବିନଷ୍ଟ କଲେ ନାହିଁ। ଲୋକମାନେ ସେଠାରେ ବଳିଦାନ
କଲେ ଓ ଧୂପ ଜଳାଇଲେ।

5ପୁଣି ସଦାପ୍ରଭୁ ଅସରୀୟଙ୍କୁ ମରଣ ପର୍ଯ୍ୟନ୍ତ କୁଷ୍ଠୀ କରି
ଦେଲେ ଓ ସେ ଏକ ପୃଥକ ଗୃହରେ ବାସ କଲେ। ଆଉ
ରାଜାଙ୍କର ପୁତ୍ର ଯୋଥମ ଗୃହର କର୍ତ୍ତା ହୋଇ ଦେଶସ୍ଥ
ଲୋକମାନଙ୍କର ବିଚାର କଲେ।

6ଅସରୀୟଙ୍କର ଅବଶିଷ୍ଟ ବୃତ୍ତାନ୍ତ ଓ ତାଙ୍କର ସମସ୍ତ କ୍ରିୟା
ଓ ପରାକ୍ରମ ଯିହୁଦା ରାଜବଂଶ ଇତିହାସ ପୁସ୍ତକରେ ଲିଖିତ
ହୋଇଅଛି। 7ଅସରୀୟଙ୍କର ମୃତ୍ୟୁ ହେଲା ଓ ସେ ତାଙ୍କର
ପୂର୍ବପୁରୁଷଗଣଙ୍କ ସହିତ ଦାଉଦ ନଗରରେ କବର ପାଇଲେ।
ଅସରୀୟଙ୍କର ମୃତ୍ୟୁପରେ, ଯୋଥମ ଅସରୀୟଙ୍କ ପୁତ୍ର ନୂତନ
ରାଜାରୂପେ ପରିଚିତ ହେଲେ।

## ଜିଖରୀୟଙ୍କ ଇଶ୍ରାୟେଲ ଉପରେ ସଂକ୍ଷିପ୍ତ ଶାସନ

8ଯିହୁଦାରେ ଅସରୀୟଙ୍କର ରାଜତ୍ୱର ଅଠତିରିଶ୍ ବର୍ଷରେ
ଯାରବୟୟାମଙ୍କ ପୁତ୍ର ଜିଖରୀୟ ଶମରୀୟାରେ ଇଶ୍ରାୟେଲ
ଉପରେ ଛଅ ମାସ ଶାସନ କଲେ। 9ଯିଖରୀୟ ଆପଣା
ପୂର୍ବପୁରୁଷଙ୍କ ପରି କୁକର୍ମମାନ କରି ଚାଲିଲେ। ଯେଉଁଗୁଡିକ
ସଦାପ୍ରଭୁଙ୍କ ଦୃଷ୍ଟିରେ ଭୂଲ୍ ବୋଲି ବିବେଚିତ ହୁଏ। ନବାଟଙ୍କ
ପୁତ୍ର ଯାରବୟାମ ଯିଏ ଇଶ୍ରାୟେଲକୁ ଯେଉଁ ପାପ କରାଇଥିଲେ
ସେ ସେହି ପାପ ପଥରୁ ବିମୁଖ ହେଲେ ନାହିଁ।

10ଆଉ ଯାବେଶଙ୍କ ପୁତ୍ର ଶଲ୍ଲୁମ ଯିଖରୀୟଙ୍କ ବିରୁଦ୍ଧରେ
ଚକ୍ରାନ୍ତ କଲେ ଓ ତାଙ୍କୁ ସମସ୍ତଙ୍କ ସମ୍ମୁଖରେ ବଧ କଲେ ଓ
ନୂତନ ରୂପେ ରାଜା ହେଲେ। 11ଜିଖରୀୟଙ୍କର ଅବଶିଷ୍ଟ
ବୃତ୍ତାନ୍ତ ଓ ସମସ୍ତ କାର୍ଯ୍ୟ, ପରାକ୍ରମ ଇଶ୍ରାୟେଲ ରାଜବଂଶର
ଇତିହାସ ପୁସ୍ତକରେ ଲିଖିତ ହୋଇଅଛି। 12ଏହିପରି ଭାବରେ
ସଦାପ୍ରଭୁଙ୍କ ବାକ୍ୟ ସତ୍ୟ ହେଲା। ସେ ଯେହୂଙ୍କୁ କହିଥିଲେ
ତାଙ୍କର ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ଇଶ୍ରାୟେଲର ସିଂହାସନରେ
ଉପବିଷ୍ଟ ହେବେ, ତାହା ସେହିପରି ଘଟିଲା।

## ଶଲ୍ଲୁମଙ୍କ ଇଶ୍ରାୟେଲ ଉପରେ ଅଳ୍ପକାଳ ଶାସନ

13ଯିହୂଦାରେ ଉଷିୟଙ୍କ ରାଜତ୍ୱର ଅଣଚାଳିଶ ବର୍ଷରେ
ଯାବେଶଙ୍କ ପୁତ୍ର ଶଲ୍ଲୁମ ଇଶ୍ରାୟେଲରେ ରାଜା ହେଲେ। ସେ
ଶମରୀୟାରେ ଏକମାସ ପାଇଁ ଶାସନ କଲେ।

14ଆଉ ଗାଦିର ପୁତ୍ର ମନହେମ୍ ତିର୍ସାରୁ ଆସି ଶମରୀୟାରେ
ଉପସ୍ଥିତ ହେଲେ ଓ ଯାବେଶଙ୍କ ପୁତ୍ର ଶଲ୍ଲୁମଙ୍କୁ ଶମରୀୟାରେ
ଆଘାତ କରି ବଧ କଲେ ଓ ତାଙ୍କ ପଦରେ ରାଜ୍ୟ କଲେ।

15ଶଲ୍ଲୁମଙ୍କର ଅବଶିଷ୍ଟ ବୃତ୍ତାନ୍ତ ଓ ତାଙ୍କର ଜିଖରୀୟଙ୍କ
ବିରୁଦ୍ଧରେ କୃତ ଚକ୍ରାନ୍ତ ଇଶ୍ରାୟେଲ ରାଜାମାନଙ୍କ ଇତିହାସ
ପୁସ୍ତକରେ ଲିଖିତ ହୋଇଅଛି।

## ମନହେମ୍ଙ୍କ ଇଶ୍ରାୟେଲ ଉପରେ ଶାସନ

16ଶଲ୍ଲୁମଙ୍କ ମୃତ୍ୟୁପରେ ମନହେମ୍ ତିର୍ସାଠାରୁ, ତିପ୍ସହର
ସମସ୍ତ ଅଞ୍ଚଳକୁ ଲୋକମାନେ ଆକ୍ରମଣ କଲେ, କାରଣ
ସେମାନେ ନଗରର ଫାଟକସବୁ ତାଙ୍କ ପାଇଁ ଖୋଲିବାକୁ
ଅମାନ୍ୟ କଲେ। ସେ ନଗରର ସମସ୍ତ ଗର୍ଭବତୀ ନାରୀଙ୍କର
ଉଦର ବିଦୀର୍ଣ୍ଣ କଲେ।

17ଯିହୁଦାରେ ଅସରୀୟଙ୍କ ରାଜତ୍ୱର ଅଣଚାଳିଶ ବର୍ଷରେ
ଗାଦିଙ୍କର ପୁତ୍ର ମନହେମ୍ ଇଶ୍ରାୟେଲରେ ରାଜା ହେଲେ ଓ
ସେ ଶମରୀୟାରେ ଦଶବର୍ଷ ରାଜତ୍ୱ କଲେ। 18ପୁଣି ସଦାପ୍ରଭୁ
ଦୃଷ୍ଟିରେ ଯାହାସବୁ ପାପ ଓ ଘୃଣ୍ୟ, ସେସବୁ କର୍ମ କରି
ଚାଲିଲେ। ସେ କେବେ ହେଲେ ପାପ କରିବାକୁ କ୍ଷାନ୍ତ
ହେଲେନାହିଁ, ଯେଉଁସବୁ ପାପ ଯାରବୟାମ ଇଶ୍ରାୟେଲୀୟମାନଙ୍କୁ
କରାଇଥିଲେ। 19ଅଶୂରର ରାଜା ପୂଲ୍ ଇଶ୍ରାୟେଲ ବିରୁଦ୍ଧରେ
ଯୁଦ୍ଧ କରିବାକୁ ଆସିବାରୁ ମନହେମ୍ ତାଙ୍କର ସମର୍ଥନ ପାଇବା
ପାଇଁ ତାଙ୍କୁ 1,000 ତାଳନ୍ତ ରୂପା ଦେଲେ। କାରଣ ପୂଲ୍
ତାଙ୍କ ରାଜ୍ୟ ସୁଦୃଢ଼ କରିବାକୁ ତାଙ୍କୁ ସାହାର୍ଯ୍ୟ କରିବେ।
20ପୁଣି ମେନହେମ୍ ଏହି ଟଙ୍କା ଇଶ୍ରାୟେଲର ଧନୀ ଓ
ଶକ୍ତିଶାଳୀ ଲୋକଙ୍କଠାରୁ ଆଦାୟ କଲେ। ପ୍ରତ୍ୟେକ ଧନଶାଳୀ
ଲୋକଠାରୁ ପଚାଶ ଶେକଲ ଲେଖାଏଁ ରୂପା ନେଲେ। ସେ
ଅଶୂର ରାଜାଙ୍କୁ ଏହି ଧନ ପାଇବା ପରେ ଇଶ୍ରାୟେଲ
ପରିତ୍ୟାଗ କଲେ ଓ ନିଜ ଦେଶକୁ ଫେରିଗଲେ।

21ମନହେମ୍ଙ୍କର ଅବଶିଷ୍ଟ ବୃତ୍ତାନ୍ତ ଓ ସମସ୍ତ ମହାନ୍
କ୍ରିୟା ଇଶ୍ରାୟେଲ ରାଜବଂଶର ଇତିହାସ ପୁସ୍ତକରେ ଲିଖିତ
ହୋଇଅଛି। 22ମନହେମ୍ଙ୍କର ମୃତ୍ୟୁ ହେଲା ଓ ସେ ତାଙ୍କର
ପୂର୍ବପୁରୁଷଗଣଙ୍କ ସହିତ କବର ନେଲେ। ତାଙ୍କ ପରେ ତାଙ୍କ
ପୁତ୍ର ପକହୀୟ ତାଙ୍କ ପଦରେ ରାଜ୍ୟ କଲେ।

## ଇଶ୍ରାୟେଲରେ ପକହୀୟଙ୍କ ଶାସନ

23ଯିହୁଦାର ଅସରୀୟଙ୍କ ରାଜତ୍ୱର ପଚାଶ ବର୍ଷରେ ମନହେମ୍ଙ୍କ
ପୁତ୍ର ପକହୀୟ ଇଶ୍ରାୟେଲରେ ରାଜା ହେଲେ ଓ ସେ

ଦୁଇବର୍ଷ ଶମରୟା ଶାସନ କଲେ। 24ପେକହୀୟ ମଧ୍ୟ
ସଦାପ୍ରଭୁଙ୍କ ଦୃଷ୍ଟିରେ ମନ୍ଦ କାର୍ଯ୍ୟ କଲେ। ସେ ପାପଗୁଡ଼ିକ
କାର୍ଯ୍ୟରୁ ବିମୁଖ ହେଲେ ନାହିଁ, ଯାହା ଯାରବୟାମ
ଇସ୍ରାଏଲୀୟମାନଙ୍କୁ ପାପ କରାଇଥିଲେ।

25ରମଲୀୟର ପୁତ୍ର ପେକହ, ପେକହଙ୍କର ସୈନ୍ୟବାହୀନିର
ଜଣେ ସେନାପତି ରାଜ ପ୍ରାସାଦ*ରେ ପେକହକୁ ହତ୍ୟା
କଲେ। ଯେତେବେଳେ ରାଜାଙ୍କୁ ସେ ହତ୍ୟା କଲେ, ତାଙ୍କ
ସହିତ ପଚାଶ ଗିଲୀୟଦୀୟ ଲୋକ ଥିଲେ। ସେ ତାଙ୍କ ପରେ
ନୂତନ ରାଜା ହେଲେ।

26ଏହି ପେକହୀୟଙ୍କର ଅବଶିଷ୍ଟ ବୃତ୍ତାନ୍ତ ଓ ତାଙ୍କର
ସମସ୍ତ କ୍ରିୟା ଇସ୍ରାଏଲ ରାଜାମାନଙ୍କ ଇତିହାସ ପୁସ୍ତକରେ
ଲିଖିତ ହୋଇଅଛି।

## ଇସ୍ରାଏଲରେ ପେକହଙ୍କ ଶାସନ

27ଯିହୁଦାରେ ଅସରୀୟଙ୍କର ରାଜତ୍ୱର ବାବନ ବର୍ଷରେ
ରମଲୀୟଙ୍କର ପୁତ୍ର ପେକହ ଶମରୟାରେ ଇସ୍ରାଏଲ ଉପରେ
ଶାସନ କରିବାକୁ ଆରମ୍ଭ କରି କୋଡ଼ିଏ ବର୍ଷ ରାଜ୍ୟ ଶାସନ
କଲେ। 28ପେକହ ମଧ୍ୟ ସଦାପ୍ରଭୁଙ୍କ ଦୃଷ୍ଟିରେ ପାପ କଲେ।
ସେ ପାପ କରିବାକୁ କ୍ଷାନ୍ତ ହେଲେନାହିଁ। ଆଉ ସେ ମଧ୍ୟ
ନବାଟଙ୍କ ପୁତ୍ରପରି ଯାରବୟାମ ଇସ୍ରାଏଲୀୟମାଣଙ୍କୁ ପାପ
କରାଇଲେ।

29ଇସ୍ରାଏଲର ରାଜା ପେକହଙ୍କର ସମୟରେ ଅଶୂରର
ରାଜା ତିଗ୍ଲତ-ପିଲେଷର ଆସି ଇୟୋନ, ଆବେଲ-ବୈଥ୍ମାଖା,
ଯାନୋହକେଦେଶ, ହାତ୍ସୋର, ଗିଲୀୟଦ, ଗାଲୀଲ ଓ ସମୁଦାୟ
ନପ୍ତାଲି ଦେଶ ଅଧିକାର କଲା। ଆଉ ସେ ଲୋକମାନଙ୍କୁ
ବନ୍ଦୀ କରି ଅଶୂରକୁ ନେଇଗଲା।

30ଏହାପରେ ଏଲାଙ୍କର ପୁତ୍ର ହୋଶେୟ ରମଲୀୟଙ୍କର
ପୁତ୍ର ପେକହଙ୍କର ବିରୁଦ୍ଧରେ ଚକ୍ରାନ୍ତ କଲେ ଓ ସେ ତାଙ୍କୁ
ଆଘାତ କରି ବଧ କଲେ। ପୁଣି ଯିହୁଦା ଉପରେ ଉଷିୟଙ୍କର
ପୁତ୍ର ଯୋଥମଙ୍କର ରାଜତ୍ୱର କୋଡ଼ିଏ ବର୍ଷରେ ତାଙ୍କର
ପଦରେ ରାଜ୍ୟ କଲେ।

31ଏହି ପେକହଙ୍କର ଅବଶିଷ୍ଟ ବୃତ୍ତାନ୍ତ ଓ ତାଙ୍କର ସମସ୍ତ
କ୍ରିୟା ଇସ୍ରାଏଲ ରାଜାମାନଙ୍କ ଇତିହାସ ପୁସ୍ତକରେ ଲିଖିତ
ହୋଇଅଛି।

## ଯୋଥାମଙ୍କ ଯିହୁଦାରେ ଶାଶନ

32ଇସ୍ରାଏଲର ରାଜା ରମଲୀୟଙ୍କର ପୁତ୍ର ପେକହଙ୍କ
ରାଜତ୍ୱର ଦ୍ୱିତୀୟ ବର୍ଷରେ ଯିହୁଦାର ରାଜା ଉଷିୟଙ୍କର ପୁତ୍ର
ଯୋଥମ ରାଜ୍ୟ କରିବାକୁ ଆରମ୍ଭ କଲେ। 33ଯୋଥମ ପଚିଶ
ବର୍ଷ ବୟସରେ ରାଜା ହେଲେ ଓ ଷୋହଳ ବର୍ଷ ଯିରୁଶାଲମରେ
ରାଜ୍ୟ ଶାସନ କଲେ। ତାଙ୍କର ମାତାଙ୍କ ନାମ ଯିରୁଶା ଓ
ସେ ସାଦୋକର କନ୍ୟା ଥିଲେ। 34ଯୋଥମ୍ ଠିକ୍ ତାଙ୍କର
ପିତା ଉଷିୟଙ୍କ ତୁଲ୍ୟ ସଦାପ୍ରଭୁଙ୍କ ଦୃଷ୍ଟିରେ ଯଥାର୍ଥ କର୍ମ
କଲେ। 35ମାତ୍ର ସେ ଉଚ୍ଚସ୍ଥଳୀଗୁଡ଼ିକୁ ବିନଷ୍ଟ କଲେ ନାହିଁ।
ସେ ସମୟରେ ମଧ୍ୟ ଲୋକମାନେ ସେହି ଉଚ୍ଚସ୍ଥଳୀରେ
ବଳୀଦାନ କଲେ ଓ ଧୂପ ଜଳାଇଲେ। ଯୋଥମ ସଦାପ୍ରଭୁଙ୍କ
ମନ୍ଦିରର ଉପର ଦ୍ୱାର ନିର୍ମାଣ କଲେ। 36ଯୋଥମଙ୍କ ଅବଶିଷ୍ଟ
ବୃତ୍ତାନ୍ତ ଓ ମହାନ କ୍ରିୟା ଯିହୁଦା ରାଜବଂଶର ଇତିହାସ
ପୁସ୍ତକରେ ଲିଖିତ ହୋଇଅଛି।

37ସେ ସମୟରେ ସଦାପ୍ରଭୁ ଅରାମର ରାଜା ରତ୍ସୀନ୍କୁ
ଓ ରମଲୀୟର ପୁତ୍ର ପେକହଙ୍କୁ ଯିହୁଦା ବିରୁଦ୍ଧରେ ଯୁଦ୍ଧ
କରିବାକୁ ପଠାଇଲେ।

38ଅନନ୍ତର ଯୋଥମଙ୍କର ମୃତ୍ୟୁ ହେଲା ଓ ସେ ତାଙ୍କ
ପୂର୍ବପୁରୁଷଙ୍କ ସହିତ ଦାଉଦ ନଗରରେ କବର ନେଲେ।
ତାଙ୍କର ପୁତ୍ର ଆହସ ତାଙ୍କ ପଦରେ ରାଜ୍ୟ କଲେ।

## ଆହସ ଯିହୁଦାର ରାଜା ହୁଅନ୍ତି

16 ଇସ୍ରାଏଲରେ ରମଲୀୟଙ୍କର ପୁତ୍ର ପେକହଙ୍କ ରାଜତ୍ୱର
ସପ୍ତଦଶ ବର୍ଷରେ ଯୋଥମଙ୍କ ପୁତ୍ର ଆହସ ଯିହୁଦାରେ
ରାଜା ହେଲେ। 2ଆହାସଙ୍କୁ ଯେତେବେଳେ କୋଡ଼ିଏ ବର୍ଷ
ସେ ରାଜା ହେଲେ ଓ ସେ ଯିରୁଶାଲମରେ ଷୋହଳ ବର୍ଷ
ରାଜ୍ୟ କଲେ। ସେ ତାଙ୍କ ପୂର୍ବପୁରୁଷ ଦାଉଦ୍ଙ୍କ ପରି
ନଥିଲେ। ସେ କୁକର୍ମ କାର୍ଯ୍ୟମାନ କଲେ, ଯାହା ସଦାପ୍ରଭୁଙ୍କ
ଦୃଷ୍ଟିରେ ଉଚିତ୍ ଥିଲା। 3ମାତ୍ର ସେ ଇସ୍ରାଏଲର ରାଜାମାନଙ୍କ
ପରି ବସବାସ କଲେ। ଜଘନ୍ୟ ପାପ ପ୍ରଥା ଅନୁସାରେ ସେ
ତାଙ୍କର ପୁତ୍ରକୁ ଅଗ୍ନିରେ ବଳିଦାନ କଲେ। ଯେ ଜାତିମାନଙ୍କ
ଦ୍ୱାରା ଅନୁକରଣ ହୋଇଥିଲା, ଯାହା ସଦାପ୍ରଭୁ ଭୂମିରୁ ଯୋର
କରି ତଡ଼ି ଦେଲେ, ଯେତେବେଳେ ଇସ୍ରାଏଲମାନେ ଆସିଲେ।
4ପୁଣି ସେ ଉଚ୍ଚସ୍ଥଳୀରେ, ପର୍ବତ ଉପରେ ଓ ପ୍ରତ୍ୟେକ
ହରିତ୍ବର୍ଣ୍ଣ ବୃକ୍ଷତଳେ ବଳିଦାନ କଲେ ଓ ଧୂପ ଜଳାଇଲେ।

5ସେତେବେଳେ ଅରାମର ରାଜା ରତ୍ସୀନ ଓ ଇସ୍ରାଏଲର
ରାଜା ରମଲୀୟଙ୍କ ପୁତ୍ର ପେକହ ଯିରୁଶାଲମ ବିରୁଦ୍ଧରେ ଯୁଦ୍ଧ
କରିବାକୁ ଆସିଲେ। ସେମାନେ ଆହସଙ୍କୁ ଚତୁର୍ଦ୍ଦିଗରେ
ଘେରିଗଲେ, ମାତ୍ର ତାଙ୍କୁ ପରାସ୍ତ କରି ପାରିଲେ ନାହିଁ। 6ସେ
ସମୟରେ ଅରାମର ରାଜା ରତ୍ସୀନ୍ ଏଲତ୍ ନଗରକୁ
ପୁନର୍ବାର ଅରାମର ଅଧିନ କରାଇ ଯିହୁଦୀମାନଙ୍କୁ ଏଲତ୍ରୁ
ତଡ଼ିଦେଲେ। ସେଠାରେ ଅରାମୀୟମାନେ ଆସି ଅଦ୍ୟାବଧି ବାସ
କରୁଛନ୍ତି।

7ଅଶୂରର ରାଜା ଆହସ୍ ତିଗ୍ଲତ-ପିଲେଷର ନିକଟକୁ ଦୂତ
ପଠାଇ କହିଲେ, "ମୁଁ ତୁମ୍ଭର ଦାସ ଓ ମୁଁ ତୁମ୍ଭର ପୁତ୍ର
ତୁଲ୍ୟ। ଦୟାକରି ଏଠାକୁ ଆସ ଓ ମୋତେ ଅରାମର ରାଜାର
ଓ ଇସ୍ରାଏଲ ରାଜାର ଆକ୍ରମଣରୁ ରକ୍ଷା କର।" 8ଆଉ ମଧ୍ୟ
ଆହସ୍ ସଦାପଭୁଙ୍କ ମନ୍ଦିରରେ ଓ ରାଜଗୃହର ଭଣ୍ଡାରରେ
ଥିବା ସୁବର୍ଣ୍ଣ ଓ ରୌପ୍ୟ ନେଲେ ଓ ଅଶୂରର ରାଜା
ନିକଟକୁ ଉପହାର ସ୍ୱରୂପ ପଠାଇଲେ। 9ଏଥିରେ ଅଶୂର
ରାଜା ଆହସ୍ଙ୍କୁ ସାହାଯ୍ୟ କରିବାକୁ ରାଜିହେଲେ ଓ ସେ
ଆକ୍ରମଣ କଲେ। ଦମ୍ମେଶକ ଅଧିକାର କଲେ ଓ ସେଠିକାର
ଲୋକମାନଙ୍କୁ ବନ୍ଦୀ କରି କୀର ନଗରକୁ ନେଇଗଲେ। ଆଉ
ସେ ରତ୍ସୀନ୍କୁ ବଧ କଲେ।

10ରାଜା ଆହାସ୍ ଅଶୂର ରାଜା ତିଗ୍ଲତ-ପିଲେଷରଙ୍କୁ ଭେଟିବାକୁ
ଦମ୍ମେଶକ ଗଲେ ଓ ଦମ୍ମେଶକରେ ଥିବା ଯଜ୍ଞବେଦୀ
ଦେଖିଲେ। ତା'ପରେ ଆହାସ୍ର ରାଜା ସେହି ଯଜ୍ଞବେଦିରେ

**ପ୍ରାସାଦ** ହବୁ ବହିରେ ଅଛି! ପ୍ରାସାଦରେ ପେକାୟା ସହିତ
ଆରଗବ ଏବଂ ଆଶୟକୁ ହତ୍ୟା କଲେ।

ସକଳ ଶିଳ୍ପକଳା ଅନୁସାରେ ସେହିପ୍ରକାର ଆକୃତି ଊରିୟ
ଯାଜକ ନିକଟକୁ ପଠାଇଲେ। 11ତା'ପରେ ଯାଜକ ଊରିୟ
ରାଜା ଆହାସ ଦମ୍ମେଶକରୁ ପଠାଇଥିବା ଯଜ୍ଞବେଦିର ନମୁନାସାରେ
ଏକ ଯଜ୍ଞବେଦି ନିର୍ମାଣ କଲେ। ଆହସ୍ ଆସିବା ପୂର୍ବରୁ
ଯାଜକ ସମସ୍ତ କର୍ମ କଲା।

12ରାଜା ଆହାସ୍ ଯେତେବେଳେ ଦମ୍ମେଶକରୁ ଆସିଲେ।
ସେ ଯଜ୍ଞବେଦି ଦେଖିଲେ ଓ ଯଜ୍ଞବେଦୀ ନିକଟକୁ ଯାଇ ତା'
ଉପରେ ବଳିଦାନ କଲେ। 13ପୁଣି ସେ ସେହି ଯଜ୍ଞବେଦି
ଉପରେ ଆପଣା ହୋମବଳି ଭକ୍ଷ୍ୟ ନୈବେଦ୍ୟ ଦଗ୍ଧକରି,
ଆପଣା ପେୟ ନୈବେଦ୍ୟ ଢ଼ାଳି ଓ ସେ ଆପଣା ମଙ୍ଗଳାର୍ଥକ
ବଳିର ରକ୍ତ ଯଜ୍ଞବେଦୀ ଉପରେ ଛିଞ୍ଚିଲେ।

14ଆଉ ସେ ସଦାପ୍ରଭୁଙ୍କ ସମ୍ମୁଖସ୍ଥିତ ପିତ୍ତଳ ଯଜ୍ଞବେଦୀ
ଆଣିଲେ ଯେଉଁଟାକି ଆହାସ୍ ଯଜ୍ଞବେଦୀ ଓ ସଦାପ୍ରଭୁଙ୍କ
ମନ୍ଦିରର ମଧ୍ୟସ୍ଥଳରେ ଥିଲା ଓ ଏହା ତାଙ୍କର ଯଜ୍ଞବେଦୀର
ଉତ୍ତର ପାର୍ଶ୍ୱରେ ରଖିଲେ। 15ରାଜା ଆହସ୍ ଊରିୟ ଯାଜକଙ୍କୁ
ଆଦେଶ ଦେଲେ, "ପ୍ରଭାତ କାଳୀନ ହୋମବଳି, ସାୟଂକାଳୀନ
ଭକ୍ଷ୍ୟନୈବେଦ୍ୟ, ରାଜାଙ୍କର ହୋମବଳି ଓ ତାଙ୍କର ଭକ୍ଷ୍ୟ
ନୈବେଦ୍ୟ, ଲୋକଙ୍କ ହୋମବଳି, ସେମାନଙ୍କର ଭକ୍ଷ୍ୟ ନୈବେଦ୍ୟ
ଓ ପେୟ ନୈବେଦ୍ୟ ବଡ଼ ଯଜ୍ଞବେଦୀ ଉପରେ ତୁମ୍ଭେ ଦଗ୍ଧ
କରିବା ଉଚିତ୍ ଓ ତହିଁ ଉପରେ ହୋମବଳିର ସବୁ ରକ୍ତ ଓ
ଅନ୍ୟ ନୈବେଦ୍ୟ ବୃହତ୍ ଯଜ୍ଞବେଦୀ ଉପରେ ଛିଞ୍ଚ। କିନ୍ତୁ ମୁଁ
ପରମେଶ୍ୱରଙ୍କୁ ପ୍ରଶ୍ନ ପଚାରିବାକୁ ପିତ୍ତଳ ଯଜ୍ଞବେଦୀ ବ୍ୟବହାର
କରିବି*।" 16ଯାଜକ ଊରିୟ ରାଜା ଆହାସ୍‌ଙ୍କ ଆଜ୍ଞାନୁସାରେ
ସମସ୍ତ କାର୍ଯ୍ୟ କଲେ।

17ପୁଣି ଆହାସ୍ ରାଜା ବୈଠକଗୁଡ଼ିକ କାଟି ପ୍ରକ୍ଷାଳନ
ପାତ୍ର ଓ କବାଟ ଫଳକ ଅଲଗା କଲେ। ଆଉ ବଡ ଟ୍ୟାଙ୍କି
ତଳେ ଯେଉଁ ପିତ୍ତଳ ନିର୍ମିତ ଷଣ୍ଢ ଥିଲା, ସେସବୁର ଉପରୁ
ତାକୁ ନେଇ ଏକ ପ୍ରସ୍ତର ଚଟାଣ ଉପରେ ରଖିଲେ। 18ଆଉ
ବିଶ୍ରାମ ସଭା ନିମନ୍ତେ ମନ୍ଦିର ମଧ୍ୟରେ ଯେଉଁ
ଆବୃତ ପଥ ଓ ରାଜାଙ୍କର ପ୍ରବେଶାର୍ଥେ ବହିଦ୍ୱାର କରିଥିଲେ
ତାହା ସେ ଅଶୂରର ରାଜାଙ୍କ ଲାଗି ସଦାପଭୁଙ୍କ ମନ୍ଦିରରୁ
ନେଇଗଲେ।

19ଏହିପରି ଆହାସଙ୍କର ଅବଶିଷ୍ଟ କ୍ରିୟାର ବୃତ୍ତାନ୍ତ ଯିହୁଦା
ରାଜାମାନଙ୍କ ଇତିହାସ ପୁସ୍ତକରେ ଲିଖିତ ହୋଇଛି। 20ଆହାସ୍‌ଙ୍କର
ମୃତ୍ୟୁ ହେଲା ଓ ସେ ନିଜ ପୂର୍ବପୁରୁଷଙ୍କ ସହିତ ଦାଉଦ
ନଗରରେ କବର ନେଲେ। ତାଙ୍କ ପଦରେ ତାଙ୍କର ପୁତ୍ର
ହିଜକିୟ ଶାସନ କଲେ।

### ଇଶ୍ରାୟେଲରେ ହୋଶେୟଙ୍କ ଶାସନ ଆରମ୍ଭ

17 ଯିହୁଦାରେ ଆହାସ୍‌ଙ୍କ ରାଜତ୍ୱର ଦ୍ୱାଦଶ ବର୍ଷରେ
ଏଲାଙ୍କର ପୁତ୍ର ହୋଶେୟ ଶମରିୟାରେ ଇଶ୍ରାୟେଲ
ଉପରେ ରାଜ୍ୟ ଶାସନ କରିବା ଆରମ୍ଭ କଲେ ଓ ସେ
ନଅବର୍ଷ ରାଜତ୍ୱ କଲେ। 2ହୋଶେୟ ସଦାପ୍ରଭୁଙ୍କ ଦୃଷ୍ଟିରେ
କୁକର୍ମ କଲେ। ମାତ୍ର ତାଙ୍କ ପୂର୍ବରୁ ଶାସନ କରୁଥିବା
ଇଶ୍ରାୟେଲ ରାଜାମାନଙ୍କ ପରି ସେ ଖରାପ ନଥିଲେ।

3ତାଙ୍କ ବିରୁଦ୍ଧରେ ଅଶୂରର ରାଜା ଶଲ୍‌ମନେଷର ଯୁଦ୍ଧ
କରିବାକୁ ଆସିଲେ। ସେ ତାଙ୍କୁ ପରାସ୍ତ କରି ନିଜର ଅଧିନସ୍ଥ
କଲେ। ତେଣୁ ହୋଶେୟ ତାଙ୍କୁ ସନ୍ତୁଷ୍ଟ କରିବାକୁ ବ୍ୟକ୍ତିଗତ
ଭାବରେ ଦାନ ଦେଲେ।

4ପରେ ହୋଶେୟ ମିଶରର ରାଜା ସୋଙ୍କ ନିକଟକୁ ଦୂତ
ପଠାଇ ସାହାଯ୍ୟ ପାଇଁ ପଚାରିଲେ। ଅଶୂରର ରାଜା ହୋଶେୟଙ୍କର
ଏ ଚକ୍ରାନ୍ତ ବିଷୟରେ ଜାଣିବାକୁ ପାଇଲେ। ହୋଶେୟ ମଧ୍ୟ
ତାଙ୍କ ନିକଟକୁ ଏହି ବର୍ଷ ବାର୍ଷିକ ଭେଟି ପଠାଇଲେ ନାହିଁ।
ଏଣୁ ଅଶୂରର ରାଜା ହୋଶେୟଙ୍କୁ ବନ୍ଦୀ କରି କାରାଗାରରେ
ରଖିଲେ।

5ଅଶୁରର ରାଜା ଇଶ୍ରାୟେଲ ବହୁସ୍ଥାନଗୁଡିକୁ ଆକ୍ରମଣ
କଲେ ଓ ଶମରିୟାକୁ ଆସି ତା' ବିରୁଦ୍ଧରେ ତିନି ବର୍ଷ ଧରି
ଯୁଦ୍ଧ କଲେ। 6ହୋଶେୟ ରାଜତ୍ୱର ନବମ ବର୍ଷରେ ଅଶୂରର
ରାଜା ଶମରିୟା ଅଧିକାର କଲେ। ସେ ଇଶ୍ରାୟେଲୀୟମାନଙ୍କୁ
ବନ୍ଦୀ କରି ଅଶୂରକୁ ନେଇଗଲା ଓ ସେମାନଙ୍କୁ ଓ ଗୋଶୋନ
ନଗର ହାବୋର ନଦୀର ହଲହରେ ଓ ମାଦୀୟମାନଙ୍କ ନାନା
ଦେଶରେ ରଖିଲେ।

7ଏସବୁ ଘଟିବାର କାରଣ ହେଲା ଇଶ୍ରାୟେଲୀୟମାନେ
ସଦାପ୍ରଭୁ ସେମାନଙ୍କ ପରମେଶ୍ୱର ବିରୁଦ୍ଧରେ ପାପକର୍ମ କରିଥିଲେ।
ଯେଉଁ ସଦାପ୍ରଭୁ ସେମାନଙ୍କୁ ମିଶରରୁ ଅଣାଇ ଥିଲେ ଓ
ମିଶରର ରାଜା ଫାରୋଙ୍କ ହସ୍ତରୁ ସେମାନଙ୍କୁ ଉଦ୍ଧାର କରିଥିଲେ,
ସେମାନେ ତାଙ୍କୁ ପୂଜା ନ କରି ଅନ୍ୟ ଦେବତାମାନଙ୍କୁ ପୂଜା
କଲେ। 8ଜାତିମାନଙ୍କ ଦ୍ୱାରା କରିଥିବା କାର୍ଯ୍ୟଗୁଡିକ ସେମାନେ
କରିବାକୁ ଆରମ୍ଭ କଲେ। ଏଣୁ ସଦାପ୍ରଭୁ ଦେଶରୁ ପରିତ୍ୟାଗ
କରିବାକୁ ବାଧ୍ୟ ହେଲେ, ଯେତେବେଳେ ଇଶ୍ରାୟେଲ ଲୋକମାନେ
ଆସିଲେ। 9ଆଉମଧ୍ୟ ଇଶ୍ରାୟେଲୀମାନେ ସଦାପ୍ରଭୁ ଆପଣା
ପରମେଶ୍ୱରଙ୍କ ବିରୁଦ୍ଧରେ ଗୁପ୍ତ ପାପରେ ଲିପ୍ତ ହେଲେ।

ପୁଣି ଦୁର୍ଗଠାରୁ ଆରମ୍ଭ କରି ପ୍ରାଚୀରବେଷ୍ଟିତ ନଗର
ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ଉଚ୍ଚସ୍ଥଳମାନ ସେମାନେ ନିର୍ମାଣ
କଲେ। 10ସେମାନେ ପ୍ରତ୍ୟେକ ଉଚ୍ଚପର୍ବତ ଉପରେ ଓ
ପ୍ରତ୍ୟେକ ହରିତ୍‌ବର୍ଣ୍ଣ ବୃକ୍ଷ ମୂଳରେ ସ୍ମରଣାର୍ଥକ ସ୍ତମ୍ଭ ଓ
ଆଶେରା ମୂର୍ତ୍ତିମାନ ସ୍ଥାପନ କଲେ। 11ପୁଣି ସେଠାରେ ଥିବା
ସମସ୍ତ ଉଚ୍ଚସ୍ଥଳୀମାନଙ୍କରେ ସଦାପ୍ରଭୁଙ୍କ ଦ୍ୱାରା ବିତାଡ଼ିତ ହୋଇଥିବା
ଦେଶୀୟମାନଙ୍କ ପରି ସେମାନେ ଧୂପ ଜଳାଇଲେ ଓ ସଦାପ୍ରଭୁଙ୍କ
ବିରକ୍ତି ପାଇଁ ଦୁଷ୍କର୍ମ କଲେ। 12"ପୁଣି ତୁମ୍ଭେମାନେ ଏହି
କର୍ମ କରିବ ନାହିଁ, ଏହିରୂପେ ଯେଉଁ ଦେବତାମାନଙ୍କ
ବିଷୟରେ କହିଥିଲେ, ସେହି ଦେବତାମାନଙ୍କୁ ସେମାନେ ପୂଜା
କଲେ।"

13ତଥାପି ସଦାପ୍ରଭୁ ପ୍ରତ୍ୟେକ ଭବିଷ୍ୟତବକ୍ତା ଓ ପ୍ରତ୍ୟେକ
ଦୃଷ୍ଟିକାରୀଙ୍କୁ ଇଶ୍ରାୟେଲ ଓ ଯିହୁଦାର ପ୍ରତି ଚେତାବନୀ ଦେଇ
କହିଲେ, "ତୁମ୍ଭେମାନେ ତୁମ୍ଭମାନଙ୍କର କୁକାର୍ଯ୍ୟରୁ ବିରତ ହୁଅ,
ଆଉ ମୁଁ ତୁମ୍ଭମାନଙ୍କ ପିତୃଲୋକଙ୍କ ପାଇଁ ଯେଉଁ ଆଦେଶ
କଲି ଓ ଯାହାସବୁ ମୋର ସେବକ ଭବିଷ୍ୟତବକ୍ତାଗଣଙ୍କ
ହସ୍ତରେ ତୁମ୍ଭମାନଙ୍କ ନିକଟକୁ ପଠାଇଅଛୁଁ, ତଦନୁସାରେ
ମୋର ବ୍ୟବସ୍ଥା ଓ ବିଧି ସବୁ ପାଳନ କର।"

---

**କିନ୍ତୁ … କରିବି** କିମ୍ବା "କିନ୍ତୁ ମୁଁ ସମୟ ସମୟରେ ପିତ୍ତଳର ବେଦୀକୁ ବ୍ୟବହାର କରିବି।" ସମ୍ଭବତଃ ସେ ଏହାକୁ ତାଙ୍କର ସ୍ୱେଚ୍ଛାଦତ୍ତ ନୈବେଦ୍ୟ ଉତ୍ସର୍ଗ କରିବା ପାଇଁ ବ୍ୟବହାର କରିବାକୁ ଚାହିଁଲେ।

14ମାତ୍ର ସେମାନେ ଶୁଣିଲେ ନାହିଁ। ସେମାନେ ସେମାନଙ୍କ
ପୂର୍ବପୁରୁଷମାନଙ୍କ ପରି ଅବାଧ ହେଲେ। ସେମାନଙ୍କର
ପୂର୍ବପୁରୁଷଗଣ ସଦାପ୍ରଭୁ ଯେ ସେମାନଙ୍କର ପରମେଶ୍ୱର ଏହା
ବିଶ୍ୱାସ କଲେ ନାହିଁ। 15ସେମାନେ ସଦାପ୍ରଭୁଙ୍କ ବ୍ୟବସ୍ଥା ଓ
ସେମାନଙ୍କ ପିତୃଗଣଙ୍କ ସହିତ କୃତ ତାଙ୍କର ନିୟମ ଓ
ସେମାନଙ୍କର ପ୍ରତି ଦତ୍ତ ତାହାଙ୍କର ସାକ୍ଷସବୁ ଅଗ୍ରାହ୍ୟ କଲେ।
ସେମାନେ ସଦାପ୍ରଭୁଙ୍କ ଚେତାବନୀ ଶୁଣିବାକୁ ଅମାନ୍ୟ କଲେ।
ସେମାନେ ମୂଲ୍ୟହୀନ ମୂର୍ତ୍ତିଗୁଡ଼ିକୁ ଅନୁସରଣ କଲେ ପୂଜା
କଲେ ଏବଂ ସେମାନେ ନିଜେ ମୂଲ୍ୟହୀନ ହୋଇଗଲେ।
ସେମାନେ ତାଙ୍କ ଚତୁଃପାର୍ଶ୍ୱରେ ଜାତି ପରି ବାସ କଲେ,
ଯଦିଓ ସଦାପ୍ରଭୁ ସେମାନଙ୍କୁ ଆଦେଶ ଦେଇଥିଲେ, "ସେମାନେ
ଯାହା କରନ୍ତି ତୁମ୍ଭମାନେ ତାହା କର ନାହିଁ।" ଯାହା ସଦାପ୍ରଭୁ
ସେମାନଙ୍କୁ ବାରିବାକୁ ମନା କରିଥିଲେ, ସେମାନେ ତାହା
କଲେ।

16ପୁଣି ସେମାନେ ସଦାପ୍ରଭୁ ସେମାନଙ୍କର ପରମେଶ୍ୱରଙ୍କ
ଆଜ୍ଞା ତ୍ୟାଗ କଲେ। ସେମାନେ ସ୍ୱର୍ଣ୍ଣର ଦୁଇ ଗୋବତ୍ସ ଓ
ଆଶେରା ମୂର୍ତ୍ତି ନିର୍ମାଣ କଲେ। ସେମାନେ ଆକାଶର ତାରାଗଣଙ୍କୁ
ପୂଜା କଲେ ଓ ବାଲ୍‌ର ସେବା କଲେ। 17ଆଉ ସେମାନେ
ନିଜର ପୁତ୍ର କନ୍ୟାମାନଙ୍କୁ ଅଗ୍ନିରେ ବଳିଦାନ କଲେ।
ସେମାନେ ଭବିଷ୍ୟତବାଣୀ କରିବା ପାଇଁ ଯାଦୁବିଦ୍ୟା, ଡାହାଣି
ବିଦ୍ୟା ଓ ଜ୍ୟୋତିଷବିଦ୍ୟାଗୁଡ଼ିକ ବ୍ୟବହାର କଲେ। ସଦାପ୍ରଭୁଙ୍କୁ
କ୍ରୋଧାନ୍ୱିତ କରିବା ପାଇଁ ତାଙ୍କ ଦୃଷ୍ଟିରେ କୁକର୍ମ କରିବାକୁ
ସେମାନେ ନିଜକୁ ବିକ୍ରୟ କଲେ। 18ଏଣୁ ସଦାପ୍ରଭୁ ଇଶ୍ରାୟେଲ
ଉପରେ ଅତ୍ୟନ୍ତ କ୍ରୋଧ ହେଲେ ଓ ସେମାନଙ୍କୁ ନିଜ ଦୃଷ୍ଟି
ଦୂରେଇ ଦେଲେ। କେବଳ ଯିହୁଦାର ଗୋଷ୍ଠୀ ଛଡା ଆଉ
କେହି ଅବଶିଷ୍ଟ ରହିଲେ ନାହିଁ।

## ଯିହୁଦାର ଲୋକମାନେ ମଧ୍ୟ ଅପରାଧୀ

19ଏବଂ ଏପରିକି ଯିହୁଦାର ଲୋକମାନେ ମଧ୍ୟ ସଦାପ୍ରଭୁ
ସେମାନଙ୍କର ପରମେଶ୍ୱରଙ୍କ ଆଜ୍ଞା ମାନିଲେ ନାହିଁ। ସେମାନେ
ଇଶ୍ରାୟେଲର ଲୋକମାନଙ୍କର ପ୍ରଥାକୁ ଅନୁସରଣ କଲେ।

20ଏଣୁ ସଦାପ୍ରଭୁ ସମସ୍ତ ଇଶ୍ରାୟେଲୀୟଙ୍କୁ ଅଗ୍ରାହ୍ୟ କଲେ।
ସେ ସେମାନଙ୍କୁ କ୍ଲେଶ ଦେଲେ। ସେମାନଙ୍କୁ ବିନାଶକାରୀମାନଙ୍କ
ହସ୍ତରେ ସମର୍ପଣ କଲେ। ଶେଷରେ ସେ ସେମାନଙ୍କୁ ନିଜ
ଦୃଷ୍ଟି ପଥରୁ ଦୂରେଇ ଦେଲେ ଓ ସେମାନଙ୍କୁ ପରିତ୍ୟାଗ
କଲେ। 21ପୁଣି ସଦାପ୍ରଭୁ ଦାଉଦ ବଂଶରୁ ଇଶ୍ରାୟେଲକୁ ଛିନ୍ନ
କଲେ। ଆଉ ସେମାନେ ନବାଟର ପୁତ୍ର ଯାରବିୟାମଙ୍କୁ
ସେମାନଙ୍କର ରାଜା କଲେ। ଯାରବିୟାମ ଇଶ୍ରାୟେଲୀୟମାନଙ୍କୁ
ସଦାପ୍ରଭୁଙ୍କୁ ଅନୁଗାମୀ ହେବାରୁ ନିବୃତ୍ତ କଲେ ଓ ସେମାନଙ୍କୁ
ମହାପାପ କରାଇଲେ। 22ତେଣୁ ଇଶ୍ରାୟେଲୀମାନେ ଯାରବିୟାମଙ୍କ
କୃତ ସମସ୍ତ ପାପ କଲେ। ସେମାନେ ତାଙ୍କ ସେହି
ପାପଗୁଡ଼ିକ କରିବାରୁ ବିମୁଖ ହେଲେ ନାହିଁ। 23ଶେଷରେ
ସଦାପ୍ରଭୁ ଆପଣା ଭବିଷ୍ୟତବକ୍ତା ସେବକମାନଙ୍କ ଦ୍ୱାରା ଯେପରି
କହିଥିଲେ ତଦନୁସାରେ ଇଶ୍ରାୟେଲକୁ ସେ ନିଜ କୃପାଦୃଷ୍ଟିରୁ
ଦୂରେଇ ଦେଲେ। ତେଣୁ ଇଶ୍ରାୟେଲୀୟମାନେ ଇଶ୍ରାୟେଲରୁ
ନିର୍ବାସିତ ହୋଇ ଅଶୂରରେ ରହିଲେ। ସେମାନେ ଆଜିଯାଏ
ସେଠାରେ ରହି ଆସୁଛନ୍ତି।

## ଶମରୀୟା ଲୋକମାନଙ୍କର ଆରମ୍ଭ

24ଅନନ୍ତର ଅଶୂରର ରାଜା ବାବିଲ୍, କୂଥା, ଅବା, ହମାତ୍
ଓ ସଫର୍ବୟିମଠାରୁ ଲୋକ ଆଣି ଇଶ୍ରାୟେଲୀୟମାନଙ୍କ ବଦଳରେ
ଶମରୀୟାର ବିଭିନ୍ନ ନଗରରେ ସ୍ଥାପନ କଲେ। ତହୁଁ ସେମାନେ
ଶମରୀୟା ଅଧିକାର କରି ସେଠାରେ ନାନା ନଗରରେ ବାସ
କଲେ। 25ଏହି ଲୋକମାନେ ଶମରୀୟାରେ ଯେତେବେଳେ
ବାସ କରିବାକୁ ଆରମ୍ଭ କଲେ ସେତେବେଳେ ସେମାନେ
ସଦାପ୍ରଭୁଙ୍କୁ ଭୟ କଲେ ନାହିଁ। ତେଣୁ ସଦାପ୍ରଭୁ ସେମାନଙ୍କୁ
ଆକ୍ରମଣ କରିବାକୁ ସିଂହ ପଠାଇଲେ। ସିଂହମାନେ ଲୋକମାନଙ୍କ
ମଧ୍ୟରୁ କେତେକଙ୍କୁ ବଧ କଲେ। 26ଏଣୁ କେତେକ ଲୋକ
ଅଶୂରର ରାଜାକୁ କହିଲେ, "ଆପଣ ଯେଉଁ ଲୋକମାନଙ୍କୁ
ନିର୍ବାସିତ କଲେ ଓ ଶମରୀୟାରେ ରଖିଲେ, ସେହି ଦେଶର
ଦେବତାମାନଙ୍କର ନିୟମ ଜାଣନ୍ତି ନାହିଁ। ତେଣୁ ସେ ସେମାନଙ୍କୁ
ହତ୍ୟା କରିବାକୁ ପଠାଉଛନ୍ତି। କାରଣ ସେହି ଲୋକମାନେ
ସେହି ଦେଶ ଦେବତାଙ୍କ ବ୍ୟବସ୍ଥା ଜାଣନ୍ତି ନାହିଁ।"

27ତେଣୁ ଅଶୂର ରାଜା ସେମାନଙ୍କୁ ଆଜ୍ଞାଦେଇ କହିଲା,
"ତୁମ୍ଭେମାନେ ସେଠାରୁ ଯେଉଁ ଯାଜକମାନଙ୍କୁ ବାନ୍ଧିଅଛ।
ସେମାନଙ୍କ ମଧ୍ୟରୁ ସେଠାକୁ ନେଇଯାଅ, ସେମାନେ ସେଠାକୁ
ଯାଇ ବାସ କରନ୍ତୁ ଓ ସେ ସ୍ୱଦେଶୀୟ ଦେବତାର ବିଧି
ଲୋକମାନଙ୍କୁ ଶିଖାଉ।"

28ତେଣୁ ଅଶୂରର ଲୋକମାନେ ଶମରୀୟାରୁ ଆଣିଥିବା
ଯାଜକମାନଙ୍କ ମଧ୍ୟରୁ ଜଣକୁ ବୈଥେଲକୁ ନେଇଗଲେ। ସେ
ଯାଜକ ସଦାପ୍ରଭୁଙ୍କୁ କିପରି ଭୟକରିବା ଉଚିତ୍, ତାହା
ସେମାନଙ୍କୁ ଶିକ୍ଷା ଦେଲେ।

29ମାତ୍ର ପ୍ରତ୍ୟେକ ଗୋଷ୍ଠୀ ଆପଣା ଆପଣା ଦେବତା
ନିର୍ମାଣ କଲେ। ସେମାନେ ତାଙ୍କର ଦେବତାମାନଙ୍କୁ
ଉଚ୍ଚସ୍ଥାନମାନଙ୍କରେ ପୂଜା କଲେ। ଯେଉଁ ସବୁ ମନ୍ଦିର
ଶମରୀୟା ଲୋକମାନେ ନିର୍ମାଣ କରିଥିଲେ, ତହିଁ ମଧ୍ୟରୁ
ସେମାନେ ମିଥ୍ୟା ଦେବତାମାନଙ୍କୁ ସେମାନଙ୍କର ସମସ୍ତ
ନଗରଗୁଡ଼ିକରେ ସ୍ଥାପନ କଲେ। ଯେଉଁଠାରେ ସେମାନେ
ବାସସ୍ଥଳୀ କଲେ। 30ପୁଣି ବାବିଲୀୟ ଲୋକମାନେ ସୁକ୍କୋତ୍-
ବନୋତ୍ ମିଥ୍ୟା ଦେବତା ତିଆରି କଲେ। ହମାତୀୟ ଲୋକମାନେ
ଅଶୀମା ମିଥ୍ୟା ଦେବତା ତିଆରି କଲେ ଓ କୂଥୀୟ
ଲୋକମାନେ ମଧ୍ୟ ନେର୍ଗଲ ମିଥ୍ୟା ଦେବତା ମାନ ତିଆରି
କଲେ। 31ଅବ୍ବୀୟ ଲୋକମାନେ ନିଭସ୍ ଓ ତିର୍ତ୍ତକ୍ ମିଥ୍ୟା
ଦେବତାମାନଙ୍କୁ ତିଆରି କଲେ ଓ ସଫର୍ବୀୟ ଲୋକମାନେ
ସଫର୍ବୟିମର ଅଦ୍ରମ୍ମେଲକ୍ ଓ ଅନମ୍ମେଲକ୍ ଦେବତାମାନଙ୍କ
ଉଦ୍ଦେଶ୍ୟରେ ନିଜ ନିଜ ସନ୍ତାନମାନଙ୍କୁ ଦଗ୍ଧ କଲେ।

32ସେମାନେ ମଧ୍ୟ ସଦାପ୍ରଭୁଙ୍କୁ ଉପାସନା କଲେ। ସେମାନେ
ଉଚ୍ଚସ୍ଥଳୀରେ ଯାଜକଗଣଙ୍କୁ ନିଯୁକ୍ତ କଲେ। ସେମାନେ ସେମାନଙ୍କୁ
ଲୋକମାନଙ୍କ ମଧ୍ୟରୁ ବାଛିଲେ। ଏହି ଯାଜକମାନେ ସେହି
ଉଚ୍ଚସ୍ଥଳୀରେ ମନ୍ଦିରସବୁରେ ପଶୁଗୁଡ଼ିକ ବଳିଦାନ କଲେ।
33ସେମାନେ ସଦାପଭୁଙ୍କୁ ଭୟ ଓ ସମ୍ମାନ କଲେ। ଏବଂ
ସେମାନେ ମଧ୍ୟ ସେମାନଙ୍କର ଦେଶର ଦେବତାମାନଙ୍କର
ସେବା କଲେ।

34ସେମାନେ ଆଜି ପର୍ଯ୍ୟନ୍ତ ମଧ୍ୟ ପୂର୍ବବିଧି ଅନୁସାରେ
ଚଳୁଛନ୍ତି। ସେମାନେ ସଦାପ୍ରଭୁଙ୍କୁ ଭୟ କରୁ ନାହାନ୍ତି।

ଇଶ୍ରାୟେଲୀୟମାନଙ୍କର ବିଧି ଓ ଆଜ୍ଞା ସେମାନେ ପାଳନ
କରୁ ନାହାନ୍ତି। ସଦାପ୍ରଭୁ ଯାକୁବର ସନ୍ତାନଗଣଙ୍କୁ ଇଶ୍ରାୟେଲ
ନାମ ଦେଇଥିଲେ। ସେମାନେ ସଦାପ୍ରଭୁଙ୍କର ବ୍ୟବସ୍ଥା ଓ
ଆଜ୍ଞା ପାଳନ କରୁ ନାହାନ୍ତି। 35ଇଶ୍ରାୟେଲର ସନ୍ତାନମାନଙ୍କ
ସହିତ ସଦାପ୍ରଭୁ ଚୁକ୍ତି କଲେ ଏବଂ ସେମାନଙ୍କୁ ଆଜ୍ଞା
ଦେଲେ, "ତୁମ୍ଭେମାନେ ଅନ୍ୟ ଦେବତାମାନଙ୍କୁ ନିଶ୍ଚୟ ପୂଜା
କରିବ ନାହିଁ କିମ୍ବା ସେମାନଙ୍କର ସେବା କରିବ ନାହିଁ। ତୁମ୍ଭେ
ସେମାନଙ୍କୁ ନିଶ୍ଚୟ ଭୟ କରିବ ନାହିଁ କିମ୍ବା ସେମାନଙ୍କର
ସମ୍ମାନାର୍ଥେ ବଳିଦାନ ଉତ୍ସର୍ଗ କରିବ ନାହିଁ। 36ତୁମ୍ଭେମାନେ
କେବଳ ସଦାପ୍ରଭୁଙ୍କୁ ନିଶ୍ଚୟ ଭୟ କରିବ, ଯିଏ ମହାପରାକ୍ରମ
ଦ୍ୱାରା ତୁମ୍ଭମାନଙ୍କୁ ମିଶର ଦେଶରୁ ବାହାର କରି ଆଣିଲେ।
ତୁମ୍ଭେମାନେ ନିଶ୍ଚୟ ତାହାଙ୍କୁ ପ୍ରଣାମ କରିବ ଓ ତାଙ୍କୁ
ଉପାସନା କରିବ ଏବଂ ତାଙ୍କ ସମ୍ମାନାର୍ଥେ ବଳିଦାନ ଉତ୍ସର୍ଗ
କରିବ। 37ପୁଣି ସେ ତୁମ୍ଭମାନଙ୍କ ପାଇଁ ଯେଉଁ ଯେଉଁ ବିଧି,
ଶାସନବ୍ୟବସ୍ଥା ଓ ଶିକ୍ଷାସମୂହ ଲେଖି ଅଛନ୍ତି। ତୁମ୍ଭେମାନେ
ତାହା ସଦାକାଳ ପାଳନ କରିବାକୁ ମନୋଯୋଗ କରିବ।
ଆଉ ଅନ୍ୟ ଦେବଗଣଙ୍କୁ ତୁମ୍ଭମାନେ ଭୟ କରିବ ନାହିଁ।
38ମୁଁ ତୁମ୍ଭମାନଙ୍କ ସହିତ ଯେଉଁ ଚୁକ୍ତି କରିଥିଲି, ତୁମ୍ଭେମାନେ
ପାଶୋରିବା ଉଚିତ୍ ନୁହଁ। ଅନ୍ୟ ଦେବତାମାନଙ୍କୁ ତୁମ୍ଭେମାନେ
ଭୟ କିମ୍ବା ସମ୍ମାନ କରିବା ଉଚିତ୍ ନୁହଁ। 39ଆଉ ସଦାପ୍ରଭୁ
ତୁମ୍ଭମାନଙ୍କ ପରମେଶ୍ୱରଙ୍କୁ ତୁମ୍ଭେମାନେ କେବଳ ଭୟ ଓ
ସମ୍ମାନ କରିବ ଓ ସେ ତୁମ୍ଭମାନଙ୍କୁ ସମସ୍ତ ଶତ୍ରୁଠାରୁ ଉଦ୍ଧାର
କରିବେ।"

40ମାତ୍ର ଇଶ୍ରାୟେଲୀୟମାନେ ତାହା ଶୁଣିଲେ ନାହିଁ।
ସେମାନେ ପୂର୍ବ ରୀତି ଅନୁସାରେ କାର୍ଯ୍ୟ କରି ଚାଲିଲେ।
41ଏହିପରି ଅନ୍ୟ ଗୋଷ୍ଠୀର ଲୋକମାନେ ସଦାପ୍ରଭୁଙ୍କୁ ଭୟ
ଓ ସମ୍ମାନ କଲେ କିନ୍ତୁ ସେମାନେ ମଧ୍ୟ ଭଣ୍ଡ ଦେବତାମାନଙ୍କର
ସେବା କଲେ। ସେମାନଙ୍କର ପୁତ୍ର ଓ ପୌତ୍ରଗଣ ମଧ୍ୟ ନିଜ
ନିଜ ପୂର୍ବପୁରୁଷଗଣ ଯାହା କରିଥିଲେ, ସେହିପରି କାର୍ଯ୍ୟ କରି
ଆସୁଛନ୍ତି। ସେମାନେ ଆଜି ପର୍ଯ୍ୟନ୍ତ ଏହିସବୁ କରୁଛନ୍ତି।

### ଯିହୁଦାରେ ହିଜକିୟଙ୍କ ଶାସନ ଆରମ୍ଭ

18 ଇଶ୍ରାୟେଲର ରାଜା ଏଲାଙ୍କ ପୁତ୍ର, ହୋଶେୟଙ୍କ
ରାଜତ୍ୱର ତୃତୀୟ ବର୍ଷରେ ଆହସ୍‌ଙ୍କ ପୁତ୍ର ହିଜକିୟ
ଯିହୁଦାରେ ରାଜ୍ୟ ଶାସନ କରିବାକୁ ଆରମ୍ଭ କଲେ। 2ହିଜକିୟ
ପଚିଶ ବର୍ଷ ବୟସ୍କ ଥିଲେ ଯେତେବେଳେ ସେ ଶାସନ
ଆରମ୍ଭ କଲେ ଓ ସେ ଯିରୁଶାଲମରେ ଅଣତିରିଶ ବର୍ଷ
ରାଜତ୍ୱ କଲେ। ତାଙ୍କର ମାତାଙ୍କର ନାମ ଅବୀ ଓ ସେ
ଜିଖରିୟଙ୍କର କନ୍ୟା ଥିଲେ।

3ହିଜକିୟ ତାଙ୍କର ପୂର୍ବପୁରୁଷ ଦାଉଦଙ୍କ ସମସ୍ତ କ୍ରିୟାନୁସାରେ
ସଦାପ୍ରଭୁଙ୍କ ଦୃଷ୍ଟିରେ ଯଥାର୍ଥ କର୍ମ କଲେ।

4ସେ ଉଚ୍ଚସ୍ଥଳୀଗୁଡ଼ିକୁ ଧ୍ୱଂସ କରିଦେଲେ। ସମସ୍ତ ସ୍ମୃତି
ସ୍ତମ୍ଭ ଭାଙ୍ଗି ପକାଇଲେ। ଆଶେରା ମୂର୍ତ୍ତୀ ଗୁଡ଼ିକୁ କାଟି
ପକାଇଲେ। ପୁଣି ମୋଶା ନିର୍ମିତ ପିତ୍ତଳ ସର୍ପ ଭାଙ୍ଗି
ପକାଇଲେ। କାରଣ ତାଙ୍କର ଉଦ୍ଦେଶ୍ୟରେ ଇଶ୍ରାୟେଲ ସନ୍ତାନଗଣ
ସେହି ସମୟ ପର୍ଯ୍ୟନ୍ତ ଧୂପ ଜଳାଉଥିଲେ। ଏହାର ନାମ
"ନିହୁଷ୍ଟନ୍" ରଖିଲେ।

5ହିଜକିୟ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କଠାରେ
ଦୃଢ଼ ବିଶ୍ୱାସ କରୁଥିଲେ। ଯିହୁଦାର କୌଣସି ରାଜା ତାଙ୍କ
ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ହିଜକିୟଙ୍କ ପରି ନ ଥିଲେ। 6ସେ
ସଦାପ୍ରଭୁଙ୍କର ଅତ୍ୟନ୍ତ ଆସକ୍ତ ଥିଲେ। ସେ ସଦାପ୍ରଭୁଙ୍କ
ଅନୁଗମନରୁ ବିମୁଖ ହୋଇ ନଥିଲେ। ଆଉ ସଦାପ୍ରଭୁ
ମୋଶାଙ୍କୁ ଯେଉଁ ଆଜ୍ଞା ଦେଇଥିଲେ। ସେ ସମସ୍ତ ଆଜ୍ଞା ସେ
ପାଳନ କଲେ। 7ପୁଣି ସଦାପ୍ରଭୁ ତାଙ୍କର ସହବର୍ତ୍ତୀ ହେଲେ
ସେ ଯେ କୌଣସି କାର୍ଯ୍ୟ କଲେ ସବୁରେ କୃତକାର୍ଯ୍ୟ
ହେଲେ।

ଆଉ ସେ ଅଶୂର ରାଜାର ବିଦ୍ରୋହୀ ହୋଇ ତାହାର
ସେବା କଲେ ନାହିଁ। 8ସେ ଘସା ଓ ତହିଁର ସୀମା ପର୍ଯ୍ୟନ୍ତ
ପ୍ରହରୀମାନଙ୍କ ଦୁର୍ଗ ଅବଧି ପ୍ରାଚୀରବେଷ୍ଟିତ ବଡ ଓ ଛୋଟ
ନଗରଗୁଡିକ ପର୍ଯ୍ୟନ୍ତ ପଲେଷ୍ଟୀୟମାନଙ୍କୁ ପରାସ୍ତ କଲେ।

### ଅଶୂରୀୟମାନଙ୍କ ଶମରୟା ଅଧିକାର

9ଅନନ୍ତର ଯିହୁଦାର ରାଜା ହିଜକିୟଙ୍କର ରାଜତ୍ୱର
ଚତୁର୍ଥ ବର୍ଷରେ ଓ ଇଶ୍ରାୟେଲର ରାଜା ଏଲାଙ୍କର ପୁତ୍ର
ହୋଶେୟଙ୍କ ରାଜତ୍ୱର ସପ୍ତମ ବର୍ଷରେ ଅଶୂରର ରାଜା
ଶଲ୍‌ମନେଷର ଶମରୟା ବିରୁଦ୍ଧରେ ଯୁଦ୍ଧ କରିବାକୁ ଯାଇ
ତାଙ୍କୁ ଅବରୋଧ କଲେ। 10ତୃତୀୟ ବର୍ଷ ଶେଷରେ ସେମାନେ
ତାକୁ ଅଧିକାର କଲେ। ହିଜକିୟଙ୍କ ରାଜତ୍ୱର ଷଷ୍ଠ ବର୍ଷରେ
ଓ ଇଶ୍ରାୟେଲର ରାଜା ହୋଶେୟଙ୍କ ରାଜତ୍ୱର ନବମ ବର୍ଷରେ
ଏହା ଅଧିକୃତ ହେଲା।

11ଏହାପରେ ଅଶୂରର ରାଜା ଇଶ୍ରାୟେଲୀୟମାନଙ୍କୁ ବନ୍ଦୀ
ରୂପେ ଅଶୂରକୁ ନେଇ ହଲହରେ, ହାବୋରରେ, ଗୋଶନ
ନଦୀ କୂଳରେ ଓ ମାଦୀୟମାନଙ୍କ ବିଭିନ୍ନ ନଗରରେ ସେମାନଙ୍କୁ
ରଖିଲେ। 12ଏସବୁ ଘଟିବାର କାରଣ ହେଲା ସେମାନେ
ଆପଣା ସଦାପ୍ରଭୁ ପରମେଶ୍ୱରଙ୍କୁ ମାନିଲେ ନାହିଁ। ପୁଣି
ସଦାପ୍ରଭୁଙ୍କର ଚୁକ୍ତିକୁ ସେମାନେ ଭାଙ୍ଗିଲେ ଓ ସଦାପ୍ରଭୁଙ୍କ
ସେବକ ମୋଶାଙ୍କର ସମସ୍ତ ଆଜ୍ଞା ମାନିଲେ ନାହିଁ। ଆଉ
ତାହା ଶୁଣିବାକୁ ସମ୍ମତ ହେଲେ ନାହିଁ କି ତାହା ପାଳନ
କଲେ ନାହିଁ।

### ଅଶୂର ଯିହୁଦା ଅଧିକାର କରିବାକୁ ପ୍ରସ୍ତୁତ ହୁଏ

13ଅନନ୍ତର ହିଜକିୟଙ୍କର ରାଜତ୍ୱର ଚତୁର୍ଦ୍ଦଶ ବର୍ଷରେ
ଅଶୂରର ରାଜା ସନ୍‌ହେରୀବ୍ ଯିହୁଦାର ସମସ୍ତ ପ୍ରାଚୀର
ବେଷ୍ଟିତ ନଗର ଅବରୋଧ କରି ତାକୁ ଅଧିକାର କଲେ।
14ଏହାପରେ ଯିହୁଦାର ରାଜା ହିଜକିୟ ଲାଖୀଶକୁ ଅଶୂରର
ରାଜା ନିକଟକୁ ଲୋକ ପଠାଇଲେ ଏବଂ କହିଲେ, "ମୁଁ ପାପ
କରିଅଛି, ଦୟାକରି ମୋ ଦେଶ ଉପରେ ଆକ୍ରମଣ ବନ୍ଦ
କର। ଆପଣ ମୋ ଠାରୁ ଯାହା ଚାହିଁବେ ମୁଁ ଦେବାକୁ ପ୍ରସ୍ତୁତ
ଅଛି।"

ତହୁଁ ଅଶୂରର ରାଜା ଯିହୁଦାର ରାଜା ହିଜକିୟଙ୍କ ଉପରେ
300 ତାଳନ୍ତ ରୂପା ଓ 30 ତାଳନ୍ତ ସୁନା ଦେବାକୁ ସ୍ଥିର
କଲେ। 15ତେଣୁ ହିଜକିୟ ସଦାପ୍ରଭୁଙ୍କ ମନ୍ଦିରରେ ଓ
ରାଜଗୃହର ଭଣ୍ଡାରମାନରେ ଥିବା ସମସ୍ତ ରୂପା ତାଙ୍କୁ ଦେଇଦେଲେ।
16ସେ ସମୟରେ ହିଜକିୟ ସଦାପ୍ରଭୁଙ୍କ ମନ୍ଦିର ଦ୍ୱାର

ଦେଶରେ ଓ ସ୍ତମ୍ଭମାନଙ୍କରେ ଯେଉଁ ସ୍ବର୍ଣ୍ଣ ମଣ୍ଡନ କରିଥିଲେ
ସେ ସବୁ କାଟି ଅଶୂରର ରାଜାଙ୍କୁ ଅର୍ପଣ କଲେ।

### ଅଶୂରର ରାଜା ଯିରୁଶାଲମକୁ ଲୋକ ପ୍ରେରଣ କରନ୍ତି

**17**ଅନନ୍ତର ଅଶୂରର ରାଜା ତାଙ୍କ ତିନିଜଣ ମୁଖ୍ୟ
ସେନାଧକ୍ଷ୍ୟ ତର୍ତ୍ତନ, ରବସାରୀସ୍, ଓ ରବ୍ଶାକିଙ୍କୁ ମହାସୈନ୍ୟ
ସହିତ ଯିରୁଶାଲମରେ ହିଜକିୟ ରାଜା ନିକଟକୁ ପଠାଇଲେ।
ତହୁଁ ସେମାନେ ଲାଖୀସରୁ ଯାତ୍ରା କରି ଯିରୁଶାଲମକୁ ଆସିଲେ।
ସେମାନେ ସେଠାରେ ପହଞ୍ଚି ରଜକର କ୍ଷେତ୍ର ପଥସ୍ଥିତ ଉପର
ପୁଷ୍କରିଣୀର ନାଳ ନିକଟରେ ଠିଆ ହେଲେ। **18**ପୁଣି ସେମାନେ
ରାଜା ହିଲକିୟଙ୍କୁ ଡ଼ାକନ୍ତେ ହିଲକିୟର ପୁତ୍ର ଇଲୀୟାକୀମ୍
ନାମକ ରାଜଗୃହାଧକ୍ଷ, ଶିବନ୍ ଲେଖକ ଓ ଆସଫର ପୁତ୍ର
ଯୋୟାହ ନାମକ ଇତିହାସ ଲେଖକ ସେମାନଙ୍କୁ ଭେଟିବାକୁ
ବାହାରିଲେ।

**19**ସେନାଧକ୍ଷମାନଙ୍କ ମଧ୍ୟରୁ ରବଶାକି ସେମାନଙ୍କୁ କହିଲା,
"ତୁମ୍ଭେମାନେ ହିଜକିୟଙ୍କୁ କୁହ, ମହାରାଜା ଅଶୂରର ରାଜା
ଏହି କଥା କୁହନ୍ତି,

ତୁମ୍ଭେ ଯେଉଁ ବିଶ୍ୱାସ କରୁଛ, ତାହା କି ପ୍ରକାର
ବିଶ୍ୱାସ? **20**ତୁମ୍ଭର ଏକଥା ନିରର୍ଥକ। କାରଣ ତୁମ୍ଭେ
କୁହ, "ଯୁଦ୍ଧରେ ଜୟଲାଭ କରିବା ପାଇଁ ମୋର
ବହୁତ ମନ୍ତ୍ରଣା ଓ ବଳ ଅଛି।" କିନ୍ତୁ ତୁମ୍ଭେ କାହା
ଉପରେ ନିର୍ଭର କର, ଯେହେତୁ ମୋ ବିପକ୍ଷରେ
ବିଦ୍ରୋହ କରୁଛ? **21**ଏଠାକୁ ଦେଖ, ତୁମ୍ଭେ ଭଙ୍ଗା
ହୋଇଥିବା ଆଶାବାଡ଼ି ଉପରେ ନିର୍ଭର କରୁଅଛ।
ଏହି ଆଶାବାଡ଼ି ମିଶରର ଅଟେ। କିନ୍ତୁ ଯଦି କେହି
ତା' ଉପରେ ଆଉଜେ ଏହା ଭାଙ୍ଗି ଯିବ ଏବଂ
ହାତରେ ପଶି ଫୋଡ଼ ହୋଇଯିବ ଓ ଏହାକୁ ଘାଆ
କରିଦେବ। ଯେଉଁମାନେ ମିଶରର ରାଜା ଫାରୋ
ଉପରେ ନିର୍ଭର କରୁଛନ୍ତି, ସେମାନେ ଏହି ଭାଗ୍ୟର
ଅଂଶିଦାର ହେବେ। **22**ତୁମ୍ଭେମାନେ କହିପାର,
"ଆମ୍ଭେମାନେ ସଦାପ୍ରଭୁ ଆମ୍ଭ ପରମେଶ୍ୱରଙ୍କ ଉପରେ
ନିର୍ଭର ରଖୁଅଛୁ।" କିନ୍ତୁ ମୁଁ ଜାଣେ ହିଜକିୟ ଯେଉଁ
ଉଚ୍ଚସ୍ଥଳୀ ଓ ଯଜ୍ଞବେଦୀରେ ଲୋକମାନେ ପୂଜା
କରୁଥିଲେ ସେ ସେଗୁଡ଼ିକୁ ଦୂରେଇ ଦେଇଛନ୍ତି ଆଉ
ଯିହୁଦାକୁ ଯିରୁଶାଲମ୍କୁ କହିଛନ୍ତି "ତୁମ୍ଭେମାନେ
କେବଳ ଯିରୁଶାଲମ୍ର ଯଜ୍ଞବେଦୀ ନିକଟରେ ପୂଜା
କରିବ।"

**23**ଏବେ ମୁଁ ବିନୟ କରୁଅଛି, ମୋ ମହାଶୟ,
ଅଶୂରର ରାଜାଙ୍କ ସଙ୍ଗେ ଚୁକ୍ତି କର, ମୁଁ ତୁମ୍ଭଙ୍କୁ
2,000 ଅଶ୍ୱ ଦେବି। ତୁମ୍ଭେ ଯଦି ପାରୁଛ ତେବେ
ସେମାନଙ୍କ ଉପରେ ଚଢ଼ିବା ପାଇଁ ତୁମ୍ଭ ଆଡୁ ଲୋକ
ଆଣ। **24**ତୁମ୍ଭେ ମୋର ମହାଶୟଙ୍କ ଦାସମାନଙ୍କ
ମଧ୍ୟରୁ ଏପରିକି ସବୁଠାରୁ ଦୁର୍ବଳ, କ୍ଷୁଦ୍ରତମ ସୈନ୍ୟକୁ
ପରାସ୍ତ କରି ପାରିବ ନାହିଁ। ତୁମ୍ଭେ ରଥ ଓ
ଅଶ୍ୱାରୋହୀ ନିମନ୍ତେ ମିଶର ଦେଶ ଉପରେ ନିର୍ଭର
କରୁଛ। **25**ସଦାପ୍ରଭୁଙ୍କ ବିନା ମୁଁ ଏ ଦେଶ ଧଂସ
କରିବାକୁ ଆସି ନାହିଁ। ସଦାପ୍ରଭୁ ମୋତେ କହିଲେ,
"ଏହି ଦେଶ ବିରୁଦ୍ଧରେ ଯାଅ ଓ ତାକୁ ଧ୍ୱଂସ
କର!"

**26**ତା'ପରେ ହିଲକିୟର ପୁତ୍ର ଇଲୀୟାକୀମ୍, ଶିବନ ଓ
ଯୋୟାହ ରବଶାକିଙ୍କୁ କହିଲେ, "ବିନୟ କରୁଅଛୁ, ଆପଣ
ଅରାମୀୟ ଭାଷାରେ ଦାସମାନଙ୍କୁ କୁହନ୍ତୁ। ଆମ୍ଭେମାନେ ତାହା
ବୁଝୁଅଛୁ। କିନ୍ତୁ ଆପଣ ଯିହୁଦୀୟ ଭାଷାରେ କୁହନ୍ତୁ ନାହିଁ
କାରଣ ପ୍ରାଚୀର ଉପରସ୍ଥ ଲୋକମାନେ ଆମ୍ଭମାନଙ୍କ କଥା
ଶୁଣି ପାରିବେ।" **27**କିନ୍ତୁ ଆଦେଶକାରୀ ସେମାନଙ୍କୁ କହିଲେ,
"ମୋର ମହାଶୟ କେବଳ ତୁମ୍ଭର ମହାଶୟଙ୍କୁ ଓ ତୁମ୍ଭକୁ
ଏସବୁ କଥା କହିବା ପାଇଁ ପଠାଇ ନାହାନ୍ତି। ପ୍ରାଚୀର
ଉପରେ ବସିଥିବା ଲୋକମାନଙ୍କୁ ମଧ୍ୟ ମୁଁ କହିବି। ମୁଁ
ସେମାନଙ୍କୁ ଜଣାଇଦେବାକୁ ଚାହେଁ ଯେ, ସେମାନେ ତୁମ୍ଭମାନଙ୍କ
ସହିତ ସେମାନଙ୍କର ବିଷ୍ଠା ଖାଇବେ ଓ ସେମାନଙ୍କର ମୂତ୍ର
ପିଇବେ।"

**28**ତାପରେ ଆଦେଶକାରୀ ଯିହୁଦୀୟ ଭାଷାରେ ଉଚ୍ଚସ୍ୱରରେ
ଚିତ୍କାର କରି କହିଲେ, "ତୁମ୍ଭମାନେ ମହାରାଜ ଅଶୂରର
ରାଜାଙ୍କ କଥାଶୁଣ। **29**ରାଜା ଏହି କଥା କହନ୍ତି, 'ତୁମ୍ଭମାନଙ୍କୁ
ଧୋକା ଦେବାକୁ ହିଜକିୟକୁ ପ୍ରଶ୍ରୟ ଦିଅ ନାହିଁ। କାରଣ
ସେ ତୁମ୍ଭମାନଙ୍କୁ ମୋ ହସ୍ତରୁ ଉଦ୍ଧାର କରି ପାରିବ ନାହିଁ।'
**30**ହିଜକିୟ ତୁମ୍ଭର ବିଶ୍ୱାସ ସଦାପ୍ରଭୁଙ୍କଠାରେ ନିଜନ୍ମାଉ,
ହିଜକିୟ କହେ, 'ସଦାପ୍ରଭୁ ଆମ୍ଭମାନଙ୍କୁ ରକ୍ଷା କରିବେ।
ଅଶୂରର ରାଜା ଏହି ନଗରକୁ ପରାସ୍ତ କରି ପାରିବ ନାହିଁ।'
**31**ହିଜକିୟ କଥା ଶୁଣ ନାହିଁ।

"ଅଶୂରର ରାଜା ଏହିକଥା କହନ୍ତି, 'ତୁମ୍ଭେମାନେ ମୋ
ସହିତ ଶାନ୍ତି କର ଓ ମୋ ନିକଟକୁ ଆସ। ତାହାହେଲେ
କେବଳ ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ତା'ର ଦ୍ରାକ୍ଷାଲତାରୁ ଓ
ଡିମ୍ବିରି ବୃକ୍ଷରୁ ଫଳ ଭୋଜନ କରି ପାରିବ ଓ ତା'ର ନିଜ
କୂଅରୁ ଜଳପାନ କରିପାରିବ। **32**ଶେଷରେ ମୁଁ ଆସି ତୁମ୍ଭମାନଙ୍କର
ସ୍ୱଦେଶ ତୁଲ୍ୟ ଏକ ଦେଶକୁ ନେଇଯିବି ଯେଉଁଠାରେ ଶସ୍ୟ,
ଦ୍ରାକ୍ଷାରସ, ରୋଟୀ, ଦ୍ରାକ୍ଷାକ୍ଷେତ୍ର, ଜିତତୈଳ ଓ ମଧୁ ବିପୁଳ
ପରିମାଣରେ ଅଛି, ସେଠାରେ ତୁମ୍ଭେମାନେ ବଞ୍ଚିବ ଓ ମରିବ
ନାହିଁ। ମାତ୍ର ରାଜା ହିଜକିୟ କଥା ଶୁଣ ନାହିଁ। ତୁମ୍ଭମାନଙ୍କର
ମନକୁ ବଦଳାଇବା ପାଇଁ ସେ ସବୁବେଳେ କହିବ, 'ସଦାପ୍ରଭୁ
ଆମ୍ଭମାନଙ୍କୁ ଉଦ୍ଧାର କରିବେ।' **33**ନାନା ଗୋଷ୍ଠୀୟ ଦେବତାଗଣ
ମଧ୍ୟରୁ କୌଣସି ଦେବତା କ'ଣ ଅଶୂରୀୟ ରାଜାଙ୍କ ହସ୍ତରୁ
ଆପଣା ଦେଶ ଉଦ୍ଧାର କରିଅଛି? ନା! **34**ହମାତର ଓ
ଅର୍ପଦର ଦେବତାମାନେ କାହାନ୍ତି? ସଫର୍ବୟିମର ହେନାର ଓ
ଅଦ୍ଧାର ଦେବତାମାନେ କାହାନ୍ତି? ସେମାନେ କ'ଣ ମୋ
ହସ୍ତରୁ ଶମରିୟାକୁ ଉଦ୍ଧାର କରିଛନ୍ତି? ନା! **35**ନାନା ଗୋଷ୍ଠୀୟ
ଦେବତାଗଣ ମଧ୍ୟରୁ କେହି ଆପଣା ଦେଶକୁ ମୋ ହସ୍ତରୁ
ଉଦ୍ଧାର କରିଛି ଯେ ସଦାପ୍ରଭୁ ମୋ'ଠାରୁ ଯିରୁଶାଲମ୍କୁ
ଉଦ୍ଧାର କରିବେ?"

**36**ମାତ୍ର ଲୋକମାନେ ନୀରବ ରହିଲେ। ସେମାନେ ପଦେ
ହେଲେ ରବଶାକିଙ୍କୁ ଉତ୍ତର କଲେ ନାହିଁ, କାରଣ ହିଜକିୟ
ସେମାନଙ୍କୁ ଆଦେଶ କରିଥିଲେ, "କୌଣସି କଥା ତାଙ୍କୁ
କହିବ ନାହିଁ।"

37ହିଲ୍କିୟର ପୁତ୍ର ଇଲିୟାକୀମ ନାମକ ରାଜଗୃହାଧ୍ୟକ୍ଷ,
ଶିବନ୍ ଲେଖକ ଓ ଆସଫର ପୁତ୍ର ଯୋୟାହ ନାମ ଇତିହାସ
ଲେଖକ ନିଜ ନିଜ ବସ୍ତ୍ରସବୁ ଚିରି ହିଜିକିୟ ନିକଟକୁ ଆସି
ଆଦେଶକାରୀ କଥାସବୁ ତାଙ୍କୁ ଜଣାଇଲେ।

### ହିଜିକିୟଙ୍କର ଭବିଷ୍ୟଦବକ୍ତା ଯିଶାଇୟଙ୍କ ସହିତ ପରାମର୍ଶ

19 ରାଜା ହିଜକିୟ ସମସ୍ତ କଥା ଶୁଣିଲେ। ନିଜର ଦୁଃଖ
ଓ ବ୍ୟସ୍ତତା ଜଣାଇବା ପାଇଁ ଆପଣା ବସ୍ତ୍ର ଚିରିଲେ
ଓ ଅଖା ଘୋଡ଼ିହୋଇ ସଦାପ୍ରଭୁଙ୍କ ମନ୍ଦିରକୁ ଗଲେ।
2ପୁଣି ରାଜଗୃହାଧ୍ୟକ୍ଷ ଇଲିୟାକୀମକୁ, ଲେଖକ ଶିବନ୍‌କୁ ଓ
ଯାଜକମାନଙ୍କର ପ୍ରାଚୀନବର୍ଗଙ୍କୁ ଅଖା ଘୋଡ଼ାଇ ଆମୋସର
ପୁତ୍ର ଭବିଷ୍ୟଦବକ୍ତା ଯିଶାଇୟ ନିକଟକୁ ପଠାଇଲେ। 3ସେମାନେ
ଯିଶାଇୟଙ୍କୁ କହିଲେ, “ହିଜକିୟ କହନ୍ତି, ‘ଏହି କ୍ଲେଶ,
ଅନୁଯୋଗ ଓ ଅପମାନର ଦିନ, ଏହା ଏପରି ଦିନ ଯେବେ
ଶିଶୁଗଣ ପ୍ରସବ ଦ୍ୱାରରେ ଉପସ୍ଥିତ, ମାତ୍ର ପ୍ରସବ କରିବାକୁ
ସେମାନଙ୍କ ପାଖରେ ଶକ୍ତି ନାହିଁ। 4ଅଶୂରର ରାଜା ଜୀବନ୍ତ
ସଦାପ୍ରଭୁଙ୍କ ବିଷୟରେ ମନ୍ଦକଥା କରିବାକୁ ତାଙ୍କର ସେନାଧ୍ୟକ୍ଷଙ୍କୁ
ପଠାଇଲେ। ହୋଇପାରେ ସଦାପ୍ରଭୁ ଶୁଣିପାରନ୍ତି, ଯାହା ସେନାଧ୍ୟକ୍ଷ
କହିଲା ଓ ଶତ୍ରୁଙ୍କୁ ଦଣ୍ଡ ଦେବେ। ଏଣୁ ଦୟାକର ଲୋକମାନଙ୍କ
ନିମନ୍ତେ ପ୍ରାର୍ଥନା କର, ଯେଉଁମାନେ ଏପର୍ଯ୍ୟନ୍ତ ଜୀବିତ
ଅଛନ୍ତି।’”
5ହିଜକିୟ ଉଚ୍ଚ ଅଧିକାରୀ ଯିଶାଇୟଙ୍କୁ ଦେଖିବାକୁ ଗଲେ।
6ଯିଶାଇୟ ସେମାନଙ୍କୁ କହିଲେ, “ତୁମ୍ଭର ମହାଶୟ ହିଜିକିୟଙ୍କୁ
ଏହି ସମ୍ବାଦ ଦିଅ, ‘ସଦାପ୍ରଭୁ କହନ୍ତି, ଅଶୂରୀୟ ରାଜାର
ଅଧିକାରୀମାନେ ଆମ୍ଭମାନଙ୍କୁ ନିନ୍ଦା କରିବାର କଥା ତୁମ୍ଭେ
ଶୁଣି ଅଛ, ସେ କଥାରେ ଭୀତ ହୁଅନାହିଁ।” 7ଏଠାକୁ ଦେଖ
ମୁଁ ତାଙ୍କ ମଧ୍ୟରେ ଏକ ଆତ୍ମା ଦେବି ଓ ସେ ଏକ ଜନରବ
ଶୁଣିବ ଏବଂ ତା'ର ଦେଶକୁ ଫେରିଯିବ, ଆଉ ମୁଁ ତାକୁ
ତା'ର ନିଜ ଦେଶରେ ଖଡ୍ଗ ଦ୍ୱାରା ବଧ କରିବି।’”

### ଅଶୂରର ରାଜାର ପୁନର୍ବାର ହିଜକିୟଙ୍କୁ ସତର୍କବାଣୀ

8ଅନନ୍ତର ଅଶୂରୀୟ ରାଜା ଲାଖୀଶକୁ ପ୍ରସ୍ଥାନ କରିଛି
ବୋଲି ରବଶାକି ଶୁଣି ଫେରିଗଲା ଓ ଲିବନା ବିରୁଦ୍ଧରେ
ତାକୁ ଯୁଦ୍ଧ କରୁଥିବାର ଦେଖିଲା।
9ପୁଣି ଅଶୂରୀୟ ରାଜା କୂଶଦେଶୀୟ ତିର୍ହକ ରାଜ
ବିଷୟରେ ଏହି ଜନରବ ଶୁଣିଲା, “ଦେଖ, ତିର୍ହକ ତୁମ୍ଭ
ବିରୁଦ୍ଧରେ ଯୁଦ୍ଧ କରିବାକୁ ଆସିଅଛି।”
ତେଣୁ ଅଶୂରର ରାଜା ପୁନର୍ବାର ହିଜକିୟ ନିକଟକୁ
ଦୂତମାନଙ୍କୁ ପଠାଇ କହିଲା।

10ତୁମ୍ଭମାନେ ଯିହୁଦାର ରାଜା ହିଜକିଙ୍କୁ ଏହିକଥା
କହିବ,
ତୁମ୍ଭର ପରମେଶ୍ୱର ଯାହାଙ୍କୁ ବିଶ୍ୱାସକର ତୁମ୍ଭମାନଙ୍କୁ
କଥାରେ ଭୁଲ୍ ବାଟରେ ନିନଅନ୍ତୁ, “ଯିରୁଶାଲମ
ଅଶୂରୀୟ ରାଜାଙ୍କ ଦ୍ୱାରା ଅଧିକୃତ ହେବନାହିଁ।”
11ଏଠାକୁ ଦେଖ, ତୁମ୍ଭମାନେ ମଧ୍ୟ ଶୁଣିଅଛ ଯେ,
ଅଶୂରୀୟ ରାଜାମାନେ ଅନ୍ୟ ସମସ୍ତ ଦେଶକୁ ସମ୍ପୂର୍ଣ୍ଣ
ରୂପେ ଧ୍ୱଂସ କରିଅଛନ୍ତି। ତୁମ୍ଭମାନେ କ'ଣ ଉଦ୍ଧାର
ପାଇବ? ନା! 12ଆଉ ମଧ୍ୟ ମୋର ପୂର୍ବପୁରୁଷଗଣ
ଗୋଶନ, ହାରୋଣ, ରେତ୍‌ସଫ ଦେଶୀୟମାନଙ୍କୁ ଓ
ତଲଃସର ନିବାସୀ ଏଦନ ସନ୍ତାନମାନଙ୍କୁ ବିନାଶ
କରିଛନ୍ତି। ସେମାନଙ୍କର ଦେବତାଗଣ ସେମାନଙ୍କୁ ଉଦ୍ଧାର
କରି ପାରିଲେ ନାହିଁ? 13ଆଉ କାହାନ୍ତି ହମାତ୍,
ଅର୍ପଦ, ସଫର୍ବୟିମ, ହେନା ଓ ଇବ୍ବାର ରାଜାଗଣ?
ସେମାନେ ସମସ୍ତେ ବିନାଶ ପ୍ରାପ୍ତ ହୋଇଅଛନ୍ତି।

### ହିଜକିୟଙ୍କର ସଦାପ୍ରଭୁଙ୍କୁ ପ୍ରାର୍ଥନା

14ହିଜକିୟ ତାଙ୍କର ଦୂତମାନଙ୍କଦ୍ୱାରା ପଠାଯାଇଥିବା ଚିଠିକୁ
ପାଠକଲେ। ତା'ପରେ ସେ ସଦାପ୍ରଭୂଙ୍କ ମନ୍ଦିରକୁ ଯାଇ
ସଦାପ୍ରଭୁଙ୍କ ସମ୍ମୁଖରେ ଚିଠିକୁ ମେଲାଇ ଦେଲେ। 15ହିଜକିୟ
ସଦାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲେ, “ହେ କିରୁବଗଣ
ଉପରେ ଉପବିଷ୍ଟ ସଦାପ୍ରଭୋ, ଇଶ୍ରାୟେଲର ପରମେଶ୍ୱର,
ତୁମ୍ଭେ କେବଳ ଏ ସମଗ୍ର ବିଶ୍ୱର ପରମେଶ୍ୱର ଅଟ। ଆଉ
ମଧ୍ୟ ତୁମ୍ଭେ ସ୍ୱର୍ଗ ଓ ପୃଥିବୀ ନିର୍ମାଣ କରି ଅଛ। 16ହେ
ସଦାପ୍ରଭୁ, ଆପଣା କର୍ଣ୍ଣ ଡେରି ଓ ଶୁଣ, ହେ ସଦାପ୍ରଭୋ
ଆପଣାର ଚକ୍ଷୁ ଫିଟାଅ ଓ ଦେଖ; ଜୀବନ୍ତ ପରମେଶ୍ୱରଙ୍କୁ
ଅପମାନ କରିବା ପାଇଁ ସନ୍‌ହେରୀବ ଯାହା କହି ପଠାଇଅଛି,
ତାହାର ସେହିକଥା ଶୁଣ। 17ହେ ସଦାପ୍ରଭୋ, ଏହା ସତ୍ୟ
ଯେ ଅଶୂରର ରାଜାମାନେ ନାନା ଗୋଷ୍ଠୀ ଓ ସେମାନଙ୍କ
ଦେଶକୁ ଧ୍ୱଂସ କରିଅଛନ୍ତି। 18ଅଶୂରର ରାଜାମାନେ ସେମାନଙ୍କ
ଜାତିର ଦେବତାଗୁଡ଼ିକୁ ଅଗ୍ନିରେ ଦଗ୍ଧିଭୂତ କଲେ। ଅବଶ୍ୟ
ସେମାନେ ପ୍ରକୃତ ଦେବତାଗଣ ନଥିଲେ। ମନୁଷ୍ୟକୃତ କାଷ୍ଠ
ଓ ପ୍ରସ୍ତରର ପ୍ରତିମା ମାତ୍ର, ତେଣୁ ସେହି ରାଜାମାନେ
ସେଗୁଡ଼ିକୁ ବିନାଶ କଲେ। 19ତେଣୁ ସେ ସଦାପ୍ରଭୋ,
ଆମ୍ଭମାନଙ୍କ ପରମେଶ୍ୱର, ମୁଁ ବିନୟ କରୁଛି। ଅଶୂରର ରାଜା
ହସ୍ତରୁ ଆମ୍ଭମାନଙ୍କୁ ଉଦ୍ଧାର କର, ତେଣୁ ତୁମ୍ଭେ ଯେ
ସଦାପ୍ରଭୁ ପରମେଶ୍ୱର ଅଟ, ଏହା ପୃଥିବୀସ୍ଥ ସମୁଦାୟ ରାଜ୍ୟ
ଜାଣିବେ।”
20ଏହାପରେ ଆମୋସର ପୁତ୍ର ଯିଶାଇୟ ହିଜକିୟଙ୍କ
ନିକଟକୁ କହି ପଠାଇଲେ। “ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର
ଏହି କଥା କହନ୍ତି, ‘ତୁମ୍ଭ ଅଶୂରର ରାଜା ସନହେରୀବ୍
ବିରୁଦ୍ଧରେ ଆମ୍ଭ ନିକଟରେ ଯେଉଁ ପ୍ରାର୍ଥନା କଲ, ତାହା
ଆମ୍ଭେ ଶୁଣିଲୁ।’
21“ଏହା ହେଉଛି ସନ୍‌ହେରୀବ୍ ବିଷୟରେ ସଦାପ୍ରଭୁଙ୍କ
ବାର୍ତ୍ତା:
ସିୟୋନର ଅନୂଢ଼ା କନ୍ୟା ତୁମ୍ଭକୁ ତାଚ୍ଛଲ୍ୟ କରେ।
ତୁମ୍ଭକୁ ପରିହାସ କରିଛି। ଯିରୁଶାଲମର କନ୍ୟା ତୁମ୍ଭ ଆଡେ
ତୁମ୍ଭକୁ ମୁଣ୍ଡ ହଲାଇ ଅଛି।
22କିନ୍ତୁ ତୁମ୍ଭକୁ କିଏ ଅପମାନିତ ଓ ନିନ୍ଦା କଲା? କିଏ
ତୁମ୍ଭ ବିରୁଦ୍ଧରେ କହିଲା। ତେଣୁ ତୁମ୍ଭେ ଇଶ୍ରାୟେଲର ଧର୍ମସ୍ୱରୂପଙ୍କ
ବିରୁଦ୍ଧରେ ଥିଲ। ତୁମ୍ଭେ ତାଙ୍କଠାରୁ ଅଧିକ ଭଲ ବୋଲି
ତୁମ୍ଭେ କାର୍ଯ୍ୟ କଲ।
23ପୁଣି ତୁମ୍ଭେ ଆପଣା ଦୂତମାନଙ୍କ ଦ୍ୱାରା ସଦାପ୍ରଭୁଙ୍କୁ
ଧିକ୍କାର କରିଅଛ। ତୁମ୍ଭେ କହିଲେ, “ମୁଁ ମୋର ଅପାର

ରଥରେ ପର୍ବତଗଣର ଉର୍ଦ୍ଧ୍ୱକୁ ଆସିଲି। ମୁଁ ଲିବାନୋନ୍‌ର
ଅଭ୍ୟନ୍ତରକୁ ଆସିଅଛି। ମୁଁ ତାହାର ଉଚ୍ଚ ଏରସ୍‌ବୃକ୍ଷ ଓ
ତାହାର ଉତ୍କୃଷ୍ଟ ଦେବଦାରୁ ବୃକ୍ଷସବୁ କାଟି ପକାଇଲି। ପୁଣି
ମୁଁ ତାହାର ଫଳପୂର୍ଣ୍ଣ କ୍ଷେତ୍ରରୂପ ଅରଣ୍ୟରେ ଲିବାନୋନ୍‌ର
ଉର୍ଦ୍ଧ୍ୱକୁ ଗଲି।

24ଆମ୍ଭେ ନୂତନ ସ୍ଥାନରେ କୂପ ଖୋଳିଅଛୁ ଓ ଜଳପାନ
କରିଅଛୁ। ପୁଣି ଆମ୍ଭେ ମିଶରର ସମସ୍ତ ନଦୀ ଶୁଷ୍କ କରିବା
ଓ ଦେଶରେ ପଦ ଚାରଣ କରିବା।”

25ତୁମ୍ଭେ କ’ଣ ଏହା ଶୁଣିନାହଁ, ପରମେଶ୍ୱର କ’ଣ
କହିଲେ, “ଯେ କିପରି ଆମ୍ଭେ ପୁରାତନ କାଳରୁ ଏହା
ନିରୂପଣ କରିଅଛୁ ଓ ପୂର୍ବ କାଳରୁ ଏହା ସ୍ଥିର କରିଅଛୁଁ।
ତୁମ୍ଭେ ପ୍ରାଚୀର ବେଷ୍ଟିତ ନଗରମାନ ଧ୍ୱଂସ କରି ସେ ସବୁକୁ
ଢ଼ିପ କରିବ। ଆମ୍ଭେ ଏହା ଘଟିବା ପାଇଁ କରିଛୁ।

26ଏଣୁ ସେ ନଗର ଗୁଡ଼ିକର ବାସିନ୍ଦାମାନେ ଅଳ୍ପ ଶକ୍ତି
ସମ୍ପନ୍ନ ହେଲେ। ସେମାନେ ହତାଶ ଓ ଉଦ୍‌ବିଗ୍ନ ହେଲେ।
ସେମାନେ କ୍ଷେତର ଶାକ ଓ ନବୀନ ତୃଣ, ଗୃହଛାତ
ଉପରିସ୍ଥ ଘାସ ଏହା ବଢ଼ିବା ପୂର୍ବରୁ ଶୁଷ୍କ ହେଉଛି।

27ମାତ୍ର କେତେବେଳେ ତୁମ୍ଭର ବସିବାର, ବାହାରକୁ
ଯିବାର ଭିତରକୁ ଆସିବାର ଓ ମୋ ସହିତ ତୁମ୍ଭ ଧୈର୍ଯ୍ୟଚ୍ୟୁତ
ହେବାର ଆମ୍ଭେ ଜାଣୁ।

28ତୁମ୍ଭେ ଆମ୍ଭ ବିରୁଦ୍ଧରେ କ୍ରୋଧ କରିଅଛ ଓ ତୁମ୍ଭର
ଅହମିକା ପୂର୍ଣ୍ଣ ଧିକ୍କାର ଆମ୍ଭର କର୍ଣ୍ଣଗୋଚର ହୋଇଅଛି।
ଏଣୁ ଆମ୍ଭେ ତୁମ୍ଭ ନାସିକାରେ ଅଙ୍କୁଶ ଓ ତୁମ୍ଭ ଓଷ୍ଠଧାରରେ
ଲଗାମ ଦେବା। ପୁଣି ତୁମ୍ଭେ ଯେଉଁ ବାଟରେ ଆସିଥିଲ ସେହି
ବାଟରେ ତୁମ୍ଭଙ୍କୁ ଫେରାଇ ଦେବା।”

### ସଦାପ୍ରଭୁଙ୍କ ହିଜକିୟ ପ୍ରତି ବାର୍ତ୍ତା

29“ହେ ହିଜକିୟ, ଏହା ତୁମ୍ଭ ପ୍ରତି ମୋର ସାହାଯ୍ୟର
ଚିହ୍ନ ହେବ। ଏହି ବର୍ଷ ତୁମ୍ଭେମାନେ ସ୍ୱୟଂ କ୍ଷେତରେ
ବଢ଼ିଥିବା ଶସ୍ୟ ଭୋଜନ କରିବ ଓ ପର ବର୍ଷ ତହିଁରୁ
ଅଙ୍କୁରିତ ଶସ୍ୟ ଭୋଜନ କରିବ। ମାତ୍ର ତୃତୀୟ ବର୍ଷ ତୁମ୍ଭେ
ବୁଣିଥିବା ଶସ୍ୟ କାଟିବ ଓ ତୁମ୍ଭ ଦ୍ୱାରା ରୋପିତ ଦ୍ରାକ୍ଷାକ୍ଷେତ୍ରରୁ
ଫଳ ଭୋଜନ କରିବ। 30ପୁଣି ଯିହୁଦା ବଞ୍ଚିରହିଥିବା ଅବଶିଷ୍ଟ
ଲୋକମାନେ ସେମାନଙ୍କର ପରିବାରରେ କେହି ଗୁଣାରେ
ବଢ଼ିପାଇବେ। 31ଅଳ୍ପ କେତେକ ମୃତ୍ୟୁର ରକ୍ଷା ପାଇଥିବା
ଅବଶିଷ୍ଟ ଲୋକମାନେ ସିୟୋନ ପର୍ବତଠାରୁ ଓ ଯିରୁଶାଲମରୁ
ବାହାରକୁ ଯିବେ। ଏହି ଘଟଣା ସଦାପ୍ରଭୁଙ୍କର ମନଭାବରୁ ସୃଷ୍ଟି
କରିବେ। 32ତେଣୁ ସଦାପ୍ରଭୁ ଅଶୂରୀୟ ରାଜା ବିଷୟରେ ଏହି
କଥା କୁହନ୍ତି। ସେ ଏହି ନଗରକୁ ନଗରରେ ତୀର ନିକ୍ଷେପ
କରିବ ନାହିଁ। ସେ ଏହି ନଗର ବିରୁଦ୍ଧରେ ଢାଲ ଧରି
ଆସିବ ନାହିଁ। ସେ ଏହି ନଗରକୁ ଆକ୍ରମଣ କରିବାକୁ
ଗଡ଼ାଣିଆ ମଞ୍ଚ ନିର୍ମାଣ କରିବ ନାହିଁ।

33ପୁଣି ସଦାପ୍ରଭୁ କହନ୍ତି, ସେ ଯେଉଁ ବାଟରେ ଆସିଥିଲା
ସେହି ବାଟରେ ଫେରିଯିବ। ସେ ଏ ନଗରକୁ ଆସିବ ନାହିଁ।

34ମୁଁ ଏହି ନଗରକୁ ରକ୍ଷା କରିବ। ମୋ ନିଜ ସକାଶେ
ଓ ମୋର ଦାସ ଦାଉଦ ନିମନ୍ତେ ମୁଁ ଏ ନଗରକୁ ସୁରକ୍ଷା
ଦେବ।”

### ଅଶୂରୀୟ ସୈନ୍ୟବାହିନୀ ବିନାଶ ହୁଅନ୍ତି

35ଅନନ୍ତର ସେହି ରାତ୍ରିରେ ସଦାପ୍ରଭୁଙ୍କ ଦୂତ
ଅଶୂରୀୟମାନଙ୍କର ଛାଉଣୀରେ 1,85,000 ଲୋକ ସଂହାର
କଲେ। ଅବଶିଷ୍ଟ ସୈନ୍ୟମାନେ ପ୍ରଭାତରେ ମୃତ ଶରୀର
ଦେଖିଲେ।

36ତେଣୁ ଅଶୂରର ରାଜା ସନ୍‌ହେରୀବ୍ ପ୍ରସ୍ଥାନ କଲା ଓ
ନୀନବୀରେ ଅବସ୍ଥାନ କଲା। 37ଏକଦା ସନ୍‌ହେରୀବ୍ ଆପଣା
ନିଷ୍ରୋକ ନାମକ ଦେବତାଙ୍କୁ ମନ୍ଦିରରେ ପୂଜା କରିବା ବେଳେ
ତା’ର ପୁତ୍ର ଅଦ୍ରେମ୍ମେଲକ ଓ ଶରେତ୍‌ସର ତାହାକୁ ଖଡ୍ଗରେ
ବଧ କଲେ। ତା’ପରେ ସେମାନେ ଅରାରଟ ଦେଶକୁ ପଳାୟନ
କଲେ। ଆଉ ତା’ର ପୁତ୍ର ଏସରହଦ୍ଦୋନ ତାହାର ପଦରେ
ରାଜା ହେଲା।

### ହିଜକିୟର ପୀଡ଼ିତ ଓ ମୁମୂର୍ଷୁ ଅବସ୍ଥା

20 ସେ ସମୟରେ ହିଜକିୟ ଅସୁସ୍ଥ ହେଲେ ଏବଂ
ମୃତ୍ୟୁବରଣ କରିବା ଉପରେ ହେଲେ। ଭବିଷ୍ୟଦ୍‌ବକ୍ତା
ଯିଶାଇୟ ତାଙ୍କ ନିକଟକୁ ଆସି କହିଲେ, “ସଦାପ୍ରଭୁ କହନ୍ତି,
‘ତୁମ୍ଭେ ତୁମ୍ଭର ଗୋଟିଏ ଇଚ୍ଛା, ପରିବାର ସଭ୍ୟମାନଙ୍କ
ନିମନ୍ତେ ଲେଖ କାରଣ ତୁମ୍ଭେ ନିଶ୍ଚୟ ମରିବ।’”

2ହିଜକିୟ କାନ୍ଥ ଆଡେ ନିଜର ମୁହଁ ବୁଲାଇ ସଦାପ୍ରଭୁଙ୍କ
ନିକଟରେ ପ୍ରାର୍ଥନା କରି କହିଲେ। 3“ହେ ସଦାପ୍ରଭୋ, ମୁଁ
ବିନୟ କରି କହୁଛି, ମୁଁ ସତ୍ୟତା ଓ ସର୍ବାନ୍ତଃକରଣରେ ତୁମ୍ଭ
ସେବା କରି ଆସିଛି ଓ ତୁମ୍ଭ ଦୃଷ୍ଟିରେ ଉତ୍ତମ କର୍ମମାନ
କରିଅଛି। ଏହା ଏବେ ସ୍ମରଣ କର।” ତା’ପରେ ହିଜକିୟ
ଅତିଶୟ ରୋଦନ କଲେ।

4ଯିଶାଇୟ ଗ୍ରାମର ମଧ୍ୟଭାଗକୁ ପରିତ୍ୟାଗ ପୂର୍ବରୁ ତାଙ୍କ
ନିକଟରେ ସଦାପ୍ରଭୁଙ୍କ ବାକ୍ୟ ଉପସ୍ଥିତ ହେଲା, ସଦାପ୍ରଭୁ
କହିଲେ, 5“ତୁମ୍ଭେ ଫେରିଯାଅ ଓ ଆମ୍ଭଲୋକମାନଙ୍କର ଅଧିପତି
ହିଜକିୟକୁ କୁହ, ‘ସଦାପ୍ରଭୁ ତୁମ୍ଭ ପୂର୍ବପୁରୁଷ ଦାଉଦର
ପରମେଶ୍ୱର ଏହି କଥା କହନ୍ତି, ଆମ୍ଭେ ତୁମ୍ଭର ପ୍ରାର୍ଥନା
ଶୁଣିଲୁ ଓ ଆମ୍ଭେ ତୁମ୍ଭର ଲୋତକ ଦେଖିଲୁ। ତେଣୁ ଆମ୍ଭେ
ତୁମ୍ଭକୁ ସୁସ୍ଥ କରିବୁ ଓ ତୁମ୍ଭେ ତୃତୀୟ ଦିନରେ ସଦାପ୍ରଭୁଙ୍କ
ମନ୍ଦିରକୁ ଯିବ। 6ଆମ୍ଭେ ତୁମ୍ଭର ଆୟୁଷ ପନ୍ଦର ବର୍ଷ ବୃଦ୍ଧି
କରିବୁ। ପୁଣି ତୁମ୍ଭକୁ ଓ ଏହି ନଗରକୁ ଅଶୂରୀୟ ରାଜାର
ହସ୍ତରୁ ରକ୍ଷା କରିବୁ। ଏହା ମୁଁ ନିଜ ସକାଶେ ଓ ଆମ୍ଭର
ସେବକ ଦାଉଦଙ୍କ ସକାଶେ ଏହି ନଗରକୁ ରକ୍ଷା କରିବ।’”

7ତା’ପରେ ଯିଶାଇୟ କହିଲେ, “ଏକ ଡିମ୍ବିରି ମିଶ୍ରଣ
ତିଆରି କର ଓ କ୍ଷତ ସ୍ଥାନରେ ଲଗାଅ।”

ତେଣୁ ସେମାନେ ସେହି ମିଶ୍ରଣ ନେଇ ହିଜକିୟର
କ୍ଷତରେ ଲଗାଇଲେ ଓ ସେ ସୁସ୍ଥ ହେଲେ।

### ହିଜକିୟଙ୍କ ପାଇଁ ଏକ ସଂକେତ

8ହିଜକିୟ ଯିଶାଇୟଙ୍କୁ କହିଲେ, “ସଦାପ୍ରଭୁ ଯେ ମୋତେ
ଆରୋଗ୍ୟ କରିବେ ଓ ତୃତୀୟ ଦିନରେ ମୁଁ ସଦାପ୍ରଭୁଙ୍କ
ମନ୍ଦିରକୁ ଯିବ, ଏହାର କି ସୂଚନା ଅଛି?”

9ତହିଁ ଯିଶାଇୟ କହିଲେ, “ତୁମ୍ଭେ କି ସୂଚନା ଚାହୁଁଛ?
ଛାୟା କ’ଣ ଦଶ ପାହୁଣ୍ଡ ଆଗକୁ କିମ୍ବା ଦଶ ପାହୁଣ୍ଡ ପଛକୁ

ଯିବ*? ତୁମ୍ଭ ପାଇଁ ପରମେଶ୍ୱରଙ୍କଠାରୁ ଏହି ଚିହ୍ନ ହେବ।
ଯେ ସଦାପ୍ରଭୁ ତାଙ୍କର ବାକ୍ୟ ସଫଳ କରିବେ।"
10ଏଥିରେ ହିଜକିୟ ଉତ୍ତର କଲେ, "ଛାୟା ଦଶପାହୁଣ୍ଡ
ଆଗକୁ ଯିବା ସହଜ କଥା, ମାତ୍ର ଦଶ ପାହୁଣ୍ଡ ପଛକୁ
ଘୁଞ୍ଚିଯାଉ।"
11ତା'ପରେ ଯିଶାଇୟ ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ।
ଏଥିରେ ସଦାପ୍ରଭୁ ଛାୟା କଲେ ଯେ, ଦଶ ପାଉଣ୍ଡ ଆଗକୁ
ଯାଇ ପଛକୁ ଘୁଞ୍ଚି ଆସିଲା।

## ହିଜକିୟ ଓ ବାବିଲରୁ ଆସିଥିବା ଲୋକମାନେ

12ସେ ସମୟରେ ବଲଦନର ପୁତ୍ର ମରୋଦକବଲଦନ୍
ବାବିଲର ରାଜା ଥିଲେ। ସେ ହିଜକିୟ, ନିକଟକୁ ପତ୍ରଗୁଡିକ
ଓ ଉପହାର ପଠାଇଲେ। କାରଣ ସେ ହିଜକିୟ ଅସୁସ୍ଥତା
ବିଷୟରେ ଶୁଣିଲେ। 13ହିଜକିୟ ବାବିଲର ଲୋକମାନଙ୍କୁ
ଅଭିନନ୍ଦନ ନେଲେ ଓ ତାଙ୍କ ଗୃହରେ ଥିବା ସମୁଦାୟ
ମୂଲ୍ୟବାନ୍ ପଦାର୍ଥଗୁଡିକ, ଯଥା: ରୂପା, ସୁନା, ସୁଗନ୍ଧିଦ୍ରବ୍ୟ,
ବହୁମୂଲ୍ୟ ତୈଳ, ଅସ୍ତ୍ର ଶସ୍ତ୍ର ଓ ଭଣ୍ଡାରରେ ଥିବା ତାଙ୍କର
ସମସ୍ତ ଦ୍ରବ୍ୟ ଦେଖାଇଲେ, ଯାହା ହିଜକିୟ ତାଙ୍କ ଗୃହରେ ଓ
ସମଗ୍ର ରାଜ୍ୟରେ ଏପରି ଜିନିଷ ନ ଥିଲା।
14ତା'ପରେ ଭବିଷ୍ୟଦବକ୍ତା ଯିଶାଇୟ ରାଜା ହିଜକିୟଙ୍କ
ନିକଟକୁ ଆସି ପଚାରିଲେ, "ଏହି ଲୋକମାନେ କ'ଣ
କହିଲେ? ଏମାନେ କେଉଁଠାରୁ ଆସିଛନ୍ତି?"
ହିଜକିୟ କହିଲେ "ସେମାନେ ଦୂର ଦେଶ ବାବିଲରୁ
ଆସିଛନ୍ତି।"
15ତହୁଁ ଯିଶାଇୟ କହିଲେ, "ତୁମ୍ଭେ ସେମାନଙ୍କୁ କ'ଣ
ସବୁ ଦେଖାଇଲ?"
ହିଜକିୟ ଉତ୍ତର କଲେ, "ସେମାନେ ମୋ ଗୃହରେ ଥିବା
ସମସ୍ତ ଜିନିଷ ଦେଖିଛନ୍ତି। ମୋ ଭଣ୍ଡାରରେ ଏପରି କିଛି
ଜିନିଷ ନାହିଁ, ଯାହାକୁ ସେମାନେ ଦେଖିନାହାନ୍ତି।"
16ତା'ପରେ ଯିଶାଇୟ ହିଜକିୟଙ୍କୁ କହିଲେ, "ସଦାପ୍ରଭୁଙ୍କ
ବାକ୍ୟ ଶୁଣ। 17ସମୟ ଆସୁଛି ତୁମ୍ଭ ଗୃହରେ ଥିବା ସମସ୍ତ
ଦ୍ରବ୍ୟ ଓ ଏ ପର୍ଯ୍ୟନ୍ତ ତୁମ୍ଭ ପୂର୍ବପୁରୁଷଙ୍କ ସଞ୍ଚିତ ସମସ୍ତ
ପଦାର୍ଥ ବାବିଲକୁ ନିଆଯିବ। ସଦାପ୍ରଭୁ କହନ୍ତି କୌଣସି
ଜିନିଷ ଛଡା ଯିବ ନାହିଁ। 18ତୁମ୍ଭଠାରୁ ଜନ୍ମ ହୋଇଥିବା
ପୁତ୍ରମାନଙ୍କୁ ବାବିଲୋନୀୟମାନେ ନେଇଯିବେ ଓ ବାବିଲ
ରାଜାର ଅଟ୍ଟାଳିକାରେ ସେମାନେ ନପୁଂସକ ହୋଇ ରହିବେ।"
19ତା'ପରେ ହିଜକିୟ ଯିଶାଇୟକୁ କହିଲେ, "ତୁମ୍ଭେ
ସଦାପ୍ରଭୁଙ୍କ ଯେଉଁ ବାକ୍ୟ କହିଲେ, ତାହା ଅତି ଉତ୍ତମ।"
ଆଉ ମଧ୍ୟ ହିଜକିୟ କହିଲେ, "ମୋ ଜୀବନକାଳରେ
ସତ୍ୟର ଶାନ୍ତି ବିରାଜିତ ହେବ। ଏହା ଅତି ଉତ୍ତମ କଥା।"
20ହିଜକିୟଙ୍କର ଅବଶିଷ୍ଟ ବୃତ୍ତାନ୍ତ ଓ ତାଙ୍କର ସମସ୍ତ
ପରାକ୍ରମ ସେ କିପରି ପୁଷ୍କରିଣୀ ଓ ନାଳ ପ୍ରସ୍ତୁତ କରି ନଗର
ମଧ୍ୟକୁ ଜଳ ଆଣିଲେ, ଏ ସମସ୍ତ ଯିହୁଦା ରାଜବଂଶର
ଇତିହାସ ପୁସ୍ତକରେ ଲିଖିତ ହୋଇଅଛି। 21ଅନନ୍ତର
ହିଜକିୟଙ୍କର ମୃତ୍ୟୁ ହେଲା ଓ ସେ ପୂର୍ବପୁରୁଷଙ୍କ ସହିତ
କବର ନେଲେ। ତାଙ୍କ ପଦରେ ତାଙ୍କର ପୁତ୍ର ମନଃଶି ରାଜା
ହେଲେ।

## ମନଃଶିଙ୍କର ଯିହୁଦାରେ କୁଶାସନର ଆରମ୍ଭ

21 ମନଃଶି ବାରବର୍ଷ ବୟସରେ ରାଜ୍ୟ ଶାସନ କରିବା
ଆରମ୍ଭ କଲେ। ସେ ଯିରୁଶାଲମ୍‌ରେ ପଞ୍ଚାବନ ବର୍ଷ
ରାଜତ୍ୱ କଲେ। ତାଙ୍କର ମାତାଙ୍କ ନାମ ହିଫ୍‌ସୀବା ଥିଲା।
2ମନଃଶି ସଦାପ୍ରଭୁଙ୍କ ଦୃଷ୍ଟିରେ କୁକର୍ମ କଲେ। ପୁଣି
ସଦାପ୍ରଭୁ ଯେଉଁ ଅନ୍ୟ ଦେଶୀୟମାନଙ୍କୁ ଇସ୍ରାୟେଲୀୟମାନଙ୍କ
ସମ୍ମୁଖରୁ ତଡି ଦେଇଥିଲେ। ସେହିମାନଙ୍କର ଘୃଣ୍ୟକର୍ମ ସେ
କଲେ। 3ତାଙ୍କର ପିତା ହିଜକିୟ ଯେଉଁ ଉଚ୍ଚସ୍ଥଳୀଗୁଡିକୁ
ଧ୍ୱଂସ କରିଥିଲେ, ସେ ପୁନର୍ବାର ସେଗୁଡିକୁ ନିର୍ମାଣ କଲେ।
ଇସ୍ରାୟେଲର ଆହାବ୍ ରାଜାଙ୍କ ପରି ସେ ବାଲ୍ ନିମନ୍ତେ
ଯଜ୍ଞବେଦି ପ୍ରସ୍ତୁତ କଲେ ଓ ଆଶେରା ମୂର୍ତ୍ତୀ ନିର୍ମାଣ କଲେ।
ଆଉ ମଧ୍ୟ ସେ ସ୍ୱର୍ଗସ୍ଥ ସମସ୍ତ ନକ୍ଷତ୍ରଙ୍କୁ ପୂଜା କରି
ସେମାନଙ୍କର ସେବା କଲେ। 4ପୁଣି "ଆମ୍ଭେ ଯିରୁଶାଲମ୍‌ରେ
ଆପଣା ନାମ ସ୍ଥାପନ କରିବା" ବୋଲି ସଦାପ୍ରଭୁ ଯେଉଁ
ମନ୍ଦିର ବିଷୟରେ କହିଥିଲେ। ସଦାପ୍ରଭୁଙ୍କ ସେହି ମନ୍ଦିରରେ
ସେ ଯଜ୍ଞବେଦି ନିର୍ମାଣ କଲେ। 5ଆହୁରି ସେ ସଦାପ୍ରଭୁଙ୍କ
ଦୁଇ ପ୍ରାଙ୍ଗଣରେ ଆକାଶସ୍ଥ ସକଳ ବାହିନୀ ନିମନ୍ତେ ଯଜ୍ଞବେଦି
ନିର୍ମାଣ କଲେ। 6ମନଃଶି ଆପଣା ପୁତ୍ରକୁ ଅଗ୍ନିରେ ଉତ୍ସର୍ଗ
କଲେ। ସେ ଶୁଭାଶୁଭ କହିବାର ବିଦ୍ୟା, ଗଣକତା, ଯାଦୁବିଦ୍ୟା,
ଭୂତପ୍ରେତ ଓ ଗୁଣୀଗାରେଡି କାର୍ଯ୍ୟରେ ଅଭ୍ୟସ୍ତ ହେଲେ।
ସେ ସଦାପ୍ରଭୁଙ୍କ ଦୃଷ୍ଟିରେ ବହୁତ କୁକର୍ମ କଲେ, ଯଦ୍ଦ୍ୱାରା
ସଦାପ୍ରଭୁ କ୍ରୋଧିତ ହେଲେ। 7ପୁଣି ମନଃଶି ଆଶେରାରେ
ଏକ ଖୋଦିତ ମୂର୍ତ୍ତୀ ନିର୍ମାଣ କରାଇ ସଦାପ୍ରଭୁଙ୍କ ମନ୍ଦିରରେ
ସ୍ଥାପନ କଲେ। କିନ୍ତୁ ସେହି ମନ୍ଦିର ବିଷୟରେ ସଦାପ୍ରଭୁ
ଦାଉଦଙ୍କୁ ଓ ତାଙ୍କର ପୁତ୍ର ଶଲୋମନ୍‌କୁ କହିଥିଲେ, "ମୁଁ
ସମଗ୍ର ଇସ୍ରାୟେଲର ସମସ୍ତ ନଗରଠାରୁ ଯିରୁଶାଲମ୍‌କୁ ମନୋନୀତ
କରିଛି। ଯିରୁଶାଲମ୍‌ର ଏହି ମନ୍ଦିରରେ ଆମ୍ଭର ନାମ ଚିରକାଳ
ସ୍ଥାପନ କରିବୁ। 8ମୁଁ କେବେ ଇସ୍ରାୟେଲୀୟମାନଙ୍କୁ ସେମାନଙ୍କ
ଦେଶ ପରିତ୍ୟାଗ କରିବାର କାରଣ ହେବ ନାହିଁ, ଯାହା ମୁଁ
ସେମାନଙ୍କର ପୂର୍ବପୁରୁଷଙ୍କୁ ଦେଇଅଛି। ମୁଁ ସେମାନଙ୍କୁ ସେଠାରେ
ରହିବାକୁ ଦେବି, କେବଳ ଯଦି ସେମାନେ ମୋର ଆଜ୍ଞା
ମାନନ୍ତି ଓ ମୋର ସେବକ ମୋଶା ସେମାନଙ୍କୁ କହିଥିବା
ନୀତି ନିୟମସବୁ ସେମାନେ ଅନୁସରଣ କରନ୍ତି।" 9ମାତ୍ର
ସେମାନେ ପରମେଶ୍ୱରଙ୍କ ବାକ୍ୟ ଶୁଣିଲେ ନାହିଁ। କିଣାନର
ଦେଶଠାରୁ ଅଧିକ ମନ୍ଦ କର୍ମ କରିବାକୁ ମନଃଶି ସେମାନଙ୍କୁ
ମାର୍ଗ ଦର୍ଶନ କରୁଥିଲେ। ସେଥିପାଇଁ ସଦାପ୍ରଭୁଙ୍କ ଦ୍ୱାରା
ସେମାନଙ୍କୁ ବିନଷ୍ଟ କରାଗଲା। ଯେତେବେଳେ ଇସ୍ରାୟେଲୀୟମାନେ
ଦେଶକୁ ଆସିଲେ।
10ସଦାପ୍ରଭୁ ଆପଣା ସେବକ ଓ ଭବିଷ୍ୟଦବକ୍ତାମାନଙ୍କ
ଦ୍ୱାରା ଏହିକଥା କହିଲେ। 11"ଯିହୁଦାର ରାଜା ମନଃଶି ଏହି
ସମସ୍ତ ଘୃଣାଯୋଗ୍ୟ କର୍ମ କରିଅଛି। ତାଙ୍କ ପୂର୍ବରୁ ଯେଉଁ
ଇମୋରୀୟମାନେ ଥିଲେ ସେମାନଙ୍କ ଅପେକ୍ଷା ଅଧିକ କୁକର୍ମ

---

**ଛାୟା ... ଯିବ** ଏହାର ଅର୍ଥ ହୋଇପାରେ ବିଶେଷ ଗୃହର ପାହାଚଗୁଡିକ ଯାହା ହିଜିକୟ ଘଡି ପରି ବ୍ୟବହାର କରୁଥିଲେ। ଯେତେବେଳେ ସୂର୍ଯ୍ୟ କିରଣ ଏହି ପାହାଚଗୁଡିକ ଉପରେ ପଡେ, ଛାୟା ଦର୍ଶାଏ ଏହା ଦିନର କେଉଁ ସମୟ।

କରିଅଛି। ତାଙ୍କର ପ୍ରତିମା ଆରାଧନା ଦ୍ୱାରା ସେ ଯିହୁଦାକୁ
ପାପ କରାଇଛି। **12**ଏଣୁ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର
ଏହିକଥା କହନ୍ତି, 'ଦେଖ ଆମ୍ଭେ ଯିରୁଶାଲମ ଓ ଯିହୁଦା ପାଇଁ
ଏପରି ଅମଙ୍ଗଳ ଆଣିବୁ ଯିଏ ଏହି ବିଷୟରେ ଶୁଣିବ ଆଶ୍ଚର୍ଯ୍ୟ
ହେବ।" **13**ପୁଣି ଆମ୍ଭେ ଯିରୁଶାଲମ୍ ଉପରେ ଶମରିୟାର
ମାପ କରି ରେଖା ଟାଣିବୁ ଓ ଆହାବ୍ ପରିବାରର ଓଳମ୍
ଟାଣିବା। ପୁଣି ମଣିଷ ଯେପରି ଥାଳ ପୋଛେ ଆଉ ପୋଛୁ
ପୋଛୁ ଓଲଟି ପାଲଟି କରେ ସେହିପରି ମୁଁ ଯିରୁଶାଲମ୍‌କୁ
ପୋଛି ପକାଇବା। **14**ମୁଁ ମୋର ଅବଶିଷ୍ଟ ନିଜ ଲୋକମାନଙ୍କୁ
ପରିତ୍ୟାଗ କରିବି। ମୁଁ ସେମାନଙ୍କୁ ସେମାନଙ୍କର ଶତ୍ରୁ
ହସ୍ତରେ ସମର୍ପଣ କରିବି। ସେମାନଙ୍କର ଶତ୍ରୁଗଣ ସେମାନଙ୍କୁ
ଲୁଟ୍ କରିବେ ଏବଂ ସେମାନେ ସେମାନଙ୍କୁ ବନ୍ଦୀରୂପେ
ନେଇଯିବେ। **15**କାରଣ ସେମାନେ ଆମ୍ଭ ଦୃଷ୍ଟିରେ କୁକର୍ମ
କରି ଅଛନ୍ତି। ପୁଣି ସେମାନେ ସେମାନଙ୍କର ପୂର୍ବପୁରୁଷଗଣ
ମିଶରରୁ ଆସିବା ଦିନଠାରୁ ଆଜି ପର୍ଯ୍ୟନ୍ତ ମୋତେ କ୍ରୋଧ
ଜନ୍ମାଇଛନ୍ତି। **16**ପୁଣି ମନଃଶି ବହୁ ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା
କରି ଯିରୁଶାଲମ୍‌ରେ ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ
ରକ୍ତରେ ପରିପୂର୍ଣ୍ଣ କଲେ। ଏହା ସହିତ ସେ ଯିହୁଦାକୁ
ପାପରେ ଅଙ୍ଗୀକୃତ କରାଇଲେ ଓ ସଦାପ୍ରଭୁଙ୍କ ଦୃଷ୍ଟିରେ ଦୁଷ୍କର୍ମ
କଲେ।'"

**17**ମନଃଶିଙ୍କର ଏ ସମସ୍ତ ବୃତ୍ତାନ୍ତ, ତାଙ୍କର ସମସ୍ତ କର୍ଯ୍ୟ
ତାଙ୍କର କୃତ ପାପ ଯିହୁଦା ରାଜାମାନଙ୍କର ଇତିହାସ
ପୁସ୍ତକରେ ଲିଖିତ ହୋଇଛି। **18**ଅନନ୍ତର ମନଃଶି ମୃତ୍ୟୁବରଣ
କଲେ ଓ ଆପଣା ପୂର୍ବପୁରୁଷ ଲୋକଙ୍କ ସହିତ ଆପଣା
ଗୃହର ଉଦ୍ୟାନରେ, ଅର୍ଥାତ "ଉଷର ଉଦ୍ୟାନରେ" କବର
ପ୍ରାପ୍ତ ହେଲେ। ତାଙ୍କ ପଦରେ ତାଙ୍କର ପୁତ୍ର ଆମୋନ୍ ରାଜା
ହେଲେ।

### ଆମୋନ୍‌ଙ୍କ ଅଳ୍ପ ସମୟ ଶାସନ

**19**ଆମୋନ୍ ବାଇଶି ବର୍ଷ ବୟସରେ ରାଜ୍ୟ ଶାସନ
ଆରମ୍ଭ କଲେ। ସେ ଯିରୁଶାଲମ୍‌ରେ ଦୁଇ ବର୍ଷ ଶାସନ
କଲେ। ତାଙ୍କର ମାତାଙ୍କ ନାମ ମଶୁଲ୍ଲେମତ୍ ଓ ସେ ଯଟବା
ନିବାସୀ ହାରୁଷଙ୍କ କନ୍ୟା ଥିଲେ।

**20**ଆମୋନ୍ ତାଙ୍କ ପିତା ମନଃଶିଙ୍କ ପରି ସଦାପ୍ରଭୁଙ୍କ
ଦୃଷ୍ଟିରେ କୁକର୍ମ କଲେ। **21**ତାଙ୍କ ପିତାଙ୍କ ପରି ବାସ କଲେ।
ସେ ସେହି ପ୍ରତିମାମାନ ପୂଜା କଲେ, ଯାହା ମନଃଶି, ତାଙ୍କର
ପିତା ପୂଜା କରି ଆସୁଥିଲେ। **22**ଆଉ ସେ ସଦାପ୍ରଭୁ ତାଙ୍କର
ପୂର୍ବପୁରୁଷଗଣର ପରମେଶ୍ୱରଙ୍କୁ ତ୍ୟାଗ କଲେ ଓ ପରମେଶ୍ୱର
ଯାହା ଚାହୁଁଥିଲେ ସେ ସେପରି ବାସ କଲେ ନାହିଁ।

**23**ଆମୋନ୍‌ଙ୍କର ଦାସମାନେ ତାଙ୍କ ବିରୁଦ୍ଧରେ ଚକ୍ରାନ୍ତ
କଲେ ଓ ତାଙ୍କ ନିଜ ଗୃହରେ ତାଙ୍କୁ ବଧ କଲେ। **24**ମାତ୍ର
ଜନ ସାଧାରଣ ସେହି ହତ୍ୟାକାରୀଙ୍କୁ, ସମସ୍ତ ଯେଉଁମାନେ
ଆମୋନ୍ ରାଜାଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରୁଥିଲେ ତାଙ୍କୁ ବଧ
କଲେ। ତା'ପରେ ସେମାନେ ତାଙ୍କର ପୁତ୍ର ଯୋଶିୟଙ୍କୁ ତାଙ୍କ
ପଦରେ ରାଜା କରାଇଲେ।□**25**ଏହି ଆମୋନ୍‌ଙ୍କ ଅବଶିଷ୍ଟ
ବୃତ୍ତାନ୍ତ ଓ ସମସ୍ତ କାର୍ଯ୍ୟ ଯିହୁଦା ରାଜବଂଶ ଇତିହାସ
ପୁସ୍ତକରେ ଲିଖିତ ହୋଇଛି। **26**ଆମୋନ୍ ନିଜ ବଗିଚା
ଉଷରରେ କବର ନେଲେ ଓ ତାଙ୍କ ପଦରେ ତାଙ୍କର ପୁତ୍ର
ଯୋଶିୟ ରାଜା ହେଲେ।

### ଯିହୁଦାରେ ଯୋଶିୟଙ୍କ ଶାସନ ଆରମ୍ଭ

**22** ଯୋଶିୟ ଆଠ ବର୍ଷ ବୟସରେ ରାଜ୍ୟ ଶାସନ
ଆରମ୍ଭ କଲେ ଓ ସେ ଯିରୁଶାଲମ୍‌ରେ ଏକତିରିଶ
ବର୍ଷ ରାଜତ୍ୱ କଲେ। ତାଙ୍କର ମାତାଙ୍କର ନାମ ଯିଦୀଦା ଓ
ସେ ବସ୍କତୀୟ ଅଦାୟାଙ୍କର କନ୍ୟା ଥିଲେ। **2**ଯୋଶିୟ
ସଦାପ୍ରଭୁଙ୍କ ଦୃଷ୍ଟିରେ ସୁକର୍ମ କଲେ। ଏବଂ ସେ ଦାଉଦଙ୍କର
ପୂର୍ବପୁରୁଷ ପରି ବାସ କଲେ। ସେ ସଦାପ୍ରଭୁଙ୍କ ଶିକ୍ଷା ମାନ୍ୟ
କଲେ। ପରମେଶ୍ୱର ଯାହା ଚାହୁଁଥିଲେ ସେ ଠିକ୍ ତାହାସବୁ
କଲେ।

### ମନ୍ଦିର ମରାମତି ପାଇଁ ଯୋଶିୟଙ୍କ ଆଦେଶ

**3**ଯୋଶିୟ ତାଙ୍କ ରାଜତ୍ୱର ଅଷ୍ଟାଦଶ ବର୍ଷରେ ମଶୁଲ୍ଲମର
ପୌତ୍ର, ଅତ୍‌ସଲୟର ପୁତ୍ର ଶାଫନ ସେମାନଙ୍କୁ ସଦାପ୍ରଭୁଙ୍କ
ମନ୍ଦିରକୁ ପଠାଇ କହିଲେ। **4**"ତୁମ୍ଭେ ମହାଯାଜକ ହିଲକିୟ
ନିକଟକୁ ଯାଅ, ତାଙ୍କୁ କୁହ ସଦାପ୍ରଭୁଙ୍କ ମନ୍ଦିରକୁ ଆନୀତ
ଯେଉଁ ମୁଦ୍ରା ଦ୍ୱାରପାଳମାନେ ଲୋକମାନଙ୍କଠାରୁ ସଂଗ୍ରହ
କରୁଛନ୍ତି, ସେ ମୁଦ୍ରା ଏଣିକି ଆଣ। **5**ସେ ସେହି ମୁଦ୍ରାକୁ
ସଦାପ୍ରଭୁଙ୍କ ମନ୍ଦିର ମରାମତି ପାଇଁ ଶ୍ରମିକମାନଙ୍କୁ ମଜୁରି
ଦିଅନ୍ତୁ। ଆଉ ମଧ୍ୟ ସେ ମନ୍ଦିର ମରାମତିରେ ତତ୍ତ୍ୱବଧାରକ
ଯାଜକ ମୁଦ୍ରା ଦିଅନ୍ତୁ। **6**ସେହି ମୁଦ୍ରାକୁ ବଢେଇ, ରାଜମିସ୍ତ୍ରି ଓ
ପ୍ରସ୍ତର ଖୋଦନକାରୀଙ୍କୁ ଦେବାରେ ବ୍ୟବହାର କରନ୍ତୁ। ପୁଣି
ମନ୍ଦିର ପୁନଃନିର୍ମାଣରେ ବ୍ୟବହୃତ କାଠ ଓ ଖୋଦିତ ପଥର
କିଣିବାରେ ସେହି ମୁଦ୍ରାକୁ ବିନିଯୋଗ କରନ୍ତୁ। **7**ସେହି
କାର୍ଯ୍ୟ କରୁଥିବା ଲୋକମାନଙ୍କୁ ଯେଉଁ ମୁଦ୍ରା ଦିଆଗଲା ତା'ର
ହିସାବ ରଖାଗଲା ନାହିଁ, କାରଣ ସେମାନେ ବିଶ୍ୱସ୍ତ ରୂପେ
କାର୍ଯ୍ୟ କଲେ।"

### ବ୍ୟବସ୍ଥା ପୁସ୍ତକ ମନ୍ଦିରରୁ ପ୍ରାପ୍ତ

**8**ସେତେବେଳେ ମହାଯାଜକ ହିଲକିୟ ଶାଫନ୍ ସମ୍ପାଦକଙ୍କୁ
କହିଲା, "ଏଠାରୁ ଦେଖ, ଆମ୍ଭେ ସଦାପ୍ରଭୁଙ୍କ ମନ୍ଦିରର ଏହି
ବ୍ୟବସ୍ଥା ପୁସ୍ତକ ପାଇଅଛୁ।" ତା'ପରେ ଶାଫନ୍ ସେହି ପୁସ୍ତକ
ପାଠ କଲେ।

**9**ଏହାପରେ ଶାଫନ୍ ସମ୍ପାଦକ ରାଜା ଯୋଶିୟଙ୍କ ନିକଟକୁ
ଆସିଲା ଓ ରାଜାଙ୍କୁ ସମ୍ବାଦ ଦେଲା, "ଆପଣଙ୍କ ସେବକମାନେ
ମନ୍ଦିରରୁ ପ୍ରାପ୍ତ ସମସ୍ତ ମୁଦ୍ରା ସଦାପ୍ରଭୁଙ୍କ ମନ୍ଦିରରେ କାର୍ଯ୍ୟ
କରୁଥିବା କର୍ମକାରୀମାନଙ୍କୁ ଓ ତତ୍ତ୍ୱାବଧାରକମାନଙ୍କୁ ପ୍ରଦାନ
କରିଅଛନ୍ତି।" **10**ତା'ପରେ ଶାଫନ୍ ଲେଖକ ରାଜାଙ୍କୁ କହିଲେ,
"ମହାଯାଜକ ହିଲକିୟ ଏହି ପୁସ୍ତକ ମୋତେ ଦେଇଛନ୍ତି।"
ତା'ପରେ ଶାଫନ୍ ରାଜାଙ୍କ ସାକ୍ଷାତରେ ତାହା ପାଠ କଲା।

**11**ଏଥିରେ ରାଜା ସେହି ବ୍ୟବସ୍ଥା ପୁସ୍ତକର ବାକ୍ୟ ଶ୍ରବଣ
କରି ଆପଣା ଦୁଃଖ ଓ ବ୍ୟସ୍ତତା ଜଣାଇବାକୁ ବସ୍ତ୍ର ଚିରିଲେ।
**12**ତା'ପରେ ରାଜା ହିଲକିୟ ଯାଜକକୁ, ଶାଫନ୍‌ର ପୁତ୍ର
ଅହୀକାମକୁ, ମିଖାୟର ପୁତ୍ର ଅକ୍‌ବୋରକୁ, ଶାଫନ୍ ସମ୍ପାଦକ
ଓ ଅସାୟ ନାମକ ରାଜ ଭୃତ୍ୟଙ୍କୁ ଏହି ଆଜ୍ଞା ଦେଇ

କହଲେ। 13ରାଜା ଯୋଶିୟ କହଲେ, "ତୁମ୍ଭେମାନେ ଯାଅ,
ସଦାପ୍ରଭୁଙ୍କୁ ପଚାର ମୋ ପାଇଁ, ଲୋକମାନଙ୍କ ପାଇଁ ଓ
ସମଗ୍ର ଯିହୁଦା ପାଇଁ କ'ଣ କରିବୁ। ଏହ ପୁସ୍ତକ ବିଷୟରେ
ପଚାର। ପରମେଶ୍ୱର ଆମ୍ଭ ଉପରେ ଅତ୍ୟନ୍ତ କ୍ରୋଧିତ
ହୋଇଛନ୍ତି। କାରଣ ଏହ ପୁସ୍ତକରେ ଆମ୍ଭ ପାଇଁ ଯେପରି
ଲେଖା ଥିଲା, ଆମ୍ଭର ପୂର୍ବପୁରୁଷ ସଦାପ୍ରଭୁଙ୍କ ବାକ୍ୟ ପ୍ରତି
ଧ୍ୟାନ ଦେଇ ନଥିଲେ।"

## ଯୋଶିୟ ଓ ଭବିଷ୍ୟଦ୍‌ବକ୍ତା ହୁଲଦା

14ଏଣୁ ହଲକିୟ ଯାଜକ, ଅହୀକାମ୍, ଅକ୍‌ବୋର, ଶାଫନ
ଓ ଅସାୟ ବସ୍ତ୍ରାଗାର ରକ୍ଷକ ହର୍ହସର ପୌତ୍ର, ତିକ୍‌ବର ପୁତ୍ର
ଶଲ୍ଲୁମର ଭାର୍ଯ୍ୟା ହୁଲଦା ଭବିଷ୍ୟଦବକ୍ତା ନିକଟକୁ ଗଲେ।
ଯିଏ ଯାଜକର ଲୁଗାର ଯତ୍ନ ନେଲେ। ସେ ଯିରୁଶାଲମର
ଦ୍ୱିତୀୟ କୋଠରୀରେ ବାସ କରୁଥିଲା। ସେମାନେ ତା' ସହତ
କଥାବାର୍ତ୍ତା ହେଲେ।

15ତା'ପରେ ହୁଲଦା ସେମାନଙ୍କୁ କହଲେ, "ସଦାପ୍ରଭୁ
ଇଶ୍ରାୟେଲର ପରମେଶ୍ୱର କହନ୍ତି, ଯେଉଁ ଲୋକ ତୁମ୍ଭମାନଙ୍କୁ
ଆମ୍ଭ ନିକଟକୁ ପଠାଇଲା ତାହାକୁ କୁହ। 16ସଦାପ୍ରଭୁ ଏହା
କହନ୍ତି, ଆମ୍ଭେ ଏହ ସ୍ଥାନ ଉପରେ ଓ ତନ୍ନିବାସୀ ଲୋକମାନଙ୍କ
ଉପରେ ଅମଙ୍ଗଳ ଘଟାଇବା। ଏହ ପୁସ୍ତକରେ ଲିଖିତ ଯିହୁଦା
ରାଜାଙ୍କ ପଠିତ ବାକ୍ୟ ଅନୁସାରେ ସମସ୍ତ ଅମଙ୍ଗଳ ଘଟାଇବା।
17କାରଣ ଯିହୁଦାର ଲୋକମାନେ ମୋତେ ପରିତ୍ୟାଗ କରିଛନ୍ତି।
ସେମାନେ ଅନ୍ୟ ଦେବତାଗଣଙ୍କ ପାଦରେ ଧୂପ ଜଳାଇଛନ୍ତି।
ସେମାନେ ବହୁତ ପ୍ରତିମା ତିଆରି କରିଛନ୍ତି ଓ ମୋତେ ଅତି
କ୍ରୋଧ କରାଇଛନ୍ତି। ତେଣୁ ଏହ ସ୍ଥାନ ବିରୁଦ୍ଧରେ ଆମ୍ଭ
କ୍ରୋଧାଗ୍ନି ପ୍ରଜ୍ୱଳିତ ହେବ ଓ ତାହା କେବେ ନିର୍ବାପିତ ହେବ
ନାହିଁ।'

18-19"ଯିହୁଦା ରାଜା ଯୋଶିୟ ସଦାପ୍ରଭୁଙ୍କୁ ପଚାରିବାକୁ
ତୁମ୍ଭମାନଙ୍କୁ ପଠାଇଲେ। ତୁମ୍ଭ ତାଙ୍କୁ କୁହ, 'ସଦାପ୍ରଭୁ
ଇଶ୍ରାୟେଲ ପରମେଶ୍ୱର ଏହକଥା କହନ୍ତି, ଯାହା ତୁମ୍ଭେ
ପୁସ୍ତକରୁ ପଢି ଶୁଣିଛ, ମୋର ବାକ୍ୟଗୁଡ଼ିକ ଏହ ସ୍ଥାନ ଓ
ଏହାର ନିବାସୀମାନଙ୍କ ବିଷୟରେ ଥିଲା। ଭୟଙ୍କର ଜିନିଷ
ଏହ ନିବାସୀ ଓ ଏହ ସ୍ଥାନରେ ଘଟିବ। ଏହାଶୁଣି ତୁମ୍ଭର
ହୃଦୟ କୋମଳ ହେଲା। ତୁମ୍ଭେ ସଦାପ୍ରଭୁଙ୍କ ଛାମୁରେ ନିଜକୁ
ନମ୍ର କଲ ଓ ନିଜ ବସ୍ତ୍ର ଚିରିଲ ଓ ମୋ ଛାମୁରେ କ୍ରନ୍ଦନ
କଲ। ଏଣୁ ମୁଁ ତୁମ୍ଭର ବିନତି ଶୁଣିଲି।' 20'ତେଣୁ ଆମ୍ଭେ
ତୁମ୍ଭଙ୍କୁ ତୁମ୍ଭ ପୂର୍ବପୁରୁଷଙ୍କ ନିକଟକୁ ଆଣିବା। ତୁମ୍ଭେ ଶାନ୍ତିରେ
ସେମାନଙ୍କ ସହତ କବରରେ ସଂଗୃହୀତ ହେବ। ତୁମ୍ଭେ
ଭୟଙ୍କର କ୍ଳେଶ ଦେଖିବ ନାହିଁ। କାରଣ ମୁଁ ଏହ ସ୍ଥାନରେ
ତୁମ୍ଭମାନଙ୍କୁ ଆଣିବାକୁ ଯାଉଛି।'"

ଏହାପରେ ସେମାନେ ପୁନର୍ବାର ରାଜାଙ୍କୁ ଏହ ସମାଚାର
ଦେଲେ।

## ଲୋକମାନେ ସଦାପ୍ରଭୁଙ୍କ ବ୍ୟବସ୍ଥା ଶୁଣନ୍ତି

23 ଯିହୁଦା ଓ ଯିରୁଶାଲମର ସମସ୍ତ ପ୍ରାଚୀନବର୍ଗଙ୍କୁ
ଆସି ସାକ୍ଷାତ କରିବାକୁ ଯୋଶିୟ ରାଜା କହଲେ।
2ଏହାପରେ ରାଜା ସଦାପ୍ରଭୁଙ୍କ ମନ୍ଦିରକୁ ଗମନ କଲେ।
ତାଙ୍କ ସହତ ଯିହୁଦାର ସମସ୍ତ ଲୋକ, ଯିରୁଶାଲମର ସମସ୍ତ
ବାସିନ୍ଦା, ଯାଜକମାନେ, ଭବିଷ୍ୟଦବକ୍ତାମାନେ ଓ ସମସ୍ତ ବଡରୁ
ଛୋଟ ଗମନ କଲେ। ତହୁଁ ସଦାପ୍ରଭୁଙ୍କ ମନ୍ଦିରରୁ ପ୍ରାପ୍ତ
ବ୍ୟବସ୍ଥା ପୁସ୍ତକର ସମସ୍ତ ବାକ୍ୟ ସେମାନଙ୍କର କର୍ଣ୍ଣ ଗୋଚର
ହେବା ପାଇଁ ଯୋଶିୟ ରାଜା ପାଠ କଲେ।

3ଏଥିରେ ରାଜା ସ୍ତମ୍ଭ ସମ୍ମୁଖରେ ଠିଆହେଲେ। ସଦାପ୍ରଭୁଙ୍କ
ସହତ ଗୋଟିଏ ଯୁକ୍ତି କଲେ ଏବଂ ସଦାପ୍ରଭୁଙ୍କୁ ଅନୁକରଣ
କରିବାକୁ ତାଙ୍କର ଆଜ୍ଞାମାନ, ସାକ୍ଷକଥା ଓ ନିୟମମାନ ତାଙ୍କ
ସମସ୍ତ ହୃଦୟ ଓ ମନ ସହତ ପ୍ରତିଜ୍ଞା କଲେ ଏବଂ
ପ୍ରତ୍ୟେକ ଲୋକ ଏହା କରିବାକୁ ରାଜି ହେଲେ।

4ପୁଣି ରାଜା ସଦାପ୍ରଭୁଙ୍କ ମନ୍ଦିରରୁ ବାଲର, ଆଶେରାମୂର୍ତ୍ତୀର
ଓ ସ୍ୱର୍ଗସ୍ଥ ସମସ୍ତ ବାହନୀ ଓ ମିଥ୍ୟା ଦେବତାମାନଙ୍କ ନିମନ୍ତେ
ନିର୍ମିତ ସକଳ ସାମଗ୍ରୀ ବାହାର କରି ଆଣିବା ପାଇଁ ହଲକିୟ
ମହାଯାଜକକୁ, ଦ୍ୱିତୀୟ ଶ୍ରେଣୀର ଯାଜକମାନଙ୍କୁ ଓ ଦ୍ୱାରପାଳ
ମାନଙ୍କୁ ଆଦେଶ କଲେ। ତା'ପରେ ଯୋଶିୟ ରାଜା ସେ
ସମସ୍ତ ଦ୍ରବ୍ୟକୁ ଯିରୁଶାଲମର ବାହାରେ କିଦ୍ରୋଣ
ଉପତ୍ୟକାରେ ଦଗ୍ଧ କଲେ ଓ ତାହାର ଭସ୍ମ ବୈଥେଲକୁ
ନେଇଗଲେ।

5ରାଜା ସମସ୍ତ ସାଧାରଣ ଲୋକ ଯାଜକ ଭାବରେ
ଯିହୁଦାର ରାଜାଙ୍କ ଦ୍ୱାର ନିଯୁକ୍ତ ହୋଇଥିଲେ, ଯାଜକ ରୂପେ
ସେବା କରିବାକୁ ବରଖାସ୍ତ କଲେ। ଏହ ଭଣ୍ଡ ଯାଜକଗଣ
ଯିହୁଦାର ପ୍ରତ୍ୟେକ ନଗରର ଉଚ୍ଚସ୍ଥାନରେ ସବୁବେଳେ ଧୂପ
ଜଳାନ୍ତି ଓ ଯିରୁଶାଲମସ୍ଥିତ ଚତୁର୍ଦ୍ଦିଗସ୍ଥିତ ସମସ୍ତ ନଗରରେ
ବାଲ୍‌ଙ୍କ ସମ୍ମାନାର୍ଥେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ଏବଂ ଆକାଶର ସମସ୍ତ
ଶକ୍ତିଗୁଡ଼ିକରେ।

6ଆଉ ଯୋଶିୟ ସଦାପ୍ରଭୁଙ୍କ ମନ୍ଦିରରୁ ଆଶେରା ମୂର୍ତ୍ତୀ
କାଢିନେଇ ଯିରୁଶାଲମର ବାହାରେ କିଦ୍ରୋଣ ନଦୀ ନିକଟକୁ
ଆଣିଲେ। ସେଠାରେ ସେ ଏହାକୁ ଦଗ୍ଧ କଲେ ଓ ତାକୁ
ପେଷି ଧୂଳି କଲେ। ସେହ ଚୂର୍ଣ୍ଣକୁ ନେଇ ସାମାନ୍ୟ
ଲୋକମାନଙ୍କ କବର ଉପରେ ନିକ୍ଷେପ କଲେ।

7ତା'ପରେ ଯୋଶିୟ ରାଜା ସଦାପ୍ରଭୁଙ୍କ ମନ୍ଦିରରେ ଥିବା
ସଦୋମୀମାନଙ୍କ ଗୃହ ସବୁ ଭାଙ୍ଗି ପକାଇଲେ। ସ୍ତ୍ରୀଲୋକମାନେ
ଏହ ଗୃହଗୁଡ଼ିକ ବ୍ୟବହାର କଲେ ଓ ଆଶେରର ସମ୍ମାନ
ପାଇଁ ଛୋଟ ଛାଉଣୀର ପରଦା ନିର୍ମାଣ କଲେ ଏବଂ
ସେଗୁଡ଼ିକୁ ମଧ ଭାଙ୍ଗି ଦିଆଗଲା।

8-9ସେ ସମୟରେ ଯାଜକମାନେ ବଳିଦାନ ଯିରୁଶାଲମସ୍ଥିତ
ସଦାପ୍ରଭୁଙ୍କ ଯଜ୍ଞବେଦୀ ନିକଟକୁ ଆଣିଲେ ନାହିଁ। ସେମାନେ
ଯିହୁଦା ନଗର ଚତୁର୍ଦ୍ଦିଗରେ ରହଲେ ଓ ସେହ ନଗରଗୁଡ଼ିକର
ଉଚ୍ଚ ସ୍ଥଳମାନଙ୍କରେ ଦୀପ ଓ ନୈବେଦ୍ୟ ଜଳାଇଲେ। ସେହ
ଉଚ୍ଚସ୍ଥଳୀଗୁଡ଼ିକ ଗେବାଠାରୁ ବେରଶେବା ପର୍ଯ୍ୟନ୍ତ ଲାଗି ଥିଲା।
ସେହ ଯାଜକମାନେ ସାଧାରଣ ଲୋକଙ୍କ ସହତ ତାଡ଼ଶୂନ୍ୟ
ରୋଟି ଭୋଜନ କଲେ। ରାଜା ଯୋଶିୟ ସେହ ଉଚ୍ଚସ୍ଥଳୀଗୁଡ଼ିକୁ
ଭାଙ୍ଗି ପକାଇଲେ ଓ ସେ ଯାଜକମାନଙ୍କୁ ଯିରୁଶାଲମକୁ ନେଇ
ଆସିଲେ। ସେ ମଧ ନଗର ଦ୍ୱାରରେ ପ୍ରବେଶକାରୀ ମନୁଷ୍ୟର
ବାମ ଦିଗସ୍ଥିତ ନଗରାଧ୍ୟକ୍ଷ ଯିହୋଶୂୟର ନଗର ଦ୍ୱାରରେ
ଉଚ୍ଚସ୍ଥଳୀ ଭାଙ୍ଗି ପକାଇଲେ। ଯିହୋଶୂୟ ନଗରର ଶାସକ
ଥିଲେ।

10ତୋଫତ ବେନ-ହିନ୍ନୋମ ଉପତ୍ୟକା ର ଗୋଟିଏ ସ୍ଥାନ
ଥିଲା, ଯେଉଁଠାରେ ଲୋକମାନେ ସେମାନଙ୍କର ପୁତ୍ର ଓ
କନ୍ୟାମାନଙ୍କୁ ମୋଲକ ମିଥ୍ୟା ଦେବତା ସମ୍ମାନାର୍ଥେ ଅଗ୍ନିରେ
ହୋମ କଲେ। ଯେତେବେଳେ ଯୋଶିୟ ସେହି ସ୍ଥାନକୁ
ଅପବିତ୍ର କଲେ। ଲୋକମାନେ ଯେପରି ହୋମ ସ୍ଥାନକୁ
ଅଧିକ ସମୟ ବ୍ୟବହାର ପାଇଁ ବନ୍ଦ କଲେ। 11ଆହୁରି
ମନ୍ଦିରର ସୀମାନ୍ତବର୍ତ୍ତୀ ନଥନ-ମେଲକ ନାମକ ନପୁଂସକର
କୋଠରୀ ନିକଟସ୍ଥ ସଦାପ୍ରଭୁଙ୍କ ମନ୍ଦିରର ପ୍ରବେଶ ସ୍ଥାନ
ସମୀପରେ ଯିହୁଦାର ରାଜାମାନେ ସୂର୍ଯ୍ୟ ଉଦ୍ଦେଶ୍ୟରେ ଯେଉଁ
ଅଶ୍ୱମାନଙ୍କୁ ଦେଇଥିଲେ, ସେ ସେମାନଙ୍କୁ ନେଇ ଗଲେ ଓ
ସେହି ସୂର୍ଯ୍ୟ ଦେବତାର ରଥଗୁଡ଼ିକୁ ଅଗ୍ନିରେ ଦଗ୍ଧ କରାଗଲା।
12ଅତୀତରେ ଯିହୁଦାର ରାଜାମାନେ ଆହସର ଘରର
କୋଠରୀର ଛାତ ଉପରେ ଯେଉଁ ଯଜ୍ଞବେଦୀ ନିର୍ମାଣ
କରିଥିଲେ ଓ ମନଃଶି ସଦାପ୍ରଭୁଙ୍କ ମନ୍ଦିରର ଦୁଇ ସହରରେ
ଯେଉଁ ଯଜ୍ଞବେଦୀଗୁଡ଼ିକ ନିର୍ମାଣ କରିଥିଲେ ଯୋଶିୟ ସେ
ସବୁକୁ ଭାଙ୍ଗି ଚୂର୍ଣ୍ଣ କଲେ ଓ ସେ ଧୂଳିକୁ ନେଇ କିଦ୍ରୋଣ
ନଦୀରେ ନିକ୍ଷେପ କଲେ।
13ରାଜା ଉଚ୍ଚସ୍ଥଳଗୁଡ଼ିକ ଅଶୁଚି କଲେ, ଯେଉଁସବୁ
ଯିରୁଶାଲମର ପୂର୍ବରେ ବିନାଶ ପର୍ବତ ଉପରେ ଶଲୋମନଙ୍କ
ଦ୍ୱାରା ଗଢ଼ା ହୋଇଥିଲା। ଇଶ୍ରାୟେଲର ରାଜା ଅଷ୍ଟାରୋତ
ସମ୍ମାନାର୍ଥେ ସୀଦୋନୀୟମାନଙ୍କର ଭଣ୍ଡ ଦେବୀଗଣ, କମୋଶ
ପାଇଁ ମୋୟାବର ଭଣ୍ଡ ଦେବତା ଏବଂ ମିଲ୍‌କମ ପାଇଁ
ଅମୋନୀୟମାନଙ୍କର ଭଣ୍ଡଦେବତା ପାଇଁ ତିଆରି ହୋଇଥିଲା।
14ଆଉ ମଧ୍ୟ ସେ ସମସ୍ତ ସ୍ମୃତିସ୍ତମ୍ଭ ଓ ଆଶେରା ମୂର୍ତ୍ତୀ ଭାଙ୍ଗି
ପକାଇଲେ ଓ ସେହି ସ୍ଥାନଗୁଡ଼ିକ ମନୁଷ୍ୟର ଅସ୍ଥିରେ ପୂର୍ଣ୍ଣ
କଲେ।
15ନବାଟଙ୍କ ପୁତ୍ର ଯାରବୟାମ ବୈଥେଲରେ ଯେଉଁ
ଯଜ୍ଞବେଦୀ ନିର୍ମାଣ କରି ଇଶ୍ରାୟେଲ ଲୋକଙ୍କୁ ପାପ କରାଇଥିଲେ
ଓ ସେ ଯେଉଁ ଉଚ୍ଚସ୍ଥଳୀ ନିର୍ମାଣ କରିଥିଲେ, ଯୋଶିୟ ସେହି
ଯଜ୍ଞବେଦୀ ଓ ଉଚ୍ଚସ୍ଥଳୀ ଭାଙ୍ଗି ପକାଇଲେ। ଯୋଶିୟ ସେହି
ପ୍ରସ୍ତରକୁ ପେଷି ଚୂର୍ଣ୍ଣ କଲେ ଓ ଆଶେରା ମୂର୍ତ୍ତୀକୁ ଦଗ୍ଧ
କଲେ। 16ଏହାପରେ ଯୋଶିୟ ଚତୁର୍ଦ୍ଦିଗକୁ ଚାହିଁଲା ବେଳେ
ସେଠାରେ ପର୍ବତ ଉପରେ କବରମାନ ଦେଖିଲେ। ତହୁଁ ସେ
ଲୋକ ପଠାଇ ସେହି କବରମାନଙ୍କର ଅସ୍ଥି ଅଣାଇଲେ।
ଆଉ ପରମେଶ୍ୱରଙ୍କ ଲୋକ ପୂର୍ବେ ଯେପରି ପ୍ରଚାର କରିଥିଲେ।
ତାଙ୍କ ପ୍ରଚାରିତ ସଦାପ୍ରଭୁଙ୍କ ବାକ୍ୟାନୁସାରେ ସେହି ଯଜ୍ଞବେଦୀ
ଉପରେ ସେହି ଅସ୍ଥି ସବୁ ଯଜ୍ଞବେଦୀ ଉପରେ ରଖିଲେ ଓ
ଦଗ୍ଧ କରି ଅଶୁଚି କଲେ। ଏହି ସମୟରେ ପରମେଶ୍ୱର
ଲୋକଙ୍କ ଦୃଷ୍ଟିରେ ଦେଖିଲେ ଯେ, ଯୋରବୟାମ ଯଜ୍ଞବେଦୀ
ପାଖରେ ଛିଡ଼ା ହୋଇଛି।
ତା'ପରେ ଯୋଶିୟ ପରମେଶ୍ୱରଙ୍କ ଲୋକର କବର
ଦେଖିଲେ।
17ଯୋଶିୟ ପଚାରିଲେ, "ଏହି ସମାଧି ପଥର କ'ଣ, ମୁଁ
ଯାହା ଦେଖୁଛି?"
ସହରର ଲୋକମାନେ ଉତ୍ତର ଦେଲେ, "ଏହା ପରମେଶ୍ୱର
ଲୋକମାନଙ୍କ କବର, ଯିଏ ଯିହୁଦାରୁ ଆସିଲେ ଓ
ବୈଥେଲସ୍ଥରେ ତୁମ୍ଭେ କରିଥିବା ଯଜ୍ଞବେଦୀର ବଳିଦାନ
ଉପରେ ପୂର୍ବରୁ କହିଥିଲେ। ସେ ଏହା ବହୁତ ସମୟ ପୂର୍ବରୁ
କହିଥିଲେ।"
18ତେଣୁ ରାଜା କହିଲେ, "ପରମେଶ୍ୱର ଲୋକଙ୍କୁ ଏକା
ଛାଡ଼ିଦିଅ! ତାଙ୍କର ଅସ୍ଥିଗୁଡ଼ିକୁ ସ୍ଥାନାନ୍ତର କର ନାହିଁ।" ତେଣୁ
ସେମାନେ ସେଠାରେ ଶମରିୟାରୁ ଆଗତ ଭବିଷ୍ୟଦବକ୍ତାର
ଅସ୍ଥି ସହିତ ତାଙ୍କର ଅସ୍ଥି ଛାଡ଼ିଦେଲେ।
19ପୁଣି ଇଶ୍ରାୟେଲର ରାଜାମାନେ ସଦାପ୍ରଭୁଙ୍କୁ ବିରକ୍ତି
କରିବା ପାଇଁ ଶମରିୟାର ନାନା ନଗରରେ ଉଚ୍ଚସ୍ଥଳୀମାନଙ୍କରେ
ମନ୍ଦିର ନିର୍ମାଣ କରିଥିଲେ ଯୋଶିୟ ସେ ସବୁ ଧ୍ୱଂସ କଲେ।
ବୈଥେଲରେ ଯେପରି କରିଥିଲେ ସେଠାରେ ମଧ୍ୟ ସେହିପରି
କଲେ।
20ଯୋଶିୟ ଶମରିୟାର ଉଚ୍ଚସ୍ଥଳୀର ଯାଜକମାନଙ୍କୁ
ଯଜ୍ଞବେଦୀରେ ବଧ କଲେ ଓ ସେ ଉପରେ ମନୁଷ୍ୟମାନଙ୍କ
ଅସ୍ଥି ଯଜ୍ଞବେଦୀ ଉପରେ ଦଗ୍ଧ କଲେ। ଏହି ରୂପେ ସେ
ସମସ୍ତ ପୂଜା ସ୍ଥାନକୁ ଅଶୁଚି କରି ଯିରୁଶାଲମକୁ ଫେରିଗଲେ।

## ଯିହୁଦାର ଲୋକେ ନିସ୍ତାର ପର୍ବ ପାଳନ କରନ୍ତି

21ତା'ପରେ ଯୋଶିୟ ରାଜା ସମସ୍ତ ଲୋକଙ୍କୁ ଆଦେଶ
ଦେଲେ, "ଏହି ନିୟମ ପୁସ୍ତକର ଯୁକ୍ତିନୁସାରେ ତୁମ୍ଭର
ପରମେଶ୍ୱର ସଦାପ୍ରଭୁଙ୍କର ସମ୍ମାନାର୍ଥେ ନିସ୍ତାର ପର୍ବ ପାଳନ
କର।"
22ପୂର୍ବଦିନଗୁଡ଼ିକରେ ଇଶ୍ରାୟେଲ ଓ ଯିହୁଦାର ରାଜାମାନଙ୍କର
ଶାସନର ପୂର୍ବବର୍ତ୍ତୀ କାଳରେ ବିଚାରକମାନେ ଇଶ୍ରାୟେଲରେ
ଶାସନ କଲେ। ଏପରି ନିସ୍ତାର ପର୍ବ ପାଳନ କେବେ ହୋଇ
ନଥିଲା। 23ସେମାନେ ଯୋଶିୟ ରାଜାଙ୍କର ରାଜତ୍ୱର ଅଷ୍ଟାଦଶ
ବର୍ଷରେ ଏହି ନିସ୍ତାର ପର୍ବ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଯିରୁଶାଲମରେ ପାଳନ କଲେ।
24ଆହୁରି ଯୋଶିୟ ଯେପରି ସଦାପ୍ରଭୁଙ୍କ ମନ୍ଦିରରେ
ହିଲକିୟ ଯାଜକର ପ୍ରାପ୍ତ ପୁସ୍ତକରେ ଲିଖିତ ବ୍ୟବସ୍ଥାର ସମସ୍ତ
ବାକ୍ୟ ସଫଳ କରି ପାରିବେ, ସେଥିପାଇଁ ଯିହୁଦାର ଓ
ଯିରୁଶାଲମ ଦ୍ୱାରା ଆରାଧନା କରୁଥିବେ। ଯେଉଁ ସମସ୍ତ ମାଧ୍ୟମଗୁଡ଼ିକ
ଗୁଣୀ, ଠାକୁର, ପୁତୁଳିକା ଓ ଘୃଣାଯୋଗ୍ୟ ବସ୍ତୁ ଦେଖାଗଲା
ସେ ତାହା ସବୁ ଦୂର କଲେ।
25ଯୋଶିୟ ଯେପରି ସର୍ବାନ୍ତଃକରଣରେ, ସମସ୍ତ ପ୍ରାଣ ଓ
ସମସ୍ତ ଶକ୍ତି ଦ୍ୱାରା ସଦାପ୍ରଭୁଙ୍କ ପ୍ରତି ଅନୁରକ୍ତ ହେଲେ।
ଯୋଶିୟଙ୍କ ପରି ମୋଶାଙ୍କ ବ୍ୟବସ୍ଥା ପାଳନ କରିବାର
କୌଣସି ରାଜା ନଥିଲେ। ଏପରି କୌଣସି ରାଜା ତାଙ୍କ ପୂର୍ବରୁ
ନଥିଲେ ଓ ତାଙ୍କ ପରେ କେହି ସେପରି ହେଲେ ନାହିଁ।
26କିନ୍ତୁ ମନଃଶି ଯେଉଁ ସବୁ ବିରକ୍ତିଜନକ କ୍ରିୟାଦ୍ୱାରା
ସଦାପ୍ରଭୁଙ୍କୁ କ୍ରୋଧାନ୍ୱିତ କରିଥିଲେ, ସେଥି ସକାଶେ ଯିହୁଦା
ପ୍ରତିକୂଳରେ ତାଙ୍କର ଯେଉଁ କ୍ରୋଧ ପ୍ରଜ୍ୱଳିତ ହୋଇଥିଲା,
ସଦାପ୍ରଭୁ ସେହି ପ୍ରଚଣ୍ଡ ମହାକୋପରୁ ବିରତ ହେଲେ ନାହିଁ।
27ସଦାପ୍ରଭୁ କହିଲେ, "ମୁଁ ଯିହୁଦାକୁ ଅପସାରଣ କରିବି,
ଯେଭଳି ମୁଁ ଇଶ୍ରାୟେଲକୁ ମୋର ଦୃଷ୍ଟିରୁ ଅପସାରଣ କରିଛି।
ମୁଁ ମୋର ମନୋନୀତ ସହର ଯିରୁଶାଲମକୁ ପରିତ୍ୟାଗ
କରିବି।" ମୁଁ ଯେଉଁ ମନ୍ଦିର ବିଷୟରେ କହିଥିଲି, 'ମୋର
ନାମ ସେଠାରେ ରହିବ।' 28ଯୋଶିୟଙ୍କର ଅବଶିଷ୍ଟ ବୃତ୍ତାନ୍ତ

ଓ ତାଙ୍କର ସମସ୍ତ କ୍ରିୟା ଯିହୁଦା ରାଜାମାନଙ୍କ ଇତିହାସ
ପୁସ୍ତକରେ ଲିଖିତ ହୋଇଅଛି।

## ଯୋଶିୟଙ୍କ ମୃତ୍ୟୁ

**29**ଯୋଶିୟଙ୍କ ରାଜତ୍ୱ କାଳରେ ମିଶରର ରାଜା ଫାରୋ-
ନଖୋ ଅଶୂରୀୟ ରାଜା ବିପକ୍ଷରେ ଯୁଦ୍ଧ କରିବାକୁ ଫରାତ ନଦୀ
ଆଡ଼କୁ ଯାତ୍ରା କଲେ। ଯୋଶିୟ ଫାରୋ ସହିତ ମାଗିଦ୍ଦୋ
ନିକଟରେ ଭେଟିବାକୁ ଗଲେ। ସେହିଠାରେ ଫାରୋ ଯୋଶିୟଙ୍କୁ
ଦେଖି ବଧକଲେ। **30**ଏହାପରେ ଯୋଶିୟଙ୍କ ସେବକମାନେ
ତାଙ୍କର ମୃତ ଶରୀରକୁ ଗୋଟିଏ ରଥରେ ମାଗିଦ୍ଦୋରୁ
ଯିରୂଶାଲମକୁ ଆଣି ତାଙ୍କ ନିଜ କବରସ୍ଥାନରେ କବର
ଦେଲେ।

ଏହାପରେ ଦେଶର ଲୋକମାନେ ଯୋଶିୟଙ୍କର ପୁତ୍ର
ଯିହୋୟାହସ୍‌ଙ୍କୁ ନେଇ ତାହାଙ୍କୁ ଅଭିଷେକ କରି ତାଙ୍କ
ପିତାଙ୍କ ପଦରେ ତାଙ୍କୁ ରାଜା କଲେ।

## ଯିହୋୟାହସ୍ ଯିହୁଦାରେ ରାଜା ହୁଅନ୍ତି

**31**ଯିହୋୟାହସ୍ ଯେତେବେଳେ ରାଜା ହେଲେ ସେତେବେଳେ
ତାଙ୍କୁ ତେଇଶି ବର୍ଷ ହୋଇଥିଲା। ସେ ଯିରୂଶାଲମରେ
ତିନିମାସ ରାଜତ୍ୱ କଲେ। ତାଙ୍କର ମାତାଙ୍କ ନାମ ହମୁଟଲ୍,
ସେ ଲିବ୍‌ନା ନିବାସୀ ଯିରମିୟର କନ୍ୟା ଥିଲେ। **32**ସେ ମଧ୍ୟ
ତାଙ୍କ ପୂର୍ବପୁରୁଷମାନଙ୍କ ପରି କୁକର୍ମ କଲେ, ଯାହା ସଦାପ୍ରଭୁଙ୍କ
ଦୃଷ୍ଟିରେ ମନ୍ଦ ଥିଲା। **33**ଫାରୋ-ନଖୋ ଯିହୋୟାହସ୍‌ଙ୍କୁ ହମାତ୍
ଦେଶସ୍ଥ ରିବ୍‌ଲାରେ ବନ୍ଦୀ କରି ରଖିଲେ। ତେଣୁ ସେ ଆଉ
ଯିରୂଶାଲମରେ ଶାସନ କରି ପାରିଲେ ନାହିଁ। ପୁଣି ଫାରୋ-ନଖୋ
ଯିହୁଦା ଦେଶ ଉପରେ 100 ତାଳନ୍ତ ରୁପା ଓ ଏକ ତାଳନ୍ତ
ସୁନା କର ଧାର୍ଯ୍ୟ କଲେ।

**34**ତହୁଁ ଫାରୋ-ନଖୋ ଯୋଶିୟଙ୍କର ପୁତ୍ର ଇଲୀୟାକୀମ୍
ଯିଏ ଯୋଶିୟଙ୍କର ସ୍ଥାନରେ ନୂଆ ରାଜା ପଦରେ ଘୋଷଣା
କଲେ, ସେ ତାଙ୍କର ନାମ ଯିହୋୟାକୀମ୍ ରଖିଲା। କିନ୍ତୁ
ଯିହୋୟାହସ୍‌ଙ୍କୁ ସେ ମିଶରକୁ ନେଇଗଲେ ଓ ସେହିଠାରେ
ତାଙ୍କର ମୃତ୍ୟୁ ହେଲା। **35**ଯିହୋୟାକୀମ୍ ଫାରୋଙ୍କୁ ସେହି
ସବୁ ସୁନା ଓ ରୁପା ଦେଲେ ମାତ୍ର ଫାରୋ ଆଜ୍ଞାନୁସାରେ
ସେହି ରୌପ୍ୟ ଓ ସୁବର୍ଣ୍ଣ ଦେବା ନିମିତ୍ତ ସେ ଦେସବାସୀଙ୍କ
ଉପରେ କର ବସାଇଲେ। ସେ ଫାରୋଙ୍କୁ ଦେବା ପାଇଁ
ନିରୁପିତ କର ଅନୁସାରେ ଦେଶବାସୀଙ୍କଠାରୁ ସେହି ରୁପା ଓ
ସୁନା ଆଦାୟ କଲେ।

**36**ଯିହୋୟାକୀମ୍ ଯେତେବେଳେ ରାଜା ହେଲେ ସେତେବେଳେ
ତାଙ୍କୁ ପଚିଶ ବର୍ଷ ହୋଇଥିଲା। ସେ ଯିରୂଶାଲମ୍‌ରେ ଏଗାର
ବର୍ଷ ରାଜତ୍ୱ କଲେ। ତାଙ୍କର ମାତାଙ୍କ ନାମ ସବୀଦା ଓ ସେ
ରୁମା ନିବାସୀ ପଦାୟର କନ୍ୟା ଥିଲେ। **37**ଏହି ଯିହୋୟାକୀମ୍
ସମାନ ତାଙ୍କ ପୂର୍ବପୁରୁଷମାନଙ୍କ ପରି ସଦାପ୍ରଭୁଙ୍କ ଦୃଷ୍ଟିରେ
କୁକର୍ମରେ ଲିପ୍ତ ହେଲେ।

## ନବୂଖଦ୍‌ନିତ୍ସରଙ୍କ ଯିହୁଦା ଆଗମନ

**24** ଯିହୋୟାକୀମ୍‌ର ରାଜତ୍ୱ କାଳରେ, ବାବିଲର ରାଜା
ନବୂଖଦ୍‌ନିତ୍ସର ଯିହୂଦା ଓ ଯିହୋୟାକୀମ୍‌କୁ ତିନି
ବର୍ଷ ଧରି ଆକ୍ରମଣ କଲେ। ତା'ପରେ ସେ ତାଙ୍କୁ ଅମାନ୍ୟ
କରି ତାଙ୍କର ବିଦ୍ରୋହୀ ହେଲେ। **2**ତେଣୁ ସଦାପ୍ରଭୁ
ଯିହୋୟାକୀମ୍‌ଙ୍କ ବିରୁଦ୍ଧରେ କଲ୍‌ଦୀୟ ସୈନ୍ୟଦଳ, ଅରାମୀୟ
ସୈନ୍ୟଦଳ, ମୋୟାବୀୟ ସୈନ୍ୟଦଳ ଓ ଅମ୍ମୋନ-ସନ୍ତାନ
ମାନଙ୍କ ସୈନ୍ୟଦଳ ପ୍ରେରଣ କଲେ। ସଦାପ୍ରଭୁ ଆପଣା ଦାସ
ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ଯାହା କହିଥିଲେ, ସେହି
ବାକ୍ୟାନୁସାରେ ଯିହୁଦାକୁ ବିନାଶ କରିବା ପାଇଁ ତା' ବିରୁଦ୍ଧରେ
ସେମାନଙ୍କୁ ପ୍ରେରଣ କଲେ।

**3**ମନଃଶିର ପାପ କର୍ମ ଯୋଗୁଁ ସଦାପ୍ରଭୁ ଯିହୁଦାରେ ଏହି
ଘଟଣାସବୁ ଘଟିବାକୁ ଦେଲେ। ଏହି ରୂପେ ସଦାପ୍ରଭୁ ସେମାନଙ୍କୁ
ତାଙ୍କ ଦୃଷ୍ଟିରୁ ଦୂରେଇ ଦେଲେ। **4**କାରଣ ମନଃଶି ବହୁ
ନୀରିହ ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟାକରି ସେମାନଙ୍କ ରକ୍ତରେ
ଯିରୂଶାଲମ୍‌କୁ ପରିପୂର୍ଣ୍ଣ କଲା। ତେଣୁ ସଦାପ୍ରଭୁ ତାଙ୍କୁ ସେହି
ପାପ ପାଇଁ କ୍ଷମା କରିବେ ନାହିଁ।

**5**ଏହି ଯିହୋୟାକୀମ୍‌ଙ୍କ ଅବଶିଷ୍ଟ ବୃତ୍ତାନ୍ତ ଓ ତାଙ୍କର
ସମସ୍ତ କ୍ରିୟା ଯିହୁଦା ରାଜାମାନଙ୍କ ଇତିହାସ ପୁସ୍ତକରେ ଲିଖିତ
ହୋଇଛି। **6**ଯିହୋୟାକୀମଙ୍କ ମୃତ୍ୟୁ ହେଲା ଓ ସେ ତାଙ୍କର
ପୂର୍ବପୁରୁଷଙ୍କ ସହିତ କବର ନେଲେ। ତାଙ୍କ ପଦରେ ତାଙ୍କର
ପୁତ୍ର ରାଜ୍ୟ କଲେ।

**7**ବାବିଲର ରାଜା ମିଶରର ନଦୀଠାରୁ ଫରାତ୍ ନଦୀ
ପର୍ଯ୍ୟନ୍ତ ମଧ୍ୟବର୍ତ୍ତି ସମସ୍ତ ଦେଶ ଅଧିକାର କଲେ। ଏହି
ଦେଶ ପୂର୍ବରୁ ମିଶର ଅଧିନରେ ଥିଲା। ତେଣୁ ମିଶରର ରାଜା
ପୁନର୍ବାର ମିଶର ଛାଡି ଆସିଲେ ନାହିଁ।

## ନବୂଖଦ୍‌ନିତ୍ସରଙ୍କ ଯିରୟଶାଲମ ଅଧିକାର

**8**ଯିହୋୟାଖୀନ୍ ଅଷ୍ଟାଦଶ ବର୍ଷ ବୟସରେ ରାଜ୍ୟ ଶାସନ
ଆରମ୍ଭ କଲେ। ସେ ଯିରୁଶାଲମ୍‌ରେ ମାତ୍ର ତିନି ମାସ ରାଜତ୍ୱ
କଲେ। ତାଙ୍କ ମାତାଙ୍କ ନାମ ନହୁଷ୍ଟା ଓ ସେ ଯିରୁଶାଲମ୍
ନିବାସୀ ଇଲ୍‌ନାଥନ୍‌ର କନ୍ୟା। **9**ଯିହୋୟାଖୀନ୍ ତାଙ୍କ ପିତାଙ୍କ
ତୁଲ୍ୟ ସଦାପ୍ରଭୁଙ୍କ ଦୃଷ୍ଟିରେ କୁକର୍ମମାନ କଲେ।

**10**ସେହି ସମୟରେ ନବୂଖଦ୍‌ନିତ୍ସରଙ୍କ ଅଧିକାରୀମାନେ
ଯିରୁଶାଲମ୍‌କୁ ଆସି ତାଙ୍କୁ ଅବରୋଧ କଲେ। **11**ତା'ପରେ
ବାବିଲର ରାଜା ନବୂଖଦ୍‌ନିତ୍ସର ଅବରୋଧ ହୋଇଥିବା ନଗରରେ
ତାଙ୍କର ଅଧିକାରୀମାନଙ୍କ ଦ୍ୱାରା ଉପସ୍ଥିତ ହେଲେ। **12**ତେଣୁ
ଯିହୁଦାର ରାଜା ଯିହୋୟାଖୀନ୍, ତାଙ୍କର ମାତା, ତାଙ୍କର
ଦାସମାନେ, ତାଙ୍କର ଅଧିପତିମାନେ ଓ ତାଙ୍କର ନପୁଂସକମାନେ
ବାବିଲ ରାଜାଙ୍କୁ ଭେଟିବାକୁ ଗଲେ। ମାତ୍ର ବାବିଲର ରାଜା
ଯିହୋୟାଖୀନ୍‌ଙ୍କୁ ଧରି ତାଙ୍କୁ ବନ୍ଦୀରୂପେ ନେଲେ। ଏହା
ନବୂଖଦ୍‌ନିତ୍ସରଙ୍କ ଅଷ୍ଟମ ବର୍ଷ ରାଜତ୍ୱ କାଳରେ ଘଟିଥିଲା।

**13**ନବୂଖଦ୍‌ନିତ୍ସର ରାଜପ୍ରାସାଦରୁ ଏବଂ ଯିରୁଶାଲମ୍‌ର
ସଦାପ୍ରଭୁଙ୍କ ମନ୍ଦିରରୁ ସମସ୍ତ ଧନ ନେଇଗଲେ। ସେ ରାଜା
ଶଲୋମନଙ୍କ ଦ୍ୱାରା ତିଆରି ସଦାପ୍ରଭୁଙ୍କ ମନ୍ଦିରର ସ୍ୱର୍ଣ୍ଣମୟ
ପାତ୍ରଗୁଡ଼ିକୁ ଖଣ୍ଡ ଖଣ୍ଡ କରି କାଟି ପକାଇଲେ। ଏସବୁ
ସଦାପ୍ରଭୁଙ୍କ ବାକ୍ୟାନୁସାରେ ଘଟିଲା।

**14**ଆଉ ସେ ଯିରୁଶାଲମ୍‌ର ସମସ୍ତ ଲୋକଙ୍କୁ, ସମସ୍ତ
ଅଧିପତିଙ୍କୁ ଓ ମହାବିକ୍ରମଶାଳୀ ଲୋକମାନଙ୍କୁ ଏପରି 10,000
ଲୋକଙ୍କୁ ବନ୍ଦୀ କଲେ। ଆଉ ସେ ସମସ୍ତ ଦକ୍ଷ ଶିଳ୍ପୀ ଓ

କର୍ମକାରୀମାନଙ୍କୁ ନେଇଗଲେ କେବଳ ଦେଶରେ ନିତାନ୍ତ
ଦରିଦ୍ର ଲୋକ ଛଡ଼ା ଆଉ ଅବଶିଷ୍ଟ କେହି ରହିଲେ ନାହିଁ।
15ପୁଣି ନବୂଖଦ୍‌ନିତ୍ସର ଯିହୋୟାଖୀନଙ୍କୁ, ତାଙ୍କ ମାତାଙ୍କୁ, ତାଙ୍କ
ପତ୍ନୀମାନଙ୍କୁ, ତାଙ୍କର ନପୁଂସକମାନଙ୍କୁ ଓ ତାଙ୍କର ପ୍ରଧାନ
ଲୋକମାନଙ୍କୁ ବନ୍ଦୀ କରି ଯିରୁଶାଲମ୍‌ରୁ ବାବିଲକୁ ନେଇ
ଗଲେ। 16ଆଉ ମଧ୍ୟ ସେ 7,000 ବଳବାନ ସୈନିକ ଓ
1,000 ଶିଳ୍ପୀ ଓ କର୍ମଚାରୀମାନଙ୍କୁ ବନ୍ଦୀ କରି ଯିରୁଶାଲମରୁ
ନେଇଗଲା। ଏମାନେ ସମସ୍ତେ ତାଲିମ୍‌ପ୍ରାପ୍ତ ସୈନିକ ଥିଲେ ଓ
ଯୁଦ୍ଧଯୋଗ୍ୟ ଥିଲେ।

## ରାଜା ସିଦିକିୟ

17ପୁଣି ବାବିଲର ରାଜା ଯିହୋୟାଖୀନର ମାମୁଁ ମତ୍ତନିୟଙ୍କୁ
ତାଙ୍କ ପଦରେ ରାଜା କଲେ ଓ ତାଙ୍କ ନାମ ବଦଳାଇ
ସିଦିକିୟ ରଖିଲେ। 18ସିଦିକିୟ ଶାସନ କଲା ବେଳକୁ ତାଙ୍କୁ
ଏକୋଇଶ ବର୍ଷ ହୋଇଥିଲା। ସେ ଏଗାର ବର୍ଷ ଯିରୁଶାଲମରେ
ରାଜତ୍ୱ କଲେ। ତାଙ୍କ ମାତାଙ୍କ ନାମ ହମୂଟଲ ଓ ସେ
ଲିବ୍‌ନା ନିବାସୀ ଯିରିମିୟର କନ୍ୟା ଥିଲେ। 19ସିଦିକିୟ
ଯିହୋୟାଖୀନଙ୍କ ପରି ସଦାପ୍ରଭୁଙ୍କ ଦୃଷ୍ଟିରେ କୁକର୍ମମାନ କଲେ।
20ସଦାପ୍ରଭୁ ଯିରୁଶାଲମ୍ ଓ ଯିହୁଦା ପ୍ରତି ଏତେ କ୍ରୋଧାନ୍ୱିତ
ହେଲେ ଯେ ସେ ସେମାନଙ୍କୁ ଆପଣା ଛାମୁରୁ ଦୂରେଇ
ଦେଲେ।

## ନବୂଖଦ୍‌ନିତ୍ସରଙ୍କ ଦ୍ୱାରା ସିଦିକିୟ ଶାସନର ଅବସାନ

ସିଦିକିୟ ବାବିଲ ରାଜାଙ୍କ ଶାସନ ବିରୁଦ୍ଧରେ ବିଦ୍ରୋହୀ
ହେଲେ।

25 ଅନନ୍ତର ସିଦିକିୟଙ୍କ ରାଜତ୍ୱର ନବମ ବର୍ଷରେ
ଦଶମ ମାସର ଦଶମ ଦିନରେ ବାବିଲର ରାଜା
ନବୂଖଦ୍‌ନିତ୍ସର ଓ ତାଙ୍କର ସମସ୍ତ ସୈନ୍ୟ ଯିରୁଶାଲମ୍
ବିରୁଦ୍ଧରେ ଯୁଦ୍ଧ କରିବାକୁ ଆସିଲେ ଏବଂ ଯିରୁଶାଲମକୁ
ଅବରୋଧ କଲେ ଓ ତା'ର ଚାରିପାଖରେ ସୈନ୍ୟ କର୍ତ୍ତୃକ
ଅବରୋଧ ନିର୍ମାଣ କଲେ। 2ସେମାନଙ୍କର ସୈନ୍ୟବାହିନୀ
ସିଦିକିୟ ରାଜାଙ୍କ ଏକାଦଶ ବର୍ଷ ରାଜତ୍ୱ କାଳ ପର୍ଯ୍ୟନ୍ତ
ଯିରୁଶାଲମକୁ ଅବରୋଧ କରି ଘେରି ରଖିଲେ। 3ନଗରରେ
ଭୟଙ୍କର ଦୁର୍ଭିକ୍ଷ ପଡ଼ିଲା। ଚତୁର୍ଥ ମାସର ନବମ ଦିନରେ
ନଗରରେ ମହାଦୁର୍ଭିକ୍ଷ ଭୟଙ୍କର ମାତ୍ରାରେ ବଢ଼ିଗଲା।
ତେଣୁ ଦେଶୀୟ ଲୋକମାନଙ୍କ ନିମନ୍ତେ କିଛି ଖାଦ୍ୟ ଦ୍ରବ୍ୟ
ମିଳିଲା ନାହିଁ।

4ସର୍ବଶେଷରେ ନବୂଖଦ୍‌ନିତ୍ସର ସୈନ୍ୟ ନଗରର ପ୍ରାଚୀର
ଏକ ସ୍ଥାନ ଭଗ୍ନ କଲେ। ସେହି ରାତ୍ରିରେ ରାଜା ସିଦିକିୟ ଓ
ସମସ୍ତ ଯୋଦ୍ଧାଗଣ ରାଜାଙ୍କର ଉଦ୍ୟାନକୁ ଲାଗି ଦୁଇଟି ପ୍ରାଚୀର
ମଧ୍ୟ ଫାଟକ ଦେଇ ପଳାଇଲେ। ସେତେବେଳେ କଲଦୀୟମାନେ
ନଗରର ଚତୁର୍ଦ୍ଦିଗରେ ବେଢ଼ି ରହିଥିଲେ। ପୁଣି ରାଜା ଆରବା
ପଥ ଦେଇ ଚାଲିଗଲେ। 5ତହୁଁ କଲଦୀୟ ସୈନ୍ୟମାନେ
ରାଜାଙ୍କ ପଶ୍ଚାଦ୍ଧାବନ କରି ଯିରୀହୋ ପଦାରେ ତାଙ୍କୁ
ଧରିଲେ। ସେତେବେଳେ ତାଙ୍କର ସମସ୍ତ ସୈନ୍ୟ ତାଙ୍କୁ ଛାଡ଼ି
ପଳାୟନ କଲେ। 6ତା'ପରେ ସେମାନେ ରାଜାଙ୍କୁ ଧରି
ରିବ୍ଲାରେ ଥିବା ବାବିଲ ରାଜାଙ୍କ ନିକଟକୁ ନେଲେ। ସେମାନେ
ତାଙ୍କୁ ଦଣ୍ଡ ଦେବାକୁ ସ୍ଥିର କଲେ। 7ସେମାନେ ସିଦିକିୟଙ୍କର
ପୁତ୍ରମାନଙ୍କୁ ତାଙ୍କ ସମ୍ମୁଖରେ ବଧ କଲେ। ତା'ପରେ ସେମାନେ
ସିଦିକିୟଙ୍କର ଚକ୍ଷୁ ଉପାଡ଼ି ପକାଇଲେ ଓ ତାଙ୍କୁ ଶୃଙ୍ଖଳରେ
ବାନ୍ଧି ବାବିଲକୁ ନେଇ ଗଲେ।

## ଯିରୁଶାଲମ୍‌ର ଧ୍ୱଂସ

8ନବୂଖଦ୍‌ନିତ୍ସର ରାଜତ୍ୱର ଊନବିଂଶ ବର୍ଷରେ ପଞ୍ଚମ
ମାସର ସପ୍ତମ ଦିନରେ ବାବିଲ ରାଜାର ଦାସ ନବୂଷରଦନ୍
ଉତ୍ତମ ଯୋଦ୍ଧାବର୍ଗର ସେନାପତି ରୂପେ ଯିରୁଶାଲମ୍‌କୁ ଆସିଲା।
9ନବୂଷରଦନ୍ ସଦାପ୍ରଭୁଙ୍କ ମନ୍ଦିର, ରାଜଗୃହ, ଯିରୁଶାଲମ୍‌ର
ସମସ୍ତ ଗୃହ ଓ ଏପରିକି ବୃହତ୍ ଗୃହ ଗୁଡ଼ିକୁ ଅଗ୍ନିରେ ଦଗ୍ଧ
କଲା।

10ନବୂଷରଦନ୍‌ଙ୍କ ସହିତ ଥିବା ସମସ୍ତ ସୈନ୍ୟ ଯିରୁଶାଲମ୍‌ର
ଚତୁର୍ଦ୍ଦିଗରେ ଥିବା ପ୍ରାଚୀରକୁ ଭାଙ୍ଗି ପକାଇଲେ। 11ତା'ପରେ
ନବୂଷରଦନ୍ ଅବଶିଷ୍ଟ ଲୋକମାନଙ୍କୁ ଓ ଆତ୍ମସମର୍ପଣ କରିବାକୁ
ଆସିଥିବା ଲୋକମାନଙ୍କୁ ବନ୍ଦୀ କରି ନେଇ ଗଲେ। 12ସେ
କେବଳ ଦରିଦ୍ରତମ ଲୋକମାନଙ୍କୁ ଛାଡ଼ି ଗଲା କାରଣ
ସେମାନେ ଦ୍ରାକ୍ଷା କ୍ଷେତ ଓ ଅନ୍ୟାନ୍ୟ ଶସ୍ୟର ଯତ୍ନ ନେବେ।

13ବାବିଲର ସୈନ୍ୟମାନେ ସଦାପ୍ରଭୁଙ୍କ ମନ୍ଦିରରେ ଥିବା
ସମସ୍ତ ପିତ୍ତଳ ଦ୍ରବ୍ୟ ଭାଙ୍ଗି ପକାଇଲେ। ପିତ୍ତଳ ସ୍ତମ୍ଭ ବୈଠକ
ସବୁ ଓ ପିତ୍ତଳମୟ ସମୁଦ୍ର ରୂପ ଦୀପ ପାତ୍ର ଖଣ୍ଡ ଖଣ୍ଡ କରି
ତହିଁରେ ଥିବା ପିତ୍ତଳକୁ ବାବିଲକୁ ନେଇଗଲେ। 14ଆଉ
ମଧ୍ୟ ସଦାପ୍ରଭୁଙ୍କ ମନ୍ଦିରରେ ବ୍ୟବହୃତ ହାଣ୍ଡି, କରଚୁଲି,
କତୁରି, ଚମସ ସଜାପାଇଁ ସରଞ୍ଜାମ ଓ ଅନ୍ୟ ସମସ୍ତ ବସ୍ତୁ
ଯାହା ମନ୍ଦିରର ସେବା ପାଇଁ ବ୍ୟବହାର ହୋଇଥିଲା, ସେମାନେ
ନେଇ ଗଲେ। 15ପୁଣି ନବୂଷରଦନ୍ ଅଙ୍ଗାରଧାନୀ, କୁଣ୍ଡସବୁ,
ଯାହା ସୁନାର ଥିଲା ତାକୁ ସୁନା କରି ଓ ଯାହା ରୂପାର ଥିଲା
ତାକୁ ରୂପାର କରି ନେଇଗଲା। 16-17ନବୂଷରଦନ୍ ନେଇଥିବା
ଦ୍ରବ୍ୟ ଗୁଡ଼ିକ ହେଲା, ଯଥା:

ସଦାପ୍ରଭୁଙ୍କ ମନ୍ଦିରର ପିତ୍ତଳର ଦୁଇସ୍ତମ୍ଭ, ପ୍ରତ୍ୟେକ
ସ୍ତମ୍ଭ ଆଠ ହାତ ଉଚ୍ଚର ଥିଲା ଓ ତା' ଉପରେ
ଥିବା ତିନି ହାତର ଉଚ୍ଚ ପିତ୍ତଳ ମୁଣ୍ଡାଳି। ସର୍ବ
ଉପରେ ଜାଲି କର୍ମ ଓ ଡାଳିମ୍ବାକୃତ ଆକୃତି ଥିଲା।
ଉଭୟ ସ୍ତମ୍ଭ ସମାନ ଆକୃତି ଓ ସମାନ ପ୍ରକାରର
ଥିଲା। ସଦାପ୍ରଭୁଙ୍କ ମନ୍ଦିର ପାଇଁ ଶଲୋମନ
ବୃହତ୍ ଜଳାଶୟ ପିତ୍ତଳରେ ତିଆରି କରିଥିଲେ।

ଏହି ସମସ୍ତ ପିତ୍ତଳ ନିର୍ମିତ ଜିନିଷଗୁଡ଼ିକ ବହୁତ ଭାରି ଓ
ଓଜନ ଥିଲା।

## ଯିହୁଦାର ଲୋକମାନେ ବନ୍ଦୀରୂପେ ନୀତ

18ପୁଣି ନବୂଷରଦନ୍ ପ୍ରଧାନ ଯାଜକ ସରାୟ
ଦ୍ୱିତୀୟ ଯାଜକ ସଫନିୟ ଓ ତିନି ଜଣ ଦ୍ୱାରପାଳଙ୍କୁ
ନେଇ ଗଲା।

19ସେ ମଧ୍ୟ ବନ୍ଦୀପରି ନିଆଗଲେ। ଏକ ନପୁଂସକକୁ
ସୈନ୍ୟମାନଙ୍କର ଦେଖାଶୁଣା, ରାଜାଙ୍କର ଉପଦେଶଗଣ,
ସେନାର ସେନାପତିର ସଚିବ, ଯିଏ ଲୋକମାନଙ୍କୁ
ଗଣିବାର ଦାୟିତ୍ୱରେ ଥିଲେ ଏବଂ ସେମାନଙ୍କରୁ

ସୈନ୍ୟମାନଙ୍କୁ ବାଛିବା ଏବଂ ଷାଠିଏ ଅନ୍ୟ ଲୋକମାନେ
ସହରରେ ମିଳିଲେ।
20-21ତା'ପରେ ନବୂସରଦନ୍ ସେମାନଙ୍କୁ ଧରି ହମାତର
ରିବ୍ଲାରେ ଥିବା ବାବିଲ୍ ରାଜାଙ୍କ ନିକଟକୁ ନେଇଗଲା।
ବାବିଲର ରାଜା ସେମାନଙ୍କୁ ସେହି ରିବ୍ଲାରେ ବଧ କଲେ।
ଏହି ରୂପେ ଯିହୁଦା ଆପଣା ଦେଶରୁ ବନ୍ଦୀହୋଇ ନୀତ
ହେଲା।

## ଯିହୁଦାର ରାଜ୍ୟପାଳ ଗଦଲିୟ

22ବାବିଲର ରାଜା ନବୂଖଦ୍ନିତ୍ସର କିଛି ଲୋକ ଯିହୁଦାରେ
ଛାଡି ଯାଇଥିଲେ। ସେମାନଙ୍କ ମଧ୍ୟରେ ଶାଫନର ପୌତ୍ର
ଅହୀକାମର ପୁତ୍ର ଗଦଲିୟ ଥିଲା, ବାବିଲର ରାଜା ଗଦଲିୟକୁ
ଯିହୁଦାର ଶାସନ କର୍ତ୍ତା ରୂପେ ନିଯୁକ୍ତ କଲେ।
23ଏହାପରେ ବାବିଲର ରାଜା ଗଦଲିୟକୁ ଶାସନକର୍ତ୍ତା
କରିଅଛି ବୋଲି ଶୁଣି ସେନାପତିଗଣ ଓ ସେମାନଙ୍କ ଲୋକାମାନେ
ଯଥା: ନଥନିୟର ପୁତ୍ର ଇଶ୍ମାୟେଲ, କାରେହର ପୁତ୍ର
ଯୋହାନନ୍, ନାଟୋଫାତୀୟଠାରୁ ତନହୂମତର ପୁତ୍ର ସରାୟ,
ମାଖାତୀୟର ପୁତ୍ର ଯାସନିୟ ଓ ସେମାନଙ୍କର ଲୋକମାନେ
ମିସ୍ପାର ଗଦଲିୟ ନିକଟକୁ ଆସିଲେ। 24ତହୁଁ ଗଦଲିୟ
ଅଧିକାରୀମାନଙ୍କ ନିକଟରେ ଓ ସେମାନଙ୍କ ଲୋକମାନଙ୍କ
ନିକଟରେ ଶପଥ କରନ୍ତି, "ବାବିଲର ଅଧିକାରୀମାନଙ୍କୁ ଭୟ
କର ନାହିଁ, ଏହିଠାରେ ରହି ବାବିଲ ରାଜାର ସେବା କର।
ତା'ପରେ ଏହା ତୁମ୍ଭମାନଙ୍କ ସହିତ ମଙ୍ଗଳ ହେବ।"

25ମାତ୍ର ସପ୍ତମ ମାସରେ ରାଜବଂଶ ଜାତ ଇଲୀଶାମାର
ପୌତ୍ର ନଥନିୟର ପୁତ୍ର ଇଶ୍ମାୟେଲ, ଯିଏ ରାଜା ପରିବାରରୁ
ଥିଲେ। ସେ ଓ ତାଙ୍କର ଦଶଜଣ ସଙ୍ଗୀ ଗଦଲୀୟକୁ,
ଯିହୁଦୀୟମାନଙ୍କୁ ଓ ମିସ୍ପାରେ ଥିବା କଲଦୀୟମାନଙ୍କୁ ବଧ
କଲେ। 26ତା'ପରେ ସମସ୍ତ ସେନାପତିଗଣ ଓ ଛୋଟ ବଡ
ସବୁ ଲୋକ ମିଶରକୁ ପଳାଇଲେ। କାରଣ ସେମାନେ
କଲଦୀୟମାନଙ୍କୁ ଭୟ କରୁଥିଲେ।
27ଅନନ୍ତର ଯିହୁଦାର ରାଜା ଯହୋୟାଖୀନଙ୍କ ବନ୍ଦୀତ୍ୱର
ସପ୍ତତ୍ରିଂଶ ବର୍ଷର ଦ୍ୱାଦଶ ମାସରେ, ମାସର ସପ୍ତବିଂଶ ଦିନରେ
ବାବିଲ ରାଜା ଇବିଲମରୋଦକ୍। ସେ ରାଜତ୍ୱ ଆରମ୍ଭ କରିବା
ବର୍ଷରେ ବନ୍ଦୀରୁ ଯିହୁଦାର ରାଜା ଯିହୋୟାଖୀନ୍କୁ ବାହାର
କଲେ ଓ ତାଙ୍କୁ ଅନ୍ୟ ରାଜାଙ୍କଠାରୁ ତାଙ୍କୁ ଅଧିକ ମହତ୍ତ୍ୱପୂର୍ଣ୍ଣ
ସ୍ଥନରେ ବସିବାକୁ ଦେଲେ। ତାହା ବେବିଲୋନରେ ତାଙ୍କ
ସହିତ ଏପରି ଥିଲା। 28ଇବିଲ୍-ମରୋଦକ୍ ଯିହୋୟାଖୀନ୍ଙ୍କ
ପ୍ରତି ଅତ୍ୟନ୍ତ ଦୟାଳୁ ଥିଲେ। ସେ ବାବିଲରେ ତାଙ୍କ ସହିତ
ଥିବା ଅନ୍ୟ ରାଜାମାନଙ୍କ ଆସନଠାରୁ ସେ ଯିହୋୟାଖୀନ୍ଙ୍କୁ
ଉଚ୍ଚସ୍ଥାନ ଦେଇଥିଲେ।
29ଇବିଲ-ମରୋଦକ ଯିହୋୟାଖୀନଙ୍କ କାରାଗାର ପୋଷାକ
ବଦଳାଇ ଦେଇଥିଲେ ଓ ସେ ପ୍ରତିଦିନ ତାଙ୍କ ସହିତ
ଗୋଟିଏ ମେଜରେ ଯାବଜ୍ଜୀବନ ଭୋଜନ କଲେ। 30ତେଣୁ
ଅବଶିଷ୍ଟ ସମୟ ତାଙ୍କ ଜୀବନର ପ୍ରତିଦିନ। ତାଙ୍କର ସମସ୍ତ
ଭୋଜନ ଇବିଲ-ମରୋଦକ ରାଜାଙ୍କ ଦ୍ୱାରା ଯିହୋୟାଖୀନ୍ଙ୍କୁ
ଦିଆଗଲା।

# ରାଜାବଳୀର ପ୍ରଥମ ପୁସ୍ତକ

### ଅଦୋନୀୟ ରାଜା ହେବାକୁ ଇଚ୍ଛା କଲେ

1 ରାଜା ଦାଉଦ ଅତ୍ୟନ୍ତ ବୃଦ୍ଧ ହେଲେ। ତାଙ୍କର ପରିଚାରକଗଣ
ତାଙ୍କୁ ଉଷ୍ମ କରିବା ପାଇଁ ବହୁତ କମ୍ବଳ ଓ ବହୁ
ବସ୍ତ୍ରରେ ଆଚ୍ଛାଦନ କଲେ। କିନ୍ତୁ ସେ କିଛି ଉଷ୍ମତା ପାଇଲେ
ନାହିଁ। **2**ତେଣୁ ତାଙ୍କର ଦାସମାନେ ତାଙ୍କୁ କହିଲେ, "ଆମ୍ଭେମାନେ
ଆପଣଙ୍କ ସେବା ନିମନ୍ତେ ଏକ ଯୁବତୀ କନ୍ୟା ଖୋଜି
ଆଣିବୁ। ସେ ଆପଣଙ୍କୁ ଉଷ୍ମତା ଦେବାକୁ ଆପଣଙ୍କ କୋଳରେ
ଶୟନ କରିବ।" **3**ଏଣୁ ରାଜାଙ୍କର ଦାସମାନେ ଇଶ୍ରାୟେଲର
ସମସ୍ତ ଅଞ୍ଚଳରେ ସୁନ୍ଦରୀ କନ୍ୟାର ଅନ୍ୱେଷଣ କରିବା ଆରମ୍ଭ
କରିଦେଲେ। ଶେଷରେ ସେ ଶୂନେମୀୟା ନଗରରୁ ଅବୀଶଗ
ନାମକ ଏକ ସୁନ୍ଦରୀ ଯୁବତୀ ପାଇଲେ ଓ ତାକୁ ରାଜାଙ୍କ
ନିକଟକୁ ଘେନି ଆସିଲେ। **4**ସେହି ଯୁବତୀ ଅତି ସୁନ୍ଦରୀ
ଥିଲା। ସେ ରାଜାଙ୍କର ସେବା ଓ ପରିଚର୍ଯ୍ୟା କଲା। ମାତ୍ର
ରାଜା ଦାଉଦ ତା' ସହିତ ଯୌନ ସମ୍ପର୍କ ରଖିଲେ ନାହିଁ।

**5-6**ରାଜା ଦାଉଦ ଓ ପତ୍ନୀ ହଗୀତଙ୍କର ପୁତ୍ର ଅଦୋନୀୟ
ଅତି ସୁନ୍ଦର ଥିଲେ। ସେ ତାଙ୍କର ଭାଇ ଅବଶାଲୋମଙ୍କ
ପରେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ସେ ଅତ୍ୟନ୍ତ ଗର୍ବୀ
ଥିଲେ ଓ ନିଜେ ପରବର୍ତ୍ତୀ ରାଜା ହେବାକୁ ସ୍ଥିର କଲେ।
ସେ ଗୋଟିଏ ରଥ, ଅଶ୍ୱାରୋହୀଗଣ ଓ ସମ୍ମୁଖରେ ଦୌଡ଼ିବା
ପାଇଁ ପଚାଶ ଜଣ ଲୋକ ପାଇଲେ। ମାତ୍ର ରାଜା ଦାଉଦ
କେବେ ଅଦୋନୀୟଙ୍କୁ ଠିକ୍ କରିବାକୁ ଚେଷ୍ଟା କରି ନ
ଥିଲେ। "ଏପରିକି ସେ ତାଙ୍କୁ ପଚାରିଲେ ନାହିଁ ଯେ କାହିଁକି
ସେ ଏହିସବୁ କରୁଥିଲେ?"

**7**ପୁଣି ସେ ସରୁୟାର ପୁତ୍ର ଯୋୟାବ ଓ ଅବିୟାଥର
ଯାଜକ ସହିତ ପରାମର୍ଶ କଲେ। ସେମାନେ ଅଦୋନୀୟର
ଅନୁଗତ ହୋଇ ତାଙ୍କୁ ରାଜା କରିବାକୁ ସାହାଯ୍ୟ କଲେ।
**8**ମାତ୍ର ସାଦୋକ ଯାଜକ, ଯିହୋୟାଦାର ପୁତ୍ର ବନାୟ, ନାଥନ
ଭବିଷ୍ୟଦ୍‌ବକ୍ତା, ଶିମିୟି, ରେୟି ଓ ଦାଉଦଙ୍କର ସ୍ୱତନ୍ତ୍ର
ପ୍ରହରୀଗଣ ଅଦୋନୀୟଙ୍କୁ ସମର୍ଥନ କରି ନ ଥିଲେ। ସେମାନେ
ଦାଉଦଙ୍କର ବିଶ୍ୱସ୍ତ ଥିଲେ।

**9**ଥରେ ଅଦୋନୀୟ ଐନରୋଗେଲର ପାର୍ଶ୍ୱସ୍ଥ ସୋହେଲତ
ପଥର ନିକଟରେ ମେଷ, ବୃଷ ଓ ପୁଷ୍ଟ ବାଛୁରୀ ମାରି ନିଜର
ଭ୍ରାତା ରାଜପୁତ୍ରମାନଙ୍କୁ ଓ ଯିହୁଦା ରାଜାଙ୍କର ସମସ୍ତ କର୍ମଚାରୀମାନଙ୍କୁ
ଉତ୍ସର୍ଗ କରିଥିବା ପଶୁର ମାଂସ ଖାଇବା ପାଇଁ ନିମନ୍ତ୍ରଣ
କଲେ। **10**ମାତ୍ର ସେ ନାଥନ ଭବିଷ୍ୟଦ୍‌ବକ୍ତାଙ୍କୁ, ବନାୟଙ୍କୁ,
ପିତାଙ୍କର ସ୍ୱତନ୍ତ୍ର ବୀରମାନଙ୍କୁ ଓ ନିଜର ଭାଇ ଶଲୋମନଙ୍କୁ
ନିମନ୍ତ୍ରଣ କଲେ ନାହିଁ।

### ନାଥନ ଓ ବତ୍‌ଶେବା ଶଲୋମନ ସପକ୍ଷରେ କହିଲେ

**11**ଏଥିରେ ନାଥନ ଶଲୋମନଙ୍କର ମାତା ବତ୍‌ଶେବାଙ୍କୁ
କହିଲେ, "ଆମ୍ଭମାନଙ୍କର ପ୍ରଭୁ ଦାଉଦଙ୍କ ଅଜ୍ଞାତସାରରେ
ହଗୀତଙ୍କର ପୁତ୍ର ଅଦୋନୀୟ ନିଜକୁ ରାଜା କରିଅଛନ୍ତି। ଏହା
କ'ଣ ତୁମ୍ଭେ ଶୁଣି ନାହିଁ? **12**ଏଣୁ ତୁମ୍ଭର ଓ ତୁମ୍ଭ ପୁତ୍ର
ଶଲୋମନର ଜୀବନ ବିପଦପୂର୍ଣ୍ଣ। ତୁମ୍ଭେ ନିଜର ଓ ନିଜ ପୁତ୍ର
ଶଲୋମନର ଜୀବନ କିପରି ରକ୍ଷା କରିପାରିବ, ମୁଁ ତୁମ୍ଭକୁ
ମନ୍ତ୍ରଣା ଦେବି। **13**ତୁମ୍ଭେ ରାଜା ଦାଉଦଙ୍କ ନିକଟକୁ ଯାଇ
କୁହ, 'ହେ ମୋର ମହାଶୟ ମହାରାଜ, ଆପଣ କ'ଣ
ପ୍ରତିଜ୍ଞା କରି ଏ ଦାସୀକୁ କହି ନ ଥିଲେ, ମୋ ଉତ୍ତାରେ
ତୁମ୍ଭର ପୁତ୍ର ଶଲୋମନ ରାଜ୍ୟ ଶାସନ କରିବ ଓ ସେ ମୋ
ସିଂହାସନରେ ବସିବ? ତେବେ ଅଦୋନୀୟ କିପରି ରାଜ୍ୟ
କରୁଅଛି?' **14**ତୁମ୍ଭେ ଯେତେବେଳେ ରାଜାଙ୍କ ସହିତ କଥାବାର୍ତ୍ତା
କରୁଥିବ, ମୁଁ ସେଠାରେ ପହଞ୍ଚିବି ଏବଂ ତୁମ୍ଭେ ସେ ସ୍ଥାନ
ଛାଡ଼ିଲା ପରେ ମୁଁ ତୁମ୍ଭର କଥାଗୁଡ଼ିକ ନିଶ୍ଚିତ କରିବି।"

**15**ଏଥିରେ ବତ୍‌ଶେବା ଶୟନାଗାର ଭିତରକୁ ଯାଇ ରାଜାଙ୍କୁ
ଦେଖିଲେ। ସେତେବେଳେ ରାଜା ଅତ୍ୟନ୍ତ ବୃଦ୍ଧ ଥିଲେ।
ଶୂନେମୀୟା ଯୁବତୀ ଅବୀଶଗ ରାଜାଙ୍କର ପରିଚର୍ଯ୍ୟା କରୁଥିଲା।
**16**ବତ୍‌ଶେବା ମୁଣ୍ଡ ନୁଆଁଇ ରାଜାଙ୍କୁ ପ୍ରଣାମ କଲେ। ତା'ପରେ
ରାଜା ପଚାରିଲେ, "ତୁମ୍ଭେ କ'ଣ ଇଚ୍ଛା କରୁଛ?"

**17**ବତ୍‌ଶେବା କହିଲେ, "ହେ ମୋର ମହାଶୟ, ଆପଣ
ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କ ନାମରେ ଏ ଦାସୀ ନିକଟରେ
ପ୍ରତିଜ୍ଞା କରିଥିଲେ ଯେ, 'ମୋ ଉତ୍ତାରେ ତୁମ୍ଭ ପୁତ୍ର
ଶଲୋମନ ନିଶ୍ଚୟ ରାଜା ହେବ ଓ ସେ ମୋ ସିଂହାସନରେ
ବସିବ।' **18**ମାତ୍ର ବର୍ତ୍ତମାନ ଆପଣଙ୍କ ଅଜ୍ଞାତରେ ଅଦୋନୀୟ
ରାଜ୍ୟ କରୁଅଛି। ଅଥଚ ଆପଣ ଜାଣନ୍ତି ନାହିଁ। **19**ଆଉ ସେ
ଅନେକ ମେଷ, ବୃଷ ଓ ପୁଷ୍ଟ ପଶୁ ମାରି ମହାରାଜାଙ୍କ ସମସ୍ତ
ପୁତ୍ରମାନଙ୍କୁ, ଅବିୟାଥର ଯାଜକଙ୍କୁ ଓ ଯୋୟାବ ସେନାପତିଙ୍କୁ
ନିମନ୍ତ୍ରଣ କରିଅଛି, ମାତ୍ର ଆପଣଙ୍କ ବିଶ୍ୱସ୍ତ ପୁତ୍ର ଶଲୋମନଙ୍କୁ
ଡାକି ନାହିଁ। **20**ହେ ମୋର ମହାଶୟ ମହାରାଜ, ବର୍ତ୍ତମାନ
ସମଗ୍ର ଇଶ୍ରାୟେଲବାସୀ ଆପଣଙ୍କ ଉପରେ ଦୃଷ୍ଟି ରଖିଛନ୍ତି।
ସେମାନେ ଦେଖିବା ପାଇଁ ଅପେକ୍ଷା କରିଛନ୍ତି। ଆପଣଙ୍କ
ଅନ୍ତେ କାହାକୁ ଆପଣ ସିଂହାସନରେ ବସାଇ ରାଜା କରିବେ।
**21**ତେଣୁ ଆପଣ ମୃତ୍ୟୁ ପୂର୍ବରୁ କିଛି ଗୋଟିଏ ସ୍ଥିର କରନ୍ତୁ।
ତା' ନହେଲେ ଆପଣ ଆପଣଙ୍କ ପିତୃପୁରୁଷଙ୍କ ସହିତ
ସମାଧିସ୍ଥ ହେଲାପରେ ମୁଁ ଓ ମୋର ପୁତ୍ର ଶଲୋମନ ଦୋଷୀ
ବୋଲି ପରିଗଣିତ ହେବୁ।"

**22**ବତ୍‌ଶେବା ରାଜାଙ୍କ ସହିତ କଥାବାର୍ତ୍ତା କରୁଥିବା ବେଳେ
ଭବିଷ୍ୟଦ୍‌ବକ୍ତା ନାଥନ ସେଠାରେ ଉପସ୍ଥିତ ହେଲେ। **23**ରାଜାଙ୍କର
ଦାସମାନେ ରାଜାଙ୍କୁ କହିଲେ, "ଭବିଷ୍ୟଦ୍‌ବକ୍ତା ନାଥନ ଏଠାରେ
ଉପସ୍ଥିତ।" ତା'ପରେ ନାଥନ ରାଜାଙ୍କ ସମ୍ମୁଖକୁ ଯାଇ ତାଙ୍କୁ
ନତମସ୍ତକ ହୋଇ ପ୍ରଣାମ କଲେ। **24**ନାଥନ କହିଲେ, "ହେ

ମୋର ମହାରାଜା, ଆପଣ କ'ଣ ଘୋଷଣା କରିଛନ୍ତି କି
ଆପଣଙ୍କ ପରେ ଅଦୋନୀୟ ରାଜ୍ୟ କରିବେ ଓ
ଆପଣଙ୍କ ସିଂହାସନକୁ ଅଧିକାର କରିବେ?" 25କାରଣ ସେ
ଆଜି ଯାଇ ଉପତ୍ୟକାରେ ଅନେକ ମେଷ, ବୃଷ ଓ ପୁଷ୍ଟ
ପଶୁ ମାରି ସମସ୍ତ ରାଜପୁତ୍ରମାନଙ୍କୁ ଓ ସେନାପତିମାନଙ୍କୁ
ଏବଂ ଅବିୟାଥର ଯାଜକଙ୍କୁ ନିମନ୍ତ୍ରଣ କରିଅଛନ୍ତି। ସେମାନେ
ଏକତ୍ରୀତ ହୋଇ ଭୋଜନ ପାନ କରୁଛନ୍ତି ଓ କହୁଛନ୍ତି,
'ରାଜା ଅଦୋନୀୟ ଚିରଜୀବ ହୁଅନ୍ତୁ।' 26କିନ୍ତୁ ସେ ମୋତେ,
ସାଦୋକ ଯାଜକଙ୍କୁ, ଯିହୋୟାଦାର ପୁତ୍ର ବନାୟକୁ ଓ
ଆପଣଙ୍କ ପୁତ୍ର ଶଲୋମନକୁ ନିମନ୍ତ୍ରଣ କରି ନାହାଁନ୍ତି।
27ମୋର ମହାରାଜ, ଆପଣ ଆମ୍ଭମାନଙ୍କୁ ନ ଜଣାଇ ଏହି
କାର୍ଯ୍ୟ କରିଛନ୍ତି କି? ଦୟାକରି କୁହନ୍ତୁ କିଏ ଆପଣଙ୍କ
ଅନ୍ତେ ସିଂହାସନରେ ବସିବ?"

28ତା'ପରେ ରାଜା ଦାଉଦ କହିଲେ, "ବତ୍‌ଶେବାକୁ ମୋ
ପାଖକୁ ଡାକ!" ତେଣୁ ସେ ରାଜାଙ୍କ ନିକଟକୁ ଯାଇ ତାଙ୍କ
ସମ୍ମୁଖରେ ଛିଡ଼ା ହେଲେ।

29ତା'ପରେ ରାଜା ଶପଥ କଲେ, "ଯେ ପର୍ଯ୍ୟନ୍ତ
ସଦାପ୍ରଭୁ ଜୀବିତ ଅଛନ୍ତି ପରମେଶ୍ୱର ମୋତେ ସମସ୍ତ
ବିପଦରୁ ରକ୍ଷା କରିଛନ୍ତି। ମୁଁ ଏହି ପ୍ରତିଜ୍ଞା କରୁଛି। 30ଯାହା
ପୂର୍ବରୁ ମୁଁ ତୁମ୍ଭ ନିକଟରେ ପ୍ରତିଜ୍ଞା କରିଥିଲି ଆଜି ମୁଁ ତାହା
କରିବି। ତୁମ୍ଭର ପୁତ୍ର ଶଲୋମନ ରାଜ୍ୟ ଶାସନ କରିବ ଓ
ମୋ ଅନ୍ତେ ମୋ ପଦରେ ସିଂହାସନରେ ବସିବ। ସଦାପ୍ରଭୁ
ଇଶ୍ରାୟେଲର ପରମେଶ୍ୱରଙ୍କ ନାମରେ ମୁଁ ପ୍ରତିଜ୍ଞା କରି
କହୁଛି, ମୁଁ ମୋର ପ୍ରତିଜ୍ଞା ରଖିବି ଓ ଆଜି ତାହା ପାଳନ
କରିବି।"

31ତା'ପରେ ବତ୍‌ଶେବା ରାଜାଙ୍କୁ ଭୂମିଷ୍ଠ ପ୍ରଣାମ କରି
କହିଲେ, "ମୋ ମହାରାଜ ଦାଉଦ, ଦୀର୍ଘଜୀବି ହୁଅନ୍ତୁ!"

## ଶଲୋମନ ନୂତନ ରାଜାରୂପେ ମନୋନୀତ

32ତା'ପରେ ରାଜା ଦାଉଦ କହିଲେ, "ସାଦୋକ ଯାଜକକୁ,
ନାଥନ ଭବିଷ୍ୟଦ୍‌ବକ୍ତାଙ୍କୁ ଓ ଯିହୋୟାଦାର ପୁତ୍ର ବନାୟକୁ
ମୋ ନିକଟକୁ ଡାକ।" ଏଣୁ ସେ ତିନିଜଣ ରାଜାଙ୍କ ସମ୍ମୁଖକୁ
ଆସିଲେ। 33ତା'ପରେ ରାଜା ସେମାନଙ୍କୁ କହିଲେ, "ମୋର
ସମସ୍ତ ଦାସମାନଙ୍କୁ ତୁମ୍ଭମାନଙ୍କ ସଙ୍ଗରେ ନେଇ ଓ ମୋର
ପୁତ୍ର ଶଲୋମନକୁ ମୋ ନିଜ ଖଚରରେ ବସାଇ ଗୀହୋନ
ଝରଣା ନିକଟକୁ ଆଣ। 34ଆଉ ସେଠାରେ ଯାଜକ ସାଦୋକ
ଓ ଭବିଷ୍ୟଦ୍‌ବକ୍ତା ନାଥନ ଶଲୋମନକୁ ଇଶ୍ରାୟେଲର ନୂତନ
ରାଜା ରୂପେ ନିଶ୍ଚିୟ ଅଭିଷିକ୍ତ କରିବେ। ପୁଣି ତୁମ୍ଭେମାନେ
ତୂରୀ ବଜାଇ କୁହ, 'ରାଜା ଶଲୋମନ ଦୀର୍ଘଜୀବି ହୁଅନ୍ତୁ।'
35ତହିଁ ଉତ୍ତାରେ ତୁମ୍ଭେମାନେ ତା' ସହିତ ଫେରିଆସ।
ଶଲୋମନ ମୋର ସିଂହାସନରେ ବସୁ ଓ ମୋ ସ୍ଥାନରେ ସେ
ନୂଆ ରାଜା ହେଉ। ମୁଁ ଇଶ୍ରାୟେଲ ଓ ଯିହୁଦାର ନୂତନ
ଶାସକ ରୂପେ ତାକୁ ମନୋନୀତ କରିଅଛି।"

36ଏଥିରେ ଯିହୋୟାଦାର ପୁତ୍ର ବନାୟ ରାଜାଙ୍କୁ ଉତ୍ତର
କରି କହିଲା, "ଏମନ୍ତ ହେଉ, ମୋ ମହାରାଜାଙ୍କୁ ସଦାପ୍ରଭୁ
ପରମେଶ୍ୱର ମଧ୍ଯ ଏପରି କୁହନ୍ତୁ। 37ସଦାପ୍ରଭୁ ଯେପରି
ମୋର ମହାରାଜାଙ୍କର ସହବର୍ତ୍ତୀ ହୋଇଅଛନ୍ତି, ସେହିପରି
ସଦାପ୍ରଭୁ ଶଲୋମନଙ୍କର ମଧ୍ୟ ସହବର୍ତ୍ତୀ ହୁଅନ୍ତୁ। ରାଜା
ଶଲୋମନଙ୍କର ରାଜ୍ୟ ମୋର ମହାରାଜାଙ୍କର ରାଜ୍ୟଠାରୁ ଅଧିକ
ବଡ ଓ ଅଧିକ ଶକ୍ତିଶାଳୀ ହେଉ।"

38ତେଣୁ ଯାଜକ ସାଦୋକ, ଭବିଷ୍ୟଦ୍‌ବକ୍ତା ନାଥନ ଓ
ଯିହୋୟାଦାର ପୁତ୍ର ବନାୟ ଏବଂ ରାଜାଙ୍କର ଦାସମାନେ
ତାଙ୍କର ରାଜକୀୟ ଆଦେଶ ପାଳନ କଲେ। ସେମାନେ ରାଜ
ଶଲୋମନଙ୍କୁ ଦାଉଦଙ୍କର ଗଧ ଉପରେ ବସାଇ ଗୀହୋନ
ଝରଣା ନିକଟକୁ ନେଇଗଲେ। 39ପୁଣି ଯାଜକ ସାଦୋକ
ପବିତ୍ର ତମ୍ବୁ ମଧ୍ୟରୁ ଶିଙ୍ଗାଏ ପବିତ୍ର ତୈଳ ନେଇ
ଶଲୋମନଙ୍କୁ ଅଭିଷେକ କଲେ। ତା'ପରେ ସେମାନେ ଉଚ୍ଚ
ସ୍ୱରରେ ତୂରୀ ବଜାଇଲେ ଏବଂ ସମସ୍ତ ଲୋକମାନେ ଉଚ୍ଚ
ସ୍ୱରରେ କହିଲେ, "ରାଜା ଶଲୋମନ ଚିରଜୀବ ହୁଅନ୍ତୁ।"
40ତତ୍ପରେ ସମସ୍ତ ଲୋକ ଶଲୋମନଙ୍କ ପଛେ ପଛେ
ନଗରକୁ ଗଲେ। ସେମାନେ ବହୁତ ଖୁସି ଥିଲେ ଓ ବଂଶୀ
ବାଦନ କରି ଏପରି ମହାହର୍ଷନାଦ କଲେ ଯେ ପୃଥିବୀ
ପ୍ରକମ୍ପିତ ହେଲା।

41ଏହି ସମୟରେ ଅଦୋନୀୟ ଓ ତାହାର ସମସ୍ତ
ନିମନ୍ତ୍ରିତ ଅତିଥି ଭୋଜନ ସମାପ୍ତ କରିବା ସମୟରେ
ସେମାନେ ତୂରୀ ଶବ୍ଦ ଶୁଣିଲେ। ଯୋୟାବ ପଚାରିଲେ,
"ନଗରରେ ଏହି କୋଳାହଳ ଶବ୍ଦ କାହିଁକି ହେଉଅଛି?"

42ଯୋୟାବ ଏହିକଥା କହୁଥିବା ବେଳେ ଯାଜକ ଅବିୟାଥର
ପୁତ୍ର ଯୋନାଥନ ସେଠାରେ ପହଞ୍ଚିଲା। ଅଦୋନୀୟ, "ଭିତରକୁ
ଡାକିଲା, ତୁମ୍ଭେ ଯୋଗ୍ୟ ପୁରୁଷ, ତୁମ୍ଭେ ନିଶ୍ଚିତ ସୁସମାଚାର
ଆଣିଥିବ।"

43ମାତ୍ର ଯୋନାଥନ ଉତ୍ତର କଲେ, "ଏହା ତୁମ୍ଭପାଇଁ
ସୁସମାଚାର ନୁହେଁ। ରାଜା ଦାଉଦ ଶଲୋମନଙ୍କୁ ନୂଆ ରାଜା
କରିଛନ୍ତି। 44ପୁଣି ରାଜା ଯାଜକ ସାଦୋକଙ୍କୁ, ଭବିଷ୍ୟଦ୍‌ବକ୍ତା
ନାଥନଙ୍କୁ, ଯିହୋୟାଦାର ପୁତ୍ର ବନାୟକୁ ଓ ରାଜାଙ୍କର ସମସ୍ତ
କର୍ମଚାରୀଗଣଙ୍କୁ ତାଙ୍କ ସହିତ ପଠାଇଲେ ଓ ସେମାନେ ତାଙ୍କୁ
ରାଜାଙ୍କ ନିଜ ଖଚରରେ ଆରୋହଣ କରାଇଲେ। 45ତା'ପରେ
ସାଦୋକ ଯାଜକ ଓ ନାଥନ ଭବିଷ୍ୟଦ୍‌ବକ୍ତା ଶଲୋମନଙ୍କୁ
ଗୀହୋନ ଝରଣା ନିକଟରେ ଅଭିଷେକ କରାଇଲେ। ତା'ପରେ
ସେମାନେ ନଗରରେ ପ୍ରବେଶ କଲେ ଓ ଲୋକମାନେ ତାଙ୍କ
ପଶ୍ଚାଦ୍ଧାବନ କଲେ। ବର୍ତ୍ତମାନ ସମସ୍ତ ନଗରବାସୀ ମହା
ଆନନ୍ଦିତ ଓ ସେହି ଆନନ୍ଦଧ୍ୱନି ତୁମ୍ଭେ ଶୁଣୁଥିଲ। 46-47ଶଲୋମନ
ସିଂହାସନ ଉପରେ ବସିଛନ୍ତି, ଏପରିକି ରାଜକର୍ମଚାରୀଗଣ ରାଜା
ଦାଉଦଙ୍କୁ ଅଭିବାଦନ ଜଣାଉଛନ୍ତି। ସେମାନେ କହୁଛନ୍ତି, 'ରାଜା
ଦାଉଦ, ତୁମ୍ଭେ ଜଣେ ମହାନ୍ ରାଜା। ଆମ୍ଭେମାନେ ତୁମ୍ଭର
ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଛୁ, ଶଲୋମନକୁ ତୁମ୍ଭ ଅପେକ୍ଷା
କରନ୍ତୁ। ମହାନରାଜା ତୁମ୍ଭର ପରମେଶ୍ୱର ତୁମ୍ଭଠାରୁ ତାଙ୍କୁ
ଅଧିକ ଖ୍ୟାତ କରନ୍ତୁ ଓ ତାଙ୍କର ସାମ୍ରାଜ୍ୟ ତୁମ୍ଭ ଅପେକ୍ଷା
ଅଧିକ ବଡ଼ ଓ ଶକ୍ତିଶାଳୀ ହେଉ।'

ରାଜା ଦାଉଦ ମଧ୍ଯ ଶଯ୍ୟାରେ ଥାଇ ମଥାନତ କଲେ।
48ରାଜା କହିଲେ, "ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କୁ
ପ୍ରଶଂସା କର, ସେ ଆଜି ମୋର ସିଂହାସନରେ ମୋର
ପୁତ୍ରମାନଙ୍କ ମଧ୍ୟରୁ ଜଣଙ୍କୁ ବସାଇଲେ, ଏହା ଦେଖିବା ପାଇଁ
ସେ ମୋତେ ଜୀବିତ ରଖିଲେ।"

**49**ଏଥିରେ ଅଦୋନୀୟର ନିମନ୍ତ୍ରିତ ଲୋକମାନେ ଭୟଭୀତ
ହେଲେ ଓ ପ୍ରତ୍ୟେକ ଶିଘ୍ର ଚାଲିଗଲେ। **50**ଅଦୋନୀୟ ମଧ୍ୟ
ଭୟ କଲା। କାରଣ ସେ ଶଲୋମନଙ୍କୁ ଭୟ କରୁଥିଲା।
ତେଣୁ ସେ ଉଠିଯାଇ ଯଜ୍ଞବେଦୀର ଶିଙ୍ଗକୁ ଅବଲମ୍ବନ
କଲା*। **51**ତା'ପରେ କେହି ଜଣେ ଶଲୋମନଙ୍କୁ ସମ୍ବାଦ
ଦେଲା, "ଅଦୋନୀୟ ତୁମ୍ଭକୁ ଭୟ କରୁଛି। ତେଣୁ ସେ
ଯଜ୍ଞବେଦୀର ଶିଙ୍ଗକୁ ଅବଲମ୍ବନ କରିଅଛି। ସେ ଛାଡିବା
ପାଇଁ ମନା କରି କହୁଛନ୍ତି, 'ଶଲୋମନ ରାଜା ଆପଣା ଦାସ
ଅଦୋନୀୟକୁ ହତ୍ୟା କରିବେ ନାହିଁ ବୋଲି ପ୍ରତିଜ୍ଞା କରୁନ୍ତୁ।'"
**52**ତହିଁରେ ଶଲୋମନ ଉତ୍ତର କଲେ, "ଯଦି ଅଦୋନୀୟ
ନିଜକୁ ଜଣେ ଉତ୍ତମ ଲୋକ ବୋଲି ପ୍ରମାଣ କରିବ ତେବେ
ମୁଁ ପ୍ରତିଜ୍ଞା କରୁଛି ତା'ର କେଶ ମଧ୍ୟ କେହି ସ୍ପର୍ଶ କରିବେ
ନାହିଁ। କିନ୍ତୁ ଯଦି ସେ କୁକର୍ମ କାର୍ଯ୍ୟ କରେ ସେ ନିଶ୍ଚିତ
ବଧ ହେବ।" **53**ତା'ପରେ ରାଜା ଶଲୋମନ କେତେକ
ଲୋକଙ୍କୁ ଅଦୋନୀୟ ନିକଟକୁ ପଠାଇଲେ। ସେମାନେ
ଅଦୋନୀୟକୁ ଶଲୋମନ ନିକଟକୁ ଆଣିଲେ। ଅଦୋନୀୟ ରାଜା
ଶଲୋମନଙ୍କୁ ପ୍ରଣାମ କଲା। ଶଲୋମନ ତାହାକୁ କହିଲେ,
"ନିଜ ଘରକୁ ଯାଅ।"

## ରାଜା ଦାଉଦଙ୍କ ମୃତ୍ୟୁ

**2** ଅନନ୍ତର ରାଜା ଦାଉଦଙ୍କର ମୃତ୍ୟୁ ସନ୍ନିକଟ ହେବାରୁ
ସେ ପୁତ୍ର ଶଲୋମନଙ୍କୁ ଆଜ୍ଞା ଦେଇ କହିଲେ, **2**"ମୁଁ
ପାର୍ଥିବ ମଣିଷ ପରି ମୃତ୍ୟୁବରଣ କରିବାକୁ ଯାଉଛି। ଏଣୁ
ତୁମ୍ଭେ ବଳବାନ୍ ହୁଅ ଓ ପୁରୁଷତ୍ୱ ପ୍ରକାଶ କର। **3**ବର୍ତ୍ତମାନ
ତୁମ୍ଭେ ସାବଧାନତାର ସହ ଓ ବିଶ୍ୱସ୍ତତାର ସହ ସଦାପ୍ରଭୁ
ତୁମ୍ଭର ପରମେଶ୍ୱରଙ୍କ ସମସ୍ତ ଆଦେଶ ପାଳନ କରିବାର
ସମୟ। ତାଙ୍କର ସମସ୍ତ ବ୍ୟବସ୍ଥା ସମସ୍ତ ଆଜ୍ଞା, ନିଷ୍ପତ୍ତି ଓ
ନିୟମକୁ ମାନି ଚଳ। ମୋଶାଙ୍କ ଲିଖିତ ସମସ୍ତ ନିୟମକୁ
ପାଳନ କର। ତାହାହେଲେ ତୁମ୍ଭେ ସବୁ କ୍ଷେତ୍ରରେ ସଫଳ
ହେବ ଓ ଯେଉଁ ସ୍ଥାନକୁ ଯିବ କୁଶଳପ୍ରାପ୍ତ ହେବ। **4**ଯଦି
ତୁମ୍ଭେ ସଦାପ୍ରଭୁଙ୍କର ଏହି ନିୟମ ପାଳନ କରିବ, ତେବେ
ସଦାପ୍ରଭୁ ମୋ ବିଷୟରେ ଯାହା ପ୍ରତିଜ୍ଞା କରିଛନ୍ତି ତାହା
ନିଶ୍ଚୟ ହେବ। ସଦାପ୍ରଭୁ କହିଥିଲେ, 'ଯଦି ତୁମ୍ଭର ସନ୍ତାନମାନେ
ସମସ୍ତ ମନ ଓ ପ୍ରାଣ ସହିତ ମୁଁ ଦେଇଥିବା ଆଜ୍ଞାନୁସାରେ
ଜୀବନ ଧାରଣ କରିବେ, ତେବେ ଇଶ୍ରାଯେଲର ସିଂହାସନରେ
ତୁମ୍ଭ ବଂଶରୁ ବସିବ। ସଦାପ୍ରଭୁ ତାଙ୍କର ଏହି ବାକ୍ୟ ପୂରଣ
କରିବେ।'"
**5**ଦାଉଦ ପୁଣି କହିଲେ, "ସରୁୟାର ପୁତ୍ର ଯୋୟାବ ମୋ
ବିରୁଦ୍ଧରେ ଯାହା କରିଅଛି, ତୁମ୍ଭେ ଭଲଭାବରେ ଜାଣ। ସେ
ଇଶ୍ରାଯେଲର ଦୁଇ ସେନାପତିଙ୍କୁ ହତ୍ୟା କରିଛି, ନେରର ପୁତ୍ର
ଅବନର ଓ ଯେଥରର ପୁତ୍ର ଅମାସାଙ୍କୁ ଶାନ୍ତି ସମୟରେ
ଇର୍ଷାନ୍ୱିତ ହୋଇ ହତ୍ୟା କଲା। ସେହି ରକ୍ତରେ ତା'ର
କଟିବନ୍ଧନୀ ଓ ପାଦୁକାକୁ ସିକ୍ତ କଲା। ମୋର ଦଣ୍ଡ ଦେବାର
ଉଚିତ୍ ଥିଲା। **6**ମାତ୍ର ବର୍ତ୍ତମାନ ତୁମ୍ଭେ ରାଜା। ତେଣୁ ତୁମ୍ଭେ
ଆପଣା ଜ୍ଞାନ ଅନୁସାରେ ତାହା ପ୍ରତି ବ୍ୟବହାର କର ଓ
ତାହାର ବୃଦ୍ଧାବସ୍ଥା ତାକୁ ଶାନ୍ତିରେ ମରିବାକୁ ଦିଅ ନାହିଁ।
**7**"ଗିଲୟଦୀୟରୁ ବର୍ସିଲ୍ଲୟର ପୁତ୍ରମାନଙ୍କ ପ୍ରତି ଦୟା
କର। ତୁମ୍ଭର ଖାଇବା ମେଜ ନିକଟରେ ସେମାନଙ୍କ ପାଇଁ
ଜାଗା କର। କାରଣ ମୁଁ ତୁମ୍ଭ ଭ୍ରାତା ଅବଶାଲୋମଠାରୁ
ପଳାୟନ କଲାବେଳେ ସେମାନେ ମୋତେ ସାହାଯ୍ୟ କରିଥିଲେ।
**8**"ସ୍ମରଣ କର, ବିନ୍ୟାମୀନୀୟ ଗେରାର ପୁତ୍ର ବହୁରୀମ
ନିବାସୀ ଶିମିୟି ତୁମ୍ଭ ସହିତ ଅଛି। ମୁଁ ମହନୟିମକୁ ପଳାୟନ
କଲା ଦିନ ସେ ମୋତେ ଏକ ଜଘନ୍ୟ ଅଭିଶାପ ଦେଲା।
ସେ ଯର୍ଦ୍ଦନ ନିକଟରେ ମୋତେ ଦେଖିବାକୁ ଆସିଥିଲା, "କିନ୍ତୁ
ମୁଁ ତାକୁ ହତ୍ୟା ନ କରିବା ପାଇଁ ସଦାପ୍ରଭୁଙ୍କ ନାମରେ
ପ୍ରତିଜ୍ଞା କରିଥିଲି। **9**ବର୍ତ୍ତମାନ ତୁମ୍ଭେ ତାକୁ ବିନା ଶାସ୍ତିରେ
ଛାଡ଼ ନାହିଁ। ତୁମ୍ଭେ ତ ଜଣେ ଜ୍ଞାନୀ ଲୋକ। ତା'ପ୍ରତି
ତୁମ୍ଭର କର୍ତ୍ତବ୍ୟ କ'ଣ ତୁମ୍ଭେ ଜାଣ। ତାକୁ ବାର୍ଦ୍ଧକ୍ୟରେ
ଶାନ୍ତିରେ ମରିବାକୁ ଦେବ ନାହିଁ।"
**10**ତା'ପରେ ଦାଉଦଙ୍କର ମୃତ୍ୟୁ ହେଲା ଓ ସେ ଦାଉଦ
ନଗରରେ କବରପ୍ରାପ୍ତ ହେଲେ। **11**ଦାଉଦ ଇଶ୍ରାଯେଲରେ
ଚାଳିଶ ବର୍ଷ ରାଜତ୍ୱ କରିଥିଲେ। ସେ ହିବ୍ରୋଣରେ ସାତବର୍ଷ
ଓ ଯିରୁଶାଲମରେ ତେତିଶ ବର୍ଷ ରାଜତ୍ୱ କରିଥିଲେ।

## ଶଲୋମନ ତାଙ୍କର ରାଜ୍ୟକୁ ନିୟନ୍ତ୍ରଣରେ ନେଲେ

**12**ଶଲୋମନ ନିଜ ପିତା ଦାଉଦଙ୍କର ସିଂହାସନରେ
ଉପବିଷ୍ଟ ହୋଇ ଇଶ୍ରାଯେଲ ଉପରେ ରାଜତ୍ୱ କଲେ। ଓ
ତାଙ୍କର ରାଜ୍ୟ ଅତୋଗୟ ଦୃଢ ହେଲା।
**13**ତା'ପରେ ହଗୀତର ପୁତ୍ର ଅଦୋନୀୟ ଶଲୋମନଙ୍କର
ମାତା ବତ୍‌ଶେବା ନିକଟକୁ ଆସିଲେ। ବତ୍‌ଶେବା ତାଙ୍କୁ
ପଚାରିଲେ, "ଶାନ୍ତିରେ ଆସିଲ ତ?"
**14**ସେ କହିଲେ, "ମୋର ତୁମ୍ଭକୁ କିଛି କହିବାର ଅଛି।"
ବତ୍‌ଶେବା କହିଲେ, "କୁହ।"
**15**ଅଦୋନୀୟ କହିଲେ, "ତୁମ୍ଭେ ଜାଣ ଏକ ସମୟରେ ଏ
ରାଜ୍ୟ ମୋର ଥିଲା। ସମସ୍ତ ଇଶ୍ରାଯେଲୀୟଗଣ ମୋତେ ରାଜା
ହେବା ପାଇଁ ପସନ୍ଦ କରିଥିଲେ। କିନ୍ତୁ ମୋର ଭାଇ ରାଜା
ହୋଇ ଯାଇଛି। ଏହା ସଦାପ୍ରଭୁଙ୍କର ଇଚ୍ଛା। **16**ଏଣୁ ବର୍ତ୍ତମାନ
ମୁଁ ତୁମ୍ଭକୁ ଗୋଟିଏ ନିବେଦନ କରୁଅଛି। ମୋତେ ନାସ୍ତି
କରିବ ନାହିଁ।"
ବତ୍‌ଶେବା କହିଲେ, "କ'ଣ ଇଚ୍ଛା କରୁଛ?"
**17**ଅଦୋନୀୟ କହିଲେ, "ତୁମ୍ଭେ ଅନୁଗ୍ରହ କରି ଶୁନେମୀୟା
ଅବୀଶଗକୁ ମୋ ସହିତ ବିବାହ ଦେବା ପାଇଁ ଶଲୋମନ
ରାଜାଙ୍କୁ କୁହ, ସେ ତ ତୁମ୍ଭକୁ ନାସ୍ତି କରିବେ ନାହିଁ।"
**18**ତା'ପରେ ବତ୍‌ଶେବା କହିଲେ, "ଭଲ କଥା, ମୁଁ ତୁମ୍ଭ
ପାଇଁ ରାଜାଙ୍କୁ କହିବ।"
**19**ତେଣୁ ବତ୍‌ଶେବା ଅଦୋନୀୟ ପାଇଁ କହିବାକୁ ଶଲୋମନ
ରାଜାଙ୍କ ନିକଟକୁ ଗଲେ। ରାଜା ଶଲୋମନ ତାଙ୍କୁ ଭେଟିବା
ପାଇଁ ଉଠି ପ୍ରଣାମ କଲେ ଓ ନିଜ ସିଂହାସନରେ ବସି
ରାଜମାତାଙ୍କ ନିମନ୍ତେ ଦାସମାନଙ୍କ ଦ୍ୱାରା ଅନ୍ୟ ଏକ ଆସନ
ରଖାଇଲେ। ତହିଁରେ ସେ ରାଜାଙ୍କ ଦକ୍ଷିଣ ପାର୍ଶ୍ୱରେ ବସିଲେ।

**ଯଜ୍ଞବେଦୀର କଲେ:** ଏହା ଦେଖାଇଲା, ସେ ଦୟା ଭିକ୍ଷା କରୁଥିଲା। ନିୟମ କହିଲା ଯେ, ଯଦି ବ୍ୟକ୍ତି ପବିତ୍ର ସ୍ଥାନକୁ ଦୌଡି ପଶିଗଲା ଏବଂ ଯଜ୍ଞବେଦୀର କୋଣକୁ ଧରି ରହିଲା। ତାକୁ ଦଣ୍ଡ ଦେବା ଉଚିତ୍ ନୁହଁ।

20ବତ୍‌ଶେବା କହିଲେ, "ତୁମ୍ଭ ନିକଟରେ ମୋର ଏକ
ଛୋଟ ନିବେଦନ ଅଛି, ମୋତେ ନାସ୍ତି କରିବ ନାହିଁ।"
ତହୁଁ ରାଜା କହିଲେ, "ହେ ମାତା, କୁହ, ମୁଁ ତୁମ୍ଭକୁ
ନାସ୍ତି କରିବ ନାହିଁ।"
21ତେଣୁ ବତ୍‌ଶେବା କହିଲେ, "ଶୁନେମୀୟା ଅବୀଶଗକୁ
ତୁମ୍ଭ ଭାଇ ଅଦୋନୀୟ ସହିତ ବିବାହ ଦିଆଯାଉ।"
22ରାଜା ଶଲୋମନ ତାଙ୍କ ମାତାଙ୍କୁ ପଚାରିଲେ, "ତୁମ୍ଭେ
ମୋତେ କାହିଁକି ଅବୀଶଗ ସହିତ ଅଦୋନୀୟକୁ ବିବାହ
ଦେବା ପାଇଁ କହୁଛ? ତୁମ୍ଭେ ମୋତେ କାହିଁକି ପଚାରୁନାହିଁ
ତାକୁ ରାଜା କରିବା ପାଇଁ? କାରଣ ସେ ତ ମୋର
ବଡଭାଇ। ଯାଜକ ଅବୀୟାଥର ଓ ସରୁୟାର ପୁତ୍ର ଯୋୟାବ
ତାକୁ ସମର୍ଥନ କରନ୍ତି।"
23ରାଜା ଶଲୋମନ ସଦାପ୍ରଭୁଙ୍କ ନାମରେ ପ୍ରତିଜ୍ଞା କରି
କହିଲେ, "ମୁଁ ଶପଥ କରୁଛି ଯେ, ମୁଁ ଅଦୋନୀୟକୁ ଏଥିପାଇଁ
ମୂଲ୍ୟ ଦିଆ କରାଇବି। ଏବଂ ତା'ର ଜୀବନ ନେବି।
ଅଦୋନୀୟ ଏହି କଥା ଆପଣା ପ୍ରାଣ ବିରୁଦ୍ଧରେ କହି ନଥାଏ।
24ସଦାପ୍ରଭୁ ମୋତେ ଇସ୍ରାଏଲର ରାଜା କରିଛନ୍ତି, ସେ
ମୋତେ ମୋର ପିତା ଦାଉଦଙ୍କ ସିଂହାସନରେ ଅଧିଷ୍ଠିତ
କରିଛନ୍ତି। ସଦାପ୍ରଭୁ ତାଙ୍କର ପ୍ରତିଜ୍ଞା ରଖିଛନ୍ତି ଓ ମୋତେ
ମୋର ପରିବାରକୁ ରାଜ୍ୟ ଦେଇଛନ୍ତି। ମୁଁ ସଦାପ୍ରଭୁଙ୍କ
ନାମରେ ଶପଥ କରି କହୁଛି, ଯେ କୌଣସି ମତେ
ଅଦୋନୀୟ ଆଜି ନିଶ୍ଚୟ ହତ ହେବ।"
25ରାଜା ଶଲୋମନ ଯିହୋୟାଦାର ପୁତ୍ର ବନାୟକୁ ପଠାଇଲେ
ଓ ସେ ଯାଇ ଅଦୋନୀୟକୁ ହତ୍ୟା କଲା।
26ତା'ପରେ ରାଜା ଯାଜକ ଅବୀୟାଥରକୁ କହିଲେ, "ତୁମ୍ଭେ
ଅନାଥୋତ ସ୍ଥିତ ତୁମ୍ଭର ଗୃହକୁ ଯାଅ। କାରଣ ତୁମ୍ଭେ ଯଦିଓ
ମୃତ୍ୟୁଯୋଗ୍ୟ, ମୁଁ ତୁମ୍ଭକୁ ବର୍ତ୍ତମାନ ବଧ କରିବାକୁ
ଯାଉନାହିଁ, କାରଣ ତୁମ୍ଭେ ମୋର ପିତା ଦାଉଦଙ୍କ ସମ୍ମୁଖରେ
ସଦାପ୍ରଭୁଙ୍କ ପବିତ୍ର ସିନ୍ଦୁକ ବହନ କରିଥିଲ ଓ ତୁମ୍ଭେ ମୋ
ପିତାଙ୍କର କଠିନ ସମୟରେ ସେହି ପ୍ରକାର ବିପଦଗୁଡିକରେ
ଭାଗୀ ହୋଇଥିଲ।" 27ସଦାପ୍ରଭୁ ଶୀଲୋରେ ଏଲିର ବଂଶ
ବିଷୟରେ ଯାହା କହିଥିଲେ, ତାଙ୍କର ସେହି ବାକ୍ୟ ସିଦ୍ଧ
କରିବା ପାଇଁ ଶଲୋମନ ଅବୀୟାଥରକୁ ଯାଜକ କର୍ମରୁ ନିବୃତ୍ତ
କଲେ।
28ଯୋୟାବ ଯେତେବେଳେ ଏହା ଶୁଣିଲା, ସେ ଭୟଭୀତ
ହୋଇ ପଡ଼ିଲା। କାରଣ ସେ ଅବଶାଲୋମର ଅନୁଗାମୀ ନ
ହୋଇ ଅଦୋନୀୟର ଅନୁଗାମୀ ହୋଇଥିଲା। ତେଣୁ ସେ
ସଦାପ୍ରଭୁଙ୍କ ତମ୍ବୁକୁ ଯାଇ ଯଜ୍ଞବେଦୀର ଶିଙ୍ଗକୁ ଅବଲମ୍ବନ
କଲା। 29ରାଜା ଶଲୋମନଙ୍କୁ ସମ୍ବାଦ ଦିଆଗଲା ଯେ, ଯୋୟାବ
ସଦାପ୍ରଭୁଙ୍କ ତମ୍ବୁକୁ ଯାଇ ଯଜ୍ଞବେଦୀ ନିକଟରେ ଅଛି।
ଶଲୋମନ ଯିହୋୟାଦାର ପୁତ୍ର ବନାୟକୁ ଆଦେଶ ଦେଲେ,
ଯାଅ, ତାକୁ ହତ୍ୟା କର।
30ତା'ପରେ ବନାୟ ସଦାପ୍ରଭୁଙ୍କ ତମ୍ବୁକୁ ଗଲା ଏବଂ
ତାକୁ କହିଲା, "ରାଜା କହନ୍ତି, ବାହାରକୁ ଆସ।"
କିନ୍ତୁ ସେ କହିଲା, "ନା' ମୁଁ ଏଠାରେ ମରିବ।" ତେଣୁ
ବନାୟ ରାଜାଙ୍କ ପାଖକୁ ଗଲେ ଏବଂ ସେ ଯାହା କହିଥିଲେ
ତାହାର ତଥ୍ୟ ଦେଲେ।

31ତା'ପରେ ରାଜା ବନାୟକୁ ଆଦେଶ ଦେଲେ, "ସେ
ଯେପରି କହିଅଛି, ସେହିପରି କର। ସେହିଠାରେ ତାକୁ ହତ୍ୟା
କର ଓ କବର ଦିଅ। ତାହାହେଲେ ଯୋୟାବ ନିରୀହମାନଙ୍କର
ଯେଉଁ ରକ୍ତପାତ କରିଥିଲା, ସେହି ପାପରୁ ମୁଁ ଓ ମୋର
ପରିବାର ମୁକ୍ତ ହେବୁ। 32ଯୋୟାବ ଆପଣାଠାରୁ ଅଧିକ
ଉତ୍ତମ ଦୁଇଟି ଲୋକଙ୍କୁ ହତ୍ୟା କରିଥିଲେ। ସେମାନେ
ହେଲେ ଇସ୍ରାଏଲର ସେନାପତି ନେରର ପୁତ୍ର ଅବ୍‌ନେର ଓ
ଯିହୁଦାର ସେନାପତି ଯେଥରର ପୁତ୍ର ଅମାସା। ସେ ମୋ
ପିତା ଦାଉଦଙ୍କ ଅଜ୍ଞାତସାରରେ ଏହି ଉତ୍ତମ ଦୁଇଜଣଙ୍କୁ
ହତ୍ୟା କରିଥିଲା। ତେଣୁ ସେହି ରକ୍ତପାତର ଅପରାଧ ପାଇଁ
ସଦାପ୍ରଭୁ ତାକୁ ଦଣ୍ଡ ଦେବେ। 33ତେଣୁ ସେମାନଙ୍କର
ରକ୍ତପାତର ଅପରାଧ ଯୋୟାବର ମସ୍ତକରେ ଓ ଚିରକାଳ
ତା'ର ବଂଶ ମସ୍ତକରେ ରହିବ। ମାତ୍ର ପରମେଶ୍ୱର ଶାନ୍ତି
ଆଣିବେ ଦାଉଦଙ୍କ ପ୍ରତି, ତାଙ୍କ ବଂଶଧରମାନଙ୍କ ପ୍ରତି, ତାଙ୍କ
ପରିବାର ପ୍ରତି ଓ ତାଙ୍କ ରାଜ୍ୟ ପ୍ରତି।"
34ଏହାପରେ ଯିହୋୟାଦାର ପୁତ୍ର ବନାୟ ଯାଇ ଯୋୟାବକୁ
ବଧ କଲା ଓ ପ୍ରାନ୍ତରସ୍ଥ ତାହାର ନିଜର ଗୃହରେ ତାହାର
କବର ଦିଆଗଲା। 35ପୁଣି ରାଜା ତାହାର ସ୍ଥାନରେ ଯିହୋୟାଦାର
ପୁତ୍ର ବନାୟକୁ ସେନାପତି ପଦରେ ନିଯୁକ୍ତ କଲେ ଓ
ଅବୀୟାଥର ପଦରେ ସାଦୋକକୁ ଯାଜକ କରି ନିଯୁକ୍ତ କଲେ।
36ତା'ପରେ ରାଜା ଲୋକ ପଠାଇ ଶିମିୟିକି ଡକାଇ କହିଲେ,
"ଯିରୁଶାଲମରେ ନିଜ ପାଇଁ ଏକ ଗୃହ ନିର୍ମାଣ କର। ଆଉ
ଏହି ନଗର ଛାଡ଼ି କୁଆଡ଼େ ଯାଅ ନାହିଁ। 37ଯଦି ଏହି ନଗର
ପରିତ୍ୟାଗ କରି କିଦ୍ରୋଣ ନଦୀ ଅତିକ୍ରମ କରିବ, ତେବେ
ତୁମ୍ଭେ ନିଶ୍ଚିତ ନିହତ ହେବ ଏବଂ ତୁମ୍ଭର ଏହି ମୃତ୍ୟୁ ପାଇଁ
ତୁମ୍ଭେ ଦାୟୀ ରହିବ।"
38ତେଣୁ ଶିମିୟି ରାଜାଙ୍କୁ କହିଲା, "ଏହା ଉତ୍ତମ କଥା,
ମୋର ପ୍ରଭୁ ମହାରାଜ ଯେପରି କହିଅଛନ୍ତି, ମୁଁ ତାହା ନିଶ୍ଚୟ
ପାଳନ କରିବ।" ଏଣୁ ଶିମିୟି ଦୀର୍ଘକାଳ ଯିରୁଶାଲମରେ ବାସ
କଲା। 39ତିନିବର୍ଷ ପରେ ଶିମିୟିର ଦାସମାନଙ୍କ ମଧ୍ୟରୁ
ଦୁଇଜଣ ଗାଥୀୟ ରାଜା ମାଖାର ପୁତ୍ର ଆଖୀଶ ନିକଟକୁ
ଗଲେ। ଲୋକମାନେ ଶିମିୟିକି ଖବର ଦେଲେ, ଏଠାକୁ
ଦେଖ, ତୁମ୍ଭର ଦାସମାନେ ଗାଥ-ନଗରରେ ଅଛନ୍ତି। 40ତେଣୁ
ଶିମିୟି ନିଜ ଗର୍ଦ୍ଦଭକୁ ସଜାଇ ଆପଣା ଦାସମାନଙ୍କ ଅନ୍ୱେଷଣରେ
ଗାଥ-ନଗରର ଆଖୀଶ ନିକଟକୁ ଗଲେ ଓ ସେଠାରୁ ନିଜର
ଦାସମାନଙ୍କୁ ଫେରାଇ ଆଣିଲେ।
41ତହୁଁ ଶଲୋମନଙ୍କୁ ଏହି ସମ୍ବାଦ ଦିଆଗଲା ଯେ, ଶିମିୟି
ଯିରୁଶାଲମରୁ ଗାଥକୁ ଯାଇଥିଲା ଓ ପୁଣି ଫେରି ଆସିଲା।
42ତେଣୁ ରାଜା ଲୋକ ପଠାଇ ଶିମିୟିକୁ ଡକାଇ ତାକୁ
କହିଲେ, "ମୁଁ ତୁମ୍ଭକୁ ସତର୍କ କଲି ଏବଂ ଶପଥ କଲି ଯେ,
ଯଦି ତୁମ୍ଭେ ଯିରୁଶାଲମ ଛାଡ଼ି ଅନ୍ୟ କୌଣସି ସ୍ଥାନକୁ ଯାଅ,
ତୁମ୍ଭମାନଙ୍କୁ ହତ୍ୟା କରାଯିବ। ତୁମ୍ଭେ ମୋତେ ପ୍ରତିଶ୍ରୁତି
ଦେଇଥିଲ ଯେ, ତୁମ୍ଭେ ମୋ କଥା ମାନିବ। 43ତୁମ୍ଭେ
ସଦାପ୍ରଭୁଙ୍କ ପ୍ରତିଜ୍ଞା ଓ ମୋର ଆଜ୍ଞା କାହିଁକି ପାଳନ କଲ
ନାହିଁ? 44ମୋର ପିତା ଦାଉଦଙ୍କ ବିପକ୍ଷରେ ତୁମ୍ଭେ ବହୁ ମନ୍ଦ
କର୍ମ କରିଛନ୍ତି, ଏହା ତୁମ୍ଭେ ଜାଣ। ସେହି ଦୁଷ୍ଟତା ପାଇଁ
ସଦାପ୍ରଭୁ ତୁମ୍ଭ ପ୍ରତି ଶାସ୍ତି ବିଧାନ କରିବେ। 45ମାତ୍ର ମୁଁ

ସଦାପ୍ରଭୁଙ୍କ ଆଶୀର୍ବାଦ ପ୍ରାପ୍ତ ହେବ ଓ ସେ ଦାଉଦଙ୍କ
ସିଂହାସନକୁ ଅନନ୍ତକାଳ ନିରାପଦ ରଖିବେ।”
46ତେଣୁ ରାଜା ବନାୟକୁ ଏକ ଆଦେଶ ଦେଲେ,
ଶିମିୟିକୁ ମାରିବା ପାଇଁ ଏବଂ ସେ ଏହା କଲା। ତା'ପରେ
ଶଲୋମନ ନିଜ ରାଜ୍ୟ ଉପରେ ପୁରା ଅଧିକାର ପାଇଲେ।

## ଜ୍ଞାନ ପାଇଁ ଶଲୋମନଙ୍କ ପ୍ରାର୍ଥନା

3 ତା'ପରେ ଶଲୋମନ ମିଶରର ରାଜା ସହିତ ଚୁକ୍ତି କରି
ଫାରୋଙ୍କ କନ୍ୟାକୁ ବିବାହ କଲେ ଓ ତାଙ୍କୁ ଦାଉଦ
ନଗରକୁ ଆଣିଲେ। ସେହି ସମୟରେ ସେ ନିଜ ପାଇଁ
ପ୍ରାସାଦ ଓ ସଦାପ୍ରଭୁଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରୁଥିଲେ।
ସେ ମଧ୍ୟ ଯିରୁଶାଲମର ଚତୁର୍ଦ୍ଦିଗରେ ଏକ ପ୍ରାଚୀର ନିର୍ମାଣ
କରୁଥିଲେ। 2କିନ୍ତୁ ସେ ପର୍ଯ୍ୟନ୍ତ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିଲା। ତେଣୁ
ଲୋକମାନେ ନାନା ଉଚ୍ଚସ୍ଥାନରେ ବଳିଦାନ କରୁଥିଲେ।
3ଶଲୋମନ ନିଜ ପିତା ଦାଉଦଙ୍କ ବିଧି ଅନୁସାରେ ଆଚରଣ
କରି ସଦାପ୍ରଭୁଙ୍କ ପ୍ରତି ପ୍ରେମ ପ୍ରକାଶ କଲେ। କେବଳ ସେ
ପଶୁବଳି ଉତ୍ସର୍ଗ କଲେ ଓ ଉଚ୍ଚ ସ୍ଥାନରେ ଧୂପ ଜଳାଇଲେ।
4ଶଲୋମନ ବଳିଦାନ ନିମନ୍ତେ ଗିବିୟୋନକୁ ଗଲେ,
କାରଣ ତାହା ବଡ ଉଚ୍ଚସ୍ଥଳୀ ଥିଲା। ସେ ସେହି ଯଜ୍ଞବେଦୀ
ଉପରେ ଏକ ସହସ୍ର ହୋମବଳି ଉତ୍ସର୍ଗ କଲେ। 5ଶଲୋମନ
ଗିବିୟୋନରେ ଥିଲାବେଳେ, ସଦାପ୍ରଭୁ ରାତ୍ରିରେ ସ୍ୱପ୍ନରେ ତାଙ୍କୁ
ଦର୍ଶନ ଦେଲେ। ପରମେଶ୍ୱର ସ୍ୱପ୍ନରେ କହିଲେ, “ତୁମ୍ଭେ
ଯାହା ଇଚ୍ଛା କରୁଛ ମାଗ, ଆମ୍ଭେ ତାହା ଦେବା।”
6ଶଲୋମନ ଉତ୍ତର କଲେ, “ତୁମ୍ଭେ ମୋର ପିତା ତୁମ୍ଭର
ଦାସ ଦାଉଦଙ୍କ ପ୍ରତି ଅତ୍ୟନ୍ତ ଦୟାଳୁ ଥିଲ। ସେ ଧାର୍ମିକତା
ଓ ନ୍ୟାୟ ପଥରେ ଯାଇ ତୁମ୍ଭକୁ ଅନୁସରଣ କରୁଥିବାରୁ
ତୁମ୍ଭେ ତାଙ୍କୁ ମହାଦୟା କରିଥିଲ। ଆଉ ମଧ୍ୟ ତୁମ୍ଭେ
ତାହାପାଇଁ ଏହି ମହାଦୟା ରଖିଅଛ ଯେ ଆଜିର ନ୍ୟାୟରେ
ତାଙ୍କର ପୁତ୍ରକୁ ସିଂହାସନରେ ବସାଇଛ। 7ହେ ସଦାପ୍ରଭୁ
ମୋର ପରମେଶ୍ୱର, ତୁମ୍ଭେ ମୋର ପିତା ଦାଉଦଙ୍କ ପଦରେ
ଏହି ଦାସକୁ ରାଜା କରିଅଛ। କିନ୍ତୁ ମୁଁ ମାତ୍ର ଏକ ବାଳକ
ଅଟେ। ମୁଁ ଲୋକମନାଙ୍କୁ ବାଟ ଦେଖାଇବା ପାଇଁ ଅନଭିଜ୍ଞ।
8ମୁଁ ତୁମ୍ଭର ଦାସ ତୁମ୍ଭର ମନୋନୀତ ଲୋକମାନଙ୍କ ମଧ୍ୟରେ
ଅଛି। ସେମାନଙ୍କର ସଂଖ୍ୟା ଅଗଣନ। ତେଣୁ ଜଣେ ଶାସକ
ନିଶ୍ଚୟ ବହୁତ ନିଷ୍ପତ୍ତି କରିବ। 9ତେଣୁ ମୁଁ ତୁମ୍ଭକୁ ପ୍ରାର୍ଥନା
କରୁଛି, ଠିକ୍ ଓ ଭୁଲ୍ ବାଛିବା ପାଇଁ ତୁମ୍ଭେ ମୋତେ ଜ୍ଞାନ
ଦିଅ ଓ ବୁଦ୍ଧି ଦିଅ। ମୋତେ ଜ୍ଞାନ ଦିଅ ଯେପରି ମୁଁ
ଲୋକମାନଙ୍କୁ ନ୍ୟାୟ ସହିତ ଶାସନ ଓ ବିଚାର କରିପାରେ।
କାରଣ ଏହା ବିନା ଏହି ମହାଗୋଷ୍ଠୀର କିଏ ନ୍ୟାୟ
କରିପାରିବ?”
10ଶଲୋମନଙ୍କ ଏହି ବିଷୟ ମାଗିବାରେ ସଦାପ୍ରଭୁ ତାଙ୍କ
ପ୍ରତି ସନ୍ତୁଷ୍ଟ ହେଲେ। 11ପରମେଶ୍ୱର ତାଙ୍କୁ କହିଲେ,
“ତୁମ୍ଭେ ନିଜ ପାଇଁ ଦୀର୍ଘ ପରମାୟୁ ମାଗିନାହଁ କି ନିଜପାଇଁ
ବିପୁଳ ଐଶ୍ୱର୍ଯ୍ୟ ମାଗିନାହଁ, କି ନିଜର ଶତ୍ରୁମାନଙ୍କର ମୃତ୍ୟୁ
ମାଗିନାହଁ, ମାତ୍ର ଲୋକମାନଙ୍କର ନ୍ୟାୟ ଶାସନ କରିବା ପାଇଁ
ଜ୍ଞାନ ମାଗିଅଛ। 12ତେଣୁ ତୁମ୍ଭେ ଯାହା ମାଗିଲ ଆମ୍ଭେ ତାହା
ଦେବାକୁ ଯାଉଛୁ। ଆମ୍ଭେ ତୁମ୍ଭକୁ ଜ୍ଞାନ ଓ ବୁଦ୍ଧିମାନ
କରାଇବା। ଆମ୍ଭେ ତୁମ୍ଭକୁ ଏପରି ମହତ୍ ଜ୍ଞାନ ଦେବା ଯେ,
ଅତୀତରେ ତୁମ୍ଭ ସମାନ କେହି ନ ଥିଲେ କି ଭବିଷ୍ୟତରେ
କେହି ହେବେ ନାହିଁ। 13ଏହା ବ୍ୟତୀତ ତୁମ୍ଭେ ମାଗି ନଥିବା
ଜିନିଷ ଆମ୍ଭେ ତୁମ୍ଭକୁ ଦେବା। ଆମ୍ଭେ ତୁମ୍ଭକୁ ପ୍ରଚୁର ସମ୍ପତ୍ତି
ଓ ସମ୍ମାନ ଦେବା ଯେ ତୁମ୍ଭ ଜୀବନ କାଳରେ ପୃଥିବୀରେ
କେହି ତୁମ୍ଭ ସମାନ ହେବେ ନାହିଁ। 14ତୁମ୍ଭ ପିତା ଦାଉଦଙ୍କ
ପରି ତୁମ୍ଭେ ଯଦି ଆମ୍ଭର ବ୍ୟବସ୍ଥା ଓ ଆଜ୍ଞା ପାଳନ କରିବ
ଓ ଆମ୍ଭକୁ ଅନୁସରଣ କରିବ, ତେବେ ଆମ୍ଭେ ତୁମ୍ଭକୁ
ଦୀର୍ଘଜିବୀ କରିବା।” 15ତା'ପରେ ଶଲୋମନ ଜାଗ୍ରତ ହେଲେ
ଓ ଜାଣିଲେ ଯେ ପରମେଶ୍ୱର ତାଙ୍କୁ ସ୍ୱପ୍ନାଦେଶ କରିଛନ୍ତି।
ତେଣୁ ସେ ଯିରୁଶାଲମକୁ ଯାଇ ସଦାପ୍ରଭୁଙ୍କ ନିୟମ ସିନ୍ଦୁକ
ସମ୍ମୁଖରେ ଦଣ୍ଡାୟମାନ ହୋଇ ହୋମବଳି ଉତ୍ସର୍ଗ କଲେ ଓ
ସେ ସଦାପ୍ରଭୁଙ୍କ ସମ୍ମାନାର୍ଥେ ମଙ୍ଗଳାର୍ଥକ ବଳି ଉତ୍ସର୍ଗ କରି
ନିଜର କର୍ମଚାରୀ ଓ ଅନୁଚରମାନଙ୍କୁ ଏକ ଭୋଜି ଦେଲେ।
16ଦିନେ ଦୁଇଜଣ ଗଣିକା ରାଜାଙ୍କ ନିକଟକୁ ଆସି ତାଙ୍କ
ସମ୍ମୁଖରେ ଠିଆ ହେଲେ। 17ଜଣେ ସ୍ତ୍ରୀ ଲୋକ କହିଲା,
“ହେ ମୋର ମହାରାଜା, ଆମ୍ଭେ ଦୁଇଜଣ ଏକତ୍ର ଗୋଟିଏ
ଛାତ ତଳେ ବାସ କରୁଥିଲୁ ଓ ଆମ୍ଭେ ଉଭୟେ ଗର୍ଭବତୀ
ହୋଇଥିଲୁ। ସେହି ଘରେ ତା' ସହିତ ବାସ କରୁଥିବା
ବେଳେ ମୁଁ ଏକ ସନ୍ତାନ ପ୍ରସବ କଲି। 18ମୋହର ପ୍ରସବର
ତୃତୀୟ ଦିବସରେ ଏହି ସ୍ତ୍ରୀ ଲୋକ ମଧ୍ୟ ଏକ ସନ୍ତାନ
ପ୍ରସବ କଲା। ସେହି ଘରେ ଆମ୍ଭ ଦୁହିଁଙ୍କ ବ୍ୟତୀତ ଅନ୍ୟ
କୌଣସି ଲୋକ ନଥିଲେ। 19ଦିନେ ରାତ୍ରିରେ ଏହି ସ୍ତ୍ରୀଲୋକ
ତା'ର ପିଲା ଉପରେ ଲଦି ହୋଇ ଶୋଇ ପଡ଼ିବାରୁ ତା'ର
ପିଲାଟି ମରିଗଲା। 20ତେଣୁ ସେହି ମଧ୍ୟରାତ୍ରିରେ ମୁଁ ଶୋଇଥିଲା
ବେଳେ ସେ ମୋର ସନ୍ତାନକୁ ନେଇଯାଇ ତା'ର ମୃତ
ସନ୍ତାନକୁ ମୋ କୋଳରେ ଶୁଆଇ ଦେଲା। 21ପରଦିନ
ପ୍ରଭାତରେ ମୁଁ ଯେତେବେଳେ ମୋର ସନ୍ତାନକୁ ସ୍ତନପାନ
କରାଇବା ପାଇଁ ଉଠିଲି, ପିଲାଟି ମୃତ ପାଇଲି। ମୁଁ ଭଲକରି
ନିରୀକ୍ଷଣ କରି ଜାଣିଲି, ସେ ମୋର ସନ୍ତାନ ନୁହେଁ।”
22କିନ୍ତୁ ଅନ୍ୟ ସ୍ତ୍ରୀ ଲୋକଟି କହିଲା, “ନା, ଜୀବିତ
ସନ୍ତାନଟି ମୋର ପୁଅ ଓ ମୃତ ସନ୍ତାନଟି ତୁମ୍ଭର ପୁଅ।”
ମାତ୍ର ପ୍ରଥମ ସ୍ତ୍ରୀ କହିଲା, “ନା, ତୁମ୍ଭେ ଭୁଲ କହୁଛ,
ମୃତ ସନ୍ତାନଟି ତୁମ୍ଭର ପୁଅ ଓ ଜୀବିତ ସନ୍ତାନଟି ମୋର
ପୁଅ।” ଏହିପରି ସେମାନେ ରାଜାଙ୍କ ସମ୍ମୁଖରେ ଗୁହାରି
କଲେ।
23ତତ୍ପରେ ରାଜା ଶଲୋମନ କହିଲେ, “ତୁମ୍ଭେ ଉଭୟ
ଜୀବିତ ସନ୍ତାନଟିକୁ ନିଜର ଓ ମୃତ ସନ୍ତାନଟି ଅନ୍ୟର ବୋଲି
କହୁଛ।”
24ଏଣୁ ରାଜା ଶଲୋମନ ଗୋଟିଏ ଖଡ୍ଗ ଆଣିବାକୁ ଜଣେ
ଦାସକୁ ଆଦେଶ କଲେ। 25ପୁଣି ରାଜା କହିଲେ, “ଏହି
ଜୀବିତ ସନ୍ତାନଟିକୁ ଦୁଇଖଣ୍ଡ କରି କାଟି ଜଣକୁ ଅଧେ ଓ
ଅନ୍ୟ ଜଣକୁ ଅଧେ ଦେଇଦିଅ।”
26ଦ୍ୱିତୀୟ ସ୍ତ୍ରୀ ଲୋକଟି କହିଲା, “ତାହା ଅତି ଉତ୍ତମ
କଥା, ପିଲାଟିକୁ ଦୁଇଖଣ୍ଡ କରିଦିଅ। ପିଲାଟି ଆମ୍ଭ ଦୁଇଜଣଙ୍କର
କାହାର ହେବ ନାହିଁ।”

ମାତ୍ର ପ୍ରଥମ ସ୍ତ୍ରୀଲୋକ ଯେ ପିଲାଟିର ପ୍ରକୃତ ମାଆ, ତା'ର ଅନ୍ତଃକରଣ ପିଲାଟି ପ୍ରତି ବଳପି ଉଠିଲା। ତେଣୁ ସେ ରାଜାଙ୍କୁ କହିଲା, "ହେ ମୋର ମହାରାଜ, ଜୀବିତ ପିଲାଟିକୁ ତାକୁ ଦେଇ ଦିଅନ୍ତୁ, କିନ୍ତୁ କୌଣସି ମତେ ତାକୁ ବଧ କରନ୍ତୁ ନାହିଁ।"

27ତା'ପରେ ରାଜା ଶଲୋମନ କହିଲେ, "ପ୍ରଥମ ସ୍ତ୍ରୀ ଲୋକଟି ହେଉଛି ଜୀବିତ ପିଲାର ପ୍ରକୃତ ମାଆ, ପିଲାଟିକୁ ତାକୁ ଦିଅ।" ତାକୁ ହତ୍ୟା କର ନାହିଁ।

28ଇଶ୍ରାୟେଲର ସମଗ୍ର ଲୋକେ ରାଜାଙ୍କର ନ୍ୟାୟ ବିଚାର ଶୁଣିଲେ ଓ ତାଙ୍କୁ ଭକ୍ତି ଓ ସମ୍ମାନ କଲେ। କାରଣ ସେମାନେ ଜାଣିଲେ ରାଜାଙ୍କର ବିଚାର କରିବା ନିମନ୍ତେ ତାଙ୍କ ହୃଦୟରେ ପରମେଶ୍ୱରଙ୍କ ଦତ୍ତ ଜ୍ଞାନ ରହିଛି।

### ଶଲୋମନଙ୍କ ସାମ୍ରାଜ୍ୟ

4 ଏହିପରି ଶଲୋମନ ରାଜା ସମଗ୍ର ଇଶ୍ରାୟେଲ ଉପରେ ରାଜତ୍ୱ କଲେ। 2ଏହିମାନେ ଥିଲେ ତାଙ୍କର ଅଧିପତି ଯେ କି ତାଙ୍କୁ ରାଜ୍ୟ ଶାସନରେ ସାହାଯ୍ୟ କରୁଥିଲେ। ସେମାନେ ସାଦୋକର ପୁତ୍ର ଯାଜକ ଅସରିୟ ପୁତ୍ରଗଣ ଥିଲେ।

ଯଥା: ସାଦୋକର ପୁତ୍ର ଅସରିୟ ଯାଜକ।
3ଶୀଶାର ପୁତ୍ର ଇଲୀହୋରଫ ଓ ଅହିୟ ଉଭୟ ବିଚାରାଳୟରେ ଯାହା ହେଉଥିଲା ସେମାନେ ଲେଖୁଥିଲେ।
ଅହୀଲୂଦର ପୁତ୍ର ଯିହୋଶାଫଟ ଇତିହାସ ଲିପିକାର।
4ଯିହୋୟାଦାର ପୁତ୍ର ବନାୟ ଥିଲା ସୈନ୍ୟ ବାହିନୀର ସେନାପତି
ସାଦୋକ ଓ ଅବିୟାଥର ଯାଜକ ଥିଲେ।
5ନାଥନର ପୁତ୍ର ଅସରିୟ ଜିଲ୍ଲାର ପ୍ରଧାନମାନଙ୍କ ମୁଖ୍ୟ ଥିଲା ଓ
ନାଥନର ପୁତ୍ର ସାବୁଦ୍ ଯାଜକ ଓ ରାଜା ଶଲୋମନଙ୍କର ଜଣେ ଉପଦେଶକ ଥିଲେ।
6ଅହୀଶାର୍ ରାଜାଙ୍କର ପ୍ରାସାଦର ଦାୟିତ୍ୱରେ ଥିଲେ।
ଅବ୍ଦର ପୁତ୍ର ଅଦୋନୀରାମ୍ କ୍ରୀତଦାସମାନଙ୍କର ରାଜ୍ୟପାଳ ଥିଲେ।

7ଶଲୋମନ ସମଗ୍ର ଇଶ୍ରାୟେଲକୁ ବାର ଭାଗରେ ବିଭକ୍ତ କରି ବାରଜଣ ଦେଶାଧକ୍ଷଙ୍କୁ ନିଯୁକ୍ତ କଲେ। ସେମାନେ ରାଜା ଓ ତାଙ୍କର ଗୃହ ପାଇଁ ଖାଦ୍ୟ ଯୋଗାଇଲେ। ପ୍ରତ୍ୟେକ ବର୍ଷ ମଧ୍ୟରେ ଏକ ଏକ ମାସ ପାଇଁ ଖାଦ୍ୟଦ୍ରବ୍ୟ ଯୋଗାଇଲେ।
8ଏଗୁଡ଼ିକ ହେଉଛି ବାରଜଣ ଦେଶାଧକ୍ଷଙ୍କ ନାମ:
ଇଫ୍ରୟିମର ପର୍ବତମୟ ଦେଶରେ ବିନ୍-ହୂର।
9ମାକସ୍, ଶାଲବୀମ୍, ବୈଥ୍-ଶେମଶ, ଓ ଏଲୋନ-ବୈଥାନନର ଶାସନକର୍ତ୍ତା ଥିଲେ, ବିନ୍ଦେକର।
10ଅରୁବୋତରେ ବିନ୍-ହେଷଦ୍; ସୋଖୋ ଓ ସମୁଦାୟ ହେଫର ପ୍ରଦେଶ ତା'ର ଅଧୀନ ଥିଲା।
11ସମୁଦାୟ ଦୋର ଉପପର୍ବତ ବିନ୍-ଅବୀନାଦବ୍ର ଅଧିନ ଥିଲା। ସେ ଶଲୋମନଙ୍କର କନ୍ୟା ଟାଫତକୁ ବିବାହ କରିଥିଲା।
12ତାନକ୍ ଓ ମାଗିଦ୍ଦୋ ଓ ବୈଥ୍-ଶାନଠାରୁ ଆବେଲ୍ମହୋଲା ଓ ଯକ୍ମିୟାମ ପାର ପର୍ଯ୍ୟନ୍ତ ସର୍ତ୍ତନ ନିକଟବର୍ତ୍ତୀ ଯିଷ୍ରିୟେଲ ତଳେ ଥିବା ସମସ୍ତ ବୈଥ୍-ଶାନରେ ଅହୀଲୂଦର ପୁତ୍ର ବାନା ରାଜ୍ୟପାଳ ଥିଲେ।
13ବିନ୍-ଗେବରରାମୋତ୍-ଗିଲୟଦର ଶାସକ ଥିଲେ। ମନଃଶିର ପୁତ୍ର ଯାୟୀରର ଗିଲୟଦସ୍ଥିତ ସମସ୍ତ ଗ୍ରାମ ଓ ସହର ତାଙ୍କର ଅଧୀନ ଥିଲା। ବାଶନସ୍ଥ ଅର୍ଗୋବ ଅଞ୍ଚଳରେ ଥିବା ପ୍ରାଚୀର ବେଷ୍ଟିତ ଓ ପିତ୍ତଳ ଅର୍ଗଳ ବିଶିଷ୍ଟ ଷାଠିଏ ବୃହତ୍ ନଗର ତାଙ୍କର ଅଧୀନ ଥିଲା।
14ମହନୟିମରେ ଇଦ୍ଦୋର ପୁତ୍ର ଅହୀନାଦବ୍।
15ନପ୍ତାଲିରେ ଅହୀମାସ୍ ଶାସକ ଥିଲେ ଯିଏ କି ଶଲୋମନଙ୍କର କନ୍ୟା ବାସମତ୍କୁ ବିବାହ କରିଥିଲା।
16ଆଶେର ଓ ବାଲୋରେ ହୂଶୟର ପୁତ୍ର ବାନା।
17ଇଷାଖରରେ ପାରୁହର ପୁତ୍ର ଯିହୋଶାଫଟ୍ ଶାସକ ଥିଲେ।
18ବିନ୍ୟାମୀନରେ ଏଲାର ପୁତ୍ର ଶିମିୟି ଶାସକ ଥିଲେ।
19ଇମୋରୀୟମାନଙ୍କ ରାଜା ସୀହୋନର ଓ ବାଶନର ରାଜା ଓଗର ଗିଲୟଦ ଦେଶରେ ଊରିର ପୁତ୍ର ଗେବର; ସେ ଦେଶରେ ସେ ଏକମାତ୍ର ଦେଶାଧକ୍ଷ ଥିଲା।

20ଇଶ୍ରାୟେଲ ଓ ଯିହୁଦାରେ ବହୁ ଲୋକ ଥିଲେ। ସେମାନେ ସମୁଦ୍ର ତୀରସ୍ଥ ବାଲୁକା ସଦୃଶ ଅକଳନ ଥିଲେ। ମାତ୍ର ସେମାନେ ଯଥେଷ୍ଟ ଖାଦ୍ୟ ପାନୀୟ ସହିତ ସୁଖରେ କାଳାତିପାତ କରୁଥିଲେ।
21ଶଲୋମନ ଇଉଫ୍ରେଟିସ ଫରାତ୍ ନଦୀଠାରୁ ପଲେଷ୍ଟୀୟମାନଙ୍କ ଦେଶ ଓ ମିଶର ସୀମା ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଉପରେ ଶାସନ କଲେ। ଏହି ଦେଶଗୁଡ଼ିକ ଶଲୋମନଙ୍କୁ ଉପହାର ଓ ସମ୍ମାନ ପଠାଇଲେ ଏବଂ ଜୀବନସାରା ତାଙ୍କର ପ୍ରଜା ହୋଇ ରହିଲେ।
22-23ଶଲୋମନ ତାଙ୍କ ପାଇଁ ଓ ତାଙ୍କର ଲୋକମାନଙ୍କ ଯେଉଁମାନେ ମେଜରେ ଖାଇଲେ ସେମାନଙ୍କ ପାଇଁ ଏହି ପରିମାଣ ଖାଦ୍ୟଦ୍ରବ୍ୟ ଦରକାର କରୁଥିଲେ।

30 ମହଣ ସରୁ ମଇଦା,
60 ମହଣ ସୁଜୀ,
10 ଗୋଟି ପୁଷ୍ଟ ଗୋରୁ,
20 ଗୋଟି ଗୋରୁ ଚରାସ୍ଥାନରୁ,
100 ମେଷ,
ଏହା ଛଡ଼ା ଅନେକ ହରିଣ, କୃଷ୍ଣସାର, ବନଗୋରୁ ଓ ପୁଷ୍ଟ ପକ୍ଷୀ ଥିଲେ।

24ଶଲୋମନ ତିପ୍ସହଠାରୁ ଘସା ପର୍ଯ୍ୟନ୍ତ ଫରାତ୍ ନଦୀର ପଶ୍ଚିମ ପାରସ୍ଥିତ ସମସ୍ତ ଦେଶଗୁଡିକ ଉପରେ ଶାସନ କଲେ। ତାଙ୍କ ରାଜ୍ୟର ଚତୁର୍ଦ୍ଦିଗର ସୀମାରେ ଶାନ୍ତି ଥିଲା। 25ଶଲୋମନଙ୍କ
ରାଜତ୍ୱ କାଳରେ ଦାନଠାରୁ ବେରଶେବା ପର୍ଯ୍ୟନ୍ତ ଯିହୁଦା ଓ

ଇସ୍ରାୟେଲର ସମସ୍ତ ଲୋକ ନିଜ ନିଜ ଦ୍ରାକ୍ଷାଲତା ଓ ଡିମ୍ବିରି
ବୃକ୍ଷ ମୂଳରେ ନିରାପଦରେ ଅବସ୍ଥାନ କରୁଥିଲେ।
26ଶଲୋମନଙ୍କର ରଥଗୁଡ଼ିକ ନିମନ୍ତେ 4,000* ଅଶ୍ୱଶାଳା
ଓ 12,000 ଅଶ୍ୱାରୋହୀ ଥିଲେ। 27ପ୍ରତି ମାସ ସେହି ବାର
ଜଣ ରାଜ୍ୟପାଳମାନଙ୍କ ମଧ୍ୟରୁ ଜଣେ ଶଲୋମନ ରାଜା ଦ୍ୱାରା
ନିଯୁକ୍ତ ହେଲେ। ରାଜାଙ୍କର ସେହିମାନଙ୍କ ପାଇଁ ଯେଉଁମାନେ
ଖାଇବା ଟେବୁଲ୍‌ରେ ଅଂଶ ନେଲେ, ସେମାନଙ୍କ ପାଇଁ
ଖାଦ୍ୟଦ୍ରବ୍ୟ ଯୋଗାଇଲେ। ସେମାନେ କିଛି ଊଣା ନକରି
ନିର୍ଦ୍ଦିଷ୍ଟ ମାସ ପାଇଁ ଖାଦ୍ୟ ଯୋଗାଇଲେ। 28ସେହି ଶାସକଗଣ
ସେମାନଙ୍କର କର୍ତ୍ତବ୍ୟ ଅନୁସାରେ ଦ୍ରୁତଗାମୀ ଅଶ୍ୱଗୁଡିକୁ ବାର୍ଲି
ଓ କୁଟା ଯୋଗାଇଲେ। ଆଉ ମଧ୍ୟ ସେମାନଙ୍କ ମଧ୍ୟରୁ
ପ୍ରତ୍ୟେକ ନିଜ ନିଜ ନିରୂପିତ କର୍ମାନୁସାରେ ଅଶ୍ୱ ଦ୍ରୁତଗାମୀ
ବାହନଗୁଡ଼ିକ ପାଇଁ ଅଧ୍ୟକ୍ଷମାନଙ୍କ ଥିବା ସ୍ଥାନକୁ ଆଣିଲେ।

## ଶଲୋମନଙ୍କର ଜ୍ଞାନ

29ପରମେଶ୍ୱର ଶଲୋମନଙ୍କୁ ଅତିଶୟ ଜ୍ଞାନୀ ଓ ବୁଦ୍ଧିମାନ
କଲେ। ତାଙ୍କର ଜ୍ଞାନ ଅନ୍ତର୍ଦୃଷ୍ଟି ଓ ମହତ ବୁଝାମଣା
ସମୁଦ୍ରବାଲୁକା ସଦୃଶ ଅକଳନ ହେଲା। 30ପୂର୍ବ ଦେଶୀୟ ଓ
ମିଶରୀୟ ଲୋକମାନଙ୍କ ଜ୍ଞାନ ଅପେକ୍ଷା ଶଲୋମନଙ୍କର ଜ୍ଞାନ
ଅଧିକ ଥିଲା। 31ସେ ପୃଥିବୀର ସମସ୍ତ ଲୋକଙ୍କଠାରୁ ସେ
ଅଧିକ ଜ୍ଞାନୀ ହେଲେ। ସେ ଇଶ୍ରାୟୀୟ ଏଥନ୍ ଓ ମାହୋଲର
ପୁତ୍ର ହେମନ୍ ଓ କଲ୍‌କୋଲ ଓ ଦର୍ଦ୍ଦା, ଏମାନଙ୍କଠାରୁ ଅଧିକ
ଜ୍ଞାନୀ ଥିଲେ। ତାଙ୍କର ଯଶ ସମସ୍ତ ଦେଶର ଚାରିଆଡେ
ବ୍ୟାପିଗଲା। 32ତାଙ୍କ ଜୀବନ କାଳ ମଧ୍ୟରେ ସେ 3,000
ନୀତିକଥା ଓ 1,005 ଗୀତ ରଚନା କଲେ।
33ସେ ପ୍ରକୃତି ସମ୍ବନ୍ଧରେ ମଧ୍ୟ ବହୁକଥା ଜାଣିଲେ। ସେ
ଲିବାନୋନର ଏରସ ବୃକ୍ଷ ବିଷୟରେ ଓ ପ୍ରାଚୀରରେ ଜନ୍ମିଥିବା
ଏସୋବ ତୃଣ ବିଷୟରେ ଶିକ୍ଷା ଦେଲେ। ସେ ପଶୁ, ପକ୍ଷୀ,
ଉରୋଗାମୀ ପ୍ରାଣୀ ଓ ମତ୍ସ୍ୟମାନଙ୍କର ବିଷୟରେ ଶିକ୍ଷା
ଦେଲେ। 34ସମଗ୍ର ପୃଥିବୀସ୍ଥ ଲୋକମାନେ ରାଜା ଶଲୋମନଙ୍କର
ଜ୍ଞାନ ବିଷୟ ଶୁଣିଲେ। ସମସ୍ତ ଦେଶର ରାଜାଗଣ ଯେଉଁମାନେ
ରାଜା ଶଲୋମନଙ୍କ ଜ୍ଞାନ ବିଷୟରେ ଶୁଣିଲେ, ସେମାନଙ୍କର
ଜ୍ଞାନୀ ଲୋକମାନଙ୍କୁ ତାଙ୍କ ନିକଟକୁ ପଠାଇଲେ। ସେମାନଙ୍କ
ନିକଟରୁ ସର୍ବଦେଶୀୟ ଲୋକେ ତାଙ୍କର ଜ୍ଞାନ କଥା ଶୁଣିବାକୁ
ଆସିଲେ।

## ଶଲୋମନ ପରମେଶ୍ୱରଙ୍କ ମନ୍ଦିର ନିର୍ମାଣ କଲେ

5 ସୋରର ରାଜା ହୀରମ୍ ଦାଉଦଙ୍କର ସାଙ୍ଗ ଥିଲେ।
ଯେତେବେଳେ ସେ ଶୁଣିବାକୁ ପାଇଲେ ଯେ, ତାଙ୍କ
ପିତା ଦାଉଦ୍‌ଙ୍କ ପରେ ଶଲୋମନ ନୂଆ ରାଜା ରୂପେ
ଅଭିଷିକ୍ତ ହୋଇଛନ୍ତି, ସେ ତାଙ୍କ ବାର୍ତ୍ତାବାହକମାନଙ୍କୁ ତାଙ୍କ
ନିକଟକୁ ପଠାଇଲେ। 2ଶଲୋମନ ହୀରମ୍ ନିକଟକୁ ଏହିକଥା
କହି ପଠାଇଲେ, 3"ଆପଣ ଜାଣନ୍ତି ମୋର ପିତା ଦାଉଦ
ସଦାପ୍ରଭୁ ତାଙ୍କ ପରମେଶ୍ୱରଙ୍କ ନିମନ୍ତେ ଗୋଟିଏ ମନ୍ଦିର
ନିର୍ମାଣ କରିପାରିଲେ ନାହିଁ। ସେ କରିବାକୁ ଅସମର୍ଥ ହେଲେ,
କାରଣ ତାଙ୍କ ଚତୁର୍ଦ୍ଦିଗରେ ଘେରି ରହିଥିବା ଶତ୍ରୁମାନଙ୍କ
ସହିତ ସେ ସର୍ବଦା ଯୁଦ୍ଧରେ ବ୍ୟସ୍ତ ଥିଲେ ଓ ସଦାପ୍ରଭୁ
ଶତ୍ରୁଗଣଙ୍କୁ ତାଙ୍କ ହସ୍ତରେ ପରାସ୍ତ କରାଇବେ ବୋଲି ଅପେକ୍ଷା
କରି ରହିଥିଲେ। 4ମାତ୍ର ଏବେ ସଦାପ୍ରଭୁ ମୋର ପରମେଶ୍ୱର
ଚତୁର୍ଦ୍ଦିଗରେ ଶାନ୍ତି ଦେଇ ଅଛନ୍ତି। ବର୍ତ୍ତମାନ ମୋର ଶତ୍ରୁ
କେହି ନାହାଁନ୍ତି କି ବିପଦର ଆଶଙ୍କା ନାହିଁ।
5"ସଦାପ୍ରଭୁ ମୋର ପିତା ଦାଉଦଙ୍କୁ ଶପଥ କରିଥିଲେ,
'ଆମ୍ଭେ ତୁମ୍ଭ ବଦଳରେ ତୁମ୍ଭ ପୁତ୍ରକୁ ସିଂହାସନରେ ବସାଇବା।
ତୁମ୍ଭ ପୁତ୍ର ଆମ୍ଭ ନିମନ୍ତେ ଏକ ମନ୍ଦିର ନିର୍ମାଣ କରିବ।' ମୁଁ
ବର୍ତ୍ତମାନ ସଦାପ୍ରଭୁ ମୋର ପରମେଶ୍ୱରଙ୍କ ନିମନ୍ତେ ଗୋଟିଏ
ମନ୍ଦିର ନିର୍ମାଣ କରିବାକୁ ମନସ୍ଥ କରିଛି। 6ତେଣୁ ଏବେ ମୋ
ପାଇଁ ଲିବାନୋନରୁ ଏରସ ବୃକ୍ଷ କାଟିବାକୁ ଆପଣ ଲୋକ
ପଠାନ୍ତୁ। ମୋର ଲୋକମାନେ ଆପଣଙ୍କ ଲୋକମାନଙ୍କ ସଙ୍ଗରେ
ଥିବେ; ପୁଣି ଆପଣଙ୍କ କହିବାନୁସାରେ ମୁଁ ଆପଣଙ୍କ ଲୋକମାନଙ୍କୁ
ମୂଲ ଦେବି; କାରଣ ଆପଣ ଜାଣନ୍ତି କାଠ କାଟିବା କାର୍ଯ୍ୟରେ
ସୀଦୋନୀୟମାନଙ୍କ ପରି ନିପୁଣ ଲୋକ ଆମ୍ଭମାନଙ୍କ ମଧ୍ୟରେ
କେହି ନାହିଁ।"
7ଯେତେବେଳେ ହୀରମ ଏହିକଥା ଶୁଣିଲେ ସେ ଅତ୍ୟନ୍ତ
ଆନନ୍ଦିତ ହେଲେ ଓ କହିଲେ, "ମୁଁ ସଦାପ୍ରଭୁଙ୍କୁ ଧନ୍ୟବାଦ
ଦେଉଛି, ଯେ ସେ ମହାନ ଦେଶ ଉପରେ ଶାସନ କରିବାକୁ
ଦାଉଦଙ୍କୁ ଏକ ଜ୍ଞାନବାନ୍ ପୁତ୍ର ଦେଇଛନ୍ତି।" 8ତା'ପରେ
ହୀରମ ଶଲୋମନଙ୍କ ନିକଟକୁ ଏହି ବାର୍ତ୍ତା ସହିତ ଏକ
ବାର୍ତ୍ତାବହକୁ ପଠାଇଲେ। ରାଜା ଶଲୋମନ ଯାହା ଆଶା
କରନ୍ତି, "ମୁଁ ଶୁଣିଲି, ମୁଁ ଏରସବୃକ୍ଷ ଓ ଦେବଦାରୁ କାଠ
ଦେବାପାଇଁ ଯାଉଛି, ତୁମ୍ଭର କାମ ପୂରଣ କରିବା ପାଇଁ।"
9ମୋର ଲୋକମାନେ ଲିବାନୋନଠାରୁ ସମୁଦ୍ର ପର୍ଯ୍ୟନ୍ତ ତାହା
ଆଣିବେ; ପୁଣି ଆପଣଙ୍କ ନିରୂପିତ ସ୍ଥାନରେ ମୁଁ ସମୁଦ୍ର
ପଥରେ ଭେଳାବାନ୍ଧି ପଠାଇ ସେଠାରେ ଫିଟାଇ ଦେବି,
ସେଠାରୁ ଆପଣ ନେଇଯିବେ।" ଏବଂ ମୋର ରାଜକୀୟ
ପ୍ରାସାଦକୁ ଖାଦ୍ୟ ପଠାଇ ମୋ ପ୍ରତି ଅନୁକମ୍ପା କରିବେ।"
10-11ତେଣୁ ହୀରମ ଶଲୋମନଙ୍କୁ ସମସ୍ତ ଏରସକାଠ ଓ
ଶିଟୀମ କାଠ ଦେଲେ। ଯାହା ସେ ଦରକାର କଲେ।
ଶଲୋମନ ଏହି ସେବା ବଦଳରେ 20,000 ମହଣ ଗହମ
ଓ 20,000 ମହଣ ଅଲିଭତୈଳ ରାଜପ୍ରାସାଦକୁ ଦେଲେ।
ଶଲୋମନ ଏହି ମୂଲ୍ୟରେ ଖାଦ୍ୟ ବର୍ଷ ପରେ ବର୍ଷ ହୀରମକୁ
ପଠାଇଲେ।
12ପୁଣି ସଦାପ୍ରଭୁ ଶଲୋମନକୁ ପ୍ରତିଜ୍ଞାନୁସାରେ ଜ୍ଞାନ
ଦେଲେ ଆଉ ହୀରମ ଓ ଶଲୋମନଙ୍କ ମଧ୍ୟରେ ସନ୍ଧି ହେଲା
ଓ ସେ ଦୁହେଁ ପରସ୍ପର ଚୁକ୍ତି କଲେ।
13ରାଜା ଶଲୋମନ ବେଠିକର୍ମ ପାଇଁ 30,000 ଲୋକଙ୍କୁ
ବାଧ୍ୟ କଲେ। 14ରାଜା ଶଲୋମନ ଆଦୋନୀରାମ୍‌କୁ ଶ୍ରମିକମାନଙ୍କ
ଅଧ୍ୟକ୍ଷ ରୂପେ ନିଯୁକ୍ତ କଲେ। ରାଜା ସମସ୍ତ ଲୋକମାନଙ୍କୁ
ତିନି ଭାଗରେ ବିଭକ୍ତ କଲେ। ପ୍ରତି ଦଳରେ 10,000
ଲୋକ ରହିଲେ। ଏହି ଲୋକମାନେ ମାସେ ଲେଖାଁଏ
ଲିବାନୋନରେ ଓ ଦୁଇମାସ ଲେଖାଁଏ ଘରେ ରହିଲେ।
15ପଥର କାଟିବାରେ 80,000 ଲୋକ ନିଯୁକ୍ତ ହେଲେ ଓ
70,000 ଲୋକ ପଥର ବୋହିବାରେ ନିଯୁକ୍ତ ହେଲେ।

**4000:** ହିବ୍ରୁ ଏବଂ ଲାଟିନ୍‌ରେ 40,000 ଅଛି, କିନ୍ତୁ ଦ୍ୱିତୀୟ ବଂଶାବଳି 9:25.

16ଏହା ଛଡ଼ା କର୍ମକାରୀ ଲୋକମାନଙ୍କ ଉପରେ 3,300
ଲୋକ ପ୍ରଧାନ କାର୍ଯ୍ୟାଧ୍ୟକ୍ଷ ନିଯୁକ୍ତ ହେଲେ। 17ମନ୍ଦିରର
ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ରାଜା ଶଲୋମନ ଏକ ବଡ
ପଥର କାଟିବା ପାଇଁ ସେମାନଙ୍କୁ ଆଦେଶ ଦେଲେ।
18ଶଲୋମନଙ୍କର ଓ ହୀରମଙ୍କର ରାଜମିସ୍ତ୍ରୀମାନେ ଓ ବାବଲୀୟ
ଲୋକମାନେ ପଥରଗୁଡ଼ିକୁ ଖୋଦନ କଲେ। ଏହି ରୂପେ
ସେମାନେ ମନ୍ଦିର ନିର୍ମାଣ ନିମନ୍ତେ କାଠ ଓ ପ୍ରସ୍ତର ପ୍ରସ୍ତୁତ
କଲେ।

## ଶଲୋମନ ପରମେଶ୍ୱରଙ୍କ ମନ୍ଦିର ନିର୍ମାଣ କଲେ

6 ଇସ୍ରାୟେଲୀୟମାନେ ମିଶର ପରିତ୍ୟାଗ କରିବା ପରେ
ଶଲୋମନଙ୍କର ଇସ୍ରାୟେଲ ଉପରେ ରାଜତ୍ୱର ଚତୁର୍ଥ
ବର୍ଷରେ ଓ ସିବ୍ ନାମକ ବର୍ଷର ଦ୍ୱିତୀୟ ମାସରେ ସେ
ସଦାପ୍ରଭୁଙ୍କ ସମ୍ମାନାର୍ଥେ 480 ବର୍ଷ ପର୍ଯ୍ୟନ୍ତ ମନ୍ଦିର ନିର୍ମାଣ
କାର୍ଯ୍ୟ ଲାଗିଲା। 2ଶଲୋମନ ସଦାପ୍ରଭୁଙ୍କ ସମ୍ମାନାର୍ଥେ ଯେଉଁ
ମନ୍ଦିର ନିର୍ମାଣ କଲେ ତାହାର ଲମ୍ବ ଷାଠିଏ ହାତ, ପ୍ରସ୍ଥ
କୋଡ଼ିଏ ହାତ ଓ ଉଚ୍ଚତା ତିରିଶ ହାତ ଥିଲା। 3ଆଉ
ମନ୍ଦିରର ପବିତ୍ରସ୍ଥାନ ସମ୍ମୁଖସ୍ଥ ବାରଣ୍ଡା, କୋଡ଼ିଏ ହାତ ଦୀର୍ଘ
ଓ ପ୍ରସ୍ଥ ଦଶ ହାତ ଥିଲା। 4ମନ୍ଦିରର ଝରକାଗୁଡ଼ିକ ସଂକୀର୍ଣ୍ଣ
ଥିଲା। ଏ ଗୁଡ଼ିକ ବାହାରକୁ ସଂକୀର୍ଣ୍ଣ ଓ ଭିତରକୁ ପ୍ରଶସ୍ତ
ଥିଲା ଓ ଏଥିରେ ଜାଲିକାମ ହୋଇଥିଲା। 5ଶଲୋମନ ମନ୍ଦିର
ମୁଖ୍ୟ ପାର୍ଶ୍ୱରେ ଏକ ଧାଡିରେ କୋଠରୀ ନିର୍ମାଣ କଲେ।
ଏହା କୋଠରୀଗୁଡିକ ଗୋଟିଏ ଉପରେ ଆଉ ଗୋଟିଏ
ରହିଲା। ସେହି ଧାଡିର କୋଠରିଗୁଡିକ ତିନି ମହଲା ଉଚ୍ଚ
ଥିଲା। 6କୋଠରୀଗୁଡିକ ମନ୍ଦିରର କାନ୍ଥକୁ ଲାଗିଥିଲା। କିନ୍ତୁ
ସେଗୁଡିକର କଡିକାଠଗୁଡିକ କାନ୍ଥ ଭିତରକୁ ଲାଗି ନଥିଲା।
ସେହି ମନ୍ଦିରର କାନ୍ଥଟି ଉପରକୁ ସରୁ ହୋଇ ଯାଇଥିଲା।
କୋଠରୀକୁ ଲାଗିଥିବା କାନ୍ଥଗୁଡିକ ଏହାର ମୂଳ କାନ୍ଥରୁ ସରୁ
ଥିଲା। ତଳ ମହଲାର କୋଠରୀଗୁଡିକ ପାଞ୍ଚ ହାତ ଓସାର,
ପ୍ରଥମ ମହଲାର କୋଠରୀଗୁଡିକ ଛଅ ହାତ ଓସାର ବିଶିଷ୍ଟ
ଓ ଦ୍ୱିତୀୟ ମହଲାର କୋଠରୀଗୁଡିକ ସାତ ହାତ ବିଶିଷ୍ଟ
ଥିଲା। 7ସେହି ଗୃହର କାନ୍ଥ ନିର୍ମାଣରେ ବୃହତ୍ ପ୍ରସ୍ତରମାନ
ବ୍ୟବହୃତ ହୋଇଥିଲା। ବ୍ୟବହୃତ ପ୍ରସ୍ତରଗୁଡ଼ିକ ଖଣିରେ କଟାଯାଇ
ଥିବାରୁ ମନ୍ଦିର ନିର୍ମାଣ ସମୟରେ ହାତୁଡ଼ି କିମ୍ବା କଟାଳି ଆଦି
ଶବ୍ଦ ଶୁଣା ଯାଉ ନ ଥିଲା।

8ତଳ କୋଠରୀଗୁଡିକର ପ୍ରବେଶ ପଥ ଦକ୍ଷିଣ ଦିଗରେ
ଥିଲା। ପୁଣି ଲୋକମାନେ ଘୂର୍ଣ୍ଣିତ ସୋପାନ ଦେଇ ମଧ୍ୟମ
ଚଟାଣ କୋଠରୀଗୁଡିକୁ ଓ ତୃତୀୟ ଚଟାଣରେ କୋଠରୀଗୁଡିକୁ
ଯାଉଥିଲେ।

9ଏହିପରି ସେ ମନ୍ଦିର ନିର୍ମାଣ କାର୍ଯ୍ୟ ସମାପନ କଲେ
ଓ ଏରସ କାଠର କଡ଼ି ଓ ପଟାଦ୍ୱାରା ମନ୍ଦିରକୁ ଆଚ୍ଛାଦନ
କଲେ। 10ସେ ମଧ୍ୟ ମନ୍ଦିର ଚାରିପଟେ କୋଠରୀ ନିର୍ମାଣର
କାର୍ଯ୍ୟ ଶେଷ କଲେ। ପ୍ରତ୍ୟେକ ମହଲାର ଉଚ୍ଚତା ପାଞ୍ଚହାତ
ଥିଲା। ଏରସ କାଠର କଡିକାଠଗୁଡିକ ମନ୍ଦିରର କାନ୍ଥକୁ ସ୍ପର୍ଶ
କରୁଥିଲା।

11ଅନନ୍ତର ସଦାପ୍ରଭୁଙ୍କ ବାକ୍ୟ ଶଲୋମନଙ୍କ ନିକଟରେ
ଉପସ୍ଥିତ ହେଲା। 12"ତୁମ୍ଭେ ତ ଆମ୍ଭ ପାଇଁ ଗୃହ ନିର୍ମାଣ
କଲ। ଯଦି ତୁମ୍ଭେ ଆମ୍ଭର ସମସ୍ତ ବିଧି ଅନୁସାରେ ପରିଚାଳିତ
ହେବ, ଆମ୍ଭର ସମସ୍ତ ବ୍ୟବସ୍ଥା ରକ୍ଷା କରିବ ଓ ଆମ୍ଭର
ଆଜ୍ଞାସବୁ ପାଳନ କରି ତଦନୁସାରେ ଚାଲିବ ତେବେ ତୁମ୍ଭ
ପିତା ଦାଉଦଙ୍କୁ ଯାହା କହିଅଛୁ, ସେହି ବାକ୍ୟ ଆମ୍ଭେ ତୁମ୍ଭ
ପ୍ରତି ସଫଳ କରିବୁ। 13ଇସ୍ରାୟେଲର ସନ୍ତାନଗଣ ମଧ୍ୟରେ
ଆମ୍ଭେ ମନ୍ଦିରରେ ବାସ କରିବା, ଯେଉଁଟାକି ତୁମ୍ଭେ ଆମ୍ଭ
ପାଇଁ ନିର୍ମାଣ କରିଛ ଏବଂ ଆମ୍ଭେ ଆପଣା ଇସ୍ରାୟେଲର
ଲୋକମାନଙ୍କୁ ପରିତ୍ୟାଗ କରିବା ନାହିଁ।"

## ମନ୍ଦିର ସମ୍ବନ୍ଧରେ ସବିଶେଷ ବର୍ଣ୍ଣନା

14ଏହିରୂପେ ଶଲୋମନ ମନ୍ଦିର ନିର୍ମାଣ କାର୍ଯ୍ୟ ସମାପନ
କଲେ।

15ମନ୍ଦିରର ଭିତର ପାଖ ପଥର କାନ୍ଥଗୁଡ଼ିକ ଏରସ
କାଠର ପଟାରେ ଆଚ୍ଛାଦିତ ହୋଇଥିଲା। ଗୋଟିଏ ବି ପଥର
ଦେଖାଗଲା ନାହିଁ। କାନ୍ଥକୁ ଆଚ୍ଛାଦନ କରିଥିବା ଏରସ କାଠ
ପଟାଗୁଡିକରେ ଫୁଲ ଓ ଲତାର ଛବି ଖୋଦନ କରାଗଲା।
16ସେହି ମନ୍ଦିରର ପଶ୍ଚାତ୍ ଭାଗରେ ଭିତରକୁ କୋଡ଼ିଏ ହାତ
ଦୈର୍ଘ୍ୟର ଏକ କୋଠରୀ ନିର୍ମିତ ହେଲା ଓ ତା'ର ଚଟାଣରୁ
କାନ୍ଥର ଛାତ ପର୍ଯ୍ୟନ୍ତ ଏରସ କାଠର ପଟାରେ ଆଚ୍ଛାଦିତ
ହେଲା। ଏହି ମଧ୍ୟ କୋଠରୀଟି ମହାପବିତ୍ରସ୍ଥାନ ନାମରେ
କଥିତ ହେଲା। 17ମହାପବିତ୍ର ସ୍ଥାନର ସମ୍ମୁଖସ୍ଥ କୋଠରୀ
ମନ୍ଦିରର ମୁଖ୍ୟ ଅଂଶ ଥିଲା ଓ ଏହା ଚାଳିଶ ହାତ ଲମ୍ବ
ଥିଲା। 18ସେହି ଗୃହର କାନ୍ଥଗୁଡିକ ଏରସ କାଠର କଳିକାରେ
ଆଚ୍ଛାଦିତ ହେଲା ଓ ପଥର ଦେଖାଗଲା ନାହିଁ। ସେହି
କାନ୍ଥଗୁଡିକୁ ଆଚ୍ଛାଦନ କରିଥିବା ପଟାଗୁଡିକରେ ଫୁଲ ଓ
ଲତାର ଛବି ଖୋଦିତ କରାଗଲା।

19ସଦାପ୍ରଭୁଙ୍କ ନିୟମ ସିନ୍ଦୁକ ସ୍ଥାପାନାର୍ଥେ ମନ୍ଦିରର
ଭିତର ଭାଗରେ ଏକ କୋଠରୀ ପ୍ରସ୍ତୁତ କଲେ। 20ଏହି
ଗର୍ଭାଗାରଟି କୋଡ଼ିଏ ହାତ ଦୀର୍ଘ, କୋଡ଼ିଏ ହାତ ଚଉଡ଼ା ଓ
କୋଡ଼ିଏ ହାତ ଉଚ୍ଚ ଥିଲା। 21ଶଲୋମନ ଶୁଦ୍ଧ ସୁବର୍ଣ୍ଣରେ
ଏହି କୋଠରୀକୁ ଆଚ୍ଛାଦନ କଲେ। ସେ ସମ୍ମୁଖରେ ଏକ
ଧୂପବେଦି ନିର୍ମାଣ କଲେ। ଏହି ବେଦିଟି ଏହି କୋଠରୀ
ସମ୍ମୁଖରେ ନିର୍ମିତ ହେଲା। ଏହାକୁ ସୁବର୍ଣ୍ଣରେ ଆବୃତ କରାଗଲା
ଓ ଏହାର ଚାରିପଟେ ସୁବର୍ଣ୍ଣ ଜଞ୍ଜିରମାନ ଗୁଡାଇଲେ। କିରୁବ
ଦୂତମାନଙ୍କର ଦୁଇଟି ପ୍ରତିମୂର୍ତ୍ତି ସେହି ଗର୍ଭାଗାରରେ ରହିଲା ଓ
ସେଗୁଡ଼ିକ ମଧ୍ୟ ସୁବର୍ଣ୍ଣ ମଣ୍ଡିତ ହେଲା। 22ସମଗ୍ର ମନ୍ଦିରଟି
ସୁବର୍ଣ୍ଣ ମଣ୍ଡିତ ହେଲା ଓ ମହାପବିତ୍ର ସ୍ଥାନର ସମ୍ମୁଖସ୍ଥ
ଧୂପବେଦି ମଧ୍ୟ ସୁବର୍ଣ୍ଣରେ ଆଚ୍ଛାଦିତ ହେଲା।

23ବଢେଇମାନେ ଜିତ କାଠରେ ଦଶହାତ ଉଚ୍ଚତା ବିଶିଷ୍ଟ
ଦୁଇଟି କିରୁବ ଦୂତଗଣ ନିର୍ମାଣ କଲେ ଓ ସେହି ପକ୍ଷବିଶିଷ୍ଟ
କିରୁବ ଦୂତ ଦୁଇଟିକୁ ସେହି ମହାପବିତ୍ର ସ୍ଥାନରେ ସ୍ଥାପନ
କଲେ। 24-26ଉଭୟ କିରୁବ ଦୂତ ଏକା ପରି ଥିଲେ।
ପ୍ରତ୍ୟେକ କିରୁବ ଦୂତଙ୍କର ଦୁଇଟି ଲେଖାଏଁ ପକ୍ଷ ଥିଲା।
ପ୍ରତ୍ୟେକ ପକ୍ଷ ପାଞ୍ଚହାତ ଲମ୍ବ ଥିଲା ଓ ଏକ ପକ୍ଷର
ଅଗ୍ରଭାଗରୁ ଅନ୍ୟ ପକ୍ଷର ଅଗ୍ରଭାଗ ପର୍ଯ୍ୟନ୍ତ ଦଶହାତ ଦୂରତା
ଥିଲା। 27ସେହି କିରୁବଦ୍ୱୟ ଗର୍ଭାଗାର ମଧ୍ୟରେ ରଖାଯାଇଥିଲା।
ସେହି କିରୁବଦ୍ୱୟର ପକ୍ଷ ଏପରି ବିସ୍ତୀର୍ଣ୍ଣ ହୋଇଥିଲା ଯେ

ଗୋଟିଏର ପକ୍ଷ ଏକ କାନ୍ଥକୁ ଓ ଅନ୍ୟଟିର ପକ୍ଷ ଅନ୍ୟ
କାନ୍ଥକୁ ସ୍ପର୍ଶ କରୁଥିଲା। ପୁଣି ଗୃହ ମଧ୍ୟରେ ସେମାନଙ୍କର ପକ୍ଷ
ପରସ୍ପରକୁ ସ୍ପର୍ଶ କରୁଥିଲା। **28**ସେହି କିରୂବ ଦୁଇଟି ମଧ୍ୟ
ସୁବର୍ଣ୍ଣରେ ଆଚ୍ଛାଦିତ ହୋଇଥିଲେ।

**29**ମୁଖ୍ୟ କୋଠରୀର ଓ ଭିତର କୋଠରୀର କାନ୍ଥଗୁଡ଼ିକ
ଚାରିପାଖରେ କିରୂବ ଦୂତଗଣ, ଖର୍ଜ୍ଜୁର ବୃକ୍ଷ ଓ ପ୍ରସ୍ଫୁଟିତ
ପୁଷ୍ପମାନଙ୍କର ଛବି ଖୋଦିତ ହୋଇଥିଲା। **30**ଉଭୟ କୋଠରୀର
ଚଟାଣ ମଧ୍ୟ ସୁବର୍ଣ୍ଣରେ ଆବୃତ୍ତ ହୋଇଥିଲା।

**31**ମହାପବିତ୍ର ସ୍ଥାନର କବାଟ ଜିତ କାଠରେ ନିର୍ମିତ
ହୋଇଥିଲା, ଦୁଆରବନ୍ଧଟିର ପାଞ୍ଚଟି ପାଖ* ଥିଲା। **32**ଏହିରୂପେ
ସେ ଜିତ କାଠରେ ଦୁଇଟି କବାଟ କଲେ, ତହିଁ ଉପରେ
କିରୂବ ଦୂତଗଣ, ଖର୍ଜ୍ଜୁର ବୃକ୍ଷ ଓ ପ୍ରସ୍ଫୁଟିତ ପୁଷ୍ପମାନଙ୍କର
ଆକୃତି ଖୋଦନ କଲେ ଓ ତାକୁ ସୁବର୍ଣ୍ଣରେ ମଣ୍ଡନ କଲେ।

**33**ମୁଖ୍ୟ କୋଠରୀର ପ୍ରବେଶ ଦ୍ୱାରରେ ଜିତ କାଠର
କବାଟ ନିର୍ମାଣ କଲେ। ଦୁଆରବନ୍ଧଟି ବର୍ଗାକାର ଥିଲା।
**34**ତତ୍ପରେ ସେ ଦେବଦାରୁ କାଠରେ ଦୁଇଟି କବାଟ କଲେ।
**35**ପ୍ରତ୍ୟେକ କବାଟର ଦୋହରା ଥିଲା ଓ ପ୍ରତି କବାଟରେ
କିରୂବ ଦୂତଗଣ, ଖର୍ଜ୍ଜୁର ବୃକ୍ଷ ଓ ପ୍ରସ୍ଫୁଟିତ ପୁଷ୍ପମାନଙ୍କର
ଆକୃତି ଖୋଦିତ ହୋଇଥିଲା ଓ ସେହି ଖୋଦିତ ଆକୃତିଗୁଡ଼ିକୁ
ସୁବର୍ଣ୍ଣରେ ମଣ୍ଡନ କରାଗଲା।

**36**ତା'ପରେ ସେ ଭିତର ଅଗଣା ଚାରିପଟେ କାନ୍ଥ
ଦେଲେ। ପ୍ରତ୍ୟେକ କାନ୍ଥ ତିନି ଧାଡ଼ି କଟା ପଥରରେ ଓ
ଏକଧାଡ଼ି ଏରସ କାଠର କଡ଼ିରେ କରାଗଲା।

**37**ଶଲୋମନଙ୍କ ରାଜତ୍ୱର ଚତୁର୍ଥ ବର୍ଷରେ ଓ ବର୍ଷର
ଦ୍ୱିତୀୟ ମାସ ସିବ୍ ମାସରେ ସଦାପ୍ରଭୁଙ୍କ ମନ୍ଦିରର ଭିତ୍ତିମୂଳ
ସ୍ଥାପିତ ହେଲା। **38**ପୁଣି ତାଙ୍କ ରାଜତ୍ୱର ଏକାଦଶ ବର୍ଷରେ,
ବୂଲ ନାମକ ବର୍ଷର ଅଷ୍ଟମ ମାସରେ ନିରୂପିତ ଆକୃତି
ଅନୁସାରେ ସମୁଦାୟ ମନ୍ଦିରର ନିର୍ମାଣ କାର୍ଯ୍ୟ ସମାପ୍ତ ହେଲା।
ଏହିରୂପେ ମନ୍ଦିର ନିର୍ମାଣ କରିବାରେ ତାଙ୍କୁ ସାତବର୍ଷ ଲାଗିଲା।

## ଶଲୋମନଙ୍କର ପ୍ରାସାଦ

**7** ଅନନ୍ତର ରାଜା ଶଲୋମନ ତାଙ୍କ ନିଜପାଇଁ ଏକ
ପ୍ରାସାଦ ନିର୍ମାଣ କଲେ ଯେ କି ତାଙ୍କୁ ସମାପ୍ତ କରିବାକୁ
ତେର ବର୍ଷ ଲାଗିଥିଲା। **2**ସେ ମଧ୍ୟ ଏକ ଗୃହ ନିର୍ମାଣ କଲେ
ତାହା "ଲିବାନୋନର ଅରଣ୍ୟ-ଗୃହ" ନାମରେ ନାମିତ ହେଲା।
ଏହାର ଦୈର୍ଘ୍ୟ ଶହେ ହାତ, ପ୍ରସ୍ଥ ପଚାଶ ହାତ ଓ ଉଚ୍ଚତା
ତିରିଶ ହାତ ଥିଲା। ଏହାର ଚାରିଧାଡ଼ି ଏରସ କାଠର ସ୍ତମ୍ଭ
ଉପରେ ଏରସ କାଠର କଡ଼ି ଦେଇ ତାହା ନିର୍ମାଣ କଲେ।
**3**ଏହି ସ୍ତମ୍ଭମାନଙ୍କର ଉପରସ୍ଥ ପଞ୍ଚଚାଳିଶ କଡ଼ି ଉପରେ
ଏରସ କାଠର ଛାତ କଲେ, ପ୍ରତି ଧାଡ଼ିରେ ପନ୍ଦରଟି
ଲେଖାଏଁ କଡ଼ି ଥିଲା। **4**ପ୍ରତ୍ୟେକ ପାର୍ଶ୍ୱ କାନ୍ଥରେ ତିନି ଧାଡ଼ି
ଝରକା ଥିଲା ଓ ପରସ୍ପର ସେଗୁଡ଼ିକ ସମ୍ମୁଖାସମ୍ମୁଖି ଥିଲେ।
**5**ପ୍ରତ୍ୟେକର ଶେଷରେ ତିନୋଟି କବାଟ ଥିଲା। ସବୁ କବାଟ
ଖୋଲା ଥିଲା ଓ ତା'ର ଦ୍ୱାରବନ୍ଧ ବର୍ଗାକାର ଥିଲା।

**6**ଆହୁରି ମଧ୍ୟ ସେ "ସ୍ତମ୍ଭ ସଦୃଶ ବାରଣ୍ଡା" କଲେ। ଏହା
ପଚାଶ ହାତ ଦୀର୍ଘ, ତିରିଶ ହାତ ଚଉଡ଼ା ଥିଲା ଓ ବାରଣ୍ଡାର
ସମ୍ମୁଖରେ ଏକ ସ୍ତମ୍ଭରେ ଭରାଦିଆ ଯାଇଥିବା ପରଦା ଥିଲା।
**7**ସେ ମଧ୍ୟ ବିଚାର ପାଇଁ ଏକ ସିଂହାସନ ନିର୍ମାଣ କଲେ
ଓ ଏହାକୁ "ନିୟମର ପ୍ରଶସ୍ତ ଗୃହ" କହିଲେ। ସେହି
କୋଠରୀ ଚଟାଣଠାରୁ ଛାତ ପର୍ଯ୍ୟନ୍ତ ଏରସ କାଠର ପଟାରେ
ଆଚ୍ଛାଦିତ ଥିଲା।

**8**ରାଜା ଶଲୋମନଙ୍କର ବିଚାର ଗୃହର ଅଗଣା ଉପରେ
ଅବସ୍ଥିତ ଥିଲା। ଏହା ନିୟମ ପ୍ରଶସ୍ତଗୃହ ସଦୃଶ ନିର୍ମିତ
ହେଲା। ସେ ମଧ୍ୟ ନିଜର ଭାର୍ଯ୍ୟା, ଫାରୋର କନ୍ୟା ନିମନ୍ତେ
ସେହି ନିୟମ ପ୍ରଶସ୍ତଗୃହ ପରି ଏକ ଗୃହ ନିର୍ମାଣ କଲେ।

**9**ଏହିସବୁ ଅଟ୍ଟାଳିକାଗୁଡ଼ିକ ମୂଲ୍ୟବାନ୍ ପଥରରେ ନିର୍ମିତ
ହେଲା। ଏହିସବୁ ପଥରଗୁଡ଼ିକ ନିର୍ଦ୍ଦିଷ୍ଟ ଆକାର ଅନୁସାରେ
କରତରେ କଟାଗଲା। ସେଗୁଡ଼ିକର ଆଗପଛ କଟାଗଲା। ଏହି
ପଥରଗୁଡ଼ିକ ମୂଳଦୁଆରୁ କାନ୍ଥର ଶୀର୍ଷାଂଶ ପର୍ଯ୍ୟନ୍ତ ବ୍ୟବହାର
ହେଲା। ପ୍ରାଙ୍ଗଣ ମଧ୍ୟ ବହୁମୂଲ୍ୟ ପ୍ରସ୍ତରରେ ତିଆରି ହେଲା।
**10**ପୁଣି ଭିତ୍ତିମୂଳ ବୃହତ୍ ଓ ମୂଲ୍ୟବାନ୍ ପଥରରେ ନିର୍ମିତ
ହେଲା। କେତେକ ପ୍ରସ୍ତର ଦଶହାତ ଓ କେତେକ ଆଠ ହାତ
ଦୈର୍ଘ୍ୟ ବିଶିଷ୍ଟ ଥିଲା। **11**ସେହି ପ୍ରସ୍ତରର ଅଗ୍ରଭାଗରେ
ବହୁମୂଲ୍ୟ ଖୋଦିତ ପ୍ରସ୍ତର ଓ ଏରସ କାଠର କଡ଼ି ଥିଲା।
**12**ପ୍ରାସାଦ ଅଗଣାର, ମନ୍ଦିର ଅଗଣାର ଓ ନାଟ ମନ୍ଦିର
ଚତୁଃପାର୍ଶ୍ୱରେ କାନ୍ଥ ଥିଲା। ସେହି କାନ୍ଥଗୁଡ଼ିକ ତିନିଧାଡ଼ି ପ୍ରସ୍ତର
ଓ ଏକଧାଡ଼ି ଏରସ କଡ଼ି କାଠରେ ନିର୍ମିତ ହୋଇ ଥିଲା।

**13**ଅନନ୍ତର ରାଜା ଶଲୋମନ ଲୋକ ପଠାଇ ସୋରରୁ
ହୀରମ ନାମକ ଏକ ଲୋକକୁ ଅଣାଇଲେ। **14**ହୀରମ
ଇଶ୍ରାୟେଲର ନପ୍ତାଲି ବଂଶୀୟ ଏକ ବିଧବା ସ୍ତ୍ରୀର ପୁତ୍ର,
ତା'ର ପିତା ସୋର ନଗରର ଏକ କଂସାରି ଥିଲା। ହୀରମ
ଜଣେ ନିପୁଣ ପିତ୍ତଳ କାରୀଗର ଥିଲେ। ରାଜା ଶଲୋମନ
ସେହି ଅଭିଜ୍ଞ କାରୀଗରକୁ ପିତ୍ତଳ ତିଆରି କାର୍ଯ୍ୟରେ ନିଯୁକ୍ତ
କଲେ।

**15**ହୀରମ ଦୁଇଟି ପିତ୍ତଳ ସ୍ତମ୍ଭ ନିର୍ମାଣ କଲେ ଯାହାର
ଉଚ୍ଚତା ଅଠର ହାତ ଓ ଗୋଲେଇ ବାର ହାତ ଥିଲା।
ସ୍ତମ୍ଭର ଭିତର ଫମ୍ପା ଥିଲା ଓ ପିତ୍ତଳ ତିନି ଇଞ୍ଚି ବହଳର
ଥିଲା। **16**ପୁଣି ସେ ଦୁଇ ସ୍ତମ୍ଭର ମଥାନରେ ଦେବାପାଇଁ ଢଳା
ପିତ୍ତଳର ଦୁଇ ମୁଣ୍ଡାଳି କଲା ଓ ପ୍ରତ୍ୟେକ ମୁଣ୍ଡାଳିର ଉଚ୍ଚତା
ପାଞ୍ଚହାତ ଥିଲା। **17**ସେ ମୁଣ୍ଡିକୁ ଆଚ୍ଛାଦନ କରିବା ପାଇଁ
ଦୁଇଟି ଲୁହାଜାଲି ନିର୍ମାଣ କଲେ। **18**ସେ ପ୍ରତ୍ୟେକ ଜାଲିର
ସ୍ତମ୍ଭର ଅଗ୍ରଭାଗକୁ ଆଚ୍ଛାଦନ କରିବା ପାଇଁ ଦୁଇଧାଡ଼ି
ଡାଳିମ୍ବାକୃତି ନିର୍ମାଣ କଲେ। ମୁଣ୍ଡାଳିରେ ମଧ୍ୟ ତଦ୍ରୂପ କଲା।
**19**ବାରଣ୍ଡାର ଚାରି ହାତ ବିଶିଷ୍ଟ ସ୍ତମ୍ଭ ମଥାନରେ ମୁଣ୍ଡାଳି ପୁଷ୍ପ
କର୍ମ ବିଶିଷ୍ଟ ଥିଲା। **20**ଆଉ ଦୁଇ ସ୍ତମ୍ଭର ଉପରି ଭାଗରେ
ମଧ୍ୟ ମୁଣ୍ଡାଳି ଥିଲା ଓ ସେଗୁଡ଼ିକ ପାତ୍ର ଆକୃତି ଜାଲିର
ଉପରକୁ ଥିଲା। ଅନ୍ୟ ମୁଣ୍ଡାଳିରେ ଚତୁର୍ଦ୍ଦିଗରେ ଧାଡ଼ି ଧାଡ଼ି
ହୋଇ 200ଟି ଡାଳିମ୍ବାକୃତି ଥିଲା। **21**ହୀରମ୍ ସେହି ସ୍ତମ୍ଭ
ଦୁଇଟିକୁ ମନ୍ଦିରର ବାରଣ୍ଡାରେ ସ୍ଥାପନ କଲେ। ଗୋଟିଏ ସ୍ତମ୍ଭ
ଦକ୍ଷିଣ ପାର୍ଶ୍ୱର ପ୍ରବେଶ ଦ୍ୱାରରେ ଓ ଅନ୍ୟ ସ୍ତମ୍ଭଟି ବାମ
ପାର୍ଶ୍ୱରେ ରହିଲା। ଦକ୍ଷିଣ ସ୍ତମ୍ଭର ନାମ ଯାଖୀନ୍ ଓ ବାମ

---

**ଦୁଆରବନ୍ଧ...ପାଖ ଥିଲା:** ଆମ୍ଭେମାନେ ଏହାର ଅର୍ଥ ବିଷୟରେ ନିଶ୍ଚିତ ନୁହଁ।

ସ୍ତମ୍ଭର ନାମ ବୋୟସ୍ ଦେଲା। 22ପୁଣି ସେ ପୁଷ୍ପାକୃତି
ମୁଣ୍ଡାଳକୁ ସ୍ତମ୍ଭର ମଥାନ ଉପରେ ରଖିଲା। ଏହରୂପେ ସ୍ତମ୍ଭ
କାର୍ଯ୍ୟ ସମାପ୍ତ ହେଲା।

23ତା'ପରେ ସେ ଏକ କଂସାର ଗୋଲାକାର କୁଣ୍ଡ ତିଆର
କର ତା'ର ନାମ ଦେଲେ "ସମୁଦ୍ର"। ସେହ କୁଣ୍ଡର ପରଧି
ତିରଶ ହାତ, ବ୍ୟାସ ଦଶ ହାତ, ଗଭୀରତା ପାଞ୍ଚ ହାତ
ଥିଲା। 24ଚୌବାଚ୍ଚାର ବାହାର କାନ୍ଥ ଚାରପାଖରେ ଏକ ଫନ୍ଦ
ଥିଲା। ଫନ୍ଦ ତଳେ ଦୁଇଧାଡ ପିତ୍ତଳର ଲାଉ ଥିଲା। ସେହ
ଲାଉଗୁଡ଼କ ଚୌବାଚ୍ଚା ସହତ ଏକ ଖଣ୍ଡ କର ନର୍ମାଣ
କରାଯାଇ ଥିଲା। 25ଏହ କୁଣ୍ଡ ବାରଗୋଟି ଷଣ୍ଢ ଉପରେ
ସ୍ଥାପିତ ହୋଇଥିଲା। ସେହ ଷଣ୍ଢଗୁଡ଼କ ତିନଦଳରେ ସଜା
ହୋଇଥିଲେ ଏବଂ ମୁହଁ ଚାରଦଗ ପୂର୍ବ, ପଶ୍ଚିମ, ଉତ୍ତର ଓ
ଦକ୍ଷିଣକୁ କରଥିଲା। ଷଣ୍ଢମାନଙ୍କର ପଶ୍ଚାତ୍‌ଭାଗ କୁଣ୍ଡ ମଝି
ଆଡକୁ ଥିଲା। କୁଣ୍ଡ ସେମାନଙ୍କ ଉପରେ ରଖାଯାଇଥିଲା।
26ସେହ ପାତ୍ରର ମୋଟେଇ ଚାର ଆଙ୍ଗୁଳ ଥିଲା। ତା'ର ଫନ୍ଦ
କପ୍‌ର ଫନ୍ଦ ପର କଅବା ପୁଷ୍ପର ପାଖୁଡା ସଦୃଶ ଥିଲା।
ସେହ ଚୌବାଚ୍ଚା 2,000 ମହଣ ଧାରଣ କରୁଥିଲା।

27ତା'ପରେ ହୀରମ ଦଶଟି କଂସା ଶଗଡ ନର୍ମାଣ କଲା।
ପ୍ରତ୍ୟେକ ଶଗଡର ଦୈର୍ଘ୍ୟ ଚାରହାତ, ପ୍ରସ୍ଥ ଚାର ହାତ ଓ
ଉଚ୍ଚତା ତିନହାତ ଥିଲା। 28ସେହ ଶଗଡଗୁଡ଼କର ଗଠନ
ଚତୁର୍ଭୁଜାକାର ଓ ଫ୍ରେମ ମଝିରେ ବନ୍ଧ ଥିଲା। ଯଥା: ସେ
ସବୁର ମଧ୍ୟ ଦେଶ ଥିଲା ଓ ସେହସବୁ ମଧ ଦେଶ
ବନ୍ଧମାନଙ୍କ ମଧ୍ୟରେ ଥିଲା। 29ପୁଣି ବନ୍ଧର ମଧବର୍ତ୍ତି
ସେହସବୁ ମଧଦେଶରେ ସିଂହ, ଗୋରୁ ଓ କରୁବ ଦୂତମାନେ
ଥିଲେ। ବନ୍ଧ ଉପରେ ଏକ ବଇଠି ଥିଲା। ପୁଣି ସିଂହ ଓ
ଗୋରୁମାନଙ୍କ ତଳେ ସୂକ୍ଷ୍ମ କାର୍ଯ୍ୟର ମାଳା ଥିଲା। 30ପ୍ରତ୍ୟେକ
ବୈଠିକର ପିତ୍ତଳମୟ ଚାରୋଟି ପିତ୍ତଳମୟ ଚକ ପିତ୍ତଳର
ଅଖ ଚାରକୋଣରେ ସ୍ଥାପିତ ଅବଲମ୍ବନ ଥିଲା। ସେହସବୁ
ଢଳାକର୍ମର ଅବଲମ୍ବନ ପ୍ରକ୍ଷାଳନ ପାତ୍ର ତଳେ ଥିଲା ଓ
ପ୍ରତ୍ୟେକର ପାର୍ଶ୍ୱରେ ମାଳା ଥିଲା। 31ଉପରେ ମାଠିଆ ପାଇଁ
ଏକ ଥାକ ଥିଲା। ଏହାର ଲମ୍ବ ଏକ ହାତ ଥିଲା। ମାଠିଆର
ମୁହଁ ଗୋଲାକାର ଚତୁଃଷ୍କୋଣ ଥିଲା। ଏହାର ବ୍ୟାସ ଦେଢହାତ
ଥିଲା। ସେହ ଥାକରେ କଂସାରେ ବହୁତ ନକ୍‌ସା ଅଙ୍କା
ଯାଇଥିଲା। 32ଫ୍ରେମ ତଳେ ଚାରୋଟି ଚକ ଥିଲା ଓ
ଚକଗୁଡ଼କର ବ୍ୟାସ ଦେଢହାତ ଥିଲା। ଚକଗୁଡକର କାଠ
ଗୋଟିଏ ଖଣ୍ଡ ଥିଲା। 33ଆଉ ସେହ ଚକଗୁଡ଼କ ରଥର ଚକ
ସଦୃଶ ଥିଲା। ତାହାର ଅଖ, ନେମି, ନାଭି ଓ ଅର ସବୁ
ଢଳା ପିତ୍ତଳରେ ନର୍ମିତ ହୋଇଥିଲା।

34ପ୍ରତ୍ୟେକ ଖଟୁଲର ଚାର କୋଣରେ ଚାରୋଟି ଠେସା
ଥିଲା ଓ ସେହ ଠେସାଗୁଡକ ଖଟୁଲ ସହତ ଏକ ଖଣ୍ଡ
ହୋଇ ରହଲା। 35ଆଉ ପ୍ରତି ଖଟୁଲ ମୁଣ୍ଡରେ ଅର୍ଦ୍ଧହସ୍ତ ଉଚ୍ଚ
ପିତ୍ତଳର ଗୋଲାକାର ବେଢା ଥିଲା। ଖଟୁଲ ଉପରସ୍ଥ ଅବଲମ୍ବନ
ଓ ମଧ ଦେଶ ତାହା ସହତ ନର୍ମିତ ହୋଇଥିଲା। 36ସେଇ
ଖଟୁଲର ଓ ଫ୍ରେମର ପାର୍ଶ୍ୱରେ କରୁବ ଦୂତଗଣଙ୍କର,
ସିଂହମାନଙ୍କର ଓ ଖଜୁରୀ ଗଛର ଛବ ଖୋଦତ ହୋଇଥିଲା।
ଏହସବୁ ଛବଗୁଡକ ଖଟୁଲର ସବୁଆଡେ ଖୋଦତ କରାଯାଇ
ଥିଲା ଓ ଖଟୁଲର ଚତୁପାର୍ଶ୍ୱରେ ଥିବା ଫ୍ରେମରେ ଫୁଲସବୁ
ଖୋଦତ ହୋଇଥିଲା। 37ହୀରମ ଦଶଟି ଖଟୁଲ ନର୍ମାଣ କଲା।
ପ୍ରତ୍ୟେକ ଖଟୁଲର ଆକୃତି ଓ ଆକାର ସମାନ ଥିଲା। କାରଣ
ପିତ୍ତଳକୁ ତରଳାଇ ଗୋଟିଏ ଛାଞ୍ଚରେ ଢାଳ ସେ ସେଗୁଡ଼କୁ
ନର୍ମାଣ କରଥିଲା।

38ସେ ଦଶଟି ଖଟୁଲ ଉପରେ ରହବା ପାଇଁ ଦଶଟି
ମାଠିଆ ନର୍ମାଣ କଲା। ପ୍ରତ୍ୟେକ ମାଠିଆର ବ୍ୟାସ ଚାରହାତ
ଥିଲା ଓ ପ୍ରତ୍ୟେକ ମାଠିଆ ଚାଳଶ ମହଣ ଧାରଣ କରୁଥିଲା।
39ପୁଣି ସେ ମନ୍ଦରର ଦକ୍ଷିଣ ପାର୍ଶ୍ୱରେ ପାଞ୍ଚ ଓ ବାମ
ପାର୍ଶ୍ୱରେ ପାଞ୍ଚ ଖଟୁଲ ରଖିଲା। ଆଉ ଗୃହ ଦକ୍ଷିଣପୂର୍ବ
କୋଣରେ ସମୁଦ୍ର ରୂପକ ପାତ୍ର ସ୍ଥାପନ କଲା। 40-45ହୀରମ
ଏହସବୁ ପ୍ରକ୍ଷାଳନ ପାତ୍ର, ଛୋଟ କରଚୁଲ୍ଲୀ ଏବଂ ଛୋଟ
ତାଟିଆଗୁଡକ ନର୍ମାଣ କଲା। ସେ ଶଲୋମନଙ୍କ ଇଚ୍ଛାନୁସାରେ
ସମସ୍ତ ଜିନଷ ତିଆର ସମାପ୍ତ କଲା। ସଦାପ୍ରଭୁଙ୍କ ମନ୍ଦର
ନମନ୍ତେ ନମ୍ନ ତାଲକା ମୁତାବକ ଜିନଷ ନର୍ମିତ ହେଲା।
ଯଥା:

2 ଗୋଟି ସ୍ତମ୍ଭ
2 ଗୋଟି ଗୋଲାକାର ମଣ୍ଡଳୀ, ସେହ ସ୍ତମ୍ଭ ଉପରସ୍ଥ ଆବୃତ କରବା ପାଇଁ
2 ଗୋଟି ଜାଲ
400 ଗୋଟି ଡାଳମ୍ବ ଉଭୟ ଜାଲ ନମନ୍ତେ, ପ୍ରତ୍ୟେକ ଜାଲରେ ଦୁଇଧାଡ ଡାଳମ୍ବ ରହବ।
10 ଗୋଟି ଶଗଡରୁ ପ୍ରତ୍ୟେକ ପ୍ରତ୍ୟେକ ଶଗଡରେ ଗୋଟିଏ ପକ୍ଷାଳନ ପାତ୍ର ରହବ। ସମୁଦ୍ର ପର ଏକ ବଡ କୁଣ୍ଡ। ସମୁଦ୍ର ଆକୃତି କୁଣ୍ଡ।

ତଳେ ବାରୋଟି ଷଣ୍ଢର ଛବ। ପାତ୍ରଗୁଡକର କରଚୁଲ୍ଲୀଗୁଡକ
ଏବଂ ତାଟିଆଗୁଡକ ହୀରମ ଦ୍ୱାରା ସଦାପ୍ରଭୁଙ୍କ ମନ୍ଦର ପାଇଁ
ତିଆର ହୋଇଥିଲା। ସେଗୁଡକ ସୁନ୍ଦର ପିତ୍ତଳରେ ନର୍ମିତ
ହୋଇଥିଲା।

46-47ଶଲୋମନ ସମସ୍ତ ଜିନଷ ନର୍ମାଣରେ ବ୍ୟବହୃତ
ପିତ୍ତଳକୁ ଓଜନ କଲେ ନାହିଁ। କାରଣ ତା'ର ପରମାଣ
ଏତେ ଅଧିକ ଥିଲା ଯେ ତାହା ଓଜନ କରବା ସମ୍ଭବ
ନଥିଲା। ରାଜା ଯର୍ଦ୍ଦନ ପଦାରେ ସୁକ୍କୋତ ଓ ସର୍ତ୍ତନ ମଧ୍ୟସ୍ଥିତ
ଚକ୍କଣ ଭୂମିରେ ତାହା ନର୍ମାଣ କରବାକୁ ଆଦେଶ ଦେଲେ।
ସେଗୁଡକୁ ପିତ୍ତଳ ତରଳାଇ ଓ ଛାଞ୍ଚରେ ଢାଳ ତିଆର
କରାଗଲା।

48-50ଶଲୋମନ ସଦାପ୍ରଭୁଙ୍କ ମନ୍ଦର ପାଇଁ ବହୁତ ସାମଗ୍ରୀ
ସୁବର୍ଣ୍ଣର ପାଇଲେ। ଏଗୁଡକ ସଦାପ୍ରଭୁଙ୍କ ମନ୍ଦର ନମିତ୍ତ
ତିଆର ହେଲା। ସେଗୁଡକ ଯଥା:

ସ୍ୱର୍ଣ୍ଣବେଦ,
ବଶେଷ ରୋଟି ରଖିବା ପାଇଁ ସ୍ୱର୍ଣ୍ଣମୟ ମେଜ,
ଦକ୍ଷିଣ ପାର୍ଶ୍ୱରେ ପାଞ୍ଚୋଟି ସୁବର୍ଣ୍ଣର ଦୀପରୂଖା ଓ
ମହାପବତ୍ର ସ୍ଥାନର ଉତ୍ତର ପାର୍ଶ୍ୱରେ ପାଞ୍ଚୋଟି ଦୀପରୂଖା
ସୁବର୍ଣ୍ଣର ଦୀପ,
ସୁବର୍ଣ୍ଣର ଫୁଲସବୁ, ଖାଣ୍ଟି ସୁନାର ଚାମଚ ଓ
ପାତ୍ରସବୁ ଯଥା, କଇଁଚି, କୁଣ୍ଡସବୁ, ଅଙ୍ଗାରଧାନୀ ଏବଂ
ଭିତର ପାଖର କବାଟ ପାଇଁ ଅର୍ଥାତ୍

ମହାପବିତ୍ର ସ୍ଥାନର ଓ ମନ୍ଦିରର ମୁଖ୍ୟ କୋଠରୀର
କବାଟ ପାଇଁ ସ୍ବର୍ଣ୍ଣର କବ୍ଜା ନିର୍ମାଣ କଲେ।

51ଏହିରୂପେ ସଦାପ୍ରଭୁଙ୍କ ମନ୍ଦିରର ସମସ୍ତ କାର୍ଯ୍ୟ ରାଜା ଶଲୋମନ ସଂପୂର୍ଣ୍ଣ କଲେ। ସେ ମନ୍ଦିର ନିମନ୍ତେ ଉତ୍ସର୍ଗିତ କରିଥିବା ସମସ୍ତ ସାମଗ୍ରୀ, ଯଥା: ରୂପା, ସୁନା ଓ ପାତ୍ରଗୁଡିକ ତାଙ୍କ ପିତା ଦାଉଦଙ୍କ ଦ୍ୱାରା ସଦାପ୍ରଭୁଙ୍କ ମନ୍ଦିରର କୋଷାଗାରରେ ରଖିଲେ।

## ସଦାପ୍ରଭୁଙ୍କ ମନ୍ଦିରରେ ତାଙ୍କର ନିୟମ ସିନ୍ଦୁକ

8 ତା'ପରେ ରାଜା ଶଲୋମନ ଇଶ୍ରାୟେଲର ପ୍ରାଚୀନବର୍ଗଙ୍କୁ, ବଂଶସମୂହର ପ୍ରଧାନବର୍ଗଙ୍କୁ ଓ ଇଶ୍ରାୟେଲର ସମସ୍ତ ପରିବାରର ମୁଖ୍ୟଙ୍କୁ ଏକତ୍ର ଡକାଇଲେ ଓ ସେମାନଙ୍କୁ ଯିରୁଶାଲମ ଆସିବାକୁ କହିଲେ। ଦାଉଦ ନଗରରୁ ସଦାପ୍ରଭୁଙ୍କ ନିୟମ ସିନ୍ଦୁକ ମନ୍ଦିରକୁ ଆଣିବାରେ ସେମାନଙ୍କର ଯୋଗଦାନ ସେ ଚାହୁଁଥିଲେ। 2ଇଶ୍ରାୟେଲ ସମସ୍ତ ପୁତ୍ରଗଣ ବର୍ଷର ସପ୍ତମ ମାସରେ ଏଥାନୀମ ନାମକ ଏକ ବିଶେଷ ପର୍ବ ଦିନରେ ଶଲୋମନ ରାଜାଙ୍କ ନିକଟରେ ଏକତ୍ରିତ ହେଲେ।

3ପୁଣି ଇଶ୍ରାୟେଲର ସମସ୍ତ ପ୍ରାଚୀନବର୍ଗ ଉପସ୍ଥିତ ହେବାପରେ ଯାଜକମାନେ ନିୟମ ସିନ୍ଦୁକ ଉଠାଇଲେ। 4ସେମାନେ ସଦାପ୍ରଭୁଙ୍କ ଯୁକ୍ତ ପବିତ୍ର ସିନ୍ଦୁକ ସହିତ ସମାଗମ ତମ୍ବୁ ଏବଂ ସମସ୍ତ ସମସ୍ତ ପବିତ୍ର ପାତ୍ରଗୁଡିକ ଏବଂ ଜିନିଷଗୁଡିକ ସମାଗମ ତମ୍ବୁ ଭିତରକୁ ବହନ କରିନେଲେ। ଏହିସବୁ ବହିଆଣିବାରେ ଯାଜକମାନଙ୍କୁ ଲେବୀୟମାନେ ସାହାଯ୍ୟ କଲେ। 5ରାଜା ଶଲୋମନ ଓ ଇଶ୍ରାୟେଲର ସମସ୍ତ ଲୋକେ ନିୟମ ସିନ୍ଦୁକ ସମ୍ମୁଖରେ ଏକତ୍ରିତ ହେଲେ ଓ ଅନେକ ଗାଈ ଓ ମେଷ, ବଳିଦାନ କଲେ। ସେମାନଙ୍କର ସଂଖ୍ୟା ଅଗଣିତ ଥିଲା। 6ତତ୍ପରେ ଯାଜକମାନେ ସଦାପ୍ରଭୁଙ୍କ ନିୟମ ସିନ୍ଦୁକକୁ ଯଥା ସ୍ଥାନରେ ଅର୍ଥାତ୍ ମନ୍ଦିରର ଗର୍ଭାଗାର ମହାପବିତ୍ର ସ୍ଥାନସ୍ଥ କିରୂବମାନଙ୍କ ପକ୍ଷତଳେ ରଖିଲେ। 7କିରୂବମାନଙ୍କର ପକ୍ଷ ସମଗ୍ର ନିୟମ ସିନ୍ଦୁକକୁ ଓ ସାଙ୍ଗୀ ଉପରକୁ ଆଚ୍ଛାଦନ କରିଥିଲା। 8ଆଉ ସେହି ସାଙ୍ଗୀ ଏତେ ଦୀର୍ଘ ଥିଲା ଯେ ତାହାର ଅଗ୍ରଭାଗ ମହାପବିତ୍ର ସ୍ଥାନ ସମ୍ମୁଖରେ ଥିବା ପବିତ୍ର ସ୍ଥାନରୁ ଦେଖା ଯାଉଥିଲା, ମାତ୍ର ଏହି ବାହାରୁ ଦେଖା ଯାଉ ନ ଥିଲା। ସେହି ସ୍ତମ୍ଭ ଆଜି ପର୍ଯ୍ୟନ୍ତ ସେଠାରେ ଅଛି। 9ସେହି ପବିତ୍ର ସିନ୍ଦୁକରେ କେବଳ ଦୁଇଟି ପ୍ରସ୍ତର ଫଳକ ଥିଲା। ହୋରେବ ନିକଟରେ ମୋଶା ଏହି ଫଳକ ଦୁଇଟିକୁ ରଖିଥିଲେ ଯେତେବେଳେ ଇଶ୍ରାୟେଲ ସନ୍ତାନଗଣ ମିଶର ଦେଶରୁ ବାହାରି ଆସିଥିଲେ। ସେତେବେଳେ ସଦାପ୍ରଭୁ ଏହି ହୋରେବରେ ଇଶ୍ରାୟେଲୀୟଙ୍କ ପାଇଁ ନିୟମ କରିଥିଲେ।

10ଯାଜକମାନେ ସଦାପ୍ରଭୁଙ୍କ ନିୟମ ସିନ୍ଦୁକ ମହାପବିତ୍ର ସ୍ଥାନରେ ରଖି ସାରିଲା ପରେ ବାହାରି ଆସିଲେ, ଏବଂ ସଦାପ୍ରଭୁଙ୍କ ମନ୍ଦିର ମେଘରେ ପରିପୂର୍ଣ୍ଣ ଥିଲା। 11ଯାଜକମାନେ ସଦାପ୍ରଭୁଙ୍କ ସେବା କରିପାରିଲେ ନାହିଁ କାରଣ ମନ୍ଦିରଟି ମେଘରେ ପରିପୂର୍ଣ୍ଣ ଥିଲା ଓ ସଦାପ୍ରଭୁଙ୍କ ମହିମାରେ ପୂର୍ଣ୍ଣ ହୋଇଥିଲା। 12ତା'ପରେ ଶଲୋମନ କହିଲେ, "ଆକାଶକୁ ଆଲୋକିତ କରିବାକୁ ସଦାପ୍ରଭୁ ସୂର୍ଯ୍ୟକୁ ସୃଷ୍ଟି କରିଅଛନ୍ତି ମାତ୍ର ସେ ଘୋର ଅନ୍ଧକାର ମେଘରେ ବାସ କରିବାକୁ ପସନ୍ଦ କରନ୍ତି*।

13ଚିରଦିନ ପାଇଁ ବାସ କରିବାକୁ ତୁମ୍ଭ ପାଇଁ ମୁଁ ଏକ ଆଶ୍ଚର୍ଯ୍ୟଜନକ ମନ୍ଦିର ନିର୍ମାଣ କରିଅଛି।"

14ଇଶ୍ରାୟେଲର ସମସ୍ତ ପୁତ୍ରଗଣ ସେଠାରେ ଦଣ୍ଡାୟମାନ ହୋଇଥିଲେ। ରାଜା ଶଲୋମନ ତାଙ୍କର ମୁହଁ ବୁଲାଇଲେ ଓ ସେମାନଙ୍କୁ ଆଶୀର୍ବାଦ କଲେ।

15ତା'ପରେ ଶଲୋମନ ସଦାପ୍ରଭୁଙ୍କୁ ଏକ ଦୀର୍ଘ ପ୍ରାର୍ଥନାରେ କହିଲେ,

"ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କର ପ୍ରଶଂସା କର, ଯାହା ସେ ମୋର ପିତା ଦାଉଦଙ୍କୁ ପ୍ରତିଜ୍ଞା କରିଥିଲେ, ସଦାପ୍ରଭୁ ନିଜେ ପୂରଣ କରିଛନ୍ତି। ସଦାପ୍ରଭୁ ମୋର ପିତାଙ୍କୁ କହିଲେ।

16'ଆମ୍ଭେ ଇଶ୍ରାୟେଲର ଲୋକମାନଙ୍କୁ ମିଶରରୁ ବାହାର କରି ଆଣିଲାଠାରୁ ଏପର୍ଯ୍ୟନ୍ତ କୌଣସି ସହରକୁ ଇଶ୍ରାୟେଲର ପରିବାରବର୍ଗରୁ ଆମ୍ଭର ନାମର ସମ୍ମାନାର୍ଥେ ମନ୍ଦିର ନିର୍ମାଣ କରିବାକୁ ମନୋନୀତ କଲୁ ନାହିଁ, କି ଆମ୍ଭର ଲୋକମାନଙ୍କର ନେତା ପାଇଁ ମନୋନୀତ କଲୁ ନାହିଁ।

କିନ୍ତୁ ବର୍ତ୍ତମାନ ଆମ୍ଭେ ଯିରୁଶାଲମକୁ ମନୋନୀତ କରିଅଛୁ ଯେଉଁଠାରେ ଆମ୍ଭେ ସମ୍ମାନିତ ହେବା ଓ ଆମ୍ଭର ଲୋକମାନଙ୍କ ଉପରେ ଶାସନ କରିବା ପାଇଁ ଦାଉଦଙ୍କୁ ମନୋନୀତ କରିଅଛୁ।'

17"ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କ ସମ୍ମାନାର୍ଥେ ଗୋଟିଏ ମନ୍ଦିର ନିର୍ମାଣ କରିବାକୁ ମୋର ପିତା ଦାଉଦ ବିଶେଷ ଭାବରେ ମନସ୍ଥ କରିଥିଲେ। 18ମାତ୍ର ସଦାପ୍ରଭୁ ମୋର ପିତା ଦାଉଦଙ୍କୁ କହିଲେ, 'ଆମ୍ଭର ସମ୍ମାନାର୍ଥେ ଏକ ମନ୍ଦିର ନିର୍ମାଣ କରିବାକୁ ତୁମ୍ଭର ବହୁତ ଇଚ୍ଛା ଅଛି, ତୁମ୍ଭର ଏହି ଇଚ୍ଛା ଉତ୍ତମ ଅଟେ। 19କିନ୍ତୁ ତୁମ୍ଭେ ସେହି ମନ୍ଦିର ନିର୍ମାଣ କରିବ ନାହିଁ, ତୁମ୍ଭର ଔରସଜାତ ସନ୍ତାନ ଆମ୍ଭ ସମ୍ମାନାର୍ଥେ ମନ୍ଦିର ନିର୍ମାଣ କରିବ।'

20"ସଦାପ୍ରଭୁଙ୍କର ସେହି ପ୍ରତିଜ୍ଞା ଆଜି ସଫଳ ହୋଇଛି, କାରଣ ସଦାପ୍ରଭୁଙ୍କ ପ୍ରତିଜ୍ଞାନୁସାରେ ମୁଁ ଆପଣା ପିତା ଦାଉଦଙ୍କର ପଦରେ ଇଶ୍ରାୟେଲର ସିଂହାସନରେ ଉପବିଷ୍ଟ ହେଲି ଓ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କ ନାମର ସମ୍ମାନାର୍ଥେ ସେହି ମନ୍ଦିର ନିର୍ମାଣ କଲି। 21ସଦାପ୍ରଭୁ ଆମ୍ଭର ପୂର୍ବପୁରୁଷମାନଙ୍କୁ ମିଶର ଦେଶରୁ ବାହାର କରି ଆଣିବା ବେଳେ ସେମାନଙ୍କ ସହିତ ଯେଉଁ ନିୟମ କରିଥିଲେ ତାହା ଏହି ନିୟମ ସିନ୍ଦୁକ ମଧ୍ୟରେ ଅଛି। ସେହି ନିୟମ ସିନ୍ଦୁକକୁ ରଖିବା ନିମନ୍ତେ ମୁଁ ଏକ ସ୍ଥାନ ସଦାପ୍ରଭୁଙ୍କ ଗୃହରେ ନିରୂପଣ କରିଅଛି।"

22ତା'ପରେ ଶଲୋମନ ସଦାପ୍ରଭୁଙ୍କ ଯଜ୍ଞବେଦୀ ସମ୍ମୁଖରେ ଛିଡ଼ା ହେଲେ ଓ ଇଶ୍ରାୟେଲର ସମଗ୍ର ସମାଜ ତାଙ୍କ ସମ୍ମୁଖରେ ଛିଡ଼ା ହେଲେ। ସେ ସ୍ୱର୍ଗଆଡ଼େ ଆପଣା ହସ୍ତ ବିସ୍ତାର କଲେ।

---

**ଆକାଶକୁ...ପସନ୍ଦ କରନ୍ତି:** ଏହା ପ୍ରାଚୀନ ଅନୁବାଦରେ ଅଛି। ହିବ୍ରୁରେ କେବଳ, "ସଦାପ୍ରଭୁ ଅନ୍ଧକାରରେ ବାସ କରିବାକୁ କହିଲେ।"

23"ହେ ସଦାପ୍ରଭୁ, ଇଶ୍ରାୟେଲର ପରମେଶ୍ୱର, ସ୍ୱର୍ଗ କି
ପୃଥିବୀରେ ତୁମ୍ଭ ତୁଲ୍ୟ ସଦାପ୍ରଭୁ କେହି ନାହାଁନ୍ତି। ତୁମ୍ଭେ
ଇଶ୍ରାୟେଲର ସମସ୍ତ ଲୋକମାନଙ୍କ ସହିତ ଏକ ନିୟମ
କରିଥିଲ କାରଣ ତୁମ୍ଭେ ସେମାନଙ୍କୁ ପ୍ରେମ କର। ତୁମ୍ଭେ
ତୁମ୍ଭର ନିୟମ ରକ୍ଷା କରିଅଛ। ଯେଉଁମାନେ ତୁମ୍ଭକୁ
ସର୍ବାନ୍ତଃକରଣରେ ଅନୁସରଣ କରନ୍ତି ତୁମ୍ଭେ ସେମାନଙ୍କ ପ୍ରତି
ଦୟାଳୁ ଓ ବିଶ୍ୱସ୍ତ ହୋଇଥାଅ। 24ତୁମ୍ଭେ ଆପଣାର ସେବକ,
ମୋର ପିତା ଦାଉଦଙ୍କୁ ଯାହା ପ୍ରତିଜ୍ଞା କରିଥିଲ, ତାହା
ପାଳନ କରିଅଛ। ଆଉ ତୁମ୍ଭେ ନିଜ ମୁଖରେ ଯାହା ପ୍ରତିଜ୍ଞା
କରିଥିଲ, ଏହା ସତ୍ୟ କରିବା ପାଇଁ ତୁମ୍ଭେ ଆଜି ତୁମ୍ଭର
ମହାନ ଶକ୍ତିବଳରେ ତାହା ପୂରଣ କରିଛ। 25ତୁମ୍ଭେ ମୋ
ପିତା ଆପଣା ଦାସ ଦାଉଦଙ୍କୁ କହିଥିଲ, 'ତୁମ୍ଭେ ଯେପରି
ଆମ୍ଭର ଆଜ୍ଞା ପାଳନ କରି ଆମ୍ଭର ଆଜ୍ଞା ଓ ନିୟମକୁ
ଅନୁସରଣ କରୁଛ, ଯଦି ତୁମ୍ଭର ପୁତ୍ରମାନେ ସେହିପରି କରନ୍ତି
ଓ ସତର୍କତା ଭାବରେ ଆମ୍ଭକୁ ଅନୁସରଣ କରନ୍ତି, ତେବେ
ଇଶ୍ରାୟେଲ ସିଂହାସନରେ ତୁମ୍ଭ ବଂଶରୁ ସର୍ବଦା ଇଶ୍ରାୟେଲ
ଉପରେ ରାଜ୍ୟ କରିବ। ହେ ସଦାପ୍ରଭୁ, ଇଶ୍ରାୟେଲର
ପରମେଶ୍ୱର, ତୁମ୍ଭେ ତୁମ୍ଭର ସେହି ବାକ୍ୟ ଏବେ ସଫଳ
କର।' 26ହେ ସଦାପ୍ରଭୁ, ଇଶ୍ରାୟେଲର ପରମେଶ୍ୱର, ମୁଁ
ବିନୟ କରୁଅଛି ମୋ ପିତା ଦାଉଦଙ୍କ ପ୍ରତି ଯେଉଁ ପ୍ରତିଜ୍ଞା
କରିଅଛ ତାହା ରକ୍ଷାକର।

27"କିନ୍ତୁ ହେ ପରମେଶ୍ୱର, ତୁମ୍ଭେ କ'ଣ ଆମ୍ଭମାନଙ୍କ
ସହିତ ଏହି ପୃଥିବୀରେ ବାସ କରିବାକୁ ଯାଉଛ? ଦୟାକରି
ଦେଖ, ସମସ୍ତ ସ୍ୱର୍ଗ ଓ ସ୍ୱର୍ଗର ଉପରିସ୍ଥ ସ୍ୱର୍ଗ ଯେତେବେଳେ
ତୁମ୍ଭକୁ ଧାରଣ କରି ନ ପାରିବ, ତେବେ ମୋ ଦ୍ୱାରା ନିର୍ମିତ
ଏକ ଛୋଟ ଗୃହ କ'ଣ ତୁମ୍ଭକୁ ଧାରଣ କରିପାରିବ?
28ତଥାପି ହେ ସଦାପ୍ରଭୁ, ମୋ ପରମେଶ୍ୱର, ତୁମ୍ଭ ଦାସ ଆଜି
ତୁମ୍ଭ ନିକଟରେ କାକୂକ୍ତି କରି ନିବେଦନ କରୁଛି, ଯେହେତୁ,
ମୁଁ ତୁମ୍ଭର ଦାସ, ତୁମ୍ଭେ ମୋର ପ୍ରାର୍ଥନା ଓ ବିନତିରେ
ମନୋଯୋଗ କର। 29ଦୟାକରି ଏହି ମନ୍ଦିର ଉପରେ ତୁମ୍ଭର
ଚକ୍ଷୁ ଦିବାରାତ୍ର ମୁକ୍ତ ଥାଉ। ଯାହାକି ତୁମ୍ଭେ କହିଥିଲ, 'ମୋର
ନାମ' ସେଠାରେ ସମ୍ମାନିତ ହେବ। ଦୟାକରି ଶୁଣିବା
ଲୋକକୁ କୃପା କର। ଯାହା ତୁମ୍ଭର ଦାସଗଣ କୃତଜ୍ଞଭାବରେ
ଏହି ମନ୍ଦିରରେ ତୁମ୍ଭଙ୍କୁ ପ୍ରାର୍ଥନା କରୁଛନ୍ତି। 30ହେ ସଦାପ୍ରଭୁ,
ତୁମ୍ଭର ଦାସ ଓ ଇଶ୍ରାୟେଲର ଲୋକେ ଏହି ସ୍ଥାନକୁ ଆସିବେ
ଓ ବିନତି କରିବେ, ସେମାନଙ୍କର ପ୍ରାର୍ଥନା ମନୋଯୋଗ
ପୂର୍ବକ ଶୁଣ। ଆମ୍ଭେ ଜାଣୁ ଆପଣଙ୍କ ନିବାସଭୂମି ସ୍ୱର୍ଗ।
ଆମ୍ଭେ ବିନତି କରୁଛୁ ସେହିଠାରେ ଥାଇ ଆମ୍ଭ ପ୍ରାର୍ଥନା ଶୁଣ
ଓ ଆମ୍ଭମାନଙ୍କୁ କ୍ଷମା କର।

31"ଯଦି କେହି ନିଜ ପ୍ରତିବେଶୀ ବିରୁଦ୍ଧରେ କିଛି ପାପ
କରେ ତେବେ ତାକୁ ଏହି ମନ୍ଦିରର ଯଜ୍ଞବେଦୀ ନିକଟକୁ
ଅଣାଯିବ। ସଂପୃକ୍ତ ବ୍ୟକ୍ତି ଜଣଙ୍କ ସେହି ଭୂଲ୍ କରିଥିବା
ବ୍ୟକ୍ତି ଜଣକ ବିରୁଦ୍ଧରେ ଶାପ ଦେବ। 32ତେବେ ତୁମ୍ଭେ
ସ୍ୱର୍ଗରେ ଥାଇ ତାହା ଶୁଣି ନିଷ୍ପତ୍ତି କର। ଯଦି ସେ ଦୋଷ
କରିଥାଏ ତେବେ ସେ ଦୋଷୀ ବୋଲି ପ୍ରମାଣିତ ହୁଏ, ସେଇ
ଅନୁସାରେ ତାକୁ ଦଣ୍ଡ ଦିଅ। ଯଦି ସେ ନିର୍ଦ୍ଦୋଷ ଦେବେ,
ତା'ର ଧାର୍ମିକତା ଅନୁଯାୟୀ ତାକୁ ପୁରସ୍କୃତ କର।

33"ସମୟ ସମୟରେ ଇଶ୍ରାୟେଲର ଲୋକମାନେ ତୁମ୍ଭ
ବିରୁଦ୍ଧରେ ପାପ କରିବେ ଓ ସେଥିପାଇଁ ଶତ୍ରୁଦ୍ୱାରା ପରାସ୍ତ
ହେବେ। ଯଦି ତୁମ୍ଭ ନିକଟକୁ ଫେରି ଆସି ତୁମ୍ଭ ନାମର
ପ୍ରଶଂସା ଉତ୍ସର୍ଗୀକୃତ ଭାବରେ କରନ୍ତି ଓ ଏହି ମନ୍ଦିରରେ ତୁମ୍ଭ
ନିକଟରେ ପ୍ରାର୍ଥନା କରନ୍ତି। 34ତେବେ ତୁମ୍ଭେ ସ୍ୱର୍ଗରେ ଥାଇ
ତାହା ଶୁଣ ଓ ଆପଣା ଇଶ୍ରାୟେଲ ଲୋକର ପାପସବୁ କ୍ଷମା
କର ଓ ସେମାନଙ୍କର ପୂର୍ବପୁରୁଷମାନଙ୍କୁ ଯେଉଁ ଦେଶ
ଦେଇଅଛ, ସେମାନଙ୍କୁ ସେଠାକୁ ପୁନର୍ବାର ଫେରାଇ ଆଣ।

35"ସମୟ ସମୟରେ ସେମାନେ ତୁମ୍ଭ ବିରୁଦ୍ଧରେ ପାପ
କରିବା ହେତୁ ସେମାନଙ୍କର ଭୂମିରେ ବୃଷ୍ଟିପାତ ବନ୍ଦ କରିବ।
ତା'ପରେ ସେମାନେ ମନ୍ଦିରରେ ପାର୍ଥନା କରିବେ ଓ ତୁମ୍ଭ
ନାମର ପ୍ରଶଂସା କରିବେ। ସେମାନେ ସେମାନଙ୍କର ପାପ
ସ୍ୱୀକାର କରିବେ ଏବଂ ଏଥିରୁ ଫେରିଆସିବେ କାରଣ ତୁମ୍ଭେ
ସେମାନଙ୍କୁ କଷ୍ଟ ଦେଇଛ। 36ତେଣୁ ତୁମ୍ଭେ ସ୍ୱର୍ଗରେ ଥାଇ
ତାହା ଶୁଣ ଓ ଆମ୍ଭମାନଙ୍କର ପାପ ପାଇଁ ଆମ୍ଭମାନଙ୍କୁ ଏବଂ
ତୁମ୍ଭର ସେବକମାନଙ୍କୁ କ୍ଷମା କର। ତୁମ୍ଭେ ଠିକ୍ ଭାବରେ
ଲୋକମାନଙ୍କୁ ଜୀବନ ଧାରଣ କରିବାରେ ଶିକ୍ଷା ଦିଅ ଓ
ତା'ପରେ ତୁମ୍ଭ ଦେଶରେ ଦୟାକରି ବୃଷ୍ଟି କରିବାକୁ କୃପା
କର। ଯାହା ତୁମ୍ଭେ ତୁମ୍ଭର ଲୋକମାନଙ୍କୁ ଦେଇଥିଲେ।

37"ଯେବେ ଦେଶରେ ଦୁର୍ଭିକ୍ଷ ହୁଏ, ଯେବେ ମହାମାରୀ
ହୁଏ, ଶସ୍ୟ ସବୁ ନଷ୍ଟ ହୁଏ, ପଙ୍ଗପାଳ ଓ କୀଟ ଦ୍ୱାରା ନଷ୍ଟ
ହୁଏ, ଶତ୍ରୁମାନଙ୍କଦ୍ୱାରା ନଗର ସମୂହ ଆକ୍ରମିତ ହୋଇ
ଅବରୁଦ୍ଧ ହୁଏ ଓ ଯେବେ ତୁମ୍ଭର ଲୋକେ ରୋଗାକ୍ରାନ୍ତ
ହୁଅନ୍ତି। 38ଯେତେବେଳେ ଏହା ଭିତରୁ କୌଣସି ଘଟଣା
ଘଟେ ଏବଂ ଇଶ୍ରାୟେଲୀୟ ତୁମ୍ଭର ଯେ କୌଣସି ଲୋକ
ତା'ର ନିଜର ପାପ ପାଇଁ ଦୁଃଖ କରେ ଏବଂ ସେମାନଙ୍କର
ହାତ ଏହି ମନ୍ଦିର ଆଡ଼କୁ ବଢ଼ାଇ ତୁମ୍ଭକୁ ପାର୍ଥନା କରନ୍ତି।
39ତୁମ୍ଭେ ଆପଣାର ବାସସ୍ଥାନ ସ୍ୱର୍ଗରେ ଥାଇ ସେମାନଙ୍କର
ପାର୍ଥନା ଶୁଣ ଓ ସେମାନଙ୍କୁ କ୍ଷମା କର ଏବଂ ସାହାଯ୍ୟ
କର। କେବଳ ତୁମ୍ଭେ ଜାଣ ଲୋକମାନେ କଣ ଚିନ୍ତା
କରୁଛନ୍ତି। ତେଣୁ ସେଇ ଅନୁସାରେ ପ୍ରତ୍ୟେକ ବ୍ୟକ୍ତିର ବିଚାର
କର ଏବଂ ତୁମ୍ଭ ବିଚାରରେ ସାଧୁତା ଦେଖାଅ। 40ତାହା
କର ତାହେଲେ ଲୋକମାନେ ସର୍ବଦା ତୁମ୍ଭକୁ ଭୟ କରିବେ
ଓ ଭକ୍ତି କରିବେ ଯେଉଁ ଭୂମିରେ ସେମାନେ ବାସ କରୁଛନ୍ତି,
ଯେଉଁ ଭୂମିକୁ ତୁମ୍ଭେ ସେମାନଙ୍କ ପୂର୍ବପୁରୁଷଙ୍କୁ ଦେଇଥିଲ।

41-42"କେବଳ ଇଶ୍ରାୟେଲ ଲୋକେ ନୁହଁନ୍ତି, ଦୂର
ଦେଶର ଲୋକମାନେ ତୁମ୍ଭର ମହିମା ଓ ଗୌରବ ବିଷୟରେ
ଶୁଣିବେ। ସେମାନେ ଏହି ମନ୍ଦିରକୁ ବହୁ ଦୂରରୁ ଆସିବେ ଓ
ପ୍ରାର୍ଥନା କରିବେ। 43ତୁମ୍ଭେ ତୁମ୍ଭର ନିବାସଭୂମି ସ୍ୱର୍ଗରେ ଥାଇ
ସେମାନଙ୍କର ପ୍ରାର୍ଥନା ଶୁଣ; ସେହି ବିଦେଶୀ ଲୋକମାନଙ୍କର
ପ୍ରାର୍ଥନା ଅନୁସାରେ ସେମାନଙ୍କୁ ଫଳ ଦିଅ; ତାହାହେଲେ
ସେମାନେ ଇଶ୍ରାୟେଲ ଲୋକପରି ତୁମ୍ଭକୁ ଭୟ ଓ ଭକ୍ତି
କରିବେ। ଆଉ ମଧ୍ୟ ସବୁ ସ୍ଥାନରେ ସବୁଲୋକ ତୁମ୍ଭର
ସମ୍ମାନ ଉଦ୍ଦେଶ୍ୟରେ ମୁଁ ଏହି ମନ୍ଦିର ନିର୍ମାଣ କରିଛି ବୋଲି
ଜାଣିବେ।

44"କେବେ କେବେ ତୁମ୍ଭର ଲୋକ ତୁମ୍ଭର ଆଦେଶରେ
ଶତ୍ରୁ ବିପକ୍ଷରେ ଯୁଦ୍ଧ କରିବାକୁ ଗଲାବେଳେ ତୁମ୍ଭର ଏହି

ମନୋନୀତ ସ୍ଥାନରେ ତୁମ୍ଭ ସମ୍ମାନାର୍ଥେ ମୋ ଦ୍ୱାରା ନିର୍ମିତ
ମନ୍ଦିରରେ ପ୍ରାର୍ଥନା କରିବେ। **45**ସେତେବେଳେ ତୁମ୍ଭେ ତୁମ୍ଭ
ନିବାସଭୂମି ସ୍ୱର୍ଗରେ ଥାଇ ସେମାନଙ୍କର ପ୍ରାର୍ଥନା ଶୁଣ ଓ
ସେମାନଙ୍କୁ ଫଳ ଦିଅ।

**46**"ତୁମ୍ଭର ଲୋକମାନେ ସମୟ ସମୟରେ ତୁମ୍ଭ ବିରୁଦ୍ଧରେ
ପାପ କରିବେ। ମୁଁ ଏହା ଜାଣେ କାରଣ ପ୍ରତ୍ୟେକ ଲୋକ
ପାପ କରନ୍ତି। ତୁମ୍ଭେ ସେମାନଙ୍କ ଉପରେ କ୍ରୋଧାନ୍ୱିତ ହେବ
ଓ ସେମାନଙ୍କୁ ଶତ୍ରୁମାନଙ୍କ ଦ୍ୱାରା ପରାଜିତ କରାଇବ। ସେମାନଙ୍କର
ଶତ୍ରୁ ସେମାନଙ୍କୁ ବନ୍ଦୀକରି ଦୂର ଦେଶକୁ ନେଇଯିବେ।
**47**ସେହି ଦୂର ଦେଶରେ ବନ୍ଦୀରୂପେ ଥିବାବେଳେ, ଯଦି
ସେମାନେ ସେମାନଙ୍କର କୁକର୍ମ ପାଇଁ ସେଠାରେ ଅନୁତାପ
କରନ୍ତି ଏବଂ ସ୍ୱୀକାର କରନ୍ତି, 'ଆମ୍ଭେ ପାପ କଲୁ,
ବିପଥଗାମୀ ହେଲୁ ଓ ଦୁଷ୍ଟ ହେଲୁ।' **48**ଯଦି ସେହି
ବନ୍ଦୀମାନେ ସେହି ଦୂର ଦେଶରେ ସେମାନଙ୍କର ହୃଦୟ
ସହକାରେ ତୁମ୍ଭ ପ୍ରତି ଫେରନ୍ତି। ପୁଣି ତୁମ୍ଭେ ସେମାନଙ୍କର
ପୂର୍ବପୁରୁଷଗଣଙ୍କୁ ଦେଇଥିବା ଦେଶକୁ, ତୁମ୍ଭର ମନୋନୀତ
ନଗରକୁ ତୁମ୍ଭ ସମ୍ମାନାର୍ଥେ ମୁଁ କରିଥିବା ମନ୍ଦିରକୁ ଫେରି
ଆସନ୍ତି। **49**ତେବେ ତୁମ୍ଭେ ସ୍ୱର୍ଗରେ ଥାଇ ସେମାନଙ୍କର
ପ୍ରାର୍ଥନା ଓ ବିନତି ଶୁଣ ଓ ସେମାନଙ୍କୁ ସମର୍ଥନ କର।
**50**ତୁମ୍ଭ ବିରୁଦ୍ଧରେ ପାପ କରିଥିବା ତୁମ୍ଭର ସେହି ଲୋକମାନଙ୍କୁ
ଓ ତୁମ୍ଭଠାରୁ ବିମୁଖ ହୋଇଥିବା ସେହି ଲୋକମାନଙ୍କୁ କ୍ଷମା
କର। ସେମାନଙ୍କର ଶତ୍ରୁମାନଙ୍କୁ ସେମାନଙ୍କ ପ୍ରତି ଦୟାଳୁ
ହେବାକୁ ଦିଅ। **51**ମନେରଖ ଯେ, ସେମାନେ ତୁମ୍ଭର ଲୋକ
ଓ ତୁମ୍ଭେ ସେମାନଙ୍କୁ ମିଶରରୁ ବାହାର କରି ଆଣିଛ। ଏହା
ଏପରି ସଦୃଶ୍ୟ ଯେ, ତୁମ୍ଭେ ସେମାନଙ୍କୁ ଗରମ ଚୁଲ୍ଲୀରୁ ଟାଣି
ଆଣି ରକ୍ଷା କରିଛ।

**52**"ହେ ସଦାପ୍ରଭୁ ପରମେଶ୍ୱର, ଦୟାକରି ମୋର ତଥା
ଇଶ୍ରାୟେଲର ସମସ୍ତ ଲୋକଙ୍କର ପ୍ରାର୍ଥନା ଶୁଣ। ସେମାନେ
ଯେତେବେଳେ ପ୍ରାର୍ଥନା କରନ୍ତି, ସେ ସମୟରେ ତାହା ଶୁଣ।
**53**କାରଣ ହେ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କୁ
ମିଶରରୁ ବାହାର କରି ଆଣିବା ସମୟରେ ଆପଣା ଦାସ
ମୋଶାଙ୍କୁ କହିଥିଲ ଯେ, ଏହି ଲୋକମାନେ ତୁମ୍ଭର ବିଶେଷ
ଲୋକ ବୋଲି ତୁମ୍ଭ ଅନ୍ୟ ସମସ୍ତ ଦେଶଠାରୁ ପୃଥକ୍
କରିଛ।"

**54**ଏହି ପ୍ରାର୍ଥନା କଲାବେଳେ ରାଜା ଶଲୋମନ ଯଜ୍ଞବେଦୀ
ସମ୍ମୁଖରେ ଆଣ୍ଠୁମାଡ଼ି ଓ ସ୍ୱର୍ଗଆଡ଼େ ହସ୍ତ ପ୍ରସାରଣ କଲେ।
ତା'ପରେ ସେ ଛିଡ଼ା ହେଲେ ଓ ପ୍ରାର୍ଥନା ସମାପ୍ତ କଲେ।
**55**ତତ୍ପରେ ସେ ଉଚ୍ଚ ସ୍ୱରରେ ପରମେଶ୍ୱରଙ୍କୁ ସମସ୍ତ
ଇଶ୍ରାୟେଲ ଲୋକଙ୍କୁ ଆଶୀର୍ବାଦ କରିବାକୁ ପ୍ରାର୍ଥନା କରି ଏହା
କହିଲେ,

**56**"ସଦାପ୍ରଭୁ ଯିଏ ଆପଣାର ପ୍ରତିଜ୍ଞାନୁସାରେ ଇଶ୍ରାୟେଲକୁ
ସମସ୍ତ ଲୋକମାନଙ୍କୁ ବିଶ୍ରାମ ଦେଇଅଛନ୍ତି, ସେ ପ୍ରଶଂସିତ
ହୁଅନ୍ତୁ; ସେ ମୋଶାଙ୍କୁ ଯେଉଁ ପ୍ରତିଜ୍ଞା କରିଥିଲେ, ସେହି
ସମସ୍ତ ଉତ୍ତମ ପ୍ରତିଜ୍ଞାଗୁଡ଼ିକର ଗୋଟିଏ ହେଲେ ବିଫଳ
ହୋଇନାହିଁ। **57**ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର
ଆମ୍ଭମାନଙ୍କର ପିତୃ ଲୋକଙ୍କ ସଙ୍ଗେ ଯେପରି ଥିଲେ,
ସେହିପରି ଆମ୍ଭମାନଙ୍କ ସହିତ ରୁହନ୍ତୁ ସେ ଆମ୍ଭମାନଙ୍କୁ
ପରିତ୍ୟାଗ କରନ୍ତୁ ନାହିଁ କି ଆମ୍ଭଠାରୁ ଦୂରେଇ ଯାଆନ୍ତୁ
ନାହିଁ। **58**ମୁଁ ପ୍ରାର୍ଥନା କରୁଛି ଯେ, ଆମ୍ଭେମାନେ ସର୍ବଦା
ପରମେଶ୍ୱରଙ୍କ ପ୍ରତି ଆନୁଗତ୍ୟ ରହିବୁ। ବିଶ୍ୱସ୍ତଭାବରେ
ସଦାପ୍ରଭୁଙ୍କର ନିୟମ, ଆଦେଶ ଓ ବ୍ୟବସ୍ଥା ଯାହା ଆମ୍ଭର
ପୂର୍ବପୁରୁଷଗଣଙ୍କୁ ଦିଆଯାଇଥିଲା, ସେଗୁଡ଼ିକ ପାଳନ କରି
ଆମ୍ଭେ ପରମେଶ୍ୱରଙ୍କୁ ଅନୁସରଣ କରିବୁ। **59**ମୁଁ ସଦାପ୍ରଭୁ
ଆମ୍ଭର ପରମେଶ୍ୱରଙ୍କ ସମ୍ମୁଖରେ ମୋର ପ୍ରାର୍ଥନା ଓ ଅନୁରୋଧ
ସର୍ବଦା ମନେ ରଖିବାକୁ, ଦିନ ଓ ରାତି ଆମ୍ଭ ପାଇଁ ଏହିସବୁ
କରିବାକୁ ଓ ତାଙ୍କର ସେବକ ଓ ତାଙ୍କର ଇଶ୍ରାୟେଲର
ଲୋକମାନଙ୍କର ଆବଶ୍ୟକତାର ଯତ୍ନ ନେବାକୁ ଆଗ୍ରହପୂର୍ଣ୍ଣ
ସହିତ ପ୍ରାର୍ଥନା କରୁଛୁ। **60**ଏହାଦ୍ୱାରା ସଦାପ୍ରଭୁ ଯେ ପରମେଶ୍ୱର
ଓ ତାଙ୍କ ଛଡ଼ା ଅନ୍ୟ ନାହିଁ, ଏହା ପୃଥିବୀର ସମସ୍ତ ଗୋଷ୍ଠୀ
ଜାଣିବେ। **61**ତୁମ୍ଭେମାନେ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ
ପ୍ରତି ବିଶ୍ୱସ୍ତ ଓ ସତ୍ ହୁଅ। ତାଙ୍କୁ ସର୍ବଦା ଅନୁସରଣ କରିବା
ସଙ୍ଗେ ସଙ୍ଗେ ତାଙ୍କର ସମସ୍ତ ବ୍ୟବସ୍ଥା ଓ ଆଜ୍ଞା ପାଳନ
କର। ବର୍ତ୍ତମାନ ପରି ଭବିଷ୍ୟତରେ ପାଳନ କରିବାକୁ
ସର୍ବାନ୍ତଃକରଣରେ ସ୍ଥିର କର।"

**62**ଅନନ୍ତର ରାଜା ଓ ତାଙ୍କ ସହିତ ସମସ୍ତ ଇଶ୍ରାୟେଲ
ସଦାପ୍ରଭୁଙ୍କ ସମ୍ମୁଖରେ ବଳିଦାନ ଉତ୍ସର୍ଗ କଲେ। **63**ରାଜା
ଶଲୋମନ ଓ ଇଶ୍ରାୟେଲର ସଦାପ୍ରଭୁଙ୍କ ସମ୍ମାନାର୍ଥେ ଲୋକମାନେ
22,000 ଘାଈ ଓ 1,20,000 ମେଷ ସହଭାଗିତାର ବଳି
ନିମନ୍ତେ ଉତ୍ସର୍ଗ କଲେ। ଏହି ରୂପେ ରାଜା ଓ ସମଗ୍ର
ଇଶ୍ରାୟେଲ ଲୋକେ ସଦାପ୍ରଭୁଙ୍କ ମନ୍ଦିରରେ ଉତ୍ସର୍ଗ କଲେ।

**64**ଆଉ ମଧ୍ୟ ସେହିଦିନ ରାଜା ସଦାପ୍ରଭୁଙ୍କ ମନ୍ଦିର
ସମ୍ମୁଖସ୍ଥ ପ୍ରାଙ୍ଗଣ ପବିତ୍ର କଲେ; କାରଣ ସେଠାରେ ସେ
ହୋମବଳି, ଶସ୍ୟ ନୈବେଦ୍ୟ ଓ ସହଭାଗିତାର ବଳିର ମେଦ
ଉତ୍ସର୍ଗ କଲେ। ଯେହେତୁ ହୋମବଳି, ଭକ୍ଷ୍ୟ ନୈବେଦ୍ୟ ଓ
ମଙ୍ଗଳାର୍ଥକ ବଳିର ମେଦ ଧରିବା ପାଇଁ ସଦାପ୍ରଭୁଙ୍କ ସମ୍ମୁଖସ୍ଥ
ପିତ୍ତଳ ଯଜ୍ଞବେଦୀ ଅତି ଛୋଟ ଥିଲା।

**65**ସେ ସମୟରେ ଶଲୋମନ ଓ ତାଙ୍କ ସହିତ ସମଗ୍ର
ଇଶ୍ରାୟେଲ ଏକ ବିରାଟ ସମାଜ ଦୂର ଦୂରାନ୍ତର ହମାତର
ଲୋକମାନେ ଉତ୍ତର ଦିଗ ମଧ୍ୟ ଦେଇ ଦକ୍ଷିଣରେ ମିଶରର
ସୀମା ପର୍ଯ୍ୟନ୍ତ ଗଲେ। ସଦାପ୍ରଭୁଙ୍କ ସମ୍ମୁଖରେ ଏହି ପର୍ବ
ଚଉଦ ଦିନ ଯାଏଁ ପାଳନ କଲେ। **66**ଅଷ୍ଟମ ଦିନରେ
ଶଲୋମନ ସେ ଲୋକମାନଙ୍କୁ ବିଦାୟ ଦେଲେ। ସମସ୍ତ
ଲୋକେ ରାଜାଙ୍କୁ ଧନ୍ୟବାଦ ଦେଇ ସେମାନଙ୍କର ଘରକୁ
ଗଲେ। ସଦାପ୍ରଭୁ ନିଜର ଦାସ ଦାଉଦଙ୍କ ପ୍ରତି ଓ ନିଜର
ସନ୍ତାନ ଇଶ୍ରାୟେଲ ପ୍ରତି ଯେଉଁସବୁ ମଙ୍ଗଳବିଧାନ କଲେ,
ତାହା ହୃଦୟଙ୍ଗମ କରି ପ୍ରତ୍ୟେକ ନିଜ ନିଜ ତମ୍ବୁକୁ
ପ୍ରତ୍ୟାବର୍ତ୍ତନ କଲେ।

## ପରମେଶ୍ୱର ପୁନର୍ବାର ଶଲୋମନଙ୍କ ନିକଟକୁ ଆସିଲେ

**9** ଅନନ୍ତର ଶଲୋମନ ସଦାପ୍ରଭୁଙ୍କ ମନ୍ଦିର, ରାଜଗୃହ ଓ
ନିଜ ଇଚ୍ଛାନୁସାରେ ସମସ୍ତ ଜିନିଷର ନିର୍ମାଣ କାର୍ଯ୍ୟ
ସମାପ୍ତ କଲେ। **2**ସଦାପ୍ରଭୁ ଯେପରି ଶଲୋମନଙ୍କୁ ଗିବିୟୋନରେ
ଦର୍ଶନ ଦେଇଥିଲେ, ସେହିପରି ଦ୍ୱିତୀୟ ଥର ତାଙ୍କୁ ଦର୍ଶନ
ଦେଲେ। **3**ସଦାପ୍ରଭୁ ତାଙ୍କୁ କହିଲେ, "ତୁମ୍ଭେ ଆମ୍ଭକୁ ଆଗ୍ରହ

ଭାବରେ ଯେଉଁ ପ୍ରାର୍ଥନା ଓ ବିନତି କରିଅଛ, ତାହା ଆମ୍ଭେ
ଶୁଣିଅଛୁ। ଆମ୍ଭ ନାମକୁ ସଦାକାଳ ସମ୍ମାନ କରିବା ନିମନ୍ତେ
ତୁମ୍ଭେ ଏହି ଯେଉଁ ମନ୍ଦିର ନିର୍ମାଣ କରିଅଛ, ତାହା ଆମ୍ଭେ
ପବିତ୍ର କଲୁ, ଆମ୍ଭେ ତୁମ୍ଭଙ୍କୁ କଥା ଦେଇଅଛୁ ଯେ, ଆମ୍ଭର
ଧାନ ଓ ପ୍ରେମ ମନ୍ଦିର ପ୍ରତି ରହିବ। **4**ତୁମ୍ଭେ ତୁମ୍ଭ ପିତା
ଦାଉଦଙ୍କ ପରି ମନପ୍ରାଣ ଦେଇ ଭକ୍ତ ଓ ସାଧୁତାର ସହିତ
ଆମ୍ଭର ସେବା କରିବ। ଯଦି ତୁମ୍ଭେ ସେହି ପରି କର ଏବଂ
ଆମ୍ଭର ନିୟମ ଓ ଆମ୍ଭେ ଦେଉଥିବା ସମସ୍ତ ନିର୍ଦ୍ଦେଶ ମାନ।
**5**“ଯଦି ତୁମ୍ଭେ ଏହିସବୁ କର, ତୁମ୍ଭର ପିତା ଦାଉଦଙ୍କୁ
ଆମ୍ଭେ ପ୍ରତିଜ୍ଞା କରିଥିଲୁ, ତୁମ୍ଭ ବଂଶର ଜଣେ ଲୋକ
ଇଶ୍ରାୟେଲର ଶାସକ ହେବ। ତଦନୁସାରେ ଆମ୍ଭେ ଇଶ୍ରାୟେଲରେ
ତୁମ୍ଭ ସିଂହାସନ ଚିରଦିନ ପାଇଁ ସ୍ଥାପନ କରିବା।
**6-7**“ମାତ୍ର ତୁମ୍ଭେ କିମ୍ବା ତୁମ୍ଭର ସନ୍ତାନମାନେ ଯଦି
ଆମ୍ଭକୁ ଅନୁସରଣ କରିବାରେ ବିଫଳ ହୁଅନ୍ତି ଓ ଆମ୍ଭର
ନିର୍ଦ୍ଦେଶ ଓ ନିୟମ ମାନିବାକୁ ଯତ୍ନ ନକରନ୍ତି, ଯଦି
ତୁମ୍ଭେମାନେ ଅନ୍ୟ ଦେବତାମାନଙ୍କର କି ପ୍ରତିମାର ସେବାକର
ଓ ପ୍ରଣାମ କର, ତେବେ ଆମ୍ଭେ ଇଶ୍ରାୟେଲର ଲୋକମାନଙ୍କୁ
ଭୂମିରୁ ବିତାଡ଼ିତ କରିବା, ଯାହା ଆମ୍ଭେ ସେମାନଙ୍କୁ ଦେଇଥିଲୁ
ଏବଂ ଆପଣା ନାମ ନିମନ୍ତେ ଯେଉଁ ମନ୍ଦିର ଆମ୍ଭେ ପବିତ୍ର
କଲୁ, ତାହା ଆମ୍ଭେ ପ୍ରତ୍ୟାଖ୍ୟାନ କରିବା ଏବଂ ଉଚ୍ଛିନ୍ନ କରିବା
ଓ ଏହା ଇଶ୍ରାୟେଲ ସମସ୍ତ ଗୋଷ୍ଠୀ ସମ୍ମୁଖରେ ଉପହାସର
ଉଦାହରଣ ହେବ। **8**ଏହି ମନ୍ଦିର ଧ୍ୱଂସ ହେବ। ପ୍ରତ୍ୟେକ
ଲୋକ ଏହା ଦେଖି ଆଶ୍ଚର୍ଯ୍ୟ ହେବେ ଓ କହିବେ, ‘ସଦାପ୍ରଭୁ
କାହିଁକି ଏହି ଭୂମି ଓ ଏହି ମନ୍ଦିର ପ୍ରତି ଏପରି ଭୟଙ୍କର
କାର୍ଯ୍ୟ କଲେ?’ **9**ତହିଁରେ ଲୋକମାନେ ଉତ୍ତର ଦେଇ
ଥାଆନ୍ତେ, ‘ଏହା ଘଟିଲା କାରଣ ସେମାନେ ସଦାପ୍ରଭୁ
ସେମାନଙ୍କର ପରମେଶ୍ୱରଙ୍କୁ ପରିତ୍ୟାଗ କଲେ, ଯିଏ କି
ସେମାନଙ୍କର ପୂର୍ବପୁରୁଷଗଣଙ୍କୁ ମିଶରରୁ ବାହାର କରି ଆଣିଥିଲେ।
ତାହାଙ୍କୁ ସେମାନେ ତ୍ୟାଗ କଲେ ଓ ଅନ୍ୟ ଦେବତାଗଣଙ୍କୁ
ଉପାସନା ଓ ପ୍ରଣାମ କଲେ। ଏହି କାରଣ ଯୋଗୁଁ ସଦାପ୍ରଭୁ
ସେମାନଙ୍କ ଉପରେ ଏହିସବୁ ଅମଙ୍ଗଳ କାର୍ଯ୍ୟ ଘଟାଇଲେ।’”
**10**ସଦାପ୍ରଭୁଙ୍କ ମନ୍ଦିର ଓ ରାଜଗୃହ ନିର୍ମାଣ କରିବାକୁ
ଶଲୋମନଙ୍କୁ କୋଡ଼ିଏ ବର୍ଷ ଲାଗିଲା। **11**କୋଡ଼ିଏ ବର୍ଷ ପରେ
ରାଜା ଶଲୋମନ ସୋରର ରାଜା ହୀରମଙ୍କୁ ଗାଲୀଲ ଦେଶସ୍ଥ
କୋଡ଼ିଏ ନଗର ଦେଲେ। ସେ ତାଙ୍କୁ ଏହି ନଗରଗୁଡ଼ିକ
ଦେଲେ, କାରଣ ହୀରମ ସଦାପ୍ରଭୁଙ୍କ ମନ୍ଦିର ଓ ରାଜଗୃହ
ନିର୍ମାଣରେ ଶଲୋମନଙ୍କୁ ସାହାଯ୍ୟ କରିଥିଲେ। ସେ ଶଲୋମନଙ୍କୁ
ଏରସ କାଠ, ଦେବଦାରୁ କାଠ ଓ ସୁବର୍ଣ୍ଣ ଯୋଗାଇ ଥିଲେ।
**12**ହୀରମ ଶଲୋମନଙ୍କ ଦତ୍ତ ନଗରଗୁଡ଼ିକୁ ଦେଖିବାକୁ ସୋରରୁ
ଆସିଲେ, ମାତ୍ର ସେସବୁ ତାହାର ସନ୍ତୋଷଜନକ ହେଲାନାହିଁ।
**13**ତେଣୁ ସେ କହିଲା, “ହେ ମୋର ଭାଇ, ଏସବୁ କି ନଗର
ମୋତେ ଦେଇଅଛ?” ପୁଣି ସେ ସେହି ସବୁର ନାମ କାବୁଲ
ଦେଶ ଦେଲା, ଅଦ୍ୟାପି ସେ ଦେଶର ନାମ କାବୁଲ ଅଛି।
**14**ପୁଣି ହୀରମ 120 ତୋଳା ସୁନା ସଦାପ୍ରଭୁଙ୍କ ଗୃହ ନିର୍ମାଣ
ଉଦ୍ଦେଶ୍ୟରେ ଶଲୋମନଙ୍କ ନିକଟକୁ ପଠାଇ ଥିଲେ।
**15**ଶଲୋମନ ଦାସମାନଙ୍କୁ ସଦାପ୍ରଭୁଙ୍କ ମନ୍ଦିର ଓ ରାଜଗୃହ
ନିର୍ମାଣ କରିବାକୁ ବାଧ୍ୟ କରିଥିଲେ। ତତ୍ପରେ ସେ ମିଲ୍ଲୋ,
ଯିରୁଶାଲମର ପ୍ରାଚୀର, ହାତ୍ସୋର, ମଗିଦ୍ଦୋ ଓ ଗେଷର
ନିର୍ମାଣ କରିବାରେ ସେମାନଙ୍କୁ ମଧ୍ୟ ବ୍ୟବହାର କରିଥିଲେ।
**16**ପୂର୍ବେ ମିଶର ରାଜା ଗେଷର ନଗର ବିରୁଦ୍ଧରେ ଯୁଦ୍ଧ
କଲେ ଓ ତାକୁ ପୋଡ଼ି ଦେଲେ। ସେ ତନ୍ନିବାସୀ କିଣାନୀୟମାନଙ୍କୁ
ବଧ କଲେ। ଶଲୋମନ ଫାରୋଙ୍କ କନ୍ୟାକୁ ବିବାହ କଲେ
ଓ ଫାରୋ ଯୌତୁକ ସ୍ୱରୂପ ସେହି ନଗରକୁ ଶଲୋମନଙ୍କୁ
ଦାନ କଲେ। **17**ଶଲୋମନ ଗେଷର ଓ ଅଧଃସ୍ଥିତ ବୈଥୋରୋଣ
ନଗର ନିର୍ମାଣ କଲେ। **18**ସେ ମଧ୍ୟ ଯିର୍ଦ୍ଦନ ପ୍ରାନ୍ତରସ୍ଥ ବାଲତ୍
ଓ ତାଦମୋର* ନିର୍ମାଣ କଲେ। **19**ରାଜା ଶଲୋମନ ଶସ୍ୟ
ଓ ଜିନିଷ ଗଚ୍ଛିତ ରଖିବା ପାଇଁ ଭଣ୍ଡାର ନଗର, ରଥପାଇଁ
ନଗର ଓ ଅଶ୍ୱାରୋହୀମାନଙ୍କର ସୁରକ୍ଷା ନିମନ୍ତେ ନଗର
ନିର୍ମାଣ କଲେ। ଯିରୁଶାଲମରେ, ଲିବାନୋନରେ ଓ ତାଙ୍କ
ଶାସନାଧିନ ଦେଶ ବ୍ୟତୀତ ସେ ଯାହା ଇଚ୍ଛା କଲେ, ତାହା
ନିର୍ମାଣ କଲେ।
**20**ସେ ଦେଶରେ କେବଳ ଇଶ୍ରାୟେଲୀୟ ସନ୍ତାନ ନ
ଥିଲେ। ଏପରିକି ଇମୋରୀୟ, ହିତ୍ତୀୟ, ପରିଷୀୟ, ହିବ୍ବୀୟ ଓ
ଯିବୂଷୀୟ ଲୋକ ଅବଶିଷ୍ଟ ରହିଥିଲେ। **21**ଇଶ୍ରାୟେଲୀୟମାନେ
ସେମାନଙ୍କୁ ବିନାଶ କରିବାକୁ କ୍ଷମ ହୋଇ ନ ଥିଲେ। ମାତ୍ର
ଶଲୋମନ ସେମାନଙ୍କୁ ବେଠିକର୍ମ କରିବାକୁ ଦାସରୂପେ ସଂଗ୍ରହ
କଲେ। ଅବଧି ସେମାନେ ଦାସ ହୋଇ ରହିଛନ୍ତି। **22**ମାତ୍ର
ଇଶ୍ରାୟେଲ ସନ୍ତାନଗଣଙ୍କ ମଧ୍ୟରୁ ଶଲୋମନ କାହାରିକୁ ଦାସ
କଲେ ନାହିଁ। ସେମାନେ ଯୋଦ୍ଧା, ରାଜଭୃତ୍ୟ, ଅଧିପତି,
ସେନାପତି, ରଥାରୋହୀ ଓ ଅଶ୍ୱାରୋହୀମାନଙ୍କ ଅଧକ୍ଷ ଥିଲେ।
**23**ସେମାନଙ୍କ ମଧ୍ୟରୁ 550 ଜଣ ଶଲୋମନଙ୍କର କାର୍ଯ୍ୟର
ପରିଦର୍ଶକ ଥିଲେ। ଏହି ପ୍ରଧାନ ଅଧକ୍ଷଗଣ ଶଲୋମନଙ୍କର
ଶ୍ରମିକମାନଙ୍କ ଉପରେ କର୍ତ୍ତୃତ୍ୱ କଲେ। **24**ମାତ୍ର ଫାରୋର
କନ୍ୟା ଦାଉଦ ନଗରରୁ ଆସି ଶଲୋମନଙ୍କ ଦ୍ୱାରା ନିର୍ମିତ
ବୃହତ୍ ପ୍ରାସାଦରେ ବାସ କଲେ। ତା'ପରେ ଶଲୋମନ ମିଲ୍ଲୋ
ନିର୍ମାଣ କଲେ।
**25**ପୁଣି ଶଲୋମନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯେଉଁ
ଯଜ୍ଞବେଦୀ ନିର୍ମାଣ କରିଥିଲେ, ସଦାପ୍ରଭୁଙ୍କ ସମ୍ମୁଖସ୍ଥ ସେହି
ଯଜ୍ଞବେଦୀ ଉପରେ ସେ ବର୍ଷରେ ତିନିଥର ଧୂପ ଜଳାଇଲେ,
ହୋମବଳି ଓ ମଙ୍ଗଳାର୍ଥକ ବଳି ଉତ୍ସର୍ଗ କଲେ।
**26**ଅନନ୍ତର ଶଲୋମନ ରାଜା ଇଦୋମ ଦେଶରେ ଲୋହିତ
ସାଗର ତୀରସ୍ଥ ଏଲତ ନିକଟବର୍ତ୍ତୀ ଇତ୍ସିୟୋନ ଗେବରରେ
ଜାହାଜମାନ ନିର୍ମାଣ କଲେ। **27**ପୁଣି ହୀରମ ସେହି ଜାହାଜରେ
ଶଲୋମନଙ୍କ ଦାସମାନଙ୍କ ସହିତ ସାମୁଦ୍ରିକ କର୍ମରେ ନିପୁଣ
ଆପଣା ଦାସ ନାବିକମାନଙ୍କୁ ପଠାଇଲେ। **28**ଆଉ ସେମାନେ
ଓଫୀରକୁ ଯାଇ ସେଠାରୁ 420 ତାଳନ୍ତ ସୁନା ରାଜା
ଶଲୋମନ ନିକଟକୁ ଆଣିଲେ।

## ଶିବାର ରାଣୀ ଶଲୋମନଙ୍କୁ ସାକ୍ଷାତ କରିବାକୁ ଆସିଲେ

**10** ଅନନ୍ତର ଶିବା ଦେଶର ରାଣୀ ସଦାପ୍ରଭୁଙ୍କ ପ୍ରିୟ
ଶଲୋମନଙ୍କ ସୁଖ୍ୟାତି ଶୁଣି କଠିନ ପ୍ରଶ୍ନଦ୍ୱାରା ତାଙ୍କୁ
ପରୀକ୍ଷା କରିବାକୁ ଆସିଲେ। **2**ଶିବାର ରାଣୀ ବହୁ ଦାସଦାସୀଙ୍କ

---

**ତାଦମୋର:** ହିବ୍ରୁରେ ମଧ୍ୟ ତାମର ପଢାଯାଇପାରେ।

ଗହଣରେ ଯିରୁଶାଲମରୁ ଆସିଲାବେଳେ ସଙ୍ଗରେ ଓଟ ପୃଷ୍ଠରେ
ସୁଗନ୍ଧି ଦ୍ରବ୍ୟ, ବିଭିନ୍ନ ରତ୍ନ ଓ ବହୁ ସୁବର୍ଣ୍ଣ ଆଣି
ଶଲୋମନଙ୍କୁ ଭେଟିଲେ ଓ ଆପଣାର ମନୋନୀତ ପ୍ରଶ୍ନ
ଶଲୋମନଙ୍କୁ ପଚାରିଲେ। 3ଶଲୋମନ ତାଙ୍କର ସମସ୍ତ ପ୍ରଶ୍ନ
ଉତ୍ତର କଲେ। ତାଙ୍କୁ ଉତ୍ତର କରିବାକୁ ଶଲୋମନଙ୍କ
ନିମନ୍ତେ କୌଣସି ପ୍ରଶ୍ନ କଠିନ ନଥିଲା। 4ଶିବାର ରାଣୀ
ଜାଣିଲେ ଶଲୋମନ ଅତି ଜ୍ଞାନୀ ଓ ସେ ମଧ୍ୟ ତାଙ୍କର
ନୂତନ ପ୍ରାସାଦ ଦେଖିଲେ। 5ରାଣୀ ରାଜାଙ୍କର ଟେବୁଲରେ ଭିନ୍ନ
ଖାଦ୍ୟଦ୍ରବ୍ୟ, ରାଜାଙ୍କର ଅଧିକାରୀଗଣ, ସେମାନଙ୍କର ସେବା,
ସେମାନଙ୍କ ବସ୍ତ୍ର, ରାଜାଙ୍କର କପ୍ ବାହକଗଣ ଓ ସଦାପ୍ରଭୁଙ୍କ
ମନ୍ଦିରରେ ରାଜା ଉତ୍ସର୍ଗ କରିଥିବା ନୈବେଦ୍ୟ ଦେଖି 'ସ୍ତମ୍ଭିଭୂତ
ହୋଇଗଲେ।'

6ସେ ଶଲୋମନଙ୍କୁ କହିଲେ, "ମୁଁ ନିଜ ଦେଶରେ ଥାଇ
ଆପଣଙ୍କ କାର୍ଯ୍ୟ ବିଷୟରେ ଓ ଆପଣଙ୍କ ଜ୍ଞାନ ସମ୍ବନ୍ଧରେ
ଯାହା ଶୁଣିଥିଲି, ତାହା ସତ୍ୟ। 7ମୁଁ ଆଖିରେ ନ ଦେଖିବା
ପର୍ଯ୍ୟନ୍ତ ବିଶ୍ୱାସ କରି ପାରିଲିନାହିଁ। ବର୍ତ୍ତମାନ ସେ ସବୁ ନିଜ
ଆଖିରେ ଦେଖିଅଛି। ଯାହା ସବୁ ମୁଁ ଶୁଣିଥିଲି, ତୁଳନାତ୍ମକ
ମୁଁ ତାହା ପାଇଛି, ଜିନିଷଗୁଡିକ ମୁଁ ଏଠାରେ ଯାହା ଦେଖୁଛି
ବହୁତ ବଡ ଅଟେ। ତୁମ୍ଭର ଜ୍ଞାନ ଓ ଐଶ୍ୱର୍ଯ୍ୟ ମୋତେ
ଯାହା ଲୋକମାନେ କହିଥିଲେ, ତା'ଠାରୁ ବହୁତ ଅଧିକ।
8ତୁମ୍ଭର ସ୍ତ୍ରୀମାନେ * ଓ ତୁମ୍ଭର ଲୋକମାନେ ବାସ୍ତବରେ
ଭାଗ୍ୟବାନ୍ ତୁମ୍ଭ ଉପସ୍ଥିତିରେ ହେବ ଏବଂ ଜ୍ଞାନର ବାକ୍ୟଗୁଡିକ
ତୁମ୍ଭର ଓଠରୁ ଶୁଣିଛନ୍ତି। 9ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କ
ପ୍ରଶଂସା କର। ସେ ଆପଣଙ୍କୁ ଇଶ୍ରାୟେଲର ସିଂହାସନରେ
ବସାଇବାକୁ ଆପଣଙ୍କ ପ୍ରତି ସନ୍ତୁଷ୍ଟ ହେଲେ। ସଦାପ୍ରଭୁ
ପରମେଶ୍ୱର ଚିରକାଳ ଇଶ୍ରାୟେଲକୁ ପ୍ରେମ କରନ୍ତି। ତେଣୁ
ସେ ଉଚିତ ବିଚାର ଓ ନ୍ୟାୟ କରିବାକୁ ଆପଣଙ୍କୁ ରାଜା
କଲେ।"

10ସେ(ସ୍ତ୍ରୀ) ରାଜାଙ୍କୁ 120 ତାଲନ୍ତ ସୁବର୍ଣ୍ଣ ଦେଲେ,
ସେ(ସ୍ତ୍ରୀ) ମଧ୍ୟ ତାଙ୍କୁ ବହୁ ସୁଗନ୍ଧି ଦ୍ରବ୍ୟ ଓ ରତ୍ନ ଦେଲେ।
ଶିବାର ରାଣୀ ଶଲୋମନଙ୍କୁ ଯେଉଁ ପରିମାଣର ସୁଗନ୍ଧି ଦ୍ରବ୍ୟ
ଓ ରତ୍ନ ଦେଲେ ଏତେ ପରିମାଣର କେହି ଇଶ୍ରାୟେଲକୁ
କେବେ ଦେଇ ନଥିଲେ।

11ହୀରମଙ୍କର ଜାହାଜରେ ଓଫୀରରୁ ସୁନା ଆସିଥିଲା
ସେହି ସବୁ ଜାହାଜରେ ମଧ୍ୟ ଓଫୀରରୁ ପ୍ରଚୁର ଚନ୍ଦନ କାଠ
ଓ ରତ୍ନ ଆସିଲା। 12ସେହି ଚନ୍ଦନ କାଠରେ ରାଜା ସଦାପ୍ରଭୁଙ୍କ
ଗୃହର ଓ ରାଜ ଗୃହର ସ୍ତମ୍ଭ ଓ ଗାୟକମାନଙ୍କ ପାଇଁ ବୀଣା
ଓ ବେହେଲା ନିର୍ମାଣ କଲେ। ଏ ପ୍ରକାର ଚନ୍ଦନ କାଠ
କେହି କେବେ ପୂର୍ବରୁ ଇଶ୍ରାୟେଲକୁ ଆଣି ନଥିଲେ ଏବଂ
ତାପରଠାରୁ କେହି ସେହିପରି ଚନ୍ଦନକାଠ ପୁନର୍ବାର ଦେଖି
ନଥିଲେ।

13ତତ୍ପରେ ଶଲୋମନ ରାଜା ଶିବାର ରାଣୀଙ୍କୁ ରାଜଯୋଗ୍ୟ
ଉପହାରମାନ ଦେଲେ। ଆଉ ମଧ୍ୟ ରାଣୀଙ୍କ ମାଗିବାନୁସାରେ
ସେ ସମସ୍ତ ଜିନିଷ ଦେଲେ। ଏହାପରେ ରାଣୀ ଓ ତାଙ୍କର
ଦାସମାନେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ।

14ପ୍ରତିବର୍ଷ ରାଜା ଶଲୋମନଙ୍କ ନିକଟକୁ 666 ତୋଳା
ସୁନା ଆସୁଥିଲା। 15କାର୍ଗୋ ଜାହାଜର ସୁବର୍ଣ୍ଣ ବ୍ୟତୀତ ରାଜା
ଶଲୋମନ ମିତ୍ରୀତ ରାଜାଗଣଙ୍କଠାରୁ ଓ ଅନ୍ୟ ଶାସକମାନଙ୍କଠାରୁ
ଓ ବଣିକମାନଙ୍କ ବ୍ୟବସାୟରୁ ସୁବର୍ଣ୍ଣ ପାଇଲେ।

16ସେ ମଧ୍ୟ ପିଟା ସୁନାରେ 200 ବଡ ଢାଲ ପ୍ରସ୍ତୁତ
କଲେ। ପ୍ରତି ଢାଲରେ 600 ଶେକଲ ସୁନା ଲାଗିଲା।
17ଆଉ ମଧ୍ୟ ସେ ପିଟା ସୁନାରେ 300 ଛୋଟ ଢାଲ ପ୍ରସ୍ତୁତ
କଲେ ଓ ପ୍ରତି ଢାଲରେ 300 ସେର ସୁନା ଲାଗିଲା। ରାଜା
ସେ ସବୁକୁ "ଲିବାନୋନ-ଅରଣ୍ୟ" ନାମକ ଗୃହରେ ରଖିଲେ।

18ଆଉ ମଧ୍ୟ ରାଜା ହାତୀ ଦାନ୍ତରେ ଏକ ବଡ଼ ସିଂହାସନ
ନିର୍ମାଣ କରି ତାକୁ ଶୁଦ୍ଧ ସୁବର୍ଣ୍ଣରେ ଛାଉଣୀ କଲେ।
19ସେହି ସିଂହାସନକୁ ଯିବାକୁ ଛଅଟି ପାବଛ ଥିଲା, ସେହି
ସିଂହାସନ ଉପରି ଭାଗର ପଛଆଡ଼େ ଗୋଲାକାର ଥିଲା।
ଆସନର ଦୁଇ ପାର୍ଶ୍ୱରେ ଦୁଇ ହସ୍ତ ଲମ୍ବିତ ଥିଲା ଓ ସେହି
ଲମ୍ବିଥିବା ହସ୍ତ ନିକଟରେ ଦୁଇଟି ସିଂହମୂର୍ତ୍ତି ଛିଡ଼ା ହୋଇଥିଲେ।
20ଆଉ ସେହି ଛଅ ପାବଛ ଉପରେ ପ୍ରତି ପାବଛର ଦୁଇ
ପାଖରେ ଦୁଇଟି ଲେଖାଏ ସିଂହମୂର୍ତ୍ତି, ଏହିପରି ବାର ସିଂହମୂର୍ତ୍ତି
ଛିଡ଼ା ହୋଇଥିଲେ। ଏପରି ସିଂହାସନ କୌଣସି ରାଜ୍ୟରେ
ପ୍ରସ୍ତୁତ ହୋଇ ନଥିଲା। 21ରାଜା ଶଲୋମନଙ୍କର ସମସ୍ତ
ପାନପାତ୍ର ସୁନାରେ ତିଆରି ହୋଇ ଥିଲା। "ଲିବାନୋନ-ଅରଣ୍ୟ"
କୋଠରି ସମସ୍ତ ପାତ୍ର ଶୁଦ୍ଧ ସୁବର୍ଣ୍ଣର ଥିଲା। ରୁପାର କୌଣସି
ଜିନିଷ ରାଜପ୍ରାସାଦରେ ନଥିଲା। ତାଙ୍କ ସମୟରେ ଏତେ ସୁନା
ଥିଲା ଯେ ରୁପାକୁ କେହି ପଚାରୁ ନ ଥିଲେ।

22ସମୁଦ୍ରରେ ହୀରମଙ୍କ ଜାହାଜ ସହିତ ରାଜା ଶଲୋମନଙ୍କର
ବାଣିଜ୍ୟ ଜାହାଜ ସମୁଦ୍ରରେ ଥିଲା, ଯାହାକି ପ୍ରତି ତିନି
ବର୍ଷରେ ଥରେ ସୁନା, ରୁପା, ହସ୍ତୀଦାନ୍ତ, ବାନର ଓ ମୟୂର
ନେଇ ଆସୁଥିଲା।

23ଶଲୋମନ ପୃଥିବୀର ସର୍ବଶ୍ରେଷ୍ଠ ରାଜା ଥିଲେ। କାରଣ
ଐଶ୍ୱର୍ଯ୍ୟରେ ଓ ଧନରେ ତାଙ୍କଠାରୁ ଅଧିକ କୌଣସି ରାଜାର
ନଥିଲେ। 24ଅଧିକନ୍ତୁ ପରମେଶ୍ୱର ଶଲୋମନଙ୍କୁ ଯେଉଁ ଜ୍ଞାନ
ଦେଇଥିଲେ, ତାଙ୍କର ସେହି ଜ୍ଞାନର କଥା ଶୁଣିବାକୁ ପୃଥିବୀସ୍ଥ
ସମସ୍ତ ଲୋକ ଆସିଲେ। 25ପ୍ରତିବର୍ଷ ସାକ୍ଷାତକାରୀମାନେ
କିଛିନା କିଛି ଭେଟି ଆଣି ରାଜାଙ୍କୁ ଦେଖା କରୁଥିଲେ।
ସେମାନେ ରୁପାପାତ୍ର, ସୁନାପାତ୍ର, ବସ୍ତ୍ର, ଅସ୍ତ୍ରଶସ୍ତ୍ର, ସୁଗନ୍ଧି
ଦ୍ରବ୍ୟ, ଅଶ୍ୱ ଓ ଖଚର ଭେଟି ଆଣୁଥିଲେ।

26ଏହିପରି ରାଜା ଶଲୋମନଙ୍କର ବହୁତଗୁଡ଼ିଏ ରଥ ଓ
ଅଶ୍ୱାରୋହୀ ହୋଇଗଲେ। ତାଙ୍କର 1,400 ରଥ ଓ 12,000
ଅଶ୍ୱାରୋହୀ ଥିଲେ। ସେ ତାଙ୍କର ରଥଗୁଡ଼ିକ ପାଇଁ ସ୍ୱତନ୍ତ୍ର
ନଗର ନିର୍ମାଣ କଲେ ଓ ସେ କିଛି ରଥ ଯିରୁଶାଲମ
ନଗରରେ ରଖିଲେ। 27ରାଜା ଇଶ୍ରାୟେଲକୁ ଅତ୍ୟନ୍ତ ଧନଶାଳୀ
କରି ଗଢିଲେ। ଯିରୁଶାଲମ ନଗରରେ ରୁପା ସାଧାରଣତ
ପଥର, ଇଟା ସଦୃଶ ହେଲା। ପ୍ରାଚୁର୍ଯ୍ୟ ହେତୁ ଏରସ କାଠକୁ
ନିମ୍ନ ଭୂମିସ୍ଥ ଡିମ୍ବିରି ବୃକ୍ଷ ତୁଲ୍ୟ କଲେ। 28ଶଲୋମନଙ୍କର
ଅଶ୍ୱଗୁଡ଼ିକ ବଣିକମାନଙ୍କ ଦ୍ୱାରା ମିଶରରୁ ଓ କ୍ୟୁଏରୁ ଅଣାଗଲା,
ଯେଉଁମାନେ କି ସେଗୁଡିକ ସେଠାରୁ କିଣିଥିଲେ। 29ମିଶରର
ଏକ ଏକ ରଥର ମୂଲ୍ୟ 600 ରୌପ୍ୟମୁଦ୍ରା ଥିଲା ଓ
ଗୋଟିଏ ଗୋଟିଏ ଅଶ୍ୱର ମୂଲ୍ୟ 150 ରୌପ୍ୟ ମୁଦ୍ରା ଥିଲା।

---

**ସ୍ତ୍ରୀମାନେ**: ଏହା ପ୍ରାଚୀନ ଗ୍ରୀକ୍ ଅନୁବାଦରୁ ଆନୀତ। ହିବ୍ରୁରେ "ମନୁଷ୍ୟ" ଅଛି।

ରାଜା ଶଲୋମନ ସେହି ରଥ ଓ ଅଶ୍ୱକୁ ହିତ୍ତୀୟ ଓ
ଅରାମୀୟ ରାଜାଙ୍କୁ ବିକ୍ରି କଲେ।

## ଶଲୋମନ ଓ ତାଙ୍କର ଅନେକ ପତ୍ନୀ

**11** ଶଲୋମନ ବହୁ ରମଣୀଙ୍କୁ ପ୍ରେମ କଲେ, ସେମାନେ
ଇସ୍ରାଏଲ ଦେଶରୁ ନଥିଲେ। ସେ ରାଜା ଫାରୋର
କନ୍ୟା ବ୍ୟତୀତ ହିତ୍ତୀୟ, ମୋୟାବୀୟ, ଅମ୍ମୋନୀୟ, ଇଦୋମୀୟ
ଓ ସୀଦୋନୀୟ ସ୍ତ୍ରୀମାନଙ୍କୁ ଭଲ ପାଇଲେ। **2**ଏହା ପୂର୍ବରୁ
ସଦାପ୍ରଭୁ ଇସ୍ରାଏଲ ଲୋକମାନଙ୍କୁ ସତର୍କ କରିଥିଲେ,
"ତୁମ୍ଭେମାନେ ଅନ୍ୟ ଦେଶର କନ୍ୟାଙ୍କୁ ବିବାହ କରିବ ନାହିଁ।
କାରଣ ସେମାନେ ନିଜର ସାଥୀମାନଙ୍କୁ ଅନ୍ୟ ଦେବା ଦେବୀର
ଉପାସନା ପାଇଁ ଆକର୍ଷିତ କରି ପାରନ୍ତି।" ମାତ୍ର ଶଲୋମନ
ସେମାନଙ୍କ ସହିତ ପ୍ରେମ କଲେ। **3**ଶଲୋମନଙ୍କର 700
ରାଜପତ୍ନୀ ଥିଲେ। ଏହି ସ୍ତ୍ରୀମାନେ ଅନ୍ୟ ଦେଶର ଅଧ୍ୟକ୍ଷମାନଙ୍କର
କନ୍ୟା ଥିଲେ। ଆଉ ତାଙ୍କର 300 ଉପପତ୍ନୀ ଥିଲେ।
ତାଙ୍କର ପତ୍ନୀମାନେ ତାଙ୍କୁ ବିପଥଗାମୀ କରାଇଲେ। **4**ଶଲୋମନ
ଯେତେବେଳେ ବୃଦ୍ଧ ହେଲେ ତାଙ୍କର ପତ୍ନୀମାନେ ଅନ୍ୟ
ଦେବତାଗଣଙ୍କୁ ଅନୁସରଣ କରିବା ପ୍ରଭାବ ପକାଇଲେ। ତାଙ୍କର
ପିତା ଦାଉଦଙ୍କ ପରି ସେ ସର୍ବାନ୍ତଃକରଣରେ ସଦାପ୍ରଭୁଙ୍କୁ
ଅନୁସରଣ କଲେ ନାହିଁ। **5**ଶଲୋମନ ସୀଦୋନୀୟମାନଙ୍କ
ଦେବତା ଅଷ୍ଟାରୋତକୁ ଓ ଅମ୍ମୋନୀୟମାନଙ୍କ ଭୟଙ୍କର ମୂର୍ତ୍ତୀ
ମିଲ୍‌କମର ଉପାସନା କଲେ। **6**ତେଣୁ ସଦାପ୍ରଭୁଙ୍କ ଦୃଷ୍ଟିରେ
ଯାହା ମନ୍ଦ, ଶଲୋମନ ତାହାହିଁ ଅନୁସରଣ କଲେ। ସେ
ନିଜ ପିତା ଦାଉଦଙ୍କ ପରି ସମ୍ପୂର୍ଣ୍ଣରୂପେ ସଦାପ୍ରଭୁଙ୍କର
ପଶ୍ଚାତ୍‌ଗାମୀ ହେଲେ ନାହିଁ।

**7**ଶଲୋମନ ଯିରୁଶାଲମର ପରବର୍ତ୍ତୀ ପର୍ବତରେ
ମୋୟାବର ଘୃଣାଯୋଗ୍ୟ କମୋଶ ମୂର୍ତ୍ତି ଓ ଅମ୍ମୋନ-ସନ୍ତାନଗଣର
ଘୃଣାଯୋଗ୍ୟ ମୋଲକର ଉପାସନା ନିମନ୍ତେ ଉଚ୍ଚସ୍ଥଳୀ ନିର୍ମାଣ
କଲେ। **8**ତା'ପରେ ଶଲୋମନ ତାଙ୍କର ବିଦେଶୀୟା ପତ୍ନୀମାନଙ୍କ
ପାଇଁ ସେମାନଙ୍କର ନିଜ ନିଜର ମୂର୍ତ୍ତୀ ଦେବତାଗଣ ନିର୍ମାଣ
କଲେ। ତାଙ୍କର ପତ୍ନୀମାନେ ସେହି ଦେବତାଗଣଙ୍କ ଉଦ୍ଦେଶ୍ୟରେ
ଧୂପ ଜଳାଇଲେ ଓ ସେମାନଙ୍କୁ ବଳିଦାନଗୁଡ଼ିକ ଉତ୍ସର୍ଗ
କଲେ।

**9**ଶଲୋମନଙ୍କ ଅନ୍ତଃକରଣ ସଦାପ୍ରଭୁ ଇସ୍ରାଏଲର
ପରମେଶ୍ୱରଙ୍କଠାରୁ ବିମୁଖ ହୋଇଥିଲା। ତେଣୁ ସଦାପ୍ରଭୁ ତାଙ୍କ
ପ୍ରତି କ୍ରୋଧ ହେଲେ। ଅତୀତରେ ସେ ଶଲୋମନ ରାଜାଙ୍କୁ
ଦୁଇଥର ଦର୍ଶନ କଲେ। **10**ସେ ଶଲୋମନଙ୍କୁ ଇସ୍ରାଏଲର
ପରମେଶ୍ୱର ବ୍ୟତୀତ ଅନ୍ୟ କୌଣସି ଦେବଗଣର ପଶ୍ଚାତଗାମୀ
ନ ହେବାକୁ ଆଜ୍ଞା ଦେଇଥିଲେ। ମାତ୍ର ସେ ପରମେଶ୍ୱରଙ୍କର
ଆଜ୍ଞା ପାଳନ କଲେ ନାହିଁ। **11**ସଦାପ୍ରଭୁ ଶଲୋମନଙ୍କୁ
କହିଲେ, "ଯେହେତୁ ତୁମ୍ଭେ ଆମ୍ଭର ନିୟମ ଓ ବିଧି ଭଙ୍ଗ
କଲ ଓ ଆମ୍ଭର ଆଜ୍ଞାକୁ ପାଳନ କଲ ନାହିଁ, ଆମ୍ଭେ
ତୁମ୍ଭଠାରୁ ରାଜ୍ୟ ଛଡେଇ ନେଇ ତୁମ୍ଭର ଦାସକୁ ଦେବୁ।
**12**ଯେହେତୁ ଆମ୍ଭେ ତୁମ୍ଭର ପିତା ଦାଉଦଙ୍କୁ ଭଲ ପାଉଥିଲୁ।
ତୁମ୍ଭ ଜୀବିତାବସ୍ଥାରେ ତୁମ୍ଭଠାରୁ ରାଜ୍ୟ ନେବା ନାହିଁ। ମାତ୍ର
ତୁମ୍ଭର ପୁତ୍ର ରାଜା ହେଲାପରେ ତାଙ୍କଠାରୁ ରାଜ୍ୟ ଛଡେଇ
ନେବା। **13**ତଥାପି ସମୁଦାୟ ରାଜ୍ୟ ତୁମ୍ଭ ପୁତ୍ରଠାରୁ ଆମ୍ଭେ
ଛଡେଇ ନେବାକୁ ଯାଉ ନାହୁଁ। ତୁମ୍ଭର ପୁତ୍ରକୁ ଏକ
ପରିବାରବର୍ଗକୁ ଶାସନ କରିବାକୁ ଦେବା। ଆମ୍ଭେ ଏପରି
କରିବା କାରଣ ଆମ୍ଭେ ଆପଣା ଦାସ ଦାଉଦଙ୍କୁ ଭଲ ପାଉ
ଓ ଯିରୁଶାଲମ ଆମ୍ଭର ମନୋନୀତ ନଗର ଅଟେ।"

## ଶଲୋମନଙ୍କର ଶତ୍ରୁଗଣ

**14**ଅନନ୍ତର ସଦାପ୍ରଭୁ ଇଦୋମୀୟ ହଦଦକୁ ଶଲୋମନଙ୍କର
ବିପକ୍ଷ କରି ଉତ୍ପନ୍ନ କଲେ। ସେ ଇଦୋମୀୟ ରାଜବଂଶଜ
ଥିଲେ। **15**ଏହା ଯାହା ହୋଇଥିଲା ଦାଉଦ ଇଦୋମକୁ ପରାସ୍ତ
କଲେ ଓ ତାଙ୍କର ସେନାପତି ଯୋୟାବକୁ ମୃତ ଲୋକମାନଙ୍କୁ
କବର ଦେବାକୁ ଇଦୋମକୁ ପଠାଇଲେ। ଯୋୟାବ ଇଦୋମର
ସମସ୍ତ ଲୋକଙ୍କୁ ହତ୍ୟା କଲେ। **16**ଯୋୟାବ ଓ ସମସ୍ତ
ଇସ୍ରାଏଲୀୟ ଇଦୋମରେ ଛଅମାସ କାଳ ରହିଲେ ଓ
ସମସ୍ତ ଇଦୋମୀୟ ପୁରୁଷମାନଙ୍କୁ ମାରିଦେଲେ। **17**ମାତ୍ର
ସେତେବେଳେ ହଦଦ୍ ସାନ ପିଲା ଥିଲା। ସେ ତାଙ୍କର
ପିତାଙ୍କର କେତେକ ଦାସ ସହିତ ମିଶରକୁ ପଳାଇ ଯାଇଥିଲା।
**18**ସେମାନେ ମିଦିୟନରୁ ଉଠି ପାରଣକୁ ଆସିଲେ। ପାରଣରୁ
କେତେକ ଲୋକଙ୍କ ସହିତ ମିଶରକୁ ଯାଇ ମିଶରର ରାଜା
ଫାରୋଙ୍କୁ ସାହାଯ୍ୟ ଭିକ୍ଷା କଲେ। ଫାରୋ ତାଙ୍କୁ ସମର୍ଥନ
କରି ତାଙ୍କୁ ଗୋଟିଏ ଗୃହ ଓ କିଛି ଜମି ଦେଲେ। ତାଙ୍କୁ
ସେ ଖାଦ୍ୟସାମଗ୍ରୀ ଯୋଗାଇଲେ।

**19**ଫାରୋ ହଦଦ୍‌ଙ୍କୁ ଅତି ଭଲ ପାଉଥିଲେ। ସେ ନିଜ
ଭାର୍ଯ୍ୟା ତହପନେଷ୍ ରାଣୀର ଭଗିନୀକି ତାହା ସଙ୍ଗେ ବିବାହ
ଦେଲେ। **20**ତାହାପରେ ତହପନେଷ୍ ଭଗିନୀର ହଦଦ୍ ଔରସରୁ
ଏକ ପୁତ୍ର ଜନ୍ମ ହେଲା ଓ ତାହାର ନାମ ଗୁନ୍‌ବତ୍ ହେଲା।
ତା'ପରେ ତହପନେଷ୍ ଗୁନ୍‌ବତ୍‌କୁ ଫାରୋଙ୍କର ପ୍ରାସାଦରେ
ତାଙ୍କର ପିଲାମାନଙ୍କ ସହିତ ବଢ଼ିଲେ।

**21**ମିଶରରେ ଥାଇ ହଦଦ୍ ସମ୍ବାଦ ପାଇଲେ ଦାଉଦଙ୍କର
ମୃତ୍ୟୁ ହୋଇଛି ଓ ତାଙ୍କର ସେନାପତି ଯୋୟାବ ମଧ୍ୟ ମୃତ।
ତେଣୁ ସେ ରାଜା ଫାରୋଙ୍କୁ କହିଲେ, "ମୋତେ ସ୍ୱଦେଶକୁ
ଯିବାକୁ ଦିଅ।"

**22**କିନ୍ତୁ ଫାରୋ କହିଲେ, "ମୁଁ ଏଠାରେ ତୁମ୍ଭର ଚାହିଁବା
ଅନୁସାରେ ସମସ୍ତ ଦେଇଛି। ତୁମ୍ଭର କ'ଣ ଅଭାବ ହେଲା ଯେ
ତୁମ୍ଭେ ସ୍ୱଦେଶକୁ ଯିବାକୁ ଚାହୁଁଛ?"

ହଦଦ୍ ଉତ୍ତର କଲେ, "ଦୟାକରି ମୋତେ ସ୍ୱଦେଶକୁ
ଯିବାକୁ ଦିଅନ୍ତୁ।"

**23**ପୁଣି ପରମେଶ୍ୱର ଇଲୀୟାଦାର ପୁତ୍ର ରଷୋଣକୁ
ଶଲୋମନଙ୍କର ଅନ୍ୟ ଏକ ବିପକ୍ଷ କରି ଉତ୍ପନ୍ନ କଲେ। ସେ
ଲୋକ ଆପଣା ପ୍ରଭୁ ସୋବାର ରାଜା ହଦଦେଷରର ନିକଟରୁ
ପଳାଇ ଯାଇଥିଲା। **24**ଦାଉଦ ସୋବାକୁ ପରାସ୍ତ କଲାପରେ
ରଷୋଣ କିଛି ଲୋକ ସଂଗ୍ରହ କଲେ ଓ ସେହିମାନଙ୍କର
ଦଳପତି ହେଲେ। ତା'ପରେ ସେମାନେ ଦମ୍ମେଶକକୁ ଯାଇ
ସେଠାରେ ବାସ କଲେ ଓ ରଷୋଣ ଦମ୍ମେଶକର ରାଜା
ହେଲେ। **25**ରଷୋଣ ଅରାମରେ ରାଜତ୍ୱ କଲା। ସେ ଇସ୍ରାଏଲକୁ
ଘୃଣା କଲା। ସେ ଶଲୋମନଙ୍କର ଓ ଇସ୍ରାଏଲର ଯାବଜ୍ଜୀବନ
ବିପକ୍ଷ ହୋଇଥିଲା। ରଷୋଣ ଓ ହଦଦ୍ ଇସ୍ରାଏଲର ଅତି
ଉତ୍ପାତର କାରଣ ଥିଲେ।

26ତା'ପରେ ଶଲୋମନଙ୍କର ଦାସ ଯାରବୟାମ ମଧ୍ୟ
ରାଜାଙ୍କର ବିପକ୍ଷରେ ବିଦ୍ରୋହ କଲେ। ସେ ସରେଦା ନଗର
ନିବାସୀ ଇଫ୍ରୟିମଙ୍କ ପରିବାରବର୍ଗ ଥିଲେ। ତାଙ୍କର ମାତାଙ୍କର
ନାମ ସରୁୟା, ସେ ଜଣେ ବିଧବା ଥିଲେ।
27ଏଠାରେ କୈଫିୟତ ଯୋଗ୍ୟ ଅଟେ ଯେ, କିପରି ଓ
କାହିଁକି ସେ ରାଜାଙ୍କ ବିରୁଦ୍ଧରେ ଉଠିଲେ। ସେହି ଦିନଗୁଡ଼ିକରେ
ଶଲୋମନ ମିଲ୍ଲୋ ଦୃଢ଼ କରୁଥିଲେ ଓ ଆପଣା ପିତା
ଦାଉଦଙ୍କ ନଗରର ପ୍ରାଚୀର ନିର୍ମାଣ କରୁଥିଲେ। 28ସେ
ସମୟରେ ଯାରବୟାମ ମହାବିକ୍ରମଶାଳୀ ଯୁବକ ଥିଲେ।
ସେହିପରି ଏକ ଉତ୍ତମ କର୍ମୀକୁ ପାଇ, ରାଜା ଶଲୋମନ
ଯୋଷେଫ ବଂଶୀୟ ଲୋକମାନଙ୍କ ସମୁଦାୟ କର୍ମଭାର ତାଙ୍କ
ଉପରେ ନ୍ୟସ୍ତ କଲେ। 29ଥରେ ଯାରବୟାମ ଯିରୁଶାଲମ
ବାହାରକୁ ଯାଉଥିଲା ବେଳେ ଶୀଲୋର ଭବିଷ୍ୟଦ୍‌ବକ୍ତା ଅହିୟଙ୍କ
ସହିତ ତାଙ୍କର ବାଟରେ ଦେଖା ହେଲା। ଅହିୟ ଏକ ନୂତନ
କୋଟ ପରିଧାନ କରିଥିଲେ ଓ କ୍ଷେତ୍ରରେ କେବଳ ସେ
ଦୁହେଁ ଥିଲେ। 30ତା'ପରେ ଅହିୟ ଆପଣା ଦେହର ନୂତନ
ବସ୍ତ୍ରକୁ ବାରଖଣ୍ଡ କରି ଚିରିଲା।
31ତତ୍ପରେ ଅହିୟ ଯାରବୟାମଙ୍କୁ କହିଲା, "ତୁମ୍ଭ ନିଜ
ପାଇଁ ଦଶଖଣ୍ଡ ନିଅ, କାରଣ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର
ଏହିକଥା କହନ୍ତି, 'ଦେଖ, ଆମ୍ଭେ ଶଲୋମନର ହସ୍ତରୁ ରାଜ୍ୟ
ଚିରିଦେବା ତୁମ୍ଭକୁ ଦଶଗୋଷ୍ଠୀ ଦେବା। 32ମୋର ସେବକ
ଦାଉଦ ସକାଶେ ଓ ମୋର ପ୍ରିୟ ଯିରୁଶାଲମ ନଗରୀ
ସକାଶେ ଯେଉଁଟାକି ସମଗ୍ର ଇଶ୍ରାୟେଲ ପରିବାରବର୍ଗରୁ
ପସନ୍ଦ କରିଛି। ଏକ ପରିବାରବର୍ଗରେ ମୁଁ ଦାଉଦର ବଂଶକୁ
ଶାସନ କରିବା ପାଇଁ ଦେବି। 33ଆମ୍ଭେ ଶଲୋମନର ରାଜ୍ୟ
କାଢ଼ି ନେବାର କାରଣ ହେଉଛି, ସେ ଆମ୍ଭର ପଶ୍ଚାତ୍‌ଗାମୀ
ହେଲାନାହିଁ। ସେ ମୋତେ ପରିତ୍ୟାଗ କରି ସୀଦୋନୀୟମାନଙ୍କ
ଅଷ୍ଟାରୋତ୍ ଦେବତା, ମୋୟାବର କମୋଶ୍ ଦେବତାକୁ ଓ
ଅମ୍ମୋନୀୟମାନଙ୍କର ମିଲ୍‌କମ୍ ଦେବତାକୁ ପ୍ରଣାମ କରିଅଛି।
ମୋ କଥିତ ମାର୍ଗ ଅନୁସାରେ ସେ ବାସ କଲା ନାହିଁ। ତା'ର
ପିତା ଦାଉଦ ପରି ସେ ମୋର ନିର୍ଦ୍ଦେଶ ଓ ନିୟମ ଆଜ୍ଞା
ମାନିଲା ନାହିଁ। 34ମୁଁ ଶଲୋମନର ପରିବାରକୁରୁ ରାଜ୍ୟ
ଛଡେଇ ନେବି। କିନ୍ତୁ ମୋର ସେବକ ଦାଉଦ ନିମନ୍ତେ
ଯିଏକି ମୋର ଆଜ୍ଞା ଓ ବିଧି ପାଳନ କଲା। ମୁଁ
ଶଲୋମନକୁ ତା'ର ମୃତ୍ୟୁ ପର୍ଯ୍ୟନ୍ତ ଶାସନ କରିବାକୁ ନେବି।
35ମାତ୍ର ଆମ୍ଭେ ତାହାର ପୁତ୍ର ହସ୍ତରୁ ରାଜ୍ୟ କାଢ଼ି ନେବା
ଆଉ ଯାରବୟାମ, ତୁମ୍ଭେ ଦଶ ଗୋଷ୍ଠୀର ଶାସନ ଭାର
ନେବ। 36ତା'ର ଗୋଟିଏ ପୁତ୍ରର ପରିବାରକୁ ମୁଁ ଶାସନ
କରିବା ପାଇଁ ଦେବି। ଯାହା ଫଳରେ ମୋର ସେବକ
ଦାଉଦର ବଂଶ ଯିରୁଶାଲମରେ ମୋ ଆଗରେ ରାଜତ୍ୱ କରିବ।
ସେହି ସହରରେ ମୋର ନାମ ସ୍ଥାପନ ପାଇଁ ପସନ୍ଦ
କରିଅଛି। 37ତୁମ୍ଭର ମହା ସନ୍ତୋଷାନୁଯାୟୀ ମୁଁ ତୁମ୍ଭକୁ
ଇଶ୍ରାୟେଲ ଉପରେ ଶାସନ କରାଇବି। 38ଆଉ ଯଦି ତୁମ୍ଭେ
ମୋର ଦାସ ଦାଉଦଙ୍କ ପରି ମୋର ବିଧି ଓ ଆଜ୍ଞା ପାଳନ
କରିବ, ମୋ ପଥରେ ଚାଲିବ ଓ ଠିକ୍ ଭାବରେ ଜୀବନ
ଧାରଣ କରିବ, ତେବେ ମୁଁ ତୁମ୍ଭମାନଙ୍କ ସହିତ ରହିବି ଓ ମୁଁ
ତୁମ୍ଭପାଇଁ ଏକ ସାମାନ୍ୟ ପ୍ରତିଷ୍ଠା କରିବି ଓ ଦାଉଦ ପରି
କଲାପରି ତୁମ୍ଭକୁ ଇଶ୍ରାୟେଲ ଶାସନ କରିବାକୁ ଦେବି।
39ଆମ୍ଭେ ଏହି କର୍ମ ସକାଶୁ ଦାଉଦ ବଂଶକୁ କ୍ଲେଶ ଦେବା,
ମାତ୍ର ତାହା ଚିରକାଳ ନୁହେଁ।'"

## ଶଲୋମନଙ୍କର ମୃତ୍ୟୁ

40ଏହି କାରଣରୁ ଶଲୋମନ ଯାରବୟାମଙ୍କୁ ବଧ କରିବାକୁ
ଚେଷ୍ଟା କଲେ। ମାତ୍ର ଯାରବୟାମ ମିଶରର ରାଜା ଶୀଶକ
ନିକଟକୁ ପଳାଇଲେ ଓ ଶଲୋମନଙ୍କ ମୃତ୍ୟୁ ପର୍ଯ୍ୟନ୍ତ
ମିଶରରେ ରହିଲେ।
41ଶଲୋମନଙ୍କ ରାଜତ୍ୱ କାଳରେ ବହୁ ମହାନ ଓ
ବୁଦ୍ଧିମାନ କାର୍ଯ୍ୟ କଲେ ଯାହାକି ଶଲୋମନଙ୍କର ଇତିହାସ
ପୁସ୍ତକରେ ଲିଖିତ ହୋଇଅଛି। 42ଶଲୋମନ ଚାଳିଶ ବର୍ଷ
ପର୍ଯ୍ୟନ୍ତ ଯିରୁଶାଲମରେ ସମୁଦାୟ ଇଶ୍ରାୟେଲ ଉପରେ ରାଜତ୍ୱ
କଲେ। 43ତା'ପରେ ଶଲୋମନ ମୃତ୍ୟୁବରଣ କଲେ ଓ
ପିତୃଲୋକଙ୍କ ସହିତ ନିଜ ପିତା ଦାଉଦ ନଗରରେ କବର
ପାଇଲେ। ତା'ପରେ ତାହାଙ୍କ ପୁତ୍ର ରିହବୟାମ ରାଜା ହେଲେ।

## ଗୃହଯୁଦ୍ଧ

12 1-2ଏଥିମଧ୍ୟରେ ନବାଟର ପୁତ୍ର ଯାରବୟାମ ଯେ କି
ଶଲୋମନଙ୍କ ଛାମୁରୁ ପଳାଇ ଯାଇଥିଲେ ଓ ମିଶରରେ
ଏଯାଏ ଥିଲେ, ସେ ଶଲୋମନର ମୃତ୍ୟୁ ସମ୍ବାଦ ପାଇଲେ ଓ
ନିଜ ନଗର ଇଫ୍ରୟିମ ପର୍ବତସ୍ଥ ସିରେଦାକୁ ପ୍ରତ୍ୟାବର୍ତ୍ତନ
କଲେ।
ଶଲୋମନଙ୍କ ମୃତ୍ୟୁ ହେଲା ଓ ନିଜ ପୂର୍ବପୁରୁଷଙ୍କ ସହିତ
କବର ନେଲେ। ତାଙ୍କ ଅନ୍ତେ ତାଙ୍କ ପୁତ୍ର ରିହବୟାମ ନୂଆ
ରାଜା ହେଲେ। 3ଇଶ୍ରାୟେଲର ସମସ୍ତ ଲୋକ ଶିଖିମକୁ
ଗଲେ ଓ ରିହବୟାମକୁ ସେମାନଙ୍କର ରାଜା କଲେ। ରିହବୟାମ
ମଧ୍ୟ ରାଜା ହେବାକୁ ଶିଖିମ ଗଲେ। ଲୋକମାନେ ତାଙ୍କୁ
କହିଲେ, 4"ତୁମ୍ଭର ପିତା ଆମ୍ଭମାନଙ୍କୁ କଠିନ କାର୍ଯ୍ୟ କରାଇଲେ।
କାର୍ଯ୍ୟରୁ ଗୁରୁଭାର ଓ ଭାରୀ ଯୁଆଳି ଆମ୍ଭ ଉପରେ
ଦେଇଥିଲେ, ତାହା ତୁମ୍ଭେ ହାଲୁକା କର। ତାହା ହେଲେ
ଆମ୍ଭେ ତୁମ୍ଭର ସେବା କରିବୁ।"
5ରିହବୟାମ ସେମାନଙ୍କୁ କହିଲେ, "ତୁମ୍ଭେମାନେ ଏବେ
ଯାଅ, ତିନିଦିନ ପରେ ମୋ ନିକଟକୁ ଆସ, ମୁଁ କହିବି।"
ତେଣୁ ଲୋକମାନେ ଚାଲିଗଲେ।
6ଶଲୋମନଙ୍କ ଜୀବନ କାଳରେ ଯେଉଁ ପ୍ରାଚୀନମାନେ
ତାଙ୍କୁ ମନ୍ତ୍ରଣା ଦେଉଥିଲେ, ରିହବୟାମ ସେହି ପ୍ରାଚୀନମାନଙ୍କୁ
ପରାମର୍ଶ ଦେବାକୁ କହିଲେ, "ସେହି ଲୋକମାନଙ୍କୁ କି
ଉତ୍ତର ଦେବି ମୋତେ ମନ୍ତ୍ରଣା ଦିଅ।"
7ପ୍ରାଚୀନମାନେ ତାଙ୍କୁ କହିଲେ, "ତୁମ୍ଭେ ଯଦି ଆଜି
ଲୋକମାନଙ୍କର ଇଚ୍ଛା ପୂରଣ କର ଏବଂ ସେମାନଙ୍କୁ ଗୋଟିଏ
ସଂକ୍ଷେପପୂର୍ଣ୍ଣ ଉତ୍ତର ଦିଅ। ତେବେ ସେମାନେ ସର୍ବଦା ତୁମ୍ଭର
ଦାସ ହୋଇ ରହିବେ।"
8କିନ୍ତୁ ରିହବୟାମ ସେହି ପ୍ରାଚୀନମାନଙ୍କ ମନ୍ତ୍ରଣା ଗ୍ରହଣ
କଲେ ନାହିଁ। ଅପରନ୍ତୁ ଯୁବକମାନଙ୍କ ସହିତ ମନ୍ତ୍ରଣା କଲେ
ଯେଉଁମାନେ ତାଙ୍କ ସହିତ ବଢ଼ିଥିଲେ ଓ ତାଙ୍କର ସାଂଗ ଓ
ଉପଦେଷ୍ଟା ଥିଲେ। ସେ ସେମାନଙ୍କର ମନ୍ତ୍ରଣା ଗ୍ରହଣ କଲେ।

9ରିହବୟାମ ସେମାନଙ୍କୁ କହିଲେ, "ସେହି ଲୋକମାନେ
ମୋତେ କହିଲେ, 'ତୁମ୍ଭର ପିତା ଆମ୍ଭମାନଙ୍କ ଉପରେ ଯେଉଁ
ଯୁଆଳି ରଖିଛନ୍ତି,' ଦୟାକରି ତାହା ହାଲୁକା କର। ସେମାନଙ୍କୁ
ଉତ୍ତର ଦେବାକୁ ତୁମ୍ଭେମାନେ ଆମ୍ଭକୁ କି ମନ୍ତ୍ରଣା ଦେଉଛ?"
10ରାଜାଙ୍କୁ ସେହି ଯୁବ ବନ୍ଧୁମାନେ କହିଲେ, "ସେହି
ଲୋକମାନେ ତୁମ୍ଭକୁ ଆସି କହିଲେ, 'ତୁମ୍ଭର ପିତା ଆମ୍ଭମାନଙ୍କ
ଯୁଆଳି ଭାରୀ କରିଅଛନ୍ତି, ତୁମ୍ଭେ ଆମ୍ଭମାନଙ୍କ ପାଇଁ ତାହା
ହାଲୁକା କର।' ତୁମ୍ଭେ ସେମାନଙ୍କୁ କୁହ, 'ମୋର କନିଷ୍ଠ
ଅଙ୍ଗୁଳି ମୋର ପିତାଙ୍କ କଟିଠାରୁ ମୋଟ। 11ମୋର ପିତା
ତୁମ୍ଭମାନଙ୍କ ଉପରେ ଯେଉଁ ଭାରୀ ଯୁଆଳି ରଖିଥିଲେ, ମୁଁ
ତାହାକୁ ଆହୁରି ଭାରୀ କରିବି। ମୋର ପିତା କୋରଡ଼ାରେ
ତୁମ୍ଭମାନଙ୍କୁ ଶାସ୍ତି ଦେଉଥିଲେ ମାତ୍ର ମୁଁ ବିଛା କାମୁଡ଼ିଲା
ଯନ୍ତ୍ରଣା ପରି ତୁମ୍ଭକୁ ତିକ୍ଷ୍ଣ କୋରଡା ବ୍ୟବହାର କରିବି,
ଯାହାଦ୍ୱାରା ତୁମ୍ଭମାନଙ୍କ ଶରୀର କ୍ଷତବିକ୍ଷତ ହେବ।'"
12ରିହବୟାମଙ୍କ କହିବାନୁସାରେ, "ତିନିଦିନ ପରେ
ଯାରବୟାମ ଓ ଇଶ୍ରାୟେଲର ସମସ୍ତ ଲୋକ ତାଙ୍କ ନିକଟରେ
ପହଞ୍ଚିଲେ।" 13ସେତେବେଳେ ପ୍ରାଚୀନମାନଙ୍କ ଉପଦେଶକୁ
ଉପେକ୍ଷା କରି ରାଜା ସେମାନଙ୍କୁ କଟୁ ଭାଷା ପ୍ରୟୋଗ
କଲେ। 14ପୁଣି ଯୁବ ବନ୍ଧୁମାନଙ୍କ ମନ୍ତ୍ରଣାନୁସାରେ ସେ
ଲୋକମାନଙ୍କୁ କହିଲେ, "ମୋର ପିତା ଯେତିକି କାର୍ଯ୍ୟ
ଦେଉଥିଲେ ମୁଁ ତା' ଅପେକ୍ଷା ଆହୁରି ଅଧିକ କାର୍ଯ୍ୟ ଦେବି।
ସେ ତୁମ୍ଭମାନଙ୍କୁ କୋରଡ଼ାରେ ଶାସ୍ତି ଦେଉଥିଲେ, ମାତ୍ର ମୁଁ
ତୁମ୍ଭମାନଙ୍କୁ ତିକ୍ଷ୍ଣ କୋରଡାରେ ଶାସ୍ତି ଦେବି, ଯାହାର
ଆଘାତ ବିଛା କାମୁଡ଼ିଲା ପରି ଯନ୍ତ୍ରଣା ଦାୟକ ଏବଂ
ତୁମ୍ଭେମାନେ ଆଘାତରେ କ୍ଷତାକ୍ତ ହେବ।" 15ରାଜା ଲୋକମାନଙ୍କ
ଅନୁରୋଧ ପୂରଣ କରିବାକୁ ମନା କରିଦେଲେ। ସଦାପ୍ରଭୁ
ଏହିସବୁ ଘଟାଇବାର କାରଣ ହେଲେ, ସେ ଚାହିଁଲେ ତାଙ୍କର
ପ୍ରତିଜ୍ଞା ପୂରଣ କରିବା ପାଇଁ। ନବାଟର ପୁତ୍ର ଯାରବୟାମ୍
ଯାହା ଅହିୟ ଶୀଲୋନୀୟଙ୍କ ଦ୍ୱାରା କୁହା ହୋଇଥିଲା।
16ସେତେବେଳେ ସମଗ୍ର ଇଶ୍ରାୟେଲ ଦେଖିଲେ ଯେ
ନୂଆରାଜା ସେମାନଙ୍କ କଥା ଶୁଣିଲେ ନାହିଁ। ତେଣୁ ସେମାନେ
ରାଜାଙ୍କୁ ଉତ୍ତର କରି କହିଲେ, "ଆମ୍ଭେମାନେ କ'ଣ ଦାଉଦ
ସାମ୍ରାଜ୍ୟର ଏକ ଅଂଶ? ଆମ୍ଭେ ଯିଶୀର କିଛି ଭୂମି ପାଉ କି?
ନା, ତେଣୁ ଇଶ୍ରାୟେଲ ଲୋକମାନେ ନିଜ ନିଜ ଘରକୁ
ଫେରି ଯାଅ। ଦାଉଦଙ୍କ ପୁତ୍ରଙ୍କୁ ତାଙ୍କ ଲୋକମାନଙ୍କୁ ଶାସନ
କରିବାକୁ ଦିଅ।" ତେଣୁ ଇଶ୍ରାୟେଲର ଲୋକମାନେ ସେମାନଙ୍କର
ଘରକୁ ଫେରି ଗଲେ। 17ତଥାପି ଇଶ୍ରାୟେଲ ଯେଉଁ ଲୋକମାନେ
ଯିହୁଦାର ନଗରମାନଙ୍କରେ ବାସ କରୁଥିଲେ ରିହବୟାମ
ସେମାନଙ୍କ ଉପରେ ଶାସନ କଲେ।
18ଏହାପରେ ରିହବୟାମ ରାଜା ବେଠିକର୍ମାଧ୍ୟକ୍ଷ ଅଦୋରାମକୁ
ଲୋକମାନଙ୍କ ନିକଟକୁ ପଠାଇଲେ। ମାତ୍ର ସମସ୍ତ ଇଶ୍ରାୟେଲ
ତାଙ୍କୁ ପ୍ରସ୍ତରାଘାତ କରି ମାରିଦେଲେ। ତା'ପରେ ରିହବୟାମ
ଶୀଘ୍ର ନିଜ ରଥରେ ଆରୋହଣ କରି ଯିରୁଶାଲମକୁ ପଳାୟନ
କଲେ। 19ତେଣୁ ଇଶ୍ରାୟେଲର ଲୋକମାନେ ଦାଉଦ ବଂଶ
ବିପକ୍ଷରେ ବିଦ୍ରୋହ କଲେ ଓ ଏବେ ମଧ୍ୟ ସେମାନେ ଦାଉଦ
ବଂଶର ବିଦ୍ରୋହୀ ହୋଇ ରହିଛନ୍ତି।
20ଇଶ୍ରାୟେଲର ସମସ୍ତ ଲୋକ ଜାଣିବାକୁ ପାଇଲେ ଯେ
ଯାରବୟାମ ଫେରି ଆସିଛନ୍ତି। ସେମାନେ ଲୋକ ପଠାଇ
ତାଙ୍କୁ ଡକାଇଲେ ଓ ସମୁଦାୟ ଇଶ୍ରାୟେଲ ଉପରେ ତାହାଙ୍କୁ
ରାଜା କଲେ। କେବଳ ଯିହୁଦା ପରିବାରବର୍ଗ ଗୋଟିଏ
ପରିବାର ଦାଉଦ ପରିବାରର ଅନୁଗାମୀ ହେଲେ।
21ରିହବୟାମ ଯିରୁଶାଲମରେ ପହଞ୍ଚିଲେ ଓ ଯିହୁଦୀୟ
ବିନ୍ୟାମୀନ ବଂଶକୁ ଏକତ୍ରିତ କଲେ। ସେ 1,80,000 ବଛା
ଯୋଦ୍ଧା ଲୋକଙ୍କୁ ଏକତ୍ର କଲେ। ଶଲୋମନଙ୍କ ପୁତ୍ର ରିହବୟାମଙ୍କ
ଅଧୀନକୁ ରାଜ୍ୟ ଫେରାଇ ଆଣିବା ନିମନ୍ତେ ଇଶ୍ରାୟେଲ ବଂଶ
ସହିତ ଯୁଦ୍ଧ ହେଲା।
22ସଦାପ୍ରଭୁ ପରମେଶ୍ୱରଙ୍କ ଲୋକ ଶମୟିୟକୁ ଏହା
କହିଲେ। 23"ଯିହୁଦାର ରାଜା ଶଲୋମନର ପୁତ୍ର ରିହବୟାମକୁ
ପୁଣି ଯିହୁଦାର ଓ ବିନ୍ୟାମୀନର ସମସ୍ତ ଲୋକମାନଙ୍କୁ ଓ
ଅବଶିଷ୍ଟ ସମସ୍ତ ଲୋକଙ୍କୁ ଏହା କୁହ। 24ସଦାପ୍ରଭୁ ଏହିକଥା
କହନ୍ତି, 'ତୁମ୍ଭେ ନିଶ୍ଚୟ ତୁମ୍ଭମାନଙ୍କ ଭ୍ରାତା ଇଶ୍ରାୟେଲ
ଲୋକମାନଙ୍କ ବିପକ୍ଷରେ ଯୁଦ୍ଧ କରିବ ନାହିଁ। ତୁମ୍ଭେମାନେ
ସମସ୍ତେ ନିଜ ନିଜ ଗୃହକୁ ଫେରିଯାଅ। କାରଣ ଏହିକାର୍ଯ୍ୟ
ମୋ ଦ୍ୱାରା ହୋଇଅଛି।'" ତେଣୁ ରିହବୟାମଙ୍କ ସୈନ୍ୟମାନେ
ସଦାପ୍ରଭୁଙ୍କ ଆଜ୍ଞା ପାଳନ କରି ନିଜ ନିଜ ଗୃହକୁ ଫେରିଗଲେ।
25ଏହି ସମୟରେ ଯାରବୟାମ ଇଫ୍ରୟିମର ପର୍ବତମୟ
ଦେଶ ଶିଖିମକୁ ଦୃଢ଼ କରି ସେଠାରେ ବାସ କଲେ। ପରେ
ସେ ପିନୂୟେଲ ନଗରକୁ ଯାଇ ଏହାକୁ ସୁଦୃଢ଼ କଲେ।
26-27ଯାରବୟାମ ନିଜକୁ ନିଜେ ଚିନ୍ତା କଲେ, "ଯଦି
ଲୋକମାନେ ଯିରୁଶାଲମକୁ ସଦାପ୍ରଭୁଙ୍କ ମନ୍ଦିରରେ ସଦାପ୍ରଭୁଙ୍କ
ସମ୍ମାନାର୍ଥେ ବଳିଦାନ କରିବାକୁ ଯାଆନ୍ତି, ତେବେ ସେମାନେ
ପୁନର୍ବାର ଦାଉଦ ପରିବାର ଦ୍ୱାରା ଶାସିତ ହେବାକୁ ଚାହାନ୍ତି।
ସେମାନେ ଯିହୁଦାର ରାଜା ରିହବୟାମଙ୍କ ଅନୁଗାମୀ ହେବେ
ଓ ମୋତେ ବଧ କରିବେ।" 28ତହୁଁ ରାଜା ତାଙ୍କର
ଉପଦେଷ୍ଟାମାନଙ୍କ ସହିତ ବିଚାର ବିମର୍ଷ କଲେ ଓ ସେମାନେ
ତାଙ୍କୁ ଦୁଇଟି ସ୍ୱର୍ଣ୍ଣର ଗୋବତ୍ସ ନିର୍ମାଣ କରିବାକୁ କହିଲେ।
ପୁଣି ସେ ଲୋକମାନଙ୍କୁ କହିଲେ, "ତୁମ୍ଭର ଯିରୁଶାଲମକୁ
ଉପାସନା କରିବା ପାଇଁ ଯିବା ଦରକାର ନାହିଁ। ହେ
ଇଶ୍ରାୟେଲର ସନ୍ତାନଗଣ, ତୁମ୍ଭ ଦେବତାମାନଙ୍କୁ ଦେଖ, ସେମାନେ
ତୁମ୍ଭକୁ ମିଶର ଦେଶରୁ ବାହାର କରି ଆଣିଲେ।" 29ରାଜା
ଯାରବୟାମ ଗୋଟିକୁ ବୈଥେଲରେ ଓ ଅନ୍ୟଟିକୁ ଦାନରେ
ସ୍ଥାପନ କଲେ। 30ଏହା ଏକ ଭୟଙ୍କର ପାପ, କାରଣ
ଇଶ୍ରାୟେଲର ଲୋକମାନେ ବୈଥେଲ ଓ ଦାନ ନଗରକୁ
ଉପାସନା କରିବାକୁ ଗଲେ।
31ଏହାପରେ ଯାରବୟାମ ଉଚ୍ଚସ୍ଥଳୀରେ ସଦାପ୍ରଭୁଙ୍କ ଗୃହମାନ
ନିର୍ମାଣ କଲେ। ସେ ଲେବୀକୁ ଛାଡ଼ି ଇଶ୍ରାୟେଲର ସମସ୍ତ
ଗୋଷ୍ଠୀରୁ ଯାଜକ ମନୋନୀତ କଲେ। 32ରାଜା ଯାରବୟାମ,
ଯିହୁଦାରେ ପର୍ବ ପରି ଅଷ୍ଟମ ମାସର ପନ୍ଦର ତାରିଖରେ ଏକ
ନୂତନ ପର୍ବ ଆରମ୍ଭ କଲେ। ସେ ବୈଥେଲ ସ୍ଥିତ ହୋମବେଦି
ନିକଟକୁ ଗଲେ ଏବଂ ଏହିପରି ଭାବରେ ସେ ବୈଥେଲଠାରେ
ଗୋବତ୍ସର ସମ୍ମାନାର୍ଥେ ନୈବେଦ୍ୟ ଉତ୍ସର୍ଗ କଲେ ଏବଂ ସେ
ମଧ୍ୟ ଉଚ୍ଚସ୍ଥଳୀରେ ସେବା କରିବା ପାଇଁ ଯାଜକମାନଙ୍କୁ
ବାଛିଲେ। 33ତେଣୁ ରାଜା ଯାରବୟାମ ନିଜ ମନୋନୀତ
ଅଷ୍ଟମ ମାସର ପଞ୍ଚଦଶ ଦିନରେ ବୈଥେଲସ୍ଥିତ ସ୍ୱନିର୍ମିତ

ଯଜ୍ଞବେଦୀକୁ ଗଲେ। ଆଉ ମଧ୍ୟ ସେ ଇଶ୍ରାୟେଲ ସନ୍ତାନଗଣ
ନିମନ୍ତେ ପର୍ବ ନିରୂପଣ କରି ଧୂପ ଜଳାଇବା ପାଇଁ
ବୈଥେଲର ଯଜ୍ଞବେଦୀକୁ ଗଲେ।

### ପରମେଶ୍ୱର ବୈଥେଲ ବିପକ୍ଷରେ କହନ୍ତି

13 ସଦାପ୍ରଭୁ ଯିହୁଦାରେ ଥିବା ଏକ ପରମେଶ୍ୱରଙ୍କ
ଲୋକଙ୍କୁ ବୈଥେଲ ଯିବାକୁ ଆଦେଶ ଦେଲେ।
ଯେତେବେଳେ ଯାରବୟାମ ଯଜ୍ଞବେଦୀ ନିକଟରେ ଧୂପ
ଜଳାଇବା ପାଇଁ ଛିଡ଼ା ହୋଇଥିଲେ ସେତେବେଳେ ପରମେଶ୍ୱରଙ୍କ
ଲୋକ ସେଠାରେ ଉପସ୍ଥିତ ହେଲେ। 2ସଦାପ୍ରଭୁଙ୍କ ନିର୍ଦ୍ଦେଶରେ
ପରମେଶ୍ୱରଙ୍କ ସେହି ଲୋକ ଜଣକ ଯଜ୍ଞବେଦୀ ବିପକ୍ଷରେ
ଉଚ୍ଚସ୍ୱରରେ କହିଲେ,

"ହେ ଯଜ୍ଞବେଦୀ, ସଦାପ୍ରଭୁ ତୁମ୍ଭକୁ କୁହନ୍ତି, 'ଏଠାକୁ
ଦେଖ, ଦାଉଦ ବଂଶରେ ଯୋଶିୟ ନାମରେ ଏକ ସନ୍ତାନ
ଜନ୍ମ ହେବ। ଉଚ୍ଚସ୍ଥଳୀର ଯାଜକମାନେ ତୁମ୍ଭ ଉପରେ ଧୂପ
ଜଳାଉଛନ୍ତି। ଯୋଶିୟ ସେମାନଙ୍କୁ ତୁମ୍ଭ ଉପରେ ବଳିଦାନ
କରିବ। ବର୍ତ୍ତମାନ ଏହି ଯାଜକଗଣ ତୁମ୍ଭ ଉପରେ ଧୂପ
ଜାଳନ୍ତି କିନ୍ତୁ ଯୋଶିୟ ମନୁଷ୍ୟର ଅସ୍ଥି ତୁମ୍ଭ ଉପରେ ଦଗ୍ଧ
କରିବେ। ତେବେ ତୁମ୍ଭକୁ ପୁଣି କେହି ବ୍ୟବହାର କରିବେ
ନାହିଁ।'"

3ଆଉ ସେହି ପରମେଶ୍ୱରଙ୍କ ଲୋକ ସେହିଦିନ ଏକ
ଚିହ୍ନ ଦେଇ କହିଲେ, "ଭବିଷ୍ୟତରେ ଏହା ହେବ। 'ଏଠାକୁ
ଦେଖ, ଏହି ବେଦୀ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବ ଓ ତହିଁ
ଉପରିସ୍ଥ ଭସ୍ମ ଅଜାଡ଼ି ହୋଇ ପଡ଼ିବ।'"

4ବୈଥେଲରେ ଯଜ୍ଞବେଦୀ ବିଷୟରେ ପରମେଶ୍ୱରଙ୍କ ଲୋକ
ମୁହଁରୁ ରାଜା ଯାରବୟାମ ଏହି ବାର୍ତ୍ତା ଶୁଣିଲେ। ସେ ସେହି
ଲୋକଙ୍କୁ ଧରିବା ପାଇଁ ହସ୍ତ ବିସ୍ତାର କଲେ। ସେ ଆଦେଶ
ଦେଲେ, "ତାଙ୍କୁ ବନ୍ଦୀ କର!" ମାତ୍ର ରାଜା ତାହା ବିରୁଦ୍ଧରେ
ଯେଉଁ ବାହୁ ବିସ୍ତାର କରିଥିଲେ ତାହା ଆଉ ସଙ୍କୁଚିତ କରି
ପାରିଲା ନାହିଁ। ତେଣୁ ତାଙ୍କର ବାହୁ ତତ୍‌କ୍ଷଣାତ୍ ପକ୍ଷାଘାତ
ହୋଇଗଲା। 5ଆଉ ମଧ୍ୟ ପରମେଶ୍ୱରଙ୍କ ଲୋକ ସଦାପ୍ରଭୁଙ୍କ
ବାକ୍ୟ ଦ୍ୱାରା ଯେଉଁ ସଙ୍କେତ ଦେଇଥିଲେ, ବଳିଦାନର
ଯଜ୍ଞବେଦୀ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଗଲା ଓ ଭସ୍ମ ଅଜାଡ଼ି
ହୋଇ ପଡ଼ିଲା। 6ତା'ପରେ ରାଜା ଯାରବୟାମ ପରମେଶ୍ୱରଙ୍କ
ଲୋକଙ୍କୁ ନିବେଦନ କରି କହିଲେ, "ତୁମ୍ଭେ ସଦାପ୍ରଭୁ ତୁମ୍ଭର
ପରମେଶ୍ୱରଙ୍କୁ ମୋର ବାହୁର ଆରୋଗ୍ୟ ପାଇଁ ପ୍ରାର୍ଥନା
କର।"

ତେଣୁ ପରମେଶ୍ୱରଙ୍କ ଲୋକ ପ୍ରାର୍ଥନା କଲେ, ରାଜାଙ୍କର
ପକ୍ଷାଘାତ ବାହୁ ଭଲ ହୋଇଗଲା। 7ତା'ପରେ ରାଜା ପରମେଶ୍ୱରଙ୍କ
ଲୋକଙ୍କୁ କହିଲେ, "ତୁମ୍ଭେ ମୋ ସହିତ ଗୃହକୁ ଆସ। ମୋ
ସହିତ ଭୋଜନ କର। ମୁଁ ତୁମ୍ଭକୁ ଏକ ଉପହାର ଦେବା
ପାଇଁ ଯାଉଅଛି।"

8ମାତ୍ର ପରମେଶ୍ୱରଙ୍କ ଲୋକ ରାଜାଙ୍କୁ କହିଲେ, "ତୁମ୍ଭେ
ଆପଣା ରାଜ୍ୟର ଅର୍ଦ୍ଧେକ ଅଂଶ ଦେଲେ ମଧ୍ୟ ମୁଁ ତୁମ୍ଭ
ସହିତ ଯିବି ନାହିଁ। ଆଉ ମଧ୍ୟ ମୁଁ ଏ ସ୍ଥାନରେ ଅନ୍ନ ସ୍ପର୍ଶ
କରିବି ନାହିଁ କିମ୍ବା ଜଳ ପାନ କରିବି ନାହିଁ। 9କାରଣ ଅନ୍ନ
ଜଳ ସ୍ପର୍ଶ ନ କରିବାକୁ ସଦାପ୍ରଭୁ ମୋତେ ନିର୍ଦ୍ଦେଶ
ଦେଇଛନ୍ତି। ଆଉ ମଧ୍ୟ ସଦାପ୍ରଭୁଙ୍କର ଆଦେଶ ଅଛି, ତୁମ୍ଭେ
ଯେଉଁ ପଥରେ ଆସିଛ, ସେହି ପଥରେ ଫେରିବ ନାହିଁ।"
10ତେଣୁ ସେ ବୈଥେଲକୁ ଯେଉଁ ପଥରେ ଆସିଥିଲା, ସେ
ପଥରେ ନ ଫେରି ଅନ୍ୟ ପଥରେ ଫେରିଲା।

11ସେ ସମୟରେ ବୈଥେଲରେ ଜଣେ ପ୍ରାଚୀନ
ଭବିଷ୍ୟଦବକ୍ତା ବାସ କରୁଥିଲେ। ତାଙ୍କର ପୁତ୍ରମାନେ ଆସି
ବୈଥେଲରେ ପରମେଶ୍ୱରଙ୍କ ଲୋକ ଯାହା ଯାହା କରିଥିଲେ
ତାହାସବୁ ତାଙ୍କୁ ଜଣାଇଲେ। ସେମାନେ ପରମେଶ୍ୱରଙ୍କ ଲୋକ
ଯାରବୟାମ ରାଜାଙ୍କୁ ଯାହା କହିଥିଲେ ତାହା ମଧ୍ୟ ଆପଣା
ପିତାଙ୍କୁ ଜଣାଇଲେ। 12ସେମାନଙ୍କ ପିତା ସେମାନଙ୍କୁ ପଚାରିଲେ,
"ସେ କେଉଁ ପଥରେ ଫେରିଲେ?" ପରମେଶ୍ୱରଙ୍କ ଲୋକ
ଯିହୁଦାରୁ ଯେଉଁ ପଥରେ ଯାଇଥିଲେ, ତାହା ସେମାନେ
ତାଙ୍କର ପିତାଙ୍କୁ ଦେଖାଇଲେ। 13ବୃଦ୍ଧ ଯାଜକ ତା'ର
ପୁତ୍ରମାନଙ୍କୁ ତା'ର ଗଧକୁ ସଜାଇବାକୁ କହିଲେ ଏବଂ ସେ
ଶିଘ୍ର ଯାତ୍ରା କଲେ।

14ଏହାପରେ ସେ ପରମେଶ୍ୱରଙ୍କ ଲୋକର ପଛେ ପଛେ
ଯାଇ ତାଙ୍କୁ ଗୋଟିଏ ଆଲୋନ ବୃକ୍ଷ ମୂଳରେ ବସିଥିବାର
ଦେଖିଲେ, ସେ ତାଙ୍କୁ ପଚାରିଲେ, "ତୁମ୍ଭେ କ'ଣ ଯିହୁଦାରୁ
ଆଗତ ପରମେଶ୍ୱରଙ୍କ ଲୋକ?"

ସେ ଉତ୍ତର କଲେ, "ହଁ, ମୁଁ।"

15ତେଣୁ ସେ ତାଙ୍କୁ ଅନୁରୋଧ କଲେ, "ମୋ ଗୃହକୁ
ଆସ ଓ ମୋ ସହିତ ଭୋଜନ କର।"

16ମାତ୍ର ପରମେଶ୍ୱରଙ୍କ ଲୋକ ଉତ୍ତର ଦେଲେ, "ମୁଁ
ତୁମ୍ଭ ସହିତ ତୁମ୍ଭ ଗୃହକୁ ଯାଇପାରିବି ନାହିଁ କି ତୁମ୍ଭ ସହିତ
ଏ ସ୍ଥାନରେ ପାନ ବା ଭୋଜନ କରିବି ନାହିଁ। 17କାରଣ
ସଦାପ୍ରଭୁ ମୋତେ ନିର୍ଦ୍ଦେଶ ଦେଇଛନ୍ତି, 'ତୁମ୍ଭେ ଭୋଜନ
କରିବ ନାହିଁ କି ଜଳପାନ ଏଠାରେ କରିବ ନାହିଁ। ଏବଂ
ଯେଉଁ ପଥ ଦେଇ ଆସିଥିଲ, ସେହି ପଥ ଦେଇ ଫେରି
ଯାଅନାହିଁ।'"

18ଏଥିରେ ବୃଦ୍ଧ ଭବିଷ୍ୟଦ୍‌ବକ୍ତା କହିଲେ, "ମୁଁ ମଧ୍ୟ ତୁମ୍ଭ
ପରି ଜଣେ ଭବିଷ୍ୟଦ୍‌ବକ୍ତା।" ତା'ପରେ ସେ ମିଥ୍ୟା କହି
ତାଙ୍କୁ ଜଣାଇଲେ, "ଜଣେ ଦୂତ ସଦାପ୍ରଭୁଙ୍କ ଦ୍ୱାରା ପ୍ରେରିତ
ହୋଇ ମୋତେ କହିଲେ ତୁମ୍ଭେ ପରମେଶ୍ୱରଙ୍କ ଲୋକଙ୍କୁ
ତୁମ୍ଭ ଗୃହକୁ ନେଇ ତୁମ୍ଭ ସହିତ ଅନ୍ନଭୋଜନ ଓ ଜଳପାନ
କରାଅ।"

19ତେଣୁ ପରମେଶ୍ୱରଙ୍କ ଲୋକ ତାଙ୍କ ସହିତ ତାଙ୍କ
ଗୃହକୁ ଯାଇ ଅନ୍ନଭୋଜନ ଓ ଜଳପାନ କଲେ। 20ଯେତେବେଳେ
ସେମାନେ ମେଜ ନିକଟରେ ବସିଥିଲେ, ସଦାପ୍ରଭୁଙ୍କ ବାକ୍ୟ
ସେହି ବୃଦ୍ଧ ଭବିଷ୍ୟଦ୍‌ବକ୍ତାଙ୍କ ନିକଟରେ ଉପସ୍ଥିତ ହେଲା।
ଯିଏକି ତାଙ୍କୁ ତା'ର ଘରକୁ ଆଣିଥିଲା। 21ଯିହୁଦାରୁ ସେହି
ପରମେଶ୍ୱରଙ୍କ ଲୋକଙ୍କୁ ଭବିଷ୍ୟଦ୍‌ବାକ୍ତା କହିଲେ, "ସଦାପ୍ରଭୁ
କହନ୍ତି, ତୁମ୍ଭେ ସଦାପ୍ରଭୁଙ୍କ ବାକ୍ୟର ବିରୁଦ୍ଧାଚରଣ କରିଅଛ।
ତୁମ୍ଭେ ଆଜ୍ଞା ପାଳନ କରିନାହିଁ। ଯାହା ସଦାପ୍ରଭୁ ତୁମ୍ଭର
ପରମେଶ୍ୱର ତୁମ୍ଭକୁ ଆଜ୍ଞା ଦେଲେ। 22ସଦାପ୍ରଭୁ ତୁମ୍ଭଙ୍କୁ
ଆଦେଶ କରିଥିଲେ ତୁମ୍ଭେ ଏ ସ୍ଥାନରେ ଅନ୍ନ ଭୋଜନ
କରିବ ନାହିଁ କି ଜଳପାନ କରିବ ନାହିଁ। ମାତ୍ର ତୁମ୍ଭେ ଫେରି
ଆସିଲ ଓ ଅନ୍ନ ଭୋଜନ ଓ ଜଳ ପାନ କଲ। ତେଣୁ

ତୁମ୍ଭର ଶବକୁ ତୁମ୍ଭ ପିତୃଲୋକମାନଙ୍କ ସହିତ କବର
ଦିଆହେବ ନାହିଁ।"
23ପରମେଶ୍ୱରଙ୍କ ଲୋକ ଅନ୍ନଭୋଜନ ଓ ଜଳପାନ
କଲାପରେ ସେ ଭବିଷ୍ୟଦ୍‌ବକ୍ତା ତାଙ୍କର ଗଧଟିକୁ ସଜାଇ
ଦେଲେ ଓ ସେ ଲୋକଟି ସେ ସ୍ଥାନ ପରିତ୍ୟାଗ କଲା।
24ଗୃହ ଅଭିମୁଖେ ଯାତ୍ରା କରୁଥିବା ସମୟରେ ପଥ ମଧ୍ୟରେ
ଏକ ସିଂହ ତାଙ୍କୁ ଆକ୍ରମଣ କରି ବଧ କଲା। ତାଙ୍କର ଶବ
ସେହି ପଥ ମଧ୍ୟରେ ପଡ଼ି ରହିଲା! ଗଧ ଓ ସିଂହ ସେହି
ଶବ ନିକଟରେ ଛିଡ଼ା ହୋଇ ରହିଲେ। 25ଏହାପରେ ସେହି
ପଥରେ ଯାଉଥିବା କେତେକ ଲୋକ ଶବଟି ପଡ଼ିଥିବାର ଓ
ଶବ ନିକଟରେ ସିଂହ ଠିଆ ହୋଇଥିବାର ଦେଖିଲେ।
ତା'ପରେ ସେମାନେ ବୃଦ୍ଧ ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ଆସିଲେ
ଓ ଯାହା ରାସ୍ତା ଉପରେ ଦେଖିଥିଲେ ତାହା ଜଣାଇଲେ।
26ଏହା ଶୁଣିକି ବୃଦ୍ଧ ଭବିଷ୍ୟଦ୍‌ବକ୍ତା ଯିଏ ପରମେଶ୍ୱରଙ୍କ
ଲୋକକୁ ଫେରାଇ ଆଣି ଥିଲେ, ଏବଂ ତାକୁ ଖାଦ୍ୟ ଓ ଜଳ
ଦେଇଥିଲେ, ସେ କହିଲେ, "ସଦାପ୍ରଭୁଙ୍କ ଆଜ୍ଞାକୁ ଅବମାନନା
କଲା, ତେଣୁ ସଦାପ୍ରଭୁ ତାକୁ ସିଂହ ଦ୍ୱାରା ବଧ କରାଇଲେ।
ଏହା ସଦାପ୍ରଭୁଙ୍କ ବାକ୍ୟ ଅନୁସାରେ ହେଲା। ଯେଉଁଠାକି ସେ
ତାକୁ କହିଥିଲେ।" 27ତା'ପରେ ସେହି ଭବିଷ୍ୟଦ୍‌ବକ୍ତା ନିଜ
ପୁତ୍ରମାନଙ୍କୁ କହିଲେ, "ମୋର ଗଧଟିକୁ ସଜାଇ ଦିଅ।"
ତେଣୁ ତାଙ୍କର ପୁତ୍ରମାନେ ଗଧଟିକୁ ସଜାଇ ଦେଲେ।
28ସେହି ବୃଦ୍ଧ ଭବିଷ୍ୟଦ୍‌ବକ୍ତା ବାହାରି ଗଲେ ଓ ପଥ
ମଧ୍ୟରେ ସେହି ଶବ ପଡ଼ିଥିବାର ଦେଖିଲେ। ଶବ ନିକଟରେ
ସେହି ଗଧ ଓ ସିଂହ ଛିଡ଼ା ହୋଇଥିଲେ। ସିଂହ ଶବଟିକୁ
ଖାଇ ନଥିଲା କିମ୍ବା ଗଧକୁ ବିଦୀର୍ଣ୍ଣ କରି ନ ଥିଲା।
29ସେହି ପ୍ରାଚୀନ ଭବିଷ୍ୟଦ୍‌ବକ୍ତା ସେହି ଶବଟିକୁ ନିଜ
ଗଧ ପିଠିରେ ରଖିଲେ। ଶୋକ କରିବା ପାଇଁ ଓ କବର
ଦେବାପାଇଁ ସେହି ଶବକୁ ଆପଣା ନଗରକୁ
ଆଣିଲେ। 30ସେ ପ୍ରାଚୀନ ଭବିଷ୍ୟଦ୍‌ବକ୍ତା ସେହି ଶବକୁ ନିଜ
ପିତୃଲୋକଙ୍କ କବରରେ କବର ଦେଲେ ଓ ତାଙ୍କପାଇଁ
ବିଳାପ କରି କହିଲେ, "ହେ ମୋର ଭାଇ, ମୁଁ ତୁମ୍ଭ ପାଇଁ
ବିଶେଷ ଦୁଃଖିତ।" 31ସେ ଶବଟିକୁ କବର ଦେଲାପରେ
ସେହି ବୃଦ୍ଧ ଭବିଷ୍ୟତ୍‌ବକ୍ତା ନିଜର ପୁତ୍ରମାନଙ୍କୁ କହିଲେ, "ମୁଁ
ମଲେ, ଯେଉଁ କବରରେ ପରମେଶ୍ୱରଙ୍କ ଲୋକ କବର
ପାଇଅଛି ମୋତେ ସେହି ସ୍ଥାନରେ କବର ଦେବ ଓ ତାହାର
ଅସ୍ଥି ନିକଟରେ ମୋର ଅସ୍ଥି ରଖିବ। 32କାରଣ ସେ
ବୈଥେଲସ୍ଥ ଯଜ୍ଞବେଦୀ ବିରୁଦ୍ଧରେ ଓ ଶମରିୟା ନାନା
ନଗରସ୍ଥ ଉଚ୍ଚ ସ୍ଥଳୀର ସମସ୍ତ ଗୃହ ବିରୁଦ୍ଧରେ ସଦାପ୍ରଭୁ
ସେହି ଲୋକ ମାଧ୍ୟମରେ ଯାହା କହିଥିଲେ ତାହା ନିଶ୍ଚିତ
ସତ ହେବ।"
33ଏ ଘଟଣା ପରେ ମଧ୍ୟ ରାଜା ଯାରବିୟାମ କୌଣସି
ପରିବର୍ତ୍ତନ ହେଲେନାହିଁ। ସେ ନାନା ମନ୍ଦକର୍ମ କରି ଚାଲିଲେ।
ସେ ପୁନର୍ବାର ସମସ୍ତ ପରିବାରବର୍ଗରୁ ଉଚ୍ଚସ୍ଥଳୀର ଯାଜକ
ନିଯୁକ୍ତ କଲେ। ଯେଉଁ ଲୋକ ଉଚ୍ଚସ୍ଥଳୀର ଯାଜକ ହେବାକୁ
ଇଚ୍ଛା କଲା, ସେ ତାକୁ ନିଯୁକ୍ତ କଲେ। 34ସେହି ପାପ
ଯାରବିୟାମ ବଂଶକୁ ଓ ତା'ର ରାଜ୍ୟକୁ ଧ୍ୱଂସ ଓ ବିଲୋପ
କରିବାର କାରଣ ହେଲା।

## ଯାରବିୟାମଙ୍କ ପୁତ୍ର ମୃତ୍ୟୁବରଣ କଲେ

14 ସେହି ସମୟରେ ଯାରବିୟାମଙ୍କ ପୁତ୍ର ଅବିୟ ଅତିଶୟ
ପୀଡ଼ିତ ହେଲେ। 2ଯାରବିୟାମ ନିଜର ପତ୍ନୀକୁ
କହିଲେ, "ତୁମ୍ଭେ ଯେପରି ମୋର ପତ୍ନୀ ବୋଲି ଜଣା ନ
ପଡ଼ିବ, ସେହିପରି ଛଦ୍ମ ବେଶରେ ଶୀଲୋକୁ ଯାଅ। ସେଠାରେ
ଅହିୟ ଭବିଷ୍ୟତ୍‌ବକ୍ତା ବାସ କରନ୍ତି। ସେ ମୋତେ କହିଥିଲେ
ମୁଁ ଇଶ୍ରାୟେଲ ଲୋକମାନଙ୍କ ଉପରେ ରାଜା ହେବି। 3ତା'ପରେ
ନିଜ ସଙ୍ଗରେ ଦଶ ରୋଟୀ, କିଛି ତିଲୁଆ ଓ ଏକ ପାତ୍ର
ମଧୁ ନେଇ ତାହା ନିକଟକୁ ଯାଅ। ବାଳକର କ'ଣ ହେବ,
ତାହା ସେ ତୁମ୍ଭକୁ ଜଣାଇବେ।"
4ରାଜା ଯାରବିୟାମଙ୍କ ନିର୍ଦ୍ଦେଶ ଅନୁସାରେ ଯାରବିୟାମଙ୍କ
ପତ୍ନୀ ଶିଲୋସ୍ଥିତ ଭବିଷ୍ୟଦ୍‌ବକ୍ତା ଅହିୟଙ୍କ ଗୃହକୁ ଗଲେ।
ଅତ୍ୟନ୍ତ ବୃଦ୍ଧ ହୋଇଯାଇ ଥିବାରୁ ଅହିୟ ଅନ୍ଧ ହୋଇ
ଯାଇଥିଲେ। 5ଇତ୍ୟବସରେ ସଦାପ୍ରଭୁ ଅହିୟଙ୍କୁ କହିଲେ,
"ଏହାକୁ ଦେଖ, ଯାରବିୟାମର ପତ୍ନୀ ନିଜର ପୁତ୍ରର ଭାଗ୍ୟ
ବିଷୟରେ ପଚାରିବାକୁ ତୁମ୍ଭ ନିକଟକୁ ଆସୁଅଛି, କାରଣ ସେ
ବହୁତ ପୀଡ଼ିତ ଅଛି।"
ତାହାକୁ ତୁମ୍ଭେ ମୋର ବାର୍ତ୍ତା କହିବା ଉଚିତ୍। ଯେତେବେଳେ
ସେ ଆସେ ସେ ଅନ୍ୟ ଜଣେପରି ଛଳନା କରିବ। 6ଅହିୟ
ତା'ର ପାଦଶବ୍ଦ ଦ୍ୱାରଦେଶରେ ଶୁଣି କହିଲେ, "ହେ ଯାରବିୟାମର
ପତ୍ନୀ, ଭିତରକୁ ଆସ। ତୁମ୍ଭେ ଅନ୍ୟ ରୂପରେ ନିଜକୁ କାହିଁକି
ଦେଖାଉଛ? ମୁଁ ଏକ ଦୁଃସମ୍ବାଦ ଦେବାପାଇଁ ତୁମ୍ଭ ନିକଟକୁ
ପ୍ରେରିତ ହୋଇଅଛି। 7ତୁମ୍ଭେ ଯାଇ ଯାରବିୟାମକୁ କୁହ ଯେ,
ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର କହନ୍ତି, 'ମୁଁ ଲୋକମାନଙ୍କ
ମଧ୍ୟରୁ ତୁମ୍ଭକୁ ବାଛିଲି ଏବଂ ଉନ୍ନତ କରି ମୋ ଲୋକ
ଇଶ୍ରାୟେଲ ଉପରେ ତୁମ୍ଭକୁ ରାଜା କଲି। 8ମୁଁ ଦାଉଦଙ୍କ
ବଂଶଠାରୁ ରାଜ୍ୟ ଛଡ଼ାଇ ନେଇ ତୁମ୍ଭକୁ ଦେଲି। ମାତ୍ର ତୁମ୍ଭେ
ମୋର ଦାସ ଦାଉଦଙ୍କ ପରି ମୋତେ ଅନୁସରଣ କଲନାହିଁ।
ସେ ମୋର ସମସ୍ତ ଆଦେଶ ମନପ୍ରାଣ ଦେଇ ପାଳନ କଲା।
ସେ କେବଳ ମୋ ଦୃଷ୍ଟିରେ ଯାହା ଭଲ ତାହା କଲା। 9କିନ୍ତୁ
ତୁମ୍ଭେ ମହା କୁକର୍ମ ଓ ପାପ କରିଅଛ। ତୁମ୍ଭ ପୂର୍ବରି
ଶାସକମାନଙ୍କ ଅପେକ୍ଷା ତୁମ୍ଭେ ଅଧିକ ପାପ କଲ। ତୁମ୍ଭେ
ମୋତେ ଅନୁସରଣ କରିବା ବନ୍ଦ କଲ, ମୋତେ ବିରକ୍ତ
କରିବା ପାଇଁ ନିଜ ସକାଶେ ଅନ୍ୟ ଦେବତାଗଣ ଓ
ପ୍ରତିମାମାନ ନିର୍ମାଣ କରିଅଛ ଓ ମୋତେ ତୁମ୍ଭର ପଛକୁ
ପକାଇ ଦେଇଛ। 10ହେ ଯାରବିୟାମ, ମୁଁ ତୁମ୍ଭର ପରିବାରକୁ
ଉଚ୍ଛନ୍ନ କରିବାକୁ ଯାଉଛି। ତୁମ୍ଭ ପରିବାରର ପ୍ରତ୍ୟେକ
ପୁରୁଷଙ୍କୁ ମୁଁ ହତ୍ୟା କରିବି। ଅଗ୍ନି ଯେପରି ଘାସକୁ ପୋଡ଼ି
ପାଉଁଶ କରିଦିଏ, ସେହିପରି ମୁଁ ତୁମ୍ଭର ପରିବାରକୁ ସମ୍ପୂର୍ଣ୍ଣ
ଧ୍ୱଂସ କରିଦେବି। 11ଯାରବିୟାମର କେହି ନଗରରେ ମଲେ
କୁକୁରମାନେ ତାକୁ ଖାଇବେ ଓ କେହି କ୍ଷେତ୍ରରେ ମଲେ
ଆକାଶର ପକ୍ଷୀମାନେ ତାକୁ ଖାଇବେ, କାରଣ ସଦାପ୍ରଭୁ ଏହା
କହିଛନ୍ତି।'"
12ତା'ପରେ ଭବିଷ୍ୟଦ୍‌ବକ୍ତା ଅହିୟ ଯାରବିୟାମର ପତ୍ନୀକୁ
କହିଲେ, "ତୁମ୍ଭେ ଗୃହକୁ ଫେରିଯାଅ, ତୁମ୍ଭେ ତୁମ୍ଭ ନଗରରେ
ପହଞ୍ଚିବା ମାତ୍ରେ ତୁମ୍ଭର ପୁତ୍ର ମୃତ୍ୟୁବରଣ କରିବ। 13ପୁଣି
ସମଗ୍ର ଇଶ୍ରାୟେଲ ତା'ର ମୃତ୍ୟୁରେ ଶୋକ କରିବ ଓ ତାକୁ

ନେଇ କବର ଦେବ। ସେ ହେଉଛି ଯାରବୟାମ ବଂଶର
ଏକମାତ୍ର ପୁରୁଷ ଯେ କି କବର ପାଇବ, କାରଣ ସଦାପ୍ରଭୁ
ଇଶ୍ରାୟେଲର ପରମେଶ୍ୱର ଯାରବୟାମର ପରିବାରରେ କେବଳ
ମହତ ଆତ୍ମା ରୂପେ ତାଙ୍କୁ ପାଇଲେ। **14**ସଦାପ୍ରଭୁ ଇଶ୍ରାୟେଲ
ପାଇଁ ଏକ ନୂଆ ରାଜା ଆଣିବାକୁ ଯାଉଛନ୍ତି ଓ ସେହି ନୂଆ
ରାଜା ଯାରବୟାମ ପରିବାରକୁ ଖୁବ୍ ଶୀଘ୍ର ଧ୍ୱଂସ କରିବେ।
**15**ତା'ପରେ ସଦାପ୍ରଭୁ ଇଶ୍ରାୟେଲକୁ ଆଘାତ କରିବେ।
ଇଶ୍ରାୟେଲୀୟମାନେ ପାଣିଭିତରେ ଥରୁଥିବା ଘାସପରି ଥରିବେ।
ପୁଣି ସେମାନଙ୍କ ପୂର୍ବପୁରୁଷମାନଙ୍କୁ ସଦାପ୍ରଭୁ ଏହି ଯେଉଁ
ଉତ୍ତମ ଦେଶ ଦେଇଥିଲେ, ତହିଁରୁ ଇଶ୍ରାୟେଲକୁ ଉତ୍ପାଟନ
କରି ଇଉଫ୍ରେଟିସ ନଦୀ ଆରପାରିକୁ ଛିନ୍ନ ଭିନ୍ନ କରିବେ।
ଏହା ଘଟିବାର କାରଣ ହେଉଛି ସେମାନେ ନିଜ ପାଇଁ
ଆଶେରା ସ୍ତମ୍ଭମାନ ନିର୍ମାଣ କରି ସଦାପ୍ରଭୁଙ୍କୁ ବିରକ୍ତ କରି
ଅଛନ୍ତି। **16**ଯାରବୟାମ ନିଜେ ପାପସବୁ କରିଛି ଓ ଇଶ୍ରାୟେଲ
ଲୋକମାନଙ୍କୁ ପାପ କରାଇଲେ। ତେଣୁ ସଦାପ୍ରଭୁ ଇଶ୍ରାୟେଲ
ଲୋକମାନଙ୍କୁ ପରାଜିତ କରିବାକୁ ଦେବେ।"

**17**ଏହାପରେ ଯାରବୟାମଙ୍କ ପତ୍ନୀ ଉଠି ଚାଲିଗଲା ଓ
ତିର୍ସାରେ ଉପସ୍ଥିତ ହେଲା। ସେ ଗୃହର ଦ୍ୱାରବନ୍ଧ ନିକଟରେ
ପହଞ୍ଚି ନପହଞ୍ଚୁଣୁ ତା'ର ପୁତ୍ର ମଲା। **18**ସମଗ୍ର ଇଶ୍ରାୟେଲ
ତା' ପାଇଁ ଶୋକ କଲେ ଓ ତାକୁ କବର ଦେଲେ।
ସଦାପ୍ରଭୁ ନିଜର ଦାସ ଅହିୟଙ୍କୁ ଯାହା ଯାହା କହିଥିଲେ,
ସେହିପରି ସମସ୍ତ କାର୍ଯ୍ୟ ଘଟିଲା।

**19**ଏହି ଯାରବୟାମଙ୍କର ସମସ୍ତ କାର୍ଯ୍ୟକଳାପ, ତା'ର
ରାଜ୍ୟ ଶାସନର ପ୍ରକୃତ କଥା ଓ ସେ କିପରି ଯୁଦ୍ଧ କଲେ,
ଏସବୁ ଇଶ୍ରାୟେଲୀୟ ରାଜାମାନଙ୍କ ଇତିହାସ ପୁସ୍ତକରେ ଲେଖାଅଛି।
**20**ଯାରବୟାମ ବାଇଶ ବର୍ଷ ପାଇଁ ରାଜତ୍ୱ କଲେ। ତାଙ୍କର
ମୃତ୍ୟୁପରେ ସେ ନିଜର ପିତୃଗଣଙ୍କ ସହିତ କବର ନେଲେ।
ତାଙ୍କ ପଦରେ ତାଙ୍କର ପୁତ୍ର ନାଦବ୍ ରାଜତ୍ୱ କଲେ।

**21**ଶଲୋମନଙ୍କର ପୁତ୍ର ରିହବୟାମ ଏକଚାଳିଶ ବର୍ଷ
ବୟସରେ ରାଜା ହେଲେ। ସେ ଯିରୁଶାଲମରୁ ଯିହୁଦାରେ
ସତର ବର୍ଷ ରାଜତ୍ୱ କଲେ। ସଦାପ୍ରଭୁ ନିଜର ମହିମା
ସ୍ଥାପନାର୍ଥେ ସମଗ୍ର ଇଶ୍ରାୟେଲ ମଧ୍ୟରୁ ସେହି ନଗରକୁ
ମନୋନୀତ କରିଥିଲେ। ତାଙ୍କର ମାତା ଅମ୍ମୋନୀୟା ନୟମା
ଥିଲେ।

**22**ଯିହୁଦାର ଲୋକମାନେ ସଦାପ୍ରଭୁଙ୍କ ଦୃଷ୍ଟିରେ ପାପ
କର୍ମରେ ଲିପ୍ତ ରହିଲେ। ସେମାନେ ସେମାନଙ୍କର ପୂର୍ବପୁରୁଷମାନଙ୍କ
ଅପେକ୍ଷା ଅଧିକ ପାପକାର୍ଯ୍ୟ କରି ସଦାପ୍ରଭୁଙ୍କୁ କୋପାନ୍ୱିତ
କରାଇଲେ। **23**ସେମାନେ ମଧ୍ୟ ପ୍ରତ୍ୟେକ ଉଚ୍ଚ ପର୍ବତରେ ଓ
ପ୍ରତ୍ୟେକ ସବୁଜ ବୃକ୍ଷ ମୂଳରେ ନିଜ ନିଜ ପାଇଁ ଉଚ୍ଚସ୍ଥଳୀ,
ସ୍ତମ୍ଭ ଓ ଆଶେରା ସ୍ତମ୍ଭମାନ ନିର୍ମାଣ କଲେ। **24**ଆଉ ମଧ୍ୟ
ସେ ଭୂମିରେ ପୁରୁଷ ବେଶ୍ୟା ଥିଲେ। ଯିହୁଦାର ଲୋକମାନେ
କୁକର୍ମ କଲେ, ଠିକ୍ ସେହି କୁକର୍ମ ସେଠାରେ ବାସ
କରୁଥିବା ଲୋକମାନେ ମଧ୍ୟ କରୁଥିଲେ। ତେଣୁ ପରମେଶ୍ୱର
ସେହି ଜାତିଠାରୁ ଭୂମି ଛଡାଇ ଏବଂ ଏହା ଇଶ୍ରାୟେଲୀୟମାନଙ୍କୁ
ଦେଇଥିଲେ।

**25**ରିହବୟାମଙ୍କ ରାଜତ୍ୱର ପଞ୍ଚମ ବର୍ଷରେ ମିଶରର ରାଜା
ଶୀଶକ୍ ଯିରୁଶାଲମ ବିରୁଦ୍ଧରେ ଯୁଦ୍ଧ କଲେ। **26**ଶୀଶକ୍
ସଦାପ୍ରଭୁଙ୍କ ଗୃହରୁ ଓ ରାଜଗୃହରୁ ସମସ୍ତ ଧନ ଲୁଣ୍ଠନ
କଲେ। ଧନ ବ୍ୟତୀତ ସ୍ୱର୍ଣ୍ଣର ଢାଲସବୁ ନେଇଗଲେ।
ଯାହାକୁ ଦାଉଦ ଅରାମର ହଦଦେଶର ରାଜାଙ୍କଠାରୁ ନେଇଥିଲେ।
**27**ତେଣୁ ରିହବୟାମ ସ୍ୱର୍ଣ୍ଣ ଢାଲ ବଦଳରେ ପିତ୍ତଳ ଢାଲ
ନିର୍ମାଣ କରିବାକୁ ରାଜଗୃହର ଦ୍ୱାରପାଳ ପ୍ରହରିବର୍ଗର ଅଧକ୍ଷମାନଙ୍କୁ
ଆଦେଶ ଦେଲେ। **28**ଯେତେଥର ରାଜା ସଦାପ୍ରଭୁଙ୍କ ଗୃହକୁ
ଯାଉଥିଲେ ପ୍ରହରୀମାନେ ତାଙ୍କ ସହିତ ସେ ଢାଲ ଧରି
ଯାଉଥିଲେ। କାର୍ଯ୍ୟ ସମାପ୍ତି ପରେ ସେମାନେ ଫେରିଆସି
ପ୍ରହରିଶାଳାର କାନ୍ଥରେ ଢାଲଗୁଡ଼ିକୁ ରଖୁଥିଲେ।

**29**ରିହବୟାମଙ୍କ ସମସ୍ତ କାର୍ଯ୍ୟ ଯିହୁଦା ରାଜବଂଶର ଇତିହାସ
ପୁସ୍ତକରେ ଲିଖିତ ହୋଇଛି। **30**ରିହବୟାମ ଓ ଯାରବୟାମ
ସର୍ବଦା ପରସ୍ପର ମଧ୍ୟରେ ଯୁଦ୍ଧରେ ରତ ରହୁଥିଲେ।

**31**ରିହବୟାମଙ୍କ ମୃତ୍ୟୁ ହେଲା ଓ ସେ ନିଜ ପିତୃଲୋକଙ୍କ
ସହିତ କବର ପାଇଲା। ସେ ଦାଉଦ ନଗରର ପିତୃଲୋକଙ୍କ
କବରରେ କବର ପାଇଲା। ତାଙ୍କର ମାତା ଅମ୍ମୋନୀୟା
ନୟମା ଥିଲେ। ତାଙ୍କ ପରେ ତାଙ୍କ ପୁତ୍ର ଅବୟାମ ରାଜା
ହେଲେ।

## ଯିହୁଦାର ରାଜା ଅବୟାମ

**15** ଯାରବୟାମଙ୍କ ଇଶ୍ରାୟେଲରେ ରାଜତ୍ୱ କରିବାର ଅଷ୍ଟାଦଶ
ବର୍ଷରେ ଅବୟାମ ଯିହୁଦାର ରାଜା ହେଲେ। **2**ସେ
ଯିରୁଶାଲମରେ ତିନିବର୍ଷ ରାଜତ୍ୱ କଲେ। ତାଙ୍କର ମାତାଙ୍କ
ନାମ ମାଖା ଓ ସେ ଅବଶାଲୋମର କନ୍ୟା ଥିଲେ।

**3**ତାଙ୍କ ପୂର୍ବରୁ ତାଙ୍କ ପିତା ଯେଉଁ କୁକର୍ମରେ ଲିପ୍ତ
ଥିଲେ ସେ ମଧ୍ୟ ସେହି ସବୁ ପାପକର୍ମ କରି ଚାଲିଲେ। ସେ
ତାଙ୍କର ପୂର୍ବପୁରୁଷ ଦାଉଦଙ୍କ ପରି ସଦାପ୍ରଭୁ ତାଙ୍କର ପରମେଶ୍ୱରଙ୍କ
ପ୍ରତି ସର୍ବାନ୍ତଃକରଣରେ ବିଶ୍ୱସ୍ତ ନଥିଲେ। **4**ଯେହେତୁ ସଦାପ୍ରଭୁ
ଦାଉଦଙ୍କୁ ପ୍ରେମ କରିଥିବାରୁ ସେ ଅବୟାମକୁ ଯିରୁଶାଲମ
ଦେଇଥିଲେ। କେବଳ ଦାଉଦଙ୍କ ସକାଶେ ସେ ଯିରୁଶାଲମକୁ
ସୁରକ୍ଷିତ ରଖିଥିଲେ ଓ ତାଙ୍କୁ ଉତ୍ତରାଧିକାରୀ ରୂପେ ଏକ
ପୁତ୍ର ଦେଇଥିଲେ। **5**ସଦାପ୍ରଭୁଙ୍କ ପ୍ରୀତି ନିମନ୍ତେ ଦାଉଦ
ସର୍ବଦ ଯଥାର୍ଥ କାର୍ଯ୍ୟ କରୁଥିଲେ। କେବଳ ହିତ୍ତୀୟ ଊରୀୟର
କଥା ଛଡ଼ା ଆଉ କୌଣସି ବିଷୟରେ ସେ ନିଜ ଜୀବନକାଳରେ
ସଦାପ୍ରଭୁଙ୍କ ଆଜ୍ଞାରୁ ବିମୁଖ ହୋଇ ନଥିଲେ।

**6**ରିହବୟାମ ଓ ଯାରବୟାମ ସର୍ବଦା ପରସ୍ପର ବିରୁଦ୍ଧରେ
ଯୁଦ୍ଧରେ ରତ ରହୁଥିଲେ। **7**ଅବୟାମଙ୍କ ଅବଶିଷ୍ଟ ବୃତ୍ତାନ୍ତ ଓ
ସମସ୍ତ କାର୍ଯ୍ୟ ଯିହୁଦା ରାଜବଂଶ ଇତିହାସ ପୁସ୍ତକରେ ଲିଖିତ
ହୋଇଅଛି।

ଯେ ପର୍ଯ୍ୟନ୍ତ ସେ ରାଜା ଥିଲେ, ଅବୟାମ ଓ ଯାରବୟାମ
ମଧ୍ୟରେ ଯୁଦ୍ଧ ଲାଗି ରହୁଥିଲା।

**8**ଯେତେବେଳେ ଅବୟାମ ମଲେ ତାଙ୍କୁ ପିତୃ ଲୋକଙ୍କ
ସହିତ ଦାଉଦ ନଗରରେ କବର ଦିଆଗଲା। ତାଙ୍କ ଅନ୍ତେ
ତାଙ୍କ ପୁତ୍ର ଆସା ପରବର୍ତ୍ତୀ ରାଜା ହେଲେ।

## ଆସା ଯିହୁଦାର ରାଜା

**9**ଇଶ୍ରାୟେଲରେ ଯାରବୟାମଙ୍କ ବିଂଶତମ ବର୍ଷ ରାଜତ୍ୱ
କାଳରେ ଆସା ଯିହୁଦାର ରାଜା ହେଲେ। **10**ଆସା ଯିରୁଶାଲମରେ

41 ବର୍ଷ ରାଜତ୍ୱ କଲେ। ତାଙ୍କର ମାତାମହୀର ନାମ ମାଖା
ଓ ସେ ଅବଶାଲୋମର କନ୍ୟା ଥିଲା।

11ଆସା ନିଜ ପୂର୍ବପୁରୁଷ ଦାଉଦଙ୍କ ପରି ଯାହା ସଦାପ୍ରଭୁଙ୍କ
ଦୃଷ୍ଟିରେ ନ୍ୟାଯ୍ ଓ ଯଥାର୍ଥ ଥିଲା, ସେହିପରି ଉତ୍ତମ
କାର୍ଯ୍ୟମାନ କଲେ। 12ଆସା ପୁରୁଷ ବେଶ୍ୟାମାନଙ୍କୁ ସେ
ଦେଶରୁ ତଡିଦେଲେ ଓ ନିଜର ପୂର୍ବ ପୁରୁଷମାନଙ୍କ ଦ୍ୱାରା
ନିର୍ମିତ ମୂର୍ତ୍ତିସବୁ ଦୂର କରିଦେଲେ। 13ଆସା ମଧ୍ୟ ତାଙ୍କର
ମାତାମହୀ ମାଖାଙ୍କୁ ରାଣୀ ପଦରୁ ବିତାଡ଼ିତ କଲେ, କାରଣ
ସେ ଆଶେରା ଦେବତା ନାମରେ ଏକ ପ୍ରତିମା ନିର୍ମାଣ
କରିଥିଲେ। ସେ ସେହି ପ୍ରତିମାକୁ ଭାଙ୍ଗି କିଦ୍ରୋଣ ନଦୀ
ନିକଟରେ ତାକୁ ପୋଡ଼ି ପକାଇଲେ। 14ଆସା ଉଚ୍ଚସ୍ଥଳୀ ସବୁ
ଧ୍ୱଂସ କଲେ ନାହିଁ, ମାତ୍ର ସେ ଯାବଜ୍ଜୀବନ ସଦାପ୍ରଭୁଙ୍କ ପ୍ରତି
ବିଶ୍ୱସ୍ତ ରହିଲେ। 15ଆସା ଓ ତାଙ୍କର ପିତା କିଛି ଧନ
ପରମେଶ୍ୱରଙ୍କୁ ଦେଲେ। ସେମାନେ ସେମାନଙ୍କର ସ୍ୱର୍ଣ୍ଣ ଓ
ରୌପ୍ୟ ଉପହାରଗୁଡିକ ଓ ଅନ୍ୟାନ୍ୟ ସାମଗ୍ରୀଗୁଡିକ ସଦାପ୍ରଭୁଙ୍କ
ମନ୍ଦିରରେ ଦେଲେ।

16ପୁଣି ଆସା ଯିହୁଦାରେ ରାଜତ୍ୱ କଲାବେଳେ ଯାବଜ୍ଜୀବନ
ଇଶ୍ରାଯେଲର ରାଜା ବାଶାଙ୍କ ସହିତ ଯୁଦ୍ଧରେ ରତ ରହିଲେ।
17ବାଶା ଯିହୁଦା ବିରୁଦ୍ଧରେ ଯୁଦ୍ଧ କଲେ। ସେ କାହାରିକୁ
ଆସାଙ୍କ ନିକଟକୁ ଯିବାକୁ ଦେଲେ ନାହିଁ କିମ୍ବା ସେଠାରୁ
କାହାରିକୁ ଆସିବାକୁ ଦେଲେ ନାହିଁ। ତେଣୁ ସେ ଇଶ୍ରାଯେଲର
ରାମା ନଗରକୁ ସୁଦୃଢ଼ କଲେ। 18ତେଣୁ ଆସା ସଦାପ୍ରଭୁଙ୍କ
ମନ୍ଦିରର ଭଣ୍ଡାରରୁ ଓ ରାଜଗୃହର ଭଣ୍ଡାରରୁ ଅବଶିଷ୍ଟ ସମସ୍ତ
ସୁନା ଓ ରୁପା ନେଇ ଆପଣା ଦାସମାନଙ୍କ ହସ୍ତରେ ସମର୍ପଣ
କଲେ। ସେ ହିଷିୟୋଣର ପୌତ୍ର ଟବ୍ରିମ୍ମୋଣର ପୁତ୍ର ବିନହଦଦ୍
ନାମକ ଦମ୍ମେଶକ-ନିବାସୀ ଅରାମୀୟ ରାଜା ନିକଟକୁ ସେମାନଙ୍କୁ
ପଠାଇ ଏହି କଥା କହିଲେ। 19ଆସା ଏହିବାର୍ତ୍ତା ପଠାଇଲେ
କହିଲେ, "ମୋର ପିତା ଓ ତୁମ୍ଭ ମଧ୍ୟରେ ଶାନ୍ତିର ଚୁକ୍ତି
ହୋଇଥିଲା। ବର୍ତ୍ତମାନ ମୁଁ ମଧ୍ୟ ତୁମ୍ଭ ସହିତ ସେହି ଶାନ୍ତିର
ଚୁକ୍ତି ରଖିବି। ମୁଁ ତୁମ୍ଭ ନିକଟକୁ ସୁନା ଓ ରୁପାର ଭେଟି
ପଠାଉଛି। ଦୟାକରି ଇଶ୍ରାଯେଲର ରାଜା ବାଶାଙ୍କ ସହିତ
ତୁମ୍ଭର ଯେଉଁ ସନ୍ଧି ରହିଛି ତାହାକୁ ଭଙ୍ଗ କର, ତାହାହେଲେ
ସେ ମୋ ରାଜ୍ୟ ଛାଡ଼ି ଚାଲିଯିବ।"

20ରାଜା ବିନ୍‌ହଦଦ୍ ଆସାଙ୍କ କଥାରେ ସମ୍ମତ ହେଲେ
ଏବଂ ତାଙ୍କ ଅଧକ୍ଷରେ ଥିବା ତାଙ୍କର ସୈନ୍ୟଦଳ ପଠାଇଲେ
ଏବଂ ଇଶ୍ରାଯେଲ ସହରର ଇୟୋନ୍, ଦାନ୍, ଆବେଲ୍
ବୈଥ୍‌ମାଖା, ମୁଦାୟ୍ କିନ୍ନେରତ୍ ଓ ନପ୍ତାଲିର ସମସ୍ତ ଭୂମି
ପରାସ୍ତ କଲେ। 21ବାଶା ଏହା ଶୁଣିଲେ ଓ ରାମାକୁ ସୁଦୃଢ଼
କରିବାରୁ କ୍ଷାନ୍ତ ହେଲେ ଓ ସେ ସହର ଛାଡ଼ି ତିର୍ସାରେ ବାସ
କଲେ। 22ରାଜା ଆସା ଯିହୁଦାର ସବୁ ଲୋକଙ୍କୁ ଆଦେଶ
ଦେଲେ, ବାଶା ଯେଉଁ ପଥର ଓ କାଠ ରାମା ନଗରକୁ
ସୁଦୃଢ଼ କରିବା ପାଇଁ ରୁଣ୍ଡ କରିଥିଲା, ସେସବୁକୁ ବହିନେଲା।
ସେଥିରେ ଆସା ରାଜା ବିନ୍ୟାମୀନର ଗେବା ଓ ମିସ୍ପା ନଗର
ଦୃଢ଼ କଲେ।

23ଆସାଙ୍କର ଅବଶିଷ୍ଟ ସମସ୍ତ ବୃତ୍ତାନ୍ତ, ତାଙ୍କର ସମସ୍ତ
ପରାକ୍ରମ ସମସ୍ତ କ୍ରିୟା ଓ ଯେଉଁ ନଗରଗୁଡ଼ିକୁ ସେ ସୁଦୃଢ଼
କରିଥିଲେ ସେ ସମସ୍ତ କଥା ଯିହୁଦା ରାଜବଂଶର ଇତିହାସ
ପୁସ୍ତକରେ ଲିଖିତ ହୋଇଅଛି। ମାତ୍ର ତାଙ୍କର ଅତି ବାର୍ଦ୍ଧକ୍ୟରେ
ପାଦରେ ଏକ ରୋଗ ହେଲା। 24ଏହାପରେ ଆସା ମୃତ୍ୟୁବରଣ
କଲେ ଓ ନିଜର ପିତୃପୁରୁଷଗଣଙ୍କ ସହିତ ଦାଉଦ ନଗରରେ
କବର ନେଲେ। ତାଙ୍କ ମୃତ୍ୟୁପରେ ତାଙ୍କର ପୁତ୍ର ଯିହୋଶାଫଟ୍
ରାଜତ୍ୱ କଲେ।

## ନାଦବ୍ ଇଶ୍ରାଯେଲର ରାଜା

25ଯିହୁଦାରେ ଆସାଙ୍କ ରାଜତ୍ୱର ଦ୍ୱିତୀୟ ବର୍ଷରେ
ଯାରବୟାମଙ୍କ ପୁତ୍ର ନାଦବ୍ ଇଶ୍ରାଯେଲର ରାଜା ହେଲେ।
26ସଦାପ୍ରଭୁଙ୍କ ଦୃଷ୍ଟିରେ ନାଦବ୍ ବହୁ କୁକର୍ମ କଲେ। ସେ
ନିଜର ପିତା ଯାରବୟାମଙ୍କ ପରି ପାପ କଲେ, ଯିଏ
ଇଶ୍ରାଯେଲର ଲୋକମାନଙ୍କର ପାପ କରିବାର କାରଣ ହେଲେ।
27ଇଷାଖର ପରିବାରବର୍ଗୀୟ ଅହିୟର ପୁତ୍ର ବାଶା ନାଦବ
ବିରୁଦ୍ଧରେ ଷଡଯନ୍ତ୍ର କଲେ। ବାଶା ପଲେଷ୍ଟୀନ ନିକଟରେ
ତାଙ୍କୁ ବଧ କଲେ, ଯେତେବେଳେ ନାଦବ୍ ଓ ସମସ୍ତ
ଇଶ୍ରାଯେଲ ଗିବ୍‌ଥୋନ ଅବରୋଧ କଲେ। 28ଯିହୁଦାରେ ରାଜା
ଆସାଙ୍କ ତୃତୀୟ ବର୍ଷରେ ବାଶା ନାଦବ୍‌ଙ୍କୁ ବଧ କରି ସେହି
ପଦରେ ରାଜତ୍ୱ କଲେ।

## ଇଶ୍ରାଯେଲର ରାଜା ବାଶା

29ବାଶା ରାଜା ହେବା ମାତ୍ରେ ଯାରବୟାମଙ୍କ ପରିବାରକୁ
ଧ୍ୱଂସ କଲେ। ସଦାପ୍ରଭୁ ଆପଣା ଦାସ ଶୀଲୋନୀୟ ଅହିୟ
ମାଧ୍ୟମରେ ଯେଉଁ କଥା କହିଥିଲେ ତଦନୁସାରେ ବାଶା
ଯାରବୟାମଙ୍କ ବଂଶରୁ ଜଣଙ୍କୁ ଛାଡ଼ିଲେ ନାହିଁ। ସେ ସମସ୍ତଙ୍କୁ
ସଂହାର କଲେ। 30ଏହିସବୁ ଘଟିଗଲା କାରଣ ଯାରବୟାମ
ନିଜେ ନାନା ପାପ କଲେ ଓ ସମଗ୍ର ଇଶ୍ରାଯେଲକୁ ପାପ
କରାଇଲେ। ତଦ୍ୱାରା ସେ ସଦାପ୍ରଭୁ ଇଶ୍ରାଯେଲର ପରମେଶ୍ୱରଙ୍କୁ
ଅତ୍ୟନ୍ତ କ୍ରୋଧାନ୍ୱିତ କରାଇଲେ।

31ନାଦବ୍‌ଙ୍କ ଅବଶିଷ୍ଟ ବୃତ୍ତାନ୍ତ ଓ ସମସ୍ତ କାର୍ଯ୍ୟକଳାପ
ଇଶ୍ରାଯେଲ ରାଜାମାନଙ୍କ ଇତିହାସ ପୁସ୍ତକରେ ଲିଖିତ ହୋଇଅଛି।
32ଆସା ଓ ବାଶାଙ୍କ ମଧ୍ୟରେ ସେମାନଙ୍କ ଯାବଜ୍ଜୀବନ ଯୁଦ୍ଧ
ଲାଗି ରହିଲା।

33ଯିହୁଦାରେ ଆସା ରାଜତ୍ୱ କରିବାର ତୃତୀୟ ବର୍ଷରେ
ଅହିୟଙ୍କ ପୁତ୍ର ବାଶା ଇଶ୍ରାଯେଲର ରାଜା ହେଲେ। ବାଶା
ତିର୍ସାରେ ଚବିଶ ବର୍ଷ ରାଜତ୍ୱ କଲେ। 34ମାତ୍ର ବାଶା
ସଦାପ୍ରଭୁଙ୍କ ଦୃଷ୍ଟିରେ କୁକର୍ମ କଲେ। ସେ ଯାରବୟାମଙ୍କ ପରି
ପାପ କରି ଚାଲିଲେ। ଯାରବୟାମ ଇଶ୍ରାଯେଲର ଲୋକମାନଙ୍କର
ପାପ କରିବାର କାରଣ ହେଲେ।

16 ଅନନ୍ତର ବାଶାଙ୍କ ବିରୁଦ୍ଧରେ ସଦାପ୍ରଭୁ ହନାନିର
ପୁତ୍ର ଯେହୂଙ୍କୁ କହିଲେ, 2"ମୁଁ ତୁମ୍ଭକୁ ଧୂଳିରୁ
ଉଠାଇ ଆଣି ମୋର ଲୋକ ଇଶ୍ରାଯେଲ ଉପରେ ତୁମ୍ଭକୁ
ରାଜା କଲି। ମାତ୍ର ତୁମ୍ଭେ ଯାରବୟାମଙ୍କ ପଥ ଅନୁସରଣ
କଲ ଏବଂ ମୋର ଲୋକ ଇଶ୍ରାଯେଲୀମାନଙ୍କୁ ପାପ କରାଇଲ।
ସେମାନଙ୍କ ପାପରେ ଆମ୍ଭେ କ୍ରୋଧିତ ହେଲୁ। 3ତେଣୁ ହେ
ବାଶା, ମୁଁ ତୁମ୍ଭକୁ ଓ ତୁମ୍ଭ ପରିବାରକୁ ବିନାଶ କରିବି।
ଯେପରି ନବାଟର ପୁତ୍ର ଯାରବୟାମର ପରିବାରକୁ ଧ୍ୱଂସ
କରିଥିଲି। 4ବାଶାର କେହି ଲୋକ ନଗରରେ ମଲେ

କୁକୁରମାନେ ତାକୁ ଖାଇବେ ଓ ଯେଉଁମାନେ କ୍ଷେତ୍ରରେ
ମରିବେ ପକ୍ଷିମାନେ ସେମାନଙ୍କୁ ଖାଇବେ।"
5ବାଶାଙ୍କର ଅବଶିଷ୍ଟ ବୃତ୍ତାନ୍ତ ଓ ତାଙ୍କର ପରାକ୍ରମ
କାର୍ଯ୍ୟକଳାପ ଇଶ୍ରାୟେଲର ରାଜବଂଶର ଇତିହାସ ପୁସ୍ତକରେ
ଲିଖିତ ହୋଇଅଛି। 6ବାଶା ମୃତ୍ୟୁବରଣ କଲେ ଓ ନିଜ
ପିତୃଗଣଙ୍କ କବର ତିର୍ସାରେ କବର ପାଇଲେ। ତାଙ୍କ ପଦରେ
ତାଙ୍କର ପୁତ୍ର ଏଲା ରାଜା ହେଲେ।
7ସଦାପ୍ରଭୁ ବାଶା ଓ ତା'ର ପରିବାରର ବିପକ୍ଷ
ଭବିଷ୍ୟଦ୍‌ବକ୍ତା ହନାନିୟଙ୍କ ପୁତ୍ର ଯେହୂଙ୍କ ନିକଟକୁ ଏକବାର୍ତ୍ତା
ପଠାଇଲେ। ବାଶା ଘୃଣିତ କାର୍ଯ୍ୟଦ୍ୱାରା ସଦାପ୍ରଭୁଙ୍କୁ କ୍ରୋଧିତ
କଲେ। ଯାରବୟାମର ପରିବାର ପୂର୍ବରୁ ଯାହା କରିଥିଲେ,
ସେ ଠିକ୍ ସେଇ କାର୍ଯ୍ୟ କଲେ। ସଦାପ୍ରଭୁ ମଧ୍ୟ କ୍ରୋଧିତ
ଥିଲେ କାରଣ ସେ ସମସ୍ତ ଯାରବୟାମ ପରିବାରକୁ ହତ୍ୟା
କଲେ।

## ଏଲା, ଇଶ୍ରାୟେଲର ରାଜା

8ଯିହୁଦାରେ ଆସାର ଛବିଶ୍ ବର୍ଷ ରାଜତ୍ୱ କାଳରେ
ବାଶାର ପୁତ୍ର ଏଲା ତିର୍ସାରେ ଇଶ୍ରାୟେଲ ଉପରେ ଦୁଇବର୍ଷ
ରାଜତ୍ୱ କଲେ।
9ରାଜା ଏଲାଙ୍କର ରଥ ସମୂହର ଅର୍ଦ୍ଧେକର ଅଧକ୍ଷ ସିମ୍ରି
ନାମକ ରାଜାଙ୍କର ଜଣେ ଅଧିକାରୀ ଥିଲେ, ଏଲାଙ୍କ ବିରୁଦ୍ଧରେ
ଚକ୍ରାନ୍ତ କଲେ। ସେହି ସମୟରେ ଏଲା ଅର୍ସାର ଗୃହରେ
ମଦ୍ୟପାନ କରି ମାତାଲ ହୋଇଗଲା। ଅର୍ସା ତିର୍ସା ପ୍ରାସାଦର
ଦାୟିତ୍ୱରେ ଥିଲା।
10ସେତେବେଳେ ସିମ୍ରି ଗୃହ ମଧ୍ୟକୁ ପ୍ରବେଶ କରି
ଏଲାଙ୍କୁ ହତ୍ୟା କଲେ। ଯିହୁଦାର ରାଜା ଆସାଙ୍କର ସପ୍ତବିଂଶ
ବର୍ଷ ରାଜତ୍ୱ କାଳରେ ଏହା ଘଟିଲା। ତତ୍ପରେ ସିମ୍ରି ଏଲାଙ୍କ
ଅନ୍ତେ ଇଶ୍ରାୟେଲର ରାଜା ହେଲେ।

## ସିମ୍ରି ଇଶ୍ରାୟେଲର ରାଜା

11ସିମ୍ରି ରାଜା ହେଲାପରେ ସେ ବାଶାଙ୍କର ସମୁଦାୟ
ବଂଶ, ଜ୍ଞାତି ଓ ବନ୍ଧୁମାନଙ୍କୁ ହତ୍ୟା କଲେ। ଏପରିକି ଜଣେ
ପୁରୁଷ ସେ ଛାଡ଼ିଲେ ନାହିଁ। 12ସଦାପ୍ରଭୁ ବାଶାଙ୍କ ବିରୁଦ୍ଧରେ
ବାକ୍ୟ ଅନୁସାରେ ଭବିଷ୍ୟଦ୍‌ବକ୍ତା ଯେହୁଙ୍କୁ ସିମ୍ରି ବାଶାଙ୍କର
ସମଗ୍ର ବଂଶକୁ ଧ୍ୱଂସ କଲେ। 13ଏହାର କାରଣ ହେଲା,
ବାଶା ଓ ତାଙ୍କର ପୁତ୍ର ଏଲା ପାପ କର୍ମରେ ଲିପ୍ତ ରହିଲେ
ଓ ଇଶ୍ରାୟେଲ ଲୋକଙ୍କୁ ପାପ କରାଇଲେ। ସେମାନଙ୍କର
ବହୁତ ମୂର୍ତ୍ତୀ ଦ୍ୱାରା ସଦାପ୍ରଭୁଙ୍କୁ ବିରକ୍ତ କରାଇଲେ।
14ଏଲାଙ୍କର ଅବଶିଷ୍ଟ ବୃତ୍ତାନ୍ତ ଓ ସମସ୍ତ କାର୍ଯ୍ୟ ଇଶ୍ରାୟେଲ
ରାଜବଂଶ ଇତିହାସ ପୁସ୍ତକରେ ଲିଖିତ ହୋଇଅଛି।
15ଯିହୁଦାରେ ଆସାଙ୍କ ସପ୍ତବିଂଶ ବର୍ଷ ରାଜତ୍ୱ କାଳରେ
ସିମ୍ରି ଇଶ୍ରାୟେଲର ରାଜା ହେଲେ। ସେ ତିର୍ସାରେ ସାତଦିନ
ରାଜତ୍ୱ କଲେ। ସେହି ସମୟରେ ଇଶ୍ରାୟେଲର ଲୋକମାନେ
ପଲେଷ୍ଟୀୟମାନଙ୍କ ଗିବ୍ବଥୋନ ବିରୁଦ୍ଧରେ ଛାଉଣି ସ୍ଥାପନ
କରିଥିଲେ। 16ଛାଉଣିରେ ଥିବା ଲୋକମାନେ ଶୁଣିଲେ ଯେ
ସିମ୍ରି ଗୁପ୍ତ ଚକ୍ରାନ୍ତ ଦ୍ୱାରା ରାଜାଙ୍କୁ ମାରି ରାଜା ହୋଇଛନ୍ତି।
ସେମାନେ ଅମ୍ରିନାମକ ଜଣେ ସେନାପତିଙ୍କୁ ଇଶ୍ରାୟେଲ ଉପରେ
ରାଜା କରାଇଲେ। 17ତେଣୁ ଅମ୍ରି ଏବଂ ସମଗ୍ର ଇଶ୍ରାୟେଲ
ଲୋକ ଗିବ୍ବଥୋନ ତ୍ୟାଗ କରି ତିର୍ସା ଆକ୍ରମଣ କଲେ।
18ଯେତେବେଳେ ସିମ୍ରି ଦେଖିଲେ ଯେ, ନଗର କବଳିତ
ହୋଇଯାଇଛି, ସେ ପ୍ରାସାଦରେ ପ୍ରବେଶ କରି ନିଆଁ ଲଗାଇ
ଦେଲେ। ସେ ପୋଡ଼ିଯାଇ ମୃତ୍ୟୁବରଣ କଲେ। 19ସିମ୍ରି ତା'ର
ପାପ ପାଇଁ ମଲା। ସେ ସଦାପ୍ରଭୁଙ୍କ ଦୃଷ୍ଟିରେ କୁକର୍ମ କରି
ଚାଲିଲେ ଓ ଯାରବୟାମଙ୍କ ପରି ପାପ ପଥରେ ଗଲେ ଓ
ସମଗ୍ର ଇଶ୍ରାୟେଲକୁ ପାପ କରାଇଲେ। ଫଳରେ ସମଗ୍ର
ଇଶ୍ରାୟେଲ ପାପଗ୍ରସ୍ଥ ହେଲା।
20ସିମ୍ରିଙ୍କର ଅବଶିଷ୍ଟ ବୃତ୍ତାନ୍ତ ଓ ରାଜାଙ୍କର ବିରୁଦ୍ଧରେ
ଚକ୍ରାନ୍ତ ବିଷୟରେ ଇଶ୍ରାୟେଲ ରାଜବଂଶ ଇତିହାସ ପୁସ୍ତକରେ
ଲିଖିତ ହୋଇଅଛି।

## ଅମ୍ରି ଇଶ୍ରାୟେଲର ରାଜା

21ସେ ସମୟରେ ଇଶ୍ରାୟେଲର ଲୋକମାନେ ଦୁଇ
ଭାଗରେ ବିଭକ୍ତ ହେଲେ। ଅର୍ଦ୍ଧେକ ଲୋକ ଗୀନତର ପୁତ୍ର
ତିବ୍‌ନିଙ୍କ ରାଜା କରିବା ପାଇଁ ତା'ର ଅନୁଗାମୀ ହେଲେ।
ଅବଶିଷ୍ଟ ଅର୍ଦ୍ଧେକ ଅମ୍ରିଙ୍କର ଅନୁଗାମୀ ହେଲେ। 22ମାତ୍ର
ଅମ୍ରିଙ୍କର ଅନୁଗାମୀମାନେ ଗୀନତର ପୁତ୍ର ତିବ୍‌ନିଙ୍କ ଅନୁଗାମୀଙ୍କଠାରୁ
ଅଧିକ ଶକ୍ତିଶାଳୀ ଥିଲେ। ତେଣୁ ତିବ୍‌ନି ନିହତ ହେଲେ ଓ
ଅମ୍ରି ରାଜା ହେଲେ।
23ଯିହୁଦାରେ ଆସାଙ୍କର ଏକତ୍ରିଂଶ ବର୍ଷ ରାଜତ୍ୱ କାଳରେ
ଅମ୍ରି ଇଶ୍ରାୟେଲର ରାଜା ହେଲେ। ଅମ୍ରି ଇଶ୍ରାୟେଲରେ
ବାରବର୍ଷ ରାଜତ୍ୱ କଲେ। ସେଥି ବାରବର୍ଷ ମଧ୍ୟରୁ ଛଅବର୍ଷ
ତିର୍ସାରେ ରାଜତ୍ୱ କଲେ। 24ମାତ୍ର ସେ ଶେମରଙ୍କୁ ଦୁଇ
ତାଲାନ୍ତ ରୂପା ଦେଇ ଶମରୋଣ୍ ପର୍ବତ କ୍ରୟ କଲେ। ସେ
ଶମରୋଣ ପର୍ବତ ଉପରେ ଏକ ନଗର ନିର୍ମାଣ କଲେ।
ସେହି ପର୍ବତର ମାଲିକର ନାମ ଶେମରର ନାମାନୁସାରେ
ନଗରର ନାମ ଶମରୟା ରଖିଲେ।
25ଅମ୍ରି ସଦାପ୍ରଭୁଙ୍କ ଦୃଷ୍ଟିରେ କୁକର୍ମ କଲେ ଓ ପୂର୍ବବର୍ତ୍ତୀ
ସମସ୍ତ ରାଜାଙ୍କ ଅପେକ୍ଷା ଅଧିକ ପାପ କଲେ। 26ନବାଟଙ୍କ
ପୁତ୍ର ଯାରବୟାମ ଯେଉଁ ପାପ କରିଥିଲେ ଅମ୍ରି ସେହି ପାପ
କଲେ ଓ ଇଶ୍ରାୟେଲ ଲୋକଙ୍କୁ ପାପାଚାରୀ କରାଇଲେ।
ସଦାପ୍ରଭୁ ଇଶ୍ରାୟେଲ ପରମେଶ୍ୱର ସେମାନଙ୍କର ଅସାର
ପ୍ରତିମା ପୂଜା ଯୋଗୁଁ ବିରକ୍ତ ହେଲେ।
27ଅମ୍ରିଙ୍କର ଅବଶିଷ୍ଟ ବୃତ୍ତାନ୍ତ ଓ ମହାନ କାର୍ଯ୍ୟଗୁଡ଼ିକ
ଇଶ୍ରାୟେଲ ରାଜବଂଶ ଇତିହାସ ପୁସ୍ତକରେ ଲିଖିତ ହୋଇଅଛି।
28ଅମ୍ରିଙ୍କର ମୃତ୍ୟୁପରେ ସେ ଶମରୟାରେ ତାଙ୍କର
ପୂର୍ବପୁରୁଷମାନଙ୍କ ସହିତ କବର ନେଲେ। ତାଙ୍କ ଅନ୍ତେ
ତାଙ୍କର ପୁତ୍ର ଆହାବ ରାଜା ହେଲେ।

## ଆହାବ୍, ଇଶ୍ରାୟେଲର ରାଜା

29ଯିହୁଦାରେ ଆସାଙ୍କ ରାଜତ୍ୱ କାଳର ଅଠତିରିଶ ବର୍ଷରେ
ଅମ୍ରିଙ୍କ ପୁତ୍ର ଆହାବ୍ ଇଶ୍ରାୟେଲର ରାଜା ହେଲେ। ଆହାବ୍
ଇଶ୍ରାୟେଲର ଶମରୟା ନଗରରେ ବାଇଶ ବର୍ଷ ରାଜତ୍ୱ
କଲେ। 30ଆହାବ୍ ମଧ୍ୟ ସଦାପ୍ରଭୁଙ୍କ ଦୃଷ୍ଟିରେ କୁକର୍ମ କଲେ।
ସେ ତାଙ୍କ ପୂର୍ବବର୍ତ୍ତୀ ଅନ୍ୟ ରାଜାମାନଙ୍କଠାରୁ ଅଧିକ ଦୁଷ୍କାଚରଣ

କଲେ। 31ନବାଟଙ୍କ ପୁତ୍ର ଯାରବୟାମଙ୍କ ପରି ପାପ କରିବା
ତାଙ୍କ ପାଇଁ ଯଥେଷ୍ଟ ନଥିଲା। ସେ ସୀଦୋନର ରାଜା
ଇତ୍‌ବାଲଙ୍କର କନ୍ୟା ଈଷେବଲକୁ ବିବାହ କଲେ ଓ ସୀଦୋନର
ବାଲ ଦେବତାଙ୍କୁ ପୂଜା କରିବାକୁ ଓ ସେବା କରିବାକୁ
ଆରମ୍ଭ କଲେ। 32ଆହାବ୍ ଶମରିୟାରେ ବାଲ ଦେବତାଙ୍କ
ଉପାସନା ପାଇଁ ଏକ ମନ୍ଦିର ନିର୍ମାଣ କଲେ ଓ ସେହି
ମନ୍ଦିରରେ ଏକ ଯଜ୍ଞବେଦୀ ତିଆରି କଲେ। 33ଆହାବ୍
ଉପାସନା କରିବା ପାଇଁ ଆଶେରା ସ୍ତମ୍ଭ ନିର୍ମାଣ କଲେ, ସେ
ତାଙ୍କ ପୂର୍ବବର୍ତ୍ତୀ ରାଜାମାନଙ୍କଠାରୁ ଅଧିକ ପାପ କରି ସଦାପ୍ରଭୁ
ଇଶ୍ରାୟେଲର ପରମେଶ୍ୱରଙ୍କୁ ବିରକ୍ତ କଲେ।

34ତାଙ୍କ ସମୟରେ ବୈଥେଲୀୟ ହୀୟେଲ ଯିରୀହୋ
ନଗର ପୁନର୍ବାର ନିର୍ମାଣ କଲେ। ସଦାପ୍ରଭୁ ନୂନର ପୁତ୍ର
ଯିହୋଶୂୟଙ୍କ ଦ୍ୱାରା ଯାହା କହିଥିଲେ ତାହା ହିଁ ଘଟିଲା।
ଯେତେବେଳେ ସେ ନଗରର ଭିତ୍ତିମୂଳ ସ୍ଥାପନ କଲେ
ତାଙ୍କର ପ୍ରଥମପୁତ୍ର ଅବୀରାମ ମଲା ଓ ଯେତେବେଳେ
ନଗରର ଫାଟକ ସ୍ଥାପିତ ହେଲା। ତାଙ୍କର ସାନ ପୁତ୍ର
ସଗୂବର ମୃତ୍ୟୁ ହେଲା।

### ଏଲିୟ ଓ ଅନାବୃଷ୍ଟି ସମୟ

17 ଏଲିୟ ତିସ୍‌ବୀୟର ଭବିଷ୍ୟତ ବକ୍ତା ଗିଲୀୟଦରେ
ରାଜା ଆହାବ୍‌ଙ୍କୁ କହିଲେ, ଗିଲୀୟଦର ପ୍ରବାସୀ
ତିସ୍‌ବୀୟ ଏଲିୟ ଭବିଷ୍ୟଦ୍‌ବକ୍ତା ରାଜା ଆହାବ୍‌ଙ୍କୁ କହିଲେ,
"ମୁଁ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କର ସେବା କରେ।
ତାଙ୍କର ଶକ୍ତି ଅନୁସାରେ ମୁଁ ପ୍ରତିଜ୍ଞା କରୁଛି ଆସନ୍ତା କିଛି
ବର୍ଷ ଦେଶରେ କାକର କି ବୃଷ୍ଟିପାତ ହେବନାହିଁ। ଯଦି ମୁଁ
ଆଦେଶ ଦିଏ ତେବେ ବର୍ଷା ହେବ।"

2ତତ୍ପରେ ସଦାପ୍ରଭୁ ଏଲିୟଙ୍କୁ କହିଲେ, 3"ତୁମ୍ଭେ ଏ
ସ୍ଥାନ ଛାଡ଼ି ପୂର୍ବ ଦିଗକୁ ଯାଅ ଓ ଯର୍ଦ୍ଦନ ପୂର୍ବ ପାରିସ୍ଥ
କରୀତ୍ ନଦୀ ନିକଟରେ ନିଜକୁ ଲୁଚାଅ। 4ସେହି ନଦୀରୁ
ତୁମ୍ଭେ ଜଳପାନ କରିବ। ତୁମ୍ଭକୁ ଖାଦ୍ୟ ଯୋଗାଇବା ପାଇଁ
ଆମ୍ଭେ କାଉମାନଙ୍କୁ ଆଜ୍ଞା ଦେଉଛୁ।" 5ଏଲିୟ ସଦାପ୍ରଭୁଙ୍କ
ଆଜ୍ଞାନୁସାରେ କାର୍ଯ୍ୟ କଲେ। ସେ ଯର୍ଦ୍ଦନ ପୂର୍ବପାରିସ୍ଥ କରୀତ
ନଦୀ ନିକଟକୁ ଯାଇ ବାସ କଲେ। 6ପୁଣି କାଉମାନେ
ପ୍ରାତଃକାଳରେ ରୋଟୀ ଓ ମାଂସ ଓ ସନ୍ଧ୍ୟାବେଳେ ରୋଟୀ ଓ
ମାଂସ ତାଙ୍କ ପାଇଁ ଆଣିଲେ। ଆଉ ସେ ନଦୀରୁ ଜଳପାନ
କଲେ।

7ଅନାବୃଷ୍ଟି ହେତୁ କିଛି କାଳପରେ ଝରଣାଗୁଡ଼ିକ ଶୁଷ୍କ
ହୋଇଗଲା। 8ତତ୍ପରେ ସଦାପ୍ରଭୁ ଏଲିୟଙ୍କୁ କହିଲେ, 9"ସୀଦୋନର
ସାରିଫତ୍‌କୁ ଯାଇ ସେଠାରେ ବାସ କର। ସେଠାରେ ଥିବା
ଜଣେ ବିଧବାଙ୍କୁ ଆମ୍ଭେ ଆଜ୍ଞା ଦେଇଛୁ, ସେ ତୁମ୍ଭକୁ ଭରଣ
ପୋଷଣ କରିବ।"

10ତେଣୁ ଏଲିୟ ସାରିଫତ୍‌କୁ ଗଲେ। ସେ ନଗର ଦ୍ୱାର
ନିକଟରେ ଏକ ବିଧବା ସ୍ତ୍ରୀକୁ କାଠ ସଂଗ୍ରହ କରୁଥିବାର
ଦେଖିଲେ। ଏଲିୟ ତାକୁ କହିଲେ, "ତୁମ୍ଭ ପାତ୍ରରେ କିଛି
ଜଳ ପିଇବାକୁ ଆଣ।" 11ସେ ପାଣି ଆଣିବାକୁ ଯାଉଥିବା
ବେଳେ ଏଲିୟ ପୁନର୍ବାର ଡାକି କହିଲେ, "ମୋର ଅନୁରୋଧ,
ମୋ ପାଇଁ ଖଣ୍ଡେ ରୋଟୀ ମଧ୍ୟ ଆଣ।"

12ବିଧବାଟି ଉତ୍ତର ଦେଲା, "ସଦାପ୍ରଭୁ ତୁମ୍ଭର
ପରମେଶ୍ୱରଙ୍କ ନାମରେ ମୁଁ ପ୍ରତିଜ୍ଞା କରି କହୁଛି, ମୋ
ପାଖରେ ଖଣ୍ଡେ ହେଲେ ରୁଟୀ ନାହିଁ, କେବଳ କଳସରେ
ମୁଠିଏ ମଇଦା ଓ ପାତ୍ରରେ ଅଳ୍ପ ତେଲ ଅଛି। ଆଉ ଦେଖ,
ମୁଁ ଦୁଇଖଣ୍ଡ କାଠ ସଂଗ୍ରହ କରୁଛି, ତାକୁ ନେଲେ ମୋ ପାଇଁ
ଓ ମୋ ପୁତ୍ର ପାଇଁ ପାକ କରି ଖାଇବୁ ଓ ତା'ପରେ
କ୍ଷୁଧାରେ ମରିବୁ।"

13ଏଲିୟ ସେହି ବିଧବାକୁ କହିଲେ, "ଦୁଃଖ କର ନାହିଁ।
ଘରକୁ ଯାଇ ତୁମ୍ଭ କହିବାନୁସାରେ ଖାଦ୍ୟ ପ୍ରସ୍ତୁତ କର। କିନ୍ତୁ
ପ୍ରଥମେ ଏକ ଛୋଟ ପିଠା କରି ମୋ ନିକଟକୁ ଆଣ।
ତା'ପରେ ତୁମ୍ଭପାଇଁ ଓ ତୁମ୍ଭ ପୁତ୍ର ପାଇଁ ପ୍ରସ୍ତୁତ କର।
14ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର କହନ୍ତି, 'ଯେ ପର୍ଯ୍ୟନ୍ତ
ସଦାପ୍ରଭୁ ବର୍ଷା ନ ପଠାନ୍ତି ସେ ପର୍ଯ୍ୟନ୍ତ ସେ କଳସରେ
ମଇଦା ଶୂନ୍ୟ ହେବନାହିଁ କି ପାତ୍ରରେ ତୈଳର ଅଭାବ
ରହିବ ନାହିଁ।'"

15ତେଣୁ ସେ ସ୍ତ୍ରୀ ଲୋକଟି ଘରକୁ ଗଲା ଓ ଏଲିୟଙ୍କ
ବାକ୍ୟାନୁସାରେ କାର୍ଯ୍ୟ କଲା। ଏଲିୟ, ସେହି ସ୍ତ୍ରୀ ଲୋକ ଓ
ତା'ର ପୁତ୍ର ପାଇଁ ଅନେକ ଦିନ ପର୍ଯ୍ୟନ୍ତ ଯଥେଷ୍ଟ ଭୋଜନ
କରିବାକୁ ଥିଲା। 16ସେହି ମଇଦା କଳସ ଓ ତୈଳପାତ୍ର
କେବେ ଶୂନ୍ୟ ହେଲା ନାହିଁ। ସଦାପ୍ରଭୁ ଏଲିୟ ମାଧ୍ୟମରେ
ଯାହାସବୁ କହିଥିଲେ ସେ ସମସ୍ତ ଘଟିଲା।

17କିଛିଦିନ ଉତ୍ତାରେ ସେହି ସ୍ତ୍ରୀଲୋକର ପୁତ୍ରଟି ଅସୁସ୍ଥ
ହେଲା। ତା'ର ପୀଡ଼ା ଏତେ ବଢ଼ିଗଲା ଯେ ତା'ର ପ୍ରଶ୍ୱାସ
ମଧ୍ୟ ବନ୍ଦ ହୋଇଗଲା। 18ସେହି ସ୍ତ୍ରୀ ଲୋକଟି ଏଲିୟଙ୍କୁ
କହିଲେ, "ହେ ପରମେଶ୍ୱରଙ୍କ ଲୋକ, ମୋ ବିରୁଦ୍ଧରେ
ତୁମ୍ଭର କ'ଣ ଅଛି? ତୁମ୍ଭେ କ'ଣ ମୋର ପାପ ସ୍ମରଣ
କରେଇବାକୁ ଓ ମୋର ପୁତ୍ରର ମୃତ୍ୟୁର କାରଣ ହେବା ପାଇଁ
ଆସିଅଛ?"

19ତହୁଁ ଏଲିୟ ତାକୁ କହିଲେ, "ତୁମ୍ଭ ପୁତ୍ରକୁ ମୋତେ
ଦିଅ।" ଏଲିୟ ତା'ର କୋଳରୁ ପୁଅକୁ ନେଲେ ଓ ଆପଣା
ରହିବା କୋଠରୀକୁ ନେଇଯାଇ ଆପଣା ଶଯ୍ୟାରେ ତାକୁ
ଶୁଆଇ ଦେଲେ। 20ତା'ପରେ ଏଲିୟ ସଦାପ୍ରଭୁଙ୍କୁ ପ୍ରାର୍ଥନା
କରି କହିଲେ, "ହେ ସଦାପ୍ରଭୁ ମୋର ପରମେଶ୍ୱର, ଏହି ସ୍ତ୍ରୀ
ଲୋକଟି ମୋତେ ତା'ର ଗୃହରେ ଆଶ୍ରୟ ଦେଇଛି। ତୁମ୍ଭେ
ତା'ର ପୁତ୍ରକୁ ବଧକରି ତା'ପ୍ରତି କାହିଁକି ଅମଙ୍ଗଳ ଘଟାଇଲ?"
21ତା'ପରେ ଏଲିୟ ବାଳକ ଉପରେ ତିନିଥର ନିଜକୁ ଲମ୍ବାଇ
ଦେଲେ। ତା'ପରେ ସେ ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ, "ହେ
ସଦାପ୍ରଭୁ ମୋର ପରମେଶ୍ୱର, ଏହି ମୃତ ଶରୀରକୁ ଜୀବନ
ପ୍ରଦାନ କର।"

22ସଦାପ୍ରଭୁ ଏଲିୟର ପ୍ରାର୍ଥନାର ଉତ୍ତର ଦେଲେ ଏବଂ
ବାଳକଟି ପ୍ରଶ୍ୱାସ ନେବାକୁ ଆରମ୍ଭ କଲା ଓ ପୁଣି ଜୀବନ
ଫେରି ପାଇଲା। 23ତା'ପରେ ଏଲିୟ ପୁଅଟିକୁ ଧରି ତଳକୁ
ଓହ୍ଲାଇ ଆସିଲେ ଓ ସେହି ସ୍ତ୍ରୀ ଲୋକଟିକୁ କହିଲେ,
"ଦେଖ, ତୁମ୍ଭର ପୁତ୍ର ଜୀବିତ।"

24ତହୁଁ ସ୍ତ୍ରୀ ଲୋକଟି ଏଲିୟଙ୍କୁ କହିଲା, "ତୁମ୍ଭେ ଯେ
ପରମେଶ୍ୱରଙ୍କ ଲୋକ ଓ ତୁମ୍ଭ ମୁଖରେ ସଦାପ୍ରଭୁଙ୍କ ବାକ୍ୟ
ଯେ ସତ୍ୟ ମୁଁ ଏହା ଏବେ ଜାଣିଲି।"

### ଏଲିୟ ଓ ବାଲଙ୍କ ଭବିଷ୍ୟଦ୍‌ବକ୍ତାଗଣ

18 ଅନାବୃଷ୍ଟିର ତୃତୀୟ ବର୍ଷରେ ସଦାପ୍ରଭୁ ଏଲିୟଙ୍କୁ
କହିଲେ, "ତୁମ୍ଭେ ଯାଇ ରାଜା ଆହାବ୍‌ଙ୍କୁ ସାକ୍ଷାତ
କର। ଆମ୍ଭେ ଭୂମିକୁ ଶୀଘ୍ର ବୃଷ୍ଟି ପଠାଇବୁ।" 2ତେଣୁ ଏଲିୟ
ରାଜା ଆହାବଙ୍କୁ ଭେଟିବାକୁ ଗଲେ।

ସେ ସମୟରେ ଶମରୀୟାରେ ପ୍ରବଳ ଦୁର୍ଭିକ୍ଷ ହୋଇଥିଲା।
3ତେଣୁ ରାଜା ଆହାବ୍ ରାଜଗୃହର ଅଧ୍ୟକ୍ଷ ଓବଦିୟଙ୍କୁ
ଡକାଇଲେ। ଓବଦିୟ ସଦାପ୍ରଭୁଙ୍କର ପ୍ରକୃତ ଅନୁଗାମୀ ଥିଲେ।
4ପୁଣି ଯେଉଁ ସମୟରେ ଈଷେବଲ ସଦାପ୍ରଭୁଙ୍କ
ଭବିଷ୍ୟଦ୍‌ବକ୍ତାମାନଙ୍କୁ ସଂହାର କରୁଥିଲେ ସେ ସମୟରେ
ଓବଦିୟ ଏକଶତ ଭବିଷ୍ୟତ୍‌ବକ୍ତାଙ୍କୁ ନେଇ ପଚାଶ ଜଣ କରି
ଗୋଟିଏ ଗହ୍ୱର ମଧ୍ୟରେ ଲୁଚାଇ ରଖି ସେମାନଙ୍କୁ ଅନ୍ନ ଜଳ
ଦେଇ ପ୍ରତିପାଳନ କରିଥିଲେ। 5ଆହାବ୍ ଓବଦିୟଙ୍କୁ କହିଲେ,
"ମୋ ସହିତ ଆସ, ଆସ ଯିବା ଏବଂ ଦେଶର ସବୁ ଝରଣା
ଓ ନଦୀ କୂଳ ଦେଖିବା। ଆମ୍ଭେ ଯଦି ଆମ୍ଭର ଅଶ୍ୱଗୁଡ଼ିକ ଓ
ଗଧମାନଙ୍କ ପାଇଁ ପ୍ରଚୁର ଘାସ ପାଇ ପାରିବା ତେବେ ଆମ୍ଭେ
ଆମ୍ଭର ପଶୁମାନଙ୍କୁ ବଧ କରିବାକୁ ପଡ଼ିବ ନାହିଁ।" 6ସେମାନଙ୍କ
ମଧ୍ୟରୁ ପ୍ରତ୍ୟେକ ଲୋକ ଦେଶ ମଧ୍ୟରେ ଗୋଟିଏ ଗୋଟିଏ
ପ୍ରାନ୍ତକୁ ଜଳର ଅନ୍ୱେଷଣ କରିବାକୁ ଗଲେ। ଆହାବ୍ ଗୋଟିଏ
ଦିଗରେ ଓ ଓବଦିୟ ଅନ୍ୟ ଦିଗରେ ଗଲେ। 7ଓବଦିୟ ପଥ
ମଧ୍ୟରେ ଯାଉ ଯାଉ ଏଲିୟଙ୍କୁ ଭେଟିଲେ। ସେ ସଙ୍ଗେ
ସଙ୍ଗେ ଏଲିୟଙ୍କୁ ଚିହ୍ନିଲେ ଓ ମୁଣ୍ଡ ନୁଆଁଇ ପ୍ରଣାମ କରି
କହିଲେ, "ତୁମ୍ଭେ କ'ଣ ମୋର ମହାଶୟ ଏଲିୟ?"

8ଏଲିୟ ତହୁଁ ଉତ୍ତର କଲେ, "ହଁ, ମୁଁ ଏଲିୟ, ଯାଅ
ତୁମ୍ଭ ମୁନିବଙ୍କୁ ଜଣାଅ ମୁଁ ଏଠାରେ ଅଛି।"

9ତା'ପରେ ଓବଦିୟ କହିଲେ, "ଯଦି ମୁଁ ଆହାବ୍‌ଙ୍କୁ
ତୁମ୍ଭର ଉପସ୍ଥିତି କହେ, ତେବେ ସେ ମୋତେ ବଧ
କରିବେ। ମୁଁ ତ ତୁମ୍ଭ ନିକଟରେ କିଛି ଅପରାଧ କରି ନାହିଁ,
ତେବେ ତୁମ୍ଭେ ମୋତେ କାହିଁକି ମରାଇବାକୁ ଇଚ୍ଛା କରୁଛ?"
10ନିଶ୍ଚିତ ଭାବରେ ସଦାପ୍ରଭୁ ତୁମ୍ଭର ପରମେଶ୍ୱର ଅଛନ୍ତି। ମୁଁ
ପରମେଶ୍ୱରଙ୍କ ନାମରେ ପ୍ରତିଜ୍ଞା କରି କହୁଛି, ଦେଶ ମଧ୍ୟରେ
ଏପରି କୌଣସି ଗୋଷ୍ଠୀ ବା ରାଜ୍ୟ ନାହିଁ ଯେଉଁସ୍ଥାନକୁ
ମୋର ପ୍ରଭୁ ତୁମ୍ଭକୁ ଅନ୍ୱେଷଣ କରିବାକୁ ପଠାଇ ନାହାଁନ୍ତି।
ତୁମ୍ଭକୁ ଖୋଜିବାକୁ ରାଜା ପ୍ରତ୍ୟେକ ଦେଶକୁ ଲୋକ ପଠାଇ
ଅଛନ୍ତି। ସେହି ଦେଶର ଶାସକମାନଙ୍କୁ ଶପଥ କରିବା ପାଇଁ
ବାଧ୍ୟ କରିଛନ୍ତି ଯେ, ସେମାନେ ତୁମ୍ଭକୁ ସେମାନଙ୍କ
ଦେଶରେ ପାଇ ନାହାନ୍ତି। 11ଏବେ ତୁମ୍ଭେ କହୁଛ, ଯାଅ ଓ
ତୁମ୍ଭ ପ୍ରଭୁଙ୍କୁ କୁହ ଏଲିୟ ଏଠାରେ ଅଛନ୍ତି। 12ଯଦି ମୁଁ ଯାଇ
ତୁମ୍ଭ ବିଷୟରେ ରାଜା ଆହାବ୍‌ଙ୍କୁ ଜଣାଏ ସଦାପ୍ରଭୁଙ୍କ ଆତ୍ମା
ତୁମ୍ଭକୁ ମୋର ଅଜଣା ସ୍ଥାନକୁ ନେଇଯିବେ। ଯେତେବେଳେ
ଆହାବ୍ ତୁମ୍ଭକୁ ନ ପାଇବେ ସେ ମୋତେ ହତ୍ୟା କରିବେ।
ମାତ୍ର ମୁଁ ବାଲ୍ୟ କାଳରୁ ସଦାପ୍ରଭୁଙ୍କ ଅନୁଗାମୀ ହୋଇ
ଆସୁଛି। 13ମୁଁ ଯାହା କରିଛି ତୁମ୍ଭେ ସେ ସବୁ ଜାଣିଛ।
ଈଷେବଲ ଯେତେବେଳେ ସଦାପ୍ରଭୁଙ୍କ ଭବିଷ୍ୟଦ୍‌ବକ୍ତାମାନଙ୍କୁ
ମାରିପକାଉ ଥିଲା। ମୁଁ ସେମାନଙ୍କ ମଧ୍ୟରୁ ଏକଶତ
ଭବିଷ୍ୟଦ୍‌ବକ୍ତାଙ୍କୁ ନେଇ ପଚାଶ ଜଣ କରି ଦୁଇଟି ଗହ୍ୱରରେ
ଲୁଚାଇ ରଖିଥିଲି ଓ ସେମାନଙ୍କୁ ଅନ୍ନ ଜଳ ଦେଇ ଭରଣ
ପୋଷଣ କରିଥିଲି। 14ଏବେ ତୁମ୍ଭେ କହୁଛ, ଯାଅ, ତୁମ୍ଭ
ମୁନିବଙ୍କୁ କୁହ ଏଲିୟ ଏଠାରେ ଅଛି। ତହିଁରେ ସେ ମୋତେ
ବଧ କରିବେ।"

15ଏଲିୟ ଉତ୍ତର କଲେ, "ସର୍ବଶକ୍ତିମୟ ସଦାପ୍ରଭୁଙ୍କ
ଜୀବିତ ଥିବା ପର୍ଯ୍ୟନ୍ତ ମୁଁ ପ୍ରତିଜ୍ଞା କରୁଛି, ମୁଁ ନିଶ୍ଚୟ ରାଜାଙ୍କୁ
ଆଜି ଦେଖା କରିବି।"

16ତେଣୁ ଓବଦିୟ ରାଜା ଆହାବ୍‌ଙ୍କୁ ଏଲିୟଙ୍କ ଉପସ୍ଥିତି
ଜଣାଇଲେ। ରାଜା ଏଲିୟଙ୍କୁ ସାକ୍ଷାତ କରିବାକୁ ଗଲେ।

17ଆହାବ୍ ଏଲିୟଙ୍କୁ ପଚାରିଲେ, "ତୁମ୍ଭେ କ'ଣ ସେହି,
ଯେ ଇସ୍ରାଏଲର ଦୁଃଖର କାରଣ?"

18ଏଲିୟ କହିଲେ, "ନା, ମୁଁ ଇସ୍ରାଏଲର ଅସୁବିଧା
କରି ନାହିଁ। ତୁମ୍ଭେ ଓ ତୁମ୍ଭର ପିତୃବଂଶ ଏହି ଅସୁବିଧାର
କାରଣ। ଏବଂ ତୁମ୍ଭେମାନେ ସଦାପ୍ରଭୁଙ୍କ ଆଜ୍ଞା ମାନିବା ବନ୍ଦ
କରି ଭଣ୍ଡ ଦେବତା ବାଲ୍‌ର ପୂଜା କରିବା ଆରମ୍ଭ କଲ।
19ଏବେ ତୁମ୍ଭେ ଲୋକ ପଠାଇ ସମଗ୍ର ଇସ୍ରାଏଲକୁ କର୍ମିଲ
ପର୍ବତରେ ଦେଖା କରିବାକୁ କୁହ। ବାଲ୍ ଦେବତାର 450
ଭବିଷ୍ୟଦ୍‌ବକ୍ତା ଓ ଅଶେରା ବେଦୀର 400 ଭବିଷ୍ୟଦ୍‌ବକ୍ତାଙ୍କୁ
ସେହି ପର୍ବତରେ ଦେଖା କରିବାକୁ ଏକତ୍ର କର। ଯେଉଁମାନେ
ସାଧାରଣତଃ ଈଷେବଲର ମେଜରେ ଭୋଜନ କରନ୍ତି ଏବଂ
ସେମାନଙ୍କୁ ପର୍ବତକୁ ଆଣ।"

20ତେଣୁ ଆହାବ୍ ସମସ୍ତ ଇସ୍ରାଏଲୀୟଙ୍କୁ ଓ ସେହି
ଭବିଷ୍ୟଦ୍‌ବକ୍ତାମାନଙ୍କୁ କର୍ମିଲ ପର୍ବତକୁ ଡକାଇଲେ। 21ଏଲିୟ
ସମସ୍ତ ଇସ୍ରାଏଲ ଲୋକମାନଙ୍କୁ ସମ୍ବୋଧନ କଲେ, "ତୁମ୍ଭେମାନେ
କେତେକାଳ ଦ୍ୱିମତ ମଧ୍ୟରେ ସନ୍ଦେହରେ ରହିବ? ସଦାପ୍ରଭୁଙ୍କର
ପ୍ରକୃତ ଅନୁସରଣକାରୀ ହୁଅ, ଯଦି ତୁମ୍ଭେ ତାଙ୍କୁ ସତ୍ୟ
ଭାବୁଛ। ଅନ୍ୟ ପକ୍ଷରେ ଯଦି ବାଲଦେବତା ସତ୍ୟ ବୋଲି
ଭାବୁଛ, ତାଙ୍କୁ ଅନୁସରଣ କର।"

କିନ୍ତୁ ଲୋକମାନେ କିଛି ଉତ୍ତର ଦେଲେ ନାହିଁ। 22ତେଣୁ
ଏଲିୟ କହିଲେ, "ମୁଁ ଏଠାରେ ସଦାପ୍ରଭୁଙ୍କର ଏକମାତ୍ର
ଭବିଷ୍ୟଦ୍‌ବକ୍ତା ଅଛି, ମାତ୍ର ବାଲ୍‌ର 450 ଭବିଷ୍ୟଦ୍‌ବକ୍ତା
ଏଠାରେ ଅଛନ୍ତି। 23ଦୁଇଟି ବୃଷଭ ଆଣ। ବାଲ ଭବିଷ୍ୟଦ୍‌ବକ୍ତା
ସେଥି ମଧ୍ୟରୁ ଗୋଟିଏ ନେଉ ଏବଂ ତାକୁ ବଧ କରି ତାକୁ
ଖଣ୍ଡ ଖଣ୍ଡ କରି କାଠ ଉପରେ ରଖୁ। ସେମାନେ ସେଥିରେ
ଅଗ୍ନି ସଂଯୋଗ କରିବା ଉଚିତ୍ ନୁହେଁ। ମୋତେ ମଧ୍ୟ
ଗୋଟିଏ ବୃଷଭ ଦିଆଯାଉ। ଠିକ୍ ସେହିପରି ଖଣ୍ଡ ଖଣ୍ଡ
ପ୍ରସ୍ତୁତ କରି କାଠ ଉପରେ ରଖିବି। ଏବଂ ମୁଁ ତାକୁ ଅଗ୍ନି
ଲଗାଇବି। 24ତୁମ୍ଭେ ବାଲ୍ ଭବିଷ୍ୟଦ୍‌ବକ୍ତାଗଣ ତୁମ୍ଭ ଦେବତାକୁ
ତୁମ୍ଭର ପ୍ରାର୍ଥନା କରିବ ଓ ମୁଁ ମୋର ସଦାପ୍ରଭୁଙ୍କୁ ପ୍ରାର୍ଥନା
କରିବି। ତହିଁରେ ଯେଉଁ ପରମେଶ୍ୱର ଅଗ୍ନିଦ୍ୱାରା ଉତ୍ତର
ଦେବେ ସେହି ପ୍ରକୃତ ପରମେଶ୍ୱର।" ତା'ପରେ ସମସ୍ତ
ଲୋକମାନେ ତାଙ୍କ ସହିତ ଏକମତ ହେଲେ ଏବଂ କହିଲେ,
ଯାହା ତୁମ୍ଭେ କୁହ ଉତ୍ତମ ଅଟେ।

25ଏଲିୟ ବାଲ୍ ଭବିଷ୍ୟଦ୍‌ବକ୍ତାଙ୍କୁ କହିଲେ, "ତୁମ୍ଭେମାନେ
ତ ଏଠାରେ ଅନେକ ଅଛ। ପ୍ରଥମେ ତୁମ୍ଭେମାନେ ଗୋଟିଏ
ବୃଷଭ ପସନ୍ଦ କର। ବୃଷଭଟିକୁ ପ୍ରସ୍ତୁତ କର ଏବଂ
ତୁମ୍ଭମାନଙ୍କର ଦେବତାକୁ ପ୍ରାର୍ଥନା କର। ମାତ୍ର ଅଗ୍ନି ସଂଯୋଗ
କର ନାହିଁ।"

26ତେଣୁ ସେମାନେ ବୃଷଭଟିକୁ ନେଲେ ଓ ପ୍ରସ୍ତୁତ
କଲେ। ସେମାନେ ପ୍ରାତଃକାଳରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବାଲ
ନାମରେ ପ୍ରାର୍ଥନା କରି କହିଲେ, "ହେ ବାଲ୍, ଆମ୍ଭେମାନଙ୍କ
ବିନତି ଶୁଣ।" ମାତ୍ର କୌଣସି ଶବ୍ଦ ହେଲାନାହିଁ କି କେହି
ଉତ୍ତର କଲେ ନାହିଁ। ସମସ୍ତ ଭବିଷ୍ୟଦ୍‌ବକ୍ତାଗଣ ସେମାନଙ୍କ
ନିର୍ମିତ ଯଜ୍ଞବେଦୀର ଚାରିପଟେ ନାଚିଲେ। ମାତ୍ର ଅଗ୍ନି
ସଂଘଟିତ ହେଲା ନାହିଁ।
27ଏଲୀୟ ସେମାନଙ୍କୁ ପରିହାସ କରି କହିଲେ, "ଯଦି
ବାଲ୍ ସତ୍ୟ ଦେବତା, ତେବେ ଉଚ୍ଚସ୍ୱରରେ ଡାକ, ସେ
ହୁଏତ ଧ୍ୟାନ କରୁଥିବ କିମ୍ବା ବାହାରକୁ ଯାଇଥିବ, କିମ୍ବା
ଯାତ୍ରା କରୁଥିବ, ଅବା ସେ ନିଦ୍ରିତ ଥିବ, ଏଣୁ ତାକୁ ଜାଗ୍ରତ
କରିବାକୁ ଉଚ୍ଚସ୍ୱରରେ ଡାକ।" 28ତେଣୁ ସେମାନେ ଉଚ୍ଚସ୍ୱରରେ
ପ୍ରାର୍ଥନା କଲେ। ସେମାନେ ଖଣ୍ଡା ଓ ବର୍ଚ୍ଛାରେ ନିଜକୁ କ୍ଷତ
ବିକ୍ଷତ କଲେ। ଏହିପରି ସେମାନେ ପୂଜା କରୁଥିଲେ।
ସେମାନଙ୍କ ଶରୀରରୁ ଧାରି ଧାରି ରକ୍ତ ବହିଲା।
29ଅପରାହ୍ନ ଅତିକ୍ରାନ୍ତ ହେଲା, ମାତ୍ର ଅଗ୍ନି ସୃଷ୍ଟି ହେଲା ନାହିଁ।
ସେମାନେ ସନ୍ଧ୍ୟାକାଳୀନ ବଳିଦାନ ଉତ୍ସର୍ଗ କରିବା ପର୍ଯ୍ୟନ୍ତ
ପ୍ରଳାପ କରି ଚାଲିଲେ। କିନ୍ତୁ କୌଣସି ଶବ୍ଦ ହେଲା ନାହିଁ,
ବାଲ୍ କିଛି ଉତ୍ତର କଲେ ନାହିଁ କିମ୍ବା କେହି ମନୋଯୋଗ
କଲେ ନାହିଁ।
30ତା'ପରେ ଏଲୀୟ ଲୋକମାନଙ୍କୁ ଡାକି କହିଲେ, "ବର୍ତ୍ତମାନ
ତୁମ୍ଭେମାନେ ମୋ ନିକଟକୁ ଆସ।" ତେଣୁ ସେମାନେ
ଏଲୀୟର ଚାରି ପାଖରେ ଏକତ୍ରିତ ହେଲେ। ସଦାପ୍ରଭୁଙ୍କ ଭାଙ୍ଗି
ଯାଇଥିବା ଯଜ୍ଞବେଦୀକୁ ଏଲୀୟ ପୁନନିର୍ମାଣ କଲେ। 31ଏଲୀୟ
ବାରଗୋଟି ପଥର ପାଇଲେ। ଏହି ବାରଟି ପଥର ବାରଟି
ଗୋଷ୍ଠୀ ପାଇଁ ଉଦ୍ଦିଷ୍ଟ ଥିଲା। ଏହି ବାରଟି ଗୋଷ୍ଠୀ ଯାକୁବଙ୍କର
ବାର ପୁତ୍ରମାନଙ୍କର ନାମ ଅନୁସାରେ ହେଲେ। ସଦାପ୍ରଭୁ
ଯାକୁବଙ୍କୁ ଇସ୍ରାୟେଲ ନାମ ଦେଇଥିଲେ। 32ଆଉ ସେହି
ପଥରରେ ସେ ସଦାପ୍ରଭୁଙ୍କ ନାମରେ ଏକ ଯଜ୍ଞବେଦୀ
ପୁନଃନିର୍ମାଣ କରି ସେହି ଯଜ୍ଞବେଦୀର ଚତୁଃପାର୍ଶ୍ୱରେ ଦୁଇମହଣ
ବିହନ ଧରିଲା ଭଳି ଏକ ଖାଇ ନିର୍ମାଣ କଲେ। 33ତା'ପରେ
ସେ ଯଜ୍ଞବେଦୀ କାଠ ସଜାଇ ସେହି କାଠ ଉପରେ ବୃଷଭକୁ
ଖଣ୍ଡ ଖଣ୍ଡ କରି କାଟି ଥୋଇଲେ। 34ତା'ପରେ ଏଲୀୟ
କହିଲେ, "ଚାରିଟି କଳସ ଜଳରେ ପୂର୍ଣ୍ଣ କରି ସେହି
ହୋମାର୍ଥକ ବଳିର ମାଂସ ଓ କାଠ ଉପରେ ଢାଳ।" ପୁଣି
ଏଲୀୟ କହିଲେ, "ଦ୍ୱିତୀୟ ଥର ପାଇଁ ତାହା କର।"
ତା'ପରେ ପୁଣି କହିଲେ, "ତୃତୀୟ ଥର ପାଇଁ ତାହା କର।"
ସେମାନେ ପ୍ରତିଥର ତାହାହିଁ କଲେ। 35ତଦ୍ୱାରା ଯଜ୍ଞବେଦୀରୁ
ଜଳ ବହି ଖାଇଟିକୁ ପୂର୍ଣ୍ଣ କଲା।
36ସନ୍ଧ୍ୟାକାଳୀନ ପ୍ରାର୍ଥନା ଉତ୍ସର୍ଗ କରିବା ସମୟରେ
ଏଲୀୟ ସଦାପ୍ରଭୁଙ୍କ ଯଜ୍ଞବେଦୀ ନିକଟକୁ ଗଲେ ଓ କହିଲେ,
"ହେ ସଦାପ୍ରଭୁ, ଅବ୍ରହାମ, ଇସ୍ହାକ ଓ ଯାକୁବର ପରମେଶ୍ୱର
ଇସ୍ରାୟେଲୀୟମାନଙ୍କୁ ଆଜି ପ୍ରମାଣ କରି ଯେ, ତୁମ୍ଭେ ଇସ୍ରାୟେଲର
ପରମେଶ୍ୱର ଓ ମୁଁ ଯେ ତୁମ୍ଭର ସେବକ ଏବଂ ମୁଁ ଯେ ତୁମ୍ଭ
ବାକ୍ୟ ଅନୁସାରେ ଏହିସବୁ କାର୍ଯ୍ୟ କରିଅଛି। 37ହେ ସଦାପ୍ରଭୁ,
ମୋ ପ୍ରାର୍ଥନାର ଉତ୍ତର ଦିଅ। ଆଉ ଏହି ଲୋକମାନଙ୍କୁ
ଦେଖାଇ ଦିଅ ଯେ ତୁମ୍ଭେ ସଦାପ୍ରଭୁ, ପରମେଶ୍ୱର, ତାହା
ହେଲେ ସେମାନେ ସର୍ବାନ୍ତଃକରଣରେ ଜାଣିବେ ଯେ ତୁମ୍ଭେ
ସେମାନଙ୍କୁ ତୁମ୍ଭ ନିକଟକୁ ଫେରାଇ ଆଣିଛ।"
38ସେତେବେଳେ ସଦାପ୍ରଭୁଙ୍କ ପ୍ରେରିତ ଅଗ୍ନି ପ୍ରଜ୍ୱଳିତ
ହେଲା ଓ ସେହି ଅଗ୍ନି ହୋମାର୍ଥକ ବଳି, କାଠ, ପ୍ରସ୍ତର, ଧୂଳି
ଗ୍ରାସ କରି ଯଜ୍ଞବେଦୀର ଚାରିପାଖରେ ଥିବା ଖାଇର ଜଳକୁ
ଶୁଷ୍କ କରି ଦେଲା। 39ଏହା ଦେଖି ସମଗ୍ର ଲୋକ ଭୂମିରେ
ମୁଣ୍ଡ ନୁଆଁଇ କହିଲେ, "ସଦାପ୍ରଭୁ ହିଁ ପରମେଶ୍ୱର, ସଦାପ୍ରଭୁ
ହିଁ ପରମେଶ୍ୱର।"
40ତା'ପରେ ଏଲୀୟ ସେମାନଙ୍କୁ କହିଲେ, "ବାଲ୍‌ର ସମସ୍ତ
ଭବିଷ୍ୟଦ୍‌ବକ୍ତାଙ୍କୁ ଧର, କାହାରିକୁ ଛାଡ଼ ନାହିଁ।" ତେଣୁ
ଲୋକମାନେ ସମସ୍ତ ଭବିଷ୍ୟଦ୍‌ବକ୍ତାଙ୍କୁ ଧରିଲେ। ତହିଁରେ
ଏଲୀୟ ସେମାନଙ୍କୁ କୀଶୋନ ନଦୀ ନିକଟକୁ ନେଇ ସେଠାରେ
ହତ୍ୟା କଲେ।

## ପୁନର୍ବାର ବର୍ଷାର ଆଗମନ

41ତହିଁରେ ଏଲୀୟ ରାଜା ଆହାବ୍‌ଙ୍କୁ କହିଲେ, "ବର୍ତ୍ତମାନ
ତୁମ୍ଭେ ଯାଇ ପାନ, ଭୋଜନ କର। କାରଣ ପ୍ରବଳ ବର୍ଷା
ଆସୁଅଛି।" 42ତେଣୁ ରାଜା ଆହାବ୍ ଭୋଜନ ନିମନ୍ତେ
ଗଲେ। ଏଲୀୟ କର୍ମିଲର ପର୍ବତର ଉପରକୁ ଚଢିଲେ
ଆଶାରେ ପଡିଲେ ଏବଂ ଆପଣା ଆଣ୍ଠୁ ମଧ୍ୟରେ ମୁଣ୍ଡ
ରଖିଲେ। 43ତା'ପରେ ଏଲୀୟ ତାଙ୍କର ସେବକକୁ କହିଲେ,
"ସମୁଦ୍ର ଆଡକୁ ଅନାଅ।"
ତହୁଁ ସେ ଉଠିଲା ଏବଂ ସମୁଦ୍ର ଆଡକୁ ଅନାଇଲା ଏବଂ
କହିଲା, "ମୁଁ କିଛି ଦେଖୁନାହିଁ।" ଏହିପରି ଭାବରେ ଏଲୀୟ
ତାଙ୍କୁ ସାତଥର ଯାଇ ଆସିବାକୁ କହିଲେ। 44ସପ୍ତମ ଥରରେ
ସେବକ ଫେରିଆସି କହିଲା, "ମୁଁ ମନୁଷ୍ୟର ହାତମୁଠା ସଦୃଶ
ଖଣ୍ଡେ କ୍ଷୁଦ୍ର ମେଘ ସମୁଦ୍ରରୁ ଉଠିବାପରି ଦେଖୁଛି।"
ବର୍ତ୍ତମାନ ଏଲୀୟ ସେବକକୁ କହିଲେ, "ଯାଅ ଏବଂ
ଆହାବ୍‌ଙ୍କୁ କୁହ: ତୁମ୍ଭର ରଥ ପ୍ରସ୍ତୁତ କରି ଘରକୁ ଚାଲି
ଯାଆନ୍ତୁ ନଚେତ୍ ବର୍ତ୍ତମାନ ବର୍ଷା ତୁମ୍ଭର ଯାତ୍ରାକୁ
ଅଟକାଇବ।"
45ଅଳ୍ପକ୍ଷଣ ପରେ ଆକାଶ କଳା ମେଘରେ ଆବୃତ୍ତ
ହୋଇ ପବନ ବହି ପ୍ରବଳ ବୃଷ୍ଟି ଆରମ୍ଭ ହୋଇଗଲା। ଆହାବ୍
ତାଙ୍କର ରଥରେ ବସି ଯିଷ୍ରିୟେଲକୁ ଗଲେ। 46ସଦାପ୍ରଭୁଙ୍କ
ଶକ୍ତି ଏଲୀୟଙ୍କ ଉପରେ ପଡ଼ିଲା। ସେ ନିଜର କଟି ବସ୍ତ୍ରକୁ
ଶକ୍ତ ଭାବରେ ବାନ୍ଧି ଯିଷ୍ରିୟେଲର ପ୍ରବେଶ ସ୍ଥାନ ପର୍ଯ୍ୟନ୍ତ
ଆହାବ୍‌ଙ୍କ ଆଗେ ଆଗେ ଦୌଡ଼ିଗଲେ।

## ସିନାଇ ଶୃଙ୍ଗରେ ଏଲୀୟ

19 ଆହାବ୍ ଏଲୀୟଙ୍କର ସମସ୍ତ କୃତ କର୍ମର ବୃତ୍ତାନ୍ତ ଓ
ସେ କିପରି ଖଡ୍ଗରେ ସମସ୍ତ ଭବିଷ୍ୟଦ୍‌ବକ୍ତାଗଣଙ୍କୁ
ହତ୍ୟା କରିଥିଲେ, ସେ ସମସ୍ତ ଇଷେବଲକୁ ଜଣାଇଲେ।
2ତେଣୁ ଇଷେବଲ ଏଲୀୟଙ୍କ ନିକଟକୁ ଦୂତ ପଠାଇଲେ, "ମୁଁ
ପ୍ରତିଜ୍ଞା କରୁଛି, ଆସନ୍ତା କାଲି ଠିକ୍ ଏହି ସମୟରେ ମୁଁ
ତୁମ୍ଭଙ୍କୁ ହତ୍ୟା କରିବି, ଠିକ୍ ତୁମ୍ଭେ ସେହି ଭବିଷ୍ୟଦ୍‌ବକ୍ତାଙ୍କୁ
ହତ୍ୟା କଲାପରି। ଯଦି ମୁଁ ତୁମ୍ଭକୁ ହତ୍ୟା ନ କରେ, ତେବେ
ଦେବତାଗଣ ମୋତେ ଅଧିକ ଦଣ୍ଡ ଦେଇପାରନ୍ତି।"

3ଯେତେବେଳେ ଏଲୀୟ ଏ ସମ୍ବାଦ ଶୁଣିଲେ, ସେ
ଭୟଭୀତ ହେଲେ। ତେଣୁ ସେ ନିଜ ପ୍ରାଣ ବଞ୍ଚାଇବା
ନିମନ୍ତେ ନିଜର ସେବକ ସହିତ ଯିହୁଦାର ବେରଶେବାକୁ
ଚାଲିଗଲେ ଓ ତାକୁ ସେ ସେଠାରେ ଛାଡ଼ିଲେ। 4ଏଲୀୟ
ପ୍ରାନ୍ତର ଭିତରେ ଦିନସାରା ଚାଲି ଏକ ରୋତମ ବୃକ୍ଷମୂଳରେ
ବସି ପଡ଼ିଲେ ଓ ନିଜର ମୃତ୍ୟୁ ପାଇଁ ପ୍ରାର୍ଥନା କରି କହିଲେ,
"ଏହା ଯଥେଷ୍ଟ ହେଲାଣି, ହେ ସଦାପ୍ରଭୁ, ମୋର ପ୍ରାଣ ନିଅ,
କାରଣ ମୁଁ ମୋର ପୂର୍ବପୁରୁଷଙ୍କଠାରୁ ଭଲ ନୁହେଁ।"
5ତା'ପରେ ଏଲୀୟ ସେ ରୋତମ ଗଛମୂଳରେ ନିଦ୍ରା
ଗଲେ। ଏହାପରେ ଜଣେ ସ୍ୱର୍ଗଦୂତ ଆସିଲେ ଓ ତାଙ୍କୁ ସ୍ପର୍ଶ
କରି କହିଲେ, "ଉଠ! ଭୋଜନ କର।" 6ଅନନ୍ତର ଏଲୀୟ
ଦେଖିଲେ ତାଙ୍କର ମୁଣ୍ଡ ପାଖରେ ଅଙ୍ଗାରରେ ପକ୍ୱ ଏକ ପିଠା
ଓ ଏକ ଜଳପାତ୍ର ଅଛି। ସେ ଭୋଜନ ଓ ପାନକରି
ପୁନର୍ବାର ଶୟନ କଲେ।
7ଏହାପରେ ସଦାପ୍ରଭୁଙ୍କ ଦୂତ ପୁନର୍ବାର ଦ୍ୱିତୀୟଥର ଆସି
ସ୍ପର୍ଶ କଲେ ଓ କହିଲେ, "ଉଠ! ଭୋଜନ କର। କାରଣ
ତୁମ୍ଭେ ଦୀର୍ଘ ଯାତ୍ରା ପାଇଁ ଶକ୍ତିଶାଳୀ ହେବା ଦରକାର।"
8ତେଣୁ ଏଲୀୟ ଉଠି ଭୋଜନ ପାନ କଲେ। ସେ ଖାଦ୍ୟରେ
ଏତେ ଶକ୍ତି ଲାଭ କଲେ ଯେ ସେ ଚାଳିଶ ଦିନ ଓ ଚାଳିଶ
ରାତି ପରମେଶ୍ୱରଙ୍କ ପର୍ବତ ହୋରେବ ପହଞ୍ଚିଲା ପର୍ଯ୍ୟନ୍ତ ଚାଲି
ଚାଲି ଗଲେ। 9ସେଠାରେ ଏଲୀୟ ଏକ ଗହ୍ୱରରେ ରାତ୍ରି
ଯାପନ କଲେ।
ସେତେବେଳେ ସଦାପ୍ରଭୁ ତାଙ୍କୁ କହିଲେ, "ହେ ଏଲୀୟ,
ତୁମ୍ଭେ ଏଠାରେ କ'ଣ କରୁଛ?"
10ଏଲୀୟ ଉତ୍ତର କଲେ, "ସଦାପ୍ରଭୁ ସର୍ବଶକ୍ତିମାନ
ପରମେଶ୍ୱର, ମୁଁ ମୋର ସମସ୍ତ ଶକ୍ତି ସାମର୍ଥ୍ୟ ଦେଇ ତୁମ୍ଭର
ସେବା କଲି। ମାତ୍ର ଇଶ୍ରାୟେଲ ଲୋକମାନେ ତୁମ୍ଭର ନିୟମ
ଭଙ୍ଗ କଲେ ଓ ତୁମ୍ଭର ଯଜ୍ଞବେଦୀକୁ ଧ୍ୱଂସ କଲେ। ତୁମ୍ଭର
ସମସ୍ତ ଭବିଷ୍ୟଦ୍‌ବକ୍ତାଗଣଙ୍କୁ ବଧ କଲେ। ମୁଁ କେବଳ
ଅବଶିଷ୍ଟ ରହିଲି। ସେମାନେ ମୋ ପ୍ରାଣ ନେବାକୁ ମଧ୍ୟ
ଅନ୍ୱେଷଣ କରୁଛନ୍ତି।"
11ତା'ପରେ ସଦାପ୍ରଭୁ ଏଲୀୟଙ୍କୁ କହିଲେ, "ଯାଅ, ପର୍ବତ
ଉପରେ ମୋ ସମ୍ମୁଖରେ ଛିଡ଼ା ହୁଅ। ମୁଁ ତୁମ୍ଭ ପାଖ ଦେଇ
ଅତିକ୍ରମ କରିବି।" ତା'ପରେ ପ୍ରବଳ ଓ ପ୍ରଚଣ୍ଡ ବାୟୁ
ସଦାପ୍ରଭୁଙ୍କ ସମ୍ମୁଖରେ ପର୍ବତଗଣଙ୍କୁ ବିଦୀର୍ଣ୍ଣ କଲା ଓ
ଶୈଳସବୁ ଭାଙ୍ଗି ଖଣ୍ଡ ବିଖଣ୍ଡିତ ହେଲା। ମାତ୍ର ସଦାପ୍ରଭୁ
ସେହି ବାୟୁରେ ନଥିଲେ। ପୁଣି ପ୍ରବଳ ପବନ ପରେ
ଭୂମିକମ୍ପ ହେଲା, ମାତ୍ର ସଦାପ୍ରଭୁ ସେହି ଭୂମିକମ୍ପରେ ନଥିଲେ।
12ଭୂମିକମ୍ପ ପରେ ସେଠାରେ ଅଗ୍ନି ବ୍ୟାପିଲା, ମାତ୍ର ସଦାପ୍ରଭୁ
ସେହି ଅଗ୍ନିରେ ନ ଥିଲେ। ଅଗ୍ନି ପରେ ଏକ ଶାନ୍ତ କ୍ଷୁଦ୍ର
ରବ ହେଲା।
13ଯେତେବେଳେ ଏଲୀୟ ସେହି ରବ ଶୁଣିଲେ, ସେ ନିଜ
ବସ୍ତ୍ରରେ ନିଜର ମୁଖକୁ ଆଚ୍ଛାଦନ କଲେ ଓ ଗହ୍ୱରର
ପ୍ରବେଶ ପଥ ନିକଟରେ ଯାଇ ଛିଡ଼ା ହେଲେ। ସେହିସ୍ୱର
କହିଲା, "ହେ ଏଲୀୟ, ତୁମ୍ଭେ ଏଠାରେ କ'ଣ କରୁଛ?"
14ଏଲୀୟ କହିଲେ, "ସଦାପ୍ରଭୁ ସର୍ବଶକ୍ତିମାନ ପରମେଶ୍ୱର,
ମୁଁ ମୋର ସମସ୍ତ ଶକ୍ତି ଦେଇ ତୁମ୍ଭକୁ ସେବା କଲି ମାତ୍ର
ଇଶ୍ରାୟେଲ ଲୋକମାନେ ତୁମ୍ଭ ସହିତ ଯେଉଁ ନିୟମ ଥିଲା
ତାକୁ ଭଙ୍ଗ କଲେ। ସେମାନେ ତୁମ୍ଭର ଯଜ୍ଞବେଦୀକୁ ଧ୍ୱଂସ
କଲେ। ସେମାନେ ତୁମ୍ଭର ସମସ୍ତ ଭବିଷ୍ୟଦ୍‌ବକ୍ତାଙ୍କୁ ବଧ
କଲେ। ମୁଁ ଏକମାତ୍ର ଭବିଷ୍ୟଦ୍‌ବକ୍ତା ଯିଏ କି ଏ ପର୍ଯ୍ୟନ୍ତ
ବଞ୍ଚିଛି। ବର୍ତ୍ତମାନ ସେମାନେ ମୋତେ ହତ୍ୟା କରିବାକୁ
ଚେଷ୍ଟା କରୁଛନ୍ତି।"
15ତହୁଁ ସଦାପ୍ରଭୁ କହିଲେ, "ତୁମ୍ଭେ ଦମ୍ମେଶକ ପ୍ରାନ୍ତରକୁ
ଯାଉଥିବା ପଥରେ ଫେରିଯାଅ। ଦମ୍ମେଶକକୁ ଯାଅ ଓ
ସେଠାରେ ହସାୟେଲକୁ ଅରାମର ସିଂହାସନରେ ଅଭିଷିକ୍ତ
କର। 16ଆଉ ନିମ୍‌ଶିର ପୁତ୍ର ଯେହୂକୁ ଇଶ୍ରାୟେଲ ଉପରେ
ରାଜାଭିଷିକ୍ତ କର। ଆଉ ଆବେଲହୋଲା ନିବାସୀ ଶାଫଟର
ପୁତ୍ର ଇଲୀଶାୟକୁ ତୁମ୍ଭ ସ୍ଥାନରେ ଭବିଷ୍ୟଦ୍‌ବକ୍ତା ରୂପେ
ଅଭିଷେକ କର। 17ତହିଁରେ ଯେଉଁ ଲୋକ ହସାୟେଲର
ଖଡ୍ଗରୁ ବଞ୍ଚିବ ଯେହୂ ତାକୁ ବଧ କରିବ ଓ ଯେ ଯେହୂର
ଖଡ୍ଗରୁ ବଞ୍ଚିବ ତାହାକୁ ଇଲୀଶାୟ ବଧ କରିବ। 18ମୁଁ
ଇଶ୍ରାୟେଲରେ 7,000 ଜଣଙ୍କୁ ଛାଡିଦେବି, ଯେଉଁମାନେ
କେବେ ବାଲ୍ ଦେବତାଙ୍କୁ ପ୍ରଣାମ କରି ନାହାନ୍ତି। ଏପରିକି
ସେମାନେ କେବେ ବାଲ୍ ପ୍ରତିମାକୁ ଚୁମ୍ବନ କରି ନାହାନ୍ତି।"

### ଇଲୀଶାୟ ଜଣେ ଭବିଷ୍ୟଦ୍‌ବକ୍ତା ହେଲେ

19ସେଠାରୁ ଏଲୀୟ ପ୍ରସ୍ଥାନ କରି ଶାଫଟଙ୍କ ପୁତ୍ର ଇଲୀଶାୟଙ୍କୁ
ଖୋଜିବାକୁ ଗଲେ। ଇଲିଶାୟ ବାରହଳ ବଳଦ ଆଗରେ
ରଖି ହଳ ବୁଲାଉଥିଲେ ଓ ସେ ଦ୍ୱାଦଶ ହଳରେ ଥିଲେ।
ଏଲୀୟ ତାଙ୍କ ନିକଟକୁ ଗଲେ ଓ ଆପଣା କୋଟକୁ ତା'
ଉପରେ ପକାଇଲେ। 20ତହିଁରେ ଇଲୀଶାୟ ବଳଦ ଛାଡ଼ି
ଏଲୀୟଙ୍କ ପଛେ ପଛେ ଦୌଡ଼ି କହିଲେ, "ମୁଁ ତୁମ୍ଭକୁ ବିନୟ
କରୁଛି, ମୋ ପିତା ମାତାଙ୍କୁ ଚୁମ୍ବନ କରିବାକୁ ମୋତେ
ଅନୁମତି ଦିଅନ୍ତୁ। ତା'ପରେ ମୁଁ ବିଦାୟ ନେଇ ତୁମ୍ଭ ପଛେ
ପଛେ ଯିବି।"
ଏଲୀୟ ଉତ୍ତର କଲେ, "ତାହା ଉତ୍ତମ କଥା, ଯାଅ, ମୁଁ
ତୁମ୍ଭକୁ ଅଟକାଉ ନାହିଁ।"
21ତା'ପରେ ଇଲୀଶାୟ ତାଙ୍କ ପରିବାର ସହିତ ଉତ୍ତମ
ଭୋଜନ କଲେ। ସେ ବଳଦ ହଳକ ନେଇ ବଧ କଲେ ଓ
ଯୁଆଳି କାଠରେ ମାଂସ ରାନ୍ଧି ଲୋକମାନଙ୍କୁ ଭୋଜନ ଦେଲେ।
ତା'ପରେ ସେ ଏଲୀୟଙ୍କ ପଶ୍ଚାଦ୍‌ଗମନ କରି ତାଙ୍କର ସାହାଯ୍ୟ
କାରୀ ହେଲେ।

### ବିନ୍‌ହଦଦ୍ ଓ ଆହାବ୍ ଯୁଦ୍ଧ କଲେ

20 ଅରାମର ରାଜା ବିନ୍‌ହଦଦ୍ ଆପଣାର ସମସ୍ତ ସୈନ୍ୟ
ଏକତ୍ରିତ କଲେ। ପୁଣି ତାଙ୍କର ସଙ୍ଗରେ ବତିଶ
ଜଣ ରାଜା ଆଉ ଅଶ୍ୱଗଣ ଓ ରଥମାନ ସଙ୍ଗରେ ଥିଲେ।
ପୁଣି ସେ ଯାଇ ଶମରିୟା ଅବରୋଧ କରି ତହିଁ ବିରୁଦ୍ଧରେ
ଯୁଦ୍ଧ କଲେ। 2ତା'ପରେ ଇଶ୍ରାୟେଲର ରାଜା ଆହାବ୍ ନଗର
ଭିତରକୁ ଦୂତଗଣ ପ୍ରେରଣ କଲେ। 3ସେହି ବାର୍ତ୍ତା ଥିଲା,
"ବିନ୍‌ହଦଦ୍ କହନ୍ତି, 'ତୁମ୍ଭେମାନେ ତୁମ୍ଭର ସମସ୍ତ ରୂପା, ସୁନା
ମୋତେ ଦେବ। ଆଉ ମଧ୍ୟ ତୁମ୍ଭର ଭାର୍ଯ୍ୟା ଓ ସନ୍ତାନମାନଙ୍କୁ
ମୋତେ ଦେଇଦେବ।'"

4ଇଶ୍ରାୟେଲ ରାଜା ଉତ୍ତର ଦେଲେ, "ହେ ମୋର ପ୍ରଭୁ,
ମହାରାଜ, ଆପଣଙ୍କ ବାକ୍ୟାନୁସାରେ ମୁଁ ଓ ମୋର ସର୍ବସ୍ୱ
ଆପଣଙ୍କର।"
5ତା'ପରେ ଦୂତମାନେ ଆହାବ୍‌ଙ୍କ ନିକଟକୁ ଫେରିଆସି
କହିଲେ, "ବିନହଦଦ୍ କହନ୍ତି, 'ତୁମ୍ଭେ ଆପଣା ରୂପା, ସୁନା,
ଭାର୍ଯ୍ୟା ଓ ସନ୍ତାନମାନଙ୍କୁ ମୋ ହସ୍ତରେ ସମର୍ପଣ କର ବୋଲି
ମୁଁ କହି ପଠାଇଲି। 6ଆସନ୍ତାକାଲି ପ୍ରାୟ ଏହି ସମୟରେ ମୁଁ
ତୁମ୍ଭ ନିକଟକୁ ମୋର ଦାସମାନଙ୍କୁ ପଠାଇବି, ସେମାନେ
ତୁମ୍ଭର ଗୃହ ଓ ତୁମ୍ଭ ଅଧିକାରୀମାନଙ୍କର ଗୃହ ଅନୁସନ୍ଧାନ
କରିବେ। ଯାହା କିଛି ମୂଲ୍ୟବାନ ଜିନିଷ ପାଇବେ ସେମାନେ
ନେଇଯିବେ।'"
7ତେଣୁ ରାଜା ଆହାବ୍ ଦେଶର ସମସ୍ତ ପ୍ରାଚୀନବର୍ଗଙ୍କୁ
ଡକାଇଲେ ଏବଂ କହିଲେ, "ମୁଁ ବିନୟ କରି କହୁଛି, ବିଚାର
କର, ବିନ୍‌ହଦଦ୍ ଅସୁବିଧା ସୃଷ୍ଟି କରୁଛି। ପ୍ରଥମେ ସେ
ମୋର ଭାର୍ଯ୍ୟା, ମୋର ସନ୍ତାନଗଣ, ମୋର ସୁନା, ରୂପା
ନେବାକୁ ଲୋକ ପଠାଇଲା ଓ ସେ ସବୁ ଦେବାକୁ ମୁଁ ସମ୍ମତ
ହେଲି। ମାତ୍ର ସେ ବର୍ତ୍ତମାନ ସବୁକିଛି ନେବାକୁ ଚାହୁଁଛି।"
8ଏଥିରେ ସମସ୍ତ ପ୍ରାଚୀନବର୍ଗ ଓ ସମସ୍ତ ଲୋକ ରାଜାଙ୍କୁ
କହିଲେ, "ଆପଣ ତାଙ୍କ କଥାରେ କର୍ଣ୍ଣପାତ କରନ୍ତୁ ନାହିଁ
କିମ୍ବା ସେଥିରେ ସମ୍ମତ ହୁଅନ୍ତୁ ନାହିଁ।"
9ବର୍ତ୍ତମାନ ଆହାବ୍ ବିନହଦଦ୍‌ଙ୍କ ନିକଟକୁ ସମ୍ବାଦ ପଠାଇ
କହିଲେ, "ପ୍ରଥମେ ଆପଣ ଯାହା କହିଥିଲେ ମୁଁ ତାହା
କରିବି ମାତ୍ର ଦ୍ୱିତୀୟରେ ଯେଉଁ ଆଜ୍ଞା ଦେଲେ ତାହା ପାଳନ
କରିବି ନାହିଁ।"
ରାଜା ବିନ୍‌ହଦଦ୍‌ଙ୍କର ଦୂତମାନେ ରାଜାଙ୍କ ନିକଟକୁ ବାର୍ତ୍ତା
ନେଇ ଫେରିଗଲେ। 10ତା'ପରେ ସେହି ଦୂତମାନେ ଅନ୍ୟ
ଏକ ବାର୍ତ୍ତା ନେଇ ବିନ୍‌ହଦଦ୍‌ଠାରୁ ଫେରି ଆସିଲେ ଓ
କହିଲେ, "ମୁଁ ପ୍ରତିଜ୍ଞା କରୁଛି ଯେ, ଶମରୟାକୁ ସମ୍ପୂର୍ଣ୍ଣ
ଧୂଳିସାତ୍ କରିବି। ସେ ନଗରରେ କିଛି ରହିବ ନାହିଁ। ଏପରି
ମୋର ଲୋକମାନଙ୍କ ପାଇଁ ମୁଠାଏ ଧୂଳି ମଧ୍ଯ ଆଣିବାକୁ
ରହିବ ନାହିଁ। ଯଦି ମୁଁ ଏହା ନ କରେ ତେବେ ଦେବତାମାନଙ୍କ
ଦ୍ୱାରା ମୁଁ ଅଧିକ ଦଣ୍ଡିତ ହୋଇପାରେ।"
11ରାଜା ଆହାବ୍ ଉତ୍ତର ଦେଲେ, "ବିନ୍‌ହଦଦ୍‌ଙ୍କୁ କୁହ
ସାଞ୍ଜୁ ପରିଧାନ କରିଥିବା ଲୋକ ସାଞ୍ଜୁ କାଢ଼ିବା ପାଇଁ
ଜୀବିତ ଥିବା ଲୋକପରି ଦର୍ପ ନ କରୁ।"
12ରାଜା ବିନହଦଦ୍ ଅନ୍ୟ ରାଜାମାନଙ୍କ ସହିତ ପାନ
କରୁଥିବା ସମୟରେ ଦୂତମାନେ ଏ ସମ୍ବାଦ ଦେଲେ। ରାଜା
ତାଙ୍କର ଲୋକମାନଙ୍କୁ ପ୍ରସ୍ତୁତ ହେବାକୁ ଆଦେଶ ଦେଲେ।
ତେଣୁ ସେମାନେ ପ୍ରସ୍ତୁତ ହୋଇ ନଗର ବିରୁଦ୍ଧରେ ଆକ୍ରମଣ
କରିବାକୁ ବାହାରିଲେ।
13ସେହି ସମୟରେ ଜଣେ ଭବିଷ୍ୟଦ୍‌ବକ୍ତା ଇଶ୍ରାୟେଲ
ରାଜାଙ୍କ ନିକଟକୁ ଆସି କହିଲେ, "ହେ ରାଜା ଆହାବ୍,
ସଦାପ୍ରଭୁ ଏହା କୁହନ୍ତି, 'ତୁମ୍ଭେ ଏହି ବିପୁଳ ସୈନ୍ୟବାହିନୀ
ଦେଖୁଛ? ମୁଁ ସଦାପ୍ରଭୁ, ତୁମ୍ଭର ଦ୍ୱାରା ଏହାକୁ ପରାଜିତ
କରାଇବି, ତାହା ହେଲେ ତୁମ୍ଭେ ମୋତେ ସଦାପ୍ରଭୁ ବୋଲି
ଜାଣିବ।'"
14ତହୁଁ ଆହାବ୍ କହିଲେ, "କାହାଦ୍ୱାରା ପରାଜିତ କରାଇବେ?"
ଭବିଷ୍ୟଦ୍‌ବକ୍ତା ଉତ୍ତର ଦେଲେ, "ଯୁବା ଲୋକମାନଙ୍କ
ଦ୍ୱାରା 'ଯେଉଁମାନେ ରାଜାଙ୍କର ଅଧିକାରୀମାନଙ୍କର ସାହାଯ୍ୟକାରୀ
ଥିଲେ।'"
ତା'ପରେ ରାଜା କହିଲେ, "କିଏ ଯୁଦ୍ଧ ଆରମ୍ଭ କରିବାକୁ
ସୈନ୍ୟମାନଙ୍କୁ ଆଦେଶ ଦେବା ପାଇଁ ଯାଉଛି?"
ସେ କହିଲେ, "ତୁମ୍ଭେ।"
15ତେଣୁ ଆହାବ୍ ପ୍ରଦେଶର ଯୁବା ଅଧିପତିମାନଙ୍କୁ ଏକତ୍ରିତ
କରି ଗଣିଲେ। ସେମାନଙ୍କ ସଂଖ୍ୟା 232 ହେଲା। ତା'ପରେ
ଇଶ୍ରାୟେଲର ସୈନ୍ୟମାନଙ୍କୁ ଏକତ୍ରିତ କରି ଗଣି ଦେଖିଲେ,
ସେମାନଙ୍କ ସଂଖ୍ୟା 7,000 ହେଲା।
16ମଧ୍ୟାହ୍ନରେ ଯେତେବେଳେ ରାଜା ବିନ୍‌ହଦଦ୍ ଓ ବତିଶ
ଜଣ ଅନ୍ୟ ରାଜା ନିଜ ଶିବିରରେ ପାନ କରୁଥିଲେ ଓ ମତ୍ତ
ହୋଇଥିଲେ, ସେହି ସମୟରେ ଆହାବ୍ ଆକ୍ରମଣ ଆରମ୍ଭ
କରିଦେଲେ। 17ପ୍ରଦେଶର ଯୁବା ଅଧିପତିମାନେ ପ୍ରଥମେ
ଆକ୍ରମଣ କଲେ। ବିନହଦଦ୍‌ର ଲୋକମାନେ ତାଙ୍କୁ ସମ୍ବାଦ
ଦେଲେ: ଶମରୟାର ଲୋକମାନେ ଅଗ୍ରସର କରୁଛନ୍ତି
ଆକ୍ରମଣ କରିବା ପାଇଁ। 18ତେଣୁ ବିନ୍‌ହଦଦ୍ କହିଲେ,
"ସେମାନେ ସନ୍ଧି ପାଇଁ ଆସିଥିଲେ ତାଙ୍କୁ ଜୀବିତ ଧର ଓ
ଯଦି ସେମାନେ ଯୁଦ୍ଧପାଇଁ ଆସିଥିଲେ ସେମାନଙ୍କୁ ଜୀବିତ
ଧର।"
19ଏହା ମଧ୍ଯରେ ପ୍ରଦେଶର ଯୁବା ଅଧିପତିମାନେ ସେ
ଆକ୍ରମଣର ନେତୃତ୍ୱ ନେଲେ ଓ ଇଶ୍ରାୟେଲର ସୈନ୍ୟମାନେ
ତାଙ୍କର ଅନୁସରଣ କଲେ। 20ଇଶ୍ରାୟେଲର ପ୍ରତ୍ୟେକ ଯୋଦ୍ଧା
ତାଙ୍କ ବିରୁଦ୍ଧରେ ଆସିଥିବା ଶତ୍ରୁମାନଙ୍କୁ ବଧ କଲେ, ତା'ପରେ
ଇଶ୍ରାୟେଲୀୟମାନେ ଅରାମୀୟମାନେ ପଳାୟନକାରୀମାନଙ୍କ
ପଛରେ ଗୋଡ଼ାଇଲେ। ଅରାମର ରାଜା ବିନହଦଦ୍
ଅଶ୍ୱାରୋହୀମାନଙ୍କ ସହିତ ଏକ ଅଶ୍ୱ ପୃଷ୍ଠରେ ପଳାଇଯାଇ
ନିଜକୁ ରକ୍ଷା କଲେ। 21ରାଜା ଆହାବ୍ ଅରାମର ସମସ୍ତ ଅଶ୍ୱ
ଓ ରଥକୁ ଅଧିକାର କରିବାର ନେତୃତ୍ୱ ନେଲେ ଓ
ଅରାମୀୟମାନଙ୍କୁ ସମୂଳେ ପରାଜିତ କଲେ।
22ତା'ପରେ ଭବିଷ୍ୟଦ୍‌ବକ୍ତା ଆହାବ୍‌ଙ୍କ ନିକଟକୁ ଯାଇ
କହିଲେ, "ଅରାମର ରାଜା ବିନହଦଦ୍ ପୁନର୍ବାର ଯୁଦ୍ଧ କରିବାକୁ
ଆସନ୍ତା ବସନ୍ତରେ ଆସିବ। ତୁମ୍ଭେ ଘରକୁ ଯାଇ ନିଜର
ସୈନ୍ୟବାହିନୀକୁ ସବଳ କର ଓ ଚିହ୍ନ। ସାବଧାନ ଭାବରେ
ତାଙ୍କୁ ପ୍ରତିରକ୍ଷା ଦେବାକୁ ସୁଚିନ୍ତିତ ଯୋଜନା କର।"

### ବିନ୍‌ହଦଦ୍‌ଙ୍କ ପୁନଃ ଆକ୍ରମଣ

23ବିନ୍‌ହଦଦ୍‌ର ଅଧିକାରୀମାନେ ତାଙ୍କୁ କହିଲେ,
"ଇଶ୍ରାୟେଲର ଦେବତାଗଣ ପର୍ବତଗଣର ଦେବତାଗଣ ଅଟନ୍ତି।
ତେଣୁ ଇଶ୍ରାୟେଲୀମାନେ ବିଜୟୀ ହେଲେ। ଆମ୍ଭେମାନେ
ପର୍ବତରେ ଯୁଦ୍ଧକରି ହାରିଲୁ। ମାତ୍ର ଆମ୍ଭେମାନେ ଯଦି
ପଦାରେ ଯୁଦ୍ଧ କରୁ, ତେବେ ଆମ୍ଭେ ସେମାନଙ୍କ ଅପେକ୍ଷା
ଅଧିକ ଶକ୍ତିଶାଳୀ ହେବୁ। 24ଏହା ହିଁ ତୁମ୍ଭର କରିବା
ଉଚିତ୍। ଆଉ ସୈନ୍ୟଚାଳନା ଦାୟିତ୍ୱ ବତିଶ ରାଜାମାନଙ୍କ
ବଦଳରେ ସେନାପତିମାନଙ୍କ ହସ୍ତରେ ଦିଅନ୍ତୁ।
25"ଆଉ ଆପଣ ହରାଇଥିବା ସୈନ୍ୟ ବଦଳରେ ସୈନ୍ୟ,
ଅଶ୍ୱ ବଦଳରେ ଅଶ୍ୱ ଓ ରଥ ବଦଳରେ ରଥ ସଂଗ୍ରହ

କରନ୍ତୁ। ଆମ୍ଭେମାନେ ପଦାରେ ଲଢ଼ିବା। ପୁଣି ଆମ୍ଭେମାନେ
ନିଶ୍ଚୟ ସେମାନଙ୍କ ଅପେକ୍ଷା ବଳବାନ୍ ହେବା ଓ ଜିତିବା।"
ରାଜା ସେମାନଙ୍କର ପ୍ରସ୍ତାବ ଗ୍ରହଣ କଲେ ଓ ସେହିରୂପେ
କାର୍ଯ୍ୟ କଲେ।

**26**ଅନନ୍ତର ପରବର୍ଷ ବସନ୍ତରେ ବିନ୍‌ହଦଦ୍ ଅରାମୀୟମାନଙ୍କୁ
ଏକତ୍ରିତ କରି ଇସ୍ରାୟେଲ ବିରୁଦ୍ଧରେ ଯୁଦ୍ଧ କରିବାକୁ
ଅଫେକକୁ ଗଲେ।

**27**ଇସ୍ରାୟେଲୀୟ ସୈନ୍ୟ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ଓ
ଅରାମୀୟ ସୈନ୍ୟଗଣ ଆଡ଼କୁ ମାଡ଼ି ଚାଲିଲେ। ସେମାନେ
ଅରାମୀୟମାନଙ୍କ ବିପରୀତ ପାର୍ଶ୍ୱରେ ଶିବିର ସ୍ଥାପନ କଲେ।
ମାତ୍ର ଇସ୍ରାୟେଲର ସୈନ୍ୟଗଣ ଦୁଇଟି କ୍ଷୁଦ୍ର ଛାଗପଲ ସଦୃଶ
ଦେଖା ଯାଉଥିଲା ବେଳେ ଅରାମୀୟମାନେ ସମଗ୍ର ଦେଶରେ
ବ୍ୟାପି ଯାଇଥିଲେ।

**28**ଏହି ସମୟରେ ପରମେଶ୍ୱରଙ୍କ ପ୍ରେରିତ ଜଣେ ଲୋକ
ଆହାବ୍‌ଙ୍କୁ ଆସି କହିଲେ, "ସଦାପ୍ରଭୁ କୁହନ୍ତି, 'ଅରାମୀୟ
ଲୋକମାନେ କହୁଛନ୍ତି ସଦାପ୍ରଭୁ ପର୍ବତଗଣ ପରମେଶ୍ୱର
ଅଟନ୍ତି କିନ୍ତୁ ତଳଭୂମିର ପରମେଶ୍ୱର ନୁହଁନ୍ତି। ତେଣୁ ମୁଁ
ତୁମ୍ଭକୁ ଏହି ବିଶାଳ ସୈନ୍ୟବାହିନୀକୁ ପରାସ୍ତ କରିବାକୁ
ଦେବି। ଯାହା ଫଳରେ ମୁଁ ଯେ ପରମେଶ୍ୱର ତୁମ୍ଭେ ଜାଣି
ପାରିବ।'"

**29**ଦୁଇ ସୈନ୍ୟବାହିନୀ ସାତଦିନ ଧରି ସମ୍ମୁଖାସମ୍ମୁଖୀ
ହୋଇ ଶିବିର ସ୍ଥାପନ କରି ରହିଲେ। ସପ୍ତମ ଦିନରେ ଯୁଦ୍ଧ
ଆରମ୍ଭ ହେଲା ଓ ଇସ୍ରାୟେଲୀୟ ସୈନ୍ୟମାନେ ଗୋଟିଏ
ଦିନରେ ଅରାମୀୟ ସୈନ୍ୟମାନଙ୍କ ମଧ୍ୟରୁ 1,00,000 ପଦାତିକ
ସୈନ୍ୟ ବଧ କଲେ। **30**ମାତ୍ର ଅବଶିଷ୍ଟ ସମସ୍ତ ଲୋକ
ଅଫେକକୁ ପଳାଇ ନଗରରେ ପ୍ରବେଶ କଲେ। ଆଉ
27,000 ସୈନ୍ୟମାନଙ୍କ ଉପରେ ପାଚେରୀ ପଡ଼ିଲା। ବିନ୍‌ହଦଦ୍
ନଗର ମଧ୍ୟକୁ ପଳାଇ ଯାଇ ଏକ କୋଠରୀରେ ଲୁଚି
ରହିଲେ। **31**ତାଙ୍କର ଦାସମାନେ ସେମାନଙ୍କୁ କହିଲେ, "ଆମ୍ଭେ
ଶୁଣିଅଛୁ ଯେ ଇସ୍ରାୟେଲୀୟ ରାଜାଗଣ ଦୟାଳୁ ଅଟନ୍ତି।
ଆମ୍ଭେ ଆପଣଙ୍କୁ ବିନୟ କରୁଛୁ, ଆମ୍ଭମାନଙ୍କୁ କଟିରେ ଅଖା
ପିନ୍ଧିବାକୁ ଓ ମୁଣ୍ଡରେ ରଜ୍ଜୁ ବାନ୍ଧିବାକୁ ଦିଅନ୍ତୁ ଓ ଇସ୍ରାୟେଲ
ରାଜାଙ୍କ ନିକଟକୁ ଯିବାକୁ ଦିଅନ୍ତୁ। ହୁଏତ୍ ସେ ଆମ୍ଭମାନଙ୍କୁ
ବଞ୍ଚିବାକୁ ଦେବେ।"

**32**ତହୁଁ ସେମାନେ କଟିରେ ଅଖା ପିନ୍ଧି ଓ ମୁଣ୍ଡରେ
ରଜ୍ଜୁ ବାନ୍ଧି ଇସ୍ରାୟେଲର ରାଜା ନିକଟକୁ ଯାଇ ବିନୟର
ସହିତ କହିଲେ, "ତୁମ୍ଭର ଦାସ ବିନ୍‌ହଦଦ୍ କହୁଛି, 'ଦୟାକରି
ମୋତେ ବଞ୍ଚାନ୍ତୁ।'"

ଆହାବ୍ ଉତ୍ତର ଦେଲେ, "ସେ କ'ଣ ତଥାପି ବଞ୍ଚିଛି?
ସେ ତ ମୋର ଭାଇ।"

**33**ବିନ୍‌ହଦଦ୍‌ର ଲୋକମାନେ ଜାଣିବାକୁ ଚାହିଁଲେ, ରାଜା
ଆହାବ୍ ବିନ୍‌ହଦଦ୍‌ଙ୍କୁ ଦୟା ଦେଖାଇବେ କି ନା, ସେମାନେ
ଆଶାକଲେ, ଗୋଟିଏ ସୂଚନା ତାଙ୍କ ବାକ୍ୟର ନିଶ୍ଚିତତା
କରିବାକୁ, ତେଣୁ ଏହି କଥାର ସତ୍ୟତା ଜାଣିବା ପାଇଁ
ଆହାବ୍ ଯେତେବେଳେ ବିନ୍‌ହଦଦ୍‌ଙ୍କୁ ଭାଇ ବୋଲି ଡାକିଲା,
ସେମାନେ ସଙ୍ଗେ ସଙ୍ଗେ କହିଲେ, "ହଁ! ବିନ୍‌ହଦଦ୍ ତୁମ୍ଭର
ଭାଇ।"

ତହୁଁ ରାଜା ଆହାବ୍ କହିଲେ, "ମୋ ନିକଟକୁ ତାଙ୍କୁ
ଆଣ।" ବିନ୍‌ହଦଦ୍ ଯେତେବେଳେ ଆସିଲେ ଆହାବ୍ ତାଙ୍କୁ
ନେଇ ନିଜ ରଥରେ ବସାଇଲେ।

**34**ସେତେବେଳେ ବିନ୍‌ହଦଦ୍ ଆହାବ୍‌ଙ୍କୁ କହିଲେ, "ମୋର
ପିତା ଯେଉଁ ନଗରଗୁଡ଼ିକ ତୁମ୍ଭ ପିତାଙ୍କଠାରୁ ନେଇ ଥିଲେ ମୁଁ
ତୁମ୍ଭକୁ ସେଗୁଡ଼ିକ ଫେରାଇ ଦେବାକୁ ଯାଉଛି। ଯେହେତୁ
ମୋର ପିତା ଯେପରି ଶମରୀୟାରେ ବଜାର ଓ ଦୋକାନମାନ
କରିଥିଲେ ଆପଣ ଦମ୍ମେଶକରେ ସେହିପରି କରିବେ।"

ଆହାବ୍ ଉତ୍ତର ଦେଲେ, "ଯଦି ତୁମ୍ଭେ ଏଥିରେ ସମ୍ମତ,
ତେବେ ମୁଁ ତୁମ୍ଭକୁ ଛାଡ଼ି ଦେବି।" ଦୁଇ ରାଜା ଶାନ୍ତିଚୁକ୍ତିରେ
ସମ୍ମତ ହେଲେ ଓ ରାଜା ଆହାବ୍ ବିନ୍‌ହଦଦ୍‌ଙ୍କୁ ମୁକ୍ତ କଲେ।

## ଜଣେ ଭବିଷ୍ୟଦ୍‌ବକ୍ତା ଆହାବ୍ ବିରୁଦ୍ଧରେ କହିଲେ

**35**ଭବିଷ୍ୟଦ୍‌ବକ୍ତାଗଣଙ୍କ ମଧ୍ୟରୁ ଜଣେ ବକ୍ତା ନିଜର
ସାଥୀକୁ କହିଲା, "ମୋତେ ମାର!" ସେ ଏକଥା ସଦାପ୍ରଭୁଙ୍କ
ଆଜ୍ଞାରେ କହିଲା। ମାତ୍ର ସେ ଲୋକ ମାରିବା ପାଇଁ ମନା
କଲା। **36**ତେଣୁ ପ୍ରଥମ ଭବିଷ୍ୟଦ୍‌ବକ୍ତା କହିଲେ, "ତୁମ୍ଭେ
ସଦାପ୍ରଭୁଙ୍କ ବାକ୍ୟ ପାଳନ କଲ ନାହିଁ। ତେଣୁ ତୁମ୍ଭେ ଏସ୍ଥାନ
ତ୍ୟାଗ କଲାବେଳେ ଗୋଟିଏ ସିଂହ ତୁମ୍ଭକୁ ବଧ କରିବ।"
ଯେତେବେଳେ ଦ୍ୱିତୀୟ ଭବିଷ୍ୟଦ୍‌ବକ୍ତା ସେ ସ୍ଥାନରୁ ଗଲା,
ଗୋଟିଏ ସିଂହ ତାକୁ ବଧ କଲା।

**37**ପ୍ରଥମ ଭବିଷ୍ୟଦ୍‌ବକ୍ତା ଅନ୍ୟ ଜଣେ ଲୋକକୁ କହିଲା,
"ମୁଁ ବିନୟ କରୁଅଛି, ତୁମ୍ଭେ ମୋତେ ମାର!"

ସେହି ଲୋକଟି ତାକୁ ମାରି ମାରି କ୍ଷତ ବିକ୍ଷତ କଲା।
**38**ତେଣୁ ଭବିଷ୍ୟଦ୍‌ବକ୍ତା ଆପଣା ମୁଖରେ ବସ୍ତ୍ର ଆବୃତ କରି
ଛଦ୍ମ ବେଶରେ ରହିଲା ଓ ତାକୁ କେହି ଜାଣିପାରିଲେ ନାହିଁ।
ସେ ପଥ ମଧ୍ୟରେ ସେହି ଦେଶରେ ରାଜାଙ୍କୁ ଅପେକ୍ଷା କରି
ରହିଲା। **39**ରାଜା ତା' ବାଟ ଦେଇ ଗଲାବେଳେ ସେ ରାଜାଙ୍କୁ
କହିଲା, "ମୁଁ ଯୁଦ୍ଧ ଭୂମିକୁ ଯାଇଥିଲି। ଆମ୍ଭର ଜଣେ ଲୋକ
ଜଣେ ଶତ୍ରୁ ସୈନ୍ୟକୁ ଆଣି ମୋତେ କହିଲେ, 'ଏହି
ଲୋକଟିକୁ ଜଗ, ଯଦି ସେ ପଳାୟନ କରେ ତେବେ ତୁମ୍ଭେ
ତା' ବଦଳରେ ତୁମ୍ଭର ଜୀବନ ଦେବ। ନଚେତ୍ ଏକତାଳନ୍ତ
ରୁପା ଦେବ।' **40**ମାତ୍ର ମୁଁ ଏଣେତେଣେ କାର୍ଯ୍ୟରତ ଥିଲାବେଳେ
ସେ ଖସିଗଲା।"

ତହିଁରେ ଇସ୍ରାୟେଲର ରାଜା କହିଲେ, "ତୁମ୍ଭେ ଶତ୍ରୁକୁ
ଛାଡ଼ି ଦେଇଥିବାରୁ ଦୋଷୀ ହୋଇଅଛ। ତୁମ୍ଭର ନିଜର
ବାକ୍ୟସବୁ ତୁମ୍ଭର ନିଷ୍ପତ୍ତି ଉଚ୍ଚାରଣ କରେ।"

**41**ଏହାପରେ ସେହି ଭବିଷ୍ୟତ ବକ୍ତା ତା'ର ମୁହଁରୁ ବସ୍ତ୍ର
କାଢ଼ିନେଲା। ଇସ୍ରାୟେଲର ରାଜା ତାକୁ ଜାଣିଲେ ଯେ ସେ
ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରୁ ଅନ୍ୟତମ। **42**ତତ୍ପରେ ସେ
ଭବିଷ୍ୟଦ୍‌ବକ୍ତା ରାଜାଙ୍କୁ କହିଲେ, "ସଦାପ୍ରଭୁ ଏହିକଥା କହନ୍ତି,
'ଆମ୍ଭେ ଯେଉଁ ଲୋକକୁ ବିନାଶାର୍ଥେ ଦେଇଥିଲୁ, ତୁମ୍ଭେ ତାକୁ
ଆପଣା ହସ୍ତରେ ଛାଡ଼ିଅଛ। ଏଣୁ ତା'ର ପ୍ରାଣ ବଦଳରେ
ତୁମ୍ଭର ପ୍ରାଣ ଯିବ। ଆଉ ତାହାର ଲୋକମାନଙ୍କ ବଦଳରେ
ତୁମ୍ଭର ଲୋକମାନେ ଯିବେ।'"

**43**ତା'ପରେ ଇସ୍ରାୟେଲର ରାଜା ବିଦୀର୍ଣ୍ଣ ଓ ବ୍ୟସ୍ତତା
ହୋଇ ଶମରୀୟାରେ ପହଞ୍ଚିଲେ।

## ନାବୋତଙ୍କ ଦ୍ରାକ୍ଷାକ୍ଷେତ୍ର

21 ଶମରୟା ନଗରସ୍ଥ ରାଜା ଆହାବଙ୍କ ପ୍ରାସାଦ ନିକଟରେ
ଏକ ଦ୍ରାକ୍ଷାକ୍ଷେତ୍ର ଥିଲା। ଯିଷ୍ରିୟେଲୀୟ ନିବାସୀ
ନାବୋତ ଏହି ଦ୍ରାକ୍ଷାକ୍ଷେତ୍ରର ଅଧିକାରୀ ଥିଲେ। 2ଦିନେ
ନାବୋତଙ୍କୁ ରାଜା ଆହାବ୍ ଡାକି କହିଲେ, “ମୋତେ ତୁମ୍ଭର
ଏହି ଦ୍ରାକ୍ଷାକ୍ଷେତ୍ରଟି ଦିଅ, ମୁଁ ସେଥିରେ ପନିପରିବା କରିବି।
କାରଣ ଏହା ମୋ ପ୍ରାସାଦ ନିକଟରେ ଅଛି। ଏହି କ୍ଷେତ୍ର
ବଦଳରେ ମୁଁ ତୁମ୍ଭକୁ ଏକ ଭଲ ଦ୍ରାକ୍ଷାକ୍ଷେତ୍ର ଦେବି। ନଚେତ୍
ତୁମ୍ଭେ ଯଦି ଇଚ୍ଛା କରିବ, ତେବେ ମୁଁ ଏହାର ମୂଲ୍ୟ
ରୌପ୍ୟ-ମୁଦ୍ରା ଆକାରରେ ଦେବି।”

3ନାବୋତ ଆହାବ୍‌ଙ୍କୁ କହିଲେ, “ମୁଁ କେବେ ହେଲେ
ମୋର ପୈତୃକ ଭୂମିକୁ ତୁମ୍ଭକୁ ଦେବି ନାହିଁ, ଏହା ପରମେଶ୍ୱର
ମନା କରନ୍ତି।”

4ନାବୋତଙ୍କ କଥା ଆହାବ୍‌ଙ୍କୁ ବହୁତ ବାଧିଲା। ସେ
ଅସନ୍ତୁଷ୍ଟ ହେଲେ ଓ ରାଗିଗଲେ। କାରଣ ନାବୋତ
ତାଙ୍କର, “ପୈତୃକ ସମ୍ପତ୍ତି ଦେବେ ନାହିଁ ବୋଲି ମନା
କଲେ।” ତେଣୁ ଏପରି ଖରାପ ମିଜାସରେ ସେ ଘରକୁ
ଫେରିଲେ। ଏଣୁ ଆହାବ୍ ନ ଖାଇ ନ ପିଇ ଶଯ୍ୟାରେ ପଡ଼ି
ରହିଲେ।

5ଆହାବ୍‌ଙ୍କ ପତ୍ନୀ ଇଷେବଲ ତାଙ୍କ ନିକଟକୁ ଯାଇ ତାଙ୍କୁ
କହିଲେ, “ତୁମ୍ଭେ କାହିଁକି ଏତେ ଦୁଃଖିତ ଓ କାହିଁକି
ଭୋଜନ କରୁନାହଁ?”

6ଆହାବ୍ ଉତ୍ତରରେ କହିଲେ, “ମୁଁ ଯିଷ୍ରିୟେଲୀୟ ନାବୋତକୁ
କହିଲି, ତୁମ୍ଭ ଦ୍ରାକ୍ଷାକ୍ଷେତ୍ରଟି ମୋତେ ଦିଅ ଓ ତା’ ବଦଳରେ
ରୌପ୍ୟମୁଦ୍ରା ନିଅ ନଚେତ୍ ତୁମ୍ଭର ପସନ୍ଦ ମୁତାବକ ତା’ର
ଅନୁରୂପ ଏକ ଦ୍ରାକ୍ଷାକ୍ଷେତ୍ର ନିଅ। ମାତ୍ର ସେ କହିଲା, ମୁଁ
ତୁମ୍ଭକୁ ମୋର ଦ୍ରାକ୍ଷାକ୍ଷେତ୍ର ଦେବାକୁ ଯାଉନାହିଁ।”

7ତାଙ୍କର ପତ୍ନୀ ଇଷେବଲ ତାଙ୍କୁ କହିଲେ, “ତୁମ୍ଭେ କ’ଣ
ଇସ୍ରାୟେଲର ରାଜା ନୁହଁ? ଉଠ, ଭୋଜନ କର ଓ ତୁମ୍ଭର
ମନ ଓ ଶରୀର ପୁଲକିତ ହେଉ। ମୁଁ ତୁମ୍ଭକୁ ଯିଷ୍ରିୟେଲୀୟ
ନାବୋତର ଦ୍ରାକ୍ଷାକ୍ଷେତ୍ର ଦେବି।”

8ତହୁଁ ଇଷେବଲ ଆହାବ୍‌ଙ୍କ ନାମରେ ପତ୍ର ଲେଖି
ତାଙ୍କର ମୋହର ମାରି ନାବୋତ ନଗରସ୍ଥ ଓ ତାହାର
ପ୍ରାଚୀନଗଣଙ୍କ ପାଖରୁ ଓ ପ୍ରଧାନ ଲୋକମାନଙ୍କ ନିକଟକୁ
ସେହି ପତ୍ର ପଠାଇଲେ। 9ସେହି ପତ୍ରରେ ସେ ଏହା
ଲେଖିଥିଲେ:

ଗୋଟିଏ ଉପବାସର ଦିନ ଘୋଷଣା କର ଓ ସମସ୍ତ
ଲୋକଙ୍କୁ ଏକ ସଭାରେ ଏକତ୍ରିତ କର। ଆଉ ସେହି
ସଭାରେ ଆମ୍ଭେମାନେ ନାବୋତ ବିଷୟରେ ବିଚାର କରିବୁ।
10ଦୁଇଜଣ ପାପାଧମ ଲୋକଙ୍କୁ ଖୋଜ ଓ ସେମାନଙ୍କୁ
ନାବୋତ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେବାକୁ କୁହ। ସେମାନେ
କହିବେ ଯେ, ସେମାନେ ଶୁଣିଲେ, ନାବୋତ ପରମେଶ୍ୱର ଓ
ରାଜାଙ୍କୁ ଅଭିଶାପ ଦେଇଛନ୍ତି। ତା’ପରେ ତାକୁ ନଗର
ବାହାରକୁ ନେଇ ପଥରମାରି ବଧ କର।

11ତେଣୁ ନାବୋତର ନଗରସ୍ଥ ପ୍ରାଚୀନ ଓ ପ୍ରଧାନବର୍ଗ
ଇଷେବଲଙ୍କ ପ୍ରେରିତ ପତ୍ର ଅନୁସାରେ କାର୍ଯ୍ୟ କଲେ।
12ସେମାନେ ଗୋଟିଏ ଉପବାସର ଦିନ ଘୋଷଣା କଲେ।
ସମସ୍ତ ଲୋକଙ୍କୁ ଏକତ୍ରିତ ଡକାଇଲେ ଓ ଲୋକମାନଙ୍କ
ସମ୍ମୁଖରେ ନାବୋତକୁ ଏକ ବିଶେଷ ଉଚ୍ଚ ସ୍ଥାନରେ ବସାଇଲେ।
13ତା’ପରେ ଦୁଇଟି ପାପାଧମ ଲୋକ ଆସି ସେମାନଙ୍କ
ସମ୍ମୁଖରେ ସାକ୍ଷୀ ଦେବାକୁ ବସିଲେ। ସେମାନେ ମିଥ୍ୟା ସାକ୍ଷ୍ୟ
ଦେଇ କହିଲେ ଯେ, ନାବୋତ ପରମେଶ୍ୱରଙ୍କୁ ଓ ରାଜାଙ୍କୁ
ଅଭିଶାପ ଦେଇଛି। ତହୁଁ ସେମାନେ ନାବୋତକୁ ନଗର
ବାହାରକୁ ନେଇ ପଥର ମାରି ବଧ କଲେ। 14ତତ୍ପରେ
ସେମାନେ ଇଷେବଲ ନିକଟକୁ ବାର୍ତ୍ତା ପ୍ରେରଣ କରି କହିଲେ,
“ନାବୋତ ପ୍ରସ୍ତରାଘାତରେ ମୃତ୍ୟୁବରଣ କରିଛି।”

15ଯେତେବେଳେ ଇଷେବଲ ନାବୋତର ମୃତ୍ୟୁ ସମ୍ବାଦ
ଶୁଣିଲେ, ସେ ଆହାବଙ୍କୁ କହିଲେ, “ଯିଷ୍ରିୟେଲୀୟ ନାବୋତ
ଯେ କି ରୌପ୍ୟ ମୁଦ୍ରା ଦେଇ ଦ୍ରାକ୍ଷାକ୍ଷେତ୍ର ଦେବାକୁ ନାସ୍ତି
କରିଥିଲା ସେ ବର୍ତ୍ତମାନ ମୃତ। ଏଣିକି ତୁମ୍ଭେ ତା’ର
ଦ୍ରାକ୍ଷାକ୍ଷେତ୍ର ଅଧିକାର କର।” 16ତେଣୁ ଆହାବ୍ ଦ୍ରାକ୍ଷାକ୍ଷେତ୍ରକୁ
ଗଲେ ଓ ସେ କ୍ଷେତକୁ ଅଧିକାର କଲେ।

17ଏହି ସମୟରେ ତିଶ୍‌ବୀୟ ଏଲୀୟଙ୍କ ନିକଟରେ
ସଦାପ୍ରଭୁଙ୍କର ବାର୍ତ୍ତା ଉପସ୍ଥିତ ହେଲା, ଯଥା: 18“ଶମରୟାର
ବାସିନ୍ଦା ଇସ୍ରାୟେଲର ରାଜା ଆହାବ୍ ନିକଟକୁ ଯାଅ, ସେ
ବର୍ତ୍ତମାନ ନାବୋତର ଦ୍ରାକ୍ଷାକ୍ଷେତ୍ରରେ ଅଛି; ସେ ତା’ର
ଦ୍ରାକ୍ଷାକ୍ଷେତ୍ରକୁ ନିଜ ଅଧିକାରକୁ ଆଣିବାକୁ ଯାଇଛି। 19ଆହାବକୁ
କୁହ, ମୁଁ ସଦାପ୍ରଭୁ କହୁଅଛି, ‘ତୁମ୍ଭେ ନାବୋତକୁ ହତ୍ୟା
କରିଛ ଓ ତା’ର ଦ୍ରାକ୍ଷାକ୍ଷେତ୍ରକୁ ଅଧିକାର କରିଅଛ, ମୁଁ
ସଦାପ୍ରଭୁ କହୁଛି, ଯେଉଁ ସ୍ଥାନରେ ନାବୋତର ମୃତ୍ୟୁ ହୋଇଛି,
ସେହି ସ୍ଥାନରେ ତୁମ୍ଭର ମୃତ୍ୟୁ ହେବ। କୁକୁରମାନେ ନାବୋତର
ରକ୍ତକୁ ଯେଉଁ ସ୍ଥାନରେ ଚାଟି ଖାଇଥିଲେ, ସେହି ସ୍ଥାନରେ
ତୁମ୍ଭର ରକ୍ତ ମଧ୍ୟ ଚାଟିବେ।’”

20ଏଲୀୟ ଆହାବ୍‌ଙ୍କ ନିକଟକୁ ଗଲେ, ଆହାବ୍ ଏଲୀୟଙ୍କୁ
କହିଲେ, “ତୁମ୍ଭେ ପୁଣି ମୋତେ ଦେଖା ଦେଲ, ତୁମ୍ଭେ
ସର୍ବଦା ମୋର ବିରୁଦ୍ଧରେ ରହିଛ।”

ଏଲୀୟ ଉତ୍ତର କଲେ, “ହଁ, ମୁଁ ପୁଣି ତୁମ୍ଭକୁ ଦେଖାଦେଲି,
ଯେହେତୁ ତୁମ୍ଭେ ଜୀବନସାରା ସଦାପ୍ରଭୁଙ୍କ ଦୃଷ୍ଟିରେ ମନ୍ଦକର୍ମ
କରି ଚାଲିଛ। 21ତେଣୁ ସଦାପ୍ରଭୁ କହନ୍ତି, ‘ମୁଁ ତୁମ୍ଭକୁ ଓ
ତୁମ୍ଭ ପରିବାରର ପୁଂ ସନ୍ତାନମାନଙ୍କୁ ନିଃଶେଷ କରିବି।
22ତୁମ୍ଭର ପରିବାର ଭାଗ୍ୟ ସେହିଭଳି ହେବ, ନବାଟର ପୁତ୍ର
ଯାରବୟାମର ବଂଶ ତୁଲ୍ୟ ଓ ଅହିୟ ପୁତ୍ର ବାଶାର ବଂଶ
ତୁଲ୍ୟ ସମ୍ପୂର୍ଣ୍ଣ ଧ୍ୱଂସ କରିବି। କାରଣ ତୁମ୍ଭେ ତୁମ୍ଭର
ପାପକର୍ମଦ୍ୱାରା ମୋତେ ବିରକ୍ତ କରିଅଛ ଓ ଇସ୍ରାୟେଲର
ଲୋକମାନଙ୍କୁ ପାପ କରାଇଅଛ।’ 23ଆଉ ସଦାପ୍ରଭୁ କହିଲେ,
‘ତୁମ୍ଭର ପତ୍ନୀ ଇଷେବଲର ମୃତ ଶରୀରକୁ ନଗରର କାନ୍ଥ
ନିକଟରେ ଗୋଟିଏ ଭୂମି ଯିଷ୍ରିୟେଲ ନଗରର କୁକୁରମାନେ
ଖାଇବେ। 24ଆହାବ୍‌ର ଯେଉଁ ଲୋକ ନଗରରେ ମରିବ,
କୁକୁରମାନେ ତାକୁ ଖାଇବେ ଓ ଯେଉଁଲୋକ କ୍ଷେତ୍ରରେ
ମରିବ, ଆକାଶର ପକ୍ଷୀମାନେ ତାକୁ ଖାଇବେ।’”

25ଆହାବ୍ ନିଜର ପତ୍ନୀ ଇଷେବଲ ଦ୍ୱାରା ପ୍ରବର୍ତ୍ତିତ
ହୋଇ ସଦାପ୍ରଭୁଙ୍କ ବିରୁଦ୍ଧରେ ଯେତେ ମନ୍ଦକର୍ମ କଲେ,
ସେପରି ଆଉ କେହି କରି ନଥିଲେ। 26ଆହାବ୍ ପ୍ରତିମାଗଣଙ୍କୁ
ଉପାସନା କରି ଇମୋରୀୟମାନଙ୍କ ପରି ଅତିଶୟ ପାପ

କଲେ। ତେଣୁ ସଦାପ୍ରଭୁ ସେମାନଙ୍କର ସମସ୍ତ ଭୂମି ନେଇ
ଇଶ୍ରାୟେଲୀୟମାନଙ୍କୁ ଦେଇଦେଲେ।
27ଆହାବ୍ ଏହିକଥା ଶୁଣି ଅତ୍ୟନ୍ତ ମର୍ମାହତ ହେଲେ।
ସେ ନିଜର ବସ୍ତ୍ର ଚିରିଲେ ଓ ଦୁଃଖର ଚିହ୍ନ ସ୍ୱରୂପ ଅଖା
ପିନ୍ଧି ଉପବାସ କରି ଅଖାରେ ଶୋଇଲେ, ସେ ଅତି ଦୁଃଖିତ
ଓ ବିବ୍ରତ ହେଲେ।
28ସଦାପ୍ରଭୁଙ୍କର ଏହି ବାକ୍ୟ ତିଶ୍ବୀୟ ଏଲୀୟଙ୍କ ନିକଟରେ
ଉପସ୍ଥିତ ହେଲା, 29"ଆହାବ୍ ତା'ର କୁକର୍ମ ବିଷୟରେ
ଅନୁତାପ କରି ମୋ ସମ୍ମୁଖରେ ନିଜକୁ ନମ୍ର କଲା। ତୁମ୍ଭେ
ଏହା ଦେଖୁଅଛ। ଏହି ହେତୁ ମୁଁ ବର୍ତ୍ତମାନ ତା'ର ଜୀବନରେ
କିଛି ଅମଙ୍ଗଳ ଘଟାଇବାକୁ ଯାଉ ନାହିଁ। ତା'ର ପୁତ୍ର ରାଜା
ହେବା ପର୍ଯ୍ୟନ୍ତ ଅପେକ୍ଷା କରିବି ଏବଂ ତା'ପରେ ତା'ର
ପରିବାର ପ୍ରତି ବିପର୍ଯ୍ୟୟ ଆଣିବି।"

## ମୀଖାୟ ଆହାବ୍‌ଙ୍କୁ ସତର୍କ କରନ୍ତି

22 ଅନନ୍ତର ପରବର୍ତ୍ତୀ ଦୁଇବର୍ଷ ପର୍ଯ୍ୟନ୍ତ ଇଶ୍ରାୟେଲ ଓ
ଅରାମ ମଧ୍ୟରେ ଶାନ୍ତି ବିରାଜମାନ କଲା। 2ତତ୍ପରେ
ତୃତୀୟ ବର୍ଷରେ ଯିହୁଦାର ରାଜା ଯିହୋଶାଫଟ, ଇଶ୍ରାୟେଲର
ରାଜା ଆହାବ୍‌ଙ୍କୁ ସାକ୍ଷାତ କରିବାକୁ ଆସିଲେ।
3ଏହି ସମୟରେ ଆହାବ୍ ତାଙ୍କର ଅଧିକାରୀମାନଙ୍କୁ
କହିଲେ, "ରାମୋତ୍ ଗିଲୀୟଦ୍ ଆମ୍ଭମାନଙ୍କର ଅଟେ, ତୁମ୍ଭେମାନେ
ଏହା ଜାଣ। କିନ୍ତୁ ଅରାମର ରାଜା ଏହା ଅଧିକାର କଲା।
ତଥାପି ଆମ୍ଭେମାନେ ନୀରବରେ ବସି ରହିଛୁ, ଆମ୍ଭେ ଅରାମର
ରାଜାଙ୍କଠାରୁ ତାହା ଫେରାଇ ନେଇ ନାହୁଁ।" 4ତେଣୁ ଆହାବ୍
ଯିହୋଶାଫଟଙ୍କୁ ପଚାରିଲେ, "ତୁମ୍ଭେ କ'ଣ ମୋ ସହିତ ଯୁଦ୍ଧ
କରିବାକୁ ରାମୋତ୍-ଗିଲୀୟଦକୁ ଯାଉଛ?"
ଯିହୋଶାଫଟ୍ କହିଲେ, "ହଁ ମୁଁ ଯୁଦ୍ଧରେ ଯୋଗ ଦେବି।
ମୋର ସୈନ୍ୟ ବାହିନୀ ଓ ଅଶ୍ୱାରୋହୀ ତୁମ୍ଭ ସହିତ ଯୁଦ୍ଧରେ
ଯୋଗ ଦେବେ। 5କିନ୍ତୁ ମୁଁ ବିନୟ କରୁଛି, ଆମ୍ଭେ ସର୍ବ
ପ୍ରଥମେ ସଦାପ୍ରଭୁଙ୍କ ବାକ୍ୟ ପଚାରିବା।"
6ତେଣୁ ଆହାବ୍ 400 ଭବିଷ୍ୟଦ୍‌ବକ୍ତାଙ୍କୁ ଡକାଇ ଏକତ୍ରିତ
କଲେ ଓ ସେମାନଙ୍କୁ ପଚାରିଲେ, "ମୁଁ ରାମୋତ୍-ଗିଲୀୟଦ
ବିରୁଦ୍ଧରେ ପ୍ରଥମେ ଯୁଦ୍ଧ କରିବାକୁ ଯିବା ଉଚିତ୍ କି, ଏଥିରୁ
କ୍ଷାନ୍ତ ହେବା ଉଚିତ୍?"
ତହୁଁ ସେମାନେ ଉତ୍ତର କଲେ, "ତୁମ୍ଭେ ବର୍ତ୍ତମାନ ଯାଇ
ଯୁଦ୍ଧ କରିବା ଉଚିତ, କାରଣ ସଦାପ୍ରଭୁ ତୁମ୍ଭକୁ ବର୍ତ୍ତମାନ
ଜୟଲାଭ କରିବାକୁ ଦେବେ।"
7କିନ୍ତୁ ଯିହୋଶାଫଟ୍ କହିଲେ, "ତୁମ୍ଭମାନଙ୍କ ବ୍ୟତୀତ
ଆଉ କେହି ସଦାପ୍ରଭୁଙ୍କ ଭବିଷ୍ୟଦ୍‌ବକ୍ତା ଏଠାରେ ଅଛନ୍ତି କି?
ଯଦି ସେଠାରେ ଅଛନ୍ତି, ଆମ୍ଭେ ସେମାନଙ୍କୁ ପରମେଶ୍ୱରଙ୍କର
ବାକ୍ୟ ପଚାରନ୍ତୁ।"
8ତହୁଁ ଆହାବ୍ କହିଲେ, "ଅନ୍ୟ ଜଣେ ଭବିଷ୍ୟଦ୍‌ବକ୍ତା
ଏଠାରେ ଅଛନ୍ତି, ଯାହାଙ୍କୁ ଆମ୍ଭେ ପରମେଶ୍ୱରଙ୍କର ବାକ୍ୟ
ବିଷୟରେ ପଚାରି ପାରୁ। ସେ ଇମ୍ଲର ପୁତ୍ର ମୀଖାୟ। କିନ୍ତୁ
ମୁଁ ତାଙ୍କୁ ଘୃଣା କରେ। କାରଣ ସେ ସର୍ବଦା ମୋ ବିରୁଦ୍ଧରେ
ଭବିଷ୍ୟତବାଣୀ କହେ। ସେ କେବେ ମୋର ମଙ୍ଗଳ କଥା
କହେ ନାହିଁ।"
ତହୁଁ ଯିହୋଶାଫଟ୍ କହିଲେ, "ଦୟାକରି ସେପରି କୁହନ୍ତୁ
ନାହିଁ।"
9ତେଣୁ ରାଜା ଆହାବ୍ ଜଣେ ଅଧିକାରୀକୁ ଡାକିଲେ ଏବଂ
ତାଙ୍କୁ ଆଦେଶ ଦେଲେ, "ଇମ୍ଲର ପୁତ୍ର ମୀଖାୟଙ୍କୁ ଶିଘ୍ର
ଆଣ।"
10ସେହି ସମୟରେ ଇଶ୍ରାୟେଲର ରାଜା ଆହାବ୍ ଓ
ଯିହୁଦାର ରାଜା ଯିହୋଶାଫଟ୍ ନିଜ ନିଜର ରାଜ ପୋଷାକ
ପରିଧାନ କରି ଶମରୀୟାର ପ୍ରବେଶଦ୍ୱାର ନିକଟବର୍ତ୍ତୀ ମେଳାରେ
ନିଜ ନିଜ ସିଂହାସନରେ ବସିଥିଲେ ଓ ସେମାନଙ୍କ ସମ୍ମୁଖରେ
ସମସ୍ତ ଭବିଷ୍ୟଦ୍‌ବକ୍ତାଗଣ ଭବିଷ୍ୟଦ୍‌ବାଣୀ ପ୍ରଚାର କରୁଥିଲେ।
11କିନାନାର ପୁତ୍ର ସିଦିକୀୟ ଜଣେ ଭବିଷ୍ୟଦ୍‌ବକ୍ତା ଲୌହମୟ
ଶିଙ୍ଗମାନ ନିର୍ମାଣ କରି ଆହାବ୍‌ଙ୍କୁ କହିଲା, "ସଦାପ୍ରଭୁ କହନ୍ତି,
'ତୁମ୍ଭେ ଏହି ଲୌହମୟ ଶିଙ୍ଗ ଯୁଦ୍ଧରେ ବ୍ୟବହାର କରିବ
ଏବଂ ତୁମ୍ଭେ ଅରାମର ସମସ୍ତ ସୈନ୍ୟମାନଙ୍କୁ ସଂହାର କରିବ
ଏବଂ ଜୟଲାଭ କରିବ।'" 12ଅନ୍ୟ ସମସ୍ତ ଭବିଷ୍ୟଦ୍‌ବକ୍ତା
ତାଙ୍କ ସହିତ ଏକମତ ହୋଇ କହିଲେ, "ରାମୋତ୍-ଗିଲୀୟଦ୍‌କୁ
ଯାଅ ଓ ଅରାମୀୟ ସୈନ୍ୟବାହୀନୀ ବିରୁଦ୍ଧରେ ଯୁଦ୍ଧରେ
ଜୟଲାଭ କର। କାରଣ ସଦାପ୍ରଭୁ ତୁମ୍ଭ ହସ୍ତରେ ସେମାନଙ୍କୁ
ପରାସ୍ତ କରାଇବେ।"
13ଏହି ସମୟରେ ଆହାବ୍‌ଙ୍କ ଅଧିକାରୀ ମୀଖାୟଙ୍କ ନିକଟକୁ
ଯାଇ କହିଲା, "ସମସ୍ତ ଭବିଷ୍ୟଦ୍‌ବକ୍ତା ଏକ ମୁଖରେ ରାଜାଙ୍କର
ମଙ୍ଗଳ ପ୍ରକାଶ କରୁଛନ୍ତି। ତେଣୁ ମୁଁ ବିନୟ କରୁଛି ତୁମ୍ଭେ
ସେମାନଙ୍କ ପରି ମଙ୍ଗଳ ବାକ୍ୟ ରାଜାଙ୍କ ସପକ୍ଷରେ କୁହ।"
14ତହୁଁ ମୀଖାୟ କହିଲେ, "ଯେ ପର୍ଯ୍ୟନ୍ତ ସଦାପ୍ରଭୁ
ଅଛନ୍ତି, ମୁଁ ଶପଥ କରୁଛି ସଦାପ୍ରଭୁ ଯାହା କହିବେ ମୁଁ ତାହା
ହିଁ କହିବି।"
15ତା'ପରେ ମୀଖାୟ ରାଜାଙ୍କ ସମ୍ମୁଖରେ ଛିଡ଼ା ହେଲେ
ଓ ରାଜା ଆହାବ୍ ତାଙ୍କୁ ପଚାରିଲେ, "ମୀଖାୟ, ଆମ୍ଭେମାନେ
ଯୁଦ୍ଧ କରିବାକୁ ରାମୋତ୍-ଗିଲୀୟଦକୁ ଯିବା ଉଚିତ୍ କି କ୍ଷାନ୍ତ
ହେବା ଉଚିତ୍?"
ତହୁଁ ମୀଖାୟ ଉତ୍ତର କଲେ, "ଆପଣ ଯୁଦ୍ଧ କରନ୍ତୁ
ସଦାପ୍ରଭୁ ଆପଣଙ୍କୁ ଜୟ କରାଇବେ।"
16ଆହାବ୍ ପୁଣି ମୀଖାୟକୁ କହିଲେ, "ତୁମ୍ଭେ ତୁମ୍ଭର
ନିଜର ବାକ୍ୟ କୁହ, ମୁଁ ତୁମ୍ଭଙ୍କୁ ସତ କହିବାକୁ କହୁଛି।
କେତେଥର ମୋତେ ତୁମ୍ଭକୁ ଏହା କହିବାକୁ ପଡ଼ିବ?
ସଦାପ୍ରଭୁଙ୍କଠାରୁ ସତ କୁହ।"
17ମୀଖାୟ ଉତ୍ତର କଲେ, "ମୁଁ ସମଗ୍ର ଇଶ୍ରାୟେଲକୁ
ପାଳକହୀନ ମେଷପଲ ସଦୃଶ ଏଣେ ତେଣେ ପର୍ବତମାନଙ୍କରେ
ବୁଲୁଥିବାର ଦେଖିଲି, ଆଉ ସଦାପ୍ରଭୁ କହିଲେ, 'ସେମାନଙ୍କର
ମୁଖ୍ୟ ନାହାଁନ୍ତି, ସେମାନେ ଯୁଦ୍ଧ ନ କରି କୁଶଳରେ ନିଜ
ନିଜ ଗୃହକୁ ଫେରି ଯାଆନ୍ତୁ।'"
18ଆହାବ୍ ଯିହୋଶାଫଟ୍‌ଙ୍କୁ କହିଲେ, "ଦେଖ, ମୁଁ କଣ
କହି ନଥିଲି, ମୀଖାୟ କେବେ ଅମଙ୍ଗଳ ବିନା ମଙ୍ଗଳକର
ଭବିଷ୍ୟଦ୍‌ବାଣୀ ମୋ ବିଷୟରେ କରିବ ନାହିଁ।"
19ପୁଣି ମୀଖାୟ କହିଲେ, "ତୁମ୍ଭେ ସଦାପ୍ରଭୁଙ୍କ ବାକ୍ୟ
ଶୁଣ, "ମୁଁ ଦେଖିଲି ସଦାପ୍ରଭୁ ତାଙ୍କ ସିଂହାସନରେ ଉପବିଷ୍ଟ
ଓ ତାଙ୍କର ଦକ୍ଷିଣ ଓ ବାମ ହସ୍ତରେ ତାହାଙ୍କ ନିକଟରେ

ସ୍ୱର୍ଗୀୟ ଦୂତମାନେ ଉଭା ହୋଇଛନ୍ତି। **20**ସଦାପ୍ରଭୁ କହିଲେ,
'ତୁମ୍ଭମାନଙ୍କ ମଧ୍ୟରୁ କିଏ ରାଜା ଆହାବ୍‌କୁ କୁମନ୍ତ୍ରଣା ଦେବାକୁ
ଯିବ, ସେ ଯେପରି ରାମୋତ୍-ଗିଲୟଦ୍‌କୁ ଯାଇ ଅରାମୀୟ
ବିରୁଦ୍ଧରେ ଯୁଦ୍ଧ କରି ମୃତ୍ୟୁବରଣ କରିବ।' ଏଥିରେ କେହି
ସ୍ୱର୍ଗଦୂତଗଣ ଏକମତ ହେଲେ ନାହିଁ, ସେମାନଙ୍କର କଣ
କରିବା ଉଚିତ୍। **21**ତା'ପରେ ଜଣେ ସ୍ୱର୍ଗଦୂତ ସଦାପ୍ରଭୁଙ୍କ
ନିକଟକୁ ଯାଇ କହିଲା, 'ମୁଁ ତା' ପ୍ରତି ପ୍ରତାରଣା କରିବି।'
**22**ସଦାପ୍ରଭୁ କହିଲେ, 'ତୁମ୍ଭେ କିପରି ତାକୁ ପ୍ରତାରଣା
କରିବ?' ସ୍ୱର୍ଗଦୂତ ଉତ୍ତର ଦେଲା, 'ମୁଁ ସମସ୍ତ ଭବିଷ୍ୟଦ୍‌ବକ୍ତାଙ୍କୁ
ଦ୍ୱନ୍ଦରେ ପକାଇବି। ମୁଁ ସେମାନଙ୍କୁ ରାଜାଙ୍କ ନିକଟରେ ମିଛ
କୁହାଇବି।' ସଦାପ୍ରଭୁ କହିଲେ, 'ଉତ୍ତମ, ଯାଅ, ତାକୁ
କୌଶଳରେ ଠକିବାକୁ ଚେଷ୍ଟା କର। ଏଥିରେ ତୁମ୍ଭେ କୃତକାର୍ଯ୍ୟ
ହେବ।'"

**23**ମୀଖାୟ ଶେଷରେ କହିଲେ, "ଦେଖ, ସଦାପ୍ରଭୁ ତୁମ୍ଭର
ସମସ୍ତ ଭବିଷ୍ୟଦ୍‌ବକ୍ତାଙ୍କୁ ମିଥ୍ୟା କୁହାଇଛନ୍ତି। ସଦାପ୍ରଭୁ ତୁମ୍ଭ
ଉପରେ ଏକ ବଡ ବିପତ୍ତି ଆଣିବାକୁ ନିଷ୍ପତ୍ତି କରିଛନ୍ତି।"

**24**ତହିଁରେ କିନାନାର ପୁତ୍ର ସିଦିକୀୟ ମୀଖାୟର ଗାଲରେ
ଏକ ଚାପୁଡ଼ା ମାରି କହିଲା, "ତୁମ୍ଭେ ଭାବୁଛ କି ସଦାପ୍ରଭୁଙ୍କ
ଆତ୍ମା ମୋତେ ଛାଡ଼ି ଦେଇଛନ୍ତି ଓ ବର୍ତ୍ତମାନ ତୁମ୍ଭ ମାଧ୍ୟମରେ
କହୁଛନ୍ତି। ତୁମ୍ଭକୁ କିପରି କହିଲେ?"

**25**ତହିଁରେ ମୀଖାୟ କହିଲା, "ଖୁବ୍ ଶୀଘ୍ର ସଂକଟ
ଆସିବ। ତୁମ୍ଭେ ନିଜକୁ ଲୁଚାଇବା ପାଇଁ ଗୋଟିଏ ଛୋଟ
କୋଠରୀକୁ ଯିବ। ସେତେବେଳେ ତୁମ୍ଭେ ଆମ୍ଭ କଥା ସତ୍ୟତା
ଜାଣିବ।"

**26**ଆହାବ୍, "ମୀଖାୟକୁ ବନ୍ଦୀ କରିବାକୁ ଜଣେ ଅଧକ୍ଷକୁ
ଆଦେଶ ଦେଲେ ଏବଂ ତାକୁ ଆମୋନର ନଗରାଧ୍ୟକ୍ଷ ଓ
ଯୁବରାଜ ଯୋୟାଶର ନିକଟକୁ ନେଇ ଯିବାକୁ କହିଲେ।
**27**ସେମାନଙ୍କୁ କହିବ ମୁଁ ଯୁଦ୍ଧରୁ ନିରାପଦରେ ଫେରିବା
ପର୍ଯ୍ୟନ୍ତ ମୀଖାୟକୁ କାରାଗାରରେ ରଖିବେ ଓ କିଛି ନଦେଇ
ରୋଟୀ ଓ ପାଣି ଦେବ।"

**28**ତହିଁରେ ମୀଖାୟ ଉଚ୍ଚସ୍ୱରରେ କହିଲେ, "ତୁମ୍ଭେମାନେ
ସମସ୍ତେ ଶୁଣ, ଯଦି ରାଜା ଆହାବ୍ କୁଶଳରେ ଯୁଦ୍ଧ କ୍ଷେତ୍ରରୁ
ଫେରି ଆସେ, ତେବେ ସଦାପ୍ରଭୁ ମୋତେ ବାର୍ତ୍ତା ଦେଇ
ନାହାଁନ୍ତି ବୋଲି ଜାଣିବ।"

**29**ଅନନ୍ତର ଇସ୍ରାୟେଲର ରାଜା ଆହାବ୍ ଓ ଯିହୁଦାର
ରାଜା ଯିହୋଶାଫଟ୍ ଯୁଦ୍ଧ କରିବାକୁ ରାମୋତ୍-ଗିଲୟଦ୍‌କୁ
ଗଲେ। **30**ଇସ୍ରାୟେଲର ରାଜା ଯିହୋଶାଫଟ୍‌କୁ କହିଲେ, "ମୁଁ
ଛଦ୍ମ ବେଶରେ ଯୁଦ୍ଧ କରିବାକୁ ଯିବି, ମାତ୍ର ତୁମ୍ଭେ ତୁମ୍ଭର
ରାଜ ପୋଷାକ ପିନ୍ଧିବ।" ତେଣୁ ଇସ୍ରାୟେଲର ରାଜା ଛଦ୍ମ
ବେଶରେ ଯୁଦ୍ଧକୁ ଗଲେ।

**31**ମାତ୍ର ଅରାମର ରାଜା ତାଙ୍କର ବତିଶ ରଥାଧ୍ୟକ୍ଷଙ୍କୁ
ଆଦେଶ ଦେଲେ, "ତୁମ୍ଭେମାନେ ଇସ୍ରାୟେଲର ରାଜା ବ୍ୟତୀତ
ଅନ୍ୟ କାହା ସଙ୍ଗେ ଯୁଦ୍ଧ କରନାହିଁ। ତୁମ୍ଭେ ନିଶ୍ଚୟ ତାକୁ
ହତ୍ୟା କରିବ। **32**ଯୁଦ୍ଧରେ ସେହି ରଥାଧ୍ୟକ୍ଷମାନେ ଯିହୋଶାଫଟ୍‌ଙ୍କୁ
ଇସ୍ରାୟେଲର ରାଜା ଭାବି ଯେତେବେଳେ ଆକ୍ରମଣ କଲେ,
ସେ ଚିତ୍କାର କରି କହିଲେ। **33**ରଥାଧ୍ୟକ୍ଷମାନେ ଜାଣିଲେ ଯେ
ସେ ଇସ୍ରାୟେଲର ରାଜା ନୁହଁନ୍ତି, ତେଣୁ ସେମାନେ ତାଙ୍କୁ
ମାରିବାରୁ ନିବୃତ୍ତ ହେଲେ। **34**ସେହି ସମୟରେ ଏକ ଶର
ଜଣେ ସୈନ୍ୟ ଦ୍ୱାରା ବିଦ୍ଧ ହୋଇ ଆସିଲା। ଏହା ରାଜାଙ୍କର
ସାଞ୍ଜୁ ଦ୍ୱାରା ଆଚ୍ଛାଦିତ ହୋଇନଥିବା ଦେହର ଅଂଶକୁ ଭେଦ
କଲା। ତେଣୁ ରାଜା ତାଙ୍କ ସାରଥିକି କହିଲେ, "ମୋତେ ଏ
ସ୍ଥାନରୁ ନେଇଯାଅ, କାରଣ ମୁଁ ଗୋଟିଏ ଶରଦ୍ୱାରା ଅତିଶୟ
ଆଘାତ ପାଇଲି।"

**35**ସେଦିନ ସୈନ୍ୟମାନେ ପ୍ରବଳ ଯୁଦ୍ଧ ଚଳାଇଲେ, ରାଜା
ଆହାବ୍ ତାଙ୍କ ରଥରେ ରହିଲେ। ସେ ଅରାମୀୟ ସୈନ୍ୟମାନଙ୍କୁ
ଦେଖି ରଥର ପାର୍ଶ୍ୱରେ ଆଉଜି ହୋଇ ରହିଲେ। ତାଙ୍କର
ରକ୍ତରେ ରଥର ତଳ ସିକ୍ତ ହେଲା ଓ ସନ୍ଧ୍ୟାବେଳକୁ ସେ
ମୃତ୍ୟୁ ବରଣ କଲେ। **36**ପୁଣି ସୂର୍ଯ୍ୟାସ୍ତ ବେଳକୁ ପ୍ରତ୍ୟେକଙ୍କୁ
ନିଜ ନିଜ ନଗରକୁ ଓ ଦେଶକୁ ଫେରିଯିବାକୁ ଆଦେଶ
ଦିଆଗଲା।

**37**ଏହିପରି ଭାବରେ ରାଜା ଆହାବ୍ ମୃତ୍ୟୁ ବରଣ କଲେ
ଓ ତାଙ୍କର ଲୋକ ଶମରୀୟାକୁ ବୋହି ଆଣି ତାଙ୍କୁ କବର
ଦେଲେ। **38**ଆଉ ସେମାନେ ଶମରୀୟାର ପୋଖରୀଠାରେ
ତାହାଙ୍କ ରଥକୁ ଧୋଇଲେ, ଯେଉଁଠାରେ ବେଶ୍ୟାମାନେ ସ୍ନାନ
କରନ୍ତି। କୁକୁରମାନେ ଆହାବ୍‌ର ରକ୍ତ ଚାଟି ଖାଇଲେ।
ଏହିସବୁ ସଦାପ୍ରଭୁଙ୍କ ବାକ୍ୟାନୁସାରେ ଘଟିଲା।

**39**ଆହାବ୍‌ଙ୍କର ଅବଶିଷ୍ଟ ବୃତ୍ତାନ୍ତ ଓ ତାଙ୍କର ସମସ୍ତ
କାର୍ଯ୍ୟକଳାପ ତାଙ୍କର ହସ୍ତୀଦନ୍ତ ନିର୍ମିତ ମନୋହର ପ୍ରାସାଦ
ଏବଂ ତାଙ୍କ ନିର୍ମିତ ସୁଦୃଢ଼ ନଗର ବିଷୟରେ ଇସ୍ରାୟେଲର
ରାଜବଂଶ ଇତିହାସରେ ଲିଖିତ ହୋଇଅଛି। **40**ଆହାବ୍‌ଙ୍କ
ମୃତ୍ୟୁପରେ ସେ ତାଙ୍କର ପୂର୍ବ ପୁରୁଷଙ୍କ ସହିତ କବର
ନେଲେ ଓ ତାଙ୍କ ଅନ୍ତେ ତାଙ୍କ ପୁତ୍ର ଅହସିୟ ତାଙ୍କ ପଦରେ
ରାଜ୍ୟ କଲେ।

## ଯିହୁଦାର ରାଜା ଯିହୋଶାଫଟ୍

**41**ଇସ୍ରାୟେଲର ରାଜା ଆହାବ୍‌ଙ୍କ ରାଜତ୍ୱର ଚତୁର୍ଥ ବର୍ଷରେ
ଆସାଙ୍କର ପୁତ୍ର ଯିହୋଶାଫଟ୍ ଯିହୁଦାର ରାଜା ହେଲେ।
**42**ଯିହୋଶାଫଟ୍ ପଞ୍ଚତିରିଶ ବର୍ଷ ବୟସରେ ରାଜା ହେଲେ ଓ
ସେ ପଚିଶ ବର୍ଷ ଯିରୂଶାଲମରେ ରାଜତ୍ୱ କଲେ। ତାଙ୍କର
ମାତାଙ୍କ ନାମ ଅସୂବା ଓ ସେ ଶଲହିର କନ୍ୟା। **43**ଯିହୋଶାଫଟ୍
ଅତି ଉତ୍ତମ ଥିଲେ। ସେ ତାଙ୍କର ପିତା ଆସାଙ୍କର ପଥ
ଅନୁସରଣ କଲେ ଓ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ଯଥାର୍ଥ
ତାହାହିଁ କଲେ। କିନ୍ତୁ ସେ ଉଚ୍ଚସ୍ଥଳୀଗୁଡ଼ିକୁ ଧ୍ୱଂସ କଲେ
ନାହିଁ। ସେ ସମୟରେ ଲୋକମାନେ ସେହି ଉଚ୍ଚସ୍ଥଳୀରେ
ବଳିଦାନ ଉତ୍ସର୍ଗ କଲେ ଓ ଧୂପ ଜଳାଇଲେ।

**44**ପୁଣି ଯିହୋଶାଫଟ୍ ଇସ୍ରାୟେଲ ରାଜାଙ୍କ ସହିତ ଶାନ୍ତି
ଚୁକ୍ତି କଲେ। **45**ଯିହୋଶାଫଟ୍ ଅତି ସାହସୀ ଥିଲେ ଓ ସେ
ବହୁ ଯୁଦ୍ଧ କରିଥିଲେ। ତାଙ୍କର ସମସ୍ତ କାର୍ଯ୍ୟ ଯିହୁଦାର
ରାଜଗଣଙ୍କ ଇତିହାସ ପୁସ୍ତକରେ ଲିଖିତ ହୋଇଛି। **46**ଯିହୋଶାଫଟ୍
ତାଙ୍କ ପିତା ଆସାଙ୍କ ସମୟରେ ଯେଉଁ ପୁରୁଷ ବେଶ୍ୟାମାନେ
ଥିଲେ ସେମାନଙ୍କୁ ସେ ଦେଶରୁ ତଡ଼ି ଦେଲେ।

**47**ସେହି ସମୟରେ ଇଦୋମର କେହି ରାଜା ନଥିଲେ।
ଯିହୁଦାର ରାଜାଙ୍କ ଦ୍ୱାରା ନିଯୁକ୍ତ ଜଣେ ପ୍ରତିନିଧି ତା'ର
ଶାସନ ଚଳାଇଲେ।

## ଯିହୋଶାଫଟ୍ଙ୍କ ନୌବାହନୀ

**48**ଯିହୋଶାଫଟ୍ ଓଫୀରକୁ ଯାଇ ସୁନା ଆଣିବା ସକାଶେ
ତର୍ଶୀଶର କେତେକ ବାଣିଜ୍ୟ ପୋତ ନିର୍ମାଣ କଲେ, ମାତ୍ର
ସେ ସବୁ ଗଲାନାହିଁ କାରଣ ସେହି ଜାହାଜଗୁଡ଼ିକ ଇତ୍ସିୟୋନ୍
ଗେବରରେ ଭାଙ୍ଗିଗଲା। **49**ଇଶ୍ରାୟେଲର ରାଜା ଆହାବ୍ଙ୍କ ପୁତ୍ର
ଅହସିୟ ଯିହୋଶାଫଟଙ୍କୁ କହିଲେ, ମୋର ନାବିକମାନେ
ତୁମ୍ଭର ନାବିକମାନଙ୍କ ସହିତ ଜାହାଜରେ ଯିବେ, ମାତ୍ର
ଯିହୋଶାଫଟ୍ ଏଥିରେ ରାଜି ହେଲେ ନାହିଁ।

**50**ଯିହୋଶାଫଟ୍ଙ୍କ ମୃତ୍ୟୁ ପରେ ସେ ତାଙ୍କର ପୂର୍ବପୁରୁଷଗଣଙ୍କ
ସହିତ ଦାଉଦ ନଗରରେ କବରରେ ସମାହିତ ହେଲେ।
ତାଙ୍କ ଅନ୍ତେ ତାଙ୍କ ପୁତ୍ର ଯିହୋରାମ୍ ରାଜା ହେଲେ।

## ଇଶ୍ରାୟେଲର ରାଜା ଅହସିୟ

**51**ଯିହୁଦାର ରାଜା ଯିହୋଶାଫଟ୍ଙ୍କ ରାଜତ୍ୱର ସପ୍ତଦଶ
ବର୍ଷରେ ଆହାବ୍ଙ୍କ ପୁତ୍ର ଅହସିୟ ଇଶ୍ରାୟେଲର ରାଜା
ହେଲେ। ସେ ଶମରିୟାରେ ଦୁଇବର୍ଷ ଶାସନ କଲେ।
**52**ଅହସିୟ ଆପଣା ପିତା ଆହାବ୍, ମାତା ଇଷେବଲ ଓ
ନବାଟଙ୍କ ପୁତ୍ର ଯାରବୟାମ ପରି ପାପକର୍ମ କଲେ। ଏହିସବୁ
ଶାସକ ଇଶ୍ରାୟେଲ ଲୋକଙ୍କୁ ପାପ କରାଇଲେ।

**53**ପୁଣି ସେ ଆପଣା ପିତାଙ୍କର ସମସ୍ତ କ୍ରିୟାନୁସାରେ
ବାଲର ଉପାସନା ଓ ସେବା କଲେ ଓ ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱରଙ୍କୁ ବିରକ୍ତ କଲେ। ସଦାପ୍ରଭୁ ତା' ଉପରେ କ୍ରୋଧ
କଲେ, ଯେପରି ତା'ର ପିତାଙ୍କ ଉପରେ କରିଥିଲେ।

# ଶାମୁୟେଲଙ୍କ ଦ୍ୱିତୀୟ ପୁସ୍ତକ

### ଦାଉଦ ଶାଉଲଙ୍କର ମୃତ୍ୟୁ ବିଷୟରେ ଜାଣିବାକୁ ପାଇଲେ

1 ଅମାଲେକୀୟମାନଙ୍କୁ ମାରିସାରିବା ପରେ ଦାଉଦ ସିକ୍ଲଗକୁ
ଫେରି ଆସିଲେ। ଏହା ଠିକ୍ ଶାଉଲଙ୍କର ମୃତ୍ୟୁ ପରେ
ପରେ, ଦାଉଦ ସେଠାରେ ମାତ୍ର ଦୁଇ ଦିନ ରହିଲେ।
2ତା'ପରେ ତୃତୀୟ ଦିନ ଶାଉଲଙ୍କର ଛାଉଣୀରୁ ଜଣେ
ସୈନ୍ୟ ସିକ୍ଲଗ୍କୁ ଆସିଲା। ସେ ଲୋକଟି ଅତ୍ୟନ୍ତ ଦୁଃଖିତ
ଥିଲା। ତା'ର ବସ୍ତ୍ର ଚିରି ଯାଇଥିଲା ଏବଂ ତା' ମୁଣ୍ଡରେ ମାଟି
ବୋଳି ହୋଇଥିଲା। ଉକ୍ତ ଲୋକ ଜଣକ ଦାଉଦଙ୍କ ପାଖକୁ
ଆସି ଭୂମିଷ୍ଠ ପ୍ରଣାମ କଲା।
3ଦାଉଦ ତାଙ୍କୁ ପଚାରିଲେ, "ତୁମ୍ଭେ କେଉଁଠାରୁ ଆସିଅଛ?"
ସେ ଲୋକଟି ଦାଉଦଙ୍କୁ ଉତ୍ତର ଦେଇ କହିଲା, "ମୁଁ
ଇଶ୍ରାୟେଲୀୟ ଛାଉଣୀରୁ ପଳାଇ ଆସିଛି।"
4ଦାଉଦ ସେହି ଲୋକଟିକୁ ପଚାରିଲେ, "ଏ ଯୁଦ୍ଧରେ
କିଏ ଜିତିଲା?"
ଲୋକଟି ଉତ୍ତରରେ କହିଲା, "ଆମର ଲୋକମାନେ ଯୁଦ୍ଧ
କ୍ଷେତ୍ରରୁ ପଳାୟନ କଲେ, ବହୁତ ଲୋକ ଯୁଦ୍ଧରେ ମୃତ୍ୟୁବରଣ
କଲେ, ଏପରିକି ଶାଉଲ ଓ ତାଙ୍କର ପୁତ୍ର ଯୋନାଥନ ମଧ୍ୟ
ମୃତ୍ୟୁବରଣ କଲେ।"
5ଦାଉଦ ସେହି ଯୁବ ସୈନିକକୁ ପଚାରିଲେ, "ଶାଉଲ ଓ
ତାଙ୍କର ପୁତ୍ର ଯୋନାଥନ ମୃତ୍ୟୁବରଣ କଲେ ବୋଲି ତୁମ୍ଭେ
କିପରି ଜାଣିଲ?"
6ଯୁବକ ଜଣକ କହିଲା, "ମୁଁ ଯେତେବେଳେ ଗିଲ୍ବୋୟ
ପର୍ବତ ଉପରେ ଥିଲି, ମୁଁ ଦେଖିଲି, ଶାଉଲ ନିଜର ବର୍ଚ୍ଛା
ଉପରେ ଆଉଜିଛନ୍ତି ଏବଂ ପଲେଷ୍ଟୀୟ ରଥସବୁ ଓ
ଅଶ୍ୱାରୋହୀମାନେ ତାଙ୍କର ପାଖକୁ ଆସୁଛନ୍ତି।" 7ଶାଉଲ
ପଛକୁ ଚାହିଁ ମୋତେ ଦେଖିଲେ ଓ ଡାକିଲେ, ମୁଁ ମଧ୍ୟ
ଉତ୍ତର ଦେଲି। 8ଶାଉଲ ମୋତେ ପଚାରିଲେ, ତୁମ୍ଭେ କିଏ?
ମୁଁ ଉତ୍ତର ଦେଲି ମୁଁ ଜଣେ ଅମାଲେକୀୟ ଲୋକ।
9ତା'ପରେ ଶାଉଲ କହିଲେ, 'ତୁମ୍ଭେ ମୋତେ ହତ୍ୟା କର।
କାରଣ ମୁଁ ବଡ ଯନ୍ତ୍ରଣା ପାଉଛି। ତଥାପି ମୋ ପ୍ରାଣ ସମ୍ପୂର୍ଣ୍ଣ
ରହିଅଛି।' 10ସେ ଗଭୀର ଭାବରେ ଆହତ ହୋଇଥିଲେ। ମୁଁ
ଜାଣିଲି ସେ ବଞ୍ଚିବେ ନାହିଁ, ତେଣୁ ମୁଁ ତାଙ୍କୁ ମାରିଦେଲି,
ତା'ପରେ ମୁଁ ତାଙ୍କ ମୁଣ୍ଡରୁ ମୁକୁଟ ଓ ବାହୁରୁ ବାଜୁ କାଢିଲି,
ଏବଂ ମୁଁ ମୋର ପ୍ରଭୁଙ୍କ ନିକଟକୁ ନେଇ ଆସିଲି।"
11ତା'ପରେ ଦାଉଦ ଦୁଃଖରେ ନିଜର ବସ୍ତ୍ରକୁ ଚିରି
ପକାଇଲେ, ଏବଂ ଦାଉଦଙ୍କ ନିକଟରେ ଥିବା ସମସ୍ତ ଲୋକ
ମଧ୍ୟ ଦାଉଦଙ୍କ ପରି କଲେ। 12ସେମାନେ ଦୁଃଖରେ
କାନ୍ଦିଲେ ଏବଂ ସେମାନେ ମଧ୍ୟ ଦିନସାରା କିଛି ଖାଇଲେ
ନାହିଁ। ସେମାନେ ଏପରି କଲେ କାରଣ ଯୋନାଥନ ଓ
ଶାଉଲ ମୃତ୍ୟୁବରଣ କଲେ ଏବଂ ସଦାପ୍ରଭୁଙ୍କର ବହୁତ
ଇଶ୍ରାୟେଲୀୟ ଲୋକମାନେ ଯୁଦ୍ଧରେ ହତ ହେଲେ। ତେଣୁ
ସେମାନେ କାନ୍ଦିଲେ ଓ ଶୋକ ପାଳନ କଲେ।

### ଦାଉଦ ଅମାଲେକୀୟ ଯୁବକକୁ ମାରିବାକୁ ଆଦେଶ ଦେଲେ

13ତା'ପରେ, ଦାଉଦ ସେହି ଯୁବକ ସହିତ କଥା
ହେଲେ, ଯିଏ ତାଙ୍କୁ ଶାଉଲଙ୍କର ମୃତ୍ୟୁ ବିଷୟରେ କହିଥିଲା
ଏବଂ ପଚାରିଲେ, "ତୁମ୍ଭେ କେଉଁଠାରୁ ଆସିଛ?"
ସେ ଉତ୍ତର ଦେଲା, "ମୁଁ ଜଣେ ବିଦେଶୀର ପୁତ୍ର। ମୁଁ
ଜଣେ ଅମାଲେକୀୟ।"
14ତା'ପରେ ଦାଉଦ ତାକୁ ପଚାରିଲେ, "ତୁମ୍ଭେ କିପରି
ସାହସ କଲ ଓ ସଦାପ୍ରଭୁଙ୍କ ଦ୍ୱାରା ମନୋନୀତ ରାଜାଙ୍କୁ ହତ୍ୟା
କରିବା ପାଇଁ ଭୟ କଲ ନାହିଁ।"
15-16ଦାଉଦ ଅମାଲେକୀୟଙ୍କୁ କହିଲେ, "ତୁମ୍ଭେ ତୁମ୍ଭର
ମୃତ୍ୟୁ ପାଇଁ ଦାୟୀ, ତୁମ୍ଭେ ନିଜେ କହୁଛ ଯେ ସଦାପ୍ରଭୁଙ୍କ
ଦ୍ୱାରା ମନୋନୀତ ରାଜାଙ୍କୁ ତୁମ୍ଭେ ହତ୍ୟା କରିଛ ବୋଲି।
ତେଣୁ ତୁମ୍ଭେ ଦୋଷୀ।" ଦାଉଦ ତାଙ୍କର ଜଣେ ଦାସଙ୍କୁ
ଆଦେଶ ଦେଲେ, ତୁମ୍ଭେ ଏହି ଅମାଲେକୀୟଙ୍କୁ ହତ୍ୟା କର।
ତେଣୁ ସେ ଏହି ଅମାଲେକୀୟଙ୍କୁ ହତ୍ୟା କଲେ।

### ଶାଉଲ ଓ ଯୋନାଥନଙ୍କ ପାଇଁ ଦାଉଦଙ୍କର ଦୁଃଖଭରା ଗୀତ

17ଶାଉଲ ଓ ତାଙ୍କର ପୁତ୍ର ଯୋନାଥନ ପାଇଁ ଦାଉଦ
ଏକ ଦୁଃଖଦ ଗୀତ ଗାଇଲେ। 18ତା'ପରେ ଦାଉଦ ତାଙ୍କର
ଲୋକମାନଙ୍କୁ, ଯିହୁଦୀୟମାନଙ୍କୁ ଉକ୍ତ ଗୀତ ଗାଇବା ପାଇଁ
ଏବଂ ଶିକ୍ଷା ଦେବା ପାଇଁ ଆଦେଶ ଦେଲେ। ଏହାକୁ ଧନୁ
କୁହାଯାଏ। ଏହା ଯାଶେର ପୁସ୍ତକରେ ଲେଖାଅଛି।
19"ହେ ଇଶ୍ରାୟେଲ, ତୁମ୍ଭର ସୌନ୍ଦର୍ଯ୍ୟ ତୁମ୍ଭର ପର୍ବତକୁ
ଭାଙ୍ଗି ଦେଲା। ଦେଖ! କେମିତି ସେହି ବୀରଗଣଙ୍କର ପତନ
ହେଲା।
20ଗାଥ ସହରକୁ ଏହି ସମ୍ବାଦ ଦିଅ ନାହିଁ। ଅସ୍କିଲୋନର
ଦାଣ୍ଡରେ ଏହା ପ୍ରଚାର କର ନାହିଁ। ଯଦି ତୁମ୍ଭେ ଏହା କର,
ସେହି ପଲେଷ୍ଟୀୟ ନଗରଗୁଡ଼ିକ ଆନନ୍ଦ କରିବେ। ସେହି
ନଗରର ଅସଭ୍ୟ ପ୍ରତିମା ପୂଜକଗଣ ଆନନ୍ଦିତ ହେବେ।
21ହେ ଗଲ୍ବୋୟ ପର୍ବତଗଣ, ତୁମ୍ଭମାନଙ୍କ ଉପରେ
କାକର କି ବୃଷ୍ଟି ନ ପଡୁ। ଅଥବା ଉପହାରଜନକ କ୍ଷେତ୍ର
ନହେଉ। କାରଣ ସେଠାରେ ବୀରମାନଙ୍କର ଢାଲ ଅଦରକାରୀ
ପରି ଫିଙ୍ଗି ଦିଆଗଲା। ଶାଉଲଙ୍କର ଢାଲ ତୈଳରେ ଅଭିଷିକ୍ତ
ହେଲା ନାହିଁ।
22ହତ ଲୋକମାନଙ୍କର ରକ୍ତରୁ ବୀରମାନଙ୍କ ମେଦରୁ
ଯୋନାଥନର ଧନୁ ଓ ଶାଉଲଙ୍କର ଖଡ୍ଗ ଶକ୍ତ ହୋଇ
ଫେରେ ନାହିଁ।

**23**ଶାଉଲ ଓ ଯୋନାଥନ ସେମାନଙ୍କ ଜୀବନକାଳ ମଧ୍ୟରେ
ଲୋକମାନଙ୍କଠାରୁ ବହୁତ ପ୍ରେମ ପାଇଲେ। ଏପରିକି ମୃତ୍ୟୁ
ସମୟରେ ମଧ୍ୟ ସେମାନେ ଅଲଗା ହେଲେ ନାହିଁ। ସେମାନେ
ଉତ୍କ୍ରୋଶ ପକ୍ଷୀଠାରୁ ବେଗବାନ ଓ ସିଂହଠାରୁ ବଳବାନ
ଥିଲେ।
**24**ହେ ଇଶ୍ରାୟେଲର କନ୍ୟାଗଣ ଶାଉଲଙ୍କ ପାଇଁ କ୍ରନ୍ଦନ
କର। ସେ ତୁମ୍ଭମାନଙ୍କୁ ସିନ୍ଦୁରବର୍ଣ୍ଣ ବସ୍ତ୍ରରେ ସୁନ୍ଦର ରୂପେ
ବସ୍ତ୍ରାନ୍ୱିତ କଲେ। ସେ ତୁମ୍ଭମାନଙ୍କ ବସ୍ତ୍ର ଉପରେ ସ୍ୱର୍ଣ୍ଣ
ଅଳଙ୍କାର ଖଚିତ କଲେ।
**25**ବୀରମାନେ ଯୁଦ୍ଧରେ ପତିତ ହେଲେ। ଯୋନାଥନ ତୁମ୍ଭ
ରାଜା ପର୍ବତରେ ହତ ହେଲେ।
**26**ହେ ମୋର ଭାଇ ଯୋନାଥନ, ମୁଁ ତୁମ୍ଭ ଲାଗି ଦୁଃଖ
କରୁଅଛି। ମୁଁ ତୁମ୍ଭ ସହିତ ଥିବାରୁ ଆନନ୍ଦ ଉପଭୋଗ
କରୁଅଛି। ମୋର ପ୍ରତି ତୁମ୍ଭର ପ୍ରେମ ଆଶ୍ଚର୍ଯ୍ୟ ଓ ତାହା
ସ୍ତ୍ରୀମାନଙ୍କ ପ୍ରେମରୁ ବଳିଗଲା।
**27**ବୀରମାନେ ଯୁଦ୍ଧରେ ପତିତ ହେଲେ ଏବଂ ଯୁଦ୍ଧାସ୍ତ୍ରଗୁଡ଼ିକ
ଧ୍ୱଂସ କରାଗଲା।”

### ଦାଉଦ ଓ ତାଙ୍କ ଲୋକମାନେ ହିବ୍ରୋଣକୁ ଗଲେ

**2** ଏହାପରେ ଦାଉଦ ସଦାପ୍ରଭୁଙ୍କ ନିକଟରେ ପଚାରିଲେ,
“ମୁଁ କ'ଣ ଯିହୁଦାର କୌଣସି ଏକ ନଗରକୁ ନିୟନ୍ତ୍ରଣ
କରିବାକୁ ଯିବି?”
ସଦାପ୍ରଭୁ ଉତ୍ତର ଦେଲେ, “ଯାଅ।”
ତା'ପରେ ଦାଉଦ ପଚାରିଲେ, “ମୁଁ କେଉଁଠାକୁ ଯିବା
ଉଚିତ୍?”
ସଦାପ୍ରଭୁ କହିଲେ, “ତୁମ୍ଭେ ହିବ୍ରୋଣକୁ ଯାଅ।”
**2**ତେଣୁ ଦାଉଦ ଓ ତାଙ୍କର ଦୁଇ ଜଣ ସ୍ତ୍ରୀଙ୍କ ସହିତ
ହିବ୍ରୋଣକୁ ଗଲେ। ତାଙ୍କର ସ୍ତ୍ରୀମାନେ ଥିଲେ ଯିଷ୍ରିୟେଲୀୟା
ଅହୀନୋୟମ୍ ଓ କର୍ମିଲୀୟ ନାବଲର ସ୍ତ୍ରୀ ଅବୀଗଲ। **3**ଦାଉଦ
ତାଙ୍କର ଲୋକମାନଙ୍କୁ ଓ ସେମାନଙ୍କର ପରିବାରବର୍ଗମାନଙ୍କୁ
ସାଙ୍ଗରେ ନେଇଗଲେ। ଏବଂ ସେମାନେ ସମସ୍ତେ ସେହି
ହିବ୍ରୋଣ ସହରରେ ଓ ତା'ର ପାଖାପାଖି ସହରରେ ବାସ
କଲେ।

### ଦାଉଦ ଯାବେଶ୍‌ର ଲୋକମାନଙ୍କୁ ଧନ୍ୟବାଦ ଦେଲେ

**4**ଯିହୁଦାର ଲୋକମାନେ ହିବ୍ରୋଣକୁ ଆସି ଦାଉଦଙ୍କୁ
ଯିହୁଦାର ରାଜା ଭାବରେ ଅଭିଷିକ୍ତ କଲେ। ତା'ପରେ ସେମାନେ
ଦାଉଦଙ୍କୁ କହିଲେ, “ଯାବେଶ୍ ଗିଲୟଦୀୟମାନେ ଶାଉଲଙ୍କୁ
କବର ଦେଲେ ବୋଲି ଲୋକମାନେ ଦାଉଦଙ୍କୁ ଜଣାଇଲେ।”
**5**ଦାଉଦ ଯାବେଶ୍ ଗିଲୟଦର ଲୋକମାନଙ୍କ ନିକଟକୁ
ଦୂତଗଣ ପଠାଇଲେ ଓ କହିଲେ, “ସଦାପ୍ରଭୁ ତୁମ୍ଭମାନଙ୍କୁ
ଆଶୀର୍ବାଦ କରନ୍ତୁ। କାରଣ ତୁମ୍ଭେମାନେ ନିଜର ପ୍ରଭୁ
ଶାଉଲଙ୍କ ପ୍ରତି ଏହି ଦୟା ପ୍ରକାଶ କରି ତାଙ୍କୁ କବର
ଦେଇଅଛ। **6**ସଦାପ୍ରଭୁ ତୁମ୍ଭମାନଙ୍କ ପ୍ରତି ଦୟା ଓ ବିଶ୍ୱସ୍ତତା
ପ୍ରକାଶ କରନ୍ତୁ। କାରଣ ତୁମ୍ଭେମାନେ ଏହି କର୍ମ କରିଥିବାରୁ
ମୁଁ ମଧ୍ୟ ତୁମ୍ଭମାନଙ୍କୁ ସେହି ଦୟା ପ୍ରଦର୍ଶନ କରିବି।
**7**ତୁମ୍ଭେମାନେ ସାହସୀ ଓ ଶକ୍ତିଶାଳୀ ହୁଅ। ତୁମ୍ଭର ରାଜା
ଶାଉଲ ମୃତ, କିନ୍ତୁ ତୁମ୍ଭର ଯିହୁଦାର ପରିବାରବର୍ଗ ମୋତେ
ରାଜା ଭାବରେ ଅଭିଷିକ୍ତ କରିଛନ୍ତି।”

### ଈଶ୍‌ବୋଶତ ରାଜା ହେଲେ

**8**ନେରର ପୁତ୍ର ଅବ୍‌ନେର ଶାଉଲଙ୍କ ସୈନ୍ୟଦଳର ସେନାପତି
ଥିଲେ। ଅବ୍‌ନେର ଶାଉଲଙ୍କର ପୁତ୍ର ଈଶ୍‌ବୋଶତକୁ ମହନୟିମକୁ
ନେଇଗଲେ। **9**ଏବଂ ତାଙ୍କୁ ଗିଲୟଦ, ଅଶୂରି, ଯିଷ୍ରିୟେଲ ଓ
ଇଫ୍ରୟିମ, ବିନ୍ୟାମୀନ ଓ ସମସ୍ତ ଇଶ୍ରାୟେଲର ରାଜା ଭାବରେ
ଅଭିଷିକ୍ତ କରାଇଲେ।
**10**ଈଶ୍‌ବୋଶତ୍ ଥିଲେ ଶାଉଲଙ୍କର ପୁତ୍ର। ସେ ଯେତେବେଳେ
ଇଶ୍ରାୟେଲର ରାଜା ହେଲେ ତାଙ୍କୁ ସେତେବେଳେ 40 ବର୍ଷ
ବୟସ ହୋଇଥିଲା। ସେ ମାତ୍ର ଦୁଇ ବର୍ଷ ପାଇଁ ରାଜତ୍ୱ
କରିଥିଲେ। କିନ୍ତୁ ଯିହୁଦାର ଲୋକମାନେ ଦାଉଦଙ୍କୁ ରାଜା
ଭାବରେ ମାନୁଥିଲେ। **11**ଦାଉଦ ଥିଲେ ହିବ୍ରୋଣର ରାଜା।
ସେ ଯିହୁଦାର ପରିବାରବର୍ଗ ଉପରେ ସାଢେ ସାତ ବର୍ଷ
ଶାସନ କଲେ।

### ସାଙ୍ଘାତିକ ପ୍ରତିଦ୍ୱନ୍ଦ୍ୱିତା

**12**ନେରର ପୁତ୍ର ଅବ୍‌ନେର ଓ ଶାଉଲଙ୍କର ପୁତ୍ର ଈଶ୍‌ବୋଶତର
କର୍ମଚାରୀମାନେ ମହନୟିମରୁ ଗିବୀୟୋନକୁ ଗଲେ। **13**ସରୁୟାର
ପୁତ୍ର ଯୋୟାବ୍ ଓ ଦାଉଦଙ୍କର ଉଚ୍ଚପଦସ୍ଥ କର୍ମଚାରୀମାନେ
ମଧ୍ୟ ଗିବୀୟୋନକୁ ଗଲେ। ସେମାନେ ଅବ୍‌ନେର ଏବଂ
ଈଶ୍‌ବୋଶତର କର୍ମଚାରୀମାନଙ୍କୁ ଗିବୀୟୋନର ଏକ ପୋଖରୀ
ପାଖରେ ଭେଟିଲେ। ଯୋୟାବର ଦଳ ପୋଖରୀର ଏକ
ପାର୍ଶ୍ୱରେ ବସିଲା ବେଳେ ଅବନେରର ଦଳ ପୋଖରୀର ଅନ୍ୟ
ପାର୍ଶ୍ୱରେ ବସିଲେ।
**14**ଅବ୍‌ନେର ଯୋୟାବକୁ କହିଲେ, “ଯୁବକ ସୈନ୍ୟମାନେ
ଆମ୍ଭମାନଙ୍କ ସମ୍ମୁଖରେ ପ୍ରତିଯୋଗିତା କରନ୍ତୁ।”
ଯୋୟାବ ଉତ୍ତର ଦେଲେ, “ହଁ ପ୍ରତିଯୋଗିତା ହେଉ।”
**15**ତେଣୁ ଯୁବକ ସୈନ୍ୟମାନେ ଉଠିଲେ, ଦୁଇ ଦଳ
ସେମାନଙ୍କର ସୈନ୍ୟମାନେ ପ୍ରତିଯୋଗିତା ପାଇଁ ଗଣତି ହେଲେ।
ସେମାନେ ଶାଉଲଙ୍କର ପୁତ୍ର ଈଶ୍‌ବୋଶତ୍ ପାଇଁ ପ୍ରତିଯୋଗିତା
କରିବା ପାଇଁ ବିନ୍ୟାମୀନ ବଂଶରୁ ବାରଜଣଙ୍କୁ ବାଛିଲେ। ଏବଂ
ସେମାନେ ଦାଉଦଙ୍କର କର୍ମଚାରୀ ମଧ୍ୟରୁ ବାରଜଣଙ୍କୁ ବାଛିଲେ।
**16**ପ୍ରତ୍ୟେକ ସୈନ୍ୟ ଏକ ଆରେକର ମସ୍ତକ ଧରିଲେ ଏବଂ
ଏକ ଆରେକକୁ ଖଡ୍ଗରେ ଭୁଷିଲେ। ତେଣୁ ସେମାନେ ଏକତ୍ର
ପଡ଼ିଗଲେ। ତେଣୁ ସେହି ସ୍ଥାନର ନାମ “ତୀକ୍ଷ୍ଣ ଖଡ୍ଗ କ୍ଷେତ୍ର”
ବୋଲି ଡକାଯାଏ। ସେହି ସ୍ଥାନଟି ଗିବିୟୋନରେ ଥିଲା।

### ଅବନର ଅସାହେଲକୁ ହତ୍ୟା କଲେ

**17**ସେହି ପ୍ରତିଯୋଗିତା ଏକ ଭୟଙ୍କର ଯୁଦ୍ଧରେ ପରିଣତ
ହେଲା। ଦାଉଦର ସୈନ୍ୟମାନେ ସେଦିନ ଅବନର ଓ
ଇଶ୍ରାୟେଲୀୟମାନଙ୍କୁ ପରାସ୍ତ କଲେ। **18**ସରୁୟାର ତିନି ପୁତ୍ର
ଥିଲେ। ସେମାନେ ହେଲେ, ଯୋୟାବ, ଅବୀଶୟ ଏବଂ
ଅସାହେଲ୍। ଅସାହେଲ୍ ଥିଲେ ଜଣେ କ୍ଷିପ୍ର ଧାବକ। ସେ
କୃଷ୍ଣସାର ମୃଗପରି କ୍ଷିପ୍ର ଗତିରେ ଦୌଡ଼ି ପାରନ୍ତି। **19**ଅସାହେଲ
ଅବନେର ପଛେ ପଛେ ଦୌଡ଼ିଗଲା। ଏବଂ ତାଙ୍କ ପଛେ ପଛେ

ଯିବା ଆରମ୍ଭ କଲା। 20ଅବନର ପଛକୁ ଅନାଇ କହିଲା, "ଅସାହେଲ୍ ଏ କି ତୁମ୍ଭେ?"

ସେ ଉତ୍ତର କଲା, "ହଁ ମୁଁ।"

21ଅସାହେଲକୁ ହତ୍ୟା କରିବା ପାଇଁ ଅବନର ଚାହୁଁ ନ ଥିଲେ। ତେଣୁ ଅବନର ଅସାହେଲକୁ କହିଲେ, "ମୋ ପଛରେ ଦୌଡ଼ିବା ବନ୍ଦ କର। ତୁମ୍ଭେ ଅନ୍ୟ ଜଣକ ପଛରେ ଦୌଡ, ତାଠାରୁ ତୁମ୍ଭେ ସହଜରେ ସାଂଜୁ ଛଡ଼ାଇ ତୁମ୍ଭ ପାଇଁ ଆଣିପାରିବ।" କିନ୍ତୁ ଅସାହେଲ ମନା କଲେ ଓ ଅବ୍ନର ପଛରେ ଗୋଡାଇଲେ।

22ଅବ୍ନର ଆଉଥରେ ଅସାହେଲକୁ କହିଲେ, "ମୋ ପଛେ ଗୋଡାଇବା ବନ୍ଦ କର ନଚେତ୍ ମୁଁ ତୁମ୍ଭକୁ ହତ୍ୟା କରିବ। ମୁଁ ତୁମ୍ଭକୁ ହତ୍ୟା କଲେ ତୁମ୍ଭର ଭାଇ ଯୋୟାବକୁ କିପରି ମୁହଁ ଦେଖାଇବି?"

23କିନ୍ତୁ ଅସାହେଲ ଅବ୍ନର ପଛରେ ଦୌଡିବାରୁ ବିରତ ହେଲା ନାହିଁ। ତେଣୁ ଅବ୍ନର ବର୍ଚ୍ଛାର ମୁନରେ ତା'ର ପେଟକୁ ଭୁଷି ଦେବାରୁ ତାହା ପିଠି ଦେଇ ବାହାରି ଗଲା। ତେଣୁ ସେ ସେହିଠାରେ ମରିଗଲା।

### ଯୋୟାବ ଓ ଅବୀଶୟ ଅବ୍ନର ପଛରେ ଗୋଡାଇଲେ

ଅସାହେଲର ମୃତ ଶରୀର ଭୂମି ଉପରେ ସେହିଠାରେ ପଡି ରହିଥିଲା। ଯେତେଲୋକ ସେ ବାଟ ଦେଇ ଦୌଡୁ ଥିଲେ, ସମସ୍ତେ ସେହିଠାରେ ଅଟକି ଗଲେ। 24କିନ୍ତୁ ଯୋୟାବ ଓ ଅବୀଶୟ ଅବନର ପଛରେ ଗୋଡାଇଲେ, ସେମାନେ ଯେତେବେଳେ ଅମା ପର୍ବତ ନିକଟରେ ପହଞ୍ଚିଲେ, ସେତେବେଳକୁ ସୂର୍ଯ୍ୟାସ୍ତ ହୋଇଯାଇ ଥିଲା। ଗିବୟୋନ ମରୁଭୂମିର ପଥ ନିକଟବର୍ତ୍ତୀ ଗୀଆ ପୂର୍ବରୁ ଅମା ପର୍ବତ ଉପସ୍ଥିତ। 25ବିନ୍ୟାମୀନର ପରିବାରବର୍ଗ ଅବନର ଚତୁଃପାର୍ଶ୍ୱରେ ପର୍ବତର ଶିର୍ଷରେ ଘେରି ରହିଥିଲେ।

26ଅବ୍ନର ଯୋୟାବକୁ ଡାକି କହିଲେ, "ଆମ୍ଭେ ନିଶ୍ଚିତ ଯୁଦ୍ଧ କରୁଥିବା ଓ ପରସ୍ପରକୁ ଚିରଦିନ ହତ୍ୟା କରୁଥିବା କି? ତୁମ୍ଭେ ନିଶ୍ଚିତରେ ଜାଣ ଯେ, ଏହା ଦୁଃଖଦ ପୂର୍ଣ୍ଣ ଶେଷ ହେବ। ତୁମ୍ଭମାନଙ୍କର ଲୋକମାନଙ୍କୁ କୁହ ସେମାନଙ୍କର ଭାଇମାନଙ୍କ ପଛରେ ନ ଗୋଡାଇବା ପାଇଁ।"

27ତା'ପରେ ଯୋୟାବ କହିଲା, "ତୁମ୍ଭେ ଗୋଟିଏ ଭଲ କଥା କହିଲ, ପରମେଶ୍ୱର ଜୀବିତ ଥିବା ପ୍ରମାଣେ, ଯଦି ତୁମ୍ଭେ ଏହାପରି କହି ନଥାନ୍ତ, ଲୋକମାନେ ସେମାନଙ୍କର ନିଜର ଭାଇମାନଙ୍କ ପଛରେ ପ୍ରଭାତ ପର୍ଯ୍ୟନ୍ତ ଗୋଡାଉ ଥାନ୍ତେ।" 28ତେଣୁ ଯୋୟାବ ତୂରୀ ବଜାଇଲେ ଓ ଲୋକମାନେ ଇଶ୍ରାୟେଲୀୟମାନଙ୍କ ପଛରେ ଦୌଡ଼ିବା ବନ୍ଦ କଲେ। ତା'ପରେ ସେମାନେ ଆଉ ଯୁଦ୍ଧ କଲେ ନାହିଁ।

29ଅବ୍ନର ଓ ତାଙ୍କର ଲୋକମାନେ ସେ ରାତ୍ରି ତମାମ ଯର୍ଦ୍ଦନ ଉପତ୍ୟକା ଦେଇ ଗମନ କଲେ ଓ ସେମାନେ ଯର୍ଦ୍ଦନ ନଦୀ ପାର ହେଲେ ଓ ସେମାନେ ମହନୟିମକୁ ପହଞ୍ଚିବା ପର୍ଯ୍ୟନ୍ତ ଦିନସାରା ଗମନ କଲେ।

30ଯୋୟାବ ପଶ୍ଚାଦ୍ଧାବନ ବନ୍ଦ କରି ଗଣି ଦେଖିଲେ, ଅସାହେଲକୁ ମିଶାଇ ଦାଉଦଙ୍କର ସୈନ୍ୟମାନଙ୍କ ମଧ୍ୟରୁ ଊଣାଇଶ ଜଣ ନାହାଁନ୍ତି। 31କିନ୍ତୁ ଦାଉଦର ସୈନ୍ୟମାନେ ବିନ୍ୟାମୀନ ପରିବାରରୁ 360 ଜଣ ଅବନରର ଲୋକମାନଙ୍କୁ ମାରି ଦେଇଥିଲେ। 32ଦାଉଦର ସୈନ୍ୟମାନେ ଅସାହେଲ୍ର ଶରୀରକୁ ଆଣି ବୈଥଲେହମ ସ୍ଥିତ ତା'ର ପିତାଙ୍କର କବରରେ କବର ଦେଲେ। ପୁଣି ଯୋୟାବ ଓ ତା'ର ଲୋକମାନେ ରାତ୍ରିସାରା ପଦଗ୍ରଣ କରି ବୁଲିଲେ।

ଏବଂ ସକାଳ ହେଲା ବେଳକୁ ସେମାନେ ହିବ୍ରୋଣ ନିକଟରେ ପହଁଞ୍ଚି ଯାଇଥିଲେ।

### ଇଶ୍ରାୟେଲ ଓ ଯିହୂଦା ମଧ୍ୟରେ ଯୁଦ୍ଧ

3 ଏହିପରି ଭାବରେ, ଦୀର୍ଘଦିନ ଧରି ଦାଉଦ ଓ ଶାଉଲଙ୍କ ପରିବାର ମଧ୍ୟରେ କ୍ରମାଗତ ଯୁଦ୍ଧ ଚାଲିଲା। ଦାଉଦ ଧିରେ ଧିରେ ଶକ୍ତିଶାଳୀ ହେବାକୁ ଲାଗିଲେ ଏବଂ ଶାଉଲର ପରିବାର, ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଲା।

### ହିବ୍ରୋଣଠାରେ ଦାଉଦଙ୍କର ଛଅ ପୁତ୍ର ଜନ୍ମ ହେଲେ

2ଦାଉଦଙ୍କର ଅନେକ ପୁତ୍ର ହିବ୍ରୋଣରେ ଜନ୍ମଲାଭ କଲେ। ତାଙ୍କର ପ୍ରଥମ ପୁତ୍ର ଥିଲେ ଅମ୍ନୋନ୍, ଯିଷ୍ରିୟେଲୀୟାର ତାଙ୍କର ସ୍ତ୍ରୀ ଅହୀନୋୟମଠାରୁ ଜନ୍ମ ହେଲେ। 3କର୍ମିଲୀୟ ନାବଲ୍ର ସ୍ତ୍ରୀ ଅବୀଗଲ୍ଙ୍କଠାରୁ ଜନ୍ମ ହେଲେ ଦ୍ୱିତୀୟ ପୁତ୍ର କିଲାବ୍ ଏବଂ ତୃତୀୟ ପୁତ୍ର ହେଲେ ଅବ୍ଶାଲୋମ୍, ସେ ଗଶୂରର ରାଜା ତଲ୍ମୟର କନ୍ୟା ମାଖାରର ପୁତ୍ର। 4ଚତୁର୍ଥ ପୁତ୍ର ଜନ୍ମ ହେଲେ, ତାଙ୍କର ନାମ ଅଦୋନୀୟ, ଅଦୋନୀୟର ମାତା ହେଲେ, ହଗୀତ୍ ଏବଂ ପଞ୍ଚମ ପୁତ୍ର ହେଲେ ଶଫଟୀୟ ସେ ଅବଟଲର ପୁତ୍ର। 5ଷଷ୍ଠ ପୁତ୍ର ହେଲେ, ଯିତ୍ରିୟମ୍। ସେ ଦାଉଦଙ୍କର ସ୍ତ୍ରୀ ଇଗ୍ଲାର ପୁତ୍ର। ଏହିପରି ଛଅଟି ପୁତ୍ର ଦାଉଦଙ୍କର ହିବ୍ରୋଣରେ ଜନ୍ମ ହେଲେ।

### ଅବନର ଦାଉଦଙ୍କ ସହିତ ଯୋଗ ଦେବାପାଇଁ ନିର୍ଣ୍ଣୟ କଲେ

6ଶାଉଲ ବଂଶ ଓ ଦାଉଦ ବଂଶ ଯୁଦ୍ଧ ଲାଗିବା ସମୟରେ ଅବନର ଶାଉଲଙ୍କ ଗୃହ ମଧ୍ୟରେ ନିଜକୁ ବଳବାନ୍ କଲା। 7ଶାଉଲଙ୍କର ଜଣେ ଉପପତ୍ନୀ ଥିଲା, ଯାହାର ନାମ ରିସ୍ପା, ସେ ଅୟାର କନ୍ୟା ଥିଲା। ଇଶ୍ବୋଶତ୍ ଅବନରକୁ କହିଲେ, "ତୁମ୍ଭେ କାହିଁକି ମୋର ପିତାଙ୍କର ଉପପତ୍ନୀଙ୍କ ସହିତ ଯୌନ ସମ୍ପର୍କ ରଖିଛ?"

8ଅବନର ଇଶ୍ବୋଶତର କଥା ଶୁଣି ଅତି ରାଗରେ କହିଲା, "ମୁଁ ତ ତୁମ୍ଭ ପିତା ଶାଉଲ ବଂଶକୁ ଓ ତାଙ୍କର ଭାଇ ବନ୍ଧୁମାନଙ୍କୁ ଦୟା କରୁଅଛି। ମୁଁ ମଧ୍ୟ ତୁମ୍ଭକୁ ଦାଉଦ ହସ୍ତରେ ସମର୍ପଣ କରିନାହିଁ। ତଥାପି ତୁମ୍ଭେ ଆଜି ଏହି ସ୍ତ୍ରୀ ବିଷୟରେ ଅପରାଧ ମୋ ଉପରେ ଆରୋପ କରୁଅଛ। 9-10ମୁଁ ବର୍ତ୍ତମାନ ଏହି ପ୍ରତିଜ୍ଞା କରୁଅଛି। ମୁଁ ବର୍ତ୍ତମାନ ନିଶ୍ଚିତ ହେଉଅଛି ଯେ, ପରମେଶ୍ୱର ଯାହା କହିଥିଲେ, ତାହା ଘଟିବାକୁ ଯାଉଛି। ସଦାପ୍ରଭୁ କହିଥିଲେ, ଯେ ସେ ଶାଉଲ ବଂଶଠାରୁ ରାଜ ସିଂହାସନ ନେଇ ଦାଉଦକୁ ଦେବେ। ସଦାପ୍ରଭୁ ଦାଉଦଙ୍କୁ ଯିହୁଦା ଏବଂ ଇଶ୍ରାୟେଲର ରାଜା କରିବେ। ସେ ଦାନଠାରୁ ବେର୍ଶେବା ପର୍ଯ୍ୟନ୍ତ ଶାସନ କରିବେ। ଏବଂ ମୁଁ ଭାବୁଛି, ସଦାପ୍ରଭୁ ମୋ ଉପରେ ଅନ୍ୟାୟ କରିବେ ଯଦି ମୁଁ ତାହା ନକରେ।"

11ଇଶ୍‌ବୋଶତ ଅତ୍ୟନ୍ତ ଭୟରେ ସବୁ କଥା ଅବନରକୁ
କହିପାରି ନ ଥିଲା।
12ଅବନର ଦାଉଦଙ୍କ ନିକଟକୁ ଦୂତଗଣ ପଠାଇଲେ ଏବଂ
କହିଲେ, "ଏ ଦେଶକୁ କିଏ ଶାସନ କରିବା ଯୋଗ୍ୟ ବ୍ୟକ୍ତି
ବୋଲି ତୁମ୍ଭେ ଭାବୁଛ? ମୋ ସହିତ ତୁମ୍ଭେ ଏକ ଚୁକ୍ତି କର
ଏବଂ ସମଗ୍ର ଇଶ୍ରାୟେଲ ଉପରେ ତୁମ୍ଭେ ରାଜତ୍ୱ କରିବା
ପାଇଁ ମୁଁ ତୁମ୍ଭକୁ ସାହାଯ୍ୟ କରିବି।"
13ଦାଉଦ କହିଲେ, "ଉତ୍ତମ, ମୁଁ ତୁମ୍ଭ ସହିତ ଚୁକ୍ତି
କରୁଅଛି। କିନ୍ତୁ ମୁଁ ତୁମ୍ଭକୁ ଗୋଟିଏ କଥା ପଚାରିବି, ତୁମ୍ଭେ
ଶାଉଲଙ୍କର କନ୍ୟା ମୀଖଲକୁ ମୋ ସମ୍ମୁଖକୁ ନ ଆଣିବା
ପର୍ଯ୍ୟନ୍ତ ମୁଁ ତୁମ୍ଭକୁ ସାକ୍ଷାତ କରିବି ନାହିଁ।"

## ଦାଉଦ ନିଜ ସ୍ତ୍ରୀ ମୀଖଲକୁ ଫେରି ପାଇଲେ

14ଦାଉଦ ଶାଉଲଙ୍କର ପୁତ୍ର ଇଶ୍‌ବୋଶତଙ୍କ ନିକଟକୁ
ଏକ ଦୂତ ପଠାଇ କହିଲେ, "ମୋର ସ୍ତ୍ରୀ ମୀଖଲକୁ ମୋତେ
ଫେରାଇ ଦିଅ। ଯେହେତୁ ମୁଁ ତାକୁ ପାଇବା ପାଇଁ 100
ଜଣ ପଲେଷ୍ଟୀୟଙ୍କୁ ହତ୍ୟା କରିଛି*।"
15ଇଶ୍‌ବୋଶତ୍ ଲୋକ ପଠାଇ ଲୟିଶର ପୁତ୍ର ପଲ୍‌ଟିୟେଲ୍
ନାମକ ତାହାର ସ୍ୱାମୀ ନିକଟରୁ ମୀଖଲକୁ ନେଲା। 16ତା'ର
ସ୍ୱାମୀ ରୋଦନ କଲା ଏବଂ ବହୁରୀମ ପର୍ଯ୍ୟନ୍ତ ତାକୁ
ଅନୁସରଣ କଲା। ତା'ପରେ ଅବନର ପଲଟିୟେଲଙ୍କୁ କହିଲା,
"ଯାଅ, ଫେରିଯାଅ," ତା'ପରେ ସେ ଫେରିଗଲା।

## ଦାଉଦଙ୍କୁ ସାହାଯ୍ୟ କରିବା ପାଇଁ ଅବ୍‌ନର ପ୍ରତିଜ୍ଞା କଲେ

17ଅବ୍‌ନର ଏହି ବାର୍ତ୍ତା ଇଶ୍ରାୟେଲର ନେତାଙ୍କ ପାଖକୁ
ପଠାଇଲେ। ସେ କହିଲେ, "ତୁମ୍ଭେମାନେ ଦାଉଦଙ୍କୁ ରାଜା
କରିବା ପାଇଁ ଅପେକ୍ଷା କରି ଆସୁଅଛ। 18ବର୍ତ୍ତମାନ ଏହା
କର, ସଦାପ୍ରଭୁ ଦାଉଦଙ୍କ ବିଷୟରେ କହିଥିଲେ ଯେତେବେଳେ
ସେ କହିଲେ, 'ମୁଁ ମୋର ଇଶ୍ରାୟେଲର ଲୋକମାନଙ୍କୁ
ପଲେଷ୍ଟୀୟମାନଙ୍କଠାରୁ ରକ୍ଷା କରିବି ଏବଂ ମୁଁ ସେମାନଙ୍କୁ
ସେମାନଙ୍କର ଅନ୍ୟ ସମସ୍ତ ଶତ୍ରୁଙ୍କଠାରୁ ମଧ୍ୟ ରକ୍ଷା କରିବି।
ମୁଁ ଏହା ମୋର ପ୍ରିୟ ଦାସ ଦାଉଦଙ୍କ ଦ୍ୱାରା ହିଁ କରିବି।'"
19ଅବନର ଏହିସବୁ କଥାଗୁଡ଼ିକ ଦାଉଦଙ୍କୁ ହିବ୍ରୋଣଠାରେ
କହିଲେ। ଏବଂ ବିନ୍ୟାମୀନ ବଂଶଧରଙ୍କୁ କହିଲେ। ଅବନରଙ୍କର
ଏହିକଥା ଇଶ୍ରାୟେଲର ଲୋକମାନଙ୍କୁ ଓ ବିନ୍ୟାମୀନ ପରିବାରବର୍ଗ
ଲୋକମାନଙ୍କୁ ଶୁଣିବାକୁ ଭଲ ଲାଗିଲା।
20ତା'ପରେ ଅବ୍‌ନର ଦାଉଦଙ୍କ ପାଖକୁ ହିବ୍ରୋଣକୁ
ଆସିଲେ। ଅବ୍‌ନର ତାଙ୍କ ସହିତ କୋଡ଼ିଏ ଜଣ ଲୋକଙ୍କୁ
ସାଙ୍ଗରେ ଆଣିଥିଲେ। ଅବନର ଓ ତାଙ୍କ ସହିତ ଆସିଥିବା
ଲୋକମାନଙ୍କୁ ଏକ ଭୋଜି ଦେଲେ।
21ଅବନର ଦାଉଦଙ୍କୁ କହିଲେ, "ହେ ମୋର ପ୍ରଭୁ
ମହାରାଜ, ମୋତେ ଯିବାକୁ ଦିଅ, ଏବଂ ସମସ୍ତ ଇଶ୍ରାୟେଲୀୟମାନଙ୍କୁ
ତୁମ୍ଭ ସମ୍ମୁଖକୁ ଆଣିବାକୁ ଦିଅ। ତା'ପରେ ସେମାନେ ତୁମ୍ଭ
ସମ୍ମୁଖରେ ଏକ ଚୁକ୍ତି କରିବେ। ଏବଂ ଆପଣ ସମଗ୍ର
ଇଶ୍ରାୟେଲର ରାଜା ହେବେ। ଏବଂ ଆପଣଙ୍କ ଇଚ୍ଛା ମତେ
ରାଜତ୍ୱ କରିବେ।" ତେଣୁ ଦାଉଦ ଅବନରକୁ ଯିବାକୁ ଅନୁମତି
ଦେଲେ ଏବଂ ଅବନର ଶାନ୍ତିରେ ଉକ୍ତ ସ୍ଥାନ ପରିତ୍ୟାଗ
କଲେ।

## ଅବ୍‌ନରଙ୍କର ମୃତ୍ୟୁ

22ଯୋୟାବ୍ ଏବଂ ଦାଉଦଙ୍କର ଉଚ୍ଚପଦସ୍ଥ ସାମରିକ
ପଦାଧିକାରୀମାନେ ଯୁଦ୍ଧରୁ ଫେରିଲେ। ଏବଂ ସେମାନେ ସେମାନଙ୍କ
ସହିତ ଶତ୍ରୁମାନଙ୍କଠାରୁ ବହୁ ମୂଲ୍ୟବାନ ପଦାର୍ଥ ସଙ୍ଗରେ
ଆଣିଥିଲେ। ଅବ୍‌ନର ହିବ୍ରୋଣରେ ସେତେବେଳେ ଦାଉଦଙ୍କ
ସଙ୍ଗରେ ନ ଥିଲେ। କାରଣ ସେ ତାଙ୍କୁ ଯିବାକୁ ଦେଇଥିବାରୁ
ସେ ସେଠାରୁ ଶାନ୍ତିରେ ସ୍ଥାନ ପରିତ୍ୟାଗ କରିଥିଲେ। 23ଯୋୟାବ
ଓ ତାଙ୍କର ସୈନ୍ୟମାନେ ହିବ୍ରୋଣଠାରେ ପହଞ୍ଚିଲେ। ସୈନ୍ୟମାନେ
ଯୋୟାବକୁ କହିଲେ, "ନେରର ପୁତ୍ର ଅବନର ଦାଉଦଙ୍କ
ନିକଟକୁ ଆସିଥିଲା ଓ ଦାଉଦ ଅବନରକୁ ଶାନ୍ତିରେ ଯିବାକୁ
ଦେଲେ। ସେଥିପାଇଁ ସେ ନିରାପଦରେ ଫେରିଗଲା।"
24ଯୋୟାବ ରାଜାଙ୍କ ସମ୍ମୁଖକୁ ଆସିଲେ ଏବଂ ପଚାରିଲେ,
"ତୁମ୍ଭେ କ'ଣ କଲ? ଅବ୍‌ନର ଆପଣଙ୍କ ନିକଟକୁ ଆସିଥିଲା,
କିନ୍ତୁ ଆପଣ ତାକୁ ଆଘାତ ନ କରି ପଠାଇ ଦେଲେ।
25ଆପଣ ଜାଣନ୍ତି ଅବ୍‌ନର ହେଉଛି ନେରର ପୁତ୍ର, ଆପଣ
ଜାଣନ୍ତି ଯେ, ସେ ଆପଣଙ୍କ ପାଖକୁ ଛଳନା କରିବାକୁ
ଆସିଥିଲା ଓ ଆପଣ କ'ଣ କରୁଥିଲେ ତାହା ଖୋଜିବାକୁ ସେ
ଆସିଥିଲା।"
26ଯୋୟାବ ଦାଉଦଙ୍କ ନିକଟରୁ ଆସିଲା ଏବଂ ସିରା
ନିକଟରେ ଥିବା ଅବ୍‌ନରଙ୍କ ନିକଟକୁ ଦୂତ ପଠାଇଲେ।
ଦୂତଗଣ ସିରାର କୂଅ ନିକଟରୁ ଅବନରକୁ ଫେରାଇ ଆଣିଲା।
କିନ୍ତୁ ଏକଥା ଦାଉଦଙ୍କୁ ଅଜଣା ଥିଲା। 27ଯେତେବେଳେ
ଅବ୍‌ନର ହିବ୍ରୋଣଠାରେ ପହଞ୍ଚିଲେ। ଯୋୟାବ ତାଙ୍କ ସହିତ
ନିରୋଳାରେ କଥାବାର୍ତ୍ତା ପାଇଁ ତାଙ୍କୁ ନଗର ଦ୍ୱାର ଭିତରକୁ
ନେଇଗଲେ। ଏବଂ ଯୋୟାବ ଅବ୍‌ନରକୁ ସେହିଠାରେ ତାଙ୍କ
ପେଟରେ ଖଡ୍ଗ ଭୁଷି ମାରିଦେଲେ। ଅବ୍‌ନର ଯୋୟାବର ଭାଇ
ଅସାହେଲକୁ ହତ୍ୟା କରିଥିଲେ। ତେଣୁ ଯୋୟାବ ଅବ୍‌ନରକୁ
ହତ୍ୟା କଲେ।

## ଦାଉଦ ଅବ୍‌ନରଙ୍କ ପାଇଁ କାନ୍ଦିଲେ

28ଏହାପରେ ଦାଉଦ ଏକଥା ଜାଣିବାକୁ ପାଇଲେ, ଏବଂ
କହିଲେ, "ନେରର ପୁତ୍ର ଅବ୍‌ନର ରକ୍ତପାତ ବିଷୟରେ
ସବୁବେଳେ ମୁଁ ଓ ମୋର ରାଜ୍ୟ ନିର୍ଦ୍ଦୋଷୀ। ସଦାପ୍ରଭୁ ଏହି
ବିଷୟରେ ଜାଣନ୍ତି। 29ଯୋୟାବ ଏବଂ ତାଙ୍କର ପରିବାର
ଏଥିପାଇଁ ଦାୟୀ ଏବଂ ମୁଁ ଭାବୁଛି ତାଙ୍କର ସମସ୍ତ ପରିବାରବର୍ଗ
ଦୋଷୀ। ତାଙ୍କ ପରିବାରବର୍ଗ ସମସ୍ତେ କୁଷ୍ଠରୋଗରେ ଆକ୍ରାନ୍ତ
ହେବେ, ଅଭାବରେ ରହିବେ ଓ ଯୁଦ୍ଧରେ ହତ ହେବେ।"
30ଯୋୟାବ ଓ ତା'ର ଭାଇ ଅବୀଶୟ ଅବ୍‌ନରକୁ ହତ୍ୟା
କଲେ, କାରଣ ଅବ୍‌ନର ସେମାନଙ୍କର ଭାଇ ଅସାହେଲକୁ
ଗିବୟୋ ଯୁଦ୍ଧରେ ହତ୍ୟା କରିଥିଲେ।
31-32ଦାଉଦ ଯୋୟାବ ଓ ତାଙ୍କ ସହିତ ଥିବା ସମସ୍ତ
ଲୋକଙ୍କୁ କହିଲେ, "ତୁମ୍ଭର ବସ୍ତ୍ର ଚିରିଦିଅ ଓ ସମସ୍ତେ

---

**ମୋର ... ହତ୍ୟା କରିଛି** ଆକ୍ଷରିକଭାବରେ, "ମୁଁ ତା' ପାଇଁ 100 ଜଣ ପଲେଷ୍ଟୀୟମାନଙ୍କର ସୁନ୍ନତ ଚର୍ମ ଦେଇଛି।" ଦେଖନ୍ତୁ ପ୍ର: ଶାମୁୟେଲ 18:20-30, 25:44 .

ଦୁଃଖଦ ବସ୍ତ୍ର ପିନ୍ଧ, ଅବ୍ନରର ପାଇଁ ରୋଦନ କର।"
ସେମାନେ ହିବ୍ରୋଣଠାରେ ଅବ୍ନରଙ୍କୁ କବର ଦେଲେ। ରାଜା
ଦାଉଦ ମଧ୍ଯ ସେ ସ୍ଥାନରେ ଉପସ୍ଥିତ ରହିଲେ। ରାଜା ଦାଉଦ
ଓ ତାଙ୍କର ଲୋକମାନେ କବର ନିକଟରେ ଠିଆ ହୋଇ
ରୋଦନ କଲେ।
33ରାଜା ଦାଉଦ ଅବନର ଚିତାରେ ଛିଡାହୋଇ ଏହି
ଦୁଃଖ ଗୀତ ବୋଲିଲେ,
"ଅବନର ଏକ ଦୁଷ୍ଟ ଦୋଷୀପରି ମଲା କି?
34ଅବ୍ନର ତୁମ୍ଭ ହାତ ବନ୍ଧା ନ ଥିଲା କି? ତୁମ୍ଭ
ପାଦରେ ଶିଙ୍କୁଳି ନ ଥିଲା, ତଥାପି, ତୁମ୍ଭକୁ ଦୁଷ୍ଟ ଲୋକମାନେ
ମାରିଦେଲେ।"
ତା'ପରେ ସମସ୍ତ ଲୋକ ଅବ୍ନର ପାଇଁ ରୋଦନ
କଲେ।
35ଦିନତମାମ ଲୋକମାନେ ଦାଉଦଙ୍କୁ ଖାଇବାକୁ କହିଲେ,
କିନ୍ତୁ ଦାଉଦ ଏକ ପ୍ରତିଜ୍ଞା କରିଥିଲେ ଓ କହିଲେ, "ଯଦି
ସୂର୍ଯ୍ୟାସ୍ତ ପୂର୍ବରୁ ମୁଁ ରୋଟୀ କିମ୍ବା ଅନ୍ୟ କିଛି ଆହାର
କରେ, ତେବେ ପରମେଶ୍ୱର ମୋତେ ଦଣ୍ଡ ଓ ଦୁଃଖ
ଦେବେ।" 36ସମସ୍ତ ଲୋକ ଏକଥା ବୁଝିଲେ, ରାଜା ଯାହା
କରୁଛନ୍ତି ସମସ୍ତଙ୍କ ଦୃଷ୍ଟିରେ ତାହା ଭଲ ଥିଲା ବୋଲି ସମସ୍ତେ
ତାହା ହୃଦୟଙ୍ଗମ କଲେ। 37ଏହିପରି ନେରର ପୁତ୍ର ଅବ୍ନରଙ୍କୁ
ହତ୍ୟା କରିବା ଯେ ରାଜାଙ୍କ ଆଜ୍ଞା ହୋଇ ନାହିଁ, ଏକଥା
ସେଦିନ ଇଶ୍ରାୟେଲର ସମସ୍ତ ଲୋକ ବୁଝିଲେ।
38ରାଜା ଦାଉଦ ତାଙ୍କର ସୈନ୍ୟମାନଙ୍କୁ କହିଲେ,
"ତୁମ୍ଭେମାନେ ଜାଣ ଯେ ଆଜି ଇଶ୍ରାୟେଲର ଜଣେ ମହତ୍ତ୍ୱପୂର୍ଣ୍ଣ
ନେତାଙ୍କର ମୃତ୍ୟୁ ହେଲା। 39ମୁଁ ରାଜା ରୂପେ ଅଭିଷିକ୍ତ
ହେଲେ ହେଁ ତଥାପି ମୁଁ ଆଜି ଦୁର୍ବଳ। ଏହି ସରୁୟାର
ପୁତ୍ରମାନେ ମୋତେ ଅତି ଦୁଃଖର କାରଣ ଦେଲେ। ସଦାପ୍ରଭୁ
ଏହି କୁକାର୍ଯ୍ୟ କରିଥିବା ଲୋକମାନଙ୍କୁ ତାଙ୍କର କୁକର୍ମ
ଅନୁସାରେ ଦଣ୍ଡ ଦିଅନ୍ତୁ।"

## ଶାଉଲଙ୍କ ପରିବାରକୁ ସମସ୍ୟା ଆସିଲା

4 ଶାଉଲର ପୁତ୍ର ଇଶ୍ବୋତ୍ ଶୁଣିବାକୁ ପାଇଲେ ଯେ
ଅବ୍ନର ହିବ୍ରୋଣରେ ମୃତ୍ୟୁବରଣ କରିଛି। ଇଶ୍ବୋତ୍
ଓ ତାଙ୍କର ସମସ୍ତ ଲୋକ ଭୟଭୀତ ହୋଇପଡିଲେ।
2ଦୁଇଜଣ ପୁରୁଷ ଶାଉଲଙ୍କର ପୁତ୍ର ଇଶ୍ବୋଶତ୍‌କୁ ଦେଖିବାକୁ
ଗଲେ। ଏହି ଦୁଇଜଣ ପୁରୁଷ ସୈନ୍ୟମାନଙ୍କର ଅଧିନାୟକ
ଥିଲେ। ସେମାନେ ରେଖବ୍ ଓ ବାନା, ବେରୋତୀୟ ରିମ୍ମୋଣର
ପୁତ୍ର ଥିଲେ। ସେମାନେ ବେରୋତୀୟ ନଗରର ବିନ୍ୟାମୀନ
ପରିବାରବର୍ଗରେ ଗଣିତ ଥିଲେ। 3କିନ୍ତୁ ସମସ୍ତ ବେରୋତୀୟମାନେ
ଗିତ୍ତୟିମକୁ ପଳାଇଲେ ଓ ସେମାନେ ଆଜି ପର୍ଯ୍ୟନ୍ତ ମଧ୍ଯ
ସେହି ସ୍ଥାନରେ ବାସ କରୁଛନ୍ତି।
4ଶାଉଲଙ୍କର ପୁତ୍ର ଯୋନାଥନଙ୍କର ଏକ ପୁତ୍ର ଥିଲେ,
ଯାହାଙ୍କର ନାମଥିଲା ମଫୀବୋଶତ୍। ଯେତେବେଳେ ତାକୁ
ମାତ୍ର ପାଞ୍ଚ ବର୍ଷ ବୟସ ହୋଇଥିଲା, ସେତେବେଳେ ଯିଷ୍ରିୟେଲରୁ
ଖବର ଆସିଲା ଯେ, ଶାଉଲ ଏବଂ ଯୋନାଥନକୁ ହତ୍ୟା
କରାଯାଇଛି। ଯେତେବେଳେ ମଫୀବୋଶତ୍‌ର ଧାତ୍ରୀ ଏ ଖବର
ପାଇଲା, ସେ ମଫୀବୋଶତକୁ ଉଠାଇଲା ଏବଂ ସେ ଉୟରେ
ଦୌଡି ପଳାଇଲା। କିନ୍ତୁ ପିଲାଟି ତଳେ ପଡିଗଲା ଏବଂ
ତା'ପରେ ତା'ର ଦୁଇ ଗୋଡ ଛୋଟା ହୋଇଗଲା।
5ରେଖବ୍ ଓ ବାନା, ଯିଏ କି ବେରୋତୀୟ ରିମ୍ମୋଣର
ପୁତ୍ର। ସେମାନେ ମଧ୍ୟାହ୍ନ ସମୟରେ ଇଶ୍ବୋଶତ୍‌ଙ୍କ ଗୃହରେ
ପ୍ରବେଶ କଲେ। ସେହି ସମୟରେ ଇଶ୍ବୋତ୍ ବିଶ୍ରାମ
ନେଉଥିଲେ, କାରଣ ସେହି ଅପରାହ୍ନ ବହୁତ ଗରମ ଥିଲା।
6-7ରେଖବ ଓ ବାନା ଇଶ୍ବୋଶତ୍‌ର ଗୃହରେ ପ୍ରବେଶ
କଲେ, ସତେ ଯେପରି ସେମାନେ ଗହମ ନେବାକୁ ଆସିଛନ୍ତି।
ଇଶ୍ବୋଶତ୍ ସେହି ସମୟରେ ତାଙ୍କର ଶୋଇବା ଘରେ
ବିଛଣା ଉପରେ ବିଶ୍ରାମ ନେଉଥିଲେ। ସେହି ସମୟରେ
ରେଖବ୍ ଓ ବାନା ତାଙ୍କର ପେଟରେ ଖଡ୍ଗ ଭୁଷି ହତ୍ୟା
କଲେ ଓ ତାଙ୍କର ମୁଣ୍ଡ କାଟି ତାଙ୍କ ସହିତ ନେଇ ଆସିଲେ।
ସେମାନେ ଯର୍ଦ୍ଦନ ଉପତ୍ୟକା ଦେଇ ରାତିସାରା ଗଲେ।
8ସେମାନେ ଆସି ହିବ୍ରୋଣରେ ପହଞ୍ଚିଲେ ଏବଂ ସେମାନେ
ଦାଉଦଙ୍କୁ ଇଶ୍ବୋଶତ୍‌ର କଟାମୁଣ୍ଡ ଦେଲେ।
ରେଖବ୍ ଓ ବାନା ଦାଉଦଙ୍କୁ କହିଲେ, "ଏହିଠାରେ
ଆପଣଙ୍କର ଶତ୍ରୁର ମୁଣ୍ଡ ପଡ଼ିଅଛି। ଶାଉଲଙ୍କର ପୁତ୍ର ଇଶବୋଶତ,
ଯିଏ କି ଆପଣଙ୍କୁ ମାରିବାକୁ ଚାହିଁଥିଲା। ସଦାପ୍ରଭୁ, ଆଜି ପ୍ରଭୁ
ମୋର ରାଜା ଆପଣଙ୍କ ପାଇଁ ଶାଉଲ ଓ ତାଙ୍କର ପରିବାରକୁ
ଦଣ୍ଡିତ କରିଛନ୍ତି।"
9ତଥାପି ଦାଉଦ ରିମ୍ମୋଣର ପୁତ୍ରଗଣ ରେଖବ୍ ଓ
ବାନାକୁ କହିଲେ, "ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ ସେ
ମୋତେ ସମସ୍ତ ବିପଦରୁ ରକ୍ଷା କରିଛନ୍ତି। 10କିନ୍ତୁ ଯେତେବେଳେ
ଜଣେ ନିଜକୁ ଶୁଭବାର୍ତ୍ତା ଆଣିଛି ବୋଲି ମନେ କରି ମୋତେ
କହିଲା, 'ଦେଖନ୍ତୁ ଶାଉଲ ମରିଅଛି।' ମୁଁ ତାକୁ ପୁରସ୍କାର
ଦେବା ପରିବର୍ତ୍ତେ ଯାହା ସେ ଆଶା କରିଥିଲା, ତାକୁ ଖଡ୍ଗ
ଦ୍ୱାରା ସିକ୍ଲଗ୍‌ରେ ହତ୍ୟା କଲି। 11ତେଣୁ ମୁଁ ତୁମ୍ଭକୁ ହତ୍ୟା
କରିବି ଓ ତୁମ୍ଭମାନଙ୍କୁ ଏହି ଭୂମିରୁ ଉଚ୍ଛନ୍ନ କରିବି। କାରଣ
ତୁମ୍ଭେ ଦୁଷ୍ଟ ପ୍ରକୃତିର ଲୋକ, ଏକ ଧର୍ମପରାୟଣ ଲୋକକୁ
ହତ୍ୟା କରିଛ, ଯେତେବେଳେ ସେ ତା'ର ନିଜ ଗୃହରେ
ତା'ର ଶଯ୍ୟାରେ ବିଶ୍ରାମ ନେଉଥିଲା।"
12ତେଣୁ ରାଜା ଦାଉଦ ତାଙ୍କର ଯୁବା ସୈନିକମାନଙ୍କୁ
ରେଖବ ଓ ବାନାକୁ ହତ୍ୟା କରିବା ପାଇଁ ଆଦେଶ ଦେଲେ।
ସୈନ୍ୟମାନେ ରେଖବ ଓ ବାନାର ହସ୍ତ ଓ ପାଦ କାଟି
ହିବ୍ରୋଣସ୍ଥ ପୋଖରୀ ନିକଟରେ ଝୁଲାଇ ଦେଲେ। ଏବଂ
ଇଶ୍ବୋଶତ୍‌ର ମସ୍ତକ ନେଇ ହିବ୍ରୋଣରେ ଅବ୍ନର କବରରେ
କବର ଦେଲେ।

## ଇଶ୍ରାୟେଲୀୟମାନେ ଦାଉଦଙ୍କୁ ରାଜା କଲେ

5 ତା'ପରେ ଇଶ୍ରାୟେଲର ସମସ୍ତ ପରିବାରବର୍ଗ ହିବ୍ରୋଣଠାରେ
ଦାଉଦଙ୍କ ନିକଟକୁ ଆସିଲେ। ସେମାନେ କହିଲେ,
"ଆମ୍ଭେମାନେ ତୁମ୍ଭର ନିଜ ପରିବାର।" 2ଏପରିକି ଯେତେବେଳେ
ଶାଉଲ ରାଜା ଥିଲେ ସେତେବେଳେ ଆପଣ ଆମ୍ଭମାନଙ୍କୁ
ଯୁଦ୍ଧରେ ଆଗେଇ ନେଇଥିଲେ। ଆଉ ଆପଣ ହେଉଛନ୍ତି
ସେହି ଲୋକ ଯେ କି ଯୁଦ୍ଧରୁ ଇଶ୍ରାୟେଲକୁ ନଗରପଦରେ
ଫେରାଇ ଆଣିଥିଲେ ଏବଂ ସଦାପ୍ରଭୁ ତୁମ୍ଭକୁ କହିଛନ୍ତି, 'ତୁମ୍ଭେ
ମୋର ଲୋକମାନଙ୍କର ମେଷପାଳକ ହେବ। ଇଶ୍ରାୟେଲ

ଓ ତୁମ୍ଭେ ଇଶ୍ରାୟେଲର ଲୋକମାନଙ୍କ ଉପରେ ଶାସନ
କରିବ।’”
3ତେଣୁ ଇଶ୍ରାୟେଲର ସମସ୍ତ ନେତାମାନେ ରାଜା ଦାଉଦଙ୍କ
ସାକ୍ଷାତ ପାଇଁ ହିବ୍ରୋଣକୁ ଆସିଲେ। ତହିଁରେ ରାଜା ଦାଉଦ
ହିବ୍ରୋଣରେ ସଦାପ୍ରଭୁଙ୍କ ସମ୍ମୁଖରେ ସେମାନଙ୍କ ସହିତ ଚୁକ୍ତି
କଲେ ଓ ସେମାନେ ଇଶ୍ରାୟେଲର ରାଜା ରୂପେ ଦାଉଦଙ୍କୁ
ଅଭିଷିକ୍ତ କଲେ।
4ଯେତେବେଳେ ଦାଉଦଙ୍କ ତିରିଶବର୍ଷ ବୟସ ଥିଲା, ସେ
ରାଜତ୍ୱ କରିବା ଆରମ୍ଭ କଲେ। ସେ ଚାଳିଶବର୍ଷ ଧରି ରାଜତ୍ୱ
କଲେ। 5ହିବ୍ରୋଣରେ, ସେ ଯିହୁଦା ଉପରେ ସାତ
ବର୍ଷ ଓ ଛଅ ମାସ ରାଜତ୍ୱ କଲେ; ପୁଣି ସେ ଯିରୁଶାଲମରେ
ସମସ୍ତ ଇଶ୍ରାୟେଲ ଓ ଯିହୁଦା ଉପରେ ତେତିଶ ବର୍ଷ ରାଜତ୍ୱ
କଲେ।

## ଦାଉଦ ଯିରୁଶାଲମ ନଗରକୁ ଜୟ କଲେ

6ଏହାପରେ ରାଜା ଓ ତାଙ୍କର ଲୋକମାନେ ଯିରୁଶାଲମରେ
ବାସ କରୁଥିବା ଯିବୂଷୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ
ଗଲେ। ଏହି ଯିବୂଷୀୟମାନେ ଦାଉଦଙ୍କୁ କହିଲେ, “ତୁମ୍ଭେ
ଏହି ସ୍ଥାନକୁ ଆସି ପାରିବ ନାହିଁ। ଏପରିକି ଆମ୍ଭମାନଙ୍କର
ଅନ୍ଧ ଓ ଅଥର୍ବ ଲୋକମାନେ ତୁମ୍ଭକୁ ଅଟକାଇ ପାରିବେ।
ସେମାନେ ଏହି ଚିନ୍ତାଧାରା ପ୍ରକାଶ କଲେ ଯେ, ସେମାନଙ୍କର
ନଗରରେ ପ୍ରବେଶ କରିବା ପାଇଁ ଦାଉଦ ଅକ୍ଷମ ହେବେ।”
7ତଥାପି ଦାଉଦ ସିୟୋନର ଦୃଢ଼ ଗଡ ଅଧିକାର କଲେ।
ତାହା ହେଲା ଦାଉଦ ନଗର।
8ସେହି ଦିନ ଦାଉଦ ତାଙ୍କର ଲୋକମାନଙ୍କୁ କହିଲେ,
“ଯେଉଁମାନେ ଯିବୂଷୀୟମାନଙ୍କୁ ଆକ୍ରମଣ କରିବା ପାଇଁ ଇଚ୍ଛା
କରୁଛନ୍ତି ସେମାନେ ପାଣିନଳ* ମଧ୍ୟ ଦେଇ ଯିବା ଉଚିତ୍ ଓ
ସେହିସବୁ ଛୋଟା ଓ ଅନ୍ଧ ଲୋକମାନଙ୍କ ପାଖକୁ ପହଞ୍ଚିବା
ଉଚିତ୍।”
ସେଥିପାଇଁ ଲୋକମାନେ କହନ୍ତି, “ଅନ୍ଧ ଓ ଛୋଟାମାନେ
ଗୃହ ଭିତରକୁ ଆସିପାରିବେ ନାହିଁ।”
9ଦାଉଦ ସେହି ଦୁର୍ଗରେ ବାସ କଲେ, ଏବଂ ସେହି
ସହରକୁ, “ଦାଉଦ ସହର ନାମରେ ନାମିତ କଲେ।” ଦାଉଦ
ମିଲ୍ଲୋ ସ୍ଥାନକୁ ନିର୍ମାଣ କରିବାକୁ ଆରମ୍ଭ କଲେ। ସେ ମଧ୍ୟ
ନଗର ଭିତରେ ବହୁତ ପକ୍କାଘର ନିର୍ମାଣ କଲେ। 10ଆଉ
ସର୍ବଶକ୍ତିମାନ ସଦାପ୍ରଭୁ ଦାଉଦଙ୍କର ସହାୟ ହେବାରୁ ଦାଉଦ
ଆହୁରି ଅଧିକରୁ ଅଧିକ ଶକ୍ତିଶାଳୀ ହେଲେ।
11ସୋରର ରାଜା ହୀରମ୍ ଦାଉଦଙ୍କ ନିକଟକୁ ଦୂତଗଣ
ପଠାଇଲେ। ହୀରମ୍ ମଧ୍ୟ ଏରସ କାଠ, ବଢ଼ାଇ ଓ
ରାଜମିସ୍ତ୍ରୀମାନଙ୍କୁ ପଠାଇଲେ। ସେମାନେ ଦାଉଦଙ୍କ ପାଇଁ ଏକ
ଘର ତିଆରି କଲେ। 12ସଦାପ୍ରଭୁ ଦାଉଦଙ୍କୁ ଇଶ୍ରାୟେଲର
ରାଜା କଲେ ଓ ତାଙ୍କର ଇଶ୍ରାୟେଲର ଲୋକମାନଙ୍କ ପାଇଁ
ରାଜ୍ୟକୁ ଅତ୍ୟଧିକ କ୍ଷମତା ଦେଲେ। ଏହା ଦାଉଦ ବୁଝି
ପାରିଲେ।
13ଦାଉଦ ହିବ୍ରୋଣରୁ ଯିରୁଶାଲମକୁ ଗଲେ। ସେଠାରେ
ସେ ଅନେକ ସ୍ତ୍ରୀମାନଙ୍କୁ ଓ ଅନେକ ଉପପତ୍ନୀମାନଙ୍କୁ ବିବାହ
କଲେ ଏବଂ ସେଠାରେ ତାଙ୍କଠାରୁ ଅନେକ ପିଲା ଜନ୍ମ
ହେଲେ। 14ସେହିସବୁ ପୁତ୍ର ଯେଉଁମାନେ ଯିରୁଶାଲମରେ
ଦାଉଦଙ୍କ ଔରସରୁ ଜନ୍ମ ହେଲେ। ସେମାନେ ହେଲେ,
ସମ୍ମୂୟ, ଶୋବବ୍, ନାଥନ୍ ଓ ଶଲୋମନ୍। 15ଯିଭର,
ଇଲୀଶୂୟ, ନେଫଗ୍ ଓ ଯାଫିୟ, 16ଇଲୀଶାମା, ଇଲୀୟାଦା ଓ
ଇଲୀଫେଲଟ ନାମରେ ଜଣା।

## ଦାଉଦ ପଲେଷ୍ଟୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ

17ପଲେଷ୍ଟୀୟମାନେ ଜାଣିବାକୁ ପାଇଲେ ଯେ, ସମଗ୍ର
ଇଶ୍ରାୟେଲୀୟମାନଙ୍କ ରାଜା ଭାବରେ ଦାଉଦଙ୍କୁ ବଛା ଯାଇଛି।
ତେଣୁ ଦାଉଦଙ୍କୁ ମାରିବା ପାଇଁ ସମସ୍ତ ପଲେଷ୍ଟୀୟ ଦାଉଦଙ୍କୁ
ଖୋଜିଲେ। ତେଣୁ ଦାଉଦ ଏହା ଜାଣିପାରି ଯିରୁଶାଲମରେ
ଥିବା ଗଡ ଭିତରେ ଯାଇ ଲୁଚିଲେ। 18ପଲେଷ୍ଟୀୟମାନେ
ଫେରି ରଫାୟିମ୍ ଉପତ୍ୟକାରେ ସେନାଛାଉଣୀ ପକାଇଲେ।
19ଦାଉଦ ସଦାପ୍ରଭୁଙ୍କ ସମ୍ମୁଖରେ ପଚାରିଲେ, “ମୋର
ପଲେଷ୍ଟୀୟମାନଙ୍କ ସହିତ ଯୁଦ୍ଧ କରିବା ଉଚିତ୍ କି?
ପଲେଷ୍ଟୀୟମାନଙ୍କୁ ପରାସ୍ତ କରିବା ପାଇଁ ଆପଣ ମୋତେ
ସାହାଯ୍ୟ କରିବେ କି?”
ସଦାପ୍ରଭୁ ଉତ୍ତର ଦେଲେ, “ମୁଁ ତୁମ୍ଭକୁ ନିଶ୍ଚିତ
ପଲେଷ୍ଟୀୟମାନଙ୍କୁ ପରାସ୍ତ କରିବାରେ ସାହାଯ୍ୟ କରିବ।”
20ତା’ପରେ ଦାଉଦ ବାଲ୍-ପରାସୀମକୁ ଗଲେ, ଏବଂ
ସେଠାରେ ପଲେଷ୍ଟୀୟମାନଙ୍କୁ ପରାସ୍ତ କଲେ। ଦାଉଦ କହିଲେ,
“ସଦାପ୍ରଭୁ ମୋର ଶତ୍ରୁମାନଙ୍କୁ ଛିନ୍ନ ବିଛିନ୍ନ କଲେ, ଯେପରି
ନଦୀ ଭଙ୍ଗାବନ୍ଧକୁ ଭାଙ୍ଗି ବହି ନେଇଯାଏ।” ଯେଉଁଥିପାଇଁ
ଦାଉଦ ଉକ୍ତ ସ୍ଥାନର ନାମ “ବାଲ୍-ପରାସୀମ*” ରଖିଥିଲେ।
21ସେହି ସ୍ଥାନରେ ପଲେଷ୍ଟୀୟମାନେ ସେମାନଙ୍କର ମୂର୍ତ୍ତିଗୁଡ଼ିକୁ
ଛାଡ଼ି ଚାଲିଗଲେ। ଦାଉଦ ଓ ତାଙ୍କର ପୁରୁଷମାନେ ସେହିସବୁ
ମୂର୍ତ୍ତିଗୁଡ଼ିକୁ ଦୂରେଇ ଦେଲେ। 22ଆଉଥରେ ପଲେଷ୍ଟୀୟମାନେ
ରଫାୟିମ ଉପତ୍ୟକାରେ ଛାଉଣୀ ପକାଇଲେ।
23ଦାଉଦ ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ ଏବଂ ତା’ପରେ
ସଦାପ୍ରଭୁ ତାଙ୍କୁ କହିଲେ, “ସେଠାରେ ଆଗକୁ ଯାଅ ନାହିଁ।
ତୁମ୍ଭେମାନେ ସେମାନଙ୍କ ପଛରେ ଯାଅ ଏବଂ ତୂତ୍‌ବୃକ୍ଷ ଆର
ପାର୍ଶ୍ୱରେ ସେମାନଙ୍କୁ ପଛପଟୁ ଆକ୍ରମଣ କର। 24ତୁମ୍ଭେମାନେ
ସେହି ତୂତ୍‌ବୃକ୍ଷ ଡାଳ ଉପରେ ସୈନ୍ୟମାନଙ୍କର ପଦାଚାରଣର
ଶବ୍ଦ ପରି ଶବ୍ଦ ଶୁଣିପାରିବ। ତେବେ ତୁମ୍ଭେମାନେ ସେମାନଙ୍କୁ
ଶିଘ୍ର ଆକ୍ରମଣ କରିବ, କାରଣ ସେହି ସମୟରେ ସଦାପ୍ରଭୁ
ତୁମ୍ଭମାନଙ୍କ ଆଗରେ ଯିବେ ଏବଂ ତୁମ୍ଭମାନଙ୍କ ସକାଶେ
ପଲେଷ୍ଟୀୟମାନଙ୍କୁ ପରାସ୍ତ କରିବେ।”
25ସଦାପ୍ରଭୁ ଯେପରି ଆଜ୍ଞା ଦେଲେ, ଦାଉଦ ସେହିପରି
କଲେ ଓ ଗେବାଠାରୁ ଗେଷର ପର୍ଯ୍ୟନ୍ତ ପଲେଷ୍ଟୀୟମାନଙ୍କୁ
ପରାସ୍ତ କଲେ।

**ପାଣିନାଳ** ଯିରୁଶାଲମର ପ୍ରାଚୀନ ନଗର ତଳେ ଏକ ପାଣି ଥିବା ସୁଡଙ୍ଗ ଥିଲା ଏବଂ ସଂକର୍ଣ୍ଣ ସୁଡଙ୍ଗ ନଗର ଭିତରକୁ ଯାଇଥିଲା। ନଗରର ଲୋକମାନେ ଏହାକୁ କୂଅରୂପେ ବ୍ୟବହାର କରୁଥିଲେ। ଦାଉଦର ଲୋକମାନଙ୍କ ମଧ୍ୟରୁ ଜଣେ ସେହି ସୁଡଙ୍ଗ ଉପରକୁ ଆରୋହଣ କଲେ, ନଗରକୁ ପ୍ରବେଶ କରିବା ପାଇଁ।

**ବାଲ-ପରାସୀମ** ଏହି ନାମର ଅର୍ଥ ସଦାପ୍ରଭୁ ଭାଙ୍ଗି ଦିଅନ୍ତି।

## ପରମେଶ୍ୱରଙ୍କର ପବିତ୍ର ସିନ୍ଦୁକ ଯିରୁଶାଲମକୁ ନିଆଗଲା

6 ଦାଉଦ ଆଉ ଥରେ ବଛା ବଛା 30,000 ସୈନ୍ୟମାନଙ୍କୁ
ଇଶ୍ରାୟେଲରେ ଏକତ୍ରିତ କଲେ। 2ଦାଉଦ ଏବଂ ତାଙ୍କର
ଲୋକମାନେ ଯିହୁଦାରେ ବାଲକୁ ଗଲେ। ସେମାନେ ବାଲର
ଯିହୁଦାଠାରୁ ପ୍ରଭୁଙ୍କର ପବିତ୍ର ସିନ୍ଦୁକ ଯିରୁଶାଲମକୁ ଆଣିବାକୁ
ଗଲେ। ସେହି ପବିତ୍ର ସିନ୍ଦୁକ ସଦାପ୍ରଭୁଙ୍କର ସିଂହାସନ ତୁଲ୍ୟ
ଥିଲା। ସେହି ପବିତ୍ର ସିନ୍ଦୁକ ଉପରେ କିରୂବ ଦୂତମାନଙ୍କର
ପ୍ରତିମୂର୍ତ୍ତିମାନ ଥିଲା ଏବଂ ସଦାପ୍ରଭୁ ସେମାନଙ୍କ ଉପରେ
ବସୁଥିଲେ। 3ଦାଉଦର ଲୋକମାନେ ସେହି ପବିତ୍ର ସିନ୍ଦୁକକୁ
ଅବୀନାଦବର ଗୃହରୁ ବାହାରକୁ ଆଣିଲେ। ସେଇ ଗୃହଟି
ପର୍ବତ ଉପରେ ଅବସ୍ଥିତ ଥିଲା। ସେମାନେ ଏହି ପରମେଶ୍ୱରଙ୍କ
ପବିତ୍ର ସିନ୍ଦୁକ ଏକ ନୂଆ ଶଗଡରେ ଲଦିଲେ ଏବଂ
ଅବୀନାଦବର ପୁତ୍ର ଉଷ ଓ ଅହିୟୋ ସେହି ନୂଆ ଶଗଡକୁ
ଚଲେଇଲେ।

4ସେମାନେ ପର୍ବତସ୍ଥ ଶିର୍ଷଦେଶରେ ଅବୀନାଦବର ଗୃହରୁ
ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ ଆଣିଲେ ଓ ଉଷ ପବିତ୍ର
ସିନ୍ଦୁକ ପାର୍ଶ୍ୱରେ ଚାଲିଲା ଏବଂ ଅହିୟୋ ପବିତ୍ର ସିନ୍ଦୁକ
ଆଗେ ଆଗେ ଚାଲିଲା। 5ଦାଉଦ ଓ ଇଶ୍ରାୟେଲର ସମସ୍ତ
ଲୋକମାନେ ସଦାପ୍ରଭୁଙ୍କ ଆଗରେ ଦେବଦାରୁ କାଠରେ
ତିଆରି ନାନା ପ୍ରକାର ବାଦ୍ୟଯନ୍ତ୍ର ବୀଣା ଓ ନେବଲ ଓ
ଦାରା, ମନ୍ଦିରା ଓ କରତାଳ ବଜାଇ ନାଚୁ ଥିଲେ। 6ସେମାନେ
ନାଖୋନ ନାମକ ଶସ୍ୟ ମର୍ଦ୍ଦନ ସ୍ଥାନରେ ପହଁଞ୍ଚିଲେ।
ବଳଦମାନେ ଅମଣା ହେବାରୁ ଉଷ ହସ୍ତ ବଢାଇ ପ୍ରଭୁଙ୍କର
ପବିତ୍ର ସିନ୍ଦୁକକୁ ଧରି ନେଲେ। 7ଉଷ ସଦାପ୍ରଭୁଙ୍କୁ ଯଥା
ସମ୍ମାନ ପ୍ରଦର୍ଶନ ନ କରିବାରୁ ସଦାପ୍ରଭୁ ତାଙ୍କ ଉପରେ
ରାଗିଲେ ଓ ତାଙ୍କୁ ଆଘାତ କଲେ*। ଉଷ ସେହି ସଦାପ୍ରଭୁଙ୍କ
ପବିତ୍ର ସିନ୍ଦୁକ ପାଖରେ ମୃତ୍ୟୁବରଣ କଲେ। 8ସଦାପ୍ରଭୁ
ଉଷକୁ ମାରି ଦେଇଥିବାରୁ ଦାଉଦ ବ୍ୟତିବ୍ୟସ୍ତ ହେଲେ ଓ
ସେହି ସ୍ଥାନର ନାମ "ପେରସଉଷ" ରଖିଲେ। ଆଜି ପର୍ଯ୍ୟନ୍ତ
ସେହି ସ୍ଥାନର ନାମ ପେରସ୍‌ଉଷ ରହିଅଛି।

9ସେହି ଦିନ ଦାଉଦ ସଦାପ୍ରଭୁଙ୍କୁ ଭୟ କଲେ। ଦାଉଦ
ଭାବିଲେ, "ମୁଁ କିପରି ପ୍ରଭୁଙ୍କର ପବିତ୍ର ସିନ୍ଦୁକକୁ ମୋ
ପାଖକୁ ଆଣିବି।" 10ତେଣୁ ଦାଉଦ ସଦାପ୍ରଭୁଙ୍କ ପବିତ୍ର
ସିନ୍ଦୁକକୁ ଦାଉଦ ନଗରକୁ ଆଣିଲେ ନାହିଁ। ଦାଉଦ ପରମେଶ୍ୱରଙ୍କ
ପବିତ୍ର ସିନ୍ଦୁକକୁ ନେଇ ଗାଥର ଓବେଦଇଦୋମର ଗୃହରେ
ରଖିଲେ। 11ସଦାପ୍ରଭୁଙ୍କ ପବିତ୍ର ସିନ୍ଦୁକ ସେଠାରେ ତିନିମାସ
ରହିଲା। ସଦାପ୍ରଭୁ ଓବେଦଇଦୋମ ଓ ତାଙ୍କର ପରିବାରକୁ
ଆଶିର୍ବାଦ କଲେ।

12ତା'ପରେ ଲୋକମାନେ ଦାଉଦକୁ କହିଲେ,
"ଓବେଦଇଦୋମ, ତା'ର ପରିବାର ଓ ତା'ର ନିଜର ସବୁକିଛି
ସଦାପ୍ରଭୁଙ୍କ ଆଶିର୍ବାଦ ପାଇଛନ୍ତି କାରଣ ସେଠାରେ
ପରମେଶ୍ୱରଙ୍କର ପବିତ୍ର ସିନ୍ଦୁକ ଅଛି।" ତେଣୁ ଦାଉଦ
ଓବେଦଇଦୋମଙ୍କ ଘରୁ ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକକୁ
ଦାଉଦ ନଗରକୁ ଆଣିବାକୁ ଗଲେ। ସେ ଆନନ୍ଦିତ ଓ
ଉଲ୍ଲସିତ ହୋଇ ଏହା କଲେ। 13ଯେଉଁ ଲୋକମାନେ
ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ ବହିଥିଲେ ସେମାନେ ଛଅ
ପାହୁଣ୍ଡ ଆସିଲା ପରେ ସେଠାରେ ଅଟକିଲେ ଓ ଦାଉଦ
ସେଠାରେ ଏକ ଗୋରୁ ବଳି ଦେଲେ ଓ ଏକ ମୋଟା
ବାଛୁରୀ ମଧ ବଳି ଦେଲେ। 14ଦାଉଦ ଏକ ଶୁକ୍ଳ ଏଫୋଦ
ପିନ୍ଧିଥିଲେ। ସଦାପ୍ରଭୁଙ୍କ ସମ୍ମୁଖରେ ତାଙ୍କର ସମସ୍ତ ସାମର୍ଥ୍ୟ
ସହ ନାଚୁଥିଲେ।

15ଏହିପରି ଭାବରେ ଦାଉଦ ଓ ଇଶ୍ରାୟେଲୀୟମାନେ
ଆନନ୍ଦ ଉଲ୍ଲାସରେ ଜୟଧ୍ୱନୀ କରି ସଦାପ୍ରଭୁଙ୍କ ପବିତ୍ର ସିନ୍ଦୁକ
ନଗର ମଧ୍ୟକୁ ନେଇ ଆସିଲେ। 16ଶାଉଲଙ୍କ ଝିଅ ମୀଖଲ
ଝରକାରେ ଚାହିଁ ଥିଲେ। ଯେତେବେଳେ ସେ ଦେଖିଲେ,
ପବିତ୍ର ସିନ୍ଦୁକ ଦାଉଦ ନଗରକୁ ଆସିଲା, ଏବଂ ସେ
ଯେତେବେଳେ ଦେଖିଲେ ଦାଉଦ ନିଜେ ସଦାପ୍ରଭୁଙ୍କ ପବିତ୍ର
ସିନ୍ଦୁକ ସମ୍ମୁଖରେ ନାଚୁଛନ୍ତି, ସେ ବ୍ୟତିବ୍ୟସ୍ତ ହେଲେ। ସେ
ହୃଦୟରେ ତାଙ୍କୁ ତୁଚ୍ଛ ବୋଲି ଭାବିବାକୁ ଲାଗିଲେ।

17ଦାଉଦ ପବିତ୍ର ସିନ୍ଦୁକ ରଖିବା ପାଇଁ ଏକ ତମ୍ବୁ
ତିଆରି କଲେ ଓ ସଦାପ୍ରଭୁଙ୍କର ପବିତ୍ର ସିନ୍ଦୁକକୁ ନେଇ
ସେହି ତମ୍ବୁ ମଧ୍ୟରେ ରଖିଲେ। ତା'ପରେ ଦାଉଦ
ସଦାପ୍ରଭୁଙ୍କ ସମ୍ମୁଖରେ ହୋମବଳି ଓ ମଙ୍ଗଳାର୍ଥକ ବଳି
ଉତ୍ସର୍ଗ କଲେ।

18ଦାଉଦ ହୋମବଳି ଏବଂ ମଙ୍ଗଳାର୍ଥକବଳି ଉତ୍ସର୍ଗ କରି
ସାରିଲା ପରେ ସର୍ବଶକ୍ତିମାନ ସଦାପ୍ରଭୁଙ୍କ ନାମରେ ଲୋକମାନଙ୍କୁ
ଆଶୀର୍ବାଦ କଲେ। 19ଦାଉଦ ମଧ ଇଶ୍ରାୟେଲର ସମସ୍ତ ସ୍ତ୍ରୀ
ଓ ପୁରୁଷ ଲୋକମାନଙ୍କୁ ଏକ ଏକ ଖଣ୍ଡ ରୋଟୀ, ଏକ ଏକ
ଅଂଶ ମାଂସ ଓ ଏକ ଏକ ଶୁଷ୍କ ଦ୍ରାକ୍ଷା ଦେଲେ ଓ ତା'ପରେ
ଲୋକମାନେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ।

## ମୀଖଲ ରାଜା ଦାଉଦଙ୍କୁ ଗାଳି ଦେଲେ

20ଦାଉଦ ଆଶୀର୍ବାଦ ଦେବାକୁ ନିଜର ଘରକୁ ଗଲେ,
କିନ୍ତୁ ଶାଉଲଙ୍କ କନ୍ୟା ମୀଖଲ ବାହାରକୁ ଆସି ତାଙ୍କୁ
ସାକ୍ଷାତ କଲେ ଓ କହିଲେ, "ଆଜି ଇଶ୍ରାୟେଲର ରାଜା
ନିଜକୁ ନିଜେ ସମ୍ମାନ କଲେ ନାହିଁ। ତୁମ୍ଭେ ତୁମ୍ଭର
ଦାସୀମାନଙ୍କ ସମ୍ମୁଖରେ ଲୁଗା କାଢି ପକାଇଲେ। ତୁମ୍ଭେ
ଜଣେ ନିର୍ବୋଧପରି କାର୍ଯ୍ୟ କଲ, ଯିଏ ନିଜର ବସ୍ତ୍ର ବିନା
ଲଜ୍ଜାରେ କାଢି ପକାଏ।"

21ତା'ପରେ ଦାଉଦ ମୀଖଲକୁ କହିଲେ, "ତାହାତ ସଦାପ୍ରଭୁଙ୍କ
ସମ୍ମୁଖରେ ହେଲା। ସେତ ତୁମ୍ଭ ପିତା ଓ ତାଙ୍କର ସମସ୍ତ
ବଂଶ ଅପେକ୍ଷା ସଦାପ୍ରଭୁଙ୍କ ଲୋକ ଇଶ୍ରାୟେଲ ଉପରେ
ଅଗ୍ରଣୀ ରୂପେ ନିଯୁକ୍ତ କରିବାକୁ ମୋତେ ମନୋନୀତ
କରିଛନ୍ତି। ଏହି ହେତୁ ମୁଁ ସଦାପ୍ରଭୁଙ୍କ ସମ୍ମୁଖରେ ଆନନ୍ଦ
କରିବି। 22ମୁଁ ଏପରିକି ଏହାଠାରୁ ଆହୁରି ମର୍ଯ୍ୟାଦାହୀନ ଓ
ନିଜକୁ ଅପମାନିତ କରିବି। ତା'ପରେ ତୁମ୍ଭେମାନେ ଯେଉଁ
ଦାସୀମାନଙ୍କ ବିଷୟରେ କହିଲ, ମୋତେ ସମ୍ମାନ କରିବେ ଓ
ମୋ ପାଇଁ ଗର୍ବ ଅନୁଭବ କରିବେ।"

23ଏହି ଯୋଗୁ ଶାଉଲଙ୍କର କନ୍ୟା ମୀଖଲଙ୍କର କୌଣସି
ସନ୍ତାନ ନ ଥିଲା। ସେ ମୃତ୍ୟୁ ପର୍ଯ୍ୟନ୍ତ ନିସନ୍ତାନ ଥିଲେ।

---

**ଉଷ ... ଆଘାତ କଲେ** ପବିତ୍ର ତମ୍ବୁରୁ କେବଳ
ଲେବୀୟମାନେ ପରମେଶ୍ୱରଙ୍କର ପବିତ୍ର ସିନ୍ଦୁକ ଓ ଅନ୍ୟାନ୍ୟ
ଆସବାବପତ୍ର ବହନେଇ ପାରନ୍ତି। ଉଷିୟ ଜଣେ ଲେବୀୟ ନଥିଲା।
ପଢନ୍ତୁ ଗଣନା 1:50

### ଦାଉଦ ଏକ ମନ୍ଦିର ନିର୍ମାଣ କରିବାକୁ ଚାହିଁଲେ

7 ଏହାପରେ ଦାଉଦ, ଯେତେବେଳେ ନୂତନ ଗୃହକୁ
ଗମନ କଲେ, ସଦାପ୍ରଭୁ ତାଙ୍କୁ ତାଙ୍କର ଚତୁର୍ଦ୍ଦିଗସ୍ଥିତ
ଶତ୍ରୁମାନଙ୍କଠାରୁ ଶାନ୍ତି ପ୍ରଦାନ କଲେ। 2ରାଜା ଦାଉଦ
ଭବିଷ୍ୟଦ୍‌ବକ୍ତା ନାଥନଙ୍କୁ କହିଲେ, "ଦେଖ ମୁଁ ଏବେ ଏରସ
ନିର୍ମିତ କାଠ ଘରେ ବାସ କରୁଅଛି କିନ୍ତୁ ପରମେଶ୍ୱରଙ୍କର
ପବିତ୍ର ସିନ୍ଦୁକ ସେହି ତମ୍ବୁ ତଳେ ରହି ଅଛି। ଆମ୍ଭେମାନେ
ପବିତ୍ର ସିନ୍ଦୁକ ପାଇଁ ଏକ ସୁନ୍ଦର ପ୍ରାସାଦ ତିଆରି କରିବା
କଥା।"

3ନାଥନ ରାଜା ଦାଉଦଙ୍କୁ କହିଲେ, "ତୁମ୍ଭର ଯାହା ଇଚ୍ଛା
ତାହା କର, କାରଣ ସଦାପ୍ରଭୁ ତୁମ୍ଭ ସହିତ ଅଛନ୍ତି।"

4କିନ୍ତୁ ସେହି ରାତ୍ରିରେ ସଦାପ୍ରଭୁଙ୍କର ବାର୍ତ୍ତା ନାଥନଙ୍କ
ନିକଟକୁ ଆସିଲା: ଏହା ଥିଲା, 5"ତୁମ୍ଭେ ଯାଅ ଓ ମୋର
ଦାସ ଦାଉଦଙ୍କୁ କୁହ, 'ସଦାପ୍ରଭୁ ଏହି କଥା କହନ୍ତି। ତୁମ୍ଭେ
ମୋର ବାସସ୍ଥାନ ଗୃହ ନିର୍ମାଣ କରିବାକୁ ଉଦ୍ଦିଷ୍ଟ ବ୍ୟକ୍ତି ନୁହଁ।
6ମୁଁ ଇଶ୍ରାୟେଲୀୟ ସନ୍ତାନଗଣଙ୍କୁ ମିଶରରୁ ବାହାର କରିଆଣିବାଠାରୁ
ଆଜି ପର୍ଯ୍ୟନ୍ତ କୌଣସି ଗୃହରେ ବାସ କରି ନାହିଁ। ମାତ୍ର ମୁଁ
ଏକ ତମ୍ବୁ ମଧ୍ୟରେ ଯାତାୟତ କଲି। 7ମୁଁ ସମୁଦାୟ
ଇଶ୍ରାୟେଲ ସନ୍ତାନ ସହିତ ଯେ ସବୁ ସ୍ଥାନକୁ ଗମନାଗମନ
କଲି, ମୁଁ ମୋର ଇଶ୍ରାୟେଲର ଏହିପରି କୌଣସି ପରିବାରବର୍ଗ
ମୋ ପାଇଁ ଏରସ କାଠରେ ଏକ ସୁନ୍ଦର ଗୃହ ନିର୍ମାଣ
କରିବାକୁ କହି ନାହିଁ।'

8"ତେଣୁ ଏବେ ତୁମ୍ଭେ ମୋ ଦାସ ଦାଉଦଙ୍କୁ ଏପରି
କୁହ, 'ସର୍ବଶକ୍ତିମାନ ସଦାପ୍ରଭୁ ଏହି କଥା କହନ୍ତି, ମୁଁ
ତୁମ୍ଭମାନଙ୍କୁ ଆଣିଲି। ଯେତେବେଳେ ତୁମ୍ଭେମାନେ ଚାରଣ
ଭୂମିରେ ମେଷପଲଗୁଡ଼ିକ ପଛରେ ଅନୁସରଣ କରୁଥିଲ। ମୁଁ
ତୁମ୍ଭମାନଙ୍କୁ ମୋର ଇଶ୍ରାୟେଲୀୟ ଲୋକମାନଙ୍କ ଉପରେ
ନେତା କରିବା ପାଇଁ ନେଇ ଆସିଲି। 9ଏହାପରେ ତୁମ୍ଭେ
ଯେଉଁ ସ୍ଥାନକୁ ଗଲ, ମୁଁ ତୁମ୍ଭର ସହିତ ଗଲି ଓ ତୁମ୍ଭର
ସମସ୍ତ ଶତ୍ରୁମାନଙ୍କୁ ଧ୍ୱଂସ କଲି ଏବଂ ମୁଁ ତୁମ୍ଭକୁ ପୃଥିବୀର
ବିଖ୍ୟାତ ଲୋକମାନଙ୍କ ମଧ୍ୟରୁ ଜଣେ କରିବି। 10-11ମୁଁ
ମୋର ଇଶ୍ରାୟେଲୀୟ ଲୋକମାନଙ୍କ ନିମନ୍ତେ ଗୋଟିଏ ସ୍ଥାନ
ମନୋନୀତ କଲି ଏବଂ ସେଠାରେ ସେମାନଙ୍କୁ ସ୍ଥାପିତ କଲି।
ଏବଂ ସେମାନଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନକୁ
ଯିବାକୁ ପଡ଼ିବ ନାହିଁ। ପୂର୍ବରୁ ମୁଁ ବିଚାରକଗଣଙ୍କୁ ପଠାଇ
ଅଛି। ଅତୀତରେ ମନ୍ଦ ଲୋକମାନେ ତୁମ୍ଭମାନଙ୍କୁ ଅସୁବିଧାରେ
ପକାଉଥିଲେ, କିନ୍ତୁ ତାହା ଆଉ କେବେ ହେବନାହିଁ।
ପରମେଶ୍ୱର ତୁମ୍ଭମାନଙ୍କୁ ତୁମ୍ଭମାନଙ୍କର ସମସ୍ତ ଶତ୍ରୁମାନଙ୍କଠାରୁ
ଆଶ୍ୱସ୍ତି କରିବେ। ଆଉ ସଦାପ୍ରଭୁ କହନ୍ତି, ସେ ତୁମ୍ଭମାନଙ୍କ
ବଂଶରୁ ଓ ପରିବାରରୁ ରାଜାଗଣ କରିବେ*।

12"ଯେତେବେଳେ ତୁମ୍ଭେ ମୃତ୍ୟୁବରଣ କରିବ, ତୁମ୍ଭକୁ
ତୁମ୍ଭର ପୂର୍ବପୁରୁଷମାନଙ୍କ ମଧ୍ୟରେ କବର ଦିଆଯିବ। ତା'ପରେ
ମୁଁ ତୁମ୍ଭର ଔରଷରୁ ରାଜା କରିବି ଏବଂ ତାଙ୍କର ରାଜ୍ୟ
ସ୍ଥାପନ କରିବି। 13ସେ ମୋ ନାମରେ ଏକ ମନ୍ଦିର ନିର୍ମାଣ
କରିବ। ଏବଂ ମୁଁ ତା'ର ରାଜ୍ୟକୁ ଚିରଦିନ ପାଇଁ ଶକ୍ତିଶାଳୀ
କରିବି। 14ମୁଁ ତା'ର ପିତା ହେବି ଓ ସେ ମୋର ପୁତ୍ର
ହେବ। ଯେତେବେଳେ ସେ ପାପ କରେ ମୁଁ ତାକୁ ଦଣ୍ଡ
ଦେବି, ଯେପରି ଲୋକମାନେ ସେମାନଙ୍କର ପୁତ୍ରମାନଙ୍କୁ ଦଣ୍ଡ
ଦିଅନ୍ତି। 15ମୁଁ କେବେ ତା' ପ୍ରତି ମୋର କରୁଣା ଓ ପ୍ରେମ
ବନ୍ଦ କରିବି ନାହିଁ। ମୁଁ ଶାଉଲଠାରୁ ମୋର ପ୍ରେମ ଓ
କରୁଣା ଦୂର କଲି, କିନ୍ତୁ ମୁଁ ତୁମ୍ଭକୁ ସେପରି କରିବି ନାହିଁ।
16ତୁମ୍ଭ ପରିବାର ଓ ତୁମ୍ଭ ରାଜତ୍ୱ ଓ ତୁମ୍ଭ ସମ୍ମୁଖରେ
ଅନନ୍ତକାଳ ସ୍ଥିରକୃତ ହେବ। ତୁମ୍ଭର ସିଂହାସନ ଅନନ୍ତକାଳସ୍ଥାୟୀ
ହେବ।"

17ନାଥନ ଏ ସମସ୍ତ ବାକ୍ୟ ଦର୍ଶନ ଅନୁସାରେ ସେ
ପରମେଶ୍ୱରଙ୍କର ବାକ୍ୟଗୁଡ଼ିକ ଅନୁସାରେ ଦାଉଦଙ୍କୁ
କହିଲେ।

### ଦାଉଦ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲେ

18ଦାଉଦ କହିଲା, ସଦାପ୍ରଭୁ ମୋର ପ୍ରଭୁ, "କାହିଁକି ମୁଁ
ତୁମ୍ଭ ପକ୍ଷର ଏତେ ଗୁରୁତ୍ୱପୂର୍ଣ୍ଣ? କାହିଁକି ମୋର ପରିବାର
ଏତେ ଗୁରୁତ୍ୱପୂର୍ଣ୍ଣ? କାହିଁକି ମୋତେ ଏତେ ଗୁରୁତ୍ୱପୂର୍ଣ୍ଣ
କରିଛ? 19ସଦାପ୍ରଭୁ ମୋର ମୂନିବ, କେବଳ ମୁଁ ଜଣେ
ତୁମ୍ଭର ସେବକ। ତଥାପି ତୁମ୍ଭେ ମୋର ଭବିଷ୍ୟତ ବଂଶଧର
ପ୍ରତି ଏହି ସହାନୁଭୂତି ବାକ୍ୟ କହିଲ। ସଦାପ୍ରଭୁ ମୋର ପ୍ରଭୁ,
ତୁମ୍ଭେ ସର୍ବଦା ଏପରି ଲୋକମାନଙ୍କୁ କୁହନାହିଁ। କୁହ କି?
20ଏଣୁ ଦାଉଦ ତୁମ୍ଭକୁ ଆଉ କ'ଣ କହିପାରେ? କାରଣ ହେ
ପ୍ରଭୁ, ତୁମ୍ଭେ ଆପଣା ଦାସକୁ ଜାଣୁ ଅଛ। 21ତୁମ୍ଭେ ତୁମ୍ଭର
ସେବକ ପାଇଁ ଏହିସବୁ ମହାନ କାର୍ଯ୍ୟ କରିବ କାରଣ ତୁମ୍ଭେ
ତାହା କରିବା ପାଇଁ ଇଚ୍ଛା ଓ ପ୍ରତିଜ୍ଞା କରିଅଛ। ଏବଂ ତୁମ୍ଭେ
ଏହି ବିଷୟ ଜାଣିବା ନିମନ୍ତେ ମୋତେ ନିର୍ଦ୍ଧାରଣ କରିଅଛ।
22ହେ! ପରମେଶ୍ୱର, ତୁମ୍ଭେ ମହାନ। ତୁମ୍ଭପରି ଅନ୍ୟ କେହି
ନୁହେଁ। ତୁମ୍ଭ ବ୍ୟତୀତ ଅନ୍ୟ ପରମେଶ୍ୱର କେହି ନୁହଁନ୍ତି।
ଆମ୍ଭେ ତାହା ଜାଣୁ, ଯେହେତୁ ଆମ୍ଭେମାନେ ତୁମ୍ଭର କାର୍ଯ୍ୟକଳାପ
ବିଷୟରେ ଶୁଣିଅଛୁ।

23"ତୁମ୍ଭର ଇଶ୍ରାୟେଲୀୟ ଲୋକମାନଙ୍କ ପରି ଆଉ
କୌଣସି ଦେଶ ନାହିଁ। ସେମାନେ ଗୋଟିଏ ବିଶେଷ ଲୋକ
ଅଟନ୍ତି। ସଦାପ୍ରଭୁ ସେମାନଙ୍କୁ ମିଶରର ଦାସତ୍ୱରୁ ମୁକ୍ତ କରି
ଅଛନ୍ତି, ତାଙ୍କର ଲୋକ କରିବା ପାଇଁ ଏବଂ ସେମାନଙ୍କ ପାଇଁ
ମହତ କର୍ମ ଓ ତୁମ୍ଭ ଦେଶ ପାଇଁ ଆଶ୍ଚର୍ଯ୍ୟ କର୍ମ କରନ୍ତି।
24ତୁମ୍ଭେ ଇଶ୍ରାୟେଲର ଲୋକମାନଙ୍କୁ ଚିରଦିନ ପାଇଁ ତୁମ୍ଭର
ନିଜର ଲୋକ କଲ ଏବଂ ତୁମ୍ଭେ ସଦାପ୍ରଭୁ ସେମାନଙ୍କର
ପରମେଶ୍ୱର ହୋଇଅଛ।

25"ହେ ସଦାପ୍ରଭୁ ପରମେଶ୍ୱର, ତୁମ୍ଭେ ତୁମ୍ଭର ଦାସ
ବିଷୟରେ ଓ ତାହାର ପରିବାର ବିଷୟରେ ଯେଉଁ କଥା
କହିଅଛ, ଦୟାକରି ତୁମ୍ଭେ ପ୍ରତିଜ୍ଞା ପୂରଣ କର। ରାଜାମାନଙ୍କର
ଚିରଦିନ ପାଇଁ ମୋର ପରିବାରକୁ ଗୋଟିଏ ରାଜ ବଂଶରେ
ପ୍ରତିଷ୍ଠା କର। 26'ତାହାଲେ ତୁମ୍ଭର ନାମ ଚିରଦିନ ପାଇଁ
ସମ୍ମାନିତ ହେବ। ଲୋକମାନେ କହିବେ, ସର୍ବଶକ୍ତିମାନ ସଦାପ୍ରଭୁ
ପରମେଶ୍ୱର ଇଶ୍ରାୟେଲରେ ଶାସନ କରନ୍ତି। ଏବଂ ତୁମ୍ଭର
ସେବକ ଦାଉଦର ବଂଶଧର ତୁମ୍ଭର ସେବା କରିବାରେ
ଶକ୍ତିଶାଳୀ ହୁଅନ୍ତୁ।'

---

**ପରିବାରରୁ ... କରିବେ** ଆକ୍ଷରିକ ଭାବରେ, "ତୁମ୍ଭ ପାଇଁ ଗୋଟିଏ ଗୃହ ତିଆରି କର।"

27“ତୁମ୍ଭ ସକାଶେ, ସର୍ବସକ୍ତିମାନ ସଦାପ୍ରଭୁ, ଇସ୍ରାୟେଲର
ପରମେଶ୍ୱର, ଏହା ମୋତେ ପ୍ରକାଶ କରିଅଛନ୍ତି। ତୁମ୍ଭେ କହିଲ,
'ମୁଁ ତୁମ୍ଭର ପରିବାରକୁ ମହାନ କରିବି।' ସେଥିପାଇଁ ମୁଁ
ତୁମ୍ଭର ସେବକ, ଏହି ପ୍ରାର୍ଥନା କରିବାକୁ ତୁମ୍ଭକୁ ପାର୍ଥନା
କରୁଅଛି। 28ହେ ସଦାପ୍ରଭୁ! ମୋର ପ୍ରଭୁ, ତୁମ୍ଭେ ହେଉଛ
ପରମେଶ୍ୱର ଓ ଆପଣଙ୍କର ବାକ୍ୟ ସତ୍ୟ। ପୁଣି ନିଜେ
ଆପଣ ନିଜର ଦାସ ପ୍ରତି ଏହି ମଙ୍ଗଳ ପ୍ରତିଜ୍ଞା କରିଅଛ।
29ବର୍ତ୍ତମାନ, ମୋର ପରିବାରକୁ ଆଶୀର୍ବାଦ କର। ପରମେଶ୍ୱର,
ସେମାନେ ତୁମ୍ଭର ଚିରଦିନ ସେବା କରିବା ପାଇଁ ଓ ତୁମ୍ଭ
ସମ୍ମୁଖରେ ଛିଡା ହେବା ପାଇଁ ସୁଯୋଗ ଦିଅନ୍ତୁ। ହେ
ସଦାପ୍ରଭୁ! ମୋର ପ୍ରଭୁ, ତୁମ୍ଭେ ଏହିସବୁ କହିଅଛ।
ତୁମ୍ଭେ ମୋର ପରିବାରକୁ ଆଶୀର୍ବାଦ କଲ, ତାହା ଚିରଦିନ
ପାଇଁ ରହୁ।”

## ଦାଉଦ ଅନେକ ଯୁଦ୍ଧରେ ବିଜୟ କଲେ

8 ଏହାପରେ ଦାଉଦ ପଲେଷ୍ଟୀୟମାନଙ୍କୁ ପରାସ୍ତ କଲେ ଓ
ସେମାନଙ୍କଠାରୁ ତାଙ୍କ ରାଜଧାନୀର କର୍ତ୍ତୃତ୍ୱ ନେଲେ।
2ଦାଉଦ ମଧ୍ୟ ମୋୟାବକୁ ପରାସ୍ତ କଲେ। ସେ ସେମାନଙ୍କୁ
ଭୂମିରେ ପଡି ରହିବା ପାଇଁ ବାଧ୍ୟ କଲେ, ସେ ସେମାନଙ୍କୁ
ଏକ ଦଉଡି ଦ୍ୱାରା ଦୁଇ ଦଳରେ ବିଭକ୍ତ କଲେ। ଦୁଇ
ଧାଡିର ପୁରୁଷ ଲୋକମାନଙ୍କୁ ହତ୍ୟା କରାଗଲା, କିନ୍ତୁ ତୃତୀୟ
ଧାଡିକୁ ଜୀବନ୍ତ ଛାଡି ଦିଆଗଲା। ତା'ପରେ ମୋୟାବୀୟମାନେ
ଦାଉଦଙ୍କର ସେବକ ହେଲେ ଓ ତାଙ୍କୁ କର ଦେଲେ।
3ସୋବାରର ରାଜା ରହୋବର ପୁତ୍ର, ହଦଦେଷର ଫରାତ
ନଦୀ ନିକଟରେ ନିଜର ରାଜ୍ୟ ପୁନର୍ବାର ହସ୍ତଗତ କରିବାକୁ
ଯିବା ସମୟରେ ଦାଉଦ ତାହାଙ୍କୁ ପରାସ୍ତ କଲେ। 4ଦାଉଦ
ତାଠାରୁ 1,700 ଅଶ୍ୱାରୋହୀ ଏବଂ 20,000 ପଦାତିକ
ସୈନ୍ୟ ନେଲେ। ଦାଉଦ 100ଟି ଅଶ୍ୱ ରଖିଲେ କିନ୍ତୁ ସେ
ଅନ୍ୟ ଅଶ୍ୱଗୁଡିକୁ ପଙ୍ଗୁ କରିଦେଲେ।
5ଦମ୍ମେଶକର ଅରାମୀୟମାନେ ସୋବାର ହଦଦେଷର ରାଜାଙ୍କୁ
ସାହାଯ୍ୟ କରିବାକୁ ଆସିଲେ। କିନ୍ତୁ ଦାଉଦ ସେହି 22,000
ଅରାମୀୟମାନଙ୍କୁ ପରାସ୍ତ କଲେ। 6ତା'ପରେ ଦାଉଦ ଦମ୍ମେଶକର
ଅରାମ ସୀମାରେ ସୈନ୍ୟଦଳମାନଙ୍କୁ ମୃତୟନ କଲେ। ଏବଂ
ଅରାମୀୟମାନେ ଦାଉଦଙ୍କର ସେବକ ହୋଇଗଲେ। ସେମାନେ
ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ। ଏହିଭଳି ଭାବରେ ଦାଉଦ ଯେଉଁ
ଆଡକୁ ଗଲେ ସଦାପ୍ରଭୁ ତାଙ୍କୁ ବିଜୟୀ କଲେ।
7ଦାଉଦ ହଦଦେଷରର ଅଧିକାରୀମାନଙ୍କ ପାଖରେ ଥିବା
ସ୍ୱର୍ଣ୍ଣ ଢାଲଗୁଡ଼ିକ ଛଡାଇ ଆଣିଲେ। ଦାଉଦ ସେହି ସ୍ୱର୍ଣ୍ଣ
ଢାଲଗୁଡ଼ିକ ଯିରୁଶାଲମକୁ ନେଇ ଆସିଲେ। 8ଦାଉଦ ମଧ୍ୟ
ହଦଦେଷର ସହର ବେଟହ ଓ ବେରୋଥାରୁ ବହୁତ ଦ୍ରବ୍ୟ
ଓ ଅପାର ପିତ୍ତଳ ନେଇ ଆସିଲେ।
9ହମାତର ରାଜା ତୋହି ଶୁଣିବାକୁ ପାଇଲେ ଯେ ଦାଉଦ
ହଦଦେଷର ସମସ୍ତ ସୈନ୍ୟମାନଙ୍କୁ ପରାସ୍ତ କରିଛନ୍ତି। 10ତେଣୁ
ତୋହି ତାଙ୍କର ପୁତ୍ର ଯୋରାମକୁ ରାଜା ଦାଉଦଙ୍କୁ ଅଭ୍ୟର୍ଥନା
କରିବା ପାଇଁ ଓ ଯୁଦ୍ଧରେ ହଦଦେଷର ବିରୁଦ୍ଧରେ ଜୟଲାଭ
କରିଥିବାରୁ ଶୁଭେଚ୍ଛା ଜଣାଇବା ପାଇଁ ପଠାଇଲେ। ପୂର୍ବରୁ
ହଦଦେଷର ତୋହି ସହିତ ଯୁଦ୍ଧରେ ରତ ଥିଲେ। ଯୋରାମ
ନିଜ ସଙ୍ଗରେ ସୁନା, ରୂପା ଓ ପିତ୍ତଳ ଉପହାରମାନ ମଧ୍ୟ
ଆଣିଥିଲେ। 11ଦାଉଦ ସେସବୁ ଦ୍ରବ୍ୟକୁ ଗ୍ରହଣ କଲେ ଓ
ସଦାପ୍ରଭୁଙ୍କୁ ସେଗୁଡିକୁ ଅର୍ପଣ କଲେ। ସେ ସେଗୁଡିକୁ ଅନ୍ୟ
ସୁନା ରୁପାର ଦ୍ରବ୍ୟ ପାଖରେ ରଖିଲେ, ଯାହା ସେ ସଦାପ୍ରଭୁଙ୍କୁ
ଅର୍ପଣ କଲେ। ଦାଉଦ ସେଗୁଡ଼ିକୁ ଯେଉଁ ଦେଶକୁ ପରାସ୍ତ
କରୁଥିଲେ, ସେହି ଦେଶରୁ ଦ୍ରବ୍ୟମାନ ଆଣୁଥିଲେ। 12ଦାଉଦ
ଅରାମ, ମୋୟାବ, ଅମ୍ମୋନ, ପଲେଷ୍ଟୀୟ, ଅମାଲେକୀୟ ଏବଂ
ସେ ମଧ୍ୟ ସୋବାର ରାଜା ରେହବର ପୁତ୍ର ହଦଦେଷରକୁ
ପରାସ୍ତ କରିଥିଲେ। 13ଦାଉଦ ଲବଣ ନାମକ ଉପତ୍ୟକାରେ
ଅରାମୀୟମାନଙ୍କର 18,000 ସୈନ୍ୟଙ୍କୁ ବଧ କରିଥିଲେ ଓ
ସେ ଯେତେବେଳେ ଘରକୁ ଫେରିଲେ ସେତେବେଳେ ବହୁତ
ଖ୍ୟାତି ଅର୍ଜନ କରିଥିଲେ। 14ଦାଉଦ ଦୁର୍ଗ ରକ୍ଷକ ସେନାଙ୍କୁ
ଇଦୋମରେ ମୃତୟନ କଲେ। ସେ ଇଦୋମ ସାରା ବହୁତ
ଦୁର୍ଗ ରକ୍ଷକ ସେନାଙ୍କୁ ମୃତୟନ କଲେ। ସମସ୍ତ ଇଦୋମୀୟଗଣ
ଦାଉଦଙ୍କର ଦାସ ହେଲେ। ଦାଉଦ ଯେଉଁଠିକି ଗଲେ
ସଦାପ୍ରଭୁ ତାଙ୍କୁ ବିଜୟୀ କଲେ।

## ଦାଉଦଙ୍କର ଶାସନ

15ଦାଉଦ ସମଗ୍ର ଇସ୍ରାୟେଲ ଉପରେ ରାଜତ୍ୱ କଲେ।
ଦାଉଦ ମଧ୍ୟ ନିଜର ସମସ୍ତ ଲୋକମାନଙ୍କ ପ୍ରତି ସୁବିଚାର
କଲେ। 16ସରୁୟାର ପୁତ୍ର ଯୋୟାବ ସୈନ୍ୟମାନଙ୍କ ଉପରେ
ପ୍ରାଧାନ୍ୟ ଥିଲା, ଅହୀଲୁଦର ପୁତ୍ର ଯିହୋଶାଫଟ୍ ମଧ୍ୟ ଇତିହାସ
ଲେଖକ ଥିଲେ। 17ଅହୀଟୁବର ପୁତ୍ର ସାଦୋକ୍ ଓ ଅବିୟାଥରର
ପୁତ୍ର ଅହୀମେଲକ ଯାଜକ ଥିଲେ। ସରାୟ ଲେଖକ ଥିଲେ।
18ଯିହୋୟାଦାର ପୁତ୍ର ବନାୟ କରେଥୀୟ ଓ ପଲେଥୀୟମାନଙ୍କ
ଦାୟିତ୍ୱରେ ଥିଲେ। ଏବଂ ଦାଉଦଙ୍କର ପୁତ୍ରମାନେ ମହତ୍ୱପୂର୍ଣ୍ଣ
ନେତୃବର୍ଗ* ଥିଲେ।

## ଶାଉଲଙ୍କର ପରିବାର ପ୍ରତି ଦାଉଦଙ୍କର ଦୟା

9 ଦାଉଦ ପଚାରିଲେ, “ଆଉ ଶାଉଲ ପରିବାରର କୌଣସି
ଲୋକ ରହିଲେ କି? ମୁଁ ସେମାନଙ୍କ ଉପରେ ଦୟା
କରିବାକୁ ଚାହେଁ। ମୁଁ ଏ ସବୁ ଯୋନାଥନଙ୍କ ପାଇଁ କରିବାକୁ
ଚାହୁଁଛି।”
2ସୀବଃ ନାମକ ଏକ ଚାକର ଶାଉଲ ପରିବାରର ଥିଲା।
ସେ ଦାଉଦଙ୍କ ସମ୍ମୁଖକୁ ଡକାହୋଇଥିଲା। ଏବଂ ରାଜା
ପଚାରିଲେ, “ତୁମ୍ଭେ କ'ଣ ସୀବଃ?”
ସେ ଉତ୍ତର ଦେଇ କହିଲା, “ହଁ ଆଜ୍ଞା, ମୁଁ ଆପଣଙ୍କର
ଦାସ ସୀବଃ।”
3ରାଜା କହିଲେ, “ଆଉ ଶାଉଲ ପରିବାରର କେହି
ଅଛନ୍ତି କି? ମୁଁ ପରମେଶ୍ୱରଙ୍କର ଦୟା ସେମାନଙ୍କୁ ଦେବାକୁ
ଚାହୁଁଛି।”
ସୀବଃ ରାଜା ଦାଉଦଙ୍କୁ କହିଲେ, “ଯୋନାଥନର ଏକ
ପୁତ୍ର ଏବେ ମଧ୍ୟ ବଞ୍ଚିଛି। ସେ ଛୋଟା ଅଟେ।”
4ରାଜା ଦାଉଦ ସୀବଃଙ୍କୁ କହିଲେ, “ସେ ପୁତ୍ର କେଉଁଠାରେ
ଅଛି?”

---
**ମହତ୍ୱପୂର୍ଣ୍ଣ ନେତୃବର୍ଗ** ଆକ୍ଷରିକ ଭାବରେ ଯାଜକଗଣ।

"ସେ ପୁତ୍ର ଲୋ-ଦବାରରେ ଅମ୍ମୀୟେଲର ପୁତ୍ର ମାଖୀରର
ଘରେ ଅଛି।"
5ଯୋନାଥନର ପୁତ୍ରକୁ ଆଣିବା ପାଇଁ ରାଜା ଦାଉଦ
ତାଙ୍କର ପଦସ୍ତ କର୍ମଚାରୀମାନଙ୍କୁ ଲୋ-ଦବାରରେ ମାଖୀରଙ୍କ
ଅମ୍ମୀୟେଲର ପୁତ୍ର ଘରକୁ ପଠାଇଲେ। 6ଯୋନାଥନର ପୁତ୍ର
ମଫୀବୋଶତ୍ ଆସି ରାଜା ଦାଉଦଙ୍କୁ ଭୂମିଷ୍ଟ ପ୍ରଣାମ କଲା।

ଦାଉଦ କହଲେ, "ତୁମ୍ଭେ ମଫୀବୋଶତ୍।"

ସେ କହଲା, "ହଁ, ମହାପ୍ରଭୁ, ମୁଁ ହେଉଛି ଆପଣଙ୍କର ଦାସ ମଫୀବୋଶତ୍।"

7ଦାଉଦ ମଫୀବୋଶତ୍‌କୁ କହଲେ, "ଭୟ କର ନାହିଁ,
ମୁଁ ତୁମ୍ଭ ପ୍ରତି ଦୟା କରୁଛି। ତୁମ୍ଭର ବାପା ଯୋନାଥନଙ୍କ
ପାଇଁ ମୁଁ ତୁମ୍ଭକୁ ଦୟା ଦେଖାଉଛି। ମୁଁ ତୁମ୍ଭକୁ ତୁମ୍ଭ ଜେଜେ
ବାପା ଶାଉଲଙ୍କର ସମସ୍ତ ସମ୍ପତ୍ତି ତୁମ୍ଭକୁ ଫେରାଇ ଦେବ।
ତୁମ୍ଭେ ମଧ ମୋ ପାଖରେ ସବୁଦନ ଭୋଜନ କରବ।"
8ମଫୀବୋଶତ୍ ପୁନରାୟ ଦାଉଦଙ୍କୁ ପ୍ରଣାମ କଲା, ଏବଂ
କହଲା, "ମୁଁ ତ ଏକ ମଲା କୁକୁରଠାରୁ ଭଲ ନୁହେଁ। କନ୍ତୁ
ଆପଣ ମୋପ୍ରତି ଚଳତ ବହୁତ ଦୟା ଦେଖାଇଛନ୍ତ।"
9ତା'ପରେ ରାଜା ଦାଉଦ ଶାଉଲଙ୍କର ଚାକର ସୀବଃକୁ
ପାଖକୁ ଡାକଲେ ଏବଂ କହଲେ, "ମୁଁ ତୁମ୍ଭର ମୁନୀବର
ନାତିକୁ ଶାଉଲଙ୍କର ଓ ତାହାଙ୍କ ପରବାରକୁ ସମସ୍ତ ସମ୍ପତ୍ତି
ଦେଲ। 10ତୁମ୍ଭେ ଓ ତୁମ୍ଭର ପୁତ୍ରମାନେ ଓ ତୁମ୍ଭର ସେବକଗଣ
ତୁମ୍ଭମାନଙ୍କର ମୂନବର ନାତୀ ମଫୀବୋଶତଙ୍କ ପାଇଁ ଏହ
ଜମିକୁ ଚାଷ କରବ ଓ ସେଥିରୁ ଉପୂନ୍ନ ଶସ୍ୟ ଆଣି ତାଙ୍କୁ
ଦେବ। କନ୍ତୁ ସେ ମୋ ସହତ ସବୁବେଳେ ଭୋଜନ
କରବ।"

ଏହ ସୀବଃର ପନ୍ଦର ପୁତ୍ର ଓ କୋଡ଼ିଏ ଚାକର ଥିଲେ।
11ତେବେ ସୀବଃ ରାଜାଙ୍କୁ କହଲା, "ମୁଁ ଆପଣଙ୍କର ଦାସ
ଆପଣଙ୍କର ଆଜ୍ଞାକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରବ।
ଯାହା ଆପଣଙ୍କର ଆଦେଶ ହେବ।"

ତେଣୁ ମଫୀବୋଶତ୍ ସର୍ବଦା ରାଜାଙ୍କ ପାଖରେ ତାଙ୍କର
ପୁତ୍ର ତୁଲ୍ୟ ସର୍ବଦା ଭୋଜନ କର ରହଲେ। 12ମଫୀବୋଶତ୍‌ର
ଏକ ସାନ ପୁତ୍ର ଥିଲା। ଯାହାର ନାମ ଥିଲା ମୀଖା। ସୀବଃ
ବଂଶର ପ୍ରତ୍ୟେକ ଲୋକ ମଫୀବୋଶତ୍‌ର ଦାସ ହୋଇ
ରହଲେ। 13ମଫୀବୋଶତ୍‌ଙ୍କର ଦୁଇ ଗୋଡ ଛୋଟା ଥିଲା।
ସେ ସର୍ବଦା ଯିରୁଶାଲମରେ ବାସ କରୁଥିଲେ ଓ ରାଜା
ଦାଉଦଙ୍କ ପାଖରେ ସର୍ବଦା ତାଙ୍କ ଟେବୁଲରେ ଖାଉଥିଲେ।

## ହାନୂନ୍ ଦାଉଦଙ୍କର ଲୋକଙ୍କୁ ଲଜ୍ଜିତ କଲେ

10 ଏହାପରେ ଅମ୍ମୋନ ସନ୍ତାନଗଣର ରାଜା ମରଗଲା
ପରେ ତା'ର ପୁତ୍ର ହାନୂନ୍ ରାଜ ପଦରେ ଅଭିଷିକ୍ତ
ହେଲା। 2ଦାଉଦ କହଲେ, "ମୁଁ ହାନୂନ୍ ପ୍ରତି ବଶେଷ
କରୁଣା ପ୍ରକାଶ କରବାକୁ ଯାଉଅଛି କାରଣ ତା'ର ପିତା
ନାହଶ ମୋ ପ୍ରତି ବହୁତ ବଶ୍ୱସ୍ତ ଓ ଦୟାବାନ ଥିଲା।"
ତେଣୁ ତାକୁ ପିତୃ ଶୋକରୁ ସାନ୍ତ୍ୱନା ଦେବା ପାଇଁ ଦାଉଦ
ନଜର ପଦାଧିକାରୀ କର୍ମଚାରୀମାନଙ୍କୁ ତାଙ୍କ ନକଟକୁ ପଠାଇଲେ।
ଏବଂ ସେମାନେ ଅମ୍ମୋନର ଭୂମିରେ ପହଞ୍ଚିଲେ। 3କନ୍ତୁ
ଅମ୍ମୋନୀୟ ଅଧିକାରୀଗଣ ହାନୂନ୍‌କୁ କହଲେ, "ତୁମ୍ଭେ ଭାବୁଛ
କ ତୁମ୍ଭକୁ ସାନ୍ତ୍ୱନା ଦେବା ପାଇଁ ଓ ତୁମ୍ଭର ପିତାଙ୍କୁ ସମ୍ମାନ
ଦେବା ପାଇଁ ଏହ ଲୋକମାନଙ୍କୁ ଦାଉଦ ପଠାଇଛନ୍ତ? ଦାଉଦ
ସେମାନଙ୍କୁ ନଗରକୁ ଆକ୍ରମଣ କରବା ପୂର୍ବରୁ ସେମାନଙ୍କୁ
ନରୀକ୍ଷଣ କରବାକୁ ପଠାଇଛନ୍ତ।"
4ଏଥିରେ ହାନୂନ ଦାଉଦର କର୍ମଚାରୀମାନଙ୍କର ଦାଢ଼ିର
ଅଧେ କ୍ଷୌର କଲା ଓ ସେମାନଙ୍କ ଅଣ୍ଟାରୁ ତଳକୁ ଥିବା ବସ୍ତ୍ର
କାଟି ଦେଲା। ତା'ପରେ ସେ ସେମାନଙ୍କୁ ବଦା କଲା।
5ଏହ ଲୋକମାନଙ୍କ ପରେ ଦାଉଦ କହଲେ ଓ ସେ
ସେମାନଙ୍କୁ ଭେଟିବା ପାଇଁ ପୁରୁଷମାନଙ୍କୁ ପଠାଇଲେ, କାରଣ
ସେମାନେ ଅତି ଲଜ୍ଜିତ ହୋଇଥିଲେ। ରାଜା ସେମାନଙ୍କୁ
କହଲେ, "ତୁମ୍ଭର ଦାଢ଼ି ବଢ଼ିବା ପର୍ଯ୍ୟନ୍ତ ତୁମ୍ଭେମାନେ
ଯିରୀହୋରେ ଥାଅ। ଏହାପରେ ଯିରୁଶାଲମକୁ ଫେର
ଆସିବ।"

## ଅମ୍ମୋନୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ

6ଅମ୍ମୋନୀୟମାନେ ହୃଦୟଙ୍ଗମ କଲେ ଯେ, ରାଜା ଦାଉଦ
ସେମାନଙ୍କୁ ବର୍ତ୍ତମାନ ତାଙ୍କର ଶତ୍ରୁ ବୋଲ ବବେଚନା କଲେ।
ତେଣୁ ସେମାନେ 20,000 ଅରାମୀୟ ସୈନ୍ୟମାନଙ୍କୁ ବୈଥ-
ରହୋବ ଓ ସୋବାରୁ 1,000 ଜଣ ମାଖାର ରାଜାଙ୍କଠାରୁ
ଏବଂ ଟୋବରୁ 12,000 ସୈନ୍ୟ ଭଡାରେ ଆଣିଲେ।
7ଦାଉଦ ଏହା ଶୁଣି ଯୋୟାବଙ୍କ ସହତ ସାହସୀ ସୈନ୍ୟ
ଦଳକୁ ଯୁଦ୍ଧ ପାଇଁ ପଠାଇଲେ। 8ସେହଦନ ଅମ୍ମୋନୀୟମାନେ
ବାହାର ଆସିଲେ ଏବଂ ନଗରର ଫାଟକ ନକଟରେ ଯୁଦ୍ଧ
ପାଇଁ ପ୍ରସ୍ତୁତ ହୋଇ ରହଲେ। ସୋବା ଓ ରହୋବର
ଅରାମୀୟ ଲୋକମାନେ, ଟୋବର ସୈନ୍ୟମାନେ ଏବଂ ମାଖା
ନଗର ବାହାର କ୍ଷେତ୍ରରେ ଏକତ୍ରୀତ ହେଲେ।
9ଯୋୟାବ ନଜ ଆଗେ ଶତ୍ରୁମାନଙ୍କୁ ଦେଖିଲେ, ତେଣୁ
ସେ ଇଶ୍ରାୟେଲର କୁଶଳ ଯୋଦ୍ଧାମାନଙ୍କୁ ମନୋନୀତ କଲେ
ଏବଂ ସେମାନଙ୍କୁ ଅରାମୀୟମାନଙ୍କ ବରୁଦ୍ଧରେ ପ୍ରସ୍ତୁତ କଲେ।
10ସେ ଅବଶିଷ୍ଟ ଲୋକମାନଙ୍କୁ ନଜର ଭାଇ ଅବୀଶୟ
ହସ୍ତରେ ସମର୍ପଣ କଲେ, ତହିଁରେ ସେ ସେମାନଙ୍କୁ ନେଇ
ଅମ୍ମୋନୀୟମାନଙ୍କ ବରୁଦ୍ଧରେ ସୈନ୍ୟ ସଜାଇଲା। 11ଯୋୟାବ
ଅବଶୟକୁ କହଲେ, "ଯଦ ଅରାମୀୟମାନେ ମୋ ପାଇଁ
ଯୁଦ୍ଧରେ ବହୁତ ଶକ୍ତଶାଳୀ ହୁଅନ୍ତ, ତେବେ ତୁମ୍ଭେ ମୋତେ
ସାହାଯ୍ୟ କରବ। କନ୍ତୁ ଯଦ ଅମ୍ମୋନୀୟ ତୁମ୍ଭ ପାଇଁ
ଶକ୍ତଶାଳୀ ହୁଅନ୍ତ, ତେବେ ମୁଁ ଆସିବ ଏବଂ
ତୁମ୍ଭକୁ ସାହାଯ୍ୟ କରବ। 12ବଳବାନ ହୁଅ, ଏବଂ ସାହସର
ସହତ ଯୁଦ୍ଧ କର, ଆମ୍ଭର ପ୍ରଭୁଙ୍କ ସହର ପାଇଁ ଓ ଆମ୍ଭର
ଲୋକମାନଙ୍କ ପାଇଁ ସଦାପ୍ରଭୁଙ୍କ ଆଖିରେ ଯାହା ଠିକ୍ ସେ
ତାହା କରବେ।"
13ତା'ପରେ ଯୋୟାବ ଏବଂ ତାଙ୍କର ସୈନ୍ୟମାନେ
ଅରାମୀୟମାନଙ୍କ ବରୁଦ୍ଧରେ ଯୁଦ୍ଧ କଲେ। ଅରାମୀୟମାନେ
ଯୋୟାବଙ୍କ ସୈନ୍ୟମାନଙ୍କଠାରୁ ପରାସ୍ତ ହୋଇ ଛାଡି ପଳାଇଲେ।
14ଅରାମୀୟମାନଙ୍କୁ ପଳାଇବାର ଦେଖି ଅମ୍ମୋନୀୟମାନେ
ଅବୀଶୟଙ୍କ ସମ୍ମୁଖରୁ ନଜର ନଗରକୁ ପଳାୟନ କଲେ।

ତା'ପରେ ଯୋୟାବ ଅମ୍ମୋନୀୟଙ୍କୁ ଆକ୍ରମଣ କର ସାରବା ପରେ ଯିରୁଶାଲମକୁ ଫେର ଆସିଲା।

### ଅରାମୀୟମାନେ ପୁନର୍ବାର ଯୁଦ୍ଧ ପାଇଁ ନିଷ୍ପତ୍ତି ନେଲେ

15ଏହାପରେ ଅରାମୀୟମାନେ ଇଶ୍ରାୟେଲ ସମ୍ମୁଖରେ
ଆପଣାମାନଙ୍କୁ ପରାସ୍ତ ଦେଖି ଏକତ୍ର ହେଲେ। 16ହଦଦେଷର
ପୁରୁଷ ଲୋକ ପଠାଇ ଫରାତ୍ ନଦୀ ଆରପାରରେ
ଅରାମୀୟମାନଙ୍କୁ ଅଣାଇଲେ। ତେଣୁ ସେମାନେ ହେଲମକୁ
ଆସିଲେ। ହଦଦେଷର ସେନାପତି ଶୋବକ ସେମାନଙ୍କର
ନେତା ଥିଲା।

17ଦାଉଦ ଏହା ଜାଣିବା ପରେ ସେ ସମୁଦାୟ
ଇଶ୍ରାୟେଲୀୟମାନଙ୍କୁ ଏକତ୍ର କରି ଯର୍ଦ୍ଦନ ପାର ହୋଇ
ହେଲମକୁ ଆସିଲେ।

ତହିଁରେ ଅରାମୀୟମାନେ ଦାଉଦଙ୍କ ଆଗରେ ସୈନ୍ୟ
ସଜାଇ ତାଙ୍କ ସଙ୍ଗରେ ଯୁଦ୍ଧ କଲେ। 18ଅରାମୀୟମାନେ ଯୁଦ୍ଧ
କରି ନପାରି ଇଶ୍ରାୟେଲୀୟମାନଙ୍କ ଆଗରୁ ପଳାୟନ କଲେ।
ଦାଉଦ ଅରାମୀୟମାନଙ୍କ 700 ରଥାରୂଢ ଓ 40,000
ଅଶ୍ୱାରୂଢ ସୈନ୍ୟଙ୍କୁ ହତ୍ୟା କଲେ। ପୁଣି ସେ ସେମାନଙ୍କର
ସେନାପତି ଶୋବକକୁ ଆଘାତ କଲେ ଓ ସେ ସେହିଠାରେ
ମୃତ୍ୟୁବରଣ କଲା।

19ହଦ୍ଦେଷରଙ୍କର ସେବା କରୁଥିବା ରାଜାମାନେ ଦେଖିଲେ
ଯେ ଇଶ୍ରାୟେଲୀୟମାନେ ସେମାନଙ୍କୁ ପରାସ୍ତ କଲେଣି ଓ ସେ
ଇଶ୍ରାୟେଲୀୟମାନଙ୍କ ସହିତ ସନ୍ଧି କଲେ ଓ ସେମାନଙ୍କର
ସେବକ ହେଲେ। ଅରାମୀୟମାନେ ପୁନର୍ବାର ଅମ୍ମୋନୀୟମାନଙ୍କୁ
ସାହାଯ୍ୟ କରିବାକୁ ଭୟ କଲେ।

### ବତ୍ଶେବା ସହିତ ଦାଉଦଙ୍କର ସାକ୍ଷାତ

11 ଯେତେବେଳେ ବସନ୍ତ ଆସିଲା, ସେତେବେଳେ ରାଜାଗଣ
ଯୁଦ୍ଧକୁ ଯାଆନ୍ତି। ରାଜା ଦାଉଦ ଯୋୟାବ ଓ ତାଙ୍କର
ଲୋକମାନଙ୍କୁ ଏବଂ ସମସ୍ତ ଇଶ୍ରାୟେଲୀୟ ସୈନ୍ୟମାନଙ୍କୁ
ଅମ୍ମୋନୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ପଠାଇଲେ ଏବଂ
ସେମାନେ ଯୁଦ୍ଧ କରି ସେମାନଙ୍କୁ ପରାସ୍ତ କଲେ ଓ ରବ୍ବା
ନଗର ଅଧିକାର କଲେ।

କିନ୍ତୁ ଦାଉଦ ଯିରୁଶାଲମରେ ରହିଲେ। 2ଥରେ ସନ୍ଧ୍ୟା
ସମୟରେ ଦାଉଦ ବିଛଣାରୁ ଉଠି ଛାତ ଉପରେ ବୁଲିବା
ସମୟରେ ଜଣେ ସ୍ତ୍ରୀଲୋକ ଗାଧୋଉ ଥିବାର ଦେଖିଲେ।
ସେହି ସ୍ତ୍ରୀ ଜଣକ ଅତି ସୁନ୍ଦରୀ ଥିଲା। 3ତେଣୁ ଦାଉଦ
ତାଙ୍କର କର୍ମଚାରୀମାନଙ୍କୁ ପଠାଇ ସେହି ସ୍ତ୍ରୀ ବିଷୟରେ
ବୁଝିଲେ। ସେ ଜାଣିବାକୁ ପାଇଲେ ଯେ, "ସେ ହେଉଛନ୍ତି
ଇଲୀୟାମର ଝିଅ ହିତ୍ତୀୟ ଉରିୟର ସ୍ତ୍ରୀ, ବତ୍ଶେବା।"

4ଦାଉଦ ବତ୍ଶେବାକୁ ଡାକିବା ପାଇଁ ଦୂତ ପଠାଇଲେ
ଏବଂ ଯେତେବେଳେ ସେ ଆସିଲେ। ସେହି ସ୍ତ୍ରୀ ସହିତ
ଶୟନ କଲେ। ସେ ସମୟରେ ସେହି ସ୍ତ୍ରୀ ଲୋକଟି
ଋତୁସ୍ନାନ* କରିଥିଲା। ତେଣୁ ସେ ନିଜର ଗୃହକୁ ଫେରିଗଲା।
5କିନ୍ତୁ ବତ୍ଶେବା ଗର୍ଭବତୀ ହୁଅନ୍ତେ ଦାଉଦଙ୍କ ନିକଟକୁ
ବାର୍ତ୍ତା ପଠାଇ କହିଲେ, "ମୁଁ ଗର୍ଭବତୀ ହୋଇଛି।"

### ଦାଉଦ ନିଜର ପାପକୁ ଲୁଚାଇବାକୁ ଚେଷ୍ଟା କଲେ

6ତା'ପରେ ଦାଉଦ ଯୋୟାବ ନିକଟକୁ ଏକ ବାର୍ତ୍ତା
ପଠାଇଲେ, "ଉରିୟ ଓ ହିତ୍ତିୟକୁ ମୋ ପାଖକୁ ପଠାଅ।"

ତେଣୁ ଯୋୟାବ ଉରିୟକୁ ଦାଉଦଙ୍କ ନିକଟକୁ ପଠାଇଲେ।
7ତେଣୁ ଉରିୟ ଆସି ପହଁଞ୍ଚିବା ପରେ ଦାଉଦ ତାଙ୍କୁ
ଯୋୟାବର କୁଶଳବାର୍ତ୍ତା ଓ ଲୋକମାନଙ୍କର କୁଶଳବାର୍ତ୍ତା ଓ
ଯୁଦ୍ଧର କୁଶଳବାର୍ତ୍ତା ପଚାରିଲେ। 8ତା'ପରେ ଦାଉଦ ଉରିୟକୁ
କହିଲେ ଠିକ୍ ଅଛି, "ବର୍ତ୍ତମାନ ତୁମ୍ଭେ ଗୃହକୁ ଯାଇ ବିଶ୍ରାମ
ନିଅ।"

ତା'ପରେ ଉରିୟ ରାଜାଙ୍କ ପାଖରୁ ଚାଲିଗଲେ। ରାଜା
ଉରିୟଙ୍କ ପାଖକୁ କିଛି ଉପହାର ପଠାଇଲେ। 9କିନ୍ତୁ ଉରିୟ
ଗୃହକୁ ଗଲେ ନାହିଁ। ସେ ରାଜାଙ୍କର ଦାସମାନଙ୍କ ସହିତ
ରାଜ ଗୃହ ଦ୍ୱାରରେ ଶୟନ କଲା। 10ଦାସମାନେ ଦାଉଦଙ୍କୁ
କହିଲେ, "ଉରିୟ ଘରକୁ ଯାଇ ନାହାଁନ୍ତି।"

ତା'ପରେ ଦାଉଦ ଉରିୟକୁ କହିଲେ, "ତୁମ୍ଭେ ଦୂର
ଯାତ୍ରାରୁ ଆସିଲ। ତୁମ୍ଭେ ଗୃହକୁ ଗଲ ନାହିଁ କାହିଁକି?"

11ଉରିୟ ଦାଉଦଙ୍କୁ କହିଲେ, "ପବିତ୍ର ସିନ୍ଦୁକ, ଇଶ୍ରାୟେଲ
ଓ ଯିହୁଦାର ସୈନ୍ୟବାହିନୀ ଏବଂ ମୋର ରାଜାଙ୍କର ଅଧିକାରୀଗଣ
ଖୋଲା ପଦାରେ ତମ୍ବୁ କରିଛନ୍ତି। ତେଣୁ ମୁଁ କିପରି ଭୋଜନ
କରିବାକୁ ଘରକୁ ଯିବି ଏବଂ ତା'ପରେ ମୋର ସ୍ତ୍ରୀଙ୍କ ସହିତ
ଶୟନ କରିବି? ତୁମ୍ଭେ ଓ ମୁଁ ବଞ୍ଚିଥିବା ଯାଏ ସେପରି
କରିବି ନାହିଁ।"

12ଦାଉଦ ଉରିୟକୁ କହିଲେ, "ଆଜି ତୁମ୍ଭେ ଏହିଠାରେ
ରୁହ। ଆସନ୍ତା କାଲି ମୁଁ ତୁମ୍ଭକୁ ଯୁଦ୍ଧ କ୍ଷେତ୍ରକୁ ପଠାଇ
ଦେବି।"

ଉରିୟ ସେଦିନ ସକାଳ ହେବା ପର୍ଯ୍ୟନ୍ତ ଯିରୁଶାଲମରେ
ରହିଲେ। 13ତା'ପରେ ଦାଉଦ ଉରିୟକୁ ଡାକି କହିଲେ ଏବଂ
ଉରିୟ ଦାଉଦଙ୍କ ସଙ୍ଗେ ଖିଆପିଆ କଲେ। ଦାଉଦ ଉରିୟକୁ
ମଦ୍ୟପାନ କରାଇଲେ, ତା'ପରେ ମଧ୍ୟ ଉରିୟ ଗୃହକୁ ନ
ଯାଇ ରାଜାଙ୍କର ଦାସମାନଙ୍କ ସହିତ ରାଜଗୃହର ଦ୍ୱାର
ଦେଶରେ ଶୟନ କଲେ।

### ଦାଉଦ ଉରିୟଙ୍କର ମୃତ୍ୟୁ ଯୋଜନା କଲେ

14ତା'ପରଦିନ ସକାଳେ ଯୋୟାବଙ୍କ ନିକଟକୁ ଏକ ପତ୍ର
ଲେଖିଲେ। ଦାଉଦ ସେହି ଚିଠିକୁ ଉରିୟଙ୍କ ହାତରେ
ପଠାଇଲେ। 15ଦାଉଦ ଏହା ପତ୍ରରେ ଲେଖି ଥିଲେ, "ଯେଉଁ
କ୍ଷେତ୍ରରେ ଘମାଘୋଟ ଯୁଦ୍ଧ ହୁଏ, ସେଠାରେ ଉରିୟକୁ
ଆଗଧାଡରେ ରଖ। ତା'ପରେ ତାକୁ ସେଠାରେ ଏକା ଛାଡି
ଦିଅ, ଯେପରି ସେ ଯୁଦ୍ଧରେ ହତ୍ୟା ହେବ।"

16ଯୋୟାବ ନଗର ନିରୀକ୍ଷଣ କରିବା ବେଳେ ଅମ୍ମୋନୀୟ
ସାହସୀ ସୈନ୍ୟମାନେ ଯେଉଁଠାରେ ଥିଲେ ସେ ଦେଖିଲେ
ଏବଂ ସେ ଉରିୟକୁ ସେହି ସ୍ଥାନକୁ ଯିବା ପାଇଁ ଆଦେଶ
ଦେଲେ। 17ନଗରର ଲୋକମାନେ ବାହାରେ ଯାଇ ଯୋୟାବ
ସଙ୍ଗେ ଯୁଦ୍ଧ କଲେ ଓ ତହିଁରେ ଦାଉଦଙ୍କ ଦାସମାନଙ୍କ
ମଧ୍ୟରୁ କେତେକ ଲୋକ ମୃତ୍ୟୁବରଣ କଲେ ଓ ହିତ୍ତୀୟ
ଉରିୟ ମଧ୍ୟ ମୃତ୍ୟୁବରଣ କଲେ। 18ତା'ପରେ ଯୋୟାବ
ଯାହାସବୁ ଯୁଦ୍ଧରେ ହେଲା ସେ ଖବର ଦାଉଦଙ୍କ ନିକଟକୁ

---

**ସେହି ସମୟରେ ... ଋତୁସ୍ନାନ** ଇଶ୍ରାୟେଲର ବ୍ୟବସ୍ଥାନୁସାରେ ସେ ସେହି ଦିନ ତା'ର ଶେଷଦିନର ଋତୁସ୍ନାନ କଲେ।

ପଠାଇଲେ। 19ସେ ଦୂତକୁ ଆଜ୍ଞା ଦେଲେ, ଯୁଦ୍ଧରେ ଘଟିଥିବା
ସବୁ ଘଟଣା ରାଜାଙ୍କୁ କୁହ। 20“ରାଜା ଏଥିରେ ରାଗ କରି
ପାରନ୍ତି। ଏବଂ ସେ ତୁମ୍ଭକୁ କହିପାରନ୍ତି, ‘ଆମ୍ଭର ସୈନ୍ୟଗଣ
କାହିଁକି ଯୁଦ୍ଧ କରିବା ପାଇଁ ନଗରର ଏତେ ନିକଟକୁ ଗଲେ?
ସେମାନେ ପ୍ରାଚୀରରୁ ତୀର ମାରିବେ ବୋଲି ତୁମ୍ଭେ ଜାଣିଥିଲ
କି? 21ଯିରୁ-ବେଶତର ପୁତ୍ର ଅବୀମେଲକକୁ କିଏ ମାରିଲା?
ଜଣେ ସ୍ତ୍ରୀଲୋକ ପ୍ରାଚୀରରୁ ତାହା ଉପରକୁ ଚକିର ଉପର
ପଟ୍ଟ ପକାନ୍ତେ ସେ କ’ଣ ତେବେସରେ ମଲା ନାହିଁ? କାହିଁକି
ତୁମ୍ଭେମାନେ ପ୍ରାଚୀରର ଏତେ ନିକଟକୁ ଗଲ?’ ତେବେ
ତୁମ୍ଭେ କହିବ, ‘ନିଜର ଦାସ ହିତ୍ତୀୟ ଊରୀୟ ମଧ୍ୟ ମରିଅଛି।’”

22ସେ ଦୂତ ଯାଇ ଯୋୟାବ କହିଥିବା କଥା ରାଜା
ଦାଉଦଙ୍କୁ ଜଣାଇଲେ। 23ସେହି ଦୂତ ଜଣକ ରାଜା ଦାଉଦଙ୍କୁ
କହିଲା, “ସେହି ଅମ୍ମୋନୀୟ ଲୋକମାନେ ଆମ୍ଭମାନଙ୍କ ଖୋଲା
ପଡିଆରେ ଆକ୍ରମଣ କଲେ, ତା’ପରେ ଆମ୍ଭେ ନଗରର
ଫାଟକ ପର୍ଯ୍ୟନ୍ତ ସେମାନଙ୍କୁ ଘଉଡେଇ ନେଲୁ। 24ଏଥିରେ
ଧନୁର୍ଦ୍ଧାରୀମାନେ ପ୍ରାଚୀରରୁ ଆପଣଙ୍କର ଦାସମାନଙ୍କ ଉପରେ
ତୀର ନିକ୍ଷେପ କଲେ। ତେଣୁ ମହାରାଜଙ୍କର କିଛି ଦାସ
ମୃତ୍ୟୁବରଣ କଲେ ଓ ଆପଣଙ୍କର ଦାସ ହିତ୍ତୀୟ ଊରୀୟ
ମଧ୍ୟ ମୃତ୍ୟୁବରଣ କଲେ।”

25ଦାଉଦ ଦୂତକୁ କହିଲେ, “ଯୋୟାବକୁ ଏହି ବାର୍ତ୍ତା
ଦିଅ: ‘ଏଥିରେ ତୁମ୍ଭେ ଦୁଃଖିତ ହୁଅ ନାହିଁ କାରଣ ଖଣ୍ଡା
ଜଣକ ପରେ ଅନ୍ୟ ଜଣକୁ ଆଖିବୁଜା ଭାବରେ ହତ୍ୟା
କରିପାରିବ। ରବାବ ବିରୁଦ୍ଧରେ ଏକ ଜୋରଦାର ଆକ୍ରମଣ
କର ଏବଂ ତୁମ୍ଭେ ଜୟଲାଭ କରିବ।’ ଏହିସବୁ ବାକ୍ୟରେ
ଯୋୟାବକୁ ଉତ୍ସାହିତ କର।”

### ଦାଉଦ ବତ୍‌ଶେବା ସହିତ ବିବାହ କଲେ

26ଏହାପରେ ଊରୀୟର ଭାର୍ଯ୍ୟା ତା’ର ସ୍ୱାମୀର ମୃତ୍ୟୁ
ସମ୍ବାଦ ପାଇ କାନ୍ଦିଲା ଓ ଶୋକ କଲା। 27ଶୋକ କରିବାର
ସମୟ ଗତ ହେବାପରେ ଦାଉଦ ଲୋକ ପଠାଇ ବତ୍‌ଶେବାକୁ
ନିଜ ଗୃହକୁ ଡକାଇଲେ। ତା’ପରେ ସେ ଦାଉଦଙ୍କର ସ୍ତ୍ରୀ
ହୋଇ ରହିଲେ ଓ ସେ ଦାଉଦ ପାଇଁ ଏକ ପୁତ୍ରକୁ ଜନ୍ମ
ଦେଲା। ମାତ୍ର ଦାଉଦ ଏପରି ଯେଉଁ କାର୍ଯ୍ୟ କଲେ, ସେଥିରେ
ସଦାପ୍ରଭୁ ସନ୍ତୁଷ୍ଟ ହେଲେ ନାହିଁ।

### ନାଥନ ଦାଉଦଙ୍କ ସହିତ ଆଳାପ କଲେ

12 ସଦାପ୍ରଭୁ ଦାଉଦଙ୍କ ନିକଟକୁ ନାଥନକୁ ପଠାଇଲେ।
ନାଥନ ଯାଇ ଦାଉଦଙ୍କୁ କହିଲେ, “ଏକ ନଗରରେ
ଦୁଇଜଣ ଲୋକ ଥିଲେ। ସେଥି ମଧ୍ୟରୁ ଜଣେ ଥିଲେ ଧନୀ
ଓ ଅନ୍ୟ ଜଣକ ଥିଲେ ଗରିବ। 2ଧନୀ ଲୋକର ଅତି
ବହୁତ ଗାଈ, ବଳଦ ଓ ମେଣ୍ଢାପଲ ଥିଲା। 3ମାତ୍ର ଦରିଦ୍ର
ଲୋକଟିର ଗୋଟିଏ ସାନ ମେଣ୍ଢା ଛୁଆ ବ୍ୟତୀତ ଆଉ କିଛି
ନଥିଲା। ସେ ମଧ୍ୟ ତାକୁ କିଣି ପାଳୁଥିଲା। ତା’ ସଙ୍ଗେ ଓ
ତା’ର ବାଳକମାନଙ୍କ ସଙ୍ଗେ ସେ ଏକତ୍ର ବଢିଲା। ମେଣ୍ଢା
ଛୁଆଟି ତା’ର ନିଜ ଭୁଣ୍ଡରୁ ଆହାର ଖାଇଲା ଓ ତାହାର ନିଜ
ପାତ୍ରରୁ ପାନ କଲା ଓ ତା’ର କୋଳରେ ମଧ୍ୟ ଶୟନ କଲା।
ସେହି ମେଣ୍ଢା ଛୁଆଟି ସେ ଗରୀବ ଲୋକଟିର ଝିଅପରି
ବଢିଲା। 4ତା’ପରେ ଜଣେ ଯାତ୍ରୀ ଆସିଲେ ଓ ସେହି ଧନୀ
ଲୋକଙ୍କୁ ଦେଖିଲେ। ତହିଁରେ ସେହି ଧନୀ ଲୋକଟି, ତା’
ନିକଟକୁ ଆସିଥିବା ଅତିଥି ପାଇଁ ରାନ୍ଧିବାକୁ ନିଜ ପଲରୁ ଓ
ନିଜ ଗୋଠରୁ ନେଇ ମେଣ୍ଢା ଖାଇବାକୁ ଦେବାକୁ ଇଚ୍ଛା କଲା
ନାହିଁ। ମାତ୍ର ସେହି ଦରିଦ୍ର ଲୋକଟିର ମେଣ୍ଢା ଛୁଆଟିକୁ
ନେଇ ଅତିଥିଙ୍କ ପାଇଁ ରାନ୍ଧିଲା।”

5ଏକଥା ଶୁଣି, ଧନୀ ଲୋକଟି ଉପରେ ଦାଉଦ ରାଗିଗଲେ,
ପୁଣି ଦାଉଦ ନାଥନଙ୍କୁ କହିଲେ, “ଯେଉଁ ବ୍ୟକ୍ତି ଏପରି
କରିଅଛି, ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ ସେ ନିଶ୍ଚିତ
ମରିବ। 6ସେ ଏପରି କର୍ମ କରିବାରୁ ଓ ସେ କିଛି ଦୟା
ନକରିବାରୁ ସେହି ମେଣ୍ଢାର ଚୁରିଗୁଣ ଫେରାଇ ଦେବ।”

### ନାଥନ ଦାଉଦଙ୍କୁ ତାଙ୍କ ପାପ ବିଷୟରେ କହିଲେ

7ନାଥନ ଦାଉଦଙ୍କୁ କହିଲେ, “ତୁମ୍ଭେ ହେଉଛ ସେହି
ଧନୀ ଲୋକ, ଯାହାକି ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର
ଏହିକଥା କହିଛନ୍ତି, ‘ମୁଁ ତୁମ୍ଭକୁ ଇଶ୍ରାୟେଲର ରାଜା କରିବାକୁ
ପସନ୍ଦ କଲି। ମୁଁ ତୁମ୍ଭକୁ ଶାଉଲଠାରୁ ରକ୍ଷା କଲି। 8ମୁଁ
ତୁମ୍ଭକୁ ତୁମ୍ଭ ପ୍ରଭୁର ଗୃହ ଓ ତା’ର ସ୍ତ୍ରୀମାନଙ୍କୁ ଦେଲି।
ଇଶ୍ରାୟେଲ ଓ ଯିହୁଦାକୁ ଶାସନ କରିବା ପାଇଁ ମଧ୍ୟ ତୁମ୍ଭଙ୍କୁ
ଦେଲି। ଯଦି ଏହା ଅଳ୍ପ ହେଲା, ତେବେ ମୁଁ ତୁମ୍ଭକୁ ଅଧିକ
ଦେଇଥାନ୍ତି। 9ତେଣୁ ତୁମ୍ଭେ କାହିଁକି ସଦାପ୍ରଭୁଙ୍କର ଆଦେଶକୁ
ଅବଜ୍ଞା କଲ? ସେ ଯାହା ଭୁଲ୍ ବୋଲି କହନ୍ତି ତୁମ୍ଭେ ତାହା
କାହିଁକି କଲ? ତୁମ୍ଭେ ହିତ୍ତୀୟ ଊରୀୟକୁ ମାରି ତା’ ସ୍ତ୍ରୀକୁ
ତୁମ୍ଭେ ସ୍ତ୍ରୀ କରିଅଛ। ତୁମ୍ଭେ ଅମ୍ମୋନୀୟମାନଙ୍କ ଖଣ୍ଡାଦ୍ୱାରା
ଊରୀୟକୁ ମାରି ଅଛ। 10ତେଣୁ ଖଡ୍ଗ ତୁମ୍ଭର ପରିବାରର
ଜୀବନ ନେବା ଚିରଦିନ ଚାଲୁରଖିବ। କାରଣ ହିତ୍ତୀୟ
ଊରୀୟର ସ୍ତ୍ରୀକୁ ନେଇ ତୁମ୍ଭର ସ୍ତ୍ରୀ କରି ମୋତେ ତୁଚ୍ଛ ଜ୍ଞାନ
କରିଅଛ।’ 11ସଦାପ୍ରଭୁ ଏକଥା କହନ୍ତି, ‘ମୁଁ ତୁମ୍ଭ ବିରୁଦ୍ଧରେ
ବିପତ୍ତି ଆଣିବାକୁ ଯାଉଅଛି ଏବଂ ଏହା ତୁମ୍ଭ ପରିବାରରୁ
ଆସିବ। ମୁଁ ତୁମ୍ଭର ସ୍ତ୍ରୀମାନଙ୍କୁ ନେଇଯିବି ଓ ତୁମ୍ଭର ଅତି
ନିକଟର ଲୋକକୁ ଦେବି। ସେ ସେମାନଙ୍କ ସହିତ ଶୟନ
କରିବ ଏବଂ ପ୍ରତ୍ୟେକ ତାହା ଜାଣିବେ। 12ତୁମ୍ଭେ ବତ୍‌ଶେବା
ସହିତ ଗୋପନରେ ଶୟନ କଲ, କିନ୍ତୁ ମୁଁ ତୁମ୍ଭକୁ ଦଣ୍ଡ
ଦେବି ସମସ୍ତ ଇଶ୍ରାୟେଲଙ୍କ ସମ୍ମୁଖରେ ଯେପରି ସମସ୍ତ
ଲୋକ ଏହା ଦେଖି ପାରିବେ।’”

13ଦାଉଦ ନାଥନକୁ କହିଲେ, “ମୁଁ ସଦାପ୍ରଭୁଙ୍କ ବିରୁଦ୍ଧରେ
ଅପରାଧ କରିଅଛି।”

ନାଥନ ଦାଉଦଙ୍କୁ କହିଲେ, “ଏଥିରେ ସଦାପ୍ରଭୁ ତୁମ୍ଭର
ଅପରାଧ କ୍ଷମା କରିଅଛନ୍ତି, ତୁମ୍ଭେ ମରିବ ନାହିଁ। 14କିନ୍ତୁ
ତୁମ୍ଭେ ଏହି କୁକର୍ମ କରି ସଦାପ୍ରଭୁଙ୍କୁ ବହୁତ ଅସମ୍ମାନ
ଦେଖାଇଅଛ। ତେଣୁ ଜନ୍ମ କରୁଥିବା ପୁତ୍ରଗଣ ନିଶ୍ଚୟ
ମରିବ।”

### ଦାଉଦ ଓ ବତ୍‌ଶେବାଙ୍କ ପିଲାର ମୃତ୍ୟୁ

15ତା’ପରେ ନାଥନ ଗୃହକୁ ଫେରିଗଲେ। ସଦାପ୍ରଭୁ
ଊରୀୟର ସ୍ତ୍ରୀଠାରୁ ଜନ୍ମ ଦାଉଦର ସନ୍ତାନକୁ ଅତ୍ୟନ୍ତ ପୀଡିତ
କରି ଦେଲେ। 16ଦାଉଦ ବାଳକ ନିମନ୍ତେ ପରମେଶ୍ୱରଙ୍କ

ନିକଟରେ ନିବେଦନ କଲେ ଓ ଦାଉଦ ଉପବାସ କଲେ ଓ
ଭିତରେ ଯାଇ ରାତ୍ରିଯାକ ଭୂମି ଉପରେ ପଡ଼ି ରହିଲେ।
17ଦାଉଦ ପରିବାରର ବୟସ୍କମାନେ ଦାଉଦଙ୍କୁ ଭୂମିରୁ
ଉଠାଇବାକୁ ଚାହିଁଲେ। କିନ୍ତୁ ଦାଉଦ ଉଠିଲେ ନାହିଁ କି
ସେମାନଙ୍କ ସହିତ ଭୋଜନ କଲେ ନାହିଁ। 18ଏହିପରି ସପ୍ତମ
ଦିନରେ ପିଲାଟି ମରିଗଲା, କିନ୍ତୁ ସେମାନେ ଭୟରେ ଦାଉଦଙ୍କୁ
ଏକଥା ଜଣାଇଲେ ନାହିଁ, ସେମାନେ ନିଜ ଭିତରେ କୁହାକୁହି
ହେଲେ, "କାରଣ ପିଲାଟି ବଞ୍ଚିଥିବା ସମୟରେ ସେ ଆମ
କଥା ଶୁଣିଲେ ନାହିଁ। ଯଦି ଆମ୍ଭେ ପିଲାଟିର ମୃତ୍ୟୁ ବିଷୟରେ
କହିଥାନ୍ତୁ, ସେ ତା'ର ନିଜର କ୍ଷତି କରିଥାନ୍ତା। ସେଥିପାଇଁ
ସେମାନେ ଏହା କହିଲେ ନାହିଁ।"
19କିନ୍ତୁ ଦାଉଦ ଦେଖିଲେ ଲୋକମାନେ ଫୁସରୁଫାସର
ହେଉଛନ୍ତି। ତେଣୁ ଦାଉଦ ବୁଝିପାରିଲେ ଯେ ପିଲାଟି ମରି
ଯାଇଛି। ତେଣୁ ଦାଉଦ ତାଙ୍କର ଦାସମାନଙ୍କୁ ପଚାରିଲେ,
"କ'ଣ ପିଲାଟି ମରିଗଲା?"
ତାଙ୍କର ଦାସମାନେ ଉତ୍ତର ଦେଲେ, "ହଁ ସେ ପିଲାଟି
ମରିଗଲା।"
20ତା'ପରେ ଦାଉଦ ଉଠିଲେ, ଗାଧୋଇଲେ, ତାଙ୍କର
ପୋଷାକ ପରିବର୍ତ୍ତନ କରି ପୋଷାକ ପିନ୍ଧିଲେ ଏବଂ ସଦାପ୍ରଭୁଙ୍କର
ମନ୍ଦିରକୁ ଉପାସନା ପାଇଁ ଗଲେ। ତା'ପରେ ଘରକୁ ଯାଇ
ଖାଇବାକୁ ଖାଦ୍ୟ ମାଗିଲେ। ତାଙ୍କର ଦାସମାନେ ତାଙ୍କୁ ଯାହା
ଖାଦ୍ୟ ଦେଲେ ଓ ସେ ତାହା ଖାଇଲେ।
21ଦାଉଦଙ୍କୁ ତାଙ୍କର ଦାସମାନେ ପଚାରିଲେ, "ଆପଣ
ଏପରି ବ୍ୟବହାର କାହିଁକି କଲେ? ଯେତେବେଳେ ପିଲାଟା
ବଞ୍ଚିଥିଲା ଆପଣ ଖାଇବାକୁ ମନା କଲେ ଓ କାନ୍ଦିଲେ କିନ୍ତୁ
ପିଲାଟି ମରିଯିବା ପରେ ଉଠିଲେ ଓ ଖାଦ୍ୟ ଖାଇଲେ।"
22ଦାଉଦ କହିଲେ, "ପିଲାଟି ବଞ୍ଚିଥିବା ସମୟରେ ମୁଁ
ଖାଇବାକୁ ମନାକଲି କାରଣ ମୁଁ କ୍ରନ୍ଦନ କଲି, 'ଯଦି
ପରମେଶ୍ୱରଙ୍କୁ ମୋର ଦୁଃଖ ଜଣାଏ କାଳେ ସେ ମୋ
ଉପରେ ଦୟା କରିବେ ଏବଂ ପିଲାଟିକୁ ବଞ୍ଚିବାକୁ ଦେବେ।'
23କିନ୍ତୁ ବର୍ତ୍ତମାନ ପିଲାଟି ମରିଅଛି, ମୁଁ କାହିଁକି ଆଉ
ଉପବାସ କରିବି। ମୁଁ କ'ଣ ପିଲାଟିର ଜୀବନ ଫେରାଇ ଆଣି
ପାରିବି। ଦିନେ ମୁଁ ତା' ନିକଟକୁ ଯିବି କିନ୍ତୁ ସେ ମୋ
ନିକଟକୁ ଆସି ପାରିବ ନାହିଁ।"

### ଶଲୋମନର ଜନ୍ମ

24ତା'ପରେ ଦାଉଦ ବତ୍ଶେବାକୁ ସାନ୍ତ୍ୱନା ଦେଲେ ଓ
ତାଙ୍କ ସହିତ ଯୌନସମ୍ପର୍କ ରଖିଲେ ଓ ସେ ଗର୍ଭବତୀ
ହେଲେ ଓ ସେ ଆଉ ଏକ ପୁତ୍ରକୁ ଜନ୍ମ ଦେଲେ। ଦାଉଦ
ସେ ପିଲାଟିର ନାମ ଶଲୋମନ ରଖିଲେ। ସଦାପ୍ରଭୁ ଶଲୋମନଙ୍କୁ
ପ୍ରେମ କଲେ। 25ସଦାପ୍ରଭୁ ନାଥନ ନାମକ ଏକ ଭବିଷ୍ୟଦ୍‌ବକ୍ତାଙ୍କ
ମାଧ୍ୟମରେ କହି ପଠାଇଲେ ଏବଂ ସଦାପ୍ରଭୁ ନାଥନ ତା'ର
ନାମ ଶଲୋମନ ଯିଦିଦୀୟପରି ଦେଲେ। ନାଥନ ସଦାପ୍ରଭୁଙ୍କ
ପାଇଁ ଏହା କଲେ।

### ଦାଉଦ ରବ୍ବାକୁ ଆୟତ୍ତ କଲେ

26ଅମ୍ମୋନୀୟମାନଙ୍କର ରାଜଧାନୀ ସହର ରବ୍ବାକୁ ଯୋୟାବ
ଯୁଦ୍ଧ କରି କରଗତ କଲେ। 27ଯୋୟାବ ଦାଉଦଙ୍କ ନିକଟକୁ
ଦୂତଗଣ ସହିତ ଏହି ବାର୍ତ୍ତା ପଠାଇଲେ: "ମୁଁ ରବ୍ବା
ବିରୁଦ୍ଧରେ ଯୁଦ୍ଧ କରିଛି ଏବଂ ଏହାର ଜଳଯୋଗାଣକୁ ସୁରକ୍ଷା
ଦେଉଥିବା ଦୁର୍ଗକୁ ଅକ୍ତିଆର କରିଛି। 28ଆପଣ ଅବଶିଷ୍ଟ
ଲୋକମାନଙ୍କୁ ଏକତ୍ରିତ କରି ନଗର ନିକଟରେ ଛାଉଣୀ
ସ୍ଥାପନ କରି ତାହା ହସ୍ତଗତ କରନ୍ତୁ। ନୋହିଲେ ମୁଁ ଏହାକୁ
ହସ୍ତଗତ ଓ ମୋ ନାମାନୁସାରେ ଖ୍ୟାତ କରିବି।"
29ଏଣୁ ଦାଉଦ ସମସ୍ତ ଲୋକଙ୍କୁ ଏକତ୍ର କରି ରବ୍ବାକୁ
ଗଲେ ଓ ତହିଁ ବିରୁଦ୍ଧରେ ଯୁଦ୍ଧ କରି ତାହା ହସ୍ତଗତ
କଲେ। 30ସେ ସେମାନଙ୍କ ରାଜାର ମସ୍ତକରୁ ମୁକୁଟ କାଢ଼ି
ନେଲେ। ତାହା ଏକ ମହଣ ପରିମିତ ସୁନା ଓ ତହିଁରେ
ବହୁମୂଲ୍ୟ ପ୍ରସ୍ତରମାନ ଖଚିତ ହୋଇଥିଲା। ଆଉ ତାହା
ଦାଉଦଙ୍କର ମସ୍ତକରେ ଦିଆଗଲା। ପୁଣି ସେ ମଧ୍ୟ ସେହି
ନଗରରୁ ଲୁଟ୍ କରି ବହୁମୂଲ୍ୟ ସାମଗ୍ରି ନେଇଗଲେ।
31ସେ ସହରର ଲୋକମାନଙ୍କୁ ବାହାର କରି ଆଣି
ସେମାନଙ୍କୁ କରତ ଓ ଲୁହାମଇ ଓ ଲୁହା କୁରାଢ଼ି ଦ୍ୱାରା
କଠିନ କାର୍ଯ୍ୟ କରାଇ ଦଣ୍ଡ ଦେଲେ ଓ ସେମାନଙ୍କୁ ଇଟା
ତିଆରି କରାଇଲେ। ସେ ଅମ୍ମୋନୀୟମାନଙ୍କ ସମୁଦାୟ ନଗର
ପ୍ରତି ଏପରି କଲେ। ଏହାପରେ ଦାଉଦ ଓ ସମସ୍ତ ଲୋକ
ଯିରୁଶାଲମକୁ ଫେରି ଆସିଲେ।

### ଅମ୍ନୋନ ଓ ତାମର

13 ଦାଉଦଙ୍କର ଏକ ପୁତ୍ର ଥିଲେ, ଯାହାର ନାମ ଥିଲା
ଅବଶାଲୋମ। ଅବଶାଲୋମର ଏକ ଭଉଣୀ ଥିଲା,
ଯାହାର ନାମ ଥିଲା ତାମର। ତାମର ଭାରି ସୁନ୍ଦରୀ ଥିଲା।
ଦାଉଦଙ୍କର ଅନ୍ୟ ଏକ ପୁତ୍ର ଥିଲା ଅମ୍ନୋନ। 2ଅମ୍ନୋନ
ନିଜର ସାବତ ଭଉଣୀ ତାମରକୁ ଭଲପାଇ ବସିଲା ଓ ତା'
ପ୍ରେମରେ ତାକୁ ଜ୍ୱର ଆସିଗଲା। ତାମର ଅନୁଢ଼ା ଥିଲା।
ଅମ୍ନୋନ ତାକୁ ବହୁତ ଚାହୁଁଥିଲା, କିନ୍ତୁ ତା' ସହିତ ଏକାକି
ରହିବା ପାଇଁ ଅବକାଶ ପାଇଲା ନାହିଁ।
3ଅମ୍ନୋନଙ୍କର ଯୋନାଦବ ନାମକ ଜଣେ ଚତୁର ବନ୍ଧୁ
ଥିଲା, ଯିଏକି ଶିମିୟର ପୁତ୍ର। ଶିମିୟ ଦାଉଦଙ୍କର ଭାଇ ଥିଲା।
4ସେ ଅମ୍ନୋନକୁ ପଚାରିଲା, "ତୁମ୍ଭେ କାହିଁକି ଦିନକୁ ଦିନ
ଏପରି କ୍ଷୀଣ ହୋଇ ଯାଉଛ। ତୁମ୍ଭେ ମୋତେ କ'ଣ ତାହା
କହିବ ନାହିଁ?"
ତା'ପରେ ଅମ୍ନୋନ କହିଲା, "ମୁଁ ଅବଶାଲୋମର ଭଉଣୀ
ତାମରକୁ ଭଲ ପାଏ।"
5ଯୋନାଦବ ତାହାକୁ କହିଲା, "ତୁମ୍ଭେ ଶଯ୍ୟାରେ ପଡ଼ି
ରୋଗର ବାହାନା କର। ପୁଣି ତୁମ୍ଭ ପିତା ତୁମ୍ଭକୁ ଦେଖିବାକୁ
ଆସିଲେ ତାଙ୍କୁ କୁହ, 'ଦୟାକରି ମୋର ଭଉଣୀ ତାମରକୁ
ମୋ ପାଖକୁ ଆସି ମୋତେ ଖାଦ୍ୟ ଦେବାକୁ ଅନୁମତି
ଦିଅନ୍ତୁ। ସେ ମୋ ଆଗରେ ଖାଦ୍ୟ ରାନ୍ଧିବ, ତହିଁରେ ମୁଁ
ତାହା ଦେଖି ତାହା ହାତରୁ ଭୋଜନ କରିବି।'"
6ରାଜା ଦେଖିବାକୁ ଆସିବା ସମୟରେ ଅମ୍ନୋନ ରୋଗର
ବାହାନା କରି ପଡ଼ି ରହିଲା। ଅମ୍ନୋନ କହିଲା, "ମୋ ଭଉଣୀ
ତାମରକୁ ଆସିବାକୁ ଦିଅନ୍ତୁ ଏବଂ ସେ ମୋ ଆଗରେ ଦୁଇଟି
ପିଠା କରିବ, ତା'ପରେ ମୁଁ ସେଗୁଡ଼ିକ ତା' ହାତରୁ ଖାଇବି।"

7ତେବେ ଦାଉଦ ତାମରର ଗୃହକୁ ଲୋକ ପଠାଇ କହିଲେ, "ତୁମ୍ଭ ଭାଇ ଅମ୍ନୋନର ଘରକୁ ଟିକିଏ ଯାଇ ତାହାର ଖାଇବା ପାଇଁ କିଛି ରାନ୍ଧି ଦିଅ।"

### ତାମର ଅମ୍ନୋନଙ୍କ ପାଇଁ ଖାଦ୍ୟ ତିଆରି କଲେ

8ଯେତେବେଳେ ତାମର ଆପଣା ଭାଇ ଅମ୍ନୋନର ଗୃହକୁ ଗଲା, ସେତେବେଳେ ସେ ଶଯ୍ୟାରେ ଥିଲା। ତେଣୁ ତାମର ଚକଟା ମଇଦା ନେଇ ଦଳି ଅମ୍ନୋନ ଦେଖୁଥିବା ବେଳେ ପିଠା ପ୍ରସ୍ତୁତ କରି ତାକୁ ପାକ କଲା। 9ସେ କରେଇରୁ ପିଠାଗୁଡ଼ିକ କାଢ଼ିନେଇ ତା' ଆଗରେ ରଖିଲା। ଏବଂ ସେ ଖାଇବାକୁ ମନାକଲା ଏବଂ ଅମ୍ନୋନ କହିଲା, "ସମସ୍ତଙ୍କୁ ବାହାରକୁ ପଠେଇ ଦିଅ।" ଏବଂ ସମସ୍ତେ କୋଠରୀରୁ ବାହାରି ଗଲେ।

### ଅମ୍ନୋନ ତାମର ସହିତ ବଳତ୍କାର କଲେ

10ତା'ପରେ ଅମ୍ନୋନ ତାମରକୁ କହିଲା, "ଖାଦ୍ୟ ଦ୍ରବ୍ୟ ଶଯ୍ୟନ ଗୃହକୁ ଆଣ, ମୁଁ ତୁମ୍ଭ ହାତରୁ ତାହା ଭୋଜନ କରିବି।"

ଏଥିରେ ତାମର ନିଜେ ତିଆରି କରିଥିବା ପିଠା ନେଇ ଅମ୍ନୋନର ଶଯ୍ୟନ କକ୍ଷକୁ ଗଲା। 11ତାହାକୁ ଖୁଆଇବା ପାଇଁ ତାହା ନିକଟକୁ ନିଅନ୍ତେ ସେ ତାମରକୁ ଧରି କହିଲା, "ଆସ, ମୋର ଭଉଣୀ ମୋ ପାଖରେ ଶଯ୍ୟନ କର।"

12ସେଥିରେ ସେ ଉତ୍ତର ଦେଲା, "ନା, ନା, ଭାଇ ମୋତେ ଏହା କରିବାକୁ ବାଧ୍ୟ ନକର, କାରଣ ଇଶ୍ରାୟେଲ ମଧ୍ୟରେ ଏପରି କର୍ମ ନିଷେଧ। ଏହିପରି ଭୟଙ୍କର କାର୍ଯ୍ୟ କରନାହିଁ। 13ଯଦି ତୁମ୍ଭେ ଏହା କର, ମୁଁ ଲଜ୍ଜାରୁ କେବେ ମୁକ୍ତ ହୋଇ ପାରିବି ନାହିଁ। ଏବଂ ଇଶ୍ରାୟେଲରେ ତୁମ୍ଭେ ଜଣେ ସାଧାରଣ ଦୋଷୀ ରୂପେ ବିବେଚିତ ହେବ। ଏଣୁ ମୁଁ ବିନୟ କରୁଅଛି, ରାଜାଙ୍କ ସଙ୍ଗେ କଥାବାର୍ତ୍ତା କର, ସେ ତୁମ୍ଭ ପ୍ରତି ମୋତେ ଦେବା ପାଇଁ ଅସମ୍ମତ ହେବେ ନାହିଁ।"

14ତଥାପି ଅମ୍ନୋନ ତାହାର କଥା ଶୁଣିଲା ନାହିଁ। ମାତ୍ର ସେ ତା'ଠାରୁ ବଳବାନ୍ ହେବାରୁ ତାହାକୁ ବଳାତ୍କାର କରି ତା' ସଙ୍ଗେ ଶଯ୍ୟନ କଲା। 15ତା'ପରେ ଅମ୍ନୋନ ତାକୁ ଅତି ଘୃଣା କଲା, ସେ ତାକୁ ଯେପରି ପ୍ରେମ କରିଥିଲା, ତା' ଅପେକ୍ଷା ଅଧିକ ଘୃଣା କଲା। ଏଣୁ ଅମ୍ନୋନ ତାହାକୁ କହିଲା, "ଉଠ ଏଠାରୁ ଚାଲିଯାଅ।"

16ସେଥିରେ ସେ କହିଲା, "ମୋତେ ଏହିପରି ଅବସ୍ଥାରେ ଦୂରେଇ ଦିଅନାହିଁ। ତୁମ୍ଭେ ମୋ' ପ୍ରତି ବର୍ତ୍ତମାନ ଯାହା କଲ, ତା'ଠାରୁ ମଧ୍ୟ ଏହା ଅଧିକରୁ ଅଧିକ ମନ୍ଦ ହେବ।"

କିନ୍ତୁ ସେ ତା'ର କଥାକୁ ଶୁଣିଲା ନାହିଁ। 17ତା'ପରେ ଅମ୍ନୋନ ତା'ର ଦାସକୁ ଡାକି କହିଲା, "ଏହାକୁ ମୋ ପାଖରୁ ବାହାର କରିଦିଅ, ଏବଂ କବାଟ ବନ୍ଦ କରିଦିଅ।"

18ତେଣୁ ଅମ୍ନୋନଙ୍କର ଦାସ ତାକୁ ଘରୁ ବାହାର କରି କବାଟ ବନ୍ଦ କରି ଦେଲା।

ତାମର ଏକ ଦୀର୍ଘ ଛାପାବସ୍ତ୍ର ପିନ୍ଧି ଥିଲା, କାରଣ ଅନୂଢ଼ା ରାଜକନ୍ୟାମାନେ ସେହି ପ୍ରକାର ବସ୍ତ୍ର ପିନ୍ଧନ୍ତି। 19ଏଥିରେ ଅମ୍ନୋନର ଦାସ ତାହାକୁ ବାହାରେ ଆଣି ତାହା ପଛେ ପଛେ କବାଟ ଦେଇଦେବାରୁ ସେ ନିଜର ମୁଣ୍ଡରେ ଭସ୍ମ ଦେଇ ତାହା ଦେହର ଦୀର୍ଘ୍ୟ ଅଙ୍ଗରଖା ଚିରି ଦେଲା। ତା'ପରେ ସେ ମୁଣ୍ଡରେ ହାତ ଦେଇ କାନ୍ଦିକାନ୍ଦି ସେଠାରୁ ପ୍ରସ୍ଥାନ କଲା।

20ତୁମ୍ଭ ସହିତ ତୁମ୍ଭର ଭାଇ ଅମ୍ନୋନ ଅଛି କି? "ସେ ତୁମ୍ଭକୁ ଆଘାତ କଲା କି? ଭଉଣୀ, ଏବେ ତୁନି ହୁଅ, ସେ ତୁମ୍ଭର ଭାଇ, ଏ ବିଷୟରେ ଚିନ୍ତା କରି ବ୍ୟତିବ୍ୟସ୍ତ ହୁଅ ନାହିଁ।" ଏହାପରେ ସେ ନିଜର ସହୋଦର ଅବଶାଲୋମର ଗୃହରେ ରହିଲା। ଏବଂ ସେ କିଛି କହିଲା ନାହିଁ। ସେ ସେଠାରେ ବାସ କଲା ଓ ଏକାକୀ ଥିଲା ଓ ଉଦାସ ଥିଲା।

21ମାତ୍ର ରାଜା ଦାଉଦ ଏହିସବୁ କଥା ଶୁଣି ଅତ୍ୟନ୍ତ କ୍ରୁଦ୍ଧ ହେଲେ। 22ଅବଶାଲୋମ ଅମ୍ନୋନକୁ ଭଲ କି ମନ୍ଦ କିଛି କହିଲା ନାହିଁ। କାରଣ ତାହାର ଭଉଣୀ ତାମରକୁ ବଳାତ୍କାର କରିବାରୁ ଅବଶାଲୋମ ଅମ୍ନୋନକୁ ଘୃଣା କଲା।

### ଅବଶାଲୋମଙ୍କର ପ୍ରତିଶୋଧ

23ଏହାପରେ ସମ୍ପୂର୍ଣ୍ଣ ଦୁଇ ବର୍ଷ ପରେ ଇଫ୍ରୟିମ ସୀମାରେ ବାଲ୍ ହାତସୋରରେ ଅବଶାଲୋମର ମେଷ ଲୋମ ଛେଦନ କଲା ଏବଂ ଅବଶାଲୋମ ସମସ୍ତ ରାଜପୁତ୍ରଙ୍କୁ ନିମନ୍ତ୍ରଣ କଲା। 24ପୁଣି ଅବଶାଲୋମ ରାଜାଙ୍କ ନିକଟକୁ ଆସିଲା ଓ କହିଲା, "ଦେଖନ୍ତୁ ମୋର ମେଷଗୁଡ଼ିକର ଲୋମ ଛେଦନ ହୋଇଛି, ଏଣୁ ମହାରାଜା ଓ ରାଜାଙ୍କ ଦାସମାନେ ଆପଣଙ୍କ ଏହି ଦାସ ସଙ୍ଗରେ ଆସନ୍ତୁ।"

25ଏଥିରେ ରାଜା ଅବଶାଲୋମକୁ କହିଲେ, "ନାହିଁ ମୋର ପୁତ୍ର, ଆମ୍ଭେ ସମସ୍ତେ ନ ଯାଉ, ଗଲେ ତୁମ୍ଭ ପ୍ରତି ଭାରସ୍ୱରୂପ ହେବୁ।"

ମାତ୍ର ସେ ବହୁତ ବଳାଇଲା। ତେବେ ହେଁ ରାଜା ଯିବାକୁ ସମ୍ମତ ନୋହି ତାହାକୁ ଆଶୀର୍ବାଦ କଲେ।

26ଏଥିରେ ଅବଶାଲୋମ କହିଲା, "ଯଦି ଆପଣ ଆସୁନାହାନ୍ତି, ତେବେ ମୋର ଭାଇ ଅମ୍ନୋନକୁ ଆମ ସଙ୍ଗରେ ଯିବାକୁ ଅନୁମତି ଦିଅନ୍ତୁ।"

ରାଜା ତାକୁ କହିଲେ, "ସେ କାହିଁକି ତୁମ୍ଭ ସଙ୍ଗେ ଯିବ?"

27ମାତ୍ର ଅବଶାଲୋମ ବଳାଇବାରୁ ରାଜା ଅମ୍ନୋନକୁ ଓ ସବୁ ରାଜ ପୁତ୍ରଙ୍କୁ ତାହା ସଙ୍ଗେ ପଠାଇଲେ।

### ଅମ୍ନୋନଙ୍କର ହତ୍ୟା

28ଏହାପରେ ଅବଶାଲୋମ ନିଜର ସେବକମାନଙ୍କୁ ଆଜ୍ଞା ଦେଲେ ଓ କହିଲେ, "ଅମ୍ନୋନକୁ ଜଗିଥାଅ, ଯେତେବେଳେ ସେ ଟିକେ ମାତାଲ ହେବ, ଦ୍ରାକ୍ଷାରସରୁ ଉତ୍ତମ ଅନୁଭବ କରିବ, ମୋ ଆଦେଶ ଅନୁକରଣ କରି ତାକୁ ହତ୍ୟା କର। ଭୟ କର ନାହିଁ, ମୁଁ କ'ଣ ତୁମ୍ଭମାନଙ୍କୁ ଆଜ୍ଞା ଦେଇନାହିଁ, ବଳବାନ୍ ଏବଂ ସାହସି ହୁଅ।"

29ଅବଶାଲୋମର ଲୋକମାନେ ଗଲେ ଓ ଅବଶାଲୋମର ଆଜ୍ଞାନୁସାରେ ଅମ୍ନୋନକୁ ହତ୍ୟା କଲେ। ତେଣୁ ରାଜପୁତ୍ରମାନେ ସମସ୍ତେ ଉଠି ପ୍ରତ୍ୟେକ ନିଜ ନିଜ ଖଚର ଉପରେ ଚଢ଼ି ପଳାଇଲେ।

### ଅମ୍ନୋନଙ୍କର ମୃତ୍ୟୁ ବିଷୟରେ ଦାଉଦ ଶୁଣିଲେ

30ତଥାପି ସେମାନେ ବାଟରେ ଥିଲେ। ଦାଉଦ ନିକଟରେ
ସମ୍ବାଦ ଉପସ୍ଥିତ ହେଲା ଯେ, "ଅବଶାଲୋମ ସମସ୍ତ ରାଜପୁତ୍ରଙ୍କୁ
ବଧ କରିଅଛି, ସେମାନଙ୍କ ମଧ୍ୟରୁ ଜଣେ ଅବଶିଷ୍ଟ ନାହିଁ।"
31ତହିଁରେ ରାଜା ଉଠି ଆପଣା ବସ୍ତ୍ର ଚିରି ଭୂମିରେ ଲମ୍ବ
ହୋଇ ପଡ଼ିଲେ ଓ ତାଙ୍କର ଦାସ ସମସ୍ତେ ନିଜ ନିଜର ବସ୍ତ୍ର
ଚିରି ତାହାଙ୍କ ନିକଟରେ ଠିଆ ହେଲେ।
32ସେତେବେଳେ ଦାଉଦଙ୍କର ଭାଇ ଶିମିୟିର ପୁତ୍ର ଯୋନାଦବ
ପହଞ୍ଚିଲା ଓ କହିଲା, "ନା! ସମସ୍ତଙ୍କୁ ହତ୍ୟା କରାଯାଇ ନାହିଁ।
ମାତ୍ର ଅମ୍ନୋନକୁ ହତ୍ୟା କରାଗଲା। ଅମ୍ନୋନ ତାମରକୁ ଧର୍ଷଣ
କରିବା ଦିନଠାରୁ ଅବଶାଲୋମ ଏହି ଷଡଯନ୍ତ୍ର କରି ଆସୁଅଛି।
33ଏଣୁ ସମସ୍ତ ରାଜପୁତ୍ର ମରିଛନ୍ତି ବୋଲି ମୋର ପ୍ରଭୁ,
ମହାରାଜ ମନରେ ନ ଘେନନ୍ତୁ। କାରଣ କେବଳ ଅମ୍ନୋନ
ମରିଛି।"
34ଏଥି ମଧ୍ୟରେ ଅବଶାଲୋମ ପଳାୟନ କରିଥିଲା।
ଏହି ସମୟରେ ଜଣେ ପ୍ରହରୀ ନଗରର ପ୍ରାଚୀର ଉପରେ
ଛିଡ଼ା ହୋଇଥିଲା। ସେ ଦେଖିଲା, ବହୁତ ଗୁଡ଼ିଏ ଲୋକ
ପର୍ବତର ଅନ୍ୟ ପାର୍ଶ୍ୱରୁ ଆସୁଛନ୍ତି। 35ତେଣୁ ଯୋନାଦବ,
ରାଜା ଦାଉଦଙ୍କୁ କହିଲା, "ଦେଖ ମୁଁ ଠିକ୍ କହୁଛି, ଦେଖ,
ରାଜାଙ୍କର ପୁତ୍ର ଆସୁଛନ୍ତି।"
36ଏହା କହି ସାରିବାପରେ ରାଜକୁମାରଗଣ ଆସି ସେଠାରେ
ପହଞ୍ଚି ଗଲେ ଏବଂ ସେମାନେ କ୍ରନ୍ଦନ କରୁଥିଲେ। ଦାଉଦ
ଏବଂ ତାଙ୍କର ଦାସୀମାନେ ମଧ୍ୟ କାନ୍ଦିବାକୁ ଲାଗିଲେ ଓ
ଚିତ୍କାର କରି କାନ୍ଦିଲେ। 37ତାଙ୍କର ପୁତ୍ର ଅମ୍ନୋନଙ୍କ ପାଇଁ
ଦାଉଦ ବହୁତ ଦିନ ଶୋକ କଲେ।

### ଅବଶାଲୋମ ଗଶୂରକୁ ପଳାୟନ କଲେ

ଅବଶାଲୋମ ପଳାଇ ଗଶୂରର ରାଜା ଅମ୍ମୀହୂରର ପୁତ୍ର
ତଲ୍ମୟ ନିକଟକୁ ଯାଇଥିଲା। 38ଏହାପରେ ଅବଶାଲୋମ
ଗଶୂରକୁ ପଳାଇ ସେଠାରେ ତିନିବର୍ଷ ଧରି ରହିଲା। 39ଦାଉଦ
ତାଙ୍କର ମନ ଅବଶାଲୋମ ଆଡ଼େ ଗଲାପରେ ତାଙ୍କର ପ୍ରାଣ
କ୍ଷୀଣ ହେଲା କାରଣ ସେ ଅମ୍ନୋନର ମୃତ୍ୟୁ ଜାଣି ସାନ୍ତ୍ୱନା
ପ୍ରାପ୍ତ ହେଲେ।

### ଯୋୟାବ ଏକ ଜ୍ଞାନୀ ସ୍ତ୍ରୀକୁ ଦାଉଦଙ୍କ ନିକଟକୁ ପଠାଇଲେ

14 ସରୁୟାର ପୁତ୍ର ଯୋୟାବ ଦେଖିଲା ଯେ, ରାଜାଙ୍କର
ଅନ୍ତଃକରଣ ଅବଶାଲୋମ ଆଡ଼େ ଅଛି। 2ଏଣୁ
ଯୋୟାବ ତକୋୟକୁ ଲୋକ ପଠାଇ ସେଠାରୁ ଏକ ଜ୍ଞାନବତୀ
ସ୍ତ୍ରୀ ଲୋକ ଆଣିବାକୁ କହିଲା। ଯୋୟାବ ସେହି ବୁଦ୍ଧିମତୀ ସ୍ତ୍ରୀ
ଲୋକଟିକୁ କହିଲେ, "ଦୟାକରି ବହୁତ ଦୁଃଖିତ ଥିବାର
ଛଳନା କର। ଶୋକ ବସ୍ତ୍ର ପରିଧାନ କର। ତୁମ୍ଭର
କେଶରେ ଓ ମୁଖରେ ତେଲଆ ପ୍ରସାଧାନ ଲଗାଅନାହିଁ। ମାତ୍ର
ମୃତ ଲୋକ ପାଇଁ ବହୁକାଳରୁ ଶୋକକାରିଣୀ ସ୍ତ୍ରୀ ପରି
ବ୍ୟବହାର କର। 3ରାଜାଙ୍କ ନିକଟକୁ ଯାଇ ମୁଁ ତୁମ୍ଭକୁ ଯାହା
କୁହେ ସେହି ବାକ୍ୟ ତାଙ୍କୁ କୁହ, ତା'ପରେ ଯୋୟାବ
ବୁଦ୍ଧିମତୀ ସ୍ତ୍ରୀ ଲୋକଟିକୁ ଯାହା କହିବା ପାଇଁ ହେବ
କହିଲେ।"
4ତହୁଁ ତକୋୟର ସେହି ସ୍ତ୍ରୀ ଜଣକ ରାଜାଙ୍କୁ କଥା
କହିବା ବେଳେ ଭୂମିରେ ମୁଣ୍ଡମାଡ଼ି ପ୍ରଣାମ କରି କହିଲା,
"ମହାରାଜ, ରକ୍ଷା କରନ୍ତୁ।"
5ତହିଁରେ ରାଜା ପଚାରିଲେ, "କ'ଣ ତୁମ୍ଭର ଅସୁବିଧା
କରୁଛି?"
ସେ ଉତ୍ତରରେ ଦେଲା, "ମୁଁ ସତ୍ୟ କହୁଛି ମୁଁ ବିଧବା
ସ୍ତ୍ରୀ, ମୋର ସ୍ୱାମୀ ମରିଯାଇଛି। 6ଆପଣଙ୍କ ଏହି ଦାସୀର
ଦୁଇପୁତ୍ର ଥିଲେ। ସେ ଦୁହେଁ କ୍ଷେତ୍ରରେ ବିବାଦ କଲେ।
ସେତେବେଳେ ସେମାନଙ୍କୁ ଛଡ଼ାଇ ଦେବାକୁ କେହି ନଥିବାରୁ
ଜଣେ ଅନ୍ୟ ଜଣଙ୍କୁ ମାରି ବଧ କଲା। 7ବର୍ତ୍ତମାନ ମୋର
ପୁରା ପରିବାର ମୋର ବିରୁଦ୍ଧାଚରଣ କରୁଛନ୍ତି। ସେମାନେ
ମୋତେ କହିଲେ, 'ତୁମ୍ଭେ ସେ ପୁତ୍ରକୁ ଆଣି ଦିଅ ଯେ
ତା'ର ଭାଇକୁ ମାରିଅଛି। ଆମ୍ଭେମାନେ ତାକୁ ହତ୍ୟା କରିବୁ।
କାରଣ ସେ ତା'ର ଭାଇକୁ ହତ୍ୟା କଲା?' ମୋ ପୁଅ
ହେଉଛି ମୋର ଶେଷ ଅଗ୍ନିଶିଖା। ଯଦି ସେମାନେ ତାକୁ
ହତ୍ୟା କରନ୍ତି, ତେବେ ସେହି ଅଗ୍ନିଶିଖା ଜଳି ଲିଭିଯିବ। ସେ
ତା'ର ବାପାର ସମ୍ପତ୍ତି ପାଇବାର ଏକମାତ୍ର ଜୀବିତ ଉତ୍ତରାଧିକାରୀ
ପୁତ୍ର। ଯଦି ସେମାନେ ତାକୁ ହତ୍ୟା କରନ୍ତି, ତେବେ ସେହି
ସମ୍ପତ୍ତି ଅନ୍ୟ ଜଣଙ୍କୁ ଦିଆଯିବ ଏବଂ ତା'ପରେ ମୋର
ସ୍ୱାମୀର ନାମ ଏହି ଦେଶରୁ ଲିଭିଯିବ।"
8ତା'ପରେ ରାଜା ଦାଉଦ ସେ ସ୍ତ୍ରୀକୁ କହିଲେ, "ଗୃହକୁ
ଫେରିଯାଅ। ମୁଁ ଏ ବିଷୟରେ ତୁମର ଯତ୍ନ ନେବି।"
9ତକୋୟର ସେହି ସ୍ତ୍ରୀ ଲୋକଟି ରାଜାଙ୍କୁ କହିଲା, "ହେ
ମୋର ସଦାପ୍ରଭୁ, ଏ ଅପରାଧଟି ମୋ ଉପରେ ଓ ମୋ
ପରିବାର ଉପରେ ଥାଉ। ମାତ୍ର ମହାରାଜ ଓ ତାଙ୍କ ସିଂହାସନ
ଦୋଷ ରହିତ ହେଉ।"
10ତା'ପରେ ରାଜା କହିଲେ, "କେହି ଯଦି ତୁମ୍ଭକୁ କିଛି
କହେ, ତାକୁ ମୋ ସମ୍ମୁଖକୁ ଆଣ ଏବଂ ସେ ତୁମ୍ଭକୁ ଆଉ
ବିବ୍ରତ କରିବ ନାହିଁ।"
11ସ୍ତ୍ରୀ ଲୋକଟି କହିଲେ, "ଆପଣ ସଦାପ୍ରଭୁ ପରମେଶ୍ୱରଙ୍କ
ନାମରେ ଶପଥ ନେଇ କହନ୍ତୁ, ଆପଣ ସେମାନଙ୍କୁ ଅଟକାଇବେ,
ଯେଉଁମାନେ ତା'ର ଭାଇର ହତ୍ୟା ଯୋଗୁଁ ମୋର ପୁତ୍ରକୁ
ହତ୍ୟା କରିବାକୁ ଚାହାଁନ୍ତି। ଶପଥ କରନ୍ତୁ ଯେ, ଆପଣ
ସେମାନଙ୍କୁ ମୋର ପୁତ୍ରକୁ ଧ୍ୱଂସ କରିବା ପାଇଁ ଦେବେ
ନାହିଁ।"
ରାଜା କହିଲେ, "ସଦାପ୍ରଭୁ ଜୀବିତ ଥିବା ପର୍ଯ୍ୟନ୍ତ କେହି
ତୁମ୍ଭର ପୁତ୍ରର କ୍ଷତି କରି ପାରିବେ ନାହିଁ, ଏପରିକି ତା'ର
ମୁଣ୍ଡର ଗୋଟିଏ ବାଳ ମଧ୍ୟ ତଳେ ପଡ଼ିବ ନାହିଁ। ରାଜା
କହିଲେ, ପରମେଶ୍ୱରଙ୍କର ନାମ ଅକ୍ଷୁର୍ଣ୍ଣ ଥିବାଯାଏ କେହି
ତା'ର ଚର୍ମକୁ ସ୍ପର୍ଶ କରି ପାରିବେ ନାହିଁ।"
12ସେ କହିଲା, "ମୋର ରାଜା ସଦାପ୍ରଭୁ, ଦୟାକରି
ମୋତେ କିଛି କହିବା ପାଇଁ ଦିଅନ୍ତୁ।"
ତା'ପରେ ରାଜା ଉତ୍ତର ଦେଲେ, "ତୁମ୍ଭେ କୁହ।"
13ସ୍ତ୍ରୀ ଲୋକଟି କହିଲା, "ତେବେ ଆପଣ କାହିଁକି
ପରମେଶ୍ୱରଙ୍କ ଲୋକମାନଙ୍କ ବିରୁଦ୍ଧରେ ଏପରି ଯୋଜନା
କରିଛନ୍ତି? ରାଜା ଯାହା କହିଲେ, ତାହା ତାଙ୍କର ଦୋଷକୁ
ପ୍ରତି ବିମ୍ବିତ କଲା। କାରଣ ରାଜା ଆପଣା ନିର୍ବାସିତ ପୁତ୍ରକୁ

ଫେରାଇ ଆଣୁ ନାହାଁନ୍ତି। 14ଆମ୍ଭେମାନେ ଦିନେ ନା ଦିନେ ସମସ୍ତେ ମରିବା। ଆମ୍ଭେମାନେ ଭୂମିରେ ଢଳା ହୋଇଥିବା ପାଣିପରି, ଯାହାକି ପୁନର୍ବାର ସଂଗ୍ରହ ହୋଇ ପାରିବ ନାହିଁ। ପରମେଶ୍ୱର ଲୋକମାନଙ୍କୁ କ୍ଷମା କରନ୍ତି। ସେ ସେମାନଙ୍କ ପାଇଁ ଯୋଜନା କଲେ, ଯେଉଁମାନଙ୍କୁ ନିରାପଦ ପାଇଁ ବାଧ୍ୟରେ ଦୌଡ଼ି ପଳାନ୍ତି। 15ମୋର ପ୍ରଭୁ ଓ ମହାରାଜ ମୁଁ ଏହି କଥାଗୁଡ଼ିକ କହିବାକୁ ତୁମ୍ଭ ନିକଟକୁ ଆସିଲି କାରଣ ଲୋକମାନେ ମୋତେ ଭୟ ଦେଖାଇଲେ। ତେଣୁ ନିଜକୁ ଭାବିଲି, 'ମୁଁ ମହାରାଜାଙ୍କୁ କହିବି, ହୋଇପାରେ, ମହାରାଜ ମୋତେ ସାହାଯ୍ୟ କରିପାରନ୍ତି। 16ରାଜା ମୋର କଥା ଶୁଣିବେ ଏବଂ ଯେଉଁମାନେ ମୋତେ ଏବଂ ମୋର ପୁତ୍ରକୁ ମାରିବାକୁ ଚାହୁଁଛନ୍ତି। ସେମାନଙ୍କ କବଳରୁ ମୋତେ ରକ୍ଷା କରିବେ।' ସେ ଆମ୍ଭମାନଙ୍କୁ ସଦାପ୍ରଭୁଙ୍କ ଦେଇଥିବା ଅଧିକାରରୁ ବଞ୍ଚିତ କରିବେ ନାହିଁ। 17ମୁଁ ଜାଣେ ମୋର ମୁନିବଙ୍କର କଥା, ନିଶ୍ଚିତ ଭାବରେ ମୋତେ ବିଶ୍ରାମ ଦେବ କାରଣ ଆପଣ ହେଉଛନ୍ତି ଜଣେ ପରମେଶ୍ୱରଙ୍କ ଦୂତପରି। ଆପଣ ଜାଣନ୍ତି କେଉଁଟା ଠିକ୍ ଓ କେଉଁଟା ଭୁଲ୍ ଏବଂ ସଦାପ୍ରଭୁ ତୁମ୍ଭର ପରମେଶ୍ୱର ସର୍ବଦା ତୁମ୍ଭ ପାଖରେ ଅଛନ୍ତି।"

18ରାଜା ଦାଉଦ ସ୍ତ୍ରୀ ଲୋକଟିକୁ କହିଲେ, "ମୁଁ ତୁମ୍ଭକୁ କେତେକ ପ୍ରଶ୍ନ ପଚାରିବି। ତୁମ୍ଭେ ତା'ର ଉତ୍ତର ଦେବ।"

ସ୍ତ୍ରୀ ଲୋକଟି କହିଲା, "ହେ ମୋର ପ୍ରଭୁ, ଆପଣଙ୍କର ପ୍ରଶ୍ନ ପଚାରନ୍ତୁ।"

19ରାଜା କହିଲେ, "ଯୋୟାବ କ'ଣ ତୁମ୍ଭକୁ ଏପରି କହିବାକୁ କହିଥିଲେ?"

ସେହି ସ୍ତ୍ରୀ ଲୋକଟି ଉତ୍ତର ଦେଲା, "ହେ ମୋର ପ୍ରଭୁ ରାଜା, ଆପଣଙ୍କ ଜୀବିତ ଥିବା ଯାଏ, ଆପଣ ଯାହା କହନ୍ତି ସବୁ ଠିକ୍। ଆପଣଙ୍କର ଅଧିକାରୀ ଯୋୟାବ ମୋତେ ଏପରି କହିବାକୁ କହିଥିଲେ। 20ଯୋୟାବ ଏପରି କରିଥିଲେ, ତେଣୁ ଆପଣ ପ୍ରତ୍ୟେକ କଥାକୁ ଅଲଗା ଭାବରେ ଦେଖି ପାରିଥାନ୍ତେ। ମୋର ପ୍ରଭୁ, ଆପଣ ପରମେଶ୍ୱରଙ୍କ ଦୂତ ପରି ଜ୍ଞାନୀ, ପୃଥିବୀରେ କେଉଁଠି କ'ଣ ହେଉଛି, ଆପଣ ସବୁ ଜାଣି ପାରୁଛନ୍ତି।"

### ଅବଶାଲୋମ ଯିରୁଶାଲମକୁ ଫେରିଆସିଲେ

21ରାଜା ଯୋୟାବକୁ କହିଲେ, "ଦେଖ, ମୁଁ ସେହି କଥା କଲି। ଏଣୁ ଯାଅ ସେହି ଯୁବକ ଅବଶାଲୋମକୁ ପୁନର୍ବାର ଆଣ।"

22ଯୋୟାବ ମୁଣ୍ଡ ନୁଆଁଇ ରାଜାଙ୍କୁ ପ୍ରଣାମ କଲା ଓ ରାଜାଙ୍କ ନାମରେ ଜୟଗାନ କଲା। ସେ କହିଲା, ହେ ରାଜା! "ମୁଁ ଜାଣେ ଯେ, ଆଜି ଆପଣଙ୍କ ଦୃଷ୍ଟିରେ ମୁଁ ଅନୁଗ୍ରହ ପାଇଛି। "ଏହା ଆଜି ମୁଁ ଜାଣେ କାରଣ ଆପଣଙ୍କର ଦାସର କଥାନୁସାରେ କାର୍ଯ୍ୟ କଲେ।"

23ଯୋୟାବ ଉଠି ଗଶୂରକୁ ଯାଇ ଅବଶାଲୋମକୁ ଯିରୁଶାଲମକୁ ଆଣିଲା। 24କିନ୍ତୁ ଦାଉଦ ରାଜା କହିଲେ, "ଅବଶାଲୋମ ତା' ନିଜ ଘରକୁ ଫେରିଯାଇ ପାରିବ। ସେ ଆସିପାରିବ ନାହିଁ ଓ ଦେଖିପାରିବ ନାହିଁ।" ତେଣୁ ଅବଶାଲୋମ ତା'ର ନିଜ ଗୃହକୁ ଫେରିଗଲା। ଅବଶାଲୋମ ରାଜାଙ୍କୁ ସାକ୍ଷାତ କରିପାରିଲା ନାହିଁ।

25ସମୁଦାୟ ଇସ୍ରାଏଲ ମଧ୍ୟରେ ଅବଶାଲୋମ ପରି ଅତି ସୁନ୍ଦର ଯୁବକ କେହି ନ ଥିଲେ। ଲୋକମାନେ ତା'ର ସୌନ୍ଦର୍ଯ୍ୟକୁ ପ୍ରଶଂସା କରୁଥିଲେ। ତା'ର ପାଦରୁ ମସ୍ତକ ପର୍ଯ୍ୟନ୍ତ କେଉଁଠାରେ ଖୁଣ ନ ଥିଲା। 26ତା' ମୁଣ୍ଡରେ ବାଳ ଭାରୀ ହେବାରୁ ସେ ତାକୁ କାଟିଲା। ପ୍ରତିବର୍ଷ ତା' ମୁଣ୍ଡରୁ 200 ଶେକଲ ବାଳ ବାହାରେ। 27ଅବଶାଲୋମର ତିନି ପୁତ୍ର ଓ ଗୋଟିଏ ଝିଅ ଥିଲା। ସେ ଝିଅର ନାମ ତାମର ଥିଲା। ତାମର ମଧ୍ୟ ଭାରୀ ସୁନ୍ଦରୀ ଥିଲେ।

### ଅବଶାଲୋମ ତାଙ୍କୁ ଦେଖିବା ପାଇଁ ଯୋୟାବଙ୍କୁ ବାଧ୍ୟକଲେ

28ଅବଶାଲୋମ ଯିରୁଶାଲମରେ ଦୁଇ ବର୍ଷ ଧରି ରହିଲେ। କିନ୍ତୁ ସେ ରାଜାଙ୍କୁ ଦେଖା କରିପାରୁ ନ ଥିଲେ। କାରଣ ତାଙ୍କୁ ଏପରି ଅନୁମତି ଦିଆଯାଇ ନଥିଲା। 29ଅବଶାଲୋମ ଯୋୟାବଙ୍କ ନିକଟକୁ ଖବର ପଠାଇଲେ। ତାଙ୍କ ତରଫରୁ ରାଜାଙ୍କ ସମ୍ମୁଖକୁ ଯିବା ପାଇଁ। କିନ୍ତୁ ଯୋୟାବ ଆସିବାକୁ ଓ ଦେଖା କରିବାକୁ ମନା କରିଦେଲା। ଅବଶାଲୋମ ଦ୍ୱିତୀୟ ଥର ତାଙ୍କୁ ଡକାଇଲେ, କିନ୍ତୁ ସେ ଆସିବାକୁ ମନା କଲେ।

30ତେଣୁ ଅବଶାଲୋମ ତା'ର କର୍ମଚାରୀମାନଙ୍କୁ କହିଲେ, "ଦେଖ, ଯୋୟାବର କ୍ଷେତ ଠିକ୍ ମୋର କ୍ଷେତ ପାଖରେ ଏବଂ ସେ ସେଥିରେ ବାର୍ଲି ଚାଷ କରିଛି। ତୁମ୍ଭେମାନେ ଯାଅ ଓ ତାକୁ ପୋଡ଼ି ଦିଅ।"

ତେଣୁ ଅବଶାଲୋମର ଲୋକମାନେ ଗଲେ ଓ ନିଆଁ ଲଗାଇ ଦେଲେ। 31ଯୋୟାବ ଉଠି ଅବଶାଲୋମର ଗୃହକୁ ଆସିଲେ। ଯୋୟାବ ଅବଶାଲୋମକୁ କହିଲା, "କାହିଁକି ତୁମ୍ଭର ଦାସମାନେ ମୋ ବିଲରେ ନିଆଁ ଲଗାଇଲେ?"

32ଅବଶାଲୋମ ଯୋୟାବକୁ କହିଲା, "ମୁଁ ତୁମ୍ଭ ପାଖକୁ ବାର୍ତ୍ତାବହ ପଠାଇଲି, ମୁଁ ତୁମ୍ଭକୁ ଡାକିଲି। ଏହା ପଚାରିବାକୁ ମୁଁ ତୁମ୍ଭକୁ ରାଜାଙ୍କ ନିକଟକୁ ପଠାଇବା ପାଇଁ ଚାହିଁଲି। କାହିଁକି ତୁମ୍ଭେ ମୋତେ ଗଶୂରରୁ ଡକାଇଲ? ତେଣୁ, ମୋର ଗଶୂରରେ ରହିବା ଭଲ। ଠିକ୍ ଅଛି, ତେବେ ବର୍ତ୍ତମାନ ମୋତେ ରାଜାଙ୍କୁ ସାକ୍ଷାତ କରିବାକୁ ଦିଅନ୍ତୁ। ଯଦି ମୁଁ ପାପ କରିଥାଏ ତେବେ ସେ ମୋତେ ହତ୍ୟା କରିବା ଉଚିତ୍।"

### ଅବଶାଲୋମ ରାଜା ଦାଉଦଙ୍କ ସହିତ ଦେଖା କରିବାକୁ ଗଲେ

33ତା'ପରେ ଯୋୟାବ ଯାଇ ରାଜାଙ୍କୁ ଏକଥା ଜଣାଇଲା। ତା'ପରେ ରାଜା ଅବଶାଲୋମକୁ ପାଖକୁ ଡକାଇଲେ, ସେ ଆସି ରାଜାଙ୍କୁ ଭୂମିଷ୍ଠ ପ୍ରଣାମ କଲା, ରାଜା ଅବଶାଲୋମକୁ ଚୁମ୍ବନ କଲେ।

### ଅବଶାଲୋମ ବହୁତ ମିତ୍ର ବନାଇଲେ

15 ଏହାପରେ ଅବଶାଲୋମ ଗୋଟିଏ ରଥ ଓ ଅଶ୍ୱମାନ ପାଇଲା। ଆଉ ସେ ଯେତେବେଳେ ଘୋଡାଗାଡ଼ି ଆରୋହଣ କଲା, ପଚାଶ ଜଣ ଲୋକ ତା' ସମ୍ମୁଖକୁ ଦୌଡ଼ି ଆସିଲେ। 2ଅବଶାଲୋମ ପ୍ରତ୍ୟୁଷରୁ ଉଠି ରାଜ ଦ୍ୱାରର ପଥପାର୍ଶ୍ୱରେ ଆସି ଠିଆ ହୁଏ। ଯେତେବେଳେ କୌଣସି

ଲୋକ ରାଜାଙ୍କ ନିକଟକୁ ବିଚାର ନ୍ୟାୟ ପାଇବା ପାଇଁ
ଆସିଲେ, ଅବଶାଲୋମ ତାଙ୍କୁ ପ୍ରଥମେ ପଚାରିଲା, "ତୁମ୍ଭେ
କେଉଁ ନଗରରୁ ଆସିଛ?" ସେ ଲୋକ ଉତ୍ତର ଦେଲା, "ମୁଁ
ଇଶ୍ରାୟେଲର ଏହି ଗୋଷ୍ଠୀୟ ଲୋକ ଅଟେ।" 3ଲୋକର
ଯୁକ୍ତି ଶୁଣିଲା ପରେ ଅବଶାଲୋମ ତାକୁ କହିଥାନ୍ତା, "ତୁମ୍ଭେ
ଠିକ୍ କହୁଛ, ତୁମ୍ଭର କଥା ଯଥାର୍ଥ ଅଟେ। କିନ୍ତୁ ରାଜା ତୁମ୍ଭ
କଥା ଶୁଣିବେ ନାହିଁ।"

4ଅବଶାଲୋମ କହେ, "ଆଃ, ମୁଁ ଯଦି ଦେଶର ବିଚାର
କର୍ତ୍ତାରୂପେ ନିଯୁକ୍ତ ହୁଅନ୍ତି ଏବଂ ଯଦି କୌଣସି ଲୋକ ମୋ
ପାଖକୁ ତା'ର ସମସ୍ୟା କହିବାକୁ ଆସିଥାନ୍ତା, ତାହାହେଲେ ମୁଁ
ତାକୁ ସାହାଯ୍ୟ କରିଥାନ୍ତି ଓ ଯଥାର୍ଥ ଶାସନ ଦେଇଥାନ୍ତି।"

5ଯଦି କେହି ତାକୁ ପ୍ରଣାମ କରିବାକୁ ଆସେ ତେବେ
ସେ ତାକୁ ଧରି ଚୁମ୍ବନ କରୁଥିଲେ। 6ଇଶ୍ରାୟେଲୀୟ ଯେତେ
ଲୋକ ବିଚାର ପାଇଁ ରାଜାଙ୍କ ନିକଟକୁ ଆସନ୍ତି, ଅବଶାଲୋମ
ସେ ସମସ୍ତଙ୍କ ପ୍ରତି ଏହି ପ୍ରକାର ବ୍ୟବହାର ପ୍ରଦର୍ଶନ କରନ୍ତି।
ଏହିପରି ଭାବରେ ସେ ଇଶ୍ରାୟେଲ ଲୋକମାନଙ୍କର ହୃଦୟକୁ
ଜୟ କଲେ।

## ଅବଶାଲୋମ ଦାଉଦଙ୍କର ରାଜ୍ୟ ନେବା ପାଇଁ ଯୋଜନା କଲେ

7ଏହିପରି ଚାରି ବର୍ଷ* ପରେ ଅବଶାଲୋମ ରାଜା
ଦାଉଦଙ୍କୁ କହିଲେ, "ଦୟାକରି ମୋତେ ହିବ୍ରୋଣକୁ ମୋର
ଶପଥ ପୂରଣ କରିବା ପାଇଁ ଯିବାକୁ ଦିଅନ୍ତୁ। 8ଅବଶାଲୋମ
କହିଲେ, ମୁଁ ଅରାମର ଗଶୂରରେ ଥିବା ସମୟରେ ଏକ
ଶପଥ କରିଥିଲି ଯେ, 'ଯଦି ରାଜା ମୋତେ ଯିରୁଶାଲମକୁ
ଫେରି ଆସିବାକୁ କହନ୍ତି ତେବେ ମୁଁ ସଦାପ୍ରଭୁଙ୍କର ସେବା
କରିବି।'"

9ରାଜା ତାଙ୍କୁ କହିଲେ, "ତୁମ୍ଭେ ଶାନ୍ତିରେ ଯାଅ।"

ତା'ପରେ ସେ ହିବ୍ରୋଣକୁ ଗଲେ। 10ଅବଶାଲୋମ
ଇଶ୍ରାୟେଲର ଚାରିଆଡେ ଲୋକ ପଠାଇ ଥିଲେ, "ତୁମ୍ଭେମାନେ
ତୂରୀଧ୍ୱନି ଶୁଣିବା ମାତ୍ରେ ତୁମ୍ଭେମାନେ ଘୋଷଣା କର
ଅବଶାଲୋମ ହିବ୍ରୋଣର ରାଜା ହୋଇଛନ୍ତି।'"

11ଯେଉଁ 200 ଲୋକ ଅବଶାଲୋମ ଦ୍ୱାରା ନିମନ୍ତ୍ରିତ
ହୋଇଥିଲେ, ସେମାନେ ତାଙ୍କ ସହିତ ଯିରୁଶାଲମ ପରିତ୍ୟାଗ
କଲେ। ସେମାନେ ଜାଣି ନଥିଲେ କ'ଣ ତାଙ୍କର ଯୋଜନା।
12ଯେତେବେଳେ ଅବଶାଲୋମ ବଳିଦାନ ଉତ୍ସର୍ଗ କଲେ, ସେ
ଦାଉଦଙ୍କର ମନ୍ତ୍ରୀ ଗୀଲୋନୀୟ ଅହୀଥୋଫଲକୁ ତାହାର
ନଗର ଗୀଲୋରୁ ଡକାଇଲେ। ତହିଁରେ ଚକ୍ରାନ୍ତ ଦୃଢ଼ ହେଲା,
କାରଣ ଅବଶାଲୋମର ସପକ୍ଷର ଲୋକମାନେ ବହୁତ ବୃଦ୍ଧି
ପାଇଲେ।

## ଅବଶାଲୋମଙ୍କ ଯୋଜନା ବିଷୟରେ ଦାଉଦ ଜାଣିବାକୁ ପାଇଲେ

13ଏହାପରେ ଜଣେ ଦୂତ ଦାଉଦଙ୍କ ନିକଟକୁ ଆସି
କହିଲା, "ଇଶ୍ରାୟେଲ ଲୋକମାନଙ୍କର ମନ ଅବଶାଲୋମଙ୍କ
ଉପରେ ଅଛି।"

14ଏଥିରେ ଦାଉଦ ତାଙ୍କ ସହିତ ଥିବା ସମସ୍ତ ଦାସ
ଯେଉଁମାନେ ଯିରୁଶାଲମରେ ଥିଲେ ତାଙ୍କୁ କହିଲେ ଯେ,
"ଆମ୍ଭେମାନେ ଏଠାରୁ ପଳାଇବା, ନଚେତ୍ ଅବଶାଲୋମ
ଆମକୁ କାହାରିକୁ ଛାଡ଼ିବ ନାହିଁ। ଆଉ ସେ ଆମ୍ଭମାନଙ୍କୁ
ଧ୍ୱଂସ କରିବ ଓ ଯିରୁଶାଲମର ସମସ୍ତ ଲୋକଙ୍କୁ ହତ୍ୟା
କରିବ।"

15ରାଜାଙ୍କର କର୍ମଚାରୀମାନେ ଦାଉଦ ରାଜାଙ୍କୁ କହିଲେ,
"ଆପଣ ଯାହା କହିବେ ଆମ୍ଭେ ତାହା କରିବାକୁ ପ୍ରସ୍ତୁତ
ଅଛୁ।"

## ଦାଉଦ ଓ ତାଙ୍କର ଲୋକମାନେ ରକ୍ଷା ପାଇଲେ

16ତାଙ୍କର ଘର ଜଗିବା ପାଇଁ ଦଶଜଣ ଉପପତ୍ନୀଙ୍କୁ ଛାଡି
ଅନ୍ୟ ସମସ୍ତେ ସେ ସ୍ଥାନରୁ ପଳାୟନ କଲେ।
17ରାଜା ଚାଲି ଗଲେ ଓ ତାଙ୍କ ପଛେ ପଛେ ସମସ୍ତ ଲୋକ
ଗଲେ। ସେମାନେ ଶେଷ ମୁଣ୍ଡରେ ଥିବା ଗୃହରେ ଅଟକି
ଗଲେ।

18ପୁଣି ତାଙ୍କର ସମସ୍ତ କର୍ମଚାରୀ ଅଗ୍ରସର ହେଲେ।
ଗାଥ ନଗରରୁ ତାଙ୍କ ପଛେ ପଛେ ଯେଉଁ 600 ଲୋକ
ଆସିଥିଲେ, ସେମାନେ ସମସ୍ତେ କରେଥୀୟ, ପଲେଥୀୟ ଓ
ଗାଥୀୟ ଲୋକ ଥିଲେ। ସେମାନେ ସମସ୍ତେ ରାଜାଙ୍କର
ଆଗରେ ପାର ହୋଇ ଗଲେ।

19ସେତେବେଳେ ରାଜା ଗାଥୀୟ ଇତ୍ତୟକୁ କହିଲେ,
"ତୁମ୍ଭେମାନେ କାହିଁକି ଆମ୍ଭମାନଙ୍କ ସଙ୍ଗରେ ଯାଉଛ? ଫେରିଯାଅ,
ରାଜାଙ୍କ ସହିତ ରହିଯାଅ। କାରଣ ତୁମ୍ଭେ ତ ଜଣେ
ବିଦେଶୀ। ତୁମ୍ଭେ ମଧ୍ୟ ନିର୍ବାସିତ ଲୋକ, ତୁମ୍ଭେ ନିଜ ସ୍ଥାନକୁ
ଫେରିଯାଅ। 20ତୁମ୍ଭେମାନେ ଏବେ ମୋ ସହିତ ଯୋଗ
ଦେଇଛ, କାହିଁକି ମୁଁ ତୁମ୍ଭମାନଙ୍କୁ ଏସ୍ଥାନରୁ ସେସ୍ଥାନକୁ ଏଣେ
ତେଣେ ବୁଲାଇବି? ଆମ୍ଭେମାନେ ଯୁଆଡେ ପାରିବୁ ସିଆଡେ
ଯିବୁ। ତୁମ୍ଭେ ତ କାଲି ଆସିଲ, ଆଜି କ'ଣ ଆମ୍ଭେ ତୁମ୍ଭକୁ
ନେଇ ଏଣେ ତେଣେ ସାଙ୍ଗରେ ବୁଲାଇବା? ଫେରିଯାଅ ଓ
ତୁମ୍ଭ ଭାଇମାନଙ୍କୁ ମଧ୍ୟ ତୁମ୍ଭ ସହିତ ନିଅ। ଦୟା ଓ ସତ୍ୟତା
ତୁମ୍ଭର ସହବର୍ତ୍ତୀ ହେଉ।"

21ଏଥିରେ ଇତ୍ତୟ ରାଜାଙ୍କୁ ଉତ୍ତର ଦେଇ କହିଲା,
"ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ ଓ ମୋର ପ୍ରଭୁ ମହାରାଜା
ଜୀବିତ ଥିବା ପ୍ରମାଣେ, ମୁଁ ଆପଣଙ୍କ ସହିତ ରହିବି। ମୁଁ
ଆପଣଙ୍କର ଦାସ। ଜୀବନରେ ବା ମୃତ୍ୟୁରେ ମୁଁ ଆପଣଙ୍କ
ସହିତ ରହିବି।"

22ଦାଉଦ ଇତ୍ତୟକୁ କହିଲେ, "ତେବେ ଯାଅ, ଅଗ୍ରସର
ହୁଅ।"

ତହିଁରେ ଗାଥୀୟ ଇତ୍ତୟ ଓ ତାଙ୍କର ସମସ୍ତ ଲୋକ
ଏବଂ ତାଙ୍କ ସହିତ ଥିବା ସମସ୍ତ ବାଳକ ମଧ୍ୟ ଅଗ୍ରସର
ହୋଇଗଲେ ଓ କିଦ୍ରୋଣ ନଦୀ ପାର ହୋଇଗଲେ। 23ସମସ୍ତ
ଲୋକ ଉଚ୍ଚ ସ୍ୱରରେ ଚିତ୍କାର କଲେ। ରାଜା ମଧ୍ୟ କିଦ୍ରୋଣ
ନଦୀ ପାର ହୋଇଗଲେ ଓ ସମସ୍ତ ଲୋକ ନଦୀ ପାର
ହୋଇ ମରୁଭୂମିରେ ପ୍ରବେଶ କଲେ। 24ସାଦୋକ ଓ ସମସ୍ତ
ଲେବୀୟ ପରମେଶ୍ୱରଙ୍କ ନିୟମ-ସିନ୍ଦୁକ ନେଇ ଆସିଲେ।
ଯିରୁଶାଲମ ନଗରରେ ସେମାନେ ପରମେଶ୍ୱରଙ୍କର ପବିତ୍ର

---

**ଚାରି ବର୍ଷ** କେତେକ ପ୍ରାଚୀନ ଲେଖା କହେ "ଚାଳିଶ ବର୍ଷ।"

ନିୟମ-ସିନ୍ଦୁକ ସ୍ଥାପନ କଲେ। ସମସ୍ତ ଲୋକ ବାହାର ହୋଇ
ଆସିବା ପର୍ଯ୍ୟନ୍ତ ଅବିୟାଥର ପ୍ରାର୍ଥନା କଲେ*।

25ରାଜା ଦାଉଦ ସାଦୋକଙ୍କୁ କହିଲେ, "ପରମେଶ୍ୱରଙ୍କ
ପବିତ୍ର ସିନ୍ଦୁକକୁ ଯିରୁଶାଲମକୁ ଫେରାଇ ନିଅ। ଯଦି ସଦାପ୍ରଭୁ
ମୋ ଉପରେ ପ୍ରିତ ହୁଅନ୍ତି, ତେବେ ସଦାପ୍ରଭୁ ମୋତେ
ଯିରୁଶାଲମକୁ ଫେରାଇ ଆଣିବେ ଓ ତାଙ୍କର ମନ୍ଦିର ଦେଖିବାର
ସୁଯୋଗ ମୋତେ ଦେବେ। 26କିନ୍ତୁ ଯଦି ସଦାପ୍ରଭୁ ମୋ
ଉପରେ ସଦୟ ନୁହଁନ୍ତି ବୋଲି କହନ୍ତି, ତେବେ ସେ ଯାହା
ଚାହିଁବେ ମୋ ଉପରେ ତାହା କରି ପାରିବେ।"

27ରାଜା ଯାଜକ ସାଦୋକଙ୍କୁ କହିଲେ, "ତୁମ୍ଭେ ଜଣେ
ସିଦ୍ଧ ପୁରୁଷ। ତୁମ୍ଭେ ଓ ତୁମ୍ଭ ସହିତ ତୁମ୍ଭର ପୁତ୍ର ଅହୀମାସ୍
ଓ ଅବିୟାଥରର ପୁତ୍ର ଯୋନାଥନ ନିରାପଦରେ ନଗରକୁ
ଫେରିଯାଅ। 28ତୁମ୍ଭମାନଙ୍କଠାରୁ ମୋ ପାଖକୁ ତଥ୍ୟ ବାର୍ତ୍ତା
ଆସିବା ପର୍ଯ୍ୟନ୍ତ ଯେଉଁଠାରେ ମରୁଭୂମିକୁ ଯିବା ପାଇଁ ନଦୀ
ପାରି ହୁଅନ୍ତି ସେଠାରେ ମୁଁ ଅପେକ୍ଷା କରି ରହିବି।"

29ଏଣୁ ସାଦୋକ ଓ ଅବିୟାଥର ପୁନର୍ବାର ଯିରୁଶାଲମକୁ
ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ ନେଇ ଗଲେ ଓ ସେମାନେ
ସେଠାରେ ରହିଲେ।

## ଅହୀଥୋଫଲଙ୍କ ବିରୁଦ୍ଧରେ ଦାଉଦଙ୍କ ପ୍ରାର୍ଥନା

30ଦାଉଦ ଜୈତୁନ ପର୍ବତ ଉପରକୁ ଚଢିଲେ ଓ ସେ
କାନ୍ଦୁ ଥିଲେ, ସେ ତାଙ୍କର ମୁଣ୍ଡକୁ ଘୋଡାଇ ଦେଇ ଖାଲି
ପାଦରେ ଚାଲୁଥିଲେ।

ଦାଉଦଙ୍କ ସାଙ୍ଗରେ ଥିବା ସମସ୍ତ ଲୋକ ଠିକ୍ ସେହିପରି
ସେମାନଙ୍କର ମୁଣ୍ଡକୁ ଘୋଡାଇ ଖାଲି ପାଦରେ ପର୍ବତ
ଉପରକୁ ଚଢିଲେ ଓ ସେମାନେ ମଧ୍ୟ କାନ୍ଦୁଥିଲେ।

31ଜଣେ ଲୋକ ଦାଉଦଙ୍କୁ କହିଲେ, "ଅବଶାଲୋମଙ୍କର
ଚକ୍ରାନ୍ତକାରୀମାନଙ୍କ ସହିତ ଅହୀଥୋଫଲ ଅଛି।" ତା'ପରେ
ଦାଉଦ ପ୍ରାର୍ଥନା କଲେ, "ହେ ମୋର ସଦାପ୍ରଭୁ, ଦୟାକରି
ଅହୀଥୋଫଲର ଉପଦେଶକୁ ଅଦରକାରୀ କର।" 32ଦାଉଦ
ପର୍ବତର ଉପରି ଭାଗକୁ ଆସିଲେ, ଯେଉଁଠାରେ ସେ ସଦାପ୍ରଭୁଙ୍କୁ
ଉପାସନା କରୁଥିଲେ। ଉଠାଣିର ଶୃଙ୍ଗ ନିକଟରେ ଦାଉଦ
ପହଁଞ୍ଚି ଦେଖିଲେ ଅର୍କୀୟ ହୂଶୟ ନିଜର ଚିରାଜାମା ପିନ୍ଧି ଓ
ମସ୍ତକରେ ମୃର୍ତ୍ତିକା ଦେଇ ତାଙ୍କୁ ଭେଟିବା ପାଇଁ ଉପସ୍ଥିତ
ହେଲା।

33ସେଥିରେ ଦାଉଦ ତାଙ୍କୁ କହିଲେ, "ତୁମ୍ଭେ ଯଦି ମୋ
ସହିତ ଅଗ୍ରସର ହୁଅ, ତେବେ ତୁମ୍ଭେ ମୋର ଭାର ସଦୃଶ
ହେବ। 34କିନ୍ତୁ ତୁମ୍ଭେ ଯଦି ଯିରୁଶାଲମକୁ ଫେରିଯାଅ, ତୁମ୍ଭେ
ଅହୀଥୋଫଲର ଉପଦେଶକୁ ହତାଶ କରିପାର। ତେବେ
ଅବଶାଲୋମକୁ କୁହ, 'ହେ ମହାରାଜ, ମୁଁ ଆପଣଙ୍କର ଦାସ
ଅଟେ, ମୁଁ ଆପଣଙ୍କର ପିତାଙ୍କର ସେବା କଲି, ବର୍ତ୍ତମାନ ମୁଁ
ଆପଣଙ୍କର ସେବା କରିବି।' 35ସେଠାରେ ତୁମ୍ଭ ସହିତ
ଯାଜକ ସାଦୋକ ଓ ଅବିୟାଥର ଅଛନ୍ତି। ଏଣୁ ତୁମ୍ଭେ
ରାଜଗୃହରୁ ଯାହା ସବୁ ଶୁଣିବ, ତାହା ସାଦୋକ ଓ ଅବିୟାଥର
ଯାଜକଙ୍କୁ ଜଣାଇବ। 36ସେଠାରେ ସେମାନଙ୍କ ସଙ୍ଗେ ସେମାନଙ୍କର
ଦୁଇ ପୁତ୍ର, ସାଦୋକର ପୁତ୍ର ଅହୀମାସ ଓ ଅବିୟାଥର ପୁତ୍ର
ଯୋନାଥନ ଅଛନ୍ତି, ତୁମ୍ଭେମାନେ ଯାହା ଯାହା ଶୁଣିବ, ସେସବୁ
କଥା ସେମାନଙ୍କ ହାତରେ ମୋ ପାଖକୁ ଖବର ଦେବ।"

37ତା'ପରେ ଦାଉଦଙ୍କର ବନ୍ଧୁ ହୂଶୟ ନଗରକୁ ଆସିଲା
ଏବଂ ଅବଶାଲୋମ ମଧ୍ୟ ଯିରୁଶାଲମରେ ପହଞ୍ଚିଲେ।

## ଦାଉଦଙ୍କ ସହିତ ସୀବଃଙ୍କ ସାକ୍ଷାତ

16 ଦାଉଦ ପର୍ବତ ଶୃଙ୍ଗ ପାର ହୋଇ କିଛି ବାଟ
ଗଲାପରେ ମଫୀବୋଶତର ଦାସ ସୀବଃ ସଜ୍ଜିତ
ଦୁଇଟି ଗଧ ସଙ୍ଗରେ ଯାଉଥିବାର ଦେଖିଲେ। ସେ ଗଧମାନଙ୍କ
ଉପରେ 200 ରୋଟୀ ଏବଂ 100 ପେଣ୍ଡା ଦ୍ରାକ୍ଷାଫଳ ଏବଂ
100 ଗ୍ରୀଷ୍ମକାଳିନ ଫଳ ଏବଂ ଏକ କୁମ୍ପା ଦ୍ରାକ୍ଷାରସ ଥିଲା।
2ରାଜା ଦାଉଦ ସୀବଃଙ୍କୁ ପଚାରିଲେ, "ଏଗୁଡ଼ିକ କାହା ପାଇଁ?"

ସୀବଃ ଉତ୍ତର ଦେଲା, "ଏହି ଗଧଗୁଡିକ ତୁମ୍ଭର ଲୋକମାନେ
ଚଢିବା ପାଇଁ ଏବଂ ରୋଟୀ ଓ ଗ୍ରୀଷ୍ମକାଳିନ ଫଳଗୁଡିକ
ଯୁବକମାନଙ୍କର ଖାଇବା ପାଇଁ, ଦ୍ରାକ୍ଷାରସ ତୁମ୍ଭମାନଙ୍କ ସହିତ
ମରୁଭୂମିକୁ ନେବା ପାଇଁ ଯେଉଁମାନେ ମୂର୍ଚ୍ଛା ହୋଇ ଯାଆନ୍ତି।"

3ରାଜା ଦାଉଦ ପଚାରିଲେ, "ତୁମ୍ଭ ମୁନିବର ପୁତ୍ର କାହିଁ।"

ସୀବଃ ରାଜାଙ୍କୁ କହିଲା, "ସେ ଯିରୁଶାଲମରେ ଅଛନ୍ତି।
କାରଣ ସେ କହିଲେ, 'ଇସ୍ରାୟେଲ ପରିବାର ଆଜି ମୋର
ଅଜାଙ୍କ ରାଜ୍ୟକୁ ଫେରି ଆସିବ।'"

4ତା'ପରେ ରାଜା ସୀବଃଙ୍କୁ କହିଲେ, "ସେହି କାରଣରୁ,
ବର୍ତ୍ତମାନ ମୁଁ ତୁମ୍ଭକୁ ମଫୀବୋଶତର ସର୍ବସ୍ୱ ଦେଉଛି।"

ସୀବଃ କହିଲା, "ମୁଁ ଆପଣଙ୍କୁ ପ୍ରଣାମ କରୁଅଛି ହେ
ପ୍ରଭୁ ମହାରାଜ, ଆପଣଙ୍କୁ ଖୁସି କରିବା ପାଇଁ ମୁଁ ସର୍ବଦା
ଆଶା କରୁଛି।"

## ଦାଉଦଙ୍କୁ ଶିମିୟିର ଅଭିଶାପ

5ଦାଉଦ ବହୁରୀମକୁ ଗଲେ, ସେଠାରେ ଦେଖିଲେ ଶାଉଲ
ବଂଶର ଏକ ବ୍ୟକ୍ତି ସେଠାରୁ ବାହାରି ଆସିଲା, ତା'ର ନାମ
ଥିଲା ଶିମିୟି। ସେ ଥିଲା ଗେରାର ପୁତ୍ର, ସେ ବାହାରି ଆସିବା
ସମୟରେ ଦାଉଦଙ୍କୁ ଗାଳି ଦେଉଥିଲା। ଏବଂ ଦାଉଦଙ୍କ
ବିଷୟରେ ଗାଳି କରି କରି ବାହାରୁ ଥିଲା।

6ଶିମିୟି ଗାଳି ଦେଉଦେଉ ଦାଉଦ ଓ ତାଙ୍କର
ସୈନ୍ୟମାନଙ୍କ ଉପରକୁ ପଥର ଫିଙ୍ଗୁ ଥିଲା। କିନ୍ତୁ
ଦାଉଦଙ୍କର ସୈନ୍ୟଦଳ ଓ ଲୋକମାନେ ଦାଉଦଙ୍କୁ ଘେରି
କରି ରହିଥିଲେ। 7ଶିମିୟି ଦାଉଦଙ୍କୁ ଅଭିଶାପ ଦେଉଥିଲା
ଏବଂ କହିଲା, "ଆରେ ହତ୍ୟାକାରୀ ଏବଂ ମନ୍ଦ ଲୋକ ଏଠାରୁ
ଦୂର ହୁଅ। 8ସଦାପ୍ରଭୁ ତୁମ୍ଭଙ୍କୁ ଦଣ୍ଡ ଦେଉଛନ୍ତି, କାରଣ
ତୁମ୍ଭେ ଶାଉଲଙ୍କର ପରିବାରର ଲୋକମାନଙ୍କୁ ହତ୍ୟା କଲି
ଏବଂ ଶାଉଲଙ୍କର ରାଜପଦ ଚୋରାଇ ନେଲେ। କିନ୍ତୁ ବର୍ତ୍ତମାନ
ଠିକ୍ ସେହି ମନ୍ଦ କର୍ମ ତୁମ୍ଭ ପାଇଁ ଘଟିବାକୁ ଯାଉଛି।
ସଦାପ୍ରଭୁ ସେହି ରାଜ୍ୟକୁ ତୁମ୍ଭ ପୁଅ ଅବଶାଲୋମକୁ
ହସ୍ତାନ୍ତର କରି ଅଛନ୍ତି। କାରଣ ତୁମ୍ଭେ ଜଣେ ରକ୍ତପିପାସୁ
ମଣିଷ।"

---

**ପ୍ରାର୍ଥନା କଲେ** ଏହାର ଅର୍ଥ "ଧୂପ ଜାଳିବା" ନୈବେଦ୍ୟ
ଉତ୍ସର୍ଗ କରିବା କିମ୍ବା ଏହାର ସାଧାରଣ ଅର୍ଥ ସମସ୍ତ ଲୋକମାନେ
ଅତିକ୍ରମ କରିବା ପର୍ଯ୍ୟନ୍ତ ଅବିୟାଥର ପବିତ୍ର ସିନ୍ଦୁକର ଗୋଟିଏ
ପାର୍ଶ୍ୱରେ ଛିଡା ହେଲେ।

9ସରୁୟାର ପୁତ୍ର ଅବଶୟ ରାଜାଙ୍କୁ କହିଲା, "ଏ ମଲା
କୁକୁରଟା କାହିଁକି ମୋ ପ୍ରଭୁ ମହାରାଜାଙ୍କୁ ଅଭିଶାପ ଦେବ?
ଅନୁମତି ଦିଅନ୍ତୁ ମୁଁ ପାର ହୋଇ ତା'ର ମୁଣ୍ଡ କାଟି
ଆଣିବି।"

10କିନ୍ତୁ ରାଜା କହିଲେ, "ସରୁୟାର ପୁତ୍ରମାନେ, କାହିଁକି
ତୁମ୍ଭେମାନେ ମୋ ବିଷୟରେ ଅନ୍ୟଥା ଚର୍ଚ୍ଚା କରୁଛ? ଶିମିୟି
ମୋତେ ଅଭିଶାପ ଦେଉଛି, କିନ୍ତୁ ସଦାପ୍ରଭୁ ତାକୁ କହିଛନ୍ତି,
ମୋତେ ଅଭିଶାପ ଦେବା ପାଇଁ। ଏବଂ କିଏ ସଦାପ୍ରଭୁଙ୍କୁ ପ୍ରଶ୍ନ
କରିପାରିବ, କିନଷଗୁଡ଼ିକ ବିଷୟରେ ସେ କରନ୍ତି?"

11ଦାଉଦ ଅବଶୟଙ୍କୁ ଓ ନିଜର ଦାସମାନଙ୍କୁ କହିଲେ,
"ଦେଖ, ମୋର ନିଜ ପୁତ୍ର ମୋତେ ହତ୍ୟା କରିବାକୁ ଚେଷ୍ଟା
କରୁଛି। ବର୍ତ୍ତମାନ ବିନ୍ୟାମୀନ ଗୋଷ୍ଠୀବର୍ଗର ଏହି ଲୋକ
ମୋତେ ମାରିବାକୁ ଚେଷ୍ଟା କରିବା ପାଇଁ ଅଧିକ ଅଧିକାର
ଅଛି। ତାକୁ ଏକା ଛାଡିଦିଅ। ତାକୁ ଅଭିଶାପ ଦେବାକୁ ଦିଅ।
କାରଣ ସଦାପ୍ରଭୁ ତାକୁ ଅନୁମତି ଦେଇ ଅଛନ୍ତି। 12ଏହା
ହୋଇପାରେ ଯେ, ସଦାପ୍ରଭୁ ମୋ ପ୍ରତି ଅନ୍ୟାୟ ହେଉଥିବାର
ଦେଖିବେ ଏବଂ ଶିମିୟିର ଅଭିଶାପ ବଦଳରେ ସେ ମୋତେ
ଆଶୀର୍ବାଦ କରିବେ।"

13ଏହିରୂପେ ଦାଉଦ ଓ ତାଙ୍କର ଲୋକମାନେ ତାଙ୍କ
ବାଟରେ ଗଲେ। କିନ୍ତୁ ଶିମିୟି ତାଙ୍କୁ ପର୍ବତର ଅନ୍ୟ ପାଖର
ରାସ୍ତାରେ ଅନୁସରଣ କରୁଥିଲେ ଓ ଅଭିଶାପ ଦେଉଥିଲେ।
ଏବଂ ସେ ତାଙ୍କୁ ପଥର ଫିଙ୍ଗୁଥାଏ ଓ ଧୂଳି ପକାଉ ଥାଏ।

14ରାଜା ଦାଉଦ ଓ ତାଙ୍କର ଲୋକମାନେ ଆସି ଯର୍ଦ୍ଦନ
ନଦୀ କୂଳରେ ପହଞ୍ଚିଲେ। ରାଜା ଏବଂ ତାଙ୍କର ଲୋକମାନେ
କ୍ଲାନ୍ତ ହୋଇଯାଇ ଥିଲେ। ତେଣୁ ସେମାନେ ସେଠାରେ
ବିଶ୍ରାମ ନେଲେ ଓ କ୍ଲାନ୍ତ ମେଣ୍ଟାଇଲେ।

15ଅବଶାଲୋମ, ଅହୀଥୋଫଲ ଓ ସମସ୍ତ ଇଶ୍ରାୟେଲୀୟ
ଲୋକମାନେ ଯିରୁଶାଲମକୁ ଫେରି ଆସିଲେ। 16ଦାଉଦଙ୍କର
ସାଙ୍ଗ ଅର୍କୀୟ ହୂଶୟ ଅବଶାଲୋମ ନିକଟକୁ ଆସନ୍ତେ ହୂଶୟ
ଅବଶାଲୋମକୁ କହିଲା, "ମହାରାଜ ଚିରଜୀବୀ ହୁଅନ୍ତୁ, ମହାରାଜ
ଚିରଜୀବୀ ହୁଅନ୍ତୁ।"

17ଅବଶାଲୋମ ହୂଶୟଙ୍କୁ କହିଲେ, "ତୁମ୍ଭେ ସାଙ୍ଗ ପ୍ରତି
କାହିଁକି ବିଶ୍ୱସ୍ତ ନୁହଁ, ତୁମ୍ଭେ କାହିଁକି ନିଜର ସାଙ୍ଗ ସହିତ
ଗଲ ନାହିଁ?"

18ହୂଶୟ ଅବଶାଲୋମକୁ କହିଲା, "ସଦାପ୍ରଭୁ ଓ ଏହି
ସମୁଦାୟ ଇଶ୍ରାୟେଲର ଲୋକମାନେ ତୁମ୍ଭକୁ ମନୋନୀତ
କଲେ, ତେଣୁ ମୁଁ ତୁମ୍ଭର ସମର୍ଥନ କରିବି ଏବଂ ତୁମ୍ଭ ସହିତ
ମୁଁ ରହିବି। 19ମୁଁ କାହାର ସେବା କରିବି, ଅତୀତରେ ମୁଁ
ତୁମ୍ଭର ପିତାଙ୍କର ସେବା କରିଛି। ତେଣୁ ମୁଁ ବର୍ତ୍ତମାନ ତୁମ୍ଭର
ସେବା କରିବି।"

## ଅବଶାଲୋମ ଅହୀଥୋଫଲଙ୍କୁ ପରାମର୍ଶ ପାଇଁ ପଚାରିଲେ

20ଅବଶାଲୋମ ଅହୀଥୋଫଲକୁ କହିଲା, "ଏବେ
ଆମ୍ଭମାନଙ୍କର କି କର୍ତ୍ତବ୍ୟ, ଏ ବିଷୟରେ ତୁମ୍ଭେ ମନ୍ତ୍ରଣା
ଦିଅ।"

21ଅହୀଥୋଫଲ ଅବଶାଲୋମକୁ କହିଲା, "ତୁମ୍ଭ ପିତା
ଗୃହ ଜଗିବା ନିମନ୍ତେ ନିଜର ଯେଉଁ ଉପପତ୍ନୀମାନଙ୍କୁ
ଛାଡିଯାଇ ଅଛନ୍ତି, ତୁମ୍ଭେ ସେମାନଙ୍କ ସହିତ ସହବାସ
କରିବାକୁ ଯାଅ। ଏହା ସମୁଦାୟ ଇଶ୍ରାୟେଲୀୟମାନେ ଶୁଣିବେ।
ସେମାନେ ହୃଦ୍‌ବୋଧ କରିବେ ଯେ, ତୁମ୍ଭର ପିତା ବର୍ତ୍ତମାନ
ତୁମ୍ଭକୁ ଘୃଣା କରନ୍ତି। ତାହେଲେ ତୁମ୍ଭର ସମର୍ଥକମାନେ
ତୁମ୍ଭକୁ ଅଧିକ ସମର୍ଥନ ଦେବା ପାଇଁ ଅଧିକ ଉତ୍ସାହିତ
ହେବେ।"

22ଏହାପରେ ଲୋକମାନେ ଅବଶାଲୋମ ନିମନ୍ତେ ଗୃହର
ଛାତ ଉପରେ ଏକ ତମ୍ବୁ ଲଗାଇଲେ, ତା'ପରେ ଅବଶାଲୋମ
ନିଜ ପିତାର ଉପପତ୍ନୀମାନଙ୍କ ସହିତ ସହବାସ କଲା। ସମସ୍ତ
ଇଶ୍ରାୟେଲୀୟମାନେ ଏହା ଦେଖିଲେ। 23ସେ ସମୟରେ
ଅହୀଥୋଫଲ ଯେଉଁ ମନ୍ତ୍ରଣା ଦିଏ, ସେହି ମନ୍ତ୍ରଣା ପରମେଶ୍ୱରଙ୍କ
ବାକ୍ୟ ବୋଲି ବିବେଚନା କରାଯାଏ। ଦାଉଦ ଓ ଅବଶାଲୋମ
ଉଭୟ ଏହାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କଲେ।

## ଦାଉଦଙ୍କ ବିଷୟରେ ଅହୀଥୋଫଲଙ୍କ ପରାମର୍ଶ

17 ଅହୀଥୋଫଲ ଅବଶାଲୋମକୁ କହିଲା, "ମୁଁ 12,000
ଲୋକ ବାଛିବି ଓ ଆଜି ରାତିରେ ଦାଉଦଙ୍କର ପଛେ
ଯାଅ। 2ସେ କ୍ଲାନ୍ତ ଓ ଦୁର୍ବଳ ଥିବାବେଳେ ମୁଁ ତାହାକୁ
ଆକ୍ରମଣ କରି ଭୟ ଦେଖାଇବି, ତହିଁରେ ସମସ୍ତ ଲୋକମାନେ
ପଳାୟନ କରିବେ। ମୁଁ କେବଳ ରାଜାଙ୍କୁ ହତ୍ୟା କରିବି।
3ତା'ପରେ ମୁଁ ସମସ୍ତ ଲୋକଙ୍କୁ ଫେରାଇ ଆଣିବି। ଯଦି
ଦାଉଦ ମରିଯାଏ, ତେବେ ମୁଁ ସମସ୍ତ ଲୋକଙ୍କୁ ଶାନ୍ତିରେ
ଫେରାଇ ଆଣିବି।"

4ଏ କଥା ଅବଶାଲୋମ ଓ ତାଙ୍କର ସମସ୍ତ ଇଶ୍ରାୟେଲର
ନେତୃବର୍ଗମାନଙ୍କର ମନକୁ ପାଇଲା। 5କିନ୍ତୁ ଅବଶାଲୋମ
କହିଲେ, "ଅର୍କୀୟ ହୂଶୟଙ୍କୁ ମଧ୍ୟ ଡାକ, ଆଉ ସେ କ'ଣ
କହୁଛି ଶୁଣିବା।"

## ହୂଶୟ ଅହୀଥୋଫଲଙ୍କର ପରାମର୍ଶକୁ ନଷ୍ଟ କଲେ

6ତେଣୁ ହୂଶୟ ଅବଶାଲୋମ ନିକଟକୁ ଆସନ୍ତେ ଅବଶାଲୋମ
ତାଙ୍କୁ କହିଲା, "ଅହୀଥୋଫଲ ଏପରି କହୁଅଛି, ଆମ୍ଭେମାନେ
ତାହା କଥାନୁସାରେ କରିବା କି? ଯେବେ ନ କରିବା ତେବେ
ତୁମ୍ଭେ କୁହ।"

7ହୂଶୟ ଅବଶାଲୋମକୁ କହିଲା, "ଅହୀଥୋଫଲଙ୍କ ଦ୍ୱାରା
ଦିଆଯାଇଥିବା ମନ୍ତ୍ରଣା ଏହି ସମୟ ପାଇଁ ଭଲ ନୁହେଁ।"
8ହୂଶୟ ପୁଣି କହିଲା, "ଆପଣ ନିଜର ବାପାଙ୍କୁ ଓ ତାଙ୍କର
ଲୋକମାନଙ୍କୁ ଜାଣନ୍ତି, ସେମାନେ ବୀର ଓ କ୍ଷେତ୍ରରେ ଛୁଆ
ହରା ବନ୍ୟ ଭଲ୍ଲୁକପରି। ପୁଣି ଆପଣଙ୍କର ବାପା ଯୋଦ୍ଧା ଓ
ସେ ରାତିସାରା ଲୋକମାନଙ୍କ ସଙ୍ଗରେ ରହିବେ ନାହିଁ।
9ଦେଖନ୍ତୁ, ସେ ଏବେ କୌଣସି ଗୁମ୍ଫାରେ, ରାସ୍ତାରେ କି
ଅନ୍ୟ କୌଣସି ସ୍ଥାନରେ ଲୁଚିଛନ୍ତି। ଯଦି ତୁମ୍ଭର ପିତା
ଲୋକମାନଙ୍କୁ ପ୍ରଥମ ଆକ୍ରମଣ କରନ୍ତି, ଲୋକମାନେ ଏ
ଖବର ଶୁଣିବେ। ସେମାନେ ଭାବିବେ, 'ଅବଶାଲୋମର
ଅନୁସରଣକାରୀମାନେ ହତାଶ ହେଉଛନ୍ତି।' 10ତା'ପରେ ଯଦିଓ
ସାହସୀ ଲୋକମାନଙ୍କ ପରି ଯେଉଁମାନେ ଗୋଟିଏ ସିଂହ ପରି
ସାହସୀ ଅଟନ୍ତି, ଭୟଭୀତ ହେବେ। କାରଣ ସମସ୍ତ
ଇଶ୍ରାୟେଲୀୟଗଣ ଜାଣନ୍ତି ଯେ, ତୁମ୍ଭର ପିତା ଗୋଟିଏ

ସାହସୀ ଯୋଦ୍ଧା ଏବଂ ତାଙ୍କର ଲୋକମାନେ ମଧ୍ୟ ବଳଶାଳୀ
ଅଟନ୍ତି।
11"ମାତ୍ର ମୋର ମନ୍ତ୍ରଣା ଏହି ଯେ, ଦାନଠାରୁ ବେରଶେବା
ପର୍ଯ୍ୟନ୍ତ ସମୁଦାୟ ଇଶ୍ରାୟେଲୀୟମାନେ ସମୁଦ୍ର ଓ ତୀରସ୍ଥ
ବାଲୁକା ତୁଲ୍ୟ ଅସଂଖ୍ୟ ହୋଇ ଆପଣଙ୍କ ନିକଟରେ ସଂଗୃହିତ
ହୁଅନ୍ତୁ। ଆପଣ ସ୍ୱୟଂ ଯୁଦ୍ଧକୁ ଯାଆନ୍ତୁ। 12ସେଥିପାଇଁ
ସେମାନେ ଯେଉଁଠାରେ ଲୁଚନ୍ତୁ ନା, ଆମ୍ଭେମାନେ ସେଠାରେ
ଉପସ୍ଥିତ ହେବୁ ଓ ଭୂମିରେ ଶିଶିର ପଡିବାପରି ତାଙ୍କ
ଉପରେ ପଡିବୁ। ଏବଂ ଆମ୍ଭେମାନେ ଦାଉଦ ଓ ତାଙ୍କର
ଲୋକମାନଙ୍କୁ ହତ୍ୟା କରିବୁ ଜଣକୁ ବି ଜୀବନ୍ତ ଛାଡିବୁ
ନାହିଁ। 13ଆହୁରି ଯେବେ କୌଣସି ନଗରକୁ ଯାଇଥିବେ,
ତେବେ ସମସ୍ତ ଇଶ୍ରାୟେଲୀୟମାନେ ସେହି ନଗରକୁ ଦଉଡି
ନେଇ ପଳାୟନ କରିବେ ଓ ଆମ୍ଭେମାନେ ନଗରର ପ୍ରାଚୀରକୁ
ଭାଙ୍ଗି ଦେବୁ ଗୋଟିଏ ଗୋଡ ନରହିବା ପର୍ଯ୍ୟନ୍ତ ଆମ୍ଭେମାନେ
ତାହା ଉପତ୍ୟକାକୁ ଟାଣିଦେବୁ।"
14ଅବଶାଲୋମ ଓ ସମସ୍ତ ଇଶ୍ରାୟେଲୀୟ ଲୋକ କହିଲେ,
"ଅହୀଥୋଫଲର ମନ୍ତ୍ରଣା ଅପେକ୍ଷା ଅର୍କୀୟ ହୂଶୟର ମନ୍ତ୍ରଣା
ଉତ୍ତମ ଥିଲା।" ସେମାନେ ଏହା କହିଲେ କାରଣ ଅଦରକାରୀ
ଏହି ପ୍ରକାରେ ଅବଶାଲୋମକୁ ଦଣ୍ଡ ଦେବା ପାଇଁ
ଅହୀଥୋଫଲର ଉତ୍ତମ ମନ୍ତ୍ରଣା ବ୍ୟର୍ଥକରିବା ପାଇଁ ସଦାପ୍ରଭୁ
ସ୍ଥିର କରିଥିଲେ।

## ଦାଉଦଙ୍କୁ ହୂଶୟଙ୍କର ଚେତାବନୀ

15ହୂଶୟ ଏହିସବୁ ସାଦୋକ ଓ ଅବୀୟାଥର ଯାଜକମାନଙ୍କୁ
କହିଲା, ଅହୀଥୋଫଲ, ଅବଶାଲୋମକୁ ଓ ଇଶ୍ରାୟେଲର
ନେତାମାନଙ୍କୁ ଏପରି ଭାବରେ ମନ୍ତ୍ରଣା ଦେଇଥିଲା। ମାତ୍ର ମୁଁ
ଏପରି ମନ୍ତ୍ରଣା ଦେଲି। 16"ତେଣୁ ଶିଘ୍ର ଲୋକମାନଙ୍କୁ
ଦାଉଦଙ୍କ ନିକଟକୁ ପଠାଅ ଏବଂ ତାଙ୍କୁ କୁହ। ସେହିଠାରେ
ରାତ୍ରି କଟାଅ ନାହିଁ, ଯେଉଁଠାରେ ଲୋକମାନେ ମରୁଭୂମି
ଭିତରକୁ ପାର ହୋଇଥିଲେ। ଏକାଥରେ ଯର୍ଦ୍ଦନ ନଦୀ ପାର
ହୋଇ ଚାଲିଯାଅ। ନୋହିଲେ ମହାରାଜ ଓ ତାଙ୍କ ସାଙ୍ଗ
ଲୋକମାନେ ସମସ୍ତେ ସଂହାରିତ ହେବେ।"
17ଧର୍ମଯାଜକର ପୁତ୍ର ଯୋନାଥନ ଓ ଅହୀମାସ୍-ଏୖନ୍
ରୋଗେଲରେ ଅପେକ୍ଷା କରୁଥିଲେ, ଯେହେତୁ ସେମାନେ
ନଗର ଭିତରକୁ ଯିବାକୁ ଚାହିଁଲେ ନାହିଁ। ତେଣୁ ଜଣେ ଦାସୀ
ନଗରରୁ ବାହାରି ଆସିଲା ଏବଂ ଖବର ଦେଉଥିଲା। ତା'ପରେ
ସେମାନେ ଗଲେ ଓ ରାଜା ଦାଉଦଙ୍କୁ କହିଲେ।
18ମାତ୍ର ଏକ ପିଲା ସେମାନଙ୍କୁ ଦେଖି ଅବଶାଲୋମକୁ
ଜଣାଇଲା। ତହୁଁ ସେ ଦୁହେଁ ଶିଘ୍ର ଯାଇ ବହୁରୀମରେ
ଜଣକର ଗୃହରେ ପ୍ରବେଶ କଲେ ଓ ତା'ର ପ୍ରାଙ୍ଗଣରେ ଏକ
କୂଅ ଥିବାରୁ ସେମାନେ ସେଠାରେ ଲୁଚି ଗଲେ। 19ତହିଁରେ
ଗୃହିଣୀ ଗୋଟିଏ ଢାଙ୍କୁଣି ନେଇ କୂଅ ମୁହଁରେ ଦେଇ ତହିଁ
ଉପରେ ମର୍ଦ୍ଦିତ ଶସ୍ୟ ବିଛାଇ ଦେଲେ। ଏଣୁ କିଛି ଜଣା
ପଡିଲା ନାହିଁ। 20ଅବଶାଲୋମର ଦାସମାନେ ସେହି ସ୍ତ୍ରୀର
ଗୃହକୁ ଆସି ପଚାରିଲେ, "ଅହୀମାସ ଓ ଯୋନାଥନ କାହାଁନ୍ତି?"
ତହିଁରେ ସେ ସ୍ତ୍ରୀ ସେମାନଙ୍କୁ କହିଲା, "ସେମାନେ ନଦୀ
ପାର ହୋଇ ଗଲେଣି।"
ତହୁଁ ସେମାନେ ଖୋଜି ନ ପାଇବାରୁ ଯିରୁଶାଲମକୁ
ଫେରିଗଲେ।
21ଏଣୁ ସେମାନେ ଗଲାପରେ ସେ ଦୁଇ ଜଣ କୂଅ
ମଧ୍ୟରୁ ବାହାରି ଦାଉଦ ରାଜାଙ୍କ ନିକଟକୁ ଯାଇ ଜଣାଇଲେ।
ସେମାନେ ଦାଉଦଙ୍କୁ କହିଲେ, "ଆପଣମାନେ ଏଠାରୁ ଶିଘ୍ର
ନଦୀ ପାରହୋଇ ଚାଲିଯାଆନ୍ତୁ। କାରଣ ଅହୀଥୋଫଲ ତୁମ୍ଭମାନଙ୍କ
ବିରୁଦ୍ଧରେ ଏହିପରି ଭାବରେ ମନ୍ତ୍ରଣା ଦେଇଛନ୍ତି।"
22ଏହାପରେ ଦାଉଦ ଓ ତାଙ୍କର ସମସ୍ତ ସାଙ୍ଗଲୋକ
ଯର୍ଦ୍ଦନ ନଦୀ ପାର ହୋଇ ଗଲେ। ପ୍ରଭାତ ଆଲୁଅ ସମୟକୁ
ଯେ ଯର୍ଦ୍ଦନ ପାର ହୋଇ ଯାଇ ନ ଥିଲା। ଏହିପରି କେହି
ହେଲେ ରହିଲେ ନାହିଁ।

## ଅହୀଥୋଫଲଙ୍କର ଆତ୍ମହତ୍ୟା

23ଏହାପରେ ଅହୀଥୋଫଲ ଯେତେବେଳେ ଦେଖିଲେ
ଏହା ତାଙ୍କ ମନ୍ତ୍ରଣା ଅନୁସାରେ ଗଲାନାହିଁ, ସେ ତାଙ୍କ ଗଧ
ଉପରେ ଚଢି ତାଙ୍କର ନିଜ ନଗରକୁ ଫେରିଲେ ଏବଂ ସେ
ତାଙ୍କ ବଂଶ ପାଇଁ ଏକ ଦଲିଲ୍ ଲେଖିଲେ ଏବଂ ନିଜେ ଫାଶି
ହୋଇ ଗଲେ। ଏହିପରି ଭାବରେ ସେ ମଲା ଓ ନିଜର
ପିତାର କବରରେ କବର ପାଇଲା।

## ଅବଶାଲୋମ ଯର୍ଦ୍ଦନ ନଦୀ ପାର ହେଲେ

24ଏହାପରେ ଦାଉଦ ମହନୟିମକୁ ଆସିଲେ।
ଅବଶାଲୋମ ଓ ତା'ର ସମର୍ଥନକାରୀ ଇଶ୍ରାୟେଲୀୟମାନେ
ଲୋକ ଯର୍ଦ୍ଦନ ନଦୀ ପାର ହେଲେ। 25ଅବଶାଲୋମ
ଯୋୟାବଙ୍କୁ ସ୍ଥାନାନ୍ତର କରି ଅମାସାଙ୍କୁ ସୈନ୍ୟଦଳର ମୁଖ୍ୟ
ଭାବରେ ନିଯୁକ୍ତ କଲେ। ଏହି ଅମାସା ଇସ୍ମାୟେଲୀୟ*
ଯେଥରଙ୍କର ପୁତ୍ର ଥିଲେ। ଅମାସାର ମା' ଥିଲେ ଅବୀଗଲ,
ଯିଏ କି ସରୁୟାଙ୍କର ଭଉଣି ନାହଶଙ୍କର କନ୍ୟା ଥିଲେ।
ଯିଏକି ଯୋୟାବଙ୍କର ମା' ଥିଲେ।
26ପୁଣି ଇଶ୍ରାୟେଲ ଓ ଅବଶାଲୋମ ଗିଲୟଦ ଦେଶରେ
ଛାଉଣୀ ସ୍ଥାପନ କଲେ।

## ଶୋବି, ମାଖୀର ଓ ବର୍ସିଲୟ

27ଯେତେବେଳେ ଦାଉଦ ମହନୟିମରେ ପହଞ୍ଚିଲେ, ସେ
ସେଠାରେ ଶୋବି, ମାଖୀର ଏବଂ ବର୍ସିଲୟଙ୍କୁ ଭେଟିଲେ।
ଶୋବି ରବ୍ବାରୁ ଅମ୍ମୋନୀୟ ନାହଶଙ୍କର ପୁତ୍ର ଥିଲେ। ମାଖୀର
ଲୋଦବାର ନିବାସୀ ଅମ୍ମୀୟେଲର ପୁତ୍ର ଥିଲେ। ବର୍ସିଲୟ
ରୋଗଲୀମନିବାସୀ ଗିଲୟଦୀୟ ଥିଲେ। 28ଅମ୍ମୋନୀୟମାନେ
ବିଛଣା, ମାଠିଆ, ଅନ୍ୟାନ୍ୟ ପାତ୍ରସବୁ ଖାଦ୍ୟ ପାଇଁ ଗହମ,
ଯବ, ମଇଦା, ଭଜା ଶସ୍ୟ, ଶିମ, ମସୁର ଏବଂ ଭଜା ବିରି।
29ସେମାନେ ମଧ୍ୟ ମହୁ, ଦହି, ମେଷ ଏବଂ ଲହୁଣୀ
ଆଣିଲେ। ସେମାନେ ଏହିସବୁ ସାମଗ୍ରୀଗୁଡିକ ଦାଉଦ ଓ
ତାଙ୍କର ଲୋକମାନଙ୍କୁ ଆଗରେ ଉତ୍ସର୍ଗ କଲେ। କାରଣ
ସେମାନେ କହିଲେ, "ଲୋକମାନେ ମରୁଭୂମିରେ ନିଶ୍ଚିତ
କ୍ଷୁଧାର୍ତ୍ତ, କ୍ଳାନ୍ତ ଓ ତୃଷାର୍ତ୍ତ ହୋଇଥିବେ।"

---

**ଇସ୍ମାୟେଲୀୟ** ହିବ୍ରୁରେ ଇଶ୍ରାୟେଲ ଅଛି କିନ୍ତୁ ପ୍ରଥମେ ଇତିହାସ ୨:୧୭ ଦେଖ ଏବଂ ପ୍ରାଚୀନ ଗ୍ରୀକ୍ ଅନୁବାଦ ଦେଖ।

## ଦାଉଦ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ

**18** ଦାଉଦ ଲୋକମାନଙ୍କୁ ଗଣି 1,000 ଜଣରେ ଜଣେ ଓ ପ୍ରତି 100 ଜଣରେ ଜଣେ ଲେଖାଏ ମୁଖିଆଙ୍କୁ ନିଯୁକ୍ତ ଦେଲେ। **2**ଦାଉଦ ତାଙ୍କର ଲୋକମାନଙ୍କୁ ମୋଟ୍ ତିନି ଭାଗରେ ବିଭକ୍ତ କଲେ। ଯୋୟାବ ଦାଉଦଙ୍କର ଏକ ତୃତୀୟାଂଶ ଲୋକମାନଙ୍କ ଉପରେ ନିଯୁକ୍ତ ହେଲେ। ଅନ୍ୟ ଏକ ତୃତୀୟାଂଶ ଯୋୟାବର ଭାଇ ସରୁୟାର ପୁତ୍ର ଅବୀଶୟର ଆଦେଶର ଅଧିନରେ ରହିଲା ଏବଂ ଅବଶିଷ୍ଟ ଏକ ତୃତୀୟାଂଶ ଗାଥର ଇତ୍ତୟ୍ ଆଦେଶର ଅଧିନରେ ଥିଲେ।

ରାଜା ତାଙ୍କର ଲୋକମାନଙ୍କୁ କହିଲେ, "ମୁଁ ମଧ୍ଯ ତୁମ୍ଭମାନଙ୍କ ସହିତ ଯୁଦ୍ଧକୁ ଯିବି।"

**3**ଲୋକମାନେ କହିଲେ, "ଆପଣ ଆମ ସହିତ ନିଶ୍ଚୟ ଯିବେ ନାହିଁ। କାରଣ ଆମ୍ଭେମାନେ ପଳାଇଲେ ଅବଶାଲୋମର ଲୋକମାନେ ଆମ୍ଭମାନଙ୍କ ପାଇଁ ଖାତିର କରିବେ ନାହିଁ। ଆମ୍ଭମାନଙ୍କରୁ ଅର୍ଦ୍ଧେକ ମୃତ୍ଯୁବରଣ କଲେ ହେଁ, ସେମାନେ ଆମ୍ଭମାନଙ୍କ ପାଇଁ ଚିନ୍ତା କରିବେ ନାହିଁ। ମାତ୍ର ଆପଣ ଆମ୍ଭମାନଙ୍କର 10,000 ସହିତ ସମାନ। ତେଣୁ ଏହା ଉତ୍ତମ ଯେ, ଆପଣ ଏହି ନଗରରେ ସାହାଯ୍ୟ ପାଇଁ ରୁହନ୍ତୁ।"

**4**ରାଜା ତାଙ୍କର ଲୋକମାନଙ୍କୁ କହିଲେ, "ତୁମ୍ଭେମାନେ ଯାହା ଉତ୍ତମ ବିଚାର କର ମୁଁ ତାହା କରିବି।"

ଏହାପରେ ସେ ନଗର ଫାଟକ ପାର୍ଶ୍ୱରେ ଛିଡା ହେଲେ ଓ ହଜାର ହଜାର ଲୋକ ଦଳ ଦଳ ହୋଇ ବାହାର ଆସିଲେ।

## ଯୁବା ଅବଶାଲୋମଙ୍କ ସହିତ ନମ୍ର ହୁଅ

**5**ରାଜା ଯୋୟାବ, ଅବୀଶୟ ଓ ଇତ୍ତୟକୁ ଆଦେଶ ଦେଇ କହିଲେ, "ମୋ ପାଇଁ ଅବଶାଲୋମ ପ୍ରତି ଭଦ୍ର ବ୍ୟବହାର କର।"

ଯେତେବେଳେ ରାଜା ଏହି ଆଦେଶ ସମସ୍ତ ଅଧିପତିମାନଙ୍କୁ ଦେଲେ, ସମସ୍ତ ଲୋକ ଏକଥା ଶୁଣି ପାରିଲେ।

## ଦାଉଦଙ୍କର ସେନା ଅବଶାଲୋମଙ୍କର ସେନାକୁ ପରାଜିତ କଲେ

**6**ଏହିପରି ଦାଉଦଙ୍କର ଲୋକମାନେ ଇଶ୍ରାୟେଲୀୟ୍ ବିରୁଦ୍ଧରେ ଯୁଦ୍ଧ କ୍ଷେତ୍ରକୁ ଗଲେ ଓ ଇଫ୍ରୟିମ ବଣରେ ଯୁଦ୍ଧ ହେଲା। **7**ସେଠାରେ ଇଶ୍ରାୟେଲୀୟ୍ ଲୋକମାନେ ଦାଉଦଙ୍କ ସୈନ୍ୟମାନଙ୍କ ଆଗରେ ପରାସ୍ତ ହେଲେ ଓ ସେଦିନ ସେଠାରେ ବହୁତ କ୍ଷତି ହେଲା ଏବଂ 20,000 ଲୋକ ସେଠାରେ ମୃତ୍ଯୁବରଣ କଲେ। **8**ଦେଶଯାକ ଯୁଦ୍ଧ ବ୍ୟାପିଗଲା। ପୁଣି ସେଦିନ ଖଡ୍ଗଗ୍ରାସ କରିବା ଅପେକ୍ଷା ବନରେ ଅଧିକ ଲୋକ ଗ୍ରାସ କଲା।

**9**ଅବଶାଲୋମ ଦାଉଦଙ୍କର ଅଧିକାରୀମାନଙ୍କ ସହିତ ଦେଖାହେଲା। ସେ ସମୟରେ ଅବଶାଲୋମ ଖଚର ଉପରେ ଚଢି ଥିଲା। ସେ ଯେତେବେଳେ ଖଚରରେ ଆରୋହଣ କରୁଥିଲା, ସେ ଖସିଯିବା ପାଇଁ ଚାହୁଁଥିଲା ସମୟରେ ଏକ ବିରାଟ ଆଲୋନ୍ ବୃକ୍ଷରେ ତା'ର ମୁଣ୍ଡ ଧକ୍କା ହେଲା ଏବଂ ବାଳଗୁଡାକ ଗଛ ଡାଳରେ ଲାଗି ଭୂମିର ଉପରେ ଝୁଲି ରହିଲା। ଯେତେବେଳେ ଖଚରଟି ସେହି ବାଟେ ଦୌଡ଼ିଥିଲା।

**10**ସେହି ସମୟରେ ଜଣେ ଲୋକ ତାହା ଦେଖି ଯୋୟାବକୁ ଜଣାଇ ଦେଲା, "ମୁଁ ଅବଶାଲୋମକୁ ଆଲୋନ ବୃକ୍ଷରେ ଟଙ୍ଗା ହୋଇଥିବାର ଦେଖିଲି।"

**11**ଯୋୟାବ ସେ ଲୋକକୁ କହିଲେ, "ଦେଖ, ତୁମ୍ଭେ ଏସବୁ ଦେଖିଲ ମାତ୍ର ତୁମ୍ଭେ କାହିଁକି ତାକୁ ମାରି ଭୂମିରେ ପକାଇ ନ ଦେଲ? ତାହା କରିଥିଲେ ମୁଁ ତୁମ୍ଭକୁ ଦଶ ଖଣ୍ଡ ରୂପା ଓ ଏକ କଟିବନ୍ଧନ ଦେଇଥାନ୍ତି।"

**12**ସେ ଲୋକଟି ଯୋୟାବକୁ କହିଲା, "ମୁଁ ସେ ରାଜପୁତ୍ରକୁ ମାରି ପାରି ନ ଥାନ୍ତି, ମୋତେ ଆପଣ ଯେତେ ଧନ ଦେଲେବି। ବା 1,000 ଖଣ୍ଡ ରୂପା ଦେଲେ ମଧ୍ଯ ଏକାର୍ଯ୍ୟ ଅସମ୍ଭବ। କାହିଁକି? କାରଣ ଆମ୍ଭେମାନେ ରାଜାଙ୍କର ଆଦେଶ ତୁମ୍ଭ ପ୍ରତି, ଅବୀଶୟ ପ୍ରତି ଓ ଇତ୍ତୟ୍ ପ୍ରତି ଶୁଣିଥିଲୁ। ରାଜାଙ୍କର ଆଦେଶ ଥିଲା, 'ସାବଧାନ, ଅବଶାଲୋମକୁ ଆଘାତ କର ନାହିଁ।' **13**ଯଦି ମୁଁ ଅବଶାଲୋମକୁ ହତ୍ୟା କରିଥାନ୍ତି, ରାଜା ଏକଥା ଜାଣିଥାନ୍ତେ ଏବଂ ଆପଣ ମୋର ରକ୍ଷା କରିବାକୁ ଆସି ନଥାନ୍ତେ।"

**14**ଯୋୟାବ କହିଲା, "ମୁଁ ଏଠାରେ ତୁମ୍ଭ ସହିତ ସମୟ ନଷ୍ଟ କରି ପାରିବି ନାହିଁ।"

ଅବଶାଲୋମ ତଥାପି ଜୀବିତ ଅବସ୍ଥାରେ ଆଲୋନ୍ ଗଛରେ ଝୁଲୁଥିଲା। ଯୋୟାବ ଏକ ତ୍ରିଶୁଳ ନେଇ ଅବଶାଲୋମର ଛାତିରେ ଆଘାତ କଲା। **15**ଯୋୟାବଙ୍କର ଦଶ ଜଣ ଯୁବା ସୈନିକ ଥିଲେ। ଯେଉଁମାନେ ତାଙ୍କୁ ଯୁଦ୍ଧରେ ସାହାଯ୍ୟ କରୁଥିଲେ। ସେହି ସୈନିକମାନେ ଅବଶାଲୋମର ଚତୁପାର୍ଶ୍ୱରେ ଏକତ୍ରିତ ହୋଇ ତାକୁ ହତ୍ୟା କଲେ।

**16**ଯୋୟାବ ତୂରୀ ବଜାଇ ଇଶ୍ରାୟେଲୀୟମାନଙ୍କ ପଛରେ ନ ଗୋଡାଇବା ପାଇଁ ନିର୍ଦ୍ଦେଶ ଦେଲେ। **17**ତା'ପରେ ଯୋୟାବର ଲୋକମାନେ ଅବଶାଲୋମର ମୃତ ଶରୀରକୁ ଆଣିଲେ। ଏବଂ ଜଙ୍ଗଲର ଏକ ଗର୍ତ୍ତରେ ଫିଙ୍ଗି ଦେଲେ। ଏବଂ ସେ ଗର୍ତ୍ତକୁ ପଥର ପକେଇ ପୋତିଦେଲେ।

ଯେଉଁ ଇଶ୍ରାୟେଲୀୟମାନେ ଅବଶାଲୋମଙ୍କର ସାଙ୍ଗ ଦେଇଥିଲେ, ସେମାନେ ସେମାନଙ୍କର ଗୃହକୁ ପଳାୟନ କଲେ।

**18**ଅବଶାଲୋମ ବଞ୍ଚିଥିବା ବେଳେ ରାଜାଙ୍କର ଉପତ୍ୟକାରେ ଏକ ସ୍ତମ୍ଭ ନିର୍ମାଣ କରିଥିଲେ। ସେ କହିଲେ, "ମୋର ନାମକୁ ଜୀବିତ ରଖିବା ପାଇଁ ମୋର ପୁତ୍ର ନାହିଁ। ସେଥିପାଇଁ ସେ ତାଙ୍କର ସ୍ମୃତିଫଳକ ରଖିବା ପାଇଁ ସ୍ଥାପନ କଲେ ଓ ତାଙ୍କ ନିଜ ନାମ ରଖିଲେ।" ସେହି ନାମ ଅଦ୍ୟପି "ଅବଶାଲୋମର ସମାଧିସ୍ତୂପ" ରହିଅଛି।

## ଯୋୟାବଙ୍କର ସମ୍ବାଦ ଦାଉଦଙ୍କ ପାଖକୁ

**19**ଏହାପରେ ସାଦୋକର ପୁତ୍ର ଅହୀମାସ ଯୋୟାବଙ୍କୁ କହିଲା, "ମୁଁ ଧାଇଁବି ଏବଂ ରାଜାଙ୍କୁ କହିବି ଯେ, ସଦାପ୍ରଭୁ ତାଙ୍କର ଶତ୍ରୁମାନଙ୍କୁ ଧ୍ୱଂସ କରିଛନ୍ତି।"

**20**ଯୋୟାବ ଉତ୍ତରରେ ଅହୀମାସକୁ କହିଲା, "ନାଁ, ତୁମ୍ଭେ ଏ ସମ୍ବାଦ ଦାଉଦଙ୍କ ପାଖକୁ ନେଇ ଯିବ ନାହିଁ। ତୁମ୍ଭେ ଏ

ସମ୍ବାଦ ଅନ୍ୟ ସମୟରେ ନେଇଯିବ। କିନ୍ତୁ ଆଜି ନେବ
ନାହିଁ। କାହିଁକି? କାରଣ ରାଜାଙ୍କର ପୁତ୍ର ମରିଅଛି।"
**21**ଏହାପରେ ଯୋୟାବ କୂଶୀୟରୁ ଆସିଥିବା ଲୋକକୁ
କହିଲା, "ତୁମ୍ଭେ ଯାଅ, ଆଉ ଯାହା ଦେଖିଛ ତାହା ରାଜାଙ୍କୁ
କୁହ।"
ତେଣୁ କୂଶୀୟ ତାଙ୍କୁ ପ୍ରଣାମ କରି ଦାଉଦଙ୍କ ନିକଟକୁ
କହିବାକୁ ଦୌଡ଼ିଲା।
**22**କିନ୍ତୁ ସାଦୋକର ପୁତ୍ର ଅହୀମାସ ପୁନର୍ବାର ଯୋୟାବକୁ
ଅନୁରୋଧ କଲା, "ଯାହା ହେଉନା ପଛେ, ମୋତେ ମଧ
ସେଇ କୂସୀୟମାନଙ୍କ ପଛରେ ଦାଉଦଙ୍କ ଆଡକୁ ଧାଇଁବାକୁ
ଦିଅ।"
ଯୋୟାବ କହିଲା, "ମୋ ପୁତ୍ର, ତୁମ୍ଭେ କାହିଁକି ଏ ଖବର
ଆଣିବାକୁ ଇଚ୍ଛା କର? ଏହା ପାଇଁ କୌଣସି ପୁରସ୍କାର
ପାଇବ ନାହିଁ।"
**23**ଅହୀମାସ ଉତ୍ତର ଦେଲା, "ଯାହା ହେଉନା କାହିଁକି ମୁଁ
ଯିବି।"
ତହିଁରେ ଯୋୟାବ ତାକୁ କହିଲା, "ଠିକ୍ ଅଛି, ତୁମ୍ଭେ
ଦାଉଦଙ୍କ ନିକଟକୁ ଦୌଡ।"
ଏହାପରେ ଅହୀମାସ ଯର୍ଦ୍ଦନ ଉପତ୍ୟକା ଦେଇ କୂଶୀୟକୁ
ଅତିକ୍ରମ କରିଗଲେ।

### ଦାଉଦ ସମ୍ବାଦ ଶୁଣିଲେ

**24**ଦାଉଦ ନଗରର ଦୁଇ ଫାଟକର ମଧ୍ୟରେ ବସିଥିଲେ।
ତା'ପରେ ଜଣେ ପ୍ରହରୀ ଦ୍ୱାର ଛାତର କାନ୍ଥ ଉପରକୁ ଯାଇ
ଦେଖିଲା ଜଣେ ଲୋକ ଦୌଡ଼ି ଦୌଡ଼ି ଆସୁଅଛି। **25**ପ୍ରହରୀଟି
ରାଜା ଦାଉଦଙ୍କୁ କହିଲେ, ରାଜା ଦାଉଦ କହିଲେ, "ଯଦି ସେ
ଲୋକଜଣକ ଏକା ଆସୁଅଛି ତେବେ ସେ ଖବର ନେଇ
ଆସିଛି।"
ଲୋକ ଜଣକ ସହରର ନିକଟରୁ ନିକଟତର ହେଲା।
**26**ପ୍ରହରୀ ଆଉ ଜଣେ ଦୌଡ଼ି ଆସିବାର ଦେଖିଲା। ପ୍ରହରୀ
ଜଣକ ଦ୍ୱାରପାଳକୁ ଡାକି କହିଲା, "ଦେଖ! ଆଉ ଜଣେ
ଲୋକ ଦୌଡ଼ି ଆସୁଅଛି।"
ରାଜା କହିଲେ, "ସେ ମଧ ଖବର ଆଣୁଅଛି।"
**27**ପ୍ରହରୀ ଜଣକ କହିଲା, "ମୁଁ ଭାବୁଛି ପ୍ରଥମ ଲୋକଟି
ସାଦୋକର ପୁତ୍ର ଅହୀମାସ୍।"
ରାଜା କହିଲେ, "ଅହୀମାସ ଜଣେ ଉତ୍ତମ ଲୋକ। ସେ
ନିଶ୍ଚିତ ଏକ ଭଲ ଖବର ନେଇ ଆସିଥିବ।"
**28**ଅହୀମାସ ଉଚ୍ଚସ୍ୱରରେ କହିଲା, "ସବୁ ମଙ୍ଗଳ!"
ଅହୀମାସ ରାଜାଙ୍କ ସମ୍ମୁଖରେ ମୁହଁ ମାଡ଼ି ପ୍ରଣାମ କଲା।
ଅହୀମାସ କହିଲା, "ସଦାପ୍ରଭୁ ଆପଣଙ୍କ ପରମେଶ୍ୱରଙ୍କର
ପ୍ରଶଂସା କରନ୍ତୁ। ମୋର ସଦାପ୍ରଭୁ ସେହିମାନଙ୍କୁ ପରାସ୍ତ
କରିଛନ୍ତି, ଯେଉଁମାନେ ରାଜାଙ୍କ ବିରୁଦ୍ଧରେ ଯାଉଥିଲେ।"
**29**ରାଜା ପଚାରିଲେ, "ଯୁବକ ଅବଶାଲୋମର ମଙ୍ଗଳ
ତ?"
ଅହୀମାସ ଉତ୍ତର ଦେଲା, "ଯୋୟାବ ମୋତେ ଯେତେବେଳେ
ପଠାଇଲେ, ମୁଁ ଦେଖିଲି ଏକ ମହା ଲୋକଗହଳି। କିନ୍ତୁ
ଏହା କ'ଣ ଥିଲା ମୁଁ ଜାଣି ପାରିଲି ନାହିଁ।"
**30**ତା'ପରେ ରାଜା କହିଲେ, "ଏଠାରୁ ପଳାଇ ଆସ ଓ
କିଛି ସମୟ ଅପେକ୍ଷା କର।" ଅହୀମାସ ସେଠାରୁ ଯାଇ
ଅନ୍ୟତ୍ର ଠିଆ ହୋଇ ଅପେକ୍ଷା କଲା।
**31**ଠିକ୍ ତା'ପରେ ସମୟରେ କୂଶୀୟ ଆସି ପହଞ୍ଚିଲା।
ସେ କହିଲା, "ମୋର ପ୍ରଭୁ ମହାରାଜାଙ୍କ ପାଇଁ ଏକ ସୁସମ୍ବାଦ
ଅଛି। ଯେଉଁମାନେ ଆପଣଙ୍କର ବିରୁଦ୍ଧାଚରଣ କରୁଥିଲେ
ସେମାନଙ୍କୁ ଆଜି ସଦାପ୍ରଭୁ ଦଣ୍ଡିତ କରିଛନ୍ତି।"
**32**ରାଜା କୂଶୀୟକୁ ପଚାରିଲେ, "ଯୁବକ ଅବଶାଲୋମର
ମଙ୍ଗଳ ତ?"
କୂଶୀୟ ଉତ୍ତର ଦେଲା, "ମୋର ପ୍ରଭୁ ମହାରାଜାଙ୍କର
ଶତ୍ରୁଗଣ ଓ ଆପଣଙ୍କର ଅମଙ୍ଗଳ କରିବା ପାଇଁ ଯେଉଁ
ଲୋକମାନେ ଆଗେଇ ଆସିଥିଲେ, ସମସ୍ତେ ସେହି ଯୁବକ
ଅବଶାଲୋମ ପରି ହୁଅନ୍ତୁ।"
**33**ଏହାପରେ ରାଜା ଜାଣିଗଲେ ଯେ ଅବଶାଲୋମ ମୃତ।
ରାଜା ଦୁଃଖରେ ଭାଙ୍ଗି ପଡିଲେ, ସେ ନଗର ଦ୍ୱାର ଉପରିସ୍ଥ
କୋଠରୀକୁ ଯାଇ କ୍ରନ୍ଦନ କଲେ। ସେ କୋଠରୀର ଏପଟରୁ
ସେପଟ କ୍ରନ୍ଦନ କରି କରି ବୁଲୁଥାନ୍ତି। ସେ କହୁଥିଲେ, "ହେ
ମୋର ପୁତ୍ର ଅବଶାଲୋମ, ମୋର ପୁତ୍ର ଅବଶାଲୋମ, ମୁଁ
ଆଶା କରୁଥିଲି ମୁଁ ତୁମ୍ଭ ବଦଳରେ ମରିଥାନ୍ତି କି! ହାୟ
ମୋର ପୁତ୍ର, ଅବଶାଲୋମ ମୋର ପୁତ୍ର, ଅବଶାଲୋମ।"

### ଯୋୟାବ ଦାଉଦଙ୍କୁ ଗାଳି ଦେଲେ

**19** ଲୋକମାନେ ଯୋୟାବକୁ ଏ ଖବର ଜଣାଇଲେ।
ସେମାନେ ଯୋୟାବକୁ କହିଲେ, "ଦେଖନ୍ତୁ ରାଜା
ଅବଶାଲୋମ ପାଇଁ କ୍ରନ୍ଦନ କରୁଛନ୍ତି ଓ ଶୋକ ମଧ
କରୁଛନ୍ତି।"
**2**ଦାଉଦଙ୍କର ସୈନ୍ୟଦଳ ସେଦିନ ଯୁଦ୍ଧରେ ଜୟଲାଭ
କଲେ। କିନ୍ତୁ ଜୟଲାଭ କରିବାର ଆନନ୍ଦ ସମସ୍ତ
ଲୋକମାନଙ୍କ ପାଇଁ ଦୁଃଖରେ ପରିଣତ ହେଲା। ଏହା ଥିଲା
ଏକ ଦୁଃଖର ଦିନ, କାରଣ ଲୋକମାନେ ଶୁଣିବାକୁ
ପାଇଲେ ଯେ, "ରାଜା ତାଙ୍କର ନିଜ ପୁତ୍ର ପାଇଁ ଅତ୍ୟନ୍ତ
ଦୁଃଖିତ।"
**3**ସୈନ୍ୟମାନେ ନଗରକୁ ପ୍ରବେଶ କରୁଥିଲେ, ଯେପରି
ସେମାନଙ୍କର ପରାସ୍ତ ସୈନିକମାନେ ଲଜ୍ଜା ବସତଃ ନଗରରେ
ପ୍ରବେଶ କରନ୍ତି। **4**ରାଜା ତାଙ୍କର ମୁହଁକୁ ଢାଙ୍କି ଉଚ୍ଚସ୍ୱରରେ
କ୍ରନ୍ଦନ କରିବାକୁ ଲାଗିଲେ, "ହେ ମୋର ପୁତ୍ର ଅବଶାଲୋମ,
ହେ ମୋର ପୁତ୍ର ଅବଶାଲୋମ।"
**5**ଯୋୟାବ ରାଜ ଗୃହରେ ପ୍ରବେଶ କରି ରାଜାଙ୍କୁ କହିଲା,
"ଆପଣ ଆଜି ଆପଣଙ୍କର ପଦସ୍ଥ କର୍ମଚାରୀମାନଙ୍କୁ ଲଜ୍ଜିତ
କରିଛନ୍ତି। ଆପଣ ସେଇ ପଦସ୍ଥ କର୍ମଚାରୀମାନଙ୍କୁ ଅପମାନିତ
କରିଛନ୍ତି, ଯେଉଁମାନେ ଆଜି ଆପଣଙ୍କର ପୁତ୍ର, କନ୍ୟା, ସ୍ତ୍ରୀ
ଓ ଆପଣଙ୍କର ଉପପତ୍ନୀମାନଙ୍କର ଜୀବନ ରକ୍ଷା କରିଛନ୍ତି।
**6**କାରଣ ଯେଉଁମାନେ ଆପଣଙ୍କୁ ଘୃଣା କରନ୍ତି ଆପଣ
ସେମାନଙ୍କୁ ପ୍ରେମ କରୁଛନ୍ତି। ଏବଂ ଆପଣ ସେମାନଙ୍କୁ ଘୃଣା
କରନ୍ତି, ଯେଉଁମାନେ ଆପଣଙ୍କୁ ଭଲ ପାଆନ୍ତି। ଏବଂ ସେମାନଙ୍କୁ
ଆପଣ ଭଲ ପାଆନ୍ତି, ଯେଉଁମାନେ ଆପଣଙ୍କୁ ଘୃଣା କରନ୍ତି।
ମୁଁ ଆଜି ଦେଖୁଛି, ଯେ ଯଦି ଆଜି ଆମ୍ଭେମାନେ ସମସ୍ତେ

ମରିଥାନ୍ତୁ ଓ ଅବଶାଲୋମ ଜୀବିତ ଥାନ୍ତା ତେବେ ଆପଣ
ଖୁସି ହୋଇଥାନ୍ତେ। 7ଏବେ ଉଠନ୍ତୁ, ଆପଣଙ୍କର ସୈନ୍ୟମାନଙ୍କୁ
ଉତ୍ସାହିତ କରନ୍ତୁ ଏବଂ ସେମାନଙ୍କୁ ଉତ୍ସାହ ଜନକ କଥା
କୁହନ୍ତୁ। ମୁଁ ସଦାପ୍ରଭୁଙ୍କ ନାମରେ ଶପଥ କରୁଅଛି ଯେବେ
ଆପଣ ବାହାରକୁ ଯାଆନ୍ତି ନାହିଁ, ତେବେ ଏହି ରାତ୍ରିରେ
ଆପଣଙ୍କ ସହିତ କେହି ଜଣେ ହେଲେବି ରହିବେ ନାହିଁ।
ଆଉ ଆପଣଙ୍କ ଯୌବନକାଳାବଧି ବର୍ତ୍ତମାନ ପର୍ଯ୍ୟନ୍ତ ଯେତେ
ଅମଙ୍ଗଳ ଆପଣଙ୍କୁ ଘଟିଅଛି ସେଗୁଡ଼ିକରୁ ହିଁ ଏହି ଦୁର୍ଘଟଣା
ବଡ଼ ହେବ।"

8ଏହାପରେ ରାଜା ଉଠି ନଗର ଦ୍ୱାରରେ ବସିଲେ, ଏ
ଖବର ଚାରିଆଡ଼େ ପ୍ରଚାରିତ ହୋଇଗଲା ଯେ ରାଜା ନଗରଦ୍ୱାର
ନିକଟରେ ବସିଛନ୍ତି। ତେଣୁ ସମସ୍ତ ଲୋକ ରାଜା ଦାଉଦଙ୍କୁ
ଦେଖିବାକୁ ଆସିଲେ।

## ଦାଉଦ ପୁଣିଥରେ ରାଜା ହେଲେ

ଏଥି ମଧ୍ୟରେ ସମସ୍ତ ଇସ୍ରାଏଲୀୟ, ଯେଉଁମାନେ
ଅବଶାଲୋମଙ୍କୁ ଅନୁସରଣ କରୁଥିଲେ, ନିଜ ନିଜ ତମ୍ବୁକୁ
ପଳାୟନ କଲେ। 9ବର୍ତ୍ତମାନ ଇସ୍ରାଏଲର ପରିବାରବର୍ଗରେ
ସମସ୍ତ ଲୋକ ଯୁକ୍ତି କରିବାକୁ ଲାଗିଲେ ଏବଂ ସେମାନେ
କହିଲେ, "ରାଜା ଦାଉଦ ଆମ୍ଭମାନଙ୍କୁ ପଲେଷ୍ଟୀୟମାନଙ୍କ
ହସ୍ତରୁ ରକ୍ଷା କଲେ, ଏବଂ ଅନ୍ୟ ଶତ୍ରୁମାନଙ୍କଠାରୁ ମଧ୍ୟ
ଆମକୁ ସେ ରକ୍ଷା କଲେ। ଦାଉଦ ଅବଶାଲୋମ ଯୋଗୁଁ
ରାଜ୍ୟ ଛାଡ଼ି ପଳାଇଛନ୍ତି। 10ତେଣୁ ବର୍ତ୍ତମାନ ଅବଶାଲୋମକୁ
ଆମ୍ଭେ ଯାହାକୁ ରାଜା କରିଥିଲୁ ସେ ବର୍ତ୍ତମାନ ମୃତ। ସେ
ଯୁଦ୍ଧରେ ମୃତ୍ୟୁବରଣ କଲେ। ତେଣୁ ଆମ୍ଭେମାନେ ଦାଉଦଙ୍କୁ
ଆଉଥରେ ଆମ୍ଭମାନଙ୍କର ରାଜା କରିବୁ।"

11ରାଜା ଦାଉଦ ସାଦୋକ୍ ଓ ଅବିୟାଥରଙ୍କୁ ଯାଜକମାନଙ୍କ
ନିକଟକୁ ଗୋଟିଏ ବାର୍ତ୍ତା ପଠାଇଲେ। ଦାଉଦ କହିଲେ,
"ତୁମ୍ଭେମାନେ ଯାଅ ଓ ଯିହୁଦାର ପ୍ରାଚୀନବର୍ଗମାନଙ୍କୁ କୁହ,
'ରାଜାଙ୍କୁ ତାଙ୍କ ଗୃହକୁ ଆଣିବା ପାଇଁ ସମସ୍ତ ଇସ୍ରାଏଲ
କହନ୍ତି। ତାହେଲେ ରାଜାଙ୍କୁ ତାଙ୍କ ଗୃହକୁ ଫେରାଇ ଆଣିବା
ପାଇଁ ତୁମ୍ଭେମାନେ କାହିଁକି ଅନ୍ତିମ ଗୋଷ୍ଠୀ ହେଉଛ?
12ତୁମ୍ଭେମାନେ ମୋର ଭାଇ, ତୁମ୍ଭେ ହେଉଛ ମୋର ପରିବାରବର୍ଗ,
ତେବେ ତୁମ୍ଭେମାନେ ରାଜାଙ୍କୁ ଫେରାଇ ଆଣିବାରେ କାହିଁକି
ଅନ୍ତିମ ଗୋଷ୍ଠୀ ହେଉଛ?' 13ପୁଣି ତୁମ୍ଭେ ଯାଅ ଅମାସାକୁ
କୁହ, 'ତୁମ୍ଭେ ହେଉଛ ମୋର ପରିବାର ଅଂଶ ସଦସ୍ୟ, ଯଦି
ମୁଁ ଯୋୟାବଙ୍କ ସ୍ଥାନରେ ତୁମ୍ଭକୁ ସେନାପତି ନ କରେ
ପରମେଶ୍ୱର ମୋତେ ଦଣ୍ଡ ଦେବେ।'"

14ଦାଉଦ ଏହିପରି ଭାବରେ ଯିହୁଦାର ସମସ୍ତ ଲୋକମାନଙ୍କର
ହୃଦୟକୁ ଛୁଇଁ ଥିଲେ। ତେଣୁ ସେମାନେ ସମସ୍ତେ ଗୋଟିଏ
ଲୋକପରି ଏ କଥାରେ ସମ୍ମତି ପ୍ରକାଶ କଲେ। ଯିହୁଦାର
ଲୋକମାନେ ରାଜା ଦାଉଦଙ୍କ ନିକଟକୁ ଦୂତ ପଠାଇଲେ,
ସେମାନେ କହିଲେ, "ଆପଣ ଓ ଆପଣଙ୍କର ସମସ୍ତ ଦାସ
ଫେରି ଆସନ୍ତୁ।"

15ତେଣୁ ରାଜା ଦାଉଦ ଯର୍ଦ୍ଦନ ନଦୀ ପର୍ଯ୍ୟନ୍ତ ଗଲେ।
ଯିହୁଦାର ଲୋକମାନେ ରାଜାଙ୍କୁ ଗିଲ୍ଗଲଠାରେ ଭେଟିଲେ ଓ
ଯର୍ଦ୍ଦନ ପାର କରି ନେଇଗଲେ।

## ଶିମିୟି ଦାଉଦଙ୍କୁ କ୍ଷମା ମାଗିଲେ

16ବହୁରୀମ ନିବାସୀ ଗେରାର ପୁତ୍ର ବିନ୍ୟାମୀନୀୟ ଶିମିୟି
ଶୀଘ୍ର ଯିହୁଦାର ଲୋକମାନଙ୍କ ସଙ୍ଗରେ ରାଜା ଦାଉଦଙ୍କୁ
ଭେଟିବା ପାଇଁ ଆସିଲେ। 17ବିନ୍ୟାମୀନ ପରିବାରବର୍ଗର
1,000 ଲୋକ ଶିମିୟି ସଙ୍ଗରେ ଆସିଲେ। ସୀବଃ ଶାଉଲ
ପରିବାରର ଦାସ, ତାଙ୍କ ସହିତ ତାଙ୍କର ପନ୍ଦର ଜଣ ପୁଅଙ୍କୁ
ଓ କୋଡ଼ିଏ ଜଣ ଚାକରକୁ ଆଣିଲେ। ଏ ସମସ୍ତ ଲୋକ
ଯର୍ଦ୍ଦନ ନଦୀ ପାର ହୋଇ ରାଜାଙ୍କୁ ସାକ୍ଷାତ କରିବାକୁ
ଯାଇଥିଲେ।

18ଲୋକମାନେ ଯର୍ଦ୍ଦନ ନଦୀ ପାର ହୋଇ ରାଜାଙ୍କ
ପରିବାର ଓ ରାଜାଙ୍କୁ ନଦୀ ପାର କରି ଯିହୁଦାକୁ ଆଣିବାକୁ
ଗଲେ। ରାଜା ଯାହା ଇଚ୍ଛା କଲେ ଲୋକମାନେ ତାହା
କଲେ। ଯେତେବେଳେ ରାଜା ନଦୀ ପାର ହେଉଥିଲେ, ସେହି
ସମୟରେ ଶିମିୟିର ପୁତ୍ର ଗେରା ରାଜାଙ୍କୁ ସାକ୍ଷାତ କରିବାକୁ
ଆସିଲା। ଶିମିୟି ଆସି ରାଜାଙ୍କ ସମ୍ମୁଖରେ ଭୂମିଷ୍ଠ ପ୍ରଣାମ
କଲା। 19ଶିମିୟି ରାଜାଙ୍କୁ କହିଲା, "ହେ ସଦାପ୍ରଭୁ ମୋର
ପ୍ରଭୁ, ମୁଁ କରିଥିବା ପାପ ବିଷୟରେ ଚିନ୍ତା କର ନାହିଁ।
ଆପଣ ଯିରୁଶାଲମ ଗଲାପରେ ମୁଁ ଯେଉଁ କୁକର୍ମ କରିଛି
ତାହାକୁ ସ୍ମରଣ କରନ୍ତୁ ନାହିଁ। 20ଆପଣ ଜାଣନ୍ତି ଯେ ମୁଁ
ପାପ କରିଛି। ଯେଉଁଥିପାଇଁ ଯୋଷେଫର ବଂଶରୁ ମୁଁ ପ୍ରଥମ
ବ୍ୟକ୍ତି, ମୁଁ ଆଜି ମୋର ସଦାପ୍ରଭୁ ମହାରାଜାଙ୍କୁ ଭେଟିବାକୁ
ଆସିଲି।"

21କିନ୍ତୁ ସରୁୟାର ପୁତ୍ର ଅବୀଶୟ ଉତ୍ତର କରି କହିଲା,
"ଶିମିୟିକୁ ଆମେ ନିଶ୍ଚିତ ମାରିଦେବୁ କାରଣ ସେ ସଦାପ୍ରଭୁଙ୍କ
ଅଭିଷିକ୍ତକୁ ଶାପ ଦେଇ ଅଛି।"

22ଦାଉଦ କହିଲେ, "ହେ ସରୁୟାର ପୁତ୍ର, ତୁମ୍ଭମାନଙ୍କ
ସହିତ ମୁଁ କ'ଣ କରିବି? ଆଜି ତୁମ୍ଭେମାନେ ମୋର
ବିରୁଦ୍ଧରେ ଅଛ। ଇସ୍ରାଏଲରେ କୌଣସି ଲୋକକୁ ମୃତ୍ୟୁ
ଦଣ୍ଡ ଦିଆଯିବ ନାହିଁ। ଆଜି ମୁଁ ଜାଣେ ଯେ ମୁଁ ଇସ୍ରାଏଲ
ଉପରେ ରାଜା ଅଟେ।"

23ତା'ପରେ ରାଜା ଶିମିୟିକୁ କହିଲେ, "ତୁମ୍ଭେ ମରିବ
ନାହିଁ।" ରାଜା ଏହା ଶିମିୟି ନିକଟରେ ଶପଥ କଲେ।

## ମଫୀବୋଶତ୍ ରାଜାଙ୍କୁ ସାକ୍ଷାତ କରିବାକୁ ଗଲେ

24ଶାଉଲଙ୍କର ପୌତ୍ର ମଫୀବୋଶତ୍ ରାଜାଙ୍କୁ ଭେଟିବା
ପାଇଁ ଆସିଲା। ରାଜା ଯିରୁଶାଲମ ଛାଡ଼ିବା ଦିନଠାରୁ ମଫୀବୋଶତ୍
ତା'ର ଦାଢ଼ି କାଟି ନ ଥିଲା। ନିଜର ପାଦ ଧୋଇ
ନ ଥିଲା, ତା'ର ବସ୍ତ୍ର ମଧ୍ୟ ସଫା କରି ନ ଥିଲା।
25ଯେତେବେଳେ ମଫୀବୋଶତ୍ ରାଜାଙ୍କୁ ଯିରୁଶାଲମରେ
ଦେଖା କଲା, "ରାଜା ପଚାରିଲେ ତୁମ୍ଭେ କାହିଁକି ମୋ ସହିତ
ଗଲ ନାହିଁ?"

26ମଫୀବୋଶତ୍ ଉତ୍ତର ଦେଲା, "ହେ ମୋର ପ୍ରଭୁ
ମହାରାଜ, ମୋର ଦାସ ମୋତେ ପ୍ରବଞ୍ଚନା କଲା। ମୁଁ ତ
ଛୋଟା ତେଣୁ ମୁଁ ମୋ ଦାସ ସୀବଃକୁ କହିଲି, 'ଏକ ଗଧ
ସଜାଇବା ପାଇଁ, ଯେଉଁଥିରେ ମୁଁ ଯାଇ ମୋର ରାଜାଙ୍କୁ
ଦେଖା କରିବି।' 27କିନ୍ତୁ ମୋର ଦାସ ମୋତେ ପ୍ରବଞ୍ଚନା
କଲା। ସେ ହିଁ ଆପଣଙ୍କ ପାଖକୁ ଗଲା ଓ ସେ ଆପଣଙ୍କ

ଆଗରେ ମୋର ଅପବାଦ କରିଅଛି। କିନ୍ତୁ ହେ ମୋର ପ୍ରଭୁ
ଓ ମହାରାଜ, ଆପଣ ହେଉଛନ୍ତି ପରମେଶ୍ୱରଙ୍କର ଜଣେ
ଦୂତପରି, ତେଣୁ ଆପଣଙ୍କ ଦୃଷ୍ଟିରେ ଯାହା ଭଲ ତାହା
କରନ୍ତୁ। 28ଆପଣ ମୋର ଜେଜେବାପାଙ୍କର ସମସ୍ତ ପରିବାରକୁ
ହତ୍ୟା କରି ପାରିଥାନ୍ତେ, କିନ୍ତୁ ଆପଣ ତାହା କଲେ ନାହିଁ।
ତଥାପି ଆପଣ ଆପଣଙ୍କର ଏହି ଦାସକୁ ନିଜ ମେଜରେ
ଭୋଜନକାରୀ ଲୋକମାନଙ୍କ ସଙ୍ଗରେ ସ୍ଥାନ ଦେଲେ। ଏହି
ହେତୁ ଏବେ ମହାରାଜାଙ୍କ ନିକଟରେ ଆଉ ଆପତ୍ତି କରିବା
ପାଇଁ ମୋର କେଉଁ ଅଧିକାର ଅଛି?”
29ରାଜା ମଫୀବୋଶତକୁ କହିଲେ, “ତୁମ୍ଭର ସମସ୍ୟା
ବିଷୟରେ ଆଉ କିଛି କୁହ ନାହିଁ। ମୁଁ କହୁଅଛି ତୁମ୍ଭେ ଓ
ସୀବଃ ସେହି ଭୂମିକୁ ବାଣ୍ଟି ନିଅ।”
30ମଫୀବୋଶତ୍ ରାଜାଙ୍କୁ କହିଲେ, “ହେଉ, ମୋର ପ୍ରଭୁ
ମହାରାଜା, ଆପଣ ନିରାପଦରେ ଗୃହକୁ ଫେରି ଆସିଛନ୍ତି,
ତାହାହିଁ ଯଥେଷ୍ଟ। ତେଣୁ ସୀବଃ ସବୁକିଛି ନେଇଯାଉ।”

## ଦାଉଦ ବର୍ସିଲ୍ଲୟଙ୍କୁ ନିଜ ସହିତ ଆସିବାକୁ କହିଲେ

31ଗିଲୟଦୀୟ ବର୍ସିଲ୍ଲୟ ରୋଗଲୀମରୁ ଆସିଲା। ସେ
ରାଜାଙ୍କୁ ଯର୍ଦ୍ଦନ ନଦୀ ପାର କରାଇ ସୁରକ୍ଷା ଦେବା ପାଇଁ
ତାଙ୍କ ସଙ୍ଗେ ପାର ହୋଇଗଲା। 32ବର୍ସିଲ୍ଲୟ ଜଣେ ଅତି
ବୃଦ୍ଧ ଲୋକ ଥିଲା। ତାଙ୍କୁ ଅଶୀ ବର୍ଷ ବୟସ ହୋଇଥିଲା।
ସେ ଅତି ବଡଲୋକ ଥିବାରୁ ରାଜା ମହନୟିମରେ ଥିବାବେଳେ
ତାହାଙ୍କୁ ଖାଦ୍ୟ ସାମଗ୍ରି ସମସ୍ତ ଯୋଗାଉ ଥିଲା। 33ଦାଉଦ
ବର୍ସିଲ୍ଲୟଙ୍କୁ କହିଲେ, “ତୁମ୍ଭେ ମୋ ସହିତ ନଦୀ ପାର ହୋଇ
ଆସ। ମୁଁ ତୁମ୍ଭକୁ ଯିରୁଶାଲମରେ ଆପଣା ସଙ୍ଗେ ପ୍ରତିପାଳନ
କରିବି।”
34କିନ୍ତୁ ବର୍ସିଲ୍ଲୟ ରାଜାଙ୍କୁ କହିଲେ, “ଆପଣ ଜାଣନ୍ତି
ମୋର କେତେ ବୟସ? ଆପଣ କ’ଣ ଭାବୁଛନ୍ତି ମୁଁ ଆପଣଙ୍କ
ସହିତ ଯିରୁଶାଲମକୁ ଯାଇପାରିବି? 35ମୁଁ ଅଶି ବର୍ଷର ଜଣେ
ବୃଦ୍ଧ। ମୁଁ ଭଲମନ୍ଦ ବାରିବା ପାଇଁ ବହୁତ ଦକ୍ଷ। ମୁଁ ଯାହା
ଭୋଜନ କି ପାନକରେ କ’ଣ ତହିଁର ସ୍ୱାଦ ଭଲ ଭାବରେ
ବାରିପାରେ? ମୁଁ ଗାୟକ କି ଗାୟିକାମାନଙ୍କର ସ୍ୱର
ବାରିପାରେ? ତେବେ କାହିଁକି ଆପଣଙ୍କ ଦାସ ମୋର ପ୍ରଭୁ
ମହାରାଜାଙ୍କ ପ୍ରତି ଭାର ସ୍ୱରୂପ ହେବ? 36ଆପଣଙ୍କ ଦାସ
କେବଳ ଯର୍ଦ୍ଦନ ପାର ହୋଇ ମହାରାଜାଙ୍କ ସଙ୍ଗେ ଯିବ, ମୁଁ
ଏତେଗୁଡିଏ ସାମଗ୍ରୀ ଦରକାର କରେ ନାହିଁ। ଯାହା ଆପଣ
ମୋତେ ପୁରସ୍କୃତ କରିବା ପାଇଁ ଇଚ୍ଛା କରନ୍ତି। 37ମୋତେ
ଦୟାକରି ଅନୁମତି ଦିଅନ୍ତୁ ମୁଁ ଯେମନ୍ତ ନିଜ ନଗରରେ
ମୋର ପିତା ଓ ମାତାଙ୍କ କବର ନିକଟରେ
ମରିବି। ଏଥିପାଇଁ ଆପଣଙ୍କ ଏହି ଦାସକୁ ଫେରିଯିବାକୁ
ଅନୁମତି ଦିଅନ୍ତୁ। ମାତ୍ର ଆପଣଙ୍କ ଦାସ କିମ୍ହମକୁ ଦେଖନ୍ତୁ,
ସେ ମୋହର ସଦାପ୍ରଭୁ ମହାରାଜାଙ୍କ ସଙ୍ଗେ ପାର ହୋଇ
ଯାଉ, ଆଉ ଆପଣଙ୍କ ଦୃଷ୍ଟିରେ ଯାହା ଭଲ ଦିଶେ, ତାହା
ତା’ପ୍ରତି କରନ୍ତୁ।”
38ତା’ପରେ ରାଜା ଉତ୍ତର ଦେଲେ, “କିମ୍ହମ୍ ମୋ
ସଙ୍ଗେ ପାରହୋଇ ଯିବ। ମୁଁ ତାକୁ ତୁମ୍ଭ ପାଇଁ ଦୟା
ଦେଖାଇବି। ମୁଁ ତୁମ୍ଭ ପାଇଁ ସବୁକିଛି କରିବି।”

## ଦାଉଦ ଗୃହକୁ ଫେରିଲେ

39ରାଜା ବର୍ସିଲ୍ଲୟଙ୍କୁ ଚୁମ୍ବନ ଦେଇ ବିଦାୟ ଦେଲେ ଓ
ଆଶୀର୍ବାଦ କଲେ। ବର୍ସିଲ୍ଲୟ ଗୃହକୁ ଫେରିଗଲା ଓ ରାଜା ଓ
ସମସ୍ତ ଲୋକ ଯର୍ଦ୍ଦନ ପାର ହେଲେ।
40ରାଜା ଯର୍ଦ୍ଦନ ପାର ହୋଇ ଗିଲ୍‌ଗଲକୁ ଗଲେ ଓ
କିମ୍ହମ୍ ତାଙ୍କ ସଙ୍ଗେ ପାର ହୋଇଗଲେ। ପୁଣି ଯିହୁଦାର
ସମସ୍ତ ଲୋକ ମଧ୍ୟ ଇଶ୍ରାୟେଲର ଅର୍ଦ୍ଧେକ ଲୋକ ରାଜାଙ୍କୁ
ଘେନି ଆସିଲେ।

## ଇଶ୍ରାୟେଲୀୟମାନେ ଯିହୁଦାର ଲୋକମାନଙ୍କ ସହିତ ଯୁକ୍ତି ତର୍କ କଲେ

41ଏଥିରେ ଦେଖ ସମୁଦାୟ ଇଶ୍ରାୟେଲ ଲୋକ ରାଜାଙ୍କ
ନିକଟକୁ ଆସି ରାଜାଙ୍କୁ କହିଲେ, “ଆମ୍ଭମାନଙ୍କ ଭ୍ରାତୃବର୍ଗ
ଯିହୁଦା ଲୋକେ କି ହେତୁ ଆପଣଙ୍କୁ ଚୋରି କରି ନେଲେ।
ଆଉ ମହାରାଜାଙ୍କୁ ଓ ତାଙ୍କ ପରିଜନ ବର୍ଗଙ୍କୁ ଓ ଦାଉଦଙ୍କ
ସଙ୍ଗେ ତାଙ୍କର ସମସ୍ତ ଲୋକଙ୍କୁ ଯର୍ଦ୍ଦନ ପାର କରି
ଆଣିଲେ? ସେତେବେଳେ ଦାଉଙ୍କର ସମସ୍ତ ଲୋକ ତାହାଙ୍କ
ସାଙ୍ଗରେ ଥିଲେ।”
42ତହୁଁ ଯିହୁଦାର ସମସ୍ତ ଲୋକ ଇଶ୍ରାୟେଲ ଲୋକମାନଙ୍କୁ
ଉତ୍ତର ଦେଲେ, “ରାଜା ଆମ୍ଭମାନଙ୍କ ବଂଶର ଅନ୍ତର୍ଭୁକ୍ତ
ଅଟନ୍ତି। ତେବେ ତୁମ୍ଭେମାନେ କାହିଁକି କ୍ରୋଧ କରୁଅଛ?
ଆମ୍ଭେମାନେ ରାଜାଙ୍କର ଖର୍ଚ୍ଚରେ କିଛି ଖାଇ ନାହୁଁ କିମ୍ବା ରାଜା
ଆମ୍ଭକୁ ଭେଟି ଦେଇ ନାହାଁନ୍ତି?”
43ଇଶ୍ରାୟେଲ ଲୋକମାନେ ଉତ୍ତର ଦେଇ କହିଲେ,
“ଦାଉଦଙ୍କଠାରେ ଆମ୍ଭମାନଙ୍କର ଦଶମାଂଶ ଅଧିକାର ଅଛି*।
ମଧ୍ୟ ଦାଉଦଙ୍କଠାରେ ତୁମ୍ଭମାନଙ୍କ ଅପେକ୍ଷା ଆମ୍ଭମାନଙ୍କ ଅଧିକାର
ଅଧିକ। ତେବେ ରାଜାଙ୍କୁ ଫେରାଇ ଆଣିବା ପାଇଁ ଆମ୍ଭମାନଙ୍କ
ପରାମର୍ଶ କାହିଁକି ନେଇନାହିଁ ଓ କାହିଁକି ଆମ୍ଭମାନଙ୍କୁ ହେୟଜ୍ଞାନ
କଲ?”
କିନ୍ତୁ ଯିହୁଦାର ସମସ୍ତ ଲୋକ ଇଶ୍ରାୟେଲ ଲୋକମାନଙ୍କୁ
ଟାଣ ବାକ୍ୟ କହିଲେ। ଇଶ୍ରାୟେଲର ଲୋକମାନଙ୍କ ବାକ୍ୟଠାରୁ
ଏମାନଙ୍କ ବାକ୍ୟ ଅଧିକ ଟାଣ ଥିଲା।

## ଶେବଃ ଇଶ୍ରାୟେଲକୁ ଦାଉଦଙ୍କଠାରୁ ଦୂରେଇ ନେଲେ

20 ସେ ସମୟରେ ବିନ୍ୟାମୀନୀୟ ବିଖ୍ରିର ପୁତ୍ର ଶେବଃ
ନାମରେ ଜଣେ ପାପାଧମ ଲୋକ ସେଠାରେ ଥିଲା,
ପୁଣି ସେ ତୂରୀ ବଜାଇ କହିଲା,
“ଦାଉଦଙ୍କଠାରେ ଆମ୍ଭମାନଙ୍କର କୌଣସି ଅଂଶ ନାହିଁ।
ଯିଶୀର ପୁତ୍ରଠାରେ ଆମ୍ଭମାନଙ୍କର ଅଧିକାର ନାହିଁ। ହେ
ଇଶ୍ରାୟେଲ, ପ୍ରତ୍ୟେକ ନିଜ ନିଜ ତମ୍ବୁକୁ ଯାଅ।”
2ତେଣୁ ଇଶ୍ରାୟେଲର ସମସ୍ତ ଲୋକ ଦାଉଦଙ୍କୁ ପରିତ୍ୟାଗ
କଲେ ଓ ବିଖ୍ରିର ପୁତ୍ର ଶେବଃର ଅନୁସରଣ କଲେ। ମାତ୍ର
ଯର୍ଦ୍ଦନଠାରୁ ଯିରୁଶାଲମ ପର୍ଯ୍ୟନ୍ତ ଯିହୁଦାର ଲୋକମାନେ ଆପଣା

---

**ଦାଉଦଙ୍କଠାରେ ... ଅଛି** ଯିହୁଦା ଏବଂ ବିନ୍ୟାମୀନ ଦୁଇଟି ପରିବାରିକ ଗୋଷ୍ଠୀ। ଯେପରି ଯିହୁଦାର ରାଜା ହେଲେ, ସେତେବେଳେ ରାଜ୍ୟ ଭାଗ ଭାଗ ହେଲା, ଆଉ ଅନ୍ୟ ଦଶ ପରିବାର ଗୋଷ୍ଠୀଗୁଡିକ ଇଶ୍ରାୟେଲ ରାଜ୍ୟରେ ରହିଲେ।

ରାଜାଙ୍କ ସହିତ ରହିଲେ। 3ଦାଉଦ ଯିରୁଶାଲମସ୍ଥ ଆପଣା
ଗୃହକୁ ଫେରି ଆସିଲେ। ପୁଣି ରାଜା ଆପଣାର ଦଶ
ଉପପତ୍ନୀଙ୍କୁ ଗୃହ ଜଗିବାକୁ ଛାଡ଼ି ଯାଇଥିଲେ। ବର୍ତ୍ତମାନ ସେ
ଅନ୍ୟ ଏକ ଗୃହରେ ପ୍ରହରୀମାନଙ୍କ ଦ୍ୱାରା ଜଗାଇଲେ। ସେ
ସେମାନଙ୍କୁ ଖାଦ୍ୟ ଯୋଗାଇଲେ, ମାତ୍ର ସେମାନଙ୍କ ସହ
ସହବାସ କଲେ ନାହିଁ। ଏଣୁ ସେମାନେ ମରଣ ଦିନ ପର୍ଯ୍ୟନ୍ତ
ରୁଦ୍ଧ ହୋଇ ବୈଧବ୍ୟ ଦଶାରେ ରହିଲେ।
4ତା'ପରେ ରାଜା ଅମାସାକୁ କହିଲେ, "ତିନିଦିନ ମଧ୍ୟରେ
ଯିହୁଦାର ଲୋକମାନଙ୍କୁ କୁହ ମୋତେ ସାକ୍ଷାତ କରିବା ପାଇଁ
ଏବଂ ତୁମ୍ଭେ ମଧ୍ୟ ସେଠାରେ ଉପସ୍ଥିତ ହୁଅ।"
5ତହିଁରେ ଅମାସା ଯିହୁଦାର ଲୋକମାନଙ୍କୁ ଡାକି ଏକତ୍ର
କରିବାକୁ ଗଲା, ମାତ୍ର ସେ ନିରୂପିତ ସମୟରୁ ଅଧିକ ବିଳମ୍ବ
କଲା।

## ଶେବଃକୁ ହତ୍ୟା କରିବାକୁ ଦାଉଦ ଅବୀଶୟକୁ କହିଲେ

6ତହିଁରେ ଦାଉଦ ଅବୀଶୟକୁ କହିଲେ, "ଏବେ ଅବଶାଲୋମ
ଅପେକ୍ଷା ବିଖ୍ରିର ପୁତ୍ର ଶେବଃ ଆମ୍ଭମାନଙ୍କର ଅଧିକ ଅନିଷ୍ଟ
କରିବ। ତୁମ୍ଭେ ମୋର ଅଧିକାରୀମାନଙ୍କୁ ନେଇ ତାଙ୍କ ପଛେ
ପଛେ ଯାଅ, ନୋହିଲେ ସେ ପ୍ରାଚୀର ବେଷ୍ଟିତ କୌଣସି
ନଗରକୁ ଯାଇ ଆମ୍ଭମାନଙ୍କ ଦୃଷ୍ଟିରୁ ପଳାଇବ।"
7ତେଣୁ ଯୋୟାବ ଯିରୁଶାଲମ ଛାଡ଼ି ବିଖ୍ରିର ପୁତ୍ର ଶେବଃର
ପଛେ ଗୋଡାଇଲା। ଯୋୟାବ ତାଙ୍କ ସହିତ ତାଙ୍କର ଲୋକ,
କରେଥୀୟ, ପଲେଥୀୟ ଓ ସମସ୍ତ ବୀରମାନେ ତାଙ୍କ ସହିତ
ବାହାରିଲେ।

## ଯୋୟାବ ଅମାସାକୁ ହତ୍ୟା କଲେ

8ସେମାନେ ଗିବୟୋନସ୍ଥ ବୃହତ ପ୍ରସ୍ତର ନିକଟରେ ଉପସ୍ଥିତ
ହେଲାବେଳେ ଅମାସା ସେମାନଙ୍କର ସମ୍ମୁଖକୁ ଆସିଲା। ବର୍ତ୍ତମାନ
ଯୋୟାବ ଆପଣା ପରିହିତ ଯୁଦ୍ଧବସ୍ତ୍ର ଭିଡ଼ି ପିନ୍ଧିଥିଲା। ତହିଁ
ଉପରେ ଏକ କଟିବନ୍ଧନ ଓ କୋଷବଦ୍ଧ ଖଡ୍ଗ ତାହାର କଟି
ଦେଶରେ ବନ୍ଧାଥିଲା। ପୁଣି ସେ ଯାଉ ଯାଉ ତାହା ପଡିଗଲା।
ତେଣୁ ଯୋୟାବ ଏହାକୁ ଉଠାଇଲା ଓ ଧରିଲା। 9ଯୋୟାବ
ଅମାସାକୁ ପଚାରିଲା, "କି ଭାଇ ତୁମ୍ଭର ମଙ୍ଗଳ?"
ତହୁଁ ଯୋୟାବ ଅମାସାକୁ ଚୁମ୍ବନ କରିବା ପାଇଁ ନିଜର
ଦକ୍ଷିଣ ହସ୍ତରେ ତାହାର ଦାଢ଼ି ଧରିଲା। 10ମାତ୍ର ଯୋୟାବର
ହସ୍ତସ୍ଥିତ ଖଡ୍ଗ ପ୍ରତି ଅମାସା କିଛି ଦୃଷ୍ଟି ଦେଲା ନାହିଁ। ଏବଂ
ଯୋୟାବ ସେହି ଖଡ୍ଗରେ ତା'ର ଉଦରକୁ ଆଘାତ କରି
ତାହାର ଅନ୍ତବୁଜୁଳା କାଢ଼ି ଭୂମିରେ ପକାଇ ଦେଲା। ସେ
ଦ୍ୱିତୀୟ ଥର ଆଘାତ କଲା ନାହିଁ। ସେଥିରେ ହିଁ ସେ ମରି
ଯାଇଥିଲା। ତା'ପରେ ଯୋୟାବ ଏବଂ ତାହାର ଭାଇ ଅବୀଶୟ
ବିଖ୍ରିର ପୁତ୍ର ଶେବଃ ପଛରେ ଗୋଡାଇବାକୁ ଆରମ୍ଭ କଲେ।

## ଦାଉଦଙ୍କର ଲୋକମାନେ ଶେବଃର ଅନୁସନ୍ଧାନରେ ଲାଗି ରହିଲେ

ଯୋୟାବ ଓ ତା'ର ଭ୍ରାତା ଅବୀଶୟ ବିଖ୍ରିର ପୁତ୍ର
ଶେବଃର ପଛେ ପଛେ ଗୋଡାଇଲେ। 11ଯୋୟାବର ଜଣେ
ଯୁବା ଲୋକ ଅମାସାଙ୍କ ଶରୀର ନିକଟରେ ଠିଆ ହୋଇ
କହିଲା, "ଯେଉଁମାନେ ଯୋୟାବକୁ ଭଲପାଆନ୍ତି ଓ ଯେଉଁମାନେ
ଦାଉଦଙ୍କ ପକ୍ଷ, ସେମାନେ ଯୋୟାବର ପଛେ ପଛେ ଯାଆନ୍ତୁ।"
12ସେ ସମୟରେ ଅମାସା ରାଜପଥ ମଧ୍ୟରେ ନିଜ
ରକ୍ତରେ ଲଟପଟ ହୋଇ ପଡିଥିଲା। ପୁଣି ସେହି ଯୁବକ
ସମସ୍ତ ଲୋକଙ୍କୁ ଠିଆ ହେବାର ଦେଖି ଅମାସାକୁ ରାଜପଥରୁ
କ୍ଷେତ୍ରକୁ ନେଇଗଲା। ତା'ପରେ ସେ ତାହା ଉପରେ ଏକ
ବସ୍ତ୍ର ଘୋଡାଇ ଦେଲା। ଯେତେ ଲୋକ ତା'ର ନିକଟ ଦେଇ
ଆସିଲେ, ପ୍ରତ୍ୟେକଙ୍କୁ ଠିଆ ହେବାର ଦେଖନ୍ତେ ସେ ତାହା
ଉପରେ ଖଣ୍ଡେ ବସ୍ତ୍ର ପକାଇଦେଲା। 13ଅମାସାକୁ ରାଜ ପଥରୁ
ନେଇ ଗଲାପରେ ସମସ୍ତ ଲୋକ ବିଖ୍ରିର ପୁତ୍ର ଶେବଃର
ପଛେ ଗୋଡାଇବା ପାଇଁ ଯୋୟାବର ଅନୁଗାମୀ ହେଲେ।

## ଶେବଃ ବୈଥମାଖାସ୍ଥିତ ଆବେଲକୁ ପଳାୟନ କଲେ

14ଶେବଃ ଇସ୍ରାୟେଲର ସମସ୍ତ ପରିବାରବର୍ଗ ମଧ୍ୟ ଦେଇ
ଆବେଲ, ବୈଥମାଖା ଗମନ କଲା। ସମସ୍ତ ବେରୀୟମାନେ
ଏକତ୍ରିତ ହେଲେ, ଓ ତା'ର ପଛେ ପଛେ ଗମନ କଲେ।
15ଯୋୟାବ ଏବଂ ତାଙ୍କର ଲୋକମାନେ ଆସିଲେ ଏବଂ
ବୈଥମାଖାସ୍ଥିତ ଆବେଲରେ ତାଙ୍କୁ ରୁଦ୍ଧ କଲେ ଓ ନଗର
ନିକଟରେ ଏକ ଢିପି ପ୍ରସ୍ତୁତ କଲେ। ତାହା ଗଡପାଚେରୀ
ପାଖରେ ନିର୍ମିତ ହେଲା, ତହିଁରେ ଯୋୟାବର ସମସ୍ତ
ସଙ୍ଗୀଲୋକ ପାଚେରୀ ଭୂମିସାତ୍ କରିବା ପାଇଁ ଭାଙ୍ଗିବାକୁ
ଲାଗିଲେ।
16ସେତେବେଳେ ନଗର ମଧ୍ୟରୁ ଏକ ବୁଦ୍ଧିମତି ସ୍ତ୍ରୀ ଡାକି
କହିଲା, "ଶୁଣ ଶୁଣ, ମୁଁ ବିନୟ କରୁଅଛି ଯୋୟାବକୁ ଏସ୍ଥାନ
ପର୍ଯ୍ୟନ୍ତ ଆସିବାକୁ କୁହ। ମୁଁ ତା' ସହିତ କଥାବାର୍ତ୍ତା
କରିବାକୁ ଚାହୁଁଛି।"
17ଯୋୟାବ ସ୍ତ୍ରୀ ଲୋକଟି ସହିତ କଥାବାର୍ତ୍ତା କରିବାକୁ
ଗଲା। ସେହି ସ୍ତ୍ରୀ ପଚାରିଲା, "ତୁମ୍ଭେ କ'ଣ ଯୋୟାବ?"
ଯୋୟାବ ଉତ୍ତର ଦେଲେ, "ହଁ, ମୁଁ ଯୋୟାବ ଅଟେ।"
ତେଣୁ ସେହି ସ୍ତ୍ରୀ ଲୋକଟି କହିଲା, "ମୋ କଥା ଟିକେ
ଶୁଣ।"
ଯୋୟାବ କହିଲେ, "ମୁଁ ଶୁଣୁଅଛି।"
18ତା'ପରେ ସ୍ତ୍ରୀ ଲୋକଟି କହିଲା, "ପୂର୍ବକାଳରେ
ଲୋକମାନେ କହୁଥିଲେ, 'ଲୋକେ ଆବେଲ୍‌ରେ ସାହାଯ୍ୟ
ମାଗିବା ଉଚିତ୍ ଏବଂ ସେମାନେ ଯାହା ଦରକାର କଲେ
ତାହା ପାଇପାରିବେ।' 19ମୁଁ ଇସ୍ରାୟେଲର ଶାନ୍ତ ଓ ବିଶ୍ୱସ୍ତ
ଲୋକମାନଙ୍କ ମଧ୍ୟରୁ ଜଣେ, ତୁମ୍ଭେ ଇସ୍ରାୟେଲର ଗୁରୁତ୍ୱପୂର୍ଣ୍ଣ
ନଗରକୁ ଧ୍ୱଂସ କରିବାକୁ ଖୋଜୁଛ। ଯାହା ସଦାପ୍ରଭୁଙ୍କର
ଅଟେ, ତୁମ୍ଭେ କାହିଁକି ଧ୍ୱଂସ କରିବାକୁ ଇଚ୍ଛା କରୁଛ?"
20ଯୋୟାବ ଉତ୍ତର ଦେଲେ, "ମୁଁ କୌଣସି ଜିନିଷ ଧ୍ୱଂସ
କରିବାର ଦରକାର ନାହିଁ। ମୁଁ ତୁମ୍ଭର ସହର ଧ୍ୱଂସ କରିବାର
ଦରକାର ନାହିଁ। 21କିନ୍ତୁ ଆପଣଙ୍କ ସହରରେ ଇଫ୍ରୟିମ
ପର୍ବତମୟ ଦେଶୀୟ ଲୋକ ଅଛି ଯାହାର ନାମ ଶେବଃ, ସେ
ବିଖ୍ରିର ପୁତ୍ର। ସେ ରାଜାଙ୍କର ବିରୁଦ୍ଧାଚରଣ କରୁଅଛି। ତାକୁ
ମୋତେ ଦିଅ ମୁଁ ଏଠାରୁ ପରିତ୍ୟାଗ କରିବ।"
ସେହି ସ୍ତ୍ରୀ ଯୋୟାବକୁ କହିଲା, "ଠିକ୍ ଅଛି ପ୍ରାଚୀର
ଦେଇ ତା'ର ମସ୍ତକ ଆପଣଙ୍କ ନିକଟକୁ ପକାଯିବ।"

22ତା'ପରେ ସେ ନଗରର ସମସ୍ତ ଲୋକମାନଙ୍କୁ ବିଜ୍ଞତାର
ସହିତ କହିଲା। ଲୋକମାନେ ବିଖ୍ରିର ପୁତ୍ର ଶେବଃର ମୁଣ୍ଡ
କାଟି ପ୍ରାଚୀର ଉପର ଦେଇ ଯୋୟାବ ନିକଟକୁ ଫୋପାଡି
ଦେଲେ।

ତେଣୁ ଯୋୟାବ ତୂରୀ ବଜାଇଲେ ଏବଂ ଲୋକମାନେ ଓ
ସୈନ୍ୟମାନେ ନିଜ ନିଜ ତମ୍ବୁକୁ ପଳାୟନ କଲେ, ଯୋୟାବ
ଯିରୁଶାଲମକୁ ରାଜାଙ୍କ ନିକଟକୁ ଆସିଲେ।

### ଦାଉଦଙ୍କର କର୍ମଚାରୀ ସଂପ୍ରଦାୟ

23ସେ ସମୟରେ ଯୋୟାବ ସମସ୍ତ ଇଶ୍ରାୟେଲର
ସୈନ୍ୟଦଳର ଦଳପତି ଥିଲେ। ଯିହୋୟାଦାର ପୁତ୍ର ବନାୟ
କରେଥୀୟ ଓ ପଲେଥୀୟମାନଙ୍କ ମୁଖ୍ୟ ଥିଲେ। 24ଅଦୋରାମ୍
ବେଠି କର୍ମ ଓ କର ଆଦାୟ କରିବାର ଦାୟିତ୍ୱରେ ଥିଲା
ଏବଂ ଅହୀଲୂଦର ପୁତ୍ର ଯିହୋଶାଫଟ ଯେ କି ଥିଲା ଜଣେ
ଇତିହାସ ଲେଖକ। 25ଶିବା ଥିଲା ଲେଖକ, ପୁଣି ସାଦୋକ୍
ଓ ଅବିୟାଥର ଯାଜକ ଥିଲେ। 26ଯାୟୀରୀୟ ଈରା ମଧ
ଦାଉଦଙ୍କର ବ୍ୟକ୍ତିଗତ ଯାଜକ ଥିଲା।

### ଶାଉଲଙ୍କର ପରିବାର ଦଣ୍ଡିତ ହେଲେ

21 ଦାଉଦଙ୍କ ରାଜତ୍ୱ ସମୟରେ କ୍ରମାଗତ ତିନିବର୍ଷ
ଧରି ଦୁର୍ଭିକ୍ଷ ହେଲା। ଏହି ସମୟରେ ରାଜା ଦାଉଦ
ସଦାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତେ ସଦାପ୍ରଭୁ ଉତ୍ତର ଦେଇ
କହିଲେ, "ଶାଉଲ ଓ ତା'ର ହତ୍ୟାକାରୀ ବଂଶ ଯୋଗୁ
ଏପରି ହେଉଛି। ଯେହେତୁ ସେ ଗିବୟୋନୀୟମାନଙ୍କୁ ହତ୍ୟା
କରିଥିଲା।" 2ଗିବୟୋନୀୟମାନେ ଇଶ୍ରାୟେଲୀୟ ନ ଥିଲେ।
ସେମାନେ ଇମୋରୀୟ ବଂଶଧର ଥିଲେ। ଇଶ୍ରାୟେଲୀୟମାନେ
ପ୍ରତିଜ୍ଞା କରିଥିଲେ ସେମାନେ ଗିବୟୋନୀୟମାନଙ୍କୁ ହତ୍ୟା
କରିବେ ନାହିଁ। କିନ୍ତୁ ଶାଉଲ ସେମାନଙ୍କୁ ହତ୍ୟା କରିବାକୁ
ଚେଷ୍ଟା କରିଥିଲେ। କାରଣ ତାଙ୍କର ଇଶ୍ରାୟେଲୀୟମାନଙ୍କ ପ୍ରତି
ଓ ଯିହୁଦାମାନଙ୍କ ପ୍ରତି ଉଦ୍ୟୋଗୀ ହୋଇ ସେମାନଙ୍କୁ ବଧ
କରିବାକୁ ଚେଷ୍ଟା କରିଥିଲେ।

ରାଜା ଗିବୟୋନୀୟମାନଙ୍କୁ ଡକାଇ କଥାବାର୍ତ୍ତା କଲେ।
3ଦାଉଦ ଗିବୟୋନୀୟମାନଙ୍କୁ କହିଲେ, "ମୁଁ ଇଶ୍ରାୟେଲର
ପାପ ଦୂର କରିବା ପାଇଁ କ'ଣ କରିପାରିବି, ଯାହା
ଫଳରେ ତୁମ୍ଭେ ଇଶ୍ରାୟେଲର ଲୋକମାନଙ୍କୁ ଆଶୀର୍ବାଦ କରି
ପାରିବ?"

4ତହିଁରେ ଗିବୟୋନୀୟମାନେ ରାଜାଙ୍କୁ କହିଲେ, "ଆମ୍ଭମାନଙ୍କୁ
କ୍ଷତି ପୂରଣ ଦେବା ପାଇଁ କିମ୍ବା ତାଙ୍କ ବଂଶରେ ଯଥେଷ୍ଟ
ସୁନା କି ରୂପା ନାହିଁ। କିନ୍ତୁ ଇଶ୍ରାୟେଲରେ କାହାକୁ ହତ୍ୟା
କରିବାର ଅଧିକାର ଆମ୍ଭମାନଙ୍କର ନାହିଁ।"

ତା'ପରେ ସେ କହିଲେ, "ତୁମ୍ଭେମାନେ ଯାହା ଚାହିଁବ ମୁଁ
ତୁମ୍ଭମାନଙ୍କ ପାଇଁ ତାହା କରିବି।"

5ତହିଁରେ ସେମାନେ ରାଜାଙ୍କୁ କହିଲେ, "ଯେଉଁ ଲୋକ
ଆମ୍ଭମାନଙ୍କୁ ସଂହାର କରିଅଛି, ଆମ୍ଭମାନଙ୍କ ବିରୁଦ୍ଧରେ ଯୋଜନା
କରିଅଛି ଯେ, ଆମ୍ଭେ ଯେପରି ନରହୁ ଓ ସେଠାରୁ ବିତାଡିତ
ହେଉ। 6ତାହାର ସନ୍ତାନମାନଙ୍କ ମଧ୍ୟରୁ ସାତଜଣ ପୁରୁଷ
ଆମ୍ଭମାନଙ୍କ ହସ୍ତରେ ସମର୍ପିତ ହୁଅନ୍ତୁ। ତହିଁରେ ଆମ୍ଭେମାନେ
ସଦାପ୍ରଭୁଙ୍କ ମନୋନୀତ ଶାଉଲର ଗିବୟୋନରେ ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ସେମାନଙ୍କୁ ଟାଙ୍ଗୀଇ ଦେବା।"

ଏଥିରେ ରାଜା କହିଲେ, "ମୁଁ ସେମାନଙ୍କୁ ସମର୍ପି ଦେବି।"
7ମାତ୍ର ଶାଉଲଙ୍କର ପୌତ୍ର, ଯୋନାଥନର ପୁତ୍ର ମଫୀବୋଶତକୁ
ରାଜା ରକ୍ଷା କଲେ। ଯେହେତୁ ସେମାନଙ୍କ ମଧ୍ୟରେ ଅର୍ଥାତ୍
ଦାଉଦ ଓ ଶାଉଲଙ୍କର ପୁତ୍ର ଯୋନାଥନ ମଧ୍ୟରେ ସଦାପ୍ରଭୁଙ୍କ
ଶପଥ ଥିଲା। 8କିନ୍ତୁ ସେ ସେମାନଙ୍କୁ ଶାଉଲର ଦୁଇ ପୁତ୍ର
ଅର୍ମୋଣି ଓ ମଫୀବୋଶତ୍‌କୁ ଦେଲେ, ଯାହାର ମାତା ଅୟାର
କନ୍ୟା ରିସ୍‌ପା ଥିଲେ। ସେ ମଧ ସେମାନଙ୍କୁ ମେରାବଙ୍କର
ପାଞ୍ଚପୁତ୍ର ଦେଲେ। ମେରାବ ଦାଉଦଙ୍କର କନ୍ୟା ଯିଏକି
ମହୋଲାର ବର୍ସିଲ୍ଲୟର ପୁତ୍ର ଅଦ୍ରୀୟେଲକୁ ବିବାହ କରିଥିଲେ।
9ସେମାନଙ୍କୁ ରାଜା ଗିବୟୋନୀୟମାନଙ୍କ ହସ୍ତରେ ସମର୍ପଣ
କଲେ। ତହୁଁ ସେମାନେ ପର୍ବତରେ ସଦାପ୍ରଭୁଙ୍କ ସମ୍ମୁଖରେ
ସେମାନଙ୍କୁ ଟାଙ୍ଗି ଦେଲେ, ପୁଣି ସେ ସାତଜଣ ଯାକ
ଏକାବେଳେ ମରି ପଡିଲେ। ସେମାନେ ପ୍ରଥମ ଶସ୍ୟଚ୍ଛେଦନ
ସମୟରେ ଅର୍ଥାତ୍ ଯବ ଛେଦନର ଆରମ୍ଭ ସମୟରେ ହତ
ହେଲେ।

### ଦାଉଦ ଏବଂ ରିସ୍‌ପା

10ବର୍ତ୍ତମାନ ଅୟାର କନ୍ୟା ରିସ୍‌ପା ଅଖା ନେଇ ଶସ୍ୟ
ଅମଳ ଋତୁର ଆରମ୍ଭରୁ ବର୍ଷା ହେବା ପର୍ଯ୍ୟନ୍ତ ସେହି ଶୈଳ
ଉପରେ ଆପଣା ପାଇଁ ତାହା ପ୍ରସାରିଲା। ସେ ଦିନରାତି
ସେହି ଶରୀରଗୁଡ଼ିକୁ ଜଗିବାକୁ ସେଠାରେ ରହିଲା। ଆଉ ସେ
ଦିନବେଳେ ଆକାଶ ପକ୍ଷୀଗଣକୁ ସେମାନଙ୍କ ଉପରେ ବସିବାକୁ
କିଅବା ରାତ୍ରିବେଳେ ବନପଶୁଗଣକୁ ଆସିବାକୁ ଦେଲା ନାହିଁ।

11ଏଥିରେ ଶାଉଲଙ୍କର ଉପପତ୍ନୀ ଅୟାର କନ୍ୟା ରିସ୍‌ପାର
ଏହି କର୍ମ ଦାଉଦଙ୍କୁ ଜ୍ଞାତ କରାଗଲା। 12ସେତେବେଳେ
ଦାଉଦ ଯାଇ ଯାବେଶ୍-ଗିଲୟଦ ନିବାସୀମାନଙ୍କ ନିକଟରୁ
ଶାଉଲଙ୍କର ଅସ୍ଥି ଓ ତାଙ୍କର ପୁତ୍ର ଯୋନାଥନର ଅସ୍ଥି
ନେଲେ। କାରଣ ଗିଲ୍‌ବୋୟରେ ପଲେଷ୍ଟୀୟମାନେ ଶାଉଲଙ୍କୁ
ବଧ କରିବା ଦିନ ସେମାନଙ୍କ ଶବ ପଲେଷ୍ଟୀୟମାନଙ୍କ ଦ୍ୱାରା
ବୈଥ୍‌ଶାନ ଛକରେ ଟାଙ୍ଗାଗଲା ଉତ୍ତାରେ ଯାବେଶ୍-
ଗିଲୟଦୀୟମାନେ ସେହି ସ୍ଥାନରୁ ତାହା ଚୋରି କରି ନେଇଥିଲେ।
13ଏ ନିମନ୍ତେ ସେ ସେଠାରୁ ଶାଉଲଙ୍କର ଅସ୍ଥି ଓ
ତାଙ୍କର ପୁତ୍ର ଯୋନାଥନର ଅସ୍ଥି ଆଣିଲା, ପୁଣି ଲୋକମାନେ
ଟାଙ୍ଗାଯିବା ଲୋକମାନଙ୍କ ଅସ୍ଥି ସଂଗ୍ରହ କଲେ। 14ଏହାପରେ
ସେମାନେ ଶାଉଲଙ୍କର ଓ ତାଙ୍କର ପୁତ୍ର ଯୋନାଥନର ଅସ୍ଥି
ବିନ୍ୟାମୀନ ଦେଶସ୍ଥ ସେଲାରେ ତାହାର ପିତା କୀଶର କବର
ମଧ୍ୟରେ ପୋତିଲେ। ରାଜା ଯାହା ଆଜ୍ଞା କଲେ, ଲୋକମାନେ
ତାହାସବୁ କଲେ। ତହିଁପରେ ପରମେଶ୍ୱର ପ୍ରାର୍ଥନା ଶୁଣି
ଦେଶପ୍ରତି ପ୍ରସନ୍ନ ହେଲେ।

### ପଲେଷ୍ଟୀୟମାନଙ୍କ ସହିତ ଯୁଦ୍ଧ

15ଏହାପରେ ପଲେଷ୍ଟୀୟମାନଙ୍କର ଇଶ୍ରାୟେଲ ସହିତ
ପୁନର୍ବାର ଯୁଦ୍ଧ ହେଲା। ଦାଉଦ ଓ ତାଙ୍କ ସହିତ ତାଙ୍କର
ଲୋକମାନେ ଯାଇ ପଲେଷ୍ଟୀୟମାନଙ୍କ ସହିତ ଯୁଦ୍ଧ କଲେ,
କିନ୍ତୁ ଦାଉଦ ଦୁର୍ବଳ ଓ କ୍ଲାନ୍ତ ହେଲେ। 16ସେ ସମୟ

ଇଶ୍‌ବୀବନୋବ୍ ନାମରେ ତିନଶ ଶେକଲ ପରମିତ ପିତ୍ତଳମୟ
ବର୍ଚ୍ଛାଧାରୀ ଦୀର୍ଘକାୟ ବଂଶ ଜାତ ଜଣେ ନୂତନ ଖଡ୍ଗରେ
ସସଜ୍ଜ ହୋଇ ଦାଉଦଙ୍କୁ ହତ୍ୟା କରିବାକୁ ଚେଷ୍ଟା କଲା।
17ସରୁୟାର ପୁତ୍ର ଅବୀଶୟ ଦାଉଦଙ୍କର ସାହାଯ୍ୟ କଲା ଓ
ସେହି ପଲେଷ୍ଟୀୟକୁ ଆଘାତ କରି ବଧ କଲା।

ସେତେବେଳେ ଦାଉଦଙ୍କର ଲୋକମାନେ ତାହାଙ୍କ ନିକଟରେ ଶପଥ କରି କହିଲେ, "ତୁମ୍ଭେ ଆମ୍ଭମାନଙ୍କ ସଙ୍ଗରେ ଆଉ ଯୁଦ୍ଧକୁ ଯିବ ନାହିଁ, ଇସ୍ରାୟେଲ ଏକ ମହାନ ନେତାଙ୍କୁ ହରାଇବ।"

18ଏହାପରେ ପୁଣିଥରେ ଗୋବରେ ପଲେଷ୍ଟୀୟମାନଙ୍କ ସହିତ ଯୁଦ୍ଧ ହେଲା, ତହିଁରେ ହୂଶାତୀୟ ସବଖୟ ଦୀର୍ଘ୍ୟକାୟ ବଂଶଜାତ ସଫଙ୍କୁ ବଧ କଲା।

19ଏହାପରେ ପୁନର୍ବାର ପଲେଷ୍ଟୀୟମାନଙ୍କ ସହିତ ଗୋବରେ ଯୁଦ୍ଧ ହେଲା। ସେଥିରେ ବୈଥ୍‌ଲେହମୀୟ ଯାରେ-ଓରଗୀମର ପୁତ୍ର ଇଲ୍‌ହାନନ୍ ତନ୍ତ ନରାଜ ତୁଲ୍ୟ ବର୍ଚ୍ଛାଧାରୀ ଗାଥୀୟ ଗଲୀୟାତକୁ ବଧ କଲା।

20ଏହାପରେ ପୁଣି ଥରେ ଗାଥରେ ଯୁଦ୍ଧ ହେଲା,
ସେଠାରେ ଅତି ଦୀର୍ଘକାୟ ପୁଣି ପ୍ରତି ହସ୍ତ ଓ ପାଦରେ ଛଅ
ଛଅ ଅଙ୍ଗୁଳ, ସର୍ବସୁଦ୍ଧା ଚବିଶ ଅଙ୍ଗୁଳ ବିଶିଷ୍ଟ ଏକ ଜଣ
ଥିଲା। ସେ ମଧ୍ୟ ଦୀର୍ଘକାୟ ବଂଶଜାତ। 21ପୁଣି ସେ
ଇସ୍ରାୟେଲକୁ ତୁଚ୍ଛ କରନ୍ତେ ଦାଉଦଙ୍କର ଭ୍ରାତା ଶିମିୟିର ପୁତ୍ର
ଯୋନାଥନ ତାହାକୁ ବଧ କଲା।

22ଏହି ଚାରିଜଣ ଗାଥରେ ଦୀର୍ଘ୍ୟକାୟ ବଂଶରେ ଜନ୍ମି ଥିଲେ, ଏବଂ ସେମାନେ ଦାଉଦଙ୍କ ହସ୍ତରେ ଓ ତାଙ୍କର ଲୋକମାନଙ୍କ ହସ୍ତରେ ହତ ହେଲେ।

## ସଦାପ୍ରଭୁଙ୍କ ନିକଟରେ ଦାଉଦଙ୍କର ପ୍ରଶଂସାର ଗୀତ

22 ଯେଉଁ ସମୟରେ ସଦାପ୍ରଭୁ ଯାବତୀୟ ଶତ୍ରୁ ହସ୍ତରୁ ଓ ଶାଉଲଙ୍କର ହସ୍ତରୁ ଦାଉଦଙ୍କୁ ଉଦ୍ଧାର କଲେ। ସେ ସମୟରେ ସେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ଗୀତ ନିବେଦନ କଲେ।

2ସଦାପ୍ରଭୁ ମୋର ଶୈଳ ଏବଂ ମୋର ଦୁର୍ଗ, ମୋର ନିରାପଦସ୍ଥାନ।

3ସେ ମୋର ପରମେଶ୍ୱର, ଶୈଳସ୍ୱରୂପ, ମୁଁ ତାଙ୍କ ପାଖକୁ ଆଶ୍ରୟ ପାଇଁ ଦୌଡ଼ିବି, ପରମେଶ୍ୱର ମୋର ଢାଲ, ତାଙ୍କର ଶକ୍ତି ମୋତେ ରକ୍ଷା କରିବ। ସଦାପ୍ରଭୁ ହେଉଛନ୍ତି ମୋର ଆଶ୍ରୟ ସ୍ଥାନ, ମୋର ନିରାପଦ ସ୍ଥାନ, ଉଚ୍ଚ ଦୁର୍ଗ, ସେ ମୋତେ ଦୁଷ୍ଟମାନଙ୍କର ଦୌରାତ୍ମ୍ୟରୁ ରକ୍ଷା କରନ୍ତି।

4ସେମାନେ ମୋତେ ପରିହାସ କଲେ, କିନ୍ତୁ ଯେତେବେଳେ ମୁଁ ସଦାପ୍ରଭୁଙ୍କୁ ଡାକିଲି, ସେ ମୋତେ ମୋର ଶତ୍ରୁମାନଙ୍କଠାରୁ ରକ୍ଷା କଲେ।

5ମୋର ଶତ୍ରୁମାନେ ସର୍ବଦା ମୋତେ ମାରିବାକୁ ଚେଷ୍ଟା କରିଛନ୍ତି। ମୃତ୍ୟୁର ଲହରୀ ମୋତେ ବେଷ୍ଟନ କଲା, ବନ୍ୟାଜଳ ମୋତେ ମୃତ୍ୟୁର ଗହ୍ୱରକୁ ନେଇଗଲା।

6କବରର ରଶି ମୋର ଚାରିପଟେ ଥିଲା। ମୃତ୍ୟୁର ଫାନ୍ଦ ମୋହର ସମ୍ମୁଖରେ ପଡିଥିଲା।

7ମୁଁ ଫାନ୍ଦରେ ପଡି ସହାୟତା ପାଇଁ ମୁଁ ସଦାପ୍ରଭୁଙ୍କୁ ଡାକିବାକୁ ଲାଗିଲି। ହିଁ ମୁଁ ମୋର ପରମେଶ୍ୱରଙ୍କୁ ଡାକିଲି, ସେ ଆପଣା ମନ୍ଦିରରେ ଥାଇ ମୋର ଡାକ ଶୁଣିଲେ। ସେ ମୋର ଆର୍ତ୍ତନାଦ ଶୁଣିବାକୁ ଲାଗିଲେ।

8ସେତେବେଳେ ପୃଥିବୀ ଟଳମଳ ଓ କମ୍ପିତ ହେଲା, ସ୍ୱର୍ଗ ରାଜ୍ୟର ମୂଳଦୂଆ ଟଳମଳ ଓ କମ୍ପିତ ହେଲା, କାରଣ ସଦାପ୍ରଭୁ କ୍ରୋଧିତ ଥିଲେ।

9ପରମେଶ୍ୱରଙ୍କର ନାକରୁ ଧୂଆଁ ନିର୍ଗତ ହେଲା, ଜ୍ୱଳନ୍ତ ଅଗ୍ନିଶିଖା ତାଙ୍କର ମୁଖରୁ ବାହାରିଲା। ଜଳନ୍ତ ଅଙ୍ଗାର ସବୁ ତାଙ୍କଠାରୁ ନିର୍ଗତ ହେବାକୁ ଲାଗିଲା।

10ସଦାପ୍ରଭୁ ଆକାଶର ବକ୍ଷ ଚିରି ତଳକୁ ଓହ୍ଲାଇ ଆସିଲେ। ସେ ଘନ ଅନ୍ଧକାର ତାଙ୍କ ପାଦତଳେ ଥିଲା।

11ସେ ଉଡୁଥିଲେ, ସେ କିରୁବଦୂତଗଣ ଉପରେ ଆରୋହଣ କରି ଉଡ୍ଡିୟମାନ ହେଲେ। ସେ ବାୟୁର ପକ୍ଷ ଉପରେ ଦେଖାଗଲେ।

12ସଦାପ୍ରଭୁ କଳା, ଘନ ବାଦଲ ଖଣ୍ଡ ଭିତରେ ଲୁଚି ଗଲେ, ସତେ ଯେମିତି ଏକ ତମ୍ବୁ ଭିତରେ ଲୁଚି ରହିଲେ। ସେ ଘନ ବିଜୁଳି ଯୁକ୍ତ ମେଘ ଭିତରେ ଲୁଚି ଗଲେ।

13ତାଙ୍କର ଚତୁର୍ଦ୍ଦିଗର ଉଜ୍ଜ୍ୱଳ ଆଲୋକଗୁଡିକ ଜଳନ୍ତ ଅଗ୍ନିକଣା ସଦୃଶ।

14ସଦାପ୍ରଭୁ ଆକାଶ ମଧ୍ୟରୁ ଗର୍ଜ୍ଜନ କଲେ। ସର୍ବୋପରିସ୍ଥ ସେ ଆପଣା ଶବ୍ଦରେ ଚତୁର୍ଦ୍ଦିଗ ପ୍ରକମ୍ପିତ କଲେ।

15ସଦାପ୍ରଭୁ ଆପଣା ବାଣ ପ୍ରୟୋଗ କଲେ। ସେ ଶତ୍ରୁମାନଙ୍କୁ ଛିନ୍ନଛତ୍ର କଲେ। ସଦାପ୍ରଭୁ ବିଜୁଳି ଦ୍ୱାରା ସେମାନଙ୍କୁ ଉଦ୍‌ବିଗ୍ନ କଲେ।

16ସଦାପ୍ରଭୁଙ୍କ ଗର୍ଜ୍ଜନରେ ତାଙ୍କ ନାସିକାର ପ୍ରଶ୍ୱାସ ବାୟୁରେ ସମୁଦ୍ରର ଗର୍ତ୍ତ ପ୍ରକାଶ ପାଇଲା, ଭୂମଣ୍ଡଳର ମୂଳ ସକଳ ଅନାବୃତ୍ତ ହେଲା।

17ସଦାପ୍ରଭୁ ଉର୍ଦ୍ଧ୍ୱରୁ ମୋତେ ହସ୍ତ ବଢାଇ ଉଦ୍ଧାର କଲେ। ସଦାପ୍ରଭୁ ସେହି ଗଭୀର ଜଳରୁ ହାତ ବଢାଇ ମୋତେ ଟେକି ଆଣିଲେ।

18ମୋର ଶତ୍ରୁମାନେ ମୋଠାରୁ ଶକ୍ତିଶାଳୀ ଥିଲେ। ସେମାନେ ମୋତେ ଘୃଣା କରୁଥିଲେ। ମୋର ଶତ୍ରୁମାନେ ମୋ ପ୍ରତି ଅଧିକ ଶକ୍ତିଶାଳୀ ଥିଲେ। ତେଣୁ ପରମେଶ୍ୱର ମୋତେ ରକ୍ଷା କଲେ।

19ମୁଁ ଯେତେବେଳେ ବିପଦରେ ପଡିଥିଲି ମୋର ଶତ୍ରୁମାନେ ମୋତେ ଆକ୍ରମଣ କରୁଥିଲେ, କିନ୍ତୁ ସଦାପ୍ରଭୁ ମୋତେ ରକ୍ଷା କରିବାକୁ ସେଠାରେ ଉପସ୍ଥିତ ଥିଲେ।

20ସଦାପ୍ରଭୁ ମୋତେ ଭଲ ପାଆନ୍ତି, ତେଣୁ ସେ ମୋତେ ରକ୍ଷା କଲେ, ସେ ମୋତେ ନିରାପଦ ସ୍ଥାନକୁ ନେଇଗଲେ।

21ସଦାପ୍ରଭୁ ମୋତେ ପୁରସ୍କୃତ କରିବେ, କାରଣ ଯାହା ଠିକ୍ ମୁଁ ତାହା ହିଁ କଲି, ମୁଁ କିଛି ଭୁଲ କରି ନଥିଲି, ତେଣୁ ସେ ମୋ ପାଇଁ ନିଶ୍ଚୟ ମଙ୍ଗଳ କରିବେ।

22କାରଣ ମୁଁ ସଦାପ୍ରଭୁଙ୍କ ଆଦେଶ ପାଳନ କରେ। ମୁଁ ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କରି ନଥିଲି।

23ମୁଁ ସବୁବେଳେ ସଦାପ୍ରଭୁଙ୍କ ନିଷ୍ପତ୍ତିକୁ ମାନ ଅସିଛି। ମୁଁ ତାଙ୍କ ବ୍ୟବସ୍ଥାଗୁଡିକୁ ପାଳନ କରେ।

24ମୁଁ ତାଙ୍କ ସମ୍ମୁଖରେ ନିଜକୁ ଶୁଦ୍ଧ ଓ ନିର୍ମଳ ରଖେ।

25ତେଣୁ ମୋର ସଦାପ୍ରଭୁ ମୋତେ ପୁରସ୍କୃତ କଲେ, କାରଣ ମୁଁ ତାଙ୍କ ଦୃଷ୍ଟିରେ ସରଳ ତଥା ନିରପରାଧ ଅଟେ। ମୁଁ କିଛି ଭୁଲ୍ କରି ନାହିଁ। ତେଣୁ ସେ ମୋ ପାଇଁ ନିଶ୍ଚୟ ମଙ୍ଗଳ କରିବେ।

26ହେ ସଦାପ୍ରଭୁ, ଯଦି କେହି ପ୍ରକୃତରେ ତୁମ୍ଭଙ୍କୁ ଭଲପାଏ, ତା'ପରେ ତୁମ୍ଭେ ନିଶ୍ଚୟ ତାକୁ ଭଲ ପାଇବ। ଯଦି ଜଣେ ବ୍ୟକ୍ତି ତୁମ୍ଭ ପ୍ରତି ନିର୍ମଳ ଅନୁରକ୍ତ ପ୍ରକାଶ କରେ, ତୁମ୍ଭେ ମଧ୍ୟ ତାକୁ ସେହିପରି ପ୍ରତିଦାନ ଦିଅ।

27ହେ ସଦାପ୍ରଭୁ, ତୁମ୍ଭେ ମହାନ୍ ଓ ଯେଉଁମାନେ ଉତ୍ତମ ତଥା ନିର୍ମଳ ହୃଦୟର ତୁମ୍ଭେ ସେହିମାନଙ୍କ ପାଇଁ ପବିତ୍ର ଅଟ। କିନ୍ତୁ ତୁମ୍ଭେ ଦୁଷ୍ଟ ଲୋକମାନଙ୍କ ଅପେକ୍ଷା ଅଧିକ ଚତୁର ଅଟ।

28ହେ ସଦାପ୍ରଭୁ, ତୁମ୍ଭେ ଦୁଃଖୀ ଲୋକମାନଙ୍କୁ ସାହାଯ୍ୟ କର କିନ୍ତୁ ଗର୍ବୀ ଓ ଅହଂକାରୀର ଦର୍ପକୁ ଚୂର୍ଣ୍ଣ କର।

29ହେ ସଦାପ୍ରଭୁ, ତୁମ୍ଭେ ମୋର ପ୍ରଦୀପ। ମୋର ଅନ୍ଧକାରକୁ ଆଲୋକମୟ କରିବ।

30ହେ ସଦାପ୍ରଭୁ, ତୁମ୍ଭର ସାହାଯ୍ୟରେ ମୁଁ ସୈନ୍ୟମାନଙ୍କ ସହିତ ଲଢିପାରେ। ପରମେଶ୍ୱରଙ୍କ ସାହାଯ୍ୟରେ ମୁଁ ଶତ୍ରୁର ପ୍ରାଚୀରକୁ ଚଢିଯାଇପାରେ।

31ପରମେଶ୍ୱରଙ୍କ ଶକ୍ତି ଅତୁଳନୀୟ। ସଦାପ୍ରଭୁଙ୍କ ବାକ୍ୟ ସୁପରୀକ୍ଷିତ, ସେ ତାଙ୍କର ଆଶ୍ରିତମାନଙ୍କୁ ରକ୍ଷା କରନ୍ତି।

32ସଦାପ୍ରଭୁଙ୍କ ବ୍ୟତୀତ ଅନ୍ୟ ପରମେଶ୍ୱର ନାହାଁନ୍ତି? ଆମ୍ଭମାନଙ୍କ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ ଶୈଳ ନାହିଁ?

33ପରମେଶ୍ୱର ମୋର ଦୃଢ ଦୁର୍ଗ। ସେ ପବିତ୍ର ଲୋକମାନଙ୍କୁ ଠିକ୍ ଭାବରେ ଜୀବନ ଧାରଣ କରିବାରେ ସାହାଯ୍ୟ କରନ୍ତି।

34ପରମେଶ୍ୱର ମୋତେ ହରିଣୀଠାରୁ ଅଧିକ ବେଗରେ ଦୌଡିବାକୁ ସାହାଯ୍ୟ କରନ୍ତି। ସେ ମୋତେ ସ୍ଥଳରେ ସୁଦୃଢ କରନ୍ତି।

35ସେ ମୋତେ ଯୁଦ୍ଧ କରିବା ପାଇଁ ଶିକ୍ଷା ଦିଅନ୍ତି। ସେଥିପାଇଁ ମୋର ବାହୁଗୁଡିକ ଏକ ଶକ୍ତ ଧନୁକୁ ବଙ୍କେଇବା ପାଇଁ ଯଥେଷ୍ଟ ବଳିଷ୍ଠ।

36ହେ ପରମେଶ୍ୱର, ମୋତେ ତୁମ୍ଭେ ରକ୍ଷା କଲ ଏବଂ ଜିତିବାରେ ସାହାଯ୍ୟ କଲ। ତୁମ୍ଭେ ମୋତେ ତୁମ୍ଭର ଦକ୍ଷିଣ ବାହୁଦ୍ୱାରା ସାହାଯ୍ୟ କଲ।

37ମୋର ଗୋଡ ଓ ଗଣ୍ଠିକୁ ଦୃଢ କର, ତେଣୁ ମୁଁ ଦୁର୍ବଳ ହେବି ନାହିଁ ଏବଂ ପଡିବି ନାହିଁ।

38ମୁଁ ମୋର ଶତ୍ରୁମାନଙ୍କୁ ବିନାଶ କରିବା ପାଇଁ ସେମାନଙ୍କୁ ଗୋଡାଇବି, ସେମାନଙ୍କୁ ଧ୍ୱଂସ ନ କରିବା ଯାଏ। ସେମାନେ ବିନାଶ ନହେବା ପର୍ଯ୍ୟନ୍ତ ମୁଁ ଫେରିବି ନାହିଁ।

39ମୁଁ ମୋର ଶତ୍ରୁମାନଙ୍କୁ ବିନାଶ କରିଅଛି, ମୁଁ ସେମାନଙ୍କୁ ପରାସ୍ତ କରିଅଛି। ସେମାନେ ପୁନରାୟ ଉଠିପାରି ନାହାଁନ୍ତି। ହିଁ, ସେମାନେ ମୋର ପାଦତଳେ ପଡି ଅଛନ୍ତି।

40ହେ ପରମେଶ୍ୱର, ତୁମ୍ଭେ ମୋତେ ଯୁଦ୍ଧ କ୍ଷେତ୍ରରେ ବଳଶାଳୀ କରିଛ। ତୁମ୍ଭେ ମୋର ଶତ୍ରୁମାନଙ୍କୁ ମୋ ନିକଟରେ ପକାଇ ଦେଇଛ।

41ତୁମ୍ଭେ ମୋତେ ସୁଯୋଗ ଦେଇଛ ମୋର ଶତ୍ରୁର ବେକକୁ ଧରିବା ପାଇଁ ଓ ମୁଁ ମୋର ଶତ୍ରୁକୁ ଧ୍ୱଂସ କରିଅଛି।

42ସେମାନେ ସାହାଯ୍ୟ ପାଇଁ ଚିତ୍କାର କଲେ, କିନ୍ତୁ କେହି ସେମାନଙ୍କୁ ରକ୍ଷା କରିବାକୁ ଆଗେଇ ଆସି ନଥିଲେ। ସେମାନେ ସଦାପ୍ରଭୁଙ୍କୁ ମଧ୍ୟ ଡାକିଲେ, କିନ୍ତୁ ସେ ତାଙ୍କୁ ଉତ୍ତର ଦେଲେ ନାହିଁ।

43ମୁଁ ପୃଥିବୀର ଧୂଳି ପରି ସେମାନଙ୍କୁ ଦଳିଲି, ମୁଁ ସଡକରେ କାଦୁଅ ପରି ସେମାନଙ୍କୁ ଦଳିଲି। ସେମାନଙ୍କୁ ଛଡାଇ ଦେଲି,

44ଯେଉଁମାନେ ମୋ ବିରୁଦ୍ଧରେ ଲାଗିଛନ୍ତି, ସେମାନଙ୍କଠାରୁ ମୋତେ ରକ୍ଷା କର। ମୋତେ ସେହିସବୁ ରାଜ୍ୟର ନେତା କର। ଯେଉଁ ଲୋକମାନଙ୍କୁ ମୁଁ ଜାଣି ନାହିଁ, ସେମାନେ ମୋର ସେବା କରିବେ।

45ବିଦେଶୀମାନେ ମୋତେ ମାନିବେ। ସେମାନେ ଯେତେବେଳେ ମୋର ଆଜ୍ଞା ଶୁଣିବେ, ସେମାନେ ମୋର ଆଜ୍ଞାବହ ହେବେ।

46ସେମାନେ ଭୟରେ ଦୁର୍ବଳ ହୋଇଯିବେ। ସେମାନେ ଲୁଚିଥିବା ଗୁପ୍ତ ସ୍ଥାନମାନଙ୍କରୁ ଭୟରେ ଥରହର ହୋଇ ବାହାରି ଆସିବେ।

47ସଦାପ୍ରଭୁ ଜୀବିତ, ମୁଁ ମୋର ଶୈଳକୁ ପ୍ରଶଂସା କରେ। ପରମେଶ୍ୱର ମହାନ। ସେ ହିଁ ସେଇ ଶୈଳ ଯିଏ ମୋତେ ରକ୍ଷା କରନ୍ତି।

48ସେହି ପରମେଶ୍ୱର ମୋ ତରଫରୁ ପରିଶୋଧ ନିଅନ୍ତି। ସେ ଦେଶଗୁଡିକୁ ମୋର ଶାସନାଧିନ କରନ୍ତି।

49ପରମେଶ୍ୱର ମୋ ଶତ୍ରୁଗଣଠାରୁ ମୋତେ ରକ୍ଷା କରନ୍ତି। ଯେଉଁଲୋକମାନେ ମୋ ବିରୁଦ୍ଧରେ ଉଠିଛନ୍ତି, ସେମାନଙ୍କୁ ପରାସ୍ତ କରିବାରେ ତୁମ୍ଭେ ମୋତେ ସାହାଯ୍ୟ କଲ। ତୁମ୍ଭେ ମୋତେ ସେହି ନିର୍ଦ୍ଦୟ ଲୋକମାନଙ୍କଠାରୁ ରକ୍ଷା କଲ।

50ହେ ସଦାପ୍ରଭୁ, ସେଥିପାଇଁ ମୁଁ ମୋର ଗୋଷ୍ଠୀୟମାନଙ୍କ ମଧ୍ୟରୁ ତୁମ୍ଭର ପ୍ରଶଂସା କରେ। ସେହି କାରଣରୁ ତୁମ୍ଭ ନାମରେ ଜୟଗାନ କରି ଗୀତ ଗାଏ।

51ସଦାପ୍ରଭୁ ତାଙ୍କର ନିଜର ରାଜାଙ୍କୁ ଯୁଦ୍ଧରେ ଜୟଲାଭ କରିବାକୁ ସାହାଯ୍ୟ କରିଛନ୍ତି। ସେ ତାଙ୍କର ମନୋନୀତ ରାଜା ଦାଉଦଙ୍କ ପ୍ରତି ପ୍ରେମ ଦେଖାଇଛନ୍ତି। ସେଥିପାଇଁ ସେ ଦାଉଦ ଓ ତାଙ୍କର ପରିବାରବର୍ଗମାନଙ୍କ ପ୍ରତି ଅନନ୍ତକାଳ ପାଇଁ ଦୟା ଦେଖାଇଛନ୍ତି।

### ଦାଉଦଙ୍କର ଶେଷ ବାକ୍ୟ

23 ଏଗୁଡିକ ଦାଉଦଙ୍କର ଶେଷ କଥା, ଯିଶୀର ପୁତ୍ର ଦାଉଦ କହନ୍ତି, ଏହି ବ୍ୟକ୍ତିକୁ ପରମେଶ୍ୱର ମହାନ କରିଛନ୍ତି ଏବଂ ଯିଏକି ଯାକୁବଙ୍କର ପରମେଶ୍ୱର ଅଭିଷିକ୍ତ ଏବଂ ଯିଏ ଇଶ୍ରାୟେଲର ସୁମଧୁର ଗାୟକ କହନ୍ତି,

2ମୋ ଦ୍ୱାରା ସଦାପ୍ରଭୁଙ୍କ ଆତ୍ମା କହିଲେ, ଓ ତାଙ୍କର ବାକ୍ୟ ମୋ ଜିହ୍ୱାରେ ଥିଲା।

3ଇଶ୍ରାୟେଲର ପରମେଶ୍ୱର କହିଲେ, ଇଶ୍ରାୟେଲର ଶୈଳ ମୋତେ କହିଲେ, "ଯେଉଁ ବ୍ୟକ୍ତି ନ୍ୟାୟ ଭାବରେ ଲୋକମାନଙ୍କୁ ଶାସନ କରେ, ଯିଏ ସଦାପ୍ରଭୁଙ୍କ ଭୟରେ ଓ ଭକ୍ତିରେ ଶାସନ କରେ।

4ଏହି ଲୋକ ଉଦିତ ସୂର୍ଯ୍ୟରେ ଦୀପ୍ତି ତୁଲ୍ୟ ଉଜ୍ଜ୍ୱଳମାନ
ହେବ। ସେ ଲୋକ ବାଦଲ ବିହୀନ ପ୍ରଭାତ ତୁଲ୍ୟ, ବୃଷ୍ଟି
ହୋଇଯାଇଥିବା ଆକାଶ ତୁଲ୍ୟ, ଯେଉଁ ବୃଷ୍ଟି ସୁକ୍ଷ୍ମ ଘାସକୁ
ବଢ଼ାଏ।"

5ପରମେଶ୍ୱର ମୋର ପରିବାରକୁ ଶକ୍ତିଶାଳୀ ଓ ସୁରକ୍ଷିତ
କରି ଅଛନ୍ତି ଏବଂ ଚିରଦିନ ପାଇଁ ମୋ ସହିତ ଏକ ନିୟମ
କରିଛନ୍ତି। ଏହି ନିୟମଟି ସଦାପ୍ରଭୁଙ୍କ ଦ୍ୱାରା ସୁରକ୍ଷିତ। ସେ
ମୋତେ ପ୍ରତ୍ୟେକ ଥର ବିଜୟ ଦେବେ ଓ ମୁଁ ଯାହା ଆଶା
କରୁଛି ଦେବେ।

6କିନ୍ତୁ ସମସ୍ତ ମନ୍ଦ ଲୋକମାନେ କଣ୍ଟା ତୁଲ୍ୟ। ସାଧାରଣତଃ
ଲୋକମାନେ ସେମାନଙ୍କର ହାତରେ କଣ୍ଟା ଧରନ୍ତି ନାହିଁ,
ମାତ୍ର ସେମାନଙ୍କୁ ଦୂରକୁ ଫିଙ୍ଗି ଦିଅନ୍ତି।

7ମାତ୍ର ଯେଉଁ ଲୋକ ତାକୁ ସ୍ପର୍ଶ କରିବ, ଲୌହ ଓ
କାଠର ବର୍ଚ୍ଛାଦଣ୍ଡରେ ସେମାନେ ଆଘାତ ପ୍ରାପ୍ତ ହେବେ। ହଁ
ସେଗୁଡ଼ିକ କଣ୍ଟା ତୁଲ୍ୟ। ସେଗୁଡ଼ିକ ନିଆଁରେ ପୋଡ଼ାଯିବ।

## ତିନି ମହାଯୋଦ୍ଧା

8ଦାଉଦ କହିଲେ ଏଗୁଡ଼ିକ ସେହି ସାହସୀ ବ୍ୟକ୍ତିମାନଙ୍କର
ତାଲିକା, ଯେଉମାନେ ଦାଉଦଙ୍କର ଥିଲେ। ତଖମୋନୀୟ
ଯୋଶେବ୍ ବଶେବତ୍ ବିଶେଷତଃ ଦଳର ମୁଖ୍ୟ ଥିଲେ। ସେ
ଏକ କାଳିନ 800 ଲୋକଙ୍କୁ ବର୍ଚ୍ଛାରେ ବଧ କରିଥିଲା।

9ତା'ପରେ ଅହୋହୀୟ ବଂଶଜ ଦୋଦୟର ପୁତ୍ର ଇଲୀୟାସର,
ଦାଉଦଙ୍କ ସଙ୍ଗେ ଥିବା ତିନିଜଣ ଶକ୍ତିଶାଳୀ ବୀରଙ୍କ ମଧ୍ୟରେ
ଜଣେ ଥିଲା, ଯେତେବେଳେ ସେମାନେ ପଲେଷ୍ଟୀୟମାନଙ୍କୁ
ମୁକାବିଲା କଲେ, ସେମାନେ ଦାଉଦଙ୍କ ସହିତ ଥିଲେ।
ସେମାନେ ଯୁଦ୍ଧ ପାଇଁ ଏକତ୍ରୀତ ହେଲେ କିନ୍ତୁ ଇସ୍ରାୟେଲ
ଲୋକମାନେ ଦୌଡ଼ି ପଳାଇଲେ। 10ସେ ଉଠିଲେ ଏବଂ
ତାଙ୍କର ହସ୍ତ କ୍ଳାନ୍ତ ହେବା ପର୍ଯ୍ୟନ୍ତ ପଲେଷ୍ଟୀୟମାନଙ୍କୁ
ଆକ୍ରମଣ କଲେ। କିନ୍ତୁ ସେ ଖଣ୍ଡାଟିକୁ ଶକ୍ତ ଭାବରେ ଧରି
ଯୁଦ୍ଧ କରିବା ଜାରି ରଖିଲେ। ପୁଣି ସେହିଦିନ ସଦାପ୍ରଭୁ ଏକ
ବିରାଟ ଜୟ କରାଇଲେ ଏବଂ ଲୋକମାନେ ତାଙ୍କୁ ଲୁଣ୍ଠନ
କରିବାକୁ ଅନୁସରଣ କଲା।

11ତା'ପରେ ହରାରୀୟ ଆଗିର ପୁତ୍ର ଶମ୍ମୟ ସେଠାରେ
ଥିଲା ସମୟରେ ପଲେଷ୍ଟୀୟମାନେ କୌଣସି ମସୂର ପୂର୍ଣ୍ଣ
କ୍ଷେତ୍ର ନିକଟରେ ଏକତ୍ର ଦଳବଦ୍ଧ ହୋଇଥିଲେ। କିନ୍ତୁ
ଲୋକମାନେ ପଲେଷ୍ଟୀୟମାନଙ୍କ ଆଗରୁ ପଳାୟନ କଲେ।
12କିନ୍ତୁ ଶମ୍ମ କ୍ଷେତ୍ର ମଧ୍ୟରେ ଠିଆ ହୋଇ ତାହା ରକ୍ଷା କଲା
ଓ ପଲେଷ୍ଟୀୟମାନଙ୍କୁ ବଧ କଲା। ତହିଁରେ ସଦାପ୍ରଭୁ ମହାଜୟ
ସାଧନ କଲେ।

13ତା'ପରେ ରାଜାଙ୍କର ବିଶେଷ ଦଳର ତିନିଜଣ ଲୋକ
ଶସ୍ୟ ଅମଳ ସମୟରେ ଗଲେ ଓ ଅଦୁଲ୍ଲମ ଦାଉଦଙ୍କ
ନିକଟକୁ ଗଲେ। ସେତେବେଳେ ପଲେଷ୍ଟୀୟମାନଙ୍କ ସୈନ୍ୟ
ରଫାୟୀମ ତଳ ଭୂମିରେ ଛାଉଣୀ ସ୍ଥାପନ କରିଥିଲେ।

14ଅନ୍ୟ ସମୟରେ ଦାଉଦ ଦୁର୍ଗରେ ଥିଲେ ଓ
ପଲେଷ୍ଟୀୟମାନଙ୍କ ପ୍ରହରୀ ସୈନ୍ୟଦଳ ବୈଥ୍ଲେହମରେ ଥିଲେ।
15ଦାଉଦ ତୃଷାର୍ତ୍ତ ହୋଇ କହିଲେ, "ଆଃ କେହି ବୈଥ୍ଲେହମରେ
ନଗରଦ୍ୱାର ନିକଟସ୍ଥ କୂଅରୁ ଜଳ ଦିଅନ୍ତା କି।"

16ତହିଁରେ ସେହି ତିନି ବୀର ରାସ୍ତାରେ ପଲେଷ୍ଟୀୟମାନଙ୍କ
ସୈନ୍ୟ ମଧ୍ୟ ଦେଇ ପଶିଯାଇ ବୈଥ୍ଲେହମ ନଗରଦ୍ୱାର
ନିକଟସ୍ଥ କୂଅରୁ ପାଣି ଆଣିଲେ। ମାତ୍ର ସେ ତହିଁରୁ ପିଇବାକୁ
ସମ୍ମତ ନ ହୋଇ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ତାହାକୁ ଢାଳି
ଦେଲେ। 17ଦାଉଦ କହିଲେ, "ହେ ସଦାପ୍ରଭୁ, ମୁଁ ନିଶ୍ଚୟ
ଏହି ପାଣି ପିଇବି ନାହିଁ। ଏହା ସେହି ମଣିଷର ରକ୍ତ ପିଇବା
ପରି ହେବ, ଯେଉଁମାନେ ମୋ ପାଇଁ ସେମାନଙ୍କ ପାଇଁ
ଉତ୍ସର୍ଗ କରି ଦେଲେ।" ଏଥିପାଇଁ ଦାଉଦ ପାଣି ପିଇବା ପାଇଁ
ମନା କରିଥିଲେ। ଏହିପରି କର୍ମ ସେହି ତିନି ବୀର
କରିଥିଲେ।

## ଅନ୍ୟ ସାହସିକ ସୈନ୍ୟ

18ସେହି ତିନି ଜଣଙ୍କ ମଧ୍ୟରେ ସରୁୟାର ପୁତ୍ର ଯୋୟାବ,
ଯୋୟାବର ଭ୍ରାତା ଅବୀଶୟ ମୁଖ୍ୟ ଥିଲେ। ସେ 300
ଲୋକ ବିରୁଦ୍ଧରେ ନିଜର ବର୍ଚ୍ଛା ଉଠାଇ ସେମାନଙ୍କୁ ହତ୍ୟା
କରିଥିଲା। ଏଣୁ ସେ ଏହି ତିନିଙ୍କ ମଧ୍ୟରେ ବିଖ୍ୟାତ ହେଲା।
19ସେ ଏହି ତିନିଙ୍କ ମଧ୍ୟରେ ପ୍ରସିଦ୍ଧ ଥିଲା। ଏହି ହେତୁ ସେ
ସେମାନଙ୍କର ସେନାପତି ହେଲା। ତଥାପି ସେ ପ୍ରଥମ ତିନିଜଣଙ୍କ
ତୁଲ୍ୟ ନ ଥିଲା।

20ତା'ପରେ ସେଠାରେ ଜଣେ ଯିହୋୟାଦର ପୁତ୍ର ବନାୟ
ଥିଲେ। ସେ ଥିଲେ ଜଣେ ପରାକ୍ରମଶାଳୀ ବିକ୍ରମି ପୁରୁଷର
ପୁତ୍ର। ସେ କବ୍ସେଲୀୟର ଅଧିବାସୀ ଥିଲେ। ବନାୟ ବହୁତ
ସାହସୀକ କାର୍ଯ୍ୟ କରିଥିଲେ। ସେ ମୋୟାବୀୟ ଅରୀୟେଲର
ଦୁଇ ପୁତ୍ରଙ୍କୁ ବଧ କଲା। ଦିନେ ଏକ ସମୟରେ ଯେତେବେଳେ
ବରଫ ପଡୁଥିଲା, ବନାୟ ଏକ ଗୁମ୍ଫାରେ ଏକ ସିଂହକୁ ହତ୍ୟା
କଲେ। 21ବନାୟ ଏକ ମିଶ୍ରୀୟ ମହାପୁରୁଷଙ୍କୁ ହତ୍ୟା କଲା।
ସେହି ମିଶ୍ରୀୟ ଜଣଙ୍କ ହାତରେ ଏକ ବର୍ଚ୍ଛା ଥିଲା କିନ୍ତୁ
ବନାୟର ହାତରେ ଏକ ଯଷ୍ଟି ଥିଲା, ବନାୟ ତା'ର ହାତରୁ
ବର୍ଚ୍ଛା ଛଡ଼ାଇ ଆଣିଲା ଓ ତା'ର ବର୍ଚ୍ଛାରେ ତାକୁ ବଧ କଲା।
22ଯିହୋୟାଦାର ପୁତ୍ର ବନାୟ ଏହିପରି ସାହସିକ କାର୍ଯ୍ୟମାନ
କଲା ଏବଂ ସେ ଏହି ତିନି ବୀରମାନଙ୍କ ମଧ୍ୟରେ ବିଖ୍ୟାତ
ଥିଲା। 23ବନାୟ ତିରିଶ ଜଣ ବୀର ଅପେକ୍ଷା ଅଧିକ ବିଖ୍ୟାତ
ଥିଲା। ତଥାପି ସେ ପ୍ରଥମ ତିନିଜଣ ବୀରଙ୍କ ତୁଲ୍ୟ ନଥିଲା।
ଆଉ ଦାଉଦ ତାକୁ ନିଜର ପ୍ରହରୀ ଦଳ ଉପରେ ନିଯୁକ୍ତ
କଲେ।

## ତିରିଶ ଜଣ ମହାଯୋଦ୍ଧା

24ଯୋୟାବର ଭ୍ରାତା ଅସାହେଲ ଉକ୍ତ ତିରିଶ ଜଣ
ମଧ୍ୟରେ ଜଣେ ଥିଲା। ସେହି ତିରିଶ ଜଣ ବୀରମାନଙ୍କ
ମଧ୍ୟରେ ବୈଥ୍ଲେହମସ୍ଥ ଦୋଦୟର ପୁତ୍ର ଇଲ୍ହାନନ୍ ଥିଲା।
25ହରୋଦୀୟ ଶମ୍ମ, ହରୋଦୀୟ ଇଲୀକା, 26ପଲ୍ଟୀୟ
ହେଲସ୍, ତକୋୟୀୟ ଇକ୍କେଶର ପୁତ୍ର ଈରା, 27ଅନାଥୋତୀୟ
ଅବୀୟେଷର, ହୂଶାତୀୟ ମବୁନ୍ନୟ, 28ନଟୋଫାତୀୟରୁ ସଲ୍ମୋନ୍,
ଅହୋହୀୟ ମହରୟ, 29ନଟୋଫାତୀୟ ବାନାର ପୁତ୍ର ହେଲବ,
ବିନ୍ୟାମୀନ ବଂଶୀୟ ଗିବୀୟା ନିବାସୀ ରୀବୟର ପୁତ୍ର ଇତ୍ତୟ।

30ପିରୀୟା ଥୋନୀୟ ବନାୟ, ଗାଶ-ନଦୀତୀର ନିବାସୀ
ହିଦୟ, 31ଅର୍ବତୀୟ ଅବୀୟଲ୍ବୋନ, ବରହୂମୀୟ ଅସ୍ମାବତ୍,

32ଶାଲ୍‌ବୋନୀୟ ଇଲୟହବା, ଯାଶେନର ପୁତ୍ରଗଣ, ଯୋନାଥନ
33ହରାରୀୟ ଶମ୍ମ, ଅରାରୀୟ ଶାରରର ପୁତ୍ର ଅହୀୟାମ,
34ମାଖାତୀୟର ପୌତ୍ର ଅହସ୍‌ବୟର ପୁତ୍ର ଇଲୀଫେଲଟ୍,
ଗୀଲୋନୀୟ ଅହୀଥୋଫଲର ପୁତ୍ର ଇଲୀୟାମ, 35କର୍ମିଲୀୟ
ହିଷ୍ରୟ, ଅର୍ବୀୟ ପାରୟ, 36ସୋବା ନିବାସୀ ନାଥନର ପୁତ୍ର
ଯିଗାଲ, ଗାଦୀୟ ବାନୀ, 37ଅମ୍ମୋନୀୟ ସେଲକ, ସରୁୟାର
ପୁତ୍ର ଯୋୟାବର ଅସ୍ତ୍ରବାହକ ବେରୋତୀୟ ନହରୟ, 38ଇଥ୍ରୀୟ
ଈରା, ଇଥ୍ରୀୟ ଗାରେବ୍, 39ହିତ୍ତୀୟ ଊରୀୟ, ସର୍ବସୁଦ୍ଧା
ସଇଁତିରିଶ ଜଣ।

## ଦାଉଦ ତାଙ୍କର ସୈନ୍ୟମାନଙ୍କୁ ଗଣନା କରିବାପାଇଁ ନିଷ୍ପତ୍ତି ନେଲେ

24 ସଦାପ୍ରଭୁ ପୁନର୍ବାର ଇଶ୍ରାୟେଲୀୟମାନଙ୍କ ଉପରେ
କ୍ରୋଧାନ୍ୱିତ ହେଲେ। ସଦାପ୍ରଭୁ ଦାଉଦଙ୍କୁ
ଇଶ୍ରାୟେଲୀୟମାନଙ୍କ ବିରୁଦ୍ଧରେ କାର୍ଯ୍ୟ କରେଇଲେ। ତେଣୁ
ଦାଉଦ ଆଦେଶ ଦେଲେ, "ଯାଅ, ଇଶ୍ରାୟେଲ ଓ ଯିହୁଦାକୁ
ଗଣନା କର।"

2ରାଜା ଦାଉଦ ତାଙ୍କର ସେନାପତି ଯୋୟାବକୁ ଡାକି
କହିଲେ, "ତୁମ୍ଭେମାନେ ଦାନଠାରୁ ବେରଶେବା ପର୍ଯ୍ୟନ୍ତ
ଇଶ୍ରାୟେଲର ସମସ୍ତ ବଂଶ ଦେଇ ଭ୍ରମଣ କରି ଲୋକମାନଙ୍କୁ
ଗଣନା କର। ତାହା ହେଲେ ମୁଁ ଲୋକମାନଙ୍କର ସଂଖ୍ୟା
ଜାଣି ପାରିବି।"

3କିନ୍ତୁ ଯୋୟାବ ରାଜାଙ୍କୁ କହିଲେ, "ଏବେ ଯେତେ
ଲୋକ ଅଛନ୍ତି ସଦାପ୍ରଭୁ ଆପଣଙ୍କ ପରମେଶ୍ୱର ସେମାନଙ୍କୁ
100 ଗୁଣ ବୃଦ୍ଧି କରନ୍ତୁ ଓ ମୋ ପ୍ରଭୁ ମହାରାଜାଙ୍କ ଚକ୍ଷୁ
ତାହା ଦେଖୁ। କାହିଁକି ରାଜା ସେହି କାର୍ଯ୍ୟ କରିବାକୁ
ଚାହାନ୍ତି?"

4ରାଜା ଦାଉଦ ଗୁରୁତର ସହକାରେ ଆଦେଶ ଦେଲେ
ଯୋୟାବ ଓ ତାଙ୍କର ସେନାଧକ୍ଷଙ୍କୁ, ଲୋକମାନଙ୍କୁ ଗଣିବା
ପାଇଁ। ତେଣୁ ଯୋୟାବ ଓ ସେନାଧକ୍ଷମାନେ ରାଜାଙ୍କ ପାଖରୁ
ଇଶ୍ରାୟେଲ ଲୋକମାନଙ୍କୁ ଗଣନା କରିବାକୁ ଗଲେ। 5ସେମାନେ
ଯର୍ଦ୍ଦନ ନଦୀ ପାରହୋଇ ଗଲେ। ସେମାନେ ଅରୋୟେରରେ
ସେନା ଛାଉଣୀ ପକାଇଲେ। ସେମାନଙ୍କର ଛାଉଣୀ ସହରର
ଦକ୍ଷିଣ ପାର୍ଶ୍ୱରେ ରହିଲା। ସହରଟି ଗାଦ ଉପତ୍ୟକାର
ମଧ୍ୟରେ ଅବସ୍ଥିତ ଥିଲା, ଯାହାକି ଯାସେର ପର୍ଯ୍ୟନ୍ତ ବିସ୍ତୃତ
ଥିଲା।

6ତା'ପରେ ସେମାନେ ପୂର୍ବରେ ଥିବା ଗିଲୟଦ୍‌କୁ ଓ
ତହତୀମ୍ ହଦ୍‌ଶି ଦେଶକୁ ଗଲେ। ତା'ପରେ ସେମାନେ ବୁଲି
ସୀଦୋନକୁ ଆସିଲେ। 7ସେମାନେ ସୋର ଗଡରେ ଓ
ହିବ୍ବୀୟମାନଙ୍କ ଓ କିଣାନୀୟମାନଙ୍କ ସମସ୍ତ ନଗରୀରେ
ପହଁଚିଲେ। ସେମାନେ ବେରଶେବାରେ ଯିହୁଦାର ଦକ୍ଷିଣାଞ୍ଚଳକୁ
ବାହାରି ଗଲେ। 8ଏହା ତାଙ୍କୁ 9 ମାସ 20 ଦିନ ସମୟ
ଲାଗିଲା। ଏହାପରେ ସେମାନେ ଯିରୁଶାଲମକୁ ଫେରି
ଆସିଲେ।

9ଯୋୟାବ ରାଜାଙ୍କୁ ଗଣନାର ଚିଠା ଦେଲେ। ଇଶ୍ରାୟେଲରେ
ଖଡ୍ଗଧାରୀ 8,00,000 ବଳବାନ ଲୋକ ଓ ଯିହୁଦାର
5,00,000 ଲୋକ ଥିଲେ।

## ସଦାପ୍ରଭୁ ଦାଉଦଙ୍କୁ ଦଣ୍ଡମାନ ଦେଲେ

10ଏହାପରେ ଦାଉଦ ଲୋକମାନଙ୍କୁ ଗଣନା କଲାପରେ
ତାଙ୍କର ହୃଦୟ ଦୁଃଖପୂର୍ଣ୍ଣ ହେଲା। ଦାଉଦ ସଦାପ୍ରଭୁଙ୍କୁ
କହିଲେ, "ଏହି କର୍ମ କରିବାରେ ମୁଁ ମହାପାପ କରିଛି। ହେ
ସଦାପ୍ରଭୁ, ମୁଁ ଆପଣଙ୍କୁ ବିନୟ କରୁଅଛି, ନିଜ ଦାସର ପାପ
କ୍ଷମା କର। କାରଣ ମୁଁ ଅତି ମୂର୍ଖର କର୍ମ କରିଅଛି।"

11ଯେତେବେଳେ ଦାଉଦ ପ୍ରଭାତରେ ଶଯ୍ୟା ତ୍ୟାଗ କଲେ
ସେତେବେଳେ ଦାଉଦଙ୍କ ଦର୍ଶକ ଗାଦ ଭବିଷ୍ୟଦ୍‌ବକ୍ତା ନିକଟରେ
ସଦାପ୍ରଭୁଙ୍କର ବାକ୍ୟ ଉପସ୍ଥିତ ହେଲା। 12ସଦାପ୍ରଭୁ ଗାଦ୍‌କୁ
କହିଲେ, "ଦାଉଦ ନିକଟକୁ ଯାଇ କୁହ, 'ସଦାପ୍ରଭୁ ଏହିକଥା
କହିଛନ୍ତି, ଆମ୍ଭେ ତୁମ୍ଭ ଆଗରେ ତିନି କଥା ରଖିଅଛୁ ସେଥି
ମଧ୍ୟରୁ ଆପଣା ପାଇଁ ଗୋଟିଏ ମନୋନୀତ କରନ୍ତୁ। ତାହା ହିଁ
ଆମ୍ଭେ ତୁମ୍ଭକୁ କରିବୁ।'"

13ଗାଦ ଦାଉଦଙ୍କ ନିକଟକୁ ଯାଇ ତାଙ୍କୁ କହିଲେ, "ଏହି
ତିନୋଟି ମଧ୍ୟରୁ ଗୋଟିକୁ ବାଛ।

1, ତୁମ୍ଭପାଇଁ, ତୁମ୍ଭ ଦେଶପାଇଁ ସାତବର୍ଷ ଦୁର୍ଭିକ୍ଷ ହେବ।

2, ତୁମ୍ଭ ଶତ୍ରୁମାନେ ତୁମ୍ଭ ପଛେ ପଛେ ତିନି ମାସ
ପର୍ଯ୍ୟନ୍ତ ଗୋଡାଇବେ।

3, ତିନିଦିନ ପର୍ଯ୍ୟନ୍ତ ତୁମ୍ଭ ଦେଶରେ ମହାମାରୀ ହେବ।

ଏହି ସବୁ କଥା ବିଷୟରେ ଭାବ ଏବଂ ଏହି ତିନିକଥାରୁ
ଗୋଟିକୁ ବାଛ। ଏବଂ ମୁଁ ସଦାପ୍ରଭୁଙ୍କୁ ତୁମ୍ଭର ପସନ୍ଦ ଜଣାଇ
ଦେବି। ଯେହେତୁ ସଦାପ୍ରଭୁ ମୋତେ ତୁମ୍ଭ ନିକଟକୁ ପଠାଇଛନ୍ତି।"

14ଦାଉଦ ଗାଦଙ୍କୁ କହିଲେ, "ମୁଁ କି ଅସୁବିଧାରେ
ପଡିଗଲି। କିନ୍ତୁ ସଦାପ୍ରଭୁ ହେଉଛନ୍ତି ଦୟାପୂର୍ଣ୍ଣ, ସଦାପ୍ରଭୁ
ଦଣ୍ଡ ଦିଅନ୍ତୁ, କିନ୍ତୁ ମଣିଷ ହାତରେ ଦଣ୍ଡ ନ ଦିଅନ୍ତୁ।"

15ତେଣୁ ସଦାପ୍ରଭୁ ଇଶ୍ରାୟେଲକୁ ମହାମାରୀ ପଠାଇଲେ।
ଏହା ପ୍ରତ୍ୟୁଷରୁ ଆରମ୍ଭ ହୋଇ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଚାଲୁ
ରହିଲା। ତେଣୁ ଦାନଠାରୁ ବେର୍‌ଶେବା ପର୍ଯ୍ୟନ୍ତ 70,000
ଲୋକ ମୃତ୍ୟୁବରଣ କଲେ। 16ଦୂତ ଯିରୁଶାଲମକୁ ଧ୍ୱଂସ
କରିବା ପାଇଁ ତହିଁ ଆଡକୁ ହସ୍ତ ବିସ୍ତାର କଲେ। କିନ୍ତୁ
ସଦାପ୍ରଭୁ ଏକର୍ମ ପାଇଁ ଦୁଃଖ ପ୍ରକାଶ କଲେ। ସଦାପ୍ରଭୁ
ଦୂତଙ୍କୁ କହିଲେ, "ଯେଉଁ ଲୋକମାନଙ୍କୁ ମାରିଅଛ ତାହା
ଯଥେଷ୍ଟ, ତୁମ୍ଭ ହସ୍ତ ନତ କର।" ଏହି ସମୟରେ ସେହି
ଦୂତ ଯିବୂଷୀୟ ଅରୌଣାରେ ଶସ୍ୟ ମର୍ଦ୍ଦନ ସ୍ଥାନ ନିକଟରେ
ଥିଲା।

## ଦାଉଦ ଅରୌଣାର ଶସ୍ୟ ମର୍ଦ୍ଦନ ସ୍ଥାନକୁ କିଣିଲେ

17ପୁଣି ଦାଉଦ ସେହି ଲୋକ ସଂହାରକ ଦୂତକୁ ଦେଖି
ସଦାପ୍ରଭୁଙ୍କୁ କହିଲେ, "ଦେଖ, ମୁଁ ପାପ କଲି ଓ ମୁଁ ହିଁ
ଅପରାଧ ହେଲି। ମାତ୍ର ଏହି ମେଷଗଣ କ'ଣ କଲେ? ବିନୟ
କରୁଅଛି ତୁମ୍ଭ ହସ୍ତ ମୋ' ପ୍ରତିକୂଳରେ ଓ ମୋ' ପିତୃଗୃହର
ପ୍ରତିକୂଳରେ ହେଉ।"

18ସେହିଦିନ ଗାଦ ଦାଉଦଙ୍କ ନିକଟକୁ ଯାଇ ତାହାଙ୍କୁ
କହିଲା, "ଯାଅ, ଯିବୂଷୀୟ ଅରୌଣାର ଶସ୍ୟ ମର୍ଦ୍ଦନ ସ୍ଥାନରେ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞବେଦୀ ସ୍ଥାପନ କର।"
19ତେଣୁ ଦାଉଦ ସଦାପ୍ରଭୁଙ୍କ ଆଜ୍ଞା ପ୍ରମାଣେ ଗାଦର
ବାକ୍ୟାନୁସାରେ ଉଠି ଗଲେ। 20ସେତେବେଳେ ଅରୌଣା

ଅନାଇ ଦେଖିଲା ଯେ ରାଜା ଓ ତାଙ୍କର ଦାସମାନେ ତାଙ୍କ
ଆଡ଼କୁ ଆସୁ ଅଛନ୍ତି। ତହିଁରେ ଅରୌଣା ବାହାରେ ଆସି
ରାଜାଙ୍କ ନିକଟରେ ମୁହଁ ମାଡ଼ି ଭୂମିଷ୍ଠ ପ୍ରଣାମ କଲା। **21**ପୁଣି
ଅରୌଣା ପଚାରିଲା, "ମୋ ପ୍ରଭୁ ମହାରାଜ ଆପଣା ଦାସ
ନିକଟକୁ କି କାରଣରେ ଆସିଲେ?" ସଦାପ୍ରଭୁଙ୍କ ପାଇଁ
ବେଦୀ ତିଆରି କରିବାକୁ ମୁଁ ତୁମ୍ଭର ଖଳାର ଭୂମି କିଣିବାକୁ
ଆସିଛି। ତା'ପରେ ମହାମାରୀ ବନ୍ଦ ହେବ।

ତହିଁରେ ଦାଉଦ କହିଲେ, "ଲୋକମାନଙ୍କ ମଧ୍ୟରୁ ଯେମନ୍ତ
ମହାମାରୀ ନିବୃତ୍ତ ହେବ। ଏଥିପାଇଁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଏକ ଯଜ୍ଞବେଦୀ ନିର୍ମାଣ କରିବ। କାରଣ ତୁମ୍ଭଠାରୁ ଶସ୍ୟ
ମର୍ଦ୍ଦନ ସ୍ଥାନ କିଣିବାକୁ ଆସିଲି।"

**22**ତହୁଁ ଅରୌଣା ଦାଉଦଙ୍କୁ କହିଲା, "ମୋ ପ୍ରଭୁ
ମହାରାଜା ଆପଣଙ୍କୁ ଯାହା ଭଲ ଲାଗେ ତାହା ଦେଇ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ଉତ୍ସର୍ଗ କରନ୍ତୁ। ଦେଖନ୍ତୁ
ହୋମବଳି ନିମନ୍ତେ ଏହି ବୃଷକୁ ଓ କାଠ ନିମନ୍ତେ ଏହି
ଶସ୍ୟ ମର୍ଦ୍ଦନ ଯନ୍ତ୍ର ସଜ୍ଜ ଅଛି। **23**ହେ ମହାରାଜ ଅରୌଣା
ଏ ସମସ୍ତ ମହାରାଜାଙ୍କୁ ଦେଉଅଛି।" ପୁଣି ଅରୌଣା ରାଜାଙ୍କୁ
କହିଲା, "ସଦାପ୍ରଭୁ ଆପଣଙ୍କ ପରମେଶ୍ୱର ଆପଣଙ୍କୁ ଗ୍ରହଣ
କରନ୍ତୁ।"

**24**ତହିଁରେ ରାଜା ଅରୌଣାକୁ କହିଲେ, "ନା, ମୁଁ ଅବଶ୍ୟ
ମୂଲ୍ୟ ଦେଇ ତୁମ୍ଭଠାରୁ ଏସବୁ କିଣିବି ଆଉ ମୁଁ ସଦାପ୍ରଭୁ
ମୋ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ବିନା ମୂଲ୍ୟର ହୋମବଳି
ଉତ୍ସର୍ଗ କରିବି ନାହିଁ।"

ତହୁଁ ଦାଉଦ ପଚାଶ ଶେକଲ ରୂପାର ସେହି ଶସ୍ୟ
ମର୍ଦ୍ଦନ ସ୍ଥାନ ଓ ବୃଷ ସବୁ କିଣିଲେ। **25**ପୁଣି ଦାଉଦ ସେହି
ସ୍ଥାନରେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞବେଦୀ ନିର୍ମାଣ
କରି ହୋମବଳି ଓ ମଙ୍ଗଳାର୍ଥ ବଳି ଓ ଶାନ୍ତି ନୈବେଦ୍ୟ
ଉତ୍ସର୍ଗ କଲେ।

ତହିଁରେ ସଦାପ୍ରଭୁ ପ୍ରାର୍ଥନା ଶୁଣି ଦେଶ ପ୍ରତି ପ୍ରସନ୍ନ
ହେଲେ। ପୁଣି ଇସ୍ରାୟେଲ ମଧ୍ୟରୁ ମହାମାରୀ ନିବୃତ୍ତ ହେଲା।

# ଶାମୁୟେଲଙ୍କ ପ୍ରଥମ ପୁସ୍ତକ

### ଇଲ୍‌କାନା ଓ ତାଙ୍କ ପରିବାର ଶୀଲୋଠାରେ ଉପାସନା କଲେ

1 ଇଫ୍ରୟିମର ପର୍ବତମୟ ଦେଶର ଗ୍ରାମଠାରେ ଜଣେ
ଲୋକ ବାସ କରୁଥିଲେ, ଯାହାର ନାମ ଥିଲା ଇଲ୍‌କାନା।
ଇଲ୍‌କାନା ସୂଫ ପରିବାରବର୍ଗର ଥିଲେ। ଇଲ୍‌କାନା ଯିରୋହମର
ପୁତ୍ର, ଥିଲା ଯିଏ ଇଲୀହର ପୁତ୍ର ଥିଲା, ଯିଏ ତୋହର ପୁତ୍ର
ଥିଲା, ଯିଏ ସୂଫର ପୁତ୍ର ଥିଲା ଓ ଏମାନେ ଇଫ୍ରୟିମ
ପରିବାରବର୍ଗର ଥିଲେ।

2ଇଲ୍‌କାନାର ଦୁଇଟି ସ୍ତ୍ରୀ ଥିଲେ, ଜଣଙ୍କର ନାମଥିଲା
ହାନ୍ନା ଓ ଅନ୍ୟ ଜଣଙ୍କର ନାମ ଥିଲା ପନିନ୍ନା। ପନିନ୍ନାର
ପିଲାପିଲି ଥିଲେ। କିନ୍ତୁ ହାନ୍ନାର କୌଣସି ପିଲାପିଲି ନ
ଥିଲେ।

3ପ୍ରତିବର୍ଷ ଇଲ୍‌କାନା ତା'ର ନିଜ ସହର ଗ୍ରାମକୁ ଛାଡ଼ି
ଶୀଲୋକୁ ଯାଉଥିଲା, ଶୀଲୋରେ ଥିବା ସର୍ବଶକ୍ତିମାନ ସଦାପ୍ରଭୁଙ୍କ
ନିକଟରେ ବଳିଦାନ ଉତ୍ସର୍ଗ ପାଇଁ ଓ ଉପାସନା ପାଇଁ
ସେଠାକୁ ଯାଉଥିଲା। ଯେଉଁ ସ୍ଥାନରେ ଇଲୀହର ଦୁଇ ପୁତ୍ର
ଧର୍ମଯାଜକ ଥିଲେ, ତାଙ୍କର ନାମ ଥିଲା, ହଫ୍‌ନି ଓ ପୀନହସ୍।
4ପ୍ରତ୍ୟେକଥର ବଳିଦାନ ଉତ୍ସର୍ଗ କଲାପରେ ସେଥିରୁ କିଛି
ଅଂଶ ତା'ର ସ୍ତ୍ରୀ ପନିନ୍ନା ଏବଂ ତା'ର ସମସ୍ତ ପୁତ୍ରଗଣ ଓ
କନ୍ୟାମାନଙ୍କୁ ଦେଉଥିଲା। 5ଇଲ୍‌କାନା ମଧ୍ୟ ତା'ର ସ୍ତ୍ରୀ
ହାନ୍ନାକୁ ତା'ର ଦୁଇଗୁଣ ଅଂଶ ଦେଉଥିଲା। କାରଣ
ନିଜ ସ୍ତ୍ରୀ ହାନ୍ନାକୁ ସେ ବାସ୍ତବରେ ପ୍ରେମ କରୁଥିଲା। କିନ୍ତୁ
ସଦାପ୍ରଭୁ ତା' କୋଳରେ କୌଣସି ସନ୍ତାନ ସନ୍ତତି ଦେଇ ନ
ଥିଲେ।

### ପନିନ୍ନା ହାନ୍ନାକୁ ଧୈର୍ଯ୍ୟଚ୍ୟୁତ କଲେ

6ସଦାପ୍ରଭୁ ହାନ୍ନା କୋଳରେ କୌଣସି ସନ୍ତାନ ଦେଇ
ନଥିଲେ, ତେଣୁ ପନିନ୍ନା ତାକୁ ଦୁଃଖିତ କରୁଥିଲା ଏବଂ ତାକୁ
ବିରକ୍ତ କରୁଥିଲା। 7ଯେତେବେଳେ ସେହି ପରିବାର ସଦାପ୍ରଭୁଙ୍କ
ମନ୍ଦିରକୁ ଯାଉଥିଲେ ପ୍ରତିବର୍ଷ ଏହିପରି ହେଉଥିଲା। ପନିନ୍ନା
ହାନ୍ନାକୁ ଦୁଃଖିତ କରୁଥିଲା। ତେଣୁ ସେ କ୍ରନ୍ଦନ କଲା ଓ
କିଛି ଖାଇଲା ନାହିଁ। 8ତା'ର ସ୍ୱାମୀ ଇଲକାନା ପଚାରୁଥିଲେ,
"ତୁମ୍ଭେ କାହିଁକି କାନ୍ଦୁଛ? ତୁମ୍ଭେ କାହିଁକି କିଛି ଖାଉନାହଁ?
ତୁମ୍ଭେ କାହିଁକି ଦୁଃଖିତ। ମୁଁ ତୁମ୍ଭର ସ୍ୱାମୀ, ତୁମ୍ଭେ ଭାବିବା
ଉଚିତ୍ ଯେ ମୁଁ ତୁମ୍ଭ ପାଇଁ ତୁମ୍ଭର ଦଶ ଜଣ ପୁତ୍ର ପାଇବା
ସକ୍ଷମ।"

### ହାନ୍ନାର ପ୍ରାର୍ଥନା

9ସେ ଖାଇପିଇ ସାରିବା ପରେ ହାନ୍ନା ଚୁପ୍ ଚାପ୍
ଭାବରେ ଉଠିଯାଇ ସଦାପ୍ରଭୁଙ୍କ ପ୍ରାଙ୍ଗଣକୁ ପ୍ରାର୍ଥନା କରିବାକୁ
ଗଲା। ଏଲି ଯିଏ କି ଧର୍ମଯାଜକ ଥିଲେ, ସେ ସେହି
ସଦାପ୍ରଭୁଙ୍କ ପବିତ୍ର ମନ୍ଦିରର ଫାଟକ ନିକଟରେ ବସି ରହିଥିଲେ।
10ହାନ୍ନା ଭାରି ଦୁଃଖିନି ଥିଲେ। ସେ ଯେତେବେଳେ ସଦାପ୍ରଭୁଙ୍କୁ
ପ୍ରାର୍ଥନା କରୁଥିଲେ, ସେ ବହୁତ କାନ୍ଦୁଥିଲେ। 11ସେ ଏହା
କହି ପରମେଶ୍ୱରଙ୍କ ନିକଟରେ ପ୍ରତିଜ୍ଞା କଲା, "ସର୍ବଶକ୍ତିମାନ
ସଦାପ୍ରଭୁ ଯଦି ତୁମ୍ଭେ ଦେଖୁଥାଅ ମୁଁ କେତେ ଦୁଃଖି, ଯଦି
ତୁମ୍ଭେ ତୁମ୍ଭର ସେବକକୁ ମନେ ରଖିଥାଅ, ତେବେ ମୋତେ
ଏକ ପୁତ୍ର ଦିଅ। ତା'ହେଲେ ମୁଁ ସେହି ପୁତ୍ରଟିକୁ ସଦାପ୍ରଭୁଙ୍କଠାରେ
ଉତ୍ସର୍ଗ କରିବି। ସେ ତା'ର ଜୀବନସାରା ତୁମ୍ଭର ସେବା
କରିବ। ସେ ଦ୍ରାକ୍ଷାରସ ଏବଂ ସୁରା ନାସରୀୟ ତୁଲ୍ୟ ପିଇବ
ନାହିଁ ଏବଂ ତା'ର ବାଳ କାଟିବାପାଇଁ କୌଣସି କ୍ଷୁର ତା'ର
ମୁଣ୍ଡରେ ସ୍ପର୍ଶ କରିବ ନାହିଁ।"

12ଯେତେବେଳେ ସେ ସଦାପ୍ରଭୁଙ୍କୁ ଦୀର୍ଘ ସମୟ ଧରି
ଏହିପରି ପ୍ରାର୍ଥନା କରୁଥିଲା, ଏଲି ତା'ର ପାଟିକୁ ଦେଖୁଥିଲା।
13ସେହି ସମୟରେ ହାନ୍ନା ମନେ ମନେ ସଦାପ୍ରଭୁଙ୍କ ନିକଟରେ
ପ୍ରାର୍ଥନା କରୁଥିଲେ। କେବଳ ତାଙ୍କର ଓଷ୍ଠ ହଲୁଥିଲା। ମାତ୍ର
ତାଙ୍କର ସ୍ୱର ଶୁଣା ଯାଉନଥିଲା। ତେଣୁ ସେ ଗଭୀର ଭାବରେ
ଦ୍ରାକ୍ଷାପାନ କରିଛି ବୋଲି ଏଲି ଭାବିଲେ। 14ଏଲି ହାନ୍ନାଙ୍କୁ
କହିଲେ, "ତୁମ୍ଭେ ଆଉ କେତେକାଳ ମାତାଲ ହେଉଥିବ?
ଦ୍ରାକ୍ଷାରସରୁ ଦୂରେଇ ରୁହ।"

15ହାନ୍ନା ଉତ୍ତର ଦେଲା, "ନା, ମୋର ମହାଶୟ, ମୁଁ
ଜଣେ ଦୁଃଖିନୀ ସ୍ତ୍ରୀ, ମୁଁ ଦ୍ରାକ୍ଷାରସ କି ମଦ୍ୟପାନ କରିନାହିଁ।
ମାତ୍ର ମୁଁ ସଦାପ୍ରଭୁଙ୍କଠାରେ ମୋର ଆପଣାର ପ୍ରାଣ ବେଦନା
ଢାଳୁଥିଲି। 16ଆପଣା ଦାସୀକୁ କୁଚରିତ୍ରା ଭାବ ନାହିଁ। ମୁଁ
ଆପଣା ଚିନ୍ତା ଓ ସମସ୍ୟାକୁ ସଦାପ୍ରଭୁଙ୍କ ନିକଟରେ ଜଣାଉଥିଲି।
କାରଣ ମୋର ଅନେକ ସମସ୍ୟା ଅଛି ଏବଂ ମୁଁ ଅତ୍ୟନ୍ତ
ଦୁଃଖିତ।"

17ତହିଁରେ ଏଲି ଉତ୍ତର ଦେଲେ, "ଶାନ୍ତିରେ ଯାଅ,
ଯାହା ତୁମ୍ଭେ ପରମେଶ୍ୱରଙ୍କଠାରେ ମାଗିଲ, ଇଶ୍ରାୟେଲର
ପରମେଶ୍ୱର ତୁମ୍ଭର ମନସ୍କାମନା ପୂରଣ କରନ୍ତୁ।"

18ତା'ପରେ ସେ ଉତ୍ତର ଦେଲା, "ମୁଁ ତୁମ୍ଭ ଦାସୀ ତୁମ୍ଭ
ଆଖିରେ ଅନୁଗ୍ରହ ପ୍ରାପ୍ତ ହେଉ।" ଆଉ ସେ (ସ୍ତ୍ରୀ) ଆପଣା
ପଥରେ ଗଲେ ଓ ଭୋଜନ କଲେ ଏବଂ ତାଙ୍କର ମୁହଁ ଆଉ
ବିଷର୍ଣ୍ଣ ହେଲା ନାହିଁ।

19ତା'ପରେ ଇଲ୍‌କାନା ଆପଣା ସ୍ତ୍ରୀ ହାନ୍ନା ସହିତ
ସହବାସ କଲା ଏବଂ ସଦାପ୍ରଭୁ ହାନ୍ନାକୁ ସ୍ମରଣ କଲେ।

### ଶାମୁୟେଲର ଜନ୍ମ

20ଏହାପରେ ସେହି ସମୟରେ ପରବର୍ଷ ହାନ୍ନା ପୁତ୍ର
ପ୍ରସବ କଲା। କାରଣ ମୁଁ ସଦାପ୍ରଭୁଙ୍କୁ ମାଗିଥିଲି, "ସେ
ତାହାର ନାମ ଶାମୁୟେଲ ଡାକିଲା।"

21ଏହାପରେ ଇଲ୍‌କାନା ଓ ତାହାର ପରିବାର ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ବଳିଦାନ ଓ ଆପଣା ପ୍ରତିଜ୍ଞା ପୂର୍ଣ୍ଣତା କରିବାକୁ
ଗଲେ। 22କିନ୍ତୁ ହାନ୍ନା ଗଲାନାହିଁ, ଏବଂ ସେ ଆପଣା ସ୍ୱାମୀକୁ
କହିଲା, "ବାଳକ ସ୍ତନପାନ ଛାଡିଲା ପରେ ମୁଁ ତାକୁ
ନେଇଯିବି। ତା'ପରେ ସେ ସଦାପ୍ରଭୁଙ୍କର ସାକ୍ଷାତରେ ଉପସ୍ଥିତ
ହେବ ଓ ସେଠାରେ ସର୍ବଦା ରହିବ।"
23ତା'ପରେ ତା'ର ସ୍ୱାମୀ ଇଲ୍‌କାନା ତାକୁ କହିଲା,
"ଯାହା ତୁମ୍ଭେ ଉତ୍ତମ ଭାବ ତାହା କର। ପିଲାଟି ସ୍ତନପାନ
ତ୍ୟାଗ କରାଇବା ପର୍ଯ୍ୟନ୍ତ ଏଠାରେ ରୁହ। ସଦାପ୍ରଭୁ ତାଙ୍କର
ବାକ୍ୟ ପୂର୍ଣ୍ଣ କରନ୍ତୁ*।" ତେଣୁ ସେହି ସ୍ତ୍ରୀ ଆପଣା ପୁତ୍ରକୁ
ସ୍ତନପାନ ତ୍ୟାଗ କରିବା ପର୍ଯ୍ୟନ୍ତ ଗୃହରେ ରହିଲା ଓ ପିଲାର
ଦେଖାଚାହାଁ କଲା।

### ହାନ୍ନା ଶାମୁୟେଲଙ୍କୁ ଶୀଲୋଠାରେ ଏଲିଙ୍କ ନିକଟକୁ ନେଲେ

24ଏହାପରେ ସେ ତାହାକୁ ସ୍ତନପାନ ତ୍ୟାଗ କରାଇଲା ଓ
ତିନି ଗୋବତ୍ସ ଓ ଏକ ଐଫା ମଇଦା ଓ ଏକ ବୋତଲ
ଦ୍ରାକ୍ଷାରସ ତା' ସହିତ ପିଲାଟିକୁ ଶୀଲୋସ୍ଥିତ ସଦାପ୍ରଭୁଙ୍କ
ଗୃହକୁ ଆଣିଲା। ଯେତେବେଳେ ବାଳକଟି ଛୋଟ ଥିଲା।
25ତହିଁରେ ସେମାନେ ସଦାପ୍ରଭୁଙ୍କ ସମ୍ମୁଖେ ନୈବେଦ୍ୟ
ରୂପେ ଗୋବତ୍ସ ବଧକଲେ ଓ ବାଳକକୁ ଏଲି ନିକଟକୁ
ଆଣିଲେ। 26ତା'ପରେ ହାନ୍ନା ଏଲିୟକୁ କହିଲା, "ମହାଶୟ୍
ମୁଁ ବାସ୍ତବରେ ସେହି ସ୍ତ୍ରୀ ଲୋକ ଯିଏକି ତୁମ୍ଭ ଆଗରେ ଛିଡା
ହେଉଥିଲି ଓ ସଦାପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲି। 27ମୁଁ ଏହି
ବାଳକ ନିମନ୍ତେ ପ୍ରାର୍ଥନା କରିଥିଲି, ଆଉ ସଦାପ୍ରଭୁ ମୋତେ
ମଞ୍ଜୁର କରିଛନ୍ତି। 28ସେଥିପାଇଁ ବର୍ତ୍ତମାନ ମୁଁ ତାକୁ ସଦାପ୍ରଭୁଙ୍କ
ସେବା କରିବା ପାଇଁ ଉତ୍ସର୍ଗ କରୁଛି। ସେ ଯାବଜ୍ଜୀବନ
ସଦାପ୍ରଭୁଙ୍କ ଉପାସନା କରିବ।"
ଏହାପରେ ସେମାନେ ସେଠାରେ ସଦାପ୍ରଭୁଙ୍କ ଆଗରେ
ପ୍ରଣାମ କଲେ।

### ହାନ୍ନା ଧନ୍ୟବାଦ ଦେଲେ

2 ହାନ୍ନା ପ୍ରାର୍ଥନା କରି କହିଲା, "ମୋର ଅନ୍ତଃକରଣ
ସଦାପ୍ରଭୁଙ୍କଠାରେ ମହାଉଲ୍ଲାସ କରୁଅଛି।
ପରମେଶ୍ୱରଙ୍କଠାରେ ମୁଁ ମୋର ବହୁତ ଶକ୍ତି ଅନୁଭବ
କରୁଛି। ମୁଁ ମୋର ଶତ୍ରୁମାନଙ୍କୁ ଉପହାସ କରୁଛି। ଯେହେତୁ
ତୁମ୍ଭେ ମୋତେ ରକ୍ଷା କରିଥିବାରୁ ମୁଁ ବହୁତ ଖୁସି।
2ପରମେଶ୍ୱରଙ୍କ ତୁଲ୍ୟ ପବିତ୍ର ଆଉ କେହି ନାହିଁ,
କାରଣ ତୁମ୍ଭ ବ୍ୟତୀତ ଆଉ କେହି ପରମେଶ୍ୱର ନାହାନ୍ତି।
ଆମ୍ଭର ପରମେଶ୍ୱରଙ୍କ ତୁଲ୍ୟ କୌଣସି ଶୈଳ ନାହିଁ।
3ନିଜ ବୃଥାଗର୍ବ ବନ୍ଦ କର। ଅହଂକାର ଭାବରେ କହିବା
ବନ୍ଦ କର। ସଦାପ୍ରଭୁ ପରମେଶ୍ୱର ସର୍ବଜ୍ଞ ଅଟନ୍ତି ଏବଂ ସେ
ଲୋକମାନଙ୍କୁ ସେମାନଙ୍କର କର୍ମ ଅନୁଯାୟୀ ବିଚାର କରନ୍ତି।
4ବୀରମାନଙ୍କର ସମସ୍ତ ଧନୁ ଭଙ୍ଗା ଯାଇଅଛି ଓ ଝୁଣ୍ଟିପଡୁଥିବା
ଦୁର୍ବଳ ଲୋକମାନେ ବଳଶାଳୀ ହୋଇଛନ୍ତି।
5ଯେଉଁମାନେ, ବେଶି ଖାଦ୍ୟ ଖାଉଥିଲେ, ବର୍ତ୍ତମାନ
ନିଶ୍ଚୟ କଠିନ ପରିଶ୍ରମ କରିବେ। ଖାଦ୍ୟ ଅଭାବରୁ ଯେଉଁମାନେ
କ୍ଷୁଧାର୍ତ୍ତ ଥିଲେ, ସେମାନେ ଖାଦ୍ୟ ପାଇ ଅଛନ୍ତି। ବନ୍ଧ୍ୟା ସପ୍ତ
ସନ୍ତାନ ପ୍ରସବ କରିଅଛି ଓ ସ୍ତ୍ରୀ ଲୋକଟି ଯାହାର ବହୁତ
ସନ୍ତାନ ଥିଲା ସେ ଦୁଃଖିତା ହୋଇଅଛି।
6ସଦାପ୍ରଭୁ ଲୋକମାନଙ୍କର ମୃତ୍ୟୁର କାରଣ ହୁଅ ଓ ସେ
ପୁନର୍ବାର ଲୋକମାନଙ୍କ ଜୀବନ ଫେରାଇ ଆଣିପାରନ୍ତି। ସଦାପ୍ରଭୁ
ଲୋକମାନଙ୍କୁ କବରକୁ ପଠାନ୍ତି ଓ କବରରୁ ସେମାନଙ୍କୁ
ଉଠାଇ ଆଣିପାରନ୍ତି।
7ସଦାପ୍ରଭୁ ଲୋକମାନଙ୍କୁ ନିର୍ଦ୍ଧନ କରନ୍ତି ବା ଧନବାନ
କରାନ୍ତି। ସେ ଲୋକମାନଙ୍କୁ ନମ୍ର କରନ୍ତେ କିମ୍ବା ସେମାନଙ୍କୁ
ଉଚ୍ଚ ସ୍ଥାନରେ ପ୍ରତିଷ୍ଠିତ କରାନ୍ତି।
8ସଦାପ୍ରଭୁ ଗରିବ ଲୋକମାନଙ୍କୁ ଧୂଳିରୁ ଉଠାନ୍ତି। ସେ
ଦରିଦ୍ର ଲୋକମାନଙ୍କୁ ଅଳିଆ ଗଦାରୁ ଉଠାଇବେ। ସେ
ଗରିବ ଲୋକମାନଙ୍କୁ ରାଜକୁମାରମାନଙ୍କ ସହିତ ଓ କୁଳୀନ
ଅତିଥିମାନଙ୍କ ସହିତ ବସିବା ପାଇଁ ଉଠେଇ ଦିଅନ୍ତି କାରଣ
ସଦାପ୍ରଭୁ ସମଗ୍ର ବ୍ରହ୍ମାଣ୍ଡକୁ ନିର୍ମାଣ କରିଛନ୍ତି ଏବଂ ସମୁଦାୟ
ବ୍ରହ୍ମାଣ୍ଡ ତାଙ୍କର ଅଟେ।
9ସଦାପ୍ରଭୁ ତାଙ୍କର ପବିତ୍ର ଭକ୍ତମାନଙ୍କୁ ସୁରକ୍ଷା କରନ୍ତି।
ସେ ସେମାନଙ୍କୁ ଝୁଣ୍ଟିବାରୁ ରକ୍ଷା କରନ୍ତି। କିନ୍ତୁ ମନ୍ଦ
ଲୋକମାନେ ଅନ୍ଧକାରରେ ଝୁଣ୍ଟିପଡନ୍ତି ଓ ଧ୍ୱଂସ ହୁଅନ୍ତି।
ସେମାନଙ୍କର ଶକ୍ତି ସେମାନଙ୍କୁ ରକ୍ଷା କରିବା ପାଇଁ ସାହାଯ୍ୟ
କରେ ନାହିଁ।
10ଯେଉଁମାନେ ଯିଏକି ସର୍ବୋପରିସ୍ଥ ପରମେଶ୍ୱର ସହିତ
ପ୍ରତିବାଦ କରନ୍ତି, ସେମାନେ ଭଗ୍ନ ହେବେ। ସଦାପ୍ରଭୁ
ସ୍ୱର୍ଗରେ ଥାଇ ସେହି ଲୋକମାନଙ୍କ ବିରୁଦ୍ଧରେ ଗର୍ଜନ
କରିବେ।
ଏବଂ ସଦାପ୍ରଭୁ ପୃଥିବୀର ସମସ୍ତ ଲୋକମାନଙ୍କର ବିଚାର
କରିବେ ଓ ସେ ଆପଣା ରାଜାକୁ ବଳ ଦେବେ। ସେ
ତାଙ୍କର ଅଭିଷିକ୍ତ ରାଜାଙ୍କୁ ଉନ୍ନତ କରିବେ।"
11ଏହାପରେ ଇଲ୍‌କାନା ରାମାସ୍ଥିତ ଆପଣା ଘରକୁ ଗଲା।
କିନ୍ତୁ ବାଳକ ଶାମୁୟେଲ ଯାଜକ ଏଲି ଅଧିନରେ ଥାଇ
ସଦାପ୍ରଭୁଙ୍କର ସେବା କଲା।

### ଏଲିଙ୍କର ଦୁଷ୍ଟ ପୁତ୍ରମାନ

12ଏଲିଙ୍କର ପୁତ୍ରମାନେ ପାପୀ ଥିଲେ ଏବଂ ସେମାନେ
ସଦାପ୍ରଭୁଙ୍କୁ ଜାଣିନ୍ତି ନାହିଁ*। 13ସେହି ଯାଜକମାନେ
ଲୋକମାନଙ୍କ ସହିତ ଏପରି ବ୍ୟବହାର କରିବା ଉଚିତ୍।
ଯେତେବେଳେ କେହି ଜଣେ ବଳିଦାନ କଲେ ମାଂସ ସିଦ୍ଧ
ହେବା ସମୟରେ ଯାଜକର ଦାସ ହସ୍ତରେ ତ୍ରିଶୁଳ ଧରି
ଆସେ। 14ଆଉ ଯାଜକର ସେବକ ମାଂସକୁ ତସଲା ବା
ହଣ୍ଡାରୁ ବାହାର କରିବା ପାଇଁ କଣ୍ଟା ଚାମୁଚର ବ୍ୟବହାର
କରିବା ଉଚିତ୍। କଣ୍ଟା ଚାମୁଚ ଦ୍ୱାରା ଯେତିକି ସେବକ
ଆଣିଥାଏ କେବଳ ସେତିକି ହିଁ ଯାଜକ ନେବା ଉଚିତ୍।
ଇସ୍ରାଏଲ ଲୋକମାନେ ଯେଉଁମାନେ ଶିଲୋକୁ ଉପାସନା

---

**ସଦାପ୍ରଭୁ ... କରନ୍ତୁ** ଏଲ୍‌କାନା ସମ୍ଭବତଃ ହାନ୍ନା ପ୍ରତି ଏଲିଙ୍କର ଆଶୀର୍ବାଦ ବିଷୟରେ କହୁଥିଲେ। (v. 17)

**ସଦାପ୍ରଭୁଙ୍କ ... ନାହିଁ** ସେମାନେ ପରମେଶ୍ୱରଙ୍କର ନିୟମକୁ ମାନିଲେ ନାହିଁ।

କରିବା ପାଇଁ ଆସନ୍ତି, ଏହା ଯାହା କି ଯାଜକଗଣ ନୈବେଦ୍ୟ
ପ୍ରତି କରିବା ଉଚିତ୍।
15କିନ୍ତୁ ଯାଜକଗଣ ଯେପରି ବ୍ୟବହାର କରିବା ଉଚିତ୍,
ଏଲିର ପୁତ୍ରଗଣ ସେପରି ବ୍ୟବହାର କଲେ ନାହିଁ। ଏପରିକି
ସେହି ମାଂସର ମେଦ ଯଜ୍ଞବେଦୀରେ ଦଗ୍ଧ ହେବା ପୂର୍ବରୁ,
ସେମାନଙ୍କର ସେବକମାନେ ସେହି ବଳିଦାନ ଉତ୍ସର୍ଗ କରୁଥିବା
ବ୍ୟକ୍ତି ପାଖକୁ ଗଲେ ଏବଂ କହିଲେ, "ପୋଡିବା ପାଇଁ
ଯାଜକମାନଙ୍କୁ କିଛି ମାଂସ ଦିଅ। ଯାଜକମାନେ ତୁମ୍ଭଠାରୁ ରନ୍ଧା
ମାଂସ ଗ୍ରହଣ କରିବେ ନାହିଁ। କେବଳ କଞ୍ଚାମାଂସ ଗ୍ରହଣ
କରିବେ।"
16ଏଥିରେ ଯେବେ ସେ ଲୋକ ତାହାକୁ କହେ,
"ପ୍ରଥମେ ମେଦ ଦଗ୍ଧ ହେବାକୁ ଦିଅ, ତା'ପରେ ତୁମ୍ଭେ
ଯେତେ ଚାହିଁ ସେତେ ନିଅ।" ତେବେ ସେ ଯାଜକର
ସେବକ କହିଥାଏ। ମାତ୍ର "ଏହିକ୍ଷଣି ତାହା ମୋତେ ଦେବାକୁ
ହେବ। ଯଦି ତୁମ୍ଭେ ମୋତେ ନଦିଅ, ତାହାହେଲେ ମୁଁ ଜୋର
କରି ନେଇଯିବି।"
17ଏହିରୂପରେ, ସଦାପ୍ରଭୁଙ୍କ ବିପକ୍ଷରେ ସେହି ଏଲିଙ୍କ
ପୁତ୍ରମାନଙ୍କର ପାପ ଅତି ଭାରିହେଲା କାରଣ ସେହି ଲୋକମାନେ
ସଦାପ୍ରଭୁଙ୍କର ନୈବେଦ୍ୟ ତୁଚ୍ଛଜ୍ଞାନ କଲେ।
18ସେ ସମୟରେ ବାଳକ ଶାମୁୟେଲ ଶୁକ୍ଳ ଏଫୋଦ
ପିନ୍ଧି ସଦାପ୍ରଭୁଙ୍କ ସମ୍ମୁଖରେ ପରିଚର୍ଯ୍ୟା କଲେ। 19ଆହୁରି
ମଧ୍ୟ ତାଙ୍କର ମାତା ପ୍ରତିବର୍ଷ ଆପଣା ସ୍ୱାମୀ ସଙ୍ଗେ ବାର୍ଷିକ
ବଳି ଉତ୍ସର୍ଗ କରିବାକୁ ଆସିବା ବେଳେ ସେ ଶାମୁୟେଲ
ପାଇଁ ଗୋଟିଏ ସାନ କୋର୍ତ୍ତା ବନାଇଥିବା, ତାହା ସେ ତାଙ୍କ
ପାଖକୁ ଆଣିବେ।
20ପୁଣି ଏଲି ଇଲ୍‌କାନାକୁ ଓ ତା'ର ସ୍ତ୍ରୀକୁ ଆଶୀର୍ବାଦ
କଲେ ଏବଂ କହିଲେ, "ସଦାପ୍ରଭୁଙ୍କର ଏହି ସ୍ତ୍ରୀଲୋକ ପ୍ରତି
ଗୋଟିଏ ପିଲା ପାଇଁ ଆଶୀର୍ବାଦ ହେଉ, ହିନାହାବ ପୁତ୍ର
ପ୍ରାର୍ଥନା କରୁଥିବା ସ୍ଥାନକୁ ନିଆହେଉ ଏବଂ ତା'ପରେ
ସଦାପ୍ରଭୁଙ୍କୁ ଦେଲେ।"
21ଏହାପରେ ସେମାନେ ଆପଣା ଗୃହକୁ ଫେରିଗଲେ।
ପୁଣି ସଦାପ୍ରଭୁ ହାନ୍ନା ପ୍ରତି ଦୟା କଲେ ଓ ସେ ତିନି ପୁତ୍ର
ଓ ଦୁଇ କନ୍ୟା ପ୍ରସବ କଲା। ଏଥି ମଧ୍ୟରେ ବାଳକ
ଶାମୁୟେଲ ସଦାପ୍ରଭୁଙ୍କ ଉପସ୍ଥିତିରେ ବଢ଼ିଲା।

### ଏଲି ଦୁଷ୍ଟ ପୁତ୍ରମାନଙ୍କୁ ଶାସନ କରିବାରେ ବିଫଳ ହେଲେ

22ଏଲି ଅତି ବୃଦ୍ଧ ହେଲେ। ପୁଣି ତାଙ୍କର ପୁତ୍ରମାନେ
ସମୁଦାୟ ଇଶ୍ରାୟେଲକୁ ଯାହା ଯାହା କଲେ ଓ ଯିଏକି
ସମାଗମ ତମ୍ବୁର ପ୍ରବେଶ ନିକଟରେ ସେବା କାରୀଣୀ
ସ୍ତ୍ରୀଗଣ ସହିତ କିପରି ଶୟନ କଲେ, ଏସବୁ କଥା ତାଙ୍କ
ଦ୍ୱାରା ଶୁଣା ହେଲା।
23ତହୁଁ ସେ ସେମାନଙ୍କୁ କହିଲେ, "ତୁମ୍ଭେମାନେ କାହିଁକି
ଏପରି କରୁଅଛ? କାରଣ ମୁଁ ଏହି ସମସ୍ତ ଲୋକଙ୍କଠାରୁ
ତୁମ୍ଭମାନଙ୍କ ବିଷୟରେ ନାନା ମନ୍ଦକଥା ଶୁଣୁଅଛି। 24ନାହିଁ,
ନାହିଁ, ମୋର ପୁତ୍ରମାନେ, ମୁଁ ଯେଉଁ ଜନରବ ଶୁଣୁଅଛି, ଭଲ
ନୁହେଁ, ତୁମ୍ଭେମାନେ ସଦାପ୍ରଭୁଙ୍କ ଲୋକମାନଙ୍କୁ ଆଜ୍ଞାଲଂଘନ
କରାଉଅଛ। 25ଜଣେ ମନୁଷ୍ୟ ଯେବେ ଅନ୍ୟ ଜଣେ ମନୁଷ୍ୟ
ବିରୁଦ୍ଧରେ ପାପ କରେ, ତେବେ ପରମେଶ୍ୱର ହୁଏତ୍ ସାହାଯ୍ୟ
କରିପାରନ୍ତି। କିନ୍ତୁ ମନୁଷ୍ୟ ଯେବେ ସଦାପ୍ରଭୁଙ୍କ ବିରୁଦ୍ଧରେ
ପାପ କରେ, ତେବେ କିଏ ତାହା ପାଇଁ ପ୍ରାର୍ଥନା କରିବ?"
ତଥାପି ସେମାନେ ପିତାଙ୍କ ବାକ୍ୟ ଶୁଣିଲେ ନାହିଁ, କାରଣ
ସେମାନଙ୍କୁ ହତ୍ୟା କରିବାକୁ ସଦାପ୍ରଭୁଙ୍କର ଇଚ୍ଛା ଥିଲା।
26କିନ୍ତୁ ବାଳକ ଶାମୁୟେଲ କ୍ରମେ କ୍ରମେ ବଡ ହେଲା
ଆଉ ପରମେଶ୍ୱରଙ୍କର ଓ ଲୋକମାନଙ୍କର ଅନୁଗ୍ରହ ପାତ୍ର
ହେଲା।

### ଏଲିଙ୍କ ପରିବାର ବିଷୟରେ ଭୟଙ୍କର ଭବିଷ୍ୟବାଣୀ

27ଏହାପରେ ପରମେଶ୍ୱରଙ୍କଠାରୁ ଏକ ଲୋକ ଏଲିଙ୍କ
ନିକଟକୁ ଆସି କହିଲା, "ସଦାପ୍ରଭୁ ଏହା କହନ୍ତି, 'ଯେତେବେଳେ
ତୁମ୍ଭର ପୂର୍ବପୁରୁଷଗଣ ମିଶରରେ ଫାରୋର ଦାସତ୍ୱରେ ଥିଲେ।
ସେ ସମୟରେ ମୁଁ ସେମାନଙ୍କ ଆଗରେ ଆବିର୍ଭାବ ହେଲି।
28ଇଶ୍ରାୟେଲର ଗୋଷ୍ଠୀମାନଙ୍କ ମଧ୍ୟରୁ ତୁମ୍ଭର ପରିବାରବର୍ଗକୁ
ମୋର ଯାଜକ ହୋଇ ସେବା କରିବାକୁ, ଏଫୋଦ ପରିଧାନ
କରିବାକୁ ଓ ଯଜ୍ଞବେଦୀରେ ଧୂପ ଜଳାଇବାକୁ ମୁଁ ମନୋନୀତ
କରିଅଛି। ଆହୁରି ମଧ୍ୟ ମୁଁ ତୁମ୍ଭକୁ ଏକ ନିୟମ ଦେଲି ଯେ,
ମୋ ପାଇଁ ଇଶ୍ରାୟେଲର ଲୋକମାନେ ଉତ୍ସର୍ଗ କରୁଥିବା
ମାଂସ ଓ ଅନ୍ୟ ସାମଗ୍ରି ତୁମ୍ଭ ପରିବାରବର୍ଗକୁ ଦିଆଯିବ।
29ତେବେ ତୁମ୍ଭେମାନେ କାହିଁକି ମୋର ନୈବେଦ୍ୟ ଓ
ବଳୀଦାନକୁ ପରିତ୍ୟାଗ କରୁଛ ଯାହାକି ମୋ ମନ୍ଦିରରେ
ଉତ୍ସର୍ଗ କରାଯିବ ବୋଲି ମୁଁ ଆଜ୍ଞା ଦେଇଅଛି? ପୁଣି କାହିଁକି
ତୁମ୍ଭର ପୁତ୍ରଗଣଙ୍କୁ ମୋଠାରୁ ଅଧିକ ସମ୍ମାନ ଦେଉଛ,
ଇଶ୍ରାୟେଲୀୟମାନେ ମୋ ସକାଶେ ଉତ୍ସର୍ଗ କରୁଥିବା ବଳୀର
ଅଂଶ ଓ ମେଦ କାହିଁକି ତୁମ୍ଭ ନିଜ ପାଇଁ ନେଉଛ?'
30"ଏଣୁ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର କହନ୍ତି,
ତୁମ୍ଭ ଗୃହରୁ ଓ ତୁମ୍ଭ ପିତୃଗୃହରୁ ଚିରଦିନ ପାଇଁ ମୋର
ଯାଜକ ହେବ ବୋଲି ମୁଁ ପ୍ରତିଜ୍ଞା କଲି। କିନ୍ତୁ ଏବେ
ସଦାପ୍ରଭୁ କହନ୍ତି, 'ତାହା ଆଉ କେବେ ଘଟିବ ନାହିଁ।
କାରଣ ଯେଉଁମାନେ ମୋତେ ସମ୍ମାନ କରନ୍ତି, ମୁଁ ସେମାନଙ୍କୁ
ସମ୍ମାନ କରିବି। କିନ୍ତୁ ଯେଉଁମାନେ ମୋତେ ତୁଚ୍ଛଜ୍ଞାନ
କରନ୍ତି, ସେମାନଙ୍କୁ ଅସମ୍ମାନ କରାଯିବ। 31ସମୟ ଆସୁଅଛି,
ଯେତେବେଳେ ମୁଁ ତୁମ୍ଭର ଶକ୍ତି ଓ ତୁମ୍ଭର ପିତୃଗୃହର ଶକ୍ତି
କାଟି ପକାଇବି, ସେହିଦିନ ଆସୁଅଛି, ତହିଁରେ ତୁମ୍ଭ ବଂଶରେ
ଜଣେବି ବୃଦ୍ଧ ଲୋକ ରହିବ ନାହିଁ। 32ପୁଣି ପରମେଶ୍ୱର
ଇଶ୍ରାୟେଲକୁ ଆଶୀର୍ବାଦ ଓ ମଙ୍ଗଳ ପ୍ରଦାନ କରିବେ। କିନ୍ତୁ
ତୁମ୍ଭେ ତୁମ୍ଭର ଗୃହରେ ଦୁଃଖ ଦେଖିବ; ଆଉ ତୁମ୍ଭ ଗୃହରେ
କେହି କଦାପି ବୃଦ୍ଧ ହେବେ ନାହିଁ। 33ଆଉ ତୁମ୍ଭର ସମସ୍ତ
ବଂଶଧରଗଣଙ୍କୁ ଆପଣା ଯଜ୍ଞବେଦୀରୁ ଆସୁଥିବା ମୁଁ ଉଚ୍ଛିନ୍ନ
କରିବ ନାହିଁ। ତୁମ୍ଭମାନଙ୍କ ମଧ୍ୟରୁ କେତେକ ମୋର ଯଜ୍ଞବେଦୀରେ
ସେବା କରିବ। ସେମାନେ ତୁମ୍ଭର ପରିବାର ଧ୍ୱଂସ ପାଇଁ
କାନ୍ଦୁଥିବେ ଓ ଶୋକ କରୁଥିବେ। କିନ୍ତୁ ତୁମ୍ଭର ଅଧିକାଂଶ
ବଂଶଧରଗଣ ସେମାନଙ୍କର ଯୌବନାବସ୍ଥାରେ ମରିବେ। 34ପୁଣି
ତୁମ୍ଭର ଦୁଇପୁତ୍ର ହଫ୍‌ନି ଓ ପିନହସ ପ୍ରତି ଯାହା ଘଟିବ,
ତାହା ତୁମ୍ଭ ପାଇଁ ଚିହ୍ନ ସ୍ୱରୂପ ହେବ। ସେ ଦୁହେଁ ଏକ
ଦିନରେ ମରିବେ। 35ପୁଣି ମୁଁ ମୋ ନିମନ୍ତେ ଏକ ବିଶ୍ୱସ୍ତ

ଯାଜକ ଉତ୍ପନ୍ନ କରିବ ଯିଏ ମୋ ମନ ଓ ମୋ ହୃଦୟ ଅନୁସାରେ କର୍ମ କରିବ। ଆଉ ମୁଁ ତାହାର ଗୃହ ପ୍ରତିଷ୍ଠା କରିବ ଏବଂ ସେ ମୋର ମନୋନୀତ ରାଜାଙ୍କ ସମ୍ମୁଖରେ ସର୍ବଦା ସେବା କରିବେ। **36**ଆଉ ତୁମ୍ଭର ଅବଶିଷ୍ଟ ବଂଶଧରଗଣ ଯାଜକ ନିକଟରେ ଆସି ତାଙ୍କୁ ଜବାବ କରିବେ, "ଦୟାକରି ମୋତେ ଯାଜକ ଭାବରେ କିଛି କାମ ଦିଅନ୍ତୁ, ଯାହା ଫଳରେ ମୁଁ କିଛି ଖାଦ୍ୟ ଓ କିଛି ଟଙ୍କା ରୋଜଗାର କରି ପାରିବି।'"'"

## ଶାମୁୟେଲଙ୍କୁ ପରମେଶ୍ୱରଙ୍କ ଡାକରା

**3** ବାଳକ ଶାମୁୟେଲ ଏଲିଙ୍କ ଅଧୀନରେ ସଦାପ୍ରଭୁଙ୍କର ସେବା କଲେ। ସେହି ସମୟରେ ସଦାପ୍ରଭୁଙ୍କ ବାକ୍ୟ ଓ ଦର୍ଶନ ଦୁର୍ଲଭ ଥିଲା।

**2**ଏହି ସମୟରେ ଏଲିଙ୍କର ଚକ୍ଷୁ ଧୁନ୍ଦୁଳା ହେବାକୁ ଲାଗିଲା। ଏଣୁ ସେ ଦେଖି ପାରିଲେ ନାହିଁ, ଏକ ଦିନ ସେ ଆପଣା ସ୍ଥାନରେ ଶୋଇଥିଲେ। **3**ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ ଯେଉଁ ସ୍ଥାନରେ ଥାଏ, ଏମନ୍ତ ସଦାପ୍ରଭୁଙ୍କ ପବିତ୍ର ମନ୍ଦିରରେ ସଦାପ୍ରଭୁଙ୍କ ପ୍ରଦୀପ ଲିଭିବା ପୂର୍ବରୁ ଯେତେବେଳେ ଶାମୁୟେଲ ଶୋଇଥିଲେ, **4**ସେତେବେଳେ ସଦାପ୍ରଭୁ ଶାମୁୟେଲଙ୍କୁ ଡାକିଲେ ଓ ଶାମୁୟେଲ ଉତ୍ତର ଦେଲେ, "ମୁଁ ଏଠାରେ ଅଛି।" **5**ଶାମୁୟେଲ ଏଲିଙ୍କ ନିକଟକୁ ଧାଇଁଯାଇ କହିଲେ, "ମୁଁ ଏଠାରେ ଅଛି, ଆପଣ ମୋତେ ଡାକିଲେ।"

ସେ କହିଲେ, "ମୁଁ ତୁମ୍ଭକୁ ଡାକି ନାହିଁ, ଫେରିଯାଅ ଓ ଶୁଅ।"

ଏବଂ ସେ ଶୋଇଲେ। **6**ଏହାପରେ ସଦାପ୍ରଭୁ "ଶାମୁୟେଲ" ବୋଲି ଆଉଥରେ ଡ଼ାକିଲେ, ତହୁଁ ଶାମୁୟେଲ ଉଠି ଏଲିଙ୍କ ନିକଟକୁ ଯାଇ କହିଲେ, "ମୁଁ ଏଠାରେ ଅଛି, ଆପଣ ମୋତେ ଡାକିଲେ?"

ସେ ଉତ୍ତର ଦେଲେ, "ହେ ମୋର ପୁତ୍ର, ମୁଁ ତୁମ୍ଭକୁ ଡାକି ନାହିଁ, ଫେରିଯାଅ ଓ ଶୁଅ।"

**7**ସେ ସମୟରେ ଶାମୁୟେଲ ସଦାପ୍ରଭୁଙ୍କୁ ଜାଣି ନଥିଲା, କାରଣ ସଦାପ୍ରଭୁ ତାଙ୍କଠାରେ ତାଙ୍କର ବାକ୍ୟ କଥା ପ୍ରକାଶ କରି ନଥିଲେ।

**8**ଏହାପରେ ସଦାପ୍ରଭୁ ପୁନର୍ବାର ତୃତୀୟଥର ଶାମୁୟେଲଙ୍କୁ ଡାକିଲେ। ତହୁଁ ସେ ଉଠି ଏଲିଙ୍କ ନିକଟକୁ ଯାଇ କହିଲେ, "ମୁଁ ଏଠାରେ ଅଛି ଆପଣ ମୋତେ ଡାକିଲେ ପରା,"

ଏଥିରେ ସଦାପ୍ରଭୁ ଯେ ବାଳକକୁ ଡାକୁଅଛନ୍ତି ଏହା ଏଲି ବୁଝିଲେ। **9**ତେଣୁ ଏଲି ଶାମୁୟେଲଙ୍କୁ କହିଲେ, "ଯାଇ ଶୁଅ, ଯେବେ ସେ ତୁମ୍ଭକୁ ଡାକନ୍ତି, ତେବେ ତୁମ୍ଭେ କହିବ, 'ହେ ସଦାପ୍ରଭୁ, କହନ୍ତୁ ଆପଣଙ୍କ ଦାସ ଶୁଣୁଅଛି।'"

ତହୁଁ ଶାମୁୟେଲ ଯାଇ ଆପଣା ସ୍ଥାନରେ ଶୋଇଲେ। **10**ଏହାପରେ ସଦାପ୍ରଭୁ ଆସିଲେ ଏବଂ ସେଠାରେ ଛିଡା ହେଲେ, ଆଗଥର ପରି ସେ "ଶାମୁୟେଲ, ଶାମୁୟେଲ" ବୋଲି ଡାକିଲେ।

ତା'ପରେ ଶାମୁୟେଲ ଉତ୍ତର ଦେଲେ, "ମୋତେ କୁହନ୍ତୁ ଆପଣଙ୍କ ଦାସ ଶୁଣୁଅଛି।"

**11**ତା'ପରେ ସଦାପ୍ରଭୁ ଶାମୁୟେଲଙ୍କୁ କହିଲେ, "ଦେଖ, ମୁଁ ଇସ୍ରାୟେଲରେ କିଛି ଗୋଟିଏ କରିବ, ସେହି ସମସ୍ତେ ଯେଉଁମାନେ ଏବିଷୟରେ ଶୁଣିବେ, ମନଦୁଃଖ କରିବେ। **12**ମୁଁ ଏଲିର ପରିବାରକୁ ଯାହା ଯାହା କହିଅଛି ସେ ସମସ୍ତ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ପୂରଣ କରିବ। **13**ମୁଁ ତାକୁ କହିଅଛି ଯେ, ମୁଁ ଚିରଦିନ ତା'ର ବଂଶକୁ ଦଣ୍ଡ ଦେବି, ଯେହେତୁ ତା'ର ଅପରାଧ ତାକୁ ଜଣାଅଛି। ସେ ଜାଣିଲା ଯେ, ସେମାନେ ପରମେଶ୍ୱରଙ୍କ ବିରୁଦ୍ଧରେ କରୁଛନ୍ତି ଓ କହୁଛନ୍ତି। ତଥାପି ଏଲି ତା'ର ପୁତ୍ରମାନଙ୍କୁ ନିୟନ୍ତ୍ରଣ କଲା ନାହିଁ। **14**ମୁଁ ପ୍ରତିଜ୍ଞା କରୁଅଛି ଯେ, ଏଲିର ପରିବାର ପାପ ବଳିଦାନ ଉତ୍ସର୍ଗ ଦ୍ୱାରା କିମ୍ବା ଶସ୍ୟ ନୈବେଦ୍ୟ ଉତ୍ସର୍ଗ ଦ୍ୱାରା କେବେ ପ୍ରାୟଶ୍ଚିତ୍ତ ହେବ ନାହିଁ।"

**15**ତହୁଁ ଶାମୁୟେଲ ଶୋଇବାକୁ ଗଲେ। ସଦାପ୍ରଭୁଙ୍କ ମନ୍ଦିରଦ୍ୱାର ଫିଟାଇବାକୁ ଶୀଘ୍ର ଉଠିଲେ। ଏଲିଙ୍କୁ ସେହି ଦର୍ଶନ ବିଷୟ ଜଣାଇବାକୁ ଶାମୁୟେଲ ଭୟକଲା।

**16**ଏଥି, "ହେ ମୋହର ପୁତ୍ର ଶାମୁୟେଲ," ଏହା କହି ଏଲି ଶାମୁୟେଲଙ୍କୁ ଡାକିଲେ।

ତହିଁରେ ସେ ଉତ୍ତର ଦେଲେ, "ମୁଁ ଏଠାରେ ଅଛି।"

**17**ତା'ପରେ ସେ ପଚାରିଲେ, "ସଦାପ୍ରଭୁ ତୁମ୍ଭକୁ କି କଥା କହିଲେ? ମୁଁ ତୁମ୍ଭକୁ ବିନୟ କରୁଅଛି, କିଛି ନ ଲୁଚାଇ ମୋତେ କୁହ, "ପରମେଶ୍ୱରଙ୍କ ବାର୍ତ୍ତା ଯଦି କିଛି ମୋଠାରେ ଲୁଚାଅ ପରମେଶ୍ୱର ତୁମ୍ଭଙ୍କୁ ଦଣ୍ଡ ଦେବେ।"

**18**ତହିଁରେ ଶାମୁୟେଲ କିଛି ଗୁପ୍ତ ନ କରି ତାହାଙ୍କୁ ସବୁକଥା ଜଣାଇଲେ।

ତା'ପରେ ଏଲି କହିଲେ, "ସେ ସଦାପ୍ରଭୁ, ଯାହା ସଦାପ୍ରଭୁ ଭାବନ୍ତି ତାହା ଯଥାର୍ଥ, ତାହା ସେ କରନ୍ତୁ।"

**19**ତା'ପରେ ଶାମୁୟେଲ ବଡ ହେଲେ ଓ ସଦାପ୍ରଭୁ ତାଙ୍କ ସଙ୍ଗେ ରହିଲେ। ସଦାପ୍ରଭୁ ତାଙ୍କର କୌଣସି ବାକ୍ୟ ମିଛ ହେବାକୁ ଦେଲେ ନାହିଁ। **20**ତା'ପରେ ଶାମୁୟେଲ ସଦାପ୍ରଭୁଙ୍କ ପ୍ରକୃତ ଭବିଷ୍ୟଦ୍‌ବକ୍ତା ବୋଲି ଦାନଠାରୁ ବେରଶେବା ପର୍ଯ୍ୟନ୍ତ ସମସ୍ତ ଇସ୍ରାୟେଲୀୟ ଜ୍ଞାତ ହେଲେ। **21**ଆହୁରି ସଦାପ୍ରଭୁ ଶୀଲୋରେ ପୁନର୍ବାର ଶାମୁୟେଲଙ୍କୁ ଦର୍ଶନ ଦେଲେ। ସଦାପ୍ରଭୁ ଶୀଲୋରେ ଶାମୁୟେଲ ନିକଟରେ ତାଙ୍କ ବାକ୍ୟ ଦ୍ୱାରା ଆପଣାକୁ ପ୍ରକାଶ କଲେ।

**4** ଆଉ ଶାମୁୟେଲର କଥା ସମସ୍ତ ଇସ୍ରାୟେଲ ମଧ୍ୟରେ ପ୍ରଚଳିତ ହେଲା। ଏଲି ବୃଦ୍ଧ ହେଲେ, ତାଙ୍କର ପୁତ୍ରମାନେ ପରମେଶ୍ୱରଙ୍କ ବିରୁଦ୍ଧରେ* କୁକାର୍ଯ୍ୟ କରି ଚାଲିଲେ।

## ପଲେଷ୍ଟୀୟମାନେ ଇସ୍ରାୟେଲୀୟମାନଙ୍କୁ ପରାଜିତ କଲେ

ଏହାପରେ ଇସ୍ରାୟେଲୀୟମାନେ ପଲେଷ୍ଟୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଗଲେ। ସେମାନେ ଏବନ୍-ଏଜର ନିକଟରେ ଛାଉଣୀ ସ୍ଥାପନ କଲେ ଓ ପଲେଷ୍ଟୀୟମାନେ ଅଫେକରେ ଛାଉଣୀ ସ୍ଥାପନ କଲେ। **2**ଏହାପରେ ପଲେଷ୍ଟୀୟମାନେ ଇସ୍ରାୟେଲ ବିରୁଦ୍ଧରେ ନିଜକୁ ପ୍ରସ୍ତୁତ କଲେ। ଯୁଦ୍ଧ ସମୟରେ

ଇସ୍ରାୟେଲୀୟଗଣ ପଲେଷ୍ଟୀୟମାନଙ୍କ ଦ୍ୱାରା ପରାଜିତ ହେଲେ; ଓ 4,000 ସୈନ୍ୟ ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁବରଣ କଲେ।

---

**ଏଲି ... ପରମେଶ୍ୱରଙ୍କ ବିରୁଦ୍ଧରେ** ଏହି ଖଣ୍ଡବାକ୍ୟ ପ୍ରାଚୀନ ଗ୍ରୀକ୍‌ର ଅନୁବାଦ ଅଟେ, କିନ୍ତୁ ହିବ୍ରୁରେ ନୁହେଁ।

3ତା'ପରେ ଇଶ୍ରାୟେଲୀୟ ସୈନ୍ୟଗଣ ଛାଉଣୀ ନିକଟକୁ
ଫେରି ଆସିଲେ। ତା'ପରେ ପ୍ରାଚୀନଗଣ ପଚାରିଲେ, "ସଦାପ୍ରଭୁ
କାହିଁକି ଇଶ୍ରାୟେଲୀମାନଙ୍କୁ ପଲେଷ୍ଟୀୟମାନଙ୍କ ଦ୍ୱାରା ପରାସ୍ତ
କଲେ? ଆସ, ଆମ୍ଭେମାନେ ଶିଲୋଠାରୁ ସଦାପ୍ରଭୁଙ୍କର ନିୟମ-
ସିନ୍ଦୁକକୁ ଆଣିବା। ଏହିପରି ଭାବରେ, ସେ ଆମ୍ଭମାନଙ୍କ
ସହିତ ଆସିବେ ଓ ଆମ୍ଭମାନଙ୍କୁ ଶତ୍ରୁମାନଙ୍କଠାରୁ ରକ୍ଷା
କରିବେ।"

4ତା'ପରେ ସେମାନେ ଲୋକମାନଙ୍କୁ ଶୀଲୋକୁ ପଠାଇ
ସର୍ବଶକ୍ତିମାନ ସଦାପ୍ରଭୁଙ୍କ ନିୟମ-ସିନ୍ଦୁକ ଆଣିଲେ। ସିନ୍ଦୁକର
ଉପରେ କିରୂବ ଦୂତଗଣ ଥିଲେ। ସେମାନେ ପରମେଶ୍ୱରଙ୍କ
ସିଂହାସନ ପରି ଏଲିଙ୍କର ଦୁଇପୁତ୍ର ହଫ୍‌ନି ଓ ପୀନହସ୍
ପରମେଶ୍ୱରଙ୍କ ନିୟମ-ସିନ୍ଦୁକ ସଙ୍ଗେ ଆସିଲେ।

5ପୁଣି ସଦାପ୍ରଭୁଙ୍କ ନିୟମ-ସିନ୍ଦୁକ ଛାଉଣୀକି ଆସନ୍ତେ
ସମଗ୍ର ଇଶ୍ରାୟେଲ ଏପରି ମହା ଜୟଧ୍ୱନି କଲେ, ଯେ
ପୃଥିବୀ କମ୍ପିଲା। 6ତହୁଁ ପଲେଷ୍ଟୀୟମାନେ ସେହି ଜୟଧ୍ୱନି
ଶୁଣି କହିଲେ, "ଏବ୍ରୀୟମାନଙ୍କ ଛାଉଣୀରେ ଏହି ମହାଜୟଧ୍ୱନିର
ଅଭିପ୍ରାୟ କ'ଣ?"

ଆଉ ସେମାନେ ଜାଣିଲେ, ଯେ ସଦାପ୍ରଭୁଙ୍କ ପବିତ୍ର
ସିନ୍ଦୁକ ଇଶ୍ରାୟେଲର ଛାଉଣୀକି ଅଣାଗଲା। 7ତହିଁରେ
ପଲେଷ୍ଟୀୟମାନେ ଭୀତ ହୋଇ କହିଲେ, "ପରମେଶ୍ୱର ଛାଉଣୀକି
ଆସି ଅଛନ୍ତି, ଆହୁରି ମଧ୍ୟ ସେମାନେ କହିଲେ, ହାୟ!
ଆମ୍ଭେମାନେ ଅସୁବିଧାରେ ଅଛୁ। ଏହା ପୂର୍ବରୁ ଏପରି କେବେ
ହୋଇନାହିଁ। 8ହାୟ! ଏହି ବଳବାନ୍ ଦେବଗଣ ହସ୍ତରୁ
ଆମ୍ଭମାନଙ୍କୁ କିଏ ଉଦ୍ଧାର କରିବ? ଏହି ଦେବଗଣ ପ୍ରାନ୍ତରରେ
ଭୟଙ୍କର ରୋଗ ଓ ମହାମାରୀ ଦ୍ୱାରା ମିସ୍ରୀୟମାନଙ୍କୁ ଆଘାତ
କରିଥିଲେ। 9ହେ ପଲେଷ୍ଟୀୟମାନେ, ତୁମ୍ଭେମାନେ ବଳବାନ ଓ
ସାହସୀ ହୁଅ। ପୁରୁଷ ପଣରେ ଯୁଦ୍ଧ କର। ତହିଁରେ
ଏବ୍ରୀୟମାନେ ଆମ୍ଭର ଦାସ ହୋଇଥିଲେ, ତେଣୁ ତୁମ୍ଭେମାନେ
ନିଶ୍ଚୟ ସେମାନଙ୍କର ଦାସ ହୋଇ ପାରିବ ନାହିଁ। ତୁମ୍ଭେମାନେ
ପୁରୁଷତ୍ୱ ପ୍ରକାଶ କର ଓ ଯୁଦ୍ଧ କର।"

10ତହିଁରେ ପଲେଷ୍ଟୀୟମାନେ ଯୁଦ୍ଧ କଲେ ଓ
ଇଶ୍ରାୟେଲୀୟମାନେ ପରାସ୍ତ ହୋଇ ପ୍ରତ୍ୟେକ ଆପଣା ଆପଣା
ତମ୍ବୁକୁ ଫେରିଗଲେ, ସେତେବେଳେ ଅତି ମହାସଂହାର
ହେଲା, କାରଣ ସେଥିରେ ଇଶ୍ରାୟେଲର 30,000 ପଦାତିକ
ସୈନ୍ୟ ମରି ପଡ଼ିଲେ। 11ପୁଣି ପଲେଷ୍ଟୀୟମାନେ ପରମେଶ୍ୱରଙ୍କ
ପବିତ୍ର ସିନ୍ଦୁକକୁ ଧରିଲେ। ଆଉ ଏଲିଙ୍କର ଦୁଇ ପୁତ୍ର ହଫନି
ଓ ପୀନହସ୍ ହତ ହେଲେ।

12ସୈନ୍ୟମାନଙ୍କ ମଧ୍ୟରୁ ଜଣେ ବିନ୍ୟାମୀନୀୟ ଲୋକ
ଯୁଦ୍ଧଭୂମି ଛାଡିଦେଲା ଓ ସାରା ରାସ୍ତାରେ ସିୟୋଲ ଆଡକୁ
ଦୌଡିଲା। ତା'ର ବସ୍ତ୍ରଗୁଡିକ ଚିରିଗଲା ଏବଂ ତା'ର ମସ୍ତକରେ
ମାଟି ଥିଲା। ସେହିଦିନ ସେ ସିୟୋଲରେ ପହଞ୍ଚିଲା। 13ସେହି
ସମୟରେ ଏଲି ଫାଟକ ପାଖରେ ବସି ଅପେକ୍ଷା କରିଥିଲେ,
କାରଣ ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ ନିମନ୍ତେ ତାଙ୍କର ହୃଦୟ
ଉତ୍କଣ୍ଠିତ ଥିଲା। ଇତ୍ୟବସରରେ ସେହିଲୋକ ସମ୍ବାଦ ଦେଲା
ଏବଂ ନଗରଯାକ ଉଚ୍ଚସ୍ୱରରେ କାନ୍ଦି ଉଠିଲେ। 14ତା'ପରେ
ଏଲି ସେହି କ୍ରନ୍ଦନ ଶବ୍ଦ ଶୁଣି କହିଲେ, "ଏହି କୋଳାହଳ
ଶବ୍ଦର ଅଭିପ୍ରାୟ କ'ଣ?" ତହୁଁ ସେହି ଲୋକ ଶୀଘ୍ର ଏଲିଙ୍କୁ
ସମ୍ବାଦ ଦେଲା। 15ସେ ସମୟରେ ଏଲି ଅଠାନବେ ବର୍ଷ
ବୟସ୍କ ହୋଇଥିଲେ ଓ ଅନ୍ଧ ହୋଇଥିବାରୁ ସେ ଦେଖି
ପାରିଲେ ନାହିଁ।

16ତା'ପରେ ସେହି ଲୋକଟି ଏଲିଙ୍କୁ କହିଲା, "ମୁଁ ଏକ
ସୈନ୍ୟ ଯିଏ କି ଏବେ ଯୁଦ୍ଧରୁ ଫେରି ଆସିଲି।" ମୁଁ ଆଜି
ଯୁଦ୍ଧରୁ ଦୌଡି ପଳାଇ ଆସିଲି।

ତା'ପରେ ଏଲି ତାକୁ ପଚାରିଲେ, "ହେ ପୁତ୍ର, କ'ଣ
ହେଲା?"

17ତହୁଁ ସମାଚାର ଆଣିଥିବା ଲୋକ ଉତ୍ତର ଦେଇ
କହିଲା, "ଇଶ୍ରାୟେଲ ପଲେଷ୍ଟୀୟମାନଙ୍କ ସମ୍ମୁଖରୁ ଦୌଡି
ପଳାଇଲେ। ଇଶ୍ରାୟେଲୀୟ ସୈନ୍ୟବାହିନୀ ତାଙ୍କର ବହୁତ
ସୈନ୍ୟ ହରାଇଲେ। ତୁମ୍ଭର ଦୁଇ ପୁତ୍ର ହଫନି ଓ ପୀନହସ
ମଲେ ଓ ପଲେଷ୍ଟୀୟମାନେ ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ
ନେଇଗଲେ।"

18ଯେତେବେଳେ ଏଲି ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ
ବିଷୟରେ ଶୁଣିଲେ, ଏଲି ଆପଣା ଚୌକି ପଛଆଡ଼େ ପଡ଼ିଗଲେ,
ତହୁଁ ତାଙ୍କର ବେକ ଭାଙ୍ଗିଗଲା ଓ ସେ ମୃତ୍ୟୁବରଣ କଲେ,
କାରଣ ସେ ବୃଦ୍ଧ ଓ ଭାରୀ ଥିଲେ। ସେ ଚାଳିଶବର୍ଷ
ଇଶ୍ରାୟେଲର ନେତୃତ୍ୱ ନେଲେ।

## ଗୌରବ ସମାପ୍ତ ହୋଇଗଲା

19ସେ ସମୟରେ ଏଲିର ପୁତ୍ରବଧୂ ପୀନହସର ସ୍ତ୍ରୀ
ଗର୍ଭବତୀ ଥିଲା ଓ ତା'ର ପ୍ରସବକାଳ ନିକଟ ଥିଲା ଏହା
ଶୁଣିବା ପରେ ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ ଧରା ପଡିଲା।
ତା'ର ଶ୍ୱଶୁର ଓ ସ୍ୱାମୀ ମୃତ୍ୟୁବରଣ କଲେ। ଅତି ପ୍ରସବକାଳୀନ
ଯନ୍ତ୍ରଣା ଭୋଗ କରୁକରୁ ସେ ପ୍ରସବ କଲା। 20ତା'ପରେ
ପ୍ରାୟ ତାହାର ମରଣ ହେଲାପରି, ତାହା ନିକଟରେ ଠିଆ
ହୋଇଥିବା ସ୍ତ୍ରୀମାନେ ତାକୁ କହିଲେ, "ଭୟ କର ନାହିଁ,
ତୁମ୍ଭେ ତ ପୁତ୍ର ପ୍ରସବ କରିଅଛ,"

ମାତ୍ର ସେ କିଛି ଉତ୍ତର ଦେଲା ନାହିଁ କିଅବା ତହିଁରେ
ମନ ଦେଲା ନାହିଁ। 21ସେ ସେହି ବାଳକର ନାମ
ଐ-କାବୋଦ୍ ଦେଲା। ତା'ର ଅର୍ଥ, "ଇଶ୍ରାୟେଲରୁ ଗୌରବ
ଚାଲି ଯାଇଛି।" ଏହା ଧାରଣା ଦିଏ ଯେ ସଦାପ୍ରଭୁଙ୍କର ସିନ୍ଦୁକ
ଧରା ପଡିଛି ଏବଂ ତା'ର ଶ୍ୱଶୁର ଓ ସ୍ୱାମୀ ମୃତ୍ୟୁ ବରଣ
କରିଥିଲେ। 22ଏବଂ ସେ କହିଲା, "ଇଶ୍ରାୟେଲରୁ ଗୌରବ
ଚାଲିଯାଇଛି," କାରଣ ସଦାପ୍ରଭୁଙ୍କ ପବିତ୍ର ସିନ୍ଦୁକ ବହି
ନିଆଗଲା।

## ପବିତ୍ର ସିନ୍ଦୁକ ପଲେଷ୍ଟୀୟମାନଙ୍କୁ କଷ୍ଟ ଦେଲା

5 ଏଥି ମଧ୍ୟରେ ପଲେଷ୍ଟୀୟମାନେ ପରମେଶ୍ୱରଙ୍କ ପବିତ୍ର
ସିନ୍ଦୁକ ନେଇ ଏବନ୍-ଏଜରରୁ ଅସ୍‌ଦୋଦକୁ ଯାଇଥିଲେ।
2ତହିଁ ଉତ୍ତାରୁ ପଲେଷ୍ଟୀୟମାନେ ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ
ନେଇ ଦାଗୋନ ମନ୍ଦିରକୁ ଆଣି ଦାଗୋନ ଦେବତା ନିକଟରେ
ରଖିଲେ। 3ତହିଁ ପରଦିନ ଅସ୍‌ଦୋଦର ଲୋକମାନେ ଶୀଘ୍ର
ଉଠିଲେ ଏବଂ ଦେଖିଲେ, ଦାଗୋନ୍‌ର ମୂର୍ତ୍ତି ସଦାପ୍ରଭୁଙ୍କ
ସିନ୍ଦୁକ ସମ୍ମୁଖରେ ମୁହଁମାଡ଼ି ଭୂମିରେ ପଡ଼ିଅଛି। ଦାଗୋନ୍‌ର
ଲୋକମାନେ ପୁନର୍ବାର ଉଠାଇ ସ୍ଥାନରେ ରଖିଲେ।

4ତା'ପରେ ପୁଣି ସେମାନେ ପରଦିନ ପ୍ରଭାତରେ ଯେତେବେଳେ
ଉଠିଲେ ଦାଗୋନ ସଦାପ୍ରଭୁଙ୍କ ପବିତ୍ର ସିନ୍ଦୁକ ସମ୍ମୁଖରେ ମୁହଁ
ମାଡ଼ି ଭୂମିରେ ପଡ଼ିଥିଲା ଏବଂ ବାହୁଗୁଡ଼ିକ ଓ ମୁଣ୍ଡ କଟା
ହୋଇଥିଲା ଏବଂ ଦ୍ୱାରବନ୍ଧ ଉପରେ ପଡ଼ିଥିଲା। କିନ୍ତୁ ତାହାର
ଗଣ୍ଡି ଗୋଟିଏ ଖଣ୍ଡ ହୋଇ ରହିଥିଲା। 5ଏଥିପାଇଁ ଦାଗୋନର
ଯାଜକମାନେ ଅବା ଯେଉଁମାନେ ଦାଗୋନ ମନ୍ଦିରକୁ ଆସନ୍ତି,
ସେମାନେ ଆଜି ପର୍ଯ୍ୟନ୍ତ ଅସ୍ଦୋଦସ୍ଥିତ ଦାଗୋନ ମନ୍ଦିରର
ଦ୍ୱାରବନ୍ଧକୁ ମାଡନ୍ତି ନାହିଁ।

6ଅସ୍ଦୋଦୀୟ ଲୋକମାନଙ୍କର ଓ ସେମାନଙ୍କର
ପଡ଼ୋଶୀମାନଙ୍କର ଜୀବନକୁ ସଦାପ୍ରଭୁ କଠିନ କରି ସେମାନଙ୍କୁ
ନାନା କଷ୍ଟ ଦେଲେ। ସେ ସେମାନଙ୍କୁ ଅର୍ଶ ରୋଗରେ
ଆଘାତ କଲେ। ସେ ମଧ୍ୟ ସେମାନଙ୍କ ପାଇଁ ମୂଷାଗୁଡ଼ିକ
ପଠେଇଲେ, ଯାହାକି ସେମାନଙ୍କର ଜାହାଜଗୁଡ଼ିକରେ ଓ
ଦେଶରେ ଭର୍ତ୍ତି ହୋଇଗଲେ। ଫଳରେ ଲୋକମାନେ ଡରିଗଲେ।
7ଏହିପରି ଅସ୍ଦୋଦୀୟ ଲୋକମାନେ ଯାହାସବୁ ଘଟିଯାଉଥିଲା
ଦେଖିଲେ ଏବଂ କହିଲେ, "ଇଶ୍ରାୟେଲର ପରମେଶ୍ୱରଙ୍କ
ପବିତ୍ର ସିନ୍ଦୁକ ଆମ୍ଭମାନଙ୍କ ନିକଟରେ ରହିବ ନାହିଁ, କାରଣ
ଆମ୍ଭମାନଙ୍କ ଉପରେ ଓ ଆମ୍ଭ ଦେବତା ଦାଗୋନ୍ ଉପରେ
ତାଙ୍କର ହସ୍ତ ନିଷ୍ଠୁର ହୋଇଅଛି।"

8ଏଣୁ ସେମାନେ ଲୋକ ପଠାଇ ପଲେଷ୍ଟୀୟମାନଙ୍କ ସମସ୍ତ
ଅଧିପତିଙ୍କୁ ଆପଣାମାନଙ୍କ ନିକଟରେ ଏକତ୍ରିତ କରି କହିଲେ,
"ଇଶ୍ରାୟେଲର ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ ବିଷୟରେ
ଆମ୍ଭେମାନେ କ'ଣ କରିବା?"

ତହିଁରେ ସେମାନେ ଉତ୍ତର ଦେଇ କହିଲେ, "ଇଶ୍ରାୟେଲର
ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ ଗାଥକୁ ନିଆଯାଉ।" ତା'ପରେ
ସେମାନେ ସେଠାକୁ ଇଶ୍ରାୟେଲର ପରମେଶ୍ୱରଙ୍କ ପବିତ୍ର
ସିନ୍ଦୁକ ନେଇଗଲେ।

9ପୁଣି ସେମାନେ ତାହା ନେଇଗଲା ପରେ ଏହା ଏପରି
ହେଲା, ଯେ ସଦାପ୍ରଭୁଙ୍କ ହସ୍ତ ଗାଥ ନଗରକୁ ଭୟ ଓ
ଯନ୍ତ୍ରଣାରେ ଆଘାତ କଲା; ପୁଣି ସେ ନଗରସ୍ଥ ସାନ ଓ ବଡ଼
ଉଭୟଙ୍କୁ ସେ କ୍ଳେଶ ଦେଲେ ଓ ସେମାନଙ୍କଠାରେ ଅର୍ଶରୋଗ
ବାହାରିଲା। 10ଏହାପରେ ସେମାନେ ପରମେଶ୍ୱରଙ୍କ ପବିତ୍ର
ସିନ୍ଦୁକ ଇକ୍ରୋଣକୁ ପଠାଇଲେ। ଯେତେବେଳେ ଇଶ୍ରାୟେଲର
ପରମେଶ୍ୱରଙ୍କର ପବିତ୍ର ସିନ୍ଦୁକ ଆସିଲା।

ଇକ୍ରୋଣୀୟମାନେ ଚିତ୍କାର କରି କହିଲେ, "ଆମ୍ଭମାନଙ୍କୁ
ଓ ଆମ୍ଭମାନଙ୍କ ଲୋକଙ୍କୁ ବଧ କରିବା ପାଇଁ ତୁମ୍ଭେମାନେ
ଇଶ୍ରାୟେଲର ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ ଆମ୍ଭମାନଙ୍କ
ନିକଟକୁ ଆଣିଛ।" 11ଏହେତୁ ସେମାନେ ଲୋକ ପଠାଇ
ପଲେଷ୍ଟୀୟମାନଙ୍କ ସମସ୍ତ ଅଧିପତିଙ୍କୁ ଏକତ୍ରୀତ କରି କହିଲେ,
"ଇଶ୍ରାୟେଲର ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ ପଠାଇ ଦିଅ,
ତାହା ସ୍ୱସ୍ଥାନକୁ ଫେରିଯାଉ। ତାହା ଆମ୍ଭମାନଙ୍କୁ ଓ ଆମ୍ଭମାନଙ୍କ
ଲୋକଙ୍କୁ ହତ୍ୟା ନ କରୁ," କାରଣ ନଗରର ସବୁଆଡ଼େ
ମୃତ୍ୟୁଜନିତ ବ୍ୟାକୁଳତା ଜନ୍ମି ଥିଲା। ପରମେଶ୍ୱରଙ୍କ ହସ୍ତ
ସେଠାରେ ଅତି ଭାରି ଥିଲା।

12ପୁଣି ଯେଉଁଲୋକମାନେ ମଲେ ନାହିଁ, ସେମାନେ ଅର୍ଶ
ରୋଗରେ ପୀଡ଼ିତ ହେଲେ; ଆଉ ନଗରର ଆର୍ତ୍ତନାଦ ସ୍ୱର୍ଗକୁ
ଉଠିଲା।

## ପରମେଶ୍ୱରଙ୍କର ପବିତ୍ର ସିନ୍ଦୁକକୁ ନିଜ ଘରକୁ ପଠାଇ ଦିଆଗଲା

6 ସଦାପ୍ରଭୁଙ୍କ ପବିତ୍ର ସିନ୍ଦୁକ ପଲେଷ୍ଟୀୟମାନଙ୍କ ଦେଶରେ
ସାତମାସ ରହିଲା। 2ତା'ପରେ ସେମାନେ ସେମାନଙ୍କର
ଯାଜକମାନଙ୍କୁ, ମନ୍ତ୍ରଜ୍ଞମାନଙ୍କୁ ଡକାଇ କହିଲେ, "ପରମେଶ୍ୱରଙ୍କ
ସିନ୍ଦୁକ ସହ ଆମ୍ଭେ କ'ଣ କରିବାକୁ ହେବ?" ଦୟାକରି
ଆମ୍ଭମାନଙ୍କୁ ଜଣାଅ, କିପରି ଭାବରେ ଏହାକୁ ଫେରାଇବାକୁ
ହେବ।

3ତହିଁରେ ସେମାନେ କହିଲେ, "ଯଦି ତୁମ୍ଭେମାନେ
ଇଶ୍ରାୟେଲର ପରମେଶ୍ୱରଙ୍କ ସିନ୍ଦୁକ ଫେରାଇ ଦେବ, ତେବେ
ତାହା ଖାଲି ପଠାଅ ନାହିଁ। କିନ୍ତୁ ତୁମ୍ଭର ପାପରୁ ଦୂରେଇ
ଯିବା ପାଇଁ ଏହା ସହିତ ଉପହାର ଓ ନୈବେଦ୍ୟ ପଠାଅ।
ତେବେ ତୁମ୍ଭେମାନେ ସୁସ୍ଥ ହେବ ଓ ପବିତ୍ର ହେବ, ଏବଂ
ତୁମ୍ଭେମାନେ କଳ୍ପନା କରିବ, କାହିଁକି ପରମେଶ୍ୱର ତୁମ୍ଭମାନଙ୍କୁ
ଦଣ୍ଡ ଦେବା ବନ୍ଦ କଲେ ନାହିଁ।"

4ତା'ପରେ ସେମାନେ ପଚାରିଲେ, "ଆମ୍ଭମାନଙ୍କୁ କ୍ଷମା
ଦେବା ପାଇଁ ଆମ୍ଭେମାନେ କି ପ୍ରକାର ଉପହାର ଇଶ୍ରାୟେଲର
ପରମେଶ୍ୱରଙ୍କୁ ପଠାଇବା ଉଚିତ୍?"

ସେମାନେ ଉତ୍ତର ଦେଲେ, "ପାଞ୍ଚୋଟି ସୁବର୍ଣ୍ଣର ଅର୍ଶ
ଏବଂ ପାଞ୍ଚୋଟି ସୁବର୍ଣ୍ଣର ମୂଷା, ପଲେଷ୍ଟୀୟ ଶାସକମାନଙ୍କ
ସଂଖ୍ୟାନୁସାରେ, କାରଣ ତୁମ୍ଭେମାନେ ସମସ୍ତେ ଏବଂ ତୁମ୍ଭମାନଙ୍କର
ଶାସକଗଣ ଏକ ପ୍ରକାର ରୋଗରେ ଆକ୍ରାନ୍ତ ହେଲେ।
5ତୁମ୍ଭେମାନେ ଆପଣାମାନଙ୍କ ଅର୍ଶ ପ୍ରତିମା ଓ ଦେଶନାଶକାରୀ
ମୂଷିକ ପ୍ରତିମା ନିର୍ମାଣ କର। ଯେଉଁଗୁଡ଼ିକ ତୁମ୍ଭର ଭୂମିକୁ
ଆକ୍ରମଣ କରନ୍ତି ଓ ଧ୍ୱଂସ କରନ୍ତି ଓ ଇଶ୍ରାୟେଲର
ପରମେଶ୍ୱରଙ୍କୁ ସମ୍ମାନ ଦିଅ। ତାହେଲେ ସେ ହୁଏତ ତୁମ୍ଭମାନଙ୍କୁ,
ତୁମ୍ଭର ଦେବତାଗଣଙ୍କୁ ଓ ତୁମ୍ଭର ଦେଶକୁ ଦଣ୍ଡିତ କରିବା
ବନ୍ଦ କରିବ। 6ମିଶ୍ରୀୟମାନେ ଓ ଫାରୋ କଲାପରି ତୁମ୍ଭମାନଙ୍କର
ହୃଦୟକୁ କଠିନ କର ନାହିଁ। ଯେତେବେଳେ ପରମେଶ୍ୱର
ସେମାନଙ୍କୁ ନିର୍ମମ ଭାବରେ ଦଣ୍ଡ ଦେଲେ। ସେମାନେ
ଇଶ୍ରାୟେଲୀୟମାନଙ୍କୁ ମିଶର ଛାଡ଼ିବା ପାଇଁ ଦେଲେ।

7"ସେଥିପାଇଁ ଗୋଟିଏ ନୂଆ ଶଗଡ ପ୍ରସ୍ତୁତ କର, ଦୁଇଟି
ଯୁଆଳି ଯୋଗ୍ୟ ହୋଇ ନଥିବା ଦୁହାଳି ଗାଈ ଆଣ। ଏହିପରି
ଦୁଇଗାଭୀ ଶଗଡରେ ଯୋଚି ଓ ସେମାନଙ୍କଠାରୁ ସେମାନଙ୍କ
ବାଛୁରିକି ଗୁହାଳରେ ଭର୍ତ୍ତି କର। 8ସଦାପ୍ରଭୁଙ୍କ ସିନ୍ଦୁକକୁ
ସେହି ଶଗଡ଼ ଉପରେ ରଖ ଓ ସୁବର୍ଣ୍ଣର ନକ୍ସାକୁ ଥଳି
ଭିତରେ ସିନ୍ଦୁକ ପାର୍ଶ୍ୱରେ ରଖ। ଏହିସବୁ ନକ୍ସାଗୁଡ଼ିକ
ତୁମ୍ଭକୁ କ୍ଷମା କରିବା ପାଇଁ ପରମେଶ୍ୱରଙ୍କୁ ଉପହାର।
ତା'ପରେ ଶଗଡକୁ ତା'ର ରାସ୍ତାରେ ପଠାଇ ଦିଅ। 9ଏହାକୁ
ଲକ୍ଷ୍ୟ ରଖ। ଯଦି ଏହା ଆମ୍ଭର ସୀମା ଦେଇ ବୈଥ୍‌ଶେମଶକୁ
ଯାଏ, ଆମ୍ଭେମାନେ ହୃଦ୍‌ବୋଧ କରିବୁ ଯେ, ପରମେଶ୍ୱର
ଆମ୍ଭମାନଙ୍କ ଉପରକୁ ଏହି ବିପତ୍ତି ଆଣିଛନ୍ତି। ଯଦି ଏହା
ସିଧା ବୈଥ୍‌ଶେମଶକୁ ଯାଏ, ଆମ୍ଭେମାନେ ଜାଣିବୁ ଯେ,
ଇଶ୍ରାୟେଲର ପରମେଶ୍ୱରଙ୍କ ହସ୍ତ ଆମ୍ଭମାନଙ୍କୁ ଆଘାତ କରିନାହିଁ।
ଏହା ଦୈବାତ୍ ଘଟିଯାଇଛି।"

10ତା'ପରେ ସେମାନେ ଏହା କହିଲେ, ସେମାନେ ଯାହା
ନିର୍ଦ୍ଦେଶ ଦେଲେ ଲୋକମାନେ ତାହା କଲେ, ଏବଂ ଦୁଇଟି

ଦୁଇଟି ଗାଈକୁ ଶଗଡରେ ଯୋଚି ଦେଲେ ଓ ସେମାନଙ୍କ
ବାଛୁରିଗୁଡ଼କ ଗୁହାଳରେ ବାନ୍ଧି ଦେଲେ। 11ଆଉ ସେମାନେ
ଶଗଡ ଉପରେ ସଦାପ୍ରଭୁଙ୍କ ପବିତ୍ର ସିନ୍ଦୁକ ଓ ସ୍ୱର୍ଣ୍ଣମୂଷିକ ଓ
ସେମାନଙ୍କ ଅର୍ଶ ପ୍ରତିମାର ସିନ୍ଦୁକ ରଖିଲେ। 12ସେତେବେଳେ
ସେହି ଗାଭୀମାନେ ସଳଖ ପଥଧରି ବୈଥ-ଶେମଶକୁ ଗଲେ;
ସେମାନେ ସେମାନଙ୍କର ବାମ କିମ୍ବା ଡାହାଣକୁ ବୁଲିଲେ
ନାହିଁ। ସେମାନେ ରାସ୍ତାସାରା ହମ୍ବା ରବ କରୁଥିଲେ, ଆଉ
ସେମାନଙ୍କ ପଛେ ପଛେ ପଲେଷ୍ଟୀୟ ଅଧିପତିମାନେ ବୈଥିଶେମଶ
ସୀମା ପର୍ଯ୍ୟନ୍ତ ଗଲେ।

13ସେହି ସମୟରେ ବୈଥ୍-ଶେମଶର ଲୋକମାନେ
ତଳଭୂମିରେ ଗହମ ଅମଳ କରୁଥିଲେ, ଯେତେବେଳେ
ସେମାନେ ଆଖି ଉଠାଇଲେ, ସେମାନେ ପବିତ୍ର ସିନ୍ଦୁକ
ଦେଖିଲେ ଓ ଆନନ୍ଦିତ ହେଲେ। 14-15ଏବଂ ବୈଥ୍-ଶେମଶରେ
ଯିହୋଶୂୟ ନାମକ ଜଣେ ଲୋକର କ୍ଷେତ୍ରରେ ଶଗଡଟି
ପହଞ୍ଚିଲାପରେ, ଏହା ଏକ ବିରାଟ ପଥର ନିକଟରେ ଅଟକି
ଗଲା। ଲେବୀୟମାନେ ସଦାପ୍ରଭୁଙ୍କ ପବିତ୍ର ସିନ୍ଦୁକକୁ ଓ ଥଳି
ଭିତରେ ଥିବା ସୁବର୍ଣ୍ଣର ନକ୍ସାକୁ ବିରାଟ ପଥର ଉପରେ
ରଖିଲେ।

ତା'ପରେ ବୈଥ୍-ଶେମଶୀର ଲୋକମାନେ ଶଗଡଟିକୁ
କାଟିଲେ ଏବଂ ଗାଈ ଦୁଇଟିକୁ ହତ୍ୟା କଲେ। ସେମାନେ
ସେଗୁଡ଼କୁ ସଦାପ୍ରଭୁଙ୍କ ନିକଟରେ ବଳି ଦେଲେ।

ସେହିଦିନ ସେମାନେ ସଦାପ୍ରଭୁଙ୍କ ନିକଟରେ ହୋମବଳି
ଉତ୍ସର୍ଗ କଲେ।

16ତହୁଁ ପଲେଷ୍ଟୀୟମାନଙ୍କର ପାଞ୍ଚ ଅଧିପତି ତାହା ଦେଖି
ସେହିଦିନ ଇକ୍ରୋଣକୁ ଫେରି ଆସିଲେ।

17ଏହିପରି ଭାବରେ ପଲେଷ୍ଟୀୟମାନେ ସେମାନଙ୍କର ପାପ
ପାଇଁ ପରମେଶ୍ୱରଙ୍କଠାରେ ସୁବର୍ଣ୍ଣର ଅର୍ବୁଦ ଉତ୍ସର୍ଗ କଲେ:
ଅସଦୋଦ୍ ପାଇଁ ଗୋଟିଏ, ଘସା ପାଇଁ ଗୋଟିଏ, ଅସ୍କିଲୋନ
ପାଇଁ ଗୋଟିଏ, ଗାଥ୍ ପାଇଁ ଗୋଟିଏ ଏବଂ ଇକ୍ରୋଣ ପାଇଁ
ଗୋଟିଏ। 18ସେମାନେ ମଧ୍ୟ ସୁବର୍ଣ୍ଣର ମୂଷିକମାନଙ୍କର ନକ୍ସା
ପଠାଇଲେ। ଏହି ସୁବର୍ଣ୍ଣ ମୂଷିକମାନଙ୍କର ସଂଖ୍ୟା, ପାଞ୍ଚଜଣ
ପଲେଷ୍ଟୀୟ ଶାସକମାନଙ୍କର ନଗରର ସଂଖ୍ୟା ସହିତ ସମାନ।
ଏହି ନଗରର ଗ୍ରାମପଟ୍ଟେ ପ୍ରାଚୀର ବେଷ୍ଟିତ ଓ ଗ୍ରାମ ବେଷ୍ଟିତ
ଥିଲା। ବୈଥ୍-ଶେମଶର ଲୋକମାନେ ସଦାପ୍ରଭୁଙ୍କର ନିୟମ-ସିନ୍ଦୁକ
ପଥର ଉପରେ ରଖିଲେ।

19ବୈଥ୍-ଶେମଶୀୟ ଲୋକମାନେ ସଦାପ୍ରଭୁଙ୍କ ପବିତ୍ର
ସିନ୍ଦୁକକୁ ଅନାଇବାରୁ ସେ ସେମାନଙ୍କୁ ହତ୍ୟା କଲେ,
ବୈଥ୍-ଶେମଶର ଲୋକମାନଙ୍କ ମଧ୍ୟରୁ ସତୁରି ଜଣ ହତ୍ୟା
ହେଲେ। ପୁଣି ପରମେଶ୍ୱର ସେମାନଙ୍କୁ ଭୟଙ୍କର ଭାବରେ
ଦଣ୍ଡିତ କରିଥିବାରୁ ଲୋକମାନେ ବିଳାପ କଲେ। 20ଏବଂ
ବୈଥ-ଶେମଶର ଲୋକମାନେ କହିଲେ, "ସଦାପ୍ରଭୁ ପବିତ୍ର
ପରମେଶ୍ୱରଙ୍କ ଉପସ୍ଥିତିରେ କିଏ ଛିଡ଼ା ହୋଇପାରେ? ଏଠାରୁ
କେଉଁଠାକୁ ଏହି ସିନ୍ଦୁକକୁ ନିଆଯିବ?"

21ତହୁଁ ସେମାନେ କିରିୟଥ-ଯିୟାରୀମୀୟ ନିକଟକୁ ଦୂତଗଣଙ୍କୁ
ପଠାଇ କହିଲେ, "ପଲେଷ୍ଟୀୟମାନେ ସଦାପ୍ରଭୁଙ୍କ ପବିତ୍ର
ସିନ୍ଦୁକ ଫେରାଇ ଦେଇଛନ୍ତି। ତୁମ୍ଭେମାନେ ଆସ ଓ ତୁମ୍ଭମାନଙ୍କ
ସହିତ ଏହାକୁ ତୁମ୍ଭମାନଙ୍କର ନଗରକୁ ନେଇଯାଅ।"

7 ଅନନ୍ତର କିରିୟଥ-ଯିୟାରୀମୀୟ ଲୋକମାନେ ଆସିଲେ
ଏବଂ ସଦାପ୍ରଭୁଙ୍କ ପବିତ୍ର ସିନ୍ଦୁକ ନେଇଗଲେ। ସେମାନେ
ପର୍ବତସ୍ଥିତ ଅବୀନାଦବର ଗୃହକୁ ତାହା ଆଣିଲେ। ସଦାପ୍ରଭୁଙ୍କ
ସିନ୍ଦୁକ ଜଗିବାକୁ ତା'ର ପୁତ୍ର ଇଲୀୟାସରକୁ ବିଶେଷ ଉତ୍ସବ
ମାଧ୍ୟମରେ ପବିତ୍ର କଲେ। 2ସଦାପ୍ରଭୁଙ୍କ ସିନ୍ଦୁକ କିରିୟଥ୍-
ଯିୟାରୀମରେ କୋଡ଼ିଏ ବର୍ଷ ରହିଲା।

## ସଦାପ୍ରଭୁ ଇସ୍ରାୟେଲୀୟମାନଙ୍କୁ ରକ୍ଷା କଲେ

ଇସ୍ରାୟେଲୀୟର ସମସ୍ତ ଲୋକମାନେ ପୁନର୍ବାର ସଦାପ୍ରଭୁଙ୍କୁ
ଅନୁସରଣ କରିବା ଆରମ୍ଭ କଲେ। 3ତା'ପରେ ଶାମୁୟେଲ
ଇସ୍ରାୟେଲୀୟମାନଙ୍କୁ କହିଲେ, "ପ୍ରକୃତରେ ତୁମ୍ଭେମାନେ ଯଦି
ହୃଦୟର ସହିତ ସଦାପ୍ରଭୁଙ୍କ ପାଖକୁ ପ୍ରତ୍ୟାବର୍ତ୍ତନ କରିଛ,
ତେବେ ତୁମ୍ଭେମାନେ ବିଦେଶୀ ପ୍ରତିମାଗୁଡ଼ିକୁ ଓ ଅଷ୍ଟାରୋତ
ପ୍ରତିମା ଫିଙ୍ଗିଦିଅ। ତୁମ୍ଭେମାନେ ସଦାପ୍ରଭୁଙ୍କ ନିକଟରେ ସମର୍ପଣ
କର ଓ କେବଳ ତାଙ୍କୁ ହିଁ ସେବା କର। ସଦାପ୍ରଭୁ
ତୁମ୍ଭମାନଙ୍କୁ ପଲେଷ୍ଟୀୟମାନଙ୍କଠାରୁ ରକ୍ଷା କରିବେ।"

4ଇସ୍ରାୟେଲୀୟମାନେ ସେମାନଙ୍କର ବାଲ୍ ଓ ଅଷ୍ଟାରୋତ
ପ୍ରତିମୂର୍ତ୍ତିକୁ ଫିଙ୍ଗି ଦେଲେ। ସେମାନେ କେବଳ ସଦାପ୍ରଭୁଙ୍କର
ସେବା କଲେ।

5ଶାମୁୟେଲ କହିଲେ, "ଇସ୍ରାୟେଲୀୟମାନେ ତୁମ୍ଭେମାନେ
ସମସ୍ତେ ମିସପୀରେ ମିଳିତ ହୁଅ। ମୁଁ ତୁମ୍ଭମାନଙ୍କ ପାଇଁ
ସଦାପ୍ରଭୁଙ୍କୁ ପ୍ରାର୍ଥନା କରିବି।"

6ଇସ୍ରାୟେଲୀୟମାନେ ମିସପୀରେ ମିଳିତ ହେଲେ ଏବଂ
ପାଣି ଆଣିଲେ ଏବଂ ସଦାପ୍ରଭୁଙ୍କ ଆଗରେ ତାହା ଢାଳିଲେ।
ସେମାନେ ସେହିଦିନ ଉପବାସ ପାଳନ କଲେ। ସେମାନେ
କହିଲେ, "ଆମ୍ଭେମାନେ ସଦାପ୍ରଭୁଙ୍କ ବିରୁଦ୍ଧରେ ପାପ
କରିଛୁ।" ଶାମୁୟେଲ ମିସପୀରେ ଇସ୍ରାୟେଲୀୟମାନଙ୍କର ବିଚାର
କଲେ।

7ପଲେଷ୍ଟୀୟମାନେ ଶୁଣିଲେ ଯେ ଇସ୍ରାୟେଲୀୟମାନେ
ମିସ୍ପୀରେ ମିଳିତ ହେଉଛନ୍ତି। ତେଣୁ ପଲେଷ୍ଟୀୟର ଶାସକ
ଇସ୍ରାୟେଲୀୟମାନଙ୍କ ବିପକ୍ଷରେ ଯୁଦ୍ଧ କରିବାକୁ ଆଗେଇ
ଆସିଲେ। ଯେତେବେଳେ ଇସ୍ରାୟେଲୀୟମାନେ ଏହା ଶୁଣିଲେ,
ସେମାନେ ଭୟ କଲେ। 8ଇସ୍ରାୟେଲୀୟମାନେ ଶାମୁୟେଲଙ୍କୁ
କହିଲେ, "ଆମ୍ଭମାନଙ୍କ ପାଇଁ ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର
ନିକଟରେ ପ୍ରାର୍ଥନା ବନ୍ଦ କର ନାହିଁ, ପଲେଷ୍ଟୀୟଙ୍କ କବଳରୁ
ଆମକୁ ରକ୍ଷା କରିବାକୁ ପରମେଶ୍ୱରଙ୍କୁ ଗୁହାରି କର।"

9ଶାମୁୟେଲ ଗୋଟିଏ ମେଣ୍ଢାଛୁଆ ନେଲେ ଏବଂ ସଦାପ୍ରଭୁଙ୍କୁ
ସମ୍ପୂର୍ଣ୍ଣ ହୋମବଳି ରୂପେ ଏହା ଉତ୍ସର୍ଗ କଲେ। ଶାମୁୟେଲ
ଇସ୍ରାୟେଲୀୟମାନଙ୍କ ପାଇଁ ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ।
ସଦାପ୍ରଭୁ ଶାମୁୟେଲଙ୍କ ପ୍ରାର୍ଥନାର ଉତ୍ତର ଦେଲେ। 10ଶାମୁୟେଲ
ନୈବେଦ୍ୟକୁ ଦଗ୍ଧ କରିବା ସମୟରେ ପଲେଷ୍ଟୀୟମାନେ ଯୁଦ୍ଧ
କରିବା ପାଇଁ ଆସିଲେ କିନ୍ତୁ ସଦାପ୍ରଭୁ ପଲେଷ୍ଟୀୟମାନଙ୍କ
ଆଗରେ ଖୁବ୍ ଜୋରରେ କୋଳାହଳ କଲେ ଏବଂ
ପଲେଷ୍ଟୀୟମାନେ ଡରିଗଲେ ଓ ଦ୍ୱନ୍ଦରେ ପଡିଗଲେ, ସେଥିପାଇଁ
ଇସ୍ରାୟେଲୀୟମାନେ ସେମାନଙ୍କୁ ପରାସ୍ତ କଲେ।
11ଇସ୍ରାୟେଲୀୟମାନେ ମିସ୍ପୀର ପଲେଷ୍ଟୀୟଙ୍କୁ ଅନୁଧାବନ
କଲେ। ସେମାନେ ବୈଥ୍-କର ପର୍ଯ୍ୟନ୍ତ ସେମାନଙ୍କୁ ଅନୁଧାବନ

କଲେ। ସେମାନେ ପଲେଷ୍ଟୀୟ ସୈନ୍ୟମାନଙ୍କୁ ସେହି ରାସ୍ତାରେ
ହତ୍ୟା କଲେ।

### ଇଶ୍ରାୟେଲରେ ଶାନ୍ତି ପ୍ରତିଷ୍ଠା

12ଶାମୁୟେଲ ଏକ ପଥର ପ୍ରତିଷ୍ଠା କଲେ। ସେ ଏହା
କରିବାର ଉଦ୍ଦେଶ୍ୟ ଲୋକମାନଙ୍କୁ ସାହାଯ୍ୟ କରିବା ଏବଂ
ସଦାପ୍ରଭୁଙ୍କର ସାହାଯ୍ୟ ମନେ ରଖିବା, ସେ ଏହି ପଥରକୁ
ମିସ୍ପୀ ଓ ଶେନ ମଧ୍ୟରେ ପ୍ରତିଷ୍ଠା କଲେ ଏହାର ନାମ
"ସାହାଯ୍ୟକାରୀ ପଥର" ରଖିଲେ। ଶାମୁୟେଲ କହିଲେ,
"ସଦାପ୍ରଭୁ ଆମ୍ଭକୁ ଏ ସ୍ଥାନରେ ସବୁ ପ୍ରକାର ସାହାଯ୍ୟ
କରିଛନ୍ତି।"

13ପଲେଷ୍ଟୀୟମାନେ ପରାସ୍ତ ହେଲେ। ସେମାନେ ପୁଣି
ଇଶ୍ରାୟେଲରେ ପ୍ରବେଶ କଲେ ନାହିଁ। ସଦାପ୍ରଭୁ ଶାମୁୟେଲଙ୍କ
ଅବଶିଷ୍ଟ ଜୀବନ କାଳରେ ପଲେଷ୍ଟୀୟଙ୍କ ବିରୁଦ୍ଧରେ ଗଲେ।
14ପଲେଷ୍ଟୀୟମାନେ ଇଶ୍ରାୟେଲଠାରୁ ଇକ୍ରୋଣଠାରୁ ଗାଥ୍ ପର୍ଯ୍ୟନ୍ତ
ସହର ଛଡ଼ାଇ ନେଇଥିଲେ?

ଇଶ୍ରାୟେଲୀୟମାନେ ସେହି ସହରଗୁଡ଼ିକୁ ଫେରାଇ ନେଲେ।
ଇଶ୍ରାୟେଲ ଓ ଇମୋରୀୟମାନଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା
ହୋଇଥିଲା। 15ଶାମୁୟେଲ ତାଙ୍କର ଜୀବନସାରା ଇଶ୍ରାୟେଲର
ନେତୃତ୍ୱ ନେଲେ। 16ସେ ପ୍ରତିବର୍ଷ ଦେଶର ଚତୁର୍ଦ୍ଦିଗ ଯାତ୍ରା
କରନ୍ତି। ସେ ବୈଥେଲ୍, ଗିଲ୍‌ଗଲ୍ ଓ ମିସଫୀ ପ୍ରଭୃତି ସ୍ଥାନକୁ
ଯାତ୍ରା କଲେ। ସେ ଲୋକଙ୍କୁ ଅନୁଧାନ କରି ଶାସନ
ଚଳାଇଲେ। 17ଶାମୁୟେଲ ଘର ରାମା ତେଣୁ ସେ ସେଠାକୁ
ଫେରି ଆସୁଥିଲେ। ସେ ରାମାଠାରୁ ଲୋକଙ୍କୁ ଅନୁଧାନ
କରୁଥିଲେ ଓ ସେଠାରୁ ଶାସନ କରୁଥିଲେ। ତେଣୁ ଶାମୁୟେଲ
ସଦାପ୍ରଭୁଙ୍କ ପାଇଁ ରାମାରେ ଯଜ୍ଞବେଦୀ ନିର୍ମାଣ କରିଥିଲେ।

### ଇଶ୍ରାୟେଲୀୟମାନଙ୍କ ରାଜାପାଇଁ ପ୍ରାର୍ଥନା

8 ଯେତେବେଳେ ଶାମୁୟେଲ ବୃଦ୍ଧ ବୟସରେ ଉପନୀତ
ହେଲେ, ସେ ତାଙ୍କ ପୁତ୍ରମାନଙ୍କୁ ଇଶ୍ରାୟେଲୀୟମାନଙ୍କ
ନେତୃତ୍ୱ ନେବା ପାଇଁ ଓ ବିଚାର କରିବା ପାଇଁ ପଠାଇଲେ।
2ଶାମୁୟେଲଙ୍କ ବଡ଼ପୁଅ ଯୋୟେଲ ଏବଂ ଦ୍ୱିତୀୟ ପୁତ୍ର ଅବୀୟ
ବେରଶେବାର ଲୋକମାନଙ୍କର ନେତୃତ୍ୱ ନେଲେ ଓ ବିଚାର
କଲେ। 3ଶାମୁୟେଲଙ୍କ ପୁଅମାନେ ତାଙ୍କପରି ଜୀବନଯାପନ
କଲେ ନାହିଁ। ସେମାନେ ଉତ୍କୋଚ ନେଉଥିଲେ। ସେମାନେ
ଉତ୍କୋଚ ନେଇ ଦରବାରରେ ସେମାନଙ୍କ ନିଷ୍ପତ୍ତି ପରିବର୍ତ୍ତନ
କରୁଥିଲେ। 4ତେଣୁ ସମସ୍ତ ବୟସ୍କ ନେତୃବୃନ୍ଦ ଏକାଠି ହୋଇ
ଶାମୁୟେଲଙ୍କୁ ସାକ୍ଷାତ କରିବାକୁ ରାମା ଯାତ୍ରା କଲେ। 5ଇଶ୍ରାୟେଲର
ପ୍ରାଚୀନଗଣ ଶାମୁୟେଲଙ୍କୁ କହିଲେ, "ତୁମ୍ଭେ ବୃଦ୍ଧ ହୋଇଯାଇଛ
ଏବଂ ତୁମ୍ଭର ପୁଅମାନେ ତୁମ୍ଭପରି ଜୀବନଯାପନ କରୁନାହାନ୍ତି।
ତେଣୁ ଆପଣ ଆମ୍ଭମାନଙ୍କୁ ଗୋଟିଏ ଶାସକ ଦିଅନ୍ତୁ। ଆମ୍ଭମାନଙ୍କୁ
ଶାସନ କଲାଭଳି ଯାହା ଅନ୍ୟ ଜାତିମାନଙ୍କର ଅଛି।"

6ତେଣୁ ବୟସ୍କ ଭଦ୍ରବ୍ୟକ୍ତିମାନେ ନେତୃତ୍ୱ ପାଇଁ ଜଣେ
ରାଜା ଚାହିଁଲେ। ଶାମୁୟେଲ ଏହାକୁ ଏକ ଭୁଲ ଚିନ୍ତାଧାରା
ବୋଲି ଭାବିଲେ। ସେଥିପାଇଁ ଶାମୁୟେଲ ପରମେଶ୍ୱରଙ୍କୁ
ପ୍ରାର୍ଥନା କଲେ। 7ସଦାପ୍ରଭୁ ଶାମୁୟେଲଙ୍କୁ କହିଲେ, "ଲୋକମାନଙ୍କ
ମତ ଅନୁସାରେ କାର୍ଯ୍ୟ କର। ସେମାନେ ତୁମ୍ଭକୁ ଅଗ୍ରାହ୍ୟ
କରି ନାହାଁନ୍ତି। ସେମାନେ ମୋତେ ସେମାନଙ୍କର ରାଜା ରୂପେ
ପ୍ରତ୍ୟାଖାନ କରିଛନ୍ତି। 8ମୁଁ ସେମାନଙ୍କୁ ମିଶରରୁ ବାହାର କରି
ଆଣିଲା ସମୟରେ ଯାହା କରୁଥିଲେ, ଆଜି ପର୍ଯ୍ୟନ୍ତ ତାହା
ଦୋହରାଉଛନ୍ତି। ସେମାନେ ମୋତେ ପରିତ୍ୟାଗ କଲେ ଓ
ମୋ ବଦଳରେ ଅନ୍ୟ ଦେବତାମାନଙ୍କର ସେବା କଲେ।
ସେଥିପାଇଁ ସେମାନେ ତୁମ୍ଭ ସହିତ ଏପରି ବ୍ୟବହାର କରୁଛନ୍ତି।
9ତେଣୁ ଲୋକମାନଙ୍କ କଥା ଶୁଣ ଏବଂ ସେମାନଙ୍କ କଥା
ଅନୁସାରେ କାର୍ଯ୍ୟ କର। କିନ୍ତୁ ସେମାନଙ୍କୁ ସତର୍କ କରାଇ
ଦିଅ ଯେ, ସେମାନଙ୍କ ପାଇଁ ରାଜା କ'ଣ କରିବ ଏବଂ ରାଜା
କିପରି ଶାସନ କରେ ସେ କଥା ଅବଗତ କରାଇ ଦିଅ।"

10ଯେଉଁ ଲୋକମାନେ ରାଜା ଚାହୁଁଥିଲେ, ଶାମୁୟେଲ
ସେମାନଙ୍କୁ ସଦାପ୍ରଭୁଙ୍କ ବାଣୀ ଶୁଣାଇଲେ। 11ଶାମୁୟେଲ
କହିଲେ, "ତୁମ୍ଭ ଉପରେ ଯିଏ ରାଜତ୍ୱ କରିବ, ସେ ତୁମ୍ଭକୁ
ଏ ପ୍ରକାର କରିବ। ସେ ତୁମ୍ଭ ପୁତ୍ରମାନଙ୍କୁ ତା'ର ସେବା
କରିବା ପାଇଁ ଓ ସୈନ୍ୟବାହୀନର ସେବା କରିବା ପାଇଁ ବାଧ୍ୟ
କରିବ। ସେମାନେ ଯୁଦ୍ଧରେ ସେନାବାହନୀର ଯୋଦ୍ଧା ଓ
ରଥାରୋହୀ ହେବେ। ତୁମ୍ଭ ପୁତ୍ରମାନେ ରାଜାଙ୍କର ରଥ ଆଗେ
ଆଗେ ଦୌଡ଼ିବେ।

12ଜଣେ ରାଜା ସୈନିକ ହେବାପାଇଁ ତୁମ୍ଭ ପୁଅମାନଙ୍କୁ
ଆଦେଶ ଦେବ। ସେ କେତେକଙ୍କୁ 1,000 ଲୋକମାନଙ୍କ
ଉପରେ ଓ ଅନ୍ୟମାନଙ୍କୁ ପଚାଶ ଜଣ ଲୋକ ମଧ୍ୟରେ
ଅଧିକାରୀ ରୂପେ ନିଯୁକ୍ତ କରିବ।

ସେ ତୁମ୍ଭ ପୁଅମାନଙ୍କୁ ହଳ କରିବାକୁ, ଯୁଦ୍ଧାସ୍ତ୍ର ତିଆରି
କରିବାକୁ ଏବଂ ଆପଣା ରଥ ସାଜସଜ୍ଜା ତିଆରି କରିବା ପାଇଁ
ବାଧ୍ୟ କରିବ।

13"ଆଉ ସେ ତୁମ୍ଭମାନଙ୍କ ଝିଅମାନଙ୍କୁ ନେଇ ସୁବାସିତ
ଅତର ତିଆରି କରିବାକୁ କହିବ। ସେ ମଧ୍ୟ ତୁମ୍ଭର
ଝିଅମାନଙ୍କୁ ତାପାଇଁ ରୋଷେଇ କାର୍ଯ୍ୟରେ ଓ ସେକିବା
କାର୍ଯ୍ୟ କରିବା ପାଇଁ ବାଧ୍ୟ କରିବ।

14"ସେ ତୁମ୍ଭଠାରୁ ନେଇଥିବା ଶସ୍ୟକ୍ଷେତ୍ର, ଦ୍ରାକ୍ଷାକ୍ଷେତ୍ର,
ଜିତକ୍ଷେତ୍ର ମଧ୍ୟରୁ ଉତ୍ତମ କ୍ଷେତ୍ରକୁ ନେଇ ତା'ର ଅଧିକାରୀମାନଙ୍କୁ
ବାଣ୍ଟିବେ। 15ସେ ତୁମ୍ଭମାନଙ୍କ ବିହନ ଓ ଦ୍ରାକ୍ଷାର ଏକ-ଦଶମାଂଶ
ନେଇ ଆପଣାର ଅଧିକାରୀମାନଙ୍କୁ ଓ ଦାସମାନଙ୍କୁ ଦେବ।

16ରାଜା ତୁମ୍ଭର ପୁରୁଷ ଓ ନାରୀ ଚାକରମାନଙ୍କୁ ନେଇଯିବେ।
ସେ ତୁମ୍ଭର ଉତ୍ତମ ଗୋରୁଗାଈ* ଓ ଗଧମାନଙ୍କୁ ନେଇଯିବେ
ଏବଂ ସେମାନଙ୍କୁ ନିଜ କାର୍ଯ୍ୟରେ ବିନିଯୋଗ କରିବେ। 17ସେ
ତୁମ୍ଭମାନଙ୍କର ଗୋଠର ଏକ-ଦଶମାଂଶ ନେଇଯିବେ।

"ଏବଂ ତୁମ୍ଭେମାନେ ରାଜାଙ୍କର କ୍ରୀତଦାସ ହୋଇ ରହିବ।
18ଦିନ ଆସିବ ଯେତେବେଳେ ତୁମ୍ଭେ ବାଛିଥିବା ରାଜାଙ୍କୁ
ଶାସନ ପାଇଁ ଚିତ୍କାର କରିବ। କିନ୍ତୁ ସଦାପ୍ରଭୁ ତୁମ୍ଭମାନଙ୍କୁ
କିଛି ଉତ୍ତର ଦେବେ ନାହିଁ।"

19କିନ୍ତୁ ଲୋକମାନେ ଶାମୁୟେଲଙ୍କ କଥାକୁ ଭ୍ରୂକ୍ଷେପ
କଲେ ନାହିଁ। ସେମାନେ କହିଲେ, "ନା, ଆମକୁ ଶାସନ
କରିବା ପାଇଁ ରାଜା ଦରକାର।" 20ତା'ପରେ ଆମ୍ଭେ ଅନ୍ୟ
ଦେଶସହ ସମକକ୍ଷ ହୋଇ ପାରିବୁ। ଆମ୍ଭର ରାଜା ଆମ୍ଭର

---

**ଗୋରୁଗାଈ** ଏହା ପୁରାତନ ଗ୍ରୀକ୍ ଅନୁବାଦରୁ ଆନୀତ। ହିବ୍ରୁରେ ଏହି ଶବ୍ଦର ଅର୍ଥ "ଯୁବକଗଣ"।

ନେତୃତ୍ୱ ନେବେ। "ସେ ଆମ୍ଭମାନଙ୍କୁ ଯୁଦ୍ଧକୁ କଢେଇ ନେବେ
ଏବଂ ଆମ୍ଭର ଯୁଦ୍ଧ ପରିଚାଳନା କରିବେ।"
21ଶାମୁୟେଲ ଲୋକମାନଙ୍କ କଥା ଶୁଣିଲେ ଏବଂ ସଦାପ୍ରଭୁଙ୍କୁ
ସେ ସବୁ କଥାକୁ ଶୁଣାଇଲେ। 22ସଦାପ୍ରଭୁ ଶାମୁୟେଲଙ୍କୁ
କହିଲେ, "ସେମାନେ ଯାହା କହୁଛନ୍ତି ତୁମ୍ଭେ ଶୁଣ ଏବଂ
ସେମାନଙ୍କୁ ଏକ ରାଜା ଦିଅ।"

ଶାମୁୟେଲ ସେମାନଙ୍କୁ କହିଲେ, "ତୁମ୍ଭେମାନେ ଜଣେ ରାଜା ପାଇବ। ତୁମ୍ଭେମାନେ ସମସ୍ତେ ଘରକୁ ଫେରିଯାଅ।"

### ଶାଉଲ ତାଙ୍କ ବାପାଙ୍କ ଗଧର ଯତ୍ନ ନେଲେ

9 ସେହି ସମୟରେ ବିନ୍ୟାମୀନବଂଶୀୟ କୀଶ୍ ନାମକ
ଜଣେ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି ଥିଲେ। ସେ ଅବୀୟେଲର ପୁତ୍ର
ଥିଲେ, ଯିଏକି ସରୋରର ପୁତ୍ର ଥିଲା, ଯିଏକି ବଖୋରତର
ପୁତ୍ର ଥିଲା, ଯିଏକି ବିନ୍ୟାମୀନୀୟ ଅଫୀହର ପୁତ୍ର ଥିଲା।
2କୀଶ୍‌ଙ୍କର ପୁଅଙ୍କର ନାମ ଶାଉଲ। ଶାଉଲ ଜଣେ ସୁନ୍ଦର
ପୁରୁଷ ଥିଲେ। ଶାଉଲ ସମସ୍ତ ଇଶ୍ରାୟେଲୀୟଙ୍କ ମଧ୍ୟରେ
ସୁନ୍ଦର ଥିଲେ ଏବଂ ସେ ସମସ୍ତ ଲୋକଙ୍କ ଅପେକ୍ଷା ସ୍କନ୍ଧରୁ
ଅଧିକ ଉଚ୍ଚ ଥିଲେ।
3ଏକଦା ଶାଉଲଙ୍କ ପିତାଙ୍କର ଗଧସବୁ ହଜିଗଲେ। ତେଣୁ
କୀଶ ଶାଉଲଙ୍କୁ କହିଲେ, "ତୁମ୍ଭେ ଚାକରମାନଙ୍କ ମଧ୍ୟରୁ
ଜଣକୁ ନେଇ ଗଧମାନଙ୍କର ସନ୍ଧାନ ନିଅ।" 4ଶାଉଲ
ଗଧମାନଙ୍କୁ ଖୋଜିବା ପାଇଁ ଗଲେ। ସେ ଇଫ୍ରୟିମ ପର୍ବତ
ଅଞ୍ଚଳ ଦେଇ ଗଲେ, ତା'ପରେ ଶାଲିଶା ପ୍ରଦେଶ ଦେଇ
ଗଲେ। କିନ୍ତୁ ସେ ଦୁହେଁ ନିରାଶ ହେଲେ। ତେଣୁ ସେମାନେ
ଶାଲୀମ୍ ପ୍ରଦେଶ ଦେଇ ଗଲେ ସେଠାରୁ ନିରାଶ ହେବାରୁ
ବିନ୍ୟାମୀନଙ୍କ ପ୍ରଦେଶ ଦେଇଗଲେ। ସେଠାରେ ମଧ୍ୟ ନିରାଶ
ହେଲେ।
5ଶେଷରେ ସେମାନେ ସୂଫ ସହରକୁ ଆସିଲେ। ତା'ପରେ
ଶାଉଲ ତାଙ୍କର ଚାକରକୁ କହିଲେ, "ଚାଲ! ଆମ୍ଭେ ଫେରିଯିବା,
ଆମ୍ଭମାନଙ୍କର ବାପା ଗଧମାନଙ୍କ ପରିବର୍ତ୍ତେ ଆମ୍ଭମାନଙ୍କ ପାଇଁ
ବ୍ୟସ୍ତ ହେଉଥିବେ।"
6ଚାକର କହିଲା, "ଏ ସହରରେ ଜଣେ ପରମେଶ୍ୱରଙ୍କ
ଲୋକ ଅଛନ୍ତି। ଲୋକମାନେ ତାଙ୍କୁ ସମ୍ମାନ କରନ୍ତି। ତାଙ୍କର
ସମସ୍ତ ଭବିଷ୍ୟବାଣୀ ସତ ହୁଏ। ଚାଲ, ସେଠାକୁ ଯିବା,
ପରମେଶ୍ୱରଙ୍କ ଲୋକ ଆମକୁ ଗଧମାନଙ୍କର ସନ୍ଧାନ
ଦେଇପାରନ୍ତି।"
7ତା'ପରେ ଶାଉଲ ଚାକରକୁ କହିଲେ, "ଆମ୍ଭେ ନିଶ୍ଚୟ
ସହରକୁ ଯିବା, କିନ୍ତୁ ଆମ୍ଭେମାନେ ପରମେଶ୍ୱରଙ୍କୁ କ'ଣ
ଉପହାର ଦେବା। ବର୍ତ୍ତମାନ ଏପରିକି ଆମ ଖାଦ୍ୟ ମୁଣାରୁ
ଖାଦ୍ୟ ସରିଗଲାଣି। ଆମ୍ଭେ ତାଙ୍କୁ ଉପହାର କ'ଣ ଦେବା।"
8ପୁନର୍ବାର ଚାକର କହିଲା, "ଦେଖ, ମୋ ପାଖରେ ଏକ
ଶେକଲ ରୁପାର ଚତୁର୍ଥାଂଶ ଅଛି। ଆସ ପଇସାକୁ ଆମ୍ଭେ
ପରମେଶ୍ୱରଙ୍କର ଲୋକମାନଙ୍କୁ ଦେବା। ତା'ପରେ ତାଙ୍କ କଥା
ଅନୁସାରେ ଆମ୍ଭେ ସେ ସ୍ଥାନକୁ ଯିବା।"
9-11ଶାଉଲ ଚାକରକୁ କହିଲେ, "ଏହା ଏକ ଉତ୍ତମ
ବୁଦ୍ଧି। ଚାଲ ଯିବା," ତା'ପରେ ସେମାନେ ପରମେଶ୍ୱରଙ୍କ
ଲୋକଙ୍କ ନଗରକୁ ଯାତ୍ରା ଆରମ୍ଭ କଲେ।

ଶାଉଲ ଏବଂ ଚାକର ପାର୍ବତ୍ୟାଞ୍ଚଳ ଦେଇ ଯାତ୍ରା କଲେ।
ସେମାନେ ଯିବା ରାସ୍ତାରେ କେତେକ ଯୁବତୀଙ୍କୁ ଦେଖିଲେ।
ଯୁବତୀମାନେ ପାଣି ନେବାପାଇଁ ଆସିଥିଲେ। ଶାଉଲ ଓ ତାଙ୍କ
ଚାକର ଯୁବତୀମାନଙ୍କୁ ପଚାରିଲେ, "ଧର୍ମାତ୍ମା ଏଠାରେ ଅବସ୍ଥାନ
କରୁଛନ୍ତି କି?" "ଅତୀତରେ ଇଶ୍ରାୟେଲୀୟମାନେ ଭବିଷ୍ୟତ
ବକ୍ତାଙ୍କୁ ଧର୍ମାତ୍ମା କହୁଥିଲେ। ଯଦି ସେମାନେ ପରମେଶ୍ୱରଙ୍କଠାରୁ
କିଛି ମାଗିବା ପାଇଁ ଚାହୁଁଥିଲେ, ସେମାନେ କହିଲେ, ଆସ
ଧର୍ମାତ୍ମା ନିକଟକୁ ଯିବା।"
12ଯୁବତୀମାନେ ଉତ୍ତର ଦେଲେ, "ହଁ, ସେ ଏଠାରେ
ଅଛନ୍ତି, ଏଇ ରାସ୍ତାର ଅଳ୍ପ ଆଗରେ ଅଛନ୍ତି। ସେ ଆଜି
ସହରକୁ ଆସିଛନ୍ତି। ଲୋକମାନେ ଦଳଦଳ ହୋଇ ଆସି
ତାଙ୍କୁ ପବିତ୍ରପୀଠରେ ଦର୍ଶନ କରୁଛନ୍ତି। 13ତୁମ୍ଭେମାନେ ସହର
ଭିତରକୁ ଯାଅ, ତାଙ୍କୁ ପାଇଯିବ। ଯଦି ତୁମ୍ଭେ ଚଞ୍ଚଳ ଯିବ,
ତେବେ ତୁମ୍ଭେ ତାଙ୍କୁ ଉପାସନା ସ୍ଥାନରେ ଭୋଜନ ପୂର୍ବରୁ
ସାକ୍ଷାତ କରିପାରିବ। ସେଠାରେ ସେ ନୈବେଦ୍ୟକୁ ଆଶୀର୍ବାଦ
କରିବେ। ତା'ପରେ ଲୋକମାନେ ଭୋଜନ କରିବେ। ସେ ନ
ଆସିବା ପର୍ଯ୍ୟନ୍ତ ଲୋକମାନେ ଖାଇବା ଆରମ୍ଭ କରନ୍ତି ନାହିଁ।
ତେଣୁ ଯଦି ତୁମ୍ଭେ ଚଞ୍ଚଳ ହୁଅ ତାଙ୍କୁ ପାଇପାରିବ।"
14ଶାଉଲ ଏବଂ ତାଙ୍କ ଚାକର ଆଗକୁ ଚାଲିଲେ।
ସେମାନେ ସହରରେ ପହଞ୍ଚିବା ମାତ୍ରେ ଦେଖିଲେ ଶାମୁୟେଲ
ଠିକ୍ ସେ ସମୟରେ ସହରରୁ ଉପାସନା ସ୍ଥାନକୁ ଆସୁଛନ୍ତି।
15ଶାଉଲ ଆସିବାର ଦିନକପୂର୍ବରୁ ସଦାପ୍ରଭୁ ଶାମୁୟେଲଙ୍କୁ
ଏହି କଥା କହିଥିଲେ, 16"ଆସନ୍ତା କାଲି ଠିକ୍ ଏହି
ସମୟରେ ମୁଁ ତୁମ୍ଭ ପାଖକୁ ଜଣେ ଲୋକ ପଠାଇବି। ସେ
ବିନ୍ୟାମୀନୀୟ ବଂଶଧର। ତୁମ୍ଭେ ତାଙ୍କୁ ଇଶ୍ରାୟେଲୀୟମାନଙ୍କ
ନେତା ରୂପେ ଅଭିଷିକ୍ତ କରିବ। ଏହି ଲୋକ ଇଶ୍ରାୟେଲୀୟମାନଙ୍କୁ
ପଲେଷ୍ଟୀୟଙ୍କ କବଳରୁ ରକ୍ଷା କରିବ। କାରଣ ମୁଁ ମୋର
ଲୋକମାନଙ୍କର ଯନ୍ତ୍ରଣା ଦେଖିଛି। ମୁଁ ସେମାନଙ୍କର କ୍ରନ୍ଦନ
ଶୁଣିଅଛି।"
17ଶାମୁୟେଲ ଶାଉଲଙ୍କୁ ଦେଖିଲେ, ଏବଂ ସଦାପ୍ରଭୁ ତାଙ୍କୁ
କହିଲେ, "ଏହି ସେହିଲୋକ, ମୁଁ ଯାହା କଥା କହୁଥିଲି ସେ
ମୋର ଲୋକମାନଙ୍କୁ ଶାସନ କରିବେ।"
18ଶାଉଲ ଫାଟକ ପାଖରେ ଠିଆ ହୋଇଥିବା ଜଣେ
ଲୋକଙ୍କୁ ପରମେଶ୍ୱରଙ୍କ ଲୋକଙ୍କୁ ଭେଟିବାର ବାଟ ପଚାରିଲେ।
ଏ ବ୍ୟକ୍ତି ଜଣକ କିନ୍ତୁ ଶାମୁୟେଲ ଥିଲେ, ଶାଉଲ କହିଲେ,
"କ୍ଷମା କରିବେ, ଆପଣ ପରମେଶ୍ୱରଙ୍କ ଲୋକଙ୍କ ଘର
ବତେଇ ଦେବେ କି?"
19ଶାମୁୟେଲ କହିଲେ, "ମୁଁ ପରମେଶ୍ୱରଙ୍କ ଲୋକ।"
ମୋତେ ଅନୁସରଣ କର ମୁଁ "ଉଚ୍ଚସ୍ଥାନ"କୁ ନେଇଯିବି।
ତୁମ୍ଭେ ଏବଂ ତୁମ୍ଭ ଦାସ ମୋ ସହିତ ଆଜି ଭୋଜନ କରିବ।
କାଲି ସକାଳେ ତୁମ୍ଭେମାନେ ଘରକୁ ଫେରିଯିବ। ଏବଂ ମୁଁ
ତୁମ୍ଭର ସମସ୍ତ ପ୍ରଶ୍ନର ଉତ୍ତର ଦେବି। 20ତୁମ୍ଭେମାନେ ତିନିଦିନ
ପୂର୍ବେ ହଜିଥିବା ଗଧମାନଙ୍କ ପାଇଁ ଦୁଃଖ କର ନାହିଁ।
ସେମାନଙ୍କୁ ମିଳିଯାଇଛି। ବର୍ତ୍ତମାନ ଇଶ୍ରାୟେଲୀୟମାନେ ଜଣେ
ବ୍ୟକ୍ତିର ସନ୍ଧାନରେ ଅଛନ୍ତି ଏବଂ ସେ ବ୍ୟକ୍ତିଜଣକ ତୁମ୍ଭେ
ଅଟ। ସେମାନେ ତୁମ୍ଭକୁ ଏବଂ ତୁମ୍ଭ ପିତାଙ୍କ ପରିବାରବର୍ଗକୁ
ଚାହାଁନ୍ତି।"

21ଶାଉଲ ଉତ୍ତର ଦେଲେ, "ମୁଁ ବିନ୍ୟାମୀନ ବଂଶର
ସଦସ୍ୟ ଅଟେ। ଏହା ଇଶ୍ରାୟେଲର ଏକ ଛୋଟ ପରିବାରବର୍ଗ।
ଆପଣ କାହିଁକି କହୁଛନ୍ତି ଇଶ୍ରାୟେଲୀୟମାନେ ମୋତେ ଚାହାଁନ୍ତି?"
22ଶାମୁୟେଲ ଶାଉଲ ଏବଂ ତାଙ୍କ ଦାସକୁ ଭୋଜନ
ସ୍ଥାନକୁ ନେଲେ। ସେ ଅତି ମହତ୍ୱପୂର୍ଣ୍ଣ ସ୍ଥାନ ଟେବୁଲ୍
ପାଖରେ ଶାଉଲଙ୍କୁ ଏବଂ ତାଙ୍କର ଦାସ ତିରିଶ ଜଣ ନିମନ୍ତ୍ରିତ
ଅତିଥି ମଧ୍ୟରେ ପ୍ରଦାନ କଲେ। 23ଶାମୁୟେଲ ରୋଷେଇଆକୁ
ନିର୍ଦ୍ଦେଶ ଦେଲେ, "ମୁଁ ତୁମ୍ଭକୁ ରଖିବାକୁ କହି ଦେଇଥିବା
ମାଂସ ଆଣ।"

24ରୋଷେଇଆ ଚଟୁଆ* ମାଂସ ଆଣି ଶାଉଲଙ୍କ ସମ୍ମୁଖରେ
ଟେବୁଲ ଉପରେ ରଖିଲା। ଶାମୁୟେଲ କହିଲେ, "ତୁମ୍ଭେ ତୁମ୍ଭ
ଟେବୁଲରେ ଥିବା ମାଂସ ଖାଅ। ଏହା ତୁମ୍ଭମାନଙ୍କ ପାଇଁ
ସଂରକ୍ଷିତ ଥିଲା। ଏହି ବିଶେଷ ସମୟ ପାଇଁ ଯେତେବେଳେ
ଏକତ୍ରୀତ ହେବା ପାଇଁ ମୁଁ ଲୋକମାନଙ୍କୁ ଡାକିଲି।" ତା'ପରେ
ଶାଉଲ ଶାମୁୟେଲଙ୍କ ସହି ତାଙ୍କର ଖାଦ୍ୟ ଖାଇଲେ।

25ସେମାନେ ଖାଦ୍ୟ ଖାଇସାରିବା ପରେ ସେ ଉପାସନା
ସ୍ଥଳରୁ ସହରକୁ ଫେରିଲେ। ଶାମୁୟେଲ ଛାତ ଉପରେ
ଶାଉଲଙ୍କ ପାଇଁ ବିଛଣା ତିଆରି କଲେ ଏବଂ ଶାଉଲ
ଶୋଇବା ପାଇଁ ଗଲେ।

26ତା' ପରଦିନ ପ୍ରତ୍ୟୁଷରୁ ଶାମୁୟେଲ ଶାଉଲଙ୍କୁ ବିଛଣାରୁ
ଉଠାଇଲେ ଏବଂ କହିଲେ, "ଶଯ୍ୟା ତ୍ୟାଗ କର, ମୁଁ ତୁମ୍ଭକୁ
ତୁମ୍ଭ ଗନ୍ତବ୍ୟ ସ୍ଥାନକୁ ପଠାଇବି।" ଶାଉଲ ବିଛଣାରୁ ଉଠିଲେ
ଶାମୁୟେଲଙ୍କ ସହି ବାହାରକୁ ଗଲେ।

27ଶାଉଲ, ଦାସ ଏବଂ ଶାମୁୟେଲ ସହର ପ୍ରାନ୍ତରେ
ପହଞ୍ଚିବା ସମୟରେ ଶାମୁୟେଲ କହିଲେ, "ଦାସକୁ ଆଗକୁ
ଯିବାକୁ କୁହ। ମୁଁ ତୁମ୍ଭକୁ ପରମେଶ୍ୱରଙ୍କ ବାର୍ତ୍ତା କହିବାକୁ
ଚାହେଁ।" ତେଣୁ ଦାସ ଆଗରେ ଚାଲିଲା।

## ଶାମୁୟେଲ ଶାଉଲଙ୍କୁ ଅଭିଷେକ କଲେ

10ଶାମୁୟେଲ ଏକ ସ୍ୱତନ୍ତ୍ର ତୈଳପାତ୍ର ନେଇ ଶାଉଲଙ୍କ
ମସ୍ତକରେ ତାହା ଢାଳିଲେ ଓ ତାଙ୍କୁ ଚୁମ୍ବନ କରି
କହିଲେ, "ସଦାପ୍ରଭୁ ତାଙ୍କ ଲୋକମାନଙ୍କର ନେତା ହେବାପାଇଁ
ତୁମ୍ଭକୁ ଅଭିଷିକ୍ତ କରିଛନ୍ତି। ତୁମ୍ଭେ ତାଙ୍କର ଲୋକମାନଙ୍କୁ
ନିୟନ୍ତ୍ରଣ କରିବ। ତୁମ୍ଭେ ସେମାନଙ୍କର ଚତୁର୍ଦ୍ଦିଗର ଶତ୍ରୁମାନଙ୍କଠାରୁ
ରକ୍ଷା କରିବ। ସଦାପ୍ରଭୁ ତୁମ୍ଭକୁ ନେତା ହେବାପାଇଁ ଅଭିଷିକ୍ତ
କରିଛନ୍ତି। ଏ ଚିହ୍ନ ଏହାର ସତ୍ୟତା ପ୍ରତିପାଦନ କରିବ।
2ଆଜି ତୁମ୍ଭେ ମୋତେ ଏଠି ଛାଡ଼ି ଗଲାପରେ ବିନ୍ୟାମୀନ
ସୀମାର ସେଲଠାରେ ରାହେଲ କବର ନିକଟରେ ଦୁଇ
ପୁରୁଷଙ୍କ ସାକ୍ଷାତ ପାଇବ। ସେ ଦୁଇଜଣ ତୁମ୍ଭକୁ କହିବେ,
'ତୁମ୍ଭେ ଯେଉଁ ଗଧମାନଙ୍କୁ ଖୋଜୁଥିଲ, ସେମାନେ ମିଳିଛନ୍ତି।
ତୁମ୍ଭ ବାପା ଗଧମାନଙ୍କ ପାଇଁ ବ୍ୟସ୍ତ ନୁହଁନ୍ତି ବରଂ ତୁମ୍ଭପାଇଁ
ଅଟନ୍ତି ଓ କହନ୍ତି, ମୋ ପୁଅ ପାଇଁ ମୁଁ କ'ଣ କରିବି।'"

3ଶାମୁୟେଲ କହିଲେ, "ତୁମ୍ଭେ ସେଠାରୁ ଆଗକୁ ଗଲେ
ତାବୋରର ଏଲୋନ ବୃକ୍ଷ ନିକଟରେ ପହଞ୍ଚିବ, ତୁମ୍ଭେ
ବୈଥେଲକୁ ପରମେଶ୍ୱରଙ୍କ ନିକଟକୁ ଉପାସନା ପାଇଁ ଯାଉଥିବାର
ଏପରି ତିନି ପୁରୁଷଙ୍କର ସାକ୍ଷାତ ପାଇବ। ସେଠାରେ ଜଣେ
ତିନୋଟି ଯୁବା ଛେଳି, ଆଉ ଜଣେ ତିନୋଟି ରୋଟୀ ଏବଂ
ଆଉ ଜଣେ କୁମ୍ପାଏ ଦ୍ରାକ୍ଷାରସ ନେବ। 4ସେମାନେ ତୁମ୍ଭକୁ
ଅଭ୍ୟର୍ଥନା କରିବେ ଓ ଦୁଇଟି ରୋଟୀ ଦେବେ, ଏବଂ ତୁମ୍ଭେ
ସେମାନଙ୍କଠାରୁ ତାହା ଗ୍ରହଣ କରିବ। 5ତା'ପରେ ତୁମ୍ଭେମାନେ
ଗିବୟୋଥ ଓ ଲୋହିମକୁ ଯିବ। ସେଠାରେ ପଲେଷ୍ଟୀୟମାନଙ୍କ
ପ୍ରହରୀଗଣ ଅଛନ୍ତି। ଯେତେବେଳେ ତୁମ୍ଭେ ସହରର ପ୍ରବେଶ
ଦ୍ୱାର ନିକଟରେ ପହଞ୍ଚିବ, ଉପାସନା ସ୍ଥଳରୁ ଦଳେ ଯାଜକ
ଭବିଷ୍ୟତ ବାକ୍ୟ ପ୍ରଚାର କରି ବଇଁଶୀ, ତମ୍ବୁରା ଓ ବୀଣା
ବଜାଇ ଆସୁଥିବାର ଦେଖିବ। 6ସଦାପ୍ରଭୁଙ୍କର ଆତ୍ମା ତୁମ୍ଭ
ନିକଟକୁ ବିରାଟ ଶକ୍ତିରେ ଆସିବ ଏବଂ ତୁମ୍ଭେ ସେମାନଙ୍କ
ସହିତ ଭବିଷ୍ୟତବାଣୀ କହିବ ଏବଂ ତୁମ୍ଭେ ଜଣେ ଅଲଗା
ବ୍ୟକ୍ତି ହୋଇଯିବ। 7ସମ୍ଭବତଃ ସେହି ସମସ୍ତ ଚିହ୍ନ ଅତିକ୍ରମ
କରିବାକୁ ଲାଗିଲା, ତୁମ୍ଭେ ଯାହା କରିବାକୁ ପସନ୍ଦ କରିବ
ତାହା କରିବ। କାରଣ ପରମେଶ୍ୱର ତୁମ୍ଭ ସହିତ ଅଛନ୍ତି।

8"ମୋ ପୂର୍ବରୁ ପ୍ରଥମେ ତୁମ୍ଭେ ଗିଲ୍‌ଗଲ୍‌କୁ ଯିବ।
ତା'ପରେ ମୁଁ ସେଠାକୁ ହୋମବଳି ଓ ମଙ୍ଗଳାର୍ଥକବଳିରେ
ଉତ୍ସର୍ଗ କରିବ। ମୁଁ ଆସି ତୁମ୍ଭକୁ କଣ କରିବାକୁ ହେବ
କହିବା ପର୍ଯ୍ୟନ୍ତ, ତୁମ୍ଭେ ସେଠାରେ ସାତଦିନ ଅପେକ୍ଷା
କରିବାକୁ ହେବ।"

## ଶାଉଲ ଭବିଷ୍ୟଦ୍‌ବକ୍ତାମାନଙ୍କ ପରି ହେଲେ

9ଏହାପରେ ସେ ଶାମୁୟେଲ ଛାଡ଼ିଯିବା ପାଇଁ ପିଠି
ଫେରାନ୍ତେ ପରମେଶ୍ୱର ତାଙ୍କର ହୃଦୟ ପରିବର୍ତ୍ତନ କରିଦେଲେ
ଓ ସେହିଦିନ ସେ ସମସ୍ତ ଚିହ୍ନ ଘଟିଲା। 10ଶାଉଲ ଏବଂ
ତାଙ୍କର ସେବକ ଜିବେଥିଇଲୋହିମ୍‌କୁ ଗଲେ। ସେହି ସ୍ଥାନରେ
ଶାଉଲ ଦଳେ ଭବିଷ୍ୟଦ୍‌ବକ୍ତାଙ୍କୁ ଭେଟିଲେ। ପୁଣି ପରମେଶ୍ୱରଙ୍କ
ଆତ୍ମା ତାହାଙ୍କୁ ଆକ୍ରାନ୍ତ କରନ୍ତେ ସେ ସେମାନଙ୍କ ଭିତରେ
ନାଚି, ଗାଇ ଭବିଷ୍ୟତ୍‌ବାଣୀ ପ୍ରଚାର କରିବାକୁ ଲାଗିଲେ।
11ଏଥିରେ ଯେଉଁମାନେ ପୂର୍ବରୁ ଶାଉଲଙ୍କୁ ଜାଣିଥିଲେ ସେମାନେ
ଦେଖିଲେ ଯେ, ସେ ଭବିଷ୍ୟଦ୍‌ବକ୍ତାଙ୍କ ପରି ଅନ୍ୟ
ଭବିଷ୍ୟଦ୍‌ବକ୍ତାମାନଙ୍କ ଗହଣରେ ନାଚୁଥିଲେ ଓ ଗାଉଥିଲେ।
ତା'ପରେ ଲୋକମାନେ ପରସ୍ପର କୁହାକୁହି ହେବାକୁ ଲାଗିଲେ,
"କୀଶର ପୁତ୍ର ପ୍ରତି କ'ଣ ଘଟିଲା? ଶାଉଲ କ'ଣ
ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରେ ଜଣେ?"

12ତହିଁରେ ସେହି ସ୍ଥାନସ୍ଥ ଜଣେ ଉତ୍ତର କରି କହିଲେ,
"ଆଚ୍ଛା! ଏହା ଜଣାଯାଏ ଶାଉଲ ଜଣେ ଭବିଷ୍ୟଦ୍‌ବକ୍ତାମାନଙ୍କର
ନେତା" ଏହେତୁ "ଶାଉଲ କି ଭବିଷ୍ୟତ୍ ବକ୍ତାମାନଙ୍କ
ମଧ୍ୟରେ ଜଣେ" ଏହି କଥା ଏକ ବଡ ପ୍ରବାଦ ହୋଇ
ଉଠିଲା।

## ଶାଉଲ ଘରେ ପହଞ୍ଚିଲେ

13ତା'ପରେ ସେ ଭବିଷ୍ୟତ୍‌ବାଣୀ କହିବା ବନ୍ଦ କଲେ
ଏବଂ ଉପାସନା କରିବାକୁ ଗୃହ ନିକଟସ୍ଥ ଉଚ୍ଚସ୍ଥଳୀକୁ ଗଲେ।

---

**ଚଟୁଆ** ସମ୍ଭବତଃ ଏହା ବାମ ଚଟୁଆ ଥିଲା। ଯାହା ମହତ୍ୱପୂର୍ଣ୍ଣ ଅତିଥିମାନଙ୍କ ସକାଶେ ସଂରକ୍ଷିତ। ଡାହାଣ ଚଟୁଆ ଯାଜକମାନଙ୍କ ସକାଶେ ସଂରକ୍ଷିତ ଯିଏ ପଶୁଟିକୁ ବଳିଦିଏ। ଏହି ଯାଜକ ପଶୁଟିକୁ ହତ୍ୟା କରିବାରେ ସାହାଯ୍ୟ କଲା ଓ ପଶୁଟିର ମେଦ ସଦାପ୍ରଭୁଙ୍କ ଉପହାର ରୂପେ ଯଜ୍ଞବେଦୀରେ ଦେଲା।

14ଶାଉଲର କକା ତାଙ୍କୁ ଓ ତାଙ୍କର ଯୁବାଙ୍କୁ ପଚାରିଲେ,
"ତୁମ୍ଭେମାନେ କେଉଁଠାକୁ ଯାଇଥିଲ।"
ଶାଉଲ ଉତ୍ତର ଦେଲା, "ଗଧ ଖୋଜିବାକୁ ଯାଇଥିଲୁ।
କିନ୍ତୁ ସେମାନେ ନ ମିଳିବାରୁ ଆମ୍ଭେ ଶାମୁୟେଲ ନିକଟକୁ
ଦେଖାକରିବାକୁ ଆସିଲୁ।"
15ଏଥିରେ ଶାଉଲଙ୍କ ପିତୃବ୍ୟ କହିଲେ, "ମୁଁ ନିବେଦନ
କରୁଛି ଶାମୁୟେଲ ତୁମ୍ଭକୁ କ'ଣ କହିଲେ ମୋତେ କୁହ।"
16ଶାଉଲ ଉତ୍ତରରେ କହିଲେ, "ସେ କହିଲେ ଯେ,
ଗଧମାନେ ମିଳି ଗଲେଣି।" କିନ୍ତୁ ଶାଉଲ ତା'ର କକାକୁ
ଶାମୁୟେଲ ଦ୍ୱାରା କୁହାଯାଇଥିବା ରାଜତ୍ୱ ବିଷୟରେ କହିଲେ
ନାହିଁ।"

## ଶାମୁୟେଲ ଶାଉଲଙ୍କୁ ରାଜା ପଦରେ ଘୋଷଣା କଲେ

17ଶାମୁୟେଲ ଇଶ୍ରାୟେଲବାସୀଙ୍କୁ ମିସପାରେ ଏକତ୍ରୀତ
ହେବାପାଇଁ ଡ଼କାଇଲେ। 18ସେ ଇଶ୍ରାୟେଲବାସୀଙ୍କୁ କହିଲେ,
"ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର କହନ୍ତି, 'ମୁଁ
ଇଶ୍ରାୟେଲକୁ ମିଶରରୁ ବାହାର କରି ଆଣିଲି, ମୁଁ ତୁମ୍ଭମାନଙ୍କୁ
ମିଶରୀୟମାନଙ୍କଠାରୁ ରକ୍ଷା କଲି ଓ ଅନ୍ୟ ଦେଶମାନଙ୍କର
ନିୟନ୍ତ୍ରଣରୁ ତୁମ୍ଭକୁ ରକ୍ଷା କଲି।' 19କିନ୍ତୁ ତୁମ୍ଭେମାନେ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କୁ ଆଜି ପରିତ୍ୟାଗ କଲ।
ପରମେଶ୍ୱର ତୁମ୍ଭମାନଙ୍କୁ ସବୁ ଅସୁବିଧାରୁ ଓ ସମସ୍ୟାରୁ ରକ୍ଷା
କରନ୍ତି। କିନ୍ତୁ ତୁମ୍ଭେମାନେ କହିଲ, 'ଆମ୍ଭମାନଙ୍କୁ ଶାସନ
କରିବାକୁ ଆମ୍ଭେ ଜଣେ ରାଜା ଚାହୁଁ।' ସେଥିପାଇଁ ତୁମ୍ଭମାନଙ୍କର
ଜାତି ଓ ପରିବାରବର୍ଗ ଅନୁସାରେ ସଦାପ୍ରଭୁଙ୍କ ନିକଟରେ
ଉପସ୍ଥିତ ହୁଅ।"
20ଏପ୍ରକାରେ ଶାମୁୟେଲ ଇଶ୍ରାୟେଲର ସମସ୍ତ ପରିବାରବର୍ଗଙ୍କୁ
ଏକତ୍ରୀତ କରନ୍ତେ, ପ୍ରଥମତଃ ବିନ୍ୟାମୀନ ପରିବାରବର୍ଗ ନିର୍ଣ୍ଣିତ
ହେଲା। 21ଶାମୁୟେଲ କହିଲେ ଯେ, ବିନ୍ୟାମୀନ ପରିବାରବର୍ଗଙ୍କୁ
ଏକ ଏକ କରି ଆଗକୁ ଆସିବା ପାଇଁ। ମଟ୍ରିର ଗୋଷ୍ଠୀ
ନିର୍ଣ୍ଣିତ ହେଲା। ତା'ପରେ ଶାମୁୟେଲ ସେହି ପରିବାରବର୍ଗର
ପ୍ରତ୍ୟେକ ଲୋକଙ୍କୁ ଆଗକୁ ଆସିବାକୁ କହିଲେ। କୀଶ୍‌ଙ୍କ
ପୁତ୍ର ଶାଉଲ ବଛାଗଲେ। କୀଶ୍‌ଙ୍କ ପୁତ୍ର ଶାଉଲଙ୍କୁ ସେଠାରେ
ଖୋଜାଗଲା,
କିନ୍ତୁ ସେଠାରେ ଲୋକମାନେ ଶାଉଲଙ୍କୁ ଖୋଜି ପାଇଲେ
ନାହିଁ। 22ତା'ପରେ ଲୋକମାନେ ସଦାପ୍ରଭୁଙ୍କୁ ପଚାରିଲେ,
"ଏପର୍ଯ୍ୟନ୍ତ ଶାଉଲ ଏଠାକୁ ଆସିଛନ୍ତି କି?"
ସଦାପ୍ରଭୁ କହିଲେ, "ସେ ଏଠାରେ ଥିବା ସାମଗ୍ରୀମାନଙ୍କ
ମଧ୍ୟରେ ନିଜକୁ ଗୋପନ ରଖିଛି।"
23ଲୋକମାନେ ଖୋଜିଲେ ଏବଂ ତାଙ୍କୁ ସାମଗ୍ରୀ ପଛପଟେ
ପାଇଲେ। ଶାଉଲ ଲୋକମାନଙ୍କ ମଧ୍ୟରେ ଛିଡ଼ା ହେଲେ ସେ
ସମସ୍ତ ଲୋକଙ୍କ ଅପେକ୍ଷା ଲମ୍ବା ଥିଲେ।
24ଶାମୁୟେଲ ଲୋକମାନଙ୍କୁ କହିଲେ, "ଏଇ ବ୍ୟକ୍ତିକୁ
ଦେଖ। ପରମେଶ୍ୱର ତାଙ୍କୁ ମନୋନୀତ କରିଛନ୍ତି। ତୁମ୍ଭମାନଙ୍କ
ମଧ୍ୟରେ ତାଙ୍କଠାରୁ ସୁପୁରୁଷ ଆଉ କେହି ନାହାଁନ୍ତି।"
ତା'ପରେ ଲୋକମାନେ ପାଟିକଲେ, "ରାଜା ଦୀର୍ଘଜୀବି
ହୁଅନ୍ତୁ।"
25ଶାମୁୟେଲ ଲୋକମାନଙ୍କୁ ବନ୍ଧୁତାର ନିୟମ ଜଣାଇଲେ
ଏବଂ ତାହା ଖଣ୍ଡେ ପୁସ୍ତକରେ ଲେଖି ସଦାପ୍ରଭୁଙ୍କ ସମ୍ମୁଖରେ
ରଖିଲେ। ତା'ପରେ ଶାମୁୟେଲ ଲୋକମାନଙ୍କୁ ନିଜ ନିଜ
ଘରକୁ ଯିବାକୁ କହିଲେ।
26ଶାଉଲ ମଧ୍ୟ ଗିବୟାରେ ଥିବା ତାଙ୍କ ଘରକୁ ଫେରିଲେ।
କେତେକ ସାହସୀ ବ୍ୟକ୍ତି ଯେଉଁମାନଙ୍କ ହୃଦୟ ପରମେଶ୍ୱର
ସ୍ପର୍ଶ କରିଥିଲେ, ସେମାନେ ଶାଉଲଙ୍କୁ ଅନୁସରଣ କଲେ।
27କିନ୍ତୁ କେତେ ଖଳ ବ୍ୟକ୍ତି କହିଲେ, "କେମିତି ଏ ଲୋକ
ଆମକୁ ରକ୍ଷା କରିବ?" ସେମାନେ ଶାଉଲଙ୍କ ବିରୁଦ୍ଧରେ
ଖରାପ କଥା କହିଲେ ଏବଂ ତାଙ୍କ ନିକଟକୁ ଉପହାର
ଆଣିବା ପାଇଁ ବାରଣ କଲେ। କିନ୍ତୁ ଶାଉଲ ନୀରବ
ରହିଲେ।

## ନାହଶ ଅମ୍ମୋନୀୟଙ୍କ ରାଜା

ଅମ୍ମୋନୀୟଙ୍କ ରାଜା ନାହଶ୍ ଗାଦ୍ ଓ ରୁବେନ୍ ଗୋଷ୍ଠୀଙ୍କ
ଉପରେ ଆକ୍ରମଣ ଚଳାଉ ଥିଲେ। ନାହଶ୍ ସେମାନଙ୍କ ଦକ୍ଷିଣ
ଚକ୍ଷୁ ଉପାଡ଼ି ଦେଉଥିଲେ। ଯର୍ଦ୍ଦନ ନଦୀର ପୂର୍ବ ଅବବାହିକାରେ
ବାସ କରୁଥିବା ଇଶ୍ରାୟେଲୀୟମାନଙ୍କୁ ମଧ୍ୟ ସେ ନାଲି ଆଖି
ଦେଖାଇ ରଖିଥିଲେ। ସେଥିପାଇଁ 7,000 ଇଶ୍ରାୟେଲୀୟ
ଅମ୍ମୋନୀୟଠାରୁ ବାହାରି ଆସି ଯାବେଶ ଗିଲୟଦରେ ଅବସ୍ଥାନ
କଲେ*।

11 ପ୍ରାୟ ଏକମାସ ପରେ ଅମ୍ମୋନୀୟ ନାହଶ ଏବଂ
ତାଙ୍କ ସେନା ଯାବେଶ ଗିଲୟଦ ଛାଉଣୀ ସ୍ଥାପନ
କଲେ। ଯାବେଶର ଲୋକ କହିଲେ, "ତୁମ୍ଭେ ଆମ୍ଭମାନଙ୍କ
ପାଇଁ ଏକ ନିୟମ ପ୍ରବର୍ତ୍ତନ କର, ଆମ୍ଭେ ତାହା ପାଳନ
କରିବୁ।"
2ଅମ୍ମୋନୀୟ ନାହଶ ତାଙ୍କୁ ଉତ୍ତର କଲା, "ତୁମ୍ଭ ସମସ୍ତଙ୍କର
ଦକ୍ଷିଣଚକ୍ଷୁ ଉପୁଡା ଗଲେ ମୁଁ ତା'ପରେ ନିୟମ ସ୍ଥିର କରିବ।
ତଦ୍ୱାରା ସମସ୍ତ ଇଶ୍ରାୟେଲୀୟ ଲଜ୍ଜିତ ହେବେ।"
3ଯାବେଶ୍‌ର ନେତାମାନେ କହିଲେ, "ଆମକୁ ସାତଦିନ
ସମୟ ଦିଅ, ଆମ୍ଭେ ସାରା ଇଶ୍ରାୟେଲକୁ ଦୂତଗଣଙ୍କୁ ପଠାଇବୁ,
ଯଦି ଆମ୍ଭକୁ କେହି ସାହାର୍ଯ୍ୟ ନକରନ୍ତି, ତେବେ ତୁମ୍ଭ
ନିକଟକୁ ଆସିବୁ ଓ ସମର୍ପଣ କରିବୁ।"

## ଶାଉଲ ଯାବେଶ୍-ଗିଲୟଦ୍‌କୁ ରକ୍ଷା କଲେ

4ଗିବୟା ଦୂତ ଶାଉଲ ବାସ କରୁଥିବା ସହରରେ
ଲୋକମାନଙ୍କୁ ଏହି କଥା କହିବାରୁ ଲୋକମାନେ ଦୁଃଖରେ
କ୍ରନ୍ଦନ କରିବାକୁ ଲାଗିଲେ। 5ଶାଉଲ ଗାଈମାନଙ୍କୁ ଚରାଇବା
ପାଇଁ ବିଲକୁ ଯାଇଥିଲେ। ସେ ସେଠାରୁ ଆସି ଲୋକମାନେ
କ୍ରନ୍ଦନ କରିବାର ଶୁଣିବାକୁ ପାଇଲେ। ଶାଉଲ କହିଲେ,
"ତୁମ୍ଭର କ'ଣ ହୋଇଛି ତୁମ୍ଭେମାନେ ଏପରି କାନ୍ଦୁଛ କାହିଁକି?"
ତା'ପରେ ଲୋକମାନେ ତାଙ୍କୁ ଯାବେଶ୍‌ର ଦୂତମାନେ
କହିଥିବା ସମସ୍ତ କଥା କହିଲେ। 6ଶାଉଲ ସମସ୍ତ କଥା
ଶୁଣିଲେ। ତା'ପରେ ପରମେଶ୍ୱରଙ୍କ ଆତ୍ମା ଶାଉଲଙ୍କ ଦେହରେ
ଅତିଶୟ ପ୍ରଜ୍ୱଳିତ ହେଲା। ଶାଉଲ କ୍ରୋଧରେ ଜର୍ଜରିତ

**ଯାବେଶ ... କଲେ** ଏହି ଅଂଶ ସାଧାରଣ ହିବ୍ରୁ ଲେଖାରେ ନାହିଁ। କିନ୍ତୁ ଏହା କେତେକ ପୁରାତନ ଅନୁବାଦ ଏବଂ କୁମ୍ରାନ୍‌ର ପୁରାତନ ନଳାକାର ପୁସ୍ତକରେ ମିଳେ।

ହେଲେ। 7ଶାଉଲ ହଳେ ବଳଦ ଆଣି ସେମାନଙ୍କୁ ଖଣ୍ଡ ଖଣ୍ଡ
କରି କାଟିଲେ। ତା'ପରେ ସେ ଟୁକୁରାଗୁଡ଼ିକୁ ଦୂତଗଣଙ୍କୁ
ଦେଲେ। ସେ ଏହା ଇଶ୍ରାୟେଲୀୟଙ୍କୁ ସତର୍କ କରିବା ପାଇଁ
ଦେଲେ। ସେ ଏକ ବାର୍ତ୍ତା ପଠାଇଲେ, "ଯଦି କେହି ଶାଉଲ
ଏବଂ ଶାମୁୟେଲଙ୍କୁ ଅନୁସରଣ ନକରନ୍ତି, ତେବେ ସେମାନଙ୍କର
ଗାଈଗୁଡ଼ିକୁ ଏପରି ଖଣ୍ଡ ଖଣ୍ଡ କରି ଦିଆଯିବ।"
ତା'ପରେ ଏହି ବାର୍ତ୍ତା ପାଇବାପରେ ସଦାପ୍ରଭୁଙ୍କଠାରେ
ଲୋକମାନଙ୍କର ଭୀତି ସଞ୍ଚାର ହେବାରୁ ସେମାନେ ଏକତ୍ରୀତ
ହୋଇ ଗୋଟିଏ ମଣିଷ ପରି ଆସିଲେ। 8ଶାଉଲ ବେସକରେ
ଲୋକମାନଙ୍କୁ ଏକାଠି କଲେ। ସେଠାରେ ଇଶ୍ରାୟେଲରୁ
3,00,000 ଲୋକ ଏବଂ ଯିହୁଦାରୁ 30,000 ଲୋକ ଉପସ୍ଥିତ
ହେଲେ।
9ଶାଉଲ ଏବଂ ତାଙ୍କ ସୈନ୍ୟମାନେ ଯାବେଶ୍ର ଦୂତମାନଙ୍କୁ
କହିଲେ, "ତୁମ୍ଭେମାନେ ଯାବେଶ ଗିଲୟଦର ଲୋକମାନଙ୍କୁ
କୁହ ଆସନ୍ତା କାଲି ମଧ୍ୟାହ୍ନ ସୁଦ୍ଧା ସେମାନେ ମୁକ୍ତ ହେବେ।"
ଦୂତମାନେ ଫେରି ଶାଉଲଙ୍କ ବାର୍ତ୍ତା ଯାବେଶର ଲୋକମାନଙ୍କୁ
କହିଲେ ଏବଂ ସେମାନେ ବହୁତ ଖୁସି ହେଲେ। 10ତା'ପରେ
ଯାବେଶ୍ର ଲୋକମାନେ ଅମ୍ମୋନୀୟ ନାହଶକୁ କହିଲେ,
"ଆସନ୍ତା କାଲି ଆମ୍ଭେମାନେ ତୁମ୍ଭମାନଙ୍କ ନିକଟକୁ ଆସିବୁ।
ତୁମ୍ଭର ଯାହା ଇଚ୍ଛା ହେବ ତାହା ଆମ୍ଭମାନଙ୍କ ପ୍ରତି କରିବ।"
11ତା' ପରଦିନ ପ୍ରଭାତରେ ଶାଉଲ ତାଙ୍କ ସୈନ୍ୟମାନଙ୍କୁ
ତିନିଭାଗ କରି ସୂର୍ଯ୍ୟୋଦୟ ସମୟରେ ଅମ୍ମୋନୀୟ ଶିବିରରେ
ଆତର୍କିତ ଆକ୍ରମଣ କଲେ। ସେମାନେ ସେମାନଙ୍କର ପ୍ରହରୀସବୁ
ପରିବର୍ତ୍ତନ କରୁଥିଲେ ତେଣୁ ପୂର୍ବାହ୍ନ ପୂର୍ବରୁ ଶାଉଲ ଏବଂ
ତାଙ୍କ ସୈନ୍ୟ ତାଙ୍କୁ ପରାସ୍ତ କଲେ। ଅମ୍ମୋନୀୟମାନେ ବିଭିନ୍ନ
ଆଡେ ଦୌଡ଼ ପଳାଇଲେ। ସୈନ୍ୟମାନେ ଏପରି ପଳାୟନ
କଲେ ଯେ, ଦୁଇଟି ସୈନ୍ୟ ଏକତ୍ରୀତ ହୋଇ ପାରିଲେ
ନାହିଁ।
12ତା'ପରେ ଲୋକମାନେ ଶାମୁୟେଲଙ୍କୁ ପଚାରିଲେ,
"ଯେଉଁମାନେ ଶାଉଲଙ୍କୁ ବିରୁଦ୍ଧ କରୁଥିଲେ ସେମାନେ କେଉଁଠି
ଅଛନ୍ତି। ସେ ଲୋକମାନଙ୍କୁ ଆମ୍ଭେ ହତ୍ୟା କରିବୁ।"
13ଶାଉଲ କହିଲେ, "ନା! ଆଜି କାହାକୁ ହତ୍ୟା କର
ନାହିଁ। ସଦାପ୍ରଭୁ ଆଜି ଇଶ୍ରାୟେଲୀୟମାନଙ୍କୁ ରକ୍ଷା କରିଛନ୍ତି।"
14ତା'ପରେ ଶାମୁୟେଲ ଲୋକମାନଙ୍କୁ କହିଲେ, "ଆସ
ଗିଲ୍ଗଲ୍କୁ ଯିବା, ସେଠାରେ ଶାଉଲଙ୍କୁ ପୁନର୍ବାର ରାଜାରୂପେ
ଅଭିଷିକ୍ତ କରିବା।"
15ତା'ପରେ ସମସ୍ତେ ଗିଲ୍ଗଲ୍ ଗଲେ, ସେଠାରେ ସଦାପ୍ରଭୁଙ୍କ
ସମ୍ମୁଖରେ ଶାଉଲଙ୍କୁ ରାଜାରୂପେ ଅଭିଷିକ୍ତ କଲେ। ସେମାନେ
ସମସ୍ତେ ସଦାପ୍ରଭୁଙ୍କୁ ମଙ୍ଗଳାର୍ଥକବଳି ଉତ୍ସର୍ଗ କଲେ। ଶାଉଲ
ଏବଂ ଇଶ୍ରାୟେଲୀୟମାନେ ମହା ଆନନ୍ଦରେ ଏହା ପାଳନ
କଲେ।

## ଶାମୁୟେଲ ରାଜାଙ୍କ ବିଷୟରେ କହିଲେ

12 ଶାମୁୟେଲ ସମସ୍ତ ଇଶ୍ରାୟେଲୀଙ୍କୁ କହିଲେ, "ତୁମ୍ଭେମାନେ
ମୋତେ ଯାହାଯାହା କହିଲ, ମୁଁ ସେ ପ୍ରକାରେ
ତୁମ୍ଭମାନଙ୍କର ଏକ ରାଜା ନିୟୋଜନ କଲି। 2ବର୍ତ୍ତମାନ ତୁମ୍ଭର
ନେତୃତ୍ୱ କରିବା ପାଇଁ ଜଣେ ରାଜା ଅଛନ୍ତି। ମୁଁ ବୃଦ୍ଧ ଓ
ପକ୍ୱକେଶ ହୋଇ ଗଲିଣି। ମୁଁ ମୋ ଯୁବାବସ୍ଥାରୁ ତୁମ୍ଭ ମୂନିବ
ଥିଲି। ବର୍ତ୍ତମାନ ମୋ ପୁଅମାନେ ତୁମ୍ଭ ସାଥିରେ ଅଛନ୍ତି। 3ମୁଁ
ତୁମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ଅଛି। ଯଦି ମୁଁ କିଛି ଭୁଲ
କରିଛି ତୁମ୍ଭେମାନେ ନିର୍ଦ୍ଦିଷ୍ଟଭାବେ ସଦାପ୍ରଭୁ ଏବଂ ତାଙ୍କ
ମନୋନୀତ ରାଜାଙ୍କୁ କୁହ। ମୁଁ କାହାର ଗଧ କିମ୍ବା ଗାଈ
ଚୋରୀ କରିଛି କି? ମୁଁ କାହାକୁ ଆଘାତ କିମ୍ବା ଧୋକା
ଦେଇଛି କି? ମୁଁ ମୋର ଚକ୍ଷୁକୁ ଅନ୍ଧ କରିବା ପାଇଁ କାହା
ହସ୍ତରୁ ଲାଞ୍ଚ ନେଇ ନାହିଁ, ଯେପରିକି ମୁଁ ଅନ୍ୟ ଦ୍ୱାରା
ଅପରାଧ କରିଥିବା ଉପଦ୍ରବ୍ୟ ଦେଖି ନପାରେ? ଯଦି ମୁଁ
ଏଥିରୁ କୌଣସିଟି କରିଛି, ତେବେ ମୁଁ ତାହା ଭରଣା କରିବା
ପାଇଁ ପ୍ରସ୍ତୁତ ଅଛି।"
4ଇଶ୍ରାୟେଲୀୟମାନେ ଉତ୍ତର ଦେଲେ, "ନା! ତୁମ୍ଭେ
ଏପରି ଖରାପ କାମ କେବେ ବି କରି ନାହଁ। ତୁମ୍ଭେ ଆମକୁ
ଠକି ନାହଁ କିମ୍ବା ଆମ୍ଭଠାରୁ କିଛି ନେଇ ନାହଁ।"
5ଶାମୁୟେଲ ଇଶ୍ରାୟେଲୀୟମାନଙ୍କୁ କହିଲେ, "ତୁମ୍ଭେ ଯାହା
କହିଲ ସଦାପ୍ରଭୁ ଏବଂ ନୂତନ ମନୋନୀତ ରାଜା ତାହା
ଶୁଣିଲେ, ସେମାନେ ଦୃଢ଼ କରିବାକୁ ସାକ୍ଷୀ ରହିଲେ ଯେ ତୁମ୍ଭ
ବିରୁଦ୍ଧରେ ଜାଣିଲେ ମୁଁ କିଛି ଭୁଲ କରି ନାହିଁ।" ଲୋକମାନେ
କହିଲେ, "ହଁ ସଦାପ୍ରଭୁ ସାକ୍ଷୀ ଅଛନ୍ତି ଏହା ସତ୍ୟ।"
6ଶାମୁୟେଲ ଲୋକମାନଙ୍କୁ କହିଲେ, "ଯାହାସବୁ ଘଟିଛି
ସଦାପ୍ରଭୁ ସବୁ ଦେଖିଛନ୍ତି। ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ
ନିଯୁକ୍ତ କରିଥିଲେ ଏବଂ ସଦାପ୍ରଭୁ ତୁମ୍ଭମାନଙ୍କ ପୂର୍ବପୁରୁଷଙ୍କୁ
ମିଶରରୁ ବାହାର କରି ଆଣିଥିଲେ। 7ଆହୁରି ମଧ୍ୟ ଶୁଣ ମୁଁ
ତୁମ୍ଭକୁ ସଦାପ୍ରଭୁଙ୍କ ତୁମ୍ଭମାନଙ୍କ ପ୍ରତି ଅଲୌକିକତା ଓ ତୁମ୍ଭ
ପୂର୍ବପୁରୁଷଙ୍କ କଥା କହିବି।
8ଯାକୁବ ମିଶରକୁ ଗଲା ଉତ୍ତାରୁ ମିଶରୀୟମାନେ ତୁମ୍ଭମାନଙ୍କର
ବଂଶଧରଗଣଙ୍କର ଜୀବନକୁ ଦୁର୍ବିସହ କରିଦେଲେ। ତେଣୁ
ସେମାନେ ସାହାଯ୍ୟ ପାଇଁ ସଦାପ୍ରଭୁଙ୍କୁ ଡାକିଲେ। ସେତେବେଳେ
ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ ପଠାଇଲେ। ସେମାନେ
ତୁମ୍ଭମାନଙ୍କ ପୂର୍ବପୁରୁଷଙ୍କୁ ମିଶରରୁ ଆଣିଲେ ଏବଂ ଏହି
ସ୍ଥାନରେ ବାସ କରାଇଲେ।
9"କିନ୍ତୁ ତୁମ୍ଭ ପୂର୍ବପୁରୁଷମାନେ ସଦାପ୍ରଭୁ ସେମାନଙ୍କର
ପରମେଶ୍ୱରଙ୍କୁ ପାଶୋରିବାରୁ ସଦାପ୍ରଭୁ ସେମାନଙ୍କୁ ସୀଷରାର
କ୍ରୀତଦାସ କରାଇଲେ। ସୀଷରା ହାତ୍ସୋର୍ ସୈନ୍ୟବାହୀନିର
ସେନାପତି ଥିଲେ। ସଦାପ୍ରଭୁ ସେମାନଙ୍କୁ ପଲେଷ୍ଟୀୟମାନଙ୍କର
ଓ ମୋୟାବ ରାଜାର ଦାସ କଲେ। ସେମାନେ ସମସ୍ତେ
ତୁମ୍ଭମାନଙ୍କର ପୂର୍ବପୁରୁଷଗଣ ସହିତ ଯୁଦ୍ଧ କଲେ। 10ତା'ପରେ
ତୁମ୍ଭ ପୂର୍ବପୁରୁଷମାନେ ସଦାପ୍ରଭୁଙ୍କ ନିକଟରେ କ୍ରନ୍ଦନ କରି
କହିଲେ, 'ଆମ୍ଭେମାନେ ପାପ କରିଛୁ ଯେହେତୁ ଆମ୍ଭେ
ସଦାପ୍ରଭୁଙ୍କୁ ତ୍ୟାଗ କରି ବାଲ୍ ଦେବଗଣଙ୍କର ଏବଂ ଅଷ୍ଟାରୋତ୍
ଦେବଗଣଙ୍କର ପୂଜା କରୁଛୁ। ଏବେ ଆମ୍ଭମାନଙ୍କୁ ଶତ୍ରୁ
କବଳରୁ ରକ୍ଷା କର, ଆମ୍ଭେମାନେ ତୁମ୍ଭର ଉପାସନା କରିବୁ।'
11"ସଦାପ୍ରଭୁ ତୁମ୍ଭମାନଙ୍କୁ ଯିରୁବ୍ବାଲକୁ, ବଦାନ୍କୁ, ଯିପ୍ତହକୁ
ଓ ଶାମୁୟେଲଙ୍କୁ ପଠାଇ ଚତୁର୍ଦ୍ଦିଗରେ ଥିବା ତୁମ୍ଭ ଶତ୍ରୁମାନଙ୍କ
କବଳରୁ ତୁମ୍ଭମାନଙ୍କୁ ରକ୍ଷା କଲେ। ତହିଁରେ ତୁମ୍ଭେମାନେ
ନିର୍ଭୟରେ ବାସ କଲ। 12ତା'ପରେ ତୁମ୍ଭେ ଦେଖିଲ ଅମ୍ମୋନର
ରାଜା ନାହଶ ତୁମ୍ଭମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ। ତୁମ୍ଭେ

କହିଲ, 'ନା! ଆମ୍ଭେ ଜଣେ ରାଜା ଚାହୁଁ' ଯଦିଓ ସଦାପ୍ରଭୁ
ତୁମ୍ଭର ପରମେଶ୍ୱର ତୁମ୍ଭମାନଙ୍କର ରାଜା ଥିଲେ। 13ବର୍ତ୍ତମାନ
ତୁମ୍ଭମାନଙ୍କ ଅନୁରୋଧ ଓ ପସନ୍ଦ ଅନୁସାରେ ସଦାପ୍ରଭୁ ତୁମ୍ଭକୁ
ଶାସନ କରିବା ପାଇଁ ଜଣେ ରାଜାଙ୍କୁ ଦେଇଛନ୍ତି। 14ବର୍ତ୍ତମାନ
ଯଦି ତୁମ୍ଭେମାନେ ସଦାପ୍ରଭୁଙ୍କୁ ଭୟ କର ଓ ତାଙ୍କୁ ସେବା
କର, ଯେବେ ତୁମ୍ଭେମାନେ ତାଙ୍କର ବାକ୍ୟ ଶୁଣ, ତାଙ୍କର
ଆଜ୍ଞା ପାଳନ କର ଏବଂ ତାଙ୍କ ବିରୁଦ୍ଧରେ ନଯାଅ, ପୁଣି
ତୁମ୍ଭେମାନେ ଓ ତୁମ୍ଭମାନଙ୍କର ଶାସକ ରାଜା, ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱରଙ୍କ ଦ୍ୱାରା ରକ୍ଷା ପାଇବ*। 15କିନ୍ତୁ
ଯଦି ତୁମ୍ଭେ ସଦାପ୍ରଭୁଙ୍କ କଥା ନ ମାନ ଏବଂ ତାଙ୍କ
ବିରୁଦ୍ଧରେ ଯାଅ, ତେବେ ପରମେଶ୍ୱରଙ୍କର ହସ୍ତ ତୁମ୍ଭମାନଙ୍କ
ବିରୁଦ୍ଧରେ ଯିବ। ଯେପରି ସେ ତୁମ୍ଭମାନଙ୍କର ପୂର୍ବପୁରୁଷଗଣଙ୍କ
ବିରୁଦ୍ଧରେ ଥିଲେ।

16"ବର୍ତ୍ତମାନ ସ୍ଥିର ହୋଇ ଛିଡ଼ା ହୁଅ ଓ ସଦାପ୍ରଭୁ
ତୁମ୍ଭମାନଙ୍କ ସମ୍ମୁଖରେ ଯେଉଁ ମହତ୍ କାର୍ଯ୍ୟ କରିବେ ଦେଖ।
17ବର୍ତ୍ତମାନ ଗହମ କାଟିବାର ସମୟ*। କିନ୍ତୁ ମୁଁ ସଦାପ୍ରଭୁଙ୍କୁ
ପ୍ରାର୍ଥନା କରିବି ଯେପରି ସେ ମେଘ ଗର୍ଜନ ଓ ବୃଷ୍ଟି
ପଠାଇବେ। ସେଥିରୁ ତୁମ୍ଭେମାନେ ଜାଣିବ ଯେ, ସଦାପ୍ରଭୁଙ୍କ
ବିରୁଦ୍ଧରେ ତୁମ୍ଭେ ରାଜା ଦାବିକରି ବହୁତ ପାପ କରିଅଛ।"

18ତେଣୁ ଶାମୁୟେଲ ସଦାପ୍ରଭୁଙ୍କୁ ଡାକିଲେ, ସେହି ସମୟରେ
ସଦାପ୍ରଭୁ ମେଘଗର୍ଜନ ଓ ବୃଷ୍ଟି ପଠାଇଲେ। ତେଣୁ ସବୁଲୋକ
ସଦାପ୍ରଭୁ ଓ ଶାମୁୟେଲଙ୍କୁ ଭୟ କଲେ। 19ସମସ୍ତ ଲୋକ
ଶାମୁୟେଲଙ୍କୁ କହିଲେ, "ଆମ୍ଭେମାନେ ଯେପରି ନ ମରୁ
ସେଥିପାଇଁ ତୁମ୍ଭେ ଆପଣା ଦାସମାନଙ୍କ ନିମନ୍ତେ ସଦାପ୍ରଭୁ
ତୁମ୍ଭ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କର, କାରଣ
ଆମ୍ଭେମାନେ ସଦାପ୍ରଭୁଙ୍କ ବିରୁଦ୍ଧରେ ଅନେକ ଥର ପାପ
କରିଅଛୁ ଏବଂ ବର୍ତ୍ତମାନ ଆମ୍ଭେମାନେ ରାଜାଙ୍କୁ ମାଗି ପାପକୁ
ବଢ଼େଇ ଦେଉଛୁ।"

20ତା'ପରେ ଶାମୁୟେଲ ଲୋକମାନଙ୍କୁ କହିଲେ, "ଭୟଭୀତ
ହୁଅ ନାହିଁ। ଏହା ସତ୍ୟ ତୁମ୍ଭେମାନେ ଏହିସବୁ ବହୁତ
ମନ୍ଦକାର୍ଯ୍ୟ କରିଛ କିନ୍ତୁ ସଦାପ୍ରଭୁଙ୍କୁ ଅନୁସରଣ କରିବା ବନ୍ଦ
କରନାହିଁ। ମନପ୍ରାଣ ଦେଇ ସଦାପ୍ରଭୁଙ୍କର ସେବା କର।"
21ମୂର୍ତ୍ତୀଗୁଡ଼ିକୁ ଅନୁସରଣ କରିବା ପାଇଁ ପରମେଶ୍ୱରଙ୍କଠାରୁ
ଦୌଡ଼ି ପଳାଅ ନାହିଁ! ସେମାନେ ଅସାର, ସେମାନେ ମଙ୍ଗଳ
କରିବା ପାଇଁ କିମ୍ବା ତୁମ୍ଭମାନଙ୍କୁ ରକ୍ଷା କରିବା ପାଇଁ ଅକ୍ଷମ
ଅଟନ୍ତି।

22"ସଦାପ୍ରଭୁ ଆପଣା ମହାନ ନାମ ସକାଶେ ଆପଣା
ଲୋକମାନଙ୍କୁ ତ୍ୟାଗ କରିବେ ନାହିଁ। କାରଣ ତୁମ୍ଭମାନଙ୍କୁ
ଆପଣା ଲୋକ କରିବା ପାଇଁ ସଦାପ୍ରଭୁ ସନ୍ତୁଷ୍ଟ ହୋଇ
ଅଛନ୍ତି। 23ମୋ ପକ୍ଷରେ, ମୁଁ ତୁମ୍ଭମାନଙ୍କ ନିମନ୍ତେ ପ୍ରାର୍ଥନା
କରିବାରୁ ନିବୃତ୍ତ ହେବି ନାହିଁ। ଯଦି ମୁଁ ତୁମ୍ଭମାନଙ୍କ ପାଇଁ
ପ୍ରାର୍ଥନା କରିବା ବନ୍ଦ କରି ଦେବି, ତେବେ ମୁଁ ସଦାପ୍ରଭୁଙ୍କ
ବିରୁଦ୍ଧରେ ପାପ କରିବି। ମୁଁ ତୁମ୍ଭମାନଙ୍କୁ ଉତ୍ତମ ଓ ସତ୍
ଶିକ୍ଷା ଦେବା ଚାଲୁ ରଖିବି। 24କିନ୍ତୁ ତୁମ୍ଭେମାନେ ନିଶ୍ଚିତ
ସଦାପ୍ରଭୁଙ୍କୁ ଭୟ ଓ ସମ୍ମାନ କର। ମନ ପ୍ରାଣ ଦେଇ
ସଦାପ୍ରଭୁଙ୍କ ସେବା କର, କାରଣ ସେ ତୁମ୍ଭମାନଙ୍କ ନିମନ୍ତେ
ବଡ଼ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିଛନ୍ତି। 25କିନ୍ତୁ ଯଦି ତୁମ୍ଭେମାନେ
କ୍ରମାଗତ କୁକର୍ମ କରିବାରେ ଆଗ୍ରହ ପ୍ରକାଶ କର, ତେବେ
ତୁମ୍ଭେମାନେ ଓ ତୁମ୍ଭମାନଙ୍କ ରାଜା ଧ୍ୱଂସ ହେବ।"

## ଶାଉଲ ପ୍ରଥମେ ଭୁଲ କଲେ

13 ସେହି ସମୟରେ ଶାଉଲ ଏକ ବର୍ଷ ପାଇଁ ରାଜା
ଥିଲେ। ସେ ଇଶ୍ରାୟେଲରେ ଦୁଇବର୍ଷ ଶାସନ କଲେ।
2ଶାଉଲ ଇଶ୍ରାୟେଲରୁ 3,000 ପୁରୁଷମାନଙ୍କୁ ନିର୍ବାଚିତ କଲେ।
ଏମାନଙ୍କ ମଧ୍ୟରୁ 2,000 ମିକ୍ମସ୍ରେ ବୈଥେଲ୍ର ପାର୍ବତ୍ୟ
ଅଞ୍ଚଳ ଶାଉଲଙ୍କ ସହ ରହିଲେ। ଏବଂ 1,000 ଗିବିୟାର
ଯୋନାଥନ ସହିତ ବିନ୍ୟାମୀନର ଭୂମିରେ ଅବଶିଷ୍ଟ ରହିଲେ।
ସେ ଅବଶିଷ୍ଟ ସୈନ୍ୟମାନଙ୍କୁ ଆପଣା ଗୃହକୁ ପ୍ରତ୍ୟାବର୍ତ୍ତନ
କରିବାକୁ ଆଦେଶ ଦେଲେ।

3ଯୋନାଥନ ଗେବାସ୍ଥିତ ପଲେଷ୍ଟୀୟ ପ୍ରହରୀ ସୈନ୍ୟଦଳକୁ
ସଂହାର କରନ୍ତେ, ପଲେଷ୍ଟୀୟମାନେ ତାହା ଶୁଣି କହିଲେ,
"ଏବ୍ରୀୟ ଲୋକମାନେ ବିଦ୍ରୋହ କରିଛନ୍ତି।"

ଶାଉଲ କହିଲେ, "ଏବ୍ରୀୟ ଲୋକମାନେ ଶୁଣନ୍ତୁ" ଏହା
ତୂରୀ ବଜାଇ ସର୍ବତ୍ର କହି ପଠାଇଲେ। 4ସମସ୍ତ ଇଶ୍ରାୟେଲୀୟ
ଏ ସମ୍ବାଦ ଶୁଣିଲେ। ସେମାନେ କହିଲେ, "ଶାଉଲ ପଲେଷ୍ଟୀୟ
ନେତାଙ୍କୁ ହତ୍ୟା କରିଛନ୍ତି। ବର୍ତ୍ତମାନ ପଲେଷ୍ଟୀୟମାନେ ପ୍ରକୃତରେ
ଇଶ୍ରାୟେଲୀୟମାନଙ୍କୁ ଘୃଣା କରନ୍ତି।"

ଇଶ୍ରାୟେଲୀୟମାନେ ଶାଉଲଙ୍କ ସହ ଗିଲ୍ଗଲ୍ରେ ଏକତ୍ରିତ
ହେବାକୁ ଡକା ହେଲେ। 5ପଲେଷ୍ଟୀୟମାନେ ଇଶ୍ରାୟେଲ
ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଏକତ୍ରିତ ହେଲେ।
ପଲେଷ୍ଟୀୟମାନଙ୍କର ତିରିଶ ସହସ୍ର ରଥ ଓ ଛଅ ସହସ୍ର
ଅଶ୍ୱାରୋହୀ ଥିଲେ ଓ ସମୁଦ୍ର ତୀରର ବାଲିଭଳି ସୈନିକ
ଥିଲେ। ସେମାନେ ଆସି ମିକ୍ମସ୍ରେ ବୈଥାବନର ପୂର୍ବଦିଗରେ
ଛାଉଣୀ ସ୍ଥାପନ କଲେ।

6ଇଶ୍ରାୟେଲୀୟମାନେ ଆପଣାମାନଙ୍କ ବିପଦଗ୍ରସ୍ତ ଦେଖିଲେ।
ଏଣୁ ଏମାନେ ଗୁମ୍ଫା, ପଥରଖୋଲ, ଶୈଳ, କୂପ ଓ ଅନ୍ୟାନ୍ୟ
ଗାତ୍ରରେ ଆତ୍ମଗୋପନ କଲେ। 7ଏପରିକି ଏବ୍ରୀୟମାନେ
ଯର୍ଦ୍ଦନ ନଦୀ ପାରହୋଇ ଗାଦ୍ ଓ ଗିଲୟଦ ରାଜ୍ୟକୁ ଖସି
ପଳାଇଲେ। ଶାଉଲ କିନ୍ତୁ ଗିଲ୍ଗଲ୍ରେ ରହିଲେ। ତାଙ୍କ
ସୈନ୍ୟବାହୀନିର ସମସ୍ତ ସୈନିକମାନେ ଭୟରେ ଥରିବାକୁ
ଲାଗିଲେ।

8ଶାମୁୟେଲ କହିଲେ ସେ ଗିଲ୍ଗଲ୍ରେ ଶାଉଲଙ୍କ ଦେଖା
କରିବାକୁ ଆସିପାରନ୍ତି। ଶାଉଲ ସେଠାରେ ସାତଦିନ ଅପେକ୍ଷା
କଲେ କିନ୍ତୁ ଶାମୁୟେଲ ଗିଲ୍ଗଲ୍ ଆସିଲେ ନାହିଁ। ଏବଂ
ସୈନିକମାନେ ଶାଉଲଙ୍କଠାରୁ ଧିରେ ଧିରେ ବିଦାୟନେବା
ଆରମ୍ଭ କଲେ। 9ଶାଉଲ କହିଲେ, "ଏଥର ମୋ ପାଇଁ
ହୋମବଳି ଓ ମଙ୍ଗଳାର୍ଥକବଳି ଆଣ।" ଏବଂ ସେ ନିଜେ
ହୋମବଳି ଉତ୍ସର୍ଗ କଲେ। 10ଶାଉଲ ବଳି କାର୍ଯ୍ୟ ସମାପ୍ତ
କରିବା ମାତ୍ରକେ ଶାମୁୟେଲ ସେଠାରେ ପହଞ୍ଚିଲେ। ଶାଉଲ
ତାଙ୍କୁ ସାକ୍ଷାତ କରିବା ପାଇଁ ଆସିଲେ।

---

**ପରମେଶ୍ୱରଙ୍କ ... ପାଇବ** ଏହା ପ୍ରାଚୀନ ଗ୍ରୀକ୍ ଅନୁବାଦରୁ ଗୃହୀତ।

**ବର୍ତ୍ତମାନ ... ସମୟ** ଏହା ବର୍ଷର ଶୁଷ୍କ ସମୟ ଯେତେବେଳେ ବର୍ଷା ହୁଏ ନାହିଁ।

11ଶାମୁୟେଲ କହଲେ, "ତୁମ୍ଭେ ଏ କ'ଣ କଲ?"
ଶାଉଲ କହଲେ, "ମୁଁ ଦେଖୁଛ ସୈନକମାନେ ମୋତେ
ତ୍ୟାଗ କରୁଛନ୍ତ ପୁଣି ନରୂପିତ ସମୟ ମଧ୍ୟରେ ତୁମ୍ଭେ
ଆସିଲ ନାହିଁ ଏବଂ ପଲେଷ୍ଟୀୟମାନେ ମିକ୍ମସରେ ଏକଜୁଟ
ହୋଇଛନ୍ତ। 12ଏଥିପାଇଁ ମୁଁ ଭାବଲ, 'ପଲେଷ୍ଟୀୟମାନେ ଗିଲଗଲ
ଆସି ଆକ୍ରମଣ କରବେ ମାତ୍ର ମୁଁ ସଦାପ୍ରଭୁଙ୍କର ଅନୁଗ୍ରହ
ମାଗି ନାହିଁ। ତେଣୁ ମୁଁ ବାଧହୋଇ ହୋମବଳ ଉତ୍ସର୍ଗ
କରଛ।'"
13ଶାମୁୟେଲ କହଲେ, "ତୁମ୍ଭେ ନର୍ବୋଧ କାର୍ଯ୍ୟ କରଛ।
ତୁମ୍ଭେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ମାନଲ ନାହିଁ। ଯଦ
ତୁମ୍ଭେ ପରମେଶ୍ୱରଙ୍କ ଆଦେଶ ମାନ କାର୍ଯ୍ୟ କରଥାନ୍ତ
ତେବେ ପରମେଶ୍ୱର ତୁମ୍ଭ ବଂଶକୁ ଅନନ୍ତକାଳ ପାଇଁ ଇଶ୍ରାୟେଲର
ଶାସନଭାର ସମ୍ପାଦନ କରବାକୁ ଦେଇଥାନ୍ତେ। 14ମାତ୍ର ଏବେ
ତୁମ୍ଭ ରାଜ୍ୟ ଆଗକୁ ଯିବ ନାହିଁ, ପରମେଶ୍ୱର ଏଭଳ ଲୋକ
ଚାହାଁନ୍ତ ଯିଏ ତାଙ୍କ ଆଜ୍ଞା ପାଳନ କରୁଥିବ। ପରମେଶ୍ୱର
ସେହ ବ୍ୟକ୍ତକୁ ବାଛଛନ୍ତ ଯିଏକ ତାଙ୍କର ଲୋକମାନଙ୍କର
ନୂଆ ନେତା ନର୍ବାଚତ ହେବେ। ତୁମ୍ଭେ ସଦାପ୍ରଭୁଙ୍କ ଆଦେଶ
ଅବମାନନା କରଥିବାରୁ ସଦାପ୍ରଭୁ ନୂଆ ରାଜା ବାଛଛନ୍ତ।"

## ମିକ୍ମସ୍‌ରେ ଯୁଦ୍ଧ

15ଶାଉଲ ଏବଂ ତାଙ୍କ ଅବଶିଷ୍ଟ ସୈନ୍ୟ ଗିଲ୍‌ଗଲ୍
ପରତ୍ୟାଗ କଲେ। ସେମାନେ ବନ୍ୟାମୀନ ଦେଇ ଗିବିୟାକୁ
ଯାତ୍ରା କଲେ। ଶାଉଲ ଗଣନା କଲେ ଓ ପାଇଲେ ଯେ,
ସେ ପର୍ଯ୍ୟନ୍ତ ତାଙ୍କ ସହ 600 ଲୋକ ଅଛନ୍ତ। 16ଶାଉଲ
ଏବଂ ତାଙ୍କ ପୁଅ ଯୋନାଥନ ସୈନ୍ୟମାନଙ୍କ ସହତ ବନ୍ୟାମୀନର
ଗିବିୟାକୁ ଯାତ୍ରା କଲେ।
ପଲେଷ୍ଟୀୟମାନେ ମିକ୍ମସ୍‌ରେ ସେମାନଙ୍କ ଶିବର ସ୍ଥାପନ
କଲେ। 17ପଲେଷ୍ଟୀୟମାନେ ସେ ଅଞ୍ଚଳରେ ରହୁଥିବା
ଇଶ୍ରାୟେଲୀୟମାନଙ୍କୁ ଦଣ୍ଡିତ କରବାକୁ ନଷ୍ପତ୍ତି ନେଲେ।
ସେମାନଙ୍କର ସୁଦକ୍ଷ ପଲେଷ୍ଟୀୟ ଯୋଦ୍ଧାଗଣକୁ ଆକ୍ରମଣ
କରବାକୁ ଆରମ୍ଭ କଲେ। ସେମାନେ ତିନଦଳରେ ବଭକ୍ତ
ହୋଇ ଦଳେ ଶୂୟାଲ୍ ନକଟରେ ଓ ଅଫ୍ରା ରାସ୍ତାର ଉତ୍ତରକୁ
ଗଲେ। 18ଦ୍ୱିତୀୟ ଦଳ ଦକ୍ଷିଣ-ପୂର୍ବ ଦଗରେ ବୈଥୋରଣ
ରାସ୍ତାରେ ଗଲେ। ତୃତୀୟ ଦଳ ପୂର୍ବଦଗର ରାସ୍ତାର ସୀମା
ସିବୋୟିମ ଉପତ୍ୟକାର ଅଞ୍ଚଳର ପଥଦେଇ ଗମନ କଲେ।
ସେହ ରାସ୍ତାଟି ସିବୋୟିମ ଉପତ୍ୟକା ଦେଇ ମରୁଭୂମି
ଆଡେ ମୁହଁ କରଅଛ।
19କୌଣସି ଇଶ୍ରାୟେଲୀୟ କମାର କାମ କରୁ ନ
ଥିଲେ। କାରଣ ପଲେଷ୍ଟୀୟମାନେ ଇଶ୍ରାୟେଲୀୟମାନଙ୍କୁ ଲୌହ
କର୍ମ ଶିଖାଇ ନଥିଲେ ସେମାନଙ୍କର ଭୟଥିଲା ଏହାଦ୍ୱାରା
ଇଶ୍ରାୟେଲୀୟମାନେ ଖଡ୍ଗ ବା ବର୍ଚ୍ଛା ନର୍ମାଣ କରପାରବେ।
20ପଲେଷ୍ଟୀୟମାନେ କେବଳ ଲୁହା ଶାଣ ଦେବା କାମ ଛୁରୀ,
ଫାଳ, କୁହାଡ଼ି ଓ କୋଡ ପ୍ରଭୁତିରେ ଇଶ୍ରାୟେଲୀୟମାନେ
ସେଠାକୁ ଯାଉଥିଲେ। 21ପଲେଷ୍ଟୀୟମାନେ ଫାଳ ଓ କୋଦାଳ
ଶାଣ କରବା ପାଇଁ ଏକ ତୃତୀୟାଂଶ ପାଉନସ୍ ରୂପା ଏବଂ
କୁରାଢୀ ଗଇଁତି ଶାଣ କରବା ପାଇଁ ଏକ ଷଷ୍ଠାଂଶ ପାଉନସ୍
ରୂପା ନେଉଥିଲେ। 22ଏଣୁ ଯୁଦ୍ଧ ସମୟରେ କୌଣସି
ଇଶ୍ରାୟେଲୀୟଙ୍କ ପାଖରେ ଖଡ୍ଗ କମ୍ବା ବର୍ଚ୍ଛା ନ ଥିଲା,
କେବଳ ଶାଉଲ ଏବଂ ତାଙ୍କ ପୁତ୍ର ଯୋନାଥନଙ୍କ ପାଖରେ
ଲୌହ ଅସ୍ତ୍ର ଥିଲା।
23ଏ ସମୟରେ ପଲେଷ୍ଟୀୟ ସୈନ୍ୟଦଳ ମିକ୍ମସ୍ ଘାଟୀକୁ
ଜଗିବାକୁ ଗଲେ।

## ଯୋନାଥନ ପଲେଷ୍ଟୀୟମାନଙ୍କୁ ଆକ୍ରମଣ କଲେ

14 ଏକଦନ ଶାଉଲଙ୍କ ପୁତ୍ର ଯୋନାଥନ ଆପଣା ଅସ୍ତ୍ରବାହକ
ଯୁବାକୁ କହଲା, "ଚାଲ ଆମ୍ଭେ ଉପତ୍ୟକାର ବପରୀତ
ଦଗରୁ ପଲେଷ୍ଟୀୟଙ୍କ ଶିବର ଆଡ଼କୁ ଯିବା।" କନ୍ତୁ ଯୋନାଥନ
ଏକଥା ତାଙ୍କ ବାପା ଶାଉଲଙ୍କୁ କହଲେ ନାହିଁ।
2ସେ ସମୟରେ ଶାଉଲ ଗିବିୟାର ପ୍ରାନ୍ତଭାଗରେ ମିଗ୍ରୋଣସ୍ଥ
ଡାଳମ୍ବଗଛ ମୂଳରେ ଥିଲେ। ପ୍ରାୟତଃ 600 ଲୋକ ତାଙ୍କ
ପାଖରେ ଥିଲେ। 3ଐଖାବୋଦର ଭ୍ରାତା ଅହୀଟୁବର ପୁତ୍ର
ଯାଜକ ଅହୟ ଏଫୋଦ ପିନ୍ଧି ସେଠାରେ ଥିଲା। ଐଖାବୋଦ
ପୀନହସର ପୁତ୍ର, ପୀନହସ ଶୀଲୋର ଯାଜକ ଏଲର ପୁତ୍ର।
ଯୋନାଥନ ବାହାରକୁ ଯାଇଛ ବୋଲ ସେଠାରେ ଉପସ୍ଥିତ
ଲୋକ ଜାଣି ନ ଥିଲେ। 4ଯୋନାଥନ ସିଧା ରାସ୍ତାଦେଇ
ପଲେଷ୍ଟୀୟ ଶିବରକୁ ଯିବାକୁ ଯୋଜନା କଲେ ସେ ରାସ୍ତାର
ଉଭୟ ପାର୍ଶ୍ୱରେ ବଡ଼ ବଡ଼ ପଥରସବୁ ଥିଲା। ଘାଟୀର ଏକ
ପାର୍ଶ୍ୱରେ ବୋତ୍‌ସେସ୍ ନାମକ ଏବଂ ଅନ୍ୟ ପାର୍ଶ୍ୱରେ ସେନ
ନାମକ ଶିଳାଖଣ୍ଡ ଥିଲା। 5ଗୋଟିଏ ପଥର ଉତ୍ତର ଦଗସ୍ଥ,
ଉତ୍ତର ଆଡୁ ମିକ୍ମସ୍ ଆଡକୁ ଏବଂ ଅନ୍ୟ ପଥରଟି ଦକ୍ଷିଣସ୍ଥ
ଗେବା ଆଡକୁ ମୁହାଁଇଥିଲା।
6ଯୋନାଥନ ତାଙ୍କ ଆଜ୍ଞାକାରୀ ଯୁବକଙ୍କୁ ଯିଏ ଅସ୍ତ୍ର ଶସ୍ତ୍ର
ବୋହଥାଏ ତାକୁ କହଲେ, "ଆସ, ଆମ୍ଭେ ବଦେଶୀଙ୍କର
ଶିବର ଆଡ଼କୁ ଯିବା। ସଦାପ୍ରଭୁ ଆମ୍ଭମାନଙ୍କୁ ବ୍ୟବହାର କର
ସେମାନଙ୍କୁ ପରାସ୍ତ କରପାରନ୍ତ, କାରଣ ଅଳ୍ପ ବା ବେଶୀ
ସୈନ୍ୟ ହୁଅନ୍ତୁ ସଦାପ୍ରଭୁଙ୍କୁ ସେମାନଙ୍କୁ ରକ୍ଷା କରବାରୁ କେହ
ଅଟକାଇ ପାରବ ନାହିଁ।"
7ସାହାଯ୍ୟକାରୀ ଯୁବକ ଯୋନାଥନଙ୍କୁ କହଲା, "ତୁମ୍ଭେ
ଯାହା ଭଲ ଭାବୁଛ କର ଏବଂ ତୁମ୍ଭ ସହତ ସାରାପଥରେ
ଅଛ।"
8ଯୋନାଥନ ଉତ୍ତର ଦେଲେ, "ଆମ୍ଭେ ସେ ଉପତ୍ୟକାକୁ
ଅତକ୍ରମ କରବା ଓ ପଲେଷ୍ଟୀୟମାନଙ୍କୁ ଆମ୍ଭଙ୍କୁ ଦେଖିବାକୁ
ଦେବା। 9ଯଦ ସେମାନେ ଆମ୍ଭମାନଙ୍କୁ କହବେ, 'ରହଥାଅ,
ଆମ୍ଭେମାନେ ତୁମ୍ଭମାନଙ୍କ ଆଡକୁ ଆସିବା,' ତେବେ ଆମ୍ଭେମାନେ
ନଜ ନଜ ସ୍ଥାନରେ ଛଡ଼ା ହୋଇ ରହବା, ସେମାନଙ୍କ ଆଡକୁ
ଯିବା ନାହିଁ। 10ଯଦ ପଲେଷ୍ଟୀୟମାନେ ଆମ୍ଭକୁ କହବେ
'ଆମ୍ଭମାନଙ୍କ ପାଖକୁ ଉଠିଆସ' ତେବେ ଆମ୍ଭେ ସେମାନଙ୍କ
ପାଖକୁ ଯିବା। କାରଣ ସଦାପ୍ରଭୁ ଆମ୍ଭମାନଙ୍କ ହସ୍ତରେ
ସେମାନଙ୍କୁ ଦେଇଛନ୍ତ। ଆଉ ଏହା ଏକ ପରାଜୟର ଚହ୍ନ
ହେବ।"
11ତେବେ ସେ ଦୁହେଁ ପଲେଷ୍ଟୀୟଙ୍କ ପ୍ରହରମାନଙ୍କ
ନକଟରେ ଆପଣାଙ୍କୁ ଦେଖା ଦେଲେ। ପଲେଷ୍ଟୀୟ ପ୍ରହରମାନେ
କହଲେ, "ଦେଖ! ଏବ୍ରୀୟ ଲୋକମାନେ ଯେଉଁ ଯେଉଁ
ଗାତରେ ଲୁଚଥିଲେ ସେଠାରୁ ଏବେ ବାହାର ଆସୁଛନ୍ତ।"

12ପଲେଷ୍ଟୀୟ୍ ଶିବରରେ ଥିବା ପ୍ରହରମାନେ ବଡପାଟିରେ
ଯୋନାଥନ ଓ ତାଙ୍କ ଭୃତ୍ୟକୁ କହଲେ, "ଏଠାକୁ ଆସ,
ଆମ୍ଭେ ତୁମ୍ଭେ ଦୁହିଁଙ୍କୁ ଉଚତ ଶିକ୍ଷା ଦେବୁ।"
ଯୋନାଥନ ତାଙ୍କ ଭୃତ୍ୟକୁ କହଲେ, "ମୋତେ ଅନୁସରଣ
କର ପାହାଡ ପର୍ଯ୍ୟନ୍ତ ଆସ। ସଦାପ୍ରଭୁ ଆମକୁ ଇସ୍ରାୟେଲଠାରୁ
ପଲେଷ୍ଟୀୟ୍‌ଙ୍କୁ ପରାଜୟ୍ କରବା ପାଇଁ ପଠାଇଛନ୍ତ।"
13-14ଏଥିରେ ଯୋନାଥନ ନଜର ହାତ ଓ ଗୋଡ଼ ଦେଇ
ଉପରକୁ ଉଠିଗଲା ଓ ତାହାର ସାହାଯ୍ୟକାରୀ ତାଙ୍କ ପଛେ
ପଛେ ଗଲା। ସେମାନେ ସେହ ପଲେଷ୍ଟୀୟ୍ମାନଙ୍କୁ ଆକ୍ରମଣ
କଲେ, ଯୋନାଥନ ଆକ୍ରମଣ କଲା ଓ ଯେଉଁମାନେ ଆଗରେ
ଥିଲେ ସେମାନଙ୍କୁ ହତ୍ୟା କଲା ଏବଂ ତାଙ୍କର ସାହାଯ୍ୟକାରୀ
ପଛରେ ଯୋନାଥନଙ୍କ ଦ୍ୱାରା ଆହତ ହୋଇଥିବା ଲୋକମାନଙ୍କୁ
ହତ୍ୟା କଲା। ଅଧା ଏକର ଜମିରେ ଯୋନାଥନ ଏବଂ ତାଙ୍କର
ସାହାଯ୍ୟକାରୀ ପ୍ରଥମେ ଆକ୍ରମଣ ସମୟ୍ରେ କୋଡଏ ଜଣଙ୍କୁ
ହତ୍ୟା କଲେ।
15ସମସ୍ତ ପଲେଷ୍ଟୀୟ୍ ସୈନ୍ୟମାନେ ଯେଉଁମାନେ ସେହ
କ୍ଷେତ୍ରରେ ଥିଲେ, ଯେଉଁମାନେ ଛାଉଣୀରେ ଥିଲେ, ଯେଉଁମାନେ
ଦୁର୍ଗରେ ଥିଲେ, ଭୟ୍ଭୀତ ହେଲେ। ଏପରକ ସବୁଠାରୁ
ସାହାସୀ ସୈନ୍ୟମାନେ ମଧ ଭୟ୍ କଲେ। ଯେପର
ସେଠାରେ ଭୂମିକମ୍ପ ହେଲା ଏହ ବଭୀଷିକା ପରମେଶ୍ୱର
ପଠାଇଥିଲେ।
16ଯେତେବେଳେ ବନ୍ୟାମୀନ ପ୍ରଦେଶର ଗିବୟାରେ ଶାଉଲଙ୍କ
ସୈନ୍ୟମାନେ ଦେଖିଲେ ପଲେଷ୍ଟୀୟ୍ ସୈନ୍ୟମାନେ ଏଣେତେଣେ
ଦୌଡୁଛନ୍ତ। 17ଶାଉଲ ତାଙ୍କ ସୈନ୍ୟମାନଙ୍କୁ କହଲେ, "ତୁମ୍ଭେ
ଲୋକମାନଙ୍କୁ ଗଣନା କର। ମୁଁ ଜାଣିବାକୁ ଚାହେଁ କିଏ
ଛାଉଣୀ ତ୍ୟାଗ କରଛନ୍ତ।"
ଯେତେବେଳେ ସେମାନେ ଗଣନା କରନ୍ତେ ଯୋନାଥନ୍
ଏବଂ ତାଙ୍କ ସାହାଯ୍ୟକାରୀ ଛାଉଣୀ ତ୍ୟାଗ କରଛନ୍ତ।
18ତହୁଁ ଶାଉଲ ଅହୀୟ୍କୁ କହଲେ, "ଏଫୋଦକୁ ଏଠାକୁ
ଆଣ।" କାରଣ ସେହ ସମୟ୍ରେ ଅହୀୟ୍ ଏଫୋଦ ପିନ୍ଧି
ଥିଲେ। 19ଶାଉଲ ଯାଜକ ଅହୀୟ୍ଙ୍କ ସହ କଥା ହେବାବେଳେ
ପଲେଷ୍ଟୀୟ୍ ଛାଉଣୀରେ ଆହୁର ଆହୁର କୋଳାହଳ ବଢିବାକୁ
ଲାଗିଲା। ଶାଉଲ ଅଧୈର୍ଯ୍ୟ ହୋଇ ଉଠିଲେ ଏବଂ ଯାଜକ
ଅହୀୟ୍କୁ କହଲେ, "ବନ୍ଦ କର! ତୁମ୍ଭ ହାତ ଏଫୋଦରୁ
କାଢିଆଣ।"
20ଶାଉଲ ସୈନ୍ୟମାନଙ୍କୁ ଏକତ୍ରିତ କର ସେମାନଙ୍କୁ
ଯୁଦ୍ଧଭୂମିକୁ ପଠାଇଲେ। ପଲେଷ୍ଟୀୟ୍ ସୈନ୍ୟମାନେ ଏମିତି
ଦ୍ୱନ୍ଦରେ ପଡଗଲେ ଯେ, ଏପରକ ସେମାନେ ନଜ ନଜ ଖଡ୍ଗ
ଆପଣା ସାଥୀ ସୈନ୍ୟ ବରୁଦ୍ଧରେ ଉଠାଉଥିଲେ। 21ଯେଉଁ
ଏବ୍ରୀୟ୍ମାନେ ପଲେଷ୍ଟୀୟ୍ମାନଙ୍କ ଛାଉଣୀରେ ସେବା କରୁଥିଲେ।
ବର୍ତ୍ତମାନ ସେମାନେ ମଧ ଶାଉଲ ଓ ଯୋନାଥନ ସହତ
ଥିବା ଇସ୍ରାୟେଲ ଲୋକଙ୍କ ଯୋଗ ଦେଲେ। 22ସେହ
ଇସ୍ରାୟେଲୀୟ୍ ଯେଉଁ ସୈନ୍ୟମାନେ ଇଫ୍ରୟିମ ପର୍ବତମୟ୍
ଅଞ୍ଚଳରେ ଲୁଚ ଥିଲେ, ସେମାନେ ମଧ ସମ୍ବାଦ ଶୁଣି ଯୁଦ୍ଧ
କ୍ଷେତ୍ରରେ ପହଞ୍ଚିଲେ ଓ ପଲେଷ୍ଟୀୟ୍ଙ୍କୁ ଗୋଡାଇଲେ।
23ଏହପର ସଦାପ୍ରଭୁ ସେଦନ ଇସ୍ରାୟେଲୀୟ୍ମାନଙ୍କୁ ରକ୍ଷା
କଲେ। ବୈଥାବନ ପର୍ଯ୍ୟନ୍ତ ଯୁଦ୍ଧ ବ୍ୟାପିଗଲା। ପ୍ରତ୍ୟେକ
ସୈନ୍ୟ ଶାଉଲଙ୍କ ସହତ ଥିଲେ। ପ୍ରାୟ୍ତଃ 10,000 ଲୋକ
ଶାଉଲଙ୍କୁ ସାହାର୍ଯ୍ୟ କରୁଥିଲେ। ଇଫ୍ରୟିମ ପର୍ବତ ଦେଶର
ସମସ୍ତ ସହରକୁ ଯୁଦ୍ଧ ବ୍ୟାପିଗଲା।

## ଶାଉଲ ପୁନର୍ବାର ଏକ ଭୁଲ କଲେ

24କନ୍ତୁ ଶାଉଲ ସେଦନ ପୁଣି ଏକ ଭୂଲ୍ କଲେ।
ଯେତେବେଳେ ସୈନ୍ୟମାନେ କ୍ଳାନ୍ତ ଓ କ୍ଷୁଧାର୍ତ୍ତ ହେଲେ,
ଶାଉଲ ସେମାନଙ୍କୁ, "ଯଦ କୌଣସି ଲୋକ ସନ୍ଧ୍ୟା ପୂର୍ବରୁ
କମ୍ବା ଶତ୍ରୁ ବନାଶ କରବା ପୂର୍ବରୁ ଖାଦ୍ୟ ଗ୍ରହଣ କରେ,
ତେବେ ସେ ଦଣ୍ଡିତ ହେବ।" ସେ ସେମାନଙ୍କୁ ଏହ ପ୍ରତିଜ୍ଞା
କରବା ପାଇଁ ବାଧ କଲେ। ତେଣୁ ଇସ୍ରାୟେଲୀୟ୍ ସୈନ୍ୟଗଣ
କଛ ଖାଦ୍ୟ ଗ୍ରହଣ କଲେ ନାହିଁ।
25-26ଯୁଦ୍ଧ ହେତୁ ଲୋକମାନେ ବଣକୁ ଆସିଲେ। ସେମାନେ
ମୃତ୍ତିକା ଉପରେ ମହୁଫେଣା ଥିବାର ଦେଖିଲେ। ସେମାନେ
ମହୁଫେଣା ପାଖକୁ ଗଲେ କନ୍ତୁ ଖାଇଲେ ନାହିଁ। ସେମାନେ
ସେମାନଙ୍କର ପ୍ରତିଜ୍ଞା ଭାଙ୍ଗିଯିବାରେ ଭୟ୍ଥିଲା। 27କନ୍ତୁ
ଯୋନାଥନ ପ୍ରତିଜ୍ଞା ବଷୟ୍ରେ ଜାଣି ନ ଥିଲା। ସେ ତାଙ୍କ
ବାପା ଲୋକମାନଙ୍କୁ ପ୍ରତିଜ୍ଞା କରବାକୁ ବାଧ
କରଥିବା କଥା ସେ ଜାଣି ନ ଥିଲା। ଯୋନାଥନ ହାତରେ
ବାଡ଼ ଥିଲା, ସେ ବାଡ଼ର ଅଗ୍ରଭାଗ ଦ୍ୱାରା କଛ ମହୁ ବାହାର
କର ଆଣିଲେ ଏବଂ ଖାଇଲା ଏବଂ ବହୁତ ଆଶ୍ୱସ୍ତ ବୋଧ
କଲା।
28ଜଣେ ସୈନକ ଯୋନାଥନକୁ କହଲା, "ତୁମ୍ଭ ବାପା
ସୈନ୍ୟମାନଙ୍କୁ ବାଧ କରଛନ୍ତ ଯିଏ ଆଜି ଖାଇବ, ସେ ଦଣ୍ଡିତ
ହେବ। ତେଣୁ ଲୋକମାନେ ଖାଇ ନାହାଁନ୍ତ ଓ ଦୁର୍ବଳ
ଅନୁଭବ କରୁଛନ୍ତ।"
29ଯୋନାଥନ କହଲା, "ମୋ ବାପା ଏ ଦେଶକୁ ବହୁତ
ସମସ୍ୟା ଆଣିଛନ୍ତ। ଦେଖ! ମୁଁ ଅଳ୍ପ ମହୁ ଖାଇ କପର
ଆଶ୍ୱସ୍ତ ବୋଧ କରୁଛ। 30ଯଦ ଆମ୍ଭେ ଲୁଣ୍ଠିତ ହୋଇଥିବା
ଖାଦ୍ୟ ଖାଇଥାନ୍ତୁ କେତେ ଭଲ ହୋଇଥାନ୍ତା? ଆମ୍ଭେ ଅଧିକାଂଶ
ପଲେଷ୍ଟୀୟ୍ଙ୍କୁ ହତ୍ୟା କରପାରଥାନ୍ତୁ।"
31ପୁଣି ସେଦନ ଇସ୍ରାୟେଲୀୟ୍ମାନେ ପଲେଷ୍ଟୀୟ୍ଙ୍କୁ ପରାସ୍ତ
କଲେ। ସେମାନେ ମିକ୍ମସ୍ ଠାରୁ ଅୟ୍ୟାଲୋନ ପର୍ଯ୍ୟନ୍ତ
ପଲେଷ୍ଟୀୟ୍ମାନଙ୍କ ସହ ଯୁଦ୍ଧ କଲେ। ତେଣୁ ସେମାନେ କ୍ଳାନ୍ତ
ଓ କ୍ଷୁଧିତ ହୋଇପଡ଼ଲେ। 32ସେମାନେ ମେଣ୍ଢା, ଗାଈ,
ବାଛୁରୀ ପଲେଷ୍ଟୀୟ୍ଙ୍କଠାରୁ ଛଡାଇ ଆଣିଲେ। ଇସ୍ରାୟେଲର
ଲୋକମାନେ ଏତେ ଭୋକିଲା ହୋଇଥିଲେ ଯେ ସେମାନେ
ପଶୁମାନଙ୍କୁ ହତ୍ୟା କର ରକ୍ତମିଶା କଞ୍ଚାମାଂସ ଖାଇଲେ।
33ଜଣେ ବ୍ୟକ୍ତ ଶାଉଲଙ୍କୁ କହଲେ, "ଦେଖନ୍ତୁ, ଲୋକମାନେ
ରକ୍ତମିଶା ମାଂସ ଭୋଜନ କର ସଦାପ୍ରଭୁଙ୍କ ବରୁଦ୍ଧରେ ପାପ
କରୁଅଛନ୍ତ।" ଶାଉଲ କହଲେ, ତୁମ୍ଭେ ପାପ କରଅଛ,
ବର୍ତ୍ତମାନ ଗୋଟିଏ ପଥରେ ମୋ ସମ୍ମୁଖେ ଗୁଡାଅ।
34ଶାଉଲ କହଲେ, "ଯାଅ ଓ ସମସ୍ତଙ୍କୁ କୁହ ସେମାନଙ୍କର
ବଳଦ ଓ ମେଷ ମୋ ନକଟକୁ ଆଣିବା ପାଇଁ। ତା'ପରେ
ସେମାନେ ନଶ୍ଚୟ୍ ଏଠାରେ ବଳଦ ଓ ମେଷକୁ ବଧ କରବେ
ଓ ଖାଇବେ। ରକ୍ତମିଶା କଞ୍ଚାମାଂସ ଖାଇ ସଦାପ୍ରଭୁଙ୍କ
ବରୁଦ୍ଧରେ ପାପ କର ନାହିଁ।"

35ପୁଣି ଶାଉଲ ସଦାପ୍ରଭୁଙ୍କ ନିମନ୍ତେ ଏକ ଯଜ୍ଞବେଦୀ
ନିର୍ମାଣ କଲେ। ଶାଉଲ ହିଁ ନିଜେ ସେହି ଯଜ୍ଞବେଦୀ ନିର୍ମାଣ
କରିବାକୁ ଆରମ୍ଭ କଲେ।
36ଶାଉଲ କହିଲେ, "ଚାଲ! ଆଜି ରାତ୍ରିରେ ପଲେଷ୍ଟୀୟମାନଙ୍କ
ପଛରେ ଯିବା। ଆମ୍ଭେ ତାଙ୍କର ସର୍ବସ୍ୱ ଲୁଣ୍ଠନ କରିବା,
ସେମାନଙ୍କୁ ହତ୍ୟା କରିବା।"
ସୈନ୍ୟମାନେ କହିଲେ, "ଆପଣ ଯାହା ଉଚିତ ଭାବୁଛନ୍ତି
ତାହାହିଁ କରନ୍ତୁ।"
କିନ୍ତୁ ଯାଜକ କହିଲେ, "ଆପଣ ଏଥିପାଇଁ ପରମେଶ୍ୱରଙ୍କ
ଅନୁମତି ଲୋଡନ୍ତୁ।"
37ତେଣୁ ଶାଉଲ ପରମେଶ୍ୱରଙ୍କୁ ପଚାରିଲେ, "ମୁଁ
ପଲେଷ୍ଟୀୟଙ୍କ ପଛରେ ଯିବି କି? ତୁମ୍ଭେ ଇଶ୍ରାୟେଲମାନଙ୍କୁ
ପଲେଷ୍ଟୀୟଙ୍କୁ ପରାସ୍ତ କରିବାକୁ ଦେବ କି?" କିନ୍ତୁ ପରମେଶ୍ୱର
ନୀରବ ରହିଲେ।
38ତା'ପରେ ଶାଉଲ କହିଲେ, "ସମସ୍ତ ନେତାମାନଙ୍କୁ
ମୋ ପାଖକୁ ଡାକ। ଆସ ଆମ୍ଭେ ଖୋଜିବା, ଆଜି କିଏ ଏହି
ପାପ କଲା। 39ମୁଁ ସଦାପ୍ରଭୁଙ୍କ ପାଖରେ ପ୍ରତିଜ୍ଞା କରୁଛି ଯିଏ
ପାପ କରିଛି। ଏପରିକି ମୋ ପୁଅ ହୋଇଥିଲେ ବି
ମୃତ୍ୟୁଦଣ୍ଡରେ ଦଣ୍ଡିତ ହେବ।" ସମସ୍ତେ ନୀରବଦ୍ରଷ୍ଟା ରହିଲେ।
40ତା'ପରେ ଶାଉଲ ଇଶ୍ରାୟେଲୀୟମାନଙ୍କୁ କହିଲେ, "ତୁମ୍ଭେ
ଗୋଟିଏ କଡ଼ରେ ଛିଡା ହୁଅ। ମୁଁ ଏବଂ ମୋ ପୁଅ
ଯୋନାଥନ ଅନ୍ୟ ପାର୍ଶ୍ୱରେ ଛିଡ଼ା ହେଉଛୁ।"
ସୈନ୍ୟମାନେ ଉତ୍ତର ଦେଲେ, "ଆପଣ ଯାହା ଚାହାଁନ୍ତି
ପ୍ରଭୁ।"
41ତା'ପରେ ଶାଉଲ ପ୍ରାର୍ଥନା କଲେ, "ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱର, ତୁମ୍ଭେ କାହିଁକି ତୁମ୍ଭର ଦାସକୁ ଆଜି ଉତ୍ତର
ଦେଲ ନାହିଁ? ଯଦି ମୁଁ କିମ୍ବା ମୋ ପୁଅ ଆଜି କିଛି ପାପ
କରିଥାଉ, ତେବେ ଇଉରିମ୍* ଏବଂ ଇଶ୍ରାୟେଲୀୟ ପାପ
କରିଥାନ୍ତି ତେବେ ଥୁମିଅମ୍ ଦିଅନ୍ତୁ।"
ତହିଁରେ ଶାଉଲ ଓ ଯୋନାଥନ ବାଛି ନେଲେ ଏବଂ
ଅନ୍ୟମାନେ ଛାଡ଼ ପାଇଲେ। 42ଏଥର ଶାଉଲ କହିଲେ, "ମୁଁ
କିମ୍ବା ମୋ ପୁଅ ଯୋନାଥନ ମଧ୍ୟରେ ଗୁଲିବାଣ୍ଟ କର,"
ଏଥର ଯୋନାଥନ ନିର୍ଣ୍ଣିତ ହେଲା।
43ଶାଉଲ ଯୋନାଥନଙ୍କୁ କହିଲେ, "କୁହ, ତୁମ୍ଭେ କ'ଣ
କରିଛ।"
ଯୋନାଥନ ଶାଉଲଙ୍କୁ କହିଲା, "ମୁଁ କେବଳ ମୋ ବାଡିର
ଅଗ୍ରଭାଗରେ ଅଳ୍ପ ମହୁ ଆହାର କରିଛି। ଏଇଥିପାଇଁ ମୁଁ
କ'ଣ ମରିବି।"
44ଶାଉଲ କହିଲେ, "ମୁଁ ପରମେଶ୍ୱରଙ୍କ ପାଖରେ ପ୍ରତିଜ୍ଞା
କରିଛି ଏବଂ ମୁଁ ଯଦି ମୋ ପ୍ରତିଜ୍ଞା ନରଖେ, ତେବେ
ମୋତେ ଦଣ୍ଡିତ କରିବା ପାଇଁ ପରମେଶ୍ୱରଙ୍କୁ ଅନୁରୋଧ
କରିଛି। ଯୋନାଥନ ନିଶ୍ଚୟ ମରିବ।"
45ଏଥର ସୈନ୍ୟମାନେ ଶାଉଲଙ୍କୁ କହିଲେ, "ଯୋନାଥନ
ଆଜି ଇଶ୍ରାୟେଲକୁ ମହାଉଦ୍ଧାର କରିଛନ୍ତି। ଯୋନାଥନ ମରିବ,
ଏହା କେବେ ହୋଇ ନ ପାରେ। ଆମ୍ଭେ ଜୀବିତ ପରମେଶ୍ୱରଙ୍କ
ପାଖରେ ପ୍ରାର୍ଥନା କରୁଛୁ, କେହି ଯୋନାଥନଙ୍କୁ ହତ୍ୟା ତ
ଦୂରର କଥା ମୁଣ୍ଡରୁ ଗୋଟିଏ କେଶ ମଧ୍ୟ ତଳେ ପଡିବାକୁ
ଦେବୁ ନାହିଁ। ପରମେଶ୍ୱର ପଲେଷ୍ଟୀୟ କବଳରୁ ଇଶ୍ରାୟେଲକୁ
ଉଦ୍ଧାର ପାଇଁ ଯୋନାଥନଙ୍କୁ ସାହାଯ୍ୟ କରିଛନ୍ତି।" ତେଣୁ
ଲୋକମାନେ ଯୋନାଥନଙ୍କୁ ସାହାଯ୍ୟ କରିବେ, ତାଙ୍କୁ କେବେ
ବି ହତ୍ୟା କରିବା ପାଇଁ ଦିଆଯିବ ନାହିଁ।
46ଶାଉଲ ପଲେଷ୍ଟୀୟମାନଙ୍କୁ ଗୋଡାଇଲେ ନାହିଁ ବରଂ
ପଲେଷ୍ଟୀୟମାନେ ଆପଣା ଆପଣା ସ୍ଥାନକୁ ଫେରିଗଲେ।

## ଶାଉଲ ଇଶ୍ରାୟେଲ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ କଲେ

47ଶାଉଲ ସମଗ୍ର ଇଶ୍ରାୟେଲକୁ ନିୟନ୍ତ୍ରଣ କଲେ। ଶାଉଲ
ଇଶ୍ରାୟେଲ ଚତୁର୍ଦ୍ଦିଗସ୍ଥିତ ସମସ୍ତ ଶତ୍ରୁ ସହିତ ଅର୍ଥାତ୍ ମୋୟାବୀୟ,
ଅମ୍ମୋନୀୟ, ଇଦୋମୀୟ, ସୋବାର ରାଜାଗଣ ଏବଂ
ପଲେଷ୍ଟୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ ଏବଂ ସମସ୍ତ
ଶତ୍ରୁଙ୍କୁ ପରାସ୍ତ କଲେ। 48ଶାଉଲ ସାହାସୀ ଥିଲେ। ସେ
ଇଶ୍ରାୟେଲୀୟମାନଙ୍କ ଲୁଣ୍ଠନକାରୀଙ୍କୁ ଦମନ କଲେ। ସେ
ଏପରିକି ଅମାଲେକୀୟମାନଙ୍କୁ ପରାସ୍ତ କଲେ।
49ଯୋନାଥନ, ଯିଶ୍ୱି ଓ ମଲ୍କୀଶୂୟ ଶାଉଲଙ୍କର ତିନି
ପୁତ୍ର ଥିଲେ। ମେରବ୍ ଓ ମୀଖଲ୍ ତାଙ୍କର ଜ୍ୟେଷ୍ଠା ଓ
କନିଷ୍ଠା କନ୍ୟା। 50ଶାଉଲଙ୍କ ସ୍ତ୍ରୀଙ୍କ ନାମ ଅହୀନୋୟମ୍, ସେ
ଅହୀମାସର କନ୍ୟା।
ଏବଂ ତାଙ୍କ ସେନାପତି ଅବନର ନେରର ପୁତ୍ର ଥିଲେ।
ନେର ଶାଉଲଙ୍କ କକା ଥିଲେ। 51ଶାଉଲଙ୍କ ପିତା କୀଶ୍ ଓ
ଅବନରର ପିତା ନେର, ଏ ଦୁହେଁ ଅବୀୟେଲର ପୁତ୍ର ଥିଲେ।
52ଶାଉଲ ସାହାସୀ ଥିଲେ, ସେ ପଲେଷ୍ଟୀୟ ସହି ଘୋର
ଯୁଦ୍ଧ କରିଥିଲେ। ସେ ଯେ କୌଣସି ସମୟରେ ସାହାସୀ ଓ
ଯୋଦ୍ଧା କି କୌଣସି ବିକ୍ରମଶାଳୀ ପୁରୁଷ ଦେଖିଲେ, ତାହାକୁ
ଆପଣାର ସେନା ବାହିନୀରେ ସାମିଲ କରୁଥିଲେ ଓ ସୁରକ୍ଷା
ଦେଉଥିଲେ।

## ଶାଉଲ ଅମାଲେକୀୟମାନଙ୍କୁ ଧ୍ୱଂସ କଲେ

15 ଥରେ ଶାମୁୟେଲ ଶାଉଲଙ୍କୁ କହିଲେ, "ସଦାପ୍ରଭୁ
ମୋତେ ରାଜପଦରେ ତୁମ୍ଭକୁ ଅଭିଷେକ କରିବା
ପାଇଁ ପଠାଇଥିଲେ। ବର୍ତ୍ତମାନ ସଦାପ୍ରଭୁଙ୍କ ବାର୍ତ୍ତା ଶୁଣ।"
2ସର୍ବଶକ୍ତିମାନ ସଦାପ୍ରଭୁ କହିଲେ, 'ଯେତେବେଳେ
ଇଶ୍ରାୟେଲୀୟମାନେ ମିଶରରୁ ବାହାରି ଆସିଲେ,
ଅମାଲେକୀୟମାନେ ତାଙ୍କୁ କାନେନ ଯିବାରେ ବାଧା ସୃଷ୍ଟି
କରିବେ। ମୁଁ ଦେଖିଛି ଯାହା ସବୁ ଅମାଲେକୀୟମାନେ
କରିଛନ୍ତି। 3ବର୍ତ୍ତମାନ ଅମାଲେକୀୟ ବିରୁଦ୍ଧରେ ଯୁଦ୍ଧ ଘୋଷଣା
କର। ତୁମ୍ଭେ ନିଶ୍ଚିତଭାବେ ଅମାଲେକୀୟମାନଙ୍କର ସର୍ବସ୍ୱ ଧ୍ୱଂସ
କରିପାରିବ। ତୁମ୍ଭେ କିଛି ଜୀବନ୍ତ ଛାଡ଼ି ଆସିବ ନାହିଁ। ତୁମ୍ଭେ
ସମସ୍ତ ପୁରୁଷ, ସ୍ତ୍ରୀ, ଛୋଟପିଲା ଏପରିକି ଶିଶୁଛୁଆକୁ ମଧ୍ୟ
ହତ୍ୟା କରିବ। ଆହୁରି ମଧ୍ୟ ସେମାନଙ୍କର ଗାଈ, ମେଣ୍ଢା,
ଓଟ ଓ ଗଧମାନଙ୍କୁ ହତ୍ୟା କରିବ।'"

---

**ଇଉରିମ୍ ଓ ଥୁମିଅମ୍** ଯାଜକଗଣ ପରମେଶ୍ୱରଠାରୁ ପ୍ରଶ୍ନର ଉତ୍ତର ପାଇବା ପାଇଁ ବ୍ୟବହାର କରନ୍ତି। ଆମ୍ଭେମାନେ ଜାଣୁ ନାହିଁ ପ୍ରକୃତରେ ସେମାନେ କ'ଣ, କିନ୍ତୁ ସେମାନେ ଲୋଷ୍ଟ ବ୍ୟବହାର କରନ୍ତି, ଉଦାହରଣ ସ୍ୱରୂପ: ପଥର, ଯଷ୍ଟି ଓ ହାଡସବୁ ଫୋପଡା ହୁଏ ଲୋକମାନଙ୍କର ନିଷ୍ପତ୍ତି କରିବାରେ।

4ଶାଉଲ ଟଲାୟୀମ୍‌ରେ ସୈନ୍ୟ ଏକଜୁଟ କଲେ। ସେଠାରେ
2,00,000 ପଦାତିକ ଓ ଅନ୍ୟାନ୍ୟ 10,000 ଲୋକ ଯିହୁଦାର
ଥିଲେ। 5ତା'ପରେ ଶାଉଲ ଅମାଲେକ ସହରକୁ ଗଲେ ଏବଂ
ଉପତ୍ୟକାରେ ଅପେକ୍ଷା କଲେ। 6ଶାଉଲ କେନୀୟମାନଙ୍କୁ
କହିଲେ, "ଯାଅ, ଅମାଲେକ ଛାଡ଼ି ଚାଲିଯାଅ। କାରଣ ମୁଁ
ଅମାଲେକୀୟଙ୍କ ସହ ତୁମ୍ଭମାନଙ୍କୁ ହତ୍ୟା କରିବାକୁ ଚାହେଁ
ନାହିଁ। ତୁମ୍ଭେମାନେ ଇଶ୍ରାୟେଲୀୟମାନଙ୍କୁ ମିଶର ଛାଡ଼ି ଆସିବା
ବେଳେ ସେମାନଙ୍କୁ ଦୟା ପ୍ରଦର୍ଶନ କରିଥିଲ।" ତେଣୁ
କେନୀୟମାନେ ଅମାଲେକ ପ୍ରତ୍ୟାବର୍ତ୍ତନ କଲେ।

7ଶାଉଲ ଅମାଲେକମାନଙ୍କୁ ପରାସ୍ତ କଲେ। ସେ ହବୀଲାଠାରୁ
ମିଶର ସୀମାବର୍ତ୍ତୀ ଶୂରର ନିକଟ ପର୍ଯ୍ୟନ୍ତ ଅମାଲେକୀୟମାନଙ୍କୁ
ଆକ୍ରମଣ କଲେ। 8ସେ ଅମାଲେକୀୟ ରାଜା ଅଗାଗ୍‌କୁ
ଜୀବନ୍ତ ଧରିଲେ। କିନ୍ତୁ ତାଙ୍କ ସେନାବାହିନୀର ଅନ୍ୟ ସମସ୍ତଙ୍କୁ
ହତ୍ୟା କଲେ। 9ଯାହାହେଉ, ଶାଉଲ ଓ ତାଙ୍କର ଲୋକମାନେ
ସବୁଠୁ ଭଲ ମେଷ, ବଳଦ ଓ ହୃଷ୍ଟପୁଷ୍ଟ ମେଷ ଶାବକଗୁଡ଼ିକୁ
ଓ ସମସ୍ତ ରଖିବା ପାଇଁ ଉପଯୋଗୀ ସାମଗ୍ରି ସେମାନେ
ରଖିଲେ। ସେମାନେ ସେହି ଦ୍ରବ୍ୟଗୁଡ଼ିକ ନଷ୍ଟ କରିବା ପାଇଁ
ଚାହିଁଲେ ନାହିଁ। ସେମାନେ କେବଳ ରଖିବା ଉପଯୋଗୀ
ନହେବା ଜିନିଷକୁ ନଷ୍ଟ କଲେ।

### ଶାମୁୟେଲ ଶାଉଲଙ୍କୁ ତାଙ୍କ ପାପ କଥା କହିଲେ

10ଶାମୁୟେଲ ସଦାପ୍ରଭୁଙ୍କ ପାଖରୁ ଏକ ବାର୍ତ୍ତା ପାଇଲେ।
11ସଦାପ୍ରଭୁ କହିଲେ, "ଶାଉଲ ମୋତେ ଅନୁସରଣ କରୁନାହିଁ।
ତେଣୁ ଶାଉଲଙ୍କୁ ରାଜା କରିଥିବାରୁ ମୁଁ ଦୁଃଖିତ ଅଟେ। ସେ
ମୋର ଆଦେଶକୁ ଅବଜ୍ଞା କଲା।" ଏଥିରେ ଶାମୁୟେଲ
କ୍ରୋଧିତ ହେଲେ ଏବଂ ସଦାପ୍ରଭୁଙ୍କ ନିକଟରେ ସାରା ରାତି
ଚିତ୍କାର କରି କାନ୍ଦିଲେ।

12ଶାମୁୟେଲ ତା' ପରଦିନ ପ୍ରତ୍ୟୁଷରୁ ଶାଉଲଙ୍କୁ ସାକ୍ଷାତ
କରିବା ପାଇଁ ତାଙ୍କ ରାସ୍ତାରେ ଗଲେ। ଲୋକମାନେ ଶାମୁୟେଲଙ୍କୁ
କହିଲେ, "ଶାଉଲ ଯିହୁଦାର କର୍ମିଲ୍ ସହରକୁ ଆସିଥିଲେ।
ଶାଉଲ ସେଠାକୁ ତାଙ୍କ ସମ୍ମାନାର୍ଥେ ପ୍ରସ୍ତର ସ୍ତମ୍ଭ ନିର୍ମାଣ
କରିବାକୁ ଗଲେ। ଶାଉଲ ସବୁଆଡେ ଯାତ୍ରା କରି ସାରିବା
ପରେ ଗିଲ୍‌ଗଲ୍‌ରେ ପହଞ୍ଚିବେ।"

13ତେଣୁ ଶାମୁୟେଲ ଶାଉଲ ଥିବା ସ୍ଥାନକୁ ଯାତ୍ରା
କଲେ। ଶାଉଲ ତାଙ୍କୁ ଅଭ୍ୟର୍ଥନା କଲେ, "ସଦାପ୍ରଭୁ ତୁମ୍ଭକୁ
ଆଶୀର୍ବାଦ କରନ୍ତୁ। ମୁଁ ସଦାପ୍ରଭୁଙ୍କ ଆଜ୍ଞା ମାନିଛି।"

14କିନ୍ତୁ ଶାମୁୟେଲ କହିଲେ, "ତେବେ ଏହା କ'ଣ, ମୁଁ
ଶୁଣିଅଛି? ମୁଁ କାହିଁକି ମେଷର ଭେଁ ଭେଁ ଶବ୍ଦ ଶୁଣୁଅଛି
ଏବଂ ଗାଈର ହମ୍ବାରବ ଶୁଣୁଛି?"

15ଶାଉଲ କହିଲେ, "ସୈନ୍ୟମାନେ ସେମାନଙ୍କୁ
ଅମାଲେକୀୟମାନଙ୍କଠାରୁ ଆଣିଛନ୍ତି। ସୈନ୍ୟମାନେ ଉତ୍ତମ ଗୋରୁ
ଓ ମେଷମାନଙ୍କୁ ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କୁ ବଳିଦେବା
ନିମନ୍ତେ ରଖିଲେ ଓ ଅନ୍ୟମାନଙ୍କୁ ବିନାଶ କଲେ।"

16ଶାମୁୟେଲ ଶାଉଲଙ୍କୁ କହିଲେ, "କହିବା ବନ୍ଦ କର!
ସଦାପ୍ରଭୁ ମୋତେ ଗଲା ରାତିରେ ଯାହା କହିଛନ୍ତି ତାହା ମୁଁ
ତୁମ୍ଭକୁ କହିବି।" ଶାଉଲ ଉତ୍ତର ଦେଲେ, "ମୋତେ କୁହ।"

17ଶାମୁୟେଲ କହିଲେ, "ଅତୀତରେ ତୁମ୍ଭେ ନିଜକୁ ମୁଖ୍ୟ
ବୋଲି ଭାବୁ ନ ଥିଲ। କିନ୍ତୁ ତା'ପରେ ତୁମ୍ଭେ ଇଶ୍ରାୟେଲ
ପରିବାରବର୍ଗଗୁଡ଼ିକର ମୁଖ୍ୟ ହୋଇ ପାରିଲ। ସଦାପ୍ରଭୁ ତୁମ୍ଭକୁ
ଇଶ୍ରାୟେଲର ରାଜା ଭାବେ ବାଛିଲେ। 18ସଦାପ୍ରଭୁ ତୁମ୍ଭକୁ
ଯୁଦ୍ଧ ଯାତ୍ରାରେ ପଠାଇ କହିଲେ, 'ଯାଅ, ସେହି ଅମାଲେକୀୟ
ପାପୀମାନଙ୍କୁ ହତ୍ୟା କର। ସେମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ
ନକରିବା ପର୍ଯ୍ୟନ୍ତ ତାଙ୍କ ସହ ଯୁଦ୍ଧ କର।' 19କିନ୍ତୁ ତୁମ୍ଭେ
ସଦାପ୍ରଭୁଙ୍କ ବାକ୍ୟ ଶୁଣିଲ ନାହିଁ କାହିଁକି? ତୁମ୍ଭେ ଚାହିଁଲ
ସେ ଲୁଟଦ୍ରବ୍ୟ ଗୁଡ଼ିକ ରଖିବା ପାଇଁ ଯାହା ସଦାପ୍ରଭୁଙ୍କ
ଦୃଷ୍ଟିରେ ମନ୍ଦ ଅଟେ।"

20ଶାଉଲ କହିଲେ, "ମୁଁ ସଦାପ୍ରଭୁଙ୍କ କଥା ମାନିଥିଲି,
ସଦାପ୍ରଭୁ ମୋତେ ଯେଉଁଠାକୁ ପଠାଇ ଥିଲେ, ମୁଁ ସେଠାକୁ
ଯାଇଥିଲି, ମୁଁ ସମସ୍ତ ଅମାଲେକୀୟମାନଙ୍କୁ ଧ୍ୱଂସ କରିଥିଲି। ମୁଁ
ଅମାଲେକୀୟ ରାଜାଙ୍କୁ ଆଣିଥିଲି ଓ ସେମାନଙ୍କୁ ଧ୍ୱଂସ କଲି।
21ଏବଂ ସୈନ୍ୟମାନେ ଗିଲ୍‌ଗଲ୍‌ରେ ଉତ୍ତମ ମେଣ୍ଢା ଓ
ଗୋରୁମାନଙ୍କୁ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କଠାରେ ବଳିଦାନ
ଦେବା ପାଇଁ ରଖିଲେ।"

22କିନ୍ତୁ ଶାମୁୟେଲ ଉତ୍ତର ଦେଲେ, "ସଦାପ୍ରଭୁଙ୍କୁ କ'ଣ
ଅଧିକ ପ୍ରସନ୍ନ କଲା, ହୋମବଳି, ନୈବେଦ୍ୟ ନା ପରମେଶ୍ୱରଙ୍କର
ଆଦେଶଗୁଡ଼ିକ ପାଳନ କରିବା? ପରମେଶ୍ୱର ହୃଷ୍ଟପୁଷ୍ଟ ମେଷର
ବଳିଦାନଠାରୁ ତାଙ୍କର ଆଜ୍ଞାମାନୁ ଥିବା ଲୋକଠାରେ ଅଧିକ
ସନ୍ତୁଷ୍ଟ ହୁଅନ୍ତି। 23ବିଦ୍ରୋହିତା ମନ୍ତ୍ରପାଠ ପାପତୁଲ୍ୟ ଓ
ଅବାଧ୍ୟତା ଅବସ୍ତୁର ଓ ଠାକୁରମାନଙ୍କର ପୂଜାତୁଲ୍ୟ। ତୁମ୍ଭେ
ସଦାପ୍ରଭୁଙ୍କ ବାକ୍ୟ ତୁଚ୍ଛ କରିଅଛ। ଏଥିପାଇଁ ସେ ମଧ୍ୟ
ତୁମ୍ଭକୁ ରାଜା ହୋଇଥିବା ପାଇଁ ତୁଚ୍ଛ କରିଅଛନ୍ତି।"

24ତା'ପରେ ଶାଉଲ ଶାମୁୟେଲଙ୍କୁ କହିଲେ, "ମୁଁ ପାପ
କରିଅଛି। କାରଣ ମୁଁ ସଦାପ୍ରଭୁଙ୍କ ଆଜ୍ଞା ଓ ତୁମ୍ଭ ଆଜ୍ଞା
ଉଲ୍ଲଙ୍ଘନ କରିଅଛି। ମୁଁ ଲୋକମାନଙ୍କୁ ଭୟକରି ସେମାନଙ୍କ
କଥା ଶୁଣିଲି। 25ବର୍ତ୍ତମାନ ମୁଁ ମୋ ପାପ କ୍ଷମା କରିବାକୁ
ଅନୁରୋଧ କରୁଛି, ଓ ମୁଁ ଯେମନ୍ତ ସଦାପ୍ରଭୁଙ୍କୁ ଉପାସନା
କରିପାରେ ଏଥିପାଇଁ ମୋ ସାଙ୍ଗରେ ଫେରିଆସ।"

26କିନ୍ତୁ ଶାମୁୟେଲ ଶାଉଲଙ୍କୁ କହିଲେ, "ମୁଁ ତୁମ୍ଭ
ସଙ୍ଗେ ଫେରି ଯିବି ନାହିଁ। କାରଣ ତୁମ୍ଭେ ସଦାପ୍ରଭୁଙ୍କ
ବାକ୍ୟକୁ ଅବମାନନା କରିଅଛ ଓ ସଦାପ୍ରଭୁ ତୁମ୍ଭକୁ ଇଶ୍ରାୟେଲର
ରାଜା ପାଇଁ ମନା କରିଅଛନ୍ତି।"

27ଯେତେବେଳେ ଶାମୁୟେଲ ଫେରିଯିବା ପାଇଁ ବାହାରନ୍ତେ,
ସେ ତାହାଙ୍କ ଚୋଗାର ଅଞ୍ଚଳ ଧରି ଟାଣିଲେ, ତହିଁରେ ତାହା
ଚିରିଗଲା। 28ଏଣୁ ଶାମୁୟେଲ ତାଙ୍କୁ କହିଲେ, "ସଦାପ୍ରଭୁ
ଆଜି ତୁମ୍ଭଠାରୁ ଇଶ୍ରାୟେଲର ରାଜତ୍ୱ ତୁମ୍ଭଠାରୁ ନେଇଗଲେ
ଓ ତୁମ୍ଭଠାରୁ ଜଣେ ଉତ୍ତମ ବ୍ୟକ୍ତିକୁ ଦେଲେ, ଯିଏକି ତୁମ୍ଭର
ସାଙ୍ଗ। ଉତ୍ତମ ତୁମ୍ଭର ଏକ ପ୍ରତିବେଶୀକୁ ତାହା ଦେଲେ।
29ସଦାପ୍ରଭୁ ହେଉଛନ୍ତି ଇଶ୍ରାୟେଲର ପରମେଶ୍ୱର। ସଦାପ୍ରଭୁ ମିଛ
କହନ୍ତି ନାହିଁ କି ସେ ତାଙ୍କର ମତ ପରିବର୍ତ୍ତନ କରନ୍ତି
ନାହିଁ। ସଦାପ୍ରଭୁ ଜଣେ ବ୍ୟକ୍ତି ନୁହଁନ୍ତି ଯେ କି ତାଙ୍କର ମତ
ବଦଳାଇ ଦେବେ।"

30ଶାଉଲ ଉତ୍ତର ଦେଲେ, "ମୁଁ ପାପ କରିଅଛି, କିନ୍ତୁ
ଇଶ୍ରାୟେଲର ଲୋକମାନଙ୍କ ଓ ପ୍ରାଚୀନବର୍ଗଙ୍କ ସମ୍ମୁଖରେ

ମୋର ସମ୍ମାନ ରଖିବା ପାଇଁ ମୋ ସହିତ ଫେରିଆସ। ମୁଁ
ଯେପରି ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଉପାସନା କରିବି,
ଏଥିପାଇଁ ମୋ ସଙ୍ଗେ ଫେରି ଆସ।” 31ଶାମୁୟେଲ ଶାଉଲଙ୍କ
ସହିତ ଫେରିଯାନ୍ତେ ଶାଉଲ ସଦାପ୍ରଭୁଙ୍କୁ ଉପାସନା କଲେ।
32ତା'ପରେ, “ଅଗାଗ୍ ଲୌହ ଶିଙ୍କୁଳିରେ ବନ୍ଧା ହୋଇ
ତାଙ୍କ ଆଗକୁ ଅଣାଗଲା।”
ବର୍ତ୍ତମାନ ଶାମୁୟେଲ କହିଲେ, “ତୁମ୍ଭେମାନେ
ଅମାଲେକୀୟମାନଙ୍କ ରାଜା ଅଗାଗକୁ ଏଠାରେ ଆମ୍ଭ ମୃତ୍ୟୁର
ତିକ୍ତତା ଗଲା।”
33କିନ୍ତୁ ଶାମୁୟେଲ ଅଗାଗକୁ କହିଲେ, “ତୁମ୍ଭ ଖଡ୍ଗ
ଯେମନ୍ତ ସ୍ତ୍ରୀମାନଙ୍କୁ ସନ୍ତାନ ହୀନ କରିଅଛି, ତେମନ୍ତ ସ୍ତ୍ରୀମାନଙ୍କ
ମଧ୍ୟରେ ତୁମ୍ଭର ମାତା ସନ୍ତାନହୀନ ହେବ।” ତହୁଁ ଶାମୁୟେଲ
ଗିଲ୍‌ଗଲ୍‌ରେ ସଦାପ୍ରଭୁଙ୍କ ସମ୍ମୁଖରେ ଅଗାଗକୁ ଖଣ୍ଡ ଖଣ୍ଡ କରି
ହାଣିଲେ।
34ଏଥି ଉତ୍ତାରେ ଶାମୁୟେଲ ରାମାକୁ ଗଲେ। ପୁଣି
ଶାଉଲ ଗିବୀୟା ସ୍ଥିତ ଆପଣା ଗୃହକୁ ଗଲେ। 35ତା'ପରେ
ଶାମୁୟେଲ ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ଶାଉଲଙ୍କୁ
କେବେବି ଦେଖିଲେ ନାହିଁ। କାରଣ ଶାମୁୟେଲ ଶାଉଲଙ୍କ
ପାଇଁ ଶୋକ କଲେ। ପୁଣି ସଦାପ୍ରଭୁ ଇଶ୍ରାୟେଲ ଉପରେ
ଶାଉଲଙ୍କୁ ରାଜା କରିବାରୁ ଅନୁତାପ କଲେ।

## ଶାମୁୟେଲ ବୈଥ୍‌ଲେହମକୁ ଗଲେ

16 ସଦାପ୍ରଭୁ ଶାମୁୟେଲଙ୍କୁ କହିଲେ, “ତୁମ୍ଭେ
କେତେକାଳ ଶାଉଲଙ୍କ ପାଇଁ ଶୋକ କରିବ? ମୁଁ
ତାଙ୍କୁ ଇଶ୍ରାୟେଲର ରାଜା ରୂପେ ପ୍ରତ୍ୟାଖ୍ୟାନ କରିଛି। ତୁମ୍ଭେ
ଆପଣା ଶିଙ୍ଗ ତୈଳରେ ପୂର୍ଣ୍ଣ କରିଚାଲ, ମୁଁ ତୁମ୍ଭକୁ
ବୈଥ୍‌ଲେହମର ଯିଶୀ ନାମକ ବ୍ୟକ୍ତି ନିକଟକୁ ପଠାଇବି।
କାରଣ ତାହାର ପୁତ୍ରମାନଙ୍କ ମଧ୍ୟରୁ ମୁଁ ଆପଣା ପାଇଁ ଏକ
ରାଜା ଦେଖିଅଛୁ।”
2କିନ୍ତୁ ଶାମୁୟେଲ କହିଲେ, “ଯଦି ମୁଁ ଯାଏ, ଶାଉଲ
ଏହା ଶୁଣିଲେ ମୋତେ ବଧ କରିବେ।”
ସଦାପ୍ରଭୁ କହିଲେ, “ବୈଥ୍‌ଲେହମକୁ ଯାଅ। ତୁମ୍ଭ ସହିତ
ଏକ ଛଡ଼ା ନିଅ ଓ କୁହ, 'ଆମ୍ଭେ ସଦାପ୍ରଭୁଙ୍କ ନିକଟକୁ
ତାଙ୍କ ଉଦ୍ଦେଶ୍ୟରେ ବଳିଦାନ ଦେବାକୁ ଆସିଅଛୁ।' 3ଯିଶୀକୁ
ସେ ବଳିଦାନ ପାଇଁ ନିମନ୍ତ୍ରଣ କର। ତା'ପରେ କଣ କରିବା
ପାଇଁ ହେବ ମୁଁ ତୁମ୍ଭକୁ ଜଣାଇବି। ମୁଁ ଯାହାକୁ କହିବି,
ତୁମ୍ଭେ ତାହାକୁ ଅଭିଷିକ୍ତ କର।”
4ଶାମୁୟେଲ ସଦାପ୍ରଭୁଙ୍କର ବାକ୍ୟ ଅନୁସାରେ କାର୍ଯ୍ୟ
କଲେ। ଶାମୁୟେଲ ବୈଥ୍‌ଲେହମରେ ପହଞ୍ଚିଲେ। ତହିଁରେ
ନଗରର ପୁରୁଖାମାନେ କମ୍ପମାନ ହୋଇ ତାଙ୍କୁ ଭେଟିବାକୁ
ଆସି ପଚାରିଲେ, “ଆପଣଙ୍କ ଆଗମନ କୁଶଳ ତ?”
5ଶାମୁୟେଲ ଉତ୍ତର ଦେଲେ, “ହଁ, ମୁଁ କୁଶଳରେ
ଆସିଛି! ମୁଁ ସଦାପ୍ରଭୁଙ୍କ ଆଗରେ ବଳିଦାନ ଦେବାକୁ ଆସିଅଛି।
ତୁମ୍ଭେମାନେ ନିଜକୁ ପବିତ୍ର କର ଓ ମୋ ସାଙ୍ଗରେ ବଳିଦାନ
କରିବାକୁ ଆସ।” ଶାମୁୟେଲ ଯିଶୀକି ଓ ତାହାର ପୁତ୍ରମାନଙ୍କୁ
ପବିତ୍ର କରି ବଳିଦାନ ନିମନ୍ତେ ଆସିବା ପାଇଁ ନିମନ୍ତ୍ରଣ
କଲେ।
6ଯେତେବେଳେ ଯିଶୀ ଓ ତା'ର ପୁତ୍ରମାନେ ପହଞ୍ଚିଲେ,
ଶାମୁୟେଲ ଇଲୀୟାବଙ୍କୁ ଦେଖିଲେ। ଶାମୁୟେଲ ଭାବିଲେ,
“ଏହା ନିଶ୍ଚିତ ଯେ ସଦାପ୍ରଭୁ ଏହି ଲୋକଟିକୁ ରାଜା
ହେବାପାଇଁ ବାଛିଛନ୍ତି।”
7କିନ୍ତୁ ସଦାପ୍ରଭୁ ଶାମୁୟେଲଙ୍କୁ କହିଲେ, “ଇଲୀୟାବ
ଡେଙ୍ଗା ଓ ସୁନ୍ଦର ଅଟନ୍ତି। କିନ୍ତୁ ତୁମ୍ଭେ ଏପରି ଭାବନାହିଁ
ମନୁଷ୍ୟ ଯେପରି ଦେଖେ ସଦାପ୍ରଭୁ ସେପରି ଦେଖନ୍ତି ନାହିଁ।
ଲୋକମାନେ ସର୍ବଦା ଉପର ଦେଖନ୍ତି। କିନ୍ତୁ ସଦାପ୍ରଭୁ
ତାହାର ଅନ୍ତର ଦେଖନ୍ତି। ଇଲୀୟାବ ଉପଯୁକ୍ତ ଲୋକ
ନୁହଁ।”
8ତା'ପରେ ଯିଶୀ ତାଙ୍କର ଦ୍ୱିତୀୟ ପୁତ୍ର ଅବୀନାଦବଙ୍କୁ
ଡାକିଲେ। ଅବୀନାଦବ ଶାମୁୟେଲଙ୍କ ଆଗ ଦେଇ ଗଲେ।
କିନ୍ତୁ ଶାମୁୟେଲ କହିଲେ, “ନା, ଏ ଲୋକ ନୁହଁନ୍ତି ଯାହାଙ୍କୁ
ସଦାପ୍ରଭୁ ଉପଯୁକ୍ତ ମନେ କରନ୍ତି।”
9ତା'ପରେ ଯିଶୀ ଶମ୍ମକୁ ଶାମୁୟେଲଙ୍କ ପାଖକୁ ଡକାଇଲେ।
କିନ୍ତୁ ଶାମୁୟେଲ କହିଲେ, “ନା, ଏହାକୁ ମଧ୍ୟ ସଦାପ୍ରଭୁ
ମନୋନୀତ କରି ନାହାଁନ୍ତି।”
10ଏହିରୂପେ ଯିଶୀ ନିଜର ସାତପୁତ୍ରଙ୍କୁ ଶାମୁୟେଲଙ୍କର
ସମ୍ମୁଖରେ ଚଳାଇଲେ। ମାତ୍ର ଶାମୁୟେଲ ଯିଶୀଙ୍କୁ କହିଲେ,
“ସଦାପ୍ରଭୁ ଏମାନଙ୍କୁ ମନୋନୀତ କରି ନାହାଁନ୍ତି।”
11ଶାମୁୟେଲ ଯିଶୀଙ୍କୁ କହିଲେ, “ତୁମ୍ଭର ସବୁ ସନ୍ତାନ
କ'ଣ ଏଠାରେ ଅଛନ୍ତି?”
ସେ କହିଲେ, “କେବଳ କନିଷ୍ଠଟି ଏଠାରେ ନାହିଁ। ସେ
ମେଷପଲଙ୍କୁ ଚରାଉ ଅଛି।”
ଶାମୁୟେଲ କହିଲେ, “ଲୋକ ପଠାଇ ତାଙ୍କୁ ଡକାଅ।
ସେ ଏଠାକୁ ନ ଆସିବା ପର୍ଯ୍ୟନ୍ତ ଆମ୍ଭେ ଭୋଜନରେ ବସିବୁ
ନାହିଁ।”
12ତାକୁ ଡାକିବା ପାଇଁ ଯିଶୀ ଲୋକ ପଠାଇଲେ। ସେ
ଈଷତ୍ ରକ୍ତବର୍ଣ୍ଣ ଓ ସୁନୟନ ଦେଖିବାକୁ ସୁନ୍ଦର
ଅଟନ୍ତି।
ସେତେବେଳେ ସଦାପ୍ରଭୁ କହିଲେ, “ଉଠ ଏହାଙ୍କୁ ଅଭିଷେକ
କର, ଏ ହେଉଛନ୍ତି ସେହି ଲୋକ।”
13ଶାମୁୟେଲ ତୈଳ ଶିଙ୍ଗ ନେଇ ତାଙ୍କ ଭ୍ରାତୃଗଣ
ମଧ୍ୟରେ ତାଙ୍କୁ ଅଭିଷେକ କଲେ। ତହିଁରେ ସେହି ଦିନାବଧି
ସଦାପ୍ରଭୁଙ୍କର ଆତ୍ମା ଦାଉଦଙ୍କ ଉପରେ ବାସ କଲେ,
ଏହାପରେ ଶାମୁୟେଲ ଉଠି ରାମାକୁ ଚାଲିଗଲେ।

## ଏକ ମନ୍ଦ ଆତ୍ମା ଶାଉଲଙ୍କୁ କଷ୍ଟ ଦେଲା

14ମାତ୍ର ସଦାପ୍ରଭୁଙ୍କ ଆତ୍ମା ଶାଉଲଙ୍କଠାରୁ ପ୍ରସ୍ଥାନ କଲେ।
ପୁଣି ସଦାପ୍ରଭୁଙ୍କଠାରୁ ଏକ ମନ୍ଦ ଆତ୍ମା ତାଙ୍କୁ ବିରକ୍ତ
କରିବାକୁ ଲାଗିଲା। 15ଶାଉଲଙ୍କର ଦାସମାନେ ତାଙ୍କୁ କହିଲେ,
“ପରମେଶ୍ୱରଙ୍କଠାରୁ ଏକ ମନ୍ଦ ଆତ୍ମା ଆପଣଙ୍କୁ ବିରକ୍ତ
କରୁଛି। 16ଜଣେ ନିପୁଣ ବୀଣାବାଦକ ଅନ୍ୱେଷଣ ପାଇଁ ତୁମ୍ଭେ
ତୁମ୍ଭ ସମ୍ମୁଖରେ ଥିବା ଦାସମାନଙ୍କୁ ଆଜ୍ଞା କରନ୍ତୁ। ଯେତେବେଳେ
ପରମେଶ୍ୱରଙ୍କଠାରୁ ସେହି ମନ୍ଦ ଆତ୍ମା ତୁମ୍ଭ ସମ୍ମୁଖକୁ ଆସେ,
ଯଦି ସେ ଲୋକ ବୀଣା ବଜାଏ ତୁମ୍ଭେ ବହୁତ ଭଲ
ସମବେଦନା ପ୍ରକାଶ କରିବ।”

17ଶାଉଲ ଆପଣା ଦାସମାନଙ୍କୁ କହିଲେ, “ଆଚ୍ଛା ଯେ
ଭଲ ବଜାଇ ପାରେ ସେହିପରି ଏକ ଲୋକକୁ ମୋ ପାଖକୁ
ଆଣ।”

18ଯୁବକମାନଙ୍କ ମଧ୍ୟରୁ ଜଣେ ଉତ୍ତର ଦେଇ କହିଲା,
“ଦେଖନ୍ତୁ ମୁଁ ବୈଥଲେହମୀୟ ଯିଶୀର ଏକ ପୁତ୍ରଙ୍କୁ ଦେଖିଅଛି।
ସେ ବୀଣା ବଜାଇବାରେ ନିପୁଣ ଓ ମହାବିକ୍ରମଶାଳୀ ଯୋଦ୍ଧା
ଓ କଥାରେ ବିଜ୍ଞ, ଆଉ ରୂପବାନ ପୁଣି ସଦାପ୍ରଭୁ ତାଙ୍କ
ପାଖେ ପାଖେ ଅଛନ୍ତି।”

19ତେଣୁ ଶାଉଲ ଯିଶୀ ନିକଟକୁ ଦୂତମାନଙ୍କୁ ପଠାଇ
ତାହାଙ୍କୁ କହିଲେ, “ତୁମ୍ଭର ପୁତ୍ର ଦାଉଦ ଯେ ମେଷପଲ
ସାଙ୍ଗରେ ଥାଏ, ତାକୁ ମୋ ନିକଟକୁ ପଠାଇ ଦିଅ।”

20ତା'ପରେ ଯିଶୀ କେବଳ ଦାଉଦଙ୍କୁ ପଠାଇଲେ ନାହିଁ,
ତା ସହିତ ଶାଉଲ ନିମନ୍ତେ କିଛି ଉପହାର ପଠାଇଲେ:
ଗୋଟିଏ ଛେଳି ଓ ଗୋଟିଏ ଗଧରେ ବୋଝେଇ ଖାଦ୍ୟ ଓ
ଦ୍ରାକ୍ଷାରସ ପଠାଇଲେ। 21ଏହାପରେ ଦାଉଦ ଶାଉଲଙ୍କ ନିକଟକୁ
ଆସି ତାଙ୍କ ସମ୍ମୁଖରେ ଠିଆ ହେଲେ ଓ ଶାଉଲ ତାଙ୍କୁ
ଅତିଶୟ ସ୍ନେହ କଲେ, ତହିଁରେ ସେ ତାଙ୍କର ଅସ୍ତ୍ରବାହକ
ସାହାଯ୍ୟକାରୀ ହେଲେ। 22ଏହାପରେ ଶାଉଲ ଯିଶୀଙ୍କୁ ଏକ
ବାର୍ତ୍ତା ପଠାଇଲେ, “ମୁଁ ବିନୟ କରୁଅଛି ଦାଉଦଙ୍କୁ ମୋ
ସମ୍ମୁଖରେ ଛିଡ଼ା ହେବାକୁ ଦିଅ, ସେ ମୋର ସେବା କରିବ,
କାରଣ ମୁଁ ତାକୁ ଭଲ ପାଏ।”

23ପରମେଶ୍ୱରଙ୍କ ଠାରୁ ସେହି ମନ୍ଦ ଆତ୍ମା ଯେତେବେଳେ
ଶାଉଲଙ୍କ ଉପରେ ଥାଏ, ସେତେବେଳେ ଦାଉଦ ବୀଣା
ନେଇ ଆପଣା ହସ୍ତରେ ବଜାନ୍ତି। ତହିଁରେ ଶାଉଲ ଆଶ୍ୱାସ
ପାଆନ୍ତି ଓ ଭଲ ହୁଅନ୍ତି ଓ ମନ୍ଦ ଆତ୍ମା ତାଙ୍କୁ ଛାଡ଼ିଯାଏ।

## ଗଲିୟାତ ଇଶ୍ରାୟେଲକୁ ଚକ୍ରିକର ଦିଅନ୍ତି

17 ପଲେଷ୍ଟୀୟ ସୈନ୍ୟସାମନ୍ତମାନେ ଯୁଦ୍ଧ ପାଇଁ ଏକତ୍ରିତ
ହେଲେ। ସେମାନେ ଯିହୁଦାର ଅଧିକାରସ୍ଥ ସୋଖୋରେ
ସଂଗୃହିତ ହୋଇ ସୋଖୋ ଓ ଅସେକା ମଧ୍ୟରେ ଏଫସ୍-ଦମ୍ମୀମରେ
ଛାଉଣୀ ସ୍ଥାପନ କଲେ।

2ଶାଉଲ ଅଧିନରେ ଓ ଇଶ୍ରାୟେଲୀୟ ଲୋକମାନେ ଏଲା
ତଳଭୂମିରେ ଏକତ୍ରିତ ହୋଇ ଛାଉଣୀ ସ୍ଥାପନ କଲେ।
ସେମାନେ ପଲେଷ୍ଟୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ
ସୈନ୍ୟ ସଜାଇଲେ। 3ତହିଁରେ ପଲେଷ୍ଟୀୟମାନେ ପର୍ବତର
ଏକ ଦିଗରେ ଓ ଇଶ୍ରାୟେଲ ପର୍ବତର ଅନ୍ୟ ଦିଗରେ ଠିଆ
ହେଲେ। ଉଭୟଙ୍କ ମଧ୍ୟରେ ଉପତ୍ୟକା ଥିଲା।

4ଗାଥ ନିବାସୀ ଗଲିୟାତ ନାମକ ଏକ ମଲ୍ଲଯୋଦ୍ଧା
ପଲେଷ୍ଟୀୟମାନଙ୍କ ଛାଉଣୀରୁ ବାହାର ହେଲା, ସେ ସାଢେ
ଛଅ ହାତ ଉଚ୍ଚ। 5ତା'ର ମସ୍ତକରେ ପିତ୍ତଳର ଟୋପର ଥିଲା
ଓ ସେ ମାଛକାତି ତୁଲ୍ୟ ସାଞ୍ଜୁଆରେ ସଜ୍ଜିତ ଥିଲା। ସେହି
ସାଞ୍ଜୁଆଟି ପାଞ୍ଚ ସହସ୍ର ଶେକଲ ଓଜନ ପିତ୍ତଳର ଥିଲା।
6ସେ ଗୋଡରେ ପିତ୍ତଳର ସ୍ତ୍ରାଣ ପିନ୍ଧି ଥିଲେ ଓ ସେ
ପଛରେ ପିତ୍ତଳର ବର୍ଚ୍ଛା ବନ୍ଧା ହୋଇଥିଲା। 7ତା'ର ବର୍ଚ୍ଛାର
ଦଣ୍ଡ ବୁଣାକାରର କାଠ ତୁଲ୍ୟ ଓ ଏହାର ପାତର ଓଜନ
ଥିଲା, ଛଅ ଶହ ଶେକଲ ଲୌହ ଢାଲର ସମ୍ମୁଖରେ ଥିଲା।
ତା'ର ଆଗେ ଆଗେ ତା'ର ଢାଲବାହକ ଗ୍ଭଲିଥିଲା।

8ପ୍ରତ୍ୟେକ ଦିନ ଗଲିୟାତ ବାହାରେ ଛିଡ଼ା ହୋଇ
ଇଶ୍ରାୟେଲର ସୈନ୍ୟ ଶ୍ରେଣୀଙ୍କୁ ଚିତ୍କାର କରି କହୁଥିଲା,
“ତୁମ୍ଭେମାନେ କାହିଁକି ଯୁଦ୍ଧ ସାଜିବା ପାଇଁ ବାହାର ହୋଇ
ଆସିଛ? ମୁଁ ଜଣେ ପଲେଷ୍ଟୀୟ ଲୋକ ନୁହେଁ? ତୁମ୍ଭେମାନେ
ଶାଉଲର ଦାସ, ତୁମ୍ଭେମାନେ ନିଜମାନଙ୍କ ପାଇଁ ଜଣେ ଲୋକ
ମନୋନୀତ କର ଓ ସେ ମୋ ପାଖକୁ ଓହ୍ଲାଇ ଆସୁ। 9ଯଦି
ସେ ଲୋକଟି ମୋତେ ମାରିଦିଏ, ତେବେ ଆମ୍ଭେ ପଲେଷ୍ଟୀୟମାନେ
ତୁମ୍ଭର ଦାସ ହେବୁ। ଯଦି ମୁଁ ତାକୁ ବଧ କରେ ତେବେ
ତୁମ୍ଭେମାନେ ଆମ୍ଭର ଦାସ ହେବ ଓ ଆମ୍ଭମାନଙ୍କର ଦାସ
କାର୍ଯ୍ୟ କରିବ।”

10ପଲେଷ୍ଟୀୟ ମଧ୍ୟ କହିଲେ, “ଆଜି ମୁଁ ଇଶ୍ରାୟେଲର
ସୈନ୍ୟ ବାହିନୀକୁ ତୁଚ୍ଛ କରୁଅଛି। ମୁଁ ସାହାସ କରି କହୁଛି
ମୋତେ ଜଣେ ଲୋକ ଦିଅ, ତେବେ ଆମ୍ଭେମାନେ ପରସ୍ପର
ଯୁଦ୍ଧ କରିପାରିବୁ।” 11ଯେତେବେଳେ ଶାଉଲ ଓ
ଇଶ୍ରାୟେଲୀୟମାନ ପଲେଷ୍ଟୀୟର ଏହି ସକଳ କଥା ଶୁଣନ୍ତେ।
ସେମାନେ ହତାଶ ହେଲେ ଓ ଅତିଶୟ ଭୟ କଲେ।

## ଦାଉଦ ଯୁଦ୍ଧ ସମ୍ମୁଖକୁ ଗଲେ

12ଦାଉଦ ଯିଶୀଙ୍କର ପୁତ୍ର ଥିଲେ, ଯିଶୀ ଥିଲେ ଇଫ୍ରାଥୀୟ
ପରିବାରର ଯିଏ ବୈଥଲେହମ ଓ ଯିହୁଦାରେ ବାସ କରୁଥିଲେ
ଏବଂ ଯିଶୀଙ୍କର ଆଠପୁତ୍ର ଥିଲେ। ପୁଣି ଶାଉଲଙ୍କର ସମୟରେ
ସେ ପୁରୁଷ ବୃଦ୍ଧ ଥିଲେ। 13ଯିଶୀଙ୍କର ତିନି ବଡ ପୁତ୍ର
ଶାଉଲଙ୍କର ପଶ୍ଚାତ ଯୁଦ୍ଧକୁ ଯାଇଥିଲେ। ପ୍ରଥମ ପୁତ୍ର ଥିଲେ
ଇଲୀୟାବ୍ ଓ ଦ୍ୱିତୀୟ ପୁତ୍ରର ନାମ ଅବୀନାଦବ୍ ଓ ତୃତୀୟର
ନାମ ଶମ୍ମ। 14ଦାଉଦ ଥିଲେ ସବୁଠାରୁ କନିଷ୍ଠ। ତିନିଜଣ
ଜ୍ୟେଷ୍ଠ ପୁତ୍ର ଶାଉଲଙ୍କର ସୈନ୍ୟ ଛାଉଣୀରେ ଥିଲେ।
15କିନ୍ତୁ ଦାଉଦ ଆପଣା ପିତାର ମେଷପଲ ଚରାଇବା ନିମନ୍ତେ
ଶାଉଲଙ୍କ ନିକଟରୁ ବୈଥଲେହମକୁ ସମୟ ସମୟରେ ଯାଆ
ଆସ କରୁଥାନ୍ତି।

16ସେହି ପଲେଷ୍ଟୀୟ ଗ୍ଭଳିଶଟି ଗ୍ଭଳିଶ ଦିନ ପର୍ଯ୍ୟନ୍ତ
ପ୍ରାତଃକାଳରେ ଓ ସନ୍ଧ୍ୟା ସମୟରେ ଇଶ୍ରାୟେଲର ସୈନ୍ୟ
ସମ୍ମୁଖକୁ ଆସୁଥାଏ।

17ଦିନେ ଯିଶୀ ନିଜର ପୁତ୍ର ଦାଉଦଙ୍କୁ କହିଲା, “ସୈନ୍ୟ
ଛାଉଣୀରେ ଥିବା ନିଜ ଭାଇମାନଙ୍କ ପାଇଁ ଏହି ଭଜା ଶସ୍ୟରୁ
ଏକ ଐଫା ଓ ଏହି ଦଶଟା ରୋଟୀ ନେଇଯାଅ। 18ସେ
ମଧ୍ୟ ତାଙ୍କୁ କହିଲେ, “ଏହି ଦଶଖଣ୍ଡ ବଡ ଛେନାପୁଡ
1,000 ସୈନ୍ୟମାନଙ୍କର କ୍ୟାପଟେନମାନଙ୍କ ପାଇଁ ନେଇଯାଅ
ଏବଂ ତୁମ୍ଭର ଭାଇମାନଙ୍କର କୁଶଳତାର ଖବର ଆଣିବା ସହିତ
ସମାନେ ଭଲ ଅଛନ୍ତି କିଛି ଗୋଟିଏ ଦ୍ରବ୍ୟ ଆଣିବ।”
19ତୁମ୍ଭର ଭାଇମାନେ ଶାଉଲଙ୍କ ସାଥିରେ ଇଶ୍ରାୟେଲୀୟ
ସୈନ୍ୟମାନଙ୍କ ସହିତ ଏଲା ତଳ ଭୂମିରେ ଥାଇ ପଲେଷ୍ଟୀୟମାନଙ୍କ
ସହିତ ଯୁଦ୍ଧ କରୁଥିଲେ।”

20ଦାଉଦ ପ୍ରଭାତରେ ଉଠି ଜଣେ ରଖୁଆଳ ହସ୍ତରେ
ମେଷପଲ ଛାଡ଼ି ଯିଶୀର ଆଜ୍ଞା ଅନୁସାରେ ସେସବୁ
ଦ୍ରବ୍ୟ ନେଇଗଲେ। ସୈନ୍ୟଗଣ ବାହାରି ଯୁଦ୍ଧ ନିମନ୍ତେ
ମହାନାଦ କରିବା ସମୟରେ ସେ ଶଗଡ଼ ବନ୍ଦୀ ଜାଗାରେ
ଉପସ୍ଥିତ ହେଲେ। 21ଇଶ୍ରାୟେଲୀୟମାନେ ଓ ପଲେଷ୍ଟୀୟମାନେ

ଯୁଦ୍ଧ ସଜାଇଲେ ଓ ସୈନ୍ୟଶ୍ରେଣୀ ପରସ୍ପର ମୁହାଁ ମୁହିଁ ହେଲେ।

22ଦାଉଦ ସାମଗ୍ରୀ ରକ୍ଷକ ହସ୍ତରେ, ନିଜର ସାମଗ୍ରୀ ରଖି ସୈନ୍ୟମାନଙ୍କ ମଝିକୁ ଆସି ନିଜର ଭାଇମାନଙ୍କୁ କୁଶଳବାର୍ତ୍ତା ପଚାରିଲେ। 23ସେ ସେମାନଙ୍କ ସଙ୍ଗେ କଥାବାର୍ତ୍ତା କରୁଥିବା ସମୟରେ ଗାଥନିବାସୀ ପଲେଷ୍ଟୀୟ ଗଲୟାତ ନାମକ ମଲ୍ଲଯୋଦ୍ଧା ପଲେଷ୍ଟୀୟ ସୈନ୍ୟବାହିନୀ ମଧ୍ୟରୁ ଉଠି ଆସି ପୂର୍ବପରି ପାଟିକଲା। ଦାଉଦ ତାହା ଶୁଣିଲେ।

24ଇସ୍ରାୟେଲର ସମସ୍ତ ସୈନ୍ୟଗଣ ସେହି ପୁରୁଷକୁ ଦେଖି ତାହା ସମ୍ମୁଖରୁ ପଳାଇଲେ ଓ ଅତି ଭୟଭୀତ ହେଲେ। 25ଜଣେ ଇସ୍ରାୟେଲର ଲୋକ କହିଲା, "ତୁମ୍ଭେମାନେ ସେହି ବ୍ୟକ୍ତିକୁ ଦେଖିଲକି ଯିଏ ଇସ୍ରାୟେଲକୁ ଅବମାନନା କରିବାକୁ ଆସିଥିଲା? ଏହାକୁ ଯେଉଁଲୋକ ହତ୍ୟା କରିବ, ରାଜା ତାହାଙ୍କୁ ବହୁତ ଧନରେ ଧନବାନ କରିବେ ଓ ତାହାକୁ ଆପଣା କନ୍ୟା ଦେବେ। ଆଉ ଇସ୍ରାୟେଲ ମଧ୍ୟରେ ତା'ର ପିତୃ ଗୃହକୁ ନିଷ୍କର କରିବେ।"

26ଦାଉଦ ସେଠାରେ ଠିଆ ହୋଇଥିବା ଲୋକମାନଙ୍କୁ ପଚାରିଲେ, "ସେ କ'ଣ କହିଲା? ଯେଉଁଲୋକ ଏହି ପଲେଷ୍ଟୀୟକୁ ବଧ କରି ଏବଂ ଇସ୍ରାୟେଲର ଏହି ଅପମାନ ଦୂର କରିବ, ତାହାପ୍ରତି କ'ଣ କରାଯିବ? କିଏ ଏହି ଅସୁନ୍ନତ ପଲେଷ୍ଟୀୟ ଯିଏ ଜୀବିତ ପରମେଶ୍ୱରଙ୍କ ସୈନ୍ୟ ଛାଉଣୀକି ଅବମାନନା କରିବାକୁ ସାହାସ କରେ।"

27ଲୋକମାନେ ପୂର୍ବପରି ଉତ୍ତର ଦେଇ କହିଲେ, ଯେ ତାହାକୁ ବଧ କରିବ, ତାହାକୁ ପୁରସ୍କୃତ କରାଯିବ। 28ଦାଉଦ ସେହି ଲୋକମାନଙ୍କ ସହିତ କଥାବାର୍ତ୍ତା କରୁଥିବା ସମୟରେ ତା'ର ଜ୍ୟେଷ୍ଠଭ୍ରାତା ଇଲୀୟାବ ଶୁଣିଲା। ଇଲୀୟାବର କ୍ରୋଧ ଦାଉଦ ଉପରେ ପ୍ରଜ୍ୱଳିତ ହେଲା, ଆଉ ସେ କହିଲା, "ତୁ ଏଠାକୁ କାହିଁକି ଆସିଲୁ? ପ୍ରାନ୍ତରରେ ତୁ ମେଣ୍ଢାମାନଙ୍କୁ କାହା ପାଖରେ ଛାଡ଼ିଲୁ? ମୁଁ ତୋ ଗର୍ବ ଓ ତୋ ମନର ଦୁଷ୍ଟତା ଜାଣେ। କାରଣ ତୁ କେବଳ ଯୁଦ୍ଧ ଦେଖିବା ପାଇଁ ଆସିଅଛୁ।"

29ଦାଉଦ ଉତ୍ତର ଦେଲେ, "ମୁଁ ଏବେ କ'ଣ କଲି, ଏମିତି ମୁଁ ଏହି ଲୋକମାନଙ୍କ ସହିତ କଥାବାର୍ତ୍ତା କରୁଥିଲି।" 30ଦାଉଦ ଅନ୍ୟ ଲୋକମାନଙ୍କ ପାଖକୁ ଗଲେ ଓ ପୂର୍ବପରି କହିଲେ, ତହିଁରେ ଲୋକମାନେ ପୁନର୍ବାର ପୂର୍ବପରି ଉତ୍ତର ଦେଲେ।

31ଦାଉଦଙ୍କ ଏହିପରି କଥା ଯେତେବେଳେ ଲୋକମାନେ ଶୁଣିଲେ, ସେମାନେ ତାକୁ ଶାଉଲଙ୍କ ନିକଟକୁ ନେଇଗଲେ ଏବଂ ଦାଉଦ ଯାହା କହିଥିଲେ ତାହା କହିଲେ। 32ଦାଉଦ ଶାଉଲଙ୍କୁ କହିଲେ, "ଗଲୟାତ ଯୋଗୁଁ ଲୋକମାନେ ହତାଶ ହେବା ଉଚିତ୍ ନୁହେଁ। ଆପଣଙ୍କ ଦାସ ଯାଇ ସେହି ପଲେଷ୍ଟୀୟମାନଙ୍କ ସହିତ ଯୁଦ୍ଧ କରିବ।"

33ଶାଉଲ ଉତ୍ତର ଦେଲେ, "ତୁମ୍ଭେ ସେହି ପଲେଷ୍ଟୀୟ ବିରୁଦ୍ଧରେ ଯୁଦ୍ଧ କରିପାରିବ ନାହିଁ। କାରଣ ତୁମ୍ଭେ ତ ଜଣେ ସୈନିକ ନୁହଁ ଏବଂ ଗଲୟାତ ବାଳକ ଅବସ୍ଥାରୁ ଯୁଦ୍ଧ କରି ଆସୁଅଛି।"

34କିନ୍ତୁ ଦାଉଦ ଶାଉଲଙ୍କୁ ଉତ୍ତର ଦେଲେ, "ମୁଁ ତୁମ୍ଭର ଦାସ, ଆପଣା ପିତାର ମେଷ ଚରାଉ ଥାଏ। ଥରେ ଗୋଟିଏ ସିଂହ ଓ ଅନ୍ୟଥର ଗୋଟିଏ ଭାଲୁ ଆସି ପଲ ମଧ୍ୟରୁ ଗୋଟିଏ ମେଷକୁ ନେଇଗଲା। 35ମୁଁ ତା' ପଛରେ ଗୋଡ଼ାଇଲି ଏବଂ ତାକୁ ଆଘାତ କରି, ତା' ପାଟିରୁ ମେଷକୁ ଛଡାଇ ଆଣିଲି। ବନ୍ୟ ପଶୁଟି ମୋ ଉପରକୁ କୁଦା ମାରିଲା ମୁଁ ତା'ର ଦାଢି ଧରି ତାହାକୁ ମାରିଦେଲି। 36ମୁଁ ସିଂହ ଓ ଭାଲୁ ଉଭୟଙ୍କୁ ବଧ କରିଛି ଏବଂ ମୁଁ ମଧ୍ୟ ଗଲୟାତକୁ ସେହିପରି ବଧ କରିବି। ଗଲୟାତ ମରିବ କାରଣ ସେ ଜୀବିତ ପରମେଶ୍ୱରଙ୍କର ସୈନ୍ୟକୁ ତୁଚ୍ଛ କରିଅଛି। 37ସଦାପ୍ରଭୁ ମୋତେ ସିଂହ ଓ ଭାଲୁ ନିକଟରୁ ରକ୍ଷା କରିଛନ୍ତି। ସଦାପ୍ରଭୁ ମତେ ପଲେଷ୍ଟୀୟମାନଙ୍କଠାରୁ ରକ୍ଷା କରିବେ।"

ଶାଉଲ ଦାଉଦଙ୍କୁ କହିଲେ, "ତୁମ୍ଭେ ଯାଅ ସଦାପ୍ରଭୁ ତୁମ୍ଭ ସହିତ ଅଛନ୍ତି।" 38ଶାଉଲ ଦାଉଦଙ୍କୁ ଆପଣା ବସ୍ତ୍ର ପିନ୍ଧାଇ ତାଙ୍କ ମସ୍ତକରେ ପିତଳ ଟୋପର ଦେଇ ତାହାଙ୍କୁ ସାଞ୍ଜୁଆ ପିନ୍ଧାଇଲେ। 39ଦାଉଦ ଆପଣା ବସ୍ତ୍ର ଉପରେ ଖଡ୍ଗ ବାନ୍ଧି ଚାଲିବାକୁ ଚେଷ୍ଟା କଲେ, ସେ ଅକୃତକାର୍ଯ୍ୟ ହେଲେ, କାରଣ ଏହିପରି ଓଜନିଆଁ ସାମଗ୍ରି ପିନ୍ଧିବାର ଅଭ୍ୟାସ ନଥିଲା।

ଆଉ ଦାଉଦ୍ ଶାଉଲଙ୍କୁ କହିଲେ, "ମୁଁ ଏହି ସାମଗ୍ରି ନେଇ ମୁଁ ଯୁଦ୍ଧ କରି ନପାରେ, ମୁଁ ସେଗୁଡିକ ସହିତ ଅଭ୍ୟସ୍ତ ନୁହେଁ।" ତେଣୁ ତାକୁ ସେ କାଢି ରଖିଲେ। 40ଦାଉଦ ଆପଣା ଯଷ୍ଟି ହାତରେ ଧରି ନଦୀରୁ ପାଞ୍ଚ ଗୋଟି ଚିକ୍କଣ ପଥର ବାଛିଲେ ଓ ସେ ସେଗୁଡିକୁ ନିଜର ମେଷପାଳକ ଥଳି ମଧ୍ୟରେ ରଖିଲେ। ନିଜ ହାତରେ ନିଜର ଛାଟିଣୀଟି ଧରି ପଲେଷ୍ଟୀୟ ନିକଟକୁ ଗଲେ।

## ଦାଉଦ ଗଲୟାତକୁ ବଧ କଲେ

41ପଲେଷ୍ଟୀୟ ଧିରେ ଧିରେ ଅଗ୍ରସର ହୋଇ ଦାଉଦଙ୍କର ସନ୍ନିକଟ ହେଲା ଓ ତା'ର ଢାଲବାହକ ତା'ର ଆଗେ ଆଗେ ଚାଲିଲା। 42ପଲେଷ୍ଟୀୟମାନେ ଅନାଇ ଦାଉଦଙ୍କୁ ଦେଖିଲେ ଓ ତାକୁ ତୁଚ୍ଛ ଜ୍ଞାନ କଲେ କାରଣ ଦାଉଦ ଯୁବା ଓ ଇସତ୍ ରକ୍ତବର୍ଣ୍ଣ ଓ ସୁନ୍ଦର ବଦନ ଥିଲେ। 43ଗଲୟାତ ଦାଉଦଙ୍କୁ କହିଲା, "ମୁଁ କ'ଣ ଗୋଟିଏ କୁକୁର ତୁମ୍ଭେ ମୋ ପାଖକୁ ବାଡ଼ ନେଇ ଆସିଛ।" ତା'ପରେ ଗଲୟାତ ଆପଣା ଦେବତାମାନଙ୍କ ନାମରେ ଦାଉଦଙ୍କୁ ଶାପ ଦେଲା। 44ଗଲୟାତ ଦାଉଦଙ୍କୁ କହିଲା, "ଏହିଠାକୁ ଆସ ମୁଁ ତୁମ୍ଭର ମାଂସକୁ ହିଂସ୍ରପଶୁ-ପକ୍ଷୀମାନଙ୍କୁ ଖୁଆଇବି।"

45ଦାଉଦ ଗଲୟାତକୁ କହିଲା, "ତୁମ୍ଭେ ଖଡ୍ଗ, ବର୍ଚ୍ଛା ଓ ଶଲ୍ୟ ଘେନି ମୋ ପାଖକୁ ଆସିଛ। କିନ୍ତୁ ତୁମ୍ଭେ ଯାହାଙ୍କୁ ତୁଚ୍ଛ କରିଅଛ ସେହି ଇସ୍ରାୟେଲର ସୈନ୍ୟବାହିନୀର ପରମେଶ୍ୱର, ସର୍ବଶକ୍ତିମାନ ସଦାପ୍ରଭୁଙ୍କ ନାମରେ ତୁମ୍ଭ ନିକଟକୁ ମୁଁ ଆସୁଅଛି। 46ଆଜି ସଦାପ୍ରଭୁ ତୁମ୍ଭକୁ ମୋ ହସ୍ତରେ ସମର୍ପି ଦେବେ। ଏବଂ ମୁଁ ତୁମ୍ଭକୁ ଆଘାତ କରିବି ଏବଂ ତୁମ୍ଭର ଶିରଚ୍ଛେଦନ କରିବି। ମୁଁ ଆଜି ପଲେଷ୍ଟୀୟମାନଙ୍କ ସୈନ୍ୟଗଣର ଶରୀର ଆକାଶ ପକ୍ଷୀଗଣକୁ ଓ ପୃଥିବୀସ୍ଥ ବନ୍ୟପଶୁମାନଙ୍କୁ ଦେବି, ତହିଁରେ ଇସ୍ରାୟେଲ ମଧ୍ୟରେ ଏକ ପରମେଶ୍ୱର ଅଛନ୍ତି ବୋଲି ସମୁଦାୟ ଜଗତ ଜାଣିବେ। 47ଏଠାରେ ରୁଣ୍ଡ ହୋଇଥିବା ସବୁ ଲୋକମାନେ ଜାଣିବେ, ଯେ ସଦାପ୍ରଭୁ ଖଡ୍ଗ ଓ ବର୍ଚ୍ଛାଦ୍ୱାରା ରକ୍ଷା କରନ୍ତି ନାହିଁ, କାରଣ ଏହି ଯୁଦ୍ଧ

ସଦାପ୍ରଭୁଙ୍କର ଓ ସେ ତୁମ୍ଭେ ପଲେଷ୍ଟୀୟମାନଙ୍କୁ ପରାସ୍ତ
କରିବାରେ ଆମ୍ଭମାନଙ୍କୁ ସାହାଯ୍ୟ କରିବେ।”
48ଏହାପରେ ସେହି ପଲେଷ୍ଟୀୟ ଦାଉଦଙ୍କୁ ଆକ୍ରମଣ
କରିବାକୁ ଉଠି ପଡିଲା ଏବଂ ଦାଉଦର ନିକଟରୁ ନିକଟତର
ହେଲା। ଦାଉଦ ଶୀଘ୍ର ପଲେଷ୍ଟୀୟମାନଙ୍କ ସହିତ ଭେଟିବାକୁ
ସୈନ୍ୟବାହୀନ ଆଡ଼େ ଦୌଡ଼ିଲେ।
49ଦାଉଦ ଆପଣା ଥଳିରେ ହାତ ପୁରାଇ ତହିଁରୁ ଗୋଟିଏ
ପଥର କାଢି ଛାଟିଣିରେ ମାରି ସେହି ପଲେଷ୍ଟୀୟର କପାଳକୁ
ଆଘାତ କଲେ। ତହିଁରେ ସେ ପଥର ତା'ର କପାଳରେ
ପଶିଯାନ୍ତେ ସେ ମୁହଁ ମାଡ଼ି ଭୂମିରେ ପଡିଲା।
50ଏହିପରି ଭାବରେ ଦାଉଦ ବାଟୁଳି ଓ ପଥର ଦ୍ୱାରା
ସେହି ପଲେଷ୍ଟୀୟକୁ ପରାସ୍ତ କଲେ ଓ ଆଘାତକରି ବଧ
କଲେ। ମାତ୍ର ଦାଉଦଙ୍କ ହସ୍ତରେ ଖଡ୍ଗ ନ ଥିଲା। 51ଦାଉଦ
ଦୌଡ଼ିଯାଇ ସେହି ପଲେଷ୍ଟୀୟ ଉପରେ ଠିଆ ହେଲେ ଓ
ଗଲାୟାତର ଖଡ୍ଗ ଖାପରୁ କାଢି ତାହାର ମସ୍ତକ ଛେଦନ
କଲେ।
ପଲେଷ୍ଟୀୟମାନେ ଆପଣାମାନଙ୍କ ବୀରକୁ ମୃତ ଦେଖି
ପଳାଇଲେ। 52ଇଶ୍ରାୟେଲର ଓ ଯିହୁଦାର ଲୋକମାନେ ଉଠି
ଜୟଧ୍ୱନି କଲେ ଓ ସନ୍ନିକଟ ଇକ୍ରୋଣ ଫାଟକ ପର୍ଯ୍ୟନ୍ତ
ପଲେଷ୍ଟୀୟମାନଙ୍କ ପଛେ ପଛେ ଗୋଡ଼ାଇଲେ। ତା'ପରେ
ସେମାନେ ପଲେଷ୍ଟୀୟମାନଙ୍କୁ ହତ୍ୟା କରି ଶାରୟିମ ପଥରେ
ଗାଥ ଓ ଇକ୍ରୋଣ ପର୍ଯ୍ୟନ୍ତ ପକାଇଲେ। 53ଇଶ୍ରାୟେଲର
ପଲେଷ୍ଟୀୟମାନଙ୍କ ପଛେ ପଛେ ଗୋଡାଇବାରୁ ଲେଉଟି ଆସି
ସେମାନଙ୍କ ଛାଉଣୀ ଲୁଟ୍ କଲେ।
54ଦାଉଦ ସେହି ପଲେଷ୍ଟୀୟର ମସ୍ତକ ନେଇ ଯିରୁଶାଲମକୁ
ଆଣିଲେ କିନ୍ତୁ ତା'ର ଅସ୍ତ୍ର ଆପଣା ଗୃହରେ ରଖିଲେ।

## ଶାଉଲ ଦାଉଦଙ୍କୁ ଭୟ କରିବାକୁ ଆରମ୍ଭ କଲେ

55ସେହି ପଲେଷ୍ଟୀୟ ବିରୁଦ୍ଧରେ ଦାଉଦଙ୍କୁ ବାହାରିବାର
ଦେଖି ଶାଉଲ ସୈନ୍ୟର ସେନାପତି ଅବନେରକୁ କହିଲେ,
“ଅବନର ଏ ଯୁବକ କାହାର ପୁତ୍ର?”
ଅବନର କହିଲା, “ହେ ମହାରାଜ ଆପଣଙ୍କ ଜୀବନ
ପ୍ରମାଣେ ମୁଁ କହିପାରିବି ନାହିଁ।”
56ରାଜା କହିଲେ, “ପଚାର ଏ ଯୁବକ କାହାର ପୁଅ?”
57ଦାଉଦ ପଲେଷ୍ଟୀୟକୁ ହତ୍ୟାକରି ପଲେଷ୍ଟୀୟର ମସ୍ତକ
ହସ୍ତରେ ଧରି ଫେରି ଆସିବା ବେଳେ ଅବନର ତାଙ୍କୁ ନେଇ
ଶାଉଲଙ୍କ ନିକଟକୁ ଆସିଲା।
58ଶାଉଲ ତାଙ୍କୁ ପଚାରିଲେ, “ହେ ଯୁବକ ତୁମ୍ଭେ
କାହାର ପୁଅ?”
ଦାଉଦ କହିଲେ, “ମୁଁ ଆପଣଙ୍କ ଦାସ ବୈଥଲେହମୀୟ
ଯିଶୀର ପୁତ୍ର।”

## ଦାଉଦ ଓ ଯୋନାଥନଙ୍କର ଘନିଷ୍ଟ ବନ୍ଧୁତା

18 ଦାଉଦ ଶାଉଲଙ୍କ ସହିତ କଥାବାର୍ତ୍ତା କରିସାରିବା
ପରେ ଯୋନାଥନର ଦାଉଦଙ୍କ ସହିତ ଏକ ଦୃଢ଼
ବନ୍ଧୁତା ବାନ୍ଧିଲେ। ଆଉ ଯୋନାଥନ ଆପଣା ପ୍ରାଣପରି ତାଙ୍କୁ
ସ୍ନେହ କଲା।
2ଶାଉଲ ସେହିଦିନ ଦାଉଦଙ୍କୁ ତାଙ୍କ ସହିତ ରଖିଲେ ଓ
ଘରକୁ ଯିବାକୁ ଦେଲେ ନାହିଁ।
3ଯୋନାଥନ ଦାଉଦଙ୍କୁ ଆପଣା ପ୍ରାଣପରି ସ୍ନେହ କରିବାରୁ
ସେମାନେ ଏହି ନିୟମ କଲେ। 4ଯୋନାଥନ ଆପଣା ଦେହରୁ
କୋଟ୍ କାଢି ଦାଉଦଙ୍କୁ ଦେଲା। ଆପଣା ବସ୍ତ୍ର, ଖଡ୍ଗ, ଧନୁ ଓ
କଟିବନ୍ଧନ ପର୍ଯ୍ୟନ୍ତ ତାହାଙ୍କୁ ଦେଲା।

## ଶାଉଲ ଦାଉଦଙ୍କର ସଫଳତା ଉପରେ ଦୃଷ୍ଟି ଦେଲେ

5ଶାଉଲ ଦାଉଦଙ୍କୁ ବହୁତ ଯୁଦ୍ଧକୁ ପଠାଇଲେ ଓ ସେ
କୃତକାର୍ଯ୍ୟ ହେଲେ। ଏଣୁ ଶାଉଲ ତାଙ୍କୁ ଯୋଦ୍ଧାମାନଙ୍କ
ଉପରେ ନିଯୁକ୍ତ କଲେ ଓ ଏହା ଶାଉଲଙ୍କର ଅଧିକାରୀମାନଙ୍କ
ସମେତ ସମସ୍ତଙ୍କୁ ଖୁସି କଲା। 6ଏପରି ହେଲା ଯେ,
ଯେତେବେଳେ ଦାଉଦ ପଲେଷ୍ଟୀୟମାନଙ୍କୁ ଆକ୍ରମଣ କଲେ ଓ
ଫେରିଲେ। ଇଶ୍ରାୟେଲର ସମସ୍ତ ନଗରର ସ୍ତ୍ରୀ ଲୋକମାନେ
ରାଜା ଶାଉଲଙ୍କୁ ସାକ୍ଷାତ କରିବାକୁ ବାହାରି ଆସିଲେ ଏବଂ
ତୁମ୍ଭୁରା ବଜାଇ ଆନନ୍ଦରେ ନାଚିଲେ ଓ ଗାଇଲେ। 7ଆଉ
ସେହି ସ୍ତ୍ରୀମାନେ ନୃତ୍ୟ କରୁକରୁ ଗାଇଲେ,

“ଶାଉଲ ହତ୍ୟା କଲେ ସହସ୍ର ସହସ୍ର
ଦାଉଦ ହତ୍ୟା କଲେ ଅୟୁତ ଅୟୁତ”

8ଏଥିରେ ଶାଉଲ ଅତି ରାଗିଗଲେ ଓ ବ୍ୟତିବ୍ୟସ୍ତ ହୋଇ
ପଡିଲେ। ଏଣୁ ସେ ଚିନ୍ତା କଲେ, “ସେମାନେ ଦାଉଦଙ୍କୁ
ଅୟୁତ ଅୟୁତର ଜୟୀ ଓ ଆମ୍ଭକୁ କେବଳ ସହସ୍ର ସହସ୍ର
ଜୟୀ ବୋଲି କହିଲେ। ରାଜ୍ୟ ପାଇବା ଛଡା ତା'ର ଆଉ
କ'ଣ ପାଇବାର ବାକି ଅଛି?” 9ସେହିଦିନଠାରୁ ଶାଉଲ
ଦାଉଦଙ୍କ ପ୍ରତି ଦୃଷ୍ଟି ରଖିଲେ। ସେ ଇର୍ଷା ଓ ଘୃଣାରେ ତାଙ୍କୁ
ଦୃଷ୍ଟି ପକାଇଲେ।

## ଶାଉଲ ଦାଉଦଙ୍କୁ ଭୟ କଲେ

10ପରଦିନ ପରମେଶ୍ୱରଙ୍କଠାରୁ ଯେତେବେଳେ ମନ୍ଦ ଆତ୍ମା
ଶାଉଲଙ୍କୁ ଅକ୍ତିଆର କଲେ, ସେ ତାଙ୍କ ଗୃହ ମଧ୍ୟରେ
ଅବାନ୍ତର କାର୍ଯ୍ୟ କରିବାକୁ ଲାଗିଲେ। ଦାଉଦ ପ୍ରତିଦିନପରି
ହସ୍ତରେ ବୀଣା ବଜାଇଲେ, ସେ ସମୟରେ ଶାଉଲଙ୍କ
ଗୋଟିଏ ବର୍ଚ୍ଛା ଧରିଥିଲେ। 11ତେଣୁ ଶାଉଲ ବର୍ଚ୍ଛା ଫିଙ୍ଗିଲେ,
କାରଣ ସେ ଭାବିଲେ, “ମୁଁ ଦାଉଦକୁ କାନ୍ଥରେ ଫୋଡିବି।”
ମାତ୍ର ଦାଉଦ ତାଙ୍କ ନିକଟରୁ ଦୁଇଥର ଘୁଞ୍ଚିଗଲେ।
12ପୁଣି ଶାଉଲ ଦାଉଦଙ୍କୁ ଭୟ କଲେ କାରଣ ସଦାପ୍ରଭୁ
ତାଙ୍କ ସଙ୍ଗରେ ଥିଲେ ଓ ଶାଉଲଙ୍କୁ ତ୍ୟାଗ କଲେ।
13ଶାଉଲ ଆପଣା ନିକଟରୁ ଦାଉଦଙ୍କୁ ଦୂରକୁ ପଠେଇଦେଲେ
ଓ ତାଙ୍କୁ 1,000 ସୈନ୍ୟ ଉପରେ ଆପଣାର ସେନାପତି
କଲେ। ଯୁଦ୍ଧରେ ସେ ସୈନ୍ୟମାନଙ୍କର ନେତୃତ୍ୱ ନେଲେ।
14ସଦାପ୍ରଭୁ ଦାଉଦଙ୍କ ସହିତ ଥିଲେ। ତେଣୁ ଦାଉଦ ପ୍ରତ୍ୟେକ
କ୍ଷେତ୍ରରେ ବିଜୟୀ ହେଲେ। 15ଶାଉଲ ଦେଖିଲେ ଦାଉଦ
ସବୁ କ୍ଷେତ୍ରରେ ବିଜୟୀ ହେଉଛନ୍ତି। ତେଣୁ ଶାଉଲ ଦାଉଦଙ୍କୁ
ଭୟ କରିବାକୁ ଲାଗିଲେ।
16କିନ୍ତୁ ଇଶ୍ରାୟେଲର ସମସ୍ତ ଲୋକ ଓ ଯିହୁଦାର
ସମସ୍ତେ ଦାଉଦଙ୍କୁ ଭଲ ପାଇଲେ। ସେମାନେ ତାଙ୍କୁ ଭଲ

ପାଇଲେ, କାରଣ ସେ ଯୁଦ୍ଧରେ ସେମାନଙ୍କର ନେତୃତ୍ୱ
ନେଇଛନ୍ତି ଓ ସେମାନଙ୍କ ସକାଶେ ଯୁଦ୍ଧ କରିଛନ୍ତି।

### ଶାଉଲ ଦାଉଦଙ୍କ ସହିତ ନିଜ ଝିଅର ବିବାହ ଯୋଜନା

**17**କିନ୍ତୁ ଶାଉଲ ଦାଉଦଙ୍କୁ ମାରିଦେବା ପାଇଁ ଚାହିଁଲେ
ଏବଂ ଶାଉଲ ଏକ ଉପାୟ ଚିନ୍ତା କଲେ। ଶାଉଲ କହିଲେ,
"ଦାଉଦ ମେରବ୍ ନାମକ ମୋର ଜ୍ୟେଷ୍ଠ କନ୍ୟାକୁ ଦେଖ।
ମୁଁ ତାକୁ ତୁମ୍ଭକୁ ବିବାହ ଦେବି। ତା'ପରେ ତୁମ୍ଭେ ଜଣେ
ବୀର ଯୋଦ୍ଧା ସୈନିକ ହେବ। ତୁମ୍ଭେ ମୋର ସନ୍ତାନପରି,
ତା'ପରେ ତୁମ୍ଭେ ସଦାପ୍ରଭୁଙ୍କ ପାଇଁ ଯୁଦ୍ଧ କର।" ଶାଉଲ
ଚିନ୍ତାକଲେ, "ମୁଁ ତାକୁ ହତ୍ୟା କରିବା ପାଇଁ ହାତ ଉଠାଇବି
ନାହିଁ, କିନ୍ତୁ ପଲେଷ୍ଟୀୟମାନେ ହୁଏତ ତାକୁ ହତ୍ୟା କରି
ପାରନ୍ତି।"

**18**କିନ୍ତୁ ଦାଉଦ ଉତ୍ତର ଦେଲେ, "ମୁଁ ଏକ ଉଚ୍ଚ
ପରିବାରର ନୁହେଁ କି ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ନୁହେଁ, ମୁଁ
କିପରି ରାଜାଙ୍କର ଝିଅକୁ ବିବାହ କରିପାରିବି।"

**19**ତେଣୁ ଦାଉଦ ମେରବକୁ ବିବାହ ପାଇଁ ସମୟ
ଆସିଲା। ଶାଉଲ ଏହି ସମୟରେ ମହୋଲାତୀୟ ଅଦ୍ରୀୟେଲକୁ
ସ୍ତ୍ରୀରୂପେ ଦତ୍ତ ହେଲା।

**20**ଶାଉଲଙ୍କର କନ୍ୟା ମୀଖଲ ଦାଉଦଙ୍କୁ ପ୍ରେମ କଲା ଓ
ଲୋକମାନେ ଶାଉଲଙ୍କୁ ଏକଥା କୁହନ୍ତେ ଯେ ମୀଖଲ
ଦାଉଦଙ୍କୁ ପ୍ରେମ କରୁଛି ଶାଉଲ ଏକଥା ଶୁଣି ଖୁସି ହେଲେ।
**21**ଶାଉଲ ଭାବିଲେ, "ମୁଁ ମୀଖଲ ମାଧ୍ୟମରେ ଦାଉଦକୁ
ଫାସରେ ପକାଇ ଦେବି। ମୁଁ ମୀଖଲକୁ ଦାଉଦଙ୍କ ସହିତ
ବିବାହ ଦେବି। ଏବଂ ତା'ପରେ ପଲେଷ୍ଟୀୟମାନେ
ତାଙ୍କୁ ମାରି ଦେବେ।" ତେଣୁ ଶାଉଲ ଦାଉଦଙ୍କୁ ଦ୍ୱିତୀୟ
ଥର ପାଇଁ କହିଲେ, "ତୁମ୍ଭେ ଆଜି ମୋର କନ୍ୟାକୁ ବିବାହ
କରିପାର।"

**22**ଶାଉଲ ତାଙ୍କ ଦାସମାନଙ୍କୁ ଡାକି କହିଲେ, "ତୁମ୍ଭେ
ଦାଉଦଙ୍କୁ ବ୍ୟକ୍ତିଗତ ଭାବରେ କୁହ ଯେ, 'ରାଜା ତୁମ୍ଭକୁ ଅତି
ଭଲ ପାଉଛନ୍ତି। ସେମାନଙ୍କର ଅଧିକାରୀଗଣ ମଧ୍ୟ ତୁମ୍ଭକୁ
ଭଲ ପାଉଛନ୍ତି। ବର୍ତ୍ତମାନ ତୁମ୍ଭେ ତାଙ୍କର କନ୍ୟାକୁ ବିବାହ
କରିବା ଉଚିତ୍।'"

**23**ଶାଉଲର ଦାସମାନେ ଏକଥା ଦାଉଦଙ୍କୁ କହିଲେ, କିନ୍ତୁ
ଦାଉଦ ଉତ୍ତର ଦେଲେ, "ତୁମ୍ଭେ କ'ଣ ଭାବୁଛ ରାଜାଙ୍କର
ଜ୍ୱାଇଁ ହେବା ଅତି ସହଜ? ମୋର ଏତେ ଅର୍ଥ ନାହିଁ ଯାହାକି
ମୁଁ ରାଜାଙ୍କର ଝିଅ ପାଇଁ ଖର୍ଚ୍ଚ କରିପାରିବି। ମୁଁ ଜଣେ ଅତି
ସାଧାରଣ ଦରିଦ୍ର ଲୋକ ଓ ମୋର ଅଳ୍ପ ମାନ୍ୟ।"

**24**ଶାଉଲର ଦାସମାନେ ଦାଉଦ କ'ଣ କହିଲା ତାହା
ଶାଉଲଙ୍କୁ କହିଲେ। **25**ଶାଉଲ ସେମାନଙ୍କୁ କହିଲେ, "ତୁମ୍ଭେ
ଦାଉଦଙ୍କୁ ଏକଥା କୁହ, 'ରାଜା ଚାହାଁନ୍ତି ନାହିଁ ତୁମ୍ଭେ ତାଙ୍କର
ଝିଅପାଇଁ ଅର୍ଥ ଦିଅ, ସେ ପଲେଷ୍ଟୀୟମାନଙ୍କଠାରୁ ପ୍ରତିଶୋଧ
ନେବାକୁ ଚାହାନ୍ତି ଏବଂ ସେ ପଲେଷ୍ଟୀୟମାନଙ୍କର 100 ତ୍ୱକ୍ଛେଦିତ
ଚର୍ମ ଚାହାଁନ୍ତି।'" ପଲେଷ୍ଟୀୟମାନଙ୍କ ଦ୍ୱାରା ଦାଉଦକୁ ନିପାତ
କରିବା ପାଇଁ ଶାଉଲଙ୍କର ବିଚାର ଥିଲା।

**26**ଶାଉଲଙ୍କର ଦାସମାନେ ଦାଉଦଙ୍କୁ ଏପରି ଶୁଣାନ୍ତେ
ଦାଉଦ ରାଜି ହୋଇଗଲେ। ଦାଉଦ ବହୁତ ଖୁସି ହେଲେ ଯେ
ତାଙ୍କୁ ଏକ ରାଜାଙ୍କର ଜ୍ୱାଇଁ ହେବାପାଇଁ ସୁଯୋଗ ମିଳିଛି।
ତେଣୁ ସେ ହଠାତ୍ ଯଥାକାର୍ଯ୍ୟ କଲା। **27**ଦାଉଦ ଓ ତା'ର
ଲୋକମାନେ ପଲେଷ୍ଟୀୟମାନଙ୍କ ସହିତ ଯୁଦ୍ଧ କରିବାକୁ
ବାହାରିଲେ। ସେମାନେ ଦୁଇଶହ ପଲିଷ୍ଟୀୟମାନଙ୍କୁ ବଧ
କଲେ। ଦାଉଦ 200 ପଲିଷ୍ଟୀୟମାନଙ୍କର ତ୍ୱକ୍ଛେଦିତ ଚର୍ମ
ଆଣିଲେ ଏବଂ ଶାଉଲଙ୍କୁ ଦେଲେ। ଦାଉଦ ଏପରି କଲେ
କାରଣ ସେ ଚାହୁଁଥିଲେ ରାଜାଙ୍କର ଜ୍ୱାଇଁ ହେବାପାଇଁ। ଶାଉଲ
ତାଙ୍କର କନ୍ୟା ମୀଖାଲକୁ ଦାଉଦ ସହ ବିବାହ ଦେଲେ।

**28**ଶାଉଲ ଦେଖିଲେ ସଦାପ୍ରଭୁ ଦାଉଦଙ୍କ ସହିତ ଅଛନ୍ତି।
ଶାଉଲ ମଧ୍ୟ ଦେଖିଲେ ଯେ ତାଙ୍କର କନ୍ୟା ମୀଖଲ
ଦାଉଦଙ୍କୁ ପ୍ରେମ କରୁଅଛି। **29**ତେଣୁ ଶାଉଲ ଦାଉଦଙ୍କୁ
ଅଧିକ ଭୟ କଲେ। ଶାଉଲ ସର୍ବଦା ଦାଉଦଙ୍କର ବିରୋଧି
ହୋଇ ରହିଲେ।

**30**ପଲେଷ୍ଟୀୟମାନଙ୍କର ଅଧିପତିମାନେ ଇଶ୍ରାୟେଲୀୟମାନଙ୍କ
ସହିତ ଯୁଦ୍ଧ କରିବାକୁ ବାହାରି ଆସିଲେ କିନ୍ତୁ
ପ୍ରତ୍ୟେକ ଥର ଦାଉଦ ସେମାନଙ୍କୁ ପରାସ୍ତ କଲେ। ଦାଉଦ
ଶାଉଲଙ୍କର ଅତି ଦକ୍ଷ ଅଧିକାରୀ ହେଲେ। ଦାଉଦ ଅଧିକ
ମାନ୍ୟ ପାଇଲେ।

### ଯୋନାଥନ ଦାଉଦଙ୍କୁ ସାହାଯ୍ୟ କଲେ

**19** ଶାଉଲ ଦାଉଦଙ୍କୁ ହତ୍ୟା କରିବା ପାଇଁ ତାଙ୍କର ପୁତ୍ର
ଯୋନାଥନ ଓ ତାଙ୍କର ଦାସମାନଙ୍କୁ କହିଲେ। କିନ୍ତୁ
ଯୋନାଥନ ଦାଉଦକୁ ବହୁତ ଭଲ ପାଉଥିଲେ। **2-3**ଯୋନାଥନ
ଦାଉଦଙ୍କୁ ସତର୍କ କରାଇ କହିଲା, "ମୋର ପିତା ତୁମ୍ଭକୁ
ମାରିବାକୁ ଚାହାଁନ୍ତି। ତୁମ୍ଭେ ପ୍ରାତଃକାଳରେ ସାବଧାନ ସହକାରେ
କୌଣସି ଜାଗାରେ ଲୁଚି ରୁହ। ତୁମେ ଯେଉଁଠାରେ ଲୁଚିଥିବ,
ମୁଁ ସେ ସ୍ଥାନ ନିକଟକୁ ଯାଇ ମୋର ପିତାଙ୍କ ସହିତ ତୁମ୍ଭ
ବିଷୟରେ କଥୋପକଥନ ହେବି। ଯଦି ମୁଁ କିଛି ଦେଖେ
ତେବେ ମୁଁ ତୁମ୍ଭକୁ ଜଣାଇବି।"

**4**ଯୋନାଥନ ତାଙ୍କର ପିତା ଶାଉଲଙ୍କ ସହିତ କଥା
ହେଲେ। ଯୋନାଥନ ଦାଉଦଙ୍କ ବିଷୟରେ ଭଲକଥା ତାଙ୍କ
ପିତାଙ୍କୁ କହିଲେ। ଯୋନାଥନ କହିଲେ, "ମହାରାଜ ଆପଣ
ଦାସ ଦାଉଦଙ୍କ ବିରୁଦ୍ଧରେ ପାପ କରନ୍ତୁ ନାହିଁ। କାରଣ ସେ
ଆପଣଙ୍କ ବିରୁଦ୍ଧରେ ପାପ କରିନାହିଁ। ତା'ର ସମସ୍ତ କର୍ମ
ଆପଣଙ୍କ ପକ୍ଷରେ ଅତି ମଙ୍ଗଳଜନକ ହୋଇଅଛି। **5**ସେ
ଆପଣା ପ୍ରାଣକୁ ବିପଦରେ ପକାଇ ପଲେଷ୍ଟୀୟକୁ ହତ୍ୟା
କଲା। ସେଥିରେ ସଦାପ୍ରଭୁ ସମୁଦାୟ ଇଶ୍ରାୟେଲ ନିମନ୍ତେ
ମହା ବିଜୟ ସାଧନ କଲେ। ଆପଣ ତାହା ଦେଖି ଆନନ୍ଦ
କରିଥିଲେ। ଏବେ ଆପଣ ବିନା କାରଣରେ ଦାଉଦକୁ ହତ୍ୟା
କରିବେ କାହିଁକି? ସେ ନିର୍ଦ୍ଦୋଷ, ତାକୁ ହତ୍ୟା କରିବାର
କିଛି କାରଣ ନାହିଁ।"

**6**ଶାଉଲ ଯୋନାଥନର କଥା ଶୁଣିଲେ ଓ ପ୍ରତିଜ୍ଞା
କଲେ। ସେ କହିଲେ, "ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ
ସେ ମରିବ ନାହିଁ।"

**7**ଯୋନାଥନ ଦାଉଦଙ୍କୁ ଡାକିଲା ଓ ତାଙ୍କୁ ସମସ୍ତ କଥା
ଶୁଣାଇଲା। ଯୋନାଥନ ଦାଉଦଙ୍କୁ ଶାଉଲଙ୍କ ନିକଟକୁ ଆଣିଲା,
ତହିଁରେ ଦାଉଦ ପୂର୍ବପରି ଶାଉଲଙ୍କ ପାଖରେ ରହିଲେ।

### ଶାଉଲ ଦାଉଦଙ୍କୁ ମାରିବାକୁ ପୁନର୍ବାର ଚେଷ୍ଟା କଲେ

8ପୁନର୍ବାର ଯୁଦ୍ଧ ହେଲା ତହିଁରେ ଦାଉଦ ବାହାରି
ପଲେଷ୍ଟୀୟମାନଙ୍କ ସଙ୍ଗେ ଯୁଦ୍ଧ କଲେ, ସେ ଏତେ ଜୋରରେ
ଆଘାତ କଲେ ଯେ, ପଲେଷ୍ଟୀୟମାନେ ଭୟରେ ଦୌଡ଼ି
ପଳାଇଲେ। 9କିନ୍ତୁ ଏକ ମନ୍ଦ ଆତ୍ମା ସଦାପ୍ରଭୁଙ୍କଠାରୁ
ଶାଉଲଙ୍କ ଉପରକୁ ଆସିଲା। ଶାଉଲ ତାଙ୍କ ନିଜ ଗୃହରେ
ବସିଥିଲେ। ଶାଉଲ ହାତରେ ବର୍ଚ୍ଛା ଧରିଥିଲେ। ଦାଉଦ
ଆପଣା ହସ୍ତରେ ବାଦ୍ୟ ବଜାଉ ଥିଲେ। 10ଶାଉଲ ବର୍ଚ୍ଛାରେ
ଦାଉଦଙ୍କୁ କାନ୍ଥରେ ଫୋଡ଼ି ପକାଇବାକୁ ଚାହିଁଥିଲେ, ମାତ୍ର
ସେ ଶାଉଲଙ୍କ ସମ୍ମୁଖରୁ ଘୁଞ୍ଚି ଯିବାରୁ ବର୍ଚ୍ଛା କାନ୍ଥରେ ଫୋଡ଼ି
ହୋଇଗଲା। ସେହି ରାତ୍ରିରେ ଦାଉଦ ପଳାୟନ କଲେ।

11ଶାଉଲ ଦାଉଦଙ୍କ ଘରକୁ ଲୋକ ପଠାଇଲେ। ଲୋକମାନେ
ଦାଉଦଙ୍କ ଗୃହକୁ ଜଗି ରହିଲେ। ସେମାନେ ସେଠାରେ ରାତ୍ରି
ତମାମ ଜଗି ରହିଲେ। ସେମାନେ ଦାଉଦଙ୍କୁ ସକାଳରେ
ମାରିଦେବା ପାଇଁ ଅପେକ୍ଷା କରିଥିଲେ, କିନ୍ତୁ ଦାଉଦଙ୍କ ସ୍ତ୍ରୀ
ମୀଖଲ ତାଙ୍କୁ ସତର୍କ କରାଇ ଦେଲା। ସେ କହିଲା, "ତୁମ୍ଭେ
ରାତ୍ରିରେ ପଳାୟନ କରି ଜୀବନ ରକ୍ଷା କର। ଯଦି ତୁମ୍ଭେ
ଏହା ନକର ତେବେ ସେମାନେ ତୁମ୍ଭକୁ ଆସନ୍ତା କାଲି
ମାରିଦେବେ।" 12ତା'ପରେ ମୀଖଲ ଦାଉଦଙ୍କୁ ଏକ ଝରକା
ଦେଇ ବାହାରକୁ ପଠାଇ ଦେଲେ। ଦାଉଦ ରକ୍ଷା ପାଇଗଲେ
ଏବଂ ଦୌଡ଼ି ପଳାଇ ଗଲେ। 13ମୀଖଲ ଗୃହର ଦେବତାଙ୍କୁ
ଲୁଗାରେ ଘୋଡ଼ାଇ ଦେଲା। ତା'ପରେ ସେ ପ୍ରତିମୂର୍ତ୍ତିକୁ ବିଛଣା
ମଧ୍ୟରେ ପୁରାଇ ଦେଲା। ସେ ମଧ୍ୟ ଛାଗ ଚମଡାକୁ ତହିଁର
ମସ୍ତକରେ ଘୋଡ଼ାଇ ଦେଲା।

14ଦାଉଦଙ୍କୁ ଧରିନେବା ପାଇଁ ଶାଉଲ ଦୂତମାନଙ୍କୁ ପଠାନ୍ତେ
ମୀଖଲ କହିଲା, "ସେ ପୀଡ଼ିତ ଅଛନ୍ତି।"

15ଶାଉଲ ଦାଉଦଙ୍କୁ ଦେଖିବା ପାଇଁ ଦୂତମାନଙ୍କୁ ପଠାଇ
କହିଲା, "ତାହାକୁ ଶଯ୍ୟାରେ ମୋ ପାଖକୁ ଆଣ। ମୁଁ ତାକୁ
ହତ୍ୟା କରିବି।"

16ଯେତେବେଳେ ଦୂତମାନେ ଗୃହ ଭିତରକୁ ଯାଇ ଦେଖନ୍ତେ,
ସେମାନେ ଶଯ୍ୟା ଉପରେ ପ୍ରତିମୂର୍ତ୍ତି ଦେବତା ଦେଖିଲେ ଓ
ତହିଁର ମସ୍ତକର ଛାଗ ଲୋମ ନିର୍ମିତ କମ୍ବଳ ଅଛି।

17ଶାଉଲ ମୀଖଲକୁ କହିଲେ, "ଏପରି କରି ତୁମ୍ଭେ
କାହିଁକି ମୋତେ ପ୍ରବଞ୍ଚନା କଲ? ମୋ ଶତ୍ରୁକୁ କାହିଁକି ତୁମ୍ଭେ
ଖସିଯିବାକୁ ଦେଲେ।"

ମୀଖଲ ଶାଉଲଙ୍କୁ ଉତ୍ତର ଦେଇ କହିଲା, "ସେ ମୋତେ କହିଲେ ମୋତେ ଛାଡ଼ି ଦିଅ, ତା ନହେଲେ ମୁଁ ତୁମ୍ଭକୁ ବଧ କରିବି?"

### ଦାଉଦ ରାମାସ୍ଥିତ ସେନାଛାଉଣୀକୁ ଗଲେ

18ଦାଉଦ ପଳାୟନ କରି ରକ୍ଷା ପାଇଲେ ଓ ରାମାରେ
ଶାମୁୟେଲ ନିକଟକୁ ଯାଇ ଶାଉଲ ତାଙ୍କ ପ୍ରତି ଯେଉଁ
ଆଚରଣ କରିଥିଲେ ତାହା କହିଲେ। ତେଣୁ ସେ ଓ
ଶାମୁୟେଲ ଯାଇ ନାୟୋତରେ ବାସ କଲେ।

19ଶାଉଲଙ୍କୁ ଜଣାଇ ଦିଆଗଲା, ଦେଖ ଦାଉଦ ରାମାସ୍ଥିତ
ନାୟୋତରେ ଅଛି। 20ତେଣୁ ଶାଉଲ ଦାଉଦଙ୍କୁ ଧରିବା ପାଇଁ
ଦୂତମାନଙ୍କୁ ପଠାଇଲେ। ମାତ୍ର ସେମାନେ ଭବିଷ୍ୟଦ୍‌ବକ୍ତା
ଦଳକୁ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରିବାର ଓ ସେମାନଙ୍କ
ଉପରେ ନିଯୁକ୍ତ ଶାମୁୟେଲଙ୍କୁ ଠିଆ ହେବାର ଦେଖନ୍ତେ
ପରମେଶ୍ୱରଙ୍କ ଆତ୍ମା ଶାଉଲଙ୍କର ଦୂତମାନଙ୍କ ଉପରକୁ ଆସିଲେ।
ତହିଁରେ ସେମାନେ ମଧ୍ୟ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କଲେ।

21ଏହିକଥା ଶାଉଲଙ୍କୁ ଜଣାଇ ଦିଆଯାନ୍ତେ ସେ ଅନ୍ୟ
ଦୂତମାନଙ୍କୁ ପଠାଇଲେ, ମାତ୍ର ସେମାନେ ମଧ୍ୟ ଭବିଷ୍ୟ୍‌ବାକ୍ୟ
ପ୍ରଚାର କଲେ, ଶାଉଲ ପୁନର୍ବାର ତୃତୀୟ ଥରପାଇ ଦୂତମାନଙ୍କୁ
ପଠାଇଲେ ଓ ସେମାନେ ମଧ୍ୟ ଭବିଷ୍ୟଦ୍‌ବାକ୍ୟ ପ୍ରଚାର
କଲେ। 22ଶେଷରେ ଶାଉଲ ନିଜେ ରାମାକୁ ଗଲେ ଓ
ସେଠାରେ ଥିବା ବୃହତ କୂପ ନିକଟରେ ଉପସ୍ଥିତ ହେଲେ,
ପୁଣି ସେ ପଚାରି କହିଲେ, "ଶାମୁୟେଲ ଓ ଦାଉଦ
କେଉଁଠାରେ ଅଛନ୍ତି?"

ଜଣେ କହିଲା, "ସେମାନେ ରାମାସ୍ଥିତ ନାୟୋତରେ ଅଛନ୍ତି।"

23ତେଣୁ ଶାଉଲ ରାମା ନିକଟସ୍ଥ ନାୟୋତକୁ ଗଲେ।
ତହିଁରେ ପରମେଶ୍ୱରଙ୍କ ଆତ୍ମା ତାଙ୍କ ଉପରକୁ ଆସନ୍ତେ ସେ
ଯାଉ ଯାଉ ରାମାସ୍ଥିତ ନାୟୋତରେ ଉପସ୍ଥିତ ହେବା ପର୍ଯ୍ୟନ୍ତ
ଭବିଷ୍ୟଦ୍‌ବାକ୍ୟ ପ୍ରଚାର କଲେ। 24ତା'ପରେ ଶାଉଲ ନିଜର
ବସ୍ତ୍ର ଉତାରିଲେ ଓ ଶାମୁୟେଲଙ୍କ ସମ୍ମୁଖରେ ଭବିଷ୍ୟଦ୍‌ବାକ୍ୟ
ପ୍ରଚାର କଲେ। ସେ ସେହି ଦିନଯାକ ଏବଂ ରାତ୍ରି ତମାମ
ପୋଷାକ ନ ପିନ୍ଧି ପଡ଼ି ରହିଲେ।

ତେଣୁ ଲୋକେ କହନ୍ତି, "ଶାଉଲ କି ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରେ ଜଣେ?"

### ଦାଉଦ ଓ ଯୋନାଥନ ଏକ ଚୁକ୍ତି କଲେ

20 ଦାଉଦ ନାୟୋତ ଠାରୁ ରାମାକୁ ପଳାୟନ କଲେ।
ଦାଉଦ ଯୋନାଥନଙ୍କ ପାଖକୁ ଯାଇ ପଚାରିଲେ, "ମୁଁ
କ'ଣ ଭୁଲ କଲି, ମୁଁ ତୁମ୍ଭ ପିତାଙ୍କ ବିରୁଦ୍ଧରେ କଣ ଦୋଷ
କରିଛି? ତୁମ୍ଭର ପିତା କାହିଁକି ମୋତେ ମାରିବାକୁ ଚାହୁଁଛନ୍ତି?"

2ଯୋନାଥନ ତାଙ୍କ ଉତ୍ତରରେ କହିଲେ, "ତାହା ସତ୍ୟ
ହୋଇ ପାରିବ ନାହିଁ। ମୋର ବାପା ମୋତେ ପ୍ରଥମେ ନ
ପଚାରି କିଛି କରନ୍ତି ନାହିଁ। ଏହା ସାଧାରଣ କଥା ହୋଇଥାଉ
କିମ୍ବା ଗୁରୁତ୍ୱପୂର୍ଣ୍ଣ କଥା ହୋଇଥାଉ, ସେ ସର୍ବଦା ମୋ ସହିତ
ପରାମର୍ଶ କରନ୍ତି। ମୋତେ ନ ପଚାରି କାହିଁକି ତୁମ୍ଭକୁ
ମାରିବାକୁ ଚାହିଁଲେ? ନା! ଏହା ସତ୍ୟ ନୁହେଁ?"

3କିନ୍ତୁ ଦାଉଦ ଉତ୍ତର ଦେଲେ, "ତୁମ୍ଭ ବାପା ଭଲଭାବରେ
ଜାଣନ୍ତି ଯେ ମୁଁ ତୁମ୍ଭର ସାଙ୍ଗ।" ତୁମ୍ଭ ବାପା ନିଜକୁ
କହିଲେ, 'ଯୋନାଥନ ନିଶ୍ଚୟ ଏହା ଜାଣି ନଥିବ। ଯଦି ସେ
ଜାଣେ ତା'ର ହୃଦୟ ଦୁଃଖରେ ପୂର୍ଣ୍ଣ ହୋଇଯିବ, ସେ ମଧ୍ୟ
ଦାଉଦଙ୍କୁ କହିପାରି ଥାନ୍ତେ।' କିନ୍ତୁ ତୁମ୍ଭେ ଏବଂ ପ୍ରଭୁ ଜୀବିତ
ଥିବାବେଳେ ମୁଁ ମୃତ୍ୟୁର ନିକଟତର ହେଉଅଛି।"

4ଯୋନାଥନ ଦାଉଦଙ୍କୁ କହିଲେ, "ତୁମ୍ଭେ ଯାହା ଚାହିଁବ
ମୁଁ ତାହା କରିବାକୁ ପ୍ରସ୍ତୁତ ଅଛି।"

5ତା'ପରେ ଦାଉଦ କହିଲେ, "ଦେଖ ଆସନ୍ତା କାଲି
ଅମାବାସ୍ୟାର ଭୋଜି। ମୋତେ କାଲି ରାଜାଙ୍କ ସହିତ
ଭୋଜନ କରିବାକୁ ପଡ଼ିବ କିନ୍ତୁ ମୋତେ ସନ୍ଧ୍ୟା ପର୍ଯ୍ୟନ୍ତ
କ୍ଷେତରେ ଲୁଚିବାକୁ ଅନୁମତି ଦିଅ। 6ଯଦି ତୁମ୍ଭର ବାପା
ଭୋଜିରେ ମୋର ଅନୁପସ୍ଥିତି ଲକ୍ଷ୍ୟ କରନ୍ତି, ତୁମ୍ଭେ ତାଙ୍କୁ

କୁହ, 'ଦାଉଦ ତା'ର ବୈଥଲେହମସ୍ଥିତ ତା'ର ପରିବାରର
ଗୃହକୁ ଯିବ ବୋଲି, ତାକୁ ଯିବାକୁ ଦେବା ପାଇଁ ଅନୁରୋଧ
କଲା। କାରଣ ତାଙ୍କର ପରିବାର ସେଠାରେ ସେମାନଙ୍କର
ବାର୍ଷିକ ବଳିଦାନ କରାଯିବ।' 7ଯଦି ତୁମ୍ଭର ବାପା କହନ୍ତି,
'ଠିକ୍ ଅଛି,' ମୁଁ ଏବେ ନିରାପଦ କିନ୍ତୁ ତୁମ୍ଭର ପିତା ଯଦି
ରାଗନ୍ତି, ତେବେ ତୁମ୍ଭେ ଜାଣିବ ଯେ ସେ ମୋତେ ମାରିବାକୁ
ସ୍ଥିର କରିଛନ୍ତି। 8ଯୋନାଥନ ମୋ ଉପରେ ଦୟାକର, ମୁଁ
ତୁମ୍ଭର ଦାସ ଅଟେ। ତୁମ୍ଭେ ମୋ ସହିତ ସଦାପ୍ରଭୁଙ୍କ
ସମ୍ମୁଖରେ ଏକ ଚୁକ୍ତି କଲ। ଯଦି ମୁଁ ଦୋଷି ତେବେ ତୁମ୍ଭେ
ମୋତେ ମାରି ଦିଅ। କିନ୍ତୁ ଦୟାକରି ମୋତେ ତୁମ୍ଭ
ପିତାଙ୍କ ପାଖକୁ ନିଅ ନାହିଁ।"
9ଯୋନାଥନ କହିଲେ, "କଦାପି ନୁହେଁ। ଯଦି ମୁଁ ଏହା
ଜାଣେ ଯେ ମୋର ବାପା ତୁମ୍ଭକୁ ମାରିବାକୁ ଯୋଜନା
କରିଛନ୍ତି ତେବେ ମୁଁ ତୁମ୍ଭକୁ ସତର୍କ କରାଇଦେବି।"
10ଦାଉଦ କହିଲେ, "କିଏ ମୋତେ ସତର୍କ କରାଇବ।
ଯଦି ତୁମ୍ଭର ବାପା ତୁମ୍ଭକୁ ରୁକ୍ଷ ଭାବରେ ଉତ୍ତର ଦିଅନ୍ତି?"
11ତା'ପରେ ଯୋନାଥନ କହିଲା, "ଆସ ଆମ୍ଭେ ବିଲକୁ
ପଳାଇବା," ଯୋନାଥନ ଏବଂ ଦାଉଦ ସାଥି ହୋଇ ବିଲକୁ
ପଳାଇ ଗଲେ।
12ଯୋନାଥନ ଦାଉଦଙ୍କୁ କହିଲେ, "ମୁଁ ସଦାପ୍ରଭୁ ଇସ୍ରାୟେଲର
ପରମେଶ୍ୱରଙ୍କ ସମ୍ମୁଖରେ ପ୍ରତିଜ୍ଞା କରୁଅଛି, ମୁଁ ମୋର
ବାପାଙ୍କଠାରୁ କାଲି ବୁଝିବି। ତାଙ୍କର ତୁମ୍ଭ ସମ୍ବନ୍ଧରେ ଧାରଣା
ଭଲ କି ତିକ୍ତ ତା'ପରେ ତୃତୀୟ ଦିନ ମୁଁ ତୁମ୍ଭ ପାଖକୁ
କ୍ଷେତକୁ ନିଶ୍ଚିତ ଖବର ପଠାଇବି। 13ଯଦି ମୋର ବାପା
ତୁମ୍ଭକୁ ହତ୍ୟା କରିବାକୁ ଚାହାଁନ୍ତି, ମୁଁ ତୁମ୍ଭକୁ ଜଣାଇ ଦେବି।
ମୁଁ ତୁମ୍ଭକୁ ନିରାପଦରେ ପଠାଇ ଦେବି। ମୁଁ ଯଦି ଏହା ନ
କରେ ସଦାପ୍ରଭୁ ମୋତେ ନିଶ୍ଚୟ ଦଣ୍ଡ ଦେବେ। ସଦାପ୍ରଭୁ
ଯେପରି ମୋର ବାପାଙ୍କ ସହିତ ଅଛନ୍ତି ସେହିପରି ତୁମ୍ଭ
ସହିତ ରୁହନ୍ତୁ। 14ମୁଁ ବଞ୍ଚିଥିବାଯାଏଁ ମୋତେ ଦୟା ଦେଖାଅ।
ଏବଂ ମୁଁ ମଲାପରେ, 15ମୋ ପରିବାର ପ୍ରତି ତୁମ୍ଭର ଦୟା
ଦେଖାଇବା ବନ୍ଦ କରିବ ନାହିଁ। ସଦାପ୍ରଭୁ ତୁମ୍ଭର ସମସ୍ତ
ଶତ୍ରୁଙ୍କୁ ପୃଥିବୀରୁ ବିନାଶ କରିବେ। 16ତେଣୁ ଯୋନାଥନ
ଦାଉଦଙ୍କ ସହିତ ଏକ ଚୁକ୍ତି କଲେ, ସଦାପ୍ରଭୁ ଦାଉଦଙ୍କର
ଶତ୍ରୁମାନଙ୍କୁ ଦଣ୍ଡ ଦିଅନ୍ତୁ।"
17ତା'ପରେ ଯୋନାଥନ ଦାଉଦଙ୍କୁ ସ୍ନେହ କରିବାରୁ ତା'ର
ପ୍ରତିଜ୍ଞା ଦୋହୋରାଇଲେ ଓ ସେ ତାଙ୍କୁ କରିଥିବା ପ୍ରତିଜ୍ଞା
ପୁନର୍ବାର ସତ୍ୟତା ପ୍ରମାଣ କରାଇବାକୁ ଦାଉଦଙ୍କୁ ପଚାରିଲେ।
ଯୋନାଥନ ଏପରି କଲା କାରଣ ସେ ନିଜକୁ ଯେତିକି ଭଲ
ପାଉଥିଲେ ଦାଉଦଙ୍କୁ ମଧ୍ୟ ସେହିପରି ଭଲ ପାଉଥିଲେ।
18ଯୋନାଥନ ଦାଉଦଙ୍କୁ କହିଲା, "ଆସନ୍ତାକାଲି ଅମାବାସ୍ୟା।
ତୁମ୍ଭର ଆସନ ଖାଲି ହେଲେ ମୋ ବାପା ତୁମ୍ଭକୁ ଖୋଜିବେ।
19ତୃତୀୟ ଦିନ ସେହି ସ୍ଥାନକୁ ଯାଅ, ଯେଉଁଠାରେ ତୁମ୍ଭେ
ଲୁଚି ରହିଥିଲ। ଯେତେବେଳେ ଅସୁବିଧା କେବଳ ଆରମ୍ଭ
ହେବ, ସେ ପର୍ବତ ପାଖରେ ଅପେକ୍ଷାରେ ରହିବ। 20ତୃତୀୟ
ଦିନ ମୁଁ ସେହି ପର୍ବତପାଖକୁ ଯିବି ଏବଂ ମୁଁ ଅଭିନୟ କରିବି
ଯେପରି ମୁଁ ଲକ୍ଷ୍ୟକରି ତୀର ମାରିବି। 21ତା'ପରେ ମୁଁ ସେ
ପିଲାକୁ ତୀରଗୁଡ଼ିକ ସାଉଁଟି ଆଣିବା ପାଇଁ କହିବି। ଯଦି
ସବୁକଥା ଭଲ ଥାଏ, ତେବେ ମୁଁ ସେ ପିଲାକୁ କହିବି,
'ତୁମ୍ଭେ ବହୁତ ଦୂରକୁ ଯାଇଅଛ ତୀରଗୁଡ଼ିକ ମୋ ପାଖାପାଖି
ଅଛି। ଫେରିଆସ ଏବଂ ସେଗୁଡ଼ିକ ସଂଗ୍ରହ କର।' ଯଦି ମୁଁ
ଏହା କହେ, ତେବେ ତୁମ୍ଭେ ସେଠାରୁ ବାହାରି ଆସିବ। ମୁଁ
ପ୍ରତିଜ୍ଞା କରୁଛି, ସଦାପ୍ରଭୁ ଜୀବିତ ଥିବା ପର୍ଯ୍ୟନ୍ତ ତୁମ୍ଭେ
ନିରାପଦ, ତୁମ୍ଭ ଉପରେ ବିପଦ ନାହିଁ। 22ଯଦି ଅସୁବିଧା
ଥାଏ ତେବେ ମୁଁ ସେ ବାଳକକୁ କହିବି, 'ତୀରଗୁଡ଼ିକ ବହୁତ
ଦୂର ପଳାଇଛି। ଯାଅ ସେଗୁଡ଼ିକୁ ସଂଗ୍ରହ କର।' ଯଦି ମୁଁ
ଏହା କହେ, ତେବେ ତୁମ୍ଭେ ସେ ସ୍ଥାନ ଛାଡ଼ି ପଳାଇ ଯିବ।
ସଦାପ୍ରଭୁ ତୁମ୍ଭକୁ ଦୂରକୁ ପଠାଇ ଦେବେ। 23ପ୍ରଭୁ ଆମର
ସର୍ବଦା ସାକ୍ଷୀ ଅଛନ୍ତି, ଯେ ମନେରଖ ଆମ ଭିତରେ ଏପରି
ଚୁକ୍ତି ହୋଇଛି।"
24ତା'ପରେ ଦାଉଦ ନିଜକୁ ଲୁଚାଇ ରଖିଲେ।

### ଶାଉଲଙ୍କର ଭୋଜିରେ ଲକ୍ଷ୍ୟ

ଅମାବାସ୍ୟା ଭୋଜିଦିନ ରାଜା ଆସିଲେ ଏବଂ ଭୋଜନ
ପାଇଁ ବସିଲେ। 25ରାଜା ସବୁଥର ବସିଲାପରି କାନ୍ଥ ନିକଟରେ
ଥିବା ଆସନରେ ବସିଲେ। ଯୋନାଥନ ଶାଉଲଙ୍କୁ ମୁହଁ କରି
ବସିଲା। ଅବନର ଶାଉଲଙ୍କ ପାଖକୁ ବସିଲେ। ଦାଉଦଙ୍କର
ସ୍ଥାନ ଶୂନ୍ୟ ରହିଲା। 26ସେଦିନ ଶାଉଲ କିଛି କହିଲେ
ନାହିଁ। ସେ ଚିନ୍ତା କଲେ, "ଦାଉଦର କିଛି ହୋଇଛି। ସେ
ପ୍ରାୟ ଶୁଚି ନାହିଁ।"
27ତା'ପରଦିନ ମାସର ଦ୍ୱିତୀୟ ଦିନ ଦାଉଦର ସ୍ଥାନ ମଧ୍ୟ
ଶୂନ୍ୟ ରହିଲା। ତା'ପରେ ଶାଉଲ ତାଙ୍କର ପୁତ୍ର ଯୋନାଥନଙ୍କୁ
ପଚାରିଲେ, "କାହିଁକି ଯିଶୀର ପୁଅ ଗତକାଲି ଏବଂ ଆଜି
ଏଠାକୁ ଭୋଜନ କରିବାକୁ ଆସିଲେ ନାହିଁ?"
28ଯୋନାଥନ ଉତ୍ତର ଦେଲା, "ଦାଉଦ ବେଥେଲହମକୁ
ଯିବା ପାଇଁ ମୋତେ କହିଲେ। 29ସେ କହିଲେ, 'ମୋତେ
ଯିବାକୁ ଦିଅ ଆମର ପରିବାର ଏକ ବଳିଦାନ ହେବାର ଅଛି
ବୈଥଲେହମରେ। ମୋର ଭାଇ ମୋତେ ଆଦେଶ ଦେଇଛନ୍ତି
ସେଠାକୁ ଯିବା ପାଇଁ। ମୁଁ ଯଦି ତୁମ୍ଭର ବନ୍ଧୁ ତେବେ ମୋତେ
ଯିବାକୁ ଦିଅନ୍ତୁ ଏବଂ ମୁଁ ମୋର ଭାଇମାନଙ୍କୁ ଦେଖେ।'
ଏଥିପାଇଁ ପ୍ରାୟ ଦାଉଦ ରାଜାଙ୍କ ଟେବୁଲ ପାଖକୁ ଆସି
ନାହିଁ।"
30ଶାଉଲ ଯୋନାଥନ ଉପରେ ଭୟଙ୍କର ରାଗିଲେ। ସେ
ଯୋନାଥନଙ୍କୁ କହିଲେ, "ତୁ ହେଉଛୁ ଜଣେ ଦାସୀ ସ୍ତ୍ରୀ
ଲୋକର ପୁତ୍ର। ଯିଏକି ମାନିବା ପାଇଁ ମନାକରେ। ତୁବି ଠିକ୍
ତା'ପରି, ମୁଁ ଜାଣେ ତୁ ଦାଉଦର ପକ୍ଷ ନେଇଛୁ। ତୁ ନିଜ
ପାଇଁ ଓ ତୋର ମାଆ ପାଇଁ ଅପମାନ ଆଣୁଛୁ। 31ଯିଶୀର
ପୁତ୍ର ଏ ପୃଥିବୀରେ ଯେତେ ଦିନ ବଞ୍ଚିଥାଏ ସେତେ ଦିନ
ପର୍ଯ୍ୟନ୍ତ ତୋର ରାଜ୍ୟ ଠିକ୍ ହେବ ନାହିଁ। ତେଣୁ ଲୋକ
ପଠାଇ ତାକୁ ମୋ ପାଖକୁ ଆଣ କାରଣ ସେ ନିଶ୍ଚୟ
ମରିବ।"
32ଯୋନାଥନ ତା'ର ପିତାଙ୍କୁ ପଚାରିଲା, "ଦାଉଦକୁ କାହିଁକି
ମାରିବ? ତା'ର ଅପରାଧ କ'ଣ?"
33କିନ୍ତୁ ଶାଉଲ ଯୋନାଥନଙ୍କୁ ମାରିବା ପାଇଁ ତା
ଉପରକୁ ବର୍ଚ୍ଛା ଫୋପାଡ଼ିଲେ। ତେଣୁ ଯୋନାଥନ ଜାଣିଲା

ତାଙ୍କ ବାପା ଦାଉଦଙ୍କୁ ମାରବା ପାଇଁ ବହୁତ ଆଗ୍ରହୀ।
34ଯୋନାଥନ ବହୁତ ରାଗିଗଲା ଓ ଖାଇବା ଟେବୁଲ ପାଖରୁ
ଉଠିଗଲା। ଯୋନାଥନ ତାଙ୍କ ପିତାଙ୍କ ଉପରେ ରାଗିଗଲା ଓ
ଦ୍ୱିତୀୟଦନ ଭୋଜିରେ କଛ ଖାଇଲା ନାହିଁ। ଯୋନାଥନ
ରାଗିଲେ କାରଣ ଶାଉଲ ତାଙ୍କୁ ଅପମାନତ କଲେ ଆଉ ମଧ
ଶାଉଲ ଦାଉଦଙ୍କୁ ମାରବାକୁ ଚାହୁଁଥିଲେ।

### ଦାଉଦ ଏବଂ ଯୋନାଥନ ଉଭୟେ ବଦାୟ ନେଲେ

35ତା'ପରଦନ ସକାଳେ ଯୋନାଥନ ସେହ କ୍ଷେତକୁ
ଗଲା। ସେମାନଙ୍କର ଯୋଜନା ଅନୁସାରେ ସେ ଦାଉଦଙ୍କୁ
ସାକ୍ଷାତ କରବାକୁ ଗଲା। ଯୋନାଥନ ତା' ସହତ ଏକ ଛୋଟ
ବାଳକକୁ ମଧ ନେଲା। 36ଯୋନାଥନ ସେହ ବାଳକକୁ
କହଲା, "ତୁମ୍ଭେ ଦୌଡ଼ ମୁଁ ଯେଉଁ ତୀର ମାରଲ ସେଗୁଡ଼କୁ
ଗୋଟାଇ ଆଣ।" ବାଳକଟି ଦୌଡ଼ବାକୁ ଲାଗିଲା ଏବଂ
ଯୋନାଥନ ସେ ବାଳକ ମୁଣ୍ଡ ଉପରେ ତୀରଗୁଡକୁ ମାରଲେ।
37ବାଳକଟି ତୀର ପଡ଼ଥିବା ସ୍ଥାନ ପାଖକୁ ଗଲା। କନ୍ତୁ
ଯୋନାଥନ ତାଙ୍କୁ ଡାକଲା, "ତୀରଗୁଡ଼ାକ ତୋ ଆଗରେ
ପଡ଼ଛ।" 38ଯୋନାଥନ ଚତ୍କାର କର କହଲା, "ଶିଘ୍ର ଦୌଡ
ଓ ସେଗୁଡ଼କୁ ସଂଗ୍ରହ କର। ସେଠାରେ ଛଡ଼ା ହୁଅ ନାହିଁ।"
ବାଳକଟି ତୀରଗୁଡ଼କୁ ସଂଗ୍ରହ କଲା ଓ ତା'ର ମୁନୀବକୁ ଆଣି
ଦେଲା। 39କ'ଣ ଘଟୁଥିଲା ବାଳକଟି ଏ ବଷୟରେ କଛ
ଜାଣି ନଥିଲା। କେବଳ ଯୋନାଥନ ଓ ଦାଉଦ ଏକଥା
ଜାଣିଥିଲେ। 40ଯୋନାଥନ ବାଳକଟିକୁ ଧନୁ ଏବଂ ତୀରଗୁଡକ
ଦେଲେ। ତା'ପରେ ସେ ବାଳକକୁ କହଲେ, "ସହରକୁ
ଫେରଯାଅ।"

41ଯେତେବେଳେ ବାଳକଟି ପଳାଇଗଲା, ଦାଉଦ ଲୁଚଥିବା
ସ୍ଥାନରୁ ପର୍ବତର ଅପରପାର୍ଶ୍ୱକୁ ପଳାଇଲା। ଦାଉଦ ମୁଣ୍ଡ
ନୁଆଇଁ ଯୋନାଥନକୁ ତିନଥର ପ୍ରଣାମ କଲା। ଦାଉଦ ଓ
ଯୋନାଥନ ପରସ୍ପରକୁ ଚୁମ୍ବନ କଲେ। ସେମାନେ ଉଭୟ
ମଧ କାନ୍ଦିଲେ। କନ୍ତୁ ଦାଉଦ ଯୋନାଥନଙ୍କଠାରୁ ଅଧିକ
କାନ୍ଦିଲେ।

42ଯୋନାଥନ ଦାଉଦଙ୍କୁ କହଲେ, "ତୁମ୍ଭେ ଶାନ୍ତିରେ
ଯାଅ। ଆମ୍ଭେ ଓ ସଦାପ୍ରଭୁଙ୍କ ନକଟରେ ଶପଥ କରଛୁ,
ଆମ୍ଭେ ସର୍ବଦା ବନ୍ଧୁ ହୋଇ ରହବା। ଆମ୍ଭେ କହଲୁ ଯେ,
ଆମ୍ଭେ ଓ ଆମ୍ଭ ସଦାପ୍ରଭୁ ଚରଦନ ପାଇଁ ଆମ୍ଭ ଓ ଆମ୍ଭର
ବଂଶଧରମାନଙ୍କର ସାକ୍ଷୀ।"

### ଦାଉଦ ଯାଜକ ଅହୀମେଲକଙ୍କୁ ଦେଖିବାକୁ ଗଲେ

21 ତା'ପରେ ଦାଉଦ ପଳାଇଲେ ଏବଂ ଯୋନାଥନ
ସହରକୁ ଫେରଗଲେ। 2ଦାଉଦ ନୋବକୁ ଗଲେ।
ଯାଜକ ଅହୀମେଲକକୁ ଦେଖା କରବାକୁ ଗଲେ।

ଅହୀମେଲକ ଦାଉଦକୁ ଦେଖିବା ପାଇଁ ବାହାରକୁ ଆସିଲେ
ଓ ସେ ଭୟରେ ଥରୁଥିଲେ। ଅହୀମେଲକ ଦାଉଦଙ୍କୁ
ପଚାରଲେ, "ତୁମ୍ଭେ କାହିଁକ ଏକା ଆସିଛ? ତୁମ୍ଭ ସହତ ଆଉ
କେହ ଆସିଲେ ନାହିଁ କାହିଁକ?"

3ଦାଉଦ ଅହୀମେଲକକୁ କହଲେ, "ରାଜା ମୋତେ ଏକ
ଗୁରୁତର ଆଦେଶ ସହ ପଠାଇଛନ୍ତି। ସେ ମୋତେ କହଲେ,
'ଏ ଅଭିଯାନ ଆଉ କାହାକୁ ଜଣାଇବ ନାହିଁ। ମୁଁ ତୁମ୍ଭକୁ
ଯାହା କରବାକୁ କହଲ, କୌଣସି ଲୋକ ଏକଥା ଜାଣିବା
ଉଚତ୍ ନୁହେଁ।' କେଉଁଠାରେ ମୋତେ ଦେଖା କରବା ପାଇଁ
ମୁଁ ମୋ ଲୋକମାନଙ୍କୁ କହଛ। 4ତୁମ୍ଭ ପାଖରେ ବର୍ତ୍ତମାନ କ
ଖାଦ୍ୟ ଅଛ? ମୋତେ ବର୍ତ୍ତମାନ ପାଞ୍ଚଟି ରୋଟୀ ଦଅ କମ୍ବା
ଯାହାକଛ ଅଛ ମୋତେ ଖାଇବାକୁ ଦଅ।"

5ଯାଜକ ଦାଉଦଙ୍କୁ କହଲେ, "ମୋ ପାଖରେ ଏଠାରେ
ସାଧାରଣ ରୋଟୀ ନାହିଁ। ମୋ ପାଖରେ କଛ ପବତ୍ର ରୋଟୀ
ଅଛ। ତୁମ୍ଭର ଦାସମାନେ ଏ ରୋଟୀ ଖାଇପାରବେ ଯଦ
ସେମାନେ କୌଣସି ସ୍ତ୍ରୀଲୋକମାନଙ୍କ ସହତ ଯଦ ଯୌନ
ସମ୍ପର୍କ ରଖି ନ ଥିବେ।"

6ଦାଉଦ ଯାଜକଙ୍କୁ ଉତ୍ତର ଦେଲେ, "ଆମ୍ଭମାନଙ୍କର
କୌଣସି ସ୍ତ୍ରୀଲୋକମାନଙ୍କ ସହତ ଯୌନ ସମ୍ପର୍କ ନାହିଁ।
ମୋର ଲୋକମାନେ ସର୍ବଦା ଶରୀରକୁ ପବତ୍ର ରଖିଥାନ୍ତି।
ଯେତେବେଳେ ଆମ୍ଭେ ଯୁଦ୍ଧକୁ ଯାଉ ଏପରକ କେବଳ
ସାଧାରଣ ଅଭିଯାନ ହେଲେବ ଏବଂ ଆଜି ତ ଏକ ସ୍ୱତନ୍ତ୍ର
ଦନ ଅଟେ, କାରଣ ଆମର ଅଭିଯାନ ଆଜି ବହୁତ ସ୍ୱତନ୍ତ୍ର।"

7ଏଠାରେ ପବତ୍ର ରୋଟୀ ଛଡ଼ା ଆଉ କୌଣସି ରୋଟୀ
ନାହିଁ। ତେଣୁ ଯାଜକ ଦାଉଦକୁ ଏହ ପବତ୍ର ରୋଟୀ
ଦେଲେ। ଏହ ପବତ୍ର ରୋଟୀସବୁକୁ ସଦାପ୍ରଭୁଙ୍କ ସମ୍ମୁଖରେ
ଟେବୁଲ ଉପରେ ରଖିଥିଲେ। ପ୍ରତ୍ୟେକ ଦନ ସେ ଏହ
ରୋଟୀ ସେଠାରୁ କାଢ଼ି ନେଇ ତଟକା ରୋଟୀ ସେହଠାରେ
ରଖନ୍ତି।

8ସେଦନ ଶାଉଲଙ୍କ ଦାସମାନଙ୍କ ମଧରୁ ଜଣେ ଦାସ
ସେଠାରେ ଥିଲା। ସେ ଥିଲେ ଇଦୋମୀୟ ଦୋୟେଗ।
ଦୋୟେଗ ଥିଲା ଶାଉଲଙ୍କର ପଶୁପାଳକମାନଙ୍କର ମୁଖ୍ୟ।
ଦୋୟେଗକୁ ସଦାପ୍ରଭୁଙ୍କ ସମ୍ମୁଖରେ ଅଟକାଇ ରଖା ଯାଇଥିଲା*।
9ଦାଉଦ ଅହୀମେଲକକୁ କହଲେ, "ଏଠାରେ ତୁମ୍ଭ ହାତରେ
ଖଣ୍ଡା କମ୍ବା ବର୍ଚ୍ଛା ନାହିଁତ? ମୁଁ ଆପଣା ଖଡ୍ଗ ବା ଅସ୍ତ୍ରଶସ୍ତ୍ର
ସାଥିରେ ଆଣି ନାହିଁ। ଯେଣୁ ରାଜାଙ୍କ ଅଭିଯାନ ଶିଘ୍ର
କରବାକୁ ପଡ଼ବ।"

10ଯାଜକ ଉତ୍ତର ଦେଲେ, "ଏଠାରେ ଗୋଟିଏ ଖଣ୍ଡା
ଅଛ, ଯାହାକ ପଲେଷ୍ଟୀୟ ଗଲୟାତର ଅଟେ। ଏହାକୁ ତୁମ୍ଭେ
ତାକୁ ଏଲାୟ ଉପତ୍ୟକାରେ ହତ୍ୟା କରବା ସମୟରେ
ଆଣିଥିଲ। ତାହା ସେ ଏଫୋଦ ପଛରେ ବସ୍ତ୍ର ଗୁଡାହୋଇ
ରଖା ଯାଇଛ। ଏହାକୁ ତୁମ୍ଭେ ନେଇପାର ଯଦ ତୁମ୍ଭେ ଚାହିଁ।"

ଦାଉଦ ଉତ୍ତର ଦେଲେ, "ଏହାକୁ ମୋତେ ଦଅ।
ଗଲୟାତର ଖଣ୍ଡାପର ଏପର ଖଣ୍ଡା ଆଉ ନାହିଁ।"

### ଦାଉଦ ଗାଥର ଶତ୍ରୁ ନକଟକୁ ପଳାୟନ କଲେ

11ସେହଦନ ଦାଉଦ ଶାଉଲଙ୍କଠାରୁ ପଳାୟନ କଲେ।
ଦାଉଦ ଗାଥର ରାଜା ଆଖୀଶଙ୍କ ନକଟକୁ ପଳାଇଲେ।
12ଆଖୀଶଙ୍କର ଦାସମାନେ ଏହାକୁ ପସନ୍ଦ କଲେ ନାହିଁ।
ସେମାନେ କହଲେ, "ଦାଉଦ ହେଉଛନ୍ତି ଇସ୍ରାୟେଲ ଭୂଖଣ୍ଡର

---

**ଦୋୟଗ ... ଯାଇଥିଲା** ଏହାର ଅର୍ଥ ଦୋୟଗ ପରମେଶ୍ୱରଙ୍କୁ ଏକ ବଶେଷ ପ୍ରତିଜ୍ଞା ବବେଚନା କରଥିଲେ କମ୍ବା ଅନ୍ୟ କେତେକ ଧର୍ମ ଉଦ୍ଦେଶ୍ୟ ପାଇଁ।

ରାଜା। ଇଶ୍ରାୟେଲର ଲୋକମାନେ ତାଙ୍କ ବିଷୟରେ ନାଚ
ନାଚ ଗୀତ ଗାଇ ଏହା କହିଲେ। ସେ ଲୋକମାନେ
ଦାଉଦଙ୍କ ବିଷୟରେ ପରସ୍ପର ନାଚକରି କହିଥିଲେ,

"ଶାଉଲ ହତ୍ୟା କଲେ ସହସ୍ର ସହସ୍ର
ଦାଉଦ ହତ୍ୟା କଲେ ଅୟୁତ ଅୟୁତ।"

13ସେମାନେ ଯାହା କହୁଥିଲେ ସେସବୁକୁ ଦାଉଦ ବହୁତ
ଧ୍ୟାନ ଦେଉଥିଲେ। ଗାଥର ରାଜା ଆଖୀଶଙ୍କୁ ଦାଉଦ ଭୟ
କରିଗଲେ। 14ତେଣୁ ଦାଉଦ ନିଜର ବ୍ୟବହାର ବଦଳାଇ
ଦେଲେ ଓ ସେମାନଙ୍କ ନିକଟରେ ଅତି ବାତୁଳ ପରି
ଦେଖାଇ କବାଟକୁ ଆଞ୍ଚୁଡ଼ିଲେ ଓ ତାଙ୍କର ଲାଳ ଦାଢ଼ି ବାଟେ
ମଧ୍ୟ ବହିବାକୁ ଲାଗିଲା।

15ଆଖୀଶ ଦାସମାନଙ୍କୁ କହିଲେ, "ଏ ଲୋକଟିକୁ ଦେଖ,
ସେ ଗୋଟିଏ ବାତୁଳ; କାହିଁକି ତୁମ୍ଭେମାନେ ତାକୁ ମୋ
ପାଖକୁ ଆଣିଲ। 16ସେ କହିଲେ, ମୋର ବହୁତ ବାତୁଳ
ଲୋକ ଏଠାରେ ଅଛନ୍ତି। ତୁମ୍ଭେ ତାଙ୍କୁ କାହିଁକି ଏଠାକୁ
ପାଗଳାମି କରିବା ପାଇଁ ଆଣିଛ? ଏପରି ଲୋକକୁ ମୋ
ଘରକୁ ଆଉଥରେ ଆଣିବ ନାହିଁ।"

## ଦାଉଦ ଭିନ୍ନ ଭିନ୍ନ ସ୍ଥାନମାନଙ୍କୁ ଗଲେ

22 ଦାଉଦ ଗାଥ ପରିତ୍ୟାଗ କଲେ। ସେ ସେଠାରୁ
ଅଦୁଲ୍ଲମ ଗୁମ୍ଫାକୁ ପଳାଇଲେ। ଦାଉଦର ଭାଇମାନେ
ଓ ସମ୍ପର୍କୀୟମାନେ ମଧ୍ୟ ଜାଣିଲେ ଯେ ସେ ଅଦୁଲ୍ଲମରେ
ଅଛନ୍ତି। ସେମାନେ ସେଠାକୁ ଦାଉଦଙ୍କୁ ଦେଖା କରିବାକୁ
ଗଲେ। 2ଦାଉଦଙ୍କ ସହିତ ବହୁତ ଲୋକ ଥିଲେ ଯେଉଁମାନେ
ବିପଦରେ ଥିଲେ, ଯେଉଁମାନେ ଋଣଗ୍ରସ୍ତ ଥିଲେ, ଆଉ
ଯେଉଁମାନେ ଜୀବନରେ ଶାନ୍ତି ପାଇନାହାଁନ୍ତି, ଏହିପରି ଲୋକମାନେ
ଦାଉଦଙ୍କ ସାଥି ହେଲେ। ଏହିପରି ଭାବରେ ଦାଉଦ 400
ଲୋକଙ୍କର ନେତା ହେଲେ।

3ଦାଉଦ ଅଦୁଲ୍ଲମ ଛାଡ଼ି ମୋୟାବ ଦେଶର ମିସ୍‌ପୀକୁ
ଗଲେ। ଦାଉଦ ମୋୟାବର ରାଜାଙ୍କୁ କହିଲେ, "ମୁଁ ଆପଣଙ୍କୁ
ଅନୁରୋଧ କରି କହୁଛି, ମୋର ପିତାମାତାଙ୍କୁ ତୁମ୍ଭମାନଙ୍କ
ମଧ୍ୟରେ ରହିବାକୁ ଦିଅ। ପରମେଶ୍ୱର ମୋ ଉପରେ କ'ଣ
କରିବେ ମୋର ଜାଣିବା ପର୍ଯ୍ୟନ୍ତ ସେମାନଙ୍କୁ ଏଠାରେ
ରହିବାକୁ ଦିଅ।" 4ତେଣୁ ଦାଉଦ ତାଙ୍କର ପିତାମାତାଙ୍କୁ
ମୋୟାବର ରାଜାଙ୍କ ନିକଟରେ ଛାଡି ଗଲେ। ଯେତେଦିନ
ଯାଏ ଦାଉଦ ସେହି ଦୁର୍ଗରେ ବାସ କଲେ, ସେ ପର୍ଯ୍ୟନ୍ତ
ସେମାନେ ମୋୟାବର ରାଜାଙ୍କ ସହିତ ରହିଲେ।

5କିନ୍ତୁ ଭବିଷ୍ୟଦ୍‌ବକ୍ତା ଗାଦ ଦାଉଦଙ୍କୁ କହିଲେ, "ତୁମ୍ଭେ
ଏହି ଦୁର୍ଗରେ ରୁହ ନାହିଁ। ତୁମ୍ଭେ ଯିହୁଦାକୁ ଯାଅ।" ତେଣୁ
ଦାଉଦ ସେସ୍ଥାନ ପରିତ୍ୟାଗ କରି ହେରତ୍ ବଣକୁ ଗଲେ।

## ଶାଉଲ ଅହୀମେଲକ ପରିବାରକୁ ହତ୍ୟା କଲେ

6ଶାଉଲ ଜାଣିବାକୁ ପାଇଲେ ଯେ, ତାଙ୍କର ଲୋକମାନେ
ଦାଉଦ ଓ ତାଙ୍କର ସାଥୀ ଲୋକମାନଙ୍କ ବିଷୟରେ ଜାଣିବାକୁ
ପାଇଲେ ଯେ ସେମାନେ କେଉଁଠାରେ ଅଛନ୍ତି। ଏହି ସମୟରେ
ଶାଉଲ ନିଜ ହସ୍ତରେ ବର୍ଚ୍ଛା ଧରି ଗିବୟାସ୍ଥିତ ରାମାର ଏକ
ଗଛ ମୂଳରେ ବସି ରହିଲେ। ଏବଂ ତାଙ୍କର ଦାସମାନେ ତାଙ୍କୁ
ଘେରି ରହିଥିଲେ। 7ଶାଉଲ ତାଙ୍କ ଦାସମାନଙ୍କୁ କହିଲେ,
"ହେ ବିନ୍ୟାମୀନୀୟ ଲୋକମାନେ, ଶୁଣ ଯିଶୀର ପୁତ୍ର କ'ଣ
ତୁମ୍ଭ ପ୍ରତି ଜଣଙ୍କୁ କ୍ଷେତ୍ର ଓ ଦ୍ରାକ୍ଷାକ୍ଷେତ୍ର ଦେବ? ସେ କ'ଣ
ତୁମ୍ଭ ସମସ୍ତଙ୍କୁ ସହସ୍ରପତି ଓ ଶତପତି କରିବ? 8ଏଥିପାଇଁ
ତୁମ୍ଭେ କ'ଣ ସମସ୍ତେ ମୋର ବିରୁଦ୍ଧରେ କୁମନ୍ତ୍ରଣା କରୁଅଛ?
ଆଉ ତୁମ୍ଭମାନଙ୍କ ମଧ୍ୟରୁ ମୋତେ କେହି କହିଲ ନାହିଁ
ଯେତେବେଳେ ମୋର ପୁତ୍ର ଯିଶୀର ପୁତ୍ର ସହିତ ନିୟମ
କଲା, ତୁମ୍ଭମାନଙ୍କ ମଧ୍ୟରୁ କେହି ମୋ କଥା ଚିନ୍ତା କଲନାହିଁ।
ଯେତେବେଳେ ମୋର ପୁତ୍ର ଦାଉଦକୁ ଓ ସେବକମାନଙ୍କୁ ମୋ
ବିରୁଦ୍ଧରେ ଉତ୍ତେଜିତ କଲା ମୋ ବିରୁଦ୍ଧରେ କାର୍ଯ୍ୟ କରିବା
ପାଇଁ ଏବଂ ଲୁଚି କରି ମୋତେ ଆକ୍ରମଣ କରିବା ପାଇଁ।"

9ଶାଉଲଙ୍କର ଦାସ ନିକଟରେ ଛିଡା ହୋଇଥିବା ଇଦୋମୀୟ
ଦୋୟେଗ ଉତ୍ତର ଦେଲେ, "ମୁଁ ଯିଶୀର ପୁତ୍ରକୁ ନୋବରେ
ଅହୀଟୂବର ପୁତ୍ର ଅହୀମେଲକ୍ ନିକଟକୁ ଯିବାର ଦେଖିଥିଲି।
10ଅହୀମେଲକ ଦାଉଦଙ୍କ ନିମନ୍ତେ ସଦାପ୍ରଭୁଙ୍କ ନିକଟରେ
ପ୍ରାର୍ଥନା କଲା ଓ ତାହାକୁ ଖାଦ୍ୟ ଦ୍ରବ୍ୟ ଓ ପଲେଷ୍ଟୀୟର
ଖଣ୍ଡା ଦେଲେ।"

11ତେଣୁ ରାଜା ଅହୀଟୂବର ପୁତ୍ର ଅହୀମେଲକ ଯାଜକକୁ
ଓ ନୋବ ନିବାସୀ ତା'ର ପିତୃବଂଶୀୟ ସମସ୍ତ ଯାଜକକୁ
ଡାକିବା ପାଇଁ ଲୋକ ପଠାଇଲେ, ତହିଁରେ ସମସ୍ତେ ରାଜାଙ୍କ
ନିକଟକୁ ଆସିଲେ। 12ଏଥିରେ ଶାଉଲ କହିଲେ, "ହେ
ଅହୀଟୂବର ପୁତ୍ର, ତୁମ୍ଭେ ଶୁଣ,"

ସେ ଉତ୍ତର ଦେଲା, "ହେ ମୋର ପ୍ରଭୁ ମୁଁ ଏଠାରେ
ଅଛି।"

13ପୁଣି ଶାଉଲ ତାଙ୍କୁ କହିଲେ, "ତୁମ୍ଭେ ଓ ଯିଶୀର ପୁତ୍ର
କାହିଁକି ମୋ ବିରୁଦ୍ଧରେ କୁମନ୍ତ୍ରଣା କରିଅଛ? ଆଜିପରି
ଯିଶୀର ପୁତ୍ର ମୋ ବିରୁଦ୍ଧରେ ଉଠି ଓଗାଳି ବସିବା ପାଇଁ
ତୁମ୍ଭେ ତ ତାହାକୁ ରୋଟୀ ଓ ଖଣ୍ଡା ଦେଇଅଛ ଓ
ପରମେଶ୍ୱରଙ୍କ ନିକଟରେ ତା'ପାଇଁ ପ୍ରାର୍ଥନା କରିଅଛ।"

14ଅହୀମେଲକ ରାଜାଙ୍କୁ ଉତ୍ତର ଦେଲେ, "ଆପଣଙ୍କ
ସମସ୍ତ ଦାସମାନଙ୍କ ମଧ୍ୟରେ, ଦାଉଦ ପରି କିଏ ବିଶ୍ୱାସୀ,
ସେତ ମହାରାଜାଙ୍କ ଜ୍ୱାଇଁ ଏବଂ ଦାଉଦ ହେଉଛନ୍ତି ତୁମ୍ଭର
ଦେହରକ୍ଷୀମାନଙ୍କର ମୁଖ୍ୟ, ତୁମ୍ଭ ପରିବାରର ସମସ୍ତ ସଦସ୍ୟ
ତାଙ୍କୁ ସମ୍ମାନ କରନ୍ତି। 15ଏହା ପ୍ରଥମ ଦିନ ନଥିଲା, ମୁଁ
ଦାଉଦ୍ ନିମନ୍ତେ ପ୍ରାର୍ଥନା କଲି, ମୋତେ କିମ୍ବା ମୋର
ପରିବାରକୁ କାହାକୁ ଦୋଷାରୋପ କର ନାହିଁ। ଆମ୍ଭେ ତୁମ୍ଭର
ଦାସଗଣ। କ'ଣ ହେଉଛି ଏହା ମୁଁ କିଛି ଜାଣେ ନାହିଁ।"

16କିନ୍ତୁ ରାଜା କହିଲେ, ଅହୀମେଲକ, "ତୁମ୍ଭେ ଏବଂ
ତୁମ୍ଭର ସମସ୍ତ ସମ୍ପର୍କୀୟ ମରିବ।" 17ରାଜା ତାଙ୍କ ନିକଟରେ
ଥିବା ଦେହ ରକ୍ଷୀକୁ ଆଦେଶ ଦେଲେ, "ଯାଅ, ପ୍ରଭୁଙ୍କର
ଯାଜକମାନଙ୍କୁ ହତ୍ୟା କର।" ଏହିପରି କର କାରଣ ସେମାନେ
ସମସ୍ତେ ଦାଉଦଙ୍କର ସପକ୍ଷରେ ଅଛନ୍ତି। ସେମାନେ ଜାଣିଲେ
ଦାଉଦ ଏଠାରୁ ପଳାୟନ କରିଛି, କିନ୍ତୁ ସେମାନେ ମୋତେ
ଜଣାଇଲେ ନାହିଁ।

କିନ୍ତୁ ରାଜାଙ୍କର ଦାସମାନେ ସଦାପ୍ରଭୁଙ୍କର ଯାଜକଙ୍କୁ
ହତ୍ୟା କରିବା ପାଇଁ ମନା କଲେ।

**18**ତେଣୁ ରାଜା ଦୋୟେଗକୁ ଆଦେଶ ଦେଲେ, "ତୁମ୍ଭେ ଯାଅ ଏବଂ ଯାଜକଗଣଙ୍କୁ ବଧକର।" ତେଣୁ ଇଦୋମୀୟ ଦୋୟେଗ ଗଲା ଏବଂ ଯାଜକମାନଙ୍କୁ ଆକ୍ରମଣ କଲା ଓ ସେହଦନ ସେ ଶୁକ୍ଳ ଏଫୋଦ ପରଧାନ କରଥିବା ପଞ୍ଚାଅଶୀ ଜଣଙ୍କୁ ହତ୍ୟା କଲା। **19**ସେ ଯାଜକମାନଙ୍କର ନୋବ୍ ନଗରକୁ ଖଣ୍ଡାରେ ଆଘାତ କଲା, ଦୋୟେଗ ନୋବ୍ର ସମସ୍ତ ଲୋକମାନଙ୍କୁ ହତ୍ୟା କଲା। ଏପରକ ପିଲା, ସ୍ତ୍ରୀ, ପୁରୁଷ, ସ୍ତନ୍ୟପାୟୀ ଶିଶୁ ଏବଂ ସେମାନଙ୍କର ଗାଈ, ଗଧ ଓ ମେଷମାନଙ୍କୁ ହତ୍ୟା କଲା।

**20**କନ୍ତୁ ଅହଟୂବର ପୁତ୍ର ଅହୀମେଲକର ପୁତ୍ରମାନଙ୍କ ମଧ୍ୟରୁ ଅବୟାଥର ନାମରେ ଜଣେ ରକ୍ଷା ପାଇ ଦାଉଦଙ୍କ ଆଡକୁ ପଳାଇଲା। **21**ଅବୟାଥର ଦାଉଦଙ୍କୁ ଜଣାଇଲା ଯେ, ଶାଉଲ ସଦାପ୍ରଭୁଙ୍କର ଯାଜକମାନଙ୍କୁ ହତ୍ୟା କଲେ। **22**ଦାଉଦ ଅବୟାଥରକୁ କହଲା, "ଇଦୋମୀୟ ଦୋୟେଗ ସେଠାରେ ଉପସ୍ଥିତ ଥିବାବେଳେ ମୁଁ ସେହଦନ ଜାଣିଥିଲ ଯେ, ସେ ନଶ୍ଚୟ ଶାଉଲଙ୍କୁ ଜଣାଇବ, ତୁମ୍ଭ ପିତୃଗୃହସ୍ଥ ସମସ୍ତଙ୍କୁ ହତ୍ୟା କରାଯାଇଛ ଏବଂ ମୁଁ କେବଳ ଜଣେ ସେମାନଙ୍କର ମୃତ୍ୟୁର ଦାୟୀ। **23**ତୁମ୍ଭେ ମୋ ସଙ୍ଗେ ରୁହ, ଭୟ କରନାହଁ କାରଣ ଯେ ମୋତେ ମାରବାକୁ ଚାହେଁ, ସେ ତୁମ୍ଭକୁ ମଧ୍ୟ ମାରବାକୁ ଚାହୁଁଛ। କନ୍ତୁ ତୁମ୍ଭେ ମୋ ପାଖରେ ସୁରକ୍ଷିତ ରହବ।"

## କୟୀଲାରେ ଦାଉଦ

**23** ଲୋକମାନେ ଦାଉଦଙ୍କୁ କହଲେ, "ଦେଖ, ପଲେଷ୍ଟୀୟମାନେ କୟୀଲାମାନଙ୍କ ବରୁଦ୍ଧରେ ଲଢୁଛନ୍ତ ଓ ଖଳାରୁ ଶସ୍ୟ ଚୋର କରୁଛନ୍ତ।"

**2**ଦାଉଦ ସଦାପ୍ରଭୁଙ୍କୁ ପଚାରଲେ, "ମୁଁ ପଲେଷ୍ଟୀୟମାନଙ୍କ ବରୁଦ୍ଧରେ ଯୁଦ୍ଧ କରବ କ?"

ସଦାପ୍ରଭୁ ଦାଉଦଙ୍କୁ ଉତ୍ତର ଦେଲେ, "ହଁ ଯାଅ! ପଲେଷ୍ଟୀୟମାନଙ୍କ ବରୁଦ୍ଧରେ ଯୁଦ୍ଧ କର ଓ କୟୀଲାକୁ ରକ୍ଷା କର।"

**3**ଦାଉଦଙ୍କ ଲୋକମାନେ ତାଙ୍କୁ କହଲେ, "ଦେଖ, ଆମ୍ଭେମାନେ ଏ ଯିହୁଦା ଦେଶରେ କେତେ ଭୟ କରୁଅଛୁ। ଯଦ ପଲେଷ୍ଟୀୟମାନଙ୍କ ସୈନ୍ୟଗଣ ବରୁଦ୍ଧରେ କୟୀଲାକୁ ଯିବା, ତେବେ ଚନ୍ତା କର କେତେ ଅଧିକ ଭୟ ନକରବା?"

**4**ଦାଉଦ ସଦାପ୍ରଭୁଙ୍କୁ ପୁନର୍ବାର ପଚାରଲେ, ତହଁରେ ସଦାପ୍ରଭୁ ଉତ୍ତର ଦେଇ କହଲେ, "ଉଠ, କୟୀଲାକୁ ଯାଅ। କାରଣ, ଆମ୍ଭେ ତୁମ୍ଭର ସହାୟକ ଦେବୀଗଣଙ୍କୁ ହରାଇବା ପାଇଁ। ଆମ୍ଭେ ପଲେଷ୍ଟୀୟମାନଙ୍କୁ ତୁମ୍ଭ ହସ୍ତରେ ସମର୍ପଣ କରବା।" **5**ତେଣୁ ଦାଉଦ ଓ ତାଙ୍କର ଲୋକମାନେ କୟୀଲାକୁ ଗଲେ, ପଲେଷ୍ଟୀୟମାନଙ୍କ ସହତ ଯୁଦ୍ଧ କର ତାଙ୍କୁ ପରାସ୍ତ କଲେ ଓ ସେମାନଙ୍କର ପଶୁମାନଙ୍କୁ ନେଇଗଲେ। ଏହପର ଭାବରେ ଦାଉଦ କୟୀଲାର ଲୋକମାନଙ୍କୁ ରକ୍ଷା କଲେ। **6**ଯେତେବେଳେ ଅହୀମେଲକର ପୁତ୍ର ଅବୟାଥର କୟୀଲାକୁ ଦାଉଦଙ୍କ ନକଟକୁ ପଳାଇ ଆସିଲା, ସେତେବେଳେ ଏକ ଏଫୋଦ ହାତରେ ଆଣିଥିଲା।

**7**ଲୋକମାନେ ଶାଉଲଙ୍କୁ କହଲେ ଯେ ବର୍ତ୍ତମାନ ଦାଉଦ କୟୀଲାରେ ଅଛନ୍ତ। ଶାଉଲ କହଲେ, "ପରମେଶ୍ୱର ମୋ ହସ୍ତରେ ତାଙ୍କୁ ରକ୍ଷା କରଅଛନ୍ତ। ସେ ଦ୍ୱାର ଓ ଅର୍ଗଳ ବଶିଷ୍ଟ ନଗରରେ ପ୍ରବେଶ କରବା ହେତୁରୁ ସେ ମଧ୍ୟ ନଜେ ନଜେ ଧରା ଦେଇଛନ୍ତ।" **8**ଶାଉଲ ତାଙ୍କର ସମସ୍ତ ସୈନ୍ୟମାନଙ୍କୁ ଏକତ୍ରିତ ହେବା ପାଇଁ ଆଦେଶ ଦେଲେ। ଏବଂ ସେମାନେ କୟୀଲାରେ ଯାଇ ଦାଉଦ ଓ ତା'ର ଲୋକମାନଙ୍କ ସହତ ଯୁଦ୍ଧ କରବା ପାଇଁ ପ୍ରସ୍ତୁତ ହେଲେ।

**9**ଦାଉଦ ଜାଣିପାରଲେ ଶାଉଲ ତାଙ୍କ ବରୁଦ୍ଧରେ ଯୁଦ୍ଧ କରବାକୁ ଯୋଜନା କରଛନ୍ତ। ତେଣୁ ଦାଉଦ ଯାଜକ ଅବୟାଥରକୁ କହଲେ, "ଏଠାକୁ ଏଫୋଦ୍ ଆଣ।"

**10**ତେଣୁ ଦାଉଦ ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ, "ହେ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର, ମୁଁ ଶୁଣିବାକୁ ପାଇଲ ଯେ, ଶାଉଲ ମୋ ପାଇଁ କୟୀଲାକୁ ଧ୍ୱଂସ କରବାର ଯୋଜନା ପ୍ରସ୍ତୁତ କରଛ। **11**ଶାଉଲ କ'ଣ କୟୀଲାକୁ ଆସିବ? କୟୀଲାର ଲୋକମାନେ କ'ଣ ମୋତେ ତାଙ୍କ ହାତରେ ସମର୍ପୀ ଦେବେ? ହେ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର ଏକଥା ତୁମ୍ଭ ଦାସକୁ ଜଣାଅ।"

**12**ଆଉଥରେ ଦାଉଦ ପଚାରଲେ, "କୟୀଲାର ଲୋକମାନେ କ'ଣ ମୋତେ ଓ ମୋର ଲୋକମାନଙ୍କୁ ତାଙ୍କ ହସ୍ତରେ ଧରାଇ ଦେବେ?"

ସଦାପ୍ରଭୁ ଉତ୍ତର ଦେଲେ, "ହଁ ସେମାନେ କରବେ।"

**13**ତେଣୁ ଦାଉଦ ଓ ତାଙ୍କର ଲୋକମାନେ କୟୀଲା ପରତ୍ୟାଗ କର ଚାଲଗଲେ। ପ୍ରାୟ 600 ଲୋକ ଦାଉଦଙ୍କ ସାଥିରେ ଚାଲଗଲେ। ଦାଉଦର ଲୋକମାନେ ଏଣେ ତେଣେ ବୁଲବାକୁ ଲାଗିଲେ। ଶାଉଲ ଜାଣିଲେ ଦାଉଦ କୟୀଲା ଛାଡ଼ ପଳାୟନ କରଛ। ତେଣୁ ଶାଉଲ ସେହ ସହରକୁ ଗଲେ ନାହଁ।

## ଶାଉଲ ଦାଉଦଙ୍କର ପିଛା କଲେ

**14**ଦାଉଦ ମରୁଭୂମିକୁ ଗଲେ ଏବଂ ସେଠାରେ ଏକ ସୁରକ୍ଷିତ ସ୍ଥାନ ଭିତରେ ବାସ କଲେ। ସେ ମଧ୍ୟ ସୀଫର ପାର୍ବତ୍ୟମୟ ଦେଶରେ ବାସ କଲେ, ପୁଣି ଶାଉଲ ପ୍ରତିଦନ ତାଙ୍କର ଅନ୍ୱେଷଣ କଲେ, କନ୍ତୁ ସଦାପ୍ରଭୁ ଦାଉଦଙ୍କୁ ଶାଉଲଙ୍କ ହାତରେ ଦେଲେ ନାହଁ।

**15**ଏହାପରେ ଦାଉଦ ଜାଣିଲେ ଯେ, ଶାଉଲ ତାଙ୍କୁ ମାରବା ପାଇଁ ବାହାର ଆସିଛନ୍ତ। ସେହ ସମୟରେ ଦାଉଦ ସୀଫ ମରୁଭୂମିସ୍ଥ ହୋରେଶରେ ଥିଲେ। **16**ଶାଉଲଙ୍କର ପୁତ୍ର ଯୋନାଥନ ଦାଉଦଙ୍କ ପାଖକୁ ଗଲା। ତାଙ୍କୁ ପରମେଶ୍ୱରଙ୍କଠାରେ ଏକ ଦୃଢ ବଶ୍ୱାସ କରବାରେ ସାହାଯ୍ୟ କଲା। **17**ଯୋନାଥନ ଦାଉଦଙ୍କୁ କହଲା, "ଭୟ କର ନାହଁ। ମୋର ପିତା ତୁମ୍ଭକୁ ମାର ପାରବେ ନାହଁ। ତୁମ୍ଭେ ଇଶ୍ରାୟେଲର ରାଜା ହେବ। ଏବଂ ମୁଁ ତୁମ୍ଭର ଦ୍ୱିତୀୟ ହେବ। ଏହା ମଧ୍ୟ ମୋର ବାପା ଶାଉଲ ଜାଣନ୍ତ।" **18**ଏହାପରେ ସେ ଦୁହେଁ ସଦାପ୍ରଭୁଙ୍କ ସମ୍ମୁଖରେ ଏକ ଚୁକ୍ତି କଲେ। ତେଣୁ ଦାଉଦ ହୋରେଶରେ ରହଲେ ଏବଂ ଯୋନାଥନ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲା।

## ସୀଫୀୟ ଲୋକମାନେ ଦାଉଦଙ୍କ ବିଷୟରେ ଶାଉଲଙ୍କୁ କହିଲେ

19ଏହାପରେ ସୀଫୀୟ ଲୋକମାନେ ଗିବୀୟାକୁ ଶାଉଲଙ୍କ
ପାଖକୁ ଆସି କହିଲେ, "ଦାଉଦ ଆମ୍ଭମାନଙ୍କ ଅଞ୍ଚଳରେ
ଦକ୍ଷିଣ ଦିଗରେ ହଖୀଲା ପର୍ବତର ହୋରେଶର ସୁରକ୍ଷା ସ୍ଥାନ
କିଲ୍ଲାରେ ଲୁଚି ରହିଅଛି। 20ମହାରାଜ, ବର୍ତ୍ତମାନ ଆପଣ
ସମସ୍ତ ମନୋବାଞ୍ଛାନୁସାରେ ଆସନ୍ତୁ ରାଜାଙ୍କ ହସ୍ତ ଦାଉଦଙ୍କୁ
ସମର୍ପଣ କରିବା ଦାୟିତ୍ୱ ଆମ୍ଭର।"

21ଶାଉଲ କହିଲେ, "ତୁମ୍ଭେ ମୋତେ ସାହାର୍ଯ୍ୟ କରିଥିବାରୁ
ସଦାପ୍ରଭୁ ତୁମ୍ଭଙ୍କୁ ଆଶୀର୍ବାଦ କରନ୍ତୁ। 22ତୁମ୍ଭେମାନେ ଯାଇ
ସ୍ଥିର କର ସାଧାରଣତଃ ଦାଉଦ କେଉଁଠାକୁ ଯାଏ ଓ କିଏ
ତାକୁ ଦେଖିଛି। ଏହା ବୁଝି ଦେଖ, କାରଣ ମୋତେ
କୁହାଯାଇଛି ଯେ, 'ସେ ଅତି ସତର୍କତାର ସହ ଚଳୁଛି।'
23ଦାଉଦ ଯେଉଁ ଯେଉଁ ସ୍ଥାନରେ ଲୁଚେ ସେହି ସେହି ସ୍ଥାନ
ଖୋଜ ଏବଂ ମୋ ପାଖରେ ଆସି ସମସ୍ତ ବିଷୟରେ ଜଣାଅ।
ତା'ପରେ ମୁଁ ତୁମ୍ଭ ସହିତ ଯିବି। ଯଦି ଦାଉଦ ଏହି
ଅଞ୍ଚଳରେ ଥାଏ, ମୁଁ ତାଙ୍କୁ ଖୋଜି ବାହାର କରିବି। ଏପରିକି
ମୁଁ ତାକୁ ଯିହୁଦାର ପ୍ରତ୍ୟେକ ପରିବାରର ଜଣଆରେ ଖୋଜିବି।"
24ତେଣୁ ସେମାନେ ଉଠି ଶାଉଲଙ୍କ ଆଗେ ସୀଫକୁ
ଗଲେ।

ଦାଉଦ ଓ ତାଙ୍କର ଲୋକମାନେ ମରୁଭୂମିର ମାୟୋନ୍,
ତାହା ଯେଶିମନର ଦକ୍ଷିଣରେ ଆରବ ନିକଟରେ ଥିଲା।
25ଶାଉଲ ଓ ତାଙ୍କର ଲୋକମାନେ ତାହାଙ୍କୁ ଖୋଜିବା ପାଇଁ
ଗଲେ। ମାତ୍ର ଲୋକମାନେ ଦାଉଦଙ୍କୁ ଏକଥା ଜଣାନ୍ତେ ସେ,
"ଯାହାକୁ କୁହାଯାଏ "ଶୈଳ" ତଳକୁ ଓହ୍ଲାଇ ଆସି ମାୟୋନ୍
ମରୁଭୂମିରେ ରହିଲେ। ଏହାପରେ ଶାଉଲ ତାହା ଶୁଣି
ମାୟୋନ୍ ମରୁଭୂମିରେ ଦାଉଦଙ୍କୁ ଖୋଜିବାକୁ ଗଲେ।

26ଶାଉଲ ପର୍ବତର ଏକ ପାର୍ଶ୍ୱକୁ ଗଲେ ଓ ଦାଉଦ
ତାଙ୍କର ଲୋକମାନେ ସେହି ପର୍ବତର ଅନ୍ୟ ଏକ ପାଖକୁ
ଗଲେ। ତେଣୁ ଦାଉଦ ଶାଉଲଙ୍କ ଭୟରୁ ଶିଘ୍ର ଦୌଡ଼
ପଳାଇଲେ, କାରଣ ଶାଉଲ ଓ ତାଙ୍କର ଲୋକମାନେ
ଦାଉଦଙ୍କୁ ଧରିବା ନିମନ୍ତେ ପର୍ବତର ଚତୁଃପାର୍ଶ୍ୱରେ ଘେରି
ଯାଇଥିଲେ।

27ଏହି ସମୟରେ ଜଣେ ଦୂତ ଶାଉଲଙ୍କ ନିକଟକୁ ଆସି
କହିଲା, "ଶୀଘ୍ର ଆସନ୍ତୁ, କାରଣ ପଲେଷ୍ଟୀୟମାନେ ଆମ୍ଭର
ଦେଶକୁ ଆକ୍ରମଣ କଲେଣି।"

28ତେଣୁ ଶାଉଲ ଦାଉଦଙ୍କ ପଶ୍ଚାତ ଗୋଡାଇବାକୁ ଛାଡ଼ି
ପଲେଷ୍ଟୀୟମାନଙ୍କ ସହିତ ଯୁଦ୍ଧ କରିବାକୁ ଗଲେ। ତେଣୁ
ସେମାନେ ସେହି ସ୍ଥାନର ନାମ "ପିଚ୍ଛଳ ଶୈଳ*" ନାମ
ଦେଲେ। 29ଏହାପରେ ଦାଉଦ ସେ ସ୍ଥାନରେ ଯାଇ ଐନଗଦୀସ୍ଥ
ଦୁର୍ଗମ ସ୍ଥାନରେ ବାସ କଲେ।

## ଦାଉଦ ଶାଉଲଙ୍କୁ ଲଜ୍ଜିତ କଲେ

24 ଏହାପରେ ଶାଉଲ ପଲେଷ୍ଟୀୟମାନଙ୍କ ପଶ୍ଚାତ୍‌ଗମନରୁ
ଫେରିଲାପରେ ଲୋକମାନେ ଶାଉଲଙ୍କୁ କହିଲେ
ଯେ, "ଦାଉଦ ଐନଗଦୀସ୍ଥ ମରୁଭୂମିରେ ଅଛି।"
2ତେଣୁ ଶାଉଲ ଇଶ୍ରାୟେଲରୁ 3,000 ଜଣ ବଛା
ଯାଇଥିବା ଲୋକମାନଙ୍କୁ ନେଇ ଦାଉଦ ଓ ତା'ର ଲୋକମାନଙ୍କୁ
ବନଛାଗର ଶୈଳରେ ଖୋଜିଲେ। 3ସେହି ବାଟରେ ଥିବା
ମେଷଶାଳାରେ ପହଞ୍ଚି ସେଠାରେ ଥିବା ଗୁମ୍ଫା ନିକଟକୁ ଯାଇ
ଶାଉଲ ବିଶ୍ରାମ ନେଲେ। ଦାଉଦ ଓ ତା'ର ଲୋକମାନେ
ଗୁମ୍ଫାର ଦୂର ପଛରେ ଲୁଚିଥିଲେ। 4ଦାଉଦର ଲୋକମାନେ
କହିଲେ, "ସଦାପ୍ରଭୁ ଯେଉଁଦିନ ବିଷୟରେ କହିଥିଲେ, ଆଜି
ହେଉଛି ସେହି ବିଶେଷ ଦିନ। ସଦାପ୍ରଭୁ ତୁମ୍ଭଙ୍କୁ କହିଥିଲେ,
ମୁଁ ତୁମ୍ଭର ଶତ୍ରୁକୁ ତୁମ୍ଭ ହସ୍ତରେ ସମର୍ପଣ କରିବି। ତୁମ୍ଭକୁ
ଯାହା ଭଲ ଦିଶିବ ତାହା ତା'ର ପ୍ରତି କର।" ତା'ପରେ
ଦାଉଦ ଗୁରୁଣ୍ଡି ଗୁରୁଣ୍ଡି ଶାଉଲଙ୍କ ପାଖକୁ ଗଲେ। ସେ
ଶାଉଲ ପିନ୍ଧିଥିବା ବସ୍ତ୍ରର ଏକ କାନକୁ କାଟି ଦେଲେ।

କିନ୍ତୁ ଶାଉଲ ଦାଉଦଙ୍କୁ ଦେଖିପାରି ନଥିଲେ। 5ତା'ପରେ
ଦାଉଦ ଅନୁତପ୍ତ କଲେ ଶାଉଲର ଲୁଗାଧଡ଼ି କାଟି ନେଇଥିବାରୁ।
6ଦାଉଦ ତାଙ୍କର ଲୋକମାନଙ୍କୁ କହିଲେ, "ସଦାପ୍ରଭୁ ବାରଣ
କଲେ ଯେ, ମୋର ସ୍ୱାମୀ ବିରୁଦ୍ଧରେ ପୁଣି ଏପରି କରିବା
ଉଚିତ୍। ମୋର ହସ୍ତ ତାଙ୍କ ବିରୁଦ୍ଧରେ ଉଠାଇବା, ଏହା ମୋ
ପାଇଁ ଠିକ୍ ହେବ ନାହିଁ। କାରଣ ଶାଉଲ ସଦାପ୍ରଭୁଙ୍କର
ମନୋନୀତ ରାଜା।" 7ଦାଉଦ ତାଙ୍କର ଲୋକମାନଙ୍କୁ ଏପରି
ଶାଉଲଙ୍କ ପଛରେ ଯିବା ବନ୍ଦ କରିବାକୁ ବାରଣ କଲେ ଏବଂ
ତାଙ୍କୁ ବ୍ୟଥା ଅନୁଭବ କରିବା ଏବଂ ସେମାନଙ୍କୁ ଶାଉଲଙ୍କ
ବିରୁଦ୍ଧରେ ଯିବା ଅଟକାଇଲେ। ଶାଉଲ ଗୁମ୍ଫାରୁ ବାହାରିଲେ
ଓ ସେଠାରୁ ପଥଗମନ କଲେ।

8ଦାଉଦ ଗୁମ୍ଫାରୁ ବାହାରିଲେ, ଶାଉଲଙ୍କୁ ପାଟିକରି କହିଲେ,
"ହେ ସଦାପ୍ରଭୁ ମୋର ପ୍ରଭୁ!"

ଶାଉଲ ପଛକୁ ଚାହିଁଲେ, ଦାଉଦ ନତମସ୍ତକ ହୋଇ
ଭୂମିକୁ ଚାହିଁ ରହିଲେ। 9ଦାଉଦ ଶାଉଲଙ୍କୁ କହିଲେ, "ତୁମ୍ଭେ
କାହିଁକି ଲୋକମାନଙ୍କ କଥା ଶୁଣିଲ ଯେତେବେଳେ ଲୋକମାନେ
କହିଲେ, 'ଦାଉଦ ଯୋଜନା କରିଛି ତୁମ୍ଭକୁ ମାରିବା ପାଇଁ।'
10ମୁଁ ଚାହିଁ ନଥିଲି ତୁମ୍ଭକୁ ମାରିବା ପାଇଁ। ତୁମ୍ଭେ ତୁମ୍ଭର
ସ୍ୱଚକ୍ଷୁରେ ଦେଖିଲ। ସଦାପ୍ରଭୁ ତୁମ୍ଭକୁ ଆଜି ଗୁମ୍ଫା ଭିତରେ
ମୋ ପାଖରେ ତୁମ୍ଭକୁ ମାରିବା ପାଇଁ ସୁଯୋଗ ଦେଇଥିଲେ।
କିନ୍ତୁ ମୁଁ ତୁମ୍ଭକୁ ମାରିବାକୁ ଇଚ୍ଛା କଲି ନାହିଁ। ମୋର
ତୁମ୍ଭପ୍ରତି ଦୟା ଆସିଲା। ମୁଁ କହିଲି, 'ମୁଁ ମୋର ପ୍ରଭୁଙ୍କୁ
ମାରିବି ନାହିଁ। ଶାଉଲ ହେଉଛନ୍ତି ସଦାପ୍ରଭୁଙ୍କଦ୍ୱାରା ବଛା
ଯାଇଥିବା ରାଜା।' 11ଦେଖ, ମୋ ହାତରେ ଥିବା ଲୁଗା
ଖଣ୍ଡକୁ। ମୁଁ ଏହାକୁ ତୁମ୍ଭ ଲୁଗା ଧଡ଼ିରୁ କାଟିଅଛି। ମୁଁ ତୁମ୍ଭକୁ
ମାରି ପାରିଥାନ୍ତି କିନ୍ତୁ ମୁଁ ମାରି ନାହିଁ। ମୁଁ ତୁମ୍ଭକୁ ବର୍ତ୍ତମାନ
ବୁଝିବାକୁ ଦେଉଛି। ମୁଁ ତୁମ୍ଭକୁ ଜଣାଇ ଦେବାକୁ ଚାହୁଁଛି ଯେ
ମୁଁ ତୁମ୍ଭକୁ ମାରିବା ପାଇଁ ଯୋଜନା କରି ନଥିଲି। ମୁଁ ତୁମ୍ଭ
ପ୍ରତି କେବେ ଅନ୍ୟାୟ କରି ନାହିଁ। କିନ୍ତୁ ତୁମ୍ଭେ ମୋତେ
ଆଘାତ କରିଛ ଏବଂ ମାରିବାକୁ ମଧ୍ୟ ଚାହିଁଛ। 12ସଦାପ୍ରଭୁ
ମୋର ଓ ତୁମ୍ଭ ଭିତରେ ବିଚାର କରନ୍ତୁ ଓ ଆପଣଙ୍କ
ମୋଠାରେ ଭୁଲ୍ କରିଥିବା ସଦାପ୍ରଭୁ ତା'ର ଦଣ୍ଡ ଦିଅନ୍ତୁ।
କିନ୍ତୁ ମୁଁ ତୁମ୍ଭ ସହିତ ଯୁଦ୍ଧ କରିବି ନାହିଁ। 13ପୁରୁଣା କଥା
ଅଛି,

'ଦୁଷ୍ଟଠାରୁ ଦୁଷ୍ଟତା ବାହାରେ।'

---

**ପିଚ୍ଛଳ ଶୈଳ** ସେଲା-ହମ୍ମହଲକୋତ୍ ଶୈଳ।

ମୁଁ କଦାପି ମନ୍ଦ କାର୍ଯ୍ୟ କରି ନାହିଁ। ମୁଁ ଗୋଟିଏ ମନ୍ଦ ବ୍ୟକ୍ତି ନୁହେଁ। ମୁଁ ତୁମ୍ଭକୁ ଆଘାତ କରିବି ନାହିଁ। **14**ଇଶ୍ରାୟେଲର ରାଜା କାହା ପଛରେ ବାହାର ହୋଇ ଆସିଛନ୍ତି? ଆପଣ କାହା ପଛରେ ଗୋଡ଼ାଉଛନ୍ତି? ଗୋଟିଏ ମଲା କୁକୁର ପଛରେ, ଗୋଟିଏ ଡାଆଁଶ ପଛରେ ଆପଣ ଗୋଡାଉଛନ୍ତି। **15**ସଦାପ୍ରଭୁ ବିଚାରକର୍ତ୍ତା ହୁଅନ୍ତୁ। ଆପଣ ଓ ମୋ ଭିତରେ ସେ ବିଚାର କରନ୍ତୁ। ସଦାପ୍ରଭୁ ମୋର ପକ୍ଷରେ ବିଚାର କରନ୍ତୁ ଏବଂ ପ୍ରମାଣ କରନ୍ତୁ ଯେ ମୁଁ ଠିକ୍ ଅଛି। ସଦାପ୍ରଭୁ ମୋତେ ତୁମ୍ଭଠାରୁ ରକ୍ଷା କରନ୍ତୁ।"

**16**ଦାଉଦ ଶାଉଲଙ୍କୁ ଏହା କହି ସାରିବାପରେ ଶାଉଲ କହିଲେ, "ମୋର ପୁତ୍ର ଦାଉଦ, ଏ କ'ଣ ତୁମ୍ଭର କଥା," ତା'ପରେ ଶାଉଲ କାନ୍ଦିବାକୁ ଆରମ୍ଭ କଲେ, ସେ ଜୋରରେ କାନ୍ଦିଲେ। **17**ଶାଉଲ କହିଲେ, "ତୁମ୍ଭେ ମୋ ଅପେକ୍ଷା ସତ୍ ବ୍ୟକ୍ତି ଅଟ। ତୁମ୍ଭେ ମୋ ପ୍ରତି ଭଲ ବ୍ୟବାହାର ଦେଖାଇଛ। କିନ୍ତୁ ମୁଁ ଏହା ତୁମ୍ଭ ପ୍ରତି ଖରାପ ବ୍ୟବହାର କରିଥିଲି। **18**ତୁମ୍ଭେ ମୋତେ କହିଲ, ତୁମ୍ଭେ ଯେଉଁ ଭଲକାର୍ଯ୍ୟ କରିଛ, ସଦାପ୍ରଭୁ ମୋତେ ତୁମ୍ଭକୁ ଦେଇଥିଲେ କିନ୍ତୁ ତୁମ୍ଭେ ମୋତେ ହତ୍ୟା କଲ ନାହିଁ। **19**ଯେତେବେଳେ ଜଣେ ମନୁଷ୍ୟ ନିଜର ଶତ୍ରୁକୁ ପାଏ ସେ ତାକୁ ଭଲରେ ଯିବାକୁ ଦିଏ ନାହିଁ। ତା ପ୍ରତି ଉତ୍ତମ ବ୍ୟବହାର କରେ ନାହିଁ। ଏଣୁ ଆଜି ମୋ ପ୍ରତି ଯାହା ଉତ୍ତମ କରିଅଛ, ସଦାପ୍ରଭୁ ତୁମ୍ଭକୁ ଉତ୍ତମ ପୁରସ୍କାର ଦିଅନ୍ତୁ। **20**ମୁଁ ଜାଣେ ତୁମ୍ଭେ ଇଶ୍ରାୟେଲର ରାଜା ହେବ। ତୁମ୍ଭେ ଇଶ୍ରାୟେଲକୁ ଶାସନ କରିବ। **21**ମୋ ସମ୍ମୁଖରେ ତୁମ୍ଭେ ଏକ ପ୍ରତିଜ୍ଞା କର। ସଦାପ୍ରଭୁଙ୍କ ନାମରେ ପ୍ରତିଜ୍ଞା କର ଯେ ମୋର ମୃତ୍ୟୁ ପରେ ମଧ୍ୟ ତୁମ୍ଭେ ମୋର ବଂଶଧରକୁ ନିପାତ କରିବ ନାହିଁ ଓ ପ୍ରତିଜ୍ଞା କର ଯେ, ମୋର ପିତାଙ୍କର ପରିବାରରୁ ମୋର ନାମକୁ ଲୋପ କରିବ ନାହିଁ।"

**22**ତେଣୁ ଦାଉଦ ଶାଉଲଙ୍କ ନିକଟରେ ପ୍ରତିଜ୍ଞା କଲେ। ଦାଉଦ ପ୍ରତିଜ୍ଞା କରି କହିଲେ ସେ କଦାପି ଶାଉଲଙ୍କ ପରିବାରକୁ ଧ୍ୱଂସ କରିବ ନାହିଁ। ତା'ପରେ ଶାଉଲ ଗୃହକୁ ଫେରିଲେ। ଦାଉଦ ଓ ତାଙ୍କର ଲୋକମାନେ ଦୁର୍ଗକୁ ପଳାଇଗଲେ।

## ଦାଉଦ ଓ ମୂର୍ଖ ନାବଲ

**25** ଶାମୁୟେଲଙ୍କର ଦେହାନ୍ତ ହେଲା। ସମସ୍ତ ଇଶ୍ରାୟେଲୀୟବାସୀ ଏକତ୍ର ହୋଇ ଶାମୁୟେଲଙ୍କ ମୃତ୍ୟୁରେ ଶୋକ ପାଳନ କଲେ ଓ ରାମାସ୍ଥିତ ତାଙ୍କ ଗୃହରେ ତାଙ୍କୁ କବର ଦେଲେ। ତା'ପରେ ଦାଉଦ ପାରଣ ପ୍ରାନ୍ତରକୁ ଗଲେ।

**2**ମାୟୋନରେ ଜଣେ ଧନୀ ଲୋକ ବାସ କରୁଥିଲେ। ତାଙ୍କର 3,000 ମେଣ୍ଢା ଏବଂ 1,000 ଛେଳି ଥିଲା। ସେ ଲୋକ ଜଣକ କର୍ମିଲକୁ ମେଣ୍ଢାମାନଙ୍କର ଲୋମ କାଟିବାକୁ ଯାଇଥିଲା। **3**ସେ ଲୋକ ଜଣକର ନାମ ନାବଲ ଥିଲା ଏବଂ ତାଙ୍କ ସ୍ତ୍ରୀର ନାମ ଅବୀଗଲ ଥିଲା, ସେ ଭାରି ସୁନ୍ଦରୀ ଓ ବୁଦ୍ଧିମତୀ ମଧ୍ୟ ଥିଲେ। କିନ୍ତୁ ନାବଲ୍ ଭାରି ନିର୍ଦ୍ଦୟ ଓ ପାପିଷ୍ଠ ଥିଲେ। ସେ କାଲେବ ପରିବାରର ଥିଲେ।

**4**ଦାଉଦ ମରୁଭୂମିରେ ଶୁଣିଲେ ଯେ ନାବଲ ତା'ର ଆପଣା ମେଣ୍ଢାମାନଙ୍କର ଲୋମ କାଟୁଅଛି। **5**ଦାଉଦ 10 ଜଣ ଯୁବକଙ୍କୁ କହିଲେ ଶୁଣ, "କର୍ମିଲକୁ ଯାଅ ଓ ନାବଲକୁ ମୋର 'ନମସ୍କାର' ଜଣାଅ।" **6**ଦାଉଦ କହିଲେ ତୁମ୍ଭେ ଯାଇ ଏହିପରି କୁହ, ଯେ, "ତୁମ୍ଭେ ଚୀରଜୀବି ହୁଅ ତୁମ୍ଭର ମଙ୍ଗଳ ହେଉ, ତୁମ୍ଭ ଗୃହର ମଙ୍ଗଳ ହେଉ। ତୁମ୍ଭର ସର୍ବସ୍ୱ ମଙ୍ଗଳ ହେଉ। **7**ମୁଁ ଶୁଣିଲି ତୁମ୍ଭର ମେଷପାଳକମାନେ ମେଷମାନଙ୍କର ଲୋମ କାଟୁଛନ୍ତି। କିଛି ସମୟ ପାଇଁ ତୁମ୍ଭର ମେଷପାଳକମାନେ ଆମ୍ଭ ସହିତ ଥିଲେ। ଆମ୍ଭେମାନେ ସେମାନଙ୍କର କୌଣସି କ୍ଷତି କରି ନାହୁଁ କି କର୍ମିଲ୍‌ରେ ଥିବା ସମୟରେ ସେମାନଙ୍କର କିଛି ହଜି ନାହିଁ। **8**ତୁମ୍ଭର ଚାକରମାନଙ୍କୁ ପଚାର, ସେମାନେ ତୁମ୍ଭକୁ ସତ କହିବେ। ମୋର ଯୁବକ ଲୋକମାନଙ୍କୁ ଦୟାକର। ଆମ୍ଭେମାନେ ଏହି ଖୁସି ସମୟରେ ତୁମ୍ଭ ପାଖକୁ ଆସିଛୁ। ବିନୟ କରୁଅଛୁ ତୁମ୍ଭେ ଯାହାପାର ଏମାନଙ୍କୁ ଦିଅ। ଦୟାକରି ତୁମ୍ଭେ ତୁମ୍ଭର ସାଙ୍ଗ* ଦାଉଦ ପାଇଁ ଏହା କର।"

**9**ଦାଉଦର ଲୋକମାନେ ଯାଇ ଦାଉଦଙ୍କ ନାମରେ ନାବଲକୁ ଏହିସବୁ କଥା କହିଲେ। **10**ନାବଲ ଦାଉଦର ଲୋକମାନଙ୍କୁ ଉତ୍ତର ଦେଇ କହିଲେ, "ଦାଉଦ କିଏ? ଯିଶୀର ପୁତ୍ର କିଏ? ଆଜିକାଲି ଅନେକ ଦାସ ଅଛନ୍ତି ଯେଉଁମାନେ ଆପଣା ଆପଣା ମୁନିବଠାରୁ ପଳାଇଯାଇ ବୁଲୁଛନ୍ତି। **11**ମୁଁ କ'ଣ ନିଜର ରୋଟୀ, ନିଜର ଜଳ ଓ ନିଜର ଲୋମଛେଦକମାନଙ୍କ ନିମନ୍ତେ ହତ ପଶୁମାନଙ୍କ ମାଂସ ନେଇ କେଉଁ ଅଜ୍ଞାନ ଲୋକମାନଙ୍କୁ ଦେବି?"

**12**ଦାଉଦର ଲୋକମାନେ ନିଜ ବାଟରେ ଫେରିଗଲେ ଓ ତାଙ୍କ ନିକଟକୁ ଆସି ସେ ସବୁ କଥା ତାଙ୍କୁ ଜଣାଇଲେ। **13**ତା'ପରେ ଦାଉଦ ତାଙ୍କର ଲୋକମାନଙ୍କୁ କହିଲେ, "ତୁମ୍ଭେମାନେ ନିଜ ନିଜର ଖଡ୍ଗ ବାନ୍ଧ," ତେଣୁ ସେମାନେ ନିଜ ନିଜର ଖଡ୍ଗ ବାନ୍ଧିଲେ, ଦାଉଦ ମଧ୍ୟ ନିଜର ଖଡ୍ଗ ବାନ୍ଧିଲେ, ଦାଉଦଙ୍କ ସହିତ 400 ଲୋକ ଗଲେ ଓ 200 ଲୋକ ସାମଗ୍ରୀ ପାଖରେ ରହିଲେ।

## ଅବୀଗଲ କଷ୍ଟକୁ ନିବାରଣ କଲେ

**14**ଯୁବକମାନଙ୍କ ମଧ୍ୟରୁ ଜଣେ ନାବଲର ସ୍ତ୍ରୀ ଅବୀଗଲକୁ ଜଣାଇ କହିଲା, "ଦେଖ, ଦାଉଦ ଆମ୍ଭମାନଙ୍କ କର୍ତ୍ତାଙ୍କୁ ଶୁଭେଚ୍ଛା ଜଣେଇବା ନିମନ୍ତେ ମରୁଭୂମିରୁ ଦୂତମାନଙ୍କୁ ପଠାଇଥିଲେ, କିନ୍ତୁ ସେ ସେମାନଙ୍କୁ ଖରାପ ଭାବିଲେ। **15**ସେହି ଲୋକମାନେ ଆମ୍ଭମାନଙ୍କର ବଡ ଉପକାରୀ, ଆମ୍ଭେମାନେ କ୍ଷେତ୍ରରେ ମେଣ୍ଢାଙ୍କୁ ନେଇ ଥିବା ସମୟରେ ଦାଉଦର ଲୋକମାନେ ଆମ ସହିତ ଥିଲେ। ସେମାନେ ଆମର କିଛି ନେଇ ନାହାଁନ୍ତି କି ଆମର କିଛି କ୍ଷତି କରି ନାହାଁନ୍ତି। **16**ଦାଉଦର ଲୋକମାନେ ଆମ୍ଭମାନଙ୍କୁ ଦିନରାତି ସର୍ବଦା ନିରାପତ୍ତା ଦେଇଛନ୍ତି। ଆମ୍ଭେ ଯେତେବେଳେ ମେଷମାନଙ୍କୁ ନେଇ କ୍ଷେତରେ ଥିବା ସମୟରେ ସେମାନେ ଆମର ଚତୁର୍ଦ୍ଦିଗରେ ପ୍ରାଚୀର ସଦୃଶ ଥିଲେ। **17**ବର୍ତ୍ତମାନ ଚିନ୍ତାକର ଓ ବର୍ତ୍ତମାନ କ'ଣ କରାଯାଇପାରିବ ସ୍ଥିର କର। ଆମର ସ୍ୱାମୀ ଓ ତାଙ୍କର ସମସ୍ତ ପରିବାର ପ୍ରତି ଭୟଙ୍କର ବିପତ୍ତି ଆସୁଅଛି। ଏପରି

---

**ସାଙ୍ଗ** ସାହିତ୍ୟିକ ଅର୍ଥ "ପୁତ୍ର।"

ଦୁଷ୍ଟ ବ୍ୟକ୍ତିକୁ କେହି କିଛି କହି ନ ପାରେ, କାଳେ ସେ
ତା'ର ମନ ପରିବର୍ତ୍ତନ କରିବ।"

18ଅବୀଗଲ ଶୀଘ୍ର 200 ରୋଟୀ, ଦୁଇକମ୍ପା ଦ୍ରାକ୍ଷାରସ
ଓ ପାଞ୍ଚଟି ମେଷର ମାଂସ ତରକାରୀ ଓ ପାଞ୍ଚ ଗୋଉଣୀ
ଭଜା ଶସ୍ୟ ଓ 100 ପେଣ୍ଡା ଦ୍ରାକ୍ଷାରସ ଓ 200 ଡମ୍ବିର
ପିଠା ନେଇ ଗଧମାନଙ୍କ ପିଠିରେ ଲଦିଲା। 19ତା'ପରେ
ଅବୀଗଲ ତା'ର ଦାସମାନଙ୍କୁ କହିଲା, "ମୋ ଆଗେ ଆଗେ
ଚାଲ, ଦେଖ, ମୁଁ ତୁମ୍ଭ ପଛେ ପଛେ ଯାଉଛି।" କିନ୍ତୁ ସେ
ତା'ର ସ୍ୱାମୀକୁ ଏକଥା ଜଣାଇଲା ନାହିଁ।

20ଅବୀଗଲ ଗଧ ପିଠିରେ ଚଢ଼ି ପର୍ବତର ତଳକୁ
ଆସନ୍ତେ ସେ ଦେଖିଲେ, ଦାଉଦ ଓ ସେମାନଙ୍କର ଲୋକମାନେ
ତା'ର ବିପରୀତ ଦିଗରୁ ଆସୁଛନ୍ତି।

21ଦାଉଦ ଅବୀଗଲଙ୍କୁ ଦେଖିବା ପୂର୍ବରୁ କହୁଥିଲେ, "ମୁଁ
ନାବଲ୍‌ର ସମ୍ପତ୍ତିକୁ ମରୁଭୂମିରେ ଜଗିଲି। ମୁଁ ଭାବୁଥିଲି ଏହାର
ଗୋଟିଏ ହେଲେ ମେଷ ନ ହଜୁ। ମୁଁ ଏହା କରୁଥିଲି ମୋର
କିଛି ସ୍ୱାର୍ଥ ନ ଥିଲା। କିନ୍ତୁ ତା'ର ସବୁ ମଙ୍ଗଳ ପାଇଁ
କରୁଥିଲି। କିନ୍ତୁ ସେ ମୋ ପ୍ରତି ଖରାପ ବ୍ୟବହାର ଦେଖାଇଲା।
22ଯଦି ତାପରଦିନ ସକାଳ ପର୍ଯ୍ୟନ୍ତ ନାବଲ ପରିବାରର
ଗୋଟିଏ ବି ଲୋକକୁ ମୁଁ ବଞ୍ଚିବାକୁ ଦିଏ, ତାହେଲେ
ପରମେଶ୍ୱର ମୋତେ ଦଣ୍ଡ ଦିଅନ୍ତୁ।"

23ଠିକ୍ ସେହି ସମୟରେ ଅବୀଗଲ୍ ପହଞ୍ଚିଗଲା,
ଯେତେବେଳେ ଅବୀଗଲ ଦାଉଦଙ୍କୁ ଦେଖିଲା, ସେ ସଙ୍ଗେ
ସଙ୍ଗେ ଗଧ ପିଠିରୁ ଓହ୍ଲାଇ ପଡ଼ି ନତମସ୍ତକ ହୋଇ ଦାଉଦ
ସମ୍ମୁଖରେ ସମ୍ମାନ ଜଣାଇଲା। 24ଅବୀଗଲ ଦାଉଦଙ୍କ ଚରଣରେ
ପଡ଼ି କହିଲା, "ହେ ମୋର ପ୍ରଭୁ, ମୋର କଥା ଟିକେ
ଶୁଣନ୍ତୁ। ଯାହାସବୁ ଘଟିଗଲା, ସେଥିରେ ମୋତେ ଦୋଷ
ଦିଅନ୍ତୁ। 25ତୁମ୍ଭେ ପଠାଇଥିବା ଲୋକମାନଙ୍କୁ ମୁଁ ଆଦୌ
ଦେଖି ନାହିଁ। ସେପରି ଅଜ୍ଞାନ ବ୍ୟକ୍ତିର କଥାକୁ ଧରି ନାହିଁ।
ସେ ତା'ର ନାମକୁ ସାର୍ଥକ କରିଛି। ତା'ର ନାମ ନାବଲ
ଯାହାର ଅର୍ଥ 'ମୂର୍ଖ' ଠିକ୍ ସେହିପରି ସେ ମୂର୍ଖ ମାନଙ୍କପରି
ବ୍ୟବହାର କରିଛି। 26ହେ ମୋର ପ୍ରଭୁ, ସଦାପ୍ରଭୁ ତ
ଆପଣଙ୍କୁ ନିରୀହ ଲୋକମାନଙ୍କର ରକ୍ତପାତ ବାରଣ କଲେ।
ତେଣୁ ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ ଓ ତୁମ୍ଭେ ଜୀବିତ
ଥିବା ଯାଏଁ ତୁମ୍ଭର ଶତ୍ରୁମାନେ ଯେଉଁମାନେ ତୁମ୍ଭର କ୍ଷତି
କରିବା ପାଇଁ ଚାହାନ୍ତି, ସେମାନେ ନାବଲ୍ ପରି ହୁଅନ୍ତୁ।
27ବର୍ତ୍ତମାନ ମୁଁ ଆଣିଥିବା ଭେଟି, ଦୟାକରି ଆପଣଙ୍କର
ଲୋକମାନଙ୍କୁ ଦିଅନ୍ତୁ। 28ଦୟାକରି ମୋତେ ମୋର କରିଥିବା
ଦୋଷ ପାଇଁ କ୍ଷମା କରନ୍ତୁ। ମୁଁ ଜାଣେ ସଦାପ୍ରଭୁ ତୁମ୍ଭ
ପରିବାରକୁ ଶକ୍ତିଶାଳୀ କରିବେ। ସଦାପ୍ରଭୁ ଏପରି କରିଛନ୍ତି,
କାରଣ ତୁମ୍ଭେମାନେ ତାଙ୍କର ପ୍ରତିରୋଧରେ ଯୁଦ୍ଧ କରିଅଛ,
ତୁମ୍ଭେ ବଞ୍ଚିଥିବା ପର୍ଯ୍ୟନ୍ତ କୌଣସି ଲୋକ ତୁମ୍ଭର ଦୋଷ
ବାଛି ପାରିବ ନାହିଁ। 29ଯଦି ଜଣେ ବ୍ୟକ୍ତି ତୁମ୍ଭକୁ ତାଡ଼ନା
କରିବାକୁ ଓ ତୁମ୍ଭକୁ ହତ୍ୟା କରିବାକୁ ଚାହେଁ, ସଦାପ୍ରଭୁ
ତୁମ୍ଭର ପରମେଶ୍ୱର ତୁମ୍ଭର ଜୀବନ ରକ୍ଷା କରିବେ। କିନ୍ତୁ
ସେ ତୁମ୍ଭର ଶତ୍ରୁମାନଙ୍କ ପ୍ରାଣକୁ ଛାଟିଣି ଖୋଲରୁ ପଥର
ଫିଙ୍ଗି ଦେଲାପରି ଫିଙ୍ଗି ଦେବ। 30ସଦାପ୍ରଭୁ ତୁମ୍ଭର ମଙ୍ଗଳ
କରିବା ପାଇଁ ପ୍ରତିଜ୍ଞା କରିଛନ୍ତି ଏବଂ ସେ ତାଙ୍କର ପ୍ରତିଜ୍ଞା
ରକ୍ଷା କରିବେ। ସେ ତୁମ୍ଭକୁ ଇଶ୍ରାୟେଲର ଶାସକ ରୂପେ
ନିଯୁକ୍ତ କରିବେ। ତାହା ଯେତେବେଳେ ସେ ମୋର ପ୍ରଭୁ
ପ୍ରତି ସଫଳ କରି ଆପଣଙ୍କୁ ଇଶ୍ରାୟେଲର ଅଗ୍ରଣୀ ରୂପେ
ନିଯୁକ୍ତ କରିବ। 31ତୁମ୍ଭେ ନିରୀହମାନଙ୍କର ରକ୍ତପାତ ଦୋଷରେ
ଦୋଷୀ ହେବ ନାହିଁ। ଯେତେବେଳେ ସଦାପ୍ରଭୁ ତୁମ୍ଭର ମଙ୍ଗଳ
କରୁଛନ୍ତି, ତୁମ୍ଭେ ତୁମ୍ଭର ଏହି ସେବକଙ୍କୁ ମନେରଖ।"

32ଦାଉଦ ଅବୀଗଲକୁ କହିଲେ, "ଆଜି ଯେ ମୋ
ସଙ୍ଗରେ ସାକ୍ଷାତ କରିବାକୁ ତୁମ୍ଭକୁ ପଠାଇଲେ, ସେହି
ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର ଧନ୍ୟ। 33ତୁମ୍ଭର ସୁବିଚାର
ଧନ୍ୟ ହେଉ ଓ ଆଜି ମୋତେ ନିରୀହମାନଙ୍କର ରକ୍ତପାତ
କରିବାରୁ ମନା ହେଲା। ଏଥିପାଇଁ ତୁମ୍ଭର ମଙ୍ଗଳ ହେଉ।
34ସଦାପ୍ରଭୁ ମୋତେ ତୁମ୍ଭକୁ ଆଘାତ କରିବାରୁ ବାରଣ
କଲେ। ନିଶ୍ଚିତ ଭାବରେ ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱର
ଯେ ପର୍ଯ୍ୟନ୍ତ ଅଛନ୍ତି, ଯଦି ତୁମ୍ଭେ ମୋତେ ସାକ୍ଷାତ କରିବା
ପାଇଁ ଶିଘ୍ର ଆସି ନଥାନ୍ତ, ପ୍ରତ୍ୟୁଷ ବେଳକୁ ନାବଲ ପରିବାର
କେହି ଜଣେ ପୁରୁଷ ଜୀବିତ ରହି ନଥାନ୍ତା।"

35ତହୁଁ ସେ ତାଙ୍କ ପାଇଁ ଯାହା ଆଣିଥିଲା, ଦାଉଦ ତାହା
ହସ୍ତରୁ ତାହା ଗ୍ରହଣ କଲେ ଓ ତାକୁ କହିଲେ, "ଭଲରେ
ତୁମ୍ଭେ ଘରକୁ ଯାଅ, ଦେଖ, ମୁଁ ତୁମ୍ଭ କଥା ଶୁଣିଲି ଓ
ତୁମ୍ଭକୁ ଗ୍ରହଣ କଲି।"

## ନାବଲର ମୃତ୍ୟୁ

36ଯେତେବେଳେ ଅବୀଗଲ ନାବଲ ନିକଟକୁ ଆସିଲା।
ସେତେବେଳେ ସେ ଦେଖିଲା ସେ ନିଜ ଘରେ ରାଜ ଭୋଜନ
ପରି ଭୋଜନ କରୁଥିଲା, ନାବଲ୍ ଅତିଶୟ ମଦ୍ୟପାନ
କରିଥିଲା ଓ ତା'ର ମନ ଅତ୍ୟନ୍ତ ଖୁସିଥିଲା। ଏହି ହେତୁ ସେ
ସକାଳ ପର୍ଯ୍ୟନ୍ତ କୌଣସି କଥା ଜଣାଇଲା ନାହିଁ। 37ତା'ପରଦିନ
ସକାଳେ ତା'ର ନିଶା କମିଲାପରେ ତା'ର ସ୍ତ୍ରୀ ତାକୁ ସବୁକଥା
ଜଣାଇଲା, ଏଥିରେ ତା'ର ହୃଦୟ ବନ୍ଦ ହୋଇଗଲା ତାହା
ଅନ୍ତରରେ ମରିଗଲା। ତା'ର ହୃତ୍‌କ୍ରିୟା ବନ୍ଦ ହୋଇଗଲା ଓ
ସେ ପଥର ପରି ପଡ଼ି ରହିଲା। 38ଦଶଦିନ ପରେ ସଦାପ୍ରଭୁ
ନାବଲର ମୃତ୍ୟୁର କାରଣ ହେଲେ।

39ଦାଉଦ ଶୁଣିଲେ ଯେ ନାବଲ ମୃତ୍ୟୁବରଣ କରିଛି।
ଦାଉଦ କହିଲେ, "ସଦାପ୍ରଭୁଙ୍କ ପ୍ରଶଂସା କର। ନାବଲ ମୋ
ବିଷୟରେ ଖରାପ କଥା କହିଥିଲା କିନ୍ତୁ ସଦାପ୍ରଭୁ ମୋତେ
ସାହାଯ୍ୟ କଲେ। ସଦାପ୍ରଭୁ ମୋତେ ମନ୍ଦକାର୍ଯ୍ୟ କରିବାରୁ
କ୍ଷାନ୍ତ କଲେ। ସଦାପ୍ରଭୁ ତା'ର ମୃତ୍ୟୁର କାରଣ ହେଲେ,
କାରଣ ସେ କୁକର୍ମ କରିଥିଲା।" ତା'ପରେ ଦାଉଦ ଅବୀଗଲକୁ
ଏକ ବାର୍ତ୍ତା ପଠାଇଲେ। ଦାଉଦଙ୍କର ସ୍ତ୍ରୀ ହେବାପାଇଁ ତାଙ୍କୁ
ପଚାରିଲେ।

40ଦାଉଦଙ୍କ ଦାସମାନେ କର୍ମିଲକୁ ଗଲେ ଏବଂ ଅବୀଗଲକୁ
କହିଲେ, "ଦାଉଦ ତୁମ୍ଭକୁ ନେଇଯିବା ପାଇଁ ଏଠାକୁ
ପଠାଇଛନ୍ତି। ଦାଉଦ ଚାହାଁନ୍ତି, ତୁମ୍ଭକୁ ସ୍ତ୍ରୀରୂପେ ଗ୍ରହଣ କରିବା
ପାଇଁ।"

41ଅବୀଗଲ୍ ନତମସ୍ତକ ହୋଇ ଠିଆ ହେଲେ, ସେ
କହିଲେ, "ମୁଁ ହେଉଛି ତୁମ୍ଭର ଦାସୀ, ମୋର ପ୍ରଭୁଙ୍କ
ଦାସମାନଙ୍କ ପାଦ ଧୋଇବା ପାଇଁ ଚାହେଁ।"

42ଅବୀଗଲ୍ ଶିଘ୍ର ଗଧପିଠିରେ ବସି ଦାଉଦଙ୍କର ବାର୍ତ୍ତାବହଙ୍କ
ସହିତ ଆସିଲେ, ଅବୀଗଲ୍ ତାଙ୍କ ସହିତ ପାଞ୍ଚଜଣ ଅନୁଚରୀ
ଯୁବତୀଙ୍କୁ ସଙ୍ଗରେ ଆଣିଲେ। ସେ ଦାଉଦଙ୍କର ସ୍ତ୍ରୀ ହୋଇ
ରହିଲେ।
43ଦାଉଦ ମଧ୍ୟ ଯିଷ୍ରିୟେଲୀୟା ଅହୀନୋୟମକୁ ବିବାହ
କଲେ ତହିଁରେ ସେ ଦୁହେଁ ତା'ର ସ୍ତ୍ରୀ ହେଲେ। 44ଶାଉଲ
ନିଜର କନ୍ୟା ମୀଖଲକୁ, ଦାଉଦଙ୍କର ସ୍ତ୍ରୀକୁ ଗଲୀମ ନିବାସୀ
ଲୟିଶ ପୁତ୍ର ପଲ୍ଟିକି ନେଇଥିଲେ।

## ଦାଉଦ ଓ ଅବୀଶୟ୍ ଶାଉଲଙ୍କ ଛାଉଣୀରେ ପ୍ରବେଶ କଲେ

26 ସୀଫୀୟରୁ ଲୋକମାନେ ଗିବୀୟାକୁ ଶାଉଲଙ୍କ ସାକ୍ଷାତ
କରିବାକୁ ଆସିଲେ ଓ କହିଲେ, "ଦାଉଦ ଯେଶିମନର
ହଖୀଲା ପର୍ବତରେ ଆପଣାକୁ ଲୁଚାଇ ଅଛି।"
2ଶାଉଲ ସୀଫ୍ ମରୁଭୂମିକୁ ଗଲେ, ଦାଉଦଙ୍କୁ ଖୋଜିବା
ପାଇଁ ଇଶ୍ରାୟେଲର 3,000 ବଛା ବଛା ସୈନିକ ନେଇ
ସୀଫ୍ ପ୍ରାନ୍ତରକୁ ଗଲେ। 3ଶାଉଲ ପଥ ପାର୍ଶ୍ୱରେ ମରୁଭୂମି
ସମ୍ମୁଖସ୍ଥ ହଖୀଲା ପର୍ବତରେ ସେନା ଛାଉଣୀ ସ୍ଥାପନ
କଲେ।
ଦାଉଦ ପ୍ରାନ୍ତରରେ ଲୁଚିଥିଲେ। ସେ ଅନୁଭବ କଲେ
ଯେ, ସେଠାରେ ଶାଉଲ ତାଙ୍କ ପଛେ ପଛେ ଅନୁସରଣ
କରିଥିଲେ। 4ଦାଉଦ ଗୁପ୍ତଚର ପଠାଇ ନିଶ୍ଚୟ ଆସିଛନ୍ତି
ବୋଲି ଜାଣିଲେ। 5ଦାଉଦ ଶାଉଲଙ୍କର ଛାଉଣୀ ସ୍ଥାନକୁ
ଆସିଲେ, ଆଉ ଦାଉଦ ଶାଉଲଙ୍କର ଓ ତାଙ୍କର ସେନାପତି,
ନେରର ପୁତ୍ର ଅବନେରର ଶୋଇବା ଜାଗା ଦେଖିଲେ। ଶାଉଲ
ସେନା ଛାଉଣୀର ମଧ୍ୟ ଭାଗରେ ଶୋଇଥିଲେ। ସୈନ୍ୟମାନେ
ତାଙ୍କୁ ବେଢ଼ି ରହିଥିଲେ।
6ଦାଉଦ ହିତ୍ତୀୟ ଅହୀମେଲକକୁ ଓ ସରୁୟାର ପୁତ୍ର
ଯୋୟାବର ଭ୍ରାତା, ଅବୀଶୟକୁ ପଚାରିଲେ, "ମୋ ସଙ୍ଗରେ
ଶାଉଲଙ୍କ ଛାଉଣୀକି ନିକଟକୁ କିଏ ଯିବ।"
ତହିଁରେ ଅବୀଶୟ୍ ଉତ୍ତର ଦେଲା, "ମୁଁ ତୁମ୍ଭ ସଙ୍ଗେ
ଯିବି।"
7ଯେତେବେଳେ ରାତ୍ରି ଥିଲା ଦାଉଦ ଓ ଅବୀଶୟ୍
ଶାଉଲଙ୍କ ଛାଉଣୀକୁ ଗଲେ। ଶାଉଲ ଛାଉଣୀ ମଧ୍ୟ ଭାଗରେ
ଶୋଇଥିଲା। ତାଙ୍କର ବର୍ଚ୍ଛା ତାଙ୍କର ମସ୍ତକ ପାଖରେ ଭୂମିରେ
ମରା ହୋଇଅଛି। ଅବନ୍ର ଓ ଅନ୍ୟ ସୈନିକମାନେ ମଧ୍ୟ
ନିଦରେ ଶୋଇଥିଲେ। 8ଅବୀଶୟ୍ ଦାଉଦଙ୍କୁ କହିଲା, "ଆଜି
ପରମେଶ୍ୱର ତୁମ୍ଭକୁ ତୁମ୍ଭ ଶତ୍ରୁକୁ ପରାସ୍ତ କରିବାର ସୁଯୋଗ
ଦେଇଛନ୍ତି। ତେଣୁ ଏହି ବର୍ଚ୍ଛାରେ ତାକୁ ଭୂମିରେ ବିଦ୍ଧ
କରିବାକୁ ଅନୁମତି ଦିଅନ୍ତୁ। ମୁଁ ତାକୁ ଏକାଥରେ ହତ୍ୟା
କରିବି।"
9କିନ୍ତୁ ଦାଉଦ ଅବୀଶୟକୁ କହିଲେ, "ଶାଉଲଙ୍କୁ ମାରି
ନାହିଁ। ଯେ କୌଣସି ଲୋକ ଯେବେ ସଦାପ୍ରଭୁଙ୍କ ଦ୍ୱାରା ବଛା
ଯାଇଥିବା ରାଜାଙ୍କୁ ବଧ କରିବ ତାଙ୍କୁ ପ୍ରଭୁ ଦଣ୍ଡ ଦେବେ।
10ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ, ସଦାପ୍ରଭୁ ଶାଉଲଙ୍କୁ ଦଣ୍ଡ
ଦେବେ। ଶାଉଲ ସାଧାରଣ ମୃତ୍ୟୁବରଣ କରି ପାରନ୍ତି କିମ୍ବା
ସେ ଯୁଦ୍ଧକୁ ଯାଇ ମରିବେ। 11କିନ୍ତୁ ମୁଁ ପ୍ରାର୍ଥନା କରୁଛି,
ସଦାପ୍ରଭୁ ମୋତେ ତାଙ୍କଦ୍ୱାରା ବଛା ଯାଇଥିବା ରାଜାଙ୍କୁ ଆଘାତ
କରିବାକୁ ନଦିଅନ୍ତୁ। କିନ୍ତୁ ତୁମ୍ଭେ ତାଙ୍କ ମସ୍ତକ ପାଖରୁ ବର୍ଚ୍ଛା
ଓ ଜଳପାତ୍ର ନେଇଆସ, ତା'ପରେ ଆମ୍ଭେମାନେ ଯିବା।"
12ତେଣୁ ଦାଉଦ ଶାଉଲଙ୍କ ପାଖରେ ଥିବା ପାଣିପାତ୍ର
ବର୍ଚ୍ଛାକୁ ସାଙ୍ଗରେ ଆଣିଲେ ଓ ତା'ପରେ ଦାଉଦ ଓ
ଅବୀଶୟ୍ ସେ ସ୍ଥାନ ପରିତ୍ୟାଗ କରି ଆସିଲେ। କୌଣସି
ଲୋକ ଜାଣିପାରିଲେ ନାହିଁ କ'ଣ ସବୁ ଘଟିଗଲା। କୌଣସି
ଲୋକ ଏହାକୁ ଦେଖି ନଥିଲେ। କୌଣସି ଲୋକ ମଧ୍ୟ
ନିଦରୁ ଉଠି ନ ଥିଲେ। ଶାଉଲ ଏବଂ ତାଙ୍କର ସମସ୍ତ
ସୈନ୍ୟ ଶୋଇ ପଡ଼ିଥିଲେ। କାରଣ ସଦାପ୍ରଭୁ ତାଙ୍କୁ ଗଭୀର
ନିଦ୍ରା ଦେଇଥିଲେ।

## ଦାଉଦ ପୁଣିଥରେ ଶାଉଲଙ୍କୁ ଲଜ୍ଜିତ କଲେ

13ଦାଉଦ ପାହାଡ ଆରପାଖକୁ ଯାଇ ଦୂରରେ ପର୍ବତ-
ଶିଖରରେ ଠିଆ ହେଲେ, ସେମାନଙ୍କ ମଧ୍ୟରେ ବହୁତ ସ୍ଥାନ
ଦୂରଥିଲା। 14ଦାଉଦ ସୈନ୍ୟମାନଙ୍କୁ ଓ ନେରର ପୁତ୍ର ଅବ୍ନେରକୁ
ଡାକି କହିଲେ, "ହେ ଅବନେର ତୁମ୍ଭେ ମୋତେ ଉତ୍ତର
ଦିଅ।"
ଅବନେର ଉତ୍ତର ଦେଲା, "ତୁମ୍ଭେ କିଏ? ତୁମ୍ଭେ କାହିଁକି
ରାଜାଙ୍କୁ ଡାକୁଛ?"
15ଦାଉଦ ଅବ୍ନେରକୁ କହିଲେ, "ତୁମ୍ଭେ କ'ଣ ଜଣେ
ପୁରୁଷ ନୁହଁ? ତୁମ୍ଭେ ଇଶ୍ରାୟେଲରେ ଅନ୍ୟମାନଙ୍କ ଅପେକ୍ଷା
ଭଲ। ତେବେ ତୁମ୍ଭେ କାହିଁକି ନିଜର ପ୍ରଭୁ ରାଜାଙ୍କୁ ଜଗିଲ
ନାହିଁ? ତୁମ୍ଭର ପ୍ରଭୁ ରାଜାଙ୍କୁ ମାରିବା ପାଇଁ ଜଣେ ସାଧାରଣ
ଲୋକ ଛାଉଣୀକୁ ଆସିଥିଲା। 16ତୁମ୍ଭେ ଏହି ଯେଉଁ କଥା
କଲ, ତାହା ଭଲ ନୁହେଁ। ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ
ତୁମ୍ଭମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଉଚିତ୍, କାରଣ ତୁମ୍ଭେମାନେ
ସଦାପ୍ରଭୁଙ୍କ ମନୋନୀତ ରାଜା ତୁମ୍ଭମାନଙ୍କ ରାଜାଙ୍କୁ ଜଗି
ରହିଲ ନାହିଁ। ରାଜାଙ୍କର ବର୍ଚ୍ଛା ଓ ତାଙ୍କ ମୁଣ୍ଡ ନିକଟରେ
ଥିବା ଜଳପାତ୍ର ବର୍ତ୍ତମାନ ଦେଖୁଛ।"
17ଶାଉଲ ଦାଉଦଙ୍କ ସ୍ୱର ଜାଣିଥିଲେ। ଶାଉଲ କହିଲେ,
"ଏହା କ'ଣ ତୁମ୍ଭ ସ୍ୱର ହେ ମୋହର ପୁତ୍ର ଦାଉଦ?"
ଦାଉଦ ଉତ୍ତର ଦେଲେ, "ହଁ, ଏହା ମୋର ସ୍ୱର ଅଟେ।
ହେ ମୋର ପ୍ରଭୁ, ମୋର ମହାଶୟ।" 18ଦାଉଦ ପୁଣି
କହିଲେ, "ମହାଶୟ ଆପଣ କାହିଁକି ମୋର ପଛେପଛେ
ଗୋଡଉଛନ୍ତି? ମୁଁ କ'ଣ ଅପରାଧ କଲି? କେଉଁ ଦୋଷ ମୁଁ
କରିଛି? 19ମୋର ପ୍ରଭୁ, ମହାରାଜ, ମୁଁ ତୁମ୍ଭର ସେବକ ମୋ
କଥା ଶୁଣ, ଯଦି ସଦାପ୍ରଭୁ ମୋ ଉପରେ କ୍ରୋଧ କରିବାକୁ
ତୁମ୍ଭକୁ ବାର୍ତ୍ତା ଦିଅନ୍ତି, ତାହେଲେ ତାଙ୍କୁ ତାହା ଗ୍ରହଣ
କରିବାକୁ ଦିଅ। ଯଦି ମନୁଷ୍ୟ ସନ୍ତାନମାନେ ତାହା କରିଥାନ୍ତି,
ତେବେ ସେମାନେ ସଦାପ୍ରଭୁଙ୍କ ନିକଟରେ ଅଭିଶାପ ପାଆନ୍ତୁ।
କାରଣ ସେମାନେ ମୋତେ ସେହି ଦେଶରୁ ବାହାର କରି
ଦେଇଛନ୍ତି। ଯେଉଁଠାକି ମୋତେ ଦେଲେ ଏବଂ କହିଲେ,
'ଯାଅ ଅନ୍ୟ ଦେବଗଣଙ୍କର ପୂଜା କର।' 20ବର୍ତ୍ତମାନ ତୁମ୍ଭେ
ମୋତେ ସଦାପ୍ରଭୁଙ୍କଠାରୁ ଦୂରରେ ମରିବାକୁ ଦିଅ ନାହିଁ।
ଇଶ୍ରାୟେଲର ରାଜା ଗୋଟିଏ ଡାଆଁଶର ଅନ୍ୱେଷଣରେ କିମ୍ବା
ପର୍ବତରେ ଏକ ତିତ୍ତିର ପକ୍ଷୀ ଶିକାର କରିବା ଉଦ୍ଦେଶ୍ୟରେ
ବାହାରି ଆସିଛନ୍ତି।"

21ତା'ପରେ ଶାଉଲ କହିଲେ, "ମୁଁ ପାପ କଲି, ହେ
ମୋର ପୁତ୍ର ଦାଉଦ ଫେରିଆସ। ମୁଁ ତୁମ୍ଭକୁ ଆଉ ଆଘାତ
କରିବାକୁ ଚେଷ୍ଟା କରିବି ନାହିଁ। ଆଜି ମୋର ଜୀବନ ତୁମ୍ଭ
ନିକଟରେ ବହୁମୂଲ୍ୟ ହେଲା। ମୁଁ ମୂର୍ଖତାର କର୍ମ କରିଅଛି ଓ
ଅତିଶୟ ଭୁଲ କରିଅଛି।"

22ଦାଉଦ ଉତ୍ତର ଦେଲା, "ଏହିଠାରେ ରାଜାଙ୍କର ବର୍ଚ୍ଛା
ଅଛି। ତୁମ୍ଭର ଜଣେ ଲୋକକୁ ପଠାଇ ଏହାକୁ ନେଇଯାଅ।
23ସଦାପ୍ରଭୁ ପ୍ରତ୍ୟେକ ମନୁଷ୍ୟକୁ ତାହାର କର୍ମ ଅନୁସାରେ
ଫଳ ଦିଅନ୍ତି। ସେ ତାକୁ ସତ୍ କାର୍ଯ୍ୟ ପାଇଁ ପୁରସ୍କାର ଦିଅନ୍ତି
ଏବଂ ଭୁଲ୍ କାର୍ଯ୍ୟ ପାଇଁ ଦଣ୍ଡ ଦିଅନ୍ତି। ସଦାପ୍ରଭୁ ତୁମ୍ଭକୁ ମୋ
ହସ୍ତରେ ଆଜି ସମର୍ପଣ କଲେ, ପରମେଶ୍ୱରଙ୍କ ଦ୍ୱାରା ମନୋନୀତ
ରାଜାଙ୍କୁ ମୁଁ ହତ୍ୟା କରି ନାହିଁ। 24ଆଜି ମୁଁ ଦେଖାଇ ଦେଲି
ଯେ ମୋ ଦୃଷ୍ଟିରେ ତୁମ୍ଭର ପ୍ରାଣ ମହାନ୍, ସେହିପରି
ସଦାପ୍ରଭୁଙ୍କ ଦୃଷ୍ଟିରେ ମୋର ପ୍ରାଣ ମହତ୍ତ୍ୱପୂର୍ଣ୍ଣ ବୋଲି ସେ
ଦେଖାଇ ଦେବେ। ସଦାପ୍ରଭୁ ମୋତେ ସମସ୍ତ ଦୁଃଖରୁ ଉଦ୍ଧାର
କରନ୍ତୁ।"

25ତା'ପରେ ଶାଉଲ ଦାଉଦଙ୍କୁ କହିଲେ, "ସଦାପ୍ରଭୁ
ତୁମ୍ଭର ଆଶୀର୍ବାଦ କରନ୍ତୁ ହେ ମୋର ପୁତ୍ର, ଦାଉଦ, ତୁମ୍ଭେ
ମହାନ କାର୍ଯ୍ୟ କରିବ ଓ ତୁମ୍ଭେ ମଧ୍ୟ ସେଥିରେ ସଫଳ
ହେବ।"

ଦାଉଦ ତାଙ୍କ ବାଟରେ ଗଲେ ଓ ଶାଉଲ ତାଙ୍କ ଗୃହକୁ
ଫେରିଲେ।

## ଦାଉଦ ପଲେଷ୍ଟୀୟମାନଙ୍କ ସହିତ ବାସ କଲେ

27 କିନ୍ତୁ ଦାଉଦ ନିଜେ ଚିନ୍ତା କଲେ, "ମୁଁ ଦିନେ
ଶାଉଲଙ୍କ ହାତରେ ଧରାହେବି। ଏହା ସବୁଠୁ ଭଲ
ହେବ। ମୁଁ ପଲେଷ୍ଟୀୟମାନଙ୍କ ଦେଶକୁ ଯାଇ ନିଜକୁ ରକ୍ଷା
କରିବି। ତହିଁରେ ଶାଉଲ ଇସ୍ରାୟେଲର ସମସ୍ତ ଅଞ୍ଚଳ ଖୋଜି
ନିରାଶ ହେବେ। ଏହିପରି ଭାବରେ ମୁଁ ତାଙ୍କର ହସ୍ତରୁ ରକ୍ଷା
ପାଇବି।"

2ତେଣୁ ଦାଉଦ ଓ ତାଙ୍କର 600 ଲୋକ ଇସ୍ରାୟେଲ
ପରିତ୍ୟାଗ କଲେ। ମାୟୋକର ପୁତ୍ର ଆଖୀଶ ନାମକ ଗାଥର
ରାଜା ନିକଟକୁ ଗଲେ। 3ଦାଉଦ ଏବଂ ତାଙ୍କର ଲୋକମାନେ
ଏବଂ ସେମାନଙ୍କର ପରିବାରମାନଙ୍କ ସହିତ ଆଖୀଶ ନିକଟରେ
ଗାଥ ନଗରରେ ବାସ କଲେ। ଦାଉଦଙ୍କ ସହିତ ତାଙ୍କର
ଦୁଇଜଣ ସ୍ତ୍ରୀ ବାସ କଲେ। ସେମାନେ ହେଲେ ଯିଷ୍ରିୟେଲୀରୁ
ଅହୀନୋୟମ ଓ କର୍ମିଲର ଅବୀଗଲ। ଅବୀଗଲ ନାବଲର
ବିଧବା ଥିଲେ।

4ଲୋକମାନେ ଶାଉଲଙ୍କୁ କହିଲେ, ଦାଉଦ ଗାଥକୁ
ପଳାଇ ଅଛି। ଏକଥା ଜାଣିବା ପରେ ସେ ଆଉ ତାଙ୍କର
ଅନେଷ୍ୱଣ କଲେ ନାହିଁ।

5ଦାଉଦ ଆଖୀଶଙ୍କୁ କହିଲେ, "ଯଦି ତୁମ୍ଭେ ମୋ ପ୍ରତି
ଖୁସି ତେବେ ମୋତେ ତୁମ୍ଭ ସହରରେ ଏକ ସ୍ଥାନ ଦିଅ। ମୁଁ
କେବଳ ତୁମ୍ଭର ଦାସ ଓ ମୁଁ ସେଠାରେ ବାସ କରିବି, କିନ୍ତୁ
ତୁମ୍ଭ ସହିତ ଏ ରାଜକୀୟ ସହରରେ ନୁହେଁ।"

6ସେହିଦିନ ଆଖୀଶ ଦାଉଦଙ୍କୁ ସିକ୍ଲଗ୍ ନଗର ଦେଲା ଏବଂ
ସିକ୍ଲଗ୍ ନଗର ଅଦ୍ୟାପି ସିକ୍ଲଗ୍ ଯିହୁଦା ରାଜାମାନଙ୍କ ଅଧିକାରରେ
ଅଛି। 7ଦାଉଦ ପଲେଷ୍ଟୀୟମାନଙ୍କ ସହିତ ଏକବର୍ଷ ଚାରି ମାସ
ବାସ କଲେ।

## ରାଜା ଆଖୀଶଙ୍କୁ ଦାଉଦ ନିର୍ବୋଧ ବନାଇଲେ

8ଦାଉଦ ଓ ତାଙ୍କର ଲୋକମାନେ ଗଶୂରୀୟ, ଅମାଲେକୀୟ
ଓ ଗିଷରୀୟ ଲୋକମାନଙ୍କୁ ଆକ୍ରମଣ କରୁଥାନ୍ତି। ଶୂରର
ସନ୍ନିକଟ ଓ ମିଶର ପର୍ଯ୍ୟନ୍ତ ଯେଉଁ ଦେଶ, ସେଥି ମଧ୍ୟରୁ
ପୂର୍ବକାଳରେ ସେଠାରେ ସେ ଲୋକମାନେ ବାସ କରୁଥିଲେ।
9ଦାଉଦ ସେ ଅଞ୍ଚଳର ଲୋକମାନଙ୍କୁ ପରାସ୍ତ କରି ସେମାନଙ୍କର
ମେଷ, ଗାଈ, ବଳଦ, ଗଧ, ଓଟ, ଏବଂ ସେମାନଙ୍କର
ଲୁଗାପଟା ଆଣି ଆଖୀଶଙ୍କୁ ଦେଉଥିଲେ। କିନ୍ତୁ ଦାଉଦ
ସେମାନଙ୍କ ମଧ୍ୟରୁ କୌଣସି ଲୋକଙ୍କୁ ବଞ୍ଚିବାକୁ ଅନୁମତି
ଦେଲେ ନାହିଁ।

10ଦାଉଦ ଏହିପରି ପ୍ରତ୍ୟେକଥର କଲେ, ପ୍ରତ୍ୟେକ ଥର
ଆଖୀଶ ଦାଉଦଙ୍କୁ ପଚାରୁ ଥିଲେ, ତୁମ୍ଭେ ଆଜି କେଉଁଠାକୁ
ଚଢାଉକରିବା ପାଇଁ ଗଲ? ଦାଉଦ କହିଲେ, "ଆମ୍ଭେ
ଯିହୁଦାର ଦକ୍ଷିଣାଞ୍ଚଳ ଓ ଯିରହମିଲୀୟଙ୍କ ଦକ୍ଷିଣାଞ୍ଚଳ ଓ
କେନୀୟମାନଙ୍କ ଦକ୍ଷିଣାଞ୍ଚଳ" ବିରୁଦ୍ଧରେ ଯୁଦ୍ଧ କଲୁ। 11ଦାଉଦ
କଦାପି ଗାଥକୁ ଆଣିବାକୁ କାହାରିକୁ ଜୀବିତ ରଖୁ ନ
ଥିଲେ। ସେ ଭାବୁଥିଲେ, "ଯଦି ଆମ୍ଭେ ଲୋକକୁ ଜୀବିତ
ଛାଡୁ, ସେ ଲୋକମାନେ ଆଖୀଶଙ୍କୁ ସବୁ କହିଦେବେ,
ବାସ୍ତବରେ ମୁଁ କ'ଣ କରୁଥିଲି।"

ସେ ସର୍ବଦା ଏହା କରୁଥିଲେ ସେ ଯେପର୍ଯ୍ୟନ୍ତ ପଲେଷ୍ଟୀୟ
ଦେଶରେ ରହୁଥିଲେ। 12ଆଖୀଶ ଦାଉଦଙ୍କୁ ବିଶ୍ୱାସ କରି
ନିଜକୁ ନିଜେ କହିଲା, "ବର୍ତ୍ତମାନ ଦାଉଦର ନିଜର ଲୋକମାନେ
ତାଙ୍କୁ ଘୃଣା କରିବା ଆରମ୍ଭ କଲେଣି, ଇସ୍ରାୟେଲୀୟମାନେ
ଦାଉଦଙ୍କୁ ବହୁତ ଘୃଣା କରୁଛନ୍ତି ଏବଂ ବର୍ତ୍ତମାନ ଦାଉଦ
ମୋର ଦାସ ହୋଇ ଚିରଦିନ ରହିବ।"

## ପଲେଷ୍ଟୀୟମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ

28 କିଛିଦିନ ପରେ ପଲେଷ୍ଟୀୟମାନେ ଇସ୍ରାୟେଲ ବିରୁଦ୍ଧରେ
ଯୁଦ୍ଧ କରିବା ପାଇଁ ସୈନ୍ୟମାନଙ୍କୁ ଏକତ୍ରିତ କରୁଥିଲେ।
ଆଖୀଶ ଦାଉଦଙ୍କୁ କହିଲେ, "ତୁମ୍ଭେ ବୁଝି ପାରୁଛ କି ଯେ
ତୁମେ ଏବଂ ତୁମ୍ଭର ଲୋକମାନେ ନିଶ୍ଚିତ ମୋ ସହିତ
ଇସ୍ରାୟେଲ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଯିବ।"

2ଦାଉଦ ଆଖୀଶଙ୍କୁ କହିଲେ, "ତାହାଲେ ଆପଣଙ୍କ ଦାସ
କ'ଣ କରିବ ଆପଣ ଜାଣିବେ।"

ତେଣୁ ଆଖୀଶ ଦାଉଦଙ୍କୁ କହିଲା, "ଠିକ୍ ଅଛି, ମୁଁ ତୁମ୍ଭକୁ
ମୋର ଜୀବନସାରା ଦେହରକ୍ଷୀ ସ୍ୱରୂପେ ନିଯୁକ୍ତ କରିବି।"

## ଶାଉଲ ଓ ଐନଠାରେ ଥିବା ସ୍ତ୍ରୀ ଲୋକ

3ଶାମୁୟେଲ ମରି ଯାଇଥିଲେ, ସମସ୍ତ ଇସ୍ରାୟେଲୀୟବାସୀ
ଶାମୁୟେଲଙ୍କର ମୃତ୍ୟୁ ପ୍ରତି ଦୁଃଖର ସହ ସମବେଦନା
ଜଣାଇ ଶୋକ କରି ତାଙ୍କର ନିଜ ସ୍ଥାନ ରାମାଠାରେ କବର
ଦେଉଥିଲେ।

ଶାଉଲ ଭୁତୁଡିଆ ଓ ଗୁଣିଆମାନଙ୍କୁ ଦେଶରୁ ବିତାଡିତ
କରି ଦେଇଥିଲେ।

4ପଲେଷ୍ଟୀୟମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିଲେ।
ସେମାନେ ଶୂନେମରେ ତାଙ୍କର ସେନା ଛାଉଣୀ ପ୍ରସ୍ତୁତ
କରୁଥିଲେ। ଶାଉଲ ସମସ୍ତ ଇଶ୍ରାୟେଲୀୟବାସୀଙ୍କୁ ଏକତ୍ରୀତ
କରି ଗିଲ୍‌ବୋୟରେ ସେନା ଛାଉଣୀ ସ୍ଥାପନ କଲେ। 5ଶାଉଲ
ପଲେଷ୍ଟୀୟମାନଙ୍କର ସେନା ଛାଉଣୀକି ଦେଖିବାକୁ ଭୟ କଲେ।
ତାଙ୍କର ହୃଦୟ ଭୟରେ ଚୁରମାର ହୋଇଗଲା। 6ଯେତେବେଳେ
ଶାଉଲ ସଦାପ୍ରଭୁଙ୍କୁ ପଚାରିଲେ, ସଦାପ୍ରଭୁ ତାଙ୍କୁ କିଛି ଉତ୍ତର
କଲେ ନାହିଁ। ସଦାପ୍ରଭୁ ସ୍ୱପ୍ନଦ୍ୱାରା କିମ୍ବା ଉରୀମ୍ ଦ୍ୱାରା ନା
ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ମଧ୍ୟ ତାଙ୍କୁ ଉତ୍ତର କଲେ ନାହିଁ।
7ତା'ପରେ ଶାଉଲ ନିଜର ଦାସମାନଙ୍କୁ ଆଦେଶ ଦେଲେ,
"ମୋ ପାଇଁ ଏକ ସ୍ତ୍ରୀ ଲୋକ ଖୋଜ ଯେ କି ମୃତ
ଲୋକମାନଙ୍କର ଆତ୍ମା ସହିତ କଥା ହୋଇପାରିବ। ମୁଁ ଯିବି
ଓ ତାକୁ ପଚାରିବି ଯାହାସବୁ ଘଟିବାକୁ ଯାଉଛି।"
ତାଙ୍କର ଦାସମାନେ ତାଙ୍କୁ କହିଲେ, "ଐ୍ୟନ ନଗରରେ
ଏକ ଏହିପରି ସ୍ତ୍ରୀ ଲୋକ ଅଛି।"
8ଶାଉଲ ଛଦ୍ମ ବେଶରେ ଅଲଗା ବସ୍ତ୍ର ପିନ୍ଧି ତାଙ୍କର
ଦୁଇଜଣ ଲୋକଙ୍କ ସହିତ ସେହି ସ୍ତ୍ରୀ ଲୋକକୁ ରାତିରେ
ଦେଖା କରିବାକୁ ଗଲେ। ଶାଉଲ ତାଙ୍କୁ କହିଲେ, "ତୁମ୍ଭେ
ମୋପାଇଁ ଗୋଟିଏ ଆତ୍ମାକୁ ଡାକ ଯିଏକି ଭବିଷ୍ୟତରେ କଣ
ହେବାକୁ ଯାଉଛି ମୋତେ କହି ପାରିବ। ତୁମ୍ଭେ ଏକ ଆତ୍ମାକୁ
ଆଣ ଯାହାର ନାମ ମୁଁ କହୁଛି।"
9କିନ୍ତୁ ସ୍ତ୍ରୀ ଲୋକଟି ଶାଉଲଙ୍କୁ କହିଲା, "ତୁମ୍ଭେ ଜାଣ
ଶାଉଲ ଯାହା କରିଅଛି। କିପରି ସେ ଭୁତୁଡ଼ିୟା ଓ
ଗୁଣିଆମାନଙ୍କୁ ଇଶ୍ରାୟେଲ ଦେଶରୁ ବିତାଡ଼ିତ କରିଛି। ତୁମ୍ଭେ
ମୋତେ ଫାନ୍ଦରେ ପକାଇ ମାରିବା ପାଇଁ ଚାହୁଁଛ।"
10ଶାଉଲ ସଦାପ୍ରଭୁଙ୍କର ନାମ ନେଇ ପ୍ରତିଜ୍ଞା କରି
କହିଲା, "ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ ଏହି କଥା ପାଇଁ
ତୁମ୍ଭକୁ କୌଣସି ଦଣ୍ଡ ମିଳିବ ନାହିଁ।"
11ସ୍ତ୍ରୀ ଲୋକଟି କହିଲା, "ମୁଁ କାହାକୁ ତୁମ୍ଭ ନିକଟକୁ
ଉଠାଇ ଆଣିବି।" ସେ କହିଲେ, "ମୋ ପାଖକୁ ଶାମୁୟେଲଙ୍କୁ
ଉଠାଇ ଆଣ।"
12ସେ ସ୍ତ୍ରୀ ଲୋକଟି ଶାମୁୟେଲଙ୍କୁ ଦେଖି ରଡ଼ି କରିବାକୁ
ଲାଗିଲା। ସେ ସ୍ତ୍ରୀ ଲୋକଟି ଶାଉଲଙ୍କୁ କହିଲା, "ତୁମ୍ଭେ
ମୋତେ କାହିଁକି ପ୍ରତାରଣା କଲ? ତୁମ୍ଭେ ଶାଉଲ।"
13ରାଜା ସ୍ତ୍ରୀ ଲୋକଟିକୁ କହିଲେ, "ଭୟ କର ନାହିଁ,
ତୁମ୍ଭେ କ'ଣ ଦେଖୁଛ?" ସ୍ତ୍ରୀ ଲୋକ ଜଣକ କହିଲା, "ମୁଁ
ଦେଖୁଛି ଏକ ଶକ୍ତି ଭୂମିରୁ ବାହାରୁଛି।"
14ଶାଉଲ ତାଙ୍କୁ ପଚାରିଲେ, "ସେ କିପରି ଦେଖିବାକୁ.!"
ସେ ସ୍ତ୍ରୀ ଲୋକ ଜଣକ ଉତ୍ତର ଦେଲା, "ସେ ଜଣେ ବୃଦ୍ଧଙ୍କ
ପରି ଦେଖା ଯାଉଛି ଓ ସେ ରାଜକୀୟ ପୋଷାକ ପିନ୍ଧିଛନ୍ତି।"
ତେଣୁ ଶାଉଲ ଜାଣିଲେ ଏ ହେଉଛନ୍ତି ଶାମୁୟେଲ,
ତେଣୁ ସେ ଶାମୁୟେଲଙ୍କୁ ଭୂମିଷ୍ଠ ପ୍ରଣାମ କଲେ। 15ଶାମୁୟେଲ
ଶାଉଲଙ୍କୁ କହିଲେ, "ମୋତେ କାହିଁକି ତୁମ୍ଭେ ବ୍ୟସ୍ତ କଲ?
ମୋତେ କାହିଁକି ତୁମ୍ଭେ ଉଠାଇଲ?"
ଶାଉଲ ଉତ୍ତର ଦେଲେ, "ମୁଁ ବିପଦରେ ପଡ଼ିଛି,
ପଲେଷ୍ଟୀୟମାନେ ମୋ ସହିତ ଯୁଦ୍ଧ କରିବାକୁ ଆସିଛନ୍ତି ଏବଂ
ପରମେଶ୍ୱର ମୋତେ ତ୍ୟାଗ କରିଛନ୍ତି। ପରମେଶ୍ୱର ମୋତେ
ଆଉ ଉତ୍ତର ଦେଉ ନାହାଁନ୍ତି। ସେ ମୋତେ ସ୍ୱପ୍ନରେ କିମ୍ବା
ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ମଧ୍ୟ ମୋତେ ଉତ୍ତର ଦେଉ ନାହାଁନ୍ତି।
ଏଥିପାଇଁ ମୁଁ ତୁମ୍ଭକୁ ଡାକିଲି ଯେ, ମୋତେ କ'ଣ କରିବାକୁ
ହେବ କୁହନ୍ତୁ।"
16ଶାମୁୟେଲ କହିଲେ, "ସଦାପ୍ରଭୁ ତୁମ୍ଭକୁ ପରିତ୍ୟାଗ
କରିଛନ୍ତି। ବର୍ତ୍ତମାନ ସେ ତୁମ୍ଭର ପଡ଼ୋଶୀ ଦାଉଦଙ୍କ ପକ୍ଷରେ
ଅଛନ୍ତି। ତେଣୁ ତୁମ୍ଭେ ମୋତେ କାହିଁକି ବ୍ୟସ୍ତ କରୁଅଛ?
17ସଦାପ୍ରଭୁ ମୋ ଦ୍ୱାରା ଯେପରି କହିଥିଲେ, ସେ ନିଜ ପାଇଁ
ସେହିପରି କରିଅଛନ୍ତି। ବର୍ତ୍ତମାନ ସଦାପ୍ରଭୁ ତୁମ୍ଭଠାରୁ ରାଜ୍ୟ
ଛଡାଇ ନେଇ ତୁମ୍ଭର ପଡ଼ୋଶୀ ଦାଉଦଙ୍କୁ ଦେଇଛନ୍ତି।
18ତୁମ୍ଭେ ସଦାପ୍ରଭୁଙ୍କୁ ଅମାନ୍ୟ କରିଅଛ। ତୁମ୍ଭେ
ଅମାଲେକୀୟମାନଙ୍କୁ ଧ୍ୱଂସ କଲନାହିଁ ଏବଂ ସେମାନଙ୍କୁ ଘୃଣୁଥିବା
ପରମେଶ୍ୱରଙ୍କ କ୍ରୋଧଦୃଷ୍ଟି ସେମାନଙ୍କୁ ତୁମ୍ଭେ ଦେଖାଇଲ
ନାହିଁ। ସେଥିପାଇଁ ଆଜି ସଦାପ୍ରଭୁ ତୁମ୍ଭକୁ ଏପରି କରୁଛନ୍ତି।
19ସଦାପ୍ରଭୁ ତୁମ୍ଭ ସହିତ ଇଶ୍ରାୟେଲକୁ ପଲେଷ୍ଟୀୟମାନଙ୍କ
ଦ୍ୱାରା ପରାସ୍ତ କରାଇବେ। ତୁମ୍ଭେ ଓ ତୁମ୍ଭର ପୁତ୍ରମାନେ
ଆସନ୍ତା କାଲି ମୋ ସହିତ ଏହିଠାରେ ରହିବ।"
20ଶାଉଲ ସେହିକ୍ଷଣି ଭୂମିରେ ଲମ୍ବ ହୋଇ ପଡିଗଲେ ଓ
ଶାମୁୟେଲଙ୍କ କଥାରେ ତାଙ୍କର ବହୁତ ଭୟଜାତ ହେଲା।
ଶାଉଲ ମଧ୍ୟ ବହୁତ ଦୁର୍ବଳ ଥିଲେ। କାରଣ ସେ ସେଦିନ
ଓ ରାତି କିଛି ଆହାର କରି ନ ଥିଲେ।
21ସେହି ସ୍ତ୍ରୀ ଲୋକଟି ଶାଉଲଙ୍କ ନିକଟକୁ ଆସି
ଦେଖିଲା ଯେ, ସେ ଅତି ଭୟଭୀତ ଥିଲା। ସେ କହିଲା,
"ଦେଖ, ମୁଁ ତୁମ୍ଭର ଦାସୀ ମୁଁ ତୁମ୍ଭକୁ ସମ୍ମାନ କରୁଛି। ମୁଁ
ମୋର ଜୀବନକୁ ସଙ୍କଟାପୂର୍ଣ୍ଣ କରି ତୁମ୍ଭେ ଯାହା କହିଲ, ମୁଁ
ତାହା କଲି। 22ଦୟା ପୂର୍ବକ ମୋ କଥା ଟିକେ ଶୁଣନ୍ତୁ।
ଆପଣଙ୍କୁ କିଛି ଖାଦ୍ୟ ଦେବା ପାଇଁ ଅନୁମତି ଲୋଡୁଛି।
ଆପଣ ନିଶ୍ଚିତ ଖାଇବେ, ତା'ପରେ ଆପଣ ଶକ୍ତି ପାଇ
ଆପଣା ବାଟରେ ଚାଲିଯିବେ।"
23କିନ୍ତୁ ସେ କହିଲେ, ଶାଉଲ ମନା କଲେ, "ମୁଁ କିଛି
ଖାଇବି ନାହିଁ।" ଶାଉଲର ଦାସୀମାନେ ଓ ସେହି ସ୍ତ୍ରୀ
ଲୋକଟି ସହି ମିଶି ତାଙ୍କୁ କିଛି ଖାଇବା ପାଇଁ ପ୍ରସ୍ତୁତ
କଲେ। ଶେଷରେ ଶାଉଲ ସେମାନଙ୍କର କଥା ରକ୍ଷା କଲେ
ଓ ଭୂମିରୁ ଉଠିଲେ ଓ ବସିଲେ। 24ସେହି ସ୍ତ୍ରୀ ଲୋକଟାର
ଏକ ସୁସ୍ଥସବଳ ବାଛୁରି ତା'ର ଗୃହରେ ଥିଲା। ସେ ତାକୁ
ମାରିଲା ଓ ଅଟା ନେଇ ଦଳିଲା ଓ ତାକୁ ତାଡ଼ିଶୂନ୍ୟ ରୋଟୀ
ପ୍ରସ୍ତୁତ କଲା। 25ସେହି ସ୍ତ୍ରୀ ଲୋକଟି ଖାଦ୍ୟଦ୍ରବ୍ୟ ନେଇ
ଶାଉଲ ଓ ତା'ର ଦାସମାନଙ୍କୁ ପରଶିଲା, ଶାଉଲ ଏବଂ
ଦାସମାନେ ଖାଇଲେ। ସେହିଦିନ ରାତ୍ରିରେ ସେମାନେ ସେ
ସ୍ଥାନ ପରିତ୍ୟାଗ କଲେ।

### "ଦାଉଦ ଆମ ସହିତ ଯାଇପାରିବ ନାହିଁ!"

29 ପଲେଷ୍ଟୀୟମାନେ ସେମାନଙ୍କର ସୈନ୍ୟସାମନ୍ତଙ୍କ ସହିତ
ଅଫେକରେ ଏକତ୍ରୀତ ହେଲେ ଓ ଇଶ୍ରାୟେଲୀୟମାନେ
ଯିଷ୍ରିୟେଲସ୍ଥ ଝରଣା ନିକଟରେ ଛାଉଣୀ ସ୍ଥାପନ କଲେ।
2ପଲେଷ୍ଟୀୟମାନଙ୍କ ଅଧିପତିମାନେ ଶହ ଶହ, ହଜାର ହଜାର
ସୈନ୍ୟ ନେଇ କ୍ରମେ କ୍ରମେ ଅଗ୍ରସର ହେଲେ।

ଦାଉଦ ଏବଂ ତାଙ୍କର ସୈନ୍ୟମାନେ ଅଖୀଶ ସହିତ ପଛେ
ପଛେ ଆଗେଇଲେ।
3ଅଖୀଶ ପଲେଷ୍ଟୀୟ ଅଧିପତିଙ୍କୁ କହିଲେ, "ଏବ୍ରୀୟମାନେ
ଏଠାରେ କ'ଣ କରୁଛନ୍ତି?"
ଅଖୀଶ୍ ପଲେଷ୍ଟୀୟ ଶାସକମାନଙ୍କୁ କହିଲେ, "ଏ ହେଉଛନ୍ତି
ଦାଉଦ। ଦାଉଦ ହେଉଛନ୍ତି ଜଣେ ଇଶ୍ରାୟେଲର ରାଜା
ଶାଉଲଙ୍କର ଦାସମାନଙ୍କ ମଧ୍ୟରୁ ଜଣେ। ଦାଉଦ ମୋ ସହିତ
ବହୁତ ଦିନ ହେଲା ରହିଲେଣି। ସେ ଶାଉଲଙ୍କୁ ଛାଡି ମୋ
ପାଖରେ ରହିବା ଦିନଠାରୁ ମୁଁ ତାଙ୍କଠାରେ କୌଣସି ଦୋଷ
ପାଇ ନାହିଁ।"
4କିନ୍ତୁ ପଲେଷ୍ଟୀୟ ଶାସକଗଣ ଅଖୀଶ ଉପରେ ରାଗିଲେ।
ସେମାନେ କହିଲେ, "ଦାଉଦଙ୍କୁ ଫେରାଇ ଦିଅ। ତୁମ୍ଭେ ତା
ପାଇଁ ଯେଉଁ ସ୍ଥାନ ନିରୁପଣ କରିଅଛ, ସେ ନିଜର ସେହି
ସ୍ଥାନକୁ ଫେରି ଯାଉ। ସେ ଆମ୍ଭ ସହିତ ଯୁଦ୍ଧକୁ ଯାଇପାରିବ
ନାହିଁ। ସେ ଯଦି ଆମ୍ଭ ସହିତ ରହେ, ତେବେ ସେ ଆମ୍ଭ
ନିଜ ଛାଉଣୀ ମଧ୍ୟରେ ଜଣେ ଶତ୍ରୁ ହୋଇ ରହିବ। ସେ
ତା'ର ରାଜା ଶାଉଲଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆମ୍ଭ ନିଜର
ଲୋକଙ୍କୁ ମାରିବ। 5ଦାଉଦ ହେଉଛନ୍ତି ସେହି ଲୋକ ଯାହା
ପାଇଁ ଇଶ୍ରାୟେଲୀୟ ଲୋକମାନେ ତାଙ୍କ ସମ୍ବନ୍ଧରେ ଗୀତଟିଏ
ବୋଲନ୍ତି, ତାହା ହେଲା,

"ଶାଉଲ ହତ୍ୟା କଲେ ସହସ୍ର ସହସ୍ର
ଦାଉଦ ହତ୍ୟା କଲେ ଅୟୁତ ଅୟୁତ"

6ତେଣୁ ଅଖୀଶ ଦାଉଦଙ୍କୁ ଡାକି କହିଲେ, "ନିଶ୍ଚିତ
ସଦାପ୍ରଭୁ ଜୀବିତ ଥିବା ପର୍ଯ୍ୟନ୍ତ, ତୁମ୍ଭେ ମୋର ଅନୁଗତ
ରହିବ। ତୁମ୍ଭେ ମୋର ସୈନ୍ୟ ବାହିନିରେ ଯୋଗ ଦେଲେ
ମୁଁ ବହୁତ ଖୁସି ହେବି। ମୋ ସହିତ ରହିବା ଦିନଠାରୁ ମୁଁ
ତୁମ୍ଭର କୌଣସି ଦୋଷ ପାଇ ନାହିଁ। ତଥାପି ପଲେଷ୍ଟୀୟ
ଅଧିପତିମାନଙ୍କ ଦୃଷ୍ଟିରେ ତୁମ୍ଭେ ଉତ୍ତମ ନୁହଁ। 7ଶାନ୍ତିରେ
ଫେରିଯାଅ। ପଲେଷ୍ଟୀୟ ଶାସକମାନଙ୍କ ବିରୁଦ୍ଧରେ କିଛି
କରିନାହିଁ।"
8ତେଣୁ ଦାଉଦ ଅଖୀଶଙ୍କୁ କହିଲେ, "ମୁଁ କ'ଣ ତ୍ରୁଟି
କରିଅଛି କି? ମୁଁ ତୁମ୍ଭର ଦାସ ପାଖକୁ ଆସିଲା ଦିନରୁ
ମୋର କିଛି ଭୁଲ୍ କାମ ଆପଣ ଦେଖିଛନ୍ତି କି? ନାଁ, କାହିଁକି
ମୁଁ ମୋର ସଦାପ୍ରଭୁଙ୍କ ବିରୁଦ୍ଧରେ ଥିବା ଶତ୍ରୁମାନଙ୍କ ସହିତ
ଯୁଦ୍ଧ କରିପାରିବ ନାହିଁ?"
9ଅଖୀଶ ଉତ୍ତର ଦେଲେ, "ମୁଁ ବିଶ୍ୱାସ କରୁଛି ତୁମ୍ଭେ
ଜଣେ ଉତ୍ତମ ଲୋକ। ତୁମ୍ଭେ ଜଣେ ପରମେଶ୍ୱରଙ୍କର ଦୂତ
ସ୍ୱରୁପ। ତଥାପି ପଲେଷ୍ଟୀୟ ଶାସକମାନେ କହୁଛନ୍ତି, 'ଦାଉଦ
କେବେ ଆମ୍ଭମାନଙ୍କ ସହିତ ଯୁଦ୍ଧକୁ ଯାଇପାରିବେ ନାହିଁ।'
10ଆସନ୍ତା କାଲି ସକାଳେ ତୁମ୍ଭେ ଓ ତୁମ୍ଭର ଲୋକମାନେ ମୁଁ
ଦେଇଥିବା ଜାଗାକୁ ଫେରିଯିବା ଉଚିତ୍। ଦୟାକରି ଅଧିପତିମାନେ
କହିଥିବା କଥାପ୍ରତି ଦୃଷ୍ଟି ଦେବ ନାହିଁ। ତୁମ୍ଭେ ଜଣେ ଭଲ
ଲୋକ, ତେଣୁ ତୁମ୍ଭେ ସୂର୍ଯ୍ୟୋଦୟ ମାତ୍ରେ ଫେରିଯିବା ଭଲ।"
11ଦାଉଦ ଏବଂ ତାଙ୍କର ଲୋକମାନେ ପତ୍ୟୁଷରୁ ଉଠି
ପଲେଷ୍ଟୀୟ ଦେଶକୁ ଫେରିଗଲେ ଆଉ ପଲେଷ୍ଟୀୟମାନେ
ଯିଷ୍ରିୟେଲକୁ ଗମନ କଲେ।

### ଅମାଲେକୀୟମାନେ ସିକ୍ଲଗ୍ ଆକ୍ରମଣ କଲେ

30 ତୃତୀୟ ଦିନ ଦାଉଦ ଏବଂ ତାଙ୍କର ଲୋକମାନେ
ସିକ୍ଲଗ୍‌ରେ ପହଁଞ୍ଚିଲେ। ସେମାନେ ଦେଖିଲେ
ଅମାଲେକୀୟମାନେ ସିକ୍ଲଗ ଆକ୍ରମଣ କରିଥିଲେ। ଅମାଲେକୀୟ
ଲୋକମାନେ ନେଗେଭ ଆକ୍ରମଣ କରି ଓ ସିକ୍ଲଗ୍‌କୁ ଆକ୍ରମଣ
କରି ସହରରେ ନିଆଁ ଲଗାଇ ଦେଇଥିଲେ। 2ସେମାନେ
ସିକ୍ଲଗ୍‌ର ସମସ୍ତ ସ୍ତ୍ରୀ ଲୋକମାନଙ୍କୁ ବନ୍ଦୀକରି ଆଣିଥିଲେ ଏବଂ
ସେମାନେ ସମସ୍ତ ବୃଦ୍ଧ ଓ ସମସ୍ତ ଯୁବକମାନଙ୍କୁ ବନ୍ଦୀକରି
ଆଣିଥିଲେ। ସେମାନେ କାହାରିକୁ ମାରି ଦେଇ ନଥିଲେ।
ସେମାନଙ୍କୁ ହତ୍ୟା କରିବା ପରିବର୍ତ୍ତେ ସେମାନଙ୍କୁ ନିଜ ନିଜ
ପଥରେ ନେଇଯାଇଥିଲେ।
3ଯେତେବେଳେ ଦାଉଦ ଓ ତା'ର ଲୋକମାନେ ସିକ୍ଲଗ୍‌କୁ
ଆସିଲେ। ସେମାନେ ଦେଖିବାକୁ ପାଇଲେ, ସହର ଜଳୁଅଛି।
ସେମାନଙ୍କର ସ୍ତ୍ରୀ, ପିଲା, ଭଉଣୀ, ଝିଅ ସମସ୍ତଙ୍କୁ ବନ୍ଦୀକରି
ନେଇଯାଇଛନ୍ତି। ଅମାଲେକୀୟମାନେ ସେମାନଙ୍କୁ ନେଇ ଯାଇଛନ୍ତି।
4ଦାଉଦ ଏବଂ ତାଙ୍କର ଅନ୍ୟ ଯେଉଁ ଲୋକମାନେ ତାଙ୍କର
ସୈନିକ ଥିଲେ, ସମସ୍ତେ କ୍ରନ୍ଦନ କରିବାକୁ ଲାଗିଲେ।
ସେମାନେ ଏତେ କାନ୍ଦିଲେ ଯେ, ଆଉ କାନ୍ଦିବାକୁ ଦୁର୍ବଳ
ହୋଇ ପଡିଲେ। 5ଅମାଲେକୀୟମାନେ ମଧ୍ୟ ଦାଉଦଙ୍କର ଦୁଇ
ସ୍ତ୍ରୀକୁ ନେଇ ଯାଇଅଛନ୍ତି। ଅହୀନୋମ୍ ଯିଷ୍ରିୟେଲୀୟା ଓ
କର୍ମିଲୀୟ ନାବଲର ସ୍ତ୍ରୀ ଅବୀଗଲ୍।
6ଯେତେ ଲୋକ ସେ ସୈନ୍ୟ ଦଳରେ ଥିଲେ ସମସ୍ତେ
ଦୁଃଖ ଓ କ୍ରୋଧି ଥିଲେ, କାରଣ ସେମାନଙ୍କର ପିଲାମାନେ
ବନ୍ଦୀ ହୋଇ ଯାଇଥିଲେ। ଲୋକମାନେ ଦାଉଦଙ୍କୁ ପଥରରେ
ମାରିବାକୁ କଥାବାର୍ତ୍ତା ହେଉଥିଲେ। କିନ୍ତୁ ଦାଉଦ ନିଜକୁ
ସଦାପ୍ରଭୁ ତାଙ୍କ ପରମେଶ୍ୱରଙ୍କଠାରେ ସବଳ କଲେ। 7ଦାଉଦ
ଅହୀମେଲକର ପୁତ୍ର ଅବିୟାଥର ଯାଜକଙ୍କୁ କହିଲେ ମୋ
ପାଖକୁ "ଏଫୋଦ୍ ଆଣ।"
8ତା'ପରେ ଦାଉଦ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି
କହିଲେ, "ମୁଁ ଏହି ସୈନ୍ୟଦଳ ପଛେ ପଛେ ଗୋଡାଇଲେ,
ମୁଁ ସେମାନଙ୍କୁ ଧରି ପାରିବି କି?"
ସଦାପ୍ରଭୁ ଉତ୍ତର ଦେଲେ, "ତାଙ୍କ ପଛେ ଗୋଡାଅ।
ତୁମ୍ଭେ ତାଙ୍କୁ ଧରିପାରିବ। ତୁମ୍ଭେ ତୁମ୍ଭର ପରିବାରକୁ ତାଙ୍କ
ନିକଟରୁ ଉଦ୍ଧାର କରିପାରିବ।"

### ଦାଉଦ ଓ ତାଙ୍କ ଲୋକମାନେ ଜଣେ ମିଶରୀୟ ଦାସକୁ ପାଇଲେ

9-10ଦାଉଦ ଓ ତାଙ୍କର 600 ଲୋକମାନଙ୍କୁ ନେଇ
ବିଷୋର ନଦୀ ନିକଟରେ ପହଞ୍ଚିଲେ। ସେଠାରେ 200 ଲୋକ
ରହିଲେ, କାରଣ ସେମାନେ ସେଠାରେ ଅତ୍ୟନ୍ତ କ୍ଲାନ୍ତ ଓ
ଦୁର୍ବଳ ହୋଇ ପଡିଥିଲେ। ତେଣୁ ଦାଉଦ ତାଙ୍କର ଅନ୍ୟ
400 ଜଣ ଲୋକମାନଙ୍କୁ ନେଇ ଅମାଲେକୀୟମାନଙ୍କ ପଛରେ
ଗୋଡ଼ାଇଲେ।
11ଦାଉଦଙ୍କର ଲୋକମାନେ କ୍ଷେତରେ ଜଣେ ମିଶରୀୟକୁ
ପାଇଲେ। ତାଙ୍କୁ ସେମାନେ ଦାଉଦଙ୍କ ନିକଟକୁ ଆଣିଲେ।
ସେମାନେ ତାହାକୁ ଖାଦ୍ୟ ଓ ପାନୀୟ ଦେଲେ। 12ସେମାନେ
ମିଶରୀୟଙ୍କୁ ଡିମ୍ବିରି ଚକ୍ତିରୁ ଖଣ୍ଡେ ଓ ଦୁଇ ପେଣ୍ଡା କିସମିସ୍

ଦେଲେ। ସେ ଖାଇ ସାରିବା ପରେ ଶାନ୍ତ ଅନୁଭବ କଲା।
ସେ ତିନିଦିନ ଏବଂ ତିନିରାତି କିଛି ଖାଇ ନଥିଲେ, ପାଣି
ପିଇଲେ ନାହିଁ।
13ଦାଉଦ ମିଶରୀୟକୁ ପଚାରିଲା, “ତୁମ୍ଭର ମାଲିକ କିଏ?
ତୁମ୍ଭେ କେଉଁଠାରୁ ଆସିଛ?”
ସେ କହିଲା, “ମୁଁ ଜଣେ ମିଶରୀୟ। ମୁଁ ଏକ ଅମାଲେକୀୟର
ଜଣେ ଦାସ ଅଟେ। ତିନିଦିନ ପୂର୍ବରୁ ମୁଁ ଅସୁସ୍ଥ ହୋଇଗଲି,
ତେଣୁ ମୋର ପ୍ରଭୁ ମୋତେ ଛାଡ଼ି ଚାଲିଗଲେ। 14ଆମ୍ଭେମାନେ
କରେଥୀୟମାନେ ବାସ କରୁଥିବା ନେଗେଭ ଆକ୍ରମଣ କଲୁ।
ଆମ୍ଭେମାନେ ସିକ୍ଲଗକୁ ଅଗ୍ନିରେ ଦଗ୍ଧ କଲୁ ଓ ଯିହୁଦାର
କାଲେବ୍‌ମାନଙ୍କର ବସତି ଉପରେ ଆକ୍ରମଣ କଲୁ।”
15ଦାଉଦ ତାଙ୍କୁ ପଚାରିଲେ, “ତୁମ୍ଭେ ମୋତେ ସେହି
ସୈନ୍ୟଦଳ ନିକଟକୁ ନେଇପାରିବ କି ଯେଉଁମାନେ ଆମ୍ଭର
ପରିବାରକୁ ସାଙ୍ଗରେ ନେଇ ଯାଇଛନ୍ତି।”
ମିଶରୀୟ ଜଣକ କହିଲେ, “ତୁମ୍ଭେ ପରମେଶ୍ୱରଙ୍କ ନାମରେ
ପ୍ରତିଜ୍ଞା କରି କୁହ ଯେ ତୁମ୍ଭେ ମୋତେ ମାରିଦେବ ନାହିଁ କି
ମୋର ମୁନିବ ନିକଟରେ ମୋତେ ସମର୍ପଣ କରିବ ନାହିଁ।
ତେବେ ମୁଁ ଅଭିଯାନରେ ନେତୃତ୍ୱ କରିବି।”

### ଦାଉଦ ଅମାଲେକୀୟମାନଙ୍କୁ ପରାଜିତ କଲେ

16ସେହି ମିଶରୀୟ ଜଣକ ଦାଉଦଙ୍କୁ ସେମାନଙ୍କ ନିକଟକୁ
ନେଇଗଲେ। ଯେଉଁଠାରେ ସେମାନେ ଗୋଟିଏ ଜାଗାରେ
ଏକତ୍ରୀତ ଭାବରେ ବସି ଖିଆପିଆ କରୁଥିଲେ। ସେମାନେ
ପଲେଷ୍ଟୀୟମାନଙ୍କର ଓ ଯିହୁଦାରୁ ଲୁଣ୍ଠନ କରିଥିବା ବହୁତ
ସାମଗ୍ରିମାନ ଉପଭୋଗ କଲେ ଓ ସେଠାରେ ଉତ୍ସବ କରୁଥିଲେ।
17ଦାଉଦ ସେମାନଙ୍କୁ ଆକ୍ରମଣ କଲେ ଓ ସେମାନଙ୍କୁ ବଧ
କଲେ। ସେମାନେ ସୂର୍ଯ୍ୟୋଦୟରୁ ପରଦିନ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ
ସେମାନଙ୍କ ସହିତ ଯୁଦ୍ଧ କଲେ। ଯେଉଁ 400 ଲୋକ ଓଟ
ଚଢ଼ିଲେ ଏବଂ ପଳାଇଲେ ସେହି ଅମାଲେକୀୟ ବ୍ୟତୀତ
କେହି ରକ୍ଷା ପାଇଲେ ନାହିଁ।
18ଦାଉଦ ପ୍ରତ୍ୟେକ ଜିନିଷ ଫେରି ପାଇଲେ, ଯେଉଁଗୁଡ଼ିକୁ
ଅମାଲେକୀୟମାନେ ନେଇଯାଇ ଥିଲେ। ଏପରିକି ତାଙ୍କର
ଦୁଇ ସ୍ତ୍ରୀଙ୍କୁ ମଧ୍ୟ। 19ତାଙ୍କର କୌଣସି ଜିନିଷ କିମ୍ବା ବ୍ୟକ୍ତି
ହଜିଯାଇ ନଥିଲେ। ସେମାନଙ୍କର ସମସ୍ତ ଦ୍ରବ୍ୟ, ବୟସ୍କ ଲୋକ,
ପିଲା, ସମସ୍ତଙ୍କ ପୁତ୍ର କନ୍ୟା ସମସ୍ତଙ୍କୁ ଦାଉଦ ରକ୍ଷାକଲେ।
ଏବଂ ସେମାନଙ୍କର ମୂଲ୍ୟବାନ ବସ୍ତୁକୁ ମଧ୍ୟ ଦାଉଦ ନେଇ
ଆସିଲେ। 20ଦାଉଦ ସମସ୍ତ ମେଷ ଓ ଗାଈମାନ ପୁନର୍ବାର
ପାଇଲେ। ଦାଉଦର ଲୋକମାନେ ଏହି ପଶୁଗୁଡ଼ିକୁ ସେମାନଙ୍କ
ଆଗେ ଆଗେ ନେଲେ ଓ ସେମାନେ କହିଲେ, “ଏହା
ହେଉଛି ଦାଉଦର ଲାଭ।”

### ସମସ୍ତ ଲୋକଙ୍କର ସମାନ ଭାଗ ହେବ

21ଦାଉଦ ବିଷୋର ନଦୀ ନିକଟରେ ଥିବା 200 ଜଣ
ଲୋକଙ୍କ ନିକଟକୁ ଗଲେ ଓ ରହିଲେ। ଯେଉଁ ଲୋକମାନେ
ତାଙ୍କର ଦୁର୍ବଳତା ହେତୁ ତାଙ୍କ ପଛେ ଆସି ପାରି ନ ଥିଲେ,
ସେମାନେ ଦାଉଦ ଓ ତାଙ୍କ ଲୋକମାନଙ୍କୁ ଭେଟିବାକୁ
ବାହାରି ଆସିଲେ। ଦାଉଦ ସେମାନଙ୍କ ନିକଟକୁ ଯାଇ ତାଙ୍କର
କୁଶଳବାର୍ତ୍ତା ପଚାରିଲେ। 22କିଛି ଦୁଷ୍ଟ, ଖଳ ପ୍ରକୃତିର
ଲୋକମାନେ ଦାଉଦଙ୍କ ସଙ୍ଗରେ ଯାଇଥିଲେ। ସେହି ଖଳ
ପ୍ରକୃତିର ଲୋକମାନେ କହିଲେ, “ଏହି ଯେଉଁ 200 ଜଣ
ଲୋକ ଆମ ସଙ୍ଗେ ଯାଇ ନ ଥିଲେ, ଆମ୍ଭେ ଆଣିଥିବା
ଦ୍ରବ୍ୟ ସେମାନଙ୍କୁ ଦେବା ନାହିଁ। ସେମାନଙ୍କୁ କେବଳ ସେମାନଙ୍କର
ପିଲା ଓ ସ୍ତ୍ରୀ ଫେରାଇ ଦିଅ।”
23ଦାଉଦ ଉତ୍ତର ଦେଲେ, “ହେ ମୋର ଭାଇମାନେ
ସେପରି କର ନାହିଁ। ସଦାପ୍ରଭୁ ଯାହା ଦେଲେ, ସେ
ବିଷୟରେ ଭାବ। ସଦାପ୍ରଭୁ ଆମ୍ଭମାନଙ୍କୁ ରକ୍ଷା କରି, ଆମକୁ
ଆକ୍ରମଣ କରୁଥିବା ସୈନ୍ୟମାନଙ୍କୁ ପରାସ୍ତ କରାଇଲେ।
24ତୁମ୍ଭମାନଙ୍କର କଥା କିଏ ଶୁଣିବ? ସମସ୍ତେ ଯୁଦ୍ଧରୁ ଆଣିଥିବା
ସାମଗ୍ରିରେ ଯିଏ ଯୁଦ୍ଧକୁ ଯାଇଥିଲା ସେ ମଧ୍ୟ ଓ ଯିଏ
ଭଣ୍ଡାରର ଦାୟିତ୍ୱରେ ଥିଲା ସେ ମଧ୍ୟ ସମାନ ଭାଗ ପାଇବ।”
25ଦାଉଦ ସେହିଦିନଠାରୁ ଏହି ନିୟମ ପ୍ରଚଳନ କଲେ। ଯାହା
ଆଜି ପର୍ଯ୍ୟନ୍ତ ଇସ୍ରାଏଲରେ ଚାଲୁଅଛି।
26ଦାଉଦ ସିକ୍ଲଗରେ ଉପସ୍ଥିତ ହେଲେ। ତା'ପରେ ସେ
ଆଣିଥିବା ଦ୍ରବ୍ୟ ତାଙ୍କର ବନ୍ଧୁମାନଙ୍କ ନିକଟକୁ ପଠାଇଲେ
ଯିହୁଦାର ନେତାଙ୍କ ନିକଟକୁ। ଦାଉଦ କହିଲେ, “ଏହିଠାରେ
କିଛି ଉପହାର ଅଛି ଯାହା ସଦାପ୍ରଭୁଙ୍କ ଶତ୍ରୁମାନଙ୍କ ନିକଟରୁ
ଆଣା ଯାଇଅଛି।”
27ଅମାଲେକୀୟମାନଙ୍କ ନିକଟରୁ ଆଣିଥିବା ଦ୍ରବ୍ୟ ଦାଉଦ
କିଛି ବେଥେଲର ପ୍ରାଚୀନମାନଙ୍କୁ, ନେଗେଭର ରାମା ଓ
ଯତ୍ତୀର ନେତାମାନଙ୍କ ନିକଟକୁ ପଠାଇଲେ। 28ଅରୋୟର,
ଶିଫମୋତ୍ ଓ ଇଷ୍ଟିମୋୟମାନଙ୍କ ନିକଟକୁ କିଛି ପଠାଇଲେ।
29ସେ କେତେକଙ୍କୁ ରାଖଲ୍ ଓ ଯିରହମେଲୀୟମାନଙ୍କ ସହର
କେନିତ୍ ସହର ପଠାଇଲେ। 30ହର୍ମା, କୋରାଶନ୍, ଅଥାକ୍,
31ଓ ହିବ୍ରୋଣକୁ ଦାଉଦ ଆଣିଥିବା ଦ୍ରବ୍ୟ ଏହି ନେତାମାନଙ୍କ
ନିକଟକୁ ପଠାଇଲେ। ଏବଂ ଅନ୍ୟ ସ୍ଥାନ ନିକଟକୁ ପଠାଇଲେ।
ଯେଉଁଠାରେ ଦାଉଦ ଓ ତାଙ୍କର ଲୋକମାନେ ଗମନାଗମନ
ହେଉଥିଲେ।

### ଶାଉଲଙ୍କର ମୃତ୍ୟୁ

31 ପଲେଷ୍ଟୀୟମାନେ ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ କଲେ
ଏବଂ ଇସ୍ରାଏଲୀୟମାନେ ଭୟରେ ସେଠାରୁ ଦୌଡ଼ି
ପଳାୟନ କଲେ। ଗିଲବୋୟ ପର୍ବତ ଉପରେ ବହୁତ
ଇସ୍ରାଏଲୀୟମାନଙ୍କୁ ମାରି ଦିଆଗଲା। 2ପଲେଷ୍ଟୀୟମାନେ ଶାଉଲ
ଓ ତାଙ୍କର ପୁତ୍ର ବିରୁଦ୍ଧରେ ଭୟଙ୍କର ଯୁଦ୍ଧ କଲେ।
ପଲେଷ୍ଟୀୟମାନେ ଶାଉଲର ପୁତ୍ର ଯୋନାଥନ, ଅବୀନାଦବ
ଏବଂ ମଲକୀଶୂୟଙ୍କୁ ହତ୍ୟା କଲେ।
3ଯୁଦ୍ଧ ଭୟଙ୍କର ରୂପ ଧାରଣ କଲା, ଶାଉଲଙ୍କ ବିରୁଦ୍ଧରେ
ଧନୁର୍ଦ୍ଧାରୀମାନେ ଅତି ଦୈନ୍ୟ ଭାବେ ତୀରମାରି ଶାଉଲକୁ
ଆଘାତ କଲେ। 4ଶାଉଲ ତାଙ୍କର ଅସ୍ତ୍ରବାହକଙ୍କୁ କହିଲେ,
“ତୁମ୍ଭର ଖଣ୍ଡା ବାହାର କରି ତୁମ୍ଭର ଖଣ୍ଡାରେ ମୋତେ ହତ୍ୟା
କର। ତାହେଲେ ଅସୁନ୍ନତ ଲୋକମାନେ ଆସି ମୋତେ ଗାଳି
ଦେବେ ନାହିଁ କିମ୍ବା ହତ୍ୟା କରିପାରିବେ ନାହିଁ।” କିନ୍ତୁ
ଶାଉଲର ଅସ୍ତ୍ରବାହକ ଦାସ ବହୁତ ଭୟଭିତ ହୋଇଗଲା ଏବଂ
ଶାଉଲଙ୍କୁ ହତ୍ୟା କରିବାକୁ ମନା କଲା।

ତେଣୁ ଶାଉଲ ତାଙ୍କର ନିଜର ଖଣ୍ଡା ବାହାର କଲେ ଓ
ନିଜେ ନିଜକୁ ହତ୍ୟା କଲେ। 5ତେଣୁ ଶାଉଲଙ୍କର ଦାସ
ଦେଖିଲା ଯେ ଶାଉଲ ମରିଯାଇଛନ୍ତି। ତେଣୁ ସେ ତା'ର ଖଣ୍ଡା
ବାହାର କରି ନିଜ ଖଣ୍ଡାରେ ଶାଉଲଙ୍କ ନିକଟରେ ମୃତ୍ୟୁବରଣ
କଲେ। 6ତେଣୁ ଶାଉଲ, ତାଙ୍କର ତିନି ପୁତ୍ର ଓ ତାଙ୍କର
ଅସ୍ତ୍ରବାହକ ସମସ୍ତେ ସେଦିନ ଗୋଟିଏ ଜାଗାରେ ଏକତ୍ରୀତ
ଭାବରେ ମଲେ।

### ପଲେଷ୍ଟୀୟମାନେ ଶାଉଲଙ୍କ ମୃତ୍ୟୁରେ ଆନନ୍ଦ କଲେ

7ଇଶ୍ରାୟେଲୀୟମାନେ ଯେଉଁମାନେ ଯିଷ୍ରିୟେଲ ଉପତ୍ୟକାର
ଅପରପାର୍ଶ୍ୱରେ ଓ ଯର୍ଦ୍ଦନ ନଦୀର ଅପରପାର୍ଶ୍ୱରେ ବାସ
କରୁଥିଲେ। ସେମାନେ ଦେଖିଲେ, ଇଶ୍ରାୟେଲୀୟ ସୈନ୍ୟମାନେ
ଦୌଡ଼ି ପଳାଉଛନ୍ତି। ଏବଂ ସେମାନେ ଦେଖିଲେ, ଶାଉଲ ଓ
ତାଙ୍କର ପୁତ୍ରମାନେ ମରିଛନ୍ତି। ତେଣୁ ସେମାନେ ସମସ୍ତେ ସେ
ସହର ପରିତ୍ୟାଗ କରି ଦୌଡ଼ି ପଳାଇଲେ। ତା'ପରେ
ପଲେଷ୍ଟୀୟମାନେ ସେହି ସହରକୁ ଆସିଲେ, ଓ ସେଠାରେ
ବାସ କଲେ।

8ତା' ପରଦିନ, ପଲେଷ୍ଟୀୟମାନେ ମୃତ ଲୋକମାନଙ୍କ
ପାଖରେ ରହିଯାଇଥିବା ପଦାର୍ଥଗୁଡ଼ିକ ନେବାକୁ ଆସିଲେ।
ସେମାନେ ଦେଖିବାକୁ ପାଇଲେ ଯେ ଗିଲବୋୟ ପର୍ବତ
ଉପରେ ଶାଉଲ ଏବଂ ତା'ର ତିନିପୁତ୍ର ନିହତ ହୋଇ ପଡି
ରହିଛନ୍ତି। 9ପଲେଷ୍ଟୀୟମାନେ ଶାଉଲଙ୍କର ମସ୍ତକ କାଟି ତାଙ୍କର
କବଚ ଇତ୍ୟାଦିକୁ ନେଇଗଲେ। ପଲେଷ୍ଟୀୟମାନେ ନିଜ ନିଜର
ଦେବଗଣ ଗୃହ ବା ମନ୍ଦିରକୁ ଓ ଲୋକମାନଙ୍କୁ ଦେଶର ଚାରି
ଆଡକୁ ଖବର ଦେଇ ପଠାଇଲେ। 10ପଲେଷ୍ଟୀୟମାନେ
ଶାଉଲଙ୍କର କବଚ ସାଞ୍ଜୁଆ ଇତ୍ୟାଦିକୁ ଆଷ୍ଟାରୋତ୍ ଦେବୀଙ୍କ
ମନ୍ଦିରରେ ରଖିଲେ। ପଲେଷ୍ଟୀୟମାନେ ମଧ୍ୟ ଶାଉଲଙ୍କ ଶରୀରକୁ
ବୈଥ୍‌ଶାନ୍ କାନ୍ଥରେ ଟାଙ୍ଗି ରଖିଲେ।

11ଯାବେଶ-ଗିଲୟଦ ନିବାସୀମାନେ, ଶାଉଲଙ୍କ ପ୍ରତି
ପଲେଷ୍ଟୀୟମାନଙ୍କ କୃତ କର୍ମର ସମ୍ବାଦ ପାଇଲେ। 12ତେଣୁ
ଯାବୟଷର ସୈନ୍ୟମାନେ ବୈଥ୍‌ଶାନକୁ ଗଲେ, ସେମାନେ ରାତ୍ରି
ତମାମ ଯାତ୍ରା କଲେ, ତା'ପରେ ସେମାନେ ସେଠାରେ ପହଞ୍ଚି
ଶାଉଲଙ୍କର ଶରୀରକୁ ବୈଥଶାନ କାନ୍ଥରୁ ତଳକୁ କାଢିଲେ,
ସେମାନେ ମଧ୍ୟ ଶାଉଲର ପୁତ୍ରମାନଙ୍କର ଶରୀରକୁ ଯାବେଶକୁ
ଆଣିଲେ। ଯାବେଶର ଏହିସବୁ ଲୋକମାନେ ଶାଉଲ ଓ
ତାଙ୍କର ପୁତ୍ରମାନଙ୍କର ଶରୀରକୁ ସେହିଠାରେ ପୋଡି ଦେଲେ।
13ତା'ପରେ ସେହି ଲୋକମାନେ ଶାଉଲ ଓ ତାଙ୍କର ପୁତ୍ରମାନଙ୍କର
ଅସ୍ଥି ସଂଗ୍ରହ କରିଆଣି ଯାବେଶଠାରେ ଥିବା ଏକ ଝାଉଁ ବୃକ୍ଷ
ତଳେ ତାହାକୁ ସମାଧି ଦେଲେ। ତା'ପରେ ଯାବେଶର
ଲୋକମାନେ ଶୋକ ସନ୍ତାପ୍ତ ଭାବରେ ଦୁଃଖରେ ଶୋକ
ପାଳନ ନିମନ୍ତେ ସାତଦିନ ବିନା ଆହାରରେ ଶୋକ ପାଳନ
କଲେ।

# ରୂତର ବିବରଣ ପୁସ୍ତକ

## ଯିହୁଦାରେ ଦୁର୍ଭିକ୍ଷ

1 ସେହି ସମୟରେ ଯେତେବେଳେ ବିଚାରକଗଣ ଶାସନ
କରୁଥିଲେ, ସେହି ଦେଶରେ ଦୁର୍ଭିକ୍ଷ ପଡ଼ିଥିଲା। ତେଣୁ
ଏଲିମେଲକ ନାମକ ଜଣେ ଲୋକ ଯିହୁଦାସ୍ଥିତ ନିଜର ଗୃହ
ବୈଥ୍ଲେହମ୍‌କୁ ପରିତ୍ୟାଗ କଲା ଏବଂ ସେ ତା'ର ସ୍ତ୍ରୀ ଓ
ଦୁଇ ପୁତ୍ର ସହିତ ମୋୟାବ ଦେଶରେ ବାସ କରିବାକୁ ଗଲା।
2ସେହି ଲୋକର ସ୍ତ୍ରୀର ନାମ ଥିଲା ନୟମୀ ଓ ଦୁଇ ପୁତ୍ରଙ୍କ
ନାମ ଥିଲା, ମହଲୋନ୍ ଓ କିଲୟୋନ୍। ସେମାନେ ଥିଲେ,
ଯିହୁଦାର ବୈଥ୍ଲେହମରୁ ଏଫ୍ରାଥୀୟ ଲୋକ। ସେମାନେ
ମୋୟାବର ପର୍ବତମୟ ଦେଶକୁ ଗଲେ ଓ ସେଠାରେ
ବସବାସ କଲେ।

3ଏହାପରେ ନୟମୀର ସ୍ୱାମୀ ଏଲିମେଲକ ମରିଗଲା।
କେବଳ ନୟମୀ ଓ ତା'ର ଦୁଇ ପୁତ୍ର ବଞ୍ଚି ରହିଲେ।
4ତା'ର ପୁତ୍ରମାନେ ମୋୟାବର ଯୁବତୀଙ୍କୁ ବିବାହ କଲେ।
ଜଣେ ସ୍ତ୍ରୀଙ୍କର ନାମଥିଲା ଅର୍ପା, ଅନ୍ୟ ଜଣଙ୍କର ନାମ ଥିଲା
ରୂତ। ସେମାନେ ମୋୟାବରେ ଦଶ ବର୍ଷ ବାସ କଲେ।
5ମହଲୋନ ଏବଂ କିଲୟୋନ ମଧ୍ୟ ମୃତ୍ୟୁବରଣ କଲେ।
ତେଣୁ ନୟମୀ ସ୍ୱାମୀହୀନ ଓ ପୁତ୍ରହୀନ ହୋଇ ରହିଲା।

## ନୟମୀ ତା'ର ଗୃହକୁ ଫେରି ଗଲା

6ଯେତେବେଳେ ନୟମୀ ମୋୟାବର ପର୍ବତମୟ ଦେଶରେ
ବାସ କରୁଥିଲା, ସେ ଜାଣିବାକୁ ପାଇଲା ଯେ, ପରମେଶ୍ୱର
ତାଙ୍କର ଲୋକମାନଙ୍କୁ ସାହାଯ୍ୟ କରୁଛନ୍ତି। ସେ ଯିହୁଦାର
ଲୋକମାନଙ୍କୁ ଖାଦ୍ୟ ଦେଉଛନ୍ତି। ତେଣୁ ସେ ମୋୟାବ ଦେଶ
ଛାଡି ନିଜ ଦେଶକୁ ଫେରିଯିବା ପାଇଁ ନିଷ୍ପତ୍ତି ନେଲା। ତା'ର
ପୁତ୍ରବଧୂମାନେ ମଧ୍ୟ ତା ସହିତ ଯିବା ପାଇଁ ନିଷ୍ପତ୍ତି ନେଲେ।
7ତେଣୁ ସେ ତା'ର ପୁତ୍ର ବଧୂମାନଙ୍କୁ ଧରି ତା'ର ବାସସ୍ଥାନ
ଛାଡ଼ି ଯିହୁଦାକୁ ଚାଲି ଆସିଲା।

8ଏହାପରେ ନୟମୀ ତା'ର ପୁତ୍ରବଧୂମାନଙ୍କୁ କହିଲା,
"ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ତୁମ୍ଭମାନଙ୍କର ମା' ପାଖକୁ
ଫେରିଯାଅ। ତୁମ୍ଭେମାନେ ତୁମ୍ଭମାନଙ୍କର ସ୍ୱାମୀମାନଙ୍କ ପ୍ରତି,
ଯେଉଁମାନେ କି ବର୍ତ୍ତମାନ ମୃତ ଓ ମୋ ପ୍ରତି ଦୟା
ଦେଖାଇଛ। ତେଣୁ ମୁଁ ପ୍ରାର୍ଥନା କରେ ଯେ, ସଦାପ୍ରଭୁ ତୁମ୍ଭଙ୍କୁ
ଉତ୍ତମତା ଓ ଦୟା ଦେଖାଇବେ। 9ମୁଁ ପ୍ରାର୍ଥନା କରୁଛି ଯେ,
ସଦାପ୍ରଭୁ ତୁମ୍ଭ ପ୍ରତ୍ୟେକଙ୍କୁ ନୂତନ ସ୍ୱାମୀ ଏବଂ ସୁରକ୍ଷିତ
ଘର ଦିଅନ୍ତୁ।" ନୟମୀ ତା'ର ପୁତ୍ରବଧୂମାନଙ୍କୁ ଚୁମ୍ବନ ଦେଲା
ଓ ସେମାନେ ସମସ୍ତେ କ୍ରନ୍ଦନ କଲେ।

10କିନ୍ତୁ ପୁତ୍ରବଧୂମାନେ କହିଲେ, "ଆମ୍ଭେମାନେ ତୁମ୍ଭ
ସହିତ ତୁମ୍ଭର ଦେଶ ଓ ତୁମ୍ଭର ଲୋକମାନଙ୍କ ନିକଟକୁ
ଯିବାକୁ ଚାହୁଁ।"

11କିନ୍ତୁ ନୟମୀ କହିଲେ, "ନା, ମୋର କନ୍ୟାଗଣ,
ତୁମ୍ଭେ ତୁମ୍ଭର ସ୍ୱଗୃହକୁ ଫେରିଯାଅ। ତୁମ୍ଭେମାନେ ଆଉ
କାହିଁକି ମୋ ସହିତ ଯିବ? ମୁଁ ତୁମ୍ଭମାନଙ୍କୁ ସାହାଯ୍ୟ
କରିପାରିବି ନାହିଁ। ମୋର ତ ଗର୍ଭରେ ଆଉ ସନ୍ତାନ
ନାହାନ୍ତି, ଯେଉଁମାନେ କି ତୁମ୍ଭର ସ୍ୱାମୀ ହୋଇ ଥା'ନ୍ତେ।
12ତୁମ୍ଭେ କ'ଣ ସ୍ୱସ୍ଥାନକୁ ଯିବ ନାହିଁ? ମୁଁ ଅତ୍ୟଧିକ ବୟସ୍କା
ବିବାହ କରିବା ପାଇଁ ଏବଂ ଏକ ନୂଆ ସ୍ୱାମୀ ପାଇବାକୁ।
ତଥାପି ଯଦି ପୁନର୍ବାର ବିବାହ କରିବା ପାଇଁ ଯଦି ଆଶା
କରେ, ତାଥାପି ଯଦି ମୋର ଗୋଟିଏ ସ୍ୱାମୀ ଆଜି ରାତ୍ରିରେ
ଥିଲା, ଏବଂ ମୁଁ ଗର୍ଭବତୀ ହୁଏଁ ଏବଂ ଦୁଇଟି ସନ୍ତାନ ଜନ୍ମ
ଦିଏ, ଏହାଦ୍ୱାରା ତୁମ୍ଭ ପାଇଁ କୌଣସି ସାହାଯ୍ୟ ହେବ କି?
13ସେମାନେ ବଡ ହେବା ପର୍ଯ୍ୟନ୍ତ ତୁମ୍ଭେ କଣ ଅପେକ୍ଷା
କରିବ ଏବଂ ଯଥେଷ୍ଟ ବୟସ୍କ ବିବାହ କରିବା ନିମନ୍ତେ?
ତୁମ୍ଭେ ଯେତେବେଳେ ସେମାନଙ୍କୁ ଅପେକ୍ଷା କରିବ, ତୁମ୍ଭେ
ନିଜକୁ ଅନ୍ୟ ସ୍ୱାମୀମାନଙ୍କଠାରୁ ବିବାହ କରିବାଠାରୁ ଦୂରେଇ
ରଖି ପାରିବ କି? ନା, ମୋର କନ୍ୟାଗଣ, ମୁଁ ତୁମ୍ଭମାନଙ୍କ
ପାଇଁ ଖରାପ ଅନୁଭବ କରୁଛି, କାରଣ ଏହା ଜଣାଯାଏ ଯେ,
ସଦାପ୍ରଭୁ ମୋ ବିରୁଦ୍ଧରେ ଅଛନ୍ତି।"

14ଏଣୁ ସେହି ସ୍ତ୍ରୀ ଲୋକମାନେ ପୁଣି ରୋଦନ କଲେ।
ଏହାପରେ ଅର୍ପା ତା'ର ଶାଶୂକୁ ଚୁମ୍ବନ ଦେଲା ଓ ଚାଲିଗଲା।
କିନ୍ତୁ ରୂତ ତାଙ୍କୁ ଧରି ରହିଲା।

15ନୟମୀ କହିଲା, "ଦେଖ, ତୁମ୍ଭର ଯାଆ ତା'ର ନିଜର
ଲୋକମାନଙ୍କ ନିକଟକୁ ପୁଣି ଆପଣା ଦେବତାମାନଙ୍କ ନିକଟକୁ
ଫେରିଗଲେ। ତୁମ୍ଭେ ମଧ୍ୟ ସେହିପରି କରିବା ଉଚିତ୍।"

16କିନ୍ତୁ ରୂତ କହିଲେ, "ଦୟାକରି ତୁମ୍ଭକୁ ଛାଡ଼ି ଯିବା
ପାଇଁ ମୋତେ ବାଧ୍ୟ କର ନାହିଁ। ମୋର ସ୍ୱଗୃହକୁ
ଫେରିଯିବା ପାଇଁ ମୋତେ କୁହ ନାହିଁ। ମୋତେ ତୁମ୍ଭ ସହିତ
ଯିବାକୁ ଦିଅ। ତୁମ୍ଭେ ଯୁଆଡ଼େ ଯିବ, ମୁଁ ସେହିଆଡ଼େ ଯିବି।
ତୁମ୍ଭେ ଯେଉଁଠାରେ ରହିବ ମୁଁ ସେହିଠାରେ ରହିବି। ତୁମ୍ଭର
ଲୋକ ହିଁ ମୋର ଲୋକ, ତୁମ୍ଭର ସଦାପ୍ରଭୁ ହିଁ ମୋର
ସଦାପ୍ରଭୁ ହେବେ। 17ତୁମ୍ଭେ ଯେଉଁଠାରେ ମରିବ ଓ କବର
ନେବ ମୁଁ ସେହିଠାରେ ମରିବି ଓ କବର ନେବି। କେବଳ
ମୃତ୍ୟୁଛଡା ଆଉ କିଛି ହିଁ ଯେବେ ତୁମ୍ଭକୁ ଓ ମୋତେ
ବିଚ୍ଛେଦ କରଇ, ତେବେ ସଦାପ୍ରଭୁ ସେହି ଦଣ୍ଡରୁ ମଧ୍ୟ
ତହିଁରୁ ଅଧିକ ମୋତେ ଦିଅନ୍ତୁ।"

## ଗୃହକୁ ଆସିଲେ

18ନୟମୀ ଦେଖିଲେ ଯେ ରୂତ ତାଙ୍କ ସହିତ ଯିବା ପାଇଁ
ସଂକଳ୍ପବଦ୍ଧ ଥିଲେ। ତେଣୁ ନୟମୀ ତାଙ୍କ ସହିତ ଯୁକ୍ତି ବନ୍ଦ
କଲେ। 19ନୟମୀ ଏବଂ ରୂତ ବୈଥଲେହମକୁ ଗଲେ।

ସେମାନେ ଯେତେବେଳେ ବୈଥ୍ଲେହମରେ ପ୍ରବେଶ କଲେ,
ଲୋକମାନେ ଉତ୍ସୁକ ହେଲେ ଓ କହଲେ, "ଏ କ'ଣ
ପ୍ରକୃତରେ ନୟମୀ?"

20କନ୍ତୁ ନୟମୀ ସେହ ଲୋକମାନଙ୍କୁ କହଲେ, "ମୋତେ
ନୟମୀ ବୋଲ ଡାକ ନାହିଁ, ମୋତେ ମାରା ବୋଲ ଡ଼ାକ।
ଯେହେତୁ ସର୍ବଶକ୍ତମାନ ପରମେଶ୍ୱର ମୋର ଜୀବନକୁ ଦୁଃଖପୂର୍ଣ୍ଣ
କରଅଛନ୍ତ। 21ଯେତେବେଳେ ମୁଁ ଏହ ସ୍ଥାନ ଛାଡଲ, ମୋର
ସବୁକଛ ଥିଲା, କନ୍ତୁ ସଦାପ୍ରଭୁ ମୋତେ ଖାଲ ହାତରେ
ଘରକୁ ଫେରାଇ ଆଣିଲେ। ସଦାପ୍ରଭୁ ମୋତେ ଦୁଃଖ
ଦେଇଅଛନ୍ତ, ତେଣୁ ତୁମ୍ଭେମାନେ ମୋତେ 'ନୟମୀ' ବୋଲ
କାହିଁକ ଡାକୁଅଛ? ସର୍ବଶକ୍ତମାନ ପରମେଶ୍ୱର ମୋତେ ଅନେକ
ଦୁଃଖ ଦେଇଛନ୍ତ ଏବଂ ମୋ ଉପରକୁ ବହୁତ ଅସୁବଧା
ଆଣିଛନ୍ତ।"

22ଏହପର ଭାବରେ ବାର୍ଲି ଅମଳ ଆରମ୍ଭ ହେବା
ସମୟରେ ନୟମୀ ଏବଂ ତା'ର ପୁତ୍ରବଧୂ ରୂତ ମୋୟାବର
ପାର୍ବତ୍ୟ ଦେଶରୁ ବୈଥଲେହମକୁ ଫେର ଆସିଲେ।

## ରୂତ ବୋୟଜଙ୍କୁ ସାକ୍ଷାତ କଲେ

2 ବୈଥଲେହମରେ ଜଣେ ଧନୀବ୍ୟକ୍ତ ବାସ କରୁଥିଲେ।
ଯାହାଙ୍କର ନାମଥିଲା ବୋୟଜ। ବୋୟଜ ଥିଲେ
ଏଲମେଲକର ପରବାରରୁ ନୟମୀର ଜଣେ ଅନ୍ତରଙ୍ଗ ବନ୍ଧୁ।
2ଦନେ ରୂତ (ମୋୟାବ ଦେଶୀୟ) ନୟମୀକୁ କହଲେ,
"ମୁଁ କ୍ଷେତକୁ ଯିବା ପାଇଁ ଚାହେଁ। କେହ ମୋତେ ଅନୁଗ୍ରହ
ଦେଖାଇପାରନ୍ତ। ଯଦ ଯିଏ କେହ ତା' ପଛରେ କଛ ଶସ୍ୟ
ଛାଡ଼ ଯାଏ ମୁଁ ତାକୁ ସାଉଁଟି ଆଣିବ।" ନୟମୀ କହଲେ,
"ଯାଅ, ମୋର କନ୍ୟା।"
3ତେଣୁ ରୂତ କ୍ଷେତକୁ ଗଲା। ସେ ଶ୍ରମିକମାନଙ୍କୁ
ଅନୁସରଣ କର ସମସ୍ତ ଶସ୍ୟ ସାଉଁଟିବାକୁ ଲାଗିଲା। ଯେଉଁ
ସବୁକୁ ଶ୍ରମିକମାନେ ଛାଡ ଯାଇଥିଲେ, ସେହ ଶସ୍ୟଗୁଡକୁ
ସେ ସଂଗ୍ରହ କରୁଥିଲେ। ଏହ ଘଟଣା ବୋୟଜର କ୍ଷେତରେ
ଘଟିଥିଲା ଯିଏକ ଏଲମେଲକର ପରବାରର ଥିଲା।
4ଏହାପରେ ବୋୟଜ ବୈଥଲେହମରୁ ନଜର କ୍ଷେତକୁ
ଆସିଲା। ଏବଂ ଶ୍ରମିକମାନଙ୍କୁ ଅଭ୍ୟର୍ଥନା କଲା, "ସଦାପ୍ରଭୁ
ତୁମ୍ଭମାନଙ୍କର ସହତ ଥାଆନ୍ତୁ।" ସେମାନେ ଉତ୍ତର ଦେଲେ,
"ଏବଂ ସଦାପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।"
5ଏହାପରେ ବୋୟଜ ତା'ର ଦାସକୁ ପଚାରଲା, ଯିଏ କ
ଶ୍ରମିକମାନଙ୍କର ଖବର ବୁଝୁଥିଲା, "ସେ କାହାର ଝିଅ?"
6ତାଙ୍କର ଦାସ ଉତ୍ତର ଦେଲା, "ସେ ହେଉଛନ୍ତ ମୋୟାବ
ଦେଶୀୟା ଯୁବତୀ ଯିଏକ ନୟମୀ ସାଙ୍ଗରେ ଆସିଅଛ, ସେହ
ପାର୍ବତ୍ୟମୟ ଦେଶ ମୋୟାବରୁ। 7ସେ ପ୍ରତ୍ୟୁଷରେ ଆସି
ଶ୍ରମିକମାନେ ପଛରେ ଛାଡ଼ ଯାଉଥିବା ଶସ୍ୟଗୁଡ଼କୁ ସାଉଁଟିବା
ପାଇଁ ଅନୁମତ ନେଲା। ଏ ପର୍ଯ୍ୟନ୍ତ ସେ ଲଗାତର ଭାବରେ
କାର୍ଯ୍ୟ କରୁଅଛ, କେବଳ ଅଳ୍ପ ସମୟ ସେ ଗୃହରେ ବଶ୍ରାମ
ନେଉଥିଲା*।"

8ଏହାପରେ ବୋୟଜ ରୂତକୁ କହଲେ, "ଆଗୋ ମୋର
କନ୍ୟା, ମୋର କଥା ଶୁଣ। ମୋ କ୍ଷେତରୁ ତୁମ୍ଭେ ନଜ ପାଇଁ
ଶସ୍ୟ ସଂଗ୍ରହ କର। ତୁମ୍ଭର ଅନ୍ୟ କାହାର କ୍ଷେତକୁ ଯିବା
ଦରକାର ନାହିଁ। ମାତ୍ର ମୋର ଦାସୀଗଣଙ୍କ ପଛରେ ଯାଅ।
9ଦେଖ ସେମାନେ କେଉଁ କ୍ଷେତକୁ ଯାଉଛନ୍ତ, ସେମାନଙ୍କୁ
ଅନୁସରଣ କର। ମୁଁ ସେ ଯୁବକମାନଙ୍କୁ ସତର୍କ କରାଇ
ଦେଉଛ ସେମାନେ ତୁମ୍ଭକୁ ହଇରାଣ କରବେ ନାହିଁ। ତୁମ୍ଭେ
ଯେବେ ତୃଷାର୍ତ୍ତ ଅନୁଭବ କରବ, ତେବେ ତୁମ୍ଭେ ଯାଇ
ମୋର ଲୋକମାନେ ପିଉଥିବା ପାଣିପାତ୍ରରୁ ପାଣି ପିଇପାରବ।"
10ଏହାପରେ ରୂତ ତାଙ୍କୁ ପ୍ରଣାମ କଲା। ସେ ବୋୟଜଙ୍କୁ
ପଚାରଲା, "ମୁଁ ଆଶ୍ଚର୍ଯ୍ୟ ହେଉଛ, ତୁମ୍ଭେ ତ ମୋତେ ଆଗରୁ
କେବେବ ଦେଖି ନାହିଁ। ମୁଁ ବଦେଶୀନୀ ହେଲେବ ତୁମ୍ଭେ
ମୋ' ପ୍ରତ ଦୟା ଦେଖାଇ ଅଛ।"
11ବୋୟଜ ତାଙ୍କୁ କହଲେ, "ତୁମ୍ଭେ କପର ତୁମ୍ଭ ଶାଶୂ
ନୟମୀକୁ ସାହାଯ୍ୟ କଲ, ମୋତେ ସେ ବଷୟରେ କୁହାଗଲା।
ମୁଁ ଜାଣେ ତୁମ୍ଭର ସ୍ୱାମୀର ମୃତ୍ୟୁ ପରେ ତୁମ୍ଭେ କପର ତାକୁ
ସାହାଯ୍ୟ କଲ। ଏବଂ ମୁଁ ଏହା ମଧ ଜାଣେ ଯେ ତୁମ୍ଭେ
ତୁମ୍ଭର ନଜର ଦେଶ, ମାତାପିତାଙ୍କୁ ଛାଡ଼ ପୁଣି ଯେଉଁମାନଙ୍କୁ
ତୁମ୍ଭେ ପୂର୍ବରୁ ଜାଣି ନଥିଲ, ସେହମାନଙ୍କ ସହତ ରହବା
ପାଇଁ ଆସିଅଛ। 12ସଦାପ୍ରଭୁ ତୁମ୍ଭକୁ ତୁମ୍ଭର ଏହ ଭଲକାମ
ପାଇଁ ପୁରସ୍କାର ଦେବେ। ତୁମ୍ଭକୁ ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱର ପୂର୍ଣ୍ଣ ମାତ୍ରାରେ ପୁରସ୍କୃତ କରନ୍ତୁ। ତୁମ୍ଭେ
ନରାପତ୍ତା ପାଇଁ ସଦାପ୍ରଭୁଙ୍କ ପାଖକୁ ଫେରଆସିଲ ଏବଂ ସେ
ତୁମ୍ଭଙ୍କୁ ରକ୍ଷା କରବେ।"
13ଏହାପରେ ରୂତ ତାଙ୍କୁ କହଲେ, "ତୁମ୍ଭେ ମୋ
ଉପରେ ବହୁତ ଦୟା ଦେଖାଇ ଅଛ। ମହାଶୟ, ମୁଁ
ଆପଣଙ୍କର ଦାସୀ। ଏପରକ ମୁଁ ଆପଣଙ୍କର ଏକ ଦାସୀ
ସହତ ସମାନ ନୁହେଁ, ତଥାପି ଆପଣ ମୋପ୍ରତ ବହୁତ ଦୟା
ଓ କରୁଣା ଦେଖାଇଛନ୍ତ ଏବଂ ଆପଣ ଦୟାର କଥା ମୋତେ
କହଛନ୍ତ।"
14ମଧ୍ୟାହ୍ନ ଭୋଜନ ସମୟରେ, ବୋୟଜ ରୂତଙ୍କୁ କହଲେ,
"ଏଠାକୁ ଆସ! ଆମର ରୋଟୀରୁ କଛ ଖାଅ। ଆଉ ତୁମ୍ଭ
ରୋଟୀରୁ କଛ ଖଣ୍ଡ ନେଇ ତାହାକୁ ଅମ୍ଳରସରେ ବୁଡାଅ।"
ତେଣୁ ରୂତ ବୋୟାଜଙ୍କର ଶ୍ରମିକମାନଙ୍କ ସହତ ବସିଲେ।
ବୋୟଜ ତାଙ୍କୁ କଛ ଭଜା ଶସ୍ୟ ଆଣି ଖାଇବାକୁ ଦେଲେ।
ତହିଁରେ ସେ ତୃପ୍ତ ହେବା ପର୍ଯ୍ୟନ୍ତ ଭୋଜନ କଲା ଓ କଛ
ବଳକା ରଖିଲା।
15ଏହାପରେ ରୂତ ଉଠି କାର୍ଯ୍ୟକୁ ଗଲା।
ଏହାପରେ ବୋୟଜ ତାଙ୍କର ଦାସମାନଙ୍କୁ କହଲେ, "ବଡା
ମଧରୁ ମଧ ତାକୁ ଶସ୍ୟ ସାଉଁଣ୍ଟିବାକୁ ଦଅ। ତାକୁ କେବେ
ଲଜ୍ଜା ଦଅ ନାହିଁ। 16ତା'ର କାମକୁ ସରଳ କରବା ପାଇଁ
କଛ ଶସ୍ୟ ପକାଇ ଯାଅ ଏବଂ ତାକୁ ଗୋଟାଇବାକୁ ଦଅ।
ତାଙ୍କୁ ବାରଣ କର ନାହିଁ।"

## ନୟମୀ ବୋୟଜଙ୍କ ବଷୟରେ ଶୁଣିଲେ

17ରୂତ ସନ୍ଧ୍ୟା ପର୍ଯ୍ୟନ୍ତ କ୍ଷେତରେ କାର୍ଯ୍ୟ କଲା। ସେ
ଶସ୍ୟ ସଂଗ୍ରହ କଲା ପରେ, ସେ ଏଗୁଡକୁ ତୁଷରୁ ଅଲଗା

---

**ଏ ପର୍ଯ୍ୟନ୍ତ … ବଶ୍ରାମ ନେଇଥିଲା** ହବ୍ରୁରେ ଏହାର ଅର୍ଥ ନଶ୍ଚିତ ନୁହେଁ।

କଲା। ଏହା ଓଜନ କଲାରୁ ଅର୍ଦ୍ଧ ବୁଶେଲ ବାର୍ଲି ହେଲା।
18ରୂତ୍ ଏହାପରେ ଶସ୍ୟଗୁଡ଼ିକୁ ନେଇ ନଗରକୁ ଯାଇ ତା'ର
ଶାଶୂକୁ ଦେଖା ଏବଂ ସାଙ୍ଗରେ ଆଣିଥିବା ଅବଶିଷ୍ଟ ଖାଦ୍ୟ
ତାଙ୍କୁ ଦେଲା।

19ତା'ର ଶାଶୂ ତାକୁ ପଚାରିଲେ, "ଆଜି ତୁମ୍ଭେ କେଉଁଠାରୁ
ଏହି ଶସ୍ୟ ସଂଗ୍ରହ କଲ? କେଉଁଠାକୁ ତୁମ୍ଭେ ଗଲ ଓ କାମ
କଲ? ଯିଏ ତୁମ୍ଭକୁ ଶସ୍ୟ ଦେଲା, ସେ ଧନ୍ୟ ହେଉ।"

ଏହାପରେ ରୂତ ଯାହାଙ୍କ ସହିତ କାର୍ଯ୍ୟ କରିଥିଲା ତା
ବିଷୟରେ ତାକୁ କହିଲେ। "ମୁଁ ଆଜି ଯେଉଁ ଲୋକର
କାର୍ଯ୍ୟ କରୁଥିଲି, ତାଙ୍କର ନାମ ଥିଲା ବୋୟଜ।"

20ତେଣୁ ନୟମୀ ତାଙ୍କର ପୁତ୍ରବଧୂକୁ କହିଲା, "ସେ
ସଦାପ୍ରଭୁଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୁଅନ୍ତୁ, ଯିଏକି ମୃତ ଓ
ଜୀବିତ ଓ ମୃତମାନଙ୍କଠାରୁ ତାଙ୍କର କରୁଣା ଦୂରେଇ ନାହାନ୍ତି।"
ଏହାପରେ ନୟମୀ ତାକୁ କହିଲା, "ସେ ହେଉଛନ୍ତି ଆମର
ନିକଟ ସମ୍ପର୍କୀୟ ଏବଂ ଆମ୍ଭମାନଙ୍କର ରକ୍ଷାକର୍ତ୍ତା* ମଧ୍ୟରୁ
ଜଣେ ଅଟନ୍ତି।"

21ଏହାପରେ ମୋୟାବ ଦେଶୀୟା ରୂତ କହିଲା, "ବୋୟଜ
ଫେରି ଆସିବାକୁ ଏବଂ ତାଙ୍କର ଶ୍ରମିକମାନଙ୍କ ସହିତ ମିଶି
କାର୍ଯ୍ୟ କରିବାକୁ ପଚାରିଲେ, ଯେପର୍ଯ୍ୟନ୍ତ ଅମଳ ଶେଷ
ହୋଇନାହିଁ।"

22ଏହାପରେ ନୟମୀ ତା'ର ପୁତ୍ରବଧୂ ରୂତକୁ କହିଲେ,
"ଏହା ତୁମ୍ଭପାଇଁ ଅତି ଉତ୍ତମ ଯେ ତୁମ୍ଭେ ସେହି ସ୍ତ୍ରୀ
ଲୋକମାନଙ୍କ ସଙ୍ଗେ କାର୍ଯ୍ୟ କରିବ। ଯଦି ତୁମ୍ଭେ ଅନ୍ୟର
କ୍ଷେତରେ କାର୍ଯ୍ୟ କର ତେବେ କେତେକ ଲୋକ ତୁମ୍ଭର
ଅସୁବିଧା କରିପାରନ୍ତି।" 23ତେଣୁ ରୂତ ବୋୟଜଙ୍କର ସେହି
ମହିଳା ଶ୍ରମିକମାନଙ୍କ ସହିତ ଘନିଷ୍ଠଭାବରେ କାର୍ଯ୍ୟ କରିବାକୁ
ଲାଗିଲେ। ବାର୍ଲି ଅମଳ ସରିବା ପର୍ଯ୍ୟନ୍ତ ସଂଗ୍ରହ କରି
ଚାଲିଲେ। ତା ପରେ ସେ ଗହମ ଅମଳ ଶେଷ ପର୍ଯ୍ୟନ୍ତ
ସେଠାରେ କାର୍ଯ୍ୟ କଲେ, ଏବଂ ତାଙ୍କର ଶାଶୂଙ୍କ ସହିତ
ରହିବାକୁ ଲାଗିଲା।

## ଶସ୍ୟ ଅମଳ ଖଳା

3 ଏହାପରେ ନୟମୀ ରୂତର ଶାଶୂ ତାଙ୍କୁ କହିଲେ, "ହେ
ମୋର କନ୍ୟା, ମୁଁ ତୁମ୍ଭ ପାଇଁ ଏକ ନିରାପଦ ଗୃହ
ପାଇବା ପାଇଁ ଚେଷ୍ଟା କରିବ। ଏହା ତୁମ୍ଭର ମଙ୍ଗଳ ହେବ।"
2ହୋଇପାରେ ବୋୟଜ ହେଉଛନ୍ତି ଉପଯୁକ୍ତ ପ୍ରସ୍ତାବ। ବୋୟଜ
ହେଉଛି ଆମର ଦୂର ସମ୍ପର୍କୀୟ। ତୁମ୍ଭେ ତାଙ୍କ ଦାସୀମାନଙ୍କ
ସହିତ କାମ କରିଛ। ସେ ଆଜି ଆପଣା ଖଳାରେ ରାତ୍ରି
ସମୟରେ ଜବ ଝାଡୁଅଛି। 3ତୁମ୍ଭେ ସ୍ନାନ କରି ସୁନ୍ଦର
ପୋଷାକ ପିନ୍ଧି ସେହି ଖଳାକୁ ଯାଅ। ମାତ୍ର ସେହି ମନୁଷ୍ୟ
ଭୋଜନ ପାନ ନସାରିବା ପର୍ଯ୍ୟନ୍ତ ତାକୁ ଆପଣାର ପରିଚୟ
ଦିଅନାହିଁ। 4ଖାଇ ସାରିବାପରେ ସେ ଯେତେବେଳେ ଶୟନ
କରିବାକୁ ଯିବେ, ସେହି ସ୍ଥାନକୁ ଆଗେଇ ଯାଅ, ତାଙ୍କର
ପାଦରୁ ଆବରଣ କାଢ଼ି ସେଠାରେ ପଡ଼ିରୁହ। ତହିଁରେ ତୁମ୍ଭକୁ
କ'ଣ କରିବାକୁ ହେବ ତାହା ସେ ଜଣାଇବେ।

5ଏହାପରେ ରୂତ ଉତ୍ତର ଦେଲା, "ତୁମ୍ଭେ ଯାହା କହିଲ,
ମୁଁ ତାହା ନିଶ୍ଚିତ କରିବି।"

6ଏଣୁ ରୂତ ସେହି ଖଳାକୁ ଯାଇ ନିଜର ଶାଶୂର କଥା
ଅନୁସାରେ କାର୍ଯ୍ୟମାନ କଲା। 7ପୁଣି ଖାଇପିଇ ସାରି ବୋୟଜର
ଅନ୍ତଃକରଣ ହୃଷ୍ଟ ହୁଅନ୍ତେ ସେ ଅମାର ପାଖରେ ଶୟନ
କରିବାକୁ ଗଲେ। ତହିଁରେ ରୂତ ଧୀରେ ଧୀରେ ଯାଇ
ବୋୟାଜର ପାଦ ପାଖ ସ୍ଥାନ ଅନାବୃତ୍ତ କରି ପଡ଼ି ରହିଲା।

8ମଧ୍ୟରାତ୍ର ସମୟରେ ସେହି ଲୋକ ପଡ଼ିଉଠି ଆଶ୍ଚର୍ଯ୍ୟ
ହୋଇ ଅନାଇ ଦେଖିଲା ତା'ର ପାଦ ନିକଟରେ ଏକ ସ୍ତ୍ରୀ
ଶୟନ କରିଛି। 9ବୋୟଜ ପଚାରିଲା, "ଆପଣ କିଏ।"

ସେ କହିଲା, "ମୁଁ ହେଉଛି ରୂତ, ତୁମ୍ଭର ଦାସୀ। ଏଣୁ
ଆପଣାପକ୍ଷ ଆପଣଙ୍କ ଦାସୀ ଉପରେ ବିସ୍ତାର କରନ୍ତୁ। କାରଣ
ଆପଣ ମୁକ୍ତିକର୍ତ୍ତା ଜ୍ଞାତି ଅଟନ୍ତି।

10ଏହାପରେ ବୋୟଜ କହିଲା, "ହେ ଯୁବତୀ ସଦାପ୍ରଭୁ
ତୁମ୍ଭକୁ ଆଶୀର୍ବାଦ କରନ୍ତୁ। ତୁମ୍ଭେ ମୋ ପ୍ରତି ଅନେକ ଦୟା
ଦେଖାଇଛ। ତୁମ୍ଭର ମୋ' ପ୍ରତି ଦୟା ପୂର୍ବରୁ ନୟମୀକୁ
ଦେଖାଇଥିବା ଦୟାଠାରୁ ଆହୁରି ଅଧିକ। ତୁମ୍ଭେ ଜଣେ ଗରିବ
ବା ଧନୀ ଯୁବକକୁ ଠିକ୍ କରି ବିବାହ କରିପାରିଥାନ୍ତି। କିନ୍ତୁ
ତୁମ୍ଭେ ଏପରି କଲ ନାହିଁ। 11ହେ ଯୁବତୀ, ଭୟ କରନାହିଁ।
ତୁମ୍ଭେ ଯାହା ଇଚ୍ଛା କରିବ, ମୁଁ ତାହା ନିଶ୍ଚିତ କରିବି।
ସହରର ସମସ୍ତ ଲୋକ ଜାଣନ୍ତି ଯେ ତୁମ୍ଭେ ବହୁତ ଭଲ।
12ଏହା ସତ୍ୟ ଯେ, ମୁଁ ତୁମ୍ଭର ନିକଟ ସମ୍ପର୍କୀୟ। କିନ୍ତୁ
ଏହିପରି ଆଉ ଜଣେ ଲୋକ ଅଛନ୍ତି ଯିଏକି ମୋଠାରୁ ତୁମ୍ଭର
ଆହୁରି ନିକଟତମ ସମ୍ପର୍କୀୟ। 13ଆଜି ରାତି ଏହିଠାରେ ରୁହ।
ଆସନ୍ତା କାଲି ସକାଳେ ମୁଁ ଦେଖିବି ଯେ, ସେ ତୁମ୍ଭକୁ
ବିବାହ କରୁବାକୁ ଇଚ୍ଛା କରୁଛି କି ନା, ଯଦି ସେ ରାଜି
ହୁଅନ୍ତି ତେବେ ଉତ୍ତମ କଥା। ଯେବେ ସେ ବିବାହ କରିବାକୁ
ମନା କରନ୍ତି, ସଦାପ୍ରଭୁଙ୍କର ନାମରେ ପ୍ରତିଜ୍ଞା କରୁଅଛି, ମୁଁ
ତୁମ୍ଭକୁ ବିବାହ କରିବି ଏବଂ ଏଲିମେଲକର ଭୂମି ଫେରାଇ
ଆଣିବି। ତେଣୁ ସକାଳ ପର୍ଯ୍ୟନ୍ତ ଏହିଠାରେ ଶୟନ କର।"

14ତେଣୁ ରୂତ ସକାଳ ପର୍ଯ୍ୟନ୍ତ ବୋୟଜର ପାଦତଳେ
ଶୟନ କଲା। ଅନ୍ଧାର ଥାଉଁ ଥାଉଁ ଲୋକମାନେ ଚିହ୍ନିବା
ପୂର୍ବରୁ ରୂତ୍ ଉଠି ପଡ଼ିଲେ।

ବୋୟଜ ତାଙ୍କୁ କହିଲେ, "ଏକଥା ଯେପରି କେହି
ଜାଣନ୍ତି ଯେ, ଜଣେ ସ୍ତ୍ରୀ ଲୋକ ଏହିଠାରେ ଏହି ଖଳାରେ
ଥିଲା।" 15ଏହାପରେ ବୋୟଜ ରୂତଙ୍କୁ କହିଲେ, "ତୁମ୍ଭର
ଚାଦର ମେଲାଇ ଧର।"

ତହିଁରେ ରୂତ ମେଲାଇ ଧରିଲା ଓ ବୋୟାଜ ଏକ
ବୁଶେଲ ବାର୍ଲି ତହିଁରେ ଢାଳି ଦେଲେ। ତା'ପରେ ସେ ତାକୁ
ପିଠିରେ ପକାଇ ଦେଲେ ସେ(ସ୍ତ୍ରୀ) ସହରକୁ ଫେରିଗଲା।

16ଯେତେବେଳେ ରୂତ ଘରକୁ ଆସିଲା, ତା'ର ଶାଶୂ
ତାକୁ ପଚାରିଲେ, "ହେ ମୋର କନ୍ୟା ସବୁକିଛି କେମିତି
ହେଲା?"

ତା'ପରେ ରୂତ ଲୋକଟି କରିଥିବା ସବୁକିଛି ବର୍ଣ୍ଣନା
କଲା। 17ତା'ପରେ ସେ (ସ୍ତ୍ରୀ) କହିଲା, "ବୋୟଜ ଏହି ଯବ

**ରକ୍ଷାକର୍ତ୍ତା ବା ଉଦ୍ଧାରକର୍ତ୍ତା** ଯେଉଁ ବ୍ୟକ୍ତି ଜଣେ ମୃତ ପରିବାରର
ସମନ୍ଧଯୁକ୍ତ ଯନି ସହକାରେ ରକ୍ଷା କରେ। ପ୍ରାୟ ସବୁବେଳେ ଏହି
ବ୍ୟକ୍ତି ଦିନହୀନ ଦାସତ୍ୱ ସମ୍ପର୍କରୁ (ଉଦ୍ଧାର) ପୁନର୍ବାର ଆଣେ
ଆଉଥରେ ସେମାନଙ୍କୁ ମୁକ୍ତ କରେ।

ଉପହାର ଦେଇଛନ୍ତି। ବୋୟଜ କହିଲେ, ବିନା ଉପହାରରେ ତୁମ୍ଭେ ତୁମ୍ଭ ଶାଶୂଙ୍କ ନିକଟକୁ ଯିବା ଉଚିତ୍ ନୁହେଁ।"

18ନୟମୀ କହିଲା, "ହେ, କନ୍ୟା ଏହି ବିଷୟ କ'ଣ ହେବ, ଏହା ତୁମ୍ଭେ ଜାଣିବା ପର୍ଯ୍ୟନ୍ତ, ଧୈର୍ଯ୍ୟ ଧର, କାରଣ ସେହି ମନୁଷ୍ୟ କାର୍ଯ୍ୟ ଶେଷ ନକଲା ପର୍ଯ୍ୟନ୍ତ ବିସିପାରିବ ନାହିଁ। ଆମ୍ଭେମାନେ ଜାଣୁ ଯେ ଦିନ ସରିବା ପୂର୍ବରୁ କ'ଣ ହେବ।"

## ବୋୟଜ ଏବଂ ତାଙ୍କର ସମ୍ପର୍କୀୟ

4 ବୋୟଜ ନଗର ଦ୍ୱାରକୁ ଗଲା ଏବଂ ସେଠାରେ ବସିଲା, ସେ କହିଥିବା ନିକଟ ସମ୍ପର୍କୀୟକୁ ଯାଉଥିବାର ଦେଖିଲା। ତେଣୁ ସେ ତାହାକୁ ଡାକି କହିଲେ, "ଆସ ଏବଂ ଏହିଠାରେ ବସ!" ତେଣୁ ସେ ଲୋକଟି ଆସିଲା ଓ ସେହିଠାରେ ବସିଲା।

2ଏହାପରେ ବୋୟଜ କେତେକ ସାକ୍ଷୀ ଠୁଳ କଲେ। ସେମାନେ ନଗରର ଦଶଜଣ ବୟୋଜ୍ୟେଷ୍ଠ ଥିଲେ। ସେ ସେମାନଙ୍କୁ କହିଲେ, "ଏହିଠାରେ ବସ, ତେଣୁ ସେମାନେ ସେଠାରେ ବସିଲେ।"

3ବୋୟଜ ସେମାନଙ୍କର ରକ୍ଷାକର୍ତ୍ତାଙ୍କୁ କହିଲା, "ନୟମୀ ପର୍ବତମୟ ଦେଶ ମୋୟାବରୁ ଫେରିଅଛି। ଏବଂ ସେ ତା'ର ଭୂମିକୁ ବିକ୍ରୀ କରିବାର ଥିଲା, ଯାହାକି ଏଲିମେଲକର ଥିଲା*।
4ଏଠାରେ ଥିବା ଲୋକମାନଙଙ୍କ ସମ୍ମୁଖରେ ଓ ମୋର ଲୋକମାନଙ୍କର ପ୍ରାଚୀନମାନଙ୍କ ସମ୍ମୁଖରେ ମୁଁ ତୁମ୍ଭକୁ କହିବା ପାଇଁ ନିଷ୍ପତ୍ତି କରିଛି। ଯଦି ତୁମ୍ଭେ ଏହାକୁ କିଣିବାକୁ ଚାହିଁ, ତେବେ ଏହାକୁ କିଣ! ଯଦି ଏହା ତୁମ୍ଭେ କିଣିବାକୁ ନଚାହିଁ, ତେବେ ମୋତେ କୁହ ଓ ମୁଁ ଏହାକୁ କିଣିବି କାରଣ ଯେହେତୁ ତୁମ୍ଭେ ଜାଣ, ତୁମ୍ଭ ପରେ ମୁଁ ଯଥାର୍ଥ ଲୋକ ଯାହାର ଏହି ଜାଗାକୁ କିଣିବା ପାଇଁ ଅଧିକାର ଅଛି। ଯଦି ତୁମ୍ଭେ କିଣିବାକୁ ଚାହିଁ ନାହିଁ, ତେବେ ମୁଁ ଏହାକୁ କିଣିବି।"

5ଏହାପରେ ବୋୟଜ କହିଲା, "ଯେବେ ତୁମ୍ଭେ ନୟମୀଠାରୁ ଏହି ଜମି କିଣିଛ, ତେବେ ତୁମ୍ଭେ ମୃତ ଲୋକର ସ୍ତ୍ରୀ ମୋୟାବୀୟ ଋତକୁ ହିଁ ପାଇବ। ମୃତ ଲୋକର ଭୂମିର ବଂଶଧର ପାଇବା ପାଇଁ ତୁମ୍ଭେ ତାକୁ ବିବାହ କରିବା ଉଚିତ୍। ଏହିପରି ଭାବରେ ସେହି ଜମି ମୃତ ଲୋକର ନାମରେ ରହିଯିବ।"

6ରକ୍ଷାକର୍ତ୍ତା କହିଲା, "ମୁଁ ଏହାକୁ କ୍ରୟ କରିପାରିବି ନାହିଁ। ଯଦିଓ ଏହା ମୋର ଅଧିକାର ଅଟେ, ମୁଁ ଏହାକୁ ପାରିବି ନାହିଁ। ଯଦି ମୁଁ ଏହା କରେ, ମୁଁ ମୋର ଜମି ହୁଏତ ହରାଇପାରେ। ସେଥିପାଇଁ ତୁମ୍ଭେ ତାହା କିଣିପାର।"

7ବହୁଦିନ ପୂର୍ବରୁ ଯେତେବେଳେ ଲୋକମାନେ ସେମାନଙ୍କର କଠାଉ ଅନ୍ୟକୁ ଦିଅନ୍ତି, ଏହା ଇଶ୍ରାୟେଲରେ ବନ୍ଧକ ସମ୍ପତ୍ତି ମୁକୁଳାଇବାର ସାକ୍ଷୀ ଅଟେ। 8ମୁକ୍ତିକର୍ତ୍ତା ଜ୍ଞାତି ଯେତେବେଳେ ବୋୟଜକୁ "ସେହି ଭୂମି କିଣିବାକୁ" କହିଲା। ସେ ତା'ର ପାଦୁକା କାଢି ତାଙ୍କୁ ଦେଲା।

9ଏହାପରେ ବୋୟଜ, ପ୍ରାଚୀନବର୍ଗ ଓ ସେଠାରେ ଥିବା ସମସ୍ତ ଲୋକଙ୍କୁ କହିଲା, "ଆଜି ଆପଣମାନେ ସମସ୍ତେ ସାକ୍ଷୀ। ମୁଁ ଆଜି ନୟମୀଠାରୁ ସମସ୍ତ କିଣୁଅଛି। ଯାହା କି ଥିଲା ସବୁ ଏଲିମେଲକ, କିଲୟୋନ ଏବଂ ମହଲୋନ୍‌ର ଥିଲା।
10ମୁଁ ମଧ୍ୟ ମୋୟାବ ଦେଶୀୟ ମୃତ ମହଲୋନର ବିଧବା ସ୍ତ୍ରୀ ଋତକୁ ମୋର ସ୍ତ୍ରୀ ରୂପେ ଗ୍ରହଣ କଲି। ଯାହାଫଳରେ ମୃତ ବ୍ୟକ୍ତିର ଜମିଜମା ସବୁ ତା'ର ପରିବାରରେ ରହିବ। ଏହି ପ୍ରକାରରେ ମୃତ ଲୋକର ନାମ ପୁରପୁରି ଭୂଲି ହେବନାହିଁ। ଆପଣମାନେ ସମସ୍ତେ ଆଜି ଏହାର ସାକ୍ଷୀ।"

11ତେଣୁ ପ୍ରାଚୀନବର୍ଗ ଏବଂ ଫାଟକ ନିକଟରେ ଉପସ୍ଥିତ ଥିବା ଅନ୍ୟ ଲୋକମାନେ ଏହାର ସାକ୍ଷୀ ରହିଲେ। ସେମାନେ କହିଲେ, "ରାହେଲ ଓ ଲେୟାପରି ଯିଏ କି ଇଶ୍ରାୟେଲର ଗୃହ ନିର୍ମାଣ କଲେ, ସେହିପରି ସଦାପ୍ରଭୁ ଏହି ସ୍ତ୍ରୀ ଲୋକଟିକୁ ତୁମ୍ଭର ଗୃହକୁ ଆଣନ୍ତୁ। ତୁମ୍ଭେ ଏଫ୍ରାଥାରେ ଶକ୍ତିଶାଳୀ ଓ ବୈଥଲେହମରେ ପ୍ରସିଦ୍ଧ ହୁଅ।

12ସଦାପ୍ରଭୁ ଏହି ଯୁବତୀ ଦ୍ୱାରା ତୁମ୍ଭକୁ ଯେଉଁ ସନ୍ତାନ ଦେବେ, ତାହା ଦ୍ୱାରା ତୁମ୍ଭର ବଂଶ ତାମର ଗର୍ଭରେ ଯିହୁଦାରେ ଜନ୍ମିତ ପେରସର ବଂଶ ତୁଲ୍ୟ ହେଉ।

13ଏହିପରି ଭାବରେ ବୋୟଜ ଋତକୁ ବିବାହ କଲେ। ସଦାପ୍ରଭୁ ଋତକୁ ଆଶୀର୍ବାଦ କରନ୍ତେ ସେ ଗର୍ଭବତୀ ହେଲା, ଏବଂ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଲା।

14ସହରର ସ୍ତ୍ରୀ ଲୋକମାନେ ନୟମୀକୁ କହିଲେ, "ଧନ୍ୟ ସେହି ସଦାପ୍ରଭୁ, ଯିଏ ତୁମ୍ଭକୁ ଏହି ସନ୍ତାନ ଦେଇଛନ୍ତି। ସେ ଇଶ୍ରାୟେଲ ଦେଶରେ ବିଖ୍ୟାତ ହେବ।

15ବୃଦ୍ଧାବସ୍ଥାରେ ସେ ତୁମ୍ଭକୁ ସାନ୍ତ୍ୱନା ଦେବ ଓ ତୁମ୍ଭକୁ ପ୍ରତିପାଳନ କରିବ। ତୁମ୍ଭର ବୋହୂ ସାତଟି ପୁତ୍ର ଅପେକ୍ଷା ତୁମ୍ଭକୁ ଅଧିକ ପ୍ରେମ କରିବ।"

16ନୟମୀ ସେହି ବାଳକକୁ କୋଳାଇ ନେଲା ଏବଂ ତା'ର ପ୍ରତିପାଳନ କଲା। 17ସେହି ସ୍ତ୍ରୀ ଲୋକମାନେ କହିଲେ, "ବର୍ତ୍ତମାନ ନୟମୀର ଏକ ପୁତ୍ର ଅଛି।" ତେଣୁ ସେମାନେ ତା'ର ନାମ ଦେଲେ, ଓବେଦ୍। ସେ ଥିଲା ଯିଶୟର ପିତା ଏବଂ ଯିଶୟ ଥିଲା ରାଜା ଦାଉଦଙ୍କର ପିତା।

## ଋତ ଏବଂ ବୋୟଜର ପରିବାର

18 ପେରସର ବଂଶାବଳୀ ଏହି ପ୍ରକାର, ପେରସର
ପୁତ୍ର ହିଷ୍ରୋଣ,
19 ହିଷ୍ରୋଣର ପୁତ୍ର ଅରାମ ଓ ଅରାମର
ପୁତ୍ର ଅମ୍ମୀନାଦବ,
20 ଅମ୍ମୀନାଦବର ପୁତ୍ର ନହଶୋନ୍ ଓ ନହଶୋନର
ପୁତ୍ର ସଲ୍‌ମୋନ,
21 ସଲ୍‌ମୋନର ପୁତ୍ର ବୋୟଜ ଓ ବୋୟଜର
ପୁତ୍ର ଓବେଦ,
22 ଓବେଦର ପୁତ୍ର ଯିଶୟ ଓ ଯିଶୟର
ପୁତ୍ର ଦାଉଦ।

---

**ଏବଂ ସେ … ଥିଲା** "ଯେତେବେଳେ ସେ ତାହାର ଘରକୁ ଫେରିଲେ, ସେ ତାହା ସମ୍ପତ୍ତିକୁ ଦରିଦ୍ରତା ଯୋଗୁଁ ବିକ୍ରୟ କଲା।"

# ବିଚାରକର୍ତ୍ତାମାନଙ୍କ ବିବରଣ

### ଯିହୁଦା କିଣାନୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ

1 ଯିହୋଶୂୟଙ୍କର ମୃତ୍ୟୁପରେ ଇସ୍ରାଯେଲର ଲୋକମାନେ
ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ, “ସେମାନେ ସଦାପ୍ରଭୁଙ୍କର
ଆଦେଶ ମାଗିଲେ, ପ୍ରଥମେ କେଉଁ ପରିବାରବର୍ଗର ଲୋକମାନେ
କିଣାନୀୟ ଲୋକମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଯିବେ?”
2ସଦାପ୍ରଭୁ ଇସ୍ରାଯେଲୀୟଙ୍କୁ କହିଲେ, “ସର୍ବପ୍ରଥମେ ଯିହୁଦାର
ପରିବାରବର୍ଗ ଯିବ। ମୁଁ ସେମାନଙ୍କୁ ସେହି ଭୂମି ଦେବାକୁ
ଅନୁମତି ଦେବି।”
3ଯିହୁଦାର ପରିବାରବର୍ଗ ସେମାନଙ୍କର ଭାଇମାନେ
ଶିମିୟୋନର ପରିବାରବର୍ଗରୁ ସାହାଯ୍ୟ ମାଗିଲେ। ଯିହୁଦା
ଲୋକମାନେ କହିଲେ, “ଭାଇମାନେ, ସଦାପ୍ରଭୁ ଆମ୍ଭଙ୍କୁ କିଛି
ଭୂମି ଦେବାକୁ ପ୍ରତିଜ୍ଞା କରିଅଛନ୍ତି। ଯଦି ତୁମ୍ଭେ ଆମ୍ଭର ଭୂମି
ପାଇଁ ଆମ୍ଭର ଯୁଦ୍ଧରେ ସାହାଯ୍ୟ କରିବା ପାଇଁ ଆଗେଇ
ଆସିବ, ଆମ୍ଭେ ତୁମ୍ଭମାନଙ୍କ ପାଇଁ ତୁମ୍ଭଙ୍କୁ ସାହାଯ୍ୟ କରିବୁ।”
ଶିମିୟୋନର ଲୋକମାନେ ସେମାନଙ୍କର ଭୂମି ପାଇଁ ସେମାନଙ୍କୁ
ଯୁଦ୍ଧରେ ସାହାଯ୍ୟ କରିବାକୁ ରାଜି ହେଲେ।
4ତା'ପରେ ଯିହୁଦାର ଲୋକ ଆକ୍ରମଣ କରିବାକୁ ଗଲେ।
କିଣାନୀୟ ଓ ପରିଷୀୟମାନଙ୍କୁ ସଦାପ୍ରଭୁ ଯିହୁଦାର ଲୋକମାନଙ୍କୁ
ସମର୍ପଣ କଲେ। ଏବଂ ଯିହୁଦାର ଲୋକମାନେ 10,000
ଲୋକଙ୍କୁ ବେଷକରେ ହତ୍ୟା କଲେ। 5ଯିହୁଦାର ଲୋକମାନେ
ବେଷକର ଶାସକଙ୍କୁ ବେଷକ ସହରରେ ପାଇଲେ ଏବଂ
ତାଙ୍କ ବିରୁଦ୍ଧରେ ଯୁଦ୍ଧ କଲେ ଏବଂ ସେମାନେ କିଣାନୀୟ
ଏବଂ ପରିଷୀୟଙ୍କୁ ପରାସ୍ତ କଲେ।
6ବେଷକର ଶାସକ ଖସି ପଳାଇବାକୁ ଚେଷ୍ଟା କରିଥିଲେ,
କିନ୍ତୁ ଯିହୁଦାର ଲୋକମାନେ ତାଙ୍କୁ ଗୋଡେଇଲେ ଏବଂ ତାଙ୍କୁ
ଧରି ଥିଲେ। ଯେତେବେଳେ ସେମାନେ ତାଙ୍କୁ ଧରିଲେ,
ସେମାନେ ତାଙ୍କର ବୁଢ଼ା ଅଙ୍ଗୁଳିକୁ ଏବଂ ପାଦର ବୁଢ଼ା
ଅଙ୍ଗୁଠିକୁ କାଟି ନେଇଥିଲେ। 7ଏହାପରେ ଅଦୋନୀବେଷକ୍
ସେମାନଙ୍କୁ କହିଲେ, “ହସ୍ତପାଦର ଛିନ୍ନା ଅଙ୍ଗୁଳି ସତୁରି ଜଣ
ରାଜା ଆମ୍ଭ ମେଜ ତଳେ ନିଜର ଆହାର ସାଉଣ୍ଟୁ ଥିଲେ।
ମୁଁ ଯେପରି କରିଥିଲି ପରମେଶ୍ୱର ମୋତେ ସେହିପରି
ଦେଲେ।” ଏହାପରେ ଯିହୁଦାର ଲୋକମାନେ ଅଦୋନୀବେଷକ୍‌ଙ୍କୁ
ଯିରୁଶାଲମକୁ ଆଣିଲେ ଓ ସେ ସେଠାରେ ମୃତ୍ୟୁବରଣ କଲା।
8ଯିହୁଦାର ଲୋକମାନେ ଯିରୁଶାଲମର ଲୋକମାନଙ୍କ
ବିରୁଦ୍ଧରେ ଯୁଦ୍ଧ କଲେ ଓ ଯିରୁଶାଲମକୁ ଅଧିକାର କଲେ।
ଯିହୁଦାର ଲୋକମାନେ ସେମାନଙ୍କୁ ଖଣ୍ଡା ଦ୍ୱାରା ହତ୍ୟା କଲେ
ଓ ସହରକୁ ପୋଡିଦେଲେ। 9ଏହାପରେ ଯିହୁଦାର ଲୋକମାନେ
କିଣାନୀୟ ବିରୁଦ୍ଧରେ ଯୁଦ୍ଧ କଲେ, ଯେଉଁମାନେ ପର୍ବତମୟ
ଦେଶରେ ନେଗେଭରେ ଏବଂ ପାଶ୍ଚାତ୍ୟମାଳଭୂମିରେ ବସବାସ
କରୁଥିଲେ।
10ଏହାପରେ ଯିହୁଦାର ଲୋକମାନେ କିଣାନୀୟମାନଙ୍କ
ସହିତ ଯୁଦ୍ଧ କଲେ। ଯେଉଁମାନେ ହିବ୍ରୋଣ ସହରରେ ବାସ
କରୁଥିଲେ। ହିବ୍ରୋଣର ପୁରାତନ ନାମ ଥିଲା କିରିୟଥ ଅର୍ବ
ଯିହୁଦାର ଲୋକମାନେ ଶେଶୟ, ଅହୀମାନ ଓ ତଲ୍ମୟଙ୍କୁ
ପରାସ୍ତ କଲେ।

### କାଲେବ୍ ଓ ତାଙ୍କର କନ୍ୟା

11ଯିହୁଦାର ଲୋକମାନେ ସେ ସ୍ଥାନକୁ ପରିତ୍ୟାଗ କଲେ।
ସେମାନେ ଦବୀର ସହର ଅଭିମୁଖେ ସେମାନଙ୍କର ଲୋକମାନଙ୍କ
ବିରୁଦ୍ଧରେ ଯୁଦ୍ଧ କରିବାକୁ ଗଲେ। ଅତୀତ କାଳରେ ଦବୀର
ନାମ ଥିଲା କିରିୟଥ ସେଫର। 12ଯିହୁଦାର ଲୋକମାନେ
ଯୁଦ୍ଧ ଆରମ୍ଭ କଲା ପୂର୍ବରୁ, କାଲେବ୍ ସେକାନଙ୍କୁ ଗୋଟିଏ
ପ୍ରତିଜ୍ଞା କରିଥିଲେ। କାଲେବ କହିଲା, “ମୁଁ କିରିୟଥ ସେଫର
ବିରୁଦ୍ଧରେ ଯୁଦ୍ଧ କରିବାକୁ ଚାହେଁ। ଯେଉଁ ଲୋକ ସେ
ସହରକୁ ପରାସ୍ତ କରିବ, ମୁଁ ତା' ସହିତ ମୋର କନ୍ୟା
ଅକ୍‌ଷାରକୁ ବିବାହ ଦେବି।”
13କାଲେବ୍‌ର ଜଣେ କନିଷ୍ଠ ଭାଇ ଥିଲେ ଯାହାର
ନାମଥିଲା କନସର। କନ୍‌ସର ପୁତ୍ର ଅତ୍ନୀୟେଲ। ଅତ୍ନୀୟେଲ
କିରିୟଥ-ସେଫରର ସହର ଅଧିକାର କରିଥିଲେ ଏବଂ କାଲେବ୍
ତାଙ୍କୁ ଅକଷାରକୁ ବିବାହ ଦେଲେ।
14ତାଙ୍କର ସ୍ୱାମୀ ଅତ୍ନୀୟେଲ୍‌ଙ୍କ ସଙ୍ଗରେ ଯିବା ସମୟରେ,
ଅକଷାର ତାଙ୍କ ପିତାକୁ ଖଣ୍ଡେ ଭୂମି ପାଇଁ ପଚାରିବାକୁ, ତାଙ୍କୁ
ଉପଦେଶ ଦେଲେ। ଯେତେବେଳେ ସେ ଘୋଡାରୁ ଓହ୍ଲାଇ
ପଡିଲେ, କାଲେବ୍ ତାଙ୍କୁ ପଚାରିଲେ, “ଭୁଲ କ'ଣ?”
15ଅକ୍‌ଷାର କାଲେବ୍‌ଙ୍କୁ କହିଲେ, “ମୋତେ ଆର୍ଶୀବାଦ
କର। ଆପଣ ମୋତେ ଦକ୍ଷିଣରେ ଭୂମି ଦେଇଛନ୍ତି, ଯାହାକି
ଶୁଷ୍କ, ମୋତେ କିଛି ଜଳ ନିର୍ଝର ଭୂମି ଦିଅନ୍ତୁ।” ଏହାପରେ
କାଲେବ୍ ଭୂମିର ଉପରିସ୍ଥ ଓ ତଳସ୍ଥ ନିର୍ଝର ସେହି ଭୂମି
ତାଙ୍କୁ ଦେଲେ।
16କିଣାନୀୟମାନେ ଖଜୁରୀପୁରସ୍ଥର ସହର ଯେରିକୋକୁ
ପରିତ୍ୟାଗ କଲେ ଏବଂ ଯିହୁଦାର ଲୋକମାନଙ୍କ ସହିତ
ଯିହୁଦାର ମରୁଅଞ୍ଚଳରେ ଲୋକମାନଙ୍କ ସହିତ ବାସ କରିବାକୁ
ଗଲେ। ଏହା ଅରାଦର ନିକଟବର୍ତ୍ତୀ ଥିଲା, କେନୀୟ ଲୋକମାନେ
ମୋଶାଙ୍କର ଶ୍ୱଶୁର ଘର ପରିବାରରୁ ଥିଲେ।
17ଯିହୁଦା ଓ ତାଙ୍କର ଭାଇମାନେ ମିଶି ଶିମିୟୋନ
ପରିବାରବର୍ଗ ସହିତ ଗଲେ, ସେମାନେ ସଫାତ୍‌ବାସୀ
କିଣାନୀୟମାନଙ୍କୁ ଆଘାତ କରି ସେହି ନଗରକୁ ବର୍ଜିତ ରୂପେ
ବିନାଶ କଲେ ଏବଂ ସେହି ନଗର ନାମ ହେଲା ହର୍ମା।
18ଯିହୁଦାର ଲୋକମାନେ ଘାସା ସହର ଏବଂ ଏହାର
ପାର୍ଶ୍ୱବର୍ତ୍ତୀ ସହର ଅଧିକାର କଲ। ସେମାନେ ଅସ୍କିଲୋନ୍

ସହରଗୁଡିକ ଓ ଇକ୍ରୋଣ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ
ଅଧିକାର କଲେ।
19ଯିହୁଦାର ଲୋକମାନେ ଯେତେବେଳେ ଯୁଦ୍ଧ କରୁଥିଲେ,
ସେତେବେଳେ ସଦାପ୍ରଭୁ ସେମାନଙ୍କର ପକ୍ଷରେ ଥିଲେ।
ସଦାପ୍ରଭୁ ପର୍ବତମୟ ଦେଶକୁ ସେମାନଙ୍କର ଅଧିକାରକୁ
ଆଣିଲେ। କିନ୍ତୁ ଯିହୁଦାର ଲୋକମାନେ ତଳଭୂମିଗୁଡିକୁ
ସେମାନଙ୍କର ଅଧୀନକୁ ଆଣିପାରି ନ ଥିଲେ। କାରଣ ସେଠାରେ
ଯେଉଁ ଲୋକମାନେ ବାସ କରୁଥିଲେ, ଲୌହ ନିର୍ମିତ ରଥ
ବ୍ୟବହାର କରୁଥିଲେ।
20କାଲେବ୍‌କୁ ହିବ୍ରୋଣକୁ ନେବା ପାଇଁ ମୋଶା ପ୍ରତିଜ୍ଞା
କରିଥିଲେ, ତେଣୁ ସେହି ଭୂମି କାଲେବ୍‌କୁ ଦିଆଗଲା।
କାଲେବ ମଧ୍ୟ ବଳାତ୍କାର କରି ଅଙ୍ଗର ତିନି ପୁତ୍ରଙ୍କୁ ସେଠାରୁ
ତଡି ଦେଲେ।

## ବିନ୍ୟାମୀନ ଲୋକମାନେ ଯିରୁଶାଲମରେ ବାସ କଲେ

21ବିନ୍ୟାମୀନର ପରିବାରବର୍ଗମାନେ ଯିରୁଶାଲମ ନିବାସୀ
ଯିବୂଷୀୟମାନଙ୍କୁ ତଡି ଦେଲେ ନାହିଁ। ତେଣୁ ଆଜିଯାଏ ମଧ୍ୟ
ବିନ୍ୟାମୀନ ସନ୍ତାନଗଣ ସହିତ ବାସ କରୁଛନ୍ତି।

## ଯୋଷେଫଙ୍କ ଲୋକମାନେ ବୈଥେଲ ଅଧିକାର କଲେ

22-23ଯୋଷେଫର ପରିବାରବର୍ଗ ବୈଥେଲହିମର
ଲୋକମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ। ଅତୀତରେ ବୈଥେଲ୍‌ର
ନାମ ଥିଲା ଲୂସ୍। ସଦାପ୍ରଭୁ ଯୋଷେଫର ପରିବାରବର୍ଗଙ୍କ
ପଛରେ ଥିଲେ। ଯୋଷେଫର ପରିବାରବର୍ଗ କିଛି ଅନୁଚରଗଣ
ବୈଥେଲକୁ ପଠାଇଲେ। 24ଯେତେବେଳେ ଅନୁଚରମାନେ
ଦେଖିଲେ କେହି ଜଣେ ନଗରରୁ ବାହାରକୁ ଆସୁଛି ସେହି
ଅନୁଚରମାନେ ସେହି ଲୋକକୁ କହିଲେ, "ଆମ୍ଭମାନଙ୍କୁ ଗୁପ୍ତ
ପଥ ଦେଖାନ୍ତୁ ଯେଉଁ ବାଟ ଦେଇ ଆମ୍ଭେ ସହରକୁ ଆକ୍ରମଣ
କରିବୁ। କିନ୍ତୁ ଯଦି ତୁମ୍ଭେ ଆମ୍ଭକୁ ସାହାଯ୍ୟ କର, ତେବେ
ଆମ୍ଭେମାନେ ତୁମ୍ଭକୁ ମାରିବୁ ନାହିଁ।"
25ସେହି ବ୍ୟକ୍ତିଜଣକ ଅନୁଚରମାନଙ୍କୁ ସହରକୁ ଗୁପ୍ତପଥ
ଦେଖାଇ ଥିଲେ। ଯୋଷେଫର ପରିବାରବର୍ଗ ଖଣ୍ଡାରେ ବୈଥେଲ୍‌ର
ସମସ୍ତ ଲୋକମାନଙ୍କୁ ହତ୍ୟା କଲେ। କିନ୍ତୁ ସେମାନେ ସେହି
ଲୋକଙ୍କୁ ମାରି ନଥିଲେ ଯିଏ ସେମାନଙ୍କୁ ଗୁପ୍ତପଥ ଦେଖାଇଥିଲେ।
ସେମାନେ ତାକୁ ଓ ତାହାର ପରିବାରବର୍ଗଙ୍କୁ ସ୍ୱାଧୀନ ଭାବରେ
ଯିବାକୁ ଅନୁମତି ଦେଲେ। 26ସେହି ଲୋକ, ହିତ୍ତୀୟମାନେ
ବାସ କରୁଥିବା ସ୍ଥାନକୁ ଗଲେ। ଏବଂ ଏମିତିକି ଆଜି ସେହି
ସହର ଲୂସ୍ ନାମରେ ପରିଚିତ।

## ଅନ୍ୟ ପରିବାରବର୍ଗମାନେ କିଣାନୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ

27କିଣାନୀୟ ବୈଥ୍‌ଶାନର ସହରଗୁଡିକରେ, ତାନକ, ଦୋର୍,
ଯିବ୍ଲୀୟମ, ମଗିଦ୍ଦୋ ଏବଂ ସେମାନଙ୍କ ଚତୁଃପାର୍ଶ୍ୱରେ ଅଧିକ
ଛୋଟ ସହରମାନଙ୍କରେ ବସବାସ କରୁଥିଲେ। ମନଃଶି
ପରିବାରବର୍ଗର ଲୋକମାନେ ସେହି ସହରରୁ ସେହି ଲୋକମାନଙ୍କୁ
ତଡିବାକୁ ସକ୍ଷମ ହେଲେ ନାହିଁ। ତେଣୁ ସେଠାରେ କିଣାନୀୟମାନେ
ବାସ କଲେ। 28ଏହାପରେ ଇଶ୍ରାୟେଲର ଲୋକମାନେ ଶକ୍ତିଶାଳୀ
ହେବାକୁ ଲାଗିଲେ ଏବଂ ସେମାନଙ୍କର କ୍ରୀତଦାସ କରିବା ପାଇଁ
ସେମାନେ କିଣାନୀୟମାନଙ୍କୁ ବାଧ୍ୟ କଲେ। କିନ୍ତୁ କିଣାନୀୟମାନଙ୍କୁ
ତଡ଼ିଦେବାକୁ ସେମାନେ ସକ୍ଷମ ହୋଇ ନଥିଲେ।
29ଇଫ୍ରୟିମଙ୍କ ପାଇଁ ଠିକ୍ ଏହିପରି ଭାବରେ ଘଟିଥିଲା।
ଗେଷରରେ କିଣାନୀୟ ଲୋକମାନେ ବାସ କରିବାକୁ ଲାଗିଲେ
ଏବଂ ଇଫ୍ରୟିମ କିଣାନୀୟ ଲୋକମାନଙ୍କୁ ତଡ଼ିଦେଲେ ନାହିଁ।
ତେଣୁ ଇଫ୍ରୟିମ କିଣାନୀୟମାନଙ୍କ ସହିତ ମିଶି ରହିବାକୁ
ଲାଗିଲେ।
30ଠିକ୍ ସେହିପରି ଘଟିଥିଲା ସବୂଲୂନ୍ ବଂଶଧରଙ୍କ ପ୍ରତି
କେତେକ କିଣାନୀୟ ନିବାସୀ ବାସ କରୁଥିଲେ, କିଟ୍ରୋଣ ଓ
ନହଲୋଲ୍‌ରେ କିନ୍ତୁ ସବୂଲୂନ ପରିବାରବର୍ଗମାନେ ସେମାନଙ୍କୁ
ତଡ଼ିଦେଇ ନ ଥିଲେ। ସେହି କିଣାନୀୟ ଲୋକମାନେ
ସବୂଲୂନ୍ ଲୋକମାନଙ୍କ ସହିତ ବାସ କରୁଥିଲେ। କିନ୍ତୁ
ସେବୂଲୂନ ଲୋକମାନେ ସେମାନଙ୍କୁ କ୍ରୀତଦାସ ଭାବରେ ଖଟାଇଲେ।
31ଆଶେର ପରିବାରବର୍ଗମାନଙ୍କ ସହିତ ଠିକ୍, ତାହା ହିଁ
ଘଟିଲା। ଆଶେର ପରିବାରବର୍ଗର ଲୋକମାନେ ଯେଉଁମାନେ
ସେମାନଙ୍କ ସହିତ ଅକ୍କୋନବାସୀ, ସୀଦୋନ୍ ଅହଲବ୍ ଅକଷୀବ
ହିଲବା, ଅଫିକ୍ ଓ ରହୋବରୁ ବସବାସ କରୁଥିଲେ, ସେହି
ଲୋକମାନଙ୍କୁ ବିତାଡିତ କଲେନାହିଁ। 32ଆଶେରୀୟ ଲୋକମାନେ
କିଣାନୀୟକୁ ସେମାନଙ୍କର ଦେଶରୁ ତଡ଼ି ଦେଇ ନ ଥିଲେ।
ତେଣୁ କିଣାନୀୟ ଲୋକମାନେ ଆଶେରୀୟମାନଙ୍କ ସହିତ
ନିରନ୍ତର ମିଶି ରହୁଥିଲେ।
33ନପ୍ତାଲି ପରିବାରବର୍ଗର ଲୋକମାନଙ୍କ ସହିତ ଠିକ୍
ଏକାପରି ଘଟିଥିଲା। ନପ୍ତାଲି ଲୋକମାନେ ବୈଥଶେମଶ ଓ
ବେଥ୍‌ନାତ୍‌ମାନ ଲୋକମାନଙ୍କୁ ତଡିଦେଇ ନ ଥିଲେ। ତେଣୁ
ନପ୍ତାଲିର ଲୋକମାନେ ସେହି ସହରର ଲୋକମାନଙ୍କ ସହିତ
ମିଶି ବାସ କଲେ। କିଣାନୀୟମାନେ ନପ୍ତାଲି ଲୋକମାନଙ୍କର
କ୍ରୀତଦାସ ରୂପେ କାର୍ଯ୍ୟ କଲେ।
34ଇମୋରୀୟମାନେ ଦାନ ପରିବାରବର୍ଗର ସନ୍ତାନଗଣଙ୍କୁ
ପର୍ବତମୟ ଦେଶରେ ରହିବାକୁ ବାଧ୍ୟ କଲେ। ସେମାନଙ୍କୁ
ତଳଭୂମିକୁ ଆସିବାକୁ ଦେଲେ ନାହିଁ। 35ଇମୋରୀୟମାନେ
ହେରସ ପର୍ବତରେ ଅୟାଲୋନରେ ଓ ଶାଲବୀରେ ବାସ
କରିବାକୁ ମନସ୍ଥ କଲେ। ତଥାପି ଯୋଷେଫ ପରିବାରବର୍ଗ
ଶକ୍ତିଶାଳୀ ହୁଅନ୍ତେ ସେମାନେ କ୍ରୀତଦାସ ହୋଇ ରହିଲେ।
36ଇମୋରୀୟ ଲୋକମାନଙ୍କର ଭୂମିର ସୀମା ଅକ୍ରବ୍ବୀମ ଘାଟି
ଶୈଳଠାରୁ ଏବଂ ପର୍ବତ ଦେଶ ଗିଲା ସୀମା ମଧ୍ୟରେ ଥିଲା।

## ବୋଖୀମଠାରେ ସଦାପ୍ରଭୁଙ୍କର ଜଣେ ଦୂତ

2 ସଦାପ୍ରଭୁଙ୍କର ଦୂତ ଗିଲ୍‌ଗଲ୍‌ର ନଗରରୁ ବୋଖୀମକୁ
ଆସିଲେ। ଏହି ସଦାପ୍ରଭୁଙ୍କର ଦୂତଙ୍କ ଇଶ୍ରାୟେଲବାସୀଙ୍କୁ
ନିମ୍ନଲିଖିତ ବାର୍ତ୍ତା ଦେଲେ, "ମୁଁ ତୁମ୍ଭମାନଙ୍କୁ ମିଶରରୁ
ଆଣିଲି। ମୁଁ ଯେଉଁ ଭୂମି ତୁମ୍ଭଙ୍କୁ ଦେଲି, ତାହା ମୁଁ
ପୂର୍ବପୁରୁଷଙ୍କ ନିକଟରେ ଶପଥ କରିଥିଲି। ମୁଁ କହିଲିକି ଯେ,
ମୁଁ ତୁମ୍ଭମାନଙ୍କ ସହିତ ଯୁକ୍ତି କଦାପି କୌଣସି ସମୟରେ
ଲଙ୍ଘନ କରିବି ନାହିଁ। 2କିନ୍ତୁ ଏହାର ପ୍ରତି ବଦଳରେ
ତୁମ୍ଭେମାନେ ସେହି ଦେଶର ଲୋକମାନଙ୍କ ସହିତ କୌଣସି
ନିୟମ କରିବା ଉଚିତ୍ ନୁହେଁ। ତୁମ୍ଭେମାନେ ସେମାନଙ୍କର

ଯଜ୍ଞବେଦୀ ସବୁ ଭାଙ୍ଗି ପକାଇବ। ମୁଁ ତୁମ୍ଭକୁ କହଲି, କିନ୍ତୁ
ତୁମ୍ଭେମାନେ କୌଣସି କର୍ଣ୍ଣପାତ କଲନାହିଁ।
3"ବର୍ତ୍ତମାନ ମୁଁ ତୁମ୍ଭକୁ ଏହକଥା କହୁଛି, 'ମୁଁ କେବେ
ଅନ୍ୟ ଲୋକମାନଙ୍କୁ ଏହ ଦେଶରୁ ବିତାଡିତ କରବ ନାହିଁ।
ଏହ ଲୋକମାନେ ଭବିଷ୍ୟତରେ ତୁମ୍ଭର ଏକ ସମସ୍ୟା
ହେବେ। ସେମାନେ ତୁମ୍ଭ ପ୍ରତି ଫାନ୍ଦ ସ୍ୱରୂପ ହେବେ ଓ
ସେମାନଙ୍କର ଦେବତାଗଣ ତୁମ୍ଭମାନଙ୍କ ପାଇଁ କଣ୍ଟା ସ୍ୱରୂପ
ହେବେ।'"

4ଯେତେବେଳେ ସଦାପ୍ରଭୁଙ୍କ ଦୂତ ଏହକଥା
ଇସ୍ରାୟେଲବାସୀଙ୍କୁ କହଲେ, ସେମାନେ ଉଚ୍ଚସ୍ୱରରେ ରୋଦନ
କଲେ। 5ତେଣୁ ଇସ୍ରାୟେଲର ଲୋକମାନେ ସ୍ଥାନର ନାମ
ରଖିଲେ ବୋଖୀମ୍। ଏହ ବୋଖୀମଠାରେ ଇସ୍ରାୟେଲ ବାସୀମାନେ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ସେଠାରେ ବଳଦାନ କଲେ।

### ଅମାନ୍ୟ ଓ ପରାସ୍ତ

6ଏହାପରେ ଯିହୋଶୂୟ ସମସ୍ତଙ୍କୁ ଗୃହକୁ ଯିବା ପାଇଁ
କହଲେ। ଏବଂ ଇସ୍ରାୟେଲର ପରବାରବର୍ଗ ସେମାନଙ୍କର ନଜ
ଭୂମି ଅଧିକାର କରବାକୁ ନଜ ଜାଗାକୁ ଗଲେ। 7ଇସ୍ରାୟେଲର
ଲୋକମାନେ ଯିହୋଶୂୟ ବଞ୍ଚିଥିବା ପର୍ଯ୍ୟନ୍ତ ସଦାପ୍ରଭୁଙ୍କର
ସେବା କଲେ। ସେମାନେ ସଦାପ୍ରଭୁଙ୍କ ସେବା ଅବ୍ୟାହତ
ରଖିଲେ, ଯିହୋଶୂୟଙ୍କ ମୃତ୍ୟୁପରେ ଥିବା ସେମାନଙ୍କର ପ୍ରାଚୀନବର୍ଗ
ଜୀବିତ ଥିବା ପର୍ଯ୍ୟନ୍ତ। ଇସ୍ରାୟେଲ ଲୋକମାନଙ୍କ ପାଇଁ
ସଦାପ୍ରଭୁ କି ଆଶ୍ଚର୍ଯ୍ୟ କର୍ମମାନ କରଥିଲେ, ଏହ ବୃଦ୍ଧ
ବ୍ୟକ୍ତମାନେ ଦେଖିଥିଲେ। 8ନୂନର ପୁତ୍ର ଯିହୋଶୂୟ ସଦାପ୍ରଭୁଙ୍କର
ସେବକ 110 ବର୍ଷରେ ମୃତ୍ୟୁ ବରଣ କଲେ। 9ଇସ୍ରାୟେଲର
ଲୋକମାନେ ଯିହୋଶୂୟଙ୍କୁ କବର ଦେଲେ। ସେମାନେ ଗାଶ
ପର୍ବତର ଉତ୍ତର ପାର୍ଶ୍ୱରେ ଇଫ୍ରୟିମ ପର୍ବତମୟ ଦେଶସ୍ଥ
ତିମ୍ନତ୍ ହେରସରେ ତାଙ୍କର ନଜର ଭୂମିରେ ତାଙ୍କୁ କବର
ଦେଲେ।

10ଏହାପରେ ପୂରା ପିଢି ମୃତ ହେଲା ଏବଂ ପର ପିଢି
ସେମାନଙ୍କର ଉତ୍ତରାଧିକାରୀ ହେଲେ। ଏହ ନୂତନ ବଂଶଧର
ସଦାପ୍ରଭୁଙ୍କୁ ଜାଣି ନ ଥିଲେ ଏମିତିକି ସେମାନେ ଜାଣିଲେ
ନାହିଁ ଇସ୍ରାୟେଲର ଲୋକମାନଙ୍କର କ'ଣ ସେ କଲେ।
11ଏହାପରେ ଇସ୍ରାୟେଲର ଲୋକମାନେ ଯାହା ସଦାପ୍ରଭୁଙ୍କ
ଦୃଷ୍ଟିରେ ମନ୍ଦ ସେହପରି କାର୍ଯ୍ୟ କଲେ। ଇସ୍ରାୟେଲର
ଲୋକମାନେ ମିଥ୍ୟାବାଦୀ ବାଲ୍-ଦେବତାଙ୍କୁ ପୂଜା କଲେ।
12ସଦାପ୍ରଭୁ ମିଶରରୁ ସେହ ଲୋକମାନଙ୍କୁ ଇସ୍ରାୟେଲକୁ
ଆଣିଥିଲେ। ଏବଂ ସେମାନଙ୍କର ପୂର୍ବପୁରୁଷଗଣ ସଦାପ୍ରଭୁଙ୍କର
ସେବା କରୁଥିଲେ। କିନ୍ତୁ ଏହାପରେ ଇସ୍ରାୟେଲର ଲୋକମାନେ
ମିଥ୍ୟାବାଦୀ ଦେବତାଙ୍କୁ ସେବା କରବାକୁ ଲାଗିଲେ, ଯେଉଁମାନେ
ସେମାନଙ୍କ ଚତୁଃପାର୍ଶ୍ୱରେ ରହୁଥିଲେ। ଏହା ସଦାପ୍ରଭୁଙ୍କର
କ୍ରୋଧ ଉତ୍ପନ୍ନ କଲା। 13ଇସ୍ରାୟେଲବାସୀମାନେ ସଦାପ୍ରଭୁଙ୍କୁ
ତ୍ୟାଗ କଲେ ଏବଂ ମିଥ୍ୟାବାଦୀ ବାଲ୍ଦେବ ଓ ଅଷ୍ଟାରୋତ
ଦେବତାଗଣଙ୍କୁ ପୂଜା କରବାକୁ ଲାଗିଲେ।

14ସଦାପ୍ରଭୁ ଇସ୍ରାୟେଲ ଉପରେ କୋପଦୃଷ୍ଟି ପକାଇଲେ।
ପରମେଶ୍ୱର ଲୁଣ୍ଠନକାରୀମାନଙ୍କୁ ସେମାନଙ୍କ ଆକ୍ରମଣ ପାଇଁ
ଆଦେଶ ଦେଲେ। ତେଣୁ ସେମାନେ ଇସ୍ରାୟେଲର ଲୋକମାନଙ୍କୁ
ଲୁଣ୍ଠନ କଲେ। ସଦାପ୍ରଭୁ ସେମାନଙ୍କର ଚତୁଃପାର୍ଶ୍ୱରେ ଥିବା
ଶତ୍ରୁମାନଙ୍କୁ ସାହାଯ୍ୟ କଲେ, ସେମାନଙ୍କୁ ହରାଇବାକୁ। ତେଣୁ
ଇସ୍ରାୟେଲର ଲୋକମାନେ ସେମାନଙ୍କର ଶତ୍ରୁମାନଙ୍କ ବରୁଦ୍ଧରୁ
ନଜକୁ ରକ୍ଷା କରପାଇଲେ ନାହିଁ। 15ଯେତେବେଳେ
ଇସ୍ରାୟେଲବାସୀମାନେ ଯୁଦ୍ଧକୁ ବାହାରଲେ, ସେତେବେଳେ
ସେମାନେ ପରାସ୍ତ ହେଲେ। ଯେପରି ସଦାପ୍ରଭୁ ସେମାନଙ୍କ
ପାର୍ଶ୍ୱରେ ନ ଥିଲେ। ସେମାନଙ୍କୁ ସଦାପ୍ରଭୁ ସତର୍କ କରାଇ
ଦେଲେ ଯଦି ସେମାନେ ତାଙ୍କ ଚତୁଃପାର୍ଶ୍ୱରେ ଥିବା ଦେବତାମାନଙ୍କୁ
ପୂଜା କରନ୍ତି, ତେବେ ସେମାନେ ଯୁଦ୍ଧରେ ହାରବେ।
ଅତଏବ, ଲୋକମାନେ ଅତିଶୟ ଅସୁବିଧା ଭୋଗ କଲେ।

16ଏହାପରେ ସଦାପ୍ରଭୁ ବିଚାରକର୍ତ୍ତାଗଣଙ୍କୁ ସେମାନଙ୍କ
ଉପରେ ନିଯୁକ୍ତ କଲେ। ଏବଂ ସେହ ବିଚାରକର୍ତ୍ତାଗଣ,
ସେମାନଙ୍କର ଧନସମ୍ପତ୍ତି ଯେଉଁମାନେ ନେଇଥିଲେ, ସେହ
ଶତ୍ରୁମାନଙ୍କ ହାତରୁ ସେମାନଙ୍କୁ ଉଦ୍ଧାର କଲେ। 17କିନ୍ତୁ
ଇସ୍ରାୟେଲର ଲୋକମାନେ, ସେମାନଙ୍କର ବିଚାର କର୍ତ୍ତାଗଣଙ୍କ
କଥାକୁ ଶୁଣିଲେ ନାହିଁ। ମାତ୍ର ସେମାନେ ଅନ୍ୟ ଦେବତାଗଣଙ୍କ
ପଛରେ ବେଶ୍ୟାପରି ଗଲେ ଓ ପ୍ରଣାମ କଲେ। ସେମାନେ
ସଦାପ୍ରଭୁଙ୍କ ଆଜ୍ଞାପାଳନ କଲେ ନାହିଁ, ଯେପରି ସେମାନଙ୍କର
ପୂର୍ବପୁରୁଷମାନେ କରଥିଲେ, ତାହା ବଦଳରେ ସେମାନେ ସେ
ପଥରୁ ଶୀଘ୍ର ବିମୁଖ ହେଲେ।

18ସଦାପ୍ରଭୁ ଯେତେବେଳେ ସେମାନଙ୍କ ନମନ୍ତେ ଜଣେ
ବିଚାରକର୍ତ୍ତାଙ୍କୁ ବାଛଲେ, ସେ ତାଙ୍କ ସଙ୍ଗରେ ଥିଲେ ଓ ସେ
ସେମାନଙ୍କୁ ବିଚାରକର୍ତ୍ତାର ଜୀବନକାଳ ପର୍ଯ୍ୟନ୍ତ ସେମାନଙ୍କର
ଶତ୍ରୁମାନଙ୍କଠାରୁ ରକ୍ଷା କଲେ। ସଦାପ୍ରଭୁ ସେମାନଙ୍କ ପ୍ରତି
ସଦୟ ହେଲେ, ଯେପରି ସେମାନେ ଦୁଃଖ ଓ ତାଡନାରେ
ଆସକ୍ତ ଥିଲେ। 19କିନ୍ତୁ ଏହାପରେ ପ୍ରତ୍ୟେକ ବିଚାରକର୍ତ୍ତାଙ୍କ
ମୃତ୍ୟୁପରେ, ଇସ୍ରାୟେଲର ଲୋକମାନେ ପୁଣିଥରେ ଦୁର୍ନୀତିଗ୍ରସ୍ତ
ହେଲେ। ସେମାନେ ସେମାନଙ୍କର ପୂର୍ବପୁରୁଷଙ୍କଠାରୁ ଅତି ମନ୍ଦ
ବ୍ୟବହାର କଲେ। ସେମାନେ ମିଥ୍ୟାବାଦୀ ଦେବତାଙ୍କୁ ଅନୁସରଣ
କଲେ ଓ ପୂଜା ଆରାଧନା କଲେ। ସେମାନେ ସେମାନଙ୍କର
ମନ୍ଦ ବିଚାର କିମ୍ବା ସେମାନଙ୍କର ଜିଦଖୋର ବଦଳାଇଲେ
ନାହିଁ।

20ତେଣୁ ସଦାପ୍ରଭୁ ଇସ୍ରାୟେଲବାସୀମାନଙ୍କ ଉପରେ କ୍ଷୁବ୍ଧ
ହେଲେ। ଏବଂ ସେ କହଲେ, "ମୁଁ ଯେଉଁ ନୟିମ ତାଙ୍କ
ପୂର୍ବପୁରୁଷଙ୍କ ସହତ କରଥିଲି, ଏହ ଜାତି ତାହା ଉଲଙ୍ଘନ
କରଛି। ସେମାନେ ମୋର କଥା ଶୁଣିଲେ ନାହିଁ। 21ତେଣୁ
ଯିହୋଶୂୟଙ୍କ ମରଣ କାଳରେ ଅବଶିଷ୍ଟ ଭୂମିକୁ ମୁଁ ଆଉ
କେବେ କୌଣସି ଦେଶକୁ ତଡବ ନାହିଁ। 22ମୁଁ ଏହ
ଜାତିଦ୍ୱାରା ଇସ୍ରାୟେଲକୁ ପରୀକ୍ଷା କରବ, ଦେଖି, ଯଦି
ସେମାନେ ସଦାପ୍ରଭୁଙ୍କ ଆଜ୍ଞା ମାନବେ, ଯେମିତି ତାଙ୍କର
ପୂର୍ବପୁରୁଷମାନେ କରଥିଲେ।" 23ତେଣୁ ସଦାପ୍ରଭୁ ସେହ
ଜାତିକୁ ଭୂମିରେ ରହବା ପାଇଁ ଅନୁମତି ଦେଲେ। ସେ
ସେମାନଙ୍କୁ ଜବରଦସ୍ତ ଶିଘ୍ର ଦେଶ ପରତ୍ୟାଗ କଲେ ନାହିଁ,
ଅଥବା ଯିହୋଶୂୟଙ୍କ ହସ୍ତରେ ସମର୍ପଣ କଲେ ନାହିଁ।

3 1-2ସଦାପ୍ରଭୁ ସେହ ଭୂମିର ରହବା ପାଇଁ ସେହ
ଜାତିକୁ ଅନୁମତି ଦେଲେ। ସେ ଇସ୍ରାୟେଲର ଲୋକମାନଙ୍କୁ
ଏହପରି ପରୀକ୍ଷା କଲେ। ଇସ୍ରାୟେଲର ଲୋକମାନଙ୍କ ମଧ୍ୟରୁ

କେହି ଜଣେ ସେହି ସମୟରେ ହରାଇବାକୁ କିଣାନ ଦେଶର
ଯୁଦ୍ଧରେ ଲଢାଇ କରିନଥିଲେ। ତେଣୁ ସଦାପ୍ରଭୁ ସେହି
ଭୂମିରୁ ଅନ୍ୟ ଜାତିକୁ କାହାକୁ ବିତାଡିତ କରି ନଥିଲେ।
ସଦାପ୍ରଭୁ ଏହିପରି କଲେ, ଇସ୍ରାଏଲକୁ ଶିଖାଇଲେ ଯେଉଁମାନେ
କିଣାନ ଦେଶ ବିରୁଦ୍ଧରେ ଯୁଦ୍ଧ କରି ନଥିଲେ। ସଦାପ୍ରଭୁ
ଭୂମିକୁ ପରିତ୍ୟାଗ କରି, ଏହି ଜାତିର ସୂଚି ଅଛି।
3ପଲେଷ୍ଟୀୟମାନଙ୍କ ପାଞ୍ଚ ଅଧିପତି, ବାଲ୍‌ହର୍ମୋନ ପର୍ବତଠାରୁ
ହମାତରେ ପ୍ରବେଶିବା ପଥ ପର୍ଯ୍ୟନ୍ତ ଲିବାନୋନ ପର୍ବତ
ନିବାସୀ ସମସ୍ତ କିଣାନୀୟ, ସୀଦୋନୀୟ ଏବଂ ହିବ୍ବୀୟ
ଲୋକମାନେ। 4ସଦାପ୍ରଭୁ ଇସ୍ରାଏଲର ଲୋକମାନଙ୍କୁ ପରୀକ୍ଷା
କରିବା ପାଇଁ ସେହି ଜାତିଗୁଡିକ ଭୂମିରେ ପରିତ୍ୟାଗ କଲେ।
ସଦାପ୍ରଭୁ ଦେଖିବାକୁ ଚାହିଁଲେ, ଯଦି ଏହି ଲୋକମାନେ
ମୋଶାଙ୍କ ଦ୍ୱାରା ସେମାନଙ୍କର ପୂର୍ବପୁରୁଷମାନଙ୍କୁ ସଦାପ୍ରଭୁଙ୍କ
ଦ୍ୱାରା ଦେଖାଯାଇଥିବା ଆଦେଶଗୁଡିକ ମାନୁଛନ୍ତି।

5ଇସ୍ରାଏଲୀୟ କିଣାନୀୟ, ହିତ୍ତୀୟ, ଇମୋରୀୟ, ପରିଷୀୟ,
ହିବ୍ବୀୟ, ଏବଂ ଯିବୂଷୀୟ ସହିତ ବାସ କଲେ। 6ଇସ୍ରାଏଲୀୟ
ସେହି ଲୋକମାନଙ୍କର ଝିଅମାନଙ୍କୁ ବିବାହ କରିବାକୁ ଆରମ୍ଭ
କଲେ। ସେମାନେ ସେମାନଙ୍କର ଝିଅମାନଙ୍କୁ ସେହି
ଲୋକମାନଙ୍କର ପୁଅମାନଙ୍କ ସହିତ ବିବାହ କରିବାକୁ ଅନୁମତି
ଦେଲେ। ଏହା ବ୍ୟତିତ ଇସ୍ରାଏଲୀୟ ସେହି ଲୋକମାନଙ୍କର
ଦେବତାଗଣଙ୍କୁ ପୂଜା କଲେ।

## ପ୍ରଥମ ବିଚାରକ ହେଲେ ଅତ୍ନୀୟେଲ

7ସଦାପ୍ରଭୁଙ୍କ ଦୃଷ୍ଟିରେ ଇସ୍ରାଏଲର ଲୋକମାନେ ସବୁ
ପ୍ରକାର କର୍ମରେ ରତ ଥିଲେ। ଯାହାସବୁ ସଦାପ୍ରଭୁଙ୍କ ଚକ୍ଷୁରେ
ପାପ ଥିଲା। ଏବଂ ବାଲ୍ ଦେଶର ଦେବତାଗଣଙ୍କର ପୂଜା
କଲେ ଏବଂ ଆଶେରା ଏବଂ ସଦାପ୍ରଭୁଙ୍କ ବିଷୟସବୁ ପାଶୋରି
ଗଲେ। 8ସଦାପ୍ରଭୁଙ୍କ କୋପ ଇସ୍ରାଏଲବାସୀଙ୍କ ଉପରେ
ପଡିଲା। ତେଣୁ ସେ ଅରାମ ନହରୟିମର ରାଜା
କୂଶନରିଶିୟାଥୟିମର ହସ୍ତରେ ଇସ୍ରାଏଲବାସୀଙ୍କୁ ପରାସ୍ତ କଲେ।
ତେଣୁ ଇସ୍ରାଏଲବାସୀମାନେ ଆଠବର୍ଷ ପର୍ଯ୍ୟନ୍ତ ତାଙ୍କର
ସେବା କଲେ। 9ଏହାପରେ ଇସ୍ରାଏଲ ସନ୍ତାନଗଣ ସଦାପ୍ରଭୁଙ୍କ
ନିକଟରେ କ୍ରନ୍ଦନ କଲେ। ସେମାନଙ୍କୁ ସାହାଯ୍ୟ ଓ ରକ୍ଷା
କରିବା ପାଇଁ ସଦାପ୍ରଭୁ ଏକ ଲୋକ ପଠାଇଲେ। ସେହି
ଲୋକର ନାମ ଥିଲା ଅତ୍ନୀୟେଲ। ସେ ଥିଲେ କାଲେବଙ୍କର
ସାନ ଭାଇ କନସରର ପୁତ୍ର। 10ସଦାପ୍ରଭୁଙ୍କର ଆତ୍ମା ତାଙ୍କଠାରେ
ପ୍ରବେଶ କଲାରୁ, ସେ ଇସ୍ରାଏଲର ଲୋକମାନଙ୍କର ବିଚାର
କଲେ, ଓ ଯୁଦ୍ଧ କରିବାକୁ ଆଗେଇ ଆସିଲେ। ଏବଂ
ସଦାପ୍ରଭୁ କୂଶନ ଶିଶିୟାଥୟିମକୁ ଅରାମୀୟର ରାଜାଙ୍କୁ ହରାଇବାରେ
ଅତ୍ନୀୟେଲଙ୍କ ସାହାଯ୍ୟ କରିଥିଲେ ଓ ସେ ତାଙ୍କୁ ଆୟତ୍ତ
କଲେ। 11ଅତଏବ, ଚାଳିଶ ବର୍ଷ ପାଇଁ ସେହି ଭୂମି ଶାନ୍ତିରେ
ରହିଲା। କନସର ପୁତ୍ର ଅତ୍ନୀୟେଲ ମୃତ୍ୟୁବରଣ କଲା
ପର୍ଯ୍ୟନ୍ତ।

## ବିଚାରକ ଏହୂଦ

12ଏହାପରେ ଇସ୍ରାଏଲର ଲୋକମାନେ ସେହିସବୁ କଲେ,
ଯାହା ସଦାପ୍ରଭୁ ମନ୍ଦ ବୋଲି କହିଥିଲେ। ତେଣୁ ସଦାପ୍ରଭୁ
ଇଗ୍ଲୋନ, ମୋୟାବର ରାଜା ଶକ୍ତିଶାଳୀ ଇସ୍ରାଏଲର ଲୋକମାନଙ୍କୁ
ହରାଇବାକୁ ତିଆରି କଲେ। 13ରାଜା ସେ ଅମ୍ମୋନ୍ ଓ
ଅମାଲେକ ସହିତ ସଂଯୁକ୍ତ ତିଆରି କଲେ। ସେମାନେ
ଇସ୍ରାଏଲକୁ ଆକ୍ରମଣ କଲେ। ସେମାନେ ଇସ୍ରାଏଲୀମାନଙ୍କୁ
ପରାସ୍ତ କଲେ ଏବଂ ଖର୍ଜୁରି (ଯିରିହୋ)ରୁ ତଡି ଦେଲେ।
ଏବଂ ଇସ୍ରାଏଲମାନଙ୍କୁ ଖର୍ଜୁରିପୁରର ସହରକୁ ଅଧିକାର
କଲେ। 14ମୋୟାବଙ୍କର ରାଜା ଇଗ୍ଲୋନ ଇସ୍ରାଏଲ ଉପରେ
ଅଠର ବର୍ଷ ଶାସନ କଲେ।

15ଇସ୍ରାଏଲ ସନ୍ତାନଗଣ ସଦାପ୍ରଭୁଙ୍କ ନିକଟରେ କ୍ରନ୍ଦନ
କଲେ। ସଦାପ୍ରଭୁ ସେମାନଙ୍କୁ ରକ୍ଷାକରିବା ପାଇଁ ଉଦ୍ଧାର
କର୍ତ୍ତାଙ୍କୁ ପଠାଇଲେ। ସେହି ଲୋକ ଜଣଙ୍କ ଥିଲେ ଏହୁଦ୍।
ଏହୁଦ୍ ଥିଲେ ବିନ୍ୟାମିନୀୟ ପରିବାରବର୍ଗର ଗେରାର ପୁତ୍ର।
ତାଙ୍କର ବାମହାତରେ ଯୁଦ୍ଧ କରିବା ପାଇଁ ପ୍ରଶିକ୍ଷିତ ହୋଇଥିଲେ।
ଇସ୍ରାଏଲ ଲୋକମାନେ ତାଙ୍କଦ୍ୱାରା ମୋୟାବୀୟର ରାଜା
ଇଗ୍ଲୋନଙ୍କ ନିକଟକୁ ଭେଟି ପଠାଇଲେ। 16ଏହୁଦ ତାଙ୍କ
ପାଇଁ ଏକ ଖଣ୍ଡା ନିର୍ମାଣ କଲେ। ଯାହାର ଦୈର୍ଘ୍ୟ ଥିଲା
ଅଠର ଇଞ୍ଚ ଲମ୍ବା ଏବଂ ଦ୍ୱିଧାର ବିଶିଷ୍ଟ ଥିଲା। ଏହାକୁ
ତାଙ୍କର ଦକ୍ଷିଣ ଜଂଘରେ ବସ୍ତ୍ର ଭିତରେ ବାନ୍ଧି ରଖିଲେ।

17ତେଣୁ ସେ ମୋୟାବୀୟ ରାଜା ଇଗ୍ଲୋନ୍ ନିକଟକୁ
ସେହି ଉପହାର ନେଲେ। ଇଗ୍ଲୋନ୍ ବଡ ମୋଟା ଲୋକ
ଥିଲେ। 18ସେ ଭେଟୀ ନେଇସାରିବା ପରେ ସେହି ଉପହାର
ବହନ କରିଥିବା ଲୋକମାନଙ୍କୁ ସେଠାରୁ ପଠାଇ ଦେଲେ।
ସେମାନେ ରାଜା ପ୍ରାସାଦଠାରୁ ଗଲେ। 19ଏହୂଦ୍ ଜାଣିଲେ
ଏବଂ ପୁର୍ତ୍ତୀ ନିକଟ ଗିଲଗଲସ୍ଥଳକୁ ଗଲେ, ତା'ପରେ ସେ
ଫେରି ଆସି ରାଜାଙ୍କୁ ଭେଟି ଏହୂଦ୍ କହିଲେ, "ମୁଁ ଆପଣଙ୍କ
ପାଇଁ ଏକ ଗୁପ୍ତ ଖବର ଆଣିଛି।"

ରାଜା ତାଙ୍କୁ ନିରବ ରହିବା ପାଇଁ କହିଲେ ଓ ସେ ନିଜ
ଲୋକମାନଙ୍କୁ ଘର ଛାଡିବାକୁ କହିଲେ। 20ଏହୂଦ ରାଜାଙ୍କ
ନିକଟକୁ ଗଲେ। ସେହି ସମୟରେ, ଇଗ୍ଲୋନ ଉଚ୍ଚ ସିଂହାସନ
ମଂଚ ଉପରେ ବସିଥିଲେ, ଏହା କେବଳ ତାଙ୍କର ଥିଲା।

ତେଣୁ ଏହୂଦ କହିଲେ, "ଆପଣଙ୍କ ପାଇଁ ପରମେଶ୍ୱରଙ୍କଠାରୁ
ଆମ୍ଭର ଏକ ବାର୍ତ୍ତା ଅଛି।" ତେଣୁ ରାଜା ତାଙ୍କର ସିଂହାସନ
ଉପରୁ ଉଠି ପଡିଲେ। ସେ ଏହୂଦ୍‌ଙ୍କର ଖୁବ୍ ନିକଟକୁ
ଆସିଲେ। 21ଯେତେବେଳେ ରାଜା ଉଠି ପଡ଼ିଲେ, ଏହୂଦ
ତାଙ୍କର ବାମ ହାତରେ ବ୍ୟବହୃତ ଖଣ୍ଡା ବାହାର କଲେ
ଦକ୍ଷିଣ ଜଂଘରୁ ଏବଂ ରାଜାଙ୍କର ପେଟରେ ଭୁଷି ଦେଲେ।
22ଏହୂଦ ତାଙ୍କ ପେଟରେ ଖଡ୍ଗ ପୁରାଇଲା ବେଳେ, ତାଙ୍କର
ଖଡ୍ଗ ସହିତ ମୁଠା ମଧ୍ୟ ପଶିଗଲା। ଚର୍ବି ସମ୍ପୂର୍ଣ୍ଣ ଖଣ୍ଡାରେ
ଲାଗି ରହିଥିଲା। ଏହୂଦ ଖଡ୍ଗ ବାହାର କଲେ ନାହିଁ। ଇଗ୍ଲୋନ
ଖଡ୍ଗଘାତ ହେଲା ପରେ, ସେ ନିଜର କ୍ଷମତା ଅନ୍ତବୁଜୁଳା
ଉପରୁ ହରାଇଥିଲା ଏବଂ ମଳ ପଦାକୁ ବାହାରି ଆସିଥିଲା।

23ଏହାପରେ ଏହୂଦ ଘରର ବାହାର ଓ ଭିତର କବାଟ
ବନ୍ଦ କଲେ ଏବଂ ସେମାନଙ୍କୁ ତାଲା ପକାଇ ଦେଲେ।
ତା'ପରେ ସେ ରାଜାଙ୍କର ସିଂହାସନ ଘର ଆଡକୁ ଅଗ୍ରସର
ହେଲେ ଏବଂ ନିମ୍ନରେ ଥିବା ନିଜ ପାଇଖାନାରେ ପ୍ରବେଶ
କଲେ। 24ତାହାପରେ ଏହୂଦ ମୁଖ ଛାଡିଲେ ଏବଂ ଏଗ୍ଲୋନର
ଦାସମାନେ ଆସିଲେ। ଯେତେବେଳେ ସେ ଦେଖିଲେ ରାଜାଙ୍କ

ସିଂହାସନ ଘରର ଫାଟକ ବନ୍ଦ ହୋଇଥିଲା, ଦାସମାନେ
କହିଲେ, "ରାଜା ତାଙ୍କର ନିଜର କୋଠରି ମଧ୍ୟରେ ଆରାମ
ନେଉଛନ୍ତି।" 25ତେଣୁ ସେମାନେ ସେଠାରେ ବହୁତ ସମୟ
ଅପେକ୍ଷା କଲେ କିନ୍ତୁ କବାଟଗୁଡ଼ିକ ଆଦୌ ଖୋଲିଲା ନାହିଁ।
ସର୍ବଶେଷରେ ଦାସମାନେ ସେମାନଙ୍କର ଧୈର୍ଯ୍ୟ ହରାଇଲେ।
ସେମାନେ ସେ ଚାବି ପାଇଲେ କବାଟ ଖୋଲିଲେ ଓ
ଭିତରେ ପ୍ରବେଶ କଲେ। ସେଠାରେ ସେମାନେ ଚଟାଣ
ଉପରେ ରାଜା ମରି ପଡ଼ିଥିବାର ସେମାନେ ପାଇଲେ।

26ଦାସମାନେ ରାଜାଙ୍କ ପାଇଁ ସେଠାରେ କିଛି ସମୟ
ଅପେକ୍ଷା କଲେ। ଏହି ସମୟରେ ଏହୂଦ ସେ ସ୍ଥାନ ଛାଡ଼ି
ପଳାଇଗଲେ। ଏହୂଦ ମୂର୍ତ୍ତି ବାଟଦେଇ ସିୟୀରାକୁ ପଳାଇଗଲେ।
27ଏହୂଦ ଯେତେବେଳେ ସିୟୀରାରେ ପହଞ୍ଚିଲେ, ସେ ଇଫ୍ରୟିମ
ପର୍ବତମୟ ଦେଶରେ ତୂରୀ ବଜାଇଲେ। ଇଶ୍ରାୟେଲ ସନ୍ତାନଗଣ
ତୂରୀର ଶବ୍ଦ ଶୁଣି ପର୍ବତରୁ ଓହ୍ଲାଇ ଆସିଲେ। ଏହୂଦ
ସେମାନଙ୍କର ନେତୃତ୍ୱ ନେଲେ। 28ଏହୂଦ ଇଶ୍ରାୟେଲ
ସନ୍ତାନଗଣଙ୍କୁ କହିଲେ, "ମୋତେ ଅନୁସରଣ କର, ଯେପରି
ସଦାପ୍ରଭୁ ତୁମ୍ଭମାନଙ୍କ ଶତ୍ରୁ ମୋୟାବୀୟ ଲୋକମାନଙ୍କୁ, ତୁମ୍ଭ
ହସ୍ତରେ ସମର୍ପଣ କରିଅଛନ୍ତି।"

ତେଣୁ ଇଶ୍ରାୟେଲୀୟ ମୋୟାବୀୟଙ୍କ ବିରୁଦ୍ଧରେ ତାଙ୍କୁ
ଅନୁସରଣ କଲେ। ସେମାନେ ଯର୍ଦ୍ଦନ ନଦୀର ଅଳ୍ପ ଗଭୀର
ସ୍ଥାନରେ ଅଟକ କଲେ। ଯାହା ମୋୟାବକୁ ବ୍ୟାପିଗଲା ଏବଂ
କାହାରିକୁ ନଦୀ ପାର ହେବାକୁ ଅନୁମତି ଦେଲେ ନାହିଁ।
29ଇଶ୍ରାୟେଲର ଲୋକମାନେ ମୋୟାବର 10,000 ସାହସୀ
ଓ ବଳବାନ୍ ଯୋଦ୍ଧାମାନଙ୍କୁ ହତ୍ୟା କଲେ। କୌଣସି ଗୋଟିଏ
ହେଲେ ମୋୟାବର ଲୋକଙ୍କୁ ପଳାଇ ଯିବାକୁ ସେମାନେ
ଦେଲେ ନାହିଁ। 30ଏହିପରି ମୋୟାବ ସେହିଦିନ ଇଶ୍ରାୟେଲ
ଅଧିନରେ ବଶୀଭୂତ ହେଲା। ତେଣୁ ଦେଶ ଅଶି ବର୍ଷ ପର୍ଯ୍ୟନ୍ତ
ଶାନ୍ତିରେ ରହିଲା।

## ବିଚାରକ ଶମ୍ଗର

31ଏହୂଦଙ୍କ ପରେ ଇଶ୍ରାୟେଲମାନଙ୍କୁ ଆଉ ଜଣେ ରକ୍ଷା
କଲେ। ସେ ଶମ୍ଗାର, ଅନାତର ପୁତ୍ର ଥିଲେ। ସେ 600
ପଲେଷ୍ଟୀୟ ଲୋକଙ୍କୁ ଗୋକଣ୍ଟକ ପଞ୍ଚଣ ଦ୍ୱାରା ହତ୍ୟା କଲେ।
ସେ ଇଶ୍ରାୟେଲକୁ ମଧ୍ୟ ରକ୍ଷା କଲେ।

## ଦବୋରା ବିଚାର କାହାଣୀ

4 ଏହୂଦଙ୍କ ମୃତ୍ୟୁପରେ, ଇଶ୍ରାୟେଲର ଲୋକମାନେ
ପରମେଶ୍ୱରଙ୍କ ଦୃଷ୍ଟିରେ ମନ୍ଦ କାର୍ଯ୍ୟମାନ ପୁନର୍ବାର
କଲେ। 2ତେଣୁ ସଦାପ୍ରଭୁ ହାତ୍ସୋରରେ ରାଜତ୍ୱକାରୀ କିଣାନୀୟ
ରାଜା ଯାବୀନର ହସ୍ତରେ ଇଶ୍ରାୟେଲ ସନ୍ତାନଗଣଙ୍କୁ ପରାସ୍ତ
କରାଇଲେ। ଯାବନ୍‌ର ହାରୋଶୋତ୍‌ରେ ରାଜତ୍ୱ କରୁଥିଲେ।
ଅନ୍ୟ ଦେଶୀୟମାନଙ୍କ ହାରୋଶୋତ୍ ନିବାସୀ ସୀଷରା ତା'ର
ସେନାପତି ଥିଲା। 3ସୀଷରା 900 ଲୌହ ନିର୍ମିତ ରଥ ଥିଲା
ଏବଂ ସେ ଇଶ୍ରାୟେଲର ଲୋକମାନେ ପ୍ରତି କୋଡ଼ିଏ ବର୍ଷ
ଧରି ଶୋଷଣ କଲେ ଏବଂ ଅତ୍ୟାଚାର କଲେ। ତେଣୁ
ଇଶ୍ରାୟେଲର ଲୋକମାନେ ସେମାନଙ୍କ ସାହାଯ୍ୟ କରିବା ପାଇଁ
ସଦାପ୍ରଭୁଙ୍କ ନିକଟରେ କ୍ରନ୍ଦନ କଲେ।

4ସେହି ସମୟରେ ଦବୋରା ନାମକ ଜଣେ ଭବିଷ୍ୟତ୍‌ବକ୍ତା
ଥିଲେ। ସେ ଲପ୍ପୀଦୋତର ସ୍ତ୍ରୀ ଥିଲେ। ସେ ଇଶ୍ରାୟେଲର
ଲୋକମାନଙ୍କ ଉପରେ ବିଚାରପତି ହେଲେ। 5ଦିନେ, ଦବୋରା
ଏକ ଖର୍ଜୁରୀ ଗଛ ତଳେ ବସିଥିଲେ। ଇଶ୍ରାୟେଲର ଲୋକମାନେ
ଗୋଟିଏ ମୀମାଂସା ପାଇଁ ତାଙ୍କ ନିକଟକୁ, ସୀଷରା ସମ୍ବନ୍ଧରେ
ଆସିଲେ। ସେହି ଖର୍ଜୁରୀ ଗଛଟି ରାମା ଓ ବୈଥେଲ୍ ମଧ୍ୟ
ଇଫ୍ରୟିମ ପର୍ବତମୟ ଦେଶରେ ଅବସ୍ଥିତ ଥିଲା। 6ଦବୋରା
ଏକ ଦୂତ ବାରକ ପାଖକୁ ପଠାଇଲେ। ସେ ତାଙ୍କୁ ଭେଟିବା
ପାଇଁ ଉପଦେଶ ଦେଲେ। ବାରକ ଅବୀନୋୟମର ପୁତ୍ର
ଥିଲେ। ବାରକ ନପ୍ତାଲି ସହରରେ କେଦଶରେ ବାସ
କରୁଥିଲେ। ଦବୋରା ବାରକକୁ କହିଲେ, "ଇଶ୍ରାୟେଲର
ସଦାପ୍ରଭୁ ପରମେଶ୍ୱର ତୁମ୍ଭକୁ ନିର୍ଦ୍ଦେଶ ଦିଅନ୍ତି, 'ନପ୍ତାଲି
ପରିବାରବର୍ଗ ଏବଂ ସବୂଲୂନର 10,000 ଲୋକଙ୍କୁ ଏକତ୍ରିତ
କର ଓ ସେମାନଙ୍କୁ ତାବୋର ପର୍ବତକୁ ଆଗେଇ ନିଅ। 7ମୁଁ
ଯାବୀନର ସେନାପତି ସୀଷରାକୁ ଆଗେଇ ନେବି, ତା'ର
ରଥକୁ ଓ ତାଙ୍କ ଲୋକମାନଙ୍କୁ କୀଶୋନ୍ ନଦୀ ପାଖରେ
ତୁମ୍ଭକୁ ଓ ସେମାନଙ୍କୁ ତୁମ୍ଭ ହସ୍ତରେ ସମର୍ପଣ କରିବି।'"

8ଏହାପରେ ବାରକ୍ ଦବୋରାଙ୍କୁ କହିଲେ, "ମୁଁ ଏପରି
ଯାଇ କରିବି ଯଦି ତୁମ୍ଭେ ମୋ ସହିତ ଯିବ। ଯଦି ତୁମେ
ମୋ ସହିତ ନ ଯିବ ତେବେ ମୁଁ ଯିବି ନାହିଁ।"

9"ତେଣୁ ସେ କହିଲେ, ମୁଁ ତୁମ୍ଭ ସହିତ ଯିବି। କିନ୍ତୁ
ତୁମ୍ଭେ ଜାଣିବା ଉଚିତ୍ ଯେ, ତୁମ୍ଭର ପଥ ଗୌରବ ଆଡ଼କୁ
ଯିବ ନାହିଁ। ସଦାପ୍ରଭୁ ଗୋଟିଏ ସ୍ତ୍ରୀ ଲୋକ ଦ୍ୱାରା ସୀଷରାକୁ
ପରାସ୍ତ କରିବେ।"

ତେଣୁ ଦବୋରା ବାରକ୍ ସହିତ କେଦଶକୁ ଗଲେ।
10ବାରକ୍ କେଦେଶ ସହରର ସବୂଲୂନ୍ ପରିବାରବର୍ଗ ଓ
ନପ୍ତାଲିର ଲୋକମାନଙ୍କୁ ଏକତ୍ରିତ କରିଥିଲେ। ଅତଏବ, ସେ
10,000 ସୈନ୍ୟ ଓ ଦବୋରା ତାଙ୍କ ସହିତ ସହାବସ୍ଥାନ
କରିବା ହେଲେ।

11ବର୍ତ୍ତମାନ ହେବର ନାମକ ଜଣେ ଲୋକ କେନୀୟରୁ
ଥିଲେ। ସେ ଅନ୍ୟ କେନୀୟଙ୍କୁ ପରିତ୍ୟାଗ କଲେ। ସେମାନେ
ହୋବବର ବଂଶଧରଗଣ ଯେ କି ମୋଶାର ଶ୍ୱଶୁର ଥିଲେ।
ହେବର, ସାନନ୍ନୀମ ନାମକ ଗୋଟିଏ ସ୍ଥାନ କେଦେଶ
ପାଖରେ ତାଙ୍କର ତମ୍ବୁ ଆଲୋନ୍ ବୃକ୍ଷ ଦ୍ୱାରା ସ୍ଥାପନ କଲେ।

12କେହି ଜଣେ ସୀଷରାକୁ କହିଲେ, ଯେ ବାରକ୍
ଅବିନୟମର ପୁତ୍ର ତାବୋର ପର୍ବତ ଉପରକୁ ଗଲେ।
13ତେଣୁ ସୀଷରା ନିଜର 900 ରଥଗୁଡ଼ିକ ଓ ତାଙ୍କ ସହିତ
ସମସ୍ତ ପୁରୁଷମାନେ ଏବଂ ହରୋଶୋତ୍‌ଠାରୁ କୀଶୋନ୍ ନଦୀ
ପର୍ଯ୍ୟନ୍ତ ଅଗ୍ରସର ହେଲେ।

14ଏହାପରେ ଦବୋରା ବାରକକୁ କହିଲେ, "ଆଜି ସଦାପ୍ରଭୁ
ତୁମ୍ଭକୁ ସହାୟ ହେବେ ସୀଷରାକୁ ପରାସ୍ତ କରିବା ପାଇଁ
ତୁମ୍ଭେ ନିଶ୍ଚିତ ଭାବରେ ଜାଣ ଯେ ସଦାପ୍ରଭୁ ତୁମ୍ଭ ଆଗେ
ଆଗେ ଗଲେ।" ତେଣୁ ବାରକ୍ ତାଙ୍କର 10,000 ଲୋକଙ୍କୁ
ତାବୋର ପର୍ବତର ପ୍ରଦେଶକୁ ଆଣିଲେ। 15ଯେପରି ବାରକ୍
ଏବଂ ତାଙ୍କର ସମସ୍ତ ସୈନିକ ସୀଷରକୁ ଆକ୍ରମଣ କଲେ,
ସଦାପ୍ରଭୁ ସୀଷରାକୁ ଓ ତାଙ୍କର ସୈନ୍ୟମାନଙ୍କ ପ୍ରତି ଦ୍ୱନ୍ଦ
ହେଲେ। ସେମାନେ ସ୍ଥିର କରିପାରିଲେ ନାହିଁ କ'ଣ କରିବେ।

ତେଣୁ ବାରକ୍ ଏବଂ ତାଙ୍କର ସୈନ୍ୟମାନେ ସୀଷରର ସୈନ୍ୟମାନଙ୍କୁ
ପରାସ୍ତ କଲେ, କିନ୍ତୁ ସୀଷର ରଥରୁ ଓହ୍ଲାଇ ପଡିଲେ ଏବଂ
ଦୌଡି ପଳାୟନ କଲେ। 16ବାରକ୍ ସୀଷର୍ ସୈନ୍ୟମାନଙ୍କ
ବିରୁଦ୍ଧରେ ଯୁଦ୍ଧ ଲଗାଇ ରଖିଲେ। ବାରକ୍ ତାଙ୍କ ଲୋକମାନଙ୍କ
ସହିତ ହରୋଶୋତ୍, ହଗୟିମ ପର୍ଯ୍ୟନ୍ତ ସମସ୍ତ ସେମାନଙ୍କୁ
ପଛେ ପଛେ ଗୋଡ଼ାଇଲେ। ତହିଁରେ ସୀଷରାର ସମସ୍ତ
ସୈନ୍ୟ ଖଣ୍ଡା ଦ୍ୱାରା ହଣାହୋଇ ମଲେ। ଗୋଟିଏ ହେଲେ ବି
ବଞ୍ଚିଲେ ନାହିଁ। 17କିନ୍ତୁ ସୀଷରା ପଳାୟନ କଲା। ସେ
ଯାୟେଲ ତମ୍ବୁକୁ ଦଉଡ଼ ପଳାଇଲା। ଯାୟେଲ ହେଉଛି
କେନୀୟ ହେବର ସ୍ତ୍ରୀ। ସେ ସମୟରେ ହାତ୍ ସୋରର ରାଜା
ଯାବୀନ୍ ଓ କେନୀୟ ହେବର ବଂଶ ମଧ୍ୟରେ ଐକ୍ୟ ଥିଲା।
ତେଣୁ ସେ ସେଠାକୁ ଦୌଡ଼ି ପଳାଇଲା। 18ଯାୟେଲ୍ ଦେଖିଲେ
ସୀଷରା ତାଙ୍କ ଆଡକୁ ଦୌଡ଼ି ଆସୁଛନ୍ତି। ତେଣୁ ସେ
ବାହାରକୁ ଆସି ତାଙ୍କୁ ଦେଖା କଲେ। ଯୋୟେଲ ସୀଷରାକୁ
କହିଲେ, "ମହାଶୟ, ମୋର ତମ୍ବୁକୁ ଆସନ୍ତୁ, ଭୟ କରନ୍ତୁ
ନାହିଁ।" ତେଣୁ ସେ ତମ୍ବୁ ଭିତରକୁ ଯିବା ମାତ୍ରେ ତାଙ୍କୁ
ଯାୟେଲ୍ ଏକ କମ୍ବଳ ଘୋଡାଇ ଦେଲେ।

19ଶେଷରେ ଯାୟେଲକୁ କହିଲେ, "ମୁଁ ଭାରି ତୃଷାର୍ତ୍ତ,
ମୋତେ କିଛି ପାଣି ପିଇବାକୁ ଦିଅ।" ଯାୟେଲ ତାଙ୍କୁ ଏକ
ଚମଡା ବୋତଲରେ କିଛି କ୍ଷୀର ପିଇବାକୁ ଦେଲେ ଓ
ତା'ପରେ ତାକୁ କମ୍ବଳ ଘୋଡ଼ାଇ ଦେଲେ।

20ତା'ପରେ ସୀଷରା ଯାୟେଲକୁ କହିଲା, "ଯାଅ, ତମ୍ବୁର
ପ୍ରବେଶ ଦ୍ୱାରରେ ଠିଆ ହୁଅ। ଯଦି କେହି ଲୋକ ଆସି
ତୁମ୍ଭକୁ ପଚାରନ୍ତି, 'ଭିତରେ କେହି ଅଛନ୍ତି କି?' ତୁମ୍ଭେ,
କହିବା ଉଚିତ୍, 'ନାଁ ଭିତରେ କେହି ନାହାଁନ୍ତି।'"

21କିନ୍ତୁ ଯୋୟେଲ୍ ତମ୍ବୁର ଏକ ଖୁଣ୍ଟି ଓ ଏକ ହାତୁଡି
ପାଇଲେ। ସୀଷରା କ୍ଲାନ୍ତରେ ଶୋଇ ଥିବା ସମୟରେ ଯୋୟେଲ
ଖୁଣ୍ଟିଟିକୁ ତା'ର ମୁଣ୍ଡରେ ଦେଇ ହାତୁଡିରେ ଆଘାତ କରନ୍ତେ
ଖୁଣ୍ଟିଟି ସୀଷରାର ମୁଣ୍ଡରେ ଫୁଟି ମାଟିରେ ପଶିଗଲା! ଏହିପରି
ଭାବରେ ସୀଷରା ମୃତ୍ୟୁ ବରଣ କଲା।

22ଠିକ୍ ଏହାପରେ ବାରକ୍ ସୀଷରାକୁ ଖୋଜି ଖୋଜି
ତମ୍ବୁ ନିକଟରେ ପହଁଞ୍ଚିଲା। ଯୋୟେଲ ତମ୍ବୁରୁ ବାହାରକୁ
ଆସି ତାଙ୍କୁ ସାକ୍ଷାତ କଲା ଏବଂ କହିଲା, "ଭିତରକୁ ଆସନ୍ତୁ,
ମୁଁ ତୁମ୍ଭକୁ ଦେଖାଇବି ତୁମେ ଯେଉଁ ଲୋକକୁ ଖୋଜୁଅଛ।"
ତେଣୁ ବାରକ୍ ଯୋୟୋଲ ସହିତ ତମ୍ବୁ ଭିତରକୁ ପ୍ରବେଶ
କଲା! ସେଠାରେ ସେ ତମ୍ବୁ ଖୁଣ୍ଟି ମୁଣ୍ଡରେ ପଶି ମୃତ୍ୟୁବରଣ
କରିଥିବା ସୀଷରାର ମୃତ ଶରୀର ପଡିଥିବାର ସେ ପାଇଲା।

23ସେହିଦିନ, ପରମେଶ୍ୱର ଇଶ୍ରାୟେଲ ଲୋକମାନଙ୍କ ଆଗରେ
କିଣାନୀୟ ରାଜା ଯାବୀନକୁ ପରାସ୍ତ କଲେ। 24ଦିନକୁ ଦିନ
ଇଶ୍ରାୟେଲର ଲୋକମାନେ ଅଧିକ ପରାକ୍ରମରୁ ପରାକ୍ରମଶାଳୀ
ହେଲେ, ସେମାନେ କିଣାନୀୟ ରାଜା ଯାବନୀକୁ ପରାସ୍ତ କଲେ
ଏବଂ ଶେଷରେ ହତ୍ୟା କଲେ।

## ଦବୋରାର ସଙ୍ଗୀତ

5 ଇଶ୍ରାୟେଲ ସନ୍ତାନଗଣ ଯେଉଁଦିନ ସୀଷରାକୁ ପରାସ୍ତ
କଲେ। ସେହିଦିନ ଦବୋରା ଓ ବାରକ୍ ଅବୀନୋୟମର
ପୁତ୍ର ଏହି ସଂଗୀତ ଗାନ କଲେ।

2ଇଶ୍ରାୟେଲର ପୁରୁଷମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ।
ସେମାନେ ସ୍ୱତଃସ୍ଫୁର୍ତ୍ତ ଭାବରେ ନିଜକୁ ଯୁଦ୍ଧ ପାଇଁ ଉତ୍ସର୍ଗ
କଲେ। ଏଥିପାଇଁ ତୁମେ ସଦାପ୍ରଭୁଙ୍କର ଧନ୍ୟବାଦ କର।

3ହେ, ରାଜଗଣ ଶୁଣ, ହେ ଭୂପତି କ'ଣ କର୍ଣ୍ଣ ଡେର।
ମୁଁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗାନ କରିବି। ମୁଁ ସଦାପ୍ରଭୁଙ୍କର
ସଂଗୀତ ରଚନା କରିବି। ମୁଁ ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱରଙ୍କର ପ୍ରଶଂସା ଗାନ କରିବି।

4ହେ ସଦାପ୍ରଭୁ, ତୁମ୍ଭେ ପ୍ରଥମେ ସେୟୀରରୁ ବାହାରିଲାବେଳେ,
ତୁମେ ଇଦୋମ କ୍ଷେତ୍ରରୁ ଯାତ୍ରା କଲାବେଳେ ପୃଥିବୀ କମ୍ପିଲା।
ଆକାଶ ବିନ୍ଦୁ ପାତ କଲା ମେଘମାଳା ଜଳପାତ କଲା।

5ପର୍ବତମାନ କମ୍ପମାନ ହେଲା ସଦାପ୍ରଭୁଙ୍କର ସମ୍ମୁଖରେ।
ସୀନୟ ପର୍ବତ ମଧ୍ୟ ସଦାପ୍ରଭୁଙ୍କ ସମ୍ମୁଖରେ କମ୍ପନ କଲା!

6ସେଦିନ ଅନାତ୍ ପୁତ୍ର ଶମଗର ସମୟରେ ଏବଂ
ଯାୟେଲ ସମୟରେ ମୁଖ୍ୟ ରାସ୍ତାଗୁଡ଼ିକ ଜନଶୂନ୍ୟ ହେଲା।
ବେପାରୀମାନେ ପଥଗାମୀମାନେ ବକ୍ର ଉପ ପଥ ଦେଇ ଗମନ
କଲେ।

7ଇଶ୍ରାୟେଲ ମଧ୍ୟରେ ଶାସନ କର୍ତ୍ତାଗଣ ଶୂନ୍ୟ ଥିଲେ।
ମୁଁ ଦବୋର ଉତ୍ପନ୍ନ କରିବା ପର୍ଯ୍ୟନ୍ତ ମୁଁ ଇଶ୍ରାୟେଲରେ
ମାତୃତୁଲ୍ୟ ଉତ୍ପନ୍ନ କରିବା ପର୍ଯ୍ୟନ୍ତ ସେମାନେ ଥିଲେ ଶୂନ୍ୟ।

8ପରମେଶ୍ୱର ନୂତନ ନେତାମାନଙ୍କୁ ନଗର ଦ୍ୱାରରେ ଯୁଦ୍ଧ
କରିବାକୁ ମନୋନୀତ କଲେ। ସମଗ୍ର ଇଶ୍ରାୟେଲର 40,000
ମଧ୍ୟରେ ଏକ ବର୍ଚ୍ଛା ବା ଢାଲ ଦେଖାଗଲା ନାହିଁ।

9ମୋର ହୃଦୟ ଇଶ୍ରାୟେଲର ଆଦେଶକର୍ତ୍ତାଙ୍କଠାରେ ଅଛି,
ଯିଏ ଯୁଦ୍ଧ ପାଇଁ ନିଜ ଇଚ୍ଛା ପ୍ରକାଶ କଲେ, ସଦାପ୍ରଭୁଙ୍କର
ଧନ୍ୟବାଦ କର!

10ହେ ଶ୍ୱେତଗର୍ଦ୍ଦଭୀ-ଆରୋହମାନେ, ହେ ଗାଲିଚାରେ
ବସିବା ଲୋକମାନେ, ହେ ପଥରରେ ଗମନକାରୀମାନେ!
ତୁମ୍ଭେମାନେ ଗାନ କର।

11ଧନୁର୍ଦ୍ଧରମାନଙ୍କ ଶବ୍ଦରୁ ଦୂରରେ, ଜଳକଢ଼ା ସ୍ଥଳମାନଙ୍କରେ
ଲୋକମାନେ ସଦାପ୍ରଭୁଙ୍କର ଧର୍ମକ୍ରିୟା ଓ ଇଶ୍ରାୟେଲ ମଧ୍ୟରେ
ତାଙ୍କ ଶାସନ ସମ୍ବନ୍ଧୀୟ ଧର୍ମକ୍ରିୟା ସଂକର୍ତ୍ତନ କରିବେ। ସେ
ସମୟରେ ସଦାପ୍ରଭୁଙ୍କ ଲୋକମାନେ ନଗରଦ୍ୱାରକୁ ଓହ୍ଲାଇ
ଆସିଲେ।

12ଜାଗ, ଜାଗ, ଦବୋରେ! ଜାଗ, ଜାଗ, ଗାନକର! ଜାଗ
ବାରାକ୍! ଯାଅ ଏବଂ ତୁମ୍ଭର ଶତ୍ରୁମାନଙ୍କୁ ବନ୍ଦୀକର ଅବୀନୋୟମର
ପୁତ୍ର!

13ତା'ପରେ ବଞ୍ଚି ରହିଯାଇଥିବା ବ୍ୟକ୍ତିମାନେ ଶକ୍ତିଶାଳୀ
ଲୋକମାନଙ୍କ ଉପରେ ବିଜୟୀ ହେଲେ, ସଦାପ୍ରଭୁଙ୍କର
ଲୋକମାନେ ଶକ୍ତିମାନ ଲୋକମାନଙ୍କ ଉପରେ ବିଜୟୀ ହେଲେ।

14ଇଫ୍ରୟିମର ସନ୍ତାନଗଣ ଆସିଲେ। ଅମାଲେକ ପର୍ବତ
ମାଳାରୁ ତୁମ୍ଭ ପଛେ ବିନ୍ୟାମୀନ ଥିଲେ ତୁମ୍ଭ ଲୋକମାନେ
ମଧ୍ୟ ମାଖୀରଠାରୁ ଶାସନକର୍ତ୍ତାମାନେ ସବୂଲୂନ୍ ପରିବାରବର୍ଗଠାରୁ
ସୈନ୍ୟଗଣନାକାରୀ ଦଣ୍ଡଧାରମାନେ ଓହ୍ଲାଇ ଆସିଲେ।

15ଇଷାଖର ଅଧିପତିମାନେ ସବୁ ଦବୋରା ସଙ୍ଗରେ
ଥିଲେ। ଇଷାଖର ଯେମିତି ବାରକ୍ ମଧ୍ୟ ସେମିତି ଥିଲା।
ସେମାନେ ତଳ ଭୂମିଆଡେ ମାଡିଗଲେ। ରୁବେନର ସ୍ରୋତ
ସମୂହ ଗୁରୁତର ମନଭାବନା ହେଲା।

16ତୁମ୍ଭେ କାହିଁକି? ମେଷଶାଳା ମଧ୍ୟରେ ବସିଲ। ମେଷପଲ
ମଧ୍ୟେ ବଂଶୀନାଦ ଶୁଣିବାକୁ, କିଅବା ରୁବେନ୍‌ର ସମୁହଁରେ
ସ୍ରୋତ ମନୋଭାବନା ହେଲା ଗୁରୁତର!
17ଗିଲୟଦ ଲୋକମାନେ ଯର୍ଦ୍ଦନ ନଦୀ ସେପାରରେ
ସେମାନଙ୍କ ଛାଉଣୀରେ ବାସ କଲେ। ଆଉ ଦାନ ଜାହାଜଗୁଡ଼ିକରେ
କାହିଁକି ରହିଲା? ଆଶେର ସମୁଦ୍ର ତୀରେ ବସି ରହିଥିଲା।
ସେ ନିଜ ବନ୍ଦର ନିକଟରେ ବାସକଲା।
18ସବୂଲୂନ ମରଣ ପର୍ଯ୍ୟନ୍ତେ ପ୍ରାଣାମକାରୀ ଲୋକ ହେଲା।
ଉଚ୍ଚସ୍ଥାନ ନପ୍ତାଲି କ୍ଷେତ୍ରରେ ପ୍ରାଣପଣ କଲା।
19କିଣାନୀୟ ରାଜାମାନେ ଯୁଦ୍ଧ କରିଥିଲେ। ସେମାନେ
କୌଣସି ସିନ୍ଦୁକ ପାଇ ନ ଥିଲେ। ସେମାନେ ତାନକରେ
ଯୁଦ୍ଧ କରିଥିଲେ। ମାଗିଦୋର ଜଳତୀରସ୍ଥରେ।
20ତାରାଗଣ ସେମାନଙ୍କ ବିରୁଦ୍ଧରେ ଆକାଶରୁ ଯୁଦ୍ଧ
କଲେ। ଆକାଶରେ ସେମାନଙ୍କର ପଥରୁ ସେମାନେ ସୀଷରା
ବିପକ୍ଷରେ ଯୁଦ୍ଧ କରିଥିଲେ।
21କୀଶୋନ୍ ନଦୀ ପୁରୁଣା ନଦୀ ଭସାଇ ନେଲା ସେଷରା
ଲୋକ। ହେ ମୋର ପ୍ରାଣ ତୁମ୍ଭ ବଳରେ ଅଗ୍ରସର ହୁଅ।
22ଅଶ୍ୱମାନଙ୍କର ଖୁରା ଭୂମିକୁ ମଣ୍ଡି ପକାଇଲା। ସେବାରା
ଘୋଡ଼ା କୁଦାମାରୀ ପଳାଇଲା।
23ସଦାପ୍ରଭୁଙ୍କର ଦୂତ କହିଗଲେ, "ମେରୋସ ଲୋକଙ୍କୁ
ଶାପଦିଅ ଏବଂ ପାପ ଦିଅ! ସେମାନଙ୍କ ସୈନ୍ୟ ସଦାପ୍ରଭୁଙ୍କୁ
ସାହାଯ୍ୟ କରିବାକୁ ଆସି ତ ନ ଥିଲେ।"
24ସ୍ତ୍ରୀମାନଙ୍କ ମଧ୍ୟରେ କେନୀୟ ହେବର ସ୍ତ୍ରୀ ଯାୟେଲ୍
ଧନ୍ୟ ହେବେ। ତମ୍ବୁ ନିବାସିନୀମାନଙ୍କ ମଧ୍ୟରେ ଧନ୍ୟ
ହେବେ।
25ସୀଷରା ଜଳ ମାଗିଲେ ସେ ତାଙ୍କୁ କ୍ଷୀର ଦେଲେ।
ରାଜ ଉପଯୁକ୍ତ ପାତ୍ରରେ ଦଧି ଆଣି ତାଙ୍କୁ ଦେଲେ।
26ଯାୟେଲ୍ ଗୋଟିଏ ହାତରେ ମେଖଣା ଧରି ଦକ୍ଷିଣ
ହସ୍ତରେ ପିଟଣା ଧରି ସୀଷରାର ମୁଣ୍ଡ ଫଟାଇ ଦେଲେ
କର୍ଣ୍ଣମୂଳରେ ଯାଇ ମେଖଳା ପଶିଲା।
27ତାହାର ପାଦତଳେ ନଇଁ ପଡ଼ିଲା, ପାଦତଳେ ସେ
ଲୋଟି ପଡ଼ିଲା, ପାଦତଳେ ସେ ଶୋଇ ପଡ଼ିଲା। ଯେଉଁଠାରେ
ସେ ଶୋଇ ପଡ଼ିଲା ସେହିଠାରେ ସେ ମଲେ।
28ସୀଷରାର ମା ଝରକା ପାଖରେ ଅପେକ୍ଷା କରୁଥିଲା
ଏବଂ ସେ ଜାଲି ଦେଇ ଗୃହୁଁଥିଲା। ସେ ଏହା ଚିନ୍ତା କରି
କାନ୍ଦୁଥିଲା, "ସୀଷରାର ରଥ ବିଳମ୍ବ କାହିଁକି? ମୁଁ କାହିଁକି
ତଥାପି ତା'ର ରଥ ଶବ୍ଦ ଶୁଣି ପାରୁ ନାହିଁ?"
29ତା'ର ସବୁଠୁଁ ଜ୍ଞାନବତୀ ସହଚରୀ ତାଙ୍କୁ ଉତ୍ତର
ଦେଲା, ପ୍ରକୃତରେ ସେ ତାକୁ ଏକ ଉତ୍ତର ଦେଲା।
30"ମୁଁ ନିଶ୍ଚିତ, ସେମାନେ ଯୁଦ୍ଧରେ ବିଜୟୀ ହୋଇଛନ୍ତି।
ସେମାନେ ଲୁଣ୍ଠିତ ସାମଗ୍ରୀ ସବୁ ନେଇ ଯାଉଛନ୍ତି। ସେମାନେ
ଲୁଣ୍ଠିତ ସାମଗ୍ରୀକୁ ସେମାନଙ୍କ ମଧ୍ୟରେ ଭାଗ କରୁଛନ୍ତି।
ପ୍ରତ୍ୟେକ ସୈନ୍ୟ ଗୋଟିଏ ବା ଦୁଇଟି ଯୁବତୀ ନେଉଛନ୍ତି।
ହୋଇପାରେ ସୀଷରା ରଂଗ କରାଯାଇଥିବା ବସ୍ତ୍ର ଖଣ୍ଡେ, ରଂଗ
କରାଯାଇଥିବା ହସ୍ତ କର୍ମ ଚିତ୍ରିତ ବସ୍ତ୍ର କିମ୍ବା ବିଜେତା
ସୀଷରାର ପରିଧାନ ପାଇଁ ଦୁଇଟି ଖଣ୍ଡ ପାଇଅଛି।"
31ହେ ସଦାପ୍ରଭୁ ତୁମ୍ଭର ସମସ୍ତ ଶତ୍ରୁ ଏହିପରି ବିନଷ୍ଟ
ହୁଅନ୍ତୁ। ମାତ୍ର, ତାଙ୍କର ପ୍ରେମକାରୀମାନେ ସ୍ୱପରାକ୍ରମରେ
ଗତିକାରି ସୂର୍ଯ୍ୟ ତୁଲ୍ୟ ହୁଅନ୍ତୁ।
ଏହାପରେ ଚାଳିଶ ବର୍ଷ ପର୍ଯ୍ୟନ୍ତ ଦେଶ ବିଶ୍ରାମ ପାଇଲା।

## ମିଦୟନୀୟ ଓ ଇସ୍ରାୟେଲ ମଧ୍ୟରେ ଯୁଦ୍ଧ

6 ପୁଣିଥରେ ଇସ୍ରାୟେଲୀୟମାନେ ତାହା କଲେ, ଯାହା
ସଦାପ୍ରଭୁ ମନ୍ଦ ବୋଲି ବିବେଚନା କଲେ। ତେଣୁ
ସଦାପ୍ରଭୁ ସାତବର୍ଷ ପାଇଁ ମିଦୟନୀୟମାନଙ୍କୁ ଇସ୍ରାୟେଲୀୟମାନଙ୍କ
ଉପରେ ଶାସନ କରିବାକୁ ଦେଲେ।
2ମିଦୟନୀୟମାନେ ବହୁ ପରାକ୍ରମଶାଳୀ ହେଲେ ଏବଂ
ସେମାନେ ଇସ୍ରାୟେଲର ଲୋକମାନଙ୍କର ବିରୋଧୀ ହୋଇଗଲେ।
ଯେଉଁଥିପାଇଁ ଇସ୍ରାୟେଲ ସନ୍ତାନଗଣ ପର୍ବତ ଫାଟକରେ
ଗୁମ୍ଫାରେ ଓ ନିରାପଦ ସ୍ଥାନମାନଙ୍କରେ ଲୁଚି ରହିଲେ।
3ସେମାନେ ଏହିପରି କଲେ, କାରଣ ମିଦୟନୀୟ ଓ ଅମାଲେକୀୟ
ଓ ପୂର୍ବ ଦେଶିୟ ଗୋଷ୍ଠୀମାନେ ସର୍ବଦା ଆସି ସେମାନଙ୍କର
ଫସଲ ନଷ୍ଟ କରି ଦେଉଥିଲେ। 4ସେମାନେ ଛାଉଣୀ ସ୍ଥାପନ
କରି ଘାସା ପର୍ଯ୍ୟନ୍ତ ଭୂମିଜାତ ଶସ୍ୟାଦି ବିନାଶ କରନ୍ତି।
ଇସ୍ରାୟେଲର ଲୋକମାନଙ୍କର ଖାଇବା ପାଇଁ କିଛି ଛାଡ଼ିଲେ
ନାହିଁ। ଏପରିକି ସେମାନେ ମେଷ, ଗୋରୁ କିମ୍ବା ଗଧ କିଛି
ଛାଡ଼ିଲେ ନାହିଁ। 5ସେମାନେ ପଙ୍ଗପାଳର ଦଳପରି ସେମାନଙ୍କର
ତମ୍ବୁ ଓ ପଶୁଗୁଡ଼ିକ ସହିତ ଅଧିକ ସଂଖ୍ୟାରେ ଆସିଲେ।
ସେମାନେ ଓ ସେମାନଙ୍କର ଓଟଗୁଡ଼ିକ ଅଧିକ ଥିଲେ ଯେ
ଏହା ଗଣନା କରିବା ଅସମ୍ଭବ। 6ଇସ୍ରାୟେଲ ସନ୍ତାନଗଣ
ବହୁତ ଗରିବ ହୋଇଗଲେ। କାରଣ ଏହି ମିଦୟନୀୟମାନଙ୍କ
ପାଇଁ। ତେଣୁ ଇସ୍ରାୟେଲ ସନ୍ତାନଗଣ ସାହାର୍ଯ୍ୟ ପାଇଁ
ସଦାପ୍ରଭୁଙ୍କ ନିକଟରେ କ୍ରନ୍ଦନ କଲେ।
7ମିଦୟନୀୟ ଲୋକମାନେ ସେମାନଙ୍କୁ ଏତେ କଷ୍ଟ ଦେଲେ
ଯେ, ଇସ୍ରାୟେଲ ଲୋକମାନେ ସାହାଯ୍ୟ ପାଇଁ ସଦାପ୍ରଭୁଙ୍କୁ
ଡାକିଲେ। 8ତେଣୁ ସଦାପ୍ରଭୁ ଏକ ଭବିଷ୍ୟଦ୍‌ବକ୍ତାଙ୍କୁ ଇସ୍ରାୟେଲକୁ
ପ୍ରେରଣ କଲେ। ସେହି ଭବିଷ୍ୟଦ୍‌ବକ୍ତା ଇସ୍ରାୟେଲବାସୀଙ୍କୁ
କହିଲେ, "ସଦାପ୍ରଭୁ ଇସ୍ରାୟେଲର ପରମେଶ୍ୱର କହନ୍ତି, 'ମୁଁ
ତୁମ୍ଭମାନଙ୍କୁ ମିଶରରୁ ବାହାର କରି ଆଣିଲି ଓ ଦାସତ୍ୱରୁ ମୁଁ
ତୁମ୍ଭମାନଙ୍କୁ ମୁକ୍ତ କଲି। 9ମୁଁ ତୁମ୍ଭକୁ ଶକ୍ତିଶାଳୀ
ମିଶରୀୟମାନଙ୍କଠାରୁ ଉଦ୍ଧାର କଲି। ମୁଁ ତୁମ୍ଭମାନଙ୍କୁ
ସେହିମାନଙ୍କଠାରୁ ରକ୍ଷା କଲି। ଯେଉଁମାନେ ତୁମ୍ଭକୁ କିଣାନରେ
ଉପଦ୍ରବ କଲେ। ମୁଁ ସେମାନଙ୍କୁ ସେମାନଙ୍କର ଦେଶରୁ
ଘଉଡ଼ାଇ ଦେଲି ଓ ସେହି ଦେଶ ତୁମ୍ଭକୁ ଦେଲି।' 10ମୁଁ
ତୁମ୍ଭମାନଙ୍କୁ କହିଲି, 'ମୁଁ ହିଁ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର।
ଇମୋରୀୟଙ୍କ ଦେବତାମାନଙ୍କୁ ପୂଜା କର ନାହିଁ,' ଯେଉଁମାନଙ୍କ
ଦେଶରେ ତୁମ୍ଭେମାନେ ବାସ କରୁଛ। ମାତ୍ର ତୁମ୍ଭେମାନେ
ମୋର କଥା ଶୁଣିଲ ନାହିଁ।"

## ସଦାପ୍ରଭୁଙ୍କର ଦୂତ ଗିଦିୟୋନଙ୍କୁ ଦର୍ଶନ ଦେଲେ

11ଏହାପରେ ସଦାପ୍ରଭୁଙ୍କର ଦୂତ ଆସି ଅବୀୟେଷ୍ରୀୟ
ଯୋୟାସର ଅଧିକାର ସ୍ଥିତି ଅଫ୍ରାରେ ଅଲୋନ୍ ବୃକ୍ଷ ମୂଳରେ
ବସିଲେ। ସେହି ସମୟରେ ତା'ର ପୁତ୍ର ଗିଦିୟୋନ ଦ୍ରାକ୍ଷାକୁଣ୍ଡରେ
ଗହମ ଝାଡୁଥିଲେ। ସେ ଏଥିପାଇଁ ଲୁଚୁଥିଲେ ଯେ,

ମିଦିୟନୀୟମାନେ ଯେପରି ଗହମ ନଦେଖିବେ। 12ସଦାପ୍ରଭୁଙ୍କର
ଦୂତ ତାଙ୍କ ଆଗରେ ଦର୍ଶନ ଦେଲେ ଓ କହିଲେ, "ହେ
ମହାବିକ୍ରମଶାଳୀ ଲୋକ ସଦାପ୍ରଭୁ ତୁମ୍ଭ ସଙ୍ଗେ ଅଛନ୍ତି।"
13ଏହାପରେ ଗିଦିୟୋନ୍ ତାଙ୍କୁ କହିଲେ, "ହେ ପ୍ରଭୁ, ମୁଁ
ପ୍ରତିଜ୍ଞା କରୁଛି, ଯଦି ସଦାପ୍ରଭୁ ଆମ୍ଭମାନଙ୍କ ସଙ୍ଗେ ଥାନ୍ତି।
ତେବେ ଆମ୍ଭମାନଙ୍କ ପ୍ରତି ଏପରି ଘଟିଯାଉଛି କାହିଁକି?
ସଦାପ୍ରଭୁ ଆମ୍ଭମାନଙ୍କୁ ମିଶରରୁ ଉଦ୍ଧାର କରି ନାହାଁନ୍ତି କି?
ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଆମ୍ଭମାନଙ୍କ ଆଗରେ ସଦାପ୍ରଭୁଙ୍କ
ଯେଉଁ ଭୀତିଉତ୍ପାଦକ କାର୍ଯ୍ୟକଥା ବାରମ୍ବାର କହିଥିଲେ, ସେ
ସବୁ କାହିଁ? କିନ୍ତୁ ବର୍ତ୍ତମାନ ସଦାପ୍ରଭୁ ଆମ୍ଭମାନଙ୍କୁ ପରିତ୍ୟାଗ
କରି ଅଛନ୍ତି। ସେ ଆମ୍ଭମାନଙ୍କୁ ମିଦିୟନୀୟର ହସ୍ତରେ
ସମର୍ପଣ କରି ଅଛନ୍ତି।"
14ତା'ପରେ ସଦାପ୍ରଭୁ ଗିଦିୟୋନଙ୍କୁ ଅନାଇଲେ ଏବଂ
କହିଲେ, "ତୁମ୍ଭର ନିଜର ଶକ୍ତିକୁ ବ୍ୟବହାର କର। ଯାଅ
ଏବଂ ମିଦିୟନ ହସ୍ତରୁ ଇଶ୍ରାୟେଲର ଲୋକମାନଙ୍କୁ ରକ୍ଷା
କର। ମୁଁ ତୁମ୍ଭମାନଙ୍କୁ ଏହି ଅଭିଯାନରେ ପଠାଉଛି।"
15କିନ୍ତୁ ଗିଦିୟୋନ ତାଙ୍କୁ କହିଲେ, "ହେ ମୋର
ସଦାପ୍ରଭୁ, ମୁଁ କିପରି ଇଶ୍ରାୟେଲକୁ ରକ୍ଷା କରି ପାରିବି?
ମନଃଶିର ପରିବାରବର୍ଗ ମଧ୍ୟରେ ମୋର ପରିବାର ସବୁଠାରୁ
ଦୁର୍ବଳ ଏବଂ ମୋର ପରିବାର ମଧ୍ୟରେ ମୁଁ ସବୁଠାରୁ ସାନ।"
16ସଦାପ୍ରଭୁ ଗିଦିୟୋନଙ୍କୁ ଉତ୍ତର ଦେଲେ, "ମୁଁ ତୁମ୍ଭ
ସହିତ ରହିବି। ତେଣୁ ତୁମ୍ଭେ ମିଦିୟନୀୟମାନଙ୍କୁ ପରାସ୍ତ
କରିବ! ତୁମ୍ଭକୁ ଲାଗିବ ସତେ ଯେପରି ତୁମେ ଜଣଙ୍କ ସହିତ
ଯୁଦ୍ଧ କରୁଛ।"
17ଏହାପରେ ଗିଦିୟୋନ ସଦାପ୍ରଭୁଙ୍କୁ କହିଲେ, "ଯଦି
ତୁମ୍ଭେ ମୋ' ପ୍ରତି ସନ୍ତୁଷ୍ଟ, ତେବେ ମୋତେ ପ୍ରମାଣ ଦିଅ
ଯେ ଏହା ପ୍ରକୃତରେ ତୁମ୍ଭେ ମୋ ସହିତ କଥାବାର୍ତ୍ତା
ହେଉଛନ୍ତି। 18ମୁଁ ପ୍ରାର୍ଥନା କରୁଛି ଯେ, ମୁଁ ଆପଣାର
ନୈବେଦ୍ୟ ଆଣି ଆପଣଙ୍କ ସମ୍ମୁଖରେ ନରଖିବା ପର୍ଯ୍ୟନ୍ତ ଏହି
ସ୍ଥାନରୁ ପ୍ରସ୍ଥାନ କରିବ ନାହିଁ।"
ଏବଂ ସଦାପ୍ରଭୁ କହିଲେ, "ତୁମ୍ଭେ ଆସିବା ପର୍ଯ୍ୟନ୍ତ ମୁଁ
ଏହିଠାରେ ଅପେକ୍ଷା କରିବି।"
19ତେଣୁ ଗିଦିୟୋନ ଭିତରକୁ ଯାଇ ଏକ ଛାଗବତ୍ସକୁ
ରାନ୍ଧିଲା। ଏକ କୋଡିଏ ପାଉଣ୍ଡ ମଇଦାର ତାଡୀଶୂନ୍ୟ ରୋଟୀ
ପ୍ରସ୍ତୁତ କଲେ, ଗିଦିୟୋନ ମାଂସକୁ ଗୋଟିଏ ଝୁଡିରେ ଓ
ଝୋଳକୁ ଅନ୍ୟ ପାତ୍ରରେ ରଖିଲେ, ଏହିଗୁଡିକ ଆଣି ଆଲୋନ୍
ବୃକ୍ଷ ନିକଟରେ ରଖିଥିଲେ।
20ପରମେଶ୍ୱରଙ୍କର ଦୂତ ଗିଦିୟୋନଙ୍କୁ କହିଲେ, "ଏହି
ତାଡିଶୂନ୍ୟ ପିଠାସବୁ ଏହି ମାଂସ ନେଇ ସେହି ପଥର
ଉପରେ ରଖ ଓ ତା' ଉପରେ ଝୋଳ ଢାଳ।" ତାଙ୍କୁ
ଯେପରି କରିବାକୁ କୁହାଗଲା, ସେ ସେହିପରି କଲେ।
21ଏହାପରେ ସଦାପ୍ରଭୁଙ୍କର ଦୂତ ତାଙ୍କ ହସ୍ତରେ ଥିବା
ଯଷ୍ଟିର ଅଗ୍ର ବଢାଇ ସେହି ମାଂସ ଓ ତାଡିଶୂନ୍ୟ ରୋଟୀକୁ
ସ୍ପର୍ଶ କଲେ। ଏହାପରେ ପଥରରୁ ଅଗ୍ନି ବାହାରିଲା ଏବଂ ତା
ଉପରେ ଥିବା ମାଂସ ଓ ପିଠା ସଂପୂର୍ଣ୍ଣ ପୋଡ଼ିଗଲା। ତା'ପରେ
ସଦାପ୍ରଭୁଙ୍କର ଦୂତ ଅଦୃଶ୍ୟ ହୋଇଗଲେ।
22ଏହାପରେ ଗିଦିୟୋନ ହୃଦୟଙ୍ଗମ କଲେ ଯେ, ସେ
ସଦାପ୍ରଭୁଙ୍କର ଦୂତଙ୍କ ସହିତ କଥା ହେଉଥିଲେ। ତେଣୁ
ଗିଦିୟୋନ ଚିତ୍କାର କଲେ, "ହେ ସର୍ବଶକ୍ତିମାନ ପରମେଶ୍ୱର,
ମୋର ପ୍ରଭୁ, ମୁଁ ସଦାପ୍ରଭୁଙ୍କ ଦୂତଙ୍କୁ ମୁହାଁ ମୁହିଁ ଦେଖିଛି!"
23କିନ୍ତୁ ସଦାପ୍ରଭୁ ଗିଦିୟୋନଙ୍କୁ କହିଲେ, "ଶାନ୍ତ ହୁଅ!
ଭୟ ନ କର! ତୁମ୍ଭର ମୃତ୍ୟୁ ହେବନାହିଁ!"
24ତେଣୁ ଗିଦିୟୋନ ସଦାପ୍ରଭୁଙ୍କର ଉପାସନା ସ୍ଥାନ
ନିକଟରେ ଏକ ଯଜ୍ଞବେଦୀ ନିର୍ମାଣ କଲେ। ସେ ସେହି
ସ୍ଥାନର ନାମ ଦେଲେ, "ସଦାପ୍ରଭୁ ମଙ୍ଗଳ ସ୍ୱରୂପ।" ସେହି
ଯଜ୍ଞବେଦୀ ଏବେ ବି ଅଫ୍ରାରେ ଅଛି। ଯେଉଁଠାରେ
ଅବୀୟେଷ୍ରୀୟମାନେ ବାସ କରୁଥିଲେ, ଅଫ୍ରା ହେଉଛି ସେହି
ସ୍ଥାନ।

## ଗିଦିୟୋନ ବାଲ୍‌ଦେବତାଙ୍କ ଯଜ୍ଞବେଦୀ ଭାଙ୍ଗିଲେ

25ସେହିଦିନ ରାତ୍ରିରେ ସଦାପ୍ରଭୁ ଗିଦିୟୋନଙ୍କୁ କହିଲେ,
"ତୁମ୍ଭ ପିତାଙ୍କର ଏକ ଷଣ୍ଢ, ଯାହାକୁ ସାତବର୍ଷ ହୋଇଛି ତାକୁ
ନିଅ। ତୁମ୍ଭ ପିତାଙ୍କର ବାଲ୍‌ଦେବତା ନିମନ୍ତେ ଥିବା ଯଜ୍ଞବେଦୀ
ଭାଙ୍ଗି ପକାଅ। ସେହି ବେଦୀ ନିକଟରେ ଥିବା ଆଶେରାର
ମୂର୍ତ୍ତିକୁ କାଟି ପକାଅ। 26ଏହାପରେ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ନିମନ୍ତେ ଗୋଟିଏ ଯଥାର୍ଥ ପ୍ରକାର ଯଜ୍ଞବେଦୀ
ନିର୍ମାଣ କର। ଏହି ଯଜ୍ଞବେଦୀକୁ ଉଚ୍ଚସ୍ଥାନରେ ନିର୍ମାଣ କର।
ସେହି ଷଣ୍ଢଟିକୁ ହୋମବଳୀରୂପେ ସେହି ଯଜ୍ଞବେଦୀ ଉପରେ
ଉତ୍ସର୍ଗ କର, ତୁମ୍ଭମାନଙ୍କର ହୋମବଳି ଦଗ୍ଧ କରିବା ପାଇଁ
ସେହି ଯଜ୍ଞବେଦୀ ନିକଟରେ ଥିବା ଆଶେରା ସ୍ତମ୍ଭର କାଠକୁ
ବ୍ୟବହାର କର।"
27ତେଣୁ ଗିଦିୟୋନ ତାଙ୍କର ସେବକଙ୍କ ମଧ୍ୟରୁ ଦଶଜଣଙ୍କୁ
ନେଲେ, ଏବଂ ସଦାପ୍ରଭୁ ଯେପରି କରିବାକୁ କହିଥିଲେ,
ସେହିପରି କଲେ। କିନ୍ତୁ ଗିଦିୟୋନ ତାଙ୍କର ପରିବାର ଓ
ସହର ଲୋକମାନଙ୍କ ଭୟରେ ଏହି କାର୍ଯ୍ୟ ଦିନରେ ନ କରି
ରାତ୍ରି ସମୟରେ କଲେ।
28ତା'ର ପରଦିନ ପ୍ରଭାତରେ ସହର ଲୋକମାନେ ଦେଖିଲେ
ବାଲଦେବତାଙ୍କ ପାଇଁ ହୋଇଥିବା ଯଜ୍ଞବେଦୀ ସମ୍ପୂର୍ଣ୍ଣ ଭାବରେ
ଧ୍ୱଂସ ହୋଇ ଯାଇଛି। ଏବଂ ସେମାନେ ଦେଖିଲେ ଆଶେରା
ସ୍ତମ୍ଭ ମଧ୍ୟ କଟାଯାଇଛି। ଏବଂ ସେମାନେ ମଧ୍ୟ ନିରୀକ୍ଷଣ
କଲେ ଯେ, ବୋହିନେବା ନିର୍ମିତ ଯଜ୍ଞବେଦୀ ଉପରେ ଏକ
ଷଣ୍ଢ ଉତ୍ସର୍ଗ କରାଯାଇଥିଲା।
29ସହରର ଲୋକମାନେ ପରସ୍ପର କୁହାକୁହି ହେଲେ।
"କିଏ ଏହା କରିଛି? ସମସ୍ତେ ଖୋଜିବା ଓ ତଦନ୍ତ ନେବା
ପରେ,"
କେହି ଜଣେ ତାଙ୍କୁ କହିଲେ, "ଯୋୟାଶର ପୁତ୍ର
ଗିଦିୟୋନ ଏପରି କରିଛି।"
30ତେଣୁ ସହରର ସମସ୍ତ ଲୋକ ଯୋୟାଶ ନିକଟକୁ
ଗଲେ ଏବଂ ତାକୁ କହିଲେ। "ତୋର ପୁଅକୁ ବାହାର କର,
ସେ ବାଲ-ଦେବତାର ଯଜ୍ଞବେଦୀକୁ ଧ୍ୱଂସ କରିଛି ଏବଂ
ଆଶେରା ସ୍ତମ୍ଭକୁ କାଟି ପକାଇଛି ଯାହାକି ଯଜ୍ଞବେଦୀ ନିକଟରେ
ଥିଲା। ସେଥିପାଇଁ ତୁମ୍ଭର ପୁଅ ନିଶ୍ଚିତ ମରିବ।"
31ଏହାପରେ ଯୋୟାଶ ତାଙ୍କ ଚତୁଃପାର୍ଶ୍ୱରେ ଘେରି
ରହିଥିବା ଲୋକମାନଙ୍କୁ କହିଲେ, "ତୁମ୍ଭେମାନେ କ'ଣ ବାଲ୍‌କୁ

ପ୍ରତିରକ୍ଷା କରିବ? ତୁମ୍ଭେ ତାଙ୍କୁ ରକ୍ଷା କରିବ କି? ଯିଏ ବାଲ୍
ସକାଶେ ଯୁକ୍ତି କରି, ସକାଳେ ତାକୁ ମୃତ୍ୟୁ ଦଣ୍ଡ ଦିଆଯିବ।
ଯଦି ବାଲ୍ ଦେବତା ଅଟେ, ସେ ନିଜେ ତାଙ୍କର ପ୍ରତିରକ୍ଷା
କରୁ, ଯିଏ ତା'ର ଯଜ୍ଞବେଦୀ ଭାଙ୍ଗି ଅଛି।" 32ଯୋୟାଶ
କହିଲେ, "ଯଦି ଗିଦିୟୋନ ତା'ର ଯଜ୍ଞବେଦି ଭାଙ୍ଗିଛି
ତେବେ, ବାଲ୍ ତାକୁ ନ୍ୟାୟାଳୟକୁ ନେଇଯାଉ।" ତେଣୁ
ସେହିଦିନ ଯୋୟାଶ ଗିଦିୟୋନର ଏକ ନୂତନ ନାମ,
ଯିରୁବ୍ବାଲ୍ ରଖିଲେ।

### ମିଦିୟନୀୟ ଲୋକମାନଙ୍କୁ ଗିଦିୟୋନ୍‌ମାନେ ପରାସ୍ତ କଲେ

33ମିଦିୟନୀୟ, ଅମାଲେକୀୟ ଓ ପୂର୍ବ ଦେଶୀୟ ଲୋକମାନେ
ନିଜକୁ ଏକତ୍ରିତ କରାଇଲେ। ଇସ୍ରାୟେଲ ବିରୁଦ୍ଧରେ ଯୁଦ୍ଧ
କରିବା ପାଇଁ ସେହି ଲୋକମାନେ ଯର୍ଦ୍ଦନ ନଦୀ ପାର ହୋଇ
ଯିଷ୍ରିୟେଲର ତଳ ଭୂମିରେ ଛାଉଣୀ ସ୍ଥାପନ କଲା। 34ଯେହେତୁ
ସଦାପ୍ରଭୁଙ୍କର ଆତ୍ମା ଗିଦିୟୋନ ଉପରେ ଅବତରଣ ହେଲା।
ସେ ତୂରୀ ବଜାଇଲା, ଅବୀୟେଷ୍ରୀୟର ଲୋକମାନେ ନିକଟ
ଭାବରେ ତାକୁ ଅନୁସରଣ କଲେ। 35ଗିଦିୟୋନ ମନଃଶି
ପରିବାରବର୍ଗର ଲୋକମାନଙ୍କ ପାଖକୁ ଦୂତ ପଠାଇଲେ।
ସେହି ଦୂତମାନେ ସେମାନଙ୍କୁ ଯୁଦ୍ଧପାଇଁ ପ୍ରସ୍ତୁତ ହେବାକୁ
କହିଲେ। ଆଶେର, ସବୂଲୂନ ଏବଂ ନପ୍ତାଲି ପରିବାରବର୍ଗର
ଲୋକମାନଙ୍କ ନିକଟକୁ ସେହି ବାର୍ତ୍ତା ପଠାଗଲା। ତେଣୁ
ସେହିସବୁ ପରିବାରବର୍ଗମାନେ ମଧ୍ୟ ଗିଦିୟୋନ ଓ ତାଙ୍କର
ଲୋକମାନଙ୍କ ସହିତ ଯୋଗ ଦେବାକୁ ଗଲେ।

36ଗିଦିୟୋନ ସଦାପ୍ରଭୁଙ୍କୁ କହିଲେ, "ଆପଣ କହିଥିଲେ,
ଆପଣଙ୍କ ବାକ୍ୟାନୁସାରେ ମୋଦ୍ୱାରା ଇସ୍ରାୟେଲକୁ ଉଦ୍ଧାର
କରିବ। ଏହାର ସତ୍ୟତା ଦେଖାଅ। 37ମୁଁ ଖଳାରେ ମେଷଚମଡ଼ା
ପକାଇବି ଯଦି ଖଳାରେ ପଡ଼ିଥିବା ଚମଡ଼ା ଉପରେ କେବଳ
କାକର ପଡ଼ିବ ଏ ଭୂମି ଶୁଷ୍କ ରହିବ। ତେବେ ମୁଁ ଜାଣିବି
ଆପଣ ମୋଦ୍ୱାରା ଇସ୍ରାୟେଲକୁ ରକ୍ଷା କରୁଛନ୍ତି,। ଆପଣଙ୍କର
ବାକ୍ୟାନୁସାରେ।"

38ଏବଂ ତାହା ଠିକ୍ ସେହିପରି ହିଁ ଘଟିଥିଲା। ଗିଦିୟୋନୀୟ
ତା'ପରଦିନ ପ୍ରଭାତରେ ଉଠି ସେହି ଚମଡ଼ାକୁ ଏକତ୍ର ଚିପୁଡନ୍ତେ
ଲୋମରୁ ପୂର୍ଣ୍ଣ ଏକ ପାତ୍ର ଜଳ ବାହାରିଲା।

39ଏହାପରେ ଗିଦିୟୋନ ପରମେଶ୍ୱରଙ୍କୁ କହିଲେ, "ମୋ
ଉପରେ କ୍ରୋଧିତ ହୁଅ ନାହିଁ। ମୋତେ କେବଳ ଆଉ
ଗୋଟିଏ କଥା ପଚାରିବାକୁ ଅନୁମତି ଦିଅ। ଏହି ଚମଡ଼ାଦ୍ୱାରା
ମୋତେ ତୁମ୍ଭକୁ ପରୀକ୍ଷା କରିବାକୁ ଦିଅ। ଚମଡ଼ାଟି ଶୁଖିଯାଉ
ଏବଂ ତା'ର ଚାରିପାଖରେ ଥିବା ଭୂମି କାକରରେ ଓଦା
ଦେଉ।"

40ସେହିଦିନ ରାତ୍ରିରେ ପରମେଶ୍ୱରଙ୍କୁ ଠିକ୍ ସେହିପରି
କଲେ, ଚମଡ଼ାଟି ଶୁଷ୍କ ହୋଇଗଲା କିନ୍ତୁ ଭୂମିର ଚତୁଃପାର୍ଶ୍ୱସ୍ଥ
କାକର ଦ୍ୱାରା ଓଦା ରହିଲା।

7 ତାପରଦିନ ପ୍ରତ୍ୟୁଷରେ ଯିରୁବ୍ବାଲ୍ ଏବଂ ତାଙ୍କର ସମସ୍ତ
ଲୋକମାନେ ଉଠି ହାରୋଦ ଝରଣା ନିକଟରେ ଛାଉଣୀ
ସ୍ଥାପନ କଲେ। ମିଦିୟନ ଲୋକମାନଙ୍କର ଛାଉଣୀ ସେମାନଙ୍କର
ଉତ୍ତରରେ ମୋରି ପର୍ବତ ନିକଟ ତଳଭୂମିରେ ଥିଲା।
2ଏହାପରେ ସଦାପ୍ରଭୁ ଗିଦିୟୋନକୁ କହିଲେ,
"ମିଦିୟନମାନଙ୍କୁ ପରାସ୍ତ କରିବା ପାଇଁ ମୁଁ ତୁମ୍ଭର ଲୋକମାନଙ୍କୁ
ସାହାଯ୍ୟ ଦେବି। କିନ୍ତୁ ତୁମ୍ଭର ଏତେ ସୈନ୍ୟ ଅଛନ୍ତି ଯେ ମୁଁ
ସେମାନଙ୍କୁ ପରାସ୍ତ କରାଇଲେ ତୁମ୍ଭର ସୈନ୍ୟମାନେ ଭାବିବେ
ଯେ, ସେମାନେ ନିଜ ଶକ୍ତି ବଳରେ ଶତ୍ରୁମାନଙ୍କୁ ପରାସ୍ତ
କରିଛନ୍ତି। ଇସ୍ରାୟେଲର ଲୋକମାନେ ମୋତେ ଭୁଲିଯାଆନ୍ତି
ବୋଲି ଓ ସେମାନେ ନିଜକୁ ନିଜେ ରକ୍ଷା କରିଛନ୍ତି ବୋଲି
ଆତ୍ମଶ୍ଲାଘା କରନ୍ତୁ ବୋଲି ମୁଁ ଚାହେଁ ନାହିଁ। 3ତେଣୁ
ସେମାନଙ୍କ ପାଇଁ ଏକ ଘୋଷଣା କର, ସେମାନଙ୍କୁ କୁହ,
'ଯେଉଁ ଲୋକମାନେ ଯୁଦ୍ଧକୁ ଭୟ କରୁଛନ୍ତି, ସେମାନେ
ଗିଲିୟଦ ପାହାଡ ଛାଡ଼ି ସ୍ୱଗୃହକୁ ଫେରିଯିବା ଉଚିତ୍।'"

ପାଖାପାଖି 22,000 ଲୋକ ଗିଲିୟଦ ଛାଡ଼ି ଚାଲିଗଲେ।
କିନ୍ତୁ ସେଠାରେ 10,000 ସୈନ୍ୟ ରହିଥିଲେ।

4ଏହାପରେ ସଦାପ୍ରଭୁ ଗିଦିୟୋନଙ୍କୁ କହିଲେ, "ତଥାପି
ବହୁତ ସୈନ୍ୟଗଣ ଅଛନ୍ତି। ସେମାନଙ୍କୁ ଜଳ ଭିତରକୁ ନିଅ,
ମୁଁ ତୁମ୍ଭ ପାଇଁ ସେମାନଙ୍କୁ ପରୀକ୍ଷା କରିବି। ଯଦି ମୁଁ କହେ,
'ଏହି ଲୋକ ଜଣଙ୍କ ତୁମ୍ଭ ସହିତ ଯିବ,' 'ସେ ତୁମ୍ଭର
ଅନୁସରଣ କରିବା ଉଚିତ୍', କିନ୍ତୁ ଯଦି ମୁଁ କହେ, 'ଏହି
ଲୋକ ଜଣଙ୍କ ତୁମ୍ଭ ସହିତ ଯିବ ନାହିଁ,' ସେ ତୁମ୍ଭର
ଅନୁସରଣ କରିବା ଉଚିତ୍ ନୁହେଁ।"

5ତେଣୁ ଗିଦିୟୋନ ସେମାନଙ୍କୁ ପାଣି ଭିତରକୁ ନେଇଗଲେ।
ସେଠାରେ ସଦାପ୍ରଭୁ ଗିଦିୟୋନଙ୍କୁ କହିଲେ, "ଏହି ଲୋକମାନଙ୍କୁ
ଦୁଇଟି ଦଳରେ ବିଭକ୍ତ କର। ଯେଉଁମାନେ କୁକୁର ପରି
ନିଜ ଜିଭରେ ଚାକୁ ଚାକୁ କରି ପାଣି ପିଇବେ, ସେମାନଙ୍କୁ
ଗୋଟିଏ ଗୋଷ୍ଠୀରେ ଓ ଯେଉଁମାନେ ନଇଁପଡି ପାଣି ପିଅନ୍ତି,
ସେହି ଲୋକମାନଙ୍କୁ ଆଉ ଏକ ଗୋଷ୍ଠୀ କର।"

6ଏଥିରେ 300 ଲୋକ ନିଜ ନିଜ ହାତରେ ମୁହଁରେ
ହାତ ଦେଇ କୁକୁରପରି ଚାକୁ ଚାକୁ କରି ଜଳପାନ କଲେ।
ଏବଂ ଅନ୍ୟ ସମସ୍ତ ଲୋକ ଜଳ ପାନକରିବା ପାଇଁ ଆଣ୍ଠୁମାଡି
ନଇଁ ପଡ଼ିଲେ। 7ସଦାପ୍ରଭୁ ଗିଦିୟୋନଙ୍କୁ କହିଲେ, "ମୁଁ ଏହି
300 ଲୋକଙ୍କୁ ବ୍ୟବହାର କରିବି ଯେଉଁମାନେ କୁକୁର ପରି
ଚାକୁ ଚାକୁ କରି ଜଳପାନ କଲେ, ମୁଁ ସେମାନଙ୍କ ଦ୍ୱାରା
ତୁମ୍ଭକୁ ସାହାଯ୍ୟ କରିବି ଓ ମିଦିୟନୀୟମାନଙ୍କୁ ସେମାନଙ୍କ
ହସ୍ତରେ ପରାସ୍ତ କରାଇବି। ଅବଶିଷ୍ଟ ଲୋକମାନଙ୍କୁ ସେମାନଙ୍କ
ସ୍ୱଗୃହକୁ ଫେରାଇ ଦିଅ।"

8ତେଣୁ ଗିଦିୟୋନ ସେ ସମସ୍ତ ଲୋକମାନଙ୍କୁ ଗୃହକୁ
ପଠାଇ ଦେଲେ। ତାଙ୍କ ସହିତ ମାତ୍ର 300 ଲୋକ ରଖିଲେ।
ସେହି 300 ଲୋକ ଅନ୍ୟମାନଙ୍କର ସାମଗ୍ରୀ ଓ ତୂରୀସବୁ
ରଖିଲେ, ଯେଉଁମାନେ ଗୃହକୁ ଚାଲିଗଲେ।

ମିଦିୟନୀୟମାନଙ୍କର ଛାଉଣୀ ସେମାନଙ୍କର ତଳ
ଉପତ୍ୟକାରେ ଥିଲା। 9ରାତ୍ରି ସମୟରେ ସଦାପ୍ରଭୁ ଗିଦିୟୋନଙ୍କୁ
କହିଲେ, "ଉଠ, ସେହି ଛାଉଣୀକୁ ଓହ୍ଲାଇ ଯାଅ। ସେମାନଙ୍କୁ
ପରାସ୍ତ କରିବାରେ ମୁଁ ତୁମ୍ଭମାନଙ୍କୁ ଅନୁମତି ଦେବି। 10ଯଦି
ତୁମେ ଏକା ଯିବାକୁ ଭୟ କରୁଛ ତେବେ ତୁମ୍ଭ ସହିତ
ତୁମ୍ଭର ସେବକ ଫୁରାକୁ ନେଇଯାଅ। 11ମିଦିୟନୀୟମାନଙ୍କର
ଛାଉଣୀକୁ ଯାଅ। ସେମାନଙ୍କର କଥାସବୁ ଶୁଣ। ତେବେ
ସେମାନଙ୍କୁ ଆକ୍ରମଣ କରିବାକୁ ତୁମ୍ଭେମାନେ ଭୟ କରିବ
ନାହିଁ।"

ତେଣୁ ଗିଦିୟୋନ ଓ ତାଙ୍କର ସେବକ ଫୁରା ମିଦୟନୀୟରେ
ଶିବିର ପାଖକୁ ଗଲେ। 12ମିଦୟନୀୟ, ଅମାଲେକୀୟ ଓ ପୂର୍ବ
ଦେଶୀୟ ଲୋକମାନେ ଯେଉଁମାନେ ସେଠାରେ ଛାଉଣୀ
କରିଥିଲେ ବହୁ ସଂଖ୍ୟକ ହେତୁ ପଙ୍ଗପାଳର ଦଳପରି
ଦେଖାଗଲେ। ସେମାନଙ୍କର ଏତେଗୁଡ଼ିକ ଓଟ ଥିଲେ ଯେ,
ସେଗୁଡ଼ିକ ସମୁଦ୍ର କୂଳର ବାଲିକଣା ତୁଲ୍ୟ ଦେଖାଗଲେ।

13ଗିଦିୟୋନ ସେଠାରେ ଉପସ୍ଥିତ ହୋଇ ଶୁଣିଲେ ଯେ,
ଜଣେ ତାଙ୍କର ସାଙ୍ଗକୁ ଏକ ସ୍ୱପ୍ନ ବିଷୟରେ କହୁଥିଲା, ସେ
କହିଲା, "ମୁଁ ସ୍ୱପ୍ନ ଦେଖିଲି, ଏକ ଯବରୋଟୀ ମିଦୟନୀୟ
ଛାଉଣୀ ଆଡ଼କୁ ଗଡ଼ି ତମ୍ବୁକୁ ଆସି ଆଘାତ କଲା, ତାହା
ପଡ଼ିଗଲା, ତାକୁ ଓଲଟାଇଲା ପରେ ତମ୍ବୁମାନ ପଡ଼ିଗଲା।"

14ସେହି ଲୋକଟିର ବନ୍ଧୁ ଏହି ସ୍ୱପ୍ନର ଅର୍ଥ ବୁଝି
ପାରିଲା, ସେ କହିଲା, "ଇଶ୍ରାୟେଲୀରୁ ଆସିଥିବା ଯୋୟାସର
ପୁତ୍ର ଗିଦିୟୋନଙ୍କର ଖଡ୍ଗ ଏହା ଛଡ଼ା ଆଉ କିଛି ନୁହେଁ।
ପରମେଶ୍ୱର ମିଦୟନୀୟମାନଙ୍କୁ ଓ ସମସ୍ତ ଶିବିରକୁ ତାଙ୍କ
ହସ୍ତରେ ଦେଇଛନ୍ତି।"

15ସେହି ସ୍ୱପ୍ନ ଓ ଏହାର ଅର୍ଥ ଶୁଣିସାରିବା ପରେ
ଗିଦିୟୋନ ନତମସ୍ତ କରି ସଦାପ୍ରଭୁଙ୍କର ଉପାସନା କଲେ
ଏବଂ ତାଙ୍କର ଛାଉଣୀକୁ ଫେରିଗଲେ। ସେଠାରେ ସେ
ଇଶ୍ରାୟେଲର ସୈନ୍ୟମାନଙ୍କୁ କହିଲେ, "ଉଠ! ସଦାପ୍ରଭୁ
ତୁମ୍ଭମାନଙ୍କ ହସ୍ତରେ ମିଦୟନୀୟ ସୈନ୍ୟଦଳକୁ ସମର୍ପଣ
କରିଅଛନ୍ତି।" 16ଏହାପରେ ଗିଦିୟୋନ ସେହି 300 ସୈନ୍ୟଙ୍କୁ
ତିନି ଦଳରେ ବିଭକ୍ତ କଲେ। ତା'ପରେ ସେ ସେମାନଙ୍କୁ
ଗୋଟିଏ ଗୋଟିଏ ଶିଙ୍ଗା ଓ ଗୋଟିଏ ଗୋଟିଏ ଶୂନ୍ୟ ପାତ୍ର
ପ୍ରତ୍ୟେକଙ୍କୁ ଦେଲେ। ପ୍ରତ୍ୟେକ ପାତ୍ର ମଧ୍ୟରେ ଗୋଟିଏ
ଗୋଟିଏ ଜଳନ୍ତା ମଶାଲ ଥିଲା। 17ଏହାପରେ ଗିଦିୟୋନ
ତାଙ୍କର ସୈନ୍ୟମାନଙ୍କୁ କହିଲେ, "ମୋତେ ଅନୁସରଣ କର
ଏବଂ ଦେଖ ମୁଁ ଯାହା କରୁଛି ତୁମେ ସେହିପରି କର। ମୋ
ପଛରେ ସେନା ଛାଉଣୀର ସୀମା ପର୍ଯ୍ୟନ୍ତ ଆସ। ମୁଁ
ଯେତେବେଳେ ସେମାନଙ୍କର ଛାଉଣୀର ସୀମା ପାଖରେ ପହଞ୍ଚିବି।
ମୁଁ ଯେପରି କରିବି ତୁମ୍ଭେମାନେ ଠିକ୍ ସେହିପରି କରିବ।
18ତୁମ୍ଭେମାନେ ସମସ୍ତେ ଶତ୍ରୁ ଛାଉଣୀକୁ ଘେରାଉ କରିବ
ଏବଂ ମୁଁ ଏବଂ ମୋ ସଙ୍ଗରେ ଥିବା ସୈନ୍ୟମାନେ ଆମ୍ଭର
ଶିଙ୍ଗା ବଜାଇବୁ। ତା'ପରେ ତୁମ୍ଭେମାନେ ତୁମ୍ଭର ଶିଙ୍ଗା
ବଜାଇବ ଏବଂ ତୁମ୍ଭେମାନେ ସମସ୍ତେ ଏକା ସ୍ୱରରେ କହିବ,
'ସଦାପ୍ରଭୁଙ୍କ ପାଇଁ ଓ ଗିଦିୟୋନର ପାଇଁ।'"

19ତେଣୁ ଗିଦିୟୋନ ଏବଂ ତାଙ୍କ ସହିତ ଥିବା 100
ସୈନିକ ଛାଉଣୀ ପାଖରେ ପହଞ୍ଚିଲେ। ସେତେବେଳେ
ମିଦୟନୀୟମାନେ ସେମାନଙ୍କର ନୂତନ ପ୍ରହରୀମାନଙ୍କୁ ପରିବର୍ତ୍ତନ
କରୁଥିଲେ। ଏହା ମଧ୍ୟ ରାତ୍ରି ସମୟ ଥିଲା। ଏହି ସମୟରେ
ଗିଦିୟୋନ ଓ ତା'ର ଲୋକମାନେ ସେମାନଙ୍କର ଶିଙ୍ଗାଗୁଡ଼ିକ
ବଜାଇବାକୁ ଲାଗିଲେ ଓ ସେମାନଙ୍କର ଜାରଗୁଡ଼ିକୁ ଭାଙ୍ଗି
ଚୁରମାର କରି ପକାଇଲେ। 20ଏହାପରେ ତିନିଟି ଦଳର
ସମସ୍ତ ସୈନିକମାନେ ସେମାନଙ୍କର ତୂରୀ ବଜାଇଲେ ଓ
ସମସ୍ତ ଜାର ଭାଙ୍ଗି ପକାଇଲେ। ଏବଂ ସେହି ଲୋକମାନେ
ସେମାନଙ୍କର ବାମ ହସ୍ତରେ ମଶାଲ ଓ ଦକ୍ଷିଣ ହସ୍ତରେ
ସେମାନଙ୍କର ଶିଙ୍ଗାଗୁଡ଼ିକ ଧରିଲେ। ସେମାନେ ଉଚ୍ଚ ସ୍ୱରରେ
କହିଲେ, "ସଦାପ୍ରଭୁଙ୍କ ପାଇଁ ଖଡ୍ଗଟିଏ ଏବଂ ଗିଦିୟୋନ ପାଇଁ
ଖଡ୍ଗଟିଏ।"

21ଗିଦିୟୋନର ସୈନ୍ୟମାନେ ଛାଉଣୀର ଚତୁଃପାର୍ଶ୍ୱରେ
ନିଜ ନିଜ ସ୍ଥାନରେ ଛିଡ଼ା ହେଲେ। ମିଦୟନୀୟମାନେ
ଆକସ୍ମିକ ବିପଦରେ ପଡ଼ିଲେ ଏବଂ ସେମାନଙ୍କର ଜୀବନ
ବଞ୍ଚାଇବା ପାଇଁ ଦୌଡ଼ିଲେ। 22ଯେତେବେଳେ
ଗିଦିୟୋନର 300 ସୈନିକମାନେ ସେମାନଙ୍କର ଶିଙ୍ଗାଗୁଡ଼ିକ
ବଜାଇଲେ। ସଦାପ୍ରଭୁ ମିଦୟନୀୟମାନଙ୍କୁ ସେମାନଙ୍କ ନିଜ
ନିଜ ମଧ୍ୟରେ ଖଡ୍ଗ ଦ୍ୱାରା ଯୁଦ୍ଧ କରାଇଲେ। ସେଥିରେ
ସୈନ୍ୟଦଳ ସରେରାଦାଆଡ଼େ, ବୈଥ୍ ଶିଟ୍ଟା ପର୍ଯ୍ୟନ୍ତ ଟବ୍ବତ
ନିକଟସ୍ଥ ଆବେଲ୍ ମହୋଲାର ସୀମା ପର୍ଯ୍ୟନ୍ତ ପଳାୟନ
କଲେ।

23ଏହାପରେ ସୈନ୍ୟମାନେ, ଯେଉଁମାନେ କି ନପ୍ତାଲି
ପରିବାରବର୍ଗ ଆଶେର ଏବଂ ମନଃଶିର ଥିଲେ, ସେମାନେ
ଏକତ୍ରିତ ହୋଇ ମିଦୟନୀୟମାନଙ୍କ ପଛରେ ଗୋଡ଼ାଇଲେ।
24ଏହାପରେ ଗିଦିୟୋନ ପର୍ବତମୟ ଦେଶ ଇଫ୍ରୟିମକୁ
ଦୂତମାନଙ୍କୁ ପଠାଇଲେ। ଦୂତଗଣ କହିଲେ, "ଓହ୍ଲାଇ ଆସ
ଏବଂ ମିଦୟନୀମାନଙ୍କ ସୈନ୍ୟଗଣକୁ ଆକ୍ରମଣ କର। ଯର୍ଦ୍ଦନ
ନଦୀ ଓ ବୈଥ୍-ବାରା ପର୍ଯ୍ୟନ୍ତ ନିଜ ନିୟନ୍ତ୍ରଣକୁ ଆଣ।
ମିଦୟନୀୟମାନେ ସେଠାରେ ପହଞ୍ଚିବା ପୂର୍ବରୁ ଏପରି କର।"

ତେଣୁ ସେମାନେ ଇଫ୍ରୟିମର ଲୋକମାନଙ୍କୁ ଏକତ୍ରିତ
କଲେ। ସେମାନେ ବୈଥେ-ବାରା ଅଞ୍ଚଳ ପର୍ଯ୍ୟନ୍ତ ନିୟନ୍ତ୍ରଣ
କଲେ। 25ଇଫ୍ରୟିମର ଲୋକମାନେ ମିଦୟନର ଦୁଇ ନେତୃବର୍ଗଙ୍କୁ
ଅକ୍ତିଆର କଲେ। ସେମାନେ ସେବ୍ ଓ ଓରେବ ଥିଲେ।
ଇଫ୍ରୟିମ ଲୋକମାନେ ଓରେବ୍କୁ, ଓରେବ-ଶୈଳ ନିକଟରେ
ହତ୍ୟା କଲେ। ସେମାନେ ସେବ୍କୁ ସେବର ଦ୍ରାକ୍ଷାକୁଣ୍ଡ
ନିକଟରେ ହତ୍ୟା କଲେ। ସେମାନେ ମିଦୟନୀୟକୁ ନିରନ୍ତର
ଘଉଡ଼ାଇବାକୁ ଲାଗିଲେ ଏବଂ ସେ ଓରେବ ଓ ସେବର
ମସ୍ତକକୁ ଗିଦିୟୋନକୁ ଆଣିଲେ। ସେହି ସମୟରେ ଗିଦିୟୋନ
ଯର୍ଦ୍ଦନ ନଦୀର ଆରପାରିରେ ଥିଲେ।

8 ଇଫ୍ରୟିମ ଲୋକମାନେ ଗିଦିୟୋନ୍ଙ୍କ ସହିତ କ୍ରୋଧ
ହେଲେ। ସେମାନେ ଗିଦିୟୋନଙ୍କୁ ଦେଖିବା ମାତ୍ରେ
ପଚାରିଲେ, "ତୁମ୍ଭେ ଆମ୍ଭମାନଙ୍କ ସହିତ ଏପରି କାହିଁକି
ବ୍ୟବହାର କଲ? ତୁମ୍ଭେ ମିଦୟନୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧକୁ
ଯିବା ପୂର୍ବରୁ ଆମକୁ କହିଲ ନାହିଁ କାହିଁକି?"

2କିନ୍ତୁ ଗିଦିୟୋନ ସେମାନଙ୍କୁ କହିଲେ, "ତୁମ୍ଭ ତୁଳନାରେ
ମୁଁ କଣ ପାଇଛି? ଏହା ସତ୍ୟ ନୁହେଁ କି, ତୁମ୍ଭେ ମୋର
ପରିବାର ଅବୀୟେସର ଯେତେ ଦ୍ରାକ୍ଷାଫଳ ସଂଗ୍ରହ କଲେ
ତାଠାରୁ ଅଧିକ ଦ୍ରାକ୍ଷା ତୁମ୍ଭମାନେ ଜମିରେ ଛାଡ଼ିଛ? 3ଠିକ୍
ସେହିପରି, ପରମେଶ୍ୱର ତୁମ୍ଭମାନଙ୍କ ହସ୍ତରେ ମିଦୟନର
ଓରେବ୍ ଓ ସେବ୍ ଦୁଇ ନେତୃବର୍ଗଙ୍କୁ ସମର୍ପଣ କଲେ, କିନ୍ତୁ
ମୋର ସଫଳକୁ ତୁମ୍ଭ ସହିତ କିପରି ତୁଳନା କରିବ?"
ତେଣୁ ସେମାନେ ଶାନ୍ତ ହୋଇଗଲେ ଏବଂ ସେମାନେ
ଗିଦିୟୋନଙ୍କ କଥାରେ ଶାନ୍ତ ହେଲେ।

### ଗିଦିୟୋନ ମିଦିୟନୀୟଙ୍କର ଦୁଇଟି ରାଜାଙ୍କୁ ବନ୍ଦୀ କଲେ

4ଏହାପରେ ଗିଦିୟୋନ ଓ ତାଙ୍କର 300 ଲୋକ ଯର୍ଦ୍ଦନ

ନଦୀ ପାର ହେଲେ। ସେମାନେ କ୍ଲାନ୍ତ ଓ କ୍ଷୁଧାର୍ତ୍ତ* ଥିଲେ।
5ଗିଦିୟୋନ ସୁକ୍କୋତର ନାଗରକମାନଙ୍କୁ କହଲେ, "ମୋର
ସୈନ୍ୟମାନଙ୍କୁ କଛି ଖାଦ୍ୟଦଅ। ମୋର ସୈନ୍ୟମାନେ ଅତ୍ୟନ୍ତ
କ୍ଲାନ୍ତ। ତଥାପି ମଧ ଆମ୍ଭେମାନେ ମିଦୟନର ରାଜା ସେବହ
ଓ ସଲ୍ମୁନ୍ନକୁ ଗୋଡାଉଛୁ।"

6ସୁକ୍କୋତର ନେତୃବର୍ଗମାନେ ଗିଦିୟୋନଙ୍କୁ କହଲେ,
"ସେବହ ଓ ସଲମୁନ୍ନରଙ୍କୁ ଏପର୍ଯ୍ୟନ୍ତ ଅକ୍ତଆର କର ନାହଁ?
ଆମ୍ଭେ ତୁମ୍ଭର ସୈନ୍ୟଙ୍କୁ କାହିଁକ ଖାଦ୍ୟ ଦେବୁ?"

7ତେଣୁ ଗିଦିୟୋନ କହଲେ, "ଏହ କାରଣରୁ ଯେତେବେଳେ
ସଦାପ୍ରଭୁ ମୋତେ ସେବହ ଓ ସଲ୍ମୁନ୍ନରକୁ ଅକ୍ତଆର କରବା
ପାଇଁ ସାହାଯ୍ୟ କରନ୍ତ। ମୁଁ ଏଠାକୁ ଫେରଆସିବ ଏବଂ
ତା'ପରେ ମୁଁ ତୁମ୍ଭର ମାଂସକୁ ପ୍ରାନ୍ତରର କାନକୋଳ କଣ୍ଟା
ଦ୍ୱାରା ଫୋଡବ।"

8ଗିଦିୟୋନ ସେହ ସ୍ଥାନରୁ ପନୂୟେଲକୁ ଗଲେ ଓ
ସେଠାରେ ଲୋକମାନଙ୍କୁ କଛି ଖାଦ୍ୟ ଦେବାକୁ କହଲେ, ସେ
ଯେପର ସେ ସୁକ୍କୋତର ଲୋକମାନଙ୍କୁ କହଥିଲେ। କନ୍ତୁ
ଠିକ୍ ପନୂୟେଲର ଲୋକମାନଙ୍କ ପର ସୁକ୍କୋତର ଲୋକମାନେ
ଉତ୍ତର ଦେଲେ। 9ତେଣୁ ଗିଦିୟୋନ ପନୂୟେଲର ଲୋକମାନଙ୍କୁ
କହଲେ, "ମୁଁ କୁଶଳରେ ଫେର ଆସିଲେ, ତୁମ୍ଭର ଉଚ୍ଚ
ପ୍ରାସାଦ ଭାଙ୍ଗିବ।"

10ସେହ ସମୟରେ ସେବହ ଓ ସଲ୍ମୁନ୍ନ କର୍କୋର
ନଗରରେ ଥିଲେ। ସେମାନଙ୍କ ସହତ 15,000 ସୈନ୍ୟ
ଥିଲେ। ଏହ ସୈନ୍ୟମାନେ, ଯେଉଁମାନେ ପୂର୍ବ ଦେଶୀୟ
ଲୋକମାନଙ୍କର ସୈନ୍ୟବାହୀନରେ ରହଥିଲେ। 1,20,000
ଜଣ ଶକ୍ତଶାଳୀ ସୈନ୍ୟ ପୁରାପୁର ମୃତ୍ୟୁବରଣ କରଥିଲେ।
11ଏହାପରେ ଗିଦିୟୋନ ନୋବହ ଓ ଯଗ୍ବହର ସହରଗୁଡକ
ପୂର୍ବ ଦଗରେ ତମ୍ବୁ ନବାସୀମାନଙ୍କ ପଥଦେଇ ଗଲେ। ସେ
କାରକ ନଗରରେ ପହଞ୍ଚିଲେ ଏବଂ ଶତ୍ରୁ ଛାଉଣୀକୁ ଆକ୍ରମଣ
କଲେ। ଯେତେବେଳେ ସେମାନେ ଆକ୍ରମଣକୁ ଆଶା କରନଥିଲେ।
12ସେବହ ଓ ସଲମୁନ୍ନ ମିଦୟନୀୟମାନଙ୍କର ରାଜା ଦୌଡ଼
ପଳାଇଲେ। କନ୍ତୁ ଗିଦିୟୋନ ସେମାନଙ୍କୁ ଗୋଡାଇଲେ ଓ
ସେମାନଙ୍କୁ କାବୁ କଲେ। ଗିଦିୟୋନ ଏବଂ ତାଙ୍କର ସୈନ୍ୟମାନେ
ଶତ୍ରୁ ସୈନ୍ୟବାହୀନକୁ ପରାସ୍ତ କଲେ।

13ଏହାପରେ ଯୋୟାଶର ପୁତ୍ର ଗିଦିୟୋନ ଯୁଦ୍ଧରୁ ଫେର
ଆସିଲେ। ସେମାନେ ହେରସହର ଘାଟିଦେଇ ଯୁଦ୍ଧରୁ ଫେର
ଆସିଲେ। 14ତା'ପରେ ସେ ସୁକ୍କୋତ ସହରର ଜଣେ
ଯୁବକକୁ ଅକ୍ତଆର କଲେ ଓ ତାକୁ କେତେକ ପ୍ରଶ୍ନ
ପଚାରଲେ। ସେହ ସୁକ୍କୋତର ଯୁବକ ସୁକ୍କୋତ ସହରର
ସତସ୍ତର ଜଣ ନେତୃବର୍ଗଙ୍କର ନାମ ଲେଖିଲେ।

15ଏହାପରେ ଗିଦିୟୋନ ସୁକ୍କୋତ୍ ସହରକୁ ଫେର
ଆସିଲେ। ସେ ସେହ ସହରର ଲୋକମାନଙ୍କୁ କହଲେ,
"ଏହଠାରେ ସେବହ ଓ ସଲମୁନ୍ନ ଅଛନ୍ତ। ତୁମ୍ଭେମାନେ
ଏହାକହ ମୋତେ ବଦ୍ରୁପ କଲ, 'ଆମ୍ଭେ କାହିଁକ ତୁମ୍ଭ କ୍ଲାନ୍ତ
ସୈନକମାନଙ୍କୁ ଖାଦ୍ୟ ଦେବୁ? ତୁମ୍ଭେମାନେ ଏପର୍ଯ୍ୟନ୍ତ ସେବହ
ଓ ସଲମୁନ୍ନକୁ ଧରନାହଁ।'" 16ଗିଦିୟୋନ ସୁକ୍କୋତର ସମସ୍ତ
ପ୍ରାଚୀନବର୍ଗମାନଙ୍କୁ ଏକତ୍ରୀତ କଲେ ଓ ସେମାନଙ୍କୁ କାନକୋଳ
କଣ୍ଟାରେ ବାଡେଇଲେ। 17ଗିଦିୟୋନ ପନୂୟେଲର ଅଟ୍ଟାଳକା
ଭାଙ୍ଗି ପକାଇଲେ ଓ ସେହ ସହରରେ ବାସ କରୁଥିବା ସମସ୍ତ
ଲୋକମାନଙ୍କୁ ହତ୍ୟା କଲେ।

18ଏହାପରେ ଗିଦିୟୋନ ସେବହ ଓ ସଲ୍ମୁନ୍ନକୁ କହଲେ
"ତୁମ୍ଭେମାନେ ତାବୋରରେ ଯେଉଁ ଲୋକମାନଙ୍କୁ ହତ୍ୟା କଲ
ସେମାନେ କପର ଲୋକ ଥିଲେ?"

ସେବହ ଓ ସଲ୍ମୁନ୍ନ ଉତ୍ତର ଦେଲେ, "ସେହ ଲୋକମାନେ
ତୁମ୍ଭପର ଥିଲେ। ସେମାନେ ପ୍ରତ୍ୟେକେ ରାଜକୁମର ଥିଲେ।"

19ଗିଦିୟୋନ କହଲେ, "ସେମାନେ ମୋର ଭାଇ ଥିଲେ।
ମୋର ମା'ର ପୁତ୍ର! ଯେହେତୁ ସଦାପ୍ରଭୁ ଅଛନ୍ତ, ଯଦ ତୁମ୍ଭେ
ସେମାନଙ୍କୁ ମାର ନ ଥାନ୍ତ ତେବେ ମୁଁ ତୁମ୍ଭକୁ ବର୍ତ୍ତମାନ
ମାର ନଥାନ୍ତ।"

20ଏହାପରେ ଗିଦିୟୋନ ଯେଥରକୁ କହଲେ, ଯେ କ
ତାଙ୍କର ଜ୍ୟେଷ୍ଠ ପୁତ୍ର ଥିଲା, "ଏହ ରାଜାମାନଙ୍କୁ ହତ୍ୟା
କର।" କନ୍ତୁ ଯେଥର ଜଣେ ବାଳକ ଥିବାରୁ ଭୟ କଲେ।
ତେଣୁ ସେ ତାଙ୍କର ଖଡ୍ଗ ବାହାର କଲେ ନାହିଁ। 21ଏହାପରେ
ସେବହ ଓ ସଲମନ୍ନ କହଲେ, "ଆସ ଓ ତୁମ୍ଭେମାନେ ନଜେ
ଆମ୍ଭଙ୍କୁ ହତ୍ୟା କର। ତୁମ୍ଭେ ଜଣେ ଶକ୍ତଶାଳୀ ମନୁଷ୍ୟ।
ତୁମ୍ଭେ ଏହା କରପାରବ।" ତେଣୁ ଗିଦିୟୋନ ଉଠି ପଡଲେ
ଓ ସେମାନଙ୍କୁ ହତ୍ୟା କଲେ। ସେମାନଙ୍କ ଓଟମାନଙ୍କ
ଗଳାରେ ଥିବା ସମସ୍ତ ଚନ୍ଦ୍ରହାର ସେ କାଢି ନେଲେ।

## ଗିଦିୟୋନ ଗୋଟିଏ ଏଫୋଦ ତିଆର କଲେ

22ଇଶ୍ରାୟେଲର ଲୋକମାନେ ଗିଦିୟୋନଙ୍କୁ କହଲେ,
"ଆପଣ ଆମ୍ଭମାନଙ୍କୁ ମିଦୟନମାନଙ୍କଠାରୁ ରକ୍ଷା କରଛନ୍ତ,
ତେଣୁ ଆପଣ ଆମର ଶାସକ ହୁଅନ୍ତୁ। ଆମ୍ଭେ ତୁମ୍ଭକୁ ତୁମ୍ଭର
ସନ୍ତାନମାନଙ୍କୁ ଆମର ଶାସକ ଭାବେ ଚାହୁଁ।"

23କନ୍ତୁ ଗିଦିୟୋନ ଇଶ୍ରାୟେଲର ଲୋକମାନଙ୍କୁ କହଲେ,
"ସଦାପ୍ରଭୁ ତୁମ୍ଭର ଶାସକ ହେବେ। ମୁଁ ତୁମ୍ଭକୁ ଶାସନ
କରବ ନାହିଁ। ଏବଂ ମୋର ପୁତ୍ରମାନେ ମଧ ତୁମ୍ଭକୁ ଶାସନ
କରବେ ନାହିଁ।"

24ଗିଦିୟୋନ ଇଶ୍ରାୟେଲମାନଙ୍କୁ କହଲେ, "ମୁଁ ତୁମ୍ଭମାନଙ୍କ
ନକଟରେ ଏହ ନବେଦନ କରୁଅଛ: ତୁମ୍ଭେମାନେ ଯୁଦ୍ଧରେ
ନେଇଯାଇଥିବା ସ୍ୱବର୍ଣ୍ଣ କର୍ଣ୍ଣ କୁଣ୍ଡଳ ମୋତେ ଦଅ।"
ହାରଥିବା ଇଶ୍ରାୟେଲୀୟଙ୍କର ସ୍ୱବର୍ଣ୍ଣର କର୍ଣ୍ଣ କୁଣ୍ଡଳକୁ ସେମାନେ
ନେଇଯାଇଥିଲେ।"

25ତହିଁରେ ସେମାନେ ଉତ୍ତର କଲେ, "ଆମ୍ଭେମାନେ
ତାହା ଅବଶ୍ୟ ଦେବୁ।" ପୁଣି ସେମାନେ ବସ୍ତ୍ର ବଛାଇ
ପ୍ରତ୍ୟେକ ତା ମଧରେ ନଜ ନଜର ଲୁଟିତ ନଥ ପକାଇଲେ।
26ସେଥିରେ ଚନ୍ଦ୍ରହାର, ଝୁମୁକା ଓ ମିଦୟନୀୟ ରାଜାମାନଙ୍କ
ପରଧେୟ ବାଇଗଣିଆ ରଙ୍ଗର ବସ୍ତ୍ର ଓ ସେମାନଙ୍କର ଓଟର
ଗଳାହାର ଛଡା ତାହାର ପ୍ରାର୍ଥିତ, ସ୍ୱବର୍ଣ୍ଣ ନଥର ପରମାଣ
1,700 ଶେକଲ ସୁନା ହେଲା।

27ଗିଦିୟୋନ ଏହସବୁ ସ୍ୱବର୍ଣ୍ଣରେ ଏକ ଏଫୋଦ ତିଆର
କଲେ। ସେ ଏହାକୁ ସେମାନଙ୍କ ନଗର ଅଫ୍ରାରେ ରଖିଲେ।

---

**କ୍ଷୁଧାର୍ତ୍ତ** ଏହା ପ୍ରାଚୀନ ଗ୍ରୀକ୍ ଅନୁବାଦରୁ ହବ୍ରୁରେ ଏହା "ଗୋଡେଇବା।"

ଏବଂ ଇସ୍ରାୟେଲର ସମସ୍ତ ଲୋକମାନେ ସେହି ଏଫୋଦକୁ
ଉପାସନା କଲେ। ଏହିପରି ଭାବରେ, ଏଫୋଦକୁ ଉପାସନା
କରି ଇସ୍ରାୟେଲବାସୀ ସଦାପ୍ରଭୁଙ୍କ ପ୍ରତି ଅବିଶ୍ୱାସି ହେଲେ।
ଏହି ଏଫୋଦ ଗିଦିୟୋନଙ୍କ ଓ ତାଙ୍କ ପରିବାର ପ୍ରତି ଏକ
ଫାନ୍ଦ ସ୍ୱରୂପ ହେଲା, ଯାହାକି ସେମାନଙ୍କର ପାପର କାରଣ
ହେଲା।

### ଗିଦିୟୋନଙ୍କର ମୃତ୍ୟୁ

28ଇସ୍ରାୟେଲ ଅଧିନରେ ରହିବା ପାଇଁ, ମିଦିୟନର
ଲୋକମାନେ ବାଧ୍ୟ ହେଲେ। ସେମାନେ ଆଉ କିଛି ଅସୁବିଧାରେ
ପଡ଼ିଲେ ନାହିଁ। ତେଣୁ ଗିଦିୟୋନ ବଞ୍ଚିଥିବା ପର୍ଯ୍ୟନ୍ତ ଚାଳିଶ
ବର୍ଷ ପାଇଁ ଦେଶ ଶାନ୍ତିରେ ରହିଲା।
29ଏହାପରେ ଯୋୟାଶର ପୁତ୍ର ଯିରୁବାଲ ଯାଇ ନିଜ
ଗୃହରେ ବାସ କଲେ। 30ଗିଦିୟୋନଙ୍କର ନିଜର ସତୁରିଜଣ
ସନ୍ତାନ ଥିଲେ। ତାଙ୍କର ବହୁତ ସନ୍ତାନ ଥିଲେ କାରଣ
ତାଙ୍କର ବହୁତ ପତ୍ନୀ ଥିଲେ। 31ଗିଦିୟୋନଙ୍କର ଶିଖିମଠାରେ
ଏକ ଉପପତ୍ନୀ ଥିଲା। ସେହି ଉପପତ୍ନୀର ଏକ ପୁତ୍ର ଥିଲା
ଯାହାର ନାମ ଥିଲା ଅବୀମେଲକ୍।
32ଯୋୟାଶର ପୁତ୍ର ଗିଦିୟୋନ ଅତ୍ୟଧିକ ବାର୍ଦ୍ଧକ୍ୟରେ
ପହଞ୍ଚି ମୃତ୍ୟୁ ବରଣ କଲେ। ଅବୀୟେଷ୍ରୀୟମାନଙ୍କ ଅଫ୍ରାର
ସହରରେ ତାଙ୍କ ପିତା ଯୋୟାଶର ନିଜର କବରରେ
ଗିଦିୟୋନକୁ କବର ଦିଆଗଲା। 33ଗିଦିୟୋନଙ୍କର ମୃତ୍ୟୁ
ପରେ ଇସ୍ରାୟେଲର ଲୋକମାନେ ଆଉ ସଦାପ୍ରଭୁଙ୍କର ବିଶ୍ୱସ୍ତ
ରହିଲେ ନାହିଁ। ସେମାନେ ବାଲ୍ ଦେବାଦେବୀଙ୍କର ଅନୁଗାମୀ
ହେଲେ। ସେମାନେ ସେମାନଙ୍କର ଦେବତା ବାଲ୍ ବାରିକ୍
ନିର୍ମାଣ କଲେ। 34ଇସ୍ରାୟେଲର ଲୋକମାନେ ସଦାପ୍ରଭୁ
ସେମାନଙ୍କର ପରମେଶ୍ୱରଙ୍କୁ ଏହା ଭୁଲିଗଲେ। ଯଦିଓ ସେ
ସେମାନଙ୍କର ଚାରିପାଖରେ ଶତ୍ରୁମାନଙ୍କଠାରୁ ସେମାନଙ୍କୁ ରକ୍ଷା
କରିଥିଲେ। 35ଇସ୍ରାୟେଲର ଲୋକମାନେ ଯିରୁବାଲର ପରିବାର
ପ୍ରତି ଆନୁଗତ୍ୟ ରହିଲେ ନାହିଁ। ଯଦିଓ ସେମାନଙ୍କ ପାଇଁ
ସେ ବହୁତ କାର୍ଯ୍ୟ କରିଥିଲେ।

### ଅବୀମେଲକ୍ ରାଜା ହେଲେ

9 ଅବୀମେଲକ୍ ଥିଲା ଯିରୁବାଲର ପୁତ୍ର। ଶିଖିମରେ ଥିବା
ନିଜର ମାମୁଁମାନଙ୍କୁ ଦେଖିବାକୁ ଗଲା। ସେ ତାଙ୍କର
ମାମୁଁମାନଙ୍କୁ ଏବଂ ତା'ର ମାଆର ସମସ୍ତ ପରିବାରକୁ କହିଲା।
2"ଶିଖିମ୍ ପ୍ରାଚୀନମାନଙ୍କୁ ପଚାର: 'ଯଦି ଯିରୁବାଲ୍‌ର ସତୁରି
ପୁତ୍ର ଯାକ ତୁମ୍ଭ ଉପରେ ଶାସନ କରନ୍ତି କିମ୍ବା ଯଦି ଜଣେ
ମାତ୍ର ପୁତ୍ର ଶାସନ କରେ, ତୁମ୍ଭ ପାଇଁ ଭଲ ହେବ କି?
ମନେରଖ ମୁଁ ତୁମ୍ଭମାନଙ୍କର ରକ୍ତ ସମ୍ପର୍କୀୟ।'"
3ତାଙ୍କ ମାତାର ଭାଇମାନେ ଶିଖିମର ଲୋକମାନଙ୍କୁ
ଏକଥା ଜଣାଇଲା ପରେ ତାଙ୍କ ପକ୍ଷରେ ଏସବୁ କଥା କହନ୍ତେ
ଅବୀମେଲକର ପଶ୍ଚାତ୍‌ଗାମି ହେବାକୁ ସେମାନେ ସମ୍ମତି
ପ୍ରଦାନ କଲେ। କାରଣ ସେମାନେ କହିଲେ, "ଯାହା ହେଲେ
ବି ସେ ଆମର ଭାଇ।" 4ତେଣୁ ପ୍ରାଚୀନମାନେ ତାକୁ
ବାଲ୍‌ବରୀତର ମନ୍ଦିରରୁ ସତୁରି ଖଣ୍ଡ ରୂପା ନେଲା। ସେହି
ରୂପାଖଣ୍ଡରେ ଅବୀମେଲକ କେତେକ ଅଦରକାରୀ ଓ ଲୋକମାନଙ୍କୁ
ରଖିଲା। ଯେଉଁଆଡେ ସେ ଗଲା ସେମାନେ ତାକୁ ଅନୁସରଣ
କଲେ।
5ଅବୀମେଲକ ନିଜର ପିତୃଗୃହ ଅଫ୍ରାକୁ ଗଲା। ସେ
ତା'ର ସତୁରି ଜଣ ଭାଇମାନଙ୍କୁ ସେଠାରେ ଗୋଟିଏ ପଥରରେ
ହତ୍ୟା କଲା। କିନ୍ତୁ ଯିରୁବାଲ୍‌ର କନିଷ୍ଠ ପୁତ୍ର ନିଜକୁ ଲୁଚାଇ
ରଖିଲା। ତା'ର ନାମ ଯୋଥମ୍ ଥିଲା।
6ଶିଖିମର ନେତୃବର୍ଗମାନେ ଓ ମିଲ୍ଲୋ ଗୃହ ନିବାସୀଗଣ
ଏକତ୍ରିତ ହେଲେ। ସେହି ସମସ୍ତ ଲୋକମାନେ ଶୀଖିମରେ
ଥିବା ସ୍ତମ୍ଭ ନିକଟସ୍ଥ ଆଲୋନ୍ ବୃକ୍ଷମୂଳରେ ଅବୀମେଲକକୁ
ସେମାନଙ୍କର ରାଜା କଲେ।

### ଯୋଥମର କାହାଣୀ

7ଯୋଥମ୍ ଜାଣିବାକୁ ପାଇଲେ ଯେ, ନଗରର ସମସ୍ତ
ଲୋକ ଶିଖମର ନେତୃବର୍ଗ ଅବୀମେଲକକୁ ସେମାନଙ୍କର
ରାଜା କରିଛନ୍ତି। ଏକଥା ଶୁଣି ସେ ଗରିଷୀମ ପର୍ବତ ଉପରେ
ଠିଆ ହୋଇ ଲୋକମାନଙ୍କୁ ଉଚ୍ଚସ୍ୱରରେ କହିଲେ, ତୁମ୍ଭେ
ଶିଖିମ ନଗରର ନେତୃବର୍ଗଗଣ,

ମୋ କଥା ଶୁଣ, ତା'ପରେ ପରମେଶ୍ୱର ତୁମ୍ଭମାନଙ୍କ
କଥା ଶୁଣିବେ।
8ଏକ ସମୟରେ ବୃକ୍ଷସବୁ ନିଜ ଉପରେ ରାଜା
ଅଭିଷେକ କରିବାକୁ ଗଲେ। ସେମାନେ ଜିତ ବୃକ୍ଷକୁ
କହିଲେ, "ତୁମ୍ଭେ ଆମ୍ଭମାନଙ୍କ ଉପରେ ରାଜତ୍ୱ କର।"
9ମାତ୍ର ବୃକ୍ଷ ସେମାନଙ୍କୁ କହିଲେ, "ମୋର ମୂଲ୍ୟବାନ୍
ତେଲ ଦ୍ୱାରା ମନୁଷ୍ୟ ଓ ପରମେଶ୍ୱର ସମ୍ମାନିତ
ହୁଅନ୍ତି। ମୁଁ କ'ଣ ବୃକ୍ଷମାନଙ୍କ ପାଇଁ ଏଣେ ତେଣେ
ଯାଇ ମୋର ମୂଲ୍ୟବାନ୍ ତେଲ ଦେବାକୁ ବନ୍ଦ
କରିଦେବି?"
10ତେଣୁ ବୃକ୍ଷମାନେ ଡିମ୍ବିରି ବୃକ୍ଷକୁ କହିଲେ,
"ତୁମ୍ଭେ ଆସ ଆମ୍ଭମାନଙ୍କ ଉପରେ ରାଜତ୍ୱ କର।"
11କିନ୍ତୁ ଡିମ୍ବିରି ବୃକ୍ଷ ଉତ୍ତର ଦେଲା, "କେବଳ
ଅନ୍ୟ ବୃକ୍ଷମାନଙ୍କ ଉପରେ ଶାସନ କରିବାକୁ, ମୁଁ
ମୋର ଉତ୍ତମ ସ୍ୱାଦିଷ୍ଟ ଫଳ ଉତ୍ପନ୍ନ କରିବା ବନ୍ଦ
କରି ଦେବି କି?"
12ଏହାପରେ ବୃକ୍ଷମାନେ ଦ୍ରାକ୍ଷାଲତାକୁ କହିଲେ,
"ତୁମ୍ଭେ ଆସ ଆମ୍ଭମାନଙ୍କର ଉପରେ ରାଜତ୍ୱ କର।"
13କିନ୍ତୁ ଦ୍ରାକ୍ଷାଲତା ସେମାନଙ୍କୁ ଉତ୍ତରରେ କହିଲା,
"କେବଳ ତୁମ୍ଭମାନଙ୍କ ଉପରେ ଶାସନ କରିବାକୁ ମୁଁ
ଦ୍ରାକ୍ଷାରସ ଉତ୍ପନ୍ନ କରିବା ବନ୍ଦ କରି ଦେବି କି?,
ଯେଉଁଗୁଡିକ ଦେବତାଗଣଙ୍କୁ ଓ ଲୋକମାନଙ୍କୁ ଖୁସି
କରେ?"
14ଶେଷରେ ସମସ୍ତ ବୃକ୍ଷ କଣ୍ଟକ ବୃକ୍ଷକୁ କହିଲେ,
"ଆସ ଆମ ଉପରେ ରାଜତ୍ୱ କର।"
15କିନ୍ତୁ କଣ୍ଟକ ବୃକ୍ଷ ସେମାନଙ୍କୁ କହିଲା, "ବାସ୍ତବରେ
ତୁମ୍ଭେମାନେ ଯଦି ମୋତେ ତୁମ୍ଭମାନଙ୍କର ଶାସକ ପାଇଁ
ଚାହୁଁଛ, ତେବେ ଆସ ମୋର ଛାଇରେ ବିଶ୍ରାମ ନିଅ।
ନଚେତ୍ କଣ୍ଟକ ଲତାରୁ ଅଗ୍ନି ବାହାରି ଲିବାନୋନ୍‌ର
ଏରସ ବୃକ୍ଷଗୁଡିକୁ ଗ୍ରାସ କରୁ।"

16"ଯଦି ବାସ୍ତବରେ ତୁମ୍ଭେମାନେ ଅବୀମେଲକକୁ ରାଜା
କରିବାରେ ସାଧୁତା ଅବଲମ୍ବନ କରିଥାଅ ଓ ଏହା କରିବା
ଦ୍ୱାରା ତୁମ୍ଭେମାନେ ଓ ଯିରୁବ୍ବାଲ୍ ଓ ତା'ର ପରିବାର ପ୍ରତି
ନିରପେକ୍ଷ ଦେଖାଇଥାଅ ଏବଂ ଯଦି ସେମାନଙ୍କ ପ୍ରାପ୍ୟ
ଅନୁସାରେ ବ୍ୟବହାର କରିଥାଅ। 17ତା'ପରେ ସେହି ବିଷୟରେ
ଚିନ୍ତାକର, ମୋର ପିତା ତୁମ୍ଭମାନଙ୍କ ପାଇଁ ଯାହା କରିଥିଲେ।
ମୋର ପିତା ତୁମ୍ଭମାନଙ୍କ ପାଇଁ ଯୁଦ୍ଧ କରିଥିଲେ। ସେ ତା
ଜୀବନକୁ ବାଜି ଲଗାଇ ମିଦିୟନର ହସ୍ତରୁ ତୁମ୍ଭମାନଙ୍କୁ ରକ୍ଷା
କରିଥିଲେ। 18କିନ୍ତୁ ବର୍ତ୍ତମାନ ତୁମ୍ଭେମାନେ ମୋର ପିତାଙ୍କର
ପରିବାର ବିରୁଦ୍ଧରେ ବିଦ୍ରୋହ କଲ। ତୁମ୍ଭେ ତାଙ୍କର ସତୁରି
ପୁତ୍ରଙ୍କୁ ଗୋଟିଏ ପଥରରେ ହତ୍ୟା କଲ। ତୁମ୍ଭେମାନେ
ଅବୀମେଲକକୁ ଶିଖିମ ଉପରେ ତୁମ୍ଭମାନଙ୍କର ରାଜା କରିଅଛ,
ସେ ତୁମ୍ଭମାନଙ୍କର ସମ୍ପର୍କୀୟ। ସେ ହେଉଛି ମୋର ପିତାଙ୍କର
ଦାସୀ ପୁତ୍ର। 19ତେଣୁ ଯଦି ତୁମ୍ଭେ ଆଜି ଯିରୁବ୍ବାଲ ଓ
ତାହାର ପରିବାର ଉପରେ ସତ୍ୟ ଓ ସରଳ ବ୍ୟବହାର
କରିଅଛ, ତେବେ ଅବୀମେଲକକୁ ନେଇ ଆନନ୍ଦ କର ଓ
ସେ ମଧ୍ୟ ତୁମ୍ଭମାନଙ୍କୁ ଦେଇ ଆନନ୍ଦ କରୁ। 20କିନ୍ତୁ ଯଦି
ତୁମ୍ଭେମାନେ ଏହା କରିନାହଁ, ତେବେ ଅବୀମେଲକଠାରୁ ଅଗ୍ନି
ବାହାରି ଶିଖିମ ନେତୃବର୍ଗଙ୍କୁ ଓ ମିଲ୍ଲୋ ନିବାସୀମାନଙ୍କୁ ଓ
ମିଲ୍ଲୋ ଗୃହକୁ ଦଗ୍ଧ କରୁ। ପୁଣି ଶିଖିମ୍ ନିବାସୀ ଲୋକଗଣଠାରୁ
ଓ ମିଲ୍ଲୋ ନିବାସୀମାନଙ୍କ ଠାରୁ ଅଗ୍ନି ବାହାରି ଅବୀମେଲକକୁ
ଗ୍ରାସ କରୁ।"

21ଏହାପରେ ଯୋଥମ୍ ବେର ନାମକ ସହରକୁ ଶିଘ୍ର
ପଳାଇଲା। ଯୋନାଥନ ସେଠାରେ ରହିଲା କାରଣ ସେ
ଅବୀମେଲକଙ୍କୁ ଭୟ କରୁ ଥିଲା।

## ଅବୀମେଲକ ଶିଖିମମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ

22ଅବୀମେଲକ ଇଶ୍ରାୟେଲ ଉପରେ ତିନିବର୍ଷ ରାଜତ୍ୱ
କଲେ। 23ଅବୀମେଲକ ଯିରୁବ୍ବାଲଙ୍କର ସତୁରି ଜଣ ପୁତ୍ରଙ୍କୁ
ହତ୍ୟା କଲେ, ଯେଉଁମାନେ ତାଙ୍କର ନିଜର ଭାଇ ଥିଲେ।
ଶିଖିମର ନେତୃବର୍ଗ ଇଶ୍ରାୟେଲର ଭୁଲ୍ କାର୍ଯ୍ୟ କରିବାରେ
ସମର୍ଥନ ଦେଲେ। 24ସେଥିପାଇଁ ପରମେଶ୍ୱର ଅବୀମେଲକ୍ ଓ
ଶିଖିମର ନେତୃବର୍ଗମାନଙ୍କ ମଧ୍ୟରେ ସମସ୍ୟାର କାରଣ ସୃଷ୍ଟି
କଲେ। ସେଥିପାଇଁ ଶିଖିମର ନେତୃବର୍ଗମାନେ ଅବୀମେଲକ
ବିରୁଦ୍ଧରେ ଯୋଜନା ଆରମ୍ଭ କଲେ। 25ଶିଖିମର ନେତୃବର୍ଗମାନେ
ପର୍ବତ ଶୃଙ୍ଗ ଉପରେ ଗୁପ୍ତ ସୈନ୍ୟ ଛାଉଣୀ ନିର୍ମାଣ କଲେ।
ସେମାନେ ସେହି ବାଟ ଦେଇ ଯାଉଥିବା ସମସ୍ତଙ୍କୁ ଲୁଟ୍
କଲେ। ଅବୀମେଲକ ଏହି ସମସ୍ତ ସମ୍ବାଦ ଶୁଣିଲେ।

26ଏବଦର ପୁତ୍ର ଗାଲ୍ ନିଜର ଭାଇମାନଙ୍କୁ ସାଙ୍ଗରେ
ନେଇ ଶିଖିମକୁ ଗଲା। ଶିଖିମର ନେତୃବର୍ଗମାନେ ତାଙ୍କ
ଉପରେ ବିଶ୍ୱାସ କଲେ।

27ଶିଖିମର ଲୋକମାନେ ସେମାନଙ୍କର ନିଜ କ୍ଷେତରୁ
ଦ୍ରାକ୍ଷାଫଳ ତୋଳିଲେ। ଦ୍ରାକ୍ଷାରସ ତିଆରି କରିବାକୁ ସେମାନେ
ଦ୍ରାକ୍ଷାଫଳକୁ ସେମାନେ ଚିପୁଡ଼ିଲେ। ତା'ପରେ ସେମାନେ
ସେମାନଙ୍କ ଦେବତାଙ୍କର ମନ୍ଦିରକୁ ଉତ୍ସବ ପାଳନ କରିବାକୁ
ଗଲେ। ସେଠାରେ ସେମାନେ ନୈଶ ଭୋଜନ ଓ ପାନ
କଲେ ଓ ଅବୀମେଲକକୁ ଶାପ ଦେଲେ।

28ଏଥିରେ ଏବଦର ପୁତ୍ର ଗାଲ୍ କହିଲା, "ଆମ୍ଭେ ହେଉଛୁ
ଶିଖିମ ନିବାସୀ, ଆମ୍ଭେ କାହିଁକି ଅବୀମେଲକକୁ ମାନିବୁ? ସେ
କିଏ? ଆମେ କାହିଁକି ତାକୁ ମାନିବା? ଏହା ସତ୍ୟ ଅବୀମେଲକ୍
ହେଉଛି ଯିରୁବ୍ବାଲ୍‌ର ପୁତ୍ର, ନୁହେଁ କି? ଏବଂ ଅବୀମେଲକ୍
ସବୂଲ୍‌କୁ ତା'ର ଅଧିକାରୀ କଲା, ନୁହେଁ କି? ଆମ୍ଭେ ଶିଖିମର
ପିତା ହମୋରର ଲୋକମାନଙ୍କର ସେବା କରିବା ଉଚିତ୍।
କିନ୍ତୁ ଆମ୍ଭେ କାହିଁକି ଅବୀମେଲକର ସେବା କରିବୁ? 29ତୁମେ
ଯଦି ମୋତେ ତୁମ୍ଭର ଆଦେଶକାରୀ କର, ମୁଁ ଅବୀମେଲକଠାରୁ
ମୁକ୍ତ ପାଇଯାନ୍ତି। ମୁଁ ତାଙ୍କୁ କହନ୍ତି, 'ତୁମେ ତୁମ୍ଭର ସୈନ୍ୟକୁ
ପ୍ରସ୍ତୁତ କର ଏବଂ ଯୁଦ୍ଧ କରିବାକୁ ବାହାରି ଆସ।'"

30ସବୂଲ୍ ଥିଲା ଶିଖିମ୍ ନଗରର ନେତା। ସବୂଲ୍ ଜାଣିବାକୁ
ପାଇଲା ଯେ, ଏବଦର ପୁତ୍ର ଗାଲ ଯାହା କହିଥିଲା ଏବଂ
ଏକଥାରେ ସେ କ୍ରୋଧାନ୍ୱିତ ହେଲା। 31ସବୂଲ ଅରୁମାହରେ
ଅବୀମେଲକ ନିକଟକୁ ଦୂତ ପଠାଇଲେ ଏବଂ ସେମାନେ
କହିଲେ,

> ଏବଦର ପୁତ୍ର ଗାଲ ଓ ତାହାର ଭାଇମାନେ
> ଶିଖିମକୁ ଆସିଛନ୍ତି। ସେମାନେ ସମସ୍ତ ସହରକୁ ତୁମ୍ଭ
> ବିରୁଦ୍ଧରେ ଯିବା ପାଇଁ ପ୍ରବର୍ତ୍ତାଉଛନ୍ତି। 32ତେଣୁ ତୁମ୍ଭେ
> ଓ ତୁମ୍ଭର ଲୋକମାନେ ରାତ୍ରି ସମୟରେ ଆସି ଓ
> ସହରର ବାହାର କ୍ଷେତରେ ଲୁଚି ରୁହ। 33ଏହାପରେ
> ଯେତେବେଳେ ପ୍ରଭାତ ହେବ, ନଗରକୁ ଆକ୍ରମଣ
> କର। ସେ ଓ ତା'ର ଲୋକମାନଙ୍କ ସହିତ ଯେତେବେଳେ
> ବାହାରି ଆସେ, ତୁମ୍ଭ ଦ୍ୱାରା ଯେପରି ହେବ ସେହିପରି
> କର।

34ତେଣୁ ଅବୀମେଲକ ଏବଂ ତା'ର ସୈନ୍ୟମାନେ ରାତ୍ରିରୁ
ଉଠି ନଗରକୁ ଗଲେ। ସେହି ସୈନ୍ୟମାନେ ଚାରିଟି ଦଳରେ
ଭାଗ ହେଲେ ଏବଂ ସେମାନେ ଶିଖିମ ନଗର ନିକଟରେ ଲୁଚି
ରହିଲେ। 35ଏବଦର ପୁତ୍ର ଗାଲ୍ ବାହାରେ ଯାଇ ନଗର
ପ୍ରବେଶ ଦ୍ୱାରରେ ଛିଡା ହେଲା ଓ ଅବୀମେଲକ ଓ ତା'ର
ଲୋକମାନେ ଲୁଚିଥିବା ସ୍ଥାନରୁ ଉଠିଲେ।

36ଗାଲ୍ ସୈନ୍ୟମାନଙ୍କୁ ଦେଖିଲା। ଗାଲ୍ ସବୂଲକୁ କହିଲେ,
"ପର୍ବତରୁ ଲହ୍ଲାଇ ଆସୁଥିବା ସୈନ୍ୟମାନଙ୍କୁ ଦେଖ।"

କିନ୍ତୁ ସବୂଲ ତାଙ୍କୁ କହିଲା, "ପର୍ବତର ଛାଇ ତୁମ୍ଭକୁ
ଲୋକମାନଙ୍କ ପରି ଦେଖାଯାଉଛି।"

37କିନ୍ତୁ ଗାଲ୍ ପୁଣି କହିଲା, "ଦେଖ କେତେକ ଲୋକ
ନାଭେଲ ଭୂମିରୁ ଓହ୍ଲାଇ ଆସୁଛନ୍ତି। ଆଉ ଏକ ଦଳ
ମିଓନନିମ ଆଲୋନ୍ ବୃକ୍ଷର ପଥଦେଇ ଆସୁଛନ୍ତି।" 38ତେଣୁ
ସବୂଲ ତାଙ୍କୁ କହିଲା, "ତୁମେ ଏବେ କାହିଁକି ଦର୍ପ କରୁନାହଁ?
ତୁମ୍ଭେ କହିଥିଲ, 'ଅବୀମେଲକ କିଏ ଆମ୍ଭେ ଯେ ନିଶ୍ଚିତ
ତାହାର ଆମେ ସେବା କରିବୁ? ତୁମ୍ଭେ କଣ ଏହି ସୈନ୍ୟମାନଙ୍କୁ
ପରିହାସ କରି ନଥିଲ? ବର୍ତ୍ତମାନ ଯାଅ ଓ ସେମାନଙ୍କ
ବିରୁଦ୍ଧରେ ଯୁଦ୍ଧ କର।"

39ତେଣୁ ଗାଲ୍ ଶିଖିମର ନେତୃବର୍ଗଙ୍କୁ ନେତୃତ୍ୱ କରି
ବାହାରି ହୋଇ ଅବୀମେଲକ୍ ସହିତ ଯୁଦ୍ଧ କଲା। 40ଅବୀମେଲକ୍
ତାଙ୍କ ପଛେ ପଛେ ଗୋଡାଇ କରିଗଲେ ଏବଂ ଏହିପରି
ଭାବରେ ପ୍ରବେଶ ଫାଟକରେ ପହଞ୍ଚିବା ପର୍ଯ୍ୟନ୍ତ ଗାଲର
ଅଧିକାଂଶ ଲୋକମାନେ ମୃତ୍ୟୁବରଣ କଲେ।

41ଏହାପରେ ଅବୀମେଲକ୍ ଅରୁମାରେ ରହିଲେ। ତା'ପରେ
ସବୂଲ୍ ଗାଲ୍‌କୁ ଓ ତା'ର ଭ୍ରାତୃଗଣଙ୍କୁ ତଡ଼ି ଦେଲା। ସେ
ସେମାନଙ୍କୁ ଶିଖିମରେ ବାସ କରିବାକୁ ଅନୁମତି ଦେଲା ନାହିଁ।
42ପରଦିନ ଲୋକମାନେ ବାହାର ହୋଇ କ୍ଷେତ୍ରକୁ ଯିବା
ବେଳେ କେହି ଜଣେ ଅବୀମେଲକଙ୍କୁ ଖବର ଦେଲା।
43ତେଣୁ ସେ ତାଙ୍କର ସୈନ୍ୟମାନଙ୍କୁ ନେଇ ସେମାନଙ୍କୁ ତିନି
ଦଳରେ ବିଭକ୍ତ କଲେ। ସେମାନେ କ୍ଷେତରେ ନିଜକୁ ଲୁଚାଇ
ରଖିଲେ ଏବଂ ଯେତେବେଳେ ସେମାନେ ଲୋକମାନଙ୍କୁ ସହରରୁ
ବାହାରି ଆସୁଥିବାର ଦେଖିଲେ, ସେମାନଙ୍କୁ ଆକ୍ରମଣ କଲେ।
44ପୁଣି ଅବୀମେଲକ୍ ଓ ତା'ର ଦଳ ପ୍ରବେଶ ଫାଟକ
ସମ୍ମୁଖରେ ଛିଡ଼ା ହେଲେ। ଏବଂ ଅନ୍ୟ ଦୁଇଦଳ ବାହାରକୁ
ଦୌଡ଼ିଲେ ଏବଂ କ୍ଷେତରେ ଥିବା ସମସ୍ତ ଲୋକଙ୍କୁ ହତ୍ୟା
କଲେ। 45ଅବୀମେଲକ୍ ସେହିଦିନ ଯାକ ନଗର ବିରୁଦ୍ଧରେ
ଯୁଦ୍ଧ କଲେ ଓ ନଗର ହସ୍ତଗତ କରି ନଗରରେ ବସବାସ
କରୁଥିବା ଲୋକମାନଙ୍କୁ ହତ୍ୟା କଲେ। ପୁଣି ସେ ନଗରକୁ
ସମଭୂମି କରି ତହିଁ ଉପରେ ଲବଣ ଗୃଷ କଲେ।
46ଶିଖିମର ଅଟ୍ଟାଳିକାର ମାଲିକମାନେ ଏବିଷୟରେ ଶୁଣିଲେ।
ସେମାନେ ଏଲ୍‌ବରୀତ୍ ମନ୍ଦିରର ସବୁଠାରୁ ନିରାପଦ ସ୍ଥାନରେ
ଏହା ଜାଣିବାକୁ ପାଇଲେ।
47ଅବୀମେଲକ ଜାଣିବାକୁ ପାଇଲା ଯେ, ଶିଖିମର ସମସ୍ତ
ମାଲିକମାନେ ଏକତ୍ରିତ ହୋଇଥିଲେ। 48ଏହାପରେ ଅବୀମେଲକ୍
ଓ ତାଙ୍କର ସମସ୍ତ ଲୋକମାନେ ସଲ୍‌ମୋନ୍ ପର୍ବତକୁ ଚଢ଼ିଲେ।
ଅବୀମେଲକ୍ କୁରାଢ଼ି ନେଇ ବୃକ୍ଷରୁ କେତେକ ଡାଳ ହାଣିଲେ।
ସେ ସେଗୁଡ଼ିକ ଉଠାଇଲେ ଏବଂ ସେଗୁଡ଼ିକ ନିଜ କାନ୍ଧରେ
ରଖିଲେ ଏବଂ ନିଜର ସଙ୍ଗୀ ଲୋକମାନଙ୍କୁ କହିଲେ, "ଯଥାଶିଘ୍ର,
ମୁଁ ଯାହା କଲି ତୁମ୍ଭେ ତାହା କର।" 49ତେଣୁ ସମସ୍ତ
ଲୋକମାନେ ଅବୀମେଲକଙ୍କୁ ଅନୁସରଣ କଲେ ଓ ଏଲବେରିଥର
ମନ୍ଦିର ସୁରକ୍ଷା କୋଠରୀ ସମ୍ମୁଖରେ ଶାଖାଗୁଡ଼ିକ ଗଦା
କଲେ। ତା'ପରେ ସେମାନେ ଏହାକୁ ଅଗ୍ନି ସଂଯୋଗ କଲେ।
ଏହି ପ୍ରକାରେ ଶିଖିମର ସମସ୍ତ ମାଲିକମାନେ ମୃତ୍ୟୁବରଣ
କଲେ। ସେଠାରେ ପାଖାପାଖି 1,000 ପୁରୁଷ ଓ ସ୍ତ୍ରୀ ଥିଲେ।

## ଅବୀମେଲକର ମୃତ୍ୟୁ

50ଏହାପରେ ଅବୀମେଲକ୍ ତେବେସ ସହରକୁ ଗଲେ,
ସେଠାରେ ଛାଉଣୀ ସ୍ଥାପନ କଲେ ଓ ତାକୁ ଅକ୍ତିଆର
କଲେ। 51କିନ୍ତୁ ସେହି ନଗର ମଧ୍ୟରେ ଏକ ଦୃଢ଼ ଗଡ଼
ଥିଲା। ତେଣୁ ପୁରୁଷ ଓ ସ୍ତ୍ରୀ ସମସ୍ତେ ଓ ନଗର ଲୋକମାନେ
ଉଚ୍ଚ ପ୍ରାସାଦକୁ ପଳାଇ ତା ଭିତରେ ନିଜକୁ ରୁଦ୍ଧକରି ଗଡ଼ର
ଛାତ ଉପରକୁ ଗଲେ। 52ତେଣୁ ଅବୀମେଲକ୍ ସେହି
ଗଡ଼ରେ ପହଞ୍ଚି ତା ବିରୁଦ୍ଧରେ ଯୁଦ୍ଧ କଲେ। ଏବଂ ତାକୁ
ଅଗ୍ନିରେ ଦଗ୍ଧ କରିବା ପାଇଁ ସେ ଗଡ଼ର ପ୍ରବେଶ ସ୍ଥାନ
ପର୍ଯ୍ୟନ୍ତ ଗଲେ। 53ସେଥିରୁ ଜଣେ ସ୍ତ୍ରୀ ଚକିର ଉପର ପଟ
ଅବୀମେଲକଙ୍କ ମୁଣ୍ଡ ଉପରକୁ ପକାଇ ତାଙ୍କର ଖପୁରି ଭାଙ୍ଗି
ପକାଇଲା। 54ତେଣୁ ସେ ତାଙ୍କର ଅସ୍ତ୍ରବାହକ ଯୁବକକୁ ଡାକି
କହିଲା, "ସଙ୍ଗେ ସଙ୍ଗେ ତୁମ୍ଭର ଖଡ୍ଗ ବାହାର କରି ମୋତେ
ହତ୍ୟା କର। ଯେଉଁଥିପାଇଁ କେହି କହିବେ ନାହିଁ, 'ଜଣେ ସ୍ତ୍ରୀ
ଅବୀମେଲକଙ୍କୁ ହତ୍ୟା କଲା।'" ତେଣୁ ତା'ର ଯୁବକର ତାଙ୍କୁ
ଭୁଷି ଦିଅନ୍ତେ, ମଲା। 55ଇସ୍ରାୟେଲର ଲୋକମାନେ ଅବୀମେଲକର
ମରଣ ଦେଖି ନିଜ ନିଜ ସ୍ଥାନକୁ ଚାଲିଗଲେ।
56ଏହିପରି ଅବୀମେଲକ୍ ନିଜର ସତୁରି ଭାଇଙ୍କୁ ହତ୍ୟାକରି
ନିଜର ପିତା ବିରୁଦ୍ଧରେ ଯେଉଁ ପାପ କରିଥିଲେ, ସେଥିପାଇଁ
ସଦାପ୍ରଭୁ ପରମେଶ୍ୱର ଅବୀମେଲକଙ୍କୁ ଯଥାର୍ଥ ଦଣ୍ଡ ଦେଲେ।
57ସଦାପ୍ରଭୁ ପରମେଶ୍ୱର ଶିଖିମ ନିବାସୀମାନଙ୍କର ସମସ୍ତ
ପାପପୂର୍ଣ୍ଣ କାର୍ଯ୍ୟ ଯୋଗୁ ଯଥାର୍ଥ ଦଣ୍ଡ ଦେଲେ ଏବଂ
ଯିରୁବାବ୍ବଲର ପୁତ୍ର ଯୋଥମ ଦେଇଥିବା ଅଭିଶାପ ସେମାନଙ୍କ
ଉପରେ ପଡ଼ିଲା।

## ବିଚାରକ ତୋଲୟ

10 ଅବୀମେଲକର ମୃତ୍ୟୁପରେ ସଦାପ୍ରଭୁ ଆଉ ଜଣେ
ବିଚାରକଙ୍କୁ ଇସ୍ରାୟେଲବାସୀଙ୍କୁ ରକ୍ଷା କରିବା ପାଇଁ
ପଠାଇଲେ। ସେହି ବିଚାରକଙ୍କ ନାମ ଥିଲା ତୋଲୟ। ସେ
ଥିଲେ ପୂୟାର ପୁତ୍ର। ଦୋଦୟର ପୁତ୍ର ପୂୟାର ଥିଲେ।
ତୋଲୟ ଥିଲେ ଇଷାଖର ପରିବାରବର୍ଗ। ଯାହାକି ଇଫ୍ରୟିମ
ପର୍ବତମୟ ଦେଶ ଶାମୀର ସହରରେ ତୋଲୟ ବାସ କଲେ।
2ତୋଲୟ ଇସ୍ରାୟେଲ ପାଇଁ ତେଇଶ ବର୍ଷ ପାଇଁ ବିଚାରକ
ରହିଲେ। ଏହାପରେ ତୋଲୟ ମୃତ୍ୟୁବରଣ କଲେ ଓ
ଶାମୀରରେ ତାଙ୍କୁ କବର ଦିଆଗଲା।

## ବିଚାରକ ଯାୟୀର

3ଏହାପରେ ପରମେଶ୍ୱର ଆଉ ଜଣେ ବିଚାରକଙ୍କୁ ପଠାଇଲେ।
ତାଙ୍କର ନାମ ଥିଲା ଯାୟୀର ଯେ କି ଥିଲେ ଗିଲୟଦର
ଅଧିବାସୀ। ଯାୟୀର ଇସ୍ରାୟେଲର ଉପରେ ବାଇଶିବର୍ଷ ଧରି
ବିଚାରକ ହୋଇ ରହିଲେ। 4ଯାୟୀରଙ୍କର ତିରିଶଟି ପୁତ୍ର
ଥିଲେ। ଯେଉଁମାନେ କି ତିରିଶଟି ଗଧରେ ଚଢ଼ିଲେ ଓ
ସେମାନଙ୍କର ତିରିଶଟି ସହର ଥିଲା। ସେହି ସହରଗୁଡ଼ିକୁ
ଯାୟୀର ସହର ନାମରେ ଆଜି ପର୍ଯ୍ୟନ୍ତ ନାମିତ କରାଯାଇଛି।
ସେହିସବୁ ସହରଗୁଡ଼ିକ ଗିଲୟଦ ଦେଶରେ ଅଛି। 5ଯାୟୀରଙ୍କର
ମୃତ୍ୟୁପରେ ତାଙ୍କୁ କାମୋନରେ କବର ଦିଆଗଲା।

## ଅମ୍ମୋନ ସନ୍ତାନମାନେ ଇସ୍ରାୟେଲ ବିରୁଦ୍ଧରେ ଯୁଦ୍ଧ କଲେ

6ପୁନର୍ବାର ଇସ୍ରାୟେଲ ସନ୍ତାନଗଣ ସଦାପ୍ରଭୁଙ୍କ ଦୃଷ୍ଟିରେ
ଯାହା ମନ୍ଦ ସେହିପରି କାର୍ଯ୍ୟମାନ କଲେ। ସେମାନେ ବାଲ୍
ଦେବତାଗଣ, ଅଷ୍ଟାରୋତ୍ ଦେବୀଗଣ, ଅରାମୀୟମାନଙ୍କର
ଦେବଗଣ, ସୀଦୋନୀୟମାନଙ୍କର ଦେବଗଣ, ମୋୟାବୀୟମାନଙ୍କର
ଦେବଗଣ, ଅମ୍ମୋନୀୟମାନଙ୍କର ଲୋକମାନଙ୍କର ଦେବଗଣ ଓ
ପଲେଷ୍ଟୀୟମାନଙ୍କର ଦେବଗଣଙ୍କର ପୂଜା କଲେ। ସେମାନେ
ମଧ୍ୟ ସଦାପ୍ରଭୁଙ୍କୁ ପାସୋରି ପକାଇଲେ ଓ ତାଙ୍କର ସେବା
କଲେ ନାହିଁ।
7ତେଣୁ ସଦାପ୍ରଭୁ ଇସ୍ରାୟେଲ ଲୋକମାନଙ୍କ ଉପରେ
କୋପଦୃଷ୍ଟି ହେଲେ। ତେଣୁ ସଦାପ୍ରଭୁ ଇସ୍ରାୟେଲୀୟଗଣଙ୍କୁ
ପଲେଷ୍ଟୀୟ ଓ ଅମ୍ମୋନୀୟମାନଙ୍କ ହସ୍ତରେ ପରାସ୍ତ କରାଇଲେ।
8ସେହିବର୍ଷ ସେମାନେ ଇସ୍ରାୟେଲୀୟଙ୍କୁ ବିନାଶ ଓ ଅତ୍ୟାଚାର
କଲେ। ଅଠର ବର୍ଷ ପର୍ଯ୍ୟନ୍ତ, ଇସ୍ରାୟେଲମାନେ ଯେଉଁମାନେ
କି ଯର୍ଦ୍ଦନ ନଦୀର ଅନ୍ୟ ପାର୍ଶ୍ୱରେ ଗିଲୟଦର ଅଞ୍ଚଳରେ

ବାସ କଲେ ଏବଂ ସେମାନଙ୍କ ସକାଶେ କଷ୍ଟ ଭୋଗ କଲେ।
ସେହି ଦେଶ ଯେଉଁଠାରେ ଅମୋରୀତ୍ ବାସ କରୁଥିଲେ।
**9**ଅମ୍ମୋନୀୟମାନେ ଯିହୁଦା, ବିନ୍ୟାମୀନ, ଇଫ୍ରୟିମ ବିରୁଦ୍ଧରେ
ଯୁଦ୍ଧ କରିବା ପାଇଁ ଯର୍ଦ୍ଦନ ପାର ହୋଇ ଗଲେ।
ଅମ୍ମୋନୀୟମାନେ ଇଶ୍ରାୟେଲ ଲୋକମାନଙ୍କ ପାଇଁ ବଡ କଷ୍ଟର
କାରଣ ହେଲେ।

**10**ତେଣୁ ଇଶ୍ରାୟେଲର ସନ୍ତାନଗଣ ସଦାପ୍ରଭୁଙ୍କ ନିକଟରେ
କ୍ରନ୍ଦନ କଲେ। ସେମାନେ କହିଲେ, "ଆମ୍ଭେମାନେ ତୁମ୍ଭ
ବିରୁଦ୍ଧରେ ପାପ କରିଅଛୁ, କାରଣ ଆମ୍ଭେମାନେ ଆପଣାମାନଙ୍କର
ପରମେଶ୍ୱରଙ୍କୁ ପରିତ୍ୟାଗ କରିଅଛୁ ଓ ବାଲ ଦେବତାଗଣଙ୍କର
ପୂଜା କରିଅଛୁ।"

**11**ସଦାପ୍ରଭୁ ସେମାନଙ୍କୁ ଉତ୍ତର ଦେଇ କହିଲେ, "ମୁଁ
ତୁମ୍ଭମାନଙ୍କୁ ମିସ୍ରୀୟ ଓ ଇମୋରୀୟ, ଅମ୍ମୋନ ସନ୍ତାନଗଣ ଓ
ପଲେଷ୍ଟୀୟମାନଙ୍କଠାରୁ ଉଦ୍ଧାର କଲି। **12**ତୁମ୍ଭେମାନେ ମୋ
ପାଖରେ କ୍ରନ୍ଦନ କଲ ଯେତେବେଳେ, ସୀଦୋନୀୟମାନେ,
ଆମାଲେକୀୟମାନେ ଓ ମାୟୋନୀୟମାନେ ତୁମ୍ଭମାନଙ୍କୁ ଅତ୍ୟାଚାର
କଲେ। ମୁଁ ମଧ୍ୟ ସେମାନଙ୍କଠାରୁ ତୁମ୍ଭମାନଙ୍କୁ ରକ୍ଷା କରିଥିଲି।
**13**କିନ୍ତୁ ତୁମ୍ଭେମାନେ ମୋତେ ପରିତ୍ୟାଗ କରି ଅନ୍ୟ ଦେବଗଣଙ୍କର
ପୂଜା କଲ। ତେଣୁ ମୁଁ ପୁନର୍ବାର ତୁମ୍ଭମାନଙ୍କୁ ରକ୍ଷା କରିବାକୁ
ମନା କରୁଅଛି। **14**ତୁମ୍ଭେମାନେ ଯେଉଁ ଦେବତାଗଣଙ୍କୁ ପୂଜା
କରିବାକୁ ମନୋନୀତ କରିଛ। ସେମାନଙ୍କ ପାଖକୁ ଯାଅ ଓ
ତାଙ୍କୁ ଉଦ୍ଧାର କରିବାକୁ କୁହ। ତୁମ୍ଭର ଦୁଃଖ ସମୟରେ
ସେମାନେ ତୁମ୍ଭର ରକ୍ଷା କରନ୍ତୁ।"

**15**କିନ୍ତୁ ଇଶ୍ରାୟେଲ ସନ୍ତାନଗଣ ସଦାପ୍ରଭୁଙ୍କୁ କହିଲେ,
"ଆମେ ପାପ କରିଛୁ। ତୁମ୍ଭର ଯାହା ଇଚ୍ଛା ଆମ୍ଭମାନଙ୍କୁ ଦଣ୍ଡ
ଦିଅ। କିନ୍ତୁ ବର୍ତ୍ତମାନ ଆମ୍ଭମାନଙ୍କୁ ଉଦ୍ଧାର କର।" **16**ଏହାପରେ
ସେମାନେ ନିଜ ମଧ୍ୟରୁ ବିଦେଶୀ ଦେବଗଣଙ୍କୁ ଦୂର କରି
ଦେଲେ ଏବଂ ସଦାପ୍ରଭୁଙ୍କର ସେବା କଲେ। ଏହାପରେ
ସଦାପ୍ରଭୁ ଇଶ୍ରାୟେଲବାସୀଙ୍କର ଦୁଃଖ ଅଧିକ ସମୟ ଦେଖି
ସହି ପାରିଲେ ନାହିଁ।

## ଯିପ୍ତହଙ୍କୁ ନେତାରୂପେ ବଛାଗଲା

**17**ଅମ୍ମୋନୀୟମାନେ ଗିଲୟଦରେ ସେମାନଙ୍କର ଛାଉଣୀ
ସ୍ଥାପନ କଲେ ଏବଂ ଇଶ୍ରାୟେଲ ଲୋକମାନେ, ଏକତ୍ରିତ
ହେଲେ ଓ ମିସ୍ପୀରେ ସେମାନଙ୍କର ଛାଉଣୀ ସ୍ଥାପନ କଲେ।
**18**ତା'ପରେ ଗିଲୟଦୀୟର ଲୋକମାନଙ୍କର ଅଧିପତିମାନେ
କହିଲେ, "ଅମ୍ମୋନ ସନ୍ତାନଗଣଙ୍କ ଉପରେ ଯିଏ ଆକ୍ରମଣ
କରିବାକୁ ନେତୃତ୍ୱ ନେବ। ସେ ଗିଲୟଦରେ ବାସ କରୁଥିବା
ଲୋକମାନଙ୍କ ଉପରେ ରାଜତ୍ୱ କରିବ?"

**11** ଯିପ୍ତହ ନାମକ ଜଣେ ଲୋକ ଗିଲୟଦର ପରିବାରବର୍ଗରୁ
ଜଣେ ସାହସୀ ଯୋଦ୍ଧା ଥିଲେ। କିନ୍ତୁ ସେ ଜଣେ
ବେଶ୍ୟାର ପୁତ୍ର ଥିଲେ। ଗିଲୟଦ ତାଙ୍କର ପିତା ଥିଲେ।
**2**ଗିଲୟଦର ସ୍ତ୍ରୀ ତାହାର କେତେକ ପୁତ୍ର ଜନ୍ମ କଲା ଏବଂ
ଯେତେବେଳେ ପୁତ୍ରମାନେ ବଡ ହେଲେ ସେମାନେ ଯୀପ୍ତହକୁ
ଏହା କହି ତଡିଦେଲେ, "ତୁମ୍ଭେ ଆମ୍ଭର ପିତୃ ସମ୍ପତ୍ତିରେ
ତୁମ୍ଭର କୌଣସି ଅଧିକାର ନାହିଁ, କାରଣ ତୁମ୍ଭେ ଅନ୍ୟ ସ୍ତ୍ରୀର
ପୁତ୍ର।" **3**ସେଥିରେ ଯିପ୍ତହ ନିଜର ଭାଇମାନଙ୍କ ସମ୍ମୁଖରୁ
ପଳାଇ ଟୋବ୍ ଦେଶରେ ବାସ କଲା। ସେଠାରେ କେତେ
ଗୁଡ଼ିଏ ଅଗାଡ ଲୋକ ଯିପ୍ତହ ସଙ୍ଗେ ମିଳି ତାହାଙ୍କ ସହଚର
ହେଲେ।

**4**କିଛି ଦିନପରେ ଅମ୍ମୋନ ସନ୍ତାନଗଣ ଇଶ୍ରାୟେଲ
ସହିତ ଯୁଦ୍ଧ କରିବାକୁ ଲାଗିଲେ। **5**ଯେତେବେଳେ
ଅମ୍ମୋନୀୟମାନେ ଇଶ୍ରାୟେଲ ସହିତ ଯୁଦ୍ଧ କଲେ, ଗିଲୟଦର
ନେତୃବର୍ଗ ପ୍ରାଚୀନବର୍ଗ ଯିପ୍ତହଙ୍କୁ ପାଇବାକୁ ଟୋବ୍ ଦେଶକୁ
ଗଲେ।

**6**ସେମାନେ ଯିପ୍ତହଙ୍କୁ କହିଲେ, "ଆମ୍ଭେମାନେ ଅମ୍ମୋନ
ସନ୍ତାନଗଣ ସହିତ ଯେମନ୍ତ ଯୁଦ୍ଧ କରିବାକୁ ଚାହୁଁଛୁ, ଏଥିପାଇଁ
ତୁମ୍ଭେ ଆସି ଆମ୍ଭମାନଙ୍କର ଶାସନ କର୍ତ୍ତା ହୁଅ।"

**7**ଯିପ୍ତହ ଗିଲୟଦର ପ୍ରାଚୀନ ନେତୃବର୍ଗମାନଙ୍କୁ କହିଲେ,
"ତୁମ୍ଭେମାନେ ମୋତେ ବଳପୂର୍ବକ ମୋର ପିତୃଗୃହରୁ ତଡି
ଦେଇଥିଲ। ତୁମେ ମୋତେ ଘୃଣା କର। ଯେତେବେଳେ
ତୁମ୍ଭର ଅସୁବିଧା ହୁଏ, ତେବେ କାହିଁକି ତୁମ୍ଭେ ଏବେ ମୋ
ପାଖକୁ ଆସିଛ?"

**8**ଗିଲୟଦର ପ୍ରାଚୀନ ନେତୃବର୍ଗ ଯିପ୍ତହକୁ କହିଲେ,
"ଏଇଥିପାଇଁ ଆମ୍ଭେ ତୁମ୍ଭ ପାଖକୁ ଆସିଅଛୁ ବର୍ତ୍ତମାନ
ଦୟାକରି ଆମ୍ଭ ସହିତ ଆସ ଓ ଆମ୍ମୋନୀୟମାନଙ୍କ ବିରୁଦ୍ଧରେ
ଯୁଦ୍ଧ କର ଏବଂ ଗିଲୟଦରେ ନେତା ହୁଅ।"

**9**ଏହାପରେ ଯିପ୍ତହ ଗିଲୟଦର ପ୍ରାଚୀନ ନେତୃବର୍ଗମାନଙ୍କୁ
କହିଲେ, "ଯଦି ତୁମ୍ଭେମାନେ ଅମ୍ମୋନୀୟମାନଙ୍କ ବିରୁଦ୍ଧରେ
ଯୁଦ୍ଧ କରିବାକୁ ମୋତେ ଫେରାଇ ନେଉଛ, ଯଦି ସଦାପ୍ରଭୁ
ସେମାନଙ୍କୁ ପରାସ୍ତ କରିବାକୁ ମୋତେ ସହାୟ ହୁଅନ୍ତି ତେବେ
ମୁଁ ତୁମ୍ଭମାନଙ୍କର ନେତା ହେବି।"

**10**ଗିଲୟଦର ପ୍ରାଚୀନ ନେତୃବର୍ଗ ଯିପ୍ତହକୁ କହିଲେ,
"ଆମ୍ଭେ କହିଥିବା ସମସ୍ତ କଥା ସଦାପ୍ରଭୁ ଶୁଣିଛନ୍ତି। ଆମ୍ଭେମାନେ
ଆପଣଙ୍କୁ କଥା ଦେଉଛୁ ଯେ, ତୁମ୍ଭେ ଯାହାସବୁ କହିବ,
ଆମ୍ଭେମାନେ କରିବୁ।"

**11**ତେଣୁ ଗିଲୟଦର ପ୍ରାଚୀନ ନେତୃବର୍ଗମାନଙ୍କ ସହିତ
ଯିପ୍ତହ ଗଲେ। ଲୋକମାନେ ତାଙ୍କୁ ସେମାନଙ୍କର ମୁଖ୍ୟ ରୂପେ
ଓ ଶାସନ ରୂପେ ଗ୍ରହଣ କଲେ। ମିସ୍ପୀରେ ସଦାପ୍ରଭୁଙ୍କ
ସମ୍ମୁଖରେ ଆପଣାର ସମସ୍ତ କଥା ପୁନରାବୃତ୍ତି କଲେ।

## ଯିପ୍ତହଙ୍କର ଅମ୍ମୋନ ରାଜାଙ୍କୁ ବାର୍ତ୍ତା

**12**ଯିପ୍ତହ ଅମ୍ମୋନୀୟର ରାଜାଙ୍କ ନିକଟକୁ ଦୂତ ପଠାଇ
କହିଲେ, "ଆମ୍ମୋନୀୟ ଓ ଇଶ୍ରାୟେଲୀୟ ମଧ୍ୟରେ ସମସ୍ୟା
କ'ଣ? କାହିଁକି ତୁମ୍ଭେମାନେ ଆମ୍ଭ ସହିତ ଯୁଦ୍ଧ କରିବାକୁ
ଆସିଅଛ?"

**13**ଅମ୍ମୋନୀୟର ରାଜା ଯିପ୍ତହଙ୍କର ଦୂତକୁ କହିଲେ,
"ଅମ୍ଭେମାନେ ଇଶ୍ରାୟେଲ ବିରୁଦ୍ଧରେ ଯୁଦ୍ଧ କରୁଛୁ କାରଣ
ଇଶ୍ରାୟେଲ ଲୋକମାନେ ଅମ୍ମୋନୀୟଙ୍କର ଭୂମିକୁ ବଳପୂର୍ବକ
ଅଧିକାର କରି ନେଇଛନ୍ତି। ଯେତେବେଳେ ସେମାନେ ମିଶରରୁ
ଆସିଲେ। ସେମାନେ ଅର୍ଣ୍ଣୋନଠାରୁ ଯବୋକ୍ ଓ ଯର୍ଦ୍ଦନ
ପର୍ଯ୍ୟନ୍ତ ସମସ୍ତ ବଳପୂର୍ବକ ଅଧିକାର କଲେ ଓ ନିଜର
କରିନେଲେ। ବର୍ତ୍ତମାନ ସେହି ଭୂମିକୁ ନିର୍ବିଘ୍ନରେ ଆମ୍ଭମାନଙ୍କୁ
ଫେରାଇ ଦିଅ।"

14ତେଣୁ ଦୂତଗଣ ଏହି ଖବର ଆଣି ଯିପ୍ତହଙ୍କୁ ଦେଲେ।
ଏହାପରେ ଯିପ୍ତହ ପୁନର୍ବାର ଅମ୍ମୋନର ରାଜା ନିକଟକୁ ଦୂତ
ପଠାଇଲେ। 15ସେମାନେ ଏହି ବାର୍ତ୍ତା ନେଇ ଗଲେ।

ସେଥିପାଇଁ ଯିପ୍ତହ କହନ୍ତି, ମୋୟାବର ଭୂମି
କିମ୍ବା ଅମ୍ମୋନର ଭୂମି ଇସ୍ରାଏଲ ଦ୍ୱାରା ବଳପୂର୍ବକ
ଅଧିକୃତ ହୋଇନାହିଁ। 16ଯେତେବେଳେ ଇସ୍ରାଏଲର
ଲୋକମାନେ ମିଶର ପରିତ୍ୟାଗ କଲେ, ସେମାନେ
ମରୁଭୂମିକୁ ଗଲେ। ଇସ୍ରାଏଲୀୟମାନେ ସୁଫ ସାଗରକୁ
ଗଲେ ଓ ତା'ପରେ କାଦେଶକୁ ଗଲେ। 17ଇସ୍ରାଏଲ
ଇଦୋମର ରାଜାଙ୍କ ନିକଟକୁ ଏହା କହି ଦୂତମାନଙ୍କୁ
ପଠାଇଲେ, "ବିନୟ କରୁଅଛୁ, ତୁମ୍ଭ ଦେଶ ଦେଇ
ଆମ୍ଭମାନଙ୍କୁ ଯିବାକୁ ଦିଅ।" ମାତ୍ର ଇଦୋମ୍‌ର ରାଜା
ଏକଥା ଶୁଣିଲେ ନାହିଁ। ପୁଣି ସେହି ପ୍ରକାର ଇସ୍ରାଏଲ
ମୋୟାବର ରାଜା ନିକଟକୁ ଦୂତମାନଙ୍କୁ ପଠାଇଲେ।
ସେ ମଧ୍ୟ ମନା କଲା। ତେଣୁ ଇସ୍ରାଏଲ କାଦେଶରେ
ରହିଲେ।
18ଏହାପରେ ଇସ୍ରାଏଲ ଲୋକମାନେ ଇଦୋମ
ଓ ମୋୟାବ ଦେଶ ମରୁଭୂମି ଦେଇ ଗଲେ।
ସେମାନେ ମୋୟାବ ଦେଶର ପୂର୍ବକୁ ଯାତ୍ରା କଲେ।
ସେମାନେ ଅର୍ଣ୍ଣୋନର ସେପାଖରେ ସେମାନଙ୍କର ଛାଉଣୀ
ସ୍ଥାପନ କଲେ। ସେମାନେ ମୋୟାବ ସୀମା ଭିତରେ
ପ୍ରବେଶ କଲେ ନାହିଁ କାରଣ ଅର୍ଣ୍ଣୋନ୍ ନଦୀ
ମୋୟାବର ସୀମା ଥିଲା।
19ଏହାପରେ ଇସ୍ରାଏଲ ହିଷ୍‌ବୋନର ଇମୋରୀୟ
ରାଜା ସୀହୋନ୍ ନିକଟକୁ ଦୂତ ପଠାଇଲେ, "ଆମ୍ଭକୁ
ତୁମ୍ଭର ଦେଶ ମଧ୍ୟ ଦେଇ ଦେଶକୁ ଯିବାକୁ ଅନୁମତି
ଦିଅ।" 20କିନ୍ତୁ ସିହୋନ ନିଜର ସୀମାଦେଇ ଇସ୍ରାଏଲକୁ
ଯିବାକୁ ଦେଲା ନାହିଁ। ସୀହୋନ୍ ନିଜର ସମସ୍ତ
ଲୋକଙ୍କୁ ଏକତ୍ର କରି ଯହସରେ ଛାଉଣୀ ସ୍ଥାପନ
କଲେ। ତା'ପରେ ସେମାନେ ଇସ୍ରାଏଲ ବିରୁଦ୍ଧରେ
ଯୁଦ୍ଧ କଲେ। 21କିନ୍ତୁ ସଦାପ୍ରଭୁ ସୀହୋନର ସମସ୍ତ
ଲୋକମାନଙ୍କୁ ଇସ୍ରାଏଲ ହସ୍ତରେ ସମର୍ପଣ କରନ୍ତେ
ଓ ଇସ୍ରାଏଲ ସେମାନଙ୍କୁ ପରାସ୍ତ କଲେ। ଏହିପରି
ଭାବରେ ଇସ୍ରାଏଲ ଇମୋରୀୟମାନଙ୍କ ସମସ୍ତ ଦେଶକୁ
ବଳପୂର୍ବକ ଅଧିକାର କଲେ। 22ତେଣୁ ଇସ୍ରାଏଲ
ଅର୍ଣ୍ଣୋନ ନଦୀଠାରୁ ଯବ୍ବୋକ୍ ନଦୀ ପର୍ଯ୍ୟନ୍ତ ଓ
ମରୁଭୂମିଠାରୁ ଯର୍ଦ୍ଦନ ପର୍ଯ୍ୟନ୍ତ ଇମୋରୀୟମାନଙ୍କ ସମସ୍ତ
ଭୂମି ବଳପୂର୍ବକ ଅଧିକାର କଲେ।
23ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର
ଇମୋରୀୟମାନଙ୍କୁ ସେମାନଙ୍କର ଦେଶଠାରୁ ଜୋର
ଜବରଦସ୍ତ ତଡିଲେ ଓ ତାଙ୍କର ଲୋକମାନଙ୍କୁ ସେହି
ଭୂମି ଦେଲେ। ତୁମ୍ଭେ କ'ଣ ଭାବୁଛ ଯେ ବର୍ତ୍ତମାନ
ଇସ୍ରାଏଲୀୟମାନଙ୍କୁ ଏଠାରୁ ତଡି ଦେଇ ପାରିବ?
24ତୁମ୍ଭମାନଙ୍କର ଦେବତା ସେହି କମୋଶ ତୁମ୍ଭମାନଙ୍କୁ
ଯେଉଁ ଦେଶ ଦିଅନ୍ତି, ସେହି ଦେଶ ତୁମ୍ଭେମାନେ
ଅଧିକାର କରି ପାରିବ। ସେହିପରି ସଦାପ୍ରଭୁ ଆମ୍ଭମାନଙ୍କ
ପରମେଶ୍ୱର ଆମ୍ଭମାନଙ୍କୁ ଅମ୍ମୋନୀୟମାନଙ୍କର ଯେଉଁ
ଦେଶ ଦିଅନ୍ତି, ତାହା ଆମ୍ଭେମାନେ ଅଧିକାର କରିବୁ।
25ମୋତେ କୁହ, ତୁମ୍ଭେ କ'ଣ ମୋୟାବ ରାଜା
ସିପ୍ପୋରର ପୁତ୍ର ବାଲାକଠାରୁ କିଛି କ'ଣ ଅଧିକ?
ସେ କ'ଣ କେବେ ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ
କରିଥିଲେ? ସେ କ'ଣ କେବେ ଇସ୍ରାଏଲ ସହିତ
ଯୁଦ୍ଧ କରିଥିଲେ? 26ଇସ୍ରାଏଲ 300 ବର୍ଷ ହେଲା
ହିଷ୍‌ବୋନ୍ ତା'ର ଉପନଗରରେ ପୁଣି ଆରୋୟର ଓ
ତହିଁର ଉପନଗରରେ, ଆଉ ଅର୍ଣ୍ଣୋନ ତୀରସ୍ଥିତ
ସମସ୍ତ ନଗରରେ ବାସ କରୁ ଅଛନ୍ତି। ଏଥି ମଧ୍ୟରେ
ତୁମ୍ଭେମାନେ କାହିଁକି ସେସବୁ ଫେରାଇ ନ ନେଲ?
27ଆମ୍ଭେ ଇସ୍ରାଏଲର ଲୋକ ତୁମ୍ଭ ବିରୁଦ୍ଧରେ
କୌଣସି ପାପ କରିନାହିଁ। ମାତ୍ର ତୁମ୍ଭେମାନେ ଆମ୍ଭ
ବିରୁଦ୍ଧରେ ଯୁଦ୍ଧ କରି ଭୁଲ୍ କରିଅଛ। ସଦାପ୍ରଭୁ
ସମସ୍ତଙ୍କ ବିଚାରକର୍ତ୍ତା ସେ ଆଜି ଇସ୍ରାଏଲ ଲୋକମାନଙ୍କ
ଓ ଅମ୍ମୋନର ଲୋକମାନଙ୍କ ମଧ୍ୟରେ ବିଚାର କର୍ତ୍ତା
ହୁଅନ୍ତୁ।
28ତଥାପି ଅମ୍ମୋନର ରାଜା ଯିପ୍ତହଙ୍କ ବାର୍ତ୍ତା ଶୁଣିଲେ
ନାହିଁ।

## ଯିପ୍ତହର ପ୍ରତିଜ୍ଞା

29ଏହାପରେ ସଦାପ୍ରଭୁଙ୍କ ଆତ୍ମା ଯିପ୍ତହ ଉପରେ ଅଧିଷ୍ଠାନ
କଲା। ସେ ଗିଲୀୟଦ ଓ ମନଃଶି ଦେଇ ଗଲା। ସେ
ଗିଲୀୟଦ ଦେଇ ମିସ୍‌ପୀକୁ ଗଲେ ଏବଂ ଅମ୍ମୋନୀୟଙ୍କ ଦେଇ
ଅତିକ୍ରମ କଲେ।
30ସେହି ସମୟରେ ଯିପ୍ତହ ସଦାପ୍ରଭୁଙ୍କ ନିକଟରେ ଏକ
ପ୍ରତିଜ୍ଞା କଲେ, "ଯଦି ତୁମ୍ଭେ ଅମ୍ମୋନ ଲୋକମାନଙ୍କୁ ମୋ
ହସ୍ତରେ ସମର୍ପଣ କର ତେବେ 31ମୁଁ ଅମ୍ମୋନୀୟମାନଙ୍କ
ବିରୁଦ୍ଧରେ ଯୁଦ୍ଧରୁ ମୁଁ ନିରାପଦରେ ଫେରି ଆସିବି। ସେହି
ସମୟରେ ମୋ ଘର ଭିତରୁ ପ୍ରଥମେ ଯିଏ ମୋତେ
ଅଭ୍ୟର୍ଥନା କରିବା ପାଇଁ ବାହାରି ଆସିବ ସେ ତୁମ୍ଭର
ହେବ।। ମୁଁ ତାହାଙ୍କୁ ହୋମବଳି ରୂପେ ଉତ୍ସର୍ଗ କରିବି।"
32ଏହାପରେ ଯିପ୍ତହ ଅମ୍ମୋନ ସନ୍ତାନଗଣ ଦେଶକୁ
ଗଲେ। ଯିପ୍ତହ ସେମାନଙ୍କ ସହିତ ଯୁଦ୍ଧ କଲେ। ସଦାପ୍ରଭୁ
ଯିପ୍ତହଙ୍କୁ ସହାୟ ହେଲେ ସେମାନଙ୍କୁ ପରାସ୍ତ କରିବା ପାଇଁ।
33ଯିପ୍ତହ ଆରୋୟରଠାରୁ ଆରମ୍ଭ କରି ମିନ୍ନୀତ ଅବେଲ-କରାମୀମ୍
ପର୍ଯ୍ୟନ୍ତ କୋଡିଏଟି ନଗରକୁ ପରାସ୍ତ କଲେ ଏବଂ ସେମାନଙ୍କର
ସମସ୍ତ ବାସିନ୍ଦାମାନଙ୍କୁ ହତ୍ୟା କଲେ। ଏହିପରି ଭାବରେ
ଅମ୍ମୋନୀମାନେ ଇସ୍ରାଏଲୀୟମାନଙ୍କ ଦ୍ୱାରା ପରାସ୍ତ ହେଲେ।
34ଯିପ୍ତହ ମିସ୍‌ପୀକୁ ଗଲେ, ସେ ତାଙ୍କ ଘରେ ପହଞ୍ଚିବା
ମାତ୍ରେ ତାଙ୍କର ଝିଅ ତାଙ୍କୁ ଦେଖିବାକୁ ପ୍ରଥମେ ବାହାରି
ଆସିଲା। ତାଙ୍କର ଝିଅ ଦାରାଦେଇ ନାଚି ନାଚି କରି
ଆସିଥିଲା। ସେ ଥିଲା ଯିପ୍ତହଙ୍କର ଏକମାତ୍ର ଅଲିଅଳି କନ୍ୟା।
ଯାହାଙ୍କୁ ସେ ଅତ୍ୟନ୍ତ ଭଲ ପାଉଥିଲେ। ଯିପ୍ତହଙ୍କର ଏହି
ଝିଅ ବ୍ୟତୀତ ଆଉ କୌଣସି ପୁଅଝିଅ ନ ଥିଲେ। 35ଯେତେବେଳେ
ଯିପ୍ତହ ଦେଖିଲେ ତାଙ୍କର କନ୍ୟା ଯେ କି ପ୍ରଥମେ ଗୃହରୁ
ବାହାରି ହୋଇ ତାଙ୍କୁ ଦେଖା ଦେଲେ। ସେ ତାଙ୍କ ନିଜର

ପିନ୍ଧାବସ୍ତ୍ର ଚିରି ଦେଲେ ଓ କହିଲେ, "ହେ ମୋର କନ୍ୟା!
ତୁମ୍ଭେ ମୋତେ ଧ୍ୱଂସ କରିଦେଲ। ତୁମ୍ଭେ ମୋର ଦୁଃଖର
କାରଣ ହେଲ, କାରଣ ମୁଁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆପଣା
ମୁଖରେ ପ୍ରତିଜ୍ଞା କରିଛି ଏବଂ ମୁଁ ପ୍ରତିଜ୍ଞା ଫେରାଇ
ନେଇପାରିବି ନାହିଁ।"

36ଯିପ୍ତହର କନ୍ୟା କହିଲା, "ହେ ମୋର ପିତା ତୁମ୍ଭେ
ସଦାପ୍ରଭୁଙ୍କ ନିକଟରେ କିଛି ପ୍ରତିଜ୍ଞା କଲ। ବର୍ତ୍ତମାନ
ମୋପ୍ରତି ସେହି ଅନୁସାରେ କର। ଆପତତଃ, ସଦାପ୍ରଭୁ
ତୁମ୍ଭର ଶତ୍ରୁ ଅମ୍ମୋନୀୟମାନଙ୍କୁ ପରାସ୍ତ କରିବାରେ ତୁମ୍ଭଙ୍କୁ
ସାହାଯ୍ୟ କଲେ।"

37ସେ ଆହୁରି ତାଙ୍କ ପିତାଙ୍କୁ କହିଲା, "କିନ୍ତୁ ପ୍ରଥମେ
ମୋ ପାଇଁ ଏହିପରି କର। ମୋତେ ପ୍ରଥମେ ଦୁଇମାସ
ଏକୁଟିଆ ରହିବାକୁ ଦିଅ। ତହିଁରେ ମୁଁ ମୋର ସଙ୍ଗୀମାନଙ୍କ
ସଙ୍ଗରେ ପର୍ବତମୟ ସ୍ଥାନକୁ ଯାଇ ନିଜର କୁମାରୀତ୍ୱ ବିଷୟରେ
ବିଳାପ କରିବି।"

38ଯିପ୍ତହ କହିଲେ, "ଯାଅ ଏବଂ ସେହିପରି କର।"
ମୋତେ ଦୁଇମାସ ପାଇଁ ରହିବାକୁ ଦିଅ। ତହିଁରେ ସେ ଓ
ତାହାର ସଖୀମାନେ ପର୍ବତମୟ ସ୍ଥାନକୁ ଯାଇ ତା'ର କୁମାରୀତ୍ୱ
ବିଷୟରେ ବିଳାପ କଲେ।

39ଦୁଇମାସ ଶେଷରେ ଯିପ୍ତହର କନ୍ୟା ତାଙ୍କର ପିତାଙ୍କ
ନିକଟକୁ ଫେରି ଆସିଲେ। ଯିପ୍ତହ ଏହିପରି କଲେ ସେ
ଯେପରି ଭାବରେ ସଦାପ୍ରଭୁଙ୍କଠାରେ ଶପଥ କରିଥିଲେ।
ଯିପ୍ତହଙ୍କର କନ୍ୟା କାହାରି ସହିତ ଯୌନ ସଂପର୍କ ରଖିଲେ
ନାହିଁ। ଏଣୁ ଏହା ଇଶ୍ରାୟେଲର ଏକ ପ୍ରଥା ରୂପେ ରହିଗଲା।
40ପ୍ରତିବର୍ଷ ଇଶ୍ରାୟେଲୀୟ କନ୍ୟାମାନେ ଗିଲିୟଦୀୟ ଯିପ୍ତହ
କନ୍ୟାର ଦୁଃଖର ସ୍ମରଣୋତ୍ସବକୁ ବର୍ଷକେ ଚାରିଦିନ ପାଇଁ
ପାଳନ କଲେ। ଏହା ସେଠାରେ ଏକ ପରମ୍ପରା ହେଲା।

## ଯିପ୍ତହ ଏବଂ ଇଫ୍ରୟିମ

12 ଇଫ୍ରୟିମ ପରିବାରବର୍ଗ ସେମାନଙ୍କର ସୈନ୍ୟମାନଙ୍କୁ
ଡାକି ଏକତ୍ରୀତ କଲେ। ଏହାପରେ ସେମାନେ
ସିଫନ୍ ସହରକୁ ନଦୀ ପାରହୋଇ ଗଲେ। ସେମାନେ
ଯିପ୍ତହକୁ କହିଲେ, "ଅମ୍ମୋନ ସନ୍ତାନଗଣଙ୍କ ବିରୁଦ୍ଧରେ ଯୁଦ୍ଧ
କରିବା ପାଇଁ, ତୁମ୍ଭେ ଆମ୍ଭକୁ କାହିଁକି ଡାକିଲ ନାହିଁ? ଆମ୍ଭେ
ତୁମ୍ଭ ସହିତ ତୁମ୍ଭ ଘରକୁ ପୋଡିଦେବୁ।"

2ଯିପ୍ତହ ସେମାନଙ୍କୁ ଉତ୍ତର ଦେଲେ, "ଅମ୍ମୋନୀୟମାନଙ୍କ
ସହିତ ମୋର ଓ ମୋର ଲୋକମାନଙ୍କର ବଡ ବିବାଦ ଥିଲା।
ତେଣୁ ମୁଁ ମୋର ଲୋକମାନଙ୍କ ସହିତ ସେମାନଙ୍କ ବିରୁଦ୍ଧରେ
ଯୁଦ୍ଧ କଲି। ମୁଁ ତୁମ୍ଭକୁ ଡାକିଥିଲି କିନ୍ତୁ ତୁମ୍ଭେମାନେ ଆସିଲ
ନାହିଁ। 3ତୁମ୍ଭେମାନେ ମୋତେ ସାହାଯ୍ୟ କଲନାହିଁ। ଏଥିଯୋଗୁ
ମୁଁ ମୋର ଜୀବନକୁ ବାଜି ଲଗାଇଲି। ମୁଁ ନଦୀ ପାରହୋଇ
ଅମ୍ମୋନୀୟମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଗଲି। ସଦାପ୍ରଭୁ
ତାଙ୍କୁ ପରାସ୍ତ କରିବା ପାଇଁ ମୋତେ ସହାୟ ହେଲେ।
ବର୍ତ୍ତମାନ ତୁମ୍ଭେମାନେ ଆଜି କାହିଁକି ମୋ ବିରୁଦ୍ଧରେ ଯୁଦ୍ଧ
କରିବାକୁ ଆସିଲ?"

4ଏହାପରେ ଯିପ୍ତହ ଗିଲୟାଦର ସମସ୍ତ ଲୋକମାନଙ୍କୁ
ଏକତ୍ରୀତ କରାଇଲେ। ଏବଂ ଇଫ୍ରୟିମ, ଇଫ୍ରୟିମ ପରିବାରବର୍ଗ
ବିରୁଦ୍ଧରେ ଯୁଦ୍ଧ କଲେ। ସେମାନେ ସେମାନଙ୍କ ବିରୁଦ୍ଧରେ
ଯୁଦ୍ଧ କଲେ, କାରଣ ସେମାନେ ଗିଲିୟଦର ଲୋକମାନଙ୍କୁ
ଅପମାନିତ କରିଥିଲେ। ସେମାନେ କହିଥିଲେ, "ହେ ଗିଲିୟଦର
ଲୋକମାନେ, ତୁମ୍ଭେମାନେ ଇଫ୍ରୟିମ ଓ ମନଃଶିର ମଧ୍ୟରେ
ବାସ କରୁଥିବା ଇଫ୍ରୟିମର ଶରଣାର୍ଥି।" ଗିଲୟାଦର ଲୋକମାନେ
ଇଫ୍ରୟିମର ଲୋକମାନଙ୍କୁ ପରାସ୍ତ କଲେ।

5ଗିଲିୟଦର ଲୋକମାନେ ଯର୍ଦ୍ଦନ ନଦୀ ନିକଟସ୍ଥ ସ୍ଥାନକୁ
ନିଜ କବଳକୁ ନେଇଗଲେ। ଯେଉଁଠାରେ ଲୋକମାନେ ଯର୍ଦ୍ଦନ
ପାର ହୁଅନ୍ତି। ଇଫ୍ରୟିମର କୌଣସି ପଳାତକ ଲୋକ ନଦୀ
ପାର ହୋଇ ଯିବାକୁ କହିଲେ, "ମୋତେ ନଦୀପାର ହେବାକୁ
ଦିଅ।" ଗିଲିୟଦର ଲୋକମାନେ ସେମାନଙ୍କୁ ପଚାରିଲେ,
"ତୁମ୍ଭେ କ'ଣ ଇଫ୍ରୟିମ ଲୋକ?" ଯଦି ସେ କହେ "ନାଁ,"
6ସେମାନେ ତାଙ୍କୁ 'ଶିବ୍ବୋଲେତ୍।'" ଶବ୍ଦ ଉଚ୍ଚାରଣ କରିବା
ପାଇଁ କହନ୍ତି। ଇଫ୍ରୟିମର ଲୋକମାନେ ସେହି ଶବ୍ଦକୁ ଠିକ୍
ଭାବେ ଉଚ୍ଚାରଣ କରି ପାରନ୍ତି ନାହିଁ। ସେମାନେ ଏହାର
ଭୂଲ୍ ଉଚ୍ଚାରଣ କଲେ, "ସିବ୍ବୋଲେତ୍", କାରଣ ସେ
ଶବ୍ଦଟିକୁ ସେ ଠିକ୍ ଭାବରେ ଉଚ୍ଚାରଣ କରିପାରିଲା ନାହିଁ।
ସେମାନେ ଏହିପରି ତାଙ୍କୁ କରାୟତ୍ତ କଲେ ଓ ଯର୍ଦ୍ଦନ ନଦୀ
କୂଳରେ ତାକୁ ହତ୍ୟା କଲେ। ଏହିପରି ଭାବରେ ସେମାନେ
ମୋଟ୍ 42,000 ଲୋକ ଇଫ୍ରୟିମରେ ଲୋକଙ୍କୁ ହତ୍ୟା
କରିଥିଲେ। 7ଯିପ୍ତହ ଇଶ୍ରାୟେଲରେ ଛଅ ବର୍ଷଧରି ବିଚାରକ
ରହିଲେ। ଏହାପରେ ଗିଲିୟଦଠାରେ ଯିପ୍ତହ ମୃତ୍ୟୁବରଣ
କରିବାରୁ ତାଙ୍କୁ ଗିଲିୟଦରେ କବର ଦିଆଗଲା।

## ବିଚାରକ ଇବସନ୍

8ଯିପ୍ତହଙ୍କ ପରେ ଇଶ୍ରାୟେଲରେ ଅନ୍ୟ ଜଣେ ଲୋକ
ବିଚାରକ ହେଲେ ତାଙ୍କ ନାମ ଇବସନ୍। ସେ ଥିଲେ
ବୈଥଲେହମ ସହରର ଲୋକ। 9ଇବସନ୍ଙ୍କର ତିରିଶଟି ପୁତ୍ର
ଓ ତିରିଶଟି କନ୍ୟା ଥିଲେ। ସେ ତାଙ୍କର ତିରିଶ କନ୍ୟାକୁ
ସେହି ଲୋକମାନଙ୍କ ସହିତ ବିବାହ ଦେଲେ, ଯେଉଁମାନେ
ତାଙ୍କର ସମ୍ପର୍କୀୟ ନଥିଲେ। ସେ ତିରିଶଟି କନ୍ୟାକୁ ମନୋନୀତ
କଲେ, ତାଙ୍କର ପୁତ୍ରମାନଙ୍କ ସହିତ ବିବାହ କରିବା ପାଇଁ,
ଯେଉଁମାନେ ତାଙ୍କର ସମ୍ପର୍କୀୟ ନଥିଲେ। ଇବସନ୍ ସାତବର୍ଷ
ଧରି ଇଶ୍ରାୟେଲର ବିଚାରକ ହୋଇ ରହିଲେ, 10ଯେତେବେଳେ
ଇବ୍ସନ୍ ମୃତ୍ୟୁବରଣ କଲେ, ସେ ବୈଥଲେହମ୍ରେ କବର
ନେଲେ।

## ବିଚାରକ ଏଲୋନ୍

11ଇବ୍ସନ୍ଙ୍କ ପରେ ଏଲୋନ୍ ନାମକ ଜଣେ ଲୋକ
ବିଚାରକ ହେଲେ। ସେ ଥିଲେ ସବୂଲୂନ୍ ପରିବାରବର୍ଗର
ଲୋକ। ସେ ଇଶ୍ରାୟେଲ ଉପରେ ଦଶବର୍ଷ ବିଚାରକ
ରହିଲେ। 12ଏହାପରେ ଏଲୋନ୍ ମୃତ୍ୟୁବରଣ କରିବାରୁ ତାଙ୍କୁ
ସବୂଲୁନ୍ ପରିବାରବର୍ଗ ଆୟାଲୋନରେ କବର ଦିଆଗଲା।

## ବିଚାରକ ଅବ୍ଦୋନ

13ଏଲୋନଙ୍କର ମୃତ୍ୟୁପରେ ହିଲ୍ଲେଲର ପୁତ୍ର ଅବ୍ଦୋନ୍
ଇଶ୍ରାୟେଲର ବିଚାରକ ହେଲେ। ସେ ପିରିୟାଥୋନ ସହରର

ଥିଲେ। 14ଅବ୍‌ଦୋନ୍‌ଙ୍କର ଚାଳିଶଟି ପୁତ୍ର ଓ ତିରିଶଟି ନାତି
ଥିଲେ। ସେମାନେ ସତୁରିଟି ଗଧ ଉପରେ ସବାର ହେଉଥିଲେ।
ସେ ଆଠ ବର୍ଷଧରି ଇସ୍ରାୟେଲ ଉପରେ ରାଜତ୍ୱ କଲେ।
15ଏହାପରେ ସେ ମୃତ୍ୟୁବରଣ କରିବାରୁ ତାଙ୍କୁ ଅମାଲେକୀୟ
ପର୍ବତମୟ ଦେଶ ଅନ୍ତର୍ଗତ ଇଫ୍ରୟିମ ଦେଶସ୍ଥ ପିରିୟାଥୋନରେ
କବର ଦିଆଗଲା।

## ଶାମ୍‌ଶୋନଙ୍କର ଜନ୍ମ

13 ପୁନର୍ବାର ଯାହା ସଦାପ୍ରଭୁଙ୍କ ଦୃଷ୍ଟିରେ ମନ୍ଦ ସେହିପରି
କାର୍ଯ୍ୟମାନ ଇସ୍ରାୟେଲର ଲୋକମାନେ କଲେ। ତେଣୁ
ସଦାପ୍ରଭୁ ପଲେଷ୍ଟୀୟମାନଙ୍କ ହସ୍ତରେ ସେମାନଙ୍କୁ ଚାଳିଶ ବର୍ଷ
ଯାଏ ସମର୍ପଣ କଲେ।
2ଏହାପରେ ସରିୟନବାସୀ ଜଣେ ଲୋକ ଯାହାର ନାମ
ଥିଲା ମାନୋହ। ତାଙ୍କର ଏକ ସ୍ତ୍ରୀ ଥିଲା କିନ୍ତୁ ସେ ଥିଲା
ବନ୍ଧ୍ୟା। କାରଣ ସେ କୌଣସି ପିଲାକୁ ଜନ୍ମ ଦେବାକୁ ଅକ୍ଷମ
ଥିଲା। 3ସଦାପ୍ରଭୁ ମନୋହର ସ୍ତ୍ରୀକୁ ପ୍ରସନ୍ନ ହେଲେ। ଏବଂ
ତାଙ୍କୁ କହିଲେ, "ତୁମ୍ଭେ ଆଜି ଯାଏ ପିଲା ଜନ୍ମ କରି ନାହିଁ।
ତୁମେ ଗର୍ଭବତୀ ହେବ ଏବଂ ଏକ ପୁତ୍ର ସନ୍ତାନ ଜନ୍ମ
ଦେବ। 4ତୁମେ କଦାପି ଦ୍ରାକ୍ଷାରସ କି ଅନ୍ୟାନ୍ୟ ମାଦକ
ଦ୍ରବ୍ୟ ସ୍ପର୍ଶ କରିବ ନାହିଁ। ତୁମ୍ଭେମାନେ କୌଣସି ଅଶୁଚି*
ସାମଗ୍ରୀ ଖାଇବ ନାହିଁ। ସାବଧାନ ହୁଅ। 5ଏହା କାରଣ
ତୁମ୍ଭେ ଗର୍ଭବତୀ, ଏବଂ ତୁମ୍ଭେ ଏକ ପୁତ୍ର ସନ୍ତାନକୁ ଜନ୍ମ
ଦେବା ପାଇଁ ଯାଉଛ। ତା'ର ମସ୍ତକରେ କ୍ଷୁର ଲାଗିବ ନାହିଁ।
ସେ ଗର୍ଭରେ ଥିଲା ସମୟରୁ ନାସରୀୟ* ରୂପେ ସଦାପ୍ରଭୁଙ୍କୁ
ଉତ୍ସର୍ଗିତ ହୋଇଅଛି। ସେ ପଲେଷ୍ଟୀୟମାନଙ୍କ କବଳରୁ
ଇସ୍ରାୟେଲକୁ ଉଦ୍ଧାର କରିବ।"
6ଏହାପରେ ସେହି ସ୍ତ୍ରୀ ଲୋକଜଣଙ୍କ ତା'ର ସ୍ୱାମୀକୁ
କହିଲା ଯାହା ସବୁ ଘଟିଗଲା। ସେ କହିଲା, "ପରମେଶ୍ୱରଙ୍କର
ଜଣେ ଲୋକ ମୋ ନିକଟକୁ ଆସିଲେ ଯିଏକି ପରମେଶ୍ୱରଙ୍କ
ଦୂତପରି ଦେଖାଯାଉଥିଲେ। ସେ ଅତି ଭୟଙ୍କର ଦେଖାଯାଉଥିଲେ।
ସେ କେଉଁଠୁ ଆସିଥିଲେ, ମୁଁ ତାଙ୍କୁ ପଚାରି ପାରିଲି ନାହିଁ।
କିମ୍ବା ସେ ତାଙ୍କର ନାମ ମୋତେ କହିଲେ ନାହିଁ। 7କିନ୍ତୁ
ସେ ମୋତେ କହିଲେ, 'ତୁମେ ଗର୍ଭବତୀ ହେବ ଏବଂ ଏକ
ପୁତ୍ର ସନ୍ତାନ ଜନ୍ମ ଦେବ। ତେଣୁ ତୁମେ ଦ୍ରାକ୍ଷାରସ କିମ୍ବା
ମାଦକ ଦ୍ରବ୍ୟ ସେବନ କରିବା ଉଚିତ୍ ନୁହେଁ କିମ୍ବା ଅଶୁଚି
ଖାଦ୍ୟ ଖାଇବା ଉଚିତ୍ ନୁହେଁ। କାରଣ ଶିଶୁଟିକୁ ପରମେଶ୍ୱରଙ୍କୁ
ସମର୍ପଣ କରାଯିବ। ସେ ଜନ୍ମରୁ ମରଣ ପର୍ଯ୍ୟନ୍ତ ପରମେଶ୍ୱରଙ୍କର
ନାସରୀୟ ହେବ।'"
8ଏହାପରେ ମନୋହ ସଦାପ୍ରଭୁଙ୍କୁ ପ୍ରାର୍ଥନା କଲା, "ହେ
ସଦାପ୍ରଭୁ ତୁମ୍ଭକୁ ବିନୟ କରୁଅଛି, ପରମେଶ୍ୱରଙ୍କର ଲୋକଙ୍କୁ
ଆମ୍ଭ ନିକଟକୁ ପୁନର୍ବାର ପଠାଅ। ଯେଉଁ ପିଲା ଜନ୍ମ ନେବ
ଆମ୍ଭେ ତା ପାଇଁ କି କର୍ତ୍ତବ୍ୟ କରିବୁ। ସେ ଆମ୍ଭମାନଙ୍କୁ
କୁହନ୍ତୁ।"
9ପରମେଶ୍ୱର ମନୋହର ପ୍ରାର୍ଥନା ଶୁଣିଲେ। ସେହି
ସଦାପ୍ରଭୁଙ୍କର ଦୂତ ପୁନର୍ବାର ସେହି ସ୍ତ୍ରୀ ଲୋକ ପାଖକୁ
ଆସିଲେ, ସେହି ସ୍ତ୍ରୀ ଜଣଙ୍କ ଯେତେବେଳେ କ୍ଷେତରେ ତାଙ୍କ
ସ୍ୱାମୀଙ୍କ ବିନା ଏକା ଥିଲେ, ସେହି ସମୟରେ ଦୂତ ତାଙ୍କ
ନିକଟକୁ ଆସିଲେ। 10ତେଣୁ ସ୍ତ୍ରୀ ଲୋକଟି ତାଙ୍କ ସ୍ୱାମୀ
ନିକଟକୁ ଶୀଘ୍ର ଦୌଡ଼ି ଗଲେ ଓ କହିଲେ, "ସେ ଲୋକ
ପୁନର୍ବାର ଦେଖା ଦେଲା? ସେଦିନ ଯେଉଁ ଲୋକ ମୋ
ନିକଟକୁ ଆସିଥିଲେ।"
11ମନୋହ ଉଠି ତାଙ୍କ ସ୍ତ୍ରୀଙ୍କ ପଛେ ପଛେ ଗଲେ।
ଏବଂ ମନୋହ ତାଙ୍କୁ ପଚାରିଲେ, "ଆପଣ ସେହି ଲୋକ
ଯିଏକି ମୋ ସ୍ତ୍ରୀଙ୍କୁ ଆଗରୁ ଦେଖା ଦେଇଥିଲେ?"
ଦୂତ ଜଣଙ୍କ କହିଲେ "ହଁ ମୁଁ?"
12ତେଣୁ ମନୋହ କହିଲେ, "ଯେବେ ତୁମ୍ଭର ବାକ୍ୟ
ପୂରଣ ହେଉଛି, ବାଳକର ଜୀବନ ପ୍ରତି କିପ୍ରକାର କାର୍ଯ୍ୟ
ପ୍ରଦର୍ଶନ ହେବ? ସେ କ'ଣ କରିବ?"
13ସଦାପ୍ରଭୁଙ୍କର ଦୂତ ମନୋହକୁ କହିଲେ, "ମୁଁ ଯାହା
କହିଲି, ତୁମ୍ଭର ସ୍ତ୍ରୀ ସମସ୍ତ ପାଳନ କରିବା ଉଚିତ୍। 14ସେ
ଦ୍ରାକ୍ଷାରସ କିମ୍ବା କୌଣସି ମାଦକ ଦ୍ରବ୍ୟ ପାନ କରିବା ଉଚିତ୍
ନୁହେଁ। ସେ କୌଣସି ଅଶୁଚି ଖାଦ୍ୟ ଭୋଜନ କରିବା ଉଚିତ୍
ନୁହେଁ। ମୁଁ ତାଙ୍କୁ ଯେଉଁ ଆଜ୍ଞା ଦେଇଅଛି ସେଗୁଡ଼ିକୁ ସେ
ପାଳନ କରନ୍ତୁ।"
15ଏହାପରେ ମନୋହ ସଦାପ୍ରଭୁଙ୍କ ଦୂତଙ୍କୁ କହିଲେ,
"ବିନୟ କରୁଅଛୁ, ଆପଣ ଆମ୍ଭ ସହିତ କିଛି ସମୟ ରହନ୍ତୁ।
ଆମ୍ଭେ ଆପଣଙ୍କ ପାଇଁ ଏକ ଯୁବାଛେଳି ପ୍ରସ୍ତୁତ କରିବୁ।"
16ସଦାପ୍ରଭୁଙ୍କର ଦୂତ ମନୋହଙ୍କୁ କହିଲେ, "ତୁମ୍ଭେ
ମୋତେ ଅଟକାଇ ରଖିଲେ ବି ମୁଁ ତୁମ୍ଭର ଖାଦ୍ୟ ଖାଇବି
ନାହିଁ। ଯଦି ତୁମେ ଇଚ୍ଛାକରି ତୁମ୍ଭେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ହୋମବଳି ଉତ୍ସର୍ଗ କରିପାର।" ସେ ମନୁଷ୍ୟ ଯେ ସଦାପ୍ରଭୁଙ୍କର
ଦୂତ ଏକଥା ମନୋହ ଜାଣି ନ ଥିଲା।
17ଏହାପରେ ମନୋହ ପଚାରିଲା, ସଦାପ୍ରଭୁ, "ଆପଣଙ୍କର
ନାମ କ'ଣ? ଆପଣଙ୍କ ବାକ୍ୟ ସଫଳ ହେଲେ ଆମ୍ଭେମାନେ
ଆପଣଙ୍କର ପ୍ରଶଂସା କରିବୁ।"
18ସଦାପ୍ରଭୁଙ୍କର ଦୂତ କହିଲେ, "ତୁମ୍ଭେ ମୋ ନାମ
କାହିଁକି ପଚାରୁଛ? ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଅଟେ।"
19ଏହାପରେ ମନୋହ ଏକ ଛେଳି ଓ ତହିଁର ଶସ୍ୟ
ନୈବେଦ୍ୟ ସଦାପ୍ରଭୁଙ୍କୁ ଉତ୍ସର୍ଗ କଲା, ଏବଂ ସେ ଏକ ଅଦ୍ଭୁତ
କାର୍ଯ୍ୟ କଲେ, ଯେତେବେଳେ ମନୋହ ଓ ତା'ର ସ୍ତ୍ରୀ
ଦେଖୁଥିଲେ। 20ମନୋହ ଏବଂ ତାଙ୍କର ସ୍ତ୍ରୀ କ'ଣ ସବୁ
ଘଟୁଛି ତାହା ଦେଖୁଥାନ୍ତି। ଯେତେବେଳେ ଅଗ୍ନିଶିଖା ଯଜ୍ଞବେଦୀରୁ
ଆକାଶକୁ ଉଠିଲା, ସେତେବେଳେ ସଦାପ୍ରଭୁଙ୍କ ଦୂତ ଅଗ୍ନି
ସହିତ ସ୍ୱର୍ଗକୁ ଚାଲିଗଲେ।
ଏହାପରେ ସେହି ଦମ୍ପତ୍ତି ଭୂମିରେ ପଡ଼ିଗଲେ। 21ବାସ୍ତବରେ
ମନୋହ ବୁଝିପାରିଲେ ଯେ ସେ ହେଉଛନ୍ତି ସଦାପ୍ରଭୁଙ୍କର
ଦୂତ। ଏହାପରେ ସଦାପ୍ରଭୁଙ୍କର ଦୂତ ଆଉ ମନୋହ ଓ
ତାଙ୍କର ସ୍ତ୍ରୀକୁ କେବେ ପୁଣି ଦେଖା ଦେଲେ ନାହିଁ।

---

**ଅଶୁଚି … ଅଗ୍ରହଣୀୟ** କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଖାଦ୍ୟ ଇସ୍ରାୟେଲୀୟମାନଙ୍କୁ ଖାଇବାକୁ ଅନୁମତି ନାହିଁ। ଦେଖନ୍ତୁ ଲେବୀୟ 11-15, ଶୁଚି ଓ ଅଶୁଚି ପୁରାତନ ନିୟମ।

**ନାସରୀୟ** ଜଣେ ବ୍ୟକ୍ତି ଯିଏ ପରମେଶ୍ୱରଙ୍କ ନିକଟରେ ବିଶେଷ ପ୍ରତିଜ୍ଞା କଲା, ଦେଖନ୍ତୁ ଗଣନା ପୁସ୍ତକ 6:1-21 ନାସରୀୟ ପ୍ରତିଜ୍ଞା ବିଷୟରେ ବିଧି।

**22**ମନୋହ ତାଙ୍କ ସ୍ତ୍ରୀଙ୍କୁ କହିଲେ, "ଆମ୍ଭେ ପରମେଶ୍ୱରଙ୍କର
ଦର୍ଶନ ପାଇଲୁ। ଆମ୍ଭେ ନିଶ୍ଚିତ ମରିବା!"
**23**କିନ୍ତୁ ତା'ର ସ୍ତ୍ରୀ ଉତ୍ତର ଦେଲା, "ସଦାପ୍ରଭୁ ଆମ୍ଭକୁ
ମାରିବାକୁ ଚାହାଁନ୍ତି ନାହିଁ। ଯଦି ସଦାପ୍ରଭୁ ଆମ୍ଭମାନଙ୍କୁ
ମାରିବାକୁ ଚାହିଁଥାନ୍ତେ, ତେବେ ସେ ଆମ୍ଭର ହୋମବଳି ଓ
ଶସ୍ୟ ନୈବେଦ୍ୟ ଗ୍ରହଣ କରି ନ ଥାନ୍ତେ। ସେ ଆମ୍ଭକୁ
ଏପରି ଆଶ୍ଚର୍ଯ୍ୟ ଦୃଶ୍ୟ ଆମ୍ଭକୁ ଦେଖାଇ ନ ଥାନ୍ତେ ଓ
ଏହିସବୁ କଥା କହି ନଥାନ୍ତେ।"
**24**ଏହାପରେ ସେହି ସ୍ତ୍ରୀ ଜଣଙ୍କ ଏକ ପୁତ୍ର ସନ୍ତାନ ଜନ୍ମ
ଦେଲା। ସେ ତାଙ୍କର ନାମ ଶାମ୍ଶୋନ୍ ରଖିଲେ। ଶାମ୍ଶୋନ୍
ସଦାପ୍ରଭୁଙ୍କର ଆଶୀର୍ବାଦରୁ ବଢିବାକୁ ଲାଗିଲେ। **25**ସଦାପ୍ରଭୁଙ୍କର
ଆତ୍ମା ତା'ର ଅନ୍ତରରେ କାମ କରିବାକୁ ଆରମ୍ଭ କଲା,
ଯେତେବେଳେ ସେ ମହନୀ-ଦାନରେ ଥିଲା, ଯାହାକି ସରୟ୍
ଓ ଇଷ୍ଟାୟୋଲ ନଗର ଦ୍ୱୟ ମଧ୍ୟରେ ଥିଲା।

### ଶାମ୍ଶୋନ୍ଙ୍କର ବିବାହ

**14** ଶାମ୍ଶୋନ୍ ତିମ୍ନାକୁ ଯାଇ ସେ ସ୍ଥାନରେ
ପଲେଷ୍ଟୀୟମାନଙ୍କ କନ୍ୟାଗଣ ମଧ୍ୟରେ ଗୋଟିଏ ସ୍ତ୍ରୀକୁ
ଦେଖିଲେ। **2**ସେ ଗୃହକୁ ଫେରି ତାଙ୍କର ପିତାମାତାଙ୍କୁ ଏକଥା
କହିଲେ, "ମୁଁ ପଲେଷ୍ଟୀୟ କନ୍ୟା ତିମ୍ନାନରେ ଦେଖିଅଛି। ମୁଁ
ତାଙ୍କୁ ବିବାହ କରିବାକୁ ଚାହେଁ।"
**3**ତାଙ୍କର ପିତା ମାତା ତାଙ୍କୁ କହିଲେ, "ଆମର ସମ୍ପର୍କୀୟ
ମଧ୍ୟରେ ଇଶ୍ରାୟେଲରେ ତୁମ୍ଭର ସ୍ତ୍ରୀ ହେବାକୁ କନ୍ୟା ନାହାନ୍ତି
ଯେ, ତୁମ୍ଭେ ଅସୁନ୍ନତ ପଲେଷ୍ଟୀୟମାନଙ୍କ ମଧ୍ୟରୁ ଜଣକୁ ସ୍ତ୍ରୀ
କରିବ?"
କିନ୍ତୁ ଶାମ୍ଶୋନ୍ ଉତ୍ତର ଦେଲେ, "ମୋତେ ସେହି
ଯୁବତୀ ଆଣି ଦିଅ? ମୁଁ କେବଳ ସେହି ଯୁବତୀକୁ ବିବାହ
କରିବାକୁ ଚାହେଁ।" **4**ଶାମ୍ଶୋନ୍ଙ୍କର ପିତାମାତା ଜାଣିପାରିଲେ
ନାହିଁ ଯେ, ସଦାପ୍ରଭୁ ଏହିପରି ଯୋଜନା କରିଥିଲେ। ସଦାପ୍ରଭୁ
ପଲେଷ୍ଟୀୟମାନଙ୍କ ବିରୁଦ୍ଧରେ ସୁଯୋଗ ଖୋଜୁଥିଲେ ଏବଂ
ସେମାନଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ଏକ କାରଣ
ଖୋଜୁଥିଲେ। ସେହି ସମୟରେ ପଲେଷ୍ଟୀୟମାନେ ଇଶ୍ରାୟେଲ
ଉପରେ ରାଜତ୍ୱ କରୁଥିଲେ।
**5**ଶାମ୍ଶୋନ୍ ତାଙ୍କର ପିତା ମାତାଙ୍କ ସହିତ ତିମ୍ନାକୁ
ଗଲେ। ସେମାନେ ଦ୍ରାକ୍ଷାକ୍ଷେତ୍ର ନିକଟରେ ପହଞ୍ଚିଲା ମାତ୍ରେ
ଏକ ଯୁବା ସିଂହ ଗର୍ଜ୍ଜନ କରି ଶାମ୍ଶୋନ୍ ଉପରକୁ କୁଦା
ମାରିଲା। **6**ଶାମ୍ଶୋନ୍ ନିକଟକୁ ସଦାପ୍ରଭୁଙ୍କର ଆତ୍ମା ଆସିବା
କ୍ଷଣି ସେ ଶକ୍ତିଶାଳୀ ହେବାକୁ ଲାଗିଲେ। ଏହାପରେ ସେ
ଖାଲି ହାତରେ ଛେଳି ଛୁଆକୁ ଚିରିଲା ପରି ସେହି ସିଂହକୁ
ଚିରି ବିଦୀର୍ଣ୍ଣ କରି ପକାଇଲେ। ସେ କ'ଣ କରିଛନ୍ତି, ସେ
ତାଙ୍କ ପିତାମାତାଙ୍କୁ କିଛି ସେ ବିଷୟରେ କହିଲେ ନାହିଁ।
**7**ଏହିପରି ଭାବରେ ଶାମ୍ଶୋନ୍ ନଗରକୁ ଯାଇ ପଲେଷ୍ଟୀୟ
ସ୍ତ୍ରୀ ଲୋକଟି ସହିତ କଥା ହେଲେ। ସେହି ସ୍ତ୍ରୀ ଲୋକଟି
ଶାମ୍ଶୋନ୍ଙ୍କୁ ପସନ୍ଦ କଲା। **8**କିଛି ଦିନ ପରେ, ସେ ସେହି
ସ୍ତ୍ରୀ ଲୋକଟିକୁ ବିବାହ କରିବାକୁ ଆସିଲେ। ସେହି ରାସ୍ତାରେ
ସେ ସେହି ମୃତ ସିଂହର ଶରୀରକୁ ଦେଖିଲେ। ସେ
ଦେଖିଲେ ଯେ, କିଛି ମହୁମାଛି ସେଥିରେ ମହୁ ଫେଣା
ତିଆରି କରିଛନ୍ତି। **9**ଶାମ୍ଶୋନ୍ ହାତରେ କିଛି ମହୁ ସେଥିରୁ
ଆଣିଲେ। ମହୁ ଖାଇଖାଇ ଯିବା ବାଟରେ ସେ ତାଙ୍କ
ପିତାମାତାଙ୍କ ନିକଟରେ ପହଞ୍ଚିବା ପରେ, ତାଙ୍କୁ କିଛି ମହୁ
ଖାଇବାକୁ ଦେଲେ। ସେ ଏଥିରୁ ବହୁତ ଖାଇଲେ। କିନ୍ତୁ
ଶାମ୍ଶୋନ୍ ଏହି ମହୁ ଏକ ମୃତ ସିଂହର ଶରୀରରୁ ଅଣା
ଯାଇଛି ବୋଲି କିଛି କହିଲେ ନାହିଁ।
**10**ଶାମ୍ଶୋନଙ୍କର ପିତା ସେହି ପଲେଷ୍ଟୀୟ ସ୍ତ୍ରୀ ଲୋକଟିକୁ
ଦେଖିବାକୁ ଗଲେ। ଏପରି ପ୍ରଥା ଥିଲା ଯେ ଯେଉଁଥିପାଇଁ
ସେମାନେ ସେଠାରେ ଏକ ଭୋଜି ଦେଲେ। **11**ସେମାନେ
ଶାମ୍ଶୋନ୍କୁ ଦେଖିବା ପରେ ତାହା ସଙ୍ଗେ ସଙ୍ଗେ ରହିବା
ପାଇଁ ତିରିଶ ଜଣ ମିତ୍ର ଆଣିଲେ।
**12**ଏହାପରେ ଶାମ୍ଶୋନ୍ ସେହି ତିରିଶ ଜଣ ଲୋକମାନଙ୍କୁ
କହିଲେ, "ମୁଁ ତୁମ୍ଭକୁ ଏକ ରହସ୍ୟାବୃତ ପ୍ରଶ୍ନ କହିବାକୁ
ଚାହେଁ। ତୁମ୍ଭେମାନେ ଯେବେ ଏହି ଭୋଜିର ସାତଦିନ
ମଧ୍ୟରେ ତହିଁର ଅର୍ଥ ବାହାର କରି ମୋତେ ଜଣାଇବ।
ତେବେ ତୁମ୍ଭମାନଙ୍କୁ ମୁଁ ତିରିଶ ରେଶମବସ୍ତ୍ର ଓ ତିରିଶ
ଯୋଡା ପୋଷାକ ଦେବି। **13**ଯଦି ତୁମ୍ଭେ କେହି ଉତ୍ତର
ବାହାର କରି ନ ପାର, ତେବେ ତୁମ୍ଭେମାନେ ମୋତେ
ତିରିଶଟି ମସିନା ବସ୍ତ୍ର ଓ ତିରିଶଟି ସାଜ ପୋଷାକ ଦେବ।"
ତେଣୁ ସେହି ତିରିଶ ଜଣ ଲୋକ ପଚାରିଲେ, "ତୁମ୍ଭେ ତୁମ୍ଭର
ପ୍ରହେଳିକା କୁହ, ଆମ୍ଭେ ତାକୁ ଶୁଣିବାକୁ ଚାହୁଁଅଛୁ।"
**14**ଶାମ୍ଶୋନ୍ ସେମାନଙ୍କୁ ସେହି ପ୍ରହେଳିକା
ଶୁଣାଇଲେ। ଖାଦକଠାରୁ ଖାଦ୍ୟ ଓ ବଳବାନ୍ଠାରୁ ମିଷ୍ଟତା
ନିର୍ଗତ ହେଲା।

ମାତ୍ର ସେମାନେ ତିନିଦିନ ଯାଏ ପ୍ରହେଳିକାର ଅର୍ଥ
ଜଣାଇ ପାରିଲେ ନାହିଁ।

**15**କିନ୍ତୁ ସେମାନେ ସେହି ଚାତୁର୍ଯ୍ୟ ପ୍ରଶ୍ନ ଦିନ
ଦିନରେ ବାହାର କରି ପାରିଲେ ନାହିଁ। ଚତୁର୍ଥ ଦିନରେ*
ସେମାନେ ଶାମ୍ଶୋନଙ୍କର ସ୍ତ୍ରୀଙ୍କୁ କହିଲେ, ଚାତୁର୍ଯ୍ୟ ପ୍ରଶ୍ନର
ଉତ୍ତର ଜାଣିବା ପାଇଁ ତୁମ୍ଭେ ସ୍ୱାମୀଙ୍କୁ କୁହ, ନହେଲେ
ଆମ୍ଭେମାନେ ତୁମ୍ଭକୁ ଓ ତୁମ୍ଭର ପିତୃଗୃହକୁ ଅଗ୍ନିରେ ଦଗ୍ଧ
କରିବୁ। "ତୁମ୍ଭେ ଆମ୍ଭମାନଙ୍କୁ ଗରୀବ କରିବା ପାଇଁ ନିମନ୍ତ୍ରଣ
କଲ କି?"
**16**ଶାମ୍ଶୋନ୍ର ସ୍ତ୍ରୀ ତା'ର ସ୍ୱାମୀଙ୍କ ନିକଟକୁ ଗଲା ଏବଂ
ସେଠାରେ ଅତିଶୟ କ୍ରନ୍ଦନ କରିବାକୁ ଲାଗିଲା, ସେ କହିଲା,
"ତୁମ୍ଭେ ମୋତେ ଘୃଣା କର! ତୁମ୍ଭେ ମୋତେ ଭଲ ପାଅ
ନାହିଁ! ତୁମ୍ଭେ ମୋର ଲୋକମାନଙ୍କୁ ଏକ ପ୍ରହେଳିକା ଶୁଣାଇଲ,
ଯାହାକି ମୋତେ ତୁମେ ବୁଝାଇ ନାହଁ।" ଶାମ୍ଶୋନ୍ ତାଙ୍କୁ
ଉତ୍ତର ଦେଲେ, "ମୁଁ ମୋର ପିତା ମାତାଙ୍କୁ କହିନାହିଁ,
ତୁମ୍ଭଙ୍କୁ କାହିଁକି ମୁଁ କହିବି?"
**17**ଶାମ୍ଶୋନ୍ର ସ୍ତ୍ରୀ ଅବଶିଷ୍ଟ ସାତଦିନ ଯାକ କାନ୍ଦିଲା।
ତେଣୁ ଶେଷରେ ଭୋଜୀର ସପ୍ତମ ଦିନରେ ଶାମ୍ଶୋନ୍
ପ୍ରହେଳିକାର ଉତ୍ତର ତାଙ୍କୁ କହିଲେ। ସେ ଉତ୍ତରଟି ତାଙ୍କୁ

**ଚତୁର୍ଥ ଦିନରେ** ଏହା ପୁରାତନ ଗ୍ରୀକ୍ ଅନୁବାଦରୁ, ହିବ୍ରୁରେ ସପ୍ତମ ଦିନରେ ବୋଲି ଲେଖା ଅଛି।

କହିଲେ, କାରଣ ସେ ତାଙ୍କୁ ହଇରାଣ କରିବାକୁ ଲାଗିଲା। ତା'ପରେ ସେ ଯାଇ ତା'ର ଲୋକମାନଙ୍କୁ ସେହି ଉତ୍ତର କହିଦେଲା।

18ତେଣୁ ସପ୍ତମ ଦିନର ସୂର୍ଯ୍ୟାସ୍ତ ଠିକ୍ ପୂର୍ବରୁ ଭୋଜିର ଶେଷ ଦିନ ପଲେଷ୍ଟୀୟ ଲୋକମାନେ ସେହି ଉତ୍ତର କହିଦେଲେ,

"ମଧୁଠାରୁ ମଧୁର ଆଉ କ'ଣ? ସିଂହଠାରୁ ଅଧିକ ଶକ୍ତିଶାଳୀ କିଏ?"

ଶାମ୍ଶୋନ୍ ସେମାନଙ୍କୁ କହିଲେ,
"ଯଦି ତୁମେ ମୋର ଗାଈରେ ହଳ କରି ନଥାନ୍ତ,
ମୋର ପ୍ରହେଳିକାର ଉତ୍ତର ଦେଇପାରି ନଥାନ୍ତ।"

19ଶାମ୍ଶୋନ୍ ଏଥିରେ ବହୁତ ରାଗିଗଲେ। ତାଙ୍କ ଉପରକୁ ସଦାପ୍ରଭୁଙ୍କ ଆତ୍ମା ବହୁତ ଶକ୍ତିଶାଳୀ ଭାବରେ ଆସିଲେ। ସେ ଅସ୍କିଲୋନକୁ ଯାଇ ସେଠାରେ ତିରିଶ ଜଣଙ୍କୁ ହତ୍ୟା କଲେ। ସେ ସେମାନଙ୍କର ବସ୍ତ୍ର ନେଇ ପ୍ରହେଳିକାର ଅର୍ଥକାରୀମାନଙ୍କୁ ଗୋଟିଏ ଗୋଟିଏ ଯୋଡା ବସ୍ତ୍ର ଦେଲେ। କିନ୍ତୁ ତା'ର କ୍ରୋଧ ପ୍ରଜ୍ୱଳିତ ହେବାରୁ, ସେ ଆପଣାର ପିତୃଗୃହକୁ ଚାଲିଗଲେ। 20ଶାମ୍ଶୋନ୍ ତାଙ୍କ ସହିତ ତାଙ୍କର ସ୍ତ୍ରୀକୁ ନେଲେ ନାହିଁ। ବିବାହରେ ତାଙ୍କର ସାଙ୍ଗମାନଙ୍କ ମଧ୍ୟରୁ ଜଣେ ଉତ୍ତମ ବନ୍ଧୁର ସେ ସ୍ତ୍ରୀ ହେଲେ।

## ଶାମ୍ଶୋନ୍ ପଲେଷ୍ଟୀୟମାନଙ୍କ ପାଇଁ ଅସୁବିଧା କଲେ

15 ଅମଳ ସମୟରେ ଶାମ୍ଶୋନ୍ ଗୋଟିଏ ଯୁବା ଛେଳି ଉପହାର ଧରି ନିଜର ସ୍ତ୍ରୀକୁ ଦେଖିବାକୁ ଗଲେ ଏବଂ ସେ କହିଲେ, "ମୁଁ ମୋର ସ୍ତ୍ରୀକୁ ଦେଖିବାକୁ ଯାଇପାରେ କି?"

କିନ୍ତୁ ସେଥିରେ ତା'ର ପିତା ଶାମ୍ଶୋନ୍‌କୁ ଯିବାକୁ ଅନୁମତି ଦେଲେ ନାହିଁ। 2ତାଙ୍କର ପିତା ଶାମ୍ଶୋନଙ୍କୁ କହିଲେ, "ମୁଁ ଭାବିଲି ଯେ ତୁମ୍ଭେ ତାଙ୍କୁ ଅତ୍ୟନ୍ତ ଘୃଣା କର। ଏଣୁ ମୁଁ ତାହାକୁ ତୁମ୍ଭ ମିତ୍ରଙ୍କୁ ଦେଲି। ତା'ର ସାନ ଭଉଣୀ ତାଠାରୁ ବହୁତ ସୁନ୍ଦର ତାହାକୁ ଗ୍ରହଣ କର।"

3କିନ୍ତୁ ଶାମ୍ଶୋନ୍ ତାଙ୍କୁ କହିଲେ, "ପଲେଷ୍ଟୀୟମାନଙ୍କୁ ଦୁଃଖ ଦେବା ପାଇଁ ଗୋଟିଏ ଭଲ କାରଣ ମିଳିଗଲା। ମୋତେ ଆଉ କୌଣସି ଲୋକ ଦୋଷାରୋପ କରିପାରିବେ ନାହିଁ।"

4ଏହାପରେ ଶାମ୍ଶୋନ୍ 300 ବିଲୁଆ ଧରି ଯୋଡା ଯୋଡା କରି ଗୋଟିଏର ଲାଙ୍ଗୁଡକୁ ଅନ୍ୟ ଗୋଟିଏ ଲାଙ୍ଗୁଡରେ ବାନ୍ଧି ଦେଲେ। ତା'ପରେ ସେ ପ୍ରତ୍ୟେକର ଯୋଡାଏ ଲାଙ୍ଗୁଡରେ ଏକ ମଶାଲ ବାନ୍ଧି ଦେଲେ। 5ତହୁଁ ସେ ମଶାଲ ଜଳାଇ ପଲେଷ୍ଟୀୟମାନଙ୍କ ବଢ଼ନ୍ତା କ୍ଷେତ ମଧ୍ୟକୁ ସେମାନଙ୍କୁ ଛାଡ଼ି ଦେଲେ। ଯେତେବେଳେ ସେମାନେ ଶସ୍ୟବିଡାର କ୍ଷେତ ଦେଇ, ଦ୍ରାକ୍ଷାକ୍ଷେତ୍ର ଦେଇ ଏବଂ ଅଲିଭ୍ କ୍ଷେତ ଦେଇ ଗଲେ, ସବୁକିଛି ପୋଡି ପାଉଁଶ ହୋଇଗଲା।

6ପଲେଷ୍ଟୀୟ ଲୋକମାନେ ପଚାରିଲେ, "ଏପରି କିଏ କଲା?"

କେହି ଜଣେ ତାଙ୍କୁ କହିଲା, "ଶାମ୍ଶୋନ୍ ଯେ କି ତିମ୍ନୀୟର ଜ୍ୱାଇଁ ଏପରି କରିଅଛି। ସେ ଏପରି କରିଛନ୍ତି କାରଣ ତାଙ୍କର ଶ୍ୱଶୁର ଶାମ୍ଶୋନ୍‌ଙ୍କର ଭାର୍ଯ୍ୟାଙ୍କୁ ତାଙ୍କର ବନ୍ଧୁଙ୍କୁ ବିବାହ ଦେଇ ଦେଲେ।" ତେଣୁ ପଲେଷ୍ଟୀୟ ଲୋକମାନେ ତାଙ୍କର ସ୍ତ୍ରୀ ଓ ତାଙ୍କ ସ୍ତ୍ରୀର ପିତାଙ୍କୁ ଅଗ୍ନିରେ ଦଗ୍ଧ କଲେ।

7ଶାମ୍ଶୋନ୍ ପଲେଷ୍ଟୀୟ ଲୋକମାନଙ୍କୁ କହିଲେ, "ତୁମ୍ଭେ ମୋ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ କରିଅଛ। ମୁଁ ମଧ୍ୟ ତୁମ୍ଭ ପ୍ରତି ଖରାପ ବ୍ୟବହାର ଦେଖାଇବି, ମୁଁ ତୁମ୍ଭ ଉପରେ ପ୍ରତିଶୋଧ ନ ନେବା ପର୍ଯ୍ୟନ୍ତ ମୁଁ ଚୁପ୍ ହେବି ନାହିଁ।"

8ଏହାପରେ ଶାମ୍ଶୋନ୍ ପଲେଷ୍ଟୀୟମାନଙ୍କୁ ଆକ୍ରମଣ କଲେ। ସେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ହତ୍ୟା କଲେ। ଏବଂ ଏହାପରେ ସେ ଏକ ଗୁମ୍ଫାରେ ଯାଇ ବାସ କଲେ ଯେଉଁ ଗୁମ୍ଫାରେ ନାମ ଥିଲା ଏଟମ ଶୈଳ।

9ତେଣୁ ପଲେଷ୍ଟୀୟମାନେ ଯାଇ ଯିହୁଦା ଦେଶରେ ଛାଉଣୀ ସ୍ଥାପନ କରି ଲିହୀରେ ବ୍ୟାପି ରହିଲେ। ସେମାନଙ୍କର ସୈନ୍ୟ ଯୁଦ୍ଧ ପାଇଁ ସେଠାରେ ନିଜକୁ ପ୍ରସ୍ତୁତ କଲେ। 10ସେମାନଙ୍କର ସୈନ୍ୟମାନେ ସେଠାରେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିଲେ, ଯିହୁଦା ପରିବାରବର୍ଗର ଲୋକମାନେ ସେମାନଙ୍କୁ ପଚାରିଲେ, "ହେ ପଲେଷ୍ଟୀୟଗଣ ତୁମ୍ଭେମାନେ କାହିଁକି ଆମ୍ଭ ସହିତ ଯୁଦ୍ଧ କରିବା ପାଇଁ ଆସିଛ?"

ସେମାନେ ଉତ୍ତର ଦେଲେ, "ଆମ୍ଭେମାନେ ଶାମ୍ଶୋନଙ୍କୁ ନେବା ପାଇଁ ଆସିଅଛୁ। ଆମ୍ଭେ ତାଙ୍କୁ ଆମର ବନ୍ଦୀ କରିବାକୁ ଚାହୁଁ। ସେ ଆମ୍ଭର ଲୋକଙ୍କ ସହିତ ଯାହା କଲେ, ଆମ୍ଭେ ତାଙ୍କୁ ଦଣ୍ଡ ଦେବାପାଇଁ ଚାହୁଁ।"

11ଏହାପରେ ଯିହୁଦାର 3,000 ପରିବାରବର୍ଗ ଶାମ୍ଶୋନ୍‌ଙ୍କ ଏଟମ ଶୈଳର ଗୁମ୍ଫା ନିକଟକୁ ଗଲେ ଏବଂ ତାଙ୍କୁ କହିଲେ, "ତୁମେ କ'ଣ ଜାଣି ନାହିଁ ପଲେଷ୍ଟୀୟମାନେ ହେଉଛନ୍ତି ଆମର ପ୍ରଭୁ? ଆମ୍ଭମାନଙ୍କ ପ୍ରତି ଏ କି କର୍ମ କଲ?"

ଶାମ୍ଶୋନ୍ ସେମାନଙ୍କୁ ଉତ୍ତର ଦେଲେ, ଯେ "ସେମାନେ ମୋ ପାଇଁ ଯେପରି କଲେ, ମୁଁ ତାଙ୍କ ପାଇଁ ସେହିପରି କଲି।"

12ଏହାପରେ ସେମାନେ ଶାମ୍ଶୋନ୍‌ଙ୍କୁ କହିଲେ, "ଆମ୍ଭେମାନେ ଆସିଛୁ ତୁମ୍ଭକୁ ବାନ୍ଧି ପଲେଷ୍ଟୀୟମାନଙ୍କୁ ଦେବୁ।"

ଶାମ୍ଶୋନ୍ ଯିହୁଦା ଲୋକମାନଙ୍କୁ କହିଲେ, "ତୁମ୍ଭେମାନେ ପ୍ରତିଜ୍ଞା କର ତୁମ୍ଭେମାନେ ମୋତେ ହତ କରିବ ନାହିଁ।"

13ଯିହୁଦାର ଲୋକମାନେ କହିଲେ, "ଆମ୍ଭେ ଏହି ପ୍ରସ୍ତାବରେ ରାଜିଅଛୁ। ଆମ୍ଭେ କେବଳ ତୁମ୍ଭକୁ ଧରିବୁ ଏବଂ ପଲେଷ୍ଟୀୟମାନଙ୍କୁ ହସ୍ତାନ୍ତର କରିଦେବୁ। ଆମ୍ଭେ ପ୍ରତିଜ୍ଞା କରୁଛୁ ତୁମ୍ଭକୁ କେବେ ହତ୍ୟା କରିବୁ ନାହିଁ।" ତେଣୁ ସେମାନେ ଦୁଇଟି ନୂତନ ରସିରେ ଶାମ୍ଶୋନ୍‌କୁ ବାନ୍ଧି ଶୈଳ ବାହାରକୁ ଆଣିଲେ।

14ସେ ଯେତେବେଳେ ଲିହୀ ରାଜ ପ୍ରସାଦରେ ପହଁଞ୍ଚିଲେ, ପଲେଷ୍ଟୀୟ ଲୋକମାନେ ତାଙ୍କୁ ଦେଖିବାକୁ ଆସିଲେ। ସେମାନେ ଖୁସିରେ ଜୟ ଜୟ ଧ୍ୱନି କରୁଥିଲେ। ଏହାପରେ ତାଙ୍କ ଉପରକୁ ସଦାପ୍ରଭୁଙ୍କର ଆତ୍ମା ଯେତେବେଳେ ଆସିଲା, ସେ ଶକ୍ତିଶାଳୀ ହୋଇ ଉଠିଲେ। ଶାମ୍ଶୋନ୍ ଦୌଡ଼ିକୁ ଛିଣ୍ଡାଇ ଦେଲେ, ତାଙ୍କ ହାତରୁ ଦଉଡଗୁଡ଼ିକ ମିଳାଇ ଗଲାପରି ଏବଂ ପୋଡାସୂତା ପରି ଝରି ପଡ଼ିଲା। 15ଶାମ୍ଶୋନ୍ ଗୋଟିଏ

ଗଧର କଞ୍ଚା ଥୋମଣି ପାଇଲେ ସେ ସେଥିରେ ସେଠାରେ
ଥିବା 1,000 ପଲେଷ୍ଟୀୟମାନଙ୍କୁ ହତ୍ୟା କଲେ।
16ଏହାପରେ ଶାମ୍ଶୋନ୍ କହଲେ,

"ଗଧର ହନୁହାଡ ଫୁଙ୍ଗି ମୁଁ 1,000 ପୁରୁଷ
ପଦାକଲି!"

17ଯେତେବେଳେ ଶାମ୍ଶୋନ୍ ଏକଥା କହଲେ, ତା'ପରେ
ସେ ଗଧର ହନୁହାଡକୁ ଫିଙ୍ଗି ଦେଲେ, ଏହାପରେ ସେହ
ସ୍ଥାନର ନାମ ରାମତ୍ ଲହ* (ଥୋମଣିଗିରି) ରହଲା।
18ଶାମ୍ଶୋନ୍ ବହୁତ ତୃଷାର୍ତ୍ତ ଥିଲେ। ତେଣୁ ସେ
ସଦାପ୍ରଭୁଙ୍କୁ ନବେଦନ କଲେ, "ମୁଁ ତୁମ୍ଭର ଦାସ, ତୁମ୍ଭେ
ମୋତେ ମହତ ବଜୟ ଦଅ। ଏବେ ମୁଁ ଶୋଷରେ ମରୁଛି।
ମୁଁ ଅତ୍ସୁନ୍ନତ ଲୋକମାନଙ୍କ ହସ୍ତରେ ପଡବାକୁ ଯାଉଛି, ତେଣୁ
ମୋତେ ରକ୍ଷା କର।"
19ପରମେଶ୍ୱର ଲହସ୍ଥିତ ଏକ ଖୋଲ ବଦର୍ଣ୍ଣ କରବାରୁ
ତହଁରୁ ଜଳ ନର୍ଗତ ହେଲା। ଶାମ୍ଶୋନ୍ ସେହ ଜଳ ପାନ
କଲେ ଏବଂ ତାଙ୍କର ଶକ୍ତ ଫେର ଆସିଲା। ସେ ଏହ ସ୍ଥାନର
ନାମ ଐନ୍ହକ୍କୋରୀ* ଦେଲେ। ଯାହାକ ଏବେ ପର୍ଯ୍ୟନ୍ତ
ଲହରେ ଅଛ।
20ତେଣୁ ଶାମ୍ଶୋନ୍ ଇସ୍ରାୟେଲର ଲୋକମାନଙ୍କ ଉପରେ
ବଚାରକର୍ତ୍ତା ହୋଇ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ରହଲେ। ଯାହାକ
ଥିଲା ପଲେଷ୍ଟୀୟମାନଙ୍କର ସମୟ କାଳ ଥିଲା।

## ଶାମ୍ଶୋନ୍ ଘସାକୁ ନଗରକୁ ଗଲେ

16 ଦନେ ଶାମ୍ଶୋନ୍ ଘସାରେ ଥିବା ଏକ ବେଶ୍ୟା
ପାଖକୁ ଗଲେ। ସେ ତା'ର ସହତ ରାତ୍ରିଯାପନ
କରବା ପାଇଁ ସେଠାକୁ ଯାଇଥିଲେ। 2କେହ ଜଣେ ଘସୀୟ
ଲୋକମାନଙ୍କୁ କହଲେ ଯେ, "ଶାମ୍ଶୋନ୍ ସେହ ସ୍ଥାନକୁ
ଯାଇଥିଲେ।" ସେମାନେ ଶାମ୍ଶୋନ୍ଙ୍କୁ ହତ୍ୟା କରବାକୁ
ଚାହଁଲେ। ତେଣୁ ସେମାନେ ସେ ସହରକୁ ଘେର ଗଲେ।
ସେମାନେ ରାତ୍ରି ତମାମ ଚୁପ୍ଚାପ୍ ନଗର ଫାଟକ ନକଟରେ
ଲୁଚ ରହଲେ। ସେମାନେ ପରସ୍ପର କୁହାକୁହ ହେଲେ,
"ସକାଳ ହେଲେ ଆମେ ଶାମ୍ଶୋନ୍ଙ୍କୁ ହତ୍ୟା କରବା।"
3କନ୍ତୁ ଶାମ୍ଶୋନ୍ ସେ ବେଶ୍ୟା ପାଖରେ ମଧ ରାତ୍ରି
ପର୍ଯ୍ୟନ୍ତ ରହଲେ ଓ ମଧ ରାତ୍ରିରେ ନଗର ଫାଟକ ଭାଙ୍ଗି
ବାହାର ଆସିଲେ। ସେ ସେଗୁଡକୁ କାନ୍ଥରୁ ଓ ଦୁଇ
ବାଜୁବନ୍ଧରୁ ଉପାଡ ପକାଇଲେ। ସେ ଫାଟକର ଦୁଇଟି
ଖମ୍ବକୁ ତା'ର ବାଜୁବନ୍ଧକୁ ହବ୍ରୋଣ ପର୍ବତ ପାଖକୁ ନେଇଗଲେ।

## ଶାମ୍ଶୋନ୍ ଓ ଦଲୀଲା

4ଏହାପରେ ଶାମ୍ଶୋନ୍ ଦଲୀଲା ନାମକ ଏକ ସ୍ତ୍ରୀ
ଲୋକର ପ୍ରେମରେ ପଡ଼ଗଲେ। ଯେ କ ଥିଲା ସୋରେକ୍
ଉପତ୍ୟକାର ଜଣେ ସ୍ତ୍ରୀ ଲୋକ।
5ତେଣୁ ପଲେଷ୍ଟୀୟ ନେତୃବର୍ଗମାନେ ସେହ ସ୍ତ୍ରୀ ନକଟକୁ
ଆସି ତାହାକୁ କହଲେ, "ଆମ୍ଭେ ଜାଣିବାକୁ ଚାହୁଁ ସେ
କେଉଁଠାରୁ ବଳ ପାଉଛ, ତୁମେ ଚାତୁରତାର ସହ ତାଙ୍କ
ପାଖରୁ ଏହ ଗୁପ୍ତ ରହସ୍ୟ ଆଦାୟ କର। ଆମ୍ଭେ ଜାଣିବାକୁ
ଚାହୁଁ, ତାକୁ କପର କାବୁ କରହେବ। ଯାହାଫଳରେ ଆମ୍ଭେ
ଯେ କୌଣସି ପ୍ରକାରେ ବନ୍ଦିକର ପାରବୁ। ଯଦ ତୁମ୍ଭେ ଏହା
କରପାରବ ତେବେ ତୁମ୍ଭକୁ ଆମ୍ଭେ ପ୍ରତ୍ୟେକ 1,100
ଲେଖାଏଁ ରୌପ୍ୟ ମୁଦ୍ରା ଦେବୁ।"
6ତେଣୁ ଦଲୀଲା ଶାମ୍ଶୋନ୍ଙ୍କୁ କହଲା, "ଦୟାକର କୁହ
କଏ ତୁମ୍ଭକୁ ଶକ୍ତଶାଳୀ କରୁଛ, କପର ଭାବରେ ଜଣେ
ବ୍ୟକ୍ତ ତୁମ୍ଭକୁ ବାନ୍ଧି ପାରବ?"
7ଶାମ୍ଶୋନ୍ ଉତ୍ତର ଦେଇ କହଲେ, "ଯାହା କେବେ
ଶୁଷ୍କ ହୋଇନାହିଁ। ଏପର ସାତଟା କଞ୍ଚାତନ୍ତରେ ଯେବେ
ସେମାନେ ମୋତେ ବାନ୍ଧିବେ। ତେବେ ମୁଁ ଦୁର୍ବଳ ହୋଇ
ଅନ୍ୟ ଲୋକପର ହୋଇ ଯିବ।"
8ଏହାପରେ ପଲେଷ୍ଟୀୟ ଅଧିପତିମାନେ ଅଶୁଷ୍କ ସାତଟା
କଞ୍ଚାତନ୍ତ ଆଣି ସେହ ସ୍ତ୍ରୀ ଲୋକଟିକୁ ଦେଲେ। ସେଥିରେ
ସେ ଶାମ୍ଶୋନ୍ଙ୍କୁ ବାନ୍ଧିଲା। 9ସେ ସମୟରେ କେତେକ
ଲୋକ ପରବର୍ତ୍ତୀ କୋଠରୀରେ ଲୁଚ ରହଲେ। ତେଣୁ ସେ
ସେମାନଙ୍କୁ କହଲା, "ଶାମଶୋନ୍! ବର୍ତ୍ତମାନ ପଲେଷ୍ଟୀୟମାନେ
ତୁମ୍ଭ ପାଖକୁ ଆସିଛନ୍ତ!" କନ୍ତୁ ଶାମ୍ଶୋନ୍ ଅନାୟାସରେ
ଧନୁର ଗୁଣକୁ ଛଣ୍ଡାଇ ଦେଲେ। ଅଗ୍ନି ଝାସ ପାଇଥିବା ଦଉଡ
ଛଣ୍ଡିଗଲା। ଏହପର ସେମାନେ ତାଙ୍କର ବଳର ଗୁପ୍ତ ରହସ୍ୟ
ଜାଣି ପାରଲେ ନାହିଁ।
10ଏହାପରେ ଦଲୀଲା ଶାମ୍ଶୋନ୍ଙ୍କୁ କହଲା, "ତୁମ୍ଭେ
ମୋତେ ବୋକା ବନେଇଲ ଓ ମିଥ୍ୟା କହଲ। ଏବେ ତୁମ୍ଭେ
କେଉଁଥିରେ ବନ୍ଧାଯାଇପାର କୁହ।"
11ତହିଁରେ ସେ ତାକୁ କହଲେ, "ଯେଉଁ ରଜ୍ଜୁରେ
କୌଣସି କର୍ମ କରାଯାଇ ନାହିଁ। ଏପର ନୂତନ ରଜ୍ଜୁ
ଦୌଡ଼ରେ ମୋତେ ବାନ୍ଧିଲେ ମୁଁ ଦୁର୍ବଳ ହୋଇ ଅନ୍ୟ
ଲୋକଙ୍କ ପର ହୋଇଯିବ।"
12ତେଣୁ ଦଲୀଲା ନୂତନ ରଜ୍ଜୁ ନେଇ ତାହାଙ୍କୁ ବାନ୍ଧିଲା।
ସେତେବେଳେ ଆକ୍ରମଣ କରବାକୁ ଉତ୍କଣ୍ଠିତ ଲୋକମାନେ
ପରବର୍ତ୍ତୀ କୋଠରୀରେ ଲୁଚ ରହଥିଲେ। ତା'ପରେ ସେ
କହଲା, "ଶାମ୍ଶୋନ୍! ପଲେଷ୍ଟୀୟମାନେ ତୁମ୍ଭ ନମନ୍ତେ ଆସିଛନ୍ତ।"
କନ୍ତୁ ସେ ଖଣ୍ଡେ ସୂତାପର ନଜର ବାହୁ ଉପରେ ଥିବା
ରଜ୍ଜୁସବୁକୁ ଛଣ୍ଡାଇ ପକାଇଲେ।
13ଏହାପରେ ଦଲୀଲା ଶାମ୍ଶୋନ୍ଙ୍କୁ କହଲେ, "ତୁମେ
ପୁନର୍ବାର ମୋତେ ନର୍ବୋଧ ବନେଇଲ ଓ ମିଛ କହଲ!
ତୁମ୍ଭେ କାହିଁରେ ବନ୍ଧାଯାଇପାର, ମୋତେ କୁହ।"
ତହିଁରେ ସେ ତାକୁ କହଲେ, "ଯେବେ ତୁମ୍ଭେ ବୁଣା
ଯାଉଥିବା ସୂତାରେ ମୋର ମସ୍ତକର କେଶରେ ସାତ ବେଣୀ
ବୁଣିବ ଏବଂ ଏହାକୁ ଏକ ପିନ୍ରେ ଜୋରରେ ବାନ୍ଧିବ,
ତେବେ ମୁଁ ସାଧାରଣ ମଣିଷପର ଦୁର୍ବଳ ହୋଇଯିବ।"
14ଶାମ୍ଶୋନ୍ ଶୋଇଥିବା ବେଳେ ସେ ତାଙ୍କର ବାଳକୁ
ଗୋଟିଏ ସୂତା ବାହାର କର ସାତଟି ବେଣୀ କଲା ଏବଂ
ଗୋଟିଏ ତମ୍ବୁ ଖିଲରେ ବାନ୍ଧି ଦେଲେ ଏବଂ ତା'ପରେ ସେ

---

**ରାମତ୍ ଲହ** ଏହାର ଅର୍ଥ ହନୁହାଡ ପର ଉଚ୍ଚା।

**ଐନ୍ହକ୍କୋରୀ** ଏହାର ଅର୍ଥ ଯିଏ ଡାକେ ତା'ର ଝର।

ତାଙ୍କୁ କହିଲା, "ଶାମ୍ଶୋନ୍ ପଲେଷ୍ଟୀୟମାନେ ତୁମ୍ଭ ନିମନ୍ତେ
ଆସିଛନ୍ତି।" ତେଣୁ ସେ ଖିଲକୁ, ସୂତାକୁ ଓ ତନ୍ତକୁ ଉପାଡି
ପକାଇଲେ।
15ଏହାପରେ ଦଲୀଲା ଶାମ୍ଶୋନ୍ଙ୍କୁ କହିଲା, "ତୁମେ ପୁଣି
ଥରେ ମୋତେ କହିଲ, ତୁମ୍ଭେ କପରି କହିପାରୁଛ, 'ମୁଁ
ତୁମ୍ଭକୁ ଭଲ ପାଏ,' ତୁମେ କେତେବେଳେ ହେଲେ ମୋତେ
ବିଶ୍ୱାସ କରୁନାହଁ? ତୁମ୍ଭର ମହାବଳ କେଉଁଥିରେ ଅଛି
ମୋତେ କହି ନାହଁ। ତୁମ୍ଭେ ମୋତେ ତିନିଥର ଯାକ ବୋକା
ବନାଇଲ।" 16ଦିନପରେ ଦିନ ସେ ଶାମ୍ଶୋନ୍ଙ୍କୁ ଏତେ
ତିରସ୍କାର କଲା ଓ ଚାପ ପକାଇଲା ଯେ, ସେ ଏତେ ବିରକ୍ତ
ହୋଇଗଲେ ଯେ, ନିଜେ ମରିଗଲେ ବୋଲି ସେ ଅନୁଭବ
କଲେ। 17ଶେଷରେ ଶାମ୍ଶୋନ୍ ସମସ୍ତ ଗୁପ୍ତକଥା ତାଙ୍କୁ
ଜଣାଇଲେ। ସେ ତାଙ୍କୁ କହିଲେ, "ମୁଁ ଜନ୍ମ ପୂର୍ବରୁ
ସଦାପ୍ରଭୁଙ୍କୁ ସମର୍ପଣ ହୋଇଥିଲି। ମୁଁ ମୋର ବାଳ କେବେ
କାଟିନଥିଲି। ଯଦି କୌଣସି ଲୋକ ମୋର ମୁଣ୍ଡର ବାଳ
କାଟି ସଫା କରିଦିଏ, ତେବେ ମୁଁ ମୋର ସମସ୍ତ ଶକ୍ତି
ହରାଇବି ଓ ସାଧାରଣ ଲୋକଙ୍କ ପରି ହୋଇଯିବି।"
18ଦଲୀଲା ଦେଖିଲା ଶାମ୍ଶୋନ୍ ତାଙ୍କୁ ସମସ୍ତ ଗୁପ୍ତ କଥା
ଜଣାଇ ଦେଲେ। ତେଣୁ ସେ ପଲେଷ୍ଟୀୟ ନେତୃତ୍ୱବର୍ଗମାନଙ୍କୁ
ଜଣାଇ ଦେଲା। ସେ କହିଲା, "ଏହି ଥର ଆସ, କାରଣ
ଶାମ୍ଶୋନ୍ ମୋତେ ତାଙ୍କର ସମସ୍ତ ରହସ୍ୟ କହିଦେଇଛନ୍ତି।"
ତେଣୁ ନେତୃତ୍ୱବର୍ଗ ଦଲୀଲା ନିକଟକୁ ଆସିଲେ ଏବଂ ମୁଦ୍ରା
ଆଣିଲେ।
19ଦଲୀଲା ତାଙ୍କୁ ନିଜର କୋଳରେ ଶୁଆଇ ଦେଲା ଏବଂ
ତା'ପରେ ତାଙ୍କର ସାତୋଟି ବେଣୀକୁ କ୍ଷୌର କରିବା ପାଇଁ,
ଭିତରେ ଥିବା ଲୋକଟିକୁ ସେ ଡାକିଲା। ତା'ପରେ ଆଉ
ଜଣେ ଲୋକ ଡକାଇ ତା'ର ମୁଣ୍ଡରୁ ସାତବେଣୀ କଟାଇଲା।
ଏହିପରି ସେ ଶାମ୍ଶୋନ୍ଙ୍କୁ କଷ୍ଟ ଦେବାକୁ ଆରମ୍ଭ କଲା ଓ
ଶାମ୍ଶୋନ୍ର ସାମର୍ଥ୍ୟ ଚାଲିଗଲା। 20ଏହାପରେ ଦଲୀଲା
ଶାମ୍ଶୋନ୍ଙ୍କୁ କହିଲେ, "ଶାମ୍ଶୋନ୍ ପଲେଷ୍ଟୀୟମାନେ ତୁମ୍ଭ
ପାଇଁ ଆସିଛନ୍ତି।" ସେ ଉଠିଲା ଏବଂ ଚିନ୍ତା କଲା, "ମୁଁ
ନିଜକୁ ମୁକ୍ତ କରିବି ଓ ପୂର୍ବଥର ପରି ତାଙ୍କ ପାଖରୁ ଖସି
ପଳାଇବି।" କିନ୍ତୁ ଶାମ୍ଶୋନ୍ ଜାଣି ନ ଥିଲେ ଯେ ସଦାପ୍ରଭୁ
ତାଙ୍କ ନିକଟରୁ ଦୂରେଇ ଯାଇଥିଲେ।
21ପଲେଷ୍ଟୀୟ ଲୋକମାନେ ଶାମ୍ଶୋନ୍ଙ୍କୁ ଅକ୍ତିଆର କଲେ।
ସେମାନେ ତାଙ୍କର ଆଖିକୁ ଉପାଡି ଦେଲେ। ପୁଣି ତାଙ୍କୁ
ଘସାକୁ ଆଣି ପିତ୍ତଳ ବେଢିରେ ତାଙ୍କୁ ବାନ୍ଧିଲେ। ଆଉ ସେ
କାରାଗାରରେ ଚକି ପେଶିଲେ। 22କିନ୍ତୁ ଶାମ୍ଶୋନ୍ର ବାଳ
ପୁନର୍ବାର ବଢିବାକୁ ଲାଗିଲା।
23ପଲେଷ୍ଟୀୟମାନେ ଏକତ୍ରିତ ହୋଇ ଜୟଲାଭ ଉତ୍ସବ
ପାଳନ କଲେ। ସେମାନେ ସେମାନଙ୍କର ଦେବତା ଦାଗୋନ
ଉଦ୍ଦେଶ୍ୟରେ ବଳିଦାନ ଉତ୍ସର୍ଗ କଲେ। ସେମାନେ କହିଲେ,
"ଶାମ୍ଶୋନ୍ଙ୍କୁ ପରାସ୍ତ କରିବା ପାଇଁ, ଆମ୍ଭମାନଙ୍କର ଦେବତା
ଆମ୍ଭମାନଙ୍କୁ ସାହାଯ୍ୟ କଲେ। ଯେ କି ଆମର ଶତ୍ରୁ ଥିଲା।"
24ଯେତେବେଳେ ପଲେଷ୍ଟୀୟ ଲୋକମାନେ ଶାମ୍ଶୋନ୍ଙ୍କୁ
ଦେଖିଲେ ସେମାନେ ତାଙ୍କର ଦେବତାର ପ୍ରଶଂସା ଗାନ
କଲେ।

ସେମାନେ କହିଲେ, "ଆମ୍ଭମାନଙ୍କ ଦେବତା ଆମ୍ଭମାନଙ୍କୁ
ଆମ୍ଭର ଶତ୍ରୁକୁ ଅକ୍ତିଆର କରିବାରେ ସାହାଯ୍ୟ କଲେ।
ଏହି ଲୋକ ଆମ୍ଭର ଦେଶକୁ ଧ୍ୱଂସ କରିଥିଲା। ଏହି
ଲୋକ ଆମ୍ଭର ଅନେକ ଲୋକମାନଙ୍କୁ ହତ୍ୟା କରିଥିଲା।"

25ଅତି ଆନନ୍ଦିତ ହୋଇ ସେମାନେ କହିଲେ, "ଶାମ୍ଶୋନ୍ଙ୍କୁ
ତା'ର କୋଠରୀକୁ ଆଣ, ସେ ଆମ୍ଭମାନଙ୍କ ସମ୍ମୁଖରେ
କୌତୁକ କରିବ।" ତେଣୁ ସେମାନେ ଶାମ୍ଶୋନ୍ଙ୍କୁ କାରାଗାରରୁ
ବାହାରକୁ ଆଣିଲେ। ସେ ସେମାନଙ୍କ ଆଗରେ ତାହା କଲା
ଓ ସେମାନେ ତା'ର ପରିହାସ କଲେ। ଆଉ ସେମାନେ ତାକୁ
ଦାଗୋନ୍ ମନ୍ଦିରର ଦୁଇ ସ୍ତମ୍ଭ ମଧ୍ୟରେ ଠିଆ କରାଇଲେ।
26ଜଣେ ସେବକ ଶାମ୍ଶୋନ୍ର ହାତ ଧରିଥିଲା। ଶାମ୍ଶୋନ୍
ସେବକଙ୍କୁ କହିଲେ, "ମୋତେ ତୁମେ ମନ୍ଦିରର ମଝିଖୁଣ୍ଟି
ନିକଟରେ ଛାଡ ମୁଁ ସେହି ମନ୍ଦିରକୁ ଧରିଥିବା ସ୍ତମ୍ଭକୁ
ଅନୁଭବ କରିପାରିବି, ମୁଁ ସେଗୁଡିକ ଉପରେ ଆଉଜିବି।"
27ସେହି ମନ୍ଦିର ନରନାରୀମାନଙ୍କ ସହିତ ଭରପୁର ଥିଲା।
ପଲେଷ୍ଟୀୟମାନଙ୍କର ସମସ୍ତ ଅଧିପତି ସେଠାରେ ଉପସ୍ଥିତ
ଥିଲେ। ମନ୍ଦିରର ଛାତ ଉପରେ ପ୍ରାୟ ନରନାରୀ ତିନି
ହଜାର ଛିଡା ହୋଇଥିଲେ। ସେମାନେ ଶାମ୍ଶୋନଙ୍କୁ ଉପହାସ
କରୁଥିଲେ। 28ଏହାପରେ ଶାମ୍ଶୋନ୍ ସଦାପ୍ରଭୁଙ୍କ ନିକଟରେ
ଏହା କହି ପ୍ରାର୍ଥନା କଲେ, "ହେ ସର୍ବଶକ୍ତିମାନ ସଦାପ୍ରଭୁ!
ମୋତେ ଭୁଲ ଯାଅ ନାହିଁ। ପ୍ରଭୁ, ଦୟାକରି ମୋତେ
ଆଉଥରେ ଶକ୍ତି ପ୍ରଦାନ କର। ଯାହାଫଳରେ ମୁଁ ପଲେଷ୍ଟୀୟମାନଙ୍କୁ
ଦଣ୍ଡ ଦେଇପାରିବି ଏବଂ ଏକ ମୁଷ୍ଟିଘାତରେ ମୁଁ ସେମାନଙ୍କଠାରୁ
ପ୍ରତିଶୋଧ ନେବି। ଯେଉଁମାନେ ମୋର ଦୁଇ ଆଖି ଉପାଡି
ଦେଇଛନ୍ତି।" 29ମନ୍ଦିର ମଧ୍ୟସ୍ଥ ଯେଉଁ ଦୁଇସ୍ତମ୍ଭ ଉପରେ ଗୃହ
ଭରାଥିଲା, ଶାମ୍ଶୋନ୍ ତହିଁରେ ଗୋଟିକୁ ଡାହାଣ ହାତରେ ଓ
ଅନ୍ୟଟିକୁ ବାମ ହାତରେ ଧରି ତା'ଉପରେ ଆଉଜି ପଡ଼ିଲେ।
30ପୁଣି ଶାମ୍ଶୋନ୍ କହିଲେ, "ପଲେଷ୍ଟୀୟମାନଙ୍କ ସହିତ
ମୋର ପ୍ରାଣ ଯାଉ।" ଏହାକହି ସେ ସ୍ତମ୍ଭଗୁଡିକ ତାଙ୍କର
ସମସ୍ତବଳ ଖଟାଇ ପେଲିଦେଲେ। ଛାତଟି ପଡିଗଲା ଓ
ସେଠାରେ ଏକତ୍ରିତ ହୋଇଥିବା ସମସ୍ତ ଲୋକ ମୃତ୍ୟୁବରଣ
କଲେ। ଏହିପରି ତାହାର ଜୀବନକାଳରେ ହତ୍ୟା କରିଥିବା
ଲୋକମାନଙ୍କର ସଂଖ୍ୟା ଅପେକ୍ଷା ତାହାର ମରଣ କାଳର
ହତ୍ୟା କରିଥିବା ଲୋକମାନଙ୍କର ସଂଖ୍ୟା ଅଧିକ ଥିଲା।
31ଏହାପରେ ତା'ର ଭ୍ରାତୃଗଣ ଓ ତା'ର ପିତୃଗୃହସ୍ଥ
ପରିବାର ଆସିଲେ ଓ ତା'ର ମୃତ ଶରୀରକୁ ନେଇଗଲେ।
ସେମାନେ ତାଙ୍କୁ ତାଙ୍କର ପିତାଙ୍କର କବର ସ୍ଥାନରେ କବର
ଦେଲେ, ଯେଉଁଠାକି ସରୟିର ଓ ଇଷ୍ଟାୟୋଲର ମଧ୍ୟ
ସ୍ଥାନରେ। ସେ କୋଡିଏ ବର୍ଷ ଧରି ଇସ୍ରାୟେଲମାନଙ୍କର
ବିଚାରକ ଥିଲେ।

## ମୀଖାର ପ୍ରତିମାଗୁଡିକ

17 ମୀଖା ନାମକ ଜଣେ ବ୍ୟକ୍ତି ଇଫ୍ରୟିମ ପର୍ବତମୟ
ଦେଶରେ ବାସ କରୁଥିଲା। 2ମୀଖା ତା'ର ମା'କୁ
ଥରେ କହିଲା, "ତୁମ୍ଭର ମନେ ଅଛି କି ଥରେ ତୁମର
1,100 ଖଣ୍ଡ ରୁପା ଚୋରି ହୋଇଥିଲା ଏବଂ କାହାକୁ ତୁମ୍ଭେ

ଶାପ ଦେଉଥିବାର ଶୁଣିଲି। ସେହି ରୂପା ମୋ ପାଖରେ ଅଛି,
ମୁଁ ଏହା ଦେଖିଲି।"

ତା'ର ମା' ତାକୁ କହିଲା, "ସଦାପ୍ରଭୁ ତୁମ୍ଭର ମଙ୍ଗଳ
କରନ୍ତୁ ମୋର ପୁତ୍ର।"

3ମୀଖା ସେହି 1,100 ଖଣ୍ଡ ରୂପା ତାଙ୍କର ମା'ଙ୍କୁ
ଫେରାଇ ଦେଲେ। ଏହାପରେ ତାଙ୍କର ମା ତାଙ୍କୁ କହିଲେ,
"ମୁଁ ସେହି ରୂପା ସଦାପ୍ରଭୁଙ୍କ ନିମନ୍ତେ ଏକ ବିଶେଷ
ଉପହାର ଅର୍ପଣ କରିଛି। ମୁଁ ଏହା ମୋର ପୁତ୍ରକୁ ଦେବି,
ଯାହାଫଳରେ ସେ ଏକ ମୂର୍ତ୍ତି କରି ତାକୁ ରୂପା ଆଚ୍ଛାଦନ
କରିପାରିବ। ଏଣୁ ଏବେ ମୁଁ ତାହା ତୁମ୍ଭକୁ ଫେରାଇ ଦେବି।"
4କିନ୍ତୁ ମୀଖା ସେହି ରୂପାଖଣ୍ଡକୁ ତା'ର ମାକୁ ଫେରାଇ
ଦେଲା। ତା'ର ମା ଦୁଇଶହ ଖଣ୍ଡ ରୂପା ସୁନାରୀକୁ ଦିଅନ୍ତେ
ସେ ଗୋଟିଏ ଢଳା ପ୍ରତିମା ବନାଇଲା ଓ ତାହା ମୀଖାର
ଗୃହରେ ରହିଲା। 5ମୀଖାର ଏକ ମନ୍ଦିର ଥିଲା ଓ ସେ ଏକ
ଏଫୋଦ ତିଆରି କଲା, ତାଙ୍କର ଅନେକଗୁଡ଼ିକ ମୂର୍ତ୍ତିଗୁଡ଼ିକ
ଥିଲା। ସେ ଆପଣା ପୁତ୍ରମାନଙ୍କ ମଧ୍ୟରୁ ଜଣଙ୍କୁ ଯାଜକ ରୂପେ
ନିଯୁକ୍ତ କଲା। 6ସେ ସମୟରେ ଇଶ୍ରାୟେଲ ମଧ୍ୟରେ କୌଣସି
ରାଜା ନ ଥିଲେ। ତେଣୁ ଯାହା ଦୃଷ୍ଟିରେ ଯାହା ଭଲ ଲାଗିଲା,
ସେ ତାହା କଲା।

7ସେଠାରେ ଜଣେ ଲେବୀୟ ଯୁବକ ଯିହୁଦାର
ବୈଥଲେହମର ଥିଲା। ସେ ଯିହୁଦାର ପରିବାରବର୍ଗରେ ବାସ
କରି ଆସୁଥିଲା। 8ସେ ଯେଉଁଠାରେ ସ୍ଥାନ ପାଇ ପାରେ,
ସେଠାରେ ପ୍ରବାସ କରିବା ନିମନ୍ତେ ସେ ନଗରରୁ, ଅର୍ଥାତ୍
ବୈଥିଲେହମ୍ ଯିହୁଦାରୁ ପ୍ରସ୍ଥାନ କଲା ଓ ସେ ଯାଉ ଯାଉ
ଇଫ୍ରୟିମ ଦେଶସ୍ଥ ଏହି ମୀଖାର ଗୃହ ସରିକ ଆସିଲା।
9ତହିଁରେ ମୀଖା ତାହାକୁ ପଚାରିଲା, "ତୁମେ କେଉଁଠାରୁ
ଆସିଲ?"

ସେ ଉତ୍ତର କରି କହିଲା, "ମୁଁ ବୈଥିଲେହମ୍ ଯିହୁଦାର
ଏକ ଲେବୀୟ ଲୋକ। ମୁଁ ବାସ କରିବାକୁ ଗୋଟିଏ ସ୍ଥାନ
ଖୋଜୁଛି।"

10ମୀଖା କହିଲା, "ମୋ ସଙ୍ଗେ ତୁମେ ବାସ କର।
ମୋର ପିତା ଓ ଯାଜକ ହୁଅ। ତହିଁରେ ମୁଁ ତୁମ୍ଭକୁ ବାର୍ଷିକ
ଦଶଖଣ୍ଡ ରୂପା, ଖାଦ୍ୟ ଓ ବସ୍ତ୍ର ଦେବି।" ମୀଖା ଯାହା
କହିଲା, ସେହି ଲେବୀୟ ତାହା କଲା।

ତହିଁରେ ସେ ଲେବୀୟ ଲୋକ ଗଲା। 11ଏହାପରେ
ସେହି ଲେବୀୟ ଲୋକ ତାଙ୍କ ସହିତ ବାସ କରିବା ପାଇଁ
ସମ୍ମତ ହେଲା। ଆଉ ସେ ଯୁବା ଲୋକ ତାହାର ଗୋଟିଏ
ପୁତ୍ର ପରି ହେଲା। 12ଏହାପରେ ମୀଖା ଦ୍ୱାରା ଯାଜକ
ଭାବରେ ନିଯୁକ୍ତ ହୋଇ ସେହି ଯୁବା ଲୋକ ମୀଖାର
ଗୃହରେ ରହିଲା। 13ତା'ପରେ ମୀଖା କହିଲା, "ବର୍ତ୍ତମାନ ମୁଁ
ଜାଣେ ଏବେ ସଦାପ୍ରଭୁ ମୋହର ମଙ୍ଗଳ କରିବେ, କାରଣ
ଜଣେ ଲେବୀୟ ପରିବାରବର୍ଗ ମୋର ଯାଜକ ହେଲା।"

## ଦାନ ଲୟିଶ ନଗରକୁ କରଗତ କଲେ

18 ସେହି ସମୟରେ ଇଶ୍ରାୟେଲ ମଧ୍ୟରେ ରାଜା ନ
ଥିଲେ। ସେହି ସମୟରେ ଦାନ ପରିବାରବର୍ଗର
ବସତି ନିମନ୍ତେ ଭୂଖଣ୍ଡ ଖୋଜୁଥିଲେ। କାରଣ ସେ ପର୍ଯ୍ୟନ୍ତ
ସେମାନେ ଇଶ୍ରାୟେଲର ପରିବାରବର୍ଗ ମଧ୍ୟରେ ଭୂମି ପାଇଲେ
ନାହିଁ।

2ଏଣୁ ଦାନର ପରିବାରବର୍ଗ ସେମାନଙ୍କ ପରିବାରବର୍ଗରୁ
ପାଞ୍ଚଜଣ ବୀର ପୁରୁଷଙ୍କୁ ଦେଶ ଭ୍ରମଣ ଓ ଅନୁସନ୍ଧାନ
କରିବାକୁ ସରୀୟ ଓ ଇଷ୍ଟାୟୋଲଠାରୁ ପଠାଇଲେ ସେମାନେ
ସେମାନଙ୍କୁ କହିଲେ, "ଯାଅ ଏବଂ ଆଉ କିଛି ଅଧିକ ଦେଶ
ଅନୁସନ୍ଧାନ କର।"

ସେହି ପାଞ୍ଚଜଣ ଇଫ୍ରୟିମ-ପର୍ବତମୟସ୍ଥ ଦେଶସ୍ଥିତ ମୀଖାର
ଗୃହରେ ରାତ୍ରି ଯାପନ କଲେ। 3ସେମାନେ ମୀଖାର ଗୃହ
ନିକଟରେ ଥିବାବେଳେ ସେହି ଲେବୀୟ ଯୁବକର କଥା
ଶୁଣିଲେ। ସେମାନେ ଏହା ଚିହ୍ନିପାରିଲେ, ତେଣୁ ସେମାନେ
ଘର ଭିତରକୁ ଯାଇ ତାକୁ ପଚାରିଲେ, "ତୁମ୍ଭକୁ ଏଠାକୁ କିଏ
ଆଣିଲା? ତୁମ୍ଭେ ଏଠାରେ କ'ଣ କରୁଛ? ତୁମ୍ଭର ଏଠାରେ
କ'ଣ ଅଛି?"

4ସେ ଉତ୍ତରରେ କହିଲା, ମୀଖା ମୋ ପ୍ରତି ଏହିପରି
କରିଛନ୍ତି। "ସେ ମୋତେ ବେତନ ଦେଇ ଏଠାରେ ଯାଜକ
ରୂପେ ନିଯୁକ୍ତ କରିଛନ୍ତି"

5ତେଣୁ ସେମାନେ ତାହାକୁ କହିଲେ, "ଆମ୍ଭେମାନେ
ତୁମ୍ଭକୁ ବିନୟ କରୁଅଛୁ। ପରମେଶ୍ୱରଙ୍କ ନିକଟରେ ପଚାର
ଆମ୍ଭମାନଙ୍କ ଯିବା ବାଟରେ ମଙ୍ଗଳ ହେବ କି ନାହିଁ। ତାହା
ଆମ୍ଭେ ଜାଣିବାକୁ ଚାହୁଁ।"

6ତହୁଁ ଯାଜକ ତାଙ୍କୁ କହିଲା, "କୁଶଳରେ ଯାଅ।
ତୁମ୍ଭମାନଙ୍କର ଗନ୍ତବ୍ୟ ପଥ ସଦାପ୍ରଭୁଙ୍କ ସମ୍ମୁଖରେ ଅଛି।"

7ଏହାପରେ ସେହି ପାଞ୍ଚଜଣ ପ୍ରସ୍ଥାନ କରି ଲୟିଶରେ
ପହଞ୍ଚିଲେ। ସେଠାରେ ସେମାନେ ଦେଖିଲେ, ସୀଦୋନୀୟମାନଙ୍କ
ଶାସନରେ ଲୋକମାନେ କିପରି ନିରାପଦରେ ରହୁଥିଲେ।
ସେହି ଦେଶରେ ଶାନ୍ତି ଥିଲା, ସେମାନଙ୍କର ସବୁକିଛି ଯଥେଷ୍ଟ
ଥିଲା। ସେଠାରେ ଅତ୍ୟାଚାରୀ ଶାସକ ନଥିଲେ। ଆଉ
ସେମାନେ ସୀଦୋନଠାରୁ ଦୂରରେ ଥିଲେ ଓ ଅନ୍ୟ କାହାରି
ସହିତ ସେମାନଙ୍କର ସମ୍ପର୍କ ନ ଥିଲା।

8ଏହାପରେ ସେମାନେ ସରୀୟ ଓ ଇଷ୍ଟାୟୋଲରେ ନିଜର
ଭ୍ରାତୃଗଣ ନିକଟରେ ଉପସ୍ଥିତ ହେଲେ। ତହିଁରେ ସେମାନଙ୍କର
ଭ୍ରାତୃଗଣ ସେମାନଙ୍କୁ ପଚାରିଲେ, "କ'ଣ ତୁମେ ଶିକ୍ଷା କଲ?"

9ତହିଁରେ ସେମାନେ କହିଲେ, "ଉଠ, ସେମାନଙ୍କର
ପ୍ରତିକୂଳରେ ଯିବା। କାରଣ ଆମ୍ଭେମାନେ ସେ ଦେଶ ଦେଖିଲୁ।
ଦେଖ ସେ ଦେଶ ଅତି ଉତ୍ତମ। ଆଉ ତୁମ୍ଭେମାନେ କାହିଁକି
ଚୁପ ରହିଛ। ସେହି ଦେଶକୁ ଯିବାକୁ ଓ ସେ ଦେଶକୁ
ଅଧିକାରକୁ ଆଣିବା ପାଇଁ ଅଳସ କର ନାହିଁ। 10ତୁମ୍ଭେମାନେ
ଗଲେ ନିର୍ଭୟରେ ଥିବା ଲୋକମାନଙ୍କୁ ପାଇବ ଓ ଦେଶ ଅତି
ବିସ୍ତୃତ, ପରମେଶ୍ୱର ତାହା ତୁମ୍ଭମାନଙ୍କ ହସ୍ତରେ ସମର୍ପଣ
କରିଅଛନ୍ତି। ସେ ସ୍ଥାନରେ ପୃଥିବୀସ୍ଥ କୌଣସି କଥାର ଅଭାବ
ନାହିଁ।"

11ତେଣୁ ଦାନ ପରିବାରବର୍ଗରୁ 600 ଲୋକ ଯୁଦ୍ଧାସ୍ତ୍ରରେ
ସଜ୍ଜିତ ହୋଇ ସରୀୟ ଓ ଇଷ୍ଟାୟୋଲ ପରିତ୍ୟାଗ କଲେ।
12ସେମାନେ ଲୟିଶକୁ ଯିବା ବାଟରେ ଯିହୁଦାର କିରୀୟତ
ଯିୟାରୀମ ନଗରରେ ଛାଉଣୀ ସ୍ଥାପନ କଲେ। ସେହି
କାରଣରୁ ସେହି ସ୍ଥାନକୁ ଆଜି ପର୍ଯ୍ୟନ୍ତ ମହନୀଦାନ୍ ଦାନ

ବୋଲି ପରିଚିତ। ଯାହାକି କିରିୟତ ୟିୟାରୀମର ପଶ୍ଚିମରେ
ଅଛି। 13ସେହି ସ୍ଥାନଠାରୁ 600 ଲୋକ ଇଫ୍ରୟିମ ପର୍ବତମୟ
ଦେଶକୁ ଯାତ୍ରା କଲେ। ତା'ପରେ ସେମାନେ ଆସି ମୀଖାର
ଘରେ ପହଁଞ୍ଚିଲେ।

14ତେଣୁ ସେହି ପାଞ୍ଚଜଣ ଯେଉଁମାନେ ଲୟିଶ ଦେଶ
ଅନୁସନ୍ଧାନ କରିବାକୁ ଯାଇଥିଲେ, ସେମାନେ ସେମାନଙ୍କର
ସମ୍ପର୍କୀୟମାନଙ୍କୁ କହିଲେ, "ସେଠାରେ ଏକ ଏଫୋଦ୍ ଅଛି।
ସେଠାରେ ଗୃହ ଦେବତାଗଣ ଅଛନ୍ତି ଓ ଏକ ଖୋଦିତ
ପ୍ରତିମା ଅଛି। ଏହା ତୁମ୍ଭେମାନେ କ'ଣ ଜାଣ? ତେଣୁ
ବର୍ତ୍ତମାନ କ'ଣ କରିବାକୁ ହେବ ବିବେଚନା କର।" 15ସେମାନେ
ମୀଖାର ଗୃହ ପାଖରେ ଅଟକି ଗଲେ। ଯେଉଁଠାରେ ଲେବୀୟ
ଲୋକ ଜଣକ ବାସ କରୁଥିଲେ। ସେମାନେ ସେହି ଲେବୀୟ
ଯୁବକକୁ ପଚାରିଲେ କିପରି ଅଛନ୍ତି ବୋଲି। 16ଦାନ
ପରିବାରବର୍ଗର 600 ଲୋକ ଅସ୍ତ୍ରରେ ସଜ୍ଜିତ ହୋଇଥିଲେ।
ସେମାନେ ଫାଟକ ନିକଟରେ ଛିଡା ହେଲେ। 17-18ଦେଶାନୁସନ୍ଧାନ
ନିମିତ୍ତ ଯାଇଥିବା ସେହି ପାଞ୍ଚଜଣ ଉପରକୁ ଗଲେ। ତା'ପରେ
ସେମାନେ ଭିତରକୁ ପ୍ରବେଶ କରି ଏଫୋଦକୁ, ଗୃହ ଦେବତାଙ୍କୁ
ଓ ଖୋଦିତ ପ୍ରତିମାକୁ ନେଇଗଲେ। ସେହି ସମୟରେ ଯାଜକ
ଫାଟକ ନିକଟରେ ଅସ୍ତ୍ରରେ ସଜ୍ଜିତ ହୋଇ ସେହି 600
ଲୋକ ସହିତ ଛିଡା ହୋଇଗଲେ। ଯାଜକ ଘରେ ପ୍ରବେଶ
କରିଥିବା ପାଞ୍ଚ ଜଣଙ୍କୁ ପଚାରିଲେ, "ତୁମ୍ଭେମାନେ କ'ଣ
କରୁଅଛ?"

19ସେମାନେ ତାକୁ ଚୁପ୍ ହେବା ପାଇଁ କହିଲେ।
ସେମାନେ ତାକୁ କହିଲେ, "ତୁମ୍ଭର ହାତ ତୁମ୍ଭର ପାଟିରେ
ଦିଅ ଏବଂ ଆମ୍ଭମାନଙ୍କୁ ଅନୁସରଣ କର। ଆମ୍ଭମାନଙ୍କ ପିତା
ଓ ଆମ୍ଭମାନଙ୍କର ଯାଜକ ହୁଅ। ତୁମ୍ଭେ ଗୋଟିଏ ଲୋକର
ଗୃହ ଦେବତାର ଯାଜକ ହେବା ଭଲ ନା ଇଶ୍ରାୟେଲର
ଗୋଷ୍ଠୀ ଓ ପରିବାରବର୍ଗ ଉପରେ ଯାଜକ ହେବା ଭଲ କି?"

20ଏଥିରେ ଯାଜକର ମନ ଆନନ୍ଦିତ ହେଲା। ତହୁଁ ସେ
ଏଫୋଦ୍ ଓ ଠାକୁରମାନ ଓ ଖୋଳା ପ୍ରତିମାମାନ ନେଇ
ଲୋକମାନଙ୍କ ସଙ୍ଗରେ ଚାଲିଗଲା।

21ଏହାପରେ ସେମାନେ ବୁଲି ପଡିଲେ ଓ ସେହି ସ୍ଥାନ
ପରିତ୍ୟାଗ କଲେ। ସେମାନେ ସେମାନଙ୍କର ବାଳକ, ପଶୁଗଣ
ଓ ସେମାନଙ୍କର ସମସ୍ତ ସାମଗ୍ରୀ ସେମାନଙ୍କ ଆଗରେ
ରଖିଲେ।

22ସେମାନେ ମୀଖାର ଗୃହର ଅଳ୍ପ ଦୂରରେ ଥିଲେ।
ଯେତେବେଳେ ମୀଖାର ନିକଟରେ ବାସ କରୁଥିବା ଲୋକମାନେ
ଦାନର ଲୋକମାନଙ୍କୁ ଗୋଡାଇଲେ ଓ ସେମାନଙ୍କୁ ଧରିଲେ।
23ସେମାନେ ଦାନର ଲୋକମାନଙ୍କ ଉପରେ ପାଟି କଲେ।
ତା'ପରେ ଦାନର ଲୋକମାନେ ବୁଲିପଡି ମୀଖାଙ୍କୁ ପଚାରିଲେ,
"ତୁମ୍ଭର କ'ଣ ଖବର ଅଛି ଯେ, ତୁମ୍ଭେ ତୁମ୍ଭର ଲୋକମାନଙ୍କୁ
ଏକତ୍ରୀତ କରିଛ?"

24ସେ ଉତ୍ତରରେ କହିଲେ, "ମୋର ହାତରେ ତିଆରି
କରିଥିବା ପ୍ରତିମାମାନଙ୍କୁ ଓ ମୋର ଯାଜକକୁ ତୁମ୍ଭେମାନେ
ନେଇ ଯାଇଛ। ମୋର ଆଉ କ'ଣ ବାକି ଅଛି? ଏବଂ
ତଥାପି ତୁମ୍ଭେ ପଚାରୁଛ, 'ସମସ୍ୟା କ'ଣ?'"

25ତହିଁରେ ଦାନର ଲୋକମାନେ ତାଙ୍କୁ କହିଲେ, "ଆମ୍ଭ
ସହିତ ତର୍କ ନକରିବା ତୁମ୍ଭ ପାଇଁ ଉତ୍ତମ ଅଟେ। ଆମ୍ଭମାନଙ୍କ
ମଧ୍ୟରୁ କେତେକଙ୍କୁ କ୍ରୋଧିତ କରିପାରେ। ଯେଉଁମାନେ କି
ଗରମ ମିଜାସର ଅଟନ୍ତି ଏବଂ ସେମାନେ ତୁମ୍ଭ ସହିତ ତୁମ୍ଭର
ଲୋକମାନଙ୍କୁ ଓ ତୁମ୍ଭର ପରିବାରକୁ ଆକ୍ରମଣ କରି ପାରନ୍ତି
ଓ ହତ୍ୟା କରିପାରନ୍ତି।"

26ଏହାପରେ ଦାନ ସନ୍ତାନଗଣ ନିଜ ପଥରେ ଅଗ୍ରସର
ହେଲେ। ପୁଣି ମୀଖା ସେମାନଙ୍କୁ ନିଜଠାରୁ ଅଧିକ ବଳବାନ
ଦେଖି ଫେରି ନିଜ ଗୃହକୁ ଫେରି ଗଲେ।

27ତା'ପରେ ସେମାନେ ମୀଖାର ପ୍ରତିମା ଓ ତାହାର
ଯାଜକକୁ ଛାଡି ଲୟିଶରେ ପହଞ୍ଚିଲେ। ସେମାନେ ସେହି
ଲୋକମାନଙ୍କୁ ଆକ୍ରମଣ କଲେ, ଯେଉଁମାନେ ସେଠାରେ
ଶାନ୍ତିରେ ଓ ନିରାପଦରେ ବାସ କରୁଥିଲେ। ସେମାନେ
ଖଡ୍ଗରେ ଲୋକମାନଙ୍କୁ ହତ୍ୟା କଲେ ଓ ନଗରକୁ ଅଗ୍ନିରେ
ଦଗ୍ଧ କଲେ। 28ପୁଣି ତାଙ୍କର କେହି ଉଦ୍ଧାର କର୍ତ୍ତା ନ
ଥିଲେ। କାରଣ ତାହା ସୀଦୋନଠାରୁ ଦୂର ଥିଲା, ସେମାନଙ୍କର
ଅନ୍ୟ ଲୋକମାନଙ୍କ ସହିତ ଚୁକ୍ତି ନଥିଲା। ଲୟିଶ ବୈଥ୍ରହୋବର
ଓ ନିକଟସ୍ଥ ତଳ ଭୂମିରେ ଥିଲା। ଏହାପରେ ସେମାନେ
ନୂତନ ନଗର ନିର୍ମାଣ କରି ସେଠାରେ ବାସ କଲେ।
29ଯେହେତୁ ସେମାନେ ଇଶ୍ରାୟେଲର ଜଣେ ପୁତ୍ର ଦାନର
ଭବିଷ୍ୟଦ୍ ବଂଶଧର ଥିଲେ, ସେମାନେ ସେହି ନଗରର ନାମ
ଦାନ ରଖିଲେ। ମାତ୍ର ବାସ୍ତବରେ ସେହି ନଗରର ନାମ
ଲୟିଶ ଥିଲା।

30ଏଣୁ ଦାନ ପରିବାରବର୍ଗ ସେହି ଖୋଦିତ ପ୍ରତିମା
ଆପଣାମାନଙ୍କ ପାଇଁ ସ୍ଥାପନ କଲେ। ସେମାନଙ୍କର ଯାଜକରୂପେ
ସେମାନେ ମୋଶାଙ୍କର ପୁତ୍ର ଗେର୍ଶୋନ ବଂଶଧର ଯୋନାଥନକୁ
ନିଯୁକ୍ତ କଲେ। ଇଶ୍ରାୟେଲୀୟମାନେ ନିର୍ବାସିତ ହେବା ପର୍ଯ୍ୟନ୍ତ
ଯୋନାଥନ ଓ ତାଙ୍କର ପୁତ୍ରମାନେ ଦାନ ପରିବାରବର୍ଗର
ଯାଜକ ହୋଇ ରହିଲେ। 31ଶୀଲୋରେ ପରମେଶ୍ୱରଙ୍କ ଗୃହ
ଥିବାର ସମସ୍ତ ସମୟ, ସେମାନେ ଆପଣାମାନଙ୍କ ପାଇଁ
ମୀଖାର ନିର୍ମିତ ସେହି ଖୋଦିତ ପ୍ରତିମା ସ୍ଥାପନ କରି
ରଖିଲେ।

### ଜଣେ ଲେବୀୟ ବ୍ୟକ୍ତି ଓ ତା'ର ଉପପତ୍ନୀ

19 ସେହି ସମୟରେ ଇଶ୍ରାୟେଲୀୟମାନଙ୍କର କେହି ରାଜା
ନଥିଲେ।

ଇଫ୍ରୟିମ ପର୍ବତମୟ ଦେଶର ବହୁ ଦୂରରେ ଜଣେ
ଲେବୀୟ ବ୍ୟକ୍ତି ବାସ କରୁଥିଲେ। ଯିହୁଦାର ବୈଥ୍ଲେହମର
ତାଙ୍କର ଜଣେ ଦାସୀ ଥିଲା। 2କିନ୍ତୁ ସେହି ସ୍ତ୍ରୀ ଜଣଙ୍କ ତାଙ୍କ
ସହିତ ତର୍କ କରି ତା'ର ପିତୃ ଗୃହକୁ ଚାଲିଗଲା। ସେ
ସେଠାରେ ଚାରିମାସ ଧରି ରହିଲେ। 3ଏହାପରେ ତା'ର ସ୍ୱାମୀ
ତା ପାଖକୁ ଦେଖିବାକୁ ଗଲେ ଓ ତାକୁ ନମ୍ରତାରେ କହିଲେ
କାଳେ ସେ ତାଙ୍କ ସହିତ ଫେରି ଆସିବ। ସେ ତାଙ୍କର
ଗୋଟିଏ ଯୋଡା ଗଧ ଓ ତାଙ୍କର ଦାସ ସହିତ ସେଠି
ପହଞ୍ଚିଲେ। ସେହି ଲେବୀୟ ଲୋକଟିକୁ ଦେଖି ସେହି ସ୍ତ୍ରୀ
ଲୋକ ଜଣଙ୍କର ପିତା ବହୁତ ଖୁସି ହୋଇଗଲେ ଓ ତାଙ୍କୁ
ପାଛୋଟି ନେବାପାଇଁ ବାହାରକୁ ବାହାରି ଆସିଲେ। 4ସେହି
ସ୍ତ୍ରୀ ଲୋକଟିର ପିତା ଲେବୀୟ ଲୋକଜଣଙ୍କୁ ତାଙ୍କ ଘରକୁ

ପାଛୋଟି ନେଲେ। ଏବଂ ସେ ଦିନ ସେଠାରେ ରହିବା ପାଇଁ
ତାଙ୍କୁ ନିମନ୍ତ୍ରଣ କଲେ। ତେଣୁ ସେହି ଲେବୀୟ ଲୋକଜଣଙ୍କ
ସେଠାରେ ତିନିଦିନ ଧରି ରହିଲେ। ସେ ତାଙ୍କ ଶ୍ୱଶୁର ଘରେ
ଖାଇପିଇ ଶୋଇ ରହିଲେ।

5ଚତୁର୍ଥ ଦିନ ସେହି ସ୍ଥାନ ଛାଡ଼ିବା ପାଇଁ ପ୍ରଭାତରୁ ଉଠି
ପ୍ରସ୍ତୁତ ହେଲେ। ସ୍ତ୍ରୀ ଲୋକଟିର ବାପା କହିଲା, "ପ୍ରଥମେ
କିଛି ଖାଅ, ଖାଇ ସାରିବାପରେ ତୁମେ ଯାଇପାର।" 6ତେଣୁ
ଲେବୀୟ ଲୋକ ଏବଂ ତାଙ୍କ ଶ୍ୱଶୁର ଏକ ସାଙ୍ଗରେ
ଖିଆପିଆ କଲେ। ଏହାପରେ ସେହି ଯୁବତୀର ପିତା ତାଙ୍କୁ
କହିଲେ, "ଦୟାକରି ଆଜି ରାତ୍ରି ଏହିଠାରେ ରହିଯାଅ ଏବଂ
ନିଜକୁ ଉପଭୋଗ କର।" ତେଣୁ ସେହି ଲୋକଦ୍ୱୟ ବସି
ଭୋଜନ କଲେ। 7ଲେବୀୟ ଲୋକ ଜଣଙ୍କ ଯିବାକୁ ପ୍ରସ୍ତୁତ
ହେଲେ, କିନ୍ତୁ ତାଙ୍କର ଶ୍ୱଶୁର ତାଙ୍କୁ ଗୋଟିଏ ରାତ୍ରି ରହିବା
ପାଇଁ ଅନୁରୋଧ କଲେ।

8ଏହାପରେ ପଞ୍ଚମ ଦିନ ଲେବୀୟ ଲୋକଜଣଙ୍କ ଅତି
ପ୍ରତ୍ୟୁଷରୁ ଉଠି ଯିବାକୁ ବାହାରିଲେ। ସେହି ସମୟରେ ତାଙ୍କ
ଶ୍ୱଶୁର ତାଙ୍କୁ ଅନୁରୋଧ କଲେ, "ପ୍ରଥମେ କିଛି ଖିଆ ପିଆ
କର।" ତେଣୁ ସେମାନେ ଏକତ୍ର ଉପରଓଳି ପର୍ଯ୍ୟନ୍ତ ଖାଇ
ପିଇ ମଉଜ କଲେ।

9ଏହାପରେ ସେହି ଲେବୀୟ ଲୋକ ଜଣଙ୍କ ତାଙ୍କର
ଉପପତ୍ନୀ ଏବଂ ତାଙ୍କର ସେବକମାନେ ଯିବାପାଇଁ ଉଠିଲେ।
କିନ୍ତୁ ସେହି ସମୟରେ ସେହି ଯୁବତୀର ପିତା କହିଲେ,
"ଏହା ବର୍ତ୍ତମାନ ଅନ୍ଧାର ଅଛି। ଦିନସରି ଗଲାଣି, ତେଣୁ ଆଜି
ରାତ୍ରୀକି ଏହିଠାରେ ରହିଯାଅ, ଏବଂ ତୁମେ ନିଜକୁ ଉପଭୋଗ
କର। ଆସନ୍ତା କାଲି ପର୍ଯ୍ୟନ୍ତ ଏଠାରେ ରହିଯାଅ। ଆସନ୍ତାକାଲି
ପ୍ରଭାତରୁ ତୁମେ ଉଠି ତୁମ୍ଭ ବାଟରେ ତୁମେ ଚାଲିଯିବ।"

10କିନ୍ତୁ ଲେବୀୟ ଲୋକଜଣଙ୍କୁ ଆଉ ଏକ ରାତ୍ରି ରହିବା
ପାଇଁ ଭଲ ଲାଗୁ ନଥିଲା। ତେଣୁ ସେ ପ୍ରସ୍ତୁତ ହେଲା ଏବଂ
ତା'ର ଉପପତ୍ନୀ ଓ ଗଧ ଦୁଇଟିକୁ ଧରି ଚାଲିଗଲା, ସେ
ଯିବୂଷ ପର୍ଯ୍ୟନ୍ତ ଯାତ୍ରା କଲେ। 11ଦିନ ସରିଆସିବା ବେଳକୁ
ସେମାନେ ଯିବୂଷ ନିକଟରେ ଥିଲେ। ତେଣୁ ତାଙ୍କର ଦାସ
ତାଙ୍କର ମୁନିବଙ୍କୁ କହିଲେ, "ଚାଲ ଏହିଠାରେ ରହିଯିବା
ରାତ୍ରିଟି ଏହିଠାରେ କଟାଇ ଦେବା।"

12କିନ୍ତୁ ତାଙ୍କର ମୁନିବ ଲେବୀୟ ଲୋକଜଣଙ୍କ ତାଙ୍କୁ
କହିଲେ, "ନା, ଆମେ ଏହି ବିଚିତ୍ର ନଗରରେ ରହିବା ନାହିଁ।
ସେହି ଲୋକଗୁଡ଼ିକ ଇଶ୍ରାୟେଲୀୟ ନୁହଁନ୍ତି। ଆମ୍ଭେମାନେ
ଗିବୀୟାକୁ ଯିବା।" 13ଲେବୀୟ ଲୋକ ଜଣଙ୍କ କହିଲେ,
"ଆସ ଆମ୍ଭେମାନେ ଏହି ଦୁଇ ସ୍ଥାନରୁ କୌଣସି ଏକ ସ୍ଥାନକୁ
ଯିବା, ପୁଣି ଗିବୀୟା କି ରାମାରେ ରାତ୍ରି କାଟିବା।"

14ତେଣୁ ସେମାନେ ନିଜର ଆପଣା ପଥରେ ଚାଲିଗଲେ।
ବିନ୍ୟାମୀନ ପରିବାରବର୍ଗର ଅଧିନରେ ଥିବା ଗିବୀୟା ନିକଟରେ
ପହଞ୍ଚିଲା ବେଳେ ସୂର୍ଯ୍ୟ ଅସ୍ତ ହେଉଥିଲା। 15ତେଣୁ ସେମାନେ
ଗିବୀୟାରେ ରାତ୍ରି କାଟିବା ପାଇଁ ବାଟ ଛାଡିଗଲେ। ସେମାନେ
ନଗରରେ ପ୍ରବେଶ କଲେ ଏବଂ ନଗର ଛକରେ ବସିଲେ।
କିନ୍ତୁ ରାତ୍ରୀ ଯାପନ କରିବା ପାଇଁ କେହି ସେମାନଙ୍କୁ ନିମନ୍ତ୍ରଣ
କଲା ନାହିଁ।

16ସେତେବେଳେ ଦେଖନ୍ତୁ ତ ଜଣେ ବୃଦ୍ଧ ସନ୍ଧ୍ୟାକାଳେ
ନିଜର କ୍ଷେତ୍ରରୁ ସ୍ୱ କର୍ମସାରି ଫେରୁଥିଲା। ସେ ଇଫ୍ରୟିମ
ପର୍ବତମୟ ଦେଶର ଲୋକ ଓ ଗିବୀୟାରେ ପ୍ରବାସ କରୁଥିଲା।
ମାତ୍ର ସେ ସ୍ଥାନର ଲୋକମାନେ ବିନ୍ୟାମୀନୀୟ ଥିଲେ। 17ସେ
ଲୋକ ଅନାଇ ନଗରର ଛକରେ ସେହି ପଥିକକୁ ବସିଥିବାର
ଦେଖିଲା, ଏବଂ ସେହି ବୃଦ୍ଧ ଲୋକଜଣଙ୍କ ପଚାରିଲେ, "ତୁମ୍ଭେ
କେଉଁଠାରୁ ଆସିଅଛ? ତୁମ୍ଭେ କେଉଁଠାକୁ ଯାଉଅଛ?"

18ସେମାନେ ଉତ୍ତର ଦେଲେ, "ଆମ୍ଭେମାନେ ଯିହୁଦାର
ବୈଥଲେହମରୁ ଆସୁଅଛୁ ଏବଂ ପର୍ବତମୟ ଦେଶ ଇଫ୍ରୟିମର
ଅଗମ୍ୟ ଅଞ୍ଚଳକୁ ଯାଉଅଛୁ। ଆମ୍ଭେ ସେହି ସ୍ଥାନର ଲୋକ,
ଆମ୍ଭେମାନେ ବୈଥଲେହମକୁ ଯାଇଥିଲୁ। ଏବେ ମୁଁ ମୋର
ଗୃହକୁ ଯାଉଅଛି। ମାତ୍ର ବର୍ତ୍ତମାନ ମୋତେ ଆପଣା ଗୃହକୁ
ନେବାକୁ କେହି ନାହିଁ। 19ଆମ୍ଭମାନଙ୍କ ପାଖରେ ଆମର
ଗଧପାଇଁ ନଡା ଓ ଶସ୍ୟ ଅଛି। ମୋ ପାଇଁ ମୋର ଉପପତ୍ନୀ
ପାଇଁ ଓ ମୋର ସେବକମାନଙ୍କ ପାଇଁ ଯେଉଁମାନେ ମୋ
ସହିତ ଅଛନ୍ତି, ସେମାନଙ୍କ ପାଇଁ ପ୍ରଚୁର ରୋଟୀ ଓ ଦ୍ରାକ୍ଷାରସ
ଅଛି। ଆମ୍ଭେମାନେ କିଛି ଅଭାବ ବୋଧ କରୁ ନାହୁଁ।"

20ତେଣୁ ସେହି ବୃଦ୍ଧଲୋକ ଜଣଙ୍କ କହିଲା, "ତୁମ୍ଭେ
ଶାନ୍ତିରେ ରୁହ। ମୁଁ ତୁମ୍ଭର ସମସ୍ତ ଆବଶ୍ୟକତାର ଯତ୍ନ
ନେବି। ଦୟାକରି ନଗରର ଛକରେ ରାତ୍ରିଯାପନ କର
ନାହିଁ।" 21ଏହାପରେ ସେ ଆପଣା ଘରକୁ ଆଣି ଗଧମାନଙ୍କୁ
ଖାଦ୍ୟ ଦେଲା। ପୁଣି ସେମାନେ ପାଦ ଧୋଇ ଭୋଜନ
କଲେ।

22ସେମାନେ ଖାଉଥିଲା ବେଳେ ଓ ଉପଭୋଗ
କରୁଥିଲାବେଳେ ସହରରୁ କେତେକ ଦୁଷ୍ଟ ଲୋକ ଗୃହ
ଚାରିପାଖରେ ଘେରିଗଲେ। ସେମାନେ କବାଟରେ ବାଡେଇବା
ଆରମ୍ଭ କଲେ। ସେମାନେ ଗୃହମାଲିକ ସେହି ବୃଦ୍ଧ ଲୋକଙ୍କୁ
ପାଟି କଲେ: "ସେହି ଲୋକକୁ ଗୃହରୁ ବାହାର କରି ଆଣ
ଯିଏ ତୁମ୍ଭର ଅତିଥି। ଆମ୍ଭେ ତା ସହିତ ରତିକ୍ରିୟା କରିବୁ।"

23ତେଣୁ ସେହି ବୃଦ୍ଧ ଗୃହ ଭିତରୁ ବାହାରି ଆସିଲେ
ଏବଂ କହିଲେ, "ମୋର ବନ୍ଧୁଗଣ, ଦୟାକରି ଏମିତି ଅନିଷ୍ଟ
କର ନାହିଁ। ଏପରି ଜଘନ୍ୟ ପାପ କର ନାହିଁ। ଏହି ଲୋକ
ମୋ ଗୃହରେ ଅତିଥିରୂପେ ଅଛି।" 24ଦେଖ, ଏଠାରେ ମୋର
ଝିଅ, ଯେ କି କୁମାରୀ ଅଛି। ଏବଂ ଏହିଠାରେ ତା'ର
ଉପପତ୍ନୀ ଅଛି। ମୁଁ ସେମାନଙ୍କୁ ଆଣି ଦେଉଛି, ଯାହା
ତୁମ୍ଭମାନଙ୍କର ଇଚ୍ଛା ତାହାହିଁ କର। ମାତ୍ର ଏ ଲୋକଙ୍କ ପ୍ରତି
ଏପରି ଜଘନ୍ୟ କାର୍ଯ୍ୟ କରନାହିଁ।"

25କିନ୍ତୁ ସେହି ଦୁଷ୍ଟ ଲୋକମାନେ ବୃଦ୍ଧ ଲୋକଟିର
ଆବେଦନ ପ୍ରତି ଧ୍ୟାନ ଦେଲେ ନାହିଁ। ତେଣୁ ସେହି ଲେବୀୟ
ଲୋକ ଜଣକ, ନିଜର ଉପପତ୍ନୀକୁ ଘରୁ ବାହାର କଲା।
ତା'ପରେ ସେହି ଲୋକମାନେ ରାତିସାରା ତା ସହିତ ରତିକ୍ରିୟା
କଲେ ଏବଂ ପ୍ରଭାତରେ ଦାସୀକୁ ଛାଡ଼ି ଦେଲେ। 26ତହୁଁ ରାତ୍ରି
ପାହାନ୍ତା ବେଳକୁ ସେହି ସ୍ତ୍ରୀ ତାହାର ସ୍ୱାମୀ ରହୁଥିବା ଗୃହ
ଦ୍ୱାର ନିକଟରେ ଆଲୁଅ ହେବା ପର୍ଯ୍ୟନ୍ତ ପଡି ରହିଲା।

27ଏହାପରେ ତା'ର ପ୍ରଭୁ ଉଠି ନିଜ ବାଟରେ ଯିବାପାଇଁ
ଦ୍ୱାର ଫିଟାଇଲା ଏବଂ ତା'ର ଉପପତ୍ନୀକୁ ଦ୍ୱାର ସମ୍ମୁଖରେ
ପଡିଥିବାର ପାଇଲା। ତାହାର ଦୁଇହାତ ଦ୍ୱାରବନ୍ଧ ଉପରେ
ପଡିଥିଲା। 28ଦାସୀ ତାକୁ କହିଲା, "ଉଠ, ଚାଲ" ଆମ୍ଭେମାନେ

ଆସ ରାସ୍ତାରେ ଯିବା, ମାତ୍ର ସେ ଉତ୍ତର ଦେଲା ନାହିଁ। ତେଣୁ
ସେ ତାକୁ ଗଧ ଉପରକୁ ନେଲା ଏବଂ
ଆପଣା ସ୍ଥାନକୁ ପ୍ରସ୍ଥାନ କଲା। **29**ଏହାପରେ ସେ ନିଜ
ଗୃହରେ ପହଞ୍ଚି ଗୋଟିଏ ଛୁରି ନେଇ ଆପଣା ଉପପତ୍ନୀର
ଅସ୍ଥିର ଖଞ୍ଜା ଅନୁସାରେ ବାର ଖଣ୍ଡରେ ବିଭକ୍ତ କରି
ଇଶ୍ରାୟେଲର ସମସ୍ତ ଅଞ୍ଚଳକୁ ପଠାଇଲା। **30**ଏଥିରେ ଯେତେ
ଲୋକ ଖଣ୍ଡସବୁ ଦେଖିଲେ ସେମାନେ କହିଲେ,
"ଇଶ୍ରାୟେଲୀୟଗଣ ମିଶର ଦେଶ ପରିତ୍ୟାଗ କଲାଠାରୁ ଆଜି
ପର୍ଯ୍ୟନ୍ତ ଏପରି ଜିନିଷ କେବେ କରାଯାଇନାହିଁ କି କେବେ
ଦେଖାଯାଇନାହିଁ। ଏହି ବିଷୟରେ ଚିନ୍ତା କର, ସିଦ୍ଧାନ୍ତରେ
ଉପନୀତ ହୁଅ ଏବଂ ଏହାକୁ ଉଚ୍ଚାରଣ କର।"

### ଇଶ୍ରାୟେଲ ଓ ବିନ୍ୟାମୀନୀୟମାନଙ୍କ ମଧ୍ୟରେ ଯୁଦ୍ଧ

**20** ଏଣୁ ଇଶ୍ରାୟେଲର ସମସ୍ତ ଲୋକ ଏକତ୍ରିତ ହେଲେ।
ସେମାନେ ସମସ୍ତେ ମିସ୍ପୀରେ ସଦାପ୍ରଭୁଙ୍କଠାରେ
ଏକତ୍ରିତ ହେଲେ। ଇଶ୍ରାୟେଲୀୟମାନେ ଦାନଠାରୁ ବେରଶେବା
ପର୍ଯ୍ୟନ୍ତ ଓ ଗିଲୀୟଦଠାରୁ ମଧ୍ୟ ଆସିଲେ। **2**ଇଶ୍ରାୟେଲ
ପରିବାରବର୍ଗର ସମସ୍ତ ଅଧିପତିମାନେ ସେଠାରେ ଏକତ୍ରିତ
ହେଲେ। ପରମେଶ୍ୱରଙ୍କ ଲୋକଗଣର ସେହି ସମାଜରେ
ରହିଲେ। ଖଡ୍ଗଧାରୀ, ପଦାତିକ ଉପସ୍ଥିତ ଥିଲେ। ଏମାନେ
ଥିଲେ 4,00,000। **3**ବିନ୍ୟାମୀନୀୟ ପରିବାରବର୍ଗର ଲୋକମାନେ
ଶୁଣିବାକୁ ପାଇଲେ ଯେ ଇଶ୍ରାୟେଲର ସମସ୍ତ ଲୋକ
ମିସ୍ପୀରେ ଏକତ୍ରିତ ହୋଇଛନ୍ତି। ଇଶ୍ରାୟେଲର ଲୋକମାନେ
କହିଲେ, "ଆମ୍ଭମାନଙ୍କୁ କୁହ ଏପରି ଭୟଙ୍କର ଅବସ୍ଥା କିପରି
ହେଲା?"

**4**ଲେବୀୟ ଲୋକ, ଯିଏକି ହତ୍ୟା କରାଯାଇଥିବା ସ୍ତ୍ରୀ
ଲୋକର ପ୍ରଭୁ, ସେମାନଙ୍କୁ କହିଲା, ଯାହା ସେମାନଙ୍କ ପାଇଁ
ଘଟିଯାଇଥିଲା। ସେ କହିଲା, "ମୋର ଉପପତ୍ନୀ ଏବଂ ମୁଁ
ସେହି ବିନ୍ୟାମୀନୀୟ ଦେଶକୁ ଯାଇଥିଲୁ। ଆମ୍ଭେମାନେ ସେଠାରେ
ରାତ୍ରି ଯାପନ କଲୁ। **5**କିନ୍ତୁ ସେହି ରାତ୍ରିରେ ଗିବୀୟାର
ଅଧିପତି ସେଠାକୁ ଆସିଲେ। ଯେଉଁଠାରେ ମୁଁ ରହିଥିଲି।
ସେମାନେ ସେ ଗୃହକୁ ଘେରିଗଲେ। ଏବଂ ସେମାନେ
ଚାହିଁଲେ ମୋତେ ମାରିଦେବା ପାଇଁ ସେମାନେ ମୋର
ଉପପତ୍ନୀଙ୍କୁ ଧର୍ଷଣ କଲେ। ଏବଂ ସେ ମରିଗଲା। **6**ତେଣୁ ମୁଁ
ମୋର ଉପପତ୍ନୀଙ୍କୁ ଗୃହକୁ ନେଇ ଆସିଲି ଏବଂ ତାକୁ କାଟି
ଖଣ୍ଡ ଖଣ୍ଡ କରିଦେଲି। ତା'ପରେ ମୁଁ ତା'ର ଶରୀରର
ଟୁକୁଡ଼ାଗୁଡ଼ିକ ସାରା ଇଶ୍ରାୟେଲ ମଧ୍ୟକୁ ପଠାଇଦେଲି, କାରଣ
ବିନ୍ୟାମୀନର ଏହିସବୁ ଲୋକମାନେ ଇଶ୍ରାୟେଲରେ ଏହିପରି
ଜଘନ୍ୟ ଅପମାନଜନକ କାର୍ଯ୍ୟ କରିଥିଲେ। **7**ବର୍ତ୍ତମାନ
ଇଶ୍ରାୟେଲର ସମସ୍ତ ଲୋକଗଣ କୁହ ଏବଂ ତୁମ୍ଭର ମତାମତ
ଦିଅ ଆମ୍ଭେମାନେ କ'ଣ କରିବା।"

**8**ଏହାପରେ ଜଣେ ଲୋକ ପରି ସମସ୍ତ ଲୋକ ଏକା
ସମୟରେ ଉଠି ପଡ଼ିଲେ ଓ କହିଲେ, "ଆମ୍ଭମାନଙ୍କ ମଧ୍ୟରୁ
କେହି ଗୃହକୁ ଯିବା ନାହିଁ। କେହି କାହାରି ସ୍ୱଗୃହକୁ
ଫେରିବା ନାହିଁ। **9**ଗିବୀୟା ପ୍ରତି ଏବେ ଆମ୍ଭେମାନେ ଏହିପରି
କରିବୁ, ଗୁଲିବାଣ୍ଟି କ୍ରମେ ତା'ର ପ୍ରତିକୂଳରେ ଯିବୁ। **10**ଆମ୍ଭମାନେ
100 ଜଣ ଲୋକମାନଙ୍କରୁ ଦଶଜଣଙ୍କୁ, 1000 ଜଣରୁ 100
ଜଣଙ୍କୁ, ଆମ୍ଭର ସୈନ୍ୟବାହିନୀର ଖାଦ୍ୟ ସଂଗ୍ରହ କରିବାକୁ
ମନୋନୀତ କରୁ। ତେଣୁ ସୈନିକମାନେ ବିନ୍ୟାମୀନର ଗିଲୀୟଦକୁ
ଆକ୍ରମଣ କରିବେ। ସେମାନେ ସେହି ଲୋକମାନଙ୍କୁ ସେମାନଙ୍କର
କୁକର୍ମ ଯୋଗୁ ଇଶ୍ରାୟେଲରେ ଦଣ୍ଡ ଦେବେ।"

**11**ଏହିରୂପେ ଇଶ୍ରାୟେଲୀୟ ସମସ୍ତ ଲୋକ ଜଣେ ଲୋକପରି
ସେହି ନଗର ବିରୁଦ୍ଧରେ ଏକତ୍ରିତ ହେଲେ। **12**ଏହାପରେ
ଇଶ୍ରାୟେଲ ପରିବାରବର୍ଗ ବିନ୍ୟାମୀନର ସମୁଦାୟ ପରିବାରବର୍ଗ
ନିକଟକୁ ଲୋକ ପଠାଇ କହିଲେ, "ତୁମ୍ଭମାନଙ୍କ ମଧ୍ୟରେ ଏ
କି ଦୁଷ୍ଟତା ଘଟିଛି? **13**ଗିବୀୟାର କୁକର୍ମକାରୀମାନଙ୍କୁ ଆମ୍ଭମାନଙ୍କ
ହସ୍ତରେ ବର୍ତ୍ତମାନ ସମର୍ପଣ କର, ଯାହାଫଳରେ ଆମ୍ଭେମାନେ
ସେମାନଙ୍କୁ ହତ୍ୟା କରି ପାରିବୁ ଏବଂ ଇଶ୍ରାୟେଲରୁ ଦୁଷ୍ଟତା
ଦୂର କରିଦେବୁ।"

ମାତ୍ର ବିନ୍ୟାମୀନ ଆପଣା ସମ୍ପର୍କୀୟ ଇଶ୍ରାୟେଲ
ଲୋକମାନଙ୍କର କଥା ଅନୁସାରେ ସମ୍ମତ ହେଲେ ନାହିଁ।
**14**ପୁଣି ସନ୍ତାନଗଣ ବିନ୍ୟାମୀନ ପରିବାରବର୍ଗର ଲୋକମାନେ
ନଗରମାନରୁ ବାହାରି ଗିବୀୟାକୁ ଯାଇ ଇଶ୍ରାୟେଲର ଅନ୍ୟ
ବଂଶ ବିରୁଦ୍ଧରେ ଯୁଦ୍ଧ କରିବାକୁ ଗଲେ। **15**ସେହିଦିନ
ନଗରମାନଙ୍କରୁ ଆସନ୍ତା ବିନ୍ୟାମୀନ ସନ୍ତାନଗଣର 26,000
ଖଡ୍ଗଧାରୀ ଲୋକ ଗଣିତ ହେଲେ। ଏହାଛଡ଼ା ଗିବୀୟାନ ବାସୀ
ଲୋକମାନଙ୍କର 700 ବଛା ବଛା ଲୋକ ଗଣିତ ହେଲେ।
**16**ଏହି ଲୋକମାନଙ୍କ ମଧ୍ୟରେ 700 ବଛା ଲୋକ ବାଁହାତିଆ
ଥିଲେ। ଲକ୍ଷ୍ୟ ନହରାଇ ସେମାନେ ଗୋଟିଏ କେଶକୁ ମଧ୍ୟ
ବାଟୁଳି ଦ୍ୱାରା ମଧ୍ୟ ଲକ୍ଷ୍ୟଭେଦ କରିପାରନ୍ତି।

**17**ବିନ୍ୟାମୀନ ପରିବାରବର୍ଗ ବ୍ୟତୀତ ଇଶ୍ରାୟେଲର
4,00,000 ଖଡ୍ଗଧାରୀ ଗଣତି ହେଲେ। ସେମାନେ ସମସ୍ତେ
ତାଲିମ ପ୍ରାପ୍ତ ସୈନିକ ଥିଲେ। **18**ଏହାପରେ ଇଶ୍ରାୟେଲ
ଲୋକମାନେ ବୈଥେଲହମକୁ ଗଲେ ଓ ସଦାପ୍ରଭୁଙ୍କୁ ପଚାରିଲେ,
"ବିନ୍ୟାମୀନ ପରିବାରବର୍ଗ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ
ଆମ୍ଭମାନଙ୍କ ମଧ୍ୟରୁ ପ୍ରଥମେ କିଏ ଯିବ।"

ସଦାପ୍ରଭୁ କହିଲେ, "ଯିହୁଦା ବଂଶର ଦଳ ପ୍ରଥମେ
ଯିବ।"

**19**ଏହାପରେ ଇଶ୍ରାୟେଲ ଲୋକମାନେ ସକାଳୁ ଉଠିଲେ
ଓ ଗିବୀୟା ନିକଟରେ ସେମାନଙ୍କର ଛାଉଣୀ ସ୍ଥାପନ କଲେ।"
**20**ତା'ପରେ ଇଶ୍ରାୟେଲୀୟମାନେ ବିନ୍ୟାମୀନ ସୈନ୍ୟମାନଙ୍କ
ବିରୁଦ୍ଧରେ ଯୁଦ୍ଧ କରିବାକୁ ବାହାରି ଗଲେ ଓ ଗିବୀୟାଠାରେ
ଯୁଦ୍ଧ କଲେ। **21**ଏହାପରେ ବିନ୍ୟାମୀନର ସୈନ୍ୟଗଣ ଗିବୀୟାର
ଯୁଦ୍ଧ କ୍ଷେତ୍ରକୁ ବାହାରି ଆସିଲେ। ସେହିଦିନ ଯୁଦ୍ଧରେ
ବିନ୍ୟାମୀନର ସୈନ୍ୟମାନେ ଇଶ୍ରାୟେଲର 22,000 ସୈନ୍ୟଙ୍କୁ
ହତ୍ୟା କଲେ।

**22-23**ଇଶ୍ରାୟେଲର ଲୋକମାନେ ସଦାପ୍ରଭୁଙ୍କ ନିକଟକୁ
ଗଲେ ଏବଂ ସେମାନେ ସନ୍ଧ୍ୟା ପର୍ଯ୍ୟନ୍ତ ସଦାପ୍ରଭୁଙ୍କଠାରେ
କ୍ରନ୍ଦନ କଲେ। ସେମାନେ ସଦାପ୍ରଭୁଙ୍କୁ ପଚାରିଲେ, "ଆମ୍ଭେମାନେ
କ'ଣ ଆମ୍ଭମାନଙ୍କର ଆପଣା ଭାଇ ବିନ୍ୟାମୀନ ଲୋକମାନଙ୍କ
ସହିତ ଯୁଦ୍ଧ କରିବାକୁ ଯିବା ଉଚିତ୍?"

ସଦାପ୍ରଭୁ ସେମାନଙ୍କୁ କହିଲେ, "ସେମାନଙ୍କ ବିରୁଦ୍ଧରେ
ଯାଅ।" ଏହିପରି ଇଶ୍ରାୟେଲମାନେ ଉତ୍ସାହିତ ହେଲେ ଏବଂ
ବିନ୍ୟାମୀନ ଲୋକମାଣଙ୍କ ବିରୁଦ୍ଧରେ ଯୁଦ୍ଧ କଲେ, ଯେପରି

ସେମାନେ ପ୍ରଥମ ଦିନରେ କରିଥିଲେ। **24**ଯୁଦ୍ଧର ଦ୍ୱିତୀୟ
ଦିନରେ ଇସ୍ରାୟେଲର ସୈନ୍ୟମାନେ ବିନ୍ୟାମୀନ ସୈନ୍ୟମାନଙ୍କର
ନିକଟବର୍ତ୍ତୀ ହେଲେ। **25**ଦ୍ୱିତୀୟ ଦିନରେ ବିନ୍ୟାମୀନ
ପରିବାରବର୍ଗର ସୈନ୍ୟଗଣ ଇସ୍ରାୟେଲ ଲୋକମାନଙ୍କ ବିରୁଦ୍ଧରେ
ଯୁଦ୍ଧ କରିବାକୁ ଗିବୟାରୁ ବାହାରି ଆସିଲେ। ଏହିଥର
ବିନ୍ୟାମୀନ ତାଲିମ୍ପ୍ରାପ୍ତ ସୈନ୍ୟଗଣ ଇସ୍ରାୟେଲର 18,000
ସୈନ୍ୟ ହତ୍ୟା କଲେ। ଯେଉଁମାନେ କି ସେମାନଙ୍କର ତାଲିମ
ପ୍ରାପ୍ତ ସୈନିକ ଥିଲେ।

**26**ଏହାପରେ ଇସ୍ରାୟେଲର ସମସ୍ତ ଲୋକ ବୈଥେଲହିମକୁ
ଗଲେ। ସେହି ସ୍ଥାନରେ ସେମାନେ ବସି ସଦାପ୍ରଭୁଙ୍କୁ ଗୁହାରି
ଜଣାଇଲେ। ସେମାନେ ସେଠାରେ ଦିନ ତମାମ କିଛି ଖାଇଲେ
ନାହିଁ। ସେମାନେ ମଧ୍ୟ ସଦାପ୍ରଭୁଙ୍କୁ ହୋମବଳି ଓ ମଙ୍ଗଳାର୍ଥକ
ବଳି ପ୍ରଦାନ କଲେ। **27**ଇସ୍ରାୟେଲୀୟ ଲୋକମାନେ ସଦାପ୍ରଭୁଙ୍କୁ
ଏକ ପ୍ରଶ୍ନ ପଚାରିଲେ, ସେହି ସମୟରେ ପରମେଶ୍ୱରଙ୍କ
ନିୟମ ସିନ୍ଦୁକ ବୈଥେଲଠାରେ ଥିଲା। **28**ସେଠାରେ ଜଣେ
ଯାଜକ ଥିଲେ ତାଙ୍କର ନାମ ଥିଲା ପୀନହସ୍। ସେ ଇଲୀୟାସରର
ବଂଶଧର ଥିଲେ। ଇଲୀୟାସର ଥିଲା ହାରୋଣଙ୍କର ପୁତ୍ର।
ଇସ୍ରାୟେଲର ଲୋକମାନେ ପଚାରିଲେ, "ବିନ୍ୟାମୀନ୍ର
ଲୋକମାନେ ଆମର ସମ୍ପର୍କୀୟ। ଆମ୍ଭେ ତାଙ୍କ ସହିତ ଯୁଦ୍ଧ
କରିବା ଉଚିତ ନା ଯୁଦ୍ଧ ବନ୍ଦ କରିବା ଉଚିତ୍?"

ସଦାପ୍ରଭୁ କହିଲେ, "ଆସନ୍ତା କାଲି ଯାଅ ଓ ସେମାନଙ୍କୁ
ପରାସ୍ତ କର। ସେମାନଙ୍କୁ ପରାସ୍ତ କରିବା ପାଇଁ ମୁଁ ତୁମ୍ଭମାନଙ୍କୁ
ସାହାଯ୍ୟ ହେବି।"

**29**ଏହାପରେ ଇସ୍ରାୟେଲର କିଛି ସୈନିକ ଗିବୟା ନଗରର
ଚତୁଃପାର୍ଶ୍ୱରେ ଲୁଚିରହିଲେ। **30**ଇସ୍ରାୟେଲର ସୈନ୍ୟମାନେ
ତୃତୀୟ ଦିନ ଗିବୟା ବିରୁଦ୍ଧରେ ଯୁଦ୍ଧ କରିବାକୁ ଗଲେ।
ସେମାନେ ପୂର୍ବଥର ପରି ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ
ରହିଲେ। **31**ବିନ୍ୟାମୀନର ସୈନ୍ୟମାନେ ଇସ୍ରାୟେଲୀୟ
ସୈନ୍ୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଗିବୟାରୁ
ବାହାରି ଆସିଲେ। ଇସ୍ରାୟେଲର ସୈନ୍ୟମାନେ ପଳାୟନ
କଲେ ଓ ବିନ୍ୟାମୀନ ସୈନ୍ୟମାନେ ସେମାନଙ୍କର ପଛରେ
ଗୋଡାଇଲେ। ଏହି ପ୍ରକାରେ ସେମାନେ ଇସ୍ରାୟେଲମାନଙ୍କୁ
ଗୋଡାଇ ଗୋଡାଇ ନଗରକୁ ପଛରେ ଛାଡି ଯିବାର କଲେ।

ବିନ୍ୟାମୀନର ସୈନ୍ୟମାନେ ପୂର୍ବଥର ପରି ଇସ୍ରାୟେଲର
କେତେକ ସୈନ୍ୟମାନଙ୍କୁ ମାରିବାକୁ ଲାଗିଲେ। ଏହିପରି ଭାବରେ
ତିରିଶଜଣ ସୈନ୍ୟ ହତ ହେଲେ। ସେମାନେ କେତେକ
ଲୋକଙ୍କୁ କ୍ଷେତ ମଧ୍ୟରେ ଏବଂ ସେମାନଙ୍କ ମଧ୍ୟରୁ କେତେକଙ୍କୁ
ସଡକରେ ହତ୍ୟା କଲେ। ଗୋଟିଏ ରାସ୍ତା ଗିବୟାକୁ ପଡିଥିଲା,
ଅନ୍ୟଟି ବୈଥେଲକୁ। **32**ବିନ୍ୟାମୀନର ଲୋକମାନେ ସେମାନଙ୍କ
ମଧ୍ୟରେ କୁହା କୁହି ହେଲେ, "ଆମ୍ଭେ ପୂର୍ବପରି ଜିତିବୁ।"

ଇସ୍ରାୟେଲର ଲୋକମାନେ ଦୌଡିପଳାଇଲେ। କିନ୍ତୁ ଏହା
ଏକ ଚାତୁରୀ ଥିଲା। ସେମାନେ ଚାହୁଁଥିଲେ ବିନ୍ୟାମୀନ
ଲୋକମାନେ ସେମାନଙ୍କର ନଗରରୁ ବାହାରି ରାସ୍ତାକୁ ପଳାଇ
ଆସନ୍ତୁ। **33**ତେଣୁ ଇସ୍ରାୟେଲର ସମସ୍ତ ଲୋକ ସେମାନଙ୍କର
ସ୍ଥାନରୁ ଉଠି ଦୌଡିଲେ। ସେମାନେ ସମସ୍ତେ ଗୋଟିଏ
ଜାଗାରେ ରୁଣ୍ଡ ହେଲେ। ସେହି ସ୍ଥାନର ନାମ ଥିଲା
ବାଲ୍ତାମର। ଇସ୍ରାୟେଲର କେତେକ ଲୋକ ଗିବୟାର
ପଶ୍ଚିମରେ ଲୁଚି ରହିଥିଲେ। ପୂର୍ବ ଗିବୟାରେ, ସେମାନେ
ଲୁଚିଥିବା ସ୍ଥାନରୁ ବାହାରି ଆସିଲେ ଓ ଗିବୟାକୁ ଆକ୍ରମଣ
କଲେ। **34**10,000 ଉତ୍ତମ ତାଲିମପ୍ରାପ୍ତ ସୈନିକମାନେ
ଗିବୟାକୁ ଆକ୍ରମଣ କଲେ। ଏହା ଏକ ଭୟଙ୍କର ଯୁଦ୍ଧ ଥିଲା
କିନ୍ତୁ ବିନ୍ୟାମୀନ ସୈନ୍ୟମାନେ ଅନୁଭବ କରିପାରିଲେ ନାହିଁ
ଯେ, ଏକ ଦୁର୍ଘଟଣା ସେମାନଙ୍କ ଉପରେ ଘଟିବାକୁ ଯାଉଛି।

**35**ସଦାପ୍ରଭୁ ଇସ୍ରାୟେଲର ସୈନ୍ୟମାନଙ୍କ ଦ୍ୱାରା
ବିନ୍ୟାମୀନମାନଙ୍କୁ ପରାସ୍ତ କଲେ। ସେହିଦିନ ଇସ୍ରାୟେଲର
ସୈନ୍ୟମାନେ ସେମାନଙ୍କର 25,100 ସୈନ୍ୟମାନଙ୍କୁ ହତ୍ୟା
କଲେ। ସେ ସମସ୍ତ ସୈନ୍ୟମାନେ ମୁଖ୍ୟତଃ ତାଲିମ ନେଇଥିଲେ
ଯୁଦ୍ଧ ପାଇଁ। **36**ତେଣୁ ବିନ୍ୟାମୀନ ଲୋକମାନେ ଦେଖିଲେ
ଯେ ସେମାନେ ହାରି ଯିବେ।

ଇସ୍ରାୟେଲର ସୈନ୍ୟମାନେ ପଛକୁ ଫେରିଲେ। ସେମାନେ
ବୁଲିଗଲେ କାରଣ ସେମାନେ ବିନ୍ୟାମୀନମାନଙ୍କ ଉପରେ
ହଠାତ୍ ଆକ୍ରମଣ କରିବା ପାଇଁ ଚାହୁଁଥିଲେ। ଯେଉଁ ଲୋକମାନେ
ଗିବୟାରେ ଲୁଚି ରହିଥିଲେ ସେହିମାନେ ଆକ୍ରମଣ ଆରମ୍ଭ
କରି ଦେଲେ। **37**ସେଠାରେ ଲୁଚିଥିବା ଲୋକମାନେ ଗିବୟାକୁ
ଆକ୍ରମଣ କରିଦେଲେ। ସେମାନେ ନଗରର ଚାରିଆଡେ
ବ୍ୟାପିଗଲେ ଏବଂ ନଗରରେ ଖଣ୍ଡା ଦ୍ୱାରା ପ୍ରତ୍ୟେକଙ୍କୁ ହତ୍ୟା
କଲେ। **38**ବର୍ତ୍ତମାନ ଯେଉଁ ଇସ୍ରାୟେଲୀୟ ଲୋକମାନେ ଲୁଚି
ରହିଥିଲେ, ସେମାନେ ଏକ ଯୋଜନା ପ୍ରସ୍ତୁତ କଲେ।
ସେମାନେ ନଗରରୁ ବୃହତ୍ ଧୂମ ମେଘ ଉଠାଇବେ।
ଇସ୍ରାୟେଲୀୟ ଲୋକଙ୍କ ସହିତ ସେମାନଙ୍କର ଏହି ନିଷ୍ପତ୍ତି
ହୋଇଯାଇ ଥିଲା।

**39**ବିନ୍ୟାମୀନର ସୈନ୍ୟମାନେ ପ୍ରାୟ ତିରିଶ ଜଣ
ଇସ୍ରାୟେଲୀୟ ସୈନ୍ୟମାନଙ୍କୁ ହତ୍ୟା କଲେ। ତେଣୁ
ବିନ୍ୟାମୀନୀୟମାନେ ନିଜକୁ ନିଜେ କହିଲେ, "ଆମ୍ଭେମାନେ
ଠିକ୍ ପୂର୍ବ ପରି ଜୟ କରୁଛୁ।" **40**କିନ୍ତୁ ହଠାତ୍ ଏକ ଧୂଆଁର
ବାଦଲ ସହର ଉପରେ ଉଠିଲା। ବିନ୍ୟାମୀନର ସୈନ୍ୟମାନେ
ବୁଲିକରି ଚାହିଁଲେ ଏବଂ ଦେଖିଲେ କ'ଣ ସବୁ ଚାଲୁଛି।
ସେମାନେ ଦେଖିଲେ ଯେ, ବୁଲି ଦେଖନ୍ତେ ନଗରରେ ନିଆଁ
ଜଳୁଛି। **41**ଏହାପରେ ଇସ୍ରାୟେଲୀୟ ସୈନ୍ୟମାନେ ଦୌଡା
ବନ୍ଦ କରିଦେଲେ। ସେମାନେ ସମସ୍ତେ ଯୁଦ୍ଧ କରିବା ପାଇଁ
ଏକତ୍ରିତ ହୋଇଗଲେ। ବିନ୍ୟାମୀନର ସୈନ୍ୟମାନେ ଭୟଭୀତ
ହୋଇଗଲେ। ସେମାନେ ଅନୁଭବ କଲେ ଯେ, ଏକ ଭୟଙ୍କର
ବିପଦ ସେମାନଙ୍କ ଉପରକୁ ଆସୁଅଛି।

**42**ତେଣୁ ବିନ୍ୟାମୀନୀୟ ସୈନିକମାନେ ଇସ୍ରାୟେଲ ସୈନ୍ୟଙ୍କ
ପାଖରୁ ଦୌଡି ପଳାଇବାକୁ ଲାଗିଲେ। ସେମାନେ ମରୁଭୂମି
ଆଡକୁ ଦୌଡିଲେ। କିନ୍ତୁ ସେମାନେ ଏପରି କରି ମଧ୍ୟ
ଯୁଦ୍ଧରୁ ରକ୍ଷା ପାଇପାରି ନ ଥିଲେ। ଇସ୍ରାୟେଲର ସୈନ୍ୟମାନେ
ନଗର ବାହାରକୁ ଆବାରି ଆସିଲେ ଏବଂ ସେମାନଙ୍କୁ ହତ୍ୟା
କଲେ। **43**ଇସ୍ରାୟେଲର ସୈନ୍ୟମାନେ ବିନ୍ୟାମୀନର ସୈନ୍ୟମାନଙ୍କ
ଚତୁଃପାର୍ଶ୍ୱରେ ଘେରିଗଲେ ଓ ସେମାନଙ୍କ ପଛରେ ଗୋଡାଇଲେ।
ସେମାନେ ସେମାନଙ୍କୁ ବିଶ୍ରାମ ଦେଲେ ନାହିଁ। ଇସ୍ରାୟେଲର
ସୈନ୍ୟମାନେ ଗିବୟାର ପୂର୍ବାଞ୍ଚଳ ନିକଟରେ ପରାସ୍ତ କଲେ।
**44**ଏହିପରି ଭାବରେ ବିନ୍ୟାମୀନୀୟ ଯୋଦ୍ଧା ସୈନିକ 18,000
ଲୋକଙ୍କୁ ହତ୍ୟା କଲେ।

45ବିନ୍ୟାମୀନୀୟ ସୈନ୍ୟମାନେ ମରୁଭୂମି ଆଡକୁ ଦୌଡିଲେ।
ସେମାନେ ରିମ୍ମୋନ ଶୈଳ ନିକଟକୁ ଦୌଡିଲେ। ଇଶ୍ରାୟେଲର
ସୈନ୍ୟମାନେ ବିନ୍ୟାମୀନୀୟ 5,000 ସୈନିକଙ୍କୁ ରାସ୍ତା ଉପରେ
ହତ୍ୟା କଲେ। ଏବଂ ସେମାନେ ପଳାୟନକାରୀ ବିନ୍ୟାମୀନୀୟ
ସୈନ୍ୟମାନଙ୍କୁ ଗିଦୟୋନ ଗୋଡାଇ ଥିଲେ। ସେଠାରେ
ଇଶ୍ରାୟେଲର ସୈନ୍ୟମାନେ ଆହୁରି 2,000 ବିନ୍ୟାମୀନର
ସୈନ୍ୟମାନଙ୍କୁ ହତ୍ୟା କଲେ।

46ସେହିଦିନ 25,000 ଲୋକ ବିନ୍ୟାମୀନୀୟ ସୈନ୍ୟମାନଙ୍କ
ମଧ୍ୟରୁ ମରିଗଲେ। ଯେଉଁମାନେ କି ବୀରତ୍ୱର ସହକାରେ
ଯୁଦ୍ଧ ଚଳାଇ ଥିଲେ। 47କିନ୍ତୁ 600 ସୈନିକ ବିନ୍ୟାମୀନୀୟଙ୍କର
ମରୁଭୂମିକୁ ଦୌଡ଼ି ପଳାୟନ କଲେ। ସେମାନେ ରିମ୍ମୋନ୍
ଶୈଳ ନିକଟକୁ ପଳାଇ ସେଠାରେ ଚାରିମାସ ଧରି ରହିଲେ।
48ଇଶ୍ରାୟେଲର ସୈନ୍ୟମାନେ ବିନ୍ୟାମୀନର ଦେଶକୁ ଫେରିଗଲେ।
ସେମାନେ ପ୍ରତ୍ୟକ ସହରର ପ୍ରତ୍ୟେକ ଲୋକମାନଙ୍କୁ ହତ୍ୟା
କଲେ, ଯେଉଁମାନଙ୍କୁ ସେମାନେ ଭେଟିଲେ। ସେମାନେ ପଶୁମାନଙ୍କୁ
ହତ୍ୟା କଲେ ଓ ସେମାନଙ୍କର ସମ୍ମୁଖରେ ଯାହା ପଡିଲା
ସେଗୁଡ଼ିକୁ ସେମାନେ ଧ୍ୱଂସ କଲେ। ପୁଣି ସେମାନେ ଯେଉଁ
ସହରରେ ପ୍ରବେଶ କଲେ ତାକୁ ଅଗ୍ନିରେ ପୋଡି ପକାଇଲେ।

## ବିନ୍ୟାମୀନର ଲୋକମାନଙ୍କ ପାଇଁ ପତ୍ନୀମାନଙ୍କ ହାସଲ

21 ମିସ୍ପୀରେ ଇଶ୍ରାୟେଲର ସୈନ୍ୟମାନେ ଏକ ପ୍ରତିଜ୍ଞା
କଲେ। ସେମାନଙ୍କର ପ୍ରତିଜ୍ଞା ଏହିପରି ଥିଲା,
"ଆମ୍ଭମାନଙ୍କ ମଧ୍ୟରୁ କେହି ବିନ୍ୟାମୀନ ପରିବାରବର୍ଗଙ୍କୁ
ଆମ୍ଭମାନଙ୍କର କନ୍ୟାକୁ ବିବାହ ଦେବେ ନାହିଁ।"

2ଇଶ୍ରାୟେଲର ଲୋକମାନେ ବୈଥେଲହିମକୁ ଗଲେ ଏବଂ
ସେଠାରେ ସେମାନେ ସଦାପ୍ରଭୁଙ୍କ ସମ୍ମୁଖରେ ସନ୍ଧ୍ୟା ପର୍ଯ୍ୟନ୍ତ
ବସି ରହିଲେ। ସେମାନେ ସେଠାରେ ସଦାପ୍ରଭୁଙ୍କ ଆଗରେ
କରୁଣ ଭାବରେ ଜୋରରେ ରୋଦନ କଲେ। 3ସେମାନେ
ସଦାପ୍ରଭୁଙ୍କୁ କହିଲେ, "ହେ ସଦାପ୍ରଭୁ! ତୁମ୍ଭେ ଇଶ୍ରାୟେଲର
ପରମେଶ୍ୱର। ଇଶ୍ରାୟେଲୀୟ ପ୍ରତି ଏପରି ବିପଦ କାହିଁକି
ପଡିଲା? ଏବଂ କାହିଁକି ଇଶ୍ରାୟେଲର ପରିବାରବର୍ଗ ମଧ୍ୟରୁ
ଗୋଟିଏ ହଜି ଯାଉଛି।"

4ତା'ପରଦିନ ଠିକ୍ ସକାଳେ ଇଶ୍ରାୟେଲର ଲୋକମାନେ
ଏକ ଯଜ୍ଞବେଦୀ ସ୍ଥାପନ କଲେ। ସେମାନେ ସେଠାରେ
ହୋମବଳି ଓ ମଙ୍ଗଳାର୍ଥକ ବଳି ଉତ୍ସର୍ଗ କଲେ। 5ଏହାପରେ
ସେମାନେ ପଚାରିଲେ, "ଯେଉଁ ପରିବାରବର୍ଗଟି ଯାହା ସଦାପ୍ରଭୁଙ୍କ
ଆଡେ ଫେରିଲା ନାହିଁ?" ସେମାନେ ଏହି ପ୍ରଶ୍ନ ପଚାରିଲେ
କାରଣ ସେମାନେ ଏକ ଗମ୍ଭୀର ଶପଥ କରିଥିଲେ। ସେମାନେ
ସେହି ଲୋକମାନଙ୍କୁ ହତ୍ୟା କରିବାକୁ ପ୍ରତିଜ୍ଞା କରିଥିଲେ,
ଯେଉଁମାନେ ଦର୍ଶନ କରିବାକୁ ସଦାପ୍ରଭୁଙ୍କୁ ମିସ୍ପୀକୁ ଆସିଲେ
ନାହିଁ।

6ଇଶ୍ରାୟେଲର ଲୋକମାନେ ବିନ୍ୟାମୀନର ସମ୍ପର୍କୀୟମାନଙ୍କ
ପାଇଁ ଦୁଃଖ କଲେ, ବିନ୍ୟାମୀନର ଲୋକମାନେ କହିଲେ,
"ଆଜି ଇଶ୍ରାୟେଲ ମଧ୍ୟରୁ ଗୋଟିଏ ପରିବାରବର୍ଗ ଉଚ୍ଛନ୍ନ
ହେଲା। 7ଆମ୍ଭେମାନେ ମହାପ୍ରଭୁଙ୍କ ସମ୍ମୁଖରେ ପ୍ରତିଜ୍ଞା କରି
ଅଛୁ ଯେ ବିନ୍ୟାମୀନର ପରିବାରବର୍ଗ କୌଣସି ଲୋକଙ୍କୁ
ଆମ୍ଭମାନଙ୍କର କନ୍ୟାକୁ ବିବାହ ଦେବୁ ନାହିଁ। ଏହି ପରିବାରବର୍ଗର
ଲୋକମାନଙ୍କ ପାଇଁ ସ୍ତ୍ରୀ ଖୋଜିବା ବିଷୟରେ ଆମ୍ଭେମାନେ
କ'ଣ କରିବା?"

8ଇଶ୍ରାୟେର ପରିବାରବର୍ଗ ମଧ୍ୟରୁ ଏପରି କେଉଁ ପରିବାରବର୍ଗ,
"ମିସ୍ପୀର ସଦାପ୍ରଭୁଙ୍କ ନିକଟକୁ ଆସିଲା ନାହିଁ।" ଏବଂ
ବାସ୍ତବରେ ସେମାନେ ଅନ୍ୟ ଇଶ୍ରାୟେଲମାନଙ୍କ ସହିତ ଯାବେଶ
ଗିଲିୟଦରୁ କେହି ମିଶିବାକୁ ଆସି ନଥିଲେ। 9ଇଶ୍ରାୟେଲର
ଲୋକମାନେ ଗଣନା କରି ଦେଖିଲେ କେଉଁମାନେ ଆସିଛନ୍ତି
ଓ କେଉଁମାନେ ଆସି ନାହାଁନ୍ତି। ସେମାନେ ଦେଖିଲେ ଯେ
ଯାବେଶ ଗିଲିୟଦରୁ କେହି ଆସି ନାହାଁନ୍ତି। 10ତେଣୁ
ଇଶ୍ରାୟେଲର ଲୋକମାନେ 12,000 ସାହସୀ ସୈନ୍ୟମାନଙ୍କୁ
ଯାବେଶ୍ ଗିଲିୟଦକୁ ପଠାଇଲେ। ସେମାନେ ସେହି ସୈନ୍ୟମାନଙ୍କୁ
କହିଲେ, "ତୁମ୍ଭେମାନେ ଯାବେଶ ଗିଲିୟଦକୁ ପାଖକୁ ଯାଅ
ସେଠାକାର ସମସ୍ତ ପୁରୁଷ, ସ୍ତ୍ରୀ ଓ ପିଲାମାନଙ୍କୁ ହତ୍ୟା କର।
11ତୁମେ ନିଶ୍ଚିତ ଏହିପରି କରିବ! ତୁମ୍ଭେମାନେ ନିଶ୍ଚିତ
ଯାବେଶ ଗିଲିୟାଦର ସମସ୍ତ ପୁରୁଷମାନଙ୍କୁ ହତ୍ୟା କରିବ
ଏବଂ ପୁରୁଷ ସହିତ ସହବାସ କରିଥିବା ପ୍ରତ୍ୟେକ ସ୍ତ୍ରୀକୁ
ହତ୍ୟା କରିବ। ଯେଉଁ ସ୍ତ୍ରୀ ଲୋକମାନଙ୍କର କୌଣସି ଯୌନ
ସମ୍ପର୍କ ନ ଥିବ ସେମାନଙ୍କୁ ହତ୍ୟାକର ନାହିଁ।" ତେଣୁ ସେହି
ସୈନ୍ୟମାନେ ଠିକ୍ ସେହିପରି କରିଥିଲେ। 12ସେହି 12,000
ସୈନ୍ୟମାନେ ଏପରି 400 ଯୁବତୀଙ୍କୁ ଦେଖିଲେ ଯେଉଁମାନଙ୍କର
କୌଣସି ପୁରୁଷଙ୍କ ସହିତ ଶାରୀରିକ ସମ୍ପର୍କ ନ ଥିଲା। ସେହି
ସୈନ୍ୟମାନେ ଯାବେଶ ଗିଲିୟଦରୁ ସେହି ସ୍ତ୍ରୀ ଲୋକମାନଙ୍କୁ
ଶୀଲୋ ନିକଟର ଛାଉଣୀକୁ ନେଇ ଆସିଲେ। ଯାହାକି
କିଣାନ ଦେଶରେ ଥିଲା।

13ଏହିପରି ଇଶ୍ରାୟେଲର ଲୋକମାନେ ବିନ୍ୟାମୀନୀୟମାନଙ୍କ
ପାଖକୁ ଏକ ବାର୍ତ୍ତା ପଠାଇଲେ। ରିମ୍ମୋନ୍ ଶୈଳଠାରେ
ରହୁଥିବା ବିନ୍ୟାମୀନ ଲୋକମାନଙ୍କ ସହିତ ଶାନ୍ତି ଚୁକ୍ତି ପ୍ରଦାନ
କଲେ। 14ସେହି ସମୟରେ ବିନ୍ୟାମୀନୀୟ ଲୋକମାନେ
ଫେରି ଆସିଲେ। ଇଶ୍ରାୟେଲର ଲୋକମାନେ ଯେଉଁମାନଙ୍କୁ
ସେମାନେ ଜୀବିତ ରଖିଥିଲେ, ସେମାନଙ୍କୁ ଯାବେଶ ଗିଲିୟଦର
ସ୍ତ୍ରୀ ଲୋକମାନଙ୍କୁ ବିବାହ କରିବା ପାଇଁ ଅନୁମତି ଦେଲେ।
କିନ୍ତୁ ବିନ୍ୟାମୀନଜର ସମସ୍ତ ଲୋକମାନଙ୍କ ପାଇଁ ଯଥେଷ୍ଟ ସ୍ତ୍ରୀ
ଲୋକ ନଥିଲେ।

15ଲୋକମାନେ ବିନ୍ୟାମୀନର ପରିବାରବର୍ଗର ଲୋକମାନଙ୍କ
ପାଇଁ ଦୁଃଖ ଅନୁଭବ କଲେ, କାରଣ ସଦାପ୍ରଭୁ ଇଶ୍ରାୟେଲରେ
ଅନ୍ୟ ପରିବାରବର୍ଗଠାରୁ ସେମାନଙ୍କୁ ଅଲଗା କଲେ।
16ଇଶ୍ରାୟେଲର ଅଧିପତିମାନେ କହିଲେ, "ବିନ୍ୟାମୀନ
ପରିବାରବର୍ଗ ମଧ୍ୟରୁ ସ୍ତ୍ରୀମାନେ ମରି ଯାଇଛନ୍ତି। ଏଣୁ ଅବଶିଷ୍ଟ
ଲୋକମାନଙ୍କ ବିବାହ ବିଷୟରେ ଆମ୍ଭେମାନେ କ'ଣ କରିବା?
17ବିନ୍ୟାମୀନ ପରିବାରବର୍ଗର ଅବଶିଷ୍ଟ ଲୋକମାନେ ସେମାନଙ୍କର
ବଂଶ ରକ୍ଷା କରିବା ଉଚିତ୍। ତା' ନହେଲେ ଇଶ୍ରାୟେଲରୁ
ପରିବାରବର୍ଗ ଲୋକ ପାଇଯିବେ। 18କିନ୍ତୁ ଆମ୍ଭେ ଆମର
ଝିଅମାନଙ୍କୁ ସେମାନଙ୍କୁ ବିବାହ ଦେବାନାହିଁ। ଆମ୍ଭେମାନେ
ଏହିପରି ପ୍ରତିଜ୍ଞା କରିଅଛୁ, 'ଯେ କେହି ବିନ୍ୟାମୀନକୁ କନ୍ୟା
ଦେବ ସେ ଶାପଗ୍ରସ୍ତ ହେବ ବୋଲି ଆମ୍ଭେ ସଦାପ୍ରଭୁଙ୍କଠାରେ
ଶପଥ ନେଇଛୁ।' 19ସେମାନେ କହିଲେ, ଶୀଲୋରେ
ସଦାପ୍ରଭୁଙ୍କର ଉତ୍ସବ ଚାଲିଛି। ଏହି ଉତ୍ସବ ପ୍ରତି ବର୍ଷ

ସେଠାରେ ହୁଏ।" ଶୀଲୋ ବୈଥେଲର ଉତ୍ତରରେ ଥିଲା,
ବୈଥେଲଠାରୁ ଶିଖିମ ରାସ୍ତାର ପୂର୍ବପଟେ ଥିଲା ଏବଂ ଲବୋନାର
ଦକ୍ଷିଣକୁ ଥିଲା।

20ତେଣୁ ଇଶାୟେଲର ନେତୃବର୍ଗ ବିନ୍ୟାମୀନଙ୍କୁ ସେମାନଙ୍କର
ଯୋଜନା ବିଷୟରେ କହିଲେ। ସେମାନେ କହିଲେ, "ଦ୍ରାକ୍ଷାକ୍ଷେତ୍ରକୁ
ଯାଅ ଓ ଲୁଚି ରୁହ। 21ଆଉ ଯେତେବେଳେ ଶୀଲୋର
କନ୍ୟାମାନେ ଭୋଜି ମଧ୍ୟରେ ନାଚିବା ପାଇଁ ବାହାର ହୋଇ
ଆସିବେ ତୁମ୍ଭେମାନେ ଦ୍ରାକ୍ଷାକ୍ଷେତ୍ରରୁ ବାହାରି ପ୍ରତ୍ୟେକ ନିଜ
ନିଜ ପାଇଁ ଶୀଲୋ କନ୍ୟାଗଣ ମଧ୍ୟରୁ ପ୍ରତ୍ୟେକ ଜଣଙ୍କୁ ଧରି
ବିନ୍ୟାମୀନ ଦେଶକୁ ଚାଲିଯାଅ। 22ଯେତେବେଳେ ସେମାନଙ୍କ
ପିତା ବା ଭାଇମାନେ ଆମ୍ଭମାନଙ୍କ ନିକଟକୁ ଆପତ୍ତି କରିବାକୁ
ଆସିବେ। ଆମ୍ଭେମାନେ କହିବୁ, 'ଦୟାକରି ବିନ୍ୟାମୀନୀୟମାନଙ୍କୁ
ଅନୁଗ୍ରହ କର। ଯଦିଓ ସେମାନେ ତୁମ୍ଭମାନଙ୍କର ସ୍ତ୍ରୀ ଲୋକମାନଙ୍କୁ
ନେଇଯାଇଛନ୍ତି। ସେମାନେ ତୁମ୍ଭ ବିରୁଦ୍ଧରେ ଯୁଦ୍ଧ କଲେ
ନାହିଁ। ତୁମ୍ଭେ ନିରିହ ଅଛ, ଏପର୍ଯ୍ୟନ୍ତ ତୁମ୍ଭେ ସେମାନଙ୍କୁ
ତୁମ୍ଭର କନ୍ୟାଗଣଙ୍କୁ ବିବାହ ଦେଲ, ଏଥିପାଇଁ ତୁମ୍ଭେମାନେ
ତୁମ୍ଭର ସଦାପ୍ରଭୁଙ୍କ ପ୍ରତି ଶପଥ ଭାଙ୍ଗିଲ ନାହିଁ।'"

23ଏଣୁ ଏହା ଅନୁସାରେ ବିନ୍ୟାମୀନୀୟ ପରିବାରବର୍ଗର
ଲୋକମାନେ କଲେ। ଯେତେବେଳେ ଯୁବତୀମାନେ ନାଚୁଥିଲେ,
ପ୍ରତ୍ୟେକ ଲୋକମାନେ ଜଣେ ଜଣେ ଯୁବତୀମାନଙ୍କୁ ଧରିଲେ,
ସେମାନଙ୍କୁ ନେଇଗଲେ ଏବଂ ବିବାହ କଲେ। ତା'ପରେ
ସେମାନେ ସେମାନଙ୍କର ଦେଶକୁ ଫେରି ଆସିଲେ। ବିନ୍ୟାମୀନୀୟ
ଲୋକମାନେ ପୁନରାୟ ସେମାନଙ୍କର ନଗର ନିର୍ମାଣ କଲେ ଓ
ସେଠାରେ ବାସ କରିବାକୁ ଆରମ୍ଭ କଲେ। 24ଏହାପରେ
ଇଶ୍ରାୟେଲର ଲୋକମାନେ ସେମାନଙ୍କର ନିଜ ପରିବାରବର୍ଗକୁ
ଏବଂ ସେମାନଙ୍କର ପରିବାରକୁ ଏବଂ ନିଜ ଦେଶରେ ଥିବା
ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ।

25ସେ ସମୟର ଇଶ୍ରାୟେଲର ଲୋକମାନଙ୍କର ଜଣେ
ରାଜା ନ ଥିଲେ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଯାହା ସେମାନଙ୍କ
ପାଇଁ ଠିକ୍ ମଣୁଥିଲେ ତାହା କରୁଥିଲେ।

# ଯିହୋଶୂୟଙ୍କର ପୁସ୍ତକ

## ସଦାପ୍ରଭୁ ଇଶ୍ରାୟେଲକୁ ଆଗେଇ ନେବାପାଇଁ ଯିହୋଶୂୟଙ୍କୁ ବାଛିଲେ

1 ମୋଶା ସଦାପ୍ରଭୁଙ୍କର ଦାସ ଥିଲେ। ନୂନର ପୁତ୍ର
ଯିହୋଶୂୟ ମୋଶାଙ୍କର ପରିଚାରକ ଥିଲେ। ମୋଶାଙ୍କର
ମୃତ୍ୟୁ ପରେ, ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ. 2“ମୋର
ସେବକ ମୋଶାର ମୃତ୍ୟୁ ହୋଇଅଛି। ବର୍ତ୍ତମାନ ତୁମ୍ଭେ ଏହି
ଲୋକମାନଙ୍କୁ ନେଇ ଯର୍ଦ୍ଦନ ନଦୀ ପାର ହୋଇ ଯାଅ। ମୁଁ
ଯେଉଁ ଦେଶସବୁ ଇଶ୍ରାୟେଲ ଲୋକମାନଙ୍କୁ ଦେବାକୁ କହିଅଛି,
ତୁମ୍ଭେ ସେହି ଦେଶକୁ ଯାଅ। 3ଯେଉଁ ଯେଉଁ ସ୍ଥାନରେ
ତୁମ୍ଭର ପାଦ ପଡ଼ିବ ସେ ସବୁ ସ୍ଥାନ ମୁଁ ମୋଶା ସହିତ
ପ୍ରତିଜ୍ଞାନୁସାରେ ତୁମ୍ଭମାନଙ୍କୁ ଦେବି। 4ହିତ୍ତୀୟମାନଙ୍କ ସମସ୍ତ
ଦେଶ, ସହିତ ଭୂମଧ୍ୟ ସାଗର ପର୍ଯ୍ୟନ୍ତ ଓ ପଶ୍ଚିମରେ ମହାନ
ଫରାତ୍ ନଦୀ ପାଖର ମରୁଭୂମି ଓ ଲିବାନୋନ୍‌ର ସମସ୍ତ ଭୂମି
ତୁମ୍ଭର ହେବ। 5ମୁଁ ତୁମ୍ଭମାନଙ୍କ ସହିତ ରହିବି ଯେପରି
ମୋଶା ସହିତ ଥିଲି। ତୁମ୍ଭେ ବଞ୍ଚିଥିବା ପର୍ଯ୍ୟନ୍ତ ତୁମ୍ଭକୁ
ପ୍ରତିବାଦ କରିବାକୁ କେହି ସମର୍ଥ ହୋଇ ପାରିବେ ନାହିଁ। ମୁଁ
ତୁମ୍ଭକୁ ଛାଡ଼ିବି ନାହିଁ। ମୁଁ ତୁମ୍ଭକୁ ପରିତ୍ୟାଗ କରିବି ନାହିଁ।
6“ଯିହୋଶୂୟ, ତୁମ୍ଭେ ବଳବାନ୍ ଓ ସାହସୀ ହୁଅ। ତୁମ୍ଭେ
ଏହି ଲୋକମାନଙ୍କୁ ଆଗେଇ ନିଅ, ଯେପରିକି ସେମାନେ
ସେମାନଙ୍କର ଦେଶ ଅଧିକାର କରି ପାରିବେ। ମୁଁ ତାଙ୍କ
ପୂର୍ବପୁରୁଷଙ୍କଠାରେ ପ୍ରତିଜ୍ଞା କରିଥିଲି ଯେ, ମୁଁ ସେମାନଙ୍କୁ
ସେହି ଦେଶ ଦେବି। 7କିନ୍ତୁ ତୁମ୍ଭେ ବଳବାନ ଓ ସାହସୀ
ହୁଅ। ଅନ୍ୟ କଥା ମାନିବାକୁ ତୁମ୍ଭେ ନିଶ୍ଚିତ ମୋର ଦାସ
ମୋଶାଙ୍କର ଆଦେଶ ପାଳନ କରିବ। ଯଦି ତୁମ୍ଭେ ତାଙ୍କର
ଉପଦେଶ ଠିକ୍ ଭାବରେ ପାଳନ କରିବ, ତେବେ ତୁମ୍ଭେ
ଯେଉଁ କର୍ମ କରିବ ସେଥିରେ ଉତ୍ତିର୍ଣ୍ଣ ହେବ। 8ସର୍ବଦା ଏହି
ବ୍ୟବସ୍ଥା ପୁସ୍ତକ ତୁମ୍ଭ ସମ୍ମୁଖରୁ ବିଚଳିତ ନ ହେଉ। ଦିନ
ରାତି ଏହି ନିୟମ ପୁସ୍ତକକୁ ପଠନ କର। ତେବେ ତୁମ୍ଭେ
ନିଶ୍ଚିତ ହୋଇପାରିବ। ଏହି ନିୟମକୁ ପାଳନ କର, ଯାହା
ଏହି ପୁସ୍ତକରେ ଲେଖାହୋଇ ଅଛି। ଯଦି ତୁମ୍ଭେ ଏପରି କର,
ତେବେ ତୁମ୍ଭେ ବୁଦ୍ଧିମାନ ଓ ପ୍ରତ୍ୟେକ କାର୍ଯ୍ୟରେ କୃତକାର୍ଯ୍ୟ
ହେବ, ଯାହା ତୁମ୍ଭେ କରିବ। 9ମନେରଖ, ମୁଁ ତୁମ୍ଭକୁ ସାହସୀ
ଓ ଶକ୍ତିଶାଳୀ ହେବା ପାଇଁ ନିର୍ଦ୍ଦେଶ ଦେଇଅଛି। ତେଣୁ
ତୁମ୍ଭେ ଭୟଭୀତ କିଅବା ହତାଶ ହୁଅ ନାହିଁ, କାରଣ ତୁମ୍ଭେ
ଯେଉଁ ଆଡ଼େ ଯିବ, ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭର ସଙ୍ଗି
ହେବେ।”

## ଯିହୋଶୂୟ ଆଦେଶ ଦେଲେ

10ତେଣୁ ଯିହୋଶୂୟ ଲୋକମାନଙ୍କ ଅଧ୍ୟକ୍ଷମାନଙ୍କୁ ଆଜ୍ଞା
ଦେଇ କହିଲେ, 11“ଛାଉଣୀ ମଧ୍ୟ ଦେଇ ଯାଅ ଓ
ଲୋକମାନଙ୍କୁ କୁହ, ତୁମ୍ଭେମାନେ ଆପଣାମାନଙ୍କ ପାଇଁ ‘ଯଥେଷ୍ଟ
ସାମଗ୍ରୀ ପ୍ରସ୍ତୁତ କର। ତିନିଦିନ ମଧ୍ୟରେ ଆମ୍ଭକୁ ଯର୍ଦ୍ଦନ
ନଦୀ ପାର ହୋଇ ଯିବାକୁ ହେବ। ଆମ୍ଭେମାନେ ଯିବୁ ଏବଂ
ସେହି ଦେଶ ଅଧିକାର କରିବୁ, ଯାହା ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ତୁମ୍ଭମାନଙ୍କୁ ଦେଇଛନ୍ତି।’”
12ତା’ପରେ ଯିହୋଶୂୟ ରୂବେନୀୟ ଗୋଷ୍ଠୀବର୍ଗଙ୍କୁ ଓ
ଗାଦୀୟ ଏବଂ ମନଃଶିର ଅର୍ଦ୍ଧ ଗୋଷ୍ଠୀବର୍ଗଙ୍କୁ ଯିହୋଶୂୟ
କହିଲେ, 13“ମନେରଖ, ସଦାପ୍ରଭୁଙ୍କର ସେବକ ମୋଶା
ତୁମ୍ଭମାନଙ୍କୁ ଯେଉଁ ଆଜ୍ଞା ଦେଇଥିଲେ। ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ତୁମ୍ଭମାନଙ୍କୁ ଏକ ବିଶ୍ରାମ ସ୍ଥାନ ଦେବେ। ସେ
ତୁମ୍ଭମାନଙ୍କୁ ଏହି ଦେଶ ଦେବେ। 14ତୁମ୍ଭର ସ୍ତ୍ରୀ ଏବଂ
ପିଲାମାନେ ଯର୍ଦ୍ଦନର ପୂର୍ବ ଦିଗସ୍ଥ ଭୂମିରେ ବାସ କରିବେ,
ଯାହା ସଦାପ୍ରଭୁ ତୁମ୍ଭକୁ ଦେଇଛନ୍ତି। ସେମାନେ ସେଠାରେ
ସେମାନଙ୍କର ଗୋରୁଗାଈ ସହିତ ବାସ କରିବେ। କିନ୍ତୁ ତୁମ୍ଭର
ଶକ୍ତିଶାଳୀ ଯୋଦ୍ଧାଗଣ ତୁମ୍ଭମାନଙ୍କର ଭ୍ରାତୃଗଣ ସହିତ ଅସ୍ତ୍ରରେ
ସୁସଜ୍ଜିତ ହୋଇ ଯର୍ଦ୍ଦନ ନଦୀ ପାର ହେବା ଉଚିତ୍। ତୁମ୍ଭେ
ସେମାନଙ୍କୁ ସେମାନଙ୍କ ଭୂମି ଫେରାଇବା ପାଇଁ କରୁଥିବା
ଯୁଦ୍ଧରେ ସାହାଯ୍ୟ କରିବା ଉଚିତ୍। 15ସଦାପ୍ରଭୁ ତୁମ୍ଭକୁ
ବିଶ୍ରାମ କରିବା ପାଇଁ ଏକ ବିଶ୍ରାମ ସ୍ଥାନ ଦେଇଛନ୍ତି। ଏବଂ
ତୁମ୍ଭମାନଙ୍କ ଭାଇମାନଙ୍କ ପାଇଁ ସେ ତାହା କରିବେ, କିନ୍ତୁ
ତୁମ୍ଭେ ସେମାନଙ୍କୁ ସାହାଯ୍ୟ କରିବ, ସେମାନେ ସ୍ଥାନ ଅଧିକାର
କରିବା ପର୍ଯ୍ୟନ୍ତ, ଯାହାକି ତୁମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱର
ସେମାନଙ୍କୁ ଦେଇଛନ୍ତି। ତା’ପରେ ତୁମ୍ଭେ ଯର୍ଦ୍ଦନର ପୂର୍ବରେ
ଅବସ୍ଥିତ ତୁମ୍ଭର ସ୍ୱଦେଶକୁ ଫେରି ଆସିବ। ଯାହାକି ସଦାପ୍ରଭୁଙ୍କର
ଦାସ ମୋଶା ତୁମ୍ଭକୁ ଦେଇଛନ୍ତି।”
16ତା’ପରେ ଯିହୋଶୂୟଙ୍କୁ ଉତ୍ତର ଦେଇ ଲୋକମାନେ
କହିଲେ, “ତୁମ୍ଭେ ଆମ୍ଭକୁ ଯେଉଁ ଆଦେଶ ଦେଇଅଛ, ଆମ୍ଭେ
ତାହା ପାଳନ କରିବୁ। ଆପଣ ଯେଉଁଠାକୁ କହିବେ, ଆମ୍ଭେ
ଯିବୁ। 17ଆମ୍ଭେମାନେ ତୁମ୍ଭଙ୍କୁ ମାନିବୁ, ଯେପରି ଆମ୍ଭେ
ମୋଶାଙ୍କୁ ମାନିଥିଲୁ। କିନ୍ତୁ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ତୁମ୍ଭମାନଙ୍କ ସହିତ ରୁହନ୍ତୁ ଯେପରି ମୋଶାଙ୍କ ସହିତ ଥିଲେ।
18ସେଥିପାଇଁ ଯଦି କୌଣସି ଲୋକ ଆପଣଙ୍କୁ ଅବମାନନା
କରେ ଅବା କୌଣସି ଲୋକ ଆପଣଙ୍କର ବିରୁଦ୍ଧାଚରଣ
କରେ, ସେ ଲୋକକୁ ହତ୍ୟା କରାଯିବ। ତେଣୁ ସାହସୀ ଓ
ଶକ୍ତିଶାଳୀ ହୁଅ।”

## ଯିରୀହୋ ନଗରରେ ଗୁପ୍ତଚରଗଣ

2 ନୂନର ପୁତ୍ର ଯିହୋଶୂୟ ଏବଂ ସମସ୍ତ ଲୋକ ଆକାସିଆରେ
ଛାଉଣୀ ସ୍ଥାପନ କଲେ। ଯିହୋଶୂୟ ଦୁଇଜଣ ଗୁପ୍ତଚରଙ୍କୁ
ପଠାଇଲେ, କୌଣସି ଲୋକ ଏକଥା ଜାଣି ନ ଥିଲେ, ସେ

ଏମାନଙ୍କୁ ଗୋପନରେ ପଠାଇ ଥିଲେ। ଯିହୋଶୂୟ ଦୁଇ
ଜଣଙ୍କୁ କହିଲେ, "ଯାଅ ବିଶେଷତଃ ଯିରୀହୋ ନଗର
ନିରୀକ୍ଷଣ କର।"

ତେଣୁ ସେମାନେ ଯିରୀହୋ ନଗରକୁ ଗଲେ, ସେମାନେ
ଯାଇ ଏକ ବ୍ୟଭିଚାରିଣୀ ଗୃହରେ ରହିଲେ। ସେହି ବ୍ୟଭିଚାରିଣୀର
ନାମ ରାହାବ ଥିଲା।

**2**କେହି ଲୋକ ଯିରୀହୋର ରାଜାଙ୍କୁ ଏକଥା ଜଣାଇଲା,
"ଶେଷ ରାତ୍ରିରେ ଇଶ୍ରାୟେଲର କେତେକ ଲୋକ ଆମ୍ଭ
ଦେଶର ଦୁର୍ବଳତା ଖୋଜିବା ପାଇଁ ଏହି ସ୍ଥାନକୁ ଆସିଲେ।"

**3**ତେଣୁ ଯିରୀହୋର ରାଜା ଏହି ବାର୍ତ୍ତା ରାହାବ ନିକଟକୁ
ପଠାଇଲେ, "ଯେଉଁ ଲୋକମାନେ ଆସି ତୁମ୍ଭ ଗୃହରେ
ପ୍ରବେଶ କରିଛନ୍ତି, ସେମାନଙ୍କୁ ବାହାର କରି ଆଣ। ଯେହେତୁ
ସେମାନେ ସମସ୍ତେ ଦେଶ ଅନୁସନ୍ଧାନରେ ଆସିଛନ୍ତି।"

**4**ଏଥିରେ ସେ ସ୍ତ୍ରୀଲୋକ ସେହି ଦୁଇଜଣଙ୍କୁ ଲୁଚାଇ
ରଖିଲା କିନ୍ତୁ ସ୍ତ୍ରୀ ଲୋକଟି କହିଲା, "ହଁ, ଦୁଇଜଣ ଲୋକ
ମୋ ପାଖକୁ ଆସିଥିଲେ, କିନ୍ତୁ ସେମାନେ କେଉଁଠାରୁ
ଆସିଥିଲେ ମୁଁ ଜାଣି ପାରିଲି ନାହିଁ। **5**ସନ୍ଧ୍ୟା ସମୟରେ
ଯେତେବେଳେ ଆମ୍ଭର ଫାଟକ ବନ୍ଦ କରିବା ସମୟ ହେଲା,
ସେହି ଲୋକମାନେ ଏ ସ୍ଥାନ ପରିତ୍ୟାଗ କରି ଚାଲିଗଲେ। ମୁଁ
ଜାଣେ ନାହିଁ ସେମାନେ କେଉଁଠାକୁ ଗଲେ। କିନ୍ତୁ ତୁମ୍ଭେ
ଯଦି ଶିଘ୍ର ସେମାନଙ୍କୁ ଅନୁଧାବନ କର ତେବେ ତୁମ୍ଭେ
ସେମାନଙ୍କୁ ନିଶ୍ଚୟ ଧରି ପାରିବ।" **6**ରାହାବ ଏହି ସବୁକଥା
ସେମାନଙ୍କୁ କହିଲା, କିନ୍ତୁ ବାସ୍ତବରେ ସେ ସେମାନଙ୍କୁ ଛାତ
ଉପରେ ଛଣ କାଠିଗଦା ଭିତରେ ଲୁଚାଇ ରଖିଥିଲା।

**7**ତେଣୁ ସେହି ଲୋକମାନେ ଗୁପ୍ତଚର ପଛରେ ଗୋଡାଇ
ଗୋଡାଇ ଯର୍ଦ୍ଦନ ବାଟରେ ଘାଟ ପର୍ଯ୍ୟନ୍ତ ଧାଇଁଲେ। ପୁଣି
ଗୁପ୍ତଚରମାନଙ୍କୁ ଗୋଡ଼ାଇବା ଲୋକେ ବାହାରି ଯିବା କ୍ଷଣେ
ନଗରବାସୀଗଣ ନଗରଦ୍ୱାର ବନ୍ଦ କଲେ।

**8**ସେମାନେ ରାତ୍ରିଶୟନ ପାଇଁ ପ୍ରସ୍ତୁତ ହେବା ସମୟରେ
ରାହାବ ଗୁପ୍ତଚରମାନଙ୍କ ପାଖକୁ ଛାତ ଉପରକୁ ଯାଇ କହିଲା,
**9**"ମୁଁ ଜାଣେ, ସଦାପ୍ରଭୁ ଏହି ଦେଶକୁ ତୁମ୍ଭ ଲୋକମାନଙ୍କୁ
ଦେଇଛନ୍ତି ଏବଂ ତୁମ୍ଭେମାନେ ଆମ୍ଭଙ୍କୁ ଭୟ ଜନ୍ମାଉଅଛ, ଏହି
ସକାଶେ ଏହି ଦେଶ ନିବାସୀ ସମସ୍ତେ ତୁମ୍ଭମାନଙ୍କୁ ଭୟ
କରିଛନ୍ତି। **10**ଆମ୍ଭେମାନେ ଭୟ କରୁଅଛୁ କାରଣ ଆମ୍ଭେ
ଶୁଣିଛୁ ସଦାପ୍ରଭୁ କିପରି ଭାବରେ ତୁମ୍ଭମାନଙ୍କୁ ସାହାଯ୍ୟ
କରିଛନ୍ତି। ଆମ୍ଭେ ଜାଣୁ ତୁମ୍ଭେ ମିଶରରୁ ବାହାରି ଆସିବା
ବାଟରେ ସେ କିପରି ଲୋହିତ ସାଗରକୁ ଶୁଖାଇ ଦେଲେ।
ଆମ୍ଭେ ଆହୁରି ଜାଣୁ ତୁମ୍ଭେ କିପରି ଯର୍ଦ୍ଦନ ପୂର୍ବ ପାରିସ୍ଥ
ସୀହୋନ ଓ ଓଗ୍ ନାମକ ଦୁଇଜଣ ଇମୋରୀୟ ରାଜାଙ୍କୁ
ବିନାଶ କରିଅଛ। **11**ଆମ୍ଭେମାନେ ଏହିପରି ମର୍ମନ୍ତୁଦ କଥାମାନ
ଶୁଣି ଅତ୍ୟନ୍ତ ଭୟଭୀତ ହୋଇ ଯାଇଛୁ ଏବଂ କେହି ତୁମ୍ଭ
ବିପକ୍ଷରେ ଯୁଦ୍ଧ କରିବା ପାଇଁ ସାହାସ କରୁ ନାହାଁନ୍ତି? କାରଣ
ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ଉପରିସ୍ଥ ସ୍ୱର୍ଗର ଓ
ନୀଚସ୍ଥ ପୃଥିବୀର ପରମେଶ୍ୱର ଅଟନ୍ତି। **12**ଏଣୁ ମୁଁ ଚାହେଁ,
ତୁମ୍ଭେମାନେ ସଦାପ୍ରଭୁଙ୍କ ନାମରେ ଶପଥ କର। ମୁଁ ତୁମ୍ଭମାନଙ୍କ
ପ୍ରତି ଦୟା ଦେଖାଇଅଛି। ଏଥିପାଇଁ ତୁମ୍ଭେମାନେ ମଧ୍ୟ ମୋର
ପରିବାର ପାଇଁ ଦୟା ଦେଖାଇବ। ଏ ବିଷୟରେ ମୋତେ
ଏକ ସତ୍ୟ ଚିହ୍ନ ଦିଅ। **13**ମୋତେ କୁହ ଯେ ତୁମ୍ଭେ ମୋର
ପରିବାରବର୍ଗକୁ ବଞ୍ଚାଇ ରଖିବ। ମୋର ପିତା, ମାତା,
ଭାଇମାନଙ୍କୁ, ଭଉଣୀମାନଙ୍କୁ ଏବଂ ତାଙ୍କର ସମସ୍ତ ପରିବାରବର୍ଗଙ୍କୁ
ରକ୍ଷା କରିବ। ଦୟାକରି ଆମ୍ଭମାନଙ୍କ ଜୀବନକୁ ମୃତ୍ୟୁମୁଖରୁ
ରକ୍ଷା କରିବ ବୋଲି ପ୍ରତିଜ୍ଞା କର।"

**14**ସେମାନେ ଏଥିରେ ସମ୍ମତ ହେଲେ ଓ କହିଲେ,
"ତୁମ୍ଭେ ଯେବେ ଆମ୍ଭମାନେ ଯାହା କରୁଛୁ ପ୍ରକାଶ ନ କରିବ,
ତେବେ ଆମ୍ଭମାନଙ୍କର ପ୍ରାଣ ବଦଳରେ ତୁମ୍ଭମାନଙ୍କର ପ୍ରାଣ
ରକ୍ଷା କରିବୁ। ଆଉ ଯେତେବେଳେ ସଦାପ୍ରଭୁ ଆମ୍ଭମାନଙ୍କୁ ଏ
ଦେଶ ଦେବେ, ଆମ୍ଭେ ତୁମ୍ଭପ୍ରତି ଦୟା ଓ ବିଶ୍ୱସ୍ତତା ପ୍ରଦର୍ଶନ
କରିବୁ।"

**15**ସେହି ସ୍ତ୍ରୀ ଲୋକଟିର ଘର ନଗରର ପ୍ରାଚୀର ମଧ୍ୟରେ
ଥିଲା। ଏହା ପ୍ରାଚୀରର ଏକ ଅଂଶ ଥିଲା। ତେଣୁ ସ୍ତ୍ରୀ
ଲୋକଟି ଏକ ଦଉଡ଼ି ସାହାଯ୍ୟରେ ଝରକା ଦେଇ ଏ
ଲୋକମାନଙ୍କୁ ଖସି ଯିବାକୁ ସାହାଯ୍ୟ କଲା। **16**ତା'ପରେ ସେ
ସ୍ତ୍ରୀଲୋକଟି କହିଲା, "ପର୍ବତମୟ ଦେଶ ମଧ୍ୟକୁ ଯାଅ
ରାଜାଙ୍କର ଲୋକମାନେ ହଠାତ୍ ତୁମ୍ଭକୁ ପାଇବାକୁ ସକ୍ଷମ
ହେବେ ନାହିଁ। ସେଠାରେ ତିନିଦିନ ଲୁଚିରୁହ, ଯେତେବେଳେ
ରାଜାଙ୍କର ଲୋକମାନେ ଫେରି ଆସିବେ ତୁମ୍ଭେମାନେ ତୁମ୍ଭ
ବାଟରେ ଚାଲିଯିବ।"

**17**ସେମାନେ ସ୍ତ୍ରୀ ଲୋକଟିକୁ କହିଲେ, "ଆମ୍ଭେ ତୁମ୍ଭକୁ
କଥା ଦେଇଛୁ। ଗୋଟିଏ କାମ କର ନଚେତ୍ ଆମ୍ଭେ ଆପଣା
ପ୍ରତିଜ୍ଞାରୁ ମୁକ୍ତ ହୋଇ ପାରିବୁ। **18**ତୁମ୍ଭେ ଯେଉଁ ଝରକା
ଦେଇ ଆମ୍ଭମାନଙ୍କୁ ରକ୍ଷା କରିଛ, ଆମ୍ଭେମାନେ ଏ ଦେଶକୁ
ଆସିବା ବେଳେ ତୁମ୍ଭେ ସେହି ଝରକାରେ ସେହି ନାଲିଧଡ଼ି
ଫିତା ବାନ୍ଧି ରଖିଥିବ। ପୁଣି ତୁମ୍ଭେ ଆପଣା ପିତା, ଆପଣା
ମାତା, ଭାଇମାନଙ୍କୁ ଓ ଆପଣା ପିତୃକୂଳ ସମସ୍ତଙ୍କୁ ତୁମ୍ଭର
ନିକଟରେ ଏକତ୍ର କରିବ। **19**ଆମ୍ଭେ ସମସ୍ତଙ୍କୁ ସୁରକ୍ଷା ଦେବୁ,
ଯେଉଁମାନେ କି ତୁମ୍ଭ ନିକଟରେ ଥିବେ। ଯଦି ତୁମ୍ଭେ
ସ୍ୱଗୃହରେ କେହି ଆଘାତ ପାଏ। ସେଥିପାଇଁ ଆମ୍ଭେ ଦାୟୀ
ରହିବୁ। ଯଦି କୌଣସି ଲୋକ ତୁମ୍ଭର ଗୃହ ବାହାରକୁ ଯାଏ,
ତାକୁ ହୁଏତ ହତ୍ୟା କରାଯିବ। ଆମ୍ଭେମାନେ ସେ ଲୋକର
ମୃତ୍ୟୁ ପାଇଁ ଦାୟୀ ହେବୁ ନାହିଁ। ଏହା ତା'ର ନିଜର ଭୁଲ
ହେବ। **20**ଏହି ଚୁକ୍ତି ଆମ୍ଭେ ତୁମ୍ଭ ସହିତ କରୁଅଛୁ। ଆମ୍ଭେ
ଯାହା କରିଅଛୁ, ଯଦି ତୁମ୍ଭେ ଏହା କାହା ଆଗରେ ପ୍ରକାଶ
କର, ତେବେ ଆମ୍ଭେ ଏ ଚୁକ୍ତିରୁ ବିରତ ହେବୁ।"

**21**ସେ ସ୍ତ୍ରୀ ଲୋକଟି ଉତ୍ତର ଦେଇ କହିଲା, "ତୁମ୍ଭେ
ଯାହା କହିଲ ମୁଁ ଠିକ୍ ସେହିପରି କରିବ।" ସ୍ତ୍ରୀ ଲୋକଟି
ସେମାନଙ୍କୁ ବିଦାୟ ଦେଲା, ତା'ପରେ ସେ ଲୋକମାନେ ସ୍ଥାନ
ପରିତ୍ୟାଗ କଲେ। ତା'ପରେ ସେହି ସ୍ତ୍ରୀ ଲୋକ ଜଣକ
ସେହି ନାଲି ଧଡ଼ି ଫିତାଟିକୁ ସେହି ଝରକାରେ ବାନ୍ଧି ରଖିଲା।

**22**ସେହି ଲୋକମାନେ ସେ ସ୍ଥାନ ପରିତ୍ୟାଗ କରି
ପର୍ବତରେ ପହଞ୍ଚିଲେ। ସେମାନେ ସେଠାରେ ତିନିଦିନ ରହିଲେ,
ରାଜାଙ୍କର ଲୋକମାନେ ସେମାନଙ୍କୁ ଚାରିଆଡ଼େ ଖୋଜା ଖୋଜି
କଲେ। ତିନିଦିନ ପରେ, ରାଜାଙ୍କ ଲୋକମାନେ ଖୋଜିବା ବନ୍ଦ
କରି ନିଜ ସହରକୁ ପ୍ରତ୍ୟାବର୍ତ୍ତନ କଲେ। **23**ସେହି ଦୁଇଜଣ
ଲୋକ ପର୍ବତରୁ ଓହ୍ଲାଇ ନଦୀ ପାର ହୋଇ ନୁନର ପୁତ୍ର

ଯିହୋଶୂୟଙ୍କ ନିକଟକୁ ଫେରି ଆସିଲେ। ଯାହା ସବୁ ଘଟିଥିଲା,
ସେମାନେ ତାହା ବର୍ଣ୍ଣନା କଲେ। 24ସେମାନେ ଯିହୋଶୂୟଙ୍କୁ
କହିଲେ, "ସଦାପ୍ରଭୁ ବାସ୍ତବରେ ଆମ୍ଭକୁ ସମସ୍ତ ଦେଶ ଦାନ
କରିଛନ୍ତି। ସେହି ଦେଶର ସମସ୍ତ ଲୋକ ଆମ୍ଭକୁ ଭୟ
କରୁଛନ୍ତି।"

## ଯର୍ଦ୍ଦନ ନଦୀରେ ଅଲୌକିକ ଘଟଣା ଘଟିଲା

3 ପ୍ରତ୍ୟୁଷରୁ ଯିହୋଶୂୟ ଓ ଇଶ୍ରାୟେଲର ସମସ୍ତ ଲୋକମାନେ
ଆକାସିୟା ସହର ପରିତ୍ୟାଗ କରି ଯର୍ଦ୍ଦନ ନଦୀ
କୂଳକୁ ଯାତ୍ରା କଲେ। ସେମାନେ ନଦୀ ପାର ହୋଇଯିବା
ପର୍ଯ୍ୟନ୍ତ ସେହି ନଦୀ କୂଳରେ ଛାଉଣୀ କଲେ। 2ତିନିଦିନ
ପରେ ଅଧିକ୍ଷମାନେ ଛାଉଣୀ ମଧ୍ୟ ଦେଇ ଗଲେ। 3ନେତୃବର୍ଗଗଣ
ଲୋକମାନଙ୍କୁ ନିର୍ଦ୍ଦେଶ ଦେଲେ, "ଯେତେବେଳେ ଲେବୀୟ
ଯାଜକମାନେ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କର ନିୟମ
ସିନ୍ଦୁକକୁ ନେଇ ଯିବେ, ତୁମ୍ଭେମାନେ ସମସ୍ତେ ସେମାନଙ୍କୁ
ଅନୁସରଣ କରିବା ଉଚିତ୍। 4କିନ୍ତୁ ତୁମ୍ଭେମାନେ ନିଶ୍ଚିତ
ସେମାନଙ୍କର ଅଧିକ ନିକଟବର୍ତ୍ତୀ ହେବନାହିଁ। ତାଙ୍କ ପଛରେ
2,000 ହାତ ପର୍ଯ୍ୟନ୍ତ ତୁମ୍ଭ ଓ ନିୟମ ସିନ୍ଦୁକ ମଧ୍ୟରେ
ବ୍ୟବଧାନରେ ରହିବ। ତୁମ୍ଭେ ଏ ବାଟ ଦେଇ ଆଗରୁ
ଯାଇନାହଁ। କିନ୍ତୁ ଯଦି ତୁମ୍ଭେ ସେମାନଙ୍କୁ ଅନୁସରଣ କର,
ତେବେ ତୁମ୍ଭେମାନେ ଜାଣିପାରିବ ଯେ, ତୁମ୍ଭେମାନେ କେଉଁ
ରାସ୍ତାରେ ଯିବା ଉଚିତ୍।"
5ତା'ପରେ ଯିହୋଶୂୟ ତାଙ୍କର ଲୋକମାନଙ୍କୁ କହିଲେ,
"ତୁମ୍ଭେମାନେ ନିଜକୁ ପବିତ୍ର କର। ଆସନ୍ତା କାଲି ସଦାପ୍ରଭୁ
ତୁମ୍ଭମାନଙ୍କ ଆଗରେ ଆଶ୍ଚର୍ଯ୍ୟ କାର୍ଯ୍ୟ କରିବେ।"
6ତା'ପରେ ଯିହୋଶୂୟ ଯାଜକମାନଙ୍କୁ କହିଲେ, "ନିୟମ
ସିନ୍ଦୁକ ଉଠାଅ ଏବଂ ଲୋକମାନଙ୍କର ସମ୍ମୁଖରେ ନଦୀ
ମଧ୍ୟରେ ଏହା ବହି ନିଅ।" ତେଣୁ ଯାଜକମାନେ ନିୟମ
ସିନ୍ଦୁକ ବହନ କରି ଲୋକମାନଙ୍କର ଆଗେ ଆଗେ ଚାଲିଲେ।
7ତା'ପରେ ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ, "ଆଜି ମୁଁ
ତୁମ୍ଭକୁ ସମୁଦାୟ ଇଶ୍ରାୟେଲ ସମ୍ମୁଖରେ ତୁମ୍ଭକୁ ସମ୍ଭ୍ରାନ୍ତ
କରିବାକୁ ଆରମ୍ଭ କରିବ। ଏଥିରେ ଲୋକମାନେ ଜାଣିବେ
ଯେ ମୁଁ ଯେପରି ମୋଶାଙ୍କ ସହିତ ଥିଲି, ତୁମ୍ଭ ସହିତ
ସେହିପରି ଅଛି। 8ନିୟମ ସିନ୍ଦୁକ ବାହକ ଯାଜକମାନଙ୍କୁ କୁହ,
'ପାଣିରେ ପଶିବା ପୂର୍ବରୁ ଯର୍ଦ୍ଦନ ନଦୀ କୂଳରେ ଠିଆ ହୋଇ
ରୁହ।'"
9ତା'ପରେ ଯିହୋଶୂୟ ଇଶ୍ରାୟେଲର ଲୋକମାନଙ୍କୁ କହିଲେ,
"ଏହିଠାକୁ ଆସ ଓ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କର
କଥାମାନ ଶୁଣ।" 10ଜୀବିତ ପରମେଶ୍ୱର ଯେ ତୁମ୍ଭମାନଙ୍କ
ସହିତ ଅଛନ୍ତି ଏହା ଦ୍ୱାରା ତୁମ୍ଭେମାନେ ଜାଣି ପାରିବ। ସେ,
କିଣାନୀୟ, ହିତ୍ତୀୟ, ହିବ୍ବୀୟ, ପରିଷୀୟ, ଗିର୍ଗାଶୀୟ, ଇମୋରୀୟ
ଓ ଯିବୂଷୀୟ ଲୋକମାନଙ୍କୁ ତୁମ୍ଭମାନଙ୍କ ସମ୍ମୁଖରୁ ସେହି
ଭୂମିରୁ ନିଶ୍ଚିତ ତଡ଼ିଦେବେ। 11ଏହା ଏକ ପ୍ରମାଣ। ସମଗ୍ର
ଜଗତର ସଦାପ୍ରଭୁଙ୍କ ନିୟମ ସିନ୍ଦୁକ ତୁମ୍ଭମାନଙ୍କ ସମ୍ମୁଖରେ
ଯର୍ଦ୍ଦନକୁ ପାର ହୋଇ ତୁମ୍ଭମାନଙ୍କ ଆଗରେ ଯାଉଅଛି,
ଯେହେତୁ ତୁମ୍ଭେମାନେ ଯର୍ଦ୍ଦନ ନଦୀ ପାର ହେଉଅଛ।
12ବର୍ତ୍ତମାନ ତୁମ୍ଭେ ବାରଜଣ ଲୋକଙ୍କୁ ବାଛ। ତୁମ୍ଭେମାନେ
ଇଶ୍ରାୟେଲର ବାରଜଣ ପରିବାରରୁ ଜଣ ଜଣ କରି ବାରଜଣଙ୍କୁ
ବାଛ। 13ଯେତେବେଳେ ଯାଜକଗଣ ସମଗ୍ର ଜଗତର
ସଦାପ୍ରଭୁଙ୍କର ନିୟମ ସିନ୍ଦୁକ ବହନ କରି ଯର୍ଦ୍ଦନ ନଦୀରେ
ପ୍ରବେଶ କରିବେ, ଯର୍ଦ୍ଦନର ପ୍ରବାହ ବନ୍ଦ ହୋଇଯିବ।
ଯର୍ଦ୍ଦନର ପାଣିସବୁ ରୋକିବ ଓ ଗୋଟିଏ ରାଶି ହୋଇ ସ୍ଥଗିତ
ରହିବ।"
14ଯେତେବେଳେ ଲୋକମାନେ ଛାଉଣୀ ପକାଇଥିବା ସ୍ଥାନରୁ
ଯର୍ଦ୍ଦନ ନଦୀ ପାର ହେବାପାଇଁ ଯାତ୍ରା ଆରମ୍ଭ କଲେ,
ଯାଜକମାନେ ଲୋକମାନଙ୍କ ଆଗେ ଆଗେ ନିୟମ ସିନ୍ଦୁକ
ବହି ନେଉଥିଲେ। 15ଯଦିଓ ଶସ୍ୟ ଅମଳ ସମୟରେ ଯର୍ଦ୍ଦନ
ନଦୀ ସର୍ବଦା କୂଳ ଲଙ୍ଘନ କରୁଥାଏ, ଯାଜକମାନେ ନଦୀ
ଶର୍ଯ୍ୟାରେ ପ୍ରବେଶ କଲା ମାତ୍ରେ ହଠାତ୍ ତା'ର ପ୍ରବାହ ବନ୍ଦ
ହୋଇଗଲା। 16ତା'ପରେ ଉପରୁ ବହୁଥିବା ଜଳ ପ୍ରବାହ
ହଠାତ୍ ସର୍ତ୍ତନ ସହର ନିକଟବର୍ତ୍ତୀ ଆଦମ ପର୍ଯ୍ୟନ୍ତ ବନ୍ଦ
ହୋଇଗଲା ଓ ଗୋଟିଏ ରାଶିରେ ପରିଣତ ହୋଇ ସ୍ଥଗିତ
ହେଲା। ଏବଂ ମୃତ ସମୁଦ୍ରକୁ ଯାଉଥିବା ନିମ୍ନଗାମୀ ଜଳସ୍ରୋତ
ବନ୍ଦ ହୋଇଗଲା। ଇତ୍ୟବସରେ ଲୋକମାନେ ଯିରୀହୋ
ନିକଟରେ ଯର୍ଦ୍ଦନ ନଦୀ ପାର ହେଲେ। 17ପରମେଶ୍ୱରଙ୍କ
ନିୟମ ସିନ୍ଦୁକ ନେଇ ଯାଉଥିବା ଯାଜକଗଣ ଦୃଢ ଭାବରେ
ଯର୍ଦ୍ଦନ ନଦୀର ମଝିରେ ଅଟକି ଗଲେ, ଯେ ପର୍ଯ୍ୟନ୍ତ
ଇଶ୍ରାୟେଲର ସମସ୍ତ ଲୋକ ଶୁଖିଲା ଭୂମିରେ ନଦୀ ପାର
ହୋଇ ନାହାନ୍ତି।

## ଲୋକମାନଙ୍କ ସ୍ମରଣ ପାଇଁ ଅଦ୍ଭୁତ ଶିଳା

4 ସମସ୍ତ ଲୋକ ଯର୍ଦ୍ଦନ ନଦୀ ପାର ହୋଇ ସାରିବା
ପରେ ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ, 2"ବାରଜଣ
ଲୋକଙ୍କୁ ବାରଟି ଗୋଷ୍ଠୀବର୍ଗରୁ ବାଛ। ପ୍ରତ୍ୟେକ ଗୋଷ୍ଠୀବର୍ଗରୁ
ଜଣେ। 3ଏହିପରି ଭାବେ ସେମାନଙ୍କୁ ଆଦେଶ ଦିଅ: "ଯେଉଁଠାରେ
ଯାଜକଗଣ ନଦୀ ମଝିରେ ଛିଡା ହୋଇଥିଲେ ବାରଟି
ଶିଳାଖଣ୍ଡ ସଂଗ୍ରହ କର। ତୁମ୍ଭ ସହିତ ସେହି ବାରଟି
ଶିଳାଖଣ୍ଡକୁ ବହିନିଅ। ତୁମ୍ଭେ ଯେଉଁଠାରେ ରାତି କଟାଇବାକୁ
ଯୋଜନା କରିଛ, ସେଗୁଡ଼ିକ ସେଠାରେ ରଖ।"
4ତେଣୁ ଯିହୋଶୂୟ ବାରଟି ଗୋଷ୍ଠୀବର୍ଗରୁ ବାର ଜଣଙ୍କୁ
ବାଛିଲେ। ପ୍ରତ୍ୟେକ ଗୋଷ୍ଠୀବର୍ଗରୁ ଜଣେ। ତା'ପରେ ସେ
ସେହି ବାରଜଣ ଲୋକଙ୍କୁ ଗୋଟିଏ ଜାଗାରେ ଏକତ୍ର କଲେ।
5ଯିହୋଶୂୟ ସେହି ବାର ଜଣ ଲୋକଙ୍କୁ କହିଲେ, "ଯର୍ଦ୍ଦନ
ନଦୀର ମଝିକୁ ଯାଅ। ଯେଉଁଠାରେ ଯାଜକମାନେ ସଦାପ୍ରଭୁଙ୍କର
ପବିତ୍ର ନିୟମ ସିନ୍ଦୁକ ଧରି ଠିଆ ହୋଇ ଥିଲେ, ତୁମ୍ଭେମାନେ
ବାରଟି ଶିଳାଖଣ୍ଡ ପାଇବା ଉଚିତ୍। ସେଠାରୁ ତୁମ୍ଭେମାନେ
ପ୍ରତ୍ୟେକ ଗୋଟିଏ ଲେଖାଁଏ ଶିଳା ତୁମ୍ଭ କାନ୍ଧରେ ବହି
ଆଣିବ। 6ସେହି ଶିଳାଗୁଡ଼ିକ ତୁମ୍ଭମାନଙ୍କର ଏକ ପ୍ରତୀକ
ହୋଇ ରହିବ। ଭବିଷ୍ୟତରେ ଯେତେବେଳେ ତୁମ୍ଭର ପିଲାମାନେ
ଉତ୍ସୁକ ହୋଇ ତୁମ୍ଭକୁ ପଚାରିବେ, 'ଏହି ପଥରଗୁଡ଼ିକ ତୁମ୍ଭ
ପାଇଁ କ'ଣ?' 7ତୁମ୍ଭେ ତୁମ୍ଭର ପିଲାମାନଙ୍କୁ କହିବ ଯେ
ସଦାପ୍ରଭୁ ଯର୍ଦ୍ଦନ ନଦୀର ଜଳ ଧାରକୁ ବନ୍ଦ କରିଥିଲେ।
ସେହି ସମୟରେ ଯାଜକମାନେ ସଦାପ୍ରଭୁଙ୍କର ଯୁକ୍ତିର ପବିତ୍ର
ସିନ୍ଦୁକ ସହିତ ଧରି ନଦୀ ପାର ହେଉଥିଲେ, ଏହି ଶୀଳା

ଖଣ୍ଡଗୁଡ଼ିକ ସବୁଦିନ ପାଇଁ ଇଶ୍ରାୟେଲବାସୀଙ୍କର କଥାକୁ
ମନେପକାଉ ଥିବ।”
8ତେଣୁ ଇଶ୍ରାୟେଲ ଲୋକମାନେ ଯିହୋଶୂୟଙ୍କର ନିର୍ଦ୍ଦେଶ
ମାନିଲେ। ସେମାନେ ସେହି ବାର ଖଣ୍ଡ ଶିଳାଗୁଡ଼ିକୁ ନଦୀ
ଶର୍ଯ୍ୟାରୁ ଆଣିଲେ। ସଦାପ୍ରଭୁ ଯିହୋଶୂୟଙ୍କୁ ଦେଇଥିବା ନିର୍ଦ୍ଦେଶ
ଅନୁସାରେ ପ୍ରତ୍ୟେକ ପରିବାରବର୍ଗରୁ ଜଣେ ଗୋଟିଏ ଶିଳାଖଣ୍ଡ
ନେଲେ। ଲୋକମାନେ ସେମାନଙ୍କ ସହିତ ଶିଳାଖଣ୍ଡକୁ ବହିଲେ।
ଏବଂ ସେମାନେ ଯେଉଁଠାରେ ରାତ୍ରି ଯାପନ କରନ୍ତି, ସେଠାରେ
ଶିଳାଖଣ୍ଡକୁ ରଖନ୍ତି। 9ଯିହୋଶୂୟ ଯର୍ଦ୍ଦନ ନଦୀର ମଝିରେ
ବାର ଖଣ୍ଡ ପଥର ବସାଇଲେ। ଯେଉଁଠାରେ ବାର ଜଣ
ଯାଜକ ସଦାପ୍ରଭୁଙ୍କର ନିୟମ ସିନ୍ଦୁକ ଧରି ଠିଆ ହୋଇଥିଲେ।
ଯାହାକି ଆଜି ପର୍ଯ୍ୟନ୍ତ ପଥରଖଣ୍ଡଗୁଡ଼ିକ ସେହି ସ୍ଥାନରେ
ଅଛି।
10ସଦାପ୍ରଭୁ ଯିହୋଶୂୟଙ୍କୁ ନିର୍ଦ୍ଦେଶ କରିଥିଲେ, ଲୋକମାନଙ୍କୁ
କହିବା ପାଇଁ, ଯାହା ମୋଶା ଯିହୋଶୂୟଙ୍କୁ କହିଥିଲେ। ତେଣୁ
ଯାଜକମାନେ ଯେଉଁମାନେ ସଦାପ୍ରଭୁଙ୍କର ସିନ୍ଦୁକ ବହୁଥିଲେ,
ସେମାନେ ସେହି ନଦୀ ଶର୍ଯ୍ୟାରେ ଠିଆ ହୋଇ ରହିଲେ,
ସମସ୍ତ ଇଶ୍ରାୟେଲ ଲୋକମାନେ ନଦୀ ପାର ନହେବା
ପର୍ଯ୍ୟନ୍ତ। 11ଯେତେବେଳେ ସମସ୍ତ ଲୋକମାନେ ନଦୀ ପାର
ହୋଇଗଲେ, ଏହାପରେ ଯାଜକଗଣ ସଦାପ୍ରଭୁଙ୍କର ପବିତ୍ର
ନିୟମ ସିନ୍ଦୁକ ଧରି ଯର୍ଦ୍ଦନ ନଦୀପାର ହୋଇଗଲେ।
12ରୂବେନ୍ ଗୋଷ୍ଠୀର ମନୁଷ୍ୟମାନେ, ଗାଦ ଗୋଷ୍ଠୀର
ମନୁଷ୍ୟମାନେ ଓ ମନଃଶିର ଅର୍ଦ୍ଧେକ ଗୋଷ୍ଠୀଗଣ, ଯୁଦ୍ଧାସ୍ତ୍ରରେ
ସଜ୍ଜିତ ଓ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ଇଶ୍ରାୟେଲୀୟମାନଙ୍କ
ଆଗରେ ନଦୀ ପାର ହୋଇଗଲେ, ଠିକ୍ ମୋଶା ଯେପରି
ସେମାନଙ୍କୁ କହିଲେ*। 13ପ୍ରାୟ 40,000 ସୈନ୍ୟ ଯୁଦ୍ଧକରିବା
ପାଇଁ ପ୍ରସ୍ତୁତ ହୋଇ ସଦାପ୍ରଭୁଙ୍କ ସମ୍ମୁଖରେ ପାର ହୋଇ
ଯିରୀହୋ ପଦାକୁ ଗଲେ।
14ସେହିଦିନ ସଦାପ୍ରଭୁ ଇଶ୍ରାୟେଲର ଲୋକମାନଙ୍କ ଆଗରେ
ଯିହୋଶୂୟଙ୍କୁ ସମ୍ଭ୍ରାନ୍ତ କଲେ। ତହିଁରେ ଲୋକମାନେ ମୋଶାଙ୍କୁ
ଯେପରି ଭୟ କରୁଥିଲେ, ସମ୍ମାନ କରୁଥିଲେ, ସେହିପରି
ତାଙ୍କର ଜୀବନସାରା ତାଙ୍କୁ ଭୟ ଓ ସମ୍ମାନ କଲେ।
15ଯେତେବେଳେ ଯାଜକମାନେ ନିୟମ ସିନ୍ଦୁକ ନଦୀ
ମଧ୍ୟରେ ପାର କରୁଥିଲେ ସେ ସମୟରେ ସେମାନେ ନଦୀରେ
ଛିଡ଼ା ହୋଇଥିଲେ, ସେ ସମୟରେ ସଦାପ୍ରଭୁ ଯିହୋଶୂୟଙ୍କୁ
କହିଲେ, 16“ତୁମ୍ଭେ ଯାଜକମାନଙ୍କୁ ନିର୍ଦ୍ଦେଶ ଦିଅ ଯର୍ଦ୍ଦନ
ନଦୀ ମଧ୍ୟରୁ ବାହାରକୁ ଆସିବା ପାଇଁ।”
17ତେଣୁ ଯିହୋଶୂୟ ନିର୍ଦ୍ଦେଶ ଦେଲେ ଯାଜକମାନଙ୍କୁ,
ସେ କହିଲେ, “ଯର୍ଦ୍ଦନ ନଦୀରୁ ବାହାରକୁ ଆସ।”
18ଯାଜକମାନେ ଯିହୋଶୂୟଙ୍କୁ ମାନିଲେ। ସେମାନେ ସେହି
ପବିତ୍ର ସିନ୍ଦୁକକୁ ଧରି ନଦୀରୁ ନଦୀ କୂଳକୁ ଆସିଲେ।
ଯେତେବେଳେ ଯାଜକମାନଙ୍କର ପାଦ ନଦୀରୁ ବାହାରି ଆସିଲା,
ଯର୍ଦ୍ଦନ ନଦୀ ପୂର୍ବପରି ବହିବାକୁ ଲାଗିଲା। ଏହି ନଦୀ ପୂର୍ବପରି
ତା’ର କୂଳ ଲଙ୍ଘନ କଲା।
19ପ୍ରଥମ ମାସର ଦଶମ ଦିନରେ ଲୋକମାନେ ଯର୍ଦ୍ଦନ
ନଦୀ ପାର ହୋଇ ଯିରୀହୋର ପୂର୍ବ ସୀମାସ୍ଥିତ ଗିଲଗାଲ୍ଠାରେ
ଛାଉଣୀ ସ୍ଥାପନ କଲେ। 20ସେମାନେ ଯର୍ଦ୍ଦନରୁ ଆଣିଥିବା
ସେହି ବାରଟି ଶିଳାଖଣ୍ଡକୁ ଯିହୋଶୂୟ ଗିଲ୍ଗାଲ୍ଠାରେ ସ୍ଥାପନ
କଲେ। 21ତା’ପରେ ଯିହୋଶୂୟ ଇଶ୍ରାୟେଲ ଲୋକମାନଙ୍କୁ
କହିଲେ, “ଭବିଷ୍ୟତରେ ତୁମ୍ଭର ପିଲାମାନେ ସେମାନଙ୍କର
ପିତାମାତାଙ୍କୁ ପଚାରିବେ, ‘ଏ ପଥରଗୁଡ଼ିକ କ’ଣ?’ 22ତୁମ୍ଭେ
ତୁମ୍ଭର ପିଲାମାନଙ୍କୁ କହିବ, ‘ଏହି ଶିଳାଖଣ୍ଡଗୁଡିକ ଅତୀତର
ସ୍ମୃତି, କିପରି ଇଶ୍ରାୟେଲର ଲୋକମାନେ ଶୁଖିଲା ଭୂମିରେ
ଯର୍ଦ୍ଦନ ନଦୀ ପାର ହୋଇଥିଲେ। 23ଆମ୍ଭେମାନେ ପାର
ହେବାଯାଏ, ଯେପରି ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ତାଙ୍କର ଶକ୍ତିବଳରେ ସୂଫ ସମୁଦ୍ର ଶୁଷ୍କ କରିଥିଲେ, ସେହିପରି
ତୁମ୍ଭମାନେ ପାର ହେବା ପର୍ଯ୍ୟନ୍ତ ସଦାପ୍ରଭୁ ତୁମ୍ଭମାନଙ୍କ
ପରମେଶ୍ୱର ତୁମ୍ଭମାନଙ୍କ ସମ୍ମୁଖରେ ଯର୍ଦ୍ଦନ ନଦୀ ଶୁଷ୍କ
କଲେ।’ 24ସଦାପ୍ରଭୁ ଏହିପରି କଲେ, କାରଣ ପୃଥିବୀସ୍ଥ
ସମୁଦାୟ ଲୋକ ସଦାପ୍ରଭୁ ଶକ୍ତିଶାଳୀ ବୋଲି ଜାଣି ପାରିବେ,
ସେଥିପାଇଁ ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କୁ
ସର୍ବଦା ଭୟ ଓ ସମ୍ମାନ କରିବ।”

5 ଇଶ୍ରାୟେଲର ଲୋକମାନେ ନଦୀ ପାର ହେବା ପର୍ଯ୍ୟନ୍ତ
ସଦାପ୍ରଭୁ ଯର୍ଦ୍ଦନ ନଦୀକୁ ଶୁଷ୍କ ରଖିଲେ। ଯେତେବେଳେ
ଯର୍ଦ୍ଦନର ପଶ୍ଚିମ ପାଶସ୍ଥିତ ଇମୋରୀୟ ରାଜାମାନେ ଓ ଭୂମଧ୍ୟ
ସମୁଦ୍ର ନିକଟସ୍ଥ କିଣାନୀୟ ରାଜାମାନେ ଏହା ଶୁଣିଲେ,
ସେତେବେଳେ ସେମାନଙ୍କର ହୃଦୟ ତରଳି ଗଲା ଓ
ଇଶ୍ରାୟେଲମାନଙ୍କୁ ସମ୍ମୁଖୀନ ହେବା ସକାଶେ ସେମାନେ
ସେମାନଙ୍କର ସାହସ ହରାଇଲେ।

## ଇଶ୍ରାୟେଲୀୟମାନେ ସୁନ୍ନତ ହେଲେ

2ସେହି ସମୟରେ, ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ,
“ତୁମ୍ଭେ ଶିଳାର ଛୁରିମାନ ତିଆରି କରି ଆଉ ଥରେ
ଇଶ୍ରାୟେଲ ସନ୍ତାନଗଣକୁ ସୁନ୍ନତ କର।”
3ତେଣୁ ଯିହୋଶୂୟ ଛୁରୀମାନ ତିଆରି କରି ଗିବୟୋତ
ହର୍ଲୋତ୍* ପର୍ବତ ନିକଟରେ ଇଶ୍ରାୟେଲ ସନ୍ତାନଗଣଙ୍କର
ସୁନ୍ନତ କରାଇଲେ।
4-7ଯିହୋଶୂୟ ସୁନ୍ନତ କରାଇବାର କାରଣ ଏହି, ମିଶରରୁ
ବାହାରି ଆସିବା ପରେ ଇଶ୍ରାୟେଲର ସମସ୍ତ ଲୋକ ଯାତ୍ରା
କରୁଥିବା ବେଳେ ମରୁଭୂମିରେ ମୃତ୍ୟୁବରଣ କଲେ। ସେମାନେ
ସମସ୍ତେ ଯୋଦ୍ଧା ଥିଲେ ଓ ସୁନ୍ନତ ହୋଇଥିଲେ। କିନ୍ତୁ ମିଶର
ଛାଡିବା ପରେ ମରୁଭୂମିରେ ଜନ୍ମ ହୋଇଥିବା ଇଶ୍ରାୟେଲୀୟମାନେ
ସୁନ୍ନତ ହୋଇନଥିଲେ। ଯେହେତୁ ଲୋକମାନେ ସଦାପ୍ରଭୁଙ୍କ
କଥା ମାନିଲେ ନାହିଁ। ତେଣୁ ସେମାନଙ୍କୁ ପ୍ରତିଜ୍ଞା କରାଯାଇଥିବା
ଦେଶ ସେମାନେ ଦେଖି ପାରିଲେ ନାହିଁ ଏବଂ ଦୀର୍ଘ ଚାଳିଶ
ବର୍ଷ ଯାଏ ସମସ୍ତ ଯୋଦ୍ଧା ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ
ମରୁଭୂମିରେ ଘୁରି ବୁଲିଲେ। ସଦାପ୍ରଭୁ ସେମାନଙ୍କୁ “ଉର୍ବର ଓ
ଦୁଗ୍ଧ, ମଧୁ ପ୍ରବାହିତ ଦେଶ” ନ ଦେଖାଇବା ପାଇଁ ପ୍ରତିଜ୍ଞା
କଲେ, ଯାହା ସେ ସେମାନଙ୍କର ପୂର୍ବପୁରୁଷଗଣଙ୍କଠାରେ

**ରୂବେନ୍ ... କହିଲେ** ସଦାପ୍ରଭୁଙ୍କର ପ୍ରତିଜ୍ଞାକୃତ ଦେଶକୁ ନେବା ପାଇଁ ସେମାନେ ଇଶ୍ରାୟେଲର ଅବଶିଷ୍ଟ ଲୋକମାନଙ୍କୁ ସାହାଯ୍ୟ କରୁଥିଲେ।

**ଗିବୟୋତ ହର୍ଲୋତ୍** ଏହି ନାମର ଅର୍ଥ ସୁନ୍ନତ ପର୍ବତ।

ଆମ୍ଭକୁ ଦେବା ପାଇଁ ପ୍ରତିଜ୍ଞା କରିଥିଲେ। ତେଣୁ ସେମାନଙ୍କର
ପୁତ୍ରଗଣ ସେମାନଙ୍କର ମୃତ୍ୟୁ ପରେ ସେମାନଙ୍କର ଜାଗାଗୁଡ଼ିକ
ନେଇଗଲେ। ସେମାନେ ବାଟରେ ସୁନ୍ନତ ହୋଇ ନ ଥିଲେ,
ତେଣୁ ସେମାନେ ରାସ୍ତାରେ ଯିହୋଶୂୟଙ୍କ ଦ୍ୱାରା ସୁନ୍ନତ
ହେଲେ।
8ଯିହୋଶୂୟ ସେମାନଙ୍କର ସୁନ୍ନତ ଶେଷ କଲେ। ଲୋକମାନେ
ସତେଜ ହେବା ପର୍ଯ୍ୟନ୍ତ ସେମାନଙ୍କର ସ୍ଥାନରେ ରହିଲେ।

## କିଣାନରେ ପ୍ରଥମ ନିସ୍ତାର ପର୍ବ

9ସେହି ସମୟରେ, ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ,
"ତୁମ୍ଭେମାନେ ମିଶରର ଦାସ ଥିଲ, ଏବଂ ଏହା ତୁମ୍ଭକୁ ଲଜ୍ଜା
ଦେଉଥିଲା। କିନ୍ତୁ ଆଜି ମୁଁ ସେ ଲଜ୍ଜାକୁ ନିବାରଣ କରିଅଛି।"
ତେଣୁ ଯିହୋଶୂୟ ସେ ସ୍ଥାନର ନାମ ଦେଲେ, ଗିଲ୍‌ଗାଲ୍,
ଏବଂ ସେହି ଗିଲ୍‌ଗାଲ୍ ନାମ ଆଜି ମଧ୍ୟ ପ୍ରଚଳିତ ଅଛି।
10ଇଶ୍ରାୟେଲ ଲୋକମାନେ ନିସ୍ତାର ପର୍ବପାଳନ କଲେ,
ଯେତେବେଳେ ସେମାନେ ଯିରୀହୋ ସମତଳ ଅଞ୍ଚଳ ନିକଟରେ
ଛାଉଣୀ ସ୍ଥାପନ କଲେ। ତାହା ଥିଲା ସେହି ମାସ ଚଉଦ
ତାରିଖ ସନ୍ଧ୍ୟା। 11ଆଉ ନିସ୍ତାର ପର୍ବର ପୂର୍ବଦିନ ସେମାନେ
ଦେଶର ଶସ୍ୟ ତାଡ଼ିଶୂନ୍ୟ ରୋଟୀ ଓ ଭଜା ଶସ୍ୟ ଖାଇଲେ।
12ତା'ପରଦିନ ସକାଳେ, ସ୍ୱର୍ଗର ଖାଦ୍ୟ ମାନ୍ନା ଆକାଶରୁ
ପଡିବା ବନ୍ଦ ହେଲା, ସେମାନେ ସେହି ଦେଶର ଶସ୍ୟ
ଭୋଜନ କଲାରୁ ଏପରି ହେଲା। ତେଣୁ ଇଶ୍ରାୟେଲର
ଲୋକମାନେ ଆଉ ମାନ୍ନା ଖାଦ୍ୟ ପାଇଲେ ନାହିଁ। ସେହି
ସମୟଠାରୁ ସେମାନେ କିଣାନର ଶସ୍ୟ ଖାଇଲେ।
13ଯେତେବେଳେ ଯିହୋଶୂୟ ଯିରୀହୋ ନିକଟରେ ଛିଡ଼ା
ହୋଇଥିଲେ, ତାଙ୍କ ସମ୍ମୁଖରେ ଏକ ଲୋକ ଛିଡ଼ା ହୋଇଥିଲା।
ସେ ଲକ୍ଷ୍ୟ କଲେ ଲୋକଟି ତା' ହାତରେ ଏକ ଖଣ୍ଡା ଟାଣି
ବାହାର କଲା। ଯିହୋଶୂୟ ତା'ର ନିକଟକୁ ଗଲେ ଓ
ପଚାରିଲେ, "ତୁମ୍ଭେ ଆମ୍ଭର ଲୋକମାନଙ୍କର ବନ୍ଧୁ ନା ଶତ୍ରୁ?"
14ଅସ୍ତ୍ର ଧରିଥିବା ଲୋକଟି ଉତ୍ତର ଦେଲା, "ମୁଁ ତୁମ୍ଭର
ଶତ୍ରୁ ନୁହେଁ, ମୁଁ ସଦାପ୍ରଭୁଙ୍କ ସୈନ୍ୟର ସେନାପତି ଅଟେ। ମୁଁ
ବର୍ତ୍ତମାନ ତୁମ୍ଭ ପାଖକୁ ଆସିଲି।"
ଏହାପରେ ଯିହୋଶୂୟ ସମ୍ମାନ ଜଣାଇ ତାଙ୍କୁ ଭୂମିଷ୍ଠ
ପ୍ରଣାମ କଲେ। ସେ କହିଲେ, "ମୋର ପ୍ରଭୁ ତାଙ୍କର ଦାସ
ମୋ ପାଇଁ କିଛି ବାର୍ତ୍ତା ପଠାଇଛନ୍ତି କି?"
15ସଦାପ୍ରଭୁଙ୍କର ସୈନ୍ୟ ଦଳର ସେନାପତି ଉତ୍ତର
ଦେଲେ, "ତୁମ୍ଭ ପାଦରୁ ପାଦୁକା କାଢ଼, କାରଣ ଯେଉଁ
ସ୍ଥାନରେ ତୁମ୍ଭେ ଛିଡ଼ା ହୋଇଅଛ, ସେ ସ୍ଥାନ ପବିତ୍ର।" ତେଣୁ
ଯିହୋଶୂୟ ସେହିପରି କଲେ।

## ଯିରୀହୋ କରଗତ ହେଲା

6 ଯିରୀହୋ ସହର ବନ୍ଦ ଥିଲା ଓ ଜଗା ହୋଇଥିଲା।
ସେହି ସହରର ଲୋକମାନେ ଭୟଭୀତ ହୋଇ ଯାଇଥିଲେ।
କାରଣ ଇଶ୍ରାୟେଲର ଲୋକମାନେ ସେହି ସହରର ନିକଟରେ
ଥିଲେ, କୌଣସି ଲୋକ ସେହି ସହରର ଭିତରକୁ ପଶୁ ନ
ଥିଲେ କି କେହି ମଧ୍ୟ ସହର ଭିତରୁ ବାହାରକୁ ମଧ୍ୟ ଆସୁ
ନ ଥିଲେ।
2ତେଣୁ ଯିହୋଶୂୟଙ୍କୁ ସଦାପ୍ରଭୁ ପୁଣିଥରେ କହିଲେ,
"ଦେଖ, ଯିରୀହୋ ନଗର ସହିତ ରାଜାମାନଙ୍କୁ ଓ ଶକ୍ତିଶାଳୀ
ସୈନ୍ୟମାନଙ୍କୁ ପରାସ୍ତ କରିବାକୁ ମୁଁ ତୁମ୍ଭକୁ ଅନୁମତି ଦେବି।
3ପ୍ରତ୍ୟେକ ଦିନ ଥରେ ସମସ୍ତ ଯୋଦ୍ଧା ନଗର ଚାରିଆଡ଼େ
ପ୍ରଦକ୍ଷିଣ କରିବେ। ଏହି ପ୍ରକାର ତୁମ୍ଭେମାନେ ଛଅଦିନ ଧରି
କରିବା ଉଚିତ୍। 4ସାତୋଟି ମେଷଶିଙ୍ଗା ସହିତ ସାତଜଣ
ଯାଜକ ପବିତ୍ର ସିନ୍ଦୁକ ସମ୍ମୁଖକୁ ଯିବେ। ଆଉ ସପ୍ତମ
ଦିନରେ ତୁମ୍ଭେମାନେ ସାତଥର ନଗର ପ୍ରଦକ୍ଷିଣ କରିବା
ଉଚିତ୍ ଓ ଯାଜକମାନେ ମେଷର ଶିଙ୍ଗା ବଜାଇବା ଉଚିତ୍।
5ସମସ୍ତ ଯାଜକମାନେ ମେଷ ଶିଙ୍ଗାରେ ଦୀର୍ଘ୍ୟ ଧ୍ୱନୀ କରିବେ
ଓ ଯେତେବେଳେ ତୁମ୍ଭେମାନେ ସେହି ଶିଙ୍ଗା ଶବ୍ଦ ଶୁଣିବ
ସେତେବେଳେ ସମସ୍ତ ଲୋକ ମହାଜୟ ଜୟଧ୍ୱନୀ କରିବେ
ଏବଂ ପ୍ରାଚୀର ପଡ଼ିଯିବ ଓ ସମସ୍ତ ଲୋକମାନେ ସିଧା
ନଗରକୁ ଯିବାକୁ ସକ୍ଷମ ହେବେ।"
6ତେଣୁ ନୂନର ପୁତ୍ର ଯିହୋଶୂୟ ସମସ୍ତ ଯାଜକମାନଙ୍କୁ
ଏକତ୍ରିତ କଲେ। ଯିହୋଶୂୟ ସେମାନଙ୍କୁ କହିଲେ, "ତୁମ୍ଭେମାନେ
ପବିତ୍ର ନିୟମ ସିନ୍ଦୁକ ଆଣ ଓ ସାତଜଣ ଯାଜକ ସଦାପ୍ରଭୁଙ୍କର
ପବିତ୍ର ସିନ୍ଦୁକ ଆଗରେ ମେଷଶିଙ୍ଗା ବଜାଇବେ।"
7ତା'ପରେ ଯିହୋଶୂୟ ଲୋକମାନଙ୍କୁ କହିଲେ, "ବର୍ତ୍ତମାନ
ଯାଅ, ସହରରେ ପ୍ରଦକ୍ଷିଣ କର। ସୈନ୍ୟମାନେ ପବିତ୍ର
ସିନ୍ଦୁକର ଆଗରରେ ରହିଲେ।"
8ଯିହୋଶୂୟ ଲୋକମାନଙ୍କୁ କହି ସାରିବା ପରେ, ସାତଜଣ
ଯାଜକ ସଦାପ୍ରଭୁଙ୍କ ସମ୍ମୁଖରେ ଚାଲିଲେ ଏବଂ ସେମାନେ
ଚାଲିବା ସମୟରେ ସାତଟି ତୂରୀ ବଜାଇ ବଜାଇ ଚାଲିଲେ।
ଯାଜକମାନେ ସଦାପ୍ରଭୁଙ୍କର ପବିତ୍ର ସିନ୍ଦୁକ ଧରି ତାଙ୍କ ପଛେ
ପଛେ ଚାଲିଲେ। 9ସୈନ୍ୟମାନେ ସେମାନଙ୍କର ଅସ୍ତ୍ରଶସ୍ତ୍ର ସହ
ଯେଉଁ ଯାଜକମାନେ ମେଷ ଶିଙ୍ଗା ବଜାଉଥିଲେ ସେମାନଙ୍କର
ସମ୍ମୁଖରେ ଚାଲିଲେ। ପ୍ରହରୀଗଣ ପବିତ୍ର ନିୟମ ସିନ୍ଦୁକ ପଛେ
ପଛେ ଚାଲିଲେ। ସେମାନେ ଏହିପରି ଭାବରେ ଅବିରତ ମେଷ
ଶିଙ୍ଗା ବଜାଇ ସହର ପରିକ୍ରମଣ କଲେ। 10ଯିହୋଶୂୟ
ଲୋକମାନଙ୍କୁ ଆଦେଶ ଦେଲେ, "ଯୁଦ୍ଧ ଡାକରା ଦିଅ ନାହିଁ
ମୁଁ ନ କହିବାଯାଏ ତୁମ୍ଭର ସ୍ୱର ଶୁଣିବାକୁ ଦିଅନାହିଁ।
ତା'ପରେ ମୁଁ କହିଲି, ତୁମ୍ଭେ ଯୁଦ୍ଧ ଡାକରା ଦେଇପାରିବ।"
11ଏହିପରି ଭାବରେ ଯିହୋଶୂୟ ପବିତ୍ର ସିନ୍ଦୁକ ସହିତ
ଯାଜକ ଓ ସୈନ୍ୟଗଣଙ୍କୁ ଥରେ ସହର ପରିକ୍ରମା କରାଇଲେ।
ଏହାପରେ ସେମାନେ ଛାଉଣୀକୁ ଫେରିଆସି ବିଶ୍ରାମ ନେଲେ।
12ପ୍ରଭାତରେ ଯିହୋଶୂୟ ବିଛଣା ତ୍ୟାଗ କଲେ ଓ
ଏହାପରେ ଯାଜକମାନେ ସଦାପ୍ରଭୁଙ୍କର ପବିତ୍ର ନିୟମ ସିନ୍ଦୁକ
ଧରି ବାହାରିଲେ। 13ଏବଂ ସାତଜଣ ଯାଜକ ପବିତ୍ର ସିନ୍ଦୁକ
ଆଗରେ ମେଷ ଶିଙ୍ଗାରେ ତିଆରି ତୂରୀ ବଜାଇ ବଜାଇ
ଚାଲିଲେ। ସଶସ୍ତ୍ର ସୈନିକମାନେ ମଧ୍ୟ ସେମାନଙ୍କ ଆଗରେ
ଚାଲିଲେ। ପଛପଟର ପ୍ରହରୀମାନେ ପବିତ୍ର ସିନ୍ଦୁକ ପଛେ
ପଛେ ଚାଲିଲେ। ଏହିପରି ଭାବରେ ସେମାନେ ଅବିରତ
ଭାବେ ତୂରୀ ବଜାଇ ନଗର ପରିକ୍ରମା କଲେ। 14ଏହିପରି
ଭାବରେ ଦ୍ୱିତୀୟ ଦିନ ଥରେ ନଗର ପରିକ୍ରମ କଲେ। ଏବଂ
ଏହାପରେ ଛାଉଣୀକୁ ଫେରି ଆସିଲେ। ଏହିପରି ଭାବରେ
ସେମାନେ ଛଅଦିନ ପର୍ଯ୍ୟନ୍ତ କଲେ।

15ସପ୍ତମ ଦିନ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସେମାନେ
ସହରକୁ ସାତଥର ପରିକ୍ରମା କଲେ। ପୂର୍ବଥର ଯେଉଁ
ପଥରେ ପରିକ୍ରମା କରିଥିଲେ, ଏଥର ମଧ୍ୟ ସେହି ପଥଦେଇ
ଗଲେ। କିନ୍ତୁ ସେହି ଦିନ ସେମାନେ ସାତଥର ନଗର
ପରିକ୍ରମା କଲେ। 16ସପ୍ତମ ଥର ନଗର ପ୍ରଦକ୍ଷିଣ କରିବା
ବେଳେ ଯାଜକମାନେ ଶିଙ୍ଗା ବଜାଇଲେ। ଏହି ସମୟରେ
ଯିହୋଶୂୟ ନିର୍ଦ୍ଦେଶ ଦେଲେ, "ବର୍ତ୍ତମାନ ଜୟଧ୍ୱନି ଦିଅ।
ଯେହେତୁ ସଦାପ୍ରଭୁ ତୁମ୍ଭକୁ ଏ ନଗର ଦାନ କଲେ। 17ମାତ୍ର
ନଗର ଓ ତନ୍ମଧ୍ୟସ୍ଥ ସମସ୍ତ ବସ୍ତୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଉତ୍ସର୍ଗିତ ହେବ। କେବଳ ବ୍ୟଭିଚାରିଣୀ ରାହବ, ସେହି
ଗୃହରେ ତାହା ସଙ୍ଗେ ଥିବା ସମସ୍ତ ଲୋକ ଜୀବିତ ରହିବେ।
କାରଣ ସେ ଆମ୍ଭମାନଙ୍କ ଗୁପ୍ତଚରମାନଙ୍କୁ ଲୁଚାଇ ରଖିଥିଲା।
18ତୁମ୍ଭେମାନେ ସେହି ଦ୍ରବ୍ୟରୁ କିଛି ନଦେବା ପାଇଁ ସାବଧାନ
ହେବା ଉଚିତ୍, ଯାହାକି ନଷ୍ଟ କରାଯିବ। ଯଦି ତୁମ୍ଭେମାନେ
ସେହି ଦ୍ରବ୍ୟଗୁଡିକୁ ଇଶ୍ରାୟେଲର ଛାଉଣୀ ଭିତରକୁ ନିଅ,
ତୁମ୍ଭେମାନେ ଏହା ଆପଣା ଉପରକୁ ବିପଦ ଆଣିବ ଏବଂ
ତୁମ୍ଭେମାନେ ଇଶ୍ରାୟେଲ ଛାଉଣୀ ଧ୍ୱଂସ କରିବାର କାରଣ
ହେବ। 19ସମସ୍ତ ରୂପା, ସୁନା, ସମସ୍ତ ପିତ୍ତଳ ଓ ଲୁହାର
ପାତ୍ର ଓ କରେଇ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ
ଓ ଏହା ସଦାପ୍ରଭୁଙ୍କ ଭଣ୍ଡାରକୁ ଚାଲିଯିବ।"

20ଯାଜକମାନେ ମେଷ ଶିଙ୍ଗା ବଜାଇଲେ, ଲୋକମାନେ
ମେଷ ଶିଙ୍ଗା ଶବ୍ଦ ଶୁଣି ପାଟି କରିବାକୁ ଲାଗିଲେ। ପ୍ରାଚୀରଟି
ଭାଙ୍ଗିଗଲା, ଲୋକମାନେ ସିଧାସଳଖ ନଗର ମଧ୍ୟକୁ ଦୌଡିଲେ।
ଇଶ୍ରାୟେଲର ଲୋକମାନେ ନଗରକୁ ଅକ୍ତିଆର କଲେ।
21ଲୋକମାନେ ସହରରେ ଧ୍ୱଂସର ଲୀଳା ଚଳାଇଲେ। ସେମାନେ
ସେଠାରେ ଥିବା ସମସ୍ତ ଜୀବିତ ବସ୍ତୁକୁ ଧ୍ୱଂସ କଲେ।
ସେମାନେ ଯୁବକମାନଙ୍କୁ ହତ୍ୟା କଲେ। ବୃଦ୍ଧ ଲୋକମାନଙ୍କୁ,
ସ୍ତ୍ରୀ ଲୋକମାନଙ୍କୁ, ବୃଦ୍ଧା ସ୍ତ୍ରୀ ଲୋକମାନଙ୍କୁ, ପଶୁ, ମେଷ
ଏବଂ ଗଧମାନଙ୍କୁ ମଧ୍ୟ ହତ୍ୟା କଲେ।

22ଯିହୋଶୂୟ ଦୁଇଜଣ ଗୁପ୍ତଚରଙ୍କୁ ଡ଼ାକି କହିଲେ,
"ତୁମ୍ଭେ ସେ ବେଶ୍ୟା ଗୃହକୁ ଯାଅ ଓ ତାକୁ ବାହାରକୁ ଆଣ
ଏବଂ ତାହା ସହିତ ଥିବା ସମସ୍ତ ଲୋକଙ୍କୁ ମଧ୍ୟ ବାହାରକୁ
ଆଣ। ଏହିପରି କର କାରଣ ତୁମ୍ଭେ ସେମାନଙ୍କ ସହିତ
ଏହିପରି ପ୍ରତିଜ୍ଞା କରିଅଛ।"

23ତେଣୁ ସେ ଦୁଇଜଣ ଗୁପ୍ତଚର ଗୃହ ମଧ୍ୟକୁ ପ୍ରବେଶ
କଲେ ଏବଂ ରାହବକୁ ବାହାରକୁ ଆଣିଲେ। ସେମାନେ ମଧ୍ୟ
ରାହବର ପିତା, ମାତା, ଭଉଣୀ ଏବଂ ତା'ର ସମସ୍ତ
ପରିବାରବର୍ଗ ଏବଂ ତାହା ସହିତ ଥିବା ସମସ୍ତ ଲୋକମାନଙ୍କୁ
ବାହାରକୁ ଆଣିଲେ। ଏବଂ ସେମାନଙ୍କୁ ଇଶ୍ରାୟେଲର ଛାଉଣୀ
ବାହାରେ ନିରାପଦରେ ରଖିଲେ।

24ଏହାପରେ ଇଶ୍ରାୟେଲ ଲୋକମାନେ ସେ ସହରରେ
ଅଗ୍ନି ସଂଯୋଗ କଲେ। ସେମାନେ ସହରର ସୁନା, ରୂପା,
ଲୌହବସ୍ତୁ ଓ ପିତ୍ତଳ ଇତ୍ୟାଦିକୁ ଛାଡ଼ି ସମସ୍ତ ବସ୍ତୁକୁ ପୋଡ଼ି
ନଷ୍ଟ କରିଦେଲେ ଏବଂ ଏହି ବସ୍ତୁମାନଙ୍କୁ ସଦାପ୍ରଭୁଙ୍କର
ଭଣ୍ଡାର ଗୃହରେ ଜମା କଲେ। 25ଯିହୋଶୂୟ ରାହବକୁ ଓ
ତା'ର ପରିବାରବର୍ଗମାନଙ୍କୁ ରକ୍ଷା କଲେ କାରଣ ସେ
ଗୁପ୍ତଚରମାନଙ୍କୁ ସାହାଯ୍ୟ କରିଥିଲା ଓ ରକ୍ଷା କରିଥିଲା।
ଯିରୀହୋ ସହର ଉପରେ ଗୁପ୍ତ ଦୃଷ୍ଟି ରଖିବା ପାଇଁ
ଯିହୋଶୂୟ ପଠାଇଥିବା ଗୁପ୍ତଚରମାନଙ୍କୁ ଲୁଚାଇ ରଖିଥିଲା।
ତେଣୁ ରାହବ ଏବେ ମଧ୍ୟ ଇଶ୍ରାୟେଲମାନଙ୍କ ସହିତ ବାସ
କରୁଅଛି।

26ସେହି ସମୟରେ ଯିହୋଶୂୟ ଏହି ପ୍ରତିଜ୍ଞା କରିଥିଲେ,
"ଯେ କେହି ଯିରୀହୋ ନଗର ପୁନଃ ନିର୍ମାଣ କରେ,
ସେ ସଦାପ୍ରଭୁଙ୍କ ଦ୍ୱାରା ଶାପଗ୍ରସ୍ତ ହେବ, ସେ ଆପଣା ଜ୍ୟେଷ୍ଠ
ପୁତ୍ରର ମୃତ୍ୟୁ ସହିତ ତହିଁର ଭିତ୍ତିମୂଳ ସ୍ଥାପନ କରିବ ଓ
ଆପଣା କନିଷ୍ଠ ପୁତ୍ରର ମୃତ୍ୟୁ ସହିତ ତହିଁର ଦ୍ୱାରମାନ
ସ୍ଥାପନ କରିବ।"

27ଏହିପରି ଭାବରେ ସଦାପ୍ରଭୁ ଯିହୋଶୂୟଙ୍କ ସହିତ
ରହିଲେ ଓ ଯିହୋଶୂୟଙ୍କର କୀର୍ତ୍ତି ଚାରିଆଡେ ବ୍ୟାପିଲା।

## ଆଖନ୍‌ର ପାପ

7 କିନ୍ତୁ ଇଶ୍ରାୟେଲ ଲୋକମାନେ ସଦାପ୍ରଭୁଙ୍କ ଦ୍ରବ୍ୟ ନଷ୍ଟ
ସମ୍ବନ୍ଧୀୟ ଆଦେଶ ମାନିଲେ ନାହିଁ। ସେଠାରେ ଜଣେ
ଯିହୁଦା ଗୋଷ୍ଠୀବର୍ଗୀୟ ଲୋକ ଥିଲେ, ଯାହାର ନାମ ଆଖନ୍।
ସେ କର୍ମିର ପୁତ୍ର ଥିଲା ଏବଂ କର୍ମି ଜିମ୍ରୀର ପୁତ୍ର ଥିଲା। ଯାହା
ଧ୍ୱଂସ କରିବାର ଥିଲା, ସେଥିରୁ କିଛି ଆଖନ ରଖିଥିଲା।
ଯେଉଁଥିପାଇଁ ସଦାପ୍ରଭୁ ଇଶ୍ରାୟେଲ ଲୋକମାନଙ୍କ ଉପରେ
କ୍ରୋଧିତ ହେଲେ।

2ସେମାନେ ଯିରୀହୋକୁ ପରାସ୍ତ କଲାପରେ, ଯିହୋଶୂୟ
ଅୟକୁ ଲୋକ ପଠାଇଲେ। ଅୟ ବୈଥେଲର ପୂର୍ବ ଦିଗସ୍ଥିତ
ବୈଥାବନର ପାର୍ଶ୍ୱରେ ଅବସ୍ଥିତ। ଯିହୋଶୂୟ ସେମାନଙ୍କୁ
କହିଲେ, "ଅୟକୁ ଯାଅ ଓ ସେଠାରେ ଅନୁସନ୍ଧାନ କର
ସେମାନଙ୍କର ଦୁର୍ବଳତାକୁ ଅନୁସନ୍ଧାନ କର।" ତେଣୁ ଏଥିରେ
ଲୋକମାନେ ଯାଇ ଅୟରେ ଅନୁସନ୍ଧାନ କଲେ।

3ଏହାପରେ ଲୋକମାନେ ଯିହୋଶୂୟ ନିକଟକୁ ଫେରି
ଆସିଲେ। ସେମାନେ କହିଲେ, "ଅୟ ବହୁତ ଦୁର୍ବଳ,
ସେମାନଙ୍କୁ ପରାସ୍ତ କରିବା ପାଇଁ ସମସ୍ତ ଲୋକମାନଙ୍କୁ
ପଠାଇବା ନାହିଁ। ସେଠାକୁ ମାତ୍ର ଦୁଇ ତିନିହଜାର ଲୋକ
ଯୁଦ୍ଧ କରିବା ପାଇଁ ପଠାନ୍ତୁ। ସେଠାରେ ସମସ୍ତ ସୈନ୍ୟ
ନିୟୋଜିତର ଆବଶ୍ୟକତା ନାହିଁ। ସେଠାରେ ଖୁବ୍ କମ୍
ଲୋକ ଆମ୍ଭମାନଙ୍କ ସହିତ ଯୁଦ୍ଧ କରିବାକୁ ଅଛନ୍ତି।"

4-5ତେଣୁ ମାତ୍ର 3,000 ସୈନ୍ୟ ଅୟକୁ ଗଲେ। କିନ୍ତୁ
ଅୟର ଲୋକମାନେ ଛତିଶ୍ ଜଣ ଇଶ୍ରାୟେଲୀୟଙ୍କୁ ହତ୍ୟା
କଲେ। ତେଣୁ ଇଶ୍ରାୟେଲୀୟ ସୈନ୍ୟମାନେ ସେହି ସ୍ଥାନରୁ
ଦୌଡ ପଳାଇଲେ। ଅୟର ଲୋକମାନେ ସେମାନଙ୍କର ପଛେ
ଗୋଡ଼େଇ ଗୋଡ଼େଇ ଆଣି ଶବାରୀମ ପର୍ଯ୍ୟନ୍ତ ଆଣିଲେ।

ତେଣୁ ଇଶ୍ରାୟେଲୀୟ ଲୋକମାନେ ଭୟଭୀତ ହେଲେ ଓ
ସେମାନେ ସାହସ ହରାଇଲେ। 6ଯେତେବେଳେ ଯିହୋଶୂୟ
ଏହା ଶୁଣିଲେ। ସେ ତାଙ୍କର ଦୁଃଖ ଜଣାଇବା ପାଇଁ, ତାଙ୍କର
ବସ୍ତ୍ରକୁ ଚିରିଦେଲେ। ସେ ସଦାପ୍ରଭୁଙ୍କ ପବିତ୍ର ସିନ୍ଦୁକ ନିକଟରେ
ମଥାମାଡ଼ି ଭୂମିରେ ପଡି ରହିଲେ। ଯିହୋଶୂୟ ଇଶ୍ରାୟେଲର
ନେତୃବର୍ଗଙ୍କ ସହିତ ସେଠାରେ ରହିଲେ, ଯେଉଁମାନେ ସନ୍ଧ୍ୟା
ପର୍ଯ୍ୟନ୍ତ ଦୁଃଖ ଜଣାଇ ସେମାନଙ୍କର ମସ୍ତକରେ ଧୂଳି ଫିଙ୍ଗିଲେ।
7ଯିହୋଶୂୟ କହିଲେ, "ହେ ମୋର ପ୍ରଭୁ, ଆପଣ କାହିଁକି

ଏହି ଲୋକମାନଙ୍କୁ ଯର୍ଦ୍ଦନ ପାର ହେବାକୁ ଦେଲେ? କ'ଣ
ଆମ୍ଭକୁ ଇମୋରୀୟମାନଙ୍କ ହସ୍ତରେ ବିନାଶ କରିବାକୁ, ଏହା
କଲେ? ଆହା ଯଦି ମୁଁ ଯର୍ଦ୍ଦନ ସେପାରିରେ ରହିଥାନ୍ତି। **8**ହେ
ସଦାପ୍ରଭୁ ଇଶ୍ରାୟେଲ ଶତ୍ରୁଗଣଙ୍କ ଦ୍ୱାରା ପରାଜିତ ହେବା
ପରେ ମୁଁ କଣ କହିବି? **9**କିଣାନୀୟମାନେ ଓ ଏ ଦେଶ
ନିବାସୀ ଅନ୍ୟ ସମସ୍ତେ ଏ ବିଷୟରେ ଶୁଣିବେ। ସେମାନେ
ଆମ୍ଭକୁ ଘେରି ଆକ୍ରମଣ କରିବେ ଓ ବିନାଶ ମଧ୍ୟ କରିବେ।
ତା'ପରେ ତୁମ୍ଭେ କିପରି ତୁମ୍ଭର ମହାନ ନାମକୁ ରକ୍ଷା
କରିବ?"

**10**ତେଣୁ ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ, "ତୁମ୍ଭେ
କାହିଁକି ଏପରି ଅଧମୁଖ ହୋଇ ଭୂମିରେ ପଡ଼ିଅଛ? ଛିଡ଼ା
ହୁଅ! **11**ଇଶ୍ରାୟେଲୀୟ ଲୋକମାନେ ମୋ ବିରୁଦ୍ଧରେ ପାପ
କରିଛନ୍ତି। ମୁଁ ସେମାନଙ୍କୁ ଯେଉଁ ନିୟମ ମାନିବାକୁ ଦେଇଥିଲି,
ସେମାନେ ତାହାକୁ ଅମାନ୍ୟ କରିଛନ୍ତି। ସେମାନେ କିଛି
ଜିନିଷ ଆଣିଛନ୍ତି, ଯାହାକୁ ମୁଁ ଧ୍ୱଂସ କରିବାକୁ କହିଥିଲି।
ସେମାନେ ମୋଠାରୁ ଏହା ଚୋରି କରିଛନ୍ତି। ତା'ପରେ
ସେମାନେ ଏହାକୁ ଅସ୍ୱୀକାର କଲେ। ଆଉ ସେଗୁଡ଼ିକୁ ନିଜର
ସାମଗ୍ରି ସହିତ ରଖିଲେ। **12**ସେହି କାରଣରୁ ଇଶ୍ରାୟେଲୀୟମାନେ
ପରାସ୍ତ ହୋଇ ଫେରି ଆସିଛନ୍ତି। ସେମାନେ ଅପରାଧ
କରିଥିବାରୁ ଓ ଧ୍ୱଂସ କାର୍ଯ୍ୟକୁ ନିନ୍ଦା କରିଥିବାରୁ ସେମାନେ
ପରାସ୍ତ ହେଲେ। ତୁମ୍ଭେମାନେ ତୁମ୍ଭମାନଙ୍କ ପାଖରେ ଥିବା
ସେହି ଲୁଟ୍ ବସ୍ତୁକୁ ଧ୍ୱଂସ ନକଲା ପର୍ଯ୍ୟନ୍ତ ମୁଁ ତୁମ୍ଭ ସଙ୍ଗରେ
ରହିପାରିବି ନାହିଁ, ଯେଉଁଗୁଡ଼ିକୁ ଧ୍ୱଂସ କରିବା ପାଇଁ ମୁଁ
ନିର୍ଦ୍ଦେଶ ଦେଇଥିଲି।

**13**"ବର୍ତ୍ତମାନ ଯାଅ ଏବଂ ଲୋକମାନଙ୍କୁ ପ୍ରତିଷ୍ଠା କର।
ଲୋକମାନଙ୍କୁ କୁହ, 'ନିଜକୁ ପବିତ୍ର କାର୍ଯ୍ୟ ପାଇଁ ପବିତ୍ର
କର। ଆସନ୍ତା କାଲି ପାଇଁ ପ୍ରସ୍ତୁତ ହୁଅ। ସଦାପ୍ରଭୁ
ଇଶ୍ରାୟେଲର ପରମେଶ୍ୱର କହନ୍ତି ମୁଁ ନଷ୍ଟ କରିବା ପାଇଁ
କହିଥିବା ଲୁଣ୍ଠନ ଦ୍ରବ୍ୟକୁ ତୁମ୍ଭେମାନେ ଅଧିକାର କରିଅଛ।
ତୁମ୍ଭେ ସେ ବସ୍ତୁକୁ ନଷ୍ଟ ନ କରିବା ଯାଏଁ ଶତ୍ରୁମାନଙ୍କ
ଉପରେ ଜୟଲାଭ କରିପାରିବ ନାହିଁ।

**14**"'ପ୍ରଭାତରେ ତୁମ୍ଭେ ସମସ୍ତେ ସଦାପ୍ରଭୁଙ୍କ ସମ୍ମୁଖରେ
ଠିଆ ହେବ। ସମସ୍ତ ପରିବାରବର୍ଗର ଲୋକମାନେ ସଦାପ୍ରଭୁଙ୍କ
ସମ୍ମୁଖରେ ଦଣ୍ତାୟମାନ ହେବେ। ସଦାପ୍ରଭୁ ସେମାନଙ୍କ ମଧ୍ୟରୁ
ଗୋଟିଏ ପରିବାରବର୍ଗଙ୍କୁ ବାଛିବେ। ଏହାପରେ ସେହି
ପରିବାରବର୍ଗଟି ସଦାପ୍ରଭୁଙ୍କ ସମ୍ମୁଖରେ ଦଣ୍ତାୟମାନ ହେବ।
ସଦାପ୍ରଭୁ ସେହି ପରିବାରବର୍ଗରୁ ଗୋଟିଏ ଗୋଷ୍ଠୀକୁ ବାଛିବେ
ଏବଂ ସେମାନେ ସଦାପ୍ରଭୁଙ୍କ ଆଗେରେ ଛିଡ଼ା ହେବେ।
ତା'ପରେ ସେହି ଗୋଷ୍ଠୀରୁ ସେ ଗୋଟିଏ ପରିବାରକୁ ବାଛିବେ।
ତା'ପରେ ସେ ସେହି ପରିବାରର ପ୍ରତ୍ୟେକ ଲୋକଙ୍କୁ
ନିରୀକ୍ଷଣ କରିବେ। **15**ଯିଏ ଲୁଣ୍ଠନ ଦ୍ରବ୍ୟ ରଖିବାରେ ଦୋଷୀ
ମନିବ, ଯେଉଁ ଦ୍ରବ୍ୟଟି ନଷ୍ଟ ହେବାର ଉଚିତ୍ ଥିଲା, ତାହା
ନିଆଁରେ ପୋଡ଼ି ପାଉଁଶ କରାଯିବ। ଏବଂ ତା'ର ଅଧିନରେ
ଥିବା ସବୁକିଛିକୁ ପୋଡ଼ି ପାଉଁଶ କରାଯିବ, ଯେହେତୁ ସେ
ସଦାପ୍ରଭୁଙ୍କର ନିୟମ ଭଂଗ କଲା। ଆଉ ମଧ୍ୟ ସେ
ଇଶ୍ରାୟେଲର ଲୋକମାନଙ୍କ ବହୁତ ପାପପୂର୍ଣ୍ଣ କାର୍ଯ୍ୟ କଲା।'"

**16**ତା'ପରଦିନ ପ୍ରତ୍ୟୁଷରୁ ଯିହୋଶୂୟ ଇଶ୍ରାୟେଲର ସମସ୍ତ
ଇଶ୍ରାୟେଲୀୟ ଲୋକମାନଙ୍କ ପରିବାରବର୍ଗ ଅନୁଯାୟୀ ସଦାପ୍ରଭୁଙ୍କ
ଆଗକୁ ଆଣିଲେ। ଏବଂ ସଦାପ୍ରଭୁ ସେଥି ମଧ୍ୟରୁ ଯିହୁଦା
ପରିବାରବର୍ଗକୁ ବାଛିଲେ। **17**ତା'ପରେ ସେ ଯିହୁଦାର ପରିବାରର
ପରିବାରବର୍ଗକୁ ଉପସ୍ଥିତ କଲେ। ସେରହ ଗୋଷ୍ଠୀ ପରମେଶ୍ୱରଙ୍କ
ଦ୍ୱାରା ନିର୍ଦ୍ଧାରିତ ହେଲା। ତା'ପରେ ସେରହ ପରିବାରର ସମସ୍ତ
ସଭ୍ୟ ସଦାପ୍ରଭୁଙ୍କ ଆଗରେ ଛିଡ଼ା ହେଲେ। ଜିମ୍ରିର
ପରିବାର ବଛାଗଲା। **18**ଏହାପରେ ଯିହୋଶୂୟ ସେ ପରିବାରର
ସମସ୍ତ ମନୁଷ୍ୟମାନଙ୍କୁ ସଦାପ୍ରଭୁଙ୍କ ସମ୍ମୁଖକୁ ଆସିବାକୁ କହିଲେ।
ସଦାପ୍ରଭୁ କର୍ମିର ପୁତ୍ର ଆଖନ୍‌କୁ ମନୋନୀତ କଲେ। କାର୍ମି
ଜିମ୍ରିର ପୁତ୍ର ଥିଲା ଏବଂ ଜିମ୍ରି ସେରହର ପୁତ୍ର ଥିଲା।

**19**ତା'ପରେ ଯିହୋଶୂୟ ଆଖନକୁ କହିଲେ, "ହେ ମୋହର
ପୁତ୍ର, ବିନୟ କରୁଅଛି, ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କୁ
ଗୌରବ ଦିଅ ଓ ତାହାଙ୍କ ନିକଟରେ ସ୍ୱୀକାର କର, ତୁମ୍ଭେ
କ'ଣ କରିଛ। ମୋତେ କୁହ ସେ କଥା ଲୁଚାଅ ନାହିଁ।"

**20**ଆଖନ ଉତ୍ତରରେ କହିଲା, "ଏହା ସତ୍ୟ! ମୁଁ ପାପ
କରିଛି ସଦାପ୍ରଭୁଙ୍କ ସମ୍ମୁଖରେ। ମୁଁ ଏହିପରି କରିଅଛି। **21**ମୁଁ
ଲୁଣ୍ଠିତ ଦ୍ରବ୍ୟ ମଧ୍ୟରେ ଖଣ୍ତିଏ ସୁନ୍ଦର ବାବିଲୀୟ କୋଟ ଓ
200 ଶେକଲ ରୁପା ଓ ଏକ ପାଉଣ୍ଡ ଓଜନର ସୁନାମୁଣ୍ଡା
ଦେଖି ଲୋଭ କରି ତାହା ନେଲି। ଏବଂ ସେଗୁଡ଼ିକୁ ମୋ
ତମ୍ବୁ ମଧ୍ୟରେ ପୋତି ଅଛି। ଆଉ ରୂପା ତହିଁ କୋଟ ତଳେ
ଅଛି।"

**22**ଯିହୋଶୂୟ କିଛି ଲୋକଙ୍କୁ ଛାଉଣୀକୁ ପଠାଇଲେ।
ସେମାନେ ସେଠାକୁ ଦୌଡ଼ିଲେ ଓ ସେଗୁଡ଼ିକ ତମ୍ବୁ ତଳେ
ପୋତା ହୋଇ ଥିବାର ଦେଖିଲେ। ରୁପାଗୁଡ଼ିକ କୋଟ ତଳେ
ଥିଲା। **23**ଲୋକମାନେ ସେ ସମସ୍ତ ଦ୍ରବ୍ୟକୁ ତମ୍ବୁର ବାହାରକୁ
ଆଣିଲେ। ସେମାନେ ସେ ସମସ୍ତ ଦ୍ରବ୍ୟକୁ ଯିହୋଶୂୟର ଓ
ଇଶ୍ରାୟେଲର ସମସ୍ତ ଲୋକମାନଙ୍କର ସମ୍ମୁଖକୁ ଆଣିଲେ।
ସେମାନେ ସେଗୁଡ଼ିକୁ ସଦାପ୍ରଭୁଙ୍କ ଉପସ୍ଥିତିରେ ଥୋଇଦେଲେ।

**24**ଏହାପରେ ଯିହୋଶୂୟ ଓ ସମଗ୍ର ଇଶ୍ରାୟେଲ ସେରହର
ପୁତ୍ର ଆଖନକୁ ଓ ତା'ର ପୁତ୍ର ଓ କନ୍ୟାମାନଙ୍କୁ ଓ ତା'ର
ଗୋରୁଗାଈ, ଗଧ ଓ ମେଣ୍ଢା ଓ ତମ୍ବୁ ସର୍ବସ୍ୱ ଯଥା ରୁପା,
ସୁନା ଓ କୋଟକୁ ଆଖୋର ଉପତ୍ୟକାକୁ ଆଣିଲେ। **25**ତା'ପରେ
ଯିହୋଶୂୟ କହିଲେ, "ତୁମ୍ଭେ କାହିଁକି ଆମ୍ଭମାନଙ୍କୁ ଦୁଃଖ
ଦେଲ? ସଦାପ୍ରଭୁ ଆଜି ତୁମ୍ଭ ପାଇଁ ଦୁଃଖ ଆଣିବେ।" ତେଣୁ
ଇଶ୍ରାୟେଲର ସମସ୍ତ ଲୋକ ଆଖନ ଓ ତା'ର ପରିବାରକୁ
ପଥର ଫିଙ୍ଗି ହତ୍ୟା କଲେ। ଏହାପରେ ଲୋକମାନେ ତାକୁ
ଓ ସେ ଆଣିଥିବା ସମସ୍ତ ଦ୍ରବ୍ୟକୁ ସେହି ସ୍ଥାନରେ ପୋଡ଼ି
ଦେଲେ। **26**ଆଖନକୁ ପୋଡ଼ି ସାରିବା ପରେ ତାହାକୁ
ପଥରରେ ପୋତି ଦେଲେ, ସେହି ପଥର ଗଦା ଆଜି ପର୍ଯ୍ୟନ୍ତ
ସେଠାରେ ଅଛି। ଯେହେତୁ ସଦାପ୍ରଭୁ ଆଖନକୁ ସେଠାରେ
ଏପରି ଦୁଃଖ ଦେଲେ, ସେଥିପାଇଁ ସେହି ସ୍ଥାନ ଆଜି ପର୍ଯ୍ୟନ୍ତ
ଆଖୋର ଉପତ୍ୟକା* ନାମରେ ପରିଚିତ। ଏହାପରେ ସଦାପ୍ରଭୁ
ଇଶ୍ରାୟେଲବାସୀଙ୍କ ଉପରୁ କ୍ରୋଧରୁ ନିବୃତ୍ତ ହୋଇ ଶାନ୍ତ
ହେଲେ।

---

**ଆଖୋର ଉପତ୍ୟକା:** ଏହି ନାମର ଅର୍ଥ "ଦୁଃଖ।"

## ଅୟ ଧ୍ୱଂସ ହେଲା

8 ଏହାପରେ ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ, "ଭୟ
କର ନାହିଁ। ନିରାଶ ହୁଅ ନାହିଁ। ତୁମ୍ଭର ସମସ୍ତ
ସୈନ୍ୟଙ୍କ ସହିତ ଅୟକୁ ଯାତ୍ରା କର। ମୁଁ ତୁମ୍ଭକୁ ସହାୟ
ହେବ, ଅୟର ରାଜାଙ୍କୁ ପରାସ୍ତ କରିବା ପାଇଁ। ମୁଁ ତୁମ୍ଭକୁ
ସେହି ନଗର, ଏହାର ରାଜା ଓ ଏହାର ଲୋକମାନଙ୍କୁ ତୁମ୍ଭକୁ
ହସ୍ତାନ୍ତର କରିବ। 2ତୁମ୍ଭେ ଅୟପ୍ରତି ସେହିପରି କର ଯେପରି
ତୁମ୍ଭେ ଯିରୀହୋ ଓ ତା'ର ରାଜା ପ୍ରତି କରିଥିଲ। ମାତ୍ର
ଏଥର ତୁମ୍ଭେ ଆପଣା ପାଇଁ ସେମାନଙ୍କର ଧନ, ଦୌଲତ୍ ଓ
ପଶୁମାନଙ୍କୁ, ତୁମ୍ଭମାନଙ୍କ ଭିତରେ ବାଣ୍ଟି ନେବ। ବର୍ତ୍ତମାନ
କିଛି ସୈନ୍ୟଗଣଙ୍କୁ ନଗର ପଛପଟେ ଲୁଚାଇ ରଖ।"

3ତେଣୁ ଯିହୋଶୂୟ ତାଙ୍କର ସମସ୍ତ ସୈନ୍ୟ ଦଳ ଅୟକୁ
ଆକ୍ରମଣ କରିବାକୁ ଆଗେଇନେଲେ। ଏହାପରେ ଯିହୋଶୂୟ
ତାଙ୍କର 30,000 ନିପୁଣ ସୈନ୍ୟମାନଙ୍କୁ ବାଛିଲେ। ସେମାନଙ୍କୁ
ସେହି ରାତ୍ରିରେ ପଠାଇଦେଲେ। 4ଯିହୋଶୂୟ ସେମାନଙ୍କୁ
ନିର୍ଦ୍ଦେଶ ଦେଇ କହିଲେ, "ତୁମ୍ଭେମାନେ ମୋର କଥାକୁ ଭଲ
ଭାବରେ ଶୁଣ। ତୁମ୍ଭେମାନେ ନଗର ବାହାରେ ଲୁଚି ରହିବ।
ଆକ୍ରମଣ କରିବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବ। ସହରଠାରୁ
ଦୂରକୁ ଯିବ ନାହିଁ। ସର୍ବଦା ପ୍ରସ୍ତୁତ ଥିବ ଓ ନଜର ରଖିଥିବ।
5ମୋ ସହିତ ସମସ୍ତ ସୈନ୍ୟଗଣ ନଗର ନିକଟକୁ ଯିବୁ।
ସେମାନେ ଯେତେବେଳେ ଆମ୍ଭମାନଙ୍କୁ ଆକ୍ରମଣ କରିବାକୁ
ଆସିବେ, ଆମ୍ଭେମାନେ ବୁଲିପଡିବୁ ଓ ସେମାନଙ୍କ ନିକଟରୁ
ଦୌଡି ପଳାଇବୁ ଆମ୍ଭେମାନେ ପୂର୍ବରୁ ଯେପରି କରିଥିଲୁ।
6ସେମାନେ ଆମ୍ଭ ପଛରେ ଗୋଡାଇବେ ନଗର ବାହାରକୁ।
ସେମାନେ ଭାବିବେ ଆମ୍ଭେ ସେମାନଙ୍କୁ ଭୟରେ ପୂର୍ବଥର ପରି
ଡରି ପଳାଇ ଯାଉଛୁ। ତେଣୁ ଆମ୍ଭେମାନେ ଦୌଡ଼ି ପଳାଇବୁ।
7ତୁମ୍ଭେମାନେ ତୁମ୍ଭମାନଙ୍କର ଲୁଚି ରହିଥିବା ସ୍ଥାନରୁ ବାହାରି
ନଗରକୁ ନିଜ ନିୟନ୍ତ୍ରଣ ମଧ୍ୟକୁ ନେବ। ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ନଗରକୁ ତୁମ୍ଭମାନଙ୍କୁ ଅକ୍ତିଆର କରିବାକୁ ଦେବେ।

8"ତୁମ୍ଭେମାନେ ନିଶ୍ଚିତ କରିବ ଯାହା ସଦାପ୍ରଭୁ ଆଦେଶ
କରନ୍ତି। ମୁଁ ନଗରକୁ ଆକ୍ରମଣ କରିବା ପାଇଁ ତୁମ୍ଭମାନଙ୍କୁ
ଆଜ୍ଞା କରିବ। ତୁମ୍ଭ ନିୟନ୍ତ୍ରଣକୁ ଆଣିବା ପରେ ସେହି
ନଗରରେ ଅଗ୍ନି ସଂଯୋଗ କର।"

9ଏହାପରେ ଯିହୋଶୂୟ ସୈନ୍ୟମାନଙ୍କୁ ସେମାନଙ୍କର ଲୁଚି
ରହିବା ସ୍ଥାନକୁ ପଠାଇ ଦେଲେ। ସେମାନେ ବୈଥେଲ ଏବଂ
ଅୟର ମଧ୍ୟ ସ୍ଥାନରେ ଲୁଚି ରହିଲେ। ଏହି ସ୍ଥାନଟି ଥିଲା
ଅୟର ପଶ୍ଚିମ ପଟରେ। ଏବଂ ଯିହୋଶୂୟମାନଙ୍କ ସୈନ୍ୟମାନଙ୍କ
ସହିତ ସେଠାରେ ରାତ୍ରଯାପନ କଲେ।

10ତା'ପରଦିନ ପ୍ରତ୍ୟୁଷରୁ ଯିହୋଶୂୟ ସୈନ୍ୟମାନଙ୍କୁ ଏକତ୍ରିତ
କଲେ। ଏହାପରେ ଯିହୋଶୂୟ ଏବଂ ଇଶ୍ରାୟେଲର ନେତାଗଣ
ସୈନ୍ୟମାନଙ୍କୁ ଅୟ ଆଡକୁ ଆଗେଇ ନେଲେ। 11ସମସ୍ତ
ସୈନ୍ୟ ଯେଉଁମାନେ କି ଯିହୋଶୂୟଙ୍କ ସହିତ ଥିଲେ,
ସେମାନେ ଅୟ ଆଡକୁ ଅଗ୍ରସର ହେଲେ। ସେମାନେ
ନଗରର ସମ୍ମୁଖରେ ରହିଲେ। ସୈନ୍ୟମାନେ ସେମାନଙ୍କର
ଛାଉଣୀ ଉତ୍ତର ପଟେ ପ୍ରସ୍ତୁତ କଲେ। ସୈନ୍ୟ ଛାଉଣୀ ଓ
ଅୟର ମଧ୍ୟରେ ଏକ ଉପତ୍ୟକା ମଧ୍ୟ ଥିଲା।

12ଏହାପରେ ଯିହୋଶୂୟ 5,000 ସୈନ୍ୟମାନଙ୍କୁ ବାଛିଲେ
ଏବଂ ସେମାନଙ୍କୁ ନଗରର ପଶ୍ଚିମ ପଟେ ଲୁଚି ରହିବାକୁ
ପଠାଇ ଦେଲେ। ସେହି ସ୍ଥାନଟି ବୈଥେଲ୍ ଓ ଅୟର
ମଝିରେ ଥିଲା। 13ଏହିପରି ଭାବରେ ଯିହୋଶୂୟ ଯୁଦ୍ଧ ପାଇଁ
ପ୍ରସ୍ତୁତ ହେଲେ। ସେମାନଙ୍କର ମୁଖ୍ୟ ଛାଉଣୀ ନଗରର
ଉତ୍ତର ପଟେ ରହିଲା। ଅନ୍ୟ ଦଳଟି ନଗରର ପଶ୍ଚିମ ପଟେ
ରହିଲେ। ସେହି ରାତ୍ରିରେ ଯିହୋଶୂୟ ଉପତ୍ୟକା ମଧ୍ୟକୁ
ଗଲେ।

14ଯେତେବେଳେ ଅୟର ରାଜା ଇଶ୍ରାୟେଲର ସୈନ୍ୟମାନଙ୍କୁ
ଦେଖିଲେ, ଅୟର ରାଜା ଏବଂ ତାଙ୍କର ସୈନ୍ୟମାନେ ଇଶ୍ରାୟେଲର
ସୈନ୍ୟମାନଙ୍କ ସହିତ ଯୁଦ୍ଧ କରିବାକୁ ତରବର ହୋଇ
ବାହାରି ଆସିଲେ। ଅୟର ରାଜା ପୂର୍ବ ପଟରେ ଥିବା ଯର୍ଦ୍ଦନ
ଉପତ୍ୟକା ଆଡକୁ ଅଗ୍ରସର ହେଲେ। ସେ ଲକ୍ଷ୍ୟ କରି
ନଥିଲେ ଯେ ସୈନ୍ୟମାନେ ନଗରର ପଛ ପଟେ ଲୁଚି
ଅଛନ୍ତି ବୋଲି।

15ଯିହୋଶୂୟ ଓ ତାଙ୍କ ସହିତ ଥିବା ସମସ୍ତ ସୈନିକ
ସେମାନଙ୍କଠାରୁ ପରାସ୍ତ ହେଲାପରି ସେମାନଙ୍କ ଆଗରେ ମରୁଭୂମି
ଆଡକୁ ଦୌଡ଼ିଲେ। 16ତେଣୁ ନଗରର ସମସ୍ତ ସୈନ୍ୟ
ସେମାନଙ୍କ ପଛରେ ପାଟିକରି ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ
ତାଙ୍କ ପଛରେ ଦୌଡ଼ିଲେ। ଏହିପରି ଭାବରେ ସମସ୍ତ ଲୋକ
ନଗର ପରିତ୍ୟାଗ କରିଥିଲେ। 17ଅୟର ସମସ୍ତ ଲୋକ ଓ
ବୈଥେଲର ସମସ୍ତ ଲୋକ ଇଶ୍ରାୟେଲୀୟ ସୈନ୍ୟମାନଙ୍କ
ପଛରେ ଗୋଡ଼ାଇ ଥିଲେ। ନଗରରେ କୌଣସି ଲୋକ
ନଥିଲେ ଯେକି ନଗରକୁ ରକ୍ଷା କରି ପାରିବେ।

18ଏହାପରେ ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ, "ତୁମ୍ଭେ
ନିଜର ବର୍ଚ୍ଛା ଅୟ ନଗର ଆଡକୁ ନିକ୍ଷେପ କର।" ଯେହେତୁ
ମୁଁ ତୁମ୍ଭକୁ ସେହି ନଗର ହସ୍ତାନ୍ତର କରିବ। ତେଣୁ
ଯିହୋଶୂୟ ନିଜର ବର୍ଚ୍ଛା ନଗର ଆଡକୁ ନିକ୍ଷେପ କଲେ।
19ଇଶ୍ରାୟେଲର ସୈନ୍ୟମାନେ ସେମାନଙ୍କର ଲୁଚିବା ସ୍ଥାନରୁ
ସେ ବର୍ଚ୍ଛା ନିକ୍ଷେପ କରୁଥିବାର ଦେଖିଲେ। ସେମାନେ ନଗର
ଆଡକୁ ତରବର ହୋଇ ଦୌଡ଼ିଲେ। ସେମାନେ ଏହିପରି
ନଗର ମଧ୍ୟକୁ ପ୍ରବେଶ କଲେ ଓ ନଗରକୁ ନିଜର
ଆୟତ୍ତାଧିନ କଲେ। ଏହାପରେ ସୈନ୍ୟମାନେ ଗୃହଆଡ଼େ ଅଗ୍ନି
ସଂଯୋଗ କଲେ।

20ଅୟର ଲୋକମାନେ ପଛକୁ ବୁଲି ଦେଖିଲେ ସେମାନଙ୍କର
ନଗର ନିଆଁରେ ଜଳୁଅଛି। ସେମାନେ ଦେଖିଲେ ଧୂଁଆ ଧାର
ଆକାଶକୁ ଛୁଉଁଛି, ତେଣୁ ସେମାନେ ସେମାନଙ୍କର ଶକ୍ତି ଓ
ସାହସ ହରାଇଲେ। ସେମାନେ ଆଉ ଇଶ୍ରାୟେଲ ସୈନ୍ୟମାନଙ୍କ
ପଛରେ ଗୋଡ଼ାଇଲେ ନାହିଁ। ମରୁଭୂମି ଆଡକୁ ଦୌଡୁଥିବା
ଇଶ୍ରାୟେଲର ସୈନ୍ୟମାନେ ମଧ୍ୟ ଆଉ ଆଗେଇଲେ ନାହିଁ।
ସେମାନେ ବୁଲି ପଡିଲେ ଓ ଅୟର ସୈନ୍ୟମାନଙ୍କୁ ଗୋଡାଇଲେ।
ଅୟର ସୈନ୍ୟମାନଙ୍କ ପାଇଁ ଦୌଡି ପଳାଇବାକୁ ଆଉ
ନିରାପଦ ସ୍ଥାନ ନଥିଲା। 21ଯିହୋଶୂୟ ଓ ଇଶ୍ରାୟେଲର
ଲୋକମାନେ ଅନୁଭବ କଲେ ଯେ, ଲୁଚିଥିବା ସୈନ୍ୟମାନେ
ନଗରଟିକୁ ସେମାନଙ୍କର ନିୟନ୍ତ୍ରଣ ମଧ୍ୟକୁ ନେଇ ଗଲେଣି।
ସେମାନେ ଧୂଆଁର ସ୍ତମ୍ଭ ଆକାଶରେ ଦେଖିବାକୁ ପାଇଲେ।
ଏଣୁ ସେମାନେ ଅୟର ସୈନ୍ୟ ଆଡକୁ ଦୌଡିଗଲେ ଓ
ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ। 22ଏହାପରେ ଯେଉଁ

ଲୋକମାନେ ଲୁଚିଥିଲେ, ସେମାନେ ବାହାର ଆସିଲେ ଏବଂ
ଯୁଦ୍ଧ କଲେ। ଏହପର ଅୟ୍ର ଲୋକମାନଙ୍କର ଉଭୟ
ପାର୍ଶ୍ୱରେ ଇଶ୍ରାୟେଲର ସୈନ୍ୟମାନେ ଜଗି ଗଲେ ଓ ସେମାନଙ୍କୁ
ପରାସ୍ତ କଲେ। ଇଶ୍ରାୟେଲର ସୈନ୍ୟମାନେ ଅୟ୍ର ଗୋଟିଏ
ସୈନ୍ୟଙ୍କୁ ମଧ୍ୟ ଛାଡ଼ିଲେ ନାହିଁ। 23କନ୍ତୁ ଅୟ୍ର ରାଜାଙ୍କୁ
ଜୀବିତ ଅବସ୍ଥାରେ ଯିହୋଶୂୟଙ୍କ ନକଟକୁ ଆଣିଲେ।

### ଯୁଦ୍ଧର ବବରଣ

24ଯୁଦ୍ଧ ସମୟରେ ଇଶ୍ରାୟେଲର ସୈନକମାନେ ଅୟ୍
ସୈନ୍ୟମାନଙ୍କ ପଛରେ ଗୋଡ଼ାଇ କ୍ଷେତ ଓ ମରୁଭୂମି ଅଞ୍ଚଳକୁ
ଆଣିଲେ। ସେମାନେ ସେହଠାରେ ସେମାନଙ୍କୁ ହତ୍ୟା କଲେ।
ଏହାପରେ ଇଶ୍ରାୟେଲ ସୈନ୍ୟମାନେ ଅୟ୍କୁ ଫେର ଆସିଲେ
ଏବଂ ଅୟ୍ ସହରରେ ଜୀବିତ ଲୋକମାନଙ୍କୁ ଓ ସୈନ୍ୟମାନଙ୍କୁ
ହତ୍ୟା କଲେ। 25ସେହଦନ ଅୟ୍ର ସମସ୍ତ ଲୋକମାନେ
ମଲେ। ସେମାନେ ପ୍ରାୟ୍ ସ୍ତ୍ରୀ ଓ ପୁରୁଷ ମିଶି 12,000
ଲୋକ ହେବେ। 26ଅୟ୍ ନବାସୀ ସମସ୍ତଙ୍କୁ ବର୍ଜିତ ରୂପେ
ବନାଶ କରବା ଯାଏ ଯିହୋଶୂୟ୍ ନଜର ହାତରେ ଧରଥିବା
ବର୍ଚ୍ଛାକୁ ବସ୍ତାର କରଥିଲେ। ଏହାକୁ ଯିହୋଶୂୟ୍ ସଙ୍କୁଚତ
କଲେ ନାହିଁ। 27ଇଶ୍ରାୟେଲର ଲୋକମାନେ ଅୟ୍ ସହରରେ
ସମସ୍ତ ପଶୁ ଓ ଦ୍ରବ୍ୟଗୁଡ଼କ ନଜ ନଜ ପାଇଁ ନେଲେ।
ସେମାନେ ଏପର କଲେ, କାରଣ ସଦାପ୍ରଭୁ ଏପର କରବାକୁ
ଯିହୋଶୂୟଙ୍କୁ ଆଜ୍ଞା କରଥିଲେ।

28ଏହାପରେ ଯିହୋଶୂୟ୍ ଅୟ୍ ସହରକୁ ପୋଡ ପାଉଁଶ
କଲେ। ସେ ଏକ ଧ୍ୱଂସ ସ୍ତୁପରେ ପରଣତ କଲେ ଏବଂ ଏହା
ଆଜିଯାଏଁ ଅନୁର୍ବର ସ୍ଥାନ ହୋଇ ରହଛି। 29ଯିହୋଶୂୟ୍
ଅୟ୍ର ରାଜାଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ଗଛରେ ଝୁଲେଇ ରଖିଲେ।
ସୂର୍ଯ୍ୟାସ୍ତ ପରେ ଯିହୋଶୂୟଙ୍କ ଆଜ୍ଞାନୁସାରେ ଲୋକମାନେ ସେ
ଶବକୁ ଗଛରୁ ଆଣିଲେ। ସେମାନେ ସେହ ଶବକୁ ନଗରର
ପ୍ରବେଶ ଫାଟକ ସମ୍ମୁଖରେ ଫୋପାଡ ଦେଲେ ଏବଂ ତା’
ଉପରେ ପଥର ଗଦା କଲେ। ତାହା ସେଠାରେ ଆଜି
ପର୍ଯ୍ୟନ୍ତ ମଧ୍ୟ ଅଛି।

### ଆଶିର୍ବାଦ ଓ ଅଭିଶାପ ପଠନ

30ଏହାପରେ ଯିହୋଶୂୟ୍ ଏବଲ ପର୍ବତ ଉପରେ ସଦାପ୍ରଭୁ
ଇଶ୍ରାୟେଲର ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞବେଦି
ନର୍ମାଣ କଲେ। 31ସଦାପ୍ରଭୁଙ୍କ ସେବକ ମୋଶା ଇଶ୍ରାୟେଲ
ସନ୍ତାନଗଣଙ୍କୁ ଯେ ରୂପେ ଆଜ୍ଞା ଦେଇଥିଲେ, ସେହପର
ଭାବରେ ମୋଶାଙ୍କର ବ୍ୟବସ୍ଥା ଗ୍ରନ୍ଥର ଲେଖାନୁସାରେ ଯହିଁ
ଉପରେ କୌଣସି ମଣିଷ ଲୁହା ଉଠାଇ ନାହିଁ। ଏପର ଅଚଞ୍ଛା
ପଥରରେ ଯଜ୍ଞବେଦୀ ସେ ନର୍ମାଣ କଲେ। ତହିଁ ଉପରେ
ସେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋମ ଓ ମଙ୍ଗଳାର୍ଥକ
ବଳ ଉତ୍ସର୍ଗ କଲେ।

32ସେହ ସ୍ଥାନରେ ଯିହୋଶୂୟ୍ ପ୍ରସ୍ତର ଫଳକ ଉପରେ
ମୋଶାଙ୍କ ବ୍ୟବସ୍ଥା ପୁସ୍ତକ ଲେଖିଲେ। ଇଶ୍ରାୟେଲ ଲୋକମାନଙ୍କୁ
ଦେଖାଇବାକୁ ଯିହୋଶୂୟ୍ ଏହା କଲେ, କାରଣ ତାହା
33ଇଶ୍ରାୟେଲର ସମସ୍ତ ଲୋକମାନେ, ସେମାନଙ୍କ ପ୍ରାଚୀନବର୍ଗ,
ନେତୃବର୍ଗ, ସେମାନଙ୍କର ବଚାରକର୍ତ୍ତାଗଣ, ବଦେଶୀଗଣ ଓ
ଦେଶବାସୀ ପବତ୍ର ସିନ୍ଦୁକ ସମ୍ମୁଖରେ ଛିଡା ହେଲେ। ସେମାନଙ୍କ
ମଧ୍ୟରୁ ଅର୍ଦ୍ଧେକ ଏବଲ ପର୍ବତ ଆଗରେ ଓ ଅର୍ଦ୍ଧେକ
ଗରଷୀମ ପର୍ବତ ଆଗରେ ଛିଡା ହେଲେ। ସଦାପ୍ରଭୁଙ୍କ ପବତ୍ର
ନୟମ ସିନ୍ଦୁକବାହୀ ଲେବୀୟ୍ ଯାଜକମାନଙ୍କ ସମ୍ମୁଖରେ ସେମାନେ
ଠିଆ ହେଲେ। ସେମାନେ ଏପର କଲେ କାରଣ ସଦାପ୍ରଭୁଙ୍କର
ସେବକ ମୋଶା ଇଶ୍ରାୟେଲୀୟମାନଙ୍କୁ ଆଶୀର୍ବାଦ କରବା
ନମନ୍ତେ ଏପର କରବାକୁ ଆଜ୍ଞା ଦେଇଥିଲେ।

34ଏହାପରେ ବ୍ୟବସ୍ଥା ପୁସ୍ତକରେ ଲେଖାଯାଇଥିବା
ଉଭୟ ଆଶିର୍ବାଦ ଓ ଅଭିଶାପ ବଷୟକ ବ୍ୟବସ୍ଥାର ସମସ୍ତ
ଶବ୍ଦ ସେ ପାଠକଲେ। 35ଇଶ୍ରାୟେଲର ସମସ୍ତ ଲୋକମାନେ
ସେଠାରେ ଉପସ୍ଥିତ ଥିଲେ। ସେଠାରେ ମଧ୍ୟ ସମସ୍ତ ସ୍ତ୍ରୀ
ଲୋକ, ପୁରୁଷ ଲୋକ, ପିଲାମାନେ, ଏବଂ ବଦେଶୀମାନେ
ସେଠାରେ ଉପସ୍ଥିତ ଥିଲେ। ବଦେଶୀମାନେ ଇଶ୍ରାୟେଲଗଣଙ୍କ
ସହତ ବାସ କରୁଥିଲେ। ଏବଂ ସେଠାରେ ଯିହୋଶୂୟ୍ ସମସ୍ତ
ନୟମ ପାଠ କରଥିଲେ, ଯାହାକ ମୋଶାଙ୍କ ଦ୍ୱାରା ସ୍ଥାପିତ
ହୋଇଥିଲା।

### ଗିବୟୋନୀୟମାନେ ଯିହୋଶୂୟଙ୍କୁ ଠକଲେ

9 ଯର୍ଦ୍ଦନ ପଶ୍ଚିମ ପାରସ୍ଥ ସମୁଦାୟ ରାଜଗଣ ଯେଉଁମାନେ
ପର୍ବତ, ସମତଳଭୂମି ଓ ଭୂମଧ ସାଗରର ଉପକୂଳ
ବର୍ତ୍ତୀ ଲେବାନନର ଦୂର ଅଞ୍ଚଳରେ ବାସ କରୁଥିଲେ,
ଯେଉଁମାନେ ହତ୍ତୀୟ, ଇମୋରୀୟ, କଣାନୀୟ, ପରଷୀୟ,
ହିବ୍ବୀୟ ଓ ଯିବୂଷୀୟ ରାଜଗଣ ବଷୟରେ ଏହ କଥା
ଶୁଣିଲେ। 2ସେମାନେ ଯିହୋଶୂୟ୍ ଓ ଇଶ୍ରାୟେଲ ବରୁଦ୍ଧରେ
ଯୁଦ୍ଧ କରବାକୁ, ଏକତ୍ରୀତ ହେଲେ ଓ ସୈନ୍ୟବାହୀନରେ
ଯୋଗ ଦେଲେ।

3ଯିରୀହୋ ପ୍ରତି ଓ ଅୟ୍ ପ୍ରତି ଯିହୋଶୂୟ୍ ଯାହା
କରଥିଲେ ଓ କପର ପରାସ୍ତ କରଥିଲେ, ସେ ବଷୟରେ
ଗିବୟୋନର ଲୋକମାନେ ଶୁଣିଲେ। 4ତା’ପରେ ସେମାନେ
କପଟଭାବରେ କାର୍ଯ୍ୟ କଲେ। ସେମାନେ ପୁରୁଣା ଅଖା ଓ
ତାଳପକା ଦ୍ରାକ୍ଷାକୁମ୍ପା ଗଧ ଉପରେ ନଦଲେ। 5ସେମାନେ
ମଧ୍ୟ ପାଦରେ ପୁରୁଣା ତାଳପକା ଜୋତା ଓ ଦେହରେ
ପୁରୁଣା ତାଳପକା ଲୁଗା ପିନ୍ଧିଲେ। ସେମାନେ ଶୁଖିଲା ଓ
ଫିମ୍ପା ରୋଟୀ ଗଧ ଉପରେ ନଦଲେ। 6ଏହପର ଭାବରେ
ସେମାନେ ଗିଲ୍‌ଗଲ୍ ନକଟସ୍ଥ

ଯିହୋଶୂୟଙ୍କ ଛାଉଣୀକୁ ଯାଇ ଇଶ୍ରାୟେଲୀୟ ଲୋକମାନଙ୍କୁ
କହଲେ, “ଆମ୍ଭେମାନେ ଦୂରଦେଶରୁ ଆସିଛୁ, ତେଣୁ ତୁମ୍ଭେମାନେ
ଆମ୍ଭମାନଙ୍କ ସହତ ଚୁକ୍ତି କର।”

7ତେଣୁ ଇଶ୍ରାୟେଲୀୟ ଲୋକମାନେ ହିବ୍ବୀୟ ଲୋକମାନଙ୍କୁ
କହଲେ, “କେଜାଣି ତୁମ୍ଭେମାନେ ଆମ୍ଭମାନଙ୍କ ମଧରେ ବାସ
କରୁଥିବ। ଆମ୍ଭେ ତୁମ୍ଭମାନଙ୍କ ସହତ ନୟମ କରପାରବୁ
ନାହିଁ। ଯେପର୍ଯ୍ୟନ୍ତ ଆମ୍ଭେ ନ ଜାଣିଛୁ ତୁମ୍ଭେ କେଉଁଠାରୁ
ଆସିଛ।”

8ଏଥିରେ ହିବ୍ବୀୟମାନେ ଉତ୍ତର ଦେଇ କହଲେ, “ଆମ୍ଭେ
ତୁମ୍ଭମାନଙ୍କର ଦାସ।”

କନ୍ତୁ ଯିହୋଶୂୟ୍ ପଚାରଲେ, “ତୁମ୍ଭେମାନେ କିଏ? ତୁମ୍ଭେମାନେ
କେଉଁଠାରୁ ଆସିଅଛ?”

9ଲୋକମାନେ ଉତ୍ତର ଦେଲେ, "ଆମ୍ଭେମାନେ ତୁମ୍ଭର
ସେବକଗଣ। ଆମ୍ଭେମାନେ ବହୁତ ଦୂରରୁ ଦେଶରୁ ଆସିଅଛୁ।
ଆମ୍ଭେମାନେ ଆସିଲୁ କାରଣ, ଆମ୍ଭେମାନେ ସଦାପ୍ରଭୁ ତୁମ୍ଭର
ପରମେଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟମାନ ବିଷୟରେ ଶୁଣିଲୁ। ସେ
କିପରି ମିଶରରେ ଆଶ୍ଚର୍ଯ୍ୟ କାର୍ଯ୍ୟମାନ କଲେ ତାହା ଆମ୍ଭେ
ଜାଣିବାକୁ ପାଇଲୁ। 10ଏବଂ ଯର୍ଦ୍ଦନ ପୂର୍ବପାରସ୍ଥ ହିଷ୍‌ବୋନ୍‌
ରାଜା ସୀହୋନ୍‌ ଓ ଅଷ୍ଟାରୋତ୍‌ ନିବାସୀ ବାଶନ ରାଜା, ଓଗ୍‌,
ଇମୋରୀୟମାନଙ୍କ ଦୁଇଜଣ ରାଜାଙ୍କୁ କେମିତି ପରାଜିତ କଲ,
ତାହାସବୁ ଆମ୍ଭେମାନେ ଶୁଣିଅଛୁ। 11ଏଣୁ ଆମ୍ଭମାନଙ୍କର
ପ୍ରାଚୀନବର୍ଗ ଏବଂ ଆମ୍ଭମାନଙ୍କ ଦେଶର ଲୋକମାନେ କହିଲେ,
'ତୁମ୍ଭମାନଙ୍କର ଯାତ୍ରାପାଇଁ ପ୍ରଚୁର ଖାଦ୍ୟ ନେଇ ଯାଅ ଏବଂ
ଇଶ୍ରାୟେଲୀୟ ବାସୀମାନଙ୍କ ସହିତ ସାକ୍ଷାତ କର। ତାଙ୍କୁ
କୁହ, "ଆମ୍ଭେମାନେ ତୁମ୍ଭର ଦାସ, ତେଣୁ ତୁମ୍ଭେମାନେ
ଆମ୍ଭମାନଙ୍କ ସହିତ ଏକ ଶାନ୍ତି ଚୁକ୍ତି କର।"'
12"ଦେଖ ଆମ୍ଭେ ଘରୁ ଆସିଲା ବେଳେ ଆଣିଥିବା
ତଟକା ରୋଟୀ କିପରି ଶୁଖି ଫିମ୍ପି ମାରି ଗଲାଣି। 13ପୁଣି
ଦେଖ, ଏହିସବୁ ଦ୍ରାକ୍ଷାରସର କୁମ୍ପା, ନୂତନ ଦ୍ରାକ୍ଷା ରସରେ
ଭର୍ତ୍ତି କରିଥିଲୁ ତାହା ଫାଟି ଯାଇଛି। ଏବଂ ଆମ୍ଭକୁ ଲକ୍ଷ୍ୟକର,
ବହୁତ ଦୂର ଯାତ୍ରା କରିଥିବାରୁ ଆମ୍ଭମାନଙ୍କର ଲୁଗା ଓ
ଜୋତା କିପରି ପୁରୁଣା ହୋଇଗଲାଣି।"
14ତେଣୁ ସେମାନେ ସେମାନଙ୍କର ଖାଦ୍ୟର ନମୁନାକୁ
ପରୀକ୍ଷା କଲେ। କିନ୍ତୁ ଏହା ପାଇଁ ସେମାନେ ସଦାପ୍ରଭୁଙ୍କର
ଅନୁମତି ଲୋଡ଼ି ନଥିଲେ। 15ଯିହୋଶୂୟ ଶାନ୍ତିଚୁକ୍ତି ପାଇଁ
ରାଜି ହୋଇଗଲେ। ସେ ସେମାନଙ୍କୁ ଜୀବିତ ରଖିବାକୁ ରାଜି
ହେଲେ। ତେଣୁ ଇଶ୍ରାୟେଲର ନେତୃବର୍ଗଗଣ ସେମାନଙ୍କ
ନିକଟରେ ଶପଥ କଲେ।
16ସେମାନେ ତିନିଦିନ ପରେ ସେମାନଙ୍କ ସହିତ ଚୁକ୍ତି
କଲେ, ଇଶ୍ରାୟେଲର ଲୋକମାନେ ହୃଦୟଙ୍ଗମ କଲେ ଯେ,
ସେମାନେ ଇଶ୍ରାୟେଲ ଛାଉଣୀ ନିକଟରେ ବାସ କରୁଛନ୍ତି।
17ତେଣୁ ଇଶ୍ରାୟେଲର ଲୋକମାନେ ସେ ଲୋକମାନେ
ଯେଉଁଠାରେ ବାସ କରୁଥିଲେ, ସେହି ସ୍ଥାନକୁ ଗଲେ ଏବଂ
ତୃତୀୟ ଦିନ, ଗିବୀୟୋନ, କଫୀରା, ବେରୋତ୍‌ ଓ କିରିୟତ
ଯିଆରିମ୍‌ ନଗରମାନଙ୍କୁ ଆସିଲେ। 18କିନ୍ତୁ ଇଶ୍ରାୟେଲର
ସୈନ୍ୟମାନେ ସେହିସବୁ ନଗର ବିରୁଦ୍ଧରେ ଯୁଦ୍ଧ କରିବାକୁ
ରାଜି ହେଲେ ନାହିଁ। କାରଣ ଇଶ୍ରାୟେଲର ନେତୃବର୍ଗ, ଏପରି
ନ କରିବାକୁ ସଦାପ୍ରଭୁଙ୍କ ଆଗରେ ଶପଥ କରିଥିଲେ।
ତେଣୁ ସମସ୍ତ ଇଶ୍ରାୟେଲୀୟଗଣ ସେମାନଙ୍କର ନେତୃବର୍ଗ
ବିରୁଦ୍ଧରେ ଶାନ୍ତି ଚୁକ୍ତି ପାଇଁ ଅଭିଯୋଗ କଲେ। 19କିନ୍ତୁ
ଅଧିପତିଗଣ କହିଲେ, "ଆମ୍ଭେମାନେ ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱରଙ୍କ ଆଗରେ ଶପଥ କରିଅଛୁ। ତେଣୁ ଏବେ
ସେମାନଙ୍କର କ୍ଷତି କରିପାରିବୁ ନାହିଁ। 20ଆମ୍ଭେମାନେ ଏହି
ଲୋକାମନଙ୍କ ପ୍ରତି ଏହା କରିବା, ଆମ୍ଭେ ସେମାନଙ୍କୁ ଜୀବିତ
ରଖିବା, ଆମ୍ଭେମାନେ ଏହି ଲୋକମାନଙ୍କ ସହିତ ଚୁକ୍ତି
କରିଅଛୁ ଏବଂ ଯଦି ଆମ୍ଭେ ଏହାକୁ ଭଂଗ କରୁ, ସଦାପ୍ରଭୁ
ଆମ୍ଭମାନଙ୍କ ଉପରେ ରାଗିବେ। 21ତେଣୁ ସେମାନଙ୍କୁ ଜୀବିତ
ଛାଡ଼ି ଦିଅ। କିନ୍ତୁ ସେମାନେ ଆମ୍ଭର ସେବକଗଣ ହେବେ।
ସେମାନଙ୍କୁ ଆମ୍ଭମାନଙ୍କ ପାଇଁ କାଠ କାଟିବାକୁ ଦିଅ ଓ
ଆମ୍ଭର ଲୋକମାନଙ୍କ ପାଇଁ ପାଣି ଆଣନ୍ତୁ।" ତେଣୁ ଅଧିପତିମାନେ
ସେମାନଙ୍କର ଶପଥ ଭାଙ୍ଗିଲେ ନାହିଁ।
22ଯିହୋଶୂୟ ଗିବୀୟୋନୀୟମାନଙ୍କୁ ଡକାଇ କହିଲେ,
"ତୁମ୍ଭେମାନେ ଆମ୍ଭକୁ କାହିଁକି ମିଛ କହିଲ? ଆମ୍ଭର ସେନା
ଛାଉଣୀ ନିକଟରେ ତୁମ୍ଭର ଦେଶ, କିନ୍ତୁ ତୁମ୍ଭେମାନେ କହିଲ
ଯେ, ତୁମ୍ଭେମାନେ ବହୁତ ଦୂରରୁ ଆସିଅଛ। 23ଏଥି ନିମନ୍ତେ
ତୁମ୍ଭେମାନେ ଶାପଗ୍ରସ୍ତ ହେଲ। ତୁମ୍ଭେମାନେ ମୋର ପରମେଶ୍ୱରଙ୍କ
ଗୃହର କାଠ କଟାଳି ଓ ଜଳ କଢ଼ାଳି ହୋଇ ସବୁଦିନ ପାଇଁ
ରହିବ।"
24ଗିବୀୟୋନୀୟମାନେ ଉତ୍ତର ଦେଲେ, "ଆମ୍ଭେମାନେ
ଆପଣଙ୍କ ସମ୍ମୁଖରେ ମିଛ କହିଲୁ କାରଣ ଆମ୍ଭେମାନେ ତୁମ୍ଭକୁ
ଭୟ କରିଗଲୁ, କାଳେ ଆପଣ ଆମ୍ଭକୁ ମାରି ଦେବେ।
ଆମ୍ଭେ ଜାଣିବାକୁ ପାଇଲୁ ଯେ ତୁମ୍ଭମାନଙ୍କୁ ଏହି ସମସ୍ତ ଦେଶ
ଦେବାକୁ ଓ ତୁମ୍ଭମାନଙ୍କ ସମ୍ମୁଖରୁ ଏହି ଦେଶବାସୀ ସମସ୍ତ
ଲୋକଙ୍କୁ ବିନାଶ କରିବାକୁ ସଦାପ୍ରଭୁ ଆପଣା ସେବକ
ମୋଶାଙ୍କୁ ଆଜ୍ଞା ଦେଇଥିଲେ। ତେଣୁ ଆମ୍ଭର ଜୀବନ
ଭୟରେ ଆମ୍ଭେ ତୁମ୍ଭ ନିକଟରେ ମିଥ୍ୟା କହିଲୁ। 25ବର୍ତ୍ତମାନ
ଆମ୍ଭେ ଆପଣଙ୍କର ଅଧିନ। ତୁମ୍ଭ ପକ୍ଷେ ଆମ୍ଭ ପାଇଁ ଯାହା
ଉଚିତ୍‌ ତାହା କର।"
26ତେଣୁ ଗିବୀୟୋନମାନେ ସେମାନଙ୍କର କ୍ରିତଦାସ ହୋଇ
ରହିଲେ। କିନ୍ତୁ ଯିହୋଶୂୟ ସେମାନଙ୍କୁ ଜୀବିତ ରଖିଲେ।
ଯିହୋଶୂୟ ସେ ଲୋକମାନଙ୍କୁ ମାରିବା ପାଇଁ ତାଙ୍କ ଲୋକମାନଙ୍କୁ
ଅନୁମତି ଦେଇ ନଥିଲେ। 27ଯିହୋଶୂୟ ଗିବୀୟୋନମାନଙ୍କୁ
ଇଶ୍ରାୟେଲ ପାଇଁ କ୍ରିତଦାସ ଭାବେ ଗ୍ରହଣ କଲେ। ଆଉ
ସେହି ଦିନଠାରୁ ସଦାପ୍ରଭୁଙ୍କ ଯଜ୍ଞବେଦୀରେ ଇଶ୍ରାୟେଲ
ଲୋକମାନଙ୍କ ପାଇଁ କାଠ କଟାଳି ଓ ଜଳ କଢ଼ାଳିରୂପେ
କାର୍ଯ୍ୟ କଲେ। ସଦାପ୍ରଭୁ ଏହା କରାଇବାକୁ ଯେବେ ପସନ୍ଦ
କଲେ। ସେମାନେ ଆଜି ପର୍ଯ୍ୟନ୍ତ ଦାସ ଅଛନ୍ତି।

## ସେହି ଦିନ ଯେବେ ସୂର୍ଯ୍ୟ ସ୍ଥିର ରହିଲା

10 ଏହି ସମୟରେ ଅଦୋନିଷେଦକ ଯିରୁଶାଲମର ରାଜା
ଥିଲେ। ରାଜା ଶୁଣିବାକୁ ପାଇଲେ, ଯେ ଯିହୋଶୂୟ
ଅୟକୁ ପରାସ୍ତ କରି ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଛନ୍ତି। ରାଜା
ଜାଣିବାକୁ ପାଇଲେ ଯେ, ଯିହୋଶୂୟ ଯିରୀହୋ ଓ ତାଙ୍କ
ରାଜା ପ୍ରତି ଯାହା କରିଥିଲେ, ସେହିପରି ଅୟ ଓ ତା'ର
ରାଜାଙ୍କୁ କଲେ। ଆଉ ରାଜା ଜାଣିବାକୁ ପାଇଲେ ଯେ,
ଗିବୀୟୋନମାନେ ଇଶ୍ରାୟେଲମାନଙ୍କ ସହିତ ଶାନ୍ତିଚୁକ୍ତି କରିଛନ୍ତି
ଏବଂ ସେହି ଲୋକମାନେ ଯିରୁଶାଲମ ନିକଟରେ ବାସ
କରୁଛନ୍ତି। 2ତେଣୁ ଆଦୋନିଷେଦକ୍‌ ଏବଂ ତାଙ୍କର ଲୋକମାନେ
ଖୁବ୍‌ ଭୟଭୀତ ହେଲେ। ଗିବୀୟୋନ ଅୟ ପରି ଛୋଟ
ସହର ନ ଥିଲା। ଏହା ଏକ ବଡ଼ ସହର ଥିଲା। ଏହା ଏକ
ରାଜଧାନୀ ତୁଲ୍ୟ ବୃହତ୍‌ ନଗର ଥିଲା ଏବଂ ସେହି ସହରର
ଲୋକମାନେ ଯୋଦ୍ଧା ଥିଲେ। ତେଣୁ ରାଜା ବହୁତ ଭୟ କରି
ଯାଇଥିଲେ। 3ଆଦୋନିଷେଦକ୍‌, ଯିରୁଶାଲମର ରାଜା ହିବ୍ରୋଣର
ରାଜା ହୋହମ ଓ ଯର୍ମୂତର ରାଜା କିରାମ୍‌ ଓ ଲାଖୀଶର ରାଜା
ଯାଫିୟ ଓ ଇଗ୍ଲୋନ ରାଜା ଦବୀର ନିକଟକୁ କହି ପଠାଇଲା।
4"ମୋ ନିକଟକୁ ଆସ ଏବଂ ଗିବୀୟୋନକୁ ଆକ୍ରମଣ କରିବା

ପାଇଁ ସାହାଯ୍ୟ କର। ଗିବୟୋନୀୟମାନେ ଯିହୋଶୂୟ ଓ
ଇଶ୍ରାୟେଲୀୟ ବାସୀମାନଙ୍କ ସହିତ ଶାନ୍ତିଚୁକ୍ତି କରିଛନ୍ତି।"
**5**ତେଣୁ ପାଞ୍ଚ ଜଣ ଇମୋରୀୟ ରାଜା ଯଥା: ଯିରୁଶାଲମର
ରାଜା, ହିବ୍ରୋଣର ରାଜା, ଯର୍ମୂତର ରାଜା, ଲାଖୀଶର ରାଜା ଓ
ଇଗ୍ଲୋନର ରାଜା ଇମୋରୀୟମାନଙ୍କ ଏହି ପାଞ୍ଚ ରାଜା ନିଜ
ନିଜର ସମସ୍ତ ସୈନ୍ୟମାନଙ୍କ ସହିତ ଗିବୟୋନକୁ ଅକ୍ତିଆର
କରିବାକୁ ଏକତ୍ରିତ ହେଲେ। ସେମାନେ ନଗରକୁ ଘେରିଗଲେ
ଓ ଆକ୍ରମଣ କଲେ।
**6**ଗିବୟୋନୀୟମାନେ ଗିଲ୍‌ଗଲ ଛାଉଣୀଠାରେ ଯିହୋଶୂୟଙ୍କ
ନିକଟକୁ ଏକ ବାର୍ତ୍ତା ପଠାଇଲେ। ସେ ବାର୍ତ୍ତାବାହକ କହିଲା,
"ଆମ୍ଭେ ଆପଣଙ୍କ ଦାସ, ଆମ୍ଭକୁ ଏକୁଟିଆ ଛାଡ଼ ନାହିଁ। ଆସ
ଏବଂ ଆମ୍ଭମାନଙ୍କୁ ରକ୍ଷା କର। ଶିଘ୍ର ଆସି ଆମ୍ଭକୁ ସାହାଯ୍ୟ
କରି ଆମ୍ଭର ଜୀବନ ରକ୍ଷା କର। ଆଉ ସମସ୍ତ ଇମୋରୀୟ
ଦେଶର ପର୍ବତ ନିବାସୀ ରାଜାମାନେ ସେମାନଙ୍କର ସୈନ୍ୟବାହିନୀ
ସହିତ ଏକତ୍ରିତ ହୋଇ ଆମ୍ଭମାନଙ୍କୁ ଆକ୍ରମଣ କରୁଛନ୍ତି।"
**7**ତେଣୁ ଯିହୋଶୂୟ ତାଙ୍କର ସମସ୍ତ ସୈନ୍ୟ ଓ ମହା
ବିକ୍ରମଶାଳୀ ଯୋଦ୍ଧା ସହିତ ଗିଲ୍‌ଗଲରୁ ଯାତ୍ରା କଲେ।
**8**ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ, "ସେମାନଙ୍କୁ ଭୟ କର
ନାହିଁ, କାରଣ ମୁଁ ସେମାନଙ୍କୁ ତୁମ୍ଭ ହସ୍ତରେ ସମର୍ପଣ କରିବି।
ସେମାନଙ୍କ ମଧ୍ୟରୁ ଜଣେ ହେଲେ, ତୁମ୍ଭର ସମ୍ମୁଖୀନ ହୋଇ
ପାରିବେ ନାହିଁ।"
**9**ତେଣୁ ଯିହୋଶୂୟ ସୈନ୍ୟମାନଙ୍କ ସହିତ ଅଗ୍ରସର ହୋଇ
ଅକସ୍ମାତ ସେମାନଙ୍କୁ ଗିଲ୍‌ଗଲରୁ ରାତ୍ରିସାରା ଆକ୍ରମଣ କଲେ।
**10**ସଦାପ୍ରଭୁ ସୈନ୍ୟବାହିନୀକୁ ଦ୍ୱନ୍ଦରେ ପକାଇଲେ,
ଯେତେବେଳେ ଇଶ୍ରାୟେଲୀୟମାନେ ସେମାନଙ୍କୁ ଆକ୍ରମଣ କଲେ।
ତେଣୁ ଇଶ୍ରାୟେଲୀୟମାନେ ସେମାନଙ୍କ ଉପରେ ବିଜୟ ଲାଭ
କଲେ। ଇଶ୍ରାୟେଲୀୟମାନେ ଗିବୟୋନଠାରୁ ଆକ୍ରମଣ କରି
ବୈଥୋରୋଣ ପର୍ଯ୍ୟନ୍ତ ଗୋଡାଇଲେ, ଆଉ ଅସେକା ଓ
ମକ୍କେଦା ପର୍ଯ୍ୟନ୍ତ ରାସ୍ତାରେ ସେମାନଙ୍କୁ ପରାସ୍ତ କଲେ।
**11**ଯେତେବେଳେ ସେମାନେ ଇଶ୍ରାୟେଲୀୟମାନଙ୍କଠାରୁ
ବୈଥୋରୋଣ ରାସ୍ତାରେ ଗଡାଣି ଆଡକୁ ଦୌଡ ଆସେକା
ପର୍ଯ୍ୟନ୍ତ ପଳାଇଲେ, ସଦାପ୍ରଭୁ ସେମାନଙ୍କ ଉପରେ କୁଆପଥର
ବୃଷ୍ଟି କଲେ। ତେଣୁ ସେମାନଙ୍କ ମଧ୍ୟରୁ ବହୁତ ମୃତ୍ୟୁବରଣ
କଲେ। ଯୁଦ୍ଧରେ ଅସ୍ତ୍ରରେ ମୃତ୍ୟୁବରଣ କରିଥିବା ଲୋକମାନଙ୍କ
ସଂଖ୍ୟା ଅପେକ୍ଷା କୁଆପଥର ବୃଷ୍ଟିରେ ମୃତ୍ୟୁବରଣ କରିଥିବା
ଲୋକମାନଙ୍କର ସଂଖ୍ୟା ଅଧିକ ଅଟେ।
**12**ସେହିଦିନ ସଦାପ୍ରଭୁ ଇମୋରୀୟମାନଙ୍କୁ
ଇଶ୍ରାୟେଲୀୟଗଣଙ୍କୁ ହସ୍ତାନ୍ତର କଲେ। ଯିହୋଶୂୟ ସଦାପ୍ରଭୁଙ୍କୁ
ପ୍ରାର୍ଥନା କଲେ। ତା'ପରେ ସେ ଇଶ୍ରାୟେଲୀୟମାନଙ୍କ ଉପସ୍ଥିତିରେ
ଆଜ୍ଞା ଦେଲେ।

"ହେ ସୂର୍ଯ୍ୟ ତୁମ୍ଭେ ଗିବୟୋନ ଉପରେ ସ୍ତବ୍ଧ ହୁଅ।
ହେ ଚନ୍ଦ୍ର ତୁମ୍ଭେ ଅୟାଲୋନ ଭୂମିରେ ସ୍ତବ୍ଧ ହୁଅ।"

**13**ତେଣୁ ଲୋକମାନେ ଆପଣା ଶତ୍ରୁମାନଙ୍କୁ ପରାସ୍ତ ନ
କରିବା ପର୍ଯ୍ୟନ୍ତ ସୂର୍ଯ୍ୟ ଓ ଚନ୍ଦ୍ର ସ୍ତବ୍ଧ ହେଲେ। ଏହା ଯାଶର
ପୁସ୍ତକରେ ଲେଖା ଅଛି। ଆଉ ସୂର୍ଯ୍ୟ ଆକାଶର ମଝି
ସ୍ଥାନରେ ସ୍ତବ୍ଧ ରହିଲା ଓ ପ୍ରାୟ ସମ୍ପୂର୍ଣ୍ଣ ଏକ ଦିନ ଅସ୍ତ
ଯିବାକୁ ଚଞ୍ଚଳ ହେଲା ନାହିଁ। **14**ଏହା ପୂର୍ବରୁ ବା ଏହାପରେ
ଏପରି ଦିନ ଆଉ ହୋଇ ନାହିଁ। ସେହି ଦିନ ସଦାପ୍ରଭୁ
ମନୁଷ୍ୟର କଥା ଏରୂପେ ଶୁଣିଲେ। କାରଣ ସଦାପ୍ରଭୁ ଇଶ୍ରାୟେଲ
ସପକ୍ଷରେ ଯୁଦ୍ଧ କଲେ।
**15**ଏହାପରେ ଯିହୋଶୂୟ ଇଶ୍ରାୟେଲର ସମସ୍ତ ସୈନ୍ୟବାହିନୀ
ସହିତ ଗିଲ୍‌ଗଲ ଛାଉଣୀକି ଲେଉଟି ଆସିଲେ। **16**ଏଥି
ମଧ୍ୟରେ ସେହି ପାଞ୍ଚ ରାଜା ପଳାଇ ମକ୍କେଦା ଗୁମ୍ଫାରେ ନିଜ
ନିଜକୁ ଲୁଚାଇଲେ। **17**ତେଣୁ ସେହି ପାଞ୍ଚ ରାଜା ପଳାଇ
ମକ୍କେଦା ଗୁମ୍ଫାରେ ଲୁଚି ରହିଛନ୍ତି। ଏକଥା ଯିହୋଶୂୟ
ଯେତେବେଳେ ଜାଣିଲେ, **18**ଯିହୋଶୂୟ କହିଲେ, "ବଡ ବଡ
ପ୍ରସ୍ତର ଫଳକ ଗୁମ୍ଫା ମୁହଁକୁ ଗଡାଇ ଦିଅ ଓ ସେମାନଙ୍କୁ
ଜଗିବା ପାଇଁ ଲୋକ ନିଯୁକ୍ତ କର। **19**ତୁମ୍ଭେମାନେ ବନ୍ଦ
କର ନାହିଁ। ତୁମ୍ଭର ଶତ୍ରୁମାନଙ୍କ ପଛରେ ଗୋଡାଅ। ସେମାନଙ୍କୁ
ପଛରୁ ଆକ୍ରମଣ କର। ସେମାନଙ୍କର ଲୋକମାନଙ୍କୁ ସେମାନଙ୍କର
ନଗରରେ ପହଞ୍ଚିବାକୁ ଦିଅ ନାହିଁ। କାରଣ ସଦାପ୍ରଭୁ ତୁମ୍ଭମାନଙ୍କ
ପରମେଶ୍ୱର ସେମାନଙ୍କୁ ତୁମ୍ଭମାନଙ୍କ ହସ୍ତରୁ ଦେଇଛନ୍ତି।"
**20**ଏହିପରି ଭାବରେ ଯିହୋଶୂୟ ଏବଂ ଇଶ୍ରାୟେଲର
ଲୋକମାନେ ସେମାନଙ୍କର ଶତ୍ରୁମାନଙ୍କୁ ହତ୍ୟାକଲେ। କିନ୍ତୁ
କେତେକ ଶତ୍ରୁ ଖସିଯାଇ ସେମାନଙ୍କର ସୁଦୃଢ ନଗରରେ
ଲୁଚି ରହିଲେ। **21**ଯୁଦ୍ଧପରେ ଯିହୋଶୂୟ ଓ ଇଶ୍ରାୟେଲର
ସମସ୍ତ ଲୋକ ମକ୍କେଦା ଛାଉଣୀକୁ ଫେରି ଆସିଲେ। କିନ୍ତୁ
ସେ ଦେଶର କୌଣସି ଲୋକ ଇଶ୍ରାୟେଲ ଲୋକମାନଙ୍କ
ବିରୁଦ୍ଧରେ କିଛି କହିବାକୁ ସାହସ କଲେ ନାହିଁ।
**22**ଯିହୋଶୂୟ କହିଲେ, "ଗୁମ୍ଫା ମୁହଁରୁ ପଥର ଖଣ୍ଡମାନ
କାଢ ଏବଂ ସେହି ପାଞ୍ଚଜଣ ରାଜାଙ୍କୁ ମୋ ସମ୍ମୁଖକୁ ଆଣ।"
**23**ତେଣୁ ଯିହୋଶୂୟର ଲୋକମାନେ ସେ ପାଞ୍ଚଜଣ ରାଜାଙ୍କୁ
ଗୁମ୍ଫା ମଧ୍ୟରୁ ବାହାରକୁ ଆଣିଲେ। ସେମାନେ ଥିଲେ ଯିରୁଶାଲମର,
ହିବ୍ରୋଣର, ଯର୍ମୂତର, ଲାଖୀଶର ଏବଂ ଇଗ୍ଲୋନର ରାଜାମାନେ।
**24**ସେମାନେ ସେହି ରାଜାଗଣଙ୍କୁ ଯିହୋଶୂୟ ନିକଟକୁ ଆଣିଲେ
ଏବଂ ଯିହୋଶୂୟ ତାଙ୍କର ସମସ୍ତ ଇଶ୍ରାୟେଲ ଲୋକମାନଙ୍କୁ
ସେଠାକୁ ପଠାଇଲେ। ଯିହୋଶୂୟ ତାଙ୍କର ସୈନ୍ୟ ବାହିନୀର
ସମସ୍ତ ସେନାପତିମାନଙ୍କୁ କହିଲେ, ଯେଉଁମାନେ ତାଙ୍କ ସହିତ
ଆସିଥିଲେ, "ପାଖକୁ ଆସ ଏବଂ ଏ ରାଜାମାନଙ୍କ ବେକରେ
ପାଦ ଦିଅ।" ତହିଁରେ ସେମାନେ ନିକଟକୁ ଆସି ସେମାନଙ୍କ
ବେକରେ ପାଦ ଦେଲେ।
**25**ଏହାପରେ ଯିହୋଶୂୟ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧନ
କରି କହିଲେ, "ଯୋଦ୍ଧା ଏବଂ ସାହସୀ ହୁଅ! ଭୟ କର
ନାହିଁ! ବର୍ତ୍ତମାନ ମୁଁ ତୁମ୍ଭମାନଙ୍କୁ ଦେଖାଇବି, ସଦାପ୍ରଭୁ
ଭବିଷ୍ୟତରେ ଆମ୍ଭମାନଙ୍କର ଶତ୍ରୁମାନଙ୍କୁ କିପରି ଅବସ୍ଥା କରିବେ
ଯାହା ତୁମ୍ଭେମାନେ ଭବିଷ୍ୟତରେ ଯୁଦ୍ଧ କରିବ।"
**26**ଏହାପରେ ଯିହୋଶୂୟ ଆଘାତ ଦ୍ୱାରା ସେମାନଙ୍କୁ ବଧ
କରି ପାଞ୍ଚଟା ଗଛ ଡାଳରେ ଟଙ୍ଗାଇଲେ। ଆଉ ସେମାନେ
ସନ୍ଧ୍ୟା ପର୍ଯ୍ୟନ୍ତ ସେହି ଗଛରେ ଝୁଲି ରହିଥିଲେ। **27**ପୁଣି
ସୂର୍ଯ୍ୟାସ୍ତ ସମୟରେ ଯିହୋଶୂୟ ଆଜ୍ଞା ଦେଲାପରେ ଲୋକମାନେ
ସେହି ବୃକ୍ଷମାନଙ୍କରୁ ସେମାନଙ୍କୁ ତଳକୁ ନେଲେ ଓ ଯେଉଁ
ଗୁମ୍ଫାରେ ସେମାନେ ନିଜକୁ ଲୁଚାଇ ଥିଲେ, ତାହା ଭିତରକୁ

ଫୋପାଡ ଦେଲେ ଓ ସେହି ଗୁମ୍ଫା ମୁହଁରେ ବଡ ବଡ
ପଥର ଦେଇ ବନ୍ଦ କଲେ ଏବଂ ଯାହାକି ଆଜିଯାଏ ଅଛି।
28ଏହାପରେ ଯିହୋଶୂୟ ସେହିଦିନ ମକ୍କେଦା ଅଧିକାର
କରି ଖଡ୍ଗ ଧାରରେ ନଗରକୁ ଓ ତାହାର ରାଜାକୁ ହତ୍ୟା
କଲେ। ସେମାନଙ୍କୁ ଓ ତନ୍‌ମଧ୍ୟସ୍ଥିତ ସମସ୍ତ ପ୍ରାଣୀକୁ ବର୍ଜିତ
ରୂପେ ବିନାଶ କଲେ। କାହାକୁ ଅବଶିଷ୍ଟ ରଖିଲେ ନାହିଁ,
ପୁଣି ସେ ଯେପରି ଯିରୀହୋ ରାଜାଙ୍କ ପ୍ରତି କରିଥିଲେ,
ସେହିପରି ମକ୍କେଦା ରାଜାପ୍ରତି କଲେ।

## ଦକ୍ଷିଣାବର୍ତ୍ତ ନଗରଗୁଡ଼ିକ କରଗତ କଲେ

29ତା'ପରେ ଯିହୋଶୂୟ ଏବଂ ତାଙ୍କର ସମସ୍ତ
ଇଶ୍ରାୟେଲୀୟବାସୀମାନେ ମକ୍କେଦାରୁ ଲିବ୍‌ନାକୁ ଗଲେ। ଏବଂ
ସେ ସହରକୁ ଆକ୍ରମଣ କଲେ। 30ସଦାପ୍ରଭୁ ସେହି ନଗରକୁ
ତା'ର ରାଜା ସହିତ ଇଶ୍ରାୟେଲ ହସ୍ତରେ ସମର୍ପଣ କଲେ।
ତେଣୁ ସେମାନେ ସହରର ସମସ୍ତ ସଜୀବ ପ୍ରାଣୀଙ୍କୁ ଖଣ୍ଡାରେ
ହତ୍ୟା କଲେ, କାହାରିକୁ ଛାଡ଼ିଲେ ନାହିଁ, ସେ ଯେପରି
ଯିରୀହୋ ରାଜାଙ୍କ ପ୍ରତି କରିଥିଲେ, ଏହି ରାଜାଙ୍କୁ ମଧ୍ୟ
ଯିହୋଶୂୟ ସେହିପରି କଲେ।

31ଏହାପରେ ଯିହୋଶୂୟ ଏବଂ ତାଙ୍କର ସମସ୍ତ ଇଶ୍ରାୟେଲୀୟ
ଲୋକ ଲିବ୍‌ନା ପରିତ୍ୟାଗ କରି ଲାଖୀଶକୁ ଗଲେ। ଯିହୋଶୂୟ
ଏବଂ ତାଙ୍କର ସୈନ୍ୟମାନେ ସେ ସହରକୁ ସେନା ଛାଉଣୀ
କରି ରଖିଲେ। ଏବଂ ତାହାକୁ ଆକ୍ରମଣ କଲେ। 32ସଦାପ୍ରଭୁ
ଲାଖୀଶକୁ ପରାସ୍ତ କରିବାକୁ ସହାୟ ହେଲେ। ସେମାନେ
ଦ୍ୱିତୀୟ ଦିନରେ ସେ ସହରକୁ ପରାସ୍ତ କଲେ। ଇଶ୍ରାୟେଲ
ଲୋକମାନେ ସେ ସହରର ସମସ୍ତ ଲୋକମାନଙ୍କୁ ହତ୍ୟା
କଲେ। ଯେପରି ଭାବରେ ଲିବ୍‌ନାରେ କରିଥିଲେ। 33ଶେଷରେର
ରାଜା ହୋରମ ଲାଖୀଶରକୁ ସାହାଯ୍ୟ କରିବାକୁ ଲାଗିଲେ।
କିନ୍ତୁ ଯିହୋଶୂୟ ତାଙ୍କୁ ଓ ତାଙ୍କର ସୈନ୍ୟବାହିନିକୁ ଓ
ସମସ୍ତଙ୍କୁ ହତ୍ୟା କଲେ।

34ଏହାପରେ ଯିହୋଶୂୟ ଏବଂ ଇଶ୍ରାୟେଲୀୟ ବାସୀମାନେ
ଲାଖୀଶରୁ ଇଗ୍ଲୋନକୁ ଗଲେ। ସେଠାରେ ସେମାନେ ସେନାଛାଉଣୀ
କରି ସହରକୁ ଆକ୍ରମଣ କଲେ। 35ସେହିଦିନ ସେମାନେ
ସହରକୁ ନିଜ ଅଧିନକୁ ଆଣିଲେ ଓ ସମସ୍ତ ଲୋକଙ୍କୁ ହତ୍ୟା
କଲେ, ଯେପରି ଲାଖୀଶରେ ହତ୍ୟା କରିଥିଲେ।

36ଏହାପରେ ଯିହୋଶୂୟ ଏବଂ ଇଶ୍ରାୟେଲର ସମସ୍ତ
ଲୋକମାନେ ଇଗ୍ଲୋନରୁ ହିବ୍ରୋଣକୁ ଗଲେ। ତା'ପରେ ସେମାନେ
ହିବ୍ରୋଣକୁ ଆକ୍ରମଣ କଲେ। 37ସେମାନେ ହିବ୍ରୋଣ ଏବଂ ତା
ପାଖରେ ଥିବା ଛୋଟ ସହରଗୁଡ଼ିକୁ ମଧ୍ୟ ନିଜ ଅଧିନକୁ
ଆଣିଲେ। ଇଗ୍ଲୋନରେ ଠିକ୍ ଯେପରି ସେମାନେ ଇଗ୍ଲାନକୁ
ଧ୍ୱଂଶ କରିଥିଲେ, ସେହିପରି ସେମାନେ ହିବ୍ରୋଣକୁ ଧ୍ୱଂସ
କଲେ ଏବଂ ଏହାର ରାଜାଙ୍କୁ ଓ ସମସ୍ତ ଲୋକଙ୍କୁ ହତ୍ୟା
କଲେ, କାହାରିକୁ ଛାଡିଲେ ନାହିଁ। ସେମାନଙ୍କ ମଧ୍ୟରୁ
ସମସ୍ତଙ୍କୁ ହତ୍ୟା କଲେ ଓ ଧ୍ୱଂସ କଲେ।

38ଏହାପରେ ଯିହୋଶୂୟ ଏବଂ ଇଶ୍ରାୟେଲର ସମସ୍ତ
ଲୋକମାନେ ଦବୀରକୁ ଫେରିଲେ ଏବଂ ସେ ସହରକୁ
ଆକ୍ରମଣ କଲେ। 39ସେମାନେ ଦବୀର ସହରକୁ ନିଜର
କରଗତ କଲେ, ତାହାର ରାଜାଙ୍କୁ ମଧ୍ୟ କରଗତ କଲେ।
ଏବଂ ତା'ର ନିକଟରେ ଥିବା ଛୋଟ ସହରଗୁଡ଼ିକୁ ମଧ୍ୟ ନିଜ
ଅଧିନକୁ ଆଣିଲେ। ଏବଂ ସେ ସହରକୁ ଧ୍ୱଂସ କରି ସମସ୍ତ
ଲୋକମାନଙ୍କୁ ହତ୍ୟା କଲେ। କାହାରିକୁ ଜୀବିତ ଛାଡ଼ିଲେ
ନାହିଁ। ସେମାନେ ହିବ୍ରୋଣ ସହରକୁ ଓ ଲିବ୍‌ନା ଓ ଏହାର
ରାଜାଙ୍କୁ କଲାପରି, ଦବୀର ସହରକୁ ସେହିପରି ଧ୍ୱଂସ କଲେ।

40ଏହିପରି ଯିହୋଶୂୟ ସମସ୍ତ ପାର୍ବତମୟ ଦେଶ ନେଗେଭ,
ଦକ୍ଷିଣସ୍ଥ ଓ ପୂର୍ବସ୍ଥ ପାଦଦେଶୀୟ ରାଜାଙ୍କୁ ମଧ୍ୟ ହତ୍ୟା
କଲେ। ସେ କାହାରିକୁ ସେଠାରେ ଜିବିତ ଛାଡ଼ିଲେ ନାହିଁ।
କାରଣ ସଦାପ୍ରଭୁ ଇଶ୍ରାୟେଲକୁ ଏପରି କରିବା ପାଇଁ ନିର୍ଦ୍ଦେଶ
ଦେଲେ।

41ଯିହୋଶୂୟ କାଦେଶ ବର୍ଣ୍ଣେୟଠାରୁ ଘସା ପର୍ଯ୍ୟନ୍ତ
ସେମାନଙ୍କୁ ଓ ଗିବୟୋନ ପର୍ଯ୍ୟନ୍ତ ଗୋଶନର ସମସ୍ତ ଦେଶ
ପରାସ୍ତ କଲେ। 42ଯିହୋଶୂୟ ଏହି ସମସ୍ତ ଦେଶ ଓ
ରାଜାଗଣଙ୍କୁ ଏକାବେଳକେ ହସ୍ତଗତ କଲେ। କାରଣ ସଦାପ୍ରଭୁ
ଇଶ୍ରାୟେଲର ପରମେଶ୍ୱର ଇଶ୍ରାୟେଲ ପକ୍ଷରେ ଯୁଦ୍ଧ କଲେ।
43ଏହାପରେ ଯିହୋଶୂୟ ଏବଂ ଇଶ୍ରାୟେଲବାସୀ ଗିଲ୍‌ଗଲଠାରେ
ଥିବା ଶିବିରକୁ ଫେରିଲେ।

## ଉତ୍ତର ଭାଗର ନଗରଗୁଡ଼ିକୁ ପରାସ୍ତ କଲେ

11 ହାତ୍‌ସୋର ରାଜା ଯାବୀନ ଏହିକଥା ଶୁଣିଲେ।
ତେଣୁ ସେ ମନସ୍ତ କଲେ, କେତେକ ରାଜାମାନଙ୍କର
ସୈନ୍ୟବାହିନିକୁ ଏକତ୍ର କରିବେ। ସେ ମାଦୋନର ରାଜା
ଯୋବବ, ଶିମ୍ରୋଣର ରାଜା ଓ ଅକ୍‌ଷଫର ରାଜାଙ୍କୁ ବାର୍ତ୍ତା
ପଠାଇଲେ। 2ଏବଂ ପୁଣି ଉତ୍ତର ପାର୍ବତୀୟ ଦେଶର ରାଜାଗଣଙ୍କୁ
ଆରବଙ୍କୁ, ଗାଲିଲି ହ୍ରଦର ଦକ୍ଷିଣକୁ, ପଶ୍ଚିମସ୍ଥ ପାର୍ବତୀୟ
ମାଳଭୂମିକୁ ଓ ପଶ୍ଚିମରେ ଦଫୋନ ଦୋରଙ୍କୁ। 3ଯାବୀନ୍ ପୂର୍ବ
ଓ ପଶ୍ଚିମ ଦେଶୀୟ କଣାନୀୟମାନଙ୍କ ଓ ଇମୋରୀୟମାନଙ୍କ
ଓ ହିତ୍ତୀୟମାନଙ୍କ ଓ ପରିଷୀୟମାନଙ୍କ ଓ ପର୍ବତସ୍ଥ ଯିବୂଷୀୟମାନଙ୍କ
ଓ ହର୍ମୋଣର ଅଧଃସ୍ଥିତ ମିସ୍ପି ଦେଶୀୟ ହିଵୀୟମାନଙ୍କ
ନିକଟକୁ ବାର୍ତ୍ତା ପଠାଇଲେ। 4ତହିଁରେ ସେମାନେ ନିଜର
ସୈନ୍ୟମାନଙ୍କ ସହିତ ଅଶ୍ୱାରୋହୀ, ରଥାରୋହୀମାନଙ୍କ ସହିତ
ଏକତ୍ରୀତ ହେଲେ। ଏହା ଥିଲା ଏକ ବିରାଟ ସୈନ୍ୟ ଛାଉଣୀ।
ଏହା ଦେଖା ଯାଉଥିଲା ସତେ ଯେପରି, ସମୁଦ୍ର ତୀରସ୍ଥ
ବାଲୁକା ତୁଲ୍ୟ, ଶସ୍ୟ କ୍ଷେତ୍ର ପରି।

5ସମସ୍ତ ରାଜାମାନେ ଏକ ଛୋଟ ନଦୀ ମେରୋମ୍
କୂଳରେ ଏକତ୍ରୀତ ହେଲେ। ଏବଂ ଏହି ଛାଉଣୀରେ ସମସ୍ତ
ସୈନ୍ୟମାନଙ୍କ ସହିତ ଏକତ୍ରିତ ହେଲେ। ଏବଂ ଏହିଠାରେ
ଇଶ୍ରାୟେଲ ବିରୁଦ୍ଧରେ ଯୁଦ୍ଧ କରିବାକୁ ପ୍ରସ୍ତୁତ କଲେ।

6ଏହାପରେ ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ, "ସେ
ସମସ୍ତ ସୈନ୍ୟମାନଙ୍କୁ ଭୟ କରନାହିଁ। ସେମାନଙ୍କୁ ପରାସ୍ତ
କରିବା ପାଇଁ ମୁଁ ତୁମ୍ଭକୁ ସହାୟ ହେବି। ଆସନ୍ତା କାଲି ଏହି
ସମୟରେ ତୁମ୍ଭେମାନେ ସେମାନଙ୍କୁ ହତ୍ୟା କରିବ। ତୁମ୍ଭେମାନେ
ସେମାନଙ୍କର ଘୋଡ଼ାମାନଙ୍କୁ ଛୋଟା କରି ଦେବ ଓ ରଥଗୁଡିକୁ
ପୋଡି ଦେବ।"

7ଏହାପରେ ଯିହୋଶୂୟ ଏବଂ ତାଙ୍କର ସମସ୍ତ ସୈନ୍ୟବାହିନୀ
ସହିତ ଆସି ହଠାତ୍ ମେରୋମ୍ ନଦୀ କୂଳରେ ସେମାନଙ୍କୁ
ଆକ୍ରମଣ କଲେ। 8ସଦାପ୍ରଭୁ ଇଶ୍ରାୟେଲକୁ ସହାୟ ହେଲେ,

ସେମାନଙ୍କୁ ପରାସ୍ତ କରିବା ପାଇଁ। ଇଶ୍ରାୟେଲୀୟମାନେ ସେମାନଙ୍କୁ
ଆଘାତ କଲେ ଓ ମହାସୀଦୋନ ଓ ମିଷ୍ରଫୋତ୍ ମୟିମ୍
ପର୍ଯ୍ୟନ୍ତ ଆଉ ପୂର୍ବ ଦିଗରେ ମିସ୍ପିର ସମସ୍ଥଳ ପର୍ଯ୍ୟନ୍ତ
ସେମାନଙ୍କୁ ଘଉଡାଇ ନେଲେ। ପୁଣି ସେମାନଙ୍କର କେହି
ଅବଶିଷ୍ଟ ରହିଲେ ନାହିଁ। ସେମାନେ ସମସ୍ତଙ୍କୁ ସଂହାର
କଲେ। 9ଯିହୋଶୂୟ ଏହିପରି କଲେ, ସଦାପ୍ରଭୁ ତାଙ୍କୁ
ଯେପରି କରିବାକୁ କହିଥିଲେ। ସେ ଘୋଡାମାନଙ୍କୁ ଛୋଟାକରି
ଦେଲେ ଓ ରଥଗୁଡିକ ପୋଡି ଦେଲେ।

10ଏହାପରେ ଯିହୋଶୂୟ ଫେରି ଆସିଲେ ଓ ହାତ୍ସୋର
ସହରକୁ କରଗତ କଲେ ଓ ତା'ର ରାଜାକୁ ଖଣ୍ଡାରେ
ଆଘାତ କଲେ। ପୂର୍ବରୁ ହାତ୍ସୋର ସେହି ସବୁ ରାଜ୍ୟର
ମୁଖ୍ୟ ସହର ଥିଲା। 11ଇଶ୍ରାୟେଲର ସୈନ୍ୟମାନେ ସେ
ସହରର ସମସ୍ତ ଲୋକମାନଙ୍କୁ ହତ୍ୟା କଲେ। ସେମାନେ
ସହରର ସମସ୍ତ ଲୋକକୁ ଧ୍ୱଂସ କଲେ। ଜଣକୁ କାହାରିକୁ
ଜୀବିତ ଛାଡିଲେ ନାହିଁ। ତା'ପରେ ସେମାନେ ହାତ୍ସୋର
ସହରକୁ ଅଗ୍ନି ସଂଯୋଗ କଲେ।

12ଯିହୋଶୂୟ ସେ ସମସ୍ତ ରାଜକୀୟ ସହରଗୁଡିକ ନିଜ
ଅଧିନକୁ ଆଣିଲେ ଓ ସେମାନଙ୍କର ରାଜାମାନଙ୍କୁ ହତ୍ୟା
କଲେ। ଯିହୋଶୂୟ ସମ୍ପୂର୍ଣ୍ଣ ଭାବେ ସମସ୍ତ ଲୋକମାନଙ୍କୁ ଓ
ଏହି ସହର ରାଜାଗଣଙ୍କୁ ଧ୍ୱଂସ କଲେ। ସଦାପ୍ରଭୁଙ୍କ ସେବକ
ମୋଶା ଏହିପରି ଭାବରେ ଆଜ୍ଞା କରିଥିଲେ। 13ମାତ୍ର ନିଜ
ନିଜ ଢିପି ଉପରେ ସ୍ଥାପିତ ନଗରମାନ ମଧ୍ୟରୁ କେବଳ
ହାତ୍ସୋର ବିନା ଆଉ କୌଣସି ନଗର ଇଶ୍ରାୟେଲ ଦଗ୍ଧ
କଲେ ନାହିଁ। ତାହା ଯିହୋଶୂୟ ଦଗ୍ଧ କଲେ। 14ଆଉ
ଇଶ୍ରାୟେଲର ସନ୍ତାନଗଣ ସେହି ସବୁ ନଗରର ଦ୍ରବ୍ୟାଦି ଓ
ପଶୁଗଣଙ୍କୁ ନିଜ ନିଜ ପାଇଁ ଲୁଟି କରି ନେଲେ। କିନ୍ତୁ
ସେମାନେ ସମସ୍ତ ଲୋକମାନଙ୍କୁ ସେମାନଙ୍କ ଖଣ୍ଡା ଦ୍ୱାରା
ହତ୍ୟା କଲେ। ସେମାନେ କୌଣସି ବ୍ୟକ୍ତିକୁ ଜୀବିତ ରହିବା
ପାଇଁ ଦେଲେ ନାହିଁ। 15ବହୁଦିନ ପୂର୍ବରୁ ସଦାପ୍ରଭୁ ନିଜର
ସେବକ ମୋଶାଙ୍କୁ ଯେପରି ଆଜ୍ଞା ଦେଇଥିଲେ, ସେହିପରି
ମୋଶା ଯିହୋଶୂୟଙ୍କୁ ଆଜ୍ଞା ଦେଲେ। ଯିହୋଶୂୟ ମଧ୍ୟ
ସେହିପରି କାର୍ଯ୍ୟ କରିଥିଲେ। ସଦାପ୍ରଭୁ ମୋଶାଙ୍କୁ ଯେପରି
ଆଜ୍ଞାମାନ ଦେଇଥିଲେ, ସେ ସବୁ କଥାରୁ କୌଣସିଟିକୁ
ଅନ୍ୟଥା କଲେ ନାହିଁ।

16ଏହିପରି ଯିହୋଶୂୟ ସେହିସବୁ ପ୍ରଦେଶ ଓ ସେଠାରେ
ପର୍ବତମୟ ଦେଶ ଓ ସମସ୍ତ ନେଗିଭ ଓ ଗୋଶନର ସମସ୍ତ
ପ୍ରଦେଶ ଓ ପଶ୍ଚିମସ୍ଥ ତଳଭୂମି ଓ ଇଶ୍ରାୟେଲର ପର୍ବତମୟ
ଦେଶ ଓ ତହିଁର ତଳ ଭୂମିକୁ ନିଜ ଅଧିନକୁ ଆଣିଲେ।
17ସେୟୀରଗାମୀ ହାଲକ୍ ପର୍ବତଠାରୁ ହର୍ମୋଣ ପର୍ବତର
ନୀଚସ୍ଥ ଲିବାନୋନ୍ ସମସ୍ଥଳୀରେ ଥିବା ବାଲଗାଦ ପର୍ଯ୍ୟନ୍ତ
ସମସ୍ତ ଦେଶ ହସ୍ତଗତ କଲେ। ପୁଣି ସେମାନଙ୍କର ସମସ୍ତ
ରାଜାଙ୍କୁ ହତ୍ୟା କଲେ। 18ଯିହୋଶୂୟ ଏହିସବୁ ରାଜାମାନଙ୍କ
ସଙ୍ଗେ ବହୁ ସମୟ ଧରି ଯୁଦ୍ଧ କଲେ। 19କେବଳ ଗୋଟିଏ
ନଗର ଇଶ୍ରାୟେଲ ସହିତ ଶାନ୍ତି ଚୁକ୍ତି କଲେ। ତାହା ଥିଲା
ଗିବୟୋନ ନିବାସୀ ହିବ୍ବୀୟ। ଅନ୍ୟ ସମସ୍ତ ସହର ଯୁଦ୍ଧରେ
ଧ୍ୱଂସପ୍ରାପ୍ତ ହେଲା। 20ସଦାପ୍ରଭୁ ସେମାନଙ୍କର ହୃଦୟ କଠିନ
କଲେ। ଯେପରି ସେମାନେ ଇଶ୍ରାୟେଲ ବିପକ୍ଷରେ ଯୁଦ୍ଧ
କରିବା ପାଇଁ ଆସିବେ ଓ ସଂପୂର୍ଣ୍ଣରୂପେ ବିନା କରୁଣାରେ
ଧ୍ୱଂସ ହେବେ। ଏହା ମୋଶାଙ୍କୁ ସଦାପ୍ରଭୁଙ୍କର ଆଜ୍ଞାନୁସାରେ
ହେଲା।

21ସେହି ସମୟରେ ଯିହୋଶୂୟ ଆସି ପର୍ବତମୟ ଦେଶରୁ,
ହିବ୍ରୋଣରୁ, ଦବୀରରୁ, ଅନାବରୁ ଓ ଯିହୁଦାର ସମସ୍ତ ପର୍ବତମୟ
ଦେଶରୁ ଓ ଇଶ୍ରାୟେଲର ସମସ୍ତ ପର୍ବତମୟ ଦେଶରୁ
ଅନାକୀୟମାନଙ୍କୁ ହତ୍ୟା କଲେ। ଯିହୋଶୂୟ ସେମାନଙ୍କ
ନଗର ସମେତ ସେମାନଙ୍କୁ ବର୍ଜିତ ରୂପେ ନିବାସ କଲେ।
22ଇଶ୍ରାୟେଲ ସନ୍ତାନଗଣର ଦେଶରେ ଅନାକୀୟମାନଙ୍କର
କେହି ହେଲେ ଜୀବିତ ରହିଲେ ନାହିଁ। କେବଳ ଘସାରେ
ଗାତ ଓ ଅସ୍ଦୋଦରେ କେହି କେହି ରହିଗଲେ। 23ଏହିପରି
ଭାବରେ ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କ ଆଜ୍ଞାନୁସାରେ, ଯିହୋଶୂୟ
ସେ ଇଶ୍ରାୟେଲର ସମସ୍ତ ଦେଶ ହସ୍ତଗତ କଲେ ଓ
ଯିହୋଶୂୟ ପ୍ରତ୍ୟେକ ବଂଶର ବିଭାଗନୁସାରେ ଅଧିକାର କରିବାକୁ
ଇଶ୍ରାୟେଲକୁ ତାହା ଦେଲେ। ତେଣୁ ଦେଶ ଯୁଦ୍ଧରୁ ବିଶ୍ରାମ
ପାଇଲା।

## ରାଜାମାନେ ଇଶ୍ରାୟେଲମାନଙ୍କ ଦ୍ୱାରା ପରାସ୍ତ ହେଲେ

12 ଯର୍ଦ୍ଦନର ପୂର୍ବପାର୍ଶ୍ୱସ୍ଥ ଦେଶଗୁଡ଼ିକୁ ଇଶ୍ରାୟେଲର
ଲୋକମାନେ ନିଜ ଅଧିନକୁ ଆଣିଲେ। ଆରୋଣ
ପର୍ବତଠାରୁ ହର୍ମୋଣ ପର୍ବତ ପର୍ଯ୍ୟନ୍ତ ଓ ଆରାବହଃର ପୂର୍ବ
ଦିଗସ୍ଥ ସମସ୍ତ ରାଜାମାନଙ୍କୁ ପରାସ୍ତ କଲେ।

2ହିଷ୍ବୋନ ନିବାସୀ ଇମୋରୀୟମାନଙ୍କର ସହରର ସୀହୋନ
ରାଜାଙ୍କୁ ପରାସ୍ତ କଲେ ଓ ଅର୍ଣ୍ଣୋନ ଗିରି ସଂକଟ ନିକଟସ୍ଥ
ଆରୋୟେରଠାରୁ ଓ ଉପତ୍ୟକାର ମଧ୍ୟବର୍ତ୍ତୀ ନଗର ଓ
ଗିଲୟଦର ଅର୍ଦ୍ଧ ଦେଶଠାରୁ ଅମ୍ମୋନ ସନ୍ତାନଗଣର ସୀମାସ୍ଥିତ
ଯବୋକ୍ ନଦୀ ପର୍ଯ୍ୟନ୍ତ ଶାସନ କଲେ। 3ସେମାନେ ମଧ୍ୟ
ଯର୍ଦ୍ଦନର ପୂର୍ବ ଉପତ୍ୟକାଠାରୁ ଗାଲିଲ ହ୍ରଦର ପୂର୍ବ ତୀର
ପର୍ଯ୍ୟନ୍ତ ଓ ବୈତ୍‌ଯିଶିମୋତର ପଥରେ ପଦାଭୂମିସ୍ଥିତ ଲବଣ
ସମୁଦ୍ରର ପୂର୍ବତୀର ପର୍ଯ୍ୟନ୍ତ ଓ ପିସ୍ଗାର ଅଧଃସ୍ଥିତ ଦକ୍ଷିଣ
ଦେଶରେ ରାଜତ୍ୱ କଲେ।।

4ସେମାନେ ମଧ୍ୟ ବାଶନର ରାଜା ଓଗଙ୍କୁ ପରାସ୍ତ କଲେ।
ଓଗ୍ ଥିଲେ, ରଫାୟୀୟ ବଂଶଧର, ସେ ଅଷ୍ଟରୋତ୍ ଓ
ଇଦ୍ରିୟୀରେ ଶାସନ କରୁଥିଲେ। 5ଓଗ୍ ମଧ୍ୟ ହର୍ମୋଣ
ପର୍ବତରେ, ସଲଖାରେ, ଗଶୂରୀୟମାନଙ୍କ ଓ ମାଖାଥୀୟମାନଙ୍କ
ସୀମା ପର୍ଯ୍ୟନ୍ତ ସମୁଦାୟ ବାଶନ ଦେଶରେ ଓ ହିଷ୍ବୋନ୍ର
ରାଜା ସୀହୋନର ସୀମା ପର୍ଯ୍ୟନ୍ତ ଗିଲୟଦର ଅର୍ଦ୍ଧ ଦେଶରେ
ଶାସନ କରୁଥିଲେ।

6ସଦାପ୍ରଭୁଙ୍କର ଦାସ ମୋଶା ଏବଂ ଇଶ୍ରାୟେଲର ଲୋକମାନେ
ସେ ରାଜାଗଣଙ୍କର ଦେଶକୁ ପରାସ୍ତ କରିଥିଲେ। ମୋଶା
ସେମାନଙ୍କର ଦେଶଗୁଡ଼ିକୁ ଗାଦୀୟ ରୁବେନୀୟ ପରିବାରବର୍ଗଙ୍କୁ
ଏବଂ ମନଃଶିର ଅର୍ଦ୍ଧ ପରିବାରବର୍ଗକୁ ଦେଲେ।

7ଇଶ୍ରାୟେଲର ଲୋକମାନେ ମଧ୍ୟ ଯର୍ଦ୍ଦନର ପଶ୍ଚିମ ପାର୍ଶ୍ୱସ୍ଥ
ଦେଶର ରାଜାମାନଙ୍କୁ ପରାସ୍ତ କରିଥିଲେ। ଯିହୋଶୂୟ ଏହି
ଆକ୍ରମଣର ନେତୃତ୍ୱ ନେଇଥିଲେ। ଯିହୋଶୂୟ ସେହି ଦେଶଗୁଡ଼ିକୁ
ବାରଟି ପରିବାରବର୍ଗ ମଧ୍ୟରେ ବାଣ୍ଟି ଦେଇଥିଲେ। ସେ
ଦେଶଗୁଡ଼ିକୁ ସଦାପ୍ରଭୁ ଦେବାପାଇଁ ପ୍ରତିଜ୍ଞା କରିଥିଲେ। ସେହି

ଲେବାନନ୍‌ର ବାଲ୍‌ଗାଦ୍‌ଠାରୁ ସେୟୀରର ହାଲକ ପର୍ଯ୍ୟନ୍ତ
ଉପତ୍ୟକାଗୁଡ଼ିକ ଥିଲା। 8ପର୍ବତମୟ ଦେଶ, ତଳଭୂମି, ଯର୍ଦ୍ଦନର
ଉପତ୍ୟକା, ପୂର୍ବର ପର୍ବତଗୁଡ଼ିକ, ନେଗଭ ଓ ମରୁଭୂମି
ହିତ୍ତୀୟ, ଇମୋରୀୟ, କିଣାନୀୟ, ପରିଷୀୟ, ଓ ହିବ୍ବୀୟମାନେ
ସେଠାରେ ବାସ କଲେ। ସେହିସବୁ ରାଜାମାନଙ୍କର ତାଲିକା
ନିମ୍ନରେ ଦିଆଗଲା:

| | | |
|---|---|---|
| 9 | ଯିରୀହୋର ରାଜା | 1 |
| | ବୈଥେଲର ନିକଟସ୍ଥ ଅୟର ରାଜା | 1 |
| 10 | ଯିରୁଶାଲମର ରାଜା | 1 |
| | ହିବ୍ରୋଣର ରାଜା | 1 |
| 11 | ଯର୍ମୂତର ରାଜା | 1 |
| | ଲାଖୀଶର ରାଜା | 1 |
| 12 | ଇଗ୍ଲୋନର ରାଜା | 1 |
| | ଗେଷରର ରାଜା | 1 |
| 13 | ଦବୀରର ରାଜା | 1 |
| | ଗେଦରର ରାଜା | 1 |
| 14 | ହର୍ମାର ରାଜା | 1 |
| | ଅରାଦର ରାଜା | 1 |
| 15 | ଲିବ୍‌ନାର ରାଜା | 1 |
| | ଅଦୁଲ୍ଲମର ରାଜା | 1 |
| 16 | ମକ୍କେଦର ରାଜା | 1 |
| | ବୈଥେଲର ରାଜା | 1 |
| 17 | ତପୂହର ରାଜା | 1 |
| | ହେଫରର ରାଜା | 1 |
| 18 | ଅଫେକର ରାଜା | 1 |
| | ଲାଶାରୋଣର ରାଜା | 1 |
| 19 | ମାଦୋନର ରାଜା | 1 |
| | ହାତ୍‌ସୋରର ରାଜା | 1 |
| 20 | ଶିମ୍ରୋଣ ମରୋଣର ରାଜା | 1 |
| | ଅକ୍‌ଷଫର ରାଜା | 1 |
| 21 | ତାନକର ରାଜା | 1 |
| | ମାଗିଦ୍ଦୋର ରାଜା | 1 |
| 22 | କେଦଶର ରାଜା | 1 |
| | କର୍ମିଲସ୍ଥ ଯକ୍ନିଯାମର ରାଜା | 1 |
| 23 | ଦୋର ଉପପର୍ବତସ୍ଥିତ ଦୋରର ରାଜା | 1 |
| | ଗିଲ୍‌ଗଲସ୍ଥ ଗୋୟିମର ରାଜା | 1 |
| 24 | ତିର୍ସାର ରାଜା | 1 |
| | ସେମାନେ ପରାସ୍ତ କରିଥିବା ସର୍ବମୋଟ ରାଜାମାନଙ୍କ ସଂଖ୍ୟା: | 31 |

## ଅଧିକୃତ ନ ହୋଇଥିବା ଦେଶ

13 ଯେତେବେଳେ ଯିହୋଶୂୟ ଅତ୍ୟଧିକ ବୃଦ୍ଧ ହୋଇଗଲେ,
ସଦାପ୍ରଭୁ ତାଙ୍କୁ କହିଲେ, "ଯିହୋଶୂୟ ତୁମ୍ଭେ ବୁଢ଼ା
ହୋଇଗଲଣି। କିନ୍ତୁ ଆହୁରି ଅନେକ ଦେଶକୁ ଜୟ କରିବା
ପାଇଁ ବାକି ଅଛି। 2ତୁମ୍ଭେ ଏପର୍ଯ୍ୟନ୍ତ ଯେଉଁ ଦେଶଗୁଡ଼ିକ
ତୁମ୍ଭ ଅଧୀନକୁ ନେଇ ନାହଁ, ସେଗୁଡ଼ିକ ହେଲା ପଲେଷ୍ଟୀୟମାନଙ୍କ
ସମସ୍ତ ମଣ୍ଡଳ, ଗଶୂରୀୟମାନଙ୍କ ସମସ୍ତ ଅଞ୍ଚଳ। 3ଶୀହୋରଠାରୁ
ମିଶରର ସୀମାବର୍ତ୍ତୀ ଇକ୍ରୋଣ ଓ ତା'ର ଉତ୍ତରାଞ୍ଚଳକୁ
ବର୍ତ୍ତମାନ ପର୍ଯ୍ୟନ୍ତ ତୁମ୍ଭେ ନିୟନ୍ତ୍ରଣକୁ ନେଇନାହଁ। ବର୍ତ୍ତମାନ
ସୁଦ୍ଧା ସେହି ଦେଶ କିଣାନୀୟମାନଙ୍କର ଅଟେ। ଏହି ପାଞ୍ଚଜଣଙ୍କୁ
ଯଥା: ଗାଜା, ଅସଦୋଦ୍, ଅସ୍କିଲୋନ, ଗାତ୍ ଓ ଇକ୍ରୋଣର
ନେତାଗଣଙ୍କୁ ତୁମ୍ଭଙ୍କୁ ପରାସ୍ତ କରିବାକୁ ହେବ। 4ଦକ୍ଷିଣରେ
ବାସ କରୁଥିବା ଅବ୍ବୀୟମାନଙ୍କୁ ତୁମ୍ଭଙ୍କୁ ପରାସ୍ତ କରିବାକୁ
ହେବ। ତୁମ୍ଭକୁ କିଣାନୀୟମାନଙ୍କର ସମସ୍ତ ଦେଶକୁ ଏବଂ
ସିଦୋନୀୟମାନଙ୍କର ମିୟାରା ଓ ଅଫେକ୍ ଓ
ଇମୋରୀୟମାନଙ୍କର ସୀମା ପର୍ଯ୍ୟନ୍ତ ପରାସ୍ତ କରିବାକୁ ହେବ।
5ତୁମ୍ଭେ ଏପର୍ଯ୍ୟନ୍ତ ଗିବଲୀୟମାନଙ୍କ ଦେଶକୁ ପରାସ୍ତ କରି
ନାହଁ। ଏବଂ ହର୍ମୋଣ ପର୍ବତର ତଳସ୍ଥିତ ବାଲଗାଦ୍‌ଠାରୁ
ହମାତରେ ପ୍ରବେଶ ସ୍ଥାନ ପର୍ଯ୍ୟନ୍ତ ପୂର୍ବ ଦିଗସ୍ଥ ସମସ୍ତ
ଲିବାନୋନ୍। ଏମାନଙ୍କୁ ପରାସ୍ତ କରିବ।
6"ସୀଦୋନୀୟ ଲୋକମାନେ ଯେଉଁ ଦେଶରେ ବାସ
କରୁଛନ୍ତି, ଲିବାନୋନଠାରୁ ମିଷ୍ରଫୋତ୍‌ମୟିମ ପର୍ଯ୍ୟନ୍ତ ଦେଶରେ
କିନ୍ତୁ ଆମ୍ଭେ ଇସ୍ରାୟେଲ ସନ୍ତାନଗଣ ସମ୍ମୁଖରୁ ସେମାନଙ୍କୁ
ତଡ଼ି ଦେବୁ। ତୁମ୍ଭେ ମୋ ଆଜ୍ଞାନୁସାରେ ସେହି ଦେଶ
ଅଧିକାର କରିବା ପାଇଁ ଇସ୍ରାୟେଲଙ୍କୁ କେବଳ ବାଣ୍ଟି ଦିଅ।
7ବର୍ତ୍ତମାନ ଅଧିକାର ନିମିତ୍ତ ନଅ ବଂଶକୁ ଓ ମନଃଶିର
ଅର୍ଦ୍ଧବଂଶକୁ ଏହି ଭୂମି ବଣ୍ଟନ କରିଦିଅ।"

## ଦେଶଗୁଡ଼ିକର ବଣ୍ଟନ

8ରୁବେନର ବଂଶ, ଗାଦ୍ ଏବଂ ମନଃଶିର ଅର୍ଦ୍ଧ ବଂଶଧରମାନେ
ସେମାନଙ୍କର ଦେଶକୁ ନେଇଯାଇଛନ୍ତି। ସଦାପ୍ରଭୁଙ୍କର ସେବକ
ମୋଶା, ତାଙ୍କୁ ଏହି ଦେଶଗୁଡ଼ିକ ଦେଇଛନ୍ତି। ତାହା ଯର୍ଦ୍ଦନ
ନଦୀର ପୂର୍ବ ଭାଗରେ। 9ଅର୍ଣ୍ଣୋନ୍ ଉପତ୍ୟକା ନିକଟସ୍ଥ
ଅରୋୟରଠାରୁ ଓ ଉପତ୍ୟକାର ମଧ୍ୟବର୍ତ୍ତୀ ନଗର ଓ
ଦୀବୋନ୍ ପର୍ଯ୍ୟନ୍ତ ମେଦବାର ସମସ୍ତ ସମଭୂମି। 10ସେହି
ସମସ୍ତ ସହରରେ ଇମୋରୀୟମାନଙ୍କର ରାଜା ସୀହୋନ ସେହି
ଦେଶରେ ରାଜତ୍ୱ କରୁଥିଲେ। ସେ ହିଷ୍‌ବୋନରେ ଶାସନ
କରୁଥିଲେ। ସେହି ଦେଶ ଅମ୍ମୋନୀୟମାନଙ୍କର ସୀମା ପର୍ଯ୍ୟନ୍ତ
ଥିଲା। 11ଗିଲୀୟଦ ଓ ଗଶୂରୀୟମାନଙ୍କ ଓ ମାଖାଥୀୟମାନଙ୍କ
ଅଞ୍ଚଳ ଓ ସମୁଦାୟ ହର୍ମୋଣ ପର୍ବତ ଓ ସଲଖା ପର୍ଯ୍ୟନ୍ତ
ସମସ୍ତ ବାସନ ସୀମା ପର୍ଯ୍ୟନ୍ତ ଥିଲା। 12ରାଜା ଓଗ୍‌ଙ୍କର
ସମସ୍ତ ରାଜ୍ୟ ସେହି ଦେଶରେ ଥିଲା ରଫାୟୀୟମାନଙ୍କ
ବଂଶଧର। ରାଜା ବାଶନରେ ଶାସନ କରୁଥିଲେ। ପୂର୍ବ
କାଳରେ ସେ ଅଷ୍ଟାରୋତ୍ ଏବଂ ଇଦ୍ରିୟୀରେ ଶାସନ କରୁଥିଲେ।
ଅତୀତରେ ମୋଶା ସେହି ଲୋକମାନଙ୍କର ଦେଶକୁ କରଗତ
କରିଥିଲେ। 13ଇସ୍ରାୟେଲର ସନ୍ତାନଗଣ ଗଶୂରୀୟମାନଙ୍କ ଓ
ମାଖାଥୀୟମାନଙ୍କୁ ଘଉଡ଼ାଇ ଦେଇ ନ ଥିଲେ। ଆଜି ପର୍ଯ୍ୟନ୍ତ
ସେହି ଲୋକମାନେ ଇସ୍ରାୟେଲୀୟମାନଙ୍କ ସହିତ ବାସ କରୁଛନ୍ତି।
14କେବଳ ଲେବୀ ଏକ ବଂଶଧର ଯେ କି ଜମା ଭୂମି
ପାଇନଥିଲେ। ଲେବୀୟମାନେ ଶସ୍ୟ ନୈବେଦ୍ୟ ଓ ହୋମବଳି
ପାଇଲେ, ଯାହାକି ସଦାପ୍ରଭୁ ଇସ୍ରାୟେଲର ପରମେଶ୍ୱରଙ୍କୁ
ଉତ୍ସର୍ଗ କରାଯାଉଥିଲା। ଏହା ସଦାପ୍ରଭୁଙ୍କ ପ୍ରତିଜ୍ଞାନୁସାରେ
ଥିଲା।

15ମୋଶା ରୁବେନ ପରିବାରବର୍ଗ ପ୍ରତ୍ୟେକଙ୍କୁ ସେମାନଙ୍କର
ଗୋତ୍ରାନୁସାରେ ଅଧିକାର ଦେଲେ। 16ଅର୍ଣ୍ଣୋନ ଉପତ୍ୟକା
ନିକଟସ୍ଥ ଅରୋୟେରଠାରୁ ଉପତ୍ୟକା ମଧ୍ୟବର୍ତ୍ତୀ ନଗର ଓ
ମେଦବା ନିକଟସ୍ଥ ସମସ୍ତ ସମତଳ ଭୂମି ସେମାନଙ୍କର ସୀମା
ଥିଲା। 17ହିଷ୍‌ବୋନ୍ ଓ ସମତଳ ଭୂମିସ୍ଥିତ ଦୀବୋନ ଓ
ବାମତ୍‌ବାଲ ଓ ବୈତ୍‌ବାଲ ମିୟୋନ। 18ଯହସ୍, କଦେମୋତ୍
ଓ ମେଫାତ୍। 19କିରିୟାଥୟିମ୍, ସିବ୍‌ମା ଓ ତଳ ଭୂମିର
ପର୍ବତସ୍ଥ ସେରତ୍ ସହର। 20ବୈଥ୍‌ପିୟୋର, ଅସଦୋତ୍,
ପିସ୍‌ଗା, ବୈଥ୍‌ଯିଶିମୋତ୍ ତହିଁର ଏହି ସମସ୍ତ ନଗର।
21ଏହିପରି ସମତଳର ସମସ୍ତ ନଗରକୁ ମିଶାଇ ଓ ଇମୋରୀୟର
ରାଜା ସୀହୋନ, ଯିଏ ହିଷ୍‌ବୋନରେ ରାଜତ୍ୱ କରୁଥିଲେ,
ତାଙ୍କର ସମସ୍ତ ଅଞ୍ଚଳକୁ ମିଶାଇ ଏହି ଦେଶ ଗଠିତ ହେଲା।
ମୋଶା ତାଙ୍କୁ ଓ ମିଦୀୟୋନର ନେତୃବର୍ଗ ଓ ସୀହୋନର
ରାଜପୁତ୍ରମାନଙ୍କୁ ମଧ୍ୟ ଇବି, ରେକମ, ସୂର, ହୂର ଓ ରେବାକୁ
ପରାସ୍ତ କଲେ। 22ଇଶ୍ରାୟେଲ ସନ୍ତାନଗଣ ଖଣ୍ଡାରେ ଯେଉଁମାନଙ୍କୁ
ହତ୍ୟା କରିଥିଲେ, ସେମାନଙ୍କ ମଧ୍ୟରେ ଥିଲେ, ବୟୋରର
ପୁତ୍ର ମନ୍ତ୍ରଙ୍କ ବିଲୟମକୁ ମଧ୍ୟ ହତ୍ୟା କରିଥିଲେ। 23ଆଉ
ଯର୍ଦ୍ଦନ ନଦୀ, ରୁବେନକୁ ଦିଆଯାଇଥିବା ଦେଶର ସୀମା ଥିଲା।
ରୁବେନ ପରିବାରବର୍ଗର ଗୋଷ୍ଠୀ ତାଲିକା ଭୁକ୍ତ ସହର ଓ
କ୍ଷେତ ପାଇଲେ।

24ଏହା ହେଉଛି ସେହି ଭୂମି, ଯାହାକୁ ଗାଦ ବଂଶଧରମାନଙ୍କୁ
ଗୋଷ୍ଠୀଅନୁସାରେ ମୋଶା ଦାନ କରିଥିଲେ। ମୋଶା ମଧ୍ୟ
ପ୍ରତ୍ୟେକ ବଂଶଧରକୁ ଜମି ଦାନ କରିଥିଲେ।

25ଯାସେରମାନଙ୍କର ଭୂମି ଏବଂ ଗିଲୟଦର ସମସ୍ତ ସହର
ମୋଶା ସେମାନଙ୍କୁ ଦେଲେ। ସେ ମଧ୍ୟ ଅମ୍ମୋନ ସନ୍ତାନଗଣମାନଙ୍କ
ଅର୍ଦ୍ଧେକ ଜମିକୁ ଦାନ କରିଥିଲେ। ତାହା ଅରୋୟେର
ପୂର୍ବସ୍ଥିତ ରବ୍ବାଠାରେ ଥିଲା। 26ହିଷ୍‌ବୋନ୍‌ଠାରୁ ରାମତ୍
ମିସ୍‌ପୀ ଓ ବଟନୀମ୍ ପର୍ଯ୍ୟନ୍ତ ଓ ମହନୟିମଠାରୁ ଦବୀର
ସୀମା ପର୍ଯ୍ୟନ୍ତ। 27ବୈଥାରମର ଓ ବୈଥାନମ୍ରାର ଓ ସୁକ୍କୋତ୍‌ର
ଓ ସଫୋନ୍‌ର ଉପତ୍ୟକା ସେହି ଦେଶରେ ସାମିଲ୍ ଥିଲା।
ଅବଶିଷ୍ଟ ଦେଶ ଯାହାକି ହିଷ୍‌ବୋନର ରାଜା ସିହୋନ ଦ୍ୱାରା
ଶାସିତ ହେଉଥିଲା, ସେହି ଦେଶ ମଧ୍ୟରେ ସାମିଲ୍ ଥିଲା।
28ଏହି ସ୍ଥାନ ଯାହାକି ମୋଶା ଗାଦ୍ ପରିବାରବର୍ଗଙ୍କୁ
ଦେଇଥିଲେ। ତାଲିକାଭୁକ୍ତ ସମସ୍ତ ସହର ସେହି ଦେଶରେ
ସାମିଲ୍ ଥିଲା। ମୋଶା ସେହି ଦେଶକୁ ପ୍ରତ୍ୟେକ ଗାଦୀୟ
ଗୋଷ୍ଠୀକୁ ଦେଲେ।

29ଆଉ ମୋଶା ମନଃଶିର ଅର୍ଦ୍ଧ ପରିବାରବର୍ଗକୁ ସେମାନଙ୍କର
ଗୋଷ୍ଠୀ ଦ୍ୱାରା ଦିଆଯାଇଥିବା ଦେଶକୁ ଦେଲେ।

30ସେହି ଭୂମି ମହନୟିମଠାରୁ ଆରମ୍ଭ ହେଲା। ଏହା
ମଧ୍ୟ ବାଶନର ଅନ୍ତର୍ଭୁକ୍ତ ହେଲା। ଯାହାକି ଓଗ୍‌ର ରାଜା
ବାଶନର ଶାସନାଧିନ ଥିଲା। ବାଶନ ଅଧିନର ମୋଟ 60 ଟି
ସହର ଥିଲା। 31ଅର୍ଦ୍ଧେକ ଗିଲୟଦ, ଅଷ୍ଟାରୋତ୍, ଇଦ୍ରିୟୀ ସହ
ଏହି ଦେଶ ସାମିଲ୍ ଥିଲା। ମନଃଶିର ପୁତ୍ର ମାଖୀରର
ବଂଶଧରଗଣଙ୍କୁ ଏହିସବୁ ଦେଶ ଦିଆଯାଇଥିଲା। ଅର୍ଦ୍ଧେକ
ଉତ୍ତରାଧିକାରୀ ଏହି ଦେଶ ପାଇଲେ।

32ମୋଶା ଏହି ଭୂମିଗୁଡିକ ଏହି ପରିବାରବର୍ଗକୁ ଦେଲେ।
ଯେତେବେଳେ ଲୋକମାନେ ମୋୟାବଠାରେ ଛାଉଣୀ କରିଥିଲେ,
ମୋଶା ଏପରି କଲେ। ଏହା ଯର୍ଦ୍ଦନ ନଦୀର ଆରପାରିର
ଯିରୀହୋର ପୂର୍ବରେ ଥିଲା। 33ମୋଶା ଲେବୀ ବଂଶଧରମାନଙ୍କୁ
ଆଦୌ ଭୂମି ଦେଇନଥିଲେ। କାରଣ ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱର ପ୍ରତିଜ୍ଞା କରିଥିଲେ, ଯେ ସେ ନିଜେ ସେମାନଙ୍କର
ଉତ୍ତରାଧିକାରୀ।

14 ଯାଜକ ଇଲୀୟାସର ନୂନର ପୁତ୍ର ଯିହୋଶୂୟ ଏବଂ
ଇଶ୍ରାୟେଲର ସମସ୍ତ ପରିବାରବର୍ଗର ପ୍ରଧାନବର୍ଗ
ନିଷ୍ପତ୍ତି ନେଲେ, ଭୂମି କିପରି ଲୋକମାନଙ୍କ ମଧ୍ୟରେ ବଣ୍ଟା
ହେବ। 2ସଦାପ୍ରଭୁ ବହୁଦିନ ପୂର୍ବରୁ ମୋଶାଙ୍କୁ ନିର୍ଦ୍ଦେଶ
ଦେଇଥିଲେ କିପରି ଭାବରେ ଲୋକମାନଙ୍କୁ ସେ ଭୂମି ବାଣ୍ଟି
କରିବେ। ନଅ ବଂଶର ଲୋକ ଅର୍ଦ୍ଧ ବଂଶର ଲୋକମାନଙ୍କୁ
ଗୁଳାବାଣ୍ଟ ଦ୍ୱାରା ନିଷ୍ପତ୍ତି ଦେଲେ କିଏ କେଉଁ ଭୂମି ପାଇବ।
3ମୋଶା ଯର୍ଦ୍ଦନର ପୂର୍ବ ପାଶରେ ଦୁଇଟି ବଂଶ ଓ ଅର୍ଦ୍ଧବଂଶକୁ
ସେମାନଙ୍କର ଭୂମିର ଅଧିକାର ଦେଇଥିଲେ। କିନ୍ତୁ ସେ
ଲେବୀୟମାନଙ୍କୁ କୌଣସି ଦେଶ ହେଲେ ଦେଇ ନ ଥିଲେ,
ଯେପରି ଅନ୍ୟ ପରିବାରବର୍ଗ ପାଇଥିଲେ। 4ବାରଟି ବଂଶଧରଙ୍କୁ
ସେମାନଙ୍କର ଭୂମିର ଅଧିକାର ଦେଇଥିଲେ। ଯୋଷେଫର
ପୁତ୍ରଗଣ ଦୁଇଟି ବଂଶରେ ବିଭକ୍ତ ହେଲେ। ସେମାନେ
ହେଲେ, ମନଃଶି ଓ ଇଫ୍ରୟିମ। ଏବଂ ପ୍ରତ୍ୟେକ ବଂଶଧରମାନେ
କିଛି କିଛି ଭୂମି ଲାଭ କଲେ। କିନ୍ତୁ ଲେବୀ ବଂଶଧରମାନଙ୍କୁ
କୌଣସି ଭୂମି ଦିଆଗଲା ନାହିଁ। ଯାହାହେଉ ସେମାନଙ୍କୁ
କେବଳ ଏକ ଛୋଟ ସହର ବାସ କରିବା ପାଇଁ ଅଧିକାର
ଦିଆ ଯାଇଥିଲା। ସେହି ସହରଗୁଡ଼ିକ ହେଲା, ପ୍ରତ୍ୟେକ
ପରିବାବର୍ଗର ଦେଶ, ସେମାନଙ୍କର ପଶୁମାନେ ଚରିବା ପାଇଁ
କିଛି ପଡିଆ ଦିଆଯାଇଥିଲା। 5ସଦାପ୍ରଭୁ ମୋଶାଙ୍କୁ ନିର୍ଦ୍ଦେଶ
ଦେଲେ, ଇଶ୍ରାୟେଲ ଲୋକମାନଙ୍କ ମଧ୍ୟରେ କିପରି ଭାବରେ
ଭୂମିବାଣ୍ଟ ହେବ। ଇଶ୍ରାୟେଲ ଲୋକମାନେ ସଦାପ୍ରଭୁଙ୍କର
ନିର୍ଦ୍ଦେଶ ମତେ ଭୂମିଗୁଡ଼ିକୁ ସେମାନଙ୍କ ଭିତରେ ଭାଗ
କରିନେଲେ।

## କାଲେବ୍ ତାଙ୍କର ଭୂମି ପାଇଲେ

6ଦିନେ ଯିହୁଦା ପରିବାରବର୍ଗଠାରୁ କିଛି ଲୋକ ଗିଲ୍‌ଗଲ୍‌ରେ
ଥିବା ଯିହୋଶୂୟଙ୍କ ନିକଟକୁ ଗଲେ। ସେହି ଲୋକମାନଙ୍କ
ମଧ୍ୟରେ ଜଣେ ଲୋକ ଥିଲେ। ତାଙ୍କର ନାମ ଥିଲା କାଲେବ୍,
ଯେ କି କନିସୀୟ ଯିଫୁନ୍ନିର ପୁତ୍ର ଥିଲା। କାଲେବ୍ ଯିହୋଶୂୟଙ୍କୁ
କହିଲେ, "ତୁମ୍ଭର ମନେଥିବ ସଦାପ୍ରଭୁ ପରମେଶ୍ୱର କାଦେଶ
ବର୍ଣ୍ଣେୟରେ ଯାହା କହିଥିଲେ। ସଦାପ୍ରଭୁ ତାଙ୍କର ସେବକ
ମୋଶାଙ୍କୁ କହିଥିଲେ ଯାହା ତୁମ୍ଭ ବିଷୟରେ ଓ ମୋ ବିଷୟ।
7ମୋତେ ଯେତେବେଳେ ଚାଳିଶ ବର୍ଷ ବୟସ ହୋଇଥିଲା,
ସଦାପ୍ରଭୁଙ୍କ ସେବକ ମୋଶା ମୋତେ ଦେଶ ଅନୁସନ୍ଧାନ
କରିବା ପାଇଁ କାଦେଶ ବର୍ଣ୍ଣେୟଠାରୁ ପଠାଇ ଥିଲେ। ମୁଁ
ଯାହା ସଂଗ୍ରହ କଲି ତାହା ମୋଶାଙ୍କୁ ଜଣାଇଲି। 8ମୋର
ସାଙ୍ଗରେ ଅନ୍ୟ ଯେଉଁ ଲୋକମାନେ ଯାଇଥିଲେ, ସେମାନେ
ଲୋକମାନଙ୍କୁ ନିରୁତ୍ସାହିତ କଲେ, ସେମାନଙ୍କ ଖବରରେ। ମୁଁ
କିନ୍ତୁ ସଦାପ୍ରଭୁଙ୍କର ଅନୁଗତ ହୋଇ ରହିଲି। 9ତେଣୁ
ସେହିଦିନ, ମୋଶା ମୋଠାରେ ପ୍ରତିଜ୍ଞା କଲେ, 'ଯେଉଁ
ଭୂମିରେ ତୁମ୍ଭେ ଚାଲିଲ, ତାହା ତୁମ୍ଭର ହେବ। ତୁମ୍ଭର

ବଂଶଧରମାନେ ଚିରଦିନ ପାଇଁ ସେ ଭୂମିର ମାଲିକାନା
ପାଇବେ। ମୁଁ ତୁମ୍ଭକୁ ସେ ଭୂମି ଦେବି କାରଣ ତୁମ୍ଭେ ମୋର
ସଦାପ୍ରଭୁ ପରମେଶ୍ୱରଙ୍କଠାରେ ବିଶ୍ୱସ୍ତ ହୋଇ ରହିଲ।’

10“ବର୍ତ୍ତମାନ ସଦାପ୍ରଭୁ ମୋତେ ଏହି 45 ବର୍ଷ ପର୍ଯ୍ୟନ୍ତ
ବଞ୍ଚାଇ ରଖିଛନ୍ତି, ଯେହେତୁ ସେ କହିଥିଲେ। ସଦାପ୍ରଭୁ
ମୋଶାଙ୍କୁ ଏହା କହିଲା ସମୟରୁ ଆମ୍ଭେ ମରୁଭୂମିରେ ଭ୍ରମଣ
କରୁଥିଲୁ। ବର୍ତ୍ତମାନ ମୋତେ 85 ବର୍ଷ ହେଲାଣି। 11ମୁଁ
ଆଜି ଠିକ୍ ସେହିପରି ଶକ୍ତିଶାଳୀ ଅଛି ଯେତେବେଳେ ମୋଶା
ମୋତେ ପଠାଇ ଥିଲେ, ସେତେବେଳେ ମୁଁ ଯେପରି ଶକ୍ତିଶାଳୀ
ଥିଲି। ମୁଁ ସେତେବେଳେ ଯେପରି ଯୋଦ୍ଧା ଥିଲି, ବର୍ତ୍ତମାନ
ମଧ୍ୟ ଯୁଦ୍ଧ କରିବାପାଇଁ ସେହିପରି ଯୋଦ୍ଧା ଅଛି। 12ତେଣୁ
ମୋତେ ବର୍ତ୍ତମାନ ସେହି ପର୍ବତମୟ ଦେଶ ଦିଅ, ମୋତେ
ଯାହାକି ସଦାପ୍ରଭୁ ବହୁଦିନ ପୂର୍ବରୁ ପ୍ରତିଜ୍ଞା କରିଥିଲେ। ସେହି
ସମୟରେ ତୁମ୍ଭେ ସେହି ଲମ୍ବୁଆ ଅନାକୀୟମାନଙ୍କ ବିଷୟରେ
ଶୁଣିଥିବ, ଯେଉଁମାନେ କି ସେଠାରେ ବାସ କରୁଥିଲେ। ଏବଂ
ସେମାନଙ୍କର ନଗରଗୁଡ଼ିକ ବହୁତ ବଡ଼ ଥିଲା ଓ ସବୁ ଦିଗରୁ
ସୁରକ୍ଷିତ ଥିଲା। କିନ୍ତୁ ବର୍ତ୍ତମାନ ସଦାପ୍ରଭୁ ମୋତେ ମୋ
ସହିତ ଥାଇ ପାରନ୍ତି। ଏବଂ ମୁଁ ବର୍ତ୍ତମାନ ସେହି ଭୂମିକୁ
ସଦାପ୍ରଭୁଙ୍କ ବାକ୍ୟ ଅନୁସାରେ ନେବି।”

13ଯିହୋଶୂୟ ଯିଫୁନ୍ନିଙ୍କର ପୁତ୍ର କାଲେବ୍‌ଙ୍କୁ ଆଶୀର୍ବାଦ
କଲେ ଏବଂ ହିବ୍ରୋଣ ସହରକୁ ତାଙ୍କୁ ଦେଲେ। 14ଏବଂ
ସେହି ସହର ଆଜି ପର୍ଯ୍ୟନ୍ତ ସେହି ଯିଫୁନ୍ନିର ପୁତ୍ର କାଲେବର
ବଂଶଧରମାନେ ଭୋଗ କରୁଛନ୍ତି। ସେମାନେ ହେଲେ କନସୀୟ,
ଯେଉଁମାନେ କି ହିବ୍ରୋଣକୁ ଅଧିକାର କରିଛନ୍ତି। ସେ ଭୂମି
ଆଜି ପର୍ଯ୍ୟନ୍ତ ତାଙ୍କର ଅଧିକାରେ ଅଛି କାରଣ ସେ
ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କର ସମ୍ପୂର୍ଣ୍ଣ ରୂପେ ଅନୁଗତ
ଥିଲେ। 15ଅତୀତରେ ସେ ସହରର ନାମ ଥିଲା କିରୀୟତ୍-ଅର୍ବ।
ଏହି ସହର ଲୋକମାନଙ୍କ ମଧ୍ୟରେ ଜଣେ ଯୋଦ୍ଧା ଥିଲେ,
ଯାହାଙ୍କର ନାମ ଥିଲା ଅର୍ବ। ତାଙ୍କର ନାମ ଅନୁସାରେ ଏ
ଭୂମିର ନାମକରଣ କରାଯାଇଥିଲା।

ଏହାପରେ ସେ ଭୂମିରେ ଶାନ୍ତି ଫେରି ଆସିଲା।

## ଯିହୁଦାମାନଙ୍କ ପାଇଁ ଭୂମି

15 ଯିହୁଦା ସନ୍ତାନମାନଙ୍କ ବଂଶର ବାଣ୍ଟ ସେମାନଙ୍କ
ପରିବାରବର୍ଗାନୁସାରେ ଇଦୋମ ସୀମା ପାର୍ଶ୍ୱସ୍ଥ ସିନ୍
ମରୁଭୂମିର ଦକ୍ଷିଣ ଦିଗରେ ଦକ୍ଷିଣ ପ୍ରାନ୍ତ ଭାଗରେ ଥିଲା।
2ସେମାନଙ୍କ ଦକ୍ଷିଣ ସୀମା ଲବଣ ସମୁଦ୍ରର ପ୍ରାନ୍ତ ଭାଗ
ଅର୍ଥାତ୍ ଦକ୍ଷିଣ ଦିଗ ଅଭିମୁଖ ଆଖାତଠାରୁ ଥିଲା। 3ଏହି
ସୀମା ଦକ୍ଷିଣ ଦିଗର ଅକ୍ରବ୍ବୀମ ଘାଟି ଦେଇ ସିନ୍ ପର୍ଯ୍ୟନ୍ତ
ଗଲା। ପୁଣି ଦକ୍ଷିଣରେ କାଦେଶ ବର୍ଣ୍ଣେୟ ପର୍ଯ୍ୟନ୍ତ ଉପରକୁ
ଉଠିଲା ତହୁଁ ହିଷ୍ରୋଣ ଦେଇ ଅଦ୍ଦର ଉପରକୁ ଉଠି କର୍କ୍କା
ପର୍ଯ୍ୟନ୍ତ ବୁଲିକରି ଗଲା। 4ଏହି ସୀମା ଅସୋନରୁ ମିଶର
ନଦୀ ପାଖେ ପାଖେ ବାହାରି ଗଲା। ଏବଂ ସେହି ସୀମାର
ପ୍ରାନ୍ତଭାଗ ସମୁଦ୍ର ଥିଲା, ଯାହାକି ତୁମ୍ଭମାନଙ୍କର ଦକ୍ଷିଣ ଦିଗ।

5ପୂର୍ବ ସୀମା ଯର୍ଦ୍ଦନର ପ୍ରାନ୍ତ ପର୍ଯ୍ୟନ୍ତ ଲବଣ ସମୁଦ୍ର ଯାଏ
ଥିଲା। ଉତ୍ତର ସୀମା ଯର୍ଦ୍ଦନ ପ୍ରାନ୍ତରରେ ସମୁଦ୍ରର ଅଖାତଠାରୁ
ଥିଲା। 6ଏହାପରେ ଉତ୍ତର ସୀମା ଓ ବୈଥହଗ୍ଲା ପର୍ଯ୍ୟନ୍ତ ଉଠି
ବୈଥ୍ ଅରବାର ଉତ୍ତର ଦେଇ ଗଲା। ତହୁଁ ସେ ସୀମା
ବୋହନର ପ୍ରସ୍ତର ପର୍ଯ୍ୟନ୍ତ ଗଲା। ବୋହନ ଥିଲେ ରୂବେନ୍‌ର
ପୁତ୍ର। 7ଏହପରି ଭାବରେ ସେହି ସୀମା ଆଖୋର ଉପତ୍ୟକାଠାରୁ
ଦବୀର ଆଡ଼କୁ ଗଲା। ଏହିପରି ନଦୀର ଦକ୍ଷିଣ ପାର୍ଶ୍ୱସ୍ଥ
ଅଦୁମ୍ମୀମ୍ ଘାଟି ସମ୍ମୁଖସ୍ଥ ଗିଲ୍‌ଗଲ ଆଡ଼କୁ ଯାଇ ଉତ୍ତର
ଦିଗକୁ ଯାଇଛି ଓ ଐନ୍ ଶେମଶ୍ ନାମକ ଜଳାଶୟ ଆଡ଼କୁ
ଚାଲିଲା ଓ ତହିଁର ଶେଷଭାଗ ଐନ୍ ରୋଗେଲ୍ ନିକଟରେ
ଥିଲା। 8ସେହି ସୀମା ହିନ୍ନୋମ ଉପତ୍ୟକା ଦେଇ ଉଠି ଦକ୍ଷିଣ
ଦିଗରେ ଯିବୂଷ ନଗର ଆଡ଼କୁ ଗଲା, ଏହାକୁ ଯିରୁଶାଲମ
କହନ୍ତି। ଏହିପରି ସେହି ସୀମା ପଶ୍ଚିମରେ ହିନ୍ନୋମ ଉପତ୍ୟକା
ପର୍ଯ୍ୟନ୍ତ ଗଲା। ଏହା ରଫାୟିମ ଉପତ୍ୟକାର ଉତ୍ତର ପ୍ରାନ୍ତସ୍ଥିତ
ପର୍ଯ୍ୟନ୍ତ ଥିଲା। 9ସେହି ସ୍ଥାନଠାରୁ ସୀମା ସେହି ପର୍ବତ
ଶୃଙ୍ଗଠାରୁ ନପ୍ତୋହର ଜଳ ନିର୍ଝର ପର୍ଯ୍ୟନ୍ତ ଥିଲା ଓ ଇଫ୍ରୋଣ
ପର୍ବତସ୍ଥ ନଗର ଆଡ଼କୁ ଗଲା। ପୁଣି ସେହି ସୀମା କିରୀୟାଥ-
ଯିୟାରୀମ୍ ନାମରେ ପ୍ରସିଦ୍ଧ ବାଲା ପର୍ଯ୍ୟନ୍ତ ବିସ୍ତୃତ ହେଲା।
10ଏହାପରେ ସେହି ସୀମା ବାଲାଠାରୁ ସେୟୀର ପର୍ବତ
ପର୍ଯ୍ୟନ୍ତ ପଶ୍ଚିମ ଦିଗରେ ବୁଲିକରି ବସାଲୋନ ନାମରେ
ପ୍ରସିଦ୍ଧ ଯିୟାରୀମ୍ ପର୍ବତର ଉତ୍ତର ପାର୍ଶ୍ୱସ୍ଥ ପର୍ଯ୍ୟନ୍ତ ଥିଲା।
ତହୁଁ ସେ ବୈଥ୍‌ଶେମଶରେ ପଡ଼ି ତିମ୍ନା ପର୍ଯ୍ୟନ୍ତ ଥିଲା।
11ଏହାପରେ ସେ ସୀମା ଇକ୍ରୋଣର ଉତ୍ତର ପାର୍ଶ୍ୱ ପର୍ଯ୍ୟନ୍ତ
ଗଲା। ସେଠାରୁ ସେ ଶିକ୍କେରୋନ୍ ସୀମା ପର୍ଯ୍ୟନ୍ତ ବିସ୍ତୃତ ଥିଲା
ଓ ବାଲା ପର୍ବତରେ ପଡ଼ି ଯବନୟେଲ ପର୍ଯ୍ୟନ୍ତ ଥିଲା। ସେହି
ସୀମାର ପ୍ରାନ୍ତ ଭାଗ ସମୁଦ୍ର ଥିଲା। 12ପଶ୍ଚିମ ସୀମା ମହା
ସମୁଦ୍ର ଓ ତହିଁର ଅଞ୍ଚଳ ପର୍ଯ୍ୟନ୍ତ ଥିଲା। ନିଜ ନିଜ ବଂଶ
ଅନୁସାରେ ଯିହୁଦା ସନ୍ତାନଗଣର ଚତୁର୍ଦ୍ଦିଗସ୍ଥିତ ସୀମା ଏହିପରି
ଥିଲା। 13ସଦାପ୍ରଭୁ ଯିହୋଶୂୟଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯିଫୁନ୍ନିର
ପୁତ୍ର କାଲେବକୁ ଯିହୁଦାର କିଛି ଅଂଶ ଦେବା ପାଇଁ,
ପରମେଶ୍ୱରଙ୍କ କଥା ଅନୁସାରେ ଯିହୋଶୂୟ କାଲେବକୁ
ଦେଶର କିଛି ଅଂଶ ଦେଲେ। ଯିହୋଶୂୟ ତାଙ୍କୁ କିରୀୟତ୍
ଅର୍ବ ନଗର ଦେଲେ। ତାହା ହିଁ ହିବ୍ରୋଣ। ଅର୍ବ ଆନାକଙ୍କର
ପିତା ଥିଲେ। 14କାଲେବ୍ ସେଠାରୁ ଅନାକର ବଂଶ ଶେଶୟ
ଓ ଅହୀମାନ୍ ଓ ତଲ୍ମୟ ନାମକ ଅନାକର ତିନି ପୁତ୍ରଙ୍କୁ ତଡ଼ି
ଦେଲେ। 15ଏହାପରେ କାଲେବ ଦବୀର ନିବାସୀମାନଙ୍କ
ବିରୁଦ୍ଧରେ ଯୁଦ୍ଧ କଲେ। ପୂର୍ବକାଳରେ ସେହି କିରୀୟତ୍
ସେଫର ନାମରେ ବିଖ୍ୟାତ ଥିଲା। 16କାଲେବ୍ କହିଲେ, “ମୁଁ
କିରୀୟତ୍ ସେଫରକୁ ଆକ୍ରମଣ କରିବାକୁ ଚାହେଁ। ଯେଉଁ
ଲୋକ ମୋ ସହିତ ସହଯୋଗ କରି କିରୀୟତ୍ ସେଫରକୁ
ପରାସ୍ତ କରିବାରେ ସାହାଯ୍ୟ କରିବ ମୁଁ ମୋର କନ୍ୟା
ଅକ୍ଷାରକୁ ତାଙ୍କ ସହ ବିବାହ ଦେବି।”

17କାଲେବ୍ ଭାଇ କନସର ପୁତ୍ର ଅନ୍ନୀୟେଲ ସେ
ସହରକୁ ପରାସ୍ତ କଲେ। ତେଣୁ କାଲେବ୍ ନିଜର କନ୍ୟା
ଅକ୍ଷାରକୁ ଅନ୍ନୀୟେଲ ସହିତ ବିବାହ ଦେଲେ। 18ଅକ୍‌ଷାର
ଅନ୍ନୀୟେଲ ସହିତ ଯିବାକୁ ବାହାରନ୍ତେ, ଅକ୍‌ଷାର ଅନ୍ନିୟେଲକୁ
କହିଲେ ତାଙ୍କ ବାପାଙ୍କୁ କିଛି ଭୂମି ମାଗିବା ପାଇଁ। ଅକ୍ଷାର
ତାଙ୍କ ପିତାଙ୍କ ପାଖକୁ ଗଲେ। ଯେତେବେଳେ ସେ ତାଙ୍କ
ଗଧରୁ ଓହ୍ଲାଇ ପଡ଼ିବା ସମୟରେ କାଲେବ୍ ତାଙ୍କୁ ପଚାରିଲେ,
“ତୁମ୍ଭର ଆଉ କ’ଣ ଦରକାର?”

19ଅକଷାର ଉତ୍ତର ଦେଲେ, "ଆପଣ ମୋତେ ଆଶୀର୍ବାଦ
କରନ୍ତୁ। କାରଣ ଆପଣ ମୋତେ ନେଗଭର ଝାଙ୍ଗ୍ରା ଭୂମି
ଦେଇଛନ୍ତି। ଦୟାକରି ଜଳ ନିର୍ଝର ମୋତେ ଦିଅନ୍ତୁ।" ତେଣୁ
କାଲେବ୍ ସେ ଯାହା ଗ୍ଭହିଁଲେ ସେ ତାଙ୍କୁ ଦେଲେ। ସେ
ତହିଁରେ ଉପରିସ୍ଥ ଓ ଜଳସ୍ଥ ନିର୍ଝର ତାହାଙ୍କୁ ଦେଲେ।

20ଏହି ଦେଶ ଯିହୁଦା ପରିବାରବର୍ଗର ଅଧିକାର ନିମନ୍ତେ
ଦିଆଯାଇଥିଲା। 21ନେଗଭର ଦକ୍ଷିଣାଞ୍ଚଳର ଇଦୋମ ସୀମା
ନିକଟରେ ଯିହୁଦା ସନ୍ତାନମାନଙ୍କ ପରିବାରବର୍ଗ ପ୍ରାନ୍ତ ଭାଗସ୍ଥ
ଏହିସବୁ ନଗର ଥିଲା, କବସେଲ ଓ ଏଦର ଓ ଯାଗୁର
ମଧ୍ୟ। 22କୀନା, ଦୀମୋନା, ଅଦାଦା, 23କେଦଶ୍, ହାତ୍ସୋର,
ଯିତ୍ନନ୍, 24ସୀଫ୍, ଟେଲମ୍, ବାଲୋତ୍, 25ହାତସୋର-ହଦତ୍ତା,
କରିୟୋଥ-ହିଷ୍ରୋଣ, 26ଅମାମ୍, ଶମା, ମୋଲାଦା, 27ହତ୍ସର-
ଗଦ୍ଧା, ହିଷ୍ମୋନ୍, ବୈଥ୍ପେଲଟ, 28ହତ୍ସର-ଶିୟାଲ,
ବେରଶେବା, ବିଷିୟୋଥିୟା, 29ବାଲା, ଇୟୀମ୍, ଏତ୍ସମ୍,
30ଇଲତୋଲଦ୍, କସୀଲ, ହର୍ମା, 31ସିକ୍ଲଗ୍, ମଦ୍ମନ୍ନା, ସନ୍ସନ୍ନା,
32ଲବାୟୋତ୍, ଶିଲହୀମ୍, ଐନ୍, ରିମ୍ମୋନ୍ ସହର ସମେତ
ମୋଟ୍ରେ ଅଣତିରିଶଟି ନଗର ଅଟେ।

33ଯିହୁଦାର ବଂଶ ପଶ୍ଚିମ ପର୍ବତ ପାର୍ଶ୍ୱସ୍ଥ ତଳଭୂମି
ନଗରଗୁଡ଼ିକ ଅଧିକାରକୁ ନେଲେ। ସେଗୁଡ଼ିକ ହେଲା, ଇଷ୍ଟାୟୋଲ,
ସରୀୟ ଓ ଅସ୍ନା, 34ସାନୋହ, ଐନ୍ଗନ୍ନୀମ୍, ତପୂହ,
ଐନମ୍, 35ଯର୍ମୂତ୍, ଅଦୁଲ୍ଲମ୍, ସୋଖୋ, ଅସେକା, 36ଶାରୟିମ୍,
ଅଦୀଥୟିମ୍, ଗଦେରା ଓ ଗଦେରୋଥୟିମ, ଏହିପରି କ୍ଷେତ
ସମେତ ଚଉଦ ନଗର ଥିଲା।

37ଯିହୁଦା ପରିବାର ବଂଶମାନଙ୍କୁ ମଧ୍ୟ ଏହି ସହରଗୁଡ଼ିକ
ଦିଆ ଯାଇଥିଲା, ଯଥା, ସନାନ୍, ହଦାଶା, ମିଗଦଲଗାଦ,
38ଦିଲୟନ୍, ମିସ୍ପୀ, ଯକ୍ତେଲ, 39ଲାଖୀଶ୍, ବସ୍କତ୍, ଇଗ୍ଲୋନ୍,
40କବ୍ବୋନ୍, ଲହମମ, କିତ୍ଲୀଶ୍, 41ଗଦେରୋତ୍, ବୈଥ୍-ଦାଗୋନ୍,
ନୟମା, ମକ୍କେଦା ଗ୍ରାମ ସମେତ ଏହିପରି ଷୋଅଳ ନଗର
ଥିଲା ଏବଂ ଏଥିର ଚତୁଃପାର୍ଶ୍ୱସ୍ଥ ଭୂମି ସମୂହ।

42ଯିହୁଦାର ଲୋକମାନେ ମଧ୍ୟ ଏହି ସହରଗୁଡ଼ିକ ନେଲେ,
ସେଗୁଡ଼ିକ ହେଲା, ଲିବନା, ଏଥର୍, ଅଶନ୍, 43ଯିପ୍ତହ,
ଅସ୍ନା, ନତ୍ସୀବ୍, 44କିୟୀଲା, ଅକ୍ଷୀବ, ମାରେଶା ଗ୍ରାମ
ସମେତ ଏହିପରି ନଅଟି ନଗର ଥିଲା।

45ଯିହୁଦାର ଲୋକମାନେ ମଧ୍ୟ ଏହି ସହରଗୁଡ଼ିକ ତାଙ୍କ
ଅଧିକାରକୁ ଆସିଲା, ସେଗୁଡ଼ିକ ହେଲା, ଇକ୍ରୋଣ, ତା'ର
ଉପନଗର ଓ ତା'ର ନିକଟବର୍ତ୍ତୀ ଗ୍ରାମଗୁଡ଼ିକ। 46ସେମାନେ
ମଧ୍ୟ ଇକ୍ରୋଣଠାରୁ ସମୁଦ୍ର ପର୍ଯ୍ୟନ୍ତ, ଅସଦୋଦ ନିକଟସ୍ଥ
ସମସ୍ତ ସ୍ଥାନ ଓ ସହରଗୁଡ଼ିକ ନେଲେ। 47ଅସଦୋଦ, ତା'ର
ଉପନଗର, ଓ ଗ୍ରାମମାନ, ଘସା, ତହିଁର ଉପନଗର ଓ
ଗ୍ରାମଗୁଡ଼ିକ, ମିଶରନଦୀ ଓ ମହାସମୁଦ୍ର ଓ ତହିଁର ଅଞ୍ଚଳ
ପର୍ଯ୍ୟନ୍ତ।

48ଯିହୁଦାର ଲୋକମାନଙ୍କୁ ପର୍ବତମୟ ଦେଶରେ ଶାମୀର,
ଯତ୍ତୀର ଓ ସୋଖୋ, 49ଦନ୍ନା, କିରିୟଥ-ସନ୍ନା, 50ଅନାବ୍,
ଇଷ୍ଟିମୋୟ, ଆନୀମ୍, 51ଗୋଶନ୍, ହୋଲୋନ୍, ଗୀଲୋ,
ଏହିସବୁ ଗ୍ରାମ ସମେତ ଏଗାରଟି ନଗର ଥିଲା। 52ଯିହୁଦାର
ଲୋକମାନଙ୍କୁ ମଧ୍ୟ ଏହି ନଗରଗୁଡ଼ିକ ଦିଆଯାଇ
ଥିଲା। ସେଗୁଡ଼ିକ ହେଲା ଅରାବ୍, ଦୂମା, ଇଶିୟନ୍,
53ଯାନୁମ୍, ବୈତ୍ତପୂହ ଓ ଅଫେକା, 54ହୁମ୍ଟା, କିରିୟଥ୍-ଅର୍ବ
ହିବ୍ରୋଣ ଓ ସୀୟୋର, ଏହିପରି ନଅଟି ସହର ଓ ତା'ର
ଚତୁଃପାର୍ଶ୍ୱରେ ଥିବା ସହର ସମେତ।

55ଯିହୁଦାର ଲୋକମାନଙ୍କୁ ମଧ୍ୟ ଏହି ସହରଗୁଡ଼ିକ ଦିଆଗଲା।
ସେଗୁଡ଼ିକ ହେଲା, ମାୟୋନ୍ କର୍ମିଲ୍, ସୀଫ୍, ଯୁଟା, 56ଯିଷ୍ରୀୟେଲ,
ଯଗ୍ଦୟାମ୍, ସାନୋହ, 57କୟିନ, ଗିବୟା, ତିମ୍ନା, ଏହିସବୁ
ଗ୍ରାମ ସମେତ ଦଶ ନଗର ଓ ଗ୍ରାମ ସମେତ ଥିଲା।

58ଯିହୁଦାରୁ ମଧ୍ୟ ଏ ସହରଗୁଡ଼ିକ ଦିଆ ଯାଇଥିଲା। ଯଥା
ହଲହୂଲ, ବୈଥ୍ସୁର, ଗଦୋର, 59ମାରତ୍, ବୈଥନୋତ୍,
ଇଲ୍ତକୋନ, ଏହିସବୁ ସହର ସମେତ ଛଅଟି ନଗର ଥିଲା।

60ସେମାନଙ୍କୁ ଆଉ ଦୁଇଟି ସହର ଦିଆ ଯାଇଥିଲା।
ସେଗୁଡ଼ିକ ହେଲା ରବ୍ବା ଏବଂ କିରିୟଥ୍ ବୈଥ।

61ପ୍ରାନ୍ତରରେ ସେମାନଙ୍କୁ ମଧ୍ୟ କିଛି ସହର ଦିଆ
ଯାଇଥିଲା। ସେଗୁଡ଼ିକ ହେଲା, ବୈଥ-ଅରାବା, ମିଦ୍ଦୀନ୍, ସକାଖା,
62ନିବ୍ଶନ୍, ଲବଣନଗର ଓ ଐନଗଦୀ, ଏହିସବୁ ଗ୍ରାମ
ସମେତ ଛଅ ନଗର ଥିଲା। 63ମାତ୍ର ଯିହୁଦା ସନ୍ତାନଗଣ
ଯିରୁଶାଲମ ନିବାସୀମାନଙ୍କୁ ତଡ଼ିଦେଇ ପାରିଲେ ନାହିଁ। ଏହି
ହେତୁ ଯିବୂଷୀୟମାନେ ଆଜି ପର୍ଯ୍ୟନ୍ତ ଯିହୁଦା ସନ୍ତାନଗଣ
ସହିତ ଯିରୁଶାଲମରେ ବାସ କରୁଛନ୍ତି।

## ଇଫ୍ରୟିମ ଓ ମନଃଶି ପାଇଁ ଦେଶ

16 ଯୋଷେଫର ପରିବାରବର୍ଗ ଏହି ଦେଶ ପାଇଲେ,
ଯାହାକି ଯର୍ଦ୍ଦନ ନଦୀ ନିକଟସ୍ଥ ଯିରୀହୋଠାରୁ ଆରମ୍ଭ
କରି ଯିରୀହୋର ଜଳ ନିକଟବର୍ତ୍ତୀ ଯାଏ ବ୍ୟାପିଥିଲା। ଏହାର
ସୀମା ଯିରୀହୋଠାରୁ ପର୍ବତମୟ ଦେଶ ବୈଥେଲ୍ ପର୍ଯ୍ୟନ୍ତ
ବିସ୍ତୃତ ଥିଲା। 2ଏହାପରେ ଏହାର ସୀମା ବୈଥେଲ୍ଠାରୁ(ଲୂସ୍)
ଅର୍କୀୟ ସୀମା ଦେଇ ଅଟାରୋତକୁ ଗଲା। 3ପଶ୍ଚିମରେ
ଯଫଲେଟୀୟ ସୀମା ଆଡେ ଓ ନିମ୍ନଗାମୀ ବୈଥୋରୋଣର
ସୀମା ଓ ଗେଷର ପର୍ଯ୍ୟନ୍ତ ଗଲା ଓ ତହିଁର ପ୍ରାନ୍ତ ଭାଗ
ସମୁଦ୍ରରେ ଥିଲା। 4ଏହିପରି ଯୋଷେଫର ସନ୍ତାନ ମନଃଶି
ଏବଂ ଇଫ୍ରୟିମ ତାଙ୍କର ନିଜ ନିଜ ଅଧିକାର ପାଇଲେ।
ଇଫ୍ରୟିମ ଓ ମନଃଶି ଯୋଷେଫଙ୍କର ସନ୍ତାନ ଥିଲେ।

5ଏହି ଭୂମି ଇଫ୍ରୟିମ ଲୋକଙ୍କୁ ଅଧିକାର ପାଇଁ ଦିଆ
ଯାଇଥିଲା। ଏହାର ପୂର୍ବ ସୀମା ଉଚ୍ଚସୀମା ବୈଥୋରୋଣ
ପର୍ଯ୍ୟନ୍ତ ଅଟାରୋତ୍-ଅଦ୍ଦର ସେମାନଙ୍କର ଅଧିକାର ସୀମା
ହେଲା। 6ସେ ସୀମା ପଶ୍ଚିମ ଦିଗରେ ମିକ୍ମଥତ୍ ଉତ୍ତରରେ
ବାହାରି ଗଲା। ସେଠାରୁ ସେ ସୀମା ପୂର୍ବଦିଗ ବୁଲି ତାନତ୍
ଶିଲୋ ପ୍ରର୍ଯ୍ୟନ୍ତ ତହିଁ ନିକଟ ଦେଇ ପୂର୍ବ ଦିଗରେ ଯାନୋହ
ଯାଏ ଗଲା। 7ଏହାପରେ ଯାନୋହଠାରୁ ଅଟାରୋତ୍ ଓ ନାରତ୍
ଦେଇ ଯାଇ ଯିରୀହୋ ପର୍ଯ୍ୟନ୍ତ ଯାଇ ଯର୍ଦ୍ଦନରେ ବାହାରିଲା।
8ତହୁଁ ଏହାର ସୀମା ପଶ୍ଚିମ ତପୂହଠାରୁ କାନ୍ନା ନଦୀଦେଇ
ଗଲା ଓ ଏହାର ପ୍ରାନ୍ତ ଭାଗ ସମୁଦ୍ରରେ ଥିଲା। ନିଜ ନିଜ
ବଂଶାନୁସାରେ ଇଫ୍ରୟିମ ସନ୍ତାନମାନଙ୍କ ବଂଶର ଏହି ଅଧିକାର।
9ଏହା ଛଡା ମନଃଶି ସନ୍ତାନଗଣର ଅଧିକାର ମଧ୍ୟରେ
ଇଫ୍ରୟିମ ସନ୍ତାନଗଣର ପୃଥକସ୍ଥିତ ଗ୍ରାମ ସମେତ ବହୁତ
ନଗର ଥିଲା। 10କିଣାନୀୟମାନଙ୍କୁ ଗେଷରକୁ ତଡିବା ପାଇଁ।
କିନ୍ତୁ ଇଫ୍ରୟିମ ଲୋକମାନେ ସକ୍ଷମ ହେଲେ ନାହିଁ। ତେଣୁ

କଣାନୀୟ ଲୋକମାନେ ଆଜି ପର୍ଯ୍ୟନ୍ତ ମଧ୍ୟ ଇଫ୍ରୟିମ
ଲୋକମାନଙ୍କ ସହିତ ବାସ କରୁଛନ୍ତି। କିନ୍ତୁ କଣାନୀୟ
ଲୋକମାନେ ଇଫ୍ରୟିମ ଲୋକମାନଙ୍କର ଦାସ ହୋଇ ରହିଲେ।
17 ଏହାପରେ ମନଃଶି ପରିବାରବର୍ଗର ଲୋକମାନେ
ଭୂମିର ଅଧିକାରୀ ହେଲେ। ମନଃଶି ଥିଲେ
ଯୋଷେଫଙ୍କର ପ୍ରଥମ ପୁତ୍ର। ମନଃଶିଙ୍କର ପ୍ରଥମ ପୁତ୍ର
ମାଖୀର ଗିଲୟଦର ପିତା ଥିଲା। ମାଖୀର ଥିଲେ ଜଣେ
ଯୋଦ୍ଧା ସୈନିକ। ତେଣୁ ଗିଲୟଦ ଏବଂ ବାଶନର ସମସ୍ତ
ଭୂମି ତାଙ୍କୁ ଓ ତାଙ୍କର ଉତ୍ତରାଧିକାରୀମାନଙ୍କୁ ଦିଆଗଲା।
2ଏହି ଭୂମି ମଧ୍ୟ ମନଃଶିର ଅନ୍ୟ ବଂଶଧରମାନେ ପାଇଲେ।
ସେ ବଂଶଧରମାନେ ଥିଲେ, ଅବୀୟେଷର ସନ୍ତାନଗଣ, ହେଲକ
ସନ୍ତାନଗଣ, ଅସ୍ରୀୟେଲ ସନ୍ତାନଗଣ, ଶେଖମ ସନ୍ତାନଗଣ,
ହେଫର ସନ୍ତାନଗଣ ଓ ଶମୀଦା ସନ୍ତାନଗଣମାନେ ବାଣ୍ଟି
ନେଲେ। ଏମାନେ ସେମାନଙ୍କର ନିଜ ନିଜ ବଂଶାନୁସାରେ
ଯୋଷେଫର ପୁତ୍ର ମନଃଶିର ପୁତ୍ର ସନ୍ତାନମାନେ ଥିଲେ।
3ସଲଫାଦର ଥିଲେ ହେଫର ପୁତ୍ର, ହେଫର ଥିଲେ
ଗିଲୟଦର ପୁତ୍ର, ଗିଲୟଦ ଥିଲେ ମାଖୀର ପୁତ୍ର ଏବଂ
ମାଖୀର ଥିଲେ ମନଃଶିର ପୁତ୍ର। ସଲଫାଦର କୌଣସି ପୁତ୍ର
ନଥିଲେ। କିନ୍ତୁ ତାଙ୍କର ପାଞ୍ଚ କନ୍ୟା ଥିଲେ। ସେ ଝିଅମାନଙ୍କର
ନାମ ଥିଲା, ମହଲା, ନୋୟା, ହଗଲା, ମିଲ୍କା ଓ ତିର୍ସା। 4ଏହି
ଝିଅମାନେ ଇଲୀୟାସର ଯାଜକ ପାଖକୁ ଗଲେ। ନୂନର ପୁତ୍ର
ଯିହୋଶୂୟ ଏବଂ ସମସ୍ତ ସେନାପତିଗଣ। କନ୍ୟାଗଣ କହିଲେ,
“ଆମ୍ଭମାନଙ୍କ ପୁରୁଷ ସମ୍ପର୍କୀୟମାନଙ୍କ ପରି ଆମ୍ଭକୁ ଭୂମି
ଦେବାକୁ ସଦାପ୍ରଭୁ ମୋଶାଙ୍କୁ ଆଜ୍ଞା ଦେଇଥିଲେ।” ତେଣୁ
ସଦାପ୍ରଭୁଙ୍କ ଆଜ୍ଞାନୁସାରେ ସେମାନେ ସେମାନଙ୍କର ପିତାର
ଭ୍ରାତୃଗଣ ମଧ୍ୟରେ ସେମାନଙ୍କୁ ଏକ ଅଧିକାର ଦେଲେ।
5ତେଣୁ ମନଃଶିର ବଂଶଧର ଯର୍ଦ୍ଦନ ନଦୀର ପଶ୍ଚିମ
ପଟରୁ ଦଶଟି ଅଞ୍ଚଳ ଏବଂ ଅଧିକ ଦୁଇଟି ଅଞ୍ଚଳ ଗିଲୟଦ
ଓ ବାଶନ ଯର୍ଦ୍ଦନ ନଦୀର ଆର ପାରିରେ ନେଲେ। 6ତେଣୁ
ଏହିପରି ଭାବରେ ସେ ସ୍ତ୍ରୀ ଲୋକମାନେ ମନଃଶି ବଂଶଧରର
ପୁରୁଷ ବଂଶଧର ପରି ଭୂମି ପାଇଲେ। ଗିଲୟଦର ଭୂମିକୁ
ଅବଶିଷ୍ଟ ମନଃଶି ବଂଶଧରଙ୍କୁ ଅଧିକାର ଦିଆଗଲା।
7ମନଃଶିର ଅଞ୍ଚଳ ଥିଲା ଆଶେର ଓ ମିକ୍ମଥତ୍ ମଧ୍ୟବର୍ତ୍ତୀ,
ଏହା ଥିଲା ଶିଖିମ ନିକଟବର୍ତ୍ତୀ। ଏହାର ସୀମା ଦକ୍ଷିଣରୁ
ଐନ୍ନ-ତପୂହନବାସୀ ନିକଟବର୍ତ୍ତୀ ଥିଲା। 8ତପୂହର ଚତୁଃପାର୍ଶ୍ୱସ୍ଥ
ସମସ୍ତ ଭୂମି ମନଃଶିର ଅଧିକାରରେ ରହିଲା। କିନ୍ତୁ ସହରଟି
ଏମାନଙ୍କର ଅଧିନରେ ରହିଲା ନାହିଁ। ତପୂହ ସହର ମନଃଶିର
ସୀମାରେ ଥିଲା ଏବଂ ଏହା ଇଫ୍ରୟିମମାନଙ୍କ ଅଧିକାରରେ
ରହିଲା। 9ମନଃଶିର ସୀମା ଦକ୍ଷିଣରୁ କାନ୍ନା ନଦୀ ପର୍ଯ୍ୟନ୍ତ
ଲାଗି ରହିଲା। ଏହି ଅଞ୍ଚଳ ମନଃଶିର ବଂଶଧରଙ୍କ ଅଧିନରେ
ରହିଲା। କିନ୍ତୁ ନଗରଟି ଇଫ୍ରୟିମମାନଙ୍କ ଅଧିନରେ ରହିଲା।
ମନଃଶିର ସୀମା ନଦୀର ଉତ୍ତର ସିମାସ୍ଥଠାରୁ ଆରମ୍ଭ କରି
ପଶ୍ଚିମର ସମୁଦ୍ର ପର୍ଯ୍ୟନ୍ତ ଥିଲା। 10ଦକ୍ଷିଣ ଭାଗରେ ଥିବା ଭୂମି
ଇଫ୍ରୟିମମାନଙ୍କ ଅଧିନରେ ରହିଲା। ଉତ୍ତରରେ ଥିବା ଭୂମି
ମନଃଶିର ସନ୍ତାନମାନଙ୍କ ଅଧିକାରରେ ରହିଲା। ଏବଂ ଏହାର
ସୀମା ଥିଲା ସମୁଦ୍ର। ଏହି ସୀମା ଉତ୍ତରରେ ଆଶେର ସୀମାକୁ
ଛୁଇଁ ଥିଲା। ଏବଂ ଇଷାଖର ଭୂମି ପୂର୍ବରେ ଥିଲା।

11ଇଷାଖର ଓ ଆଶେର ମଧ୍ୟରେ ବୈଥ୍ଶାନ୍ ଓ ତହିଁର
ଉପନଗର ଯିବଲୟମ ଓ ତା’ର ଉପନଗର, ଦୋର ଓ
ତହିଁର ଉପନଗର ନିବାସୀଗଣ ଐନ୍ଦୋର ଓ ତହିଁର
ଉପନଗର ନିବାସୀଗଣ ତାନକ୍ ଓ ତହିଁର ଉପନଗର
ନିବାସୀଗଣ, ମଗିଦୋ ଓ ତହିଁର ଉପନଗର ନିବାସୀଗଣ,
ଏହି ତିନି ଉପପର୍ବତ ମନଃଶି ପାଇଲେ। 12ତଥାପି ମନଃଶିର
ସନ୍ତାନଗଣ ସେହିସବୁ ନଗରବାସୀମାନଙ୍କୁ ତଡିଦେଇ ପାରିଲେ
ନାହିଁ। ତେଣୁ କଣାନୀୟ ଲୋକମାନେ ସେହି ଦେଶରେ ବାସ
କରିବାକୁ ମନସ୍ଥ କଲେ। 13କିନ୍ତୁ ଇଶ୍ରାୟେଲ ବାସୀଗଣ
ଅଧିକ ଶକ୍ତିଶାଳୀ ହେବାକୁ ଲାଗିଲେ। ଏହାପରେ ସେମାନେ
କଣାନୀୟମାନଙ୍କୁ ବେଠିକାମ କରିବାକୁ ବାଧ୍ୟ କଲେ। କିନ୍ତୁ
ସେମାନେ କଣାନୀୟମାନଙ୍କୁ ସେଠାରୁ ତଡିଦେବା ପାଇଁ ବାଧ୍ୟ
କଲେ ନାହିଁ।
14ଯୋଷେଫ୍ ବଂଶଧର ଯିହୋଶୂୟଙ୍କୁ କହିଲେ, “ତୁମ୍ଭେ
ଅଧିକାରାର୍ଥେ ଆମ୍ଭକୁ କେବଳ ଏକ ବାଣ୍ଟ ଓ ଏକ ଅଂଶ
କାହିଁକି ଦେଲ? ଯାହାକୁ ସଦାପ୍ରଭୁ ଲୋକମାନଙ୍କୁ ଦେଇଥିଲେ।”
15ଯିହୋଶୂୟ ସେମାନଙ୍କୁ ଉତ୍ତର ଦେଇ କହିଲେ, “ଯଦି
ତୁମ୍ଭେ ବହୁତ ଲୋକ ଅଛ, ତେବେ ତୁମ୍ଭେ ପର୍ବତମୟ ବଣ
ଅଞ୍ଚଳକୁ ଯାଅ। ଏବଂ ବଣ ସଫା କରି ତାକୁ ବାସପଯୋଗୀ
କର। ବର୍ତ୍ତମାନ ସେ ଭୂମି ପରିଷୀୟ ଏବଂ ରେଫାୟୀ
ଲୋକମାନଙ୍କ ଅଧିନରେ ଅଛି। ଯଦି ଇଫ୍ରୟିମ ପାର୍ବତ୍ୟ
ଅଞ୍ଚଳ ତୁମ୍ଭକୁ କମ୍ ହେଉଛି, ତେବେ ତୁମ୍ଭେ ଯାଅ ଏବଂ
ସେ ଭୂମିକୁ ନିଜ ଅଧିନକୁ ନିଅ।”
16ଯୋଷେଫ୍ର ଲୋକମାନେ କହିଲେ, “ଏହା ସତ୍ୟ ଯେ
ଇଫ୍ରୟିମର ପର୍ବତମୟ ଦେଶ ଆମ୍ଭ ପାଇଁ ଯଥେଷ୍ଟ ନୁହେଁ।
କିନ୍ତୁ ସେଠାରେ କଣାନୀୟ ଲୋକମାନେ ଯେଉଁମାନେ ଉପତ୍ୟକା
ଅଞ୍ଚଳରେ ଅଧିକ ଶକ୍ତିଶାଳୀ ଭାବରେ ବାସ କରୁଛନ୍ତି।
ସେମାନଙ୍କର ଲୁହାର ରଥ ଅଛି। ଏବଂ ସେମାନେ ଯିଷ୍ରିୟେଲ
ଉପତ୍ୟକା ତାଙ୍କ ଅଧିନରେ ଅଛି। ବୈଥ୍ଶାନ ଏବଂ ତା’ର
ଉପସହର ଗୁଡ଼ିକ ସେହି ଅଞ୍ଚଳର ଅଟେ।”
17ଏହାପରେ ଯିହୋଶୂୟ ଯୋଷେଫର ଲୋକମାନଙ୍କୁ,
“ଇଫ୍ରୟିମ ଏବଂ ମନଃଶିର ଲୋକମାନଙ୍କୁ କହିଲେ, “ତୁମ୍ଭେ
ବହୁପ୍ରଜା, ତୁମ୍ଭର ମହାପରାକ୍ରମ ଅଛି। ତୁମ୍ଭେ କେବଳ ଏକ
ବାଣ୍ଟ ପାଇବ ନାହିଁ। ତୁମ୍ଭେ ତୁମ୍ଭର ବାଣ୍ଟଠାରୁ ଅଧିକ ପାଇବା
ଉଚିତ୍।” 18ତୁମ୍ଭେମାନେ ସେହି ପର୍ବତମୟ ଦେଶକୁ ନେବ।
ଏହା ଏକ ଜଙ୍ଗଲ, କିନ୍ତୁ ତୁମ୍ଭେମାନେ ଏଠାରେ ବୃକ୍ଷ ସଫା
କରିପାରିବ। ଏବଂ ଏହାକୁ ଏକ ସୁନ୍ଦର ବାସପୋଯୋଗି
କରିପାରିବ। ଏବଂ ତୁମ୍ଭେ ଏହାର ମାଲିକାନା ପାଇବ।
ତୁମ୍ଭେମାନେ ବଳପୂର୍ବକ କଣାନୀୟ ଲୋକମାନଙ୍କୁ ସେଠାରୁ
ତଡି ଦିଅ। ତୁମ୍ଭେମାନେ ସେମାନଙ୍କୁ ପରାସ୍ତ କରିପାରିବ
ଯଦିଓ ସେମାନେ ଶକ୍ତିଶାଳୀ ଓ ସେମାନଙ୍କ ପାଖରେ ବହୁତ
ଅସ୍ତ୍ରଶସ୍ତ୍ର ଅଛି।”

### ଅବଶିଷ୍ଟ ଭୂମିକୁ ବାଣ୍ଟି ନେଲେ

18 ଇଶ୍ରାୟେଲ ସମସ୍ତ ଲୋକ ଶୀଲୋଠାରେ ଏକତ୍ରିତ
ହେଲେ। ସେମାନେ ପ୍ରତ୍ୟେକ ସ୍ଥାନରେ ସମାଗମ
ତମ୍ବୁ ସ୍ଥାପନ କଲେ। ସେମାନଙ୍କର ଦେଶକୁ ନିଜ ଅଧିନରେ

ରଖିପାରିଲେ। 2ମାତ୍ର ସେହି ସମୟରେ ମଧ୍ୟ ଇଶ୍ରାୟେଲର
ସାତୋଟି ପରିବାରବର୍ଗ ଭୂମି ପାଇ ନଥିଲେ। ଯାହାକି
ସଦାପ୍ରଭୁ ସେମାନଙ୍କୁ ଦେବା ପାଇଁ ପ୍ରତିଜ୍ଞା କରିଥିଲେ।

3ତେଣୁ ଯିହୋଶୂୟ ଇଶ୍ରାୟେଲ ବାସୀଙ୍କୁ କହିଲେ, "କାହିଁକି
ତୁମ୍ଭେମାନେ ତୁମ୍ଭର ଭୂମି ନେବା ପାଇଁ ଡେରି କରୁଛ?
ସଦାପ୍ରଭୁ ତୁମ୍ଭ ପିତା ପରମେଶ୍ୱର ତୁମ୍ଭକୁ ଏହି ଭୂମି
ଦେଇଛନ୍ତି। 4ତେଣୁ ତୁମ୍ଭେମାନେ ପ୍ରତ୍ୟେକ ପରିବାରବର୍ଗରୁ
ତିନି ଜଣ ଲେଖାଏଁ ବାଛ। ମୁଁ ସେମାନଙ୍କୁ ସମଗ୍ର ଦେଶ
ଭ୍ରମଣ ପାଇଁ ପଠାଇବି, ସେମାନେ ସେମାନଙ୍କର
ଉତ୍ତରାଧିକାରୀମାନଙ୍କ ଅନୁସାରେ ଲେଖି ଯେତେବେଳେ ସେମାନେ
ଫେରିବେ ତାହା ଆମ୍ଭମାନଙ୍କୁ ଦେବେ। ଯେତେବେଳେ ସେମାନେ
ମୋ ନିକଟକୁ ଫେରାଇ ଆଣିବେ। 5ସେମାନେ ସେ ଭୂମିକୁ
ସାତ ଭାଗରେ ବାଣ୍ଟି କରିବେ। ଯିହୁଦାର ଲୋକମାନେ
ସେମାନଙ୍କର ଭାଗ ଦକ୍ଷିଣ ପ୍ରାନ୍ତର ପାଇବେ। ଯୋଷେଫର
ଉତ୍ତରାଧିକାରୀଗଣ ଉତ୍ତରରେ ସେମାନଙ୍କର ଭୂମି ପାଇବେ।
6କିନ୍ତୁ ତୁମ୍ଭେ ନିଶ୍ଚିତ ସାତ ଭାଗ କରି ଏକ ନକ୍ସା ଅଙ୍କନ
କରିବ। ତେବେ ତାହା ମୋତେ ଦେବ ଏବଂ ମୁଁ ସଦାପ୍ରଭୁ
ପରମେଶ୍ୱରଙ୍କ ଉପସ୍ଥିତିରେ ଗୁଳାବାଣ୍ଟି ଦ୍ୱାରା ଭାଗ କରିବି।
ସେ ନିଷ୍ପତ୍ତି କରିବେ କିଏ କେଉଁ ଭାଗ ପାଇବ। 7ଏଥିରେ
ଲେବୀୟମାନଙ୍କର କୌଣସି ଅଂଶ ରହିବ ନାହିଁ। ସେମାନଙ୍କର
ଭାଗଟି ହେଉଛି ସଦାପ୍ରଭୁଙ୍କର ଯାଜକ ରୂପେ ସେବା କରିବା।
ଏବଂ ଗାଦ୍, ରୁବେନ୍, ମନଃଶିର ଓ ଅର୍ଦ୍ଧବଂଶ ଯର୍ଦ୍ଦନ ପୂର୍ବ
ପାରିରେ ନିଜ ନିଜ ଅଧିକାର ପାଇଅଛନ୍ତି। ଏହା ସଦାପ୍ରଭୁଙ୍କ
ସେବକ ମୋଶା ଯିଏ ସେମାନଙ୍କୁ ଏ ଭୂମି ଦେଲେ।"

8ତେଣୁ ଲୋକମାନେ ଯେଉଁମାନେ ବଛା ଯାଇଥିଲେ,
ସେମାନେ ଯାଇ ଦେଶ ଅନୁଧ୍ୟାନ କରି ସେ ବିଷୟରେ
ଲେଖିଲେ। ଯିହୋଶୂୟ ସେମାନଙ୍କୁ କହିଲେ, "ତୁମ୍ଭେମାନେ
ଯାଇ ଦେଶ ଭ୍ରମଣ କରି ତହିଁ ବିଷୟରେ ଲେଖ ଓ ଆମ୍ଭ
ନିକଟକୁ ପୁନର୍ବାର ଆସ, ତା'ପରେ ମୁଁ ଶୀଲୋହାର
ପରମେଶ୍ୱରଙ୍କର ସମ୍ମୁଖରେ ଗୁଳାବାଣ୍ଟି ପକାଇ ବାଣ୍ଟିଦେବି।"

9ତେଣୁ ସେ ଲୋକମାନେ ସେ ଦେଶକୁ ଗଲେ, ଏବଂ
ସେହି ଲୋକମାନେ ଦେଶର ସମସ୍ତ ଭାଗ ବୁଲି ଦେଖିଲେ,
ଏବଂ ସେ ବିଷୟରେ ଏକ ବିବରଣୀ ଲେଖି ଯିହୋଶୂୟଙ୍କୁ
ଜଣାଇଲେ। ସେମାନେ ସେଠାରେ ଥିବା ସମସ୍ତ ସହରକୁ
ଚଠା ଭିତରକୁ ଆଣିଲେ ଓ ସେଗୁଡ଼ିକ ସେମାନେ ସାତ
ଭାଗରେ ବିଭକ୍ତ କଲେ। ଏହାପରେ ସେମାନେ ଶୀଲୋଠାରେ
ଥିବା ଯିହୋଶୂୟ ନିକଟକୁ ଫେରି ଆସିଲେ। 10ଯିହୋଶୂୟ
ସଦାପ୍ରଭୁଙ୍କ ସମ୍ମୁଖରେ ସେମାନଙ୍କ ପାଇଁ ଭାଗ ଗୁଳା ପକାଇଲେ।
ଏହିପରି ଭାବରେ ଯିହୋଶୂୟ ଉକ୍ତ ଜମିକୁ ସାତ ଗୁଣରେ
ବିଭକ୍ତ କରି ଇଶ୍ରାୟେଲର ପରିବାରବର୍ଗ ମଧ୍ୟରେ ଭାଗ
କଲେ। ପ୍ରତ୍ୟେକ ଜଣ ତାଙ୍କର ଅଂଶ ପାଇଲେ।

## ବିନ୍ୟାମୀନ ବଂଶଧରଙ୍କ ପାଇଁ ଭୂମି

11ବିନ୍ୟାମୀନ ପରିବାରବର୍ଗଗଣ ଯିହୁଦା ଓ ଯୋଷେଫଙ୍କର
ମଧ୍ୟବର୍ତ୍ତୀ ଅଞ୍ଚଳରେ ଭୂମି ପାଇଲେ। ବିନ୍ୟାମୀନ ପ୍ରତ୍ୟେକ
ପରିବାରବର୍ଗର ଲୋକମାନେ ସେମାନଙ୍କର ଭାଗ ପାଇଲେ।
ଏହି ଭୂମି ଯାହାକି ବିନ୍ୟାମୀନ ପରିବାରବର୍ଗମାନଙ୍କ ପାଇଁ ସ୍ଥିର
କରାଯାଇଥିଲା। 12ସେମାନଙ୍କର ଉତ୍ତର ସୀମା ଯର୍ଦ୍ଦନ ନଦୀଠାରୁ
ଆରମ୍ଭ ହେଲା। ଏହାର ସୀମା ଉତ୍ତରରେ ଯିରୀହୋରୁ
ଲାଗିଥିଲା। ଏହାପରେ ଏହାର ସୀମା ପଶ୍ଚିମରେ ପର୍ବତମୟ
ଦେଶକୁ ଲାଗିଥିଲା। ଏହାର ସୀମା ପୂର୍ବ ପଟରେ ବୈଥାବନ
ପର୍ଯ୍ୟନ୍ତ ଲାଗିଥିଲା। 13ସେଠାରୁ ସେ ସୀମା ଦକ୍ଷିଣ ଆଡେ
ଲୁସ(ବୈଥେଲ) ପର୍ଯ୍ୟନ୍ତ ଗଲା। ଏହାପରେ ନିଚସ୍ଥ ବୈଥୋରୋଣର
ଦକ୍ଷିଣସ୍ଥ ପର୍ବତ ଦେଇ ଅଟାରୋତ୍ ଅଦ୍ଦର ଆଡକୁ ଗଲା।
14ସେଠାରୁ ସେ ସୀମା ଲାଗି ରହିଲା। ପଶ୍ଚିମରେ ବୈଥୋରୋଣ
ଦକ୍ଷିଣାସ୍ଥିତ ପର୍ବତଠାରୁ ଦକ୍ଷିଣ ଆଡେ ଯିହୁଦା ସନ୍ତାନଗଣର
କିରିୟତବାଲ୍ ବା କିରିୟତ ଯିୟାରୀମ୍ ନାମକ ଏକ ନଗର
ପର୍ଯ୍ୟନ୍ତ। ଏହାଥିଲା ସେମାନଙ୍କର ପଶ୍ଚିମ ସୀମା।

15ଏହାର ଦକ୍ଷିଣ ସୀମା କିରିୟତ୍-ଯିୟାରୀମର ନିକଟରେ
ଆରମ୍ଭ ହେଲା ଓ ସୀମା ପଶ୍ଚିମ ଦିଗରେ ଏହାର ସୀମା
ନିପ୍ତୋହର ନିର୍ଝର ପର୍ଯ୍ୟନ୍ତ ଥିଲା। 16ଏହାର ସୀମା ରଫାୟୀମ୍
ତଳ ଭୂମିର ଉତ୍ତର ଦିଗସ୍ଥ ହିନ୍ନୋମ ପୁତ୍ରର ଉପତ୍ୟକା
ସମ୍ମୁଖସ୍ଥ ପର୍ବତର ପ୍ରାନ୍ତ ପର୍ଯ୍ୟନ୍ତ ଲାଗିଥିଲା ଓ ଏହାର ସୀମା
ହିନ୍ନୋମ ଉପତ୍ୟକାଠାରୁ ଯିବୂଷର ଦକ୍ଷିଣ ପାର୍ଶ୍ୱ ପର୍ଯ୍ୟନ୍ତ
ଲାଗିଥିଲା। ଏବଂ ଏହାର ସୀମା ଐନ ରୋଗେଲକୁ ଲାଗିଥିଲା।
17ଏହାର ସୀମା ଉତ୍ତର ଦିଗଠାରୁ ଐନଶେମସ ପର୍ଯ୍ୟନ୍ତ
ଲାଗିଥିଲା। ଅଦୁମ୍ମୀମ୍ ଘାଟି ସମ୍ମୁଖସ୍ଥ ପର୍ଯ୍ୟନ୍ତ ଓ ସେଠାରୁ
ଗଲୀଲୋତ୍‌ଠାରୁ ରୁବେନ୍ ବଂଶୀୟ ବୋହନର ପ୍ରସ୍ତର ପର୍ଯ୍ୟନ୍ତ
ଲାଗିଥିଲା। 18ଉତ୍ତର ଦିଗରେ ପଦା ଭୂମିରେ ସମ୍ମୁଖ ପାର୍ଶ୍ୱଠାରୁ
ପଦାଭୂମି ପର୍ଯ୍ୟନ୍ତ ଲାଗି ଥିଲା। 19ଏହାର ସେହି ସୀମା
ବୈଥ-ଅଗ୍ଲାର ଉତ୍ତର ପାର୍ଶ୍ୱ ପର୍ଯ୍ୟନ୍ତ ଲାଗି ରହିଥିଲା। ଯର୍ଦ୍ଦନର
ଦକ୍ଷିଣ ପ୍ରାନ୍ତସ୍ଥ ଲବଣ ସମୁଦ୍ର ଉତ୍ତର ଉପସାଗର ସେହି
ସୀମାର ପ୍ରାନ୍ତଭାଗ ଥିଲା। ଏହାଥିଲା ଏହାର ଦକ୍ଷିଣ ସୀମା।

20ଯର୍ଦ୍ଦନ ଏହାର ପୂର୍ବ ସୀମା ଥିଲା। ବିନ୍ୟାମୀନଙ୍କର
ପରିବାରବର୍ଗ ସେମାନଙ୍କର ଗୋଷ୍ଠୀ ଅନୁସାରେ ତାହା ଅଧିକାର
କଲେ। 21ନିଜ ନିଜ ବଂଶ ଅନୁସାରେ ବିନ୍ୟାମୀନ ସନ୍ତାନଗଣର
ବଂଶମାନଙ୍କ ନଗର ଯିରୀହୋ ଓ ବୈଥ୍-ଅଗ୍ଲା ଓ ଏମକ୍
କିତ୍‌ସିସ୍। 22ବୈଥ୍‌ଆରବା, ସୀମାରୟିମ ଓ ବୈଥେଲ୍। 23ଅବ୍ବୀମ,
ପାରା ଓ ଅଫ୍ରା। 24କଫରମ୍ମୋନି, ଅଫନି ଓ ଗେବା, ଗ୍ରାମ
ସମେତ ଏହିପରି ଭାବରେ ବାରଟି ନଗର ଥିଲା।

25ବିନ୍ୟାମୀନ ବଂଶ ମଧ୍ୟ ଗିବୟୋନର ରାମତ୍, ବେରୋତ୍,
26ମିସ୍‌ପୀ, କଫୀରା, ମୋତ୍‌ସା, 27ରେକମ୍, ଯିର୍ପେଲ୍, ତରଲା,
28ସେଲା, ଏଲଫ୍ ଯିବୂଷ ଗିବୟା ଓ କିରିୟତ ଗ୍ରାମ
ସମେତ, ଏହିପରି ଭାବରେ ଚଉଦଟି ନଗର ଥିଲା। ନିଜ
ନିଜ ବଂଶ ଅନୁସାରେ ବିନ୍ୟାମୀନ ସନ୍ତାନଗଣମାନଙ୍କର ଏହିପରି
ଅଧିକାର ଥିଲା।

## ଶିମିୟୋନମାନଙ୍କ ପାଇଁ ଭୂମି

19 ଏହାପରେ ଯିହୋଶୂୟ ଶିମିୟୋନ ପରିବାରବର୍ଗମାନଙ୍କର
ଗୋଷ୍ଠୀକୁ ସେମାନଙ୍କର ଅଧିକାର ଭୂମି ଦେଲେ।
ତାଙ୍କୁ ଯେଉଁ ଭୂମି ଦିଆଗଲା, ତାହା ଯିହୁଦାର ଅନ୍ତର୍ଗତ ଥିଲା।
2ସେମାନେ ଯାହା ସବୁ ପାଇଲେ ତାହା ସବୁ ହେଲା,
ବେରଶେବା ଓ ମୋଲାଦା। 3ହତ୍‌ସରଶିୟାଲ୍ ଓ ବାଲା ଏବଂ
ଏତ୍‌ସମ୍। 4ଇଲ୍‌ତୋଲଦ୍, ବଥୁଲ୍ ଓ ହର୍ମା 5ସିକ୍ଲଗ୍ ବୈଥ-

ମର୍କାବୋତ୍ ଓ ହତ୍ସର ସୂଷୀମ୍ 6ବୈଥଲବାୟୋତ୍, ଶାରୁହନ୍
ଗ୍ରାମ ସମେତ ଏହିପରି ଭାବରେ ତେରଟି ନଗର ଥିଲା।
7ଐନ୍, ରିମ୍ମୋନ୍, ଏଥର ଓ ଆଶନ୍ ଗ୍ରାମ ସମେତ
ଏହିପରି ଚାରିଟି ନଗର ଥିଲା। 8ବାଲତ୍ ବେର ପର୍ଯ୍ୟନ୍ତ
ଏହିସବୁ ନଗରର ଚତୁର୍ଦ୍ଦିଗସ୍ଥିତ ସହରସବୁ ପାଇଲେ। ସେହି
ଭୂମି ଶିମିୟୋନଙ୍କର ପରିବାରବର୍ଗକୁ ଦିଆଗଲା (ଦିଗସ୍ଥିତ
ରାମତ୍)। ପ୍ରତ୍ୟେକ ପରିବାର ସେମାନଙ୍କର ପ୍ରାପ୍ୟ ଅଂଶ
ପାଇଲେ। 9ଶିମିୟୋନ ସନ୍ତାନଗଣର ଏହି ଅଧିକାର ଯିହୁଦା
ସନ୍ତାନଗଣର ଏକ ଅଂଶ ଥିଲା। କାରଣ ଯିହୁଦା ସନ୍ତାନଗଣର
ଅଂଶ ସେମାନଙ୍କ ପାଇଁ ଅତି ଅଧିକ ଥିଲା। ଏଥିପାଇଁ
ଶିମିୟୋନ ସନ୍ତାନଗଣ ସେମାନଙ୍କର ଅଧିକାର ମଧ୍ୟରେ
ଅଧିକାର ପାଇଲେ।

### ସବୂଲୂନ ପାଇଁ ଭୂମି

10ସବୂଲୂନର ପରିବାରବର୍ଗ, ସେମାନଙ୍କର ଗୋଷ୍ଠୀମାନଙ୍କ
ପ୍ରତିଜ୍ଞାନୁସାରେ ନିଜ ନିଜର ଭୂମି ଭାଗ ପାଇଲେ। ଏହାର
ସୀମା ସାରୀଦ ପର୍ଯ୍ୟନ୍ତ ଥିଲା। 11ଏହିପରି ଭାବରେ ସେମାନଙ୍କର
ସୀମା ପଶ୍ଚିମରେ ମରୟଲା ଦିଗରେ ଉଠି ଦବେଶତ୍ ପର୍ଯ୍ୟନ୍ତ
ଯାଇ ଯକ୍ନିୟାମର ସମ୍ମୁଖସ୍ଥ ନଦୀ ପର୍ଯ୍ୟନ୍ତ ଥିଲା। 12ପୁଣି
ସାରୀଦରୁ ପୂର୍ବ ଦିଗରେ ଫେରି କସ୍ଲୋତ୍-ତାବୋରର ସୀମା
ପର୍ଯ୍ୟନ୍ତ ଲାଗିଥିଲା। ଏହି ସୀମା ଦାବରତକୁ ଲାଗି ଯାଫିୟ
ପର୍ଯ୍ୟନ୍ତ ଥିଲା। 13ସେଠାରୁ ପୂର୍ବ ଦିଗ ଦେଇ, ଗାତ୍-ହେଫର
ମଧ୍ୟ ଦେଇ ଏତ୍କାତ୍ସୀନ ପର୍ଯ୍ୟନ୍ତ ଯାଇ ନେୟାଆଡେ ବିସ୍ତୃତ
ରିମ୍ମୋଣ ପର୍ଯ୍ୟନ୍ତ ଲାଗିଥିଲା। 14ଉତ୍ତର ଦିଗରେ ସେହି ସୀମା
ଘେରି ରହିଥିଲା ହନ୍ନାଥୋନ ପର୍ଯ୍ୟନ୍ତ। ଏହାର ସୀମା ଯିପ୍ତହେଲ୍
ଉପତ୍ୟକା ପର୍ଯ୍ୟନ୍ତ ଲାଗିଥିଲା। 15କଟ୍ଟତ୍, ନହଲୋଲ୍, ଶିମ୍ରୋଣ,
ଯିଦାଲା ଓ ବୈଥ୍ଲେହେମ୍ ଗ୍ରାମ ସମେତ ଏହିପରି ଭାବରେ
ତାଙ୍କର ବାରଟି ନଗର ଥିଲା।
16ଏହିସବୁ ଗ୍ରାମ ଓ ନଗର ସବୂଲୂନ ପରିବାରବର୍ଗର
ଗୋଷ୍ଠୀ ଅନୁସାରେ ସେମାନଙ୍କର ଅଧିକାର ଥିଲା

### ଇଷାଖରଙ୍କ ନିମନ୍ତେ ଭୂମି

17ଭୂମିର ଚତୁର୍ଥ ଅଂଶ ଇଷାଖର ପରିବାରବର୍ଗକୁ ଦିଆଗଲା।
ପ୍ରତ୍ୟେକ ପରିବାର ସେଥିରୁ ଭାଗ ପାଇଲେ। 18ନିମ୍ନରେ
ଦିଆଯାଇଥିବା ଭୂମିଗୁଡ଼ିକ ଉକ୍ତ ପରିବାରବର୍ଗମାନଙ୍କୁ ଦିଆଗଲା।
ସେମାନେ ହେଲେ ଯିଷ୍ରିୟେଲ, କସୁଲ୍ଲୋତ ଓ ଶୁନେମ୍।
19ହଫାରୟିମ୍, ଶୀୟୋନ ଓ ଅନହରତ୍। 20ରବ୍ବୀତ୍, କଶିୟୋନ
ଓ ଏବସ୍। 21ରେମତ୍ ଐନ୍-ଗନ୍ନୀମ୍ ଐନ୍ ହଦ୍ଦା ଓ ବୈଥ୍
ପତ୍ସେସ୍। 22ଏସବୁର ସୀମା ତାଙ୍କର ତାବୋର ଶହତ୍ସୀସ୍
ଓ ବୈଥ୍ଶେମଶ ପର୍ଯ୍ୟନ୍ତ ଥିଲା। ଯର୍ଦ୍ଦନ ସେମାନଙ୍କ ସୀମାର
ପ୍ରାନ୍ତ ଥିଲା। ଗ୍ରାମ ସମେତ ଏହି ଷୋଳଟି ନଗର ସେମାନଙ୍କର
ଅଧୀନରେ ଥିଲା। 23ଏହି ସହର ଓ ଗ୍ରାମଗୁଡ଼ିକ ଇଷାଖର
ପରିବାରବର୍ଗର ଭୂମିର ଅଂଶ ବିଶେଷ ଥିଲା। ଏବଂ ଏଗୁଡ଼ିକ
ସେମାନଙ୍କର ବଂଶାନୁସାରେ ପାଇଲେ।

### ଆଶେର ବଂଶଧରମାନଙ୍କର ଭୂମି

24ଏହି ଭୂମିର ପଞ୍ଚମ ଅଂଶ ଆଶେର ପରିବାରବର୍ଗମାନେ
ପାଇଲେ। ସେହି ପରିବାରବର୍ଗର ପ୍ରତ୍ୟେକ ପରିବାର ସେହି
ଭୂମିର ଏକ ଅଂଶ ପାଇଲେ। 25ଯେଉଁ ଭୂମିସବୁ ସେମାନଙ୍କୁ
ଦିଆଯାଇଥିଲା, ସେଗୁଡ଼ିକର ମଧ୍ୟରେ ହିଲକତ୍, ହଲୀ, ବେଟ୍ଟନ୍
ଓ ଅକଷଫ୍ ଥିଲା। 26ଅଲମ୍ମେଲକ୍, ଅମିୟାଦ୍ ଓ ମିଶାଲ୍
ଏବଂ ଏହା ପଶ୍ଚିମ ଦିଗରେ କର୍ମିଲ ଶୀହୋର-ଲିବନତ୍
ପର୍ଯ୍ୟନ୍ତ ଥିଲା। 27ଏହାପରେ ଏହାର ସୀମା ପୂର୍ବ ଦିଗରେ
ବୈଥଦାଗୁନ ଆଡେ ଥିଲା। ଏହି ସୀମା ବୈଥ୍ଏମକ୍ ନୀୟେଲର
ଉତ୍ତର ଦିଗରେ ସବୂଲୂନ ସ୍ଥିତ ଯିପ୍ତହେଲ ଉପତ୍ୟକା ପର୍ଯ୍ୟନ୍ତ
ଥିଲା। ଏହାର ବାମ ଦିଗରେ ଥିଲା କାବୂଲ୍। 28ଏହାର ସୀମା
ଇବ୍ରୋଣ, ରହୋବ୍ ହମ୍ମୋନ୍, କାନ୍ନା ଓ ସଦୂର ମହାସୀଦୋନ୍
ପର୍ଯ୍ୟନ୍ତ ଲାଗିଥିଲା। 29ଏହାପରେ ଏହାର ସୀମା ଦକ୍ଷିଣରେ
ରାମା ଓ ସୋର ନାମକ ଏକ ପ୍ରାଚୀରବେଷ୍ଟିତ ନଗରକୁ
ଲାଗିଥିଲା। ଏହିଠାରୁ ସେ ସୀମା ହୋଷାକୁ ଲାଗିଥିଲା। ଏହାର
ସୀମା ଅକଷୀବ୍ ନିକଟସ୍ଥ ସମୁଦ୍ର ପର୍ଯ୍ୟନ୍ତ ଥିଲା। 30ଉମ୍ମା,
ଅଫେକ୍ ଓ ରହୋବ
ଏହିପରି ଗ୍ରାମ ସମେତ ବାଇଶିଟି ନଗର ଥିଲା। 31ଯେଉଁଠାକି
ଆଶେରର ପରିବାରବର୍ଗକୁ ଦିଆଯାଇଥିଲା। ସେହି ପରିବାରବର୍ଗର
ପ୍ରତ୍ୟେକ ପରିବାର ନିଜ ନିଜର ପ୍ରାପ୍ୟ ଭୂମି ଭାଗ ପାଇଲେ।

### ନପ୍ତାଲିର ବଂଶଧରଙ୍କର ଭୂମି

32ଏହାର ଷଷ୍ଠାଂଶଟି ନପ୍ତାଲିର ପରିବାରବର୍ଗଙ୍କୁ ଦିଆଗଲା।
ଏବଂ ସେହି ପରିବାରବର୍ଗ ପ୍ରତ୍ୟକ ଗୋଷ୍ଠୀ ସେମାନଙ୍କର
ପ୍ରାପ୍ୟ ଅଂଶ ପାଇଲେ। 33ସେମାନେ ଯେଉଁ ସବୁରୁ ଭୂମି
ପାଇଥିଲେ, ସେ ସବୁର ସୀମା ଏହି ପରି ଥିଲା। ଏହା
ସାନନ୍ନୀମ ନିକଟସ୍ଥ ହେଲ୍ଫଠାରୁ ଆରମ୍ଭ ହେଲା। ଏହା ସୀମା
ଆଦାମୀ ଯବ୍ନିୟେଲଠାରୁ ନେକବ ମଧ୍ୟ ଦେଇ ଗଲା। ଏହାର
ସୀମା ଲକ୍କୂମ ଓ ଯର୍ଦ୍ଦନ ନଦୀ ଶେଷଭାଗ ଯାଏଁ ଲାଗିଥିଲା।
34ଏହାର ସୀମା ପଶ୍ଚିମ ଦିଗରେ ଅସ୍ନୋତ୍ ତାବୋରକୁ
ଲାଗିଥିଲା। ସେଠାରୁ ହୁକ୍କୋକ ପର୍ଯ୍ୟନ୍ତ ଦକ୍ଷିଣ ଦିଗରେ
ସବୂଲୂନ ପର୍ଯ୍ୟନ୍ତ ପଶ୍ଚିମ ଦିଗରେ ଆଶେର ପର୍ଯ୍ୟନ୍ତ ଓ ପୂର୍ବ
ଦିଗରେ ଯର୍ଦ୍ଦନ ଯିହୁଦା ପର୍ଯ୍ୟନ୍ତ ଲାଗିଥିଲା। 35ଏହାର
ସୀମାରେ କେତେଗୁଡ଼ିଏ ଶକ୍ତିଶାଳୀ ନଗର ଥିଲା। ସେଗୁଡ଼ିକ
ହେଲା ସଦ୍ଦୀମ, ସେର, ହମ୍ମତ, ରକ୍କତ୍ ଓ କିନ୍ନେରତ୍।
36ଆଦାମା, ରାମା ଓ ହାତ୍ସୋର, 37କେଦଶ, ଇଦ୍ରିୟୀ ଓ
ଐନ ହାତସୋର, 38ଯିରୋଣ ମିଗଦ୍ଦଲେଲ୍, ହୋରେମ୍
ବୈଥ୍ଅନାତ୍, ବୈଥଶେମଶ ଏହି ସବୁ ଶକ୍ତିଶାଳୀ ନଗରଗୁଡ଼ିକ
ଥିଲା। ଏହିପରି ଭାବରେ କ୍ଷେତକୁ ମିଶାଇ ଊଣେଇଶିଟି ନଗର
ଚତୁଃପାର୍ଶ୍ୱରେ ଥିଲା।
39ସେହି ପରିବାରବର୍ଗର ପ୍ରତ୍ୟେକ ଗୋଷ୍ଠୀ ସେମାନଙ୍କର
ପ୍ରାପ୍ୟ ଅଂଶ ପାଇଲେ।

### ଦାନ ବଂଶଧରମାନଙ୍କ ଭୂମି

40ଏହାପରେ ଦାନ୍ ପରିବାରବର୍ଗମାନଙ୍କୁ ସପ୍ତମ ବାଣ୍ଟ
ଉଠିଲା, ସେହି ଭୂମିର ସମସ୍ତ ଭାଗଟି ଦିଆଗଲା। 41ଏହିସବୁ
ଭୂମି ଯାହାକି ସେମାନଙ୍କୁ ଦିଆଯାଇଥିଲା, ସେଗୁଡ଼ିକ ହେଲା
ସରୟ, ଇଷ୍ଟାୟୋଲ୍ ଇରଶେମଶ, 42ଶାଲ୍ବୀମ୍, ଅୟାଲୋନ୍ ଓ
ଯିତ୍ଲା, 43ଏଲୋନ୍, ତିମ୍ନାଥା ଓ ଇକ୍ରୋଣ, 44ଇଲତ୍କୀ,

ଗିବୋଥୋନ ଓ ବାଲତ୍, 45ଯିହୂଦ୍, ବନେବରକ ଓ
ଗାଥ୍-ରିମ୍ମୋନ୍। 46ମେୟର୍କୋନ୍, ରକ୍କୋନ ଓ ଯାଫୋର
ସମୁଖସ୍ଥ ଅଞ୍ଚଳ।

47କିନ୍ତୁ ଦାନ ବଂଶର ଲୋକମାନେ ଏହି ଭୂମିର ଅଧିକାର
ପାଇଁ ଅସୁବିଧାର ସମ୍ମୁଖିନ ହେଲେ। ସେଠାରେ ତାଙ୍କର
ବହୁତ ଶକ୍ତିଶାଳୀ ଶତ୍ରୁ ଥିଲେ। ଏବଂ ଦାନ୍ର ଲୋକମାନେ
ସେମାନଙ୍କୁ ଏତେ ସହଜରେ ପରାସ୍ତ କରିପାରି ନ ଥିଲେ।
ଯେଉଁଥିପାଇଁ ଦାନ ବଂଶଧରମାନେ ଇସ୍ରାୟେଲର ଉତ୍ତର
ଦିଗକୁ ଗଲେ। ଏବଂ ଲେଶମ୍ମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ।
ସେମାନେ ଲେଶମ୍ମାନଙ୍କୁ ଯୁଦ୍ଧରେ ପରାସ୍ତ କଲେ। ଏବଂ
ସେଠାରେ ବାସ କରୁଥିବା ଲୋକମାନଙ୍କୁ ସେମାନେ ହତ୍ୟା
କଲେ। ତେଣୁ ଦାନର ଲୋକମାନେ ଲେଶମମାନଙ୍କର ସହରରେ
ବାସ କଲେ। ଏବଂ ଦାନର ପୂର୍ବପୁରୁଷଙ୍କ ନାମାନୁସାରେ
ଲେଶମର ନାମ ଦାନ ରଖିଲେ। 48ଏହି ସମସ୍ତ ନଗର,
ଗ୍ରାମସବୁ ଓ ସେମାନଙ୍କର କ୍ଷେତସବୁ ଦାନଙ୍କ ପରିବାରବର୍ଗଙ୍କୁ
ହିଁ ଦିଆଗଲା। ପ୍ରତ୍ୟେକ ବଂଶଧର ସେମାନଙ୍କ ବଂଶ ଅନୁସାରେ
ଅଧିକାର ପାଇଲେ।

## ଯିହୋଶୂୟ ପାଇଁ ଭୂମି

49ଏହିପରି ଭାବରେ ସେମାନଙ୍କ ମୂଖ୍ୟ ଭୂମିକୁ ଭାଗ
କଲେ ଓ ସେଗୁଡିକ ସମସ୍ତ ପରିବାରବର୍ଗମାନଙ୍କୁ ବାଣ୍ଟିଲେ।
ଏହା ସେ ଶେଷ କରିଲାପରେ, ଇସ୍ରାୟେଲୀୟ ଲୋକମାନେ
ସ୍ଥିର କଲେ ନୂନର ପୁତ୍ର ଯିହୋଶୂୟଙ୍କୁ କିଛି ଭୂମି ଦେବାକୁ।
ଏହିସବୁ ଭୂମି ତାଙ୍କୁ ଦିଆଯିବା ପାଇଁ ପ୍ରତିଜ୍ଞା କରାଯାଇଥିଲା।
50ସଦାପ୍ରଭୁ ନିର୍ଦ୍ଦେଶ ଦେଇଥିଲେ, ଏହିସବୁ ଭୂମି ଦେବା
ପାଇଁ। ତେଣୁ ସେମାନେ ଯିହୋଶୂୟଙ୍କୁ ଏହିସବୁ ନଗର
ଦେଇଥିଲେ। ଇଫ୍ରୟିମ ପର୍ବତମୟ ଦେଶରେ ତିମତ୍-ସେରହ।
ତେଣୁ ସେ ସେଠାରେ ନଗର ଗଠନକରି ସେଠାରେ ବାସ
କଲେ।

51ଏହିପରି ଭାବରେ ଇସ୍ରାୟେଲ ପରିବାରବର୍ଗମାନଙ୍କୁ ଏହିସବୁ
ଭୂମି ବାଣ୍ଟି କରାଗଲା। ଇଲୀୟାସର ଯାଜକ, ନୂନର ପୁତ୍ର
ଯିହୋଶୂୟ ଏବଂ ସମସ୍ତ ବଂଶଧରମାନଙ୍କର ପ୍ରାଚୀନବର୍ଗମାନେ
ଭୂମି ଭାଗ କରିବାକୁ ଶୀଲୋ ନିକଟରେ ଏକତ୍ରିତ ହେଲେ।
ସେମାନେ ସଦାପ୍ରଭୁଙ୍କ ସମ୍ମୁଖରେ ସମାଗମ ତମ୍ବୁ ଦ୍ୱାର
ନିକଟରେ ମିଳିତ ହେଲେ। ଏହିପରି ଭାବରେ ସେମାନେ
ଦେଶ ବିଭାଗ ବଣ୍ଟନ ସାରିଦେଲେ।

## ନଗରଗୁଡିକର ନିରାପତ୍ତା

20 ଏହାପରେ ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ, 2"ମୁଁ
ମୋଶାଙ୍କ ଦ୍ୱାରା ତୁମ୍ଭକୁ ନିର୍ଦ୍ଦେଶ ଦେଇଥିଲି।
ମୋଶା ତୁମ୍ଭକୁ କହିଥିଲେ, ତୁମ୍ଭେମାନେ ନିଜ ନିଜ ପାଇଁ
ନିରାପତ୍ତା ସହର ବାଛିବା ପାଇଁ। 3ଯଦି କୌଣସି ନରହତ୍ୟାକାରୀ
ଭୂଲରେ ଓ ଅଜ୍ଞାତସାରରେ କାହାକୁ ବଧ କରେ ସେ ସେହି
ନିରାପଦ ସହରକୁ ପଳାଇ ଯାଇପାରେ। ତେଣୁ ସେହିସବୁ
ନଗର ରକ୍ତର ପ୍ରତିହନ୍ତାଠାରୁ ତୁମ୍ଭମାନଙ୍କ ପ୍ରତି ଆଶ୍ରୟ ନଗର
ହେବ। 4ଏହି କଥା ଜଣେ ପଳାୟନକାରୀ ନିଶ୍ଚିତ କରିବ।
ନିଜ ସହରରୁ ପଳାୟନ କରୁଥିବା ଜଣେ ଲୋକ ନଗରର
ପ୍ରବେଶ ଫାଟକ ପର୍ଯ୍ୟନ୍ତ ଦୌଡି ସେଠାରେ ବନ୍ଦ କରିବା
ଉଚିତ୍। ତା ପ୍ରତି କଣ ଘଟିଲା ସେ ନିହାତି ମୂଖ୍ୟ
ଲୋକମାନଙ୍କୁ କହିବ। ତା'ପରେ ମୂଖ୍ୟମାନେ ତାକୁ ନଗରରେ
ପ୍ରବେଶ କରିବାକୁ ଅନୁମତି ଦେବେ। ସେମାନେ ତାକୁ
ସେମାନଙ୍କ ମଧ୍ୟରେ ବାସ କରିବାକୁ ସ୍ଥାନ ଦେଇପାରନ୍ତି।
5କିନ୍ତୁ ଯେଉଁ ଲୋକମାନେ ତା ପଛରେ ଗୋଡାଇ ଆସିବେ
ନିଶ୍ଚିତ ଭାବରେ ସେମାନେ ଆସି ଏହି ନଗରରେ ପହଁଞ୍ଚି
ପାରନ୍ତି। ଯଦି ଏହିପରି ଘଟଣା ଘଟେ ସହରର ପ୍ରାଚୀନ
ବର୍ଗମାନେ ତାହାକୁ ପ୍ରତିରୋଧ ଦେବା ପାଇଁ ଆସିଥିବା
ଲୋକମାନଙ୍କୁ ହସ୍ତାନ୍ତର କରିବେ ନାହିଁ। କାରଣ ସେ
ଦୁଃର୍ଘଟଣା ବଶତଃ ଜଣେ ବ୍ୟକ୍ତିକୁ ହତ୍ୟା କରିଥିଲେ। ସେ
ରାଗି କରି କିମ୍ବା ଦ୍ୱେଷରେ ବା ଇଚ୍ଛାକରି ସେ ତାକୁ ହତ୍ୟା
କରି ନ ଥିଲା। ଏହା ଦୁର୍ଘଟଣା ବଶତଃ ହୋଇଥିଲା। 6ସେହି
ଲୋକଟି ସେଠାରେ ସେହି ପର୍ଯ୍ୟନ୍ତ ରହିବ ଯେପର୍ଯ୍ୟନ୍ତ ସେ
ବିଚାରକ ମଣ୍ଡଳ ସାକ୍ଷାତରେ ଠିଆ ହୋଇଥିବେ। ପୁଣି ସେହି
ସମୟର ମହାଯାଜକର ମୃତ୍ୟୁ ହେବାଯାଏ, ସେ ସେହି
ନଗରରେ ବାସ କରିବ। ଏହାପରେ ସେହି ନରହତ୍ୟାକାରୀ
ଯେଉଁ ନଗରରୁ ପଳାୟନ କରିଥିଲା, ନିଜର ସେହି ନଗରକୁ
ଓ ନିଜ ଗୃହକୁ ଫେରିଯିବ।"

7ତେଣୁ ଇସ୍ରାୟେଲର ବାସିନ୍ଦାମାନେ କିଛି ସହର ବାଛିଲେ।
ଯାହାକୁ "ନିରାପଦ ସହର" ନାମରେ ପରିଚିତ। ସେହି
ସହରଗୁଡିକ ଥିଲା।

ନପ୍ତାଲିର ପର୍ବତମୟ ଦେଶସ୍ଥ ଗାଲୀଲରେ କେଦଶ
ଇଫ୍ରୟିମ ପର୍ବତମୟ ଦେଶରେ ଶିଖିମ୍ ଓ ଯିହୁଦାର
ପର୍ବତମୟ ଦେଶରେ କିରୟତ୍ଥ-ଅର୍ବ (ହିବ୍ରୋଣ)
ପ୍ରତିଷ୍ଠା କଲେ।
8 ଏହାପରେ ଯିରୀହୋ ନିକଟସ୍ଥ ଯର୍ଦ୍ଦନ-ପୂର୍ବପାଶରେ
ରୁବେନ୍ ବଂଶର ସମଭୂମି ପ୍ରାନ୍ତରରେ ବେତ୍ସର
ଓ ଗଦ୍ବଂଶର ଗିଲୀୟଦରେ ରାମୋତ୍ ମନଃଶି
ବଂଶର ବାଶନର ଗୋଲନ୍ ନିରୂପଣ କଲେ।

9ସେମାନଙ୍କ ମଧ୍ୟରେ ବାସ କରୁଥିବା ଯଦି ଜଣେ
ବିଦେଶୀ ଅନିଚ୍ଛାରେ ଜଣେ ବ୍ୟକ୍ତିକୁ ହତ୍ୟାକରି, ତାକୁ ଯେ
କୌଣସି ନିରାପଦ ସହରକୁ ଯିବା ପାଇଁ ଅନୁମତି ଦିଆଯିବ।
ତା'ହେଲେ ସେହି ମନୁଷ୍ୟଟି ନିରାପଦ ହେବ ଏବଂ ପ୍ରତିଶୋଧ
ପାଇଁ ଗୋଡାଇଥିବା ସମ୍ପର୍କୀୟମାନଙ୍କ ଦ୍ୱାରା ମୃତ୍ୟୁ ଦଣ୍ଡରେ
ଦଣ୍ଡିତ ହେବ ନାହିଁ। ନ୍ୟାୟାଳୟରେ ବିଚାର ହେବା ପର୍ଯ୍ୟନ୍ତ
ସେହି ନିରାପଦ ସହରରେ ରହିବ।

## ଲେବୀୟ ଏବଂ ଯାଜକମାନଙ୍କ ପାଇଁ ସହର

21 ଏହାପରେ ଲେବୀୟମାନଙ୍କ ପିତୃଗୃହର ପ୍ରଧାନମାନେ
ଇଲୀୟାସର ଯାଜକ ଓ ନୂନର ପୁତ୍ର ଯିହୋଶୂୟ ଓ
ଇସ୍ରାୟେଲ ସନ୍ତାନମାନଙ୍କ ବଂଶ ସମୁହର ପିତୃ ଗୃହର
ପ୍ରଧାନମାନଙ୍କ ନିକଟକୁ ଆସିଲେ। 2ଏହା ଏପରି ହେଲା
କିଣାନ ଦେଶସ୍ଥ ଶୀଲୋ ନଗରରେ ଲେବୀୟର ଶାସକଗଣ
ତାହାଙ୍କୁ କହିଲେ, "ସଦାପ୍ରଭୁ ମୋଶାଙ୍କୁ ଆଦେଶ ଦେଇଛନ୍ତି।

ସେ ଏହପର ଆଦେଶ ଦେଇଛନ୍ତ ଯେ, ତୁମ୍ଭେ ଆମ୍ଭକୁ
ରହବା ପାଇଁ ଏକ ସହର ଦଅ। ଏବଂ ସେ ମଧ ନର୍ଦ୍ଦେଶ
ଦେଇଛନ୍ତ ଯେ, ତୁମ୍ଭେ ଆମ୍ଭକୁ ଭୂମି ଦେବ, ଯେଉଁଠାରେ
ଆମ୍ଭର ପଶୁମାନେ ଚରବୁଲ କରପାରବେ।” **3**ତେଣୁ ଇସ୍ରାୟେଲର
ସନ୍ତାନଗଣ ସଦାପ୍ରଭୁଙ୍କର ଏହ ବାକ୍ୟକୁ ସମ୍ମାନ ଦେଲେ
ଓ ମାନ ନେଲେ। ସେମାନେ ଲେବୀୟମାନଙ୍କୁ ଏହ ସହର
ଓ ଭୂମି ଦେଲେ ତାଙ୍କର ପଶୁ ଚରବା ପାଇଁ ନଜର
ଅଧିକାର ମଧ୍ୟରୁ।

**4**କହାତୀୟ ପରବାର ନମନ୍ତେ ବାଣ୍ଟ ଉଠିଲ ଲେବୀୟମାନଙ୍କ
ମଧ୍ୟରୁ ହାରୋଣ ଯାଜକର ସନ୍ତାନଗଣ ଯିହୁଦା
ବଂଶରୁ, ଶିମିୟୋନ ବଂଶରୁ ଓ ବନ୍ୟାମୀନ ବଂଶରୁ ତେରଟି
ନଗର ପାଇଲେ।

**5**କହାତର ଅବଶିଷ୍ଟ ବଂଶଧରମାନେ ଇଫ୍ରୟିମ ବଂଶର
ସମସ୍ତ ବଂଶରୁ ଓ ଦାନବଂଶ ଏବଂ ମନଃଶିର ଅର୍ଦ୍ଧବଂଶରୁ
ଦଶ ନଗର ପାଇଲେ।

**6**ଗେର୍ଶୋନର ସନ୍ତାନଗଣ ଇଷାଖର ବଂଶର ସମସ୍ତ
ବଂଶରୁ ଏବଂ ଆଶେର ବଂଶ, ନପ୍ତାଲି ବଂଶ ଓ ବାଶନସ୍ଥ
ମନଃଶିର ଅର୍ଦ୍ଧ ବଂଶରୁ ତେରଟି ନଗର ପାଇଲେ।

**7**ମରାରର ସନ୍ତାନଗଣ ନଜ ନଜ ବଂଶାନୁସାରେ ରୁବେନ
ବଂଶ, ଗାଦ ବଂଶ ସବୂଲୂନ ବଂଶରୁ ଏହପର ବାରଟି ନଗର
ପାଇଲେ।

**8**ଏହପର ଇସ୍ରାୟେଲ ସନ୍ତାନଗଣ ମୋଶାଦ୍ୱାରା ସଦାପ୍ରଭୁ
ଯେପର ଆଜ୍ଞା ଦେଇଥିଲେ, ସେହପର ଭାବରେ ଗୁଲାବାଣ୍ଟ
କର ଲେବୀୟ ଲୋକମାନଙ୍କୁ ଏହସବୁ ନଗର ଓ ତହିଁର
ତଳଭୂମି ଦେଲେ।

**9**ଏବଂ ସେମାନେ ଯିହୁଦା ସନ୍ତାନଗଣ ବଂଶରୁ ଓ
ଶିମିୟୋନ ସନ୍ତାନଗଣର ବଂଶରୁ ଏହସବୁ ନଗର ଦେଲେ।
ସେ ଯେଉଁ ସହରଗୁଡକ ଦାନ କଲେ ତାହାର ନାମ ଲଖିତ
ଅଛି। **10**ପ୍ରଥମ ପସନ୍ଦ ସହର ଭିତରେ ଲେବୀୟମାନଙ୍କୁ
ଦଆଗଲ କହାତର ବଂଶୀୟମାନଙ୍କର ହେଲ। **11**ପୁଣି ସେମାନେ
ସେମାନଙ୍କୁ ଯିହୁଦାର ପର୍ବତମୟ ଦେଶରେ କରୟତ୍ ଅର୍ବ ଓ
ତହିଁ ଚତୁର୍ଦ୍ଦଗସ୍ଥ ଚରାଣଭୂମି ଦେଲେ। ହବ୍ରୋଣ ନାମରେ
ନାମିତ ଅର୍ବ ଯେ କ ଅନାକର ପିତା ଥିଲ। ତାଙ୍କର ନାମ
ଅନୁସାରେ ଏହ ସ୍ଥାନର ନାମ ଅର୍ବ ରଖାଯାଇ ଥିଲ।
**12**ସେହ ନଗରର ଖୋଲ କ୍ଷେତ୍ର ଓ ତାହାର ଗ୍ରାମମାନ
ସେମାନେ ଯିଫୁନର ପୁତ୍ର କାଲେବକୁ ଅଧିକାର କରବାକୁ
ଦେଲେ। **13**ତେଣୁ ସେମାନେ ହାରୋଣଙ୍କର ଭବଷ୍ୟଦ୍
ବଂଶଧରମାନଙ୍କୁ ହବ୍ରୋଣ ନଗର ଦେଲେ। ହିବ୍ରୋଣ ଥିଲ
ନଗ୍ରପଦର ସହର। ସେମାନେ ମଧ ହାରୋଣର
ଉତ୍ତରାଧିକାରୀମାନଙ୍କୁ ଲବ୍ନା ସହର ଦେଲେ। **14**ଯତ୍ତୀର ଓ
ତହିଁ ତଳଭୂମି, ଇଷ୍ଟମୋୟ ଓ ତା’ର ତଳଭୂମି। **15**ହୋଲୋନ୍,
ତା’ର ତଳଭୂମି, ଦବୀର ଓ ତା’ର ତଳଭୂମି। **16**ଐନ୍ ଓ
ତହିଁର ତଳଭୂମି ଯୁଟ୍ଟା ଓ ତହିଁର ତଳଭୂମି ବୈଥଶେମଶ୍ ଓ
ତା’ର ତଳଭୂମି ସେହ ଦୁଇ ବଂଶରୁ ଏହପର ନଅଟି ନଗର
ଦେଲେ।

**17**ପୁଣି ବନ୍ୟାମୀନ ବଂଶରୁ ଗିବୟୋନ ଓ ତା’ର
ତଳଭୂମି, ଗେବା ଓ ତା’ର ତଳଭୂମି, **18**ଅନାଥୋତ୍ ଓ
ତା’ର ତଳଭୂମି, ଅଲ୍ମୋନ୍ ଓ ତା’ର ତଳଭୂମି, ଏହପର
ଚାରଟି ନଗର ଦେଲେ। **19**ହାରୋଣର ସନ୍ତାନ ଯାଜକମାନଙ୍କର
ସର୍ବସୁଦ୍ଧା ତଳଭୂମି ସମେତ ତେରଟି ନଗର ହେଲ।

**20**କହାତର ଅବଶିଷ୍ଟ ସନ୍ତାନଗଣ ଯେଉଁମାନେ କ କହାତ
ସନ୍ତାନ ଲେବୀୟମାନଙ୍କ ବଂଶ ସମୂହ ଇଫ୍ରୟିମ ବଂଶରୁ
ସେମାନଙ୍କର ନଜର ନଗର ବାଣ୍ଟି ନେଲେ। **21**ଇଫ୍ରୟିମ
ପର୍ବତମୟ ଦେଶରୁ ଶିଖିମି, ଗେଷର ସହର ସେମାନଙ୍କୁ
ଦଆଗଲ। ଶିଖିମ ଏକ ନଗ୍ରପଦ ସହର ଥିଲ। **22**କବସୟିମ୍
ଓ ତା’ର ତଳଭୂମି ବୈଥହୋରଣ ଓ ତା’ର ତଳଭୂମି
ଏହପର ସେମାନଙ୍କ ଚାରଟି ନଗର ଦେଲେ।

**23**ଦାନ ପରବାରବର୍ଗ ଇଲତକୀ ଓ ଗିବଥୋନ୍ ସେମାନଙ୍କୁ
ଦେଲେ। **24**ଆୟାଲୋନ ଓ ତା’ର ତଳଭୂମି, ଗାଥରମ୍ମୋନ ଓ
ତା’ର ତଳଭୂମି ଏହପର ଭାବରେ ଚାର ନଗର ଦେଲେ।

**25**ମନଃଶିର ଅର୍ଦ୍ଧ ବଂଶରୁ ତାନକ୍ ଓ ତା’ର ତଳଭୂମି,
ଗାଥରମ୍ମୋନ୍ ଓ ତା’ର ତଳଭୂମି ଏହପର ଦୁଇଟି ନଗର
ଦେଲେ।

**26**କହାତର ଅବଶିଷ୍ଟ ସନ୍ତାନମାନଙ୍କ ବଂଶର ସର୍ବସୁଧା
ତଳଭୂମି ସମେତ ଦଶଟି ନଗର ହେଲ।

**27**ଗେର୍ଶୋନ୍ ପରବାର ମଧ ଲେବୀୟ ପରବାରବର୍ଗରୁ
ଥିଲେ।

ମନଃଶିର ଅର୍ଦ୍ଧବଂଶ ବାଶନ ଅନ୍ତର୍ଗତ ଗୋଲନ୍ ନଗର
ନରାପତ୍ତାର ନଗର ଏବଂ ବଷ୍ଟରା ଓ ତା’ର ତଳଭୂମି ଏହ
ଦୁଇଟି ନଗର ଦେଲେ।

**28**ଇଷାଖର ପରବାରବର୍ଗରୁ କିଶିୟୋନ ଓ ତହିଁର ତଳଭୂମି,
ଦାବରତ୍ ଓ ତା’ର ତଳଭୂମି, **29**ଯର୍ମୂତ୍ ଓ ତା’ର ତଳଭୂମି
ଐନ-ଗନ୍ନିମ ଓ ତା’ର ତଳଭୂମି ଏହପର ଭାବରେ ଚାରଟି
ନଗର ଦେଲେ।

**30**ଏବଂ ଆଶେର ବଂଶରୁ ମିଶାଲ୍ ଓ ତା’ର ତଳଭୂମି,
ଅବଦୋନ୍ ଓ ତା’ର ତଳଭୂମି। **31**ହଲକତ୍ ଓ ତା’ର
ତଳଭୂମି, ରହୋବ୍ ଓ ତା’ର ତଳଭୂମି, ଏହପର ଚାରୋଟି
ନଗର ଦେଲେ।

**32**ନପ୍ତାଲି ବଂଶରୁ ଗାଲିଲ ଅନ୍ତର୍ଗତ ନରହତ୍ୟାକାରୀର
ଆଶ୍ରୟ ନଗର କେଦଶ ଓ ତା’ର ତଳଭୂମି, ହମୋତ୍-ଦୋର
ଓ ତା’ର ତଳଭୂମି, କର୍ତ୍ତନ ଓ ତା’ର ତଳଭୂମି, ଏହପର
ଭାବରେ ସେହ ତିନଟି ନଗର ଦେଲେ।

**33**ନଜ ନଜ ବଂଶାନୁସାରେ ଗେର୍ଶୋନୀୟ ଲୋକମାନେ
ସର୍ବସୁଦ୍ଧା ତଳଭୂମି ସମେତ ତେରଟି ନଗର ପାଇଲେ।

**34**ଏହାପରେ ସେମାନେ ମରାର ସନ୍ତାନଗଣର
ପରବାରବର୍ଗନୁସାରେ ଅବଶିଷ୍ଟ ଲେବୀୟ ଗୋଷ୍ଠୀଙ୍କୁ

ସବୂଲୂନ ବଂଶରୁ ଯକ୍ନିୟାମ୍ ଓ ତା’ର ତଳଭୂମି କାର୍ତ୍ତା ଓ
ତା’ର ତଳଭୂମି, **35**ଦମ୍ନା ନହଲୋଲ୍ ଓ ସବୂଲୂନର ସମସ୍ତ
ପରବାରବର୍ଗ ସେମାନଙ୍କୁ ଚାରୋଟି ସହର ଓ କ୍ଷେତ୍ର ଦେଲେ।

**36**ରୁବେନ ବଂଶରୁ ବେତ୍ସର ତଳଭୂମି ଯହସ ଓ ତା’ର
ତଳଭୂମି। **37**କଦେମୋତ୍ ଓ ତା’ର ତଳଭୂମି, ମେଫାତ୍ ଓ
ତା’ର ତଳଭୂମି ଏହପର ଭାବରେ ଚାରଟି ନଗର ଦେଲେ।

**38**ଗାଦ ପରବାରବର୍ଗ ସେମାନଙ୍କୁ ଗିଲୟଦ ଅନ୍ତର୍ଗତ
ରାମୋତ୍, ନଗ୍ରପଦ ନଗରୀ ଓ ତା’ ପାର୍ଶ୍ୱବର୍ତ୍ତୀ କ୍ଷେତ୍ର ଏବଂ

ମହନାୟିମ୍ ଓ ତା'ର ପାର୍ଶ୍ୱବର୍ତ୍ତୀ କ୍ଷେତ୍ର ଦେଲେ। 39ହିଷବୋନ୍,
ଯାସେର ଓ ତା'ର ତଳଭୂମି, ଏହିପରି ଭାବରେ ଚାରିଟି
ନଗର ଓ ତଳଭୂମି ଦେଲେ।

40ଏହିପରି ଭାବରେ ଲେବୀୟମାନଙ୍କ ଅବଶିଷ୍ଟ ବଂଶ,
ମରାରି ସନ୍ତାନଗଣର ନିଜ ନିଜ ବଂଶ ଅନୁସାରେ ସେମାନେ
ବାରଟି ନଗର ପାଇଲେ।

41ଏହିପରି ଭାବରେ ଲେବୀୟମାନେ ଅଠଚାଳିଶଟି ସହର
ଓ ତଳଭୂମି ପାଇଲେ। ଏହି ସମସ୍ତ ଅଞ୍ଚଳ ଅନ୍ୟ ବଂଶଧରଙ୍କର
ଅଧିକାରରେ ଥିଲା। 42ଏହି ପ୍ରତ୍ୟେକ ସହର ସହିତ ତା'ର
ଚତୁଃପାର୍ଶ୍ୱରେ ତଳଭୂମି ଥିଲା। ଏହା ସମସ୍ତ ପଶୁମାନଙ୍କ ପାଇଁ
କ୍ଷେତ ଥିଲା।

43ଏହିପରି ଭାବରେ ସଦାପ୍ରଭୁ ଯେଉଁ ପ୍ରତିଜ୍ଞା କରିଥିଲେ
ଇଶ୍ରାୟେଲୀୟବାସୀଙ୍କ ସମ୍ମୁଖରେ ତାକୁ ପୂରଣ କଲେ। ସେ
ସେମାନଙ୍କର ପୂର୍ବପୁରୁଷମାନଙ୍କୁ ପ୍ରତିଜ୍ଞା କରିଥିବା ଜାଗା
ସେମାନଙ୍କୁ ଦେଲେ। ଲୋକମାନେ ସେ ଜମିକୁ ନିଜ ଅଧିକାରକୁ
ନେଲେ ଓ ସେଠାରେ ବାସ କଲେ। 44ସଦାପ୍ରଭୁ ସେମାନଙ୍କ
ପୂର୍ବପୁରୁଷଗଣଙ୍କ ନିକଟରେ କରିଥିବା ତାଙ୍କର ସମସ୍ତ ଶପଥ
ଅନୁସାରେ ଚାରିଆଡ଼େ ସେମାନଙ୍କୁ ବିଶ୍ରାମ ଦେଲେ। ପୁଣି
ସେମାନଙ୍କ ଶତ୍ରୁମାନଙ୍କ ମଧ୍ୟରୁ କେହି ସେମାନଙ୍କର ଆଗରେ
ଠିଆ ହୋଇ ପାରିଲେ ନାହିଁ। ସଦାପ୍ରଭୁ ସେମାନଙ୍କର ସମସ୍ତ
ଶତ୍ରୁଙ୍କୁ ସେମାନଙ୍କ ହସ୍ତରେ ସମର୍ପଣ କଲେ। 45ସଦାପ୍ରଭୁ
ଇଶ୍ରାୟେଲ ବଂଶକୁ ଯେଉଁ ଉତ୍ତମ ପ୍ରତିଜ୍ଞା କରିଥିଲେ, ସେଥି
ମଧ୍ୟରୁ ଗୋଟିଏ ହେଲେ କଥା ବିଫଳ ହେଲାନାହିଁ। ସଦାପ୍ରଭୁଙ୍କର
ସମସ୍ତ କଥା ସଫଳ ହେଲା।

## ତିନୋଟି ପରିବାରବର୍ଗ ସେମାନଙ୍କର ସ୍ୱଗୃହକୁ ଫେରିଗଲେ

22 ଏହାପରେ ଯିହୋଶୂୟ ରୁବେନ୍ ଗାଦ୍ ଓ ମନଃଶି
ଅର୍ଦ୍ଧେକ ପରିବାରବର୍ଗମାନଙ୍କୁ ନେଇ ଏକ ସଭା
ଡାକିଲେ। 2ଯିହୋଶୂୟ ସେମାନଙ୍କୁ କହିଲେ, "ମୋଶା ଥିଲେ
ସଦାପ୍ରଭୁଙ୍କର ସେବକ। ମୋଶା ଯାହା କହିଥିଲେ, ଆପଣମାନେ
ତାଙ୍କର ବାକ୍ୟ ଅନୁସାରେ ସମସ୍ତ କାର୍ଯ୍ୟ କରିଛନ୍ତି ଏବଂ
ସର୍ବୋପରି ତୁମ୍ଭେମାନେ ମୋର ଆଜ୍ଞା ମାନିଛ। 3ଏବଂ ସବୁ
ସମୟରେ ଆପଣମାନେ ଇଶ୍ରାୟେଲମାନଙ୍କୁ ସହଯୋଗ କରିଛନ୍ତି।
ଆପଣମାନେ ଆପଣମାନଙ୍କର ସଦାପ୍ରଭୁଙ୍କର ବାକ୍ୟକୁ ଠିକ୍
ଭାବରେ ଅତି ସତର୍କତାର ସହକାରେ ପାଳନ କରିଛନ୍ତି ଏବଂ
ତୁମ୍ଭେମାନେ ଏହି ଆଜ୍ଞା ପାଳନ କଲ। 4ଆପଣମାନଙ୍କର
ସଦାପ୍ରଭୁ ପରମେଶ୍ୱର ଇଶ୍ରାୟେଲବାସୀଙ୍କୁ ଶାନ୍ତି ଦେବା ପାଇଁ
ପ୍ରତିଜ୍ଞା କରିଥିଲେ। ଏବଂ ବର୍ତ୍ତମାନ ସଦାପ୍ରଭୁ ପରମେଶ୍ୱରଙ୍କର
ବାକ୍ୟ ରକ୍ଷା କରିଛନ୍ତି। ତେଣୁ ତୁମ୍ଭେମାନେ ବର୍ତ୍ତମାନ
ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିପାରିବ। ସଦାପ୍ରଭୁଙ୍କର ସେବକ
ମୋଶା ଯର୍ଦ୍ଦନ ନଦୀର ପୂର୍ବ ପାର୍ଶ୍ୱରେ ତୁମ୍ଭମାନଙ୍କୁ ଭୂମି
ଦେଇଛନ୍ତି। ବର୍ତ୍ତମାନ ତୁମ୍ଭେମାନେ ସେଠାକୁ ତୁମ୍ଭମାନଙ୍କର
ସ୍ୱଗୃହକୁ ଯାଇପାର। 5କିନ୍ତୁ ମନେରଖ–ସର୍ବଦା ମୋଶା ଦେଇଥିବା
ନିୟମକୁ ନିଶ୍ଚୟ ପାଳନ କରିବ। ତୁମ୍ଭେମାନେ ନିଶ୍ଚିତ
ଭାବରେ ସଦାପ୍ରଭୁ ପରମେଶ୍ୱରଙ୍କୁ ପ୍ରେମ କରିବ। ଏବଂ ତାଙ୍କ
ଆଦେଶ ସର୍ବଦା ମାନି ଚଳିବ। ତୁମ୍ଭେମାନେ ନିଶ୍ଚିତ ଭାବରେ
ତାହା ମନପ୍ରାଣ ଦେଇ ପାଳନ କରିବ।"

6ଏହାପରେ ଯିହୋଶୂୟ ସେମାନଙ୍କୁ ଆଶୀର୍ବାଦ କଲେ ଓ
ପଠେଇ ଦେଲେ। ଏବଂ ସେମାନେ ସେମାନଙ୍କର ଗୃହକୁ
ପ୍ରତ୍ୟାବର୍ତ୍ତନ କଲେ। 7ମୋଶା ମନଃଶିର ଅର୍ଦ୍ଧବଂଶକୁ ବାଶନରେ
ଅଧିକାର ଦେଇଥିଲେ। ମାତ୍ର ଅନ୍ୟ ଅର୍ଦ୍ଧବଂଶକୁ ଯିହୋଶୂୟ
ଯର୍ଦ୍ଦନର ପଶ୍ଚିମ ପାରିରେ ଅଧିକାର ଦେଲେ। ଆହୁରି ତୁମ୍ଭକୁ
ବିଦାୟ କରିବା ସମୟରେ ଯିହୋଶୂୟ ଆଶୀର୍ବାଦ କରି
ସେମାନଙ୍କୁ କହିଲେ। 8ସେ କହିଲେ, "ତୁମ୍ଭେମାନେ, ତୁମ୍ଭମାନଙ୍କର
ବହୁତ ଧନ ସମ୍ପଦ ଓ ପଶୁଗଣ ସହିତ ଘରକୁ ଯାଅ।
ତୁମ୍ଭମାନଙ୍କର ବହୁତ ଦାମି ସୁନାରୂପା ଅଳଙ୍କାର ଇତ୍ୟାଦି
ଅଛି। ତୁମ୍ଭମାନଙ୍କର ବହୁତ ସୁନ୍ଦର ପୋଷାକ ମଧ୍ୟ ଅଛି।
ଯେଉଁଗୁଡ଼ାକ କି ତୁମ୍ଭେମାନେ ତୁମ୍ଭ ଶତ୍ରୁମାନଙ୍କଠାରୁ ଛଡ଼ାଇ
ଆଣିଥିଲ। ଗୃହକୁ ଫେରିଯାଅ ଏବଂ ସେଗୁଡ଼ିକ ତୁମ୍ଭର ନିଜ
ନିଜ ଭ୍ରାତୃଗଣଙ୍କ ମଧ୍ୟରେ ବାଣ୍ଟି ଦିଅ।"

9ତେଣୁ ରୁବେନ୍, ଗାଦ୍ ଓ ମନଃଶିର ଅର୍ଦ୍ଧେକ ବଂଶଧରର
ଲୋକମାନେ ଇଶ୍ରାୟେଲ ବଂଶଧରଙ୍କଠାରୁ ବିଦାୟ ନେଲେ।
କିଣାନ ଦେଶ ଅନ୍ତର୍ଗତ ଶୀଲୋଠାରେ ସେମାନେ ଥିଲେ।
ସେମାନେ ସେ ସ୍ଥାନ ଛାଡି ଗିଲୀୟଦକୁ ଗଲେ। ସେମାନେ
ସେଠାରୁ ତାଙ୍କ ସ୍ୱଭୂମିକୁ ଗଲେ ଯାହାକି ମୋଶା ସେମାନଙ୍କୁ
ଦେଇଥିଲେ। ସଦାପ୍ରଭୁ ମୋଶାଙ୍କୁ ମଧ୍ୟ ସେ ଭୂମି ଦେବା
ପାଇଁ ନିର୍ଦ୍ଦେଶ ଦେଇଥିଲେ।

10ରୁବେନ୍, ଗାଦ ଏବଂ ମନଃଶିର ପରିବାର ଲୋକମାନେ
ଗିଲୀୟଦକୁ ଫେରିଗଲେ। ସେ ସ୍ଥାନଟି ଯର୍ଦ୍ଦନ ନଦୀ ନିକଟବର୍ତ୍ତୀ
ଥିଲା କିଣାନୀୟ ଦେଶ ଅନ୍ତର୍ଗତ। ସେହି ସ୍ଥାନରେ ସେମାନେ
ଏକ ସୁନ୍ଦରବଡ ଯଜ୍ଞବେଦୀ ସ୍ଥାପନ କଲେ। 11କିନ୍ତୁ ଇଶ୍ରାୟେଲର
ଅବଶିଷ୍ଟ ଲୋକ ଯେଉଁମାନେ କି ତଥାପି ଶିଲୋରେ ରହିଥିଲେ।
ସେମାନେ ସେ ଯଜ୍ଞବେଦୀ କଥା ଶୁଣିବାକୁ ପାଇଲେ ଯେ,
ଏହି ବଂଶଧରମାନେ ତାକୁ ନିର୍ମାଣ କରିଛନ୍ତି ବୋଲି। ସେମାନେ
ମଧ୍ୟ ଏହି ଯଜ୍ଞବେଦୀଟି କିଣାନୀୟ ଦେଶର ସୀମା ଅନ୍ତର୍ଗତ
ଗିଲୀୟଦଠାରେ କରାଯାଇଛି, ଶୁଣିବାକୁ ପାଇଲେ। ଏହା ଯର୍ଦ୍ଦନ
ପାଖସ୍ଥ ଇଶ୍ରାୟେଲ ସନ୍ତାନଗଣଙ୍କ ଅଧିକୃତ ପାର୍ଶ୍ୱରେ ଥିଲା।
12ସମସ୍ତ ଇଶ୍ରାୟେଲ ପରିବାରବର୍ଗଗଣ ସେହି ତିନି ବଂଶ
ଉପରେ ରାଗିଲେ। ଯୁଦ୍ଧ କରିବା ପାଇଁ ନିଷ୍ପତ୍ତି କଲେ।
ସେମାନେ ଯୁଦ୍ଧକୁ ଯିବା ପାଇଁ ଶିଲୋଠାରେ ଏକତ୍ରିତ
ହେଲେ।

13ଏଣୁ ଇଶ୍ରାୟେଲର ଲୋକମାନେ କିଛି ଲୋକଙ୍କୁ ରୁବେନ୍,
ଗାଦ୍ ଏବଂ ମନଃଶି ବଂଶର ଲୋକମାନଙ୍କ ସହିତ କଥାବାର୍ତ୍ତା
କରିବାକୁ ପଠାଇଲେ। ସେମାନଙ୍କର ନେତୃତ୍ୱ ପୀନହାସ
ନେଇଗଲେ, ଯେ କି ଥିଲେ ଇଲୀୟାସ ଯାଜକର ପୁତ୍ର।
14ସେମାନେ ଦଶଜଣ ପ୍ରତିନିଧିଙ୍କୁ ପଠାଇଲେ, ପ୍ରତ୍ୟେକ
ପରିବାରବର୍ଗରୁ ଜଣେ ଶିୟୋଲ ଗିଲୀୟଦଠାରେ ଉପସ୍ଥିତ
ହେଲେ। ସେମାନେ ନିଜ ପରିବାରବର୍ଗର ମୁଖ୍ୟ ଥିଲେ।

15ଏହିପରି ଭାବରେ ଗିଲୀୟଦକୁ ଗଲେ। ଏହି ଏଗାରଜଣ
ଲୋକ ରୁବେନ୍, ଗାଦ ଓ ମନଃଶିର ଅର୍ଦ୍ଧବଂଶଙ୍କ ସହିତ
କଥାବାର୍ତ୍ତା କରିବାକୁ ଗଲେ। ଏହି ଏଗାର ଜଣ ଲୋକ
ସେମାନଙ୍କୁ କହିଲେ। 16"ଇଶ୍ରାୟେଲ ବଂଶଗଣ ତୁମ୍ଭମାନଙ୍କୁ
ପଚାରୁଅଛି, କାହିଁକି ତୁମ୍ଭେମାନେ ଇଶ୍ରାୟେଲର ସଦାପ୍ରଭୁ
ବିରୁଦ୍ଧରେ ଏପରି କାର୍ଯ୍ୟ କଲ? ତୁମ୍ଭେମାନେ କାହିଁକି

ସଦାପ୍ରଭୁଙ୍କର ବରୁଦ୍ଧାଚରଣ କଲ? କାହିଁକ ତୁମ୍ଭେମାନଙ୍କ ପାଇଁ
ଏକ ଯଜ୍ଞବେଦୀ ନର୍ମାଣ କଲ? ଏହା କଣ ସଦାପ୍ରଭୁଙ୍କ ନୀତି
ବାହାରେ ନୁହେଁ! ଏହା ତୁମ୍ଭେମାନେ ଠିକ୍ ରୂପେ ଜାଣ।
17ପିୟୋର କ'ଣ ଘଟିଲା ତାହାକୁ ତାହା ମନେଅଛ? ଆମ୍ଭେମାନେ
ସେହ ମହାପାପପାଇଁ ଏପର୍ଯ୍ୟନ୍ତ କଷ୍ଟ ଭୋଗୁଅଛୁ। ସଦାପ୍ରଭୁ
ଇଶ୍ରାୟେଲର ବହୁ ବାସିନ୍ଦାଙ୍କୁ ମହାମାରୀ ରୁଗ୍ଣ କଲେ।
ଆମ୍ଭେମାନେ ମଧ୍ୟ ସେହ ମହାମାରୀ ଏପର୍ଯ୍ୟନ୍ତ ଭୋଗୁଅଛୁ।
18ବର୍ତ୍ତମାନ ତୁମ୍ଭେମାନେ ଠିକ୍ ସେହ ପାପ କରୁଛ! ତୁମ୍ଭେମାନେ
ସଦାପ୍ରଭୁଙ୍କ ବରୁଦ୍ଧାଚରଣ କଲ। ତୁମ୍ଭେମାନେ ତାଙ୍କ ବରୁଦ୍ଧରେ
ବଦ୍ରୋହ କଲ। ତୁମ୍ଭେମାନେ ଏପର ବ୍ୟବହାର କାହିଁକ
ଦେଖାଉଛ? ଏଥିପାଇଁ ସଦାପ୍ରଭୁ ସମଗ୍ର ଇଶ୍ରାୟେଲ ସନ୍ତାନଗଣଙ୍କ
ଉପରେ କ୍ରୋଧିତ ହେବେ।

19"ଯଦ ତୁମ୍ଭର ଅଧିକାର ଦେଶ ତୁମ୍ଭମାନଙ୍କ ପାଇଁ
ଉପାସନା କରବାକୁ ଅନଚ୍ଛୁକ ହୁଏ, ତେବେ ତୁମ୍ଭେମାନେ
ଆମ୍ଭ ନକଟକୁ ପଳାଇ ଆସ। ଯେଉଁ ସ୍ଥାନରେ ସଦାପ୍ରଭୁଙ୍କ
ଆବାସ ବାସ କରେ ସଦାପ୍ରଭୁଙ୍କର ସେହ ଅଧିକାର ଦେଶକୁ
ଆସ। କନ୍ତୁ ସଦାପ୍ରଭୁଙ୍କର ବରୁଦ୍ଧାଚରଣ କର ନାହିଁ। କଦାପି
ଅନ୍ୟ ଏକ ଯଜ୍ଞବେଦୀ ସ୍ଥାପନ କରନାହିଁ। ସଦାପ୍ରଭୁ ଆମ୍ଭମାନଙ୍କ
ପରମେଶ୍ୱରଙ୍କ ଯେଉଁ ଯଜ୍ଞବେଦୀ ଅଛ ତା ଛଡା ଅନ୍ୟ
ଯଜ୍ଞବେଦୀ ନର୍ମାଣ ନ କର।

20"ମନେରଖ ସେରହର ପୁତ୍ର ଆଖନ, ବର୍ଜିତ ବସ୍ତୁ
ବଷୟରେ ସତ୍ୟ ଲଂଘନ କରନ୍ତେ ଇଶ୍ରାୟେଲର ସମସ୍ତ
ମଣ୍ଡଳକ କ୍ରୋଧ ସଦାପ୍ରଭୁଙ୍କର ପଡଲା, କେବଳ ସେହ ଜଣେ
ବ୍ୟକ୍ତ ସଦାପ୍ରଭୁଙ୍କର ନୟମ ଭଙ୍ଗ କଲା କନ୍ତୁ ସମସ୍ତ
ଇଶ୍ରାୟେଲଗଣ ତା'ର ଦଣ୍ଡ ଭୋଗିଲେ। ଆଖନ କେବଳ
ତା'ର ପାପ ପାଇଁ ମଲା। ଏବଂ ତା'ର ପାପ ପାଇଁ ବହୁତ
ଲୋକ ମଧ୍ୟ ମୃତ୍ୟୁବରଣ କଲେ।"

21ରୁବେନ୍, ଗାଦ ଓ ମନଃଶିର ଅର୍ଦ୍ଧ ପରବାରବର୍ଗଗଣ
ଇଶ୍ରାୟେଲ ପରବାରବର୍ଗର ମୁଖ୍ୟମାନଙ୍କୁ ଉତ୍ତର ଦେଇ କହଲେ,
22"ପରମେଶ୍ୱର, ସଦାପ୍ରଭୁ ଆମ୍ଭର ପରମେଶ୍ୱର! ସଦାପ୍ରଭୁ
ହେଉଛନ୍ତ ଆମ୍ଭର ପରମେଶ୍ୱର। ଏବଂ ସଦାପ୍ରଭୁ ଜାଣନ୍ତ
ଆମ୍ଭେ ଏପର କାହିଁକ କଲୁ। ଆମ୍ଭେମାନେ ମଧ୍ୟ ତୁମ୍ଭକୁ
ଜଣାଇ ଦେବାକୁ ଚାହୁଁ। ଆମ୍ଭେମାନେ କ'ଣ କରଛୁ ତୁମ୍ଭେମାନେ
ବଚାର କର। ଯଦ ତୁମ୍ଭେ ଏହା ବଶ୍ୱାସ କର କ ବଚାର
କର ଆମ୍ଭେମାନେ କଛ ଭୁଲ କରଛୁ, ତେବେ ତୁମ୍ଭେମାନେ
ଆମ୍ଭକୁ ହତ୍ୟା କରପାର। 23ଯଦ ଆମ୍ଭେ ସଦାପ୍ରଭୁଙ୍କର
ନୟମ ଭଙ୍ଗ କରଥାଉ, ତେବେ ସଦାପ୍ରଭୁ ଆମ୍ଭକୁ ସ୍ୱହସ୍ତରେ
ଦଣ୍ଡ ଦଅନ୍ତୁ। 24ତୁମ୍ଭେମାନେ କ'ଣ ବଶ୍ୱାସ କରୁଛ ଯେ
ଆମ୍ଭେମାନେ ଏହ ଯଜ୍ଞବେଦୀରେ ଆମ୍ଭେମାନେ ହୋମ କ
ଭକ୍ଷ୍ୟ ନୈବେଦ୍ୟ କ ମଙ୍ଗଳାର୍ଥକ ବଳ ଉତ୍ସର୍ଗ କରବା ପାଇଁ
କ'ଣ ତିଆର କରଛୁ? ନାଁ ଆମ୍ଭେ ଏଥିପାଇଁ ଏହାକୁ ତିଆର
କରନାହୁଁ। ତେବେ କାହିଁକ ତୁମ୍ଭେମାନେ ଯଜ୍ଞବେଦୀ ନର୍ମାଣ
କଲ? ଆମ୍ଭେମାନେ ଚନ୍ତାଶୀଳ ହୋଇ ଓ ବଚାର କର ଏହା
କରଅଛୁ। ଆସନ୍ତା ସମୟରେ କେଜାଣି ତୁମ୍ଭମାନଙ୍କ ସନ୍ତାନମାନେ
ଆମ୍ଭମାନଙ୍କ ସନ୍ତାନମାନଙ୍କୁ କହବେ, ସଦାପ୍ରଭୁ ଇଶ୍ରାୟେଲର
ପରମେଶ୍ୱରଙ୍କ ସଙ୍ଗେ କ ସମ୍ପର୍କ। 25ସଦାପ୍ରଭୁ ଯର୍ଦ୍ଦନ
ସେପାରରେ ଆମ୍ଭକୁ ଭୂମି ଦେଇଛନ୍ତ। ଏହା ଅର୍ଥ ଯର୍ଦ୍ଦନ
ନଦୀ ଆମ୍ଭମାନଙ୍କୁ ଅଲଗା କରଅଛ। ଆମ୍ଭେମାନେ ଆଶଙ୍କା
କରୁଅଛୁ ଯେ ଯେତେବେଳେ ତୁମ୍ଭମାନଙ୍କ ପିଲା ବଡ ହୋଇ
ଦେଶ ଶାସନ କରବେ ସେମାନେ ବଶ୍ୱାସ କରବେ ନାହିଁ
ଯେ କ ଆମ୍ଭେ ତୁମ୍ଭର ଲୋକ ବୋଲ। ସେମାନେ ଯେତେବେଳେ
ବଡ ହୋଇ ଶାସନ କରବେ, ସେମାନେ ଆମ୍ଭମାନଙ୍କୁ ଏପର
କହ ବ ପାରନ୍ତ, 'ତୁମ୍ଭେ, ରୁବେନ୍, ଗାଦ, ଆମ୍ଭମାନଙ୍କର
ଅଂଶ ନୁହଁ।' ଏହାପରେ ତୁମ୍ଭମାନଙ୍କର ସନ୍ତାନ ଆମ୍ଭମାନଙ୍କ
ପିଲାଙ୍କୁ ସେଠାରେ ଉପାସନା କରବାକୁ ମନା କରପାରନ୍ତ।

26"ତେଣୁ ଆମ୍ଭେମାନେ ନଷ୍ପତ୍ତି ନେଲୁ ଏକ ଯଜ୍ଞବେଦୀ
ନର୍ମାଣ କରବାକୁ। କନ୍ତୁ ଆମେ ଏହାକୁ ହୋମବଳ ପାଇଁ
ତିଆର କରନାହୁଁ। 27ଏହାର ବାସ୍ତବ କାରଣ ହେଲା, ଆମ୍ଭେମାନେ
ଏ ଯଜ୍ଞବେଦୀ ଆମ୍ଭମାନଙ୍କର ଭବଷ୍ୟତ ବଂଶଧରଣଙ୍କ ପାଇଁ
ତିଆର କରଛୁ କାରଣ ସେମାନେ ଏହା ଦେଖିଲାପରେ ଜାଣି
ପାରବେ ଯେ ତୁମ୍ଭେମାନେ ଯେଉଁ ସଦାପ୍ରଭୁଙ୍କ ଉପାସନା
କରୁଅଛ ଆମ୍ଭେମାନେ ମଧ୍ୟ ସେହ ସଦାପ୍ରଭୁଙ୍କୁ ଉପାସନା
କରୁଅଛୁ। ଏହ ଯଜ୍ଞବେଦୀ ତୁମ୍ଭମାନଙ୍କ ପାଇଁ, ଆମ୍ଭମାନଙ୍କ
ପାଇଁ ଓ ଆମ୍ଭର ଭବଷ୍ୟତ ବଂଶଧରମାନଙ୍କ ପାଇଁ ପ୍ରମାଣ
ରହବ ଯେ, ଆମ୍ଭେମାନେ ସଦାପ୍ରଭୁଙ୍କୁ ଉପାସନା କରୁ।
ଆମ୍ଭେ ଶସ୍ୟ ନୈବେଦ୍ୟ, ସହଭାଗିତାର ନୈବେଦ୍ୟ ସଦାପ୍ରଭୁଙ୍କୁ
ଉତ୍ସର୍ଗ କରବୁ। ତେଣୁ ଭବଷ୍ୟତରେ ତୁମ୍ଭମାନଙ୍କର ପିଲାମାନେ
ଆମ୍ଭ ଲୋକମାନଙ୍କୁ କହବେ ନାହିଁ ଯେ, ତୁମ୍ଭର ସଦାପ୍ରଭୁଙ୍କ
ସହତ କଛ କରବାର ନାହିଁ। 28ଭବଷ୍ୟତରେ ତୁମ୍ଭମାନଙ୍କର
ସନ୍ତାନଗଣ ଏହପର କହ ପାରନ୍ତ। ତୁମ୍ଭେମାନେ ଇଶ୍ରାୟେଲୀୟ
ନୁହଁ। ଆମ୍ଭର ସନ୍ତାନଗଣ ହୁଏତ୍ କହପାରନ୍ତ, 'ଦେଖ! ଆମ୍ଭର
ପୂର୍ବପୁରୁଷଗଣ ଆମ୍ଭମାନଙ୍କ ପାଇଁ ଏକ ଯଜ୍ଞବେଦୀ ନର୍ମାଣ
କରଛନ୍ତ। ସେହ ଯଜ୍ଞବେଦୀ ଠିକ୍ ସଦାପ୍ରଭୁ ପରମେଶ୍ୱରଙ୍କର
ପବତ୍ର ତମ୍ବୁ ସମ୍ମୁଖସ୍ଥିତ ତାଙ୍କ ଯଜ୍ଞବେଦୀ ପର। ଏହ
ଯଜ୍ଞବେଦୀ ହୋମ ଉତ୍ସର୍ଗ ପାଇଁ ବ୍ୟବହାର କରାଯାଏ ନାହିଁ।
ଏହା କେବଳ ପ୍ରମାଣ ମାତ୍ର, ଯେ ଆମ୍ଭେମାନେ ମଧ୍ୟ
ଇଶ୍ରାୟେଲର ଏକ ଅଂଶ।'

29"ବାସ୍ତବରେ ଆମ୍ଭେ କେବେ ସଦାପ୍ରଭୁଙ୍କର ବରୋଧରେ
ଯାଇ ନାହୁଁ। ଆମ୍ଭେମାନେ ମଧ୍ୟ ବର୍ତ୍ତମାନ ସଦାପ୍ରଭୁଙ୍କ
ବାକ୍ୟାନୁସାରେ ଚାଲୁଅଛୁ। ଆମ୍ଭେ ଏହା ଜାଣୁ ଯେ, ଗୋଟିଏ
ମାତ୍ର ପବତ୍ର ଯଜ୍ଞବେଦୀ ଅଛ ଯାହାକ ପରମେଶ୍ୱରଙ୍କ ଆବାସ
ସମ୍ମୁଖସ୍ଥିତ। ସେହ ଯଜ୍ଞବେଦୀ ଆମ୍ଭମାନଙ୍କର ସଦାପ୍ରଭୁ
ପରମେଶ୍ୱରଙ୍କର।"

30ପୀନହାସ ଯାଜକ ଏବଂ ତାଙ୍କ ସହତ ଯାଇଥିବା
ମୁଖିଆ, ଏହପର କଥା ରୁବେନ୍, ଗାଦ ଓ ମନଃଶିର ବଂଶର
ଲୋକମାନଙ୍କଠାରୁ ଶୁଣିଲେ। ସେମାନେ ମଧ୍ୟ ବୁଝିଲେ ଯେ
ବାସ୍ତବରେ ସତକଥା ଏବଂ ଠିକ୍‌କଥା କହୁଛନ୍ତ। 31ତେଣୁ
ଯାଜକ ପୀନହାସ କହଲେ, "ବର୍ତ୍ତମାନ ଆମେ ଜାଣିଲୁ ଯେ
ସଦାପ୍ରଭୁ ଆମ୍ଭମାନଙ୍କ ସହତ ଅଛନ୍ତ। ଏବଂ ଆମେ ଜାଣିଲୁ
ଯେ ତୁମ୍ଭେମାନେ ସଦାପ୍ରଭୁଙ୍କ ବରୁଦ୍ଧାଚରଣ କରନାହିଁ। ଆମ୍ଭେ
ଖୁସି ଯେ ସଦାପ୍ରଭୁ ଇଶ୍ରାୟେଲବାସୀଙ୍କୁ କୌଣସି ଦଣ୍ଡ ଦେଇ
ନାହାଁନ୍ତ।"

32ଏହାପରେ ପୀନହସ୍ ଏବଂ ସମସ୍ତ ମୁଖିଆମାନେ ସେ
ସ୍ଥାନ ପରତ୍ୟାଗ କର ଗୃହକୁ ଫେରଲେ। ସେମାନେ ରୁବେନ୍,

ଗାଦ ବଂଶର ଲୋକମାନଙ୍କୁ ସେହି ଗିଲୟଦରେ ଛାଡି କିଣାନ ଦେଶକୁ ଫେରି ଆସିଲେ। ସେମାନେ ଇଶ୍ରାୟେଲର ଲୋକମାନଙ୍କ ନିକଟକୁ ଫେରିଆସି ଯାହାସବୁ ଘଟିଥିଲା ତାହା ଜଣାଇଲେ।
33ଇଶ୍ରାୟେଲର ଲୋକମାନେ ଏକଥା ଶୁଣି ସନ୍ତୁଷ୍ଟ ହେଲେ। ସେମାନେ ବହୁତ ଖୁସି ହେଲେ ଏବଂ ସଦାପ୍ରଭୁଙ୍କୁ ମଧ୍ଯ ଧନ୍ୟବାଦ ଜଣାଇଲେ। ସେମାନେ ପୁନର୍ବାର ନିଷ୍ପତ୍ତି ନେଲେ, ରୁବେନ୍, ଗାଦ ଓ ମନଃଶିର ବଂଶ ବିରୁଦ୍ଧରେ ଯୁଦ୍ଧ ନ କରିବା ପାଇଁ। ଏବଂ ସେ ସ୍ଥାନଙ୍କୁ ଧ୍ୱଂସ କରିବା ପାଇଁ ଯେଉଁଠାରେ ରୁବେନ୍, ଗାଦ ଓ ମନଃଶିର ବଂଶର ଲୋକମାନେ ବାସ କରୁଛନ୍ତି।

34ରୁବେନ୍ ବଂଶଧର ଓ ଗାଦ ବଂଶଧର ସେହି ବେଦୀର ନାମ ଦେଲେ, ସାକ୍ଷୀ ଏହାର ଅର୍ଥ "ସଦାପ୍ରଭୁ ଯେ ପରମେଶ୍ୱର ଅଟନ୍ତି, ଆମ୍ଭମାନଙ୍କ ମଧ୍ଯରେ ଏହାର ଏହି ହେଉଛି ସାକ୍ଷୀ।"

### ଯିହୋଶୂୟ ଇଶ୍ରାୟେଲଗଣଙ୍କୁ ଉତ୍ସାହିତ କଲେ

23 ସଦାପ୍ରଭୁ ଇଶ୍ରାୟେଲବାସୀଙ୍କୁ ତାଙ୍କ ଚତୁଃପାର୍ଶ୍ୱରେ ଥିବା ସମସ୍ତ ଶତ୍ରୁଙ୍କଠାରୁ ଶାନ୍ତି ପ୍ରଦାନ କଲେ। ଇଶ୍ରାୟେଲଙ୍କୁ ନିରାପତ୍ତା ଦେଲେ। ଏହିପରି ବହୁତ ଦିନପରେ ଯିହୋଶୂୟ ବୃଦ୍ଧ ହୋଇଗଲେ।
2ଏହି ସମୟରେ ସମସ୍ତ ଇଶ୍ରାୟେଲର ପ୍ରାଚୀନବର୍ଗ, ସେମାନଙ୍କର ପ୍ରଧାନ, ସେମାନଙ୍କର ବିଗ୍ଭର କର୍ତ୍ତା ଓ ଅଧକ୍ଷମାନଙ୍କୁ ଡକାଇ ସେମାନଙ୍କୁ କହିଲେ, "ମୁଁ ବୃଦ୍ଧ ହୋଇଗଲି।
3ତୁମ୍ଭେମାନେ ଦେଖିଅଛ ସଦାପ୍ରଭୁ ଆମ୍ଭମାନଙ୍କ ଶତ୍ରୁମାନଙ୍କ ପାଇଁ ଯାହା ଯାହା କରିଛନ୍ତି। ସେ ଏପରି କରି ଆମ୍ଭକୁ ସାହାଯ୍ୟ କରିଥିଲେ। ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭମାନଙ୍କ ପାଇଁ ଯୁଦ୍ଧ କରିଥିଲେ।
4ମୋର ମନେଅଛି, ମୁଁ ତୁମ୍ଭମାନଙ୍କୁ ଯର୍ଦ୍ଦନ ନଦୀର ମଧ୍ଯବର୍ତ୍ତୀ ଓ ପଶ୍ଚିମ ଦିଗରେ ମହା ସମୁଦ୍ର ପର୍ଯ୍ୟନ୍ତ ଭୂମି ତୁମ୍ଭମାନଙ୍କର ଅଧିକାର ପାଇଁ ଦେଇଅଛି। ଅଧିକୃତ ହୋଇ ନଥିବା ଦେଶ ତୁମ୍ଭ ଦ୍ୱାରା ଅଧିକୃତ ହେବ। କିନ୍ତୁ ତୁମ୍ଭେମାନେ ସେଗୁଡିକ ଏ ପର୍ଯ୍ୟନ୍ତ ନିଜ ଅଧିନକୁ ଆଣି ପାରିନାହଁ।
5କିନ୍ତୁ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କ ସମ୍ମୁଖରୁ ସେଠାରେ ବାସ କରିଥିବା ଲୋକମାନଙ୍କୁ ଘଉଡାଇ ଦେବେ! ଯାହାଫଳରେ ତୁମ୍ଭେମାନେ ସେମାନଙ୍କର ଦେଶକୁ ନେଇପାରିବ। ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଏପରି କରିବାକୁ ପ୍ରତିଜ୍ଞା କରିଛନ୍ତି।

6"ତୁମ୍ଭେମାନେ ନିଶ୍ଚିତ ଯତ୍ନଶୀଳ ହେବ ସଦାପ୍ରଭୁଙ୍କର ସେହି ବାକ୍ୟକୁ ମାନିବା ପାଇଁ ଯାହାକି ସଦାପ୍ରଭୁ ଆମ୍ଭମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତୁମ୍ଭେମାନେ ମୋଶାଙ୍କ ଦ୍ୱାରା ଲିଖିତ ନିୟମ ପୁସ୍ତକର ସମସ୍ତ କଥାକୁ ଠିକ୍ ଠିକ୍ ଭାବେ ପାଳନକରିବ। କେବେ ବି ସେ ନିୟମରୁ ବିଚ୍ୟୁତ ହେବ ନାହିଁ।
7ଏପରି ମଧ୍ଯ ବହୁତ ଲୋକ ଆମ୍ଭ ସହିତ ବାସ କରୁଛନ୍ତି। ସେମାନେ ଇଶ୍ରାୟେଲୀୟ ନୁହଁନ୍ତି। ସେମାନେ, ସେମାନଙ୍କର ନିଜର ପ୍ରଭୁଙ୍କୁ ମାନୁଛନ୍ତି। ସେମାନଙ୍କ ସହିତ ବନ୍ଧୁତା ରଖ ନାହିଁ। ସେମାନଙ୍କ ପ୍ରଭୁଙ୍କର ପୂଜା କର ନାହିଁ। କି ସେମାନଙ୍କର ସେବା କର ନାହିଁ।
8ତୁମ୍ଭେମାନେ ନିଶ୍ଚିତ ଭାବରେ ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କୁ ଅନୁସରଣ କରିବ। ତୁମ୍ଭେମାନେ ଆଜି ପର୍ଯ୍ୟନ୍ତ ଯେପରି କରି ଆସୁଅଛ।

9"ସଦାପ୍ରଭୁ ତୁମ୍ଭମାନଙ୍କୁ ବହୁତ ଶକ୍ତିଶାଳୀ ଦେଶମାନଙ୍କୁ ପରାସ୍ତ କରିବା ପାଇଁ ସାହାଯ୍ୟ କଲେ। ସଦାପ୍ରଭୁ ସେମାନଙ୍କୁ ବିତାଡିତ କରି ଦେଲେ। କୌଣସି ଦେଶ ବର୍ତ୍ତମାନ ସୁଦ୍ଧା ତୁମ୍ଭମାନଙ୍କୁ ପରାସ୍ତ କରିବାକୁ ସମର୍ଥ ହେବ ନାହିଁ।
10ସଦାପ୍ରଭୁଙ୍କର ସହାୟତାରେ ଇଶ୍ରାୟେଲର ଯେକୌଣସି ଜଣେ ସୈନିକ ଏକ ହଜାର ସୈନିକମାନଙ୍କୁ ପରାସ୍ତ କରିପାରିବେ। କାହିଁକି ଜାଣ? ଯେହେତୁ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ତୁମ୍ଭମାନଙ୍କ ପକ୍ଷରେ ଯୁଦ୍ଧ କରିବେ, ଯେହେତୁ ସେ ପ୍ରତିଜ୍ଞା କରିଥିଲେ।
11ତୁମ୍ଭେମାନେ ନିଶ୍ଚିତ ଭାବରେ ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କୁ ସର୍ବଦା ପ୍ରେମ କରୁଥିବ।
12କଦାପି ସଦାପ୍ରଭୁଙ୍କ ଉପଦେଶରୁ ବିଚ୍ୟୁତ ହୁଅ ନାହିଁ। କଦାପି ଅନ୍ୟମାନଙ୍କ ସହିତ ବନ୍ଧୁ ହୁଅ ନାହିଁ। ଯେଉଁମାନେ କି ଇଶ୍ରାୟେଲଙ୍କର ଅଂଶ ନୁହଁନ୍ତି। କୌଣସି ଅନ୍ୟ ବଂଶମାନଙ୍କ ସହିତ ବିବାହ କରନାହିଁ। ଇଶ୍ରାୟେଲ ନୁହଁନ୍ତି କିନ୍ତୁ ଯଦି ତୁମ୍ଭେ ସେମାନଙ୍କର ବନ୍ଧୁ ହୁଅ।
13ସେହି ସମୟରେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭର ଶତ୍ରୁମାନଙ୍କୁ ପରାସ୍ତ କରିବାରେ ଓ ଘଉଡାଇ ଦେବାରେ ତୁମ୍ଭର ପକ୍ଷ ନେବେନାହିଁ। ଏହି ଲୋକମାନେ ତୁମ୍ଭ ପାଇଁ ଏକ ଫାଶ ପରି ହେବେ। ସେମାନେ ତୁମ୍ଭ ପିଠି ପାଇଁ ଗ୍ଭବୁକ୍ ପରି ଓ ତୁମ୍ଭ ଆଖି ପାଇଁ କଣ୍ଟା ପରି ହେବେ। ଯେପର୍ଯ୍ୟନ୍ତ ତୁମ୍ଭେ ସେହି ଉତ୍ତମ ଦେଶ ଛାଡିବା ପାଇଁ ବାଧ୍ଯ ନ ହୋଇଛ, ଯାହା ସଦାପ୍ରଭୁ ତୁମ୍ଭଙ୍କୁ ଦେଇଥିଲେ।

14"ମୋର ମୃତ୍ୟୁ ସମୟ ନିକଟ ହେଲାଣି। ତୁମ୍ଭେମାନେ ଜାଣ ଏବଂ ଭଲ ଭାବରେ ଜାଣ ଯେ, ସଦାପ୍ରଭୁ ତୁମ୍ଭମାନଙ୍କୁ କିପରି ସହାୟତା ଦେଇଛନ୍ତି। ଏବଂ ତୁମ୍ଭ ପାଇଁ କ'ଣ କରିଛନ୍ତି। ସେ ଯାହା କହିଛନ୍ତି ସେ ତାହା ଦେଇଛନ୍ତି। ସଦାପ୍ରଭୁ ତାଙ୍କର ସବୁ ଉତ୍ତମ ପ୍ରତିଜ୍ଞା ପୂରଣ କରିଛନ୍ତି, ଯାହା ସେ ତୁମ୍ଭ ସହିତ ପ୍ରତିଜ୍ଞା କରିଥିଲେ। ଆମ୍ଭକୁ ସବୁ ଦେଇଛନ୍ତି ସେ ଯାହାସବୁ ଆମ୍ଭ ସହିତ ପ୍ରତିଜ୍ଞା କରିଛନ୍ତି।
15ସଦାପ୍ରଭୁ ପରମେଶ୍ୱର ଯେଉଁ ସବୁ ପ୍ରତିଜ୍ଞା ଆମ୍ଭ ସହିତ କରିଥିଲେ, ତାହା ସବୁ ଏବେ ସଫଳ ହେଉଛି। କିନ୍ତୁ ଠିକ୍ ଏକାପରି ସଦାପ୍ରଭୁ ଅନ୍ୟ ଯେଉଁ ପ୍ରତିଜ୍ଞା କରିଥିଲେ, ତାହା ସତ୍ୟ ହେବାକୁ ଯାଉଛି। ସେ ପ୍ରତିଜ୍ଞା କରିଛନ୍ତି ଯଦି ତୁମ୍ଭେ ଭୁଲକର, ତେବେ ତୁମ୍ଭପ୍ରତି ସବୁ ମନ୍ଦଫଳ ଘଟିବ। ସେ ଦେଇଥିବା ଉତ୍ତମ ଦେଶରୁ ତୁମ୍ଭକୁ ଦୂରକୁ ନେଇଯିବେ।
16ଏହିପରି ଭାବରେ ଘଟିବ ଯଦି ତୁମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱରଙ୍କର ସଙ୍ଗରେ କରିଥିବା ଚୁକ୍ତିର ଖିଲାପ କର। ତୁମ୍ଭେ ପାଇଥିବା ସମସ୍ତ ଭୂମି ହରାଇବ ଯଦି ତୁମ୍ଭେ ଅନ୍ୟ ଲୋକମାନଙ୍କର ପ୍ରଭୁଙ୍କୁ ଉପାସନା କର ବା ଅନ୍ୟ ଦେବତାମାନଙ୍କୁ ସେବା କର, ତେବେ ସଦାପ୍ରଭୁ ତୁମ୍ଭମାନଙ୍କ ଉପରେ କୋପଦୃଷ୍ଟି ପକାଇବେ। ଏହାପରେ ତୁମ୍ଭକୁ ସଦାପ୍ରଭୁ ଦେଇଥିବା ଭଲ ଭୂମିକୁ ହରାଇବାକୁ ପଡିବ।"

### ଯିହୋଶୂୟ ବିଦାୟ ନେଲେ

24 ଯିହୋଶୂୟ ଇଶ୍ରାୟେଲ ବଂଶଗଣଙ୍କୁ ଶିଖିମଠାରେ ଏକତ୍ରିତ କଲେ। ଏହାପରେ ଯିହୋଶୂୟ ସମସ୍ତ ପ୍ରାଚୀନବର୍ଗ, ସେମାନଙ୍କର ପ୍ରାଚୀନମାନଙ୍କୁ ସେମାନଙ୍କର ବିଗ୍ଭରକର୍ତ୍ତାଗଣଙ୍କୁ ଏବଂ ସମସ୍ତ ଅଧକ୍ଷମାନଙ୍କୁ ଡକାଇ ସଦାପ୍ରଭୁଙ୍କ ସମ୍ମୁଖରେ ଏକତ୍ରିତ କରାଇଲେ।

2ଏହାପରେ ଯିହୋଶୂୟ ସମସ୍ତ ଲୋକମାନଙ୍କୁ କହିଲେ,
"ମୁଁ ତୁମ୍ଭକୁ ଯାହା କହୁଛି ତାକୁ ସଦାପ୍ରଭୁ ଇଶ୍ରାୟେଲ
ପରମେଶ୍ୱର କହିଛନ୍ତି, ତୁମ୍ଭମାନଙ୍କୁ।
ବହୁଦିନ ପୂର୍ବରୁ ତୁମ୍ଭମାନଙ୍କର ପୂର୍ବପୁରୁଷ ଅବ୍ରହାମ
ଓ ନାହୋରର ପିତା ତେରହ ପ୍ରଭୃତି ଇଉଫ୍ରେଟିସ୍
ନଦୀ ସେପାରିରେ ଅନ୍ୟ ଦେବତାମାନଙ୍କୁ ସେବା
କରୁଥିଲେ। 3କିନ୍ତୁ ମୁଁ, ସଦାପ୍ରଭୁ ତୁମ୍ଭର ପୂର୍ବପୁରୁଷ
ଅବ୍ରହାମଙ୍କୁ ସେ ଭୂମିରୁ ଆଣି ନଦୀ ଏପାରିରେ
ରଖିଲୁ। ମୁଁ ତାଙ୍କୁ କିଣାନ ଦେଶର ସବୁଆଡେ
ଆଗେଇ ନେଲି, ଏବଂ ତା'ର ବଂଶକୁ ବହୁ ସନ୍ତାନ
ଦେଲୁ। ଏବଂ ତାକୁ ମଧ୍ୟ ଏକ ପୁତ୍ର ଦେଲୁ ଯାହାର
ନାମ ଇସ୍ହାକ। 4ଏବଂ ଇସ୍ହାକକୁ ଦୁଇଟି ପୁତ୍ର
ଦେଲେ, ସେମାନେ ହେଲେ, ଯାକୁବ ଓ ଏଷୌ।
ଏବଂ ଏଷୌକୁ ସେୟୀର ପର୍ବତ ଓ ତା'ର ପାର୍ଶ୍ୱବର୍ତ୍ତୀ
ଭୂମି ଦେଲୁ। ଯାକୁବ ଏବଂ ତାଙ୍କର ସନ୍ତାନମାନେ
ସେଠାରେ ବାସ କଲେ ନାହିଁ। ସେମାନେ ବାସ
କରିବାକୁ ମିଶରକୁ ପଳାଇ ଗଲେ।
5ଏହାପରେ ମୁଁ, ମୋଶା ଓ ହାରୋଣକୁ ସେହି
ସ୍ଥାନକୁ ପଠାଇଲି। ଆଉ ମୁଁ ଚାହିଁଥିଲି ମୋର
ଲୋକମାନଙ୍କୁ ମିଶରରୁ ଫେରାଇ ଆଣିବା ପାଇଁ।
ମିଶର ମଧ୍ୟରେ ଶକ୍ତିଶାଳୀ କାର୍ଯ୍ୟ କରି ମୁଁ ସେମାନଙ୍କୁ
ପିଡା ଦେଲି। ଏହାପରେ ମୁଁ ତୁମ୍ଭମାନଙ୍କର ଲୋକମାନଙ୍କୁ
ମିଶରରୁ ବାହାର କରି ଆଣିଲି। 6ଏହିପରି ଭାବରେ
ମୁଁ ତୁମ୍ଭର ପୂର୍ବପୁରୁଷଗଣଙ୍କୁ ମିଶରରୁ ନେଇ ଆସିଲି।
ମିଶରୀୟମାନେ ରଥ ଓ ରଥାରୋହୀ ସହିତ ସୂଫ
ସମୁଦ୍ର ପର୍ଯ୍ୟନ୍ତ ତୁମ୍ଭ ପୂର୍ବପୁରୁଷମାନଙ୍କ ପଛେ ପଛେ
ଗୋଡାଇ ଆସିଥିଲେ। ମିଶରୀୟ ରଥାରୋହୀ ଓ
ଅଶ୍ୱାରୋହୀ ମଧ୍ୟ ଥିଲେ। 7ତେଣୁ ଲୋକମାନେ
ମୋତେ ପ୍ରାର୍ଥନା କଲେ, "ହେ ପ୍ରଭୁ ଆମ୍ଭକୁ
ସାହାଯ୍ୟ କର" ମୁଁ ମିଶରୀୟମାନଙ୍କ ପାଇଁ ବହୁ
ଅସୁବିଧା କରାଇଲି। ଏବଂ ମିଶରୀୟମାନଙ୍କ ଉପରକୁ
ସମୁଦ୍ରକୁ ଆଚ୍ଛନ୍ନ କରାଇଲି। ତୁମ୍ଭେମାନେ ଦେଖିଅଛ,
ମୁଁ ମିଶରୀୟ ସୈନ୍ୟମାନଙ୍କୁ କି ଅବସ୍ଥା କରିଛି।
ଏହାପରେ ତୁମ୍ଭେମାନେ ସେହି ମରୁ ଅଞ୍ଚଳରେ
ଦୀର୍ଘଦିନ ଧରି ବାସ କଲ। 8ଏହାପରେ ଆମ୍ଭେ
ତୁମ୍ଭମାନଙ୍କୁ ଯର୍ଦ୍ଦନ ନଦୀର ପୂର୍ବପାର୍ଶ୍ୱରେ ବାସ କରୁଥିବା
ଇମୋରୀୟମାନଙ୍କର ଦେଶକୁ ଆଣିଲୁ। ଏହାପରେ
ସେମାନେ ତୁମ୍ଭମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ।
ତେଣୁ ଆମ୍ଭେ ସେମାନଙ୍କୁ ତୁମ୍ଭ ହସ୍ତରେ ସମର୍ପଣ
କଲୁ। ଏହିପରି ତୁମ୍ଭେ ସେମାନଙ୍କର ଦେଶକୁ ଅଧିକାର
କଲ। ଏବଂ ସେମାନଙ୍କୁ ବିନାଶ କଲ।
9ଏହାପରେ ସିପ୍ପୋରର ପୁତ୍ର ବାଲାକ୍ ଯେ କି
ମୋୟାବର ରାଜା ଥିଲା ସେ ପ୍ରସ୍ତୁତ ହେଲା। ଇଶ୍ରାୟେଲଙ୍କ
ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ତାଙ୍କର ରାଜା
ବିୟୋର ପୁତ୍ର ବିଲୀୟମକୁ ପଠାଇଲେ। ସେ ତୁମ୍ଭମାନଙ୍କୁ
ଶାପ ଦେବା ପାଇଁ ବିଲୀୟମକୁ ପଠାଇଲେ। 10କିନ୍ତୁ
ମୁଁ ସଦାପ୍ରଭୁ ବିଲୀୟମର କଥାକୁ ଧ୍ୟାନ ଦେଲି ନାହିଁ।
ସେ ତୁମ୍ଭକୁ ବହୁବାର ଆଶୀର୍ବାଦ କଲା। ଏବଂ ମୁଁ
ତୁମ୍ଭକୁ ତା'ର ଶକ୍ତି କବଳରୁ ରକ୍ଷା କଲି।
11ଏହାପରେ ତୁମ୍ଭେମାନେ ଯର୍ଦ୍ଦନ ପାର ହୋଇ
ଯିରୀହୋକୁ ଗଲ। ଯିରୀହୋ ନଗରର ଲୋକମାନେ
ତୁମ୍ଭମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ। ଏବଂ ତୁମ୍ଭେମାନେ
ମଧ୍ୟ ଇମୋରୀୟ, ପରିଷୀୟ, କିଣାନୀୟ, ହିତ୍ତୀୟ,
ଗିର୍ଗାଶୀୟ, ହିବ୍ବୀୟ ଓ ଯିବୂଷୀୟମାନେ ତୁମ୍ଭ ବିରୁଦ୍ଧରେ
ଯୁଦ୍ଧ କଲେ ଏବଂ ଆମ୍ଭେ ସେମାନଙ୍କୁ ତୁମ୍ଭମାନଙ୍କ
ହାତରେ ସମର୍ପଣ କଲୁ। 12ଯେତେବେଳେ ତୁମ୍ଭର
ସୈନ୍ୟମାନେ ଆଗେଇ ଚାଲିଲେ, ମୁଁ ସେମାନଙ୍କ
ଆଗେ ଆଗେ ବିରୁଡି*ମାନଙ୍କୁ ପଠାଇଲି। ସେହି
ବିରୁଡିମାନେ ସେମାନଙ୍କୁ ସେଠାରୁ ତଡ଼ି ଦେଲେ ଓ
ସେହି ଦୁଇଜଣ ଇମୋରୀୟ ରାଜାଙ୍କୁ ତୁମ୍ଭମାନଙ୍କ
ସମ୍ମୁଖରୁ ତଡି ଦେଲେ। ଯେପରିକି ତୁମ୍ଭର ଖଣ୍ଡା
କିମ୍ବା ଧନୁର ବ୍ୟବହାର ନ କରି ତୁମ୍ଭମାନେ
ଜିତିଗଲ ଓ ସେମାନଙ୍କର ଦେଶକୁ ଅଧିକାର କଲ।
13ମୁଁ ସଦାପ୍ରଭୁ ସେହି ଦେଶ ତୁମ୍ଭକୁ ଦେଲି।
ତୁମ୍ଭେମାନେ ଏ ଦେଶ ପାଇବା ପାଇଁ କିଛି ପରିଶ୍ରମ
କରି ନାହିଁ। ମୁଁ ତୁମ୍ଭକୁ ଯେଉଁ ସହର ଦେଲି ତାକୁ
ତୁମ୍ଭେ ତିଆରି କରି ନ ଥିଲ। ଆମ୍ଭେ ଏଗୁଡ଼ିକୁ
ତୁମ୍ଭକୁ ଦେଲୁ। ଏବଂ ତୁମ୍ଭେମାନେ ସେହି ଦେଶ ଓ
ସହରରେ ବାସ କରୁଛ। ସେଗୁଡ଼ିକ ଆମ୍ଭେ ଦେଇଅଛୁ।
ତୁମ୍ଭେମାନେ ଯେଉଁ ଦ୍ରାକ୍ଷାକ୍ଷେତ୍ର ଓ ଜିତକ୍ଷେତ୍ର ଗୋପଣ
କରିନଥିଲ ତାହା ତୁମ୍ଭେମାନେ ଭୋଗ କରୁଅଛ।"

14ଏହାପରେ ଯିହୋଶୂୟ ଲୋକମାନଙ୍କୁ କହିଲେ, "ବର୍ତ୍ତମାନ
ତୁମ୍ଭେ ସଦାପ୍ରଭୁଙ୍କର ବାକ୍ୟ ଶୁଣିଲ। ତେଣୁ ତୁମ୍ଭେ ସଦାପ୍ରଭୁଙ୍କୁ
ଅନ୍ତରର ସହିତ ସେବା କର ଓ ସମ୍ମାନ ଦିଅ।
ତୁମ୍ଭମାନଙ୍କର ପୂର୍ବପୁରୁଷ ମିଶରରେ ଥିବାବେଳେ ସେବା
କରୁଥିବା ଦେବତାଗଣଙ୍କୁ ଫରାତ୍ ନଦୀର ଅପର ପାର୍ଶ୍ୱକୁ
ଫିଙ୍ଗିଦିଅ। ଏବଂ ବିନା ଦିହୁଦାରେ ଏହି ସଦାପ୍ରଭୁଙ୍କୁ
ସେବା କର।
15"ଯଦି ସଦାପ୍ରଭୁଙ୍କ ସେବା ତୁମ୍ଭ ଦୃଷ୍ଟିରେ ମନ୍ଦ ଦିଶେ।
ତେବେ ତୁମ୍ଭେମାନେ କାହାର ସେବା କରିବ ଆଜି ମନୋନୀତ
କର। ତୁମ୍ଭମାନଙ୍କୁ ଆଜି ନିଷ୍ପତ୍ତି ନେବାକୁ ପଡିବ ଯେ ତୁମ୍ଭେ
କାହାର ସେବା କରିବ। ତୁମ୍ଭେ କ'ଣ ତୁମ୍ଭ ପୂର୍ବପୁରୁଷଗଣ
ଇଉଫ୍ରେଟିସ୍ ନଦୀ ସେପାରିରେ ଥିବା ଦେବତାଗଣଙ୍କୁ ପୂଜା
କରିବ? କିମ୍ବା ସେହି ଦେଶରେ ବାସ କରିଥିବା
ଇମୋରୀୟମାନଙ୍କର ଦେବତାଙ୍କୁ ପୂଜା କରିବ କି? ତୁମ୍ଭେମାନେ
ତୁମ୍ଭମାନଙ୍କ ପାଇଁ ଆଜି ଏହାର ନିଷ୍ପତ୍ତି ନିଅ। କିନ୍ତୁ ମୁଁ ଓ
ମୋର ପରିବାରବର୍ଗ ସେହି ସଦାପ୍ରଭୁ ପରମେଶ୍ୱରଙ୍କୁ ସେବା
କରିବୁ।"
16ଏହାପରେ ସେହି ଲୋକମାନେ ଉତ୍ତର ଦେଲେ,
"ଆମ୍ଭେମାନେ କେବେ ସଦାପ୍ରଭୁଙ୍କ ଅନୁସରଣରୁ ବିଚ୍ୟୁତ

**ବିରୁଡି** ଦର୍ଶନ କରିବା କିଟ ଏକ ବଡ ବିରୁଡି ପରି କିମ୍ବା ଏକ
ମହୁମାଛି। ଏଠାରେ ଏହାର ଅର୍ଥ ପରମେଶ୍ୱରଙ୍କର ଦୂତ କିମ୍ବା
ତାଙ୍କର ଶକ୍ତି ହୋଇପାରେ।

ହେବୁ ନାହିଁ। ଆମ୍ଭେମାନେ କଦାପି ଅନ୍ୟ ଦେବତାମାନଙ୍କୁ
ପୂଜା କରିବୁ ନାହିଁ। **17**ଆମ୍ଭେମାନେ ଜାଣୁ ସଦାପ୍ରଭୁ ପରମେଶ୍ୱର
ଆମ୍ଭମାନଙ୍କର ପୂର୍ବପୁରୁଷମାନଙ୍କୁ ମିଶରରୁ ଆଣିଥିଲେ। ଆମ୍ଭେମାନେ
ସେଠାରେ କ୍ରୀତଦାସ ଥିଲୁ। କିନ୍ତୁ ସଦାପ୍ରଭୁ ଆମ୍ଭମାନଙ୍କ ଆଖି
ଆଗରେ ସେଠାରେ ଏକ ଅଦ୍‌ଭୁତ କାର୍ଯ୍ୟ କରିଛନ୍ତି। ସଦାପ୍ରଭୁ
ପରମେଶ୍ୱର ଆମ୍ଭମାନଙ୍କୁ ସେ ଦେଶରୁ ଆଣିଛନ୍ତି ଓ ଆମ୍ଭେମାନେ
ଯେତେବେଳେ ଅନ୍ୟ ଦେଶକୁ ଗଲୁ, ଆମ୍ଭକୁ ବିପଦରୁ ସୁରକ୍ଷା
ପ୍ରଦାନ କରିଛନ୍ତି। **18**ସଦାପ୍ରଭୁ ଆମ୍ଭମାନଙ୍କୁ ସହାୟ ହେଲେ,
ସେମାନଙ୍କୁ ପରାସ୍ତ କରିବା ପାଇଁ, ଯେଉଁମାନେ ଏହି ଦେଶରେ
ବାସ କରୁଥିଲେ। ସଦାପ୍ରଭୁ ଏହି ଦେଶନିବାସୀ ଇମୋରୀୟମାନଙ୍କୁ
ମଧ୍ୟ ପରାସ୍ତ କରିଛନ୍ତି, ଯେଉଁଠାରେ ଆମ୍ଭେ ବର୍ତ୍ତମାନ ବାସ
କରୁଅଛୁ। ତେଣୁ ଆମ୍ଭେ ସଦାପ୍ରଭୁଙ୍କୁ ସେବା କରିବା ଉଚିତ୍
ନୁହେଁ କି? ନା ସେ ହେଉଛନ୍ତି ଆମ୍ଭର ସଦାପ୍ରଭୁ ପରମେଶ୍ୱର।"
**19**ଏହାପରେ ଯିହୋଶୂୟ ଲୋକମାନଙ୍କୁ କହିଲେ, "ଏହା
ସତ୍ୟ ନୁହେଁ? ତୁମ୍ଭେମାନେ ସଦାପ୍ରଭୁଙ୍କର ସେବା କରିପାରିବାକୁ
ସକ୍ଷମ ହେବ ନାହିଁ। କାରଣ ସଦାପ୍ରଭୁ ପରମେଶ୍ୱର ପବିତ୍ର।
ସେ ଜଣେ ଈର୍ଷାପରାୟଣ ପରମେଶ୍ୱର ଅଟନ୍ତି। ସଦାପ୍ରଭୁ
ତୁମ୍ଭକୁ କ୍ଷମା କରିବେ ନାହିଁ, ଯଦି ତୁମ୍ଭେମାନେ ଏହିପରି
ଭାବରେ ତାଙ୍କର ବିରୁଦ୍ଧାଚରଣ କର। **20**ତୁମ୍ଭେମାନେ
ଯଦି ସଦାପ୍ରଭୁଙ୍କୁ ପରିତ୍ୟାଗ କରି ବିଦେଶୀୟ ଦେବତାମାନଙ୍କୁ
ସେବା କର, ତେବେ ସଦାପ୍ରଭୁ ତୁମ୍ଭର ଅମଙ୍ଗଳ
କରିବେ। ସେ ତୁମ୍ଭର ମଙ୍ଗଳ କରିଥିଲେ ହେଁ ସେ ତୁମ୍ଭକୁ
ସଂହାର କରିବେ।"
**21**କିନ୍ତୁ ସେହି ଲୋକମାନେ ଯିହୋଶୂୟଙ୍କୁ କହିଲେ,
"ନା, ଆମ୍ଭେମାନେ ସଦାପ୍ରଭୁଙ୍କୁ ହିଁ ସେବା କରିବୁ।"
**22**ଏହାପରେ ଯିହୋଶୂୟ ଲୋକମାନଙ୍କୁ କହିଲେ, "ତୁମ୍ଭେ
ନିଜ ପାଇଁ ନିଜେ ସାକ୍ଷୀ କି? ତୁମ୍ଭେ ସଦାପ୍ରଭୁଙ୍କ ସେବା
ଉପାସନା କରୁଛ ବୋଲି?"

ଲୋକମାନେ ଉତ୍ତର ଦେଇ କହିଲେ, "ହଁ, ଏହା ସତ୍ୟ
ନୁହଁ! ହଁ ଆମ୍ଭେ ସମସ୍ତେ ଏହାର ସାକ୍ଷୀ ରହିଲୁ। ଆମ୍ଭେମାନେ
ସଦାପ୍ରଭୁଙ୍କର ଉପାସନା କରିବୁ।"
**23**ଏହାପରେ ଯିହୋଶୂୟ କହିଲେ, "ତୁମ୍ଭମାନଙ୍କ ମଧ୍ୟରେ
ଥିବା ଭଣ୍ଡ ଦେବତାମାନଙ୍କୁ ଫୋପାଡି ଦିଅ ଏବଂ ଇଶ୍ରାୟେଲର
ସଦାପ୍ରଭୁ ପରମେଶ୍ୱରଙ୍କୁ ଉପାସନା କର।"
**24**ଏହାପରେ ଲୋକମାନେ ଯିହୋଶୂୟଙ୍କୁ କହିଲେ,
"ଆମ୍ଭେମାନେ ସଦାପ୍ରଭୁ ପରମେଶ୍ୱରଙ୍କୁ ଉପାସନା କରିବୁ।
ଆମ୍ଭେ ସଦାପ୍ରଭୁଙ୍କର ବାକ୍ୟ ମାନି ଚାଲିବୁ।"
**25**ତେଣୁ ସେହିଦିନ ଯିହୋଶୂୟ ସେହି ଲୋକମାନଙ୍କ
ସହିତ ଏକ ଚୁକ୍ତି କଲେ। ଯିହୋଶୂୟ ଏହି ଚୁକ୍ତିନାମା ଶିଖିମ୍
ସହରରେ କଲେ। ଏହା ସେମାନଙ୍କ ପାଇଁ ଅନୁସରଣ
କରିବାର ଏକ ନିୟମ ସ୍ୱରୂପ ହେଲା। **26**ଯିହୋଶୂୟ ଏହାକୁ
ଲେଖି ରଖିଲେ, ସଦାପ୍ରଭୁଙ୍କ ନିୟମ ପୁସ୍ତକରେ ଏବଂ ଏକ
ବୃହତ ପ୍ରସ୍ତର ନେଇ ସଦାପ୍ରଭୁଙ୍କ ପବିତ୍ର ଆବାସର ନିକଟବର୍ତ୍ତୀ
ଆଲୋନ୍ ବୃକ୍ଷ ମୂଳେ ସ୍ଥାପନ କଲେ।
**27**ଏହାପରେ ଯିହୋଶୂୟ ଲୋକମାନଙ୍କୁ କହିଲେ, "ଏହି
ପ୍ରସ୍ତର ଆମ୍ଭମାନଙ୍କ ପ୍ରତିକୂଳରେ ସାକ୍ଷୀ ହେବ। କାରଣ
ସଦାପ୍ରଭୁ ଆମ୍ଭମାନଙ୍କୁ ଯେଉଁସବୁ କଥା କହିଥିଲେ, ପ୍ରତ୍ୟେକ
କଥାକୁ ଏହା ଶୁଣି ଅଛି। ତେଣୁ ଏହା ସାକ୍ଷୀ ହୋଇ ଠିଆ
ହେବ, ଯାହା ଫଳରେ ତୁମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର
ବିରୁଦ୍ଧରେ ଯାଅନାହିଁ।"
**28**ଏହାପରେ ଯିହୋଶୂୟ ଉପସ୍ଥିତ ସମସ୍ତ ଲୋକମାନଙ୍କୁ
ଗୃହକୁ ଫେରିଯିବା ପାଇଁ କହିଲେ। ତେଣୁ ପ୍ରତ୍ୟେକ ଲୋକ
ନିଜ ନିଜ ଦେଶକୁ ଫେରିଗଲେ।

## ଯିହୋଶୂୟଙ୍କର ମୃତ୍ୟୁ

**29**ଏହାପରେ ନୂନର ପୁତ୍ର ଓ ସଦାପ୍ରଭୁଙ୍କର ସେବକ
ଯିହୋଶୂୟଙ୍କର ମୃତ୍ୟୁ ହେଲା। ତାଙ୍କୁ ସେତେବେଳେ 110
ବର୍ଷ ହୋଇଥିଲା। **30**ଏହାପରେ ଲୋକମାନେ ଗାଶ ପର୍ବତର
ଉତ୍ତର ପାର୍ଶ୍ୱରେ ଇଫ୍ରୟିମର ପର୍ବତମୟ ଦେଶସ୍ଥ ତିମ୍ନାତ୍-
ସେରହରେ ତାଙ୍କର ନିଜର ଜମି ମଧ୍ୟରେ ତାଙ୍କୁ କବର
ଦେଲେ। **31**ଇଶ୍ରାୟେଲୀୟମାନେ ସଦାପ୍ରଭୁଙ୍କୁ ଉପାସନା
କରିଥିଲେ, ତାଙ୍କର ମୃତ୍ୟୁ ପରେ ମଧ୍ୟ ସେମାନେ ସଦାପ୍ରଭୁଙ୍କର
ଉପାସନା କଲେ। ସେମାନଙ୍କର ବୟୋଜ୍ୟେଷ୍ଠଗଣ ବଞ୍ଚିଥିଲା
ଯାଏଁ ସେମାନେ ସଦାପ୍ରଭୁଙ୍କର ଉପାସନା କରିବା ଜାରି
ରଖିଲେ। ଏହି ମୁଖିଆମାନେ ଦେଖିଥିଲେ ସଦାପ୍ରଭୁ ଇଶ୍ରାୟେଲକୁ
ଯାହା କରିଥିଲେ।

## ଯୋଷେଫଙ୍କର ଗୃହକୁ ପ୍ରତ୍ୟାବର୍ତ୍ତନ

**32**ଯେତେବେଳେ ଇଶ୍ରାୟେଲବାସୀମାନେ ମିଶରକୁ ପରିତ୍ୟାଗ
କଲେ। ସେତେବେଳେ ଯୋଷେଫଙ୍କ ଏହି ଅସ୍ଥିସବୁ ତାଙ୍କ
ସହିତ ନେଇ ଆସିଥିଲେ। ତେଣୁ ଲୋକମାନେ ଯୋଷେଫଙ୍କର
ଏହିସବୁ ଅସ୍ଥିକୁ ଶିଖିମଠାରେ କବର ଦେଲେ। ସେମାନେ
ତାଙ୍କର ଏହିସବୁ ଅସ୍ଥିକୁ ସେହି ଭୂମିରେ କବର ଦେଲେ,
ଯେଉଁ ସ୍ଥାନ ଶିଖିମର ପିତା ହାମୋର ସନ୍ତାନମାନଙ୍କଠାରୁ
କ୍ରୟ କରିଥିଲେ। ଯାକୁବ ସେହି ଭୂମିକୁ ଏକଶହ ରୌପ୍ୟ
ମୁଦ୍ରାରେ ତାହାକୁ କ୍ରୟ କରିଥିଲେ। ଏହି ଭୂମି ଯୋଷେଫଙ୍କର
ସନ୍ତାନମାନଙ୍କର ଅଧିକାରରେ ରହିଲା।
**33**ହାରୋଣର ପୁତ୍ର, ଇଲୀୟାସର ମଲେ, ଓ ଇଫ୍ରୟିମର
ପାର୍ବତ୍ୟମୟ ଦେଶର ଗିବିହଠାରେ ତାଙ୍କୁ କବର ଦିଆଗଲା।
ତାଙ୍କର ପୁତ୍ର ପୀନହସଙ୍କୁ ଗିବୟୋନ ଦିଆଗଲା।

# ଦ୍ୱିତୀୟ ବିବରଣ

## ମୋଶା ଇସ୍ରାୟେଲ ଲୋକମାନଙ୍କୁ କହିଲେ

1 ମୋଶା ଇସ୍ରାୟେଲର ସମସ୍ତ ଲୋକମାନଙ୍କୁ ଏହା କହିଲେ।
ଯେତେବେଳେ ସୂଫ ସେପାରସ୍ଥିତ ପାରଣ, ତୋଫଲ,
ଲାବନ, ହତ୍ସେରୋତ୍ ଓ ଦୀଷାହବର ମଧ୍ୟରେ ସେମାନେ
ଯର୍ଦ୍ଦନ ନଦୀର ପୂର୍ବପାରସ୍ଥିତ ପ୍ରାନ୍ତରକୁ ପାର ହେଉଥିବା
ସମୟରେ ମୋଶା ଏହି ବାର୍ତ୍ତାସବୁ କହିଥିଲେ।
2ସେୟୀର ପର୍ବତ ଦେଇ ହୋରେବଠାରୁ କାଦେଶ-ବର୍ଣ୍ଣେୟ
ପର୍ଯ୍ୟନ୍ତ ଯାତ୍ରା ସାଧାରଣତଃ ଏଗାର ଦିନ ଲାଗେ। 3କିନ୍ତୁ
ଏହାଥିଲା ଚାଳିଶତମ ବର୍ଷର ଏକାଦଶ ମାସର ପ୍ରଥମ ଦିନରେ
ମୋଶା ଇସ୍ରାୟେଲୀୟମାନଙ୍କୁ ସଦାପ୍ରଭୁଙ୍କର ଆଜ୍ଞା ଅନୁସାରେ
ସଦାପ୍ରଭୁଙ୍କର ବାକ୍ୟମାନ କହିଥିଲେ। 4ସଦାପ୍ରଭୁ ହିଷ୍ବୋନ
ନିବାସୀ ଇମୋରୀୟମାନଙ୍କ ରାଜା ସୀହୋନକୁ ଓ ଅଷ୍ଟାରୋତ୍
ନିବାସୀ ବାଶନର ରାଜା ଓଗକୁ ଇଦ୍ରିୟୀରେ ପରାସ୍ତ କଲାପରେ।
5ଇସ୍ରାୟେଲୀୟମାନେ ଯର୍ଦ୍ଦନ ନଦୀର ପୂର୍ବପାଶରେ ଥିଲେ,
ଯାହାକି ମୋୟାବ ଦେଶରେ ଥିଲା ଏବଂ ମୋଶା ବ୍ୟବସ୍ଥା
ବାଖ୍ୟା କରିବାକୁ ଆରମ୍ଭ କଲେ।
6"ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର ହୋରେବରେ
କହିଥିଲେ। ସେ କହିଲେ, 'ତୁମ୍ଭେମାନେ ଏହି ପର୍ବତରେ
ଯଥେଷ୍ଟ ସମୟ ବାସକରି ଅଛ। 7ଇମୋରୀୟମାନଙ୍କ ପର୍ବତ
ଦେଶକୁ ଯାଅ। ତୁମ୍ଭେ ସେହି ଦେଶର ପଡୋଶୀ ଅଞ୍ଚଳଗୁଡ଼କୁ
ଯାଅ, ପର୍ବତମୟ ଦେଶ, ଯର୍ଦ୍ଦନର ଉପତ୍ୟକାକୁ ତଳଭୂମି,
ମରୁଭୂମି ଏବଂ ସମୁଦ୍ର ଉପକୂଳ ସମେତ କିଣାନୀୟମାନଙ୍କ
ସମସ୍ତଦେଶ ଓ ଲିବାନୋନ୍ ଦେଇ ଫରାତ ନଦୀ ପର୍ଯ୍ୟନ୍ତ
ଯାଅ। 8ଦେଖ, ଆମ୍ଭେ ତୁମ୍ଭମାନଙ୍କୁ ଏହି ଦେଶ ଦେଇଅଛୁ,
ଏହାସବୁ ତୁମ୍ଭମାନଙ୍କର, ଯାଅ ଏବଂ ଏହାକୁ ଅଧିକାର କର।
ଆମ୍ଭେ ତୁମ୍ଭର ପୂର୍ବପୁରୁଷ ଯଥା: ଅବ୍ରହାମ, ଇସହାକ୍ ଓ
ଯାକୁବଙ୍କୁ ଏହା ଦେବା ପାଇଁ ଶପଥ କରିଥିଲୁ, ଆମ୍ଭେ
ସେମାନଙ୍କୁ ଓ ସେମାନଙ୍କର ବଂଶଧରମାନଙ୍କୁ ଏହି ଦେଶମାନ
ଦେବା ପାଇଁ ଶପଥ କରିଥିଲୁ।'"

## ମୋଶା ନେତାମାନଙ୍କୁ ବାଛିଲେ

9ମୋଶା କହିଲେ, "ସେ ସମୟରେ ମୁଁ ତୁମ୍ଭମାନଙ୍କୁ
କହିଲି, ମୁଁ ଏକା ତୁମ୍ଭମାନଙ୍କର ଭଲ ମନ୍ଦ ବୁଝି ପାରିବି
ନାହିଁ। 10ବର୍ତ୍ତମାନ ତୁମ୍ଭମାନଙ୍କର ସଂଖ୍ୟା ବେଶୀ ଏବଂ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କର ସଂଖ୍ୟା
ବୃଦ୍ଧି କରିଛନ୍ତି, ତେଣୁ ତୁମ୍ଭେମାନେ ଆକାଶର ତାରାମାନଙ୍କ
ତୁଲ୍ୟ ବହୁତ। 11ତୁମ୍ଭେମାନେ ଏବେ ଯେତେ ଅଛ, ସଦାପ୍ରଭୁ
ତୁମ୍ଭମାନଙ୍କର ପୂର୍ବପୁରୁଷ ପରମେଶ୍ୱର ତୁମ୍ଭମାନଙ୍କୁ ସହସ୍ରଗୁଣ
କରନ୍ତୁ। ସେ ଯେପରି ତୁମ୍ଭମାନଙ୍କୁ ପ୍ରତିଜ୍ଞା କରିଛନ୍ତି,
ସେହିପରି ଆଶୀର୍ବାଦ କରନ୍ତୁ। 12କିନ୍ତୁ ମୁଁ ଏକାକି ତୁମ୍ଭମାନଙ୍କର
ସମସ୍ୟା, ବିବାଦ ଓ ଭାର ବୁଝି ପାରିବି ନାହିଁ। 13ତେଣୁ ମୁଁ
କହିଲି, 'ତୁମ୍ଭେମାନେ ତୁମ୍ଭମାନଙ୍କ ପ୍ରତ୍ୟେକ ଗୋଷ୍ଠୀରୁ ବୁଦ୍ଧିମାନ
ଓ ବିଖ୍ୟାତ ଲୋକମାନଙ୍କୁ ଜଣଜଣକୁ ବାଛ। ମୁଁ ସେମାନଙ୍କୁ
ତୁମ୍ଭମାନଙ୍କ ଉପରେ ନେତା ରୂପେ ନିଯୁକ୍ତ କରିବି। ଏହିପରି
ଲୋକମାନଙ୍କୁ ମନୋନୀତ କର, ଯେଉଁମାନେ ବୁଦ୍ଧିମାନ,
ବିଚାରଶୀଳ, ଜ୍ଞାନ ଓ ଅଭିଜ୍ଞ ହୋଇଥିବେ।'
14"ଏବଂ ତୁମ୍ଭେମାନେ କହିଥିଲ, 'ଏହା ଆମ୍ଭମାନଙ୍କର
କରିବା ଭଲ।'
15"ତେଣୁ ମୁଁ ତୁମ୍ଭମାନଙ୍କ ଗୋଷ୍ଠୀ ସମୂହ ମଧ୍ୟରୁ ଜ୍ଞାନ
ଓ ଅଭିଜ୍ଞ ଲୋକମାନଙ୍କୁ ତୁମ୍ଭମାନଙ୍କ ଉପରେ ନେତାରୂପେ
ନିଯୁକ୍ତ କଲି। ଏହିରୂପେ ତୁମ୍ଭମାନଙ୍କ ଉପରେ ସହସ୍ରପତି,
ଶତପତି, ପଞ୍ଚାଶତପତି, ଦଶପତିମାନଙ୍କୁ ନିଯୁକ୍ତ କଲି, ଏବଂ
ପ୍ରତ୍ୟେକ ଗୋଷ୍ଠୀ ପାଇଁ ଅଧ୍ୟକ୍ଷମାନଙ୍କୁ ମଧ୍ୟ ନିଯୁକ୍ତ ଦେଲି।
16"ସେହି ସମୟରେ, ମୁଁ ତୁମ୍ଭର ବିଚାରପତିମାନଙ୍କୁ
କହିଥିଲି, 'ତୁମ୍ଭେ ତୁମ୍ଭର ଲୋକମାନଙ୍କର ବିବାଦ ଶୁଣ ଓ
ତାହାର ଯଥାର୍ଥ୍ୟ ବିଚାରକର। ଏହା ଇସ୍ରାୟେଲୀୟ ଓ
ଇସ୍ରାୟେଲୀୟମାନଙ୍କ ମଧ୍ୟରେ ହେଉ ବା ଇସ୍ରାୟେଲୀୟ ଓ
ବିଦେଶୀମାନଙ୍କ ମଧ୍ୟରେ ହେଉ, ତୁମ୍ଭର ବିଚାର ନିରପେକ୍ଷ
ହେବ। 17ତୁମ୍ଭେ ଯେତେବେଳେ ବିଚାର କରୁଛ ସେତେବେଳେ
କୌଣସି ଲୋକକୁ ପ୍ରାଧାନ୍ୟ ଦିଅ ନାହିଁ, ସମସ୍ତଙ୍କୁ ସମାନ
ନ୍ୟାୟ ଦିଅ। ତୁମ୍ଭେ କାହାରିକୁ ଭୟକର ନାହିଁ, କାରଣ
ତୁମ୍ଭର ବିଚାର ପରମେଶ୍ୱରଙ୍କଠାରୁ ଆସିଥାଏ। କିନ୍ତୁ କୌଣସି
ବିଚାର ଯଦି ତୁମ୍ଭକୁ କଷ୍ଟ ହୁଏ ବା ଜଟିଳ ହୁଏ, ତେବେ
ସେ ସମସ୍ୟା ମୋ ପାଖକୁ ଆଣିବ, ମୁଁ ତା'ର ସମାଧାନ
କରିଦେବି।' 18ସେହି ସମୟରେ, ମୁଁ ମଧ୍ୟ ତୁମ୍ଭମାନଙ୍କୁ
କହିଥିଲି, ତୁମ୍ଭର କର୍ତ୍ତବ୍ୟ ଓ କର୍ମ ବିଷୟରେ।

## ଗୁପ୍ତଚରମାନେ କିଣାନ ଦେଶକୁ ଗଲେ

19"ଏହାପରେ ଆମ୍ଭେ ସଦାପ୍ରଭୁ ଆମ୍ଭମାନଙ୍କର
ପରମେଶ୍ୱରଙ୍କର ଆଜ୍ଞା ଅନୁସାରେ ହୋରେବ ପରିତ୍ୟାଗ
କଲୁ। ଏବଂ ଇମୋରୀୟମାନଙ୍କର ପର୍ବତମୟ ଦେଶକୁ ଯାତ୍ରା
କଲୁ। ଆମ୍ଭେମାନେ ଯେଉଁ ବିସ୍ତୀର୍ଣ୍ଣ, ଯେଉଁ ଭୟଙ୍କର ପ୍ରାନ୍ତର
ଯିବା ବାଟରେ ଦେଖିଲୁ, ତା ମଧ୍ୟଦେଇ ଯାଇ କାଦେଶ
ବର୍ଣ୍ଣେୟରେ ପହଞ୍ଚିଲୁ। 20ଏହାପରେ ମୁଁ ତୁମ୍ଭମାନଙ୍କୁ କହିଲି,
'ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର ଆମ୍ଭମାନଙ୍କୁ ଯେଉଁ
ଇମୋରୀୟମାନଙ୍କର ପର୍ବତମୟ ଦେଶ ଦେବେ, ସେହିଠାରେ
ଆମ୍ଭେମାନେ ଏବେ ଉପସ୍ଥିତ। 21ଦେଖ, ସଦାପ୍ରଭୁ ପରମେଶ୍ୱର
ତୁମ୍ଭ ଆଗରେ ସେହିଦେଶ ଦେଇଛନ୍ତି। ଯାଅ, ତୁମ୍ଭମାନଙ୍କ
ପାଇଁ ତାହା ଅଧିକାର କର। ସଦାପ୍ରଭୁ ତୁମ୍ଭମାନଙ୍କର
ପୂର୍ବପୁରୁଷମାନଙ୍କୁ ପରମେଶ୍ୱରଙ୍କ ଆଜ୍ଞାନୁସାରେ ଏପରି କରିବାକୁ

କହିଥିଲେ। ତେଣୁ ତୁମ୍ଭମାନଙ୍କର ଭୟ କି ନିରାଶ ହୁଅ
ନାହିଁ।’

22“କିନ୍ତୁ ତୁମ୍ଭେମାନେ ମୋ ନିକଟକୁ ଆସିଲ ଏବଂ
କହିଲ, ‘ଆସ ଆମ୍ଭମାନଙ୍କ ଆଗରେ ଲୋକମାନଙ୍କୁ ପଠାଇବା,
କିଏ ସେହି ଦେଶକୁ ଆମ୍ଭ ପାଇଁ ଗୋପନରେ ସନ୍ଧାନ କରିବ
ଏବଂ ତଥ୍ୟ ଆଣିବ ଏବଂ ଆମ୍ଭମାନଙ୍କୁ ନିର୍ଦ୍ଦେଶ ଦେବ।
କେଉଁ ପଥ ଦେଇ ଆମ୍ଭମାନଙ୍କର ଯିବା ପାଇଁ ଉଚିତ୍ ଏବଂ
କେଉଁ ନଗରମାନଙ୍କୁ ଆମ୍ଭମାନଙ୍କର ଯିବା ଉଚିତ୍।’

23“ମୁଁ ଭାବିଲି ଏହା ଏକ ଉତ୍ତମ ଧାରଣା ଥିଲା।
ତେଣୁ ମୁଁ ତୁମ୍ଭମାନଙ୍କର ପ୍ରତ୍ୟେକ ପରିବାରବର୍ଗରୁ
ଜଣେ ଜଣେ କରି ବାରଜଣଙ୍କୁ ବାଛିଲି। 24ଏହାପରେ
ସେମାନେ ସେହି ପର୍ବତମୟ ଦେଶକୁ ଗଲେ ଓ
ଇଷ୍କୋଲ ଉପତ୍ୟାକାରେ ପହଞ୍ଚିଲେ ଏବଂ ସେହି ଦେଶରେ
ଗୁପ୍ତ ଦୃଷ୍ଟି ରଖିଲେ। 25ସେମାନେ କିଛି ଫଳଧରି
ସେହି ସ୍ଥାନରୁ ଆମ୍ଭମାନଙ୍କ ନିକଟକୁ ଆସିଲେ। ସେମାନେ
ସେହି ଦେଶ ବିଷୟରେ ଆମ୍ଭମାନଙ୍କୁ କହିଲେ,
‘ସଦାପ୍ରଭୁ ଆମ୍ଭର ପରମେଶ୍ୱର ଆମ୍ଭମାନଙ୍କୁ ଏକ
ଉତ୍ତମ ଦେଶ ଦେଇଛନ୍ତି।’

26“କିନ୍ତୁ ତୁମ୍ଭେ ସେ ଦେଶକୁ ଯିବାକୁ ମନା କରିଦେଲି।
ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କର ଆଜ୍ଞା
ବିରୁଦ୍ଧରେ ବିଦ୍ରୋହ ଚରଣ କଲି। 27ତୁମ୍ଭେମାନେ ଆପଣାର
ତୁମ୍ଭମାନଙ୍କର ତମ୍ବୁକୁ ଯାଇ ଅଭିଯୋଗ କରି କହିଲ,
‘ସଦାପ୍ରଭୁ ଆମ୍ଭକୁ ଘୃଣା କରନ୍ତି। ତେଣୁ ସେ ଆମ୍ଭମାନଙ୍କୁ
ଇମୋରୀୟମାନଙ୍କ ହସ୍ତରେ ସମର୍ପଣ କରି ବିନାଶ କରିବା
ନିମନ୍ତେ, ଆମ୍ଭମାନଙ୍କୁ ଏଠାକୁ ଆଣିଛନ୍ତି। 28ଆମ୍ଭେମାନେ
ବର୍ତ୍ତମାନ କେଉଁଠାକୁ ଯିବା? ଆମ୍ଭର ଭାଇମାନେ ଆମ୍ଭମାନଙ୍କ
ମନରେ ତଥ୍ୟ ପ୍ରଦାନ କରି ଭୟ ସଂଚାର କରିଛନ୍ତି।
ସେମାନେ କହିଲେ, ସେଠାକାର ଲୋକମାନେ ଆମ୍ଭମାନଙ୍କଠାରୁ
ବଳବାନ ଓ ଦୀର୍ଘ୍ୟକାୟ। ତାଙ୍କର ନଗରମାନ ବୃହତ ଏବଂ
ତା’ର ପ୍ରାଚୀରଗୁଡ଼ିକୁ ଆକାଶ ସ୍ପର୍ଶ କରିଛି। ଏବଂ ଆମ୍ଭେମାନେ
ସେଠାରେ ଅନାକୀୟମାନଙ୍କର ଦୀର୍ଘ୍ୟକାୟ ସନ୍ତାନମାନଙ୍କୁ
ଦେଖିଲୁ।’

29“ତେଣୁ ମୁଁ ତୁମ୍ଭମାନଙ୍କୁ କହିଲି, ‘ତ୍ରାସ କର ନାହିଁ କି
ଭୟ କର ନାହିଁ। 30ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ତୁମ୍ଭମାନଙ୍କର ଆଗେଆଗେ ଗମନ କରୁଛନ୍ତି। ସେ ମିଶରରେ
ଯେପରି କରିଥିଲେ, ଏହିଠାରେ ମଧ୍ୟ ସେହିପରି କରିବେ।
ସଦାପ୍ରଭୁ ତୁମ୍ଭମାନଙ୍କ ସପକ୍ଷରେ ଯୁଦ୍ଧ କରିବେ। 31ମରୁଭୂମିରେ
ତୁମ୍ଭେମାନେ ଦେଖିଅଛ, ମନୁଷ୍ୟମାନେ ଆପଣା ସନ୍ତାନମାନଙ୍କୁ
ବୋହିବାପରି ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କୁ
ଏହିଠାରେ ପହଞ୍ଚିବା ପର୍ଯ୍ୟନ୍ତ, ତୁମ୍ଭମାନଙ୍କର ଗମନର ସମସ୍ତ
ପଥରେ ତୁମ୍ଭମାନଙ୍କୁ କିପରି ବୋହିଛନ୍ତି।’

32“କିନ୍ତୁ ତଥାପି ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱରଙ୍କଠାରେ ବିଶ୍ୱାସ କଲ ନାହିଁ। 33ଯେତେବେଳେ
ତୁମ୍ଭେମାନେ ଯାତ୍ରା କରୁଥିଲ, ସେ ତୁମ୍ଭର ଆଗେ ଆଗେ
ଯାଇ ତୁମ୍ଭମାନଙ୍କର ତମ୍ବୁ ପକାଇବା ନିମନ୍ତେ, ସ୍ଥାନ ନିରୁପଣ
କରୁଥିଲେ। ଏବଂ ତୁମ୍ଭମାନଙ୍କୁ ପଥ ଦେଖାଇବା ପାଇଁ ସେ
ରାତ୍ରିରେ ଅଗ୍ନିଶିଖା, ଦିନରେ ମେଘସ୍ତମ୍ଭଦ୍ୱାରା ଗମନ କଲେ।

## ଲୋକମାନଙ୍କୁ କିଣାନରେ ପ୍ରବେଶ ନିଷେଧ

34“ସଦାପ୍ରଭୁ ତୁମ୍ଭମାନଙ୍କର କଥା ଶୁଣିଲେ, ଏବଂ କ୍ରୋଧ
କଲେ। ସେ ଦୃଢ଼ ପ୍ରତିଜ୍ଞା କରି କହିଲେ। 35‘ମୁଁ ତୁମ୍ଭମାନଙ୍କ
ପୂର୍ବପୁରୁଷମାନଙ୍କୁ ଯେଉଁ ଉତ୍ତମ ଦେଶ ଦେବାକୁ ଶପଥ
କରିଥିଲି, ଏହି ସେହି ଦେଶ। ଏହି ପୀଢ଼ୀର ଦୁଷ୍ଟ ଲୋକମାନେ
କେବେ ସେହି ଦେଶ ଦେଖିବେ ନାହିଁ। 36କେବଳ ଯିଫୁନ୍ନିର
ପୁତ୍ର କାଲେବ୍ ସେହି ଦେଶକୁ ଦେଖିବ। ମୁଁ କାଲେବକୁ
ସେହିଦେଶ ଦେବି, ଯେଉଁ ଦେଶ ଦେଇ ସେ ଗଲା। ତାଙ୍କର
ଭବିଷ୍ୟଦ୍ ବଂଶଧରମାନେ ମଧ୍ୟ ତାହା ପାଇବେ। କାରଣ
କାଲେବ ସଦାପ୍ରଭୁଙ୍କୁ ସମ୍ପୂର୍ଣ୍ଣଭାବରେ ଅନୁସରଣ କରୁଛନ୍ତି।’

37“ସଦାପ୍ରଭୁ ତୁମ୍ଭମାନଙ୍କ ପାଇଁ ମୋ ଉପରେ କ୍ରୋଧିତ
ହେଲେ। ସେ ମୋତେ କହିଲେ, ‘ମୋଶା, ତୁମ୍ଭେ ମଧ୍ୟ ସେ
ସ୍ଥାନରେ ପ୍ରବେଶ କରିବ ନାହିଁ। 38କିନ୍ତୁ ତୁମ୍ଭର ସହକର୍ମୀ
ପରିଚାରକ ନୂନର ପୁତ୍ର ଯିହୋଶୂୟ ସେ ସ୍ଥାନରେ ପ୍ରବେଶ
କରିବ। ତାକୁ ସାହାସ ଦିଅ। ଯେହେତୁ ସେ ଇଶ୍ରାୟେଲକୁ
ତାଙ୍କର ଭୂମିକୁ ଅଧିକାର କରାଇବ।’

39“ସଦାପ୍ରଭୁ କହିଲେ, ‘ତୁମ୍ଭେମାନେ କହୁଥିଲ ତୁମ୍ଭର
ପିଲାମାନେ ଲୁଣ୍ଠିତ ହେବେ, ତୁମ୍ଭମାନଙ୍କର ଶତ୍ରୁମାନଙ୍କ ଦ୍ୱାରା।
କିନ୍ତୁ ସେହି ପିଲାମାନେ ସେହି ଦେଶକୁ ଯିବେ ଏବଂ
ସେମାନଙ୍କୁ ସେହି ସ୍ଥାନ ଦେବା। ଆମ୍ଭେ ତୁମ୍ଭର ପିଲାମାନଙ୍କୁ
ଦୋଷ ଦେବା ନାହିଁ। ତୁମ୍ଭର ଦୋଷ ପାଇଁ, କାରଣ
ସେମାନଙ୍କର ଭଲମନ୍ଦ ବିଚାର କରିବାର ଜ୍ଞାନ ନାହିଁ।
ସେମାନେ ବହୁତ ସାନ, ସେମାନେ ଠିକ୍ ଭୁଲ ବୁଝିପାରୁ
ନାହାଁନ୍ତି। ତୁମ୍ଭମାନଙ୍କର ପିଲାମାନଙ୍କୁ ସେହିଦେଶ ସବୁ ଦେବି।
40କିନ୍ତୁ ତୁମ୍ଭେମାନେ ସୁଫ ସମୁଦ୍ର ପଥଦେଇ ପ୍ରାନ୍ତରକୁ
ଫେରିଯାଅ।’

41“ଏହାପରେ ତୁମ୍ଭେମାନେ କହିଲ, ‘ମୋଶା, ଆମ୍ଭେ
ସଦାପ୍ରଭୁଙ୍କ ବିରୁଦ୍ଧରେ ପାପ କରିଅଛୁ। କିନ୍ତୁ ଏବେ ସଦାପ୍ରଭୁ
ଆମ୍ଭମାନଙ୍କର ପରମେଶ୍ୱର ଆମ୍ଭମାନଙ୍କୁ ଯେପରି ଆଜ୍ଞା
ଦେଇଛନ୍ତି, ସେହିପରି ଆମ୍ଭେ ଯୁଦ୍ଧ କରିବା।’ ଏହାପରେ
ତୁମ୍ଭେମାନେ ନିଜ ନିଜର ଯୁଦ୍ଧଅସ୍ତ୍ର ଧରି ପର୍ବତ ଉପରକୁ
ଯିବାକୁ ଅଗ୍ରସର ହେଲ। ତୁମ୍ଭେମାନେ ଭାବିଲ ଏହା
ଆମ୍ଭମାନଙ୍କ ପାଇଁ ପାର୍ବତ୍ୟମୟ ଦେଶ ଅଧିକାର କରିବାକୁ
ସୁବିଧା ହେବ।

42“କିନ୍ତୁ ସଦାପ୍ରଭୁ ମୋତେ କହିଲେ, ‘ଲୋକମାନଙ୍କୁ
ମନାକର ସେଠାକୁ ଯାଇ ଯୁଦ୍ଧ କରିବା ପାଇଁ। କାରଣ ଆମ୍ଭେ
ସେମାନଙ୍କ ସହିତ ଯିବୁ ନାହିଁ, ତେଣୁ ସେମାନଙ୍କର ଶତ୍ରୁମାନେ
ସେମାନଙ୍କୁ ପରାସ୍ତ କରିବେ।’

43“ମୁଁ ତୁମ୍ଭମାନଙ୍କୁ ଏହା କହିଲି, କିନ୍ତୁ ତୁମ୍ଭେମାନେ ମୋ
କଥା ଶୁଣିଲ ନାହିଁ। ତୁମ୍ଭେମାନେ ସଦାପ୍ରଭୁଙ୍କର ଆଦେଶ
ବିରୁଦ୍ଧରେ ବିଦ୍ରୋହ କଲ। ନିଜ ବଳରେ ଯୁଦ୍ଧ କରିବା ପାଇଁ
ତୁମ୍ଭେମାନେ ପର୍ବତ ଉପରକୁ ଚଢିଲ। 44କିନ୍ତୁ ଇମୋରୀୟ
ଲୋକମାନେ ତୁମ୍ଭମାନଙ୍କ ସହିତ ଯୁଦ୍ଧ କରିବାକୁ ବାହାରି
ପଡ଼ିଲେ ଓ ସେମାନେ ମହୁମାଛି ପରି ସେମାନଙ୍କୁ ତଡ଼ି
ଦେଲେ। ସେମାନେ ତୁମ୍ଭମାନଙ୍କୁ ସେୟୀରରେ ହର୍ମା ପର୍ଯ୍ୟନ୍ତ
ତୁମ୍ଭମାନଙ୍କୁ ପରାସ୍ତ କଲେ। 45ଏହାପରେ ତୁମ୍ଭେମାନେ ଆମ୍ଭ
ନିକଟକୁ ଫେରି ଆସି ସାହାଯ୍ୟ ପାଇଁ କ୍ରନ୍ଦନ କଲ। କିନ୍ତୁ

ସଦାପ୍ରଭୁ ସେମାନଙ୍କର କ୍ରନ୍ଦନ ଶୁଣିଲେ ନାହିଁ। **46**ତେଣୁ ତୁମ୍ଭେମାନେ କାଦେଶରେ ବହୁଦିନ ପର୍ଯ୍ୟନ୍ତ ରହିଲ।

### ଇସ୍ରାୟେଲ ମରୁଭୂମିରେ ଇତଃସ୍ତତ ଭ୍ରମଣ କଲେ

**2** “ଏହାପରେ ସଦାପ୍ରଭୁ ଯେପରି କହିଲେ, ଆମ୍ଭେମାନେ ସେହିପରି କଲୁ। ଆମ୍ଭେମାନେ ସୂଫ ସମୁଦ୍ର ମଧ୍ୟଦେଇ ମରୁଭୂମି ଆଡ଼େ ଯାତ୍ରା କଲୁ। ଆମ୍ଭେମାନେ ସେୟୀର ପର୍ବତରେ ବହୁତ ଦିନ ଧରି ଭ୍ରମଣ କଲୁ। **2**ଏହାପରେ ସଦାପ୍ରଭୁ ମୋତେ କହିଲେ, **3**‘ତୁମ୍ଭେମାନେ ଏହି ପର୍ବତର ଚତୁର୍ପାର୍ଶ୍ୱରେ ବହୁତ ଦିନ ଧରି ଭ୍ରମଣ କରିଅଛ, ତେଣୁ ଉତ୍ତରଦିଗ ଆଡକୁ ଯାଅ। **4**ଏହିକଥା ଲୋକମାନଙ୍କୁ କହିଦିଅ। ତୁମ୍ଭମାନଙ୍କୁ ସେୟୀର ଦେଇ ଯିବାକୁ ହେବ। ସେହି ଦେଶ ତୁମ୍ଭମାନଙ୍କ ବଂଶଧର ଅର୍ଥାତ୍ ଏଷୌ ସନ୍ତାନମାନଙ୍କର ଦେଶ। ସେମାନେ ତୁମ୍ଭମାନଙ୍କୁ ଭୟ କରିବେ। ସାବଧାନ! **5**ସେମାନଙ୍କ ସହିତ ଯୁଦ୍ଧ କର ନାହିଁ, ମୁଁ ତୁମ୍ଭମାନଙ୍କୁ ସେହି ଦେଶ ଦେବି ନାହିଁ। ଏପରିକି ସେହି ଭୂମିରୁ ପାଦେ ମଧ୍ୟ ଭୂମି ତୁମ୍ଭମାନଙ୍କୁ ଦେବିନାହିଁ। କାରଣ ମୁଁ ସେହି ପର୍ବତମୟ ଦେଶ ସେୟୀରକୁ, ଏଷୌକୁ ଉତ୍ତରାଧିକାରୀ ସୂତ୍ରରେ ଦେଇଅଛି। **6**ଏଷୌର ଲୋକମାନଙ୍କୁ, ତୁମ୍ଭେମାନେ ଖାଉଥିବା ଖାଦ୍ୟ ଓ ପିଉଥିବା ପାଣି ପାଇଁ ମୁଦ୍ରା ଦେବାକୁ ହେବ। **7**ମନେରଖ, ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭ ହସ୍ତର ସମସ୍ତ କର୍ମରେ ତୁମ୍ଭକୁ ଆଶୀର୍ବାଦ କରିଛନ୍ତି। ସେ ଏହି ବିସ୍ତୀର୍ଣ୍ଣ ପ୍ରାନ୍ତରରେ ଯିବାର ସେ ମଧ୍ୟ ଜାଣନ୍ତି। ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଦୀର୍ଘ୍ୟ ଚାଳିଶ ବର୍ଷ ଧରି ତୁମ୍ଭର ସହାୟ ହୋଇ ଆସିଛନ୍ତି। ତୁମ୍ଭର କୌଣସି ଅଭାବ ସେ କରି ନାହାଁନ୍ତି।’

**8**“ତେଣୁ ଆମ୍ଭେମାନେ ଆମ୍ଭର ଭ୍ରାତୃଗଣ ସେୟୀର ନିବାସୀ ଏଷୌମାନଙ୍କ ପାଖଦେଇ ଗଲୁ, ସେଠାରୁ ଏଲତ୍ ଓ ଇତ୍ସିୟୋନ-ଗେବର ପଦାଭୂମିରେ ପଥଠାରୁ ଯାତ୍ରାକରି ସେଠାରୁ ଆମ୍ଭେ ଫେରି ମୋୟାବ ପ୍ରାନ୍ତର ପଥଦେଇ ଯାତ୍ରା କଲୁ।

### ଆରଠାରେ ଇସ୍ରାୟେଲ

**9**“ସଦାପ୍ରଭୁ ମୋତେ କହିଲେ, ‘ମୋୟାବର ଲୋକମାନଙ୍କର କ୍ଷତି କର ନାହିଁ। ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ କର ନାହିଁ। ମୁଁ ସେମାନଙ୍କର କୌଣସି ଭୂମି ତୁମ୍ଭମାନଙ୍କୁ ଦେବିନାହିଁ। ସେମାନେ ଲୋଟର ଭବିଷ୍ୟଦ୍ ବଂଶଧର। ମୁଁ ସେମାନଙ୍କୁ ଆର ନଗର ସେମାନଙ୍କର ବଂଶଧର ରୂପେ ଦେଇଅଛି।’”

**10**“ଅତୀତରେ ସେହି ସ୍ଥାନରେ ଏମୀୟ ଲୋକମାନେ ବାସ କରୁଥିଲେ। ସେମାନେ ଶକ୍ତିଶାଳୀ ଥିଲେ, ସେମାନେ ବହୁତ ସଂଖ୍ୟକ ଥିଲେ। ଏବଂ ଅନାକୀୟମାନଙ୍କ ପରି ଦୀର୍ଘକାୟ ଥିଲେ। **11**ଅନାକୀୟ ଲୋକମାନେ ରଫାୟୀୟମାନଙ୍କର ଏକ ଅଂଶ ଥିଲେ। ମାତ୍ର ମୋୟାବୀୟ ଲୋକମାନେ ସେମାନଙ୍କୁ ଏମୀୟ ବୋଲି କହିଲେ। **12**ହୋରୀୟ ଲୋକମାନେ ସେଠାରେ ପୂର୍ବେ ବାସ କରୁଥିଲେ। ମାତ୍ର ଏଷୌର ସନ୍ତାନଗଣ ସେମାନଙ୍କୁ ସେଠାରୁ ତଡ଼ିଦେଲେ। ସେମାନଙ୍କୁ ବିନାଶ କଲେ ଓ ସେମାନଙ୍କ ସ୍ଥାନରେ ବାସ କଲେ। ଯେପରି ଇସ୍ରାୟେଲ ସଦାପ୍ରଭୁଙ୍କ ଦତ୍ତ ଆପଣା ଅଧିକାର ଭୂମିରେ କଲେ।

**13**“ସଦାପ୍ରଭୁ ମୋତେ କହିଲେ, ‘ସେରଦ୍ ଉପତ୍ୟାକାର ସେ ପାଖକୁ ଯାଅ।’ ତେଣୁ ଆମ୍ଭେ ସେରଦ ଉପତ୍ୟକା ପାର ହେଲୁ। **14**କାଦେଶ ବର୍ଣ୍ଣେୟଠାରୁ ସେରଦ ଉପତ୍ୟାକା ପାରହେବା ପର୍ଯ୍ୟନ୍ତ ଆମ୍ଭକୁ ଅଠତିରିଶ ବର୍ଷ ଲାଗିଥିଲା। ଆମ୍ଭ ଛାଉଣି ମଧ୍ୟରୁ ସେହି ପୁରୁଷର ସମସ୍ତ ଯୋଦ୍ଧା ମରିଗଲେ ସେହି ସମୟ ମଧ୍ୟରେ। ଏହା ସଦାପ୍ରଭୁଙ୍କର ପ୍ରତିଜ୍ଞା ଥିଲା। **15**ସଦାପ୍ରଭୁଙ୍କର ହସ୍ତ ସେମାନଙ୍କ ବିପକ୍ଷରେ ସମସ୍ତ ଲୋକମାନଙ୍କୁ ଧ୍ୱଂଶ କରିବା ପର୍ଯ୍ୟନ୍ତ ଥିଲା।

**16**“ସମସ୍ତ ଯୋଦ୍ଧା ଲୋକମାନେ ଉଚ୍ଛିନ୍ନ ହୋଇଗଲା ପରେ। **17**ସଦାପ୍ରଭୁ ମୋତେ କହିଲେ, **18**‘ତୁମ୍ଭେ ଆଜି ମୋୟାବର ସୀମା ଆର୍ ଦେଇ ଯିବାକୁ ହେବ। **19**ତୁମ୍ଭେମାନେ ଅମ୍ମୋନ୍ ସନ୍ତାନଗଣ ନିକଟରେ ପହଁଞ୍ଚିବ, କିନ୍ତୁ ତୁମ୍ଭେମାନେ ସେମାନଙ୍କୁ କ୍ଲେଶ ଦେବ ନାହିଁ। ସେମାନଙ୍କ ସହିତ ଯୁଦ୍ଧ କର ନାହିଁ। କାରଣ ତୁମ୍ଭକୁ ସେ ଦେଶ ଦେବା ନାହିଁ। କାରଣ ସେମାନେ ହେଉଛନ୍ତି ଲୋଟର ବଂଶଧର। ଆମ୍ଭେ ସେମାନଙ୍କୁ ଏହିଦେଶ ଦେଇଅଛୁ।’”

**20**ସେହିଦେଶ ରଫାୟୀୟମାନଙ୍କ ଦେଶଭାବେ ଜଣାଶୁଣା। ଅତୀତରେ ରଫାୟୀୟମାନେ ସେଠାରେ ବାସ କରୁଥିଲେ। ଅମ୍ମୋନ ଲୋକମାନେ ସେମାନଙ୍କୁ ସମ୍ସୁମ୍ମୀୟ ବୋଲି କହୁଥିଲେ। **21**ସେଠାରେ ବହୁସଂଖ୍ୟକ ଶକ୍ତିଶାଳୀ ସମ୍ସୁମ୍ମୀୟମାନେ ବାସ କରୁଥିଲେ। ସେମାନେ ବହୁତ ଡେଙ୍ଗା ଓ ଅନାକୀୟମାନଙ୍କ ପରି ଦୀର୍ଘ୍ୟକାୟ ଲୋକଥିଲେ। କିନ୍ତୁ ସଦାପ୍ରଭୁ ଅମ୍ମୋନୀୟ ଲୋକମାନଙ୍କୁ ସହାୟ ହେଲେ ସମ୍ସୁମ୍ମୀୟମାନଙ୍କୁ ବିନାଶ କରିବା ପାଇଁ। ଅମ୍ମୋନୀୟ ଲୋକମାନେ ସମ୍ସୁମ୍ମୀୟ ଲୋକମାନଙ୍କୁ ଅଧିକାର ଚ୍ୟୁତ କରି ସେହିଠାରେ ବାସ କଲେ। ଏବଂ ସେହିଠାରେ ଏବେ ମଧ୍ୟ ବାସ କରୁଛନ୍ତି। **22**ପରମେଶ୍ୱର ସେୟୀର ନିବାସୀ ଏଷୌ ସନ୍ତାନଗଣ ନିମନ୍ତେ ଠିକ୍ ସେହିପରି କରିଥିଲେ। ଅର୍ଥାତ୍ ସେମାନଙ୍କ ସମ୍ମୁଖରୁ ହୋରୀୟମାନଙ୍କୁ ବିନଷ୍ଟ କଲେ। ତହିଁରେ ସେମାନେ ସେମାନଙ୍କୁ ଅଧିକାରଚ୍ୟୁତ କରି ଆଜି ପର୍ଯ୍ୟନ୍ତ ସେହିଠାରେ ବାସ କରୁଛନ୍ତି। **23**ପରମେଶ୍ୱର ଠିକ୍ ସେହିପରି ମଧ୍ୟ କରିଥିଲେ। କପ୍ତୋରୀୟମାନଙ୍କ ପ୍ରତି ଅବ୍ବୀୟ ଲୋକମାନେ ଘାସା ନିକଟବର୍ତ୍ତୀ ସହରରେ ବାସ କରୁଥିଲେ। କିନ୍ତୁ କପ୍ତୋରୀୟ ଲୋକେ ଅବ୍ବୀୟମାନଙ୍କୁ ଧ୍ୱଂସ କଲେ। ସେହି କପ୍ତୋରୀୟ ଲୋକମାନେ ସେମାନଙ୍କଠାରୁ ଅଧିକାର ଛିନ୍ନ କରି ସେଠାରେ ଏବେ ପର୍ଯ୍ୟନ୍ତ ବାସ କରୁଛନ୍ତି।

### ଇମୋରୀୟ ଲୋକମାନଙ୍କ ସହିତ ଯୁଦ୍ଧ

**24**“ସଦାପ୍ରଭୁ ମୋତେ କହିଲେ, ‘ଅର୍ଣ୍ଣୋନ ଉପତ୍ୟାକା ପାର ହେବାପାଇଁ ପ୍ରସ୍ତୁତ ହୁଅ। ଆମ୍ଭେ ହିଷ୍ବୋନ୍‌ର ରାଜା ଇମୋରୀୟ ସୀହୋନକୁ ଓ ତାଙ୍କ ଦେଶକୁ ତୁମ୍ଭ ହସ୍ତରେ ସମର୍ପଣ କଲୁ। ତେଣୁ ତାଙ୍କ ସହିତ ଯୁଦ୍ଧ କର ଓ ତାଙ୍କର ଦେଶ ଅଧିକାର କର। **25**ଆଜି ଆମ୍ଭେ ସବୁଆଡ଼େ ସମସ୍ତଙ୍କ ମନରେ ତୁମ୍ଭ ବିଷୟରେ ଭୟ ସୃଷ୍ଟି କରିବୁ। ସେମାନେ ଏହି ଖବର ପାଇଲା ମାତ୍ରେ ସେମାନେ ବହୁତ ଭୟ କରିବେ ଓ ଭୟରେ ଥରିବେ।’

**26**“ଯେତେବେଳେ ଆମ୍ଭେ କଦେମୋତ୍ ପ୍ରାନ୍ତରରୁ ହିଷ୍ବୋନ୍‌ର ରାଜା ସୀହୋନ ନିକଟକୁ ଦୂତଦ୍ୱାରା ଶାନ୍ତିବାର୍ତ୍ତା

ପଠାଇଲି। ସେମାନେ କହିଲେ, 27‘ତୁମ୍ଭ ଦେଶ ଦେଇ
ଆମ୍ଭକୁ ଯିବାକୁ ଦିଅ। ଆମ୍ଭେ ବାଟେ ବାଟେ ଯିବୁ, ବାମକୁ
କିଅବା ଦକ୍ଷିଣକୁ ଯିବୁ ନାହିଁ। 28ଆମ୍ଭେ ତୁମ୍ଭ ଦେଶରେ
ଯେଉଁ ଖାଦ୍ୟ ଖାଇବୁ ଓ ପାନୀୟ ପିଇବୁ, ସେଥିପାଇଁ ଆମ୍ଭେ
ତୁମ୍ଭକୁ ରୂପାର ମୂଲ୍ୟ ଦେବୁ। ତୁମ୍ଭ ଦେଶ ମଧ୍ୟରେ ଆମ୍ଭେ
କେବଳ ପଦାଚରଣ କରି ଯିବୁ। 29ଆମ୍ଭେ ଯର୍ଦ୍ଦନ ନଦୀ
ପାର ହେବା ପର୍ଯ୍ୟନ୍ତ ତୁମ୍ଭ ଦେଶ ମଧ୍ୟ ଦେଇ ଯିବାକୁ ଦିଅ।
ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର ଆମ୍ଭକୁ ଯେଉଁ ଦେଶ
ଦେଇଛନ୍ତି, ସେ ଦେଶକୁ ଯିବାପାଇଁ ଆମ୍ଭକୁ ତୁମ୍ଭ ଦେଶ
ଦେଇ ଯିବାକୁ ଦିଅ। ଅନ୍ୟ ଲୋକମାନେ ଓ ଆର ନିବାସୀ
ମୋୟାବୀୟମାନେ ଯଥା ଏଷୌର ସନ୍ତାନଗଣ ଆମ୍ଭମାନଙ୍କୁ
ଯେପରି ଯିବାକୁ ଦେଇଛନ୍ତି, ସେହିପରି ତୁମ୍ଭେମାନେ ଆମ୍ଭମାନଙ୍କୁ
ତୁମ୍ଭ ଦେଶ ମଧ୍ୟ ଦେଇ ଯିବାକୁ ଦିଅ।’

30“କିନ୍ତୁ ହିଷ୍‌ବୋନ୍‌ର ରାଜା ସୀହୋନ୍ ତାଙ୍କ ଦେଶ ମଧ୍ୟ
ଦେଇ ଆମ୍ଭମାନଙ୍କୁ ଯିବାକୁ ଦେଲେ ନାହିଁ। ସଦାପ୍ରଭୁ ତୁମ୍ଭର
ପରମେଶ୍ୱର ତାଙ୍କର ହୃଦୟ କଠିନ କରାଇଲେ। ସଦାପ୍ରଭୁ
ଏପରି କଲେ, ତୁମ୍ଭେମାନେ ସୀହୋନଙ୍କୁ ପରାସ୍ତ କରିପାରିବ,
ଏବଂ ଆଜି ଆମ୍ଭେ ଜାଣିଲୁ ବାସ୍ତବରେ କ’ଣ ସବୁ ଘଟିଲା।

31“ସଦାପ୍ରଭୁ ମୋତେ କହିଲେ, ‘ଆମ୍ଭେ ସିୟୋନ ଏବଂ
ତାଙ୍କର ରାଜାଙ୍କୁ ସମର୍ପଣ କରିବା। ବର୍ତ୍ତମାନ ଯାଅ ସେହି
ଦେଶକୁ ଅଧିକାର କର!’

32“ଏହାପରେ ରାଜା ସୀହୋନ ଏବଂ ତାଙ୍କର ସମସ୍ତ
ଲୋକେ ଆମ୍ଭ ସହିତ ଯୁଦ୍ଧ କରିବାକୁ ଯହସ ନାମକ ସ୍ଥାନକୁ
ବାହାରି ଆସିଲେ। 33କିନ୍ତୁ ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର
ଆମ୍ଭମାନଙ୍କ ହସ୍ତରେ ସେମାନଙ୍କୁ ସମର୍ପଣ କଲେ, ଆମ୍ଭେମାନେ
ରାଜା ସିୟୋନକୁ, ତାଙ୍କର ପୁତ୍ରମାନଙ୍କୁ ଏବଂ ତାଙ୍କର ସମସ୍ତ
ଲୋକମାନଙ୍କୁ ପରାସ୍ତ କଲୁ। 34ସେ ସମୟରେ ରାଜା
ସୀହୋନଙ୍କର ସମସ୍ତ ସହର ଏବଂ ସମସ୍ତ ନଗରମାନଙ୍କୁ
ହସ୍ତଗତ କଲୁ ଏବଂ ନଗରବାସୀ ସ୍ତ୍ରୀ ଓ ବାଳକ ସମେତ
ସମସ୍ତ ଲୋକମାନଙ୍କୁ ବଧ କଲୁ। କାହାରିକୁ ଜୀବିତ ରଖିଲୁ
ନାହିଁ। 35ଆମ୍ଭେମାନେ କେବଳ ପଶୁଗଣଙ୍କୁ ଓ ଯେଉଁ ଯେଉଁ
ନଗର ହସ୍ତଗତ କଲୁ ତାହାର ସବୁ ଲୁଣ୍ଠିତ ଦ୍ରବ୍ୟ ଆମ୍ଭେମାନେ
ନିଜ ନିଜ ପାଇଁ ଗ୍ରହଣ କଲୁ। 36ଅର୍ଣ୍ଣୋନ ଉପତ୍ୟକା
ନିକଟସ୍ଥ ଆରୋୟେରଠାରୁ ଏବଂ ଉପତ୍ୟକାର ମଧ୍ୟବର୍ତ୍ତୀଠାରୁ
ଗିଲୀୟଦ ପର୍ଯ୍ୟନ୍ତ, ଏହି ନଗର ହିଁ ଆମ୍ଭମାନଙ୍କର ଶକ୍ତିର
ଅତିରିକ୍ତ ନଥିଲା। ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର ଆମ୍ଭ
ସମ୍ମୁଖରେ ସବୁ ସମର୍ପଣ କଲେ। 37କେବଳ ଅମ୍ମୋନ-
ସନ୍ତାନଗଣଙ୍କ ଦେଶ ଅର୍ଥାତ୍ ଯବ୍ବୋକ ନଦୀର ପାର୍ଶ୍ୱସ୍ଥ
ପ୍ରଦେଶ ଓ ପର୍ବତମୟ ସକଳ ନଗର ପ୍ରଭୃତି ଯେଉଁ ଦେଶ
ବିଷୟରେ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ନିଷେଧ କରିଥିଲେ,
ତହିଁ ନିକଟକୁ ତୁମ୍ଭେମାନେ ଯାଅ ନାହିଁ।

## ବାଶନ ଲୋକମାନଙ୍କ ସହିତ ଯୁଦ୍ଧ

3 “ଆମ୍ଭେମାନେ ଫେରି ବାଶନକୁ ଗଲୁ। ବାଶନର ରାଜା
ଓଗ୍ ଏବଂ ତାହାର ସମସ୍ତ ପ୍ରଜା ଆମ୍ଭ ସହିତ ଯୁଦ୍ଧ
କରିବାକୁ ଇଦ୍ରିୟୀକି ବାହାରି ଆସିଲେ। 2ସଦାପ୍ରଭୁ ମୋତେ
କହିଲେ, ‘ଓଗ୍‌କୁ ଭୟ କର ନାହିଁ, ମୁଁ ନିଷ୍ପତ୍ତି ନେଇଛି ଯେ
ତାକୁ ତୁମ୍ଭମାନଙ୍କ ଆଗରେ ସମର୍ପଣ କରିବି। ମୁଁ ମଧ୍ୟ
ତାଙ୍କର ସମସ୍ତ ଲୋକମାନଙ୍କୁ ଓ ଦେଶସବୁ ତୁମ୍ଭକୁ ଦେବି।
ଅମ୍ମୋରୀୟ ରାଜା ସିୟୋନ ଯିଏକି ହିଷ୍‌ବୋନରେ ରାଜତ୍ୱ
କରୁଥିଲେ, ସେହିପରି ତାହା ପ୍ରତି ମଧ୍ୟ କରିବି।’

3“ତେଣୁ ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର ବାଶନର
ରାଜା ଓଗ୍ ଉପରେ ଆମ୍ଭକୁ ବିଜୟ ପ୍ରଦାନ ଦେଲେ।
ଆମ୍ଭେମାନେ ତାଙ୍କୁ ଏବଂ ତାଙ୍କର ସମସ୍ତ ଲୋକମାନଙ୍କୁ ହତ୍ୟା
କଲୁ, ଏବଂ କେହି ଜଣେବି ରହିଲେ ନାହିଁ। 4ଆମ୍ଭେମାନେ
ତାଙ୍କର ସମସ୍ତ ନଗର ହସ୍ତଗତ କଲୁ। ଯଥା ତାଙ୍କର ଥିବା
ଷାଠିଏଟିଯାକ ନଗର, ଅର୍ଗୋବର ସମସ୍ତ ଅଞ୍ଚଳ ଅର୍ଥାତ୍
ବାଶନସ୍ଥ ଓଗ୍‌ର ରାଜ୍ୟ ଆମ୍ଭେ ହସ୍ତଗତ କଲୁ। 5ସମସ୍ତ
ନଗରଗୁଡ଼ିକ ସୁରକ୍ଷିତ ଥିଲା। ସେଗୁଡ଼ିକର ଉଚ୍ଚ ପ୍ରାଚୀର
ଥିଲା, ଦ୍ୱାରଥିଲା ଓ ଅର୍ଗଳରେ ସୁରକ୍ଷିତ ଥିଲା। ଏପରି ମଧ୍ୟ
କେତେକ ନଗରଥିଲା ଯାହାର ପ୍ରାଚୀର ନ ଥିଲା। 6ହିଷ୍‌ବୋନ
ରାଜା ସୀହୋନଙ୍କୁ ଯେପରି କରିଥିଲେ, ସେହିପରି ଏଠାରେ
ଆମ୍ଭେ ସମସ୍ତଙ୍କୁ ଏପରି କି ସ୍ତ୍ରୀ ଓ ପିଲାମାନଙ୍କୁ ମଧ୍ୟ ବିନାଶ
କଲୁ। 7କିନ୍ତୁ ଆମ୍ଭେମାନେ ସମସ୍ତ ପଶୁ ଏବଂ ନଗରରୁ
ଲୁଣ୍ଠିତ ଦ୍ରବ୍ୟସବୁ ନିଜ ନିଜ ପାଇଁ ଗ୍ରହଣ କଲୁ।

8“ଏହି ପ୍ରକାରରେ, ଆମ୍ଭେମାନେ ଯର୍ଦ୍ଦନର ପୂର୍ବ ପାଶ୍ୱସ୍ଥ
ଇମୋରୀୟମାନଙ୍କ ଦୁଇ ରାଜାଙ୍କର ହାତରୁ ଅର୍ଣ୍ଣୋନ ଉପତ୍ୟକା
ଠାରୁ ହର୍ମୋଣ ପର୍ବତ ପର୍ଯ୍ୟନ୍ତ ସମସ୍ତ ଦେଶ ହସ୍ତଗତ କଲୁ।
9ସୀଦୋନୀୟମାନେ ସେହି ହର୍ମୋଣକୁ ସିରୟୋନ କହନ୍ତି ଓ
ଇମୋରୀୟମାନେ ତାହାକୁ ସନୀର କହନ୍ତି। 10ଆମ୍ଭେମାନେ
ସମତଳ ଭୂମିର ସମସ୍ତ ସହର, ସଲଖା ଓ ଇଦ୍ରିୟୀ ପର୍ଯ୍ୟନ୍ତ
ସମସ୍ତ ଗିଲୟଦ ଓ ସମସ୍ତ ବାଶନ୍ ଅର୍ଥାତ୍ ବାଶନସ୍ଥିତ ଓଗ୍
ରାଜ୍ୟର ସମସ୍ତ ନଗର ହସ୍ତଗତ କଲୁ।”

11ଅବଶିଷ୍ଟ ରଫାୟୀୟମାନଙ୍କ ମଧ୍ୟରୁ କେବଳ ବାଶନରାଜା
ଓଗ୍ ଅବଶିଷ୍ଟ ରହିଲା। ଓଗ୍‌ର ଖଟଟି ଲୁହାରେ ତିଆରି
ହୋଇଥିଲା। ଏହାର ଲମ୍ବ ଥିଲା ନଅ ହାତ ଓ ପ୍ରସ୍ଥ ଥିଲା
ଚାରିହାତ। ସେହି ଖଟଟି ଏବେ ମଧ୍ୟ ରେହବାରେ ଅଛି
ଯେଉଁଠାରେ ଅମ୍ମୋନ ସନ୍ତାନଗଣ ବାସ କରୁଛନ୍ତି।

## ଯର୍ଦ୍ଦନ ନଦୀର ପୂର୍ବପଟସ୍ଥ ଭୂମି

12“ତେଣୁ ଆମ୍ଭେମାନେ ଅର୍ଣ୍ଣୋନ ଉପତ୍ୟକା ନିକଟସ୍ଥ
ଆରୋୟରଠାରୁ ସେହି ସମସ୍ତ ଦେଶ ନିଜର କରଗତ କଲୁ,
ସେଥିରୁ ମୁଁ ଗିଲୟଦର ପର୍ବତମୟ ଦେଶର ଅର୍ଦ୍ଧେକ ଓ
ତାହାର ନଗରଗୁଡ଼ିକୁ ରୁବେନ ବଂଶକୁ ଓ ଗାଦ୍ ବଂଶକୁ
ଦେଲି। 13ମୁଁ ଗିଲୟଦର ଅବଶିଷ୍ଟ ଅଂଶ ଓ ସମସ୍ତ ବାଶନ
ରାଜ୍ୟ ଅର୍ଥାତ୍ ଓଗ୍‌ର ରାଜ୍ୟ, ସମୁଦାୟ ବାଶନ ସହିତ
ଅର୍ଗୋବର ତାବତ୍ ଅଞ୍ଚଳ ମନଃଶିର ଅର୍ଦ୍ଧ ପରିବାରବର୍ଗ।”

ଯାହାକି ରଫାୟୀୟ ଦେଶ ଭାବେ ଜଣା। 14ମନଃଶିର
ପୁତ୍ର ଯାୟୀର ଗଶୂରୀୟ ଓ ମାଖାଥୀୟ ସୀମା ପର୍ଯ୍ୟନ୍ତ
ଅର୍ଗୋବର(ବାଶନର) ସମସ୍ତ ଅଞ୍ଚଳ ଅଧିକାର କଲେ। ସେହି
ଅଞ୍ଚଳକୁ ତାଙ୍କ ପରେ ନାମ କରଣ କରାଗଲା, ତେଣୁ ଆଜି
ପର୍ଯ୍ୟନ୍ତ ବାଶନକୁ ହବୋତ୍-ଯାୟୀର ବୋଲି ଡ଼ାକାଯାଏ।

15“ମୁଁ ଗିଲୟଦ ମଖୀରକୁ ଦେଲି। 16ଏବଂ ଗିଲୟଦ
ଠାରୁ ଅର୍ଣ୍ଣୋନ-ଉପତ୍ୟକା ପର୍ଯ୍ୟନ୍ତ ସମସ୍ତ ଭୂମି ଏବଂ

ଉପତ୍ୟକାର ମଧ୍ୟସ୍ଥାନ ଓ ତାହାର ସୀମା ସମସ୍ତ ଏବଂ
ସେଠାରୁ ଅମ୍ମୋନୀୟମାନଙ୍କର ସୀମା ଯବୋକ୍ ନଦୀ ପର୍ଯ୍ୟନ୍ତ
ମୁଁ ରୁବେନ ଓ ଗାଦ୍ ଗୋଷ୍ଠୀକୁ ଦେଲି। **17**ତାହାର ପଶ୍ଚିମ
ସୀମା ପର୍ଯ୍ୟନ୍ତ ଯର୍ଦ୍ଦନ ନଦୀ ମରୁଭୂମି ଥିଲା। ଉତ୍ତରରେ
କିନ୍ନେରତ ସମୁଦ୍ରଠାରୁ ଲବଣ ସମୁଦ୍ର ପର୍ଯ୍ୟନ୍ତ ଦକ୍ଷିଣରେ
ପିସ୍ଗାର ଗଡାଣିଠାରୁ ପୂର୍ବ ପର୍ଯ୍ୟନ୍ତ।

**18**"ସେହି ସମୟରେ ମୁଁ ସେହି ଗୋଷ୍ଠୀୟମାନଙ୍କୁ ନିର୍ଦ୍ଦେଶ
ଦେଇ କହିଲି: 'ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କୁ
ବାସ କରିବାକୁ ଏହି ଯର୍ଦ୍ଦନ କୂଳସ୍ଥ ଦେଶ ଦେଇଛନ୍ତି। କିନ୍ତୁ
ବର୍ତ୍ତମାନ ତୁମ୍ଭେମାନଙ୍କ ମଧ୍ୟରୁ ବୀର ଗୋଷ୍ଠୀୟମାନେ ସୁସଜ୍ଜ
ହୋଇ ତୁମ୍ଭମାନଙ୍କ ଭାଇମାନଙ୍କର ଇଶ୍ରାୟେଲ-ସନ୍ତାନମାନଙ୍କ
ସମ୍ମୁଖରେ ପାର ହୋଇଯିବେ। **19**ତୁମ୍ଭମାନଙ୍କର ସ୍ତ୍ରୀ, ତୁମ୍ଭମାନଙ୍କର
ଛୋଟପିଲା ଏବଂ ତୁମ୍ଭରପଶୁମାନେ ଏହିଠାରେ ବାସ କରିବେ।
ମୁଁ ତୁମ୍ଭମାନଙ୍କୁ ଯେଉଁ ନଗରଗୁଡିକ ଦେଇଛି। ମୁଁ ଜାଣେ
ତୁମ୍ଭମାନଙ୍କର ଅନେକ ପଶୁ ଅଛନ୍ତି। **20**କିନ୍ତୁ ତୁମ୍ଭେମାନେ
ତୁମ୍ଭମାନଙ୍କର ଇଶ୍ରାୟେଲୀୟ ଭ୍ରାତୃଗଣମାନଙ୍କୁ ସାହାଯ୍ୟ କର।
ଯେ ପର୍ଯ୍ୟନ୍ତ ସେମାନେ ସଦାପ୍ରଭୁଙ୍କ ଦତ୍ତ ଯର୍ଦ୍ଦନ ସେପାରିସ୍ଥ
ଭୂମିରେ ବାସ କରନ୍ତି। ସେମାନେ ତୁମ୍ଭମାନଙ୍କ ପରି ଭୂମି
ପାଇବା ପ୍ରର୍ଯ୍ୟନ୍ତ, ସେମାନଙ୍କୁ ସାହାଯ୍ୟ କର। ଏହାପରେ
ତୁମ୍ଭେମାନେ ତୁମ୍ଭଙ୍କୁ ଦିଆଯାଇଥିବା ଏହି ନିଜ ନିଜ ଦେଶକୁ
ଫେରିଯିବ।'

**21**"ଏହାପରେ ମୁଁ ଯିହୋଶୂୟଙ୍କୁ ଆଜ୍ଞା ଦେଇ କହିଲି,
'ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଏହି ଦୁଇ ରାଜାଙ୍କ ପାଇଁ
ଯାହା କରିଛନ୍ତି ତୁମ୍ଭେ ତାହା ଦେଖିଛ। ତୁମ୍ଭେ ଯେଉଁ ରାଜ୍ୟକୁ
ଯାଉଛ ସେମାନଙ୍କ ପାଇଁ ସଦାପ୍ରଭୁ ସେହିପରି କରିବେ।
**22**ତୁମ୍ଭେମାନେ ସେମାନଙ୍କୁ ଭୟ କରନାହିଁ। କାରଣ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କ ସପକ୍ଷରେ
ଯୁଦ୍ଧ କରିବେ।'

## ମୋଶାଙ୍କୁ କିଣାନ ଦେଶ ଯିବାକୁ ମନା

**23**"ଏହାପରେ ମୁଁ ସଦାପ୍ରଭୁଙ୍କୁ ଅନୁରୋଧ କଲି। **24**'ହେ
ସଦାପ୍ରଭୁ, ତୁମ୍ଭେ ଆପଣା ଦାସ ନିକଟରେ ଆପଣା ମହିମା ଓ
ବଳବାନ ହସ୍ତ ପ୍ରକାଶ କରିବାକୁ ଆରମ୍ଭ କରିଅଛ। ତୁମ୍ଭର
କ୍ରିୟା ତୁଲ୍ୟ ଓ ତୁମ୍ଭର ପରାକ୍ରାନ୍ତ କର୍ମତୁଲ୍ୟ ଯେ କରିପାରେ,
ସ୍ୱର୍ଗରେ କି ମର୍ତ୍ତ୍ୟରେ ଏମନ୍ତ ପରମେଶ୍ୱର ଆଉ କିଏ ଅଛି।'
**25**ମୁଁ ବିନତି କରୁଛି, ମୋତେ ସେପାରିକି ଯିବାକୁ ଦିଅ,
ଯର୍ଦ୍ଦନର ସେପାରିସ୍ଥ ସେହି ଉତ୍ତମ ଦେଶ, ସେହି ରମଣୀୟ
ପର୍ବତ ଓ ଲିବାନୋନ୍ ଦେଖିବାକୁ ଦିଅ।'

**26**"ମାତ୍ର ସଦାପ୍ରଭୁ ତୁମ୍ଭମାନଙ୍କ ପାଇଁ ମୋ ଉପରେ
କ୍ରୋଧ କଲେ ଓ ମୋ କଥା ଶୁଣିଲେ ନାହିଁ। ଆଉ
ସଦାପ୍ରଭୁ ମୋତେ କହିଲେ, 'ତୁମ୍ଭର ଯଥେଷ୍ଟ ହେଲାଣି।
ଏବିଷୟରେ ଆମ୍ଭକୁ ଆଉ କୁହ ନାହିଁ। **27**ପିସ୍ଗାର ଶୃଙ୍ଗକୁ
ଚଢିଯାଅ, ଆଉ ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ପୂର୍ବ ଆଡ଼େ ତୁମ୍ଭ
ନିଜ ଆଖିରେ ସେହି ଦେଶକୁ ଦେଖ, କାରଣ ତୁମ୍ଭେ କେବେ
ଯର୍ଦ୍ଦନ ନଦୀ ପାର ହେବ ନାହିଁ। **28**କିନ୍ତୁ ଯିହୋଶୂୟଙ୍କୁ
ଆଜ୍ଞା ଦିଅ, ତାହାକୁ ସାହାସ ଦିଅ ଓ ତାହାକୁ ବଳବାନ୍
କରାଅ। କାରଣ ସେ ଏହି ଲୋକମାନଙ୍କର ଆଗେ ଆଗେ
ପାର ହୋଇଯିବ। ତୁମ୍ଭେମାନେ ଯେଉଁ ଦେଶ ଦେଖିବ। ତାହା
ସେ ସେମାନଙ୍କୁ ଅଧିକାର କରାଇବେ।'

**29**"ଏହିରୂପେ ଆମ୍ଭେମାନେ ବୈତ୍‌ପିୟୋର ସମ୍ମୁଖସ୍ଥିତ
ଉପତ୍ୟକାରେ ବାସକଲୁ।"

## ମୋଶା ଲୋକମାନଙ୍କୁ ପରମେଶ୍ୱରଙ୍କ ବ୍ୟବସ୍ଥା ମାନିବାକୁ କହିଲେ

**4** "ବର୍ତ୍ତମାନ ହେ ଇଶ୍ରାୟେଲ ମୁଁ ଯେଉଁ ନିୟମ ଓ
ଆଜ୍ଞା ପାଳନ କରିବା ପାଇଁ ତୁମ୍ଭମାନଙ୍କୁ ଶିକ୍ଷା ଦେଉଅଛି,
ତହିଁରେ ମନୋଯୋଗ କର। ତାହା ପାଳନ କଲେ ତୁମ୍ଭେମାନେ
ବଞ୍ଚିବ। ଆଉ ସଦାପ୍ରଭୁ ତୁମ୍ଭମାନଙ୍କ ପୂର୍ବପୁରୁଷଗଣର ପରମେଶ୍ୱର
ତୁମ୍ଭମାନଙ୍କୁ ଯେଉଁ ଦେଶ ଦେବେ, ତହିଁରେ ପ୍ରବେଶ କରି
ତାହା ଅଧିକାର କରିବ। **2**ମୁଁ ତୁମ୍ଭମାନଙ୍କୁ ଯେଉଁ ଆଜ୍ଞା
ଦେଉଅଛି, ତୁମ୍ଭେମାନେ ସେହି ବାକ୍ୟରେ ଆଉ କିଛି ମିଶାଅ
ନାହିଁ। କିଅବା ତା'ଠାରୁ କିଛି ଊଣାକରି ପାଳନ କର ନାହିଁ।
ସମ୍ପୂର୍ଣ୍ଣ ଭାବେ ସେହି ବାକ୍ୟମାନ ପାଳନ କର। ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱରଙ୍କର ଆଜ୍ଞା ମାନ।

**3**"ତୁମ୍ଭେମାନେ ସଦାପ୍ରଭୁଙ୍କର କର୍ମ ବାଲପିୟୋରରେ
ଦେଖିଅଛ। ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ବାଲପିୟୋରର
ପଶ୍ଚାଦଗାମୀ ସମସ୍ତ ଲୋକଙ୍କୁ ତୁମ୍ଭମାନଙ୍କ ମଧ୍ୟରୁ ହତ୍ୟା
କରିଛନ୍ତି। **4**କିନ୍ତୁ ତୁମ୍ଭେମାନେ ଯେତେ ଲୋକ ସଦାପ୍ରଭୁ
ତୁମ୍ଭମାନଙ୍କ ପରମେଶ୍ୱରଙ୍କଠାରେ ଆସକ୍ତ ହେଲେ, ତୁମ୍ଭମାନଙ୍କର
ସେହି ଲୋକମାନେ ଏବେ ବଞ୍ଚିଛନ୍ତି।

**5**"ହିଁ ଦେଖ, ସଦାପ୍ରଭୁ ମୋର ପରମେଶ୍ୱର ମୋତେ
ଯେପରି ଆଜ୍ଞା ଦେଲେ, ମୁଁ ସେହି ବ୍ୟବସ୍ଥାସବୁ ଶିକ୍ଷା ଦେଲି।
ମୁଁ ତୁମ୍ଭମାନଙ୍କୁ ସେହିପରି ବ୍ୟବସ୍ଥା ଓ ବିଧି ଶିକ୍ଷା ଦେଉଅଛି,
ଯେପରି ତୁମ୍ଭେମାନେ ଯେଉଁ ଦେଶ ଅଧିକାର କରିବାକୁ
ଯାଉଅଛ, ସେହି ଦେଶରେ ତୁମ୍ଭେମାନେ ସେମାନଙ୍କ ଅନୁସାରେ
ବାସ କରିବ। **6**ତେଣୁ ଏହି ବ୍ୟବସ୍ଥାସବୁ ପାଳନ କର ଏବଂ
ସେଗୁଡିକୁ ଅଭ୍ୟାସ କର କାରଣ ବହୁତ ଦେଶମାନଙ୍କ
ମଧ୍ୟରେ ଏହା ତୁମ୍ଭର ଜ୍ଞାନ ଓ ବୁଝାମଣା ହେବ। ଏହି
ବ୍ୟବସ୍ଥା ଶୁଣିଲା ପରେ ସେମାନେ କହିବେ ଯେ, 'ଇଶ୍ରାୟେଲୀୟ
ଲୋକମାନେ ମହାନ ଲୋକ ଯେଉଁମାନେ ଜ୍ଞାନୀ ଏବଂ
ବୁଝାମଣା ଶକ୍ତ ଅଛି।'

**7**"ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର ଆମ୍ଭମାନଙ୍କ
ସ୍ମରଣରେ ଯେପରି ସର୍ବଦା ଆମ୍ଭମାନଙ୍କର ନିକଟବର୍ତ୍ତୀ ହୁଅନ୍ତି।
ଅନ୍ୟ ଓ କୌଣସି ଗୋଷ୍ଠୀୟମାନଙ୍କ ପ୍ରତି ଏପରି ପ୍ରଦର୍ଶନ
କରନ୍ତି ନାହିଁ। **8**ଯେଉଁସବୁ ଯଥାର୍ଥ ବିଧି ଓ ବ୍ୟବସ୍ଥା ଯେପରି
ଶିକ୍ଷା ଆଦି ଦେଇଅଛି, ତାହା ତୁଲ୍ୟ କୌଣସି ଜାତିଗଣ
ମଧ୍ୟରେ ନାହିଁ। **9**କିନ୍ତୁ ସାବଧାନ ହୁଅ। ନିଶ୍ଚିତରୂପେ ତୁମ୍ଭେମାନେ
ବଞ୍ଚିଥିବା ପର୍ଯ୍ୟନ୍ତ ତୁମ୍ଭେମାନେ ଦେଖିଥିବା କାର୍ଯ୍ୟଗୁଡିକ କଦାପି
ଭୁଲିବ ନାହିଁ। ତୁମ୍ଭେମାନେ ତୁମ୍ଭର ସନ୍ତାନମାନଙ୍କୁ ଓ ତୁମ୍ଭର
ନାତିନାତୁଣୀମାନଙ୍କୁ ସେଗୁଡିକ ଶିକ୍ଷା ଦିଅ। **10**ଯେଉଁ ଦିନ
ତୁମ୍ଭେ ହୋରେବରେ ସଦାପ୍ରଭୁ ପରମେଶ୍ୱରଙ୍କ ଛାମୁରେ ଛିଡ଼ା
ହୋଇଥିଲ, ସେତେବେଳେ ସଦାପ୍ରଭୁ ମୋତେ କହିଲେ,
'ଲୋକମାନଙ୍କୁ ଆମ୍ଭ ନିକଟରେ ଏକତ୍ରିତ କର। ଆମ୍ଭେ
ଆପଣା ବାକ୍ୟ ସେମାନଙ୍କୁ ଶୁଣାଇବା ତହିଁରେ ସେମାନେ

ପୃଥିବୀରେ ଯାବଜ୍ଜୀବନ ଆମ୍ଭକୁ ଭୟ କରିବା ଶିଖିବେ ଓ
ଆପଣା ସନ୍ତାନମାନଙ୍କୁ ଶିଖାଇବେ।' 11ତେଣୁ ସେମାନେ
ମୋର ନିକଟବର୍ତ୍ତୀ ହୋଇ ପର୍ବତ ତଳେ ଛିଡ଼ା ହେଲେ।
ସେହି ସମୟରେ ସେହି ପର୍ବତ ଅନ୍ଧକାର, ମେଘ ଓ ଘୋର
ଅନ୍ଧକାରରେ ବ୍ୟାପ୍ତ ହୋଇଥିଲା ଓ ଗଗନର ମଧ୍ୟ ପର୍ଯ୍ୟନ୍ତ
ଅଗ୍ନିରେ ଜଳୁଥିଲା। 12ଏହାପରେ ସଦାପ୍ରଭୁ ସେହି ଅଗ୍ନି ମଧ୍ୟରୁ
ତୁମ୍ଭମାନଙ୍କୁ କଥା କହିଲେ। ତୁମ୍ଭେମାନେ ବାକ୍ୟର ଶବ୍ଦ
ଶୁଣିଲ। ମାତ୍ର କୌଣସି ମୂର୍ତ୍ତି ଦେଖିଲ ନାହିଁ। 13ତା'ପରେ
ତୁମ୍ଭେମାନେ ତାଙ୍କର ନିୟମ ପାଳନ କର ବୋଲି ସେ
ଆଦେଶ କଲେ। ତେଣୁ ସେ ଦଶ ଆଜ୍ଞାର ନିୟମ ପ୍ରକାଶ
କଲେ। ସଦାପ୍ରଭୁ ପ୍ରସ୍ତର ଫଳକରେ ସେହି ନିୟମ ଲେଖିଲେ।
14ପୁଣି ତୁମ୍ଭେମାନେ ଯେଉଁ ଦେଶ ଅଧିକାର କରିବାକୁ ପାର
ହୋଇ ଯାଉଅଛ, ସେହି ଦେଶରେ ତୁମ୍ଭମାନଙ୍କର ପାଳନୀୟ
ବିଧି ଓ ଶାସନ ସମସ୍ତ ତୁମ୍ଭମାନଙ୍କୁ ଶିଖାଇବା ପାଇଁ ସଦାପ୍ରଭୁ
ସେହି ସମୟରେ ମୋତେ ଆଜ୍ଞା ଦେଲେ।

15"ସେହିଦିନ ସଦାପ୍ରଭୁ ତୁମ୍ଭମାନଙ୍କୁ ସେହି ଅଗ୍ନିଶିଖାରୁ
କଥା କହିବା ସମୟରେ (ହୋରେବରେ) ତୁମ୍ଭେମାନେ ତାଙ୍କର
କୌଣସି ମୂର୍ତ୍ତି ଦେଖିଲ ନାହିଁ। 16ତେଣୁ ସାବଧାନ ହୁଅ,
ନଚେତ୍ ତୁମ୍ଭେମାନେ ଧ୍ୱଂସ ହେବ। ଯଦି ତୁମ୍ଭେମାନେ
କୌଣସି ପ୍ରତିମା କରି ପୂଜା କର, ଏପରି କୌଣସି ମୂର୍ତ୍ତି
କର ନାହିଁ, ଯାହା କୌଣସି ଜିବୀତ ପୁରୁଷ ବା ସ୍ତ୍ରୀ ପରି
ହୋଇଥିବ। 17ଏପରି କୌଣସି ପ୍ରତୀମା ପଶୁପରି ବା ପକ୍ଷୀ
ପରି କରନାହିଁ। 18ଏପରି କୌଣସି ପ୍ରାଣୀର ପ୍ରତିମା ତିଆରି
କରନାହିଁ ଯାହା ଭୂମିରେ ଗୁରୁଣ୍ଡି ଗୁରୁଣ୍ଡି ଯାଏ ବା ସମୁଦ୍ରର
ମାଛତୁଲ୍ୟ ହୋଇଥାଏ। 19ଏପରି ସାବଧାନ ହୁଅ, ଯେତେବେଳେ
ତୁମ୍ଭେମାନେ ସୂର୍ଯ୍ୟ, ଚନ୍ଦ୍ର, ତାରାଗଣଙ୍କୁ ଆକାଶରେ ଦେଖ।
ତୁମ୍ଭେମାନେ ସେମାନଙ୍କୁ ବିମୋହିତ ହୋଇ ପ୍ରଣାମ କରିବା ଓ
ସେବା କରିବା ଉଚିତ୍ ନୁହେଁ। ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ଅନ୍ୟ ସମସ୍ତ ଜାତିଗଣ ଏହିସବୁ କରିବାକୁ
ରଖିଛନ୍ତି। 20କିନ୍ତୁ ସଦାପ୍ରଭୁ ତୁମ୍ଭମାନଙ୍କୁ ଏକ ଲୁହା ତରଳା
ଯାଉଥିବା ଚୁଲ୍ଲାରୁ କାଢି ଆଣିବା ତୁଲ୍ୟ, ମିଶରରୁ ବାହାର
କରି ଆଣିଛନ୍ତି। ଏବଂ ସେ ତୁମ୍ଭମାନଙ୍କୁ ତାଙ୍କର ମୂଲ୍ୟବାନ
ଲୋକ ହେବା ପାଇଁ ଆଣିଛନ୍ତି, ତୁମ୍ଭେମାନେ ଯେପରି ଆଜି
ହୋଇଛ।

21"ଏବଂ ସଦାପ୍ରଭୁ ତୁମ୍ଭମାନଙ୍କ ପାଇଁ ମୋ ଉପରେ
କ୍ରୋଧ ହେଲେ। ପୁଣି ମୁଁ ଯେପରି ଯର୍ଦ୍ଦନ ପାର ହୋଇ ନ
ଯିବି ଓ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ତୁମ୍ଭମାନଙ୍କୁ ଯେଉଁ
ଦେଶ ଅଧିକାର କରିବାକୁ ଦେବେ, ସେହି ଉତ୍ତମ ଦେଶରେ
ମୁଁ ଯେପରି ପ୍ରବେଶ ନ କରିବି, ଏଥିପାଇଁ ଶପଥ କଲେ।
22ଏଣୁ ମୁଁ ଏହି ଦେଶରେ ମରିବି। ମୁଁ ଯର୍ଦ୍ଦନ ପାର ହୋଇ
ଯିବି ନାହିଁ। ମାତ୍ର ତୁମ୍ଭେମାନେ ଯିବ ଓ ସେହି ଉତ୍ତମ ଦେଶ
ଅଧିକାର କରିବ। 23ତୁମ୍ଭେମାନେ ଆପଣା ବିଷୟରେ ସାବଧାନ
ହୁଅ। ନଚେତ୍ ତୁମ୍ଭମାନଙ୍କ ସହିତ ସ୍ଥିରକୃତ ସଦାପ୍ରଭୁ
ତୁମ୍ଭମାନଙ୍କ ପରମେଶ୍ୱରଙ୍କ ନିୟମ ତୁମ୍ଭେମାନେ ପାଶୋରି ଯିବ
ନାହିଁ ଓ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ନିଷିଦ୍ଧ କୌଣସି
ବସ୍ତୁର ପ୍ରତିମୂର୍ତ୍ତି ବିଶିଷ୍ଟ ଖୋଦିତ ପ୍ରତିମା ନିର୍ମାଣ କରିବ
ନାହିଁ। 24କାରଣ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଜଣେ
ଈର୍ଷାପରାୟଣ* ପରମେଶ୍ୱର ଏବଂ ସେ ଅଗ୍ନି ସ୍ୱରୂପ ଧ୍ୱଂସ
କରନ୍ତି, ଯେଉଁମାନେ ଅନ୍ୟ ଦେବତାମାନଙ୍କୁ ପୂଜା କରନ୍ତି।

25"ତୁମ୍ଭେମାନେ ସେ ଦେଶରେ ବହୁତ ଦିନ ବସବାସ
କରିବ। ସେଠାରେ ତୁମ୍ଭମାନଙ୍କର ପୁତ୍ର ଓ ନାତିମାନେ ମଧ୍ୟ
ବାସ କରିବେ। ତୁମ୍ଭେମାନେ ସେଠାରେ ବିଭିନ୍ନ ପ୍ରତିମା କରି
ବା ଖୋଦିତ ମୂର୍ତ୍ତି କରି ତୁମ୍ଭମାନଙ୍କର ଜୀବନଧାରାକୁ କ୍ଷୁର୍ଣ୍ଣ
କରିବ। ଯେତେବେଳେ ତୁମ୍ଭେମାନେ ଏପରି କରିବ, ପରମେଶ୍ୱର
ତୁମ୍ଭମାନଙ୍କ ଉପରେ କ୍ରୋଧ କରିବେ। 26ତେଣୁ ବର୍ତ୍ତମାନ ମୁଁ
ତୁମ୍ଭମାନଙ୍କୁ ସତର୍କ କରାଇ ଦେଉଛି, ସ୍ୱର୍ଗ ଓ ପୃଥିବୀକୁ
ସାକ୍ଷୀରଖି କହୁଛି, ତୁମ୍ଭେମାନେ ଯଦି ଏପରି କର, ତେବେ
ତୁମ୍ଭେମାନେ ଯର୍ଦ୍ଦନ ପାର ହୋଇ ଯେଉଁ ଦେଶକୁ ଯାଉଛ,
ସେହି ଦେଶରୁ ଶିଘ୍ର ସେଠାରୁ ନିଃଶେଷରୁପେ ବିନଷ୍ଟ ହେବ।
ତୁମ୍ଭେମାନେ ସେଠାରେ ଦୀର୍ଘଜୀବି ହେବ ନାହିଁ। 27ସଦାପ୍ରଭୁ
ତୁମ୍ଭମାନଙ୍କୁ ଅନ୍ୟ ଦେଶୀୟ ଲୋକମାନଙ୍କ ମଧ୍ୟରେ ଛିନ୍ନ
ବିଛିନ୍ନ କରିବେ। ଯେଉଁ ସ୍ଥାନକୁ ସଦାପ୍ରଭୁ ତୁମ୍ଭମାନଙ୍କୁ
ନେଇଯିବେ, ସେହି ଅନ୍ୟ ଦେଶୀୟ ଲୋକମାନଙ୍କ ମଧ୍ୟରେ,
ତୁମ୍ଭେମାନେ ଅଳ୍ପ ସଂଖ୍ୟକ ହୋଇ ଅବଶିଷ୍ଟ ରହିବ। 28ସେଠାରେ
ତୁମ୍ଭେମାନେ ମନୁଷ୍ୟର ହସ୍ତକୃତ କାଠମୟ ଓ ପ୍ରସ୍ତରମୟ ପୁଣି
ଯେଉଁମାନେ ଦେଖନ୍ତି ନାହିଁ, କି ଶୁଣନ୍ତି ନାହିଁ କି ଭୋଜନ
କରନ୍ତି ନାହିଁ, କି ଆଘ୍ରାଣ କରନ୍ତି ନାହିଁ, ଏପରି ଦେବଗଣର
ସେବା କରିବ। 29କିନ୍ତୁ ସେହି ସ୍ଥାନରେ ଯେବେ ତୁମ୍ଭେମାନେ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କର ଅନ୍ୱେଷଣ କରିବ।
ତେବେ ତୁମ୍ଭେମାନେ ଯଦି ହୃଦୟତାର ସହାକାରେ ତାଙ୍କୁ
ଅନ୍ୱେଷଣ କର ତେବେ ତୁମ୍ଭେ ତାଙ୍କୁ ପାଇପାରିବ।
30ଯେତେବେଳେ ତୁମ୍ଭେମାନେ ବିପଦରେ ପଡ଼ିବ ଓ ଏହି
ସମସ୍ତ ତୁମ୍ଭମାନଙ୍କ ଉପରେ ଘଟିବ ସେତେବେଳେ ତୁମ୍ଭେମାନେ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କ ନିକଟକୁ ଫେରିବ ଓ
ତାଙ୍କର ସମସ୍ତ ଅନୁଶାସନ ମାନିବ। 31ଯେହେତୁ ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱର ଜଣେ ଦୟାଳୁ ପରମେଶ୍ୱର ଅଟନ୍ତି,
ସେ ତୁମ୍ଭମାନଙ୍କୁ ତ୍ୟାଗ କରିବେ ନାହିଁ, କି ତୁମ୍ଭମାନଙ୍କୁ
ସଂପୂର୍ଣ୍ଣ ବିନଷ୍ଟ କରିବେ ନାହିଁ କିଅବା ଶପଥ ଦ୍ୱାରା ତୁମ୍ଭ
ପୂର୍ବପୁରୁଷମାନଙ୍କ ନିକଟରେ ଯେଉଁ ନିୟମ କରିଛନ୍ତି ତାହା
ଭୂଲି ଯିବେ ନାହିଁ।

## ପରମେଶ୍ୱରଙ୍କର ମହାନ କର୍ମକୁ ସ୍ମରଣ କର

32"ଏହା ପୂର୍ବରୁ ଏପରି ମହାନ କାର୍ଯ୍ୟ କେବେ ଦେଖିଛ
କି? କଦାପି ନୁହେଁ କାରଣ ଅତୀତକୁ ଦେଖ। ତୁମ୍ଭମାନଙ୍କର
ଜନ୍ମ ପୂର୍ବରୁ ଦେଖ। ପରମେଶ୍ୱର ମନୁଷ୍ୟକୁ ପୃଥିବୀରେ ସୃଷ୍ଟି
କରିବା ଦିନଠାରୁ ପୃଥିବୀର ଗ୍ରହିଆଡ଼େ ଏପରି ମହାନ କାର୍ଯ୍ୟ
କେହି କରିଛି। ଏପରି ମହାକାର୍ଯ୍ୟ ଘଟିବାର ଆଉ କେହି
ଶୁଣିଛି କି? ନାଁ! 33ତୁମ୍ଭେ ଯେପରି ଶୁଣିଅଛ, ସେପରି ଅନ୍ୟ
କୌଣସି ଦେଶୀୟ ଲୋକ ପରମେଶ୍ୱରଙ୍କର କଥା ଅଗ୍ନି
ମଧ୍ୟରୁ କହିବାର ଶୁଣି ବଞ୍ଚିଲେ? 34ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ମିଶରରେ ତୁମ୍ଭମାନଙ୍କ ସାକ୍ଷାତରେ ଯେ ସକଳ
କର୍ମ କରିଅଛନ୍ତି, ସେହିପରି ପରୀକ୍ଷାସିଦ୍ଧ ପ୍ରମାଣଦ୍ୱାରା ଓ

**ଈର୍ଷାପରାୟଣ** ସ୍ୱଗୌରବ ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର।

ଚିହ୍ନଦ୍ୱାରା ଓ ଆଶ୍ଚର୍ଯ୍ୟ କର୍ମଦ୍ୱାରା, ଯୁଦ୍ଧଦ୍ୱାରା, ପରାକ୍ରାନ୍ତ
ହସ୍ତଦ୍ୱାରା, ବିସ୍ତାରିତ ବାହୁଦ୍ୱାରା ଓ ଭୟଙ୍କର ଆଶ୍ଚର୍ଯ୍ୟ କର୍ମଦ୍ୱାରା
ଅନ୍ୟ ଦେଶୀୟ ଲୋକଙ୍କ ମଧ୍ୟରୁ ଆପଣା ନିମନ୍ତେ ଏକ
ଗୋଷ୍ଠୀ ଗ୍ରହଣ କରିବାକୁ ଆସି ଉପକ୍ରମ କରିଅଛନ୍ତି।
**35**ଏହିସବୁ ତୁମ୍ଭପ୍ରତି ପ୍ରକାଶିତ ହେଲା, ଯେପରି ତୁମ୍ଭେମାନେ
ଜାଣିପାରିବ, ଯେ ସଦାପ୍ରଭୁ ପରମେଶ୍ୱର ଅଟନ୍ତି, ତାଙ୍କ ଭିନ୍ନ
ଆଉ କେହି ନାହିଁ। **36**ସଦାପ୍ରଭୁ ଉପଦେଶ ଦେବା ନିମନ୍ତେ
ସ୍ୱର୍ଗରୁ ତୁମ୍ଭକୁ ଆପଣା କଥା ଶୁଣାଇଲେ ଓ ପୃଥିବୀରେ
ତୁମ୍ଭକୁ ଆପଣା ମହାଅଗ୍ନି ଦେଖାଇଲେ। ତୁମ୍ଭେମାନେ ଅଗ୍ନି
ମଧ୍ୟରୁ ତାଙ୍କ ବାକ୍ୟ ଶୁଣି ପାରିଲ।

**37**"ସେମାନଙ୍କ ପରେ ସେମାନଙ୍କ ଭବିଷ୍ୟତ ବଂଶଧର
ତୁମ୍ଭକୁ ହିଁ ମନୋନୀତ କଲେ। କାରଣ ସେ ତୁମ୍ଭର
ପୂର୍ବପୁରୁଷମାନଙ୍କୁ ସ୍ନେହ କଲେ ଏବଂ ତୁମ୍ଭମାନଙ୍କୁ ତାଙ୍କର
ମହାନ ଶକ୍ତି ବଳରେ ମିଶରରୁ ବାହାର କରି ଆଣିଲେ।
**38**ସେ ତୁମ୍ଭଠାରୁ ଅଧିକ ବଳବାନ ଓ ବହୁ ସଂଖ୍ୟକ,
ଅନ୍ୟଦେଶୀୟମାନଙ୍କୁ ତୁମ୍ଭମାନଙ୍କ ଆଗରୁ ତଡ଼ି ଦେଇଛନ୍ତି।
ସେ ସେମାନଙ୍କ ଦେଶରେ ତୁମ୍ଭମାନଙ୍କୁ ପ୍ରବେଶ କରାଇଲେ ଓ
ତାହା ତୁମ୍ଭମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଦେଲେ, ଯାହା
ଆଜି ହୋଇଛି।

**39**"ଏଥିପାଇଁ ତୁମ୍ଭେମାନେ ଆଜି ଏହା ଚିନ୍ତା ଓ ହୃଦୟଙ୍ଗମ
କରିବା ଉଚିତ୍ ଯେ, ସଦାପ୍ରଭୁ ପରମେଶ୍ୱର ହିଁ ସ୍ୱର୍ଗର
ଉପରେ ଓ ପୃଥିବୀ ତଳେ ଅଛନ୍ତି, ଅନ୍ୟ କେହି ନୁହେଁ।
**40**ସେଥିପାଇଁ ତୁମ୍ଭମାନେ ବ୍ୟବସ୍ଥା ଓ ଆଜ୍ଞା ପାଳନ କରିବା
ଉଚିତ୍, ଯାହାକି ମୁଁ ଆଜି ତୁମ୍ଭମାନଙ୍କୁ ଦେଉଛି। ତେଣୁ
ତୁମ୍ଭର ଓ ତୁମ୍ଭମାନଙ୍କର ପିଲାମାନଙ୍କର ମଙ୍ଗଳ ହେବ, ଏବଂ
ତୁମ୍ଭେମାନେ ସେହି ଭୂମିରେ ଦୀର୍ଘଦିନ ଧରି ବାସ କରିବ,
ଯାହା ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କୁ ଚିରଦିନ
ପାଇଁ ଦେଇଛନ୍ତି।"

## ମୋଶା ସୁରକ୍ଷା ସହରଗୁଡ଼ିକୁ ବାଛିଲେ

**41**ଏହାପରେ ମୋଶା ଯର୍ଦ୍ଦନ ନଦୀର ପୂର୍ବ ଦିଗରେ
ତିନୋଟି ନଗର ସଂରକ୍ଷଣ କଲେ। **42**ଯେପରି କେହି ଆପଣା
ପ୍ରତିବେଶୀକୁ ପୂର୍ବେ ହିଂସା ନ କରି ଅଜ୍ଞାତ ସାରରେ ହତ୍ୟା
କଲେ, ସେ ତହିଁ ମଧ୍ୟରୁ କୌଣସି ଏକ ନଗରକୁ ପଳାଇ
ବଞ୍ଚିପାରେ। **43**ଯଥା ରୁବେନୀୟମାନଙ୍କ ନିମନ୍ତେ ପଦାଭୂମିସ୍ଥ
ପ୍ରାନ୍ତରରେ ବେତ୍ସର, ଗାଦୀୟମାନଙ୍କ ନିମନ୍ତେ ରାମୋତ୍ ଆଉ
ମନଃଶୀୟମାନଙ୍କ ନିମନ୍ତେ ବାଶନରେ ଗୋଲନ୍,

## ମୋଶାଙ୍କ ବ୍ୟବସ୍ଥାର ପରିଚୟ

**44**ଏହାପରେ ମୋଶା ଇଶ୍ରାୟେଲୀୟ ସନ୍ତାନଗଣର ସମ୍ମୁଖରେ
ଏହି ପରମେଶ୍ୱରଙ୍କ ବ୍ୟବସ୍ଥା କଲେ। **45**ଏହିସବୁ ପ୍ରମାଣିତ
ବାକ୍ୟ, ନିୟମ, ବ୍ୟବସ୍ଥା ଯାହାକି ମୋଶା ଇଶ୍ରାୟେଲର
ଲୋକମାନଙ୍କୁ ଦେଲେ, ଯେତେବେଳେ ମିଶରରୁ ବାହାରି
ଆସିଲେ। **46**ସିହୋନ ଦେଶରେ ଇମୋରୀୟମାନଙ୍କର ରାଜା
ଯିଏକି ଯର୍ଦ୍ଦନ ନଦୀର ବିପରୀତ ପାର୍ଶ୍ୱରେ ଥିବା ବୈତପିୟୋର
ସମ୍ମୁଖରେ ହିଷ୍‌ବୋନ୍ ଉପତ୍ୟକାରେ ଶାସନ କରୁଥିଲେ।
କାରଣ ମିଶରରୁ ବାହାରି ଆସିବା ବେଳେ ମୋଶା ଓ
ଇଶ୍ରାୟେଲର ଲୋକମାନେ ତାଙ୍କୁ ପରାସ୍ତ କଲେ। **47**ଏବଂ
ସେମାନେ ତା'ର ଭୂମିକୁ ବାଶନର ରାଜା ଓଗ୍‌ର ଭୂମିକୁ
ଅଧିକାର କଲେ। ଯର୍ଦ୍ଦନ ନଦୀର ପୂର୍ବ ଦିଗରେ
ଇମୋରୀୟମାନଙ୍କର ଦୁଇ ରାଜା ଥିଲେ। **48**ଏହି ଦେଶ
ଅରୋୟେରଠାରୁ ଅର୍ଣ୍ଣୋନ ଉପତ୍ୟକା ଧାରେ ଧାରେ ସିୟୋନ
ପର୍ଯ୍ୟନ୍ତ ଅର୍ଥାତ୍ ହର୍ମୋଣ ନାମକ ପର୍ବତ ପର୍ଯ୍ୟନ୍ତ ବିସ୍ତୃତ
ଥିଲା। **49**ଏବଂ ଅସେଦୋତ୍ ପିସ୍‌ଗାର ଅଧଃସ୍ଥିତ ପଦା
ଭୂମିରେ ସମୁଦ୍ର ପର୍ଯ୍ୟନ୍ତ ଯର୍ଦ୍ଦନ ପୂର୍ବ ପାର୍ଶ୍ୱସ୍ଥିତ ସମସ୍ତ
ପଦାଭୂମି ଅଧିକାର କରିଥିଲେ।

## ଦଶ ଆଜ୍ଞା

**5** ମୋଶା ସମସ୍ତ ଇଶ୍ରାୟେଲ ଲୋକମାନଙ୍କୁ ଡ଼ାକି ଏକତ୍ରିତ
କଲେ ଏବଂ ସେମାନଙ୍କୁ କହିଲେ, "ହେ ଇଶ୍ରାୟେଲୀୟ
ଲୋକମାନେ ଶୁଣ ମୁଁ ତୁମ୍ଭକୁ ସଦାପ୍ରଭୁଙ୍କର ବ୍ୟବସ୍ଥା ଓ ବିଧି
ସବୁ କହୁଅଛି। ଏହି ବିଧିସବୁ ଗ୍ରହଣ କର ଓ ପାଳନ କର।
**2**ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର ହୋରେବରେ ଆମ୍ଭମାନଙ୍କ
ସହିତ ଗୋଟିଏ ନିୟମ କଲେ। **3**ସଦାପ୍ରଭୁ ଆମ୍ଭମାନଙ୍କ
ପୂର୍ବପୁରୁଷମାନଙ୍କ ସହିତ ସେହି ନିୟମ କଲେ ନାହିଁ, କିନ୍ତୁ
ସେ ଆମ୍ଭ ସମସ୍ତଙ୍କ ସହିତ ତାହା କଲେ, ଯେଉଁମାନେ
ଏଠାରେ ଆଜି ବାସ କରୁଛନ୍ତି। **4**ସଦାପ୍ରଭୁ ପର୍ବତରେ
ଅଗ୍ନିମଧ୍ୟରୁ ତୁମ୍ଭମାନଙ୍କ ସହିତ ମୁହାଁ ମୁହିଁ କଥା କହିଲେ।
**5**ସେହି ସମୟରେ, ମୁଁ ତୁମ୍ଭମାନଙ୍କୁ ସଦାପ୍ରଭୁଙ୍କ ବାକ୍ୟ କହିବା
ନିମନ୍ତେ ସେହି ସ୍ଥାନରେ ସଦାପ୍ରଭୁଙ୍କର ଓ ତୁମ୍ଭମାନଙ୍କ
ମଧ୍ୟରେ ଛିଡ଼ା ହେଲି କାରଣ ତୁମ୍ଭେମାନେ ଅଗ୍ନିକୁ ଭୟ
କଲ, ଏବଂ ସେଥିପାଇଁ ତୁମ୍ଭେମାନେ ପର୍ବତ ଉପରକୁ ଗଲ
ନାହିଁ। ତାଙ୍କର ବାକ୍ୟ ଏହିସବୁ, **6**ଯେ ଦାସ୍ୟଗୃହ ସ୍ୱରୂପ
ମିଶର ଦେଶରୁ ତୁମ୍ଭକୁ ଦାସରୁ ମୁକ୍ତ କଲେ। ଆମ୍ଭେ ସେହି
ସଦାପ୍ରଭୁ ତୁମ୍ଭର ପରମେଶ୍ୱର ଅଟୁ।

**7**"ଆମ୍ଭ ଛଡ଼ା ତୁମ୍ଭମାନେ ଅନ୍ୟ କୌଣସି ଦେବତା
ପୂଜା କର ନାହିଁ।

**8**"ତୁମ୍ଭେମାନେ ନିଶ୍ଚିତ ନିଜ ପାଇଁ କୌଣସି
ପ୍ରତିମୂର୍ତ୍ତି ତିଆରି କରିବ ନାହିଁ, ଯାହା ତୁମ୍ଭେମାନେ
ସ୍ୱର୍ଗରେ, ମର୍ତ୍ତ୍ୟରେ ଓ ପାଣି ଭିତରେ ଦେଖୁଛ।
ତୁମ୍ଭେମାନେ ସେଗୁଡ଼ିକର କୌଣସି ପ୍ରତିମୂର୍ତ୍ତି ତିଆରି
ନାହିଁ। **9**ତୁମ୍ଭେମାନେ ସେମାନଙ୍କର ପୂଜା କରିବ
ନାହିଁ, କି ସେମାନଙ୍କର ସେବା କରିବ ନାହିଁ।
ଯେହେତୁ ଆମ୍ଭେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ସ୍ୱଗୌରବ
ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର ଅଟୁ। ଯେଉଁମାନେ
ଆମ୍ଭକୁ ଘୃଣା କରନ୍ତି, ଆମ୍ଭେ ସେମାନଙ୍କର ତୃତୀୟ
ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନମାନଙ୍କ ଉପରେ
ପୈତୃକ ଅପରାଧର ପ୍ରତିଫଳ ଦାତା। **10**କିନ୍ତୁ ଯେଉଁମାନେ
ଆମ୍ଭକୁ ପ୍ରେମ କରନ୍ତି, ଆମ୍ଭର ଆଜ୍ଞା ପାଳନ କରନ୍ତି,
ଆମ୍ଭେ ସେମାନଙ୍କର ସହସ୍ର ପୁରୁଷ ପର୍ଯ୍ୟନ୍ତ ଦୟା
କରିବା। **11**ତୁମ୍ଭେ ମୂଲ୍ୟହୀନ ଉଦ୍ଦେଶ୍ୟରେ ସଦାପ୍ରଭୁ
ତୁମ୍ଭ ପରମେଶ୍ୱରଙ୍କ ନାମ ନେବ ନାହିଁ। ଯଦି
କୌଣସି ଲୋକ ମୂଲ୍ୟହୀନ ଉଦ୍ଦେଶ୍ୟରେ ତାଙ୍କର

ନାମ ନିଏ, ସଦାପ୍ରଭୁ ତାଙ୍କୁ ନିରପରାଧ ବୋଲି
ବିବେଚନା କରନ୍ତି ନାହିଁ।
12"ବିଶ୍ରାମ ଦିନକୁ ସଦାପ୍ରଭୁଙ୍କର ଉଦ୍ଦିଷ୍ଟ ଦିନରୂପେ
ପାଳନ କରିବ, ଯେପରି ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ତୁମ୍ଭମାନଙ୍କୁ ଆଦେଶ ଦେଇଛନ୍ତି।
13ସପ୍ତାହର ଛଅଦିନ ସମସ୍ତ କର୍ମ କର। 14କିନ୍ତୁ
ସପ୍ତମ ଦିନଟି ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କର ବିଶ୍ରାମ
ଦିନ ଅଟେ, ତହିଁରେ ତୁମ୍ଭେ କି ତୁମ୍ଭର ପୁତ୍ର କି
ତୁମ୍ଭର କନ୍ୟା କି ତୁମ୍ଭର ଦାସ, କି ତୁମ୍ଭର ଦାସୀ,
କି ତୁମ୍ଭର ଗୋରୁ, କି ତୁମ୍ଭର ଗଧ କି ତୁମ୍ଭର
କୌଣସି ପଶୁ, କି ତୁମ୍ଭର ନଗର ଦ୍ୱାରବର୍ତ୍ତୀ ବିଦେଶୀ,
କେହି କୌଣସି କାର୍ଯ୍ୟ କରିବେ ନାହିଁ। ତହିଁରେ
ତୁମ୍ଭର ଦାସ ଓ ଦାସୀ ତୁମ୍ଭପରି ବିଶ୍ରାମ କରିବେ।
15ଏକଥା ତୁମ୍ଭେ ଭୁଲିବ ନାହିଁ ଯେ ତୁମ୍ଭେମାନେ
ମିଶରରେ, ଏକଦା ଦାସ ଥିଲ। ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ପରାକ୍ରାନ୍ତ ହସ୍ତଦ୍ୱାରା ତୁମ୍ଭମାନଙ୍କୁ ମିଶରରୁ
ବାହାର କରି ଆଣିଲେ। ସେ ତୁମ୍ଭମାନଙ୍କୁ ମୁକ୍ତ
କଲେ। ଏହି ହେତୁ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ବିଶ୍ରାମଦିନ ପାଳନାର୍ଥେ ତୁମ୍ଭମାନଙ୍କୁ ଆଜ୍ଞା ଦେଇଛନ୍ତି।
16"ତୁମ୍ଭମାନଙ୍କର ପିତାମାତାଙ୍କୁ ସମ୍ମାନ କର।
ଏପରି କରିବାକୁ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ତୁମ୍ଭମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ତୁମ୍ଭେମାନେ
ଏହି ଆଦେଶ ପାଳନ କର, ତେବେ ତୁମ୍ଭମାନଙ୍କର
ପରମାୟୁ ଦୀର୍ଘାୟୁ ହେବ ଓ ସେହି ଦେଶରେ
ତୁମ୍ଭମାନଙ୍କର ମଙ୍ଗଳ ହେବ, ଯାହା ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ତୁମ୍ଭମାନଙ୍କୁ ଦେଉଛନ୍ତି।
17"ତୁମ୍ଭେ ନରହତ୍ୟା କରିବ ନାହିଁ।
18"ତୁମ୍ଭେମାନେ ବ୍ୟଭିଚାର କରିବ ନାହିଁ।
19"ତୁମ୍ଭେମାନେ ଚୋରି କରିବ ନାହିଁ।
20"ତୁମ୍ଭେମାନେ ଆପଣା ପ୍ରତିବେଶୀ ବିରୁଦ୍ଧରେ
ମିଥ୍ୟା ସାକ୍ଷୀ ଦେବନାହିଁ।
21"ତୁମ୍ଭେ ଆପଣା ପ୍ରତିବେଶୀର ଭାର୍ଯ୍ୟାକୁ ଲୋଭ
କରିବ ନାହିଁ। ତୁମ୍ଭେ ଆପଣା ପ୍ରତିବେଶୀର ଗୃହ,
କ୍ଷେତ୍ର, ଦାସ, ଦାସୀ, ଗୋରୁ, ଗଧ, କି ସେମାନଙ୍କର
କୌଣସି ବସ୍ତୁକୁ ଲୋଭ କରିବ ନାହିଁ।"

### ଲୋକମାନେ ପରମେଶ୍ୱରଙ୍କୁ ଭୟ କରୁଥିଲେ

22ମୋଶା କହିଲେ, "ସଦାପ୍ରଭୁ ପର୍ବତରେ ଅଗ୍ନି ଓ
ମେଘ ଓ ଘୋର ଅନ୍ଧାର ମଧ୍ୟରୁ ତୁମ୍ଭମାନଙ୍କର ସମସ୍ତ
ସମାଜପ୍ରତି ଏହି ସମସ୍ତ ବାକ୍ୟ ଉଚ୍ଚସ୍ୱରରେ କହିଲେ। ଆଉ
କିଛି କହିଲେ ନାହିଁ। ତେଣୁ ସେ ଏହି ସମସ୍ତ କଥା ଦୁଇଖଣ୍ଡ
ପ୍ରସ୍ତର ପଟାରେ ଲେଖି ମୋତେ ଦେଲେ।
23"ମାତ୍ର ପର୍ବତ ଅଗ୍ନିରେ ଜଳିବା ସମୟରେ ତୁମ୍ଭେମାନେ
ଅନ୍ଧକାର ମଧ୍ୟରୁ ଶବ୍ଦ ଶୁଣିଲ। ଏହାପରେ ତୁମ୍ଭମାନଙ୍କର
ଗୋଷ୍ଠୀର ମୁଖ୍ୟ ଓ ପ୍ରାଚୀନ ମୋ ନିକଟକୁ ଆସିଲେ।
24ସେମାନେ କହିଲେ, ଦେଖ, 'ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର
ଆମ୍ଭମାନଙ୍କ ନିକଟରେ ଆପଣା ପ୍ରତାପ ଓ ମହିମା ପ୍ରକାଶ
କରିଅଛନ୍ତି। ଆଉ ଆମ୍ଭେମାନେ ଅଗ୍ନି ମଧ୍ୟରୁ ତାହାଙ୍କ ବାକ୍ୟ
ଶୁଣିଅଛୁ। ଆମ୍ଭେମାନେ ଆଜି ଦେଖିଲୁ ପରମେଶ୍ୱର ମନୁଷ୍ୟ
ସହିତ କଥା କହିଲେ ହେଁ ସେ ବଞ୍ଚିପାରେ। 25କିନ୍ତୁ ଯଦି
ଆମ୍ଭେମାନେ ଆମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱରଙ୍କର ବାକ୍ୟ
ଅଧିକ ଶୁଣୁ, ତା ନହେଲେ ଆମ୍ଭେମାନେ ମୃତ୍ୟୁବରଣ କରିବୁ।
ସେହି ଭୟଙ୍କର ଅଗ୍ନି ଆମ୍ଭମାନଙ୍କୁ ଧ୍ୱଂସ କରିବ। ଆମ୍ଭେମାନେ
ମରିବାକୁ ଚାହୁଁ ନାହୁଁ। 26ଅଗ୍ନି ମଧ୍ୟରୁ ଜୀବନ୍ତ ପରମେଶ୍ୱର
କହିବାର କେହି ଶୁଣି ନାହାନ୍ତି। ଯେପରି ଆମ୍ଭେମାନେ ଶୁଣିଛୁ
ଓ ବଞ୍ଚିଛୁ। 27ହେ ମୋଶା ଯାଅ ଓ ଶୁଣ, ଯାହାସବୁ
ସଦାପ୍ରଭୁ ଆମ୍ଭର ପରମେଶ୍ୱର କହନ୍ତି ଏବଂ ସଦାପ୍ରଭୁ
ଆମ୍ଭମାନଙ୍କର ପରମେଶ୍ୱରଙ୍କଠାରୁ ଯାହା ଶୁଣିଛ, ତାହା ଆମ୍ଭମାନଙ୍କୁ
କୁହ ଏବଂ ଆମ୍ଭେମାନେ ତାହା ପାଳନ କରିବୁ।'

### ସଦାପ୍ରଭୁ ମୋଶାଙ୍କ ସହିତ କଥାବାର୍ତ୍ତା କଲେ

28"ତୁମ୍ଭେମାନେ ମୋତେ ଯେତେବେଳେ ଏପରି କହିଲ,
ସେତେବେଳେ ସଦାପ୍ରଭୁ ତୁମ୍ଭମାନଙ୍କର ସେହି ବାକ୍ୟର କଥା
ଶୁଣି ମୋତେ କହିଲେ, 'ଏହି ଲୋକମାନେ ତୁମ୍ଭକୁ ଯାହା
କହିଛନ୍ତି ଆମ୍ଭେ ସେହି କଥା ଶୁଣିଅଛୁ। ସେମାନେ ଯାହା
କହିଛନ୍ତି ଭଲ କହିଛନ୍ତି। 29ଆମ୍ଭେ ଚାହୁଁ ତାଙ୍କର ଭାବନାର
ପରିବର୍ତ୍ତନ ଘଟୁ। ଆମ୍ଭେ ଚାହୁଁ ସେମାନେ ହୃଦୟତାର
ସହକାରେ ଆମ୍ଭକୁ ସମ୍ମାନ କରି ଆମ୍ଭର ବାକ୍ୟ ପାଳନ
କରନ୍ତୁ। ଏହାପରେ ସେମାନଙ୍କର ଓ ତାଙ୍କ ସନ୍ତାନମାନଙ୍କର
ଅନନ୍ତକାଳୀନ ମଙ୍ଗଳ ହେବ।
30"'ତୁମ୍ଭେ ଯାଇ ସେମାନଙ୍କୁ କୁହ ଯେ ତୁମ୍ଭେମାନେ
ନିଜନିଜ ତମ୍ବୁକୁ ଫେରିଯାଅ। 31ମାତ୍ର ତୁମ୍ଭେ ଏହି ସ୍ଥାନରେ
ମୋ ନିକଟରେ ଠିଆ ହୁଅ। ମୁଁ ତୁମ୍ଭକୁ ଆଜ୍ଞା, ନିୟମ ଏବଂ
ଶାସନସବୁ କହିବି, ମୁଁ ସେମାନଙ୍କୁ ସେମାନଙ୍କର ଅଧିକାର
ଦେବି। ଯାହାକି ତୁମ୍ଭେ ସେମାନଙ୍କୁ ଶିକ୍ଷା ଦେବା ଉଚିତ୍ ଏବଂ
ସେମାନେ ସେହି ଦେଶରେ ତାହା ମାନିବା ଉଚିତ୍।'
32"ଏଥିପାଇଁ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ଯେପରି
ଆଜ୍ଞା ଦେଇଛନ୍ତି, ସେହିପରି ଭାବରେ ପାଳନ କରିବାପାଇଁ
ମନୋଯୋଗ କରିବେ। ତୁମ୍ଭେମାନେ ତହିଁର ଦକ୍ଷିଣରେ କି
ବାମରେ ଫେରିବ ନାହିଁ। 33ଦେଖ, ଯେପରି ତୁମ୍ଭେ ସେହି
ରାସ୍ତାରେ ଚାଲ ଯେଉଁ ରାସ୍ତାରେ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ତୁମ୍ଭମାନଙ୍କୁ ଚାଲିବା ପାଇଁ ଆଦେଶ ଦେଇଛନ୍ତି,
ଯେଉଁଥିପାଇଁ ତୁମ୍ଭେମାନେ ସେହି ଦେଶରେ ଦୀର୍ଘଦିନ ବଞ୍ଚିବ
ଓ ତୁମ୍ଭେ ଯେଉଁ ଦେଶ ଅଧିକାର କରିବ, ସେଠାରେ ତୁମ୍ଭର
ସର୍ବମଙ୍ଗଳ ହେବ।

### ସର୍ବଦା ପରମେଶ୍ୱରଙ୍କୁ ପ୍ରେମ କର ଓ ତାଙ୍କର ଆଜ୍ଞା ପାଳନ କର

6 "ଏହିସବୁ ଆଜ୍ଞା, ବ୍ୟବସ୍ଥା ଓ ବିଧି ତୁମ୍ଭମାନଙ୍କୁ ଶିକ୍ଷା
ଦେବାପାଇଁ, ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ମୋତେ
କହିଲେ। ତୁମ୍ଭେମାନେ ଯେଉଁ ଦେଶ ଅଧିକାର କରିବାକୁ
ପାରହୋଇ ଯାଉଅଛ, ସେହି ଦେଶରେ ତୁମ୍ଭେମାନେ ଏହି
ବ୍ୟବସ୍ଥା ପାଳନ କରିବା ଉଚିତ୍। 2ଏହା ଏପରି ଅଟେ ଯେ,
ତୁମ୍ଭେମାନେ ତୁମ୍ଭମାନଙ୍କର ସନ୍ତାନଗଣ ଏବଂ ନାତିନାତୁଣୀଗଣ

ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କୁ ତୁମ୍ଭେମାନେ ବଞ୍ଚିଥିବା ପର୍ଯ୍ୟନ୍ତ ଭୟ କରବା ପାଇଁ ଏବଂ ତାଙ୍କର ସମସ୍ତ ଆଜ୍ଞା ଓ ନୟମ ପାଳନ କରବା ପାଇଁ ମୁଁ ଯାହା ତୁମ୍ଭମାନଙ୍କୁ ଦେଉଛି, ସେଥିପାଇଁ ଦୀର୍ଘଜିବୀ ହେବ। **3**ତେଣୁ ହେ ଇଶ୍ରାୟେଲ, ଶୁଣ ଓ ତାହା ପାଳନ କରବାକୁ ମନୋଯୋଗ କର, ତହିଁରେ ସଦାପ୍ରଭୁ ତୁମ୍ଭ ପୂର୍ବପୁରୁଷଗଣର ପରମେଶ୍ୱର ତୁମ୍ଭକୁ ଯେଉଁପର ପ୍ରତିଜ୍ଞା କରଛନ୍ତି; ସେହପର ଦୁଗ୍ଧମଧୁ ପ୍ରବାହୀ ଦେଶରେ ତୁମ୍ଭର ମଙ୍ଗଳ ହେବ ଓ ତୁମ୍ଭେମାନେ ଅଧିକ ବର୍ଦ୍ଧିଷ୍ଣୁ ହେବ।

**4**"ହେ, ଇଶ୍ରାୟେଲ ଶୁଣ, ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ଏକମାତ୍ର ସଦାପ୍ରଭୁ ଅଟନ୍ତି। **5**ଏଣୁ ତୁମ୍ଭେ ଆପଣା ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ, ଓ ସମସ୍ତ ଶକ୍ତ ସହତ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ପ୍ରେମ କରବ। **6**ଏବଂ ମୁଁ ଆଜି ତୁମ୍ଭକୁ ଯେଉଁ ଆଜ୍ଞା କରୁଅଛି, ତୁମ୍ଭେମାନେ ତାହାକୁ ଆପଣା ହୃଦୟରେ ରଖିବ। **7**ଆଉ ତୁମ୍ଭେ ଆପଣା ସନ୍ତାନଗଣକୁ ଯତ୍ନପୂର୍ବକ ଏହସବୁ ଶିକ୍ଷା ଦେବ। ତୁମ୍ଭେ ଆପଣା ଗୃହରେ ବସିବାବେଳେ, ପଥରେ ଚାଲବା ବେଳେ, ତୁମ୍ଭେ ଶୟନ କରବାବେଳେ ଓ ତୁମ୍ଭେ ଉଠିବାବେଳେ, ସେମାନଙ୍କର ସଙ୍ଗେ ସେ ବଷୟରେ କଥାବାର୍ତ୍ତା କରବ। **8**ଆଉ ତୁମ୍ଭେ ସେଗୁଡକୁ ଚହ୍ନ ରୂପେ ନଜ ହସ୍ତରେ ଓ ତୁମ୍ଭ କପାଳରେ ବାନ୍ଧିବା ଉଚତ୍। **9**ଆହୁର ତୁମ୍ଭେ ଆପଣା ଗୃହ ଦ୍ୱାର ଚଉକାଠରେ ଓ ବାହାର ଦ୍ୱାରରେ ତାହା ଲେଖିବ।

**10**"ତୁମ୍ଭ ପୂର୍ବପୁରୁଷ ଅବ୍ରହାମ, ଇସହାକ୍ ଓ ଯାକୁବ ନକଟରେ ସଦାପ୍ରଭୁ ତୁମ୍ଭମାନଙ୍କୁ ଏହ ଦେଶ ଦେବାପାଇଁ ପ୍ରତିଜ୍ଞା କରଥିଲେ। ସଦାପ୍ରଭୁ ଏହ ଦେଶକୁ ତୁମ୍ଭମାନଙ୍କୁ ଆଣିବେ ଏବଂ ନଗରଗୁଡକ ସହତ ଏହା ତୁମ୍ଭମାନଙ୍କୁ ଦେବେ, ଯେଉଁଗୁଡକ ତୁମ୍ଭେମାନେ ନର୍ମାଣ କରନାହିଁ ଏବଂ ଯେଉଁଗୁଡକ ବୃହତ ଓ ସୁନ୍ଦର ଅଟେ। **11**ଉତ୍ତମ ସାମଗ୍ରିରେ ପରପୂର୍ଣ୍ଣ ଗୃହସବୁ ଯାହା ତୁମ୍ଭେ ପୂର୍ଣ୍ଣ କରନାହିଁ, କୂଅସବୁ ଯାହା ତୁମ୍ଭେ ଖୋଳଲ ନାହିଁ, ଦ୍ରାକ୍ଷାକ୍ଷେତ୍ର ଓ ଜିତବୃକ୍ଷ ଯାହାକୁ ତୁମ୍ଭମାନେ ରୋପଣ କଲ ନାହିଁ, ସେଗୁଡକ ତୁମ୍ଭେମାନେ ଭୋଗକର ତୃପ୍ତ ହେବ।

**12**"ସେତେବେଳେ ତୁମ୍ଭେମାନେ ନଶ୍ଚିତ ସାବଧାନ ହେବା ଉଚତ୍ ଯେ, ଯିଏ ତୁମ୍ଭମାନଙ୍କୁ ଦାସ୍ୟଗୃହରୂପ ମିଶରରୁ ମୁକ୍ତ କର ଆଣିଛନ୍ତି। ତୁମ୍ଭେମାନେ ସେହ ସଦାପ୍ରଭୁଙ୍କୁ ଭୂଲଯାଅ ନାହିଁ। **13**ତୁମ୍ଭେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ଭୟ କରବ ଓ ତୁମ୍ଭେ ତାଙ୍କର ସେବା କରବ ଓ ତାହାଙ୍କ ନାମରେ ଶପଥ କରବ। **14**ତୁମ୍ଭେମାନେ ଅନ୍ୟ ଦେବଗଣର, ତୁମ୍ଭମାନଙ୍କ ଚତୁର୍ଦ୍ଦିଗସ୍ଥ ଅନ୍ୟ ଦେଶୀୟ ଲୋକଙ୍କ ଦେବଗଣର ପଶ୍ଚାଦଗାମୀ ହେବ ନାହିଁ। **15**ତୁମ୍ଭେମାନେ ଯଦ ଏପର କର, ସଦାପ୍ରଭୁଙ୍କର କ୍ରୋଧ ତୁମ୍ଭ ପ୍ରତିକୂଳରେ ପ୍ରଜ୍ୱଳତ ହେବ ଓ ସେ ଦେଶରୁ ତୁମ୍ଭକୁ ବନାଶ କରବେ। କାରଣ ତୁମ୍ଭ ମଧ୍ୟରେ ଥିବା ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଆପଣାର ମହମା ବଜାୟ ରଖିବା ପାଇଁ ଇର୍ଷାପରାୟଣ ଅଟନ୍ତି।

**16**"ତୁମ୍ଭେମାନେ ମଃସାରେ ଯେମନ୍ତ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କୁ ପରୀକ୍ଷା କଲା ପର, ପୁଣି ଥରେ ତୁମ୍ଭମାନେ ତାଙ୍କୁ ପରୀକ୍ଷା କରବା ଉଚତ୍ ନୁହଁ। **17**ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କର ତୁମ୍ଭପ୍ରତି ଆଦଷ୍ଟ ସମସ୍ତ ଆଜ୍ଞା ଓ ତାହାଙ୍କ ଶିକ୍ଷା ଓ ତାହାଙ୍କ ବିଧି ଯତ୍ନପୂର୍ବକ ପାଳନ କରବ। **18**ଏହାପରେ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ନ୍ୟାୟ ଓ ଉତ୍ତମ ତୁମ୍ଭେ ତାହା କରବ, ତହିଁରେ ତୁମ୍ଭର ମଙ୍ଗଳ ହେବ ଓ ତୁମ୍ଭେମାନେ ଆସିବ ଓ ଉତ୍ତମ ଭୂମି ଅଧିକାର କରବ ଯାହାକ ସଦାପ୍ରଭୁ ତୁମ୍ଭର ପୂର୍ବପୁରୁଷମାନଙ୍କଠାରେ ପ୍ରତିଜ୍ଞା କରଥିଲେ। **19**ଏବଂ ସଦାପ୍ରଭୁ ତୁମ୍ଭମାନଙ୍କର ସମସ୍ତ ଶତ୍ରୁମାନଙ୍କୁ ତୁମ୍ଭମାନଙ୍କ ସମ୍ମୁଖରୁ ଦୂର କର ଦେବେ, ଯେ ରୂପେ ସେ କହଛନ୍ତି।

### ପରମେଶ୍ୱରଙ୍କ କାର୍ଯ୍ୟ ବଷୟରେ ତୁମ୍ଭର ସନ୍ତାନମାନଙ୍କୁ ଶିକ୍ଷା ଦଅ

**20**"ଭବଷ୍ୟତରେ ଯଦ ତୁମ୍ଭର ସନ୍ତାନମାନେ ତୁମ୍ଭକୁ ପଚାରଲେ, 'ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କୁ ଯେଉଁ ସବୁ ଆଜ୍ଞା, ବିଧି ଓ ଶାସନ ଦେଇଛନ୍ତି, ସେସବୁର ଅଭପ୍ରାୟ କ'ଣ?' **21**ତୁମ୍ଭେମାନେ ଆପଣା ସନ୍ତାନମାନଙ୍କୁ କହବ, 'ଆମ୍ଭେମାନେ ମିଶରରେ ଫାରୋର ବନ୍ଧାଦାସ ଥିଲୁ, ପୁଣି ସଦାପ୍ରଭୁ ବଳବାନ୍ ହସ୍ତଦ୍ୱାରା ଆମ୍ଭମାନଙ୍କୁ ମିଶରରୁ ବାହାରକର ଆଣିଲେ। **22**ସଦାପ୍ରଭୁ ଆମ୍ଭମାନଙ୍କ ସାକ୍ଷାତରେ ମିଶର ପ୍ରତି, ଫାରୋଙ୍କ ପ୍ରତି ଓ ତାଙ୍କର ସମସ୍ତ ପରବାର ପ୍ରତି, ମହତ୍ ଓ କ୍ଲେଶଦାୟକ ଚହ୍ନ ଓ ଆଶ୍ଚର୍ଯ୍ୟକ୍ରିୟା ଦେଖାଇଲେ। **23**ପୁଣି ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କ ନକଟରେ ଯେଉଁଦେଶ ବଷୟରେ ଶପଥ କରଥିଲେ। ସେ ଦେଶରେ ପରମେଶ୍ୱର ଆମ୍ଭମାନଙ୍କୁ ପହଞ୍ଚାଇ ତାହା ଦେବା ନମନ୍ତେ ମିଶରରୁ ବାହାର କର ଆଣିଲେ। **24**ଏବଂ ସଦାପ୍ରଭୁ ଆଜିଦନ ପର ଯେପର ଆମ୍ଭମାନଙ୍କୁ ସଜୀବ ରକ୍ଷା କରପାରବେ, ଏଥିପାଇଁ ଆମ୍ଭମାନଙ୍କ ନତ୍ୟ ମଙ୍ଗଳ ନମନ୍ତେ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କୁ ଭୟ କରବା ପାଇଁ ସେ ଆମ୍ଭମାନଙ୍କ ପାଳନାର୍ଥେ ଏହ ସକଳ ବିଧି ଆମ୍ଭମାନଙ୍କୁ ଆଜ୍ଞା କଲେ। **25**ଆଉ ଯେବେ ଆମ୍ଭେମାନେ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ ସମ୍ମୁଖରେ ତାହାଙ୍କ ଆଜ୍ଞା ଅନୁସାରେ ଏହ ସମସ୍ତ ବ୍ୟବସ୍ଥା ପାଳନ କରବାକୁ ମନୋଯୋଗ କରବା, ତେବେ ତାହା ଆମ୍ଭମାନଙ୍କ ପ୍ରତି ଧାର୍ମିକତା ହେବ।'

### ଇଶ୍ରାୟେଲ ପରମେଶ୍ୱରଙ୍କର ବଶେଷ ଲୋକ

**7** "ତୁମ୍ଭେ ଯେଉଁ ଦେଶ ଅଧିକାର କରବାକୁ ଯାଉଅଛ ସେହ ଦେଶରେ ଯେତେବେଳେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ ପ୍ରବେଶ କରାଇବେ ଓ ତୁମ୍ଭ ସାକ୍ଷାତରୁ ନାନା ଗୋଷ୍ଠୀୟ ଲୋକମାନଙ୍କୁ ହତ୍ତୀୟ ଓ ଗିର୍ଗାଶୀୟ ଓ ଇମୋରୀୟ ଓ କଣାନୀୟ ଓ ପରଷୀୟ ଓ ହବ୍ବୀୟ ଓ ଯିବୂଷୀୟ ତୁମ୍ଭଠାରୁ ମହାନ୍ ଓ ବଳବାନ୍ ଏହ ସାତ ଗୋଷ୍ଠୀଙ୍କୁ ଦୂର କରବେ। **2**ଯେତେବେଳେ ସଦାପ୍ରଭୁ ତୁମ୍ଭର ପରମେଶ୍ୱର ସେମାନଙ୍କୁ ତୁମ୍ଭ ସଦାପ୍ରଭୁ ସମର୍ପଣ କରବେ ଏବଂ ତୁମ୍ଭେ ସେମାନଙ୍କୁ ପରାସ୍ତ କରବ। ତୁମ୍ଭେ ସେମାନଙ୍କ ସହତ କୌଣସି ସନ୍ଧି କରବ ନାହିଁ ଅଥବା ଦୟା ଦେଖାଇବ ନାହିଁ। ତୁମ୍ଭେ ସେମାନଙ୍କୁ ସଂପୂର୍ଣ୍ଣରୂପେ ଧ୍ୱଂସ କରବ। **3**ତୁମ୍ଭେମାନେ ସେମାନଙ୍କ ସହତ ବବାହ ସମ୍ବନ୍ଧ ରଖିବ ନାହିଁ। ତୁମ୍ଭେମାନେ

ସେମାନଙ୍କ ପୁତ୍ରମାନଙ୍କ ସହତ ଆପଣା କନ୍ୟାମାନଙ୍କୁ ବବାହ
ଦେବନାହିଁ। କଅବା ଆପଣା ପୁତ୍ରମାନଙ୍କୁ ସେମାନଙ୍କ କନ୍ୟାମାନଙ୍କ
ସହତ ବବାହ ଦେବ ନାହିଁ। 4କାରଣ ସେମାନେ ତୁମ୍ଭମାନଙ୍କର
ସନ୍ତାନଗଣଙ୍କୁ ମୋତେ ଅନୁସରଣ କରବାରୁ ବମୁଖ କରବେ
ଏବଂ ତା'ପରେ ତୁମ୍ଭମାନଙ୍କର ସନ୍ତାନଗଣ ଅନ୍ୟ ଦେବଗଣର
ସେବା କରବେ। ତାହାହେଲେ ତୁମ୍ଭମାନଙ୍କ ପ୍ରତି ସଦାପ୍ରଭୁଙ୍କ
ତୁମ୍ଭମାନଙ୍କର ପରମେଶ୍ୱର କ୍ରୋଧ କରବେ ଓ ସେ ତୁମ୍ଭକୁ
ବହୁତ ଶୀଘ୍ର ବନାଶ କରବେ।

## ମିଥ୍ୟା ଦେବତାଗଣଙ୍କୁ ଧ୍ୱଂସ

5"ମାତ୍ର ତୁମ୍ଭେମାନେ ସେମାନଙ୍କ ପ୍ରତି ଏରୂପେ ବ୍ୟବହାର
କରବ। ତୁମ୍ଭେମାନେ ସେମାନଙ୍କ ଯଜ୍ଞବେଦୀ ସକଳ ଭଗ୍ନ
କରବ ଓ ସେମାନଙ୍କ ସ୍ମରଣାର୍ଥକ ପ୍ରସ୍ତର ସବୁ ଭାଙ୍ଗି
ପକାଇବ ଓ ଆଶେରାର ମୂର୍ତ୍ତିସକଳ ହାଣି ପକାଇବ। ପୁଣି
ସେମାନଙ୍କ ଖୋଦତ ପ୍ରତିମାସବୁ ଅଗ୍ନିରେ ଦଗ୍ଧ କରବ।
6କାରଣ ତୁମ୍ଭେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ପବତ୍ର ଲୋକ
ଅଟ। ପୃଥିବୀସ୍ଥ ସମସ୍ତ ଗୋଷ୍ଠୀରୁ ତୁମ୍ଭକୁ ଆପଣାର ସଞ୍ଚିତ
ଧନ କରବା ନମନ୍ତେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ
ମନୋନୀତ କରଅଛନ୍ତ। 7କାରଣ ତୁମ୍ଭେମାନେ ଅନ୍ୟ ଜାତିଗଣ
ଅପେକ୍ଷା ଅଧିକ ସଂଖ୍ୟକ, ତାହା ନୁହଁ ଯେ, ସଦାପ୍ରଭୁ
ତୁମ୍ଭମାନଙ୍କୁ ପ୍ରେମ କଲେ ଓ ମନୋନୀତ କଲେ। କାରଣ
ତୁମ୍ଭେମାନେ ସମସ୍ତ ଲୋକ ଅପେକ୍ଷା ସବୁଠୁ କମ୍ ଥିଲ।
8କନ୍ତୁ ସଦାପ୍ରଭୁ ତୁମ୍ଭମାନଙ୍କୁ ସ୍ନେହ କରବାରୁ ଓ ତୁମ୍ଭମାନଙ୍କ
ପୂର୍ବପୁରୁଷମାନଙ୍କ ନକଟରେ ସେ ଯେଉଁ ଶପଥ କରଥିଲେ,
ତାହା ପ୍ରତିପାଳନ କରବାକୁ ଇଚ୍ଛୁକ ହେବାରୁ ସଦାପ୍ରଭୁ
ବଳବାନ୍ ହସ୍ତଦ୍ୱାରା ତୁମ୍ଭମାନଙ୍କୁ ବାହାର କର ଆଣିଲେ। ସେ
ତୁମ୍ଭମାନଙ୍କୁ ଦାସତ୍ୱରୁ ଓ ମିସରର ରାଜା ଫାରୋଙ୍କ ହସ୍ତରୁ
ରକ୍ଷା କଲେ।

9"ତେଣୁ ମନେରଖ ଯେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
କେବଳ ଏକମାତ୍ର ପରମେଶ୍ୱର ଅଟନ୍ତ। ସେ ବଶ୍ୱସ୍ତ ଅଟନ୍ତ।
ସେ ତାଙ୍କର ନୟିମ ରକ୍ଷା କରନ୍ତ। ଯେଉଁମାନେ ତାଙ୍କୁ ପ୍ରେମ
କରନ୍ତ ଓ ତାଙ୍କର ଆଜ୍ଞା ମାନନ୍ତ, ସଦାପ୍ରଭୁ ସେମାନଙ୍କ
ଉପରେ କୃପା କରନ୍ତ। ଲୋକମାନଙ୍କ ପ୍ରତି ତାଙ୍କର କରୁଣା
ଓ ତାଙ୍କର ଚୁକ୍ତ ପ୍ରତି ବଶ୍ୱାସନୀୟତା ସହସ୍ର ପୁରୁଷ ପର୍ଯ୍ୟନ୍ତ
ଲାଗିରହେ। 10କନ୍ତୁ ଯେଉଁମାନେ ତାହାଙ୍କୁ ଘୃଣା କରନ୍ତ
ସେମାନଙ୍କୁ ସଂହାର କରବା ନମନ୍ତେ ସେ ସେମାନଙ୍କ
ସମ୍ମୁଖରେ ପରଶୋଧ କରନ୍ତ। ଯେ ତାହାଙ୍କୁ ଘୃଣା କରେ,
ସେ ତାହା ପ୍ରତି ବଳମ୍ବ କରବେ ନାହିଁ। ସେ ତାହାର
ସମ୍ମୁଖରେ ପରଶୋଧ କରବେ। 11ଏଥିପାଇଁ ମୁଁ ଆଜି ତୁମ୍ଭକୁ
ଯେଉଁ ଯେଉଁ ଆଜ୍ଞା ଓ ବଧି ଶାସନ ଆଜ୍ଞା ଦେଉଅଛି,
ତାହା ମାନ୍ୟ କର ପାଳନ କର।

12"ଯଦ ତୁମ୍ଭେମାନେ ସଦାପ୍ରଭୁଙ୍କର ବାକ୍ୟସକଳ ଶାସନ
ଶୁଣି, ମାନ ଓ ପାଳନ କର, ତେବେ ସଦାପ୍ରଭୁ ପରମେଶ୍ୱର
ତୁମ୍ଭ ପୂର୍ବପୁରୁଷମାନଙ୍କ ନକଟରେ ଯେଉଁ ନୟିମ ଓ ଦୟା
ବଷୟରେ ଶପଥ କରଅଛନ୍ତ, ସେ ତାହା ରକ୍ଷା କରବେ।
13ସେ ତୁମ୍ଭକୁ ସ୍ନେହ କରବେ, ଆଶୀର୍ବାଦ କରବେ ଓ
ତୁମ୍ଭକୁ ବର୍ଦ୍ଧିଷ୍ଣୁ କରବେ। ସେ ତୁମ୍ଭକୁ ଯେଉଁ ଦେଶ
ଦେବାପାଇଁ ତୁମ୍ଭ ପୂର୍ବପୁରୁଷମାନଙ୍କ ନକଟରେ ଶପଥ କରଅଛନ୍ତ,
ସେହ ଦେଶରେ ସେ ତୁମ୍ଭ ଗର୍ଭଫଳ ଓ ତୁମ୍ଭ ଭୂମିଫଳ ଓ
ତୁମ୍ଭମାନଙ୍କର ଶସ୍ୟ ଓ ତୁମ୍ଭ ଦ୍ରାକ୍ଷାରସ ଓ ତୁମ୍ଭ ତୈଳ ଓ
ତୁମ୍ଭ ଗୋରୁମାନଙ୍କ ବତ୍ସମାନଙ୍କ ସମସ୍ତଙ୍କୁ ଆଶୀର୍ବାଦ କରବେ।

14"ତୁମ୍ଭେ ସମସ୍ତ ଲୋକଙ୍କ ଅପେକ୍ଷା ଅଧିକ ଆଶୀର୍ବାଦ
ପାଇବ, ତୁମ୍ଭମାନଙ୍କ ମଧ୍ୟରେ ପୁରୁଷ କ ସ୍ତ୍ରୀ କମ୍ବା ତୁମ୍ଭମାନଙ୍କ
ପଶୁଗଣଙ୍କ ମଧ୍ୟରେ କେହ ନଃସନ୍ତାନ ହେବେନାହିଁ। 15ପୁଣି
ସଦାପ୍ରଭୁ ତୁମ୍ଭଠାରୁ ସମସ୍ତ ରୋଗ ଦୂର କରବେ। ଆଉ
ତୁମ୍ଭେ ମିସ୍ରୀୟ ଯେଉଁସବୁ ମନ୍ଦ ବ୍ୟାଧି ଜ୍ଞାତ ଅଟ, ତାହା
ସେ ତୁମ୍ଭ ଉପରେ କରବେ ନାହିଁ। ମାତ୍ର ଯେଉଁମାନେ ତୁମ୍ଭକୁ
ଘୃଣା କରନ୍ତ, ସେମାନଙ୍କ ଉପରେ ତାହା କରବେ। 16ସଦାପ୍ରଭୁ
ତୁମ୍ଭ ପରମେଶ୍ୱର ତୁମ୍ଭ ହସ୍ତରେ ଯେଉଁ ଲୋକମାନଙ୍କୁ
ସମର୍ପଣ କରବେ, ତୁମ୍ଭେ ସେମାନଙ୍କୁ ଗ୍ରାସ କରବ। ତୁମ୍ଭର
ଚକ୍ଷୁ ସେମାନଙ୍କୁ ଦୟା କରବ ନାହିଁ। କଅବା ତୁମ୍ଭେ
ସେମାନଙ୍କ ଦେବଗଣକୁ ସେବା କରବ ନାହିଁ। କାରଣ ତାହା
ତୁମ୍ଭମାନଙ୍କ ପାଇଁ ଫାନ୍ଦ ସ୍ୱରୂପ ହେବ।

## ସଦାପ୍ରଭୁ ତାଙ୍କ ଲୋକମାନଙ୍କୁ ସାହାର୍ଯ୍ୟ କରବାକୁ ପ୍ରତିଜ୍ଞା କଲେ

17"ଯଦ ତୁମ୍ଭେମାନେ 'ସେହ ଦେଶକୁ ତୁମ୍ଭମାନଙ୍କଠାରୁ
ବଳଶାଳ ବୋଲ ବବେଚନା କର, ତେବେ ତୁମ୍ଭେମାନେ
ନଜେ ଚନ୍ତା କରପାର ଆମ୍ଭେ କପର ସେମାନଙ୍କୁ ତଡ
ଦେବା? ତଥାପି ତୁମ୍ଭେ ସେମାନଙ୍କୁ ଭୟ କରବ ନାହିଁ।'
18ତୁମ୍ଭମାନଙ୍କର ମନେଥିବ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ଫାରୋ ଓ ସମସ୍ତ ମିଶର ପ୍ରତି ଯେଉଁ କର୍ମମାନ କରଛନ୍ତ।
19ତୁମ୍ଭେମାନେ ଦେଖିଛ ଯେ ସଦାପ୍ରଭୁ ସେମାନଙ୍କ ପାଇଁ କ
ଭୟଙ୍କର କାର୍ଯ୍ୟମାନ କରଛନ୍ତ। ସେ କ ଆଶ୍ଚର୍ଯ୍ୟ କର୍ମମାନ
କରଛନ୍ତ। ସେ ତାଙ୍କର ପରାକ୍ରାନ୍ତ ହସ୍ତଦ୍ୱାରା ତୁମ୍ଭମାନଙ୍କୁ
ମିଶରରୁ ବାହାର କର ଆଣିଛନ୍ତ। ତୁମ୍ଭକୁ ଯେଉଁମାନେ ଭୟ
ପ୍ରଦର୍ଶନ କରବେ ସଦାପ୍ରଭୁ ପରମେଶ୍ୱର ସେମାନଙ୍କୁ ସେହପର
କାର୍ଯ୍ୟମାନ ସେମାନଙ୍କ ପ୍ରତି କରବେ।

20"ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ସେମାନଙ୍କ ପାଇଁ
ବରୁଡ଼ ପଠାଇବେ, ଯେଉଁମାନେ ତୁମ୍ଭମାନଙ୍କ ହସ୍ତରୁ ରକ୍ଷା
ପାଇବେ। ସେ ସେହ ଲୋକମାନଙ୍କୁ ଧ୍ୱଂସ କରବେ। 21ଏହ
ଲୋକମାନଙ୍କୁ ଭୟ କର ନାହିଁ, କାରଣ ସଦାପ୍ରଭୁ ପରମେଶ୍ୱର
ତୁମ୍ଭମାନଙ୍କ ସହତ ରହଛନ୍ତ। ସେ ମହାନ ଓ ଭୟଯୁକ୍ତ।
22ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭ ସମ୍ମୁଖରୁ ସେହ ଗୋଷ୍ଠୀୟ
ଲୋକମାନଙ୍କୁ ଅଳ୍ପ ଅଳ୍ପ କର ତାଡ଼ିବେ। ତୁମ୍ଭେ ସେମାନଙ୍କୁ
ଏକାବେଳେ ବନାଶ କରବ ନାହିଁ, କଲେ ବନ ପଶୁମାନେ
ତୁମ୍ଭ ପ୍ରତିକୂଳରେ ବଢ଼ି ଉଠିବେ। 23ମାତ୍ର ସଦାପ୍ରଭୁ ତୁମ୍ଭ
ପରମେଶ୍ୱର ତୁମ୍ଭ ଆଗରେ ସେମାନଙ୍କୁ ସମର୍ପଣ କରବେ ଓ
ସେମାନେ ବନଷ୍ଟ ନ ହେବାଯାଏ ସେମାନଙ୍କୁ ମହାବ୍ୟାକୁଳତାରେ
ବ୍ୟାକୁଳ କରବେ। 24ଆଉ ସେ ସେମାନଙ୍କର ରାଜାଗଣକୁ
ତୁମ୍ଭ ହସ୍ତରେ ସମର୍ପଣ କରବେ, ଯାହାଫଳରେ ତୁମ୍ଭେ
ଆକାଶ ମଣ୍ଡଳର ତଳୁ ସେମାନଙ୍କ ନାମ ପୋଛି ଦେବ।
ଯେତେବେଳେ ତୁମ୍ଭେ ସେମାନଙ୍କୁ ବନାଶ କରବ କେହ
ତୁମ୍ଭମାନଙ୍କୁ ଅଟକାଇବାକୁ ସମର୍ଥ ହେବ ନାହିଁ।

25"ତୁମ୍ଭେମାନେ ସେମାନଙ୍କ ଦେବଗଣର ଖୋଦତ ପ୍ରତିମା
ସକଳ ଅଗ୍ନିରେ ଦଗ୍ଧ କରବ। ତୁମ୍ଭେ ଯେମନ୍ତ ଫାନ୍ଦରେ ନ
ପଡ଼ବ ଏଥିପାଇଁ ସେ ସବୁରେ ଥିବା ରୂପା କ ସୁନା ପ୍ରତି
ଲୋଭ କରବ ନାହିଁ। କଅବା ଆପଣା ନମନ୍ତେ ତାହା ଗ୍ରହଣ
କରବ ନାହିଁ। କାରଣ ତାହା ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କର
ଘୃଣିତ ବସ୍ତୁ ଅଟେ। 26ତୁମ୍ଭେ ସେହ ଘୃଣିତ ବସ୍ତୁଗୁଡକ ନଜ
ଗୃହ ଭିତରକୁ ଆଣିବ ନାହିଁ। କାଳେ ତୁମ୍ଭେମାନେ ତାହା
ତୁଲ୍ୟ ଅଭିଶପ୍ତ ହୋଇପାର। ତୁମ୍ଭେମାନେ ସେଗୁଡ଼କୁ ଅତିଶୟ
ଘୃଣା କରବା ଉଚତ୍ ଓ ସେମାନେ ଅଭିଶପ୍ତ ହୁଅନ୍ତ ବୋଲ
ବବେଚନା କରବ କାରଣ ସେମାନେ ବଧ୍ୱଂସିତ ହେବାର ବସ୍ତୁ
ଅଟନ୍ତ।

## ସଦାପ୍ରଭୁଙ୍କୁ ସ୍ମରଣ କର

8 "ଯାହା ମୁଁ ଆଜ ତୁମ୍ଭକୁ ଆଦେଶ ଦେଉଛ, ତୁମ୍ଭେମାନେ
ମୋର ସମସ୍ତ ଆଦେଶମାନ ମାନବା ଉଚତ୍। ତୁମ୍ଭେମାନେ
ବଞ୍ଚିବା ପାଇଁ ଓ ବୃଦ୍ଧି ହେବା ପାଇଁ ଓ ସେହ ସ୍ଥାନରେ
ପ୍ରବେଶ କରବା ପାଇଁ ଓ ଅଧିକାର କରବା ପାଇଁ ଯାହାକ
ସଦାପ୍ରଭୁ ତୁମ୍ଭମାନଙ୍କ ପୂର୍ବପୁରୁଷଗଣଙ୍କ ନକଟରେ ଶପଥ
କରଛନ୍ତ। 2ଆଉ ତୁମ୍ଭେମାନେ ସ୍ମରଣ କର ଯେ ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱର ଯେଉଁ ଚାଳଶ ବର୍ଷ ପ୍ରାନ୍ତର
ମଧରେ ତୁମ୍ଭମାନଙ୍କୁ ଯେଉଁ ଭଳ ଭାବରେ ଗମନ କରାଇ
ଅଛନ୍ତ, ସେ ତୁମ୍ଭର ପରୀକ୍ଷା ନେବା ପାଇଁ ତୁମ୍ଭେମାନେ
ତାଙ୍କର ଆଜ୍ଞାପାଳନ କରବ କ ନାହିଁ ଏବଂ ତୁମ୍ଭର ମନ
ଜାଣିବା ପାଇଁ ଏହା କରଛନ୍ତ। 3ମନୁଷ୍ୟ ଯେ କେବଳ
ରୋଟୀରେ ବଞ୍ଚେ ନାହିଁ, ମାତ୍ର ସଦାପ୍ରଭୁଙ୍କ ମୁଖରୁ ଯାହା
ନର୍ଗତ ହୁଏ, ତହିଁରେ ବଞ୍ଚେ। ଏହା ତୁମ୍ଭମାନଙ୍କୁ ଜଣାଇବା
ପାଇଁ ସେ ତୁମ୍ଭମାନଙ୍କୁ ନମ୍ର ଓ କ୍ଷୁଧିତ କର ଅଛନ୍ତ, ସେ
ତୁମ୍ଭକୁ ଓ ତୁମ୍ଭ ପୂର୍ବପୁରୁଷଗଣଙ୍କୁ ଅଜ୍ଞାତ ମାନ୍ନା ଦେଇ
ପ୍ରତିପାଳନ କରଅଛନ୍ତ। 4ଏହ ଚାଳଶ ବର୍ଷ ତୁମ୍ଭମାନଙ୍କ ବସ୍ତ୍ର
ଜୀର୍ଣ୍ଣ ହେଲାନାହିଁ ଓ ତୁମ୍ଭମାନଙ୍କର ପାଦ ଫୁଲଲା ନାହିଁ।
5ତେଣୁ ତୁମ୍ଭେମାନେ ହୃଦୟରେ ସହତ ଜାଣିବା ଉଚତ୍ ଯେ,
ଜଣେ ପିତା ତା'ର ସନ୍ତାନଗଣଙ୍କୁ ଯେପର ଅନୁଶାସିତ କରେ
ସେହପର ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭକୁ ଅନୁଶାସିତ
କରଛନ୍ତ।

6"ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କର
ଆଦେଶ ମାନ ପାଳନ କରବ ଓ ତାହାଙ୍କ ପଥରେ ଗମନ
କରବ ଓ ତାହାଙ୍କୁ ଭୟ କରବ। 7ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ତୁମ୍ଭମାନଙ୍କୁ ଏକ ଉତ୍ତମ ଦେଶକୁ ନେଇ
ଯାଉଛନ୍ତ, ଯେଉଁ ଭୂମିକ ଜଳରାଶିରେ ଝରଣାରେ ଓ ଗଭୀର
ଜଳ ସ୍ରୋତରେ ପୂର୍ଣ୍ଣ, ତାହା ଉପତ୍ୟକା ଓ ପର୍ବତ ଦେଇ
ଝରଯାଏ। 8ଏହ ଦେଶ ଗହମ, ଯବ, ଦ୍ରାକ୍ଷା, ଡ଼ମ୍ବିର ଓ
ଡ଼ାଳମ୍ବ ବୃକ୍ଷମୟ ଅଟେ। ସେହ ଦେଶ ମଧ ଜତତୈଳ ଓ
ମଧୁମୟ ଅଟେ। 9ସେଠାରେ ତୁମ୍ଭେମାନେ ପ୍ରଚୁର ପରମାଣର
ଖାଦ୍ୟ ପାଇବ। ସେଠାରେ ତୁମ୍ଭମାନଙ୍କର ଆବଶ୍ୟକ ଦ୍ରବ୍ୟମାନ
ଉପଲବ୍ଧ ହେବ। ସେହ ଦେଶର ପଥର ଲୁହା ଅଟେ,
ତୁମ୍ଭେମାନେ ସେଠାକାର ପର୍ବତରୁ ପିତ୍ତଳ ଖୋଳ ପାରବ।
10ଆଉ ତୁମ୍ଭେମାନେ ସେଠାରେ ଖାଦ୍ୟରେ ତୃପ୍ତ ହେବ।
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କୁ ଯେଉଁ
ଉତ୍ତମ ଦେଶ ଦେଇ ଅଛନ୍ତ, ସେଥିପାଇଁ ତାଙ୍କର ଧନ୍ୟବାଦ
କରବ।

## ସଦାପ୍ରଭୁଙ୍କର କର୍ମମାନ ଭୁଲ ନାହିଁ

11"ସାବଧାନ, ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କୁ
ଭୁଲ ନାହିଁ। ସାବଧାନତା ସହକାରେ ତାହାଙ୍କ ନର୍ଦ୍ଦେଶମାନ
ତାଙ୍କର ବଧି ପାଳନ କର, ମୁଁ ତୁମ୍ଭମାନଙ୍କୁ ଆଜ ଯେଉଁସବୁ
ଆଜ୍ଞା, ବଧି ଓ ଶାସନ ଆଜ୍ଞା କରୁଅଛ। 12ଏହାପରେ
ତୁମ୍ଭେମାନେ ଉତ୍ତମ ଖାଦ୍ୟ ଖାଇବାକୁ ପାଇବ ଓ ସୁନ୍ଦର
ଗୃହମାନ ନର୍ମାଣ କରବ ସେଥିରେ ବାସ କରବାକୁ। 13ତୁମ୍ଭମାନଙ୍କ
ଗୋବତ୍ସ, ମେଷ, ଛେଳଙ୍କର ସଂଖ୍ୟା ବର୍ଦ୍ଧିଷ୍ଣୁ ହେବ। ତୁମ୍ଭେ
ପ୍ରଚୁର ପରମାଣର ସୁନା ରୂପା ପାଇବ। ତୁମ୍ଭମାନଙ୍କର
ଯାହାସବୁ ଅଛ ତାହା ବୃଦ୍ଧି ପାଇବ। 14ଯେତେବେଳେ ଏପର
ହେବ ସାବଧାନ, ଗର୍ବ କରବ ନାହିଁ। ଏକଥା ଭୁଲ ନାହିଁ
ଯେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ମଶରରୁ ତୁମ୍ଭମାନଙ୍କୁ
ଦାସତ୍ୱରୁ ମୁକ୍ତ କରଛନ୍ତ ଓ ମଶରରୁ ବାହାର କର
ଆଣିଛନ୍ତ। 15ସେ ତୁମ୍ଭର ଭବଷ୍ୟତ ମଙ୍ଗଳ ନମନ୍ତେ ତୁମ୍ଭକୁ
ନମ୍ର କରବାକୁ ଓ ତୁମ୍ଭର ପରୀକ୍ଷା ନେବାକୁ ବଷଧର ସର୍ପ
ଓ ବଛା ପୁଣି ନର୍ଜଳ ଶୁଷ୍କ ଭୂମିଥିବା ଏହ ବସ୍ତିର୍ଣ୍ଣ ଓ
ଭୟାନକ ମରୁଭୂମି ଦେଇ ତୁମ୍ଭମାନଙ୍କୁ ଗମନ କରାଇ
ଆଣିଲେ। ସେ ତୁମ୍ଭମାନଙ୍କ ପାଇଁ ଚକ୍ମକ ପ୍ରସ୍ତରମୟ
ଶୈଳରୁ ଜଳ ବାହାର କଲେ। 16ସେ ତୁମ୍ଭ ପୂର୍ବପୁରୁଷମାନଙ୍କ
ମାନ୍ନାଦ୍ୱାରା ଅଜ୍ଞାତ ପ୍ରାନ୍ତରରେ ତୁମ୍ଭକୁ ପ୍ରତିପାଳନ କଲେ।
ଏହପର ଭାବେ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କୁ ତୁମ୍ଭେ
ସ୍ମରଣ କର। 17ତୁମ୍ଭେ କେବେ କୁହ ନାହିଁ ଯେ, 'ଆପଣା
ପରାକ୍ରମ ଓ ବାହୁ ବଳଦ୍ୱାରା ଏହ ସମସ୍ତ ଐଶ୍ୱର୍ଯ୍ୟ ଲାଭ
କରଛ ବୋଲ।' 18ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କୁ
ସ୍ମରଣ କର। ଏହ କଥା ମନେରଖ ଯେ, ତୁମ୍ଭମାନଙ୍କୁ ସେ
ଏପର କରବା ପାଇଁ ଶକ୍ତ ଦେଇଛନ୍ତ। ସଦାପ୍ରଭୁ କାହିଁକ
ଏପର କଲେ? କାରଣ ସେ ତୁମ୍ଭମାନଙ୍କର ପୂର୍ବପୁରୁଷମାନଙ୍କ
ସହତ ପ୍ରତିଜ୍ଞା କରଥିଲେ ଏପର କରବା ପାଇଁ ଯାହାସବୁ
ସେ ଆଜ କରଛନ୍ତ।

19"କେବେ ବ ତୁମ୍ଭେ, ତୁମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱରଙ୍କୁ
ଭୁଲବ ନାହିଁ। ଅନ୍ୟ ଦେବତାଗଣଙ୍କୁ ମାନବ ନାହିଁ କ
ତାଙ୍କର ସେବା କରବ ନାହିଁ। ଯଦ ତୁମ୍ଭେମାନେ ଏପର କର,
ତେବେ ମୁଁ ତୁମ୍ଭମାନଙ୍କୁ ସତର୍କ କରାଇଦେଉଛ ତୁମ୍ଭେମାନେ
ନଶ୍ଚିତରେ ବନଷ୍ଟ ହେବ। 20ସଦାପ୍ରଭୁ ତୁମ୍ଭମାନଙ୍କ ଆଗରେ
ଅନ୍ୟ ଦେଶକୁ ଧ୍ୱଂସ କରଛନ୍ତ। କନ୍ତୁ ତୁମ୍ଭେମାନେ ଯଦ
ଅନ୍ୟ ଦେବତାଗଣଙ୍କୁ ମାନ, ତେବେ ଅନ୍ୟ ଲୋକମାନଙ୍କ
ପର ସେ ତୁମ୍ଭମାନଙ୍କୁ ଧ୍ୱଂସ କରବେ। କାରଣ ତୁମ୍ଭେମାନେ
ତାଙ୍କର ଆଜ୍ଞା ମାନଲ ନାହିଁ।

## ସଦାପ୍ରଭୁ ଇଶ୍ରାୟେଲର ସହାୟ ହେବେ

9 "ହେ ଇଶ୍ରାୟେଲର ଲୋକମାନେ, ଶୁଣ! ତୁମ୍ଭେମାନେ
ଆଜ ଯର୍ଦ୍ଦନ ନଦୀ ପାର ହୋଇ ଯାଉଛ, ଜାତମାନଙ୍କୁ
ତଡଦେବା ପାଇଁ ଯାଉଅଛ ଯାହାକ ବୃହତ ଓ ତୁମ୍ଭମାନଙ୍କ

ଅପେକ୍ଷା ଶକ୍ତିଶାଳୀ ଏବଂ ସେମାନଙ୍କର ବୃହତ୍ ନଗରଗୁଡିକ
ଏବଂ ସେମାନଙ୍କର ପ୍ରାଚୀରଗୁଡିକ ଆକାଶକୁ ଛୁଏଁ। 2ସେହି
ଲୋକମାନେ ଅନାକୀୟମାନଙ୍କ ସନ୍ତାନ ବଳବାନ୍ ଓ ଦୀର୍ଘକାୟ।
ତୁମ୍ଭେ ସେମାନଙ୍କୁ ଜାଣୁଅଛ, ପୁଣି ସେମାନଙ୍କ ବିଷୟରେ ଏହା
କୁହାଯିବାରୁ ଏହା ଶୁଣିଅଛ। ଯେ, 'ସେମାନଙ୍କ ସମ୍ମୁଖରେ
କେହି ଛିଡ଼ା ହେବାକୁ ସାହାସ କରନ୍ତି ନାହିଁ।' 3ଏଣୁ ଆଜି
ଏହା ଜ୍ଞାତ ହୁଅ, ଯେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ସ୍ୱୟଂ
ଗ୍ରାସକାରୀ ଅଗ୍ନିସ୍ୱରୂପ ହୋଇ ତୁମ୍ଭ ଆଗେଆଗେ ଗମନ
କରୁଅଛନ୍ତି। ସେମାନଙ୍କୁ ସଂହାର କରିବେ ଓ ସେମାନଙ୍କୁ
ତୁମ୍ଭମାନଙ୍କ ସମ୍ମୁଖରେ ନତ କରିବେ। ତହିଁରେ ତୁମ୍ଭ ପ୍ରତି
ସଦାପ୍ରଭୁଙ୍କ ବାକ୍ୟ ଅନୁସାରେ ତୁମ୍ଭେ ସେମାନଙ୍କୁ ତଡ଼ି ଦେବ
ଓ ସେମାନଙ୍କୁ ଶିଘ୍ର ବିନାଶ କରିବ।

4"ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭ ସମ୍ମୁଖରୁ
ସେମାନଙ୍କୁ ତଡ଼ି ଦେଲାପରେ ତୁମ୍ଭେ ଏପରି କୁହନାହିଁ ଯେ,
'ଆମ୍ଭମାନଙ୍କର ଧାର୍ମିକତା ଯୋଗୁଁ ସଦାପ୍ରଭୁ ଆମ୍ଭକୁ ଏହିଦେଶ
ଅଧିକାର କରିବା ପାଇଁ ଏପରି କରିଛନ୍ତି।' ଯେହେତୁ ସେହି
ଗୋଷ୍ଠୀୟ ଲୋକମାନଙ୍କ ଦୁଷ୍ଟତା ସକାଶୁ ସଦାପ୍ରଭୁ ତୁମ୍ଭ
ସମ୍ମୁଖରୁ ସେମାନଙ୍କୁ ତଡ଼ି ଦେବେ। 5ତୁମ୍ଭେ ଆପଣା ଧାର୍ମିକତା
ଅବା ହୃଦୟର ସରଳତା ହେତୁରୁ ସେମାନଙ୍କ ଦେଶ ଅଧିକାର
କରିବାକୁ ଯାଉଅଛ, ତାହା ନୁହେଁ, ମାତ୍ର ଏହି ଗୋଷ୍ଠୀୟ
ଲୋକମାନଙ୍କ ଦୁଷ୍ଟତାପାଇଁ ଆଉ ତୁମ୍ଭମାନଙ୍କର ପୂର୍ବପୁରୁଷ
ଅବ୍ରହାମଙ୍କୁ, ଇସହାକ୍ ଓ ଯାକୁବଙ୍କୁ ଶପଥପୂର୍ବକ ଯେଉଁ
ବାକ୍ୟ କହିଥିଲେ, ତାହା ସଫଳ କରିବାପାଇଁ ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କର ସମ୍ମୁଖରୁ ସେମାନଙ୍କୁ
ତଡ଼ି ଦେବେ। 6ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କର
ଧାର୍ମିକତା ହେତୁରୁ ତୁମ୍ଭକୁ ଏହି ଉତ୍ତମ ଦେଶ ଅଧିକାର
କରିବାକୁ ଦେଉ ନାହାଁନ୍ତି। ଏହା ତୁମ୍ଭେମାନେ ଜାଣ, ଯେହେତୁ
ତୁମ୍ଭେମାନେ ଜିଦ୍‌ଖୋର ଲୋକ।

## ସଦାପ୍ରଭୁଙ୍କର କ୍ରୋଧକୁ ସ୍ମରଣ କର

7"ତୁମ୍ଭେମାନେ ଏହି ପ୍ରାନ୍ତର ମଧ୍ୟରେ ସଦାପ୍ରଭୁ ଆପଣା
ପରମେଶ୍ୱରଙ୍କୁ କିପରି କ୍ରୋଧ କରାଇ ଅଛ ତାହା ସ୍ମରଣ
କର। ତୁମ୍ଭେମାନେ ତାହା ପାଶୋର ଯାଅ ନାହିଁ। ତୁମ୍ଭେ
ମିଶର ଦେଶରୁ ବାହାର ହେବା ଦିନଠାରୁ ଏହି ସ୍ଥାନକୁ
ଆସିବା ପର୍ଯ୍ୟନ୍ତ ତୁମ୍ଭେମାନେ ସଦାପ୍ରଭୁଙ୍କର ବିଦ୍ରୋହାଚାରୀ
ହୋଇଅଛ। 8ତୁମ୍ଭେମାନେ ହୋରେବରେ ସଦାପ୍ରଭୁଙ୍କୁ କ୍ରୋଧ
କରାଇଲ, ତହିଁରେ ସଦାପ୍ରଭୁ କ୍ରୋଧ କରି ତୁମ୍ଭମାନଙ୍କୁ ବିନାଶ
କରିବାକୁ ଉଦ୍ୟତ ହେଲେ। 9ଯେତେବେଳେ ମୁଁ ପ୍ରସ୍ତରଦ୍ୱୟ
ଅର୍ଥାତ୍, ତୁମ୍ଭମାନଙ୍କ ସହିତ ସଦାପ୍ରଭୁଙ୍କ କୃତ ନିୟମର ଦୁଇ
ପ୍ରସ୍ତର ଫଳକ ଗ୍ରହଣ କରିବା ପାଇଁ ପର୍ବତ ଉପରକୁ ଗଲି।
ସେତେବେଳେ ମୁଁ ପର୍ବତରେ ଚାଳିଶ ଦିନ ଓ ଚାଳିଶ ରାତି
ରହିଲି, ମୁଁ ଖାଦ୍ୟ କିଅବା ଜଳପାନ ମଧ୍ୟ କଲିନାହିଁ।
10ତା'ପରେ ସଦାପ୍ରଭୁ ମୋତେ ପରମେଶ୍ୱରଙ୍କ ଅଙ୍ଗୁଳି ଲିଖିତ
ସେହି ଦୁଇ ପ୍ରସ୍ତରଫଳକ ଦେଲେ। ସମସ୍ତ ବାକ୍ୟ ଯାହା
ସଭାଦିନରେ ପର୍ବତର ଅଗ୍ନି ମଧ୍ୟରୁ ସଦାପ୍ରଭୁ ତୁମ୍ଭମାନଙ୍କୁ
କହିଲେ, ତାହାସବୁ ସେଠାରେ ଲିଖିତ ହେଲା।
11"ଆଉ ଚାଳିଶ ଦିନ ଓ ଚାଳିଶ ରାତ୍ରିର ଶେଷରେ
ସଦାପ୍ରଭୁ ସେହି ଦୁଇ ପ୍ରସ୍ତରଫଳକ, ଅର୍ଥାତ୍ ନିୟମର
ପ୍ରସ୍ତରଫଳକ ମୋତେ ଦେଲେ। 12ସଦାପ୍ରଭୁ ମୋତେ କହିଲେ,
'ଉଠ, ଏସ୍ଥାନରୁ ଶୀଘ୍ର ତଳକୁ ଯାଅ, କାରଣ ତୁମ୍ଭେ ଯେଉଁ
ଲୋକମାନଙ୍କୁ ମିଶରରୁ ବାହାର କରି ଆଣିଅଛ। ତୁମ୍ଭର
ଲୋକମାନେ ସେହି ନିଜକୁ ଦୁର୍ନୀତିଗ୍ରସ୍ତ କରିଅଛନ୍ତି। ମୁଁ
ସେମାନଙ୍କୁ ଯେଉଁ ପଥ ନିର୍ଦ୍ଦେଶ ଦେଇଥିଲି ତହିଁରୁ ସେମାନେ
ଶୀଘ୍ର ବିମୁଖ ହେଲେ। ସେମାନେ ସେମାନଙ୍କ ନିମନ୍ତେ ଏକ
ସ୍ୱର୍ଣ୍ଣ ପ୍ରତିମା ନିର୍ମାଣ କରିଅଛନ୍ତି।'

13"ସଦାପ୍ରଭୁ ମୋତେ କହିଲେ, 'ଆମ୍ଭେ ଏହି ଲୋକମାନଙ୍କୁ
ଦେଖିଲୁ, ଆଉ ଏମାନେ ଶକ୍ତଗ୍ରୀବ ଲୋକ। 14ଆମ୍ଭକୁ ଛାଡ଼ି
ଦିଅ, ତହିଁରେ ଆମ୍ଭେ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ
କରିବା ଓ ଆକାଶ ମଣ୍ଡଳ ତଳୁ ସେମାନଙ୍କ ନାମ ଲୋପ
କରିବା। ମାତ୍ର ଆମ୍ଭେ ତୁମ୍ଭଠାରୁ ସେମାନଙ୍କ ଅପେକ୍ଷା ଅଧିକ
ବଳବତୀ ଓ ଏକ ମହାନ ଗୋଷ୍ଠୀ ଉତ୍ପନ୍ନ କରିବା।'

## ସ୍ୱର୍ଣ୍ଣ ବାଛୁରୀ

15"ତହିଁରେ ମୁଁ ଫେରି ପର୍ବତ ତଳକୁ ଆସିଲି, ଆଉ
ପର୍ବତ ଅଗ୍ନିରେ ଜଳୁଥିଲା। ଆଉ ନିୟମର ସେହି ଦୁଇ
ପ୍ରସ୍ତର ଫଳ ମୋର ଦୁଇ ହସ୍ତରେ ଥିଲା। 16ଆଉ ମୁଁ
ଦେଖିବାକୁ ପାଇଲି ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱରଙ୍କ ପ୍ରତିକୂଳରେ ପାପ କରିଅଛ। ତୁମ୍ଭେମାନେ
ଆପଣାମାନଙ୍କ ନିମନ୍ତେ ଛାଞ୍ଚରେ ଢଳା ଏକ ବାଛୁରୀ ନିର୍ମାଣ
କରିଅଛ। ସଦାପ୍ରଭୁ ତୁମ୍ଭମାନଙ୍କୁ ଯେଉଁ ପଥ ବିଷୟରେ
ଆଜ୍ଞା ଦେଇଥିଲେ, ତୁମ୍ଭେମାନେ ଶୀଘ୍ର ତହିଁରୁ ବିମୁଖ
ହୋଇଅଛ। 17ତେଣୁ ମୁଁ ସେହି ପ୍ରସ୍ତରଫଳକ ଦ୍ୱୟକୁ ତଳେ
ଫିଙ୍ଗି ଦେଲି ଏବଂ ତାହା ତୁମ୍ଭମାନଙ୍କ ସମ୍ମୁଖରେ ଭାଙ୍ଗିଗଲା।
18ତୁମ୍ଭେମାନେ କରିଥିବା ପାପର ପ୍ରାୟଶ୍ଚିତ୍ତ କରିବା ପାଇଁ
ଯାହାକି ସଦାପ୍ରଭୁଙ୍କୁ କ୍ରୋଧିତ କଲା, ମୁଁ ଚାଳିଶ ଦିନ ଓ
ଚାଳିଶ ରାତି ଉପବାସ କଲି। ପ୍ରଥମ ଥର ପରି ସଦାପ୍ରଭୁଙ୍କୁ
ଭୂମିଷ୍ଠ ପ୍ରଣାମ କଲି। ମୁଁ ଅନ୍ନ ଭୋଜନ କିଅବା ଜଳପାନ
କଲିନାହିଁ। 19କାରଣ ସଦାପ୍ରଭୁ ତୁମ୍ଭମାନଙ୍କୁ ବିନାଶ କରିବା
ପାଇଁ ତୁମ୍ଭମାନଙ୍କ ବିରୁଦ୍ଧରେ ଯେଉଁ କ୍ରୋଧ କଲେ, ସେହି
କୋପ ଓ ପ୍ରଚଣ୍ଡତା ଆଗରେ ମୁଁ ଭୟ କଲି, ମାତ୍ର ସଦାପ୍ରଭୁ
ସେଥିରେ ମଧ୍ୟ ମୋର କଥା ଶୁଣିଲେ। 20ସଦାପ୍ରଭୁ ହାରୋଣଙ୍କୁ
ବିନାଶ କରିବା ପାଇଁ ଅତିଶୟ କୋପ କଲେ, ମୁଁ ସେ
ସମୟରେ ମଧ୍ୟ ହାରୋଣଙ୍କ ପାଇଁ ପ୍ରାର୍ଥନା କଲି। 21ମୁଁ
ତୁମ୍ଭମାନଙ୍କର ପାପପୂର୍ଣ୍ଣ ବସ୍ତୁକୁ ଦଗ୍ଧ କଲି। ତୁମ୍ଭେମାନେ
ଛାଞ୍ଚରେ ଢଳାଇଥିବା ବାଛୁରିକୁ ଅଗ୍ନିରେ ଦଗ୍ଧ କଲି। ତା'ପରେ
ମୁଁ ଏହାକୁ ଚୂର୍ଣ୍ଣ କଲି ଏବଂ ଧୂଳି ପରି ସୂକ୍ଷ୍ମ ହେବା ପର୍ଯ୍ୟନ୍ତ
ମୁଁ ଏହାକୁ ଦଳିଲି। ତା'ପରେ ତାଞ୍ଚ ନିର୍ମିତ ବାଛୁରିର ଭସ୍ମକୁ
ଜଳସ୍ରୋତରେ ନିକ୍ଷେପ କଲି। ଯାହି ପର୍ବତରୁ ଆସୁଥିଲା।

## ଇସ୍ରାଏଲକୁ କ୍ଷମା କରିବାପାଇଁ ମୋଶା ପରମେଶ୍ୱରଙ୍କୁ ପ୍ରାର୍ଥନା କଲେ

22"ତୁମ୍ଭେମାନେ ତବିୟେରାରେ ଓ ମଃସାରେ ଓ
କିବ୍ରୋତ୍‌ହତ୍ତାବାରେ ସଦାପ୍ରଭୁଙ୍କୁ କ୍ରୋଧ କରାଇଲ। 23ଏହାପରେ
ସଦାପ୍ରଭୁ ଯେଉଁ ସମୟରେ କାଦେଶ ବର୍ଣ୍ଣେୟଠାରୁ ତୁମ୍ଭମାନଙ୍କୁ

ପଠାଇ କହଲେ, 'ଆମ୍ଭେ ତୁମ୍ଭମାନଙ୍କୁ ଯେଉଁ ଦେଶ ଦେଇଅଛୁ,
ତୁମ୍ଭେମାନେ ଉଠିଯାଇ ଅଧିକାର କର।' ସେ ସମୟରେ
ତୁମ୍ଭେମାନେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ଆଜ୍ଞାରେ
ବଦ୍ରୋହାଚରୀ ହେଲ ଓ ତୁମ୍ଭେମାନେ ତାହାଙ୍କୁ ବଶ୍ୱାସ
କଲନାହିଁ, କଅଥବା ତାହାଙ୍କ କଥା ଶୁଣିଲ ନାହିଁ। **24**ମୁଁ
ତୁମ୍ଭମାନଙ୍କୁ ଜାଣିବା ଦନଠାରୁ ତୁମ୍ଭେମାନେ ସଦାପ୍ରଭୁଙ୍କର
ବଦ୍ରୋହାଚରୀ ହୋଇ ଆସିଅଛ।

**25**"ଏହପର ମୁଁ ମୁହଁ ମାଡ଼ ଚ଼ାଳଶଦନ ଚ଼ାଳଶରାତ୍ରି
ସଦାପ୍ରଭୁଙ୍କ ସମ୍ମୁଖରେ ପଡ଼ ରହଲ। କାରଣ ସଦାପ୍ରଭୁ
ତୁମ୍ଭମାନଙ୍କୁ ବନାଶ କରବାକୁ କହଥିଲେ। **26**ମୁଁ ସଦାପ୍ରଭୁଙ୍କ
ନକଟରେ ପ୍ରାର୍ଥନା କର କହଲ, ହେ ପ୍ରଭୁ ସଦାପ୍ରଭୁ, ତୁମ୍ଭେ
ଆପଣା ଲୋକଙ୍କୁ ଓ ଆପଣା ଅଧିକାରକୁ ବନାଶ
କରନାହିଁ। ତୁମ୍ଭେ ଆପଣା ମହମାରେ ସେମାନଙ୍କୁ ମୁକ୍ତ
କରଅଛ, ତୁମ୍ଭେ ସେମାନଙ୍କୁ ବଳବାନ୍ ହସ୍ତଦ୍ୱାରା ମିଶରରୁ
ବାହାର କର ଆଣିଅଛ। **27**ଅବ୍ରହାମ, ଇସହାକ୍ ଓ ଯାକୁବ
ତୁମ୍ଭର ଏହ ଦାସମାନଙ୍କୁ ସ୍ମରଣ କର। ଏହ ଲୋକମାନଙ୍କର
ଅବାଧ୍ୟତା ପ୍ରତି କ ସେମାନଙ୍କ ଦୁଷ୍ଟତା ପ୍ରତି କଅଥବା
ସେମାନଙ୍କର ପାପ ପ୍ରତି ଦୃଷ୍ଟି ଦଅ ନାହିଁ। **28**ସେହ ଦେଶ,
ଯେଉଁ ଦେଶରୁ ତୁମ୍ଭେ ସେମାନଙ୍କୁ ବାହାର କର ଆଣିଛ ତୁମ୍ଭ
ବଷୟରେ କହବ। ସେମାନେ କହବେ, 'ସଦାପ୍ରଭୁ ଏମାନଙ୍କୁ
ଯେଉଁଦେଶ ଦେବାକୁ ପ୍ରତିଜ୍ଞା କରଥିଲେ, ସେଠାକୁ ସେମାନଙ୍କୁ
ନେଇଯିବାକୁ ସମର୍ଥ ହେଲେ ନାହିଁ ଏବଂ ସେ ସେମାନଙ୍କୁ
ଯେହେତୁ ଘୃଣା କଲେ। ତେଣୁ ସେ ଏହ ପ୍ରାନ୍ତରରେ
ସେମାନଙ୍କୁ ହତ୍ୟା କରବାକୁ ବାହାର କର ଆଣିଛନ୍ତ।'
**29**ତଥାପି ସେମାନେ ତ ତୁମ୍ଭମାନଙ୍କର ଲୋକ ଅଟନ୍ତ ଓ
ତୁମ୍ଭର ଅଧିକାର ସେମାନଙ୍କ ଉପରେ ଅଛ। ତୁମ୍ଭେ ସେମାନଙ୍କୁ
ଆପଣା ମହାଶକ୍ତ ଓ ବସ୍ତାରତ ବାହୁଦ୍ୱାରା ବାହାର କର
ଆଣିଅଛ।

## ନୂତନ ପ୍ରସ୍ତର ପଥ

**10** "ସେହ ସମୟରେ, ସଦାପ୍ରଭୁ ମୋତେ କହଲେ,
'ତୁମ୍ଭେ ପ୍ରଥମଟିପର ଆଉ ଦୁଇଟି ପ୍ରସ୍ତର ଫଳକ
ପ୍ରସ୍ତୁତ କରବା ଉଚତ୍। ଏହାପରେ ତୁମ୍ଭେ ଏହ ପର୍ବତ
ଉପରେ ମୋ ପାଖକୁ ଆସ ଏବଂ ଆପଣା ପାଇଁ ଏକ କାଠ
ସିନ୍ଦୁକ ନର୍ମାଣ କର। **2**ଆମ୍ଭେ ଏହ ପ୍ରସ୍ତର ଫଳକରେ
ପୂର୍ବପର ଲେଖିବା, ଏହାପରେ ଏହ ନୂଆ ପ୍ରସ୍ତରଫଳକ
ଦ୍ୱୟକୁ ଏକ ସିନ୍ଦୁକରେ ରଖିବ।' **3**"ତେଣୁ ମୁଁ ଏକ
ସିନ୍ଦୁକଟିକୁ ଶିଟୀମ କାଠରେ ପ୍ରସ୍ତୁତ କଲ ଏବଂ ପୂର୍ବପର
ଦୁଇଟି ପ୍ରସ୍ତର ଫଳକ ତିଆର କର ପର୍ବତ ଉପରକୁ ଗଲ।
**4**ସଦାପ୍ରଭୁ ଏହ ପ୍ରସ୍ତର ଫଳକ ଉପରେ ସ୍ୱହସ୍ତରେ ପୂର୍ବପର
ଲେଖିଦେଲେ। ସେ ତୁମ୍ଭମାନଙ୍କୁ ଅଗ୍ନି ମଧ୍ୟରୁ ଯେଉଁ ଦଶ
ଆଜ୍ଞା କହଥିଲେ। ତାହା ସେ ଲେଖି ଦେଲେ। ଏହାପରେ
ସଦାପ୍ରଭୁ ସେହ ପ୍ରସ୍ତର ଫଳକଦ୍ୱୟ ମୋତେ ଦେଲେ। **5**ମୁଁ
ବୁଲ ପଡଲ ଓ ସେମାନଙ୍କୁ ପର୍ବତ ତଳକୁ ଆଣିଲ। ମୁଁ
କରଥିବା ଶିଟୀମକାଠର ସିନ୍ଦୁକରେ ସେମାନଙ୍କୁ ରଖିଲ।
ସଦାପ୍ରଭୁ ମୋତେ ନର୍ଦ୍ଦେଶ ଦେଇଥିଲେ ସେଗୁଡକ ତାହା
ମଧ୍ୟରେ ରଖିବାକୁ। ଏପରକ ଆଜି ପର୍ଯ୍ୟନ୍ତ ସେହ ପ୍ରସ୍ତର
ଫଳକଦ୍ୱୟ ସେହ ସିନ୍ଦୁକ ମଧ୍ୟରେ ସେହ ସ୍ଥାନରେ
ରହଅଛ।"

**6**ଏହାପରେ ଇଶ୍ରାୟେଲ ସନ୍ତାନଗଣ ବେରୋତ୍
ବନେୟାକନଠାରୁ ମୋଷେରତକୁ ଯାତ୍ରା କଲେ, ସେ ସ୍ଥାନରେ
ହାରୋଣ ମଲେ ଓ ସେହ ସ୍ଥାନରେ ସେ କବର ପାଇଲେ।
ପୁଣି ତାଙ୍କର ପୁତ୍ର ଇଲୟାସର ତାଙ୍କ ପଦରେ ଯାଜକ କର୍ମ
କଲ। **7**ଏହାପରେ ସେଠାରୁ ସେମାନେ ଗୁଦ୍-ଗୋଦାକୁ ଯାତ୍ରା
କଲେ ଓ ଗୁଦ୍ ଗୋଦାରୁ ଜଳସ୍ରୋତମୟ ଦେଶ ଯଟବାଥାକୁ
ଯାତ୍ରା କଲେ। **8**ସେ ସମୟରେ ସଦାପ୍ରଭୁଙ୍କ ନୟମ ସିନ୍ଦୁକ
ବହବା ପାଇଁ ଓ ସଦାପ୍ରଭୁଙ୍କ ସେବାକର୍ମ ପାଇଁ ତାହାଙ୍କ
ଛାମୁରେ ଠିଆ ହେବାକୁ ଓ ତାହାଙ୍କ ନାମରେ ଆଶୀର୍ବାଦ
କରବାକୁ ସଦାପ୍ରଭୁ ଆଜି ପର୍ଯ୍ୟନ୍ତ ଲେବୀ ପରବାରବର୍ଗଙ୍କୁ
ପୃଥକ କରଛନ୍ତ। **9**ଏଥିପାଇଁ ଲେବୀର ଆପଣା ପରବାରବର୍ଗ
ମଧ୍ୟରେ କୌଣସି ଅଂଶ କ ଅଧିକାର ନାହିଁ। ସଦାପ୍ରଭୁ ତୁମ୍ଭ
ପରମେଶ୍ୱର ତାହାକୁ ଯାହା କହଅଛନ୍ତ, ତଦନୁସାରେ ସଦାପ୍ରଭୁ
ହିଁ ତାହାର ଅଧିକାର।

**10**"ପ୍ରଥମଥର ପର ମୁଁ ଚ଼ାଳଶ ଦନ ଓ ଚ଼ାଳଶ ରାତି
ପର୍ବତରେ ରହଲ। ଏହଥର ମଧ୍ୟ ପରମେଶ୍ୱର ମୋ କଥା
ଶୁଣିଲେ, କାରଣ ସେ ତୁମ୍ଭକୁ ବନାଶ କରବା ପାଇଁ ଚାହିଁଲେ
ନାହିଁ। **11**ଏହାପରେ ସଦାପ୍ରଭୁ ମୋତେ କହଲେ, 'ଉଠ,
ଯାତ୍ରା ନମନ୍ତେ ଲୋକମାନଙ୍କୁ ଆଗେଇ ନଅ। ପୁଣି ମୁଁ ଯେଉଁ
ଦେଶ ସେମାନଙ୍କ ପୂର୍ବପୁରୁଷମାନଙ୍କୁ ଦେବା ନମନ୍ତେ ପ୍ରତିଜ୍ଞା
କରଅଛ, ସେମାନେ ସେହ ଦେଶରେ ପ୍ରବେଶ କରବେ ଓ
ତାହା ଅଧିକାର କରବେ।'

## ସଦାପ୍ରଭୁ ବାସ୍ତବରେ କ'ଣ ଚାହାଁନ୍ତ

**12**"ଏବେ ହେ ଇଶ୍ରାୟେଲ, ଶୁଣ! ସଦାପ୍ରଭୁ ତୁମ୍ଭ
ପରମେଶ୍ୱର ବାସ୍ତବରେ ତୁମ୍ଭଠାରୁ କ'ଣ ଚାହାଁନ୍ତ ଜାଣ? ସେ
ଚାହାଁନ୍ତ ତାଙ୍କର ବାକ୍ୟ ଅନୁସାରେ କର୍ମମାନ କର। ବଧି
ନୟମ ପାଳନ କର। ପରମେଶ୍ୱର ଚାହାଁନ୍ତ ତୁମ୍ଭେମାନେ
ଅନ୍ତକରଣ ସହକାରେ ସଦାପ୍ରଭୁଙ୍କୁ ପ୍ରେମ କର ଓ ତାଙ୍କର
ସେବା କର। ତାଙ୍କର ବ୍ୟବସ୍ଥା ଓ ଆଦେଶ ମାନ ଚଳ।
**13**ତେଣୁ ତୁମ୍ଭେମାନେ ତାଙ୍କର ବ୍ୟବସ୍ଥା ଓ ଆଦେଶମାନ
ଚଳ, ଯାହା ମୁଁ ଆଜି ତୁମ୍ଭକୁ କହୁଛ। ଏହା ତୁମ୍ଭର
ମଙ୍ଗଳାର୍ଥ, ତାହା ତୁମ୍ଭେମାନେ ପାଳନ କର।

**14**"ଆକାଶମଣ୍ଡଳ ଓ ତହିଁ ଉପରସ୍ଥ ସ୍ୱର୍ଗ, ପୁଣି ପୃଥିବୀ
ଓ ତହିଁ ମଧ୍ୟସ୍ଥିତ ସମସ୍ତ ବସ୍ତୁ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କର।
**15**କେବଳ ତୁମ୍ଭମାନଙ୍କର ପୂର୍ବପୁରୁଷମାନଙ୍କ ପ୍ରତି ସ୍ନେହ କରବାକୁ
ଏବଂ ସେମାନଙ୍କ ପରେ ସେମାନଙ୍କର ବଂଶଧରମାନଙ୍କୁ ବାଛବାକୁ
ସଦାପ୍ରଭୁଙ୍କର ସନ୍ତୋଷ ଥିଲେ। ସେମାନଙ୍କ ପରେ ଆଜି
ପର୍ଯ୍ୟନ୍ତ ସମସ୍ତ ଜାତି ମଧ୍ୟରୁ ତୁମ୍ଭ ଜାତିଗଣଙ୍କୁ ମନୋନୀତ
କରଛନ୍ତ।

**16**"ଏଥିପାଇଁ ତୁମ୍ଭେମାନେ ହୃଦୟର ସୁନ୍ନତ ହେବା*
ଉଚତ୍ ଏବଂ ଆଉ ଅଧିକ ଜୀଦ୍‌ଖୋର ହେବା ଉଚତ୍ ନୁହଁ।

---

**ହୃଦୟର ସୁନ୍ନତ ହେବା** ଏହାର ଅର୍ଥ ସାଙ୍କେତିକ ଭାବରେ ଯାହା
ବୁଝାମଣା ଓ ଅନୁଭବ କରବାର ଶକ୍ତକୁ ଆବୃତ କର ରଖିଥାଏ,
ସେଗୁଡକ ବାହାର କରଦେବା।

17କାରଣ ସଦାପ୍ରଭୁ ତୁମ୍ଭ ପରମେଶ୍ୱର, ସେ ଦେବଗଣର
ଦେବ ଓ ପ୍ରଭୁମାନଙ୍କର ପ୍ରଭୁ, ମହାନ୍, ସର୍ବଶକ୍ତିମାନ ଓ
ଭୟଙ୍କର ପରମେଶ୍ୱର, ସେ ମନୁଷ୍ୟର ମୁଖାପେକ୍ଷା କରନ୍ତି
ନାହିଁ, କିଅବା ଲାଞ୍ଚ ଗ୍ରହଣ କରନ୍ତି ନାହିଁ। 18ସେ ପିତୃହୀନ
ଓ ବିଧବାର ବିଚାର ନିଷ୍ପତ୍ତି କରନ୍ତି ଓ ବିଦେଶୀକି ଅନ୍ନବସ୍ତ୍ର
ଦେଇ ପ୍ରେମ କରନ୍ତି। 19ଏଥିପାଇଁ ତୁମ୍ଭେମାନେ ବିଦେଶୀକୁ
ପ୍ରେମ କର, କାରଣ ତୁମ୍ଭେମାନେ ମିଶର ଦେଶରେ ବିଦେଶୀ
ଥିଲ।

20"ତୁମ୍ଭେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କୁ ଭୟ କରିବ।
ତାଙ୍କର ଉପାସନା କରିବ। ତାହାଙ୍କଠାରେ ତୁମ୍ଭେ ଆସକ୍ତ
ହେବ। ତାହାଙ୍କ ନାମରେ ତୁମ୍ଭେ ଶପଥ କରିବ। 21ତୁମ୍ଭର
ପ୍ରଶଂସା ସଦାପ୍ରଭୁ ଅଟନ୍ତି, ସେ ତୁମ୍ଭମାନଙ୍କର ପରମେଶ୍ୱର
ତୁମ୍ଭେ ଯାହା ଯାହା ଦେଖୁଛ ସେହିସବୁ ମହତ୍ ଓ ଭୟଙ୍କର
କର୍ମ ସେ ତୁମ୍ଭପାଇଁ କରିଛନ୍ତି। 22ତୁମ୍ଭମାନଙ୍କର ପୂର୍ବପୁରୁଷମାନେ
ସତୁରି ପ୍ରାଣୀ ସହିତ ମିଶରକୁ ଯାଇଥିଲେ। ମାତ୍ର ଏବେ
ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଆକାଶ ମଣ୍ଡଳର ତାରାଗଣ ପରି
ତୁମ୍ଭମାନଙ୍କୁ ବହୁ ସଂଖ୍ୟକ କରିଛନ୍ତି।

## ସଦାପ୍ରଭୁଙ୍କୁ ସ୍ମରଣ କର

11 "ତୁମ୍ଭେମାନେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କୁ ପ୍ରେମ
କରିବା ଉଚିତ୍। ତୁମ୍ଭେମାନେ ତାଙ୍କର ବ୍ୟବସ୍ଥା,
ବିଧି ଓ ଆଦେଶ ସବୁ ସର୍ବଦା ପାଳନ କରିବା ଉଚିତ୍।
2ଆଜି ମନେରଖ ତୁମ୍ଭଙ୍କୁ ଶିକ୍ଷା ଦେବା ପାଇଁ ତୁମ୍ଭର
ସଦାପ୍ରଭୁ ପରମେଶ୍ୱର ଯେଉଁସବୁ ଆଶ୍ଚର୍ଯ୍ୟଜନକ କର୍ମ କରିଛନ୍ତି।
ସେ ହେଉଛି ତୁମ୍ଭେ ଏବଂ ତୁମ୍ଭର ପିଲାମାନେ ନୁହଁନ୍ତି ସେହି
ସମସ୍ତ ବିଷୟ ଘଟିବାର ଦେଖିଲ ଏବଂ ତା ମାଧ୍ୟମରେ
ବଞ୍ଚିଲ। ତୁମ୍ଭେ ଦେଖିଛ ସେ କେତେ ଶକ୍ତିଶାଳୀ ଏବଂ
ଆଶ୍ଚର୍ଯ୍ୟ କର୍ମ ସେ କରନ୍ତି। 3ତୁମ୍ଭେମାନେ ତାଙ୍କର ସମସ୍ତ
ଚିହ୍ନ ଓ ଆଶ୍ଚର୍ଯ୍ୟ କାର୍ଯ୍ୟ ସବୁ ଦେଖିଛ, ସେ ମିଶରର ରାଜା
ଫାରୋଙ୍କୁ ଏବଂ ସମଗ୍ର ମିଶରକୁ କଣ କଲେ, ତୁମ୍ଭେମାନେ
ଦେଖିଛ। 4ତୁମ୍ଭର ପିଲାମାନେ ଜାଣି ନାହାଁନ୍ତି କିନ୍ତୁ ତୁମ୍ଭେମାନେ
ଜାଣିଛ ଓ ଦେଖିଛ ଯେ ପରମେଶ୍ୱର ମିଶରର ସୈନ୍ୟ
ତାଙ୍କର ଅଶ୍ୱାରୋହ ଓ ରଥାରୋହମାନଙ୍କୁ କିପରି ଭାବେ ସୂଫ
ସମୁଦ୍ରରେ ନିକ୍ଷେପ କରିଛନ୍ତି। ତୁମ୍ଭେମାନେ ଦେଖିଛ ଯେ
ସଦାପ୍ରଭୁ ସେମାନଙ୍କୁ କିଭଳି ସଂପୂର୍ଣ୍ଣ ଭାବରେ ଧ୍ୱଂସ କରିଛନ୍ତି।
5ଏହି ସ୍ଥାନରେ ନ ପହଞ୍ଚିବା ପର୍ଯ୍ୟନ୍ତ ତୁମ୍ଭମାନଙ୍କ ପାଇଁ ସେ
ମରୁଭୂମିରେ ଯାହା କଲେ ତୁମ୍ଭେମାନେ ସବୁକିଛି ଦେଖିଲ।
6ତୁମ୍ଭେମାନେ ଦେଖିଛ ରୂବେନର ପୁତ୍ର ଇଲୀୟାବର ସନ୍ତାନ
ଦାଥନ୍ ଓ ଅବୀରାମ ପ୍ରତି ଯାହା ଯାହା ସବୁ ସେ କରିଛନ୍ତି,
ପୃଥିବୀ ଯେପରି ଆପଣା ମୁଖ ବିସ୍ତାର କରି ସମସ୍ତ
ଇସ୍ରାୟେଲ ମଧ୍ୟବର୍ତ୍ତୀ ସେମାନଙ୍କୁ ଓ ସେମାନଙ୍କ ପରିଜନବର୍ଗଙ୍କୁ
ଓ ସେମାନଙ୍କ ତମ୍ବୁ ଓ ସେମାନଙ୍କ ପଶ୍ଚାତବର୍ତ୍ତୀ ସମସ୍ତ
ପ୍ରାଣୀକୁ ଗ୍ରାସ କଲା, ଏ ସମସ୍ତ ତୁମ୍ଭର ପିଲାମାନେ ଦେଖି
ନାହାଁନ୍ତି। 7ତୁମ୍ଭେମାନେ ସଦାପ୍ରଭୁଙ୍କର ସମସ୍ତ ମହାନ କର୍ମ
ଦେଖିଅଛ।

8"ତେଣୁ ତୁମ୍ଭେମାନେ ତାଙ୍କର ସମସ୍ତ ନିର୍ଦ୍ଦେଶ ମାନିବ,
ମୁଁ ଯାହାସବୁ ତୁମ୍ଭମାନଙ୍କୁ କହିବି। ତେବେ ତୁମ୍ଭେମାନେ
ଶକ୍ତିଶାଳୀ ହେବ ଏବଂ ଯେଉଁ ଦେଶ ଅଧିକାର କରିବାକୁ
ଯର୍ଦ୍ଦନ ପାରହୋଇ ଯାଉଅଛ ତହିଁରେ ପ୍ରବେଶ କରି ଅଧିକାର
କରିବ। 9ସେଥିପାଇଁ ତୁମ୍ଭେମାନେ ସେହି ଦୁଗ୍ଧ, ମଧୁ ପ୍ରବାହିତ
ଦେଶରେ ଦୀର୍ଘ୍ୟ ଦିନ ବାସ କରିବ। ଏହି ଦେଶ ସଦାପ୍ରଭୁ
ତୁମ୍ଭମାନଙ୍କର ପୂର୍ବପୁରୁଷ ଓ ସେମାନଙ୍କର ଭବିଷ୍ୟଦ୍
ବଂଶଧରମାନଙ୍କୁ ଦେବା ପାଇଁ ପ୍ରତିଜ୍ଞା କରିଥିଲେ। 10ପନିପରିବା
ବଗିଚାରେ ଯେପରି ବୀଜ ବପନ କର, ସେହିପରି ମିଶର
ଦେଶର ଚାରାଗଛରେ ତୁମ୍ଭେମାନେ ପାଣି ଦେଉଥିଲ, ଯେଉଁଠାରୁ
ତୁମ୍ଭମାନେ ବାହାରି ଆସିଛ। ମାତ୍ର ଯେଉଁ ଦେଶ ଅଧିକାର
କରିବାକୁ ଯାଉଛ ତାହା ସେପରି ନୁହେଁ। 11ତୁମ୍ଭେମାନେ
ଯର୍ଦ୍ଦନ ପାରହୋଇ ଯେଉଁ ଦେଶ ଅଧିକାର କରିବାକୁ
ଯାଉଅଛ, ତାହା ପର୍ବତ ଓ ସମସ୍ଥଳୀମୟ ଦେଶ ପୁଣି ତାହା
ଆକାଶରୁ ବୃଷ୍ଟିଜଳ ପାନ କରେ। 12ସେହି ଦେଶ ବିଷୟରେ
ସଦାପ୍ରଭୁ ତୁମ୍ଭ ପରମେଶ୍ୱର ମନୋଯୋଗ କରନ୍ତି। ବର୍ଷର
ଆରମ୍ଭରୁ ବର୍ଷର ଶେଷ ପର୍ଯ୍ୟନ୍ତ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ
ଦୃଷ୍ଟି ତହିଁ ଉପରେ ସର୍ବଦା ଥାଏ।

13"ସଦାପ୍ରଭୁ କହିଲେ, 'ତୁମ୍ଭେମାନେ ଯତ୍ନ ସହକାରେ
ଆଜି ମୁଁ ତୁମ୍ଭମାନଙ୍କୁ ଯାହା କହୁଛି ଶୁଣ। ତୁମ୍ଭେମାନେ
ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ପ୍ରେମ କର। ତୁମ୍ଭେମାନେ
ଅନ୍ତଃକରଣ ଓ ପ୍ରାଣ ସହିତ ସେବା କର। ଯଦି ତୁମ୍ଭେ
ଏପରି କର ତେବେ, 14ଆମ୍ଭେ ଉପଯୁକ୍ତ ସମୟରେ ତୁମ୍ଭ
ଦେଶରେ ବୃଷ୍ଟି କରାଇବ। ଅର୍ଥାତ୍ ଆଦ୍ୟବୃଷ୍ଟି ଓ ଶେଷବୃଷ୍ଟି
କରିବା। ତହିଁରେ ତୁମ୍ଭେ ଆପଣ ଶସ୍ୟ ଓ ଆପଣା ଦ୍ରାକ୍ଷାରସ
ଓ ଆପଣାର ତୈଳ ସଂଗ୍ରହ କରିପାରିବ। 15ମୁଁ ତୁମ୍ଭ
ପଶୁଗଣ ନିମନ୍ତେ ତୁମ୍ଭମାନଙ୍କ କ୍ଷେତ୍ରରେ ତୃଣ ଦେବି।
ତୁମ୍ଭମାନଙ୍କର ଭୋଜନ କରିବାକୁ ଯଥେଷ୍ଟ ହେବ ଏବଂ ତୃପ୍ତ
ହେବ।'

16"ନିଜ ନିଜ ବିଷୟରେ ସାବଧାନ ହୁଅ। ତୁମ୍ଭମାନଙ୍କର
ହୃଦୟକୁ ପ୍ରଲୋଭିତ କରନାହିଁ ଏବଂ ବିପଥରେ ଯିବାକୁ ଏବଂ
ଅନ୍ୟ ଦେବତାଗଣର ସେବା କରିବାକୁ ଓ ଉପାସନା କରିବାକୁ
ଦିଅ ନାହିଁ। 17ଯଦି ତୁମ୍ଭେମାନେ ଏପରି କର, ତେବେ
ସଦାପ୍ରଭୁଙ୍କର କ୍ରୋଧ ତୁମ୍ଭମାନଙ୍କ ପ୍ରତି ପ୍ରଜ୍ୱଳିତ ହେବ। ଏବଂ
ସେ ଆକାଶ ରୋଧ କଲେ ବର୍ଷା ହେବ ନାହିଁ ଓ ଭୂମି ନିଜ
ଫଳ ପ୍ରଦାନ କରିବ ନାହିଁ। ଆଉ ସଦାପ୍ରଭୁ ତୁମ୍ଭମାନଙ୍କୁ
ଯେଉଁ ଉତ୍ତମ ଦେଶ ଦେଉଛନ୍ତି, ତହିଁରୁ ତୁମ୍ଭେମାନେ ଶୀଘ୍ର
ଉଚ୍ଛିନ୍ନ ହେବ।

18"ଏଣୁ ତୁମ୍ଭେମାନେ ମୋହର ସେହି ସକଳ ବାକ୍ୟ
ନିଜ ନିଜ ହୃଦୟରେ ଧାରଣ କର (ହୃଦୟରେ ଲିପିବଦ୍ଧ
କର)। ନିଜ ନିଜ ହସ୍ତରେ ବାନ୍ଧି ରଖ ଓ ତାହା
ତୁମ୍ଭମାନଙ୍କର ଚକ୍ଷୁ ଦ୍ୱୟରେ ଭୂଷଣ ସ୍ୱରୂପ ହେଉ। 19ତୁମ୍ଭେ
ଆପଣା ଗୃହରେ ବସିବାବେଳେ ଏବଂ ବାଟରେ ଚାଲିଲା
ବେଳେ ଶୋଇବା ବେଳେ ଓ ଉଠିବା ବେଳେ ଏହି ସମସ୍ତ
ବିଷୟରେ କଥାବାର୍ତ୍ତା କରି ଆପଣା ଆପଣା ସନ୍ତାନମାନଙ୍କୁ
ଶିକ୍ଷା ଦେବ। 20ତୁମ୍ଭେ ଆପଣା ଗୃହଦ୍ୱାରରେ ଥିବା ଚଉକାଠରେ
ଓ ବାହାର ଦ୍ୱାରରେ ତାହା ଲେଖିବ। 21ତହିଁରେ ସଦାପ୍ରଭୁ
ତୁମ୍ଭମାନଙ୍କ ପୂର୍ବପୁରୁଷମାନଙ୍କୁ ଯେଉଁ ଯେଉଁ ଦେଶ ଦେବାକୁ
ଶପଥ କରିଅଛନ୍ତି, ତହିଁରେ ତୁମ୍ଭମାନଙ୍କ ଅବସ୍ଥିତି କାଳ ଓ

ତୁମ୍ଭମାନଙ୍କ ସନ୍ତାନଗଣର ଅବସ୍ଥିତିକାଳ ଭୂମଣ୍ଡଳ ଉପରେ
ଆକାଶ ମଣ୍ଡଳର ଅବସ୍ଥିତିକାଳ ତୁଲ୍ୟ ହେବ।

22"କାରଣ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କୁ ପ୍ରେମ
କରିବାକୁ ତାହାଙ୍କ ସମସ୍ତ ପଥରେ ଚାଲିବାକୁ ଓ ତାହାଙ୍କଠାରେ
ଦୃଢ଼ରୂପେ ଆସକ୍ତ ହେବାକୁ ଏହି ଯେଉଁ ସମସ୍ତ ଆଜ୍ଞା ମୁଁ
ତୁମ୍ଭମାନଙ୍କୁ ପାଳନ କରିବାକୁ ଦେଉଅଛି, ତାହା ଯଦି ତୁମ୍ଭେ
ଯତ୍ନପୂର୍ବକ ପାଳନ କରିବ, 23ତେବେ ସଦାପ୍ରଭୁ ତୁମ୍ଭମାନଙ୍କ
ସମ୍ମୁଖରୁ ଏହିସବୁ ଗୋଷ୍ଠୀୟ ଲୋକମାନଙ୍କୁ ତଡ଼ି ଦେବେ,
ଏବଂ ତୁମ୍ଭେମାନେ, ତୁମ୍ଭମାନଙ୍କଠାରୁ ଅଧିକ ବଳବାନ ଲୋକମାନଙ୍କୁ
ପରାସ୍ତ କରିବ ଏବଂ ତାଙ୍କର ଦେଶକୁ ଅଧିକାର କରିବ।
24ଯେଉଁଠାରେ ତୁମ୍ଭର ପାଦ ପଡ଼ିବ, ସେ ସ୍ଥାନ ତୁମ୍ଭମାନଙ୍କର
ହେବ। ପ୍ରାନ୍ତରରୁ ଲିବାନୋନ ପର୍ଯ୍ୟନ୍ତ ଏବଂ ଫରାତ୍ ନଦୀଠାରୁ
ପଶ୍ଚିମ ସମୁଦ୍ର ପର୍ଯ୍ୟନ୍ତ ତୁମ୍ଭମାନଙ୍କର ସୀମା ହେବ। 25ତୁମ୍ଭମାନଙ୍କ
ବିପକ୍ଷରେ କୌଣସି ମନୁଷ୍ୟ ଛିଡ଼ା ହେବାକୁ ସକ୍ଷମ ହେବ
ନାହିଁ। ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତାଙ୍କର
ପ୍ରତିଜ୍ଞାନୁସାରେ ସମଗ୍ର ଦେଶରେ ତୁମ୍ଭେ ଯେଉଁଠିକୁ ଯାଅ,
ତୁମ୍ଭ ପ୍ରତି ସମସ୍ତଙ୍କର ଭୟ ଓ ଆଶଙ୍କିତ ସୃଷ୍ଟି କରିବେ।

## ଇଶ୍ରାୟେଲଙ୍କର ପସନ୍ଦ: ଆଶୀର୍ବାଦ ବା ଅଭିଶାପ

26"ଆଜି ତୁମ୍ଭମାନଙ୍କ ସମ୍ମୁଖରେ ଆଶୀର୍ବାଦ ଓ ଅଭିଶାପ
ରଖୁଛି ତୁମ୍ଭେମାନେ ସେଥିରୁ ଗୋଟିଏକୁ ବାଛ। 27ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱରଙ୍କର ଆଜ୍ଞାମାନ ଯଦି ମାନ, ଯାହା
ମୁଁ ତୁମ୍ଭମାନଙ୍କୁ ଆଜି କହିବି, ତେବେ ତୁମ୍ଭେମାନେ ଆଶୀର୍ବାଦ
ପାଇବ। 28ଯଦି ତୁମ୍ଭେମାନେ ତାହାସବୁ ପାଳନ ନକର
ତେବେ ତୁମ୍ଭେମାନେ ଅଭିଶାପ ପାଇବ। ଯଦି ତୁମ୍ଭେମାନେ
ତୁମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱରଙ୍କର ଆଜ୍ଞା ପାଳନ ନକର
ଓ ଅନ୍ୟଦେଶୀୟ ଦେବଗଣଙ୍କର ପଶ୍ଚାତ ଗମନକର, ତେବେ
ଅଭିଶାପ ପାଇବ।

29"ଆଉ ତୁମ୍ଭେମାନେ ଯେଉଁ ଦେଶ ଅଧିକାର କରିବାକୁ
ଯାଉଛ, ସେହି ଦେଶରେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ଯେଉଁ ସମୟରେ ତୁମ୍ଭମାନଙ୍କୁ ପ୍ରବେଶ କରାଇବେ, ସେ
ସମୟରେ ତୁମ୍ଭେ ଗରିଷୀମ ପର୍ବତରେ ସେହି ଆଶୀର୍ବାଦ ଓ
ଏବଲ୍ ପର୍ବତରେ ସେହି ଅଭିଶାପ ରଖିବ। 30ସେହି ଦୁଇ
ପର୍ବତ କି ଯର୍ଦ୍ଦନର ସେପାରି ସୂର୍ଯ୍ୟାସ୍ତ ପଥ ପ୍ରାନ୍ତରେ
ଗିଲ୍‌ଗଲ୍ ସମ୍ମୁଖସ୍ଥ ପଦାନିବାସୀ କିଣାନୀୟମାନଙ୍କ ଦେଶରେ
ମୋରିର ଆଲୋନ୍‌ତୋଷ୍ଠା ନିକଟରେ ନାହିଁ। 31କାରଣ ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କୁ ଯେଉଁ ଦେଶ ଦେଉ
ଅଛନ୍ତି, ତହିଁରେ ପ୍ରବେଶ କରି ତାହା ଅଧିକାର କରିବା
ନିମନ୍ତେ ତୁମ୍ଭେମାନେ ଯର୍ଦ୍ଦନ ପାର ହୋଇଯିବ। ପୁଣି ତୁମ୍ଭେମାନେ
ତାହା ଅଧିକାର କରିବ ଓ ତହିଁରେ ବାସ କରିବ। 32ଏଥିପାଇଁ
ତୁମ୍ଭେମାନେ ସମସ୍ତ ବ୍ୟବସ୍ଥା ଓ ବିଧି ପାଳନ କରିବ, ଯାହା
ମୁଁ ତୁମ୍ଭମାନଙ୍କୁ ଆଜି କହିବି।

## ସଦାପ୍ରଭୁଙ୍କର ଉପାସନାସ୍ଥଳ

12 "ଏହି ନିୟମ ବିଧିସବୁ ତୁମ୍ଭମାନଙ୍କୁ ତୁମ୍ଭମାନଙ୍କର
ଏହି ନୂତନ ଦେଶରେ ମାନିବାକୁ ହେବ। ସଦାପ୍ରଭୁ
ତୁମ୍ଭମାନଙ୍କର ପୂର୍ବପୁରୁଷମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କର
ଅଧିକାର ନିମନ୍ତେ ଯେଉଁ ଦେଶ ଦେଇଛନ୍ତି, ସେ ଦେଶରେ
ଜୀବିତ ଥିବା ପର୍ଯ୍ୟନ୍ତ ତାଙ୍କର ଏହି ବିଧିସକଳ ମାନିବ।
2ତୁମ୍ଭେମାନେ ଯେଉଁ ଗୋଷ୍ଠୀୟମାନଙ୍କୁ ଅଧିକାର କରିବ,
ସେମାନଙ୍କର ଉଚ୍ଚ ପର୍ବତଗଣ ଉପରେ ଓ ଉପପର୍ବତ ସମୂହ
ଉପରେ ଓ ପ୍ରତ୍ୟେକ ସତେଜ ବୃକ୍ଷ ତଳେ, ଯେଉଁସବୁ
ସ୍ଥାନରେ ନିଜନିଜ ଦେବତାମାନଙ୍କୁ ପୂଜା କଲେ, ସେହି
ସକଳ ସ୍ଥାନ ନିଶ୍ଚୟ ବିନଷ୍ଟ କରିବ। 3ତୁମ୍ଭେମାନେ ସେମାନଙ୍କ
ଯଜ୍ଞବେଦୀ ସକଳ ଭଗ୍ନ କରିବ ଓ ସେମାନଙ୍କର ସ୍ମରଣାର୍ଥକ
ପ୍ରସ୍ତର ସକଳ ଭାଙ୍ଗି ପକାଇବ ଓ ଆଶେରାର ମୂର୍ତ୍ତୀ ସବୁକୁ
ଅଗ୍ନିରେ ଦଗ୍ଧ କରିବ। ସେମାନଙ୍କର ଖୋଦିତ ଦେବ ପ୍ରତିମାଗଣଙ୍କୁ
ହାଣି ପକାଇବ। ସେ ସ୍ଥାନରୁ ସେମାନଙ୍କ ନାମ ଲୋପ
କରିବ।

4"ସେହି ଲୋକମାନେ ସେମାନଙ୍କର ଦେବଗଣଙ୍କୁ ସେମାନେ
ପୂଜା କଲାପରି ତୁମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱରଙ୍କୁ ସେହି
ଉପାସନା କରନାହିଁ। 5ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର
ସମସ୍ତ ଗୋଷ୍ଠୀ ମଧ୍ୟରୁ ଏକ ସ୍ଥାନ ମନୋନୀତ କରିବେ,
ଯେଉଁଠାରେ ତାଙ୍କର ନାମ ଉପାସନା ହେବା ଉଚିତ୍। ତୁମ୍ଭର
ସେଠାକୁ ଯିବା ଉଚିତ୍ ଏବଂ ତାଙ୍କୁ ଖୋଜିବା ଉଚିତ୍।
6ତୁମ୍ଭେମାନେ ସେହି ସ୍ଥାନକୁ ନିଜ ନିଜ ହୋମବଳି ଓ ନିଜ
ନିଜ ବଳିଦାନ ଓ ନିଜ ନିଜ ଦଶମାଂଶ ଓ ନିଜ ନିଜ ହସ୍ତର
ଉତ୍ତୋଳନୀୟ ଉପହାର ନିଜ ନିଜ ମାନତ ଦ୍ରବ୍ୟ, ସ୍ୱେଚ୍ଛାଦତ୍ତ
ନୈବେଦ୍ୟ ଓ ନିଜ ନିଜ ପଶୁ ପଲର ପ୍ରଥମଜାତ ସମସ୍ତଙ୍କୁ
ଆଣିବ। 7ସେହି ସ୍ଥାନରେ ତୁମ୍ଭେମାନେ ଓ ତୁମ୍ଭମାନଙ୍କର
ପରିବାର ସଦସ୍ୟଗଣ ସଦାପ୍ରଭୁଙ୍କ ଉପସ୍ଥିତିରେ ଭୋଜନ
କରିବ। ତୁମ୍ଭକୁ ଯାହା ପ୍ରାପ୍ତି ହୋଇଛି ସେଥିରେ ଆନନ୍ଦିତ
ହୁଅ, ଯେହେତୁ ସଦାପ୍ରଭୁ ତୁମ୍ଭଙ୍କୁ ଆଶୀର୍ବାଦ କରିଛନ୍ତି।

8"ଏପରି ତୁମ୍ଭେମାନେ କର ନାହିଁ, ଯାହାର ଦୃଷ୍ଟିରେ
ଯାହା ଭଲ, ସେହିପରି ଉପାସନା କର ନାହିଁ, ଯାହା ଆମ୍ଭେ
ଏହି ସ୍ଥାନରେ କରୁଅଛୁ। 9କାରଣ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ତୁମ୍ଭକୁ ଯେଉଁ ବିଶ୍ରାମ ଓ ଅଧିକାର ଦେବେ,
ତହିଁରେ ତୁମ୍ଭେମାନେ ଏପର୍ଯ୍ୟନ୍ତ ଉପସ୍ଥିତ ହୋଇନାହିଁ। 10କିନ୍ତୁ
ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ଯେଉଁ ଦେଶ ତୁମ୍ଭମାନଙ୍କୁ
ଅଧିକାର କରାଇବେ, ସେଠାକୁ ତୁମ୍ଭେମାନେ ଯେତେବେଳେ
ଯର୍ଦ୍ଦନ ପାରହୋଇ ଯିବ ଓ ସେଠାରେ ପହଞ୍ଚିବ। ସେ
ତୁମ୍ଭମାନଙ୍କ ଚତୁର୍ଦ୍ଦିଗସ୍ଥ ସମସ୍ତ ଶତ୍ରୁଗଣଠାରୁ ତୁମ୍ଭମାନଙ୍କୁ
ବିଶ୍ରାମ ଦେବେ, ଏବଂ ତୁମ୍ଭେମାନେ ନିର୍ଭୟରେ ବାସ କରିବ।
11ସେତେବେଳେ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ଆପଣା
ନାମ ବାସ କରିବା ପାଇଁ ଯେଉଁ ସ୍ଥାନ ନିରୂପିତ କରିବେ
ସେହି ସ୍ଥାନକୁ ତୁମ୍ଭେମାନେ ମୋର ଆଜ୍ଞା ଅନୁସାରେ ନିଜ
ନିଜ ହୋମ ନୈବେଦ୍ୟ ଓ ନିଜ ନିଜ ବଳିଦାନ, ନିଜ
ଆୟର ଦଶମାଂଶ ଓ ନିଜ ନିଜ ହସ୍ତର ଉତ୍ତଳନୀୟ
ଉପହାର ଓ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ମନାସିଲାର ତୁମ୍ଭମାନଙ୍କର
ସକଳ ମନୋନୀତ ମାନତ ଆଣିବ। 12ତୁମ୍ଭେମାନେ ଓ
ତୁମ୍ଭମାନଙ୍କର ସନ୍ତାନ ସନ୍ତତିଗଣ ତୁମ୍ଭମାନଙ୍କର ଦାସଗଣ,
ତୁମ୍ଭମାନଙ୍କର ଦାସୀଗଣ ତୁମ୍ଭମାନଙ୍କର ନଗରଦ୍ୱାରବର୍ତ୍ତୀ ଲେବୀୟ
ଲୋକର କୌଣସି ଅଂଶ କି ଅଧିକାର ତୁମ୍ଭମାନଙ୍କ ମଧ୍ୟରେ
ନ ଥିବା ହେତୁ ସେ ଏପରି ତୁମ୍ଭେ ସମସ୍ତେ ସଦାପ୍ରଭୁ

ତୁମ୍ଭମାନଙ୍କ ପରମେଶ୍ୱରଙ୍କ ସମ୍ମୁଖରେ ଆନନ୍ଦ କରିବ। 13ସାବଧାନ
ହେବ, ଯେଉଁ ସ୍ଥାନସବୁ ଦେଖିବ ପ୍ରତ୍ୟେକ ସ୍ଥାନରେ ହୋମବଳି
ଉତ୍ସର୍ଗ କରିବ ନାହିଁ। 14ତୁମ୍ଭମାନଙ୍କର ଗୋଟିଏ ପରିବାର
ପରମେଶ୍ୱର ତୁମ୍ଭମାନଙ୍କ ପାଇଁ ଯେଉଁସ୍ଥାନ ମନୋନୀତ କରିଛନ୍ତି,
କେବଳ ସେହି ସ୍ଥାନରେ ତୁମ୍ଭେମାନେ ତୁମ୍ଭମାନଙ୍କର ହୋମବଳି
ଓ ସେ ତୁମ୍ଭକୁ ଯେଉଁସବୁ ଆଜ୍ଞା ଦେଇଛନ୍ତି, ତାହାସବୁ
ସେହିଠାରେ ଉତ୍ସର୍ଗ କରିବା ଉଚିତ୍।

15"ତୁମ୍ଭେମାନେ ଯେଉଁଠାରେ ବାସ କରିବ, ସେଠାରେ
ତୁମ୍ଭେମାନେ କୃଷ୍ଣସାର ଓ ମୃଗ ଜାତୀୟ ସୁସ୍ଥ ପ୍ରାଣୀ ବଧକରି
ଆପଣା ଇଚ୍ଛା ମତେ ଖାଇ ପାରିବ। ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱରଙ୍କଠାରୁ ପ୍ରାପ୍ତ ଆଶୀର୍ବାଦ ଅନୁସାରେ ଶୁଚି ଓ
ଅଶୁଚି ଲୋକମାନେ ମଧ୍ୟ ଏହି ମାଂସ ଭକ୍ଷଣ କରିପାରିବେ।
16ତୁମ୍ଭେମାନେ ରକ୍ତ ଭୋଜନ କରିବ ନାହିଁ। ଜଳତୁଲ୍ୟ ତାହା
ଭୂମିରେ ଢାଳି ଦେବ।

17"କେତେକ ଦ୍ରବ୍ୟ ତୁମ୍ଭେମାନେ ଭକ୍ଷଣ କରିବ ନାହିଁ
ଯେଉଁଠାରେ ତୁମ୍ଭେମାନେ ବାସ କରିବ, ସେଗୁଡ଼ିକ ହେଲା,
ଯଥା: ଆପଣା ଶସ୍ୟର କି ଦ୍ରାକ୍ଷାରସର କି ତୈଳର ଦଶମାଂଶ
କି ଗୋମେଷାଦିର ପ୍ରଥମଜାତ କିମ୍ବା ତୁମ୍ଭ ମନାସିକର ପ୍ରତିଜ୍ଞା
ଦ୍ରବ୍ୟ କିଅବା ତୁମ୍ଭ ସ୍ୱେଚ୍ଛାଦତ୍ତ ନୈବେଦ୍ୟ, କି ତୁମ୍ଭ ହସ୍ତର
ଉତ୍ତୋଳନୀୟ ଉପହାର। 18ସଦାପ୍ରଭୁ ତୁମ୍ଭ ପରମେଶ୍ୱର
ଯେଉଁ ସ୍ଥାନ ମନୋନୀତ କରିବେ ସେହି ସ୍ଥାନରେ ସଦାପ୍ରଭୁ
ତୁମ୍ଭ ପରମେଶ୍ୱରଙ୍କ ସମ୍ମୁଖରେ ତୁମ୍ଭେମାନେ ତାହା ଭୋଜନ
କରିବ। ତୁମ୍ଭେ ଓ ତୁମ୍ଭର ପୁତ୍ର ତୁମ୍ଭର କନ୍ୟା ତୁମ୍ଭ ଦାସ ଓ
ଦାସୀଗଣ ଏବଂ ନଗରଦ୍ୱାର ମଧ୍ୟବର୍ତ୍ତୀ ଲେବୀୟ ଲୋକ
ସେହି ନୈବେଦ୍ୟ ଭୋଜନ କରିବ। ଯେଉଁଗୁଡ଼ିକ ତୁମ୍ଭମାନଙ୍କର
କଠିନ ପରିଶ୍ରମର ଫଳ, ତହିଁରେ ତୁମ୍ଭେ ସଦାପ୍ରଭୁ ତୁମ୍ଭ
ପରମେଶ୍ୱରଙ୍କ ସମ୍ମୁଖରେ ତୁମ୍ଭେ ଆନନ୍ଦ କରିବ। 19ସାବଧାନ
ହେବ, ତୁମ୍ଭେମାନେ ଆପଣା ଭୂମିରେ ବାସ କରିବା ଯାଏ ଓ
ବଞ୍ଚି ରହିଥିବା ଯାଏ ଲେବୀୟମାନଙ୍କୁ ତ୍ୟାଗ କରିବ ନାହିଁ।

20-21"ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ପ୍ରତିଜ୍ଞା କରିଛନ୍ତି
ଯେ, ସେ ତୁମ୍ଭମାନଙ୍କର ଦେଶକୁ ବଢାଇବେ। ଯେତେବେଳେ
ସଦାପ୍ରଭୁ ଏପରି କରିବେ, ତୁମ୍ଭେମାନେ ହୁଏତ ତାଙ୍କର
ମନୋନୀତ ସ୍ଥାନର ବହୁ ଦୂରରେ ବାସ କରୁଥିବ। ଏହା ଯଦି
ଅଧିକ ଦୂର ହୁଏ, ଏବଂ ତୁମ୍ଭେ ଯଦି ମାଂସ ପାଇଁ ଭୋକିଲା
ହୁଅ, ତେବେ ତୁମ୍ଭେମାନେ ସଦାପ୍ରଭୁଙ୍କର ଦତ୍ତ ଯେ କୌଣସି
ପଶୁର ମାଂସ ଖାଇପାରିବ। ତୁମ୍ଭେମାନେ ସେହି ପଶୁକୁ ନିଅ,
ତାକୁ ବଧକରି ଓ ନିଜ ଫାଟକ ଭିତରେ ଭୋଜନ କର। ମୁଁ
ଯେପରି ଆଜ୍ଞା କଲି, ତୁମ୍ଭେମାନେ ଏପରି କରିବା ଉଚିତ୍।
ତୁମ୍ଭେମାନେ ଏହି ମାଂସ ଯେଉଁଠାରେ ବାସ କଲେ ମଧ୍ୟ
ସେହିଠାରେ ଖାଇ ପାରିବ। 22ତୁମ୍ଭେମାନେ କୃଷ୍ଣସାର ଓ
ହରିଣ ଭୋଜନ କରିବାପରି ଏହି ମାଂସ ଭୋଜନ କରିପାରିବ।
ଶୁଚି ଓ ଅଶୁଚି ଲୋକ ସମସ୍ତେ ଏହା ଭୋଜନ କରିପାରିବେ।
କୃଷ୍ଣସାର ଓ ମୃଗ ମାଂସ ଭୋଜନ ପରି ଶୁଚି ଲୋକ ଓ
ଅଶୁଚି ଲୋକେ ସମସ୍ତେ ଏହାକୁ ଭୋଜନ କରିପାରିବେ।
23କିନ୍ତୁ ସାବଧାନ, ସେମାନଙ୍କର ରକ୍ତ ଖାଇବ ନାହିଁ। କାରଣ
ରକ୍ତହିଁ ପ୍ରାଣ। ଆଉ ମାଂସ ସହିତ ପ୍ରାଣ ଭୋଜନ କରିବ
ନାହିଁ। 24ଜଳ ଢାଳିବା ପରି ରକ୍ତକୁ ଭୂମିରେ ଢାଳି ଦେବ।
ତାହାକୁ ଖାଇବ ନାହିଁ। 25ତୁମ୍ଭେମାନେ ସଦାପ୍ରଭୁଙ୍କ ଦୃଷ୍ଟିରେ
ଉତ୍ତମ କର୍ମ କଲେ ତୁମ୍ଭମାନଙ୍କର ଓ ଆପଣା ବଂଶଧରମାନଙ୍କର
ମଙ୍ଗଳ ହେବ।

26"ଯଦି ତୁମ୍ଭେ ସଦାପ୍ରଭୁଙ୍କୁ କିଛି ଦେବାକୁ ଚାହୁଁଛ,
ତେବେ ତୁମ୍ଭେମାନେ ତାହା ସଦାପ୍ରଭୁଙ୍କର ମନୋନୀତ ସ୍ଥାନକୁ
ନେଇଯିବ। 27ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ
ଯଜ୍ଞବେଦୀ ଉପରେ ମାଂସ ଓ ରକ୍ତ ସମେତ ନିଜ ନିଜର
ହୋମବଳି ଉତ୍ସର୍ଗ କରିବ। ତୁମ୍ଭମାନଙ୍କର ବଳିଦାନାଦିର ରକ୍ତ
ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଯଜ୍ଞବେଦୀ ଉପରେ ଢଳାଯିବ।
ତେବେ ତୁମ୍ଭେମାନେ ସେହି ମାଂସ ଭୋଜନ କରିବ। 28ସାବଧାନତା
ସହକାରେ ମୁଁ ଯେଉଁ ଆଜ୍ଞାମାନ ଦେଲି ତାହା ତୁମ୍ଭେମାନେ
ପାଳନ କରିବ। ତହିଁରେ ଯାହା ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱରଙ୍କ ଦୃଷ୍ଟିରେ ଯାହା ଉତ୍ତମ ଓ ଯଥାର୍ଥ ତାହା
କଲେ ତୁମ୍ଭର ଓ ତୁମ୍ଭମାନଙ୍କ ପରେ ତୁମ୍ଭ ବଂଶଧରଗଣର
ଯୁଗାନୁସାରେ ମଙ୍ଗଳ ହେବ।

29"ସଦାପ୍ରଭୁ ତୁମ୍ଭର ପରମେଶ୍ୱର ସେହି ଦେଶସବୁକୁ
ଉଚ୍ଛିନ୍ନ କରିବାକୁ ଯାଉଛନ୍ତି, ଯେଉଁମାନଙ୍କର ଭୂମି ତୁମ୍ଭେ
ଅଧିକାର କରିବା ପାଇଁ ଯାଉଛ। ତା'ପରେ ତୁମ୍ଭେ ସେମାନଙ୍କୁ
ଅଧିକାର କରି ସେମାନଙ୍କ ଦେଶରେ ବାସ କରିବ। 30ସେମାନଙ୍କୁ
ବିନାଶ କଲାପରେ, ତୁମ୍ଭେମାନେ ବହୁତ ସାବଧାନ ହେବା
ଉଚିତ୍। ଯେପରି ସେମାନଙ୍କର ଫାନ୍ଦରେ ପଡ଼ି ସେମାନଙ୍କ
ଦେବଗଣଙ୍କର ପୂଜା ନକର। ସାବଧାନ ହୁଅ ଯେ, ତୁମ୍ଭେ
ସେମାନଙ୍କର ଦେବାତାମାନଙ୍କୁ ଅନୁସନ୍ଧାନ କର ନାହିଁ, ପଚାର
ନାହିଁ ଯେ, 'ସେହି ଗୋଷ୍ଠୀମାନେ କିପରି ସେମାନଙ୍କର
ଦେବତାମାନଙ୍କୁ ପୂଜା କରୁଥିଲେ, ଆମ୍ଭେମାନେ ମଧ୍ୟ ସେପରି
କରିବୁ?' 31ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କ ପାଇଁ
ଏପରି କର ନାହିଁ। ତୁମ୍ଭମାନଙ୍କର ସଦାପ୍ରଭୁଙ୍କର ଉପାସନା
ସେପରି କର ନାହିଁ। କାରଣ ସେ ଲୋକମାନେ ଏପରି
କର୍ମମାନ କରୁଥିଲେ ଯାହାକୁ ସଦାପ୍ରଭୁ ଘୃଣା କରନ୍ତି।
ସେମାନେ ଆପଣା ଦେବତାଗଣଙ୍କ ଉଦ୍ଦେଶ୍ୟରେ ଆପଣାର
ସନ୍ତାନମାନଙ୍କୁ ଅଗ୍ନିରେ ଦଗ୍ଧ କରନ୍ତି।

32"ମୁଁ ଯାହା ତୁମ୍ଭମାନଙ୍କୁ ଆଜ୍ଞା ଦେଉଅଛି, ତାହାସବୁ
ତୁମ୍ଭେମାନେ ପାଳନ କରିବାକୁ ମନୋଯୋଗ କରିବ। ତୁମ୍ଭେମାନେ
ତାହାଠାରୁ କିଛି ଊଣା କରିବ ନାହିଁ କି ତହିଁରେ କିଛି ଅଧିକ
ଯୋଗ କରିବ ନାହିଁ।

## ମିଥ୍ୟାବାଦୀ ଭବିଷ୍ୟଦ୍‌ବକ୍ତା

13 "ଯଦି କୌଣସି ଭବିଷ୍ୟଦ୍‌ବକ୍ତା ଅବା କୌଣସି
ସ୍ୱପ୍ନଦର୍ଶକ ତୁମ୍ଭମାନଙ୍କୁ କୌଣସି ଆଶ୍ଚର୍ଯ୍ୟ କର୍ମମାନ
ଦେଖାଏ ବା କୌଣସି ଚିହ୍ନ ଦେଖାଏ, 2ଆଉ ସେହି ଚିହ୍ନ ଓ
ଆଶ୍ଚର୍ଯ୍ୟକର୍ମ ଯଦି ସଫଳ ହୁଏ, ତୁମ୍ଭେ ସେମାନଙ୍କୁ ଜାଣି
ନାହିଁ, ଏପରି ଅନ୍ୟ ଦେବଗଣଙ୍କ ବିଷୟରେ କହେ, 'ଆସ
ଆମ୍ଭେମାନେ ସେମାନଙ୍କର ପଶ୍ଚାଦ୍‌ଗାମି ହେବା ଓ ସେମାନଙ୍କ
ସେବା କରିବା।' 3ସେହି ଲୋକମାନଙ୍କର କଥା ଶୁଣ ନାହିଁ।
କାରଣ ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କୁ
ଆପଣାର ସମସ୍ତ ଅନ୍ତଃକରଣ ଓ ସମସ୍ତ ପ୍ରାଣ ସହିତ ପ୍ରେମ
କରି ଅଛକି ନାହିଁ, ଏହା ଜାଣିବା ପାଇଁ ସଦାପ୍ରଭୁ ତୁମ୍ଭମାନଙ୍କ

ପରମେଶ୍ୱର ତୁମ୍ଭମାନଙ୍କୁ ପରୀକ୍ଷା କରୁଅଛନ୍ତି। 4ତୁମ୍ଭେମାନେ
ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ପଶ୍ଚାଦଗମନ କରିବ।
ତାହାଙ୍କୁ ଭୟ କରିବ। ତାହାଙ୍କ ଆଜ୍ଞାସବୁ ପାଳନ କରିବ।
ତାହାଙ୍କ ବାକ୍ୟ ପ୍ରତି ଧ୍ୟାନ ଦେବେ। ତାଙ୍କର ସେବା କରିବ।
ଏବଂ ତାଙ୍କଠାରେ ଆସକ୍ତ ହେବ। 5ତୁମ୍ଭେମାନେ ସେହି
ଭବିଷ୍ୟଦ୍‌ବକ୍ତା ବା ସ୍ୱପ୍ନ ଦର୍ଶକକୁ ପ୍ରାଣ ଦଣ୍ଡ ଦେବା ଉଚିତ୍।
କାରଣ ସେହି ବ୍ୟକ୍ତିଟି ମୋର ଲୋକମାନଙ୍କୁ ପରମେଶ୍ୱରଙ୍କ
ବିରୁଦ୍ଧରେ ବିଦ୍ରୋହ କରିବା ପାଇଁ ପ୍ରତାରିତ କଲା, ଯିଏକି
ତୁମ୍ଭମାନଙ୍କୁ ମିଶର ଦେଶରୁ ବାହାର କରି ଆଣିଲେ ଓ
ଦାସତ୍ୱରୁ ତୁମ୍ଭମାନଙ୍କୁ ମୁକ୍ତ କଲେ। ସେହି ବ୍ୟକ୍ତିଟି ତୁମ୍ଭକୁ
ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କଠାରୁ ଦୂରକୁ ନେବାକୁ ଚେଷ୍ଟା
କରୁଛି। ଯାହା ସେ ତୁମ୍ଭମାନଙ୍କୁ ଅନୁସରଣ କରିବା ପାଇଁ
ନିର୍ଦ୍ଦେଶ ଦେଲେ। ଏହି ଉପାୟରେ ତୁମ୍ଭ ମଧ୍ୟରେ ଥିବା
କୁକର୍ମ ଦୂର କରିପାରିବ।

6"ଧରିଯାଉ ତୁମ୍ଭମାନଙ୍କର ନିଜ ଲୋକ, ଏପରିକି ତୁମ୍ଭର
ନିଜ ଭାଇ, ତୁମ୍ଭର ପୁତ୍ର ବା କନ୍ୟା, ତୁମ୍ଭର ସ୍ତ୍ରୀ କିଅବା
ଅନ୍ତରଙ୍ଗ ବନ୍ଧୁ ଏହା କହି ତୁମ୍ଭକୁ ପ୍ରଲୋଭିତ କରିବାକୁ
ଚେଷ୍ଟାକରେ, 'ଚାଲ ଅନ୍ୟ ଦେବଗଣଙ୍କର ପୂଜା କରିବା।'
ଯେଉଁ ଦେବତାଗଣଙ୍କୁ ତୁମ୍ଭେମାନେ କିଅବା ତୁମ୍ଭମାନଙ୍କର
ପୂର୍ବପୁରୁଷ ଜାଣି ନାହାଁନ୍ତି। 7ତୁମ୍ଭମାନଙ୍କର ଚତୁର୍ଦ୍ଦିଗସ୍ଥ ନିକଟବର୍ତ୍ତୀ
ବା ତୁମ୍ଭଠାରୁ ଦୂରବର୍ତ୍ତୀ ପୃଥିବୀର ଏକ ପ୍ରାନ୍ତରୁ ଅନ୍ୟପ୍ରାନ୍ତ
ପର୍ଯ୍ୟନ୍ତ। 8ସେହି ବ୍ୟକ୍ତିର କଥା ତୁମ୍ଭେମାନେ ଶୁଣିବା ଉଚିତ୍
ନୁହଁ। ସେମାନଙ୍କ ପାଇଁ ଅନୁକମ୍ପା ଦେଖାଅ ନାହିଁ। ତାଙ୍କୁ
ମୁକ୍ତ ଦିଅନାହିଁ କି ତାଙ୍କୁ ସୁରକ୍ଷା ଦିଅନାହିଁ। 9-10ମାତ୍ର,
ତୁମ୍ଭେ ସେହି ବ୍ୟକ୍ତିକୁ ହତ୍ୟା କରିବ। ତୁମ୍ଭେ ତାଙ୍କୁ
ପଥରରେ ଛେଚି ହତ୍ୟା କରିବ। ତୁମ୍ଭେ ପ୍ରଥମେ ତାଙ୍କୁ
ପଥର ଫିଙ୍ଗିବ। କାହିଁକି ଜାଣ ସେ ତୁମ୍ଭକୁ ସଦାପ୍ରଭୁ ତୁମ୍ଭର
ପରମେଶ୍ୱରଙ୍କ ଠାରୁ ଦୂରେଇ ନେବାକୁ ଚାହାଁନ୍ତି। ଆଉ ସେ
ହେଉଛନ୍ତି ସେହି ସଦାପ୍ରଭୁ ଯିଏକି ତୁମ୍ଭମାନଙ୍କୁ ମିଶର
ଦେଶରୁ ବାହାର କରି ଆଣିଥିଲେ। ଯେଉଁଠାରେ ତୁମ୍ଭେମାନେ
ଦାସପରି ଥିଲ। 11ତେଣୁ ସମସ୍ତ ଇଶ୍ରାୟେଲୀୟମାନେ ଏ
ବିଷୟରେ ଶୁଣିବେ ଓ ଭୟଭୀତ ହେବେ। ଆଉ
ଇଶ୍ରାୟେଲୀୟମାନେ ଏପରି ପୁନର୍ବାର ଦୁଷ୍କର୍ମ କରିବାକୁ ସାହସ
କରିବେ ନାହିଁ।

## ସହରଗୁଡ଼ିକ ଧ୍ୱଂସ ହେବ

12"ହୁଏତ ତୁମ୍ଭେମାନେ ତୁମ୍ଭମାନଙ୍କର ଏକ ନଗର ବିଷୟରେ
ଖରାପ କଥା ଶୁଣିଥାଏ। ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭକୁ
ବାସ କରିବା ପାଇଁ ଦେବାକୁ ଯାଉଛନ୍ତି। 13କେତେକ ମନ୍ଦ
ଲୋକ କହି ପାରନ୍ତି, 'ଆସ ଆମ୍ଭେ ଅନ୍ୟ ଦେବତାମାନଙ୍କର
ସେବା କରିବା।' ଏହା କହି ସେମାନେ ସେମାନଙ୍କ ନଗର
ନିବାସୀମାନଙ୍କୁ ପ୍ରଲୋଭିତ କରି ପାରନ୍ତି। (ଏହିସବୁ ଦେବତାମାନଙ୍କୁ
ତୁମ୍ଭେମାନେ କେବେ ଜାଣି ନଥିଲ)। 14ତେବେ ତୁମ୍ଭେ
ବୁଝିବ, ଖୋଜିବ, ଭଲରୂପେ ପଚାରି ବୁଝିବ। ଯଦି ତାହା
ସତ୍ୟ ହୁଏ ଓ ତୁମ୍ଭ ମଧ୍ୟରେ ଏପରି ଘୃଣ୍ୟ କର୍ମ କରାଯାଇ
ଅଛି, 15ତେବେ ତୁମ୍ଭେ ନିଶ୍ଚୟ ସେହି ନଗର ନିବାସୀଙ୍କୁ
ଖଣ୍ଡାରେ ଆଘାତ କରିବ। ପୁଣି ନଗର ଓ ତହିଁ ମଧ୍ୟସ୍ଥିତ
ସମୁଦାୟ ଓ ତହିଁର ପଶୁମାନଙ୍କୁ ଖଣ୍ଡା ଧାରରେ ବର୍ଜ୍ଜିତ
ରୂପେ ଧ୍ୱଂସ କରିବ। 16ଆଉ ତୁମ୍ଭେମାନେ ତହିଁର ଲୁଣ୍ଠିତ
ଦ୍ରବ୍ୟ ସବୁ ନଗର ମଧ୍ୟରେ ସଂଗ୍ରହ କରି ଓ ନେଇଯାଅ,
ସେହି ନଗରକୁ ସେଥି ମଧ୍ୟରେ ଥିବା ସମସ୍ତ ସାମଗ୍ରିକୁ
ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଦଗ୍ଧ କର।
ସେହି ସହର ସବୁଦିନ ପାଇଁ ଧ୍ୱଂସ ହେବା ଉଚିତ୍। ଆଉ
ଏହା ପୁନଃନିର୍ମିତ ହେବା ଉଚିତ୍ ନୁହେଁ। 17ସେହି ଦ୍ରବ୍ୟରୁ
ଯାହା ଧ୍ୱଂସ ହେବା ଉଚିତ୍, ତୁମ୍ଭେମାନେ କିଛି ସଂଗ୍ରହ କରିବା
ଉଚିତ୍ ନୁହଁ। ଏଥିରେ ସଦାପ୍ରଭୁ ଆପଣା ପ୍ରଚଣ୍ଡ କ୍ରୋଧରୁ
ଫେରିବେ ଓ ତୁମ୍ଭପ୍ରତି କରୁଣା କରିବେ ଏବଂ ତୁମ୍ଭର ସଂଖ୍ୟା
ବଢ଼ାଇବେ। ଯେପରି ସେ ତୁମ୍ଭମାନଙ୍କର ପୂର୍ବପୁରୁଷଗଣଙ୍କୁ
ପ୍ରତିଜ୍ଞା କରିଥିଲେ। 18ଯଦି ତୁମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱରଙ୍କ
ଆଜ୍ଞା ମାନ ତାହା ମୁଁ (ମୋଶା) ତୁମ୍ଭମାନଙ୍କୁ ଆଜି ଦେଉଛି
ଏବଂ ତାଙ୍କ ଦୃଷ୍ଟିରେ ଯାହା ଠିକ୍ ତାହା କର। ତାହେଲେ
ସେ ଯାହା ପ୍ରତିଜ୍ଞା କଲେ ତାହା କରିବେ।

## ଇଶ୍ରାୟେଲ ସଦାପ୍ରଭୁଙ୍କର ସ୍ୱତନ୍ତ୍ର ଲୋକ

14 "ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କ
ସନ୍ତାନ, ଯେତେବେଳେ ଜଣେ ମରିଯାଉଛି ତୁମ୍ଭର
ଦୁଃଖ ଜଣାଇବା ପାଇଁ ତୁମ୍ଭେ ତୁମ୍ଭର ଶରୀର କାଟି ପକାଇବ
ନାହିଁ କିଅବା ଭ୍ରୂଲତାର ମଧ୍ୟସ୍ଥଳ କ୍ଷୌର ହେବ ନାହିଁ।
2କାହିଁକି ଜାଣ, କାରଣ ତୁମ୍ଭେମାନେ ଅନ୍ୟ ଲୋକମାନଙ୍କଠାରୁ
ଭିନ୍ନ। ତୁମ୍ଭେମାନେ ସଦାପ୍ରଭୁଙ୍କର ପବିତ୍ର ଲୋକ। ପୃଥିବୀର
ସମସ୍ତ ଲୋକମାନଙ୍କ ମଧ୍ୟରୁ ସେ ତୁମ୍ଭକୁ ପସନ୍ଦ କରିଛନ୍ତି।

## ଏହି ଖାଦ୍ୟ ଇଶ୍ରାୟେଲୀୟମାନଙ୍କର ଭୋଜନ ପାଇଁ ଅନୁମତି

3"ସଦାପ୍ରଭୁଙ୍କର ଘୃଣ୍ୟଦ୍ରବ୍ୟ ତୁମ୍ଭେମାନେ ଭକ୍ଷଣ କରିବ
ନାହିଁ। 4ତୁମ୍ଭେମାନେ ଏହି ସକଳ ପଶୁଗଣ ଭୋଜନ କରିପାରିବ।
ଯଥା: ଗାଇ, ମେଣ୍ଢା ଓ ଛେଳି। 5ହରିଣ, କୃଷ୍ଣସାର ମୃଗ,
ବନଗୋରୁ, ବନଛାଗ, ଗବୟ, ବାହୁଟିଆ ହରିଣ ଓ ଚମରି
ଗାଈ। 6ପଶୁଗଣ ମଧ୍ୟରୁ ଯେତେ ପଶୁଙ୍କର ବିଭକ୍ତ ଖୁରା ଓ
ଦ୍ୱିଖଣ୍ଡ ଖୁରା ବିଶିଷ୍ଟ ଓ ପାକୁଳି କରନ୍ତି, ସେସବୁ ତୁମ୍ଭେମାନେ
ଭୋଜନ କରିବ। 7ତୁମ୍ଭେମାନେ ଓଟ, ଠେକୁଆ କିମ୍ବା
ଶାଫନ୍‌ମାନଙ୍କୁ ଖାଇବ ନାହିଁ। ସେମାନେ ପାକୁଳି କରନ୍ତି,
କିନ୍ତୁ ସେମାନଙ୍କର ଖୁରା ଦୁଇଫାଳ ବିଶିଷ୍ଟ। ତେଣୁ ସେହି
ପଶୁଗୁଡ଼ିକ ଖାଦ୍ୟ ତୁମ୍ଭମାନଙ୍କ ପାଇଁ ଅପବିତ୍ର। 8ତୁମ୍ଭେମାନେ
ଘୁଷୁରି ଖାଇବା ଉଚିତ୍ ନୁହଁ। କାରଣ ତାଙ୍କର ଖୁରା
ଦୁଇଫାଳ ବିଶିଷ୍ଟ କିନ୍ତୁ ସେମାନେ ପାକୁଳି କରନ୍ତି ନାହିଁ।
ତେଣୁ ତୁମ୍ଭମାନଙ୍କ ପାଇଁ ଘୁଷୁରି ଅପବିତ୍ର ଅଟେ। ଏପରିକି
ମୃତ ଘୁଷୁରୀର ଶବକୁ ଛୁଅଁ ନାହିଁ।

9"ତୁମ୍ଭେମାନେ କାତିଥିବା ବା ଡ଼େଣା ଥିବା ମାଛ
ଖାଇପାରିବ। 10କିନ୍ତୁ ଜଳରେ ବାସ କରୁଥିବା ଜୀବ
ଯେଉଁମାନଙ୍କର ଡ଼େଣା ବା କାତି ନାହିଁ, ସେଗୁଡ଼ିକୁ ଖାଅ
ନାହିଁ, କାରଣ ସେଗୁଡ଼ିକ ତୁମ୍ଭମାନଙ୍କ ପାଇଁ ଅଶୁଚି ଅଟେ।

11"ତୁମ୍ଭେମାନେ ଶୁଚି ଯେ କୌଣସି ପକ୍ଷୀ ଭୋଜନ
କରିପାରିବ। 12କିନ୍ତୁ ତୁମ୍ଭେମାନେ ଏହି ପକ୍ଷୀମାନଙ୍କୁ ଭୋଜନ
କରିବନାହିଁ ଯଥା: ଉତ୍କ୍ରୋଶ ହାଡ଼ଭଙ୍ଗା ଓ ବହୀରି, 13ଗୃଧ୍ର,

ଚିଲ, ବାଜ, 14ଆପଣା ଜାତି ଅନୁସାରେ ସମସ୍ତ ଡ଼ାମରା
କାଉ, 15ଓଟ ପକ୍ଷୀ, ତାମସ ପକ୍ଷୀ, ସମୁଦ୍ର ଚିଲ ଓ ଆପଣା
ଜାତି ଅନୁସାରେ ଛଞ୍ଚାଣ, 16କୋଷପକ୍ଷୀ, ବଗ ଓ ଦୀର୍ଘ-ଗଳ
ହଂସ, 17ପାଣି ଭେଳା, ଶାଗୁଣା ଓ ପାଣିକୁଆ, 18ଚରଳ,
କଙ୍କ, ଟିଟ୍ଟିଭ, ଚାମଚିକା।

19"ଗମନକାରୀ ପକ୍ଷବାନ ଜନ୍ତୁ ସକଳ ତୁମ୍ଭମାନଙ୍କ ପାଇଁ
ଅଶୁଚି। ସେମାନଙ୍କୁ ଖାଇବ ନାହିଁ। 20ତୁମ୍ଭେମାନେ ସମସ୍ତ
ଶୁଚି ପକ୍ଷୀକି ଭୋଜନ କରିପାରିବ।

21"ଆପେ ଆପେ ମରିଯାଇଥିବା କୌଣସି ମୃତ ପ୍ରାଣୀର
ମାଂସ ଭକ୍ଷଣ କରିବ ନାହିଁ। ତୁମ୍ଭେମାନେ ଏହାକୁ ବିଦେଶୀମାନଙ୍କୁ
ଭୋଜନ ପାଇଁ ଦେଇପାର, କିଅବା ବିଦେଶୀକୁ ତାହା ବିକ୍ରୟ
କରିପାର। କାରଣ ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱରଙ୍କର ପବିତ୍ର ଲୋକ।

"ତୁମ୍ଭେମାନେ କେବେ ବି ଛାଗବତ୍ସକୁ ତା'ର ମାତାର
ଦୁଗ୍ଧରେ ରୋଷେଇ କରିବ ନାହିଁ।

## ଦଶମାଂଶ ଦେବ

22"ପ୍ରତ୍ୟେକ ବର୍ଷ ଆପଣା କ୍ଷେତ୍ରରୁ ଉତ୍ପନ୍ନ ଶସ୍ୟର
ଦଶମାଂଶ ସାଇତି ରଖିବ। 23ଏହିସବୁ ପରେ ସଦାପ୍ରଭୁ ତୁମ୍ଭ
ପରମେଶ୍ୱର ଆପଣା ନାମର ଉପାସନା ନିମନ୍ତେ ଯେଉଁସ୍ଥାନ
ମନୋନୀତ କରିଛନ୍ତି ସେହି ସ୍ଥାନକୁ ଯାଅ। ସେହି ସ୍ଥାନରେ
ତୁମ୍ଭ ଶସ୍ୟର ଦ୍ରାକ୍ଷାରସର ଓ ତୈଳର ଏକ ଦଶମାଂଶ ଦେବା
ଉଚିତ୍ ଓ ତୁମ୍ଭ ପଶୁର ପ୍ରଥମଜାତ ତୁମ୍ଭେମାନେ ସଦାପ୍ରଭୁଙ୍କ
ସମ୍ମୁଖରେ ଭୋଜନ କରିବା ଉଚିତ୍। ଏହିପରି ତୁମ୍ଭେ ସଦାପ୍ରଭୁ
ଆପଣା ପରମେଶ୍ୱରଙ୍କୁ ସର୍ବଦା ଭୟ କରିବା ପାଇଁ ଶିକ୍ଷା
କରିବ। 24ଯଦି ତୁମ୍ଭେ ସେହି ସ୍ଥାନରୁ ଦୂରରେ ବାସ କର
ଏବଂ ସମସ୍ତ ଦ୍ରବ୍ୟ ସହିତ ସେଠାକୁ ଯିବାକୁ ସହଜ ନ ହୁଏ
ଯେଉଁଠାରେ ସେ ତୁମ୍ଭକୁ ଆଶୀର୍ବାଦ କରିଛନ୍ତି କାରଣ ଏହା
ସେହି ସ୍ଥାନଠାରୁ ବହୁତ ଦୂର ଯେଉଁଠାରେ ସଦାପ୍ରଭୁ ତୁମ୍ଭର
ପରମେଶ୍ୱର ତାଙ୍କର ନାମ ସ୍ଥାପନ କରିବା ପାଇଁ ପସନ୍ଦ
କରନ୍ତି। 25ତେବେ ତୁମ୍ଭେମାନେ ସେହି ଶସ୍ୟସବୁକୁ ଟଙ୍କା
ଆକାରରେ ସେହି ଟଙ୍କା ବାନ୍ଧି ଆପଣା ହାତରେ ନେଇ
ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ମନୋନୀତ ସ୍ଥାନକୁ ଯିବ।
26ତୁମ୍ଭେ ଯାହା ଇଚ୍ଛା କର, ଗୋରୁ, ଛେଳି, ଦ୍ରାକ୍ଷାରସ,
କିଅବା ଯାହାକିଛି ତୁମ୍ଭ ପ୍ରାଣ ତୁମ୍ଭଠାରୁ ଚାହେଁ ତହିଁ ପାଇଁ
ତୁମ୍ଭେ ସେହି ଟଙ୍କା ଦେବ। ତୁମ୍ଭେମାନେ ସେଠାରେ ସଦାପ୍ରଭୁ
ତୁମ୍ଭ ପରମେଶ୍ୱରଙ୍କ ସମ୍ମୁଖରେ ଭୋଜନ କରି ତୁମ୍ଭେ ଓ ତୁମ୍ଭ
ପରିବାର ଆନନ୍ଦ କରିବ। 27କିନ୍ତୁ ଏକଥା ଭୁଲିଯାଅ ନାହିଁ
ଯେ ଆପଣା ନଗର ଦ୍ୱାରବର୍ତ୍ତୀ ଲେବୀୟ ଲୋକକୁ ତ୍ୟାଗ
କରିବ ନାହିଁ, କାରଣ ସେ ତୁମ୍ଭ ସଙ୍ଗରେ କୌଣସି ଅଧିକାର
ପାଇନାହିଁ। ତେଣୁ ତୁମ୍ଭେ ଖାଦ୍ୟରେ ତାଙ୍କୁ ଭାଗ ଦେବ।

28"ପ୍ରତି ତୃତୀୟ ବର୍ଷର ଶେଷରେ ତୁମ୍ଭେ ସେହି ବର୍ଷରେ
ଉତ୍ପନ୍ନ ଆପଣା ଶସ୍ୟାଦିର ସମସ୍ତ ଦଶମାଂଶ ବାହାର କରିଆଣି
ଆପଣା ନଗରଦ୍ୱାର ଭିତରେ ସଞ୍ଚୟ କରି ରଖିବ। 29ଏହି
ଖାଦ୍ୟ ସକଳ ସେହି ଲେବୀୟ ଲୋକମାନଙ୍କର, କାରଣ
ସେମାନଙ୍କର କୌଣସି ନିଜସ୍ୱ ସମ୍ପତ୍ତି ନାହିଁ। ଏହି ଖାଦ୍ୟ
ମଧ୍ୟ ଅନ୍ୟ ଲୋକମାନଙ୍କ ପାଇଁ ବିଦେଶୀମାନଙ୍କ ପାଇଁ
ପିତୃହୀନ ଓ ବିଧବାମାନେ ଆସି ଭୋଜନ କରି ତୃପ୍ତ
ହେବେ। ତହିଁରେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭ ହସ୍ତକୃତ
ସମସ୍ତ କର୍ମରେ ତୁମ୍ଭକୁ ଆଶୀର୍ବାଦ କରିବେ।

## ଋଣ ଛାଡ଼ର ବିଶେଷ ବର୍ଷ

15 "ପ୍ରତି ସାତବର୍ଷର ଶେଷରେ, ତୁମ୍ଭେମାନେ ସମସ୍ତ
ଋଣ ଛାଡ଼ କରିଦେବ। 2ଏହାର ବ୍ୟବସ୍ଥା ଏହିପରି
ହେବ ଯେ କେହି ଯିଏ କି ଆପଣା ପ୍ରତିବେଶୀକୁ କରଜ
ଦେଇଛି ତାହା ସେ ଛାଡ଼ କରି ଦେବ। ସେ ତା'ର
ପଡୋଶୀଙ୍କୁ ଋଣ ପରିଶୋଧ ନିମନ୍ତେ ପଚାରିବା ଉଚିତ୍ ନୁହେଁ।
କାରଣ ସଦାପ୍ରଭୁଙ୍କ ବ୍ୟବସ୍ଥା ଅନୁଯାୟୀ ସେ ଏହାକୁ ଋଣ
ଛାଡ଼ର ବର୍ଷ ଘୋଷଣା କରିଛନ୍ତି। 3ତୁମ୍ଭେମାନେ ବିଦେଶୀମାନଙ୍କ
ଠାରୁ ଏହି ଋଣ ପରିଶୋଧ କରିପାରିବ କିନ୍ତୁ ଆପଣା ଭାଇ
ଇଶ୍ରାୟେଲୀୟବାସୀଙ୍କୁ ତାହା ଛାଡ଼ କରିଦେବ। 4ତଥାପି ତୁମ୍ଭ
ଦେଶରେ କେହି ଗରିବ ହେବେ ନାହିଁ। କାରଣ ସଦାପ୍ରଭୁ
ତୁମ୍ଭମାନଙ୍କୁ ଏହି ଦେଶ ଦେଇଛନ୍ତି। ଏବଂ ସଦାପ୍ରଭୁ ତୁମ୍ଭମାନଙ୍କୁ
ଅନ୍ତରଭରା ଆଶୀର୍ବାଦ କରିଛନ୍ତି। 5କିନ୍ତୁ ଏପରି ହେବ ଯଦି
ତୁମ୍ଭେମାନେ ସଦାପ୍ରଭୁ ପରମେଶ୍ୱରଙ୍କର ଆଜ୍ଞା ଓ ବିଧିମାନ
ପାଳନ କରି ଚାଲିବ। ତୁମ୍ଭେମାନେ ସାବଧାନତା ସହକାରେ ମୁଁ
ଆଜି ତୁମ୍ଭକୁ ଯେଉଁ ଆଜ୍ଞା ବିଧି କହୁଛି ତାହା ପାଳନ
କରିବ। 6ତେବେ ତାଙ୍କର ପ୍ରତିଜ୍ଞା ଅନୁସାରେ ତୁମ୍ଭର
ସଦାପ୍ରଭୁ ପରମେଶ୍ୱର ତୁମ୍ଭମାନଙ୍କୁ ଆଶୀର୍ବାଦ କରିବେ। ଏବଂ
ତୁମ୍ଭେମାନେ ଅନେକ ଗୋଷ୍ଠୀମାନଙ୍କୁ ଋଣ ଦେବ, ମାତ୍ର ତୁମ୍ଭେ
ଋଣ କରିବ ନାହିଁ। ତୁମ୍ଭେମାନେ ଅନ୍ୟ ଗୋଷ୍ଠୀମାନଙ୍କୁ ଶାସନ
କରିବ ମାତ୍ର ତୁମ୍ଭ ଉପରେ କେହି ଶାସନ କରି ପାରିବେ
ନାହିଁ।

7"ଯେତେବେଳେ ତୁମ୍ଭେମାନେ ତୁମ୍ଭମାନଙ୍କର ସଦାପ୍ରଭୁ
ପରମେଶ୍ୱରଙ୍କ ଦତ୍ତ ଦେଶରେ ବାସ କରିବ, ସେତେବେଳେ
ତୁମ୍ଭମାନଙ୍କ ମଧ୍ୟରେ ଥିବା ଦରିଦ୍ର ଲୋକମାନଙ୍କୁ ଦୟା
କରିବ, ତୁମ୍ଭେମାନେ ସ୍ୱାର୍ଥପର ହେବ ନାହିଁ। ତୁମ୍ଭେମାନେ
ସେମାନଙ୍କୁ ସାହାଯ୍ୟ କରିବାକୁ ମନା କରିବ ନାହିଁ। 8ତୁମ୍ଭେ
ସେମାନଙ୍କ ପ୍ରତି କୃପା ଦୃଷ୍ଟି ରଖିବ, ତାହାର ପ୍ରୟୋଜନ
ଅନୁସାରେ ତୁମ୍ଭେ ତାଙ୍କୁ ଯଥେଷ୍ଟ ରୂପେ ଋଣ ଦେବ।

9"ଏପରି କାହାକୁ ଋଣ ଦେବାକୁ ମନା କର ନାହିଁ,
ଯେହେତୁ ଋଣ କ୍ଷମାର ବର୍ଷ ନିକଟବର୍ତ୍ତୀ ହୋଇଗଲାଣି
ବୋଲି। ତୁମ୍ଭମାନଙ୍କ ମଧ୍ୟରେ ଏପରି ମନ୍ଦ କଳ୍ପନା ରହିବା
ଉଚିତ୍ ନୁହେଁ। ସାବଧାନ ହୁଅ, ଗୋଟିଏ ନିଃସ୍ୱ ଲୋକ ପ୍ରତି
କୃପଣ ହୁଅ ନାହିଁ! କାରଣ ଯଦି ସେହି ବ୍ୟକ୍ତି ତୁମ୍ଭ
ପ୍ରତିକୂଳରେ ସଦାପ୍ରଭୁଙ୍କୁ ଡ଼ାକେ, ତେବେ ତୁମ୍ଭକୁ ପାପରେ
ଦୋଷୀ ବୋଲି ବିବେଚନା କରାଯିବ।

10"ତୁମ୍ଭେମାନେ ନିଶ୍ଚିତ ଭାବରେ ହୃଦୟର ସହିତ ତାଙ୍କୁ
ଦେବା ଉଚିତ୍। ତାଙ୍କୁ ଦେବାବେଳେ ତୁମ୍ଭେ କୁଣ୍ଠିତ ହେବା
ଉଚିତ୍ ନୁହେଁ। କାରଣ ସେହି କର୍ମ ହେତୁ ସଦାପ୍ରଭୁ ତୁମ୍ଭ
ପରମେଶ୍ୱର ତୁମ୍ଭର ସମସ୍ତ କର୍ମରେ ଓ ତୁମ୍ଭେ ଯେଉଁ
ବିଷୟରେ ଧ୍ୟାନ ଦିଅ, ସଦାପ୍ରଭୁ ସେଥିରେ ତୁମ୍ଭକୁ ଆଶୀର୍ବାଦ
କରିବେ। 11ଦେଶରେ ସର୍ବଦା ଗରିବ ଲୋକ ରହିବେ।
ଯେଉଁଥିପାଇଁ ଆମ୍ଭେ ତୁମ୍ଭକୁ ଆଜ୍ଞା ଦେଇ କହୁଛୁ, ତୁମ୍ଭେମାନେ

ତୁମ୍ଭର ଦରିଦ୍ର ଭାଇମାନଙ୍କୁ ନିଶ୍ଚୟ ସାହାଯ୍ୟ କରିବ। ତାଙ୍କର
ଆବଶ୍ୟକତା ଅନୁସାରେ ସେମାନଙ୍କୁ ସାହାଯ୍ୟ କର।

### କ୍ରୀତଦାସମାନଙ୍କୁ ମୁକ୍ତ କରିଦେବା

12"ତୁମ୍ଭେମାନେ ତୁମ୍ଭମାନଙ୍କର ସେବା କରିବା ପାଇଁ
ଯେଉଁ ଏବ୍ରୀୟ ଲୋକ ବା ମହିଳାମାନଙ୍କୁ କ୍ରୀତଦାସ ଭାବେ
କିଣିଥିବ। ତୁମ୍ଭେମାନେ ସେମାନଙ୍କୁ ଛଅ ବର୍ଷ ରଖିପାରିବ।
କିନ୍ତୁ ସପ୍ତମବର୍ଷ ତୁମ୍ଭେ ସେମାନଙ୍କୁ ନିଶ୍ଚୟ ମୁକ୍ତ କରିବ।
13କିନ୍ତୁ ତୁମ୍ଭେମାନେ ଯେତେବେଳେ ତୁମ୍ଭର କ୍ରୀତଦାସମାନଙ୍କୁ
ମୁକ୍ତ କରିବ, ସେତେବେଳେ ସେମାନଙ୍କୁ ମୁକ୍ତ ହସ୍ତରେ
ଯିବାକୁ ଦେବନାହିଁ। 14ତୁମ୍ଭେମାନେ ସେମାନଙ୍କୁ ତୁମ୍ଭମାନଙ୍କର
ପଶୁ ମଧ୍ୟରୁ କିଛି, କିଛି ଶସ୍ୟ ଏବଂ କିଛି ଦ୍ରାକ୍ଷାରସ
ସେମାନଙ୍କୁ ଦେବା ଉଚିତ୍। ସଦାପ୍ରଭୁ ତୁମ୍ଭମାନଙ୍କୁ ଆଶୀର୍ବାଦ
କରିଥିବା ଦ୍ରବ୍ୟରୁ କିଛି ନିଶ୍ଚିତ ଭାବରେ ସେମାନଙ୍କୁ ଦେବା
ଉଚିତ୍। 15ମନେରଖ, ଯେ ତୁମ୍ଭେମାନେ ମିଶର ଦେଶରେ
ସମ୍ପୂର୍ଣ୍ଣ ଭାବରେ ଦାସରୂପେ ଥିଲ। ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ତୁମ୍ଭମାନଙ୍କୁ ମୁକ୍ତ କଲେ। ଏଥିପାଇଁ ମୁଁ ତୁମ୍ଭକୁ
ଏହି ଆଜ୍ଞା ଦେଉଅଛି।

16"କିନ୍ତୁ ଏପରି ହୋଇପାରେ କୌଣସି ଦାସ ତୁମ୍ଭକୁ
ଏପରି କହିପାରେ, 'ମୁଁ ତୁମ୍ଭକୁ ଛାଡ଼ିଯିବି ନାହିଁ।' ସେପରି
କହିପାରେ କାରଣ ସେ ତୁମ୍ଭ ନିକଟରେ ସୁଖରେ ଥାଇପାରେ।
ସେ ତୁମ୍ଭକୁ ଓ ତୁମ୍ଭ ପରିବାରକୁ ସ୍ନେହ କରୁଥାଏ। 17ତେବେ
ତୁମ୍ଭେ ଏକ ବିନ୍ଧଣୀ ନିଅ ଓ କବାଟ ଉପରେ ତାହାର
କର୍ଣ୍ଣକୁ ଫୋଡ। ତହିଁରେ ସେ ସବୁଦିନ ତୁମ୍ଭର ଦାସ ହୋଇ
ରହିବ। ପୁଣି ତୁମ୍ଭେ ଆପଣା ଦାସୀପ୍ରତି ଠିକ୍ ଏହିପରି କରିବା
ଉଚିତ୍।

18"ତୁମ୍ଭେ ତାହାକୁ ମୁକ୍ତ କରି ବିଦାୟ କରିବାବେଳେ
ଏହା ତୁମ୍ଭ ଦୃଷ୍ଟିରେ କଠିନ ବୋଧ ନ ହେଉ। କାରଣ ସେ
ଛଅବର୍ଷ ଭିତରେ ଏକ ବେତନଜୀବିର ଦ୍ୱିଗୁଣ ବେତନର
ଦାସ୍ୟକର୍ମ କରିଅଛି। ତହିଁରେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର
ତୁମ୍ଭର ସକଳ କାର୍ଯ୍ୟରେ ତୁମ୍ଭକୁ ଆଶୀର୍ବାଦ କରିବେ।

### ପ୍ରଥମଜାତ ସନ୍ତାନଙ୍କ ପାଇଁ ନିୟମ

19"ତୁମ୍ଭେମାନେ ଆପଣା ଗୋରୁ ପଲରୁ ଓ ମେଷ ପଲରୁ
ଜନ୍ମ ହୋଇଥିବା ପ୍ରଥମ ଅଣ୍ଡିରା ଛୁଆକୁ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ପବିତ୍ର କରିବ। ତୁମ୍ଭେମାନେ
ତୁମ୍ଭମାନଙ୍କର ଗୋରୁପଲର ପ୍ରଥମ ଜାତକ ଦ୍ୱାରା କିଛି କର୍ମ
କରିବ ନାହିଁ। ମେଷପଲର ପ୍ରଥମଜାତ ସନ୍ତାନମାନଙ୍କର
ଲୋମ ଛେଦନ କରିବ ନାହିଁ। 20ସଦାପ୍ରଭୁ ଯେଉଁ ସ୍ଥାନ
ମନୋନୀତ କରିବେ, ସେହି ସ୍ଥାନରେ ତୁମ୍ଭେ ତୁମ୍ଭର ପରିବାର
ସହିତ ପ୍ରତିବର୍ଷ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଉପସ୍ଥିତିରେ
ତାହା ଭୋଜନ କରିବ।

21"ଯଦି ସେହି ପଶୁଠାରେ କୌଣସି ଖୁଣ ଥାଏ, ଯଥା
ସେ ଯଦି ଛୋଟା, କଣା କିମ୍ବା ସେ ଯଦି କୌଣସି ମନ୍ଦ
ଖୁଣ ଯୁକ୍ତ ଥାଏ ତେବେ ତୁମ୍ଭେ ତାକୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ବଳିଦାନ କରିପାରିବ ନାହିଁ। 22କିନ୍ତୁ ନିଜ ଫାଟକ ଭିତରେ
ତୁମ୍ଭେମାନେ ତାକୁ ଭୋଜନ କରିପାରିବ। ଶୁଚି ଓ ଅଶୁଚି
ଲୋକ ସମସ୍ତେ ଭୋଜନ କରି ପାରନ୍ତି। କୃଷ୍ଣସାର ଓ ହରିଣ
ମାଂସ ଭୋଜନ କରିବାର ନିୟମ ଯାହା ଏହି ମାଂସ ଭୋଜନ
କରିବାର ନିୟମ ଠିକ୍ ତାହା। 23ତୁମ୍ଭେମାନେ କେବଳ ତା'ର
ରକ୍ତ ଭୋଜନ କରିପାରିବ ନାହିଁ। ତୁମ୍ଭେମାନେ ଜଳପରି
ତାହାକୁ ଭୂମିରେ ଢାଳି ଦେବ।

### ନିସ୍ତାର ପର୍ବ

16 "ଆବୀବ ମାସର ପର୍ବକୁ ରଖ, ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱରଙ୍କୁ ସମ୍ମାନ ଦେବା ପାଇଁ ନିସ୍ତାର ପର୍ବ
ପାଳନ କର। କାରଣ ଆବୀବ ମାସରେ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ତୁମ୍ଭମାନଙ୍କୁ ରାତ୍ରିକାଳରେ ମିଶରରୁ ବାହାର
କରିଆଣିଲେ। 2ତୁମ୍ଭେ ନିସ୍ତାର ପର୍ବୀୟ ନୈବେଦ୍ୟ ପାଇଁ
ଗୋମେଷାଦି ପଲରୁ ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କୁ ଦେବ,
ଯେଉଁଠାରେ ସେ ତାଙ୍କର ନାମ ସ୍ଥାପନ ପାଇଁ ପସନ୍ଦ
କରିଛନ୍ତି। 3ତୁମ୍ଭେମାନେ ଏହି ପର୍ବରେ ଖମିର ଭୋଜନ
କରିବା ଉଚିତ୍ ନୁହଁ। ସାତଦିନ ପର୍ଯ୍ୟନ୍ତ ତୁମ୍ଭେମାନେ 'ତାଡ଼ି
ଶୂନ୍ୟ ରୋଟୀ' ଭୋଜନ କରିବା ଉଚିତ୍, ଗରିବର ରୋଟୀ।
କାରଣ ତରବରି ହୋଇ ତୁମ୍ଭେମାନେ ମିଶର ଦେଶ ପରିତ୍ୟାଗ
କଲ। ଏହିପରି ଭାବରେ ତୁମ୍ଭ ଜୀବନ ସାରା ମିଶର ଦେଶରୁ
ଆସିଥିବା କଥା ମନେ ରଖିବ। 4ଏବଂ ସାତଦିନ ତୁମ୍ଭର
ସବୁଆଡ଼େ ତାଡ଼ୀ ଦେଖା ନ ଯାଉ। ପ୍ରଥମ ଦିନର ସନ୍ଧ୍ୟା
ସମୟରେ ତୁମ୍ଭେ ଯେଉଁ ବଳି ଉତ୍ସର୍ଗ କରିବ, ତହିଁର କିଛି
ମାଂସ ପ୍ରଭାତ ପର୍ଯ୍ୟନ୍ତ ଅବଶିଷ୍ଟ ନ ରହୁ।

5"ସଦାପ୍ରଭୁ ତୁମ୍ଭକୁ ଯେଉଁ ନଗର ଦେବେ ତହିଁର
କୌଣସି ନଗର ମଧ୍ୟରେ ତୁମ୍ଭେମାନେ ନିସ୍ତାରପର୍ବୀୟ ବଳି
ଉତ୍ସର୍ଗ କରିବା ଉଚିତ୍ ନୁହେଁ। 6ମାତ୍ର ସଦାପ୍ରଭୁ ତୁମ୍ଭ
ପରମେଶ୍ୱର ଆପଣା ନାମ ପ୍ରତିଷ୍ଠା କରାଇବା ପାଇଁ ଯେଉଁ
ସ୍ଥାନ ମନୋନୀତ କରିବେ, ସେଠାରେ ନିସ୍ତାର ପର୍ବର ବଳି
ଉତ୍ସର୍ଗ କରିବା ଉଚିତ୍। ସନ୍ଧ୍ୟା ସମୟର, ସୂର୍ଯ୍ୟାସ୍ତବେଳେ
ତୁମ୍ଭେ ତାହା କର। ଠିକ୍ ସେହି ସମୟରେ ତୁମ୍ଭମାନଙ୍କୁ
ମିଶରରୁ ବାହାର କରି ଅଣା ହୋଇଥିଲା। 7ଆଉ ସଦାପ୍ରଭୁ
ତୁମ୍ଭ ପରମେଶ୍ୱର ଯେଉଁ ସ୍ଥାନ ମନୋନୀତ କରିବେ, ସେହି
ସ୍ଥାନରେ ତୁମ୍ଭେ ତାହା ରାନ୍ଧି ଭୋଜନ କରିବ। ତହୁଁ ତୁମ୍ଭେ
ପ୍ରଭାତରେ ଆପଣା ତମ୍ବୁକୁ ଫେରିଯିବ। 8ତୁମ୍ଭେମାନେ ଛଅଦିନ
ତାଡ଼ିଶୂନ୍ୟ ରୋଟୀ ଭୋଜନ କରିବ, ପୁଣି ସପ୍ତମ ଦିନରେ
ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ମହାସଭା ହେବ।
ତହିଁରେ ତୁମ୍ଭେ କୌଣସି କାର୍ଯ୍ୟ କରିବ ନାହିଁ।

### ସପ୍ତାହର ପର୍ବ

9"ତୁମ୍ଭେମାନେ କ୍ଷେତ୍ରର ଶସ୍ୟ ଛେଦନ କରିବାର ସମୟାବଧି
ସାତ ସପ୍ତାହ ଗଣନା କରିବାକୁ ଆରମ୍ଭ କରିବ। 10ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱରଙ୍କ ଆଶୀର୍ବାଦ ଅନୁସାରେ ତୁମ୍ଭେ
ପ୍ରଚୁର ପରିମାଣରେ ଆପଣା ହସ୍ତର ସ୍ୱେଚ୍ଛାଦତ୍ତ ଉପହାର
ଦେଇ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ସପ୍ତାହ
ସମୂହର ଉତ୍ସବ ପାଳନ କରିବ। 11ସଦାପ୍ରଭୁ ତୁମ୍ଭ ପରମେଶ୍ୱର
ଆପଣା ନାମ ପାଇଁ ଯେଉଁ ସ୍ଥାନ ନିର୍ଣ୍ଣୟ କରିବେ, ସେହି
ସ୍ଥାନରେ ତାଙ୍କ ସମ୍ମୁଖରେ ତୁମ୍ଭେ ଓ ତୁମ୍ଭ ପୁତ୍ର ତୁମ୍ଭର

କନ୍ୟା ଓ ତୁମ୍ଭର ଦାସ ଦାସୀ, ତୁମ୍ଭ ନଗର ଦ୍ୱାରର ଲେବୀୟ
ଲୋକ ଓ ତୁମ୍ଭ ମଧ୍ୟରେ ଥିବା ବିଦେଶୀୟ ଲୋକ, ପିତୃହୀନ,
ବିଧବା ସମସ୍ତେ ଆନନ୍ଦ କରିବ। 12ପୁଣି ତୁମ୍ଭେ ଯେ
ମିଶରରେ ଦାସ ଥିଲ, ତାହା ସ୍ମରଣ କରିବ ଓ ତୁମ୍ଭେ ଏହି
ସକଳ ବିଧି ମନୋଯୋଗ କରି ପାଳନ କରିବ।

## କୁଟୀର ପର୍ବ

13"ତୁମ୍ଭେମାନେ ଯେତେବେଳେ ଖଳାରୁ ଶସ୍ୟ ସଂଗ୍ରହ
କରି ସାରିଲା ପରେ ଓ ଯେତେବେଳେ ଆପଣା ଦ୍ରାକ୍ଷାକ୍ଷେତ୍ରରୁ
ସଂଗ୍ରହ କଲାପରେ ସାତଦିନ ପାଇଁ କୁଟୀରପର୍ବ ପାଳନ
କରିବ। 14ଉତ୍ସବ ସମୟରେ ତୁମ୍ଭେ ଓ ତୁମ୍ଭ ପୁତ୍ର, କନ୍ୟା,
ଦାସ, ଦାସୀ, ନଗରଦ୍ୱାରବର୍ତ୍ତୀ ଲେବୀୟ ଲୋକ ଓ ବିଦେଶୀ
ପିତୃହୀନ ଓ ବିଧବା ତୁମ୍ଭେ ସମସ୍ତେ ଆନନ୍ଦ କରିବ।
15ସଦାପ୍ରଭୁଙ୍କର ମନୋନୀତ ସ୍ଥାନରେ ସଦାପ୍ରଭୁ ପରମେଶ୍ୱରଙ୍କ
ଉଦ୍ଦେଶ୍ୟରେ ତୁମ୍ଭେ ସାତଦିନ ଉତ୍ସବ ପାଳନ କରିବ।
କାରଣ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭ ଭୂମିରୁ ଉତ୍ପନ୍ନ
ସମସ୍ତ ଦ୍ରବ୍ୟରେ ଓ ତୁମ୍ଭ ସମସ୍ତ କଠିନ କର୍ମ ପାଇଁ ତୁମ୍ଭକୁ
ଆଶୀର୍ବାଦ କରିବେ। ତେଣୁ ତୁମ୍ଭେ ଆନନ୍ଦିତ ହେବା ଉଚିତ୍।
16"ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଯେଉଁ ସ୍ଥାନ ମନୋନୀତ
କରିବେ, ସେହି ସ୍ଥାନରେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କ
ସମ୍ମୁଖରେ ବର୍ଷକେ ତିନିଥର ତୁମ୍ଭର ପୁରୁଷ ସମସ୍ତେ ନିସ୍ତାର
ପର୍ବ ଓ ସପ୍ତାହ ସମୂହର ପର୍ବ ସମୟରେ ଓ କୁଟୀର ପର୍ବ
ସମୟରେ ମାତ୍ର ସେମାନେ ତୁଚ୍ଛା ହାତରେ ସଦାପ୍ରଭୁଙ୍କ
ସମ୍ମୁଖରେ ଉପସ୍ଥିତ ହେବା ଉଚିତ୍ ନୁହେଁ। 17ସଦାପ୍ରଭୁ ତୁମ୍ଭ
ପରମେଶ୍ୱରଙ୍କର ତୁମ୍ଭ ପ୍ରତି ଦତ୍ତ ଆଶୀର୍ବାଦ ଅନୁସାରେ
ତୁମ୍ଭର ପ୍ରତ୍ୟେକ ଜଣ ଆପଣା ସାଧ୍ୟ ପ୍ରମାଣେ ଦେବ।

## ଲୋକମାନଙ୍କ ପାଇଁ ବିଚାରକର୍ତ୍ତା ଓ ଅଧିକାରୀଗଣ

18"ସଦାପ୍ରଭୁ ତୁମ୍ଭମାନଙ୍କର ଦ୍ୱାରା ଦତ୍ତ ସମସ୍ତ ସହର
ପାଇଁ ବିଚାରକର୍ତ୍ତା ଓ ଅଧିକାରୀମାନଙ୍କୁ ବାଛିବା ଉଚିତ୍।
ପ୍ରତ୍ୟେକ ଗୋଷ୍ଠୀୟ ଏପରି କରିବା ଉଚିତ୍। ଏବଂ ସେହି
ଲୋକମାନେ ସେମାନଙ୍କୁ ଶାସନ କରିବେ ଓ ନ୍ୟାୟ ସୁରକ୍ଷିତ
କରିବେ। 19ତୁମ୍ଭେ ସର୍ବଦା ନ୍ୟାୟବାନ ହେବ। ନ୍ୟାୟରେ
ତୁମ୍ଭେ କାହାର ପକ୍ଷପାତ କରିବ ନାହିଁ। ତୁମ୍ଭେମାନେ ଉତ୍କୋଚ
ନେଇ ଅନ୍ୟାୟ ବିଚାର କରିବ ନାହିଁ। ଟଙ୍କା ଜ୍ଞାନ ଲୋକମାନଙ୍କୁ
ଅନ୍ଧ କରିଦିଏ ଓ ଧାର୍ମୀକମାନଙ୍କର ବାକ୍ୟ ଅନ୍ୟଥା କରେ।
20ଯାହା ସର୍ବୋତ୍ତମଭାବେ, ଯଥାର୍ଥ ତୁମ୍ଭେ ତା'ର ଅନୁଗାମୀ
ହୁଅ। ତହିଁରେ ତୁମ୍ଭେ ବଞ୍ଚିବ ଓ ସଦାପ୍ରଭୁ ତୁମ୍ଭ ପରମେଶ୍ୱର
ଯେଉଁ ଦେଶ ଦିଅନ୍ତି, ତାହା ଅଧିକାର କରିବ।

## ପ୍ରତିମାଗୁଡ଼ିକୁ ପରମେଶ୍ୱର ଘୃଣା କରନ୍ତି

21"ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ
ତୁମ୍ଭେ ଯେଉଁ ଯଜ୍ଞବେଦୀ ନିର୍ମାଣ କରିବ, ତହିଁ ନିକଟରେ
ଆଶେରାର ମୂର୍ତ୍ତିବୋଲି କୌଣସି ପ୍ରକାର କାଠ ସ୍ଥାପନ କରିବ
ନାହିଁ। 22ମୂର୍ତ୍ତିଗୁଡ଼ିକ ସକାଶେ, କୌଣସି କୀର୍ତ୍ତିସ୍ତମ୍ଭ ସ୍ଥାପନ
କରି ନାହିଁ, ଯାହାକୁ ସଦାପ୍ରଭୁ ତୁମ୍ଭର ପରମେଶ୍ୱର ଘୃଣା
କରନ୍ତି।

## କେବଳ ନିଖୁଣ ପ୍ରାଣୀକୁ ବଳି ଉତ୍ସର୍ଗ କର

17 "ତୁମ୍ଭେମାନେ ତୁମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱରଙ୍କ
ଉଦ୍ଦେଶ୍ୟରେ ଯେଉଁ ବଳି ଉତ୍ସର୍ଗ କରିବ ବାଛୁରୀ
ହେଉ କିଅବା ମେଷ ହେଉ, ସେମାନଙ୍କର କୌଣସି ଖୁଣ ନ
ଥିବ। କାରଣ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତାହାକୁ
ଘୃଣା କରନ୍ତି।

## ମୂର୍ତ୍ତିପୂଜା ପାଇଁ ଦଣ୍ଡ

2"ଯଦି କେତେକ ପୁରୁଷ ଓ ସ୍ତ୍ରୀ ସଦାପ୍ରଭୁଙ୍କର ନିୟମ
ଅବମାନନା କରନ୍ତି ଏବଂ ପାପ କରନ୍ତି ଏବଂ ମୋ ଆଦେଶ
ବିରୁଦ୍ଧରେ ଯାଆନ୍ତି, ଯେ କୌଣସି ନଗର ମଧ୍ୟରେ ଯେଉଁଗୁଡ଼ିକୁ
ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭମାନଙ୍କୁ ଦେଇଛନ୍ତି ଏବଂ
ତାଙ୍କର ନିୟମ ଭଙ୍ଗ କରନ୍ତି। 3ଏବଂ ଅନ୍ୟ ଦେବଗଣର
ସେବା କରନ୍ତି ଓ ସୂର୍ଯ୍ୟ, ଚନ୍ଦ୍ର କିଅବା କୌଣସି ଆକାଶୀୟ
ବାହିନୀକୁ ପୂଜା କରନ୍ତି ଯାହା ମୁଁ ଆଦେଶ ଦେଇନାହିଁ।
4ଯଦି ତୁମ୍ଭେମାନେ ଏପରି କିଛି ଶୁଣ, ତେବେ ତୁମ୍ଭେ
ଏଗୁଡ଼ିକୁ ଭଲଭାବେ ଅନୁଧାନ କରିବ। ଯଦି ତୁମ୍ଭେ ଜାଣିବ
ଏହା ସତ୍ୟ ତେବେ ଜାଣିବ ଇଶ୍ରାୟେଲର ଘୋର ଅବନତୀ
ଘଟିଛି। ଯଦି ତୁମ୍ଭେ ପ୍ରମାଣ କଲ ଏପରି ଘଟିଛି। 5ତେବେ
ଏପରି ଅପକର୍ମ କରିଥିବା ସେହି ଲୋକଙ୍କୁ ଦଣ୍ଡିତ କରିବ।
ତୁମ୍ଭେ ସେହି ଲୋକଟିକୁ ନଗରଦ୍ୱାର ବାହାରକୁ ଆଣି ପଥର
ଫିଙ୍ଗି ତାକୁ ସମସ୍ତଙ୍କ ଆଗରେ ମାରିବା ଉଚିତ୍, ସେ ପୁରୁଷ
କିମ୍ବା ସ୍ତ୍ରୀ ହୋଇଥାଉ 6କେବଳ ଜଣେ ସାକ୍ଷୀ ପାଇଲି ତାକୁ
ମୃତ୍ୟୁଦଣ୍ଡ ଦିଆଯିବା ଉଚିତ୍ ନୁହେଁ। କିନ୍ତୁ ଯଦି ତା'ର ଦୁଇଟି
ବା ଦୁଇଟିରୁ ଅଧିକ ସାକ୍ଷୀ ଥାଏ ତେବେ ତାକୁ ମୃତ୍ୟୁଦଣ୍ଡ
ଦିଆଯିବା ଉଚିତ୍। 7ସାକ୍ଷୀମାନେ ପ୍ରଥମେ ସେହି ଲୋକକୁ
ମାରିବା ପାଇଁ ପ୍ରଥମେ ପଥର ଫିଙ୍ଗିବେ। ଏହାପରେ ଅନ୍ୟ
ସମସ୍ତ ଲୋକେ ତାକୁ ପଥରମାନ ଫିଙ୍ଗି ମାରିବେ। ଏହିପରି
ଭାବରେ ତୁମ୍ଭମାନଙ୍କ ମଧ୍ୟରୁ ଦୁଷ୍ଟ ଲୋକମାନଙ୍କୁ ବାହାର
କରିବ।

## ନ୍ୟାୟାଳୟର କଠିନ ନିଷ୍ପତ୍ତି

8"ଏପରି କେତେକ ଘଟିପାରେ ଯାହାକି ତୁମ୍ଭମାନଙ୍କ
ବିଚାରପାଇଁ ତୁମ୍ଭମାନଙ୍କୁ କଷ୍ଟ ହୋଇପାରେ। ଏପରିକି ରକ୍ତପାତ,
ଚୁକ୍ତି ବିବାଦ, ବିବାଦ ମଧ୍ୟରେ ଆଘାତ ଦେଖାଯାଏ। ଏପରି
ଘଟଣାମାନ ବିଚାର ପାଇଁ ଯଦି ତୁମ୍ଭମାନଙ୍କୁ କଠିନ ହୁଏ,
ତେବେ ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କ
ନିରୂପିତ ସ୍ଥାନକୁ ସମସ୍ତେ ଆସିବ। 9ତୁମ୍ଭେ ଲେବୀ ପରିବାରବର୍ଗର
ଯାଜକମାନଙ୍କ ପାଖକୁ ଓ ବିଚାରକର୍ତ୍ତା ନିକଟକୁ ଯିବା ଉଚିତ୍,
ଯେଉଁମାନେ ସେସମୟରେ ଉପସ୍ଥିତ ଥିଲେ। ଆଉ ତୁମ୍ଭେମାନେ
ବୁଝିବ ତହିଁରେ ସେମାନେ ତୁମ୍ଭକୁ ବିଚାରର ନିଷ୍ପତ୍ତି ଜଣାଇବେ।
10ତେଣୁ ସଦାପ୍ରଭୁଙ୍କ ମନୋନୀତ ସ୍ଥାନରୁ ସେମାନେ ତୁମ୍ଭକୁ
ଯେଉଁ ନିଷ୍ପତ୍ତି ଜଣାଇବେ, ତହିଁରେ ମର୍ମ ଅନୁସାରେ ତୁମ୍ଭେ
କର୍ମ କରିବ। 11ବ୍ୟବସ୍ଥାର ମର୍ମ ଅନୁସାରେ ସେମାନେ
ତୁମ୍ଭକୁ ଯାହା ଶିଖାଇବେ ଓ ବିଚାରର ନିଷ୍ପତ୍ତି ବିଷୟରେ
ସେମାନେ ତୁମ୍ଭକୁ ଯାହା କହିବେ ଓ ତୁମ୍ଭେମାନେ ସେହିପରି
କରିବ। ସେମାନେ ତୁମ୍ଭକୁ ଯେଉଁ ନିଷ୍ପତ୍ତି ଜଣାଇବେ, ତାହାକୁ

ବଦଳାଇବ ନାହିଁ। 12ଯେଉଁ ବ୍ୟକ୍ତି ଯାଜକର ବିଚାରର ଅବମାନନା
କରିବାକୁ ସାହସ କରେ ଯିଏ କି ଛିଡା ହୁଏ ଓ ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱରଙ୍କର ସେବା କରେ, ତାକୁ ମୃତ୍ୟୁ
ଦଣ୍ଡ ଦିଆଯିବା ଉଚିତ୍। ତେଣୁ ତୁମ୍ଭେ ଇଶ୍ରାୟେଲରୁ କୁକର୍ମ
ବାହାର କରିଦେବା ଉଚିତ୍। 13ଇଶ୍ରାୟେଲର ସମସ୍ତ ଲୋକେ
ଏକଥା ଶୁଣିବେ, ସେମାନେ ଭୟ କରିବେ ଓ ଆଉ ଏପରି
କରିବାକୁ କେହି ସାହସ କରିବେ ନାହିଁ।

## କିପରି ରାଜା ବାଛିବ

14"ତୁମ୍ଭେମାନେ ଯେତେବେଳେ ତୁମ୍ଭମାନଙ୍କ ସଦାପ୍ରଭୁ
ପରମେଶ୍ୱରଙ୍କ ଦତ୍ତ ଦେଶମଧ୍ୟକୁ ପ୍ରବେଶ କରିବ। ତୁମ୍ଭେମାନେ
ସେଠାରେ ବାସ କରିବ। ଏହାପରେ ତୁମ୍ଭେମାନେ ଏପରି
କହିବ ଯେ, 'ଅନ୍ୟ ଗୋଷ୍ଠୀୟମାନଙ୍କ ପରି ଆମ୍ଭେ ମଧ୍ୟ
ଆମ୍ଭମାନଙ୍କ ଉପରେ ଏକ ରାଜା ନିଯୁକ୍ତ କରିବା।'
15ସେତେବେଳେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ଯାହାକୁ ମନୋନୀତ କରିବେ, ତାଙ୍କୁ ହିଁ ତୁମ୍ଭେ ତୁମ୍ଭମାନଙ୍କ
ଉପରେ ରାଜା କରିବ। ତୁମ୍ଭେମାନେ ଆପଣା ଭ୍ରାତୃଗଣମାନଙ୍କ
ମଧ୍ୟରୁ ଜଣଙ୍କୁ ଆପଣା ଉପରେ ରାଜାଭାବେ ନିଯୁକ୍ତ କରିବ।
ଯିଏ ତୁମ୍ଭର ଭାଇ ନୁହେଁ ଏପରି ବିଦେଶୀୟ ବ୍ୟକ୍ତିକୁ ରାଜା
ଭାବେ ମନୋନୀତ କରିବ ନାହିଁ। 16କିନ୍ତୁ ସେହି ରାଜା ନିଜ
ପାଇଁ ଅନେକ ଅଶ୍ୱ ରଖିବ ନାହିଁ। କିଅବା ଅନେକ ଅଶ୍ୱ
ରଖିବା ନିମନ୍ତେ ଲୋକମାନଙ୍କୁ ମିଶରକୁ ପଠାଇବ ନାହିଁ।
କାରଣ ସଦାପ୍ରଭୁ କହିଛନ୍ତି, 'ଏହି ସମୟଠାରୁ ତୁମ୍ଭେମାନେ
ଆଉ ଏ ପଥରେ ଫେରିବ ନାହିଁ।' 17କିଅବା ରାଜାମାନେ
ଅନେକ ସ୍ତ୍ରୀ ରଖିପାରିବେ ନାହିଁ। ଯଦି ସେ ଏପରି କରେ
ତେବେ ସେ ବିପଥଗାମୀ ହେବ। ଯେଉଁ ଲୋକ ରାଜା
ହେବ, ସେ ଆପଣା ପାଇଁ ଅଧିକ ସୁନା ଓ ରୂପା ରଖିପାରିବ
ନାହିଁ।

18"ଏବଂ ସେ ଯେତେବେଳେ ଶାସନ କରିବାକୁ ସିଂହାସନରେ
ବସେ, ଲେବୀୟ ଯାଜକମାନେ ରଖିଥିବା ନିଳାକାର ନିୟମ
ପୁସ୍ତକରେ ଏକ ନକଲ ସେ ନିଜ ପାଇଁ କରିବା ଉଚିତ୍।
19ଏବଂ ତାହା ତାଙ୍କ ନିକଟରେ ରହିବ। ଏବଂ ସେ ତାକୁ
ଯାବତ୍ ଜୀବନ ପାଠ କରିବ। ତହିଁରେ ସେ ସଦାପ୍ରଭୁ
ଆପଣା ପରମେଶ୍ୱରଙ୍କୁ ଭୟ କରିବାକୁ ଓ ଏହି ବ୍ୟବସ୍ଥାର
ସମସ୍ତ ବାକ୍ୟ ଓ ବିଧି ପାଳନ କରିବାକୁ ଶିକ୍ଷା କରିବ।
20ତାଙ୍କର ହୃଦୟ ଅହଙ୍କାର ହେବା ଉଚିତ୍ ନୁହଁ। ସେ
ନିୟମରୁ ବିମୁଖ ହେବା ଉଚିତ୍ ନୁହଁ। ନିୟମକୁ ଠିକ୍
ଭାବରେ ସେ ପାଳନ କରିବା ଉଚିତ୍। ତେବେ ସେ ଓ
ତା'ର ଭବିଷ୍ୟତ ବଂଶଧରମାନେ ଇଶ୍ରାୟେଲରେ ବହୁଦିନ ଧରି
ରାଜତ୍ୱ କରିବେ।

## ଯାଜକ ଓ ଲେବୀମାନଙ୍କୁ ସମର୍ଥନ

18 "ଲେବୀୟ ପରିବାରବର୍ଗର ଇଶ୍ରାୟେଲଙ୍କଠାରୁ କୌଣସି
ଅଂଶ କି ଅଧିକାର ପାଇବେ ନାହିଁ। ଯେଉଁମାନେ
ଯାଜକ ହେବେ, ସେମାନେ ସଦାପ୍ରଭୁଙ୍କ ଅଗ୍ନିକୃତ ଉପହାର
ଓ ତାଙ୍କର ଅଧିକୃତ ଦ୍ରବ୍ୟ ଭୋଗ କରିବେ। 2ସେହି
ଲେବୀୟମାନେ ଅନ୍ୟ ପରିବାରବର୍ଗ ପରି ଭୂମିରୁ ଅଧିକାର
ପାଇବେ ନାହିଁ। ସଦାପ୍ରଭୁଙ୍କ ବାକ୍ୟ ଅନୁସାରେ ସଦାପ୍ରଭୁ ହିଁ
ସେମାନଙ୍କର ଅଧିକାର।

3"ତୁମ୍ଭେମାନେ ଯେତେବେଳେ ବଳିଦାନ କରିବ, ତୁମ୍ଭେମାନେ
ଯାଜକଙ୍କୁ ଏହି ଅଂଶ ଯଥା: ଆଗଚଟୁଆ, ଦୁଇଗାଲ ଓ
ପାକସ୍ଥଳୀ ଦେବ। 4ତୁମ୍ଭେ ଆପଣା ଶସ୍ୟର ଆପଣା ଦ୍ରାକ୍ଷାରସର,
ଆପଣା ତୈଳର ଆପଣା ମେଷ ଲୋମର ପ୍ରଥମ ଭାଗ
ଯାଜକଗଣଙ୍କୁ ନିଶ୍ଚିତ ଦେବ। 5କାରଣ ସଦାପ୍ରଭୁଙ୍କ ନାମରେ
ସେବା କରିବାକୁ ନିତ୍ୟ ଠିଆହେବା ନିମନ୍ତେ ସଦାପ୍ରଭୁ ତୁମ୍ଭ
ପରମେଶ୍ୱର ତୁମ୍ଭର ସମସ୍ତ ବଂଶଧର ମଧ୍ୟରୁ ତାହାକୁ ଓ
ତାହାର ସନ୍ତାନଗଣଙ୍କୁ ମନୋନୀତ କରିଅଛନ୍ତି।

6"ସମସ୍ତ ଇଶ୍ରାୟେଲ ମଧ୍ୟରେ ତୁମ୍ଭର କୌଣସି ନଗରଦ୍ୱାରରେ
ଯେଉଁ ଲେବୀୟ ଲୋକ ପ୍ରବାସ କରେ, ସେ ଯେବେ ଆପଣା
ପ୍ରାଣର ସମ୍ପୂର୍ଣ୍ଣ ଇଚ୍ଛା ସହିତ ସଦାପ୍ରଭୁଙ୍କ ମନୋନୀତ ସ୍ଥାନକୁ
ଆସିବ। 7ସେହି ସ୍ଥାନରେ ସେ ସଦାପ୍ରଭୁଙ୍କ ସମ୍ମୁଖରେ ଠିଆ
ହେବାର ଆପଣା ସମସ୍ତ ଲେବୀୟ ଭାଇମାନଙ୍କ ପରି ସଦାପ୍ରଭୁ
ଆପଣା ପରମେଶ୍ୱରଙ୍କ ନାମରେ ସେବା କରିବ। 8ଲେବୀୟମାନେ
ଆପଣା ପୈତୃକ ଅଧିକାରର ମୂଲ୍ୟଛଡ଼ା ସେମାନଙ୍କ ସମାନ
ଭୋଜନର ଅଂଶ ପାଇବେ।

## ଇଶ୍ରାୟେଲୀୟମାନେ ଅନ୍ୟ ଦେଶୀୟମାନଙ୍କ ପରି ରହିବେ ନାହିଁ

9"ତୁମ୍ଭେମାନେ ଯେତେବେଳେ ତୁମ୍ଭ ସଦାପ୍ରଭୁ ପରମେଶ୍ୱରଙ୍କ
ଦତ୍ତ ଦେଶରେ ପ୍ରବେଶ କରି ବାସ କରିବ, ସେ ଲୋକମାନଙ୍କ
ତୁଲ୍ୟ ଘୃଣ୍ୟ କାର୍ଯ୍ୟଗୁଡ଼ିକ କରିବାକୁ ତୁମ୍ଭେମାନେ ଶିଖିବା
ଉଚିତ୍ ନୁହେଁ। 10ତୁମ୍ଭର ପୁତ୍ର କନ୍ୟାମାନଙ୍କୁ ଯଜ୍ଞବେଦୀ
ଅଗ୍ନିରେ ଦଗ୍ଧକରି ଉତ୍ସର୍ଗ କରିବ ନାହିଁ। ମନ୍ତ୍ରଜ୍ଞ, ଶୁଭାଶୁଭ
ବାଦୀ, ଗଣକ କି ମାୟାବିଙ୍କଠାରୁ କିଛି ଶିକ୍ଷା କରିବ ନାହିଁ।
11ମୋହକ, ଭୂତୁଡ଼ିଆ, ଗୁଣୀ କି ପ୍ରେତ ପରାମର୍ଶୀ ଲୋକ
ତୁମ୍ଭ ମଧ୍ୟରେ କେହି ଯେପରି ଦେଖାଯିବ ନାହିଁ। 12କାରଣ
ଏପରି କର୍ମ ଯିଏ କରେ, ସେ ସଦାପ୍ରଭୁଙ୍କର ଘୃଣାର ପାତ୍ର,
ଏବଂ ସେହି ଘୃଣ୍ୟକର୍ମ ସକାଶୁ ସଦାପ୍ରଭୁ ତୁମ୍ଭ ପରମେଶ୍ୱର
ସେମାନଙ୍କୁ ତୁମ୍ଭ ସମ୍ମୁଖରୁ ତଡ଼ି ଦେଉଛନ୍ତି। 13ସଦାପ୍ରଭୁ ତୁମ୍ଭ
ପରମେଶ୍ୱରଙ୍କ ପ୍ରତି ତୁମ୍ଭେ ସିଦ୍ଧ ହେବ।

## ସଦାପ୍ରଭୁଙ୍କର ବିଶେଷ ଭବିଷ୍ୟଦ୍‌ବକ୍ତା

14"ସେହି ଅନ୍ୟ ଦେଶୀୟ ଲୋକମାନଙ୍କୁ ଯେଉଁମାନଙ୍କୁ
ତୁମ୍ଭେମାନେ ଦେଶରୁ ତଡ଼ି ଦେଉଛ। ସେହି ଲୋକମାନେ
ମନ୍ତ୍ରଜ୍ଞମାନଙ୍କର ଯାଦୁକାରୀ କଥା ଶୁଣନ୍ତି। କିନ୍ତୁ ସଦାପ୍ରଭୁ
ତୁମ୍ଭର ପରମେଶ୍ୱର ତୁମ୍ଭମାନଙ୍କୁ ଏପରି କରିବାକୁ ଦେବେ
ନାହିଁ। 15ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭମାନଙ୍କ ପାଇଁ
ପବିତ୍ର ଭବିଷ୍ୟଦ୍‌ବକ୍ତାଙ୍କୁ ପଠାଇବେ। ଏହି ଭବିଷ୍ୟଦ୍‌ବକ୍ତାମାନେ
ତୁମ୍ଭମାନଙ୍କ ମଧ୍ୟରୁ ବାଛିବେ। ସେ ମୋ ତୁଲ୍ୟ ହେବ।
ତୁମ୍ଭେମାନେ ସେହି ଭବିଷ୍ୟଦ୍‌ବକ୍ତାଙ୍କ କଥାକୁ ପାଳନ କରିବ।
16ପରମେଶ୍ୱର ତୁମ୍ଭମାନଙ୍କ ପାଇଁ ପବିତ୍ର ଭବିଷ୍ୟଦ୍‌ବକ୍ତାମାନଙ୍କୁ
ପଠାଇବେ। କାରଣ ତୁମ୍ଭେମାନେ ଏପରି କରିବାକୁ କହିଥିଲ।
ଯେତେବେଳେ ତୁମ୍ଭେମାନେ ହୋରେବ ପର୍ବତ ନିକଟରେ
ଏକତ୍ରିତ ହୋଇଥିଲ, ତୁମ୍ଭେମାନେ ସଦାପ୍ରଭୁ ପରମେଶ୍ୱରଙ୍କ

ନିକଟରେ ପ୍ରାର୍ଥନା କରିଥିଲ। ଆମ୍ଭେ ଯେମନ୍ତ ମରୁ, 'ଏଥିପାଇଁ
ସଦାପ୍ରଭୁ ଆମ୍ଭ ପରମେଶ୍ୱରଙ୍କ ବାକ୍ୟ ପୁନର୍ବାର ନ ଶୁଣୁ
କିଅବା ଏହି ମହାଗ୍ନି ଆଉ ଯେପରି ନ ଦେଖୁ, ନଚେତ୍
ଆମ୍ଭେ ସବୁ ମରିଯିବୁ।'

17"ସଦାପ୍ରଭୁ ମୋତେ କହିଲେ, 'ସେମାନେ ଯାହା କହିଛନ୍ତି,
ତାହା ଭଲ କହିଛନ୍ତି। 18ଆମ୍ଭେ ସେମାନଙ୍କ ନିମନ୍ତେ
ସେମାନଙ୍କ ଭ୍ରାତୃଗଣ ମଧ୍ୟରୁ ତୁମ୍ଭ ସଦୃଶ ଜଣେ ଭବିଷ୍ୟଦ୍‌ବକ୍ତା
ଉତ୍ପନ୍ନ କରିବା ଓ ଆମ୍ଭେ ତାହାଙ୍କ ମୁଖରେ ଆପଣା ବାକ୍ୟ
ଦେବା ଓ ଆମ୍ଭେ ତାହାଙ୍କୁ ଯେଉଁ ଆଜ୍ଞା ଦେବା, ତାହା ସେ
ସେମାନଙ୍କୁ କହିବେ। 19ଏହି ଭବିଷ୍ୟଦ୍‌ବକ୍ତାଗଣ ମୋର
ବାକ୍ୟମାନ ପ୍ରଚାର କରିବେ। ଏବଂ ସେ ଯେତେବେଳେ
କହିବେ, ଯଦି କୌଣସି ଲୋକ ଏହାକୁ ଅମାନ୍ୟ କରେ
ତେବେ ଆମ୍ଭେ ସେହି ବ୍ୟକ୍ତିକୁ ଦଣ୍ଡ ଦେବା।'

## କିପରି ମିଥ୍ୟା ଭବିଷ୍ୟଦ୍‌ବକ୍ତାକୁ ଜାଣିବ

20"କିନ୍ତୁ ଯେତେବେଳେ ଜଣେ ଭବିଷ୍ୟଦଦ୍‌ବକ୍ତା ମୋ
ନାମରେ କୌଣସି ଅନୁଚିତ୍ କଥା କୁହେ, ଯାହା ମୁଁ ତାଙ୍କୁ
କହିବା ପାଇଁ ନିର୍ଦ୍ଦେଶ ଦେଇନାହିଁ। ସେହି ଭବିଷ୍ୟଦ୍‌ବକ୍ତାର
ମୃତ୍ୟୁଦଣ୍ଡ ପାଇବା ଉଚିତ୍। ଏବଂ ଯଦି କେତେକ ଭବିଷ୍ୟଦ୍‌ବକ୍ତା
ଅନ୍ୟ ଦେବଗଣଙ୍କ ନାମରେ କୁହନ୍ତି, ତେବେ ସେହି
ଭବିଷ୍ୟଦ୍‌ବକ୍ତାଗଣ ନିଶ୍ଚୟ ମୃତ୍ୟୁଦଣ୍ଡ ପାଇବେ। 21ତୁମ୍ଭେମାନେ
ଭାବୁଥିବ ଯେ, 'ଆମ୍ଭେ କିପରି ଜାଣିବୁ ଯେ ଭବିଷ୍ୟଦ୍‌ବକ୍ତା
ଯାହା କହୁଛନ୍ତି ତାହା ପରମେଶ୍ୱରଙ୍କଠାରୁ ଆସୁଛି କି ନାହିଁ।'
22ଯଦି କୌଣସି ଭବିଷ୍ୟଦ୍‌ବକ୍ତା କହେ ସେ ସଦାପ୍ରଭୁଙ୍କ ନାମ
ଅନୁସାରେ କହୁଛି, କିନ୍ତୁ ସେପରି ଯଦି କିଛି ନହୁଏ, ତେବେ
ତୁମ୍ଭେମାନେ ଜାଣିବ ଯେ ସଦାପ୍ରଭୁ ଏପରି କହି ନାହାଁନ୍ତି।
ତୁମ୍ଭେମାନେ ଏହା ଜାଣିବ ଯେ ସେହି ଭବିଷ୍ୟଦ୍‌ବକ୍ତା ଜଣଙ୍କ
ତାଙ୍କର ମନରୁ ଏପରି କହୁଛନ୍ତି। ତୁମ୍ଭେମାନେ ଏପରି
ଲୋକମାନଙ୍କୁ ଭୟ କରିବ ନାହିଁ।

## ନିରାପଦ ନଗରୀ

19 "ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ
ଦେବେ ତାହା ଅନ୍ୟ ଦେଶୀୟମାନଙ୍କର ଅଟେ।
ସଦାପ୍ରଭୁ ସେହି ଜାତିମାନଙ୍କୁ ଧ୍ୱଂସ କରିବେ। ତୁମ୍ଭେମାନେ
ସେହିଠାରେ ବାସ କରିବ। ତୁମ୍ଭେମାନେ ତାଙ୍କର ଗୃହ ଓ
ସହରଗୁଡ଼ିକ ଅଧିକାର କରିବ। ଏବଂ ଏଗୁଡ଼ିକ ହେବାପରେ,
2-3ତୁମ୍ଭେମାନେ ସେହି ଦେଶକୁ ତିନି ଭାଗରେ ବିଭକ୍ତ
କରିବା ଉଚିତ୍। ଏବଂ ପ୍ରତ୍ୟେକ ଅଂଶରେ ଏକ ନଗର
ନିର୍ମାଣ କର ଯାହାକି ସେହି ଅଞ୍ଚଳ ମଧ୍ୟବର୍ତ୍ତୀ ହେବ। ଏବଂ
ଏହାପରେ ସେହି ନଗରକୁ ସବୁଆଡୁ ରାସ୍ତା ନିର୍ମାଣ କର।
ଏହାପରେ ସେଠାରେ ଯେ କେହି ଦୁର୍ଘଟଣା ବଶତଃ ଅନ୍ୟକୁ
ହତ୍ୟା କରେ, ସେ ସେହି ନିରାପଦ ନଗରକୁ ଯାଇ
ନିରାପଦରେ ରହିପାରେ।

4"ସେହି ନଗରକୁ ଯେଉଁ ନରହତ୍ୟାକାରୀମାନେ ଯିବେ,
ସେମାନେ ଜାଣିଶୁଣି ନରହତ୍ୟା କରି ନ ଥିବେ। ଅଜ୍ଞାତ
ସାରରେ ଏବଂ ସେ ଯାହାକୁ ହତ୍ୟା କରିଥିବ ତାଙ୍କୁ ଘୃଣା
କରୁ ନ ଥିବ। ସେହି ଲୋକମାନେ କେବଳ ସେଠାକୁ ଯାଇ
ଆଶ୍ରୟ ନେଇ ପାରିବ। 5ଉଦାହରଣ ସ୍ୱରୂପ ଜଣେ ଲୋକ
ଅନ୍ୟ ଜଣେ ଲୋକଙ୍କ ସହିତ ଜଙ୍ଗଲକୁ କାଠ କାଟିବାକୁ
ଯାଏ। କାଠ କାଟିବା ସମୟରେ ଯଦି ପଶାଟି ବେଣ୍ଟରୁ
ବାହାରି କାଠରେ ନ ବାଜି ଅନ୍ୟ ଲୋକ ଜଣଙ୍କୁ ଆଘାତ
କରେ ଏବଂ ସେହି ଲୋକ ଜଣଙ୍କର ମୃତ୍ୟୁ ଘଟେ।
ଯେଉଁଲୋକ ଟାଙ୍ଗିଆ ବୁଲାଉଥିଲା। ସେ ସେହି ତିନି ନଗରକୁ
ପଳାଇଯାଇ ନିରାପଦରେ ରହିପାରିବ। 6ଯଦି ନଗରଟି ସେଠାରୁ
ବହୁତ ଦୂରରେ ଥାଏ। ଯଦି ସେ ସେଠାକୁ ଶୀଘ୍ର ଦୌଡ଼ି ନ
ଯାଇପାରେ ତେବେ ରକ୍ତର ପ୍ରତିହନ୍ତା ଉତ୍ତେଜିତ ହୋଇ
ନରହତ୍ୟା କାରୀର ପଛେ ଗୋଡ଼ାଇ ଦୂରପଥ ସକାଶୁ ତାହାକୁ
ଧରି ଜୀବନରେ ମାରିଦେବ। ମାତ୍ର ସେହିଲୋକ ପ୍ରାଣଦଣ୍ଡ
ଯୋଗ୍ୟ ନୁହେଁ। କାରଣ ତାହା ପୂର୍ବରୁ ତାହାକୁ ହିଂସା କରୁ
ନ ଥିଲା। 7ଏଥିପାଇଁ ମୁଁ ତୁମ୍ଭକୁ ଆପଣା ନିମନ୍ତେ ତିନୋଟି
ପୃଥକ ନଗର ବାଛିବାକୁ କହୁଛି, ଯେଉଁ ନଗରୀଗୁଡ଼ିକ
ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବ।

8"ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭମାନଙ୍କର
ପୂର୍ବପୁରୁଷମାନଙ୍କ ସହିତ ପ୍ରତିଜ୍ଞା କରିଛନ୍ତି ଯେ ତୁମ୍ଭର ସୀମା
ବୃଦ୍ଧି କରିବେ। ଯେଉଁ ଦେଶ ସେମାନଙ୍କୁ ଦେବାକୁ କହିଛନ୍ତି
ତାହା ସବୁ ତୁମ୍ଭମାନଙ୍କୁ ଦେବେ। 9ସେ ଏପରି କରିବେ
ଯେତେବେଳେ ତୁମ୍ଭେମାନେ ସମ୍ପୂର୍ଣ୍ଣ ଭାବେ ସର୍ବାନ୍ତ କରଣରେ
ମୁଁ ଆଜି କହୁଥିବା ତାଙ୍କର ଆଜ୍ଞାମାନ ପାଳନ କରିବ। ଯଦି
ତୁମ୍ଭେମାନେ ତୁମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱରଙ୍କୁ ପ୍ରେମକର
ଏବଂ ତାଙ୍କର ଗୃହିଁବା ଅନୁସାରେ ତୁମ୍ଭେମାନେ ଚଳ। ଏହାପରେ
ପରମେଶ୍ୱର ତୁମ୍ଭମାନଙ୍କ ସୀମା ବୃଦ୍ଧି କଲେ ତୁମ୍ଭେମାନେ
ଆଉ ତିନୋଟି ନିରାପଦ ନଗରୀ ନିର୍ମାଣ କରିବ। ସେଗୁଡ଼ିକ
ପୂର୍ବ ନିରାପଦ ନଗର ସହିତ ସଂଯୁକ୍ତ କରିବ। 10ତେବେ
ଆଉ ନିରୀହ ଲୋକ କେହି ତୁମ୍ଭ ସଦାପ୍ରଭୁ ପରମେଶ୍ୱରଙ୍କ
ଦତ୍ତ ଦେଶରେ ମୃତବରଣ କରିବେ ନାହିଁ। ଏବଂ ତୁମ୍ଭେମାନେ
ନିରୀହମାନଙ୍କର ରକ୍ତପାତରେ ଦୋଷୀ ହେବ ନାହିଁ।

11"ଏହା ଏପରି ହୋଇପାରେ ଯେ, କେହି ଜଣେ ଲୁଚି
ରହିବ ଏବଂ ଫାନ୍ଦରେ ପକାଇବା ପାଇଁ ଅପେକ୍ଷା କରିବ,
ଯାହାକୁ ସେ ଘୃଣା କରେ ତାକୁ ହତ୍ୟା କରିବାକୁ ଏବଂ ତାକୁ
ହତ୍ୟା କରିବା ପରେ, ଧରାଯାଉ ସେ ସେହି ନଗରମାନଙ୍କରୁ
ଏକ ନଗରକୁ ଦୌଡେ ଓ ଏକ ନିରାପଦ ନଗରରେ ରହେ।
12ଯଦି ଏପରି ଘଟେ, ତେବେ ତା'ର ନଗରର ପ୍ରାଚୀନମାନେ
ତାକୁ ଡାକ ପଠାଇବେ ଏବଂ ତାକୁ ଫେରାଇ ଆଣିବେ। ଏବଂ
ତାହାକୁ ହତ୍ୟା କରିବା ପାଇଁ ରକ୍ତର ପ୍ରତିହନ୍ତାର ହସ୍ତରେ
ସମର୍ପଣ କରିବେ। ଏବଂ ତାକୁ ହତ୍ୟା କରାଯିବା ଉଚିତ୍।
13ତୁମ୍ଭେମାନେ ତା' ପାଇଁ ଦୁଃଖ କରିବ ନାହିଁ କାରଣ ସେ
ଜଣେ ନିରପରାଧ ଲୋକକୁ ହତ୍ୟାକରି ପାପ କରିଛି।
ତୁମ୍ଭେମାନେ ଇଶ୍ରାୟେଲରୁ ନିରୀହମାନଙ୍କର ରକ୍ତପାତ ଦୋଷରୁ
ମୁକ୍ତ ପାଇବା ଉଚିତ୍। ତାହାହେଲେ କେବଳ ତୁମ୍ଭମାନଙ୍କର
ମଙ୍ଗଳ ହେବ।

## ସମ୍ପତ୍ତିର ଚିହ୍ନଟ

14"ତୁମ୍ଭେମାନେ ଭୂମିରେ ଥିବା ପଥର ଚିହ୍ନକୁ ଘୁଞ୍ଚାଇବ
ନାହିଁ। ଏହି ପଥର ଚିହ୍ନ ଅତୀତରେ ଦିଆଯାଇଥିବା ଭୂମିକୁ

ଚିହ୍ନଟ କରିବା ପାଇଁ ସେହି ପଥର ଚିହ୍ନକୁ ପରିବର୍ତ୍ତନ କରିବ
ନାହିଁ। ସେହି ପଥର ଚିହ୍ନିତ ଦେଶମାନଙ୍କୁ ତୁମ୍ଭକୁ ସଦାପ୍ରଭୁ
ଦେବେ।

## ସାକ୍ଷୀଗଣ

15"ଯଦି କୌଣସି ଲୋକ ଅପରାଧ କରେ ବା ପାପ
କରେ, ତା'ର ଦୋଷ ନିରୂପଣ ପାଇଁ ଗୋଟିଏ ସାକ୍ଷୀ ଯଥେଷ୍ଟ
ନୁହେଁ। ସେହି ଲୋକକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ
ଦୁଇଟି ତିନୋଟି ସାକ୍ଷୀ ଯଥେଷ୍ଟ ହେବ।

16"ଧରିଯାଉ ଜଣେ ଅଧର୍ମୀ ଲୋକ ତା ବିରୁଦ୍ଧରେ
ମିଥ୍ୟା ସାକ୍ଷୀ ଦେବା ପାଇଁ ଛିଡ଼ା ହୁଏ। 17ଯେଉଁ ଦୁଇ ବ୍ୟକ୍ତି
ମଧ୍ୟରେ ବିରୋଧ ଥାଏ, ସେ ଦୁହେଁ ସଦାପ୍ରଭୁଙ୍କ ସମ୍ମୁଖରେ
ସେ ସମୟରେ ଯାଜକ ଓ ବିଚାରକର୍ତ୍ତାଙ୍କ ଆଗରେ ଛିଡ଼ା
ହେବେ। 18ବିଚାର କର୍ତ୍ତାମାନେ ନିଶ୍ଚୟ ପୁଙ୍ଖାନୁପୁଙ୍ଖ ଭାବରେ
ତଦନ୍ତ କରିବେ। ସଠିକ ଭାବରେ ଅନୁସନ୍ଧାନ କରିବେ। ଆଉ
ଯଦି ସେମାନେ ଦେଖିଲେ ସେହି ଲୋକ ମିଥ୍ୟା ସାକ୍ଷ୍ୟ
ଦେଇଛି, 19ତେବେ ସେ ଆପଣା ଭାଇପ୍ରତି ଯେପରି କରିବାକୁ
ଯୋଜନା କରିଥିଲା, ତାହାପ୍ରତି ସେହିପରି କରିବ ଏବଂ
ଏହିପ୍ରକାରେ ତୁମ୍ଭେମାନେ ଇଶ୍ରାୟେଲରୁ ଦୁଷ୍ଟତା ଦୂର କରିବା
ଉଚିତ୍। 20ଅବଶିଷ୍ଟ ଲୋକମାନେ ତାହା ଶୁଣି ଭୟ କରିବେ।
ସେହି ସମୟରେ ଆଉ କୌଣସି ଲୋକେ ଏପରି କରିବାକୁ
ସାହସ କରିବେ ନାହିଁ।

21"ସେହି ଲୋକମାନଙ୍କୁ ଦଣ୍ଡଦେବା ସମୟରେ ତୁମ୍ଭେମାନେ
ଦୁଃଖ କରିବା ଉଚିତ୍ ନୁହଁ। ଯଦି କେହି ଜଣେ ଅନ୍ୟ
ଜୀବନ ନେଇ ଥାଏ ତେବେ ତାକୁ ତାହାର ଜୀବନ ଦେବା
ଉଚିତ୍। ନିୟମ ଏପରି ହେବ, ଆଖି ପାଇଁ ଆଖି ଦେବାକୁ
ପଡ଼ିବ, ଦାନ୍ତ ପାଇଁ ଦାନ୍ତ ଦେବାକୁ ପଡ଼ିବ, ହାତ ବଦଳରେ
ହାତ ଓ ଗୋଡ଼ ବଦଳରରେ ଗୋଡ଼ ଦେବାକୁ ପଡ଼ିବ।

## ଯୁଦ୍ଧର ନିୟମ

20 "ଯେତେବେଳେ ତୁମ୍ଭେ ଆପଣା ଶତ୍ରୁମାନଙ୍କ ବିରୁଦ୍ଧରେ
ଯୁଦ୍ଧ କରିବାକୁ ବାହାରିବ, ଯଦି ତୁମ୍ଭେମାନେ
ତାଙ୍କର ଅନେକ ଅଶ୍ୱାରୋହୀ, ରଥାରୋହୀ ଏବଂ ଯଦି ତାଙ୍କର
ଅଧିକ ସଂଖ୍ୟକ ସୈନ୍ୟ ଥାନ୍ତି, ତେବେ ତୁମ୍ଭେମାନେ ସେମାନଙ୍କୁ
ଭୟ କରିବାର କିଛି ନାହିଁ କାରଣ ସଦାପ୍ରଭୁ ତୁମ୍ଭର
ପରମେଶ୍ୱର ତୁମ୍ଭ ସହିତ ସର୍ବଦା ଅଛନ୍ତି। ଏବଂ ସେହି
ସଦାପ୍ରଭୁ ତୁମ୍ଭମାନଙ୍କୁ ମିଶର ମଧ୍ୟରୁ ବାହାରକରି ଆଣିଛନ୍ତି।

2"ଯେତେବେଳେ ତୁମ୍ଭେମାନେ ଯୁଦ୍ଧକୁ ଯିବ, ସେ ସମୟରେ
ଯାଜକମାନେ ସୈନ୍ୟମାନଙ୍କ ପାଖକୁ ଯାଇ କହିବେ, 3'ହେ
ଇଶ୍ରାୟେଲବାସୀ ମୋର କଥା ଶୁଣ। ଆଜି ତୁମ୍ଭେମାନେ
ତୁମ୍ଭର ଶତ୍ରୁମାନଙ୍କ ସହିତ ଯୁଦ୍ଧ କରିବାକୁ ଯିବ। ତୁମ୍ଭେମାନେ
କେବେ ଭୟକରିବ ନାହିଁ, ତୁମ୍ଭମାନଙ୍କର ହୃଦୟ ଦୁର୍ବଳ
କରନାହିଁ। 4କାରଣ, ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭସହିତ
ଅଛନ୍ତି। ସଦାପ୍ରଭୁ ତୁମ୍ଭକୁ ଯୁଦ୍ଧରେ ସାହାଯ୍ୟ କରିବେ ଓ ସେ
ତୁମ୍ଭକୁ ଯୁଦ୍ଧରେ ଜୟ ଯୁକ୍ତ କରାଇବେ।'

5"ଅଧକ୍ଷଗଣ ଲୋକମାନଙ୍କୁ କହିବେ, 'କେଉଁ ଲୋକ
ନୂତନ ଗୃହ ନିର୍ମାଣ କରି ତାହା ପ୍ରତିଷ୍ଠା କରି ନାହିଁ? ସେ
ତା'ର ଆପଣା ଗୃହକୁ ଯାଉ। ନଚେତ୍ ସେ ଯେବେ
ମରିଯାଏ, ତେବେ ଅନ୍ୟ ଲୋକ ସେ ଗୃହରେ ପ୍ରବେଶ
କରିବ। 6ଅନ୍ୟ କେଉଁ ଲୋକ ଦ୍ରାକ୍ଷାକ୍ଷେତ୍ର ପ୍ରସ୍ତୁତ କରି
ତହିଁର ଫଳ ଭୋଗ କରିନାହିଁ। ସେ ଫେରି ଆପଣା ଗୃହକୁ
ଯାଉ କାରଣ ଯଦି ସେ ଯୁଦ୍ଧରେ ମରିଯାଏ, ତେବେ ଅନ୍ୟ
କେହି ସେହି ଜମିକୁ ଭୋଗ କରିବ। 7ଆଉ କୌଣସି
ଲୋକର ଏକ ସ୍ତ୍ରୀ ଲୋକକୁ ବିବାହ ପାଇଁ ସ୍ୱୀକୃତି ହୋଇଛି
କିନ୍ତୁ ତାକୁ ଏପର୍ଯ୍ୟନ୍ତ ବିବାହ କରି ନାହିଁ। ସେ ଫେରି
ଆପଣା ଗୃହକୁ ଯାଉ। ଯଦି ସେ ଯୁଦ୍ଧରେ ମରିଯାଏ, ଅନ୍ୟ
କେହି ତାକୁ ବିବାହ କରିବ।'

8"ଅଧିକାରୀଗଣ ଲୋକମାନଙ୍କୁ କହିବେ, 'ଭୟାଳୁ ଓ
ଦୁର୍ବଳ ହୃଦୟ ଲୋକ କିଏ ଅଛି କି? ସେ ଫେରି ଆପଣା
ଗୃହକୁ ଯାଉ, ଯେମିତି ସେ ତା'ର ଭାଇର ହୃଦୟକୁ ଭୟରେ
ତରଳାଇ ନ ଦେଉ।' 9ଅଧକ୍ଷଗଣ ସୈନ୍ୟମାନଙ୍କ ସହିତ
କଥା ସମାପ୍ତ କରିବା ପରେ, ସେମାନେ ସୈନ୍ୟ ଉପରେ
ସେନାପତିମାନଙ୍କୁ ନିଯୁକ୍ତ କରିବେ।

10"ଯେତେବେଳେ ତୁମ୍ଭେମାନେ ଗୋଟିଏ ନଗରକୁ ଆକ୍ରମଣ
କରିବାକୁ ଯିବ ପ୍ରଥମେ ତାଙ୍କୁ ସନ୍ଧିର କଥା ଘୋଷଣା କର।
11ଯଦି ସେମାନେ ତୁମ୍ଭମାନଙ୍କ ସନ୍ଧିରେ ରାଜିହୋଇ ତୁମ୍ଭମାନଙ୍କ
ପାଇଁ ନଗରଗୁଡିକ ଦ୍ୱାର ଉନ୍ମୁକ୍ତ କରନ୍ତି, ତେବେ ସେହି
ସହରର ସମସ୍ତ ଲୋକମାନେ ତୁମ୍ଭ ପାଇଁ କାମ କରିବାକୁ
ବାଧ ଏବଂ ତୁମ୍ଭମାନଙ୍କର ଦାସ ହେବେ। 12ଯଦି ସେହି
ନଗରର ଲୋକମାନେ ତୁମ୍ଭର ସନ୍ଧିରେ ରାଜି ନହୁଅନ୍ତି।
ତୁମ୍ଭମାନଙ୍କ ସହିତ ଯୁଦ୍ଧ କରନ୍ତି, ତେବେ ତୁମ୍ଭେମାନେ
ସେମାନଙ୍କୁ ଘେରି ଯିବ। 13ଯେତେବେଳେ ସଦାପ୍ରଭୁ ତୁମ୍ଭର
ପରମେଶ୍ୱର ତାହା ତୁମ୍ଭ ହସ୍ତରେ ସମର୍ପଣ କରିବେ,
ସେତେବେଳେ ତୁମ୍ଭେ ତହିଁର ସମସ୍ତ ପୁରୁଷଙ୍କୁ
ଖଣ୍ଡାରେ ହାଣି ହତ୍ୟା କରିବ। 14କିନ୍ତୁ ସ୍ତ୍ରୀ, ପିଲା, ଗାଈଗୋରୁ
ଓ ସମସ୍ତ ଦ୍ରବ୍ୟ ତୁମ୍ଭ ନିଜ ପାଇଁ ନେଇଯାଅ। ତୁମ୍ଭେ ଯାହା
ବ୍ୟବହାର କରିବାକୁ ଚାହିଁ ତୁମ୍ଭର ନେବା ଓ ବ୍ୟବହାର
କରିବା ଉଚିତ୍। ଏହି ସବୁ ଜିନିଷ ସଦାପ୍ରଭୁ ତୁମ୍ଭର
ପରମେଶ୍ୱର ତୁମ୍ଭକୁ ଯୁଦ୍ଧରୁ ପ୍ରାପ୍ତ ଦ୍ରବ୍ୟ ରୂପେ ଦେଇଛନ୍ତି।
15ଯେଉଁ ସବୁ ନଗର ଏହି ପଖାପାଖି ଗୋଷ୍ଠୀୟମାନଙ୍କର
ନୁହେଁ, ତୁମ୍ଭଠାରୁ ଅତି ଦୂରବର୍ତ୍ତୀ ସମସ୍ତ ନଗର ପ୍ରତି ଏହା
କର।

16"ମାତ୍ର ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଏହି ଲୋକମାନଙ୍କର
ଯେଉଁ ଯେଉଁ ନଗର ତୁମ୍ଭର ଅଧିକାର ପାଇଁ ଦିଅନ୍ତି, ତୁମ୍ଭେ
ତହିଁ ମଧ୍ୟରେ ନିଶ୍ୱାସଧାରୀ କାହାରିକି ସଜୀବ ରଖିବ ନାହିଁ।
17ତୁମ୍ଭମାନଙ୍କ ପ୍ରତି ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଆଜ୍ଞା
ଅନୁସାରେ ତୁମ୍ଭେ ସେମାନଙ୍କୁ ହିତ୍ତୀୟ ଓ ଇମୋରୀୟ ଓ
କିଣାନୀୟ ପରିଷୀୟ ଓ ହିବ୍ବୀୟ, ଯିବୂଷୀୟ ଲୋକମାନଙ୍କୁ
ବର୍ଜିତ ରୂପେ ବିନାଶ କରିବେ। 18କାରଣ ସେମାନେ
ତୁମ୍ଭମାନଙ୍କୁ ଶିକ୍ଷା ଦେବେ ନାହିଁ। ତୁମ୍ଭମାନଙ୍କର ସଦାପ୍ରଭୁ
ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କରିବା ପାଇଁ। ସେମାନେ
ତାଙ୍କ ଦେବଗଣଙ୍କ ଉଦ୍ଦେଶ୍ୟରେ ଯେଉଁସବୁ ଭୟଙ୍କର କର୍ମମାନ
କରିଛନ୍ତି, ତୁମ୍ଭମାନଙ୍କୁ ଏପରି କରିବାକୁ ପ୍ରବର୍ତ୍ତାଇ ପାରିବେ
ନାହିଁ।

19"ଯେତେବେଳେ ତୁମ୍ଭେମାନେ ବାହୁବଳଦ୍ୱାରା ଅବରୋଧ
କରବ। ସେତେବେଳେ ତୁମ୍ଭେମାନେ ନଗରମାନଙ୍କରେ ଥିବା
ଗଛମାନଙ୍କୁ କାଟିବ ନାହିଁ। ତୁମ୍ଭେମାନେ ତାହାର ଫଳ ଖାଇ
ପାରବ। ସେହ ବୃକ୍ଷମାନେ ତୁମ୍ଭର ଶତ୍ରୁ ନୁହଁନ୍ତି ତେଣୁ
ସେମାନଙ୍କୁ ତୁମ୍ଭେ କାଟିବ ନାହିଁ। 20କନ୍ତୁ ତୁମ୍ଭେମାନେ ଫଳ
ନଫଳୁଥିବା ବୃକ୍ଷମାନଙ୍କୁ କାଟି ପାରବ। ସେଥିରେ ତୁମ୍ଭେମାନେ
ଯୁଦ୍ଧାସ୍ତ୍ର ନର୍ମାଣ କର ସେହ ନଗର ବରୁଦ୍ଧରେ ଯୁଦ୍ଧ କରବ।
ସେହ ନଗର ପତନ ପର୍ଯ୍ୟନ୍ତ ତୁମ୍ଭେ ଏହପର କରବ।

### ଯଦ କୌଣସି ବ୍ୟକ୍ତି ମୃତ ଅବସ୍ଥାରେ ମିଳେ

21 "ଧରାଯାଉ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭମାନଙ୍କ
ଅଧିକାରାର୍ଥେ ସେହ ଦେଶରେ ଯେଉଁ କ୍ଷେତ
ଦେଇଛନ୍ତି, ସେହ ଭୂମିର କ୍ଷେତ୍ର ମଧ୍ୟରେ ଯେବେ କୌଣସିଠାରେ
ଏକ ମୃତ ଶରୀର ମିଳେ, ତାକୁ ହତ୍ୟା କରଥିବା ଲୋକ
ଯଦ ଜଣା ନ ଥାଏ। 2ତେବେ ପ୍ରାଚୀନବର୍ଗ ଓ ବଚାରକର୍ତ୍ତାମାନେ
ଯିବେ ଏବଂ ଶବର ଚତୁପାର୍ଶ୍ୱରେ ଥିବା ପ୍ରତ୍ୟେକ ନଗରକୁ
ମାପିବେ। 3ସେହ ମୃତ ଲୋକଠାରୁ ଯେଉଁ ନଗର ନକଟବର୍ତ୍ତୀ
ହେବ, ତା'ର ପ୍ରାଚୀନବର୍ଗ ଗୋଠରୁ ଏପର ବାଛୁରୀ ନେବେ
ଯାହା କେବେ କାମ କରନାହିଁ କଅବା ଜୁଆଳି ଟାଣି ନାହିଁ।
4ସେହ ନଗରର ପ୍ରାଚୀନବର୍ଗମାନେ ସେହ ଗାଈକୁ ଏକ ଜଳ
ଉପତ୍ୟାକାକୁ ନେବେ ଯେଉଁଠାରେ ଜଳପ୍ଲାବତ ହେଉଥିବ ଓ
ସେହ ସ୍ଥାନ କେବେ ଚାଷ କରାଯାଇ ନ ଥିବ କଅବା
କୌଣସି ବୃକ୍ଷ ସେଠାରେ ଲଗାଯାଇ ନ ଥିବ। ଏହାପରେ
ସେହ ଉପତ୍ୟକାରେ ଉକ୍ତ ବାଛୁରୀଟିର ବେକକୁ ଭାଙ୍ଗି
ଦେବେ। 5ଏହାପରେ ଲେବୀ ବଂଶଧର ଯାଜକମାନେ ତାହା
ନକଟକୁ ଆସିବେ କାରଣ ସଦାପ୍ରଭୁ ତୁମ୍ଭ ପରମେଶ୍ୱର
ଆପଣା ସେବାର୍ଥେ ଓ ସଦାପ୍ରଭୁଙ୍କ ନାମରେ ଆଶୀର୍ବାଦ
କରଣାର୍ଥେ ସେମାନଙ୍କୁ ମନୋନୀତ କରଅଛନ୍ତି। ଏଣୁ ସେମାନଙ୍କ
ବାକ୍ୟ ଅନୁସାରେ ପ୍ରତ୍ୟେକ ବରୋଧରେ ଓ ଆଘାତରେ
ବଚାର ହେବ। 6ଏହାପରେ ମୃତ ଲୋକର ବନ୍ଧୁବାନ୍ଧବ ଓ
ସେହ ନଗରର ସମସ୍ତ ପ୍ରାଚୀନର୍ଗ, ଉପତ୍ୟକାରେ ସେହ
ବାଛୁରୀ ଉପରେ ନଜ ନଜ ହସ୍ତ ପ୍ରକ୍ଷାଳନ କରବେ। 7ଏବଂ
ସେମାନେ ଉତ୍ତର ଦେଇ କହବେ, 'ଆମ୍ଭମାନଙ୍କ ହସ୍ତ ଏହ
ରକ୍ତପାତ କରନାହିଁ। କଅବା ଏହାକୁ କଏ ହତ୍ୟା କରଛ
ଆମ୍ଭେ ଏହା ଦେଖି ନାହୁଁ। 8ହେ ସଦାପ୍ରଭୁ, ତୁମ୍ଭେ ଆପଣାର
ଯେଉଁ ଇଶ୍ରାୟେଲର ଲୋକମାନଙ୍କୁ ମୁକ୍ତ କରଅଛ, ସେମାନଙ୍କୁ
କ୍ଷମା କର। ଆପଣା ଇଶ୍ରାୟେଲ ଲୋକ ମଧ୍ୟରେ ନରପରାଧର
ରକ୍ତପାତ ଦୋଷ ରହବାକୁ ଦଅ ନାହିଁ।' ତହିଁରେ ସେମାନଙ୍କ
ପ୍ରତି ସେହ ରକ୍ତପାତ ଦୋଷ କ୍ଷମା ହେବ। 9ତୁମ୍ଭମାନଙ୍କ
ମଧ୍ୟରୁ ନରୀହମାନଙ୍କର ହତ୍ୟା ଜନତ ପାପ ମୋଚନର ଏହା
ହିଁ ପଥ। କାରଣ ତୁମ୍ଭେ ପରମେଶ୍ୱରଙ୍କ ଦୃଷ୍ଟିରେ ଯଥାର୍ଥ
କାର୍ଯ୍ୟ କରବା ଉଚତ୍।

### ଯୁଦ୍ଧରେ ବନ୍ଦୀ ହୋଇଥିବା ନାରୀ

10"ତୁମ୍ଭେମାନେ ଆପଣା ଶତ୍ରୁମାନଙ୍କ ସହତ ଯୁଦ୍ଧ କରବାକୁ
ଗଲେ ଯଦ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ସେମାନଙ୍କୁ ତୁମ୍ଭ
ହସ୍ତରେ ସମର୍ପଣ କରନ୍ତି ଓ ତୁମ୍ଭେମାନେ ସେମାନଙ୍କୁ
ବନ୍ଦୀକର ଘେନଯାଅ। 11ସେହ ବନ୍ଦୀମାନଙ୍କ ମଧ୍ୟରେ କୌଣସି
ସୁନ୍ଦରୀ ସ୍ତ୍ରୀ ଦେଖି ତାହା ପ୍ରତି ପ୍ରେମାସକ୍ତ ହେଲେ ଯେବେ
ତାହାକୁ ବବାହ କରବାକୁ ଇଚ୍ଛା କରେ, 12ତେବେ ତୁମ୍ଭେ
ତାହାକୁ ଆପଣା ଗୃହକୁ ଆଣିବ ପୁଣି ସେ ଆପଣା ମସ୍ତକ
ମଣ୍ଡନ କର ନଖ କାଟିବ। 13ଆଉ ତା'ପରେ ସେ ବନ୍ଦୀଥିବା
ଅବସ୍ଥାରେ ପିନ୍ଧିଥିବା ବସ୍ତ୍ର ତ୍ୟାଗ କର ତୁମ୍ଭ ଗୃହରେ ବାସ
କରବ ଓ ନଜର ପିତା ଓ ମାତାଙ୍କ ପାଇଁ ଏକମାସ ବଳାପ
କରବ। ଏହାପରେ ତୁମ୍ଭେ ତା ସହତ ମିଳାମିଶା ସହବାସ
କରବ ଓ ତା'ର ସ୍ୱାମୀ ହେବ ଏବଂ ସେ ତୁମ୍ଭର ସ୍ତ୍ରୀ ହେବ।
14ଯେବେ ତାହା ଉପରେ ତୁମ୍ଭେ ସନ୍ତୁଷ୍ଟ ନୁହଁ, ତେବେ
ତୁମ୍ଭେ ତାକୁ ଛାଡ଼ପତ୍ର ଦେବ ଏବଂ ତା'ର ଇଚ୍ଛା ଅନୁସାରେ
ତାକୁ ଯିବାକୁ ଦେବ। ମାତ୍ର ଟଙ୍କା ବନମୟରେ ତାକୁ କାହାକୁ
ବକବ ନାହିଁ। ତୁମ୍ଭେ ତାପ୍ରତି ଦାସୀପର ବ୍ୟବହାର କରବ
ନାହିଁ। କାରଣ ତୁମ୍ଭେ ତାହା ସହତ ସହବାସ କରଛ।

### ଜ୍ୟେଷ୍ଠ ସନ୍ତାନ

15"ଯଦ କୌଣସି ଲୋକର ଦୁଇଟି ସ୍ତ୍ରୀ ଥାଏ, ସେ
ଜଣକୁ ଅନ୍ୟ ଜଣ ଅପେକ୍ଷା ଅଧିକ ଭଲ ପାଉଥାଏ, ଏବଂ
ଯଦ ସେହ ଦୁଇଜଣ ଯାକ ତୁମ୍ଭର ପୁତ୍ର ସନ୍ତାନ ପ୍ରସବ
କରନ୍ତି। ଯଦ ପ୍ରଥମ ପୁତ୍ରକୁ ତୁମ୍ଭେ ଭଲ ପାଉ ନ ଥିବା ସ୍ତ୍ରୀ
ଜନ୍ମ ଦେଇଥାଏ। 16ଯେତେବେଳେ ସେହ ଲୋକ ତା'ର
ସମ୍ପତ୍ତି ବାଣ୍ଟିବ ତା'ର ପିଲାମାନଙ୍କ ମଧ୍ୟରେ ଜ୍ୟୈଷ୍ଠତାର
ଅଧିକାର ସେ ପ୍ରିୟାର ପୁତ୍ରକୁ ଦେଇପାରବ ନାହିଁ। 17ମାତ୍ର
ସେ ଅପ୍ରିୟାର ପୁତ୍ରକୁ ଜ୍ୟୈଷ୍ଠ ବୋଲ ସ୍ୱୀକାର କର ଆପଣା
ସର୍ବସ୍ୱରୁ ଦୁଇଗୁଣ ଅଂଶ ତାହାକୁ ଦେବ। କାରଣ ସେ ତା'ର
ଶକ୍ତିର ପ୍ରଥମଜାତ ସନ୍ତାନ ଓ ଜ୍ୟେଷ୍ଠ ଅଧିକାର ତା'ର
ଅଟେ।

### ଯେଉଁ ସନ୍ତାନମାନେ ମାନବାକୁ ବାରଣ କରନ୍ତି

18"ଯେବେ କାହାର ପୁତ୍ର ଅବାଧ ଓ ପିତା ମାତାଙ୍କ
କଥା ପାଳନ ନ କରେ, ପିତାମାତାଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ
କରେ। ସେମାନଙ୍କ ତାଗିଦ୍ ସତ୍ତ୍ୱେ ସେ ତାହାପ୍ରତି କର୍ଣ୍ଣପାତ
ମଧ୍ୟ କରେ ନାହିଁ। 19ତେବେ ତାହାର ପିତାମାତା ତାହାକୁ
ଧର ନଗରସ୍ଥ ଫାଟକ ନକଟରେ ଥିବା ପ୍ରାଚୀନବର୍ଗଙ୍କ
ନକଟକୁ ନେବା ଉଚତ୍। 20ସେମାନେ ନଗରର ପ୍ରାଚୀନବର୍ଗମାନଙ୍କୁ
କୁହନ୍ତୁ, 'ଆମ୍ଭ ପୁତ୍ର ଅବାଧ ଓ ଆଦେଶ ପାଳନ ପାଇଁ
ଅବଜ୍ଞା କରୁଛି। ସେ ଅତ୍ୟଧିକ ଖାଦ୍ୟ ଓ ପ୍ରଚୁର ଦ୍ରାକ୍ଷାରସ
ପାନ କରୁଛି।' 21ତା'ପରେ ନଗରର ବ୍ୟକ୍ତିମାନେ ତାକୁ
ପଥର ଫିଙ୍ଗି ହତ୍ୟା କରବା ଉଚତ୍। ଏହପର ଭାବରେ
ତୁମ୍ଭେ ଆପଣା ଭିତରୁ ମନ୍ଦ ଦୂର କରବା ଉଚତ୍। ଇଶ୍ରାୟେଲର
ଲୋକମାନେ ଏହା ଶୁଣି ଭୟଭୀତ ହେବେ।

### ଅପରାଧୀମାନଙ୍କୁ ହତ୍ୟାକର ଗଛରେ ଟଙ୍ଗାଇ ଦଆଯାଏ

22"ଯଦ କୌଣସି ବ୍ୟକ୍ତି କୌଣସି ଦୋଷ କରେ
ଯାହାକ ମୃତ୍ୟୁଦଣ୍ଡ ଯୋଗ୍ୟ ହୁଏ, ତାକୁ ହତ୍ୟା କରାଯିବା
ଉଚତ୍" ଏବଂ ତା'ର ଶରୀରକୁ ଗୋଟିଏ ଗଛରେ ଝୁଲାଇ
ଦେବା ଉଚତ୍। 23କନ୍ତୁ ତା'ର ମୃତ ଶରୀରକୁ ରାତ୍ରି ତମାମ

ଓହଳାଇ ରଖିବା ଉଚତ୍ ନୁହେଁ। ତା'ର ମୃତ ଶରୀରକୁ ସେହ
ଏକା ଦନରେ କବର ଦଆଯିବା ଉଚତ୍। କାରଣ, କେହ
ବ୍ୟକ୍ତ ଗଛରେ ଝୁଲା ହୋଇ ରହଲେ ପରମେଶ୍ୱରଙ୍କ ଦ୍ୱାର
ଅଭିଶାପ ଗ୍ରସ୍ତ ହୁଏ। ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଯେଉଁ
ଭୂମି ଦେଇଛନ୍ତ ତୁମ୍ଭେ ତାହାକୁ ଅଶୁଚ କର ନାହିଁ।

### ଅନ୍ୟାନ୍ୟ ନୟିମଗୁଡ଼କ

22 “ଯଦ ତୁମ୍ଭେ ଏହା ଦେଖ ଯେ ତୁମ୍ଭର
ପଡ଼ୋଶୀମାନଙ୍କର ଗାଇ କଅବା ମେଷ ବଣା
ହୋଇ ଯିବାର, ତୁମ୍ଭେ ନଶ୍ଚୟ ତାହାକୁ ତାଙ୍କର ମାଲକକୁ
ଫେରାଇ ଦେବ। 2ଯଦ ତା'ର ମାଲକ ତୁମ୍ଭଠାରୁ ଦୂରରେ
ବାସ କରୁଥାଏ, କଅବା ତୁମ୍ଭେ ତା'ର ମାଲକକୁ ଜାଣି ନ
ଥାଅ, ତେବେ ତାକୁ ତୁମ୍ଭ ଗୃହକୁ ନେଇଯାଅ। ତୁମ୍ଭେ
ସେମାନଙ୍କୁ ତୁମ୍ଭ ପାଖରେ ତା'ର ମାଲକ ଖୋଜି ଖୋଜି
ଆସିବା ପର୍ଯ୍ୟନ୍ତ ରଖିପାରବ। ଏହାପରେ ତୁମ୍ଭେମାନେ ତା'ର
ମାଲକକୁ ସେମାନଙ୍କୁ ଫେରାଇ ଦେବା ଉଚତ୍। 3ତୁମ୍ଭେ
ତୁମ୍ଭର ପଡ଼ୋଶୀଙ୍କ ଗଦର୍ଭ ପାଇଲେ ମଧ ତୁମ୍ଭେ ତାହା ପ୍ରତି
ଠିକ୍ ସେହପର କର, ତୁମ୍ଭେ ସର୍ବଦା ତୁମ୍ଭର ପଡ଼ୋଶୀମାନଙ୍କୁ
ସାହାଯ୍ୟ କରବ। ଯଦ ସେମାନଙ୍କର ଲୁଗା କଅବା ଅନ୍ୟ
କଛ ଦ୍ରବ୍ୟ ସେମାନେ ହରାଇଥାନ୍ତ।
4“ଯଦ ତୁମ୍ଭର ପଡ଼ୋଶୀମାନଙ୍କର ଗଧ ଅବା ଗାଇ
ବାଟରେ ପଡ଼ ଯିବାର ଦେଖିବ ତୁମ୍ଭେ ସେମାନଙ୍କୁ ଉଠାଇ
ଦେବ କଅବା ଉଠାଇବାରେ ସାହାଯ୍ୟ କରବ।
5“ଜଣେ ସ୍ତ୍ରୀଲୋକ ପୁରୁଷ ଲୋକମାନଙ୍କର ପୋଷାକ
ପିନ୍ଧିବ ନାହିଁ। ଏବଂ ଜଣେ ପୁରୁଷ କେବେବ ସ୍ତ୍ରୀ ଲୋକର
ପୋଷାକ ପିନ୍ଧିବ ନାହିଁ। ଏସବୁ ତୁମ୍ଭର ସଦାପ୍ରଭୁ ପରମେଶ୍ୱରଙ୍କର
ଘୃଣା ଯୋଗ୍ୟ ଅଟେ।
6“ପଥ ପାର୍ଶ୍ୱସ୍ଥ କୌଣସି ଗଛରେ କଅବା ଭୂମିରେ ତୁମ୍ଭ
ସମ୍ମୁଖରେ କୌଣସି ପକ୍ଷୀର ବସାରେ ଛୁଆ କଅବା ଡମ୍ବ
ଥାଏ ଏବଂ ସେହ ଡମ୍ବ ଉପରେ ବା ପକ୍ଷୀ ଛୁଆ ଉପରେ
ଯଦ ମା ପକ୍ଷୀ ବସିଥାଏ, ତେବେ ତୁମ୍ଭେ ପକ୍ଷୀ ସହତ
ଛୁଆକୁ ଆଣିବ ନାହିଁ। 7ତୁମ୍ଭେ ତୁମ୍ଭମାନଙ୍କ ପାଇଁ ତା'ର ପକ୍ଷୀ
ଛୁଆମାନଙ୍କୁ ଆଣି ପାରବ କନ୍ତୁ ତା'ର ମା' ପକ୍ଷୀକୁ ମୁକ୍ତ
କରଦେବ। ଯଦ ତୁମ୍ଭେମାନେ ଏହ ନିୟମଗୁଡ଼କ ମାନବ
ତେବେ ତୁମ୍ଭମାନଙ୍କର ଦୀର୍ଘଜୀବୀ ହେବ ଏବଂ ତୁମ୍ଭମାନଙ୍କର
ମଙ୍ଗଳ ହେବ। 8ଯେତେବେଳେ ତୁମ୍ଭେମାନେ ଏକ ନୂତନ
ଗୃହ ନର୍ମାଣ କର, ତୁମ୍ଭେମାନେ ସେହ ଛାତର ଚତୁଃପାର୍ଶ୍ୱରେ
ପାଚେରୀ ଉଠାଇବ। ତେବେ ତୁମ୍ଭେମାନେ କୌଣସି ଲୋକ
ଛାତ ଉପରୁ ପଡ଼ ମରବା ପାଇଁ ଦୋଷୀ ହେବ ନାହିଁ।

### ଏହସବୁ ବସ୍ତୁ ଏକାଠି ରଖିବା ନଷେଧ

9“ତୁମ୍ଭେମାନେ ତୁମ୍ଭମାନଙ୍କର ଦ୍ରାକ୍ଷାକ୍ଷେତ୍ରରେ ମିଶ୍ରିତ ବୀଜ
ରୋପଣ କର ନାହିଁ। ତୁମ୍ଭେ ଏପର ଯଦ କର, ଯେଉଁ ବୀଜ
ବୁଣା ଯାଇଥିଲା ବା ଯେଉଁ ଫଳ ଫଳଛ, ସେଗୁଡ଼କ ତୁମ୍ଭକୁ
ବ୍ୟବହାର କରବା ପାଇଁ ଅନୁମତି ଦଆଯିବ ନାହିଁ।
10“ତୁମ୍ଭେ ବଳଦ ଓ ଗଧ ଏକତ୍ର ଯୋଡ଼ ଚାଷ କରବ
ନାହିଁ।
11“ଏପର ପୋଷାକ ପିନ୍ଧ ନାହିଁ, ଯାହାକ ରେଶମ ଓ
ଲାଇଲନ୍ ସୂତାରେ ପ୍ରସ୍ତୁତ ହୋଇଥିବ।
12“ତୁମ୍ଭେ ଆପଣା ଶରୀରରେ ଉତ୍ତରୀୟ ବସ୍ତ୍ରର ଚାର
ଅଞ୍ଚଳରେ ଝୁମ୍ପା ବନାଇବ।

### ବବାହ ନୟିମଗୁଡ଼କ

13“ଜଣେ ପୁରୁଷ ଜଣେ ସ୍ତ୍ରୀକୁ ବବାହ କର ତା'ସହତ
ଶାରୀରିକ ସମ୍ପର୍କ ରଖି ଯେବେ ତାକୁ ପରେ ଘୃଣା କରେ।
14ଯଦ ତାହା ବରୁଦ୍ଧରେ ମନ୍ଦ କଥା ଆରୋପ କରେ ଓ
ତା'ର ଦୁର୍ନାମ କରେ କ, 'ଆମ୍ଭେ ଏହ ସ୍ତ୍ରୀକୁ ବବାହ କଲୁ
ମାତ୍ର ସହବାସ କାଳରେ ଏହାର କୁମାରୀତ୍ୱ ଲକ୍ଷଣ ପାଇଲୁ
ନାହିଁ।' 15ତେବେ ସେହ କନ୍ୟାର ପିତାମାତା ତାହାର
କୁମାରୀତ୍ୱର ପ୍ରମାଣ କୌମାର୍ଯ୍ୟର ଚହ୍ନ ନେଇ ନଗର
ଫାଟକରେ ପ୍ରାଚୀନମାନଙ୍କ ନକଟକୁ ଆଣିବେ। 16ସେହ
କନ୍ୟାର ପିତା ପ୍ରାଚୀନବର୍ଗମାନଙ୍କୁ କହବେ, 'ଆମ୍ଭେ ଏହ
ଲୋକ ସଙ୍ଗରେ ଆମ୍ଭ କନ୍ୟାକୁ ବବାହ ଦେଲୁ। 17ମାତ୍ର ସେ
ତାକୁ ଘୃଣା କଲା, ଆଉ ଦେଖ, ସେ ତାହା ବରୁଦ୍ଧରେ
ମନ୍ଦକଥା ଆରୋପ କର କହୁଛ କ, 'ଆମ୍ଭେ ତୁମ୍ଭ କନ୍ୟାର
କୁମାରୀତ୍ୱ ଲକ୍ଷଣ ପାଇଲୁ ନାହିଁ।' ମାତ୍ର ଆମ୍ଭ କନ୍ୟାର
କୁମାରୀତ୍ୱର ଚହ୍ନ ଏହ।' ତହୁଁ ସେମାନେ ନଗରସ୍ଥ ପ୍ରାଚୀନମାନଙ୍କ
ସାକ୍ଷାତରେ ସେହ ଲୁଗା ମେଲାଇ ଦେବେ। 18ଏହାପରେ
ନଗରର ପ୍ରାଚୀନମାନେ ସେହ ପୁରୁଷକୁ ଧର ଶାସ୍ତି ଦେବ।
19ପୁଣି ସେମାନେ ତାହାକୁ ଶହେ ଶେକଲ ରୂପା ଦଣ୍ଡ କର
କନ୍ୟାର ପିତାକୁ ଦେବ। କାରଣ ସେ ଇଶ୍ରାୟେଲୀୟ ଏକ
କନ୍ୟା ଉପରେ ଦୁର୍ନାମ ଦେଇଛ। ତହିଁରେ ସେ ତା'ର
ଭାର୍ଯ୍ୟା ହେବ। ସେ ତାହାକୁ ଯାବଜ୍ଜୀବନ ପାଇଁ ତ୍ୟାଗ
କରପାରବ ନାହିଁ।
20“ମାତ୍ର କଥା ଯେବେ ସତ୍ୟହେବ ଯେ କନ୍ୟାର
କୁମାରୀତ୍ୱର ଚହ୍ନ ଦେଖା ନଯାଏ। 21ତେବେ ସେମାନେ
ସେହ କନ୍ୟାକୁ ବାହାର କର ପିତୃ ଗୃହର ଦ୍ୱାର ନକଟକୁ
ଆଣିବେ। ଆଉ ନଗରସ୍ଥ ଲୋକମାନେ ତାକୁ ପଥର ଫିଙ୍ଗି
ହତ୍ୟା କରବେ। କାରଣ ପିତୃଗୃହରେ ଯୌନକ୍ରିୟା ଜନତ
ପାପ ବ୍ୟଭିଚାର କରବାରୁ ସେ ଇଶ୍ରାୟେଲ ମଧରେ ଦୁଷ୍କର୍ମ
କଲା। ଏହ ଉପାୟରେ ତୁମ୍ଭେମାନେ ଇଶ୍ରାୟେଲରୁ ଦୁଷ୍କର୍ମ
ଦୂର କରବା ଉଚତ୍।

### ଶାରୀରିକ ପାପ

22“ଯଦ କୌଣସି ଲୋକ ଅନ୍ୟ ଜଣେ ବବାହତ ସ୍ତ୍ରୀ
ସହତ ଶାରୀରିକ ଯୌନ ସମ୍ପର୍କ ଥିବାର ଦେଖିବାକୁ ତୁମ୍ଭେ
ପାଅ। ସେ ଦୁହିଁଙ୍କୁ ମୃତ୍ୟୁ ଦଣ୍ଡ ଦଆଯିବା ଉଚତ୍। ତୁମ୍ଭେମାନେ
ଇଶ୍ରାୟେଲରୁ ଏହ ଦୁଷ୍କର୍ମ ଦୂର କରବା ଉଚତ୍।
23“ଯେବେ କୌଣସି କୁମାରୀତ୍ୱ କନ୍ୟା ସହତ କୌଣସି
ପୁରୁଷ ପ୍ରତି ବାଗ୍‌ଦତ୍ତା ଥାଏ ଓ କୌଣସି ପୁରୁଷ ତାହାକୁ
ନଗର ମଧରେ ପାଇ ତାହା ସହତ ଶୟନ କରେ।
24ତେବେ ତୁମ୍ଭେମାନେ ସେହ ଦୁଇଜଣଙ୍କୁ ବାହାର କର
ନଗରଦ୍ୱାର ନକଟକୁ ଆଣି ପଥର ଫିଙ୍ଗି ହତ୍ୟା କରବା
ଉଚତ୍। କାରଣ ସେହ କନ୍ୟା ନଗର ମଧରେ ଥାଇ ମଧ

ଡ଼ାକ ପକାଇଲା ନାହିଁ। ଏବଂ ସେହି ପୁରୁଷ ଆପଣା ପ୍ରତିବେଶୀର ଭାର୍ଯ୍ୟାକୁ ଭ୍ରଷ୍ଟ କଲା। ତୁମ୍ଭେମାନେ ଇଶ୍ରାଯେଲରୁ ଏହି ଦୁଷ୍କର୍ମ ଦୂର କରିବା ଉଚିତ୍।

**25**“କିନ୍ତୁ ଧରାଯାଉ ଏକ କୁମାରୀ କନ୍ୟା କ୍ଷେତ୍ରରେ କାର୍ଯ୍ୟ କରୁଥିଲା ସମୟରେ ଯଦି କୌଣସି ପୁରୁଷ ତାକୁ ଯୌନ ସମ୍ପର୍କ ପାଇଁ ବାଧ୍ୟ କରେ ତେବେ କେବଳ ସେହି ପୁରୁଷକୁ ହତ୍ୟା କରାଯିବା ଉଚିତ୍। **26**କିନ୍ତୁ ତୁମ୍ଭେମାନେ ସେହି କନ୍ୟା ପ୍ରତି କିଛି କରିବ ନାହିଁ। ସେହି କନ୍ୟାଠାରେ ପ୍ରାଣଦଣ୍ଡ ଯୋଗ୍ୟ ପାପ ନାହିଁ। କାରଣ କୌଣସି ମନୁଷ୍ୟ ଯେପରି ଆପଣା ପ୍ରତିବେଶୀର ପ୍ରତିକୂଳରେ ଉଠି ତାହାକୁ ବଧକରେ, ଏହି କଥା ଠିକ୍ ସେହିପରି ଅଟେ। **27**କାରଣ ସେହି ପୁରୁଷ ଜଣକ ସେହି କାର୍ଯ୍ୟାରତ ବାଳିକାକୁ କ୍ଷେତ୍ର ମଧ୍ୟରେ ପାଇ ତାକୁ ଆକ୍ରମଣ କଲା। ସେ ସାହାଯ୍ୟ ପାଇଁ ଡ଼ାକ ପକାଇଲା ତଥାପି ତାକୁ ରକ୍ଷା କରିବାକୁ କେହି ନ ଥିଲେ,

**28**“ଯଦି କୌଣସି ପୁରୁଷ ଅବାଗ୍‌ଦତ୍ତା କୁମାରୀତ୍ୱ କନ୍ୟାକୁ ପାଇ ତାହାକୁ ଧରି ତାହା ସଙ୍ଗେ ଶୟନ କରେ ଓ ସେମାନେ ଧରା ପଡ଼ନ୍ତି। **29**ତେବେ ତାହା ସହିତ ଶୟନକାରୀ ସେହି ପୁରୁଷ କନ୍ୟାର ପିତାକୁ ପଚାଶ ଶେକଲ ରୂପା ଦେବ ଓ ସେ ତାହାକୁ ଭ୍ରଷ୍ଟ କରିବାରୁ ସେ ତାହାର ଭାର୍ଯ୍ୟା ହେବ। ସେହି ପୁରୁଷ ତାହାକୁ ଯାବଜ୍ଜୀବନ ତ୍ୟାଗ କରିପାରିବ ନାହିଁ।

**30**“କୌଣସି ପୁରୁଷ ଆପଣା ପିତୃଭାର୍ଯ୍ୟାକୁ ଗ୍ରହଣ କରିବ ନାହିଁ ଓ ଆପଣା ପିତାର ଅଞ୍ଚଳ ଅନାବୃତ୍ତ କରିବ ନାହିଁ।”

## କେଉଁ ଲୋକମାନେ ଉପାସନା କରିପାରିବେ

**23** “ଚୂର୍ଣ୍ଣକୋଷ କିଅବା ଛିନ୍ନଲିଙ୍ଗ ବ୍ୟକ୍ତି ସଦାପ୍ରଭୁଙ୍କ ସମାଜରେ ପ୍ରବେଶ କରିବ ନାହିଁ। **2**ଯଦି କୌଣସି ଲୋକର ପିତାମାତାଙ୍କର ବିବାହ ନିୟମାନୁଯାୟୀ ହୋଇନଥାଏ ତେବେ ସେହିଲୋକ ଏବଂ ତାଙ୍କର ବଂଶଧରମାନେ ଦଶ ପୁରୁଷ ପର୍ଯ୍ୟନ୍ତ ସଦାପ୍ରଭୁଙ୍କ ଧାର୍ମିକ ସମାଜରେ ପ୍ରବେଶ କରିପାରିବେ ନାହିଁ।

**3**“ଅମ୍ମୋନୀୟ କି ମୋୟାବୀୟ ଲୋକ ଏବଂ ତାଙ୍କର ଦଶ ପୁରୁଷ ପର୍ଯ୍ୟନ୍ତ ମଧ୍ୟ ସଦାପ୍ରଭୁଙ୍କ ଧାର୍ମିକ ସମାଜରେ ପ୍ରବେଶ କରିପାରିବ ନାହିଁ। **4**କାରଣ ତୁମ୍ଭେମାନେ ମିଶରରୁ ବାହାର ହୋଇ ଆସିବାବେଳେ ସେହି ସମୟରେ ସେମାନେ ଅନ୍ନଜଳ ସହିତ ତୁମ୍ଭମାନଙ୍କୁ ପଥରେ ଭେଟିଲେ ନାହିଁ। ପୁଣି ସେମାନେ ତୁମ୍ଭମାନଙ୍କୁ ଶାପଦେବା ନିମନ୍ତେ ମେସୋପଟାମିଆର ପଥୋର ସହର ନିବାସୀ ବିଲୟମକୁ ପାରଶ୍ରମିକ ଦେଲେ। **5**ତଥାପି ସଦାପ୍ରଭୁ ତୁମ୍ଭ ପରମେଶ୍ୱର ବିଲୟମର କଥା ଶୁଣିବାକୁ ସମ୍ମତ ହେଲେ ନାହିଁ। ମାତ୍ର ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ ପ୍ରେମ କରିବାରୁ ସେହି ଶାପକୁ ଲେଉଟାଇ ଆଶୀର୍ବାଦ କଲେ। **6**ତୁମ୍ଭେ ଜାବଜ୍ଜୀବନ ଅନନ୍ତକାଳ ପର୍ଯ୍ୟନ୍ତ ଅମ୍ମୋନୀୟ ଓ ମୋୟାବୀୟ ସନ୍ତାନମାନଙ୍କ ଶାନ୍ତି ଓ ମଙ୍ଗଳ ଲୋଡ଼ିବ ନାହିଁ।

## ଇଶ୍ରାଯେଲୀୟମାନେ କେଉଁମାନଙ୍କୁ ଗ୍ରହଣ କରିବେ

**7**“ତୁମ୍ଭେମାନେ ଇଦୋମୀୟ ଲୋକମାନଙ୍କୁ ଘୃଣା କରିବା ଉଚିତ୍ ନୁହେଁ। କାରଣ ସେମାନେ ତୁମ୍ଭମାନଙ୍କର ଭାଇ ଅଟନ୍ତି ଏବଂ ତୁମ୍ଭେମାନେ ମିଶରୀୟମାନଙ୍କୁ ଘୃଣା କରିବା ଉଚିତ୍ ନୁହେଁ କାରଣ ତୁମ୍ଭେମାନେ ସେମାନଙ୍କର ଦେଶରେ ବିଦେଶୀପରି ବାସ କରୁଥିଲ। **8**ସେମାନଙ୍କ ତୃତୀୟ ପୁରୁଷପରେ, ସେମାନେ ସଦାପ୍ରଭୁଙ୍କ ସମାଜରେ ପ୍ରବେଶ କରିପାରିବେ।

## ସୈନ୍ୟମାନଙ୍କର ଛାଉଣୀକୁ ପରିଷ୍କାର ରଖିବ

**9**“ଯେତେବେଳେ ତୁମ୍ଭେମାନେ ଆପଣା ଶତ୍ରୁମାନଙ୍କ ସହିତ ଯୁଦ୍ଧ କରିବ। ତୁମ୍ଭମାନଙ୍କୁ ଯାହା ଅପବିତ୍ର କରିବ ତାହାଠାରୁ ଦୂରେଇ ରହିବ। **10**ତୁମ୍ଭମାନଙ୍କ ମଧ୍ୟରେ ଯେବେ କୌଣସି ବ୍ୟକ୍ତି ରାତ୍ରି ଘଟିତ କୌଣସି ଅଶୁଚିତାରେ ଅଶୁଚି ହୁଏ, ତେବେ ସେ ଛାଉଣି ଭିତରୁ ବାହାରି ଯିବ। ସେ ଛାଉଣି ମଧ୍ୟରେ ପ୍ରବେଶ କରିବ ନାହିଁ। **11**ମାତ୍ର ସନ୍ଧ୍ୟା ଉପସ୍ଥିତ ହେଲେ ସେ ଜଳରେ ସ୍ନାନ କରିବ ଓ ସୂର୍ଯ୍ୟାସ୍ତ ହେବାପରେ ସେ ଛାଉଣି ମଧ୍ୟକୁ ପ୍ରବେଶ କରିବ।

**12**“ତୁମ୍ଭେ ମଧ୍ୟ ବାହାରକୁ ଯିବା ନିମନ୍ତେ ଛାଉଣି ବାହାରେ ଏକସ୍ଥାନ କରିବ। **13**ତୁମ୍ଭେ ଆପଣା ସାମଗ୍ରୀ ସଙ୍ଗେ ଗୋଟିଏ କୋଦାଳ ରଖିବ। ତୁମ୍ଭେ ଏକ ଗର୍ତ୍ତ ଖୋଳିବା ଉଚିତ୍ ଓ ଅନ୍ତନାଡ଼ିରୁ ଯାହା ବାହାରେ ତାକୁ ପୋତି ପକାଇବା ଉଚିତ୍। **14**ତୁମ୍ଭକୁ ରକ୍ଷା କରିବା ପାଇଁ ଓ ତୁମ୍ଭ ହସ୍ତରେ ତୁମ୍ଭର ଶତ୍ରୁମାନଙ୍କୁ ସମର୍ପଣ କରିବା ପାଇଁ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭ ଛାଉଣୀ ମଧ୍ୟରେ ଗମନାଗମନ କରନ୍ତି। ଏଥିପାଇଁ ସେ ଯେପରି ତୁମ୍ଭମାନଙ୍କ ମଧ୍ୟରେ ଲଜ୍ଜାକର ବିଷୟ ନ ଦେଖନ୍ତି ଓ ତୁମ୍ଭ ନିକଟରୁ ବିମୁଖ ନ ହୁଅନ୍ତି। ଏଥିପାଇଁ ତୁମ୍ଭର ଛାଉଣୀ ସର୍ବଦା ପବିତ୍ର ହେବା ଉଚିତ୍।

## ଅନ୍ୟାନ୍ୟ ନିୟମଗୁଡ଼ିକ

**15**“ଯଦି ଜଣେ ଦାସ ତା'ର ମୁନିବ ନିକଟରୁ ତୁମ୍ଭ ନିକଟକୁ ପଳାଇ ଆସିବ, ତେବେ ତୁମ୍ଭେ ତାକୁ ତା'ର ମୁନିବଙ୍କ ହସ୍ତରେ ସମର୍ପଣ କରିବ ନାହିଁ। **16**ସେ ତୁମ୍ଭର କୌଣସି ଏକ ନଗରଦ୍ୱାର ମଧ୍ୟରେ ଆପଣା ଇଚ୍ଛାମତେ ମନୋନୀତ ସ୍ଥାନରେ ତୁମ୍ଭ ମଧ୍ୟରେ ବାସ କରିବା ଉଚିତ୍, ତୁମ୍ଭେମାନେ ତାକୁ ଶୋଷଣ କିଅବା ଠକିବା ଉଚିତ୍ ନୁହେଁ।

**17**“ଇଶ୍ରାଯେଲର ସ୍ତ୍ରୀଲୋକ ବା ପୁରୁଷ କେହି ମନ୍ଦିରର ବେଶ୍ୟାରୂପେ ସେବା କରିବା ଉଚିତ୍ ନୁହଁ। **18**ତୁମ୍ଭେ କୌଣସି ମାନତ ନିମନ୍ତେ କୌଣସି ବେଶ୍ୟାର ବେତନ କିଅବା କୁକୁରର ମୂଲ୍ୟ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଗୃହକୁ ଆଣିବ ନାହିଁ। କାରଣ ସେ ଉଭୟ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଘୃଣ୍ୟ ଅଟନ୍ତି।

**19**“ତୁମ୍ଭେ ଯେତେବେଳେ ଅନ୍ୟ ଇଶ୍ରାଯେଲକୁ ଋଣ ଦିଅ, ତା'ର ସୁଧ ମାଗ ନାହିଁ। ତାକୁ ସୁନା, ରୂପା, ଖାଦ୍ୟଦ୍ରବ୍ୟ କିଅବା ଅନ୍ୟ କିଛି ସୁଧ ନିଅ ନାହିଁ। ଯାହା ଜଣେ ବ୍ୟକ୍ତି ଦେଇପାରିବ। **20**ତୁମ୍ଭେମାନେ ବିଦେଶୀମାନଙ୍କଠାରୁ ସୁଧ ଗ୍ରହଣ କରିପାରିବ। କିନ୍ତୁ ତୁମ୍ଭେମାନେ କୌଣସି ଇଶ୍ରାଯେଲ ଲୋକଠାରୁ ସୁଧ ନେବା ଉଚିତ୍ ନୁହଁ। ତେଣୁ ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭେ ଯାହା କରୁଛ ପ୍ରତ୍ୟେକର ଆଶୀର୍ବାଦ

କରିବେ, ଯାହା ତୁମ୍ଭେ ଅଧିକାର କରିବା ପାଇଁ ଯାଉଛ। ତୁମ୍ଭେ ଏହି ନିୟମ ଅନୁସରଣ କର, ତେବେ ତୁମ୍ଭେ ତୁମ୍ଭ ସଦାପ୍ରଭୁ ପରମେଶ୍ୱରଙ୍କର ଆଶୀର୍ବାଦର ପାତ୍ର ହେବ। ସଦାପ୍ରଭୁ ତୁମ୍ଭକୁ ସବୁ କାର୍ଯ୍ୟରେ ତୁମ୍ଭକୁ ଆଶୀର୍ବାଦ କରିବେ।

21"ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ତୁମ୍ଭେ ମାନସିକ କଲେ ତାହା ଦେବାକୁ ବିଳମ୍ବ କରିବ ନାହିଁ। କାରଣ ତାହା ତୁମ୍ଭର ପାପ ହେବ। ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଅବଶ୍ୟ ତୁମ୍ଭଠାରୁ ତାହା ଆଦାୟ କରିବେ।
22କିନ୍ତୁ ଯଦି ତୁମ୍ଭେ ମାନସିକ ନକର ତେବେ ତହିଁରେ ତୁମ୍ଭର ପାପ ହେବ ନାହିଁ। 23ଯାହା ତୁମ୍ଭ ଓଠରୁ ନିର୍ଗତ ହୋଇଅଛି, ତାହା କରିବାକୁ ମନୋଯୋଗ କରିବ। ତୁମ୍ଭେ ନିଜ ମୁଖରେ ପ୍ରତିଜ୍ଞା କରି ଯେପରି ସ୍ୱେଚ୍ଛାଦତ୍ତ ଉପହାର ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ମାନସିକ କରିଅଛ, ସେହି ଅନୁସାରେ କରିବ।

24"ତୁମ୍ଭେ ଆପଣା ପ୍ରତିବେଶୀର ଦ୍ରାକ୍ଷା କ୍ଷେତ୍ରକୁ ଗଲେ ସ୍ୱେଚ୍ଛାନୁସାରେ ଆପଣା ତୃପ୍ତି ପର୍ଯ୍ୟନ୍ତ ଦ୍ରାକ୍ଷାଫଳ ଭୋଜନ କରିପାରିବ। ମାତ୍ର ତୁମ୍ଭେ ଆପଣା ପାତ୍ରରେ କିଛି ଅବଶିଷ୍ଟ ରଖିବ ନାହିଁ। 25ତୁମ୍ଭେ ଆପଣା ପ୍ରତିବେଶୀର ବଢ଼ନ୍ତା ଶସ୍ୟ କ୍ଷେତ୍ରକୁ ଗଲେ ଆପଣା ହାତରେ ଶୀଷା ଛିଣ୍ଡାଇ ଖାଇ ପାରିବ, ମାତ୍ର ତୁମ୍ଭେ ଆପଣା ପ୍ରତିବେଶୀର ଶସ୍ୟ କାଟି ଆଣିପାରିବ ନାହିଁ।

24 "ଜଣେ ଲୋକ ଏକ ସ୍ତ୍ରୀକୁ ବିବାହ କରି ଗ୍ରହଣ କଲାପରେ ଯେବେ ସେ ତାହାଠାରେ କୌଣସି ଲଜ୍ଜାକର ବିଷୟ ପାଇବାରୁ ସେହି ସ୍ତ୍ରୀ ତାହାଠାରେ ଅନୁଗ୍ରହ ନପାଏ। ତେବେ ସେହି ପୁରୁଷ ତାହା ନିମନ୍ତେ ଏକ ଛାଡ଼ପତ୍ର ଲେଖି ତାହା ହସ୍ତରେ ଦେଇ ଆପଣା ଗୃହରୁ ତାହାକୁ ବାହାର କରିଦେବା ଉଚିତ୍। 2ସେ ସ୍ତ୍ରୀ ତା'ର ଗୃହରୁ ବାହାରି ଗଲାପରେ ସେ ଯାଇଥିବା ପୁରୁଷର ସ୍ତ୍ରୀ ହୋଇ ପାରିବ।
3-4ଯଦିବା ଯାଉ ତା' ନୂତନ ସ୍ୱାମୀ ତାକୁ ଭଲପାଇଲା ନାହିଁ ଓ ତାକୁ ମଧ୍ୟ ଛାଡ଼ପତ୍ର ଦେଲା କିଅବା ନୂତନ ସ୍ୱାମୀର ମୃତ୍ୟୁ ହୁଏ, ତେବେ ମଧ୍ୟ ତା'ର ପ୍ରଥମ ସ୍ୱାମୀ ତାକୁ ଆଉ ପୁନଃ ବିବାହ କରିବା ଉଚିତ୍ ନୁହଁ। ସେ କଳୁଷିତ ହୋଇ ସାରିବା ପରେ, କାରଣ ଏହି କାର୍ଯ୍ୟ ସଦାପ୍ରଭୁଙ୍କ ଆଗରେ ଘୃଣ୍ୟ ଅଟେ। ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଯେଉଁ ଦେଶ ତୁମ୍ଭମାନଙ୍କୁ ଅଧିକାର କରିବା ପାଇଁ ଦେଉଛନ୍ତି ତାକୁ ପାପରେ ଦୋଷୀ କରାଅ ନାହିଁ।

5"ଯଦି କୌଣସି ଲୋକ ନୂତନ ଭାବେ ବିବାହିତ ହୋଇଥାଏ ତେବେ ସେ ସୈନ୍ୟଦଳରେ ଯୋଗ ଦେବନାହିଁ। କିଅବା ତାଙ୍କୁ କୌଣସି ଦାୟିତ୍ୱ ପୂର୍ଣ୍ଣ କାର୍ଯ୍ୟଭାର ଦିଆଯିବ ନାହିଁ। ଏକବର୍ଷ ପାଇଁ ତାକୁ ସ୍ୱାଧିନଭାବେ ବୁଲି ଖୁସି କରିବାକୁ ଦିଆଯିବ ସେ ତା'ର ନୂତନ ସ୍ତ୍ରୀକୁ ଧରି ଗୃହରେ ମନୋରଞ୍ଜନ କରି, ବାସ କରିବ।

6"କେହି ଚକି ବା ଚକିର ଉପର ପଟ ବନ୍ଧକ ରଖିବ ନାହିଁ, କାରଣ ତାହା କଲେ ମନୁଷ୍ୟର ପ୍ରାଣ ବନ୍ଧକ ରଖିବା ସହିତ ସମାନ।

7"ଯଦିବା ଯାଉ କୌଣସି ମନୁଷ୍ୟ ଯେବେ ତାଙ୍କର ପଡ଼ୋଶୀକୁ ଅପହରଣ କରେ ଓ ସେ ତାକୁ ଯଦି ଦାସରୂପେ ବ୍ୟବହାର କରେ, ବା ତାହାକୁ ବିକ୍ରୟ କରେ, ତେବେ ସେହି ଅପହରଣକର୍ତ୍ତାକୁ ହତ୍ୟା କରାଯିବା ଉଚିତ୍। ତେଣୁ ତୁମ୍ଭମାନଙ୍କ ମଧ୍ୟରୁ ସେହି ଦୁଷ୍କର୍ମ ଦୂର କରିବା ଉଚିତ୍।

8"ତୁମ୍ଭେମାନେ ମାରାତ୍ମକ ଚର୍ମରୋଗ ପ୍ରତି ସାବଧାନ ହେବା ଉଚିତ୍। ଲେବୀୟ ଯାଜକମାନେ ତୁମ୍ଭକୁ ଯେଉଁସବୁ ଶିକ୍ଷା ଦିଅନ୍ତି, ତଦନୁସାରେ କର୍ମକରିବା ପାଇଁ ଯତ୍ନ ପୂର୍ବକ ମନୋଯୋଗ କର। ମୁଁ ସେମାନଙ୍କୁ ଯେଉଁ ପରି ଆଜ୍ଞା ଦେଇଅଛି ସେହିରୂପେ କରିବାକୁ ତୁମ୍ଭେମାନେ ମନୋଯୋଗ କରିବା ଉଚିତ୍। 9ତୁମ୍ଭେମାନେ ମିଶରରୁ ବାହାର ହୋଇ ଆସିବା ବେଳେ ପଥ ମଧ୍ୟରେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ମରୀୟମ ପ୍ରତି ଯାହା କରିଥିଲେ ସେସବୁକୁ ତୁମ୍ଭେମାନେ ସ୍ମରଣ କର।

10"ତୁମ୍ଭେ ଆପଣା ପ୍ରତିବେଶୀକି କୌଣସି ପ୍ରକାରେ ଋଣ ଦେଲେ ତାହାର ବନ୍ଧକ ଦ୍ରବ୍ୟ ଆଣିବା ପାଇଁ ତୁମ୍ଭେ ତାହା ଘର ଭିତରକୁ ଯିବନାହିଁ। 11ତୁମ୍ଭେ ସର୍ବଦା ବାହାରେ ଛିଡ଼ା ହୋଇ ରହିବ। ତୁମ୍ଭେ ଯାହାକୁ ଋଣ ଦେଇଅଛ, ସେ ବ୍ୟକ୍ତି ଆପଣା ବନ୍ଧକ ଦ୍ରବ୍ୟ ବାହାର କରି ତୁମ୍ଭ ନିକଟକୁ ଆଣିବ।
12ଯଦିବା ଯାଉ, ସେ ଜଣେ ଗରିବ ଲୋକ। ତେବେ ତୁମ୍ଭେ ତା'ର ବନ୍ଧକ ଦ୍ରବ୍ୟ ରଖିଥିବା ପର୍ଯ୍ୟନ୍ତ ଶୋଇବା ଉଚିତ୍ ନୁହଁ। 13ସେ ଯେପରି ଆପଣା ବସ୍ତ୍ର ଘେନି ଶୟନ କରି ତୁମ୍ଭକୁ ଆଶୀର୍ବାଦ କରିବ। ଏଥିପାଇଁ ସୂର୍ଯ୍ୟାସ୍ତ ସମୟରେ ତାହାର ବନ୍ଧକ ଦ୍ରବ୍ୟ ତାହାକୁ ଅବଶ୍ୟ ଫେରାଇ ଦେବ। ତହିଁରେ ତାହା ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ସାକ୍ଷାତରେ ତୁମ୍ଭ ପ୍ରତି ଧାର୍ମିକତା ହେବ।

14"ତୁମ୍ଭେ କଦାପି ଦୁଃଖି ଓ ଦରିଦ୍ର ଲୋକମାନଙ୍କର କେବେ ଉପଦ୍ରବ୍ୟ କରିବ ନାହିଁ। ସେ ଇଶ୍ରାୟେଲୀୟ ହେଉ ବା ବିଦେଶୀୟ ହେଉ। 15ସନ୍ଧ୍ୟା ପୂର୍ବରୁ ତାହାକୁ ତାହାର ବେତନ ଦେବ। କାରଣ ସେ ଦୁଃଖୀ ଲୋକ ତହିଁ ଉପରେ ତାହାର ମନ ଥାଏ। କେଜାଣି ସେ ତୁମ୍ଭ ବିରୁଦ୍ଧରେ ସଦାପ୍ରଭୁଙ୍କୁ ଡ଼ାକ ପକାଇବ, ତହିଁରେ ତୁମ୍ଭର ପାପ ହେବ।

16"ପିଲାମାନଙ୍କର ପାପ ପାଇଁ ତାଙ୍କର ପିତାମାତାଙ୍କୁ ଦଣ୍ଡ ଦେବ ନାହିଁ। କିମ୍ବା ପିତାମାତାଙ୍କ ପାଇଁ ପୁତ୍ରକୁ ମଧ୍ୟ ଦଣ୍ଡ ଦେବ ନାହିଁ। ପ୍ରତ୍ୟେକ ଲୋକ ନିଜର ପାପ ପାଇଁ ଦଣ୍ଡ ଭୋଗ କରିବ।

17"ତୁମ୍ଭେ ବିଦେଶୀର କି ପିତୃମାତୃହୀନ ବିଗ୍ଭରରେ ଅନ୍ୟାୟ କରିବ ନାହିଁ। କିଅବା ବିଧବାର ବସ୍ତ୍ର ବନ୍ଧକ ରଖିବ ନାହିଁ। 18ମାତ୍ର ତୁମ୍ଭେ ମିଶରରେ ସ୍ଥାୟୀଭାବେ ଦାସ ଥିଲେ, ପୁଣି ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ ସେଠାରୁ ମୁକ୍ତ କରିଅଛନ୍ତି। ଏକଥାକୁ ସ୍ମରଣ କରିବ। ଏଣୁ ଆମ୍ଭେ ତୁମ୍ଭକୁ ଏହି କର୍ମ କରିବା ପାଇଁ ଆଜ୍ଞା ଦେଇ ଅଛୁ।

19"ତୁମ୍ଭେ ଆପଣା କ୍ଷେତ୍ରରେ ଶସ୍ୟ କାଟିବା ବେଳେ ଗୋଟିଏ ବିଡ଼ା କ୍ଷେତ୍ରରେ ପାସୋରି ଆସିଲେ ତାହା ଆଣିବା ପାଇଁ ଫେରିଯିବ ନାହିଁ। ତାହା ବିଦେଶୀର, ପିତୃହୀନର ଓ ବିଧବାର ହେବ। ତହିଁରେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭ ହସ୍ତକୃତ ସମସ୍ତ କର୍ମରେ ତୁମ୍ଭକୁ ଆଶୀର୍ବାଦ କରିବେ।
20"ତୁମ୍ଭେ ଆପଣା ଜିତ୍ବୃକ୍ଷରୁ ଫଳ ପାଡ଼ିଲା ପରେ ଆଉଥରେ ଡ଼ାଳକୁ ଯିବ ନାହିଁ। ତାହା ବିଦେଶୀର, ପିତୃହୀନର ଓ

ବଧବାର ହେବ। 21"ତୁମ୍ଭେ ଆପଣା ଦ୍ରାକ୍ଷାକ୍ଷେତ୍ରରୁ ଦ୍ରାକ୍ଷାଫଳ
ସଂଗ୍ରହ କଲାବେଳେ ଆପଣା ଉତ୍ତାରେ ପୁନର୍ବାର ସାଉଣ୍ଟିବ
ନାହିଁ। ତାହା ବଦେଶୀର ପିତୃହୀନର ଓ ବଧବାର ହେବ।
22ଆଉ ତୁମ୍ଭେମାନେ ମିଶର ଦେଶରେ ବନ୍ଧା ଦାସ ଥିଲ,
ଏହା ସର୍ବଦା ସ୍ମରଣ କରବ। ଏଣୁ ଆମ୍ଭେ ତୁମ୍ଭକୁ ଏହ କର୍ମ
କରବା ପାଇଁ ଆଜ୍ଞା ଦେଇଅଛୁ।

25 "ଯେତେବେଳେ ଦୁଇଜଣଙ୍କ ମଧ୍ୟରେ ମାଡପିଟ୍
ଲାଗେ, ସେମାନେ ନ୍ୟାୟାଳୟକୁ ଯିବା ଉଚତ୍।
କଏ ଦୋଷୀ ଓ କଏ ନର୍ଦୋଷୀ ବଚାରକର୍ତ୍ତା ବଚାର କରବେ।
2ଯଦ ଦୋଷୀଲୋକ ପ୍ରହାରତ ହେବାର ଯୋଗ୍ୟ ହୁଏ,
ତେବେ ବଚାରକର୍ତ୍ତା ତାହାକୁ ଶୁଆଇବ, ପୁଣି ତାହାର ଦୋଷ
ଅନୁସାରେ ଗଣି ଗଣି ଆପଣା ସମ୍ମୁଖରେ ତାହାକୁ ପ୍ରହାର
କରାଇବ। 3ତୁମ୍ଭେ କାହାରକୁ ଚାଳିଶ ପ୍ରହାରରୁ ଅଧିକ
ଦେବନାହିଁ। ଯଦ ତୁମ୍ଭେ କାହାକୁ ଚାଳିଶ ଥରରୁ ଅଧିକ
ପ୍ରହାର କର ତେବେ ଏହା ଜଣାଯିବ ତୁମ୍ଭପାଇଁ ତାହାର
ଜୀବନ ତୁଚ୍ଛ ଅଟେ।

4"ବଳଦମାନେ ବେଙ୍ଗଲାରେ ବୁଲବା ସମୟରେ ସେମାନଙ୍କର
ମୁହଁ ବାନ୍ଧିବ ନାହିଁ।

5"ଯଦ ଭାଇଭାଇ ଏକତ୍ର ବାସ କରୁଥାନ୍ତି, ଯଦ ସେମାନଙ୍କ
ମଧ୍ୟରୁ ଜଣେ ମରେ ଓ ତାହାର ସନ୍ତାନ ନ ଥାଏ, ତେବେ
ସେହ ମୃତ ଲୋକର ସ୍ତ୍ରୀ ବାହାରର କୌଣସି ଲୋକକୁ
ବବାହ କରବ ନାହିଁ। ତା'ର ଅନ୍ୟ ଭାଇଜଣକ ତାକୁ ବବାହ
କର ରହବ ଓ ତାହା ସହତ ସହବାସ କରବ। 6ପୁଣି
ସେହ ସ୍ତ୍ରୀ ଯେଉଁ ପ୍ରଥମ ସନ୍ତାନ ଜନ୍ମ କରବ, ସେ ତା'ର
ମୃତ ଭ୍ରାତାର ଉତ୍ତରାଧିକାରୀ ହେବ। ତହିଁରେ ତାହାର ନାମ
ଇଶ୍ରାୟେଲରୁ ଲୁପ୍ତ ହେବନାହିଁ। 7ଯଦ ସେହ ଲୋକର ଭାଇ
ସେହ ସ୍ତ୍ରୀ ଲୋକକୁ ଗ୍ରହଣ କରବାକୁ ମନାକରେ ତେବେ
ସେହ ସ୍ତ୍ରୀ ନଗରଦ୍ୱାରରେ ପ୍ରାଚୀନବର୍ଗ ନକଟକୁ ଯାଇ
ଅଭିଯୋଗ କର କହବ ଯେ, 'ଆମ୍ଭ ଦେବର ଇଶ୍ରାୟେଲ
ମଧ୍ୟରେ ଆପଣା ଭ୍ରାତାର ନାମ ରଖିବାକୁ ଅସମ୍ମତ, ସେ
ଆମ୍ଭ ପ୍ରତି ଦେବରର କର୍ତ୍ତବ୍ୟ କର୍ମ କରବାକୁ ଇଚ୍ଛା କରେ
ନାହିଁ।' 8ତେବେ ତାହାର ନଗରସ୍ଥ ପ୍ରାଚୀନମାନେ ତାହାକୁ
ଡ଼ାକ କହବେ। ତହିଁରେ ଯେବେ ସେ ଛିଡ଼ା ହୋଇ କହେ
ଯେ, 'ତାହାକୁ ଗ୍ରହଣ କରବାକୁ ଆମ୍ଭର ଇଚ୍ଛା ନାହିଁ।'
9ତେବେ ତାହାର ଭାତୃ ସ୍ତ୍ରୀ ପ୍ରାଚୀନମାନଙ୍କ ସାକ୍ଷାତରେ
ତାହାର ନକଟକୁ ଆସି ତାହାର ପାଦରୁ ପାଦୁକା କାଢି ତାହା
ମୁହଁରେ ଛେପ ପକାଇବ। ପୁଣି ପ୍ରତ୍ୟୁତ୍ତର କର କହବ,
'ଯେ କୌଣସି ଲୋକ ଆପଣା ଭାଇର ଘର ନ ତୋଳେ
ତାହା ପ୍ରତି ଏହ ରୂପେ କରାଯିବ।' 10ଇଶ୍ରାୟେଲ ମଧ୍ୟରେ
'ଚ୍ୟୁତ ପାଦୁକ ବଂଶ' ବୋଲ କୁହାଯିବ।

11"ଦୁଇଜଣଙ୍କ ମଧ୍ୟରେ ଯଦ ବବାଦ ସୃଷ୍ଟି ହୁଏ।
ସେମାନଙ୍କ ମଧ୍ୟରୁ କାହାର ସ୍ତ୍ରୀ ଆସି ଯଦ ତା'ର ସ୍ୱାମୀକୁ
ସାହାଯ୍ୟ କରବାକୁ ଆସେ ଓ ହାତ ବଢାଇ ପ୍ରହାର କରି
ଗୁପ୍ତାଙ୍ଗକୁ ଧରେ। 12ତୁମ୍ଭେ ଏପର ସ୍ତ୍ରୀଲୋକର ହାତକାଟି
ପକାଇବ। ଏଥିପାଇଁ ତୁମ୍ଭେ ଦୁଃଖ କରବାର କଛ ନାହିଁ।

13"ତୁମ୍ଭେ ଆପଣା ଥଳୀରେ ଊଣା ଅଧିକ ଓଜନର ନାନା
ପ୍ରକାର ବଟକରା ରଖିବ ନାହିଁ। 14ତୁମ୍ଭେ ଆପଣା ଗୃହରେ
ଊଣା ଅଧିକ ପରମାଣର ପାତ୍ର ରଖିବ ନାହିଁ। 15ତୁମ୍ଭେ
ଯଥାର୍ଥ ଓ ନ୍ୟାୟ ବଟକରା ରଖିବ। ପୁଣି ଯଥାର୍ଥ ଓ ନ୍ୟାୟ
ପରମାଣ ପାତ୍ର ରଖିବ, ତହିଁରେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର
ତୁମ୍ଭକୁ ଯେଉଁ ଦେଶ ଦେବେ, ସେହ ଦେଶରେ ତୁମ୍ଭର ଦନ
ଦୀର୍ଘ୍ୟ ହେବ। 16ସଦାପ୍ରଭୁ ତୁମ୍ଭର ପରମେଶ୍ୱର ସେମାନଙ୍କୁ
ଘୃଣା କରନ୍ତ। ଯେଉଁମାନେ ଠକନ୍ତ, ଓଜନରେ କମ ଦଅନ୍ତ।
ହଁ ସେ ଏହପର ଲୋକମାନଙ୍କୁ ଅତି ଘୃଣା କରନ୍ତ।

### ଅମାଲେକୀୟମାନଙ୍କୁ ଧ୍ୱଂସ କରବ

17"ତୁମ୍ଭେମାନେ ମିଶରରୁ ବାହାର ହୋଇ ଆସିବା ବେଳେ
ପଥ ମଧ୍ୟରେ ଅମାଲେକୀୟ ଲୋକମାନେ ତୁମ୍ଭମାନଙ୍କ ପ୍ରତି
ଯେପର କରଥିଲେ। 18ତୁମ୍ଭେ ଶାନ୍ତ ଓ କ୍ଲାନ୍ତ ହେବା
ସମୟରେ ସେ ପଥରେ ତୁମ୍ଭକୁ ଭେଟି ତୁମ୍ଭ ପଶ୍ଚାଦବର୍ତ୍ତୀ
ଦୁର୍ବଳ ଲୋକମାନଙ୍କୁ ତୁମ୍ଭ ପଛରେ କପର ଆକ୍ରମଣ
କରଥିଲା ଓ ସେ ପରମେଶ୍ୱରଙ୍କୁ ଭୟ କଲାନାହିଁ। ଏହା
ସ୍ମରଣ କର। 19ଏଥିପାଇଁ ତୁମ୍ଭେମାନେ ଅମାଲେକୀୟମାନଙ୍କୁ
ସମୂଳେ ଧ୍ୱଂସ କରବ। ତୁମ୍ଭେମାନେ ଏପର କରବ ଯେତେବେଳେ
ସଦାପ୍ରଭୁଙ୍କ ଦତ୍ତ ନୂତନ ଦେଶରେ ପ୍ରବେଶ କରବ। ସେହ
ଦେଶରେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଚତୁର୍ଦ୍ଦିଗସ୍ଥ ତୁମ୍ଭ
ଶତ୍ରୁମାନଙ୍କଠାରୁ ତୁମ୍ଭକୁ ବଶ୍ରାମ ଦେଲେ, ତୁମ୍ଭେ ପୃଥିବୀରୁ
ଅମାଲେକୀୟମାନଙ୍କୁ ସମୂଳେ ଧ୍ୱଂସ କରବାକୁ ପଡ଼ବ।

### ପ୍ରଥମ ଅମଳ

26 "ତୁମ୍ଭେମାନେ ଖୁବ୍‌ଶିଘ୍ର ପ୍ରବେଶ କରବ, ସେହ
ଦେଶରେ ଯାହା ତୁମ୍ଭର ସଦାପ୍ରଭୁ ପରମେଶ୍ୱର
ତୁମ୍ଭଙ୍କୁ ଦେବେ। ତୁମ୍ଭେମାନେ ସେଠାରେ ବାସ କରବ।
2ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଦତ୍ତ ଆପଣା ସେହ ଦେଶର
ଭୂମିରୁ ଫଳଥିବା ସମସ୍ତ ଫଳ ଓ ପଶବାରୁ ପ୍ରଥମଜାତ ଫଳ
କଛ କଛ ରଖି ଗୁଙ୍ଗୁଡ଼ରେ ତାହା ନେଇ ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱର ତାଙ୍କ ନାମ ସ୍ଥାପନାର୍ଥେ ତାଙ୍କର
ମନୋନୀତ ସ୍ଥାନକୁ ତୁମ୍ଭେ ଯିବ। 3ତୁମ୍ଭେ ସେହ ସମୟରେ
ଯାଜକ ନକଟକୁ ଯିବା ଉଚତ୍ ଏବଂ କହବ, 'ସଦାପ୍ରଭୁ
ଆମ୍ଭମାନଙ୍କୁ ଯେଉଁ ଦେଶ ଦେବାପାଇଁ ଆମ୍ଭମାନଙ୍କ
ପୂର୍ବପୁରୁଷମାନଙ୍କ ନକଟରେ ଶପଥ କରଥିଲେ, ସେହ ଦେଶରେ
ଆମ୍ଭେ ବାସ କରୁଅଛୁ। ଏହା ଆମ୍ଭେ ସଦାପ୍ରଭୁ ତୁମ୍ଭ
ପରମେଶ୍ୱରଙ୍କ ସାକ୍ଷାତରେ ଘୋଷଣା କରୁଅଛୁ।'

4"ଏହାପରେ ଯାଜକ ତୁମ୍ଭ ହାତରୁ ଗୁଙ୍ଗୁଡ଼ ନେଇ
ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଯଜ୍ଞବେଦୀ ସମ୍ମୁଖରେ ରଖିବ।
5ତା'ପରେ ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କ
ସମ୍ମୁଖରେ ଉତ୍ତର ଦେଇ କହବ, 'ଜଣେ ବୁଲୁଥିବା, ଅରାମୀୟ
ଲୋକ ମୋର ପିତାଥିଲେ ଓ ସେ ମିଶରକୁ ଗଲେ ଏବଂ
ସେଠାରେ ଅଳ୍ପ କେତେକ ଲୋକ ସହତ ବାସ କଲେ।
ସେଠାରେ ସେ ଜାତୀୟ ଲୋକମାନଙ୍କ ମଧ୍ୟରେ ମହାନ ଓ
ଶକ୍ତିଶାଳୀ ହେଲେ। 6ସେଥିରେ ମିସ୍ରୀୟ ଲୋକମାନେ ଆମ୍ଭମାନଙ୍କ
ପ୍ରତି ଦୌରାତ୍ମ୍ୟ କଲେ ଓ ଆମ୍ଭମାନଙ୍କୁ କଷ୍ଟ ଦେଇ କଠିନ
ପରଶ୍ରମ କରାଇଲେ। 7ଏହାପରେ ଆମ୍ଭେମାନେ ସଦାପ୍ରଭୁ
ଆମ୍ଭମାନଙ୍କ ପୂର୍ବପୁରୁଷ ପରମେଶ୍ୱରଙ୍କ ନକଟରେ ପ୍ରାର୍ଥନା

କଲୁ। ଆଉ ସଦାପ୍ରଭୁ ଆମ୍ଭମାନଙ୍କର ଡ଼ାକ ଶୁଣିଲେ ଓ
ଆମ୍ଭମାନଙ୍କର କଷ୍ଟକୁ ହୃଦୟଙ୍ଗମ କଲେ ଓ ଉପଦ୍ରବ ଶ୍ରମ
ଦେଖିଲେ। 8ତା'ପରେ ସଦାପ୍ରଭୁ ବଳବାନ ହସ୍ତଦ୍ୱାରା ଓ
ବିସ୍ତୀର୍ଣ୍ଣ ବାହୁଦ୍ୱାରା ଓ ମହାତ୍ରାସଦ୍ୱାରା ଓ ନାନା ଚିହ୍ନ ଦ୍ୱାରା,
ଆଶ୍ଚର୍ଯ୍ୟ କର୍ମମାନଦ୍ୱାରା ଆମ୍ଭମାନଙ୍କୁ ମିଶରରୁ ବାହାର କରି
ଆଣିଲେ। 9ଏହାପରେ ସେ ଆମ୍ଭମାନଙ୍କୁ ଏହି ସ୍ଥାନକୁ
ଆଣିଛନ୍ତି ଓ ଏହି ଦେଶ ଦୁଗ୍ଧମଧୁ ପ୍ରବାହୀ ଦେଶ ଆମ୍ଭମାନଙ୍କୁ
ଦେଇଛନ୍ତି। 10ତେଣୁ, ହେ ସଦାପ୍ରଭୁ, ଦେଖ ତୁମ୍ଭେ ଆମ୍ଭକୁ
ଯେଉଁ ଦେଶ ଦେଇଅଛ, ଆମ୍ଭେ ତହିଁର ପ୍ରଥମ ଫଳ
ଆଣିଅଛୁ।'

"ଏହାପରେ ତୁମ୍ଭେ ସଦାପ୍ରଭୁ, ତୁମ୍ଭ ପରମେଶ୍ୱରଙ୍କ ସମ୍ମୁଖରେ
ତାହା ରଖିବ ଓ ପ୍ରଣାମ କରିବ। 11ଏହାପରେ ସଦାପ୍ରଭୁ
ତୁମ୍ଭ ପରମେଶ୍ୱର ତୁମ୍ଭ ପ୍ରତି ଓ ତୁମ୍ଭ ପରିବାର ପ୍ରତି
ଯେଉଁସବୁ ମଙ୍ଗଳ କରିଛନ୍ତି, ସେ ସବୁରେ ତୁମ୍ଭେ ଓ
ଲେବୀୟ ଓ ତୁମ୍ଭ ମଧ୍ୟବର୍ତ୍ତୀ ବିଦେଶୀୟ ଲୋକ ତୁମ୍ଭେମାନେ
ସମସ୍ତେ ଆନନ୍ଦ କରିବ।

12"ତୃତୀୟ ବର୍ଷରେ ଅର୍ଥାତ୍ ଦଶମାଂଶ ବର୍ଷରେ ତୁମ୍ଭେ
ଆପଣା ଉତ୍ପନ୍ନ ଶସ୍ୟ ଆଦିର ଦଶମାଂଶ ଦେବାର ସମାପ୍ତ
କଲାପରେ ତୁମ୍ଭେମାନେ ଲେବୀୟକୁ, ବିଦେଶୀକି, ପିତୃହୀନକୁ
ଓ ବିଧବାକୁ ତାହା ଦେବ। ତହିଁରେ ସେମାନେ ତୁମ୍ଭ
ନଗରଦ୍ୱାର ମଧ୍ୟରେ ଭୋଜନ କରି ତୃପ୍ତ ହେବେ। 13ତେଣୁ
ତୁମ୍ଭେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ସମ୍ମୁଖରେ ନିଶ୍ଚୟ ଏହା
କହିବ, 'ତୁମ୍ଭର ସମସ୍ତ ଆଜ୍ଞା ଅନୁସାରେ ମୁଁ ଆପଣା ଗୃହରୁ
ସମସ୍ତ ପବିତ୍ର ଖାଦ୍ୟ ବାହାର କରି ନେଇଛି। ଏବଂ
ଲେବୀୟକୁ, ବିଦେଶୀମାନଙ୍କୁ, ପିତୃମାତୃହୀନମାନଙ୍କୁ ଓ
ବିଧବାମାନଙ୍କୁ ଦେଇଅଛି। ମୁଁ ତୁମ୍ଭର କୌଣସି ଆଜ୍ଞା ଲଙ୍ଘନ
କରିନାହିଁ କିଅବା ସେଗୁଡ଼ିକ ପାଶୋରି ନାହିଁ। 14ମୁଁ ଆପଣା
ସେବା ସମୟରେ ତହିଁରୁ କିଛି ଭୋଜନ କରି ନାହିଁ। କିଅବା
ଅଶୁଚି ହୋଇ ତହିଁରୁ କିଛି ରଖିନାହିଁ। କିଅବା ମୃତ
ଲୋକଙ୍କ ଉଦ୍ଦେଶ୍ୟରେ ତହିଁରୁ କିଛି ଦେଇନାହିଁ। ମୁଁ ସଦାପ୍ରଭୁ
ଆପଣା ପରମେଶ୍ୱରଙ୍କ ବାକ୍ୟରେ ଧ୍ୟାନ ଦେଇଅଛି। ତୁମ୍ଭେ
ମୋତେ ଯାହା ଯାହା ଆଜ୍ଞା କଲ, ସେ ସବୁ ମୁଁ ପାଳନ
କରିଛି। 15ତୁମ୍ଭେ ଆପଣା ପବିତ୍ର ନିବାସ ସ୍ୱର୍ଗରୁ ଦୃଷ୍ଟିପାତ
କର। ଏବଂ ତୁମ୍ଭର ଲୋକ ଇଶ୍ରାୟେଲକୁ ଓ ଆମ୍ଭମାନଙ୍କ
ପୂର୍ବପୁରୁଷଗଣ ପ୍ରତି କୃତ ଆପଣା ଶପଥ ଅନୁସାରେ ଯେଉଁ
ଭୂମି ଆମ୍ଭମାନଙ୍କୁ ଦେଇଅଛ, ସେହି ଦୁଗ୍ଧମଧୁ ପ୍ରବାହୀ
ଦେଶକୁ ଆଶୀର୍ବାଦ କର।'

## ସଦାପ୍ରଭୁଙ୍କର ନିର୍ଦ୍ଦେଶମାନ ପାଳନ କର

16"ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଆଜି ତୁମ୍ଭକୁ ଏହିସବୁ
ବିଧି ଓ ଶାସନ ପାଳନ କରିବାକୁ ଆଜ୍ଞା ଦେଉ ଅଛନ୍ତି।
ଏଥିପାଇଁ ତୁମ୍ଭେ ଆପଣା ସମସ୍ତ ହୃଦୟ ଓ ସମସ୍ତ ପ୍ରାଣ
ସହିତ ତାହାସବୁ ପାଳନ କରିବ। 17ତୁମ୍ଭେମାନେ ଆଜି
ସଙ୍କଳ୍ପ କରିଅଛ ଯେ, ସେ ସଦାପ୍ରଭୁ ତୁମ୍ଭର ପରମେଶ୍ୱର
ହେବେ ଓ ତୁମ୍ଭେ ତାହାଙ୍କ ପଥରେ ଚାଲିବ ଓ ତାଙ୍କର ବିଧି,
ଆଜ୍ଞା, ଶାସନ ମାନି ଚଳିବ ଏବଂ ତାହାଙ୍କ ସ୍ୱର ଶୁଣ।
18ଏବଂ ସଦାପ୍ରଭୁ ଆଜି ତାଙ୍କ ପ୍ରତିଜ୍ଞା ଅନୁସାରେ ଘୋଷଣା
କରିଛନ୍ତି ଯେ, ତୁମ୍ଭେ ତାଙ୍କର ସଞ୍ଚିତ ଜାତି ହେବ ଓ
ତାଙ୍କର ସମସ୍ତ ଆଜ୍ଞା ମାନିବା ଉଚିତ୍। 19ସଦାପ୍ରଭୁ ତୁମ୍ଭମାନଙ୍କ
ସମସ୍ତ ଜାତିଙ୍କଠାରୁ ମହାନ କରିବେ। ସେ ତୁମ୍ଭକୁ ପ୍ରଶଂସା,
ଖ୍ୟାତି ଓ ସମ୍ମାନ ଦେବେ। ଏବଂ ତୁମ୍ଭେମାନେ ତାଙ୍କର ନିଜର
ପବିତ୍ର ଲୋକ ହେବ। ସେ ଯେପରି ପ୍ରତିଜ୍ଞା କରିଛନ୍ତି।"

## ଲୋକଙ୍କପାଇଁ ପଥରର ସ୍ମୃତି ଫଳକ

27 ମୋଶା ଏବଂ ପ୍ରାଚୀନବର୍ଗ ଲୋକମାନଙ୍କୁ ଆଜ୍ଞା
ଦେଲେ, "ମୁଁ ଆଜି ତୁମ୍ଭମାନଙ୍କୁ ଯେଉଁ ଆଜ୍ଞା
ଦେଉଛି, ସେଗୁଡ଼ିକ ପାଳନ କର। 2ଯେଉଁଦିନ ତୁମ୍ଭେମାନେ
ଯେତେବେଳେ ଯର୍ଦ୍ଦନ ନଦୀ ପାରହେଲ ଏବଂ ସେହି ଦେଶରେ
ପ୍ରବେଶ କଲ, ଯାହା ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ତୁମ୍ଭମାନଙ୍କୁ ଦେଇଛନ୍ତି। ସେହିଦିନ ହିଁ ଏକ ବୃହତ୍ ପ୍ରସ୍ତର
ସ୍ଥାପନ କରି ତାହା ଲେପନ କରିବ। 3ତୁମ୍ଭମାନେ ସେଠାରେ
ପ୍ରବେଶ କରିବା ମାତ୍ରେ, ତୁମ୍ଭେମାନେ ଏହିସବୁ ନିୟମ ସେହି
ପ୍ରସ୍ତର ଉପରେ ଲେଖିବା ଉଚିତ୍। ଏହାକରି ଯେତେବେଳେ
ତୁମ୍ଭେମାନେ ଯର୍ଦ୍ଦନ ନଦୀ ପାର ହୋଇ ସେହି ଦେଶରେ
ପ୍ରବେଶ କରିବାକୁ ଯାଉଛ, ଯାହା ସଦାପ୍ରଭୁ ତୁମ୍ଭର ପରମେଶ୍ୱର
ତୁମ୍ଭଙ୍କୁ ଦେଉଛନ୍ତି। ଦୁଗ୍ଧ, ମଧୁ ପ୍ରବାହିତ ହେଉଥିବାର
ଦେଶ ତୁମ୍ଭମାନଙ୍କର ପୂର୍ବପୁରୁଷଗଣଙ୍କର ସଦାପ୍ରଭୁ ପରମେଶ୍ୱର
ଯେହେତୁ ପ୍ରତିଜ୍ଞା କରିଥିଲେ।

4"ପୁଣି ଆଜି ମୁଁ ଯେଉଁ ପ୍ରସ୍ତରଗୁଡ଼ିକ ବିଷୟରେ
ତୁମ୍ଭମାନଙ୍କୁ ଏହି ଆଜ୍ଞା ଦେଲି, ତୁମ୍ଭେମାନେ ଯର୍ଦ୍ଦନ ପାର
ହେଲାପରେ ଏବଲ ପର୍ବତରେ ସେହି ପ୍ରସ୍ତର ସବୁ ସ୍ଥାପନ
କରିବ ଓ ତାହା ସବୁ ଚୂନରେ ଲେପିବ। 5ଆଉ ତୁମ୍ଭେ
ସେଠାରେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ
ଯଜ୍ଞବେଦୀ ଅର୍ଥାତ୍ ପଥରରେ ଏକ ଯଜ୍ଞବେଦୀ ନିର୍ମାଣ
କରିବ। ସେହି ପଥର କାଟିବାରେ ଲୁହା ବ୍ୟବହାର କରିବ
ନାହିଁ। 6ତୁମ୍ଭେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କର ଯଜ୍ଞବେଦୀ
ସମସ୍ତ ଅଚଞ୍ଛା ପଥରରେ ନିର୍ମାଣ କରିବା ଉଚିତ୍ ଓ
ତୁମ୍ଭେମାନେ ସେହି ସ୍ଥାନରେ ତୁମ୍ଭମାନଙ୍କର ସଦାପ୍ରଭୁ
ପରମେଶ୍ୱରଙ୍କୁ ହୋମବଳି ଉତ୍ସର୍ଗ କରିବା ଉଚିତ୍। 7ତୁମ୍ଭେ
ମଙ୍ଗଳାର୍ଥକ ବଳିଦାନ ଉତ୍ସର୍ଗ କରି ସେଠାରେ ଭୋଜନ
କରିବ ଓ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ସମ୍ମୁଖରେ ଆନନ୍ଦ
କରିବ। 8ତୁମ୍ଭେ ସେହି ପ୍ରସ୍ତର ଉପରେ ଏହି ବ୍ୟବସ୍ଥାର
ସମସ୍ତ କଥା ସୁନ୍ଦରଭାବେ ଖୋଲି ଲେଖିବ।"

## ନିୟମ ନ ମାନିଲେ ଅଭିଶପ୍ତ ହେବେ

9ମୋଶା ଓ ଯାଜକମାନେ ସମସ୍ତ ଇଶ୍ରାୟେଲକୁ କହିଲେ,
"ହେ ଇଶ୍ରାୟେଲ ନୀରବରେ ଅନୁଧ୍ୟାନ କର, ଆଜି ତୁମ୍ଭେ
ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ଲୋକ ହେଲ। 10ଏଣୁ
ତୁମ୍ଭେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ କଥାରେ କର୍ଣ୍ଣପାତ
କର ଓ ଆଜି ମୁଁ ତାଙ୍କର ଯେଉଁ ସମସ୍ତ ଆଜ୍ଞା ବିଧି ତୁମ୍ଭଙ୍କୁ
ଆଜ୍ଞା କରୁଅଛି। ତାହା ପାଳନ କର।"

11ସେହି ଦିନ ମୋଶା ଲୋକମାନଙ୍କୁ କହିଲେ, 12"ତୁମ୍ଭେ
ଯର୍ଦ୍ଦନ ପାର ହେବାପରେ ଶିମିୟୋନ, ଲେବୀ, ଯିହୁଦା,
ଇଷାଖର, ଯୋଷେଫ ଓ ବିନ୍ୟାମୀନ ଗୋଷ୍ଠୀଗଣ ସମସ୍ତ

ଲୋକମାନଙ୍କୁ ଆଶୀର୍ବାଦ ନମନ୍ତେ ଗରଷୀମ୍ ପର୍ବତ ଉପରେ
ନଶ୍ଚୟ ଛିଡ଼ା ହେବ। 13ଏବଂ ରୂବେନ୍, ଗାଦ୍, ଆଶେର,
ସବୂଲୂନ୍, ଦାନ, ନପ୍ତାଲ ଗୋଷ୍ଠୀୟଙ୍କୁ ଅଭିଶାପ ଦେବା
ନମନ୍ତେ ଏବଲ ପର୍ବତରେ ଠିଆ ହେବେ।

14"ଏବଂ ସମସ୍ତ ଲେବୀୟମାନେ ଖୁବ୍ ଉଚ୍ଚ ସ୍ୱରରେ
ସମସ୍ତ ଇଶ୍ରାୟେଲୀୟ ଲୋକଙ୍କୁ ଉତ୍ତର ଦେଇ କହବେ,
15'ଯେଉଁ ମନୁଷ୍ୟ କୌଣସି ଖୋଦତ କଅବା ଛାଞ୍ଚଢଳା ମୂର୍ତ୍ତି
ନର୍ମାଣ କରେ ଯାହା ସଦାପ୍ରଭୁ ଘୃଣା କରନ୍ତ ଏବଂ ଏହାକୁ
ଏକ ଗୋପନ ସ୍ଥାନରେ ସ୍ଥାପନ କରେ, ସେ ଶାପଗ୍ରସ୍ତ ହେବା
ଉଚତ୍।'

"ତହଁରେ ସମସ୍ତ ଲୋକ ଉତ୍ତର ଦେଇ କହବେ,
'ଆମେନ୍'।

16"ଲେବୀୟମାନେ କହବେ, 'ଆପଣା ପିତାମାତାଙ୍କୁ ଯିଏ
ଅବଜ୍ଞା କରେ ଓ ଅସମ୍ମାନ କରେ ସେ ଅଭିଶପ୍ତ ହେଉ।'

"ସେଥିରେ ସମସ୍ତେ କହବେ, 'ଆମେନ୍'।

17"ଲେବୀୟମାନେ କହବେ, 'ଯେଉଁ ଲୋକ ଆପଣା
ପ୍ରତବେଶୀର ଭୂମିର ଚହ୍ନ ଘୁଞ୍ଚାଏ, ସେ ଅଭିଶପ୍ତ ହେଉ।'

"ସେଥିରେ ସମସ୍ତେ କହବେ, 'ଆମେନ୍।'

18"ଲେବୀୟମାନେ କହବେ, 'ଯେଉଁ ଲୋକ ଅନ୍ଧକୁ ବାଟ
ଭୁଲାଏ, ସେ ଲୋକ ଅଭିଶପ୍ତ ହେଉ।'

"ସେଥିରେ ସମସ୍ତେ କହବେ, 'ଆମେନ୍।'

19"ଲେବୀୟମାନେ କହବେ, 'ଯେଉଁ ଲୋକ ବଧବା,
ବଦେଶୀ, ଅନାଥଙ୍କର ନ୍ୟାୟ କରବାରେ ବାଧା ଦଏ ସେ
ଅଭିଶପ୍ତ ହେଉ।'

"ସେଥିରେ ସମସ୍ତେ କହବେ, 'ଆମେନ୍।'

20"ଲେବୀୟମାନେ କହବେ, 'ଯେଉଁଲୋକ ଆପଣା ପିତାଙ୍କ
ଭାର୍ଯ୍ୟା ସହତ ଶୟନ କରେ ସେ ଅଭିଶପ୍ତ ହେଉ। କାରଣ
ସେ ଯାହା ତା'ର ପିତାର ସେ ତାକୁ ଅନାବରଣ କରଥାଏ।"

"ଏଥିରେ ସମସ୍ତେ କହବେ, 'ଆମେନ୍।'

21"ଲେବୀୟମାନେ କହବେ, 'ଯେଉଁଲୋକର କୌଣସି
ପଶୁ ସହତ ଯୌନ ସମ୍ପର୍କ ଥାଏ, ସେ ଅଭିଶପ୍ତ ହେଉ।'

"ଏଥିରେ ସମସ୍ତେ କହବେ, 'ଆମେନ୍।'

22"ଲେବୀୟମାନେ କହବେ, 'ଯେଉଁମାନେ ସେମାନଙ୍କ
ଭଉଣୀ ବା ପିତୃକନ୍ୟା ବା ମାତୃକନ୍ୟା ସହତ ଯୌନ ସମ୍ପର୍କ
ରଖେ ସେ ଅଭିଶପ୍ତ ହେଉ।'

"ଏଥିରେ ସମସ୍ତେ କହବେ, 'ଆମେନ୍।'

23"ଲେବୀୟମାନେ କହବେ, "ଯେ କେହ ଆପଣା ଶାଶୁ
ସଙ୍ଗେ ଯୌନ ସମ୍ପର୍କ ରକ୍ଷାକରେ ସେ ଅଭିଶପ୍ତ ହେଉ।'

"ଏଥିରେ ସମସ୍ତେ କହବେ, 'ଆମେନ୍।'

24"ଲେବୀୟମାନେ କହବେ, 'ଯେଉଁଲୋକ ଆପଣା
ପଡ଼ୋଶୀକୁ ଗୋପନରେ ହତ୍ୟା କରେ ସେ ଅଭିଶପ୍ତ
ହେଉ।'

"ଏଥିରେ ସମସ୍ତେ କହବେ, 'ଆମେନ୍।'

25"ଲେବୀୟମାନେ କହବେ, 'ଯେଉଁ ଲୋକ ନର୍ଦ୍ଦୋଷ
ପ୍ରାଣୀକୁ ହତ୍ୟା କରବାକୁ ଅର୍ଥନଏ ସେ ଅଭିଶପ୍ତ ହେଉ?'

"ଏଥିରେ ସମସ୍ତେ କହବେ, 'ଆମେନ୍।'

26"ଲେବୀୟମାନେ କହବେ, 'ଯେଉଁଲୋକ ଏହ ବ୍ୟବସ୍ଥାର
ପାଳନ କରେ ନାହିଁ କମ୍ବା ଅନୁସରଣ କରେ ନାହିଁ, ସେ
ଅଭିଶପ୍ତ ହେଉ।'

ଏଥିରେ ସମସ୍ତେ କହବେ, 'ଆମେନ୍।'

## ନୟିମ ମାନୁଥିବା ଲୋକେ ଆଶୀର୍ବାଦ ପ୍ରାପ୍ତ ହେବେ

28 "ବର୍ତ୍ତମାନ ତୁମ୍ଭେମାନେ ଯଦ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱରଙ୍କ ସ୍ୱର ଶୁଣ ଏବଂ ସମସ୍ତ ଆଜ୍ଞା
ପାଳନ କର, ଯାହା ମୁଁ ଆଜି ତୁମ୍ଭକୁ କହୁଅଛି, ତେବେ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କୁ ପୃଥିବୀର
ଅନ୍ୟ ଜାତିଗଣ ଅପେକ୍ଷା ବହୁ ଉଚ୍ଚରେ ରଖିବେ। 2ଏହ
ସମସ୍ତ ଆଶୀର୍ବାଦ ତୁମ୍ଭେମାନେ ଗ୍ରହଣ କରବ ଏବଂ ସେଗୁଡକ
ତୁମ୍ଭ ପାଖକୁ ଆସିବ। କାରଣ ତୁମ୍ଭେମାନେ ସଦାପ୍ରଭୁ ଆପଣା
ପରମେଶ୍ୱରଙ୍କର ସ୍ୱର ଶୁଣିଛ।

3"ତୁମ୍ଭେମାନେ ଏହ ନଗରରେ ଆଶୀର୍ବାଦ ପ୍ରାପ୍ତ ହେବ
ଓ କ୍ଷେତ୍ରରେ ମଧ୍ୟ ଆଶୀର୍ବାଦ ପ୍ରାପ୍ତ ହେବ।

4ସଦାପ୍ରଭୁ ତୁମ୍ଭମାନଙ୍କୁ ଆଶୀର୍ବାଦ କର ବହୁ ସନ୍ତାନ
ଦେବେ। ତୁମ୍ଭମାନଙ୍କୁ ଫସଲ ବେଳେ ଏବଂ ତୁମ୍ଭ ପଶୁମାନଙ୍କୁ
ମଧ୍ୟ ବହୁ ଶାବକ ଦେବେ, ସେ ମଧ୍ୟ ତୁମ୍ଭମାନଙ୍କର ବାଛୁର
ଓ ମେଣ୍ଢାମାନଙ୍କୁ ଆଶୀର୍ବାଦ କରବେ।

5ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭମାନଙ୍କର ପାତ୍ର
ଖାଦ୍ୟରେ ପୂର୍ଣ୍ଣ କରବେ।

6ଯେତେବେଳେ ତୁମ୍ଭେମାନେ ଆସିବ ଓ ବାହାରକୁ ଯିବ,
ତୁମ୍ଭେମାନେ ଆଶୀର୍ବାଦ ପ୍ରାପ୍ତ ହେବ।

7"ସଦାପ୍ରଭୁ ସର୍ବଦା ତୁମ୍ଭମାନଙ୍କୁ ସହାୟ ଓ ତୁମ୍ଭ
ଶତ୍ରୁମାନଙ୍କୁ ବନାଶ କରବେ, ଯେଉଁମାନେ ତୁମ୍ଭ ବରୁଦ୍ଧରେ
ଯୁଦ୍ଧ କରବାକୁ ଉଠିବେ। ସେମାନେ ତୁମ୍ଭ ବରୁଦ୍ଧରେ
ଗୋଟିଏ ବାଟରେ ଆସିବେ ଓ ସାତଟି ବାଟରେ ପଳାୟନ
କରବେ।

8"ସଦାପ୍ରଭୁ ତୁମ୍ଭମାନଙ୍କର ଅମାର ପୂର୍ଣ୍ଣ କରବେ। ସେ
ତୁମ୍ଭକୁ ସବୁ କାର୍ଯ୍ୟରେ ଆଶୀର୍ବାଦ କରବେ। ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭକୁ ଦେଇଥିବା ଦେଶ ଉପରେ
ଆଶୀର୍ବାଦ କରବେ। 9ସଦାପ୍ରଭୁ ତୁମ୍ଭକୁ ତାଙ୍କର ପବତ୍ର
ଲୋକ ଭାବେ ପ୍ରତଷ୍ଠା କରବେ, ଠିକ୍ ଯେପରି ସେ ପ୍ରତଜ୍ଞା
କରଛନ୍ତ। ସେ ଠିକ୍ ସେହପରି କରବେ କାରଣ ତୁମ୍ଭେମାନେ
ତାଙ୍କର ଆଦେଶ ମାନ ଓ ତାଙ୍କର ପଥରେ ଗ୍ଭଲ। 10ଏହାପରେ
ତୁମ୍ଭେ ସଦାପ୍ରଭୁଙ୍କ ନାମରେ ପ୍ରସିଦ୍ଧ ଅଛ ବୋଲି, ଦେଶର
ସମସ୍ତ ଲୋକ ଦେଖିବେ ଓ ସେମାନେ ତୁମ୍ଭ ବଷୟରେ ଭୟ
କରବେ।

11"ଏବଂ ସଦାପ୍ରଭୁ ତୁମ୍ଭମାନଙ୍କୁ ସମସ୍ତ ଉତ୍ତମ ଦ୍ରବ୍ୟରେ
ପରପୂର୍ଣ୍ଣ କରବେ। ସେ ତୁମ୍ଭକୁ ଅନେକ ସନ୍ତାନରେ ପରପୂର୍ଣ୍ଣ
କରବେ। ସେ ତୁମ୍ଭମାନଙ୍କୁ ଗୋବତ୍ସରେ ପରପୂର୍ଣ୍ଣ କରବେ।
ସେ ତୁମ୍ଭର ଅମାର ଉତ୍ତମ ଫସଲରେ ପରପୂର୍ଣ୍ଣ କରବେ।
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କର ପୂର୍ବ
ପୁରୁଷମାନଙ୍କୁ ଯେପରି ପ୍ରତଜ୍ଞା କରଥିଲେ। 12ଠିକ୍ ସମୟରେ
ଉତ୍ତମ ବର୍ଷା ପ୍ରଦାନ କରବାକୁ ସଦାପ୍ରଭୁ ତାଙ୍କର ଆକାଶର
ଗନ୍ତାଘର ଖୋଲବେ। ସଦାପ୍ରଭୁ ତୁମ୍ଭର ସମସ୍ତ କର୍ମରେ
ଆଶୀର୍ବାଦ କରବେ। ତୁମ୍ଭେ ଅନ୍ୟ ଗୋଷ୍ଠୀୟ ଲୋକମାନଙ୍କୁ

ଋଣ ଦେବ। କନ୍ତୁ ତୁମ୍ଭେ ସେମାନଙ୍କ ଠାରୁ କଛି ଉଧାର
ଆଣିବ ନାହିଁ। 13ସଦାପ୍ରଭୁ ତୁମ୍ଭକୁ ସର୍ବଦା ସମସ୍ତଙ୍କ ଉପରେ
ସ୍ଥାପନ କରବେ କେଉଁଥିରେ ପଛ କରବେ ନାହିଁ। ସେ
ତୁମ୍ଭକୁ ସର୍ବଦା ମସ୍ତକ କରବେ ଲାଙ୍ଗୁଳ କରବେ ନାହିଁ।
ଏହପର ସବୁ ହେବ, ଯଦ ତୁମ୍ଭେମାନେ ସଦାପ୍ରଭୁଙ୍କର ସମସ୍ତ
ବଧି ଓ ନୟିମ ମାନ ଚଳବ। ଯାହା ଆଜ ମୁଁ ତୁମ୍ଭମାନଙ୍କୁ
କହୁଅଛି। 14ଆଜ ମୁଁ ତୁମ୍ଭକୁ ସଦାପ୍ରଭୁଙ୍କର ଯେଉଁ ଶିକ୍ଷା
ଦେଉଅଛ ସେଥିରୁ କେବେ ବମୁଖ ହୁଅ ନାହିଁ। ତୁମ୍ଭେ ଦକ୍ଷିଣ
କ ବାମକୁ ଫେରବ ନାହିଁ। ତୁମ୍ଭେମାନେ ଅନ୍ୟ ଦେବତାମାନଙ୍କୁ
ଅନୁସରଣ କଅବା ଉପାସନା କରବ ନାହିଁ।

## ଯେଉଁମାନେ ନୟିମ ନମାନବେ ଅଭିଶପ୍ତ ହେବେ

15"କନ୍ତୁ ତୁମ୍ଭେମାନେ ଯଦ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କର
ବାକ୍ୟ ନଶୁଣ, ଯତ୍ନଶୀଳ ନହୁଅ ଏବଂ ଯଦ ତୁମ୍ଭେ ତାଙ୍କର
ବଧି ଓ ନୟିମ ପାଳନ ନ କର, ଯାହା ମୁଁ ତୁମ୍ଭମାନଙ୍କୁ
ଦେଉଛ। ତେବେ ଏହ ଅଭିଶାପଗୁଡକ ତୁମ୍ଭମାନଙ୍କ ଉପରେ
ବର୍ତ୍ତିବ।

16"ସଦାପ୍ରଭୁ ତୁମ୍ଭମାନଙ୍କୁ ନଗରରେ ଓ କ୍ଷେତ୍ରରେ ଅଭିଶାପ
ଦେବେ।

17ତୁମ୍ଭମାନଙ୍କର ଖାଇବା ପାତ୍ର ଅଭିଶପ୍ତ ହେବ। ସେଥିରେ
ଖାଦ୍ୟ ରହବ ନାହିଁ।

18ସଦାପ୍ରଭୁ ତୁମ୍ଭକୁ ଅଭିଶାପ ଦେବେ ଏବଂ ତୁମ୍ଭେମାନେ
ବହୁ ସନ୍ତାନର ଅଧିକାରୀ ହେବ ନାହିଁ। ସେ ତୁମ୍ଭର କ୍ଷେତକୁ
ଅଭିଶପ୍ତ କରବେ ଏବଂ ତୁମ୍ଭେ ଉତ୍ତମ ଫସଲର ଅଧିକାରୀ
ହେବନାହିଁ। ସେ ତୁମ୍ଭର ପଶୁମାନଙ୍କୁ ଅଭିଶାପ ଦେବେ,
ତାଙ୍କର ଅନେକ ଶାବକ ହେବେନାହିଁ। ସେ ତୁମ୍ଭର ଗାଈ ଓ
ମେଷମାନଙ୍କୁ ମଧ ଅଭିଶାପ ଦେବେ।

19ପ୍ରବେଶ କରବାବେଳେ ଓ ବାହରକୁ ଯିବାବେଳେ
ତୁମ୍ଭେ ଶାପଗ୍ରସ୍ତ ହେବ।

20"ତୁମ୍ଭେ ଯଦ କୁକର୍ମ କର ଏବଂ ସଦାପ୍ରଭୁଙ୍କ ପ୍ରତି
ବମୁଖ ହୁଅ, ତେବେ ସେ ତୁମ୍ଭର ସର୍ବଦା ଅମଙ୍ଗଳ କରବେ।
ତୁମ୍ଭର ସବୁ କାର୍ଯ୍ୟରେ ହତୋତ୍ସାହ ଓ ଅସୁବଧା ଜନ୍ମିବ।
ତୁମ୍ଭେ ସମ୍ପୂର୍ଣ୍ଣ ଭାବରେ ବନାଶ ହେବା ପର୍ଯ୍ୟନ୍ତ ସେ ତୁମ୍ଭର
ଏହପର କରବେ। ସେ ତୁମ୍ଭ ପ୍ରତି ଏପର କରବେ କାରଣ
ତୁମ୍ଭେ ତାଙ୍କଠାରେ ବମୁଖ ହୋଇଛ ଓ ତାଙ୍କଠାରୁ ଦୂରେଇ
ରହଛ। 21ସଦାପ୍ରଭୁ ତୁମ୍ଭମାନଙ୍କୁ ବନାଶ କରବା ପାଇଁ ତୁମ୍ଭକୁ
ମହାମାରୀ ରୋଗରେ ଆକ୍ରାନ୍ତ କରବେ। ତୁମ୍ଭେମାନେ ଯେଉଁ
ଦେଶକୁ ଅଧିକାର କରବାକୁ ଯାଉଅଛ, ସେହ ଦେଶରୁ
ତୁମ୍ଭମାନଙ୍କୁ ଧ୍ୱଂସ କରବେ। 22ସଦାପ୍ରଭୁ ତୁମ୍ଭକୁ ରୋଗ, ଜ୍ୱର
ଓ ଜ୍ୱାଳାରେ ଦଣ୍ଡିତ କରବେ। ସଦାପ୍ରଭୁ ତୁମ୍ଭମାନଙ୍କୁ ଅତ୍ୟଧିକ
ଉତ୍ତାପ ଦେବେ ଯେଉଁଥିରେ ତୁମ୍ଭେମାନେ ଉତ୍ତମ ବର୍ଷା
ପାଇବ ନାହିଁ। ତୁମ୍ଭର ଫସଲ ବର୍ଷା ଅଭାବରେ ମରଯିବ।
ତୁମ୍ଭର ବନାଶ ହେବା ପର୍ଯ୍ୟନ୍ତ ସମସ୍ତ କୁକର୍ମମାନ ଘଟିବ।
23ଆକାଶ ପିତ୍ତଳପର ଦେଖାଯିବ ଏବଂ ଭୂମି ଲୁହାପର
ଦେଖାଯିବ। 24ସଦାପ୍ରଭୁ ତୁମ୍ଭକୁ ବର୍ଷା ଦେବେ ନାହିଁ।
ଆକାଶରୁ କେବଳ ଧୂଳ ଓ ବାଲ ବର୍ଷା କରବେ। ତୁମ୍ଭମାନଙ୍କର
ଧ୍ୱଂସ ହେବା ପର୍ଯ୍ୟନ୍ତ ଏହପର ଲାଗି ରହବ।

25"ସଦାପ୍ରଭୁ ତୁମ୍ଭମାନଙ୍କୁ ତୁମ୍ଭ ଶତ୍ରୁମାନଙ୍କ ହାତରେ
ତୁମ୍ଭକୁ ପରାସ୍ତ କରାଇବେ। ତୁମ୍ଭେ ଯୁଦ୍ଧ କରବା ପାଇଁ
ଗୋଟିଏ ବାଟରେ ପଶିବ ମାତ୍ର ସାତୋଟି ବାଟରେ ପଳାୟନ
କର ଆସିବ। ତୁମ୍ଭମାନଙ୍କ ପ୍ରତି ଏପର ଘଟଣାମାନ ସବୁ
ଘଟିବ ଯେଉଁଥିରେ ସମସ୍ତ ପୃଥିବୀବାସୀ ତାହା ଦେଖି ଭୟ
କରବେ। 26ତୁମ୍ଭମାନଙ୍କର ମୃତ ଶରୀର ସବୁ ହଂସ୍ର ଜନ୍ତୁ,
ପକ୍ଷୀମାନଙ୍କର ଖାଦ୍ୟ ହେବ। ସେମାନଙ୍କୁ ଘଉଡ଼ାଇବା ପାଇଁ
କେହ ନଥିବେ।

27"ସଦାପ୍ରଭୁ ତୁମ୍ଭମାନଙ୍କୁ ମିସ୍ରୀୟ ବଥ, ଅର୍ଶ, ଜାଦୁ ଓ
କୁଣ୍ଡିଆଣି ଦ୍ୱାରା ଆଘାତ କରବେ, ଯେପର ମିଶରୀୟମାନଙ୍କୁ
କରଥିଲେ। ଏଥିରୁ ତୁମ୍ଭେମାନେ ଆରୋଗ୍ୟ ହୋଇପାରବ
ନାହିଁ। 28ସଦାପ୍ରଭୁ ତୁମ୍ଭମାନଙ୍କୁ ଉନ୍ମାଦ ଓ ଅନ୍ଧତା ଓ ଚିତ୍ତ
ସ୍ତବ୍ଧତା ଦ୍ୱାରା ଆଘାତ କରବେ। 29ତୁମ୍ଭେମାନେ ଦନବେଳେ
ମଧ ଅନ୍ଧଙ୍କ ପର ଦରାଣ୍ଡି ହେବ। ତୁମ୍ଭେମାନେ ଆପଣା
କାର୍ଯ୍ୟରେ ସର୍ବଦା କୃତକାର୍ଯ୍ୟ ହେବନାହିଁ। ତୁମ୍ଭେ ସର୍ବଦା
ଉପଦ୍ରବଗ୍ରସ୍ତ ଓ ଲୁଣ୍ଠିତ ହେବ। କେହ ତୁମ୍ଭକୁ ଉଦ୍ଧାର
କରବାକୁ ନଥିବେ।

30"ତୁମ୍ଭେ ଏକ ସ୍ତ୍ରୀଲୋକକୁ ବବାହ କରବ କନ୍ତୁ ଅନ୍ୟ
ଜଣେ ପୁରୁଷ ତାକୁ ଧର୍ଷଣ କରବ। ତୁମ୍ଭେ ଏକ ଗୃହ
ନର୍ମାଣ କରବ କନ୍ତୁ ସେଥିରେ ଅନ୍ୟ ଜଣେ ବାସ କରବ।
ତୁମ୍ଭେମାନେ ଦ୍ରାକ୍ଷାକ୍ଷେତ୍ର ରୋପଣ କରବ ଓ ଅନ୍ୟ ଜଣେ
ତା'ର ଫଳସବୁ ଖାଇବ। ତୁମ୍ଭେ ସେଥିରୁ କଛି ପାଇବ ନାହିଁ।
31ଲୋକମାନେ ତୁମ୍ଭ ସମ୍ମୁଖରେ ତୁମ୍ଭର ଗୋବତ୍ସମାନଙ୍କୁ ବଧ
କରବେ। କନ୍ତୁ ତୁମ୍ଭେ ତା'ର ମାଂସ ଖାଇ ପାରବ ନାହିଁ।
ଲୋକମାନେ ତୁମ୍ଭର ଗଧମାନ ନେଇ ଯିବେ। ସେମାନେ
ତାହା ତୁମ୍ଭକୁ ଫେରାଇବେ ନାହିଁ। ତୁମ୍ଭର ଶତ୍ରୁମାନେ ତୁମ୍ଭର
ମେଷମାନଙ୍କୁ ନେଇଯିବେ କନ୍ତୁ ଉଦ୍ଧାର କରବାକୁ କେହ
ନଥିବେ।

32"ତୁମ୍ଭ ପୁତ୍ର କନ୍ୟାଗଣ ଅନ୍ୟମାନଙ୍କୁ ଦଆଯିବ। ସବୁବେଳେ
ତୁମ୍ଭେ ତାଙ୍କୁ ଗୃହୁଁ ଗୃହୁଁ ଦନ ଯିବ। କନ୍ତୁ ତୁମ୍ଭେମାନେ କଛି
କରପାରବ ନାହିଁ। କନ୍ତୁ ପରମେଶ୍ୱର ତୁମ୍ଭର କୌଣସି
ସାହାଯ୍ୟ କରବେ ନାହିଁ।

33"ତୁମ୍ଭେ ତୁମ୍ଭର କଠିନ ପରଶ୍ରମ କରଥିବା ଫଳ
ଅନ୍ୟମାନେ ନେଇଯିବେ। ଏବଂ ତୁମ୍ଭେ ସର୍ବଦା କେବଳ
ଉପଦ୍ରବ ଗ୍ରସ୍ତ ଓ ନର୍ଯାତନା ଭୋଗ କରବ। 34ତୁମ୍ଭେ ଯାହା
ଦେଖିବ ତାହାର ପାଇଁ ତୁମ୍ଭେ ଉନ୍ମତ୍ତ ହେବ। 35ସଦାପ୍ରଭୁ
ତୁମ୍ଭର ଜାନୁ ଓ ଜଙ୍ଘ ଓ ତଳପାରୁ ମସ୍ତକ ଯାଏ ବ୍ୟଥାଦାୟୀ
ବଥଦ୍ୱାରା ତୁମ୍ଭକୁ ଆଘାତ କରବେ। ତହିଁରୁ ତୁମ୍ଭେ ସୁସ୍ଥ
ହୋଇ ପାରବ ନାହିଁ।

36"ସଦାପ୍ରଭୁ ତୁମ୍ଭକୁ ଓ ତୁମ୍ଭେ ଯାହାକୁ ଆପଣା ଉପରେ
ନଯୁକ୍ତ କଲ ତୁମ୍ଭର ସେହ ରାଜାକୁ ତୁମ୍ଭର ଓ ତୁମ୍ଭ
ପୂର୍ବପୁରୁଷଗଣର ଅଜ୍ଞାତ ଏକ ଗୋଷ୍ଠୀୟ ଲୋକଙ୍କ ନକଟକୁ
ନର୍ବାସିତ କରବେ। ଏବଂ ସେଠାରେ ତୁମ୍ଭେମାନେ କାଠ
ପଥର ଦେବତାମାନଙ୍କର ସେବା କରବ। 37ସେଠାରେ ତୁମ୍ଭେମାନେ
ନଜେ ଏକ ଭୟାନକ ଦୃଶ୍ୟରେ ପରଣତ ହେବ, ସେହ
ସମସ୍ତ ଜାତିମାନଙ୍କ ଆଗରେ ଅପମାନର ଓ ଉପହାସର ପାତ୍ର
ହେବ। ଯେଉଁଠାକୁ ସଦାପ୍ରଭୁ ତୁମ୍ଭମାନଙ୍କୁ ନେଇଯିବେ।

## ଅସଫଳତାର ଅଭିଶାପ

38"ତୁମ୍ଭେ କ୍ଷେତ୍ରକୁ ବହୁତ ବିହନ ବହିନେବ ମାତ୍ର ଅଳ୍ପ
ସଂଗ୍ରହ କରିବ। କାରଣ ପଙ୍ଗପାଳ ତାହା ଖାଇ ପକାଇବେ।
39ତୁମ୍ଭେ ଦ୍ରାକ୍ଷାକ୍ଷେତ୍ର ରୋପି ପ୍ରସ୍ତୁତ କରିବ, ମାତ୍ର ଦ୍ରାକ୍ଷାରସ
ପାନ କରିବାକୁ କି ଦ୍ରାକ୍ଷାଫଳ ସଂଗ୍ରହ କରିବାକୁ ପାଇବ
ନାହିଁ। କାରଣ ପୋକମାନେ ତାହା ଖାଇ ପକାଇବେ।
40ତୁମ୍ଭର ସମସ୍ତ କ୍ଷେତ୍ରରେ ଜିତ ବୃକ୍ଷ ହେବ। କିନ୍ତୁ
ତୁମ୍ଭେମାନେ କୌଣସି ତୈଳ ସଂଗ୍ରହ କରିବାକୁ ସମର୍ଥ ହେବ
ନାହିଁ। କାରଣ ଭୂମିରେ ତା'ର ସମସ୍ତ ଫଳ ଝଡ଼ି ପଡ଼ିବ।
41ତୁମ୍ଭେମାନେ ପୁତ୍ରକନ୍ୟା ଜନ୍ମ କରିବ, ମାତ୍ର ସେମାନେ
ତୁମ୍ଭର ହେବେ ନାହିଁ କାରଣ ସେମାନେ ବନ୍ଦୀ ହୋଇଯିବେ।
42ପଙ୍ଗପାଳ ଦଳ ତୁମ୍ଭର ସମସ୍ତ ଫସଲ ଓ ବୃକ୍ଷ ସବୁ
ଖାଇଯିବେ। 43ତୁମ୍ଭମାନଙ୍କ ମଧ୍ୟରେ ବାସ କରୁଥିବା ବିଦେଶୀମାନେ
ତୁମ୍ଭମାନଙ୍କଠାରୁ ଅଧିକ ଶକ୍ତିଶାଳୀ ହେବେ। ତୁମ୍ଭେମାନେ
ଯେଉଁ ଶକ୍ତିର ଅଧିକାରୀ ହୋଇଥିବ, ତାହା ଲୋପ ପାଇବ।
44ବିଦେଶୀମାନେ ତୁମ୍ଭକୁ ଋଣ ଦେବେ। କିନ୍ତୁ ତୁମ୍ଭମାନଙ୍କ
ପାଖରେ ଅର୍ଥ ନ ଥିବ ଋଣ ପ୍ରତିଶୋଧ ପାଇଁ। ସେମାନେ
ମସ୍ତକ ପରି ତୁମ୍ଭମାନଙ୍କୁ ପରିଗଣନା କରିବେ। ତୁମ୍ଭେମାନେ
ଲାଙ୍ଗୁଡ ତୁଲ୍ୟ ତାଙ୍କଦ୍ୱାରା ପରିଗଣିତ ହେବ।

45"ସବୁ ଅଭିଶାପ ତୁମ୍ଭ ନିକଟକୁ ଆସିବ ତୁମ୍ଭେ ନଷ୍ଟ
ହେବା ପର୍ଯ୍ୟନ୍ତ। କାରଣ ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କ
ବାକ୍ୟ ପ୍ରତି ତୁମ୍ଭେମାନେ କର୍ଣ୍ଣପାତ କଲନାହିଁ। ତୁମ୍ଭେ
ସଦାପ୍ରଭୁଙ୍କର ଆଜ୍ଞା ଓ ବ୍ୟବସ୍ଥାମାନ ମାନିଲ ନାହିଁ। 46ସବୁ
ଅଭିଶାପ ତୁମ୍ଭ ଉପରେ ଓ ପୁରୁଷାନୁକ୍ରମେ ତୁମ୍ଭ ବଂଶ
ଉପରେ ରହିବ। ଏହା ଚିହ୍ନସ୍ୱରୂପ ଓ ସଦାପ୍ରଭୁଙ୍କର ବିଚାରର
ପ୍ରମାଣ ହୋଇ ରହିବ।

47"କାରଣ ତୁମ୍ଭେ ସର୍ବପ୍ରକାର ସମ୍ପତ୍ତି ବହୁଳରୂପେ ପାଇଲେ
ହେଁ ଆନନ୍ଦ ଚିତ୍ତରେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ସେବା
କଲ ନାହିଁ। 48ତେଣୁ ସଦାପ୍ରଭୁ ଯେଉଁ ଶତ୍ରୁମାନଙ୍କୁ ତୁମ୍ଭ
ବିରୁଦ୍ଧରେ ପଠାଇବେ, ତୁମ୍ଭେ କ୍ଷୁଧାରେ ଓ ତୃଷାରେ ଓ
ଉଲଙ୍ଗତାରେ ଏବଂ ସବୁପ୍ରକାର ଅଭାବରେ ସେମାନଙ୍କର
ଦାସକର୍ମ କରିବ। ଆଉ ଶତ୍ରୁ ତୁମ୍ଭକୁ ବିନଷ୍ଟ କରିବା ଯାଏ
ତୁମ୍ଭ କାନ୍ଧରେ ଲୁହାର ଜୁଆଳି ଦେବ।

## ଗୋଟିଏ ଶତ୍ରୁଜାତିର ଅଭିଶାପ

49"ସଦାପ୍ରଭୁ ତୁମ୍ଭପାଇଁ ଦୂରରୁ ଅନ୍ୟ ଏକ ଜାତି
ଆଣିବେ, ତୁମ୍ଭ ବିରୁଦ୍ଧରେ ସେମାନେ ଯୁଦ୍ଧ କରିବେ। ତୁମ୍ଭେ
ସେମାନଙ୍କର ଭାଷା ବୁଝିପାରିବ ନାହିଁ। ସେମାନେ ଖୁବ୍‌ଶୀଘ୍ର
ଆସିବେ। ଯେପରି ଆକାଶରୁ ବାଜପକ୍ଷୀ ଓହ୍ଲାଇଲା ପରି।
50ସେହି ଲୋକମାନେ ଅତ୍ୟନ୍ତ କ୍ରୁର ହେବେ। ବୃଦ୍ଧ ଲୋକମାନଙ୍କ
ପ୍ରତି ମଧ୍ୟ ସେମାନେ ଦୟା ଦେଖାଇବେ ନାହିଁ। ସେମାନେ
ତୁମ୍ଭର ପିଲାମାନଙ୍କ ପ୍ରତି ମଧ୍ୟ ଦୟା ଦେଖାଇବେ ନାହିଁ।
51ସେମାନେ ତୁମ୍ଭର ପଶୁ ଓ ବଢ଼ିଥିବା ଶସ୍ୟ ନେଇଯିବେ।
ତୁମ୍ଭମାନଙ୍କୁ ଧ୍ୱଂସ କରିବା ପର୍ଯ୍ୟନ୍ତ ସେମାନେ ସମସ୍ତ ଦ୍ରବ୍ୟ
ନେଇଯିବେ। ସେମାନେ ତୁମ୍ଭମାନଙ୍କ ପାଇଁ କୌଣସି ଶସ୍ୟ
ରଖିବେ ନାହିଁ। ମଦ, ତେଲ, ଗାଈ, ମେଷ କିଅବା ଛେଳି
ଅବଶିଷ୍ଟ କିଛି ରଖିବେ ନାହିଁ। ସେମାନେ ତୁମ୍ଭମାନଙ୍କୁ
ତଳିତଳାନ୍ତ କରିବା ପର୍ଯ୍ୟନ୍ତ ସମସ୍ତ ଦ୍ରବ୍ୟ ସେମାନେ ନେଇଯିବେ।
52ଅନ୍ୟ ଜାତୀୟମାନେ ତୁମ୍ଭମାନଙ୍କୁ ଘେରାଉ କରି ରଖିବେ
ଓ ତୁମ୍ଭମାନଙ୍କ ସହରକୁ ଆକ୍ରମଣ କରିବେ। ତୁମ୍ଭେମାନେ
ଭାବିବ ଯେ ତୁମ୍ଭମାନଙ୍କର ଉଚ୍ଚ ଓ ଦୃଢ଼ ପାଚେରୀ
ତୁମ୍ଭମାନଙ୍କୁ ସୁରକ୍ଷା ଦେବ ମାତ୍ର ତାହା ତୁମ୍ଭମାନଙ୍କୁ ସୁରକ୍ଷା
ଦେଇପାରିବ ନାହିଁ। ସେହି ପାଚେରୀମାନ ଭାଙ୍ଗି ପଡ଼ିବ।
ସଦାପ୍ରଭୁ ଦେଇଥିବା ଦେଶରେ ସବୁଆଡ଼େ ଶତ୍ରୁମାନଙ୍କର
ଛାଉଣୀ ହୋଇଯିବ। 53ତୁମ୍ଭେମାନେ ବହୁତ ଦୁଃଖ କଷ୍ଟ
ଭୋଗ କରିବେ। ତୁମ୍ଭ ଚତୁପାର୍ଶ୍ୱରେ ଥିବା ଶତ୍ରୁମାନେ
ତୁମ୍ଭମାନଙ୍କୁ ଖାଦ୍ୟ ଦେବେ ନାହିଁ। ତୁମ୍ଭେମାନେ ଭୋକରେ
ରହିବ। ତୁମ୍ଭେମାନେ ଏତେ ଭୋକରେ ରହିବ ଯେ ତୁମ୍ଭେମାନେ
ଆପଣା ପୁତ୍ରକନ୍ୟାମାନଙ୍କୁ ଖାଇ ଯିବ। ସଦାପ୍ରଭୁଙ୍କ ଦତ୍ତ
ତୁମ୍ଭମାନଙ୍କର ଶିଶୁ ସନ୍ତାନମାନଙ୍କୁ ତୁମ୍ଭେମାନେ ଭକ୍ଷଣ କରିବ।

54"ଏପରିକି ତୁମ୍ଭମାନଙ୍କ ମଧ୍ୟରେ ଥିବା ଦୟାଳୁ ଭଦ୍ରଲୋକ
ମଧ୍ୟ ଅତି କ୍ରୁର ହୋଇ ଉଠିବ। ସେ ଅନ୍ୟମାନଙ୍କ ପାଇଁ
ଅତି ନିଷ୍ଠୁର ହେବ। ସେ ମଧ୍ୟ ତା'ର ସ୍ତ୍ରୀ ପାଇଁ ନିଷ୍ଠୁର
ହେବ ଯାହାକୁ ସେ ବହୁତ ଭଲ ପାଉଥିଲା। ଏବଂ ସେ ମଧ୍ୟ
ତା'ର ପିଲାମାନଙ୍କ ପାଇଁ ନିଷ୍ଠୁର ହେବ। 55ସେ ତା'ର
ପିଲାମାନଙ୍କର ମାଂସ ଖାଇଯିବ ଏବଂ ଆଉ କାହାକୁ ତାହା
ଖାଇବାକୁ ଦେବ ନାହିଁ। ଏପରିକି ସେ ତା'ର ପରିବାରରେ
ଥିବା ଅନ୍ୟ ଲୋକମାନଙ୍କୁ ମଧ୍ୟ ଦେବ ନାହିଁ। ଏହା ସେ
କରିବ, ଯେତେବେଳେ ତୁମ୍ଭମାନଙ୍କର ଶତ୍ରୁଗଣ ତୁମ୍ଭମାନଙ୍କର
ନଗରଗୁଡ଼ିକୁ କରାୟତ୍ତ କରିବେ ଏବଂ ତୁମ୍ଭମାନଙ୍କୁ ବିନା
ଖାଦ୍ୟରେ ଯନ୍ତ୍ରଣା ଦେବେ।

56"ଏପରିକି ତୁମ୍ଭମାନଙ୍କ ମଧ୍ୟରେ ଥିବା ଦୟାଳୁ ସ୍ତ୍ରୀଲୋକ
ମଧ୍ୟ ନିଷ୍ଠୁର ହୋଇ ଉଠିବ। ସେ ତା'ର ଜୀବନକୁ ଏପରି
ଉତ୍ସର୍ଗ କରିଥିଲା ଯେ ସେ କେବେ ତା'ର ପାଦ ପଦାକୁ
ବାହାର କରି ନଥିଲା। ସେ ତା'ର ସ୍ୱାମୀ, ତା'ର ପିଲାମାନଙ୍କ
ପ୍ରତି ଅଧିକ ନିଷ୍ଠୁର ହେବ। 57ଏପରି ହେବ ସେହି ସ୍ତ୍ରୀ
ଲୋକ ଯେଉଁ ପିଲାକୁ ଜନ୍ମ ଦେବ ତାକୁ ଓ ତାହା ସହିତ
ବାହାରିଥିବା ସମସ୍ତ ଦ୍ରବ୍ୟକୁ ସେ ଖାଇ ପକାଇବ। ଯେତେବେଳେ
ଶତ୍ରୁମାନେ ତୁମ୍ଭମାନଙ୍କୁ କବଳିତ କରି ରଖିବେ, ସେହି
ସମୟରେ ଏପରି କର୍ମମାନ ଘଟିବ।

58"ସଦାପ୍ରଭୁ ତୁମ୍ଭ ପରମେଶ୍ୱର, ଏହି ଗୌରବମୟ ଓ
ଭୟଙ୍କର ନାମକୁ ଭୟ କରିବା ପାଇଁ ଯେବେ ଏହି
ପୁସ୍ତକରେ ଲିଖିତ ବ୍ୟବସ୍ଥାର ସମସ୍ତ କଥା ପାଳିବାକୁ ମନୋଯୋଗ
କରିବ। 59ତେବେ ସଦାପ୍ରଭୁ ତୁମ୍ଭର ଆଘାତ ଓ ତୁମ୍ଭ ବଂଶର
ଆଘାତ ଅର୍ଥାତ୍ ମହତ୍ ଓ ଚିରସ୍ଥାୟୀ ଆଘାତ, ପୁଣି
ବ୍ୟଥାଜନକ ଓ ଚିରସ୍ଥାୟୀ ରୋଗ ଆଶ୍ଚର୍ଯ୍ୟ ରୂପ କରିବେ।
60ତୁମ୍ଭେମାନେ ଦେଖିଛ ମିଶର ବାସୀମାନଙ୍କୁ କିପରି ଭାବରେ
ରୋଗବ୍ୟାଧି ବ୍ୟାପି ଥିଲା। ତାହା ତୁମ୍ଭମାନଙ୍କୁ ଭୟଭିତ କରାଇ
ଥିଲା। ସଦାପ୍ରଭୁ ତୁମ୍ଭମାନଙ୍କ ଉପରେ ସେହିସବୁ ମନ୍ଦକର୍ମମାନ
ଭିଆଇବେ। 61ବ୍ୟବସ୍ଥା ପୁସ୍ତକରେ ଲେଖା ନ ଥିବା ରୋଗବ୍ୟାଧି
ମଧ୍ୟ ତୁମ୍ଭ ପାଇଁ ସଦାପ୍ରଭୁ ଆଣିବେ। ତୁମ୍ଭମାନଙ୍କର ବିନାଶ
ହେବା ପର୍ଯ୍ୟନ୍ତ ସେ ସବୁକୁ ସେ ରଖିଛନ୍ତି ରଖିବେ। 62ତୁମ୍ଭମାନଙ୍କର
ସଂଖ୍ୟା ତାରାମାନଙ୍କ ପରି ବହୁତ ହୋଇଥିବ କିନ୍ତୁ ତୁମ୍ଭମାନଙ୍କ
ମଧ୍ୟରୁ ଖୁବ୍ କମ ସଂଖ୍ୟକ ରହିଯିବେ। କାରଣ ତୁମ୍ଭେମାନେ

ତୁମ୍ଭର ସଦାପ୍ରଭୁ ପରମେଶ୍ୱରଙ୍କର ବାକ୍ୟପ୍ରତି ଧ୍ୟାନ ଦେଲ
ନାହିଁ।

63"ସଦାପ୍ରଭୁ ଦନେ ଆନନ୍ଦ ଥିଲେ, ତୁମ୍ଭମାନଙ୍କୁ ଖୁସି
କର ଓ ତୁମ୍ଭମାନଙ୍କର ସଂଖ୍ୟା ବଢାଇ। ଠିକ୍ ସେହପର
ସଦାପ୍ରଭୁ ଆନନ୍ଦ ଖୁସି ହେବେ ତୁମ୍ଭମାନଙ୍କୁ ହ୍ରାସକର ଓ
ବନାଶ କର। ତୁମ୍ଭେମାନେ ଅଧିକାର କରବାକୁ ଯାଉଥିବା
ଦେଶକୁ ଅନ୍ୟମାନେ ଅଧିକାର କର ନେବେ। 64ସଦାପ୍ରଭୁ
ପୃଥିବୀର ଏକ ସୀମାରୁ ଅନ୍ୟସୀମା ପର୍ଯ୍ୟନ୍ତ ସମସ୍ତ ଗୋଷ୍ଠୀ
ମଧ୍ୟରେ ତୁମ୍ଭକୁ ଛିନ୍ନ ଭିନ୍ନ କରବେ। ଆଉ ସେଠାରେ ତୁମ୍ଭେ
ଆପଣାର ଓ ଆପଣା ପୂର୍ବ ପୁରୁଷଗଣର ଅଜ୍ଞାତ କାଷ୍ଠ,
ପାଷାଣର ମୂର୍ତ୍ତୀ ପୂଜା କରବ।

65"ତୁମ୍ଭେମାନେ ସେହ ଗୋଷ୍ଠୀୟମାନଙ୍କ ମଧ୍ୟରେ କଛି
ଶାନ୍ତ ପାଇବ ନାହିଁ ଓ ସେଠାରେ ତୁମ୍ଭ ପାଦର କଛି ବଶ୍ରାମ
ହେବ ନାହିଁ। ସଦାପ୍ରଭୁ ତୁମ୍ଭର ମନକୁ ପୂର୍ଣ୍ଣ କରବେ। ସେ
ତୁମ୍ଭର ଆଖିଗୁଡକ ଆକାଂକ୍ଷାରେ ଅବସନ୍ନ କରଦେବେ ଏବଂ
ସେ ତୁମ୍ଭକୁ ଦୁଃଖ ପୂର୍ଣ୍ଣ କରବେ। 66ତୁମ୍ଭ ଜୀବନ ତୁମ୍ଭ
ସାକ୍ଷାତରେ ସଂଶୟରେ ଦୋହଲବ। ପୁଣି ତୁମ୍ଭେ ରାତ୍ରଦନ
ଆଶଙ୍କା କରବ ଓ ତୁମ୍ଭ ଜୀବନ ଉପରେ ତୁମ୍ଭେ ନର୍ଭର
କର ପାରବ ନାହିଁ। 67ତୁମ୍ଭେ ଯେଉଁ ଆଶଙ୍କା କରବ; ତୁମ୍ଭ
ହୃଦୟର ସେହ ଆଶଙ୍କା ହେତୁ ଓ ତୁମ୍ଭେ ଯାହା ଦେଖିବ,
ତୁମ୍ଭ ଚକ୍ଷୁର ସେହ ଦର୍ଶନ ହେତୁ ସକାଳ ହେଲେ,
ତୁମ୍ଭେମାନେ କହବ, 'ଆହା ସନ୍ଧ୍ୟା ହୁଅନ୍ତା କ।' ପୁଣି ସନ୍ଧ୍ୟା
ସମୟରେ ତୁମ୍ଭେମାନେ କହବ, 'ଦନ ହୁଅନ୍ତା କ।' କାରଣ
ତୁମ୍ଭେମାନେ ଏପର ଭୟଭୟତା ଦୃଶ୍ୟମାନ ଦେଖିବ। 68ସଦାପ୍ରଭୁ
ତୁମ୍ଭମାନଙ୍କୁ ଜାହଜରେ ମିଶରକୁ ପଠାଇ ଦେବେ। ମୁଁ କହୁଛି,
ତୁମ୍ଭେମାନେ କଦାପି ସେହ ଦେଶକୁ ଯିବ ନାହିଁ। କନ୍ତୁ
ସଦାପ୍ରଭୁ ତୁମ୍ଭକୁ ସେହଠାକୁ ପଠାଇବେ। ମିଶରରେ ତୁମ୍ଭେ
ତୁମ୍ଭମାନଙ୍କୁ ତୁମ୍ଭମାନଙ୍କର ଶତ୍ରୁମାନଙ୍କଠାରୁ କ୍ରିତଦାସ ଭାବେ
ବକ୍ରି ହେବାକୁ ଚେଷ୍ଟା କରବ। କନ୍ତୁ ତୁମ୍ଭମାନଙ୍କୁ କେହ କ୍ରୟ
କରବେ ନାହିଁ।"

## ମୋୟାବ ଦେଶରେ ଚୁକ୍ତି

29 ସଦାପ୍ରଭୁ ଇଶ୍ରାୟେଲ ଲୋକମାନଙ୍କ ସହତ ହୋରେବ
ପର୍ବତରେ ଏକ ଚୁକ୍ତି କରଥିଲେ। ତାହାଛଡା ସେ
ମୋୟାବ ଦେଶରେ ତାଙ୍କ ସହତ ଆଉ ଏକ ଚୁକ୍ତି
କରଥିଲେ। ତାହାସବୁ ଏହ ଯେ,

2ମୋଶା ସମସ୍ତ ଇଶ୍ରାୟେଲୀୟମାନଙ୍କୁ ଏକତ୍ରିତ କଲେ ଓ
କହଲେ, "ତୁମ୍ଭେମାନେ ଦେଖିଛ ଯେ ମିଶରରେ ସଦାପ୍ରଭୁ
କପର କାର୍ଯ୍ୟମାନ କରଛନ୍ତ। ତୁମ୍ଭେମାନେ ମଧ୍ୟ ଦେଖିଛ,
ସଦାପ୍ରଭୁ ରାଜା ଫାରୋ ଏବଂ ତାଙ୍କର ଦାସମାନଙ୍କ ପ୍ରତି ଓ
ତାଙ୍କର ସମସ୍ତ ଦେଶ ପ୍ରତି ଯେଉଁ କର୍ମମାନ କରଥିଲେ।
3ତୁମ୍ଭେମାନେ ଦେଖିଛ ସଦାପ୍ରଭୁ ସେମାନଙ୍କୁ କଭଳ ଭାବରେ
କଷ୍ଟ ଦେଇଛନ୍ତ। ତୁମ୍ଭେମାନେ ସଦାପ୍ରଭୁଙ୍କର ସେହ ଚମତ୍କାର
ଆଶ୍ଚର୍ଯ୍ୟ କର୍ମମାନ ଦେଖିଛ। 4କନ୍ତୁ ଏପରକ ତୁମ୍ଭେମାନେ
ସଦାପ୍ରଭୁଙ୍କର କର୍ମମାନ ବୁଝି ପାରଲ ନାହିଁ। ତୁମ୍ଭେମାନେ
ସଦାପ୍ରଭୁଙ୍କୁ ଆଜି ପର୍ଯ୍ୟନ୍ତ ଠିକ୍‌ଭାବେ ବୁଝିପାରଲ ନାହିଁ।
ଯାହାସବୁ ଦେଖିଲ ଓ ଯାହା ସବୁ ଶୁଣିଲ। 5ସଦାପ୍ରଭୁ
ତୁମ୍ଭମାନଙ୍କୁ ଚାଳଶ ବର୍ଷ ମରୁ ଅଞ୍ଚଳରେ ଆଗେଇ ଆଣିଲେ
ତୁମ୍ଭେମାନେ ଦେଖିଲ ଯେ ତୁମ୍ଭର ପୋଷାକ ଆଦୌ ଚରନଥିଲା।
ତୁମ୍ଭର ଯୋତା ମଧ୍ୟ ନଷ୍ଟ ହୋଇ ନଥିଲା। 6ତୁମ୍ଭେ ଆସିବା
ସମୟରେ ସାଥିରେ ଖାଦ୍ୟ ଆଣି ନଥିଲ, ତୁମ୍ଭେ ତୁମ୍ଭମାନଙ୍କ
ସହତ ପିଇବା ପାଇଁ କୌଣସି ମଦ ଆଣି ନଥିଲ। କନ୍ତୁ
ସଦାପ୍ରଭୁ ତୁମ୍ଭମାନଙ୍କର ଯତ୍ନ ନେଇଥିଲେ। ସେ ଏପର
କରଥିଲେ, କାରଣ ତୁମ୍ଭେମାନେ ବୁଝିପାରବ ସେ ହେଉଛନ୍ତ
ସଦାପ୍ରଭୁ ତୁମ୍ଭର ପରମେଶ୍ୱର।

7"ତୁମ୍ଭେମାନେ ଏହ ସ୍ଥାନକୁ ଆସିଲାପରେ ହିଷ୍‌ବୋନର
ରାଜା ସୀହୋନ୍ ଓ ବାଶନର ରାଜା ଓଗ୍ ଆମ୍ଭ ବରୁଦ୍ଧରେ
ଯୁଦ୍ଧ କରବା ପାଇଁ ଆସିଥିଲେ, କନ୍ତୁ ଆମ୍ଭେମାନେ ସେମାନଙ୍କୁ
ପରାସ୍ତ କଲୁ। 8କନ୍ତୁ ଆମ୍ଭେ ସେହ ଦେଶ ତାଙ୍କଠାରୁ ଛଡ଼ାଇ
ଆଣି ରୁବେନ ବଂଶ ଓ ଗାଦ୍‌ବଂଶ ଏବଂ ମନଃଶିର ଅର୍ଦ୍ଧ
ବଂଶଧରଙ୍କୁ ଦେଲୁ। 9ସେଥିପାଇଁ ତୁମ୍ଭେମାନେ ସମସ୍ତ ନର୍ଦ୍ଦେଶ
ଚୁକ୍ତି ଅନୁସାରେ ମାନବା ଉଚତ୍, ତେବେ ତୁମ୍ଭେମାନେ
ଯେଉଁସବୁ କର୍ମ କରବ ସେଥିରେ ତୁମ୍ଭେମାନେ ସମସ୍ତ
କୁଶଳତା ପାଇବ।

10"ଆଜି ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କର
ସମ୍ମୁଖରେ ଛିଡ଼ା ହୋଇଅଛ। ତୁମ୍ଭର ପ୍ରଧାନଗଣ, ତୁମ୍ଭମାନଙ୍କ
ବଂଶ ସମୂହ, ତୁମ୍ଭମାନଙ୍କର ପ୍ରାଚୀନବର୍ଗ, ତୁମ୍ଭମାନଙ୍କ ଅଧ୍ୟକ୍ଷଗଣ
ଓ ଇଶ୍ରାୟେଲର ସମସ୍ତ ପୁରୁଷ ଏହଠାରେ ଉପସ୍ଥିତ ଅଛନ୍ତ।
11ତୁମ୍ଭର ସ୍ତ୍ରୀ ଓ ପିଲାମାନେ ଏବଂ ତୁମ୍ଭମାନଙ୍କ ସହତ ବାସ
କରୁଥିବା ବଦେଶୀମାନେ ମଧ୍ୟ ଏହଠାରେ ଉପସ୍ଥିତ ଅଛନ୍ତ।
ଯେଉଁ ଲୋକମାନେ ତୁମ୍ଭକୁ କାଠ କାଟି ଦେଇଛନ୍ତ ଏବଂ
ପାଣି ଯୋଗାଇଛନ୍ତ। 12ତୁମ୍ଭେମାନେ ସମସ୍ତେ ସଦାପ୍ରଭୁ ତୁମ୍ଭର
ପରମେଶ୍ୱରଙ୍କଠାରେ ଚୁକ୍ତି କରବା ପାଇଁ ଏଠାରେ ଛିଡା
ହୋଇଛ। ସଦାପ୍ରଭୁ ତୁମ୍ଭମାନଙ୍କ ସହତ ଆଜି ଏହ ଚୁକ୍ତି
କରୁଛନ୍ତ। 13ଏହ ଚୁକ୍ତି ସହତ ସଦାପ୍ରଭୁ ତୁମ୍ଭମାନଙ୍କୁ ତାଙ୍କର
ସ୍ୱତନ୍ତ୍ର ପବତ୍ର ଲୋକ ଭାବରେ ଗ୍ରହଣ କରୁଛନ୍ତ। ଏବଂ ସେ
ନଜେ ତୁମ୍ଭମାନଙ୍କର ପରମେଶ୍ୱର ହେବେ। ସେ ତୁମ୍ଭକୁ
ଏହକଥା କହଥିଲେ। ସେ ତୁମ୍ଭର ପୁର୍ବପୁରୁଷଗଣଙ୍କ ସଙ୍ଗରେ
ଏହ ଚୁକ୍ତି କରଥିଲେ, ଅବ୍ରହାମ, ଇସହାକ୍ ଓ ଯାକୁବଙ୍କ
ସହତ। 14ସଦାପ୍ରଭୁ ଏହ ଚୁକ୍ତି କରଛନ୍ତ ତାଙ୍କର ପ୍ରତିଜ୍ଞା
ଅନୁଯାୟୀ କେବଳ ତୁମ୍ଭମାନଙ୍କ ସହତ ନୁହେଁ। 15ସଦାପ୍ରଭୁ
ଏହଚୁକ୍ତି କରଛନ୍ତ ତୁମ୍ଭ ସମସ୍ତଙ୍କ ସହତ ଯେଉଁମାନେ ଆଜି
ତୁମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱରଙ୍କ ସମ୍ମୁଖରେ ଦଣ୍ଡାୟମାନ
ହୋଇଅଛ। କନ୍ତୁ ଏହ ଚୁକ୍ତି ମଧ୍ୟ ଆମ୍ଭର ଭବଷ୍ୟଦ
ବଂଶଧରଙ୍କ ପାଇଁ ମଧ୍ୟ ଯେଉଁମାନେ ଆମ୍ଭମାନଙ୍କ ସହତ
ନାହାଁନ୍ତ।

16"ତୁମ୍ଭେ ଏକଥା ସ୍ମରଣ କର ଯେ ଆମ୍ଭେମାନେ
ମିଶରରେ କପର ଥିଲୁ, ତୁମ୍ଭେ ଏକଥା ସ୍ମରଣ କର, ଆମ୍ଭେ
କପର ଭାବରେ ବହୁ ଦେଶ ଅତିକ୍ରାନ୍ତ କର ଆସିଲୁ।
17ଆଉ ତୁମ୍ଭେମାନେ ସେମାନଙ୍କ ମଧ୍ୟରେ ଥିବା ଘୃଣାଯୋଗ୍ୟ
ବସ୍ତୁ ଓ ସେମାନଙ୍କ କାଠ ଓ ପଥର, ରୂପା ଓ ସ୍ୱନାର
ପ୍ରତିମାମାନ ଦେଖିଅଛ। 18ଏଥିପାଇଁ ତୁମ୍ଭେ ସାବଧାନ ହେବ।
ସେହ ଦେଶୀୟ ଲୋକମାନଙ୍କ ଦେବତାଗଣର ପଶ୍ଚାଦ୍‌ଗାମୀ
ହୋଇ ସେବା କରବା ନମନ୍ତେ ଆଜି ସଦାପ୍ରଭୁ ଆମ୍ଭମାନଙ୍କ

ପରମେଶ୍ୱରଙ୍କଠାରୁ ଯାହାର ହୃଦୟ ବିମୁଖ ହୁଏ, ଏପରି
କୌଣସି ପୁରୁଷ, କି ସ୍ତ୍ରୀ, ପରିବାର କି ବଂଶ ଯେମନ୍ତ
ତୁମ୍ଭମାନଙ୍କ ମଧ୍ୟରେ ନ ରହେ, ଯେମନ୍ତ ବିଷ ଓ ନାଗଦଅଣାର
ମୂଳ ତୁମ୍ଭମାନଙ୍କ ମଧ୍ୟରେ ନରହେ।

19"ଆଉ ଯେପରି ଏହି ଅଭିଶାପର କଥା ଶୁଣି
ମନେମନେ ଆପଣାର ଧନ୍ୟବାଦ କରି ନ କହେ ଯେ,
'ଆମ୍ଭେ ଶୁଖିଲା ସଙ୍ଗେ ଓଦାକୁ ଧ୍ୱଂସ କରିବା ପାଇଁ ଆପଣା
ହୃଦୟରେ କାଠିନ୍ୟ ଅନୁସାରେ ଚାଲିଲେ ହେଁ ଆମ୍ଭର
ମଙ୍ଗଳ ହେବ।' 20-21ସଦାପ୍ରଭୁ ତାହାକୁ କ୍ଷମା କରିବାକୁ
ସମ୍ମତ ହେବେ ନାହିଁ। ମାତ୍ର ତତ୍କ୍ଷଣାତ ସେହି ଲୋକପ୍ରତି
ସଦାପ୍ରଭୁଙ୍କ କ୍ରୋଧ ଓ ଅନ୍ତର୍ଜ୍ୱାଳା ସଧୂମ ହୋଇ ଉଠିବ।
ପୁଣି ଏହି ପୁସ୍ତକରେ ଲିଖିତ ସମସ୍ତ ଶାପ ତାହା ପାଇଁ ଛପି
ରହିବ, ଆଉ ସଦାପ୍ରଭୁ ଆକାଶ ମଣ୍ଡଳ ତଳୁ ତାହାର ନାମ
ଲୋପ କରିବ। ଏବଂ ଏହି ବ୍ୟବସ୍ଥାପୁସ୍ତକ ଲିଖିତ ନିୟମର
ସମସ୍ତ ଶାପ ଅନୁସାରେ ସଦାପ୍ରଭୁ ତାହାକୁ
ଇଶ୍ରାୟେଲର ସମସ୍ତ ଗୋଷ୍ଠୀୟ ମଧ୍ୟରୁ ଅମଙ୍ଗଳ ନିମନ୍ତେ
ପୃଥକ କରିବେ।

22"ଭବିଷ୍ୟତରେ ତୁମ୍ଭର ଭବିଷ୍ୟତ ବଂଶଧରଗଣ ଓ ବହୁ
ଦୂର ସ୍ଥାନରୁ ଆସୁଥିବା ବିଦେଶୀଗଣ ବିନାଶ ଓ ବିପର୍ଯ୍ୟୟ
ଦେଖିବେ, ଯାହା ସଦାପ୍ରଭୁ ଦେଶକୁ ଆଘାତ କରିଛନ୍ତି।
23ସଦାପ୍ରଭୁ ଆପଣା କ୍ରୋଧ ଓ କୋପରେ ଯେଉଁ ସଦୋମ
ଓ ହମୋରା, ଅଦ୍ମା ଓ ସବୋୟିମ ନଗରମାନ ଉତ୍ପାଟନ
କରିଥିଲେ, ତାହାପରି ଏହି ଦେଶର ସମସ୍ତ ଭୂମି ଗନ୍ଧକ ଓ
ଲବଣ ଓ ଦହନରେ ପରିପୂର୍ଣ୍ଣ ହୋଇଅଛି। ତହିଁରେ କିଛି
ବୁଣାଯାଏ ନାହିଁ, କି ଫଳ ଉତ୍ପନ୍ନ ହୁଏ ନାହିଁ ଏବଂ ତହିଁରେ
କୌଣସି ତୃଣ ବଢେ ନାହିଁ।

24"ସେତେବେଳେ ସବୁ ଗୋଷ୍ଠୀୟ ଲୋକମାନେ କହିବେ,
'ସଦାପ୍ରଭୁ ଏଦେଶ ପ୍ରତି କାହିଁକି ଏପରି କଲେ? ଏରୂପ
ମହାକ୍ରୋଧ ପ୍ରଜ୍ୱଳିତ ହେବାର କାରଣ କ'ଣ?' 25ତହିଁରେ
ଲୋକମାନେ କହିବେ: 'ସଦାପ୍ରଭୁ ସେମାନଙ୍କ ପରମେଶ୍ୱର
ମିଶର ଦେଶରୁ ସେମାନଙ୍କ ପୂର୍ବପୁରୁଷମାନଙ୍କୁ ବାହାର କରି
ଆଣିବା ସମୟରେ ସେମାନଙ୍କ ସହିତ ଯେଉଁ ନିୟମ କରିଥିଲେ
ତାହା ସେମାନେ ତ୍ୟାଗ କରିଅଛନ୍ତି। 26ଯେଉଁ ଦେବତାମାନଙ୍କୁ
ସେମାନେ ଜାଣି ନଥିଲେ ଓ ସେ ସେମାନଙ୍କୁ ଦେଇ
ନଥିଲେ, ସେମାନେ ଯାଇ ସେହି ଅନ୍ୟ ଦେବତାଗଣର ପୂଜା
କଲେ ଓ ସେମାନଙ୍କର ସେବା କଲେ। 27ଏଣୁ ଏହି
ପୁସ୍ତକରେ ଲିଖିତ ସମସ୍ତ ଅଭିଶାପ ସେହି ଦେଶ ଉପରେ
ବର୍ତ୍ତାଇବାକୁ ତହିଁ ପ୍ରତି ସଦାପ୍ରଭୁଙ୍କ କ୍ରୋଧ ପ୍ରଜ୍ୱଳିତ ହେଲା।
28ପୁଣି ସଦାପ୍ରଭୁ କ୍ରୋଧରେ ଓ ପ୍ରଚଣ୍ଡତାରେ ଓ ମହା
କୋପରେ ସେମାନଙ୍କ ଦେଶରୁ ସେମାନଙ୍କୁ ଉତ୍ପାଟନ କଲେ
ଓ ସେମାନଙ୍କୁ ଅନ୍ୟ ଦେଶରେ ନିକ୍ଷେପ କଲେ, ଯେଉଁଠାରେ
ସେମାନେ ଆଜି ଅଛନ୍ତି।'

29"ଗୁପ୍ତ ବିଷୟ ସବୁ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ
ଅଧିକାର ମାତ୍ର ଆମ୍ଭେମାନେ ଯେମନ୍ତ ଏହି ବ୍ୟବସ୍ଥାର ସବୁ
ବାକ୍ୟ ପାଳନ କରିବା, ଏଥିପାଇଁ ପ୍ରକାଶିତ ବିଷୟ ସବୁ
ବଂଶାନୁକ୍ରମେ ଆମ୍ଭମାନଙ୍କର ଓ ଆମ୍ଭମାନଙ୍କ ସନ୍ତାନଗଣର
ଅଧିକାର।

## ଇଶ୍ରାୟେଲୀୟମାନେ ସେମାନଙ୍କ ଦେଶକୁ ଫେରିବେ

30 "ମୁଁ ତୁମ୍ଭକୁ ଯେଉଁସବୁ କଥା କହିଲି ତାହାସବୁ
ଘଟିବ। ତୁମ୍ଭମାନଙ୍କର ଉତ୍ତମ କାର୍ଯ୍ୟପାଇଁ ଆଶୀର୍ବାଦ
ଓ ମନ୍ଦ କାର୍ଯ୍ୟ ପାଇଁ ଅଭିଶାପ। ସଦାପ୍ରଭୁ ତୁମ୍ଭର ପରମେଶ୍ୱର
ତୁମ୍ଭଙ୍କୁ ଅନ୍ୟ ଜାତୀୟମାନଙ୍କ ମଧ୍ୟରେ ପଠାଇବେ। ସେଠାରେ
ତୁମ୍ଭେମାନେ ସ୍ମରଣ କରିବ। 2ସେହି ସମୟରେ ତୁମ୍ଭେ ଓ
ତୁମ୍ଭର ସନ୍ତାନଗଣମାନେ ତୁମ୍ଭର ସଦାପ୍ରଭୁ ପରମେଶ୍ୱରଙ୍କ
ନିକଟକୁ ଫେରି ଆସିବେ। ଏବଂ ତୁମ୍ଭେ ଓ ତୁମ୍ଭର ସନ୍ତାନଗଣ
ସଦାପ୍ରଭୁଙ୍କର ବାକ୍ୟ ସମସ୍ତ ମନପ୍ରାଣ ଦେଇ ମାନିବ, ଯାହା
ମୁଁ ଆଜି ତୁମ୍ଭକୁ ଆଜ୍ଞା ଦେଉଛି। 3ତେବେ ସଦାପ୍ରଭୁ ତୁମ୍ଭର
ପରମେଶ୍ୱର ତୁମ୍ଭ ପ୍ରତି ଦୟାବାନ ହେବେ। ସଦାପ୍ରଭୁ
ପୁନରାୟ ମୁକ୍ତ କରିବେ। ସେ ତୁମ୍ଭମାନଙ୍କୁ ସେଠାରୁ ଫେରାଇ
ଆଣିବେ, 4ଏପରିକି ତୁମ୍ଭମାନଙ୍କୁ ପୃଥିବୀର ବହୁତ ଦୂରକୁ
ପଠାଇଥିଲେ ମଧ୍ୟ ସେ ତୁମ୍ଭମାନଙ୍କୁ ଏକତ୍ର କରି ଫେରାଇ
ଆଣିବେ। 5ସଦାପ୍ରଭୁ ତୁମ୍ଭମାନଙ୍କୁ ଆପଣା ପୂର୍ବପୁରୁଷମାନଙ୍କ
ଦେଶକୁ ଫେରାଇ ଆଣି ସେହି ଦେଶସବୁ ତୁମ୍ଭମାନଙ୍କୁ
ଦେବେ। ସଦାପ୍ରଭୁ ତୁମ୍ଭର ମଙ୍ଗଳ କରି ତୁମ୍ଭମାନଙ୍କ
ପୂର୍ବପୁରୁଷମାନଙ୍କ ଅପେକ୍ଷା ତୁମ୍ଭମାନଙ୍କର ଏତେ ଲୋକ ବୃଦ୍ଧି
ହେବେ ଯେ, କେବେବି ଏତେ ନଥିଲା। 6ତୁମ୍ଭେମାନେ
ଯେପରି ଆପଣାର ସମସ୍ତ ପ୍ରାଣ ଓ ସମସ୍ତ ହୃଦୟ ସହିତ
ପରମେଶ୍ୱରଙ୍କୁ ପ୍ରେମ କରିବ। ଏଥିପାଇଁ ସଦାପ୍ରଭୁ ତୁମ୍ଭ
ପରମେଶ୍ୱର ତୁମ୍ଭର ହୃଦୟ ଓ ତୁମ୍ଭ ବଂଶର ହୃଦୟ ସୁନ୍ନତ
କରିବେ। ତହିଁରେ ତୁମ୍ଭେ ବଞ୍ଚିବ।

7"ତେବେ ଏହି ସମସ୍ତ ଶାପ ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ
ଏପରି ଘଟିବ। କାରଣ ସେମାନେ ତୁମ୍ଭମାନଙ୍କୁ କ୍ଲେଶ ଦିଅନ୍ତି
ଓ ଘୃଣା କରନ୍ତି। 8ଏବଂ ତୁମ୍ଭେମାନେ ପୁନରାୟ ସଦାପ୍ରଭୁଙ୍କୁ
ମାନିବ। ତୁମ୍ଭେମାନେ ତାଙ୍କର ସମସ୍ତ ନିର୍ଦ୍ଦେଶ ମାନିବ ଯାହା
ମୁଁ ଆଜି ତୁମ୍ଭମାନଙ୍କୁ କହୁଅଛି। 9ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ତୁମ୍ଭର ସମସ୍ତ କାର୍ଯ୍ୟରେ କୃତକାର୍ଯ୍ୟ ଓ ସମୃଦ୍ଧିଶାଳୀ
କରିବେ। ସେ ତୁମ୍ଭକୁ ବହୁ ସନ୍ତାନ ଦେଇ ଆଶୀର୍ବାଦ
କରିବେ। ସେ ତୁମ୍ଭର ଗାଈମାନଙ୍କୁ ଆଶୀର୍ବାଦ କରିବେ,
ସେମାନଙ୍କ ବହୁସଂଖ୍ୟକ ବାଛୁରି ହେବ। ସେ ତୁମ୍ଭର କ୍ଷେତ୍ରକୁ
ଆଶୀର୍ବାଦ କରିବେ, ତାହା ଉତ୍ତମ ଶସ୍ୟ ପ୍ରଦାନ କରିବ।
ସଦାପ୍ରଭୁ ପୁଣିଥରେ ତୁମ୍ଭଠାରେ ଆନନ୍ଦିତ ହେବେ ଓ ମଙ୍ଗଳ
କରିବେ, ଯେପରି ସେ ତୁମ୍ଭମାନଙ୍କର ପୂର୍ବପୁରୁଷଗଣଠାରେ
ଆନନ୍ଦିତ ଥିଲେ। 10କିନ୍ତୁ ତୁମ୍ଭମାନେ ସଦାପ୍ରଭୁଙ୍କ ବ୍ୟବସ୍ଥା
ପୁସ୍ତକର ସମସ୍ତ ନିୟମ ବିଧି ମାନି ଚାଲିବାକୁ ପଡ଼ିବ। ତୁମ୍ଭେ
ଆପଣା ସମସ୍ତ ହୃଦୟ ଓ ସମସ୍ତ ପ୍ରାଣ ସହିତ ସଦାପ୍ରଭୁ
ତୁମ୍ଭର ପରମେଶ୍ୱରଙ୍କ ନିକଟକୁ ଯେବେ ଫେରିଆସ।

## ଜୀବନ ନା ମୃତ୍ୟୁ

11"ଆଜି ମୁଁ ତୁମ୍ଭକୁ ଯେଉଁସବୁ ଆଜ୍ଞା ଦେଲି ତାହା
ତୁମ୍ଭମାନଙ୍କ ପାଇଁ ଅତି କଠୋର ନୁହେଁ, କିଅବା ଦୂରବର୍ତ୍ତୀ
ନୁହେଁ। 12ଏହା ସ୍ୱର୍ଗରେ ନାହିଁ, ସେଥିପାଇଁ ତୁମ୍ଭେମାନେ
କହିବ ଯେ, 'ଆମ୍ଭମାନଙ୍କ ପାଇଁ କିଏ ସ୍ୱର୍ଗକୁ ଯିବ ତାହା
ଆଣିବା ପାଇଁ ଯେଉଁଥିରେ ଆମ୍ଭେ ପାଳନ ପାରିବୁ।' 13ଏହି
ନିର୍ଦ୍ଦେଶ ସମୁଦ୍ରର ଆର ପାରରେ ନାହିଁ ଯେ, ତେଣୁ ତୁମ୍ଭେ

କହିବ, 'କିଏ ସମୁଦ୍ର ପାର ହୋଇ ଆମ୍ଭମାନଙ୍କ ପାଇଁ ତାହା
ଆଣି ଶୁଣାଇବ ଓ ଆମ୍ଭେ ଶୁଣିବୁ।' **14**ନାଁ, ଏହି ବାଣୀ
ତୁମ୍ଭମାନଙ୍କର ଖୁବ୍ ନିକଟରେ ଅଛି। ଏହା ତୁମ୍ଭମାନଙ୍କର
ପାଟିରେ ଅଛି। ତୁମ୍ଭମାନଙ୍କର ହୃଦୟରେ ଅଛି। ତେଣୁ
ତୁମ୍ଭେମାନେ ଏହା କରିପାରିବ।

**15**"ଆଜି ଆମ୍ଭେ ତୁମ୍ଭ ସମ୍ମୁଖରେ ମୃତ୍ୟୁ ଓ ମରଣ ଏବଂ
ଭଲ ଓ ମନ୍ଦ ମଧ୍ଯରୁ ଗୋଟିକୁ ବାଛିବାକୁ ଦେଇଅଛୁ। **16**ମୁଁ
ତୁମ୍ଭମାନଙ୍କୁ ନିର୍ଦ୍ଦେଶ ଦେଉଛି, ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭର
ପରମେଶ୍ୱରଙ୍କୁ ପ୍ରେମ କର। ତୁମ୍ଭେମାନେ ତାଙ୍କୁ ଅନୁସରଣ
କରି ତାଙ୍କର ବାକ୍ୟମାନ, ନିୟମ ବିଧି ପାଳନ କର। ତେବେ
ତୁମ୍ଭେମାନେ ବଞ୍ଚିବ ଏବଂ ତୁମ୍ଭର ଜାତି ବଢ଼ିବ। ପୁଣି
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭମାନଙ୍କୁ ଦେଉଥିବା
ଦେଶରେ ତୁମ୍ଭକୁ ଆଶୀର୍ବାଦ କରିବେ, ଯେଉଁଠାକୁ ତୁମ୍ଭେମାନେ
ଅଧିକାର କରିବା ପାଇଁ ଯାଉଛ। **17**ଯଦି ତୁମ୍ଭମାନଙ୍କର
ହୃଦୟ ତାଙ୍କଠାରୁ ବିମୁଖ ହୁଏ ଓ ତାଙ୍କ କଥା ଶୁଣିବ ନାହିଁ,
ମାତ୍ର ବିପଥଗାମୀ ହୋଇ ଅନ୍ୟ ଦେବତାଗଣର ସେବା ଓ
ପୂଜା କର। **18**ତେବେ ତୁମ୍ଭେମାନେ ଧ୍ୱଂସ ହେବ। ମୁଁ
ତୁମ୍ଭମାନଙ୍କୁ ସତର୍କ କରାଇ ଦେଉଛି। ଯଦି ତୁମ୍ଭେ ସଦାପ୍ରଭୁଙ୍କଠାରୁ
ବିମୁଖ ହେବ। ଯର୍ଦ୍ଦନର ସେପାରିସ୍ଥ ଭୂମିରେ ଯେଉଁଠାକୁ
ତୁମ୍ଭେମାନେ ଯିବା ପାଇଁ ପ୍ରସ୍ତୁତ ସେଠାରେ ତୁମ୍ଭେମାନେ
ବେଶିଦିନ ବଞ୍ଚିପାରିବ ନାହିଁ।

**19**"ଆଜି ମୁଁ ସ୍ୱର୍ଗ ଓ ପୃଥିବୀକୁ ଡାକୁଛି, ସାକ୍ଷୀରୂପେ
ଜୀବନ ଓ ମୃତ୍ୟୁ, ଆଶିର୍ବାଦ ଓ ଅଭିଶାପ, ଏହା ଭିତରୁ ମୁଁ
ତୁମ୍ଭକୁ ପସନ୍ଦ କରିବାକୁ ଦେଇଛି। ତେଣୁ ତୁମ୍ଭେମାନେ
ଜୀବନକୁ ବାଛ। ତେବେ ତୁମ୍ଭେ ଓ ତୁମ୍ଭର ପିଲାମାନେ ବଞ୍ଚି
ପାରିବେ। **20**ତୁମ୍ଭେମାନେ ତୁମ୍ଭ ସଦାପ୍ରଭୁ ପରମେଶ୍ୱରଙ୍କୁ
ପ୍ରେମ କରିବ ଓ ଭଲ ପାଇବ। ତାଙ୍କୁ ମାନି ଚଳିବ। ତାଙ୍କୁ
କଦାପି ଛାଡ଼ିବ ନାହିଁ। କାରଣ ସଦାପ୍ରଭୁ ତୁମ୍ଭମାନଙ୍କର
ଜୀବନ, ଏବଂ ସଦାପ୍ରଭୁ ତୁମ୍ଭକୁ ଦୀର୍ଘ୍ୟ ଜୀବନ ଦେବେ ସେହି
ଦେଶରେ, ଯେଉଁ ଦେଶ ଦେବା ପାଇଁ ତୁମ୍ଭମାନଙ୍କର ପୂର୍ବପୁରୁଷ
ଅବ୍ରହାମ, ଇସହାକ୍ ଏବଂ ଯାକୁବଙ୍କୁ କହିଥିଲେ।"

## ଯିହୋଶୂୟ ତୁମ୍ଭମାନଙ୍କର ନୂତନ ନେତା ହେବେ

**31** ଏହାପରେ ମୋଶା ଯାଇ ଏହିକଥା ସମସ୍ତ
ଇଶ୍ରାୟେଲୀୟଙ୍କୁ କହିଲେ। **2**ମୋଶା ଇଶ୍ରାୟେଲକୁ
କହିଲେ, "ମୋତେ 120 ବର୍ଷ ହେଲାଣି। ମୁଁ ଆଉ
ତୁମ୍ଭମାନଙ୍କୁ ଆଗେଇ ନେଇ ପାରିବି ନାହିଁ। ସଦାପ୍ରଭୁ ମୋତେ
କହିଲେ, 'ତୁମ୍ଭେ ଯର୍ଦ୍ଦନ ପାର ହୋଇ ଯିବ ନାହିଁ।' **3**କିନ୍ତୁ
ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭମାନଙ୍କୁ ସେହି ଦେଶକୁ
ଆଗେଇ ନେବେ। ସଦାପ୍ରଭୁ ତୁମ୍ଭମାନଙ୍କ ପାଇଁ ସେମାନଙ୍କୁ
ଧ୍ୱଂସ କରିବେ। ତୁମ୍ଭେମାନେ ସେମାନଙ୍କଠାରୁ ତାଙ୍କର ଦେଶ
ଛଡ଼ାଇ ଆଣିବ। କିନ୍ତୁ ସଦାପ୍ରଭୁ କହିଲେ, ଯିହୋଶୂୟ
ତୁମ୍ଭମାନଙ୍କୁ ଆଗେଇ ନେବେ।

**4**"ସଦାପ୍ରଭୁ ଇମୋରୀୟ ରାଜା ସୀହୋନ ଓ ଓଗ୍‌କୁ
ସେମାନଙ୍କର ଦେଶକୁ ବିନାଶ କଲାପରି, ସେ ସେମାନଙ୍କୁ
ବିନାଶ କରିବେ। ସଦାପ୍ରଭୁ ତୁମ୍ଭମାନଙ୍କ ପାଇଁ ପୁନର୍ବାର
ସେହିପରି କରିବେ। **5**ଅନ୍ୟ ଦେଶୀୟମାନଙ୍କୁ ପରାସ୍ତ କରିବା
ପାଇଁ ସଦାପ୍ରଭୁ ତୁମ୍ଭର ସହାୟକ ହେବେ। କିନ୍ତୁ ମୁଁ ତୁମ୍ଭକୁ
ଯାହାସବୁ କହିଛି ତୁମ୍ଭେ ସେଗୁଡିକ ନିଶ୍ଚୟ କରିବ। **6**ତୁମ୍ଭେ
ଶକ୍ତିଶାଳୀ ଓ ସାହସୀ ହୁଅ। ତୁମ୍ଭେମାନେ ସେହି ଲୋକମାନଙ୍କୁ
ଭୟ କର ନାହିଁ, କାରଣ ସଦାପ୍ରଭୁ ତୁମ୍ଭର ପରମେଶ୍ୱର
ତୁମ୍ଭମାନଙ୍କ ସହିତ ଅଛନ୍ତି। ସେ ତୁମ୍ଭକୁ ଅକୃତକାର୍ଯ୍ୟ କରିବେ
ନାହିଁ କିଅବା ଛାଡିବେ ନାହିଁ।"

**7**ଏହାପରେ ମୋଶା ଯିହୋଶୂୟଙ୍କୁ ଡ଼ାକିଲେ। ସମସ୍ତ
ଇଶ୍ରାୟେଲୀୟମାନଙ୍କ ସମ୍ମୁଖରେ ମୋଶା ଯିହୋଶୂୟଙ୍କୁ କହିଲେ,
"ଶକ୍ତିଶାଳୀ ଓ ସାହସୀ ହୁଅ। ତୁମ୍ଭେ ଏହି ଲୋକମାନଙ୍କୁ
ସେହି ଦେଶକୁ ଆଗେଇ ନେବ ଯେଉଁ ଦେଶ ଦେବା ପାଇଁ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ତୁମ୍ଭର ପୂର୍ବପୁରୁଷମାନଙ୍କ
ସହିତ ଚୁକ୍ତି କରିଥିଲେ। ସେହି ଦେଶ ତୁମ୍ଭମାନଙ୍କ ଅଧିକାର
କରିବା ପାଇଁ ତୁମ୍ଭେ ଇଶ୍ରାୟେଲୀୟ ଲୋକମାନଙ୍କୁ ସାହାଯ୍ୟ
କରିବ। **8**ସଦାପ୍ରଭୁ ତୁମ୍ଭମାନଙ୍କୁ ଆଗେଇ ନେବେ। ସେ ସ୍ୱୟଂ
ତୁମ୍ଭମାନଙ୍କ ସହିତ ରହିବେ। ସେ ତୁମ୍ଭକୁ ବିପଦରେ ପକାଇବେ
ନାହିଁ କି ତ୍ୟାଗ କରିବେ ନାହିଁ। ହତାଶ ହୁଅ ନାହିଁ, ଭୟ
କର ନାହିଁ।"

## ମୋଶା ବ୍ୟବସ୍ଥା ଲେଖିଲେ

**9**ଏହାପରେ ମୋଶା ବ୍ୟବସ୍ଥା ଲେଖି ଲେବୀ ବଂଶୀୟ
ଯାଜକମାନଙ୍କୁ ଦେଲେ। ଯେଉଁମାନେ ସଦାପ୍ରଭୁଙ୍କର ନିୟମ
ସିନ୍ଦୁକ ବାହକ ଥିଲେ। ମୋଶା ଇଶ୍ରାୟେଲ ପ୍ରାଚୀନବର୍ଗମାନଙ୍କୁ
ମଧ୍ୟ ଏହି ବ୍ୟବସ୍ଥା ଦେଲେ। **10**ଏହାପରେ ମୋଶା
ପ୍ରାଚୀନବର୍ଗମାନଙ୍କୁ କହିଲେ, "ପ୍ରତ୍ୟେକ ସାତବର୍ଷ ଶେଷରେ
ଋଣ ଛାଡ଼ ବର୍ଷର ନିରୂପିତ ସମୟରେ ପତ୍ରକୁଟୀର ପର୍ବରେ।
**11**ସେ ସମୟରେ ସମୁଦାୟ ଇଶ୍ରାୟେଲ ସଦାପ୍ରଭୁ ତୁମ୍ଭ
ପରମେଶ୍ୱରଙ୍କ ମନୋନୀତ ସ୍ଥାନରେ ତାହାଙ୍କ ସମ୍ମୁଖରେ
ଉପସ୍ଥିତ ହେବେ। ସେତେବେଳେ ସମସ୍ତ ଇଶ୍ରାୟେଲ ସାକ୍ଷାତରେ
ସେମାନଙ୍କ କର୍ଣ୍ଣଗୋଚରରେ ତୁମ୍ଭେ ଏହି ବ୍ୟବସ୍ଥା ପାଠ
କରିବ। **12**ସମସ୍ତ ଲୋକମାନଙ୍କୁ ଏକତ୍ର କର, ପୁରୁଷ ଲୋକ,
ସ୍ତ୍ରୀଲୋକ, ଛୋଟପିଲା ଏବଂ ବିଦେଶୀୟମାନେ ଯେଉଁମାନେ
ତୁମ୍ଭ ନଗରରେ ବାସ କରୁଛନ୍ତି। ସେମାନେ ମଧ୍ୟ ଏହି
ବ୍ୟବସ୍ଥା ଶୁଣିବେ। ସେମାନେ ମଧ୍ୟ ତୁମ୍ଭର ସଦାପ୍ରଭୁ ପରମେଶ୍ୱରଙ୍କୁ
ଭକ୍ତି ଓ ସମ୍ମାନ କରିବେ। ଏହାପରେ ସେମାନେ ବ୍ୟବସ୍ଥା
ଅନୁସାରେ କର୍ମ କରିପାରିବେ। **13**ତହିଁରେ ସେମାନଙ୍କର
ବଂଶଧରମାନେ ଏସବୁ ଜାଣି ନାହାଁନ୍ତି, ସେମାନେ ତାହା
ଶୁଣିବେ ଓ ଯେଉଁ ଦେଶ ଅଧିକାର କରିବାକୁ ତୁମ୍ଭେମାନେ
ଯର୍ଦ୍ଦନ ପାରହୋଇ ଯାଉଅଛ, ସେହି ଦେଶରେ ଯେତେକାଳ
ପ୍ରାଣଧାରଣ କରିବ, ସେତେବେଳେ ସେମାନେ ସଦାପ୍ରଭୁ
ତୁମ୍ଭମାନଙ୍କ ପରମେଶ୍ୱରଙ୍କୁ ଭୟ କରିବାକୁ ଶିକ୍ଷା କରିବେ।"

## ସଦାପ୍ରଭୁ ମୋଶା ଓ ଯିହୋଶୂୟଙ୍କୁ ଡ଼ାକିଲେ

**14**ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭର ମୃତ୍ୟୁର ସମୟ
ଆସିଗଲା। ଯିହୋଶୂୟଙ୍କୁ ଡ଼ାକ, ତୁମ୍ଭେ ଦୁହେଁ ସମାଗମ
ତମ୍ବୁରେ ଠିଆ ହୁଅ। ଆମ୍ଭେ ତାହାକୁ ଆଜ୍ଞା ଦେବା।"
ତହିଁରେ ମୋଶା ଓ ଯିହୋଶୂୟ ଯାଇ ସମାଗମ ତମ୍ବୁରେ
ଠିଆ ହେଲେ।

15ସଦାପ୍ରଭୁ ସେହି ତମ୍ବୁରେ ମେଘସ୍ତମ୍ଭ ମଧ୍ୟରେ ଦର୍ଶନ
ଦେଲେ ଓ ମେଘସ୍ତମ୍ଭ ତମ୍ବୁ ଦ୍ୱାର ଉପରେ ସ୍ଥିର ହୋଇ
ରହିଲା। 16ସେତେବେଳେ ସଦାପ୍ରଭୁ ମୋଶାଙ୍କୁ କହିଲେ,
"ଦେଖ, ତୁମ୍ଭେ ଆପଣା ପୂର୍ବପୁରୁଷମାନଙ୍କ ସହିତ ଶୟନ
କରିବ। ଏହାପରେ ଏହି ଲୋକମାନେ ଉଠିବେ। ପୁଣି ଯେଉଁ
ଦେଶରେ ପ୍ରବେଶ କରିବାକୁ ଯାଉଅଛନ୍ତି, ସେହି ସ୍ଥାନରେ
ବିଦେଶୀୟ ଦେବଗଣର ଅନୁଗାମୀ ହୋଇ ବ୍ୟଭିଚାର କରିବେ
ଓ ଆମ୍ଭକୁ ତ୍ୟାଗ କରିବେ। ଆମ୍ଭେ ସେମାନଙ୍କ ସହିତ ଯେଉଁ
ନିୟମ କରିଅଛୁ, ତାହା ଲଙ୍ଘନ କରିବେ। 17ସେହି ସମୟରେ,
ସେମାନଙ୍କ ଉପରେ ଆମ୍ଭର କ୍ରୋଧ ହେବ। ତେଣୁ ଆମ୍ଭେ
ସେମାନଙ୍କୁ ତ୍ୟାଗ କରିବା ଓ ଆମ୍ଭେ ସେମାନଙ୍କଠାରୁ ଆପଣା
ମୁହଁ ବନ୍ଦ କରିବା। ତହିଁରେ ସେମାନଙ୍କ ପାଇଁ ଭୟଙ୍କର
ଅବସ୍ଥାମାନ ହେବ, ଏବଂ ସେମାନେ ବହୁ ସମସ୍ୟାରେ
ପଡ଼ିବେ। ତା'ପରେ ସେମାନେ କହିବେ, 'ଏହିସବୁ ଅମଙ୍ଗଳ
ଆମ୍ଭ ଉପରେ ଘଟିଛି କାରଣ ଆମ୍ଭମାନଙ୍କର ପରମେଶ୍ୱର
ଆମ୍ଭମାନଙ୍କ ନିକଟରେ ନାହାଁନ୍ତି।' 18ଆମ୍ଭେ ସେମାନଙ୍କୁ ସାହାଯ୍ୟ
କରିବା ନାହିଁ, କାରଣ ସେମାନେ ଅନ୍ୟ ଦେବତାମାନଙ୍କୁ ପୂଜା
କରୁଛନ୍ତି। 19ତେଣୁ ଏହି ସଙ୍ଗୀତ ଲେଖ, ଏବଂ ଇଶ୍ରାୟେଲ
ଲୋକମାନଙ୍କୁ ଶିକ୍ଷା ଦିଅ। ତେବେ ଏହି ସଂଗୀତ ମୋ ପାଇଁ
ଇଶ୍ରାୟେଲ ଲୋକମାନଙ୍କ ବିରୁଦ୍ଧରେ ସାକ୍ଷୀ ହେବ। 20ଆମ୍ଭେ
ସେମାନଙ୍କୁ ସେହି ଦେଶକୁ ନେଇଯିବା, ଯେଉଁ ଦେଶ
ସେମାନଙ୍କର ପୂର୍ବପୁରୁଷମାନଙ୍କୁ ପ୍ରତିଜ୍ଞା କରିଅଛୁଁ। ସେହି
ଦୁଗ୍ଧମଧୁ ପ୍ରବାହୀ ଦେଶକୁ ସେମାନେ ଗଲା ପରେ ଯେତେବେଳେ
ସେମାନେ ଭୋଜନ କରି ତୃପ୍ତ ଓ ହୃଷ୍ଟପୃଷ୍ଟ ହେବେ।
ସେତେବେଳେ ସେମାନେ ଅନ୍ୟ ଦେବତାମାନଙ୍କ ପ୍ରତି ଫେରି
ସେମାନଙ୍କ ସେବା କରିବେ। ସେମାନେ ମୋର ନିୟମକୁ
ପ୍ରତ୍ୟାଖାନ କରିବେ ଓ ଲଙ୍ଘନ କରିବେ। 21ତା'ପରେ
ସେହିସବୁ କ୍ଳେଶ ଓ ଅମଙ୍ଗଳର କାର୍ଯ୍ୟମାନ ସେମାନଙ୍କ ପାଇଁ
ଘଟିବ। ସେମାନେ ବହୁ ସମସ୍ୟାର ସମ୍ମୁଖିନ ହେବେ। ସେହି
ସମୟରେ ସେହି ଲୋକମାନେ ସେହି ଗୀତ ସ୍ମରଣ କରିବେ।
ଏହି ଗୀତ ସେମାନଙ୍କ ବିରୁଦ୍ଧରେ ସାକ୍ଷୀରୂପେ କାର୍ଯ୍ୟ କରିବ।
ମୁଁ ସେମାନଙ୍କୁ ପ୍ରତିଜ୍ଞା କରିଥିବା ଦେଶକୁ ଆଣିବା ପୂର୍ବରୁ
ସେମାନଙ୍କର ପ୍ରକୃତି ଜାଣିଥିଲି।"

22ତେଣୁ ସେହି ଦିନରେ ମୋଶା ସେହି ସଙ୍ଗୀତ ଲେଖିଲେ
ଏବଂ ସେ ଇଶ୍ରାୟେଲକୁ ସେହି ସଙ୍ଗୀତ ଶିକ୍ଷା ଦେଲେ।

23ତା'ପରେ ସଦାପ୍ରଭୁ ନୂନର ପୁତ୍ର ଯିହୋଶୂୟଙ୍କୁ କହିଲେ,
"ଶକ୍ତିଶାଳୀ ଓ ସାହସୀ ହୁଅ। ତୁମ୍ଭେ ଇଶ୍ରାୟେଲୀୟମାନଙ୍କୁ
ଆମ୍ଭେ ଯେଉଁ ଦେଶ ଦେବା ପାଇଁ ପ୍ରତିଜ୍ଞା କରିଅଛୁ, ସେହି
ଦେଶକୁ ନେଇ ଯିବ ଏବଂ ଆମ୍ଭେ ତୁମ୍ଭ ସହିତ ସର୍ବଦା
ରହିବା।"

## ଇଶ୍ରାୟେଲୀୟମାନଙ୍କୁ ମୋଶାଙ୍କର ସତର୍କ

24ମୋଶା ଯତ୍ନପୂର୍ବକ ସେହି ବ୍ୟବସ୍ଥା ପୁସ୍ତକରେ ସମସ୍ତ
ଲେଖିଲେ। 25ସେ ସଦାପ୍ରଭୁଙ୍କ ନିୟମ ସିନ୍ଦୁକ ବାହାକମାନଙ୍କୁ
ନିର୍ଦ୍ଦେଶ ଦେଇ କହିଲେ, 26"ଏହି ବ୍ୟବସ୍ଥା ପୁସ୍ତକ ନିଅ ଓ
ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ନିୟମ ସିନ୍ଦୁକ ଭିତରେ ରଖ।
ତାହା ସେଠାରେ ତୁମ୍ଭ ବିରୁଦ୍ଧରେ ସାକ୍ଷୀରୂପେ ରହିବ। 27ମୁଁ
ଜାଣେ ତୁମ୍ଭେମାନେ ଶକ୍ତ ଗ୍ରୀବ ଅଟ। ମୁଁ ଜାଣେ ତୁମ୍ଭେ ତୁମ୍ଭ
ବାଟରେ ଚାଲିବାକୁ ଚାହଁ। ଦେଖ ଆଜି ମୁଁ ତୁମ୍ଭମାନଙ୍କ
ମଧ୍ୟରେ ବଞ୍ଚି ଥାଉଥାଉ ତୁମ୍ଭେମାନେ ସଦାପ୍ରଭୁଙ୍କର ବିଦ୍ରୋହି
ହେଉଅଛ। ମୋର ମରଣ ପରେ ତୁମ୍ଭେମାନେ କେତେ
ଅଧିକ ନହେବ। ତୁମ୍ଭେମାନେ ସଦାପ୍ରଭୁଙ୍କୁ ମାନିବ ନାହିଁ।
28ତୁମ୍ଭମାନଙ୍କର ପ୍ରାଚୀନବର୍ଗମାନଙ୍କୁ ଓ ପରିବାରବର୍ଗମାନଙ୍କୁ
ମୋ ନିକଟରେ ଏକତ୍ର କର। ମୁଁ ସେମାନଙ୍କୁ ଏହି କଥାମାନ
କହିବି। ସ୍ୱର୍ଗ ଓ ପୃଥିବୀ ମୋର ସାକ୍ଷୀ ହେବେ। 29ମୁଁ
ଜାଣେ ମୋର ମୃତ୍ୟୁ ପରେ ତୁମ୍ଭେମାନେ ଅତିଶୟ ଦୁର୍ନୀତିଗ୍ରସ୍ଥ
ହେବ। ତୁମ୍ଭେମାନେ ମୋର ନିର୍ଦ୍ଦେଶିତ ପଥରୁ ବିଚ୍ୟୁତ
ହେବ। ଭବିଷ୍ୟତରେ ତୁମ୍ଭମାନଙ୍କ ପାଇଁ ବହୁତ ଅମଙ୍ଗଳ
ହେବ। କାରଣ ତୁମ୍ଭେମାନେ ଏହି କର୍ମମାନ କରିବ, ଯାହା
ତାଙ୍କ ଦୃଷ୍ଟିରେ ମନ୍ଦ। ତୁମ୍ଭେମାନେ ଦୁଷ୍କର୍ମ କରି ତାଙ୍କୁ
କ୍ରୋଧାନ୍ୱିତ କରିବ।"

## ମୋଶାଙ୍କ ସଂଗୀତ

30ତହିଁରେ ଇଶ୍ରାୟେଲ ଲୋକମାନେ ସମସ୍ତେ ଏକତ୍ରିତ
ହେଲେ ଏବଂ ମୋଶା ସେମାନଙ୍କ ଉଦ୍ଦେଶ୍ୟରେ ଏହି ସଂଗୀତ
ଗାନ କଲେ।

32 "ହେ ଆକାଶମଣ୍ଡଳ ଶୁଣ, ମୁଁ କହିବି, ପୃଥିବୀ
ମୋର ବାକ୍ୟ ଶୁଣ।

2ମୋର ଉପଦେଶ ବର୍ଷାପରି ବର୍ଷିବ। ମୋର ବାଣୀ
ଶିଶିରପରି କ୍ଷରିବ। ତାହା କୋମଳ ତୃଣ ଉପରେ ମନ୍ଦ ବୃଷ୍ଟି
ତୁଲ୍ୟ ଓ ଶାକ ଉପରେ ଅସରା ବୃଷ୍ଟି ତୁଲ୍ୟ ହେବ।

3ମୁଁ ସଦାପ୍ରଭୁଙ୍କ ନାମ ପ୍ରଚାର କରିବି, ତୁମ୍ଭେମାନେ
ଆମ୍ଭମାନଙ୍କ ପରମେଶ୍ୱରଙ୍କ ପ୍ରତି ମହିମା ଆରୋପ କର।

4ସେତ ଶୈଳ, ତାଙ୍କର କର୍ମ ସିଦ୍ଧ। କାରଣ ତାଙ୍କର
ସକଳ ପଥ ଯଥାର୍ଥ। ସେ ବିଶ୍ୱସ୍ତ ଓ ନ୍ୟାୟବାନ୍ ପରମେଶ୍ୱର।
ସେ ଉତ୍ତମ ଓ ସତ୍ୟ।

5ସେମାନେ ତାଙ୍କ ଉଦ୍ଦେଶ୍ୟରେ ଭ୍ରଷ୍ଟାଚରଣ କରିଅଛନ୍ତି।
ସେମାନେ ତାଙ୍କର ସନ୍ତାନ ନୁହଁନ୍ତି। ମାତ୍ର ସନ୍ତାନମାନଙ୍କର
କଳଙ୍କ, ସେମାନେ ବିପଥଗାମୀ ଓ କୁଟିଳ ବଂଶ।

6ହେ ମୂର୍ଖ ଓ ଅଜ୍ଞାନ ଲୋକେ, ତୁମ୍ଭେମାନେ କି
ସଦାପ୍ରଭୁଙ୍କୁ ଏପରି ପରିଶୋଧ କରୁଅଛ? ସେ କି ତୁମ୍ଭର
ପିତା ଏବଂ ସୃଷ୍ଟିକର୍ତ୍ତା ନୁହନ୍ତି, ସେ କି ତୁମ୍ଭର ସୃଷ୍ଟିକର୍ତ୍ତା,
ନୁହଁନ୍ତି, ଯିଏ ତୁମ୍ଭଙ୍କୁ ସ୍ଥାପିତ କରିଛନ୍ତି।

7ପୂର୍ବକାଳର ଦିନସବୁ ସ୍ମରଣ କର, ଗତ ବହୁ ପୁରୁଷର
ବର୍ଷ ବିବେଚନା କର। ତୁମ୍ଭ ପିତାଙ୍କୁ ପଚାର, ସେ ତୁମ୍ଭକୁ
ଜଣାଇବେ। ତୁମ୍ଭର ପ୍ରାଚୀନମାନଙ୍କୁ ପଚାର, ସେମାନେ ତୁମ୍ଭକୁ
କହିବେ।

8ସର୍ବୋପରିସ୍ଥ ପରମେଶ୍ୱର ଯେତେବେଳେ ଗୋଷ୍ଠୀୟ
ଲୋକମାନଙ୍କୁ ସେମାନଙ୍କ ଅଧିକାର ଦେଲେ, ଯେତେବେଳେ
ସେ ମନୁଷ୍ୟ ସନ୍ତାନମାନଙ୍କୁ* ପୃଥକ କଲେ। ସେତେବେଳେ

**ମନୁଷ୍ୟ ସନ୍ତାନ** ଏହା ପ୍ରଚୀନ ଗ୍ରିକ୍ ଅନୁବାଦ ଓ କୁମରାନରୁ ମିଳିଥିବା ହିବ୍ରୁ ନଳାକାର ପୁସ୍ତକରୁ ଅନୁସୃତ। ଯାହାର ଆକ୍ଷରିକ ଅର୍ଥ "ପରମେଶ୍ୱରଙ୍କ ପୁତ୍ର" ଏବଂ ପାରମ୍ପରିକ ହିବ୍ରୁ ଅର୍ଥ "ଇଶ୍ରାୟେଲ ଭବିଷ୍ୟତ୍ ବଂଶଧର।"

ସେ ଇସ୍ରାୟେଲର ସଂଖ୍ୟା ଅନୁସାରେ ସେ ସୀମା ସ୍ଥାପନ କଲେ।

9ସଦାପ୍ରଭୁଙ୍କ ଅଂଶ ତାଙ୍କର ଲୋକ, ଯାକୁବ ତାଙ୍କର ଅଧିକାରର ବାଣ୍ଟ।

10ସଦାପ୍ରଭୁ ଯାକୁବଙ୍କୁ ପ୍ରାନ୍ତର ଦେଶରେ ଓ ପଶୁ ବୋବାଳି ପୂର୍ଣ୍ଣ ଘୋର ମରୁଭୂମିରୁ ପାଇଲେ, ସେ ତାହାଙ୍କୁ ଘେରିଆଡୁ ଘେରି ରଖିଲେ। ସେ ତାହାଙ୍କୁ ସୁରକ୍ଷା ଦେଲେ, ଠିକ୍ ତାଙ୍କର ମୂଲ୍ୟବାନ୍ ସମ୍ପତ୍ତି ପରି।

11ସଦାପ୍ରଭୁ ହେଉଛନ୍ତି, ଇସ୍ରାୟେଲର ଉତ୍କ୍ରୋଶ ପକ୍ଷୀପରି। ଉତ୍କ୍ରୋଶ ପକ୍ଷୀ ତା'ର ଛୁଆମାନଙ୍କୁ ବସାରୁ ପେଲି ଦିଏ ସେମାନଙ୍କୁ ଉଡ଼ ଶିଖିବା ପାଇଁ, ସେମାନେ ଯେତେବେଳେ ପଡ଼ିଯାନ୍ତି ସେ ତା'ର ଡ଼େଣା ମେଲାକରି ଉଡ଼ିଯାଏ ତାକୁ ଧରିବା ପାଇଁ। ଏବଂ ତା'ର ନିରାପତ୍ତା ପାଇଁ ସେ ତା'ର ଡ଼େଣା ମଧ୍ୟକୁ ଟାଣିନିଏ। ସଦାପ୍ରଭୁ ହେଉଛନ୍ତି ସେହିପରି।

12ସଦାପ୍ରଭୁ ଏକାକୀ ଯାକୁବକୁ ଗମନ କରାଇଲେ। ତାଙ୍କ ସହିତ କୌଣସି ବିଦେଶୀ ଦେବଗଣ ନ ଥିଲେ।

13ସଦାପ୍ରଭୁ ପୃଥିବୀର ଉଚ୍ଚସ୍ଥଳୀ ଉପରେ ଯାକୁବଙ୍କୁ ବାହନ ଆରୋହଣ କରାଇଲେ। ଯାକୁବ କ୍ଷେତ୍ରରୁ ଫସଲ ଖାଇଗଲେ। ସଦାପ୍ରଭୁ ପାଷାଣରୁ ମଧୁ ଝରାଇ ଦେଲେ ଏବଂ କଠିନ ଶିଳାରୁ ଯାକୁବ୍ଙ୍କୁ ତୈଳ ଦଲେ।

14ସଦାପ୍ରଭୁ ଇସ୍ରାୟେଲ ଗୋଦଧି ଓ ଛାଗଦୁଗ୍ଧ ଦେବା ସହିତ ମେଷ ମେଦ, ବାଶନଦେଶୀୟ ମେଷ ଓ ଛାଗର ମାଂସ ସହିତ ଉତ୍ତମ ଗହମର ଅଟା ଓ ଦ୍ରାକ୍ଷାର ରକ୍ତବର୍ଣ୍ଣ ରସ ଦେଲେ।

15କିନ୍ତୁ ଯିଶୁରୁଣ ହୃଷ୍ଟପୁଷ୍ଟ ହେଲା ଓ ପଦାଘାତ କଲା। ତୁମ୍ଭକୁ ଭଲ ଭାବରେ ଖୁଆଇଲେ ଏବଂ ତୁମ୍ଭେ ମୋଟା ହୋଇଅଛ। ତେଣୁ ସେ ଆପଣା ସୃଷ୍ଟିକର୍ତ୍ତା ସଦାପ୍ରଭୁଙ୍କୁ ତ୍ୟାଗ କଲା। ଏବଂ ଶୈଳ ପ୍ରତି ମନ୍ଦ କର୍ମ କଲା ଯିଏ କି ତାଙ୍କୁ ରକ୍ଷା କଲେ।

16ସଦାପ୍ରଭୁଙ୍କର ଲୋକମାନେ ତାଙ୍କୁ ଈର୍ଷା କଲେ। ସେମାନେ ଅନ୍ୟ ଦେବଗଣଙ୍କର ପୂଜା କଲେ। ସେମାନେ ପ୍ରତିମା ପୂଜା କଲେ। ଏବଂ ପରମେଶ୍ୱର ସେମାନଙ୍କ ଉପରେ କ୍ରୋଧ କଲେ।

17ସେମାନେ ବଳିଦାନ କଲେ ସେହିମାନଙ୍କ ଉଦ୍ଦେଶ୍ୟରେ ଯେଉଁମାନେ ବାସ୍ତବରେ ଦେବତା ନୁହଁନ୍ତି। ଯେଉଁମାନେ ନୂତନ ଦେବଗଣ ଥିଲେ, ସେମାନେ ତାଙ୍କୁ ଜାଣି ନ ଥିଲେ। ସେହି ନୂତନ ଦେବଗଣମାନଙ୍କୁ ତାଙ୍କର ପୂର୍ବପୁରୁଷମାନେ ମଧ୍ୟ ଜାଣି ନ ଥିଲେ।

18ଯେଉଁ ଶୈଳ ତୁମ୍ଭକୁ ଉତ୍ପନ୍ନ କଲେ, ତୁମ୍ଭେ ସେମାନଙ୍କୁ ତ୍ୟାଗ କଲ। ଯେଉଁ ପରମେଶ୍ୱର ତୁମ୍ଭକୁ ଜନ୍ମ ଦେଲେ ତୁମ୍ଭେ ତାହାଙ୍କୁ ପାସୋରି ଅଛ।

19ସଦାପ୍ରଭୁ ତାହା ଦେଖିଲେ, ଏବଂ ସେ ସେମାନଙ୍କୁ ପ୍ରତ୍ୟାଖାନ କଲେ, କାରଣ ତା'ର ପୁତ୍ର ଓ କନ୍ୟାଗଣ ତାଙ୍କୁ ବିରକ୍ତ କଲେ।

20ତେଣୁ ସଦାପ୍ରଭୁ କହିଲେ, 'ଆମ୍ଭେ ତାଙ୍କଠାରୁ ଦୂର ହେବା, ତା'ପରେ ଦେଖିବା ତାଙ୍କର କ'ଣ ହେଉଛି। ସେମାନେ ବିଦ୍ରୋହୀ ଲୋକ ସେମାନେ ଏପରି ସନ୍ତାନ ଯେଉଁମାନଙ୍କର କିଛି ବିଶ୍ୱସ୍ତତା ନାହିଁ।

21ଯେଉଁମାନେ ଦେବତା ନୁହଁନ୍ତି ସେମାନଙ୍କ ସହିତ ମୋତେ ଈର୍ଷା ପରାୟଣ କଲେ। ସେମାନେ ସେମାନଙ୍କର ଅସାରତା ଦ୍ୱାରା ମୋତେ ବିରକ୍ତ କଲେ। ସେଥିପାଇଁ ମୁଁ ଇସ୍ରାୟେଲକୁ ଈର୍ଷାନିତ୍ୱ କରାଇବି ସେହିମାନଙ୍କ ମାଧ୍ୟମରେ ଯେଉଁମାନେ ପ୍ରକୃତ ଜାତି ନୁହଁନ୍ତି। ମୁଁ ସେମାନଙ୍କୁ ମୂର୍ଖ ଗୋଷ୍ଠୀ ଦ୍ୱାରା ବିରକ୍ତ କରାଇବି।

22ମୋ କ୍ରୋଧରେ ଅଗ୍ନି ପ୍ରଜ୍ୱଳିତ ହେବ, ଯାହା ପାତାଳ ପର୍ଯ୍ୟନ୍ତ ଜଳୁଛି। ପୃଥିବୀର ଏହା ସମସ୍ତ ଦେଶକୁ ଓ ସମସ୍ତ ଉତ୍ପନ୍ନ ବସ୍ତୁକୁ ଗ୍ରାସ କରିବ। ଏହା ପର୍ବତର ମୂଳଦୁଆକୁ ମଧ୍ଯ ପୋଡି ପକାଇବ।

23'"ଆମ୍ଭେ ଇସ୍ରାୟେଲୀୟମାନଙ୍କ ଉପରେ ଅମଙ୍ଗଳ ଦେବା। ଆମ୍ଭେ ଆପଣା ବାଣସବୁ ସେମାନଙ୍କ ଉପରେ ବ୍ୟୟ କରିବା।

24ସେମାନେ ଭୋକ ଯୋଗୁ କ୍ଷୀଣ ହେବେ। ସେମାନେ ବ୍ୟାଧିର ଜ୍ୱାଳାରେ ଓ ବିଷାକ୍ତ ମହାମାରୀରେ ଗ୍ରାସୀତ ହେବେ। ମୁଁ ସେମାନଙ୍କ ବିରୁଦ୍ଧରେ ସେମାନଙ୍କୁ ଦଂଶନ କରିବା ପାଇଁ ବନ୍ୟଜନ୍ତୁମାନଙ୍କୁ, ଏବଂ ଧୂଳିରେ ଗୁରୁଣ୍ଡୁଥିବା ବିଷାକ୍ତ ପୋକଜୋକ ପଠାଇବି।

25ରାସ୍ତାରେ ସୈନ୍ୟମାନେ ସେମାନଙ୍କୁ ହତ୍ୟା କରିବେ। ସେମାନଙ୍କ ଗୃହରେ ଭୟଙ୍କର କାର୍ଯ୍ୟମାନ ହେବ। ସୈନ୍ୟମାନେ ଯୁବକ ଓ ଯୁବତୀମାନଙ୍କୁ ହତ୍ୟା କରିବେ। ସେମାନେ ବୁଢ଼ା ଓ ପିଲାମାନଙ୍କୁ ହତ୍ୟା କରିବେ।

26ଆମ୍ଭେ ଚିନ୍ତା କଲୁ ଇସ୍ରାୟେଲୀୟମାନଙ୍କୁ ଧ୍ୱଂସ କରିବା ପାଇଁ। ତେଣୁ ଲୋକମାନେ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଭୁଲିଯିବେ।

27କିନ୍ତୁ ଆମ୍ଭେ ଜାଣୁ ତାଙ୍କର ଶତ୍ରୁମାନେ କ'ଣ କହିବେ। ଶତ୍ରୁମାନେ ବୁଝି ପାରୁ ନଥିବେ। ସେମାନେ ଏପରି କହି ପାରନ୍ତି, "ସଦାପ୍ରଭୁ ଇସ୍ରାୟେଲକୁ ଧ୍ୱଂସ କରି ନାହାଁନ୍ତି। ଆମ୍ଭେ ଆପଣା ଶକ୍ତି ବଳରେ ସେମାନଙ୍କୁ ଜିତିଛୁ।"'

28"ଇସ୍ରାୟେଲର ଲୋକମାନେ ଯୁକ୍ତିହୀନ। ସେମାନେ ବୁଝିପାରନ୍ତି ନାହିଁ।

29ଯଦି ସେମାନେ ବୁଦ୍ଧିଆ ହୁଅନ୍ତେ ସେମାନେ ବୁଝିପାରନ୍ତେ, ସେମାନେ ଜାଣିପାରନ୍ତେ କ'ଣ ଘଟିବାକୁ ଯାଉଛି ସେମାନଙ୍କ ପାଇଁ।

30ଜଣେ ଲୋକ କ'ଣ ହଜାରେ ଲୋକଙ୍କୁ ଗୋଡ଼ାଇ ପାରିବ? ଦୁଇଜଣ ଲୋକ କ'ଣ ଦଶହଜାର ଲୋକଙ୍କୁ ଘଉଡ଼ାଇ ଦେଇପାରିବେ? ତାହା ଘଟିବ କେବଳ ଯଦି ସଦାପ୍ରଭୁ ସେମାନଙ୍କୁ ତାଙ୍କର ଶତ୍ରୁମାନଙ୍କ ହସ୍ତରେ ସମର୍ପଣ କରନ୍ତି।

31ସେମାନଙ୍କର 'ଶୈଳ' ଆମ୍ଭମାନଙ୍କର ଦେବତାମାନଙ୍କ ତୁଲ୍ୟ ନୁହଁ। ଏବଂ ଆମ୍ଭର ଶତ୍ରୁମାନେ ଆମ୍ଭର ବିଚାରକ।

32ଏପରିକି ଆମ୍ଭର ଶତ୍ରୁଗଣ ତାହା ଜାଣନ୍ତି। ସେମାନଙ୍କର ଦ୍ରାକ୍ଷାକ୍ଷେତ୍ର ସଦୋମ ଏବଂ ଗମୋରାର ଦ୍ରାକ୍ଷା ତୁଲ୍ୟ। ସମାନଙ୍କର ଦ୍ରାକ୍ଷାଫଳ ବିଷାକ୍ତ। ସେମାନଙ୍କର ଦ୍ରାକ୍ଷାଗୁଚ୍ଛସବୁ ତିକ୍ତ।

33ସେମାନଙ୍କର ଦ୍ରାକ୍ଷାରସ ସର୍ପ ବଷ ତୁଲ୍ୟ ବଷମୟ
ଅଟେ।
34"ସଦାପ୍ରଭୁ କୁହନ୍ତ, 'ଆମ୍ଭେ ଏହାକୁ ସଞ୍ଚିତ ରଖିଛୁ।
ଆମ୍ଭେ ଏହାକୁ କ'ଣ ଭଣ୍ଡାରରେ ସାଇତି ରଖି ନାହୁଁ।
35ମୁଁ ପ୍ରତିଶୋଧ ନେବ। ମୁଁ ସେମାନଙ୍କର ପ୍ରାପ୍ୟ ଦେବ।
ସେମାନଙ୍କର ପାଦ ଖସିଯିବା ପର୍ଯ୍ୟନ୍ତ ଅପେକ୍ଷା କରବ।
ସେମାନଙ୍କର ଅସୁବଧାର ସମୟ ନକଟ ହୋଇ ଆସୁଛ।'
36"ସଦାପ୍ରଭୁ ତାଙ୍କର ଲୋକମାନଙ୍କର ବଚାର କରବେ।
କାରଣ ସେମାନେ ତାଙ୍କର ଦାସ। ସଦାପ୍ରଭୁ ସେମାନଙ୍କୁ
ବନାଶ କରବା ବଷୟରେ ନଜ ମନ ପରବର୍ତ୍ତନ କରବେ।
କାରଣ ସେ ଦେଖିବେ ଯେ ତାଙ୍କର ଶକ୍ତ ଚାଲଯାଇଛ ଏବଂ
ସେମାନେ କଛ ନୁହଁ, କେବଳ ଆତ୍ମରକ୍ଷାହୀନ ଓ ଭୀତସନ୍ତ୍ରସ୍ତ।
37ଏହାପରେ ସଦାପ୍ରଭୁ ପୁଣି କହବେ, 'ସେମାନଙ୍କର
ଦେବତାମାନେ କାହାଁନ୍ତି? ଯେଉଁ 'ଶୈଳ'ରେ ସେମାନେ ଆଶ୍ରୟ
ନେଲେ ସେ କାହିଁ।
38ସେମାନଙ୍କର ଭଣ୍ଡଦେବତା, ଯେଉଁମାନେ ବଳ ମେଦ
ଭୋଜନ କଲେ ପେୟ ଏବଂ ଯେଉଁମାନେ ନୈବେଦ୍ୟର
ଦ୍ରାକ୍ଷାରସ ପାନ କଲେ, ସେମାନେ କାହାଁନ୍ତି? ସେମାନେ ଆସି
ସେମାନଙ୍କ ସାହାଯ୍ୟ କରନ୍ତୁ। ସେମାନେ ସେମାନଙ୍କୁ ସୁରକ୍ଷା
ଦଅନ୍ତୁ।
39"'ଏବେ ଦେଖ ଆମ୍ଭେ କେବଳ ପରମେଶ୍ୱର ଅଟୁ।
ଆଉ କୌଣସି ଅନ୍ୟ ଦେବତା ନାହିଁ। ଆମ୍ଭେ ମରଣ ଦେଉ,
ଆମ୍ଭେ ଜୀବଦାନ କରୁ। ଆମ୍ଭେ ଲୋକମାନଙ୍କୁ ଆରୋଗ୍ୟ
କରପାରୁ। କୌଣସି ବ୍ୟକ୍ତ ଆମ୍ଭ ଶକ୍ତଠାରୁ ରକ୍ଷା କରପାରବ
ନାହିଁ।
40ଆମ୍ଭେ ଆକାଶ ଆଡ଼େ ହାତ ଉଠାଇ କହୁ, ଏହ
ପ୍ରତିଜ୍ଞା କରୁ। ଆମ୍ଭେ ଯେ ଅନନ୍ତ ଜୀବ ଅଟୁ।
41ଆମ୍ଭେ ଆପଣା ବଜ୍ରତୁଲ୍ୟ ଖଡ୍ଗରେ ଶାଣ ଦେଲେ,
ବଚାର ସାଧନ କରବା ପାଇଁ ହସ୍ତକ୍ଷେପ କଲେ, ଆମ୍ଭେ
ଆପଣା ବପକ୍ଷଗଣ ବରୁଦ୍ଧରେ ପରଶୋଧ ନେବା। ଯେଉଁମାନେ
ଆମ୍ଭକୁ ଘୃଣା କରନ୍ତ ସେମାନଙ୍କର ଦୋଷ ଅନୁଯାୟୀ ଦଣ୍ଡ
ଦେବା।
42ମୋର ବାଣମାନ ତାଙ୍କ ରକ୍ତରେ ମାତାଲ ହେବେ
ଏବଂ ମୋ ଖଡ୍ଗ ମୋର ଶତ୍ରୁମାନଙ୍କର ମାଂସକୁ ଗ୍ରାସ କରବ,
ସେମାନଙ୍କର ରକ୍ତ ରଂଜିତ ଶରୀରରୁ କେଶପୂର୍ଣ୍ଣ ମୁଣ୍ଡ
ପର୍ଯ୍ୟନ୍ତ।'
43"ହେ ଜାତିଗଣ ତାଙ୍କର ଲୋକମାନଙ୍କ ପାଇଁ ଗାନ
କର। କାରଣ ସେ ଆପଣା ଦାସମାନଙ୍କର ରକ୍ତପାତର
ପ୍ରତିଶୋଧ ନେବେ। ସେ ଆପଣା ବପକ୍ଷଗଣଙ୍କ ବରୁଦ୍ଧରେ
ପ୍ରତିଶୋଧ ନେବେ। ପୁଣି ସେ ଆପଣା ଦେଶ ଓ ଆପଣା
ଲୋକମାନଙ୍କ ନମନ୍ତେ ପ୍ରତିଶୋଧ ନେବେ ଏବଂ ତାଙ୍କର
ଦେଶ ନମନ୍ତେ ସେ ପ୍ରାୟଶ୍ଚିତ୍ତ କରବେ।"

### ମୋଶା ତାଙ୍କର ସଂଗୀତଗୁଡ଼କ ଲୋକମାନଙ୍କୁ ଶିକ୍ଷା ଦେଲେ

44ମୋଶା ଏବଂ ନୂନର ପୁତ୍ର ଯିହୋଶୂୟ ଇଶ୍ରାୟେଲ
ଲୋକମାନଙ୍କ ଉଦ୍ଦେଶ୍ୟରେ ଏହ ଗୀତ ଗାନ କଲେ।
45ମୋଶା ତାଙ୍କର ସମସ୍ତ ଲୋକମାନଙ୍କୁ ଶିକ୍ଷା ଦେଇସାରବା
ପରେ, 46ସେ ସେମାନଙ୍କୁ କହଲେ, "ମୁଁ ଆଜି ତୁମ୍ଭମାନଙ୍କୁ
ଯେଉଁସବୁ କଥା କହଲ, ତୁମ୍ଭେମାନେ ସେଥିପ୍ରତି ଧ୍ୟାନ ଦଅ।
ଏବଂ ତୁମ୍ଭେମାନେ ତୁମ୍ଭମାନଙ୍କର ସନ୍ତାନମାନଙ୍କୁ ଏହା ଶିକ୍ଷା
ଦେଇ ସେହ ବଧି ଅନୁସାରେ ଚଳବାକୁ ନର୍ଦ୍ଦେଶ ଦଅ।
47କେବେବ ଏପର ଭାବ ନାହିଁ ଯେ, ଏହସବୁ କଥା
ମୂଲ୍ୟହୀନ ବୋଲ। ସେଥିରେ ତୁମ୍ଭର ଜୀବନ ନହତ ଅଛ।
ଏହ ଶିକ୍ଷା ଅନୁସରଣ କର ତୁମ୍ଭେମାନେ ଯର୍ଦ୍ଦନ ସେପାଶସ୍ଥ
ଯେଉଁ ଦେଶକୁ ଅଧିକାର କରବାକୁ ଯାଉଅଛ, ସେଠାରେ
ଦୀର୍ଘ୍ୟ ଜୀବନ ଲାଭ କରବ।"

### ମୋଶା ନବୋ ପର୍ବତ ଉପରକୁ ଗଲେ

48ସେହଦନ ମୋଶାଙ୍କୁ ସଦାପ୍ରଭୁ କହଲେ, 49"ତୁମ୍ଭେ
ଅବାରୀମ ପର୍ବତ ଉପରକୁ ଯାଅ। ଯିରୀହୋ ସମ୍ମୁଖସ୍ଥ
ମୋୟାବ ଦେଶସ୍ଥ ନବୋ ପର୍ବତ ଉପରକୁ ଯାଅ। ଏହାପରେ
ଆମ୍ଭେ ଇଶ୍ରାୟେଲ ସନ୍ତାନଗଣଙ୍କୁ ଦେବାକୁ ଥିବା ଦେଶ ତୁମ୍ଭେ
ଦେଖି ପାରବ। 50ତୁମ୍ଭର ଭାଇ ହାରୋଣ ଯେପର ହୋର
ପର୍ବତ ଉପରେ ମର ଆପଣା ଲୋକମାନଙ୍କ ନକଟକୁ ଗଲା,
ଠିକ୍ ସେହପର ତୁମ୍ଭେ ସେଠାରେ ପର୍ବତର ଶିର୍ଷ ଦେଶରେ
ମୃତ୍ୟୁ ବରଣ କରବ ଓ ତୁମ୍ଭେ ତୁମ୍ଭର ସ୍ୱର୍ଗସ୍ଥ ଲୋକମାନଙ୍କ
ନକଟକୁ ଚାଲଯିବ। 51କାରଣ ତୁମ୍ଭେମାନେ ଉଭୟେ ସେଠାରେ
ମୋ ବରୁଦ୍ଧରେ ପାପକର ଥିଲ। ସିନ୍ ପ୍ରାନ୍ତରରେ କାଦେଶସ୍ଥ
ମରବା ଜଳ ନକଟରେ ଥିଲ। ସେଠାରେ ତୁମ୍ଭେ ଇଶ୍ରାୟେଲ
ଲୋକମାନଙ୍କ ସମ୍ମୁଖରେ ମୋ ବରୁଦ୍ଧରେ ପାପ କରଥିଲ। ମୁଁ
ପବତ୍ର ବୋଲ ତୁମ୍ଭେ ମୋତେ ସମ୍ମାନ କର ନ ଥିଲ।
52ତେଣୁ ବର୍ତ୍ତମାନ ତୁମ୍ଭେ ଦେଖି ପାରବ ସେହ ଦେଶମାନଙ୍କୁ
ଯାହା ଆମ୍ଭେ ଇଶ୍ରାୟେଲ ଲୋକମାନଙ୍କୁ ଦେବାକୁ ଯାଉଅଛୁ।
କନ୍ତୁ ତୁମ୍ଭେ ସେଠାକୁ ଯାଇପାରବ ନାହିଁ।"

### ମୋଶା ଲୋକମାନଙ୍କୁ ଆଶୀର୍ବାଦ କଲେ

33 ମୋଶା ଏହ ଆଶୀର୍ବାଦମାନ ଦେଇଥିଲେ, ଯେ କ
ପରମେଶ୍ୱରଙ୍କର ଲୋକ ଇଶ୍ରାୟେଲକୁ ମଲା
ପୂର୍ବରୁ ଦେଇଥିଲେ। 2ମୋଶା ଆଶୀର୍ବାଦ କଲେ ଏବଂ
କହଲେ,
"ସଦାପ୍ରଭୁ ସୀନୟରୁ ଉଜ୍ଜ୍ୱଳ ଆଲୋକରେ ଆସିଲେ, ସେ
ସେୟୀରରୁ ସେମାନଙ୍କ ପ୍ରତି ଉଦତ ହେଲେ। ସେ
ଆଲୋକବର୍ତ୍ତୀକା ରୂପେ ପାରଣ ପର୍ବତରୁ ପ୍ରକାଶିତ ହେଲେ।
ସେ ଦଶହଜାର ପବତ୍ର ପ୍ରାଣୀଙ୍କ ସହତ ଆସିଲେ। ତାହାଙ୍କ
ଦକ୍ଷିଣ ହସ୍ତରୁ ଅଗ୍ନିଶିଖା ଆସିଲା।
3ହଁ, ସେ ଲୋକମାନଙ୍କୁ ପ୍ରେମ କରନ୍ତ। ତାଙ୍କର ସମସ୍ତ
ପବତ୍ରଲୋକ ତୁମ୍ଭର ହସ୍ତଗତ ଓ ସେମାନେ ତୁମ୍ଭର ଚରଣ
ତଳେ ବସିଲେ। ପ୍ରତ୍ୟେକ ଲୋକ ତୁମ୍ଭ ବାକ୍ୟ ଗ୍ରହଣ
କରବେ।
4ମୋଶା ଆମ୍ଭକୁ ନୀୟମଗୁଡକ ଶିକ୍ଷା ଦେଲେ, ତାହା
ଯାକୁବର ଲୋକମାନଙ୍କର ଚରସ୍ଥାୟୀ ଅଧିକାର।
5ଲୋକମାନଙ୍କ ପ୍ରଧାନବର୍ଗର ସମାଗମ ସମୟରେ, ସମସ୍ତ
ଇଶ୍ରାୟେଲ ବଂଶ ଏକତ୍ର ହେବାବେଳେ ସଦାପ୍ରଭୁ ଯିଶୁ
ରୁଣରେ ରାଜାଥିଲେ।

## ରୂବେନଙ୍କୁ ଆଶୀର୍ବାଦ

6"ରୂବେନ ବଞ୍ଚିରହୁ, ଏବଂ ତାଙ୍କର ମୃତ୍ୟୁ ନ ହେଉ,
କଅବା ତାଙ୍କ ଗୋଷ୍ଠୀ ଅଳ୍ପସଂଖ୍ୟକ ନ ହୁଅନ୍ତୁ।"

## ଯିହୁଦାଙ୍କୁ ଆଶୀର୍ବାଦ

7"ଯିହୁଦାଙ୍କ ପ୍ରତି ଆଶୀର୍ବାଦ ଏହ, "ହେ ସଦାପ୍ରଭୁ,
ଯିହୁଦା ଯେତେବେଳେ ସାହାଯ୍ୟ ପ୍ରାର୍ଥନା କରବ ତାଙ୍କୁ
ସାହାଯ୍ୟ କର। ତା'ର ନଜ ଲୋକଙ୍କ ନକଟକୁ ତାଙ୍କୁ ଆଣ।
ତାଙ୍କୁ ଶକ୍ତଶାଳୀ କରାଅ ଏବଂ ତାଙ୍କର ଶତ୍ରୁମାନଙ୍କୁ ପରାସ୍ତ
କରବା ପାଇଁ ତାଙ୍କୁ ସାହାଯ୍ୟ କର।"

## ଲେବୀଙ୍କୁ ଆଶୀର୍ବାଦ

8ମୋଶା ଲେବୀଙ୍କ ବଷୟରେ ଏହ କଥା କହଲେ,
"ଲେବୀ ତୁମ୍ଭର ଅନୁସରଣକାରୀ ଲୋକ। ସଦାପ୍ରଭୁ, ତୁମ୍ଭର
ତୁମ୍ମୀମ୍ ଓ ଉରୀମ୍ ତୁମ୍ଭ ଧାର୍ମୀକ ପୁରୁଷ ସହତ ଅଛନ୍ତ।
ତୁମ୍ଭେ ମଃସାରେ ତାହାର ପରୀକ୍ଷା କଲ। ମରୀବାଃ ଜଳ
ନକଟରେ ତୁମ୍ଭେ ତାଙ୍କୁ ବରୋଧ କଲ ଏବଂ ତୁମ୍ଭେ
ସେଠାରେ ଜାଣିଲ, ଯେ ସେ ତୁମ୍ଭର ଲୋକ।
9ସେ ଆପଣା ପିତା ଓ ଆପଣା ମାତା ବଷୟରେ
କହଲେ, ଆମ୍ଭେ ତାହାକୁ ଦେଖି ନାହୁଁ, ସେ ଆପଣା
ଭାଇମାନଙ୍କୁ ମଧ ଚହ୍ନିଲେ ନାହିଁ କଅବା ଆପଣା ସନ୍ତାନମାନଙ୍କୁ
ଚହ୍ନିଲ ନାହିଁ। କନ୍ତୁ ସେମାନେ ତୁମ୍ଭର ବାକ୍ୟ ମାନି ଅଛନ୍ତ।
ତୁମ୍ଭର ନୟମ ରକ୍ଷା କରଛନ୍ତ।
10ସେମାନେ ଯାକୁବଙ୍କୁ ତୁମ୍ଭର ଶିକ୍ଷା ଓ ଇସ୍ରାୟେଲରେ
ତୁମ୍ଭର ବ୍ୟବସ୍ଥା ଶିଖାଇବେ। ସେମାନେ ତୁମ୍ଭ ସମ୍ମୁଖରେ
ଧୂପକାଠି ଓ ତୁମ୍ଭ ଯଜ୍ଞବେଦୀ ଉପରେ ହୋମବଳ ରଖିବେ।
11ହେ ସଦାପ୍ରଭୁ, ତା'ର ସମ୍ପତ୍ତିକୁ ଆଶୀର୍ବାଦ କର।
ତାଙ୍କ ହସ୍ତର କର୍ମମାନ ଗ୍ରହଣ କର। ଯେଉଁମାନେ ତାହା
ବରୁଦ୍ଧରେ ଉଠନ୍ତ, ଯେଉଁମାନେ ତାହାଙ୍କୁ ଘୃଣା କରନ୍ତ,
ସେମାନଙ୍କର ବଳ ଭାଙ୍ଗି ପକାଅ। ଯେପର ସେମାନେ ଆଉ
ପୁନର୍ବାର ଉଠିପାରବେ ନାହିଁ।"

## ବନ୍ୟାମୀନଙ୍କର ଆଶୀର୍ବାଦ

12ମୋଶା ବନ୍ୟାମୀନଙ୍କ ବଷୟରେ କହଲେ, "ସଦାପ୍ରଭୁଙ୍କର
ପ୍ରିୟ ଲୋକେ ବନ୍ୟାମୀନଙ୍କ ନକଟରେ ନର୍ଭୟରେ ବାସ
କରବ। ସେ ସର୍ବଦା ତାଙ୍କୁ ଆବୋର ରଖନ୍ତ ଓ ସେ
ତାହାର କାନ୍ଧଦ୍ୱୟ ମଧରେ ବାସ କରନ୍ତ।"

## ଯୋଷେଫଙ୍କ ଆଶୀର୍ବାଦ

13ମୋଶା ଯୋଷେଫଙ୍କ ବଷୟରେ କହଲେ, "ସଦାପ୍ରଭୁ,
ଯୋଷେଫଙ୍କର ଭୂମିକୁ ଆଶୀର୍ବାଦ କରନ୍ତୁ। ସଦାପ୍ରଭୁ ଆକାଶରୁ
ଶିଶିର ବନ୍ଦୁ ଓ ଧରଣୀ ଗର୍ଭରୁ ତାଙ୍କର ଭୂମି ଯଥେଷ୍ଟ ପାଣି
ପାଉ ଓ ତାଙ୍କର କ୍ଷେତ୍ରଗୁଡକ ବାରଧିରେ ପରପୂର୍ଣ୍ଣ କରନ୍ତୁ।
14ସୂର୍ଯ୍ୟ ତାଙ୍କୁ ଉତ୍ତମ ଫଳ ଦଅନ୍ତୁ। ସେ ପ୍ରତ୍ୟେକ
ମାସରେ ଉତ୍ତମ ଫଳ ଦାନ କରୁ।
15ପୁରାତନ ପର୍ବତମାନ ଉତ୍ତମ ଦ୍ରବ୍ୟମାନରେ ପରପୂର୍ଣ୍ଣ
ହେଉ।
16ପୃଥିବୀ ତା'ର ଉତ୍ତମତା ଯୋଷେଫଙ୍କୁ ଦେଉ। ଯିଏ
ଜଳନ୍ତା ବୁଦାରେ ବାସକରନ୍ତ ତାହାଙ୍କୁ ଆଶୀର୍ବାଦ କରନ୍ତୁ।
ଯୋଷେଫଙ୍କ ମସ୍ତକରେ ଆଶୀର୍ବାଦ ପଡ଼ୁ। ଯିଏ କ ଭାଇମାନଙ୍କ
ସେବାରେ ନଜକୁ ଉତ୍ସର୍ଗ କଲେ।
17ଯୋଷେଫ ହେଉଛନ୍ତ, ଶକ୍ତଶାଳୀ ବୃଷଭ ପର। ତାଙ୍କର
ଦୁଇପୁତ୍ର ତାଙ୍କର ଶିଙ୍ଗ ସଦୃଶ। ସେମାନେ ଅନ୍ୟ ଲୋକମାନଙ୍କୁ
ଆକ୍ରମଣ କରବେ ଏବଂ ପୃଥିବୀର ଶେଷ ସୀମାକୁ ସେମାନଙ୍କୁ
ତଡ଼ ଦେବେ। ସେମାନେ ମନଃଶିର ହଜାର ହଜାର ଲୋକପର,
ଇଫ୍ରୟିମଙ୍କ ଦଶହଜାର ଲୋକଙ୍କ ତୁଲ୍ୟ।"

## ସବୂଲୂନ୍ ଓ ଇଷାଖରଙ୍କୁ ଆଶୀର୍ବାଦ

18ମୋଶା ସବୂଲୂନ୍ଙ୍କ ବଷୟରେ ଏହକଥା କହଲେ,
"ହେ ସବୂଲୂନ୍, ଯେତେବେଳେ ତୁମ୍ଭେ ବାହାରକୁ ଯାଉଛ,
ଖୁସି ହୁଅ। ଇଷାଖର ତୁମ୍ଭେ ଆପଣା ତମ୍ବୁରେ ଆନନ୍ଦିତ
ହୁଅ।
19ସେମାନେ ଲୋକମାନଙ୍କୁ ପର୍ବତକୁ ଡ଼ାକବେ। ସେଠାରେ
ଉତ୍ତମ ଧର୍ମବଳ ଉତ୍ସର୍ଗ କରବେ। କାରଣ ସେମାନେ
ସମୁଦ୍ରର ବହୁଳ ପଦାର୍ଥ ଓ ବାଲୁକାର ଗୁପ୍ତଧନ ଉପଭୋଗ
କରବେ।"

## ଗାଦଙ୍କର ଆଶୀର୍ବାଦ

20ମୋଶା ଗାଦଙ୍କ ବଷୟରେ ଏହସବୁ କହଲେ,
"ପରମେଶ୍ୱରଙ୍କର ପ୍ରଶଂସା ଗାନ କର ଯେ ଗାଦ୍ଙ୍କୁ
ବସ୍ତାର କରଛନ୍ତ। ଗାଦ୍ ହେଉଛନ୍ତ ସିଂହ ପର, ସେ ଶୋଇ
ରହେ ଓ ଅପେକ୍ଷା କରେ। ଏହାପରେ ଅପେକ୍ଷା କର
ପଶୁମାନଙ୍କୁ ଚର ବଦର୍ଣ୍ଣ କରେ।
21ସେ ଆପଣା ପାଇଁ ପ୍ରଥମ ଅଂଶ ମନୋନୀତ କରେ।
ଆଦେଶକାରୀଙ୍କର ଭାଗ ସୁରକ୍ଷିତ ଅଛ। ସେ ଲୋକମାନଙ୍କର
ନେତୃବର୍ଗଙ୍କ ପାଖକୁ ଆସନ୍ତ। ସେ ଯାହା କରନ୍ତ ତାହା
ସଦାପ୍ରଭୁଙ୍କ ପାଇଁ ଉତ୍ତମ। ସେ ଏହପର କରନ୍ତ ଯାହା
ଇସ୍ରାୟେଲବାସୀ ପାଇଁ ମଙ୍ଗଳ।"

## ଦାନର ଆଶୀର୍ବାଦ

22ମୋଶା ଦାନଙ୍କ ବଷୟରେ ଏହକଥା କହଲେ, "ଦାନ
ହେଉଛନ୍ତ ସିଂହ ଛୁଆପର। ସେ ବାସନରୁ କୁଦାମାରେ।"

## ନପ୍ତାଲଙ୍କର ଆଶୀର୍ବାଦ

23ମୋଶା ନପ୍ତାଲଙ୍କ ବଷୟରେ ଏହକଥା କହଲେ,
"ନପ୍ତାଲ, ତୁମ୍ଭେ ଅମାପ ଧନର ଅଧିକାରୀ ହେବ। ସଦାପ୍ରଭୁ
ତୁମ୍ଭକୁ ଆଶୀର୍ବାଦ କରବେ। ତୁମ୍ଭେ ଗାଲଲୀ ହ୍ରଦର ଦକ୍ଷିଣାଞ୍ଚଳ
ସମସ୍ତ ଭୂମି ଅଧିକାର କରବ।"

## ଆଶେରର ଆଶୀର୍ବାଦ

24ମୋଶା ଆଶେରଙ୍କର ବଷୟରେ ଏହକଥା କହଲେ,
"ଆଶେର ସନ୍ତାନ ସନ୍ତତିରେ ଆଶୀର୍ବାଦ ପ୍ରାପ୍ତ ହେଉ। ସେ
ଆପଣା ଭ୍ରାତୃଗଣଙ୍କ ନକଟରେ ଆଦୃତ ହେବ। ଏବଂ ସେ
ଆପଣା ପାଦ ତୈଳରେ ବୁଡ଼ାଉ।

25ତୁମ୍ଭ ନଗର ଫାଟକର ଅର୍ଗଳ ଲୌହର ଓ ପିତ୍ତଳର
ହେବ। ତୁମ୍ଭର ଜୀବନକାଳ ମଧ୍ୟରେ ତୁମ୍ଭେ ଶକ୍ତିଶାଳୀ
ହେବ।"

## ମୋଶା ପରମେଶ୍ୱରଙ୍କର ପ୍ରଶଂସା କଲେ

26"ହେ ଯିଶୁରୁଣ, ପରମେଶ୍ୱରଙ୍କ ପରି ଆଉ କେହି
ନାହିଁ। ସେ ତୁମ୍ଭକୁ ସାହାଯ୍ୟ କରିବା ପାଇଁ ଆକାଶରେ
ଭ୍ରମଣ କରନ୍ତି। ତାଙ୍କର ମହିମା ବାଦଲ ଉପରେ ଆରୋହଣ
କରେ।
27ପରମେଶ୍ୱର ଅନନ୍ତକାଳସ୍ଥାୟୀ, ସେ ହେଉଛନ୍ତି ତୁମ୍ଭର
ନିରାପଦରସ୍ଥାନ। ପରମେଶ୍ୱରଙ୍କର ଶକ୍ତି ଅନନ୍ତକାଳ। ସେ
ତୁମ୍ଭପାଇଁ ସୁରକ୍ଷା ଦେଉଛନ୍ତି। ପରମେଶ୍ୱର ତୁମ୍ଭ ଦେଶରୁ ତୁମ୍ଭ
ଶତ୍ରୁମାନଙ୍କୁ ବିତାଡ଼ିତ କରିବେ। ସେ କହିବେ, 'ଶତ୍ରୁମାନଙ୍କୁ
ବିନାଶ କର।'
28ତେଣୁ ଇଶ୍ରାୟେଲୀୟମାନେ ନିରାପଦରେ ବାସ
କରିପାରିବେ। ଯାକୁବର ନିର୍ଝର ଏକାକୀ ଶସ୍ୟ ଓ ଦ୍ରାକ୍ଷାରସ
ମୟ ଦେଶରେ ବାସ କଲା। ତାଙ୍କର ଆକାଶ ଶିଶିର ଝରାଏ।
29ହେ ଇଶ୍ରାୟେଲୀୟ, ତୁମ୍ଭେମାନେ ଆଶୀର୍ବାଦ ଯୁକ୍ତ।
ତୁମ୍ଭମାନଙ୍କ ସହିତ କିଏ ସମାନ ହେବେ ନାହିଁ। ସଦାପ୍ରଭୁ
ତୁମ୍ଭକୁ ରକ୍ଷା କରିବେ। ସଦାପ୍ରଭୁ ହେଉଛନ୍ତି ତୁମ୍ଭର ଉପକାର
ରୂପ ଢାଲ। ସଦାପ୍ରଭୁ ହେଉଛନ୍ତି ଏକ ଶକ୍ତିଶାଳୀ ଖଡ୍ଗ
ସ୍ୱରୂପ। ତୁମ୍ଭର ଶତ୍ରୁମାନେ ତୁମ୍ଭକୁ ଦେଖିଲେ ଡ଼ରିବେ ଏବଂ
ତୁମ୍ଭେ ସେମାନଙ୍କ ପବିତ୍ର ସ୍ଥାନସବୁ ଦଳନ କରିବ।"

## ମୋଶାଙ୍କର ମୃତ୍ୟୁ

34 ମୋଶା ନବୋ ପର୍ବତ ଉପରକୁ ଚଢିଲେ। ମୋୟାବର
ପାଦ ଦେଶରୁ ପିସଗା ପର୍ବତର ଶିର୍ଷ ପର୍ଯ୍ୟନ୍ତ
ଆରୋହଣ କଲେ, ଯାହା ଯିରିହୋ ସମ୍ମୁଖରେ ଥିଲା। ସଦାପ୍ରଭୁ
ମୋଶାଙ୍କୁ ଗିଲୟଦରୁ ଦାନ୍ ପର୍ଯ୍ୟନ୍ତ ସମସ୍ତ ଦେଶ ତାଙ୍କୁ
ଦେଖାଇଲେ। 2ସଦାପ୍ରଭୁ ତାଙ୍କୁ ନପ୍ତାଲିଙ୍କର ସମସ୍ତ ଭୂମି
ଇଫ୍ରୟିମ ଏବଂ ମନଃଶିଙ୍କର ସମସ୍ତ ଭୂମି ଦେଖାଇଲେ। ସେ
ପଶ୍ଚିମ ସମୁଦ୍ର ପର୍ଯ୍ୟନ୍ତ ଯିହୁଦାର ସମସ୍ତ ଦେଶ ତାଙ୍କୁ
ଦେଖାଇଲେ। 3ସୋୟର ପର୍ଯ୍ୟନ୍ତ ଦକ୍ଷିଣ ଦେଶ ଓ ଖର୍ଜ୍ଜୁରପୁର
ଯିରୀହୋ ଦେଶସ୍ଥ ଉପତ୍ୟକାର ପଦା ଦେଖାଇଲେ। 4ପୁଣି
ସଦାପ୍ରଭୁ ତାହାଙ୍କୁ କହିଲେ, "ଆମ୍ଭେ ତୁମ୍ଭ ବଂଶକୁ ଏହି
ଦେଶ ଦେବାବୋଲି ଯେଉଁ ଦେଶ ବିଷୟରେ ଅବ୍ରହାମ,
ଇସହାକ୍ ଓ ଯାକୁବ ନିକଟରେ ଶପଥ କରିଥିଲୁ, ସେହି
ଦେଶମାନ ଏହି। 'ଆମ୍ଭେ ତାହା ତୁମ୍ଭକୁ ସ୍ୱଚକ୍ଷୁରେ ଦେଖାଇଲୁ।
ମାତ୍ର ତୁମ୍ଭେ ଯର୍ଦ୍ଦନ ପାରହୋଇ ସେଠାକୁ ଯିବନାହିଁ।'"
5ତେଣୁ ସଦାପ୍ରଭୁଙ୍କ ସେବକ ମୋଶା ସଦାପ୍ରଭୁଙ୍କ ବାକ୍ୟ
ଅନୁସାରେ ସେହି ସ୍ଥାନରେ ମୋୟାବ ଦେଶରେ ମଲେ।
6ସଦାପ୍ରଭୁ ମୋୟାବ ଦେଶରେ ବୈତ୍‌ପିୟୋର ସମ୍ମୁଖସ୍ଥ
ଉପତ୍ୟକାରେ ତାହାଙ୍କୁ କବର ଦେଲେ। ମାତ୍ର ତାଙ୍କର କବର
ସ୍ଥାନ ଆଜି ପର୍ଯ୍ୟନ୍ତ କେହି ଜାଣି ନାହାଁନ୍ତି। 7ମୋଶା
ଯେତେବେଳେ ମୃତ୍ୟୁବରଣ କଲେ, ସେତେବେଳେ ତାଙ୍କୁ
120 ବର୍ଷ ବୟସ ହୋଇଥିଲା। ସେ ସେତେବେଳେ ତାଙ୍କର
ଶକ୍ତି ହରାଇ ନଥିଲେ ଓ ତାଙ୍କର ଆଖି ଅତି ଉତ୍ତମ ଥିଲା।
8ଇଶ୍ରାୟେଲ ଲୋକମାନେ ମୋଶାଙ୍କ ପାଇଁ ତିରିଶ ଦିନ ଧରି
କାନ୍ଦିଲେ। ସେମାନେ ତାଙ୍କର ସମସ୍ତ ଦୁଃଖଦ ଦିନସବୁ
ମୋୟାବର ସମତଳ ଭୂମିରେ କଟାଇଲେ।

## ଯିହୋଶୂୟ ନୂତନ ନେତା ହେଲେ

9ସେ ମଲା ପୂର୍ବରୁ ମୋଶା ଯିହୋଶୂୟଙ୍କର ମସ୍ତକରେ
ହାତ ରଖିଲେ ଏବଂ ତାଙ୍କୁ ନୂଆ ପ୍ରତିନିଧି ରୂପେ ନିଯୁକ୍ତ
କଲେ। ଏବଂ ସେ ତାଙ୍କୁ ନୂତନ ନେତାରୂପେ ନିଯୁକ୍ତ କଲେ।
ଏହାପରେ ନୂନର ପୁତ୍ର ଯିହୋଶୂୟ ଜ୍ଞାନ ଦାୟକ ଆତ୍ମାରେ
ପରିପୂର୍ଣ୍ଣ ହେଲେ। ଇଶ୍ରାୟେଲ ଲୋକମାନେ ସଦାପ୍ରଭୁଙ୍କ
ଆଜ୍ଞା ଅନୁସାରେ ଯିହୋଶୂୟଙ୍କ କଥା ଶୁଣିଲେ, ଯେପରି
ସେମାନେ ମୋଶାଙ୍କ କଥା ଶୁଣିଥିଲେ ଓ ସେହି ଅନୁସାରେ
କାର୍ଯ୍ୟ କରୁଥିଲେ।
10ଇଶ୍ରାୟେଲ ଆଉ ଏପରି ଭବିଷ୍ୟଦ୍‌ବକ୍ତା ଦେଖି ନ
ଥିଲେ। ଯିଏକି ସଦାପ୍ରଭୁଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ ଓ
ସଦାପ୍ରଭୁଙ୍କ ସହିତ ମୁହାଁ ମୁହିଁ କଥା ହୋଇଥିଲେ। 11ସଦାପ୍ରଭୁ
ମୋଶାଙ୍କୁ ମିଶରରେ ମହାନ ଆଶ୍ଚର୍ଯ୍ୟ କର୍ମମାନ କରିବାକୁ
ପଠାଇଲେ। ଫାରୋ, ତାଙ୍କର ସମସ୍ତ ଦାସ ଏବଂ ମିଶରର
ସମସ୍ତ ଲୋକ ସେହିସବୁ ଆଶ୍ଚର୍ଯ୍ୟ କର୍ମମାନ ଦେଖିଥିଲେ।
12କୌଣସି ଭବିଷ୍ୟଦ୍‌ବକ୍ତା ଆଜି ପର୍ଯ୍ୟନ୍ତ ଏପରି ମହା
ଆଶ୍ଚର୍ଯ୍ୟ କର୍ମମାନ କରିନାହାଁନ୍ତି ଯାହା ମୋଶା କରି ଦେଖାଇଛନ୍ତି।
ମୋଶାଙ୍କ ଦ୍ୱାରା ହୋଇଥିବା ସେହି ସମସ୍ତ ଆଶ୍ଚର୍ଯ୍ୟ କର୍ମମାନ
ସମସ୍ତ ଇଶ୍ରାୟେଲ ଲୋକ ଦେଖିଛନ୍ତି।

# ଗଣନା ପୁସ୍ତକ

### ମୋଶା ଇଶ୍ରାୟେଲ ଲୋକଙ୍କୁ ଗଣନା କଲେ

1 ଦ୍ୱିତୀୟ ବର୍ଷର ଦ୍ୱିତୀୟ ମାସ ପ୍ରଥମ ଦିନରେ ଇଶ୍ରାୟେଲର
ଲୋକମାନେ ମିଶର ଛାଡ଼ିଲାପରେ, ସଦାପ୍ରଭୁ ସୀନୟ
ମରୁଭୂମିରେ ସମାଗମ ତମ୍ବୁ* ମଧ୍ୟରେ ମୋଶାଙ୍କୁ କହିଲେ,
2"ତୁମ୍ଭେମାନେ ଇଶ୍ରାୟେଲର ସମସ୍ତ ଲୋକଙ୍କୁ ଗଣନା କର।
ସମସ୍ତ ମଣ୍ଡଳୀର ଅନୁସାରେ ଓ ପରିବାରବର୍ଗ ଅନୁସାରେ
ପ୍ରତ୍ୟେକ ପୁରୁଷ ଲୋକର ନାମ ତାଲିକା କର। 3ଯେଉଁମାନେ
କୋଡ଼ିଏ ବର୍ଷ ଏବଂ ତହିଁରୁ ଅଧିକ ସେହି ସମସ୍ତଙ୍କୁ ଗଣନା
କର। ଏହି ଲୋକମାନେ, ଯିଏ କି ସୈନ୍ୟମାନଙ୍କ ସହିତ
ଯାଇ ପାରିବେ। ତୁମ୍ଭେ ଓ ହାରୋଣ ସେମାନଙ୍କର ବିଭାଗ*
ଅନୁସାରେ ସେମାନଙ୍କୁ ତାଲିକାଭୁକ୍ତ କର। 4ପ୍ରତ୍ୟେକ
ପରିବାରବର୍ଗରୁ ଜଣେ ଅର୍ଥାତ୍ ପରିବାରବର୍ଗର ପ୍ରଧାନ ଲୋକ
ତୁମ୍ଭମାନଙ୍କର ସହାୟକ ହେବ। 5ଆଉ ଯେଉଁମାନେ ତୁମ୍ଭମାନଙ୍କର
ସହକାରୀ ହେବେ, ସେମାନଙ୍କର ନାମ ଏହି;

ଯଥା: ରୁବେନ୍ ପରିବାରବର୍ଗର ଶଦେୟୁରର ପୁତ୍ର ଇଲୀଷୂର।
6 ଶିମିୟୋନ ପରିବାରବର୍ଗର, ସୂରୀଶଦ୍ଦୟର ପୁତ୍ର ଶଲୁମୀୟେଲ।
7 ଯିହୁଦା ପରିବାରବର୍ଗର, ଅମ୍ମୀନାଦବର ପୁତ୍ର ନହଶୋନ।
8 ଇଷାଖର ପରିବାରବର୍ଗର, ସୂୟାରର ପୁତ୍ର ନଥନେଲ।
9 ସବୁଲୂନ ପରିବାରବର୍ଗର, ହେଲୋନର ପୁତ୍ର ଇଲୀୟାବ।
10 ଇଫ୍ରୟିମ ଗୋଷ୍ଠୀର, ଅମ୍ମୀହୂଦର ପୁତ୍ର ଇଲୀଶାମା।
ମନଃଶି ବଂଶଧର, ପଦାହସୂରର ପୁତ୍ର ଗମଲୀୟେଲ।
(ଇଫ୍ରୟିମ ଏବଂ ମନଃଶି ଯୋଷେଫଙ୍କ ପୁତ୍ର ଅଟନ୍ତି)।
11 ବିନ୍ୟାମୀନ ପରିବାରବର୍ଗର, ଗିଦିୟୋନର ପୁତ୍ର ଅବୀଦାନଣ।
12 ଦାନ ପରିବାରବର୍ଗର ଅମ୍ମୀଶଦ୍ଦୟର ପୁତ୍ର ଅହୀୟେଷର।
13 ଆଶର ପରିବାରବର୍ଗର, ଆକ୍ରଣର ପୁତ୍ର ପଗୀୟେଲ।
14 ଗାଦ ପରିବାରବର୍ଗର, ଦୁୟେଲର ପୁତ୍ର ଇଲୀୟାସଫ୍।
15 ନପ୍ତାଲୀ ପରିବାରବର୍ଗର, ଐନନର ପୁତ୍ର ଅହୀର।"

16ଏମାନେ ହେଉଛନ୍ତି ସେହି ଲୋକ ସମାଜ ମଧ୍ୟରୁ
ବଛା ଯାଇଛନ୍ତି। ସେମାନେ ସେମାନଙ୍କର ପିତାଙ୍କର
ପରିବାରବର୍ଗର ନେତା ଆଉ ଇଶ୍ରାୟେଲର ବିଭାଗର ନେତା
ଥିଲେ। 17ଆଉ ଯେଉଁମାନେ ବଛା ଯାଇଥିଲେ, ମୋଶା ଓ
ହାରୋଣ ଏହି ଲୋକମାନଙ୍କୁ ନେଲେ। 18ମୋଶା ଓ
ହାରୋଣ ଦ୍ୱିତୀୟ ମାସର ପ୍ରଥମ ଦିନରେ ଇଶ୍ରାୟେଲର
ସମସ୍ତ ଲୋକମାନଙ୍କୁ ଏକତ୍ରିତ କଲେ ଏବଂ ସେମାନଙ୍କର
ପିତୃବଂଶ ଓ ପିତୃ ପରିବାର ଅନୁସାରେ କୋଡ଼ିଏ ବର୍ଷ କିମ୍ବା
ତଦୁର୍ଦ୍ଧ୍ୱ ବୟସ୍କ ଲୋକମାନଙ୍କର ନାମ ଲେଖିଲେ। 19ଏହିରୂପେ,
ମୋଶା ସଦାପ୍ରଭୁଙ୍କ ଆଜ୍ଞାନୁସାରେ ସୀନୟର ମରୁଭୂମିରେ
ସେମାନଙ୍କୁ ଗଣନା କଲେ।

20ରୁବେନ୍ ବଂଶଧର ଇଶ୍ରାୟେଲଙ୍କର ପ୍ରଥମଜାତ ସେମାନଙ୍କର
କୋଡ଼ିଏ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସ୍କ ଲୋକମାନଙ୍କର ନାମ ଓ
ସଂଖ୍ୟାନୁସାରେ ସୈନ୍ୟବାହିନୀରେ ଯୋଗ ଦେବାପାଇଁ ଯୋଗ୍ୟ
ତାଲିକା ଭୁକ୍ତ କରାଗଲା। 21ରୁବେନ ଗୋଷ୍ଠୀର ପୁରୁଷ
ଲୋକମାନଙ୍କ ମୋଟ ସଂଖ୍ୟା 46,500

22ଶିମିୟୋନ ବଂଶର ସେମାନଙ୍କର ପିତୃଗୃହ, ନାମ ଏବଂ
ସଂଖ୍ୟା କୋଡ଼ିଏ ବର୍ଷ ଓ ତହିଁରୁ ଅଧିକ ପୁରୁଷ ସୈନ୍ୟ
ବିଭାଗରେ ଦାଖଲ ହେବାକୁ ଯୋଗ୍ୟ। 23ଶିମିୟୋନ ଗୋଷ୍ଠୀର
ପୁରୁଷ ଲୋକମାନଙ୍କ ମୋଟ ସଂଖ୍ୟା 59,300

24ଗାଦର ବଂଶଧର ସେମାନଙ୍କର ପିତୃଗୃହ, ପୁରୁଷମାନଙ୍କର
ନାମ ଏବଂ ସଂଖ୍ୟା, ଯେଉଁମାନେ କୋଡ଼ିଏ ବର୍ଷ ଏବଂ ତାଠୁ
ଅଧିକ ସୈନ୍ୟ ବିଭାଗରେ ଯୋଗ ଦେବାପାଇଁ ଯୋଗ୍ୟ,
ସେମାନଙ୍କର ତାଲିକା ଭୁକ୍ତ କରାଗଲା। 25ଗାଦ ଗୋଷ୍ଠୀର
ପୁରୁଷ ଲୋକମାନଙ୍କ ମୋଟ ସଂଖ୍ୟା 45,650

26ଯିହୁଦା ବଂଶଧର ସେମାନଙ୍କର ପିତୃଗୃହ, ପୁରୁଷମାନଙ୍କର
ନାମ ଏବଂ ସଂଖ୍ୟା, ଯେଉଁମାନେ କୋଡ଼ିଏ ବର୍ଷ ଏବଂ ତାଠୁ
ଅଧିକ ସୈନ୍ୟ ବିଭାଗରେ ଯୋଗ ଦେବାପାଇଁ ଯୋଗ୍ୟ,
ସେମାନଙ୍କର ତାଲିକା ଭୁକ୍ତ କରାଗଲା। 27ଯିହୁଦା ଗୋଷ୍ଠୀର
ପୁରୁଷ ଲୋକମାନଙ୍କ ମୋଟ ସଂଖ୍ୟା 74,600

28ଇଷାଖର ବଂଶଧର ସେମାନଙ୍କର ପିତୃଗୃହ, ପୁରୁଷମାନଙ୍କର
ନାମ ଏବଂ ସଂଖ୍ୟା, ଯେଉଁମାନେ କୋଡ଼ିଏ ବର୍ଷ ଏବଂ ତାଠୁ
ଅଧିକ ସୈନ୍ୟ ବିଭାଗରେ ଯୋଗ ଦେବାପାଇଁ ଯୋଗ୍ୟ,
ସେମାନଙ୍କର ତାଲିକା ଭୁକ୍ତ କରାଗଲା। 29ଇଷାଖର ଗୋଷ୍ଠୀର
ପୁରୁଷ ଲୋକମାନଙ୍କ ମୋଟ ସଂଖ୍ୟା 54,400

30ସବୂଲୂନ ବଂଶଧର ସେମାନଙ୍କର ପିତୃଗୃହ, ପୁରୁଷମାନଙ୍କର
ନାମ ଏବଂ ସଂଖ୍ୟା, ଯେଉଁମାନେ କୋଡ଼ିଏ ବର୍ଷ ଏବଂ ତାଠୁ
ଅଧିକ ସୈନ୍ୟ ବିଭାଗରେ ଯୋଗ ଦେବାପାଇଁ ଯୋଗ୍ୟ,
ସେମାନଙ୍କର ତାଲିକା ଭୁକ୍ତ କରାଗଲା। 31ସବୂଲୂନ ଗୋଷ୍ଠୀର
ପୁରୁଷ ଲୋକମାନଙ୍କ ମୋଟ ସଂଖ୍ୟ 57,400

32ଇଫ୍ରୟିମଙ୍କର ବଂଶଧର ସେମାନଙ୍କର ପିତୃଗୃହ,
ପୁରୁଷମାନଙ୍କର ନାମ ଏବଂ ସଂଖ୍ୟା, ଯେଉଁମାନେ କୋଡ଼ିଏ
ବର୍ଷ ଏବଂ ତାଠୁ ଅଧିକ ସୈନ୍ୟ ବିଭାଗରେ ଯୋଗ ଦେବାପାଇଁ

---

**ସମାଗମ ତମ୍ବୁ** ଏହି ପବିତ୍ର ତମ୍ବୁରେ ଯେଉଁଠାରେ ଇଶ୍ରାୟେଲୀୟମାନେ ପରମେଶ୍ୱରଙ୍କୁ ସାକ୍ଷାତ କରିବା ପାଇଁ ଯାଉଥିଲେ।

**ଏହା ଏକ ... ଦର୍ଶାଏ** ଇଶ୍ରାୟେଲର ଏକ ସୈନ୍ୟବାହିନୀ ସଂଗଠିତ ହୋଇଥିଲା।

ଯୋଗ୍ୟ, ସେମାନଙ୍କର ତାଲିକା ଭୁକ୍ତ କରାଗଲା। **33**ଇଫ୍ରୟିମ ଗୋଷ୍ଠୀର ପୁରୁଷ ଲୋକମାନଙ୍କ ମୋଟ ସଂଖ୍ୟା 40,500

**34**ମନଃଶି ବଂଶଧର ସେମାନଙ୍କର ପିତୃଗୃହ, ପୁରୁଷମାନଙ୍କର ନାମ ଏବଂ ସଂଖ୍ୟା, ଯେଉଁମାନେ କୋଡିଏ ବର୍ଷ ଏବଂ ତାଠୁ ଅଧିକ ସୈନ୍ୟ ବିଭାଗରେ ଯୋଗ ଦେବାପାଇଁ ଯୋଗ୍ୟ, ସେମାନଙ୍କର ତାଲିକା ଭୁକ୍ତ କରାଗଲା। **35**ମନଃଶି ଗୋଷ୍ଠୀର ପୁରୁଷ ଲୋକମାନଙ୍କ ମୋଟ ସଂଖ୍ୟା 32,200

**36**ବିନ୍ୟାମୀନ ବଂଶଧର ସେମାନଙ୍କର ପିତୃଗୃହ, ପୁରୁଷମାନଙ୍କର ନାମ ଏବଂ ସଂଖ୍ୟା, ଯେଉଁମାନେ କୋଡିଏ ବର୍ଷ ଏବଂ ତାଠୁ ଅଧିକ ସୈନ୍ୟ ବିଭାଗରେ ଯୋଗ ଦେବାପାଇଁ ଯୋଗ୍ୟ, ସେମାନଙ୍କର ତାଲିକା ଭୁକ୍ତ କରାଗଲା। **37**ବିନ୍ୟାମୀନ ଗୋଷ୍ଠୀର ପୁରୁଷ ଲୋକମାନଙ୍କ ମୋଟ ସଂଖ୍ୟା 35,400

**38**ଦାନ ବଂଶଧର ସେମାନଙ୍କର ପିତୃଗୃହ, ପୁରୁଷମାନଙ୍କର ନାମ ଏବଂ ସଂଖ୍ୟା, ଯେଉଁମାନେ କୋଡିଏ ବର୍ଷ ଏବଂ ତାଠୁ ଅଧିକ ସୈନ୍ୟ ବିଭାଗରେ ଯୋଗ ଦେବାପାଇଁ ଯୋଗ୍ୟ, ସେମାନଙ୍କର ତାଲିକା ଭୁକ୍ତ କରାଗଲା। **39**ଦାନ ଗୋଷ୍ଠୀର ପୁରୁଷ ଲୋକମାନଙ୍କ ମୋଟ ସଂଖ୍ୟା 62,700

**40**ଆଶେର ବଂଶଧର ସେମାନଙ୍କର ପିତୃଗୃହ, ପୁରୁଷମାନଙ୍କର ନାମ ଏବଂ ସଂଖ୍ୟା, ଯେଉଁମାନେ କୋଡିଏ ବର୍ଷ ଏବଂ ତାଠୁ ଅଧିକ ସୈନ୍ୟ ବିଭାଗରେ ଯୋଗ ଦେବାପାଇଁ ଯୋଗ୍ୟ, ସେମାନଙ୍କର ତାଲିକା ଭୁକ୍ତ କରାଗଲା। **41**ଆଶେର ଗୋଷ୍ଠୀର ପୁରୁଷ ଲୋକମାନଙ୍କ ମୋଟ ସଂଖ୍ୟା 41,500

**42**ନପ୍ତାଲି ବଂଶଧର ସେମାନଙ୍କର ପିତୃଗୃହ, ପୁରୁଷମାନଙ୍କର ନାମ ଏବଂ ସଂଖ୍ୟା, ଯେଉଁମାନେ କୋଡିଏ ବର୍ଷ ଏବଂ ତାଠୁ ଅଧିକ ସୈନ୍ୟ ବିଭାଗରେ ଯୋଗ ଦେବାପାଇଁ ଯୋଗ୍ୟ, ସେମାନଙ୍କର ତାଲିକା ଭୁକ୍ତ କରାଗଲା। **43**ନପ୍ତାଲି ଗୋଷ୍ଠୀର ପୁରୁଷ ଲୋକମାନଙ୍କ ମୋଟ ସଂଖ୍ୟା 53,400

**44**ମୋଶା, ହାରୋଣ ଓ ଇସ୍ରାଏଲର ବାରଜଣ ଅଧିପତି ଏହି ଲୋକମାନଙ୍କୁ ଗଣନା କଲେ। ପ୍ରତ୍ୟେକ ପିତୃଗୃହ ନିମନ୍ତେ ଜଣେ ଜଣେ ଅଧିପତି ସେମାନଙ୍କୁ ଗଣନା କଲେ। **45**ଏହିରୂପେ ଇସ୍ରାଏଲର ସମସ୍ତ ଲୋକ କୋଡିଏ ବର୍ଷ ଏବଂ ତହିଁରୁ ଅଧିକ ସନ୍ତାନଗଣ ନିଜନିଜ ପିତୃଗୃହ ଅନୁସାରେ ଇସ୍ରାଏଲ ମଧ୍ୟରୁ ଯୁଦ୍ଧକୁ ଯିବା ଯୋଗ୍ୟ, ସେମାନଙ୍କର ତାଲିକା ଭୁକ୍ତ କରାଗଲା। **46**ଗଣନା ଅନୁସାରେ ସମସ୍ତ ମନୁଷ୍ୟଙ୍କ ସଂଖ୍ୟା 6,03,550 ହେଲା।

**47**ମାତ୍ର ଲେବୀୟମାନେ ସେମାନଙ୍କର ପରିବାରବର୍ଗ ଅନ୍ୟମାନଙ୍କ ସହିତ ଗଣାଯାଇ ନଥିଲେ। **48**କାରଣ ସଦାପ୍ରଭୁ ମୋଶାଙ୍କୁ କହିଥିଲେ। **49**"ଲେବୀୟମାନଙ୍କୁ ଇସ୍ରାଏଲର ଲୋକମାନଙ୍କ ସନ୍ତାନଗଣଙ୍କ ସହିତ ଗଣନା ବେଳେ ମିଶାଇବ ନାହିଁ। **50**ମାତ୍ର ତୁମ୍ଭେ ପବିତ୍ର ତମ୍ବୁ ଓ ତହିଁର ସମସ୍ତ ଦ୍ରବ୍ୟ ଏବଂ ଯେଉଁ ସମସ୍ତ ଜିନିଷ ତାହା ସହିତ ତା' ଉପରେ ଲେବୀୟମାନଙ୍କୁ ନିଯୁକ୍ତ କରିବ; ସେମାନେ ପବିତ୍ର ତମ୍ବୁ ଓ ତହିଁର ସମସ୍ତ ଦ୍ରବ୍ୟ ବୋହିବେ ଓ ସେମାନେ ତହିଁର ସେବା କରିବେ ଓ ତମ୍ବୁର ଚାରିଆଡେ ଛାଉଣୀ କରି ରହିବେ। **51**ଯେତେବେଳେ ପବିତ୍ର ତମ୍ବୁ ସ୍ଥାନାନ୍ତରିତ କରାଯିବ, ଲେବୀୟମାନେ ତାହାକୁ ତଳକୁ ଆଣିବା ଉଚିତ୍ ଏବଂ ପୁଣିଥରେ ସ୍ଥାପନ କରିବା ଉଚିତ୍। ଲେବୀୟ ବ୍ୟତୀତ, ଅନ୍ୟ ଯେକେହି ସେଠାକୁ ଯାଏ, ତାକୁ ହତ୍ୟା କରାଯିବ। **52**ଇସ୍ରାଏଲୀୟ ଲୋକମାନେ ସେମାନଙ୍କର ଶିବିର ଅଲଗା ଅଲଗା ଦଳରେ ବିଭକ୍ତ କଲେ। ପ୍ରତ୍ୟେକର ନିଜ ଧ୍ୱଜା ରହିବା ଉଚିତ୍। **53**କିନ୍ତୁ ଲେବୀୟମାନେ ନିୟମର ପବିତ୍ର ତମ୍ବୁର ଚତୁର୍ଦ୍ଦିଗରେ ଛାଉଣୀ ସ୍ଥାପନ କରିବେ ଓ ସେମାନେ ନିୟମର ପବିତ୍ର ତମ୍ବୁକୁ ରକ୍ଷା କରିବେ। ଏହିପରି ପରମେଶ୍ୱରଙ୍କର କ୍ରୋଧ, ଇସ୍ରାଏଲର ଲୋକମାନଙ୍କ ଉପରେ ବ୍ୟାପିବ ନାହିଁ।"

**54**ସଦାପ୍ରଭୁ ମୋଶାଙ୍କୁ ଯେଉଁସବୁ ଆଜ୍ଞା ଦେଇଥିଲେ, ଇସ୍ରାଏଲୀୟ ଲୋକମାନେ ସେହିରୂପେ ମାନ କାର୍ଯ୍ୟ କଲେ।

## ଛାଉଣୀର ବ୍ୟବସ୍ଥା

**2** ଅନନ୍ତର ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ; **2**"ଇସ୍ରାଏଲର ଲୋକମାନେ ସମାଗମ ତମ୍ବୁର ଚତୁର୍ଦ୍ଦିଗରେ ଛାଉଣୀ ସ୍ଥାପନ କରିବେ। ପ୍ରତ୍ୟେକ ଦଳରେ ତାଙ୍କ ନିଜ ଦଳର ଧ୍ୱଜା ରହିବ। ଏବଂ ପ୍ରତ୍ୟେକ ବ୍ୟକ୍ତିର ପାଖରେ ତା'ର ଦଳର ଧ୍ୱଜା ପାଖରେ ଛାଉଣୀ ସ୍ଥାପନ କରିବ।

**3**"ଯିହୁଦାର ବିଭାଗ ଛାଉଣୀ ସ୍ଥାପନ କରିବେ ତାଙ୍କ ଧ୍ୱଜା ସହିତ ପୂର୍ବଦିଗର ସୂର୍ଯ୍ୟୋଦୟ ଆଡେ, ପୁଣି ଅମ୍ମୀନାଦବର ପୁତ୍ର ନହଶୋନ ଯିହୁଦାର ଲୋକମାନଙ୍କର ନେତା ହେବ। **4**ତାଙ୍କର ସୈନ୍ୟ ସଂଖ୍ୟା 74,600

**5**"ଯିହୁଦା ଗୋଷ୍ଠୀର ପାଖରେ ଇଷାଖର ଗୋଷ୍ଠୀ ଛାଉଣୀ ସ୍ଥାପନ କରିବେ। ଜୁଆର ପୁତ୍ର ନେଥନିୟେଲ, ଇଷାଖର ଲୋକମାନଙ୍କର ଅଧିପତି ହେବ। **6**ସେହି ସୈନ୍ୟ ସଂଖ୍ୟା 54,600 ହେବେ।

**7**"ସବୂଲୂନର ଗୋଷ୍ଠୀ ମଧ୍ୟ ଯିହୁଦାର ପାର୍ଶ୍ୱରେ ଛାଉଣୀ ସ୍ଥାପନ କରିବେ, ହେଲୋନର ପୁତ୍ର ଇଲୀୟାବ ସବୂଲୂନର ଲୋକମାଣଙ୍କର ଅଧିପତି ହେବ। **8**ତାହାର ସୈନ୍ୟ ସଂଖ୍ୟା 57,400 ହେବ।

**9**"ଯିହୁଦା ଛାଉଣୀର ସମୁଦାୟ ସୈନ୍ୟସଂଖ୍ୟା 1,86,400 ସେମାନେ ପ୍ରଥମେ ଅଗ୍ରସର ହେବେ।

**10**"ରୁବେନ ବିଭାଗର ଛାଉଣୀର ଧ୍ୱଜା ଦକ୍ଷିଣ ଦିଗକୁ ରହିବ। ଶଦେୟୂରର ପୁତ୍ର ଇଲୀଷୂର ରୁବେନ ଗୋଷ୍ଠୀର ଅଧିପତି ହେବ। **11**ତାଙ୍କର ସୈନ୍ୟବାହିନୀର ସାମର୍ଥ୍ୟ 46,500

**12**"ରୁବେନର ଗୋଷ୍ଠୀ ଛାଉଣୀ ପାଖରେ ଶିମିୟୋନ ପରିବାରବର୍ଗ ଛାଉଣୀ ସ୍ଥାପନ କରିବେ ଓ ସୂରୀଶଦ୍ଦୟର ପୁତ୍ର ଶଲୁମୀୟେଲ ଶିମିୟୋନ ଲୋକମାନଙ୍କର ଅଧିପତି ହେବ। **13**ତାଙ୍କର ସୈନ୍ୟବାହିନୀର ସାମର୍ଥ୍ୟ 59,300

**14**"ରୁବେନର ଲୋକମାନଙ୍କ ଛାଉଣୀ ପାଖରେ ଗାଦ ଗୋଷ୍ଠୀ ଛାଉଣୀ ସ୍ଥାପିତ ହେବ। ରୁୟେଲର* ପୁତ୍ର ଇଲୀୟାସଫ ଗାଦ ଲୋକମାନଙ୍କର ଅଧିପତି ହେବ। **15**ତାଙ୍କର ସୈନ୍ୟବାହିନୀର ସାମର୍ଥ୍ୟ 45,650

**16**"ରୁବେନ ଛାଉଣୀର ସୈନ୍ୟ ସଂଖ୍ୟା ଗଣନା ଅନୁସାରେ 1,51,450 ସେମାନେ ଦ୍ୱିତୀୟରେ ଅଗ୍ରସର ହେବେ।

**17**"ଏହାପରେ ଲେବୀୟମାନଙ୍କ ଛାଉଣୀ ସହିତ ସମାଗମ ତମ୍ବୁ ଛାଉଣୀମାନଙ୍କ ମଧ୍ୟବର୍ତ୍ତୀ ହୋଇ ଅଗ୍ରସର ହେବ।

---

**ରୁୟେଲ** କିମ୍ବା ଦୁୟେଲ।

ସେମାନେ ସେହି ନିୟମରେ ଅଗ୍ରସର ହେବେ, ଯେପରି
ଛାଉଣୀ ସ୍ଥାପନ କରିବେ, ସମସ୍ତେ ତାଙ୍କ ଧ୍ୱଜା ପାଖରେ
ସର୍ବଦା ରହିବେ।
18"ଇଫ୍ରୟିମ ବିଭାଗର ଛାଉଣୀର ଧ୍ୱଜା ପଶ୍ଚିମ ଦିଗକୁ
ରହିବ। ପୁଣି ଅମ୍ମୀହୂଦର ପୁତ୍ର ଇଲୀଶାମା ଇଫ୍ରୟିମ
ଲୋକମାନଙ୍କର ଅଧିପତି ହେବ। 19ତାଙ୍କର ସୈନ୍ୟବାହିନୀର
ସାମର୍ଥ୍ୟ 40,500
20"ଇଫ୍ରୟିମ ଗୋଷ୍ଠୀ ଛାଉଣୀର ପରେ ମନଃଶି ଗୋଷ୍ଠୀ
ଛାଉଣୀ ସ୍ଥାପନ କରିବେ। ପୁଣି ପଦାହସୂରର ପୁତ୍ର ଗମଲୀୟେଲ
ମନଃଶି ଲୋକମାନଙ୍କର ଅଧିପତି ହେବ। 21ତାଙ୍କର
ସୈନ୍ୟବାହିନୀର ସାମର୍ଥ୍ୟ 32,200
22"ବିନ୍ୟାମୀନ ଗୋଷ୍ଠୀ ଇଫ୍ରୟିମ ଗୋଷ୍ଠୀ ଭୟୁରେ ଛାଉଣୀ
ସ୍ଥାପନ କରିବେ। ପୁଣି ଗିଦିୟୋନର ପୁତ୍ର ଅବୀଦାନ ବିନ୍ୟାମୀନ
ଲୋକମାନଙ୍କର ଅଧିପତି ହେବ। 23ତାଙ୍କର ସୈନ୍ୟବାହିନୀର
ସାମର୍ଥ୍ୟ 35,400
24"ଇଫ୍ରୟିମ ଛାଉଣୀର ଗଣ୍ୟ ସୈନ୍ୟସଂଖ୍ୟା 1,08,100
ସେମାନେ ତୃତୀୟରେ ଅଗ୍ରସର ହେବେ।
25"ଦାନ ବିଭାଗର ଛାଉଣୀର ଧ୍ୱଜା ଉତ୍ତର ଦିଗକୁ
ରହିବ। ଅମ୍ମୀଶଦ୍ଦୟର ପୁତ୍ର ଅହୀୟେଷର ଦାନ ସନ୍ତାନଗଣର
ଅଧିପତି ହେବ। 26ତାଙ୍କର ସୈନ୍ୟବାହିନୀର ସାମର୍ଥ୍ୟ 62,700
27"ଦାନ ଗୋଷ୍ଠୀର ଛାଉଣୀ ପାଖରେ ଆଶେର ଗୋଷ୍ଠୀର
ଛାଉଣୀ ରହିବ; ଅକ୍ରଣର ପୁତ୍ର ପଗୀୟେଲ ଆଶେର ସନ୍ତାନଗଣର
ଅଧିପତି ହେବ। 28ତାଙ୍କର ସୈନ୍ୟବାହିନୀର ସାମର୍ଥ୍ୟ 41,500
29"ନପ୍ତାଲି ଗୋଷ୍ଠୀର ଛାଉଣୀ ଦାନ ଗୋଷ୍ଠୀ ପରେ
ରହିବ। ଐନନର ପୁତ୍ର ଅହୀର ନପ୍ତାଲିର ଲୋକମାନଙ୍କର
ଅଧିପତି ହେବ। 30ତାଙ୍କର ସୈନ୍ୟବାହିନୀର ସାମର୍ଥ୍ୟ 53,400
31"ଦାନ ଛାଉଣୀରେ ମୋଟ ମନୁଷ୍ୟମାନଙ୍କର ସଂଖ୍ୟା
1,57,600 ସେମାନେ ସେମାନଙ୍କର ଧ୍ୱଜା* ଧରି ସମସ୍ତଙ୍କ
ପଛରେ ଅଗ୍ରସର ହେବେ।"
32ସେମାନେ ସବୁ ଇଶ୍ରାୟେଲ ଲୋକମାନେ ଓ ସେମାନେ
ନିଜର ପିତୃଗୃହ ଅନୁସାରେ ଗଣ୍ୟ ହେଲେ। ସେମାନଙ୍କର
ଛାଉଣୀର ମୋଟ ସୈନ୍ୟ ସଂଖ୍ୟା ଗଣନା ଅନୁସାରେ 6,03,500
33ମାତ୍ର ସଦାପ୍ରଭୁଙ୍କ ଆଜ୍ଞାନୁସାରେ ମୋଶା ଲେବୀୟମାନଙ୍କୁ
ଇଶ୍ରାୟେଲ ଲୋକମାନଙ୍କ ମଧ୍ୟରେ ଗଣନା କଲେ ନାହିଁ।
34ମୋଶାଙ୍କୁ ସଦାପ୍ରଭୁ ଯାହା ଆଜ୍ଞା ଦେଇଥିଲେ, ଇଶ୍ରାୟେଲର
ଲୋକମାନେ ସେ ସମସ୍ତ କଲେ। ସେମାନେ ନିଜ ନିଜ ବଂଶ
ନିକଟରେ ନିଜ ନିଜ ପିତୃଗୃହ ଅନୁସାରେ ଓ ଆପଣା ଧ୍ୱଜା
ନିକଟରେ ଛାଉଣୀ ସ୍ଥାପନ କଲେ ଓ ସେହିପରି ସେମାନେ
ଅଗ୍ରସର ହେଲେ।

## ହାରୋଣଙ୍କର ବଂଶ ଯାଜକ

3 ସେହିଦିନ ସୀନୟ ପର୍ବତରେ ସଦାପ୍ରଭୁ ମୋଶାଙ୍କ
ସଙ୍ଗେ କଥା ହେଲେ, ହାରୋଣ ଓ ମୋଶାଙ୍କର
ବଂଶାବଳୀ ଏହି।
2ହାରୋଣଙ୍କର ଚାରିପୁତ୍ର ମଧ୍ୟରେ ପ୍ରଥମଜାତ ନାଦବ,
ତା'ପରେ ଆବୀହୂ, ଇଲୀୟାସର ଓ ଈଥାମର। 3ଏହା ହେଉଛି
ହାରୋଣଙ୍କର ପୁତ୍ରମାନଙ୍କର ନାମ, ଯେଉଁମାନେ ଯାଜକରୂପେ
ଅଭିଷିକ୍ତ* ହୋଇଥିଲେ ଓ
ଯେଉଁମାନଙ୍କୁ ସେ ଯାଜକତ୍ୱ ପଦ କରିବା ପାଇଁ ନିଯୁକ୍ତ
କରିଥିଲେ। 4ମାତ୍ର ନାଦବ ଓ ଆବୀହୂ ସୀନୟ ପ୍ରାନ୍ତରରେ
ଅଜଣା ଅଗ୍ନି ସଦାପ୍ରଭୁଙ୍କ ଉତ୍ସର୍ଗ, ଉତ୍ସର୍ଗ କରି ପ୍ରାଣ ତ୍ୟାଗ
କଲେ। ସେମାନଙ୍କର ପୁତ୍ର ନଥିଲା; ଏଣୁ ଇଲୀୟାସର ଓ
ଈଥାମର ଆପଣା ପିତା ହାରୋଣଙ୍କ ଉପସ୍ଥିତିରେ ଯାଜକକର୍ମ
କଲେ।

## ଲେବୀୟମାନେ ଯେଉଁମାନେ ଯାଜକଙ୍କର ସହକାରୀ

5ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 6"ତୁମ୍ଭେ ଲେବୀ
ଗୋଷ୍ଠୀର ସମସ୍ତ ଲୋକଙ୍କୁ ଆଣି ହାରୋଣ ସମ୍ମୁଖରେ
ଉପସ୍ଥିତ କରାଅ, ସେମାନେ ତାହାର ସେବା କରିବେ।
7ସେମାନଙ୍କର ସମାଗମ ତମ୍ବୁ* ନିକଟରେ ରକ୍ଷକ ହେବେ।
ସମଗ୍ର ଇଶ୍ରାୟେଲ ସମାଜ ପାଇଁ ସେମାନେ ମଧ୍ୟ ପବିତ୍ର
ଛାଉଣୀରେ କାମ କରିବେ। 8ପୁଣି ସେମାନେ ସମାଗମ
ତମ୍ବୁର ସେବାକାର୍ଯ୍ୟ କରିବା ସମୟରେ ସମାଗମ ତମ୍ବୁର
ସମସ୍ତ ଦ୍ରବ୍ୟର ରକ୍ଷା କରିବେ ଓ ଇଶ୍ରାୟେଲ ଲୋକମାନଙ୍କର
ସେବା କରିବେ।
9"ଆଉ ତୁମ୍ଭେ ହାରୋଣ ଓ ତା'ର ପୁତ୍ରଗଣ ହସ୍ତରେ
ଲେବୀୟମାନଙ୍କୁ ଦେବ। ହାରୋଣ ଓ ତାଙ୍କର ପୁତ୍ରମାନଙ୍କୁ
ଉପହାର ରୂପେ ଇଶ୍ରାୟେଲ ଲୋକମାନଙ୍କ ପକ୍ଷରୁ ସେମାନଙ୍କୁ
ଦିଆଗଲା।
10"ପୁଣି ତୁମ୍ଭେ ହାରୋଣ, ତା'ର ପୁତ୍ରଗଣଙ୍କୁ ଯାଜକରୂପେ
ନିଯୁକ୍ତ କରିବ। ସେମାନେ ଯାଜକରୂପେ ସେବାକାର୍ଯ୍ୟ କରିବେ।
ଯଦି କୌଣସି ବିଦେଶୀ ପାଖକୁ ଆସେ, ତାକୁ ଆଇନ
ସଙ୍ଗତ କାର୍ଯ୍ୟ କରିବ।"
11ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 12"ମୁଁ ତୁମ୍ଭକୁ
କହିଥିଲି ଇଶ୍ରାୟେଲର ପ୍ରତ୍ୟେକ ବଂଶର ପ୍ରଥମଜାତ ମୋର
ସେବକ ହେବ। ବର୍ତ୍ତମାନ ଲେବୀୟମାନେ ମୋର ଅଧିକୃତ,
ତେଣୁ ଇଶ୍ରାୟେଲୀୟମାନଙ୍କ ପ୍ରଥମଜାତ ପରିବର୍ତ୍ତେ ଲେବୀୟମାନେ
ମୋର ହେବେ।
13"ଯେତେବେଳେ ତୁମ୍ଭେମାନେ ମିଶରରେ ଥିଲ,
ସେତେବେଳେ ମୁଁ ମିଶରୀୟମାନଙ୍କର ପ୍ରଥମଜାତ ସନ୍ତାନଙ୍କୁ
ହତ୍ୟା କରିଥିଲି। ଇଶ୍ରାୟେଲରେ ସମସ୍ତ ମନୁଷ୍ୟ ଓ ପଶୁର
ପ୍ରଥମଜାତକୁ ମୋ ପାଇଁ ପବିତ୍ର କଲି। ସେମାନେ ସମସ୍ତେ
ମୋର ଅଧିକୃତ। ମୁଁ ସଦାପ୍ରଭୁ ଅଟେ।"
14ଅନନ୍ତର ସଦାପ୍ରଭୁ ସୀନୟ ମରୁଭୂମିରେ ମୋଶାଙ୍କୁ
ପୁଣି କହିଲେ, 15"ଲେବୀୟମାନଙ୍କୁ ସେମାନଙ୍କର ପିତୃଗୃହ ଓ
ପରିବାରବର୍ଗ ଅନୁସାରେ ଗଣନା କର। ତୁମ୍ଭେ ସମସ୍ତ ପୁରୁଷ

---

**ସେମାନଙ୍କର ଧ୍ୱଜା** କିମ୍ବା ସେମାନଙ୍କର ବିଭାଗ ଅନୁସାରେ।

**ଅଭିଷିକ୍ତ** ଏକ ବିଶେଷ ତୈଳ ସେମାନଙ୍କ ମୁଣ୍ଡ ଉପରେ ଢଳା ଯାଉଥିଲା ଦେଖାଇଦେବା ପାଇଁ ଯେ, ସେମାନେ ପରମେଶ୍ୱରଙ୍କ ଦ୍ୱାରା ମନୋନୀତ।

**ସମାଗମ ତମ୍ବୁ** ପବିତ୍ର ତମ୍ବୁ ଯେଉଁଠାକୁ ଇଶ୍ରାୟେଲୀୟମାନେ ପରମେଶ୍ୱରଙ୍କୁ ସାକ୍ଷାତ କରିବା ପାଇଁ ଗଲେ।

ଓ ଏକ ମାସରୁ ଅଧିକ ବୟସ୍କ ବାଳକମାନଙ୍କୁ ଗଣନା କରିବା
ଉଚିତ୍।” 16ତେଣୁ ମୋଶା ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ
ସମସ୍ତଙ୍କୁ ଗଣନା କଲେ।

17ଲେବୀର ତିନିପୁତ୍ର ଥିଲେ ଓ ସେମାନଙ୍କର ନାମ
ହେଲା ଗେର୍ଶୋନ, କହାତ୍ ଓ ମରାରି।

18ଗେର୍ଶୋନ ପରିବାରବର୍ଗର ନାମ ଲିବ୍ନି ଓ ଶିମିୟି।

19ପୁଣି ଆପଣା ବଂଶ ଅନୁସାରେ କହାତର ପରିବାରବର୍ଗର
ନାମ ଅମ୍ରାମ, ଯିଷହର, ହିବ୍ରୋଣ ଓ ଉଷୀୟେଲ।

20ପୁଣି ଆପଣା ବଂଶ ଅନୁସାରେ ମରାରିର ପରିବାରବର୍ଗର
ନାମ ମହଲି ଓ ମୂଶି।

ଏମାନେ ଆପଣା ପିତୃଗୃହ ଅନୁସାରେ ଲେବୀୟମାନଙ୍କ
ବଂଶ।

21ଗେର୍ଶୋନଠାରୁ ଲିବ୍ନି ବଂଶ ଓ ଶିମିୟିର ବଂଶ ଉତ୍ପନ୍ନ
ହେଲେ, ଏମାନେ ଗେର୍ଶୋନୀୟ ବଂଶ। 22ଏମାନଙ୍କ ମଧ୍ୟରେ
ଓ ଏକ ମାସରୁ ଅଧିକ ବୟସ୍କ ବାଳକ ଗଣନା ଅନୁସାରେ
7,500 ହେଲେ। 23ଗେର୍ଶୋନୀୟ ପରିବାରବର୍ଗ ପଶ୍ଚିମ ଦିଗରେ
ପବିତ୍ର ତମ୍ବୁର ପଶ୍ଚାତ୍ ଭାଗରେ ଛାଉଣୀ ସ୍ଥାପନ କରିବେ।
24ପୁଣି ଲାୟେଲର ପୁତ୍ର ଇଲୀୟାସଫ ଗେର୍ଶୋନୀୟ ପରିବାରବର୍ଗର
ଅଧିପତି ଥିଲା। 25ସମାଗମ ତମ୍ବୁରେ ଗେର୍ଶୋନର ପରିବାରର
କର୍ତ୍ତବ୍ୟ ଥିଲା, ପବିତ୍ର ତମ୍ବୁର ଛାତ ଏବଂ ସମାଗମ ତମ୍ବୁର
ଫାଟକର ଆଚ୍ଛାଦନ କନାର ଯତ୍ନ ନେବା। 26ସେମାନେ
ପବିତ୍ର ତମ୍ବୁର ପ୍ରାଙ୍ଗଣରେ ଓ ବେଦୀରେ ଥିବା ପରଦାର,
ପ୍ରାଙ୍ଗଣର ପ୍ରବେଶ ଫାଟକର ଏବଂ ସମସ୍ତ ରଜ୍ଜୁର ଯତ୍ନ
ନେଲେ।

27ପୁଣି କହାତ୍ଠାରୁ ଅମ୍ରାମୀୟ ବଂଶ, ଯିଷ୍ହରୀୟ ବଂଶ,
ହିବ୍ରୋଣୀୟ ବଂଶ ଓ ଉଷୀୟେଲୀୟ ବଂଶ ଉତ୍ପନ୍ନ ହେଲେ।
ଏମାନେ କହାତୀୟ ବଂଶ ହେଲେ। 28ଏକ ମାସରୁ ଅଧିକ
ବୟସ୍କ ପୁରୁଷମାନଙ୍କର ସଂଖ୍ୟା କହାତୀୟ ପରିବାରବର୍ଗର
8,300* ଓ ସେମାନେ ପବିତ୍ର ସ୍ଥାନର ରକ୍ଷକ* ରୂପେ
ନିଯୁକ୍ତ ହେଲେ। 29କହାତୀୟ ସନ୍ତାନମାନଙ୍କ ବଂଶ ଦକ୍ଷିଣ
ଦିଗରେ ପବିତ୍ର ତମ୍ବୁ ନିକଟରେ ଛାଉଣୀ ସ୍ଥାପନ କରିବେ।
30ଇଲୀପାପନ୍ ଉଷୀୟେଲର ପୁତ୍ର କହାତୀୟ ପରିବାରବର୍ଗର
ଅଧିପତି ହେବ। 31ପବିତ୍ର ସିନ୍ଦୁକ, ମେଜ, ଦୀପରୁଖା,
ଯଜ୍ଞବେଦୀ, ପବିତ୍ରସ୍ଥାନର ସେବା ସମ୍ବନ୍ଧୀୟ ସକଳପାତ୍ର, ଏବଂ
ପରଦା ସେମାନଙ୍କର ଦାୟିତ୍ୱରେ ରହିବ।

32ଯାଜକ ହାରୋଣର ପୁତ୍ର ଇଲୀୟାସର ସମସ୍ତଙ୍କ ମଧ୍ୟରେ
ପ୍ରାଧାନ ଲେବୀୟମାନଙ୍କର ଅଧିପତି। ସେ ଯେଉଁମାନେ ପବିତ୍ର
ବିଷୟର କାର୍ଯ୍ୟ କରନ୍ତି ସେମାନଙ୍କର ତତ୍ତ୍ୱାବଧାନ କରିବ।

33ମହଲୀୟ ପରିବାରବର୍ଗ ଏବଂ ମୂଶୀୟ ପରିବାରବର୍ଗ
ମରାରୀୟଠାରୁ ଉତ୍ପନ୍ନ ହେଲେ। ଏମାନେ ମରାରୀୟ ପରିବାର
ଅନ୍ତର୍ଭୁକ୍ତ। 34ପୁଣି ଏମାନଙ୍କ ମଧ୍ୟରେ ଏକ ମାସରୁ ଅଧିକ
ବୟସ୍କ ପୁରୁଷମାନଙ୍କ ଗଣନା ଅନୁସାରେ 6,200 ଲୋକ
ହେଲେ। 35ଆଉ ଅବୀହୟିଲର ପୁତ୍ର ସୂରୀୟେଲ ମରାରି
ପରିବାରବର୍ଗର ଅଧିପତି। ସେମାନେ ଉତ୍ତର ଦିଗରେ ଆବାସ
ନିକଟରେ ଛାଉଣୀ ସ୍ଥାପନ କରିବେ। 36ମରାରି ପରିବାରର
ସଭ୍ୟମାନେ କାଠପଟାଗୁଡ଼ିକ, ଅର୍ଗଳଗୁଡ଼ିକ, ସ୍ତମ୍ଭସମସ୍ତ, ଭିତ୍ତିସମସ୍ତ
ଏବଂ ଅନ୍ୟସମସ୍ତ ସାମଗ୍ରୀ ଏବଂ ଏହି ସମ୍ବନ୍ଧୀୟ କାର୍ଯ୍ୟର
ଦାୟିତ୍ୱ ବହନ କରିବେ। 37ସେମାନେ ମଧ୍ୟ ସ୍ତମ୍ଭ, ଭିତ୍ତିମୂଳ,
ଖିଲ ଏବଂ ରଜ୍ଜୁ ଯାହା ପ୍ରାଙ୍ଗଣରେ ବ୍ୟବହାର ହୁଏ ଏହି
ସମସ୍ତର ଦାୟିତ୍ୱ ନେବେ।

38ମୋଶା, ହାରୋଣ ଓ ତାହାର ପୁତ୍ରଗଣ ଆବାସର
ତମ୍ବୁସବୁ ପବିତ୍ର ତମ୍ବୁର ପୂର୍ବଦିଗ ସମ୍ମୁଖରେ ଛାଉଣୀ ସ୍ଥାପନ
କରିବେ। ସେମାନେ ଇଶ୍ରାୟେଲର ଲୋକମାନଙ୍କ ନିମନ୍ତେ
ପବିତ୍ରସ୍ଥାନର ରକ୍ଷା କରିବେ। ଯଦି କୌଣସି ବିଦେଶୀ ଏହା
ପାଖକୁ ଯାଏ, ତାକୁ ମୃତ୍ୟୁଦଣ୍ଡ ଦିଆଯିବ।

39ମୋଶା ଓ ହାରୋଣ ସଦାପ୍ରଭୁଙ୍କ ଆଜ୍ଞାରେ ଲେବୀୟମାନଙ୍କୁ
ଗଣନା କଲେ। ଲେବୀୟମାନଙ୍କ ବଂଶ ଅନୁସାରେ ଏକ
ମାସରୁ ଅଧିକ ବୟସ୍କ ସମସ୍ତ ପୁରୁଷମାନଙ୍କ ସଂଖ୍ୟା 2,200
ହେଲେ।

### ଲେବୀୟମାନଙ୍କ ପ୍ରଥମଜାତ ସନ୍ତାନଙ୍କ ସ୍ଥାନ ଗ୍ରହଣ

40ସଦାପ୍ରଭୁ ମୋଶାଙ୍କୁ କହିଲେ, “ତୁମ୍ଭେ ଇଶ୍ରାୟେଲର
ପ୍ରଥମଜାତ ପୁରୁଷ ଲୋକମାନଙ୍କର ଏକ ମାସର ଅଧିକ
ବୟସ୍କ ସମସ୍ତ ଗଣନା କର ଓ ସେମାନଙ୍କର ନାମ ତାଲିକା
କର। 41ମୁଁ ସଦାପ୍ରଭୁ, ମୁଁ ଇଶ୍ରାୟେଲ ଲୋକମାନଙ୍କର ସମସ୍ତ
ପ୍ରଥମଜାତ ଲୋକ ବଦଳରେ ଲେବୀୟମାନଙ୍କୁ ଗ୍ରହଣ କରିବୁ।
ପୁଣି ଇଶ୍ରାୟେଲ ଲୋକମାନଙ୍କର ସମସ୍ତ ପ୍ରଥମଜାତ ପଶୁ
ବଦଳରେ ଲେବୀୟମାନଙ୍କର ପଶୁ ଗ୍ରହଣ କରିବ।”

42ସଦାପ୍ରଭୁଙ୍କ ଆଜ୍ଞାନୁସାରେ ମୋଶା ଇଶ୍ରାୟେଲର ଲୋକ
ମଧ୍ୟରେ ସମସ୍ତ ପ୍ରଥମଜାତ ଲୋକର ଗଣନା କଲେ। 43ପୁଣି
ଏକ ମାସରୁ ଅଧିକ ବୟସ୍କ ସମସ୍ତ ପ୍ରଥମଜାତ ପୁରୁଷର ନାମ
ସଂଖ୍ୟାନୁସାରେ ସେମାନଙ୍କର ସଂଖ୍ୟା 22,273 ହେଲା।

44ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 45“ତୁମ୍ଭେ
ସମସ୍ତ ଲେବୀୟ ଏବଂ ତାଙ୍କର ସମସ୍ତ ପଶୁ ଇଶ୍ରାୟେଲର
ପ୍ରଥମଜାତ ଏବଂ ଇଶ୍ରାୟେଲର ପଶୁମାନଙ୍କ ପ୍ରଥମଜାତ ବଦଳରେ
ଗ୍ରହଣ କର। ଆଉ ଲେବୀୟମାନେ ମୋର ହେବେ, ମୁଁ
ସଦାପ୍ରଭୁ ଅଟେ। 46ଇଶ୍ରାୟେଲରେ ଲେବୀୟମାନଙ୍କଠାରୁ 273
ଅଧିକ ପ୍ରଥମଜାତ ପୁରୁଷ ଅଛନ୍ତି, ଏହି ଅଧିକ ପ୍ରଥମଜାତ
ପୁରୁଷଗଣ ନିଶ୍ଚୟ ମୁକୁଳା ଯିବେ। 47ପବିତ୍ରସ୍ଥାନର ଶେକଲ
ଅନୁସାରେ ତୁମ୍ଭେ ମୁଣ୍ଡ ପିଛା ପାଞ୍ଚ ଶେକଲ ନେବ। କୋଡ଼ିଏ
ଗେରାରେ ଏକ ଶେକଲ। 48ସେହି 273 ଅଧିକ ପ୍ରଥମଜାତ
ପୁରୁଷଙ୍କର ମୁକୁଳାଇବା ନିମନ୍ତେ ହାରୋଣ ଓ ତାଙ୍କର
ପୁତ୍ରଗଣଙ୍କୁ ମୂଲ୍ୟ ଦିଅ।’”

49ତେଣୁ ମୋଶା ସେହି ପ୍ରଥମଜାତ ପୁରୁଷମାନଙ୍କୁ ମୁକୁଳାଇବା
ନିମନ୍ତେ ମୁଦ୍ରା ଏକତ୍ର କଲେ। 50ଇଶ୍ରାୟେଲର ପୁତ୍ରଗଣ
ପ୍ରଥମଜାତ ଲୋକମାନଙ୍କଠାରୁ ସେ ସେହି ମୂଲ୍ୟ ନେଲେ;
ସେ ପବିତ୍ରସ୍ଥାନର ଶେକଲ ଅନୁସାରେ 1,365 ଶେକଲ
ନେଲେ। 51ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ ମୋଶା ସେହି
ମୁକ୍ତି ମୂଲ୍ୟ ହାରୋଣ ଓ ତାଙ୍କର ପୁତ୍ରମାନଙ୍କୁ ଦେଲେ।

---

**8,300** କେତେକ ପୁରାତନ ଗ୍ରୀକ୍ ପୁସ୍ତକରେ “8,300” ହିବ୍ରୁ ଲେଖାରେ 8,600 ମୋଟ ଦିଆଯାଇଥିବା ଦରକାର ସଂଖ୍ୟା 8,300।

**ରକ୍ଷକ** କିମ୍ବା ତତ୍ତ୍ୱାବଧାରକ।

### କହାତ ପରିବାରର କାର୍ଯ୍ୟ

4 ଅନନ୍ତର ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ,
2“ତୁମ୍ଭେମାନେ ଲେବୀର ସନ୍ତାନଗଣ ମଧ୍ୟରୁ କହାତ
ସନ୍ତାନମାନଙ୍କର ବଂଶ ଓ ପିତୃଗୃହ ଅନୁସାରେ ପୁରୁଷମାନଙ୍କୁ
ଗଣନା କର। 3ତିରିଶ ବର୍ଷଠାରୁ ପଚାଶ ବର୍ଷ ବୟସ୍କ
ପର୍ଯ୍ୟନ୍ତ, ଯେଉଁମାନେ ସମାଗମ ତମ୍ବୁରେ କାର୍ଯ୍ୟ କରିବାକୁ
ଯୋଗ୍ୟ, ସେମାନଙ୍କୁ ଗଣନା କର। 4ସମାଗମ ତମ୍ବୁରେ
ମହାପବିତ୍ର ଦ୍ରବ୍ୟାଦିର ଯତ୍ନ ନେବା କହାତ ପରିବାରବର୍ଗର
କାର୍ଯ୍ୟ ଅଟେ।

5“ଯେତେବେଳେ ଛାଉଣୀ ସ୍ଥାନାନ୍ତର କରିବାର ସମୟ
ହୁଏ, ତାଙ୍କର ପୁତ୍ରଗଣ ପରଦାରେ ପବିତ୍ର ନିୟମ ସିନ୍ଦୁକକୁ
ଢାଙ୍କିବେ। 6ସେମାନେ ପୁନର୍ବାର ତାହାକୁ ଶିଶୁକ ଚର୍ମର
ଆଚ୍ଛାଦନ କରିବେ ଓ ତହିଁ ଉପରେ ସମ୍ପୂର୍ଣ୍ଣ ନୀଳବର୍ଣ୍ଣ ଏକ
ବସ୍ତ୍ର ଦେବେ, ତା'ପରେ ସେମାନେ ପବିତ୍ର ସିନ୍ଦୁକ ବହନ
କରିବାର ସାଙ୍ଗି ଲଗାଇବେ।

7“ଏହାପରେ ସେମାନେ ପବିତ୍ର ମେଜ ଉପରେ ନୀଳବର୍ଣ୍ଣର
ଏକ ବସ୍ତ୍ର ବିଛାଇବା ଉଚିତ୍ ଏବଂ ତାହା ଉପରେ ଥାଳୀ,
ଚାମଚ, ପାତ୍ର ଜାର୍ ପେୟ ନୈବେଦ୍ୟ ରଖିବା ଉଚିତ୍।
ଦର୍ଶନୀୟ ରୋଟୀ ସବୁବେଳେ ସେଥିରେ ରଖିବା ଉଚିତ୍।
8ତା'ପରେ ସେ ସମସ୍ତ ଉପରେ ସେମାନେ ଏକ ସିନ୍ଦୂରବର୍ଣ୍ଣ
ବସ୍ତ୍ର ବିଛାଇବେ ଏବଂ ତା'ପରେ ଶିଶୁକଚର୍ମରେ ଆଚ୍ଛାଦନ
କରିବେ। ତା'ପରେ ସେମାନେ ସେହି ସାଙ୍ଗି କଡ଼ା ଭିତରେ
ପୁରାଇବେ।

9“ଏହାପରେ ସେମାନେ ଏକ ନୀଳବର୍ଣ୍ଣ ବସ୍ତ୍ର ନେଇ
ଆଲୋକର ଦୀପରୁଖା, ତାହାର ପ୍ରଦୀପ, ତାହାର ଅଙ୍ଗାରଧାନୀ
ଏବଂ ସମସ୍ତ ତୈଳପାତ୍ରକୁ ଆଚ୍ଛାଦନ କରିବା ଉଚିତ୍। 10ପୁଣି
ସେମାନେ ତାକୁ ଓ ତହିଁର ସମସ୍ତ ସରଞ୍ଜାମ ଏକ ଶିଶୁକଚର୍ମର
ମଧ୍ୟରେ ରଖିବେ ଏବଂ ତାହାକୁ ଗୋଟିଏ ଖୁଣ୍ଟରେ ରଖିବେ।

11“ପୁଣି ସେମାନେ ସ୍ୱର୍ଣ୍ଣମୟ ବେଦି ଉପରେ ନୀଳବର୍ଣ୍ଣ
ଏକ ବସ୍ତ୍ର ବିଛାଇ ତାହା ଶିଶୁକଚର୍ମରେ ଢାଙ୍କିବେ ଏବଂ କଡ଼ା
ମଧ୍ୟରେ ସାଙ୍ଗୀ ପୁରାଇବେ।

12“ତା'ପରେ ସେମାନେ ସେବାର୍ଥକ ସମସ୍ତ ପବିତ୍ର ପାତ୍ର
ନେଇ ନୀଳବର୍ଣ୍ଣ ବସ୍ତ୍ର ମଧ୍ୟରେ ଗୁଡାଇ ରଖିବେ। ସେମାନେ
ତାହାକୁ ଶିଶୁକଚର୍ମର ଆଚ୍ଛାଦନ କରିବେ ଏବଂ ତା'ପରେ
ତାହାକୁ ଗୋଟିଏ ଖୁଣ୍ଟରେ ରଖିବେ।

13“ପୁଣି ସେମାନେ ଯଜ୍ଞବେଦୀରୁ ଭସ୍ମ କାଢି ନେଇ ତହିଁ
ଉପରେ ବାଇଗଣିଆ ରଙ୍ଗର ବସ୍ତ୍ର ବିଛାଇବେ। 14ଆଉ
ତା'ଉପରେ ସେମାନେ ଅଙ୍ଗାରଧାନୀ, ତସଲା, କଣ୍ଟା କୋଦାଳ,
ଗହିରା ପାତ୍ର ପ୍ରଭୃତି ଯଜ୍ଞବେଦୀର ସେବାର୍ଥକ ସମସ୍ତ ପାତ୍ର
ରଖିବେ। ତହିଁ ସେମାନେ ତା'ଉପରେ ଶିଶୁକଚର୍ମର ଆଚ୍ଛାଦନ
ଦେବେ ଏବଂ କଡ଼ା ମଧ୍ୟରେ ସାଙ୍ଗି ଲଗାଇବେ।

15“ଏହିରୂପେ ଯେତେବେଳେ ଛାଉଣୀ ଅଗ୍ରସର
ହେବାବେଳେ ହାରୋଣ ଓ ତାଙ୍କର ପୁତ୍ରଗଣ ପବିତ୍ରସ୍ଥାନ ଓ
ପବିତ୍ର ସମସ୍ତ ଆସବାବ ଦ୍ରବ୍ୟ ଢାଙ୍କି ଦେବେ। ତାହାପରେ
କହାତ ପୁତ୍ରଗଣ ତାହା ବହନ କରିବା ପାଇଁ ଆସିବା ଉଚିତ୍।
ସେଥିପାଇଁ ସେମାନେ ନିଶ୍ଚୟ କୌଣସି ପବିତ୍ର ବସ୍ତୁ ସ୍ପର୍ଶ
କରିବେ ନାହିଁ, ନହେଲେ ସମାନେ ମୃତ୍ୟୁବରଣ
କରିବେ। ପବିତ୍ର ତମ୍ବୁରେ ଏହାହିଁ କହାତ ପୁତ୍ରଗଣର
କର୍ତ୍ତବ୍ୟ ହେବ।

16“ଆଉ ସମସ୍ତ ଆବାସର, ତତ୍ତ୍ୱାବଧାନ ସେହି ପବିତ୍ର
ତମ୍ବୁ ଏବଂ ତନ୍ମଧ୍ୟସ୍ଥିତ ସମସ୍ତ ପବିତ୍ରସ୍ଥାନ ଏବଂ ସମସ୍ତ ଦ୍ରବ୍ୟ
ଅର୍ଥାତ୍ ଦୀପାର୍ଥକ ତୈଳ, ଧୂପାର୍ଥକ ସୁଗନ୍ଧି ଦ୍ରବ୍ୟ, ନିତ୍ୟ
ଭକ୍ଷ୍ୟ ନୈବେଦ୍ୟ ଓ ଅଭିଷେକାର୍ଥକ ତୈଳ, ଏହି ସବୁର
ତତ୍ତ୍ୱାବଧାନ କାର୍ଯ୍ୟ ହାରୋଣର ପୁତ୍ର ଇଲୀୟାସର ଯାଜକର
ହେବ।”

17ଅନନ୍ତର ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ,
18“ତୁମ୍ଭେମାନେ ଲେବୀୟମାନଙ୍କ ମଧ୍ୟରୁ କହାତ ବଂଶୀୟ
ଗୋଷ୍ଠୀକି ଅଲଗା କରି ଦିଅ ନାହିଁ। 19ମାତ୍ର ସେମାନେ
ମହାପବିତ୍ର ସ୍ଥାନରେ ଥିବା ବସ୍ତୁର ନିକଟବର୍ତ୍ତୀ ହେଲାବେଳେ
ଯେପରି ନ ମରନ୍ତି, ଏଥିପାଇଁ ତୁମ୍ଭେମାନେ ସେମାନଙ୍କ ପ୍ରତି
ଏହିପରି କରିବ; ହାରୋଣ ଓ ତାହାର ପୁତ୍ରଗଣ ଭିତରେ ଯାଇ
ସେମାନଙ୍କର ପ୍ରତ୍ୟେକ ଜଣକୁ ଆପଣା ଆପଣା ସେବାରେ ଓ
ଭାର ବହନରେ ନିଯୁକ୍ତ କରିବେ। 20ସେମାନେ ପବିତ୍ର ବସ୍ତୁକୁ
ଦେଖିବା ଉଚିତ୍ ନୁହେଁ, ସେମାନେ ଯେତେବେଳେ ଯିବା ପାଇଁ
ସଜାଡୁଛନ୍ତି। କାରଣ ଯଦି ସେମାନେ ତାହା କରନ୍ତି, ତେବେ
ସେମାନେ ମରିଯିବେ।”

### ଗେର୍ଶୋନବଂଶର ସେବାକାର୍ଯ୍ୟ

21ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 22“ସେମାନଙ୍କର
ପିତୃଗୃହ ଓ ପରିବାରବର୍ଗ ଅନୁସାରେ ଗେର୍ଶୋନ ପରିବାରକୁ
ଗଣନା କର। 23ଯେଉଁମାନେ ତିରିଶ ବର୍ଷଠାରୁ ପଚାଶବର୍ଷ
ମଧ୍ୟରେ ଓ ସମାଗମ ତମ୍ବୁରେ ସେବା କରି ପାରିବେ,
ସେମାନଙ୍କୁ ଗଣନା କର।

24“ସେବା କରିବା ଓ ଭାର ବହିବା କାର୍ଯ୍ୟ ମଧ୍ୟରେ
ଗେର୍ଶୋନ ବଂଶର ସେବା ଏହି। 25ସେମାନେ ପବିତ୍ର ତମ୍ବୁର
ପରଦା ସକଳ, ତହିଁର ଆଚ୍ଛାଦନ, ତହିଁର ଉପରିସ୍ଥିତ
ଶିଶୁକଚର୍ମର ଛାତ ଓ ସମାଗମ ତମ୍ବୁର ପ୍ରବେଶ ଦ୍ୱାରର
ଆଚ୍ଛାଦନ ବସ୍ତ୍ର ବହନ କରିବେ। 26ଆଉ ପ୍ରାଙ୍ଗଣର ପରଦା
ଯାହା ପବିତ୍ର ତମ୍ବୁକୁ ଆଚ୍ଛାଦନ କରେ ଏବଂ ଯଜ୍ଞବେଦୀ,
ପ୍ରବେଶ ଫାଟକର ପରଦା ତହିଁର ରଜ୍ଜୁ ଓ ତହିଁର
ସେବାର୍ଥକ ସମସ୍ତ ଦ୍ରବ୍ୟ ବହନ କରିବେ ଓ ସେହି ସବୁରେ
ଯେଉଁ କାର୍ଯ୍ୟ କରିବାକୁ ହୁଏ ତାହାସବୁ କରିବା ଉଚିତ୍।
27ହାରୋଣ ଓ ତାଙ୍କର ପୁତ୍ରଗଣଙ୍କ ନିର୍ଦ୍ଦେଶ ଅନୁସାରେ
ଗେର୍ଶୋନର ଲୋକମାନେ ନିଜ ନିଜର କାର୍ଯ୍ୟ ଓ ସେବା
ସମ୍ବନ୍ଧୀୟ ସମସ୍ତ କର୍ମ କରିବା ଉଚିତ୍। ତୁମ୍ଭେ ସେମାନଙ୍କୁ,
ଯାହାସବୁ ଦାୟିତ୍ୱ ବହନ କରନ୍ତି ସେହି କାର୍ଯ୍ୟ ଭାର ଦେବା
ଉଚିତ୍। 28ସମାଗମ ତମ୍ବୁରେ ଗେର୍ଶୋନୀୟ ପରିବାରବର୍ଗ
ଏହି ସେବା ଦିଆଯାଏ। ଇଥାମର ଯାଜକ ହାରୋଣଙ୍କ ପୁତ୍ର
ସେମାନଙ୍କ ଉପରେ ପର୍ଯ୍ୟବେକ୍ଷଣ କରିବେ।”

### ମରାରି ବଂଶର ସେବାକାର୍ଯ୍ୟ

29“ତୁମ୍ଭେ ମରାରି ସନ୍ତାନଗଣର ପରିବାରବର୍ଗ ଓ ପିତୃଗୃହ
ଅନୁସାରେ ସେମାନଙ୍କୁ ଗଣନା କରିବ। 30ତିରିଶ ବର୍ଷଠାରୁ
ପଚାଶ ବର୍ଷ ପର୍ଯ୍ୟନ୍ତ ବୟସ୍କ ଯେଉଁମାନେ ସମାଗମ ତମ୍ବୁରେ

କାର୍ଯ୍ୟ କରି ପାରିବେ, ସେମାନଙ୍କୁ ଗଣନା କରିବ। 31ଏହି
ଦାୟିତ୍ୱ ସେମାନେ ବହନ କରିପାରିବେ, ସେମାନେ ସମାଗମ
ତମ୍ବୁର କାଠପଟାସବୁ, ଅର୍ଗଳ ସ୍ତମ୍ଭ ଓ ଚୁଙ୍ଗିସକଳ ବହନ
କରିବା ଉଚିତ୍, 32ସେମାନେ ପ୍ରାଙ୍ଗଣର ବାଡ଼ର ଖମ୍ବକୁ,
ସେଗୁଡିକର ଭିତ୍ତିକୁ, ସେଗୁଡିକର ଖିଲକୁ, ସେଗୁଡିକର
ରଜ୍ଜୁକୁ, ତାହା ସହିତ ସଂଯୁକ୍ତ ସମସ୍ତ ବସ୍ତୁକୁ ବହନ କରିବା
ଉଚିତ୍। ତୁମ୍ଭେ ପ୍ରତ୍ୟେକ ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ କାର୍ଯ୍ୟଭାର ବହନ
କରିବାକୁ ଦେବା ଉଚିତ୍। 33ସମାଗମ ତମ୍ବୁରେ ମରାରି
ସନ୍ତାନମାନଙ୍କ ବଂଶର ସମସ୍ତ ସେବା ସମ୍ବନ୍ଧୀୟ ଏହି କାର୍ଯ୍ୟ;
ଏସବୁ ହାରୋଣ ଯାଜକର ପୁତ୍ର ଈଥାମରର ଦେଖାରେଖା
କରିବାର ଦାୟିତ୍ୱ ହେବ।"

## ଲେବୀୟ ବଂଶ

34ଅନନ୍ତର ମୋଶା, ହାରୋଣ ଓ ଇଶ୍ରାୟେଲର ନେତାଗଣ
କହାତୀୟ ଲୋକମାନଙ୍କୁ ସେମାନଙ୍କର ପରିବାର ଓ ପିତୃଗୃହ
ଅନୁସାରେ ଗଣନା କଲେ, 35ତିରିଶ ବର୍ଷ ଠାରୁ ପଚାଶ ବର୍ଷ
ବୟସ୍କ ପର୍ଯ୍ୟନ୍ତ ଯେଉଁମାନେ ସମାଗମ ତମ୍ବୁରେ କର୍ମ କରିବା
ନିମନ୍ତେ ସେବକ ଶ୍ରେଣୀଭୁକ୍ତ ହେବେ, ସେମାନଙ୍କୁ ଗଣନା
କଲେ।

36ଏହି କର୍ମପାଇଁ ଯୋଗ୍ୟ କହାତୀୟ ବଂଶର ଲୋକମାନଙ୍କ
ସଂଖ୍ୟା 2,750 ହେଲା। 37ଏହିମାନେ କହାତୀୟ ବଂଶର
ଲୋକ ଯେଉଁମାନେ ସମାଗମ ତମ୍ବୁରେ ସେବାକାର୍ଯ୍ୟରେ
ନିଯୁକ୍ତ ହେଲେ, ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ ମୋଶା ଓ
ହାରୋଣ ସେମାନଙ୍କୁ ଗଣନା କଲେ।

38ଆଉ ମଧ୍ୟ ଗେର୍ଶୋନ ବଂଶ ସନ୍ତାନଗଣର ଆପଣା
ଆପଣା ପିତୃଗୃହ ଓ ବଂଶ ଅନୁସାରେ ଗଣା ହେଲେ।
39ତିରିଶ ବର୍ଷ ବୟସ୍କଠାରୁ ପଚାଶ ବର୍ଷ ବୟସ୍କ ପର୍ଯ୍ୟନ୍ତ
ଯେଉଁମାନେ ସମାଗମ ତମ୍ବୁରେ କର୍ମ କରିବା ନିମନ୍ତେ
ସେବକ ଶ୍ରେଣୀଭୁକ୍ତ ହେଲେ ସେମାନଙ୍କୁ ଗଣା ଗଲା।
40ଗେର୍ଶୋନ ବଂଶରେ ପିତୃଗୃହ ଅନୁସାରେ ଗଣନା କରାଯିବାରୁ
ସେମାନଙ୍କ ସଂଖ୍ୟା 2,630 ହେଲା। 41ଏମାନେ ଗେର୍ଶୋନ
ସନ୍ତାନଗଣର ପରିବାରବର୍ଗରେ ଗଣ୍ୟ ହେଲେ ଓ ସମାଗମ
ତମ୍ବୁରେ ସେବାକାର୍ଯ୍ୟରେ ନିଯୁକ୍ତ ହେଲେ, ମୋଶା ଓ
ହାରୋଣ ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ ଏମାନଙ୍କୁ ଗଣନା
କଲେ।

42ଆଉ ମଧ୍ୟ ମରାରି ବଂଶ ମଧ୍ୟରେ ଲୋକମାନେ ନିଜ
ନିଜ ବଂଶ ଓ ପିତୃଗୃହ ଅନୁସାରେ ଗଣା ଗଲେ। 43ତିରିଶ
ବର୍ଷ ବୟସ୍କଠାରୁ ପଚାଶବର୍ଷ ବୟସ୍କ ପର୍ଯ୍ୟନ୍ତ ଯେଉଁମାନେ
ସମାଗମ ତମ୍ବୁରେ କର୍ମ କରିବା ନିମନ୍ତେ ସେବକ ଶ୍ରେଣୀଭୁକ୍ତ
ହେଲେ, ସେମାନେ ଗଣ୍ୟ ହେଲେ। 44ସେମାନେ ଆପଣା
ବଂଶ ଓ ପିତୃଗୃହ ଅନୁସାରେ ଗଣା ଯିବାରୁ ସେମାନଙ୍କ
ସଂଖ୍ୟା 3,200 ହେଲା। 45ଏମାନେ ମରାରି ସନ୍ତାନଗଣର
ବଂଶରେ ଗଣ୍ୟ ହୋଇଥିବା ଲୋକ, ସଦାପ୍ରଭୁଙ୍କ ଆଜ୍ଞା
ଅନୁସାରେ ମୋଶା ଓ ହାରୋଣ ଏମାନଙ୍କୁ ଗଣନା କଲେ।

46ତେଣୁ ମୋଶା, ହାରୋଣ ଓ ଇଶ୍ରାୟେଲର ଅଧିପତିଗଣ
ଲେବୀୟମାନଙ୍କୁ ସେମାନଙ୍କର ପରିବାରବର୍ଗ ଓ ପିତୃଗୃହ
ଅନୁସାରେ ଗଣନା କଲେ। 47ତିରିଶ ବର୍ଷ ବୟସ୍କଠାରୁ ପଚାଶ
ବର୍ଷ ବୟସ୍କ ପର୍ଯ୍ୟନ୍ତ ଯେଉଁମାନେ ସମାଗମ ତମ୍ବୁରେ
ସେବାକାର୍ଯ୍ୟରେ ଓ ଭାର ବହିବା କର୍ମରେ ନିଯୁକ୍ତ ହେଲେ,
ସେମାନେ ସମସ୍ତେ ଗଣା ଗଲେ। 48ସେମାନଙ୍କ ସଂଖ୍ୟା
8,580 ହେଲା।

49ମୋଶାଙ୍କୁ ସଦାପ୍ରଭୁ ଯେଉଁ ଅନୁସାରେ ଆଜ୍ଞା ଦେଇଥିଲେ,
ସେହିପରି ଭାବରେ ସେ ସେମାନଙ୍କର ସେବା ଓ ଭାର
ବହିବା ଅର୍ଥ ଅନୁସାରେ ଗଣ୍ୟ ହେଲେ। ସଦାପ୍ରଭୁଙ୍କ ଆଜ୍ଞା
ଅନୁସାରେ ମୋଶାଙ୍କ ଦ୍ୱାରା ଏହା କରାଗଲା।

## ଶୁଚି ସମ୍ବନ୍ଧୀୟ ନିୟମ

5 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ଏକ ମନୁଷ୍ୟକୁ,
ଯାହାକୁ ହାନୀକାରକ ଚର୍ମରୋଗ ପ୍ରମେହ ଓ ଯିଏ
ମୃତଶବକୁ ଛୁଇଁଥାଏ ସେ ନିଶ୍ଚୟ ଛାଉଣୀରୁ ବାହାରକୁ ଯିବ,
ଇଶ୍ରାୟେଲ ଲୋକମାନଙ୍କୁ ଏହି ଆଜ୍ଞା ଦିଅ। 3ପୁରୁଷ ବା ସ୍ତ୍ରୀ
ଯିଏ ହେଉନା କାହିଁକି ଛାଉଣୀର ବାହାରେ ତୁମ୍ଭେ ସେମାନଙ୍କୁ
ରଖିବ। ଯଦ୍ଦ୍ୱାରା ଯେଉଁ ଛାଉଣୀ ମଧ୍ୟରେ ଆମ୍ଭେ ବାସ କରୁ,
ତାହା ସେମାନେ ଅଶୁଚି କରିବେ ନାହିଁ।"

4ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କ ଆଜ୍ଞାନୁସାରେ ଇଶ୍ରାୟେଲ
ସନ୍ତାନଗଣ ପରମେଶ୍ୱରଙ୍କ ଆଜ୍ଞା ପାଳନ କଲେ ଓ ସେମାନଙ୍କୁ
ଛାଉଣୀର ବାହାରେ ରଖିଲେ।

## ଦୋଷପାଇଁ ପରିଶୋଧ

5ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 6"ଇଶ୍ରାୟେଲ
ଲୋକମାନଙ୍କୁ କୁହ, କୌଣସି ପୁରୁଷ କିମ୍ବା ସ୍ତ୍ରୀ ଯଦି
କୌଣସି ବ୍ୟକ୍ତି ବିରୁଦ୍ଧରେ ଅପରାଧ କରେ, ତେବେ ସେମାନେ
ସଦାପ୍ରଭୁଙ୍କ ବିରୁଦ୍ଧରେ ମଧ୍ୟ ଅପରାଧ କରିଛନ୍ତି। ସେମାନେ
ଦୋଷୀ। 7ତେଣୁ ସେ ଲୋକ ଆପଣାକୃତ ପାପ ସ୍ୱୀକାର
କରିବ ଓ ସମ୍ପୂର୍ଣ୍ଣରୂପେ ଆପଣା ଦୋଷ ପାଇଁ କ୍ଷତିପୂରଣ
ଦେବ ଓ ତହିଁରେ ପଞ୍ଚମାଂଶ ଅଧିକ ମିଶାଇ ଯାହା
ବିରୁଦ୍ଧରେ ଦୋଷ କରିଛି ତାକୁ ପରିଶୋଧ କରିବ। 8ଦୋଷକର୍ତ୍ତା
ଦୋଷ ପାଇଁ ଯାହାକୁ କ୍ଷତିପୂରଣ ଦେବା କଥା ସେ ଯଦି
ମୃତ ହୋଇଥାଏ ଓ ତାହାର ଜ୍ଞାତିରେ କେହି ନଥାନ୍ତି,
ତେବେ ସେ ସଦାପ୍ରଭୁଙ୍କୁ ପରିଶୋଧ କରିବ। ସଦାପ୍ରଭୁଙ୍କୁ
କ୍ଷତିପୂରଣ ଦେବ, ତାହା ଯାଜକର ହେବ ଓ ତାହା ସହିତ
ସେହି ମନୁଷ୍ୟ ତା'ର ପ୍ରାୟଶ୍ଚିତ୍ତ ପାଇଁ ଏକ ମେଷ ବଳି
ଉତ୍ସର୍ଗ କରିବ।

9"ଇଶ୍ରାୟେଲର ଲୋକମାନେ ନିଜ ନିଜ ପବିତ୍ରବସ୍ତୁ
ମଧ୍ୟରୁ ଯାହା ଯାହା ଉପହାର ଯାଜକ ନିକଟକୁ ଆଣନ୍ତି,
ତାହାସବୁ ତାହାର ହେବ। 10ପ୍ରତ୍ୟେକ ମନୁଷ୍ୟର ଅଧିକାରରେ
ଥିବା ସବୁକିଛି ତା'ର ନିଜର ହୋଇ ରହିଥାଏ, ଯେ ପର୍ଯ୍ୟନ୍ତ
ସେ ତାହା ଅର୍ପଣ କରିନାହିଁ। ଯାହା ଜଣେ ମନୁଷ୍ୟ ଯାଜକଙ୍କୁ
ଦିଅନ୍ତି ତାହା ଯାଜକର ହେବ।"

## ସନ୍ଦେହୀ ସ୍ୱାମୀଗଣ

11ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 12"ତୁମ୍ଭେ
ଇଶ୍ରାୟେଲ ଲୋକମାନଙ୍କୁ କୁହ, କୌଣସି ମନୁଷ୍ୟର ସ୍ତ୍ରୀ
ଯେବେ ବିପଥଗାମିନୀ ହୋଇ ତାହା ବିରୁଦ୍ଧରେ ସତ୍ୟ ଲଙ୍ଘନ

କରେ, 13ଅର୍ଥାତ୍ ଯଦି ସେ କୌଣସି ପୁରୁଷ ସହିତ ତା'ର
ସ୍ୱାମୀର ଦୃଷ୍ଟି ଅଗୋଚରରେ ଦୈହିକ ସଂପର୍କ ରଖେ। ସେ
ଯଦି କଳୁଷିତ ହୋଇଥାଏ, ତା ବିରୁଦ୍ଧରେ କେହି ସାକ୍ଷୀ
ନଥାଏ କିମ୍ବା ସେ କର୍ମବେଳେ ଧରା ପଡ଼ି ନଥାଏ, 14ଆଉ
ଯେବେ ତା'ର ସ୍ୱାମୀ ସନ୍ଦେହ କରେ, ଯେତେବେଳେ ସେ
ନିଜକୁ କଳୁଷିତ କରିଥାଏ, ସେ ତାକୁ ସନ୍ଦେହ କରେ
ଯେତେବେଳେ ସେ କଳୁଷିତ କର୍ମ କରିନଥାଏ। 15ତେବେ
ସେହି ପୁରୁଷ ନିଜ ସ୍ତ୍ରୀକୁ ଯାଜକ ନିକଟକୁ ଆଣିବ, ତା'ର
ଉପହାର ଐଫାର ଦଶମାଂଶ ବାର୍ଲି ମଇଦା ଆଣିବ, ତହିଁ
ଉପରେ ସେ ତୈଳ ଢାଳିବ ନାହିଁ, ଅବା ଧୂପ ସେଥିରେ
ସଂଯୋଗ କରିବ ନାହିଁ, କାରଣ ତାହା ଈର୍ଷାର ଶସ୍ୟ
ନୈବେଦ୍ୟ, ତାହାର ଦୋଷକୁ ଅନାବୃତ କରିବା ପାଇଁ ଏହି
ଶସ୍ୟ ନୈବେଦ୍ୟ ଉତ୍ସର୍ଗ କରାଗଲା।

16"ତା'ପରେ ଯାଜକ ସେ ସ୍ତ୍ରୀଲୋକକୁ ନେଇ ସଦାପ୍ରଭୁଙ୍କ
ସମ୍ମୁଖରେ ଛିଡ଼ା କରାଇବ। 17ଯାଜକ ଗୋଟିଏ ମାଟି ପାତ୍ରରେ
ପବିତ୍ର ଜଳ ନେବ ଓ କିଛି ଧୂଳି ପବିତ୍ର ତମ୍ବୁର ଚଟାଣରୁ
ନେଇ ପାଣିରେ ପକାଇବ। 18ତହୁଁ ଯାଜକ ସେହି ସ୍ତ୍ରୀକି
ସଦାପ୍ରଭୁଙ୍କ ସମ୍ମୁଖରେ ଉପସ୍ଥିତ କରିବ ଓ ସେହି ସ୍ତ୍ରୀର
ମସ୍ତକର କେଶ ମୁକୁଳା କରି ସେହି ଭକ୍ଷ୍ୟ ନୈବେଦ୍ୟ,
ଅର୍ଥାତ୍ ଈର୍ଷାର ଭକ୍ଷ୍ୟ ନୈବେଦ୍ୟ ଯାହା ତା'ର ଦୋଷକୁ
ଅନାବୃତ କରେ, ତାହାର ହସ୍ତରେ ଦେବ; ପୁଣି ଯାଜକ
ଆପଣା ହସ୍ତରେ ଶାପ ଜନକ ତିକ୍ତ ଜଳ ରଖିବ ତାହା
ଅଭିଶାପ ଆଣିବ।

19"ଆଉ ଯାଜକ ସେହି ସ୍ତ୍ରୀକୁ ଶପଥ କରାଇ କହିବ,
'ଯଦି କୌଣସି ପୁରୁଷ ତୁମ୍ଭ ସହିତ ଶୟନ କରି ଶରୀର
ମିଳନ ନଥାଏ, ତୁମ୍ଭେ ଯେତେବେଳେ ତୁମ୍ଭ ସ୍ୱାମୀଙ୍କୁ ବିବାହ
କରିଥିଲ, ତେବେ ଏହି ଶାପଯୁକ୍ତ ତିକ୍ତଜଳ ତୁମ୍ଭ ଉପରେ
କୌଣସି ପ୍ରଭାବ ପକାଇବ ନାହିଁ। 20ମାତ୍ର ଯେବେ ତୁମ୍ଭେ
ସ୍ୱାମୀଙ୍କ ବିବାହ କରିବାବେଳେ ବିପଥଗାମିନୀ ହୋଇଥାଅ ଓ
ସ୍ୱାମୀକୁ ଛାଡ଼ି ଅନ୍ୟ ପୁରୁଷ ସହିତ ଶୟନ କରିଥାଅ, ତେବେ
ତୁମ୍ଭେ କଳୁଷିତ ହୋଇଛ। 21ତଦନନ୍ତର ଯାଜକ ସେ ସ୍ତ୍ରୀକୁ
ଅଭିଶାପର ଶପଥ କରାଇବ।

"ଏବଂ ଯାଜକ ସେହି ସ୍ତ୍ରୀକୁ କହିବ ସଦାପ୍ରଭୁ ତୁମ୍ଭଙ୍କୁ
ତୁମ୍ଭ ଲୋକମାନଙ୍କ ମଧ୍ୟରେ ଅଭିଶପ୍ତ' କରନ୍ତୁ, ଯେତେବେଳେ
ସଦାପ୍ରଭୁ "ତୁମ୍ଭର ପ୍ରଜନନ ଅଙ୍ଗକୁ ଫୁଲାଇ ପକାଇ ଦେବେ।
22ତହିଁରେ 'ଏହି ଶାପଜନକ ଜଳ ତୁମ୍ଭ ଉଦର ଭିତରକୁ
ଯିବ ଏବଂ ତୁମ୍ଭର ପ୍ରଜନନ ଅଙ୍ଗକୁ ଫୁଲାଇ ପଡିଯିବାର
କାରଣ ହେବ,' ଏବଂ ସେହି ସ୍ତ୍ରୀ କହିବ "ଆମେନ୍!
ଆମେନ୍!"

23"ତା'ପରେ ଯାଜକ ସେହି ଅଭିଶାପଗୁଡିକ ଏକ ନଳାକାର
ପୁସ୍ତକରେ ଲେଖିବ ଏବଂ ସେହି ଶାପଗୁଡିକ ପାଣିରେ
ଧୋଇଦେବ। 24ତା'ପରେ ଯାଜକ ସେହି ସ୍ତ୍ରୀକୁ ଶାପଜନକ
ତିକ୍ତଜଳ ପିଆଇବ। ତହିଁରେ ସେହି ଶାପଜନକ ତିକ୍ତଜଳ
ତା'ର ଉଦରରେ ପ୍ରବେଶକରିବ ଏବଂ କଷ୍ଟ ଦେବାର କାରଣ
ହେବ, ଯଦି ସେ ଦୋଷୀ।

25"ଆଉ ଯାଜକ ସେହି ସ୍ତ୍ରୀର ହସ୍ତରୁ ସେହି ଈର୍ଷାର
ଭକ୍ଷ୍ୟ ନୈବେଦ୍ୟ ନେଇ ସଦାପ୍ରଭୁଙ୍କ ସମ୍ମୁଖରେ ଉଠାଇବ,
ଏବଂ ବେଦୀ ଉପରକୁ ଆଣିବ। 26ତହୁଁ ଯାଜକ ସେହି ଭକ୍ଷ୍ୟ
ନୈବେଦ୍ୟରୁ ମୁଠିଏ ତହିଁର ସ୍ମରଣାର୍ଥକ ଅଂଶରୂପେ ନେଇ
ବେଦି ଉପରେ ଦଗ୍ଧ କରିବ ଓ ତହିଁ ଉତ୍ତାରେ ସେହି ସ୍ତ୍ରୀକି
ସେହି ଜଳପାନ କରାଇବ। 27ଯେବେ ସେହି ସ୍ତ୍ରୀ ଭ୍ରଷ୍ଟ
ଚରିତ୍ର ଏବଂ ତା'ର ସ୍ୱାମୀ ପ୍ରତି ଅବିଶ୍ୱସ୍ତ ହୋଇଥାଏ, ତେବେ
ସେହି ଶାପଜନକ ଜଳ ତାହା ମଧ୍ୟରେ ପ୍ରବେଶ କରି ଯନ୍ତ୍ରଣା
ଦେବ। ତାହାର ପ୍ରଜନନ ଅଙ୍ଗ ଫୁଲିବ ଏବଂ ଓହଳି ପଡିବ।
ଆଉ ସେହି ସ୍ତ୍ରୀ ଆପଣା ଲୋକଙ୍କ ମଧ୍ୟରେ ଶାପ ସ୍ୱରୂପ
ହେବ। 28କିନ୍ତୁ ଯଦି ସେହି ସ୍ତ୍ରୀ ଅସତ୍ୟ ବ୍ୟବହାର
ନକରିଥାଏ କିନ୍ତୁ ପବିତ୍ର, ତେବେ ସେହି ଅଭିଶାପରୁ ମୁକ୍ତ
ହେବ ଏବଂ ଗର୍ଭଧାରଣ କରିବ।

29"ଏହା ଈର୍ଷାଜନକ ବ୍ୟବସ୍ଥା, ଯଥା: ସ୍ତ୍ରୀ ସ୍ୱାମୀର
ଅଧୀନରେ ଥାଇ ଥାଇ ବିପଥଗାମୀ ହୋଇ ଅଶୁଚି ହେଲେ।
30ଯଦି ଜଣେ ମନୁଷ୍ୟ ଏହି ବିଷୟରେ ତା'ର ସ୍ତ୍ରୀକୁ ସନ୍ଦେହ
କରେ, ସେ ସେହି ସ୍ତ୍ରୀ କି ସଦାପ୍ରଭୁଙ୍କ ସମ୍ମୁଖରେ ଉପସ୍ଥିତ
କରାଇବ, ପୁଣି ଯାଜକ ସେହି ସ୍ତ୍ରୀ ପ୍ରତି ଏହି ସମସ୍ତ ବ୍ୟବସ୍ଥା
ପାଳନ କରିବ। 31ତହିଁରେ ସେହି ପୁରୁଷ ଅପରାଧରୁ ମୁକ୍ତ
ହେବ ଓ ସେ ସ୍ତ୍ରୀ ଅପରାଧ ବହନ କରିବ।"

## ନାସରୀୟ

6 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ଇଶ୍ରାୟେଲ
ଲୋକମାନଙ୍କୁ ଏହିସବୁ କୁହ, କୌଣସି ପୁରୁଷ କି ସ୍ତ୍ରୀ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗିତ ହେବା ନିମନ୍ତେ ବିଶେଷ
ନାସରୀୟ ପ୍ରତିଜ୍ଞା କରିବା ଉଚିତ୍। 3ତେବେ ସେ ଦ୍ରାକ୍ଷାରସ
ଓ ସୁରା ପାନରୁ ନିଜକୁ ପୃଥକ୍ ରଖିବ, ସେ ଦ୍ରାକ୍ଷାରସର
ସିର୍କା ଓ ସୁରାର ସିର୍କା ପାନ କରିବ ନାହିଁ। କିମ୍ବା ସେ
ଦ୍ରାକ୍ଷାଫଳ ଜାତ କୌଣସି ପେୟ ପାନ କରିବ ନାହିଁ ଓ କଞ୍ଚା
କିମ୍ବା ଶୁଖିଲା ଦ୍ରାକ୍ଷାଫଳ ଖାଇବ ନାହିଁ। 4ସେ ତାହାର ପୃଥକ୍
ଥିବା ସମସ୍ତ ଦିନ ଦ୍ରାକ୍ଷା ଫଳରେ ପ୍ରସ୍ତୁତ କୌଣସି ଦ୍ରବ୍ୟ କି
ତହିଁର ମଞ୍ଜିଠାରୁ ଗ୍ରେପା ପର୍ଯ୍ୟନ୍ତ କିଛି ଖାଇବ ନାହିଁ।

5"ତାହାର ପ୍ରତିଜ୍ଞା ହେତୁ ପୃଥକ ଥିବା ସମସ୍ତ ଦିନ
ତାହାର ମସ୍ତକରେ କ୍ଷୁରଲାଗିବ ନାହିଁ, ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ
ପୃଥକ୍ ଥିବା ଦିନ ସମାପ୍ତ ହେବା ପର୍ଯ୍ୟନ୍ତ ସେ ପବିତ୍ର
ରହିବ, ସେ ତା'ର ମସ୍ତକର କେଶ ବୃଦ୍ଧି ପାଇବାକୁ ଦେବ।

6"ନାସରୀୟ ପ୍ରତିଜ୍ଞା ପାଳନ ବେଳେ ସେ କୌଣସି ଶବ
ନିକଟକୁ ଯିବା ଉଚିତ୍ ନୁହେଁ। କାରଣ ସେ ନିଜକୁ ସମ୍ପୂର୍ଣ୍ଣ
ରୂପେ ସଦାପ୍ରଭୁଙ୍କୁ ସମର୍ପଣ କରିଥାଏ। 7ବ୍ରତ ସମୟରେ
ଏପରିକି ସେ ନିଜର ପିତା କି ମାତା କି ଭ୍ରାତା କି ଭଗିନୀ
ମଲେ ସେମାନଙ୍କୁ ଛୁଇଁ ନିଜକୁ ଅଶୁଚି କରିବ ନାହିଁ। କାରଣ
ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ପୃଥକ୍ ହେବାର ଚିହ୍ନ ତାହାର
ମସ୍ତକରେ ଅଛି, 8ତାହାର ପୃଥକ୍ ଥିବା ସମସ୍ତ ଦିନ ସେ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର।

9"ଆଉ ଯଦି ନାସରୀୟ ବ୍ରତ ପାଳନ କରୁଥିବା ବ୍ୟକ୍ତିର
ନିକଟରେ ରହୁଥିବା ବ୍ୟକ୍ତି ମରେ ଓ ସେ ନିଜର ପ୍ରତିଷ୍ଠିତ
ମସ୍ତକ ଅଶୁଚି କରେ ତେବେ ସେ ଶୌଚ ଦିନରେ ଆପଣା
ମସ୍ତକ ଲଣ୍ଡା କରିବ। 10ପୁଣି ଅଷ୍ଟମ ଦିନରେ ନାସରୀୟ
ଦୁଇଟି କପୋତ କିମ୍ବା ପାରା ସମାଗମ ତମ୍ବୁ ଦ୍ୱାରରେ

ଯାଜକ ନିକଟକୁ ଆଣିବ। 11ଆଉ ଯାଜକ ତହିଁରୁ ଗୋଟିଏକୁ ପାପାର୍ଥକ ନୈବେଦ୍ୟ ରୂପେ ଓ ଅନ୍ୟଟି ହୋମବଳି ରୂପେ ଉତ୍ସର୍ଗ କରିବ। ସେ ଶବ ସମ୍ବନ୍ଧରେ ଯେଉଁ ପାପ ନାସରୀୟ କଲା, ତହିଁ ଲାଗି ପ୍ରାୟଶ୍ଚିତ୍ତ କରିବ ଓ ସେ ସେହିଦିନ ପୁନର୍ବାର ତା'ର ମସ୍ତକ ପବିତ୍ର କରିବ। 12ତହୁଁ ସେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପୃଥକ୍ ହୋଇ ରହିବା ଦିନମାନ ପୃଥକ୍ କରିବ, ପୁଣି ଦୋଷାର୍ଥକ ବଳି ନିମନ୍ତେ ଏକ ବର୍ଷୀୟ ଗୋଟିଏ ମେଷବତ୍ସ ଆଣିବ ମାତ୍ର ପୂର୍ବ ଦିନସବୁ ବୃଥା ହେବ, କାରଣ ତାହାର ପୃଥକୀକରଣ ନିରର୍ଥକ ହେଲା।

13"ସେହି ମନୁଷ୍ୟ ଆଉ ପୃଥକ ରହିବା ଦିନ ସମ୍ପୂର୍ଣ୍ଣ ହେଲେ ନାସରୀୟ ପ୍ରତିଜ୍ଞା ବ୍ୟବସ୍ଥା ଅନୁସାରେ ବ୍ରତକାରୀ ସମାଗମ ତମ୍ବୁ ଦ୍ୱାର ନିକଟକୁ ଆସିବ। 14ପୁଣି ସେ ସଦାପ୍ରଭୁଙ୍କ ପାଇଁ ତାହାର ଭେଟି ଆଣିବ

ଗୋଟିଏ ଏକବର୍ଷୀୟ ହୃଷ୍ଟପୁଷ୍ଟ ପୁଂମେଷ ହୋମବଳି ପାଇଁ ଆଣିବ। ଗୋଟିଏ ହୃଷ୍ଟପୁଷ୍ଟ ମେଷ ପାପାର୍ଥକ ବଳି ନିମନ୍ତେ ଓ ଗୋଟିଏ ହୃଷ୍ଟପୁଷ୍ଟ ଅଣ୍ଡିରା ମେଣ୍ଢା ମଙ୍ଗଳାର୍ଥକ ନୈବେଦ୍ୟକୁ ରୂପେ ଉତ୍ସର୍ଗ କରିବ।

15ସେ ଉତ୍ସର୍ଗ କରିବ, ଏକ ଡାଲା ତାଡିଶୂନ୍ୟ ରୋଟୀ ଭଲ ମଇଦାରେ, ତେଲ ମିଶାଇ ବନାଇବ ଏବଂ ତାଡିଶୂନ୍ୟ ସରୁ ପିଠା ତେଲ ତାହା ଉପରେ ଦେଇ ବନାହେବ। ଓ ତହିଁର ଶସ୍ୟ ଓ ପେୟ ନୈବେଦ୍ୟ ଉତ୍ସର୍ଗ କରିବ।

16"ତା'ପରେ ଯାଜକ ହୋମବଳି ଓ ପାପାର୍ଥକ ବଳି ସଦାପ୍ରଭୁଙ୍କ ଆଗରେ ଉତ୍ସର୍ଗ କରିବା ଉଚିତ୍। 17ଏହାପରେ ସେ ତାଡ଼ିଶୂନ୍ୟ ରୋଟୀର ଡ଼ାଲା ଏବଂ ମେଷକୁ ମଙ୍ଗଳାର୍ଥକ ନୈବେଦ୍ୟ ରୂପେ ସଦାପ୍ରଭୁଙ୍କୁ ଉତ୍ସର୍ଗ କରିବା ଉଚିତ୍। ଯାଜକ ଶସ୍ୟ ନୈବେଦ୍ୟ ଓ ପେୟ ନୈବେଦ୍ୟ ଉତ୍ସର୍ଗ କରିବା ଉଚିତ୍।

18"ପୁଣି ନାସରୀୟ ବ୍ରତରେ ଥିବା ସମୟରେ ସେହି ବ୍ୟକ୍ତି ସମାଗମ ତମ୍ବୁର ସମ୍ମୁଖରେ ଆପଣା ମସ୍ତକ ଲଣ୍ଡା କରିବ ଓ ସେ କେଶ ନେଇ ମଙ୍ଗଳାର୍ଥକ ନୈବେଦ୍ୟକୁ ଦଗ୍ଧ କରୁଥିବା ଅଗ୍ନିରେ ପକାଇବ।

19"ନାସରୀୟ ବ୍ରତରେ ଥିବା ବ୍ୟକ୍ତି ନିଜର ମସ୍ତକ ଲଣ୍ଡା କଲାପରେ, ଯାଜକ ସେହି ମେଷର ରନ୍ଧା ହୋଇଥିବା ସ୍କନ୍ଧ, ଗୋଟିଏ ତାଡିଶୂନ୍ୟ ପିଠା ସେହି ଡାଲାରୁ ଏବଂ ଗୋଟିଏ ସରୁ ପିଠା ଦେବ। 20ତା'ପରେ ଯାଜକ ଦୋଳନୀୟ ନୈବେଦ୍ୟ ତାହାସବୁ ସଦାପ୍ରଭୁଙ୍କ ସମ୍ମୁଖରେ ଟେକିବ, ସେହି ଛାତି ଓ ଗୋଡ ନୈବେଦ୍ୟ ଯାଜକ ପାଇଁ ଏକ ପବିତ୍ର ଉପହାର ଅଟେ। ତା'ପରେ ସେହି ନାସରୀୟ ବ୍ରତ କରିଥିବା ବ୍ୟକ୍ତି ଦ୍ରାକ୍ଷାରସ ପାନ କରିପାରିବ।

21"ଏହି ହେଉଛି ବ୍ୟବସ୍ଥା, ଯେଉଁ ଲୋକ ବିଶେଷ ନାସରୀୟ ବ୍ରତ କରେ। ସେ ଏହି ନୈବେଦ୍ୟ ଆଣିବ, ଏତଦ୍ ବ୍ୟତିତ ଯଦି ସେ ଅନ୍ୟକିଛି ନେଇପାରିବ, ସେ ନିଶ୍ଚୟ ଯାହା ପ୍ରତିଜ୍ଞା କରିଛି ତାହା କରିବ।"

### ଯାଜକମାନଙ୍କ ଆଶୀର୍ବାଦ

22ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 23"ତୁମ୍ଭେ ହାରୋଣ ଓ ତା'ର ପୁତ୍ରଗଣଙ୍କୁ କୁହ, ତୁମ୍ଭେମାନେ ଇସ୍ରାଏଲ ସନ୍ତାନଗଣଙ୍କୁ ଏହିପରି ଆଶୀର୍ବାଦ କରିବ; ତୁମ୍ଭେମାନେ ସେମାନଙ୍କୁ କହିବ,

24ସଦାପ୍ରଭୁ ତୁମ୍ଭକୁ ଆଶୀର୍ବାଦ କରନ୍ତୁ ଓ ତୁମ୍ଭକୁ ନିରାପଦରେ ରଖନ୍ତୁ।

25ସଦାପ୍ରଭୁ ତୁମ୍ଭ ଉପରେ କୃପାଦୃଷ୍ଟିରେ ଦେଖନ୍ତୁ ଓ ତୁମ୍ଭକୁ ଅନୁଗ୍ରହ କରନ୍ତୁ।

26ସଦାପ୍ରଭୁ ତୁମ୍ଭ ଉପରେ ଆପଣା ମୁଖ ଉଠାନ୍ତୁ ଓ ତୁମ୍ଭକୁ ଶାନ୍ତି ଦିଅନ୍ତୁ।" 27ତା'ପରେ ସଦାପ୍ରଭୁ କହିଲେ, "ଏହିରୂପେ ହାରୋଣ ଓ ତାଙ୍କର ସନ୍ତାନଗଣ ଇସ୍ରାଏଲୀୟମାନଙ୍କ ଉପରେ ଆମ୍ଭର ନାମ ରଖିବେ, ତହିଁରେ ଆମ୍ଭେ ସେମାନଙ୍କୁ ଆଶୀର୍ବାଦ କରିବା।"

### ଉତ୍ସର୍ଗୀକୃତ ପବିତ୍ର ତମ୍ବୁ

7 ଅନନ୍ତର ଯେଉଁ ଦିନ ମୋଶା ପବିତ୍ର ତମ୍ବୁର କାର୍ଯ୍ୟ ଶେଷ କଲେ, ସେ ତୈଳ ଦେଇ ଏହାକୁ ଅଭିଷିକ୍ତ କଲେ ଏବଂ ଯଜ୍ଞବେଦୀ ଏବଂ ତାହାର ସମସ୍ତ ପାତ୍ର ଏବଂ ଯଜ୍ଞବେଦୀ ଏବଂ ତାହାର ସମସ୍ତ ପାତ୍ର ପବିତ୍ର କଲେ।

2ସେହିଦିନ ଇସ୍ରାଏଲର ଅଧିପତିଗଣ ସଦାପ୍ରଭୁଙ୍କୁ ସେମାନଙ୍କ ପରିବାରବର୍ଗର ପ୍ରଧାନଗଣ ନୈବେଦ୍ୟ ଦାନ କଲେ; ଏମାନେ ବଂଶ ସମୂହର ଅଧିପତି ଥିଲେ। ପରିବାରବର୍ଗର ଯେଉଁମାନେ ଲୋକମାନଙ୍କର ଗଣନା କରିବାର ଦାୟିତ୍ୱରେ ଥିଲେ। 3ସେମାନେ ପବିତ୍ର ତମ୍ବୁ ନିମନ୍ତେ ଛଅ ଗୋଟି ଆଚ୍ଛାଦିତ ଶଗଡ଼ ଓ ବାରଟି ଗାଈ ଆଣିଲେ। ପ୍ରତ୍ୟେକ ନେତୃବର୍ଗ ଗୋଟିଏ ଗାଈ ଆଣିଲେ ଏବଂ ଦୁଇଜଣ ନେତୃବର୍ଗ ଏକାଠି ହେଲେ ଏବଂ ଗୋଟିଏ ଶଗଡ ଆଣିଲେ।

4ତହୁଁ ସଦାପ୍ରଭୁ ମୋଶାଙ୍କୁ କହିଲେ, 5"ସେମାନେ ଯାହା ଆଣିଛନ୍ତି ଗ୍ରହଣ କର, ସମାଗମ ତମ୍ବୁର ସେବା ନିମନ୍ତେ ଅଛନ୍ତି। ଏହା ଲେବୀୟମାନଙ୍କୁ ଦିଅ ସେମାନଙ୍କର କାର୍ଯ୍ୟ ଅନୁସାରେ।"

6ତେଣୁ ମୋଶା ସେହି ଶଗଡ଼ ଗୋରୁ ନେଇ ଲେବୀୟମାନଙ୍କୁ ଦେଲେ। 7ଗେର୍ଶୋନୀୟ ସନ୍ତାନଗଣକୁ ସେମାନଙ୍କ ସେବା ଅନୁସାରେ ସେ ଦୁଇ ଶଗଡ଼ ଓ ଚାରି ଗୋରୁ ଦେଲେ। 8ହାରୋଣ ଯାଜକର ପୁତ୍ର ସେମାନଙ୍କର କାର୍ଯ୍ୟ ଅନୁସାରେ, ମରାରି ସନ୍ତାନଗଣକୁ ସେମାନଙ୍କ ସେବା ଅନୁସାରେ ସେ ଚାରି ଶଗଡ଼ ଓ ଆଠଟି ଗାଈ ଦେଲେ। 9ମାତ୍ର ସେ କହାତ ସନ୍ତାନଗଣଙ୍କୁ କିଛି ଦେଲେ ନାହିଁ, କାରଣ ସେମାନଙ୍କର ପବିତ୍ର କାର୍ଯ୍ୟ ଥିଲା କାନ୍ଧରେ ଜିନିଷ ବହନ କରିବା।

10ଅଧିପତିଗଣ ମଧ୍ୟ ଦାନ କଲେ, ଯେତେବେଳେ ମୋଶା ଯଜ୍ଞବେଦୀ ଉତ୍ସର୍ଗ କଲେ ଅର୍ଥାତ୍ ସେହି ଅଧିପତିଗଣ ବେଦି ସମ୍ମୁଖରେ ଆପଣା ଆପଣା ଉପହାର ଉତ୍ସର୍ଗ କଲେ। 11ପୁଣି ସଦାପ୍ରଭୁ ମୋଶାଙ୍କୁ କହିଲେ, "ପ୍ରତ୍ୟେକ ଅଧିପତି ଆପଣା ଆପଣା ଦିନରେ ବେଦିର ପ୍ରତିଷ୍ଠା ନିମନ୍ତେ ଉପହାର ଉତ୍ସର୍ଗ କରିବେ।"

12-83ବାର ଅଧିପତିମାନଙ୍କ ମଧ୍ୟରୁ ପ୍ରତ୍ୟେକ ଅଧିପତି ନିଜ ନିଜ ଉପହାର ଦେଲେ। ଏହି ଉପହାରଗୁଡ଼ିକ ହେଲା: ପ୍ରତି ଅଧିପତି 130 ଶେକଲ ଓଜନ ବିଶିଷ୍ଟ ରୌପ୍ୟ ଏବଂ ସତୁରି ସେକଲ ଓଜନ ବିଶିଷ୍ଟ ଗିନା ଅଧିକାରୀମାନଙ୍କର ମାପ

ଅନୁସାରେ ଦେଲେ। ପ୍ରତ୍ୟେକ ପାତ୍ର ଏବଂ ପ୍ରତ୍ୟେକ ଗିନା
ତୈଳ ମିଶ୍ରିତ ସରୁ ମଇଦାରେ ପୂର୍ଣ୍ଣ ଥିଲା। ଏଗୁଡ଼ିକ ଭକ୍ଷ୍ୟ
ନୈବେଦ୍ୟ ଥିଲା। ପ୍ରତ୍ୟେକ ଅଧିପତି ଦଶ ଶେକଲ ଓଜନର
ସୁନା ଚାମଚ ଅଗୁରୁ ପୂର୍ଣ୍ଣ କରି ଆଣିଲା।
ପ୍ରତ୍ୟେକ ଅଧିପତି ପାପ ପାଇଁ ଗୋଟିଏ ଛାଗ ଉତ୍ସର୍ଗ
କଲେ ପାପ ପାଇଁ, ପ୍ରତ୍ୟେକ ଅଧିପତି ଶାନ୍ତିବଳିରୂପେ ଦୁଇଟି
ଗୋରୁ, ପାଞ୍ଚ ମେଷ, ପାଞ୍ଚ ଛାଗ ଓ ଏକବର୍ଷୀୟ ପାଞ୍ଚ
ମେଷବତ୍ସ ଉତ୍ସର୍ଗ କଲେ।
ପ୍ରଥମ ଦିନରେ ଯିହୁଦା ପରିବାରବର୍ଗର ଅଧିପତି ଅମ୍ମୀନାଦବର
ପୁତ୍ର ନହଶୋନ ତାଙ୍କର ଉପହାର ଉତ୍ସର୍ଗ କଲା।
ଦ୍ୱିତୀୟ ଦିନ ଇଷାଖାରର ଅଧିପତି ସୂୟାରର ପୁତ୍ର
ନଥନେଲ ଆପଣା ଉପହାର ଉତ୍ସର୍ଗ କଲା।
ତୃତୀୟ ଦିନ ସବୂଲୂନ ସନ୍ତାନଗଣର ଅଧିପତି ହେଲୋନର
ପୁତ୍ର ଇଲୀୟାବ ଆପଣା ଉପହାର ଆଣିଲା।
ଚତୁର୍ଥଦିନ ରୁବେନ ସନ୍ତାନଗଣର ଅଧିପତି ଶଦେୟୂରର
ପୁତ୍ର ଇଲୀଷୂର ଆପଣା ଉପହାର ଉତ୍ସର୍ଗ କଲା।
ପଞ୍ଚମଦିନ ଶିମିୟୋନ ସନ୍ତାନଗଣର ଅଧିପତି ସୂରୀଶଦ୍ଦୟର
ପୁତ୍ର ସଲୁମୀୟେଲ ତାହାର ଉପହାର ଦେଲେ।
ଷଷ୍ଠଦିନ ଗାଦ ସନ୍ତାନଗଣର ଅଧିପତି ଦୂୟେଲର ପୁତ୍ର
ଇଲୀୟାସଫ ନିଜ ଉପହାର ଉତ୍ସର୍ଗ କଲା।
ସପ୍ତମଦିନ ଇଫ୍ରୟିମ ଲୋକଗଣ ଅଧିପତି ଅମ୍ମୀହୁଦର
ପୁତ୍ର ଇଲୀଶାମା ଆପଣା ଉପହାର ଆଣିଲା।
ଅଷ୍ଟମଦିନରେ ଗମଲୀୟେଲ ପଦାହସୂରର ପୁତ୍ର, ତାହାର
ଉପହାର ଆଣିଲା।
ନବମଦିନ ବିନ୍ୟାମୀନ ସନ୍ତାନଗଣର ଅଧିପତି ଗିଦୟୋନର
ପୁତ୍ର ଅବୀଦାନ ଉପହାର ଆଣିଲା।
ଦଶମଦିନ ଦାନ ସନ୍ତାନଗଣର ଅଧିପତି ଅମ୍ମୀଶଦ୍ଦୟର
ପୁତ୍ର ଅହୀୟେଷର ଆପଣା ଉପହାର ଆଣିଲା।
ଏକାଦଶ ଦିନ ଆଶେର ସନ୍ତାନଗଣର ଅଧିପତି ଅକ୍ରଣର
ପୁତ୍ର ପଗୀୟେଲ ନିଜ ଉପହାର ଉତ୍ସର୍ଗ କଲା।
ଦ୍ୱାଦଶଦିନ ନପ୍ତାଲି ସନ୍ତାନଗଣର ଅଧିପତି ଐନନର ପୁତ୍ର
ଅହୀର ନିଜ ଉପହାର ଆଣିଲା।
84ତହୁଁ ଏହିସବୁ ଦ୍ରବ୍ୟ ବେଦିର ଅଭିଷେକ ଦିନ,
ଇଶ୍ରାୟେଲ ଅଧିପତିଗଣ ଦ୍ୱାରା ଦତ୍ତ ହୋଇଥିଲା। ଯଥା:
ବାରଟି ରୂପାର ଥାଳୀ ବାରଟି ରୂପାର ଗିନା ଓ ବାରଟି
ସ୍ୱର୍ଣ୍ଣ ଚାମଚ। 85ପ୍ରତ୍ୟେକ ରୂପା ପାତ୍ର 130 ଶେକଲ
ପ୍ରତ୍ୟେକ ରୂପାଗିନା ସତ୍ତୁରି ଶେକଲ ଏହି ସମସ୍ତ ପାତ୍ରର
ରୂପା ପବିତ୍ର ସ୍ଥାନର ଅଧିକୃତ ମାପ ଅନୁସାରେ ଷାଠିଏ
ପାଉଣ୍ଡ ଓଜନ ଥିଲା। 86ଉପଯୁକ୍ତ ମାପ ଅନୁସାରେ ପ୍ରତ୍ୟେକ
ସ୍ୱର୍ଣ୍ଣ ଚାମଚରେ ବାର ଧୂମ୍ରପୂର୍ଣ୍ଣ ସୁଗନ୍ଧି ଥିଲା, ଏ ସମସ୍ତ
ଚାମଚର ସ୍ୱର୍ଣ୍ଣ ଦଶ ଶେକଲ ଥିଲା।
87ହୋମବଳି ନିମନ୍ତେ ସମୁଦାୟ ବାରୋଟି ଗୋରୁ, ବାରୋଟି
ମେଷ ଓ ଏକବର୍ଷୀୟ ବାରୋଟି ମେଷବତ୍ସ, ଏବଂ ଏହିସବୁ
ବଳିଦାନ ସହିତ ଶସ୍ୟ ନୈବେଦ୍ୟ ମଧ୍ୟ ଯିବ। ପାପାର୍ଥକ
ବଳିଦାନ ନିମନ୍ତେ ବାରୋଟି ଛାଗ ଥିଲା। 88ପୁଣି ମଙ୍ଗଳାର୍ଥକ
ବଳିଦାନ ନିମନ୍ତେ ସମୁଦାୟ ଚବିଶ ଗୋରୁ, ଷାଠିଏ ମେଷ,
ଷାଠିଏ ଛାଗ ଓ ଏକବର୍ଷୀୟ ଷାଠିଏ ମେଷବତ୍ସ ଅଧିପତିମାନେ
ଉପହାର ଦେଲେ, ମୋଶା ଯଜ୍ଞବେଦୀକୁ ପ୍ରତିଷ୍ଠା କଲାପରେ
ଏହିସବୁ ଉପହାର ଦିଆଗଲା। 89ଏହାପରେ ମୋଶା ସଦାପ୍ରଭୁଙ୍କ
ସହିତ କଥା କହିବାକୁ ସମାଗମ ତମ୍ବୁରେ ପ୍ରବେଶ କଲାବେଳେ,
ନିୟମ ସିନ୍ଦୁକର ଉପରିସ୍ଥିତ ପାପାଚ୍ଛାଦନ*ର ଉପରୁ, କିରୁବଦ୍ୱୟ
ମଧ୍ୟରୁ ତାଙ୍କ ପ୍ରତି କଥା କହିବାର ଶୁଣିଲେ। ଏହିରୂପେ
ପରମେଶ୍ୱର ମୋଶାଙ୍କ ସହିତ କଥା ହେଲେ।

## ଦୀପରୁଖା

8 ଅନନ୍ତର ମୋଶାଙ୍କୁ ସଦାପ୍ରଭୁ କହିଲେ, 2"ହାରୋଣଙ୍କୁ
କୁହ, ମୁଁ ଦେଖାଇଥିବା ସ୍ଥାନରେ ସାତୋଟି ପ୍ରଦୀପ
ରଖିବେ। ଯାହାଫଳରେ ସାତୋଟି ପ୍ରଦୀପ ଦୀପ ବୃକ୍ଷର ସମ୍ମୁଖ
ଭାଗରେ ଆଲୁଅ ଦେବ।"
3ହାରୋଣ ସେହିପରି କଲେ, ଯେପରି ତାଙ୍କୁ ନିର୍ଦ୍ଦେଶ
ଦେଇଥିଲେ। ସେ ପ୍ରଦୀପଗୁଡ଼ିକୁ ସଜାଡ଼ିଲେ, ଯେଉଁଥିପାଇଁ
ସେଗୁଡ଼ିକ ଦୀପରୁଖାର ସମ୍ମୁଖ ସ୍ଥାନକୁ ଆଲୋକିତ କରିପାରିବେ।
4ସେହିସବୁ ଦୀପରୁଖା ଆଧାର ଓ ତା'ର ଉପରର ଫୁଲଗୁଡ଼ିକ
ପିଟା ସୁବର୍ଣ୍ଣରେ ନିର୍ମିତ ହୋଇଥିଲା। ସଦାପ୍ରଭୁ ମୋଶାଙ୍କୁ
ନିର୍ଦ୍ଦେଶ ମୁତାବକ ମୋଶା ଦୀପରୁଖା ନିର୍ମାଣ କଲେ।

## ଉତ୍ସର୍ଗୀକୃତ ଲେବୀୟଗଣ

5ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 6"ତୁମ୍ଭେ ଇଶ୍ରାୟେଲ
ଲୋକମାନଙ୍କ ମଧ୍ୟରୁ ଲେବୀୟମାନଙ୍କୁ ନେଇ ଶୁଚି କର।
7ସେମାନଙ୍କ ଶୁଚି କରିବାକୁ ଏହିରୂପେ କର। ସେମାନଙ୍କ
ଉପରେ ଶୁଦ୍ଧ ଜଳ ସିଞ୍ଚନ କର ଓ ସେମାନେ ନିଜ ନିଜ
ସମଗ୍ର ଶରୀର କ୍ଷୌର କରି ଏବଂ ବସ୍ତ୍ର ଧୋଇବେ। ଏହିପରି
ସେମାନେ ନିଜକୁ ନିଜେ ଶୁଚି କରନ୍ତୁ।
8"ତା'ପରେ ସେମାନେ ଏକ ଗୋବତ୍ସ ଓ ତା ସହିତ
ତୈଳ ମିଶ୍ରିତ ସରୁ ମଇଦାର ଭକ୍ଷ୍ୟ ନୈବେଦ୍ୟ ଆଣନ୍ତୁ, ପୁଣି
ଆଉ ଏକ ଗୋବତ୍ସ ପାପାର୍ଥକ ବଳି ନିମନ୍ତେ ଆଣନ୍ତୁ। 9ତହୁଁ
ତୁମ୍ଭେ ଲେବୀୟମାନଙ୍କୁ ସମାଗମ ତମ୍ବୁ ସମ୍ମୁଖରେ ଉପସ୍ଥିତ
କରାଇବ। ତା'ପରେ ସମସ୍ତ ଇଶ୍ରାୟେଲ ସନ୍ତାନଗଣ ମଣ୍ଡଳୀକୁ
ଏକତ୍ର କରିବ। 10ଆଉ ତୁମ୍ଭେ ଲେବୀୟମାନଙ୍କୁ ସଦାପ୍ରଭୁଙ୍କ
ସମ୍ମୁଖରେ ଉପସ୍ଥିତ କରାଇବା ଉଚିତ୍। ଇଶ୍ରାୟେଲର ଲୋକମାନେ
ଲେବୀୟମାନଙ୍କ ଉପରେ ସେମାନଙ୍କର ହସ୍ତ ରଖିବେ। 11ଆଉ
ହାରୋଣ ଇଶ୍ରାୟେଲ-ସନ୍ତାନଗଣ ପକ୍ଷରେ ଲେବୀୟମାନଙ୍କୁ
ସଦାପ୍ରଭୁଙ୍କ ସମ୍ମୁଖରେ ଦୋଳନୀୟ ଉପହାର ରୂପେ ଉତ୍ସର୍ଗ
କରିବ। ତହିଁରେ ସେମାନେ ସଦାପ୍ରଭୁଙ୍କର ସେବା କରିବେ।
12"ଲେବୀୟମାନଙ୍କୁ କୁହ ଏହି ଦୁଇ ଷଣ୍ଢର ମସ୍ତକରେ
ସେମାନଙ୍କର ହସ୍ତ ରଖିବେ। ତହୁଁ ତୁମ୍ଭେ ଲେବୀୟମାନଙ୍କ
ନିମନ୍ତେ ପ୍ରାୟଶ୍ଚିତ୍ତ* କରିବା ପାଇଁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଗୋଟିକୁ ପାପାର୍ଥକ ବଳିରୂପେ ଓ ଅନ୍ୟଟିକୁ ହୋମାର୍ଥକ
ବଳିରୂପେ ଉତ୍ସର୍ଗ କରିବା ଉଚିତ୍। 13ପୁଣି ତୁମ୍ଭେ ହାରୋଣ
ଓ ତାହାର ପୁତ୍ରଗଣ ସମ୍ମୁଖରେ ଲେବୀୟମାନଙ୍କୁ ଉପସ୍ଥିତ

---

**ପାପାଚ୍ଛାଦନ** ଏହାକୁ ମଧ୍ୟ "କରୁଣା ଆସନ" କୁହାଯାଏ। ହିବ୍ରୁ ଶବ୍ଦ ଅର୍ଥ "ଲିଦ୍" "ଆଚ୍ଛାଦକ" କିମ୍ବା "ପ୍ରାୟଶ୍ଚିତ୍ତ ସ୍ଥାନ।"

**ଲେବୀୟମାନଙ୍କ … ପ୍ରାୟଶ୍ଚିତ୍ତ** ହିବ୍ରୁ ଅର୍ଥ "ଆଚ୍ଛାଦନ କରିବା।"

କରାଇ ଦୋଳନୀୟ ନୈବେଦ୍ୟରୂପେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଉତ୍ସର୍ଗ କରିବ। 14ଏହିରୂପେ ତୁମ୍ଭେ ଲେବୀୟମାନଙ୍କୁ ଇସ୍ରାୟେଲ
ସନ୍ତାନମାନଙ୍କଠାରୁ ପୃଥକ୍ କରିବ। ସେମାନେ ମୋର ହେବେ।

15"ପୁଣି ତୁମ୍ଭେ ସେମାନଙ୍କୁ ଶୁଚି କରି ଦୋଳନୀୟ
ନୈବେଦ୍ୟ ରୂପେ ଉତ୍ସର୍ଗ କରିବ, ତା'ପରେ ସେମାନେ
ସେବାକରିବା ନିମନ୍ତେ ସମାଗମ ତମ୍ବୁରେ ପ୍ରବେଶ କରିବେ।
16କାରଣ ସେମାନେ ଇସ୍ରାୟେଲ ଲୋକମାନଙ୍କ ମଧ୍ୟରୁ ଆମ୍ଭ
ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣରୂପେ ଦତ୍ତ ଲୋକ, ଆମ୍ଭେ ଇସ୍ରାୟେଲ
ସନ୍ତାନଗଣ ମଧ୍ୟରୁ ସମସ୍ତ ପ୍ରଥମଜାତ ସନ୍ତାନ ବଦଳରେ
ସେମାନଙ୍କୁ ଆପଣା ନିମନ୍ତେ ଗ୍ରହଣ କଲୁ। 17ସେହିଦିନ ମୁଁ
ମିଶରର ସମସ୍ତ ପ୍ରଥମଜାତ ସନ୍ତାନମାନଙ୍କୁ ହତ୍ୟା କଲି, ମୁଁ
ଇସ୍ରାୟେଲର ପ୍ରଥମଜାତ ସନ୍ତାନଙ୍କୁ ମୋ ନିମନ୍ତେ ପବିତ୍ର
କଲି। ଏଣୁ ସମସ୍ତ ଇସ୍ରାୟେଲର ପ୍ରଥମଜାତ ଉଭୟ ମନୁଷ୍ୟ
ଓ ପଶୁଗୁଡିକ ମୋର ହେବେ। 18ପୁଣି ଇସ୍ରାୟେଲ ଲୋକମାନେ
ସମସ୍ତ ପ୍ରଥମଜାତ ବଦଳରେ ଆମ୍ଭେ ଲେବୀୟମାନଙ୍କୁ ଗ୍ରହଣ
କଲୁ। 19ମୁଁ ଇସ୍ରାୟେଲର ଲୋକମାନଙ୍କ ମଧ୍ୟରେ ଲେବୀୟମାନଙ୍କୁ
ଦାନରୂପେ ହାରୋଣ ଓ ତା'ର ପୁତ୍ରଗଣଙ୍କୁ ଦେଲୁ। ସେମାନେ
ସମାଗମ ତମ୍ବୁ ନିକଟରେ ଇସ୍ରାୟେଲୀୟ ଲୋକ ବଦଳରେ
ସେବା ଓ ସେମାନଙ୍କ ପାଇଁ ପ୍ରାୟଶ୍ଚିତ୍ତ କରିବେ। ଏହି
ପ୍ରକାରେ ଇସ୍ରାୟେଲର ଲୋକମାନେ ପବିତ୍ରସ୍ଥାନ ନିକଟକୁ
ଆସିଲାବେଳେ କୌଣସି ମହାମାରୀ ଆସିବ ନାହିଁ।"

20ତେଣୁ ମୋଶା, ହାରୋଣ ଓ ସମସ୍ତ ଇସ୍ରାୟେଲର
ଲୋକ ସଦାପ୍ରଭୁଙ୍କ ଆଜ୍ଞା ପାଳନ କଲେ। ମୋଶାଙ୍କ ପ୍ରତି
ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ ଇସ୍ରାୟେଲର ଲୋକମାନେ
ଲେବୀୟମାନଙ୍କ ପ୍ରତି କଲେ। 21ପୁଣି ଲେବୀୟମାନେ ନିଜକୁ
ଶୌଚ କଲେ ଓ ନିଜ ନିଜ ବସ୍ତ୍ର ଧୌତ କଲେ। ତହୁଁ
ହାରୋଣ ସେମାନଙ୍କୁ ସଦାପ୍ରଭୁଙ୍କ ସମ୍ମୁଖରେ ଦୋଳନୀୟ
ନୈବେଦ୍ୟରୂପେ ଉତ୍ସର୍ଗ କଲେ ଓ ହାରୋଣ ସେମାନଙ୍କୁ ଶୁଚି
କରିବା ପାଇଁ ପ୍ରାୟଶ୍ଚିତ୍ତ କଲେ। 22ତା'ପରେ ଲେବୀୟମାନେ
ହାରୋଣ ଓ ତାଙ୍କର ପୁତ୍ରଗଣଙ୍କ ସମ୍ମୁଖରେ ଆପଣା ଆପଣା
ସେବାକାର୍ଯ୍ୟ ନିମନ୍ତେ ସମାଗମ ତମ୍ବୁରେ ପ୍ରବେଶ କଲେ।
ସଦାପ୍ରଭୁ ଲେବୀୟମାନଙ୍କ ବିଷୟରେ ମୋଶାଙ୍କୁ ଯେପରି
ଆଜ୍ଞା ଦେଇଥିଲେ ତଦନୁସାରେ ସେମାନଙ୍କ ପ୍ରତି କଲେ।

23ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 24"ଏହା
ହେଉଛି ଲେବୀୟମାନଙ୍କ ବ୍ୟବସ୍ଥା ପାତ୍ର। ପଚିଶ ବର୍ଷରୁ
ଅଧିକ ଲେବୀୟମାନେ ସମାଗମ ତମ୍ବୁରେ ସେବାକାର୍ଯ୍ୟ କରିବା
ନିମନ୍ତେ ମନୋନୀତ ହେବେ। 25ପୁଣି ସେମାନେ ପଚାଶବର୍ଷ
ବୟସ୍କ ହେଲେ ସେବା କର୍ମରୁ ଅବସର ନେଇ ଆଉ
ସେବାକରିବେ ନାହିଁ। 26ତଥାପି ସେମାନେ ପଚାଶବର୍ଷ ବୟସରେ
ମଧ୍ୟ ସମାଗମ ତମ୍ବୁରେ ଆପଣା ଭ୍ରାତାମାନଙ୍କୁ ସେବାକାର୍ଯ୍ୟରେ
ସାହାଯ୍ୟ କରିବେ। କିନ୍ତୁ ସେମାନେ ନିଜ ମତାମତ ଅନୁସାରେ
କାର୍ଯ୍ୟ କରିବା ଉଚିତ୍ ନୁହେଁ। ଏହିରୂପେ ତୁମ୍ଭେ ଲେବୀୟମାନଙ୍କ
ରକ୍ଷଣୀୟ ବିଷୟରେ ସେମାନଙ୍କ ପ୍ରତି ଉଚିତ୍ କରିବ।"

## ନିସ୍ତାର ପର୍ବ

9 ଅନନ୍ତର ଲୋକମାନେ ମିଶର ଦେଶରୁ ବାହାରି ଆସିବାର
ଦ୍ୱିତୀୟ ବର୍ଷର ପ୍ରଥମ ମାସରେ ସୀନୟ ମରୁଭୂମିରେ
ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ଇସ୍ରାୟେଲ ଲୋକମାନଙ୍କୁ
କୁହ, ସେମାନେ ନିରୂପିତ ସମୟରେ ନିସ୍ତାର ପର୍ବ* ପାଳନ
କରନ୍ତୁ। 3ଏହିମାସ ଚତୁର୍ଦ୍ଦଶ ଦିନର ଗୋଧୂଳି ସମୟରେ
ନିରୂପିତ ସମୟରେ ତୁମ୍ଭେମାନେ ତାହା ପାଳନ କରିବ।
ତହିଁର ସମସ୍ତ ବିଧି ଓ ଶାସନ ଅନୁସାରେ ତାହା ପାଳନ
କରିବ।"

4ତହୁଁ ମୋଶା ଇସ୍ରାୟେଲ ଲୋକମାନଙ୍କୁ ନିସ୍ତାର ପର୍ବ
ପାଳନ କରିବା ପାଇଁ କହିଲେ। 5ତହିଁରେ ସେମାନେ ପ୍ରଥମ
ମାସ ଚତୁର୍ଦ୍ଦଶ ଦିନର ଗୋଧୂଳି ସମୟରେ ସୀନୟ ମରୁଭୂମିରେ
ନିସ୍ତାର ପର୍ବ ପାଳନ କଲେ, ସଦାପ୍ରଭୁ ମୋଶାଙ୍କୁ ଯେପରି
ଆଜ୍ଞା ଦେଇଥିଲେ ତଦନୁସାରେ ଇସ୍ରାୟେଲର ଲୋକମାନେ
ସବୁ କାର୍ଯ୍ୟ କଲେ।

6ମାତ୍ର କେତେକ ଲୋକ ମନୁଷ୍ୟର ଶବ ସ୍ପର୍ଶ କରି
ଅଶୁଚି ହେବାରୁ ସେହିଦିନ ସେମାନେ ନିସ୍ତାର ପର୍ବ ପାଳନ
କରି ପାରିଲେ ନାହିଁ। ଏଥିପାଇଁ ସେମାନେ ସେହିଦିନ ମୋଶା
ଓ ହାରୋଣଙ୍କ ନିକଟକୁ ଆସିଲେ। 7ଏହି ଲୋକମାନେ
ମୋଶାଙ୍କୁ କହିଲେ, "ଶବ ସ୍ପର୍ଶ କରି ଆମ୍ଭେମାନେ ଅଶୁଚି
ହୋଇଅଛୁ। ତେଣୁ ସମସ୍ତ ଇସ୍ରାୟେଲୀୟମାନଙ୍କ ସହିତ ସଦାପ୍ରଭୁଙ୍କୁ
ନିର୍ଦ୍ଧାରିତ ସମୟରେ ଉପହାର କରିବା ପାଇଁ କାହିଁକି ଆମ୍ଭମାନଙ୍କୁ
ଅନୁମତି ଦିଆ ନଯିବ?"

8ତେବେ ମୋଶା ସେମାନଙ୍କୁ କହିଲେ, "ତୁମ୍ଭେମାନେ
ରୁହ, ତୁମ୍ଭମାନଙ୍କ ବିଷୟରେ ସଦାପ୍ରଭୁ କି ଆଜ୍ଞା ଦେବେ, ମୁଁ
ପଚାରେ।"

9ଅନନ୍ତର ମୋଶାଙ୍କୁ ସଦାପ୍ରଭୁ କହିଲେ, 10"ଇସ୍ରାୟେଲର
ଲୋକମାନଙ୍କୁ କୁହ, ତୁମ୍ଭମାନଙ୍କ ମଧ୍ୟରେ କିମ୍ବା ତୁମ୍ଭମାନଙ୍କ
ଭବିଷ୍ୟତ ସନ୍ତାନଗଣ ମଧ୍ୟରେ ଯେବେ କେହି ଶବ ଦ୍ୱାରା
ଅଶୁଚି ହୁଏ, କିମ୍ବା କେହି ଜଣେ ଯଦି ଦୂର ସ୍ଥାନରେ ପଥିକ
ହୁଏ, ତଥାପି ସେମାନେ ନିସ୍ତାର ପର୍ବ ପାଳନ କରିପାରିବେ।
11ଦ୍ୱିତୀୟ ମାସର ଚତୁର୍ଦ୍ଦଶ ଦିନ ଗୋଧୂଳି ସମୟରେ
ସେମାନେ ତାହା ପାଳନ କରିବେ; ସେମାନେ ତାଡ଼ିଶୂନ୍ୟ
ରୋଟୀ ଓ ପିତା ଶାଗ ସହିତ ତାହା ଭୋଜନ କରିବେ।
12ସେମାନେ ପ୍ରଭାତ ପର୍ଯ୍ୟନ୍ତ ତହିଁରୁ କିଛି ରଖିବେ ନାହିଁ।
ସେମାନେ ମେଷ ବତ୍ସର କୌଣସି ହାଡ଼ ଭାଙ୍ଗିବେ ନାହିଁ,
ଆଉ ସେମାନେ ନିସ୍ତାର ପର୍ବର ସମସ୍ତ ବିଧି ଅନୁସାରେ
ପାଳନ କରିବେ। 13ମାତ୍ର ଯେ କେହି ଶୁଚି ଥାଇ ଓ ପଥିକ
ନହୋଇ ନିସ୍ତାର ପର୍ବ ପାଳନ କରେ ନାହିଁ, ତାକୁ ତା'ର
ଆପଣା ଲୋକମାନଙ୍କ ମଧ୍ୟରୁ ବହିଷ୍କାର କରାଯିବ, ସେ
ନିରୂପିତ ସମୟରେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉପହାର
ଉତ୍ସର୍ଗ କଲା ନାହିଁ, ଏଥି ପାଇଁ ସେହି ମନୁଷ୍ୟ ଆପଣା ପାପ
ବହିବ।

14"ଆଉ ଯେବେ ତୁମ୍ଭମାନଙ୍କ ମଧ୍ୟରେ ପ୍ରବାସକାରୀ
କୌଣସି ବିଦେଶୀୟ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିସ୍ତାର ପର୍ବ
ପାଳନ କରିବାକୁ ଇଚ୍ଛା କରେ, ତେବେ ସେ ନିସ୍ତାର ପର୍ବର

**ନିସ୍ତାର ପର୍ବ** ଏହା ଯିହୁଦୀମାନଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ପର୍ବ। ସେମାନେ ବସନ୍ତ ଋତୁରେ ଏହି ନିର୍ଦ୍ଦିଷ୍ଟ ଦିନରେ, ପରମେଶ୍ୱର ସେମାନଙ୍କୁ ମିଶରରୁ ମୁକ୍ତ କରିଛନ୍ତି ବୋଲି ମନେ ରଖିବାକୁ ବିଶେଷ ଭୋଜନମାନ ଖାଆନ୍ତି।

ବିଧି ଅନୁସାରେ ଓ ତହିଁର ଶାସନ ଅନୁସାରେ ତାହା ପାଳନ
କରିବ; ସ୍ୱଦେଶୀ ହେଉ କି ବିଦେଶୀ ହେଉ, ଉଭୟଙ୍କ ପାଇଁ
ବିଧି ସମାନ ହେବ।"

## ମେଘ ଓ ଅଗ୍ନି

15ଯେଉଁଦିନ ପବିତ୍ର ତମ୍ବୁ ସ୍ଥାପିତ ହେଲା, ସେହିଦିନ
ମେଘ ନିୟମ ତମ୍ବୁ ଆଚ୍ଛାଦନ କଲା। ପୁଣି ତାହା ସନ୍ଧ୍ୟା
ସମୟରୁ ପ୍ରଭାତ ପର୍ଯ୍ୟନ୍ତ ପବିତ୍ର ତମ୍ବୁ ଉପରେ ଅଗ୍ନିତୁଲ୍ୟ
ଦେଖାଗଲା। 16ଏହା ସବୁ ସମୟରେ ଘଟେ। ମେଘ ପବିତ୍ର
ତମ୍ବୁକୁ ଆଚ୍ଛାଦନ କଲା ଏବଂ ରାତିରେ ଏହା ଅଗ୍ନିତୁଲ୍ୟ
ଦେଖାଗଲା। 17ପୁଣି ଯେତେବେଳେ ସେହି ମେଘ ପବିତ୍ର
ତମ୍ବୁ ଉପରୁ ଗତି କଲା, ସେତେବେଳେ ଇଶ୍ରାୟେଲର
ଲୋକମାନେ ଯାତ୍ରା କଲେ, ପୁଣି ସେହି ମେଘ ଯେଉଁଠାରେ
ରହିଲା, ଇଶ୍ରାୟେଲର ଲୋକମାନେ ସେହିଠାରେ ଛାଉଣୀ
ସ୍ଥାପନ କଲେ। 18ସଦାପ୍ରଭୁଙ୍କ ଆଜ୍ଞାନୁସାରେ ଇଶ୍ରାୟେଲ
ଲୋକମାନେ ମେଘର ଗତିକୁ ଲକ୍ଷ୍ୟ କରି ଯାତ୍ରା କଲେ ଓ
ଛାଉଣୀ ସ୍ଥାପନ କଲେ, ଯେ ପର୍ଯ୍ୟନ୍ତ ସେହି ମେଘ ପବିତ୍ର
ତମ୍ବୁ ଉପରେ ରହିଲା, ସେ ପର୍ଯ୍ୟନ୍ତ ସେମାନେ ଛାଉଣୀ
ସ୍ଥାପନ କରି ରହିଲେ। 19ପୁଣି ଯେତେବେଳେ ସେହି ମେଘ
ପବିତ୍ର ତମ୍ବୁ ଉପରେ ଦୀର୍ଘ ସମୟ ଧରି ରହିଲା, ସେତେବେଳେ
ଇଶ୍ରାୟେଲ ଲୋକମାନେ ସଦାପ୍ରଭୁଙ୍କ ଆଜ୍ଞା ମାନି ଆଉ ଯାତ୍ରା
କଲେ ନାହିଁ। 20କେବେ କେବେ ସେହି ମେଘ ପବିତ୍ର ତମ୍ବୁ
ଉପରେ ଅଳ୍ପ ସମୟ ରହିଲା, ସେ ସମୟରେ ସେମାନେ
ଛାଉଣୀ କରି ରହିଲେ ଓ ମେଘର ଗତି ଅନୁସାରେ ଗତି
କଲେ। 21ବେଳେ ବେଳେ ପବିତ୍ର ତମ୍ବୁ ଉପରେ ମେଘ
ସନ୍ଧ୍ୟାଠାରୁ ପ୍ରଭାତ ପର୍ଯ୍ୟନ୍ତ ରହିଲା ଓ ପ୍ରଭାତରେ ମେଘ
ଗତିକଲା। ତେଣୁ ଇଶ୍ରାୟେଲ ଲୋକମାନେ ମଧ୍ୟ ଗତି
କଲେ। ସେହି ଦିନରେ କିମ୍ବା ରାତ୍ରରେ ମେଘ ଗତି କରୁଥିଲା,
ଇଶ୍ରାୟେଲର ଲୋକମାନେ ଯାତ୍ରା ଆରମ୍ଭ କଲେ। 22ଯଦି
ସେହି ମେଘ ପବିତ୍ର ତମ୍ବୁ ଉପରେ ଦୁଇଦିନ, ଏକ ମାସ
କିମ୍ବା ବହୁ ସମୟ ଧରି ରହିଲା ଲୋକମାନେ ଯାତ୍ରା ବନ୍ଦ
କରି ଛାଉଣୀରେ ରହିଲେ, ପୁଣି ମେଘ ଯେତେବେଳେ ଗତି
କରୁଥିଲା, ସେମାନେ ଯାତ୍ରା କଲେ। 23ସେମାନେ ସଦାପ୍ରଭୁଙ୍କ
ଆଜ୍ଞାରେ ଛାଉଣୀ ସ୍ଥାପନ କଲେ ଓ ସଦାପ୍ରଭୁଙ୍କ ଆଜ୍ଞାରେ
ଯାତ୍ରା କଲେ। ସେମାନେ ମୋଶାଙ୍କ ଦ୍ୱାରା ସଦାପ୍ରଭୁଙ୍କ
ଆଜ୍ଞାନୁସାରେ ସଦାପ୍ରଭୁଙ୍କୁ ଅନୁସରଣ କଲେ।

## ରୂପାର ତୂରୀସମୂହ

10 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ରୂପାର
ଦୁଇଟି ତୂରୀ ନିର୍ମାଣ କର ଓ ତାହା ପିଟା ରୂପାରେ
ନିର୍ମିତ ହେବ। ତୁମ୍ଭେ ଲୋକମାନଙ୍କୁ ଏକତ୍ରିତ କରିବା ପାଇଁ
ଓ ସେଗୁଡ଼ିକୁ ଯାତ୍ରାରମ୍ଭରେ ବ୍ୟବହାର କରିବ। 3ସେମାନେ
ଯେତେବେଳେ ଦୁଇଟି ତୂରୀ ବଜାଇବେ ସମସ୍ତ ଲୋକମାନେ
ସମାଗମ ତମ୍ବୁରେ ତୁମ୍ଭ ନିକଟରେ ଏକତ୍ରିତ ହେବା ଉଚିତ୍।
4ଯଦି ସେମାନେ ଏକ ତୂରୀ ବଜାଇବେ ତେବେ ପରିବାରବର୍ଗର
ଅଧିପତିମାନେ ତୁମ୍ଭ ନିକଟରେ ଏକତ୍ରିତ ହେବା ଉଚିତ୍।
5"ଯଦି ତୁମ୍ଭେମାନେ ତୂରୀକୁ ଅଧା ବଜାଅ, ପୂର୍ବ ଦିଗସ୍ଥିତ
ଛାଉଣୀର ଲୋକମାନେ ଯାତ୍ରା କରିବା ଉଚିତ୍। 6ପୁଣି
ତୁମ୍ଭେମାନେ ଦ୍ୱିତୀୟଥର ତୂରୀ ଅଧା ବଜାଇଲେ ଦକ୍ଷିଣ
ଦିଗସ୍ଥିତ ଛାଉଣୀର ଲୋକମାନେ ଯାତ୍ରା କରିବେ। ଏହି
କ୍ରମରେ ସେମାନେ ଲୋକମାନଙ୍କର ଯାତ୍ରା ନିମନ୍ତେ ରଣତୂରୀ
ବଜାଇବେ। 7ଲୋକମାନଙ୍କୁ ଏକତ୍ରିତ କରିବା ସମୟରେ
ତୁମ୍ଭେମାନେ ଲଗାତାର ଅଧା ସ୍ୱର ନୁହଁ, ଦୀର୍ଘସ୍ୱର କରି
ତୂରୀ ବଜାଇବ। 8କେବଳ ହାରୋଣର ପୁତ୍ର ଯାଜକମାନେ
ଏହି ଦୁଇ ତୂରୀ ବଜାଇବେ। ଆଉ ଏହି ବିଧି ତୁମ୍ଭମାନଙ୍କ
ପ୍ରତି ପୁରୁଷାନୁକ୍ରମେ ଅନନ୍ତକାଳୀନ ହେବ।

9"ଆଉ ଯେଉଁ ସମୟରେ ତୁମ୍ଭେମାନେ ଆପଣା ଦେଶରେ
ଶତ୍ରୁମାନଙ୍କ ବିପକ୍ଷରେ ଯୁଦ୍ଧ କରିବାକୁ ଯାଉଛ, ତୁମ୍ଭେମାନେ
ତୂରୀରେ ରଣବାଦ୍ୟ ବଜାଇବା ଉଚିତ୍। ତହିଁରେ ସଦାପ୍ରଭୁ
ତୁମ୍ଭମାନଙ୍କ ପରମେଶ୍ୱର ତୁମ୍ଭଙ୍କୁ ମନେ କରିବେ ଓ ତୁମ୍ଭମାନଙ୍କୁ
ଆପଣା ଶତ୍ରୁଗଣଠାରୁ ରକ୍ଷା କରିବେ। 10ଆଉ ମଧ୍ୟ ତୁମ୍ଭମାନଙ୍କ
ଆନନ୍ଦ ଦିନରେ ଓ ତୁମ୍ଭମାନଙ୍କ ନିରୂପିତ ପର୍ବରେ ଓ
ତୁମ୍ଭମାନଙ୍କ ମାସର ଆରମ୍ଭରେ ତୁମ୍ଭେମାନେ ଆପଣାମାନଙ୍କ
ହୋମବଳି ଓ ମଙ୍ଗଳାର୍ଥକ ବଳି ଉପରେ ଏହି ତୂରୀ
ବଜାଇବ। ତାହା ପରମେଶ୍ୱରଙ୍କ ସମ୍ମୁଖରେ ସ୍ମରଣାର୍ଥେ କରାଯିବ।
ମୁଁ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଅଟେ।"

## ଇଶ୍ରାୟେଲ ଲୋକମାନଙ୍କର ସେମାନଙ୍କର ଛାଉଣୀକୁ ଯାତ୍ରା

11ଆଉ ଦ୍ୱିତୀୟ ବର୍ଷର ଦ୍ୱିତୀୟ ମାସର ବିଂଶତମ
ଦିନରେ ସେହି ମେଘ ସାକ୍ଷ୍ୟରୂପ ପବିତ୍ର ତମ୍ବୁ ଉପରୁ
ନିଆଗଲା। 12ତହୁଁ ଇଶ୍ରାୟେଲର ଲୋକମାନେ ସୀନୟ ମରୁଭୂମିରୁ
ଯାତ୍ରା ଆରମ୍ଭ କଲେ, ପୁଣି ସେହି ମେଘ ପାରଣ ମରୁଭୂମିରେ
ଅବସ୍ଥାନ କଲା। 13ଆଉ ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କ ଆଜ୍ଞାନୁସାରେ
ସେମାନେ ପ୍ରଥମ ଥର ଯାତ୍ରା କଲେ। 14ପ୍ରଥମେ ଯିହୁଦା
ଗୋଷ୍ଠୀର ଧ୍ୱଜା ଆଗେ ଆଗେ ଗତିକଲା; ଆଉ ଅମ୍ମୀନାଦବର
ପୁତ୍ର ନହଶୋନ ସେମାନଙ୍କର ଅଧିନାୟକ ଥିଲେ। 15ଆଉ
ସୂୟାରର ପୁତ୍ର ନଥନେଲ ଇଷାଖର ଗୋଷ୍ଠୀର ସେନାଧିକ୍ଷ
ଥିଲେ। 16ତା'ପରେ ସବୂଲୂନ ସନ୍ତାନଗଣର ବଂଶ ଯାତ୍ରାକଲେ
ଓ ହେଲୋନ୍‌ର ପୁତ୍ର ଇଲୀୟାବ୍ ତାଙ୍କର ଅଧ୍ୟକ୍ଷ ଥିଲେ।

17ପବିତ୍ର ତମ୍ବୁ ତଳକୁ ନିଆଗଲା। ଗେର୍ଶୋନର ସନ୍ତାନଗଣ
ଓ ମରାରିର ସନ୍ତାନଗଣ ବହନ କରି ଅଗ୍ରସର ହେଲେ।

18ତା'ପରେ ରୁବେନ ଗୋଷ୍ଠୀର ବିଭାଗର ଧ୍ୱଜା ଚାଲିଲା।
ପୁଣି ଶଦେୟୂରର ପୁତ୍ର ଇଲୀଷୂର ସେମାନଙ୍କର ଅଧିନାୟକ
ଥିଲେ। 19ତା'ପରେ ଆସିଲେ ଶିମିୟୋନ ସନ୍ତାନଗଣର ବଂଶ
ଓ ସୂରୀ ଶଦ୍ଦୟର ପୁତ୍ର ଶଲୁମୀୟେଲ ସେମାନଙ୍କର ଅଧିନାୟକ
ଥିଲେ। 20ତା'ପରେ ଗାଦର ଗୋଷ୍ଠୀ ଆସିଲେ ଓ ଦୂୟେଲର
ପୁତ୍ର ଇଲୀୟାସଫ୍ ସେମାନଙ୍କର ଅଧିନାୟକ ଥିଲେ। 21ତା'ପରେ
କହାତୀୟଙ୍କ ପରିବାର ପବିତ୍ରସ୍ଥାନର ଭାର ବହନକରି ସେହି
ପବିତ୍ର ତମ୍ବୁ ସ୍ଥାପନ କରିଥିଲେ। କହାତୀୟ ପହଞ୍ଚିବା ପୂର୍ବରୁ
ଅନ୍ୟମାନେ ପବିତ୍ର ତମ୍ବୁ ସ୍ଥାପନ କରିଥିଲେ।

22ଏଥିଉତ୍ତାରେ ଇଫ୍ରୟିମ ଗୋଷ୍ଠୀର ବିଭାଗର ଧ୍ୱଜା
ଚାଲିଲା। ଅମ୍ମୀହୂଦର ପୁତ୍ର ଇଲୀଶାମା ସେମାନଙ୍କ ସୈନ୍ୟର
ଅଧିନାୟକ ଥିଲେ। 23ତା'ପରେ ଆସିଲେ ମନଃଶି ଲୋକମାନଙ୍କର
ବଂଶ ଓ ସେମାନଙ୍କର ଅଧିନାୟକ ଥିଲେ ପଦାହସୂରର ପୁତ୍ର

ଗମଲୀୟେଲ। 24ତତ୍ପରେ ବିନ୍ୟାମୀନ ଗୋଷ୍ଠୀ ଆସିଲେ ଓ
ଗିଦୟୋନିର ପୁତ୍ର ଅବୀଦାନ ସେମାନଙ୍କର ଅଧିନାୟକ ଥିଲେ।
25ଦାନ ଗୋଷ୍ଠୀର ବିଭାଗର ଧ୍ୱଜା ପରେ ଚାଳିତ ହେଲା।
ସେମାନେ ପଶ୍ଚାତ୍‌ଭାଗର ପ୍ରହରୀ ଥିଲେ। ଆଉ ଅମ୍ମୀଶଦ୍ଦୟର
ପୁତ୍ର ଅହୀୟେଷର ସେମାନଙ୍କର ଅଧିନାୟକ ଥିଲେ। 26ତା'ପରେ
ଆସିଲେ ଆଶେର ଲୋକମାନଙ୍କର ବଂଶ ଓ ଅକ୍ରଣର ପୁତ୍ର
ପଗୀୟେଲ ତାଙ୍କର ସେନାଧକ୍ଷ ଥିଲେ। 27ତଦୁପରି ଅଗ୍ରସର
ହେଲେ ନପ୍ତାଲି ଲୋକମାନଙ୍କର ବଂଶ ଓ ଐନନର ପୁତ୍ର
ଅହୀର ସେମାନଙ୍କର ଅଗ୍ରଭାଗରେ ଥିଲେ। 28ଏହି କ୍ରମରେ
ଇଶ୍ରାୟେଲ ଲୋକମାନଙ୍କର ଯାତ୍ରା ସେମାନଙ୍କର ବର୍ଗ ଅନୁସାରେ
ହେଲା ଓ ସେମାନେ ଅଗ୍ରସର ହେଲେ।

29ତା'ପରେ ମୋଶା ଆପଣା ଶ୍ୱଶୁର ମିଦୟନୀୟ ରୁୟେଲର
ପୁତ୍ର ହୋବବକୁ କହିଲେ, "ଆମ୍ଭେମାନେ ସେହି ସ୍ଥାନକୁ
ଯାଉଅଛୁ, ଯାହା ସଦାପ୍ରଭୁ କହିଥିଲେ, ସେ ଆମ୍ଭମାନଙ୍କୁ
ଦେବେ, ଆମ୍ଭମାନଙ୍କ ସଙ୍ଗରେ ଆସ। ଆମ୍ଭେମାନେ ତୁମ୍ଭର
ମଙ୍ଗଳ କରିବା। କାରଣ ସଦାପ୍ରଭୁ ଇଶ୍ରାୟେଲ ବିଷୟରେ
ମଙ୍ଗଳ ପ୍ରତିଜ୍ଞା କରିଛନ୍ତି।"

30କିନ୍ତୁ ହୋବବ କହିଲା, "ମୁଁ ତୁମ୍ଭମାନଙ୍କ ସହିତ ଯିବି
ନାହିଁ। ମୁଁ ମୋର ନିଜ ଦେଶକୁ ଓ ଆପଣା ଲୋକମାନଙ୍କ
ନିକଟକୁ ଫେରିଯିବି।"

31ତା'ପରେ ମୋଶା କହିଲେ, "ବିନୟ କରୁଅଛି, ତୁମ୍ଭେ
ଆମ୍ଭମାନଙ୍କୁ ଛାଡ଼ ନାହିଁ, ମରୁଭୂମି ମଧ୍ୟରେ ଆମ୍ଭର ଛାଉଣୀ
ସ୍ଥାପନ କରିବାକୁ କେଉଁ ସ୍ଥାନ ସର୍ବୋତ୍ତମ, ତାହା ତୁମ୍ଭେ
ସର୍ବୋତ୍ତମ ଜାଣ। ତେଣୁ ତୁମ୍ଭେ ଆମ୍ଭର ପଥ ପ୍ରଦର୍ଶକ
ହେବ। 32ଯଦି ତୁମ୍ଭେ ଆମ୍ଭମାନଙ୍କ ସହିତ ଯିବ, ସଦାପ୍ରଭୁ
ଆମ୍ଭମାନଙ୍କ ପ୍ରତି ଯେ କୌଣସି ଉତ୍ତମ ଜିନିଷ ଦେବେ,
ତାହା ଆମ୍ଭେମାନେ ତୁମ୍ଭ ସହିତ ବାଣ୍ଟି କରିବୁ।"

33ସେମାନେ ସଦାପ୍ରଭୁଙ୍କ ପର୍ବତରୁ ତିନିଦିନର ପଥ
ଅତିକ୍ରମ କଲେ, ପୁଣି ସଦାପ୍ରଭୁଙ୍କ ନିୟମ ସିନ୍ଦୁକ ସେମାନଙ୍କ
ନିମନ୍ତେ ବିଶ୍ରାମସ୍ଥାନ ଅନ୍ୱେଷଣ କରିବା ପାଇଁ ସେମାନଙ୍କ
ଆଗରେ ତିନିଦିନର ପଥ ଗଲା। 34ପ୍ରତିଦିନ ସଦାପ୍ରଭୁଙ୍କର
ମେଘ ସେମାନଙ୍କୁ ବାଟ କଢାଇଲେ, ଯେତେବେଳେ ସେମାନେ
ସେମାନଙ୍କର ଛାଉଣୀରୁ ଯାତ୍ରାରମ୍ଭ କଲେ।

35ପୁଣି ପବିତ୍ର ସିନ୍ଦୁକ ଅଗ୍ରସର ହେବାବେଳେ ମୋଶା
କହନ୍ତି,

"ସଦାପ୍ରଭୁ ଉଠ, ପୁଣି ତୁମ୍ଭର ଶତ୍ରୁମାନେ ଛିନ୍ନଭିନ୍ନ
ହୁଅନ୍ତୁ, ଯେଉଁମାନେ ତୁମ୍ଭକୁ ଘୃଣା କରନ୍ତି ସେମାନେ ତୁମ୍ଭ
ସମ୍ମୁଖରୁ ପଳାୟନ କରନ୍ତୁ।"

36ଆଉ ପବିତ୍ର ସିନ୍ଦୁକ ଅଟକି ଗଲାବେଳେ ମୋଶା
କହନ୍ତି,

"ହେ ସଦାପ୍ରଭୁ ତୁମ୍ଭେ ଇଶ୍ରାୟେଲର ହଜାର ହଜାର
ଲୋକଙ୍କ ପ୍ରତି ଫେର।"

## ଲୋକମାନେ ପୁନର୍ବାର ଅଭିଯୋଗ କରନ୍ତି

11 ତା'ପରେ ଲୋକମାନେ ସଦାପ୍ରଭୁଙ୍କଠାରେ ଅଭିଯୋଗ
କରିବାକୁ ଆରମ୍ଭ କଲେ। ସଦାପ୍ରଭୁ ତାହା ଶୁଣିବାରୁ
ତାଙ୍କର କ୍ରୋଧ ପ୍ରଜ୍ୱଳିତ ହେଲା। ତହିଁରେ ସଦାପ୍ରଭୁଙ୍କର ଅଗ୍ନି
ସେମାନଙ୍କ ମଧ୍ୟରେ ପ୍ରଜ୍ୱଳିତ ହୋଇ ଛାଉଣୀର ପ୍ରାନ୍ତଭାଗ
ଗ୍ରାସ କଲା। 2ତେଣୁ ଲୋକମାନେ ମୋଶାଙ୍କ ନିକଟରେ
ସାହାଯ୍ୟ ପାଇଁ କ୍ରନ୍ଦନ କଲେ। ତହୁଁ ମୋଶା ସଦାପ୍ରଭୁଙ୍କ
ନିକଟରେ ପ୍ରାର୍ଥନା କରନ୍ତେ ସେହି ଅଗ୍ନି ଥମିଗଲା। 3ତେଣୁ
ସେହି ସ୍ଥାନର ନାମ ତବୟେରା ହେଲା କାରଣ ସଦାପ୍ରଭୁଙ୍କ
ଅଗ୍ନି ସେମାନଙ୍କ ମଧ୍ୟରେ ଦହନ କଲା।

## ସତୁରି ବୟସ୍କ ପ୍ରାଚୀନଗଣ

4ତା'ପରେ ସେମାନଙ୍କ ମଧ୍ୟରୁ ଅସୁବିଧା ସୃଷ୍ଟିକାରୀଗଣଙ୍କର
ଉତ୍ତମ ଖାଦ୍ୟ ଖାଇବାକୁ ପ୍ରବଳ ଇଚ୍ଛା ହେଲା। ଇଶ୍ରାୟେଲର
ଲୋକମାନେ ସେମାନଙ୍କ ସହିତ ଯୋଗ ଦେଲେ ଏବଂ ପାଟି
କଲେ, "କିଏ ଆମ୍ଭମାନଙ୍କୁ ମାଂସ ଖାଇବାକୁ ଦେବ? 5ଆମ୍ଭେମାନେ
ମିଶର ଦେଶରେ ବିନା ମୂଲ୍ୟରେ ଯେଉଁ ମାଛ ଖାଉଥିଲୁ,
ତାହା ମନେ ପଡ଼େ। ଆମ୍ଭମାନଙ୍କର ମଧ୍ୟ ଉତ୍ତମ ପନିପରିବା
ଯଥା: କାକୁଡ଼ି, ତରଭୁଜ, ପିଆଜ ଓ ରସୁଣ କଥା ମନେ
ପଡ଼େ। 6ମାତ୍ର ଏବେ ଆମ୍ଭେମାନେ ଦୁର୍ବଳ ହୋଇ ଯାଉଅଛୁ,
ଏଠି ଖାଇବାକୁ କିଛି ନାହିଁ, ଏହି ମାନ୍ନା ଛଡ଼ା ଆଉ
ଦେଖିବାକୁ କିଛି ନାହିଁ।" 7ଆଉ ସେହି ମାନ୍ନା ଧନିଆ
ବୀଜଗୁଡିକ ସଦୃଶ ହେବ। 8ଲୋକମାନେ ଏଣେତେଣେ ବୁଲି
ମାନ୍ନା ସଂଗ୍ରହ କଲେ, ଚକିରେ ତାକୁ ପେଷିଲେ, କିମ୍ବା
କୁଟଣୀରେ ତାହା ଚୂର୍ଣ୍ଣ କରି କରେଇରେ ସିଦ୍ଧକରି ପିଠା
ପ୍ରସ୍ତୁତ କଲେ, ଆଉ ଜୀତ ତୈଳ ପକ୍ୱ ପିଠାପରି ତା'ର
ସ୍ୱାଦ ହେଲା। 9ରାତ୍ରିରେ ଛାଉଣୀ ଉପରେ କାକର ପଡ଼ିଲାବେଳେ
ତା ସହିତ ମାନ୍ନା ଝଡ଼ିଲା।

10ଏହାପରେ ଲୋକମାନେ ସମୁଦାୟ ପରିବାର ସହିତ
ନିଜନିଜ ତମ୍ବୁଦ୍ୱାର ନିକଟରେ ରୋଦନ କରିବାର ମୋଶା
ଶୁଣିଲେ; ତହିଁରେ ସଦାପ୍ରଭୁଙ୍କର କ୍ରୋଧ ଅତିଶୟ ପ୍ରଜ୍ୱଳିତ
ହେଲା। ଆଉ ମଧ୍ୟ ମୋଶା ଅସନ୍ତୁଷ୍ଟ ହେଲେ। 11ତହୁଁ
ମୋଶା ସଦାପ୍ରଭୁଙ୍କୁ କହିଲେ, "ତୁମ୍ଭେ କାହିଁକି ଆପଣା ଦାସ
ପ୍ରତି ଅସୁବିଧା କରୁଛ? ତୁମ୍ଭେ କାହିଁକି ମୋ ଉପରେ କ୍ରୋଧ
ଦେଖାଉଛ? କାହିଁକି ଆପଣ ମୋ ଉପରେ ଏହି ସମସ୍ତ
ଲୋକଙ୍କ ଭାର ଦେଉଅଛ? 12କ'ଣ ସେମାନେ ସମସ୍ତେ
ମୋଠାରୁ ଜନ୍ମ ହୋଇଛନ୍ତି? ତୁମ୍ଭେ ସେମାନଙ୍କ ପୂର୍ବପୁରୁଷମାନଙ୍କ
ନିକଟରେ ଯେଉଁ ଦେଶ ବିଷୟରେ ପ୍ରତିଜ୍ଞା କରିଥିଲ ମୁଁ
ସେମାନଙ୍କୁ ଶିଶୁପରି କ'ଣ ବୋହି ନେବି? 13ମୁଁ ଏହି ସମସ୍ତ
ଲୋକଙ୍କୁ ମାଂସ ଦେବା ପାଇଁ କେଉଁଠାରେ ପାଇବି? କାରଣ
ସେମାନେ ମୋ ନିକଟରେ କାନ୍ଦି କହୁଛନ୍ତି, ସେମାନେ ପାଟି
କରନ୍ତି, 'ଆମ୍ଭମାନଙ୍କୁ ମାଂସ ଦିଅ, ଆମ୍ଭମାନଙ୍କୁ ମାଂସ ଦିଅ।'
14ମୁଁ ଏକାକୀ ଏତେ ଲୋକଙ୍କର ଭାର ବହନ କରିପାରିବି
ନାହିଁ, କାରଣ ଏହା ମୋ ପାଇଁ ଅସହ୍ୟ ଅଟେ। 15ଆଉ
ଯଦି ତୁମ୍ଭେ ମୋ ପ୍ରତି ଏପରି ପଥରେ ବ୍ୟବହାର କରିବାକୁ
ଯାଉଅଛ, ତେବେ ବିନୟ କରୁଅଛି, ମୁଁ ଯଦି ତୁମ୍ଭ ଅନୁଗ୍ରହର
ପାତ୍ର, ତେବେ ମୋତେ ମାରିଦିଅ ପଛେ, ଏପରି ଦୁର୍ଗତି
ଦେଖିବାକୁ ଦିଅ ନାହିଁ।"

16ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, "ଇଶ୍ରାୟେଲର
ଏପରି ସତୁରି ଜଣ ପ୍ରାଚୀନ ଲୋକଙ୍କୁ ଡାକ। ସେମାନଙ୍କୁ

ସମାଗମ ତମ୍ବୁ ନିକଟକୁ ଆଣ। ସେମାନେ ତୁମ୍ଭ ସହିତ ଛିଡ଼ା
ହେବା ଉଚିତ୍। 17ମୁଁ ସେହି ସ୍ଥାନକୁ ଓହ୍ଲାଇ ଆସି ତୁମ୍ଭ
ସଙ୍ଗେ କଥା କହିବି ଓ ତୁମ୍ଭଠାରେ ଯେଉଁ ଆତ୍ମା ଅଛି ତହିଁରୁ
ନେଇ ସେମାନଙ୍କୁ ଦେବା, ତହିଁରେ ତୁମ୍ଭେ ଯେପରି ଏକାକୀ
ଭାର ବହନ କରିବନାହିଁ, ସେଥିପାଇଁ ସେମାନେ ମଧ୍ୟ ତୁମ୍ଭ
ସହିତ ଦାୟିତ୍ୱ ଭାର ବହନ କରିବେ।

18"ଲୋକମାନଙ୍କୁ କୁହ, କାଲିପାଇଁ ନିଜକୁ ପବିତ୍ର କର।
ଆଉ ତୁମ୍ଭେମାନେ ମାଂସ ଖାଇବ, କାରଣ ତୁମ୍ଭେମାନେ
ସଦାପ୍ରଭୁଙ୍କ କର୍ଣ୍ଣ ଗୋଚରରେ କହିଅଛ, 'କିଏ ଆମ୍ଭମାନଙ୍କୁ
ମାଂସ ଖାଇବାକୁ ଦେବ? ବରଂ ମିଶରର ଦେଶରେ ଆମ୍ଭମାନଙ୍କର
ମଙ୍ଗଳ ଥିଲା!' ଏଣୁ ସଦାପ୍ରଭୁ ତୁମ୍ଭମାନଙ୍କୁ ମାଂସ ଖାଇବାକୁ
ଦେବେ। 19ତୁମ୍ଭେମାନେ ଦିନେ କି ଦୁଇଦିନ କି ପାଞ୍ଚଦିନ କି
ଦଶଦିନ କି କୋଡ଼ିଏ ଦିନ ଖାଇବ ତାହା ନୁହେଁ। 20ତୁମ୍ଭେ
ସମ୍ପୂର୍ଣ୍ଣ ଏକମାସ ମାଂସ ଭକ୍ଷଣ କରିବ। ତୁମ୍ଭେ ମାଂସକୁ
ଭକ୍ଷଣ କରିବ, ଘୃଣା ଯୋଗ୍ୟ ନହେବା ପର୍ଯ୍ୟନ୍ତ। ଆଉ ଯେ
ପର୍ଯ୍ୟନ୍ତ ତାହା ତୁମ୍ଭମାନଙ୍କ ନାସିକାରୁ ନିର୍ଗତ ନହୁଏ। କାରଣ
ତୁମ୍ଭେମାନେ ସଦାପ୍ରଭୁଙ୍କୁ ପ୍ରତ୍ୟାଖ୍ୟାନ କରିଛ, ଯିଏ ତୁମ୍ଭ
ସହିତ ଅଛନ୍ତି ଏବଂ ତୁମ୍ଭେମାନେ ତାଙ୍କଠାରେ ଆପତ୍ତି କରିବ
ଏହା କହି, 'ଆମ୍ଭେମାନେ କାହିଁକି ମିଶରରୁ ବାହାରି ଆସିଲୁ?'"

21ତେବେ ମୋଶା କହିଲେ, "ସଦାପ୍ରଭୁ, ମୁଁ ଯେଉଁ
ଲୋକମାନଙ୍କ ମଧ୍ୟରେ ଅଛି ସେମାନେ ଛଅ ଲକ୍ଷ ପଦାତିକ।
ତଥାପି ତୁମ୍ଭେ କହୁଅଛ, 'ଆମ୍ଭେ ସେମାନଙ୍କୁ ମାଂସ ଦେବା,
ସେମାନେ ତାହା ସମ୍ପୂର୍ଣ୍ଣ ଏକମାସ ଖାଇବେ!' 22ସେମାନଙ୍କୁ
ଯୋଗାଇବା ପାଇଁ ପଲ ମଧ୍ୟରୁ ସମସ୍ତ ଗୋମେଷ ବଧ କଲେ
ମଧ୍ୟ ଏକମାସ ପାଇଁ ଅଣ୍ଟିବ ନାହିଁ। ଆଉ ସମୁଦ୍ରର ସମସ୍ତ
ମାଛ ସେମାନଙ୍କୁ ଯଥେଷ୍ଟ ନୁହେଁ!"

23ତହୁଁ ସଦାପ୍ରଭୁ ମୋଶାଙ୍କୁ କହିଲେ, "କ'ଣ ସଦାପ୍ରଭୁଙ୍କ
ଶକ୍ତି ସୀମିତ? ତୁମ୍ଭେମାନେ ବର୍ତ୍ତମାନ ଦେଖିବ, ଯଦି ସଦାପ୍ରଭୁଙ୍କ
ବାକ୍ୟ ତୁମ୍ଭ ପ୍ରତି ସତ ହେବ।"

24ତେବେ ମୋଶା ବାହାରକୁ ଯାଇ ଲୋକମାନଙ୍କୁ କହିଲେ,
ଯାହା ସଦାପ୍ରଭୁ କହିଥିଲେ। ପୁଣି ସେ ଲୋକମାନଙ୍କର
ପ୍ରାଚୀନବର୍ଗ ମଧ୍ୟରୁ ସତୁରି ଜଣଙ୍କୁ ଏକତ୍ର କରି ତମ୍ବୁର
ଚତୁର୍ଦ୍ଦିଗରେ ଛିଡା କରାଇଲେ। 25ତା'ପରେ ସଦାପ୍ରଭୁ ମେଘରୁ
ଓହ୍ଲାଇ ମୋଶାଙ୍କୁ କହିଲେ, ଆଉ ଯେଉଁ ଆତ୍ମା ତାଙ୍କଠାରେ
ଥିଲା, ତହିଁରୁ ନେଇ ସତୁରି ପ୍ରାଚୀନବର୍ଗଙ୍କୁ ଦେଲେ। ଯେତେବେଳେ
ସେମାନଙ୍କ ଉପରେ ଆତ୍ମା ଅବସ୍ଥାନ କଲା, ସେମାନେ
ଭବିଷ୍ୟତ କଥା ପ୍ରଚାର ଆରମ୍ଭ କଲେ, ଏବଂ ସେମାନେ
ଆଉ ବନ୍ଦ କଲେ ନାହିଁ।

26ମାତ୍ର ଛାଉଣୀ ମଧ୍ୟରେ ଦୁଇଜଣ ପ୍ରାଚୀନ ଇଲଦଦ୍ ଓ
ମେଦଦ୍ ରହିଲେ, ଯଦିଓ ସେମାନେ ତାଲିକାରେ ଥିଲେ,
ସେମାନେ ତମ୍ବୁ ବାହାରକୁ ଆସି ନ ଥିଲେ। ସେମାନଙ୍କ
ଉପରେ ସେହି ଆତ୍ମା ଅବସ୍ଥାନ କଲା ଓ ସେମାନେ ଛାଉଣୀ
ମଧ୍ୟରେ ରହି ଭବିଷ୍ୟତ କଥା ପ୍ରଚାର ଆରମ୍ଭ କଲେ।
27ତହୁଁ ଜଣେ ଯୁବକ ଦୌଡ଼ି ଯାଇ ମୋଶାଙ୍କୁ କହିଲା,
"ଇଲଦଦ୍ ଓ ମେଦଦ୍ ଛାଉଣୀ ଭିତରେ ରହି ଭବିଷ୍ୟତ
କଥା ପ୍ରଚାର କରୁଅଛନ୍ତି।"

28ତହିଁରେ ନୂନର ପୁତ୍ର ଯିହୋଶୂୟ ମୋଶାଙ୍କୁ କହିଲେ,
"ହେ ମୋହର ମୁନିବ ମୋଶା, ସେମାନଙ୍କୁ ସ୍ଥଗିତ କରନ୍ତୁ।"
ଯିହୋଶୂୟ ଯୁବକ ସମୟରୁ ମୋଶାଙ୍କର ଜଣେ ମନୋନୀତ
ସହକାରୀ ଥିଲେ।

29ମୋଶା ଉତ୍ତର ଦେଲେ, "ତୁମ୍ଭେ ମୋ ସକାଶୁ କ'ଣ
ଈର୍ଷା କରୁଅଛୁ? ସଦାପ୍ରଭୁ ସମସ୍ତ ଲୋକଙ୍କୁ ଭବିଷ୍ୟଦ୍‌ବାଣୀ
କରିବା ପାଇଁ ସେମାନଙ୍କ ଉପରେ ଆପଣା ଆତ୍ମା ଦିଅନ୍ତୁ।"
30ଏହାପରେ ମୋଶା ଓ ଇସ୍ରାଏଲ ପ୍ରାଚୀନଗଣ ଛାଉଣୀକି
ଗମନ କଲେ।

## ଭାଟୋଇ ପକ୍ଷୀଙ୍କ ଆଗମନ

31ଅନନ୍ତର ସଦାପ୍ରଭୁଙ୍କ ନିକଟରୁ ବାୟୁ ବହିଲା ଓ ତାହା
ସମୁଦ୍ରରୁ ଭାଟୋଇ ପକ୍ଷୀ ଆଣିଲା। ସେମାନଙ୍କର ସଂଖ୍ୟା ଏତେ
ଅଧିକ ହେଲା ଯେ ସେମାନେ ଛାଉଣୀର ଚତୁର୍ଦ୍ଦିଗରେ
ଏପାଖେ ଦିନକର ପଥ ଓ ସେପାଖେ ଦିନକର ପଥ ପର୍ଯ୍ୟନ୍ତ
ବ୍ୟାପି ରହିଲେ। ସେମାନେ ଭୂମିଠାରୁ ପ୍ରାୟ ଦୁଇ ଫୁଟ
ବହଳରେ ଗଦା ହୋଇଗଲେ। 32ତହିଁରେ ଲୋକମାନେ
ଛିଡ଼ାହୋଇ ସେହି ସମସ୍ତ ଦିବାରାତ୍ର ଓ ପରଦିନ ସମସ୍ତ
ଦିବସ ସେହି ଭାଟୋଇ ପକ୍ଷୀ ସଂଗ୍ରହ କଲେ। କେହି ଦଶ
ବୁଶେଲରୁ ଊଣା ସଂଗ୍ରହ କଲାନାହିଁ। ଆଉ ସେମାନେ
ନିଜପାଇଁ ଛାଉଣୀର ଚାରିଆଡ଼େ ତାହା ବିଛାଇ ରଖିଲେ।

33ସେମାନଙ୍କ ଦନ୍ତ ମଧ୍ୟରେ ମାଂସ ଥିଲାବେଳେ ତାହା
ଚର୍ବଣ କରିବା ପୂର୍ବରୁ ସଦାପ୍ରଭୁଙ୍କ କ୍ରୋଧ ସେମାନଙ୍କ
ଉପରେ ପ୍ରଜ୍ୱଳିତ ହେଲା। ତହୁଁ ସଦାପ୍ରଭୁ ସେମାନଙ୍କୁ
ମହାମାରୀରେ ସଂହାର କଲେ ଓ ସେହି ସ୍ଥାନରେ ସେମାନେ
କବର ନେଲେ। 34ତେଣୁ ସେହି ସ୍ଥାନର ନାମ କିବ୍ରୋତ୍-ହତ୍ତାବା*
ହେଲା। କାରଣ ସେମାନେ ଖାଦ୍ୟ ନିମନ୍ତେ ଲୋଭୀ ଲୋକମାନଙ୍କୁ
ସେହି ସ୍ଥାନରେ କବର ଦେଲେ।

35ଲୋକମାନେ କିବ୍ରୋତ-ହତ୍ତାବାଠାରୁ ହତ୍‌ସେରୋତକୁ ଯାତ୍ରା
କରି ସେହିଠାରେ ରହିଲେ।

## ମରିୟମ ଓ ହାରୋଣଙ୍କର ମୋଶାଙ୍କ ବିଷୟରେ ଅଭିଯୋଗ

12 ମୋଶା ଏକ କୁଶୀୟା ସ୍ତ୍ରୀକି ବିବାହ କରିଥିଲେ, ଏଣୁ
ମରିୟମ ଓ ହାରୋଣ ସେହି କୁଶୀୟା ସ୍ତ୍ରୀ ସକାଶୁ
ମୋଶାଙ୍କ ବିରୁଦ୍ଧରେ କଥା କହିଲେ। 2ସେମାନେ କହିଲେ,
"ସଦାପ୍ରଭୁ କ'ଣ ମୋଶାଙ୍କ ସହିତ କେବଳ କଥା କହିଅଛନ୍ତି?
ସେ କ'ଣ ଆମ୍ଭମାନଙ୍କ ସହିତ କଥା କହିନାହାଁନ୍ତି?"

ମାତ୍ର ଏକଥା ସଦାପ୍ରଭୁ ଶୁଣିଲେ। 3ମୋଶା ପୃଥିବୀସ୍ଥ
ସମସ୍ତ ଲୋକମାନଙ୍କ ମଧ୍ୟରେ ଅତି ନମ୍ର ଥିଲେ। 4ହଠାତ୍
ସଦାପ୍ରଭୁ ମୋଶାଙ୍କୁ, ହାରୋଣଙ୍କୁ ମରିୟମଙ୍କୁ କହିଲେ, "ତୁମ୍ଭେ
ତିନିଜଣ ବାହାର ହୋଇ ସମାଗମ ତମ୍ବୁ ନିକଟକୁ ଆସ।"

ତହୁଁ ସେ ତିନିଜଣ ବାହାର ହୋଇ ଆସିଲେ। 5ସେତେବେଳେ
ସଦାପ୍ରଭୁ ମେଘ ସ୍ତମ୍ଭରୁ ଓହ୍ଲାଇ ସମାଗମ ତମ୍ବୁ ନିକଟରେ
ଛିଡା ହେଲେ। ସେ ଡାକିଲେ, "ହାରୋଣ ଓ ମରିୟମ!"
ତହୁଁ ସେମାନେ ବାହାର ହୋଇ ଆସିଲେ। 6ସଦାପ୍ରଭୁ
କହିଲେ, "ମୋର ବାକ୍ୟ ଶୁଣ, ଯଦି ତୁମ୍ଭମାନଙ୍କ ମଧ୍ୟରେ

---

**କିବ୍ରୋତ୍-ହତ୍ତାବା** ଏହି ନାମର ଅର୍ଥ ହେଉଛି "ଲୋଭ
ହେତୁକ କବର।"

କେହ ଭବଷ୍ୟଦ୍ବକ୍ତା ଥାଏ, ତେବେ ମୁଁ ସଦାପ୍ରଭୁ ଦର୍ଶନ
ଦ୍ୱାରା ତାହାପ୍ରତି ଆପଣାଙ୍କୁ ପ୍ରକାଶ କରବ, ମୁଁ ସ୍ୱପ୍ନଦ୍ୱାରା
ତାହା ସହତ କଥା କହବ। 7ମାତ୍ର ମୋଶା ମୋର ସେବକ,
ସେପର ନୁହେଁ। ସେ ହିଁ ମୋର ସମଗ୍ର ଗୃହରେ ଜଣେ
ସବୁଠାରୁ ବଶ୍ୱସ୍ତ ଅଟେ। 8ମୁଁ ତା ସହତ ଦର୍ଶନ କମ୍ବା
ନଦର୍ଶନ ବାକ୍ୟରେ ନୁହେଁ, ମାତ୍ର ସମ୍ମୁଖା-ସମ୍ମୁଖୀ ହୋଇ
ପ୍ରକାଶ୍ୟ ଭାବରେ ତା ସହତ କଥା କହେ। ସେ ସଦାପ୍ରଭୁଙ୍କର
ଆକାର ଦର୍ଶନ କରେ। ତାଙ୍କ ବରୁଦ୍ଧରେ କଥା କହବାକୁ
ତୁମ୍ଭେମାନେ କାହଁକ ଭୀତ ହେଲ ନାହଁ?"

9ଏହରୂପେ ସେମାନଙ୍କ ପ୍ରତି ସଦାପ୍ରଭୁଙ୍କ କ୍ରୋଧ ପ୍ରଜ୍ୱଳତ
ହେଲା; ତହୁଁ ସେ ପ୍ରସ୍ଥାନ କଲେ। 10ପୁଣି ତମ୍ବୁ ଉପରୁ
ମେଘ ସ୍ଥାନାନ୍ତରତ ହେଲା। ହାରୋଣ ମରୟମଙ୍କୁ ଦେଖିଲେ,
ତାଙ୍କର ଚର୍ମ ହମତୁଲ୍ୟ ଶ୍ୱେତବର୍ଣ୍ଣ, ସେ କୁଷ୍ଠଗ୍ରସ୍ତା ହେଲେ।

11ତହଁରେ ହାରୋଣ ମୋଶାଙ୍କୁ କହଲେ, "ହେ ମୋହର
ମହାଶୟ, ଆମ୍ଭେମାନେ ମୂର୍ଖତାର କର୍ମ କରଅଛୁ ଓ ଆମ୍ଭେମାନେ
ପାପ କରଅଛୁ; ଏଣୁ ବନୟ କରୁଅଛ, ଆମ୍ଭମାନଙ୍କ ଉପରେ
ସେହ ପାପ ଥୁଅ ନାହଁ। 12ମାତାର ଗର୍ଭରୁ ନର୍ଗତ
ହେଲାବେଳେ ଯାହାର ମାଂସ ଅର୍ଦ୍ଧନଷ୍ଟ, ଏପର ମୃତ ଶିଶୁ
ସଦୃଶ ସେ ନହେଉ।"

13ତେଣୁ ମୋଶା ସଦାପ୍ରଭୁଙ୍କ ନକଟରେ ପ୍ରାର୍ଥନା କର
କହଲେ, "ହେ ପରମେଶ୍ୱର, ବନୟ କରୁଅଛ, ତାହାକୁ ସୁସ୍ଥ
କର।"

14ସଦାପ୍ରଭୁ ମୋଶାଙ୍କୁ କହଲେ, "ଯଦ ତା'ର ପିତା
ତା'ର ମୁହଁରେ ଛେପ ପକାଇଥାନ୍ତା, ସେ କ'ଣ ସାତଦନ
ଲଜ୍ଜିତା ହୋଇ ନ ଥାନ୍ତା? ତେଣୁ ସେ ସାତଦନ ପର୍ଯ୍ୟନ୍ତ
ଛାଉଣୀ ବାହାରେ ଅନ୍ୟମାନଙ୍କଠାରୁ ହୋଇ ରହୁ, ତା'ପରେ
ସେ ଛାଉଣୀ ଭିତରକୁ ଆସିପାରବ।"

15ତହୁଁ ମିରୟମ ସାତଦନ ପର୍ଯ୍ୟନ୍ତ ଛାଉଣୀ ବାହାରେ
ରହଲା। ସେ ପୁନର୍ବାର ଭିତରକୁ ନ ଆସିବା ଯାଏ ଲୋକମାନେ
ଯାତ୍ରା କଲେ ନାହଁ। 16ତା'ପରେ ଲୋକମାନେ
ହତ୍‌ସେରୋତଠାରୁ ଯାତ୍ରାକର ପାରଣ ମରୁଭୂମିରେ ଛାଉଣୀ
ସ୍ଥାପନ କଲେ।

## ଗୁପ୍ତଚରଙ୍କ କଣାନ ଗମନ

13 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହଲେ, 2"ମୁଁ
ଇସ୍ରାୟେଲର ଲୋକମାନଙ୍କୁ ଯେଉଁ କଣାନ ଦେଶ
ଦେବ, ତାହା ଅନୁସନ୍ଧାନ କରବାକୁ ତୁମ୍ଭେ ଲୋକ ପଠାଅ।
ସେମାନଙ୍କର ପ୍ରତ୍ୟେକ ପିତୃବଂଶ ମଧ୍ୟରେ ଯେଉଁମାନେ ଅଧିପତି,
ସେମାନଙ୍କୁ ପଠାଅ।"

3ତେଣୁ ମୋଶା ସଦାପ୍ରଭୁଙ୍କ ଆଜ୍ଞାନୁସାରେ ପାରଣ ମରୁଭୂମି
ପ୍ରାନ୍ତରରୁ ସେମାନଙ୍କୁ ପଠାଇଲେ। ସେହ ଲୋକମାନେ
ଇସ୍ରାୟେଲର ଲୋକମାନଙ୍କର ନେତୃବର୍ଗ ଥିଲେ। 4ସେହ
ପ୍ରଧାନମାନଙ୍କର ନାମ ଏହ

ରୁବେନ ଗୋଷ୍ଠୀବର୍ଗ ମଧ୍ୟରୁ ସକ୍‌କୁରର ପୁତ୍ର ଶମ୍ମୁୟ।
5 ଶିମିୟୋନ ଗୋଷ୍ଠୀବର୍ଗ ମଧ୍ୟରୁ ହୋରର ପୁତ୍ର ଶାଫଟ।
6 ଯିହୁଦା ଗୋଷ୍ଠୀବର୍ଗ ମଧ୍ୟରୁ ଯିଫୁନ୍ନିର ପୁତ୍ର କାଲେବ୍।
7 ଇଷାଖର ଗୋଷ୍ଠୀବର୍ଗ ମଧ୍ୟରୁ ଯୋଷେଫର ପୁତ୍ର
ଯିଗାଲ।
8 ଇଫ୍ରୟିମ ଗୋଷ୍ଠୀବର୍ଗ ମଧ୍ୟରୁ ନୂନର ପୁତ୍ର ହୋଶେୟ।
9 ବନ୍ୟାମୀନ ଗୋଷ୍ଠୀବର୍ଗ ମଧ୍ୟରୁ ରାଫୂର ପୁତ୍ର ପଲ୍‌ଟି।
10 ସବୂଲୂନ ଗୋଷ୍ଠୀବର୍ଗ ମଧ୍ୟରୁ ସୋଦର ପୁତ୍ର ଗଦ୍ଦୀୟେଲ।
11 ଯୋଷେଫ ଗୋଷ୍ଠୀବର୍ଗ ସୂଷିର ପୁତ୍ର ଗଦ୍ଦି ମନଃଶି
ଗୋଷ୍ଠୀର ଅଟେ।
12 ଦାନ ଗୋଷ୍ଠୀବର୍ଗ ମଧ୍ୟରୁ ଗମଲ୍ଲୀର ପୁତ୍ର ଅମ୍ମୀୟେଲ।
13 ଆଶେର ଗୋଷ୍ଠୀବର୍ଗ ମଧ୍ୟରୁ ମୀଖାୟେଲର
ପୁତ୍ର ସଥୁର।
14 ନପ୍ତାଲ ଗୋଷ୍ଠୀବର୍ଗ ମଧ୍ୟରୁ ବପ୍‌ସିର ପୁତ୍ର ନହବ।
15 ଗାଦ ଗୋଷ୍ଠୀବର୍ଗ ମଧ୍ୟରୁ ମାଖିର ପୁତ୍ର ଗୂୟେଲ।

16ମୋଶା ଯେଉଁ ଲୋକମାନଙ୍କୁ ଗୁପ୍ତଚର କାର୍ଯ୍ୟ କରବାକୁ
ସେହ ଦେଶ ପଠାଇ ଥିଲେ, ମୋଶା ନୂନର ପୁତ୍ର ହୋଶେୟଙ୍କୁ
ଯିହୋଶୂୟ ନାମ ଦେଲେ।

17ଆଉ ମୋଶା ଏମାନଙ୍କୁ କଣାନ ଦେଶରେ ଗୁପ୍ତଚର
କାର୍ଯ୍ୟ କରବାକୁ ପଠାଇ ସେମାନଙ୍କୁ କହଲେ, "ତୁମ୍ଭେମାନେ
ନେଗେଭକୁ ଯାଅ ଏବଂ ତା'ପରେ ପର୍ବତମୟ ଦେଶକୁ ଯାଅ।
18ପୁଣି ସେହ ଦେଶ କପର, ତହଁର ବାସିନ୍ଦାମାନେ ବଳବାନ୍
କ ଦୁର୍ବଳ ଓ ସେ ଅଳ୍ପ କ ଅନେକ ସେ ବଷୟରେ
ଅନୁସନ୍ଧାନ କର। 19ପୁଣି ସେମାନେ ଯେଉଁ ଦେଶରେ ବାସ
କରୁଛନ୍ତ ସେ ଦେଶ ଭଲ କ ମନ୍ଦ, ଯେଉଁ ନଗରରେ ବାସ
କରନ୍ତ ତାହା କ ପ୍ରକାର, ସେମାନେ ତମ୍ବୁରେ କ ଗଡ଼ରେ,
କାହଁରେ ବାସ କରନ୍ତ, ତାହା ମଧ୍ୟ ଅନୁସନ୍ଧାନ କର।
20ପୁଣି ସେହ ମାଟିର ଉତ୍କର୍ଷଣ ଖୋଳ, ଉର୍ବର କ ଅନୁର୍ବର।
ତହଁ ମଧ୍ୟରେ ବୃକ୍ଷ ଅଛ କ ନାହଁ, ତାହା ଦେଖ। ଆଉ
ତୁମ୍ଭେମାନେ ସାହସୀ ହୋଇ ସେହ ଦେଶର ଫଳରୁ କଛ
ସଙ୍ଗରେ ଆଣ।" ସେହ ସମୟରେ ପ୍ରଥମ ଦ୍ରାକ୍ଷାଫଳ
ପାଚବାର ଥିଲା।

21ତେଣୁ ସେମାନେ ସୀନ ମରୁଭୂମିରୁ ଯାତ୍ରାକର ହମାତର
ପ୍ରବେଶ ସ୍ଥାନ ରହୋବ ପର୍ଯ୍ୟନ୍ତ ଦେଶ ଅନୁସନ୍ଧାନ କଲେ।
22ଆଉ ସେମାନେ ଦକ୍ଷିଣ ଦଗ ଦେଇ ହବ୍ରୋଣରେ ଯାଇ
ଉପସ୍ଥିତ ହେଲେ, ସେହ ସ୍ଥାନରେ ଅହୀମାନ୍, ଶେଶୟ,
ତଲ୍ମୟ, ଏହମାନେ ଅନାକର ବଂଶଧର ବାସ କରୁଥିଲେ।
ମିଶରସ୍ଥିତ ସୋୟନର ସାତବର୍ଷ ପୂର୍ବେ ହବ୍ରୋଣ ନର୍ମାଣ
ହୋଇଥିଲା। 23ଏହାପରେ ସେମାନେ ଇଷ୍କୋଲ ଉପତ୍ୟକାରେ
ଉପସ୍ଥିତ ହୋଇ ସେଠାରେ ଏକ ପେଣ୍ଡା ଫଳଯୁକ୍ତ ଦ୍ରାକ୍ଷାଲତାର
ଏକ ଡାଳ କାଟି ତାହା ଦୁଇଜଣ ସାଙ୍ଗୀରେ ବହନ କଲେ,
ସେମାନେ ମଧ୍ୟ କଛ ଡ଼ାଳମ୍ବ ଓ ଡମ୍ବିର ଫଳ ଆଣିଲେ।
24ଇସ୍ରାୟେଲର ଲୋକମାନେ ଯେଉଁ ଉପତ୍ୟକାରେ ଦ୍ରାକ୍ଷାପେଣ୍ଡା
କାଟି ଥିଲେ, ସେଥି ସକାଶେ ସେହ ସ୍ଥାନ ଇଷ୍କୋଲ
ଉପତ୍ୟକା ନାମରେ ପ୍ରସିଦ୍ଧ ହେଲା।

25ସେମାନେ ଚାଳିଶ ଦନ ସେହ ଦେଶ ଅନୁସନ୍ଧାନ
କଲାପରେ ଫେର ଆସିଲେ। 26ଅନନ୍ତର ସେମାନେ ଆସି
ପାରଣ ମରୁଭୂମି କାଦେଶ ନାମକ ସ୍ଥାନରେ ମୋଶାଙ୍କୁ
ଭେଟିଲେ, ହାରୋଣ ଓ ଇସ୍ରାୟେଲ ଲୋକମାନେ ସମସ୍ତ

ମଣ୍ଡଳୀ ନିକଟରେ ଉପସ୍ଥିତ ହୋଇ ସେମାନଙ୍କୁ ଓ ସମସ୍ତ
ମଣ୍ଡଳୀକି ସମାଚାର ଦେଲେ ଓ ସେମାନଙ୍କୁ ସେହି ଦେଶର
ଫଳ ଦେଖାଇଲେ। **27**ପୁଣି ସେମାନେ ବର୍ଣ୍ଣନା କରି ତାହାଙ୍କୁ
କହିଲେ, "ତୁମ୍ଭେ ଆମ୍ଭମାନଙ୍କୁ ଯେଉଁ ଦେଶକୁ ପଠାଇଥିଲ,
ଆମ୍ଭେମାନେ ସେଠାକୁ ଯାଇଥିଲୁ। ଏହା ଏକ ଦୁଗ୍ଧ-ମଧୁର
ଦେଶ। ଏହା ହେଉଛି ସେହି ଦେଶର ଫଳ। **28**ତଥାପି
ସେହି ଦେଶ ନିବାସିମାନେ ବଳବାନ୍, ନଗରସବୁ ପ୍ରାଚୀର
ବେଷ୍ଟିତ ଓ ଅତି ବଡ଼, ଆହୁରି ଆମ୍ଭେମାନେ ସେଠାରେ
ଅନାକର ସନ୍ତାନମାନଙ୍କୁ ଦେଖିଲୁ। **29**ଦକ୍ଷିଣ ଦେଶରେ ଅମାଲେକ
ବାସ କରନ୍ତି, ପର୍ବତମୟ ଦେଶରେ ହିତ୍ତୀୟ, ଯିବୂଷୀୟ ଓ
ଇମୋରୀୟ ଲୋକମାନେ ବାସ କରନ୍ତି। ଆଉ ସମୁଦ୍ର
ନିକଟରେ ଓ ଯର୍ଦ୍ଦନ ତୀରରେ କିଣାନୀୟ ଲୋକମାନେ ବାସ
କରନ୍ତି।"

**30**କାଲେବ୍ ମୋଶାଙ୍କ ନିକଟରେ ଥିବା ଲୋକମାନଙ୍କୁ
କହିଲେ, "ଆସ ଆମ୍ଭେମାନେ ଏହାକୁ ଅଧିକାର କରିବା,
ସେମାନଙ୍କୁ ପରାସ୍ତ କରିବାକୁ ଆମ୍ଭମାନଙ୍କର ଯଥେଷ୍ଟ ବଳ
ଅଛି।"

**31**ମାତ୍ର ଯେଉଁ ଲୋକମାନେ ତାଙ୍କ ସହିତ ଯାଇଥିଲେ,
ସେମାନେ କହିଲେ, "ଆମ୍ଭେମାନେ ସେହି ଲୋକମାନଙ୍କ
ବିରୁଦ୍ଧରେ ଯାଇ ପାରିବୁ ନାହିଁ। କାରଣ ସେମାନେ ଆମ୍ଭଠାରୁ
ଶକ୍ତିଶାଳୀ।" **32**ଏହିରୂପେ ସେମାନେ ଯେଉଁ ଦେଶ ଅନୁସନ୍ଧାନ
କରିଥିଲେ ଇଶ୍ରାୟେଲର ଲୋକମାନଙ୍କ ନିକଟରେ ସେହି
ଦେଶର ଅଖ୍ୟାତି କରି କହିଲେ, "ଯେଉଁ ଦେଶର ମଧ୍ୟ
ଦେଇ ଆମ୍ଭେମାନେ ଯାତ୍ରା କଲୁ, ତାହା ନିଜର ଅଧିବାସୀମାନଙ୍କୁ
ଗ୍ରାସ କଲା। ଆମ୍ଭେମାନେ ଯେତେ ଲୋକଙ୍କୁ ସେଠାରେ
ଦେଖିଲୁ ସେମାନେ ବଡ଼ ଡେଙ୍ଗା। **33**ସେଠାରେ ଆମ୍ଭେମାନେ
ଅନାକର ନେଫିଲିମ୍ ସନ୍ତାନ ମହାବୀରଗଣଙ୍କୁ ଦେଖିଲୁ, ଆଉ
ସେମାନଙ୍କ ଦୃଷ୍ଟିରେ ଆମ୍ଭେମାନେ ଝିଣ୍ଟିକା ପରି ହେଲୁ।"

### ଲୋକମାନେ ପୁନର୍ବାର ଅଭିଯୋଗ କରନ୍ତି

**14** ସମସ୍ତ ମଣ୍ଡଳୀ ସେହି ରାତ୍ରିରେ ଛାଉଣୀରେ ଉଚ୍ଚସ୍ୱରରେ
ରୋଦନ କଲେ। **2**ପୁଣି ଇଶ୍ରାୟେଲ ଲୋକମାନେ
ସମସ୍ତେ ମୋଶା ଓ ହାରୋଣଙ୍କ ବିରୁଦ୍ଧରେ ଅଭିଯୋଗ
କଲେ, ଆଉ ସମସ୍ତ ମଣ୍ଡଳୀ ସେମାନଙ୍କ ଆଗରେ ଅଭିଯୋଗ
କଲେ, "ଯଦି ଆମ୍ଭେମାନେ ସେହି ମିଶର ଦେଶରେ କିମ୍ବା
ମରୁଭୂମିରେ ମରିଯାଇଥାନ୍ତୁ, ତେବେ ଭଲ ହୋଇଥାନ୍ତା।
**3**ସଦାପ୍ରଭୁ ଆମ୍ଭମାନଙ୍କୁ ଖଡ୍ଗରେ ନିପାତ କରିବାକୁ କାହିଁକି ଏ
ଦେଶକୁ ଆଣିଲେ? ଆମ୍ଭମାନଙ୍କ ସ୍ତ୍ରୀ ଓ ବାଳକମାନେ
ବନ୍ଦୀରୂପେ ନିଆଯିବେ। ମିଶରକୁ ଫେରି ଯିବାଟା ଆମ୍ଭମାନଙ୍କ
ପକ୍ଷରେ ଭଲ ହୁଅନ୍ତା।"

**4**ସେମାନେ ପରସ୍ପର ମଧ୍ୟରେ କଥା ହେଲେ, "ଆସ,
ଆମ୍ଭେମାନେ ଜଣକୁ ପ୍ରଧାନ କରି ମିଶରକୁ ଫେରିଯିବା।"

**5**ତହିଁରେ ମୋଶା ଓ ହାରୋଣ ଏତେ ବ୍ୟତିବ୍ୟସ୍ତ
ହୋଇଗଲେ ଯେ, ସେମାନେ ଇଶ୍ରାୟେଲର ଲୋକମାନଙ୍କ
ଆଗରେ ମୁହଁ ମାଡ଼ି ଭୂମିରେ ପଡ଼ିଗଲେ। **6**ତହୁଁ ଦେଶ
ଅନୁସନ୍ଧାନକାରୀ ଲୋକମାନଙ୍କ ମଧ୍ୟରୁ ନୂନର ପୁତ୍ର ଯିହୋଶୂୟ
ଓ ଯିଫୁନ୍ନିର ପୁତ୍ର କାଲେବ୍ ନିଜନିଜ ବସ୍ତ୍ର ଚିରିଲେ। **7**ଆଉ
ଏହି ଦୁଇଲୋକ ଇଶ୍ରାୟେଲ ଲୋକମାନଙ୍କର ସମସ୍ତ ମଣ୍ଡଳୀକି
କହିଲେ, "ଆମ୍ଭେମାନେ ଯେଉଁଦେଶ ଅନୁସନ୍ଧାନ କରିବାକୁ
ଯାଇଥିଲୁ, ତାହା ଅତ୍ୟନ୍ତ ଉତ୍ତମ ଦେଶ। **8**ଯେବେ ସଦାପ୍ରଭୁ
ଆମ୍ଭମାନଙ୍କଠାରେ ସନ୍ତୁଷ୍ଟ ହୁଅନ୍ତି ତେବେ ସେ ଆମ୍ଭମାନଙ୍କୁ
ସେହି ଦେଶକୁ ଆଣିବେ ଓ ତାହା ଆମ୍ଭମାନଙ୍କୁ ଦେବେ,
ସେହି ଦେଶ ଦୁଗ୍ଧମଧୁ ପ୍ରବାହୀ ଅଟେ। **9**ତେଣୁ ଲୋକମାନେ
ସଦାପ୍ରଭୁଙ୍କର ବିରୁଦ୍ଧରେ ଯାଅ ନାହିଁ, ଆଉ ସେହି ଦେଶର
ଲୋକମାନଙ୍କୁ ଭୟ କରନାହିଁ। ସେମାନେ ଆମ୍ଭମାନଙ୍କର
ଖାଦ୍ୟ ସ୍ୱରୂପ। ସେମାନଙ୍କର ଆଶ୍ରୟ ସେମାନଙ୍କ ଉପରୁ
ଘୁଞ୍ଚିଗଲାଣି। ପୁଣି ସଦାପ୍ରଭୁ ଆମ୍ଭମାନଙ୍କ ସଙ୍ଗରେ ଅଛନ୍ତି,
ଭୟ କରନାହିଁ।"

**10**ମାତ୍ର ସମସ୍ତ ମଣ୍ଡଳୀ ସେମାନଙ୍କୁ ପଥର ମାରି ହତ୍ୟା
କରିବାକୁ କହିଲେ। ସେତେବେଳେ ସଦାପ୍ରଭୁଙ୍କର ମହିମା
ସମାଗମ ତମ୍ବୁରେ ଇଶ୍ରାୟେଲର ସମସ୍ତ ଲୋକମାନଙ୍କ ପ୍ରତି
ପ୍ରକାଶିତ ହେଲା। **11**ସଦାପ୍ରଭୁ ମୋଶାଙ୍କୁ କହିଲେ, "ଏହି
ଲୋକମାନେ କେତେକାଳ ମୋତେ ପ୍ରତ୍ୟାଖ୍ୟାନ କରିବେ?
ଆଉ ସେମାନଙ୍କ ମଧ୍ୟରେ କରିଥିବା ଆଶ୍ଚର୍ଯ୍ୟ କାର୍ଯ୍ୟ ସତ୍ତ୍ୱେ,
କେତେଦିନ ସେମାନେ ମୋତେ ଅବିଶ୍ୱାସ କରିବେ? **12**ମୁଁ
ମହାମାରୀଦ୍ୱାରା ସେମାନଙ୍କୁ ସଂହାର କରିବି ଓ ସେମାନଙ୍କର
ଅଧିକାର ଛଡ଼େଇ ନେବି। ପୁଣି ସେମାନଙ୍କଠାରୁ ତୁମ୍ଭକୁ ବଡ଼
ଓ ବଳବାନ ଜାତି କରିବି।"

**13**ତା'ପରେ ମୋଶା ସଦାପ୍ରଭୁଙ୍କୁ କହିଲେ, "ତେବେ
ମିଶରୀୟ ଲୋକମାନେ ତ ଏହା ଶୁଣିବେ, କାରଣ ତୁମ୍ଭେ
ଆପଣା ପରାକ୍ରମ ଦ୍ୱାରା ସେମାନଙ୍କ ମଧ୍ୟରୁ ଏହି ଲୋକମାନଙ୍କୁ
ଆଣିଅଛ। **14**ପୁଣି ସେମାନେ ଏ ଦେଶ ନିବାସିମାନଙ୍କୁ ତାହା
କହିବେ, ସେମାନେ ଶୁଣିଛନ୍ତି ଯେ ତୁମ୍ଭେ ସଦାପ୍ରଭୁ ଏହି
ଲୋକମାନଙ୍କ ମଧ୍ୟରେ ଅଛନ୍ତି, କାରଣ ତୁମ୍ଭେ ସେମାନଙ୍କୁ
ପ୍ରତ୍ୟକ୍ଷ ଦର୍ଶନ ଦେଉଅଛ ଓ ତୁମ୍ଭ ମେଘ ସେମାନଙ୍କ
ଉପରେ ଅବସ୍ଥାନ କରୁଅଛି। ତୁମ୍ଭେ ଦିନବେଳେ ମେଘସ୍ତମ୍ଭରେ
ଓ ରାତ୍ରିବେଳେ ଅଗ୍ନି ସ୍ତମ୍ଭରେ ସେମାନଙ୍କ ଆଗେ ଆଗେ
ଗମନ କରୁଅଛ। **15**ଯଦି ତୁମ୍ଭେ ଏହି ଲୋକମାନଙ୍କୁ ଏକାଥରେ
ବଧ କରିବ, ତେବେ ଯେଉଁ ଅନ୍ୟ ଦେଶୀୟ ଲୋକମାନେ
ତୁମ୍ଭ ଶକ୍ତିର କଥା ଶୁଣିଛନ୍ତି, ସେମାନେ କହିବେ, **16**'ସଦାପ୍ରଭୁ
ଏହି ଲୋକମାନଙ୍କୁ ଯେଉଁ ଦେଶ ଦେବାକୁ ପ୍ରତିଜ୍ଞା କରିଥିଲେ,
ସେହି ଦେଶକୁ ସେମାନଙ୍କୁ ଆଣି ପାରିଲେ ନାହିଁ, ଏଣୁ ସେ
ସେମାନଙ୍କୁ ମରୁଭୂମିରେ ବଧ କରିଅଛନ୍ତି।'

**17**"ଯେପରି ତୁମ୍ଭେ କହିଅଛ, ଏବେ ମୁଁ ବିନୟ କରୁଅଛି,
ପ୍ରଭୁଙ୍କ ପରାକ୍ରମ ମହାନ୍ ହେଉ। **18**'ସଦାପ୍ରଭୁ କ୍ରୋଧରେ
ଧୀର ଓ ଦୟାରେ ପରିପୂର୍ଣ୍ଣ ଓ ଅପରାଧୀ ଓ ବ୍ୟବସ୍ଥା
ଲଙ୍ଘନକାରୀର କ୍ଷମାକାରୀ। ତଥାପି ଦୋଷୀର ଦଣ୍ଡଦାତା, ପୁଣି
ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନଗଣ ଉପରେ
ପିତୃଗଣର ଅପରାଧର ଫଳ ସେ ଦେଇଥାନ୍ତି।' **19**ମୁଁ ବିନୟ
କରୁଅଛି, ତୁମ୍ଭେ ଆପଣା ଦୟାର ମହତ୍ତ୍ୱ ଅନୁସାରେ ଏହି
ଲୋକମାନଙ୍କୁ ମିଶରଠାରୁ ଏପର୍ଯ୍ୟନ୍ତ ଯେପରି କ୍ଷମା କରିଅଛ
ତଦନୁସାରେ ଏହି ଲୋକମାନଙ୍କର ଅପରାଧ କ୍ଷମା କର।"

**20**ସଦାପ୍ରଭୁ କହିଲେ, "ଯେପରି ତୁମ୍ଭେ ମୋତେ ଅନୁରୋଧ
କଲ, ମୁଁ ସେମାନଙ୍କୁ କ୍ଷମା ଦେଲି। **21**କିନ୍ତୁ ମୁଁ ପ୍ରତିଜ୍ଞା

କରୁଅଛି ଯେ, ଏହି ସମସ୍ତ ପୃଥିବୀ ସଦାପ୍ରଭୁଙ୍କ ମହିମାରେ
ପରିପୂର୍ଣ୍ଣ ହେବ। **22**ଏମାନଙ୍କ ମଧ୍ୟରୁ ଏହି ଲୋକ ମୋର
ମହିମା ଦେଖିଲେ, ପୁଣି ଯେଉଁମାନେ ମିଶରରେ ଓ ମରୁଭୂମିରେ
ଚିହ୍ନସ୍ୱରୂପ ମୋର କୃତ କର୍ମ ଦେଖାଇଛନ୍ତି ଏବଂ ଯେଉଁମାନେ
ମୋତେ ବହୁତଥର ପରୀକ୍ଷା କରିଛନ୍ତି ଓ ଯେଉଁମାନେ ମୋ
ବାକ୍ୟ ରବରେ ଅମନୋଯୋଗୀ ହୋଇଅଛନ୍ତି, **23**ସେମାନଙ୍କ
ପୂର୍ବପୁରୁଷମାନଙ୍କ ପ୍ରତି ଆମ୍ଭେ ଯେଉଁ ଦେଶ ବିଷୟରେ
ଶପଥ କରିଅଛୁ, ଏମାନଙ୍କ ମଧ୍ୟରୁ କେହି ସେ ଦେଶ
ଦେଖିପାରିବେ ନାହିଁ। କାରଣ ସେମାନେ ମତେ ଅବଜ୍ଞା
କରିଛନ୍ତି, ତେଣୁ ସେମାନଙ୍କ ମଧ୍ୟରୁ କେହି ତାହା ଦେଖିବେ
ନାହିଁ। **24**ମାତ୍ର ଆମ୍ଭର ସେବକ କାଲେବ ସେମାନଙ୍କଠାରୁ
ଭିନ୍ନ। ସେ ସମ୍ପୂର୍ଣ୍ଣରୂପେ ଆମ୍ଭର ଅନୁଗତ ହୋଇଅଛି। ଏଣୁ
ସେ ଯେଉଁ ଦେଶକୁ ଯାଇଥିଲା, ସେହି ଦେଶରେ ଆମ୍ଭେ
ତାହାକୁ ପ୍ରବେଶ କରାଇବା ଓ ତାହାର ବଂଶ ତାହା ଅଧିକାର
କରିବେ। **25**ବର୍ତ୍ତମାନ ଅମାଲେକୀୟ ଓ କିଣାନୀୟମାନେ ତଳ
ଭୂମିରେ ବାସ କରନ୍ତି। କାଲି ତୁମ୍ଭେମାନେ ଫେରି ଲୋହିତ
ସାଗର ପଥଦେଇ ମରୁଭୂମିକୁ ଗମନ କରିବା ଉଚିତ୍।"

### ସଦାପ୍ରଭୁ ଲୋକମାନଙ୍କୁ ଶାସ୍ତି ଦେଲେ

**26**ଅନନ୍ତର ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ,
**27**"ମୋ ବିରୁଦ୍ଧରେ ଅଭିଯୋଗ କରାଯାଉଛି, ମୁଁ କେତେକାଳ
ସହିବ ଏହି ଦୁଷ୍ଟ ଲୋକମାନଙ୍କ ନିମନ୍ତେ? ଇଶ୍ରାୟେଲର
ଲୋକମାନେ ଯେଉଁ ଅଭିଯୋଗ କରୁଛନ୍ତି ତାହା ମୁଁ ଶୁଣିଲି।
**28**ସେମାନଙ୍କୁ କୁହ, 'ସଦାପ୍ରଭୁ ପ୍ରତିଜ୍ଞା କରନ୍ତି। ସେମାନେ
ଯାହା ଅଭିଯୋଗ କରିଛନ୍ତି, ତାହାହିଁ ମୁଁ କରିବ। **29**ତୁମ୍ଭେମାନେ
ଏହି ମରୁଭୂମି ମଧ୍ୟରେ ମରିବ। କୋଡ଼ିଏ ବର୍ଷରୁ ଅଧିକ
ବୟସ୍କ ତୁମ୍ଭମାନଙ୍କ ମଧ୍ୟରୁ ଗଣ୍ୟ ହୋଇଥିବା ଲୋକମାନେ
ସମ୍ପୂର୍ଣ୍ଣ ସଂଖ୍ୟା ଅନୁସାରେ ଯେଉଁମାନେ ମୋ ବିରୁଦ୍ଧରେ
ଅଭିଯୋଗ କରିଛନ୍ତି, ସମସ୍ତେ ମରିବେ। **30**ତୁମ୍ଭମାନଙ୍କ ମଧ୍ୟରୁ
କେହି, ଆମ୍ଭେ ଯେଉଁ ଦେଶ ତୁମ୍ଭମାନଙ୍କୁ ଦେବାକୁ ପ୍ରତିଜ୍ଞା
କରିଥିଲୁ, ସେଠାରେ ପ୍ରବେଶ କରିପାରିବ ନାହିଁ। କେବଳ
ଯିଫୁନ୍ନିର ପୁତ୍ର କାଲେବ ଓ ନୂନର ପୁତ୍ର ଯିହୋଶୂୟ ସେ
ଦେଶରେ ପ୍ରବେଶ କରିବେ। **31**ତୁମ୍ଭେ କହିଲ, ତୁମ୍ଭ ପିଲାମାନଙ୍କୁ
ବୋହି ନିଆଯିବ। କିନ୍ତୁ ସେମାନଙ୍କୁ ମୁଁ ସେହି ସ୍ଥାନକୁ
ଆଣିବି। ଆଉ ତୁମ୍ଭେମାନେ ଯେଉଁ ଦେଶକୁ ପ୍ରତ୍ୟାଖ୍ୟାନ
କରିଥିଲ, ସେମାନେ ତାହା ଉପଭୋଗ କରିବେ। **32**ମାତ୍ର
ତୁମ୍ଭମାନେ ଏହି ମରୁଭୂମିରେ ମୃତ୍ୟୁବରଣ କରିବ।
**33**"'ତୁମ୍ଭମାନଙ୍କ ସନ୍ତାନଗଣ ଚାଳିଶ ବର୍ଷ ଏହି ପ୍ରାନ୍ତରରେ
ଭ୍ରମଣ କରିବେ ଓ ସେମାନେ ତୁମ୍ଭମାନଙ୍କର ଅବିଶ୍ୱସ୍ତତା ପାଇଁ
ଯନ୍ତ୍ରଣା ଭୋଗ କରିବେ। ତୁମ୍ଭମାନଙ୍କ ଶବ ଏହି ମରୁଭୂମିରେ
ବିନଷ୍ଟ ନ ହେବା ପର୍ଯ୍ୟନ୍ତ ସେମାନେ ତୁମ୍ଭମାନଙ୍କ ବ୍ୟଭିଚାରର,
ତୁମ୍ଭେ ତୁମ୍ଭର ପାପର ଫଳ ଭୋଗିବ। **34**ଗୋଟିଏ ବର୍ଷ
ଗୋଟିଏ ଦିନ ହିସାବରେ ତୁମ୍ଭେମାନେ ଚାଳିଶ ବର୍ଷ ସେହି
ଦେଶ ଅନୁସନ୍ଧାନ କରିବା ସମୟରେ ପ୍ରାନ୍ତରର ଏଣେ
ତେଣେ ବୁଲିବ, ତା'ପରେ ମୋର କ୍ରୋଧ ତୁମ୍ଭେ ଜାଣିବ।
**35**"'ମୁଁ ସଦାପ୍ରଭୁ ଅନନ୍ତର ଏହା କହିଲି, ମୋ ବିଷୟରେ
ଯେଉଁ ଦୁଷ୍ଟ ମଣ୍ଡଳୀ ଏକତ୍ରିତ ହୋଇଅଛନ୍ତି, ତାହା ପ୍ରତି ମୁଁ
ନିଶ୍ଚୟ ପ୍ରତିଫଳ କରିବ। ସେମାନେ ଏଠାରେ ନଷ୍ଟ ହେବେ
ଓ ଏହି ସ୍ଥାନରେ ସେମାନେ ମରିବେ।'"
**36**ଯେଉଁ ଲୋକମାନଙ୍କୁ ମୋଶା ସେ ଦେଶ ଅନୁସନ୍ଧାନ
କରିବାକୁ ପ୍ରେରଣ କରିଥିଲେ, ସେମାନେ ଫେରିଆସି ସେହି
ଦେଶର ଅଖ୍ୟାତି ପ୍ରଚାର କଲେ ଓ ସମସ୍ତ ମଣ୍ଡଳୀ ବିରୁଦ୍ଧରେ
ଅଭିଯୋଗ ଆଣିଲେ। **37**ଯେଉଁମାନେ ଇଶ୍ରାୟେଲ ଲୋକମାନଙ୍କ
ମଧ୍ୟରେ ସେ ଦେଶର ଅପଖ୍ୟାତି ପ୍ରଚାର କରିଥିଲେ, ସେମାନେ
ସଦାପ୍ରଭୁଙ୍କ ଉପସ୍ଥିତିରେ ମହାମାରୀ ଦ୍ୱାରା ମଲେ। **38**ମାତ୍ର
ଦେଶ ଅନୁସନ୍ଧାନକାରୀ ଲୋକମାନଙ୍କ ମଧ୍ୟରୁ କେବଳ ନୂନର
ପୁତ୍ର ଯିହୋଶୂୟ ଓ ଯିଫୁନ୍ନିର ପୁତ୍ର କାଲେବ୍ ଜୀବିତ
ରହିଲେ।

### ଲୋକମାନେ କିଣାନ ଦେଶକୁ ଯିବାକୁ ଚେଷ୍ଟା କଲେ

**39**ଆଉ ମୋଶା ଇଶ୍ରାୟେଲର ସମସ୍ତ ଲୋକଙ୍କୁ ଏହିକଥା
କହିଲେ, ତହିଁରେ ଲୋକମାନେ ଅତିଶୟ ବିଳାପ କଲେ।
**40**ତହୁଁ ସେମାନେ ଅତି ପ୍ରାତଃକାଳରୁ ଉଠି ପର୍ବତ ଶୃଙ୍ଗ
ଉପରକୁ ଯିବାକୁ ବାହାରି ସେମାନେ କହିଲେ, "ଦେଖ,
ଆମ୍ଭେମାନେ ଏଠାରେ ଅଛୁ, ସଦାପ୍ରଭୁ ଯେଉଁ ସ୍ଥାନ ବିଷୟରେ
ପ୍ରତିଜ୍ଞା କରିଥିଲେ, ସେହି ସ୍ଥାନକୁ ଯିବା, କାରଣ ଆମ୍ଭେମାନେ
ପାପ କରିଅଛୁ।"
**41**ତହିଁରେ ମୋଶା କହିଲେ, "ଏବେ ତୁମ୍ଭେମାନେ କି
କାରଣରୁ ସଦାପ୍ରଭୁଙ୍କ ଆଜ୍ଞା ଲଙ୍ଘନ କରୁଅଛ? ତୁମ୍ଭମାନଙ୍କର
ଏହି କର୍ମ ସଫଳ ହେବନାହିଁ। **42**ତୁମ୍ଭେମାନେ ଉପରକୁ ଯାଅ
ନାହିଁ। କାରଣ ସଦାପ୍ରଭୁ ତୁମ୍ଭମାନଙ୍କ ସହିତ ନାହାଁନ୍ତି। ତେଣୁ
ତୁମ୍ଭେ ଅକ୍ଲେଶରେ ଶତ୍ରୁମାନଙ୍କଦ୍ୱାରା ପରାସ୍ତ ହେବ। **43**ଯେହେତୁ
ଅମାଲେକୀୟ ଓ କିଣାନୀୟ ଲୋକମାନେ ସେଠାରେ ଅଛନ୍ତି,
ତୁମ୍ଭେମାନେ ଖଡ୍ଗରେ ନିହତ ହେବ। ତୁମ୍ଭେମାନେ ସଦାପ୍ରଭୁଙ୍କ
ବିଶ୍ୱାସଠାରୁ ବିମୁଖ ହେବାରୁ ସଦାପ୍ରଭୁ ତୁମ୍ଭମାନଙ୍କର ସହବର୍ତ୍ତୀ
ହେବେ ନାହିଁ।"
**44**ତଥାପି ସେମାନେ ପର୍ବତ ଶୃଙ୍ଗ ଉପରକୁ ଯିବାକୁ
ଦୁଃସାହସ କଲେ। ମାତ୍ର ସଦାପ୍ରଭୁଙ୍କ ନିୟମ ସିନ୍ଦୁକ ଓ
ମୋଶା ସେମାନଙ୍କ ସହିତ ଗଲେ ନାହିଁ। **45**ସେତେବେଳେ
ସେହି ପର୍ବତବାସୀ ଅମାଲେକୀୟ ଓ କିଣାନୀୟ ଲୋକମାନେ
ଓହ୍ଲାଇ ଆସି ସେମାନଙ୍କୁ ଆକ୍ରମଣ କଲେ ଓ ସେମାନଙ୍କୁ
ପରାସ୍ତକରି ହର୍ମା ପର୍ଯ୍ୟନ୍ତ ତଡ଼ିଦେଲେ।

### ବଳିଦାନ ସମ୍ବନ୍ଧୀୟ ବିଧି

**15** ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, **2**"ଇଶ୍ରାୟେଲର
ଲୋକମାନଙ୍କୁ କୁହ। ତୁମ୍ଭେ ଯେତେବେଳେ ପ୍ରବେଶ
କରିବ ମୁଁ ସେହି ଦେଶ ଦେଉଛି ତୁମ୍ଭେ କେବେ ପ୍ରବେଶ
କରିବ। **3**ତୁମ୍ଭମାନଙ୍କ ପ୍ରତିଜ୍ଞା ପୂରଣ କରିବା ପାଇଁ କିମ୍ବା
ସ୍ୱେଚ୍ଛାଦତ୍ତ ଉପହାର ପାଇଁ କିମ୍ବା ତୁମ୍ଭମାନଙ୍କ ନିରୂପିତ
ପର୍ବରେ ଗୋମେଷାଦି ପଲରୁ ସଦାପ୍ରଭୁଙ୍କ ତୁଷ୍ଟିଜନକ ଆଘ୍ରାଣାର୍ଥେ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅଗ୍ନିକୃତ ଉପହାର ରୂପେ ହୋମବଳି
ଉତ୍ସର୍ଗ କରିବ।
**4**"ଯେଉଁ ଲୋକ ଶସ୍ୟ ନୈବେଦ୍ୟ ଉତ୍ସର୍ଗ କରୁଛି, ଏକ
ଐଫାର ଦଶମାଂଶ ସରୁ ମଇଦା ଏକ ହିନର ଚତୁର୍ଥାଂଶ

ତୈଳ ସହିତ ମିଶ୍ରିତ କରି ଆଣିବ। **5**ପ୍ରତ୍ୟେକ ଥର ତୁମ୍ଭେ
ଏକ ମେଷବତ୍ସ ହୋମାର୍ଥକ ବଳି ଓ ହିନର ଏକ ଚତୁର୍ଥାଂଶ
ଦ୍ରାକ୍ଷାରସର ପେୟ ନୈବେଦ୍ୟ ପ୍ରସ୍ତୁତ କରିବା ଉଚିତ୍।

**6**“ଆଉ ଏକ ମେଷ ନିମନ୍ତେ ତୁମ୍ଭେ ତୁଷ୍ଟିଜନକ ଆଘ୍ରାଣାର୍ଥେ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ହିନର ଏକ ତୃତୀୟାଂଶ
ତୈଳରେ ମିଶ୍ରିତ ଏକ ଐଫାର ଦୁଇ ଦଶମାଂଶ ସରୁ
ମଇଦାର ନୈବେଦ୍ୟ ପ୍ରସ୍ତୁତ କରିବ। **7**ପୁଣି ତୁମ୍ଭେ ପେୟ
ନୈବେଦ୍ୟ ନିମନ୍ତେ ହିନର ଏକ ତୃତୀୟାଂଶ ଦ୍ରାକ୍ଷାରସ ଉତ୍ସର୍ଗ
କରିବ। ଏହିସବୁ ସଦାପ୍ରଭୁଙ୍କ ମଙ୍ଗଳାର୍ଥକ ଉପହାର ନିମନ୍ତେ।

**8**“ଆଉ ତୁମ୍ଭେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋମବଳି
ନିମନ୍ତେ ଅବା ମାନସିକ ପୂରଣାର୍ଥକ ବଳି ନିମନ୍ତେ କିମ୍ବା
ମଙ୍ଗଳାର୍ଥକ ଉପହାର ନିମନ୍ତେ ଯେବେ ଗୋବତ୍ସ ଉତ୍ସର୍ଗ
କର, **9**ତେବେ ସେହି ଗୋବତ୍ସ ସହିତ ଅର୍ଦ୍ଧହିନ ତୈଳ
ମିଶ୍ରିତ ଏକ ଐଫାର ତିନି ଦଶମାଂଶ ସରୁ ମଇଦାର ଶସ୍ୟ
ନୈବେଦ୍ୟ ଆଣିବା ଉଚିତ୍। **10**ଆଉ ମଧ୍ୟ ତୁମ୍ଭେ ସଦାପ୍ରଭୁଙ୍କ
ତୁଷ୍ଟିଜନକ ଆଘ୍ରାଣାର୍ଥକ ଅଗ୍ନିକୃତ ଉପହାରର ପେୟ ନୈବେଦ୍ୟ
ନିମନ୍ତେ ଅର୍ଦ୍ଧହିନ ଦ୍ରାକ୍ଷାରସ ଆଣିବ। **11**ଏହିରୂପେ ପ୍ରତ୍ୟେକ
ଗୋରୁ, ପ୍ରତ୍ୟେକ ମେଷ, ପ୍ରତ୍ୟେକ ମେଷବତ୍ସ ଅବା ଛାଗବତ୍ସ
ସଦାପ୍ରଭୁଙ୍କ ନିମନ୍ତେ ଉତ୍ସର୍ଗ ପାଇଁ ପ୍ରସ୍ତୁତ କରାଯିବା ଉଚିତ୍।
**12**ତୁମ୍ଭେମାନେ ପ୍ରସ୍ତୁତ କରିବା ସଂଖ୍ୟା ଅନୁସାରେ ପ୍ରତ୍ୟେକ
ପଶୁପତି ସେମାନଙ୍କ ସଂଖ୍ୟା ପ୍ରମାଣେ ସେହିରୂପେ କରିବ।

**13**“ପ୍ରତ୍ୟେକ ନାଗରୀକ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ତୁଷ୍ଟିଜନକ
ଆଘ୍ରାଣାର୍ଥେ ଅଗ୍ନିକୃତ ଉପହାର ଉତ୍ସର୍ଗ କଲେ ଏହି ବ୍ୟବସ୍ଥା
ଅନୁସାରେ ଏହିସବୁ କାର୍ଯ୍ୟ କରିବ। **14**ଯଦି ତୁମ୍ଭ ସହିତ
ବାସ କରୁଥିବା ଜଣେ ବିଦେଶୀ ଲୋକ କିମ୍ବା ସେ ସମୟରେ
କୌଣସି ବିଦେଶୀଗତ ସ୍ଥାୟୀ ଅଧିବାସୀ କିମ୍ବା ଯେ କେହି
ତୁମ୍ଭ ସହିତ ଦୀର୍ଘଦିନ ଧରି ବାସ କରୁଥିବା ଲୋକ ସଦାପ୍ରଭୁଙ୍କୁ
ସୁବାସିତ ଉପହାର ଅର୍ପଣ କରିବାକୁ ଇଚ୍ଛା କରେ, ତେବେ
ତୁମ୍ଭ ପ୍ରତି ପ୍ରଯୁଜ୍ୟ ହେଉଥିବା ସମାନ ପଦ୍ଧତି ତା’ ପାଇଁ
ଅନୁସୃତ ହେବା ଉଚିତ୍। **15**ସମାଜ ନିମନ୍ତେ ଅର୍ଥାତ୍ ତୁମ୍ଭମାନଙ୍କ
ନିମନ୍ତେ ଓ ପ୍ରବାସକାରୀ ବିଦେଶୀ ନିମନ୍ତେ ଏକ ବ୍ୟବସ୍ଥା
ହେବ। ଏହା ତୁମ୍ଭମାନଙ୍କ ପୁରୁଷାନୁକ୍ରମେ ଅନନ୍ତକାଳୀନ ବିଧି;
ସଦାପ୍ରଭୁଙ୍କ ଦୃଷ୍ଟିରେ ତୁମ୍ଭେମାନେ ଓ ବିଦେଶୀମାନେ ସମାନ।
**16**ତୁମ୍ଭମାନଙ୍କ ନିମନ୍ତେ ଓ ତୁମ୍ଭମାନଙ୍କ ମଧ୍ୟରେ ବିଦେଶୀ
ମୂଳ ବ୍ୟକ୍ତି ନିମନ୍ତେ ଏକ ବ୍ୟବସ୍ଥା ଓ ଏକ ବିଧି ହେବ।”

**17**ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, **18**“ମୁଁ ତୁମ୍ଭମାନଙ୍କୁ
ଯେଉଁ ଦେଶକୁ ନେଇ ଯାଉଅଛୁଁ, ସେହି ଦେଶରେ ଉପସ୍ଥିତ
ହେଲେ ତୁମ୍ଭେମାନେ ଏହିରୂପେ କରିବ। **19**ତୁମ୍ଭେମାନେ
ସେହି ଦେଶର ଅନ୍ନ ଭୋଜନ କରିବାବେଳେ ସଦାପ୍ରଭୁଙ୍କୁ
ଏହାର କିଛି ଅଂଶ ଅର୍ପଣ କରିବା ଉଚିତ୍। **20**ତୁମ୍ଭେମାନେ
ନିଜ ନିଜ ପ୍ରଥମ ଶସ୍ୟରୁ ଉତ୍ତୋଳନୀୟ ଉପହାର ନିମନ୍ତେ
ଏକ ପିଠା ଉତ୍ସର୍ଗ କରିବ। ଯେପରି ଶସ୍ୟ ମର୍ଦ୍ଦନ ସ୍ଥାନରେ
ଉତ୍ତୋଳନୀୟ ଉପହାର, ସେହିପରି ତାହା ଉତ୍ତୋଳନ କରିବା
ଉଚିତ୍। **21**ତୁମ୍ଭେମାନେ ପୁରୁଷାନୁକ୍ରମେ ଆପଣା ଆପଣା
ପ୍ରଥମ ଦଳା ଅଟାର ଏକ ଅଂଶ ଉତ୍ସର୍ଗ କରିବ।

**22**“ଯେତେବେଳେ ତୁମ୍ଭେମାନେ ଭୁଲ୍‌ରେ ଏବଂ ଏହିସବୁ
ଆଜ୍ଞାଗୁଡ଼ିକ ପାଳନ କର ନାହିଁ, ଯାହା ସଦାପ୍ରଭୁ ମୋଶାଙ୍କୁ
କହିଲେ। **23**ସଦାପ୍ରଭୁ ମୋଶାଙ୍କ ଦ୍ୱାରା ସେ ସମସ୍ତ ଆଜ୍ଞା
ଦେଇଛନ୍ତି। ସେହିସବୁ ଆଜ୍ଞା ସଦାପ୍ରଭୁ ଦେବା ଦିନଠାରୁ
ପୁରୁଷାନୁକ୍ରମେ ଚିରକାଳ ପାଳନ କରିବା ଉଚିତ୍। **24**ଯଦି
ତାହା ମଣ୍ଡଳୀର ଅଗୋଚରରେ ଭ୍ରାନ୍ତିରେ ହୋଇଥାଏ ତେବେ
ସମସ୍ତ ମଣ୍ଡଳୀ ତୁଷ୍ଟିଜନକ ଆଘ୍ରାଣାର୍ଥେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ହୋମ ନିମନ୍ତେ ଏକ ଗୋବତ୍ସ ଓ ବିଧିମତେ ତାହା ସହିତ
ତହିଁର ଭକ୍ଷ୍ୟ ନୈବେଦ୍ୟ ଓ ତହିଁର ପେୟ ନୈବେଦ୍ୟ ଏବଂ
ପାପାର୍ଥକ ବଳି ନିମନ୍ତେ ଏକ ଛାଗ ଅର୍ପଣ କରିବା ଉଚିତ୍।

**25**“ଆଉ ଯାଜକ ଇଶ୍ରାୟେଲର ଲୋକମାନଙ୍କ ସମସ୍ତ
ମଣ୍ଡଳୀ ନିମନ୍ତେ ପ୍ରାୟଶ୍ଚିତ୍ତ କରିବା ଉଚିତ୍; ତହିଁରେ ସେମାନେ
କ୍ଷମା ପାଇବେ, କାରଣ ତାହା ଭ୍ରାନ୍ତି ଓ ସେମାନେ ସେହି
ଭ୍ରାନ୍ତି ସକାଶେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିଜନିଜ ଉପହାର
ଅର୍ଥାତ୍ ଅଗ୍ନିକୃତ ଉପହାର ଓ ପାପାର୍ଥକ ବଳି ସଦାପ୍ରଭୁଙ୍କ
ଛାମୁକୁ ଆଣି ଅଛନ୍ତି। **26**ଇଶ୍ରାୟେଲର ସମସ୍ତ ଲୋକ ଓ
ବିଦେଶୀ ମୂଳ ବାସୀନ୍ଦା କ୍ଷମା ପାଇବେ। କାରଣ ସେହି
ସମସ୍ତ ଲୋକମାନେ ଭୁଲ୍ କରିଥିଲେ।

**27**“ଆଉ ଯଦି ଜଣେ ବ୍ୟକ୍ତି ଅନିଚ୍ଛାରେ ପାପ କରେ,
ତେବେ ସେ ପାପାର୍ଥକ ବଳିରୂପେ ଏକ ବର୍ଷୀୟା ଏକ
ଛାଗବତ୍ସା ଆଣିବା ଉଚିତ୍। **28**ଯେଉଁ ଲୋକ ଅନିଚ୍ଛାରେ
ଅପରାଧ କରେ, ଯାଜକ ତାହା ପାଇଁ ପ୍ରାୟଶ୍ଚିତ୍ତ କରିବ,
ତହିଁରେ ତାକୁ କ୍ଷମା କରାଯିବ। **29**ଇଶ୍ରାୟେଲର ସମସ୍ତ
ଲୋକଙ୍କ ନିମନ୍ତେ ଓ ସେମାନଙ୍କ ମଧ୍ୟରେ ବାସ କରୁଥିବା
ବିଦେଶୀ ମୂଳ ବାସୀନ୍ଦା ନିମନ୍ତେ ଅନିଚ୍ଛାରେ କରାଯାଇଥିବା
ପାପର ପ୍ରାୟଶ୍ଚିତ୍ତ ନିମନ୍ତେ ଏକା ବ୍ୟବସ୍ଥା ହେବ।

**30**“ଯଦି ଯେଉଁ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବରେ ପାପକର୍ମ
କରେ ସେ ଇଶ୍ରାୟେଲୀୟ କି ବିଦେଶୀ ମୂଳ ସ୍ଥାୟୀ ବାସୀନ୍ଦା
ହେଉ, ଯଦି ସଦାପ୍ରଭୁଙ୍କର ନିନ୍ଦା କରେ, ତେବେ ସେ ବ୍ୟକ୍ତି
ଆପଣା ଲୋକଙ୍କଠାରୁ ବହିଷ୍କାର ହେବ। **31**କାରଣ ସେ
ସଦାପ୍ରଭୁଙ୍କର ବାକ୍ୟ ଅବଜ୍ଞା କଲା ଓ ତାଙ୍କର ଆଜ୍ଞା ଭଙ୍ଗ
କଲା, ତେଣୁ ସେ ବ୍ୟକ୍ତି ନିଶ୍ଚିତ ବହିଷ୍କାର ହେବ ଓ ତା’ର
ପାପ ସେ ବହନ କରିବ।”

### ବିଶ୍ରାମବାରରେ ଏକବ୍ୟକ୍ତି କାର୍ଯ୍ୟ କରିବା

**32**ସେତେବେଳେ ଇଶ୍ରାୟେଲ ଥିବା ସମୟରେ ଗୋଟିଏ
ବ୍ୟକ୍ତିକୁ ବିଶ୍ରାମ ବାରରେ କାଠ ସଂଗ୍ରହ କରୁଥିବାର ଦେଖିଲେ।
**33**ପୁଣି ଯେଉଁମାନେ ତାକୁ କାଠ ସଂଗ୍ରହ କରୁଥିବାର ଦେଖିଲେ
ସେମାନେ ମୋଶା ଓ ହାରୋଣ ନିକଟକୁ ତାକୁ
ଆଣିଲେ ଓ ସମସ୍ତ ମଣ୍ଡଳୀ ତା’ର ଗୃଶପଟେ ଏକତ୍ରିତ
ହେଲେ। **34**ଆଉ ସେମାନେ ତାହାକୁ ସେଠାରେ ରଖିଲେ।
କାରଣ ତା’ପ୍ରତି କି ପ୍ରକାର ଶାସ୍ତି ବିଧାନ ହେବ ସେମାନେ
ଜାଣି ନ ଥିଲେ।

**35**ତା’ପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, “ସେ ମନୁଷ୍ୟକୁ
ଆଇନ ସଂଗତ ଦଣ୍ଡ ଦିଆଯିବ। ସମଗ୍ର ମଣ୍ଡଳୀ ତାହାକୁ
ଛାଉଣୀ ବାହାରେ ପଥର ପକାଇ ବଧ କରିବେ।” **36**ତେଣୁ
ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କ ଆଜ୍ଞାନୁସାରେ ସମଗ୍ର ମଣ୍ଡଳୀ
ତାହାକୁ ଛାଉଣୀ ବାହାରକୁ ଆଣି ପଥର ଫିଙ୍ଗି ହତ୍ୟା କରିବା
ଉଚିତ୍।

## ପରମେଶ୍ୱର ତାଙ୍କର ସନ୍ତାନମାନଙ୍କୁ ବ୍ୟବସ୍ଥା ସ୍ମରଣ କରିବାକୁ ଅନୁଗ୍ରହ

37ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 38“ଇସ୍ରାୟେଲ
ଲୋକମାନଙ୍କୁ କୁହ, ଏହି ଆଜ୍ଞା ଜଣାଇ ଦିଅ, ସେମାନେ
ନିଜ ନିଜ ବସ୍ତ୍ରର ଅଞ୍ଚଳରେ ଝାଲର ପ୍ରସ୍ତୁତ ଓ ପ୍ରତ୍ୟେକ
ଅଞ୍ଚଳର ଝାଲର ଉପରେ ନୀଳ ସୂତ୍ର ଦିଅନ୍ତୁ। ପୁରୁଷାନୁକ୍ରମେ
ତାକୁ ଚିରକାଳ ପରିଧାନ କରିବା ଉଚିତ୍। 39ତୁମ୍ଭେମାନେ
ଯେପରି ସେହି ଝାଲର ଏକାଠି ବନ୍ଧା ହୋଇଥିବା ଦେଖି
ସଦାପ୍ରଭୁଙ୍କର ସମସ୍ତ ଆଜ୍ଞା ମନେ କରି ପାଳନ କରିବ।
ଆଉ ତୁମ୍ଭେମାନେ ସଦାପ୍ରଭୁଙ୍କ ଆଜ୍ଞାକୁ ଭୁଲି ମନ ଓ ଚକ୍ଷୁ
ଅନୁସାରେ ବ୍ୟଭିଚାର କର ନାହିଁ। 40ତୁମ୍ଭମାନେ ମୋର
ସମସ୍ତ ଆଜ୍ଞା ସ୍ମରଣ କରି ପାଳନ କରିବା ଉଚିତ୍।
ତୁମ୍ଭେମାନେ ତୁମ୍ଭମାନଙ୍କର ପରମେଶ୍ୱରଙ୍କର ପବିତ୍ର ଲୋକ
ହେବା ଉଚିତ୍। 41ମୁଁ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର।
ମୁଁ ତୁମ୍ଭମାନଙ୍କର ପରମେଶ୍ୱର ହେବାକୁ ତୁମ୍ଭମାନଙ୍କୁ ମିଶର
ଦେଶରୁ ବାହାର କରି ଆଣିଅଛି।”

## କେତେକ ଅଧିପତି ମୋଶାଙ୍କ ବିପକ୍ଷ ହୁଅନ୍ତି

16 ଲେବୀର ଏକ ବଂଶଧର କୋରହ, କୋରହ ଯିଷ୍ହରର
ପୁତ୍ର, ତା'ର ପିତା କହାତ ଏବଂ ରୁବେନର ତିନିଜଣ
ମଧ୍ୟରୁ ଦାଥନ ଓ ଅବୀରାମ, ଇଲୀୟାବର ଦୁଇ ପୁତ୍ର
ପେଲତର ପୁତ୍ର ଓନ୍। 2ଇସ୍ରାୟେଲର ଲୋକମାନଙ୍କର 250
ଜଣ ନେତୃବର୍ଗ ମୋଶାଙ୍କ ବିରୁଦ୍ଧରେ ଗଲେ। 3ସେମାନେ
ଏକତ୍ର ହୋଇ ମୋଶା ଓ ହାରୋଣଙ୍କ ବିରୁଦ୍ଧରେ କହିଲେ,
“ତୁମ୍ଭେମାନେ ନିଜକୁ ବହୁତ ଗୁରୁତର ଦେଖାଇଲ। ମଣ୍ଡଳୀର
ପ୍ରତ୍ୟେକ ବ୍ୟକ୍ତି ପବିତ୍ର ଓ ସଦାପ୍ରଭୁ ସେମାନଙ୍କ ମଧ୍ୟରେ
ବାସ କରୁଛନ୍ତି। ତୁମ୍ଭେମାନେ ସଦାପ୍ରଭୁଙ୍କ ମଣ୍ଡଳୀ ଉପରେ
କାହିଁକି ପ୍ରଭୁତ୍ୱ ଦେଖାଉଛ?”

4ତା'ପରେ ମୋଶା ଏହା ଶୁଣି ନିଜକୁ ନମ୍ର କରି ମୁହଁ
ମାଡ଼ି ପଡ଼ି ରହିଲେ। 5ତା'ପରେ ମୋଶା କୋରହକୁ ଓ
ତାଙ୍କର ସମସ୍ତ ଅନୁଗାମୀମାନଙ୍କୁ କହିଲେ, “ସଦାପ୍ରଭୁ କାଲି
ଦେଖାଇବେ, ଯିଏ ପ୍ରକୃତରେ ତାଙ୍କ ଲୋକ ଓ ଯିଏ
ପ୍ରକୃତରେ ପବିତ୍ର। ଆଉ ସେ ତାକୁ ନିଜ ପାଖକୁ ଆଣିବେ,
ଯାହାକୁ ସେ ପସନ୍ଦ କରନ୍ତି। 6ହେ କୋରହ, ତୁମ୍ଭେ ଓ
ତୁମ୍ଭର ଅନୁଗାମୀମାନେ ଏହା କରିବା ଉଚିତ। ବିଶେଷ
ଅଙ୍ଗାରଧାନୀ ନିଅ। 7କାଲି ତହିଁରେ ଅଗ୍ନି ଦିଅ। ସଦାପ୍ରଭୁଙ୍କ
ସମ୍ମୁଖରେ ତହିଁ ଉପରେ ଧୂପ ଥୁଅ। ତହିଁରେ ସଦାପ୍ରଭୁ
ଯେଉଁ ବ୍ୟକ୍ତିକି ମନୋନୀତ କରିବେ ସେହି ପବିତ୍ର ହେବ।
ହେ ଲେବୀର ପୁତ୍ରମାନେ ତୁମ୍ଭେମାନେ ବହୁ ଦୂରକୁ ଚାଲି
ଯାଇଛ, ତୁମ୍ଭେମାନେ ଭ୍ରାନ୍ତିପୂର୍ଣ୍ଣ।”

8ଆଉ ମୋଶା କୋରହକୁ କହିଲେ, “ହେ ଲେବୀର
ସନ୍ତାନଗଣ, ତୁମ୍ଭେମାନେ ଟିକିଏ ଶୁଣ। 9ଇସ୍ରାୟେଲର ପରମେଶ୍ୱର
ତୁମ୍ଭମାନଙ୍କୁ ଇସ୍ରାୟେଲ ମଣ୍ଡଳୀରୁ ପୃଥକ୍ କରି ସଦାପ୍ରଭୁଙ୍କ
ପବିତ୍ର ତମ୍ବୁ ନିମନ୍ତେ ନିୟୋଜିତ କରିଛନ୍ତି ଓ ତୁମ୍ଭମାନଙ୍କ
ମଣ୍ଡଳୀ ସମ୍ମୁଖରେ ଠିଆ ହୋଇ ସେବା କରିବାପାଇଁ ଆପଣା
ନିକଟବର୍ତ୍ତୀ କରିଛନ୍ତି। ଏହା ତୁମ୍ଭମାନଙ୍କ ପାଇଁ ଯଥେଷ୍ଟ ନୁହଁ
କି? 10ସଦାପ୍ରଭୁ ତୁମ୍ଭଙ୍କୁ ଓ ତୁମ୍ଭର ସମସ୍ତ ଲେବୀ
ସନ୍ତାନଗଣଙ୍କୁ ସାହାଯ୍ୟ କରିବାକୁ ତାଙ୍କର ନିକଟବର୍ତ୍ତୀ କରିଅଛନ୍ତି।
ଏହା କ'ଣ ତୁମ୍ଭମାନଙ୍କ ପକ୍ଷରେ କ୍ଷୁଦ୍ର କଥା? ଆଉ
ତୁମ୍ଭେମାନେ ଯାଜକ ହେବାକୁ ଚେଷ୍ଟା କରୁଛ? 11ତୁମ୍ଭେ ଓ
ତୁମ୍ଭର ଅନୁଗାମୀଗଣ ଦଳବାନ୍ଧି ସଦାପ୍ରଭୁଙ୍କ ବିରୁଦ୍ଧରେ ଯାଇଅଛ।
ହାରୋଣ କିଛି ଅବାଧ୍ୟ କରିନାହାଁନ୍ତି। ମାତ୍ର ତୁମ୍ଭେମାନେ
ତାଙ୍କର ବିପକ୍ଷରେ ଅଭିଯୋଗ କରିଅଛ।”

12ତା'ପରେ ମୋଶା ଇଲୀୟାବର ପୁତ୍ର ଦାଥନକୁ ଓ
ଅବୀରାମକୁ ଡ଼ାକିବାକୁ ଲୋକ ପଠାଇଲେ; ମାତ୍ର ସେମାନେ
କହିଲେ, “ଆମ୍ଭେମାନେ ଯିବା ନାହିଁ। 13ତୁମ୍ଭେ ଆମ୍ଭମାନଙ୍କୁ
ଦୁଗ୍ଧମଧୁ ପ୍ରବାହୀ ଦେଶରୁ ବାହାର କରି ଏହି ପ୍ରାନ୍ତରରେ
ମାରିବାକୁ ଆଣିଅଛ। ଏହା କ'ଣ କ୍ଷୁଦ୍ର ବିଷୟ? ଆହୁରି
ତୁମ୍ଭେ ନିଜକୁ ଆମ୍ଭମାନଙ୍କ ଉପରେ ଶାସକ ହେବାକୁ ଚାହୁଁଛ।
14ଆମ୍ଭେ କାହିଁକି ତୁମ୍ଭକୁ ମାନିବୁ? ତୁମ୍ଭେତ ଆମ୍ଭମାନଙ୍କୁ
ଦୁଗ୍ଧମଧୁ ପ୍ରବାହୀ ଦେଶକୁ ଆଣି ନାହିଁ? ତୁମ୍ଭେ ତ ଆମ୍ଭମାନଙ୍କୁ
ଏକ ଉର୍ବର ଅଞ୍ଚଳକୁ ଆଣି ନାହିଁ, ଯେଉଁଠାରେ ଆମ୍ଭେମାନେ
ଶସ୍ୟ କ୍ଷେତ୍ର ଓ ଦ୍ରାକ୍ଷା କ୍ଷେତ୍ରର ଅଧିକାର ପାଇବୁ। ତୁମ୍ଭେ
ଏହି ମନୁଷ୍ୟମାନଙ୍କୁ ଠକିବ କି? ନା ଆମ୍ଭେମାନେ ଯାଉ
ନାହୁଁ।”

15ତେଣୁ ମୋଶା ଅତ୍ୟନ୍ତ କ୍ରୋଧାନ୍ୱିତ ହେଲେ, ସେ
ସଦାପ୍ରଭୁଙ୍କୁ କହିଲେ, “ମୁଁ ଏହି ଲୋକମାନଙ୍କର କିଛି କ୍ଷତି
କରିନାହିଁ, ମୁଁ ସେମାନଙ୍କଠାରୁ ଗୋଟିଏ ଗଧ ମଧ୍ୟ ନେଇନାହିଁ।
ତେଣୁ ତୁମ୍ଭେ ଏମାନଙ୍କର ନୈବେଦ୍ୟ ଗ୍ରହଣ କରନାହିଁ।”

16ତା'ପରେ ମୋଶା କୋରହକୁ କହିଲେ, “କାଲି ତୁମ୍ଭେ
ଓ ତୁମ୍ଭର ସମସ୍ତ ଅନୁଗାମୀ ସଦାପ୍ରଭୁଙ୍କ ସମ୍ମୁଖରେ ଛିଡ଼ା
ହୁଅ। ତୁମ୍ଭେ ଓ ତୁମ୍ଭର ସମସ୍ତ ଅନୁଗାମି ଓ ସେଠାରେ କାଲି
ରହିବା ଉଚିତ୍। 17ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ନିଜ
ଅଙ୍ଗାରଧାନୀ ନିଅ ଓ ତହିଁ ଉପରେ ଧୂପ ଦିଅ। ପୁଣି
ସେମାନଙ୍କୁ ସଦାପ୍ରଭୁଙ୍କ ସମ୍ମୁଖକୁ ଆଣ। ପ୍ରତ୍ୟେକ 250
ପୁରୁଷ ଏହା କରିବା ଉଚିତ୍। ତୁମ୍ଭେ ଏବଂ ହାରୋଣ
ପ୍ରତ୍ୟେକ ଗୋଟିଏ ଗୋଟିଏ ଅଙ୍ଗାରଧାନୀ ଆଣିବା ଉଚିତ୍।”

18ତେଣୁ ସେମାନେ ପ୍ରତ୍ୟେକ ନିଜ ନିଜ ବିଶେଷ
ଅଙ୍ଗାରଧାନୀ ନେଇ ତହିଁରେ ଅଗ୍ନି ଦେଲେ। ପୁଣି ତାହା
ଉପରେ ଧୂପ ଥୋଇ ମୋଶା ଓ ହାରୋଣଙ୍କ ସହିତ
ସମାଗମ ତମ୍ବୁ ନିକଟରେ ଠିଆ ହେଲେ। 19ପୁଣି କୋରହ
ସମସ୍ତ ମଣ୍ଡଳୀକି ଏକତ୍ରିତ କରି ସମାଗମ ତମ୍ବୁଦ୍ୱାର ନିକଟରେ
ସେମାନଙ୍କ ପ୍ରତିକୂଳରେ ଉପସ୍ଥିତ ହେଲେ, ସେତେବେଳେ
ସମସ୍ତ ମଣ୍ଡଳୀ ପ୍ରତି ସଦାପ୍ରଭୁଙ୍କ ମହିମା ଆବିର୍ଭାବ ହେଲା।

20ଅନନ୍ତର ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ,
21“ତୁମ୍ଭେମାନେ ଏହି ମଣ୍ଡଳୀଠାରୁ ପୃଥକ୍ ହୁଅ, ଆମ୍ଭେ ଏକ
ନିମିଷରେ ସେମାନଙ୍କୁ ସଂହାର କରିବା।”

22ତହୁଁ ସେମାନେ ମୁହଁ ମାଡ଼ି ପଡ଼ି କହିଲେ, “ହେ
ପରମେଶ୍ୱର, ତୁମ୍ଭେ ଜାଣ ସମସ୍ତ ଲୋକମାନେ କଣ ଚିନ୍ତା
କରୁଛନ୍ତି, ଯଦି ମଣ୍ଡଳର କେହି ପାପ କରେ, ସମସ୍ତ
ମଣ୍ଡଳକୁ ଉତ୍ପୀଡ଼ନ କରିବା ଉଚିତ୍ କି?”

23ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 24“ତୁମ୍ଭେ
ମଣ୍ଡଳୀକୁ କୁହ, କୋରହ, ଦାଥନ ଓ ଅବୀରାମର ତମ୍ବୁଠାରୁ
ଚାଲି ଯାଆନ୍ତୁ।”

25ମୋଶା ଉଠି ଦାଥନ ଓ ଅବୀରାମ ନିକଟକୁ ଗଲେ।
ଇସ୍ରାଏଲର ନେତୃବର୍ଗ ସେମାନଙ୍କୁ ଅନୁସରଣ କଲେ।
26ତହୁଁ ମୋଶା ମଣ୍ଡଳୀକି କହିଲେ, "ବିନୟ କରୁଅଛି
ତୁମ୍ଭେମାନେ ଏହି ଦୁଷ୍ଟ ଲୋକମାନଙ୍କ ଛାଉଣୀରୁ ଉଠିଯାଅ
ଏବଂ ସେମାନଙ୍କର କିଛି ମାତ୍ର ସ୍ପର୍ଶ କରନାହିଁ। ନଚେତ୍
ତୁମ୍ଭେମାନେ ସେମାନଙ୍କ ପାପ ଲାଗି ବିନଷ୍ଟ ହେବ।"

27ଏଥିରେ ଲୋକମାନେ କୋରହ, ଦାଥନ ଓ ଅବୀରାମର
ପବିତ୍ର ତମ୍ବୁ ଠାରୁ ଚାଲିଗଲେ। ଦାଥନ ଓ ଅବୀରାମ
ବାହାରକୁ ଆସି ନିଜ ନିଜ ସ୍ତ୍ରୀ, ପୁତ୍ର ଓ ପିଲାମାନଙ୍କ ସହିତ
ନିଜ ନିଜ ତମ୍ବୁର ଫାଟକରେ ଠିଆ ହେଲେ।

28ତା'ପରେ ମୋଶା କହିଲେ, "ମୁଁ ତୁମ୍ଭମାନଙ୍କୁ ପ୍ରମାଣ
ଦେବି ଯେ ସଦାପ୍ରଭୁ ମୋତେ ଏସବୁ କରିବା ପାଇଁ ପଠାଇ
ଅଛନ୍ତି, ମୁଁ ନିଜ ମନରୁ କିଛି କରୁନାହିଁ ବୋଲି ତୁମ୍ଭେମାନେ
ଜାଣିବ। 29ଯଦି ଏହି ଲୋକମାନେ ସ୍ୱାଭାବିକ ଭାବରେ
ମରନ୍ତି, ତେବେ ବୁଝିବେ ସଦାପ୍ରଭୁ ମୋତେ ପଠାଇନାହାନ୍ତି।
30ମାତ୍ର ସଦାପ୍ରଭୁ ଯେବେ କୌଣସି ନୂତନ କର୍ମ କରନ୍ତି,
ଆଉ ପୃଥିବୀ ଆପଣା ମୁଖ ବିସ୍ତାର କରି ସେମାନଙ୍କୁ ଓ
ସେମାନଙ୍କ ସର୍ବସ୍ୱ ଗ୍ରାସ କରେ, ସେମାନଙ୍କୁ ଜିଅନ୍ତା କବର
ଦିଅ, ତେବେ ତୁମ୍ଭେମା ହୃଦ୍‌ବୋଧ କରିବ ଯେ, ସେମାନେ
ସଦାପ୍ରଭୁଙ୍କୁ କଳୁଷିତ କରିଅଛନ୍ତି।"

31ମୋଶା ତାଙ୍କର ଏହି ବକ୍ତବ୍ୟ ଶେଷ କରିବା ମାତ୍ରେ
ସେମାନଙ୍କ ଅଧଃସ୍ଥ ଭୂମି ଫାଟିଗଲା। 32ପୁଣି ପୃଥିବୀ ଆପଣା
ମୁଖ ବିସ୍ତାର କରି ସେମାନଙ୍କୁ ଓ ସେମାନଙ୍କ ପରିବାରକୁ
ଆଉ କୋରହର ସପକ୍ଷ ଲୋକଙ୍କୁ ଓ ସେମାନଙ୍କର ସକଳ
ସମ୍ପତ୍ତି ଗ୍ରାସ କଲା। 33ଏହିରୂପେ ସେମାନେ ଜିଅନ୍ତା କବର
ନେଲେ ଓ ପୃଥିବୀ ସେମାନଙ୍କୁ ଚାପି ଦେଲା। ଏଥିରେ
ସେମାନେ ମଣ୍ଡଳୀରୁ ପୋଛି ହୋଇଗଲେ।

34ଏଥିରେ ଇସ୍ରାଏଲ ଲୋକମାନେ ସେମାନଙ୍କର କରୁଣ
ଚିତ୍କାର ଶୁଣି ଏଣେ ତେଣେ ପଳାୟନ କଲେ। ଆଉ
ସେମାନେ କହିଲେ, "ପୃଥିବୀ ଆମ୍ଭମାନଙ୍କୁ ମଧ୍ୟ ଗ୍ରାସ
କରିବ।"

35ଏହାପରେ ସଦାପ୍ରଭୁଙ୍କଠାରୁ ଅଗ୍ନି ନିର୍ଗତ ହୋଇ ସେହି
250 ଧୂପ ଉତ୍ସର୍ଗକାରୀଙ୍କୁ ଗ୍ରାସ କଲା।

36ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 37-38"ଯାଜକ
ହାରୋଣର ପୁତ୍ର ଇଲୀୟାସରକୁ କୁହ, ସେ ଅଗ୍ନି ମଧ୍ୟରୁ
ସେହି ସମସ୍ତ ବିଶେଷ ଅଙ୍ଗାରଧାନୀ ବାହାର କରିଦେଉ। ସେ
ପାଉଁଶକୁ ସେଠାରେ ବିଞ୍ଚିଦେଉ। ସେମାନେ ମୋ ବିରୁଦ୍ଧରେ
ପାପ କରିଥିଲେ, ତେଣୁ ସେମାନଙ୍କର ଜୀବନ ଗଲା। ମାତ୍ର
ସେହି ବିଶେଷ ଅଙ୍ଗାରଧାନୀ ଗୁଡ଼ିକ ପବିତ୍ର କାରଣ ସେଗୁଡ଼ିକ
ସଦାପ୍ରଭୁଙ୍କୁ ଉତ୍ସର୍ଗ କରାଯାଇ ଥିଲା। ଏଣୁ ସେସବୁକୁ ପିଟାପାତ୍ର
କରାଯାଉ ଓ ତାହା ଯଜ୍ଞବେଦୀର ଆଚ୍ଛାଦକ ନିମନ୍ତେ ବ୍ୟବହୃତ
ହେଉ। ଏହିସବୁ ଇସ୍ରାଏଲ ସନ୍ତାନଗଣ ପ୍ରତି ଚିହ୍ନ ସ୍ୱରୂପ
ହେବ।"

39ତେଣୁ ଇଲୀୟାସର ସେହି ଦଗ୍ଧ ଲୋକମାନଙ୍କର
କଂସାର ଅଙ୍ଗାରଧାନୀ ଏକତ୍ରିତ କଲା। ସେମାନେ ଯଜ୍ଞବେଦୀର
ଧାତୁ ଆଚ୍ଛାଦକ ରୂପେ ଏହାକୁ ପିଟି କଲେ। 40ଏହି ଧାତୁ
ଆଚ୍ଛାଦକ ଇସ୍ରାଏଲର ଲୋକମାନଙ୍କୁ ମନେପକାଇ ଦିଏ ଯେ,
ହାରୋଣ ପରିବାର ବ୍ୟତୀତ ଅନ୍ୟ କେହି ସଦାପ୍ରଭୁଙ୍କ
ସମ୍ମୁଖରେ ଧୂପ ଜାଳି ପାରିବେ ନାହିଁ। ଯଦି ଅନ୍ୟ କେହି
ଏହି ସେବା କରିବ, ସେ କୋରହଙ୍କୁ ପରିବାରବର୍ଗ ପରି
ହେବ ବୋଲି ଯାହା ମୋଶାଙ୍କ ଦ୍ୱାରା ସଦାପ୍ରଭୁ ଜଣାଇ
ଥିଲେ।

## ହାରୋଣ ଲୋକମାନଙ୍କୁ ରକ୍ଷା କରନ୍ତି

41ତା' ପରଦିନ ଇସ୍ରାଏଲ ସମସ୍ତ ଲୋକମାନେ ମୋଶା
ଓ ହାରୋଣଙ୍କ ବିରୁଦ୍ଧରେ ଅଭିଯୋଗ କରି କହିଲେ ଯେ,
"ସେମାନେ ସଦାପ୍ରଭୁଙ୍କ ଲୋକମାନଙ୍କୁ ହତ୍ୟା କଲେ।"

42ଯେତେବେଳେ ଲୋକମାନେ ମୋଶା ଓ ହାରୋଣ
ବିରୁଦ୍ଧରେ ଏକତ୍ରିତ ହେଲେ, ସେମାନେ ବୁଲିପଡ଼ିଲେ ଓ
ସମାଗମ ତମ୍ବୁକୁ ଦେଖିଲେ ଯେ, ତାହା ମେଘରେ ଆଚ୍ଛାଦିତ
ହୋଇଥିଲା ଏବଂ ସଦାପ୍ରଭୁଙ୍କର ମହିମା ଦେଖାଯାଉଥିଲା।
43ତା'ପରେ ମୋଶା ଓ ହାରୋଣ ସମାଗମ ତମ୍ବୁ ସମ୍ମୁଖକୁ
ଆସିଲେ।

44ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 45"ତୁମ୍ଭେମାନେ
ଏହି ମଣ୍ଡଳୀ ମଧ୍ୟରୁ ଉଠିଯାଅ, ଆମ୍ଭେ ଏକା ନିମିଷରେ
ସେମାନଙ୍କୁ ସଂହାର କରିବା।" ଏଥିରେ ମୋଶା ଓ ହାରୋଣ
ମୁହଁ ମାଡ଼ି ପଡ଼ିଲେ।

46ତା'ପରେ ମୋଶା ହାରୋଣଙ୍କୁ କହିଲେ, "ତୁମ୍ଭେ
ପିତ୍ତଳର ଅଙ୍ଗାରଧାନୀ ନେଇ ତହିଁ ମଧ୍ୟରେ ଯଜ୍ଞବେଦୀରୁ
ଅଗ୍ନି ଦିଅ। ଏଥିରେ ଧୂପ ଦେଇ ଶୀଘ୍ର ମଣ୍ଡଳୀ ନିକଟକୁ
ଯାଇ ସେମାନଙ୍କ ନିମନ୍ତେ ପ୍ରାୟଶ୍ଚିତ୍ତ କର। କାରଣ ସଦାପ୍ରଭୁ
ଅତି କ୍ରୋଧିତ ହୋଇଛନ୍ତି, ମହାମାରୀ ବ୍ୟାପି ଗଲାଣି।"

47ତେଣୁ ହାରୋଣ ମୋଶାଙ୍କ କହିବା ଅନୁସାରେ ତାହା
ନେଇ ସମାଜ ମଧ୍ୟକୁ ଦୌଡ଼ିଗଲେ। ସେତେବେଳକୁ ଲୋକମାନଙ୍କ
ମଧ୍ୟରେ ମହାମାରୀ ଆରମ୍ଭ ହୋଇଥିଲା। ତହିଁରେ ସେ ଧୂପ
ଦେଇ ଲୋକମାନଙ୍କ ପାଇଁ ପ୍ରାୟଶ୍ଚିତ୍ତ କଲେ। 48ହାରୋଣ
ମୃତ ଓ ଜୀବିତ ଲୋକମାନଙ୍କ ମଧ୍ୟରେ ଠିଆ ହେଲେ।
ତା'ପରେ ମହାମାରୀ ନିବୃତ୍ତ ହେଲା। 49କୋରହର କଥା
ହେତୁ ମରିଥିବା ଲୋକଙ୍କୁ ଛାଡ଼ି 14,700 ଲୋକ ଏହି
ମହାମାରୀରେ ମଲେ। 50ତହୁଁ ମହାମାରୀ ନିବୃତ୍ତ ହେବାରୁ
ହାରୋଣ ସମାଗମ ତମ୍ବୁ ଦ୍ୱାରରେ ମୋଶାଙ୍କ ନିକଟକୁ ଫେରି
ଆସିଲେ।

## ପରମେଶ୍ୱର ହାରୋଣଙ୍କୁ ମହାନ ଯାଜକ ରୂପେ ପ୍ରମାଣ କରନ୍ତି

17 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ଇସ୍ରାଏଲର
ଲୋକମାନଙ୍କୁ କୁହ, ପ୍ରତ୍ୟେକ ପରିବାର ପାଇଁ
ସେମାନଙ୍କ ପରିବାରବର୍ଗର ନେତୃବର୍ଗଙ୍କଠାରୁ ଗୋଟିଏ ଗୋଟିଏ
ଆଶାବାଡ଼ି ନିଅନ୍ତୁ। ସେହି ଆଶାବାଡ଼ି ଉପରେ ସେହି ବ୍ୟକ୍ତିର
ନାମ ଲେଖ। 3ପୁଣି ତୁମ୍ଭେ ଲେବୀର ଆଶାବାଡ଼ିରେ ହାରୋଣର
ନାମ ଲେଖିବ। କାରଣ ସେମାନଙ୍କ ପ୍ରତ୍ୟେକ ପିତୃଗୃହର
ଅଧ୍ୟକ୍ଷ ନିମନ୍ତେ ଏକ ଆଶାବାଡ଼ି ହେବ। 4ସମାଗମ ତମ୍ବୁର
ପବିତ୍ର ସିନ୍ଦୁକ ସମ୍ମୁଖରେ ଏହିସବୁ ଆଶାବାଡ଼ି ସେହିଠାରେ
ରଖ। ଯେଉଁ ସ୍ଥାନରେ ମୁଁ ତୁମ୍ଭ ସହିତ ଦେଖା କରେ।

5ଏହା କଲପରେ ଆମ୍ଭେ ଯେଉଁ ଲୋକଙ୍କୁ ଯାଜକରୂପେ
ମନୋନୀତ କରବା ତାହାର ଆଶାବାଡ ପଲ୍ଲବତ ହେବ। ଆଉ
ଇଶ୍ରାୟେଲ ଲୋକମାନେ ତୁମ୍ଭମାନଙ୍କ ବରୁଦ୍ଧରେ ଯେଉଁ ଅଭିଯୋଗ
କରୁଛନ୍ତ, ସେଥିରୁ ସେମାନେ ନବୃତ୍ତ ରହବେ।"

6ଯେତେବେଳେ ମୋଶା ଇଶ୍ରାୟେଲର ଲୋକମାନଙ୍କୁ
କହଲେ, ସେମାନଙ୍କର ପିତୃଗୃହ ଅନୁସାରେ ସେମାନଙ୍କର
ନେତୃବର୍ଗମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ଆଶାବାଡ
ନେଲେ। ଏହରୂପେ ସେମାନେ ବାରଟି ଆଶାବାଡ ତାଙ୍କୁ
ଦେଲେ। ସେଥି ମଧ୍ୟରେ ହାରୋଣଙ୍କର ଏକ ଆଶାବାଡ
ଥିଲା। 7ତହୁଁ ମୋଶା ସଦାପ୍ରଭୁଙ୍କ ସମ୍ମୁଖର ନୟମ ତମ୍ବୁରେ
ସମସ୍ତ ସହଯୋଗୀମାନଙ୍କୁ ରଖିଲେ।

8ଏହାପରେ ଆରଦନ ମୋଶା ସାକ୍ଷ୍ୟ ତମ୍ବୁରେ ପ୍ରବେଶ
କର ସାକ୍ଷ୍ୟ ସିନ୍ଦୁକ ଦେଖିଲେ, ଲେବୀ ଗୃହ ନମନ୍ତେ ଥିବା
ହାରୋଣଙ୍କ ଆଶାବାଡ ଅଙ୍କୁରତ ହୋଇଅଛି, ପୁଣି ଏହ
ଅଙ୍କୁର ବାହାର ହେଲା। ଫୁଲ ଫୁଟିଲା ଓ ପକ୍ୱ ବାଦାମ
ଫଳଲା। 9ତହୁଁ ମୋଶା ସଦାପ୍ରଭୁଙ୍କ ସମ୍ମୁଖରୁ ସେହସବୁ
ଆଶାବାଡ ଆଣି ଇଶ୍ରାୟେଲର ସମସ୍ତ ଲୋକଙ୍କୁ ଦେଖାଇଲେ,
ସେମାନେ ତାହା ଦେଖି ପ୍ରତ୍ୟେକେ ନଜ ନଜ ଆଶାବାଡ
ନେଲେ।

10ତା'ପରେ ସଦାପ୍ରଭୁ ମୋଶାଙ୍କୁ କହଲେ, "ହାରୋଣଙ୍କ
ଆଶାବାଡକୁ ନୟମତମ୍ବୁ ସମ୍ମୁଖରେ ରଖ। ଏହା ଆମ୍ଭ
ବରୁଦ୍ଧରେ ବଦ୍ରୋହୀ ଲୋକମାନଙ୍କ ପ୍ରତି ସତର୍କ ସ୍ୱରୂପ
ରଖାଯିବ। ସେମାନେ ମୋ ବରୁଦ୍ଧରେ ଅଭିଯୋଗରୁ ନବୃତ୍ତ
ହେବେ ଓ ମୁଁ ସେମାନଙ୍କୁ ଆଉ ହତ୍ୟା କରବ ନାହିଁ।"
11ତେଣୁ ମୋଶା ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ କାର୍ଯ୍ୟ
କଲେ।

12ଏହାପରେ ଇଶ୍ରାୟେଲର ଲୋକମାନେ ମୋଶାଙ୍କୁ କହଲେ,
"ଆମ୍ଭେ ଜାଣୁ ଆମ୍ଭେମାନେ ମରବୁ। ଆମ୍ଭେମାନେ ବନଷ୍ଟ
ହୋଇଅଛୁ, ଆମ୍ଭେମାନେ ବନଷ୍ଟ ହେବୁ। 13ଯେ କେହ
ସଦାପ୍ରଭୁଙ୍କ ପବତ୍ର ତମ୍ବୁ ନକଟକୁ ଆସୁଛ, ସେ ମରୁଅଛ,
ଏହା କ'ଣ ସତ୍ୟ ଆମ୍ଭେ ସମସ୍ତେ ପ୍ରାଣ ଛାଡ଼ ବନଷ୍ଟ
ହେବା?"

## ଯାଜକମାନଙ୍କର ଓ ଲେବୀମାନଙ୍କର କାର୍ଯ୍ୟ

18 ଅନନ୍ତର ସଦାପ୍ରଭୁ ହାରୋଣଙ୍କୁ କହଲେ, "ତୁମ୍ଭେ,
ତୁମ୍ଭର ପୁତ୍ରଗଣ ଓ ତୁମ୍ଭର ପରବାର ପବତ୍ରସ୍ଥାନ
ପାଇଁ ଦାୟୀ ରହବ। ପୁଣି ଯାଜକତ୍ୱର କର୍ତ୍ତବ୍ୟ ପାଇଁ ତୁମ୍ଭେ
ଓ ତୁମ୍ଭର ପୁତ୍ରଗଣ ଦାୟୀ ରହବେ। 2ତୁମ୍ଭେ ଲେବୀୟମାନଙ୍କଠାରୁ
ତୁମ୍ଭର ଅନ୍ୟ ଭ୍ରାତୃଗଣଙ୍କୁ ତୁମ୍ଭ ନକଟକୁ ଆଣ। ସେମାନେ
ତୁମ୍ଭ ସହତ ଯୋଗ ଦେବେ ଓ ତୁମ୍ଭର ସାହାର୍ଯ୍ୟ କରବେ।
ଯେତେବେଳେ ତୁମ୍ଭେ ଓ ତୁମ୍ଭ ପୁତ୍ରଗଣ ସାକ୍ଷ୍ୟ ତମ୍ବୁ
ସମ୍ମୁଖରେ ରହବ। 3ସେମାନେ ତୁମ୍ଭକୁ ବବରଣୀ ଦେବେ ଓ
ପବତ୍ର ତମ୍ବୁର ରକ୍ଷାର ଦାୟିତ୍ୱ ନେବେ। କନ୍ତୁ ସେମାନେ
ପବତ୍ର ପାତ୍ର ନକଟକୁ କମ୍ବା ଯଜ୍ଞବେଦୀ ନକଟକୁ ଯିବେ
ନାହିଁ। ତେଣୁ ସେମାନେ ମରନ୍ତ ନାହିଁ, ତୁମ୍ଭେ ମଧ୍ୟ ନୁହଁ।
4ସେମାନେ ତୁମ୍ଭ ସହତ ଯୋଗ ଦେଇ ତୁମ୍ଭର ସମସ୍ତ
ସେବାକର୍ମ ସହତ ସମାଗମ ତମ୍ବୁର ରକ୍ଷଣୀୟ ଦାୟିତ୍ୱ
ନେବେ। ଆଉ କୌଣସି ଅନ୍ୟ ବଂଶୀୟ ଲୋକ ସେମାନଙ୍କ
ନକଟକୁ ଯିବ ନାହିଁ।

5"ପୁଣି ଇଶ୍ରାୟେଲ ଲୋକମାନଙ୍କ ପ୍ରତି ଆମ୍ଭର କ୍ରୋଧ
ଯେପର ଆଉ ନ ଉପୁଜେ, ସେଥିପାଇଁ ତୁମ୍ଭେମାନେ ପବତ୍ରସ୍ଥାନର
ଓ ଯଜ୍ଞବେଦୀର ସୁରକ୍ଷାର ଦାୟିତ୍ୱ ନେବ। 6ଆଉ ଆମ୍ଭେ
ଇଶ୍ରାୟେଲର ଲୋକମାନଙ୍କ ମଧ୍ୟରୁ ତୁମ୍ଭ ଭ୍ରାତୃଗଣ ଲେବୀମାନଙ୍କୁ
ଗ୍ରହଣ କରଅଛୁ। ସେମାନେ ଯେପର ସଦାପ୍ରଭୁଙ୍କର ଓ
ସମାଗମ ତମ୍ବୁର ସେବା କରପାରବେ, ସେମାନେ ତୁମ୍ଭଙ୍କୁ
ଉପହାର ସ୍ୱରୂପ ଦେଲେ। 7କନ୍ତୁ ତୁମ୍ଭେ ଓ ତୁମ୍ଭର ପୁତ୍ରଗଣ
ଯଜ୍ଞବେଦୀ ସମ୍ବନ୍ଧୀୟ ସକଳ ବଷୟରେ ଓ ବଚ୍ଛେଦବସ୍ତ୍ର
ଭିତରେ ପବତ୍ର ସ୍ଥାନରେ ଯାଜକତ୍ୱ ପାଳନ କରବ ଓ ସେବା
କରବ, ଆମ୍ଭେ ଆମ୍ଭର ଦାନଜନତ ସେବାରୂପେ ତୁମ୍ଭମାନଙ୍କୁ
ଯାଜକତ୍ୱ ପଦ ଦେଲୁ। ଯଦ କେହ ଅଜଣା ବ୍ୟକ୍ତ ମୋର
ପବତ୍ରସ୍ଥାନ ନକଟକୁ ଆସେ, ତାଙ୍କୁ ହତ୍ୟା କରାଯିବ।"

8ତା'ପରେ ସଦାପ୍ରଭୁ ହାରୋଣଙ୍କୁ କହଲେ, "ମୋତେ
ଦଆଯାଇଥିବା ଉପହାରର ଦାୟିତ୍ୱ ମୁଁ ତୁମ୍ଭକୁ ଦେଲ। ତୁମ୍ଭକୁ
ଓ ତୁମ୍ଭର ବଂଶଧରମାନଙ୍କୁ ମୁଁ ଦେଉଥିବା ପବତ୍ର ଦ୍ରବ୍ୟ
ସେମାନଙ୍କର ଚରସ୍ଥାୟୀ ଅଂଶ ହେବ। 9ମହାପବତ୍ର ବସ୍ତୁର
ଏହସବୁ ଅଂଶଗୁଡକ ତୁମ୍ଭର ହେବ। ଏହ ଅଂଶଗୁଡକ ଦଗ୍ଧ
ହେବା ଉଚତ୍ ନୁହଁ ଯଥା: ସେମାନଙ୍କର ଶସ୍ୟ ନୈବେଦ୍ୟ
ପାପାର୍ଥକ ବଳ ଓ ଦୋଷାର୍ଥକ ବଳ। ଏବୁଡକ ମହାପବତ୍ର ଓ
ତାହା ତୁମ୍ଭ ପାଇଁ ଏବଂ ତୁମ୍ଭର ଭବଷ୍ୟତ ବଂଶଧରଙ୍କ ପାଇଁ।
10ତୁମ୍ଭେ ତାହାକୁ ମହାପବତ୍ର ଭାବ ଭୋଜନ କରବ।
ପ୍ରତ୍ୟେକ ପୁରୁଷ ପବତ୍ରସ୍ଥାନରେ ତାହାକୁ ଭୋଜନ କରବେ,
ତାହା ତୁମ୍ଭ ପ୍ରତି ପବତ୍ର ହେବ।

11"ଇଶ୍ରାୟେଲର ଲୋକମାନେ ସମସ୍ତ ଦୋଳନୀୟ
ନୈବେଦ୍ୟର ଦାନ ମଧ୍ୟରୁ ଉତ୍ତୋଳନୀୟ ଉପହାର ଆମ୍ଭେ
ତୁମ୍ଭକୁ, ତୁମ୍ଭର ପୁତ୍ରଗଣଙ୍କୁ ଓ ତୁମ୍ଭର କନ୍ୟାମାନଙ୍କୁ ଅନନ୍ତକାଳୀନ
ଅଧିକାରାର୍ଥେ ଦେଲୁ। ତୁମ୍ଭ ପରବାରର ପ୍ରତ୍ୟେକ ବଧିସମ୍ମତ
ଶୁଚ ଲୋକ ତାହା ଭୋଜନ କରପାରବେ।

12"ଇଶ୍ରାୟେଲ ଲୋକମାନେ ମୋ ଉଦ୍ଦେଶ୍ୟରେ ଯେଉଁ
ପ୍ରଥମଜାତ ଉତ୍ତମ ତୈଳ, ଉତ୍ତମ ଦ୍ରାକ୍ଷାଫଳ ଓ ଶସ୍ୟ
ଉତ୍ସର୍ଗ କରବେ, ତାହା ସବୁ ଆମ୍ଭେ ତୁମ୍ଭକୁ ଦେଲୁ।
13ସେମାନେ ନଜ ନଜ ଭୂମିରୁ ଉତ୍ପନ୍ନ ଯେଉଁସବୁ ପ୍ରଥମ
ପକ୍ୱଫଳ ସଦାପ୍ରଭୁଙ୍କ ଉତ୍ସର୍ଗ କରନ୍ତ, ସେସବୁ ତୁମ୍ଭର ହେବ,
ତୁମ୍ଭ ଗୃହସ୍ଥିତ ପ୍ରତ୍ୟେକ ବଧିସମ୍ମତ ଶୁଚ ବ୍ୟକ୍ତ ତାହା
ଭୋଜନ କରବ।

14"ଇଶ୍ରାୟେଲରେ ସଦାପ୍ରଭୁଙ୍କୁ ସମସ୍ତ ଉତ୍ସର୍ଗୀକୃତ ଦ୍ରବ୍ୟ
ତୁମ୍ଭର ହେବ। 15ସେମାନେ ମନୁଷ୍ୟ ଓ ପଶୁମାନଙ୍କର
ପ୍ରଥମଜାତ ସଦାପ୍ରଭୁଙ୍କୁ ଉତ୍ସର୍ଗ କରନ୍ତ। ସେମାନେ ସମସ୍ତ
ତୁମ୍ଭର, ତୁମ୍ଭେ ମନୁଷ୍ୟର ପ୍ରଥମଜାତକୁ ଓ ଅଶୁଚ ପଶୁକୁ
ମୁକ୍ତ କରବା ଉଚତ୍। 16ଯେତେବେଳେ ତୁମ୍ଭେ ଏକ ମାସର
ଶିଶୁକୁ ମୁକ୍ତ କର, ତା'ର ନରୂପିତ ମୂଲ୍ୟରେ ପବତ୍ରସ୍ଥାନର
କୋଡ଼ିଏ ଗେରା ପରମିତ ଶେକଲ ଅନୁସାରେ ପାଞ୍ଚ ଶେକଲ
ରୂପାରେ ମୁକ୍ତ କରବ।

17"ମାତ୍ର ତୁମ୍ଭେ ଗୋରୁ କମ୍ବା ମେଷ କମ୍ବା ଛାଗର
ପ୍ରଥମଜାତକୁ ମୁକ୍ତ କରବ ନାହିଁ। ସେମାନେ ପବତ୍ର, ତୁମ୍ଭେ

ଯଜ୍ଞବେଦୀ ଉପରେ ସେମାନଙ୍କର ରକ୍ତ ଛିଞ୍ଚିବେ ଏବଂ
ସେମାନଙ୍କର ମେଦକୁ ଦଗ୍ଧ କରିବ। ଏହା ସଦାପ୍ରଭୁଙ୍କ
ନିମନ୍ତେ ସୁବାସିତ ନୈବେଦ୍ୟ ହେବ। 18ଆଉ ସେମାନଙ୍କର
ମାଂସ, ଦୋଳନୀୟ ନୈବେଦ୍ୟାର୍ଥକ ବକ୍ଷ ଓ ଦକ୍ଷିଣ ଚଟୁଆ,
ଏ ସମସ୍ତ ତୁମ୍ଭର ହେବ। 19ଇଶ୍ରାୟେଲ ଲୋକମାନେ
ଯେଉଁସବୁ ଦ୍ରବ୍ୟ ପବିତ୍ର କରି ଉତ୍ତୋଳନୀୟ ଉପହାରରୂପେ
ସଦାପ୍ରଭୁଙ୍କୁ ଉତ୍ସର୍ଗ କରନ୍ତି, ସେ ସମସ୍ତ ଆମ୍ଭେ ଅନନ୍ତକାଳୀନ
ଅଧିକାରାର୍ଥେ ତୁମ୍ଭକୁ, ତୁମ୍ଭର ପୁତ୍ରଗଣକୁ ଓ ତୁମ୍ଭର କନ୍ୟାଗଣକୁ
ଦେଲୁ। ତୁମ୍ଭ ପାଇଁ ଓ ତୁମ୍ଭ ବଂଶପାଇଁ ଏହା ସଦାପ୍ରଭୁଙ୍କ
ସାକ୍ଷାତରେ ଅନନ୍ତକାଳୀନ ନିୟମ।”

20ସଦାପ୍ରଭୁ ହାରୋଣଙ୍କୁ କହିଲେ, “ସେମାନଙ୍କ ଭୂମିରେ
ତୁମ୍ଭର କୌଣସି ଅଧିକାର ରହିବ ନାହିଁ, ସେମାନଙ୍କ ମଧ୍ୟରେ
ତୁମ୍ଭର କୌଣସି ଭାଗ ରହିବ ନାହିଁ। ମାତ୍ର ଇଶ୍ରାୟେଲର
ଲୋକମାନଙ୍କ ମଧ୍ୟରେ ମୁଁ ହିଁ ତୁମ୍ଭର ଭାଗ ଓ ତୁମ୍ଭର
ଅଧିକାର।

21“ପୁଣି ଇଶ୍ରାୟେଲର ଲୋକମାନେ ଯେଉଁ ଏକ ଦଶମାଂଶ
ଦେବେ, ଲେବୀ ଗୋଷ୍ଠୀରେ ଏହା ଉପଭୋଗ କରିବେ,
ସମାଗମ ତମ୍ବୁ ସମ୍ବନ୍ଧୀୟ ସେବାକାର୍ଯ୍ୟ ପାଇଁ ପରିଶୋଧରେ
ମୁଁ ଏହା ଲେବୀୟମାନଙ୍କୁ ଦେଲି। 22ମାତ୍ର ଇଶ୍ରାୟେଲର
ଅନ୍ୟମାନେ ସମାଗମ ତମ୍ବୁ ନିକଟକୁ ଆସିବେ ନାହିଁ।
ସେମାନେ ଆସିଲେ ମରିବେ। 23ମାତ୍ର ଲେବୀମାନେ ସମାଗମ
ତମ୍ବୁର ସେବା କରିବେ ଓ ସେମାନେ ଏଥିପାଇଁ ଦାୟୀ
ରହିବେ। ଏହା ପୁରୁଷାନୁକ୍ରମେ ଏକ ଅନନ୍ତକାଳୀନ ବିଧି
ହେବ। କିନ୍ତୁ ସେମାନେ ଇଶ୍ରାୟେଲର ଲୋକମାନଙ୍କ ମଧ୍ୟରେ
କୌଣସି ଦେଶ ଅଧିକାର ପାଇବେ ନାହିଁ। 24କାରଣ
ଇଶ୍ରାୟେଲର ଲୋକମାନେ ସଦାପ୍ରଭୁଙ୍କୁ ଉତ୍ତୋଳନୀୟ
ଉପହାରରୂପେ ଯେଉଁ ଏକ ଦଶମାଂଶ ଉତ୍ସର୍ଗ କରନ୍ତି, ତାହା
ମୁଁ ଲେବୀୟମାନଙ୍କୁ ଅଧିକାରାର୍ଥେ ଦେଲି। ଏଣୁ ମୁଁ କହିଲି,
ସେମାନେ ଇଶ୍ରାୟେଲର ଲୋକମାନଙ୍କ ମଧ୍ୟରେ କୌଣସି
ଅଧିକାର ପାଇବେ ନାହିଁ।”

25ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 26“ଲେବୀୟମାନଙ୍କୁ
କହିବ, ଆମ୍ଭେ ତୁମ୍ଭମାନଙ୍କ ଅଧିକାରାର୍ଥେ ଇଶ୍ରାୟେଲର
ଲୋକମାନଙ୍କଠାରୁ ଯେଉଁ ଏକ ଦଶମାଂଶ ତୁମ୍ଭମାନଙ୍କୁ ଦେଲୁ,
ତାହା ଯେତେବେଳେ ତୁମ୍ଭେ ସେମାନଙ୍କଠାରୁ ଗ୍ରହଣ କରିବ
ସେତେବେଳେ ତୁମ୍ଭେମାନେ ସଦାପ୍ରଭୁଙ୍କୁ ମୋଟ ପାଇଥିବାର
ଏକ ଦଶମାଂଶ ଉତ୍ସର୍ଗ କରିବ। 27ଠିକ୍ ଶସ୍ୟ ଓ ନୂତନ
ଦ୍ରାକ୍ଷାରସ ପରି ଏହା ତୁମ୍ଭର ଉପହାର ହେବ। 28ଏହିରୂପେ
ତୁମ୍ଭେମାନେ ଇଶ୍ରାୟେଲ ଲୋକମାନଙ୍କଠାରୁ ଯେଉଁ ଏକ
ଦଶମାଂଶ ଗ୍ରହଣ କରିବ, ତହିଁରୁ ତୁମ୍ଭେମାନେ ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ଉତ୍ତୋଳନୀୟ ଉପହାର ଉତ୍ସର୍ଗ କରିବ। ସଦାପ୍ରଭୁଙ୍କୁ
ଦେଉଥିବା ଉପହାର ଯାଜକ ହାରୋଣଙ୍କୁ ଦେବ। 29ଇଶ୍ରାୟେଲର
ଲୋକମାନେ ଯେଉଁ ଦଶମାଂଶ ତୁମ୍ଭମାନଙ୍କୁ ଦେବେ, ତୁମ୍ଭେମାନେ
ତହିଁରୁ ସର୍ବୋତ୍ତମ ଓ ପବିତ୍ରତମ ଅଂଶ ମନୋନୀତ କରି
ଦଶମାଂଶ ସଦାପ୍ରଭୁଙ୍କୁ ଉତ୍ସର୍ଗ କରିବ।

30“ମୋଶା ଲେବୀୟମାନଙ୍କୁ କହିଲେ, ଯେତେବେଳେ
ତୁମ୍ଭେ ସର୍ବୋତ୍ତମ ଅଂଶ ଉତ୍ସର୍ଗ କର, ଏହା ଇଶ୍ରାୟେଲ
ଲୋକମାନେ ଉତ୍ସର୍ଗ କରୁଥିବା ଶସ୍ୟ ଓ ଦ୍ରାକ୍ଷାରସ ତୁଲ୍ୟ
ଗ୍ରହଣ କରାଯିବା ଉଚିତ୍। 31ପୁଣି ତୁମ୍ଭେମାନେ ଓ ତୁମ୍ଭ
ପରିବାର ଲୋକମାନେ ସବୁ ସ୍ଥାନରେ ତାହା ଭୋଜନ
କରିବ। କାରଣ ତାହା ସମାଗମ ତମ୍ବୁରେ କରିଥିବା ସେବାକାର୍ଯ୍ୟର
ପୁରସ୍କାର ଅଟେ। 32ଆଉ ସେହି ଉତ୍ତମ ଦ୍ରବ୍ୟ ନୈବେଦ୍ୟ
ରୂପେ ଉତ୍ସର୍ଗ କଲେ। ତୁମ୍ଭେମାନେ କୌଣସି ପାପ ବହନ
କରିବ ନାହିଁ। ପୁଣି ତୁମ୍ଭେମାନେ ଯେପରି ନ ମରିବ
ସେଥିପାଇଁ ଇଶ୍ରାୟେଲ ଲୋକମାନଙ୍କର ପବିତ୍ର ଦ୍ରବ୍ୟ ଅପବିତ୍ର
କରିବ ନାହିଁ।”

## ଲାଲରଙ୍ଗ ଗାଭୀର ଭସ୍ମ

19 ଅନନ୍ତର ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ,
2“ସଦାପ୍ରଭୁ ଏହି ଆଜ୍ଞା ବିଧି ଦେଇ ଅଛନ୍ତି।
ଇଶ୍ରାୟେଲର ଲୋକମାନଙ୍କୁ କୁହ, ଯାହାଠାରେ ଖୁଣ ନାହିଁ ଓ
ଯାହା ଉପରେ କେବେ ଯୁଆଳି ଦିଆଯାଇ ନାହିଁ, ଏପରି ଏକ
ଲାଲ ଗାଈ ସେମାନେ ତୁମ୍ଭ ନିକଟକୁ ଆଣନ୍ତୁ। 3ତହୁଁ
ତୁମ୍ଭେମାନେ ସେହି ଗାଈକୁ ଇଲୀୟାସର ଯାଜକକୁ ଦେବ।
ସେ ତାହାକୁ ଛାଉଣୀ ବାହାରକୁ ଆଣି ବଧ କରିବ। 4ଯାଜକ
ଇଲୀୟାସର ଆପଣା ଅଙ୍ଗୁଳି ଦ୍ୱାରା ତାହାର ରକ୍ତରୁ ନେଇ
ପବିତ୍ର ତମ୍ବୁ ସମ୍ମୁଖରେ ସାତଥର ଛିଞ୍ଚିବେ। 5ଆଉ ଜଣେ
ତାହାର ଦୃଷ୍ଟି ଗୋଚରରେ ସେହି ଗାଈକୁ ଦଗ୍ଧ କରିବ, ସେ
ତାହାର ଗୋମୟ ସହିତ ଚର୍ମ, ମାଂସ ଓ ରକ୍ତ ଦଗ୍ଧ କରିବ।
6ତହୁଁ ଯାଜକ ଏରସ କାଠ, ଏସୋବ୍ ଓ ଲାଲ ସୂତା ନେଇ
ସେହି ଗାଈ ଦାହର ଅଗ୍ନି ମଧ୍ୟରେ ପକାଇବ। 7ତା'ପରେ
ସେ ଯାଜକ ଆପଣା ବସ୍ତ୍ର ଧୋଇବ ଓ ଜଳରେ ସ୍ନାନ
କରିବ। ତା'ପରେ ସେ ଛାଉଣୀକୁ ଆସିବ। ପୁଣି ଯାଜକ
ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ। 8ଯେଉଁଲୋକ ସେହି ଗାଈକୁ
ଦଗ୍ଧ କରିବ, ସେ ନିଜର ବସ୍ତ୍ର ଧୋଇବ ଓ ଜଳରେ ସ୍ନାନ
କରିବ। ଆଉ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ।

9“ଏହାପରେ କୌଣସି ଶୁଚିଲୋକ ସେହି ଗାଈର ଭସ୍ମ
ସଂଗ୍ରହ କରି ଛାଉଣୀ ବାହାରେ କୌଣସି ଶୁଚି ସ୍ଥାନରେ
ରଖିବ। ସେହି ଭସ୍ମ ଇଶ୍ରାୟେଲ ଲୋକମାନଙ୍କର ପାଣିକୁ
ଶୁଚି କରିବା ନିମନ୍ତେ ରଖାଯିବ। ତାହା ଶୁଚି କରଣାର୍ଥେ
ଉତ୍ସର୍ଗ ଅଟେ।

10“ଆଉ ଯେଉଁ ଲୋକ ସେ ଗାଈର ଭସ୍ମ ସଂଗ୍ରହ
କରେ ସେ ଆପଣା ବସ୍ତ୍ର ଧୋଇବ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି
ରହିବ।

“ଏହି ବିଧି ଇଶ୍ରାୟେଲର ଲୋକମାନଙ୍କ ନିମନ୍ତେ ଓ
ସେମାନଙ୍କ ମଧ୍ୟରେ ବାସ କରୁଥିବା ବିଦେଶରେ ଜନ୍ମିତ
ଅଧିବାସୀମାନଙ୍କ ନିମନ୍ତେ ଲାଗୁ ହେବ। ଏହି ନିୟମ ଚିରସ୍ଥାୟୀ।
11ଯଦି କେହି କୌଣସି ମନୁଷ୍ୟର ଶବ ଛୁଏଁ, ତେବେ
ସାତଦିନ ପର୍ଯ୍ୟନ୍ତ ଅଶୁଚି ରହିବ। 12ସେ ତୃତୀୟ ଦିନରେ
ଓ ସପ୍ତମ ଦିନରେ ନିଜକୁ ଶୁଚି କରିବ। ଯଦି ସେ ତୃତୀୟ
ଦିନରେ ନିଜକୁ ଶୁଚି ନ କରେ ତେବେ ସେ ସପ୍ତମ
ଦିନରେ ଶୁଚି ହେବ ନାହିଁ। 13ଯଦି କେହି ଶବ ଛୁଇଁ
ନିଜକୁ ଶୁଚି ନ କରେ ତେବେ ସେ ସଦାପ୍ରଭୁଙ୍କ ପବିତ୍ର
ତମ୍ବୁକୁ ଅଶୁଚି କରେ। ସେହି ମନୁଷ୍ୟ ଇଶ୍ରାୟେଲର
ଲୋକମାନଙ୍କ ମଧ୍ୟରୁ ବହିଷ୍କାର ରହିବ। ତାହା ଉପରେ ଶୁଚି

ନମନ୍ତେ ଜଳ ଛଞ୍ଚା ଯାଇ ନ ଥିବାରୁ ସେ ଅଶୁଚ ହେବ।
ତା'ର ଅଶୌଚ ତାହାଠାରେ ରହବ।
**14**"କୌଣସି ମନୁଷ୍ୟ ତମ୍ବୁ ଭିତରେ ମଲେ ତହିଁର
ବ୍ୟବସ୍ଥା ଏହ। ଯେ କେହ ସେହ ତମ୍ବୁରେ ଥାଏ ଓ ଯେ
କେହ ସେହ ତମ୍ବୁକୁ ଆସେ ସେ ସାତଦନ ପାଇଁ ଅଶୁଚ
ହୋଇ ରହବ। **15**ଢାଙ୍କୁଣୀ ନ ଥିବା ପ୍ରତ୍ୟେକ ମେଲାପାତ୍ର
ଅଶୁଚ ହେବ। **16**ପୁଣି କେହ ଯଦ ଖୋଲା କ୍ଷେତ୍ରରେ
ଯୁଦ୍ଧରେ ନହତ ମୃତ ଦେହ ମନୁଷ୍ୟ ଅସ୍ଥି କମ୍ବା କବର ଛୁଏଁ,
ତେବେ ସେ ସାତଦନ ଯାଏ ଅଶୁଚ ରହବ।
**17**"ପୁଣି ଲୋକମାନେ ସେହ ଅଶୁଚ ଲୋକକୁ ଶୁଚ
କରବା ପାଇଁ ପାପାର୍ଥକ ବଳର ଦଗ୍ଧ ଭସ୍ମ ନେବେ ଓ ତାକୁ
ଏକ ପାତ୍ରରେ ରଖି ପ୍ରବାହଜଳ ସେଥିରେ ଢାଳବେ। **18**ତା'ପରେ
ଜଣେ ଶୁଚମନ୍ତ ବ୍ୟକ୍ତ ଏକ ଏସୋବ୍ ଶାଖା ନେଇ ସେହ
ଜଳରେ ବୁଡ଼ାଇବା ଉଚତ୍। ସେ ସେହ ତମ୍ବୁ ଉପରେ,
ସମସ୍ତ ପାତ୍ର ଉପରେ, ସେଠାରେ ଥିବା ସମସ୍ତ ଲୋକ
ଉପରେ ଓ ଅସ୍ଥି, କ ହାଡ କ ମୃତ କବର ଛୁଇଁଥିବା
ଲୋକ ଉପରେ ତାହା ଛଞ୍ଚିବ।
**19**"ତତ୍ପରେ ସେହ ଶୁଚମନ୍ତ ଲୋକ ତୃତୀୟ ଦନରେ ଓ
ସପ୍ତମ ଦନରେ ସେହ ଅଶୁଚ ଜଣକ ଉପରେ ତାହା ଛଞ୍ଚିବ।
ତହୁଁ ସେ ସପ୍ତମ ଦନରେ ସେହ ବ୍ୟକ୍ତକୁ ପରଷ୍କାର କରବା
ଉଚତ୍। ଆଉ ସେ ନଜର ବସ୍ତ୍ର ଧୋଇ ଜଳରେ ସ୍ନାନ
କରବା ଉଚତ୍ ଓ ସନ୍ଧ୍ୟା ସମୟରେ ସେ ଶୁଚ ହେବ।
**20**"ମାତ୍ର ଯେଉଁ ଲୋକ ଅଶୁଚ ହୋଇ ନଜକୁ ପରିଷ୍କାର
ନ କରବ ସେହ ପ୍ରାଣୀ ସମାଜ ମଧ୍ୟରୁ ପୃଥକ୍ ରହବ।
କାରଣ ସେ ସଦାପ୍ରଭୁଙ୍କର ପବତ୍ରସ୍ଥାନ ଅଶୁଚ କଲା। ତାହା
ଉପରେ ଅଶୌଚାର୍ଥକ ଜଳ ସେଚତ ହେଲା ନାହିଁ। ତେଣୁ
ସେ ଅଶୁଚ। **21**ଏହା ସେମାନଙ୍କ ପାଳନୀୟ ଅନନ୍ତକାଳୀନ
ବଧି ହେବ। ଆଉ ଯେ କେହ ସେହ ଅଶୌଚାର୍ଥକ ଜଳ
ସେଚନ କରେ, ସେ ଆପଣା ବସ୍ତ୍ର ଧୋଇବ। ପୁଣି ଯେ
କେହ ସେହ ଅଶୌଚାର୍ଥକ ଜଳ ଛୁଏଁ, ସେ ସନ୍ଧ୍ୟା ପର୍ଯ୍ୟନ୍ତ
ଅଶୁଚ ରହବ। **22**ଆଉ ସେହ ଅଶୁଚ ଲୋକ ଯଦ ଅନ୍ୟ
କାହାରକୁ ଛୁଏଁ, ତେବେ ସେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚ
ରହବ।"

## ମିରୟମର ମୃତ୍ୟୁ

**20** ଇସ୍ରାୟେଲର ଲୋକମାନଙ୍କର ସମସ୍ତ ମଣ୍ଡଳୀ ପ୍ରଥମ
ମାସରେ ସୀନ୍ ମରୁଭୂମିରେ ଉପସ୍ଥିତ ହେଲେ।
ସେମାନେ କାଦେଶରେ ବାସ କଲେ। ମରୟମ ସେହ
ସ୍ଥାନରେ ମୃତ୍ୟୁବରଣ କଲେ ଓ ତାଙ୍କୁ ସେଠାରେ କବର
ଦଆଗଲା।

## ମୋଶାଙ୍କର ଭ୍ରମ

**2**ସେହ ସ୍ଥାନରେ ଲୋକମାନଙ୍କ ପାଇଁ ପ୍ରଚୁର ଜଳ ନ
ଥିଲା। ତହୁଁ ଲୋକମାନେ ମୋଶା ଓ ହାରୋଣଙ୍କ ବରୁଦ୍ଧରେ
ଏକତ୍ରୀତ ହେଲେ। **3**ସେହ ଲୋକମାନେ ମୋଶାଙ୍କ ସହତ
ବବାଦ କର କହଲେ, "ହାୟ! ଆମ୍ଭେମାନେ ଆମ୍ଭ ଭାଇମାନଙ୍କ
ପର ସଦାପ୍ରଭୁଙ୍କ ସମ୍ମୁଖରେ ପଛେ ମରଥାନ୍ତୁ। **4**ତୁମ୍ଭେମାନେ
କାହିଁକ ସଦାପ୍ରଭୁଙ୍କ ସମାଜକୁ ଏହ ମରୁଭୂମିକୁ ଆଣିଲ?
ତୁମ୍ଭେ ଚାହୁଁଛ ଯେପରକ ଆମ୍ଭେମାନେ ଓ ଆମ୍ଭମାନଙ୍କର
ପଶୁମାନେ ଏଠାରେ ମରବୁ? **5**ତୁମ୍ଭେମାନେ କାହିଁକ ମିଶର
ଦେଶରୁ ଆମ୍ଭମାନଙ୍କୁ ବାହାର କର ଏହ କଦର୍ଯ୍ୟ ସ୍ଥାନକୁ
ଆଣିଲ? ଏଠାରେ ଶସ୍ୟ, ଡ଼ିମ୍ବିର, ଦ୍ରାକ୍ଷା କମ୍ବା ଡ଼ାଳମ୍ବ କଛ
ନାହିଁ, ପିଇବାକୁ ମଧ୍ୟ ପାଣି ନାହିଁ।"
**6**ଏଥିରେ ମୋଶା ଓ ହାରୋଣ ସମାଜ ସାକ୍ଷାତରୁ
ସମାଗମ ତମ୍ବୁର ଦ୍ୱାରକୁ ଯାଇ ମୁହଁ ମାଡ଼ି ପଡ଼ଲେ। ତହୁଁ
ସଦାପ୍ରଭୁଙ୍କର ମହମା ସେମାନଙ୍କ ପ୍ରତି ପ୍ରକାଶିତ ହେଲା।
**7**ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହଲେ, **8**"ତୁମ୍ଭେ ଆଶାବାଡ
ନଅ, ତୁମ୍ଭେ ଓ ତୁମ୍ଭ ଭାଇ ହାରୋଣ ସମସ୍ତ ମଣ୍ଡଳୀକ
ଏକତ୍ର କରବା ଉଚତ୍। ଆଉ ତୁମ୍ଭେମାନେ ସେମାନଙ୍କ
ସମ୍ମୁଖରେ ସେହ ଶୈଳକୁ ଜଳ ଦେବା ପାଇଁ ଆଜ୍ଞା ଦଅ।
ତହିଁରେ ସେହ ଶୈଳରୁ ଜଳ ବାହାର କର ଲୋକମାନଙ୍କୁ ଓ
ସେମାନଙ୍କର ପଶୁଗଣଙ୍କୁ ଜଳପାନ କରାଇବ।"
**9**ତହୁଁ ମୋଶା ସଦାପ୍ରଭୁଙ୍କ ଆଜ୍ଞାନୁସାରେ ତାଙ୍କ ସମ୍ମୁଖରେ
ପଡଥିବା ଆଶାବାଡ ନେଲେ। **10**ପୁଣି ମୋଶା ଓ ହାରୋଣ
ସେହ ଶୈଳ ସମ୍ମୁଖରେ ସମଗ୍ର ମଣ୍ଡଳୀକୁ ଏକତ୍ର କଲେ।
ସେମାନଙ୍କୁ କହଲେ, "ହେ ବଦ୍ରୋହୀଗଣ, ଦେଖ, ଆମ୍ଭେମାନେ
ତୁମ୍ଭମାନଙ୍କ ପାଇଁ ଏହ ଶୈଳରୁ ଜଳ ବାହାର କରବୁ।"
**11**ଏହାପରେ ମୋଶା ହସ୍ତ ଉତ୍ତୋଳନ କର ଆପଣା ଆଶାବାଡରେ
ସେହ ଶୈଳକୁ ଦୁଇଥର ଆଘାତ କଲେ। ଶୈଳରୁ ପ୍ରଚୁର
ଜଳ ବାହାରଲା। ତହୁଁ ମଣ୍ଡଳୀ ଓ ସେମାନଙ୍କର ପଶୁଗଣ
ଜଳପାନ କଲେ।
**12**ଏଥିରେ ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହଲେ,
"ତୁମ୍ଭେମାନେ ଲୋକମାନଙ୍କ ସମ୍ମୁଖରେ ମୋଠାରେ ବଶ୍ୱାସ
କଲ ନାହିଁ ଏବଂ ଲୋକମାନଙ୍କ ଆଗରେ ମୋତେ ପବତ୍ର
ରୂପେ ସମ୍ମାନ ଦେଲେ ନାହିଁ। ଏଣୁ ତୁମ୍ଭେମାନେ ଏହସବୁ
ଲୋକମାନଙ୍କୁ ସେହ ଦେଶ ଭିତରକୁ ନେବ ନାହିଁ, ଯାହା ମୁଁ
ସେମାନଙ୍କୁ ଦେଇଛ।"
**13**ଏହ ସ୍ଥାନକୁ ମରୀବାଃ-ଜଳ ବୋଲ କୁହାଗଲା,
କାରଣ ଇସ୍ରାୟେଲର ଲୋକମାନେ ସଦାପ୍ରଭୁଙ୍କ ସହ ବବାଦ
କଲେ ଏବଂ ସେମାନଙ୍କ ମଧ୍ୟରେ ପବତ୍ରରୂପେ ମାନ୍ୟ
ହେଲେ।

## ଇଦୋମ ଇସ୍ରାୟେଲକୁ ଯିବାକୁ ନ ଦେବା

**14**ଅନନ୍ତର ମୋଶା କାଦେଶରୁ ଇଦୋମୀୟ ରାଜା ନକଟକୁ
ଦୂତମାନଙ୍କ ଦ୍ୱାରା କହ ପଠାଇଲେ, "ତୁମ୍ଭର ଭ୍ରାତା ଇସ୍ରାୟେଲ
କହୁଛନ୍ତ, ତୁମ୍ଭେ ଆମ୍ଭମାନଙ୍କ ପ୍ରତି ଯେଉଁସବୁ କ୍ଲେଶ ଘଟି
ଅଛ ଜାଣ। **15**ବହୁ ବର୍ଷପୂର୍ବେ ଆମ୍ଭର ପୂର୍ବପୁରୁଷ କପର
ମିଶରକୁ ଗଲେ ଓ ମିଶରରେ ଦୀର୍ଘକାଳ ବାସ କଲେ ଓ
ମିଶରୀୟମାନେ ଆମ୍ଭମାନଙ୍କ ପ୍ରତି ଓ ଆମ୍ଭ ପୂର୍ବପୁରୁଷମାନଙ୍କ
ପ୍ରତି ଯେଉଁ କୁବ୍ୟବହାର କଲେ, ତାହା ତୁମ୍ଭେ ଜାଣ।
**16**ସେତେବେଳେ ଆମ୍ଭେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାହାଯ୍ୟ
ପାଇଁ ବଳାପ କଲୁ ଓ ସେ ଆମ୍ଭର ପ୍ରାର୍ଥନା ଶୁଣିଲେ। ସେ
ଏକ ଦୂତ ପଠାଇ ମିଶରରୁ ଆମ୍ଭମାନଙ୍କୁ ବାହାର କର
ଆଣିଲେ।

“ବର୍ତ୍ତମାନ ଆମ୍ଭେ ତୁମ୍ଭ ଦେଶର ସୀମାସ୍ଥିତ କାଦେଶ
ନଗରରେ ଅଛୁ। 17ଆମ୍ଭେ ବିନୟ କରୁଅଛୁ, ଦୟାକରି ତୁମ୍ଭ
ଦେଶ ଦେଇ ଆମ୍ଭମାନଙ୍କୁ ଯିବାକୁ ଦିଅ। ଆମ୍ଭେମାନେ ତୁମ୍ଭ
ଶସ୍ୟକ୍ଷେତ୍ର କି ଦ୍ରାକ୍ଷାକ୍ଷେତ୍ର ଦେଇ ଯିବୁ ନାହିଁ, କିମ୍ବା ତୁମ୍ଭର
କୂଅରୁ ଜଳ ପାନ କରିବୁ ନାହିଁ। ଆମ୍ଭେମାନେ
କେବଳ ରାଜପଥ ଦେଇ ଗମନ କରିବୁ। ତୁମ୍ଭ ଦେଶର
ସୀମା ଅତିକ୍ରମ କରିବା ପର୍ଯ୍ୟନ୍ତ ଦକ୍ଷିଣ କିମ୍ବା ବାମକୁ ଯିବୁ
ନାହିଁ।”

18ପୁଣି ଇଦୋମ କହିଲେ, “ତୁମ୍ଭେମାନେ ଆମ୍ଭ ଦେଶ
ମଧ୍ୟ ଦେଇଯିବ ନାହିଁ, ଗଲେ ଆମ୍ଭେ ଖଡ୍ଗ ନେଇ ତୁମ୍ଭ
ବିରୁଦ୍ଧରେ ଲଢ଼ିବା।”

19ଇସ୍ରାଏଲର ଲୋକମାନେ କହିଲେ, “ଆମ୍ଭେମାନେ
କେବଳ ତୁମ୍ଭ ସଡ଼କ ଦେଇ ଯିବୁ। ଯଦି ଆମ୍ଭେମାନେ କିମ୍ବା
ଆମ୍ଭମାନଙ୍କ ପଶୁ ଜଳପାନ କରିବୁ, ତେବେ ଆମ୍ଭେ ତହିଁର
ମୂଲ୍ୟ ଦେବୁ, ଆମ୍ଭେମାନେ କେବଳ ତୁମ୍ଭ ଦେଶ ଦେଇ
ପାଦରେ ଯିବୁ। ଆମ୍ଭେମାନେ ଆଉକିଛି କରିବୁ ନାହିଁ।”

20ମାତ୍ର ଇଦୋମ ପୁନର୍ବାର ଉତ୍ତର ଦେଲେ, “ନା!”

ତା’ପରେ ଇଦୋମ ଏକ ଶକ୍ତିଶାଳୀ ସୈନ୍ୟବାହିନୀ ନେଇ
ଇସ୍ରାଏଲ ବିରୁଦ୍ଧରେ ଲଢ଼ିବାକୁ ବାହାରିଲେ। 21ଏହିପରି
ଇଦୋମ ଇସ୍ରାଏଲକୁ ଆପଣା ସୀମା ନେଇ ଯିବାର ଅନୁମତି
ଦେଲେ ନାହିଁ। ତେଣୁ ଇସ୍ରାଏଲ ତାଙ୍କ ନିକଟରୁ ଫେରିଯାଇ
ଅନ୍ୟ ବାଟରେ ଗଲେ।

## ହାରୋଣଙ୍କ ମୃତ୍ୟୁ

22ସମସ୍ତ ଇସ୍ରାଏଲର ଲୋକମାନେ କାଦେଶରୁ ହୋର
ପର୍ବତକୁ ଯାତ୍ରା କଲେ। 23ହୋର ପର୍ବତ ଇଦୋମ ଦେଶର
ସୀମା ନିକଟରେ ଅବସ୍ଥିତ। ସେତେବେଳେ ସଦାପ୍ରଭୁ ମୋଶା
ଓ ହାରୋଣଙ୍କୁ କହିଲେ, 24“ହାରୋଣର ଏହା ମୃତ୍ୟୁ ସମୟ
ଓ ସେ ତା’ର ପୂର୍ବପୁରୁଷଙ୍କ ନିକଟକୁ ଯିବ। ମୁଁ ଇସ୍ରାଏଲର
ଲୋକମାନଙ୍କୁ ଯେଉଁ ଦେଶ ଦେଇଅଛି, ସେହି ଦେଶରେ ସେ
ପ୍ରବେଶ କରିବ ନାହିଁ। କାରଣ ତୁମ୍ଭେ ଉଭୟ ମିରୀବାଃ-ଜଳ
ନିକଟରେ ମୋ ବିରୁଦ୍ଧରେ ବିଦ୍ରୋହ କଲ।

25“ତୁମ୍ଭେ ହାରୋଣଙ୍କୁ ଓ ତାହାର ପୁତ୍ର ଇଲୀୟାସରକୁ
ହୋର ପର୍ବତ ଉପରକୁ ନେଇଯାଅ। 26ତୁମ୍ଭେ ହାରୋଣଠାରୁ
ବସ୍ତ୍ର କାଢ଼ିନେବା ଉଚିତ୍ ଓ ତା’ର ପୁତ୍ର ଇଲୀୟାସରକୁ
ସେଗୁଡ଼ିକ ପିନ୍ଧାଇ ଦେବା ଉଚିତ୍। ସେ ପର୍ବତ ଉପରେ
ମରିବ ଓ ତାଙ୍କର ପୂର୍ବପୁରୁଷଙ୍କ ନିକଟକୁ ଯିବ।”

27ତହୁଁ ମୋଶା ସଦାପ୍ରଭୁଙ୍କ ଆଜ୍ଞା ପାଳନ କଲେ।
ମୋଶା ହାରୋଣ ଓ ଇଲୀୟାଶର ଇସ୍ରାଏଲର ସମସ୍ତ
ମଣ୍ଡଳୀଙ୍କ ସମ୍ମୁଖରେ ହୋର ପର୍ବତକୁ ଉଠିଲେ। 28ମୋଶା
ହାରୋଣଙ୍କ ପବିତ୍ର ବସ୍ତ୍ର କାଢ଼ିଲେ ଓ ସେଗୁଡ଼ିକ
ଇଲୀୟାସରକୁ ପିନ୍ଧାଇଲେ। ତା’ପରେ ହାରୋଣ ପର୍ବତ
ଉପରେ ମଲେ ଓ ତେବେ ମୋଶା ଓ ଇଲୀୟାସର ପର୍ବତରୁ
ତଳକୁ ଓହ୍ଲାଇ ଆସିଲେ। 29ଇସ୍ରାଏଲର ସମସ୍ତ ମଣ୍ଡଳୀ
ହାରୋଣଙ୍କ ମୃତ୍ୟୁ ଜାଣିଲେ। ତେଣୁ ପ୍ରତ୍ୟେକ ଇସ୍ରାଏଲୀୟ
ତିରିଶ ଦିନ ପର୍ଯ୍ୟନ୍ତ ହାରୋଣଙ୍କ ନିମନ୍ତେ ଶୋକ ଦିବସ
ପାଳନ କଲେ।

## କିଣାନବଂଶୀୟଙ୍କ ସହିତ ଯୁଦ୍ଧ

21 କିଣାନ ବଂଶୀୟ ରାଜା ଅରାଦ ଦକ୍ଷିଣ ପ୍ରଦେଶରେ
ବାସ କରୁଥିଲା ବେଳେ ଶୁଣିଲେ ଯେ ଇସ୍ରାଏଲର
ଲୋକମାନେ ଅଥାରୀମର ପଥଦେଇ ଆସୁଛନ୍ତି। ତେଣୁ ସେ
ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ ଓ ସେମାନଙ୍କ ମଧ୍ୟରୁ
କେତେକଙ୍କୁ ବନ୍ଦୀ କଲେ। 2ଇସ୍ରାଏଲର ଲୋକମାନେ
ପ୍ରତିଜ୍ଞା କଲେ: “ଯଦି ତୁମ୍ଭେ ଏହି ଲୋକମାନଙ୍କୁ ଆମ୍ଭ
ହସ୍ତରେ ସମର୍ପଣ କର, ତେବେ ଆମ୍ଭେ ସେମାନଙ୍କ ନଗରସବୁ
ବିନାଶ କରିବୁ।”

3ତହୁଁ ସଦାପ୍ରଭୁ ସେମାନଙ୍କର ପ୍ରାର୍ଥନା ଶୁଣିଲେ, ସେ
କିଣାନୀୟମାନଙ୍କୁ ଇସ୍ରାଏଲ ହସ୍ତରେ ସମର୍ପଣ କଲେ ଓ
ସେମାନଙ୍କ ସମସ୍ତ ନଗର ବର୍ଜନୀୟ ରୂପେ ବିନାଶ ହେଲା।
ତେଣୁ ସେହି ସ୍ଥାନର ନାମ ହର୍ମା ହେଲା।

## ପିତ୍ତଳ ସର୍ପ

4ତା’ପରେ ସେମାନେ ଇଦୋମ ଦେଶ ପ୍ରଦକ୍ଷିଣ କରିବା
ନିମନ୍ତେ ହୋର ପର୍ବତରୁ ଲୋହିତ ସାଗର ପଥ ଦେଇ ଯାତ୍ରା
କଲେ। ପୁଣି ଦୀର୍ଘପଥ ଯୋଗୁଁ ସେମାନେ ଧୈର୍ଯ୍ୟହରା
ହୋଇଗଲେ। 5ତହିଁରେ ଲୋକମାନେ ପରମେଶ୍ୱର ଓ ମୋଶାଙ୍କ
ବିରୁଦ୍ଧରେ ଅଭିଯୋଗ କଲେ ଏବଂ କହିଲେ, “କାହିଁକି
ତୁମ୍ଭେମାନେ ଆମ୍ଭମାନଙ୍କୁ ଏହି ମରୁଭୂମିରେ ମାରିବାକୁ ମିଶର
ଦେଶରୁ ବାହାର କରି ଆଣିଲ? ଏଠାରେ ରୋଟୀ ନାହିଁ କି
ଜଳ ନାହିଁ। ଆମ୍ଭେମାନେ ଏହି ଅଖାଦ୍ୟକୁ ଘୃଣା କରୁ।”

6ତେଣୁ ସଦାପ୍ରଭୁ ସେମାନଙ୍କ ମଧ୍ୟକୁ ବିଷଧର ସର୍ପ
ପ୍ରେରଣ କଲେ। ସେହି ସର୍ପମାନେ ଲୋକମାନଙ୍କୁ ଦଂଶନ
କରିବାରୁ ଇସ୍ରାଏଲର ଅନେକ ଲୋକ ମଲେ। 7ଏଥିରେ
ଲୋକମାନେ ମୋଶାଙ୍କ ନିକଟକୁ ଆସି ନିବେଦନ କଲେ,
“ଆମ୍ଭେମାନେ ସଦାପ୍ରଭୁ ଓ ତୁମ୍ଭ ବିରୁଦ୍ଧରେ ଅଭିଯୋଗ କରି
ପାପ କରିଅଛୁଁ। ତେଣୁ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କର,
ସେ ଯେପରି ଆମ୍ଭମାନଙ୍କଠାରୁ ଏହି ସର୍ପମାନଙ୍କୁ ଦୂରେଇ
ନେବେ।” ତେଣୁ ମୋଶା ଲୋକମାନଙ୍କ ପାଇଁ ପ୍ରାର୍ଥନା
କଲେ।

8ତହୁଁ ସଦାପ୍ରଭୁ ମୋଶାଙ୍କୁ କହିଲେ, “ଗୋଟିଏ ପିତ୍ତଳ
ସର୍ପ ନିର୍ମାଣ କରି ଗୋଟିଏ ସ୍ତମ୍ଭ ଉପରେ ରଖ। ସର୍ପଦ୍ୱାରା
ଦଂଶିତ ହୋଇଥିବା ଲୋକମାନେ ମୃତ୍ୟୁବରଣ କରିବେ ନାହିଁ।
ଯଦି ସେମାନେ ସ୍ତମ୍ଭ ଉପରେ ଥିବା ସର୍ପକୁ ଦେଖନ୍ତି।”
9ତେଣୁ ମୋଶା ସଦାପ୍ରଭୁଙ୍କ ଆଜ୍ଞା ପାଳନ କଲେ। ସେ ଏକ
ପିତ୍ତଳର ସର୍ପ ନିର୍ମାଣ କରି ଗୋଟିଏ ଖମ୍ବ ଉପରେ ସ୍ଥାପନ
କଲେ। ତେଣୁ ସର୍ପ ଦଂଶିତ ବ୍ୟକ୍ତି ସେହି ଖମ୍ବସ୍ଥିତ ପିତ୍ତଳ
ସର୍ପପ୍ରତି ଦୃଷ୍ଟିପାତ କରି ବଞ୍ଚିଲେ।

## ମୋୟାବକୁ ଯାତ୍ରା

10ଅନନ୍ତର ଇସ୍ରାଏଲର ଲୋକମାନେ ଯାତ୍ରାକରି ଓବୋତରେ
ଛାଉଣୀ ସ୍ଥାପନ କଲେ। 11ତାହାପରେ ଓବୋତରୁ ଯାତ୍ରା କରି
ପୂର୍ବ ଦିଗରେ ମୋୟାବର ପୂର୍ବଦିଗସ୍ଥିତ ମରୁଭୂମିରେ ଇୟୀ
ଅବାରୀମରେ ଛାଉଣୀ ସ୍ଥାପନ କଲେ। 12ପୁଣି ସେମାନେ
ସେଠାରୁ ଯାତ୍ରା କରି ସେରଦ୍ ଉପତ୍ୟକାରେ ଛାଉଣୀ ସ୍ଥାପନ

କଲେ। 13ସେଠାରୁ ସେମାନେ ଯାତ୍ରକରି ଇମୋରୀୟମାନଙ୍କ
ସୀମାରୁ ନିର୍ଗତ ଅର୍ଣ୍ଣୋନ ନଦୀର ଅନ୍ୟ ପାର୍ଶ୍ୱ ମରୁଭୂମିରେ
ଛାଉଣୀ ସ୍ଥାପନ କଲେ। କାରଣ ମୋୟାବର ଓ
ଇମୋରୀୟମାନଙ୍କର ମଧ୍ୟବର୍ତ୍ତୀ ଅର୍ଣ୍ଣୋନ୍ ମୋୟାବର ସୀମା
ଥିଲା। 14ଏଥି ନିମନ୍ତେ ସଦାପ୍ରଭୁଙ୍କ ଯୁଦ୍ଧ ପୁସ୍ତକରେ କଥିତ
ଅଛି, ଯଥା:

"ଘୂର୍ଣ୍ଣିବାୟୁରେ ବାହେବକୁ ଓ ଅର୍ଣ୍ଣୋନର ସକଳ ଉପତ୍ୟକା।
15ଘାଟିର ଗଡାଣିଗୁଡ଼ିକ ଯେଉଁଗୁଡ଼ିକ ଆରର ନିବାସ ଆଡେ
ଯାଇଥିଲା ଏବଂ ସେଗୁଡ଼ିକ ମୋୟାବର ସୀମାରେ ଅବସ୍ଥିତ
ଥିଲା।"

16ସେଠାରୁ ସେମାନେ ବେର ନାମକ ସ୍ଥାନକୁ ଆସିଲେ।
ସେହି କୂପ ବିଷୟରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭେ
ଏହି ସ୍ଥାନରେ ଲୋକମାନଙ୍କୁ ଏକତ୍ର କର। ମୁଁ ସେମାନଙ୍କୁ
ଜଳ ଦେବି।" 17ସେହି ସମୟରେ ଇସ୍ରାୟେଲ ଏହି ଗୀତ
ଗାଇଲେ:

"ହେ କୂପଜଳ, ଉଚ୍ଛୁଳି ଉଠ, ତହିଁ ଉଦ୍ଦେଶ୍ୟରେ ଗାନ
କର।

18ରାଜାମାନେ ଓ ଅଧିପତିମାନେ ସେହି କୂପ ଖୋଳିଛନ୍ତି।
କୁଳୀନମାନେ ଓ ରାଜାମାନେ ସେମାନଙ୍କର ଆଶାବାଡ଼ିରେ ଓ
ରାଜଦଣ୍ଡରେ ତାହା ଖୋଳିଛନ୍ତି।"

ଏହା "ମରୁଭୂମି" ମଧ୍ୟରେ ଏକ ଉପହାର ଅଟେ।
19ଲୋକମାନେ ମତ୍ତାନରୁ ନହଲୀୟେଲକୁ ଓ ନହଲୀୟେଲଠାରୁ
ବାମୋତକୁ ଯାତ୍ରା କଲେ। 20ବାମୋତରୁ ମୋୟାବ କ୍ଷେତ୍ରସ୍ଥିତ
ଉପତ୍ୟକା ଦେଇ ପିସ୍‌ଗା ପର୍ବତର ଶୃଙ୍ଗକୁ ଯାତ୍ରା କଲେ।
ତାହା ମରୁଭୂମି ଆଡକୁ ଥିଲା।

## ସୀହୋନ ଓ ଓଗ

21ଅନନ୍ତର ଇସ୍ରାୟେଲ ଇମୋରୀୟମାନଙ୍କ ରାଜା ସୀହୋନ
ନିକଟକୁ କେତେକ ଦୂତଙ୍କୁ ପଠାଇଲେ, ସେମାନେ ରାଜାଙ୍କୁ
କହିଲେ, 22"ଦୟାକରି ତୁମ୍ଭ ରାଜ୍ୟ ଦେଇ ଆମ୍ଭମାନଙ୍କୁ
ଯିବାକୁ ଦିଅ। ଆମ୍ଭେମାନେ ତୁମ୍ଭ ଶସ୍ୟକ୍ଷେତ୍ର କିମ୍ବା ଦ୍ରାକ୍ଷାଲତାକୁ
ପ୍ରବେଶ କରିବୁ ନାହିଁ। ଆମ୍ଭେମାନେ ତୁମ୍ଭ କୂପରୁ ଜଳପାନ
କରିବୁ ନାହିଁ। ଆମ୍ଭେମାନେ ତୁମ୍ଭ ଦେଶସୀମା ପାର ହେବା
ପର୍ଯ୍ୟନ୍ତ କେବଳ ରାଜପଥ ଦେଇ ଗମନ କରିବୁ।"

23ମାତ୍ର ସୀହୋନର ରାଜା ଆପଣା ଦେଶ ମଧ୍ୟ ଦେଇ
ଇସ୍ରାୟେଲକୁ ଯାତ୍ରା କରିବାକୁ ଦେଲେ ନାହିଁ। ସେ ଆପଣାର
ସମସ୍ତ ଲୋକଙ୍କୁ ଏକତ୍ରିତ କରି ଇସ୍ରାୟେଲ ବିରୁଦ୍ଧରେ
ବାହାରିଲେ। ଯହସଠାରେ ପହଞ୍ଚି ସେ ଇସ୍ରାୟେଲର ବିରୁଦ୍ଧରେ
ଯୁଦ୍ଧ କଲେ।

24ମାତ୍ର ଇସ୍ରାୟେଲର ଲୋକମାନେ ରାଜାଙ୍କୁ ହତ୍ୟା
କଲେ। ତା'ପରେ ସେମାନେ ଅର୍ଣ୍ଣୋନଠାରୁ ଯବ୍ବୋକ ପର୍ଯ୍ୟନ୍ତ
ଅର୍ଥାତ୍ ଅମ୍ମୋନୀୟମାନଙ୍କର ସୀମା ପର୍ଯ୍ୟନ୍ତ ଅଗ୍ରସର ହେଲେ।
ସେମାନେ ସେମାନଙ୍କର ଦେଶ ଅଧିକାର କଲେ କିନ୍ତୁ ଆଗକୁ
ଯାଇ ପାରିଲେ ନାହିଁ। କାରଣ ଅମ୍ମୋନୀୟମାନେ ଶକ୍ତିଶାଳୀ
ଥିଲେ। 25ଏହିରୂପେ ଇସ୍ରାୟେଲ ସେ ସମସ୍ତ ନଗର ଦଖଲ
କଲେ। ଇସ୍ରାୟେଲ ଇମୋରୀୟମାନଙ୍କ ସମସ୍ତ ନଗରରେ
ଅର୍ଥାତ୍ ହିଷବୋନରେ ଓ ତହିଁର ସମସ୍ତ ନଗରରେ ବାସକଲେ।
26କାରଣ ହିଷ୍‌ବୋନ ଇମୋରୀୟମାନଙ୍କ ରାଜା ସୀହୋନଙ୍କ
ରାଜକୀୟ ନଗର ଥିଲା। ସେ ମୋୟାବର ପୂର୍ବ ରାଜା
ବିପକ୍ଷରେ ଯୁଦ୍ଧ କଲେ ଏବଂ ଅର୍ଣ୍ଣୋନ୍ ପର୍ଯ୍ୟନ୍ତ ଦେଶ
ଅଧିକାର କଲେ। 27ଏଥି ନିମନ୍ତେ କବିମାନେ କହନ୍ତି,

"ତୁମ୍ଭେମାନେ ହିଷ୍‌ବୋନ୍‌କୁ ଆସ, ସୀହୋନ ନଗର
ନିର୍ମିତ ହେଉ ଓ ଦୃଢ଼ୀଭୂତ ହେଉ।

28ହିଷ୍‌ବୋନଠାରୁ ଅଗ୍ନି ନିର୍ଗତ ହୋଇଅଛି। ଏକ ଶିଖା
ସୀହୋନ ନଗରରୁ ବାହାରିଲା। ସେହି ଅଗ୍ନି ମୋୟାବର ଆର
ନଗରକୁ ଧ୍ୱଂସ କଲା ଏବଂ ଅର୍ଣ୍ଣୋନର ପର୍ବତଗୁଡ଼ିକୁ ଧ୍ୱଂସ
କଲା।

29ହେ ମୋୟାବ ତୁମ୍ଭେ ଦୁଃଖିତ ଅଟ। ତୁମ୍ଭେ କମୋଶର
ଲୋକମାନଙ୍କୁ ହରାଇଛ। ତା'ର ପୁତ୍ରଗଣ ପଳାୟନ କରିଛନ୍ତି,
ତା'ର କନ୍ୟାମାନେ ଇମୋରୀୟ ଶାସନ କର୍ତ୍ତା ରାଜା ସୀହୋନ
ହସ୍ତରେ ବନ୍ଦୀ ହୋଇଛନ୍ତି।

30ସେମାନଙ୍କର ଭବିଷ୍ୟତ୍ ବଂଶଧରଗଣ ହିଷ୍‌ବୋନଠାରୁ
ଦୀବୋନ ପର୍ଯ୍ୟନ୍ତ ଧ୍ୱଂସ ହୋଇଛନ୍ତି। ଆମ୍ଭେମାନେ ସେମାନଙ୍କୁ
ଶର ନିକ୍ଷେପ କରିଅଛୁ। ହିଷ୍‌ବୋନ୍ ଦୀବୋନ୍ ପର୍ଯ୍ୟନ୍ତ
ହେଲା। ଆମ୍ଭେମାନେ ନୋଫହ ପର୍ଯ୍ୟନ୍ତ ଧ୍ୱଂସ କଲୁ, ଯାହା
ମେଦବା ନିକଟରେ ଅଛି।

31ଏହିରୂପେ ଇସ୍ରାୟେଲ ଇମୋରୀୟମାନଙ୍କ ଦେଶରେ
ବାସ କଲେ।

32ମୋଶା ଯାସେର ଅନୁସନ୍ଧାନ କରିବାପାଇଁ ତାଙ୍କର
ଲୋକ ପଠାଇଲେ ଏବଂ ତାଙ୍କର ଲୋକମାନେ ତହିଁର ସମସ୍ତ
ଛୋଟ ନଗରଗୁଡ଼ିକୁ ଅକ୍ତିଆର କଲେ ଓ ସେଠାରେ ବାସ
କରୁଥିବା ଇମୋରୀୟମାନଙ୍କୁ ତଡ଼ି ଦେଲେ।

33ତହୁଁ ସେମାନେ ବାଶନ ଆଡକୁ ଅଗ୍ରସର ହେଲେ।
ବାଶନର ରାଜା ଓଗ ତାହାର ଲୋକମାନେ ସେମାନଙ୍କ ସହିତ
ଇଦ୍ରିୟୀଠାରେ ଯୁଦ୍ଧ କଲେ।

34ସଦାପ୍ରଭୁ ମୋଶାଙ୍କୁ କହିଲେ, "ସେ ରାଜାକୁ ଭୟ
କରନାହିଁ, କାରଣ ମୁଁ ତାହାକୁ, ତାହାର ସମସ୍ତ ଲୋକଙ୍କୁ ଓ
ତାହାର ଦେଶକୁ ତୁମ୍ଭ ହସ୍ତରେ ସମର୍ପଣ କରିବି। ତୁମ୍ଭେ
ହିଷ୍‌ବୋନବାସୀ ଇମୋରୀୟ ରାଜା ସୀହୋନ ପ୍ରତି ଯେପରି
କରିଥିଲ, ତାହା ପ୍ରତି ସେହିପରି କରିବ।"

35ଏଣୁ କେହି ଅବଶିଷ୍ଟ ନ ରହିବା ପର୍ଯ୍ୟନ୍ତ ସେମାନେ
ତାହାକୁ ଓ ତାହାର ପୁତ୍ରଗଣକୁ ଓ ତାହାର ସମସ୍ତ ଲୋକଙ୍କୁ
ଆକ୍ରମଣ କଲେ ଏବଂ ସେମାନେ ତାହାର ରାଜ୍ୟ ଅଧିକାର
କଲେ।

## ବିଲୟମ ଓ ମୋୟାବର ରାଜା

22 ତା'ପରେ ଇସ୍ରାୟେଲର ଲୋକମାନେ ମୋୟାବର
ଯର୍ଦ୍ଦନର ସମତଳ ଭୂମିକୁ ଯାତ୍ରା କଲେ। ସେମାନେ
ଯର୍ଦ୍ଦନ ନିକଟସ୍ଥ ଯିରୀହୋଠାରେ ସେମାନଙ୍କର ଛାଉଣୀ ସ୍ଥାପନ
କଲେ।

2ଇସ୍ରାୟେଲ ଇମୋରୀୟମାନଙ୍କ ପ୍ରତି ଯାହା ଯାହା
କରିଥିଲେ, ତାହା ସିପ୍ପୋରର ପୁତ୍ର ବାଲାକ୍ ଦେଖିଲେ। 3ଏଣୁ
ସେ ମୋୟାବ ଇସ୍ରାୟେଲ ଲୋକମାନଙ୍କ ସକାଶୁ ଭୀତ
ହେଲେ। ସେମାନଙ୍କର ସଂଖ୍ୟା ବହୁତ ଥିଲା, ଆଉ

ମୋୟାବ ଇସ୍ରାୟେଲ ଲୋକମାନଙ୍କ ସକାଶୁ ଉଦ୍‌ବିଗ୍ନ
ଥିଲେ।
4ମୋୟାବ ମିଦୟନୀୟ ପ୍ରାଚୀନଗଣକୁ କହିଲେ ଯେ,
"ଏହିସବୁ ଲୋକମାନେ ଗାଈପରି ସମଗ୍ର ଇସ୍ରାୟେଲ ଭୂମିରେ
ଚରିଯିବେ। ଗୋରୁ ଯେପରି ପଦାରୁ ଘାସ ଚାଟିଖାଏ, ସେହିପରି
ଏହି ଜନତା ଆମ୍ଭମାନଙ୍କ ଚତୁର୍ଦ୍ଦିଗସ୍ଥ ସବୁ ଚାଟି ପକାଇବେ।"
ସେ ସମୟରେ ବାଲାକ୍ ମୋୟାବର ରାଜା ଥିଲେ। ସେ
ସିପ୍ପୋରର ପୁତ୍ର ଥିଲେ। 5ତହୁଁ ସେ ବିୟୋରର ପୁତ୍ର ବିଲୀୟମ
ନିକଟକୁ ବାର୍ତ୍ତାବହ ପଠାଇଲେ। ସେହି ସମୟରେ ବିଲୀୟମ
ନିଜ ସମ୍ପର୍କୀୟମାନଙ୍କର ଦେଶର ଫରାତ ନଦୀ ନିକଟସ୍ଥ
ପାଥୋର ନଗରରେ ଥିଲେ। ବାଲାକ୍‌ର ବାର୍ତ୍ତା ଥିଲା, "ମିଶରରୁ
ବହୁତ ଲୋକ ଆସିଥିଲେ। ସେମାନେ ସମଗ୍ର ଦେଶକୁ
ଆଛନ୍ନ କରିଅଛନ୍ତି ଏବଂ ବର୍ତ୍ତମାନ ଆମ୍ଭ ନିକଟବର୍ତ୍ତୀ ହୋଇଛନ୍ତି।
6ଏଣୁ ଆମ୍ଭେ ତୁମ୍ଭକୁ ଆସିବାକୁ ଓ ଆମ୍ଭ ତରଫରୁ ଏହିସବୁ
ଲୋକମାନଙ୍କୁ ଅଭିଶାପ ଦେବାପାଇଁ ନିବେଦନ କରୁଅଛୁ।
କାରଣ ସେମାନେ ଆମ୍ଭମାନଙ୍କଠାରୁ ବଳବାନ୍ ଅଛନ୍ତି। ତୁମ୍ଭ
ସାହାଯ୍ୟ ଦ୍ୱାରା ଆମ୍ଭେ ସେମାନଙ୍କୁ ଆମ୍ଭ ରାଜ୍ୟରୁ ବାହାର
କରି ପାରିବୁ। ଆମ୍ଭେ ଜାଣୁ ତୁମ୍ଭେ ଯାହାକୁ ଆଶୀର୍ବାଦ କର,
ସେମାନେ ଭାଗ୍ୟବାନ୍ ଏବଂ ତୁମ୍ଭେ ଯାହାକୁ ଶାପ ଦିଅ, ସେ
ଶାପଗ୍ରସ୍ତ ହୁଏ।"
7ତହୁଁ ମୋୟାବର ଓ ମିଦୟନର ପ୍ରାଚୀନବର୍ଗ ଉପହାର
ନେଇ ଆସିଲେ। ସେମାନେ ବିଲୀୟମ ନିକଟରେ ଉପସ୍ଥିତ
ହୋଇ ବାଲାକ ଯାହା କହିଥିଲେ ତାହା କହିଲେ।
8ତହୁଁ ବିଲୀୟମ ସେମାନଙ୍କୁ କହିଲେ, "ତୁମ୍ଭେମାନେ ଆଜି
ରାତ୍ରି ଏଠାରେ ରୁହ, ଆଉ ସଦାପ୍ରଭୁ ମୋତେ ଯାହା କହିବେ
ତାହା ମୁଁ ପୁନର୍ବାର ତୁମ୍ଭକୁ ଜଣାଇବି।" ତହୁଁ ମୋୟାବର
ଅଧିପତିମାନେ ବିଲୀୟମ ସହିତ ରାତ୍ରି ଯାପନ କଲେ।
9ପରମେଶ୍ୱର ସ୍ୱପ୍ନରେ ବିଲୀୟମ ନିକଟରେ ଆବିର୍ଭାବ
ହେଲେ ଏବଂ ତାଙ୍କୁ ପଚାରିଲେ, "ତୁମ୍ଭ ସହିତ ବସବାସ
କରୁଥିବା ଏହି ଲୋକମାନେ କିଏ?"
10ବିଲୀୟମ ପରମେଶ୍ୱରଙ୍କୁ କହିଲା, "ମୋୟାବର ରାଜା
ସିପ୍ପୋରର ପୁତ୍ର ବାଲାକ୍ ମୋ ନିକଟକୁ ଏକ ବାର୍ତ୍ତା ପଠାଇ
ଅଛନ୍ତି। 11ଦେଖ, ଏହି ଲୋକମାନେ ମିଶରରୁ ଆସିଛନ୍ତି।
ସେମାନଙ୍କର ସଂଖ୍ୟା ଏତେ ଅଧିକ ଯେ ସେମାନେ ସମଗ୍ର
ଦେଶକୁ ଆଚ୍ଛାଦିତ କରିଛନ୍ତି। ଆସ ଏବଂ ମୋ ରତଫରୁ
ସେମାନଙ୍କୁ ଅଭିଶାପ ଦିଅ। ତାହାହେଲେ ଆମ୍ଭେ ସେମାନଙ୍କ
ବିରୁଦ୍ଧରେ ଯୁଦ୍ଧ କରିବାକୁ ସମର୍ଥ ହେବୁ ଓ ସେମାନଙ୍କୁ ତଡ଼ି
ଦେଇ ପାରିବୁ।"
12କିନ୍ତୁ ପରମେଶ୍ୱର ବିଲୀୟମକୁ କହିଲେ, "ତୁମ୍ଭେ ସେମାନଙ୍କ
ସହିତ ଯିବା ଉଚିତ୍ ନୁହଁ, ତୁମ୍ଭେ ସେହି ଲୋକମାନଙ୍କୁ
ଅଭିଶାପ ଦେବା ଉଚିତ୍ ନୁହଁ। କାରଣ ଇସ୍ରାୟେଲ ମୋର
ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୋଇଅଛି।"
13ଏଥିରେ ବିଲୀୟମ ପ୍ରାତଃକାଳରେ ଉଠି ବାଲାକ୍‌ଙ୍କ
ଅଧିପତିମାନଙ୍କୁ କହିଲେ, "ତୁମ୍ଭେମାନେ ଆପଣା ଦେଶକୁ
ଚାଲିଯାଅ, କାରଣ ସଦାପ୍ରଭୁ ମୋତେ ତୁମ୍ଭମାନଙ୍କ ସହିତ
ଯିବାକୁ ଅନୁମତି ଦେଲେ ନାହିଁ।"
14ତେଣୁ ମୋୟାବର ଅଧିପତିମାନେ ବାଲାକ୍‌ଙ୍କ ନିକଟକୁ
ଯାଇ କହିଲେ, "ବିଲୀୟମ ଆମ୍ଭମାନଙ୍କ ସହିତ ଆସିବାକୁ
ନାସ୍ତି କଲେ।"
15ଏହାପରେ ବାଲାକ୍ ପୂର୍ବାପେକ୍ଷା ଅଧିକ ସଂଖ୍ୟକ ଓ
ଅଧିକ ସମ୍ଭ୍ରାନ୍ତ ଅଧିପତିମାନଙ୍କୁ ପୁନର୍ବାର ବିଲୀୟମ ନିକଟକୁ
ପଠାଇଲେ। 16ସେମାନେ ବିଲୀୟମ ନିକଟକୁ ଯାଇ କହିଲେ,
"ସିପ୍ପୋରର ପୁତ୍ର ବାଲାକ୍ ଏହି କଥା କହନ୍ତି, ଆମ୍ଭେ ବିନୟ
କରୁଅଛୁ, ଆମ୍ଭ ନିକଟକୁ ଆସିବାକୁ ତୁମ୍ଭେ ବାରଣ କରିବ
ନାହିଁ। 17ତୁମ୍ଭେ ଯଦି ମୋତେ ସାହାଯ୍ୟ କର, ମୁଁ ତୁମ୍ଭକୁ
ବହୁତ ଭଲ ଭାବରେ ପୁରସ୍କାର ଦେବି। ତୁମ୍ଭେ ମୋତେ
ଯାହା କହିବ ତାହା ମୁଁ କରିବି, ଏଣୁ ପାର୍ଥନା କରି ମୁଁ
ବିନୟ କରୁଅଛି, ମୋ ନିମନ୍ତେ ଏହି ଲୋକମାନଙ୍କୁ ଅଭିଶାପ
ଦିଅ।"
18ଏଥିରେ ବିଲୀୟମ ବାଲାକ୍‌ର ଦାସମାନଙ୍କୁ କହିଲେ,
"ଯଦି ବାଲାକ୍ ସୁନା ରୁପାରେ ପରିପୂର୍ଣ୍ଣ ନିଜର ଗୃହକୁ
ମୋତେ ଦେଇ ଦିଅନ୍ତି, ତଥାପି ମୁଁ ସଦାପ୍ରଭୁ ମୋର
ପରମେଶ୍ୱରଙ୍କ ଆଜ୍ଞା ବାହାରକୁ ଯାଇ ପାରିବି ନାହିଁ। 19ମାତ୍ର
ମୁଁ ତୁମ୍ଭମାନଙ୍କୁ ବିନୟ କରୁଛି, ତୁମ୍ଭେମାନେ ପୂର୍ବ ଲୋକମାନଙ୍କ
ପରି ଆଜି ରାତ୍ରି ଏଠାରେ ରୁହ। ସଦାପ୍ରଭୁ ମୋତେ ଆଉ
ଯାହା କହିବେ ତାହା ମୁଁ ଜାଣିବି।"
20ସେହି ରାତ୍ରିରେ ପରମେଶ୍ୱର ବିଲୀୟମ ନିକଟକୁ ଆସିଲେ
ଏବଂ କହିଲେ, "ଯଦି ଏହି ଲୋକମାନେ ତୁମ୍ଭକୁ ସେମାନଙ୍କ
ସଙ୍ଗରେ ଯିବାକୁ ଅନୁରୋଧ କରୁଛନ୍ତି, ତୁମ୍ଭେ ଯାଇପାର,
କିନ୍ତୁ ମୁଁ ତୁମ୍ଭକୁ ଯାହା କହିଅଛି, ତୁମ୍ଭେ ତାହାହିଁ କରିବା
ଉଚିତ୍।"

## ବିଲୀୟମ ଓ ତାଙ୍କର ଗଧ

21ତା' ପରଦିନ, ବିଲୀୟମ ନିଜର ଗଧ ଉପରେ
ଆରୋହଣ କରି ମୋୟାବର ଅଧିପତିମାନଙ୍କ ସହିତ ଗମନ
କଲେ। 22ସେତେବେଳେ ବିଲୀୟମ ଆପଣା ଦୁଇ ଦାସଙ୍କ
ସହିତ ଗଧ ଉପରେ ଚଢ଼ି ଯାଉଥିଲେ। ପରମେଶ୍ୱରଙ୍କ କ୍ରୋଧ
ପ୍ରଜ୍ୱଳିତ ହେଲା। ଆଉ ସଦାପ୍ରଭୁଙ୍କ ଦୂତ ତାହାର ଶତ୍ରୁରୂପେ
ପଥ ମଧ୍ୟରେ ଠିଆ ହୋଇ ରହିଲେ।
23ଏଥିରେ ବିଲୀୟମଙ୍କର ଗଧ ସଦାପ୍ରଭୁଙ୍କ ଖଡ୍ଗଧାରୀ
ଦୂତକୁ ଦେଖିଲା। ତହୁଁ ସେ ବାଟ ଛାଡ଼ି ବିଲ ଆଡ଼କୁ ଗଲା।
ତେଣୁ ବିଲୀୟମ ରାଗିଯାଇ ଗଧକୁ ବାଟକୁ ଆଣିବା ପାଇଁ
ପ୍ରହାର କଲା।
24ପରେ ସଦାପ୍ରଭୁଙ୍କ ଦୂତ ଦୁଇ ଦ୍ରାକ୍ଷାକ୍ଷେତ୍ରର ଦୁଇ
ପ୍ରାଚୀର ମଧ୍ୟରେ ଥିବା ଗଳି ପଥରେ ଠିଆ ହେଲେ।
25ସେତେବେଳେ ଗଧ ସଦାପ୍ରଭୁଙ୍କ ଦୂତକୁ ଦେଖି କାନ୍ଥ
ଆଡ଼କୁ ଠେଲି ହୋଇଯିବାରୁ ବିଲୀୟମ ଗୋଡ଼ କାନ୍ଥରେ ଘଷି
ହୋଇଗଲା। ତେଣୁ ସେ ପୁନର୍ବାର ଗଧକୁ ଚାବୁକ୍ ମାରିଲେ।
26ଏହାପରେ ସଦାପ୍ରଭୁଙ୍କ ଦୂତ ଆହୁରି ଆଗକୁ ଯାଇ
ଏକ ସଂକୀର୍ଣ୍ଣ ସ୍ଥାନରେ ଠିଆ ହେଲେ, ସେଠାରେ ଗଧକୁ
ବାମ କିମ୍ବା ଡ଼ାହାଣକୁ ଫେରିବାର ସ୍ଥାନ ନ ଥିଲା। 27ସେତେବେଳେ
ଗଧ ସଦାପ୍ରଭୁଙ୍କ ଦୂତକୁ ଦେଖି ବିଲୀୟମକୁ ପିଠିରେ ଧରି
ତଳେ ଶୋଇ ପଡ଼ିଲା। ଏଥିରେ ବିଲୀୟମର କ୍ରୋଧ ପ୍ରଜ୍ୱଳିତ
ହେଲା ଓ ଗଧକୁ ଆପଣା ଆଶାବାଡ଼ିରେ ପ୍ରହାର କଲେ।

28ତହୁଁ ସଦାପ୍ରଭୁ ଗଧ ମୁଖରେ ଭାଷା ଦେଲେ, ତେଣୁ
ସେ ବିଲୟମକୁ କହିଲା, "ମୁଁ ତୁମ୍ଭର କ'ଣ କଲି? କାହିଁକି
ତୁମ୍ଭେ ରାଗି ମୋତେ ତିନିଥର ପ୍ରହାର କଲ?"
29ତହୁଁ ବିଲୟମ ଗଧକୁ କହିଲା, "କାରଣ ତୁମ୍ଭେ
ମୋତେ ଦେଖିବାକୁ ନିର୍ବୋଧପରି କଲ। ଯଦି ମୋ ହାତରେ
ଖଣ୍ଡା ଥାନ୍ତା ମୁଁ ତୋତେ ବର୍ତ୍ତମାନ ହତ୍ୟା କରିଥାନ୍ତି।"
30ପୁଣି ଗଧ ବିଲୟମକୁ କହିଲା, "ତୁମ୍ଭେ ଜନ୍ମାବଧି ଆଜି
ପର୍ଯ୍ୟନ୍ତ ଯେଉଁ ଗଧ ଉପରେ ଚଢି ଆସିଅଛ, ମୁଁ କ'ଣ
ତୁମ୍ଭର ସେହି ଗଧ ନୁହେଁ? ମୁଁ କ'ଣ ଅତୀତରେ ତୁମ୍ଭ ପ୍ରତି
କେବେ ଏପରି ବ୍ୟବହାର କରିଥିଲି?"
ତହୁଁ ସେ କହିଲା, "ନା।"
31ଏଥିରେ ସଦାପ୍ରଭୁ ବିଲୟମର ଚକ୍ଷୁ ଖୋଲି ଦେଲେ
ଏବଂ ସେ ସଦାପ୍ରଭୁଙ୍କ ଦୂତକୁ ପଥ ମଧ୍ୟରେ ଖଡ୍ଗ ଧାରଣ
କରି ଛିଡ଼ା ହୋଇଥିବା ଦେଖିଲା। ତହିଁରେ ସେ ହତାଶ
ହୋଇ ଭୂମିରେ ପଡ଼ି ଗଲା।
32ସେତେବେଳେ ସଦାପ୍ରଭୁଙ୍କ ଦୂତ ତାକୁ କହିଲେ,
"ତୁମ୍ଭେ ତିନିଥର ଏହି ଗଧକୁ କାହିଁକି ପ୍ରହାର କଲ? ଦେଖ,
ମୁଁ ତୁମ୍ଭର ଶତ୍ରୁରୂପେ ଆସିଅଛି, ଯେହେତୁ ତୁମ୍ଭର ଯାତ୍ରା ଭୁଲ୍
ଅଟେ। 33ତୁମ୍ଭର ଗଧ ମୋତେ ଦେଖି ତିନିଥର ମୋ
ସମ୍ମୁଖରୁ ଚାଲିଗଲା। ସେ ଯେବେ ମୋ ସମ୍ମୁଖରୁ ଫେରି
ଯାଇନଥାନ୍ତା, ତେବେ ନିଶ୍ଚୟ ମୁଁ ଗଧକୁ ଜୀବିତ ରଖି ତୁମ୍ଭକୁ
ବଧ କରିଥାନ୍ତି।"
34ତହୁଁ ବିଲୟମ ସଦାପ୍ରଭୁଙ୍କ ଦୂତକୁ କହିଲା, "ମୁଁ ପାପ
କରିଅଛି, କାରଣ ତୁମ୍ଭେ ମୋ ବିପକ୍ଷରେ ପଥରେ ଠିଆ
ହୋଇଅଛ। ଏହା ମୁଁ ଜାଣି ନ ଥିଲି। ମୋ ଯାତ୍ରା ଯଦି ତୁମ୍ଭ
ଦୃଷ୍ଟିରେ ମନ୍ଦ ହୁଏ, ତେବେ ମୁଁ ଗୃହକୁ ଫେରିଯିବି।"
35ତା'ପରେ ସଦାପ୍ରଭୁଙ୍କ ଦୂତ ବିଲୟମକୁ କହିଲେ,
"ସେହି ଲୋକମାନଙ୍କ ସଙ୍ଗେ ଯାଅ। ମାତ୍ର ଆମ୍ଭେ ତୁମ୍ଭକୁ
ଯେଉଁ କଥା କହିବା କେବଳ ତାହା ତୁମ୍ଭେ କହିବ।" ତହୁଁ
ବିଲୟମ ବାଲାକଙ୍କ ଅଧିପତିମାନଙ୍କ ସହିତ ଗମନ କଲା।
36ବାଲାକ୍ ଶୁଣିଲା ଯେ, ବିଲୟମ ଆସୁଅଛି, ତେଣୁ ସେ
(ବାଲାକ୍) ମୋୟାବ ନଗରକୁ ବିଲୟମକୁ ସାକ୍ଷାତ କରିବା
ପାଇଁ ଗଲେ। ଅର୍ଣ୍ଣୋନ ନଦୀ ନିକଟସ୍ଥ ଦେଶର ଉପାନ୍ତରେ
ସେହି ନଗର ଥିଲା। 37ବାଲାକ୍ ବିଲୟମକୁ କହିଲେ, "ମୁଁ
ତୁମ୍ଭକୁ ମୋର କୁଳନମାନଙ୍କ ମାଧ୍ୟମରେ ନିମନ୍ତ୍ରଣ କଲି। କିନ୍ତୁ
ତୁମ୍ଭେ ଆସିଲ ନାହିଁ। ମୁଁ କ'ଣ ତୁମ୍ଭକୁ ପୁରସ୍କାର ଦେବାକୁ
ସମର୍ଥ ନୁହେଁ କି?"
38ତହୁଁ ବିଲୟମ ବାଲାକଙ୍କୁ କହିଲା, "ମୁଁ ତୁମ୍ଭ ନିକଟକୁ
ଆସିଛି, ମାତ୍ର ପରମେଶ୍ୱର, ମୋ ମୁଖରେ ଯେଉଁ ବାକ୍ୟ
ଦେବେ ତାହା ହିଁ ମୁଁ କହିବି।"
39ଏହାପରେ ବିଲୟମ ବାଲାକ୍ ସହିତ ଗମନ କରି
କିରୀୟତ୍ ହୁଷୋତରେ ଉପସ୍ଥିତ ହେଲା। 40ତହୁଁ ବାଲାକ୍ କିଛି
ଗାଈ ଓ ମେଷ ବଳିଦାନ କରି ବିଲୟମ ତାହାର(ବାଲାକ୍)
ସଙ୍ଗୀ ଅଧିପତିମାନଙ୍କୁ ମାଂସ ଦେଲେ।
41ତା' ପରଦିନ ବାଲାକ୍ ବିଲୟମକୁ ନେଇ ବାମୋତ
ବାଲକୁ ଗଲା। ଆଉ ସେହିଠାରୁ ସେ ଲୋକମାନଙ୍କର
ଏକତ୍ରୀତ ସମାବେଶ ଦେଖିଲେ।

## ବିଲୟମର ପ୍ରଥମ ବାର୍ତ୍ତା

23 ତା'ପରେ ବିଲୟମ ବାଲାକ୍‌କୁ କହିଲେ, "ଏଠାରେ
ମୋ ପାଇଁ ସାତଗୋଟି ଯଜ୍ଞବେଦୀ ନିର୍ମାଣ କର।
ମୋ ପାଇଁ ସାତଟି ଷଣ୍ଢ ଓ ସାତଟି ମେଷ ପ୍ରସ୍ତୁତ କର।"
2ବାଲାକ୍ ବିଲୟମର କଥା ଅନୁସାରେ କଲେ, ପୁଣି ବାଲାକ୍
ଓ ବିଲୟମ ପ୍ରତ୍ୟେକ ଯଜ୍ଞବେଦୀରେ ଏକ ଏକ ଗୋବତ୍ସ ଓ
ଏକ ଏକ ମେଷ ଉତ୍ସର୍ଗ କଲେ।
3ତହୁଁ ବିଲୟମ ବାଲାକ୍‌କୁ କହିଲେ, "ତୁମ୍ଭେ ଆପଣା
ହୋମବଳି ନିକଟରେ ଠିଆ ହୁଅ। ମୁଁ ଅନ୍ୟ ଏକ ସ୍ଥାନକୁ
ଯିବି। ପ୍ରାୟ ସଦାପ୍ରଭୁ ମୋତେ ସାକ୍ଷାତ କରିବାକୁ ଆସିବେ।
ଆଉ ସେ ଯାହା ନିର୍ଦ୍ଦେଶ ଦେବେ, ତାହା ହିଁ ତୁମ୍ଭକୁ
କହିବି।" ଏଣୁ ସେ ଏକ ଉଚ୍ଚସ୍ଥାନକୁ ଗଲେ।
4ପରମେଶ୍ୱର ବିଲୟମକୁ ସାକ୍ଷାତ କଲେ। ତହିଁରେ
ବିଲୟମ ସଦାପ୍ରଭୁଙ୍କୁ କହିଲେ, "ମୁଁ ସାତଟି ଯଜ୍ଞବେଦୀ
ନିର୍ମାଣ କରିଅଛି ଓ ପ୍ରତ୍ୟେକ ଯଜ୍ଞବେଦୀରେ ଏକ ଷଣ୍ଢ ଓ
ଏକ ଅଣ୍ଡିରା ମେଷ ବଳିଦାନ କରିଅଛି।"
5ସେତେବେଳେ ସଦାପ୍ରଭୁ ବିଲୟମର ମୁଖରେ ଏକ
ବାକ୍ୟ ଦେଇ ତାକୁ କହିଲେ, "ତୁମ୍ଭେ ବାଲାକ୍ ନିକଟକୁ
ଫେରିଯାଅ, ତାକୁ ଏହିରୂପେ କୁହ।"
6ତେଣୁ ବିଲୟମ ବାଲାକ୍ ନିକଟକୁ ଫେରି ଯାଇ
ଦେଖିଲେ, ବାଲାକ୍ ତଥାପି ଯଜ୍ଞବେଦୀ ନିକଟରେ ଛିଡ଼ା
ହୋଇଛନ୍ତି ଓ ମୋୟାବର ଅଧିପତିଗଣ ତାଙ୍କ ସହିତ ଛିଡ଼ା
ହୋଇ ଅଛନ୍ତି। 7ତହୁଁ ବିଲୟମ କହିଲେ,

ମୋୟାବର ରାଜା ବାଲାକ୍, ଅରାମଠାରୁ ପୂର୍ବ
ଦିଗସ୍ଥିତ ପର୍ବତ ଶ୍ରେଣୀରୁ ମୋତେ ଆଣିଅଛି। "ଆସ,
ଏବଂ ମୋ ନିମନ୍ତେ ଯାକୁବକୁ ଶାପ ଦିଅ। ଇସ୍ରାଏଲକୁ
ଅଭିଶାପ ଦେବାପାଇଁ ଆଉଥରେ ଆସ।"
8ପରମେଶ୍ୱର ଯାହାକୁ ଶାପ ଦେଇନାହାନ୍ତି ମୁଁ
କିପରି ତାକୁ ଶାପ ଦେବି? ସଦାପ୍ରଭୁ ଯାହାକୁ
ଅଭିଶପ୍ତ କରିନାହାଁନ୍ତି, ମୁଁ କି ରୂପେ ତାହାକୁ
ଅଭିଶପ୍ତ କରିବି?
9ମୁଁ ସେମାନଙ୍କୁ ପର୍ବତ ଶିଖରରୁ ଦେଖୁଅଛି। ମୁଁ
ସେମାନଙ୍କୁ ଗିରି ଶ୍ରେଣିରୁ ଦେଖୁଅଛି। ସେମାନେ
ନିଜ ପାଇଁ ବଞ୍ଚନ୍ତି। ସେମାନେ ନିଜକୁ ଦେଶର ଏକ
ଅଂଶ ବୋଲି ବିବେଚନା କରନ୍ତି ନାହିଁ।
10ଯାକୁବର ପରିବାରକୁ କିଏ ଗଣିପାରିବ? ଯେହେତୁ
ସେମାନେ ଧୂଳି କଣିକାପରି? ଏପରିକି ଇସ୍ରାଏଲର
ଏକ ଚତୁର୍ଥାଂଶ ଲୋକଙ୍କୁ ମଧ୍ୟ କେହି ଗଣି ପାରିବେ
ନାହିଁ। ଧାର୍ମିକ ମନୁଷ୍ୟ ରୂପେ ମୋତେ ମରିବାକୁ
ଦିଅ। ମୋର ଭବିଷ୍ୟତ୍ ଇସ୍ରାଏଲର ତୁଲ୍ୟ ହେଉ।

11ଏଥିରେ ବାଲାକ୍ ବିଲୟମକୁ କହିଲେ, "ତୁମ୍ଭେ ଆମ୍ଭ
ପ୍ରତି ଏ କ'ଣ କଲ? ଆମ୍ଭେ ଶତ୍ରୁମାନଙ୍କୁ ଶାପ ଦେବାପାଇଁ
ତୁମ୍ଭକୁ ଡ଼ାକିଥିଲୁ। ମାତ୍ର ତୁମ୍ଭେ ସେମାନଙ୍କୁ ଆଶୀର୍ବାଦ କଲ।"
12ମାତ୍ର ବିଲୟମ ଉତ୍ତର କଲା, "ସଦାପ୍ରଭୁ ମୋ ମୁହଁରେ
ଯାହା କହନ୍ତି, ତାହା ହିଁ କହିବା କ'ଣ ମୋର ଉଚିତ
ନୁହେଁ?"

13ଏହାପରେ ବାଲାକ୍ କହିଲେ, "ଦୟାକରି, ତୁମ୍ଭେ ମୋ
ସହିତ ଏକ ସ୍ଥାନକୁ ଆସ, ଯେଉଁ ସ୍ଥାନରୁ ସେମାନଙ୍କୁ
ଦେଖିପାରିବ। ତୁମ୍ଭେ କେବଳ ସେମାନଙ୍କୁ ଦେଖିବ ଯେଉଁମାନେ
ଶେଷ ଭାଗରେ ଅଛନ୍ତି। କିନ୍ତୁ ତୁମ୍ଭେ ସମସ୍ତଙ୍କୁ ଦେଖିପାରିବ
ନାହିଁ। ସେହିଠାରୁ ମୋ ନିମନ୍ତେ ସେମାନଙ୍କୁ ଅଭିଶାପ ଦିଅ।"
14ବାଲାକ୍ ବିଲୟମଙ୍କୁ ପିସ୍ଗାର ପୃଷ୍ଠସ୍ଥିତ ସୋଫୀମ୍ କ୍ଷେତ୍ରକୁ
ନେଇଗଲେ ଏବଂ ସେହି ସ୍ଥାନରେ ସାତଟି ଯଜ୍ଞବେଦୀ ନିର୍ମାଣ
କଲେ ଏବଂ ପ୍ରତ୍ୟେକ ଯଜ୍ଞବେଦୀରେ ଗୋଟିଏ ଷଣ୍ଢ ଓ
ଗୋଟିଏ ଅଣ୍ଡିରା ମେଷ ଉତ୍ସର୍ଗ କଲେ।
15ବିଲୟମ ବାଲାକ୍‌କୁ କହିଲେ, "ତୁମ୍ଭେ ତୁମ୍ଭର ହୋମବଳି
ନିକଟରେ ଛିଡ଼ାହୁଅ। ମୁଁ ସେହି ସ୍ଥାନରେ ପରମେଶ୍ୱରଙ୍କୁ
ସାକ୍ଷାତ କରିବି।"
16ସଦାପ୍ରଭୁ ବିଲୟମ ସହିତ ସାକ୍ଷାତ କଲେ ଓ ତାହାର
ମୁଖରେ ବାକ୍ୟ ଦେଲେ, "ତୁମ୍ଭେ ବାଲାକ୍ ନିକଟକୁ ଯାଅ
ଏବଂ ତାଙ୍କୁ ଏହା କୁହ। 17ତହୁଁ ସେ ବାଲାକ୍ ନିକଟକୁ
ଫେରିଆସିଲେ ଏବଂ ତାକୁ ନିଜର ଯଜ୍ଞବେଦୀ ନିକଟରେ
ଛିଡ଼ା ହୋଇଥିବାର ଦେଖିଲେ। ମୋୟାବର କୁଳୀନମାନେ
ମଧ୍ୟ ତାଙ୍କ ସହିତ ଥିଲେ। ବାଲାକ୍ ତାଙ୍କୁ ପଚାରିଲେ,
"ସଦାପ୍ରଭୁ ତୁମ୍ଭକୁ କ'ଣ କହିଲେ?"

## ବିଲୟମଙ୍କ ଦ୍ୱିତୀୟ ବାର୍ତ୍ତା

18ତା'ପରେ ବିଲୟମ କହିଲେ,

"ହେ ବାଲାକ୍, ଉଠ ଏବଂ ମୋ କଥା ଶୁଣ,
ହେ ସିପ୍ପୋରର ପୁତ୍ର, ଦୟାକରି ମୋ କଥାକୁ
ତୁମ୍ଭର କର୍ଣ୍ଣ ଦିଅ।
19ପରମେଶ୍ୱର ମନୁଷ୍ୟ ନୁହଁନ୍ତି, ସେ ମିଥ୍ୟା
କହିବେ ନାହିଁ। ସେ ମଧ୍ୟ ମନୁଷ୍ୟ ନୁହଁନ୍ତି। ସେ
ତାଙ୍କର ସିଦ୍ଧାନ୍ତ ବଦଳାଇବେ ନାହିଁ। ସେ କହିବେ
କି ଯାହା ସେ କରିବେ ନାହିଁ? ନା! ସେ କହିବେ
କି ଏବଂ ତାହା ହେବ ନାହିଁ? ନା!
20ଦେଖ, ସଦାପ୍ରଭୁ ମୋତେ ଆଶୀର୍ବାଦ କରିବାକୁ
ଆଜ୍ଞା ଦେଇଛନ୍ତି। ସେ ନିଜେ ମଧ୍ୟ ଆଶୀର୍ବାଦ
କରିଛନ୍ତି। ଏଣୁ ମୁଁ ଏହା ଅନ୍ୟଥା କରି ନପାରେ।
21ସେ ଯାକୁବ ପରିବାରର ପାପ ଦେଖନ୍ତି
ନାହିଁ। ଏବଂ ଇଶ୍ରାୟେଲ ମଧ୍ୟରେ ପାପ ଦେଖି
ନାହାଁନ୍ତି। ସଦାପ୍ରଭୁ ସେମାନଙ୍କର ପରମେଶ୍ୱର ସେମାନଙ୍କ
ସହିତ ଅଛନ୍ତି। ସେମାନଙ୍କ ରାଜାଙ୍କର ଜୟଧ୍ୱନୀ
ସେମାନଙ୍କ ମଧ୍ୟରେ ଥିଲା।
22ପରମେଶ୍ୱର ସେମାନଙ୍କୁ ମିଶରରୁ ବାହାର
କରି ଆଣି ଅଛନ୍ତି। ସେମାନଙ୍କର ପରମେଶ୍ୱର
ଅରଣା ଗୋରୁର ଶିଙ୍ଗ ପରି ଶକ୍ତିଶାଳୀ।
23କୌଣସି ଶକ୍ତି ଯାକୁବ ବଂଶକୁ ପରାସ୍ତ କରି
ପାରିବ ନାହିଁ କିମ୍ବା କୌଣସି ମନ୍ତ୍ର ଇଶ୍ରାୟେଲକୁ
ନିବୃତ୍ତ କରିପାରିବ ନାହିଁ। ଏହି କ୍ଷଣି ଯାକୁବ ଓ
ଇଶ୍ରାୟେଲ ବିଷୟରେ କୁହାଯିବ; 'ପରମେଶ୍ୱର କି
କର୍ମ କରିଅଛନ୍ତି।'
24ଦେଖ ସେହି ଲୋକମାନେ ସିଂହ ବିକ୍ରମରେ
ଲଢୁଛନ୍ତି। ସେମାନେ ସିଂହପରି ଉଠୁଛନ୍ତି। ଯେ
ପର୍ଯ୍ୟନ୍ତ ସେ ସିଂହ ଶିକାର ଭୋଜନ ନ କରିଛି ଓ
ହତ ଲୋକମାନଙ୍କର ରକ୍ତ ପାନ ନ କରିଛି, ସେ
ପର୍ଯ୍ୟନ୍ତ ଶୟନ କରିବ ନାହିଁ।"

25ଅନନ୍ତର ବାଲାକ୍ ବିଲୟମଙ୍କୁ କହିଲେ, "ତୁମ୍ଭେ ସେମାନଙ୍କୁ
କିଛି ଶାପ ଦିଅ ନାହିଁ କିମ୍ବା ଆଶୀର୍ବାଦ କର ନାହିଁ।"
26ବିଲୟମ ବାଲାକ୍‌କୁ କହିଲେ, "ମୁଁ ପୂର୍ବରୁ ତୁମ୍ଭକୁ
କହିଅଛି ଯେ, ସଦାପ୍ରଭୁ ମୋତେ ଯାହା କହିବେ ମୁଁ ତାହା
କରିବି।"
27ତା'ପରେ ବାଲାକ୍ ବିଲୟମଙ୍କୁ କହିଲେ, "ମୁଁ ବିନୟ
କରୁଅଛି, ଦୟାକରି ଆସ, ମୁଁ ତୁମ୍ଭକୁ ଅନ୍ୟ ଏକ ସ୍ଥାନକୁ
ନେଇଯିବି। ଏହା ଏପରି ହୋଇପାରେ, ପରମେଶ୍ୱର ଦୟାପୂର୍ବକ
ହୋଇ ସେ ସ୍ଥାନରେ ତୁମ୍ଭକୁ ଶାପ ଦେବାକୁ ଅନୁମତି ଦେଇ
ପାରନ୍ତି।" 28ଏଣୁ ବାଲାକ୍ ବିଲୟମଙ୍କୁ ମରୁଭୂମି ଅଭିମୁଖରେ
ପିୟୋର ଶିଖରକୁ ନେଇଗଲେ।
29ତହୁଁ ବିଲୟମ ବାଲାକ୍‌କୁ କହିଲେ, "ଏହି ସ୍ଥାନରେ
ମୋ ପାଇଁ ସାତ ଗୋଟି ଯଜ୍ଞବେଦୀ ନିର୍ମାଣ କର ଓ ଏହି
ସ୍ଥାନରେ ମୋ ପାଇଁ ସାତଟି ଷଣ୍ଢ ଓ ସାତଟି ଅଣ୍ଡିରା ମେଷ
ଆୟୋଜନ କର।" 30ତେଣୁ ବାଲାକ୍ ସେହି ଅନୁସାରେ
କଲେ ଓ ପ୍ରତ୍ୟେକ ଯଜ୍ଞବେଦୀରେ ଗୋଟିଏ ଗୋବତ୍ସ ଓ
ଗୋଟିଏ ଗୋଟିଏ ଅଣ୍ଡିରା ମେଷ ଉତ୍ସର୍ଗ କଲେ।

## ବିଲୟମଙ୍କ ତୃତୀୟ ବାର୍ତ୍ତା

24 ବିଲୟମ ହୃଦ୍‌ବୋଧ କଲେ ଯେ, ସଦାପ୍ରଭୁ ଇଶ୍ରାୟେଲକୁ
ଆଶୀର୍ବାଦ କରିବାକୁ ଚାହିଁଲେ। ତେଣୁ ସେ ପୂର୍ବପରି
କୌଣସି ନୈବେଦ୍ୟ ପ୍ରୟୋଗ କରିବା ପାଇଁ ଚେଷ୍ଟା କଲେ
ନାହିଁ। କିନ୍ତୁ ସେ ତୁଚ୍ଛାଟାରେ ମରୁଭୂମି ଆଡ଼େ ନିଜ ମୁଖ
ରଖିଲା। 2ବିଲୟମ ଦେଖିଲା ଯେ, ଇଶ୍ରାୟେଲର ଲୋକମାନେ
ସେମାନଙ୍କର ପରିବାରବର୍ଗ ଅନୁସାରେ ରହିଲେ। ତା'ପରେ
ପରମେଶ୍ୱରଙ୍କ ଆତ୍ମା ବିଲୟମ ଉପରକୁ ଆସିଲା। 3ଆଉ
ବିଲୟମ କହିଲା,

"ଏହା ବିୟୋରର ପୁତ୍ର ବିଲୟମର ବାର୍ତ୍ତା
ଅଟେ। ଏହା ଜଣେ ମନୁଷ୍ୟର ବାର୍ତ୍ତା ଅଟେ, ଯିଏ
ସ୍ପଷ୍ଟ ଭାବରେ ଦେଖେ।
4ଏହା ହେଉଛି ଜଣେ ବ୍ୟକ୍ତିର ବାର୍ତ୍ତା ଯିଏ
ପରମେଶ୍ୱରଙ୍କଠାରୁ ଶୁଣେ। ସେ ହେଉଛି ଜଣେ
ଯିଏ ସର୍ବଶକ୍ତିମାନ ପରମେଶ୍ୱରଙ୍କର ଦର୍ଶନ ପାଇଅଛି।
ସେ ହେଉଛି ଜଣେ ଯିଏ ସର୍ବଶକ୍ତିମାନ ପରମେଶ୍ୱରଙ୍କ
ଆଗରେ ଭୂମିଷ୍ଠ ପ୍ରଣାମ କଲା, କିନ୍ତୁ ତା'ର ଚକ୍ଷୁଗୁଡ଼ିକ
ଖୋଲା ଥିଲା।
5"ହେ ଯାକୁବ, ତୁମ୍ଭର ତମ୍ବୁସବୁ କି ସୁନ୍ଦର।
ହେ ଇଶ୍ରାୟେଲ, ତୁମ୍ଭର ଆବାସ ସବୁ କେଡ଼େ
ମନୋହର।
6ତୁମ୍ଭେମାନେ ଉପତ୍ୟକା ତୁଲ୍ୟ ବିସ୍ତାରିତ ଓ
ନଦୀତୀରସ୍ଥ ଉଦ୍ୟାନ ତୁଲ୍ୟ, ସଦାପ୍ରଭୁଙ୍କ ରୋପିତ

ଅଗୁରୁ ବୃକ୍ଷ ସଦୃଶ ଓ ଜଳ ନିକଟସ୍ଥ ଏରସ ବୃକ୍ଷ
ସଦୃଶ ଅଟି।
7ସେମାନଙ୍କ କଳସରୁ ଜଳ ଉଚ୍ଛୁଳିବ, ସେମାନଙ୍କର
ବୀଜ ଅନେକ ଜଳରେ ପଡ଼ିବ, ପୁଣି
ସେମାନଙ୍କର ରାଜା ଆଗାଗଠାରୁ ଉଚ୍ଚୀକୃତ ହେବେ,
ସେମାନଙ୍କର ରାଜ୍ୟ ଉନ୍ନତ ହେବ।
8"ପରମେଶ୍ୱର ସେମାନଙ୍କୁ ମିଶରରୁ ବାହାର
କରି ଆଣିଛନ୍ତି। ସେମାନଙ୍କର, ପରମେଶ୍ୱର ଅରଣା
ଗୋରୁର ଶିଙ୍ଗ ପରି ଶକ୍ତିଶାଳି। ସେମାନେ ସେମାଙ୍କର
ବିରୋଧିମାନଙ୍କୁ ପରାସ୍ତ କରିବେ ଓ ସେମାନଙ୍କର
ଅସ୍ଥିସବୁ ଚୂର୍ଣ୍ଣ କରିବେ ଓ ଆପଣା ବାଣଦ୍ୱାରା
ସେମାନଙ୍କୁ ଭେଦ କରିବେ।
9"ଇଶ୍ରାୟେଲ ବସିପଡୁଛି ଓ ସିଂହତୁଲ୍ୟ ଶୟନ
କରୁଛି। କିଏ ତାକୁ ଉଠାଇବାକୁ ଯାଉଛି, ଯେକେହି
ବ୍ୟକ୍ତି ଯିଏ ତୁମ୍ଭକୁ ଆଶୀର୍ବାଦ କରନ୍ତି, ସେ ଆଶୀର୍ବାଦ
ପ୍ରାପ୍ତ ହେବ। ଯେକେହି ବ୍ୟକ୍ତି ତୁମ୍ଭକୁ ଶାପ ଦିଅନ୍ତି,
ସେ ଶାପଗ୍ରସ୍ତ ହେବ।"

10ବାଲାକ୍ ବିଲିୟମକୁ ରାଗିଗଲା। ବାଲାକ୍ ବିଲିୟମକୁ
କହିଲା, "ମୁଁ ମୋର ଶତ୍ରୁମାନଙ୍କୁ ଶାପ ଦେବାପାଇଁ ତୁମ୍ଭକୁ
ନିମନ୍ତ୍ରଣ କଲି କିନ୍ତୁ ତୁମ୍ଭେ ସେମାନଙ୍କୁ ତିନିଥର ଆଶୀର୍ବାଦ
କଲ। 11ଏଣୁ ତୁମ୍ଭେ ଆପଣା ସ୍ଥାନକୁ ଯାଅ। ତୁମ୍ଭକୁ ଅତି
ସମ୍ଭ୍ରାନ୍ତ କରିବାକୁ ଆମ୍ଭର ବିଚାର ଥିଲା। ମାତ୍ର ସଦାପ୍ରଭୁ
ତୁମ୍ଭକୁ ସମ୍ମାନ ପାଇବାରୁ ବଞ୍ଚିତ କଲେ।"
12ତହୁଁ ବିଲିୟମ ବାଲାକକୁ କହିଲା, "ତୁମ୍ଭେ ମୋ
ନିକଟକୁ ଯେଉଁ ଦୂତମାନଙ୍କୁ ପଠାଇଥିଲ, ମୁଁ ସେମାନଙ୍କୁ ଏହା
କହିଥିଲି। 13'ଯଦି ବାଲାକ୍ ମୋତେ ସୁନା ରୂପା ପୂର୍ଣ୍ଣ
ଆପଣା ଗୃହ ଦେବେ, ତେବେ ମୁଁ ନିଜ ଇଚ୍ଛାରେ ଭଲ କି
ମନ୍ଦ କରିବା ପାଇଁ ସଦାପ୍ରଭୁଙ୍କ ବାକ୍ୟର ବାହାରକୁ ଯାଇ
ପାରିବି ନାହିଁ,' ଯାହା ସଦାପ୍ରଭୁ କହିବେ ତାହା ହିଁ କହିବି।
14ବର୍ତ୍ତମାନ ମୁଁ ଆପଣା ଲୋକମାନଙ୍କ ନିକଟକୁ ଯାଉଅଛି।
ଦୟାକରି ଆସ, ଏହି ଲୋକମାନେ ତୁମ୍ଭ ଲୋକମାନଙ୍କୁ କ'ଣ
କହିବେ, ତାହା ମୁଁ ତୁମ୍ଭକୁ କହିବି।"

## ବିଲିୟମଙ୍କ ଶେଷବାର୍ତ୍ତା

15ଏଥିରେ ବିଲିୟମ କହିଲେ,

"ଏହା ବିୟୋରର ପୁତ୍ର ବିଲିୟମର ବାର୍ତ୍ତା। ଏହା
ସେହି ମନୁଷ୍ୟର ବାର୍ତ୍ତା ଯିଏ ସ୍ପଷ୍ଟ ଭାବରେ ଦେଖେ।
16ଏହା ହେଉଛି ଜଣେ ବ୍ୟକ୍ତିର ବାର୍ତ୍ତା ଯିଏ
ପରମେଶ୍ୱରଙ୍କଠାରୁ ଶୁଣେ। ସେ ଯିଏ ସର୍ବୋପରିସ୍ଥ
ପରମେଶ୍ୱରଙ୍କୁ ବୁଝେ। ସେହି ଜଣେ ଯିଏ ସର୍ବଶକ୍ତିମାନ
ପରମେଶ୍ୱରଙ୍କର ଦର୍ଶନ ପାଇଅଛି। ସେ ହେଉଛି
ଜଣେ, ଯିଏ ସର୍ବଶକ୍ତିମାନ ପରମେଶ୍ୱରଙ୍କୁ ଭୂମିରେ
ପ୍ରଣାମ କରେ, କିନ୍ତୁ ତା'ର ଆଖିଗୁଡିକ ଖୋଲାଥାଏ।
17"ମୁଁ ସଦାପ୍ରଭୁଙ୍କୁ ଆସୁଥିବା ଦେଖିଲି, କିନ୍ତୁ
ବର୍ତ୍ତମାନ ନୁହେଁ। ମୁଁ ତାଙ୍କର ଦର୍ଶନ ପାଉଅଛି,
କିନ୍ତୁ ସେ ନିକଟବର୍ତ୍ତୀ ନୁହନ୍ତି। ଯାକୁବଠାରୁ ଏକ
ତାରା ଉଦିତ ହେବ ଓ ଇଶ୍ରାୟେଲଠାରୁ ଏକ
ରାଜଦଣ୍ଡ ଉତ୍ଥିତ ହେବ। ମୋୟାବର ପାର୍ଶ୍ୱଭେଦ
କରିବ ଓ କଲହର ସମସ୍ତ ପରିବାରବର୍ଗଙ୍କୁ ଚୂର୍ଣ୍ଣ
କରିବ।
18ଇଶ୍ରାୟେଲ ଶକ୍ତିଶାଳୀ ହେବ। ସେ ଇଦୋମ
ଅଧିକାର କରିବ। ଶତ୍ରୁରାଜ୍ୟ ସେୟୀର ମଧ୍ୟ ଅଧିକାର
କରିବ।
19"ଯାକୁବ ପରିବାରବର୍ଗରୁ ଏକ ନୂତନ ରାଜା
ଆସିବେ। ସେ ସେହି ଲୋକମାନଙ୍କୁ ବିନଷ୍ଟ କରିବେ,
ଯେଉଁମାନେ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି।"

20ଏହାପରେ ସେ ଅମାଲେକ ପ୍ରତି ଦୃଷ୍ଟିକରି ଗୀତରେ
କହିଲା,
"ଅମାଲେକ ନାନା ଦେଶୀୟମାନଙ୍କ ମଧ୍ୟରେ
ଅଗ୍ରଗଣ୍ୟ ଥିଲା। ମାତ୍ର ତାହା ମଧ୍ୟ ବିନଷ୍ଟ ହେବ।"

21ତହୁଁ ସେ କେନୀୟମାନଙ୍କ ଆଡକୁ ମୁହଁ କରି
କହିଲା,
"ତୁମ୍ଭେ ଭାବୁଛ, ତୁମ୍ଭର ଦେଶ ଅତି ଦୃଢ ଓ
ତୁମ୍ଭର ଗୃହଗୁଡିକ ପଥୁରିଆ ଜାଗାର ଶୀର୍ଷରେ ଥିବା
ପକ୍ଷୀବସା ପରି।
22କିନ୍ତୁ କେନୀୟମାନେ କ୍ଷୟପ୍ରାପ୍ତ ହେବ। ଅଶୂର
ତୁମ୍ଭକୁ ବନ୍ଦି କରି ନେଇଯିବ।"

23ତା'ପରେ ବିଲିୟମ କହିଲା, "ଯେତେବେଳେ ପରମେଶ୍ୱର
ଏହା କରନ୍ତି, ସେତେବେଳେ କିଏ ବଞ୍ଚିବ?
24ମାତ୍ର କିତ୍ତୀମ-ତୀରରୁ ଜାହାଜମାନ ଆସିବ ଓ
ସେମାନେ ଅଶୂରକୁ ଓ ଏବରକୁ ପରାସ୍ତ କରିବେ।
କିନ୍ତୁ ଏହି ଜାହାଜଗୁଡ଼ିକ ମଧ୍ୟ ଧ୍ୱଂସ ହେବେ।"

25ତା'ପରେ ବିଲିୟମ ଉଠିଲା ଏବଂ ଗୃହକୁ ଫେରିଗଲା ଓ
ବାଲାକ୍ ମଧ୍ୟ ନିଜ ବାଟରେ ଚାଲିଗଲେ।

## ପିୟୋରରେ ଇଶ୍ରାୟେଲ

25 ଅନନ୍ତର ଇଶ୍ରାୟେଲର ଲୋକମାନେ ଶିଟ୍ଟୀମରେ
ବାସ କଲେ। ସେତେବେଳେ ସେମାନେ ମୋୟାବର
କନ୍ୟାମାନଙ୍କ ପ୍ରତି ବ୍ୟଭିଚାର ପାପରେ ମାତି ରହିଲେ।
2ସେମାନଙ୍କର ଭଣ୍ଡଦେବତାଙ୍କୁ ବଳିଦେବା ନିମନ୍ତେ ସେମାନେ
ଇଶ୍ରାୟେଲର ଲୋକମାନଙ୍କୁ ନିମନ୍ତ୍ରଣ କରିଥିଲେ। ସେମାନେ
ବଳିଦାନ ଭୋଜନ କଲେ ଓ ସେମାନଙ୍କ ଭଣ୍ଡଦେବତାଗଣଙ୍କୁ
ପୂଜା କଲେ।
3ଇଶ୍ରାୟେଲ ନିଜକୁ ବାଲପିୟୋରଙ୍କ ସହିତ ଯୋଗ
ଦେଇଥିଲେ। ଏଣୁ ସଦାପ୍ରଭୁ ଇଶ୍ରାୟେଲ ସହିତ ବହୁତ
କ୍ରୋଧ କଲେ।
4ସଦାପ୍ରଭୁ ମୋଶାଙ୍କୁ କହିଲେ, "ଲୋକମାନଙ୍କର ସମସ୍ତ
ନେତୃବର୍ଗଙ୍କୁ ହତ୍ୟା କର ଏବଂ ସର୍ବସାଧାରଣ ସମ୍ମୁଖରେ

ସେମାନଙ୍କୁ ଖରାରେ ଟାଙ୍ଗି ଦିଅ। ତେବେ ସଦାପ୍ରଭୁଙ୍କର କ୍ରୋଧ ଇଶ୍ରାୟେଲମାନଙ୍କଠାରୁ ଦୂରେଇ ଯିବ।"

5 ତେଣୁ ମୋଶା ଇଶ୍ରାୟେଲର ନେତୃବର୍ଗମାନଙ୍କୁ କହିଲେ, "ପ୍ରତ୍ୟେକ ପରିବାର ବାଲପିୟୋର ସହିତ ଯୋଗ ଦେଇଥିବା ଲୋକମାନଙ୍କୁ ବାହାର କର ଓ ସେମାନଙ୍କୁ ହତ୍ୟା କର।"

6 ଇଶ୍ରାୟେଲ ସନ୍ତାନଗଣ ମଧ୍ୟରୁ ଜଣେ ମୋଶାଙ୍କର ସମ୍ମୁଖରେ ଓ ଇଶ୍ରାୟେଲ ସନ୍ତାନଗଣର ସମସ୍ତ ମଣ୍ଡଳୀ ସାକ୍ଷାତରେ ଜ୍ଞାତିମାନଙ୍କ ନିକଟକୁ ଏକ ମିଦିୟନୀୟା ସ୍ତ୍ରୀ କ ଆଣିଲା। ସେତେବେଳେ ଲୋକମାନେ ସମାଗମ ତମ୍ବୁ ନିକଟରେ ବିଳାପ କରୁଥିଲେ। 7 ତେଣୁ ହାରୋଣ ଯାଜକର ପୌତ୍ର, ଇଲୀୟାସରର ପୁତ୍ର ପୀନହସ ତାହା ଦେଖି ମଣ୍ଡଳୀ ମଧ୍ୟରୁ ଉଠି ହାତରେ ଏକ ବର୍ଚ୍ଛା ନେଲା। 8 ତା'ପରେ ସେ ତମ୍ବୁ ଭିତରେ ପ୍ରବେଶ କଲା ଏବଂ ସେ ଉଭୟ ପୁରୁଷ ଓ ସ୍ତ୍ରୀର ପେଟକୁ ବର୍ଚ୍ଛାରେ ବିଦୀର୍ଣ୍ଣ କଲା, ଫଳରେ ଇଶ୍ରାୟେଲ ମଧ୍ୟରେ ମହାମାରୀ ବନ୍ଦହୋଇ ଗଲା। 9 ତଥାପି ଏହି ମହାମାରୀରେ 24,000 ଲୋକ ମରିଥିଲେ।

10 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 11 "ପୀନହସ ଯାଜକ ହାରୋଣର ନାତି ଏବଂ ଇଲୀୟାସରର ପୁତ୍ର ଇଶ୍ରାୟେଲର ଲୋକମାନଙ୍କ ଉପରେ କ୍ରୋଧ ଦେଖାଇବା ପାଇ ମୋତେ ଅଟକାଇଲେ। ମୋତେ କ୍ରୋଧିତ କରିବା ପାଇଁ ତୁମ୍ଭେ ଯାହା କରୁଥିଲ ପୀନହସ ସେଥିରେ ବ୍ୟତିବ୍ୟସ୍ତ ହୋଇଗଲେ। ତେଣୁ ମୁଁ ଇଶ୍ରାୟେଲର ସମସ୍ତ ଲୋକମାନଙ୍କୁ ହତ୍ୟା କଲି ନାହିଁ। 12 ପୀନହସଙ୍କୁ କୁହ ଯେ, ମୁଁ ତାଙ୍କ ନିକଟରେ ବିଶେଷ ପ୍ରତିଜ୍ଞା କରୁଛି। 13 ତହୁଁ ତାପ୍ରତି ଓ ତା ଅନ୍ତେ ତାହାର ସନ୍ତାନଗଣ ପ୍ରତି ଅନନ୍ତକାଳୀନ ଯାଜକତ୍ୱର ନିୟମ ରହିବ। କାରଣ ସେ ଆପଣା ପରମେଶ୍ୱରଙ୍କ ପକ୍ଷରେ କ୍ରୋଧଭାବ ପ୍ରକାଶ କଲା ଓ ଇଶ୍ରାୟେଲ ସନ୍ତାନଗଣ ନିମନ୍ତେ ପ୍ରାୟଶ୍ଚିତ୍ତ କଲା।"

14 ଇଶ୍ରାୟେଲର ଯେଉଁ ପୁରୁଷ ମିଦିୟନୀୟ ସ୍ତ୍ରୀ ସହିତ ନିହତ ହୋଇଥିଲା, ତାହାର ନାମ ସିମ୍ରି ଓ ସେ ସାଲୁର ପୁତ୍ର ଏବଂ ଶିମିୟୋନ ପରିବାରବର୍ଗର ନେତୃବର୍ଗ ଥିଲେ। 15 ପୁଣି ସେହି ମିଦିୟନୀୟା ସ୍ତ୍ରୀଲୋକ ଯିଏ ଇଶ୍ରାୟେଲ ପୁତ୍ର କସ୍ବୀ ସହିତ ହତ ହୋଇଥିଲା। ସେ ସୂରର କନ୍ୟା ଥିଲା। ସୂର ମିଦିୟନୀୟ ପରିବାରବର୍ଗର ଏକ ମୁଖ୍ୟ ଥିଲା।

16 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 17 "ମିଦିୟନୀୟ ଲୋକମାନେ ତୁମ୍ଭର ଶତ୍ରୁ ତୁମ୍ଭେ ସେମାନଙ୍କୁ ବଧ କର। 18 ସେମାନେ ପିୟୋରରେ ତୁମ୍ଭକୁ ଠକ ଦେଲେ। ସେମାନେ ମିଦିୟନୀୟ ନେତାର କନ୍ୟା କସ୍ବୀ ସହିତ ତୁମ୍ଭକୁ ଠକ ଦେଇଛନ୍ତି। ସେହି ସ୍ତ୍ରୀ ଲୋକଟି ମହାମାରୀରେ ନିହତ ହେଲା। ଯାହା ପିୟୋରରେ ଘଟିଥିଲା, ତାହା ମହାମାରୀର କାରଣ ଥିଲା।"

### ଲୋକମାନଙ୍କର ଗଣନା

26 ମହାମାରୀ ପରେ, ସଦାପ୍ରଭୁ ମୋଶା ଓ ହାରୋଣର ପୁତ୍ର ଯାଜକ ଇଲୀୟାସରକୁ କହିଲେ, 2 "ଇଶ୍ରାୟେଲର ପୁରୁଷ ଲୋକମାନଙ୍କ ମଧ୍ୟରୁ ନିଜ ନିଜ ପିତୃଗୃହାନୁସାରେ କୋଡ଼ିଏ ବର୍ଷରୁ ଊର୍ଦ୍ଧ୍ୱ ଲୋକମାନଙ୍କୁ ସୈନ୍ୟ ଶ୍ରେଣୀଭୁକ୍ତ କରିବାକୁ ଗଣନା କର।"

3 ମୋଶା ଓ ଇଲୀୟାସର ଯାଜକ ଯିରିହୋର ନିକଟସ୍ଥିତ ଯର୍ଦ୍ଦନ ସମୀପର ଇଶ୍ରାୟେଲର ଲୋକମାନଙ୍କୁ ମୋୟାବ ପଦାରେ ଏହା କହିଲେ। 4 "ସେମାନେ କହିଲେ, ଯେଉଁ ପୁରୁଷମାନେ କୋଡ଼ିଏ ବର୍ଷ କିମ୍ବା ଅଧିକ ତୁମ୍ଭେ ସେହି ସମସ୍ତଙ୍କୁ ଗଣନା କର, ଠିକ୍ ଯେପରି ସଦାପ୍ରଭୁ ମୋଶାଙ୍କୁ ଆଦେଶ କରିଥିଲେ, ଯେତେବେଳେ ଲୋକମାନେ ମିଶରଠାରୁ ବାହାରି ଆସିଲେ।"

5 ରୁବେନ ଇଶ୍ରାୟେଲ ପ୍ରଥମ ପୁତ୍ର। ରୁବେନର ପୁତ୍ରଗଣ ଓ ଗୋଷ୍ଠୀଗୁଡ଼ିକ ହେଲେ, ହାନୋକରୁ ହାନୋକ ଗୋଷ୍ଠୀ ଓ ପଲ୍ଲୁଠାରୁ ପଲ୍ଲୁ ଗୋଷ୍ଠୀ ଥିଲେ।

6 ହିଷ୍ରୋଣଠାରୁ ହିଷ୍ରୋଣୀୟ ପରିବାର; କର୍ମ୍ମୀଠାରୁ କର୍ମ୍ମୀୟ ପରିବାର।

7 ଏମାନେ ହେଲେ ରୁବେନର ପରିବାରବର୍ଗ, ଗଣନା ପରେ ଏମାନଙ୍କର ସଂଖ୍ୟା ହେଲା 43,730

8 ପଲ୍ଲୁର ସନ୍ତାନ ଇଲୀୟାବ। 9 ଆଉ ଇଲୀୟାବର ତିନିପୁତ୍ର ଯଥା: ନିମୂୟେଲ, ଦାଥନ୍ ଓ ଅବୀରାମ। କୋରହର ଦଳୀୟ ଲୋକମାନେ ଯେତେବେଳେ ସଦାପ୍ରଭୁଙ୍କ ପ୍ରତିକୂଳରେ ବିବାଦ କଲେ, ସେତେବେଳେ ଦାଥନ୍ ଓ ଅବୀରାମ ଦୁଇ ଅଧିପତି ମୋଶା ଓ ହାରୋଣଙ୍କ ବିରୁଦ୍ଧରେ ଯାଇଥିଲେ। 10 ସେତେବେଳେ ପୃଥିବୀ ସେମାନଙ୍କୁ ଓ କୋରହକୁ ସଂପୂର୍ଣ୍ଣଭାବେ ପରିବେଷ୍ଟନ କଲା। ଏହାପରେ ସେମାନେ ନଷ୍ଟ ହେଲେ। ପୁଣି ଅଗ୍ନି 250 ଲୋକଙ୍କୁ ସଂପୂର୍ଣ୍ଣଭାବେ ପରିବେଷ୍ଟନ କଲା। ଏହା ଏକ ସଙ୍କେତ ଚିହ୍ନ ସ୍ୱରୂପ ଥିଲା। 11 କିନ୍ତୁ କୋରହର ଅନ୍ୟ ପରିବାର ଅନ୍ୟ ଲୋକମାନେ ହତ ହେଲେ ନାହିଁ।

12 ଏହି ପୁରୁଷମାନେ ହେଲେ ଶିମିୟୋନର ପରିବାରବର୍ଗ। ନିମୂୟେଲଠାରୁ ନିମୂୟେଲୀୟ ଗୋଷ୍ଠୀ ଏବଂ ଯାମୀନଠାରୁ ଯାମୀନୀୟ ଗୋଷ୍ଠୀ ଏବଂ ଯାଖୀନଠାରୁ ଯାଖୀନୀୟ ଗୋଷ୍ଠୀ।

13 ସେରହଠାରୁ ସେରହୀୟ ଗୋଷ୍ଠୀ; ଶୌଲଠାରୁ ଶୌଲୀୟ ଗୋଷ୍ଠୀ,

14 ଶିମିୟୋନୀୟ ପରିବାରବର୍ଗର ପୁରୁଷମାନଙ୍କ ସଂଖ୍ୟା 22,200 ଥିଲା।

15 ଗାଦ ପରିବାରବର୍ଗର ଏହି ସନ୍ତାନଗଣ ହେଲେ: ସିଫୋନଠାରୁ ସିଫୋନୀୟ ଗୋଷ୍ଠୀ; ହଗିଠାରୁ ହଗୀୟ ଗୋଷ୍ଠୀ; ଶୂନିଠାରୁ ଶୂନୀୟ ଗୋଷ୍ଠୀ;

16 ଓଷ୍ଣିଠାରୁ ଉଷ୍ଣୀୟ ଗୋଷ୍ଠୀ; ଏରିଠାରୁ ଏରୀୟ ଗୋଷ୍ଠୀ।

17 ଅରୋଦଠାରୁ ଅରୋଦୀୟ ଗୋଷ୍ଠୀ; ଅରେଲିଠାରୁ ଅରେଲୀୟ ଗୋଷ୍ଠୀ;

18 ଗାଦ ପରିବାରବର୍ଗର ପୁରୁଷମାନଙ୍କ ସଂଖ୍ୟା 40,500 ଥିଲେ।

19-20 ଏହିମାନେ ଯିହୁଦା ପରିବାରବର୍ଗର ପୁରୁଷ ଲୋକ ଅଟନ୍ତି: ଶେଲାଠାରୁ ଶେଲାୟୀୟ ଗୋଷ୍ଠୀ, ପେରସଠାରୁ ପେରସୀୟ ଗୋଷ୍ଠୀ; ସେରହଠାରୁ ସେରହୀୟ ଗୋଷ୍ଠୀ। ଯିହୁଦାର ଦୁଇପୁତ୍ର ଏର ଓ ଓନନ କିଣାନ ଦେଶରେ ହତ୍ୟା କରାଯାଇଥିଲେ।

21ଏହି ସକଳ ସନ୍ତାନଗଣ ହେଲେ ପେରସ ଗୋଷ୍ଠୀ:
ହିଷ୍ରୋଣଠାରୁ ହିଷ୍ରୋଣୀୟ ଗୋଷ୍ଠୀ; ହାମୂଲଠାରୁ ହାମୂଲୀୟ
ଗୋଷ୍ଠୀ।
22ଯିହୁଦାର ପରିବାରବର୍ଗର ପୁରୁଷମାନଙ୍କ ସଂଖ୍ୟା 76,500
ଥିଲେ।
23ଇଷାଖର ପରିବାରବର୍ଗର ପରିବାରଗୁଡ଼ିକ ହେଲେ:
ତୋଲୟଠାରୁ ତୋଲୟୀୟ ଗୋଷ୍ଠୀ; ପୂୟଠାରୁ ପୂୟୀୟ ଗୋଷ୍ଠୀ।
24ଯାଶୂବଠାରୁ ଯାଶୂବୀୟ ଗୋଷ୍ଠୀ; ଶିମ୍ରୋଣଠାରୁ ଶିମ୍ରୋଣୀୟ
ଗୋଷ୍ଠୀ।
25ଇଷାଖର ପରିବାରବର୍ଗର ପୁରୁଷମାନଙ୍କ ସଂଖ୍ୟା 64,300
ଥିଲେ।
26ସବୂଲୂନ ପରିବାରବର୍ଗର ପରିବାରଗୁଡ଼ିକ ହେଲେ:
ସେରଦଠାରୁ ସେରଦୀୟ ଗୋଷ୍ଠୀ; ଏଲୋନଠାରୁ ଏଲୋନୀୟ
ଗୋଷ୍ଠୀ, ଯହଲେଲଠାରୁ ଯହଲେଲୀୟ ଗୋଷ୍ଠୀ।
27ସବୂଲୂନ ପରିବାରବର୍ଗର ପୁରୁଷମାନଙ୍କ ସଂଖ୍ୟା 60,500
ହେଲେ।
28ଯୋଷେଫଙ୍କ ଦୁଇପୁତ୍ର ହେଲେ ମନଃଶି ଓ ଇଫ୍ରୟିମ।
ଏମାନେ ପ୍ରତ୍ୟେକ ଏକ ଏକ ପରିବାରବର୍ଗ ହେଲେ।
29ମନଃଶି ପରିବାରଗୁଡ଼ିକ ହେଲେ: ମାଖୀରଠାରୁ ମାଖୀରୀୟ
ଗୋଷ୍ଠୀ ମାଖୀରର ପୁତ୍ର ଗିଲୟଦ, ଗିଲୟଦଠାରୁ ଗିଲୟଦୀୟ
ଗୋଷ୍ଠୀ।
30ଗିଲୟଦ ପରିବାରବର୍ଗ ହେଲେ: ଇୟେଷରଠାରୁ ଇୟେଷ୍ରୀୟ
ଗୋଷ୍ଠୀ; ହେଲକଠାରୁ ହେଲକୀୟ ଗୋଷ୍ଠୀ;
31ଅସ୍ରୀୟେଲଠାରୁ ଅସ୍ରୀୟେଲୀୟ ଗୋଷ୍ଠୀ; ଶେଖମଠାରୁ
ଶେଖମୀୟ ଗୋଷ୍ଠୀ;
32ଶମୀଦଠାରୁ ଶମୀଦାୟୀୟ ଗୋଷ୍ଠୀ; ହେଫରଠାରୁ
ହେଫରୀୟ ଗୋଷ୍ଠୀ।
33ସେହି ହେଫରର ପୁତ୍ର ସଲଫାଦର ପୁତ୍ର ନ ଥିଲା,
କେବଳ ପାଞ୍ଚି କନ୍ୟା ଥିଲା। ସେମାନେ ହେଲେ ମହଲା,
ନୋୟା, ହଗ୍ଲା, ମିଲ୍କା ଓ ତିର୍ସା।
34ମନଃଶି ପରିବାରବର୍ଗର ପୁରୁଷମାନଙ୍କ ସଂଖ୍ୟା 52,700
ଥିଲେ।
35ଇଫ୍ରୟିମ ପରିବାରବର୍ଗର ଗୋଷ୍ଠୀଗୁଡ଼ିକ ହେଲେ:
ଶୂଥଲହଠାରୁ ଶୂଥଲହୀୟ ଗୋଷ୍ଠୀ, ବେଖରଠାରୁ ବେଖ୍ରୀୟ
ଗୋଷ୍ଠୀ, ତହନଠାରୁ ତହନୀୟ ଗୋଷ୍ଠୀ।
36ଏମାନେ ଶୂଥଲହର ବଂଶଧର ଥିଲେ। ଏରଣଠାରୁ
ଏରଣୀୟ ଗୋଷ୍ଠୀ।
37ଇଫ୍ରୟିମର ପରିବାରବର୍ଗର ପୁରୁଷମାନଙ୍କ ସଂଖ୍ୟା 32,500
ଥିଲେ। ଏମାନେ ସେମାନଙ୍କର ନିଜ ନିଜ ବଂଶ ଅନୁସାରେ
ଯୋଷେଫର ସନ୍ତାନ।
38ବିନ୍ୟାମୀନର ପରିବାରବର୍ଗ ହେଲେ: ବେଲାଠାରୁ ବେଲାୟୀୟ
ଗୋଷ୍ଠୀ; ଅସ୍‌ବେଲଠାରୁ ଅସ୍‌ବେଲୀୟ ଗୋଷ୍ଠୀ ଏବଂ ଅହୀରାମଠାରୁ
ଅହୀରାମୀୟ ଗୋଷ୍ଠୀ।
39ଶୂଫମ୍‌ଠାରୁ ଶୂଫମୀୟ ଗୋଷ୍ଠୀବର୍ଗ; ହୂଫମଠାରୁ ହୂଫମୀୟ
ଗୋଷ୍ଠୀ।
40ବେଲାର ସନ୍ତାନ ଅର୍ଦ୍ଦ ଓ ନାମାନ ହେଲେ: ଅର୍ଦ୍ଦଠାରୁ
ଅର୍ଦ୍ଦୀୟ ଗୋଷ୍ଠୀ; ନାମାନଠାରୁ ନାମାନୀୟ ଗୋଷ୍ଠୀ।

41ବିନ୍ୟାମୀନ ପରିବାରବର୍ଗର ପୁରୁଷମାନଙ୍କ ସଂଖ୍ୟା 45,600
ଥିଲେ।
42ଦାନ ପରିବାରବର୍ଗର ପରିବାରଗୁଡ଼ିକ ହେଲେ: ଶୂହମଠାରୁ
ଶୂହମୀୟ ଗୋଷ୍ଠୀ,
43ଶୂହମୀୟ ଗୋଷ୍ଠୀରୁ ଦାନ ପରିବାରବର୍ଗର ପୁରୁଷମାନଙ୍କ
ସଂଖ୍ୟା ହେଲେ 64,400
44ଆଶେର ପରିବାରବର୍ଗର ପରିବାରଗୁଡ଼ିକ ହେଲେ: ଯିମ୍ନାଠାରୁ
ଯିମ୍ନୀୟ ଗୋଷ୍ଠୀ; ଯିଶ୍‌ବିଠାରୁ ଯିଶ୍‌ବୀୟ ଗୋଷ୍ଠୀ; ବରୀୟଠାରୁ
ବରୀୟୀୟ ଗୋଷ୍ଠୀ।
45ବରୀୟର ପରିବାରଗୁଡ଼ିକ ହେଲେ ଏହିମାନେ: ହେବରଠାରୁ
ହେବରୀୟ ଗୋଷ୍ଠୀ; ମଲକୀୟେଲଠାରୁ ମଲକୀୟେଲୀୟ ଗୋଷ୍ଠୀ।
46ଆଶେରର ମଧ୍ୟ ଏକ କନ୍ୟା ଥିଲା, ତା'ର ନାମ
ସାରହ। 47ଆଶେରର ପରିବାରବର୍ଗର ପୁରୁଷମାନଙ୍କ ସଂଖ୍ୟା
ଥିଲା 53,400
48ପରିବାରବର୍ଗ ଅନୁସାରେ ନପ୍ତାଲି ପରିବାରଗୁଡ଼ିକ ହେଲେ:
ଯହସୀୟେଲଠାରୁ ଯହସୀୟେଲୀୟ ଗୋଷ୍ଠୀ; ଗୂନିଠାରୁ ଗୂନୀୟ
ଗୋଷ୍ଠୀ।
49ଯେତ୍ସରଠାରୁ ଯେତ୍ସରୀୟ ଗୋଷ୍ଠୀ, ଶିଲ୍ଲେମଠାରୁ ଶିଲ୍ଲେମୀୟ
ଗୋଷ୍ଠୀ।
50ନପ୍ତାଲି ପରିବାରବର୍ଗର ପୁରୁଷମାନଙ୍କ ସଂଖ୍ୟା 45,400
ଥିଲା।
51ଇଶ୍ରାୟେଲୀୟ ପୁରୁଷମାନଙ୍କ ସଂଖା 6,01,730 ଥିଲା।
52ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 53"ନାମ
ସଂଖ୍ୟା ଅନୁସାରେ ସେମାନଙ୍କ ମଧ୍ୟରେ ଅଧିକାର ପାଇଁ ଦେଶ
ବିଭକ୍ତ ହେବ। 54ଯାହାର ବଡ ଗୋଷ୍ଠୀ ତାକୁ ଅଧିକ ଭୂମି
ଦେବ ଓ ଯାହାର ଛୋଟ ଗୋଷ୍ଠୀ ତାକୁ ଅଳ୍ପ ଭୂମି ଦେବ।
ପ୍ରତ୍ୟେକ ଗୋଷ୍ଠୀଙ୍କୁ ତା'ର ଆକାର ଅନୁସାରେ ଭୂମି ଦିଆଯିବା
ଉଚିତ୍। 55ତୁମ୍ଭେ ଗୁଳାବାଣ୍ଟ ଦ୍ୱାରା ଦେଶ ଭାଗ କରିବା
ଉଚିତ୍। ସେମାନେ ନିଜ ନିଜ ପରିବାରବର୍ଗର ନାମ ଅନୁସାରେ
ଭାଗ ପାଇବା ଉଚିତ୍। 56ଉଭୟ ଛୋଟ ଓ ବଡ ଗୋଷ୍ଠୀଗଣ
ଲୋକସଂଖ୍ୟା ଅନୁସାରେ ଗୁଳାବାଣ୍ଟ କରି ସେମାନଙ୍କର ଭୂମି
ନିର୍ଦ୍ଧାରଣ କରାଯିବା ଉଚିତ୍।"
57ସେମାନେ ମଧ୍ୟ ଲେବୀର ପରିବାରବର୍ଗଙ୍କୁ ଗଣନା
କଲେ। ଲେବୀୟ ପରିବାରବର୍ଗଗୁଡ଼ିକ ହେଲେ: ଗେର୍ଶୋନଠାରୁ
ଗେର୍ଶୋନୀୟ ଗୋଷ୍ଠୀ; କହାତଠାରୁ କହାତୀୟ ଗୋଷ୍ଠୀ; ମରାରିଠାରୁ
ମରାରୀୟ ଗୋଷ୍ଠୀ।
58ଏହିସବୁ ଗୋଷ୍ଠୀଗୁଡ଼ିକ ମଧ୍ୟ ଲେବୀୟ ପରିବାରବର୍ଗର
ଅର୍ନ୍ତଭୁକ୍ତ ଅଟେ। ଲିବ୍‌ନୀୟ ଗୋଷ୍ଠୀ, ହିବ୍ରୋଣୀୟ ଗୋଷ୍ଠୀ,
ମହଲୀୟ ଗୋଷ୍ଠୀ, ମୂଶୀୟ ଗୋଷ୍ଠୀ ଏବଂ କୋରହୀୟ
ଗୋଷ୍ଠୀ।
କହାତ୍ ଅମ୍ରାମ୍‌ର ପିତା ଥିଲେ। 59ସେହି ଅମ୍ରାମର ସ୍ତ୍ରୀ
ଯୋକେବଦ। ସେ ମିଶର ଦେଶରେ ଲେବୀର ପରିବାରବର୍ଗରୁ
ଜନ୍ମ ହୋଇ ଥିଲା। ଅମ୍ରାମ ଔରସରେ ଯୋକେବଦଠାରୁ
ମୋଶା, ହାରୋଣ ଓ ସେମାନଙ୍କର ଭଉଣୀ ମରୀୟମ ଜନ୍ମ
ହୋଇଥିଲେ।
60ହାରୋଣଠାରୁ ନାଦବ୍, ଅବୀହୂ, ଇଲୀୟାସର ଓ
ଇଥାମର ଜନ୍ମ ହେଲେ। 61କିନ୍ତୁ ନାଦବ୍ ଓ ଅବୀହୂ

ସଦାପ୍ରଭୁଙ୍କ ସମ୍ମୁଖରେ ମୃତ୍ୟୁବରଣ କଲେ, ଯେତେବେଳେ
ସେମାନେ ଅଗ୍ନି ଅର୍ପଣ କଲେ ଓ ତାହା ଗୃହୀତ ହୋଇ
ନାହିଁ।

**62**ଲେବୀୟ୍‌ମାନଙ୍କର ସମୁଦାୟ୍ ଏକ ମାସର ପୁରୁଷ ଓ
ବୟଜ୍ୟେଷ୍ଠ ସଂଖ୍ୟା 23,000 ହେଲା। କିନ୍ତୁ ସେମାନଙ୍କୁ
ଇଶ୍ରାୟେଲର ଲୋକ ବୋଲି ଗଣନା କରାଗଲା ନାହିଁ କାରଣ
ଇଶ୍ରାୟେଲର ଲୋକମାନଙ୍କର ପରି ସେମାନଙ୍କୁ ଭୂମି ଦିଆଗଲା
ନାହିଁ।

**63**ଯିରୀହୋ ନିକଟସ୍ଥ ଯର୍ଦ୍ଦନ ସୀମାର ମୋୟାବ ପଦାରେ
ଇଶ୍ରାୟେଲର ଲୋକମାନଙ୍କୁ ମୋଶା ଓ ଯାଜକ ଇଲୀୟାସର
ଗଣନା କଲେ। **64**ମାତ୍ର ସୀନୟ୍ ମରୁଭୂମିରେ ଇଶ୍ରାୟେଲ
ଲୋକମାନଙ୍କର ଗଣନକାରୀ ମୋଶା ଓ ହାରୋଣ ଯାଜକ
ଦ୍ୱାରା ଯେଉଁମାନେ ଗଣିତ ହୋଇଥିଲେ, ସେମାନଙ୍କ ମଧ୍ୟରୁ
ଜଣେ ଏମାନଙ୍କ ମଧ୍ୟରେ ନଥିଲା। ସେହି ଲୋକମାନେ
ସମସ୍ତେ ମୃତ୍ୟୁବରଣ କରିଥିଲେ। **65**କାରଣ ସଦାପ୍ରଭୁ ସେମାନଙ୍କ
ବିଷୟରେ କହିଥିଲେ ଯେ, ସେମାନେ ଅବଶ୍ୟ ଏହି ମରୁଭୂମିରେ
ମରିବେ। କେବଳ ସେମାନଙ୍କ ମଧ୍ୟରୁ ଯିଫୁନ୍ନିର ପୁତ୍ର କାଲେବ୍
ଓ ନୂନର ପୁତ୍ର ଯିହୋଶୂୟ୍ ବଞ୍ଚି ରହିଲେ, ବାକି ସମସ୍ତେ
ମଲେ।

## ସଲଫାଦର କନ୍ୟାଗଣ

**27** ଯୋଷେଫଙ୍କ ପୁତ୍ର ମନଃଶି, ମନଃଶିଙ୍କର ପୁତ୍ର
ମାଖୀର, ମାଖୀରର ପ୍ରପୌତ୍ର ଗିଲୀୟଦ, ଗିଲୀୟଦର
ପୌତ୍ର ହେଫର ଓ ହେଫରର ପୁତ୍ର ସଲଫାଦ। ଏହି
ସଲଫାଦର ପାଞ୍ଚୋଟି କନ୍ୟା ଥିଲେ। ସେମାନେ ହେଲେ
ମହଲା, ନୋୟା, ହଗ୍ଲା, ମିଲ୍କା ଓ ତିର୍ସା। **2**ଏହି ପାଞ୍ଚଜଣ
ମୋଶା, ଇଲୀୟାସର ଯାଜକ, ଅଧିପତି ଓ ସମସ୍ତ ମଣ୍ଡଳୀ
ସମ୍ମୁଖରେ ସମାଗମ ତମ୍ବୁ ଦ୍ୱାରରେ ଠିଆ ହୋଇ କହିଲେ,

**3**"ଆମ୍ଭମାନଙ୍କ ପିତା ମରୁଭୂମିରେ ମୃତ୍ୟୁବରଣ କଲେ।
ତାଙ୍କର ନିଜ ପାପ ନିମନ୍ତେ ସେ ମୃତ୍ୟୁବରଣ କଲେ।
ସେହିମାନଙ୍କ ମଧ୍ୟରୁ ଜଣେ ନଥିଲେ, ଯେଉଁମାନେ କୋରହ
ଦଳରେ ସଦାପ୍ରଭୁଙ୍କ ବିରୁଦ୍ଧରେ ନେତୃତ୍ୱ ନେଇଥିଲେ। ତାଙ୍କର
ପୁତ୍ର ନଥିଲା। **4**ଆମ୍ଭମାନଙ୍କ ପିତାଙ୍କର ନାମ ଲୋପ ପାଇଯିବ,
ଯେହେତୁ ତାଙ୍କର କୌଣସି ପୁତ୍ର ନଥିଲେ। ତେଣୁ ଆମ୍ଭ
ପିତୃବଂଶୀୟ ଭାଇମାନଙ୍କ ସହିତ ଆମ୍ଭମାନଙ୍କୁ ଭୂମି ଦିଅ।"
**5**ତେଣୁ ମୋଶା ସଦାପ୍ରଭୁଙ୍କ ଆଜ୍ଞା ପାଇଁ ନିବେଦନ କଲେ।
**6**ତହୁଁ ସଦାପ୍ରଭୁ ମୋଶାଙ୍କୁ କହିଲେ, **7**"ସଲଫାଦର କନ୍ୟାଗଣ
ଯଥାର୍ଥ ଅଛନ୍ତି। ତୁମ୍ଭେ ସେମାନଙ୍କ ପିତୃବଂଶୀୟ ଭ୍ରାତୃଗଣ
ମଧ୍ୟରେ ଅବଶ୍ୟ ସେମାନଙ୍କୁ ପୈତୃକ ଅଧିକାର ଦେବ।
ତେଣୁ ସେମାନଙ୍କୁ ତାହା ଦିଅ, ଯାହା ସେମାନଙ୍କର ପିତା
ପାଇଥାନ୍ତେ। **8**ଆଉ ଇଶ୍ରାୟେଲର ଲୋକମାନଙ୍କ ମଧ୍ୟରେ ଏହି
ବିଧି ପ୍ରଚଳନ କର, 'ଯଦି କୌଣସି ଲୋକର ପୁତ୍ର ନଥାଇ
ମୃତ୍ୟୁବରଣ କରେ, ତେବେ ତାହାର ଅଧିକାର ତା'ର କନ୍ୟା
ଗ୍ରହଣ କରିବ। **9**ଯଦି ତାହାର କନ୍ୟା ବା ପୁତ୍ର ନଥାଏ
ତେବେ ତାହାର ଅଧିକାର ତାହାର ଭାଇମାନଙ୍କୁ ଦେବ।
**10**ପୁଣି ଯଦି ତାହାର ଭାଇ ନଥାଏ ତେବେ ତାହାର ଅଧିକାର
ତା'ର ପିତାର ଭାଇମାନଙ୍କୁ ଦେବ। **11**ଆଉ ଯେବେ ତା'ର
ପିତାର ଭାଇମାନେ ନଥାନ୍ତି, ତେବେ ତାହାର ପରିବାର ମଧ୍ୟରୁ
ଏବଂ ନିକଟ ସଂପର୍କୀୟ ଜ୍ଞାତିକୁ ତାହାର ଅଧିକାର ଦେବ।
ଏହା ଇଶ୍ରାୟେଲ ଲୋକମାନଙ୍କ ମଧ୍ୟରେ ବିଚାରବିଧି ହେବ।
ଆଉ ସଦାପ୍ରଭୁ ମୋଶାଙ୍କୁ ଏହି ଆଜ୍ଞା ଦେଲେ।'"

## ଯିହୋଶୂୟ୍ ନୂତନ ଅଧିପତି

**12**ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, "ଯର୍ଦ୍ଦନ ନଦୀର
ପୂର୍ବରେ ଥିବା ଏହି ଅବାରୀମ ପର୍ବତ ଆରୋହଣ କର,
ଆମ୍ଭେ ଇଶ୍ରାୟେଲ ଲୋକମାନଙ୍କୁ ଯେଉଁ ଦେଶ ଦେଇଅଛୁ
ତାହା ନିରୀକ୍ଷଣ କର। **13**ତାହା ତୁମ୍ଭେ ନିରୀକ୍ଷଣ କଲାପରେ,
ହାରୋଣଙ୍କ ତୁଲ୍ୟ ତୁମ୍ଭେ ମଧ୍ୟ ତୁମ୍ଭ ପୂର୍ବପୁରୁଷଗଣ ନିକଟକୁ
ଯିବ। **14**ମନେ ପକାଅ, ଯେତେବେଳେ ସୀନ ମରୁଭୂମିରେ
ଲୋକମାନେ ଜଳ ପାଇଁ କ୍ରୋଧିତ ହେଲେ, ତୁମ୍ଭେ ଓ
ହାରୋଣ ମୋର ଆଜ୍ଞା ଅମାନ୍ୟ କଲ। ତୁମ୍ଭେମାନେ ମୋର
ପବିତ୍ରତାକୁ ଲୋକଙ୍କ ସମ୍ମୁଖରେ ସମ୍ମାନ କଲ ନାହିଁ।" (ଏହି
ସୀନ୍ ମରୁଭୂମି କାଦେଶସ୍ଥ ମିରୀବାଃ-ଜଳ ମଧ୍ୟରେ ଘଟଣା
କ୍ରମେ ହେବ।)

**15**ଅନନ୍ତର ମୋଶା ସଦାପ୍ରଭୁଙ୍କୁ କହିଲେ, **16**"ସଦାପ୍ରଭୁ
ପ୍ରତ୍ୟେକ ପ୍ରାଣୀସମାଜର ଚିନ୍ତାଧାରା ଜାଣନ୍ତି। ହେ ସଦାପ୍ରଭୁ,
ମୁଁ ବିନୟ କରୁଛି ଏହି ମଣ୍ଡଳୀ ପ୍ରତି ଏକ ପ୍ରତିନିଧି ନିଯୁକ୍ତ
କରନ୍ତୁ। **17**ମୁଁ ତୁମ୍ଭଙ୍କୁ ବିନୟ କରୁଛି ଏକ ପ୍ରତିନିଧି
ବାଛିବାକୁ, ଯିଏ ସେମାନଙ୍କୁ ଆଗେଇ ନେବ ଏବଂ ନୂତନ
ଭୂମିକୁ ଆଣି ପାରିବ। ଏହିପ୍ରକାରେ ସଦାପ୍ରଭୁଙ୍କର ଲୋକମାନେ
ବିନା ପାଳକରେ ମେଷପଲ ତୁଲ୍ୟ ହେବେ ନାହିଁ।"

**18**ତହୁଁ ସଦାପ୍ରଭୁ ମୋଶାଙ୍କୁ କହିଲେ, "ନୂନର ପୁତ୍ର
ଯିହୋଶୂୟକୁ ନିଅ, ସେ ଉପଯୁକ୍ତତା ବ୍ୟକ୍ତି ଅଟେ, ପୁଣି
ତୁମ୍ଭେ ତାଙ୍କ ଉପରେ ନିଅ। **19**ଆଉ ସମସ୍ତ ମଣ୍ଡଳୀ ଓ
ଯାଜକ ଇଲୀୟାସ ସମ୍ମୁଖରେ ତାହାଙ୍କୁ ଉପସ୍ଥିତ କରାଅ ଓ
ତାଙ୍କୁ ତା'ର ଆଦେଶ ଦିଅ।

**20**"ତାଙ୍କୁ ତୁମ୍ଭେ ଆପଣାର କିଛି ଅଧିକାର ଦିଅ ଯେପରି
ସମସ୍ତ ଇଶ୍ରାୟେଲର ଲୋକମାନେ ତାଙ୍କୁ ମାନିବେ। **21**ପୁଣି
ସେ ଇଲୀୟାସର ଯାଜକ ସମ୍ମୁଖରେ ଠିଆ ହେବ, ଇଲୀୟାସର
ତାହା ପାଇଁ ଊରୀମର ବିଚାର ଦ୍ୱାରା ସଦାପ୍ରଭୁଙ୍କ ସମ୍ମୁଖରେ
ସେ ପଚାରିବ; ତେବେ ସମୁଦାୟ୍ ମଣ୍ଡଳୀ 'ବାହାରକୁ ଯିବେ'
ଓ ତାଙ୍କର ଆଜ୍ଞା ଅନୁସାରେ ଆସିବେ।"

**22**ଏଥିରେ ମୋଶା ସଦାପ୍ରଭୁଙ୍କ ଆଜ୍ଞାନୁସାରେ ପ୍ରତ୍ୟେକ
କର୍ମ କଲେ; ସେ ଯିହୋଶୂୟଙ୍କୁ ଯାଜକ ଇଲୀୟାସର ସମ୍ମୁଖରେ
ଓ ଇଶ୍ରାୟେଲର ଲୋକମାନଙ୍କ ସମ୍ମୁଖରେ ଉପସ୍ଥିତ କରାଇଲେ।
**23**ପୁଣି ସେ ତାଙ୍କ ଉପରେ ହସ୍ତାର୍ପଣ କଲେ, ପୁଣି ସଦାପ୍ରଭୁ
ମୋଶାଙ୍କ ହାତରେ ଯେରୂପ କହିଥିଲେ, ସେ ରୂପ ସେ
ତାହାଙ୍କୁ ଆଜ୍ଞା ଦେଲେ।

## ଦୈନିକ ନୈବେଦ୍ୟ

**28** ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, **2**"ଇଶ୍ରାୟେଲର
ଲୋକମାନଙ୍କୁ ଆଜ୍ଞା ଦିଅ ଓ ସେମାନଙ୍କୁ କୁହ,
ସେମାନେ ମୋର ନୈବେଦ୍ୟ ମୋର ଖାଦ୍ୟ ଠିକ୍ ସମୟରେ
ସୁବାସିତ ଉପହାରରୂପେ ମୋ ନିକଟକୁ ଆଣିବେ। **3**ସେମାନଙ୍କୁ

କୁହ, ସେମାନେ ନମ୍ନରେ ଦର୍ଶାଯାଇଥିବା ଉପହାରଗୁଡ଼ିକ
ସଦାପ୍ରଭୁଙ୍କ ନକଟକୁ ଆଣିବେ। ନତ୍ୟ ହୋମ ନମନ୍ତେ ଏକ
ବର୍ଷୀୟ ନଖୁଣ ଦୁଇଟି ମେଷବତ୍ସ ଉତ୍ସର୍ଗ କରବେ। **4**ପ୍ରାତଃକାଳରେ
ଏକ ମେଷବତ୍ସ ଉତ୍ସର୍ଗ କରବ ଓ ସନ୍ଧ୍ୟା କାଳରେ ଏକ
ମେଷବତ୍ସ ଉତ୍ସର୍ଗ କରବ। **5**ଶସ୍ୟ ନୈବେଦ୍ୟ ନମନ୍ତେ, ଏକ
ଅର୍ଦ୍ଧ ହନର ପେଷା ତୈଳ ମିଶ୍ରିତ ଅର୍ଦ୍ଧ ହନର ସରୁ ମଇଦା
ଦେବ।” **6**ଏହା ନତ୍ୟ ହୋମବଳ, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ସୁବାସିତ ନୈବେଦ୍ୟ ସୀନୟ ପର୍ବତରେ ନରୂପିତ ହୋଇଥିଲା।
**7**ପୁଣି ତହିଁର ଏକ ମେଷବତ୍ସ ନମନ୍ତେ ଏକ ହନର
ଚତୁର୍ଥାଂଶ ପେୟ ନୈବେଦ୍ୟ ଦେବ। ତୁମ୍ଭେ ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ପବତ୍ର ପେୟ ନୈବେଦ୍ୟରୂପେ ଦ୍ରାକ୍ଷାରସ ଢାଳବ।
**8**ଆଉ ତୁମ୍ଭେ ଅନ୍ୟ ମେଷବତ୍ସକୁ ସନ୍ଧ୍ୟା ବେଳେ ଉତ୍ସର୍ଗ
କରବ। ଯେପର ପ୍ରାତଃକାଳରେ ଶସ୍ୟ ନୈବେଦ୍ୟ ଓ ପେୟ
ନୈବେଦ୍ୟ ଉତ୍ସର୍ଗ କରବ, ସେହପର ତୁମ୍ଭେ ସଦାପ୍ରଭୁଙ୍କୁ ଏକ
ସୁବାସିତ ଉପହାର ରୂପେ ଉତ୍ସର୍ଗ କରବ।”

### ବଶ୍ରାମଦନର ନୈବେଦ୍ୟ

**9**“ଆଉ ବଶ୍ରାମ ଦନରେ, ଏକ ବର୍ଷୀୟ ଦୁଇଟି ନଖୁଣ
ମେଷବତ୍ସ ଓ ତୈଳ ମିଶ୍ରିତ ଏକ ଐଫାର ଦୁଇ ଦଶମାଂଶ
ସରୁ ମଇଦାର ଶସ୍ୟ ନୈବେଦ୍ୟ ଓ ତହିଁର ପେୟ
ନୈବେଦ୍ୟ ଉତ୍ସର୍ଗ କରବ। **10**ଏହ ହୋମବଳ, ନତ୍ୟ
ହୋମବଳ, ପେୟ ନୈବେଦ୍ୟ ସହତ ପ୍ରତି ବଶ୍ରାମବାରରେ
ଉତ୍ସର୍ଗ କରବ।”

### ମାସିକ ସମାଗମ

**11**“ଆଉ ପ୍ରତିମାସର ପ୍ରଥମ ଦନରେ ତୁମ୍ଭେମାନେ ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ହୋମ ନମନ୍ତେ ଦୁଇଟି ଷଣ୍ଢ, ଏକ ଅଣ୍ଡିରା
ମେଷ ଓ ଏକବର୍ଷୀୟ ସାତଟି ମେଷଶାବକ ବଶେଷ ହୋମବଳ
ରୂପେ ଉତ୍ସର୍ଗ କରବ। ଏମାନେ ସମସ୍ତେ ନଖୁଣ ହୋଇ
ଥିବେ। **12**ପୁଣି ପ୍ରତ୍ୟେକ ଷଣ୍ଢ ନମନ୍ତେ ଏକ ଐଫାର ତିନ
ଦଶମାଂଶ ତୈଳ ମିଶ୍ରିତ ସରୁ ମଇଦାର ଭକ୍ଷ୍ୟ ନୈବେଦ୍ୟ;
ଆଉ ଏକ ମେଷ ନମନ୍ତେ ଦୁଇ ଦଶମାଂଶ ତୈଳ ମିଶ୍ରିତ
ସରୁ ମଇଦାର ଭକ୍ଷ୍ୟ ନୈବେଦ୍ୟ; **13**ପୁଣି ପ୍ରତ୍ୟେକ ମେଷଶାବକ
ନମନ୍ତେ ଏକ ଐଫାର ଦଶମାଂଶ ତୈଳ ମିଶ୍ରିତ ସରୁ
ମଇଦାର ଭକ୍ଷ୍ୟ ନୈବେଦ୍ୟ ଦେବ। ତହିଁରେ ସଦାପ୍ରଭୁଙ୍କୁ
ତାହା ଏକ ସୁବାସିତ ଉପହାରରୂପେ ଉତ୍ସର୍ଗ କରବ। **14**ଆଉ
ଏକ ଷଣ୍ଢ ନମନ୍ତେ ଏକ ହନର ଅର୍ଦ୍ଧେକ, ଏକ ମେଷ
ନମନ୍ତେ ଏକ ହନର ତୃତୀୟାଂଶ ଓ ଏକ ମେଷବତ୍ସ ନମନ୍ତେ
ହନର ଏକ ଚତୁର୍ଥାଂଶ ଦ୍ରାକ୍ଷାରସ ପେୟ ନୈବେଦ୍ୟ ହେବ;
ଏହା ବର୍ଷର ପ୍ରତିମାସର ଅମାବାସ୍ୟାରେ ମାସିକ ହୋମବଳ
ହେବ। **15**ହୋମବଳ ଓ ପେୟ ନୈବେଦ୍ୟ ଛଡ଼ା, ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ପାପାର୍ଥକ ବଳରୂପେ ଏକ ଅଣ୍ଡିଆ ଛେଳ ଉତ୍ସର୍ଗ
କରାଯିବ।

### ନସ୍ତାର ପର୍ବ

**16**“ପ୍ରଥମ ମାସର ଚତୁର୍ଦ୍ଦଶ ଦବସରେ ସଦାପ୍ରଭୁଙ୍କର
ନସ୍ତାରପର୍ବ ହେବ। **17**ପୁଣି ସେହ ମାସର ପଞ୍ଚଦଶ ଦବସରେ
ଉତ୍ସବ ହେବା ଉଚତ; ଏହା ସାତଦନ ଯାଏ ପାଳତ ହେବା
ଉଚତ୍ ଓ ଏହ ସାତଦନ ତୁମ୍ଭେମାନେ ତାଡ଼ୀଶୂନ୍ୟ ରୋଟୀ
ଭୋଜନ କରବା ଉଚତ୍। **18**ପ୍ରଥମ ଦନରେ ଏକ ପବତ୍ର
ସଭା ହେବା ଉଚତ୍। ସେଦନ ତୁମ୍ଭେମାନେ କୌଣସି ପ୍ରକାର
କାର୍ଯ୍ୟ କରବା ଉଚତ୍ ନୁହଁ। **19**ମାତ୍ର ସଦାପ୍ରଭୁଙ୍କୁ ଉପହାର
ଓ ହୋମବଳରୂପେ ଦୁଇଟି ଷଣ୍ଢ ଗୋଟିଏ ଅଣ୍ଡିରା ମେଷ ଓ
ସାତୋଟି ଏକ ବର୍ଷିୟ ମେଷଶାବକ ଉତ୍ସର୍ଗ କରବା ଉଚତ୍।
ଏହସବୁ ପଶୁଗୁଡ଼କ ଖୁଣ ନଥିବ। **20-21**ଗୋଟିଏ ଗୋବତ୍ସ
ପାଇଁ ଦେଢ ହନ ପ୍ରତ୍ୟେକ ଅଣ୍ଡିରା ମେଷ ପାଇଁ ଏକ ହନ
ଏବଂ ପ୍ରତ୍ୟେକ ମେଷଶାବକ ପାଇଁ ଅର୍ଦ୍ଧ ହନ ହସାବରେ
ତୈଳାକ୍ତ ସରୁ ମଇଦା ଶସ୍ୟ ନୈବେଦ୍ୟ ରୂପେ ଉତ୍ସର୍ଗ
କରବା ଉଚତ୍। **22**ତୁମ୍ଭ ପାଇଁ ପ୍ରାୟଶ୍ଚିତ୍ତ କରବାକୁ ପାପାର୍ଥକ
ନୈବେଦ୍ୟ ରୂପେ ଏକ ଛାଗ ଉତ୍ସର୍ଗ କରବା ଉଚତ୍।
**23**ତୁମ୍ଭେମାନେ ପ୍ରତ୍ୟହ ପ୍ରାତଃକାଳୀନ ହୋମବଳ ଛଡ଼ା ଏ
ସମସ୍ତ ଉତ୍ସର୍ଗ କରବ।

**24**“ଏହ ବଧି ଅନୁସାରେ ତୁମ୍ଭେମାନେ ସାତଦନ ଯାଏ
ପ୍ରତିଦନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ଷ୍ୟରୂପେ ସୁବାସିତ
ନୈବେଦ୍ୟ ଉପହାର ଉତ୍ସର୍ଗ କରବା ଉଚତ୍। ଏହା ନତ୍ୟ
ହୋମବଳ ଓ ତହିଁର ପେୟ ନୈବେଦ୍ୟ ଛଡ଼ା ତାହା
ଉତ୍ସର୍ଗୀତ ହେବ।

**25**“ତା'ପରେ ସପ୍ତମ ଦନରେ ତୁମ୍ଭମାନଙ୍କର ପୁଣି ଏକ
ପବତ୍ର ସଭା ହେବ ଓ ସେଦନ ତୁମ୍ଭେମାନେ କୌଣସି କାର୍ଯ୍ୟ
କରବା ଉଚତ୍ ନୁହଁ।

### ସାପ୍ତାହକ ପର୍ବ (ପେଣ୍ଟିକଷ୍ଟ)

**26**“ପୁଣି ପ୍ରଥମ ଫଳର ଦନରେ ଅର୍ଥାତ୍ ଯେତେବେଳେ
ତୁମ୍ଭେମାନେ ସାପ୍ତାହକୀ ପର୍ବରେ ସଦାପ୍ରଭୁଙ୍କ ଛାମୁକୁ ନୂତନ
ଭକ୍ଷ୍ୟ ନୈବେଦ୍ୟ ଆଣିବ, ସେତେବେଳେ ତୁମ୍ଭମାନଙ୍କର ପବତ୍ର
ସଭା ହେବା ଉଚତ୍। ତୁମ୍ଭେମାନେ ସେଦନ କୌଣସି କାର୍ଯ୍ୟ
କରବା ଉଚତ୍ ନୁହଁ। **27**ମାତ୍ର ତୁମ୍ଭେମାନେ ସଦାପ୍ରଭୁଙ୍କୁ
ସୁବାସିତ ଉପହାର ରୂପେ ଦୁଇଟି ଷଣ୍ଢ, ଗୋଟିଏ ଅଣ୍ଡିରା
ମେଷ ଓ ସାତୋଟି ମେଷଶାବକକୁ ହୋମବଳ ରୂପେ ଉତ୍ସର୍ଗ
କରବା ଉଚତ୍। **28-29**ପୁଣି ଏକ ଗୋବତ୍ସ ନମନ୍ତେ ତିନ
ଦଶମାଂଶ ଓ ଏକ ମେଷ ନମନ୍ତେ ଦୁଇ ଦଶମାଂଶ ଐଫା
ତୈଳମିଶ୍ରିତ ସରୁ ମଇଦା ଭକ୍ଷ୍ୟ ନୈବେଦ୍ୟ, ପୁଣି ସାତ
ମେଷବତ୍ସ ମଧ୍ୟରୁ ପ୍ରତି ମେଷବତ୍ସ ନମନ୍ତେ ଏକ ଦଶମାଂଶ
ଐଫା ତୈଳମିଶ୍ରିତ ସରୁ ମଇଦାର ଭକ୍ଷ୍ୟ ନୈବେଦ୍ୟ;
**30**ଆଉ ତୁମ୍ଭମାନଙ୍କ ପ୍ରାୟଶ୍ଚିତ୍ତ କରଣାର୍ଥେ ଏକ ଛାଗ ଉତ୍ସର୍ଗ
କରବ; **31**ତୁମ୍ଭେମାନେ ପ୍ରତିଦନର ହୋମବଳ, ତହିଁର ଭକ୍ଷ୍ୟ
ନୈବେଦ୍ୟ ସେମାନଙ୍କର ସମସ୍ତ ଓ ତହିଁର ପେୟ ନୈବେଦ୍ୟ
ଉତ୍ସର୍ଗ କରବ। ଏହ ପଶୁଗୁଡ଼କ ନଖୁଣ ହେବା ଉଚତ୍।

### ତୂରୀଧ୍ୱନର ପର୍ବ

**29** “ଆଉ ସପ୍ତମ ମାସର ପ୍ରଥମ ଦନରେ, ତୁମ୍ଭମାନଙ୍କର
ଗୋଟିଏ ପବତ୍ରସଭା ହେବା ଉଚତ୍। ସେହ ଦନରେ
ତୁମ୍ଭେମାନେ କୌଣସି କାର୍ଯ୍ୟ କରବା ଉଚତ୍ ନୁହଁ। ସେହ
ଦନଟି ତୁମ୍ଭମାନଙ୍କ ପାଇଁ ତୂରୀଧ୍ୱନ କରବାର ଦନ। **2**ତୁମ୍ଭେମାନେ

ସଦାପ୍ରଭୁଙ୍କୁ ସୁବାସିତ ଉପହାରରୂପେ ଏକ ଅଣ୍ଡିରା ମେଷ ଓ
ସାତୋଟି ଏକବର୍ଷୀୟ ମେଷଶାବକ ହୋମବଳିରୂପେ ଉତ୍ସର୍ଗ
କରିବା ଉଚିତ୍। ଏହି ପଶୁଗୁଡ଼ିକର କୌଣସି ଖୁଣ ନଥିବା
ଉଚିତ୍। **3**ଗୋଟିଏ ଷଣ୍ଢ ନିମନ୍ତେ ଦେଢ଼ ହିନ ଓ ଅଣ୍ଡିରା
ମେଷ ନିମନ୍ତେ ଏକ ହିନ ତୈଳ ମିଶ୍ରିତ ସରୁ ମଇଦା ଆଉ
ଶସ୍ୟ ନୈବେଦ୍ୟରୂପେ ଉତ୍ସର୍ଗ ହେବ। **4**ଓ ସାତଟି ମେଷଶାବକ
ମଧ୍ୟରୁ ପ୍ରତି ମେଷଶାବକ ନିମନ୍ତେ ଅର୍ଦ୍ଧହିନ ତୈଳମିଶ୍ରିତ
ସରୁମଇଦା ଉତ୍ସର୍ଗ କରିବ। **5**ପୁଣି ତୁମ୍ଭର ପାପର ପ୍ରାୟଶ୍ଚିତ୍ତ
ପାଇଁ ପାପାର୍ଥକ ବଳିରୂପେ ଏକ ଅଣ୍ଡିରା ଛାଗ ଉତ୍ସର୍ଗ କରିବା
ଉଚିତ୍। **6**ଅମାବାସ୍ୟାରେ ନିତ୍ୟ ହୋମବଳି ସହିତ ଶସ୍ୟ
ନୈବେଦ୍ୟ ଓ ପେୟ ନୈବେଦ୍ୟ ଏ ସମସ୍ତ ଉତ୍ସର୍ଗ କରିବ।
ଏହା ସଦାପପ୍ରଭୁଙ୍କୁ ସୁବାସିତ ଉପହାର ହେବ।

## ପ୍ରାୟଶ୍ଚିତ୍ତର ଦିନ

**7**"ପୁଣି ସପ୍ତମ ମାସର ଦଶମ ଦିନରେ, ତୁମ୍ଭମାନଙ୍କର
ଏକ ପବିତ୍ର ସଭା ହେବା ଉଚିତ୍। ସେ ଦିନରେ ତୁମ୍ଭେମାନେ
ଆପଣା ଆପଣା ପ୍ରାଣକୁ ନମ୍ର କରିବା ଉଚିତ୍ ଏବଂ ସେହି
ଦିନ କୌଣସି ପ୍ରକାର କାର୍ଯ୍ୟ କରିବା ଉଚିତ୍ ନୁହେଁ। **8**ମାତ୍ର
ତୁମ୍ଭେମାନେ ସଦାପ୍ରଭୁଙ୍କୁ ସୁବାସିତ ଉପହାର ରୂପେ ଏକ
ଷଣ୍ଢ, ଏକ ଅଣ୍ଡିରା ମେଷ ଓ ଏକବର୍ଷୀୟ ସାତଟି ମେଷଶାବକ
ଉତ୍ସର୍ଗ କରିବ। ଏହି ପଶୁଗୁଡ଼ିକର କୌଣସି ଖୁଣ ନଥିବ।
**9**ପୁଣି ତହିଁରେ ଶସ୍ୟ ନୈବେଦ୍ୟରୂପେ ଏକ ଷଣ୍ଢ ନିମନ୍ତେ
ଦେଢ଼ ହିନ ଓ ଏକ ଅଣ୍ଡିରା ମେଷ ନିମନ୍ତେ ଏକ ହିନ
ତୈଳ ମିଶ୍ରିତ ସରୁ ମଇଦା ନେବ। **10**ଓ ସାତ ମେଷଶାବକ
ମଧ୍ୟରୁ ପ୍ରତି ମେଷଶାବକ ନିମନ୍ତେ ଅର୍ଦ୍ଧହିନ ତୈଳମିଶ୍ରିତ ସରୁ
ମଇଦା; **11**ପୁଣି ପାପାର୍ଥକ ବଳିରୂପେ ଏକ ଛାଗ ନୈବେଦ୍ୟ
ଉତ୍ସର୍ଗ କରିବା ଉଚିତ୍। ପ୍ରାୟଶ୍ଚିତ୍ତାର୍ଥକ ନୈବେଦ୍ୟ, ନିତ୍ୟ
ହୋମବଳି ଓ ସେମାନଙ୍କର ନୈବେଦ୍ୟ ଓ ପେୟ ନୈବେଦ୍ୟ
ଛଡା ଏହିସବୁ ତୁମ୍ଭେମାନେ ଉତ୍ସର୍ଗ କରିବା ଉଚିତ୍।

## ପତ୍ର କୁଟୀର ପର୍ବ

**12**"ଆଉ ସପ୍ତମ ମାସର ପଞ୍ଚଦଶ ଦିନରେ ତୁମ୍ଭମାନଙ୍କର
ଗୋଟିଏ ପବିତ୍ର ସଭା ହେବା ଉଚିତ୍। ସେହି ଦିନ ତୁମ୍ଭେମାନେ
କୌଣସି ପ୍ରକାର କାର୍ଯ୍ୟ କରିବା ଉଚିତ୍ ନୁହଁ। ପୁଣି ସାତ
ଦିନ ଯାଏ ଉତ୍ସବ ପାଳନ କରିବା ଉଚିତ୍। **13**ଆଉ
ତୁମ୍ଭେମାନେ ସଦାପ୍ରଭୁଙ୍କୁ ସୁବାସିତ ନୈବେଦ୍ୟ ରୂପେ ତେରଟି
ଷଣ୍ଢ, ଦୁଇଟି ଅଣ୍ଡିରା ମେଷ ଓ ଏକବର୍ଷୀୟ ଚଉଦଟି
ମେଷଶାବକ ଉତ୍ସର୍ଗ କରିବା ଉଚିତ୍। ଏହି ପଶଗୁଡ଼ିକର
କୌଣସି ଖୁଣ ନଥିବା ଉଚିତ୍। **14**ଶସ୍ୟ ନୈବେଦ୍ୟରୂପେ
ପ୍ରତି ଷଣ୍ଢ ପାଇଁ ଦେଢ଼ହିନ ପ୍ରତି ଅଣ୍ଡିରା ମେଷ ପାଇଁ
ଏକହିନ, **15**ଓ ପ୍ରତି ମେଷବତ୍ସ ପାଇଁ ଅର୍ଦ୍ଧହିନ ତୈଳମିଶ୍ରିତ
ସରୁ ମଇଦା; **16**ପାପାର୍ଥକ ବଳିରୂପେ ଏକ ଅଣ୍ଡିରା ଛେଳି
ଉତ୍ସର୍ଗ କରିବା ଉଚିତ୍। ଏହି ସମସ୍ତ ତୁମ୍ଭେମାନେ ନିତ୍ୟ
ହୋମବଳି ସେମାନଙ୍କର ଶସ୍ୟ ଓ ପେୟ ନୈବେଦ୍ୟ ଉତ୍ସର୍ଗ
କରିବା ଉଚିତ୍।

**17**"ଆଉ ଦ୍ୱିତୀୟ ଦିନରେ, ବାରଟି ଷଣ୍ଢ, ଦୁଇଟି ଅଣ୍ଡିରା
ମେଷ ଓ ଏକବର୍ଷୀୟ ଚଉଦଟି ମେଷଶାବକ ଉତ୍ସର୍ଗ କରାଯିବା
ଉଚିତ୍। ଏହି ପଶୁଗୁଡ଼ିକର କୌଣସି ଖୁଣ ନଥିବା ଉଚିତ୍।
**18**ପୁଣି ଗୋବତ୍ସର, ମେଷର ଓ ମେଷ ବତ୍ସମାନଙ୍କ ସଂଖ୍ୟା
ଅନୁସାରେ ବିଧିମତେ ଭକ୍ଷ୍ୟ ଓ ପେୟ ନୈବେଦ୍ୟ, **19**ଆଉ
ପାପାର୍ଥକ ବଳିରୂପେ ଏକ ଅଣ୍ଡିରା ଛାଗ ଉତ୍ସର୍ଗ କରିବା
ଉଚିତ୍। ନିତ୍ୟ ହୋମବଳି ଓ ସେମାନଙ୍କ ଅନୁରୂପ ଶସ୍ୟ
ନୈବେଦ୍ୟ ଓ ପେୟ ନୈବେଦ୍ୟ ବ୍ୟତିତ ତୁମ୍ଭେମାନେ
ଏହିସବୁ ଉତ୍ସର୍ଗ କରିବା ଉଚିତ୍।

**20**"ଆଉ ଉତ୍ସବର ତୃତୀୟ ଦିନରେ ଏଗାରଟି ଷଣ୍ଢ,
ଦୁଇଟି ଅଣ୍ଡିରା ମେଷ ଓ ଏକବର୍ଷୀୟ ଚଉଦଟି ମେଷଶାବକ
ଉତ୍ସର୍ଗ କରାଯିବା ଉଚିତ୍। ଏହି ପଶୁଗୁଡ଼ିକର କୌଣସି ଖୁଣ
ନଥିବା ଉଚିତ୍। **21**ପୁଣି ଗୋବତ୍ସର, ମେଷର ଓ ମେଷ
ବତ୍ସମାନଙ୍କର ସଂଖ୍ୟା ଅନୁସାରେ ବିଧିମତେ ଭକ୍ଷ୍ୟ ଓ ପେୟ
ନୈବେଦ୍ୟ, **22**ଆଉ ପାପାର୍ଥକ ବଳିରୂପେ ଏକ ଅଣ୍ଡିରା ଛେଳି
ଉତ୍ସର୍ଗ କରାଯିବା ଉଚିତ୍। ଏ ସମସ୍ତ ନିତ୍ୟ ହୋମବଳି ଓ
ସେମାନଙ୍କ ଅନୁରୂପ ଶସ୍ୟ ନୈବେଦ୍ୟ ଓ ପେୟ ନୈବେଦ୍ୟ
ବ୍ୟତୀତ ସହିସବୁ ତୁମ୍ଭେମାନେ ଉତ୍ସର୍ଗ କରିବ।

**23**"ଆଉ ଚତୁର୍ଥ ଦିନରେ, ଦଶଟି ଷଣ୍ଢ, ଦୁଇଟି ଅଣ୍ଡିରା
ମେଷ ଓ ଏକବର୍ଷୀୟ ଚଉଦଟି ମେଷଶାବକ ଉତ୍ସର୍ଗ କରାଯିବା
ଉଚିତ୍। ଏହି ପଶୁଗୁଡ଼ିକ କୌଣସି ଖୁଣ ନଥିବା ଉଚିତ୍।
**24**ଓ ଗୋବତ୍ସର, ମେଷର ଓ ମେଷ ବତ୍ସମାନଙ୍କର ସଂଖ୍ୟା
ଅନୁସାରେ ବିଧିମତେ ଭକ୍ଷ୍ୟ ଓ ପେୟ ନୈବେଦ୍ୟ, **25**ପୁଣି
ପାପାର୍ଥକ ବଳିରୂପେ ଏକ ଅଣ୍ଡିରା ଛେଳି ଉତ୍ସର୍ଗ କରାଯିବା
ଉଚିତ୍। ଏ ସମସ୍ତ ତୁମ୍ଭେମାନେ ନିତ୍ୟ ହୋମବଳି ଓ ଶସ୍ୟ
ନୈବେଦ୍ୟ ଓ ପେୟ ନୈବେଦ୍ୟ ବ୍ୟତୀତ ଏହିସବୁ ଉତ୍ସର୍ଗ
କରିବା ଉଚିତ୍।

**26**"ଆଉ ପଞ୍ଚମ ଦିନରେ ନଅଟି ଷଣ୍ଢ ଦୁଇଟି ଅଣ୍ଡିରା
ମେଷ ଓ ଏକବର୍ଷୀୟ ଚଉଦଟି ମେଷଶାବକ ଉତ୍ସର୍ଗ କରାଯିବା
ଉଚିତ୍। ଏହିସବୁ ପଶୁଗୁଡ଼ିକର କୌଣସି ଖୁଣ ନଥିବା ଉଚିତ୍।
**27**ପୁଣି ଗୋବତ୍ସର, ମେଷର ଓ ମେଷ ବତ୍ସମାନଙ୍କର ସଂଖ୍ୟା
ଅନୁସାରେ ବିଧିମତେ ଭକ୍ଷ୍ୟ ଓ ପେୟ ନୈବେଦ୍ୟ, **28**ପୁଣି
ପାପାର୍ଥକ ବଳିରୂପେ ଏକ ଅଣ୍ଡିରା ଛେଳି ଉତ୍ସର୍ଗ କରାଯିବା
ଉଚିତ୍। ଏ ସମସ୍ତ ନିତ୍ୟ ହୋମବଳି, ଶସ୍ୟ ନୈବେଦ୍ୟ ଓ
ପେୟ ନୈବେଦ୍ୟ ବ୍ୟତୀତ ଏହିଗୁଡ଼ିକ ତୁମ୍ଭେମାନେ ଉତ୍ସର୍ଗ
କରିବା ଉଚିତ୍।

**29**"ଆଉ ପର୍ବର ଷଷ୍ଠ ଦିନରେ ଆଠଟି ଷଣ୍ଢ, ଦୁଇଟି
ଅଣ୍ଡିରା ମେଷ ଓ ଏକବର୍ଷୀୟ ଚଉଦଟି ମେଷଶାବକ ଉତ୍ସର୍ଗ
କରିବା ଉଚିତ୍। ଏହି ପଶୁଗୁଡ଼ିକର କୌଣସି ଖୁଣ ନଥିବା
ଉଚିତ୍। **30**ଆଉ ଗୋବତ୍ସର, ମେଷର ଓ ମେଷ ବତ୍ସମାନଙ୍କର
ସଂଖ୍ୟା ଅନୁସାରେ ବିଧିମତେ ଭକ୍ଷ୍ୟ ଓ ପେୟ ନୈବେଦ୍ୟ,
**31**ପୁଣି ପାପାର୍ଥକ ବଳିରୂପେ ଏକ ଅଣ୍ଡିରା ଛେଳି ଉତ୍ସର୍ଗ
କରିବା ଉଚିତ୍। ଏ ସମସ୍ତ ତୁମ୍ଭେମାନେ ନିତ୍ୟ ହୋମବଳି
ଶସ୍ୟ ନୈବେଦ୍ୟ ଓ ପେୟ ନୈବେଦ୍ୟ ବ୍ୟତୀତ ଏହିସବୁ
ଉତ୍ସର୍ଗ କରିବା ଉଚିତ୍।

**32**"ଆଉ ସପ୍ତମ ଦିନରେ ସାତଟି ଷଣ୍ଢ, ଦୁଇମେଷ ଓ
ଏକବର୍ଷୀୟ ଚଉଦଟି ମେଷଶାବକ ଉତ୍ସର୍ଗ କରାଯିବା ଉଚିତ୍।
ଏହି ପଶୁଗୁଡ଼ିକର କୌଣସି ଖୁଣ ନଥିବା ଉଚିତ୍। **33**ଆଉ
ଗୋବତ୍ସର, ମେଷର ଓ ମେଷ ବତ୍ସମାନଙ୍କର ସଂଖ୍ୟା ଅନୁସାରେ

ବିଧିମତେ ଭକ୍ଷ୍ୟ ଓ ପେୟ ନୈବେଦ୍ୟ, **34**ପୁଣି ପାପାର୍ଥକ
ବଳିରୂପେ ଏକ ଅଣ୍ଡିରା ଛେଳି ଉତ୍ସର୍ଗ କରିବା ଉଚିତ୍। ଏ
ସମସ୍ତ ତୁମ୍ଭେମାନେ ନିତ୍ୟ ହୋମବଳି ଓ ଶସ୍ୟ ନୈବେଦ୍ୟ
ଓ ପେୟ ନୈବେଦ୍ୟ ବ୍ୟତୀତ ତୁମ୍ଭେମାନେ ଏହିସବୁ ଉତ୍ସର୍ଗ
କରିବା ଉଚିତ୍।
**35**"ଆଉ ଅଷ୍ଟମ ଦିନରେ, ତୁମ୍ଭମାନଙ୍କର ଏକ ପବିତ୍ର
ସଭା ହେବ। ସେହିଦିନ ତୁମ୍ଭେମାନେ କୌଣସି କାର୍ଯ୍ୟ କରିବା
ଉଚିତ୍ ନୁହେଁ। **36**ମାତ୍ର ସଦାପ୍ରଭୁଙ୍କୁ ହୋମବଳିରୂପେ ଏକ
ଷଣ୍ଢ, ଏକ ଅଣ୍ଡିରା ମେଷ ଓ ଏକବର୍ଷୀୟ ସାତଟି ମେଷଶାବକ
ଉତ୍ସର୍ଗ କରିବା ଉଚିତ୍। ଏହି ପଶୁଗୁଡିକର କୌଣସି ଖୁଣ
ନଥିବ। **37**ଆଉ ଗୋବତ୍ସର, ମେଷର ଓ ମେଷବତ୍ସମାନଙ୍କର
ସଂଖ୍ୟା ଅନୁସାରେ ବିଧିମତେ ଭକ୍ଷ୍ୟ ଓ ପେୟ ନୈବେଦ୍ୟ,
**38**ପୁଣି ପାପାର୍ଥକ ବଳିରୂପେ ଏକ ଅଣ୍ଡିରା ଛେଳି, ଏ ସମସ୍ତ
ନିତ୍ୟ ହୋମବଳି ଓ ସେମାନଙ୍କ ଅନୁରୂପ ଶସ୍ୟ ନୈବେଦ୍ୟ
ଓ ପେୟ ନୈବେଦ୍ୟ ଉତ୍ସର୍ଗ କରିବ।
**39**"ତୁମ୍ଭେମାନେ ତୁମ୍ଭମାନଙ୍କର ପର୍ବଦିନରେ ସଦାପ୍ରଭୁଙ୍କୁ
ଏହିସବୁ ବଳିଦାନ ଦିଅ। ତୁମ୍ଭମାନଙ୍କ ହୋମବଳି, ତୁମ୍ଭମାନଙ୍କ
ଶସ୍ୟ ନୈବେଦ୍ୟ, ତୁମ୍ଭମାନଙ୍କ ପେୟ ନୈବେଦ୍ୟ ଓ ତୁମ୍ଭମାନଙ୍କ
ମଙ୍ଗଳାର୍ଥକ ବଳି। ତୁମ୍ଭମାନଙ୍କ ସଂଯୋଗ ବିଶେଷ ପ୍ରତିଜ୍ଞା
ନୈବେଦ୍ୟ ଓ ସ୍ୱେଚ୍ଛାମୂଳକ ନୈବେଦ୍ୟ ଉତ୍ସର୍ଗ କର।"
**40**ସଦାପ୍ରଭୁ ମୋଶାଙ୍କୁ ଯେଉଁ ସବୁ ଆଜ୍ଞା ଦେଇଥିଲେ,
ମୋଶା ସେ ସମସ୍ତ ଇଶ୍ରାୟେଲ ଲୋକମାନଙ୍କୁ କହିଲେ।

### ବିଶେଷ ପ୍ରତିଜ୍ଞା

**30** ଅନନ୍ତର ମୋଶା ଇଶ୍ରାୟେଲ ପରିବାର ବର୍ଗଗୁଡିକର
ପ୍ରଧାନବର୍ଗଙ୍କୁ କହିଲେ, ସଦାପ୍ରଭୁ ଏହି ଆଜ୍ଞା
ଦେଇଅଛନ୍ତି।
**2**"କୌଣସି ପୁରୁଷ ଯେବେ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ
ପ୍ରତିଜ୍ଞା କରେ କିମ୍ବା ବ୍ରତଦ୍ୱାରା ଆପଣା ପ୍ରାଣକୁ ଆବଦ୍ଧ
କରିବାପାଇଁ ଶପଥ କରେ, ତେବେ ସେ ଆପଣା ବାକ୍ୟ
ଲଙ୍ଘନ କରିବ ନାହିଁ, ସେ ମୁଖନିଃସୃତ ବାକ୍ୟ ଅନୁସାରେ
ସମସ୍ତ ସାଧନ କରିବ।
**3**"ଆଉ ମଧ୍ୟ କୌଣସି ଯୁବତୀ ନିଜ ପିତୃଗୃହରେ ଥିବା
ସମୟରେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯଦି ପ୍ରତିଜ୍ଞା କରେ ଓ
ବ୍ରତଦ୍ୱାରା ନିଜକୁ ଆବଦ୍ଧ କରେ, **4**ଯଦି ତା'ର ପିତା, ସେ
ପ୍ରତିଜ୍ଞା କରିଥିବା ବିରୋଧ ନକରେ କିମ୍ବା ତା'ର ସବୁ ଶପଥ
ଓ ପ୍ରତିଜ୍ଞା କରିଥିବା ଏହା ପାଳନ କରାଯିବ। **5**ଯଦି ତା'ର
ପିତା, ସେ କରିଥିବା ପ୍ରତିଜ୍ଞା ଓ ଶପଥ ପାଇଁ ଆପତ୍ତି
କରେ, ସେଗୁଡିକ ପାଳନ କରାଯିବ ନାହିଁ। ସଦାପ୍ରଭୁ ତାକୁ
କ୍ଷମା କରିଦେବେ, ଯେହେତୁ ତା'ର ପିତା ତାକୁ ଏହା କରିବା
ପାଇ ମନା କଲେ।
**6**"ସେ ଶପଥ କିମ୍ବା ଅସାବଧାନ ପ୍ରତିଜ୍ଞା କଲାପରେ ସେ
ହୁଏତ କାହାକୁ ବିବାହ କରିପାରେ। **7**ପୁଣି ତା'ର ସ୍ୱାମୀ
ତାହା ଶୁଣି କୌଣସି ଅଭିଯୋଗ ନ କରେ, ତେବେ ତା'ର
ପ୍ରତିଜ୍ଞା ପାଳନ ହେବ ଓ ସେ କରିଥିବା ଶପଥ ପାଳନ
କରାଯିବ। **8**ମାତ୍ର ଯଦି ତା'ର ସ୍ୱାମୀ ଏ ବିଷୟରେ ଶୁଣେ ଓ
ତାହାକୁ ତା'ର ପ୍ରତିଜ୍ଞା ତା'କୁ ପାଳନ କରିବାକୁ ବାରଣ
କରେ, ତେବେ କରାଯାଇଥିବା ପ୍ରତିଜ୍ଞା ବାତିଲ ହୁଏ ଓ
ସଦାପ୍ରଭୁ ଏଥିପାଇଁ ତାକୁ କ୍ଷମା କରନ୍ତି।
**9**"ମାତ୍ର ବିଧବା କି ସ୍ୱାମୀ ପରିତ୍ୟକ୍ତା ସ୍ତ୍ରୀ ମାନତ କଲେ,
ସେ ଯେ କୌଣସି ବିଷୟରେ ଆପଣା ପ୍ରାଣକୁ ଆବଦ୍ଧ
କରିଅଛି ସେ ତାହା କହିବା ଅନୁସାରେ ପୂରଣ କରିବ।
**10**କିନ୍ତୁ ଜଣେ ବିବାହିତା ସ୍ତ୍ରୀ ହୁଏତ ପ୍ରତିଜ୍ଞା କରିପାରେ
କିମ୍ବା କିଛି ଶପଥରେ ନିଜକୁ ବାନ୍ଧି ପାରେ। **11**ପୁଣି ତାହାର
ସ୍ୱାମୀ ତାହା ଶୁଣି ତାହା ପ୍ରତି ତୁନି ହୋଇ ରହେ ଓ
ତାହାକୁ ନିଷେଧ ନକରେ, ତେବେ ତା'ର ସମସ୍ତ ପ୍ରତିଜ୍ଞା
ପାଳନ ହେବ, ପୁଣି ସେ ଯେଉଁ ସବୁ ବ୍ରତଦ୍ୱାରା ଆପଣା
ପ୍ରାଣକୁ ଆବଦ୍ଧ କଲା, ତାହା ସବୁ ପାଳନ ହେବ। **12**ମାତ୍ର
ତା'ର ସ୍ୱାମୀ ଯଦି ଶୁଣିବା ପରେ ତାକୁ ଅସ୍ୱୀକାର କରେ,
ତେବେ ସେ କରିଥିବା ସମସ୍ତ ପ୍ରତିଜ୍ଞା ଓ ନେଇଥିବା
ଶପଥସବୁ ବାତିଲ ହୋଇଯିବ। ତା'ର ସ୍ୱାମୀ ପ୍ରତିଜ୍ଞା ଭଂଗ
କରାଇଲା। ତେଣୁ ସଦାପ୍ରଭୁ ତାକୁ କ୍ଷମା କରିବେ। **13**ତାହାର
ସ୍ୱାମୀ ତାହାର ପ୍ରତ୍ୟେକ ମାନତ ଓ ପ୍ରାଣକୁ କ୍ଲେଶ ଦେବାର
ପ୍ରତିଜ୍ଞାଯୁକ୍ତ ପ୍ରତ୍ୟେକ ଶପଥ ସ୍ଥିର କରିପାରେ, କିମ୍ବା ତାହା
ସ୍ୱାମୀ ଭଙ୍ଗ କରିପାରେ। **14**ଯଦି ତା'ର ସ୍ୱାମୀ ଶୁଣିବା
ପରଠାରୁ ନୀରବ ହୋଇ ରହେ, ତେବେ ତା'ର ପ୍ରତିଜ୍ଞାଗୁଡିକ
ପାଳନ କରାଯିବ କାରଣ ତା'ର ସ୍ୱାମୀ ନୀରବ ହୋଇ
ରହିଲା, ଯେତେବେଳେ ସେ ଏବିଷୟରେ ଶୁଣିଲା। **15**କିନ୍ତୁ
ଯଦି ସେ ପରେ ତା'ର (ସ୍ତ୍ରୀ) ଶପଥକୁ ପ୍ରତ୍ୟାଖ୍ୟାନ କରେ
(ପ୍ରଥମ ଦିନପରେ) ତାହାଲେ ସେ(ସ୍ୱାମୀ) ତା'ର (ସ୍ତ୍ରୀର)
ଦୋଷ ବହନ କରିବ।"
**16**ପୁରୁଷ ଓ ତାହାର ସ୍ତ୍ରୀ ବିଷୟରେ, ପିତା ଓ
ପିତ୍ରାଳୟର ଯୁବତୀ କନ୍ୟା ବିଷୟରେ ସଦାପ୍ରଭୁ ମୋଶାଙ୍କୁ
ଏହିସବୁ ଆଜ୍ଞା ଦେଲେ।

### ଇଶ୍ରାୟେଲ ସନ୍ତାନଗଣଙ୍କର ମିଦିୟନୀୟମାନଙ୍କ ବିପକ୍ଷରେ ସଂଗ୍ରାମ

**31** ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, **2**"ଇଶ୍ରାୟେଲ
ଲୋକମାନଙ୍କ ସକାଶେ ମିଦିୟନୀୟମାନଙ୍କ ଉପରେ
ପ୍ରତିଶୋଧ ନିଅ। ତା'ପରେ ତୁମ୍ଭମାନେ ମୃତ୍ୟୁବରଣ କରିବ।"
**3**ତହିଁରେ ମୋଶା ଲୋକମାନଙ୍କୁ କହିଲେ, "ତୁମ୍ଭମାନଙ୍କର
କେତେକ ଲୋକମାନଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ କର, ସେମାନେ
ମିଦିୟନୀୟମାନଙ୍କ ବିଷୟରେ ସଦାପ୍ରଭୁଙ୍କ ଦଣ୍ଡାଜ୍ଞା ସଫଳ
କରିବା ନିମନ୍ତେ ଯୁଦ୍ଧ କରିବେ। **4**ତୁମ୍ଭେମାନେ ଇଶ୍ରାୟେଲର
ପ୍ରତ୍ୟେକ ବଂଶରୁ ଏକ ସମସ୍ର ଲୋକ ଯୁଦ୍ଧ ପାଇଁ ସଂଗ୍ରହ
କର। **5**ତେଣୁ ଇଶ୍ରାୟେଲ ବଂଶରୁ ସମୁଦାୟ ବାର ସହସ୍ର
ଲୋକ ଏହି ଯୁଦ୍ଧ ପାଇଁ ସଜ୍ଜିତ ହେଲେ।"
**6**ମୋଶା ସେହି 12,000 ଲୋକଙ୍କୁ, ଯୁଦ୍ଧ ଭୂମିକୁ
ପଠାଇଲେ। ପୁଣି ଯାଜକ ଇଲୟାସରର ପୁତ୍ର ପୀନ୍‌ହସର
ହସ୍ତରେ ପବିତ୍ର ପାତ୍ର ଓ ରଣତୂରୀ ଦେଇ ତାହାକୁ
ସେମାନଙ୍କ ସଙ୍ଗେ ଯୁଦ୍ଧ କ୍ଷେତ୍ରକୁ ପଠାଇଲେ। **7**ତହୁଁ ସେମାନେ
ମୋଶା ପ୍ରତି ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ ମିଦିୟନୀୟମାନଙ୍କ
ବିରୁଦ୍ଧରେ ଯୁଦ୍ଧ କଲେ, ପୁଣି ସେମାନେ ପ୍ରତ୍ୟେକ ପୁରୁଷଙ୍କୁ
ବଧ କଲେ। **8**ସେମାନେ ଇବି, ରେକମ୍, ସୂର, ହୂର ଓ

ରେବା ଏହି ପାଞ୍ଚଜଣ ମିଦୟନୀୟ ରାଜାଙ୍କୁ ହତ୍ୟା କଲେ।
ଆଉ ମଧ୍ୟ ବିୟୋରର ପୁତ୍ର ବିଲୟମକୁ ମଧ୍ୟ ସେମାନେ
ଖଡ୍ଗରେ ହତ୍ୟା କଲେ।

9ଇସ୍ରାୟେଲର ଲୋକମାନେ ମିଦୟନର ସ୍ତ୍ରୀ ଲୋକମାନଙ୍କୁ
ଓ ପିଲାମାନଙ୍କୁ ଅଟକଆର କଲେ। ଆଉ ସେମାନେ ସେମାନଙ୍କର
ସମସ୍ତ ପଶୁ ଓ ସମସ୍ତ ମେଷପଲ ସହିତ ସମସ୍ତ ସମ୍ପତ୍ତି
ଲୁଟିକରି ନେଲେ। 10ତା'ପରେ ସେମାନଙ୍କର ସକଳ ନଗର
ଓ ସକଳ ଗ୍ରାମଗୁଡିକ ଦଗ୍ଧ କଲେ। 11ଆଉ ସେମାନେ
ଲୁଟିତ ଦ୍ରବ୍ୟ ସହ ସମସ୍ତ ଧୃତ ମନୁଷ୍ୟ ଓ ପଶୁ
ନେଇଗଲେ। 12ପୁଣି ସେମାନେ ଯିରୀହୋ ନିକଟବର୍ତ୍ତୀ
ଯର୍ଦ୍ଦନତୀରସ୍ଥ ମୋୟାବ ପଦାରେ ସ୍ଥାପିତ ଛାଉଣୀକୁ ଆଣିଲେ।
ସେମାନେ ସେମାନଙ୍କୁ ମୋଶାଙ୍କ ନିକଟକୁ, ଯାଜକ ଇଲୀୟାସର
ନିକଟକୁ ଓ ଇସ୍ରାୟେଲର ସମସ୍ତ ଲୋକମାନଙ୍କ ନିକଟକୁ
ଆଣିଲେ। 13ତା'ପରେ ମୋଶା, ଯାଜକ ଇଲୀୟାସର ଓ
ଲୋକମାନଙ୍କର ନେତୃଗଣ ସେମାନଙ୍କୁ ଦେଖିବାକୁ ଛାଉଣୀ
ବାହାରକୁ ଗଲେ।

14ସେତେବେଳେ ମୋଶା ସେନାପତିମାନଙ୍କ ପ୍ରତି (ଅର୍ଥାତ୍
ସହସ୍ରପତି ଓ ଶତପତିମାନଙ୍କ ପ୍ରତି) କ୍ରୋଧ କଲେ। ଯେଉଁମାନେ
ଯୁଦ୍ଧ କ୍ଷେତ୍ରରୁ ଫେରି ଆସିଥିଲେ। 15ଆଉ ମୋଶା ସେମାନଙ୍କୁ
କହିଲେ, "ତୁମ୍ଭେମାନେ ସମସ୍ତ ସ୍ତ୍ରୀ ଲୋକମାନଙ୍କୁ ଜୀବିତ
ରଖିଲ କାହିଁକି? 16ଏହାକୁ ଦେଖ, ଏହି ସ୍ତ୍ରୀ ଲୋକମାନେ
ବିଲୟମର ପରାମର୍ଶରେ ପିୟୋରଠାରେ ଇସ୍ରାୟେଲ ସନ୍ତାନଗଣକୁ
ସଦାପ୍ରଭୁଙ୍କ ବିରୁଦ୍ଧରେ ଆଗେଇ ନେଇଥିଲେ। ସେଥି ସକାଶେ
ସଦାପ୍ରଭୁଙ୍କ ଲୋକମାନଙ୍କ ମଧ୍ୟରେ ମହାମାରୀ ହେଲା। 17ଏଣୁ
ତୁମ୍ଭେମାନେ ବନ୍ଦୀମାନଙ୍କ ମଧ୍ୟରୁ ସମସ୍ତ ପୁରୁଷ ପିଲାମାନଙ୍କୁ
ହତ୍ୟା କର। ପୁଣି ଯେଉଁ ସ୍ତ୍ରୀ ଲୋକମାନେ ପୁରୁଷଙ୍କ ସହିତ
ଯୌନ ସଂପର୍କ ରଖିଛନ୍ତି, ସେମାନଙ୍କୁ ହତ୍ୟା କର। 18ମାତ୍ର
ଯେଉଁ ଯୁବତୀ କନ୍ୟାମାନେ ପୁରୁଷମାନଙ୍କ ସହିତ ଯୌନ
ସଂପର୍କ ରଖିବାର ଜ୍ଞାତ ହୋଇନାହାଁନ୍ତି, ସେମାନଙ୍କୁ ତୁମ୍ଭମାନଙ୍କ
ସହିତ ଜୀବିତ ରଖ। 19ତୁମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ
ମନୁଷ୍ୟ ହତ୍ୟା କରି ଅଛନ୍ତି କିମ୍ବା ମୃତ ଶରୀରକୁ ସ୍ପର୍ଶ
କରିଅଛନ୍ତି, ସେମାନେ ସାତଦିନ ଛାଉଣୀ ବାହାରେ ରହିବେ।
ସେମାନେ ଓ ତୁମ୍ଭର ବନ୍ଦୀମାନେ ତୃତୀୟ ଦିନରେ ଓ ସପ୍ତମ
ଦିନରେ ନିଜକୁ ଶୁଚି କରିବା ଉଚିତ୍। 20ତୁମ୍ଭେମାନେ
ଯାବତୀୟ ବସ୍ତ୍ର, ଚର୍ମନିର୍ମିତ ବସ୍ତୁ, ଛେଳି ଲୋମ ନିର୍ମିତ ବସ୍ତ୍ର
ଓ କାଠ ନିର୍ମିତ ବସ୍ତୁ ବିଶୁଦ୍ଧ କରିବ।"

21ତହୁଁ ଇଲୀୟାସର ଯାଜକ ଯୁଦ୍ଧକୁ ଯାଇଥିବା ଯୋଦ୍ଧାମାନଙ୍କୁ
କହିଲା, "ସଦାପ୍ରଭୁ ମୋଶାଙ୍କୁ ଯେଉଁ ବ୍ୟବସ୍ଥାର ଆଜ୍ଞା
ଦେଇଥିଲେ, ତହିଁରେ ବିଧି ଏହି। 22ତୁମ୍ଭେମାନେ ସୁନା,
ରୂପା, ପିତ୍ତଳ, ଲୁହା, ଦସ୍ତା ଓ ସୀସା ଆଦି ଦ୍ରବ୍ୟ ଅଗ୍ନିରେ
ଦଗ୍ଧ କରି ଶୁଚି କରିବା ଉଚିତ୍ ଓ ଶୁଚି କରିବା ନିମନ୍ତେ
ଧୋଇବା ଉଚିତ୍। 23ଯେଉଁ ଦ୍ରବ୍ୟ ଅଗ୍ନିରେ ପକାଯାଇ ପାରିବ
ନାହିଁ ତାକୁ ଜଳରେ ଧୋଇ ଶୁଚି କରିବ। 24ତୁମ୍ଭେମାନେ
ସପ୍ତମ ଦିନରେ ନିଜ ନିଜ ବସ୍ତ୍ର ଧୋଇବା ଉଚିତ୍, ତହିଁରେ
ତୁମ୍ଭେମାନେ ଶୁଚି ହେବ; ତା'ପରେ ତୁମ୍ଭେମାନେ ଛାଉଣୀରେ
ପ୍ରବେଶ କରିପାରିବ।"

25ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 26"ତୁମ୍ଭେ ଓ
ଇଲୀୟାସର ଯାଜକ ଓ ମଣ୍ଡଳୀସ୍ଥ ପିତୃଗୃହର ପ୍ରଧାନମାନେ
ଯୁଦ୍ଧରେ ସୈନ୍ୟମାନଙ୍କ ଦ୍ୱାରା ଧୃତ ଜୀବଗଣର ଅର୍ଥାତ୍ ବନ୍ଦୀ
ମନୁଷ୍ୟର, ପଶୁର ଗଣନା କର ଓ ସମସ୍ତ ଦ୍ରବ୍ୟର ସଂଖ୍ୟା
କର। 27ସେହିସବୁ ଜିନିଷକୁ ସମାନ ଭାବରେ ସୈନ୍ୟମାନଙ୍କ
ମଧ୍ୟରେ ଓ ସମସ୍ତ ମଣ୍ଡଳୀ ମଧ୍ୟରେ ବାଣ୍ଟି ଦିଅ। 28ପୁଣି
ଯୁଦ୍ଧକୁ ଯାଇଥିବା ଯୋଦ୍ଧାମାନଙ୍କଠାରୁ ସଦାପ୍ରଭୁଙ୍କ ନିମନ୍ତେ,
ସେମାନଙ୍କର ଲଭ୍ୟ ଅର୍ଦ୍ଧାଂଶରୁ ମନୁଷ୍ୟ, ଗୋରୁ, ଗର୍ଦ୍ଦଭ ଓ
ମେଷମାନଙ୍କ ମଧ୍ୟରୁ ପ୍ରତି ପାଞ୍ଚଶହରେ ଗୋଟିଏ ଲେଖାଏଁ
ଜୀବ ସଂଗ୍ରହ କର। 29ଏହି ଜିନିଷସବୁ ସଦାପ୍ରଭୁଙ୍କୁ ଉପହାରରୂପେ
ଯାଜକ ଇଲୀୟାସରକୁ ଦିଅ। 30ପୁଣି ଇସ୍ରାୟେଲୀୟ ଲୋକମାନଙ୍କ
ପ୍ରାପ୍ତ ଅର୍ଦ୍ଧାଂଶରୁ ତୁମ୍ଭେ ମନୁଷ୍ୟ, ଗୋରୁ, ଗର୍ଦ୍ଦଭ ଓ ମେଷାଦି
ସମସ୍ତ ପଶୁ ମଧ୍ୟରୁ ପ୍ରତି ପଚାଶରେ ଗୋଟିଏ ଲେଖାଏଁ ନେଇ
ଲେବୀୟମାନଙ୍କୁ ଦିଅ। କାରଣ ସେମାନେ ସଦାପ୍ରଭୁଙ୍କର
ପବିତ୍ର ତମ୍ବୁର ରକ୍ଷକ ଅଟନ୍ତି।"

31ତହୁଁ ମୋଶାଙ୍କୁ ସଦାପ୍ରଭୁ ଯେଉଁ ଆଜ୍ଞା ଦେଇଥିଲେ
ସେହି ଅନୁସାରେ ମୋଶା ଓ ଇଲୀୟାସର ଯାଜକ କଲେ।
32ଯୁଦ୍ଧରେ ଲୁଣ୍ଠିତ ଦ୍ରବ୍ୟ ମଧ୍ୟରେ 6,75,000 ମେଷ
ଥିଲେ। 3372,000 ଗୋରୁ। 3461,000 ଗଧ 35ଓ
32,000 ସ୍ତ୍ରୀ ଲୋକ ଯେଉଁମାନେ କି ପୁରୁଷ ସହବାସ
ଅଜ୍ଞାତା ଥିଲେ। 36ତହିଁରେ ଯୁଦ୍ଧକୁ ଯାଇଥିବା ଲୋକମାନଙ୍କର
ଲଭ୍ୟ ଅର୍ଦ୍ଧାଂଶର ସଂଖ୍ୟା 3,37,500 ମେଷ। 37ସେହି
ମେଷ ମଧ୍ୟରୁ ସେମାନେ 675 ସଦାପ୍ରଭୁଙ୍କୁ ମେଷ କର
ସ୍ୱରୂପ ଦେଲେ। 38ଆଉ ସେମାନଙ୍କର 36,000 ଗୋରୁ
ମଧ୍ୟରୁ ବାସ୍ତରି ଗୋରୁ ସଦାପ୍ରଭୁଙ୍କର କର ସ୍ୱରୂପ ଥିଲା।
39ସେମାନଙ୍କର 30,500 ଗଧ ମଧ୍ୟରୁ ସଦାପ୍ରଭୁଙ୍କର ସେଥିରେ
ଏକଷଠି ଗଧ କର ସ୍ୱରୂପ ଥିଲା। 40ପୁଣି ସେମାନଙ୍କର
16,000 ସ୍ତ୍ରୀ ଲୋକ ମଧ୍ୟରୁ ବତିଶ୍ ପ୍ରାଣୀ ସଦାପ୍ରଭୁଙ୍କର
କର ସ୍ୱରୂପ ଥିଲା। 41ସଦାପ୍ରଭୁଙ୍କର ଆଜ୍ଞା ଅନୁସାରେ ମୋଶା
ଏହିସବୁ ଯାଜକ ଇଲୀୟାସରକୁ ଉପହାର ସ୍ୱରୂପ ଦେଲେ।

42ପୁଣି ଯୋଦ୍ଧାମାନଙ୍କ ଅଂଶ ଛଡ଼ା ଯେଉଁ ଅର୍ଦ୍ଧାଂଶ
ମୋଶା ଇସ୍ରାୟେଲ ସନ୍ତାନଗଣକୁ ଦେଇଥିଲେ। 43ମଣ୍ଡଳୀ
ସେହି ଅର୍ଦ୍ଧାଂଶ ଅନୁସାରେ 3,37,500 ମେଷ ପାଇଲେ।
4436,000 ଗୋରୁ। 4530,500 ଗଧ, 46ଆଉ 16,000
ସ୍ତ୍ରୀ ଲୋକ ଥିଲେ। 47ତହୁଁ ଇସ୍ରାୟେଲ ସନ୍ତାନଗଣର ଲଭ୍ୟ
ସେହି ପଚାଶ ପ୍ରତିଶତ ଅଂଶରୁ ମୋଶା ମନୁଷ୍ୟ ଓ ପଶୁର
ପ୍ରତ୍ୟେକ ପଚାଶ ମଧ୍ୟରୁ ଗୋଟିଏ ଲେଖାଏଁ ନେଲେ ଓ ତାଙ୍କ
ପ୍ରତି ସଦାପ୍ରଭୁଙ୍କର ଆଜ୍ଞାନୁସାରେ ସଦାପ୍ରଭୁଙ୍କର ଆବାସ
ରକ୍ଷକ ଲେବୀୟମାନଙ୍କୁ ଦେଲେ।

48ଏହାପରେ ସୈନ୍ୟବାହିନୀର ନେତୃବର୍ଗ ସହସ୍ର
ସୈନ୍ୟାଧିପତି ଓ ଶତ ସୈନ୍ୟାଧିପତିମାନେ ମୋଶାଙ୍କ ନିକଟକୁ
ଆସିଲେ। 49ସେମାନେ ମୋଶାଙ୍କୁ କହିଲେ, "ଆମ୍ଭେ ତୁମ୍ଭର
ସେବକଗଣ ନିଜ ଅଧୀନସ୍ଥ ସମସ୍ତ ଯୋଦ୍ଧାମାନଙ୍କୁ ଗଣନା
କରିଅଛୁ। କେହିଜଣେ ହଜିଯାଇ ନାହାନ୍ତି। 50ଆମ୍ଭେମାନେ
ପ୍ରତ୍ୟେକ ସୈନ୍ୟଙ୍କଠାରୁ ସଦାପ୍ରଭୁଙ୍କ ପାଇଁ ଉପହାର ସ୍ୱରୂପ
ସୁବର୍ଣ୍ଣ କଙ୍କଣ, ବଳା, ଅଙ୍ଗୁରୀୟ, କୁଣ୍ଡଳ ଓ ହାରସବୁ
ଆଣିଅଛୁ। ଏହି ସବୁ ସଦାପ୍ରଭୁଙ୍କୁ ଆମ୍ଭମାନଙ୍କର ପ୍ରାୟଶ୍ଚିତ୍ତ
ପାଇଁ ଉତ୍ସର୍ଗ କରୁଅଛୁ।"

51ତହୁଁ ମୋଶା ଓ ଯାଜକ ଇଲୀୟାସର ସେମାନଙ୍କଠାରୁ
ଏହି ସମସ୍ତ ସ୍ୱର୍ଣ୍ଣ ଅଳଙ୍କାର ନେଇଗଲେ। 52ସହସ୍ର ସୈନ୍ୟାଧିପତି
ଓ ଶତ ସୈନ୍ୟାଧିପତି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯେଉଁ ସ୍ୱର୍ଣ୍ଣ
ଅଳଙ୍କାର ସବୁ ଉପହାର ସ୍ୱରୂପ ଉତ୍ସର୍ଗ କଲେ, ସେ ସମସ୍ତ
ସ୍ୱର୍ଣ୍ଣ ଉପହାର 420 ପାଉଣ୍ଡ ଓଜନ ଥିଲା। 53ପୁଣି
ଯୋଦ୍ଧାମାନେ ନିଜ ନିଜ ପାଇଁ ଲୁଣ୍ଠିତ ଦ୍ରବ୍ୟର ଅବଶିଷ୍ଟ ଭାଗ
ରଖି ନେଇଥିଲେ। 54ଏହାପରେ ମୋଶା ଓ ଇଲୀୟାସର
ଯାଜକ ସହସ୍ର ସୈନ୍ୟାଧିପତି ଓ ଶତ ସୈନ୍ୟାଧିପତିଙ୍କଠାରୁ
ସେହି ସ୍ୱର୍ଣ୍ଣ ଗ୍ରହଣ କଲେ ଓ ସଦାପ୍ରଭୁଙ୍କ ସମ୍ମୁଖରେ
ଇଶ୍ରାୟେଲ ସନ୍ତାନଗଣଙ୍କ ସ୍ମୃତି ଚିହ୍ନ ରୂପେ ସେହି ସମାଗମ
ତମ୍ବୁରେ ରଖିଲେ।

## ଯର୍ଦ୍ଦନ ନଦୀର ପୂର୍ବସ୍ଥ ବିଭିନ୍ନ ବଂଶ

32 ରୁବେନ ସନ୍ତାନଗଣର ଓ ଗାଦ-ସନ୍ତାନଗଣର ଅନେକ
ପଶୁ ପଲ ଥିଲା। ଏଣୁ ସେମାନେ ଯାସେର ଓ
ଗିଲୀୟଦ ଦେଶଗୁଡ଼ିକୁ ଦେଖିଲେ, ସେ ସ୍ଥାନଗୁଡ଼ିକ ପଶୁପଲ
ପାଇଁ ଉପଯୁକ୍ତ। 2ତେଣୁ ଗାଦର ସନ୍ତାନଗଣ ଓ ରୁବେନର
ସନ୍ତାନଗଣ ଆସି ମୋଶାଙ୍କୁ ଇଲୀୟାସର ଯାଜକଙ୍କୁ ଓ
ମଣ୍ଡଳୀର ଅଧ୍ୟକ୍ଷଗଣଙ୍କୁ କହିଲେ। 3-4ସେମାନେ କହିଲେ,
"ତୁମ୍ଭର ଏହି ସେବକମାନଙ୍କର ବହୁତ ମେଷ ଓ ଗୋରୁଗାଈ
ଅଛନ୍ତି। ଯେଉଁ ସବୁ ଦେଶକୁ ସଦାପ୍ରଭୁ ଇଶ୍ରାୟେଲର ପାଇଁ
ପରାସ୍ତ କରିଅଛନ୍ତି, ତାହା ଆମ୍ଭର ମେଷଗୁଡ଼ିକ ନିମନ୍ତେ ଓ
ଗୋରୁଗାଈ ନିମନ୍ତେ ଉତ୍ତମ ଅଟେ। ସେ ସବୁ ଦେଶଗୁଡ଼ିକ
ହେଲେ, ଅଟାରୋତ୍, ଦୀବୋନ, ଯାସେର, ନିମ୍ରା, ହିଷବୋନ,
ଇଲୀୟାଲୀ, ସିବମା, ନବୋ ଓ ବିୟୋନ। 5ଯଦି ଏହା ତୁମ୍ଭକୁ
ଆନନ୍ଦ ଦିଏ, ତୁମ୍ଭର ସେବକଗଣଙ୍କୁ ଏହି ଦେଶ ଦିଆଯାଉ,
ଆମ୍ଭମାନଙ୍କୁ ଯର୍ଦ୍ଦନ ସେପାରିକୁ ନିଆ ନଯାଉ।"

6ମୋଶା ଗାଦ ଓ ରୁବେନର ପରିବାରବର୍ଗଙ୍କୁ କହିଲେ,
"ତୁମ୍ଭମାନଙ୍କର ଭାଇମାନେ ଯୁଦ୍ଧ କରିବାକୁ ଯାଉଛନ୍ତି, ତୁମ୍ଭେମାନେ
କ'ଣ ଏଠାରେ ରହିବା ଉଚିତ୍? 7ସଦାପ୍ରଭୁ ଇଶ୍ରାୟେଲର
ଲୋକମାନଙ୍କୁ ଯେଉଁ ଦେଶ ଦେଇଅଛନ୍ତି, ନଦୀ ପାର ହୋଇ
ସେ ଦେଶକୁ ଯିବାପାଇଁ ତୁମ୍ଭେମାନେ କାହିଁକି ସେମାନଙ୍କୁ
ନିରୁତ୍ସାହିତ କରୁଛ? 8ମୁଁ ତୁମ୍ଭର ପିତୃଲୋକମାନଙ୍କୁ କାଦେଶ
ବର୍ଣ୍ଣେୟଠାରୁ ସେହି ଦେଶ ଦେଖିବାକୁ ପଠାଇବାବେଳେ
ସେମାନେ ଏହିରୂପେ କରିଥିଲେ। 9କାରଣ ସେମାନେ ଇଷ୍କୋଲ
ଉପତ୍ୟକା ପର୍ଯ୍ୟନ୍ତ ଗମନ କରି ଦେଶ ଦେଖିଲେ ଓ
ସଦାପ୍ରଭୁଙ୍କ ଦତ୍ତ ଦେଶକୁ ଯିବା ପାଇଁ ଇଶ୍ରାୟେଲ ଲୋକମାନଙ୍କର
ମନକୁ ନିରୁତ୍ସାହିତ କଲେ। 10ଏଣୁ ସେହିଦିନ ସଦାପ୍ରଭୁଙ୍କର
କ୍ରୋଧ ପ୍ରଜ୍ୱଳିତ ହେଲା ଏବଂ ସେ ପ୍ରତିଜ୍ଞା କଲେ। 11'ମୁଁ
ସଦାପ୍ରଭୁ ଅବ୍ରହାମଙ୍କୁ ଓ ଇସ୍‌ହାକଙ୍କୁ ଓ ଯାକୁବଙ୍କୁ ଯେଉଁ
ଦେଶ ଦେବାକୁ ପ୍ରତିଜ୍ଞା କରିଅଛି, ମିଶରରୁ ଆଗତ ଲୋକମାନଙ୍କ
ମଧ୍ୟରୁ କୋଡ଼ିଏ ବର୍ଷ ଓ ତତୋଧିକ ବର୍ଷ ବୟସ୍କ କେହି
ସେହି ଦେଶ ଦେଖି ପାରିବେ ନାହିଁ, କାରଣ ସେମାନେ
ମୋତେ ଅନୁସରଣ କଲେ ନାହିଁ। 12କେବଳ କନିସୀୟ
ଯିଫୁନ୍ନିର ପୁତ୍ର କାଲେବ୍ ଓ ନୂନର ପୁତ୍ର ଯିହୋଶୂୟ ସେହି
ଭୂମି ଦେଖିବେ; କାରଣ ସେମାନେ ସଦାପ୍ରଭୁଙ୍କର ପ୍ରକୃତ
ଅନୁସରଣକାରୀ ଅଟନ୍ତି।'

13"ଏହିରୂପେ ଇଶ୍ରାୟେଲର ଲୋକମାନଙ୍କ ଉପରେ
ସଦାପ୍ରଭୁଙ୍କର କ୍ରୋଧ କଲେ, ସେ ସମସ୍ତ ଦୁଷ୍ଟ ପିଢି ନିମଲ
ପର୍ଯ୍ୟନ୍ତ, ସେ ସମସ୍ତଙ୍କୁ ଚାଳିଶ ବର୍ଷଯାଏ ମରୁଭୂମିରେ ଭ୍ରମଣ
କରାଇଲେ। 14ଏଠାକୁ ଦେଖ, ତୁମ୍ଭେମାନେ ତୁମ୍ଭ ପିତୃଗଣଙ୍କ
ପରି କାର୍ଯ୍ୟ କଲ, ତୁମ୍ଭେମାନେ ପାପିଷ୍ଠ ଲୋକମାନଙ୍କର
ନୂତନ ପିଢି ସଦାପ୍ରଭୁଙ୍କୁ ଇଶ୍ରାୟେଲର ଲୋକମାନଙ୍କ ପ୍ରତି
କ୍ରୋଧିତ କରାଉଛ। 15ଯଦି ତୁମ୍ଭେମାନେ ସଦାପ୍ରଭୁଙ୍କୁ ଅନୁସରଣ
ନକର, ସେ ଇଶ୍ରାୟେଲକୁ ମରୁଭୂମିରେ ଛାଡିଦେବେ। ଏହିପରି
ତୁମ୍ଭେ ସମସ୍ତଙ୍କୁ ବିନଷ୍ଟ କରିବ।"

16ମାତ୍ର ରୁବେନର ଗୋଷ୍ଠୀ ଓ ଗାଦ ଗୋଷ୍ଠୀର ଲୋକମାନେ
ମୋଶାଙ୍କୁ ଆସି କହିଲେ, "ଆମ୍ଭେମାନେ ଏହି ସ୍ଥାନରେ
ଆପଣା ଆପଣା ମେଷମାନଙ୍କ ନିମନ୍ତେ ମେଷଶାଳା ଓ ଆପଣା
ଆପଣା ପିଲାମାନଙ୍କ ନିମନ୍ତେ ନଗର ନିର୍ମାଣ କରିବା। 17ମାତ୍ର
ଆମ୍ଭମାନଙ୍କର ବାଳକମାନେ ଦେଶବାସିଙ୍କଠାରୁ ନିରାପଦରେ
ରହିବା ପାଇଁ ପ୍ରାଚୀର ବେଷ୍ଟିତ ନଗରରେ ବାସ କରିବେ,
ଆଉ ଆମ୍ଭେମାନେ ଇଶ୍ରାୟେଲ ଲୋକମାନଙ୍କୁ ସେମାନଙ୍କ
ସ୍ଥାନକୁ ନ ଆଣିବା ପର୍ଯ୍ୟନ୍ତ ସସଜ୍ଜ ହୋଇ ସେମାନଙ୍କ ଆଗେ
ଆଗେ ଗମନ କରିବୁ। 18ଇଶ୍ରାୟେଲର ଲୋକମାନେ ପ୍ରତ୍ୟେକ
ସେମାନଙ୍କର ଭୂମି ନ ପାଇବା ପର୍ଯ୍ୟନ୍ତ, ଆମ୍ଭେମାନେ ଆମ୍ଭେ
ନିଜ ଘରକୁ ଫେରିଯାଉ ନାହିଁ। 19ଆଉ ଆମ୍ଭେମାନେ
ଯର୍ଦ୍ଦନର ଆର ପାରିରେ ଓ ତହିଁ ଆଗରେ ସେମାନଙ୍କ ସହିତ
ଅଧିକାର ନେବୁ ନାହିଁ। କାରଣ ଯର୍ଦ୍ଦନ ଏହି ପାର୍ଶ୍ୱରେ
ଆମ୍ଭମାନଙ୍କ ଅଧିକାର ରହିଅଛି।"

20ତେଣୁ ମୋଶା ସେମାନଙ୍କୁ କହିଲେ, "ତୁମ୍ଭେମାନେ
ଯେବେ ଏହିସବୁ କରିବ, ତେବେ ଏହି ଭୂମି ତୁମ୍ଭର ଅଧିକୃତ
ହେବ। କିନ୍ତୁ ତୁମ୍ଭର ସୈନ୍ୟମାନେ ସସଜ୍ଜ ହୋଇ ସଦାପ୍ରଭୁଙ୍କ
ସମ୍ମୁଖରେ ଯୁଦ୍ଧ କରିବାକୁ ଆଗେଇ ଯିବେ। 21ତୁମ୍ଭର
ସୈନ୍ୟମାନେ ଯର୍ଦ୍ଦନ ଅତିକ୍ରମ କରି ଶତ୍ରୁମାନଙ୍କ ବିରୁଦ୍ଧରେ
ଯୁଦ୍ଧ କରିବେ, ଯେପର୍ଯ୍ୟନ୍ତ ସଦାପ୍ରଭୁ ତାଙ୍କର ଶତ୍ରୁଗଣଙ୍କୁ
ସେହି ଭୂମିରୁ ତଡ଼ି ଦେଇ ନାହାନ୍ତି। 22ଯେତେବେଳେ ସେହି
ଦେଶ ଅଧିକାର ହୁଏ, ତା'ହାଲେ ତୁମ୍ଭେମାନେ ଗୃହକୁ ଫେରି
ପାରିବ। ତାହେଲେ ତୁମ୍ଭେମାନେ ସଦାପ୍ରଭୁ ଓ ଇଶ୍ରାୟେଲଙ୍କଠାରେ
ନିରପରାଧ ହେବ। ଆଉ ସେହି ଦେଶକୁ ସଦାପ୍ରଭୁଙ୍କ
ସମ୍ମୁଖରେ ତୁମ୍ଭମାନେ ଅଧିକାର କରିବ। 23ମାତ୍ର ତୁମ୍ଭେମାନେ
ଯେବେ ତାହା ନକର, ତେବେ ତୁମ୍ଭେମାନେ ସଦାପ୍ରଭୁଙ୍କ
ବିରୁଦ୍ଧରେ ପାପ କରୁଥିବ। ଆଉ ଏହା ନିଶ୍ଚିତ ଯେ,
ତୁମ୍ଭମାନଙ୍କର ପାପ ପାଇଁ ତୁମ୍ଭେମାନେ ଦଣ୍ଡିତ ହେବ।
24ତୁମ୍ଭେମାନେ ନିଜ ନିଜ ପିଲାମାନଙ୍କ ପାଇଁ ନଗର ଓ
ମେଷମାନଙ୍କ ପାଇଁ ମେଷଶାଳା ନିର୍ମାଣ କର, ଆଉ ନିଜ
ନିଜ ପ୍ରତିଜ୍ଞା ଅନୁସାରେ କର।"

25ତା'ପରେ ଗାଦ ସନ୍ତାନଗଣ ଓ ରୁବେନ ସନ୍ତାନଗଣ
ମୋଶାଙ୍କୁ କହିଲେ, "ଆମ୍ଭେମାନେ ତୁମ୍ଭର ଦାସ ଓ ତୁମ୍ଭେ
ଆମ୍ଭର ମୁନିବ। ତୁମ୍ଭର ଆଜ୍ଞା ଅନୁସାରେ ଆମ୍ଭେମାନେ କର୍ମ
କରିବୁ। 26ଆମ୍ଭମାନଙ୍କର ସ୍ତ୍ରୀ, ପିଲାମାନେ ଓ ପଶୁସକଳ
ଗିଲୀୟଦର ନଗରମାନଙ୍କରେ ରହିବେ। 27ମାତ୍ର ଆମ୍ଭମାନଙ୍କ
ସୈନ୍ୟମାନେ ସଦାପ୍ରଭୁଙ୍କ ଆଗରେ ଯର୍ଦ୍ଦନ ନଦୀ ପାର ହୋଇ
ଯୁଦ୍ଧ କରିବାକୁ ଯିବେ, ଠିକ୍ ଯେପରି ମୁନିବ କହନ୍ତି।"

28ତହୁଁ ମୋଶା ସେମାନଙ୍କ ବିଷୟରେ ଇଲୀୟାସର ଯାଜକଙ୍କୁ,
ନୂନର ପୁତ୍ର ଯିହୋଶୂୟଙ୍କୁ ଓ ଇସ୍ରାୟେଲ ସନ୍ତାନଗଣର
ବଂଶୀୟ ପିତୃଗୃହର ପ୍ରଧାନମାନଙ୍କୁ ଆଜ୍ଞା ଦେଲେ। 29ପୁଣି
ମୋଶା ସେମାନଙ୍କୁ କହିଲେ, "ଯଦି ଗାଦ ଗୋଷ୍ଠୀର ଓ
ରୁବେନ ପରିବାରର ସୈନ୍ୟମାନେ ତୁମ୍ଭ ସହିତ ଯୁଦ୍ଧ କରିବା
ପାଇଁ ଓ ଦେଶ ଅଧିକାର କରିବାକୁ ସଦାପ୍ରଭୁଙ୍କ ଆଗରେ
ଯାଆନ୍ତି, ତେବେ ତୁମ୍ଭେମାନେ ଅଧିକାରାର୍ଥେ ସ୍ୱତ୍ତ୍ୱରେ ସେମାନଙ୍କୁ
ଗିଲୀୟଦ ଦେଶ ଦେବା ଉଚିତ୍। 30ଯଦି ସେମାନଙ୍କର
ସୈନ୍ୟମାନେ ତୁମ୍ଭମାନଙ୍କ ସହିତ ନଦୀ ପାର ନହୁଅନ୍ତି,
ସେମାନେ ନିଶ୍ଚୟ ତୁମ୍ଭମାନଙ୍କ ସହିତ କିଣାନ ଦେଶରେ ଭୂମି
ପାଇବେ।"

31ତହୁଁ ଗାଦ ସନ୍ତାନଗଣ ଓ ରୁବେନ ସନ୍ତାନଗଣ ଉତ୍ତର
ଦେଇ କହିଲେ, "ସଦାପ୍ରଭୁ ଆପଣା ଦାସମାନଙ୍କୁ ଯାହା ଆଜ୍ଞା
ଦେଇଛନ୍ତି ତଦନୁସାରେ ଆମ୍ଭେମାନେ କର୍ମ କରିବୁ।
32ଆମ୍ଭେମାନଙ୍କର ସୈନ୍ୟମାନେ ସଦାପ୍ରଭୁଙ୍କ ସମ୍ମୁଖରେ ଯର୍ଦ୍ଦନ
ପାର ହୋଇ କିଣାନ ଦେଶକୁ ଯିବେ, କିନ୍ତୁ ଆମ୍ଭେମାନେ
ଯର୍ଦ୍ଦନର ପୂର୍ବ ପାରିକୁ ଅଧିକାରରୂପେ ପାଇବୁ।"

33ତେଣୁ ମୋଶା ଗାଦ ଗୋଷ୍ଠୀଗଣଙ୍କୁ, ରୁବେନ ଗୋଷ୍ଠୀଗଣଙ୍କୁ
ଓ ଯୋଷେଫର ପୁତ୍ର ମନଃଶି ବଂଶର ଅର୍ଦ୍ଧେକଙ୍କୁ
ଇମୋରୀୟମାନଙ୍କ ରାଜା ସୀହୋନର ରାଜ୍ୟ, ବାଶନର ରାଜା
ଓଗର ରାଜ୍ୟ ଅର୍ଥାତ୍ ନିଜ ନିଜ ସୀମା ସହ ନାନା ନଗର
ବିଶିଷ୍ଟ ଦେଶ, ଏହିରୂପେ ଚତୁର୍ଦ୍ଦିଗସ୍ଥ ଦେଶର ସମସ୍ତ ନଗର
ଦେଲେ।

34ଗାଦର ଲୋକମାନେ ଦୀବୋନ୍, ଅଟାରୋତ୍ ଓ
ଅରୋୟେରକୁ ପୁନଃନିର୍ମାଣ କଲେ। 35ଅଟ୍ରୋତ୍-ଶୋଫନ,
ଯାସେର ଓ ଯଗ୍‌ବିହ, 36ବୈତ୍‌ନିମ୍ରା ଓ ବୈଥାରନ୍ ନାମକ
ପ୍ରାଚୀର ବେଷ୍ଟିତ ନଗର ଓ ମେଷଶାଳା ନିର୍ମାଣ କଲେ।

37ରୁବେନ ଗୋଷ୍ଠୀଗଣ ହିଷ୍‌ବୋନ୍, ଇଲୀୟାଲୀ ଓ
କିରୀୟାଥୟିମ୍‌କୁ। 38ପୁଣି ନାମାନ୍ତରରେ ନବୋ, ବାଲ୍‌ମିୟୋନ୍
ଓ ସିବ୍‌ମା, ଏହି ସମସ୍ତ ନଗର ନିର୍ମାଣ କଲେ।
ସେମାନେ ଅନ୍ୟ ସହରମାନଙ୍କୁ ସେମାନଙ୍କର ମୂଳ ନାମରେ
ଡାକିଲେ।

39ମାଖୀରର ଗୋଷ୍ଠୀ ମନଃଶିର ପୁତ୍ରଗଣ ଗିଲୀୟଦ୍‌କୁ
ଆକ୍ରମଣ କଲେ ଓ ଇମୋରୀୟମାନଙ୍କୁ ପରାସ୍ତ କଲେ ଓ
ସେମାନଙ୍କର ଭୂମି ନେଇଗଲେ। 40ତହୁଁ ମୋଶା ମନଃଶିର
ପୁତ୍ର ମାଖୀରକୁ ଗିଲୀୟଦ ଦେଲେ, ଆଉ ସେ ସେଠାରେ
ବାସ କଲା। 41ପୁଣି ମନଃଶିର ପୁତ୍ର ଯାୟୀର ଯାଇ
ସେମାନଙ୍କର ଗ୍ରାମ ସବୁ ହସ୍ତଗତ କରି ସେମାନଙ୍କ ନାମ
ହବୋତ୍ ଯାୟୀର ରଖିଲା। 42ଆଉ ନୋବହ ଯାଇ କାନାତ୍
ଓ ତାହାର ନଗର ହସ୍ତଗତ କରି ଆପଣା ନାମାନୁସାରେ
ତାହାର ନାମ ନୋବହ ରଖିଲା।

## ଇସ୍ରାୟେଲୀୟଙ୍କର ମିଶରରୁ ଯାତ୍ରା

33 ମୋଶା ଓ ହାରୋଣ ଇସ୍ରାୟେଲର ଲୋକମାନଙ୍କୁ
ମିଶର ଦେଶରୁ ବାହାର କରି ଆଣି ଯେଉଁ ଯାତ୍ରା
କରିଥିଲେ, ତାହାର ବିବରଣ ଏହି। 2ମୋଶା ସଦାପ୍ରଭୁଙ୍କ
ଆଜ୍ଞାରେ ସେମାନଙ୍କର ଯାତ୍ରା ଅନୁସାରେ ସେମାନଙ୍କର ଗମନର
ବିବରଣ ଲେଖିଲେ, ଯେଉଁ ଯେଉଁ ସ୍ଥାନକୁ ସେମାନେ ଗମନ
କରିଥିଲେ, ସେହିସବୁ ଯାତ୍ରାର ବିବରଣ ଏହି।

3ପ୍ରଥମ ମାସର ପଞ୍ଚଦଶ ଦିନରେ, ସେମାନେ ରାମିଷେଷଠାରୁ
ଯାତ୍ରା କଲେ। ଇସ୍ରାୟେଲର ଲୋକମାନେ ମିଶରବାସୀଙ୍କ
ଆଗରେ ଦାମ୍ଭିକତାର ସହକାରେ ବାହାରି ଗଲେ। ଏହା
ନିସ୍ତାର ପର୍ବର ପରବର୍ତ୍ତି ଦିନ ଥିଲା। 4ଆଉ ମିଶରୀୟମାନେ
ସେହିମାନଙ୍କୁ କବର ଦେଉଥିଲେ, ଯେଉଁମାନେ ମୃତ୍ୟୁବରଣ
କଲେ, ଯେତେବେଳେ ସଦାପ୍ରଭୁ ସେମାନଙ୍କର ପ୍ରଥମଜାତମାନଙ୍କୁ
ହତ୍ୟାକଲେ ଓ ସେମାନଙ୍କର ଦେବଗଣଙ୍କ ବିପକ୍ଷରେ ନ୍ୟାୟ
ଆଣିଲେ।

5ଇସ୍ରାୟେଲର ଲୋକମାନେ ରାମିଷେଷଠାରୁ ଯାତ୍ରା କରି
ସୁକ୍କୋତରେ ଛାଉଣୀ ସ୍ଥାପନ କଲେ। 6ପୁଣି ସେମାନେ
ସୁକ୍‌କୋତରୁ ଯାତ୍ରା କରି ମରୁଭୂମିର ସୀମାରେ ଏଥମରେ
ଛାଉଣୀ ସ୍ଥାପନ କଲେ। 7ତହୁଁ ସେମାନେ ଏଥମରୁ ଯାତ୍ରା
କରି ବାଲସଫୋନର ନିକଟସ୍ଥ ପୀହହୀରୋତକୁ ଫେରି ଆସିଲେ।
ସେମାନେ ମିଗ୍‌ଦୋଲ ନିକଟରେ ଛାଉଣୀ ସ୍ଥାପନ କଲେ।

8ଏହାପରେ ସେମାନେ ପୀହହୀରୋତ୍‌ର ସମ୍ମୁଖରୁ ଯାତ୍ରା
କରି ସମୁଦ୍ର ମଧ୍ୟ ଦେଇ ମରୁଭୂମିରେ ପ୍ରବେଶ କଲେ। ଆଉ
ଏଥମ ମରୁଭୂମିରେ ତିନି ଦିନ ଯାତ୍ରା କରି ମାରାରେ ଛାଉଣୀ
ସ୍ଥାପନ କଲେ।

9ପୁଣି ମାରାରୁ ଯାତ୍ରା କରି ଏଲୀମରେ ଉପସ୍ଥିତ ହେଲେ;
ସେହି ଏଲୀମରେ ବାର ଝରଣା ଓ ସତୁରି ଖଜୁରୀ ଗଛ
ଥିଲା। ଏଣୁ ସେମାନେ ସେହି ସ୍ଥାନରେ ଛାଉଣୀ ସ୍ଥାପନ
କଲେ।

10ତହୁଁ ସେମାନେ ଏଲୀମରୁ ଯାତ୍ରାକରି ସୂଫ ସମୁଦ୍ର*
ନିକଟରେ ଛାଉଣୀ ସ୍ଥାପନ କଲେ।

11ପୁଣି ସେମାନେ ସୂଫ ସମୁଦ୍ର ନିକଟରୁ ଯାତ୍ରା କରି
ସୀନ୍ ମରୁଭୂମିରେ ଛାଉଣୀ ସ୍ଥାପନ କଲେ।

12ପୁଣି ସେମାନେ ସୀନ୍ ମରୁଭୂମିରୁ ଯାତ୍ରା କଲେ ଓ
ଦପ୍‌କାରେ ଛାଉଣୀ ସ୍ଥାପନ କଲେ।

13ସେମାନେ ଦପ୍‌କାରୁ ଯାତ୍ରା କରି ଆଲୂଶରେ ଛାଉଣୀ
ସ୍ଥାପନ କଲେ।

14ପୁଣି ସେମାନେ ଆଲୂଶରୁ ଯାତ୍ରା କରି ରଫୀଦୀମରେ
ଛାଉଣୀ ସ୍ଥାପନ କଲେ। ସେହି ସ୍ଥାନରେ ଲୋକମାନଙ୍କର
ପିଇବା ନିମନ୍ତେ ଜଳ ନଥିଲା।

15ସେମାନେ ରଫୀଦୀମରୁ ଯାତ୍ରା କଲେ ଓ ସୀନୟ
ମରୁଭୂମିରେ ଛାଉଣୀ ସ୍ଥାପନ କଲେ।

16ସେମାନେ ସୀନୟ ମରୁଭୂମିରୁ ଯାତ୍ରା କରି
କିବ୍ରୋତ୍‌ହତ୍ତାବାରେ ଛାଉଣୀ ସ୍ଥାପନ କଲେ।

17ପୁଣି ସେମାନେ କିବ୍ରୋତ୍‌ହତ୍ତାବାରୁ ଯାତ୍ରା କରି
ହତ୍‌ସେରୋତରେ ଛାଉଣୀ ସ୍ଥାପନ କଲେ।

18ଆଉ ସେମାନେ ହତ୍‌ସେରୋତରୁ ଯାତ୍ରା କରି ରିତ୍‌ମାରେ
ଛାଉଣୀ ସ୍ଥାପନ କଲେ।

19ଏହାପରେ ସେମାନେ ରିତ୍‌ମାରୁ ଯାତ୍ରା କରି ରିମ୍ମୋନ
ପେରସରେ ଛାଉଣୀ ସ୍ଥାପନ କଲେ।

---

**ସୂଫ ସମୁଦ୍ର** ଲୋହିତ ସାଗର।

20ପୁଣି ସେମାନେ ରିମ୍ମୋନ ପେରସରୁ ଯାତ୍ରା କରି
ଲିବ୍ନାରେ ଛାଉଣୀ ସ୍ଥାପନ କଲେ।
21ପୁଣି ସେମାନେ ଲିବ୍ନାରୁ ଯାତ୍ରା କରି ରିସ୍ସାରେ
ଛାଉଣୀ ସ୍ଥାପନ କଲେ।
22ତା'ପରେ ସେମାନେ ରିସ୍ସାରୁ ଯାତ୍ରା କରି କହେଲାତରୁ
ଛାଉଣୀ ସ୍ଥାପନ କଲେ।
23ପୁଣି ସେମାନେ କହେଲାତରୁ ଯାତ୍ରା କରି ଶେଫର
ପର୍ବତରେ ଛାଉଣୀ ସ୍ଥାପନ କଲେ।
24ତା'ପରେ ସେମାନେ ଶେଫର ପର୍ବତରୁ ଯାତ୍ରା କରି
ହରାଦାରେ ଛାଉଣୀ ସ୍ଥାପନ କଲେ।
25ପୁଣି ସେମାନେ ହରାଦାରୁ ଯାତ୍ରା କରି ମଖେଲୋତରେ
ଛାଉଣୀ ସ୍ଥାପନ କଲେ।
26ତା'ପରେ ସେମାନେ ମଖେଲୋତରୁ ଯାତ୍ରା କରି ତହତରେ
ଛାଉଣୀ ସ୍ଥାପନ କଲେ।
27ପୁଣି ସେମାନେ ତହତରୁ ଯାତ୍ରା କରି ତେରହରେ
ଛାଉଣୀ ସ୍ଥାପନ କଲେ।
28ତା'ପରେ ସେମାନେ ତେରହରୁ ଯାତ୍ରା କରି ମିତ୍କାରେ
ଛାଉଣୀ ସ୍ଥାପନ କଲେ।
29ପୁଣି ସେମାନେ ମିତ୍କାରୁ ଯାତ୍ରା କରି ହଶ୍ମୋନାରେ
ଛାଉଣୀ ସ୍ଥାପନ କଲେ।
30ତତ୍ପରେ ସେମାନେ ହଶ୍ମୋନାରୁ ଯାତ୍ରା କରି
ମୋଷେରୋତରେ ଛାଉଣୀ ସ୍ଥାପନ କଲେ।
31ପୁଣି ସେମାନେ ମୋଷେରୋତରୁ ଯାତ୍ରା କରି
ବନେୟାକନରେ ଛାଉଣୀ ସ୍ଥାପନ କଲେ।
32ତା'ପରେ ସେମାନେ ବନେୟାକନରୁ ଯାତ୍ରା କରି
ହୋର୍ହଗିଦ୍ଗଦରେ ଛାଉଣୀ ସ୍ଥାପନ କଲେ।
33ପୁଣି ସେମାନେ ହୋର୍ହଗିଦ୍ଗଦରୁ ଯାତ୍ରା କରି ଯଟ୍ବାଥାରେ
ଛାଉଣୀ ସ୍ଥାପନ କଲେ।
34ତା'ପରେ ସେମାନେ ଯଟ୍ବାଥାରୁ ଯାତ୍ରା କରି ଆବ୍ରୋଣାରେ
ଛାଉଣୀ ସ୍ଥାପନ କଲେ।
35ପୁଣି ସେମାନେ ଆବ୍ରୋଣାରୁ ଯାତ୍ରା କରି ଇତ୍ସିୟୋନ
ଗେବରରେ ଛାଉଣୀ ସ୍ଥାପନ କଲେ।
36ସେମାନେ ଇତ୍ସିୟୋନ-ଗେବରରୁ ଯାତ୍ରା କଲେ ଓ
ସିନ୍ ମରୁଭୂମିରେ କାଦେଶଠାରେ ଛାଉଣୀ ସ୍ଥାପନ କଲେ।
37ପୁଣି ସେମାନେ କାଦେଶରୁ ଯାଇ ଇଦୋମ ଦେଶ
ସୀମାରେ ଅବସ୍ଥିତ ହୋର ପର୍ବତରେ ଛାଉଣୀ
ସ୍ଥାପନ କଲେ। 38ଏହାପରେ ହାରୋଣ ଯାଜକ ସଦାପ୍ରଭୁଙ୍କ
ଆଜ୍ଞାରେ ହୋର ପର୍ବତରେ ଆରୋହଣ କଲେ। ପୁଣି
ଇସ୍ରାଏଲର ଲୋକମାନେ ମିସରରୁ ବାହାର ହୋଇ ଆସିବାର
ଚାଳିଶତମ ବର୍ଷର ପଞ୍ଚମ ମାସର ପ୍ରଥମ ଦିନରେ ସେହି
ସ୍ଥାନରେ ମଲେ। 39ଆଉ ହୋର ପର୍ବତରେ ହାରୋଣ
ମୃତ୍ୟୁବରଣ କରିବା ସମୟରେ ସେ 123 ବର୍ଷ ବୟସ୍କ
ଥିଲେ।
40କିଣାନୀୟ ରାଜା ଆରାଦର ନେଗେଭରେ ଶୁଣିଲେ ଯେ,
ଇସ୍ରାଏଲର ଲୋକମାନେ ଆସୁଥିଲେ। 41ତା'ପରେ ସେମାନେ
ହୋର ପର୍ବତରୁ ଯାତ୍ରା କରି ସଲ୍ମୋନାରେ ଛାଉଣୀ ସ୍ଥାପନ
କଲେ।
42ପୁଣି ସେମାନେ ସଲ୍ମୋନାରୁ ଯାଇ ପୂନୋନରେ
ଛାଉଣୀ ସ୍ଥାପନ କଲେ।
43ତା'ପରେ ସେମାନେ ପୂନୋନରୁ ତ୍ୟାଗ କରି ଓବୋତରେ
ଛାଉଣୀ ସ୍ଥାପନ କଲେ।
44ତହୁଁ ସେମାନେ ଓବୋତରୁ ଯାତ୍ରା କରି ମୋୟାବ
ସୀମାସ୍ଥିତ ଇୟୀ-ଅବାରୀମରେ ଛାଉଣୀ ସ୍ଥାପନ କଲେ।
45ତା'ପରେ ସେମାନେ ଇୟୀ-ଅବାରୀମରୁ ଯାତ୍ରା କରି
ଦୀବୋନ୍-ଗାଦରେ ଛାଉଣୀ ପକାଇଲେ।
46ପୁଣି ସେମାନେ ଦୀବୋନ୍ଗାଦରୁ ଯାତ୍ରା କରି ଅଲ୍ମୋନ-
ଦିବ୍ଲାଥୟିମରେ ଛାଉଣୀ ସ୍ଥାପନ କଲେ।
47ତହୁଁ ସେମାନେ ଅଲମୋନ-ଦିବ୍ଲାଥୟିମରୁ ଯାତ୍ରା କରି
ନିବୋ ନିକଟସ୍ଥ ଅବାରୀମ ପର୍ବତରେ ଛାଉଣୀ ସ୍ଥାପନ
କଲେ।
48ପୁଣି ସେମାନେ ଅବାରୀମ ପର୍ବତରୁ ବାହାରି ଯିରୀହୋ
ସେପାରିରେ ଯର୍ଦ୍ଦନ ନିକଟବର୍ତ୍ତୀ ମୋୟାବ ପଦାରେ ଛାଉଣୀ
ସ୍ଥାପନ କଲେ। 49ସେମାନେ ଯର୍ଦ୍ଦନ ପାର୍ଶ୍ୱବର୍ତ୍ତୀ ବୈତ୍‌ଯିଶୀମୋତ
ଠାରୁ ଆବେଲ ଶିଟ୍ଟୀମ ପର୍ଯ୍ୟନ୍ତ ମୋୟାବ ପଦାରେ ସେମାନଙ୍କର
ଛାଉଣୀ ସ୍ଥାପନ କଲେ।
50ଯିରୀହୋସ୍ଥିତ ଯର୍ଦ୍ଦନ ସେପାରିରେ ମୋୟାବ ପଦାରେ
ସଦାପ୍ରଭୁ ମୋଶାଙ୍କୁ କହିଲେ, 51"ଇସ୍ରାଏଲ ଲୋକମାନଙ୍କୁ
କୁହ, 'ଯେତେବେଳେ ତୁମ୍ଭେମାନେ ଯର୍ଦ୍ଦନ ନଦୀ ପାରହେବ
ଏବଂ କିଣାନ ଦେଶରେ ପ୍ରବେଶ କରିବ, 52ତୁମ୍ଭେମାନେ ନିଜ
ସମ୍ମୁଖରୁ ସେହି ଦେଶନିବାସୀ ସମସ୍ତଙ୍କୁ ତଡ଼ି ବାହାର କରିଦେବ
ଓ ସେମାନଙ୍କର ସମସ୍ତ ଖୋଦିତ ମୂର୍ତ୍ତି ଧାତୁ ନିର୍ମିତ
ମୂର୍ତ୍ତିଗୁଡ଼ିକ ନଷ୍ଟ କରିଦେବା ଉଚିତ୍ ଓ ସେମାନଙ୍କ ଉଚ୍ଚସ୍ଥଳୀଗୁଡ଼ିକୁ
ବିନଷ୍ଟ କରିବା ଉଚିତ୍। 53ପୁଣି ତୁମ୍ଭେମାନେ ସେହି ଦେଶ
ଅଧିକାର କରି ତହିଁ ମଧ୍ୟରେ ବାସ କରିବ। କାରଣ ଆମ୍ଭେ
ତୁମ୍ଭମାନଙ୍କ ଅଧିକାରାର୍ଥେ ତୁମ୍ଭମାନଙ୍କୁ ସେହି ଦେଶ ଦେଇଅଛୁ।
54ଆଉ ତୁମ୍ଭେମାନେ ଗୁଳାବାଣ୍ଟଦ୍ୱାରା ନିଜ ନିଜ ବଂଶାନୁସାରେ
ଦେଶାଧିକାର ବିଭାଗ କରି ନେବ। ଅଧିକଲୋକ ବିଶିଷ୍ଟ ବଂଶ
ଅଧିକ ଭାଗ ନେବ ଓ ଅଳ୍ପ ଲୋକ ବିଶିଷ୍ଟ ବଂଶ ଅଳ୍ପ ଅଂଶ
ପାଇବ। ଗୁଳାନୁସାରେ ଯାହାର ବାଣ୍ଟ ଯେଉଁଠି ହେବ ସେ
ତାକୁହିଁ ନେବ। ଏହିରୂପେ ତୁମ୍ଭେମାନେ ଆପଣା ପିତୃବଂଶାନୁସାରେ
ଅଧିକାର କରିବ।
55"ଯଦି ତୁମ୍ଭେମାନେ ସେହି ଦେଶନିବାସୀମାନଙ୍କୁ ନିଜ
ସମ୍ମୁଖରୁ ତଡ଼ି ବାହାର କରି ନ ଦେବ, ଯେଉଁମାନେ ବାସ
କରିବେ, ସେମାନେ ତୁମ୍ଭମାନଙ୍କ ଚକ୍ଷୁରେ କଣ୍ଟା ସ୍ୱରୂପ ଓ
ତୁମ୍ଭମାନଙ୍କ ପାର୍ଶ୍ୱରେ କଣ୍ଟକ ସ୍ୱରୂପ ହେବେ। ତୁମ୍ଭେମାନେ
ବାସ କରିବ, ସେମାନେ ତୁମ୍ଭମାନଙ୍କ ପାଇଁ ବହୁ ଦୁଃଖ
ଆଣିବେ। 56ଯଦି ତୁମ୍ଭେମାନେ ସେମାନଙ୍କୁ ତୁମ୍ଭ ଦେଶରେ
ତୁମ୍ଭମାନଙ୍କ ସହିତ ବାସ କରିବାକୁ ଦିଅ, ତେବେ ଆମ୍ଭେ
ସେମାନଙ୍କ ପ୍ରତି ଯାହା କରିବାକୁ ମନସ୍ଥ କରିଥିଲୁ, ତାହା
ତୁମ୍ଭମାନଙ୍କ ପ୍ରତି କରିବା।"

## କିଣାନର ଚତୁଃସୀମା

34 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ଇସ୍ରାଏଲର
ଲୋକମାନଙ୍କୁ କୁହ: "ଯେତେବେଳେ ତୁମ୍ଭେମାନେ

କଣାନ ଦେଶରେ ପ୍ରବେଶ କରବ, ତାହା ଭୁମ୍ଭମାନଙ୍କର
ଦେଶ ହେବ। ଏଗୁଡକ ସେହ ଦେଶର ସିମା ହେବ।
3ଭୁମ୍ଭମାନଙ୍କର ଦକ୍ଷିଣ ଅଞ୍ଚଳ ଇଦୋମ ନକଟସ୍ଥିତ ସୀନ
ପ୍ରାନ୍ତର ପର୍ଯ୍ୟନ୍ତ ହେବ। ମୃତ ସମୁଦ୍ରର ଦକ୍ଷିଣ ମୁଣ୍ଡରୁ ପୂର୍ବ
ଦଗକୁ ଭୁମ୍ଭମାନଙ୍କର ଦକ୍ଷିଣ ସୀମା ହେବ। 4ପୁଣି ଭୁମ୍ଭମାନଙ୍କର
ସୀମା ଦକ୍ଷିଣ ଦଗରୁ ଫେର ଅକ୍ରବ୍ବୀମ ଘାଟ ଦେଇ ସୀନ୍
ପର୍ଯ୍ୟନ୍ତ ଯିବ ଓ ସେଠାରୁ କାଦେଶ ବର୍ଣ୍ଣେୟର ଦକ୍ଷିଣ ଦେଇ
ହତ୍ସର-ଅଦରକୁ ଆସି ଅସ୍ମୋନ ପର୍ଯ୍ୟନ୍ତ ଯିବ। 5ଏହାପରେ
ସେହ ସୀମା ଅସ୍ମୋନରୁ ମିଶର ନଦୀ ଆଡକୁ ବସ୍ତୃତ ହେବ
ଓ ସେହ ଭୂମଧସାଗର ନକଟରେ ଶେଷ ହେବ। 6ଭୂମଧସାଗର
ପଶ୍ଚିମ ସୀମା ହେବ। ଏହା ଭୁମ୍ଭମାନଙ୍କର ପଶ୍ଚିମ ସୀମା
ହେବ। 7ଆଉ ଏହା ଭୁମ୍ଭମାନଙ୍କର ଉତ୍ତର ସୀମା ହେବ।
ଏହା ଭୂମଧସାଗରଠାରୁ ହୋର ପର୍ବତ ପର୍ଯ୍ୟନ୍ତ ବସ୍ତୃତ
ହେବ। 8ହୋରଠାରୁ ଏହ ସୀମା ଆରମ୍ଭ ହୋଇ ହମାତ
ପର୍ଯ୍ୟନ୍ତ ବସ୍ତୃତ ହୋଇ ସଦାଦ୍ ନକଟରେ ଶେଷ ହେବ।
9ଭୁମ୍ଭର ଉତ୍ତର ସୀମା ସିଫ୍ରୋଣ ପର୍ଯ୍ୟନ୍ତ ବସ୍ତୃତ ହୋଇ
ହତ୍ସର-ଐନନରେ ଶେଷ ହେବ। 10ଆଉ ଭୁମ୍ଭମାନଙ୍କର
ପୂର୍ବ ସୀମା ହତ୍ସର ଐନନଠାରୁ ଆରମ୍ଭ ହୋଇ ଶଫାମ୍
ପର୍ଯ୍ୟନ୍ତ ଯିବ। 11ସେହ ସୀମା ଶଫାମ୍ଠାରୁ ଐନର ପୂର୍ବଦଗ
ଆଡକୁ ଶେଷରେ ରବ୍ଲାର ପାଦଭୂମି ପର୍ଯ୍ୟନ୍ତ ଯିବ ଏବଂ
ପୂର୍ବରେ ଏହା ଗାଲଲୀ ହ୍ରଦ ପର୍ଯ୍ୟନ୍ତ ବସ୍ତୃତ ହେବ। 12ପୁଣି
ସେ ସୀମା ଯର୍ଦ୍ଦନ ଦେଇ ଯିବ ଓ ମୃତ ସମୁଦ୍ର ନକଟରେ
ଶେଷ ହେବ। ଏହା ଭୁମ୍ଭମାନଙ୍କର ଦେଶ ଏବଂ ଏହାର ସୀମା
ହେବ।”

13ତେଣୁ ମୋଶା ଇଶ୍ରାୟେଲର ଲୋକମାନଙ୍କୁ ଆଜ୍ଞା
ଦେଇ କହଲେ, “ସଦାପ୍ରଭୁ ନଅ ବଂଶ ଓ ଅର୍ଦ୍ଧବଂଶକୁ ଯେଉଁ
ଦେଶ ଦେବାକୁ ଆଜ୍ଞା ଦେଇଅଛନ୍ତ, ଭୁମ୍ଭେମାନେ ଯାହାକୁ
ଗୁଳାବାଣ୍ଟ ଦ୍ୱାରା ଅଧିକାର କରବ, ସେହ ଦେଶ ଏହ।
14ରୁବେନ, ଗାଦ ଗୋଷ୍ଠୀଗଣ ଓ ମନଃଶିର ଅର୍ଦ୍ଧେକ ଗୋଷ୍ଠୀଗଣ
ଆପଣା ଆପଣା ପରବାର ଅନୁସାରେ ସେମାନଙ୍କର ଅଧିକାର
ପାଇଛନ୍ତ। 15ଏହ ଦୁଇ ବଂଶ ଓ ଅର୍ଦ୍ଧବଂଶ ଯରୀହୋ
ପୂର୍ବଦଗରେ ଯର୍ଦ୍ଦନର ଆରପାରରେ ସେମାନଙ୍କର ଅଧିକାର
ପାଇଅଛନ୍ତ।”

16ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହଲେ, 17“ଯେଉଁମାନେ
ଭୁମ୍ଭମାନଙ୍କ ନମନ୍ତେ ଦେଶ ଭାଗ କରବେ, ସେମାନେ
ହେଉଛନ୍ତ ଯାଜକ ଇଲୀୟାସର ଓ ନୂନର ପୁତ୍ର ଯିହୋଶୂୟ।
18ପୁଣି ଭୁମ୍ଭେମାନେ ଦେଶ ଭାଗ କରବା ନମନ୍ତେ ପ୍ରତ୍ୟେକ
ଗୋଷ୍ଠୀବର୍ଗରୁ ଜଣେ ଜଣେ ନେତୃବର୍ଗ ବାଛବ। 19ସେହ
ଅଧିପତିଗଣଙ୍କର ନାମ ଏହ:

ଯିହୁଦା ଗୋଷ୍ଠୀବର୍ଗରୁ ଯିଫୁନ୍ନିର ପୁତ୍ର କାଲେବ୍।
20 ଶିମିୟୋନର ଗୋଷ୍ଠୀବର୍ଗରୁ ଅମ୍ମୀହୂଦର ପୁତ୍ର ଶମୂୟେଲ।
21 ବନ୍ୟାମୀନ ଗୋଷ୍ଠୀବର୍ଗରୁ କଶଲୋନର ପୁତ୍ର ଇଲୀଦଦ୍।
22 ଆଉ ଦାନ ଗୋଷ୍ଠୀବର୍ଗରୁ ଯଗ୍ଲିର ପୁତ୍ର ବୁକ୍କି।
23 ଯୋଷେଫ ବଂଶଧର ମଧ୍ୟରୁ ମନଃଶି ଗୋଷ୍ଠୀରୁ
ଏଫୋଦର ପୁତ୍ର ହନ୍ନୀୟେଲ।
24 ପୁଣି ଇଫ୍ରୟିମ ଗୋଷ୍ଠୀବର୍ଗରୁ ଶିପ୍ତନର ପୁତ୍ର କମୂୟେଲ।
25 ଆଉ ସବୂଲୂନ ଗୋଷ୍ଠୀବର୍ଗରୁ ପର୍ଣ୍ଣକର ପୁତ୍ର ଇଲୀଷାଫନ୍।
26 ଇଷାଖର ଗୋଷ୍ଠୀବର୍ଗରୁ ଅସ୍ସନର ପୁତ୍ର ପଲ୍ଟିୟେଲ।
27 ପୁଣି ଆଶେର ଗୋଷ୍ଠୀବର୍ଗରୁ ଶଲୋମିର ପୁତ୍ର ଅହୀହୂଦ୍।
28 ନପ୍ତାଲି ଗୋଷ୍ଠୀବର୍ଗରୁ ଅମ୍ମୀହୂଦର ପୁତ୍ର ପଦହେଲ୍।”

29କଣାନ ଦେଶରେ ଇଶ୍ରାୟେଲର ଲୋକମାନଙ୍କ ମଧ୍ୟରେ
ଅଧିକାର ବଭାଗ କର ଦେବାକୁ ସଦାପ୍ରଭୁ ଏହ
ସମସ୍ତ ଲୋକଙ୍କୁ ଆଜ୍ଞା ଦେଲେ।

## ଲେବୀୟମାନଙ୍କ ନଗର

35 ଅନନ୍ତର ସଦାପ୍ରଭୁ ମୋୟାବ ପଦାରେ ଯିରୀହୋ
ନକଟସ୍ଥ ଯର୍ଦ୍ଦନ ନଦୀ ଆରପାରରେ ମୋଶାଙ୍କୁ
କହଲେ, 2“ଇଶ୍ରାୟେଲର ଲୋକମାନଙ୍କୁ ଏହ ଆଜ୍ଞା ଦଅ,
ସେମାନେ ଆପଣା ଆପଣା ଅଧିକୃତ ଭାଗରୁ କେତେକ ବସତି
ନଗର ଲେବୀୟମାନଙ୍କୁ ଦଅନ୍ତୁ। ଆଉ ଭୁମ୍ଭେମାନେ ଲେବୀୟମାନଙ୍କୁ
ସେହ ନଗରମାନ ଓ ସେ ସବୁର ଚତୁର୍ଦ୍ଦିଗସ୍ଥ ଚାରଣଭୂମି
ଦେବ। 3ଲେବୀୟମାନେ ଏହ ନଗରଗୁଡକ ଅଧିକାର କରବେ
ଓ ସେଠାରେ ବାସ କରବେ ଏବଂ ସେମାନଙ୍କର ପଶୁଗୁଡକୁ
ଚାରଣ ଭୂମିରେ ଚରାଇବେ। 4ଲେବୀୟମାନେ ଯେଉଁ ଚାରଣ
ଭୂମି ଅଧିକାର କରବେ ତାହା ନଗର ପ୍ରାଚୀରଠାରୁ 1,500
ଫୁଟ୍ ଦୂରରେ ରହବ। 5ଚତୁପାର୍ଶ୍ୱର ଖୋଲା ଭୂମିର ମାପ
3,000 ଫୁଟ୍ ହେବ। ନଗରଟି ସେହ ଭୂମିର ମଝିରେ
ରହବ। ତାହା ନଗର ପାଇଁ ଚାରଣ ଭୂମି ହେବ। 6ଆଉ
ଭୁମ୍ଭେମାନେ ଲେବୀୟମାନଙ୍କୁ ଯେଉଁ ସବୁ ନଗର ଦେବ
ତହିଁରୁ ଛଅଟି ଆଶ୍ରୟ ନଗର ହେବ। ନରହତ୍ୟାକାରୀ
ସେଠାକୁ ପଳାଇବା ନମନ୍ତେ ଭୁମ୍ଭେମାନେ ତାହା ଦେବ; ତାହା
ଛଡ଼ା ଆହୁର ବୟାଳିଶଟି ନଗର ଦେବ। 7ସର୍ବମୋଟ
ଭୁମ୍ଭେମାନେ ଲେବୀୟମାନଙ୍କୁ ଅଠଚାଳିଶଟି ନଗର ଦେବ।
ଭୁମ୍ଭେମାନେ ସେମାନଙ୍କୁ ନଗର ସହତ ଚାରଣ ଭୂମି ଦେବ।
8ଇଶ୍ରାୟେଲ ବୃହତ ପରବାରବର୍ଗ ଅଧିକ ନଗର ନେବେ।
ଏବଂ ଭୁମ୍ଭେମାନେ ଛୋଟ ପରବାରବର୍ଗଠାରୁ ଅଳ୍ପ ନେବ।
ପ୍ରତ୍ୟେକ ପରବାରବର୍ଗ ସେମାନଙ୍କର ଅଂଶ ଅନୁସାରେ
ଲେବୀୟମାନଙ୍କୁ କଛ ନଗର ଦେବେ।”

9ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହଲେ, 10“ଇଶ୍ରାୟେଲର
ଲୋକମାନଙ୍କୁ କୁହ, ଭୁମ୍ଭେମାନେ ଯର୍ଦ୍ଦନ ପାର ହୋଇ କଣାନ
ଦେଶରେ ଉପସ୍ଥିତ ହେଲେ, 11ନଜ ନଜ ଆଶ୍ରୟ ନଗର
ହେବା ନମନ୍ତେ କେତେ ଗୁଡ଼ିଏ ନଗର ନରୂପଣ କରବ;
କେହ ଅନଚ୍ଛାରେ କାହାକୁ ହତ୍ୟା କରେ, ସେହସବୁ ନଗରକୁ
ଯାଇପାରବ। 12ଏହ ନଗରଗୁଡକ ହତ୍ୟାକାରୀ ପାଇଁ ନରାପଦ
ଅଟେ, ସେହ ବ୍ୟକ୍ତମାନଙ୍କଠାରୁ ଯେଉଁମାନଙ୍କର ଦାୟିତ୍ୱ
ହତ୍ୟାକାରୀକୁ ଦଣ୍ଡିତ କରବା, ହତ୍ୟାକାରୀକୁ ମଣ୍ଡଳ ନକଟରେ
ବଚାର ପାଇଁ ଉପସ୍ଥିତ ନକଲା ପର୍ଯ୍ୟନ୍ତ। 13ଏହରୂପେ
ଭୁମ୍ଭମାନଙ୍କ ନଗର ମଧ୍ୟରୁ ଛଅଗୋଟି ଆଶ୍ରୟ ନଗର ହେବ।
14ଭୁମ୍ଭେମାନେ ଯର୍ଦ୍ଦନର ପୂର୍ବ ପାରରେ ତନ ନଗର ଦେବ
ଓ କଣାନ ଦେଶ ମଧ୍ୟରେ ତନ ନଗର ଦେବ; ତାହାସବୁ
ଆଶ୍ରୟ ନଗର ହେବ। 15ଇଶ୍ରାୟେଲର ଲୋକମାନଙ୍କ ନମନ୍ତେ,
ବଦେଶରେ ଜନ୍ମିତ ବାସିନ୍ଦା ନମନ୍ତେ ଓ ବଦେଶୀ

ସ୍ଥାୟୀବାସିନ୍ଦାମାନଙ୍କ ନିମନ୍ତେ ସେହି ଛଅ ନଗର ଆଶ୍ରୟସ୍ଥାନ
ହେବ; ତହିଁରେ ଯେ ପ୍ରତ୍ୟେକ ଜନ ଭ୍ରାନ୍ତିରେ କୌଣସି
ମନୁଷ୍ୟକୁ ବଧ କରେ, ସେ ସେହି ସ୍ଥାନକୁ ପଳାଇ
ଯାଇପାରିବ।

16“ଯଦି କେହି ଲୌହ ନିର୍ମିତ ଅସ୍ତ୍ରଦ୍ୱାରା କାହାରିକୁ ବଧ
କରେ, ତେବେ ସେ ନରହତ୍ୟାକାରୀ ଓ ସେ ପ୍ରାଣଦଣ୍ଡ
ପାଇବ। 17ଆଉ ଯେଉଁ ପଥରଦ୍ୱାରା ଜଣଙ୍କର ମୃତ୍ୟୁ ହୋଇପାରିବ,
ସେପରି ଏକ ପଥରଦ୍ୱାରା ଯଦି କେହି ବାହାରିକୁ ଆଘାତ
କରି ମାରିଦିଏ, ତେବେ ସେ ନରହତ୍ୟାକାରୀ ଓ ତା'ର
ଅବଶ୍ୟ ପ୍ରାଣଦଣ୍ଡ ହେବ। 18ଆଉ ଯେଉଁ କାଠ ନିର୍ମିତ
ଅସ୍ତ୍ରରେ ଜଣେ ମରିପାରିବ, ସେପରି ଏକ ଅସ୍ତ୍ର ବ୍ୟବହାର
କରି ଯଦି ଜଣେ ଅନ୍ୟକୁ ଆଘାତ କରେ ଓ ସେଥିରେ ସେ
ମରେ, ତେବେ ସେ ନରହତ୍ୟାକାରୀ ଓ ସେ ଅବଶ୍ୟ
ମୃତ୍ୟୁଦଣ୍ଡ ପାଇବ। 19ଜଣେ ମୃତ ପରିବାରର ଲୋକ,
ହତ୍ୟାକାରୀକୁ ହତ୍ୟା କରିପାରିବ। ସେ ତାକୁ ଦେଖିଲା
ମାତ୍ରକେ ହତ୍ୟା କରିପାରିବ।

20-21“ଆଉ ଯେବେ କେହି ହିଂସା କରି କାହାକୁ
ଆପଣା ହସ୍ତରେ ଆଘାତ କରେ, ଅବା କିଛି ଗୋଟିଏ ତା'
ଉପରକୁ ଫିଙ୍ଗିଦିଏ ଓ ସେଥିରେ ସେହି ଅନ୍ୟ ବ୍ୟକ୍ତି ମରେ,
ତେବେ ଆଘାତକାରୀ ହତ୍ୟାକାରୀ ବୋଲି ବିବେଚିତ ହେବ
ଓ ସେ ପ୍ରାଣଦଣ୍ଡରେ ଦଣ୍ଡିତ ହେବ। ଯେଉଁ ବ୍ୟକ୍ତି ହତ୍ୟା
କରିଥିଲା ତାକୁ ମୃତବ୍ୟକ୍ତିର ପରିବାରର କୌଣସି ସଦସ୍ୟ
ତାକୁ ଦେଖିଲା ମାତ୍ରେ ହତ୍ୟା କରିବେ।

22“ମାତ୍ର ଯେବେ କେହି ବିନା ଶତ୍ରୁତାରେ ହଠାତ୍
କାହାକୁ ଆଘାତ କରେ, ଅବା କାହା ଉପରକୁ ଅନିଚ୍ଛାରେ
କିଛି ଫୋପାଡି ଦିଏ ଏବଂ ସେଥିରେ ସେହି ବ୍ୟକ୍ତିକୁ ହତ୍ୟା
କରେ, 23ଅବା କେହି ଅଜାଣତରେ ଏକ ବଡ ପଥର ଫିଙ୍ଗି
କାହାକୁ ହତ୍ୟା କରେ, ଏହା ଜଣେ ବ୍ୟକ୍ତିକୁ ହତ୍ୟା
କରିପାରେ କିନ୍ତୁ ପଥର ଫୋପାଡିବା ସମୟରେ କାହାରିକୁ
ଦେଖି ନଥିଲା ଅଥଚ ସେ ତାହାର ଶତ୍ରୁ କି ଅନିଷ୍ଟ
ଚେଷ୍ଟାକାରୀ ହୋଇ ନ ଥାଏ, 24ତେବେ ମଣ୍ଡଳୀ ସେହି
ହତ୍ୟାକାରୀର ଓ ରକ୍ତର ପ୍ରତିହନ୍ତାର ବିଷୟ ଏହି
ଶାସନାନୁସାରେ ବିଚାର କରିବେ। 25ଆଉ ମଣ୍ଡଳୀ ରକ୍ତର
ପ୍ରତିହନ୍ତାର ହସ୍ତରୁ ସେହି ନରହତ୍ୟାକାରୀକି ଉଦ୍ଧାର କରିବେ,
ପୁଣି ସେ ଯେଉଁ ସ୍ଥାନକୁ ପଳାଇ ଯାଇଥିଲା ସେହି ଆଶ୍ରୟ
ନଗରରେ ମଣ୍ଡଳୀ ପୁନର୍ବାର ତାହାକୁ ପହଞ୍ଚାଇ
ଦେବେ; ଆଉ ଯେଉଁ ପର୍ଯ୍ୟନ୍ତ ପବିତ୍ର ତୈଳର ଅଭିଷିକ୍ତ
ମହାଯାଜକର ମୃତ୍ୟୁ ନହୁଏ, ସେ ପର୍ଯ୍ୟନ୍ତ ସେ ସେହି
ସ୍ଥାନରେ ବାସ କରିବ।

26-27“ସେହି ହତ୍ୟାକାରୀ ଆଶ୍ରୟ ନଗରରୁ ଯଦି କୌଣସି
ସମୟରେ ତହିଁର ସୀମା ବାହାରକୁ ଯାଏ ଓ ରକ୍ତର ପ୍ରତିହନ୍ତା
ଆଶ୍ରୟ ନଗର ସୀମାର ବାହାରେ ତାହାକୁ ପାଏ ଓ ପ୍ରତିହନ୍ତା
ତାହାକୁ ବଧ କରେ ତେବେ ସେ ରକ୍ତପାତରେ ଅପରାଧୀ
ହେବ ନାହିଁ। 28ଜଣେ ଯଦି ହଠାତ୍ କାହାକୁ ବଧ କରେ
ସେ ଆଶ୍ରୟ ନଗରରେ ମହାଯାଜକର ମୃତ୍ୟୁ ପର୍ଯ୍ୟନ୍ତ ରହିବ।
ମାତ୍ର ମହାଯାଜକର ମୃତ୍ୟୁ ହେଲାପରେ ସେହି ନରହତ୍ୟାକାରୀ
ଆପଣା ଅଧିକାର ଭୂମିକି ଫେରିଯାଇପାରିବ। 29ଆଉ
ତୁମ୍ଭମାନଙ୍କର ସମସ୍ତ ନିବାସ ସ୍ଥାନରେ ଏହି ସବୁ ବିଚାର ବିଧି
ଚିରସ୍ଥାୟୀ ହେବ।

30“ଜଣକରୁ ଅଧିକ ସାକ୍ଷୀ ସାକ୍ଷ୍ୟ ପ୍ରଦାନ କଲେ
ମୃତ୍ୟୁଦଣ୍ଡ ଦିଆଯିବ। ମାତ୍ର ଏକ ସାକ୍ଷୀର ସାକ୍ଷ୍ୟ କୌଣସି
ଲୋକ ପ୍ରତିକୂଳରେ ପ୍ରାଣଦଣ୍ଡ ଦେବା ନିମନ୍ତେ ଗ୍ରାହ୍ୟ
ହେବନାହିଁ।

31“ଆହୁରି ମୃତ୍ୟୁଦଣ୍ଡରେ ଦଣ୍ଡିତ ନରହତ୍ୟାକାରୀର ପ୍ରାଣ
ନିମନ୍ତେ କୌଣସି ପ୍ରାପ୍ୟ ଗ୍ରହଣ କରାଯାଇ ନପାରେ। ତାକୁ
ନିଶ୍ଚିତ ଭାବରେ ହତ୍ୟା କରାଯିବ।

32“ପୁଣି କୌଣସି ହତ୍ୟାକାରୀ ଆଶ୍ରୟ ନଗରରୁ ପଳାଇଯାଇ
ପୁନର୍ବାର ଆପଣା ଦେଶକୁ ଫେରଆସିବାକୁ ଅନୁମତି ଦେବା
ନିମନ୍ତେ କୌଣସି ପ୍ରାପ୍ୟ ଗ୍ରହଣୀୟ ନୁହେଁ ମହାଯାଜକ
ମୃତ୍ୟୁବରଣ ନକରିବା ପର୍ଯ୍ୟନ୍ତ।

33“ତୁମ୍ଭେମାନେ ତୁମ୍ଭମାନଙ୍କର ଦେଶକୁ କଳୁଷିତ କର
ନାହିଁ। ନରହତ୍ୟାକାରୀର ମୃତ୍ୟୁ ବ୍ୟତୀତ କୌଣସି ପ୍ରକାର
ପ୍ରାପ୍ୟ ଦେଶର ପାପକୁ ଧୋଇ ପାରିବ ନାହିଁ। 34ତୁମ୍ଭେମାନେ
ଯେଉଁ ଦେଶରେ ଅଛ, ମୁଁ ସେଠାରେ ବାସ କରୁଅଛି।
ତାହାକୁ ଅଶୁଚି କର ନାହିଁ। କାରଣ ମୁଁ ସ୍ୱୟଂ ସଦାପ୍ରଭୁ
ଇସ୍ରାୟେଲ ଲୋକମାନଙ୍କ ମଧ୍ୟରେ ବାସ କରୁଅଛି।”

### ସିଲଫାଦର କନ୍ୟାମାନଙ୍କର ଭୂମି

36 ତା'ପରେ ଗିଲୟଦ ପରିବାରବର୍ଗର ଅଧିପତିମାନେ
ଆସିଲେ। ମାଖୀରର ପୁତ୍ର ଗିଲୟଦ, ମନଃଶିର
ପୁତ୍ର ମାଖୀର ଓ ମନଃଶି ଯୋଶେଫଙ୍କର ପୁତ୍ର ଥିଲେ,
ମୋଶାଙ୍କ ଓ ଇସ୍ରାୟେଲ ଲୋକମାନଙ୍କର ଅଧିପତିମାନେ
ସେମାନଙ୍କ ସମ୍ମୁଖରେ ପ୍ରସ୍ତାବ କଲେ। 2ସେମାନେ କହିଲେ,
“ସଦାପ୍ରଭୁ ଇସ୍ରାୟେଲ ଲୋକମାନଙ୍କୁ ଗୁଳାବାଣ୍ଟ ଦ୍ୱାରା ଦେଶାଧିକାର
ଦେବା ପାଇଁ ଆମ୍ଭମାନଙ୍କର ମୂନିବ ମୋଶାଙ୍କୁ ଆଜ୍ଞା ଦେଲେ।
ଆମ୍ଭ ମୂନିବ ଆମ୍ଭମାନଙ୍କ ଭ୍ରାତା ସିଲଫାଦରଙ୍କ ଅଧିକାର
ତାହାର କନ୍ୟାମାନଙ୍କୁ ଦେବା ପାଇଁ ସଦାପ୍ରଭୁଙ୍କଠାରୁ ଆଜ୍ଞା
ପାଇଥିଲେ। 3ଯଦି ଇସ୍ରାୟେଲ ଲୋକମାନଙ୍କ ମଧ୍ୟରୁ କାହାରି
ସଙ୍ଗେ ସେମାନଙ୍କର ବିବାହ ହୁଏ, ତେବେ ଆମ୍ଭମାନଙ୍କ
ପୈତୃକ ଅଧିକାରରୁ ସେମାନଙ୍କ ଅଧିକାର କଟାଯିବ। ସେମାନଙ୍କ
ଅଧିକାର ସେମାନଙ୍କ ସ୍ୱାମୀ ପରିବାରବର୍ଗରେ ଯୁକ୍ତ ହେବ।
4ଯେତେବେଳେ ମହୋଲ୍ଲାସ-ଉତ୍ସବ ଇସ୍ରାୟେଲ ଲୋକମାନଙ୍କ
ଦ୍ୱାରା ପାଳନ କରାଯିବ, ସେମାନଙ୍କର ସମ୍ପତ୍ତି ଅଧିକାର
ସେମାନେ ବିବାହ କରିଥିବା ପରିବାରକୁ ଚାଲିଯିବ। ଏହି
ପ୍ରକାରେ ସେମାନଙ୍କର ସମ୍ପତ୍ତି ଅଧିକାର ଆମ୍ଭମାନଙ୍କ ପରିବାରରୁ
ନିଆଯିବ।”

5ତହୁଁ ମୋଶା ସଦାପ୍ରଭୁଙ୍କ ବାକ୍ୟ ଅନୁସାରେ ଆଜ୍ଞା
ଦେଇ କହିଲେ, “ଯୋଷେଫ ପରିବାରବର୍ଗର ଏହି ଲୋକମାନେ
ଯଥାର୍ଥ କହୁ ଅଛନ୍ତି। 6ସଦାପ୍ରଭୁ ସିଲଫାଦରଙ୍କ କନ୍ୟାମାନଙ୍କ
ସମ୍ବନ୍ଧରେ ଏହି ନିଷ୍ପତ୍ତି ଦେଇ, ତୁମ୍ଭେ ନିଜ ଇଚ୍ଛା ଅନୁସାରେ
କେହି ଜଣଙ୍କୁ ବିବାହ କରିପାର, କିନ୍ତୁ ନିଜ ପିତୃ ପରିବାରବର୍ଗର
କୌଣସି ବ୍ୟକ୍ତିଙ୍କୁ ବିବାହ କରିବା ଉଚିତ୍। 7ଅଧିକାର
ଗୋଟିଏ ପରିବାରବର୍ଗରୁ ଅନ୍ୟ ଗୋଟିଏ ପରିବାରବର୍ଗକୁ ଯିବା
ଉଚିତ୍ ନୁହେଁ। ଇସ୍ରାୟେଲ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର

ଭୂମିର ଅଧିକାର ନିଜ ନିଜ ପରିବାରବର୍ଗଙ୍କ ମଧ୍ୟରେ ରଖିବା
ଉଚିତ୍। 8କୌଣସି ନାରୀ ଯିଏ ନିଜର ପିତୃ ଅଧିକାର
ପାଇଛି, ତେବେ ତା'ର ନିଜ ପିତୃ ପରିବାରବର୍ଗର କୌଣସି
ଏକ ବ୍ୟକ୍ତିଙ୍କୁ ବିବାହ କରିବା ଉଚିତ୍, ତାହାହେଲେ
ଇଶ୍ରାୟେଲର ପ୍ରତ୍ୟେକ ବ୍ୟକ୍ତି ଆପଣା ସମ୍ବନ୍ଧୀୟ ପରିବାରବର୍ଗଙ୍କ
ଅଧିକାର ଭୋଗ କରିବେ। 9ଏକ ପରିବାରବର୍ଗରୁ ଅନ୍ୟ
ପରିବାରବର୍ଗକୁ ଅଧିକାର ଯିବ ଉଚିତ୍ ନାହିଁ। ଇଶ୍ରାୟେଲର
ପ୍ରତ୍ୟେକ ପରିବାରବର୍ଗ ସେମାନଙ୍କ ଅଧିକାର ମଧ୍ୟରେ
ରହିବେ।"

10ସଦାପ୍ରଭୁ ମୋଶାଙ୍କୁ ଯେଉଁପରି ଆଜ୍ଞା ଦେଲେ,
ସିଲଫାଦରଙ୍କ କନ୍ୟାମାନେ ସେହି ଅନୁସାରେ କର୍ମ କଲେ।
11ଏଣୁ ସିଲଫାଦରଙ୍କ କନ୍ୟାଗଣ ଯଥା: ମହଲା, ତିର୍ସା,
ହଗ୍ଲା, ମିଲ୍କା ଓ ନୋୟା, ସେମାନଙ୍କ ପିତୃବ୍ୟ ପୁତ୍ରମାନଙ୍କୁ
ବିବାହ କଲେ। 12ମନଃଶି ପରିବାରବର୍ଗ ମଧ୍ୟରେ ସେମାନେ
ବିବାହ କଲେ। ତେଣୁ ସେମାନଙ୍କର ଭୂମି ଅଧିକାର ସେମାନଙ୍କ
ପିତୃ ସମ୍ବନ୍ଧୀୟ ପରିବାର ମଧ୍ୟରେ ରହିଲା।

13ସଦାପ୍ରଭୁ ଯିରୀହୋ ନିକଟସ୍ଥ ଯର୍ଦ୍ଦନ ସମୀପରେ ମୋୟାବ
ପଦାରେ ମୋଶାଙ୍କୁ ବ୍ୟବସ୍ଥା ଦେଲେ। ଇଶ୍ରାୟେଲ ଲୋକମାନଙ୍କ
ନିମନ୍ତେ ସଦାପ୍ରଭୁ ଏହିସବୁ ଆଜ୍ଞା ଓ ଶାସନ ଆଦେଶ
ଦେଇଥିଲେ।

# ଲେବୀୟ ପୁସ୍ତକ

### ବଳିଦାନ ଓ ନୈବେଦ୍ୟ

1 ସଦାପ୍ରଭୁ ପୃଥିବୀର ପରମେଶ୍ୱର ସମାଗମ-ତମ୍ବୁରୁ ମୋଶାଙ୍କୁ
ଡ଼ାକି କହିଲେ, 2"ତୁମ୍ଭେ ଇସ୍ରାୟେଲ ସନ୍ତାନଗଣଙ୍କୁ
କୁହ, ତୁମ୍ଭମାନଙ୍କ ମଧ୍ୟରୁ କେହି ଯଦି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ନୈବେଦ୍ୟ ଉତ୍ସର୍ଗ କରେ, ତେବେ ସେ ନିଜ ପାଳିତ ଗୋରୁ,
ମେଷ କିମ୍ବା ଛେଳି ଉତ୍ସର୍ଗ କରୁ।

3"ସେ ଯଦି ନିଜ ଗୋଠରୁ ଗାଈ ହୋମବଳି ରୂପେ
ଉତ୍ସର୍ଗ କରେ, ତେବେ ତାହା ନିର୍ଦ୍ଦିଷ୍ଟ ନିଖୁଣ ଅଣ୍ଡିରା ବାଛୁରୀ
ହୋଇଥିବ ଓ ସେ ତାକୁ ସମାଗମ ତମ୍ବୁର ଦ୍ୱାର ନିକଟକୁ
ଆଣିବ। ତାହାହେଲେ ତାହା ସଦାପ୍ରଭୁଙ୍କ ଦ୍ୱାରା ଗୃହୀତ
ହେବ। 4ପୁଣି ସେ ହୋମବଳିର ମସ୍ତକରେ ଆପଣା ହସ୍ତ
ରଖିବ। ତାହାହେଲେ ସେହି ବଳି ତାହାର ପ୍ରାୟଶ୍ଚିତ୍ତ ରୂପେ
ଗ୍ରାହ୍ୟହେବ।

5"ତା'ପରେ ସେ ଗୋଟିଏ ଯୁବା ଷଣ୍ଢ ସଦାପ୍ରଭୁଙ୍କ
ସମ୍ମୁଖରେ ବଳିଦାନ କରିବ। ହାରୋଣର ଯାଜକ ପୁତ୍ରଗଣ
ରକ୍ତ ଆଣିବେ ଏବଂ ସମାଗମ-ତମ୍ବୁର ଦ୍ୱାର ନିକଟସ୍ଥ
ଯଜ୍ଞବେଦୀ ଉପରେ ଚାରିଆଡ଼େ ଛିଞ୍ଚିବେ। 6ପୁଣି
ସେ ଯାଜକ ସେହି ବଳିର ଚର୍ମ ଉତାରିବେ ଓ ସେ ମାଂସ
କାଟି ଖଣ୍ଡ ଖଣ୍ଡ କରିବେ। 7ଅନନ୍ତର ଯାଜକ ହାରୋଣଙ୍କ
ପୁତ୍ରଗଣ ସେହି ଯଜ୍ଞବେଦୀ ଉପରେ ଅଗ୍ନି ରଖିବେ
ଓ ଅଗ୍ନି ଉପରେ କାଠ ସଜାଇବେ। 8ପୁଣି ଯାଜକ
ହାରୋଣର ପୁତ୍ର ଯାଜକମାନେ ଯଜ୍ଞବେଦୀ ଉପରସ୍ଥ
ଅଗ୍ନି ଉପରେ ଥିବା କାଠ ଉପରେ ସେହି ଖଣ୍ଡ ସକଳ,
ମସ୍ତକ ଓ ମେଦ ରଖିବେ। 9ମାତ୍ର ସେହି ଯାଜକ ଅନ୍ତ ଅଂଶ
ଓ ଗୋଡ ଜଳରେ ଧୌତ କରିବେ, ତା'ପରେ ଯାଜକ
ଯଜ୍ଞବେଦୀ ଉପରେ ତାକୁ ଦଗ୍ଧ କରିବେ ଓ ତାହା ଗୋଟିଏ
ହୋମବଳି ହେବ। ଏବଂ ତାହା ସଦାପ୍ରଭୁଙ୍କୁ ସୁବାସିତ
ନୈବେଦ୍ୟ ହେବ।

10"ଯଦି ସେ ମେଷ କିମ୍ବା ଛାଗ ଆପଣା ପଲରୁ
ହୋମବଳି ଉତ୍ସର୍ଗ କରେ, ତେବେ ତାହା ନିଖୁଣ ପୁଂପଶୁ
ହୋଇଥିବ। 11ପୁଣି ସେ ଯଜ୍ଞବେଦୀର ଉତ୍ତର ପାର୍ଶ୍ୱରେ
ସଦାପ୍ରଭୁଙ୍କ ସମ୍ମୁଖରେ ତାକୁ ବଧ କରିବ। ତା'ପରେ ଯାଜକ
ହାରୋଣର ପୁତ୍ରମାନେ ଯଜ୍ଞବେଦୀର ଚତୁର୍ଦ୍ଦିଗରେ ତାହାର
ରକ୍ତ ସିଞ୍ଚନ କରିବେ। 12ତା'ପରେ ସେ ଯାଜକ ତା'ର
ମସ୍ତକ ଓ ମେଦ ସହିତ ତାକୁ ଖଣ୍ଡ ଖଣ୍ଡ କରି ଯଜ୍ଞବେଦୀ
ଉପରସ୍ଥ ଅଗ୍ନି ଓ କାଠ ଉପରେ ତାହା ସଜାଇ ରଖିବ।
13ମାତ୍ର ସେ ତା'ର ଅନ୍ତ୍ର ଅଂଶ ଓ ଗୋଡ ଜଳରେ ଧୌତ
କରିବ। ତା'ପରେ ଯାଜକ ସମ୍ପୂର୍ଣ୍ଣ ପଶୁଟିକୁ ଉତ୍ସର୍ଗ କରିବ ଓ
ଏହାକୁ ଯଜ୍ଞବେଦୀ ଉପରେ ଦଗ୍ଧ କରିବ। ତାହା ହେବ
ସଦାପ୍ରଭୁଙ୍କ ପାଇଁ ଗୋଟିଏ ସୁବାସିତ ନୈବେଦ୍ୟ।

14"ଯଦି କେହି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ କୌଣସି
ପକ୍ଷୀବଳି ଉତ୍ସର୍ଗ କରିବ, ତେବେ ତାହା କପୋତ କିମ୍ବା ପାରା
ଶାବକ ହୋଇଥିବ। 15ତହୁଁ ଯାଜକ ତାକୁ ଯଜ୍ଞବେଦୀ
ନିକଟକୁ ଆଣି ତାହାର ମସ୍ତକ ମୋଡ଼ି ତାକୁ ଯଜ୍ଞବେଦୀ
ଉପରେ ଦଗ୍ଧ କରିବ। ଆଉ ତା'ର ରକ୍ତ ଯଜ୍ଞବେଦୀ
ପାର୍ଶ୍ୱରେ ନିଗାଡ଼ିବ। 16ସେହି ଯାଜକ ସେ ପକ୍ଷୀର ଖାଦ୍ୟ-ନଳୀ,
ମଳ ଓ ପର ନେଇ ପୂର୍ବପାର୍ଶ୍ୱସ୍ଥ ଭସ୍ମ ସ୍ଥାନରେ ନିକ୍ଷେପ
କରିବ। 17ତା'ପରେ ସେ ଯାଜକ ତା'ର ଦୁଇ ପକ୍ଷକୁ ଚିରିବ
ମାତ୍ର ତାକୁ ଦୁଇ ଖଣ୍ଡ କରିବ ନାହିଁ। ତା'ପରେ ଯାଜକ
ଏହାକୁ ସମ୍ପୂର୍ଣ୍ଣଭାବରେ ବେଦୀରେ ଥିବା ଅଗ୍ନିକାଠ ମଧ୍ୟରେ
ଦଗ୍ଧ କରିବ। ଏହି ହୋମବଳି ସଦାପ୍ରଭୁଙ୍କ ପାଇଁ ସୁଗନ୍ଧିତ
ନୈବେଦ୍ୟ ହେବ।

### ଶସ୍ୟ ନୈବେଦ୍ୟ

2 "ଆଉ କେହି ସଦାପ୍ରଭୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ
ଶସ୍ୟ ନୈବେଦ୍ୟ ଆଣିଲେ, ତାହା ଅତି ସୂକ୍ଷ୍ମ ମଇଦାରେ
ନୈବେଦ୍ୟ ହେବ। ପୁଣି ସେଥିରେ ସେ ତୈଳ ଢ଼ାଳିବ ଓ
ତା'ଉପରେ ଲୋବାନ ରଖିବ। 2ପୁଣି ତାକୁ ହାରୋଣର
ଯାଜକ ପୁତ୍ରମାନଙ୍କ ନିକଟକୁ ଆଣିବ। ଯାଜକ ସେଥିରୁ ମୁଠିଏ
ସରୁ ମଇଦା, କିଛି ତୈଳ ଓ ସମସ୍ତ କର୍ପୂର ନେବ।
ତା'ପରେ ଯାଜକ ଏହି ସ୍ମାରକ ଅଂଶ ଯଜ୍ଞବେଦୀ ଉପରେ
ଦଗ୍ଧ କରିବ। ତାହା ସଦାପ୍ରଭୁଙ୍କ ପାଇଁ ସୁଗନ୍ଧିତ ନୈବେଦ୍ୟ
ଅଟେ। 3ଏହି ଶସ୍ୟ ନୈବେଦ୍ୟର ଅବଶିଷ୍ଟ ଅଂଶ ହାରୋଣର
ଓ ତାହାର ପୁତ୍ରମାନଙ୍କର ହେବ। ଏହି ଉପହାରରୁ ସଦାପ୍ରଭୁଙ୍କ
ପାଇଁ ନିଆଯାଇଥିବା ଅବଶିଷ୍ଟାଂଶ ମହାପବିତ୍ର ଅଟେ।

### ପକ୍ୱ ଶସ୍ୟ ନୈବେଦ୍ୟ

4"ଆଉ ଯଦି କେହି ଚୁଲ୍ଲୀରେ ପକ୍ୱ କରି ଶସ୍ୟ-ନୈବେଦ୍ୟ
ଦିଏ, ତେବେ ତାହା ତାଡ଼ିଶୂନ୍ୟ ରୋଟୀ ଓ ତୈଳର ଛଣା
ଯାଇଥିବା ସରୁ ମଇଦାର ପିଠା କିମ୍ବା ତୈଳାକ୍ତ ସରୁଚକୁଳୀ
ହେବ। 5ପୁଣି ଯଦି ନୈବେଦ୍ୟ କରେଇରେ ସେକା ହୋଇଥିବା
ପିଠା ହୁଏ, ତେବେ ଏହା ନିର୍ଦ୍ଦିଷ୍ଟ ତାଡ଼ିଶୂନ୍ୟ ସରୁ ମଇଦାରୁ
ତିଆରି ହୋଇ ତୈଳରେ ଭଜା ହୋଇ ତିଆରି ହୋଇଥିବ।
6ତୁମ୍ଭେ ତାହା ଖଣ୍ଡ ଖଣ୍ଡ କରି ତା'ଉପରେ ତୈଳ ଢ଼ାଳିବ,
ତାହା ହିଁ ଶସ୍ୟ-ନୈବେଦ୍ୟ ହେବ। 7ଯଦି ତୁମ୍ଭେ କରେଇରେ
ରୋଷେଇ ହୋଇ ସେକା ଯାଇଥିବା ଶସ୍ୟ ଦିଅ, ତେବେ
ତାହା ନିର୍ଦ୍ଦିଷ୍ଟ ତେଲରେ ଭଜା ଯାଇଥିବ ଓ ସରୁ ମଇଦାରେ
ହୋଇ କରେଇରେ ପରସା ଯାଇଥିବ।

8"ତୁମ୍ଭେ ଏହିସବୁ ଦ୍ରବ୍ୟରେ ପ୍ରସ୍ତୁତି ଶସ୍ୟ-ନୈବେଦ୍ୟ
ସଦାପ୍ରଭୁଙ୍କ ଛାମୁକୁ ଆଣିବ। ଆଉ ତାହା ଯାଜକକୁ ଦେବ ଓ

ଯାଜକ ତାକୁ ନେଇ ଯଜ୍ଞବେଦୀ ଉପରେ ରଖିବ। 9ପୁଣି ଯାଜକ ସେହି ଭଜା ଶସ୍ୟରୁ କିଛି ଅଂଶ ନେବା ଉଚିତ୍ ଓ ଯଜ୍ଞବେଦୀ ଉପରେ ଏହି ସ୍ମରଣାର୍ଥକ ଅଂଶ ଦଗ୍ଧ କରିବା ଉଚିତ୍। ତାହା ସଦାପ୍ରଭୁଙ୍କ ପାଇଁ ସୁବାସିତ ନୈବେଦ୍ୟ ଅଟେ। 10ସେହି ଶସ୍ୟ-ନୈବେଦ୍ୟର ଅବଶିଷ୍ଟ ଅଂଶ ହାରୋଣ ଓ ତାହାର ପୁତ୍ରଗଣର ହେବ। ଏହି ଅବଶିଷ୍ଟାଂଶ ଯାହା ସଦାପ୍ରଭୁଙ୍କ ଉପହାରରୁ ନିଆଯାଏ ମହାପବିତ୍ର ଅଟେ।

11"ତୁମ୍ଭେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯେ କୌଣସି ଶସ୍ୟ-ନୈବେଦ୍ୟ ଆଣିବ, ତାହା ତାଡ଼ିଶୂନ୍ୟ ହେବା ଉଚିତ୍। ତୁମ୍ଭେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ରୂପେ ତାଡ଼ି କି ମଧୁ କେବେ ଦଗ୍ଧ କରିବା ଉଚିତ୍ ନୁହେଁ। 12ତୁମ୍ଭେମାନେ ପ୍ରଥମଜାତ ଫଳର ନୈବେଦ୍ୟରୂପେ ତାଡ଼ି କି ମଧୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିଶ୍ଚିତ ଉତ୍ସର୍ଗ କରିପାର, କିନ୍ତୁ ଏହା ସଦାପ୍ରଭୁଙ୍କୁ ଗୋଟିଏ ମଧୁର ସୁଗନ୍ଧି ଉପହାର ହେବ। ଏହାକୁ ଯଜ୍ଞବେଦୀ ଉପରକୁ ନିଆ ଯାଇ ପାରିବ ନାହିଁ। 13ତୁମ୍ଭେ ସମସ୍ତ ଶସ୍ୟ ନୈବେଦ୍ୟରେ ଲବଣ ମିଶାଇବ, ଯାହା ତୁମ୍ଭେ ଉତ୍ସର୍ଗ କର। ପୁଣି ପରମେଶ୍ୱରଙ୍କ ଚୁକ୍ତି ରୂପକ ଲବଣକୁ ଶସ୍ୟ-ନୈବେଦ୍ୟରେ ଦେବ। ଆଉ ତୁମ୍ଭର ସମସ୍ତ ନୈବେଦ୍ୟ ସହିତ ଲବଣ ଏକ ଅଂଶ ହେବ।

## ପ୍ରଥମଜାତ ଶସ୍ୟ-ନୈବେଦ୍ୟ

14"ପୁଣି ଯେବେ ତୁମ୍ଭେ ତୁମ୍ଭର ପ୍ରଥମଜାତ ଶସ୍ୟ ନୈବେଦ୍ୟ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କର, ତେବେ ତୁମ୍ଭ ପ୍ରଥମଜାତ ଶସ୍ୟ ନୈବେଦ୍ୟ ରୂପେ ଅଗ୍ନିରେ ଭଜା ତାଜା ଶସ୍ୟ ଉତ୍ସର୍ଗ କରିବ। 15ପୁଣି ତାହା ଉପରେ ତୈଳ ଦେବ ଓ ଲୋବାନ ରଖିବ। ତାହା ଶସ୍ୟ-ନୈବେଦ୍ୟ ହେବ। 16ତା'ପରେ କିଛି ମର୍ଦ୍ଦିତ ଶସ୍ୟ, କିଛି ତୈଳ ଓ ସମସ୍ତ ଲୋବାନ ଗୋଟିଏ ସ୍ମରଣାର୍ଥାକ ଅଂଶ ରୂପେ ଦଗ୍ଧ କରିବ। ଏହା ସଦାପ୍ରଭୁଙ୍କ ପ୍ରତି ଗୋଟିଏ ଉପହାର ଅଟେ।

## ମଙ୍ଗଳାର୍ଥକ ନୈବେଦ୍ୟ

3 "ଯେବେ କୌଣସି ବ୍ୟକ୍ତି ମଙ୍ଗଳାର୍ଥକ ନୈବେଦ୍ୟ ଉତ୍ସର୍ଗ କରୁଥାଏ, ତେବେ ସେ ତା'ର ପଲରୁ ଅଣ୍ଡିରା କିମ୍ବା ମାଈ ପଶୁଟିଏ ଆଣିବ। ସେ ସଦାପ୍ରଭୁଙ୍କ ଛାମୁକୁ ନିଖୁଣ ପଶୁ ଆଣିବା ଉଚିତ୍। 2ପୁଣି ସେ ସମାଗମ-ତମ୍ବୁର ଦ୍ୱାର ଦେଶରେ ଆପଣା ବଳିର ମସ୍ତକ ଉପରେ ହାତ ରଖି ତାକୁ ବଧ କରିବ। ତା'ପରେ ହାରୋଣର ପୁତ୍ର ଯାଜକଗଣ ତାହାର ରକ୍ତ ଯଜ୍ଞବେଦୀ ଉପରେ ଚାରିଆଡ଼େ ସିଞ୍ଚନ କରିବେ। 3ସେ ମଙ୍ଗଳାର୍ଥକ ନୈବେଦ୍ୟର କିଛି ଅଂଶ ସଦାପ୍ରଭୁଙ୍କୁ ଉପହାର ରୂପେ ଉତ୍ସର୍ଗ କରିବ। ଆଉ ଯାଜକ ଅନ୍ତ-ଆଚ୍ଛାଦକ ମେଦ ଓ ଅନ୍ତ୍ର-ଉପରିସ୍ଥ ମେଦ ଉତ୍ସର୍ଗ କରିବ। 4ସେ ଦୁଇ ଗୁର୍ଦ୍ଦା, ତହିଁ ଉପରିସ୍ଥ ପାର୍ଶ୍ୱବର୍ତ୍ତୀ ମେଦ ଓ ଯକୃତର ଉପରିସ୍ଥ ଅନ୍ତ୍ରପ୍ଲାବକ ନେବ। 5ତହୁଁ ହାରୋଣର ପୁତ୍ରଗଣ ଯଜ୍ଞବେଦୀରେ ଏହିସବୁ ସହିତ ଅଗ୍ନିକାଠରେ ଥିବା ହୋମବଳିକୁ ଦଗ୍ଧ କରିବେ। ତାହା ସଦାପ୍ରଭୁଙ୍କ ନିମନ୍ତେ ସୁବାସିତ ନୈବେଦ୍ୟ ଅଟେ।

6"ଯେବେ କେହି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ମେଷ କିମ୍ବା ଛେଳି ମଧ୍ୟରୁ ମଙ୍ଗଳାର୍ଥକ ନୈବେଦ୍ୟ କରେ ତେବେ ସେ ନିଖୁଣ ଅଣ୍ଡିରା କିମ୍ବା ମାଈ ମେଷ ବା ଛେଳି ଉତ୍ସର୍ଗ କରିବ। 7ଯଦି ସେ ନୈବେଦ୍ୟ ରୂପେ ମେଷ ଉତ୍ସର୍ଗ କରେ ତେବେ ସେ ନିଶ୍ଚିତ ସଦାପ୍ରଭୁ ପରମେଶ୍ୱରଙ୍କ ସମ୍ମୁଖକୁ ତାକୁ ଆଣିବ। 8ପୁଣି ସେ ନିଜ ବଳିର ମସ୍ତକରେ ହାତ ରଖି ସମାଗମ ତମ୍ବୁ ନିକଟରେ ତାକୁ ବଧ କରିବ। ତା'ପରେ ହାରୋଣର ପୁତ୍ରମାନେ ତା'ର ରକ୍ତକୁ ନେଇ ଯଜ୍ଞବେଦୀ ଉପରେ ଚାରିଆଡ଼େ ଛିଞ୍ଚିବେ। 9ଏହାପରେ ସେହି ମଙ୍ଗଳାର୍ଥକ ନୈବେଦ୍ୟରୁ ଏକ ଅଂଶ ନୈବେଦ୍ୟ ସଦାପ୍ରଭୁଙ୍କ ପାଇଁ ଉପହାର ରୂପେ ହେବ। ସେ ତା'ର ମେଦ, ସମସ୍ତ ମେଦମୟ ଲାଙ୍ଗୁଳ, ମେରୁଦଣ୍ଡ ନିକଟରୁ କାଟି ନେବ। ସମସ୍ତ ମେଦ ଉପରିସ୍ଥ ଅଂଶ ଏବଂ ଏହାର ଅନ୍ତ ଅଂଶଗୁଡିକ ନୈବେଦ୍ୟ ହେବ। 10ସେ ଦୁଇଟି ଗୁର୍ଦ୍ଦା ମେଦ ଉପରିସ୍ଥ ଓ ଗୁର୍ଦ୍ଦାର ପାର୍ଶ୍ୱବର୍ତ୍ତୀ, ଯକୃତର ମେଦ ଏବଂ ନିମ୍ନ ଭାଗର ପଛ ମାଂସପେଶୀ ଗୁର୍ଦ୍ଦା ସହିତ ବାହାର କରି ନେବା ଉଚିତ୍। 11ତତ୍ପରେ ଯାଜକ ସେସମସ୍ତ ନେଇ ବେଦୀ ଉପରେ ଦଗ୍ଧ କରିବ। ଏହି ଭୋଜ୍ୟ ନୈବେଦ୍ୟ ସଦାପ୍ରଭୁଙ୍କୁ ଏକ ଉପହାର ହେବ।

## ମଙ୍ଗଳାର୍ଥକ ନୈବେଦ୍ୟ ରୂପେ ଏକ ଛାଗ

12"ଆଉ ଯଦି କେହି ଛାଗ ନୈବେଦ୍ୟ କରେ, ତେବେ ସେ ତାକୁ ସଦାପ୍ରଭୁଙ୍କ ସମ୍ମୁଖକୁ ଆଣିବ। 13ସେ ସେହି ଛାଗ ମସ୍ତକରେ ହାତ ରଖିବ ଓ ସମାଗମ ତମ୍ବୁ ନିକଟରେ ତାକୁ ବଧ କରିବ। ତା'ପରେ ହାରୋଣର ପୁତ୍ର ତା'ର ରକ୍ତ ନେଇ ଯଜ୍ଞବେଦୀ ଉପରେ ଚାରିଆଡ଼େ ଛିଞ୍ଚିବେ। 14ତା'ପରେ ସେ ସହଭାଗିତାର ନୈବେଦ୍ୟରୁ ଏକ ଅଂଶ ସଦାପ୍ରଭୁଙ୍କୁ ଉପହାର ରୂପେ ଦେବ। ସେ ଅନ୍ତ ଆଚ୍ଛାଦକ ମେଦ ଓ ଅନ୍ତ ଉପରିସ୍ଥ ମେଦ ସବୁ ଉତ୍ସର୍ଗ କରିବ। 15ସେ ଦୁଇଟି ଗୁର୍ଦ୍ଦା, ମେଦ ଉପରିସ୍ଥ ଓ ଗୁର୍ଦ୍ଦାର ପାର୍ଶ୍ୱବର୍ତ୍ତୀ ଏବଂ ଯକୃତର ମେଦ ଏବଂ ନିମ୍ନଭାଗର ପଛ ମାଂସପେଶୀ ଗୁର୍ଦ୍ଦା ସହିତ ବାହାର କରି ନେବା ଉଚିତ୍। 16ତା'ପରେ ଯାଜକ ଯଜ୍ଞବେଦୀ ଉପରେ ଏହିସବୁ ଦଗ୍ଧ କରିବ। ଏହି ଭୋଜ୍ୟ ନୈବେଦ୍ୟ ସଦାପ୍ରଭୁଙ୍କୁ ଏକ ସୁବାସିତ ଉପହାର ଅଟେ। ମାତ୍ର ସମସ୍ତ ମେଦ ସଦାପ୍ରଭୁଙ୍କର। 17ଏହି ବିଧି ପ୍ରତ୍ୟେକ ଗୃହରେ ତୁମ୍ଭମାନଙ୍କର ସମସ୍ତ ଭବିଷ୍ୟତ ବଂଶାନୁକ୍ରମମାନଙ୍କ ପାଇଁ ଅନୁକରଣୀୟ ହେବ। ତୁମ୍ଭେମାନେ ଯେଉଁଠାରେ ରୁହନା କାହିଁକି ମେଦ କିମ୍ବା ରକ୍ତ ଭୋଜନ କରିବ ନାହିଁ।"

## ଅଜ୍ଞାତ ପାପ ପାଇଁ ନୈବେଦ୍ୟ

4 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ଇସ୍ରାଏଲ ଲୋକମାନଙ୍କୁ କୁହ, ଯଦି କେହି ଅଜଣାତରେ ଗୋଟିଏ ପାପ କରେ ଏବଂ ତାହା କରେ, ଯାହା ସଦାପ୍ରଭୁଙ୍କ ଆଜ୍ଞାରେ ମନା କରାଯାଇଅଛି।

3"ଯଦି ଅଭିଷିକ୍ତ ଯାଜକ ପାପ କରେ ଏବଂ ଦେଶ ପାଇଁ ଦୋଷ ଆଣେ, ସେ ଗୋଟିଏ ନିଖୁଣ ବାଛୁରୀ ବଳିଦାନ କରିବ ସଦାପ୍ରଭୁଙ୍କ ସମ୍ମୁଖରେ ତାହା ପାପାର୍ଥକ ବଳିରୂପେ ଉତ୍ସର୍ଗ କରିବା ଉଚିତ୍। 4ପୁଣି ସେ ଅଭିଷିକ୍ତ ଯାଜକ ଆପଣା

ବଳିକୁ ସମାଗମ ତମ୍ବୁର ଦ୍ୱାର ନିକଟରେ ସଦାପ୍ରଭୁଙ୍କ
ସମ୍ମୁଖକୁ ଆଣିବ। ତା'ର ମସ୍ତକରେ ହାତ ରଖି ସଦାପ୍ରଭୁଙ୍କ
ସମ୍ମୁଖରେ ବଧ କରିବ। 5ଆଉ ସେହି ଅଭିଷିକ୍ତ ଯାଜକ
ସେହି ବଳିର ରକ୍ତରୁ କିଛି ସମାଗମ-ତମ୍ବୁ ମଧ୍ୟକୁ ଆଣିବ।
6ତା'ପରେ ସେ ଯାଜକ ସେହି ରକ୍ତରେ ନିଜର ଆଙ୍ଗୁଠି
ବୁଡ଼ାଇ ସଦାପ୍ରଭୁଙ୍କ ଛାମୁରେ ମହାପବିତ୍ର ସ୍ଥାନର ବିଚ୍ଛେଦ
ବସ୍ତ୍ର ଆଗରେ ସାତ ଥର ଛିଞ୍ଚିବ। 7ଯାଜକ ସଦାପ୍ରଭୁଙ୍କ
ଆଗରେ କିଛି ରକ୍ତ ନେଇ ସମାଗମ ତମ୍ବୁର ସୁଗନ୍ଧି
ଧୂପବେଦୀର ପାର୍ଶ୍ୱରେ ରଖିବା ଉଚିତ୍ ହେବ। ତା'ପରେ ସେ
ଉତ୍ସର୍ଗୀତ ଗୋବତ୍ସର ସମସ୍ତ ରକ୍ତ ନେଇ ସମାଗମ-ତମ୍ବୁର
ଦ୍ୱାରସ୍ଥିତ ଯଜ୍ଞବେଦୀ ମୂଳରେ ଢାଳିବ। 8ସେ ପାପ ପାଇଁ
ଉତ୍ସର୍ଗୀକୃତ ଷଣ୍ଢର ସମସ୍ତ ମେଦ, ଯାହାକି ଅନ୍ତବୁଜୁଳାର
ଉପରିସ୍ଥ ଏବଂ ପାର୍ଶ୍ୱବର୍ତ୍ତୀ ମେଦ ହେବା ଉଚିତ୍। 9ସେ
ଦୁଇଟି ଗୁରୁଦା, ମେଦର ଉପରିସ୍ଥ ପାର୍ଶ୍ୱବର୍ତ୍ତୀ ଗୁରୁଦାର ଏବଂ
ଯକୃତର ମେଦ ଏବଂ ନିମ୍ନଭାଗର ପଛ ମାଂସପେଶୀ ଗୁରୁଦା
ସହିତ ବାହାର କରିନିବା ଉଚିତ୍। 10ସମାଗମ ନୈବେଦ୍ୟର
ଗୋରୁ ହୋଇଥିଲେ ଯେପରି ଉତ୍ସର୍ଗ କରାଯାଏ ସେ ସେହିପରି
କରିବ। ପୁଣି ଯାଜକ ହୋମବଳିର ବେଦୀ ଉପରେ ତାହା
ଦଗ୍ଧ କରିବ। 11-12ସେହି ଚର୍ମ, ମେଦ, ମସ୍ତକ, ପଦ, ଅନ୍ତ,
ଗୋବର ଓ ଷଣ୍ଢର ସମସ୍ତ ଅଂଶ ନେଇ ଛାଉଣୀ ବାହାରକୁ
ନିଆଯିବା ଉଚିତ୍ ଓ ଧର୍ମକାର୍ଯ୍ୟର ପଦ୍ଧତି ପାଇଁ ଏ ସ୍ଥାନକୁ
କାଠ ରଖି ଅଗ୍ନି ଦ୍ୱାରା ଦଗ୍ଧ କରିବ।

13"ପୁଣି ଇଶ୍ରାୟେଲର ସମସ୍ତ ଜାତି ଯଦି ଅଗୋଚରରେ
ପାପ କରନ୍ତି ଓ ସଦାପ୍ରଭୁ ଯାହା ନ କରିବାକୁ ଆଜ୍ଞା
ଦେଇଛନ୍ତି, ତାହା ଯେବେ ସେମାନେ କରନ୍ତି ତେବେ
ସେମାନେ ଦୋଷୀ ହେବେ। 14ଯଦି ସେମାନେ ସେମାନଙ୍କ
କୃତ ପାପ ଜାଣିବେ, ତେବେ ସେମାନେ ପାପାର୍ଥକ ବଳିରୂପେ
ଏକ ଗୋବତ୍ସ ଉତ୍ସର୍ଗ କରିବେ ଓ ସମାଗମ ତମ୍ବୁ ନିକଟକୁ
ତାକୁ ଆଣିବେ। 15ତା'ପରେ ମଣ୍ଡଳୀର ପ୍ରାଚୀନବର୍ଗ ସେହି
ଗୋବତ୍ସର ମସ୍ତକରେ ହାତ ରଖି ସଦାପ୍ରଭୁଙ୍କ ସମ୍ମୁଖରେ
ତାକୁ ବଧ କରିବେ। 16ତତ୍ପରେ ଅଭିଷିକ୍ତ ଯାଜକ ସେହି
ଗୋବତ୍ସର କିଛି ରକ୍ତ ଧରି ସମାଗମ ତମ୍ବୁ ମଧ୍ୟକୁ ଆଣିବ।
17ପୁଣି ଯାଜକ ସେହି ରକ୍ତରେ ଆପଣା ଆଙ୍ଗୁଳି ବୁଡ଼ାଇ
ସଦାପ୍ରଭୁଙ୍କ ସମ୍ମୁଖରେ ବିଚ୍ଛେଦ ବସ୍ତ୍ର ଆଗରେ ସାତଥର
ଛିଞ୍ଚିବ। 18ଆଉ ଯାଜକ ସେହି ରକ୍ତରୁ କିଛି ନେଇ ସମାଗମ
ତମ୍ବୁ ମଧ୍ୟରେ ସଦାପ୍ରଭୁଙ୍କ ସମ୍ମୁଖସ୍ଥ ଯଜ୍ଞବେଦୀ ଶୃଙ୍ଗ
ଉପରେ ଦେବ। ଅବଶିଷ୍ଟ ସମସ୍ତ ରକ୍ତ ସମାଗମ ତମ୍ବୁର
ଦ୍ୱାର ସମୀପକୁ ହୋମବେଦୀ ମୂଳରେ ଢାଳିବ। 19ତା'ପରେ
ଯାଜକ ବଳିର ସମସ୍ତ ମେଦ ନେଇ ଯଜ୍ଞବେଦୀ ଉପରେ
ଦଗ୍ଧ କରିବା ଉଚିତ୍। 20ପୁଣି ସେହି ପାପାର୍ଥକ ନୈବେଦ୍ୟର
ଗୋବତ୍ସକୁ ଯେପରି କଲ, ଏହାକୁ ସେହିପରି କରିବ।
ଏହିପରି ଯାଜକ ସେମାନଙ୍କ ପାଇଁ ପ୍ରାୟଶ୍ଚିତ୍ତ କରିବ।
ତା'ହେଲେ ଇଶ୍ରାୟେଲ ଲୋକ କ୍ଷମାପ୍ରାପ୍ତ ହେବେ। 21ତା'ପରେ
ସେ ଗୋବତ୍ସକୁ ଛାଉଣୀ ବାହାରକୁ ନେଇ ପୂର୍ବ ଗୋବତ୍ସ
ପରି ତାକୁ ଦଗ୍ଧ କରିବା ଉଚିତ୍। ଏହା ସମଗ୍ର ଇଶ୍ରାୟେଲର
ଲୋକମାନଙ୍କ ପାଇଁ ପାପାର୍ଥକ ନୈବେଦ୍ୟ।

22"ଯଦି ଜଣେ ଶାସକ ଭୁଲ୍ ବଶତଃ ପାପ କରେ ଓ
ସଦାପ୍ରଭୁଙ୍କର ଆଜ୍ଞାକୁ ବିରୁଦ୍ଧ କଲାପରି କୌଣସି କାର୍ଯ୍ୟ
କରେ, ସେ ମଧ୍ୟ ଦୋଷୀ ବୋଲି ବିବେଚିତ ହେବ। 23ଯଦି
ସେ ଶାସକ ଆପଣା କୃତ ପାପ ଜ୍ଞାତ ହୁଏ ତେବେ ସେ
ଏକ ନିଖୁଣ ପୁଂ-ଛାଗ ଉତ୍ସର୍ଗ କରିବ। 24ସେହି ଶାସକ
ଛାଗ ମସ୍ତକରେ ହାତ ରଖି ହୋମବଳି ବଧ କରିବା ସ୍ଥାନରେ
ସଦାପ୍ରଭୁଙ୍କ ସମ୍ମୁଖରେ ତାକୁ ବଧ କରିବ, ତାହା ହେବ
ପାପାର୍ଥକ ନୈବେଦ୍ୟ। 25ତା'ପରେ ଯାଜକ ଆପଣା ଅଙ୍ଗୁଳିରେ
ସେହି ପାପାର୍ଥକ ନୈବେଦ୍ୟର ରକ୍ତରୁ କିଛି ନେଇ ହୋମବେଦୀର
ଶିଙ୍ଗ ଉପରେ ଦେବ ଓ ତାହାର ଅବଶିଷ୍ଟ ସମସ୍ତ ରକ୍ତ
ହୋମବେଦୀ ମୂଳରେ ଢାଳିବ। 26ତା'ପରେ ସେହି ଯାଜକ
ଉତ୍ସର୍ଗୀକୃତ ପଶୁର ସମସ୍ତ ମେଦ ନେବ ଏବଂ ଯଜ୍ଞବେଦୀ
ଉପରେ ଦଗ୍ଧ କରିବ, ଯେଉଁ ଉପାୟରେ ସେ ମଙ୍ଗଳାର୍ଥକ
ନୈବେଦ୍ୟରୁ ମେଦ ସହିତ କରିଥିଲା। ଏହିପ୍ରକାରେ ଯାଜକ
ସେ ଶାସକର ପାପ ପାଇଁ ପ୍ରାୟଶ୍ଚିତ୍ତ କରିବ ଓ ତା'ଦ୍ୱାରା
ସେ ଶାସକ ପ୍ରଭୁଙ୍କ ଦ୍ୱାରା କ୍ଷମା ପ୍ରାପ୍ତ ହେବ।

27"ଆଉ ସଦାପ୍ରଭୁ ଯାହା ନ କରିବାକୁ ଆଜ୍ଞା ଦେଇଛନ୍ତି,
ଯଦି ସାଧାରଣ ଲୋକଙ୍କ ମଧ୍ୟରୁ କେହି ଜଣେ ତାହା କରେ
ଓ ଭ୍ରାନ୍ତିରେ ପାପ କରେ ତେବେ ସେ ଦୋଷୀ ହୁଏ।
28ଯଦି ସେହି ଲୋକ ତା'ର ପାପ ବିଷୟରେ ଜ୍ଞାତ ହୁଏ,
ତେବେ ସେ ତା'ର କୃତ ପାପ ନିମନ୍ତେ ଏକ ନିଖୁଣ ଛାଗୀ
ଉତ୍ସର୍ଗ କରିବ। 29ପୁଣି ସେ ସେହି ପାପାର୍ଥକ ନୈବେଦ୍ୟର
ମସ୍ତକରେ ହସ୍ତ ରଖି ହୋମବଳି ବଧ କରିବା ସ୍ଥାନରେ ତାକୁ
ବଧ କରିବ। 30ତା'ପରେ ସେ ଯାଜକ ଅଙ୍ଗୁଳିରେ ତା'ର
ରକ୍ତରୁ କିଛି ନେଇ ହୋମବେଦୀର ଶୃଙ୍ଗ ଉପରେ ଦେବ,
ଆଉ ତା'ର ସମସ୍ତ ରକ୍ତ ଯଜ୍ଞବେଦୀ ମୂଳରେ ଢାଳିବ।
31ପୁଣି ସହଭାଗିତାର ନୈବେଦ୍ୟରୁ ନେଇଥିବା ମେଦତୁଲ୍ୟ
ତାହାର ସମସ୍ତ ମେଦ ନେବ, ଆଉ ସେହି ଯାଜକ ସୁବାସିତ
ଉପହାର ରୂପେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯଜ୍ଞବେଦୀ ଉପରେ
ତାକୁ ଦଗ୍ଧ କରିବ। ଏହିରୂପେ ଯାଜକ ପାପୀମାନଙ୍କୁ ପ୍ରାୟଶ୍ଚିତ୍ତ
କରାଇବ ଓ ସେଥିରେ ସେ ପରମେଶ୍ୱରଙ୍କ ଦ୍ୱାରା କ୍ଷମା ପ୍ରାପ୍ତ
ହେବ। 32ଯଦି ସେ ପାପାର୍ଥକ ନୈବେଦ୍ୟ ନିମନ୍ତେ ମେଷଶାବକ
ଆଣେ ତେବେ ନିଶ୍ଚିତ ଏକ ନିଖୁଣ ମେଷଶାବକ ଆଣିବ।
33ପୁଣି ସେହି ପାପାର୍ଥକ ନୈବେଦ୍ୟର ମସ୍ତକରେ ହସ୍ତରଖି
ହୋମବଳି ବଧ କରିବା ସ୍ଥାନରେ ତାକୁ ବଧ କରିବ।
34ତା'ପରେ ସେ ଯାଜକ ସେହି ପାପାର୍ଥକ ନୈବେଦ୍ୟର
ରକ୍ତରୁ କିଛି ଅଙ୍ଗୁଳିରେ ନେଇ ହୋମବେଦିର ଶିଙ୍ଗ ଉପରେ
ଦେବ ଓ ଆଉ ସମସ୍ତ ରକ୍ତ ଯଜ୍ଞବେଦୀ ମୂଳରେ ଢାଳିବ।
35ସେ ଉତ୍ସର୍ଗ କରାଯାଇଥିବା ପଶୁଠାରୁ ସମସ୍ତ ମେଦ କାଢି
ନେବ। ଯେପରି ସେ ସହଭାଗିତାର ନୈବେଦ୍ୟକୁ କରିଥିଲା
ଏବଂ ସଦାପ୍ରଭୁଙ୍କୁ ଉପହାର ଦେବାକୁ ଯାଜକ ଏହାକୁ
ଯଜ୍ଞବେଦୀରେ ଦଗ୍ଧ କରିବ। ଏହି ପ୍ରକାରେ ଯାଜକ ନିଜ
ପାପ ପାଇଁ ତା'ର ତରଫରୁ ପ୍ରାୟଶ୍ଚିତ୍ତ କରିବ ଏବଂ ତାକୁ
କ୍ଷମା ଦିଆଯିବ।

## ଭିନ୍ନ ଭିନ୍ନ ଅଜାଣିତ ପାପ

5 "ଯଦି କୌଣସି ବ୍ୟକ୍ତି ଯାହା ଦେଖିଅଛି, ଶୁଣିଅଛି ବା
ଜାଣିଅଛି ସାକ୍ଷୀରୂପେ ତାହା ପ୍ରକାଶ କରିବା କଥା, ମାତ୍ର

ତାହା ଯଦି ସେ ପ୍ରକାଶ ନ କରେ ତେବେ ସେ ପାପ
କରେ ଓ ଅପରାଧୀ ହୁଏ। 2କିମ୍ବା ଯଦି କୌଣସି ବ୍ୟକ୍ତି କିଛି
ଅଶୁଚି ଦ୍ରବ୍ୟ ସ୍ପର୍ଶ କରେ ଅର୍ଥାତ୍ ଅଶୁଚି ପଶୁର ଶବ, କି
ଅଶୁଚି ଗୋମେଷାଦି ଶବ କି ଅଶୁଚି ଉରୋଗାମୀ ପ୍ରାଣୀର
ଶବ ସ୍ପର୍ଶ କରେ ଓ ଯଦି ସେ ଏହା ଅଜାଣତରେ କରିଥାଏ
ତଥାପି ସେ ଅପରାଧୀ ହେବ। 3ଆହୁରି ଅନେକ ଜିନିଷ ଅଛି
ଯାହା କି ମନୁଷ୍ୟକୁ ଅଶୁଚି କରେ। ଯଦି କେହି ଜାଣିଥାଏ
ଯାହାକୁ ସ୍ପର୍ଶ କଲେ ଅଶୁଚି ହୁଏ ଏବଂ ସେ ତାହା
ଅଜ୍ଞାତରେ କରିଥାଏ, ତେବେ ସେ ଯେତେବେଳେ ଜାଣେ
ସେ ଦୋଷୀ ହେବ। 4କିମ୍ବା କେହି ଯଦି ମନ୍ଦ କରିବାକୁ କି
ଭଲ କରିବାକୁ ବାଚାଳତା ପୂର୍ବକ ଶପଥ କରେ ଏବଂ ସେ
ଶପଥ ବିଷୟରେ ଭୁଲିଯାଏ, ସେ ଦୋଷୀ ବୋଲି ବିବେଚିତ
ହେବ, ଯେତେବେଳେ ସେ ମନେ ପକାଇବ କାରଣ ସେ
ତା'ର ଶପଥ ରକ୍ଷା କରିପାରିଲା ନାହିଁ। 5ତେଣୁ ଯଦି କେହି
ଏହି ବିଷୟଗୁଡ଼ିକ ମଧ୍ୟରୁ କୌଣସି ଗୋଟିକରେ ଦୋଷୀ ହୁଏ,
ତେବେ ସେ ନିଜର ସେ ପାପକର୍ମ ସ୍ୱୀକାର କରିବ। 6ତହୁଁ
ସେ ତା'ର କୃତପାପର ପ୍ରାୟଶ୍ଚିତ୍ତ ପାଇଁ ପାପାର୍ଥକ ବଳିଦାନ
ରୂପେ ପଲରୁ ଗୋଟିଏ ମାଈ ମେଣ୍ଢାଛୁଆ କିମ୍ବା ମାଈ
ଛେଳିଛୁଆ ସଦାପ୍ରଭୁଙ୍କ ଛାମୁକୁ ଆଣିବ। ତା'ପରେ ଯାଜକ
ତା'ର କୃତ ପାପର ପ୍ରାୟଶ୍ଚିତ୍ତ କରାଇବ।

7"ଯଦି ସେ ମେଷ ଶାବକ ଦେବାକୁ ଅକ୍ଷମ ତେବେ
ସେ ଦୁଇଟି କପୋତ କିମ୍ବା ଦୁଇଟି ପାରାଛୁଆ ଆପଣା କୃତ
ଦୋଷାର୍ଥକ ବଳିଦାନ ରୂପେ ଆଣିବ। ତହିଁରୁ ଗୋଟିଏ ପାପ
ନିମନ୍ତେ ଓ ଅନ୍ୟଟି ହୋମବଳି ନିମନ୍ତେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଉତ୍ସର୍ଗ କରିବ। 8ପୁଣି ସେ ସେଗୁଡ଼ିକୁ ଯାଜକ ନିକଟକୁ
ଆଣିବ। ଯାଜକ ପ୍ରଥମେ ପାପାର୍ଥକ ନୈବେଦ୍ୟ ଉତ୍ସର୍ଗ କରି,
ତା'ର ବେକରୁ ମୁଣ୍ଡ ମୋଡ଼ିବ, ମାତ୍ର ତାକୁ ଦୁଇଭାଗ କରିବ
ନାହିଁ। 9ତା'ପରେ ସେ ଏହି ରକ୍ତରୁ କିଛି ନେଇ ଯଜ୍ଞବେଦୀ
ପାଖରେ ଛିଞ୍ଚିବ, ପୁଣି ଅବଶିଷ୍ଟ ରକ୍ତ ସବୁ ନେଇ ଯଜ୍ଞବେଦୀ
ମୂଳରେ ଢାଳିବ। ଏହା ପାପରୁ ମୁକ୍ତ ହେବା ପାଇଁ ଏକ
ନୈବେଦ୍ୟ ବୋଲି ବିବେଚନା କରାଯିବ। 10ତା'ପରେ ଯାଜକ
ବିଧି ଅନୁସାରେ ଦ୍ୱିତୀୟ ପକ୍ଷୀକୁ ହୋମବଳି ରୂପେ ଉତ୍ସର୍ଗ
କରିବ। ଏହିରୂପେ ସେ ତା'ର କୃତ ପାପ ନିମନ୍ତେ ଯାଜକ
ଦ୍ୱାରା ପ୍ରାୟଶ୍ଚିତ୍ତ ପ୍ରାପ୍ତ ହେବ ଏବଂ ପରମେଶ୍ୱର ତାକୁ କ୍ଷମା
କରିବେ। 11ଯଦି ସେ ଦୁଇଟି କପୋତ ଛୁଆ କିମ୍ବା ଦୁଇଟି
ପାରାଛୁଆ ଆଣିବାକୁ ଅସମର୍ଥ ହୁଏ ତେବେ ସେ ପାପାର୍ଥକ
ନୈବେଦ୍ୟ ପାଇଁ ଐଫାର ଦଶମାଂଶ ସରୁ ମଇଦା ଆଣିବା
ଉଚିତ୍, ସେଥିରେ ତୈଳ ଦେବା ଉଚିତ୍ ନୁହେଁ କି ସୁଗନ୍ଧି
ହେବା ଉଚିତ୍ ନୁହେଁ କାରଣ ତାହା ପାପାର୍ଥକ ନୈବେଦ୍ୟ।
12ସେ ଯାଜକ ନିକଟକୁ ତାହା ଆଣିବ ଓ ଯାଜକ ସେଥିରୁ
ସ୍ମରଣାର୍ଥକ ନୈବେଦ୍ୟ ରୂପେ ମୁଠାଏ ନେଇ ଯଜ୍ଞବେଦୀରେ
ସଦାପ୍ରଭୁଙ୍କ ଅଗ୍ନିକୃତ ନୈବେଦ୍ୟ ଉପରେ ଦଗ୍ଧ କରିବ।
ପାପରୁ ମୁକ୍ତ ହେବା ପାଇଁ ଏହା ପାପାର୍ଥକ ବଳି। 13ଏହିରୂପେ
ଯାଜକ ନିଜକୁ ପ୍ରାୟଶ୍ଚିତ୍ତ କରିବ, ଏହି ପାପଗୁଡ଼ିକର କୌଣସି
ବିଷୟ ପାଇଁ ସେ କରିଛି ଏବଂ ସଦାପ୍ରଭୁ ତାଙ୍କୁ କ୍ଷମା
ଦେବେ। ଅବଶିଷ୍ଟ ନୈବେଦ୍ୟ ଶସ୍ୟ ନୈବେଦ୍ୟ ପରି
ଯାଜକର ହେବ।"

14ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 15"କେହି
ଯଦି ସଦାପ୍ରଭୁଙ୍କ ପବିତ୍ର ବସ୍ତୁ ବିଷୟରେ ଅଜାଣତରେ ପାପ
କରେ, ସେ ତା'ର ପଲରୁ ଦୋଷାର୍ଥକ ବଳିରୂପେ କୌଣସି
କ୍ଷତ ନଥିବା ଏକ ମେଷଛୁଆ ଆଣି ସଦାପ୍ରଭୁଙ୍କୁ ତା'ର ପାଇଁ
କ୍ଷତି ପୂରଣ ଦେବା ଉଚିତ୍। ସେହି ମେଷ ଛୁଆର ମୂଲ୍ୟ
କାର୍ଯ୍ୟାଳୟ ମାପ ଅନୁଯାୟୀ ନିରୂପିତ ହେବା ଉଚିତ୍। 16ପୁଣି
ପବିତ୍ର ବସ୍ତୁ ବିଷୟରେ ସେ ଯେଉଁ ପାପ କରିଅଛି ତାହା
ପରିଶୋଧ କରିବ। ଏହା ବ୍ୟତୀତ ଏକ ପଞ୍ଚମାଂଶ ଯାଜକକୁ
ଦେବ, ତହୁଁ ଯାଜକ ଦୋଷାର୍ଥକ ନୈବେଦ୍ୟ ଦ୍ୱାରା ତା'ପାଇଁ
ପ୍ରାୟଶ୍ଚିତ୍ତ କରିବ, ତହିଁରେ ସେ କ୍ଷମା ପ୍ରାପ୍ତ ହେବ।

17"ଯଦି ସଦାପ୍ରଭୁ ଯାହା ନ କରିବାକୁ କହିଥାନ୍ତି ଓ
କୌଣସି ପ୍ରାଣୀ ସେଥିମଧ୍ୟରୁ କୌଣସି କର୍ମ କରି ପାପ
କରେ। ଯଦ୍ୟପି ସେ ଜାଣି ନ ଥାଏ, ତଥାପି ସେ ଦୋଷୀ
ଅଟେ। ପୁଣି ସେ ତା'ର ଅପରାଧ ବହନ କରିବ। 18ସେହି
ବ୍ୟକ୍ତି ଅପରାଧର ମାତ୍ରା ଅନୁସାରେ ଏକ ନିଖୁଣ ମେଷ
ଦୋଷାର୍ଥକ ନୈବେଦ୍ୟ ରୂପେ ଯାଜକ ନିକଟକୁ ଆଣିବ। ପୁଣି
ଯେଉଁ ପାପ ସେ ଅଜ୍ଞାତରେ କରିଛି ସେଥିପାଇଁ ଯାଜକ
ପ୍ରାୟଶ୍ଚିତ୍ତ କରିବ। ତହିଁରେ ସେ କ୍ଷମାପ୍ରାପ୍ତ ହେବ। 19ଏପରିକି
ଯେଉଁ ପ୍ରାଣୀ ପାପ କରିଛି ଓ ସେ ଜାଣି ନାହିଁ ତଥାପି ସେ
ଦୋଷୀ, ତେଣୁ ସେ ସଦାପ୍ରଭୁଙ୍କ ଛାମୁରେ ଦୋଷାର୍ଥକ
ନୈବେଦ୍ୟ ଉତ୍ସର୍ଗ କରିବ।"

## ଅନ୍ୟ ପାପ ପାଇଁ ଦୋଷାର୍ଥକ ନୈବେଦ୍ୟ

6 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 2"କେହି ଯଦି
ପାପ କରି ସଦାପ୍ରଭୁଙ୍କ ବିରୁଦ୍ଧରେ ସତ୍ୟ ଲଙ୍ଘନ
କରେ, ଅର୍ଥାତ୍ ଗଚ୍ଛିତ ବା ହସ୍ତରେ ସମର୍ପିତ, କିମ୍ବା ଅପହୃତ
ଦ୍ରବ୍ୟ ବିଷୟରେ ଆପଣା ପ୍ରତିବେଶୀ ସହିତ ଅସତ୍ୟ ବ୍ୟବହାର
କରେ, ଅଥବା ଆପଣା ପ୍ରତିବେଶୀ ପ୍ରତି ଅନ୍ୟାୟ କରେ।
3କିମ୍ବା ହଜାଇଥିବା ଦ୍ରବ୍ୟ ପାଇଁ ସେହି ବିଷୟରେ ଅସତ୍ୟ
ବ୍ୟବହାର କରେ ଓ ମିଥ୍ୟା କହି ଶପଥ କରେ, ଏହି
ପ୍ରକାର ଯେ କୌଣସି କର୍ମରେ ମନୁଷ୍ୟ ପାପ କରେ, 4ଏହି
ଦୋଷଗୁଡିକ ମଧ୍ୟରୁ ଯେ କୌଣସି ଗୋଟିଏ କରେ ସେ
ପାପୀ ବୋଲି ବିବେଚିତ ହୁଏ। ସେ ନିଶ୍ଚୟ ଫେରାଇଦେବ,
ଯାହା କିଛି ସେ ଚୋରି କରିଛି କିମ୍ବା ଅନ୍ୟାୟ ଭାବରେ
ଗ୍ରହଣ କରିଛି କିମ୍ବା ତାକୁ କିଛି ବିଶ୍ୱାସରେ ଦିଆଯାଇଛି କିମ୍ବା
କିଛି ଗୋଟେ ଅଧିକାର କରିଥିବା ଦ୍ରବ୍ୟ ଯାହାକି ହଜି
ଯାଇଛି। 5ସେ ଯେଉଁଥିପାଇଁ ଗୋଟିଏ ମିଥ୍ୟା ଶପଥ କରିଥିଲା,
ତାହାର ଏକ ପଞ୍ଚମାଂଶ ଅର୍ଥଦଣ୍ଡ ସହିତ ସମ୍ପୂର୍ଣ୍ଣ ଫେରାଇ
ଦେବା ଉଚିତ୍। ଏସବୁ ସେ କରିବ ଯେଉଁଦିନ ସେ ଦୋଷୀ
ବୋଲି ସାବ୍ୟସ୍ତ ହେବ ଓ ସେହିଦିନ ସେ ଗ୍ରହିତାକୁ ସେ
ଦ୍ରବ୍ୟ ଦେବ। 6ପୁଣି ସେ ସଦାପ୍ରଭୁଙ୍କୁ ଉଦ୍ଦେଶ୍ୟରେ ତା'ର
ଦୋଷାର୍ଥକ ନୈବେଦ୍ୟ ଉତ୍ସର୍ଗ କରିବ। ପୁଣି ନିରୂପିତ ମୂଲ୍ୟ
ଅନୁସାରେ ପଲରୁ ଏକ ନିଖୁଣ ମେଷ ଦୋଷାର୍ଥକ ନୈବେଦ୍ୟ
ରୂପେ ଯାଜକ ନିକଟକୁ ଆଣିବ। 7ତା'ପରେ ଯାଜକ ସଦାପ୍ରଭୁଙ୍କ
ଛାମୁରେ ତାହା ନିମନ୍ତେ ପ୍ରାୟଶ୍ଚିତ୍ତ କରିବ। ତେଣୁ ସେ
ଯେଉଁ କର୍ମ ଯୋଗୁଁ ଦୋଷୀ ହୋଇଥିବ ସେଥିରୁ କ୍ଷମା ପ୍ରାପ୍ତ
ହେବ।"

## ହୋମବଳି

8ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 9"ତୁମ୍ଭେ ହାରୋଣଙ୍କୁ
ଓ ତାଙ୍କର ପୁତ୍ରଗଣଙ୍କୁ ଏହି ଆଜ୍ଞା ଦିଅ, ଏହା ହୋମବଳିର
ବ୍ୟବସ୍ଥା ଅଟେ, ହୋମବଳି ସମସ୍ତ ପ୍ରଭାତ ହେବା ପର୍ଯ୍ୟନ୍ତ
ଯଜ୍ଞବେଦୀର ଅଗ୍ନି ଉପରେ ରହିବ, ପୁଣି ଅଗ୍ନି ଜ୍ୱଳନ୍ତ
ରହିବା ଉଚିତ୍। 10ଯାଜକ ଶଣପୋଷାକ ଓ ଜଙ୍ଘିଆ ପରିଧାନ
କରିବା ଉଚିତ୍, ଆଉ ସେ ହୋମବଳିର ଭସ୍ମ ସଂଗ୍ରହ କରିବା
ଉଚିତ୍ ଓ ଯଜ୍ଞବେଦୀ ପାର୍ଶ୍ୱରେ ରଖିବା ଉଚିତ୍। 11ତା'ପରେ
ଯାଜକ ଆପଣା ବସ୍ତ୍ର ବଦଳାଇ ଅନ୍ୟ ବସ୍ତ୍ର ପିନ୍ଧିବ। ସେ
ସେହି ଭସ୍ମକୁ ଛାଉଣୀ ବାହାରେ ଏକ ଶୁଚି ସ୍ଥାନକୁ
ନେଇଯିବ। 12ମାତ୍ର ଯଜ୍ଞବେଦୀ ଉପରସ୍ଥ ଅଗ୍ନି ସର୍ବଦା
ପ୍ରଜ୍ୱଳିତ ରହିବ। ତାହା କେବେ ନିର୍ବାପିତ ହେବା ଉଚିତ୍
ନୁହେଁ। ଯାଜକ ପ୍ରତି ପ୍ରଭାତରେ ତା'ଉପରେ କାଠ ସଜାଇ
ରଖିବ ଓ ସମାଗମ ନୈବେଦ୍ୟର ମେଦ ତା'ଉପରେ ଦଗ୍ଧ
କରିବ। 13ଯଜ୍ଞବେଦୀ ଉପରେ ଅଗ୍ନି ସର୍ବଦା ଜ୍ୱଳନ୍ତ ରହିବ,
କଦାପି ନିର୍ବାପିତ ହେବ ନାହିଁ।

## ଶସ୍ୟ ନୈବେଦ୍ୟ

14"ଏହା ହେଉଛି ଶସ୍ୟ ନୈବେଦ୍ୟର ବ୍ୟବସ୍ଥା। ହାରୋଣର
ପୁତ୍ରଗଣ ଯଜ୍ଞବେଦୀ ସମ୍ମୁଖରେ ସଦାପ୍ରଭୁଙ୍କ ଛାମୁକୁ ଶସ୍ୟ
ଆଣିବେ। 15ଯାଜକ ସେହି ଶସ୍ୟ ନୈବେଦ୍ୟରୁ ମୁଠାଏ ସରୁ
ମଇଦା, କିଛି ତୈଳ ଓ ନୈବେଦ୍ୟ ଉପରସ୍ଥ ସମସ୍ତ
ଲୋବାନ ନେଇ ଯଜ୍ଞବେଦୀରେ ଦଗ୍ଧ କରିବ। ଏହା ସଦାପ୍ରଭୁଙ୍କ
ତୁଷ୍ଟିଜନକ ଆଘ୍ରାଣାର୍ଥେ ସ୍ମରଣାର୍ଥକ ନୈବେଦ୍ୟ ହେବ।
16"ପୁଣି ହାରୋଣ ଓ ତାହାର ପୁତ୍ରଗଣ ତହିଁର ଅବଶିଷ୍ଟାଂଶ
ଭୋଜନ କରିବେ। ସେମାନେ ସମାଗମ ତମ୍ବୁର ପ୍ରାଙ୍ଗଣ
ଭିତରେ କୌଣସି ଏକ ପବିତ୍ର ସ୍ଥାନରେ ତାଡ଼ି ବିନା ତାକୁ
ଭକ୍ଷଣ କରିବେ। 17ଶସ୍ୟ ନୈବେଦ୍ୟ ବିନା ତାଡ଼ିରେ ପାକ
କରାଯିବ। ମୋତେ ଦିଆଯାଇଥିବା ଉପହାରରୁ କିଛି ଅଂଶ
ଯାଜକମାନଙ୍କୁ ଦେଇଅଛି। ତାହା ପାପାର୍ଥକ ବଳି ଓ ଦୋଷାର୍ଥକ
ବଳି ତୁଲ୍ୟ ମହାପବିତ୍ର ରୂପେ ବ୍ୟବହାର କରାଯିବା ଉଚିତ୍।
18ହାରୋଣଙ୍କ ସନ୍ତାନଗଣଙ୍କ ମଧ୍ୟରୁ ପ୍ରତ୍ୟେକ ପୁରୁଷ ତାହା
ଭୋଜନ କରିବ। ପୁରୁଷାନୁକ୍ରମେ ସଦାପ୍ରଭୁଙ୍କ ନୈବେଦ୍ୟ
ସେମାନେ ଗ୍ରହଣ କରିବେ ଏକ ବିଧି ହେବ। ଯାହା କିଛି
ଜିନିଷଗୁଡିକ ଏହାକୁ ସ୍ପର୍ଶ କରିବ ପବିତ୍ର ହେବ।"

## ଯାଜକମାନଙ୍କର ଶସ୍ୟ ନୈବେଦ୍ୟ

19ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 20"ଏହି
ନୈବେଦ୍ୟ ହାରୋଣ ଓ ତାଙ୍କର ପୁତ୍ରଗଣ ସଦାପ୍ରଭୁଙ୍କୁ
ସେମାନଙ୍କର ଅଭିଷେକ ଦିନରେ ଉତ୍ସର୍ଗ କରିବା ଉଚିତ୍।
ସେମାନେ ପ୍ରତିଦିନ ଶସ୍ୟ ନୈବେଦ୍ୟ ନିମନ୍ତେ ଐଫାର
ଦଶମାଂଶ ସରୁ ମଇଦା ନେଇ ଅର୍ଦ୍ଧେକ ପ୍ରଭାତରେ ଓ
ଅର୍ଦ୍ଧେକ ସନ୍ଧ୍ୟା କାଳରେ ଉତ୍ସର୍ଗ କରିବେ। 21ପଲମରେ
ତାହା ତୈଳ ମିଶ୍ରିତ ହୋଇ ପ୍ରସ୍ତୁତ କରାଯିବ। ପାକ ହେଲେ
ତୁମ୍ଭେ ତାକୁ ଭିତରକୁ ଆଣିବ, ସେହି ନୈବେଦ୍ୟର ଖଣ୍ଡ
ଖଣ୍ଡ ପକ୍ୱାନ୍ନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ।
ସେହି ଆଘ୍ରାଣ ତାଙ୍କର ତୁଷ୍ଟିଜନକ ହେବ।
22"ହାରୋଣଙ୍କ ପରେ ତାଙ୍କର ଭବିଷ୍ୟତ ବଂଶଧରମାନଙ୍କ
ମଧ୍ୟରୁ ଯେ ତାଙ୍କ ପଦରେ ଅଭିଷିକ୍ତ ଯାଜକ ହେବ, ସେ
ଶସ୍ୟ ନୈବେଦ୍ୟ ଉତ୍ସର୍ଗ କରିବା ଉଚିତ୍। ଏହା ସମ୍ପୂର୍ଣ୍ଣ
ଭାବରେ ଦଗ୍ଧ କରାଯିବା ଉଚିତ୍। ଏହା ସଦାପ୍ରଭୁଙ୍କର ଅଟେ।
ଏହି ପ୍ରକାରେ ତାହା ସଦାସର୍ବଦା କରାଯିବା ଉଚିତ୍। 23ପୁଣି
ଯାଜକର ପ୍ରତ୍ୟେକ ଶସ୍ୟ ନୈବେଦ୍ୟ ସମ୍ପୂର୍ଣ୍ଣ ଦଗ୍ଧ ହେବ,
ତାହା ଭୋଜନ କରାଯିବ ନାହିଁ।"

## ପାପାର୍ଥକ ବଳିର ବ୍ୟବସ୍ଥା

24ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 25"ହାରୋଣ
ଓ ତାଙ୍କ ପୁତ୍ରଗଣଙ୍କୁ କୁହ, ପାପରୁ ମୁକ୍ତ ପାଇବା ପାଇଁ ଏହା
ହେଉଛି ପଶୁବଳି ଉତ୍ସର୍ଗ କରିବାର ବ୍ୟବସ୍ଥା। ଯେଉଁ ସ୍ଥାନରେ
ହୋମବଳି ଉତ୍ସର୍ଗ କରାଯାଏ, ସେହି ସ୍ଥାନରେ ସଦାପ୍ରଭୁଙ୍କ
ସମ୍ମୁଖରେ ପାପମୋଚନ ପାଇଁ ପଶୁ ଉତ୍ସର୍ଗ କରାଯିବ। ଏହା
ମହାପବିତ୍ର ଅଟେ। 26ଯେଉଁ ଯାଜକ ପାପମୋଚନ ପଶୁବଳି
ଉତ୍ସର୍ଗ କରିବ, ସେ ତାହା ଭୋଜନ କରିବ, କିନ୍ତୁ ସେ
ସମାଗମ ତମ୍ବୁ ପ୍ରାଙ୍ଗଣର ଭିତରେ କୌଣସି ଏକ ପବିତ୍ର
ସ୍ଥାନରେ ତାହା ଭକ୍ଷଣ କରିବ। 27ଯେ କେହି ପାପାର୍ଥକ
ବଳିର ମାଂସକୁ ସ୍ପର୍ଶ କରିବ, ସେ ପବିତ୍ର ହେବ,
"ପୁଣି ଯେବେ କୌଣସି ବସ୍ତ୍ରରେ ସେ ପାପାର୍ଥକ ବଳିର
ରକ୍ତ ଛିଟା ପଡ଼ୁଥାଏ, ତେବେ ତୁମ୍ଭେ ସେହି ବସ୍ତ୍ରକୁ ପବିତ୍ର
ସ୍ଥାନରେ ଧୌତ କରିବ। 28ଯଦି ତାହା ମାଟିପାତ୍ରରେ ପାକ
କରାଯାଏ ତେବେ ତାହା ଭଙ୍ଗା ଯିବ, ଯେବେ ପିତ୍ତଳ
ପାତ୍ରରେ ତାହା ପାକ ହୁଏ ତେବେ ତାହା ମଜା ଯିବ ଓ
ଜଳରେ ପରିଷ୍କୃତ ହେବ।
29"ଯାଜକ ପରିବାରରୁ ଯେ କୌଣସି ପୁରୁଷ ତାହା
ଭୋଜନ କରିବେ। ତାହା ଅତି ପବିତ୍ର ଅଟେ। 30ମାତ୍ର
ପବିତ୍ର ସ୍ଥାନରେ ପ୍ରାୟଶ୍ଚିତ୍ତ କରିବା ନିମନ୍ତେ ଯଦି କୌଣସି
ପାପାର୍ଥକ ବଳିର ରକ୍ତ ସମାଗମ-ତମ୍ବୁ ଭିତରକୁ ଅଣାଯାଏ,
ତେବେ ସେହି ପାପାର୍ଥକ ବଳି ନିଶ୍ଚୟ ଭୋଜନ କରାଯିବା
ଉଚିତ୍ ନୁହେଁ। ତାହା ସମ୍ପୂର୍ଣ୍ଣରୂପେ ଅଗ୍ନିରେ ଦଗ୍ଧ କରାଯିବା
ଉଚିତ୍।

## ଦୋଷାର୍ଥକ ବଳି

7 "ଏହିସବୁ ଦୋଷାର୍ଥକ ବଳିର ବିଧି ଅଟେ। ତାହା
ମହାପବିତ୍ର। 2ଯେଉଁ ସ୍ଥାନରେ ଯାଜକ ହୋମବଳି ବଧ
କରନ୍ତି, ସେହି ସ୍ଥାନରେ ସେମାନେ ଦୋଷାର୍ଥକ ବଳି ବଧ
କରିବେ। ତା'ପରେ ଯାଜକ ସେହି ବଳିର ରକ୍ତ ନେଇ
ଯଜ୍ଞବେଦୀ ଚାରିପାଖରେ ଛିଞ୍ଚିବ।
3"ଆଉ ସେ ଯାଜକ ତାହାର ସମସ୍ତ ମେଦ ଅର୍ଥାତ୍
ଲାଙ୍ଗୁଳର ମେଦ ଓ ଅନ୍ତ୍ରାଚ୍ଛାଦକ ମେଦ ଦୋଷାର୍ଥକ ବଳିରୂପେ
ଉତ୍ସର୍ଗ କରିବ। 4ଆଉ ସେ ଯାଜକ ଦୁଇ ଗୁରୁଦା ଓ ମେଦ
ଉପରସ୍ଥିତ ଓ ପାର୍ଶ୍ୱସ୍ଥ ମେଦର ପଛ ମାଂସପେଶୀର ନିମ୍ନଭାଗ
ଓ ମେଦର ଆଚ୍ଛାଦିତ ଯକୃତ ନେଇ ଉତ୍ସର୍ଗ କରିବା ଉଚିତ୍।
ସେ ଏହା ଗୁରୁଦା ସହିତ ନିଶ୍ଚୟ ବାହାର କରିବ। 5ପୁଣି
ଯାଜକ ସଦାପ୍ରଭୁଙ୍କୁ ଉପହାର ସ୍ୱରୂପ ଏହିସବୁ ନେଇ ଯଜ୍ଞବେଦୀ
ଉପରେ ଦଗ୍ଧ କରିବ, ଏହା ହେଉଛି ଦୋଷାର୍ଥକ ବଳି।

6"ଯାଜକ ପରିବାର ମଧ୍ୟରୁ ଯେକୌଣସି ପୁରୁଷ ଏହି
ଦୋଷାର୍ଥକ ବଳି ଭୋଜନ କରିପାରିବେ। ଏହା ମହାପବିତ୍ର,
ତେଣୁ କୌଣସି ପବିତ୍ର ସ୍ଥାନରେ ତାହା ଭୋଜନ କରାଯିବ।
7ପାପାର୍ଥକ ବଳି ଯେଉଁପରି, ଦୋଷାର୍ଥକ ବଳି ମଧ୍ୟ ସେହିପରି।
ଯେଉଁ ଯାଜକ ସେହି ପ୍ରାୟଶ୍ଚିତ୍ତ କରେ, ତାହା ତାଙ୍କର
ହେବ। ଦୁଇଟିର ବ୍ୟବସ୍ଥା ଏକ। 8ପୁଣି ଯାଜକ ଯେଉଁ
ଲୋକର ହୋମବଳି ଉତ୍ସର୍ଗ କରେ, ତା'ର ସେହି ଉତ୍ସର୍ଗୀକୃତ
ହୋମବଳିର ଚର୍ମ ସେହି ଯାଜକ ନିଜେ ନେବ। 9ପ୍ରତ୍ୟେକ
ଶସ୍ୟ ନୈବେଦ୍ୟ ଯାହା ତନ୍ଦୁରରେ ବା କରେଇରେ ପକ୍ୱ
କରାଯାଏ, ସେସବୁ ଉତ୍ସର୍ଗକାରୀ ଯାଜକର ହେବ। 10ସମସ୍ତ
ଶସ୍ୟ ନୈବେଦ୍ୟ ହାରୋଣଙ୍କ ପୁତ୍ରମାନଙ୍କର। ତାହା ତୈଳ
ମିଶ୍ରିତ ହେଉ ବା ଶୁଷ୍କ ହେଉ, ସେଥିରେ କିଛି ପ୍ରଭେଦ
ରହିବ ନାହିଁ। ସେହି ନୈବେଦ୍ୟ ହାରୋଣଙ୍କ ପୁତ୍ରଗଣଙ୍କ
ମଧ୍ୟରେ ବଣ୍ଟାଯିବ।

## ମଙ୍ଗଳାର୍ଥକ ବଳି

11"ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ମଙ୍ଗଳାର୍ଥକ ବଳି ଉତ୍ସର୍ଗ
କରିବା ପାଇଁ ନିମ୍ନ ବ୍ୟବସ୍ଥା ଅଛି। 12କେହି ଯେବେ
ସଦାପ୍ରଭୁଙ୍କୁ ପ୍ରଶଂସା କରିବାକୁ ମଙ୍ଗଳାର୍ଥକ ବଳି ଆଣେ,
ତେବେ ସେ ତେଲରେ ଛଣା ହୋଇଥିବା ମଙ୍ଗଳାର୍ଥକ ବଳି
ସହିତ ତାଡ଼ିଶୂନ୍ୟ ରୋଟୀ, ତୈଳଯୁକ୍ତ ତାଡ଼ିଶୂନ୍ୟ ଚକୁଳି ଓ
ସରୁ ମଇଦାର ତୈଳମିଶ୍ରିତ ପକ୍ୱପିଠା ଉତ୍ସର୍ଗ କରିବ।
13ମଙ୍ଗଳାର୍ଥକ ବଳିର ଅର୍ଥ ଜଣେ ବ୍ୟକ୍ତି ସଦାପ୍ରଭୁଙ୍କୁ
ଧନ୍ୟବାଦ ପ୍ରକାଶ କରିବା ଓ ପ୍ରଶଂସାର ସହିତ ଅର୍ପଣ
କରୁଥିବା ବଳି। ଏହି ଉପହାର ସହିତ ସେ ତାଡ଼ିଯୁକ୍ତ ପିଠା
ମଧ୍ୟ ଆଣିବା ଉଚିତ୍। 14ସେ ସଦାପ୍ରଭୁଙ୍କୁ ଉତ୍ସର୍ଗ କରୁଥିବା
ଉପହାରରୁ ଗୋଟିଏ ପିଠା ନେବ। ଯେଉଁ ଯାଜକ ମଙ୍ଗଳାର୍ଥକ
ବଳିର ରକ୍ତ ସିଞ୍ଚନ କରେ ପିଠାଟି ତାହାର ହେବ।
15ମଙ୍ଗଳାର୍ଥକ ବଳି ପ୍ରଭୁଙ୍କ ଧନ୍ୟବାଦର ବଳି ରୂପେ ଉତ୍ସର୍ଗ
କରାଯାଏ। ସେହି ବଳିର ମାଂସ ସେହି ଉତ୍ସର୍ଗ ଦିନରେ
ଭୋଜନ କରାଯିବ। ତହିଁରୁ କୌଣସି ମାଂସ ପରଦିନ ପ୍ରାତଃକାଳ
ପର୍ଯ୍ୟନ୍ତ ରହିବ ନାହିଁ।
16"ମାତ୍ର ଯଦି ସେହି ମଙ୍ଗଳାର୍ଥକ ବଳି ପ୍ରତିଜ୍ଞା ବା
ସ୍ୱେଚ୍ଛାଦତ୍ତ ଉପହାର ହୁଏ। ତେବେ ସେ ତାହାର ସେହି ବଳି
ଉତ୍ସର୍ଗ କରିବା ଦିନ ହିଁ ତାହା ଭୋଜନ କରିବ। ପୁଣି
ତହିଁରୁ ଯାହା ଅବଶିଷ୍ଟ ରହିବ ତାହା ପରଦିନ
ପ୍ରାତଃକାଳରେ ଭୋଜନ କରିବ। 17ମାତ୍ର ଯେବେ କୌଣସି
ବଳି ମାଂସ ପୁଣି ରହିଯାଏ, ତେବେ ତାହା ତୃତୀୟ ଦିନରେ
ଅଗ୍ନିରେ ଦଗ୍ଧ କରିବ। 18ଯଦି ତୃତୀୟ ଦିନରେ ସେହି
ମଙ୍ଗଳାର୍ଥକ ବଳିରୁ କିଛି ମାତ୍ର ଭୋଜନ କରାଯାଏ, ତେବେ
ତାହା ଗ୍ରାହ୍ୟ ହେବ ନାହିଁ କିମ୍ବା ତାହା ବଳିଦାନକାରୀ
ପକ୍ଷରେ ଗଣାଯିବ ନାହିଁ। ତାହା ଘୃଣା ଯୋଗ୍ୟ ହେବ, ଆଉ
ଯେଉଁ ବ୍ୟକ୍ତି ତାହା ଭୋଜନ କରିବ ସେ ନିଜର ଅପରାଧ
ବହନ କରିବ।
19"ଆଉ ଯଦି ତାହା କୌଣସି ଅଶୁଚି ବସ୍ତୁ ସଂସ୍ପର୍ଶରେ
ଆସିଥାଏ, ତେବେ ତାହା ଭୋଜନ କରାଯିବା ଉଚିତ୍ ନୁହେଁ।
ତାହା ଅଗ୍ନିରେ ଦଗ୍ଧ କରାଯିବା ଉଚିତ୍। ଯେକୌଣସି ଶୁଚିମନ୍ତ
ଲୋକ ସେହି ମଙ୍ଗଳାର୍ଥକ ବଳିରୁ ମାଂସ ଭୋଜନ କରିପାରିବ।
20ମାତ୍ର ଯଦି କୌଣସି ଅଶୁଚି ବ୍ୟକ୍ତି ସଦାପ୍ରଭୁଙ୍କ ମଙ୍ଗଳାର୍ଥକ
ବଳି ଭୋଜନ କରେ ତେବେ ସେ ନିଜ ଲୋକମାନଙ୍କଠାରୁ
ଅଲଗା ରହିବ।
21"ଯଦି କୌଣସି ବ୍ୟକ୍ତି ଅଶୁଚି ବସ୍ତୁ କିମ୍ବା ଅଶୁଚି
ପ୍ରାଣୀ କିମ୍ବା କୌଣସି ଘୃଣାଯୋଗ୍ୟ ଅଶୁଚି ବସ୍ତୁ ସ୍ପର୍ଶ କରେ
ତେବେ ସେ ଅପବିତ୍ର ହୁଏ ଓ ଯଦି ସେ ସଦାପ୍ରଭୁଙ୍କ
ସମ୍ବନ୍ଧୀୟ ମଙ୍ଗଳାର୍ଥକ ବଳିର ମାଂସ ଭୋଜନ କରେ ତେବେ
ସେହି ବ୍ୟକ୍ତି ଆପଣା ଲୋକମାନଙ୍କଠାରୁ ପୃଥକ୍ ରହିବ।"
22ଆଉ ସଦାପ୍ରଭୁ ମୋଶାଙ୍କୁ କହିଲେ, 23"ଇସ୍ରାୟେଲର
ଲୋକମାନଙ୍କୁ କୁହ, ଗାଈ କି ମେଷ କି ଛାଗର ମେଦ
ଭୋଜନ ନ କରିବା ପାଇଁ। 24ସେମାନଙ୍କୁ ମଧ୍ୟ କୁହ ଯେ,
ସେମାନେ ଗୋଟିଏ ପଶୁର ସ୍ୱାଭାବିକ ମୃତ୍ୟୁ ହେଉ କିମ୍ବା
ଯାହାର ଅନ୍ୟ ପଶୁ ଦ୍ୱାରା ବିଦୀର୍ଣ୍ଣ ହୋଇ ମୃତ୍ୟୁ ହୋଇଥିଲା
ଖାଇବା ଉଚିତ୍ ନୁହଁ। ସେହି ମେଦ ଅନ୍ୟ କୌଣସି
କାର୍ଯ୍ୟରେ ବ୍ୟବହାର କରାଯାଇପାରେ, ମାତ୍ର ସେମାନେ ତାହା
ଭୋଜନ କରିବା ଉଚିତ୍ ନୁହେଁ। 25ଯଦି କୌଣସି ବ୍ୟକ୍ତି
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ପଶୁର ମେଦ ଭକ୍ଷଣ
କରେ। ତେବେ ସେହି ଭୋଜନକାରୀ ଆପଣା ଲୋକମାନଙ୍କଠାରୁ
ପୃଥକ୍ ରହିବା ଉଚିତ୍।
26"ତୁମ୍ଭେମାନେ ଯେଉଁଠାରେ ବାସ କରନା କାହିଁକି
ତୁମ୍ଭେମାନେ କୌଣସି ପଶୁ କିମ୍ବା ପକ୍ଷୀର ରକ୍ତ ଭୋଜନ
କରିବ ନାହିଁ। 27ଯଦି କୌଣସି ବ୍ୟକ୍ତି ସେ ରକ୍ତ ଭୋଜନ
କରେ ତେବେ ସେ ନିଜ ଲୋକମାନଙ୍କଠାରୁ ଅଲଗା ରହିବ।"

## ଦୋଳନୀୟ ନୈବେଦ୍ୟ ପାଇଁ ବିଧି

28ପୁଣି ସଦାପ୍ରଭୁ ମୋଶାଙ୍କୁ କହିଲେ, 29"ଇସ୍ରାୟେଲ
ସନ୍ତାନଗଣଙ୍କୁ କୁହ, ଯେ କେହି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ମଙ୍ଗଳାର୍ଥକ ବଳି ଉତ୍ସର୍ଗ କରେ, ସେ ଆପଣା ସମାଗମ
ବଳିରୁ ସଦାପ୍ରଭୁଙ୍କ ନିକଟକୁ ଆପଣା ନୈବେଦ୍ୟ ଆଣିବ।
30ତା'ର ନିଜ ହସ୍ତ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୋଳନୀୟ
ନୈବେଦ୍ୟ ଆଣିବ। ସେ ବକ୍ଷ ଏବଂ ମେଦ ଆଣି ଯାଜକଙ୍କୁ
ଦେବା ଉଚିତ୍। ସେହି ବକ୍ଷ ତା'ର ଆଗରେ ଉଠାଯାଇ
ସଦାପ୍ରଭୁଙ୍କୁ ଉପହାର ଦିଆଯିବ। 31ତା'ପରେ ଯାଜକ ଯଜ୍ଞବେଦୀ
ଉପରେ ସେହି ମେଦକୁ ଦଗ୍ଧ କରିବା ଉଚିତ୍। ମାତ୍ର ବକ୍ଷ
ହାରୋଣ ଓ ତା'ର ପୁତ୍ରମାନଙ୍କର ହେବ। 32ତୁମ୍ଭେମାନେ
ନିଜ ନିଜ ମଙ୍ଗଳାର୍ଥକ ବଳିରୁ ଡ଼ାହାଣ ଚଣ୍ଟୁଆ ଯାଜକକୁ
ଦେବ। 33ହାରୋଣଙ୍କ ପୁତ୍ରମାନଙ୍କ ମଧ୍ୟରୁ ଯିଏ କେହି ମେଦ
ଓ ରକ୍ତ ମଙ୍ଗଳାର୍ଥକ ବଳି କରେ, ସେ ଆପଣା ଅଂଶ ରୂପେ
ଡ଼ାହାଣ ଚଣ୍ଟୁଆ ପାଇବ। 34ମୁଁ (ସଦାପ୍ରଭୁ) ଇସ୍ରାୟେଲ
ସନ୍ତାନଗଣର ମଙ୍ଗଳାର୍ଥକ ନୈବେଦ୍ୟରୁ ବକ୍ଷ ଓ ଚଣ୍ଟୁଆ
ନେଇ ଚିରକାଳ ଦେୟ ରୂପେ ସେସବୁ ଯାଜକ ହାରୋଣଙ୍କୁ
ଓ ତାଙ୍କର ପୁତ୍ରଗଣଙ୍କୁ ଦେଇଅଛି।"
35ସେମାନେ ସଦାପ୍ରଭୁଙ୍କର ଯାଜକରୂପେ ସେବା କରିବାକୁ
ଉପସ୍ଥିତ ହେଲାପରେ, ସଦାପ୍ରଭୁଙ୍କ ଉପହାରରୁ ଏହି ଅଂଶ
ହାରୋଣ ଓ ତାଙ୍କର ପୁତ୍ରମାନଙ୍କୁ ଦିଆଗଲା। 36ସେମାନେ
ଅଭିଷିକ୍ତ ହେଲାପରେ ସଦାପ୍ରଭୁ ଏହା ସେମାନଙ୍କୁ ଦେବା

ପାଇଁ ଇସ୍ରାୟେଲ ଲୋକମାନଙ୍କୁ ଆଦେଶ ଦେଲେ।
ପୁରୁଷାନୁକ୍ରମରେ ତାହା ସେମାନଙ୍କର ଅଂଶ ହେବ।
**37**ହୋମବଳି, ଶସ୍ୟ ନୈବେଦ୍ୟ, ପାପାର୍ଥକ ବଳି, ଦୋଷାର୍ଥକ
ବଳି, ମଙ୍ଗଳାର୍ଥକ ବଳି ଓ ପଦ ନିଯୋଗାର୍ଥକ ବିଷୟରେ
ଏହିସବୁ ବ୍ୟବସ୍ଥା ଅଛି। **38**ସଦାପ୍ରଭୁ ଯେଉଁ ଦିନ ସୀନୟ
ପର୍ବତରେ ମୋଶାଙ୍କୁ ଆଦେଶ ଦେଲେ ସେହିଦିନ ଇସ୍ରାୟେଲ
ସନ୍ତାନଗଣଙ୍କୁ ସୀନୟ ପ୍ରାନ୍ତରସ୍ଥିତ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଆପଣା ଆପଣା ଉପହାର ଦେବାକୁ ଆଜ୍ଞା କଲେ।

### ମୋଶା ଯାଜକମାନଙ୍କୁ ପ୍ରସ୍ତୁତ କଲେ

**8** ସଦାପ୍ରଭୁ ମୋଶାଙ୍କୁ କହିଲେ, **2**"ତୁମ୍ଭେ ହାରୋଣଙ୍କୁ ଓ
ତାଙ୍କ ସହିତ ତାଙ୍କର ପୁତ୍ରଗଣଙ୍କୁ, ସକଳ ବସ୍ତ୍ର,
ଅଭିଷେକାର୍ଥକ ତୈଳ, ପାପାର୍ଥକ ବଳି ନିମନ୍ତେ ଷଣ୍ଢ, ଦୁଇଟି
ମେଷଛୁଆ ଓ ତାଡ଼ିଶୂନ୍ୟ ରୋଟୀର ଡ଼ାଲା ଏକତ୍ରିତ କର।
**3**ପୁଣି ସମାଗମ ତମ୍ବୁ ଦ୍ୱାର ନିକଟରେ ସମଗ୍ର ମଣ୍ଡଳୀକୁ
ଏକତ୍ର କର।"
**4**ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ ମୋଶା ସବୁ କଲେ,
ସମାଗମ ତମ୍ବୁ ନିକଟରେ ସମଗ୍ର ମଣ୍ଡଳୀ ଏକତ୍ରିତ ହେଲେ।
**5**ପୁଣି ମୋଶା ମଣ୍ଡଳୀକୁ କହିଲେ, "ଯାହାସବୁ କରିବାକୁ
ସଦାପ୍ରଭୁ ଆଦେଶ ଦେଇଛନ୍ତି, ସେଗୁଡ଼ିକ ହେଉଛି ଏହି।"
**6**ତା'ପରେ ମୋଶା ହାରୋଣଙ୍କୁ ଓ ତାଙ୍କର ପୁତ୍ରଗଣଙ୍କୁ
ଆଣି ଜଳରେ ସ୍ନାନ କରାଇଲେ। **7**ସେ ହାରୋଣଙ୍କୁ ଜାମା
ପିନ୍ଧାଇଲେ, କଟିରେ ତାଙ୍କର ବେଲ୍ଟ ବାନ୍ଧିଲେ, ତାଙ୍କୁ ଚୋଗା
ପିନ୍ଧାଇଲେ, ତାଙ୍କୁ ଏଫୋଦ ପିନ୍ଧାଇଲେ, ତା'ପରେ ଏଫୋଦକୁ
ସିନ୍ଦୁର ବେଲ୍ଟରେ ବାନ୍ଧିଲେ। **8**ସେ ହାରୋଣଙ୍କୁ ବୁକପଟା
ଦେଲେ, ଆଉ ବୁକପଟାରେ ଉରୀମ୍ ଓ ତୁମ୍ମୀମ୍ ରଖିଲେ।
**9**ପୁଣି ତାଙ୍କ ମସ୍ତକରେ ପଗଡ଼ି ରଖିଲେ, ପଗଡ଼ି ସମ୍ମୁଖରେ
ସ୍ୱର୍ଣ୍ଣପତ୍ରର ପବିତ୍ର ମୁକୁଟ ଦେଲେ; ମୋଶା ସଦାପ୍ରଭୁଙ୍କ ଆଜ୍ଞା
ଅନୁସାରେ ଏହା କଲେ।
**10**ଅନନ୍ତର ମୋଶା ଅଭିଷେକାର୍ଥକ ତୈଳ ନେଇ ପବିତ୍ର
ତମ୍ବୁ ଓ ତହିଁ ମଧ୍ୟରେ ଥିବା ସମସ୍ତ ବସ୍ତୁ ଉପରେ ସିଞ୍ଚନ
କରି ସେସବୁକୁ ପବିତ୍ର କଲେ। **11**ତା'ପରେ ସେ ଅଭିଷେକାର୍ଥକ
ତୈଳ ପାଇଁ ରଖାଯାଇଥିବା ତୈଳ ନେଲେ ଏବଂ ଏହା
ଯଜ୍ଞବେଦୀ ଉପରେ ସାତଥର ଛିଞ୍ଚିଲେ। ସେ ଯଜ୍ଞବେଦୀ,
ତା'ର ସମସ୍ତ ପାତ୍ର, ପ୍ରକ୍ଷାଳନ ପାତ୍ର ଓ ରୁଖା ଅନ୍ୟାନ୍ୟ
ବସ୍ତୁକୁ ପବିତ୍ର କରିବାକୁ ଅଭିଷେକ କଲେ। **12**ଏହାପରେ
ସେ ହାରୋଣଙ୍କ ମସ୍ତକରେ କିଛି ଅଭିଷେକାର୍ଥକ ତୈଳ ଢ଼ାଳି
ତାଙ୍କୁ ମଧ୍ୟ ପବିତ୍ର କଲେ। **13**ତା'ପରେ ମୋଶା ହାରୋଣଙ୍କ
ପୁତ୍ରଗଣଙ୍କୁ ଆଣି ସେମାନଙ୍କୁ ଜାମା ପିନ୍ଧାଇଲେ, କଟିରେ
ସେମାନଙ୍କର କଟିବନ୍ଧନୀ ବାନ୍ଧିଲେ ଓ ସେମାନଙ୍କୁ ଶିରୋଭୂଷଣରେ
ଭୂଷିତ କଲେ। ମୋଶା ଏହା ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ
କଲେ।
**14**ତା'ପରେ ମୋଶା ପାପାର୍ଥକ ବଳିର ଗୋବତ୍ସ ଆଣିଲେ।
ତା'ପରେ ହାରୋଣ ଓ ତାଙ୍କର ପୁତ୍ରଗଣ ସେହି ପାପାର୍ଥକ
ବଳିର ଗୋବତ୍ସ ମସ୍ତକ ଉପରେ ହସ୍ତ ରଖିଲେ। **15**ତତ୍ପରେ
ମୋଶା ତାକୁ ବଧ କଲେ ଓ ସେହି ରକ୍ତ ନେଇ ଅଙ୍ଗୁଳି
ଦ୍ୱାରା ଯଜ୍ଞବେଦୀର ଚାରିଆଡ଼େ ଶିଙ୍ଗ ଉପରେ ଦେଇ ଯଜ୍ଞବେଦୀକୁ
ପାପ ମୁକ୍ତ କଲେ। ଆଉ ଯଜ୍ଞବେଦୀ ମୂଳରେ ସେହି ରକ୍ତକୁ
ଢାଳି ଦେଲେ। ଲୋକମାନଙ୍କୁ ପ୍ରାୟଶ୍ଚିତ୍ତ କରିବା ପାଇଁ ସେ
ଏହାକୁ ପବିତ୍ର କଲେ। **16**ଅନନ୍ତର ମୋଶା ଅନ୍ତ୍ର ଚତୁଃପାର୍ଶ୍ୱସ୍ଥ
ସମସ୍ତ ମେଦ, ଯକୃତ ଉପରିସ୍ଥ ଅନ୍ତପ୍ଲାବକ, ଦୁଇ ଗୁରୁଦା ଓ
ତାହାର ମେଦ ନେଇ ଯଜ୍ଞବେଦୀ ଉପରେ ଦଗ୍ଧ କଲେ।
**17**ମାତ୍ର ସେ ଚର୍ମ, ମାଂସ ଓ ଗୋମୟ ନେଇ ଛାଉଣୀର
ବାହାରେ ଦଗ୍ଧ କଲେ। ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ ମୋଶା
ଏହା କଲେ।
**18**ତା'ପରେ ସେ ହୋମବଳି ପାଇଁ ମେଷ ଆଣିଲେ।
ହାରୋଣ ଓ ତାଙ୍କର ପୁତ୍ରଗଣ ମେଷର ମସ୍ତକରେ ହସ୍ତ
ରଖିଲେ। **19**ତା'ପରେ ମୋଶା ମେଷଟିକୁ ବଧ କଲେ ଓ
ତା'ର ରକ୍ତ ନେଇ ଯଜ୍ଞବେଦୀର ଚାରିଆଡ଼େ ଛିଞ୍ଚିଲେ।
**20-21**ଆଉ ସେ ମେଷକୁ ଖଣ୍ଡ ଖଣ୍ଡ କରି କାଟିଲେ, ମୋଶା
ତାହାର ମସ୍ତକ, ସମସ୍ତ ମାଂସ ଖଣ୍ଡ ଓ ମେଦ ଦଗ୍ଧ କଲେ।
ସେ ତାହାର ଅନ୍ତ୍ର ଓ ନଳଗୋଡ଼ ଜଳରେ ଧୌତ କଲେ।
ତା'ପରେ ଯଜ୍ଞବେଦୀ ଉପରେ ମୋଶା ସମସ୍ତ ମେଷକୁ ଦଗ୍ଧ
କଲେ। ଏହାଥିଲା ସଦାପ୍ରଭୁଙ୍କ ପାଇଁ ହୋମବଳି ଓ ସଦାପ୍ରଭୁଙ୍କର
ଏକ ସୁବାସିତ ନୈବେଦ୍ୟ। ମୋଶା ଠିକ୍ ତାହା କଲେ, ଯାହା
ସଦାପ୍ରଭୁ ତାଙ୍କୁ ଆଜ୍ଞା ଦେଇଥିଲେ।
**22**ଅନନ୍ତର ସେ ଅନ୍ୟ ମେଷ ଅର୍ଥାତ୍ ପଦ ନିଯୋଗାର୍ଥକ
ମେଷ ଆଣିଲେ। ହାରୋଣ ଓ ତାଙ୍କର ପୁତ୍ରଗଣ ମେଷର
ମସ୍ତକ ଉପରେ ହସ୍ତ ରଖିଲେ। **23**ତା'ପରେ ମୋଶା ମେଷକୁ
ବଧ କଲେ ଓ ତାହାର କିଛି ରକ୍ତ ନେଇ ହାରୋଣର
ଦକ୍ଷିଣ କର୍ଣ୍ଣ ଗହ୍ୱରରେ ଓ ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି ଉପରେ
ଓ ହାରୋଣର ଦକ୍ଷିଣ ପାଦର ବୃଦ୍ଧାଙ୍ଗୁଳି ଉପରେ ଦେଲେ।
**24**ଏହାପରେ ସେ ହାରୋଣର ପୁତ୍ରଗଣଙ୍କୁ ଆଣିଲେ। ତହୁଁ
ମୋଶା ସେହି ରକ୍ତରୁ କିଛି ନେଇ ସେମାନଙ୍କ ଦକ୍ଷିଣ
କର୍ଣ୍ଣପ୍ରାନ୍ତରେ ଓ ସେମାନଙ୍କ ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି
ଉପରେ ଓ ସେମାନଙ୍କ ଦକ୍ଷିଣ ପାଦର ବୃଦ୍ଧାଙ୍ଗୁଳି ଉପରେ
ଦେଲେ; ଆଉ ମୋଶା ଯଜ୍ଞବେଦୀର-ଉପରେ ଚାରିଆଡ଼େ
ରକ୍ତ ସିଞ୍ଚନକଲେ। **25**ପୁଣି ସେ ମେଦ ଓ ମେଦମୟ
ଲାଙ୍ଗୁଳ, ଅନ୍ତ୍ର ଉପରିସ୍ଥିତ ସକଳ ମେଦ, ଯକୃତର ଉପରିସ୍ଥିତ
ଅନ୍ତପ୍ଲାବକ ଓ ଦୁଇ ଗୁରୁଦା ଓ ତହିଁର ମେଦ ଓ ଡ଼ାହାଣ
ଚଟୁଆ ନେଲେ।
**26**ଆଉ ସେ ତାଡ଼ିଶୂନ୍ୟ ରୋଟୀ, ଯାହା ସଦାପ୍ରଭୁଙ୍କ
ସମ୍ମୁଖରେ ନିତ୍ୟ ରଖାଯାଉଥିଲା ତାହା ନେଲେ ଓ ତୈଳ
ପକ୍ୱ ରୋଟୀର ଗୋଟିଏ ପିଠା ଓ ଗୋଟିଏ ତାଡ଼ିଶୂନ୍ୟ ରୋଟୀ
ଓ ଡ଼ାହାଣ ଚଟୁଆ ଓ ମେଦ ଉପରେ ଥୋଇଲେ। **27**ତହୁଁ
ସେ ହାରୋଣଙ୍କର ଓ ତାଙ୍କର ପୁତ୍ରଗଣଙ୍କର ହସ୍ତରେ ସେହିସବୁ
ଦେଇ ସଦାପ୍ରଭୁଙ୍କ ସମ୍ମୁଖରେ ଦୋଳନୀୟ ନୈବେଦ୍ୟାର୍ଥେ
ଦୋଳାଇଲେ। **28**ଏହାପରେ ମୋଶା ସେମାନଙ୍କ ହସ୍ତରୁ
ସେସବୁ ନେଇ ଯଜ୍ଞବେଦୀସ୍ଥିତ ହୋମବଳି ଉପରେ ଦଗ୍ଧ
କଲେ। ହାରୋଣ ଓ ତାଙ୍କର ପୁତ୍ରମାନଙ୍କୁ ଯାଜକ ରୂପେ
ନିଯୁକ୍ତ ଉପଲକ୍ଷେ ଏହା ଏକ ନୈବେଦ୍ୟ ଥିଲା, ଏହା
ସଦାପ୍ରଭୁଙ୍କ ପାଇଁ ଏକ ସୁବାସିତ ନୈବେଦ୍ୟ। **29**ଆଉ ମୋଶା
ବକ୍ଷ ନେଇ ସଦାପ୍ରଭୁଙ୍କ ସମ୍ମୁଖରେ ଦୋଳନୀୟ ନୈବେଦ୍ୟାର୍ଥେ
ଦୋଳାଇଲେ। ପଦ ନିଯୋଗାର୍ଥକ ମେଷର ଏହି ଅଂଶ

ମୋଶାଙ୍କର ହେଲା। ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ ମୋଶା
ଏହା କଲେ।

30ଅନନ୍ତର ମୋଶା ଅଭିଷେକାର୍ଥକ ତୈଳରୁ ଓ ଯଜ୍ଞବେଦୀ
ଉପରସ୍ଥ ରକ୍ତରୁ କଛି ନେଇ ହାରୋଣଙ୍କ ଉପରେ ଓ
ତାଙ୍କର ବସ୍ତ୍ର ଉପରେ। ପୁଣି ତାଙ୍କ ସହତ ତାଙ୍କର
ପୁତ୍ରଗଣଙ୍କ ଉପରେ ଓ ସେମାନଙ୍କ ବସ୍ତ୍ର ଉପରେ ତାହା
ସିଞ୍ଚନକଲେ। ଆଉ ହାରୋଣଙ୍କୁ ଓ ତାଙ୍କର ସମସ୍ତ ବସ୍ତ୍ରକୁ
ପବତ୍ର କଲେ।

31ମୋଶା ହାରୋଣଙ୍କୁ ଓ ତାଙ୍କର ପୁତ୍ରଗଣଙ୍କୁ କହଲେ,
"ସମାଗମ ତମ୍ବୁ ସମ୍ମୁଖରେ ମାଂସ ରାନ୍ଧ। ତୁମ୍ଭେମାନେ ମଧ
ତାହା ସେଠାରେ ଭୋଜନ କରବ।' ନଯୋଗାର୍ଥକ ଡାଲାରେ
ଥିବା ରୋଟୀ ନେଇ ଏକାଠି ଭୋଜନ କର। 32ଯାହା ମାଂସ
ଓ ରୋଟୀ ଅବଶିଷ୍ଟ ରହବ ତାକୁ ଅଗ୍ନିରେ ଦଗ୍ଧ କରବ।
33ଆଉ ପଦ ଅଭିଷେକ ଉତ୍ସବ ସାତ ଦନ ଧର ଚାଲବ।
ତୁମ୍ଭେମାନେ ଏହ ସାତଦନ ଯାଏ ସମାଗମ ତମ୍ବୁ ଦ୍ୱାରରୁ
ବାହାରକୁ ଯିବ ନାହିଁ। କାରଣ ପୌରହତ୍ୟ ନଶ୍ଚୟ ସାତଦନ
ଯାଏଁ ଚାଲବ। 34ଆଜି ଯାହାସବୁ କରାଗଲା, ସଦାପ୍ରଭୁ
ତୁମ୍ଭମାନଙ୍କ ନମନ୍ତେ ପ୍ରାୟଶ୍ଚିତ୍ତ କରବାକୁ ସେସବୁ ଆଜ୍ଞା
ଦେଇଛନ୍ତ। 35ତୁମ୍ଭେମାନେ ସାତଦନ ଧର ଦବାରାତ୍ର ସମାଗମ
ତମ୍ବୁ ଦ୍ୱାରରେ ରହବ। ତାହା ହେଲେ ତୁମ୍ଭେମାନେ ସଦାପ୍ରଭୁଙ୍କ
ଦ୍ୱାରା ରକ୍ଷା ପାଇବ। ଏହା ପାଳନ ନକଲେ ତୁମ୍ଭେମାନେ
ମୃତ୍ୟୁବରଣ କରବ କାରଣ ସଦାପ୍ରଭୁ ମୋତେ ଏହ ଆଜ୍ଞା
ଦେଇଛନ୍ତ।"

36ତେଣୁ ସଦାପ୍ରଭୁ ମୋଶାଙ୍କୁ ଯେଉଁ ଆଜ୍ଞା ଦେଇଥିଲେ,
ହାରୋଣ ଓ ତାଙ୍କର ପୁତ୍ରଗଣ ସେସବୁ କଥା ପାଳନ କଲେ।

## ପରମେଶ୍ୱର ଯାଜକମାନଙ୍କୁ ଗ୍ରହଣ କରନ୍ତ

9 ଅନନ୍ତର ଅଷ୍ଟମ ଦନରେ ମୋଶା ହାରୋଣ ଓ ତାଙ୍କର
ପୁତ୍ରଗଣଙ୍କୁ ଓ ଇଶ୍ରାୟେଲର ପ୍ରାଚୀନବର୍ଗଙ୍କୁ ଡ଼କାଇଲେ।
2ମୋଶା ହାରୋଣଙ୍କୁ କହଲେ, "ତୁମ୍ଭେ ପାପାର୍ଥକ ବଳ
ନମନ୍ତେ ଏକ ନଖୁଣ ମେଷଛୁଆ ଓ ହୋମବଳ ନମନ୍ତେ ଏକ
ନଖୁଣ ମେଷ ନେଇ ସଦାପ୍ରଭୁଙ୍କ ସମ୍ମୁଖରେ ଉତ୍ସର୍ଗ କର।
3ଇଶ୍ରାୟେଲର ଲୋକମାନଙ୍କୁ କୁହ, 'ସେମାନେ ସଦାପ୍ରଭୁଙ୍କ
ସମ୍ମୁଖରେ ପାପାର୍ଥକ ବଳ ନମନ୍ତେ ଏକ ଅଣ୍ଡିରା ଛାଗ ଓ
ହୋମବଳ ନମନ୍ତେ ଏକ ଗୋବତ୍ସ ଓ ମେଷ ଶାବକ
ନେବେ, କାରଣ ସଦାପ୍ରଭୁ ଏହା ଆଜ୍ଞା କରଛନ୍ତ। ବାଛୁରୀ
ଏବଂ ମେଷଛୁଆ ନଶ୍ଚୟ ଏକବର୍ଷୀୟ ଓ ନଖୁଣ ହୋଇଥିବେ।
4ପୁଣି ସହଭାଗିତାର ବଳ ନମନ୍ତେ ଏକ ଷଣ୍ଢ ଓ ଏକ ମେଷ
ନଅ। ସେମାନେ ସେହ ଜିନଷଗୁଡକ ସଦାପ୍ରଭୁଙ୍କ ସମ୍ମୁଖରେ
ଅର୍ପଣ କରବା ଉଚତ୍। କାରଣ ସଦାପ୍ରଭୁ ଆଜି ସେମାନଙ୍କୁ
ଦର୍ଶନ ଦେଉଛନ୍ତ।'"

5ତେଣୁ ସମସ୍ତ ଲୋକ ସମାଗମ ତମ୍ବୁ ନକଟକୁ
ଆସିଲେ ଓ ମୋଶାଙ୍କ ଆଜ୍ଞା ଅନୁସାରେ ସମସ୍ତ ଜିନଷ
ଆଣିଥିଲେ, ସେମାନେ ସଦାପ୍ରଭୁଙ୍କ ସମ୍ମୁଖରେ ଛିଡ଼ା ହେଲେ।
6ତା'ପରେ ମୋଶା କହଲେ, "ଏହ କଥା କରବାକୁ ସଦାପ୍ରଭୁ
ତୁମ୍ଭମାନଙ୍କୁ ଆଜ୍ଞା ଦେଲେ। ଏହା କଲେ ତୁମ୍ଭମାନଙ୍କ ପ୍ରତି
ସଦାପ୍ରଭୁଙ୍କ ମହମା ପ୍ରକାଶ ପାଇବ।"

7ତା'ପରେ ମୋଶା ହାରୋଣଙ୍କୁ କହଲେ, "ଯଜ୍ଞବେଦୀ
ନକଟକୁ ଆସ ଓ ଲୋକମାନଙ୍କ ଦ୍ୱାରା କରାଯାଇଥିବା ପାପର
ପ୍ରାୟଶ୍ଚିତ୍ତ ପାଇଁ ପାପାର୍ଥକ ବଳ ଓ ହୋମବଳ ଉତ୍ସର୍ଗ କର।
ତା'ପରେ ଲୋକମାନଙ୍କର ଉପହାର ଉତ୍ସର୍ଗ କର ଓ ପ୍ରାୟଶ୍ଚିତ୍ତ
କର। କାରଣ ସଦାପ୍ରଭୁ ତୁମ୍ଭକୁ ଏହା କରବା ପାଇଁ ଆଜ୍ଞା
ଦେଇଛନ୍ତ।"

8ତହୁଁ ହାରୋଣ ଯଜ୍ଞବେଦୀ ନକଟକୁ ଯାଇ ନଜ ପାଇଁ
ପାପାର୍ଥକ ବଳର ଗୋବତ୍ସ ବଧ କଲେ। 9ତା'ପରେ ହାରୋଣଙ୍କ
ପୁତ୍ରଗଣ ତାଙ୍କ ନକଟକୁ ରକ୍ତ ଆଣିଲେ ତହିଁରେ ସେ ନଜର
ଅଙ୍ଗୁଳ ବୁଡ଼ାଇ ଯଜ୍ଞବେଦୀର ଶିଙ୍ଗ ଉପରେ ଛିଞ୍ଚିଲେ ଓ
ଅବଶିଷ୍ଟ ରକ୍ତ ଯଜ୍ଞବେଦୀ ମୂଳରେ ଢ଼ାଳଲେ। 10ସଦାପ୍ରଭୁଙ୍କ
ମୋଶା ପ୍ରତି ଆଜ୍ଞା ଅନୁସାରେ ହାରୋଣ ମେଦ,
ଗୁରୁଦା ଓ ଯକୃତର ଆଚ୍ଛାଦତ ହୋଇଥିବା ପାପାର୍ଥକ
ବଳସବୁକୁ ଯଜ୍ଞବେଦୀ ଉପରେ ଦଗ୍ଧ କଲେ। 11ତା'ପରେ
ସେ ମାଂସ ଓ ଚର୍ମ ନେଇ ଛାଉଣୀର ବାହାରେ ସେଗୁଡକୁ
ଦଗ୍ଧ କଲେ।

12ତାହାପରେ ହାରୋଣ ହୋମବଳ ପାଇଁ ଗୋବତ୍ସ ବଧ
କଲେ। ତାଙ୍କର ପୁତ୍ରମାନେ ତାଙ୍କ ନକଟକୁ ରକ୍ତ ଆଣିଲେ
ଓ ହାରୋଣ ଯଜ୍ଞବେଦୀ ଉପରେ ଚାରଆଡ଼େ ସିଞ୍ଚନ କଲେ।
13ତା'ପରେ ତାଙ୍କର ପୁତ୍ରଗଣ ତାଙ୍କ ନକଟରେ ହୋମବଳର
ଖଣ୍ଡ ଖଣ୍ଡ ମାଂସ ଓ ମସ୍ତକ ସମର୍ପଣ କଲେ। ସେ ସମସ୍ତ
ଯଜ୍ଞବେଦୀ ଉପରେ ଦଗ୍ଧ କଲେ। 14ହାରୋଣ ମଧ ହୋମବଳର
ଅନ୍ତ ଓ ଗୋଡ ଧୌତ କଲେ ଓ ସେ ସମସ୍ତ ଯଜ୍ଞବେଦୀ
ଉପରେ ଦଗ୍ଧ କଲେ।

15ତାହାପରେ ସେ ଲୋକମାନଙ୍କ ଉପହାର ନକଟକୁ
ଆଣିଲେ। ଲୋକମାନଙ୍କର ପାପାର୍ଥକ ଛାଗ ନେଇ ପ୍ରଥମଟି
ପର ବଧ କର ପାପାର୍ଥରେ ତାହା ଉତ୍ସର୍ଗ କଲେ। 16ହାରୋଣ
ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ ହୋମବଳ ବଧି ଅନୁସାରେ
ଉତ୍ସର୍ଗ କଲେ। 17ପୁଣି ହାରୋଣ ଭକ୍ଷ୍ୟ ନୈବେଦ୍ୟ ବେଦୀ
ନକଟକୁ ଆଣି ତହିଁରୁ ମୁଠିଏ ନେଇ ପ୍ରଭାତର ହୋମବଳ
ସହତ ଯଜ୍ଞବେଦୀ ଉପରେ ତାହା ଦଗ୍ଧ କଲେ।

18ଆଉ ମଧ ସେ ଲୋକମାନଙ୍କର ମଙ୍ଗଳାର୍ଥକ ବଳର
ଗୋରୁ ଓ ମେଷ ବଧ କଲେ; ହାରୋଣଙ୍କ ପୁତ୍ରଗଣ ବଳର
ରକ୍ତ ଆଣି ତାଙ୍କୁ ସମର୍ପଣ କଲେ ଓ ସେ ତାହାକୁ
ଯଜ୍ଞବେଦୀ ଉପରେ ଚାରଆଡ଼େ ସିଞ୍ଚନ କଲେ। 19ପୁଣି
ତାଙ୍କର ପୁତ୍ରଗଣ ଷଣ୍ଢ ମେଦ ଓ ମେଷଛୁଆର ମେଦ
ମେଦମୟ ଲାଙ୍ଗୁଳ, ଅନ୍ତ ଓ ଗୁରୁଦାର ଉପରସ୍ଥ ମେଦ ଓ
ଯକୃତର ଉପରସ୍ଥ ଅନ୍ତାପ୍ଲାବକ ତାଙ୍କ ନକଟକୁ ଆଣିଲେ।
20ଏହ ସବୁ ମେଦ ସେମାନେ ଗୋରୁ ଓ ମେଷର ବକ୍ଷ
ଉପରେ ରଖିଲେ ଓ ହାରୋଣ ସେ ସମସ୍ତ ବେଦୀ ଉପରେ
ଦଗ୍ଧ କଲେ। 21ମୋଶାଙ୍କ ଆଜ୍ଞା ଅନୁସାରେ ହାରୋଣ
ସଦାପ୍ରଭୁଙ୍କ ସମ୍ମୁଖରେ ବକ୍ଷ ଓ ଡାହାଣ ଚଟୁଆ ଦୋଳନୀୟ
ନୈବେଦ୍ୟ ରୂପେ ଦୋଳନ କଲେ।

22ତା'ପରେ ହାରୋଣ ଆପଣା ହସ୍ତ ଉତ୍ତୋଳନ କର
ଲୋକମାନଙ୍କୁ ଆଶୀର୍ବାଦ କଲେ। ସେ ପାପାର୍ଥକ ବଳ,
ହୋମବଳ ଓ ମଙ୍ଗଳାର୍ଥକ ବଳ ଉତ୍ସର୍ଗ କଲାପରେ ସେ
ଯଜ୍ଞବେଦୀ ତଳକୁ ଓହ୍ଲାଇ ଆସିଲେ।

23ଅନନ୍ତର ମୋଶା ଓ ହାରୋଣ ସମାଗମ ତମ୍ବୁରେ
ପ୍ରବେଶ କଲେ। ପୁଣି ବାହାରକୁ ଆସି ଲୋକମାନଙ୍କୁ
ଆଶୀର୍ବାଦ କଲେ। ସେତେବେଳେ ସବୁ ଲୋକଙ୍କ ପ୍ରତି
ସଦାପ୍ରଭୁଙ୍କର ମହିମା ପ୍ରକଟିତ ହେଲା। 24ପୁଣି ସଦାପ୍ରଭୁଙ୍କ
ସମ୍ମୁଖରୁ ଅଗ୍ନି ନିର୍ଗତ ହୋଇ ଯଜ୍ଞବେଦୀ ଉପରସ୍ଥ ହୋମବଳି
ଓ ମେଦକୁ ଭସ୍ମ କଲା। ସେତେବେଳେ ସମସ୍ତ ଲୋକ ତାହା
ଦେଖି ଉଚ୍ଚଧ୍ୱନି କରି ଭୂମିରେ ମଥାନତ କରି ପଡ଼ିଲେ।

## ପରମେଶ୍ୱର ନାଦବ ଓ ଅବୀହୂଙ୍କୁ ବିନାଶ କରନ୍ତି

10 ଏହାପରେ ହାରୋଣଙ୍କ ପୁତ୍ର ନାଦବ ଓ ଅବୀହୂ
ପାପ କଲେ। ପ୍ରତ୍ୟେକ ନିଜ ନିଜ ଅଙ୍ଗାରଧାନୀ
ନେଇ ତହିଁରେ ଅଗ୍ନି ଦେଇ ତହିଁ ଉପରେ ସୁଗନ୍ଧି ଧୂପ
ରଖିଲେ। ସେମାନେ ପରମେଶ୍ୱରଙ୍କ ସମ୍ମୁଖରେ, ତାଙ୍କର ଆଜ୍ଞା
ଅନୁସାରେ ଭିନ୍ନ ଅଗ୍ନି* ଉତ୍ସର୍ଗ କଲେ। 2ତେଣୁ ସଦାପ୍ରଭୁଙ୍କ
ସମ୍ମୁଖରୁ ଅଗ୍ନି ନିର୍ଗତ ହୋଇ ସେମାନଙ୍କୁ ଗ୍ରାସ କଲା ଓ
ସେମାନେ ସଦାପ୍ରଭୁଙ୍କ ସମ୍ମୁଖରେ ମଲେ।

3ମୋଶା ହାରୋଣଙ୍କୁ କହିଲେ, "ସଦାପ୍ରଭୁ କୁହନ୍ତି,
'ଯେଉଁମାନେ ମୋ ନିକଟକୁ ଆସନ୍ତି, ସେମାନେ ଚିହ୍ନିବା
ଉଚିତ୍ ଯେ, ମୁଁ ପବିତ୍ର କାରଣ ସବୁଲୋକଙ୍କ ସମ୍ମୁଖରେ ମୁଁ
ଗୌରବାନ୍ୱିତ ହେବି।'" ତେଣୁ ହାରୋଣ ନିଜ ପୁତ୍ରମାନଙ୍କ
ମୃତ୍ୟୁ କଥା ନ କହି ନୀରବ ରହିଲେ।

4ଏହାପରେ ମୋଶା ହାରୋଣଙ୍କର କକା ଉଷୀୟେଲର
ପୁତ୍ର ମୀଖାୟେଲକୁ ଓ ଇଲୀଷାଫନକୁ ଡାକିଲେ ଏବଂ
କହିଲେ, "ତୁମ୍ଭେମାନେ ପବିତ୍ର ସ୍ଥାନର ସମ୍ମୁଖରୁ ଯାଅ ଓ
ତୁମ୍ଭମାନଙ୍କର ସଂପର୍କୀୟ ଭାଇମାନଙ୍କର ଶବକୁ ଛାଉଣୀର
ବାହାରକୁ ନେଇଯାଅ।"

5ତେଣୁ ମୀଖାୟେଲ ଓ ଇଲୀଷାଫନ ମୋଶାଙ୍କ ଆଜ୍ଞା
ପାଳନ କଲେ। ସେମାନେ ନାଦବ ଓ ଅବୀହୂର ଶବକୁ ଜାମା
ସହିତ ଛାଉଣୀର ବାହାରକୁ ନେଇଗଲେ।

6ମୋଶା ହାରୋଣଙ୍କୁ ଓ ତାଙ୍କର ପୁତ୍ର ଇଲୀୟାସର ଓ
ଈଥାମରଙ୍କୁ କହିଲେ, "ତୁମ୍ଭମାନଙ୍କ ବସ୍ତ୍ର ଚିର ନାହିଁ କି
କେଶ ମୁକୁଳା କର ନାହିଁ, ତୁମ୍ଭେମାନେ ତୁମ୍ଭମାନଙ୍କର ଦୁଃଖ
ପ୍ରକାଶ କର ନାହିଁ। ତୁମ୍ଭେ ମୁଁ ଆଦେଶ ଦେବାଭଳି କାର୍ଯ୍ୟ
କର ଓ ତୁମ୍ଭେମାନେ ମୃତ୍ୟୁବରଣ କରିବ ନାହିଁ ଏବଂ
ପରମେଶ୍ୱର ସମଗ୍ର ମଣ୍ଡଳୀ ଉପରେ ରାଗିବେ ନାହିଁ। ମାତ୍ର
ସଦାପ୍ରଭୁ ଯେଉଁ ଅଗ୍ନିଦାହ ପ୍ରଜ୍ୱଳିତ କରିଅଛନ୍ତି, ସେଥିପାଇଁ
ତୁମ୍ଭ ଭାତୃବର୍ଗଙ୍କ ପାଇଁ ସମସ୍ତ ଇସ୍ରାୟେଲ ବଂଶ ରୋଦନ
କରନ୍ତୁ। 7ଆଉ ତୁମ୍ଭେ ସମାଗମ ତମ୍ବୁ ଦ୍ୱାରରୁ ବାହାରକୁ
ଯିବ ନାହିଁ, ଗଲେ ମରିବ। କାରଣ ତୁମ୍ଭମାନଙ୍କ ଦେହରେ
ସଦାପ୍ରଭୁଙ୍କର ଅଭିଷେକ ତୈଳ ଅଛି।" ତେଣୁ ହାରୋଣ,
ଇଲୀୟାସର ଓ ଈଥାମର ମୋଶାଙ୍କ ଆଜ୍ଞା ଅନୁସାରେ କାର୍ଯ୍ୟ
କଲେ।

8ଅନନ୍ତର ସଦାପ୍ରଭୁ ହାରୋଣଙ୍କୁ କହିଲେ, 9"ତୁମ୍ଭେ କିମ୍ବା
ତୁମ୍ଭର ପୁତ୍ରଗଣ ଯେତେବେଳେ ସମାଗମ ତମ୍ବୁରେ ପ୍ରବେଶ
କରିବେ ତୁମ୍ଭେମାନେ ଦ୍ରାକ୍ଷାରସ କିମ୍ବା ମଦ୍ୟପାନ କରିବ
ନାହିଁ। ଯଦି ତାହା ତୁମ୍ଭେମାନେ କର ତେବେ ତୁମ୍ଭେମାନେ
ମରିବ। ଏହି ବ୍ୟବସ୍ଥା ପୁରୁଷାନୁକ୍ରମେ ଅନନ୍ତକାଳ ପର୍ଯ୍ୟନ୍ତ
ପାଳିତ ହେବ। 10ତାହାଦ୍ୱାରା ତୁମ୍ଭେମାନେ ପବିତ୍ର ଓ ଅପବିତ୍ର,
ପୁଣି ଶୁଚି ଓ ଅଶୁଚି ମଧ୍ୟରେ ପ୍ରଭେଦ ସ୍ପଷ୍ଟ ଭାବରେ
ଜାଣିପାରିବ। 11ସଦାପ୍ରଭୁ ମୋଶାଙ୍କୁ ଯେଉଁ ବ୍ୟବସ୍ଥାମାନ
ଦେଇଥିଲେ, ମୋଶା ସେ ସମସ୍ତ ବ୍ୟବସ୍ଥା ଇସ୍ରାୟେଲର
ସନ୍ତାନଗଣଙ୍କୁ ଦେଲେ। ହାରୋଣ ତୁମ୍ଭେ ସେହିସବୁ ବ୍ୟବସ୍ଥା
ଲୋକମାନଙ୍କୁ ଶିକ୍ଷା ଦେଇପାରିବ।"

12ଏହାପରେ ମୋଶା ହାରୋଣଙ୍କୁ ଓ ତାଙ୍କର ଜୀବିତ
ଥିବା ଅବଶିଷ୍ଟ ଦୁଇପୁତ୍ର ଇଲୀୟାସର ଓ ଈଥାମରଙ୍କୁ କହିଲେ,
"ସଦାପ୍ରଭୁଙ୍କ ଉପହାରରୁ ଅବଶିଷ୍ଟ ଯେଉଁ ଶସ୍ୟ ନୈବେଦ୍ୟ,
ତାହା ତୁମ୍ଭେମାନେ ନେଇ ଯଜ୍ଞବେଦୀ ନିକଟରେ ବିନା
ତାଡିରେ ଭୋଜନ କର, ତାହା ମହାପବିତ୍ର। 13ମୋର
ନିର୍ଦ୍ଦେଶ ଅନୁସାରେ ତୁମ୍ଭେମାନେ ସେହି ଶସ୍ୟ ନୈବେଦ୍ୟ ଏକ
ପବିତ୍ର ସ୍ଥାନରେ ଖାଇବା ଉଚିତ୍। କାରଣ, ଏହା ତୁମ୍ଭମାନଙ୍କର
ଓ ତୁମ୍ଭ ପୁତ୍ରଗଣର ଅଂଶ ସଦାପ୍ରଭୁଙ୍କ ଉପହାରରୁ। ଏହା ମୁଁ
ନିର୍ଦ୍ଦେଶ ଦେଲି।

14"ପୁଣି ତୁମ୍ଭେ, ତୁମ୍ଭର ପୁତ୍ରଗଣ ଓ ତୁମ୍ଭର କନ୍ୟାଗଣ
ଝୁଲାଯାଇଥିବା ବକ୍ଷ ଓ ଚଟୁଆ ନେଇ ଏକ ଶୁଚି ସ୍ଥାନରେ
ଭୋଜନ କରିବ, ଯେହେତୁ ଇସ୍ରାୟେଲ ସନ୍ତାନଗଣର ମଙ୍ଗଳାର୍ଥକ
ନୈବେଦ୍ୟ ମଧ୍ୟରୁ ତାହା ତୁମ୍ଭର ଓ ତୁମ୍ଭ ସନ୍ତାନଗଣର
ପ୍ରାପ୍ୟ ଅଂଶ। 15ଯାହା ସେମାନେ ଦୋଳନୀୟ ନୈବେଦ୍ୟ
ସହିତ ଉତ୍ତୋଳନୀୟ ଚଟୁଆ ଓ ଝୁଙ୍ଗାଯାଇଥିବା ବକ୍ଷ ସଦାପ୍ରଭୁଙ୍କ
ସମ୍ମୁଖରେ ଝୁଙ୍ଗିବାକୁ ଆଣିବେ, ତାହା ତୁମ୍ଭର ଓ ତୁମ୍ଭ
ସନ୍ତାନଗଣଙ୍କର ଅନନ୍ତକାଳୀନ ଅଧିକାର ହେବ। ଯେପରି
ସଦାପ୍ରଭୁ ଆଜ୍ଞା କରିଛନ୍ତି।"

16ମୋଶା ପାପାର୍ଥକ ଛାଗର ବହୁତ ଅନ୍ୱେଷଣ କଲେ,
ମାତ୍ର ତାହା ଦଗ୍ଧ ହୋଇସାରିଥିଲା। ଏଣୁ ସେ ହାରୋଣଙ୍କ
ଅବଶିଷ୍ଟ ଦୁଇ ପୁତ୍ର ଇଲୀୟାସର ଓ ଈଥାମରଙ୍କ ଉପରେ
ରାଗି କହିଲେ, 17"ତୁମ୍ଭେମାନେ କାହିଁକି ପବିତ୍ର ସ୍ଥାନରେ
ସେହି ପାପାର୍ଥକ ବଳି ଭୋଜନ କଲ ନାହିଁ? ତାହା
ମହାପବିତ୍ର ଥିଲା। ପୁଣି ସଦାପ୍ରଭୁ ତୁମ୍ଭମାନଙ୍କୁ ମଣ୍ଡଳୀର
ଅପରାଧ ବହନକରି ଲୋକମାନଙ୍କୁ ତାଙ୍କ ସମ୍ମୁଖରେ ପ୍ରାୟଶ୍ଚିତ୍ତ
କରିବାକୁ ତୁମ୍ଭମାନଙ୍କୁ ଦେଇଛନ୍ତି। 18ଦେଖ ପବିତ୍ରସ୍ଥାନ
ଭିତରକୁ ଉତ୍ସର୍ଗ ପଶୁର ରକ୍ତ ଅଣାଗଲା ନାହିଁ। ତେଣୁ
ତୁମ୍ଭେମାନେ ତାହା ମୋ ଆଦେଶାନୁସାରେ ପବିତ୍ର ସ୍ଥାନରେ
ଭୋଜନ କରିବା ଉଚିତ୍।"

19ମାତ୍ର ହାରୋଣ ମୋଶାଙ୍କୁ କହିଲେ, "ଦେଖ, ସେମାନେ
ଆଜି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିଜ ନିଜର ପାପାର୍ଥକ ବଳି
ଓ ନିଜ ନିଜର ହୋମବଳି ଉତ୍ସର୍ଗ କଲେ। ତଥାପି ମୋ
ପ୍ରତି ଏହା ଘଟିଲା। ଯେବେ ମୁଁ ଆଜି ପାପାର୍ଥକ ବଳି
ଭୋଜନ କରିଥା'ନ୍ତି ତେବେ ତାହା କ'ଣ ସଦାପ୍ରଭୁଙ୍କ ଦୃଷ୍ଟିରେ
ଭଲ ହୋଇଥାଆନ୍ତା?" 20ଯେତେବେଳେ ମୋଶା ଏହା ଶୁଣିଲେ,
ତାହା ତାଙ୍କ ଦୃଷ୍ଟିରେ ଭଲ ଦେଖାଗଲା।

---

**ଭିନ୍ନ ଅଗ୍ନି** ସେମାନେ ବଳିଦାନ ନିୟମ ଅନୁସାରେ ବେଦୀରୁ ଅଗ୍ନି ବ୍ୟବହାର କଲେ ନାହିଁ, କିନ୍ତୁ ସମ୍ଭବତଃ କିଛି ଅଂଶ ମନ୍ଦିର ପଦାରୁ ଅଣାଯାଇଥିଲା।

### ମାଂସ ଭୋଜନ କରିବାର ବିଧି

11 ସଦାପ୍ରଭୁ ମୋଶାଙ୍କୁ ଓ ହାରୋଣଙ୍କୁ କହିଲେ,
2"ଇଶ୍ରାୟେଲ ସନ୍ତାନଗଣଙ୍କୁ କୁହ, "ତୁମ୍ଭେମାନେ
ପୃଥିବୀସ୍ଥିତ ପଶୁମାନଙ୍କ ମଧ୍ୟରୁ ଏହି ସମସ୍ତ ଜୀବ ଭୋଜନ
କରିବ। 3ପଶୁମାନଙ୍କ ମଧ୍ୟରେ ଯାହାର ଖୁରା ଦୁଇ ଭାଗରେ
ବିଭକ୍ତ ଓ ପାଦ ଚିରା ଏବଂ ଯେ ପାକୁଳି କରେ, ତାହାକୁ
ତୁମ୍ଭେମାନେ ଭୋଜନ କରିବ।

4-6"କେତେକ ପଶୁ ଅଛନ୍ତି ଯେଉଁମାନେ କି ପାକୁଳି
କରନ୍ତି। ମାତ୍ର ସେମାନଙ୍କର ଖୁରା ଦୁଇଫାଳରେ ବିଭକ୍ତ
ନୁହେଁ, ସେଭଳି ପ୍ରାଣୀଙ୍କୁ ତୁମ୍ଭେମାନେ ଭୋଜନ କରିବ
ନାହିଁ। ସେମାନଙ୍କ ମଧ୍ୟରେ ଓଟ, ଶାଫନ୍ ଓ ଠେକୁଆ
ପ୍ରଭୃତି ତୁମ୍ଭମାନଙ୍କ ପାଇଁ ଅଶୁଚି ଅଟେ। 7ଆଉ କେତେକ
ପ୍ରାଣୀ ଅଛନ୍ତି ଯେଉଁମାନଙ୍କର ଦୁଇଫାଳ ବିଶିଷ୍ଟ ଖୁରା ଅଛି।
ମାତ୍ର ସେମାନେ ପାକୁଳି କରନ୍ତି ନାହିଁ। ସେଗୁଡ଼ିକୁ ମଧ୍ୟ
ତୁମ୍ଭେମାନେ ଭୋଜନ କରିବ ନାହିଁ। ସେପ୍ରକାର ପ୍ରାଣୀ
ହେଉଛି ଶୂକର, ସେ ମଧ୍ୟ ତୁମ୍ଭମାନଙ୍କ ପାଇଁ ଅଶୁଚି।
8ତୁମ୍ଭେମାନେ ସେମାନଙ୍କର ମାଂସ ଭକ୍ଷଣ କରିବ ନାହିଁ କି
ସେମାନଙ୍କର ଶବ ସ୍ପର୍ଶ କରିବ ନାହିଁ। ସେମାନେ ତୁମ୍ଭମାନଙ୍କ
ପାଇଁ ଅଶୁଚି।

### ସାମୁଦ୍ରିକ ଖାଦ୍ୟ ସମ୍ବନ୍ଧୀୟ ବିଧି

9"ସମୁଦ୍ର ଓ ନଦୀରେ ବାସ କରୁଥିବା ଜଳଜନ୍ତୁ ମଧ୍ୟରୁ
ଯାହାର ଡେଣା ବା କାତି ଅଛି, ସେଗୁଡ଼ିକ ତୁମ୍ଭେମାନେ
ଭୋଜନ କରିପାରିବ। 10-11ମାତ୍ର ସମୁଦ୍ର କିମ୍ବା ନଦୀରେ
ବାସ କରୁଥିବା ଜଳଚର ପ୍ରାଣୀମାନଙ୍କ ମଧ୍ୟରେ, ଯେଉଁମାନଙ୍କର
ଡେଣା ବା କାତି ନାହିଁ, ସେମାନଙ୍କୁ ତୁମ୍ଭେ ଭୋଜନ କରିବ
ନାହିଁ। ସଦାପ୍ରଭୁ କୁହନ୍ତି ସେଗୁଡ଼ିକ ଘୃଣ୍ୟଜୀବ, ତୁମ୍ଭେମାନେ
ସେମାନଙ୍କର ମାଂସ ଭକ୍ଷଣ କରିବା ଉଚିତ୍ ନୁହେଁ କି
ସେମାନଙ୍କର ଶବ ସ୍ପର୍ଶ କରିବା ଉଚିତ୍ ନୁହେଁ। 12ଜଳଚରମାନଙ୍କ
ମଧ୍ୟରେ ଯେଉଁମାନଙ୍କର ଡେଣା ଓ କାତି ନାହିଁ, ସେହି
ସମସ୍ତ ତୁମ୍ଭମାନଙ୍କ ପ୍ରତି ଘୃଣା ଯୋଗ୍ୟ।

### ପକ୍ଷୀମାନେ ଯେଉଁମାନେ କି ଅଭକ୍ଷ୍ୟ

13"ପକ୍ଷୀମାନଙ୍କ ମଧ୍ୟରୁ ଯେଉଁମାନେ ଘୃଣା ଯୋଗ୍ୟ ଓ
ଭୋଜନ ଯୋଗ୍ୟ ନୁହନ୍ତି, ସେମାନେ ହେଲେ ଛଞ୍ଚାଣ,
ଶାଗୁଣା ଓ ବାଜପକ୍ଷୀ। 14ପୁଣି ଚିଲ ଓ ସବୁ ଜାତିର
ବାଜପକ୍ଷୀ। 15ପୁଣି ସମସ୍ତ ପ୍ରକାର ଡ଼ାମରା କାଉ। 16ଓଟପକ୍ଷୀ,
ତାମସପକ୍ଷୀ, ସମୁଦ୍ର ଚିଲ ଓ ବିଭିନ୍ନ ଜାତିର ଛଞ୍ଚାଣ, 17ପୁଣି
କୋଷପକ୍ଷୀ, ପାଣିକୁଆ ଓ ବଗ। 18ଦୀର୍ଘଗଳ ହଂସ, ପାଣିଭେଳା
ଓ ଶାଗୁଣା। 19ପୁଣି ଚରଳ, ବିଭିନ୍ନ ଜାତିର କଙ୍କ, ଟିଟ୍ଟିବ
ଓ ଗୃମଗିକା।

### କୀଟପତଙ୍ଗ ଭକ୍ଷ୍ୟ ବିଷୟକ ବିଧି

20"ପୁଣି ଚାରିପାଦ ଗମନକାରୀ ପକ୍ଷ ବିଶିଷ୍ଟ ଜୀବ ସକଳ
ତୁମ୍ଭମାନଙ୍କର ଘୃଣାଯୋଗ୍ୟ ହେବେ। 21ତଥାପି ଚତୁଷ୍ପଦ
ଗମନକାରୀ ପକ୍ଷବିଶିଷ୍ଟ ଜନ୍ତୁ ମଧ୍ୟରେ ଭୂମିରେ ଡେଇଁବା
ପାଇଁ ଯେଉଁମାନଙ୍କର ଗୋଡ଼ନଳୀ ଦୀର୍ଘ ସେମାନେ ତୁମ୍ଭମାନଙ୍କର
ଖାଦ୍ୟ ହେବେ। 22ତୁମ୍ଭେମାନେ ସବୁ ଜାତିର ପଙ୍ଗପାଳ, ସବୁ
ଜାତିର ବାଘୁଆ ପତଙ୍ଗ, ସବୁ ପ୍ରକାରର ଝିଙ୍କାରୀ ଓ ସବୁ
ଜାତିର ଝିଣ୍ଟିକା ଖାଦ୍ୟ ରୂପେ ଭୋଜନ କରିପାରିବ।

23"ମାତ୍ର ଏମାନଙ୍କ ବ୍ୟତୀତ ଚାରିଗୋଡ଼ିଆ ଉଡ଼ନ୍ତା ସମସ୍ତ
ପତଙ୍ଗ ତୁମ୍ଭମାନଙ୍କର ଘୃଣାଯୋଗ୍ୟ ହେବେ। 24ଆଉ ଏମାନଙ୍କ
ଦ୍ୱାରା ତୁମ୍ଭେମାନେ ଅଶୁଚି ହେବ; ଯିଏ କେହି ସେମାନଙ୍କର
ଶବ ଛୁଇଁବ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ। 25ପୁଣି
ଯେକେହି ସେମାନଙ୍କର ଶବର କୌଣସି ଅଂଶ ବହନ କରିବ,
ସେ ନିଜର ବସ୍ତ୍ର ଧୋଇବ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି
ରହିବ।

### ପଶୁମାନଙ୍କ ସମ୍ବନ୍ଧୀୟ ଅଧିକ ବ୍ୟବସ୍ଥା

26-27"ଯେଉଁସବୁ ଜନ୍ତୁର ଖୁରା ବିଭକ୍ତ ମାତ୍ର ପାଦ ଚିରା
ନୁହେଁ, କିମ୍ବା ଯେଉଁମାନେ ପାକୁଳି କରନ୍ତି ନାହିଁ ସେମାନେ
ତୁମ୍ଭମାନଙ୍କ ପାଇଁ ଅଶୁଚି। ଯିଏ କେହି ସେମାନଙ୍କୁ ସ୍ପର୍ଶ
କରିବ ସେ ଅଶୁଚି ହେବ। ପୁଣି ଚାରିଗୋଡ଼ିଆ ବନ୍ୟଜନ୍ତୁମାନଙ୍କ
ମଧ୍ୟରେ ଯେଉଁମାନେ ତଳପାଦରେ ଚାଲନ୍ତି, ସେମାନେ ତୁମ୍ଭମାନଙ୍କ
ପାଇଁ ଅଶୁଚି। ଯିଏ କେହି ସେମାନଙ୍କ ଶବ ସ୍ପର୍ଶ କରିବ,
ସେ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ। 28ଯିଏ ସେମାନଙ୍କର
ଶବ ବହନ କରିବ, ସେ ନିଜର ବସ୍ତ୍ର ଧୋଇବ ଓ ସନ୍ଧ୍ୟା
ପର୍ଯ୍ୟନ୍ତ ଅଶୁଚି ରହିବ। ସେଗୁଡ଼ିକ ତୁମ୍ଭମାନଙ୍କ ପାଇଁ ଅଶୁଚି।

### ଉରୋଗାମୀ ଜନ୍ତୁମାନଙ୍କ ବିଷୟରେ ବିଧି

29"ଆଉ ଭୂଚର ଉରୋଗାମୀ ଜନ୍ତୁମାନଙ୍କ ମଧ୍ୟରେ
ଏଗୁଡ଼ିକ ତୁମ୍ଭମାନଙ୍କ ପାଇଁ ଅଶୁଚି ହେବେ। ସେମାନେ
ହେଲେ ଚୁଚୁନ୍ଦ୍ରା, ମୂଷା ଓ ସବୁ ଜାତିର ବଡ଼ ଏଣ୍ଡୁଅ।
30ଆଉ ଝିଟିପିଟି, ସ୍ଥଳ କୁମ୍ଭୀର, ଏଣ୍ଡୁଅ, ବାଲି ଏଣ୍ଡୁଅ ଓ
ବହୁରୂପୀ ଏଣ୍ଡୁଅ। 31ଏହି ଉରୋଗାମୀ ଜନ୍ତୁଗୁଡ଼ିକ ତୁମ୍ଭମାନଙ୍କ
ପାଇଁ ଅଶୁଚି ହେବେ। ଯେ କେହି ସେମାନଙ୍କର ଶବକୁ
ଛୁଇଁବ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ।

### ଅଶୁଚି ପ୍ରାଣୀମାନଙ୍କ ବିଷୟରେ ବିଧି

32"ଅଶୁଚି ପ୍ରାଣୀମାନଙ୍କ ଶବ କୌଣସି ଦ୍ରବ୍ୟ ଉପରେ
ପଡ଼ିଲେ ତାହା ଅଶୁଚି ହେବ। ଯଦି ସେହି ଶବ କାଠପାତ୍ର,
କି ବସ୍ତ୍ର, କି ଚର୍ମ କି ଅଖା କିମ୍ବା କୌଣସି କର୍ମ ହତିଆର
ଉପରେ ପଡ଼ିଲେ ତାହା ଜଳରେ ଧୁଆଯିବା ଉଚିତ୍। ଆଉ
ତାହା ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ। ତା'ପରେ ଶୁଚି ହେବ।
33ପୁଣି କୌଣସି ମାଟିପାତ୍ର ଉପରେ ସେମାନଙ୍କର ଶବ
ପଡ଼ିଲେ, ତା' ମଧ୍ୟରେ ଥିବା ସମସ୍ତ ଦ୍ରବ୍ୟ ଅଶୁଚି ହେବ।
ତେଣୁ ତାକୁ ତୁମ୍ଭେମାନେ ଭାଙ୍ଗି ପକାଇବ। 34ପୁଣି ସେହି
ଅଶୁଚି ପାତ୍ରରୁ ଯଦି ପାଣି କୌଣସି ଖାଦ୍ୟ ଦ୍ରବ୍ୟ ଉପରେ
ପଡ଼େ ତାହା ମଧ୍ୟ ଅଶୁଚି ହେବ। ଯେକୌଣସି ପାନୀୟ,
ପାତ୍ର ମଧ୍ୟରେ ଥିଲେ ତାହା ଅଶୁଚି ହେବ। 35ପୁଣି
ଯେକୌଣସି ଦ୍ରବ୍ୟ ଉପରେ ସେମାନଙ୍କର ଶବର କିଛି ପଡ଼େ,
ତାହା ଅଶୁଚି ହେବ; ତୁନ୍ଦୁର ହେଉ କିମ୍ବା ହାଣ୍ଡି ହେଉ ତାହା
ଭଙ୍ଗାଯିବ, ତାହା ଅଶୁଚି ଅଟେ ଓ ତାହା ତୁମ୍ଭମାନଙ୍କ ପାଇଁ
ଅଶୁଚି ହେବ।

36"କୌଣସି ଝରଣା କିମ୍ବା କୂପରେ ଥିବା ଜଳ ଶୁଚି
ହେବ। ମାତ୍ର ଯିଏ କେହି ସେମାନଙ୍କର ଶବ ଛୁଇଁ ସେ
ଅଶୁଚି ହେବ। 37ପୁଣି ବୁଣା ଯିବାକୁ ଥିବା ବିହନ ଉପରେ
ଯଦି ସେମାନଙ୍କର ଶବର କିଛି ପଡ଼େ ତେବେ ତାହା ଶୁଚି
ରହିବ। 38ମାତ୍ର ଯଦି ବିହନ ପାଣିରେ ଥିବ, ଯେବେ
ସେମାନଙ୍କ ଶବର କିଛି ଅଂଶ ପଡ଼େ, ସେସବୁ ବିହନ
ତୁମ୍ଭମାନଙ୍କ ପାଇଁ ଅଶୁଚି ହେବ।

39"ଆଉ ମଧ୍ୟ ତୁମ୍ଭମାନଙ୍କର ଖାଦ୍ୟ ଯୋଗ୍ୟ କୌଣସି
ପଶୁ ମଲେ, ଯିଏ କେହି ସେହି ଶବକୁ ଛୁଇଁବ ସେ ସନ୍ଧ୍ୟା
ପର୍ଯ୍ୟନ୍ତ ଅଶୁଚି ରହିବ। 40ପୁଣି ଯିଏ କେହି ସେହି ଶବ
ଖାଏ, ସେ ନିଜର ବସ୍ତ୍ର ଧୋଇବ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି
ରହିବ। ଆଉ ଯିଏ କେହି ତାକୁ ବହନ କରେ, ସେ ମଧ୍ୟ
ନିଜର ବସ୍ତ୍ର ଧୋଇବ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ।

41"ଆଉ ଭୂଚର ପ୍ରତ୍ୟେକ ଉରୋଗାମୀ ପ୍ରାଣୀ ଘୃଣାଯୋଗ୍ୟ
ଅଟେ; ତାହା ଖାଦ୍ୟ ହେବ ନାହିଁ। 42ସରୀସୃପ ଯେଉଁମାନେ
ପେଟରେ ଭରାଦେଇ ଗମନ କରନ୍ତି, ଯେଉଁମାନେ ଚାରିପାଦରେ
ଗମନ କରନ୍ତି କିମ୍ବା ଯେଉଁମାନଙ୍କର ଅନେକ ପାଦ ଅଛି,
ଏପ୍ରକାର ସମସ୍ତ ଭୂଚର ଉରୋଗାମୀ ଜନ୍ତୁଙ୍କୁ ତୁମ୍ଭେମାନେ
ଖାଇବା ଉଚିତ୍ ନୁହେଁ। କାରଣ ସେଗୁଡ଼ିକ ଘୃଣ୍ୟ। 43ତୁମ୍ଭେମାନେ
ଏହିସବୁ ଭୂଚର ଉରୋଗାମୀ ପ୍ରାଣୀମାନଙ୍କ ଦ୍ୱାରା ନିଜକୁ ଘୃଣା
ଯୋଗ୍ୟ କରିବ ନାହିଁ କିମ୍ବା ସେମାନଙ୍କର ଦ୍ୱାରା ଅଶୁଚି
ହେବା ପାଇଁ ନିଜକୁ ଅଶୁଚି କରିବ ନାହିଁ। 44କାରଣ ଆମ୍ଭେ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଅଟୁ। ଏଣୁ ତୁମ୍ଭେମାନେ
ନିଜକୁ ପବିତ୍ର କର ଓ ତୁମ୍ଭେମାନେ ପବିତ୍ର ହୁଅ। ଯେହେତୁ
ଆମ୍ଭେ ପବିତ୍ର, ତୁମ୍ଭେମାନେ ଭୂମିରେ ଗମନକାରୀ କୌଣସି
ଉରୋଗାମୀ ଜୀବ ଦ୍ୱାରା ନିଜକୁ ଅଶୁଚି କରିବ ନାହିଁ।
45ଆମ୍ଭେ ତୁମ୍ଭମାନଙ୍କର ପରମେଶ୍ୱର, ତୁମ୍ଭମାନଙ୍କୁ ମିଶରରୁ
ଆଣିଅଛୁ। ଏଣୁ ତୁମ୍ଭେମାନେ ପବିତ୍ର ହେବ କାରଣ ଆମ୍ଭେ
ପବିତ୍ର ଅଟୁ।"

46ସମସ୍ତ ଯୋଗା ପ୍ରାଣୀ, ପକ୍ଷୀ ଓ ଅନ୍ୟ ପୃଥିବୀସ୍ଥିତ
ପ୍ରାଣୀମାନଙ୍କ ବିଷୟରେ ଏହି ବ୍ୟବସ୍ଥା ସବୁ ଅଟେ। ସମସ୍ତ
ଜଳଚର ଓ ଉରୋଗାମୀ ପ୍ରାଣୀମାନଙ୍କ ବିଷୟରେ ମଧ୍ୟ ଏହି
ବ୍ୟବସ୍ଥା ଅଟେ। 47ଅଶୁଚି ଓ ଶୁଚି ପ୍ରାଣୀମାନଙ୍କ ବିଷୟରେ
ଲୋକମାନଙ୍କ ପାଇଁ ଏହିସବୁ ଶିକ୍ଷା ବ୍ୟବସ୍ଥା ଅଟେ। ତେଣୁ
ସେମାନେ କେଉଁ ପ୍ରାଣୀ ଭକ୍ଷ୍ୟ ଓ କେଉଁ ପ୍ରାଣୀ ଅଭକ୍ଷ୍ୟ
ଜାଣି ପାରିବେ।

## ପ୍ରଥମ ସନ୍ତାନର ମାଆମାନଙ୍କ ପାଇଁ ବିଧି

12 ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ଇସ୍ରାଏଲ
ସନ୍ତାନଗଣଙ୍କୁ କୁହ, 'ଯଦି କୌଣସି ସ୍ତ୍ରୀ ଗର୍ଭଧାରଣ
କରି ପୁତ୍ର ପ୍ରସବ କରେ, ତେବେ ସେ ସ୍ତ୍ରୀ ଧର୍ମର ଅଶୌଚ
ସମୟ ପରି ସାତଦିନ ଯାଏ ଅଶୁଚି ରହିବ। 3ଅଷ୍ଟମ ଦିନରେ
ବାଳକ ନିଶ୍ଚୟ ସୁନ୍ନତ ହେବ। 4ପୁଣି ସେ ସ୍ତ୍ରୀ ତେତିଶ ଦିନ
ପର୍ଯ୍ୟନ୍ତ ନିଜର ଶୌଚ ନିମନ୍ତେ ରକ୍ତସ୍ରାବ ଅବସ୍ଥାରେ ରହିବ।
ଯେପର୍ଯ୍ୟନ୍ତ ଶୌଚର ଦିନ ପୂର୍ଣ୍ଣ ନ ହୁଏ, ସେପର୍ଯ୍ୟନ୍ତ ସେ
କୌଣସି ପବିତ୍ର ବସ୍ତୁ ଛୁଇଁବ ନାହିଁ କିମ୍ବା କୌଣସି ପବିତ୍ର
ସ୍ଥାନରେ ପ୍ରବେଶ କରିବ ନାହିଁ। 5ମାତ୍ର ଯେବେ ଜଣେ ସ୍ତ୍ରୀ
କନ୍ୟା ପ୍ରସବ କରେ, ସେହିଭଳି ସ୍ତ୍ରୀ ଧର୍ମର ଅଶୌଚ
ସମୟରେ ରହେ, ସେ ଦୁଇସପ୍ତାହ ପାଇଁ ଅଶୁଚି ରହିବ।
ତା'ପରେ ତା'ର ଦେହର ରକ୍ତସ୍ରାବରୁ ଶୁଦ୍ଧ ହେବାପାଇଁ ତାକୁ
ଆଉ ଛଅଷଠି ଦିନ ଅପେକ୍ଷା କରିବା ଉଚିତ୍।

6"ତା'ପରେ ପୁତ୍ର ବା କନ୍ୟା ପ୍ରସବର ଅଶୌଚ ଦିନ
ପୂର୍ଣ୍ଣ ହେଲେ ସେ ବଳିଦାନ ନିମନ୍ତେ ଏକବର୍ଷୀୟ ଏକ ମେଷ
ଶାବକ ଓ ପାପାର୍ଥକ ବଳି ନିମନ୍ତେ ଏକ କପୋତ ଛୁଆ
କିମ୍ବା ପାରା ଛୁଆ ସମାଗମ ତମ୍ବୁର ଦ୍ୱାରର ଯାଜକ ନିକଟକୁ
ଆଣିବ। 7-8ଯଦି ଜଣେ ସ୍ତ୍ରୀ ମେଷ ଶାବକ ଉତ୍ସର୍ଗ କରିବାକୁ
ଅକ୍ଷମ ହୁଏ ତେବେ ସେ ଦୁଇଟି କପୋତ କିମ୍ବା ଦୁଇଟି
ପାରାଛୁଆ ଆଣିବ। ସେଥିମଧ୍ୟରୁ ଗୋଟିଏ ପାପାର୍ଥକ ବଳି
ନିମନ୍ତେ ଓ ଅନ୍ୟଟି ହୋମବଳି ନିମନ୍ତେ ଉତ୍ସର୍ଗ କରାଯିବ।
ଯାଜକ ସେଗୁଡ଼ିକୁ ସଦାପ୍ରଭୁଙ୍କୁ ଉତ୍ସର୍ଗ କରିବା ଉଚିତ୍ ଏବଂ
ଏହି ପ୍ରକାର ତା'ର ପ୍ରାୟଶ୍ଚିତ୍ତ ହୁଏ ଏବଂ ତା'ର ଶୁଦ୍ଧି ହୁଏ।
ପୁତ୍ର ବା କନ୍ୟା ପ୍ରସବକାରିଣୀ ସ୍ତ୍ରୀ ପ୍ରତି ଶୁଚି ନିମନ୍ତେ
ଏହିସବୁ ବ୍ୟବସ୍ଥା ଅଟେ।"

## ଚର୍ମରୋଗ ସମ୍ବନ୍ଧୀୟ ନିୟମ

13 ପୁଣି ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ,
2"ଯେବେ କୌଣସି ମନୁଷ୍ୟର ଶରୀରର ଚର୍ମରେ
ଫୁଲା କି ପାମା କି ଚିକ୍କଣ ଚିହ୍ନ ହୁଏ କିମ୍ବା ତା'ର
ଶରୀରରେ ଚର୍ମରୋଗଜନିତ ଘା' ହୁଏ, ତେବେ ତାକୁ
ହାରୋଣ ଯାଜକ ନିକଟକୁ କିମ୍ବା ତାଙ୍କର ପୁତ୍ରଗଣଙ୍କ ମଧ୍ୟରୁ
କୌଣସି ଯାଜକ ନିକଟକୁ ଅଣାଯିବା ଉଚିତ୍। 3ତହୁଁ ଯାଜକ
ତା'ର ଶରୀରର ଚର୍ମ ଉପରସ୍ଥ ଘା' ଦେଖିବ, ଆଉ ଯେବେ
ଘା'ର ଲୋମ ଶ୍ୱେତବର୍ଣ୍ଣ ହୋଇଥାଏ, ପୁଣି ଘା' ଯେବେ ତା'
ଶରୀରର ଚର୍ମଠାରୁ ନୀଚ ଦିଶେ ତେବେ ତାହା କୁଷ୍ଠ
ରୋଗର ଘା' ଅଟେ। ଆଉ ଯାଜକ ତାହାକୁ ଦେଖିବ ଓ
ତାକୁ ଅଶୁଚି ବୋଲି ପ୍ରକାଶ କରିବ।

4"ସମୟେ ସମୟେ ଜଣଙ୍କ ଶରୀରର ଚର୍ମ ଉପରେ
ଧଳା ଛିଉ ଦେଖାଯାଏ, ଯଦି ସେ ଚିହ୍ନ ଚର୍ମଠାରୁ ନୀଚ
ନଥାଏ, ତେବେ ଯାଜକ ତାକୁ ଅନ୍ୟ ଲୋକମାନଙ୍କଠାରୁ
ସାତଦିନ ପର୍ଯ୍ୟନ୍ତ ପୃଥକ୍ କରି ରଖିବ। 5ସପ୍ତମ ଦିନରେ
ଯାଜକ ସେହି ଚିହ୍ନକୁ ଦେଖିବ। ଯଦି ସେହି ଘା' ବଦଳି
ନଥାଏ କିମ୍ବା ଚର୍ମ ଉପରେ ଅଧିକ ବ୍ୟାପି ନଥାଏ, ତେବେ
ଯାଜକ ତାକୁ ଆହୁରି ସାତଦିନ ଅନ୍ୟମାନଙ୍କ ଠାରୁ ପୃଥକ୍
କରି ରଖିବ। 6ପୁଣି ସାତଦିନ ପରେ ଯାଜକ ପୁନର୍ବାର
ତାହାକୁ ପରୀକ୍ଷା କରିବ। ଯଦି ଘା' ମଳିନ ହୋଇଯାଇଥାଏ
ଘା' ଚର୍ମରେ ଆଉ ବ୍ୟାପି ନ ଥାଏ, ତେବେ ଯାଜକ ତାକୁ
ଶୁଚି ବୋଲି ପ୍ରକାଶ କରିବା ଉଚିତ୍। ତାହା ଗୋଟିଏ
ସାଧାରଣ ବିକଳା ପରି ଥିଲା। ତେଣୁ ସେ ନିଜର ବସ୍ତ୍ର
ଧୋଇ ଶୁଚି ହେବା ଉଚିତ୍।

7"ମାତ୍ର ସେ ଶୌଚ ନିମନ୍ତେ ନିଜକୁ ଯାଜକକୁ ଦେଖାଇଲା
ପରେ ଯେବେ ତା'ର ଘା' ଚର୍ମ ଉପରେ ବ୍ୟାପେ, ତେବେ
ସେ ପୁନର୍ବାର ଯାଜକକୁ ଦେଖାଇବ। 8ଯାଜକ ଯଦି ଦେଖିବ
ସେହି କ୍ଷତ ଚର୍ମରେ ବ୍ୟାପିଲା, ତେବେ ସେ ତାକୁ ଅଶୁଚି
ବୋଲି ପ୍ରକାଶ କରିବ ଏବଂ ତାହା କୁଷ୍ଠ ରୋଗ।

9"କୌଣସି ଲୋକଠାରେ କୁଷ୍ଠ ରୋଗର କ୍ଷତ ହେଲେ
ତାକୁ ଯାଜକ ନକଟକୁ ଅଣାଯିବ। 10ତହୁଁ ଯାଜକ ତାକୁ
ଦେଖିବ, ଯଦ ତାହାର ଚର୍ମରେ ଶ୍ୱେତବର୍ଣ୍ଣ ଫୁଲା ଥାଏ,
ତହିଁରେ ଲୋମ ଶ୍ୱେତବର୍ଣ୍ଣ ହୋଇଥାଏ ଓ ସେହ ଫୁଲାରେ
କଞ୍ଚାମାଂସ ବୃଦ୍ଧି ପାଉଥାଏ। 11ତେବେ ତାହା ଶରୀରର
ଚର୍ମରେ କୁଷ୍ଠ ରୋଗ ଅଟେ, ପୁଣି ଯାଜକ ତାକୁ ଅଶୁଚ
ବୋଲ ପ୍ରକାଶ କରବ। ସେ ତାହାକୁ ସମାଜରୁ ପୃଥକ୍
କରବ ନାହିଁ, କାରଣ ସେ ଅଶୁଚ।

12"ସମୟେ ସମୟେ କୁଷ୍ଠ ରୋଗ ଲୋକର ସମଗ୍ର
ଶରୀରକୁ ବ୍ୟାପି ଥାଏ। ସେହ କୁଷ୍ଠ ରୋଗ ଆପାଦମସ୍ତକ
ଶରୀରକୁ ଆଚ୍ଛନ୍ନ କରଥାଏ। ସେତେବେଳେ ଯାଜକ ସେହ
ଲୋକର ସମସ୍ତ ଶରୀର ଦେଖିବ। 13ଯଦ ଯାଜକ ଦେଖିବ
ଲୋକଟିର ସର୍ବାଙ୍ଗ କୁଷ୍ଠ ରୋଗରେ ଆଚ୍ଛନ୍ନ ହୋଇଛି,
ତେବେ ସେ ରୋଗୀକୁ ଶୁଚ ବୋଲ ପ୍ରକାଶ କରବ। 14ଯଦ
ତା'ର ଶରୀରରେ କଞ୍ଚାମାଂସ ପ୍ରକାଶ ପାଏ, ତେବେ ସେ
ଅଶୁଚ ହେବ। 15ଯେତେବେଳେ ଯାଜକ କଞ୍ଚାମାଂସ ଦେଖିବ,
ସେ ଅଶୁଚ ବୋଲ ପ୍ରକାଶ କରବ। କଞ୍ଚାମାଂସ ଅଶୁଚ ଓ
ଏହା କୁଷ୍ଠ ରୋଗ।

16"ଯଦ ସେହ କଞ୍ଚାମାଂସ ବଦଳ ଶ୍ୱେତବର୍ଣ୍ଣ ହୋଇଯାଏ,
ତେବେ ସେ ଯାଜକ ନକଟକୁ ଆସିବ। 17ଯାଜକ ପୁନର୍ବାର
ଲୋକଟିକୁ ଦେଖିବ ଓ ଯଦ ସେହ ଘା' ଶ୍ୱେତବର୍ଣ୍ଣ
ହୋଇଥାଏ, ତେବେ ଯାଜକ ତାକୁ ଶୁଚ ବୋଲ ପ୍ରକାଶ
କରବ, ସେ ଶୁଚ।

18"ଜଣେ ବ୍ୟକ୍ତର ଶରୀରର ଚର୍ମରେ ବଥ ହୋଇ ଭଲ
ହେଲାପରେ, 19ଯଦ ସେହ ବଥ ସ୍ଥାନରେ ଶ୍ୱେତବର୍ଣ୍ଣ ଫୁଲା
କମ୍ବା ରକ୍ତଶ୍ୱେତବର୍ଣ୍ଣ ଚକ୍କଣ ଚହ୍ନ ହୁଏ, ତେବେ ସେ ତାହା
ଯାଜକକୁ ଦେଖାଇବ। 20ଯାଜକ ଦେଖିବ ଯଦ ତାହାର
ସେହ ଘା' ଚର୍ମର ନୀଚସ୍ଥ ହୋଇଥାଏ, ତହିଁରେ ଲୋମ
ଶ୍ୱେତବର୍ଣ୍ଣ ହୋଇଥାଏ, ତେବେ ଯାଜକ ତାହାକୁ ଅଶୁଚ
ବୋଲ ପ୍ରକାଶ କରବ। ତାହା ବଥରୁ ଉତ୍ପନ୍ନ କୁଷ୍ଠ ରୋଗର
ଘା'। 21ମାତ୍ର ଯଦ ଯାଜକ ଦେଖିବ, ସେଥିରେ ଶ୍ୱେତବର୍ଣ୍ଣ
ଲୋମ ନ ଥାଏ ଓ ତାହା ଚର୍ମର ନୀଚସ୍ଥ ନ ହୋଇ ମଳନ
ହୋଇଥାଏ ତେବେ ଯାଜକ ତାହାକୁ ସାତ ଦନ ପୃଥକ୍ କର
ରଖିବ। 22ଆଉ ଯଦ ତାହା ଚର୍ମରେ ବ୍ୟାପେ, ଯାଜକ
ତାହାକୁ ଅଶୁଚ ବୋଲ ପ୍ରକାଶ କରବ, ତାହା କୁଷ୍ଠ ରୋଗ
ଘା'। 23ମାତ୍ର ଯଦ ସେହ ଚକ୍କଣ ଚହ୍ନ ସ୍ୱସ୍ଥାନରେ ଥାଇ
ଆଉ ନ ବଢ଼େ, ତେବେ ତାହା ବଥର ଚହ୍ନ ଅଟେ। ଯାଜକ
ତାହାକୁ ଶୁଚ ବୋଲ ପ୍ରକାଶ କରବ।

24-25"ଯଦ ଚର୍ମ ଉପରେ ପୋଡାର ଗୋଟିଏ ଘା' ଥାଏ
ଓ ସେହ ଦାହର ବଢିଲା ମାଂସରେ ରକ୍ତ ଶ୍ୱେତବର୍ଣ୍ଣ କମ୍ବା
ଶ୍ୱେତବର୍ଣ୍ଣ ଚକ୍କଣ ଚହ୍ନ ହୁଏ, ତେବେ ଯାଜକ ତାହା
ଦେଖିବ। ଯଦ ଉଜ୍ଜ୍ୱଳ ଚହ୍ନରେ ଲୋମ ଶ୍ୱେତବର୍ଣ୍ଣ ହୋଇଥାଏ
ଓ ଚର୍ମର ନୀଚସ୍ଥ ଦେଖାଯାଏ, ତେବେ ତାହା କୁଷ୍ଠ ରୋଗ,
ତାହା ଅଗ୍ନି ଦାହରୁ ଉତ୍ପନ୍ନ ହୋଇଅଛି। ଆଉ ଯାଜକ ତାକୁ
ଅଶୁଚ ବୋଲ ପ୍ରକାଶ କରବ। ତାହା କୁଷ୍ଠ ରୋଗ ଅଟେ।
26ମାତ୍ର ଯଦ ଯାଜକ ଦେଖିବ, ସେହ ଚକ୍କଣ ଚହ୍ନରେ
ଶ୍ୱେତବର୍ଣ୍ଣ ଲୋମ ନ ଥାଏ ଓ ତାହା ଚର୍ମର ନୀଚସ୍ଥ ନ
ହୋଇ ମଳନ ହୋଇଥାଏ, ତେବେ ଯାଜକ ତାକୁ ସାତ ଦନ
ପୃଥକ୍ କର ରଖିବ। 27ସପ୍ତମ ଦନ ଯାଜକ ପୁନର୍ବାର
ଲୋକଟିକୁ ଦେଖିବ, ଯଦ ତାହା ଚର୍ମରେ ବ୍ୟାପି ଥାଏ,
ତେବେ ଯାଜକ ତାହାକୁ ଅଶୁଚ ବୋଲ ପ୍ରକାଶ କରବ,
ତାହା କୁଷ୍ଠ ରୋଗର ଘା'। 28ଯଦ ଉଜ୍ଜ୍ୱଳ ଚହ୍ନ ସେହ
ଗୋଟିଏ ସ୍ଥାନରେ ରହ ବୃଦ୍ଧି ନ ପାଏ ଓ ମଳନ ହୋଇଥାଏ,
ତେବେ ତାହା ଦାହର ଫୁଲା, ଆଉ ଯାଜକ ତାକୁ ଶୁଚ
ବୋଲ ପ୍ରକାଶ କରବ, ଯେହେତୁ ତାହା ଅଗ୍ନିଦାହର କ୍ଷତ
ଚହ୍ନ।

29"ଆଉ ପୁରୁଷ ଅବା ସ୍ତ୍ରୀର ମସ୍ତକରେ ଅବା ଦାଢ଼ିରେ
ଘା' ହେଲେ ଯାଜକ ସେହ ଘା' ଦେଖିବ। 30ଯାଜକ ସେହ
ଘା' ଦେଖିବ, ଯଦ ତାହା ଚର୍ମର ନୀଚସ୍ଥ ଦେଖାଯାଏ,
ତହିଁରେ ହଳଦବର୍ଣ୍ଣ ସରୁ ଲୋମ ଥାଏ, ତେବେ ଯାଜକ
ତାକୁ ଅଶୁଚ ବୋଲ ପ୍ରକାଶ କରବ। ତାହା ଛଉ, ତାହା
ମସ୍ତକ ଅବା ଦାଢ଼ିର କୁଷ୍ଠ ରୋଗ। 31ପୁଣି ଯାଜକ ଯଦ
ଦେଖିବ ସେହ ଘା' ଚର୍ମର ନୀଚସ୍ଥ ହୋଇ ନ ଥାଏ ଓ
ତହିଁରେ କୃଷ୍ଣବର୍ଣ୍ଣ ଲୋମ ନଥାଏ, ତେବେ ଯାଜକ ସେହ
ଲୋକକୁ ସାତଦନ ପୃଥକ ରଖିବ। 32ସପ୍ତମ ଦନରେ ଯାଜକ
ସେହ ଲୋକର ଘା' ଦେଖିବ। ଯଦ ସେହ ଛଉ ବଢ଼ି ନ
ଥାଏ ଓ ତହିଁରେ ହଳଦବର୍ଣ୍ଣର ଲୋମ ହୋଇ ନଥାଏ, ଆଉ
ତାହା ଚର୍ମର ନୀଚସ୍ଥ ଦେଖା ନଯାଏ, 33ତେବେ ସେ ଲଣ୍ଡା
ହେବ, ମାତ୍ର ଛଉ ସ୍ଥାନ ଲଣ୍ଡା ହେବ ନାହିଁ ଓ ଯାଜକ
ସେହ ଛଉଥିବା ଲୋକକୁ ଆଉ ସାତଦନ ପୃଥକ୍ କର
ରଖିବ। 34ପୁଣି ସପ୍ତମ ଦନରେ ଯାଜକ ସେହ ଛଉ
ଦେଖିବ। ଯଦ ସେହ ଛଉ ଚର୍ମରେ ବଢି ନଥାଏ ଓ ତାହା
ଚର୍ମର ନୀଚସ୍ଥ ଦେଖା ନଯାଏ, ତେବେ ଯାଜକ ତାକୁ ଶୁଚ
ବୋଲ ପ୍ରକାଶ କରବ, ପୁଣି ସେ ଆପଣା ବସ୍ତ୍ର ଧୋଇ ଶୁଚ
ହେବ। 35ମାତ୍ର ଶୁଚ ହେଲାପରେ ଯେବେ ଚର୍ମରେ ସେହ
ଛଉ ବ୍ୟାପିଯାଏ। 36ତେବେ ଯାଜକ ସେହ ଲୋକକୁ
ପୁନର୍ବାର ଦେଖିବ। ଯଦ ସେହ ଛଉ ଚର୍ମରେ ବ୍ୟାପିଥାଏ,
ତେବେ ଯାଜକ ଆଉ ହଳଦବର୍ଣ୍ଣ ଲୋମର ଅନ୍ୱେଷଣ କରବ
ନାହିଁ। ସେହ ଲୋକ ଅଶୁଚ। 37ଯଦ ଯାଜକ ଦୃଷ୍ଟିରେ
ସେହ ଛଉ ବଢ଼ି ନ ଥାଏ ଓ ତହିଁରେ କୃଷ୍ଣବର୍ଣ୍ଣ ଲୋମ
ଉଠିଥାଏ, ତେବେ ସେହ ଛଉ ଆରୋଗ୍ୟ ହୋଇଅଛି, ସେ
ଶୁଚ ହୋଇଅଛି, ଆଉ ଯାଜକ ତାହାକୁ ଶୁଚ ବୋଲ ପ୍ରକାଶ
କରବ।

38"ଯଦ କୌଣସି ବ୍ୟକ୍ତର ଚର୍ମରେ ଧଳା ଛଉ ହୋଇଥାଏ।
39ତେବେ ଯାଜକ ସେହ ଛଉ ଦେଖିବ, ଯଦ ସେମାନଙ୍କ
ଶରୀରର ଚର୍ମରେ ସେହ ଚକ୍କଣ ଚହ୍ନ ଅଳ୍ପ ମଳନ
ଶ୍ୱେତବର୍ଣ୍ଣ ହୁଏ, ତେବେ ତାହା ଚର୍ମରୁ ଉତ୍ପନ୍ନ କ୍ଷତିବହୀନ
ଯାଦୁ ରୋଗ ବୋଲ ବବେଚତ ହେବ ଓ ସେହ ଲୋକ
ଶୁଚ।

40"ଯଦ କୌଣସି ଲୋକର ମୁଣ୍ଡରୁ ବାଳ ଉପୁଡ଼ି ଯାଏ
ତେବେ ସେ ଚନ୍ଦା, ମାତ୍ର ସେ ଶୁଚ ଅଟେ। 41ଆଉ ଯେବେ
ତାହାର କେଶ ମସ୍ତକର ସମ୍ମୁଖ ଭାଗରୁ ଉପୁଡ଼ିଯାଏ, ତେବେ
ସେ ଚନ୍ଦା କପାଳ, ସେ ମଧ୍ୟ ଶୁଚ। 42ଯଦ ଚନ୍ଦା ମୁଣ୍ଡରେ
କମ୍ବା ଚନ୍ଦା କପାଳରେ ରକ୍ତ ଶ୍ୱେତବର୍ଣ୍ଣ ଘା' ହୁଏ, ତେବେ

ତାହା ଚନ୍ଦା କପାଳରେ ବା ମୁଣ୍ଡରେ ଉତ୍ପନ୍ନ ଚର୍ମ ରୋଗ।
**43**ଯାଜକ ତାହା ଦେଖିବ, ଯଦି ଶରୀରର ଚର୍ମସ୍ଥିତ କୁଷ୍ଠପରି
ତାହା ଚନ୍ଦାମୁଣ୍ଡ କି ଚନ୍ଦା କପାଳର ରକ୍ତ ଶ୍ୱେତବର୍ଣ୍ଣ ଘା'ର
ଫୁଲା ଦେଖାଯାଏ, **44**ତେବେ ସେ କୁଷ୍ଠ ରୋଗରେ ଆକ୍ରାନ୍ତ,
ସେ ଅଶୁଚି। ଯାଜକ ତାହାକୁ ଅଶୁଚି ବୋଲି ପ୍ରକାଶ କରିବ,
ତାହାର ମସ୍ତକରେ ଘା' ହୋଇଛି।

**45**"ପୁଣି ଯେଉଁ ଲୋକ କୁଷ୍ଠରୋଗୀ, ତାହାର ବସ୍ତ୍ର
ଚିରାଯିବ ଓ ତାହାର ମସ୍ତକର କେଶ ମୁକୁଳା ରହିବ ଓ ସେ
ନିଜର ଉପର ଓଷ୍ଠ ବସ୍ତ୍ରରେ ଢାଙ୍କିବ। ପୁଣି "ଅଶୁଚି, ଅଶୁଚି"
ବୋଲି ଚିତ୍କାର କରିବ। **46**ତାହାଠାରେ ଯେତେଦିନ ଯାଏ ଘା'
ରହିବ, ସେତେଦିନ ଯାଏ ସେ ଅଶୁଚି ରହିବ, ସେ ଅଶୁଚି
ଯୋଗୁଁ ଏକାକୀ ବାସ କରିବ ଓ ଛାଉଣୀର ବାହାରେ ତାହାର
ବାସସ୍ଥାନ ରହିବ।

**47-48**"ଆଉ ମଧ୍ୟ ଯେଉଁ ବସ୍ତ୍ରରେ କୁଷ୍ଠ ରୋଗର ଦାଗ
ହୁଏ, ତାହା ଲୋମବସ୍ତ୍ର ହେଉ କି ମସିନା ବସ୍ତ୍ର ହେଉ, ତାହା
ତନ୍ତରେ ବୁଣାହେଉ କିମ୍ବା ହାତରେ ବୁଣା ହେଉ, କିମ୍ବା ତାହା
ଚର୍ମରେ କିମ୍ବା ଚର୍ମ ନିର୍ମିତ କୌଣସି ଦ୍ରବ୍ୟରେ ହେଉ।
**49**ଯେବେ ସେହି ଦାଗ ବସ୍ତ୍ରରେ କି ଚର୍ମରେ କିମ୍ବା ବୁଣା
କିମ୍ବା ଗିଲ୍ଲାଇ କପଡା କିମ୍ବା କୌଣସି ଚର୍ମ ଜିନିଷରେ ଶାଗୁଆ
ବର୍ଣ୍ଣ କିମ୍ବା ରକ୍ତବର୍ଣ୍ଣ ହୁଏ, ତେବେ ତାହା ଚର୍ମ ରୋଗର
ଦାଗ ଓ ତାକୁ ଯାଜକଙ୍କୁ ଦେଖାଇ ଦିଆଯିବ। **50**ଯାଜକ
ସେହି ଦାଗ ଦେଖିବ ଓ ସେହି ଦାଗଥିବା ଦ୍ରବ୍ୟକୁ ସାତଦିନ
ପୃଥକ୍ ରଖିବ। **51-52**ସେ ସପ୍ତମ ଦିନରେ ସେହି ଦାଗ
ପରୀକ୍ଷା କରିବ, ଯଦି ବସ୍ତ୍ରରେ କି ବୁଣା କିମ୍ବା ଉଲ୍‌ରେ
ଗିଲ୍ଲାଇ କପଡା କିମ୍ବା ଶଣ କିମ୍ବା ଚର୍ମ କିମ୍ବା କୌଣସି ଚର୍ମ
ଜିନିଷରେ ସେହି ଦାଗ ଯଦି ବଢିଥାଏ ତେବେ ତାହା କ୍ଷୟ
କୁଷ୍ଠ, ଓ ସେହି ବସ୍ତ୍ର ଅଶୁଚି ଅଟେ। ତେଣୁ ସେହି ଦାଗ
ଥିବା ବସ୍ତ୍ର, ସୂତାର ବା ଚମଡାର ହେଉ କିମ୍ବା ଲୋମ ନିର୍ମିତ
ହେଉ ତାହା ଦଗ୍ଧ କରାଯିବ। କାରଣ ତାହା କ୍ଷୟ କୁଷ୍ଠ,
ସେହି ବସ୍ତ୍ର କିମ୍ବା ଚର୍ମ ଅଗ୍ନିରେ ଦଗ୍ଧ ହେବା ଉଚିତ୍।

**53**"ଯାଜକ ଦେଖିବ ଯଦି ସେହି ଦାଗ ବଢ଼ି ନାହିଁ,
ତେବେ ତାହା ସୂତାର ବସ୍ତ୍ର ହେଉ କି କୌଣସି ଚମଡାର
ଜିନିଷ ହେଉ ତାହା ପାଣିରେ ଧୌତ କରାଯିବା ଉଚିତ୍। ପୁଣି
ତାହା ତନ୍ତବୁଣା ହେଉ କିମ୍ବା ହାତବୁଣା ହେଉ ତାହା
ଧୂଆଯିବା ଉଚିତ୍। **54**ଯାଜକ ସେହି ଦାଗଯୁକ୍ତ ଦ୍ରବ୍ୟକୁ
ଧୋଇବାକୁ ଆଜ୍ଞା ଦେବ। ପୁଣି ସାତ ଦିନ ତାକୁ ପୃଥକ୍
କରି ରଖିବ। **55**ଆଉ ତାହା ଧୂଆ ହେଲାପରେ ଯାଜକ
ଦେଖିବ, ଯଦି ସେହି ଦାଗର ବର୍ଣ୍ଣ ବଦଳି ନଥାଏ ଓ ସେହି
ଦାଗ ବଢି ନ ଥାଏ, ତେବେ ତାହା ଅଶୁଚି। ତାହା ବସ୍ତ୍ର
ହେଉ କିମ୍ବା ଚର୍ମ ହେଉ ତାକୁ ନିଶ୍ଚୟ ଅଗ୍ନିରେ ଦଗ୍ଧ
କରିବ।

**56**"ମାତ୍ର ଧୂଆ ଗଲାପରେ ଯଦି ଯାଜକ ଦେଖିବ, ସେହି
ଦାଗ ମଳିନ ହୋଇଥାଏ, ତେବେ ସେ ସେହି ବସ୍ତ୍ରରୁ କି
ଚର୍ମରୁ ତାହା ଚିରି ପକାଇବ। **57**ତଥାପି ଯଦି ସେହି ବସ୍ତ୍ରରେ
କି ଚର୍ମରେ, ସେହି ଦାଗ ଥାଏ ଓ ତାହା ବଢ଼େ, ତାକୁ
ତୁମ୍ଭେ ଅଗ୍ନିରେ ପୋଡ଼ି ପକାଇବ। **58**ଯଦି ବସ୍ତ୍ର ଓ ଚର୍ମ
ନିର୍ମିତ ଦ୍ରବ୍ୟକୁ ଧୋଇଲାପରେ ସେହି ଦାଗ ଗୁଚିଯାଏ,
ତେବେ ତାହା ଦ୍ୱିତୀୟ ଥର ଧୂଆଯିବ ଓ ତହିଁରେ ତାହା
ଶୁଚି ହେବ।"

**59**ବସ୍ତ୍ର ହେଉ ବା ଚର୍ମ ନିର୍ମିତ ଦ୍ରବ୍ୟ ହେଉ କିମ୍ବା
ଝିଣୀର ହେଉ, କୁଷ୍ଠ ଦାଗ ବିଷୟରେ ଶୁଚି ବୋଲି ପ୍ରମାଣ
କରିବା ବା ଅଶୁଚି ବୋଲି ପ୍ରକାଶ କରିବାର ବ୍ୟବସ୍ଥା ଏହା
ଅଟେ।

## କୁଷ୍ଠରୋଗୀ ଶୁଚି ହେବାର ବିଧି

**14** ସଦାପ୍ରଭୁ ମୋଶାଙ୍କୁ କହିଲେ, **2**"କୁଷ୍ଠ ରୋଗୀର
ଶୁଚିହେବା ଦିନରେ ତାହାର ଏହି ବ୍ୟବସ୍ଥା,

"ସେ ଯାଜକ ନିକଟକୁ ଆସିବ ଓ ଯାଜକ ତାକୁ
ଦେଖିବ। **3**ତହୁଁ ଯାଜକ ଛାଉଣୀର ବାହାରକୁ ଯିବ, ପୁଣି
ଯାଜକ ଦେଖିବ ଯଦି ଘା' ସୁସ୍ଥ ହୋଇଥାଏ। **4**ଯଦି ଲୋକଟି
ସୁସ୍ଥ ତେବେ ଯାଜକ ତାହା ପାଇଁ ଦୁଇ ଜୀଅନ୍ତା ଶୁଚି ପକ୍ଷୀ,
କିଛି ଏରସ୍ କାଠ, ସିନ୍ଦୂରବର୍ଣ୍ଣ (ଲୋମ) ଓ ବନସ୍ପତିର ପତ୍ର
ନେବା ପାଇଁ ଆଜ୍ଞା ଦେବ। **5**ପୁଣି ଯାଜକ ମୃତ୍ତିକାପାତ୍ରସ୍ଥିତ
ସ୍ରୋତଜଳ ଉପରେ ଏକ ପକ୍ଷୀକି ବଧ କରିବାକୁ ଆଦେଶ
ଦେବ। **6**ତା'ପରେ ସେ ସେହି ଜୀଅନ୍ତା ପକ୍ଷୀ, ଏରସ କାଠ,
ସିନ୍ଦୂର ବର୍ଣ୍ଣ (ଲୋମ) ଓ ବନସ୍ପତି ବୃକ୍ଷର ପତ୍ର ନେଇ
ସେହି ସ୍ରୋତଜଳ ଉପରେ ବଧ କରାଯାଇଥିବା ପକ୍ଷୀର
ରକ୍ତରେ ସେହି ସବୁକୁ ବୁଡ଼ାଇବ। **7**ପୁଣି ଯାଜକ ସେହି
କୁଷ୍ଠରୋଗୀ ଉପରେ ସାତଥର ରକ୍ତ ଛିଞ୍ଚିବ ଓ ଶୁଚି ହେଲା
ବୋଲି ପ୍ରକାଶ କରିବ। ଆଉ ଅନ୍ୟ ଜୀଅନ୍ତା ପକ୍ଷୀଟିକୁ
ନେଇ କ୍ଷେତ୍ରଆଡ଼େ ଛାଡ଼ିଦେବ।

**8**"ତା'ପରେ ସେ ଶୁଚି ଲୋକ ନିଜର ବସ୍ତ୍ର ଧୌତ କରି,
ସମସ୍ତ କେଶ କ୍ଷୌର କରି ଜଳରେ ସ୍ନାନ କରିବ, ତଦ୍ୱାରା
ସେ ଶୁଚି ହେବ। ତା'ପରେ ସେ ଛାଉଣୀ ଭିତରକୁ ଆସିବ।
ମାତ୍ର ସେ ସାତ ଦିନ ନିଜର ତମ୍ବୁର ବାହାରେ ରହିବ।
**9**ସପ୍ତମ ଦିନରେ ସେ ନିଜର ସମସ୍ତ କେଶ ଅର୍ଥାତ୍ ମସ୍ତକର
ଦାଢ଼ିରେ ଓ ଭ୍ରୂଲତାର ସମସ୍ତ କେଶ କ୍ଷୌର କରିବ। ପୁଣି
ନିଜର ବସ୍ତ୍ର ଧୋଇ ଜଳରେ ସ୍ନାନ କରି ଶୁଚି ହେବ।

**10**"ଅଷ୍ଟମ ଦିନରେ ସେ କୁଷ୍ଠରୋଗୀ ଦୁଇ ନିଖୁଣ
ମେଷବତ୍ସ, ଏକବର୍ଷୀୟା ଏକ ନିଖୁଣ ମେଷବତ୍ସା, ଶସ୍ୟ
ନୈବେଦ୍ୟ ନିମନ୍ତେ ଏକ ଐଫାର ତିନି ଦଶମାଂଶ ତୈଳମିଶ୍ରିତ
ସରୁ ମଇଦା ଓ ଏକ ଲୋଗ୍ ତୈଳ ନେବ। **11**ତହୁଁ
ଶୁଚିକାରୀ ଯାଜକ ସେହି ଶୋଧନୀୟ ଲୋକକୁ ଓ ସେହିସବୁ
ଦ୍ରବ୍ୟ ନେଇ ସମାଗମ-ତମ୍ବୁ ଦ୍ୱାର ନିକଟରେ ସଦାପ୍ରଭୁଙ୍କ
ସମ୍ମୁଖରେ ସ୍ଥାପନ କରିବ। **12**ଆଉ ଯାଜକ ଗୋଟିଏ ଅଣ୍ଡିରା
ମେଷବତ୍ସ ଓ ସେହି ଏକ ଲୋଗ୍ ତୈଳ ନେଇ ଦୋଷାର୍ଥକ
ବଳିରୂପେ ଉତ୍ସର୍ଗ କରିବ, ଆଉ ଦୋଳନୀୟ ନୈବେଦ୍ୟ
ନିମନ୍ତେ ସଦାପ୍ରଭୁଙ୍କ ସମ୍ମୁଖରେ ସେସବୁ ଦୋଳନୀୟ କରାଯିବ।
**13**ତା'ପରେ ସେ ଯାଜକ ଯେଉଁ ସ୍ଥାନରେ ପାପାର୍ଥକ ଓ
ହୋମବଳି ବଧ କରାଯାଏ ସେହି ପବିତ୍ର ସ୍ଥାନରେ ସେହି
ମେଷବତ୍ସ ବଧ କରିବ। ପାପାର୍ଥକ ବଳିପରି ଦୋଷାର୍ଥକ ବଳି
ମଧ୍ୟ ଯାଜକର ଅଟେ। ତାହା ମହାପବିତ୍ର ଅଟେ।

**14**"ତା'ପରେ ଯାଜକ ସେହି ଦୋଷାର୍ଥକ ବଳିର କିଛି
ରକ୍ତ ନେବ, ପୁଣି ଯାଜକ ସେହି ଶୋଧନୀୟ ଲୋକର

ଦକ୍ଷିଣ କର୍ଣ୍ଣର ପ୍ରାନ୍ତରେ, ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳରେ ଓ
ଦକ୍ଷିଣ ପାଦର ବୃଦ୍ଧାଙ୍ଗୁଳରେ ଲଗାଇବ। **15**ଆଉ ଯାଜକ
ସେହି ଏକ ଲୋଗ୍ ତୈଳରୁ କିଛି ନେଇ ନିଜର ବାମ
ହସ୍ତର ପାପୁଲିରେ ଢ଼ାଳିବ। **16**ତା'ପରେ ଯାଜକ ସେହି ବାମ
ହସ୍ତର ପାପୁଲିସ୍ଥିତ ତୈଳରେ ଆପଣା ଦକ୍ଷିଣ ଅଙ୍ଗୁଳି ବୁଡ଼ାଇ
ଅଙ୍ଗୁଳି ଦ୍ୱାରା ସେହି ତୈଳରୁ କିଛି ନେଇ ସଦାପ୍ରଭୁଙ୍କ
ସମ୍ମୁଖରେ ସାତଥର ଛିଞ୍ଚିବ। **17**ପୁଣି ଯାଜକ ଆପଣା ବାମ
ପାପୁଲିରେ ଅବଶିଷ୍ଟ ତୈଳ ନେଇ ସେହି ଶୋଧନୀୟ
ଲୋକର ଦକ୍ଷିଣ କର୍ଣ୍ଣ ପ୍ରାନ୍ତରେ, ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳିରେ
ଓ ଦକ୍ଷିଣ ପାଦର ବୃଦ୍ଧାଙ୍ଗୁଳିରେ ଲଗାଇବ। ଯେଉଁଠାରେ
ଦୋଷାର୍ଥକ ବଳିର ରକ୍ତ ଆଗରୁ ଲଗାଇଥିଲା। **18**ଆଉ
ଯାଜକ ଆପଣା ହସ୍ତସ୍ଥିତ ଅବଶିଷ୍ଟ ତୈଳ ସେହି ଶୋଧନୀୟ
ଲୋକର ମସ୍ତକରେ ଲଗାଇବ। ପୁଣି ସେ ଯାଜକ ସଦାପ୍ରଭୁଙ୍କ
ସମ୍ମୁଖରେ ତାହାପାଇଁ ପ୍ରାୟଶ୍ଚିତ୍ତ କରିବ।

**19**"ତା'ପରେ ଯାଜକ ପାପାର୍ଥକ ବଳି ଉତ୍ସର୍ଗ କରିବ ଓ
ସେହି ଶୋଧନୀୟ ଲୋକର ଅଶୌଚ ହେତୁ ପ୍ରାୟଶ୍ଚିତ୍ତ
କରିବ। ଏହାପରେ ସେ ହୋମବଳି ବଧ କରିବ। **20**ତତ୍ପରେ
ଯାଜକ ହୋମବଳି ଓ ଶସ୍ୟ ନୈବେଦ୍ୟ ଆଣି ଯଜ୍ଞବେଦୀରେ
ଉତ୍ସର୍ଗ କରିବ। ଏହିପରି ଯାଜକ ତାହା ପାଇଁ ପ୍ରାୟଶ୍ଚିତ୍ତ
କରିବ ଓ ସେ ଶୁଚି ହେବ।

**21**"ଆଉ ଯଦି ଲୋକଟି ଦରିଦ୍ର ଓ ସେ ସମସ୍ତ ଦ୍ରବ୍ୟ
ଦେବାକୁ ଅକ୍ଷମ, ତେବେ ସେ ନିଜର ପ୍ରାୟଶ୍ଚିତ୍ତ ପାଇଁ
ଦୋଳନୀୟ ନୈବେଦ୍ୟ ରୂପେ ଦୋଷାର୍ଥକ ବଳି ପାଇଁ
ଗୋଟିଏ ମେଷବତ୍ସ ଓ ଶସ୍ୟ ନୈବେଦ୍ୟରୂପେ ଏକ ଐଫାର
ଦଶମାଂଶ ତୈଳ ମିଶ୍ରିତ ସରୁ ମଇଦା ଓ ଏକ ଲୋଗ୍ ତୈଳ
ଆଣିବ। **22**ପୁଣି ସେହି ଦରିଦ୍ର ଲୋକର ପ୍ରାପ୍ତିର ସାଧ୍ୟ
ଅନୁସାରେ ଦୁଇଟି କପୋତ କିମ୍ବା ଦୁଇଟି ପାରା ଆଣିବ।
ଆଉ ସେଥିରୁ ଗୋଟିଏ ପାପାର୍ଥକ ବଳି ଓ ଅନ୍ୟଟି
ହୋମବଳି ହେବ।

**23**"ଆଉ ଅଷ୍ଟମ ଦିନରେ ସେହି ଲୋକ ସମସ୍ତ ଦ୍ରବ୍ୟ
ଆଣି ସମାଗମ ତମ୍ବୁ ଦ୍ୱାର ନିକଟରେ ଯାଜକ ପାଖକୁ
ଆଣିବ। ଯାଜକ ସେହି ସମସ୍ତ ଜିନିଷ ସଦାପ୍ରଭୁଙ୍କ ସମ୍ମୁଖରେ
ତା'ର ପ୍ରାୟଶ୍ଚିତ୍ତ ପାଇଁ ଉତ୍ସର୍ଗ କରିବ ଓ ସେ ଶୁଚି ହେବ।
**24**ତହୁଁ ଯାଜକ ଦୋଷାର୍ଥକ ବଳିର ମେଷବତ୍ସ ଓ ସେହି ଏକ
ଲୋଗ୍ ତୈଳ ନେବ। ତା'ପରେ ଯାଜକ ସଦାପ୍ରଭୁଙ୍କ ସମ୍ମୁଖରେ
ଦୋଳନୀୟ ନୈବେଦ୍ୟାର୍ଥେ ତାହା ଦୋଳନ କରିବ। **25**ତା'ପରେ
ଯାଜକ ସେହି ଦୋଷାର୍ଥକ ବଳି ପାଇଁ ଉଦ୍ଦିଷ୍ଟ ମେଷବତ୍ସ ବଧ
କରିବ। ଆଉ ସେଥିରୁ କିଛି ରକ୍ତ ନେଇ ଯାଜକ ଶୋଧନୀୟ
ଲୋକର ଦକ୍ଷିଣ କର୍ଣ୍ଣପ୍ରାନ୍ତରେ, ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳିରେ
ଓ ଦକ୍ଷିଣ ପାଦର ବୃଦ୍ଧାଙ୍ଗୁଳିରେ ଲଗାଇବ। **26**ଆଉ ମଧ୍ୟ
ଯାଜକ ସେହି ତୈଳରୁ କିଛି ନେଇ ନିଜ ବାମହସ୍ତ
ପାପୁଲିରେ ଢାଳିବ। **27**ଆଉ ଯାଜକ ନିଜର ଦକ୍ଷିଣ ଅଙ୍ଗୁଳିଦ୍ୱାରା
ସେହି ବାମ ହସ୍ତସ୍ଥିତ ତୈଳରୁ କିଛି ନେଇ ସଦାପ୍ରଭୁଙ୍କ
ସମ୍ମୁଖରେ ସାତଥର ଛିଞ୍ଚିବ। **28**ଆଉ ମଧ୍ୟ ଯାଜକ ଆପଣା
ହସ୍ତସ୍ଥିତ ତୈଳ ନେଇ ସେହି ଶୋଧନୀୟ ଲୋକର ଦକ୍ଷିଣ
କର୍ଣ୍ଣପ୍ରାନ୍ତରେ, ଦକ୍ଷିଣହସ୍ତ ବୃଦ୍ଧାଙ୍ଗୁଳରେ ଓ ଦକ୍ଷିଣ ପାଦ
ବୃଦ୍ଧାଙ୍ଗୁଳିରେ ଦୋଷାର୍ଥକ ବଳିର ରକ୍ତ ଲାଗିଥିବା ସ୍ଥାନରେ
ଲଗାଇବ। **29**ପୁଣି ଯାଜକ ଶୋଧନୀୟ ଲୋକ ପାଇଁ
ପ୍ରାୟଶ୍ଚିତ୍ତ କରିବାକୁ ନିଜ ହସ୍ତସ୍ଥିତ ଅବଶିଷ୍ଟ ତୈଳ ତାହାର
ମସ୍ତକରେ ଲଗାଇବ।

**30**"ପୁଣି ସେ ତା'ର ପ୍ରାପ୍ତିର ସାଧ୍ୟ ଅନୁସାରେ ସେ
ଦୁଇ କପୋତ ବା ଦୁଇ ପାରା ଛୁଆ ମଧ୍ୟରୁ ଗୋଟିଏ ଉତ୍ସର୍ଗ
କରିବ। **31**ତାହାର ପ୍ରାପ୍ତିର ସାଧ୍ୟ ଅନୁସାରେ ଶସ୍ୟ ନୈବେଦ୍ୟ
ସହିତ ଗୋଟିଏ ପାପାର୍ଥକ ବଳିରୂପେ ଓ ଅନ୍ୟଟି ହୋମବଳି
ରୂପେ ଉତ୍ସର୍ଗ କରିବ। ପୁଣି ଯାଜକ ଶୋଧନୀୟ ଲୋକ
ନିମନ୍ତେ ସଦାପ୍ରଭୁଙ୍କ ସମ୍ମୁଖରେ ପ୍ରାୟଶ୍ଚିତ୍ତ କରିବ। ଫଳରେ
ଲୋକଟି ଶୁଚି ହେବ।"

**32**ଯେଉଁ କୁଷ୍ଠ ରୋଗର ଘା'ଯୁକ୍ତ ଲୋକ ନିଜ ଶୌଚ
ସମ୍ବନ୍ଧୀୟ ଦ୍ରବ୍ୟ ପାଇବାକୁ ଅସମର୍ଥ, ତାହା ପାଇଁ ଏହି
ବ୍ୟବସ୍ଥା ଅଟେ।

## ଗୃହସ୍ଥିତ କୁଷ୍ଠ ରୋଗର ଦାଗ ପାଇଁ ବିଧି

**33**ଅନନ୍ତର ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ,
**34**"ଆମ୍ଭେ ଯେଉଁ ଦେଶ ତୁମ୍ଭମାନଙ୍କ ଅଧିକାର ନିମନ୍ତେ
ଦେବା, ସେହି କିଣାନ ଦେଶରେ, ତୁମ୍ଭେମାନେ ପ୍ରବେଶ
କଲେ ଯଦି ଆମ୍ଭେ ତୁମ୍ଭମାନଙ୍କ ଅଧିକୃତ ଦେଶରେ କୌଣସି
ଗୃହରେ କୁଷ୍ଠ ରୋଗର ଦାଗ ଉତ୍ପନ୍ନ କରୁ, **35**ତେବେ ସେହି
ଗୃହମାଲିକ ଯାଜକ ନିକଟକୁ ଆସି କହିବ, 'ମୋ ଗୃହରେ
ଦାଗ ସୃଷ୍ଟି ହେଲାପରି ମୋତେ ଦେଖାଯାଉଛି।'

**36**"ତହୁଁ ଯାଜକ ଗୃହର ସମସ୍ତ ଜିନିଷ ବାହାରକୁ
ନେବାକୁ ଆଜ୍ଞା ଦେବ, ଯେପରି ସେଗୁଡ଼ିକ ଅଶୁଚି ନ ହୁଏ।
ସମସ୍ତ ଜିନିଷ ବାହାରକୁ ଆସିଲାପରେ ଯାଜକ ଦାଗ ଦେଖିବାକୁ
ଗୃହରେ ପ୍ରବେଶ କରିବ। **37**ଯାଜକ ସେହି ଦାଗ ନିରୀକ୍ଷଣ
ବେଳେ ଯଦି ଦେଖିବ ଦାଗ କାନ୍ଥର ଖାଲ ଭିତରେ ବସି
ଯାଇଥିବ ଓ କିଞ୍ଚିତ ଶାଗୁଆ ବର୍ଣ୍ଣ କିମ୍ବା ରକ୍ତବର୍ଣ୍ଣ ହୋଇଥିବ
ଓ ତାହା କାନ୍ଥର ନୀଚରୁ ଦେଖାଯିବ। **38**ତେବେ ଯାଜକ
ଗୃହରୁ ବାହାର ଆସିବ ଓ ସେ ଗୃହକୁ ସାତଦିନ ରୁଦ୍ଧ କରି
ରଖିବ।

**39**"ସପ୍ତମ ଦିନରେ ଯାଜକ ପୁନର୍ବାର ଆସି ଘର ପରୀକ୍ଷା
କରିବ। ଆଉ ଯଦି ଗୃହ କାନ୍ଥରେ ସେହି ଦାଗ ବଢ଼ିଥାଏ।
**40**ତେବେ ଯାଜକ ସେହି ଦାଗଯୁକ୍ତ ପ୍ରସ୍ତରସବୁ ବାହାର କରି
ନଗରର ବାହାରେ ଅଶୁଚି ସ୍ଥାନରେ ପକାଇ ଦେବାକୁ
ଲୋକମାନଙ୍କୁ ଆଜ୍ଞା ଦେବ। **41**ପୁଣି ସେ ଗୃହର କାନ୍ଥ
ଉପରେ ଥିବା ଚୂନକୁ ଚାଞ୍ଛାଇବ ଓ ସେହି ଚାଞ୍ଛାଧୂଳି ନେଇ
ନଗର ବାହାରେ ଅଶୁଚି ସ୍ଥାନରେ ପକାଇବ। **42**ତା'ପରେ
ସେହି ବ୍ୟକ୍ତି ନୂତନ ପ୍ରସ୍ତର ନେଇ କାନ୍ଥରେ ବସାଇବ ଓ
କାନ୍ଥ ଉପର ସବୁ ନୂତନ ଲେପ ଲଗାଇବ।

**43**"ଯଦି କାନ୍ଥରେ ପ୍ରସ୍ତର ବଦଳ କଲାପରେ ଓ ଗୃହ
ଚାଞ୍ଛିଲା ପରେ ଓ ନୂତନ ଲେପନ କଲାପରେ ଯେବେ ସେହି
ଦାଗ ପୁନର୍ବାର କାନ୍ଥରେ ଫୁଟି ବାହାରେ, **44**ତେବେ ଯାଜକ
ଆସି ଦେଖିବ। ଆଉ ଯଦି ସେହି ଦାଗ ବୃଦ୍ଧି ପାଇଥାଏ
ତେବେ ସେ ଗୃହରେ କ୍ଷୟକୁଷ୍ଠ ଅଛି ଓ ତାହା ଅଶୁଚି
ଅଟେ। **45**ତାହାହେଲେ ସେ ଲୋକ ସେ ଗୃହ ଭାଙ୍ଗି
ପକାଇବ। ତହିଁରେ ଥିବା ପ୍ରସ୍ତର, କାଠ ଓ ଧୂଳିସବୁ ନେଇ

ନଗର ବାହାରେ ଅଶୁଚି ସ୍ଥାନରେ ପକାଇବ। 46ସେହି ଗୃହ
ରୁଦ୍ଧ ଥିଲାବେଳେ ଯଦି କେହି ସେହି ଘର ଭିତରେ ପ୍ରବେଶ
କରିଥାଏ, ସେହି ଲୋକ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ।
47ଯଦି କେହି ସେହି ଘରେ ଭୋଜନ କରିଥିବ କିମ୍ବା ଶୟନ
କରିଥିବ ତେବେ ସେ ତା'ର ବସ୍ତ୍ର ଧୋଇବ।

48"ଗୃହ ପୁନଃନିର୍ମାଣ ଓ ପୁନଃଲେପନ ଶେଷହେଲା
ପରେ, ଯାଜକ ସେହି ଗୃହକୁ ଆସିବ ଓ ଦେଖିବ। ଯଦି
ଦାଗ ବୃଦ୍ଧି ନ ପାଇଥାଏ, ତେବେ ସେ ତାହା ଶୁଚି ବୋଲି
ଘୋଷଣା କରିବ। କାରଣ ଦାଗ ଉଭେଇ ଯାଉଛି।

49"ପୁଣି ସେହି ଗୃହକୁ ଶୁଚି କରିବାକୁ ଯାଜକ ଦୁଇଟି
ପକ୍ଷୀ, ଏରସ କାଠ, ଲାଲ ବସ୍ତ୍ର ଓ ବନସ୍ପତି ନେବା ଉଚିତ୍।
50ଜଳସ୍ରୋତ ଉପରେ ଏକ ମାଟିହାଣ୍ଡି ଉପରେ ପକ୍ଷୀଟିକୁ
ରଖି ଯାଜକ ତାକୁ ବଧ କରିବା ପାଇଁ କହିବା ଉଚିତ୍।
51ତା'ପରେ ସେ ଯାଜକ ଏରସ କାଠ, ଏସୋବ, ଲାଲ୍ ବସ୍ତ୍ର
ଜୀଅନ୍ତା ପକ୍ଷୀକୁ ନେଇ ହତ୍ୟା କରିବ ଓ ସେହି ପକ୍ଷୀର
ରକ୍ତ, ସେହି ଜଳ ସ୍ରୋତରେ ବୁଡ଼ାଇବ ଓ ସେହି ଘରେ
ସାତଥର ଛିଞ୍ଚିବ। 52ସେହି ସବୁଜିନିଷ ବ୍ୟବହାର କରି ସେ
ଗୃହଟିକୁ ଶୁଚି କରିବ। 53ତା'ପରେ ଯାଜକ ସେହି ଜୀଅନ୍ତା
ପକ୍ଷୀକୁ ନଗର ବାହାରସ୍ଥ କ୍ଷେତ୍ର ଆଡ଼େ ଛାଡ଼ିଦେବ। ଏହିପରି
ସେ ଗୃହ ପାଇଁ ପ୍ରାୟଶ୍ଚିତ୍ତ କରିବ ଓ ଘରଟିକୁ ଶୁଚି
କରିବ।"

54କୁଷ୍ଠ ରୋଗର ଯେକୌଣସି ଘା' ଓ ଛଉର ଏହିସବୁ
ବ୍ୟବସ୍ଥା। 55ପୁଣି ବସ୍ତ୍ରସ୍ଥିତ ଓ ଗୃହସ୍ଥିତ କୁଷ୍ଠ ପାଇଁ, 56ଆଉ
ଫୁଲା, ଦାଗ ଓ ଚିକ୍କଣ ଚିହ୍ନ ପାଇଁ, 57ଏହିସବୁ ହେଉଛି
ବ୍ୟବସ୍ଥା। ଆଉ ମଧ୍ୟ କେଉଁ ସମୟରେ ଶୁଚି ଓ କେଉଁ
ସମୟରେ ଅଶୁଚି ଏହା ଜାଣିବା ପାଇଁ ଏସବୁ ବିଧି ଅଟେ।

## ଦେହରେ ପ୍ରମେହ ରୋଗର ବିଧି

15 ଅନନ୍ତର ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ ମଧ୍ୟ
କହିଲେ, 2"ଇସ୍ରାୟେଲ ସନ୍ତାନଗଣଙ୍କୁ କୁହ, ଯଦି
କୌଣସି ପୁରୁଷର ଲିଙ୍ଗରୁ ଧାତୁ କ୍ଷରିତ ହୁଏ, ସେ ଅଶୁଚି
ଘୋଷିତ ହେବା ଉଚିତ୍। 3କ୍ଷରଣ ଗଳୁଥାଉ କିମ୍ବା ବନ୍ଦ
ହୋଇଥାଉ, କ୍ଷରଣ ହେଉଥିବା ଲୋକ ଅଶୁଚି ଅଟେ।

4"ପ୍ରମେହ ରୋଗୀ ଯେଉଁ ଶଯ୍ୟାରେ ଶୟନ କରେ
ତାହା ଅଶୁଚି ଅଟେ। ଆଉ ସେ ଯେଉଁସବୁ ପଦାର୍ଥ ଉପରେ
ବସିବ ତାହା ମଧ୍ୟ ଅଶୁଚି ହେବ। 5ଯଦି କୌଣସି ବ୍ୟକ୍ତି
ସେହି ବ୍ୟକ୍ତିର ବିଛଣାକୁ ଛୁଏଁ, ତେବେ ସେ ତା'ର ବସ୍ତ୍ର
ଧୋଇବ ଓ ଜଳରେ ସ୍ନାନ କରିବ। ସେ ସନ୍ଧ୍ୟା ପର୍ଯ୍ୟନ୍ତ
ଅଶୁଚି ରହିବ। 6ଆଉ ଯେକୌଣସି ବସ୍ତୁ ଉପରେ ସେହି
କ୍ଷରଣକାରୀ ବସିଥାଏ, ଯଦି ସେହି ବସ୍ତୁ ଉପରେ ଯେ କେହି
ବସିବ ସେ ନିଜର ବସ୍ତ୍ର ଧୋଇବ ଓ ଜଳରେ ସ୍ନାନ କରିବ।
ସନ୍ଧ୍ୟା ପର୍ଯ୍ୟନ୍ତ ସେ ମଧ୍ୟ ଅଶୁଚି ରହିବ। 7ଆଉ ଯଦି କେହି
କ୍ଷରଣକାରୀଙ୍କୁ ଛୁଇଁବ ତେବେ ସେ ତା'ର ବସ୍ତ୍ର ଧୋଇବ ଓ
ଜଳରେ ସ୍ନାନ କରିବ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ।

8"କ୍ଷରଣକାରୀ ବ୍ୟକ୍ତି ଯଦି ଶୁଚି ଲୋକ ଉପରେ ଛେପ
ପକାଏ ତେବେ ସେ ବ୍ୟକ୍ତି ନିଜର ବସ୍ତ୍ର ଧୋଇବ, ଜଳରେ
ସ୍ନାନ କରିବ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ। 9କ୍ଷରଣକାରୀ
ଯେଉଁ ଘୋଡାର ସାଜ ଉପରେ ବସେ ସେ ମଧ୍ୟ ଅଶୁଚି
ହେବ। 10ଆଉ ଯଦି କେହି ତାହାର ତଳସ୍ଥ କୌଣସି ବସ୍ତୁକୁ
ଛୁଏଁ, ତେବେ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ। ପୁଣି ଯିଏ
କେହି ତାହା ବହନ କରିବ, ସେ ନିଜର ବସ୍ତ୍ର ଧୋଇବ,
ଜଳରେ ସ୍ନାନ କରିବ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ।

11"ପୁଣି କ୍ଷରଣକାରୀ ନିଜର ହାତ ଜଳରେ ନଧୋଇ
ଯଦି ଅନ୍ୟକୁ ଛୁଏଁ, ତେବେ ସେ ଛୁଇଁଥିବା ଲୋକ ନିଜର
ବସ୍ତ୍ର ଧୋଇବ, ଜଳରେ ସ୍ନାନ କରିବ ଓ ସନ୍ଧ୍ୟା ପର୍ଯ୍ୟନ୍ତ
ଅଶୁଚି ରହିବ।

12"ଯଦି କୌଣସି କ୍ଷରଣକାରୀ ମାଟିପାତ୍ରକୁ ଛୁଏଁ ତେବେ
ସେହି ପାତ୍ରକୁ ଭାଙ୍ଗି ଦିଆଯିବ। ଆଉ ଯଦି କୌଣସି
କାଠପାତ୍ରକୁ ଛୁଏଁ ତେବେ ତାହା ଜଳରେ ଧୁଆଯିବା ଉଚିତ୍।

13"କ୍ଷରଣକାରୀ ଯେତେବେଳେ ନିଜ କ୍ଷରଣ ସକାଶେ
ଶୁଚି ହୁଏ, ସେତେବେଳେ ସେ ଶୌଚକ୍ରିୟା ନିମନ୍ତେ ସାତଦିନ
ଅପେକ୍ଷା କରିବା ଉଚିତ୍। ସେ ନିଜର ବସ୍ତ୍ର ଧୋଇବ ଓ
ସ୍ରୋତ ଜଳରେ ସ୍ନାନ କରିବ। ତେବେ ସେ ଶୁଚି ହେବ।
14ଅଷ୍ଟମ ଦିନରେ ସେହି ଲୋକ ଦୁଇଟି କପୋତ କିମ୍ବା
ଦୁଇଟି ପାରାଛୁଆ ଆଣିବ। ସେ ସମାଗମ ତମ୍ବୁ ଦ୍ୱାର
ନିକଟରେ ସଦାପ୍ରଭୁଙ୍କ ସମ୍ମୁଖରେ ଯାଜକଙ୍କୁ ଅର୍ପଣ କରିବ।
15ପୁଣି ଯାଜକ ସେଥିରୁ ଗୋଟିକୁ ପାପାର୍ଥକ ବଳି ଓ
ଅନ୍ୟଟିକୁ ହୋମବଳି ରୂପେ ଉତ୍ସର୍ଗ କରିବ। ଆଉ ସେହି
ଲୋକ ସଦାପ୍ରଭୁଙ୍କ ସମ୍ମୁଖରେ ପ୍ରାୟଶ୍ଚିତ୍ତ ହେବ। କାରଣ
ତାଙ୍କର କ୍ଷରଣ ପାଇଁ।

## ପୁରୁଷମାନଙ୍କ ପାଇଁ ବିଧି

16"ଯଦି କୌଣସି ପୁରୁଷର ବୀର୍ଯ୍ୟପାତ ହୁଏ, ତେବେ
ସେ ସମସ୍ତ ଶରୀରକୁ ଜଳରେ ଧୌତ କରିବ ଓ ସନ୍ଧ୍ୟା
ପର୍ଯ୍ୟନ୍ତ ଅଶୁଚି ରହିବ। 17ଯଦି କୌଣସି ବସ୍ତ୍ରରେ କିମ୍ବା
ଚର୍ମରେ ବୀର୍ଯ୍ୟପାତ ହୁଏ, ସେଗୁଡ଼ିକୁ ଜଳରେ ଧୌତ
କରାଯିବ ଓ ସନ୍ଧ୍ୟା ପର୍ଯ୍ୟନ୍ତ ତାହା ଅଶୁଚି ରହିବ। 18ଯଦି
ସେ ପୁରୁଷ କୌଣସି ସ୍ତ୍ରୀ ସହିତ ଶୟନ କରେ ଓ ତା'ର
କାର୍ଯ୍ୟ ସ୍ଖଳନ ଘଟେ, ତେବେ ସେ ଦୁହେଁ ଜଳରେ ସ୍ନାନ
କରିବେ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବେ।

## ସ୍ତ୍ରୀଲୋକମାନଙ୍କ ପାଇଁ ବିଧି

19"ଆଉ ଯଦି କୌଣସି ସ୍ତ୍ରୀ ରଜସ୍ୱଳା ହୁଏ ଓ ତା'ର
ଦେହରୁ ରକ୍ତ କ୍ଷରିତ ହୁଏ, ତେବେ ସେ ସାତଦିନ ପର୍ଯ୍ୟନ୍ତ
ଅଶୌଚ ରହିବ। ଯିଏ କେହି ତାକୁ ସେ ସମୟରେ ଛୁଇଁବ
ସେ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ। 20ଆଉ ସେହି ସ୍ତ୍ରୀ
ଧର୍ମ-ସମୟରେ ଯେକୌଣସି ଶଯ୍ୟାରେ ଶୟନ କରିବ, ତାହା
ଅଶୁଚି ରହିବ ଓ ଯାହା ଉପରେ ସେ ବସିବ ତାହା ମଧ୍ୟ
ଅଶୁଚି ହେବ। 21ଯଦି କୌଣସି ବ୍ୟକ୍ତି ତା'ର ଶଯ୍ୟା ଛୁଇଁବ
ସେ ତା'ର ବସ୍ତ୍ର ଧୋଇବ ଓ ସେ ଜଳରେ ସ୍ନାନ କରିବ।
ଆଉ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ। 22ପୁଣି ଯିଏ
କେହି ତା'ର ବସିବା ଆସନରେ ବସିବ, ସେ ତା'ର ବସ୍ତ୍ର
ଧୋଇବ ଓ ଜଳରେ ସ୍ନାନ କରିବ। ଆଉ ମଧ୍ୟ ସେ ସନ୍ଧ୍ୟା
ପର୍ଯ୍ୟନ୍ତ ଅଶୁଚି ରହିବ। 23ଆଉ ତା'ର ଶଯ୍ୟା କିମ୍ବା ଆସନ

ଉପରେ ଥିବା ଯେକୌଣସି ଜିନିଷ ଜଣେ ଛୁଇଁବ, ତେବେ
ସେ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ।
24"ଯଦି ରଜସ୍ୱଳା ସମୟରେ କୌଣସି ପୁରୁଷ ସେହି ସ୍ତ୍ରୀ
ଲୋକ ସହିତ ଦୈହିକ ସମ୍ପର୍କ ରଖେ, ସେ ମଧ୍ୟ ସାତଦିନ
ପର୍ଯ୍ୟନ୍ତ ଅଶୁଚି ରହିବ। ପୁଣି ସେ ଯେକୌଣସି ଶଯ୍ୟାରେ
ଶୟନ କରେ ତାହା ଅଶୁଚି ହେବ।
25"ଆଉ ସ୍ତ୍ରୀର ମାସିକ ଧର୍ମ ସମୟ ଛଡ଼ା ଯଦି କୌଣସି
ସ୍ତ୍ରୀର ବହୁଦିନ ପର୍ଯ୍ୟନ୍ତ ରକ୍ତସ୍ରାବ ହୁଏ, କିମ୍ବା ସାତ ଦିନ
ଅତିବାହିତ ହେଲାପରେ ଯଦି ରକ୍ତ ସ୍ରାବ ହୁଏ, ତେବେ
ରକ୍ତସ୍ରାବ ହେଉଥିବା ପର୍ଯ୍ୟନ୍ତ ସେ ସ୍ତ୍ରୀର ମାସିକ ଧର୍ମ ସମୟ
ପରି ଅଶୁଚି ରହିବ। 26ଯଦି ସେହି ରକ୍ତସ୍ରାବ ଚାଲିଥିବା
ସମୟରେ ସେ କୌଣସି ଶଯ୍ୟାରେ ଶୟନ କରେ, ତେବେ
ତାହା ସ୍ତ୍ରୀ-ଧର୍ମ ସମୟ ପରି ଅଶୁଚି ରହିବ। ଆଉ ସେ
ଯେଉଁ ଆସନ ଉପରେ ବସିବ ତା' ମଧ୍ୟ ସ୍ତ୍ରୀଧର୍ମ ସମୟ
ପରି ଅଶୁଚି ରହିବ। 27ପୁଣି ଯିଏ କେହି ସେହିସବୁ ଜିନିଷ
ଛୁଇଁବ, ସେ ଅଶୁଚି ହେବ, ସେ ନିଜର ବସ୍ତ୍ର ଧୋଇବ ଓ
ଜଳରେ ସ୍ନାନ କରିବ ଓ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ।
28ପୁଣି ସେହି ସ୍ତ୍ରୀର ରକ୍ତସ୍ରାବ ବନ୍ଦ ହେଲେ, ସେ ଆଉ
ସାତ ଦିନ ଅପେକ୍ଷା କରିବ। ତା'ପରେ ସେ ଶୁଚି ହେବ।
29ତା'ପରେ ଅଷ୍ଟମ ଦିନରେ ସେହି ସ୍ତ୍ରୀଲୋକ ଦୁଇଟି
କପୋତ କିମ୍ବା ଦୁଇଟି ପାରାଛୁଆ ଆଣି ସମାଗମ ତମ୍ବୁର
ଦ୍ୱାର ନିକଟରେ ଯାଜକକୁ ଅର୍ପଣ କରିବ। 30ତା'ପରେ ସେ
ଯାଜକ ସେଥିମଧ୍ୟରୁ ଗୋଟିଏ ପକ୍ଷୀ ପାପାର୍ଥକ ବଳିରୂପେ ଓ
ଅନ୍ୟଟିକୁ ହୋମବଳି ରୂପେ ଉତ୍ସର୍ଗ କରିବ। ଏହିରୂପେ ସେ
ଯାଜକ ସଦାପ୍ରଭୁଙ୍କ ସମ୍ମୁଖରେ ସେ ସ୍ତ୍ରୀ ଲୋକଙ୍କୁ ପ୍ରାୟଶ୍ଚିତ୍ତ
କରାଇବ।
31"ଏଣୁ ତୁମ୍ଭେ ଇସ୍ରାୟେଲ ସନ୍ତାନଗଣଙ୍କୁ ଅଶୁଚି ବିଷୟରେ
ସତର୍କ କରିଦେବ। ଯଦି ତୁମ୍ଭେ ସେମାନଙ୍କୁ ବିଧି ବିଷୟରେ
ନ ଜଣାଇବ, ତେବେ ସେମାନେ ଆମ୍ଭର ପବିତ୍ର ତମ୍ବୁକୁ
ଅଶୁଚି କରିଦେବେ। ଏଥିପାଇଁ ସେମାନେ ମୃତ୍ୟୁବରଣ କରିବେ।"
32ଧାତୁ ସ୍ରାବ ଓ ବୀର୍ଯ୍ୟ କ୍ଷରଣ ହେଉଥିବା ଲୋକମାନଙ୍କ
ପାଇଁ ଏହିସବୁ ବିଧି। ଏବଂ ଏହାଦ୍ୱାରା ଅଶୁଚି ହୁଏ। 33ପୁଣି
ଏହିସବୁ ବିଧି ରଜସ୍ୱଳା ନାରୀ, ବୀର୍ଯ୍ୟ କ୍ଷରଣକାରୀ ପୁରୁଷ ଓ
ସ୍ତ୍ରୀ ଏବଂ ରଜସ୍ୱଳା ନାରୀ ସହିତ ଶୟନ କରୁଥିବା
ଲୋକମାନଙ୍କ ପାଇଁ ଲାଗୁ ହେବ।

## ପ୍ରାୟଶ୍ଚିତ୍ତର ଦିନ

16 ସଦାପ୍ରଭୁଙ୍କୁ ସୁଗନ୍ଧି ଧୂପର ନୈବେଦ୍ୟ ଦେଲାବେଳେ
ହାରୋଣଙ୍କ ଦୁଇ ପୁତ୍ର ମଲେ। ଏହାପରେ ସଦାପ୍ରଭୁ
ମୋଶାଙ୍କୁ କହିଲେ, 2"ତୁମ୍ଭେ ଆପଣା ଭ୍ରାତା ହାରୋଣଙ୍କୁ
କୁହ, ଯେପରି ତାଙ୍କର ମୃତ୍ୟୁ ନ ହୁଏ, ଏଥିପାଇଁ ବିଚ୍ଛେଦ
ବସ୍ତ୍ର ଭିତରେ ସିନ୍ଦୁକର ଉପରିସ୍ଥ ପାପାଚ୍ଛାଦକ ସମ୍ମୁଖରେ
ପବିତ୍ର ସ୍ଥାନରେ ସର୍ବଦା ପ୍ରବେଶ କରିବେ ନାହିଁ। କାରଣ
ଆମ୍ଭେ ପାପାଚ୍ଛାଦକ ଉପରେ ମେଘର ଦର୍ଶନ ଦେବା।
3"ହାରୋଣ ମହାପବିତ୍ର ସ୍ଥାନରେ ପ୍ରବେଶ କରିବା ପୂର୍ବରୁ
ପ୍ରାୟଶ୍ଚିତ୍ତର ଦିନ ପାପାର୍ଥକ ବଳିରୂପେ ଏକ ଗୋବତ୍ସ ଓ
ହୋମବଳି ରୂପେ ଏକ ମେଷଛୁଆ ପ୍ରାୟଶ୍ଚିତ୍ତ ଦିନ ଉତ୍ସର୍ଗ
କରିବ। 4ହାରୋଣ ଜଳରେ ନିଜର ଶରୀରକୁ ଧୌତ କରି
ପବିତ୍ର ଶୁଭ୍ର ଜାମା ପିନ୍ଧିବେ, ଦେହରେ ଶୁଭ୍ର ଜଙ୍ଘିଆ ଧାରଣ
କରିବେ, ଶୁଭ୍ର କଟିବନ୍ଧନୀ କଟିରେ ବାନ୍ଧିବେ ଓ ଶୁଭ୍ର
ପଗଡ଼ି ମୁଣ୍ଡରେ ପିନ୍ଧିବେ। ଏସବୁ ପବିତ୍ର ବସ୍ତ୍ର।
5"ପୁଣି ହାରୋଣ ଇସ୍ରାୟେଲ ସନ୍ତାନଗଣର ମଣ୍ଡଳୀରୁ
ପାପାର୍ଥକ ବଳି ପାଇଁ ଦୁଇଟି ଛାଗ ଓ ହୋମବଳି ପାଇଁ ଏକ
ମେଷ ନେବ। 6ତା'ପରେ ହାରୋଣ ନିଜ ପାଇଁ ଗୋବତ୍ସକୁ
ପାପାର୍ଥକ ବଳିରୂପେ ଉତ୍ସର୍ଗ କରିବ। ସେ ନିଜକୁ ଓ ନିଜ
ପରିବାରକୁ ଏଥିରେ ପ୍ରାୟଶ୍ଚିତ୍ତ କରିବ।
7"ତା'ପରେ ହାରୋଣ ଦୁଇଟି ଛାଗ ସମାଗମ ତମ୍ବୁର
ଦ୍ୱାର ଦେଶରେ ସଦାପ୍ରଭୁଙ୍କ ସମ୍ମୁଖକୁ ଆଣିବ। 8ପୁଣି
ହାରୋଣ ସେହି ଦୁଇ ଛାଗ ବିଷୟରେ ଗୁଲିବାଣ୍ଟ କରିବେ।
ସେଥିରୁ ଗୋଟିଏ ସଦାପ୍ରଭୁଙ୍କ ନିମନ୍ତେ ଓ ଅନ୍ୟଟି ତ୍ୟାଗ
(ଅଜାଜେଲ) ନିମନ୍ତେ ହେବ।
9"ପୁଣି ଯେଉଁ ଛାଗ ଗୁଲିବାଣ୍ଟରେ ସଦାପ୍ରଭୁଙ୍କ ନିମନ୍ତେ
ହେବ, ହାରୋଣ ତାକୁ ନେଇ ପାପାର୍ଥେ ବଳିଦାନ କରିବ।
10କିନ୍ତୁ ଗୁଲାବାଣ୍ଟ ଦ୍ୱାରା ଅଜାଜେଲ ନିମନ୍ତେ ସିଦ୍ଧାନ୍ତ କରାଯାଇଥିବା
ଛାଗକୁ ସଦାପ୍ରଭୁଙ୍କ ସମ୍ମୁଖରେ ଜୀଅନ୍ତା ଛିଡା କରାଯିବ।
ମରୁଭୂମିର ବାହାରକୁ ଅଜାଜେଲ ଏହି ଛାଗକୁ ପଠାଇବା
ଦ୍ୱାରା ଲୋକମାନଙ୍କ ପାଇଁ ହାରୋଣ ପ୍ରାୟଶ୍ଚିତ୍ତ କରିବ।
11"ତା'ପରେ ହାରୋଣ ନିଜ ପାଇଁ ପାପାର୍ଥକ ବଳିର
ଯେଉଁ ଗୋବତ୍ସ ଆଣିଥିଲେ, ନିଜ ପାଇଁ ଓ ନିଜ ଘର ପାଇଁ
ପ୍ରାୟଶ୍ଚିତ୍ତ କରିବ, ପୁଣି ନିଜ ପାପାର୍ଥକ ବଳିର ସେହି
ଗୋବତ୍ସକୁ ବଧ କରିବେ। 12ଆଉ ସେ ସଦାପ୍ରଭୁଙ୍କ ସମ୍ମୁଖସ୍ଥ
ଯଜ୍ଞବେଦୀରୁ ପ୍ରଜ୍ୱଳିତ ଅଙ୍ଗାର ଉଦ୍ନେଇରେ ପୂର୍ଣ୍ଣ କରି ଓ
ମୁଠିଏ ଚୂର୍ଣ୍ଣ ସୁଗନ୍ଧିଧୂପ ନେଇ ବିଚ୍ଛେଦ ବସ୍ତ୍ରରେ ଭିତରକୁ
ଯିବ। 13ସଦାପ୍ରଭୁଙ୍କ ସମ୍ମୁଖରେ ଅଗ୍ନି ଉପରେ ସେ ସୁଗନ୍ଧିଧୂପ
ଦେବା ଉଚିତ୍। ତାହାଦ୍ୱାରା ନିୟମ ସିନ୍ଦୁକର ଉପରିସ୍ଥ
ପାପାଚ୍ଛାଦନ ଧୂଆଁର ବାଦଲ ଆଚ୍ଛନ୍ନ ହେଲେ ସେ ମରିବ
ନାହିଁ। 14ତହୁଁ ସେ ଗୋବତ୍ସର କିଛି ରକ୍ତ ନେଇ ପାପାଚ୍ଛାଦନର
ପୂର୍ବଆଡ଼େ ଅଙ୍ଗୁଳିରେ ଛିଞ୍ଚିବ। ପୁଣି ପାପାଚ୍ଛାଦନ ସମ୍ମୁଖରେ
ଅଙ୍ଗୁଳି ଦ୍ୱାରା ସାତଥର ସେହି ରକ୍ତ ଛିଞ୍ଚିବ।
15"ଏହାପରେ ହାରୋଣ ଲୋକମାନଙ୍କର ପାପାର୍ଥକ ବଳିର
ଛାଗ ନେଇ ବଧ କରିବ ଓ ତାହାର ରକ୍ତ ବିଚ୍ଛେଦବସ୍ତ୍ରର
ଭିତରକୁ ଆଣି, ଯେପରି ଗୋବତ୍ସ ରକ୍ତ ନେଇ କରିଥିଲା,
ସେହିପରି ତାହାର ରକ୍ତ ନେଇ କରିବ। ଅର୍ଥାତ୍ ପାପାଚ୍ଛାଦନ
ଉପରେ ଓ ପାପାଚ୍ଛାଦନ ସମ୍ମୁଖରେ ତାହା ଛିଞ୍ଚିବ। 16ଏହିରୂପେ
ହାରୋଣ ମହାପବିତ୍ର ସ୍ଥାନକୁ ଶୌଚ କରିବ। ଇସ୍ରାୟେଲ
ଲୋକମାନଙ୍କ ଅଶୌଚ ଓ ପାପ ପାଇଁ ସେ ପ୍ରାୟଶ୍ଚିତ୍ତ
କରିବ। ହାରୋଣ ସମାଗମ ତମ୍ବୁ ପାଇଁ ସେହିପରି କରିବ,
କାରଣ ଏହା ଅଶୌଚ ମଧ୍ୟରେ ସେମାନଙ୍କ ସହିତ ବାସ
କରେ। 17ସେହି ସମୟରେ ହାରୋଣ ପ୍ରାୟଶ୍ଚିତ୍ତ କରିବା
ପାଇଁ ପବିତ୍ର ସ୍ଥାନରେ ପ୍ରବେଶ କରିବ, ସେ ନିଜ ପାଇଁ,
ନିଜ ଘର ପାଇଁ ଓ ଇସ୍ରାୟେଲର ସମସ୍ତ ସମାଜ ପାଇଁ
ଯେପର୍ଯ୍ୟନ୍ତ ପ୍ରାୟଶ୍ଚିତ୍ତ କରି ନାହାନ୍ତି ସେପର୍ଯ୍ୟନ୍ତ ସମାଗମ
ତମ୍ବୁରେ କୌଣସି ମଣିଷ ରହିବେ ନାହିଁ। 18ଆଉ ସେ
ବାହାରକୁ ଆସି ସମ୍ମୁଖସ୍ଥିତ ଯଜ୍ଞବେଦୀ ପାଖକୁ ଯାଇ ତହିଁ

ନିମନ୍ତେ ପ୍ରାୟଶ୍ଚିତ୍ତ କରିବ। ପୁଣି ଗୋବତ୍ସ ଓ ଛାଗର କିଛି
ରକ୍ତ ନେଇ ଯଜ୍ଞବେଦୀର ଶୃଙ୍ଗ ଉପରେ ଚାରିଆଡ଼େ ଦେବ।
19ତା'ପରେ ସେ ରକ୍ତରୁ କିଛି ନେଇ ଅଙ୍ଗୁଳି ଦ୍ୱାରା ସାତଥର
ଛିଞ୍ଚି ଅଶୁଚି ବେଦୀକୁ ଶୁଦ୍ଧ କରିବ ଓ ଇସ୍ରାଏଲ ଲୋକମାନଙ୍କ
ଅଶୌଚରୁ ତାହା ଶୁଚି କରିବ।

20"ଏହି ପ୍ରକାରେ ସେ ମହାପବିତ୍ରସ୍ଥାନ, ସମାଗମ ତମ୍ବୁ
ଓ ଯଜ୍ଞବେଦୀ ନିମନ୍ତେ ପ୍ରାୟଶ୍ଚିତ୍ତ କରିସାରିଲା ଉତ୍ତାରେ
ସେହି ଜୀଅନ୍ତା ଛାଗକୁ ଆଣିବ। 21ପୁଣି ହାରୋଣ ସେହି
ଜୀଅନ୍ତା ଛାଗର ମସ୍ତକରେ ଆପଣା ଦୁଇହସ୍ତ ରଖି ତାହା
ଉପରେ ଇସ୍ରାଏଲ ସନ୍ତାନଗଣର ସମସ୍ତ ଅପରାଧ, ସମସ୍ତ
ଅଧର୍ମ ଓ ସମସ୍ତ ପାପ ସ୍ୱୀକାର କରିବ। ଆଉ ତାହାସବୁ
ସେହି ଛାଗର ମସ୍ତକରେ ଅର୍ପଣ କରି ପୂର୍ବରୁ ପ୍ରସ୍ତୁତ ଥିବା
ଲୋକ ହସ୍ତରେ ତାହାକୁ ମରୁଭୂମିକୁ ପଠାଇ ଦେବ। 22ତହୁଁ
ସେହି ଛାଗ ସେମାନଙ୍କର ସମସ୍ତ ଅପରାଧ ଆପଣା ମସ୍ତକରେ
ବହନ କରି ସେହି ଜନଶୂନ୍ୟ ଦେଶକୁ ନେଇଯିବ। ତାକୁ
ନେଇଥିବା ଲୋକଟି ସେହି ସ୍ଥାନରେ ସେ ଛାଗକୁ ଛାଡ଼ିଦେବ।

23"ତା'ପରେ ହାରୋଣ ସମାଗମ ତମ୍ବୁକୁ ଆସିବ।
ପବିତ୍ରସ୍ଥାନରେ ପ୍ରବେଶ କରିବା ସମୟରେ ଯେଉଁ ଶଣବସ୍ତ୍ର
ପରିଧାନ କରିଥିଲେ, ତାହାକୁ କାଢ଼ି ଦେବେ। ସେ ସେଗୁଡ଼ିକୁ
ସମାଗମ ତମ୍ବୁରେ ଛାଡ଼ିଦେବ। 24ତା'ପରେ ସେ କୌଣସି
ପବିତ୍ରସ୍ଥାନରେ ନିଜର ଶରୀରକୁ ଜଳରେ ଧୌତ କରି ନିଜ
ବସ୍ତ୍ର ପିନ୍ଧି ବାହାରକୁ ଆସିବ, ପୁଣି ନିଜର ହୋମବଳି ଓ
ଲୋକମାନଙ୍କର ହୋମବଳି ଉତ୍ସର୍ଗ କରି ନିଜ ପାଇଁ ଓ
ଲୋକମାନଙ୍କ ପାଇଁ ପ୍ରାୟଶ୍ଚିତ୍ତ କରିବ। 25ଆଉ ସେ ପାପାର୍ଥକ
ବଳିର ମେଦ ଯଜ୍ଞବେଦୀରେ ଦଗ୍ଧ କରିବ।

26"ପୁଣି ଯେଉଁ ଲୋକ ତ୍ୟାଗର (ଅଜାଜେଲରେ) ଛାଗକୁ
ନେଇ ଛାଡ଼ିଥାଏ ସେ ନିଜର ବସ୍ତ୍ର ଧୋଇ ଜଳରେ ସ୍ନାନ
କରିବା ଉଚିତ୍। ତା'ପରେ ଛାଉଣୀରେ ପ୍ରବେଶ କରିବ।

27"ଯେଉଁ ପାପାର୍ଥକ ବଳି ଗୋବତ୍ସ ଓ ଛାଗର ରକ୍ତ
ମହାପବିତ୍ର ସ୍ଥାନକୁ ଅଣାଯାଇ ପ୍ରାୟଶ୍ଚିତ୍ତ ହେବା ପାଇଁ ଥିଲା,
ସେମାନଙ୍କର ଚର୍ମ, ମାଂସ ଓ ମଳ, ଲୋକମାନେ ଛାଉଣୀ
ବାହାରକୁ ନେଇ ଅଗ୍ନିରେ ଦଗ୍ଧ କରିବେ। 28ଯେଉଁ ଲୋକ
ସେଗୁଡ଼ିକୁ ଦଗ୍ଧ କରିବ, ସେ ତା'ର ବସ୍ତ୍ର ଧୋଇବା ଉଚିତ୍
ଓ ତା'ର ସମସ୍ତ ଶରୀର ଜଳରେ ଭଲ ଭାବରେ ଧୋଇବ
ଏବଂ ତା'ପରେ କେବଳ ସେ ଛାଉଣୀରେ ପ୍ରବେଶ କରିବ।

29"ତୁମ୍ଭମାନଙ୍କ ପାଇଁ ଏହା ଚିରନ୍ତନ ବିଧି ହେବ। ସପ୍ତମ
ମାସର ଦଶମ ଦିନରେ ତୁମ୍ଭେମାନେ କିଛି ଖାଦ୍ୟ ଖାଇବା
ଉଚିତ୍ ନୁହେଁ। ତୁମ୍ଭମାନଙ୍କ ମଧ୍ୟରେ ସ୍ୱଦେଶୀୟ ହେଉ ବା
ବିଦେଶୀୟ ହେଉ ତୁମ୍ଭେମାନେ କୌଣସି ପ୍ରକାର କାମ
କରିବା ଉଚିତ୍ ନୁହେଁ। 30କାରଣ ସେହି ଦିନରେ ତୁମ୍ଭମାନଙ୍କୁ
ଶୁଚି କରିବା ନିମନ୍ତେ ତୁମ୍ଭମାନଙ୍କ ପାଇଁ ପ୍ରାୟଶ୍ଚିତ୍ତ କରାଯିବ।
ତୁମ୍ଭେମାନେ ସଦାପ୍ରଭୁଙ୍କ ସମ୍ମୁଖରେ ନିଜ ନିଜର ସକଳ
ପାପରୁ ପରିଷ୍କୃତ ହେବ। 31ଏହି ଦିନଟି ତୁମ୍ଭମାନଙ୍କ ପାଇଁ
ମହାନ୍ ବିଶ୍ରାମଦିନ, ତୁମ୍ଭେମାନେ କିଛି ଖାଦ୍ୟ ଖାଇବା ଉଚିତ୍
ନୁହେଁ। ଏହା ଚିରନ୍ତନ ବିଧି।

32"ପୁଣି ପିତା ବଦଳରେ ଯେଉଁ ପୁତ୍ର ମହାଯାଜକତ୍ୱ
ପଦରେ ଅଭିଷିକ୍ତ ଓ ନିଯୁକ୍ତ ହେବ, ସେହି ମହାଯାଜକ
ପ୍ରାୟଶ୍ଚିତ୍ତ କରିବ। ଆଉ ସେ ଶୁଭ୍ରବସ୍ତ୍ର ଅର୍ଥାତ୍ ପବିତ୍ର
ବସ୍ତ୍ରସବୁ ପିନ୍ଧିବ। 33ଆଉ ସେ ମହାପବିତ୍ର ସ୍ଥାନ, ସମାଗମ
ତମ୍ବୁ ଓ ଯଜ୍ଞବେଦୀ ନିମନ୍ତେ ପ୍ରାୟଶ୍ଚିତ୍ତ କରିବ। ଆଉ ମଧ୍ୟ
ସେ ଯାଜକଗଣ ଓ ସମାଜର ସମସ୍ତ ଲୋକ ନିମନ୍ତେ
ପ୍ରାୟଶ୍ଚିତ୍ତ କରିବ। 34ପୁଣି ଇସ୍ରାଏଲ ସନ୍ତାନଗଣ ନିମନ୍ତେ
ସେମାନଙ୍କର ସମସ୍ତ ପାପ ସକାଶୁ ବର୍ଷ ମଧ୍ୟରେ ଏକଥର
ପ୍ରାୟଶ୍ଚିତ୍ତ କରିବାର ତୁମ୍ଭମାନଙ୍କ ପ୍ରତି ଅନନ୍ତକାଳୀନ ବିଧି
ହେବ।"

ତହୁଁ ସେମାନେ ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କ ଆଜ୍ଞା
ଅନୁସାରେ କର୍ମ କଲେ।

### ପ୍ରାଣୀମାନଙ୍କୁ ବଧକରିବା ଓ ଭକ୍ଷଣ କରିବାର ବିଧି

17 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ତୁମ୍ଭେ
ହାରୋଣଙ୍କୁ, ତାଙ୍କର ସନ୍ତାନଗଣଙ୍କୁ ଓ ଇସ୍ରାଏଲର
ସମସ୍ତ ଲୋକମାନଙ୍କୁ ସଦାପ୍ରଭୁଙ୍କ ଆଜ୍ଞା ବିଷୟରେ କୁହ।
3ଯଦି କେହି ଗାଈ କି ମେଷ କି ଛାଗ ଛାଉଣୀ ମଧ୍ୟରେ
ବା ଛାଉଣୀ ବାହାରେ ବଧ କରେ, 4ସେହି ଲୋକ ସେହି
ପ୍ରାଣୀକୁ ସମାଗମ ତମ୍ବୁର ଦ୍ୱାର ନିକଟକୁ ଆଣିବ ଓ ସେହି
ପ୍ରାଣୀର ଏକ ଅଂଶ ଉପହାର ସ୍ୱରୂପ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଉତ୍ସର୍ଗ କରିବ। ସେ ଯଦି ତାହା ନ କରେ ତେବେ
ରକ୍ତପାତର ଅପରାଧରେ ଅପରାଧୀ ହେବ। ସେ ରକ୍ତପାତ
ଅପରାଧ ଯୋଗୁଁ ନିଜ ଲୋକମାନଙ୍କଠାରୁ ଅଲଗା ରହିବ।
5ଏଣୁ ଇସ୍ରାଏଲର ସନ୍ତାନଗଣ ନିଜ ନିଜର ଯେଉଁ ବଳି
କ୍ଷେତ୍ରକୁ ନିଅନ୍ତି, ସେ ସମସ୍ତ ସମାଗମ ତମ୍ବୁର ଦ୍ୱାରରେ
ଯାଜକ ନିକଟକୁ ଆଣିବେ ଓ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ମଙ୍ଗଳାର୍ଥକ ବଳିଦାନ ନିମନ୍ତେ ଉତ୍ସର୍ଗ କରିବେ। 6ତା'ପରେ
ସେ ଯାଜକ ସମାଗମ ତମ୍ବୁ ଦ୍ୱାର ନିକଟରେ ସଦାପ୍ରଭୁଙ୍କ
ଯଜ୍ଞବେଦୀ ଉପରେ ସେହି ରକ୍ତ ଛିଞ୍ଚିବ, ଆଉ ସଦାପ୍ରଭୁଙ୍କୁ
ଉପହାର ସ୍ୱରୂପ ସେହି ମେଦ ଦଗ୍ଧ କରିବ। 7ତହିଁରେ
ସେମାନେ ଯେଉଁ ଛାଗ ପ୍ରତିମାମାନଙ୍କ ସହିତ ବ୍ୟଭିଚାର
କରୁଅଛନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ଆଉ ବଳିଦାନ କରିବେ
ନାହିଁ। ଏହା ସେମାନଙ୍କର ପୁରୁଷାନୁକ୍ରମେ ପାଳନୀୟ ଅନନ୍ତକାଳୀନ
ବିଧି ହେବ।

8"ତୁମ୍ଭେ ସବୁ ଲୋକଙ୍କୁ କହିବ, ଇସ୍ରାଏଲ ବଂଶଜାତ
କୌଣସି ଲୋକ କିମ୍ବା ଭ୍ରମଣକାରୀ କିମ୍ବା କୌଣସି ବିଦେଶୀ
ଲୋକ ଯେବେ ହୋମବଳି କି ବଳିଦାନ କରେ, 9ତେବେ
ସେ ସେହି ବଳିଦାନ ସମାଗମ ତମ୍ବୁର ଦ୍ୱାର ନିକଟକୁ ଆଣି
ସଦାପ୍ରଭୁଙ୍କୁ ଉତ୍ସର୍ଗ କରିବ। ଯଦି ସେ ତାହା ନ କରିବ
ତେବେ ସେ ନିଜ ଲୋକମାନଙ୍କଠାରୁ ପୃଥକ୍ ରହିବ।

10"ଆଉ କୌଣସି ଇସ୍ରାଏଲୀୟ କିମ୍ବା ସେମାନଙ୍କ
ମଧ୍ୟରେ ପ୍ରବାସୀ କୌଣସି ବିଦେଶୀ ଲୋକ, ଯଦି କୌଣସି
ପ୍ରକାର ରକ୍ତ ଭୋଜନ କରେ, ତେବେ ଆମ୍ଭେ ସେହି
ରକ୍ତଭୋଜି ପ୍ରାଣୀର ବିରୁଦ୍ଧରେ ଆପଣା ମୁଖ ରଖିବା ଓ
ତାହାର ଲୋକମାନଙ୍କଠାରୁ ତାକୁ ପୃଥକ୍ ରଖିବା। 11କାରଣ
ରକ୍ତରେ ପ୍ରାଣୀର ଜୀବନ ଥାଏ। ପୁଣି ତୁମ୍ଭମାନଙ୍କ ପ୍ରାଣ
ନିମନ୍ତେ ପ୍ରାୟଶ୍ଚିତ୍ତ କରିବାକୁ ଆମ୍ଭେ ତାହା ଯଜ୍ଞବେଦୀ
ଉପରେ ତୁମ୍ଭମାନଙ୍କୁ ଦେଇଅଛୁ, ଯେହେତୁ ପ୍ରାଣର ମୂଲ୍ୟରେ

ରକ୍ତ ହିଁ ପ୍ରାୟଶ୍ଚିତ୍ତ କରେ। 12ତେଣୁ ଆମ୍ଭେ ଇଶ୍ରାୟେଲର
ସନ୍ତାନଗଣଙ୍କୁ କହୁଛୁ, ତୁମ୍ଭମାନଙ୍କ ମଧ୍ୟରୁ କେହି ରକ୍ତ
ଭୋଜନ କରିବ ନାହିଁ ଓ ତୁମ୍ଭମାନଙ୍କ ମଧ୍ୟରେ ପ୍ରବାସୀ
କୌଣସି ବିଦେଶୀ ଲୋକ ରକ୍ତ ଭୋଜନ କରିବ ନାହିଁ।

13"ଆଉ କୌଣସି ଇଶ୍ରାୟେଲୀୟ ହେଉ କିମ୍ବା ସେମାନଙ୍କ
ମଧ୍ୟରେ ପ୍ରବାସୀ କୌଣସି ବିଦେଶୀ ଲୋକ ହେଉ, ଯଦି
ମୃଗୟା କରି କୌଣସି ପଶୁ ବା ପକ୍ଷୀକୁ ଖାଦ୍ୟ ପାଇଁ ବଧ
କରେ, ତେବେ ସେ ତାହାର ରକ୍ତ ଭୂମିରେ ଢାଳି ଧୂଳିରେ
ଢାଙ୍କିବ। 14କାରଣ ସବୁ ପ୍ରାଣୀର ପ୍ରାଣ ରକ୍ତରେ ହିଁ ଥାଏ।
ଏଣୁ ଆମ୍ଭେ ଇଶ୍ରାୟେଲର ସନ୍ତାନଗଣଙ୍କୁ କହିଲୁ, ତୁମ୍ଭେମାନେ
କୌଣସି ପ୍ରାଣୀର ରକ୍ତ ଭୋଜନ କରିବ ନାହିଁ। ଯେହେତୁ
ସକଳ ପ୍ରାଣୀର ରକ୍ତ ହିଁ ତା'ର ପ୍ରାଣ। ଯେ
କେହି ତାହା ଭୋଜନ କରେ ସେ ନିଜ ଲୋକମାନଙ୍କଠାରୁ
ଅଲଗା ରହିବ।

15"ଆଉ ତୁମ୍ଭେ ନିଜ ଲୋକ କି ବିଦେଶୀ ମଧ୍ୟରୁ ଯେ
କେହି ସ୍ୱୟଂ ମୃତ କିମ୍ବା ପଶୁ ଭୋଜନ କରେ, ତେବେ ସେ
ନିଜର ବସ୍ତ୍ର ଧୋଇବା ଉଚିତ୍, ଜଳରେ ସ୍ନାନ କରିବ ଓ
ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ, ତାହାପରେ ସେ ଶୁଚି ହେବ।
16ଯଦି ସେ ତା'ର ବସ୍ତ୍ର ନ ଧୁଏ କିମ୍ବା ସ୍ନାନ ନ କରେ,
ତେବେ ସେ ପାପର ଅପରାଧ ବହନ କରିବ।"

## ଦୈହିକ ସଂପର୍କ ବିଷୟରେ ବ୍ୟବସ୍ଥା

18 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ତୁମ୍ଭେ
ଇଶ୍ରାୟେଲର ସନ୍ତାନଗଣଙ୍କୁ କୁହ, ଆମ୍ଭେ ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱର ଅଟୁ। 3ଅତୀତରେ ତୁମ୍ଭେମାନେ
ମିଶରର ଦେଶରେ ବାସ କରୁଥିଲ, ସେହି ଦେଶରେ ସେମାନେ
କଲାପରି, ତୁମ୍ଭେମାନେ କରିବା ଉଚିତ୍ ନୁହଁ। ପୁଣି ଯେଉଁ
କିଣାନ ଦେଶକୁ ମୁଁ ତୁମ୍ଭମାନଙ୍କୁ ନେବାକୁ ଯାଉଅଛି, ସେଠାରେ
ବାସ କରୁଥିବା ଲୋକମାନଙ୍କର ପ୍ରଥା ଅନୁସରଣ କରିବ ନାହିଁ
କିମ୍ବା ସେମାନଙ୍କର ପ୍ରଥା ଅନୁସାରେ ଚଳିବ ନାହିଁ। 4ତୁମ୍ଭେମାନେ
ଆମ୍ଭର ବିଧି ଓ ବ୍ୟବସ୍ଥା ପାଳନ କରିବ ଓ ତଦନୁସାରେ
ଆଚରଣ କରିବ। କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ଅଟୁ। 5ତେଣୁ ତୁମ୍ଭେମାନେ ଆମ୍ଭର ବ୍ୟବସ୍ଥା ଓ
ଆମ୍ଭର ବିଧି ପାଳନ କରିବ, ତାହା କଲେ ତୁମ୍ଭେମାନେ
ବଞ୍ଚିବ। ଆମ୍ଭେ ସଦାପ୍ରଭୁ ଅଟୁ।

6"ତୁମ୍ଭେମାନେ ଆପଣା କୁଟୁମ୍ବ ସହିତ ଦୈହିକ ସଂପର୍କ
ରଖିବ ନାହିଁ। ଆମ୍ଭେ ସଦାପ୍ରଭୁ ଅଟୁ।

7"ତୁମ୍ଭେ ତୁମ୍ଭର ମାତାଙ୍କ ସହିତ ଦୈହିକ ସଂପର୍କ ରଖିବା
ଉଚିତ୍ ନୁହେଁ। ଏହା କରିବା ଦ୍ୱାରା ତୁମ୍ଭମାନଙ୍କର ପିତାପ୍ରତି
ଅସମ୍ମାନ ହେବ। ତେଣୁ ନିଶ୍ଚୟ ତାଙ୍କ ସହିତ ଦୈହିକ
ସଂପର୍କ ରଖିବ ନାହିଁ। 8ତୁମ୍ଭେ ତୁମ୍ଭର ପିତାଙ୍କ ଭାର୍ଯ୍ୟା ସହିତ
ଦୈହିକ ସଂପର୍କ ରଖିବ ନାହିଁ, ଯଦିଓ ସେ ତୁମ୍ଭର ମାଆ
ନୁହେଁ, ତାହା ତୁମ୍ଭର ପିତାଙ୍କ ପ୍ରତି ଅସମ୍ମାନ ହେବ।

9"ତୁମ୍ଭେ ନିଜର ଭଗିନୀ, ଅର୍ଥାତ୍ ତୁମ୍ଭ ପିତୃକନ୍ୟା ବା
ମାତୃକନ୍ୟା, ସେ ଗୃହରେ ଜନ୍ମ ହୋଇଥାଉ କିମ୍ବା ଅନ୍ୟତ୍ର
ଜନ୍ମ ହୋଇଥାଉ, ତା' ସହିତ ମଧ୍ୟ ଦୈହିକ ସଂପର୍କ ରଖିବ
ନାହିଁ।

10"ତୁମ୍ଭେ ନିଜ ପୌତ୍ରୀର କିମ୍ବା ଦୌହିତ୍ରୀର ସହିତ
ଦୈହିକ ସଂପର୍କ ରଖିବ ନାହିଁ। କାରଣ ସେ ତୁମ୍ଭର ନିଜ
ଭବିଷ୍ୟତ ବଂଶଧର।

11"ତୁମ୍ଭେ ତୁମ୍ଭ ବିମାତା କନ୍ୟା ସହିତ ଯୌନ ସଂପର୍କ
ରଖିବ ନାହିଁ, କାରଣ ସେ ତୁମ୍ଭର ପିତାଙ୍କଠାରୁ ଜନ୍ମିଅଛି ଓ
ସେ ତୁମ୍ଭର ଭଗିନୀ, ତା' ସହିତ ଯୌନ ସଂପର୍କ ରଖିବ
ନାହିଁ।

12"ତୁମ୍ଭେ ନିଜର ପିଉସୀ ସହିତ ଯୌନ ସଂପର୍କ ରଖିବ
ନାହିଁ। କାରଣ ସେ ତୁମ୍ଭ ପିତାଙ୍କ ଅତି ନିକଟ ସଂପର୍କୀୟ।
13ତୁମ୍ଭେ ତୁମ୍ଭର ମାଉସୀ ସହିତ ମଧ୍ୟ ଯୌନ ସଂପର୍କ ରଖିବ
ନାହିଁ। କାରଣ ସେ ତୁମ୍ଭ ମାଆଙ୍କର ଅତି ନିକଟ ସଂପର୍କୀୟା।
14ତୁମ୍ଭେ ତୁମ୍ଭର କକାଙ୍କ ସ୍ତ୍ରୀ ସହିତ ଦୈହିକ ସଂପର୍କ ରଖିବ
ନାହିଁ। ତାଙ୍କର ସ୍ତ୍ରୀଙ୍କୁ ଅନୁନୟ କର ନାହିଁ। ସେ ତୁମ୍ଭର
ଖୁଡୀ।

15"ତୁମ୍ଭେ ତୁମ୍ଭର ପୁଅର ବୋହୂ ସହିତ ଦୈହିକ ସଂପର୍କ
ରଖିବ ନାହିଁ। କାରଣ ସେ ତୁମ୍ଭର ପୁତ୍ରବଧୂ। ତୁମ୍ଭେ ତାହା
ସହିତ ଯୌନ ସଂପର୍କ ରଖିବ ନାହିଁ।

16"ତୁମ୍ଭେ ତୁମ୍ଭର ଭ୍ରାତୃବଧୂ ସହିତ ଯୌନ ସଂପର୍କ ରଖିବ
ନାହିଁ। କାରଣ ସେ ତୁମ୍ଭର ଭାଇଙ୍କର ସ୍ତ୍ରୀ ଅଟେ। ତାହା
ତୁମ୍ଭର ଭାଇ ପ୍ରତି ଅସମ୍ମାନ ହେବ।

17"ତୁମ୍ଭେ କୌଣସି ସ୍ତ୍ରୀର ଓ ତାହାର କନ୍ୟା ସହିତ
ଯୌନ ସଂପର୍କ ରଖିବ ନାହିଁ। ତୁମ୍ଭେ ତାହାର ପୌତ୍ରୀ କିମ୍ବା
ଦୌହିତ୍ରୀ ସହିତ ଯୌନ ସଂପର୍କ ରଖିବ ନାହିଁ। କାରଣ
ସେମାନେ ତା'ର ନିକଟ ସମ୍ପର୍କୀୟ। ଏପ୍ରକାର ଯୌନ ସଂପର୍କ
ଭୟଙ୍କର ଭାବରେ ନୀତି ବିରୁଦ୍ଧ।

18"ତୁମ୍ଭର ସ୍ତ୍ରୀ ଜୀବିତ ଥିଲେ ତୁମ୍ଭେ ତୁମ୍ଭର ଶାଳୀକୁ
ବିବାହକରି ତାହା ସହିତ ଯୌନ ସଂପର୍କ ରଖିବା ଉଚିତ
ନୁହେଁ।

19"ପୁଣି କୌଣସି ରଜସ୍ୱଳା ନାରୀ ସହିତ ଯୌନ ସଂପର୍କ
ରଖିବ ନାହିଁ। କାରଣ ସେସମୟରେ ସେ ଅଶୁଚି ଅଟେ।

20"ପୁଣି ତୁମ୍ଭେ କୌଣସି ପ୍ରତିବେଶୀ ସ୍ତ୍ରୀ ସହିତ ଯୌନ
ସଂପର୍କ ରଖି ନିଜକୁ ଅଶୁଚି କରିବ ନାହିଁ।

21"ତୁମ୍ଭେ ନିଜ ବଂଶଜାତ କାହାକୁ ହିଁ ମୋଲକ୍ ଦେବତାର
ଉଦ୍ଦେଶ୍ୟରେ ଉତ୍ସର୍ଗୀତ ହେବାକୁ ଦେବା ଉଚିତ୍ ନୁହଁ, କିମ୍ବା
ତୁମ୍ଭେ ତୁମ୍ଭର ପରମେଶ୍ୱରଙ୍କ ପବିତ୍ର ନାମକୁ କଳୁଷିତ ନିଶ୍ଚୟ
କରିବ ନାହିଁ। ମୁଁ ସଦାପ୍ରଭୁ ଅଟେ।

22"ତୁମ୍ଭେ କୌଣସି ପୁରୁଷ ସହିତ, ସ୍ତ୍ରୀଲୋକ ସହିତ
ଯୌନ ସଂପର୍କ ରଖିବ ନାହିଁ। କାରଣ ତାହା ଘୃଣ୍ୟ ପାପ।

23"ତୁମ୍ଭେ କୌଣସି ପଶୁ ସହିତ ଯୌନ ସଂପର୍କ କରି
ନିଜକୁ ଅଶୁଚି କରିବ ନାହିଁ। ଆଉ କୌଣସି ସ୍ତ୍ରୀ କୌଣସି
ପ୍ରାଣୀ ସହିତ ଦୈହିକ ସଂପର୍କ ରଖିବ ନାହିଁ। ଏହା ପ୍ରକୃତି
ବିରୋଧ।

24"ତୁମ୍ଭେମାନେ ଏହିସବୁ ମଧ୍ୟରୁ କୌଣସି କ୍ରିୟା ଦ୍ୱାରା
ନିଜକୁ ଅଶୁଚି କର ନାହିଁ। କାରଣ ଆମ୍ଭେ ଯେଉଁ ଦେଶୀୟ
ଲୋକମାନଙ୍କୁ ତୁମ୍ଭ ସମ୍ମୁଖରୁ ଦୂର କରୁଅଛୁ, ସେମାନ
ଏହିସବୁ କ୍ରିୟା ଦ୍ୱାରା ଅଶୁଚି ହୋଇଅଛନ୍ତି। 25ସେମାନେ
ଦେଶକୁ ଅଶୁଚି କରିଛନ୍ତି। ଏଣୁ ଆମ୍ଭେ ତାହାର ଅପରାଧ

ତାହାକୁ ଭୋଗ କରାଉଅଛୁ ଓ ସେହି ଦେଶ ତାହାର
ନିବାସୀମାନଙ୍କୁ ଉଦ୍‌ଗାର କରୁଅଛି।
26“ତେଣୁ ତୁମ୍ଭେମାନେ ଆମ୍ଭର ବ୍ୟବସ୍ଥା ଓ ବିଧି ପାଳନ
କରିବ। ସ୍ୱଦେଶୀୟ ହେଉ ବା ବିଦେଶୀୟ ହେଉ ତୁମ୍ଭେମାନେ
ଏହି ସକଳ ଘୃଣାଯୋଗ୍ୟ କର୍ମ ମଧ୍ୟରୁ କୌଣସି କର୍ମ କରିବ
ନାହିଁ। 27କାରଣ ତୁମ୍ଭର ପୂର୍ବବର୍ତ୍ତୀ ଦେଶବାସୀ ଏହିସବୁ
ଘୃଣାଯୋଗ୍ୟ କର୍ମକରି ଦେଶକୁ ଅଶୁଚି କରିଛନ୍ତି। 28ତୁମ୍ଭେମାନେ
ଯଦି ସେହି ଘୃଣାଯୋଗ୍ୟ କର୍ମ କର, ତେବେ ଦେଶକୁ ଅଶୁଚି
କରିବ। ଦେଶ ଯେପରି ତୁମ୍ଭର ପୂର୍ବବର୍ତ୍ତୀ ନିବାସୀମାନଙ୍କୁ
ଉଦ୍‌ଗାର କଲା, ସେହିପରି ସେ ତୁମ୍ଭମାନଙ୍କୁ ଉଦ୍‌ଗାର
କରିବ। 29ତେଣୁ ଯେଉଁମାନେ ଏହି ଘୃଣାଯୋଗ୍ୟ କର୍ମ ମଧ୍ୟରୁ
କୌଣସି କର୍ମ କରିବେ, ତେବେ ସେହି କର୍ମକାରୀ ପ୍ରାଣୀମାନେ
ନିଜ ନିଜ ଲୋକମାନଙ୍କଠାରୁ ପୃଥକ୍ ରହିବେ। 30ଏଣୁ
ତୁମ୍ଭେମାନେ ପୂର୍ବପରି ଘୃଣ୍ୟକର୍ମ କରି ନିଜକୁ ଅଶୁଚି କରିବ
ନାହିଁ। ତୁମ୍ଭେମାନେ ଆମ୍ଭର ବ୍ୟବସ୍ଥା ପାଳନ କରିବ। ଆମ୍ଭେ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଅଟୁ।”

## ଇସ୍ରାଏଲ ପରମେଶ୍ୱରଙ୍କ ଅଧିକାରରେ

19 ସଦାପ୍ରଭୁ ମୋଶାଙ୍କୁ କହିଲେ, 2“ଇସ୍ରାଏଲର ସମସ୍ତ
ସନ୍ତାନଗଣଙ୍କୁ କୁହ, ତୁମ୍ଭେମାନେ ପବିତ୍ର ହେବ।
କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ପବିତ୍ର
ଅଟୁ।
3“ତୁମ୍ଭେମାନେ ପ୍ରତ୍ୟେକ ନିଜ ନିଜ ପିତା ମାତାଙ୍କୁ ଭୟ
ଓ ସମ୍ମାନ କରିବ। ଏବଂ ମୋର ବିଶ୍ରାମଦିନ ପାଳନ କରିବ,
କାରଣ ମୁଁ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଅଟେ।
4“ଆଉ ତୁମ୍ଭେମାନେ ପ୍ରତିମାଗଣଙ୍କୁ ଉପାସନା କରିବା
ଉଚିତ୍ ନୁହେଁ। କୌଣସି ଦେବତା ନିର୍ମାଣ କର ନାହିଁ। ମୁଁ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଅଟେ।
5“ତୁମ୍ଭେମାନେ ଯଦି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ମଙ୍ଗଳାର୍ଥକ
ବଳିଦାନ କର, ତେବେ ତାହା ଗୃହୀତ ହେବା ପାଇଁ ବିଧି
ଅନୁସାରେ ଉତ୍ସର୍ଗ କରିବ। 6ବଳିଦାନ ଦିନ କିମ୍ବା ତା’ର
ପରଦିନ ତାହା ଭୋଜନ କରାଯିବ। ଯଦି ତୃତୀୟ ଦିନକୁ
ଅବଶିଷ୍ଟ ବଞ୍ଚିବ ତେବେ ତାକୁ ଦଗ୍ଧ କରିବ। 7ଯେବେ
ତୃତୀୟ ଦିନ ତହିଁରୁ କିଛି ଭୋଜନ କରାଯିବ। ତେବେ ତାହା
ଘୃଣାଯୋଗ୍ୟ ଓ ଅଗ୍ରାହ୍ୟ ହେବ। 8ଆଉ ତହିଁର ଭୋକ୍ତା ନିଜ
ଅପରାଧ ବହନ କରିବ। କାରଣ ସେ ସଦାପ୍ରଭୁଙ୍କ ପବିତ୍ର
ବସ୍ତୁ ଅପବିତ୍ର କଲା। ତେଣୁ ନିଜ ଲୋକମାନଙ୍କଠାରୁ ପୃଥକ୍
ରହିବ।
9“ତୁମ୍ଭେମାନେ ଅମଳ ସମୟରେ ଯେବେ ଶସ୍ୟ କାଟୁଛ
ତେବେ କ୍ଷେତ୍ରକୁ ନିଃଶେଷ କରି ଶସ୍ୟ କାଟିବ ନାହିଁ। କିମ୍ବା
ନିଜ ଶସ୍ୟକ୍ଷେତ୍ରରୁ ତ୍ୟକ୍ତ ଶସ୍ୟ ସାଉଣ୍ଟିବ ନାହିଁ। 10ପୁଣି
ତୁମ୍ଭର ଦ୍ରାକ୍ଷାକ୍ଷେତ୍ରରୁ ସଂପୂର୍ଣ୍ଣ ଦ୍ରାକ୍ଷା ଖୁଣ୍ଟି ତୋଳିବ ନାହିଁ କିମ୍ବା
କ୍ଷେତ୍ରରେ ପଡ଼ିଥିବା ଫଳ ସାଉଣ୍ଟିବ ନାହିଁ। ସେଗୁଡ଼ିକୁ ଦରିଦ୍ର
ଓ ବିଦେଶୀମାନଙ୍କ ପାଇଁ ଛାଡ଼ି ଦେବ। ଆମ୍ଭେ ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱର ଅଟୁ।
11“ତୁମ୍ଭେମାନେ ଚୋରି କରିବ ନାହିଁ, ଅନ୍ୟମାନଙ୍କୁ
ପ୍ରତାରଣା କରିବ ନାହିଁ କିମ୍ବା ପରସ୍ପର ମିଥ୍ୟା କହିବ ନାହିଁ।
12ଆଉ ତୁମ୍ଭେମାନେ ଆମ୍ଭ ନାମ ନେଇ ମିଥ୍ୟାଶପଥ କରିବ
ନାହିଁ। ତାହାକଲେ ତୁମ୍ଭେମାନେ ଆପଣା ପରମେଶ୍ୱରଙ୍କ ନାମ
ଅପବିତ୍ର କରିବ, ଆମ୍ଭେ ସଦାପ୍ରଭୁ।
13“ତୁମ୍ଭେମାନେ ଆପଣା ପ୍ରତିବେଶୀ ପ୍ରତି ଅନ୍ୟାୟ କରିବ
ନାହିଁ ଓ ତାଙ୍କଠାରୁ ଚୋରି କରିବ ନାହିଁ। ପୁଣି
ବେତନଜୀବୀର ବେତନ ରାତ୍ରିଠାରୁ ସକାଳ ଯାଏ ତୁମ୍ଭ ପାଖରେ
ରହିବ ନାହିଁ।
14“ତୁମ୍ଭେ ବଧିରକୁ ଅଭିଶାପ ଦେବନାହିଁ ଓ ଅନ୍ଧ
ଆଗରେ ଝୁଣ୍ଟିବାର ବସ୍ତୁ ରଖିବ ନାହିଁ। ମାତ୍ର ତୁମ୍ଭେ ଆପଣା
ପରମେଶ୍ୱରଙ୍କୁ ଭୟ କରିବ, ଆମ୍ଭେ ସଦାପ୍ରଭୁ ଅଟୁ।
15“ତୁମ୍ଭେମାନେ ବିଚାରରେ ପକ୍ଷପାତ କରିବ ନାହିଁ,
ତୁମ୍ଭେମାନେ ଦରିଦ୍ର ପ୍ରତି ସ୍ୱତନ୍ତ୍ର ସୁବିଧା ଦେବ ନାହିଁ କିମ୍ବା
ବିଚାରରେ ଧନୀ ପ୍ରତି ଅଧିକ ଗୁରୁତ୍ୱ ଦେବ ନାହିଁ। ତୁମ୍ଭର
ପଡ଼ୋଶୀମାନଙ୍କ ପ୍ରତି ନ୍ୟାୟ ବିଚାର କରିବ। 16ତୁମ୍ଭେ ଖଳ
କହି ଆପଣା ଲୋକମାନଙ୍କ ମଧ୍ୟରେ ଏଣେତେଣେ ବୁଲିବ
ନାହିଁ କିମ୍ବା ପ୍ରତିବେଶୀର ଜୀବନ ପ୍ରତି ବିପଦ ଆସିଲା ଭଳି
କୌଣସି କାର୍ଯ୍ୟ କରିବ ନାହିଁ। ଆମ୍ଭେ ସଦାପ୍ରଭୁ।
17“ତୁମ୍ଭେ ହୃଦୟରେ ଆପଣା ଭାଇ ପ୍ରତି ଘୃଣାଭାବ
ରଖିବ ନାହିଁ। ଯଦି ତୁମ୍ଭର ପଡ଼ୋଶୀ ତୁମ୍ଭ ପ୍ରତି କିଛି
ଅନ୍ୟାୟ କରେ ତେବେ ତାକୁ ଅନୁଯୋଗ କରିବ, ମାତ୍ର ତାକୁ
କ୍ଷମା ଦେବ। 18ତୁମ୍ଭେ ଆପଣା ଲୋକମାନଙ୍କ ସନ୍ତାନଗଣଙ୍କୁ
ପ୍ରତିହିଂସା କି ଦ୍ୱେଷ କରିବ ନାହିଁ। ବରଂ ଆପଣା ପ୍ରତିବେଶୀକୁ
ଆତ୍ମତୁଲ୍ୟ ପ୍ରେମ କରିବ, ଆମ୍ଭେ ସଦାପ୍ରଭୁ।
19“ତୁମ୍ଭେମାନେ ଆମ୍ଭର ସକଳବିଧି ପାଳନ କରିବ।
ତୁମ୍ଭେ ଭିନ୍ନଜାତୀୟ ପଶୁ ସହିତ ଆପଣା ପଶୁମାନଙ୍କୁ ସଙ୍ଗମ
କରିବାକୁ ଦେବ ନାହିଁ। ପୁଣି ନିଜ କ୍ଷେତରେ ମିଶ୍ରିତ ବୀଜ
ବୁଣିବ ନାହିଁ କିମ୍ବା ଦୁଇପ୍ରକାର ସୂତା ମିଶ୍ରିତ ବସ୍ତ୍ର ପିନ୍ଧିବ
ନାହିଁ।
20“ଅନ୍ୟ ଲୋକର କ୍ରୀତଦାସୀ ସହିତ ଜଣେ ଯଦି
ଯୌନ ସଂପର୍କ ରଖେ ତେବେ ସେ ଦଣ୍ଡନୀୟ ହେବ।
ଅବଶ୍ୟ ତା’ର ପ୍ରାଣଦଣ୍ଡ ହେବ ନାହିଁ, କାରଣ ସେ ସ୍ତ୍ରୀ
ଲୋକ ମୁକ୍ତା ନୁହେଁ। 21ପୁଣି ସେ ପୁରୁଷ ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ସମାଗମ ତମ୍ବୁ ଦ୍ୱାର ନିକଟକୁ ଆପଣାର
ଦୋଷାର୍ଥକ ବଳି ଅର୍ଥାତ୍ ଦୋଷାର୍ଥକ ମେଷ ଆଣିବ। 22ଆଉ
ଯାଜକ ସଦାପ୍ରଭୁଙ୍କ ସମ୍ମୁଖରେ ସେହି ଦୋଷାର୍ଥକ ମେଷ ଦ୍ୱାରା
ସେ ଯେଉଁ ପାପଗୁଡ଼ିକ କରିଅଛି, ସେହି ପାପଗୁଡ଼ିକ ସକାଶେ
ସେ ପ୍ରାୟଶ୍ଚିତ୍ତ କରିବ ଓ ସେହି ପାପଗୁଡ଼ିକ କ୍ଷମା ହେବ।
23“ଭବିଷ୍ୟତରେ ତୁମ୍ଭେମାନେ ତୁମ୍ଭମାନଙ୍କର ଦେଶରେ
ପ୍ରବେଶ କରିବ। ତୁମ୍ଭେମାନେ ଭୋଜନାର୍ଥେ ସେତେବେଳେ
ବହୁପ୍ରକାର ଫଳବୃକ୍ଷ ରୋପଣ କରିବ। ମାତ୍ର ବୃକ୍ଷରୋପଣ
ପରେ ତୁମ୍ଭେମାନେ ତିନି ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବ।
ସେଥିରୁ କୌଣସି ଫଳ ବ୍ୟବହାର କରିବ ନାହିଁ। କାରଣ
ତାହା ଅଶୁଚି। 24ଚତୁର୍ଥ ବର୍ଷରେ ତହିଁର ସମସ୍ତ ଫଳ
ସଦାପ୍ରଭୁଙ୍କ ପ୍ରଶଂସାର୍ଥକ ଉପହାରରୂପେ ପବିତ୍ର ହେବ।
25ତା’ପରେ ପଞ୍ଚମ ବର୍ଷରେ ତୁମ୍ଭେମାନେ ସେ ବୃକ୍ଷରୁ ଫଳ
ଖାଇ ପାରିବ। ତହିଁରେ ତୁମ୍ଭମାନଙ୍କ ପାଇଁ ପ୍ରଚୁର ଫଳ
ଫଳିବ, ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଅଟୁ।

26"ତୁମ୍ଭେମାନେ ରକ୍ତ ସହିତ କୌଣସି ଦ୍ରବ୍ୟ ଭୋଜନ
କରିବ ନାହିଁ।
"ଆଉ ତୁମ୍ଭେମାନେ ଗଣକତା ବା ଶୁଭାଶୁଭ କହିବାର
ବିଦ୍ୟା ବ୍ୟବହାର କରିବ ନାହିଁ।
27"ତୁମ୍ଭେମାନେ ନିଜ ନିଜ ମସ୍ତକର କୋଣସବୁ ଗୋଲାକାର
କରିବ ନାହିଁ କିମ୍ବା ନିଜ ନିଜ ଦାଢ଼ିର କୋଣ ମୁଣ୍ଡନ କରିବ
ନାହିଁ। 28ପୁଣି ତୁମ୍ଭେମାନେ ମୃତ ଲୋକ ପାଇଁ ନିଜ ନିଜ
ଶରୀରରେ ଅସ୍ତ୍ରାଘାତ କରିବ ନାହିଁ କିମ୍ବା ଦେହରେ ଚିତା
କୁଟାଇବ ନାହିଁ। ଆମ୍ଭେ ସଦାପ୍ରଭୁ ଅଟୁ।
29"ତୁମ୍ଭେ ନିଜର କନ୍ୟାକୁ ବେଶ୍ୟା କରି ଅପବିତ୍ର
କରିବ ନାହିଁ। ତାହାହେଲେ ଦେଶ ବେଶ୍ୟାବୃତ୍ତିରେ ପତିତ
ହେବ ଓ ଦେଶ ପାପରେ ପରିପୂର୍ଣ୍ଣ ହେବ।
30"ତୁମ୍ଭେମାନେ ଆମ୍ଭ ବିଶ୍ରାମଦିନ ପାଳନ କରିବ ଓ
ଆମ୍ଭର ପବିତ୍ରସ୍ଥାନକୁ ସମାଦର କରିବ। ଆମ୍ଭେ ସଦାପ୍ରଭୁ
ଅଟୁ।
31"ତୁମ୍ଭେମାନେ ଭୂତୁଡ଼ିଆ କି ଗୁଣିଆମାନଙ୍କର ଅନୁସରଣ
କରନାହିଁ। ସେମାନଙ୍କ ନିକଟକୁ ଗଲେ, ସେମାନଙ୍କର ଦ୍ୱାରା
ଅପବିତ୍ର ହେବ। ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ଅଟୁ।
32"ବୃଦ୍ଧ ଲୋକଙ୍କୁ ସମ୍ମାନ ଦିଅ। ସେମାନେ ତୁମ
ପାଖକୁ ଆସିଲେ ଛିଡା ହୋଇଯାଅ, ଛିଡ଼ାହୋଇ ଥିଲେ ତାଙ୍କୁ
ସମାଦର କରିବ। ତୁମ୍ଭେମାନେ ତୁମ୍ଭମାନଙ୍କର ପରମେଶ୍ୱରଙ୍କୁ
ଭୟ କରିବା ଉଚିତ୍। ମୁଁ ନିତ୍ୟ ସଦାପ୍ରଭୁ ଅଟେ।
33"ତୁମ୍ଭମାନଙ୍କ ସହିତ ବାସ କରୁଥିବା ବିଦେଶୀମାନଙ୍କ
ପ୍ରତି ମନ୍ଦ ଆଚରଣ କରିବ ନାହିଁ। 34ତୁମ୍ଭେମାନେ ସ୍ୱଦେଶୀମାନଙ୍କ
ପ୍ରତି ଯେପରି ଆଚରଣ କରିବ, ତୁମ୍ଭ ସହାବାସୀ ବିଦେଶୀମାନଙ୍କ
ପ୍ରତି ମଧ୍ୟ ସେହିପରି ଆଚରଣ କରିବ। ତୁମ୍ଭେ ସେମାନଙ୍କୁ
ଆତ୍ମତୁଲ୍ୟ ପ୍ରେମ କରିବ। କାରଣ ମିଶର ଦେଶରେ ତୁମ୍ଭେମାନେ
ବିଦେଶୀ ଥିଲ। ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ଅଟୁ।
35"ତୁମ୍ଭେମାନେ ବିଚାର କଲାବେଳେ କିମ୍ବା ମାପ କି
ତୌଲ କଲାବେଳେ ଅଧର୍ମ କରିବ ନାହିଁ। 36ଯଥାର୍ଥ ଦଣ୍ଡି,
ଯଥାର୍ଥ ବଟକରା, ଯଥାର୍ଥ ଐଫା ଓ ଯଥାର୍ଥ ପଳା ତୁମ୍ଭମାନଙ୍କର
ହେବ। ଯେ ମିଶର ଦେଶରୁ ତୁମ୍ଭମାନଙ୍କୁ ବାହାର କରି
ଆଣିଲେ ଆମ୍ଭେ ସେହି ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ଅଟୁ।
37"ଏଣୁ ତୁମ୍ଭେମାନେ ମୋର ସମସ୍ତ ବ୍ୟବସ୍ଥା ଓ ସମସ୍ତ
ବିଧି ମାନ୍ୟକରି ପାଳନ କରିବ। ଚିରଦିନ ମୁଁ ସଦାପ୍ରଭୁ
ଅଟେ।"

## ପ୍ରତିମାପୂଜା ବିରୁଦ୍ଧରେ ସତର୍କବାଣୀ

20 ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ଆଉ
ମଧ୍ୟ ତୁମ୍ଭ ଇଶ୍ରାଏଲ ସନ୍ତାନଗଣଙ୍କୁ କହିବ ଇଶ୍ରାଏଲ
ସନ୍ତାନଗଣ ମଧ୍ୟରୁ କେହି ହେଉ କିମ୍ବା ସେମାନଙ୍କ ସହିତ
ସହବାସୀ ପ୍ରବାସୀ ବିଦେଶୀମାନଙ୍କ ମଧ୍ୟରୁ କେହି ଲୋକ ଯଦି
ଆପଣା ବଂଶର କାହାକୁ ମୋଲକ୍ ଦେବତା ଉଦ୍ଦେଶ୍ୟରେ
ପ୍ରଦାନ କରେ, ତେବେ ତାହାର ନିଶ୍ଚୟ ପ୍ରାଣଦଣ୍ଡ ହେବ ଓ
ଦେଶୀୟ ଲୋକମାନେ ତାକୁ ପଥର ମାରି ହତ୍ୟା କରିବେ।
3ମୁଁ ମଧ୍ୟ ତା' ବିରୁଦ୍ଧରେ ଛିଡା ହେବି। ତା'ର ଦେଶର
ଲୋକମାନଙ୍କଠାରୁ ପୃଥକ୍ ରଖିବି। କାରଣ ସେ ମୋର ପବିତ୍ର
ସ୍ଥାନକୁ ଅପବିତ୍ର କରିଛି ଓ ମୋର ପବିତ୍ର ନାମକୁ ଅପବିତ୍ର
କରିବାକୁ ମୋଲକ୍ ଦେବତା ଉଦ୍ଦେଶ୍ୟରେ ନିଜର ସନ୍ତାନମାନଙ୍କୁ
ଦେଇଅଛି। 4ଯେଉଁ ଲୋକ ନିଜର ସନ୍ତାନମାନଙ୍କୁ ମୋଲକ୍
ଦେବତା ଉଦ୍ଦେଶ୍ୟରେ ଉତ୍ସର୍ଗ କରେ, ସଙ୍ଗେ ସଙ୍ଗେ ବଧ
କରାଯିବା ଉଚିତ୍। ଦେଶର ଲୋକମାନେ ଯଦି ତାହା ପ୍ରତି
ଚକ୍ଷୁ ମୁଦ୍ରିତ କରନ୍ତି ଓ ତାହାକୁ ବଧ ନ କରନ୍ତି, 5ତେବେ
ମୁଁ ସେହି ଲୋକ ବିରୁଦ୍ଧରେ ଓ ତା'ର ବଂଶ ବିରୁଦ୍ଧରେ
ଯିବି, ସେମାନଙ୍କର ମୋଲକ୍ ଦେବତା ସହିତ ଜଡିତ ହେବା
କାରଣରୁ, ତା'ର ଦେଶବାସୀଠାରୁ ତାକୁ ଓ ତା'ର
ଅନୁସରଣକାରୀମାନଙ୍କୁ ଦୂରେଇ ରଖିବି।
6"ଯେଉଁ ଲୋକ ଭୂତୁଡ଼ିଆ ଓ ଗୁଣିଆଁମାନଙ୍କୁ ବ୍ୟଭିଚାର
କରିବାକୁ ଅନୁସରଣ କରେ ସେହି ପ୍ରାଣୀ ବିରୁଦ୍ଧରେ ଆମ୍ଭେ
ଯିବା। ଯେହେତୁ ସେ ଆମ୍ଭ ପ୍ରତି ଅବିଶ୍ୱସ୍ତ, ଆମ୍ଭେ ତାକୁ
ତାହାର ଲୋକମାନଙ୍କ ମଧ୍ୟରୁ ପୃଥକ୍ ରଖିବା।
7"ଏଣୁ ତୁମ୍ଭେମାନେ ନିଜକୁ ପବିତ୍ର କର ଓ ପବିତ୍ର
ହୁଅ। କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ଅଟୁ। 8ମନେରଖ, ତୁମ୍ଭେମାନେ ମୋର ବ୍ୟବସ୍ଥା ପାଳନ
କରିବା ଉଚିତ୍। ମୁଁ ସଦାପ୍ରଭୁ ତୁମ୍ଭମାନଙ୍କୁ ପବିତ୍ର କଲି।
9"ଯେ ନିଜର ପିତାମାତାଙ୍କୁ ଅଭିଶାପ ଦିଏ, ସେ ନିଶ୍ଚିତ
ହତ ହେବ। ଯେହେତୁ ସେ ପିତାମାତାଙ୍କୁ ଅଭିଶାପ ଦେଇଥିଲା,
ସେଥିପାଇଁ ମୃତ୍ୟୁଦଣ୍ଡରେ ଅପରାଧୀ।

## ଯୌନ ସଂପର୍କୀୟ ପାପଗୁଡିକପାଇଁ ଦଣ୍ଡ

10"ଯଦି କୌଣସି ପୁରୁଷ ତା'ର ପ୍ରତିବେଶୀର ଭାର୍ଯ୍ୟା
ସହିତ ଯୌନ ସଂପର୍କ ରଖେ, ତେବେ ସେ ପୁରୁଷ ଓ ସ୍ତ୍ରୀ
ଉଭୟେ ବ୍ୟଭିଚାର ପାଇଁ ଅପରାଧୀ ଓ ଉଭୟେ ମୃତ୍ୟୁବରଣ
କରିବା ଉଚିତ୍। 11ଯଦି କୌଣସି ବ୍ୟକ୍ତି ତା'ର ପିତୃଭାର୍ଯ୍ୟା
ସହିତ ଦୈହିକ ସଂପର୍କ ରଖେ, ସେ ତାଙ୍କର ପିତାକୁ
ଅସମ୍ମାନ କରିଥାଏ। ତେବେ ସେ ପୁରୁଷ ଓ ସ୍ତ୍ରୀ ଉଭୟେ
ମୃତ୍ୟୁଦଣ୍ଡ ପାଇବେ। ସେମାନେ ନିଜର ଅପରାଧ ପାଇଁ ଦାୟୀ
ରହିବେ। ସେହି ସ୍ତ୍ରୀ ତା'ର ପିତାର ଅଟେ।
12"ଯଦି କୌଣସି ଲୋକ ତା'ର ପୁତ୍ରବଧୂ ସହିତ ଯୌନ
ସଂପର୍କ ରଖେ, ତେବେ ସେ ପୁରୁଷ ଓ ସ୍ତ୍ରୀ ଉଭୟଙ୍କୁ ହତ୍ୟା
କରାଯିବା ଉଚିତ୍। ସେମାନେ ଅତି ଜଘନ୍ୟ ଅପରାଧ କରିଛନ୍ତି
ଓ ସେମାନେ ମୃତ୍ୟୁଦଣ୍ଡ ପାଇବେ।
13"ଯଦି କୌଣସି ପୁରୁଷ ଅନ୍ୟ ଏକ ପୁରୁଷ ସହିତ ସ୍ତ୍ରୀ
ଲୋକପରି ଯୌନ ସଂପର୍କ ରଖେ ତେବେ ସେମାନେ
ଉଭୟେ ଅତି ଭୟଙ୍କର ପାପ କରିଛନ୍ତି। ସେମାନେ ମୃତ୍ୟୁଦଣ୍ଡ
ପାଇବା ଉଚିତ୍। ସେମାନେ ସେମାନଙ୍କର ଅପରାଧ ବହନ
କରିବେ।
14"ଯଦି କେହି କୌଣସି ସ୍ତ୍ରୀ ସହିତ ଓ ତା'ର ମାତା
ସହିତ ଯୌନକ୍ରିୟା କରେ, ତେବେ ସେ ପୁରୁଷ ସହିତ ସେ
ଦୁଇ ସ୍ତ୍ରୀଙ୍କୁ ଅଗ୍ନିରେ ଦଗ୍ଧ କରାଯିବ। ଏପରି ଜଘନ୍ୟ ପାପ
ଯେପରି ଆଉ ତୁମ୍ଭମାନଙ୍କ ମଧ୍ୟରେ ନ ହୁଏ।

15"ଯଦି କେହି କୌଣସି ପଶୁକୁ ସଙ୍ଗମ କରେ, ତେବେ
ସେ ନିଶ୍ଚୟ ହତ ହେବ ଓ ତୁମ୍ଭେମାନେ ମଧ୍ୟ ସେହି ପଶୁକୁ
ବଧ କରିବ। 16ଯେବେ କୌଣସି ସ୍ତ୍ରୀ କୌଣସି ପଶୁ ସହିତ
ସଙ୍ଗମ କରେ, ତେବେ ସେହି ସ୍ତ୍ରୀ ଓ ସେହି ପଶୁ ଉଭୟଙ୍କୁ
ବଧ କରାଯିବ। ସେମାନେ ନିଶ୍ଚିତ ହତ ହେବେ। ସେମାନଙ୍କର
ମୃତ୍ୟୁଜନିତ ଅପରାଧ ପାଇଁ ସେମାନେ ଦାୟୀ ହେବେ।

17"ଯଦି କେହି ନିଜର ଭଗିନୀକି ଅର୍ଥାତ୍ ପିତୃକନ୍ୟା କି
ମାତୃକନ୍ୟାକୁ ବିବାହ କରେ ଓ ଉଭୟଙ୍କ ମଧ୍ୟରେ ଯୌନ
ସଂପର୍କ ହୁଏ, ତେବେ ତାହା ଲଜ୍ଜାଜନକ। ସେମାନେ
ସର୍ବସାଧାରଣରେ ଦଣ୍ଡିତ ହେବା ଉଚିତ୍ ଓ ନିଜ ଲୋକମାନଙ୍କ
ଠାରୁ ପୃଥକ୍ ରହିବେ। ଯେଉଁ ଲୋକ ତା'ର ନିଜର ଭଉଣୀ
ସହିତ ଶାରୀରିକ ସଂପର୍କ ଥିଲା ଏବଂ ସେ ନିଜେ ତା'ର
ପରିଣାମ ଭୋଗ କରିବ।

18"ଯଦି କେହି ରଜସ୍ୱଳା ନାରୀ ସହିତ ଯୌନସଂପର୍କ
ରଖେ, ତେବେ ଉଭୟେ ପୁରୁଷ ଓ ସ୍ତ୍ରୀ ନିଜ ଲୋକମାନଙ୍କଠାରୁ
ପୃଥକ୍ ରହିବା ଉଚିତ୍। ସେମାନେ ଅପରାଧୀ କାରଣ ସେମାନେ
ତା'ର ମାସିକ କ୍ଷରଣ ଅନାବୃତ୍ତ କରିଛନ୍ତି।

19"ତୁମ୍ଭେ ତୁମ୍ଭର ମାଉସୀ କିମ୍ବା ପିଉସୀ ସହିତ ଯୌନ
ସଂପର୍କ ରଖିବ ନାହିଁ। ତାହା ନିଜର ନିକଟବର୍ତ୍ତୀ ସଂପର୍କୀୟ
ସହିତ ଅପରାଧ ହେବ ଓ ସେଥିପାଇଁ ସେମାନେ ନିଜନିଜ
ଅପରାଧ ବହନ କରିବେ।

20"ଜଣେ ବ୍ୟକ୍ତି ନିଜ କକାର ସ୍ତ୍ରୀ ସହିତ ଯୌନ
ସଂପର୍କ ରଖିବ, ଏହା କରିବା ଦ୍ୱାରା ସେ ତାଙ୍କର କକାକୁ
ଅସମ୍ମାନ ଦେଖାଇବ। ସେହି ସ୍ତ୍ରୀର ଶାରୀରିକ ସଂପର୍କ, ସେ
ଲୋକର କକା ପାଇଁ ଆରକ୍ଷିତା। ଉଭୟେ ପୁତୁରା ଓ ଖୁଡ଼ୀ
ଅପରାଧ ପାଇଁ ଦଣ୍ଡିତ ହେବ ଓ ସେମାନେ ନିଃସନ୍ତାନ
ହୋଇ ମରିବେ।

21ଯଦି କେହି ଭ୍ରାତୃବଧୂକୁ ବିବାହ କରେ, ଏହା ଗୋଟିଏ
ଅଶୁଦ୍ଧ କାର୍ଯ୍ୟ ଅଟେ, ସେ ତାଙ୍କର ଭାଇଙ୍କୁ ଅସମ୍ମାନ
କରିଥାଏ। ସେହି ସ୍ତ୍ରୀ ତା'ର ଭାଇର ଅଟେ। ସେମାନଙ୍କର
ସନ୍ତାନ ଜନ୍ମ ହେବ ନାହିଁ।

22"ଏଣୁ ତୁମ୍ଭେମାନେ ଆମ୍ଭର ସମସ୍ତ ବ୍ୟବସ୍ଥା ଓ ବିଧି
ମାନ୍ୟ କରି ପାଳନ କରିବ। ଆମ୍ଭେ ଯେଉଁ ଦେଶରେ ବାସ
କରିବାକୁ ତୁମ୍ଭମାନଙ୍କୁ ନେଇ ଯାଉଅଛୁ, ସେହି ଦେଶ
ତୁମ୍ଭମାନଙ୍କୁ ଉଦ୍‌ଗାର କରିବ ନାହିଁ। 23ପୁଣି ଆମ୍ଭେ ତୁମ୍ଭମାନଙ୍କ
ସମ୍ମୁଖରୁ ଯେଉଁ ଦେଶୀୟମାନଙ୍କୁ ତଡ଼ି ଦେଉଛୁ, ସେମାନଙ୍କ
ଆଚରଣ ତୁମ୍ଭେମାନେ କରିବ ନାହିଁ। କାରଣ ସେମାନେ
ସେହିସବୁ ଦୁଷ୍କର୍ମ କରିବାରୁ ଆମ୍ଭେ ସେମାନଙ୍କୁ ଘୃଣା କଲୁ।

24"ମୁଁ ତୁମ୍ଭଙ୍କୁ କହିଲି, "ସେମାନଙ୍କର ଭୂମି ତୁମ୍ଭେ
ଅକ୍ତିଆର କରିବ, ମୁଁ କହିବି ଏହା ତୁମ୍ଭେ ଅକ୍ତିଆର କର।
ଏହା ଗୋଟିଏ ଭୂମି ଯେଉଁଠାରେ ଦୁଧ ଓ ମଧୁ ବହି
ଯାଉଥାଏ।

"ମୁଁ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଅଟେ। ଏବଂ
ମୁଁ ଅନ୍ୟ ଦେଶଗୁଡିକଠାରୁ ତୁମ୍ଭମାନଙ୍କୁ ପୃଥକ କଲି।
25ତେଣୁ ତୁମ୍ଭେମାନେ ଶୁଚି-ଅଶୁଚି ପଶୁ ଓ ଶୁଚି-ଅଶୁଚି ପକ୍ଷୀ
ମଧ୍ୟରେ ପ୍ରଭେଦ ଜାଣିବ। କୌଣସି ଅଶୁଚି ପଶୁ କିମ୍ବା ପକ୍ଷୀ
ଭୋଜନ କରିବ ନାହିଁ ଓ ଉରୋଗାମୀ ପ୍ରାଣୀ ମଧ୍ୟ ଖାଇବ
ନାହିଁ। ଆମ୍ଭେ ସେଗୁଡ଼ିକୁ ଘୃଣାଯୋଗ୍ୟ କରିଅଛୁ। 26ପୁଣି
ତୁମ୍ଭେମାନେ ଆମ୍ଭ ଉଦ୍ଦେଶ୍ୟରେ ପବିତ୍ର ହେବ। କାରଣ
ଆମ୍ଭେ ସଦାପ୍ରଭୁ ପବିତ୍ର ଅଟୁ। ତେଣୁ ତୁମ୍ଭେମାନେ ଯେପରି
ଆମ୍ଭର ହେବ ଏଥିପାଇଁ ଆମ୍ଭେ ଅନ୍ୟ ଲୋକଙ୍କଠାରୁ ତୁମ୍ଭକୁ
ପୃଥକ୍ କରିଅଛୁ।

27"ଯେଉଁ ପୁରୁଷ ବା ସ୍ତ୍ରୀ ଭୁତୁଡ଼ିଆ ବା ଗୁଣିଆ ହେବ
ସେମାନେ ନିଶ୍ଚୟ ହତ ହେବେ। ଲୋକମାନେ ସେମାନଙ୍କୁ
ପଥର ଫିଙ୍ଗି ବଧ କରିବେ। ସେମାନେ ନିଶ୍ଚିତ ନିହତ
ହେବେ।"

## ଯାଜକମାନଙ୍କ ପାଇଁ ବିଧି

21 ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭେ ହାରୋଣଙ୍କ
ପୁତ୍ର ଯାଜକଗଣଙ୍କୁ କୁହ, ଜଣେ ଯାଜକ ଏକ
ମୃତବ୍ୟକ୍ତିକୁ ଛୁଇଁ ନିଜକୁ ଅଶୁଚି କରିବ ନାହିଁ। 2କେବଳ
ନିଜର ନିକଟ ଜ୍ଞାତି ଅର୍ଥାତ୍ ନିଜର ପିତା, ମାତା, ପୁତ୍ର,
କନ୍ୟା ଓ ଭ୍ରାତା ନିମନ୍ତେ ସେ ଅଶୁଚି ହେବ। 3ପୁଣି ନିଜର
ଅବିବାହିତା ଭଗିନୀର ମୃତ୍ୟୁ ହେଲେ ସେ ତା'ପାଇଁ ଅଶୁଚି
ହେବ। 4ମାତ୍ର ସେ ଯାଜକ ନିଜର କ୍ରୀତଦାସର ମୃତ୍ୟୁରେ
ନିଜକୁ ଅଶୁଚି କରିବ ନାହିଁ।

5"ଆଉ ଯାଜକଗଣ ସେମାନଙ୍କର ମସ୍ତକ ମୁଣ୍ଡନ କରିବେ
ନାହିଁ। ଆପଣା ଦାଢ଼ିର କୋଣ କ୍ଷୌର କରିବେ ନାହିଁ, କିମ୍ବା
ନିଜ ନିଜ ଶରୀରରେ ଅସ୍ତ୍ରାଘାତ କରିବେ ନାହିଁ। 6ସେମାନେ
ନିଶ୍ଚୟ ସେମାନଙ୍କର ପରମେଶ୍ୱରଙ୍କ ପାଇଁ ପବିତ୍ର ହେବେ।
ସେମାନେ ସେମାନଙ୍କର ପରମେଶ୍ୱରଙ୍କ ନାମକୁ ଅପବିତ୍ର
କରିବା ଉଚିତ୍ ନୁହେଁ। କାରଣ ସେମାନେ ସଦାପ୍ରଭୁଙ୍କୁ
ଉପହାର ଦିଅନ୍ତି। ଅର୍ଥାତ୍ ପରମେଶ୍ୱରଙ୍କ ଖାଦ୍ୟ ସେମାନେ
ଦିଅନ୍ତି। ତେଣୁ ସେମାନେ ନିଶ୍ଚୟ ପବିତ୍ର ହେବା ଉଚିତ୍।

7"ଜଣେ ଯାଜକ ତା'ର ପରମେଶ୍ୱରଙ୍କର ପବିତ୍ର ସେବକ।
ତେଣୁ ସେ କୌଣସି ବେଶ୍ୟାକୁ, କଳଙ୍କିନୀକୁ କିମ୍ବା ସ୍ୱାମୀ
ପରିତ୍ୟକ୍ତା ନାରୀକୁ ବିବାହ କରିବା ଉଚିତ୍ ନୁହଁ। 8ତୁମ୍ଭେ
ନିଶ୍ଚିତ ହୁଅ ଯେ, ଯାଜକ ପବିତ୍ର ଅଟେ। କାରଣ ସେ
ତୁମ୍ଭର ପରମେଶ୍ୱରଙ୍କୁ ନୈବେଦ୍ୟ ଅର୍ପଣ କରିଥାଏ। ତୁମ୍ଭେ
ତାକୁ ପବିତ୍ର ବୋଲି ବିବେଚନା କରିବା ଉଚିତ୍। କାରଣ ମୁଁ
ସଦାପ୍ରଭୁ ଯିଏ ତୁମ୍ଭମାନଙ୍କୁ ପବିତ୍ର କରେ। ମୁଁ ନିଜେ ପବିତ୍ର।

9"ଆଉ କୌଣସି ଯାଜକର କନ୍ୟା ବ୍ୟଭିଚାରିଣୀ ହେଲେ
ସେ ନିଜକୁ ଅପବିତ୍ର କରେ ଓ ନିଜ ପିତାକୁ ମଧ୍ୟ ଅପବିତ୍ର
କରେ। ତେଣୁ ସେ ଅଗ୍ନିରେ ଦଗ୍ଧ ହେବ।

10"ଆଉ ନିଜ ଭ୍ରାତାମାନଙ୍କ ଉପରେ ଯେଉଁ ଲୋକ
ମହାଯାଜକ ହୋଇଅଛି, ଯାହାର ମସ୍ତକରେ ଅଭିଷେକାର୍ଥକ
ତୈଳ ଢଳା ଯାଇଅଛି, ଆଉ ଯିଏ ପବିତ୍ର ବସ୍ତ୍ର ପରିଧାନ
କରିବାକୁ ପଦବୀରେ ନିଯୁକ୍ତ ହୋଇଅଛି, ସେ ନିଜ ମସ୍ତକର
କେଶ ମୁକୁଳା କରିବା ଉଚିତ୍ ନୁହେଁ ଓ ନିଜ ବସ୍ତ୍ର ଚିରିବା
ଉଚିତ୍ ନୁହେଁ। 11ସେ ଗୃହ ଭିତରେ ଶବକୁ ଛୁଇଁ ନିଜକୁ
ଅଶୁଚି କରିବ ନାହିଁ। ସେ ନିଜର ପିତାମାତାଙ୍କ ଶବ
ନିକଟକୁ ମଧ୍ୟ ଯିବ ନାହିଁ। 12ଆଉ ଜଣେ ମହାଯାଜକ
ପରମେଶ୍ୱରଙ୍କ ପବିତ୍ରସ୍ଥାନରୁ ବାହାରିବ ନାହିଁ। କିମ୍ବା ଆପଣା
ପରମେଶ୍ୱରଙ୍କ ପବିତ୍ରସ୍ଥାନକୁ ଅପବିତ୍ର କରିବ ନାହିଁ। କାରଣ

ପରମେଶ୍ୱରଙ୍କ ଅଭିଷେକାର୍ଥକ ତୈଳ ତାହା ମସ୍ତକରେ ଢଳାଯାଇ
ତାଙ୍କୁ ମହାଯାଜକ ପଦରେ ଅଭିଷିକ୍ତ କରାଯାଇଛି। ଆମ୍ଭେ
ସଦାପ୍ରଭୁ ଅଟୁ।
13"ଜଣେ ମହାଯାଜକ କେବଳ ଜଣେ ଅନୂଢ଼ାକୁ ବା
କୁମାରୀକୁ ବିବାହ କରିବ। 14ସେ ବିଧବା, ପରିତ୍ୟକ୍ତା,
କଳଙ୍କିନୀ କିମ୍ବା ବେଶ୍ୟାକୁ ବିବାହ କରିବା ଉଚିତ୍ ନୁହେଁ।
ସେ ଆପଣା ଲୋକମାନଙ୍କ ମଧ୍ୟରୁ କେବଳ ଏକ କୁଆଁରୀ
କନ୍ୟାକୁ ବିବାହ କରିବା ଉଚିତ୍। 15ଆଉ ସେ ନିଜ
ଲୋକମାନଙ୍କ ମଧ୍ୟରେ ନିଜ ବଂଶ ଅପବିତ୍ର କରିବ ନାହିଁ,
କାରଣ ଆମ୍ଭେ ସଦାପ୍ରଭୁ ତାହାକୁ ପବିତ୍ର କରୁ।"
16ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ, 17"ତୁମ୍ଭେ
ହାରୋଣଙ୍କୁ କୁହ, ତୁମ୍ଭର ବଂଶଧରମାନଙ୍କ ମଧ୍ୟରେ ଯାହାର
ଶରୀରରେ ଖୁଣ ଥାଏ, ସେ ପରମେଶ୍ୱରଙ୍କ ବିଶିଷ୍ଟ ରୋଟୀ
ଉତ୍ସର୍ଗ କରିବା ପାଇଁ ନିକଟକୁ ଯିବ ନାହିଁ। 18ଯେକୌଣସି
ଲୋକର ଖୁଣ ଅଛି, ସେ ନିକଟବର୍ତ୍ତୀ ହେବନାହିଁ।

ବିଶେଷ କରି ଅନ୍ଧଲୋକ,
କି ଛୋଟା,
କି ବିକୃତ ନାସିକା,
କି ଅଧିକାଙ୍ଗ।
19 କି ଭଗ୍ନପଦ, କି ଭଗ୍ନହସ୍ତ,
20 କି କୁଜା, କି ବାମନ,
କି ଖୁଣ ଥିବା ଚକ୍ଷୁ,
କି ଯାଦୁରୋଗୀ,
କି କାଛୁରୋଗୀ
କି ଭଗ୍ନକୋଷ।

21ହାରୋଣ ଯାଜକର ବଂଶଧର ମଧ୍ୟରେ ଏପରି ଖୁଣ
ବିଶିଷ୍ଟ ଲୋକ ଥିଲେ, ସେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଉପହାର ଉତ୍ସର୍ଗ କରିବା ପାଇଁ ବେଦୀ ନିକଟକୁ ଯାଇପାରିବ
ନାହିଁ। ଆଉ ତା'ର ଖୁଣ ଥିବାରୁ ସେ ଯଜ୍ଞବେଦୀ ନିକଟକୁ
ଶସ୍ୟ ଭକ୍ଷ୍ୟ ଉତ୍ସର୍ଗ କରିବା ପାଇଁ ଆସିବା ଉଚିତ୍ ନୁହେଁ।
22ସେ ଆପଣା ପରମେଶ୍ୱରଙ୍କର ମହାପବିତ୍ର ବା ପବିତ୍ର
ରୋଟୀ ଭୋଜନ କରିବ। 23ମାତ୍ର ବିଚ୍ଛେଦବସ୍ତ୍ରର ଭିତରକୁ
ଯିବ ନାହିଁ କିମ୍ବା ଯଜ୍ଞବେଦୀ ନିକଟକୁ ଆସିବ ନାହିଁ, କାରଣ
ତାହାର ଖୁଣ ଅଛି, ସେ ଆମ୍ଭର ପବିତ୍ରସ୍ଥାନ ସକଳ ଅପବିତ୍ର
କରିବ ନାହିଁ। କାରଣ ଆମ୍ଭେ ସଦାପ୍ରଭୁ ସେହି ସମସ୍ତ ପବିତ୍ର
କରୁ।"
24ଏହିପରି ମୋଶା ହାରୋଣଙ୍କୁ, ତାଙ୍କର ପୁତ୍ରଗଣଙ୍କୁ ଓ
ଇଶ୍ରାୟେଲର ସମସ୍ତ ସନ୍ତାନଗଣଙ୍କୁ ଏହିସବୁ କହିଲେ।

22 ଅନନ୍ତର ସଦାପ୍ରଭୁ ପରମେଶ୍ୱର ମୋଶାଙ୍କୁ କହିଲେ,
2"ତୁମ୍ଭେ ହାରୋଣଙ୍କୁ ଓ ତାଙ୍କର ପୁତ୍ରଗଣଙ୍କୁ କୁହ,
ତୁମ୍ଭେମାନେ ଇଶ୍ରାୟେଲ ସନ୍ତାନଗଣର ପବିତ୍ରୀକୃତ ଦ୍ରବ୍ୟ
ବିଷୟରେ ସାବଧାନ ହୁଅ, ସେହି ପବିତ୍ର ଦ୍ରବ୍ୟ ମୋ
ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ। ତେଣୁ ତୁମ୍ଭେ ଯାଜକମାନେ ତାକୁ
ଗ୍ରହଣ କରିବ ନାହିଁ। ତୁମ୍ଭେମାନେ ସେସବୁ ବ୍ୟବହାର କରି
ଆମ୍ଭ ନାମରେ ଅପବିତ୍ର କର ନାହିଁ। ଆମ୍ଭେ ସଦାପ୍ରଭୁ ଅଟୁ।
3ତୁମ୍ଭର ସମସ୍ତ ବଂଶଧରମାନଙ୍କ ମଧ୍ୟରୁ କେହି ଯଦି ସେ
ଦ୍ରବ୍ୟକୁ ଛୁଁଏ ସେ ଲୋକ ଅପବିତ୍ର ହେବ ଓ ସେ ମୋଠାରୁ
ପୃଥକ୍ ରହିବ। କାରଣ ଇଶ୍ରାୟେଲର ସନ୍ତାନଗଣ ଆମ୍ଭ
ଉଦ୍ଦେଶ୍ୟରେ ସେ ସବୁ ଉତ୍ସର୍ଗ କରିଛନ୍ତି। ଆମ୍ଭେ ସଦାପ୍ରଭୁ
ଅଟୁ।
4"ଯଦି ହାରୋଣ ବଂଶଧରମାନଙ୍କ ମଧ୍ୟରୁ ଯେ କେହି
ଚର୍ମରୋଗୀ କିମ୍ବା ବୀର୍ଯ୍ୟ କ୍ଷରିତ ରୋଗୀ ହୁଏ, ସେ ଶୁଚି
ନହେବା ଯାଏ ମୋର ପବିତ୍ର ଦ୍ରବ୍ୟ ଭୋଜନ କରିବା ଉଚିତ୍
ନୁହଁ। ଯିଏ କେହି ଶବକୁ ଛୁଏଁ କିମ୍ବା ବୀର୍ଯ୍ୟପାତ ହେଉଥିବା
କୌଣସି ମନୁଷ୍ୟକୁ ଛୁଁଏ, ସେ ଅଶୁଚି ହୁଏ। ଗୋଟିଏ ଶବକୁ
ଛୁଇଁବା ଦ୍ୱାରା ସେ ମଧ୍ୟ ଅଶୁଚି ହେବ କିମ୍ବା ଗୋଟିଏ ମଣିଷ
ଯାହାର ଶାରୀରିକ କ୍ଷରଣ ହୋଇଛି, 5ଅବା ସେ ଯାହା ଦ୍ୱାରା
ଅଶୁଚି ହୋଇପାରେ ଏପରି କୌଣସି ଉରୋଗାମୀ ଜନ୍ତୁକୁ କି
କୌଣସି ପ୍ରକାର ଅଶୁଚି ମନୁଷ୍ୟକୁ ଛୁଁଏ। 6ଯଦି ସେ
ସେହିସବୁ ଦ୍ରବ୍ୟ ଛୁଁଏ ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଅଶୁଚି ରହିବ।
ସେ ଆପଣା ଶରୀରକୁ ଜଳରେ ନଧୋଇବା ପର୍ଯ୍ୟନ୍ତ କୌଣସି
ପବିତ୍ର ଖାଦ୍ୟ ଖାଇବ ନାହିଁ। 7ସୂର୍ଯ୍ୟାସ୍ତ ପରେ ସେ ପବିତ୍ର
ଖାଦ୍ୟ ଭୋଜନ କରିବା ଉଚିତ୍। କାରଣ ପବିତ୍ର ଖାଦ୍ୟ
ମଧ୍ୟରୁ କିଛି ଖାଦ୍ୟ ତାହାର ଅଟେ।
8"ସେ ସ୍ୱୟଂମୃତ ବା ପଶୁଦ୍ୱାରା ହତ ଜନ୍ତୁର ମାଂସ
ଭୋଜନ କରି ନିଜକୁ ଅଶୁଚି କରିବ ନାହିଁ। ଆମ୍ଭେ ସଦାପ୍ରଭୁ
ଅଟୁ।
9"ଏଣୁ ସେମାନେ ମୋର ନିୟମ ଯତ୍ନ ସହକାରେ ରକ୍ଷା
କରିବା ଉଚିତ୍। ଯଦି ସେମାନେ ତାହା ନ କରନ୍ତି, ତେବେ
ସେଥିସକାଶେ ସେମାନେ ନିଜ ନିଜ ପାପ ବହନ କରିବେ ଓ
ତହିଁରେ ମରିବେ, ମୁଁ ସର୍ବଦା ଆଗାମୀ ସବୁସମୟର ସଦାପ୍ରଭୁ।
ଏବଂ ଯାଜକମାନଙ୍କୁ ପବିତ୍ର ହେବାକୁ ମୁଁ ବାଛିଛି। 10କେବଳ
ଯାଜକ ପରିବାରର ଲୋକ ପବିତ୍ର ଖାଦ୍ୟ ଭୋଜନ କରିବେ।
ଅନ୍ୟ ବଂଶୀୟ କୌଣସି ଲୋକ ଅବା ଯାଜକ ଗୃହରେ
ପ୍ରବାସକାରୀ ଅବା ବର୍ତ୍ତନକାରୀ ଦାସ ପବିତ୍ର ଖାଦ୍ୟ ଭୋଜନ
କରିବେ ନାହିଁ। 11ମାତ୍ର ଯାଜକର ରୂପାରେ କିଣା ଯାଇଥିବା
କ୍ରୀତଦାସ ସେହି ପବିତ୍ର ଖାଦ୍ୟ ଭୋଜନ କରିପାରିବ। ଆଉ
ତା'ର ଗୃହଜାତ କ୍ରୀତଦାସମାନେ ତାହାର ଅନ୍ନ ଭୋଜନ
କରିପାରିବେ। 12ଯାଜକର କନ୍ୟା ଯଦି ଯାଜକ ଭିନ୍ନ ଅନ୍ୟ
ଲୋକକୁ ବିବାହ କରେ ତେବେ ସେ ପବିତ୍ର ନୈବେଦ୍ୟ
ମଧ୍ୟରୁ ଭୋଜନ କରିବ ନାହିଁ। 13ମାତ୍ର ଯାଜକର କନ୍ୟା
ଯଦି ବିଧବା ବା ପରିତ୍ୟକ୍ତା ହୋଇ ନିଃସନ୍ତାନ ହୋଇଥାଏ ଓ
ପୁନର୍ବାର ଆସି ପିତୃଗୃହରେ ବାଲ୍ୟାବସ୍ଥାପରି ବାସ କରେ,
ତେବେ ସେ ଆପଣା ପିତାର ଅନ୍ନ ଭୋଜନ କରିବ, ମାତ୍ର
ଭିନ୍ନ ବଂଶୀୟ ଲୋକେ ତାହା ଭୋଜନ କରିବେ ନାହିଁ।
14"ଯଦି କେହି ଅଜ୍ଞାତସାରରେ ପବିତ୍ର ଖାଦ୍ୟ ଭୋଜନ
କରିଥାଏ, ତେବେ ସେ ଦ୍ରବ୍ୟର ମୂଲ୍ୟର ଏକ ପଞ୍ଚମାଂଶ
ଅଧିକ ମୂଲ୍ୟ ଯାଜକକୁ ପବିତ୍ର ନୈବେଦ୍ୟ ରୂପେ ପରିଶୋଧ
କରିବ।
15"ଇଶ୍ରାୟେଲର ସନ୍ତାନଗଣ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଯେଉଁସବୁ ପବିତ୍ର ଉପହାର ଉତ୍ସର୍ଗ କରନ୍ତି, ଯାଜକଗଣ
ତାହାସବୁ ଅପବିତ୍ର କରିବେ ନାହିଁ। 16ପୁଣି ତାହା ହୋଇପାରେ,

ଯଦ ଯାଜକଗଣ ଇଶ୍ରାୟେଲୀୟମାନଙ୍କୁ ସେମାନଙ୍କର ନଜର ପବତ୍ର ନୈବେଦ୍ୟ ଖାଇବା ପାଇଁ ଅନୁମତି ଦେଇ ଜୋରୀମାନା କରପାରନ୍ତ। କାରଣ କେବଳ ମୁଁ ଯେ କ ନୈବେଦ୍ୟକୁ ପବତ୍ର କରଅଛ।"

**17**ଅନନ୍ତର ସଦାପ୍ରଭୁ ପରମେଶ୍ୱର ମୋଶାଙ୍କୁ କହଲେ, **18**"ତୁମ୍ଭେ ହାରୋଣଙ୍କୁ, ତାଙ୍କର ସନ୍ତାନଗଣଙ୍କୁ ଓ ଇଶ୍ରାୟେଲର ସମସ୍ତ ସନ୍ତାନଗଣଙ୍କୁ କୁହ, ଇଶ୍ରାୟେଲ ବଂଶର ହୁଅନ୍ତୁ କମ୍ବା ସେମାନଙ୍କ ସହବାସୀ ବଦେଶୀ ହୁଅନ୍ତୁ, ଯେଉଁମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋମବଳ ନମନ୍ତେ ମାନତପୂର୍ବକ ବା ସ୍ୱେଚ୍ଛାପୂର୍ବକ କୌଣସି ନୈବେଦ୍ୟ ଆଣନ୍ତ। **19-20**ସେମାନେ ଗ୍ରାହ୍ୟ ହେବା ନମନ୍ତେ ନଖୁଣ ଅଣ୍ଡିରା ମେଷ, ଗୋରୁ କମ୍ବା ଛାଗ ଉତ୍ସର୍ଗ କରବା ଉଚତ୍। ମାତ୍ର ଖୁଣଥିବା ପ୍ରାଣୀକୁ ତୁମ୍ଭେମାନେ ଉତ୍ସର୍ଗ କରବା ଉଚତ୍ ନୁହଁ। କାରଣ ତାହା ନୈବେଦ୍ୟରୂପେ ଗ୍ରହଣୀୟ ନୁହେଁ।

**21**"ମାତ୍ର କୌଣସି ଲୋକ ମାନସିକ ସିଦ୍ଧି ନମନ୍ତେ ଅବା ସ୍ୱେଚ୍ଛାଦତ୍ତ ଉପହାର ନମନ୍ତେ ଗୋଠରୁ ଅବା ପଲରୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ମଙ୍ଗଳାର୍ଥକ ବଳ ଉତ୍ସର୍ଗ କରେ, ତେବେ ତାହା ଗ୍ରାହ୍ୟ ହେବା ନମନ୍ତେ ନଖୁଣ ପଶୁ ହେବ ଓ ତାହାଠାରେ କୌଣସି ଖୁଣ ନ ଥିବ। **22**ଅନ୍ଧ, ଖଞ୍ଜ, ଛୋଟା, ଆବୁଆ, ଜାଦୁଆ କ ରୁଗ୍ଣ ଏପର ପଶୁ ସଦାପ୍ରଭୁଙ୍କୁ ଉତ୍ସର୍ଗ କରବ ନାହିଁ କମ୍ବା ସେମାନଙ୍କୁ ସଦାପ୍ରଭୁଙ୍କୁ ନୈବେଦ୍ୟ ରୂପେ ଯଜ୍ଞବେଦୀ ଉପରେ ଉତ୍ସର୍ଗ କରବ ନାହିଁ।

**23**"ତୁମ୍ଭେ ଗୋଟିଏ ପଶୁର, ଯାହାର ଗୋଟିଏ ଗୋଡ ଅତ ଲମ୍ବା କମ୍ବା ଗୋଟିଏ ଅସମାନ ପାଦ ଉତ୍ସର୍ଗ କରପାର, ମାତ୍ର ମାନସିକ ଶାନ୍ତ ନମନ୍ତେ ସେପର ଗାଇ କମ୍ବା ମେଣ୍ଢା ଗ୍ରାହ୍ୟ ହେବନାହିଁ।

**24**"ଆଉ ମଧ ଯେଉଁ ପ୍ରାଣୀର କୋଷ ମୋଡା କ ଛେଚା କ ଭଙ୍ଗା କ କଟା ଏପର ପଶୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରବ ନାହିଁ କମ୍ବା ତୁମ୍ଭେମାନେ ଆପଣା ଦେଶରେ ଏପର କରବ ନାହିଁ।

**25**"ବଦେଶରୁ ଆସିଥିବା କୌଣସି ପଶୁକୁ ପରମେଶ୍ୱରଙ୍କ ନକଟରେ ବଳଦାନ କରବ ନାହିଁ, କାରଣ ସେଗୁଡ଼କ ଆଘାତପ୍ରାପ୍ତ ହୋଇଥାଇ ପାରନ୍ତ କମ୍ବା ସେମାନଙ୍କଠାରେ ଖୁଣ ଥାଇପାରେ। ତେଣୁ ସେଗୁଡ଼କ ଗ୍ରାହ୍ୟ ହେବନାହିଁ।"

**26**ପୁଣି ସଦାପ୍ରଭୁ ମୋଶାଙ୍କୁ କହଲେ, **27**"ଯେତେବେଳେ କୌଣସି ଗୋରୁ କ ମେଷ କ ଛାଗ ଜନ୍ମ ହୁଅନ୍ତ ସାତଦନ ପର୍ଯ୍ୟନ୍ତ ତା'ର ମାଆ ସହତ ରହବ। ଅଷ୍ଟମ ଦନପରେ ତାହା ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ନମନ୍ତେ ଗ୍ରାହ୍ୟ ହେବ। **28**ଗାଇ କମ୍ବା ମେଷୀ ହେଉ, ତାହାକୁ ଓ ତାହାର ଛୁଆକୁ ଏକାଦନେ ଦୁହିଁଙ୍କୁ ବଧ କରବ ନାହିଁ।

**29**"ତୁମ୍ଭେମାନେ ଯେତେବେଳେ ସଦାପ୍ରଭୁଙ୍କ ପ୍ରଶଂସାର୍ଥେ ବଳଦାନ ଉତ୍ସର୍ଗ କର, ତୁମ୍ଭେ ଏହା ଠିକ୍ ପଦ୍ଧତିରେ ଉତ୍ସର୍ଗ କରବା ଉଚତ୍ ଯାହା ଫଳରେ ତାହା ଗ୍ରାହ୍ୟ ହେବ। **30**ତୁମ୍ଭେମାନେ ସେହଦନ ସମସ୍ତ ମାଂସ ଭକ୍ଷଣ କରବ, ପ୍ରଭାତ ପର୍ଯ୍ୟନ୍ତ ତହିଁରୁ କଛ ଅବଶିଷ୍ଟ ରଖିବ ନାହିଁ, ଆମ୍ଭେ ସଦାପ୍ରଭୁ ଅଟୁ।

**31**"ତୁମ୍ଭେମାନେ ଆମ୍ଭର ଆଜ୍ଞା ମାନ୍ୟକର ପାଳନ କରବ। ଆମ୍ଭେ ସଦାପ୍ରଭୁ ଅଟୁ। **32**ଆଉ ତୁମ୍ଭେମାନେ ଆମ୍ଭର ପବତ୍ର ନାମ ଅପବତ୍ର କରବ ନାହିଁ, ମାତ୍ର ଆମ୍ଭେ ଇଶ୍ରାୟେଲ ସନ୍ତାନଗଣ ମଧ୍ୟରେ ପବତ୍ରରୂପେ ମାନ୍ୟ ହେବା। **33**ଯେ ତୁମ୍ଭମାନଙ୍କୁ ମିଶର ଦେଶରୁ ଆଣିଛନ୍ତ ଓ ତୁମ୍ଭମାନଙ୍କୁ ପବତ୍ର କରଛନ୍ତ, ଆମ୍ଭେ ସେହ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଅଟୁ।"

## ସ୍ୱତନ୍ତ୍ର ବଶ୍ରାମଦନ

**23** ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହଲେ, **2**"ତୁମ୍ଭେ ଇଶ୍ରାୟେଲ ସନ୍ତାନଗଣଙ୍କୁ କୁହ, ତୁମ୍ଭେମାନେ ସଦାପ୍ରଭୁଙ୍କର ଯେଉଁସବୁ ନରୂପିତ ପର୍ବ ପବତ୍ର ସଭା ବୋଲ ଘୋଷଣା କରବ, ଆମ୍ଭର ସେସମସ୍ତ ପର୍ବ ଏହ।

## ବଶ୍ରାମ ଦନ

**3**"ଛଅଦନ କାମ କରାଯିବ, ମାତ୍ର ସପ୍ତମଦନ ବଶ୍ରାମଦନ। ଅର୍ଥାତ୍ ପବତ୍ର ସଭା ହେବ। ତୁମ୍ଭେମାନେ କୌଣସି ପ୍ରକାର କର୍ମ କରବ ନାହିଁ। ତାହା ତୁମ୍ଭମାନଙ୍କର ସମସ୍ତ ନବାସ ସ୍ଥାନରେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଶ୍ରାମଦନ ହେବ।

## ନସ୍ତାର ପର୍ବ

**4**"ଏଗୁଡ଼କ ସଦାପ୍ରଭୁଙ୍କ ନରୂପିତ ପର୍ବ। ତୁମ୍ଭେମାନେ ସେହ ନରୂପିତ ଦନରେ ପବତ୍ର ସଭା ଘୋଷଣା କରବ। **5**ପ୍ରଥମ ମାସରେ, ମାସର ଚତୁର୍ଦ୍ଦଶ ଦନରେ ସନ୍ଧ୍ୟାବେଳେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନସ୍ତାରପର୍ବ ହେବ।

## ତାଡ଼ିଶୂନ୍ୟ ରୋଟୀର ପର୍ବ

**6**"ପୁଣି ସେହ ମାସର ପଞ୍ଚଦଶ ଦନରେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ତାଡ଼ିଶୂନ୍ୟ ରୋଟୀର ପର୍ବ ହେବ। ତୁମ୍ଭେମାନେ ସାତଦନ ପର୍ଯ୍ୟନ୍ତ ତାଡ଼ିଶୂନ୍ୟ ରୋଟୀ ଭୋଜନ କରବ। **7**ପର୍ବର ପ୍ରଥମ ଦନରେ ତୁମ୍ଭମାନଙ୍କର ପବତ୍ର ସଭା ହେବ। ସେଦନ ତୁମ୍ଭେମାନେ କୌଣସି ବ୍ୟବସାୟ କର୍ମ କରବ ନାହିଁ। **8**ମାତ୍ର ତୁମ୍ଭେମାନେ ସାତଦନ ଯାଏ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳଦାନ ଉତ୍ସର୍ଗ କରବା ଉଚତ୍। ସପ୍ତମ ଦନରେ ବଶେଷ ସଭା ହେବ। ତୁମ୍ଭେମାନେ ସେଦନ କୌଣସି ବ୍ୟବସାୟ କମ୍ବା କୌଣସି ଚରାଚରତ କର୍ମ କରବା ଉଚତ୍ ନୁହେଁ।"

## ପ୍ରଥମ ଶସ୍ୟ ଅମଳର ପର୍ବ

**9**ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହଲେ, **10**"ତୁମ୍ଭେ ଇଶ୍ରାୟେଲ ସନ୍ତାନଗଣଙ୍କୁ କୁହ, ଆମ୍ଭେ ତୁମ୍ଭମାନଙ୍କୁ ଯେଉଁ ଦେଶ ଦେବୁ ତୁମ୍ଭେମାନେ ସେ ଦେଶରେ ପ୍ରବେଶ କରବ। ଯେତେବେଳେ ତୁମ୍ଭେମାନେ ଶସ୍ୟ କାଟିବ, ସେତେବେଳେ ପ୍ରଥମ କଟା ଶସ୍ୟରୁ ଏକବଡ଼ା ଯାଜକ ନକଟକୁ ଆଣିବ। **11**ତହିଁରେ ସବୁଦନ ପାଇଁ ତୁମ୍ଭମାନଙ୍କ ପକ୍ଷରେ ଗ୍ରାହ୍ୟ ହେବା ନମନ୍ତେ ଯାଜକ ସଦାପ୍ରଭୁଙ୍କ ସମ୍ମୁଖରେ ସେହ ବଡ଼ା ଟେକବ। ବଶ୍ରାମଦନ ପରେ ସେ ଏହାକୁ ଝୁଲାଇବା ଉଚତ୍।

**12**"ପୁଣି ଯେଉଁଦନ ତୁମ୍ଭେମାନେ ସେହ ବଡ଼ା ଦୋଳାଇବ ସେହଦନ ତୁମ୍ଭେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋମବଳ

ନିମନ୍ତେ ଏକବର୍ଷୀୟ ନିଖୁଣ ମେଷବତ୍ସ ଗୋଟିଏ ଉତ୍ସର୍ଗ
କରିବ। 13ପୁଣି ଐଫାର ଦୁଇ ଦଶମାଂଶ ତୈଳ ମିଶ୍ରିତ ସରୁ
ମଇଦା ସେହିଦିନ ଶସ୍ୟ ନୈବେଦ୍ୟରୂପେ ଉତ୍ସର୍ଗ କରାଯିବା
ଉଚିତ୍। ତାହା ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ସୁବାସିତ ନୈବେଦ୍ୟ
ହେବ, ଆଉ ଏକ ଚତୁର୍ଥାଂଶ ଦ୍ରାକ୍ଷାରସ ତହିଁର ପେୟ
ନୈବେଦ୍ୟରୂପେ ଉତ୍ସର୍ଗ କରାଯିବ। 14ତୁମ୍ଭେମାନେ ଯେଉଁ
ପର୍ଯ୍ୟନ୍ତ ନୂତନ ଶସ୍ୟର ନୈବେଦ୍ୟ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ
ନ ଆଣିଛ ସେପର୍ଯ୍ୟନ୍ତ ତୁମ୍ଭେମାନେ ରୋଟୀ, କି ଭଜା ଶସ୍ୟ
କି ଫଳ ଖାଇବ ନାହିଁ। ତୁମ୍ଭମାନଙ୍କର ସମସ୍ତ ନିବାସସ୍ଥାନରେ
ଏହା ପୁରୁଷାନୁକ୍ରମେ ପାଳନୀୟ ଅନନ୍ତକାଳୀନ ବ୍ୟବସ୍ଥା ହେବ।

## ପେଣ୍ଟିକଷ୍ଟ ପର୍ବ

15"ଅନନ୍ତର ସେହି ବିଶ୍ରାମବାର ପରଦିନଠାରୁ ଯେଉଁଦିନ
ଦୋଳନୀୟ ନୈବେଦ୍ୟରୂପେ ବିଡ଼ା ଆଣିଲ ସେହିଦିନଠାରୁ
ପୂର୍ଣ୍ଣ ସାତ ସପ୍ତାହ ଗଣନା କରିବ। 16ଏହିରୂପେ ତୁମ୍ଭେ
ବିଶ୍ରାମଦିନ ପରେ ସପ୍ତମ ଦିନଠାରୁ, ପଚାଶ ଦିନ ଗଣନା
କରିବା ଉଚିତ୍। ଆଉ ତୁମ୍ଭେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ନୂତନ ଶସ୍ୟ ନୈବେଦ୍ୟ ଉତ୍ସର୍ଗ କରିବା ଉଚିତ୍। 17ତୁମ୍ଭେମାନେ
ନିଜ ନିଜ ଘରୁ ଦୋଳନୀୟ ନୈବେଦ୍ୟାର୍ଥେ ଏକ ଐଫାର
ଦୁଇ ଦଶମାଂଶର ଦୁଇ ରୋଟୀ ଆଣିବ। ତାହା ସରୁ
ମଇଦାରେ ପ୍ରସ୍ତୁତ ହେବ ଓ ତାଡ଼ିରେ ପାକ କରାଯିବ, ତାହା
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଥମଜାତ ଉପହାର ହେବ।
18"ପୁଣି ତୁମ୍ଭେମାନେ ସେହି ରୋଟୀ ସହିତ ଏକବର୍ଷୀୟ
ସାତଟି ନିଖୁଣ ମେଷବତ୍ସ, ଗୋଟିଏ ବୃଷଭ ଓ ଦୁଇଟି ମେଷ
ବଳିଦାନ କରିବା ଉଚିତ୍। ତାହା ସଦାପ୍ରଭୁଙ୍କୁ ହୋମବଳି
ହେବ। ଶସ୍ୟ ନୈବେଦ୍ୟ ଓ ପେୟ ନୈବେଦ୍ୟ ସହିତ ଏହା
ସଦାପ୍ରଭୁଙ୍କୁ ସୁବାସିତ ନୈବେଦ୍ୟ ହେବ। 19ତା'ପରେ ତୁମ୍ଭେମାନେ
ପାପାର୍ଥକ ବଳି ନିମନ୍ତେ ଏକ ଛାଗ ଓ ମଙ୍ଗଳାର୍ଥକ ବଳି
ନିମନ୍ତେ ଦୁଇଟି ଏକବର୍ଷୀୟ ମେଷବତ୍ସ ଉତ୍ସର୍ଗ କରିବ।
20"ପୁଣି ଯାଜକ ପ୍ରଥମଜାତ ଫଳର ରୋଟୀ ସହିତ ଦୁଇ
ମେଷବତ୍ସ ସଦାପ୍ରଭୁଙ୍କ ସମ୍ମୁଖରେ ଦୋଳନୀୟ ନୈବେଦ୍ୟରୂପେ
ଦୋଳାଇବ। ତାହାସବୁ ଯାଜକ ନିମନ୍ତେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ପବିତ୍ର ହେବ। 21ଠିକ୍ ସେହି ଦିନ ତୁମ୍ଭେମାନେ ଏକ ପବିତ୍ର
ସଭା ପାଇଁ ଘୋଷଣା କରିବ। ସେହି ଦିନ କୌଣସି
ବ୍ୟବସାୟ କର୍ମ କରିବ ନାହିଁ। ଏହା ତୁମ୍ଭମାନଙ୍କ ସମସ୍ତ
ଗୃହରେ ପୁରୁଷାନୁକ୍ରମେ ପାଳନୀୟ ଅନନ୍ତକାଳୀନ ବିଧି ହେବ।
22"ଆଉ ତୁମ୍ଭେମାନେ ଶସ୍ୟ କାଟିଲାବେଳେ, କ୍ଷେତ୍ରରୁ
ସମସ୍ତ ଶସ୍ୟ ନିଃଶେଷ କରି କାଟିବ ନାହିଁ। ଆଉ ତଳେ
ପଡ଼ିଥିବା ଶସ୍ୟକୁ ସାଉଁଟିବ ନାହିଁ। ତୁମ୍ଭେମାନେ ସେସବୁ
ଦୁଃଖୀ ଓ ବିଦେଶୀମାନଙ୍କ ପାଇଁ ଛାଡ଼ିବ। ଆମ୍ଭେ ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱର ଅଟୁ।"

## ତୂରୀଧ୍ୱନିର ପର୍ବ

23ପୁଣି ସଦାପ୍ରଭୁ ମୋଶାଙ୍କୁ କହିଲେ, 24"ଇସ୍ରାୟେଲର
ସନ୍ତାନଗଣଙ୍କୁ ତୁମ୍ଭେ କୁହ, ସପ୍ତମ ମାସର ପ୍ରଥମ ଦିନରେ
ତୁମ୍ଭମାନଙ୍କର ମହାବିଶ୍ରାମ, ତୂରୀଧ୍ୱନି ଦ୍ୱାରା ସ୍ମରଣାର୍ଥକ ପବିତ୍ର
ସଭା ହେବ। 25ତୁମ୍ଭେମାନେ ସେହି ଦିନ କୌଣସି ବ୍ୟବସାୟିକ
କର୍ମ୍ମ କୌଣସି କର୍ମ କରିବା ଉଚିତ୍ ନୁହେଁ। ମାତ୍ର ସଦାପ୍ରଭୁଙ୍କୁ
ନୈବେଦ୍ୟ ଉତ୍ସର୍ଗ କରିବ।"

## ପ୍ରାୟଶ୍ଚିତ୍ତର ଦିନ

26ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହିଲେ। 27"ସେହି
ସପ୍ତମ ମାସର ଦଶମ ଦିନ ଅବଶ୍ୟ ପାପରୁ ପ୍ରାୟଶ୍ଚିତ୍ତର ଦିନ
ହେବ। ସେଦିନ ତୁମ୍ଭମାନଙ୍କର ଏକ ପବିତ୍ର ସଭା ହେବା
ଉଚିତ୍। ତୁମ୍ଭେମାନେ କିଛି ଖାଦ୍ୟ ଖାଇବା ଉଚିତ୍ ନୁହେଁ ଓ
ସଦାପ୍ରଭୁଙ୍କୁ ସୁବାସିତ ଉପହାର ଉତ୍ସର୍ଗ କରିବା ଉଚିତ୍।
28ସେହିଦିନ ତୁମ୍ଭେମାନେ କୌଣସି ପ୍ରକାର କାର୍ଯ୍ୟ କରିବ
ନାହିଁ। କାରଣ ଏହା ପ୍ରାୟଶ୍ଚିତ୍ତର ଦିନ। ସେଦିନ ଯାଜକ
ସଦାପ୍ରଭୁଙ୍କ ସମ୍ମୁଖକୁ ଯାଇ ତୁମ୍ଭମାନଙ୍କର ପ୍ରାୟଶ୍ଚିତ୍ତ କରିବ।
29"ଯେବେ କୌଣସି ଲୋକ ସେହିଦିନ ଉପବାସ କରିବାକୁ
ବିରତ ହୁଏ, ତେବେ ସେ ତା'ର ଲୋକମାନଙ୍କଠାରୁ ପୃଥକ୍
ରହିବ। 30ଯଦି କୌଣସି ପ୍ରାଣୀ ସେହିଦିନ କୌଣସି କର୍ମ
କରେ ତେବେ ଆମ୍ଭେ ତାହା ଲୋକମାନଙ୍କ ମଧ୍ୟରେ ତାକୁ
ବିନାଶ କରିବୁ। 31ତୁମ୍ଭେମାନେ କୌଣସି ପ୍ରକାର କାର୍ଯ୍ୟ
ସେଦିନ କରିବ ନାହିଁ। ଏହା ତୁମ୍ଭମାନଙ୍କର ସମସ୍ତ ଗୃହରେ
ପୁରୁଷାନୁକ୍ରମେ ପାଳନୀୟ ଅନନ୍ତକାଳୀନ ବ୍ୟବସ୍ଥା ଅଟେ।
32ସେହି ଦିନ ତୁମ୍ଭମାନଙ୍କର ସ୍ୱତନ୍ତ୍ର ବିଶ୍ରାମଦିନ ହେବ।
ତୁମ୍ଭେମାନେ କୌଣସି ଖାଦ୍ୟ ଖାଇବ ନାହିଁ। ମାସର ନବମ
ଦିନର ସନ୍ଧ୍ୟାକାଳରେ, ଏକ ସନ୍ଧ୍ୟାଠାରୁ ଆର ସନ୍ଧ୍ୟା ପର୍ଯ୍ୟନ୍ତ
ତୁମ୍ଭେମାନେ ନିଜ ନିଜର ବିଶ୍ରାମଦିନ ପାଳନ କରିବ।"

## ପତ୍ରକୁଟୀର ପର୍ବ

33ପୁଣି ସଦାପ୍ରଭୁ ମୋଶାଙ୍କୁ କହିଲେ, 34"ତୁମ୍ଭେ ଇସ୍ରାୟେଲର
ସନ୍ତାନଗଣଙ୍କୁ କୁହ, ସପ୍ତମ ମାସର ପଞ୍ଚଦଶ ଦିନଠାରୁ
ସାତଦିନ ଯାଏ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପତ୍ରକୁଟୀର ପର୍ବ
ପାଳିତ ହେବ। 35ପ୍ରଥମ ଦିନରେ ପବିତ୍ର ସଭା ହେବ,
ତୁମ୍ଭେମାନେ କୌଣସି ବ୍ୟବସାୟିକ କର୍ମ କରିବ ନାହିଁ।
36ସାତଦିନ ଯାଏ ତୁମ୍ଭେମାନେ ସଦାପ୍ରଭୁଙ୍କୁ ନୈବେଦ୍ୟ ଉତ୍ସର୍ଗ
କରିବା ଉଚିତ୍, ଅଷ୍ଟମ ଦିନରେ ତୁମ୍ଭମାନଙ୍କର ପବିତ୍ର ସଭା
ହେବା ଉଚିତ୍ ଓ ତୁମ୍ଭେମାନେ ସଦାପ୍ରଭୁଙ୍କ ନୈବେଦ୍ୟ ଉତ୍ସର୍ଗ
କରିବା ଉଚିତ୍। ତାହା ଏକ ମହାନ୍ ସଭା ଅଟେ, ତୁମ୍ଭେମାନେ
କୌଣସି ବ୍ୟବସାୟିକ କର୍ମ କରିବା ଉଚିତ୍ ନୁହେଁ।
37"ଏହିସବୁ ସଦାପ୍ରଭୁଙ୍କର ପାଇଁ ସ୍ୱତନ୍ତ୍ର ପର୍ବ, ଯାହା
ତୁମ୍ଭେ ପବିତ୍ର ସଭାପରି ପ୍ରକାଶ କରିଥାଅ, ସେହିଥିରେ
ତୁମ୍ଭେମାନେ ପ୍ରତ୍ୟେକ ପର୍ବର ନିରୂପିତ ଦିନରେ ସଦାପ୍ରଭୁଙ୍କୁ
ନୈବେଦ୍ୟ, ହୋମବଳି, ଶସ୍ୟ ନୈବେଦ୍ୟ, ବଳିଦାନ ଓ
ପେୟ ନୈବେଦ୍ୟ ଉତ୍ସର୍ଗ କରିବା ଉଚିତ୍। ଏହା ତୁମ୍ଭେମାନେ
ପବିତ୍ର ସଭାରେ ଘୋଷଣା କରିବା ଉଚିତ୍। 38ତୁମ୍ଭେମାନେ
ସଦାପ୍ରଭୁଙ୍କ ବିଶ୍ରାମଦିନ ଛଡ଼ା, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଉତ୍ସର୍ଗୀକୃତ ଦାନ ଛଡ଼ା, ତୁମ୍ଭମାନଙ୍କର ସକଳ ମାନତ ଛଡ଼ା
ଓ ତୁମ୍ଭମାନଙ୍କ ସ୍ୱେଚ୍ଛାଦତ୍ତ ସକଳ ନୈବେଦ୍ୟ ଛଡ଼ା ଏହିସବୁ
ପର୍ବ ପାଳନ କରିବ।
39"ସପ୍ତମ ମାସର ପଞ୍ଚଦଶ ଦିନ ଯେତେବେଳେ ତୁମ୍ଭେମାନେ
ଭୂମିରୁ ଶସ୍ୟ ସଂଗ୍ରହ କରିସାରିବ ତୁମ୍ଭେମାନେ ସାତଦିନ ଯାଏ

ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅବଶ୍ୟ ପର୍ବ ପାଳନ କରବ।
ପ୍ରଥମ ଦନ ସ୍ୱତନ୍ତ୍ର ବଶ୍ରାମଦନ ହେବ ଓ ଅଷ୍ଟମ ଦନ ସ୍ୱତନ୍ତ୍ର
ବଶ୍ରାମଦନ ହେବ। **40**ଆଉ ତୁମ୍ଭେମାନେ ପ୍ରଥମ ଦନରେ
ଉତ୍ତମ ବୃକ୍ଷର ଫଳ, ବାତାପି ଗଛର ଗୋଟିଏ ପ୍ରକାର ଖର୍ଜୁର
ବାହୁଙ୍ଗା, ଗହଳଆ ବୃକ୍ଷର ଶାଖା ଓ ନଦୀ ତୀରସ୍ଥ ବାଇସୀ
ବୃକ୍ଷ ଘେନ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କ ସମ୍ମୁଖରେ
ସାତ ଦନ ଯାଏ ଆନନ୍ଦ କରବ। **41**ପୁଣି ତୁମ୍ଭେମାନେ
ପ୍ରତିବର୍ଷ ସାତ ଦନ ଧର ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ସେହ
ପର୍ବ ପାଳନ କରବ। ଏହା ତୁମ୍ଭମାନଙ୍କର ପୁରୁଷାନୁକ୍ରମେ
ପାଳନୀୟ ଅନନ୍ତକାଳୀନ ବ୍ୟବସ୍ଥା, ତୁମ୍ଭେମାନେ ସପ୍ତମ ମାସରେ
ତାହା ପାଳନ କରବ। **42**ତୁମ୍ଭେମାନେ ସାତଦନ ପତ୍ର
କୁଟୀରରେ ରହବ। ଇଶ୍ରାୟେଲ ବଂଶଧର ସମସ୍ତେ ପତ୍ର
କୁଟୀରରେ ବାସ କରବେ। **43**ଆମ୍ଭେ ଇଶ୍ରାୟେଲ ସନ୍ତାନଗଣଙ୍କୁ
ମିଶର ଦେଶରୁ ବାହାର କର ଆଣିବା ବେଳେ ସେମାନଙ୍କ
ପତ୍ର କୁଟୀରରେ ବାସ କରାଇଥିଲୁ ଏହା ତୁମ୍ଭମାନଙ୍କ ଭବଷ୍ୟତ
ବଂଶଧର ଜାଣିପାରବେ। ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ଅଟୁ।"

**44**ତହୁଁ ମୋଶା ଇଶ୍ରାୟେଲ ସନ୍ତାନଗଣଙ୍କୁ ସଦାପ୍ରଭୁଙ୍କ
ସମ୍ମାନାର୍ଥେ ସ୍ଥାପିତ ସମସ୍ତ ପର୍ବ ବଷୟରେ କହଲେ।

## ପ୍ରଦୀପ ରୁଖା ଓ ପବତ୍ର ରୋଟୀ

**24** ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହଲେ, **2**"ତୁମ୍ଭେ
ଇଶ୍ରାୟେଲ ସନ୍ତାନଗଣଙ୍କୁ ଏହ ଆଜ୍ଞା ଦଅ। ସେମାନେ
ପ୍ରତିଦନ ପ୍ରଦୀପ ଜ୍ୱଳନ ପାଇଁ ତୁମ୍ଭ ନକଟକୁ ନର୍ମଳ ଭାବେ
ପେଷା ଯାଇଥିବା ଜୀତ ତୈଳ ଆଣିବେ। **3**ହାରୋଣ ସମାଗମ
ତମ୍ବୁ ମଧ୍ୟରେ ନୟମ ସିନ୍ଦୁକ ବଚ୍ଛେଦବସ୍ତ୍ର ବାହାରେ ସନ୍ଧ୍ୟାଠାରୁ
ପ୍ରଭାତ ପର୍ଯ୍ୟନ୍ତ ସଦାପ୍ରଭୁଙ୍କ ସମ୍ମୁଖରେ ସର୍ବଦା ତାହା ସ୍ଥାପନ
କରବ। ଏହା ତୁମ୍ଭମାନଙ୍କର ବଂଶାନୁକ୍ରମେ ପାଳନୀୟ ଅନନ୍ତକାଳୀନ
ବ୍ୟବସ୍ଥା। **4**ହାରୋଣ ଶୁଦ୍ଧ ସୁବର୍ଣ୍ଣର ଦୀପରୁଖା ଉପରେ
ପ୍ରଦୀପ ରଖି ସଦାପ୍ରଭୁଙ୍କ ସମ୍ମୁଖରେ ସର୍ବଦା ଜଳାଇ ରଖିବ।

**5**"ଆଉ ତୁମ୍ଭେ ସରୁ ମଇଦା ନେଇ ତହିଁରେ ବାରଗୋଟି
ପିଠା ପ୍ରସ୍ତୁତ କରବ; ପ୍ରତ୍ୟେକ ପିଠା ଏକ ଐଫାର ଦୁଇ
ଦଶମାଂଶ ହେବ। **6**ସୁବର୍ଣ୍ଣ ମେଜ ଉପରେ ପ୍ରତି ଧାଡ଼ରେ
ଛଅ ଛଅ କର ଦୁଇ ଧାଡ଼ରେ ସେହସବୁ ପିଠାକୁ ସଦାପ୍ରଭୁଙ୍କ
ସମ୍ମୁଖରେ ରଖିବ। **7**ଆଉ ରୋଟୀ ପରବର୍ତ୍ତେ ସ୍ମରଣାର୍ଥକ
ନୈବେଦ୍ୟରୂପେ ପ୍ରତି ଧାଡ଼ର ଉପରେ ନର୍ମଳ ସୁବାସିତ
ଲୋବାନ୍ ଦେବ। **8**ଯାଜକ ପ୍ରତି ବଶ୍ରାମବାର ଦନ ସଦାପ୍ରଭୁଙ୍କ
ସମ୍ମୁଖରେ ରୋଟୀ ସବୁ ସମୟ ପାଇଁ ରଖିବ। ଇଶ୍ରାୟେଲ
ଲୋକମାନଙ୍କ ଦ୍ୱାରା ଏହା ଅନନ୍ତକାଳୀନ ବଧି ହେବା ଉଚତ୍।
**9**ସେହ ରୋଟୀ ହାରୋଣ ଓ ତାଙ୍କର ପୁତ୍ରଗଣଙ୍କର ହେବ।
ଆଉ ସେମାନେ ସେହ ରୋଟୀକୁ ଏକ ପବତ୍ରସ୍ଥାନରେ ଭକ୍ଷଣ
କରବା ଉଚତ୍। କାରଣ ସେଗୁଡକ ସଦାପ୍ରଭୁଙ୍କ ନୈବେଦ୍ୟର
ପବତ୍ର ଅଂଶ। ଏହ ରୋଟୀ ଚରଦନ ପାଇଁ ସେମାନଙ୍କର
ଅଂଶ ହେବ।"

## ଜଣେ ବ୍ୟକ୍ତ ଯିଏକ ପରମେଶ୍ୱରଙ୍କୁ ଶାପ ଦେଲା

**10**ଅନନ୍ତର ଜଣେ ମିଶରୀୟ ପୁରୁଷର ଔରସରେ
ଇଶ୍ରାୟେଲୀୟ ଜଣେ ସ୍ତ୍ରୀଠାରୁ ଜାତ ଏକ ଇଶ୍ରାୟେଲ ପୁତ୍ର;
ଇଶ୍ରାୟେଲୀୟମାନଙ୍କ ଛାଉଣୀ ଭିତରକୁ ଗଲା। ସେ ଛାଉଣୀରେ
ପ୍ରବେଶ କଲା ଓ ଜଣକ ସହତ କଳ କଲା। **11**ସେହ
ଇଶ୍ରାୟେଲୀୟ ସ୍ତ୍ରୀର ସନ୍ତାନ ସଦାପ୍ରଭୁଙ୍କ ନାମକୁ ନନ୍ଦାକର
ଅଭିଶାପ ଦେଲା। ତେଣୁ ଲୋକମାନେ ତାହାକୁ ମୋଶାଙ୍କ
ନକଟକୁ ଆଣିଲେ। ସେହ ଇଶ୍ରାୟେଲୀୟ ସ୍ତ୍ରୀର ନାମ
ଶଲୋମୀତ୍ ଓ ସେ ଦାନ ବଂଶୀୟ ଦବ୍ରିର କନ୍ୟା ଥିଲା।
**12**ପୁଣି ଲୋକମାନେ ସଦାପ୍ରଭୁଙ୍କ ମୁଖରୁ ଆଦେଶ ପାଇବା
ପର୍ଯ୍ୟନ୍ତ ତାକୁ ବନ୍ଦୀ କର ରଖିଲେ।

**13**ଅନନ୍ତର ସଦାପ୍ରଭୁ ମୋଶାଙ୍କୁ କହଲେ, **14**"ସଦାପ୍ରଭୁଙ୍କୁ
ଅଭିଶାପ ଦେଇଥିବା ଲୋକକୁ ଛାଉଣୀ ବାହାରକୁ ଆଣ; ପୁଣି
ଯେଉଁମାନେ ତା'ର କଥା ଶୁଣିଲେ, ସେମାନେ ସମସ୍ତେ
ଅଭିଶାପ ଦେଇଥିବା ବ୍ୟକ୍ତର ମସ୍ତକରେ ହାତ ଦଅନ୍ତୁ।
ତା'ପରେ ଲୋକମାନେ ତାକୁ ପଥର ମାର ହତ୍ୟା କରନ୍ତୁ।
**15**ଆଉ ତୁମ୍ଭେ ଇଶ୍ରାୟେଲର ସନ୍ତାନଗଣଙ୍କୁ କୁହ ଯେ କେହ
ଆପଣା ପରମେଶ୍ୱରଙ୍କୁ ଅଭିଶାପ ଦଏ, ସେ ଆପଣା ପାପ
ବହବ। **16**ଯେ କେହ ଆପଣା ସଦାପ୍ରଭୁଙ୍କ ନାମରେ ନନ୍ଦା
କରେ ସେ ଅବଶ୍ୟ ହତ ହେବ। ସମସ୍ତ ମଣ୍ଡଳୀ ତାହାକୁ
ପଥର ମାର ବଧ କରବେ। ବଦେଶୀ ହେଉ କ ସ୍ୱଦେଶୀ
ହେଉ, ସଦାପ୍ରଭୁଙ୍କୁ ନନ୍ଦାକଲେ ହତ ହେବ।

**17**"ଆଉ ଯେଉଁଲୋକ ଅନ୍ୟଲୋକଙ୍କୁ ହତ୍ୟା କରେ ସେ
ନଶ୍ଚୟ ହତ ହେବ। **18**ଯିଏ କେହ କୌଣସି ପଶୁକୁ ହତ୍ୟା
କରେ ସେ ମାରିଥିବା ପଶୁର ପ୍ରାଣ ଫେରାଇ ଆଣି ତା'ର
କ୍ଷତିପୂରଣ ଦେବ।

**19**"ଯଦ କୌଣସି ବ୍ୟକ୍ତ ନଜ ପ୍ରତିବେଶୀକୁ ଆଘାତ
କରେ, ତେବେ ସମପରମାଣର ଆଘାତ ସେହ ଲୋକକୁ
ଦଆଯିବ। **20**କ୍ଷତ ବଦଳରେ କ୍ଷତ, ଚକ୍ଷୁ ବଦଳରେ ଚକ୍ଷୁ,
ଦାନ୍ତ ବଦଳରେ ଦାନ୍ତ, ମନୁଷ୍ୟ ଶରୀରରେ ଯିଏ ଯେଉଁପର
ଆଘାତ କରଅଛ ତାହାପ୍ରତି ସେହ ପ୍ରକାର ଆଘାତ କରାଯିବ।
**21**ଜଣେ ଯଦ ପଶୁ ବଧ କରେ, ତେବେ ସେ ତାହାର
ପରଶୋଧ କରବ, ମାତ୍ର ଜଣେ ଲୋକ ଯଦ ଅନ୍ୟ ଜଣେ
ଲୋକକୁ ହତ୍ୟା କରେ, ତେବେ ସେ ହତ ହେବ।

**22**"ବଦେଶୀ ହେଉ କ ସ୍ୱଦେଶୀ ହେଉ, ସେମାନଙ୍କ
ନମନ୍ତେ ତୁମ୍ଭମାନଙ୍କର ସମାନ ବ୍ୟବସ୍ଥା ହେବ। କାରଣ
ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଅଟୁ।"

**23**ତା'ପରେ ମୋଶା ଇଶ୍ରାୟେଲ ସନ୍ତାନଗଣଙ୍କୁ କହବାରୁ
ସେମାନେ ଅଭିଶାପ ଦେଇଥିବା ଲୋକକୁ ଛାଉଣୀ ବାହାରକୁ
ଆଣିଲେ, ତହୁଁ ଲୋକମାନେ ତାକୁ ପଥର ମାର ବଧ
କଲେ। ଇଶ୍ରାୟେଲ ସନ୍ତାନଗଣ ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କ
ଆଜ୍ଞା ଅନୁସାରେ କର୍ମ କଲେ।

## ଭୂମି ବଶ୍ରାମର ସମୟ

**25** ଅନନ୍ତର ସଦାପ୍ରଭୁ ସୀନୟ ପର୍ବତରେ ମୋଶାଙ୍କୁ
କହଲେ, **2**"ତୁମ୍ଭେ ଇଶ୍ରାୟେଲ ସନ୍ତାନଗଣଙ୍କୁ କୁହ,
ଆମ୍ଭେ ତୁମ୍ଭମାନଙ୍କୁ ଯେଉଁ ଦେଶ ଦେବା, ତୁମ୍ଭେମାନେ ସେହ
ଦେଶରେ ପ୍ରବେଶ କଲେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୂମି
ବଶ୍ରାମ କରବ। **3**ଛଅବର୍ଷ ପର୍ଯ୍ୟନ୍ତ ତୁମ୍ଭେମାନେ ନଜ ନଜ

କ୍ଷେତ୍ରରେ ବୀଜ ବୁଣିବ ଓ ଛଅବର୍ଷ ପର୍ଯ୍ୟନ୍ତ ତୁମ୍ଭେମାନେ
ନିଜ ଦ୍ରାକ୍ଷାଲତା ଛାଡ଼ିବ ଓ ତହିଁର ଫଳ ସଂଗ୍ରହ କରିବ।
**4**ମାତ୍ର ସପ୍ତମ ବର୍ଷରେ ଭୂମିକୁ ତୁମ୍ଭେମାନେ ବିଶ୍ରାମ ଦେବ।
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହା ମହାବିଶ୍ରାମ ହେବ। ତୁମ୍ଭେମାନେ
ନିଜ କ୍ଷେତ୍ରରେ ବୀଜ ବୁଣିବ ନାହିଁ କି ନିଜ ଦ୍ରାକ୍ଷାଲତା
ଛାଡ଼ିବ ନାହିଁ। **5**ଯେଉଁ ଶସ୍ୟ ତୁମ୍ଭ କ୍ଷେତ୍ରରେ ଆପେ
ହୋଇଥିବ, ତାକୁ ତୁମ୍ଭେମାନେ କାଟିବ ନାହିଁ କିମ୍ବା ତୁମ୍ଭ
ଅଛଡ଼ା ଦ୍ରାକ୍ଷାଲତାର ଫଳ ସଂଗ୍ରହ କରିବ ନାହିଁ। ତାହା
ଭୂମିର ମହାବିଶ୍ରାମ ବର୍ଷ ହେବ।

**6**"ଯଦିଓ ଭୂମି ପାଇଁ ବିଶ୍ରାମ ଅଟେ, ତୁମ୍ଭମାନଙ୍କ ପାଇଁ
ଖାଦ୍ୟର ଅଭାବ ହେବ ନାହିଁ। ତୁମ୍ଭ ଦାସମାନଙ୍କର, ତୁମ୍ଭ
ବର୍ତ୍ତନଜୀବୀମାନଙ୍କର ଓ ତୁମ୍ଭ ସହବାସୀ ବିଦେଶୀମାନଙ୍କର
ଭକ୍ଷ୍ୟର ଅଭାବ ହେବ ନାହିଁ। ତେଣୁ ତୁମ୍ଭମାନଙ୍କର କାହାରି
ଖାଦ୍ୟର ଅଭାବ ରହିବ ନାହିଁ। **7**ଆଉ ତୁମ୍ଭମାନଙ୍କର ପଶୁର
ଓ ଅନ୍ୟାନ୍ୟ ବନପଶୁମାନଙ୍କ ନିମନ୍ତେ ପ୍ରଚୁର ଖାଦ୍ୟ ହେବ।

## ଯୋବେଲ-ମୁକ୍ତିର ବର୍ଷ

**8**"ଆଉ ତୁମ୍ଭେ ନିଜ ପାଇଁ ସାତ ବିଶ୍ରାମ ବର୍ଷ, ଅର୍ଥାତ୍
ସାତଗୁଣ ସାତବର୍ଷ ଗଣନା କରିବ, ତାହା ଦ୍ୱାରା ସେହି
ସାତଗୁଣ ସାତବର୍ଷର ସମୟ ତୁମ୍ଭ ପାଇଁ ଅଣଚାଶ ବର୍ଷ
ହେବ। **9**ତହୁଁ ସପ୍ତମ ମାସର ଦଶମ ଦିନରେ ତୁମ୍ଭେ
ମହାଶବ୍ଦକାରୀ ତୂରୀ ବଜାଇବ, ପ୍ରାୟଶ୍ଚିତ୍ତ ଦିନରେ ତୁମ୍ଭେମାନେ
ନିଜର ସମଗ୍ର ଦେଶରେ ତୂରୀ ବଜାଇବ। **10**ପୁଣି ତୁମ୍ଭେ
ପଚାଶତମ ବର୍ଷକୁ ପବିତ୍ରରୂପେ ବିବେଚନା କରିବ। ସମୁଦାୟ
ଦେଶରେ ପ୍ରତ୍ୟେକ ବାସିନ୍ଦାମାନଙ୍କ ପ୍ରତି ମୁକ୍ତି ଘୋଷଣା
କରିବ। ତାହା ତୁମ୍ଭମାନଙ୍କ ନିମନ୍ତେ ଯୋବେଲ (ମହୋଲ୍ଲାସ-
ଉତ୍ସବ) ହେବ। ତୁମ୍ଭେମାନେ ସମସ୍ତେ ନିଜ ନିଜର ସମ୍ପତ୍ତି
ନିକଟକୁ ଫେରିଯିବ ଓ ପ୍ରତ୍ୟେକ ନିଜନିଜ ବଂଶ ନିକଟକୁ
ଫେରିଯିବେ। **11**ସେହି ପଚାଶତମ ବର୍ଷ ବ୍ୟାପି ତୁମ୍ଭମାନଙ୍କ
ନିମନ୍ତେ ଯୋବେଲ ହେବ। ତୁମ୍ଭେମାନେ କ୍ଷେତ୍ରରେ ଶସ୍ୟ
ବୁଣିବ ନାହିଁ କିମ୍ବା ଆପେ ବଢ଼ିଥିବା ଶସ୍ୟ କାଟିବ ନାହିଁ ଓ
ଅଛଡ଼ା ଦ୍ରାକ୍ଷାଲତାର ଫଳ ସଂଗ୍ରହ କରିବ ନାହିଁ। **12**କାରଣ
ସେହି ବର୍ଷ ମହୋଲ୍ଲାସ-ଉତ୍ସବ ଅଟେ, ତାହା ତୁମ୍ଭମାନଙ୍କ
ପ୍ରତି ପବିତ୍ର ହେବ। ତଥାପି ତୁମ୍ଭେମାନେ କ୍ଷେତ୍ରୋତ୍ପନ୍ନ
ଶସ୍ୟାଦି ଖାଇ ପାରିବ। **13**ସେ ମହୋଲ୍ଲାସ-ଉତ୍ସବ ବର୍ଷରେ
ପ୍ରତ୍ୟେକ ନିଜ ନିଜ ଅଧିକାରକୁ ଫେରିଯିବା ଉଚିତ୍।

**14**"ତୁମ୍ଭେ ଯେତେବେଳେ ତୁମ୍ଭର ପ୍ରତିବେଶୀ ନିକଟରେ
ଜମି ବିକ୍ରୟ କରିବ, ସେତେବେଳେ ତାହା ସହିତ କୌଣସି
ପ୍ରତାରଣା କର ନାହିଁ। ପୁଣି ଯେତେବେଳେ କିଣିବ, ତେବେ
ତା' ପ୍ରତି ଅନ୍ୟାୟ କରିବ ନାହିଁ। **15**ତୁମ୍ଭେ ମହୋଲ୍ଲାସ-ଉତ୍ସବ
ପରବର୍ଷର ସଂଖ୍ୟା ଅନୁସାରେ ଆପଣା ପ୍ରତିବେଶୀଠାରୁ କିଣିବ
ଓ ଫଳ-ଉତ୍ପତ୍ତି ବର୍ଷର ସଂଖ୍ୟା ଅନୁସାରେ ସେ ତୁମ୍ଭଠାରେ
ବିକ୍ରୟ କରିବ। **16**ତୁମ୍ଭେ ମହୋଲ୍ଲାସ-ଉତ୍ସବ ବର୍ଷର ଆଧିକ୍ୟ
ଅନୁସାରେ ତହିଁର ମୂଲ୍ୟ ବୃଦ୍ଧି କରିବ ଓ ବର୍ଷର ନ୍ୟୁନତା
ଅନୁସାରେ ମୂଲ୍ୟ ଊଣା କରିବ; କାରଣ ସେ ତୁମ୍ଭକୁ ବର୍ଷର
ସଂଖ୍ୟା ଅନୁସାରେ ଭୂମି ଜାତ ଦ୍ରବ୍ୟ ବିକ୍ରୟ କରିବ।
**17**ତୁମ୍ଭେମାନେ ପରସ୍ପର ପ୍ରତି ଅନ୍ୟାୟ କରିବ ନାହିଁ। କିନ୍ତୁ
ଆପଣା ପରମେଶ୍ୱରଙ୍କୁ ଭୟ କରିବ, କାରଣ ଆମ୍ଭେ ସଦାପ୍ରଭୁ
ତୁମ୍ଭମାନଙ୍କର ପରମେଶ୍ୱର ଅଟୁ।

**18**"ଆମ୍ଭର ବ୍ୟବସ୍ଥା ଅନୁସାରେ ଆଚରଣ କରିବ ଓ
ଆମ୍ଭର ଶାସନ ସକଳ ମାନିବ ଓ ପାଳନ କରିବ। ତାହା
ହେଲେ ତୁମ୍ଭେମାନେ ଦେଶରେ ନିର୍ଭୟରେ ବାସ କରିପାରିବ।
**19**ପୁଣି ଭୂମିରେ ପ୍ରଚୁର ଶସ୍ୟ ଉତ୍ପନ୍ନ ହେବ। ତୁମ୍ଭେମାନେ
ତୃପ୍ତିରେ ଭୋଜନ କରିବ ଓ ଦେଶରେ ନିର୍ଭୟରେ ବାସ
କରିବ।

**20**"ତୁମ୍ଭେମାନେ କହିପାର, 'ଆମ୍ଭେମାନେ ତ ବୁଣିବୁ
ନାହିଁ, କି ଉତ୍ପନ୍ନ ଫଳ ସଂଗ୍ରହ କରିବୁ ନାହିଁ, ତେବେ
ଆମ୍ଭେମାନେ ସପ୍ତମ ବର୍ଷରେ କ'ଣ ଖାଇବୁ।' **21**ସେଥିପାଇଁ
ତୁମ୍ଭେମାନେ ବ୍ୟସ୍ତ ହୁଅ ନାହିଁ, ଆମ୍ଭେ ଷଷ୍ଠ ବର୍ଷରେ
ତୁମ୍ଭମାନଙ୍କ ଉପରେ ଆଶୀର୍ବାଦ ଆଜ୍ଞା କରିବା ତହିଁରେ ତାହା
ତିନିବର୍ଷର ଅମଳ ଦେବ। **22**ତୁମ୍ଭେମାନେ ଅଷ୍ଟମ ବର୍ଷରେ
ଯେତେବେଳେ ବୁଣିବ ସେତେବେଳେ ତୁମ୍ଭେମାନେ ପୁରାତନ
ଶସ୍ୟ ଖାଉଥିବ। ତୁମ୍ଭେମାନେ ନବମବର୍ଷ ଫଳ ଉତ୍ପନ୍ନ ହେବା
ପର୍ଯ୍ୟନ୍ତ ସେହି ପୁରାତନ ଶସ୍ୟ ଖାଇବ।

## ଭୂସମ୍ପତ୍ତି ଆଇନ

**23**"ଭୂମି ଆମ୍ଭର, ତୁମ୍ଭେ ସବୁଦିନ ପାଇଁ ତାକୁ ବିକ୍ରୟ
କରିପାରିବ ନାହିଁ। ତୁମ୍ଭେମାନେ କେବଳ ଆମ୍ଭସହିତ ବାସ
କରୁଥିବା ବିଦେଶୀ ଓ ପ୍ରବାସୀ ଅଟ। **24**ଲୋକମାନେ
ସେମାନଙ୍କର ଭୂମି ବିକ୍ରୟ କରିପାରନ୍ତି, ମାତ୍ର ପରିବାର ସେହି
ଜମି ସର୍ବଦା ଫେରିପାଇବେ। **25**ଯଦି ତୁମ୍ଭର ଭ୍ରାତା ଅତି
ଦରିଦ୍ର ହୋଇ ନିଜର ଭୂମି ବିକ୍ରୟ କରେ ତେବେ ତାହାର
ମୁକ୍ତିକର୍ତ୍ତା ନିକଟ ସଂପର୍କୀୟ ଆସି ନିଜର ଭ୍ରାତାର ବିକ୍ରୀତ
ଭୂମି ମୁକ୍ତ କରିନେବ। **26**ଯଦି ସେହି ବ୍ୟକ୍ତିର ନିକଟ
ସଂପର୍କୀୟ କେହି ତା'ର ଭୂମି ମୁକ୍ତ କରିବାକୁ ନ ଥାଏ,
ତେବେ ସେ ନିଜେ ଅଧିକ ଧନ ଲାଭ କଲାପରେ ତା'ର
ଭୂମି ମୁକ୍ତ କରିବ। **27**ସେ ଭୂମି ବିକ୍ରୀ ହେଲା ବର୍ଷର ଗଣନା
କରୁ ଓ ତଦନୁସାରେ ଅତିରିକ୍ତ ମୂଲ୍ୟ କ୍ରୟକର୍ତ୍ତାକୁ ଫେରାଇ
ଦେଉ। ତହିଁରେ ସେ ପୁନର୍ବାର ନିଜର ଅଧିକାର ଫେରି
ପାଇବ। **28**ଯେବେ ସେ ଲୋକ ନିଜର ଅଧିକାର ଫେରାଇ
ନେବାକୁ ଯଥେଷ୍ଟ ଅର୍ଥ ନ ପାଏ, ତେବେ ସେ ଯାହା ବିକ୍ରୟ
କରିଅଛି ତାହା ମହୋଲ୍ଲାସ-ଉତ୍ସବ ବର୍ଷ ପର୍ଯ୍ୟନ୍ତ କ୍ରୟକର୍ତ୍ତା
ହସ୍ତରେ ରହିବ। ପୁଣି ତାହା ମହୋଲ୍ଲାସ-ଉତ୍ସବ ସମୟରେ
ମୁକ୍ତ ହେବ ଓ ପୁନର୍ବାର ସେ ପ୍ରକୃତ ଲୋକର ଅଧିକାରକୁ
ଫେରିଯିବ।

**29**"ଆଉ ଯଦି କେହି ପ୍ରାଚୀର ବେଷ୍ଟିତ ନଗରର
ମଧ୍ୟବର୍ତ୍ତୀ ବାସଗୃହ ବିକ୍ରୟ କରେ, ତେବେ ସେ ବିକ୍ରୟ
ବର୍ଷର ଶେଷ ପର୍ଯ୍ୟନ୍ତ ତାହା ମୁକ୍ତ କରିପାରିବ। ପୂର୍ଣ୍ଣ ଏକ
ବର୍ଷ ମଧ୍ୟରେ ତାହା ମୁକ୍ତ କରିବାର ଅଧିକାର ରହିବ।
**30**ଯଦି ନଗରରେ ସେହି ଗୃହଟିର ଚାରିପଟେ ପ୍ରାଚୀର
ବେଷ୍ଟିତ ହୋଇଥାଏ, ତେବେ ପଞ୍ଜିକା ବର୍ଷ ସମ୍ପୂର୍ଣ୍ଣ ହେଲେ
ମଧ୍ୟ ତାହା ବିକ୍ରେତା ବ୍ୟକ୍ତିକୁ ମିଳିବ ନାହିଁ। ସବୁଦିନ ପାଇଁ
ଏହି ଗୃହଟି କ୍ରୟ କର୍ତ୍ତାର ହୋଇ ରହିବ। ମହୋଲ୍ଲାସ-ଉତ୍ସବ
ବର୍ଷରେ ମଧ୍ୟ ତାହା ମୁକ୍ତ ହୋଇପାରିବ ନାହିଁ। **31**ମାତ୍ର

ଗ୍ରାମଗୁଡକର ଗୃହମାନ ପ୍ରାଚୀର ଦ୍ୱାରା ଘେରାଇ ହୋଇନାହିଁ।
ସେହ ନର୍ମିତ ଗୃହ ମହୋଲ୍ଲାସ-ଉତ୍ସବ ସମୟରେ ପ୍ରଥମ
ବକ୍ରେତା ନକଟକୁ ଫେରଯିବ।

32“ମାତ୍ର ଲେବୀୟମାନଙ୍କର ନଗରମାନ, ସେଠାରେ ଥିବା
ଗୃହସବୁ ମୁକ୍ତ କରବାର ଅଧିକାର ସେମାନଙ୍କ ପକ୍ଷରେ
ଅନନ୍ତକାଳସ୍ଥାୟୀ ହେବ। 33ଯଦ କେହ ଲେବୀୟଠାରୁ ଏକ
ଗୃହ କ୍ରୟ କରେ ତେବେ ସେହ ବକ୍ରୀତ ଗୃହ ଓ ତାହାର
ଅଧିକୃତ ନଗର ମହୋଲ୍ଲାସ-ଉତ୍ସବ ସମୟରେ ମୁକ୍ତ ହେବ,
କାରଣ ଇଶ୍ରାୟେଲୀୟ ମଧରେ ଲେବୀୟମାନଙ୍କ ଗୃହସବୁ
ସେମାନଙ୍କର ଅଟେ। 34ମାତ୍ର ଲେବୀୟମାନଙ୍କ ନଗରର
ଚାରପାଖରେ ଥିବା କ୍ଷେତ୍ର ଓ ପ୍ରାନ୍ତର ଭୂମି ବକ୍ରୟ କରାଯିବ
ନାହିଁ, କାରଣ ତାହା ସେମାନଙ୍କର ଅନନ୍ତକାଳୀନ ଅଧିକାର।

## କ୍ରୀତଦାସ ମାଲକଙ୍କ ପାଇଁ ନୟମ

35“ଆଉ ଯେବେ ତୁମ୍ଭର ଭାଇ ଦରଦ୍ର ହୋଇଯାଏ ଓ
ଜୀବକା ନର୍ବାହ ପାଇଁ ଅକ୍ଷମ ହୁଏ, ତେବେ ତୁମ୍ଭେ ତାହାକୁ
ରଖିବ; ସେ ବଦେଶୀ ଓ ପ୍ରବାସୀ ପର ତୁମ୍ଭ ସହତ ଜୀବନ
ଧାରଣ କରବ। 36ତୁମ୍ଭେ ତା'ଠାରୁ ଋଣ ବାବଦରେ କୌଣସି
ସୁଧ ନେବ ନାହିଁ। ମାତ୍ର ଆପଣା ପରମେଶ୍ୱରଙ୍କୁ ଭୟ କର
ଏବଂ ତୁମ୍ଭର ଭାଇକୁ ତୁମ୍ଭ ସହତ ଜୀବନଧାରଣ କରବାକୁ
ଦଅ। 37ତାକୁ ଟଙ୍କା ଧାର ଦେଇ ତା'ଠାରୁ ସୁଧ ଆଦାୟ
କର ନାହିଁ। ଆଉ ତାକୁ ଅନ୍ନ ଦେଇ ତା'ଠାରୁ ଲାଭ ଗ୍ରହଣ
କର ନାହିଁ। 38ଯେ ତୁମ୍ଭର ପରମେଶ୍ୱର ଓ ତୁମ୍ଭମାନଙ୍କୁ
କଣାନ ଦେଶ ଦେବା ନମନ୍ତେ ମିଶର ଦେଶରୁ ବାହାର କର
ଆଣିଲେ, ସେହ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଆମ୍ଭେ
ଅଟୁ।

39“ଆଉ ଯଦ ତୁମ୍ଭର ଭାଇ ଦରଦ୍ର ହୋଇଥାଏ ଓ ତୁମ୍ଭ
ନକଟରେ ନଜକୁ ବକ୍ରୟ କରେ, ତେବେ ତୁମ୍ଭେ ତାହାକୁ
ବନ୍ଧା ଦାସପର ପରଶ୍ରମ କରାଇବ ନାହିଁ। 40ସେ ବର୍ତ୍ତନଜୀବୀ
ଓ ପ୍ରବାସୀ ପର ତୁମ୍ଭ ସହତ ବାସ କରବ ଓ ମହୋଲ୍ଲାସ-ଉତ୍ସବ
ବର୍ଷ ପର୍ଯ୍ୟନ୍ତ ତୁମ୍ଭର ଦାସ୍ୟକର୍ମ କରବ। 41ତା'ପରେ ସେ
ନଜର ସନ୍ତାନଗଣଙ୍କ ସହତ ତୁମ୍ଭଠାରୁ ମୁକ୍ତ ହୋଇ ନଜ
ବଂଶ ନକଟକୁ ଓ ତାହାର ପୂର୍ବପୁରୁଷଙ୍କ ଅଧିକାରକୁ ଫେରଯିବ।
42କାରଣ ସେମାନେ ଆମ୍ଭର ଦାସ, ଆମ୍ଭେ ସେମାନଙ୍କୁ ମିଶର
ଦେଶରୁ ବାହାର କର ଆଣିଅଛୁ। ସେମାନେ ପୁନର୍ବାର ଆଉ
କ୍ରୀତଦାସ ହେବେ ନାହିଁ। 43ତୁମ୍ଭେ ତାକୁ ଜଣେ ନଷ୍ଠୁର
ସ୍ୱାମୀରୂପେ ବ୍ୟବହାର କରବ ନାହିଁ। ତୁମ୍ଭେ ତୁମ୍ଭର ପରମେଶ୍ୱରଙ୍କୁ
ଭକ୍ତ କରବ।

44“ଯଦ ତୁମ୍ଭର କ୍ରୀତଦାସ କମ୍ବା କ୍ରୀତଦାସୀ ଦରକାର
ହୁଏ, ତେବେ ତୁମ୍ଭ ଚତୁର୍ଦ୍ଦିଗସ୍ଥ ଅନ୍ୟଦେଶୀୟମାନଙ୍କଠାରୁ କ୍ରୀତ
ଦାସଦାସୀ କଣିବ। 45ଯେଉଁ ପ୍ରବାସୀ ବଦେଶୀମାନେ ତୁମ୍ଭ
ସହତ ବାସ କରୁଛନ୍ତ ଏବଂ ସେମାନଙ୍କର ପରବାରର ସଭ୍ୟ
ତୁମ୍ଭ ଦେଶରେ ଜନ୍ମନ୍ତ, ସେମାନଙ୍କ ସନ୍ତାନମାନଙ୍କୁ ତୁମ୍ଭେ
କିଣିପାରବ। ସେମାନେ ତୁମ୍ଭର କ୍ରୀତଦାସ ଓ କ୍ରୀତଦାସୀ
ହେବେ। 46ତୁମ୍ଭେମାନେ ନଜ ଅନ୍ତେ ଆପଣା ଭବଷ୍ୟତ
ସନ୍ତାନଗଣ ଅଧିକାର ନମନ୍ତେ ପୈତୃକ ସମ୍ପତ୍ତିରୂପେ ସେମାନଙ୍କୁ
ଦେଇପାରବ। ସେମାନେ ତୁମ୍ଭମାନଙ୍କର ଓ ତୁମ୍ଭର ପରବାରର
ସବୁଦନ ପାଇଁ ଦାସ ହୋଇ ରହବେ। ମାତ୍ର ତୁମ୍ଭେମାନେ
ନଜ ଭ୍ରାତା ଇଶ୍ରାୟେଲ ଲୋକମାନଙ୍କ ଉପରେ କଠୋର
କର୍ତ୍ତୃତ୍ୱ କରବ ନାହିଁ।

47“ଆଉ ଯଦ ତୁମ୍ଭମାନଙ୍କ ମଧରେ କେହ ପ୍ରବାସୀ କ
ବଦେଶୀ ଧନୀ ହୋଇଯାଏ ଓ ତୁମ୍ଭର ସ୍ୱଦେଶୀ ଲୋକ
ଦରଦ୍ର ହୋଇଯାଏ, ଆଉ ସେହ ବଦେଶୀ ବା ପ୍ରବାସୀ
ନକଟରେ ସେ ନଜକୁ ବକ୍ରୀ କରେ, 48ତେବେ ସେ ବ୍ୟକ୍ତ
ପରେ ମୁକ୍ତ ହୋଇପାରବ। ତାହାର ଜ୍ଞାତ ମଧରୁ କେହ
ତାକୁ ମୁକ୍ତ କରପାରବ। 49ତାହାର କକା କମ୍ବା କକାର ପୁତ୍ର
ତାକୁ ମୁକ୍ତ କରପାରବ। ଆଉ ତା'ର ବଂଶଜାତ ନକଟବର୍ତ୍ତୀ
କୌଣସ ଜ୍ଞାତ ତାକୁ ମୁକ୍ତ କରପାରବ କମ୍ବା ତାହାର
ସ୍ୱହସ୍ତରେ ଅଧିକ ଧନ ହେଲେ ସେ ନଜକୁ ମଧ ମୁକ୍ତ
କରପାରବ।

50“ତହିଁରେ ତାହାର ବକ୍ରୟ ବର୍ଷଠାରୁ ମହୋଲ୍ଲାସ-ଉତ୍ସବ
ବର୍ଷ ପର୍ଯ୍ୟନ୍ତ ସେ କ୍ରୟକର୍ତ୍ତା ସହତ ଗଣନା କରବ, ପୁଣି
ବକ୍ରୟ ବର୍ଷର ସଂଖ୍ୟା ଅନୁସାରେ ତାହାର ମୂଲ୍ୟ ହେବ;
ବର୍ତ୍ତନଜୀବୀର ଦନ ତୁଲ୍ୟ ତାହାର ଦାସତ୍ୱ ହେବ। 51ଯେବେ
ମହୋଲ୍ଲାସ-ଉତ୍ସବ ବର୍ଷକୁ ଅନେକ ବର୍ଷ ବାକଥାଏ ତେବେ
କ୍ରୟ ମୂଲ୍ୟର ଏକ ବଡ ଅଂଶ ତାକୁ ଫେରାଇ ଦେବ।
52ଯଦ ମହୋଲ୍ଲାସ-ଉତ୍ସବ ବର୍ଷ ପର୍ଯ୍ୟନ୍ତ ଅଳ୍ପ ବର୍ଷ ବାକ
ଥାଏ, ତେବେ ତାହା ସହତ ସେ ଗଣନା କରବ, ସେହ ବର୍ଷ
ଅନୁସାରେ ସେ ଆପଣା କ୍ରୟ ମୂଲ୍ୟର ଏକ ଛୋଟ ଅଂଶ
ତାକୁ ଫେରାଇ ଦେବ। 53ମାତ୍ର ସେହ ବ୍ୟକ୍ତ ତା' ସହତ
ଜଣେ କ୍ଷଣସ୍ଥାୟୀ ଘରୋଇ ସାହାଯ୍ୟକାରୀ ହସାବରେ ରହବ।
ତୁମ୍ଭ ସାକ୍ଷାତରେ ତାହା ଉପରେ କେହ କଠୋର କର୍ତ୍ତୃତ୍ୱ
କରପାରବେ ନାହିଁ।

54“ଯଦ ତାକୁ କେହ ମୁକ୍ତ ନକରେ, ତେବେ ସେ
ଆପଣା ସନ୍ତାନଗଣ ସହ ମହୋଲ୍ଲାସ-ଉତ୍ସବ ବର୍ଷରେ ମୁକ୍ତ
ହୋଇ ବାହାର ଯିବ। 55କାରଣ ଇଶ୍ରାୟେଲ ସନ୍ତାନଗଣ
ଆମ୍ଭର ଦାସ। ଆମ୍ଭେ ସେମାନଙ୍କୁ ମିଶର ଦେଶରୁ ଦାସତ୍ୱରୁ
ବାହାର କର ଆଣିଅଛୁ। ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ଅଟୁ।

## ପରମେଶ୍ୱରଙ୍କୁ ମାନ ଚଳବାର ପୁରସ୍କାର

26 “ତୁମ୍ଭେମାନେ ନଜ ପାଇଁ ଦେବମୂର୍ତ୍ତି ନର୍ମାଣ କରବ
ନାହିଁ। କମ୍ବା ନଜ ପାଇଁ ଖୋଦତ ପ୍ରତମା କ ସ୍ତମ୍ଭ
ସ୍ଥାପନ କରବ ନାହିଁ, ଆଉ ତାହା ନକଟରେ ଦଣ୍ଡ ପ୍ରଣାମ
କରବା ନମନ୍ତେ ତୁମ୍ଭମାନଙ୍କ ଦେଶର କୌଣସ ଖୋଦତ
ପ୍ରସ୍ତର ରଖିବ ନାହିଁ। କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର
ପରମେଶ୍ୱର ଅଟୁ।

2“ତୁମ୍ଭେମାନେ ଆମ୍ଭର ସ୍ୱତନ୍ତ୍ର ବଶ୍ରାମଦବସ ପାଳନ
କରବ ଓ ଆମ୍ଭର ପବତ୍ରସ୍ଥାନକୁ ସମ୍ମାନ କରବ, ଆମ୍ଭେ
ସଦାପ୍ରଭୁ ଅଟୁ।

3“ତୁମ୍ଭେ ଯଦ ତାହା କର, ତେବେ ମୋର କରୁଣା ଦୃଷ୍ଟି
ପାଇବ। ଦରକାର ଅନୁସାରେ ତୁମ୍ଭେ ବୃଷ୍ଟି ପାଇବ। ଆମ୍ଭର
ସମସ୍ତ ବ୍ୟବସ୍ଥା ଓ ଆଜ୍ଞା ପାଳନ କର ଓ ମାନ ଚଳ।
4ଯଦ ତୁମ୍ଭେ ତାହା କର, ମୁଁ ଠିକ୍ ଋତୁରେ ବର୍ଷା କରବ,

ଆଉ ତୁମ୍ଭେମାନେ ସର୍ବଦା ମୋର କରୁଣା ପାଇବ ଏବଂ
ତୁମ୍ଭମାନଙ୍କର ଦରକାର ଅନୁସାରେ ତୁମ୍ଭେମାନେ ବୃଷ୍ଟି ପାଇ
ପାରିବ। ଭୂମି ଯଥେଷ୍ଟ ଶସ୍ୟ ଉତ୍ପନ୍ନ କରିବ ଓ ବୃକ୍ଷଗୁଡ଼ିକ
ପ୍ରଚୁର ଫଳଧାରଣ କରିବେ। **5**ଆଉ ତୁମ୍ଭମାନଙ୍କର ଶସ୍ୟମର୍ଦ୍ଦନ
କାଳ ଦ୍ରାକ୍ଷାସଂଗ୍ରହକାଳ ପର୍ଯ୍ୟନ୍ତ ଚାଲିବ ଓ ଦ୍ରାକ୍ଷାସଂଗ୍ରହ କାଳ
ବୀଜବପନ କାଳ ପର୍ଯ୍ୟନ୍ତ ଲାଗିବ, ପୁଣି ତୁମ୍ଭେମାନେ ତୃପ୍ତ
ହେବା ପର୍ଯ୍ୟନ୍ତ ଅନ୍ନ ଭୋଜନ କରିବ ଓ ନିରାପଦରେ
ଆପଣା ଦେଶରେ ବାସ କରିବ। **6**ଆମ୍ଭେ ଦେଶର ଶାନ୍ତି
ସ୍ଥାପନ କରିବା, ତୁମ୍ଭେମାନେ ଶୟନ କଲାବେଳେ କେହି
ତୁମ୍ଭମାନଙ୍କୁ ଭୟ ଦେଖାଇବେ ନାହିଁ। ପୁଣି ଆମ୍ଭେ ହିଂସ୍ରଜନ୍ତୁମାନଙ୍କୁ
ଦେଶରୁ ଦୂରେଇ ଦେବା ଏବଂ ତୁମ୍ଭ ଦେଶରେ ଶତ୍ରୁ ପ୍ରବେଶ
କରିପାରିବ ନାହିଁ।

**7**"ତୁମ୍ଭେମାନେ ତୁମ୍ଭମାନଙ୍କ ଶତ୍ରୁଙ୍କୁ ଘଉଡାଇ ଦେବ।
ସେମାନେ ତୁମ୍ଭମାନଙ୍କର ଖଡ୍ଗରେ ଧରାଶାୟୀ ହେବେ। **8**ତୁମ୍ଭମାନଙ୍କ
ମଧ୍ୟରୁ ପାଞ୍ଚ ଜଣ ଶତ୍ରୁ ପକ୍ଷରୁ ଶହେ ଲୋକଙ୍କୁ ଘଉଡ଼ାଇ
ଦେବେ ଓ ଶହେ ଜଣ ଦଶସହସ୍ର ଜଣଙ୍କୁ ଘଉଡ଼ାଇ
ଦେବେ। ତୁମ୍ଭମାନଙ୍କ ଖଡ୍ଗରେ ତୁମ୍ଭମାନଙ୍କର ଶତ୍ରୁର ବିନାଶ
ଘଟିବ।

**9**"ଆଉ ଆମ୍ଭେ ତୁମ୍ଭମାନଙ୍କ ପ୍ରତି ପ୍ରସନ୍ନ ହେବା,
ତୁମ୍ଭମାନଙ୍କୁ ପ୍ରଜାବନ୍ତ ଓ ବହୁବଂଶ କରିବା, ଆଉ ତୁମ୍ଭମାନଙ୍କ
ସହିତ ଆପଣା ନିୟମ ସ୍ଥିର କରିବା। **10**ତୁମ୍ଭେମାନେ ବହୁକାଳ
ପର୍ଯ୍ୟନ୍ତ ପୁରାତନ ଶସ୍ୟକୁ ଭୋଜନ କରିବ। ପୁଣି ନୂତନ
ଶସ୍ୟ ଅମଳ ବେଳକୁ ରଖିବା ପାଇଁ ପୁରାତନ ଶସ୍ୟକୁ
ବାହାର କରିବ। **11**ଆମ୍ଭେ ଆମ୍ଭର ପବିତ୍ର ତମ୍ବୁ ତୁମ୍ଭମାନଙ୍କ
ମଧ୍ୟରେ ସ୍ଥାପନ କରିବା। ଆମ୍ଭେ ତୁମ୍ଭମାନଙ୍କୁ ଘୃଣା କରିବା
ନାହିଁ। **12**ପୁଣି ଆମ୍ଭେ ତୁମ୍ଭମାନଙ୍କ ମଧ୍ୟରେ ଗମନା-ଗମନ
କରିବା ଓ ତୁମ୍ଭମାନଙ୍କର ପରମେଶ୍ୱର ହେବା। ଆଉ ତୁମ୍ଭମାନେ
ଆମ୍ଭର ଲୋକ ହେବ। **13**ମୁଁ ତୁମ୍ଭ ସଦାପ୍ରଭୁ ପରମେଶ୍ୱର
ଅଟେ। ମୁଁ ତୁମ୍ଭମାନଙ୍କୁ ଦାସ ହେବାରୁ ରକ୍ଷା କଲି। ମୁଁ
ତୁମ୍ଭମାନଙ୍କୁ ମିଶର ଦେଶରୁ ବାହାର କରି ଆଣିଲି। ମୁଁ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର। ମୁଁ ତୁମ୍ଭମାନଙ୍କର ଯୁଆଳିର
ଯୋତି ଭାଙ୍ଗି ଅଛି ଓ ତୁମ୍ଭମାନେ ମୁଣ୍ଡ ଉପରକୁ ଉଠାଇ
ସିଧା ଚାଲିବ।

## ପରମେଶ୍ୱରଙ୍କ ଅବଜ୍ଞାପାଇଁ ଦଣ୍ଡ

**14**"ତୁମ୍ଭେମାନେ ଯଦି ଆମ୍ଭର ବାକ୍ୟରେ ମନୋଯୋଗ ନ
କରିବ ଓ ଆମ୍ଭର ସକଳ ଆଜ୍ଞା ପାଳନ ନ କରିବ ତେବେ
ଏହି ସବୁ ଅଘଟଣମାନ ଘଟିବ। **15**ତୁମ୍ଭେମାନେ ଯଦି ମୋର
ବ୍ୟବସ୍ଥା ଅବଜ୍ଞା କର ଓ ମୋର ଆଜ୍ଞାକୁ ଘୃଣା କର ଓ
ମୋର ଆଜ୍ଞାକୁ ଅନୁସରଣ ନକର, ତେବେ ତୁମ୍ଭେମାନେ
ମୋର ଚୁକ୍ତି ଲଙ୍ଘନ କରିବ। **16**ଯଦି ତୁମ୍ଭେମାନେ ତାହା
କର, ତେବେ ଆମ୍ଭେ ତୁମ୍ଭମାନଙ୍କ ପ୍ରତି ଭୟଙ୍କର ଅଘଟଣ
ଘଟାଇବା। ଆମ୍ଭେ ତୁମ୍ଭମାନଙ୍କ ପ୍ରତି ଯକ୍ଷ୍ମା ଓ ଜ୍ୱର ନିରୂପଣ
କରିବା, ତାହା ତୁମ୍ଭମାନଙ୍କ ଚକ୍ଷୁ କ୍ଷୀଣ କରିବ, ପ୍ରାଣ କ୍ଷୟ
କରିବ। ଆଉ ତୁମ୍ଭେମାନେ ବୃଥାରେ ବୀଜ ବୁଣିବ, କାରଣ
ଶତ୍ରୁମାନେ ତାକୁ ଖାଇଯିବେ। **17**ମୁଁ ତୁମ୍ଭ ବିରୁଦ୍ଧରେ ଯିବି,
ତୁମ୍ଭେମାନେ ତୁମ୍ଭମାନଙ୍କର ଶତ୍ରୁମାନଙ୍କ ଦ୍ୱାରା ପରାଜିତ ହେବ,
ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି ସେମାନେ ତୁମ୍ଭମାନଙ୍କ
ଉପରେ ଶାସନ କରିବେ ଓ କେହି ତୁମ୍ଭମାନଙ୍କ ପଛରେ ନ
ଗୋଡ଼ାଇଲେହେଁ ତୁମ୍ଭେମାନେ ଦୌଡ଼ି ପଳାଇଯିବ।

**18**"ଏସବୁ ହେଲାପରେ ଯେବେ ତୁମ୍ଭେ ଆମ୍ଭ ବାକ୍ୟରେ
ମନୋଯୋଗ ନ କରିବ ତେବେ ଆମ୍ଭେ ତୁମ୍ଭମାନଙ୍କର ପାପ
ଯୋଗୁଁ ତୁମ୍ଭମାନଙ୍କୁ ସାତଗୁଣ ଅଧିକ ଦଣ୍ଡ ଦେବା। **19**ପୁଣି
ଆମ୍ଭେ ତୁମ୍ଭର ବଳର ଗର୍ବକୁ ଖର୍ବ କରିବା ଓ ଆମ୍ଭେ
ତୁମ୍ଭମାନଙ୍କ ଆକାଶକୁ ଲୌହତୁଲ୍ୟ ଓ ଭୂମିକୁ ପିତଳତୁଲ୍ୟ
କରିବା। **20**ତୁମ୍ଭେମାନେ ବୃଥା ପରିଶ୍ରମ କରିବ, କାରଣ
ତୁମ୍ଭମାନଙ୍କ ଭୂମି ଶସ୍ୟ ଉତ୍ପନ୍ନ କରିବ ନାହିଁ ଓ କ୍ଷେତ୍ରର
ବୃକ୍ଷ ସକଳ ଫଳ ଉତ୍ପନ୍ନ କରିବ ନାହିଁ।

**21**"ଆଉ ଯଦି ତୁମ୍ଭେମାନେ ପୁନର୍ବାର ଆମ୍ଭର ପ୍ରତିକୂଳାଚରଣ
କରିବ, ତେବେ ଆମ୍ଭେ ତୁମ୍ଭମାନଙ୍କୁ ସାତଗୁଣ କ୍ଲେଶ ଦେବା।
ତୁମ୍ଭେମାନେ ଯେତେ ଅଧିକ ପାପ କରିବ ସେତେ ଅଧିକ
ଦଣ୍ଡ ପାଇବ। **22**ତୁମ୍ଭମାନଙ୍କ ପ୍ରତିକୂଳରେ ମୁଁ ବନ୍ୟପଶୁମାନଙ୍କୁ
ପଠାଇବି, ତହିଁରେ ସେମାନେ ତୁମ୍ଭମାନଙ୍କୁ ସନ୍ତାନ ବିହୀନ
କରିବେ ଓ ତୁମ୍ଭମାନଙ୍କର ଗୃହପାଳିତ ପଶୁମାନଙ୍କୁ ବଧ
କରିବେ, ସେମାନେ ତୁମ୍ଭମାନଙ୍କୁ ଅଳ୍ପ ସଂଖ୍ୟକ କରିବେ,
ଆଉ ତୁମ୍ଭମାନଙ୍କ ରାଜପଥ ସକଳ ଶୂନ୍ୟ ହେବ।

**23**"ଏହାସବୁ ହେଲାପରେ ଯଦି ତୁମ୍ଭେମାନେ ଆମ୍ଭ ପ୍ରତି
ପରିବର୍ତ୍ତନ ହେବ ନାହିଁ ଓ ଆମ୍ଭର ପ୍ରତିକୂଳାଚରଣ କରିବ,
**24**ମୁଁ ତୁମ୍ଭମାନଙ୍କର ପ୍ରତିକୂଳାଚରଣ କରିବି ଓ ତୁମ୍ଭମାନଙ୍କ
ପାପ ସକାଶେ ମୁଁ ତୁମ୍ଭମାନଙ୍କୁ ସାତଗୁଣ ଦଣ୍ଡିତ କରିବି।
**25**ପୁଣି ଆମ୍ଭେ ତୁମ୍ଭମାନଙ୍କ ଉପରକୁ ଖଡ୍ଗ ଆଣିବା, ତାହା
ନିୟମ ଲଙ୍ଘନର ପ୍ରତିଫଳ ଦେବ। ତୁମ୍ଭେମାନେ ନଗର
ମଧ୍ୟରେ ଏକତ୍ର ହେଲେ ଆମ୍ଭେ ତୁମ୍ଭମାନଙ୍କ ମଧ୍ୟକୁ ମହାମାରୀ
ପଠାଇବା, ତହିଁରେ ତୁମ୍ଭେମାନେ ଶତ୍ରୁ ହସ୍ତରେ ସମର୍ପିତ
ହେବ। **26**ଯେତେବେଳେ ମୁଁ ତୁମ୍ଭମାନଙ୍କର ରୋଟୀ ପଠାଇବା
ବନ୍ଦ କରେ, ଦଶ ଜଣ ସ୍ତ୍ରୀ ଗୋଟିଏ ଚୁଲ୍ଲୀରେ ତୁମ୍ଭମାନଙ୍କର
ରୋଟୀ ପାକ କରିବେ ଓ ପୁନର୍ବାର ତୌଲି ତୁମ୍ଭମାନଙ୍କୁ
ରୋଟୀ ଦେବେ, ଆଉ ତୁମ୍ଭେମାନେ ତାହା ଭୋଜନ କରିବ,
ମାତ୍ର ତୃପ୍ତ ହେବ ନାହିଁ।

**27**"ଏହା ହେଲାପରେ ଯଦି ତୁମ୍ଭେମାନେ ଆମ୍ଭ କଥା
ଶୁଣିବ ନାହିଁ ଓ ଆମ୍ଭର ପ୍ରତିକୂଳାଚରଣ କରିବ। **28**ତେବେ
ଆମ୍ଭେ କ୍ରୋଧରେ ତୁମ୍ଭମାନଙ୍କର ପ୍ରତିକୂଳାଚରଣ କରିବା ଓ
ତୁମ୍ଭମାନଙ୍କ ପାପ ଯୋଗୁଁ ତୁମ୍ଭମାନଙ୍କୁ ସାତଗୁଣ ଶାସ୍ତି ଦେବା।
**29**ତୁମ୍ଭେମାନେ ଏତେ କ୍ଷୁଧିତ ହେବ ଯେ ଆପଣା ପୁତ୍ର ଓ
କନ୍ୟାମାନଙ୍କର ମାଂସ ଭୋଜନ କରିବ। **30**ପୁଣି ଆମ୍ଭେ
ତୁମ୍ଭମାନଙ୍କର ଉଚ୍ଚସ୍ଥଳ ସକଳ ଭାଙ୍ଗିବା ଓ ତୁମ୍ଭମାନଙ୍କ ସୂର୍ଯ୍ୟ
ପ୍ରତିମା ସକଳ କାଟି ପକାଇବା ଓ ତୁମ୍ଭମାନଙ୍କ ପ୍ରତିମାଗଣଙ୍କ
ଦେହ ଉପରେ ତୁମ୍ଭମାନଙ୍କ ମୃତଦେହ ପକାଇବା ଓ ଆମ୍ଭର
ପ୍ରାଣ ତୁମ୍ଭମାନଙ୍କୁ ଘୃଣା କରିବ। **31**ଆମ୍ଭେ ତୁମ୍ଭର ନଗର
ସକଳ ମରୁଭୂମି କରିବା ଓ ତୁମ୍ଭମାନଙ୍କ ପବିତ୍ରସ୍ଥାନ ସକଳ
ଶୂନ୍ୟ କରିବା। ଆଉ ଆମ୍ଭେ ତୁମ୍ଭମାନଙ୍କର ଦତ୍ତ ତୁଷ୍ଟିଜନକ
ସୁଗନ୍ଧି ଆଘ୍ରାଣ କରିବା ନାହିଁ। **32**ପୁଣି ଆମ୍ଭେ ଦେଶକୁ
ଶୂନ୍ୟସ୍ଥାନ କରିବା ଓ ତନ୍ନିବାସୀ ତୁମ୍ଭମାନଙ୍କର ଶତ୍ରୁଗଣ
ତହିଁରେ ଆଶ୍ଚର୍ଯ୍ୟଜ୍ଞାନ କରିବେ। **33**ଆଉ ଆମ୍ଭେ ନାନାଦେଶୀୟ

ଲୋକମାନଙ୍କ ମଧ୍ୟରେ ତୁମ୍ଭମାନଙ୍କୁ ଛିନ୍ନଭିନ୍ନ କରିବା ଓ
ଆମ୍ଭେ ତୁମ୍ଭମାନଙ୍କ ବିରୁଦ୍ଧରେ ଖଡ୍ଗ ଉତ୍ତୋଳନ କରିବା।
ତହିଁରେ ତୁମ୍ଭମାନଙ୍କ ଦେଶ ଶୂନ୍ୟସ୍ଥାନ ହେବ ଓ ତୁମ୍ଭମାନଙ୍କ
ନଗର ସକଳ ମରୁଭୂମି ହେବ।

**34**"ତା'ପରେ ଦେଶ ଶୂନ୍ୟ ହୋଇଯିବ ଓ ତୁମ୍ଭେମାନେ
ଆପଣା ଶତ୍ରୁଗଣ ଦେଶରେ ରହିବ, ତା'ପରେ ଭୂମି ଆପଣା
ବିଶ୍ରାମ ଗ୍ରହଣ କରିବ, ଅର୍ଥାତ୍ ଭୂମି ଆପଣା ବିଶ୍ରାମ
ଉପଭୋଗ କରିବ। **35**ବ୍ୟବସ୍ଥା ଅନୁସାରେ ଭୂମି ପ୍ରତି
ସାତବର୍ଷରେ ଆପଣା ବିଶ୍ରାମ ଏକ ବର୍ଷ ନେବ। ତୁମ୍ଭେ ବାସ
କରୁଥିଲାବେଳେ ଯେଉଁ ବିଶ୍ରାମ ପାଇ ନଥିଲା। ସ୍ଥାନ ଶୂନ୍ୟ
ଥିଲାବେଳେ ସେ ବିଶ୍ରାମ ଗ୍ରହଣ କରିବ। **36**ତୁମ୍ଭମାନଙ୍କ
ମଧ୍ୟରେ ଯେଉଁମାନେ ଅବଶିଷ୍ଟ ରହିବେ ସେମାନେ ଶତ୍ରୁମାନଙ୍କ
ଦେଶରେ ସାହସିକତା ହରାଇବେ। ସେମାନେ ପତ୍ରଝଡ଼ାର ଶବ୍ଦ
ଶୁଣିଲେ ମଧ୍ୟ ଦୌଡ଼ି ପଳାଇବେ। ପୁଣି ଖଡ୍ଗଧାରରୁ ପଳାଇଲା
ଲୋକପରି ସେମାନେ ଦୌଡ଼ିବେ ଓ କେହି ସେମାନଙ୍କୁ ନ
ଗୋଡ଼ାଇଲେହେଁ ସେମାନେ ପତିତ ହେବେ। **37**ପୁଣି କେହି
ନ ଗୋଡ଼ାଇଲେହେଁ ଖଡ୍ଗ ସମ୍ମୁଖରେ, ସେପରି ଏକ ଅନ୍ୟ
ଉପରେ ଝୁଣ୍ଟି ପଡ଼ିବେ,

"ଆଉ ଶତ୍ରୁଗଣର ସମ୍ମୁଖରେ ଛିଡ଼ା ହେବାକୁ ତୁମ୍ଭମାନଙ୍କର
ବଳ ପାଇବ ନାହିଁ। **38**ତୁମ୍ଭେ ଅନ୍ୟଦେଶୀୟ ଲୋକମାନଙ୍କ
ମଧ୍ୟରେ ବିନଷ୍ଟ ହେବ ଓ ତୁମ୍ଭମାନଙ୍କର ଶତ୍ରୁଗଣର ଦେଶ
ତୁମ୍ଭମାନଙ୍କୁ ଗ୍ରାସ କରିବ। **39**ପୁଣି ତୁମ୍ଭମାନଙ୍କ ମଧ୍ୟରେ
ଯେଉଁମାନେ ଅବଶିଷ୍ଟ ରହିବେ, ସେମାନେ ଦୁଃଖ ଭୋଗିବେ
ଏବଂ ଶତ୍ରୁର ଦେଶରୁ ଉଚ୍ଛେଦ ହେବେ ନିଜ ଅପରାଧ ଯୋଗୁଁ
ଓ ଆପଣା ପିତୃଗଣର ଅପରାଧ ହେତୁ ସେମାନେ କଷ୍ଟ
ଭୋଗ କରିବେ।

## ଚିରକାଳ ଆଶା

**40**"ମାତ୍ର ଲୋକମାନେ ସେମାନଙ୍କର ପାପ ସ୍ୱୀକାର କରି
ପାରନ୍ତି ଓ ସେମାନେ ସେମାନଙ୍କ ପୂର୍ବପୁରୁଷମାନଙ୍କର ଅପରାଧ
ସ୍ୱୀକାର କରିପାରନ୍ତି ଓ ସେମାନେ ଆମ୍ଭ ବିରୁଦ୍ଧରେ ପାପ
କରିଛନ୍ତି ବୋଲି ସ୍ୱୀକାର କରି ପାରନ୍ତି। **41**ଆଉ ମଧ୍ୟ
ସେମାନେ ଆମ୍ଭର ପ୍ରତିକୂଳାଚରଣ କରିବା ହେତୁ ଆମ୍ଭେ ମଧ୍ୟ
ସେମାନଙ୍କର ପ୍ରତିକୂଳାଚରଣ କଲୁ। ସେମାନଙ୍କୁ ସେମାନଙ୍କ
ଶତ୍ରୁଗଣର ଦେଶରୁ ଆଣିଲୁ, ଏହା ସେମାନେ ସ୍ୱୀକାର
କରିବେ। ତହିଁରେ ଯେବେ ସେମାନଙ୍କ ହୃଦୟ ନମ୍ର ହେବ
ଓ ସେମାନେ ନିଜନିଜ ଅପରାଧର ଦଣ୍ଡ ଗ୍ରହଣ କରିବେ।
**42**ତେବେ ଆମ୍ଭେ ଯାକୁବ ସହିତ, ଇସ୍‌ହାକ୍ ସହିତ ଅବ୍ରହାମଙ୍କ
ସହିତ ଆପଣା ନିୟମ ସ୍ମରଣ କରିବା ଓ ଆମ୍ଭେ ଦେଶକୁ
ମଧ୍ୟ ସ୍ମରଣ କରିବା।

**43**"ଦେଶ ମଧ୍ୟ ସେମାନଙ୍କ ଦ୍ୱାରା ତ୍ୟକ୍ତ ହୋଇ ରହିବ
ଓ ସେମାନଙ୍କ ଅବର୍ତ୍ତମାନରେ ଶୂନ୍ୟସ୍ଥାନ ହୋଇ ପଡ଼ିଥିବା
ସମୟରେ ଆପଣା ବିଶ୍ରାମ ଗ୍ରହଣ କରିବ, ପୁଣି ସେମାନେ
ନିଜ ନିଜ ଅପରାଧର ଦଣ୍ଡ ଗ୍ରହଣ କରିବେ; ଏଥିର କାରଣ
ଏହି ଯେ, ସେମାନେ ଆମ୍ଭର ବିଧି ଅଗ୍ରାହ୍ୟ କଲେ ଓ
ସେମାନଙ୍କ ପ୍ରାଣ ଆମ୍ଭ ବ୍ୟବସ୍ଥା ଘୃଣା କଲା। **44**ସେମାନେ
ପ୍ରକୃତରେ ପାପୀ, ମାତ୍ର ଯଦି ସେମାନେ ସାହାଯ୍ୟ ନିମନ୍ତେ
ଆମ୍ଭ ନିକଟକୁ ଆସନ୍ତି, ଆମ୍ଭେ ସେମାନଙ୍କ ପ୍ରତି ବିମୁଖ
ହେବା ନାହିଁ, ସେମାନେ ଶତ୍ରୁଗଣଙ୍କ ଦେଶରେ ଥିଲେ ମଧ୍ୟ
ଆମ୍ଭେ ସେମାନଙ୍କ କଥା ଶୁଣିବା, ଆମ୍ଭେ ସେମାନଙ୍କୁ ସମ୍ପୂର୍ଣ୍ଣ
ବିନାଶ କରିବା ନାହିଁ କି ସେମାନଙ୍କ ସହିତ ଆପଣା ନିୟମ
ଭଙ୍ଗ ନିମନ୍ତେ ସେମାନଙ୍କୁ ଅଗ୍ରାହ୍ୟ କରିବା ନାହିଁ। କିମ୍ବା
ସେମାନଙ୍କୁ ଘୃଣା କରିବା ନାହିଁ, କାରଣ ଆମ୍ଭେ ସଦାପ୍ରଭୁ
ସେମାନଙ୍କର ପରମେଶ୍ୱର ଅଟୁ। **45**ମାତ୍ର ଆମ୍ଭେ ସେମାନଙ୍କ
ଲାଗି ସେମାନଙ୍କ ପୂର୍ବପୁରୁଷଙ୍କ ସହିତ କରିଥିବା ନିୟମ ସ୍ମରଣ
କରିବା, ଆମ୍ଭେ ସେମାନଙ୍କର ପରମେଶ୍ୱର ହେବା ନିମନ୍ତେ
ଅନ୍ୟ ଦେଶୀୟ ଲୋକମାନଙ୍କ ସାକ୍ଷାତରେ ସେମାନଙ୍କୁ ମିଶର
ଦେଶରୁ ବାହାର କରି ଆଣିଅଛୁ। ଆମ୍ଭେ ସଦାପ୍ରଭୁ ଅଟୁ।"

**46**ଏହିସବୁ ବ୍ୟବସ୍ଥା, ବିଧି ଓ ଶିକ୍ଷାମାନ ସଦାପ୍ରଭୁ
ଇଶ୍ରାୟେଲ ଲୋକମାନଙ୍କୁ ଦେଲେ। ଏହିସବୁ ବିଧି ଇଶ୍ରାୟେଲ
ସନ୍ତାନଗଣ ଓ ସଦାପ୍ରଭୁଙ୍କ ମଧ୍ୟରେ ସ୍ଥାପିତ ହୋଇଥିଲା।
ଆଉ ସଦାପ୍ରଭୁ ଏହି ସମସ୍ତ ବିଧି ମୋଶାଙ୍କୁ ସୀନୟ
ପର୍ବତରେ ଦେଇଥିଲେ ଓ ମୋଶା ଇଶ୍ରାୟେଲର ଲୋକମାନଙ୍କୁ
ତାହା ଦେଲେ।

## ଶପଥମାନ ଗୁରୁତ୍ୱପୂର୍ଣ୍ଣ ଅଟେ

**27** ସଦାପ୍ରଭୁ ମୋଶାଙ୍କୁ କହିଲେ, **2**"ତୁମ୍ଭେ ଇଶ୍ରାୟେଲ
ଲୋକମାନଙ୍କୁ କୁହ, ଯଦି କୌଣସି ବ୍ୟକ୍ତି ଉତ୍ସର୍ଗୀତ
ଲୋକକୁ ସଦାପ୍ରଭୁଙ୍କୁ ଗୋଟିଏ ମହାନ୍ ଉଦ୍ଦେଶ୍ୟରେ ମାନସିକ
କରେ, ତେବେ ତା'ର ମୂଲ୍ୟ ଯାଜକ ଦ୍ୱାରା ନିରୂପିତ ହେବ
ଓ ସେ ଲୋକଟି ଚିରଦିନ ପାଇଁ ପରମେଶ୍ୱରଙ୍କର ହେବ।
ଯଦି ଲୋକମାନେ ସେହି ମାନତ ଲୋକକୁ ଫେରାଇ ଆଣିବାକୁ
ଚାହାଁନ୍ତି ତେବେ ସେମାନେ ନିରୂପିତ ମୂଲ୍ୟ ଦେଇ ଫେରାଇ
ଆଣିବେ। **3**କୋଡ଼ିଏ ବର୍ଷ ଠାରୁ ଷାଠିଏ ବର୍ଷ ପର୍ଯ୍ୟନ୍ତ ପୁରୁଷ
ହେଲେ ତୁମ୍ଭର ନିରୂପିତ ମୂଲ୍ୟ ପବିତ୍ରସ୍ଥାନର ଶେକଲ
ଅନୁସାରେ ପଚାଶ ଶେକଲ ରୂପା ହେବ। **4**ଆଉ କୋଡ଼ିଏରୁ
ଷାଠିଏ ବର୍ଷ ପର୍ଯ୍ୟନ୍ତ ସ୍ତ୍ରୀ ଲୋକର ନିରୂପିତ ମୂଲ୍ୟ ତିରିଶ
ଶେକଲ ରୂପା ହେବ। **5**ଆଉ ପାଞ୍ଚ ବର୍ଷରୁ କୋଡ଼ିଏ ବର୍ଷ
ପର୍ଯ୍ୟନ୍ତ ହେଲେ ତୁମ୍ଭର ନିରୂପିତ ମୂଲ୍ୟ ପୁରୁଷ ପାଇଁ
କୋଡ଼ିଏ ଶେକଲ ରୂପା ଓ ସ୍ତ୍ରୀ ପାଇଁ ଦଶ ଶେକଲ ରୂପା
ହେବ। **6**ପୁଣି ଏକମାସଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶିଶୁ
ହେଲେ ତୁମ୍ଭର ନିରୂପିତ ମୂଲ୍ୟ ପୁରୁଷ ନିମନ୍ତେ ପାଞ୍ଚ
ଶେକଲ ରୂପା ଓ ସ୍ତ୍ରୀ ନିମନ୍ତେ ତିନି ଶେକଲ ରୂପା ହେବ।
**7**ପୁଣି ଷାଠିଏ ବର୍ଷରୁ ଅଧିକ ହେଲେ ତୁମ୍ଭର ନିରୂପିତ ମୂଲ୍ୟ
ପୁରୁଷ ପାଇଁ ପନ୍ଦର ଶେକଲ ରୂପା ଓ ସ୍ତ୍ରୀ ନିମନ୍ତେ ଦଶ
ଶେକଲ ରୂପା ହେବ।

**8**"ଯଦି ଲୋକଟି ଅତି ଦରିଦ୍ର ଓ ନିରୂପିତ ମୂଲ୍ୟ ଦେଇ
ପାରିବ ନାହିଁ, ତେବେ ତାକୁ ଯାଜକ ନିକଟକୁ ଅଣାଯିବ,
ଯାଜକ ତାହାର ମୂଲ୍ୟ ନିରୂପଣ କରିବ। ମାନତକାରୀର ଶକ୍ତି
ଅନୁସାରେ ଯାଜକ ତାହାର ମୂଲ୍ୟ ନିରୂପଣ କରିବ।

## ସଦାପ୍ରଭୁଙ୍କ ପ୍ରତି ଉପହାର

**9**"କେତେକ ପ୍ରକାର ପଶୁ ସଦାପ୍ରଭୁଙ୍କୁ ଉତ୍ସର୍ଗ କରାଯାଇ
ପାରିବ, ସେହି ପଶୁଗୁଡ଼ିକ ମଧ୍ୟରୁ ଯଦି କେହି ସଦାପ୍ରଭୁଙ୍କୁ

ଉତ୍ସର୍ଗ କରିବାକୁ ଶପଥ କରେ, ସେହି ପଶୁ ସଦାପ୍ରଭୁଙ୍କ
ପାଇଁ ପବିତ୍ର ହୋଇଥିବ। **10**କାରଣ ସେହି ପଶୁଟି ସଦାପ୍ରଭୁଙ୍କ
ପାଇଁ ଉପହାର। ସେ ଅନ୍ୟ ଗୋଟିଏ ବଦଳରେ ତାକୁ ବଦଳ
କରିବା ଉଚିତ୍ ନୁହେଁ। ଯଦି ଜଣେ ବ୍ୟକ୍ତି ଗୋଟିଏ ପଶୁକୁ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଜ୍ଞାରୂପେ ବଳିଦାନ କରେ,
ତେବେ ସେ ତା' ବଦଳରେ ଅନ୍ୟ ପଶୁ ବଦଳାଇ ପାରିବ
ନାହିଁ। ସେ ଭଲ ପଶୁ ବଦଳରେ ମନ୍ଦ ପଶୁ କି ମନ୍ଦ
ବଦଳରେ ଭଲ ପଶୁ ବଦଳାଇବା ଉଚିତ୍ ନୁହେଁ। ଯଦି ସେ
ବଦଳାଇବାକୁ ଚେଷ୍ଟା କରେ, ତେବେ ଦୁଇଟି ପଶୁ ସଦାପ୍ରଭୁଙ୍କ
ନିମନ୍ତେ ପବିତ୍ର ହେବେ। **11**କେତେକ ପ୍ରାଣୀ ଅଛନ୍ତି ଯାହାକୁ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳିଦାନ କରାଯାଇ ପାରିବ ନାହିଁ।
ସେପରି ଅଶୁଚି ପଶୁ ହୋଇଥିଲେ ଯାଜକ ସମ୍ମୁଖକୁ ଅଣାଯିବ।
**12**ପୁଣି ସେହି ପଶୁ ଭଲ ହେଉ କି ମନ୍ଦ ହେଉ ଯାଜକ
ତହିଁର ମୂଲ୍ୟ ନିରୂପଣ କରିବ। ଯାଜକର ନିରୂପିତ ମୂଲ୍ୟ
ଅନୁସାରେ ତାହାର ମୂଲ୍ୟ ହେବ। **13**ଯଦି ସେ ଲୋକ
କୌଣସି ମତେ ତାକୁ ଫେରାଇ ନେବାକୁ ଇଚ୍ଛା କରେ,
ତେବେ ସେ ନିରୂପିତ ମୂଲ୍ୟର ପଞ୍ଚମାଂଶ ଅଧିକ ଦେବ।

## ଏକ ଗୃହର ମୂଲ୍ୟ ନିରୂପଣ

**14**"ଯଦି କୌଣସି ଲୋକ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ପବିତ୍ର କରିବା ପାଇଁ ନିଜର ଗୃହକୁ ଉତ୍ସର୍ଗ କରେ। ତେବେ
ଗୃହଟି ତାହା ଭଲ ହେଉ କି ମନ୍ଦ ହେଉ, ଯାଜକ ତହିଁରେ
ମୂଲ୍ୟ ନିରୂପଣ କରିବ। ଯାଜକ ନିରୂପିତ ମୂଲ୍ୟ ଅନୁସାରେ
ତାହାର ମୂଲ୍ୟ ସ୍ଥିର ହେବ। **15**ଆଉ ଯଦି ଗୃହ ଉତ୍ସର୍ଗକାରୀ
ନିଜ ଗୃହ ମୁକ୍ତ କରିବାକୁ ଇଚ୍ଛା କରେ, ତେବେ ସେ
ନିରୂପିତ ମୂଲ୍ୟର ପଞ୍ଚମାଂଶ ଅଧିକ ଦେବ, ତା'ପରେ ସେ
ଗୃହ ତା'ର ହେବ।

## ଭୂସମ୍ପତ୍ତିର ମୂଲ୍ୟ ନିରୂପଣ

**16**"ଆଉ ଯଦି କୌଣସି ମନୁଷ୍ୟ ଆପଣା ଅଧିକୃତ
କ୍ଷେତ୍ରର କିଛି ଅଂଶ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରେ,
ତେବେ ତାହାର ମୂଲ୍ୟ ନିରୂପଣ ତାହାର ବପନୀୟ ବିହନ
ଅନୁସାରେ ହେବ; ଏକ ହୋମର-ପରିମିତ ଯବ-ବିହନର
ମୂଲ୍ୟ ପଚାଶ ଶେକଲ ରୂପା ହେବ। **17**ଯଦି ଜଣେ ମନୁଷ୍ୟ
ମହୋଲ୍ଲାସ-ଉତ୍ସବ ବର୍ଷରେ ଆପଣା କ୍ଷେତ୍ର ଉତ୍ସର୍ଗ କରେ,
ତେବେ ଯାଜକର ନିରୂପିତ ମୂଲ୍ୟ ଅନୁସାରେ ତାହାର ମୂଲ୍ୟ
ସ୍ଥିର ହେବ। **18**ମାତ୍ର ଯଦି ସେ ମହୋଲ୍ଲାସ-ଉତ୍ସବ ପରେ
ଆପଣା କ୍ଷେତ୍ର ଉତ୍ସର୍ଗ କରେ, ତେବେ ଯାଜକ ମହୋଲ୍ଲାସ-ଉତ୍ସବ
ବର୍ଷ ପର୍ଯ୍ୟନ୍ତ ଅବଶିଷ୍ଟ ବର୍ଷର ସଂଖ୍ୟା ଅନୁସାରେ ତା' ସହିତ
ମୂଲ୍ୟର ଗଣନା କରିବ। ପୁଣି ତଦନୁସାରେ ତା'ର ନିରୂପିତ
ମୂଲ୍ୟରୁ ଊଣା କରାଯିବ। **19**ଯଦି ସେହି ବ୍ୟକ୍ତି ତା'ର କ୍ଷେତ୍ର
ମୁକ୍ତ କରିବାକୁ ଇଚ୍ଛା କରିବ, ତେବେ ସେ କ୍ଷେତ୍ରମୂଲ୍ୟ
ସହିତ ଆଉ ପଞ୍ଚମାଂଶ ଅଧିକ ମୂଲ୍ୟ ଯୋଗ କରିବ।
ତହିଁରେ ସେ କ୍ଷେତ୍ର ତାହାର ହେବ। **20**ସେ ଯଦି କ୍ଷେତ୍ରକୁ
ମୁକ୍ତ କରି ନ ପାରିଲେ ସେହି କ୍ଷେତ୍ରଟି ଯାଜକମାନଙ୍କର
ହେବ। ଯଦି ସେହି କ୍ଷେତ୍ର ଅନ୍ୟକୁ ବିକ୍ରୟ କରାଯାଇଛି,
ତେବେ ତାହା ଆଉ କେବେ ମୁକ୍ତ ହେବ ନାହିଁ। **21**ମାତ୍ର
ସେହି କ୍ଷେତ୍ର ମହୋଲ୍ଲାସ-ଉତ୍ସବ ସମୟରେ ମୁକ୍ତ ହେଲେ
ତାହା ବିଶେଷ ଉପହାର ତୁଲ୍ୟ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ପବିତ୍ର ହେବ ଓ ତହିଁରେ ଯାଜକର ଅଧିକାର ହେବ।
**22**"ଯଦି କେହି ଆପଣା ସମ୍ପତ୍ତି ନୁହେଁ, ମାତ୍ର ତାକୁ କିଣି
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଷ୍ଠା କରେ, **23**ତେବେ ଯାଜକ
ତା'ର ନିରୂପିତ ମୂଲ୍ୟ ଅନୁସାରେ ମହୋଲ୍ଲାସ-ଉତ୍ସବ ବର୍ଷ
ପର୍ଯ୍ୟନ୍ତ ତାହା ପାଇଁ ଗଣନା କରିବ, ପୁଣି ସେ ସେହିଦିନ
ତା'ର ନିରୂପିତ ମୂଲ୍ୟ ଦେବ। ସେହି କ୍ଷେତ୍ର ସଦାପ୍ରଭୁଙ୍କ
ପବିତ୍ର ବସ୍ତୁତୁଲ୍ୟ ହେବ। **24**ମହୋଲ୍ଲାସ-ଉତ୍ସବ ବର୍ଷରେ
ସେହି କ୍ଷେତ୍ର ପ୍ରକୃତ ଜମି ମାଲିକ ନିକଟକୁ ଫେରିଯିବ।
**25**"ପୁଣି ତୁମ୍ଭର ନିରୂପିତ ସମସ୍ତ ମୂଲ୍ୟ ପବିତ୍ରସ୍ଥାନର
ଶେକଲ ଅନୁସାରେ ହେବ, କୋଡ଼ିଏ ଗେରାରେ ଏକ
ଶେକଲ ହୁଏ।

## ପ୍ରାଣୀମାନଙ୍କର ମୂଲ୍ୟ ନିରୂପଣ

**26**"ପଶୁମାନଙ୍କ ମଧ୍ୟରୁ ଗୋରୁ ହେଉ କି ମେଷ ହେଉ
ପ୍ରଥମଜାତ ସର୍ବଦା ସଦାପ୍ରଭୁଙ୍କର। ତାକୁ କେହି ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ଉତ୍ସର୍ଗ କରିପାରିବେ ନାହିଁ। କାରଣ ତାହା
ଆଗରୁ ସଦାପ୍ରଭୁଙ୍କର ଅଟେ। **27**ମାତ୍ର ପ୍ରଥମଜାତ ପଶୁ ଯଦି
ଅଶୁଚି ହୁଏ, ତେବେ ସେ ତୁମ୍ଭ ନିରୂପିତ ମୂଲ୍ୟ ଅନୁସାରେ
ତାହା ମୁକ୍ତ କରିବ ଓ ସେହି ମୂଲ୍ୟର ପଞ୍ଚମାଂଶ ଅଧିକ
ଦେବ। ସେ ଯଦି ମୁକ୍ତ କରି ନ ପାରେ ତେବେ ଯାଜକ
ତାହା ନିରୂପିତ ମୂଲ୍ୟରେ ବିକ୍ରୀ କରିବ।

## ସ୍ୱତନ୍ତ୍ର ଉପହାର

**28**"ଯଦି କୌଣସି ବ୍ୟକ୍ତି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ବିଶେଷ ଉପହାର ଉତ୍ସର୍ଗ କରେ, ଏହା ବ୍ୟକ୍ତି, ପଶୁ କିମ୍ବା
ଖଣ୍ଡେ ଜାଗା ହୋଇପାରେ। ତାହା ସଦାପ୍ରଭୁଙ୍କର ଅଧିକୃତ
ବସ୍ତୁ, ତାହା ବିକ୍ରୀ ବା ମୁକ୍ତ ହେବ ନାହିଁ। ପ୍ରତ୍ୟେକ ଜିନିଷ
ଗୋଟିଏ ମହାନ୍ ଉପହାର ସଦାପ୍ରଭୁଙ୍କ ପାଇଁ ଅତି ପବିତ୍ର
ଅଟେ।

**29**"ମନୁଷ୍ୟ ମଧ୍ୟରେ ଯେ ବର୍ଜିତ ହେବ, ସେ କେବେ
ମୁକ୍ତ ହୋଇପାରିବ ନାହିଁ, ସେ ନିଶ୍ଚିନ୍ତ ହତ ହେବ।

**30**"ଭୂମିର ଶସ୍ୟ ହେଉ କି ବୃକ୍ଷର ଫଳ ହେଉ, ଉତ୍ପନ୍ନ
ଦ୍ରବ୍ୟର ଦଶମାଂଶ ସଦାପ୍ରଭୁଙ୍କର ହେବ। ତାହା ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ପବିତ୍ର ହେବ। **31**ଯଦି କେହି ସେ ଦଶମାଂଶରୁ
କିଛି ମୁକ୍ତ କରିବାକୁ ଇଚ୍ଛା କରେ ତେବେ ସେ ତହିଁର
ମୂଲ୍ୟର ପଞ୍ଚମାଂଶ ଅଧିକ ଦେବ।

**32**"ପୁଣି ଗୋମେଷାଦି ପଲରୁ ଦଶମାଂଶ ଯାଜକ ନେବ।
ପ୍ରତି ଦଶଟିରେ ଗୋଟିଏ ପଶୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ପବିତ୍ର ହେବ। **33**ତାହା ଭଲ କି ମନ୍ଦ ପଶୁ ମାଲିକ
ଅନୁସନ୍ଧାନ କରିବ ନାହିଁ। ଆଉ ମଧ୍ୟ ତାହା ବଦଳ କରିବ
ନାହିଁ। ଯଦି ବଦଳ କରେ ତେବେ ଉଭୟ ପଶୁ ପବିତ୍ର
ହେବେ ଓ ତାହା ମୁକ୍ତ କରାଯିବ ନାହିଁ।"

**34**ଏ ସମସ୍ତ ଆଜ୍ଞା ଯାହାକୁ ସଦାପ୍ରଭୁ ସୀନୟ ପର୍ବତରେ
ଇଶ୍ରାୟେଲ ସନ୍ତାନଗଣଙ୍କ ଉଦ୍ଦେଶ୍ୟରେ ମୋଶାଙ୍କୁ ପ୍ରଦାନ
କରିଥିଲେ।

# ଯାତ୍ରାପୁସ୍ତକ

## ମିଶରରେ ଯାକୁବ୍‌ର ପରିବାର

1 ଯାକୁବ ତାଙ୍କର ପୁତ୍ରମାନଙ୍କ ସହିତ ମିଶରକୁ ଯାତ୍ରା
କଲେ। ପ୍ରତ୍ୟେକ ପୁତ୍ର ସେମାନଙ୍କର ପରିବାର ସହିତ
ଗଲେ। ଇଶ୍ରାୟେଲଙ୍କର ପୁତ୍ରମାନେ ହେଲେ: 2ରୁବେନ୍,
ଶିମିୟୋନ, ଲେବୀ, ଯିହୁଦା, 3ଇଷାଖର, ସବୂଲୂନ୍, ବିନ୍ୟାମୀନ,
4ଦାନ, ନପ୍ତାଲି ଗାଦ୍, ଓ ଆଶେର। 5ମୋଟରେ ଯାକୁବଙ୍କର
ବଂଶଧର ସତୁରି ଜଣ ଥିଲେ। ଅନ୍ୟ ପୁତ୍ର ଯୋଷେଫଙ୍କ
ଆଗରୁ ମିଶରରେ ଥିଲେ।

6ପରେ ଯୋଷେଫ, ତାଙ୍କର ଭାଇମାନେ ଓ ତତ୍‌କାଳୀନ
ସମସ୍ତ ଲୋକ ମଲେ। 7କିନ୍ତୁ ଇଶ୍ରାୟେଲର ବଂଶଧର
ବଢ଼ିଲେ। ସେମାନଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଲା। ଇଶ୍ରାୟେଲର
ଲୋକମାନେ ଅତ୍ୟଧିକ ଶକ୍ତିଶାଳୀ ହେବାକୁ ଲାଗିଲେ ଏବଂ
ମିଶର ଦେଶ ଇଶ୍ରାୟେଲୀୟଙ୍କ ଦ୍ୱାରା ପରିପୂର୍ଣ୍ଣ ହେଲା।

## ଇଶ୍ରାୟେଲ ଲୋକମାନଙ୍କର ଅସୁବିଧା

8ଏହାପରେ ଜଣେ ନୂତନ ରାଜା ମିଶରରେ ରାଜୁତି
କଲେ। ସେହି ରାଜା ଜଣଙ୍କ ଯୋଷେଫଙ୍କୁ ଜାଣି ନ ଥିଲେ।
9ସେହି ରାଜା ତାଙ୍କର ଲୋକମାନଙ୍କୁ କହିଲେ, "ଇଶ୍ରାୟେଲ
ଲୋକମାନଙ୍କୁ ଦେଖ। ସେମାନଙ୍କର ସଂଖ୍ୟା ଆମ୍ଭମାନଙ୍କ
ଅପେକ୍ଷା ଅଧିକ! ସେମାନେ ଆମ୍ଭଠାରୁ ଅଧିକ ଶକ୍ତିଶାଳୀ!
10ସେମାନେ ଯେପରି ବର୍ଦ୍ଧିତ ନ ହୁଅନ୍ତି ସେଥିପାଇଁ ଆମ୍ଭକୁ
ଯୋଜନା କରିବାକୁ ପଡ଼ିବ। ଯଦି ଯୁଦ୍ଧ ହୁଏ, ଇଶ୍ରାୟେଲୀମାନେ
ଆମ୍ଭର ଶତ୍ରୁ ପକ୍ଷରେ ଯୋଗଦେଇ ପାରନ୍ତି। ତା'ପରେ
ସେମାନେ ଆମ୍ଭକୁ ପରାସ୍ତ କରି ଦେଶରୁ ପ୍ରସ୍ଥାନ କରିପାରନ୍ତି।"
11ମିଶରୀୟ ଲୋକମାନେ ସେମାନଙ୍କୁ କଠିନ ପରିଶ୍ରମ
ଦ୍ୱାରା ଅବମାନିତ କରିବାକୁ ସ୍ଥିର କଲେ। ତେଣୁ ମିଶରୀୟମାନେ
ସେମାନଙ୍କ ପାଇଁ କ୍ରୀତଦାସ ମୁନିବମାନଙ୍କୁ ନିଯୁକ୍ତ ଦେଲେ।
ସେମାନେ ପିଥୋମ୍ ଓ ରାମିଷେଷ୍ ନିର୍ମାଣ କଲେ, ଯେଉଁଠାରେ*
ଫାରୋ ଖାଦ୍ୟ ଶସ୍ୟ ରଖୁଥିଲେ।

12ମିଶରୀୟମାନେ ଇଶ୍ରାୟେଲୀୟମାନଙ୍କୁ ଅଧିକରୁ ଅଧିକ
ପରିଶ୍ରମ କରାଇଲେ। ସେମାନଙ୍କୁ ଯେତେ ଅଧିକ ପରିଶ୍ରମ
କରାଇଲେ, ସେମାନଙ୍କର ସଂଖ୍ୟା ସେହିପରି ଅଧିକ ବ୍ୟାପିଲା।
ଏହା ମିଶରୀୟ ଲୋକମାନଙ୍କର ଭୟର କାରଣ ହେଲା।
13ତେଣୁ ମିଶରୀୟମାନେ ତହିଁରୁ ତାଙ୍କୁ ଅଧିକ ପରିଶ୍ରମ
କରାଇଲେ।

14ମିଶରୀୟମାନେ ଇଶ୍ରାୟେଲୀୟମାନଙ୍କର ଜୀବନ ଦୁର୍ବିସହ
କଲେ। ସେମାନେ ସେମାନଙ୍କୁ କାଦୁଅ ଓ ଇଟା ତିଆରି
କରିବା ପାଇଁ ବାଧ କଲେ। ସେମାନଙ୍କୁ ମଧ୍ୟ ବିଲରେ କଠିନ
ପରିଶ୍ରମ କରାଇଲେ। ସେମାନେ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ
ଅଧିକ ପରିଶ୍ରମ କରିବାକୁ ବାଧ କଲେ।

## ଧାତ୍ରୀମାନେ ଯେକ ପରମେଶ୍ୱରଙ୍କୁ ଅନୁସରଣ କଲେ

15ସେଠାରେ ଦୁଇ ଜଣ ଧାତ୍ରୀ ଥିଲେ, ଯେଉଁମାନେ କି
ହିବ୍ରୁର ସ୍ତ୍ରୀଲୋକମାନଙ୍କୁ ଶିପ୍ରା ଓ ପୂୟା ନାମକ ପିଲା ଜନ୍ମ
କରିବାରେ ସାହାଯ୍ୟ କଲେ। ମିଶରର ରାଜା ଧାତ୍ରୀମାନଙ୍କୁ
କହିଲେ। 16ରାଜା କହିଲେ, "ଯେଉଁ ସମୟରେ ତୁମ୍ଭେମାନେ
ଏବ୍ରୀୟ ସ୍ତ୍ରୀମାନଙ୍କର ଧାତ୍ରୀ କାର୍ଯ୍ୟ କରିବ ଓ ସେମାନଙ୍କର
ପିଲା ଜନ୍ମ କରିବାରେ ସାହାଯ୍ୟ କରିବ, ପୁତ୍ର ସନ୍ତାନ ଥିଲେ
ସେମାନଙ୍କୁ ମାରିଦେବ ଓ କନ୍ୟା ସନ୍ତାନ ହେଲେ ସେମାନଙ୍କୁ
ଜୀବିତ ରଖିବ।"

17ମାତ୍ର ସେହି ଧାତ୍ରୀମାନେ ପରମେଶ୍ୱରଙ୍କୁ ବିଶ୍ୱାସ କରୁଥିବାରୁ,
ରାଜାଙ୍କ ଆଜ୍ଞା ମାନି ନଥିଲେ। ସେମାନେ ପୁତ୍ର ସନ୍ତାନଙ୍କୁ
ଜୀବିତ ରଖିଲେ।

18ମିଶରରେ ରାଜା ସେହି ଧାତ୍ରୀମାନଙ୍କୁ ଡ଼କାଇ ପଠାଇ
ସେମାନଙ୍କୁ କହିଲେ, "ତୁମ୍ଭେମାନେ ଏପରି କାହିଁକି କଲ?
ତୁମ୍ଭେମାନେ କିପରି ପୁତ୍ର ସନ୍ତାନମାନଙ୍କୁ ଜୀବିତ ରଖିଲ।"

19ଧାତ୍ରୀମାନେ ଫାରୋଙ୍କୁ କହିଲେ, "ଏବ୍ରୀୟ ସ୍ତ୍ରୀଗଣ
ମିଶରୀୟ ସ୍ତ୍ରୀଙ୍କଠାରୁ ଚଞ୍ଚଳା। ସେମାନଙ୍କ ନିକଟକୁ ଧାତ୍ରୀ
ଆସିବା ପୂର୍ବରୁ ସେମାନେ ପ୍ରସବ କରି ସାରିଥାଆନ୍ତି।"
20-21ପରମେଶ୍ୱର ସେହି ଧାତ୍ରୀମାନଙ୍କର ମଙ୍ଗଳ କଲେ ଏବଂ
ସେମାନଙ୍କର ପରିବାରଗୁଡ଼ିକୁ ବଢ଼ାଇଲେ। କାରଣ ସେମାନେ
ପରମେଶ୍ୱରଙ୍କୁ ଡରୁ ଥିଲେ। ଇଶ୍ରାୟେଲୀୟମାନଙ୍କ ସଂଖ୍ୟା
ବଢ଼ିଲା ଏବଂ ବହୁତ ଶକ୍ତିଶାଳୀ ହେଲା।

22ତେଣୁ ଫାରୋ ତାଙ୍କର ସମସ୍ତ ଲୋକମାନଙ୍କୁ ଆଜ୍ଞା
ଦେଲେ, "ଇଶ୍ରାୟେଲର ସମସ୍ତ ନବଜାତ ବାଳକମାନଙ୍କୁ ନୀଳ
ନଦୀରେ ଫୋପାଡି ଦିଅ। କିନ୍ତୁ ତୁମ୍ଭେ କନ୍ୟା ସନ୍ତାନଗଣଙ୍କୁ
ଜିବୀତ ରଖିପାର।"

## ଶିଶୁ ମୋଶା

2 ଲେବୀ ବଂଶର ଜଣେ ଲୋକ ଥିଲେ। ସିଏକି ସେହି
ଲେବୀ ବଂଶର ଜଣେ କନ୍ୟାଙ୍କୁ ବିବାହ କଲେ।
2ସେହି ସ୍ତ୍ରୀଲୋକ ଜଣଙ୍କ ଗର୍ଭବତୀ ହୋଇ ଏକ ପୁତ୍ର
ସନ୍ତାନମାନଙ୍କୁ ଜନ୍ମ ଦେଲେ। ତାଙ୍କ ମାତା ଦେଖିଲେ ତାଙ୍କର
ସେହି ପୁତ୍ର ବହୁତ ସୁନ୍ଦର ହୋଇଛି। ତେଣୁ ସେ ତାଙ୍କୁ
ତିନିମାସ କାଳ ଲୁଚାଇ ରଖିଲେ। 3ଯେତେବେଳେ ସେ (ସ୍ତ୍ରୀ)
ତାଙ୍କୁ ଦୀର୍ଘ ସମୟ ଧରି ଲୁଚାଇ ପାରିଲା ନାହିଁ, ସେ ଏକ
ଟୋକେଇ ତିଆରି କରି ତେଲ ଓ ରାଳ ଲେପନ କଲା। ସେ
ସେହି ବାଳକଟିକୁ ଟୋକେଇରେ ରଖିଲା ଏବଂ ନଦୀରେ

**ଫାରୋ** ଏହା ମିଶରର ରାଜାମାନଙ୍କର ପଦବୀ। ଏହାର ଅର୍ଥ "ମହାନ ଗୃହ"।

ନଳବନ ମଝିରେ ରଖିଲା। 4ସେହି ବାଳକର ଜଣେ ଭଉଣୀ
ତାକୁ ଦୂରରୁ ଲକ୍ଷ୍ୟ କରୁଥିଲା। ପିଲାଟିର କଣ ହେବ, ଏହା
ଜାଣିବା ପାଇଁ ଲକ୍ଷ୍ୟ ରଖିଲା।
5ଠିକ୍ ତା'ପରେ, ଫାରୋଙ୍କର କନ୍ୟା ନଦୀକୁ ଗାଧୋଇବାକୁ
ଗଲେ। ସେ ସେହି ନଳବନ ମଧ୍ୟରେ ଟୋକେଇଟିକୁ
ପାଇଲେ। ତାଙ୍କର ଚାକରମାନେ ସେହି ନଦୀ କୂଳରେ
ବୁଲୁଥିଲେ। ସେ ତାଙ୍କର ଜଣେ ଦାସୀକୁ ସେହି ପେଡ଼ିଟିକୁ
ଆଣିବା ପାଇଁ କହିଲେ। 6ରାଜାଙ୍କର କନ୍ୟା ଯେତେବେଳେ
ସେହି ଟୋକେଇଟିକୁ ଖୋଲି ସେହି ଶିଶୁ ପୁତ୍ରକୁ ଦେଖିଲେ।
ସେହି ଶିଶୁଟି କାନ୍ଦୁ ଥିଲା। ଏଥିପାଇଁ ସେ ତା ପାଇଁ ବହୁତ
ଦୁଃଖ କଲେ। ସେ କହିଲେ, "ଏହି ପିଲାଟି ଏବ୍ରୀୟ ମଧ୍ୟରୁ
ଜଣଙ୍କର ଅଟେ।"
7ତା'ପରେ ସେହି ଶିଶୁଟିର ଭଉଣୀ ରାଜାକନ୍ୟାଙ୍କୁ ପଚାରିଲା,
"ମୁଁ ଯାଇ ଏହି ଶିଶୁଟିକୁ ତା'ର ସ୍ତନ୍ୟପାନ କରାଇବା ପାଇଁ
ଜଣେ ଏବ୍ରୀୟା ଧାତ୍ରୀକି ଆଣିପାରେ କି?"
8ରାଜାଙ୍କର କନ୍ୟା କହିଲା, "ହଁ, ଦୟାକରି ଡ଼ାକ।"
ତେଣୁ ସେହି ବାଳକାଟି ଯାଇ ତା'ର ମାକୁ ଡ଼ାକି
ଆଣିଲା।
9ରାଜାଙ୍କର ଝିଅ ସେହି ମା'ଟିକୁ କହିଲା, "ଏହି ଶିଶୁଟିକୁ
ନିଅ ଏବଂ ମୋ ପାଇଁ ତାକୁ ଲାଳନ ପାଳନ କର, ଏଥିପାଇଁ
ମୁଁ ତୁମ୍ଭକୁ ପାରିଶ୍ରମିକ ଦେବି।"
ତେଣୁ ସେହି ସ୍ତ୍ରୀ ଲୋକଟି ଶିଶୁଟିକୁ ନେଲା ଏବଂ ତାକୁ
ଲାଳନ ପାଳନ କଲା। 10ସେହି ଶିଶୁଟି ବଢ଼ିବାକୁ ଲାଗିଲା,
ଏବଂ କିଛି ଦିନ ପରେ ସେହି ସ୍ତ୍ରୀ ଲୋକଟି ରାଜକନ୍ୟାକୁ
ସେହି ଶିଶୁଟିକୁ ଫେରାଇ ଦେଲା। ରାଜକନ୍ୟା ସେହି ଶିଶୁଟିକୁ
ନିଜର ସନ୍ତାନ ଭାବରେ ଗ୍ରହଣ କଲେ। ସେ ତା'ର ନାମ
ମୋଶା ଦେଲେ, କାରଣ ସେ ଜଳରୁ ତାଙ୍କୁ ଉଦ୍ଧାର କରି
ଆଣିଥିଲେ।

## ମୋଶା ତାଙ୍କର ଲୋକମାନଙ୍କୁ ସାହାଯ୍ୟ କରନ୍ତି

11ମୋଶା ବଡ଼ ହେଲେ। ସେ ତାଙ୍କର ନିଜର ଲୋକମାନଙ୍କୁ
ଭେଟିଲେ ଏବଂ ଦେଖିଲେ, ଏବ୍ରୀୟ ଲୋକମାନଙ୍କୁ କଠିନ
ପରିଶ୍ରମ କରିବା ପାଇଁ ବାଧ୍ୟ କରାଯାଉ ଅଛି। ଦିନେ ମୋଶା
ଦେଖିଲେ, ଜଣେ ମିଶରୀୟ ଲୋକ ଜଣେ ଏବ୍ରୀୟ ଲୋକକୁ
ପ୍ରହାର କରୁଥିଲା। 12ମୋଶା ଚତୁର୍ପାର୍ଶ୍ୱରେ କାହାରିକୁ ପାଇଲେ
ନାହିଁ। ତେଣୁ ସେଠାରେ ମୋଶା ସେହି ମିଶରୀୟ ଲୋକଟିକୁ
ହତ୍ୟା କଲେ ଓ ସେହି ଲୋକଟିକୁ ସେ ସେହି ବାଲିରେ
ପୋତି ଦେଲେ।
13ତା'ପର ଦିନ ମୋଶା ଦୁଇଜଣ ଏବ୍ରୀୟ ଲୋକଙ୍କୁ
ଦେଖିଲେ। ସେମାନେ ପରସ୍ପର ମଧ୍ୟରେ କଳି କରୁଥିଲେ।
ମୋଶା ଦେଖିଲେ ସେମାନଙ୍କ ମଧ୍ୟରୁ ଜଣଙ୍କର ଦୋଷ ଥିଲା।
ମୋଶା ସେହି ଦୋଷୀ ଲୋକଟିକୁ କହିଲେ, "ତୁମ୍ଭେ ଆପଣା
ଭାଇକୁ କାହିଁକି ପ୍ରହାର କରୁଛ?"
14ସେହି ଲୋକ ଜଣକ ଉତ୍ତର ଦେଲା, "କିଏ ତୁମ୍ଭକୁ
ଆମ୍ଭମାନଙ୍କର ଶାସକ ଓ ବିଚାରକର୍ତ୍ତା କରି ନିଯୁକ୍ତ କରିଅଛି?
ତୁମ୍ଭେ ସେହି ମିଶରୀୟ ଲୋକଟିକୁ ବଧ କଲା ପରି ମୋତେ
ବଧ କରିବା ପାଇଁ ଯୋଜନା କରୁଛ କି?"
ତହିଁରେ ମୋଶା ଭୟଭୀତ ହେଲେ। ମୋଶା ନିଜକୁ
ନିଜେ ଚିନ୍ତା କଲେ, "ଏକଥା ପ୍ରାୟ ସମସ୍ତେ ଜାଣିଛନ୍ତି।"
15ତା'ପରେ ଫାରୋ ଜାଣିବାକୁ ପାଇଲେ ମୋଶା ଯାହା
କରିଥିଲେ। ତେଣୁ ସେ ମୋଶାଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି
କଲେ। ତେଣୁ ଫାରୋଙ୍କ ନିକଟରୁ ମୋଶା ଖସି, ମିଦୟନୀୟ
ଦେଶକୁ ପଳାଇଲେ।

## ମିଦୟନୀୟରେ ମୋଶା

ସେଠାକୁ ଯାଇ ଏକ କୂପ ନିକଟରେ ବସିଲେ। 16ସେଠାରେ
ଜଣେ ମିଦୟନୀୟ ଯାଜକ ଥିଲେ, ଯାହାଙ୍କର ସାତୋଟି କନ୍ୟା
ଥିଲେ। ସେହି କନ୍ୟାମାନେ ସେହି କୂପ ନିକଟକୁ ତାଙ୍କର
ପିତାଙ୍କର ମେଷପଲ ପାଇଁ ପାଣି ନେବାକୁ ଆସିଥିଲେ।
ସେମାନେ ପାଣି କାଢ଼ି ସେହି କୁଣ୍ଡଟିକୁ ପୂର୍ଣ୍ଣ କରିବାକୁ
ଲାଗିଲେ। 17ଇତ୍ୟବସରରେ ମେଷପାଳକମାନେ ଆସି ସେମାନଙ୍କୁ
ଗୋଡାଇବାକୁ ଆରମ୍ଭ କଲେ। ମାତ୍ର ମୋଶା ସେମାନଙ୍କୁ
ସାହାଯ୍ୟ କଲେ ଓ ସେମାନଙ୍କର ମେଷପଲକୁ ଜଳ ଦେଲେ।
18ଏହାପରେ ସେମାନେ ତାଙ୍କର ପିତା ରୁୟେଲଙ୍କ ନିକଟକୁ
ଫେରିଗଲେ। ସେମାନଙ୍କର ପିତା ତାଙ୍କୁ ପଚାରିଲେ, "ତୁମ୍ଭେମାନେ
ଆଜି ଏତେ ଶୀଘ୍ର କିପରି ଫେରି ଆସିଲ!"
19କନ୍ୟାଗଣ ତାଙ୍କୁ ଉତ୍ତର ଦେଲେ, "ହଁ, ମେଷପାଳକମାନେ
ଆମ୍ଭକୁ ଘଉଡ଼ାଇ ଦେଉଥିଲେ, ମାତ୍ର ଏବ୍ରୀୟ ଲୋକ ଆମ୍ଭକୁ
ସାହାଯ୍ୟ କଲେ। ସେ ଆମ୍ଭମାନଙ୍କ ପାଇଁ ପାଣି କାଢ଼ି ଆମ୍ଭର
ମେଷମାନଙ୍କୁ ଜଳପାନ କରାଇଲେ।"
20ତେଣୁ ରୁୟେଲ ତାଙ୍କର କନ୍ୟାମାନଙ୍କୁ କହିଲେ, "ସେହି
ଲୋକଟି କେଉଁଠାରେ ଅଛି? ତୁମ୍ଭେ କାହିଁକି ତାଙ୍କୁ ଛାଡ଼ି
ଦେଲ? ତାଙ୍କୁ ଏଠାକୁ ଡ଼ାକ ସେ ଆମ୍ଭ ସହିତ ଖାଇବ।"
21ମୋଶା ସେହି ଲୋକଟି ସହିତ ବାସ କରିବା ପାଇଁ
ରାଜି ହେଲେ। ରୁୟେଲ ତାଙ୍କର କନ୍ୟା ସିପ୍ପୋରାକୁ ମୋଶାଙ୍କ
ସହିତ ବିବାହ ଦେଲେ। 22ସିପ୍ପୋରା ଗର୍ଭବତୀ ହେଲା, ଏବଂ
ଏକ ପୁତ୍ର ସନ୍ତାନ ଜନ୍ମ ଦେଲା। ମୋଶା ତାଙ୍କର ନାମ
ଗେର୍ଶୋମ ଦେଲେ, କାରଣ ସେ କହିଲେ, "ମୁଁ ବିଦେଶରେ
ବାସ କରି ଆସୁଅଛି।"

## ପରମେଶ୍ୱର ଇସ୍ରାୟେଲକୁ ସାହାଯ୍ୟ କରିବାକୁ ନିର୍ଣ୍ଣୟ କଲେ।

23ଦୀର୍ଘଦିନ ପରେ ସେହି ମିଶରରେ ରାଜା ମୃତ୍ୟୁବରଣ
କଲେ କିନ୍ତୁ ଇସ୍ରାୟେଲୀୟମାନଙ୍କୁ ପୂର୍ବପରି କଠିନ ପରିଶ୍ରମ
କରିବାକୁ ପଡ଼ିଲା। ସେମାନେ ଅନୁନୟ କଲେ ଏବଂ ପରମେଶ୍ୱର
ସେମାନଙ୍କର ଡାକ ଶୁଣିଲେ। 24ପରମେଶ୍ୱର ସେମାନଙ୍କର
ଆତୁର ଡ଼ାକ ଶୁଣିଲେ। ଅବ୍ରହାମ, ଇସହାକ୍ ଓ ଯାକୁବଙ୍କ
ସହିତ କରିଥିବା ଆପଣା ନିୟମ ସ୍ମରଣ କଲେ।
25ଇସ୍ରାୟେଲୀୟମାନଙ୍କ ପ୍ରତି ଧ୍ୟାନ ଦେଲେ ଓ ସେମାନଙ୍କ
ଅବସ୍ଥା ହୃଦୟଙ୍ଗମ କଲେ।

## ଜ୍ୱଳନ୍ତା ବୁଦା

3 ଯିଥ୍ରୋ ମୋଶାଙ୍କର ଶ୍ୱଶୁର ଥିଲେ। ଯିଥ୍ରୋ
ମିଦୟନୀୟମାନଙ୍କ ଯାଜକ ଥିଲେ। ମୋଶା ତାଙ୍କ
ଶ୍ୱଶୁରଙ୍କର ମେଷପଲମାନଙ୍କର ଯତ୍ନ ନେଉଥିଲେ। ଦିନେ

ମୋଶା ତାଙ୍କ ମେଷପଲଙ୍କୁ ମରୁଭୂମିର ପଶ୍ଚିମପଟକୁ ଆଗେଇ
ନେଲେ। ମୋଶା ହୋରେବ ନାମକ ଏକ ପର୍ବତକୁ ଗଲେ,
ଯାହାକି ପରମେଶ୍ୱରଙ୍କର ପର୍ବତ ଥିଲା। 2ସେହି ପର୍ବତରେ,
ମୋଶା ଦେଖିଲେ ସଦାପ୍ରଭୁଙ୍କର ଏକ ଦୂତ ଏକ ଜ୍ୱଳନ୍ତା
ବୁଦା ମଧ୍ୟରେ ଥିଲା। ମୋଶା ଦେଖିଲେ, ବୁଦାରେ ଅଗ୍ନି
ଲାଗିଥିଲେ ମଧ୍ୟ ତାହା ଧ୍ୱଂସ ହେଉ ନଥିଲା। 3ତେଣୁ ମୋଶା
ନିଶ୍ଚିତ କଲେ, ସେହି ବୁଦା ପାଖକୁ ଯାଇ ଅଦ୍ଭୁତ ଦୃଶ୍ୟ
ଦେଖିବାକୁ। କାହିଁକି ଏହି ବୁଦାଟି ନିଆଁରେ ଜଳି ମଧ୍ୟ ନଷ୍ଟ
ହେଉନାହିଁ?

4ସଦାପ୍ରଭୁ ଦେଖିଲେ, ମୋଶା ବୁଦା ଆଡ଼କୁ ଆସୁଛନ୍ତି।
ତେଣୁ ପରମେଶ୍ୱର ବୁଦା ମଧ୍ୟରୁ ମୋଶାଙ୍କୁ ଡ଼ାକିଲେ,
ପରମେଶ୍ୱର କହିଲେ, "ମୋଶା, ମୋଶା!"

ମୋଶା କହିଲେ, "ହଁ, ଆଜ୍ଞା ସଦାପ୍ରଭୁ।"

5ଏହାପରେ ସଦାପ୍ରଭୁ କହିଲେ, "ଆମ୍ଭର ଅଧିକ
ନିକଟବର୍ତ୍ତୀ ହୋଇ ନାହିଁ। ତୁମ୍ଭ ପାଦରୁ ପାଦୁକା କାଢ଼ି ଦିଅ
କାରଣ ତୁମ୍ଭେ ଯେଉଁ ଭୂମିରେ ଛିଡ଼ା ହୋଇଛ ତାହା ପବିତ୍ର
ଭୂମି ଅଟେ। 6ଆମ୍ଭେ ତୁମ୍ଭ ପୂର୍ବପୁରୁଷମାନଙ୍କର ପରମେଶ୍ୱର
ଅଟୁ। ଆମ୍ଭେ ଅବ୍ରହାମଙ୍କର ପରମେଶ୍ୱର ଅଟୁ।
ଆମ୍ଭେ ଇସ୍ହାକର ପରମେଶ୍ୱର ଅଟୁ ଏବଂ ଆମ୍ଭେ ଯାକୁବର
ପରମେଶ୍ୱର ଅଟୁ।" ମୋଶା ପରମେଶ୍ୱରଙ୍କୁ ଦେଖି ଭୟରେ
ତାଙ୍କର ମୁହଁ ଆବୃତ କଲେ।

7ଏହାପରେ ସଦାପ୍ରଭୁ କହିଲେ, "ଆମ୍ଭେ ମିଶରରେ
ଆପଣା ଲୋକମାନଙ୍କର ଅସୁବିଧା ସବୁ ଦେଖିଛୁ ଏବଂ
ମିଶରୀୟବାସୀ ସେମାନଙ୍କୁ ଯନ୍ତ୍ରଣା ଦେବା ସମୟରେ ଆମ୍ଭେ
ସେମାନଙ୍କର କ୍ରନ୍ଦନ ଶୁଣିଛୁ। ଆମ୍ଭେ ସେମାନଙ୍କର ଯନ୍ତ୍ରଣା
ସବୁ ଜାଣିଛୁ। 8ଏଥି ନିମନ୍ତେ ଆମ୍ଭେ ସେମାନଙ୍କୁ
ମିଶରୀୟମାନଙ୍କଠାରୁ ରକ୍ଷା କରିବା ପାଇଁ ମର୍ତ୍ତ୍ୟକୁ ଯିବି।
ଆମ୍ଭେ ସେମାନଙ୍କୁ ସେ ଭୂମିରୁ ଏକ ଉତ୍ତମ ଭୂମିକୁ
ନେଇଯିବା, ଯେଉଁଠାରେ ପ୍ରଚୁର ପରିମାଣରେ ଦୁଗ୍ଧ ଓ ମହୁର
ବନ୍ୟା ଛୁଟୁଥିବ। ସେଠାରେ ସେମାନଙ୍କ ପାଇଁ କୌଣସି
ଅସୁବିଧା ହେବନାହିଁ। ତୁମ୍ଭେ ସେଠାରେ ଅସୁବିଧାରୁ ମୁକ୍ତ
ରହିବ। ସମସ୍ତ ଉତ୍ତମ ଦ୍ରବ୍ୟମାନ ମିଳିବ। ବହୁଦେଶୀୟ
ଲୋକମାନେ ସେଠାରେ ବାସ କରୁଥିବେ। କିଣାନୀୟ, ହିତ୍ତୀୟ,
ଇମୋରୀୟ, ପିରିଷୀୟ, ହିବ୍ବୀୟ ଓ ଯିବୂଷୀୟମାନେ ଯେଉଁ
ସ୍ଥାନରେ ବାସ କରନ୍ତି ତୁମ୍ଭେମାନେ ସେହିଠାରେ ବାସ
କରିବ। 9ଆମ୍ଭେ ଇଶ୍ରାୟେଲୀୟ ଲୋକମାନଙ୍କର କ୍ରନ୍ଦନ
ଶୁଣିଅଛୁ। ଆମ୍ଭେ ଦେଖିଛୁ ମିଶରୀୟମାନେ ସେମାନଙ୍କୁ କିପରି
ଦୌରାତ୍ମ୍ୟ କରିଛନ୍ତି ଓ ତାଙ୍କର ଜୀବନ ଦୁର୍ବିସହ କରିଛନ୍ତି।
10ଏଣୁ ଆମ୍ଭେ ତୁମ୍ଭକୁ ଫାରୋଙ୍କ ନିକଟକୁ ପ୍ରେରଣ କରିବା
ଯାଅ! ମୋର ଲୋକମାନଙ୍କୁ ଆଗେଇ ନିଅ, ଇଶ୍ରାୟେଲୀୟମାନଙ୍କୁ
ମିଶର ମଧ୍ୟରୁ ଆଗେଇ ନେଇଯାଅ!"

11କିନ୍ତୁ ମୋଶା ପରମେଶ୍ୱରଙ୍କୁ କହିଲେ, "ମୁଁ ଫାରୋ
ନିକଟକୁ ଯିବା ପାଇଁ କିଏ? କିପରି ମୁଁ ଇଶ୍ରାୟେଲୀୟମାନଙ୍କୁ
ମିଶର ଦେଶରୁ ବାହାରକୁ ଆଣିବି?"

12ତା'ପରେ ପରମେଶ୍ୱର କହିଲେ, "ତୁମ୍ଭେ ଏହା କରିବାକୁ
ସମର୍ଥ କାରଣ ଆମ୍ଭେ ତୁମ୍ଭ ସହିତ ଥିବୁ! ଆମ୍ଭେ ଯେ ତୁମ୍ଭକୁ
ପ୍ରେରଣ କରୁଛୁ, ଏହା ତା'ର ପ୍ରମାଣ ମିଶରରୁ ଲୋକମାନଙ୍କୁ
ବାହାର କରି ଆଣିବା ପରେ ତୁମ୍ଭେମାନେ ଏହି ପର୍ବତରେ
ପରମେଶ୍ୱରଙ୍କର ଉପାସନା କରିବ।"

13ଏହାପରେ ମୋଶା ପରମେଶ୍ୱରଙ୍କୁ କହିଲେ, "ଯଦି ମୁଁ
ଇଶ୍ରାୟେଲୀୟ ଲୋକମାନଙ୍କ ନିକଟକୁ ଯାଇ କହେ, 'ତୁମ୍ଭମାନଙ୍କର
ପୂର୍ବପୁରୁଷମାନଙ୍କର ପରମେଶ୍ୱର ମୋତେ ପଠାଇଛନ୍ତି,' ଏହାପରେ
ଲୋକମାନେ ଯଦି ମୋତେ ପଚାରନ୍ତି, 'ତାଙ୍କର ନାମ କ'ଣ?'
ମୁଁ ତାଙ୍କୁ କ'ଣ କହିବି?"

14ଏହାପରେ ପରମେଶ୍ୱର ମୋଶାଙ୍କୁ କହିଲେ, "ସେମାନଙ୍କୁ
କୁହ, 'ଆମ୍ଭେ ଯେ ଅଛୁଁ, ସେ ଅଛୁଁ,' ଇଶ୍ରାୟେଲର
ଲୋକମାନଙ୍କୁ କୁହ ଯେ, 'ସ୍ୱୟମ୍ଭୁ' ମୋତେ ତୁମ୍ଭମାନଙ୍କ
ନିକଟକୁ ପଠାଇଛନ୍ତି।"

15ପରମେଶ୍ୱର ମୋଶାଙ୍କୁ ଆହୁରି କହିଲେ, "ତୁମ୍ଭେ
ଇଶ୍ରାୟେଲୀୟ ସନ୍ତାନଗଣଙ୍କୁ ଏହିକଥା କହିବ, 'ତୁମ୍ଭମାନଙ୍କ
ପୂର୍ବପୁରୁଷଗଣର ପରମେଶ୍ୱର, ଅର୍ଥାତ୍ ଅବ୍ରହାମର ପରମେଶ୍ୱର,
ଇସ୍ହାକର ପରମେଶ୍ୱର, ଯାକୁବର ପରମେଶ୍ୱର ସଦାପ୍ରଭୁ
(ସ୍ୱୟମ୍ଭୁ)ଙ୍କର ଏହି ନାମ ଅନନ୍ତକାଳସ୍ଥାୟୀ, ପୁଣି ପୁରୁଷାନୁକ୍ରମେ
ସ୍ମରଣୀୟ ଅଟେ।' 'ସେ ତୁମ୍ଭମାନଙ୍କ ନିକଟକୁ ମୋତେ
ପଠାଇଛନ୍ତି।'"

16ସଦାପ୍ରଭୁ ଆହୁରି କହିଲେ, "ଯାଅ ଏବଂ ଇଶ୍ରାୟେଲୀୟ
ପ୍ରାଚୀନଗଣଙ୍କୁ କୁହ, 'ସଦାପ୍ରଭୁ ତୁମ୍ଭମାନଙ୍କ ପୂର୍ବପୁରୁଷ ଗଣର
ପରମେଶ୍ୱର, ଅବ୍ରହାମ, ଇସ୍ହାକ ଓ ଯାକୁବର ପରମେଶ୍ୱର,
ମୋତେ କହି ଅଛନ୍ତି, ମିଶରୀୟମାନଙ୍କ ଦ୍ୱାରା ତୁମ୍ଭଙ୍କୁ ଦିଆଯାଇଥିବା
ଯନ୍ତ୍ରଣାସବୁ, ଆମ୍ଭେ ଚିହ୍ନି ନେଇଅଛୁ। 17ଏବଂ ଆମ୍ଭେ ତୁମ୍ଭମାନଙ୍କୁ
ମିଶରୀୟମାନଙ୍କଠାରୁ ରକ୍ଷା କରିବାକୁ ନିଷ୍ପତ୍ତି କରିଛୁ। ଆମ୍ଭେ
ତୁମ୍ଭମାନଙ୍କୁ କିଣାନୀୟମାନଙ୍କ ହିତ୍ତୀୟମାନଙ୍କ, ପିରିଷୀୟମାନଙ୍କ,
ହିବ୍ବୀୟମାନଙ୍କ ଓ ଯିବୂଷୀୟମାନଙ୍କର ଦୁଗ୍ଧମଧୁ ପ୍ରବାହୀ ଦେଶକୁ
ନେଇଯିବା।'

18"ଇଶ୍ରାୟେଲର ପ୍ରାଚୀନଗଣ ତୁମ୍ଭର କଥା ଶୁଣିବେ।
ପ୍ରାଚୀନବର୍ଗମାନଙ୍କ ସହିତ ମିଶରର ରାଜା ଫାରୋଙ୍କ ନିକଟକୁ
ଯାଅ। ତୁମ୍ଭେମାନେ ତାଙ୍କୁ କହିବ, 'ସଦାପ୍ରଭୁ ଏବ୍ରୀୟମାନଙ୍କର
ପରମେଶ୍ୱର, ଆମ୍ଭମାନଙ୍କ ସହିତ ସାକ୍ଷାତ କରିଅଛନ୍ତି। ତେଣୁ
ଆମ୍ଭେ ବିନୟ କରୁଅଛୁ, ତିନିଦିନ ମରୁଭୂମି ମଧ୍ୟକୁ ଯାତ୍ରା
କରି ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ
ବଳିଦାନ କରିବା ନିମନ୍ତେ ଆମ୍ଭମାନଙ୍କୁ ଅନୁମତି ଦିଅନ୍ତୁ।'

19"କିନ୍ତୁ ଆମ୍ଭେ ଜାଣୁ ଯେ, ଅଦୃଶ୍ୟ ହାତର ଶକ୍ତି
ବିନା ମିଶରର ରାଜାଙ୍କୁ ଜବରଦସ୍ତ କରାଗଲେ ମଧ୍ୟ, ତୁମ୍ଭମାନଙ୍କୁ
ଯିବାକୁ ଦେବନାହିଁ। 20ତେଣୁ ଆମ୍ଭେ ଆପଣା ମହାନ ଶକ୍ତି
ମିଶର ବିରୁଦ୍ଧରେ କାର୍ଯ୍ୟ କରାଇବା। ଆମ୍ଭେ ମିଶରରେ
ଆଶ୍ଚର୍ଯ୍ୟ କର୍ମମାନ ଘଟାଇବ, ଏହା ଆମ୍ଭେ କରିବା ପରେ
ସେ ତୁମ୍ଭମାନଙ୍କୁ ଯିବାକୁ ଦେବେ। 21ଆଉ ଆମ୍ଭେ ମିଶରୀୟ
ଲୋକମାନଙ୍କ ସାକ୍ଷାତରେ ଏହି ଲୋକମାନଙ୍କୁ ଅନୁଗ୍ରହ ପାତ୍ର
କରିବ, ତହିଁରେ ତୁମ୍ଭମାନଙ୍କର ଯାତ୍ରା ସମୟରେ ସେମାନେ
ତୁମ୍ଭମାନଙ୍କୁ ଉପହାରମାନ ଦେବେ।

22"ସମସ୍ତ ଇଶ୍ରାୟେଲୀୟ ସ୍ତ୍ରୀ ଆପଣା ପ୍ରତିବେଶୀନୀ ଓ
ଆପଣା ଗୃହପ୍ରବାସିନୀ ସ୍ତ୍ରୀ ନିକଟରୁ ରୌପ୍ୟ ଅଳଙ୍କାର ଓ
ସ୍ୱର୍ଣ୍ଣ ଅଳଙ୍କାର ଓ ବସ୍ତ୍ର ମାଗି ନେଇଯିବେ, ପୁଣି ତାହା
ତୁମ୍ଭେମାନେ ଆପଣା ପୁତ୍ର କନ୍ୟାଙ୍କୁ ପିନ୍ଧାଇବ। ଏହିପରି

ଭାବରେ ତୁମ୍ଭେମାନେ ମିଶରୀୟ ଲୋକମାନଙ୍କ ଦ୍ରବ୍ୟ ହରଣ
କରିବ।"

### ମୋଶାଙ୍କ ପାଇଁ ପ୍ରମାଣ

4 ଏହାପରେ ମୋଶା ପରମେଶ୍ୱରଙ୍କୁ ଉତ୍ତର ଦେଲେ,
"କିନ୍ତୁ ଇଶ୍ରାୟେଲର ଲୋକମାନେ ମୋତେ ବିଶ୍ୱାସ
କରିବେ ନାହିଁ, ଯେତେବେଳେ ତୁମ୍ଭେ ମୋତେ ପଠାଇଛ
ବୋଲି ମୁଁ କହିବି। ସେମାନେ କହିବେ, 'ସଦାପ୍ରଭୁ ତୁମ୍ଭକୁ
ଦର୍ଶନ ଦେଇ ନାହାଁନ୍ତି।'"
2କିନ୍ତୁ ପରମେଶ୍ୱର ମୋଶାଙ୍କୁ କହିଲେ, "ତୁମ୍ଭ ହାତରେ
କ'ଣ ଅଛି?"
ମୋଶା ଉତ୍ତର ଦେଲେ, "ଏହା ମୋର ଆଶାବାଡ଼ି।"
3ଏହାପରେ ପରମେଶ୍ୱର କହିଲେ, "ତୁମ୍ଭର ଆଶାବାଡ଼ିକୁ
ଭୂମିରେ ଫିଙ୍ଗି ଦିଅ।"
ତେଣୁ ମୋଶା ସେହି ଆଶାବାଡ଼ିଟିକୁ ଭୂମିରେ ଫିଙ୍ଗି
ଦେଲେ, ଏବଂ ସେହି ଆଶାବାଡ଼ିଟି ଏକ ସର୍ପ ପାଲଟି ଗଲା।
ମୋଶା ଡ଼ରିଗଲେ ଓ ତା'ଠାରୁ ଦୌଡ଼ି ପଳାଇଲେ। 4କିନ୍ତୁ
ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭେ ହସ୍ତ ପ୍ରସାର କରି
ତା'ର ଲାଞ୍ଜଟିକୁ ଧର।"
ତେଣୁ ମୋଶା ସର୍ପ ନିକଟକୁ ଯାଇ ତା'ର ଲାଞ୍ଜଟିକୁ
ଧରିଲେ। ଯେତେବେଳେ ମୋଶା ଏପରି କଲେ, ସେହି
ସର୍ପଟି ପୁନର୍ବାର ସେହି ଆଶାବାଡ଼ିରେ ପରିଣତ ହୋଇଗଲା।
5ଏହାପରେ ପରମେଶ୍ୱର କହିଲେ, "ତୁମ୍ଭର ଆଶାବାଡ଼ିଟିକୁ
ଏହିପରି ବ୍ୟବହାର କର ଏଥିରେ ସେମାନେ ବିଶ୍ୱାସ କରିବେ
ଯେ ତୁମ୍ଭେ ସଦାପ୍ରଭୁଙ୍କୁ ଦେଖିଅଛ। ଯିଏକି ତୁମ୍ଭମାନଙ୍କ
ପୂର୍ବପୁରୁଷମାନଙ୍କର ପରମେଶ୍ୱର, ଅବ୍ରହାମଙ୍କର ପରମେଶ୍ୱର,
ଇସ୍ହାକ୍ର ପରମେଶ୍ୱର, ଯାକୁବର ପରମେଶ୍ୱର ଅଟନ୍ତି।"
6ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭର
ହାତକୁ ତୁମ୍ଭର ଛାତିରେ ରଖ।"
ତେଣୁ ମୋଶା ତାଙ୍କର ହାତକୁ ତାଙ୍କର ଛାତିରେ ରଖିଲେ
ଏବଂ ବାହାର କରି ଆଣିଲେ। ଏହା କୁଷ୍ଠରେ ଆଚ୍ଛାଦିତ
ହୋଇ, ହିମପରି ଧଳା ହୋଇଗଲା।
7ଏହାପରେ ପରମେଶ୍ୱର କହିଲେ, "ତୁମ୍ଭର ହସ୍ତ ପୁନର୍ବାର
ତୁମ୍ଭର ଛାତିରେ ରଖ।" ତେଣୁ ମୋଶା ତାଙ୍କର ହାତ
ତାଙ୍କର ଛାତିରେ ଦେଲେ, ମୋଶା ତାଙ୍କର ହାତ ବାହାର
କରିବାରୁ ତାଙ୍କର ହାତ ପରିବର୍ତ୍ତନ ହୋଇ ପୂର୍ବପରି ହୋଇଗଲା।
8ଏହାପରେ ପରମେଶ୍ୱର କହିଲେ, "ଯଦି ଲୋକମାନେ
ତୁମ୍ଭକୁ ବିଶ୍ୱାସ ନ କରିବେ, ଯଦି ସେମାନେ ପ୍ରଥମ ଚିହ୍ନ
ଯୋଗୁ ଏହାକୁ ବିଶ୍ୱାସ ନକରନ୍ତି, ସେମାନେ ନିଶ୍ଚିତ ଭାବରେ
ଏହି ଚିହ୍ନକୁ ବିଶ୍ୱାସ କରିବେ। 9ଯଦି ସେମାନେ ଏହି ଦୁଇଟି
ପ୍ରମାଣ ଦେଖିବାପରେ ତୁମ୍ଭକୁ ବିଶ୍ୱାସ ନ କରନ୍ତି, ଏବଂ
ତଥାପି ଯଦି ସେମାନେ ତୁମ୍ଭ କଥା ନ ଶୁଣନ୍ତି, ତେବେ
ନୀଳନଦୀରୁ କିଛି ଜଳ ନେଇ ଭୂମିରେ ଢ଼ାଳିବ ତାହା
ଭୂମିରେ ପଡ଼ିଲା ମାତ୍ରେ ରକ୍ତ ହୋଇଯିବ।"
10କିନ୍ତୁ ମୋଶା ସଦାପ୍ରଭୁଙ୍କୁ କହିଲେ, "ହେ ସଦାପ୍ରଭୁ,
କଥା କହିବାର ଚାତୁର୍ଯ୍ୟ ମୋଠାରେ ନାହିଁ। ଏବଂ ଅତୀତରେ
ମୁଁ ଜଣେ ଉତ୍ତମ ବକ୍ତା ନଥିଲି। ବର୍ତ୍ତମାନ ମଧ୍ୟ ମୁଁ ଜଣେ
ଉତ୍ତମ ବକ୍ତା ନୁହେଁ, ଯଦିଓ ତୁମ୍ଭେ ମୋତେ କହିଲ। ଆପଣ
ଜାଣନ୍ତି ଯେ, ମୁଁ ବହୁତ ଧୀର କହେ ଏବଂ ଉତ୍ତମ ଶବ୍ଦ
ବ୍ୟବହାର କରିପାରିବି ନାହିଁ।"
11ଏହାପରେ ସଦାପ୍ରଭୁ ତାଙ୍କୁ କହିଲେ, "ମନୁଷ୍ୟର ମୁଖ
କିଏ ନିର୍ମାଣ କରିଛି? ମନୁଷ୍ୟକୁ କିଏ ମୂକ ବା ବଧିର
କରେ? ମନୁଷ୍ୟକୁ କିଏ ଦୃଷ୍ଟିହୀନ କରେ? ମନୁଷ୍ୟକୁ କିଏ
ଦୃଷ୍ଟିବାନ କରେ? ମୁଁ ହେଉଛି ସେହି ଯେ କି ଏ ସମସ୍ତ
କର୍ମ କରିଥାଏ। ମୁଁ ହେଉଛି ସେହି ସଦାପ୍ରଭୁ। 12ତେଣୁ
ତୁମ୍ଭେ ଯାଅ ମୁଁ ସର୍ବଦା ତୁମ୍ଭ ସହିତ ରହିଅଛି। ମୁଁ ତୁମ୍ଭର
ସହବର୍ତ୍ତୀ ହୋଇ ବକ୍ତବ୍ୟର କଥା ତୁମ୍ଭକୁ ଶିଖାଇବି।"
13କିନ୍ତୁ ମୋଶା କହିଲେ, "ହେ ମୋର ପରମେଶ୍ୱର, ମୁଁ
ତୁମ୍ଭକୁ ବିନୟ କରୁଅଛି ମୋତେ ନ ପଠାଇ ଅନ୍ୟ ଜଣଙ୍କୁ
ପଠାଅ।"
14ଏହାପରେ ସଦାପ୍ରଭୁ କ୍ରୋଧରେ ମୋଶାଙ୍କୁ କହିଲେ,
"ଉତ୍ତମ! ତୁମ୍ଭକୁ ସାହାଯ୍ୟ ପାଇଁ ମୁଁ ଅନ୍ୟ ଜଣକୁ ପଠାଇବି।
ତୁମ୍ଭର ଭାଇ, ଲେବୀୟ ହାରୋଣ ଜଣେ ସୁବକ୍ତା ଅଟେ। ସେ
ତୁମ୍ଭକୁ ସାକ୍ଷାତ କରିବାକୁ ଆସୁଅଛି। ସେ ତୁମ୍ଭକୁ ଦେଖି
ଆନନ୍ଦିତ ହେବ। 15ତୁମ୍ଭେ ହାରୋଣକୁ କହିବ ଏବଂ ତା'ର
ପାଟିରେ ବାକ୍ୟ ଦେବ। ମୁଁ ତୁମ୍ଭର ଜିହ୍ୱା ସହିତ ଓ ତା'ର
ଜିହ୍ୱା ସହିତ ଥିବି ଏବଂ ମୁଁ ତୁମ୍ଭମାନଙ୍କୁ କହିବି, ଯାହା
ତୁମ୍ଭେମାନଙ୍କୁ କହିବାକୁ ହେବ। 16ତୁମ୍ଭପାଇଁ ହାରୋଣ
ଲୋକମାନଙ୍କୁ କହିବ। ତୁମ୍ଭେ ତା ପାଇଁ ପରମେଶ୍ୱର ପରି
ଏବଂ ସେ ତୁମ୍ଭର ପ୍ରବକ୍ତା। 17ତେଣୁ ତୁମ୍ଭେ ଯାଅ ଓ ତୁମ୍ଭେ
ତୁମ୍ଭର ଆଶାବାଡ଼ିଟିକୁ ସାଙ୍ଗରେ ନେଇଯାଅ। ତୁମ୍ଭେ ଅଦ୍ଭୁତ
କାର୍ଯ୍ୟ କରିବାକୁ ଏହି ଆଶାବାଡ଼ି ବ୍ୟବହାର କରିବ।"

### ମୋଶା ମିଶରକୁ ଫେରିଗଲେ

18ଏହାପରେ ମୋଶା ତାଙ୍କର ଶ୍ୱଶୁର ଯିଥ୍ରୋଙ୍କ ନିକଟକୁ
ଫେରିଗଲେ। ମୋଶା ଯିଥ୍ରୋଙ୍କୁ କହିଲେ, "ଦୟାକରି ମୋତେ
ମିଶରକୁ ଯିବାକୁ ଦିଅ। ମୁଁ ମୋର ଲୋକମାନଙ୍କୁ ଦେଖିବା
ପାଇଁ ଚାହୁଁଛି ଏବଂ ଜାଣିବା ପାଇଁ ଚାହୁଁଛି, ସେମାନେ
ବର୍ତ୍ତମାନ କିପରି ଅଛନ୍ତି। ସେମାନେ ଆଜି ପର୍ଯ୍ୟନ୍ତ ଜୀବିତ
ଅଛନ୍ତି କି, ନାହିଁ?"
ଯିଥ୍ରୋ କହିଲେ, "ଅବଶ୍ୟ! ତୁମ୍ଭେ ଶାନ୍ତିରେ ଯାଅ।"
19ପରମେଶ୍ୱର ମିଦିୟନରେ ମୋଶାଙ୍କୁ କହିଲେ, "ତୁମ୍ଭେ
ବର୍ତ୍ତମାନ ମିଶରକୁ ନିରାପଦରେ ଯାଇପାର, କାରଣ ଯେଉଁମାନେ
ତୁମ୍ଭକୁ ମାରିବାକୁ ଚାହୁଁଥିଲେ, ସେମାନେ ବର୍ତ୍ତମାନ ମୃତ।"
20ତେଣୁ ମୋଶା ତାଙ୍କର ପୁତ୍ରକନ୍ୟାମାନଙ୍କୁ ଗଧରେ
ବସାଇ ମିଶର ଅଭିମୁଖେ ବାହାରିଲେ। ମୋଶା ତାଙ୍କର
ଆଶାବାଡ଼ି ସଙ୍ଗରେ ନେଲେ ଏବଂ ପରମେଶ୍ୱରଙ୍କ ଶକ୍ତି ତାଙ୍କ
ସହିତ ଥିଲା।
21ମୋଶା ମିଶରକୁ ଯାତ୍ରାକରୁଥିବା ସମୟରେ ପରମେଶ୍ୱର
ତାଙ୍କୁ କହିଲେ, "ମନେରଖ, ତୁମ୍ଭେ ଫାରୋଙ୍କ ସହିତ କଥା
ହେବା ସମୟରେ ତୁମ୍ଭେ ସମସ୍ତ ଅଦ୍ଭୁତ କାର୍ଯ୍ୟ ତାଙ୍କୁ
ଦେଖାଇବ ଯାହା ମୁଁ ତୁମ୍ଭକୁ ଦେଇଅଛି। କିନ୍ତୁ ମୁଁ ଫାରୋଙ୍କ
ମନକୁ କଠିନ କରିବି। ଯେଉଁଥିରେ ସେ ଲୋକମାନଙ୍କୁ
ମିଶର ଛାଡ଼ିବାକୁ ଅନୁମତି ଦେବେ ନାହିଁ। 22ସଦାପ୍ରଭୁ

କହଲେ, ତୁମ୍ଭେ ଫାରୋଙ୍କୁ କହବ। 23ସଦାପ୍ରଭୁ କହନ୍ତି,
'ଇଶ୍ରାୟେଲ ହେଉଛ ମୋର ପ୍ରଥମଜାତ ପୁତ୍ର ଏବଂ ମୁଁ
ତୁମ୍ଭକୁ କହୁଛ ଯେ ତୁମ୍ଭେ ମୋର ପୁତ୍ରଙ୍କୁ ଛାଡଦଅ, ଯାହା
ଫଳରେ ସେମାନେ ମୋର ଉପାସନା କରବେ। ଯଦ ତୁମ୍ଭେ
ସେମାନଙ୍କୁ ଯିବା ପାଇଁ ନଦଅ ତେବେ ମୁଁ ତୁମ୍ଭର ପ୍ରଥମଜାତ
ପୁତ୍ରକୁ ହତ୍ୟା କରବ।'"

## ମୋଶାଙ୍କ ପୁତ୍ର ସୁନ୍ନତ ହେଲେ

24ମିଶରକୁ ଯିବା ବାଟରେ, ମୋଶା ଏକ ସ୍ଥାନରେ ରାତ୍ରି
ଯାପନ କଲେ। ସଦାପ୍ରଭୁ ମୋଶାଙ୍କୁ ସେଠାରେ ସାକ୍ଷାତ
କଲେ ଏବଂ ତାଙ୍କୁ ହତ୍ୟା କରବା ପାଇଁ ଚେଷ୍ଟା କଲେ।
25କନ୍ତୁ ସିପ୍ପୋରା ଏକ ତୀକ୍ଷ୍ଣ ଅସ୍ତ୍ରଧର ଆପଣା ପୁତ୍ରକୁ ସୁନ୍ନତ
କଲ ଏବଂ ସେହ ଚର୍ମଟି ତାଙ୍କ ଚରଣ ତଳେ ପକାଇ
କହଲ, "ତୁମ୍ଭେ ମୋହର ରକ୍ତ ରଂଜିତ ସ୍ୱାମୀ।" 26ସେ
କହଲ, ରକ୍ତ ରଂଜିତ ସ୍ୱାମୀ ସୁନ୍ନତ କାରଣରୁ। ତେଣୁ
ପରମେଶ୍ୱର ମୋଶାଙ୍କୁ ଛାଡ ଦେଲେ।

## ମୋଶା ଏବଂ ହାରୋଣ ପରମେଶ୍ୱରଙ୍କ ସମ୍ମୁଖରେ

27ସଦାପ୍ରଭୁ ହାରୋଣଙ୍କୁ କହଲେ, "ତୁମ୍ଭେ ମୋଶାଙ୍କ
ସହତ ସାକ୍ଷାତ କରବା ନମିତ୍ତ ମରୁଭୂମିକୁ ଯାଅ।" ତେଣୁ
ସେ ଯାଇ ପରମେଶ୍ୱରଙ୍କ ପର୍ବତରେ ତାଙ୍କ ସହତ ମିଳ ତାଙ୍କୁ
ଚୁମ୍ବନ କଲେ। 28ମୋଶା ହାରୋଣଙ୍କୁ କହଲେ, ସଦାପ୍ରଭୁ
ତୁମ୍ଭକୁ କାହିଁକ ପଠାଇଛନ୍ତି। ମୋଶା ହାରୋଣଙ୍କୁ ସମସ୍ତ
ଅଦ୍ଭୁତ କାର୍ଯ୍ୟମାନ ଦେଖାଇଲେ ଏବଂ ସଦାପ୍ରଭୁ କହଥିବା
ସମସ୍ତ କଥା ତାଙ୍କୁ କହଲେ।
29ତେଣୁ ମୋଶା ଏବଂ ହାରୋଣ ଏକତ୍ର ଯାଇ ଇଶ୍ରାୟେଲର
ପ୍ରାଚୀନବର୍ଗମାନଙ୍କୁ ଏକତ୍ରୀତ କଲେ। 30ଏହାପରେ ହାରୋଣ
ଲୋକମାନଙ୍କୁ କହଲେ, ସେ ସେହ ପ୍ରାଚୀନବର୍ଗଙ୍କୁ ସମସ୍ତ
କଥା କହଲେ ଯାହା ସବୁ ସଦାପ୍ରଭୁ ମୋଶାଙ୍କୁ କହଥିଲେ,
ଏହାପରେ ମୋଶା ତାଙ୍କର ପ୍ରମାଣ ଲୋକମାନଙ୍କୁ ଜଣାଇଲେ।
31ଲୋକମାନେ ମଧ ବଶ୍ୱାସ କଲେ ଯେ ପରମେଶ୍ୱର
ମୋଶାଙ୍କୁ ପଠାଇଛନ୍ତି। ଯେତେବେଳେ ଇଶ୍ରାୟେଲୀୟମାନେ
ଶୁଣିଲେ ଯେ, ପରମେଶ୍ୱର ସେମାନଙ୍କର ଅସୁବଧା ଦେଖିଛନ୍ତି
ଏବଂ ସେମାନଙ୍କ ପାଇଁ ଦୁଃଖ କଲେ। ସେମାନେ ତାଙ୍କୁ
ପ୍ରଣାମ କଲେ ଓ ଉପାସନା କଲେ।

## ମୋଶା ଏବଂ ହାରୋଣ ଫାରୋଙ୍କ ସମ୍ମୁଖରେ

5 ମୋଶା ଏବଂ ହାରୋଣ ଏପର କହ ସାରବା ପରେ
ଫାରୋଙ୍କ ନକଟକୁ ଗଲେ। ସେମାନେ କହଲେ, "ସଦାପ୍ରଭୁ,
ଇଶ୍ରାୟେଲର ପରମେଶ୍ୱର କହଛନ୍ତି, 'ମୋର ଲୋକମାନଙ୍କୁ
ଯିବାକୁ ଦଅ। ସେମାନେ ମୋ ସମ୍ମାନାର୍ଥେ ମରୁଭୂମିରେ ଏକ
ଉତ୍ସବ ପାଳନ କରବେ।'"
2କନ୍ତୁ ଫାରୋ କହଲେ, "ସଦାପ୍ରଭୁ କିଏ? ମୁଁ କାହିଁକ
ତାଙ୍କୁ ମାନବ? ମୁଁ କାହିଁକ ଇଶ୍ରାୟେଲୀୟମାନଙ୍କୁ ଯିବାକୁ
ଦେବ? ସଦାପ୍ରଭୁ କିଏ ମୁଁ ତାହା ଜାଣେ ନାହିଁ। ତେଣୁ ମୁଁ
ଇଶ୍ରାୟେଲୀୟମାନଙ୍କୁ ଯିବାକୁ ଦେବ ନାହିଁ।"
3ଏହାପରେ ହାରୋଣ ଏବଂ ମୋଶା କହଲେ,
"ଏବ୍ରୀୟମାନଙ୍କର ପରମେଶ୍ୱର ଆମ୍ଭମାନଙ୍କୁ ଏହା କହଛନ୍ତି।
ତେଣୁ ଆମ୍ଭେ ତୁମ୍ଭର ଅନୁମତି ଲୋଡୁଛୁ। ଆମ୍ଭମାନଙ୍କୁ
ମରୁଭୂମିକୁ ଯିବାକୁ ଦଅନ୍ତୁ। ଆମ୍ଭେମାନେ ସେଠାରେ ତାଙ୍କ
ସମ୍ମାନାର୍ଥେ ବଳଦାନ ଉତ୍ସର୍ଗ କରବୁ। ସେ ସଦାପ୍ରଭୁ ଆମ୍ଭମାନଙ୍କର
ପରମେଶ୍ୱର। ଯଦ ଆମ୍ଭେ ତାହା ନ କରୁ ସେ ହୁଏତ୍
କ୍ରୋଧ କର ପାରନ୍ତି ଏବଂ ଆମ୍ଭମାନଙ୍କୁ ଧ୍ୱଂସ କରପାରନ୍ତି।
ସେ ଆମ୍ଭମାନଙ୍କୁ ଯୁଦ୍ଧ କମ୍ବା ଅସୁସ୍ଥତା ମାଧମରେ ମୃତ୍ୟୁ
ଦେଇ ପାରନ୍ତି।"
4କନ୍ତୁ ଫାରୋ ସେମାନଙ୍କୁ କହଲେ, "ମୋଶା ଏବଂ
ହାରୋଣ, ତୁମ୍ଭେମାନେ ମୋର କର୍ମୀମାନଙ୍କୁ କାର୍ଯ୍ୟରୁ ନବୃତ୍ତ
କରୁଅଛ। ସେମାନଙ୍କୁ ସେମାନଙ୍କର କାର୍ଯ୍ୟ କରବାକୁ ଦଅ!
5ଏଠାରେ ଅନେକ ଲୋକ ଅଛନ୍ତି। ତୁମ୍ଭେମାନେ ସେମାନଙ୍କୁ
ସେମାନଙ୍କର କର୍ମରୁ ନବୃତ୍ତ କରୁଅଛ।"

## ଫାରୋ ଲୋକମାନଙ୍କୁ ଶାସ୍ତି ବଧାନ କଲେ

6ସେହଦନ, ଫାରୋ କ୍ରୀତଦାସମାନଙ୍କର ମୁନବମାନଙ୍କୁ ଓ
ସେମାନଙ୍କର ନରୀକ୍ଷକମାନଙ୍କୁ ଆଜ୍ଞା ଦେଲେ, 7"ତୁମ୍ଭେମାନେ
ସେମାନଙ୍କୁ ଇଟା ପାଇଁ ନଡା ଦେଉଥିଲ। ସେମାନଙ୍କୁ ଆଉ
ପାଳ ଦଅ ନାହିଁ। ସେମାନେ ନଜପାଳ ନଜେ ସଂଗ୍ରହ
କରନ୍ତୁ। 8କନ୍ତୁ ସେମାନେ ପୂର୍ବ ପର ଯେତେ ସଂଖ୍ୟକ ଇଟା
ତିଆର କରୁଥିଲେ, ସେମାନଙ୍କୁ ସେତିକ ଇଟା ତିଆର
କରାଅ। ସେମାନେ ଅଳସୁଆ ହୋଇଛନ୍ତି। ଯେଉଁଥିପାଇଁ
ସେମାନେ ଯିବାପାଇଁ ମୋତେ ଅନୁମତି ମାଗୁଛନ୍ତି। ତାଙ୍କର
କଛ କାର୍ଯ୍ୟ କରବାକୁ ଇଚ୍ଛା ନାହିଁ। ଯେଣୁ ସେମାନେ
ସେମାନଙ୍କର ପରମେଶ୍ୱରଙ୍କ ପାଇଁ ବଳଦାନ* ଉତ୍ସର୍ଗ କରବାକୁ
ଚାହୁଁଛନ୍ତି। 9ତେଣୁ ଏହ ଲୋକମାନଙ୍କୁ କଠିନ ପରଶ୍ରମ
କରାଇ ସେମାନଙ୍କୁ ସର୍ବଦା ବ୍ୟସ୍ତ ରଖ। ଯେଉଁଥିରେ ସେମାନେ
ମିଥ୍ୟା କଥା ଶୁଣିବାକୁ ସମୟ ପାଇବେ ନାହିଁ।"
10ତେଣୁ ଇଶ୍ରାୟେଲୀୟ କ୍ରୀତଦାସମାନଙ୍କର ମୁନବ ଓ
ତଦାରଖକାରୀଗଣ ଇଶ୍ରାୟେଲୀୟ ଲୋକମାନଙ୍କୁ କହଲେ,
"ତୁମ୍ଭମାନଙ୍କୁ ଆଉ ପାଳ ନଦେବା ପାଇଁ ଫାରୋ ନଷ୍ପତ୍ତି
କରଛନ୍ତି। 11ତୁମ୍ଭେ ଆପଣା ପାଇଁ ନଜେ ପାଳ ସଂଗ୍ରହ
କର। କନ୍ତୁ ମନେରଖ ପୂର୍ବପର ତୁମ୍ଭେମାନେ ଯେତେ
ସଂଖ୍ୟକ ଇଟା ନର୍ମାଣ କରୁଥିଲ ସେତିକ ସଂଖ୍ୟକ ଇଟା
ତିଆର କରବ।"
12ତେଣୁ ଲୋକମାନେ ମିଶରର ଚାରଆଡ଼େ ବୁଲ ପାଳ
ସଂଗ୍ରହ କଲେ। 13କ୍ରୀତଦାସମାନଙ୍କର ମୁନବମାନେ ସେମାନଙ୍କର
କାର୍ଯ୍ୟକୁ କଠିନ କରାଇଲେ ଏବଂ ସେମାନଙ୍କୁ ବାଧ୍ୟ କରାଇଲେ
କଠିନ ପରଶ୍ରମ କରବା ପାଇଁ ଏବଂ ପୂର୍ବପର ଇଟା ନର୍ମାଣ
କରବାପାଇଁ। 14ଫାରୋଙ୍କର ମୁନବମାନେ, ତଦାରଖକାରୀମାନଙ୍କୁ
ଲୋକମାନଙ୍କ ଉପରେ ନଯୁକ୍ତ କଲେ। ସେମାନେ କ୍ରୀତଦାସମାନଙ୍କୁ
ଚାବୁକ ମାର କହଲେ, "କାହିଁକ ତୁମ୍ଭେମାନେ ଯେତେ ଇଟା
ନର୍ମାଣ କରୁଥିଲ, ସେତିକ ଇଟା ନର୍ମାଣ କରୁନାହିଁ? ପୂର୍ବରୁ
ତୁମ୍ଭେମାନେ ଇଟା ତିଆର କରପାରୁଥିଲ, ଏବେ କାହିଁକ କର
ପାରବ ନାହିଁ।"

---

**ବଳଦାନ** ଏହାର ଅର୍ଥ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଉପହାର

**15**ଏହାପରେ ଇଶ୍ରାୟେଲୀୟ଼ କାର୍ଯ୍ୟଦକ୍ଷମାନେ ଫାରୋଙ୍କ
ନିକଟକୁ ଗଲେ। ସେମାନେ ଅଭିଯୋଗ କରି କହିଲେ,
"ଆମ୍ଭେମାନେ ତୁମ୍ଭର ଦାସ କାହିଁକି ତୁମ୍ଭେ ଆମ୍ଭମାନଙ୍କୁ ଏପରି
ବ୍ୟବହାର କରୁଛ? **16**ତୁମ୍ଭେ ଆମ୍ଭକୁ କୌଣସି ନଡ଼ା ପାଳ
ଦେଉ ନାହିଁ କିନ୍ତୁ ପୂର୍ବପରି ଇଟା ନିର୍ମାଣ ପାଇଁ କହୁଛ।
ତେଣୁ ଆମ୍ଭର ମୁନିବମାନେ ଆମ୍ଭମାନଙ୍କୁ ପ୍ରହାର କରୁଛନ୍ତି।
ତୁମ୍ଭର ଲୋକମାନେ ଏପରି କରି ଆମ୍ଭମାନଙ୍କ ପ୍ରତି ଅନ୍ୟାୟ
କରୁଛନ୍ତି।"

**17**ଫାରୋ ଉତ୍ତର ଦେଲେ, "ତୁମ୍ଭେମାନେ ଅଳସୁଆ।
ତୁମ୍ଭେମାନେ କାର୍ଯ୍ୟ କରୁନାହଁ, ଯେଉଁଥିପାଇଁ ତୁମ୍ଭେମାନେ
ଯିବାପାଇଁ ମୋତେ ଅନୁମତି ମାଗୁଥିଲ। ଏବଂ ସେଥିପାଇଁ
ତୁମ୍ଭେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳି ଉତ୍ସର୍ଗ ଦେବାକୁ
ଚାହିଁଲ। **18**ବର୍ତ୍ତମାନ ତୁମ୍ଭମାନଙ୍କର କାର୍ଯ୍ୟକୁ ଫେରିଯାଅ। ମୁଁ
ତୁମ୍ଭମାନଙ୍କୁ କିଛି ପାଳ ବା ନଡ଼ା ଦେବି ନାହିଁ ଏବଂ ପୂର୍ବପରି
ତୁମ୍ଭମାନଙ୍କୁ ସେତିକି ସଂଖ୍ୟକ ଇଟା ତିଆରି କରିବାକୁ ହିଁ
ପଡ଼ିବ।"

**19**ଇଶ୍ରାୟେଲୀୟ଼ ବଂଶୀୟ଼ କାର୍ଯ୍ୟଦକ୍ଷମାନେ ଜାଣିଲେ ଯେ
ସେମାନେ ଅସୁବିଧାରେ ପଡ଼ିଗଲେ ଏବଂ ସେମାନେ ଜାଣିଲେ
ଯେ ସେମାନେ ପୂର୍ବପରି ସେତିକି ସଂଖ୍ୟକ ଇଟା ତିଆରି
କରିପାରିବେ ନାହିଁ।

**20**ସେମାନେ ଫାରୋଙ୍କଠାରୁ ଫେରିବା ବେଳେ ମୋଶା ଓ
ହାରୋଣଙ୍କର ସାକ୍ଷାତ ପାଇଲେ। ସେମାନେ ବାଟରେ ଅପେକ୍ଷା
କରିଥିଲେ। **21**ତେଣୁ ସେମାନେ ମୋଶା ଓ ହାରୋଣଙ୍କୁ
କହିଲେ, "ତୁମ୍ଭେମାନେ ଯାହା କଲ, ସଦାପ୍ରଭୁ ଦେଖନ୍ତୁ ଓ
ତୁମ୍ଭମାନଙ୍କୁ ଦଣ୍ଡ ଦିଅନ୍ତୁ। ଫାରୋ ଏବଂ ତାଙ୍କର ଲୋକମାନେ
ଆମ୍ଭମାନଙ୍କୁ ଯେପରି ଘୃଣା କରନ୍ତି। ତୁମ୍ଭେ ସେମାନଙ୍କ
ହସ୍ତରେ ଆମ୍ଭମାନଙ୍କୁ ହତ୍ୟା କରିବା ପାଇଁ ଅସ୍ତ୍ରରେ ସଜ୍ଜିତ
କରିଛ।"

## ପରମେଶ୍ୱରଙ୍କଠାରେ ମୋଶାଙ୍କ ଅଭିଯୋଗ

**22**ଏହାପରେ ମୋଶା ସଦାପ୍ରଭୁଙ୍କ ପାଖକୁ ଫେରିଗଲେ ଓ
କହିଲେ, "ହେ ପ୍ରଭୁ, କାହିଁକି ତୁମ୍ଭର ଲୋକମାନଙ୍କ ପାଇଁ
ଏପରି ବିପଦମାନ ସୃଷ୍ଟି କଲ। ତୁମ୍ଭେ ମୋତେ କାହିଁକି ଏହି
ସ୍ଥାନକୁ ପଠାଇଲ? **23**ମୁଁ ଫାରୋଙ୍କ ନିକଟକୁ ଯାଇ ତୁମ୍ଭେ
ଯାହା କହିବାକୁ ମୋତେ କହିଥିଲ, ତାହା ମୁଁ କହିଲି। କିନ୍ତୁ
ସେହି ସମୟଠାରୁ ସେ ତୁମ୍ଭର ଲୋକମାନଙ୍କ ପାଇଁ ନିଷ୍ଠୁର
ହେଲେ। କିନ୍ତୁ ତୁମ୍ଭେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ
କିଛି କଲ ନାହିଁ।"

**6** ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ବର୍ତ୍ତମାନ
ତୁମ୍ଭେ ଦେଖିବ ମୁଁ ଫାରୋଙ୍କୁ କ'ଣ କରିବି। ମୋର
ମହାନ ଶକ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟ କରିବ ଏବଂ ସେ
ମୋର ଲୋକମାନଙ୍କୁ ଯିବାକୁ ଦେବ। ବର୍ତ୍ତମାନ ସେ ଲୋକମାନଙ୍କୁ
ବାଧ୍ୟ କରିବ ତାଙ୍କର ଦେଶ ଛାଡ଼ି ଯିବା ପାଇଁ?"

**2**ପରମେଶ୍ୱର ମୋଶାଙ୍କୁ କହିଲେ, ଆମ୍ଭେ ଯିହୋବାଃ।
**3**"ଆମ୍ଭେ ସଦାପ୍ରଭୁ, ଆମ୍ଭେ ଅବ୍ରହାମ, ଇସହାକ୍ ଓ ଯାକୁବଙ୍କୁ
ଦର୍ଶନ ଦେଇଥିଲୁ। ସେମାନେ ଆମ୍ଭଙ୍କୁ ସର୍ବଶକ୍ତିମାନ
ପରମେଶ୍ୱର ବୋଲି କହିଥିଲେ। ସେମାନେ ଆମ୍ଭର ନାମ
ସଦାପ୍ରଭୁ ବୋଲି ଜାଣି ନଥିଲେ। **4**ଆମ୍ଭେ ସେମାନଙ୍କ ସହିତ
ଚୁକ୍ତି କରିଥିଲୁ ଏବଂ ମୁଁ ସେମାନଙ୍କୁ କିଣାନ ଦେଶ
ଦେବାପାଇଁ ସେମାନଙ୍କଠାରେ ପ୍ରତିଜ୍ଞା କରିଥିଲି। ସେମାନେ
ସେଠାରେ ବାସ କରୁଥିଲେ କିନ୍ତୁ ସେ ଦେଶ ସେମାନଙ୍କର
ନଥିଲା। **5**ବର୍ତ୍ତମାନ ଇଶ୍ରାୟେଲୀୟମାନଙ୍କର ଆର୍ତ୍ତଚିତ୍କାର ମୁଁ
ଶୁଣିଅଛି। ମୁଁ ଦେଖିଛି ମିଶରବାସୀମାନେ କିପରି ସେମାନଙ୍କୁ
କ୍ରୀତଦାସ କରି ଅଛନ୍ତି। ଏବଂ ମୁଁ ମୋର ଚୁକ୍ତି ମନେ
ରଖିଅଛି। **6**ତେଣୁ ଇଶ୍ରାୟେଲୀୟ଼ ଲୋକମାନଙ୍କୁ କୁହ, 'ଆମ୍ଭେ
ସଦାପ୍ରଭୁ, ଆମ୍ଭେ ତୁମ୍ଭମାନଙ୍କୁ ରକ୍ଷା କରିବା। ଆମ୍ଭେ ତୁମ୍ଭକୁ
ମୁକ୍ତ କରିବା। ତୁମ୍ଭେମାନେ ମିଶରବାସୀମାନଙ୍କର ଆଉ ଦାସ
ହୋଇ ରହିବ ନାହିଁ। ମୁଁ ମୋର ମହାନଶକ୍ତି ପ୍ରୟୋଗ କରି
ମିଶରବାସୀମାନଙ୍କୁ ଭୟଙ୍କର ଭାବେ ଦଣ୍ଡ ଦେବି। ଏହାପରେ
ମୁଁ ତୁମ୍ଭମାନଙ୍କୁ ସେମାନଙ୍କ କବଳରୁ ରକ୍ଷା କରିବି। **7**ତୁମ୍ଭେମାନେ
ମୋର ଲୋକ ହେବ। ଏବଂ ମୁଁ ତୁମ୍ଭର ପରମେଶ୍ୱର ହେବି।
ମୁଁ ସଦାପ୍ରଭୁ ତୁମ୍ଭର ପରମେଶ୍ୱର ଅଟେ। ଏବଂ ତୁମ୍ଭେ
ଜାଣିବ ଯେ, ମୁଁ ତୁମ୍ଭମାନଙ୍କୁ ମିଶରୀୟମାନଙ୍କ ଦାଉରୁ ରକ୍ଷା
କରିବି। **8**ମୁଁ ଅବ୍ରହାମଙ୍କ, ଇସ୍ହାକ୍ ଏବଂ ଯାକୁବଙ୍କ ସହ
ଯେଉଁ ମହତ୍ ପ୍ରତିଜ୍ଞା କରିଅଛି। ମୁଁ ପ୍ରତିଜ୍ଞା କରିଅଛି
ତୁମ୍ଭମାନଙ୍କୁ ସେହି ଭୂମି ଦେବା ପାଇଁ। ଏବଂ ତୁମ୍ଭମାନଙ୍କୁ
ସେହି ଭୂମିକୁ ନେଇଯିବାକୁ। ଏହା ତୁମ୍ଭମାନଙ୍କର ହେବ। ମୁଁ
ସଦପ୍ରଭୁ ଅଟେ।'"

**9**ତେଣୁ ମୋଶା ଏହିସବୁ ଘଟଣା ଇଶ୍ରାୟେଲର ଲୋକମାନଙ୍କୁ
କହିଲେ। କିନ୍ତୁ ଲୋକମାନେ ତାଙ୍କର କଥାକୁ କର୍ଣ୍ଣପାତ
କଲେ ନାହିଁ। ସେମାନଙ୍କର ଉତ୍ସାହ ଭାଙ୍ଗି ପଡିଲା। ଏବଂ
ସେମାନେ ଏତେ କଠିନ ପରିଶ୍ରମ କରୁଥିଲେ ଯେ ମୋଶାଙ୍କର
କଥା ଶୁଣିବା ପାଇଁ ତାଙ୍କର ଆଉ ଧୈର୍ଯ୍ୟ ନ ଥିଲା।

**10**ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, **11**"ମିଶରର
ରାଜା ଫାରୋଙ୍କୁ ଯାଇ କୁହ, ତାଙ୍କର ଦେଶରୁ ଇଶ୍ରାୟେଲ
ସନ୍ତାନଗଣଙ୍କୁ ପଠେଇ ଦେବା ପାଇଁ।"

**12**କିନ୍ତୁ ମୋଶା ଉତ୍ତର ଦେଲେ, "ଇଶ୍ରାୟେଲ ସନ୍ତାନଗଣ
ମୋର କଥାକୁ କର୍ଣ୍ଣପାତ କରି ନାହାଁନ୍ତି। ତେଣୁ ଫାରୋ
ମୋର କଥାକୁ କର୍ଣ୍ଣପାତ କରିବେ ନାହିଁ। ମୁଁ ଜଣେ ଅତି
ମନ୍ଦ ବକ୍ତା।"

**13**କିନ୍ତୁ ସଦାପ୍ରଭୁ ଇଶ୍ରାୟେଲର ସନ୍ତାନଗଣଙ୍କୁ କହିବା
ପାଇଁ ମୋଶା ଓ ହାରୋଣଙ୍କୁ ଆଜ୍ଞା ଦେଲେ। ସେ ମିଶରର
ରାଜା ଫାରୋଙ୍କ ନିକଟକୁ ଯିବା ପାଇଁ ଏବଂ ଇଶ୍ରାୟେଲୀୟ଼
ସନ୍ତାନଗଣଙ୍କୁ ମିଶରରୁ ବାହାର କରି ଆଣିବା ପାଇଁ ସେମାନଙ୍କୁ
ଆଜ୍ଞା ଦେଲେ।

## ଇଶ୍ରାୟେଲୀୟମାନଙ୍କର କେତେକ ପରିବାର

**14**ଏହି ସମସ୍ତ ଲୋକ ଇଶ୍ରାୟେଲ ବଂଶ ମଧ୍ୟରେ ମୁଖ୍ୟ
ଥିଲେ। ଇଶ୍ରାୟେଲଙ୍କର ଜ୍ୟେଷ୍ଠ ପୁତ୍ର ରୁବେନର ସନ୍ତାନ
ହନୋକ, ପଲ୍ଲୁ, ହିଷ୍ରୋଣ ଓ କର୍ମ୍ମି ଏହିପରି ଚାରି ପୁତ୍ର
ଥିଲେ। **15**ଶିମିୟୋନଙ୍କର ପୁତ୍ର ଯିମୂୟେଲ, ଯାମୀନ୍ ଓ
ଓହଦ୍, ଯାଖୀନ୍, ସୋହର ଓ କିଣାନୀୟା ସ୍ତ୍ରୀର ପୁତ୍ର ଶୌଲ,
ଏମାନେ ଥିଲେ ଶିମିୟୋନଙ୍କର ବଂଶ। **16**ଲେବୀ 137 ବର୍ଷ
ବଞ୍ଚିଥିଲେ। ଲେବୀଙ୍କର ସନ୍ତାନମାନେ ଥିଲେ, ଗେର୍ଶୋନ୍,

କହାତ୍ ଓ ମରାରି। 17ଗେର୍ଶୋନଙ୍କର ଦୁଇଜଣ ସନ୍ତାନ
ଥିଲେ, ଲିବ୍ନି ଓ ଶିମିୟି। 18କହାତ 133 ବର୍ଷ ବଞ୍ଚିଥିଲେ।
କହାତଙ୍କର ପୁତ୍ରମାନେ ଥିଲେ, ଅମ୍ରମ୍, ଯିଷ୍ହର, ହିବ୍ରୋଣ ଓ
ଉଷୀୟେଲ, 19ମରାରିର ସନ୍ତାନମାନେ ଥିଲେ, ମହଲି ଓ ମୂଶି
ଏହିସବୁ ବଂଶ ଇସ୍ରାୟେଲୀୟ ଲେବୀ ବଂଶୀୟ ଥିଲେ।

20ଅମ୍ରମ୍ 137 ବର୍ଷ ବଞ୍ଚିଲେ। ଅମ୍ରମ ତାଙ୍କ ପିତାଙ୍କର
ଭଉଣୀଙ୍କୁ ବିବାହ କରିଥିଲେ, ତାଙ୍କର ନାମ ଥିଲା ଯୋକେବଦ।
ଏଣୁ ଅମ୍ରମ ଆଉ ଯୋକେବଦ ହାରୋଣ ଓ ମୋଶାଙ୍କୁ ଜନ୍ମ
ଦେଲେ। 21ଯିଷ୍ହରର ସନ୍ତାନ କୋରହ, ନେଫଗ୍ ଓ ସିଖ୍ରି।
22ଉଷୀୟେଲର ସନ୍ତାନ ମୀଶାୟେଲ ଓ ଇଲୀଷାଫନ୍ ଓ
ସିଥ୍ରି।

23ହାରୋଣ ଇଲୀଶେବାଙ୍କୁ ବିବାହ କଲେ। ଇଲୀଶେବା
ଥିଲେ ଅମ୍ମୀନାଦବର କନ୍ୟା ନହଶୋନର ଭଗିନୀ ତାଙ୍କର
ଔରସରୁ ନାଦବ ଓ ଅବୀହୂ ଓ ଇଲୟାସର ଓ ଈଥାମରଙ୍କୁ
ପ୍ରସବ କଲା। 24କୋରହର ସନ୍ତାନ ଅସୀର, ଇଲ୍କାନା ଓ
ଅବୀୟାସଫ୍। ଏମାନେ କୋରହର ବଂଶ। 25ହାରୋଣର ପୁତ୍ର
ଇଲୟାସର ପୂଟୀୟେଲର ଏକ କନ୍ୟାଙ୍କୁ ବିବାହ କଲେ ଓ
ସେ ଔରସରେ ପୀନହସଙ୍କୁ ଜନ୍ମ ଦେଲା। ଏମାନେ ସମସ୍ତେ
ଲେବୀୟ ଥିଲେ। 26ହାରୋଣ ଓ ମୋଶା ଏହି ପରିବାରବର୍ଗର
ଥିଲେ ଏବଂ ସେମାନେ ଏହିଲୋକ ଥିଲେ, ଯେଉଁମାନଙ୍କୁ
ସଦାପ୍ରଭୁ କହିଲେ, "ତୁମ୍ଭେମାନେ ସୈନ୍ୟ ଶ୍ରେଣୀବଦ୍ଧ ଇସ୍ରାୟେଲ
ସନ୍ତାନଗଣଙ୍କୁ ମିଶର ଦେଶରୁ ବାହାର କରିଆଣ।" 27ଏମାନେ
ମିଶରରୁ ଇସ୍ରାୟେଲ ସନ୍ତାନଗଣଙ୍କୁ ବାହାର କରି ଆଣିବା
ପାଇଁ ମିଶରର ରାଜା ଫାରୋଙ୍କୁ କହିଥିଲେ। ଏମାନେ ଥିଲେ
ସେହି ହାରୋଣ ଓ ମୋଶା।

## ପୁନର୍ବାର ପରମେଶ୍ୱର ମୋଶାଙ୍କୁ ଡାକିଲେ

28ମିଶରର ସେହି ଭୂମିରେ ପରମେଶ୍ୱର ମୋଶାଙ୍କୁ
କହିଥିଲେ। 29ସେ କହିଲେ, "ମୁଁ ସଦାପ୍ରଭୁ ଅଟେ। ମିଶରର
ରାଜା ଫାରୋଙ୍କୁ ମୋର କହିଥିବା ସମସ୍ତ କଥା କୁହ।"

30କିନ୍ତୁ ମୋଶା ଉତ୍ତର ଦେଲେ, "ମୁଁ ଜଣେ ଅତି ମନ୍ଦ
ବକ୍ତା, ରାଜା ମୋ କଥା ଶୁଣିବେ ନାହିଁ।"

7 ସଦାପ୍ରଭୁ ମୋଶାଙ୍କୁ କହିଲେ, "ମୁଁ ତୁମ୍ଭଙ୍କୁ ଫାରୋଙ୍କ
ନିକଟରେ ପରମେଶ୍ୱର ତୁଲ୍ୟ କରିଅଛି। ଏବଂ ତୁମ୍ଭର
ଭାଇ ହାରୋଣ ତୁମ୍ଭର ଭବିଷ୍ୟଦବକ୍ତା ହେବ। 2ତୁମ୍ଭର ଭାଇ
ହାରୋଣଙ୍କୁ ମୋର ସମସ୍ତ ଆଜ୍ଞା କୁହ। ସେ ରାଜା
ଫାରୋଙ୍କୁ କହିବ, ମୁଁ ଯାହାସବୁ କହିଅଛି, ଫାରୋ ନିଶ୍ଚୟ
ଇସ୍ରାୟେଲୀୟ ଲୋକମାନଙ୍କୁ ତାଙ୍କ ଦେଶରୁ ବାହାରକୁ ଯିବାକୁ
ଛାଡିଦେବ। 3କିନ୍ତୁ ମୁଁ ଫାରୋଙ୍କ ହୃଦୟ କଠିନ କରିବି।
ତା'ପରେ ମିଶର ଦେଶରେ ବହୁତ ଆଶ୍ଚର୍ଯ୍ୟ ଓ ଅଦ୍ଭୁତ କର୍ମ
କରିବି। ତଥାପି ଫାରୋ ତୁମ୍ଭମାନଙ୍କ କଥା ଶୁଣିବେ ନାହିଁ।
4ତେଣୁ ଏହାପରେ ମୁଁ ମିଶରକୁ ବହୁତ ଦଣ୍ଡ ଦେବି। ଏବଂ
ତା'ପରେ ମୁଁ ମୋର ଲୋକମାନଙ୍କୁ ମିଶରରୁ ବାହାର କରି
ଆଣିବି। 5ତାହେଲେ ମିଶରର ଲୋକମାନେ ଜାଣିବାକୁ ପାଇବେ
ଯେ, ମୁଁ ହେଉଛି ସଦାପ୍ରଭୁ। ସେମାନଙ୍କ ବିରୁଦ୍ଧରେ ଯେତେବେଳେ
ମୁଁ ହସ୍ତ ପ୍ରସାରଣ କରିବି ଏବଂ ସେମାନଙ୍କ ମଧ୍ୟରୁ ଇସ୍ରାୟେଲୀୟ
ଲୋକମାନଙ୍କୁ ବାହାର କରି ଆଣିବି।"

6ମୋଶା ଏବଂ ହାରୋଣ ସଦାପ୍ରଭୁଙ୍କର ଆଜ୍ଞା ପାଳନ
କଲେ। 7ଫାରୋଙ୍କ ସହିତ କଥାବାର୍ତ୍ତା କଲାବେଳେ ମୋଶାଙ୍କୁ
ଅଶୀବର୍ଷ ଓ ହାରୋଣଙ୍କୁ ତେୟାଅଶୀ ବର୍ଷ ହୋଇଥିଲା।

## ମୋଶାଙ୍କର ଆଶାବାଡି ଏକ ସର୍ପ ପାଲଟି ଗଲା

8ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ, 9"ଫାରୋ
କହିବ ତୁମ୍ଭମାନଙ୍କର ପ୍ରମାଣ କିଛି ଦେଖାଅ। ସେ ତୁମ୍ଭମାନଙ୍କୁ
ଅଦ୍ଭୁତ କର୍ମ ଦେଖାଇବାକୁ କହିବ। ହାରୋଣଙ୍କୁ କୁହ ତା'ର
ଆଶାବାଡି ଭୂମିରେ ପକାଇବ। ଏହି ଆଶାବାଡିଟି ଫାରୋଙ୍କ
ସମ୍ମୁଖରେ ସର୍ପରେ ପରିଣତ ହେବ।"

10ତେଣୁ ମୋଶା ଏବଂ ହାରୋଣ ଫାରୋଙ୍କ ନିକଟକୁ
ଗଲେ ଏବଂ ସଦାପ୍ରଭୁଙ୍କ କହିବା ମୁତାବକ କାର୍ଯ୍ୟମାନ
କଲେ। ହାରୋଣ ତାଙ୍କର ଆଶାବାଡିଟିକୁ ଭୂମିରେ ପକାଇଲେ।
ଯେତେବେଳେ ଫାରୋ ଏବଂ ତାଙ୍କର କର୍ମକର୍ତ୍ତାଗଣ ଚାହିଁଥିଲେ
ସେମାନଙ୍କ ସମ୍ମୁଖରେ ଆଶାବାଡିଟି ସର୍ପରେ ପରିଣତ ହୋଇଗଲା।
11ତେଣୁ ଫାରୋ ତାଙ୍କର ପଣ୍ଡିତ ଓ ମନ୍ତ୍ରଜ୍ଞମାନଙ୍କୁ
ଡ଼ାକିଲେ। ସେମାନେ ମଧ୍ୟ ହାରୋଣଙ୍କ ପରି ତାଙ୍କର ଗୁପ୍ତ
ଯାଦୁ ବିଦ୍ୟା ପ୍ରୟୋଗ କରି ଆଶାବାଡିକୁ ସର୍ପରେ ପରିଣତ
କରିଦେଲେ। 12ସେମାନେ ତାଙ୍କର ଆଶାବାଡିକୁ ଭୂମିରେ
ଫିଙ୍ଗିଦେଲେ ଏବଂ ତାଙ୍କର ଆଶାବାଡି ସର୍ପରେ ପରିଣତ
ହୋଇଗଲା। କିନ୍ତୁ ହାରୋଣଙ୍କର ଆଶାବାଡି ତାଙ୍କର ସମସ୍ତଙ୍କୁ
ଖାଇଗଲା। 13ତଥାପି ଫାରୋ ଦୃଢ଼ ହେଲେ ଲୋକମାନଙ୍କୁ
ଯିବାକୁ ଅନୁମତି ଦେଲେ ନାହିଁ। ଏହା ସେହିପରି ହୋଇଥିଲା
ଯେପରି ସଦାପ୍ରଭୁ ହେବ ବୋଲି କହିଥିଲେ। ଫାରୋ ମୋଶା
ଓ ହାରୋଣଙ୍କର କଥା ଶୁଣିଲେ ନାହିଁ।

## ଜଳ ରକ୍ତରେ ପରିଣତ ହେଲା

14ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ଫାରୋର
ହୃଦୟ କଠିନ ହୋଇଅଛି, ସେ ଲୋକମାନଙ୍କୁ ଯିବାକୁ
ଦେବେ ନାହିଁ। 15ପ୍ରଭାତରେ, ଫାରୋ ନଦୀକୁ ଯିବେ। ନଦୀ
କୂଳରେ ଫାରୋଙ୍କୁ ଅପେକ୍ଷା କର। ସେହି ଆଶାବାଡିକୁ ତୁମ୍ଭ
ସହିତ ନିଅ ଯାହା ସର୍ପ ହୋଇ ଯାଇଥିଲା। 16ତାଙ୍କୁ ଏହା
କୁହ, 'ସଦାପ୍ରଭୁ ଏବ୍ରୀୟମାନଙ୍କର ପରମେଶ୍ୱର ମୋତେ ତୁମ୍ଭ
ନିକଟକୁ ପଠାଇଛନ୍ତି। ତାଙ୍କର ଲୋକମାନଙ୍କୁ ଛାଡିଦେବା
ପାଇଁ କହିବାକୁ ଆପଣଙ୍କ ପାଖକୁ ସଦାପ୍ରଭୁ ମୋତେ ପଠାଇଛନ୍ତି।
ସେମାନେ ତାଙ୍କୁ ଉପାସନା କରିବାକୁ ମରୁଭୂମିକୁ ଯିବେ।
ଏପର୍ଯ୍ୟନ୍ତ ତୁମ୍ଭେ ସଦାପ୍ରଭୁଙ୍କର ଆଜ୍ଞା ଶୁଣି ନାହଁ। 17ତେଣୁ
ସଦାପ୍ରଭୁ କହିଲେ, ଯେ ସେ କିଛି କରିବେ ଯେଉଁଥିରେ
ତୁମ୍ଭେ ଜାଣିବ ସେ ସଦାପ୍ରଭୁ ବୋଲି। ମୁଁ ନୀଳନଦୀର ଜଳକୁ
ମୋର ଆଶାବାଡିରେ ଛୁଇଁବି ତାହା ସଙ୍ଗେ ସଙ୍ଗେ ନଦୀର
ଜଳ ପରିବର୍ତ୍ତେ ରକ୍ତ ପ୍ରବାହିତ ହେବ। 18ନଦୀର ମାଛମାନେ
ମରିଯିବେ ଏବଂ ନଦୀ ଦୁର୍ଗନ୍ଧ ଯୁକ୍ତ ହେବ। ତେଣୁ ମିଶରବାସୀ
ଆଉ ନୀଳନଦୀର ଜଳ ପିଇପାରିବେ ନାହିଁ।'"

19ସଦାପ୍ରଭୁ ମୋଶାଙ୍କୁ କହିଲେ, "ହାରୋଣଙ୍କୁ କୁହ ସେ
ତା'ର ଆଶାବାଡିକୁ ହାତରେ ଧରି ଏବଂ ଜଳଧାର ଗୁଡ଼ିକୁ
ଯଥା ନଦୀ, ହ୍ରଦ ଓ କେନାଲ ଯେଉଁଠାରେ ପାଣି ଗଚ୍ଛିତ
ଅଛି ସବୁକୁ ସ୍ପର୍ଶ କରୁ। ଯେତେବେଳେ ସେ ଏପରି କଲା,

ସମସ୍ତ ଜଳ ରକ୍ତରେ ପରିଣତ ହେଲା। ଏପରିକି କାଠ ପାତ୍ର
ଓ ପ୍ରସ୍ତର ପାତ୍ରରେ ଥିବା ଜଳସବୁ ରକ୍ତରେ ପରିଣତ
ହେଲା।”
20ତେଣୁ ମୋଶା ଏବଂ ହାରୋଣ ସଦାପ୍ରଭୁଙ୍କର ଆଜ୍ଞାନୁସାରେ
କାର୍ଯ୍ୟ କଲେ। ହାରୋଣ ତାଙ୍କର ହସ୍ତ ପ୍ରସାରଣ କରି
ତାଙ୍କର ଆଶାବାଡ଼ି ଦ୍ୱାରା ନୀଳନଦୀର ଜଳକୁ ସ୍ପର୍ଶ କଲେ।
ସେ ଏପରି ଫାରୋ ଏବଂ ତାଙ୍କର କର୍ମଚାରୀମାନଙ୍କ ସମ୍ମୁଖରେ
କଲେ। ତେଣୁ ନଦୀର ସମସ୍ତ ଜଳ ରକ୍ତରେ ପରିଣତ
ହୋଇଗଲା। 21ନଦୀର ମତ୍ସ୍ୟମାନେ ମଲେ, ଏବଂ ନଦୀର
ଜଳ ଦୁର୍ଗନ୍ଧ ଯୁକ୍ତ ହେଲା। ତେଣୁ ମିଶରବାସୀ ଆଉ
ନୀଳନଦୀରୁ ଜଳପାନ କରିପାରି ନଥିଲେ। ମିଶରର ସବୁଆଡ଼େ
ଜଳଭାଗ ରକ୍ତରେ ପରିଣତ ହୋଇଗଲା।
22ମନ୍ତ୍ରଜ୍ଞମାନେ ତାଙ୍କର ଗୁପ୍ତ ଯାଦୁବିଦ୍ୟା ପ୍ରୟୋଗ କରି
ଠିକ୍ ଏପରି କଲେ। ଫାରୋ ପୁଣି ଦୃଢ଼ ହେଲେ ହୃଦୟ
କଠିନ କଲେ ଏବଂ ସେ ସେମାନଙ୍କର କଥା ଶୁଣିଲେ ନାହିଁ।
ଏହା ଠିକ୍ ସଦାପ୍ରଭୁଙ୍କର ଆଜ୍ଞାନୁସାରେ ଘଟିଲା। 23ଫାରୋ
ମୋଶା ଏବଂ ହାରୋଣଙ୍କର କାର୍ଯ୍ୟରେ ଧ୍ୟାନ ନଦେଇ ଗୃହକୁ
ଫେରିଗଲେ। 24ମିଶରବାସୀମାନେ ଆଉ ନୀଳନଦୀରୁ ଜଳ
ପାନ କରି ପାରିନଥିଲେ। ତେଣୁ ସେମାନେ ନଦୀମାନଙ୍କରେ
କୂପମାନ ଖନନ କରି ପିଇବା ପାଣି ସଂଗ୍ରହ କଲେ।

## ବେଙ୍ଗଗୁଡ଼ିକ

25ସଦାପ୍ରଭୁ ନୀଳନଦୀର ଜଳକୁ ସାତଦିନ ପରେ ପରିବର୍ତ୍ତନ
କଲେ।
8 ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, “ଫାରୋଙ୍କ
ନିକଟକୁ ଯାଅ ଏବଂ କୁହ, ସଦାପ୍ରଭୁ ଏହି କଥା
କୁହନ୍ତି, ‘ମୋର ଲୋକମାନଙ୍କୁ ଯିବା ପାଇଁ ଦିଅ, ଯାହାଫଳରେ
ସେମାନେ ମୋତେ ଉପାସନା କରିବେ। 2ଯଦି ତୁମ୍ଭେ ମୋର
ଲୋକମାନଙ୍କୁ ଛାଡ଼ିବାକୁ ମନା କରିବ, ତେବେ ମୁଁ ମିଶରକୁ
ସଂପୂର୍ଣ୍ଣ ବେଙ୍ଗରେ ପରିପୂର୍ଣ୍ଣ କରିଦେବି। 3ନୀଳନଦୀ ସଂପୂର୍ଣ୍ଣ
ବେଙ୍ଗରେ ପରିପୂର୍ଣ୍ଣ ହେବ। ସେମାନେ ନଦୀରୁ ଆସି ତୁମ୍ଭର
ଘରେ ପଶିବେ। ସେମାନେ ତୁମ୍ଭର ଶୟନ କକ୍ଷ ଓ ଶେଯରେ
ପଡ଼ି ରହିବେ ଏବଂ ସେମାନେ ତୁମ୍ଭର ଅଧିକାରୀଗଣଙ୍କ ଓ
ତୁମ୍ଭ ଲୋକମାନଙ୍କ ଗୃହରେ ପ୍ରବେଶ କରିବେ ଏବଂ ବେଙ୍ଗଗୁଡ଼ିକ
ତୁମ୍ଭର ଜଳପାତ୍ର, ଅଧିକାରୀମାନଙ୍କର ଚୁଲ୍ଲୀରେ ପ୍ରବେଶ
କରିବେ। 4ବେଙ୍ଗମାନେ ତୁମ୍ଭର କର୍ମଚାରୀ ଏବଂ ତୁମ୍ଭର
ଲୋକମାନଙ୍କ ଓ ତୁମ୍ଭ ଉପରକୁ ଉଠିବେ।’”
5ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, “ହାରୋଣଙ୍କୁ
କୁହ ସେ ତା'ର ଆଶାବାଡ଼ିକୁ ଧରି ନଦୀ, ହ୍ରଦ, କେନାଲ୍,
ସବୁଆଡ଼େ ବୁଲାଉ। ଏହାପରେ ବେଙ୍ଗମାନେ ମିଶରର ସ୍ଥଳଭାଗକୁ
ଉଠି ଆସିବେ।”
6ତେଣୁ ହାରୋଣ ମିଶରର ସମସ୍ତ ଜଳଭାଗ ଉପରେ
ତାଙ୍କର ହସ୍ତ ପ୍ରସାରଣ କଲେ। ଏଥିରେ ବେଙ୍ଗମାନେ
ଜଳଭାଗରୁ ବାହାରି ମିଶରର ଭୂମିରେ ପରିପୂର୍ଣ୍ଣ ହୋଇଗଲେ।
7ମନ୍ତ୍ରଜ୍ଞ ମଧ୍ୟ ସେମାନଙ୍କର ଗୁପ୍ତ ଯାଦୁବିଦ୍ୟା ବଳରେ
ଠିକ୍ ସେହିପରି ବେଙ୍ଗମାନଙ୍କୁ ବାହାର କରିପାରିଲେ। ଯେଉଁଥିପାଇଁ
ସମଗ୍ର ମିଶରର ବେଙ୍ଗରେ ପରିପୂର୍ଣ୍ଣ ହୋଇଗଲା।
8ଫାରୋ ମୋଶା ଏବଂ ହାରୋଣଙ୍କୁ ଡ଼ାକିଲେ। ଫାରୋ
କହିଲେ, “ସଦାପ୍ରଭୁଙ୍କୁ କୁହ ମୋ ଉପରୁ, ମୋର ଲୋକମାନଙ୍କ
ଉପରୁ ବେଙ୍ଗମାନଙ୍କୁ କାଢ଼ି ନିଅନ୍ତୁ ମୁଁ ତାଙ୍କର ସମସ୍ତ
ଲୋକଙ୍କୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳିଦାନ କରିବା ପାଇଁ
ଛାଡ଼ି ଦେବି।”
9ମୋଶା ଫାରୋଙ୍କୁ କହିଲେ, “ଦୟାକରି କୁହ ତୁମ୍ଭେ
କେତେବେଳେ ଚାହୁଁଛ ବେଙ୍ଗମାନେ ପଳାଇବା ପାଇଁ, ମୁଁ
ତୁମ୍ଭ ପାଇଁ ପ୍ରାର୍ଥନା କରିବି, ତୁମ୍ଭର କର୍ମଚାରୀ ଏବଂ ତୁମ୍ଭର
ଲୋକମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରିବି। ତା'ପରେ ବେଙ୍ଗମାନେ
ତୁମ୍ଭମାନଙ୍କଠାରୁ ପଳାଇବେ। ବେଙ୍ଗମାନେ କେବଳ ନଦୀରେ
ରହିବେ।”
10ଫାରୋ ଉତ୍ତର ଦେଲେ, “ଆସନ୍ତାକାଲି।”
ମୋଶା କହିଲେ, “ତୁମ୍ଭେ ଯେପରି କହିଲ ସେହିପରି
ହେବ। ଏହି ପ୍ରକାରରେ, ତୁମ୍ଭେ ଜାଣିବ ଏପରି ଦେବତା
ନାହିଁ ଯାହା ଆମ୍ଭର ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱରଙ୍କ
ପରି ହେବ। 11ବେଙ୍ଗମାନେ ତୁମ୍ଭକୁ, ତୁମ୍ଭର ଗୃହକୁ, ତୁମ୍ଭର
ଲୋକମାନଙ୍କୁ ଏବଂ ତୁମ୍ଭର କର୍ମଚାରୀମାନଙ୍କୁ ଛାଡ଼ି ପଳାଇବେ।
ସେମାନେ କେବଳ ନଦୀରେ ରହିବେ।”
12ମୋଶା ଏବଂ ହାରୋଣ ଫାରୋଙ୍କ ନିକଟରୁ ବିଦାୟ
ନେଲେ। ସେ ଯେଉଁ ବେଙ୍ଗମାନଙ୍କୁ ଫାରୋଙ୍କ ବିରୁଦ୍ଧରେ
ପଠାଇଥିଲେ, ସେଗୁଡ଼ିକୁ ହଟାଇ ନେବା ପାଇଁ ମୋଶା
ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ। 13ଏବଂ ମୋଶା ଯାହା ଚାହିଁଲେ
ସଦାପ୍ରଭୁ ସେହିପରି କଲେ। ଯେଉଁ ବେଙ୍ଗମାନେ ଘରେ,
ଅଗଣାରେ, ଏବଂ ଜମିରେ ଥିଲେ ସେଗୁଡ଼ିକ ମରିଗଲେ।
14ସେମାନେ ଗଦା ହୋଇ ରୁଣ୍ଡ ହେଲେ ଏବଂ ସେଗୁଡ଼ିକ
ଯୋଗୁଁ ସ୍ଥାନଟିରୁ ଦୁର୍ଗନ୍ଧ ବାହାରିଲା। 15ଫାରୋ ହୃଦୟଙ୍ଗମ
କଲେ ଯେ, ସେ ବେଙ୍ଗମାନଙ୍କ ଦାଉରୁ ରକ୍ଷା ପାଇଲେ।
ଏବଂ ସେ ପୁଣି ଜିଦ୍‌ଖୋର ହେଲେ। ସେ ସେମାନଙ୍କ କଥା
ଶୁଣିଲେ ନାହିଁ। ସଦାପ୍ରଭୁ ଯେପରି କହିଥିଲେ, ସେହିପରି
ସବୁ ଘଟିଗଲା।

## ଉକୁଣିଆ ପୋକ

16ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, “ହାରୋଣଙ୍କୁ
କୁହ ତାଙ୍କର ଆଶାବାଡ଼ି ଉଠାଇ ଭୂମିରେ ଆଘାତ କରିବାକୁ
କୁହ। ଏବଂ ମିଶରର ସମସ୍ତ ଧୂଳି ଉକୁଣିଆ ପୋକରେ
ପରିଣତ ହୋଇଯିବେ।”
17ସେମାନେ ସେହିପରି କଲେ। ହାରୋଣ ତାଙ୍କର ଆଶାବାଡ଼ି
ଉଠାଇ ଭୂମିରେ ଆଘାତ କଲେ ଏବଂ ମିଶରର ସମସ୍ତ ଧୂଳି
ଉକୁଣିଆ ପୋକରେ ପରିଣତ ହୋଇଗଲା। ଉକୁଣିଆ ପୋକମାନେ
ପଶୁ ଓ ମନୁଷ୍ୟମାନଙ୍କଠାରେ ହୋଇଗଲେ।
18ମିଶରର ମନ୍ତ୍ରଜ୍ଞମାନେ ସେମାନଙ୍କର ଗୁପ୍ତ ଯାଦୁବିଦ୍ୟା
ଦ୍ୱାରା ଏପରି କରିବାକୁ ଚେଷ୍ଟା କଲେ, କିନ୍ତୁ ବିଫଳ ହେଲେ,
ମନ୍ତ୍ରଜ୍ଞମାନେ ଧୂଳିରୁ ଉକୁଣିଆ ପୋକମାନ ସୃଷ୍ଟି କରିପାରିଲେ
ନାହିଁ। ଉକୁଣିଆ ପୋକମାନେ ପଶୁ ଓ ମନୁଷ୍ୟମାନଙ୍କଠାରେ
ରହିଗଲେ। 19ତେଣୁ ମନ୍ତ୍ରଜ୍ଞମାନେ ଫାରୋଙ୍କୁ କହିଲେ,
ପରମେଶ୍ୱର ଏହା କରିଛନ୍ତି। କିନ୍ତୁ ଫାରୋ ପୁଣି ଜିଦ୍‌ଖୋର
ହେଲେ। ସେ ସେମାନଙ୍କ କଥା ଶୁଣିଲେ ନାହିଁ।

### ମାଛିମାନେ

20ପରମେଶ୍ୱର ମୋଶାଙ୍କୁ କହିଲେ, "ପ୍ରଭାତରୁ ଉଠି
ଫାରୋଙ୍କ ନିକଟକୁ ଯାଅ। ସେ ଯେତେବେଳେ ନଦୀକୂଳକୁ
ଯିବ। ଏହିପରି କୁହ ସଦାପ୍ରଭୁ କହିଲେ, 'ମୋର ଲୋକମାନଙ୍କୁ
ଛାଡ଼ ସେମାନେ ମୋର ଉପାସନା କରିବେ। 21ଯଦି ତୁମ୍ଭେ
ମୋର ଲୋକମାନଙ୍କୁ ଯିବାକୁ ନ ଦିଅ ତେବେ ମାଛିମାନଙ୍କ
ଦ୍ୱାରା ତୁମ୍ଭର ଗୃହ ପରିପୂର୍ଣ୍ଣ ହେବ। ଏବଂ ମାଛିମାନେ ତୁମ୍ଭ
ଉପରେ, ତୁମ୍ଭର ଲୋକମାନଙ୍କ ଉପରେ, ତୁମ୍ଭର କର୍ମଚାରୀମାନଙ୍କ
ଉପରେ ବ୍ୟାପିଯିବେ। ମିଶରର ସମସ୍ତ ଗୃହ ମାଛିରେ
ପରିପୂର୍ଣ୍ଣ ହେବ। ଏବଂ ମାଛିମାନଙ୍କ ଦ୍ୱାରା ମଧ୍ୟ ଭୂମି
ପରିପୂର୍ଣ୍ଣ ହେବ। 22କିନ୍ତୁ ମୁଁ ଇଶ୍ରାୟେଲୀୟ ଲୋକମାନଙ୍କ
ପ୍ରତି ଏପରି ବ୍ୟବହାର କରିବି ନାହିଁ ଯେପରି ମିଶର
ଲୋକମାନଙ୍କ ପ୍ରତି ହେବ। ଗୋଶନରେ କୌଣସି ମାଛି
ହେବ ନାହିଁ, ଯେଉଁଠାରେ ମୋର ଲୋକମାନେ ବାସ
କରୁଛନ୍ତି। ଏହି ପ୍ରକାରେ ତୁମ୍ଭେ ଜାଣିବ ଯେ ମୁଁ ହେଉଛି
ସଦାପ୍ରଭୁ, ଏହି ଭୂମିର ଅଟେ। 23ତେଣୁ ଆସନ୍ତାକାଲଠାରୁ ମୁଁ
ମୋର ଲୋକମାନଙ୍କୁ ତୁମ୍ଭର ଲୋକମାନଙ୍କଠାରୁ ଭିନ୍ନ ଭାବରେ
ବ୍ୟବହାର କରିବି ଏବଂ ତାହା ମୋର ପ୍ରମାଣ ସ୍ୱରୂପ
ହେବ।'"

24ତେଣୁ ସଦାପ୍ରଭୁ ଯେପରି କହିଥିଲେ, ସେହିପରି ବହୁ
ସଂଖ୍ୟକ ମାଛି ମିଶରକୁ ପ୍ରବେଶ କରାଇଲେ। ମାଛିମାନେ
ଫାରୋଙ୍କ ଗୃହରେ, ତାଙ୍କର କର୍ମଚାରୀମାନଙ୍କ ଗୃହରେ ଏବଂ
ଏପରିକି ମିଶରର ଚାରିଆଡ଼େ ଘେରିଗଲେ। ମାଛିମାନେ ଦେଶକୁ
ନଷ୍ଟ କରିବାକୁ ଲାଗିଲେ। 25ତେଣୁ ଫାରୋ ମୋଶା ଓ
ହାରୋଣଙ୍କୁ ଡାକି ସେମାନଙ୍କୁ କହିଲେ, "ତୁମ୍ଭେମାନେ ଯାଇ
ଦେଶ ମଧ୍ୟରେ ତୁମ୍ଭର ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ବଳିଦାନ
କର।"

26କିନ୍ତୁ ମୋଶା କହିଲେ, "ଏହା କେବେ ମଧ୍ୟ ଠିକ୍
ହେବ ନାହିଁ। ମିଶରବାସୀମାନେ ଭାବିବେ ଯେ, ପଶୁମାନଙ୍କୁ
ମାରି ବଳିଦାନ କରିବା, ଏକ ଭୟଙ୍କର କାର୍ଯ୍ୟ ହେବ।
ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱରଙ୍କ ପାଇଁ ଯଦି ଆମ୍ଭେ
ଏପରି କାର୍ଯ୍ୟ ଏହିଠାରେ କରୁ ତେବେ ମିଶରବାସୀ ଆମ୍ଭମାନଙ୍କୁ
ଦେଖିବେ, ଏବଂ ସେମାନେ ଆମ୍ଭମାନଙ୍କ ଉପରକୁ ପଥର
ଫୋପାଡ଼ିବେ। 27ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱରଙ୍କ
ଉଦ୍ଦେଶ୍ୟରେ ବଳିଦାନ ଉତ୍ସର୍ଗ କରିବା ନିମନ୍ତେ ଆମ୍ଭମାନଙ୍କୁ
ତିନି ଦିନ ପାଇଁ ମରୁଭୂମିକୁ ଯିବାକୁ ଅନୁମତି ଦିଅ।
ଯେହେତୁ ସଦାପ୍ରଭୁ ଆମ୍ଭମାନଙ୍କୁ ଏହା କରିବାକୁ ଆଜ୍ଞା
କରିଅଛନ୍ତି।"

28ତେଣୁ ଫାରୋ କହିଲେ, "ତେଣୁ ମୁଁ ତୁମ୍ଭମାନଙ୍କୁ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ବଳିଦାନ
କରିବାକୁ ମରୁଭୂମିକୁ ଯିବାକୁ ଅନୁମତି ଦେବି। କିନ୍ତୁ ତୁମ୍ଭେମାନେ
ବେଶୀଦୂର ଯିବା ଉଚିତ୍ ନୁହେଁ। ବର୍ତ୍ତମାନ ଯାଅ ଏବଂ ମୋ
ପାଇଁ ପ୍ରାର୍ଥନା କର।"

29ମୋଶା କହିଲେ, "ଦେଖ, ଏ ସ୍ଥାନରୁ ଯାଇ ମୁଁ
ଆପଣଙ୍କ ପାଇଁ ସଦାପ୍ରଭୁଙ୍କୁ ପ୍ରାର୍ଥନା କରିବି ମାଛିମାନଙ୍କଠାରୁ
ମୁକ୍ତ ପାଇବା ପାଇଁ, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳିଦାନ
ପାଇଁ ଯାଉଥିବା ଲୋକମାନଙ୍କୁ ଅଟକାଇବ ନାହିଁ।"

30ତେଣୁ ମୋଶା ଫାରୋଙ୍କ ନିକଟରୁ ବିଦାୟ ନେଇ
ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ। 31ଏବଂ ମୋଶା ଯେପରି
ଚାହିଁଲେ, ସଦାପ୍ରଭୁ ସେହିପରି କଲେ। ସଦାପ୍ରଭୁ ମାଛିମାନଙ୍କୁ
ଫାରୋଙ୍କଠାରୁ, ତାଙ୍କର କର୍ମଚାରୀ ଏବଂ ତାଙ୍କର ଲୋକମାନଙ୍କଠାରୁ
ଦୂରେଇ ନେଲେ। କୌଣସି ମାଛି ରହିଲେ ନାହିଁ। 32କିନ୍ତୁ
ଫାରୋ ପୁଣି ଦାମ୍ଭିକ ହେଲେ ଏବଂ ଲୋକମାନଙ୍କୁ ଯିବାକୁ
ଦେଲେ ନାହିଁ।

### କୃଷିକ୍ଷେତ୍ରର ପଶୁମାନଙ୍କୁ ରୋଗ

9 ଏହାପରେ ସଦାପ୍ରଭୁ ମୋଶାଙ୍କୁ ଫାରୋଙ୍କ ନିକଟକୁ
ଯାଇ କହିବାକୁ କହିଲେ, "ସଦାପ୍ରଭୁ ଏବ୍ରୀୟମାନଙ୍କର
ପରମେଶ୍ୱର କହନ୍ତି; 'ମୋର ଲୋକମାନଙ୍କୁ ଯିବାକୁ ଦିଅ,
ଯାହାଫଳରେ ସେମାନେ ମୋତେ ଉପାସନା କରି ପାରିବେ।
2ଯଦି ତୁମ୍ଭେ ଏପରି କର ଓ ମୋର ଲୋକମାନଙ୍କୁ ଯିବାକୁ
ନ ଦିଅ। 3ତେବେ ସଦାପ୍ରଭୁ ତୁମ୍ଭର ପଶୁମାନଙ୍କ ଉପରେ
ତାଙ୍କର ମହାନ ଶକ୍ତି ପ୍ରୟୋଗ କରିବେ। ସଦାପ୍ରଭୁ ତୁମ୍ଭମାନଙ୍କର
ପଶୁ ଯଥା: ଘୋଡ଼ାମାନଙ୍କର, ଗଧମାନଙ୍କର, ଓଟମାନଙ୍କର,
ଗାଈଗୋରୁମାନଙ୍କର ମେଣ୍ଢାମାନଙ୍କଠାରେ ମହାମାରୀ ସୃଷ୍ଟି କରିବେ।
4ସଦାପ୍ରଭୁ ଇଶ୍ରାୟେଲ ଲୋକମାନଙ୍କର ପଶୁମାନଙ୍କ ପାଇଁ
ଯେପରି ବ୍ୟବହାର କରିବେ, ସେପରି ମିଶରମାନଙ୍କର ପଶୁମାନଙ୍କୁ
ବ୍ୟବହାର କରିବେ ନାହିଁ। ଇଶ୍ରାୟେଲୀୟମାନଙ୍କର କୌଣସି
ପଶୁ ମରିବେ ନାହିଁ। 5ସଦାପ୍ରଭୁ ଏହା କରିବା ପାଇଁ ସମୟ
ସ୍ଥିର କରିଛନ୍ତି। ଆସନ୍ତାକାଲି ସଦାପ୍ରଭୁ ତୁମ୍ଭର ଦେଶରେ
ଏପରି କରିବାକୁ ଯାଉଛନ୍ତି।'"

6ତାପରଦିନ ସଦାପ୍ରଭୁ ଠିକ୍ ତାହା କଲେ। ମିଶରୀୟମାନଙ୍କର
କୃଷି କ୍ଷେତ୍ରରେ ପଶୁମାନଙ୍କର ମୃତ୍ୟୁ ହେଲା। କିନ୍ତୁ
ଇଶ୍ରାୟେଲୀୟମାନଙ୍କର ଗୋଟିଏ ବି ପଶୁ ମଲେ ନାହିଁ।
7ଫାରୋ ଲୋକମାନଙ୍କୁ ପଠାଇଲେ ଦେଖିବାପାଇଁ ଯେ
ଇଶ୍ରାୟେଲର କୌଣସି ପଶୁ ମରିଛନ୍ତି କି ନାହିଁ? ମାତ୍ର
ଇଶ୍ରାୟେଲର କୌଣସି ପଶୁ ମରି ନ ଥିଲେ। ତଥାପି ଫାରୋ
ଜିଦ୍‌ଖୋର ହୋଇ ରହିଲେ ଓ ଲୋକମାନଙ୍କୁ ଯିବାକୁ ଦେଲେ
ନାହିଁ।

### ଦାହଯୁକ୍ତ ବଥ

8ସଦାପ୍ରଭୁ ମୋଶା ଏବଂ ହାରୋଣଙ୍କୁ କହିଲେ, "ହାତ
ମୁଠାକୁ ଭାଟିର ଭସ୍ମରେ ପୂର୍ଣ୍ଣ କର। ମୋଶା ତୁମ୍ଭେ ଫାରୋ
ଦେଖୁଥିବା ସମୟରେ ଭସ୍ମ ପବନରେ ନିଶ୍ଚୟ ଉଡ଼ାଇ ଦେବ।
9ତାହା ମିଶରର ଧୂଳି ହୋଇ ଚାରିଆଡ଼େ ବ୍ୟାପିଯିବ।
ଯେତେବେଳେ ସେହି ଧୂଳି ମିଶରର ଯେଉଁଠାରେ ଲୋକମାନଙ୍କୁ
ବା ପଶୁମାନଙ୍କୁ ଛୁଇଁବ, ତା'ର ଚମଡ଼ାରେ ଦାହଯୁକ୍ତ ବଥମାନ
ବ୍ୟାପିଯିବ।"

10ତେଣୁ ମୋଶା ଓ ହାରୋଣ ଏକ ଭାଟିରୁ ଭସ୍ମ
ନେଲେ। ଏବଂ ସେମାନେ ଫାରୋଙ୍କ ସମ୍ମୁଖରେ ଛିଡ଼ା ହୋଇ
ଆକାଶକୁ ଉଡ଼ାଇ ଦେଲେ। ଏହାପରେ ଯନ୍ତ୍ରଣାଦାୟକ ଦାହଯୁକ୍ତ
ବଥମାନ ମନୁଷ୍ୟ ଓ ପଶୁମାନଙ୍କଠାରେ ଦେଖାଦେଲା। 11ସେହି
ବଥ ସକାଶେ ମନ୍ତ୍ରଜ୍ଞମାନେ ମୋଶାଙ୍କ ସମ୍ମୁଖୀନ ହୋଇ
ପାରିଲେ ନାହିଁ। ପ୍ରତ୍ୟେକ ମିଶରବାସୀଙ୍କ ଓ ମନ୍ତ୍ରଜ୍ଞମାନଙ୍କ

ଚର୍ମ ବଥରେ ବ୍ୟାପିଗଲା। 12କିନ୍ତୁ ସଦାପ୍ରଭୁ ଫାରୋଙ୍କ
ହୃଦୟକୁ ଆହୁରି କଠୋର କଲେ ଯେ, ସେ ମୋଶା ଓ
ହାରୋଣଙ୍କର କୌଣସି କଥା ଶୁଣିଲେ ନାହିଁ। ଏହିପରି ଘଟିଲା
ଯେପରି ସଦାପ୍ରଭୁ କହିଥିଲେ।

### ଶିଳାବୃଷ୍ଟି

13ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ପ୍ରଭାତରୁ
ଉଠି ଓ ଫାରୋଙ୍କ ନିକଟକୁ ଯାଅ। ତାଙ୍କୁ କୁହ ଏବ୍ରୀୟ
ଲୋକମାନଙ୍କର ସଦାପ୍ରଭୁ ପରମେଶ୍ୱର କହନ୍ତି, 'ମୋର
ଲୋକମାନଙ୍କୁ ମୋର ଉପାସନା ପାଇଁ ଛାଡ଼। 14ଏହି
ସମୟରେ ମୋର ସମସ୍ତ ଶକ୍ତି ତୁମ୍ଭ ବିରୁଦ୍ଧରେ, ତୁମ୍ଭର
କର୍ମଚାରୀ ଏବଂ ତୁମ୍ଭର ସମସ୍ତ ଲୋକମାନଙ୍କ ବିରୁଦ୍ଧରେ
କାର୍ଯ୍ୟ କରିବ। ଏହାପରେ ତୁମ୍ଭେ ଜାଣିବ ଯେ, ମୋ ପରି
ଆଉ କୌଣସି ପରମେଶ୍ୱର ପୃଥିବୀରେ ନାହାଁନ୍ତି। 15ବର୍ତ୍ତମାନ
ସୁଦ୍ଧା, ମୋର ପରାକ୍ରମ ଦ୍ୱାରା ଏକ ରୋଗଦ୍ୱାରା ତୁମ୍ଭଙ୍କୁ ଏବଂ
ତୁମ୍ଭର ଲୋକମାନଙ୍କୁ ଶେଷ କରିସାରନ୍ତିଣି। 16କିନ୍ତୁ ମୁଁ
ତୁମ୍ଭକୁ ଏଥିପାଇଁ ରଖିଛି ଯେ, ତୁମ୍ଭେ ମୋର ପରାକ୍ରମ
ଜାଣିବ। ସମଗ୍ର ପୃଥିବୀରେ ମୋର ନାମ ବିଖ୍ୟାତ କରିବ।
17ତଥାପି ମଧ୍ୟ ତୁମ୍ଭେ ମୋର ଲୋକମାନଙ୍କ ବିରୁଦ୍ଧାଚରଣ
କରୁଛ। ତୁମ୍ଭେ ମୋର ଲୋକମାନଙ୍କୁ ମୁକ୍ତ କରୁନାହଁ।
18ତେଣୁ, ଆସନ୍ତାକାଲି ଏହି ସମୟରେ, ମୁଁ ଏକ ଭୟଙ୍କର
ଶିଳା ବୃଷ୍ଟି କରିବ। ଏପରି ଶିଳାବୃଷ୍ଟି ମିଶରରେ କେବେବି
ହୋଇ ନଥିବ। ଏପରିକି ମିଶର ଏକ ଦେଶ ହେଲାଠାରୁ
ହୋଇନଥିବ। 19ବର୍ତ୍ତମାନ, ତୁମ୍ଭେ ତୁମ୍ଭର ପଶୁମାନଙ୍କୁ ନିରାପଦ
ସ୍ଥାନରେ ରଖ। ତୁମ୍ଭର ସମସ୍ତ ପଶୁଗୁଡ଼ିକ କ୍ଷେତରୁ ନିରାପଦ
ସ୍ଥାନକୁ ନେଇଆସ। କାହିଁକି? କାରଣ ଯେଉଁମାନେ କ୍ଷେତରେ
ରହିବେ ମନୁଷ୍ୟ ହେଉ କି ପଶୁ ହେଉ ସେମାନେ ମରିବେ।
ଘର ବାହାରେ ଥିବା ସମସ୍ତ ବସ୍ତୁ ଉପରେ ଶିଳା ବୃଷ୍ଟି
ହେବ।'"

20କେତେକ କର୍ମଚାରୀ ଫାରୋଙ୍କର, ଯେଉଁମାନେ କି
ସଦାପ୍ରଭୁଙ୍କର ଆଜ୍ଞାରେ ଧ୍ୟାନ ଦେଲେ। ସେହି ଲୋକମାନେ
ସେମାନଙ୍କର ପଶୁ ଏବଂ ଦାସମାନଙ୍କୁ ଗୃହକୁ ଆଣି ନିରାପଦରେ
ରଖିଲେ। 21କିନ୍ତୁ କେତେକ ଲୋକ ସଦାପ୍ରଭୁଙ୍କର ଆଜ୍ଞାକୁ
ହେୟଜ୍ଞାନ ମଣିଲେ, ସେହି ଲୋକମାନେ ତାଙ୍କର ସମସ୍ତ
ପଶୁ ଓ ଦାସମାନଙ୍କୁ କ୍ଷେତରେ ଛାଡିଦେଲେ।

22ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭର ହାତ ଆକାଶ
ଆଡ଼େ ବିସ୍ତାର କର ଏବଂ ମିଶରର ଚାରିଆଡ଼େ ଶିଳା ବୃଷ୍ଟି
ଆରମ୍ଭ ହୋଇଯିବ। ଏହି ଶିଳା ବୃଷ୍ଟି ମିଶରର ଚାରିଆଡ଼େ
ମନୁଷ୍ୟ, ପଶୁ ଓ ତୃଣାଦି ଉପରେ ପଡିବ।"

23ତେଣୁ ମୋଶା ତାଙ୍କର ଆଶାବାଡ଼ିକୁ ଆକାଶ ଆଡ଼େ
ବିସ୍ତାର କଲେ ଏବଂ ସଦାପ୍ରଭୁ ବଜ୍ର ବୃଷ୍ଟି କଲେ। ବିଜୁଳି
ମାରିଲା ଏବଂ ମିଶରର ଚାରିଆଡ଼େ ଶିଳାବୃଷ୍ଟି ହେଲା। 24ମିଶରର
ଉତ୍ପତ୍ତିଠାରୁ ଏପରି ଶିଳାବୃଷ୍ଟି, ବିଜୁଳିମାରିବା କେବେବି ହୋଇ
ନ ଥିଲା। 25ଏହି ଶିଳାବୃଷ୍ଟି ମିଶରର କ୍ଷେତ ମଧ୍ୟସ୍ଥ ସବୁକିଛି
ନଷ୍ଟ କଲା। ଏହି ଶିଳାବୃଷ୍ଟି, ଲୋକମାନଙ୍କୁ, ପଶୁମାନଙ୍କୁ ଓ
ବୃକ୍ଷାଦିମାନଙ୍କୁ ଧ୍ୱଂସ କଲା। ଏହି ଶିଳାବୃଷ୍ଟି ମଧ୍ୟ କ୍ଷେତ ମଧ୍ୟସ୍ଥ
ବୃକ୍ଷମାନଙ୍କୁ ନଷ୍ଟ କରି ପକାଇଲା। 26କେବଳ ଗୋଟିଏ ସ୍ଥାନ
ଥିଲା ଯେଉଁଠାରେ ଶିଳାବୃଷ୍ଟି ହେଉ ନଥିଲା। ତାହା ଥିଲା
ଗୋଶନ ଯେଉଁଠାରେ ଇଶ୍ରାୟେଲୀୟମାନେ ବାସ କରୁଥିଲେ।

27ଫାରୋ ମୋଶା ଏବଂ ହାରୋଣଙ୍କୁ ଡ଼କାଇ ପଠାଇଲେ।
ଫାରୋ ସେମାନଙ୍କୁ କହିଲେ, "ଏଥର ମୁଁ ପାପ କରିଛି।
ସଦାପ୍ରଭୁ ସତ୍ୟ, ସେ ଉତ୍ତମ କରିଛନ୍ତି। ମୁଁ ଏବଂ ମୋର
ଲୋକମାନେ ପାପ କରିଅଛୁ। 28ଏହି ଶିଳାବୃଷ୍ଟି ଯଥେଷ୍ଟ
ହେଲା! ସଦାପ୍ରଭୁଙ୍କୁ କୁହ ଏହି ବୃଷ୍ଟି ବନ୍ଦକରିବା ପାଇଁ ଏବଂ
ମୁଁ ତୁମ୍ଭର ଲୋକମାନଙ୍କୁ ଛାଡ଼ ଦେବି। ତୁମ୍ଭମାନଙ୍କର ଆଉ
ଏଠାରେ ରହିବା ଦରକାର ନାହିଁ।"

29ମୋଶା ଫାରୋଙ୍କୁ କହିଲେ, "ଯେତେବେଳେ ମୁଁ ଏ
ନଗର ଛାଡ଼ିବି, ମୁଁ ସେତେବେଳେ ସଦାପ୍ରଭୁଙ୍କୁ ହାତଟେକି
ପ୍ରାର୍ଥନା କରିବି, ବଜ୍ର ଏବଂ ଶିଳାବୃଷ୍ଟି ବନ୍ଦ ହୋଇଯିବ।
ସେତେବେଳେ ତୁମ୍ଭେ ଜାଣିବ ସଦାପ୍ରଭୁ ଏହି ଭୂମିରେ
ଅଛନ୍ତି। 30କିନ୍ତୁ ମୁଁ ଜାଣେ ତୁମ୍ଭେ ଏବଂ ତୁମ୍ଭର କର୍ମଚାରୀମାନେ
ବାସ୍ତବରେ ଏପର୍ଯ୍ୟନ୍ତ ସଦାପ୍ରଭୁଙ୍କୁ ଭୟ କରୁନାହଁ।"

31ଯବଗୁଡ଼ିକ ଶିଷାଯୁକ୍ତ ହୋଇଥିଲା ଏବଂ ପେଶୀଗୁଡ଼ିକ
ପୁଷ୍ପିତ ହୋଇଥିଲା। ତେଣୁ ସେହି ଶସ୍ୟଗୁଡ଼ିକ ନଷ୍ଟ ହୋଇଗଲା।
32ମାତ୍ର ଗହମ ଓ ଯହ୍ନା ବଡହୋଇ ନ ଥିବାରୁ ନଷ୍ଟ
ହେଲାନାହିଁ।

33ମୋଶା ଫାରୋଙ୍କ ନିକଟରୁ ନଗର ବାହାରକୁ ଯାଇ
ସଦାପ୍ରଭୁଙ୍କୁ ପ୍ରାର୍ଥନା କରିବାରୁ ବର୍ଷା, ବଜ୍ର, ଏବଂ ଶିଳାବୃଷ୍ଟି
ବନ୍ଦ ହୋଇଗଲା।

34ଯେତେବେଳେ ଫାରୋ ଦେଖିଲେ ବଜ୍ର ଓ ଶିଳାବୃଷ୍ଟି
ବନ୍ଦ ହୋଇଗଲା ସେ ପୁନର୍ବାର ଅନ୍ୟାୟ କଲେ। ସେ ଏବଂ
ତାଙ୍କର କର୍ମଚାରୀମାନେ ପୁଣି କଠୋର ହୃଦୟ ହେଲେ।
35ଫାରୋ ପୁଣି ଥରେ ଦୃଢ଼ ହେଲେ। ସେ ଇଶ୍ରାୟେଲର
ଲୋକମାନଙ୍କୁ ଯିବାକୁ ଦେଲେ ନାହିଁ। ମୋଶାଙ୍କୁ ସଦାପ୍ରଭୁ
ଯେପରି କହିଥିଲେ ସେହିପରି ହେଲା।

### ପଙ୍ଗପାଳ ଦଳ

10 ସଦାପ୍ରଭୁ ମୋଶାଙ୍କୁ କହିଲେ, "ଫାରୋଙ୍କ ନିକଟକୁ
ଯାଅ। ମୁଁ ତାଙ୍କୁ ନିଷ୍ଠୁର କରିଛି ଏବଂ କର୍ମଚାରୀମାନଙ୍କୁ
ମଧ୍ୟ ନିଷ୍ଠୁର ହୃଦୟ କରିଛି। ମୁଁ ଏପରି କରିଅଛି ଯଦ୍ୱାରା ମୁଁ
ସେମାନଙ୍କୁ ମୋର ଶକ୍ତିଶାଳୀ ଅଦ୍ଭୁତ କର୍ମ ଦେଖାଇ ପାରିବି।
2ମୁଁ ଏପରି କଲି କାରଣ ତୁମ୍ଭେ ତୁମ୍ଭର ଭବିଷ୍ୟତ ବଂଶଧରମାନଙ୍କୁ
କହିବାକୁ ସକ୍ଷମ ହେବ, ମୁଁ କିପରି ମିଶରୀୟମାନଙ୍କୁ ତାଚ୍ଛଲ୍ୟ
କଲି ଏବଂ ଅଦ୍ଭୁତ କର୍ମ ବିଷୟରେ କହିପାରିବ ଯାହା ମୁଁ
ମିଶରରେ କରିଅଛି। ଏହାପରେ ତୁମ୍ଭେମାନେ ସମସ୍ତେ ଜାଣିବ
ଯେ ମୁଁ ହେଉଛି ସଦାପ୍ରଭୁ।"

3ତେଣୁ ମୋଶା ଏବଂ ହାରୋଣ ଫାରୋଙ୍କ ନିକଟକୁ
ଗଲେ। ସେମାନେ ତାଙ୍କୁ କହିଲେ, "ସଦାପ୍ରଭୁ ଏବ୍ରୀୟମାନଙ୍କର
ପରମେଶ୍ୱର କହନ୍ତି, 'କେତେ ଦିନ ତୁମ୍ଭେ ମୋତେ ଅମାନ୍ୟ
କରିବ? ମୋର ଲୋକମାନଙ୍କୁ ଯିବାକୁ ଦିଅ ଓ ସେମାନଙ୍କୁ
ମୋର ଉପାସନା କରିବାକୁ ଦିଅ। 4ତୁମ୍ଭେମାନେ ଯଦି ମୋର
ଲୋକମାନଙ୍କୁ ଯିବାକୁ ନ ଦିଅ। ତେବେ କାଲି ତୁମ୍ଭ
ରାଜ୍ୟରେ ପଙ୍ଗପାଳ ଦଳ ଆଣିବି। 5ପଙ୍ଗପାଳ ଦଳ ତୁମ୍ଭ
ଦେଶର ସମସ୍ତ ଭୂମିକୁ ଆଚ୍ଛାଦନ କରିବେ। ସେମାନେ ଏତେ

ସଂଖ୍ୟକ ହେବେ ଯେ, ତୁମ୍ଭେମାନେ ଆଉ ଭୂମି ଦେଖିପାରିବ
ନାହିଁ। ଯେକୌଣସି ଦ୍ରବ୍ୟ ଶିଳାବୃଷ୍ଟିରୁ ବଞ୍ଚିଛି, ସେସବୁ ସେ
ଖାଇଯିବେ। ସେମାନେ କ୍ଷେତ୍ର ମଧ୍ୟସ୍ଥ ସମସ୍ତ ବୃକ୍ଷ ପତ୍ରାଦି
ଭକ୍ଷଣ କରିବେ। **6**ପଙ୍ଗପାଳଦଳ ତୁମ୍ଭର ଗୃହ, ତୁମ୍ଭର
କର୍ମଚାରୀମାନଙ୍କର ଗୃହ ଏପରିକି ମିଶରର ସମସ୍ତ ଗୃହ
ପଙ୍ଗପାଳରେ ପୂର୍ଣ୍ଣ ହୋଇଯିବ। ଏତେ ପଙ୍ଗପାଳ ତୁମ୍ଭର
ପୂର୍ବପୁରୁଷଗଣ ପୂର୍ବରୁ କେବେ ଦେଖି ନଥିବେ। ଏପରିକି
ମିଶରକୁ ତୁମ୍ଭର ପୂର୍ବପୁରୁଷଗଣ ଆସିବା ଦିନଠାରୁ ବର୍ତ୍ତମାନ
ଯାଏ ଏତେ ପଙ୍ଗପାଳ ହୋଇ ନଥିବ।'" ଏହାପରେ ମୋଶା
ଫାରୋଙ୍କ ନିକଟରୁ ବିଦାୟ ନେଲେ।

**7**ଏହାପରେ ଫାରୋଙ୍କର କର୍ମଚାରୀମାନେ ତାଙ୍କୁ କହିଲେ,
"କେତେଦିନ ଯାଏ ଏ ମନୁଷ୍ୟ ଆମ୍ଭମାନଙ୍କର ଫାନ୍ଦ ସ୍ୱରୂପ
ହୋଇଥିବ। ସେମାନଙ୍କୁ ଯିବାକୁ ଦିଅ ଏବଂ ସଦାପ୍ରଭୁ ସେମାନଙ୍କ
ପରମେଶ୍ୱରଙ୍କୁ ଉପାସନା କରିବାକୁ ଦିଅ। ତୁମ୍ଭେ ଅନୁଭବ
କରୁନାହଁ କି ମିଶର ଧ୍ୱଂସ ହେଉଅଛି ବୋଲି?"

**8**ତେଣୁ ଫାରୋ ଆଜ୍ଞା ଦେଲେ, ତାଙ୍କର କର୍ମଚାରୀମାନଙ୍କୁ
ଯେ, ତୁମ୍ଭେମାନେ ମୋଶା ଓ ହାରୋଣଙ୍କୁ ଫେରାଇ ଆଣ।
ଫାରୋ ସେମାନଙ୍କୁ କହିଲେ, "ତୁମ୍ଭେମାନେ ଯାଅ ଓ ସଦାପ୍ରଭୁ
ତୁମ୍ଭର ପରମେଶ୍ୱରଙ୍କର ଉପାସନା କର। କିନ୍ତୁ ମୋତେ
କୁହ, କେଉଁମାନେ ଯିବ?"

**9**ମୋଶା ଉତ୍ତର ଦେଲେ, "ଆମ୍ଭର ସମସ୍ତ ଲୋକ
ଏପରିକି ଆବାଳବୃଦ୍ଧବନିତା ଏବଂ ଆମ୍ଭମାନଙ୍କର ମେଣ୍ଢା ଓ
ଗୋରୁ-ଗାଈମାନେ ମଧ୍ୟ ଯିବେ। ଆମ୍ଭେମାନେ ସମସ୍ତେ ଯିବୁ
କାରଣ ସଦାପ୍ରଭୁଙ୍କର ଉଦ୍ଦେଶ୍ୟରେ ଉତ୍ସବ ହେବ।"

**10**ଫାରୋ ସେମାନଙ୍କୁ କହିଲେ, "ସଦାପ୍ରଭୁ ତୁମ୍ଭ ସହିତ
ରହିବା ଉଚିତ୍, ଯଦି ମୁଁ ତୁମ୍ଭର ପିଲାମାନଙ୍କୁ ତୁମ୍ଭ ସହିତ
ଯିବାକୁ ଦିଏ! ଦେଖ, ତୁମ୍ଭେମାନେ ତୁମ୍ଭ ନିଜ ପାଇଁ ଅସୁବିଧା
କରୁଛ। **11**ଆରମ୍ଭରୁ ଯେଉଁ ଲୋକମାନଙ୍କୁ ତୁମ୍ଭେ ପ୍ରସ୍ତାବ
କରିଅଛ, କେବଳ ସେହି ଲୋକମାନେ ସଦାପ୍ରଭୁଙ୍କୁ ଉପାସନା
କରିବା ପାଇଁ ଯିବେ। କିନ୍ତୁ ସବୁଲୋକମାନେ ଯାଇ ପାରିବେ
ନାହିଁ।" ଏହାପରେ ସେ ହାରୋଣ ଓ ମୋଶାଙ୍କୁ ବିଦାୟ
ଦେଲେ।

**12**ସଦାପ୍ରଭୁ ମୋଶାଙ୍କୁ କହିଲେ, "ମିଶରର ଭୂମିରେ ତୁମ୍ଭ
ହସ୍ତ ପ୍ରସାରଣ କର, ଏବଂ ମିଶର ଭୂମିରେ ପଙ୍ଗପାଳ ଦଳ
ମିଶରରେ ମାଡ଼ିଯିବେ। ଯାହା କୁଆପଥର ବୃଷ୍ଟିରୁ ବଞ୍ଚିଛି
ତାହାସବୁ ସେମାନେ ଖାଇଯିବେ।"

**13**ତେଣୁ ମୋଶା ତାଙ୍କର ଆଶାବାଡ଼ିଟିକୁ ମିଶର ଭୂମିରେ
ବିସ୍ତାର କଲେ ଏବଂ ଏହାପରେ ସଦାପ୍ରଭୁ ପୂର୍ବଦିଗରୁ ଖୁବ୍
ଯୋରରେ ପବନ ବୁହାଇଲେ। ଏହି ପବନ ଦିନ ଓ ରାତି
ତମାମ ଲାଗି ରହିଲା। ପ୍ରଭାତ ହେବାରୁ ସେହି ପବନ ଦ୍ୱାରା
ପଙ୍ଗପାଳ ଦ୍ୱାରା ମିଶର ଭୂମି ପରିପୂର୍ଣ୍ଣ ହୋଇଗଲା।
**14**ପଙ୍ଗପାଳଦଳ ଉଡ଼ିଆସି ମିଶର ଦେଶରେ ଭୂମିସ୍ଥ ହେଲେ।
ଏତେ ସଂଖ୍ୟାରେ ପଙ୍ଗପାଳଦଳ ଆସିଲେ ଯେ ପୂର୍ବରୁ ଏତେ
ସଂଖ୍ୟକ ପଙ୍ଗପାଳଦଳ ମିଶରରେ କଦାପି ଦେଖାଯାଇ ନଥିଲେ।
**15**ପଙ୍ଗପାଳମାନେ ଭୂମିକୁ ଆଚ୍ଛାଦନ କଲେ ଏବଂ ସମଗ୍ର
ମିଶର ଅନ୍ଧକାରଛନ୍ନ ହୋଇଗଲା। ପଥର ବର୍ଷାରେ ଯାହାସବୁ
ନଷ୍ଟ ହୋଇ ନଥିଲା, ଅବଶିଷ୍ଟାଂଶ ଗଛର ପତ୍ରକୁ ପଙ୍ଗପାଳଦଳ
ଖାଇଗଲେ। ଏପରିକି ମିଶରରେ କୌଣସି ବୃକ୍ଷରେ ଆଉ
ପତ୍ର ରହିଲା ନାହିଁ।

**16**ଫାରୋ ବେଗ୍ରତାର ସହକାରେ ମୋଶା ଏବଂ ହାରୋଣଙ୍କୁ
ଡ଼କାଇ ପଠାଇଲେ। ଫାରୋ କହିଲେ, "ମୁଁ ତୁମ୍ଭର ଓ
ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କର ବିରୁଦ୍ଧରେ ପାପ
କରିଅଛି। **17**ଏହିଥରକ ପାଇଁ ମୋତେ କ୍ଷମା କର। ଏହି
'ମାରାତ୍ମକ' ପଙ୍ଗପାଳଗୁଡ଼ିକୁ ଦୂରେଇ ନେଇଯିବା ପାଇଁ ସଦାପ୍ରଭୁ
ତୁମ୍ଭର ପରମେଶ୍ୱରଙ୍କୁ ପ୍ରାର୍ଥନା କର।"

**18**ମୋଶା ଫାରୋଙ୍କ ନିକଟରୁ ବିଦାୟ ନେଇ ସଦାପ୍ରଭୁଙ୍କୁ
ପ୍ରାର୍ଥନା କଲେ। **19**ତେଣୁ ସଦାପ୍ରଭୁ ପବନର ଦିଗ ପରିବର୍ତ୍ତନ
କଲେ। ପଶ୍ଚିମ ଦିଗରୁ ପ୍ରଚଣ୍ଡ ବେଗରେ ପବନ ବହିଲା। ଏହି
ପବନ ମିଶରରୁ ସମସ୍ତ ପଙ୍ଗପାଳଦଳକୁ ଉଡ଼ାଇ ନେଇ
ଲୋହିତ ସୂଫ ସାଗରରେ ପକାଇଲା। ଏପରିକି ଗୋଟିଏ
ହେଲେ ପଙ୍ଗପାଳ ମିଶରରେ ରହିଲେ ନାହିଁ। **20**କିନ୍ତୁ
ସଦାପ୍ରଭୁ ପୁନର୍ବାର ଫାରୋଙ୍କ ହୃଦୟ କଠୋର କଲେ।
ଯେଉଁଥିରେ ଫାରୋ ଇଶ୍ରାୟେଲର ଲୋକମାନଙ୍କୁ ଯିବାକୁ
ଦେଲେ ନାହିଁ।

## ମିଶରର ଆକାଶ ଅନ୍ଧକାରଛନ୍ନ ହେଲା

**21**ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭର ହସ୍ତ
ଆକାଶ ଆଡ଼କୁ ଉଠାଅ। ତାହେଲେ ମିଶର ଦେଶ ଅନ୍ଧକାରରେ
ଆଚ୍ଛାଦିତ ହେବ। ମିଶରୀୟମାନେ ଅନ୍ଧକାରରେ ଦରିଣ୍ଡି ହେବେ।"

**22**ତେଣୁ ସଦାପ୍ରଭୁଙ୍କର ଆଜ୍ଞା ଅନୁସାରେ ମୋଶା ତାଙ୍କର
ହସ୍ତ ଆକାଶ ଆଡ଼କୁ ଉଠାଇଲେ। ତା'ପରେ ଅନ୍ଧକାର ସାରା
ମିଶର ଦେଶକୁ ଆଚ୍ଛାଦନ କଲା। ଏହି ଅନ୍ଧକାର ମିଶରରେ
କ୍ରମାଗତ ତିନିଦିନ ରହିଲା। **23**ଜଣେ ବ୍ୟକ୍ତି ଅନ୍ୟ ଜଣକୁ
ଦେଖି ପାରିଲା ନାହିଁ। କେହି କୁଆଡେ ଯାଇ ପାରିଲେ ନାହିଁ।
କିନ୍ତୁ ଯେଉଁଠାରେ ଇଶ୍ରାୟେଲୀୟମାନେ ବାସ କରୁଥିଲେ
ସେଠାରେ ଅନ୍ଧକାର ନଥିଲା।

**24**ପୁନର୍ବାର ଫାରୋ ମୋଶାଙ୍କୁ ଡ଼ାକିଲେ ଏବଂ କହିଲେ,
"ଯାଅ ସଦାପ୍ରଭୁଙ୍କର ଉପାସନା କର! ତୁମ୍ଭେ ତୁମ୍ଭର
ପୁତ୍ରକନ୍ୟାମାନଙ୍କୁ ସାଙ୍ଗରେ ନେଇଯାଅ। କିନ୍ତୁ ତୁମ୍ଭର ମେଷ
ଗୁଡ଼ିକୁ ଓ ଗୋରୁଗାଈଗୁଡ଼ିକ ନିଅ ନାହିଁ।"

**25**ମୋଶା କହିଲେ, "ତୁମ୍ଭେ ନିଜେ ଆମ୍ଭମାନଙ୍କୁ, ଆମ୍ଭମାନଙ୍କର
ପରମେଶ୍ୱରଙ୍କର ଉପାସନା ପାଇଁ ହୋମବଳି ଓ ନୈବେଦ୍ୟ
ଉତ୍ସର୍ଗ କରିବା ଉଚିତ୍। **26**ହଁ, ସଦାପ୍ରଭୁଙ୍କ ଉପାସନା ପାଇଁ
ଆମ୍ଭମାନଙ୍କର ପଶୁଗଣଙ୍କୁ ଆମ୍ଭମାନଙ୍କ ସହିତ ନେବୁ। ଏଠାରେ
ଗୋଟିଏ ହେଲେ ଖୁରା ହିଁ ରହିବ ନାହିଁ। କାରଣ ଆମ୍ଭମାନଙ୍କ
ସଦାପ୍ରଭୁଙ୍କର ଉପାସନା ନିମନ୍ତେ ସେମାନଙ୍କ ମଧ୍ୟରୁ ବଳି
ନେବାକୁ ହେବ। କଣ ଦେଇ ସଦାପ୍ରଭୁଙ୍କର ଉପାସନା
କରିବାକୁ ହେବ, ତାହା ଆମ୍ଭେମାନେ ସେଠାରେ ଉପସ୍ଥିତ ନ
ହେଲେ ଜାଣି ପାରିବୁ ନାହିଁ। ତେଣୁ ଆମ୍ଭମାନଙ୍କର ଯାହାସବୁ
ଅଛି ଆମ୍ଭମାନଙ୍କୁ ସେସମସ୍ତ ଦ୍ରବ୍ୟ ସଙ୍ଗରେ ନେଇ ଯିବାକୁ
ହେବ।"

**27**ସଦାପ୍ରଭୁ ଫାରୋଙ୍କର ହୃଦୟକୁ ପୁଣି କଠୋର କଲେ,
ତେଣୁ ଫାରୋ ସେମାନଙ୍କୁ ଆଉ ଯିବାକୁ ଦେଲେ ନାହିଁ।
**28**ଏହାପରେ ଫାରୋ ମୋଶାଙ୍କୁ କହିଲେ, "ମୋ ନିକଟରୁ

ଦୂର ହୁଅ। ମୁଁ ତୁମ୍ଭର ମୁଖ ଯେପରି ଆଉ ନଦେଖେ। ଯଦି
ମୁଁ ତୁମ୍ଭକୁ ପୁଣି ଦେଖେ, ତୁମ୍ଭେ ମୃତ୍ୟୁବରଣ କରିବ।"
**29**ଏହାପରେ ମୋଶା ଫାରୋଙ୍କୁ କହିଲେ, "ତୁମ୍ଭେ ଗୋଟିଏ
ଠିକ୍ କଥା କହିଛ, ମୁଁ ତୁମ୍ଭକୁ ଆଉ ଦେଖା କରିବାକୁ
ଆସିବି ନାହିଁ।"

## ପ୍ରଥମଜାତ ସନ୍ତାନମାନଙ୍କର ମୃତ୍ୟୁ

**11** ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ଆମ୍ଭେ
ଆଉ ଏକ ଉତ୍ପାତ ମିଶର ଓ ଫାରୋଙ୍କ ବିରୁଦ୍ଧରେ
ଆଣିବା। ଏହାପରେ ସେ ତୁମ୍ଭକୁ ମିଶରରୁ ବାହାର କରିଦେବ।
ଏପରିକି ସେ ତୁମ୍ଭକୁ ବଳପୂର୍ବକ ମିଶରରୁ ତଡ଼ି ଦେବ।
**2**ତୁମ୍ଭେ ଏହି ବାର୍ତ୍ତା ମିଶରବାସୀଙ୍କୁ ଦିଅ। 'ପ୍ରତ୍ୟେକ ପୁରୁଷ
ଆପଣା ପ୍ରତିବେଶୀଠାରୁ ଏବଂ ପ୍ରତ୍ୟେକ ସ୍ତ୍ରୀ ଆପଣା
ପ୍ରତିବେଶୀନୀଠାରୁ ରୌପ୍ୟ ଅଳଙ୍କାର ଓ ସ୍ୱର୍ଣ୍ଣ ଅଳଙ୍କାର ମାଗି
ନିଅନ୍ତୁ। **3**ସଦାପ୍ରଭୁ ମିଶରୀୟମାନଙ୍କ ଦୃଷ୍ଟିରେ ଲୋକମାନଙ୍କୁ
ଅନୁଗ୍ରହ ପାତ୍ର କଲେ। ପୁଣି ମିଶର ଦେଶର ଅଧିକାରୀମାନଙ୍କ
ଆଗରେ ଓ ମିଶରର ଲୋକମାନଙ୍କ ଆଗରେ ମୋଶା ଅତି
ମହାନ୍ ଲୋକ ହେଲେ।'"
**4**ମୋଶା ଲୋକମାନଙ୍କୁ କହିଲେ, "ସଦାପ୍ରଭୁ କହନ୍ତି,
'ଦୁଇପହର ରାତ୍ରିରେ ମୁଁ ଆଜି ମିଶର ମଧ୍ୟ ଦେଇ ଗମନ
କରିବ। **5**ଏବଂ ମିଶରର ସମସ୍ତ ପ୍ରଥମଜାତ ସନ୍ତାନ ମରିବେ।
ଏପରିକି ଫାରୋଙ୍କର ପ୍ରଥମ ଜାତ ପୁତ୍ର ଚକିପେଷଣକାରୀ
ଦାସମାନଙ୍କର ପ୍ରଥମଜାତ ପୁତ୍ର ଓ ସମସ୍ତ ପଶୁମାନଙ୍କର
ପ୍ରଥମଜାତମାନେ ମଧ୍ୟ ମରିବେ। **6**ମିଶରରେ ଏକ ମହାରୋଦନ
ହେବ। ଯାହା ପୂର୍ବେ ହୋଇ ନାହିଁ କି କେବେ ହେବ ନାହିଁ।
**7**କିନ୍ତୁ ଏପରି କୌଣସି ଇଶ୍ରାୟେଲୀୟମାନଙ୍କର ହେବ ନାହିଁ।
ଏପରିକି ଇଶ୍ରାୟେଲର ଏକ କୁକୁର କୌଣସି ବ୍ୟକ୍ତି ବା
ପଶୁକୁ ଭୁକିବ ନାହିଁ। ଏହିପରି କେହି ଇଶ୍ରାୟେଲୀୟ ମରିବେ
ନାହିଁ। ଏହିପରି ତୁମ୍ଭେ ଜାଣିବ, ଯେ ସଦାପ୍ରଭୁ ଇଶ୍ରାୟେଲୀୟମାନଙ୍କୁ
ଓ ମିଶରୀୟମାନଙ୍କୁ ଭିନ୍ନ ଭାବରେ ବ୍ୟବହାର କରୁଛନ୍ତି।
**8**ଏହାପରେ ତୁମ୍ଭମାନଙ୍କର ସମସ୍ତ ଅଧିକାରୀଗଣ ମୋ ନିକଟକୁ
ଆସିବେ ଏବଂ ମୋ ଆଗରେ ମଥାନତ କରିବେ। ସେମାନେ
କହିବେ, "ସମସ୍ତ ଲୋକମାନଙ୍କ ସହିତ ବାହାରି ଯାଅ।"
ଏହାପରେ ମୁଁ ଯିବି। ତା'ପରେ କ୍ରୋଧରେ ମୋଶା ଫାରୋଙ୍କୁ
ପରିତ୍ୟାଗ କଲେ।'"
**9**ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଥିଲେ, "ଫାରୋ
ତୁମ୍ଭର କଥା ଶୁଣିବେ ନାହିଁ, ସେଥିପାଇଁ ମୁଁ ମିଶରରେ
ଆହୁରି ବହୁତ ଆଶ୍ଚର୍ଯ୍ୟ କର୍ମମାନ ଦେଖାଇପାରିବ।" **10**ମୋଶା
ଏବଂ ହାରୋଣ, ଫାରୋଙ୍କ ଆଗରେ ଏହିସବୁ ଅଦ୍ଭୁତ କର୍ମମାନ
କଲେ, କିନ୍ତୁ ସଦାପ୍ରଭୁ ଫାରୋଙ୍କୁ ଜିଦ୍‌ଖୋର କଲେ, ତେଣୁ
ସେ ଇଶ୍ରାୟେଲୀୟମାନଙ୍କୁ ତାଙ୍କର ଦେଶ ଛାଡି ଯିବା ପାଇଁ
ଅନୁମତି ଦେଲେ ନାହିଁ।

## ନିସ୍ତାର ପର୍ବ

**12** ଯେଉଁ ସମୟରେ ମୋଶା ଏବଂ ହାରୋଣ ମିଶରରେ
ଥିଲେ, ସଦାପ୍ରଭୁ ସେମାନଙ୍କୁ କହିଲେ, **2**"ଏହି ମାସ
ତୁମ୍ଭମାନଙ୍କ ପାଇଁ ବର୍ଷର ପ୍ରଥମ ମାସ ହେବ ଏବଂ ଏହା
ତୁମ୍ଭମାନଙ୍କ ପାଇଁ ପ୍ରଧାନ ମାସ ହେବ। **3**ଏହି ଆଜ୍ଞା ସମଗ୍ର
ଇଶ୍ରାୟେଲୀମାନଙ୍କ ପାଇଁ ଥିଲା। ଏହି ମାସର ଦଶମ ଦିନଟିରେ
ପ୍ରତ୍ୟେକ ଲୋକ ଗୋଟିଏ ମେଷ ଶାବକ ଆପଣା ପରିବାରମାନଙ୍କ
ପାଇଁ ନେବ। **4**ଯଦି ତୁମ୍ଭ ପରିବାରରେ ଯଥେଷ୍ଟ ଲୋକ
ନଥାନ୍ତି ତାକୁ ଖାଇବାକୁ, ତେବେ ସେ ତା'ର ପଡ଼ୋଶୀଙ୍କୁ
ନିମନ୍ତ୍ରଣ କରି ଆଣିବ। ସମସ୍ତଙ୍କ ପାଇଁ ଯେପରି ଉପଯୁକ୍ତ
ପରିମାଣରେ ଖାଦ୍ୟ ହେବ। **5**ଯେଉଁ ମେଷ ଶାବକଟିକୁ ନେବ
ତାହା ସଂପୂର୍ଣ୍ଣ ସ୍ୱାସ୍ଥ୍ୟବାନ ଓ ଏହା ଏକ ବର୍ଷର ପୁରୁଷ ମେଷ
ହେବା ଆବଶ୍ୟକ। ଏହି ପଶୁଟି ଏକ ଯୁବା ମେଷ କିମ୍ବା ଏକ
ଛେଳି ଶାବକ ହେବା ଦରକାର। **6**ତୁମ୍ଭମାନଙ୍କୁ ସେହି ମେଷ
ଶାବକକୁ ମାସର ଚତୁର୍ଦ୍ଦଶ ଦିନଯାଏଁ ନଜରରେ ରଖିବାକୁ
ହେବ। ସେହିଦିନ ଇଶ୍ରାୟେଲର ସମସ୍ତ ଲୋକମାନେ ସୂର୍ଯ୍ୟାସ୍ତ
ପରେ ସନ୍ଧ୍ୟା ପୂର୍ବରୁ ଏମାନଙ୍କୁ ହତ୍ୟା କରିବେ। **7**ତୁମ୍ଭେମାନେ
ସେହି ପଶୁର ରକ୍ତ ନେଇ ତୁମ୍ଭେ ଯେଉଁ ଘରେ ମେଷ
ଖାଉଥିବ, ସେହି ଫାଟକର ଦ୍ୱାରବନ୍ଧର ଉପର ଓ ବାଜୁବନ୍ଧ
ପାଖରେ ସେହି ରକ୍ତ ଲଗାଇବ।
**8**"ସେହି ରାତ୍ରିରେ, ତୁମ୍ଭେ ତା'ର ମାଂସକୁ ଅଗ୍ନିରେ ଦଗ୍ଧ
କରି ତାଡ଼ି ଶୂନ୍ୟ ରୋଟୀ ଓ ତିକ୍ତ ଶାକ ସହିତ ତାହା
ଭୋଜନ କରିବ। **9**ତୁମ୍ଭେ ସେହି ମାଂସକୁ କଞ୍ଚା ଖାଇବ ନାହିଁ
କିମ୍ବା ପାଣିରେ ସିଝାଇବ ନାହିଁ। ତୁମ୍ଭେ ସେହି ମେଷ
ଶାବକକୁ ନିଆଁରେ ପୁରାପୁରି ପୋଡିବା ଉଚିତ୍। ମେଷର ମୁଣ୍ଡ,
ଗୋଡ଼ ଏବଂ ଭିତର ସମସ୍ତ ଅଂଶ ରହିବା ଉଚିତ୍। **10**ତୁମ୍ଭେ
ନିଶ୍ଚିତ ତା'ର ମାଂସକୁ ସେହିଦିନ ରାତ୍ରିରେ ଖାଇ ଶେଷ
କରିବ। ଯଦି କିଛି ମାଂସ ପ୍ରଭାତ ପର୍ଯ୍ୟନ୍ତ ବଳିଯାଏ, ତେବେ
ତାହାକୁ ନଖାଇ ଅଗ୍ନିରେ ଦଗ୍ଧ କରିବ।
**11**"ତୁମ୍ଭେମାନେ ଯେତେବେଳେ ଏହି ମାଂସ ଭୋଜନ
କରିବ, ସେତେବେଳେ ତୁମ୍ଭେମାନେ ଉତ୍ତମ ପୋଷାକମାନ
ପରିଧାନ କରିବ, ତୁମ୍ଭେମାନେ ଭ୍ରମଣ ପାଇଁ ଯିବାବେଳେ
ଯେଉଁପରି ଭାବରେ ପୋଷାକ ପରିଧାନ କର। ତୁମ୍ଭେ ଯୋତା
ପିନ୍ଧିବା ଉଚିତ୍ ଓ ତୁମ୍ଭ ହସ୍ତରେ ତୁମ୍ଭର ଆଶାବାଡ଼ି ରହିବା
ଉଚିତ୍। ତୁମ୍ଭେ ଏହାକୁ ଶୀଘ୍ର ଭୋଜନ କରିବ। କାହିଁକି?
କାରଣ ଏହା ହେଉଛି ସଦାପ୍ରଭୁଙ୍କର ନିସ୍ତାରପର୍ବ।
**12**"ଆଜି ରାତ୍ରିରେ ମୁଁ ମିଶର ଦେଶ ମଧ୍ୟ ଦେଇ ଯିବି
ଓ ସେମାନଙ୍କର ପ୍ରଥମଜାତ ସନ୍ତାନମାନଙ୍କୁ ହତ୍ୟା କରିବ।
ଏହି ପ୍ରକାରରେ ମିଶରର ସମସ୍ତ ଦେବତାମାନଙ୍କର ବିଚାର
କରିବ। ମୁଁ ତାଙ୍କୁ ଦେଖାଇବି ଯେ, ମୁଁ ହେଉଛି ସଦାପ୍ରଭୁ।
**13**ମନେରଖ ସେହି ରକ୍ତ ତୁମ୍ଭ ଘରମାନଙ୍କର ଚିହ୍ନ ସ୍ୱରୂପ
ହେବ। ମୁଁ ଯେତେବେଳେ ସେହି ରକ୍ତ ଦେଖିବି ସେହି
ଘରକୁ ଛାଡ଼ି ଆଗକୁ ଆଗେଇବି। ସଂହାର କାର୍ଯ୍ୟ କେବଳ
ମିଶର ଉପରେ ହେବ ତୁମ୍ଭମାନଙ୍କର କିଛି ହେବ ନାହିଁ।
**14**"ତେଣୁ ତୁମ୍ଭେମାନେ ଭଲଭାବେ ମନରଖ ଯେ, ଆଜି
ରାତ୍ରିଟି ତୁମ୍ଭମାନଙ୍କ ପାଇଁ ସ୍ମରଣୀୟ ଦିନ ହେବ। ତୁମ୍ଭେମାନେ
ଏହିଦିନକୁ ସଦାପ୍ରଭୁଙ୍କର ପର୍ବରୂପେ ପାଳନ କରିବ। ତୁମ୍ଭର
ଭବିଷ୍ୟତ ବଂଶଧରମାନେ ଏହି ପର୍ବ ପ୍ରତିବର୍ଷ ପାଳନ
କରିବେ। **15**ଏହି ଉତ୍ସବରେ ତୁମ୍ଭେମାନେ ତାଡ଼ିଶୂନ୍ୟ ରୋଟୀ
ସାତଦିନ ପର୍ଯ୍ୟନ୍ତ ଖାଇବ। ବିଶେଷତଃ ପ୍ରଥମ ଦିନରେ ତୁମ୍ଭ
ଗୃହରୁ ତାଡ଼ି ଦୂରରେ ରଖିବ। ଏହି ସାତଦିନ ମଧ୍ୟରେ

ତୁମ୍ଭେମାନେ କେହି ତାଡ଼ି ଖାଇବ ନାହିଁ। ଯଦି କେହି ତାଡ଼ି
ଭୋଜନ କରେ ତେବେ ସେ ତା'ର ଲୋକମାନଙ୍କ ମଧ୍ୟରୁ
ବିଚ୍ଛିନ୍ନ ହେବ। **16**ଏହି ପର୍ବର ପ୍ରଥମ ଦିନ ଓ ଶେଷ ଦିନ
ତୁମ୍ଭମାନଙ୍କର ପବିତ୍ର ସଭା ହେବ। ତୁମ୍ଭେମାନେ ସେହିଦିନ
କିଛି କରିବା ଉଚିତ ନୁହେଁ। କେବଳ ତୁମ୍ଭେମାନେ ତୁମ୍ଭମାନଙ୍କର
ଖାଦ୍ୟ ପ୍ରସ୍ତୁତ କରିବ। **17**ଏହି ପ୍ରକାରରେ ତୁମ୍ଭେମାନେ
ତାଡ଼ିଶୂନ୍ୟ ରୋଟୀର ପର୍ବ ପ୍ରତିବର୍ଷ ପାଳନ କରିବ। କାରଣ
ସେହି ଦିନରେ ହିଁ ମୁଁ ତୁମ୍ଭମାନଙ୍କୁ ମିଶରରୁ ଦଳବଦ୍ଧ କରି
ବାହାର କରି ଆଣିଲି। ଏଣୁ ତୁମ୍ଭମାନଙ୍କର ବଂଶଧର ଅନନ୍ତକାଳୀନ
ବ୍ୟବସ୍ଥାରେ ମୋ ପାଇଁ ଏହି ଦିନ ପାଳନ କରିବ।
**18**ତୁମ୍ଭେମାନେ ପ୍ରଥମ ମାସର ଚଉଦ ଦିନର ସନ୍ଧ୍ୟା ସମୟରୁ
ଏକୋଇଶ ଦିନର ସନ୍ଧ୍ୟା ପର୍ଯ୍ୟନ୍ତ ତାଡ଼ିଶୂନ୍ୟ ରୋଟୀ
ଭୋଜନ କରିବ। **19**ସପ୍ତାହେ ପର୍ଯ୍ୟନ୍ତ ତୁମ୍ଭମାନଙ୍କ ଗୃହରେ
ଲେଶମାତ୍ର ତାଡ଼ି ନ ରହୁ କାରଣ ବିଦେଶୀ ଅବା ସ୍ୱଦେଶୀ
ଯେଉଁ ଜନ ଏଥିମଧ୍ୟରେ ତାଡ଼ି ମିଶ୍ରିତ ଦ୍ରବ୍ୟ ଖାଇବ, ସେ
ପ୍ରାଣୀ ଇଶ୍ରାୟେଲ ମସ୍ତକରୁ ଉଚ୍ଛିନ୍ନ ହେବ। **20**ଏହି ପର୍ବରେ,
ତୁମ୍ଭେମାନେ ତାଡ଼ିଶୂନ୍ୟ ରୋଟୀ ଖାଇବ ନାହିଁ। ତୁମ୍ଭେମାନେ
ଯେଉଁସ୍ଥାନରେ ବାସ କରିନା କାହିଁକି ତାଡ଼ିଶୂନ୍ୟ ରୋଟୀ
ଖାଇବ।"

**21**ତେଣୁ ମୋଶା ଇଶ୍ରାୟେଲର ପ୍ରାଚୀନବର୍ଗଙ୍କୁ ଏକତ୍ର
କଲେ। ମୋଶା ସେମାନଙ୍କୁ କହିଲେ, "ତୁମ୍ଭେମାନେ ତୁମ୍ଭର
ପରିବାର ପାଇଁ ଏକ ମେଷଶାବକ ଆଣ ଓ ନିସ୍ତାରପର୍ବର
ମେଷଶାବକକୁ ବଧ କର। **22**ବିଡ଼ାଏ ଏସୋବ୍ ନେଇ
ପାତ୍ରରେ ଥିବା ରକ୍ତରେ ବୁଡ଼ାଇ ଦ୍ୱାରର କପାଳ ଓ ଦୁଇ
ବାଜୁବନ୍ଧ ଉପରେ ପାତ୍ରସ୍ଥିତ ରକ୍ତ ଲଗାଅ। ପୁଣି ପ୍ରଭାତ ଯାଏ
ତୁମ୍ଭମାନଙ୍କର କେହି ଗୃହ ଦ୍ୱାରରେ ବାହାରକୁ ନଯାଉ।
**23**ସେହି ସମୟରେ ସଦାପ୍ରଭୁ ମିଶର ମଝିରେ ଯିବେ ଏବଂ
ମିଶରୀୟମାନଙ୍କୁ ହତ୍ୟା କରିବେ। ସଦାପ୍ରଭୁ ଯେଉଁ ଦ୍ୱାରରେ
ରକ୍ତ ଚିହ୍ନ ଦେଖିବେ ସେହି ଘରକୁ ଛାଡି ଦେବେ। ସେ
ମୃତ୍ୟୁ ଦୂତକୁ ତୁମ୍ଭ ଘରେ ପଶି ତୁମ୍ଭକୁ ହତ୍ୟା କରିବାକୁ
ଦେବେ ନାହିଁ। **24**ତୁମ୍ଭମାନଙ୍କୁ ଏହି ଆଜ୍ଞା ମାନିବାକୁ ହେବ।
ଏହି ବ୍ୟବସ୍ଥା ତୁମ୍ଭମାନଙ୍କ ପାଇଁ ଓ ତୁମ୍ଭମାନଙ୍କର ଭବିଷ୍ୟତ
ବଂଶଧରମାନଙ୍କ ପାଇଁ। ତୁମ୍ଭର ଭବିଷ୍ୟତ ବଂଶଧରମାନେ
ସବୁଦିନ ପାଇଁ ପାଳନ କରିବା ଉଚିତ୍। **25**ତୁମ୍ଭମାନଙ୍କର
ଏକଥା ଯେପରି ମନେ ରହେ ଏହା ତୁମ୍ଭେମାନେ ସେଠାରେ
ମଧ୍ୟ ପାଳନ କରିବ, ସେହି ଭୂମି ସଦାପ୍ରଭୁ ତୁମ୍ଭମାନଙ୍କୁ
ଦେବେ, ଯେହେତୁ ସେ ପ୍ରତିଜ୍ଞା କରିଥିଲେ। **26**ଯେତେବେଳେ
ତୁମ୍ଭର ପିଲାମାନେ ତୁମ୍ଭକୁ ପଚାରିବେ, 'ତୁମ୍ଭେମାନେ କାହିଁକି
ଏପରି ପର୍ବ ପାଳନ କରୁଛ?' **27**ତୁମ୍ଭେମାନେ କହିବ, 'ଏହା
ହେଉଛି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିସ୍ତାର ପର୍ବୀୟ ବଳିଦାନ।
କାରଣ? ଯେତେବେଳେ ଆମ୍ଭେ ମିଶରରେ ଥିଲୁ, ସଦାପ୍ରଭୁ
ସେତେବେଳେ ଆମ୍ଭମାନଙ୍କୁ ଛାଡ଼ି କେବଳ ମିଶରବାସୀମାନଙ୍କୁ
ଆଘାତ କରିଥିଲେ। ସଦାପ୍ରଭୁ ମିଶରବାସୀମାନଙ୍କୁ ହତ୍ୟା
କଲାବେଳେ ଆମ୍ଭମାନଙ୍କୁ ସୁରକ୍ଷା ଦେଇଥିଲେ। ଯେଉଁଥିପାଇଁ
ବର୍ତ୍ତମାନ ଲୋକମାନେ ନତମସ୍ତକ ହୋଇ ପ୍ରଣାମ କଲେ।'"

**28**ଏହି ଆଜ୍ଞା ସଦାପ୍ରଭୁ, ମୋଶା ଏବଂ ହାରୋଣଙ୍କୁ
ଦେଇଥିଲେ। ତେଣୁ ଇଶ୍ରାୟେଲର ଲୋକମାନେ ସଦାପ୍ରଭୁଙ୍କର
ଆଜ୍ଞା ଅନୁସାରେ କର୍ମମାନ କଲେ।

**29**ମଧ୍ୟରାତ୍ରରେ, ସଦାପ୍ରଭୁ ମିଶରର ସମସ୍ତ ପ୍ରଥମଜାତ
ସନ୍ତାନମାନଙ୍କୁ ହତ୍ୟା କଲେ, ଏପରିକି ସଦାପ୍ରଭୁ ରାଜା
ଫାରୋଙ୍କର ପ୍ରଥମଜାତ ସନ୍ତାନ, କଏଦିର ପ୍ରଥମ ସନ୍ତାନ ଓ
ପଶୁମାନଙ୍କର ପ୍ରଥମଜାତ ସନ୍ତାନମାନଙ୍କୁ ହତ୍ୟା
କଲେ। **30**ସେହି ରାତ୍ରରେ ମିଶର ପ୍ରତ୍ୟେକ ଗୃହରୁ
ଜଣେ ଜଣେ ମରିଥିଲେ। ଫାରୋ ତାଙ୍କର କର୍ମଚାରୀ ଓ
ସେ ଦେଶର ସମସ୍ତ ଲୋକ କ୍ରନ୍ଦନ କରିବାକୁ
ଲାଗିଲେ।

## ଇଶ୍ରାୟେଲ ମିଶର ଛାଡ଼ିଲେ

**31**ସେହି ରାତ୍ରିରେ ରାଜା ଫାରୋ, ମୋଶା ଓ ହାରୋଣଙ୍କୁ
ଡ଼କାଇ ପଠାଇଲେ। ଫାରୋ ସେମାନଙ୍କୁ କହିଲେ, "ଉଠ
ଏବଂ ଆମ୍ଭ ଲୋକମାନଙ୍କ ମଧ୍ୟରୁ ବାହାର। ତୁମ୍ଭମାନଙ୍କର
ବାକ୍ୟ ଅନୁସାରେ ସଦାପ୍ରଭୁଙ୍କର ଉପାସନା କରିବା ପାଇଁ
ଯାତ୍ରା କର। **32**ତୁମ୍ଭେ ତୁମ୍ଭର ମେଷ, ଗାଈଗୋରୁ ସମସ୍ତ
ନେଇ ଯାଅ ଏବଂ ମୋତେ ଆଶୀର୍ବାଦ କର।" **33**ମିଶରର
ଲୋକମାନେ ସେମାନଙ୍କୁ ଶୀଘ୍ର ଶୀଘ୍ର ବିଦାୟ କଲେ।
କାହିଁକି? କାରଣ, ସେମାନେ କହିଲେ, "ଯଦି ତୁମ୍ଭେମାନେ ନ
ଯାଅ, ଆମ୍ଭେ ସମସ୍ତେ ମରି ଯିବୁ।"

**34**ଇଶ୍ରାୟେଲର ଲୋକମାନେ ତାଙ୍କ ଅଟାରେ ତାଡ଼ି
ମିଶାଇବାକୁ ସମୟ ପାଇ ନଥିଲେ। ସେମାନେ ଅଟା
ନେଇ ପଳାଇଲେ। ସେମାନେ ସେମାନଙ୍କର ପାତ୍ରଗୁଡିକ
ଲୁଗାରେ ଘୋଡାଇ ଗୁଡାଇଲେ ଏବଂ ସେମାନଙ୍କର କାନ୍ଧରେ
ବହିଲେ। **35**ଏହାପରେ ଇଶ୍ରାୟେଲୀୟ ଲୋକମାନେ ମୋଶାଙ୍କର
ଆଜ୍ଞାନୁସାରେ ଗଲେ। ସେମାନେ ତାଙ୍କର ମିଶରୀୟ
ପଡ଼ୋଶୀମାନଙ୍କ ନିକଟକୁ ଗଲେ ଓ ସେମାନଙ୍କୁ ରୂପା
ଅଳଙ୍କାର, ସ୍ୱର୍ଣ୍ଣ ଅଳଙ୍କାର ଏବଂ ଲୁଗା ମାଗିଲେ।
**36**ସଦାପ୍ରଭୁ ମିଶରବାସୀମାନଙ୍କ ହୃଦୟରେ ଇଶ୍ରାୟେଲୀୟମାନଙ୍କ
ପାଇଁ ଦୟା ସୃଷ୍ଟି କଲେ। ତେଣୁ ଇଶ୍ରାୟେଲୀୟମାନେ
ଯାହା ମାଗିଲେ ମିଶରବାସୀମାନେ ସବୁ ଦେଲେ। ଏହି
ପ୍ରକାରେ ଇଶ୍ରାୟେଲୀୟମାନେ ମିଶରୀୟମାନଙ୍କୁ ଲୁଣ୍ଠନ
କଲେ।

**37**ଇଶ୍ରାୟେଲୀୟ ଲୋକମାନେ ରାମିଷେଷଠାରୁ ସୁକ୍କୋତ୍‌କୁ
ଯାତ୍ରା କଲେ। ସେମାନେ ପିଲାମାନଙ୍କୁ ଛାଡ଼ି ମୋଟ୍‌ରେ
6,00,000 ଲୋକ ଥିଲେ। **38**ସେମାନେ ମିଶ୍ରିତ ଲୋକମାନଙ୍କର
ଏକ ମହାଜନତା ଓ ମେଷ, ଛେଳି ଓ ଗୋରୁଗାଈ ସହିତ
ଅନେକ ପଶୁ ସେମାନଙ୍କ ସହିତ ଥିଲେ। **39**ଲୋକମାନେ
ସେମାନଙ୍କର ଚକଟା ମଇଦାରେ ତାଡ଼ି ମିଶାଇ ପାରିନଥିଲେ।
ଏବଂ ସେମାନଙ୍କର ଯାତ୍ରା ପାଇଁ ମଧ୍ୟ ସ୍ୱତନ୍ତ୍ର ରୂପେ ଖାଦ୍ୟ
ପ୍ରସ୍ତୁତ କରିବାକୁ ସମୟ ପାଇ ନ ଥିଲେ। ତେଣୁ ସେମାନେ
ତାଡ଼ି ବିହିନ ରୋଟୀମାନ ପ୍ରସ୍ତୁତ କଲେ।

**40**ଇଶ୍ରାୟେଲୀୟ ଲୋକମାନେ ମିଶରରେ 430 ବର୍ଷ
ଧରି ବାସ କରୁଥିଲେ। **41**430 ବର୍ଷପରେ ସେହି ଦିନରେ
ସଦାପ୍ରଭୁଙ୍କ ସୈନ୍ୟ ସମୂହ ମିଶରରୁ ବିଦାୟ ନେଲେ।
**42**ତାହା ଏକ ବିଶେଷ ରାତ୍ରି ଥିଲା। କାରଣ ସଦାପ୍ରଭୁ
ସେମାନଙ୍କ ପାଇଁ ଯାହା କରିଥିଲେ, ତାହା ସେମାନେ ସ୍ମରଣ

କଲେ। ଇଶ୍ରାୟେଲୀୟମାନେ ପୁରୁଆନୁକ୍ରମେ ସେହି ବିଶେଷ
ରାତ୍ରିକୁ ସ୍ମରଣ କରି ପାଳନ କରିବେ।
**43**ସଦାପ୍ରଭୁ ମୋଶା ଏବଂ ହାରୋଣଙ୍କୁ କହିଲେ, "ନିସ୍ତାର
ପର୍ବର ଏହି ବିଧି, କୌଣସି ବିଦେଶୀୟ ଲୋକ ଏହାକୁ
ଭୋଜନ କରିବ ନାହିଁ। **44**କିନ୍ତୁ ପ୍ରତ୍ୟେକ ଲୋକର ଦାସ
ଯିଏ କିଣା ହୋଇଛି ସେ ଖାଇ ପାରିବ ଯଦି ସେ ସୁନ୍ନତ
ହୋଇଥାଏ। **45**ନହେଲେ ପ୍ରବାସୀ ବା ବର୍ତ୍ତନଜିବୀ ଦାସ
ତାହା ଖାଇ ପାରିବ ନାହିଁ।
**46**"ଏକ ଗୃହ ମଧ୍ୟରେ ତାହା ଭୋଜନ କରାଯିବ। ତୁମ୍ଭେ
ସେହି ମାଂସର କିଛି ମାତ୍ର ଗୃହ ବାହାରକୁ ନେଇଯିବ ନାହିଁ।
କିମ୍ବା ତା'ର ଗୋଟିଏ ହେଲେ ବି ଅସ୍ଥି ଭାଙ୍ଗିବ ନାହିଁ।
**47**ଇଶ୍ରାୟେଲର ସମଗ୍ରମଣ୍ଡଳୀ ତାହା ପାଳନ କରିବେ। **48**ଯଦି
କୌଣସି ବିଦେଶୀ ତୁମ୍ଭମାନଙ୍କ ସହିତ ବାସ କରୁଥାଏ ଏବଂ
ଯଦି ସେ ଚାହିଁବ ନିସ୍ତାର ପର୍ବରେ ଭାଗନେବା ପାଇଁ ତେବେ
ତାକୁ ସୁନ୍ନତ ହେବାକୁ ପଡ଼ିବ। ତା'ପରେ ସେ ଇଶ୍ରାୟେଲୀୟମାନଙ୍କ
ସହିତ ସମାନ ହେବ। ଏହାପରେ ସେ ତୁମ୍ଭ ସହିତ ଭୋଜନ
କରିପାରିବ। ଯଦି ଜଣେ ସୁନ୍ନତ ହୋଇନଥିବ ତେବେ ସେ
ନିସ୍ତାରପର୍ବ ପାଳନ କରିପାରିବ ନାହିଁ କି ନିସ୍ତାର ଖାଦ୍ୟ
ଖାଇପାରିବ ନାହିଁ। **49**ଏହି ନିୟମ ସମସ୍ତଙ୍କ ପାଇଁ ପ୍ରଜୁଯ୍ୟ,
ଏହା କେବଳ ଅଣ ଇଶ୍ରାୟେଲୀୟ ପାଇଁ ନୁହେଁ, ଏହା
ସମସ୍ତଙ୍କ ପାଇଁ ଲାଗୁ ହେବ। ଏହି ନିୟମ ସମସ୍ତଙ୍କ ପାଇଁ
ଯେଉଁମାନେ ତୁମ୍ଭ ଦେଶରେ ବାସ କରୁଥିବେ।"
**50**ତେଣୁ ସମସ୍ତ ଇଶ୍ରାୟେଲୀୟମାନେ ସଦାପ୍ରଭୁ ମୋଶାଙ୍କୁ
ଦେଇଥିବା ଆଜ୍ଞାକୁ ସମସ୍ତେ ମାନିଲେ। **51**ତେଣୁ ଠିକ୍
ସେହିଦିନ, ସଦାପ୍ରଭୁ ସମସ୍ତ ଇଶ୍ରାୟେଲ ଲୋକମାନଙ୍କୁ ମିଶରରୁ
ଆଗେଇ ନେଲେ। ସୈନ୍ୟ ଶ୍ରେଣୀବଦ୍ଧ ଲୋକମାନେ ମିଶର
ପରିତ୍ୟାଗ କଲେ।

**13** ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ,
**2**"ଇଶ୍ରାୟେଲ ସନ୍ତାନମାନଙ୍କ ମଧ୍ୟରେ ମନୁଷ୍ୟ ହେଉ
କି ପଶୁ ହେଉ, ଯେ କେହି ପ୍ରଥମେ ଜାତ ହେବ, ସେହି
ପ୍ରଥମଜାତ ସମସ୍ତଙ୍କୁ ଆମ୍ଭ ଉଦ୍ଦେଶ୍ୟରେ ପ୍ରଦାନ କର, ତାହା
ଆମ୍ଭର।"
**3**ମୋଶା ଲୋକମାନଙ୍କୁ କହିଲେ, "ଏହି ଦିବସକୁ ମନେ
ରଖ, ତୁମ୍ଭେମାନେ ମିଶରରେ ଦାସ ଥିଲ, ସଦାପ୍ରଭୁଙ୍କର
ମହାନ୍ ଶକ୍ତି ତୁମ୍ଭମାନଙ୍କୁ ଏହି ଦିନ ମୁକ୍ତ କରିଥିଲା। ତେଣୁ
ତୁମ୍ଭେମାନେ ତାଡ଼ିଶୂନ୍ୟ ରୋଟୀ ଭକ୍ଷଣ କରିବ। **4**ଆଜି,
ଆବୀବ୍ ମାସର ଏହି ଦିନରେ ବାହାର ହେଲ। **5**ଆଉ
ଯେତେବେଳେ କିଣାନୀୟ, ହିତ୍ତୀୟ, ଇମୋରୀୟ, ହିବ୍ବୀୟ ଓ
ଯିବୂଷୀୟ ଲୋକମାନଙ୍କର ଯେଉଁ ଉନ୍ନତ ଦେଶ ତୁମ୍ଭକୁ
ଦେବାକୁ ସଦାପ୍ରଭୁ ତୁମ୍ଭ ପୂର୍ବପୁରୁଷମାନଙ୍କ ପାଖରେ ପ୍ରତିଜ୍ଞା
କରିଥିଲେ, ସେହି ଦେଶକୁ ସେ ତୁମ୍ଭମାନଙ୍କୁ ଦେବେ।
**6**"ସାତଦିନ ଯାଏ ତାଡ଼ୀଶୂନ୍ୟ ରୋଟୀ ଖାଇବ। ଏବଂ
ସପ୍ତମଦିନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ତାଙ୍କର ସମ୍ମାନାର୍ଥେ ଏକ
ବଡ଼ ଭୋଜିର ଆୟୋଜନ କରିବ। **7**ତେଣୁ ସାତଦିନପାଇଁ
ତୁମ୍ଭେମାନେ ତାଡ଼ିଶୂନ୍ୟ ରୋଟୀ ଖାଇବ। ଏବଂ ତୁମ୍ଭ ଦେଶରେ
କୌଣସିଠାରେ ତାଡ଼ୀ ମିଶ୍ରୀତ ରୋଟୀ ଯେପରି କେହି
ନଖାନ୍ତି। **8**ସେହିଦିନ ତୁମ୍ଭର ପିଲାମାନଙ୍କୁ ନିଶ୍ଚୟ କହିବ,
'ଆମ୍ଭେ ଏହି ଭୋଜିର ଆୟୋଜନ କରିଛୁ ଯେହେତୁ ସଦାପ୍ରଭୁ
ଆମ୍ଭକୁ ମିଶରରୁ ଏହିଦିନ ମୁକ୍ତ କରିଥିଲେ।'
**9**"ଏହି ପବିତ୍ର ଦିନଟିକୁ ତୁମ୍ଭେମାନେ ମନେ ରଖିବ।
ଏହା ଯେପରି ତୁମ୍ଭମାନଙ୍କ ପାଇଁ, ସଦାପ୍ରଭୁଙ୍କ ବ୍ୟବସ୍ଥା
ଯେପରି ତୁମ୍ଭ ମୁଖରେ ରହିବ, ଏଥିପାଇଁ ଏହା ଚିହ୍ନ ସ୍ୱରୂପ
ତୁମ୍ଭ ହସ୍ତରେ ଓ ସ୍ମରଣର ଉପାୟ ସ୍ୱରୂପ ତୁମ୍ଭ ଚକ୍ଷୁ ଦ୍ୱୟର
ମଧ୍ୟସ୍ଥାନରେ ରହିବ। ଯେହେତୁ ସଦାପ୍ରଭୁ ପରାକ୍ରାନ୍ତ ହସ୍ତଦ୍ୱାରା
ମିଶରଠାରୁ ତୁମ୍ଭକୁ ବାହାର କରି ଆଣିଛନ୍ତି। **10**ତେଣୁ ଏହି
ସ୍ମରଣୀୟ ଦିବସଟିକୁ ବିଧି ଅନୁସାରେ ପାଳନ କରିବ।
**11**"ସଦାପ୍ରଭୁ ତାଙ୍କର ପ୍ରତିଜ୍ଞା ରକ୍ଷା କରିବେ। ସେ
ତୁମ୍ଭକୁ ସେହି ଦେଶକୁ ନେଇଯିବେ, ଯେହେତୁ ସେ ପ୍ରତିଜ୍ଞା
କରିଛନ୍ତି। ବର୍ତ୍ତମାନ ସେଠାରେ କିଣାନୀୟମାନେ ବାସ କରୁଛନ୍ତି।
କିନ୍ତୁ ପରମେଶ୍ୱର ତୁମ୍ଭମାନଙ୍କର ପୂର୍ବପୁରୁଷଙ୍କୁ ପ୍ରତିଜ୍ଞା କରିଥିଲେ
ଯେ, ସେ ତୁମ୍ଭମାନଙ୍କୁ ସେହି ଦେଶ ଦିବେ। **12**ତୁମ୍ଭେ ନିଶ୍ଚୟ
ତୁମ୍ଭର ପ୍ରଥମଜାତ ପୁତ୍ରକୁ ସଦାପ୍ରଭୁଙ୍କୁ ଉତ୍ସର୍ଗ କରିବ।
ତୁମ୍ଭେମାନେ ତୁମ୍ଭମାନଙ୍କର ଗୋରୁଗାଈମାନଙ୍କ ପ୍ରଥମଜାତ ପୁଂପଶୁ
ସଦାପ୍ରଭୁଙ୍କୁ ଦେବା ଉଚିତ୍। **13**ତୁମ୍ଭେ ମେଷଶାବକ ଦେଇ
ପ୍ରତ୍ୟେକ ପ୍ରଥମଜାତ ଗଧକୁ ମୁକ୍ତ କରିପାରିବ। ଯଦି ତୁମ୍ଭେ
ମୁକ୍ତ ନ କର, ତେବେ ତୁମ୍ଭେ ତା'ର ବେକକୁ ଭାଙ୍ଗି ଦେବା
ଉଚିତ୍। ତାହା ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳିଦାନ ହେବ।
କିନ୍ତୁ ତୁମ୍ଭକୁ ତୁମ୍ଭର ପ୍ରଥମ ସନ୍ତାନ ପୁତ୍ରମାନଙ୍କୁ ମୁକ୍ତ
କରିବାକୁ ହେବ।
**14**"ଭବିଷ୍ୟତରେ ତୁମ୍ଭମାନଙ୍କର ସନ୍ତାନମାନେ ପଚାରିବେ,
ତୁମ୍ଭେ କାହିଁକି ଏପରି କରୁଛ? ଏବଂ ସେମାନେ ପଚାରିବେ,
'ଏସବୁର ଅର୍ଥ କ'ଣ?' ଏବଂ ତୁମ୍ଭର ଉତ୍ତର ହେବ,
'ସଦାପ୍ରଭୁ ତାଙ୍କର ମହାନ ଶକ୍ତି ବଳରେ ମିଶରଠାରୁ ଆମ୍ଭମାନଙ୍କୁ
ଉଦ୍ଧାର କରିଛନ୍ତି। ଆମ୍ଭେମାନେ ସେଠାରେ ଦାସଥିଲୁ। କିନ୍ତୁ
ସଦାପ୍ରଭୁ ଆମ୍ଭମାନଙ୍କୁ ସେଠାରୁ ବାହାର କରି ଏଠାକୁ ନେଇ
ଆସିଛନ୍ତି। **15**ମିଶରରେ, ଫାରୋ ଥିଲେ ଅତି କଠୋର
ମନା। ସେ ଆମ୍ଭକୁ ଯିବାକୁ ଦେଉନଥିଲେ, ତେଣୁ ସେଠାରେ
ସଦାପ୍ରଭୁ ସମସ୍ତ ପ୍ରଥମଜାତ ପୁତ୍ରମାନଙ୍କୁ, ପ୍ରଥମଜାତ ପଶୁମାନଙ୍କୁ
ହତ୍ୟା କରିଥିଲେ। ସେହି କାରଣରୁ ଆମ୍ଭେମାନେ ପଶୁମାନଙ୍କର
ପ୍ରଥମଜାତ ଅଣ୍ଡିରା ପଶୁ ଉତ୍ସର୍ଗ କରୁ କିନ୍ତୁ ଆମ୍ଭମାନଙ୍କ
ପ୍ରଥମଜାତ ପୁତ୍ରମାନଙ୍କୁ ତାଙ୍କ ନିକଟରୁ କିଣି ଫେରାଇ ଆଣୁ।'
**16**ଏହା ଚିହ୍ନ ସ୍ୱରୂପେ ତୁମ୍ଭ ହସ୍ତରେ ଓ ଭୂଷଣ ସ୍ୱରୂପେ
ତୁମ୍ଭ ଚକ୍ଷୁ ଦ୍ୱୟର ମଧ୍ୟସ୍ଥାନରେ ରହିବ। ଯେହେତୁ
ସଦାପ୍ରଭୁ ବାହୁବଳରେ ଆମ୍ଭମାନଙ୍କୁ ମିଶରରୁ ବାହାର କରି
ଆଣିଲେ।"

## ମିଶରରୁ ବାହାରକୁ ଯାତ୍ରା

**17**ଏବଂ ତା'ପରେ ଯେତେବେଳେ ଫାରୋ ମୋର
ଲୋକମାନଙ୍କୁ ମିଶର ଛାଡ଼ିବାକୁ ଦେଲେ, ଯଦିଓ ପଲେଷ୍ଟୀୟ
ଲୋକମାନଙ୍କର ଦେଶକୁ ଯିବା ପାଇଁ ନିକଟ ବାଟ ଥିଲା,
ସଦାପ୍ରଭୁ, ସେ ପଥରେ ନେଲେ ନାହିଁ। ସଦାପ୍ରଭୁ କହିଲେ,
"ଯଦି ଲୋକମାନେ ଏ ବାଟରେ ଯାଆନ୍ତି। ସେମାନଙ୍କୁ ହୁଏତ
ଯୁଦ୍ଧ କରିବାକୁ ପଡ଼ିପାରେ। ତେବେ ହୁଏତ ସେମାନେ
ତାଙ୍କର ମତ ପରିବର୍ତ୍ତନ କରି ପାରନ୍ତି ଓ ମିଶରକୁ

"ଫେରଯାଇ ପାରନ୍ତି।" 18ତେଣୁ ସଦାପ୍ରଭୁ ସେମାନଙ୍କୁ ଅନ୍ୟ
ଏକ ପଥରେ ଆଗେଇ ନେଲେ। ସେ ସେମାନଙ୍କୁ ସୂଫ
ସମୁଦ୍ର ପ୍ରାନ୍ତର ମଧ୍ଯ ଦେଇ ଆଣିଲେ। ସେମାନେ ମିଶର
ଛାଡ଼ିବା ସମୟରେ ଇଶ୍ରାୟେଲୀୟମାନେ ଯୁଦ୍ଧ ପାଇଁ ପୋଷାକ
ପରିଧାନ କରିଥିଲେ।

### ଯୋଷେଫ ଗୃହକୁ ଗଲେ

19ମୋଶା ଯୋଷେଫଙ୍କର ଅସ୍ଥି ସାଙ୍ଗରେ ନେଇ ଆସିଲେ।
ଯୋଷେଫଙ୍କ ମୃତ୍ୟୁ ପୂର୍ବରୁ ସେ ତାଙ୍କର ପୁତ୍ରମାନଙ୍କୁ ପ୍ରତିଜ୍ଞା
କରାଇଥିଲେ, ଏପରି କରିବା ପାଇଁ। ଯୋଷେଫ କହିଥିଲେ,
"ଯେତେବେଳେ ପରମେଶ୍ୱର ତୁମ୍ଭମାନଙ୍କୁ ରକ୍ଷା କରିବେ।
ମନେରଖ ତୁମ୍ଭେମାନେ ମୋର ଅସ୍ଥି ତୁମ୍ଭମାନଙ୍କ ସହିତ
ମିଶରରୁ ନେଇଯିବ।"

### ସଦାପ୍ରଭୁ ତାଙ୍କର ଲୋକମାନଙ୍କୁ ଆଗେଇ ନେଲେ

20ଇଶ୍ରାୟେଲର ଲୋକମାନେ ସୁକ୍କୋତଠାରୁ ଛାଡ଼ି ଏଥମରେ
ଛାଉଣୀ ସ୍ଥାପନ କଲେ। ଏଥମ ମରୁଭୂମି ନିକଟବର୍ତ୍ତୀ ଥିଲା।
21ସଦାପ୍ରଭୁ ସେମାନଙ୍କୁ ଆଗକୁ ପଥ କଢ଼ାଇ ନେଲେ,
ଦିନବେଳେ ସଦାପ୍ରଭୁ ସେମାନଙ୍କୁ ମେଘସ୍ତମ୍ଭ ଦ୍ୱାରା ରାସ୍ତା
ଦେଖାଇଲେ ଏବଂ ରାତିରେ ସେ ସେମାନଙ୍କୁ ଅଗ୍ନିସ୍ତମ୍ଭ
ସାହାଯ୍ୟରେ ଆଗେଇ ନେଲେ। 22ଦିନ ସମୟରେ ସେମାନଙ୍କୁ
ଘନ ବାଦଲ ଓ ରାତ୍ର ସମୟରେ ଆଲୋକ ସ୍ତମ୍ଭ ସେମାନଙ୍କ
ସହିତ ସର୍ବଦା ରଖିଲେ।

14 ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ଇଶ୍ରାୟେଲର
ଲୋକମାନଙ୍କୁ କୁହ, ସେମାନେ ପୀହହୀରୋତକୁ ଫେରି
ଯାଆନ୍ତୁ ଏବଂ ସାମନାରେ ଛାଉଣୀ ପକାନ୍ତୁ। ସେମାନଙ୍କୁ କୁହ,
ସେମାନେ ମିଗ୍‌ଦୋଲ ଓ ସମୁଦ୍ର ମଧ୍ଯରେ ଏବଂ ବାଲ୍‌ସଫୋନ୍
ଆଗରେ ଛାଉଣୀ ସ୍ଥାପନ କରନ୍ତୁ। 3ତହିଁରେ ଫାରୋ ଭାବିବେ
ଯେ, ଇଶ୍ରାୟେଲର ଲୋକମାନେ ମରୁଭୂମି ମଧ୍ଯରେ ବାଟବଣା
ହୋଇଅଛନ୍ତି। 4ମୁଁ ଫାରୋଙ୍କୁ ପୁଣି ଜିଦ୍‌ଖୋର କରିବି ଏବଂ
ଯେପରି ସେ ତୁମ୍ଭମାନଙ୍କୁ ଗୋଡ଼ାଇବେ। କିନ୍ତୁ ମୁଁ ଫାରୋ
ଏବଂ ତାଙ୍କର ସୈନ୍ୟମାନଙ୍କୁ ପରାସ୍ତ କରିବି। ଏହା ମୋର
ସମ୍ମାନ ବଢ଼ାଇବ। ତାହାହେଲେ ମିଶର ଲୋକମାନେ ଜାଣିବେ
ଯେ ମୁଁ ହେଉଛି ସଦାପ୍ରଭୁ।" ସେମାନେ ତାଙ୍କ ଆଜ୍ଞା
ଅନୁସାରେ କାର୍ଯ୍ୟ କଲେ।

### ଫାରୋ ଇଶ୍ରାୟେଲୀୟମାନଙ୍କ ପଛରେ ଗୋଡ଼ାଇଲେ

5ମିଶରର ରାଜା ଖବର ପାଇଲେ ଯେ ଇଶ୍ରାୟେଲୀୟ
ଲୋକମାନେ ପଳାଇଛନ୍ତି। ସେ ଯେତେବେଳେ ଏହା ଶୁଣିଲେ,
ସେ ଏବଂ ତାଙ୍କର ଅଧିକାରୀ ତାଙ୍କର ମତ ପରିବର୍ତ୍ତନ
କଲେ। ସେମାନେ କହିଲେ, "ଆମ୍ଭେମାନେ କ'ଣ? କାହିଁକି
ଆମ୍ଭେମାନେ ଇଶ୍ରାୟେଲର ଲୋକମାନଙ୍କୁ ଯିବାକୁ ଦେବୁ?
ଆମ୍ଭେ ଆମ୍ଭର ଦାସମାନଙ୍କୁ ହରାଇଅଛୁ।"

6ତେଣୁ ଫାରୋ ତାଙ୍କର ରଥ ଓ ଲୋକମାନଙ୍କୁ ସାଙ୍ଗରେ
ନେଲେ। 7ଫାରୋ ମିଶରର ଅନ୍ୟାନ୍ୟ ସୈନ୍ୟ ଓ ରଥ
ସହିତ 600 ଜଣ ନିପୁଣ ସୈନ୍ୟ ଏବଂ ସେମାନଙ୍କର
ରଥଗୁଡ଼ିକ ନେଲେ ଏବଂ ପ୍ରତ୍ୟେକ ରଥରେ ଜଣେ ଅଧିକାରୀ
ରହିଲେ। 8ଇଶ୍ରାୟେଲୀୟ ଲୋକମାନେ ବିଜୟୀ ଭାବରେ ବାସ
କରୁଥିଲେ। କିନ୍ତୁ ଯେହେତୁ ସଦାପ୍ରଭୁ ଫାରୋଙ୍କୁ
ଜିଦ୍‌ଖୋର କଲେ, ସେ ଇଶ୍ରାୟେଲୀୟମାନଙ୍କ ପଛେ ପଛେ
ଗୋଡ଼ାଇଲେ।

9ମିଶରୀୟମାନେ ଇଶ୍ରାୟେଲୀୟମାନଙ୍କ ପଛରେ
ଗୋଡାଇଲେ। ଫାରୋଙ୍କର ସମସ୍ତ ଅଶ୍ୱ, ରଥ, ତାଙ୍କର
ରଥାରୋହୀ ଏବଂ ତାଙ୍କର ସୈନ୍ୟ ସେମାନଙ୍କୁ ଗୋଡାଇଲେ
ଏବଂ ସମୁଦ୍ର ପାଖରେ ବାଲ-ସଫୋନ ଆଡକୁ ମୁଖ କରିଥିବା
ପୀହହୀରୋତ ଛାଉଣୀ ନିକଟରେ ଭେଟିଲେ।

10ଇଶ୍ରାୟେଲୀୟମାନେ ଦେଖିଲେ ଫାରୋ ଏବଂ ତାଙ୍କର
ସୈନ୍ୟମାନେ ସେମାନଙ୍କ ଆଡ଼କୁ ଆସୁଛନ୍ତି। ସେମାନେ ତାଙ୍କୁ
ଦେଖି ଅତ୍ୟନ୍ତ ଭୟଭିତ ହୋଇଗଲେ। ସେମାନେ ସଦାପ୍ରଭୁଙ୍କୁ
ଡାକଲେ। 11ସେମାନେ ମୋଶାଙ୍କୁ କହିଲେ, "କାହିଁକି ତୁମ୍ଭେ
ଆମ୍ଭମାନଙ୍କୁ ମିଶରରୁ ବାହାର କରି ଆଣିଲ? ଆମ୍ଭକୁ ଏହି
ମରୁଭୂମିକୁ କ'ଣ ମରିବାକୁ ଆଣିଲ? ଆମ୍ଭେମାନେ ମିଶରରେ
ଶାନ୍ତିରେ ମରିପାରିଥାନ୍ତୁ। ଯେହେତୁ ମିଶରରେ ବହୁ ପରିମାଣର
କବର ଅଛି। 12ଆମ୍ଭେମାନେ କ'ଣ ମିଶରରେ କହିନଥିଲୁ
ଏହିପରି ଘଟିବ ବୋଲି? ମିଶରରେ ଆମ୍ଭେମାନେ ତୁମ୍ଭକୁ
କହିଲୁ, 'ଆମ୍ଭକୁ ବିବ୍ରତ କରନାହିଁ। ଆମ୍ଭକୁ ଏହିଠାରେ ରହି
ମିଶରୀୟମାନଙ୍କର ଦାସ ହେବାକୁ ଦିଅ।' ମରୁଭୂମିରେ ମୃତ୍ୟୁବରଣ
କରିବା ଅପେକ୍ଷା ମିଶରବାସୀଙ୍କର ଦାସକର୍ମ କରିବା ଭଲ
ହେବ।"

13କିନ୍ତୁ ମୋଶା ସେମାନଙ୍କୁ କହିଲେ, "ଭୟ କର ନାହିଁ!
ଦୌଡ଼ ପଳାଇବାର ଆବଶ୍ୟକ ନାହିଁ। ଏହିଠାରେ ଧୀରସ୍ଥିର
ହୋଇ ଛିଡ଼ା ହୁଅ। ସଦାପ୍ରଭୁ ତୁମ୍ଭମାନଙ୍କୁ ଆଜି ରକ୍ଷା
କରିବେ। ତୁମ୍ଭେମାନେ ମିଶରବାସୀମାନଙ୍କୁ ଆଉ ପୁନର୍ବାର
ଦେଖିବ ନାହିଁ। 14ଏବଂ ତୁମ୍ଭମାନଙ୍କୁ କିଛି କରିବାକୁ ପଡ଼ିବ
ନାହିଁ। ତୁମ୍ଭେମାନେ ଏଠାରେ ଶାନ୍ତିରେ ଛିଡ଼ା ହୁଅ। ସଦାପ୍ରଭୁ
ତୁମ୍ଭମାନଙ୍କ ପାଇଁ ଯୁଦ୍ଧ କରିବେ।"

15ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭେମାନେ
କାହିଁକି ମୋ ପାଖରେ କ୍ରନ୍ଦନ କରୁଛ? ଇଶ୍ରାୟେଲୀୟମାନଙ୍କୁ
କୁହ ସେମାନେ ଆଗକୁ ମାଡ଼ି ଚାଲନ୍ତୁ। 16ତୁମ୍ଭର ଆଶାବାଡ଼କୁ
ସୂଫ ସମୁଦ୍ର ଉପରେ ବୁଲାଅ, ତାହା ବିଭକ୍ତ ହେବ, ଯାହା
ଫଳରେ ଇଶ୍ରାୟେଲର ଲୋକମାନେ ସମୁଦ୍ର ମଧ୍ଯରେ ଶୁଖିଲା
ପଥରେ ଯାଇ ପାରିବେ। 17ମୁଁ ମିଶରୀୟମାନଙ୍କୁ ଜିଦ୍‌ଖୋର
କରିବି, ଯେଉଁଥିରେ ସେମାନେ ତୁମ୍ଭମାନଙ୍କ ପଛରେ ଗୋଡ଼ାଇବେ।
ମୁଁ ତୁମ୍ଭକୁ ଦେଖାଇବି, କିପରି ମୁଁ ଫାରୋ, ତାଙ୍କର
ଅଶ୍ୱାରୋହୀ ସୈନ୍ୟ, ରଥାରୋହୀ ସୈନ୍ୟମାନଙ୍କଠାରୁ ଶକ୍ତିଶାଳୀ।
18ଏହା ପରେ ମିଶରବାସୀ ଜାଣିବେ ଯେ ମୁଁ ହେଉଛି
ସଦାପ୍ରଭୁ ପରମେଶ୍ୱର। ସେମାନେ ମୋତେ ସମ୍ମାନ କରିବେ
ଯେତେବେଳେ ମୁଁ ଫାରୋ ଏବଂ ତା'ର ରଥାରୋହୀମାନଙ୍କୁ
ଏବଂ ଅଶ୍ୱାରୋହୀ ସୈନ୍ୟମାନଙ୍କୁ ପରାସ୍ତ କରିବି।"

### ସଦାପ୍ରଭୁ ମିଶରର ସୈନ୍ୟମାନଙ୍କୁ ପରାସ୍ତ କଲେ

19ଏହାପରେ ସଦାପ୍ରଭୁଙ୍କର ଦୂତ ଯିଏକି ଇଶ୍ରାୟେଲୀୟ
ସୈନ୍ୟମାନଙ୍କ ଆଗରେ ଥିଲେ, ସେମାନଙ୍କ ପଛକୁ ଗଲେ।
ତେଣୁ ଘନମେଘ ସେହି ଲୋକମାନଙ୍କ ସମ୍ମୁଖରେ ଗତିକର

ପଛ ପଟକୁ ଗଲା। 20ଏହ ପ୍ରକାରେ ଘନମେଘ ଇଶ୍ରାୟେଲୀୟ
ସୈନ୍ୟ ଓ ମିଶରୀୟ ସୈନ୍ୟମାନଙ୍କ ମଧ୍ୟରେ ରହଲା।
ଇଶ୍ରାୟେଲୀୟ ଲୋକମାନଙ୍କ ସମ୍ମୁଖରେ ଆଲୋକବର୍ତ୍ତିକା ଓ
ମିଶର ଲୋକମାନଙ୍କ ସମ୍ମୁଖରେ ଅନ୍ଧକାରଚ୍ଛନ୍ନ ହୋଇ ରହଲା।
ଯେଉଁଥିପାଇଁ ସେହ ରାତ୍ରରେ ମିଶରବାସୀ ଇଶ୍ରାୟେଲୀୟମାନଙ୍କ
ପାଖକୁ ଆସି ପାରଲେ ନାହିଁ।

21ମୋଶା ତାଙ୍କର ଆଶାବାଡ ସୂଫ ସମୁଦ୍ର ଉପରେ
ବୁଲାଇବାରୁ ସଦାପ୍ରଭୁ ପୂର୍ବଦିଗରୁ ରାତିସାରା ପ୍ରଚଣ୍ଡ ବେଗରେ
ପବନ ସମୁଦ୍ର ଉପରେ ବୁହାଇଲେ। ପାଣି ଦୁଇ ଭାଗ
ହୋଇଗଲା ଏବଂ ସମୁଦ୍ର ମଧ୍ୟ ଶୁଷ୍କ ଭୂମିରେ ପରଣିତ
ହୋଇଗଲା। 22ଇଶ୍ରାୟେଲୀୟମାନେ ଶୁଷ୍କ ଭୂମିରେ ସମୁଦ୍ର
ମଧ୍ୟ ଦେଇ ଗଲେ। ସମୁଦ୍ରର ଜଳଭାଗ ଦୁଇଟି କାନ୍ଥ ପର
ସେମାନଙ୍କର ବାମପଟେ ଓ ଦକ୍ଷିଣପଟେ ରହଲା।
23ମିଶରୀୟମାନେ ସେମାନଙ୍କ ପଛରେ ଗୋଡାଇଲେ। ଏହାପରେ
ଫାରୋଙ୍କର ସମସ୍ତ ଅଶ୍ୱ ଓ ରଥ ସେମାନଙ୍କୁ ସମୁଦ୍ର ପର୍ଯ୍ୟନ୍ତ
ଅନୁସରଣ କଲେ। 24ପ୍ରଭାତରେ ସଦାପ୍ରଭୁ ମେଘସ୍ତମ୍ଭ ଓ
ଆଲୋକ ସ୍ତମ୍ଭ ଦେଇ ମିଶ୍ରୀୟ ସୈନ୍ୟମାନଙ୍କୁ ଦେଖିଲେ।
ଏବଂ ସଦାପ୍ରଭୁ ମିଶରୀୟ ସୈନ୍ୟମାନଙ୍କୁ ଦ୍ୱନ୍ଦରେ ପକାଇଲେ।

25ରଥର ଚକଗୁଡ଼ିକ ରଥରୁ ବାହାରଯିବାରୁ, ସେମାନଙ୍କୁ
ରଥଗୁଡ଼ିକ ଆଗେଇ ନେବାକୁ ବହୁତ କଷ୍ଟ ହେଲା। ମିଶରୀୟ
ଲୋକମାନେ ଚତ୍କାର କଲେ, "ଚାଲ ଏଠାରୁ ପଳାଇ ଯିବା!
ସଦାପ୍ରଭୁ ଇଶ୍ରାୟେଲୀୟ ଲୋକମାନଙ୍କ ପାଇଁ ଆମ୍ଭ ବରୁଦ୍ଧରେ
ଯୁଦ୍ଧ କରୁଛନ୍ତ।"

26ଏହାପରେ ସଦାପ୍ରଭୁ ମୋଶାଙ୍କୁ କହଲେ, "ସମୁଦ୍ର
ଉପରେ ତୁମ୍ଭର ହସ୍ତ ବସ୍ତାର କର। ଏଥିରେ ସମୁଦ୍ର ଜଳ
ମାଡ଼ଯାଇ ମିଶରର ରଥାରୋହୀ ଓ ଅଶ୍ୱାରୋହୀମାନଙ୍କୁ ବୁଡାଇ
ଦେବ।"

27ତେଣୁ ମୋଶା ତାଙ୍କର ହସ୍ତ ସମୁଦ୍ର ଉପରେ ବସ୍ତାର
କଲେ। ଏହାପରେ ଠିକ୍ ସୂର୍ଯ୍ୟୋଦୟ ପୂର୍ବରୁ ସମୁଦ୍ର ପୂର୍ବପର
ସମାନ ହୋଇଗଲା। ମିଶରୀୟମାନେ ଦୌଡ଼ ପଳାଇବାକୁ
ଚେଷ୍ଟା କରନ୍ତେ ସଦାପ୍ରଭୁ ସେମାନଙ୍କୁ ସମୁଦ୍ରରେ ନକ୍ଷେପ
କଲେ। 28ସମୁଦ୍ର ତା'ର ପୂର୍ବ ଅବସ୍ଥାକୁ ଆସିବାରୁ ସମସ୍ତ
ରଥଗୁଡକ, ଅଶ୍ୱାରୋହୀମାନଙ୍କୁ ଆଚ୍ଛାଦତ କଲା।
ଇଶ୍ରାୟେଲୀୟମାନଙ୍କ ପଛରେ ଗୋଡ଼ାଉଥିବା ଫାରୋଙ୍କର ସମଗ୍ର
ସୈନ୍ୟବାହୀନ ସମୁଦ୍ରରେ ବୁଡଗଲେ। କେହ ଜଣେ ହେଲେବ
ସୈନ୍ୟ ବଞ୍ଚିଲେ ନାହିଁ।

29ମାତ୍ର ଇଶ୍ରାୟେଲର ଲୋକମାନେ ଶୁଷ୍କ ଭୂମିରେ ଗମନ
କଲେ। ସମୁଦ୍ରର ଜଳ ସେମାନଙ୍କର ବାମ ଓ ଡ଼ାହାଣ
ପାର୍ଶ୍ୱରେ କାନ୍ଥପର ଛଡ଼ା ହୋଇ ରହଲା। 30ତେଣୁ ସେହଦନ,
ସଦାପ୍ରଭୁ ଇଶ୍ରାୟେଲୀୟମାନଙ୍କୁ ମିଶରୀୟମାନଙ୍କଠାରୁ ରକ୍ଷା
କଲେ। ଏବଂ ସେଥିପାଇଁ ଇଶ୍ରାୟେଲର ଲୋକମାନେ
ମିଶରୀୟମାନଙ୍କର ମୃତ ଦେହକୁ ସୂଫ ସମୁଦ୍ର କୂଳରେ
ଥିବାର ଦେଖିଲେ। 31ସେହଦନ ଇଶ୍ରାୟେଲୀୟମାନେ ଦେଖିଛନ୍ତ
ସଦାପ୍ରଭୁଙ୍କର ସେହ ମହାନ୍ ଶକ୍ତ ଯେତେବେଳେ ସେ
ମିଶରୀୟମାନଙ୍କୁ ପରାସ୍ତ କଲେ। ତେଣୁ ଲୋକମାନେ ସଦାପ୍ରଭୁଙ୍କୁ
ଭୟ କଲେ ଓ ସମ୍ମାନ ଦେଲେ। ସେମାନେ ସଦାପ୍ରଭୁ ଓ
ତାଙ୍କର ଦାସ ମୋଶାଙ୍କଠାରେ ବଶ୍ୱାସ ରଖିଲେ।

## ମୋଶାଙ୍କ ସଂଗୀତ

15 ଏହାପରେ ମୋଶା ଓ ଇଶ୍ରାୟେଲୀୟ ଲୋକମାନେ
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହ ସଂଗୀତ ଗାନ କଲେ,
"ଆମ୍ଭେ ସଦାପ୍ରଭୁଙ୍କ ପ୍ରଶଂସା ଗାନ କରବା। ସେ ମହାନ
କାର୍ଯ୍ୟ କରଛନ୍ତ। ସେ ଅଶ୍ୱ ଏବଂ ଅଶ୍ୱାରୋହୀଙ୍କୁ ସମୁଦ୍ରରେ
ନକ୍ଷେପ କଲେ।

2ସଦାପ୍ରଭୁ ହେଉଛନ୍ତ ମୋର ଶକ୍ତ। ସେ ମୋତେ ରକ୍ଷା
କରନ୍ତ। ଏବଂ ମୁଁ ତାଙ୍କର ପ୍ରଶଂସା କର ଗାନ କରବ।
ସଦାପ୍ରଭୁ ହେଉଛନ୍ତ ମୋର ପରମେଶ୍ୱର ଏବଂ ମୁଁ ତାଙ୍କର
ପ୍ରଶଂସା କରବ। ସଦାପ୍ରଭୁ ହେଉଛନ୍ତ ମୋର ପୂର୍ବପୁରୁଷମାନଙ୍କର
ପରମେଶ୍ୱର ଏବଂ ମୁଁ ତାଙ୍କର ସମ୍ମାନ କରବ।

3ସଦାପ୍ରଭୁ ଯୁଦ୍ଧବୀର, ସଦାପ୍ରଭୁ ତାଙ୍କର ନାମ।

4ସେ ଫାରୋଙ୍କର ରଥ ଏବଂ ସୈନ୍ୟମାନଙ୍କୁ ସମୁଦ୍ରରେ
ନକ୍ଷେପ କରଛନ୍ତ। ଫାରୋଙ୍କର ବଛା ବୀରମାନେ ସୂଫ
ସାଗରରେ ନମଗ୍ନ ହୋଇ ଅଛନ୍ତ।

5ଗଭୀର ଜଳ ସେମାନଙ୍କୁ ଆଚ୍ଛାଦନ କରଅଛ। ସେମାନେ
ପ୍ରସ୍ତର ତୁଲ୍ୟ ଅଗାଧ ଜଳରେ ବୁଡ଼ ଗଲେ।

6"ସଦାପ୍ରଭୁ ତାଙ୍କର ଦକ୍ଷିଣ ହସ୍ତ ବଳରେ ଗୌରବାନ୍ୱିତ
ଏବଂ ସଦାପ୍ରଭୁ, ତାଙ୍କର ଦକ୍ଷିଣ ହସ୍ତରେ ଶତ୍ରୁକୁ ପରାସ୍ତ
କଲେ।

7ତୁମ୍ଭେ ନଜର ଉତ୍କୃଷ୍ଟ ମହମାରେ, ନଜର
ପ୍ରତକୂଳାଚାରୀମାନଙ୍କୁ ଧ୍ୱଂସ କରଛ। ତୁମ୍ଭେ ତୁମ୍ଭର କ୍ରୋଧାଗ୍ନି
ପଠାଅ। ତାହା ସେମାନଙ୍କୁ ନଡ଼ାପର ଗ୍ରାସ କରେ।

8ତୁମ୍ଭ ନାସାରନ୍ଧ୍ରର ବସ୍ଫୋଟ ଜଳକୁ ପ୍ରାଚୀରତୁଲ୍ୟ ପରଣିତ
କଲା। ଏବଂ ଜଳସ୍ରୋତ ପ୍ରାଚୀରତୁଲ୍ୟ ହୋଇଗଲା। ସମୁଦ୍ର
ମଧ୍ୟ ସ୍ଥଳରେ ଜଳ ଜମାଟ ହୋଇଗଲା।

9"ଶତ୍ରୁ କହଲା, 'ମୁଁ ସେମାନଙ୍କୁ ଗୋଡ଼ାଇବ ଓ ଧରବ।
ମୁଁ ଲୁଣ୍ଠିତ ଦ୍ରବ୍ୟ ଭାଗ କର ନେବ। ସେମାନଙ୍କର ଉପରେ
ମୋର ଅଭିଳାଷ ପୂର୍ଣ୍ଣ ହେବ। ମୁଁ ଆପଣା ଖଡ୍ଗ ନକ୍ଷେପ
କରବ, ମୋର ହସ୍ତ ସେମାନଙ୍କୁ ବନାଶ କରବ।'

10ମାତ୍ର ତୁମ୍ଭେ ତାଙ୍କୁ ଫୁଙ୍କରେ ଉଡ଼ାଇ ଦେଲ ଓ
ସମୁଦ୍ରରେ ସେମାନଙ୍କୁ ବୁଡ଼ାଇ ଦେଲ। ସେମାନେ ସୀସା ପର
ଅଶାନ୍ତ ସମୁଦ୍ରରେ ବୁଡ଼ଗଲେ।

11"ହେ ସଦାପ୍ରଭୁ, ତୁମ୍ଭ ତୁଲ୍ୟ ଆଉ କୌଣସି ଦେବତା
ଅଛ କି? ନା, ତୁମ୍ଭପର ଆଉ କେହ ନାହାଁନ୍ତ। ତୁମ୍ଭେ ପବତ୍ର
ଅଟ। ତୁମ୍ଭେ ଆଶ୍ଚର୍ଯ୍ୟ ଶକ୍ତରେ ପରପୂର୍ଣ୍ଣ, ତୁମ୍ଭେ ବଡ ଅଦ୍ଭୁତ
କାର୍ଯ୍ୟ କର!

12ତୁମ୍ଭେ ଆପଣା ଦକ୍ଷିଣ ହସ୍ତ ଉଠାଇଲ ଏବଂ ପୃଥିବୀ
ସେମାନଙ୍କୁ ଗ୍ରାସ କଲା।

13କନ୍ତୁ ତୁମ୍ଭେ ଦୟାରେ ରକ୍ଷା କରଥିବା ଲୋକମାନଙ୍କୁ
ଆଗେଇ ନେଲ। ତୁମ୍ଭେ ଆପଣା ପରାକ୍ରମରେ ସେମାନଙ୍କୁ
ତୁମ୍ଭର ପବତ୍ର ନବାସସ୍ଥାନକୁ ନେଇ ଯାଇଛ।

14"ଲୋକମାନେ ଏହା ଶୁଣି ଅଛନ୍ତ, ସେମାନେ ଭୟରେ
କମ୍ପୁ ଅଛନ୍ତ। ପଲେଷ୍ଟୀୟ ନବାସୀମାନେ ଭୟରେ ଥରବାକୁ
ଲାଗିଲେ। 15ଇଦୋମର ନେତାଗଣ ଭୟରେ ଥରଲେ। ମୋୟାବର
ସାହସୀ ଓ ଶକ୍ତଶାଳୀ ଲୋକମାନେ ମଧ୍ୟ ଭୟରେ ଥରଲେ।
କିଣାନୀୟମାନେ ସେମାନଙ୍କର ସାହସ ହରାଇଲେ।

16ସେହି ସମସ୍ତ ଲୋକମାନେ ଭୟଭୀତ ହେବେ। ତୁମ୍ଭ
ବାହୁର ଶକ୍ତି ଦ୍ୱାରା ସେମାନେ ପଥର ପରି ନିଶ୍ଚଳ ହେବେ,
ଯେପର୍ଯ୍ୟନ୍ତ ତୁମ୍ଭର ଲୋକମାନେ, ଯେଉଁମାନଙ୍କୁ ତୁମ୍ଭେ ମୁକ୍ତ
କଲ ଚାଲି ଯାଇନାହାନ୍ତି।

17ତୁମ୍ଭେ ସେମାନଙ୍କୁ ଆଣ ଓ ସେମାନଙ୍କୁ ନିଜ ପର୍ବତରେ
ସ୍ଥାପନ କର। ହେ ସଦାପ୍ରଭୁ, ତୁମ୍ଭ ନିଜ ନିମନ୍ତେ ଏକ ସ୍ଥାନ
ପ୍ରସ୍ତୁତ କରିଅଛ, ସଦାପ୍ରଭୁ ତୁମ୍ଭର ହସ୍ତ ଏକ ଧର୍ମଧାମ
ପ୍ରସ୍ତୁତ କରିଅଛି।

18ସଦାପ୍ରଭୁ ଚିରଦିନ ରାଜତ୍ୱ କରିବେ।"

19କାରଣ ଫାରୋଙ୍କର ଘୋଡ଼ା, ରଥ ଏବଂ ସୈନ୍ୟମାନେ
ସବୁ ସମୁଦ୍ର ଭିତରକୁ ଚାଲି ଯାଇଛନ୍ତି। ସଦାପ୍ରଭୁ
ସେମାନଙ୍କ ଉପରେ ସମୁଦ୍ର ଜଳ ଆଚ୍ଛାଦିତ କରାଇଲେ। ମାତ୍ର
ଇଶ୍ରାୟେଲ ଲୋକମାନେ ସମୁଦ୍ର ମଧ୍ୟରେ ଶୁଷ୍କ ରାସ୍ତାରେ
ଗମନ କଲେ।

20ଏହାପରେ ହାରୋଣର ଭଉଣୀ, ଭବିଷ୍ୟଦ୍‌ବକ୍ତ୍ରୀ ମରିୟମ
ଦାରା ନେଲେ ଏବଂ ସମସ୍ତ ସ୍ତ୍ରୀ ଲୋକମାନେ ଦାରା
ବଜାଇଲେ ଓ ନାଚିଲେ। ମରିୟମ ସେମାନଙ୍କୁ ଗାଇବାରେ
ଅନୁସରଣ କଲେ।

21ତା'ପରେ ମରିୟମ ଲୋକମାନଙ୍କୁ କହିଲେ, "ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ଗାନ କର। ଯେହେତୁ ସେ ମହାନ କାର୍ଯ୍ୟ
କରିଛନ୍ତି। ସେ ଅଶ୍ୱ ଓ ଅଶ୍ୱାରୋହୀ ସୈନ୍ୟମାନଙ୍କୁ ସମୁଦ୍ରରେ
ନିକ୍ଷେପ କରିଅଛନ୍ତି।"

22ମୋଶା ଇଶ୍ରାୟେଲ ଲୋକମାନଙ୍କୁ ସୂଫ ସମୁଦ୍ରଠାରୁ
ପର୍ବତ ଆଡ଼କୁ ନେଇଗଲେ। ସେମାନେ ତିନିଦିନ ଧରି
ମରୁଭୂମିରେ ଯାତ୍ରା କଲେ, ଲୋକମାନେ ଟିକେ ମଧ୍ୟ ପାଣି
ପିଇଲେ ନାହିଁ। 23ତିନିଦିନ ପରେ ଲୋକମାନେ ମାରାଠାରେ
ପହଞ୍ଚିଲେ। ସେଠାରେ ପାଣି ଥିଲା କିନ୍ତୁ ତିକ୍ତତା ହେତୁ
ପାନୀୟ ଯୋଗ୍ୟ ନଥିଲା। ଯେଉଁଥିପାଇଁ ସେହି ସ୍ଥାନର ନାମ
ଥିଲା ମାରା।

24ଲୋକମାନେ ମୋଶାଙ୍କ ନିକଟରେ ଅଭିଯୋଗ କଲେ।
ଲୋକମାନେ କହିଲେ, "ଆମ୍ଭେ କ'ଣ ପିଇବୁ?"

25ମୋଶା ସଦାପ୍ରଭୁଙ୍କୁ ଡ଼ାକ ପକାଇଲେ। ତେଣୁ ସଦାପ୍ରଭୁ
ତାଙ୍କୁ ଏକ ବୃକ୍ଷ ଦେଖାଇଲେ। ମୋଶା ସେହି ବୃକ୍ଷର ଶାଖାକୁ
ଜଳରେ ପକାନ୍ତେ ଏହା ମଧୁର ହୋଇଗଲା।

ସେହି ସ୍ଥାନରେ, ସଦାପ୍ରଭୁ ତାଙ୍କୁ ବ୍ୟବସ୍ଥା ଓ ଆଜ୍ଞା
ଦେଲେ। ସେଠାରେ ସେ ତାଙ୍କୁ ପରୀକ୍ଷା କଲେ। 26ତା'ପରେ
ସେ କହିଲେ, "ତୁମ୍ଭେ ଯେବେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ
ବାକ୍ୟରେ ମନୋଯୋଗ କର ଏବଂ ତାଙ୍କ ଦୃଷ୍ଟିରେ ଯାହା
ଉଚିତ୍ ତାହା କର, ତାଙ୍କର ଆଜ୍ଞା ପାଳନ କର ଏବଂ
ତାଙ୍କର ବ୍ୟବସ୍ଥାସବୁ ପାଳନ କର, ତେବେ ମିଶରୀୟମାନେ
ଯେଉଁ ସବୁ ରୋଗରେ ପିଡ଼ୀତ ହେଲେ, ତୁମ୍ଭେମାନେ ସେହି
ରୋଗରେ ପିଡ଼ୀତ ହେବ ନାହିଁ। କାରଣ ମୁଁ ସଦାପ୍ରଭୁ ତୁମ୍ଭର
ଆରୋଗ୍ୟକାରୀ।"

27ଏହାପରେ ଲୋକମାନେ ଏଲୀମକୁ ଗଲେ। ଏଲୀମଠାରେ
ବାରଟି ନିର୍ଝର ଏବଂ ସତୁରୀଟି ଖଜୁରୀ ଗଛ ଥିଲା। ତେଣୁ
ଲୋକମାନେ ସେହିଠାରେ ପାଣି ପାଖରେ ଛାଉଣୀ ସ୍ଥାପନ
କଲେ।

16 ଏହାପରେ ଇଶ୍ରାୟେଲର ସମସ୍ତ ସମାଜ ଏଲୀମ
ଛାଡି ସୀନୟ ମରୁଭୂମିକୁ ଗଲେ, ଯାହାକି ଏଲୀମ
ସୀନୟର ମଝିରେ ଥିଲା। ସେମାନେ ମିଶର ଛାଡ଼ିବାର ଦ୍ୱିତୀୟ
ମାସର ପଞ୍ଚଦଶ ଦିନରେ ସେଠାରେ ପହଞ୍ଚିଲେ। 2ଏହାପରେ
ସମଗ୍ର ଇଶ୍ରାୟେଲୀୟ ସମାଜ ମରୁଭୂମିଠାରେ ମୋଶା ଓ
ହାରୋଣଙ୍କ ଉପରେ ଅସନ୍ତୋଷ ପ୍ରକାଶ କଲେ। 3ଲୋକମାନେ
କହିଲେ, "ଏହା ବହୁତ ଭଲ ହୋଇଥାନ୍ତା, ଯଦି ସଦାପ୍ରଭୁ
ଆମ୍ଭମାନଙ୍କୁ ମିଶରରେ ହତ୍ୟା କରିଥାନ୍ତେ। ସେଠାରେ ଆମ୍ଭର
ପ୍ରଚୁର ଖାଦ୍ୟ ଥିଲା। ଆମ୍ଭେ ଆବଶ୍ୟକ ପରିମାଣର ଖାଦ୍ୟ
ସେଠାରେ ପାଉଥିଲୁ। କିନ୍ତୁ ତୁମ୍ଭେ ଆମ୍ଭଙ୍କୁ ଏଠାକୁ ଆଣିଲ।
ତୁମ୍ଭେ ଏଠାରେ ଆମ୍ଭକୁ ଭୋକରେ ମାରିବାକୁ ଚାହିଁ କି?"

4ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ଦେଖ ଆମ୍ଭେ
ତୁମ୍ଭମାନଙ୍କ ପାଇଁ ଆକାଶ ମାର୍ଗରୁ ଖାଦ୍ୟଦ୍ରବ୍ୟ ବୃଷ୍ଟି କରିବା।
ଲୋକମାନେ ପ୍ରତିଦିନ ବାହାରକୁ ଯାଇ ତାଙ୍କର ଆବଶ୍ୟକ
ପରିମାଣରେ ଖାଦ୍ୟ ସଂଗ୍ରହ କରି ଆଣିବେ। ଏଥିରୁ ଜଣା
ପଡ଼ିବ ଯେ ସେମାନେ ଆମ୍ଭର ବ୍ୟବସ୍ଥା ଅନୁସାରେ ଚାଲୁଛନ୍ତି
ନା ନାହିଁ। 5ପ୍ରତ୍ୟେକ ଲୋକ ଦିନକ ପାଇଁ ଯେତିକି ଖାଦ୍ୟ
ଦରକାର ସେତିକି ଖାଦ୍ୟ ସଂଗ୍ରହ କରିବେ। କିନ୍ତୁ ଶୁକ୍ରବାର
ଦିନ, ଯେତେବେଳେ ଲୋକମାନେ ତାଙ୍କର ଖାଦ୍ୟ ପ୍ରସ୍ତୁତ
କରିବେ, ସେତେବେଳେ ସେମାନେ ଦେଖିବେ ଯେ ତାହା
ଦୁଇଗୁଣ ହୋଇଯିବ।"

6ତେଣୁ ମୋଶା ଏବଂ ହାରୋଣ ଇଶ୍ରାୟେଲର ଲୋକମାନଙ୍କୁ
କହିଲେ, "ଆଜି ରାତିରେ ତୁମ୍ଭେମାନେ ସଦାପ୍ରଭୁଙ୍କର ଶକ୍ତି
ଦେଖି ପାରିବ। ତୁମ୍ଭେମାନେ ଜାଣି ପାରିବ ଯେ, ସଦାପ୍ରଭୁ
ତୁମ୍ଭମାନଙ୍କୁ ମିଶରରୁ ଉଦ୍ଧାର କରିଛନ୍ତି। 7ଆସନ୍ତାକାଲି ପ୍ରଭାତରେ
ତୁମ୍ଭେମାନେ ପରମେଶ୍ୱରଙ୍କର ମହିମା ଦେଖିବ। ସଦାପ୍ରଭୁ
ତୁମ୍ଭମାନଙ୍କର ଅଭିଯୋଗ ଶୁଣିଛନ୍ତି, ଯାହା ତୁମ୍ଭେମାନେ ଆମ୍ଭ
ବିରୁଦ୍ଧରେ କଲ। କିନ୍ତୁ ଆମ୍ଭେମାନେ କିଏ? ପ୍ରକୃତରେ ତୁମ୍ଭେ
ଆମ୍ଭମାନଙ୍କ ବିରୁଦ୍ଧରେ ଆପତ୍ତି କରୁନାହଁ, ମାତ୍ର ସଦାପ୍ରଭୁଙ୍କ
ବିରୁଦ୍ଧରେ ଆପତ୍ତି କରୁଅଛ।"

8ଏବଂ ମୋଶା କହିଲେ, "ତେଣୁ ଆଜି ରାତ୍ରିରେ ସେ
ତୁମ୍ଭମାନଙ୍କୁ ମାଂସ ଭୋଜନ ଦେବେ। ଏବଂ ପ୍ରଭାତରେ ସେ
ତୁମ୍ଭମାନଙ୍କୁ ଆବଶ୍ୟକ ପରିମାଣରେ ରୋଟୀ ମଧ୍ୟ ଦେବେ।
ସଦାପ୍ରଭୁ ତୁମ୍ଭମାନଙ୍କର ଅଭିଯୋଗ ଶୁଣିଛନ୍ତି। ଯାହା ତୁମ୍ଭେ
ଆମ୍ଭ ବିରୁଦ୍ଧରେ କଲ। କିନ୍ତୁ ଆମ୍ଭେ କିଏ? ପ୍ରକୃତରେ
ତୁମ୍ଭେମାନେ ଆମ୍ଭମାନଙ୍କ ବିରୁଦ୍ଧରେ ଆପତ୍ତି କରୁନାହଁ। ମାତ୍ର
ସଦାପ୍ରଭୁଙ୍କ ବିରୁଦ୍ଧରେ ଆପତ୍ତି କରୁଅଛ।"

9ଏହାପରେ ମୋଶା ହାରୋଣଙ୍କୁ କହିଲେ, "ଇଶ୍ରାୟେଲର
ସମସ୍ତ ଲୋକଙ୍କୁ 'ସଦାପ୍ରଭୁଙ୍କ ସମ୍ମୁଖରେ ଏକତ୍ରୀତ ହେବାକୁ
କୁହ। ଯେହେତୁ ସେ ତୁମ୍ଭମାନଙ୍କର ଅଭିଯୋଗ ଶୁଣିଲେ।'"

10ଯେତେବେଳେ ହାରୋଣ ଇଶ୍ରାୟେଲମାନଙ୍କୁ କହିଲେ
ସେମାନେ ମରୁଭୂମି ଆଡ଼କୁ ବୁଲି ଚାହିଁଲେ। ହଠାତ୍ ମେଘ
ମଧ୍ୟରେ ସଦାପ୍ରଭୁଙ୍କ ମହିମା ଆବିର୍ଭାବ ହେଲା।

11ସଦାପ୍ରଭୁ ମୋଶାଙ୍କୁ କହିଲେ, 12"ଆମ୍ଭେ ଇଶ୍ରାୟେଲର
ଅଭିଯୋଗ ଶୁଣିଅଛୁ। ତେଣୁ ସେମାନଙ୍କୁ କୁହ, 'ଆଜି ରାତିରେ
ତୁମ୍ଭେମାନେ ମାଂସ ଭକ୍ଷଣ କରିବ। ଏବଂ ପ୍ରଭାତରେ ତୁମ୍ଭର
ଆବଶ୍ୟକ ପରିମାଣର ରୋଟୀ ଖାଇବ। ଏଥିରେ ତୁମ୍ଭେମାନେ

ଜାଣିପାରିବ ଯେ, ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର
ଅଟୁ।'"
**13**ସେହି ରାତିରେ ଭାରୁଇ ପକ୍ଷୀଗଣ ଆସିଲେ ଏବଂ
ଛାଉଣୀକୁ ଆଚ୍ଛାଦିତ କଲେ। ଏବଂ ପ୍ରଭାତରେ ଛାଉଣୀ
ସ୍ଥାନର ଚାରିଆଡ଼େ କାକରର ଏକ ସ୍ତର ଥିଲା। **14**ଏହାପରେ
କାକର ବିନ୍ଦୁସବୁ ଊର୍ଦ୍ଧ୍ୱକୁ ଉଠିଯିବାରୁ ଭୂମିସ୍ଥ କାକର ପରି
ଗୋଲାକାର କ୍ଷୁଦ୍ର ଦ୍ରବ୍ୟ ମରୁଭୂମି ଉପରେ ପଡ଼ି ରହିଲା।
**15**ଇସ୍ରାଏଲର ଲୋକମାନେ ଏହାକୁ ଦେଖି କଥାବାର୍ତ୍ତା
ହେଲେ। "ଏଗୁଡ଼ିକ କ'ଣ?" ସେମାନେ ଏପରି କହିଲେ
କାରଣ ସେମାନେ ଜାଣି ନଥିଲେ ଏଗୁଡ଼ିକ କ'ଣ ଥିଲା।
ତେଣୁ ସେମାନେ ମୋଶାଙ୍କୁ ପଚାରିଲେ, ତେଣୁ ମୋଶା
ସେମାନଙ୍କୁ କହିଲେ, "ଏହିଗୁଡ଼ିକ ଖାଦ୍ୟ, ତୁମ୍ଭମାନଙ୍କ ପାଇଁ
ସଦାପ୍ରଭୁଙ୍କର ଦାନ। **16**ସଦାପ୍ରଭୁ କହନ୍ତି, 'ତୁମ୍ଭେମାନେ
ପ୍ରତ୍ୟେକ ଆପଣା ନିମନ୍ତେ ଯେତେ ଦରକାର ତାହା ସଂଗ୍ରହ
କର। ତୁମ୍ଭମାନଙ୍କ ପ୍ରତ୍ୟେକ ଜଣ ନିଜନିଜ ତମ୍ବୁସ୍ଥିତ
ପ୍ରାଣୀମାନଙ୍କ ସଂଖ୍ୟା ଅନୁସାରେ ଏକ ଏକ ଜଣ ପାଇଁ ଏକ
ଏକ ଓମର ପରିମାଣରେ ତାହା ସଂଗ୍ରହ କର।'"
**17**ତେଣୁ ଇସ୍ରାଏଲର ଲୋକମାନେ ଏହିପରି କଲେ।
ପ୍ରତ୍ୟେକ ଲୋକ ଖାଦ୍ୟ ସଂଗ୍ରହ କଲେ। କିଛି ଲୋକ
ଅନ୍ୟମାନଙ୍କଠାରୁ ଅଧିକ ଖାଦ୍ୟ ସଂଗ୍ରହ କଲେ। **18**ଏହାପରେ
ସେମାନେ ତାଙ୍କର ପରିବାରରେ ଖାଦ୍ୟ ବଣ୍ଟନ କଲେ।
ଏଥିରେ ଯେଉଁମାନେ ଅଧିକ ସଂଗ୍ରହ କରିଥିଲେ ତାଙ୍କର
ଖାଦ୍ୟ ବଳିଲା ନାହିଁ କି ଯେଉଁମାନେ କମ୍ ଖାଦ୍ୟ ସଂଗ୍ରହ
କରିଥିଲେ ତାଙ୍କର ଅଭାବ ହେଲାନାହିଁ।
**19**ମୋଶା ସେମାନଙ୍କୁ କହିଲେ, "ଆସନ୍ତା ଅନ୍ୟ ଦିନ
ପାଇଁ ଖାଦ୍ୟ ସଂଗ୍ରହ କରି ରଖ ନାହିଁ।" **20**କିନ୍ତୁ କେତେକ
ଲୋକ ସେମାନଙ୍କର କଥାକୁ ଧ୍ୟାନ ଦେଲେ ନାହିଁ। ଯେଉଁ
ଖାଦ୍ୟ ଲୋକମାନେ ସଂଚୟ କରି ରଖିଥିଲେ, ସକାଳ ପର୍ଯ୍ୟନ୍ତ
ତାହା କୃମିମାନଙ୍କ ଦ୍ୱାରା ଦୂଷିତ ହେଲା ଏବଂ ଦୁର୍ଗନ୍ଧ କଲା।
ମୋଶା ସେମାନଙ୍କ ଉପରେ କ୍ଷୁବ୍ଧ ହେଲେ।
**21**ପ୍ରତ୍ୟେକ ସକାଳେ ଲୋକମାନେ ସେମାନଙ୍କର ଖାଦ୍ୟ
ସଂଗ୍ରହ କଲେ। ପ୍ରତ୍ୟେକ ଲୋକ ସେମାନଙ୍କର ଆବଶ୍ୟକ
ମୁତାବକ ଖାଦ୍ୟ ସଂଗ୍ରହ କଲେ। ମାତ୍ର ପ୍ରଚଣ୍ଡ ଖରାରେ
ତାହାସବୁ ତରଳିଗଲା।
**22**ଶୁକ୍ରବାର ଦିନ, ଖାଦ୍ୟର ଦୁଇଗୁଣ ସଂଗ୍ରହ କଲେ।
ସେମାନେ ପ୍ରତ୍ୟେକଙ୍କ ପାଇଁ ଦୁଇ ଦୁଇ ଓମର ଖାଦ୍ୟ
ସଂଗ୍ରହ କଲେ। ତେଣୁ ସମସ୍ତ ପ୍ରାଚୀନବର୍ଗମାନେ ଆସି
ମୋଶାଙ୍କୁ ଜଣାଇଲେ,
**23**ମୋଶା ସେମାନଙ୍କୁ କହିଲେ, "ଏପରି କରିବାକୁ ସଦାପ୍ରଭୁ
କହିଅଛନ୍ତି, କାରଣ ଆସନ୍ତାକାଲି ମହାବିଶ୍ରାମ ଦିନ ଅର୍ଥାତ୍
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର ବିଶ୍ରାମ ହେବ। ତୁମ୍ଭେମାନେ
ଆଜି ଯେତିକି ଖାଦ୍ୟ ଦରକାର କରୁଛ ତାହା ଆଜି ରନ୍ଧନ
କର। କିନ୍ତୁ ଯାହା ବଳିଲା, ତାହା ପ୍ରଭାତ ପର୍ଯ୍ୟନ୍ତ ସଂଚୟ
କର।"
**24**ତେଣୁ ଲୋକମାନେ ବଳକା ଖାଦ୍ୟକୁ ସଂଚୟ କଲେ।
ସେହି ଖାଦ୍ୟ ଜମା ନଷ୍ଟ ହେଲା ନାହିଁ। ସେଥିରେ କୃମୀ
ନଥିଲେ।
**25**ସପ୍ତମ ଦିବସ, ମୋଶା ଲୋକମାନଙ୍କୁ କହିଲେ, "ଆଜି
ହେଉଛି ମହାବିଶ୍ରାମର ଦିନ। ସଦାପ୍ରଭୁଙ୍କର ସମ୍ମାନାର୍ଥେ ଏହା
ଏକ ମୁଖ୍ୟ ଦିବସ। ତେଣୁ ତୁମ୍ଭେମାନେ କ୍ଷେତକୁ ଆଜି କେହି
ନଯାଇ ରଖାଯାଇଥିବା ଖାଦ୍ୟକୁ ଭକ୍ଷଣ କର। **26**ତୁମ୍ଭେମାନେ
ଛଅଦିନ ତାହା ସଂଗ୍ରହ କରିବ, ମାତ୍ର ଶନିବାର ଦିନ
ବିଶ୍ରାମବାର ଅଟେ। ତହିଁରେ କିଛି ମିଳିବ ନାହିଁ।"
**27**ତଥାପି ସପ୍ତମ ଦିବସରେ ମଧ୍ୟ କେହି କେହି ଖାଦ୍ୟ
ଖୋଜିବାକୁ ଗଲେ, ସେମାନେ କିଛି ପାଇଲେ ନାହିଁ। **28**ଏହାପରେ
ସଦାପ୍ରଭୁ ମୋଶାଙ୍କୁ କହିଲେ, "କେତେକାଳ ତୁମ୍ଭ ଲୋକମାନେ
ମୋର ଆଜ୍ଞା ଓ ଶିକ୍ଷା ମାନିବେ ନାହିଁ? **29**ଦେଖ, ସଦାପ୍ରଭୁ
ତୁମ୍ଭମାନଙ୍କୁ ବିଶ୍ରାମଦିନ ଦେବା ହେତୁ ଷଷ୍ଠ ଦିନରେ ଦୁଇ
ଦିନର ଖାଦ୍ୟ ଦିଅନ୍ତି। ତୁମ୍ଭେମାନେ ପ୍ରତ୍ୟେକ ବିଶ୍ରାମଦିନରେ
ନିଜନିଜ ସ୍ଥାନରୁ ବାହାରକୁ ନ ଯାଇ ନିଜନିଜ ସ୍ଥାନରେ
ଥାଅ।" **30**ତେଣୁ ଲୋକମାନେ ବିଶ୍ରାମଦିନରେ ବିଶ୍ରାମ କଲେ।
**31**ତେଣୁ ଇସ୍ରାଏଲର ଲୋକମାନେ ସେହି ଖାଦ୍ୟର
ନାମ "ମାନ୍ନା*" ଦେଲେ। ତାହା ଧନିଆ ପରି ଶୁକ୍ଳବର୍ଣ୍ଣ ଓ
ତାହାର ସ୍ୱାଦ ମଧୁ ମିଶ୍ରିତ ପିଷ୍ଟକ ତୁଲ୍ୟ ଥିଲା। **32**ଏହାପରେ
ମୋଶା କହିଲେ, "ସଦାପ୍ରଭୁ ଏହି ଆଜ୍ଞା ଦେଇଛନ୍ତି, 'ସେ
ତୁମ୍ଭମାନଙ୍କୁ ମିଶର ଦେଶଠାରୁ ଆଣିବା ବେଳେ ମରୁଭୂମି
ମଧ୍ୟରେ ଯେଉଁ ଅନ୍ନ ଭୋଜନ କରାଇଲେ, ତାହା ଯେମନ୍ତ
ତୁମ୍ଭମାନଙ୍କ ପୂର୍ବପୁରୁଷ ପରମ୍ପରା ଦେଖନ୍ତି। ଏଣୁ ସେମାନଙ୍କ
ନିମନ୍ତେ ଏକ ଓମର ପରିମାଣର ମାନ୍ନା ରଖ।'"
**33**ତେଣୁ ମୋଶା ହାରୋଣଙ୍କୁ କହିଲେ, "ତୁମ୍ଭେ ଏକ
ପାତ୍ର ନେଇ ଏକ ଓମର ମାନ୍ନା ପୂର୍ଣ୍ଣ କରି ସଦାପ୍ରଭୁଙ୍କ
ସମ୍ମୁଖରେ ରଖ। ତାହା ତୁମ୍ଭମାନଙ୍କ ପୂର୍ବପୁରୁଷ ପରମ୍ପରା
ନିମନ୍ତେ ରଖାଯିବ।" **34**ସଦାପ୍ରଭୁ ମୋଶାଙ୍କୁ ଆଜ୍ଞା ଦେଇଥିବା
ଅନୁସାରେ ହାରୋଣ ଏହାକୁ ନିୟମ-ସିନ୍ଦୁକ ସମ୍ମୁଖରେ ରଖିଲେ।
**35**ଲୋକମାନେ ଚାଳିଶ ବର୍ଷ ପର୍ଯ୍ୟନ୍ତ ଏହି ମାନ୍ନା
ଖାଇଲେ। ସେମାନେ ଏହି ମାନ୍ନା ବସତିଦେଶରେ ଉପସ୍ଥିତ ନ
ହେବା ଯାଏ ଏହିପରି ଭୋଜନ କଲେ। କିଣାନ ଦେଶର
ସୀମାରେ ପହଞ୍ଚିବା ପର୍ଯ୍ୟନ୍ତ ସେମାନେ ମାନ୍ନା ଖାଇଲେ।
**36**ଏକ ଓମର ଐଫାର ଦଶମାଂଶ।

**17** ଇସ୍ରାଏଲର ସମସ୍ତ ସମାଜ ଏକତ୍ରୀତ ହୋଇ ସୀନୟ
ମରୁଭୂମିରୁ ଯାତ୍ରା କଲେ। ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ
ସେମାନେ ଭିନ୍ନ ଭିନ୍ନ ସ୍ଥାନ ଭ୍ରମଣ କଲେ। ସେମାନେ
ରଫୀଦୀମରେ ଛାଉଣୀ ସ୍ଥାପନ କଲେ ଏବଂ ସେଠାରେ
ଲୋକମାନଙ୍କ ପାଇଁ ପିଇବା ପାଣି ନଥିଲା। **2**ତେଣୁ ଲୋକମାନେ
ମୋଶାଙ୍କ ନିକଟକୁ ଗଲେ ଓ ଅଭିଯୋଗ କଲେ। "ଆମ୍ଭକୁ
ପିଇବାକୁ ପାଣି ଦିଅ।"
ମୋଶା ଲୋକମାନଙ୍କୁ କହିଲେ, "ତୁମ୍ଭେମାନେ ମୋ
ସହିତ କାହିଁକି କଳି କରୁଛ? ତୁମ୍ଭେମାନେ ସଦାପ୍ରଭୁଙ୍କୁ
କାହିଁକି ପରୀକ୍ଷା କରୁଛ?"
**3**କିନ୍ତୁ ଲୋକମାନେ ପାଣିପାଇଁ ଅତି ତୃଷାର୍ତ୍ତ ଥିଲେ।
ତେଣୁ ସେମାନେ ମୋଶାଙ୍କୁ ପାଣି ପାଇଁ ଅଭିଯୋଗ କରିବାରୁ
ନିବୃତ୍ତ ହେଲେ ନାହିଁ। ଲୋକମାନେ କହିଲେ, "ତୁମ୍ଭେ

---

**ମାନ୍ନା** ହିବ୍ରୁରେ ଏହାର ଅର୍ଥ "ଏହା କଣ ଅଟେ?"

କାହିଁକି ଆମ୍ଭମାନଙ୍କୁ ମିଶରରୁ ଆଣିଲ? ତୁମ୍ଭେ କ'ଣ ଏଇଥିପାଇଁ
ଆଣିଲ ଯେ, ଆମ୍ଭେ ଆମ୍ଭର ପିଲାମାନେ ଓ ଆମ୍ଭର
ପଶୁମାନେ ପାଣିବନା ଏହଠାରେ ମରବା ପାଇଁ?"
4ତେଣୁ ମୋଶା ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ ଓ କହଲେ,
"ମୁଁ ଏହ ଲୋକମାନଙ୍କ ପାଇଁ କ'ଣ କରବ? ସେମାନେ
ମୋତେ ପଥର ମାର ହତ୍ୟା କରବାକୁ ପ୍ରସ୍ତୁତ।"
5ସଦାପ୍ରଭୁ, ମୋଶାଙ୍କୁ କହଲେ, "ତୁମ୍ଭେ ଇଶ୍ରାୟେଲ
ଲୋକମାନଙ୍କ ପାଖକୁ ଯାଅ। କେତେକ ଇଶ୍ରାୟେଲୀୟ
ପ୍ରାଚୀନବର୍ଗଙ୍କୁ ତୁମ୍ଭ ସହତ ନଅ। ତୁମ୍ଭର ଆଶାବାଡ ମଧ
ତୁମ୍ଭ ସହତ ନଅ। ସେହ ଆଶାବାଡ ନଅ ଯେଉଁଥିରେ ତୁମ୍ଭେ
ନୀଳନଦୀକୁ ଆଘାତ କରଥିଲ। 6ମୁଁ ତୁମ୍ଭ ସମ୍ମୁଖରେ ହୋରେବ୍‌ରେ
ସେହ ଶୈଳ ଉପରେ ଠିଆ ହେବ। ସେହ ଶୈଳକୁ ଆଘାତ
କଲେ ସେଥିରୁ ପାଣି ବାହାର ଆସିବ ଏବଂ ଲୋକମାନେ
ଜଳପାନ କରପାରବେ।"
ଇଶ୍ରାୟେଲର ପ୍ରାଚୀନବର୍ଗଙ୍କ ସମ୍ମୁଖରେ ମୋଶା ଏହପର
କଲେ। 7ମୋଶା ସେହ ସ୍ଥାନର ନାମ ମଃସା ଏବଂ ମିରୀବା
ରଖିଲେ (ପରୀକ୍ଷା ଓ ବବାଦ)। କାରଣ ସେହ ସ୍ଥାନରେ
ଲୋକମାନେ ସଦାପ୍ରଭୁଙ୍କର ପରୀକ୍ଷା କରଥିଲେ ଓ ଯୁକ୍ତି
କରଥିଲେ, ସଦାପ୍ରଭୁ ଆମ୍ଭମାନଙ୍କ ସହତ ଅଛନ୍ତ କ ନା?
8ରଫୀଦୀମରେ ଅମାଲେକୀୟମାନେ ଆସିଲେ ଓ
ଇଶ୍ରାୟେଲୀୟମାନଙ୍କ ବରୁଦ୍ଧରେ ଯୁଦ୍ଧ କଲେ। 9ତେଣୁ ମୋଶା
ଯିହୋଶୂୟଙ୍କୁ କହଲେ, "ଶତ୍ରୁ ବରୁଦ୍ଧରେ ଯୁଦ୍ଧ କରବା ପାଇଁ
କେତେକ ଲୋକଙ୍କୁ ବାଛ। ଆସନ୍ତାକାଲ ପର୍ବତ ଉପରେ
ଠିଆ ହୋଇ ତାହା ଦେଖିବ। ପରମେଶ୍ୱରଙ୍କ ଆଶାବାଡଟିକୁ
ମୋ ସହତ ନେଇଯିବ।"
10ଯିହୋଶୂୟ ମୋଶାଙ୍କର କଥାମାନ ତା'ପର ଦନ
ଅମାଲେକୀୟମାନଙ୍କ ସହ ଯୁଦ୍ଧ ପାଇଁ ଗଲେ। ସେହ ସମୟରେ
ମୋଶା, ହାରୋଣ ଓ ହୂର ପର୍ବତ ଉପରକୁ
ଗଲେ। 11ଯେତେବେଳେ ମୋଶା ତାଙ୍କର ହସ୍ତ ଉପରକୁ
କଲେ ସେତେବେଳେ ଇଶ୍ରାୟେଲୀୟ ବିଜୟ ହେଲେ ଓ
ଯେତେବେଳେ ମୋଶା ତାଙ୍କର ହାତ ତଳକୁ ରଖିଲେ,
ସେତେବେଳେ ଅମାଲେକୀୟମାନେ ପରାସ୍ତ ହେଲେ।"
12କଛି ସମୟ ପରେ, ଯେହେତୁ ମୋଶାଙ୍କର ହାତ
କ୍ଲାନ୍ତ ହୋଇଗଲା ତେଣୁ ସେମାନେ ଏକ ବରାଟ ପଥର ଖଣ୍ଡ
ଆଣି ମୋଶାଙ୍କ ଆଗରେ ପକାଇଲେ ସେ ବସିବା ପାଇଁ।
ଏହାପରେ ହାରୋଣ ଓ ହୂର ମୋଶାଙ୍କର ହାତକୁ ଉପରକୁ
ଟେକ ଧରଲେ। ହାରୋଣ ଗୋଟିଏ ପାଶ୍ୱରେ ଓ ହୂର ଅନ୍ୟ
ଏକ ପାର୍ଶ୍ୱରେ ରହଲା। ସେମାନେ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ତାଙ୍କର
ହାତକୁ ଏପର ଉପରକୁ କର ରଖିଲେ। 13ତେଣୁ ଯିହୋଶୂୟ
ଏବଂ ତାଙ୍କର ଲୋକମାନେ ଅମାଲେକୀୟମାନଙ୍କୁ ସେହ ଯୁଦ୍ଧରେ
ପରାସ୍ତ କଲେ।
14ଏହାପରେ ସଦାପ୍ରଭୁ ମୋଶାଙ୍କୁ କହଲେ, "ଏହ ଯୁଦ୍ଧର
ବବରଣୀ ଲେଖ। ଏହକଥା ଏକ ପୁସ୍ତକରେ ଲେଖ। ଯାହାଫଳରେ
ଲୋକମାନେ ମନେରଖି ପାରବେ ଏଠାରେ ଯାହାସବୁ ଘଟିଥିଲା।
ଏବଂ ଯିହୋଶୂୟଙ୍କ ପାଖରେ ସେହ ପୁସ୍ତକ ପଢ। ମୁଁ
ସମ୍ପୂର୍ଣ୍ଣଭାବରେ ଅମାଲେକୀୟମାନଙ୍କୁ ଏହ ପୃଥିବୀରୁ ଧ୍ୱଂସ
କରବ।"
15ଏହାପରେ ମୋଶା ଏକ ଯଜ୍ଞବେଦୀ ସ୍ଥାପନ କଲେ।
ମୋଶା ଏହାର ନାମ ଦେଲେ, ଯିହୋବା-ନିଃଷି "ସଦାପ୍ରଭୁ
ମୋର ଧ୍ୱଜା ରଖିଲେ।" 16ମୋଶା କହଲେ, "ମୁଁ ସଦାପ୍ରଭୁଙ୍କର
ସିଂହାସନ ଆଡକୁ ହାତ ଉଠାଇଲି, ତେଣୁ ସଦାପ୍ରଭୁ ଅମାଲେକ
ବରୁଦ୍ଧରେ ଯୁଦ୍ଧ କଲେ, ଯେପର ସେ ସର୍ବଦା କରଥିଲେ।"

## ମୋଶାଙ୍କ ଶ୍ୱଶୁରଙ୍କଠାରୁ ଉପଦେଶ

18 ମିଦୟନୀୟମାନଙ୍କର ଯାଜକ ଯିଥ୍ରୋ, ମୋଶାଙ୍କର
ଶ୍ୱଶୁର ଥିଲେ। ଯିଥ୍ରୋ ଶୁଣିବାକୁ ପାଇଲେ, ସଦାପ୍ରଭୁ
ବଭିନ୍ନ ପ୍ରକାରେ ମୋଶା ଏବଂ ତାଙ୍କର ଇଶ୍ରାୟେଲୀୟ
ଲୋକମାନଙ୍କୁ ସାହାଯ୍ୟ କରଛନ୍ତ। ଏବଂ ଯିଥ୍ରୋ ଶୁଣିବାକୁ
ପାଇଲେ, ସଦାପ୍ରଭୁ ମିଶରରୁ ଇଶ୍ରାୟେଲୀୟମାନଙ୍କୁ
ବାହାର କର ଆଣିଛନ୍ତ। 2ତେଣୁ ଯିଥ୍ରୋ ମୋଶାଙ୍କ ନକଟକୁ
ଗଲେ। ଯେତେବେଳେ ମୋଶା ପରମେଶ୍ୱରଙ୍କ ପର୍ବତ ସୀନରେ
ଥିଲେ। ଯିଥ୍ରୋ ମୋଶାଙ୍କର ସ୍ତ୍ରୀ ସିପୋରାକୁ ସାଙ୍ଗରେ
ନେଇଗଲେ। ସିପୋରା ମୋଶାଙ୍କ ପାଖରେ ନଥିଲେ କାରଣ
ମୋଶା ତାଙ୍କୁ ତାଙ୍କ ପିତାଙ୍କ ଗୃହକୁ ପଠାଇ ଦେଇଥିଲେ।
3ଯିଥ୍ରୋ ମଧ ମୋଶାଙ୍କର ଦୁଇପୁତ୍ରଙ୍କୁ ସାଙ୍ଗରେ ନେଇଥିଲେ।
ତାଙ୍କର ପ୍ରଥମ ପୁତ୍ରର ନାମଥିଲା ଗେର୍ଶୋମ। ତାଙ୍କର ଏପର
ନାମକରଣ କରାଯାଇଥିଲା କାରଣ ମୋଶା କହଲେ, "ମୁଁ
ବଦେଶରେ ପ୍ରବାସୀ ହେଲି।" 4ଅନ୍ୟ ପୁତ୍ରଟିର ନାମ
ଦେଇଥିଲେ ଇଲୀୟେଷର, କାରଣ ତା'ର ଜନ୍ମ ସମୟରେ
ମୋଶା କହଲେ, "ମୋର ପିତାଙ୍କର ପରମେଶ୍ୱର ମୋତେ
ସାହାଯ୍ୟ କଲେ ଏବଂ ଫାରୋଙ୍କର ଖଡ୍ଗରୁ ରକ୍ଷା କଲେ।"
5ତେଣୁ ଯିଥ୍ରୋ ମୋଶାଙ୍କ ନକଟକୁ, ମୋଶାଙ୍କର ଦୁଇପୁତ୍ର ଓ
ସ୍ତ୍ରୀ ସହତ ଗଲେ। ସେହ ସମୟରେ ମୋଶା ପରମେଶ୍ୱରଙ୍କର
ପର୍ବତ ନକଟରେ ଛାଉଣୀ ପକାଇଥିଲେ।
6ଯିଥ୍ରୋ ମୋଶାଙ୍କ ନକଟକୁ ଏକ ବାର୍ତ୍ତା ପଠାଇଲେ।
ଯିଥ୍ରୋ କହଲେ, "ମୁଁ ତୁମ୍ଭର ଶ୍ୱଶୁର ଯିଥ୍ରୋ, ଏବଂ ତୁମ୍ଭର
ସ୍ତ୍ରୀ ଓ ତୁମ୍ଭର ଦୁଇପୁତ୍ର ସହତ ତୁମ୍ଭ ନକଟକୁ ଆସିଅଛୁ।"
7ତେଣୁ ମୋଶା ତାଙ୍କ ଶ୍ୱଶୁରଙ୍କୁ ସାକ୍ଷାତ କରବାକୁ
ବାହରକୁ ଗଲେ। ମୋଶା ତାଙ୍କ ଶ୍ୱଶୁରଙ୍କୁ ଭୂମିଷ୍ଠ ପ୍ରଣାମ
କଲେ ଓ ତାଙ୍କୁ ଚୁମ୍ବନ ଦେଲେ। ଏବଂ ସେମାନେ ପରମେଶ୍ୱରଙ୍କର
ଉତ୍ତମ ଖବର ବୁଝିଲେ। ଏହାପରେ ସେମାନେ ମୋଶାଙ୍କ
ତମ୍ବୁକୁ ଗଲେ ଓ ସେଠାରେ କଥା ହେଲେ। 8ସଦାପ୍ରଭୁ
ତାଙ୍କର ଇଶ୍ରାୟେଲୀୟ ଲୋକଙ୍କ ପାଇଁ ଯାହାସବୁ କରଥିଲେ,
ସେହ ସମସ୍ତ ବଷୟ ମୋଶା ତାଙ୍କ ଶ୍ୱଶୁରଙ୍କୁ କହଲେ।
ମୋଶା ମଧ କହଲେ, ସଦାପ୍ରଭୁ ମିଶର ଓ ରାଜା ଫାରୋଙ୍କ
ବରୁଦ୍ଧରେ ଇଶ୍ରାୟେଲ ନମନ୍ତେ ଯାହା କରଥିଲେ, ସେମାନେ
ରାସ୍ତାରେ ସମ୍ମୁଖୀନ ହୋଇଥିବା କଠିନତା ବଷୟ କହଲେ।
ଏବଂ କପର ସଦାପ୍ରଭୁ ସେମାନଙ୍କୁ ରକ୍ଷା କରଛନ୍ତ ତାହା
ମୋଶା ତାଙ୍କ ଶ୍ୱଶୁରଙ୍କୁ କହଲେ।
9ଯିଥ୍ରୋ ବହୁତ ଖୁସିହେଲେ, ଯେତେବେଳେ ଜାଣିଲେ
ସଦାପ୍ରଭୁ ଇଶ୍ରାୟେଲବାସୀମାନଙ୍କ ପାଇଁ ବହୁତ ଭଲ କର୍ମମାନ
କରଛନ୍ତ। ଏବଂ ସେ ବହୁତ ଖୁସି ହେଲେ ଯେ ସଦାପ୍ରଭୁ
ମିଶରଠାରୁ ଇଶ୍ରାୟେଲକୁ ମୁକ୍ତ କରଛନ୍ତ। 10ଯିଥ୍ରୋ କହଲେ,
"ସଦାପ୍ରଭୁଙ୍କର ପ୍ରଶଂସା କର! ସେ ତୁମ୍ଭମାନଙ୍କୁ ମିଶରର ଶକ୍ତି

ନିକଟରୁ ଉଦ୍ଧାର କରିଅଛନ୍ତି। ସଦାପ୍ରଭୁ ତୁମ୍ଭମାନଙ୍କୁ ଫାରୋଙ୍କ
ନିକଟରୁ ରକ୍ଷା କରିଅଛନ୍ତି।
11ବର୍ତ୍ତମାନ ମୁଁ ଜାଣିଲି ଯେ ସଦାପ୍ରଭୁ ହେଉଛନ୍ତି ସମସ୍ତ
ଦେବତାଗଣଙ୍କ ଠାରୁ ମହାନ। ସେମାନେ ଯେଉଁ ବିଷୟରେ
ସେମାନଙ୍କ ବିରୁଦ୍ଧରେ ଗର୍ବ କରୁଥିଲେ କିନ୍ତୁ ଦେଖ ପରମେଶ୍ୱର
କ’ଣ କଲେ!”
12ଯିଥ୍ରୋ ପରମେଶ୍ୱରଙ୍କୁ ନୈବେଦ୍ୟ ଅର୍ପଣ କଲେ।
ହାରୋଣ, ମୋଶା ଓ ଇଶ୍ରାୟେଲର ସମସ୍ତ ପ୍ରାଚୀନବର୍ଗ ଆସି
ପରମେଶ୍ୱରଙ୍କ ସମ୍ମୁଖରେ ମୋଶାଙ୍କ ଶ୍ୱଶୁର ସଙ୍ଗେ ଭୋଜନ
କଲେ।
13ତା’ପରଦିନ ମୋଶା ଲୋକଙ୍କର ବିଚାର କରିବାକୁ
ବସିଲେ। ତେଣୁ ବହୁତ ଲୋକ ତାଙ୍କ ସମ୍ମୁଖରେ ସନ୍ଧ୍ୟା
ପର୍ଯ୍ୟନ୍ତ ଠିଆହୋଇ ରହିଲେ।
14ମୋଶା ଲୋକମାନଙ୍କର ବିଚାର କରୁଥିବାର ଯିଥ୍ରୋ
ଦେଖିଲେ। ସେ ପଚାରିଲେ, “ତୁମ୍ଭେ ଏପରି କାହିଁକି କରୁଛ?
ତୁମ୍ଭେ ଏକୁଟିଆ କାହିଁକି ବିଚାର କରୁଛ? ଏବଂ କାହିଁକି ତୁମ୍ଭ
ନିକଟରେ ଲୋକମାନେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଠିଆ
ହେବେ?”
15ଏହାପରେ ମୋଶା ତାଙ୍କ ଶ୍ୱଶୁରଙ୍କୁ କହିଲେ, “ସେମାନେ
ପରମେଶ୍ୱରଙ୍କର ବିଚାର ବୁଝିବା ପାଇଁ ମୋ ନିକଟକୁ ଆସନ୍ତି।
16ସେମାନଙ୍କର କୌଣସି ବିବାଦ ହେଲେ, ମୋ ପାଖକୁ
ଆସନ୍ତି। ତହିଁରେ ମୁଁ ବାଦୀ ଓ ପ୍ରତିବାଦୀ ମଧ୍ୟରେ ବିଚାର
କରେ। ସେମାନଙ୍କୁ ପରମେଶ୍ୱରଙ୍କର ବିଧି ଓ ବ୍ୟବସ୍ଥା ସବୁ
ଶିକ୍ଷା ଦିଏ।”
17କିନ୍ତୁ ମୋଶାଙ୍କ ଶ୍ୱଶୁର ତାଙ୍କୁ କହିଲେ, “ତୁମ୍ଭର
ଏପ୍ରକାର କର୍ମ କରିବା ଠିକ୍ ନୁହେଁ। 18ଏହିସବୁ କାର୍ଯ୍ୟ ତୁମ୍ଭ
ପାଇଁ ଏକୁଟିଆ କରିବା ବହୁତ କଷ୍ଟ। ତୁମ୍ଭେ ଏକା ଏସମସ୍ତ
କାର୍ଯ୍ୟ କରିପାରିବ ନାହିଁ। ଏହା ତୁମ୍ଭକୁ କ୍ଷୀଣ କରିଦେବ ଏବଂ
ଏହା ଲୋକମାନଙ୍କୁ କ୍ଲାନ୍ତ ଆଣିଦେବ। 19ବର୍ତ୍ତମାନ, ମୋ
କଥା ଶୁଣ। ମୋର କେତେକ ଉପଦେଶ ଗ୍ରହଣ କର।
ପରମେଶ୍ୱର ତୁମ୍ଭର ସହବର୍ତ୍ତୀ ହୁଅନ୍ତୁ। ପରମେଶ୍ୱରଙ୍କ ଛାମୁରେ
ତୁମ୍ଭେ ଲୋକମାନଙ୍କ ପକ୍ଷ ହୋଇ ସେମାନଙ୍କ କଥା ପରମେଶ୍ୱରଙ୍କ
ନିକଟରେ ଜଣାଅ। 20ତୁମ୍ଭେ ସେମାନଙ୍କୁ ବିଧି ଓ ବ୍ୟବସ୍ଥାର
ଉପଦେଶ ଦିଅ ଓ ସେମାନଙ୍କ ଗନ୍ତବ୍ୟ ପଥ ଓ କର୍ତ୍ତବ୍ୟ
କର୍ମ ଦେଖାଅ। 21ଆହୁରି ତୁମ୍ଭେ ଏହି ଲୋକମାନଙ୍କ ମଧ୍ୟରୁ
କର୍ମକ୍ଷମ, ଅର୍ଥାତ୍
ପରମେଶ୍ୱରଙ୍କ ପ୍ରତି ଭୟକାରୀ, “ବିଶ୍ୱାସୀ ଓ ଅନ୍ୟାୟ
ଲାଭ ଘୃଣାକାରୀ ଲୋକଙ୍କୁ ମନୋନୀତ କର। ପୁଣି ସେମାନଙ୍କୁ
ଲୋକମାନଙ୍କ ଉପରେ ସହସ୍ର ପତି, ଶତପତି, ପଞ୍ଚାଶତ୍ ପତି
ଓ ଦଶପତି ରୂପେ ନିଯୁକ୍ତ କର। 22ସେମାନେ ସର୍ବଦା
ଲୋକମାନଙ୍କର ବିଚାର କରନ୍ତୁ। ପୁଣି ଜଟିଳ ବିଷୟରେ ତୁମ୍ଭ
ନିକଟକୁ ଆସିବେ। ମାତ୍ର କ୍ଷୁଦ୍ର କଥାସବୁ ସେମାନେ ଆପେ
ବିଚାର କରିବେ। ତାହାହେଲେ, ତୁମ୍ଭ ନିଜ କର୍ମରୁ ଉଶ୍ୱାସ
ହେବ। ପୁଣି ସେମାନେ ତୁମ୍ଭ ସହିତ ଭାର ବହିବେ।
23ତୁମ୍ଭେ ଯଦି ଏପରି କରିବ, ପୁଣି ସଦାପ୍ରଭୁ ଏପରି କରିବା
ପାଇଁ ଆଜ୍ଞା ଦେବେ, ତେବେ ତୁମ୍ଭେ ସହି ପାରିବ। ଆଉ
ଏହି ସବୁ ଲୋକମାନେ କୁଶଳରେ ସ୍ୱସ୍ଥାନକୁ ଯିବେ।”
24ଏହାପରେ ମୋଶା ଆପଣା ଶ୍ୱଶୁରଙ୍କ କଥାରେ ମନୋଯୋଗ
କରି ତାଙ୍କର ବାକ୍ୟାନୁସାରେ ସବୁ କର୍ମ କଲେ। 25ପୁଣି
ମୋଶା ସମଗ୍ର ଇଶ୍ରାୟେଲ ମଧ୍ୟରୁ କର୍ମକ୍ଷମ ଲୋକ ମନୋନୀତ
କରି ଲୋକମାନଙ୍କ ଉପରେ ପ୍ରଧାନ ଅର୍ଥାତ୍ ସହସ୍ର ପତି,
ଶତପତି, ପଞ୍ଚାଶତ୍‌ପତି ଓ ଦଶପତି ରୂପେ ନିଯୁକ୍ତ କଲେ।
26ତହୁଁ ସେମାନେ ସବୁ ସମୟରେ ଲୋକମାନଙ୍କର ବିଚାର
କଲେ ଓ କଠିନ ବିଚାରସବୁ ମୋଶାଙ୍କ ନିକଟକୁ ଆଣିଲେ।
ମାତ୍ର କ୍ଷୁଦ୍ର କଥାସବୁ ନିଜେ ନିଜେ ବିଚାର କଲେ।
27ଏହାପରେ ମୋଶା ତାଙ୍କ ଶ୍ୱଶୁରଙ୍କୁ ବିଦାୟ ଦେଲେ
ଏବଂ ଯିଥ୍ରୋ ସ୍ୱଦେଶକୁ ଗଲେ।

## ଇଶ୍ରାୟେଲ ସହିତ ପରମେଶ୍ୱରଙ୍କ ଚୁକ୍ତି

19 ମିଶର ଦେଶରୁ ଇଶ୍ରାୟେଲୀୟମାନେ ବାହାରି ତୃତୀୟ
ମାସର ପ୍ରଥମ ଦିନରେ ଆସି ସୀନୟ ମରୁଭୂମିରେ
ପହଞ୍ଚିଲେ। 2ସେମାନେ ରଫୀଦୀମଠାରୁ ଯାଇ ସୀନୟ ମରୁଭୂମିରେ
ପହଞ୍ଚିଲେ ଓ ସେମାନେ ପର୍ବତ ନିକଟସ୍ଥ ମରୁଭୂମିରେ
ଛାଉଣୀ ସ୍ଥାପନ କଲେ। 3ଏହାପରେ ମୋଶା ଉପରକୁ ଚଢି
ପରମେଶ୍ୱରଙ୍କ ନିକଟକୁ ଗଲେ। ପରମେଶ୍ୱର ତାଙ୍କୁ ପର୍ବତ
ଶିଖରରୁ ଡାକିଲେ ଏବଂ ତାଙ୍କୁ କହିଲେ, “ଏହି ସୂଚନା
ଯାକୁବର ପରିବାର ଇଶ୍ରାୟେଲୀୟମାନଙ୍କୁ ଦିଅ। 4‘ତୁମ୍ଭେମାନେ
ଦେଖିଛ ମୁଁ ମିଶରବାସୀମାନଙ୍କର ଯାହା କରିଛି। ତୁମ୍ଭେମାନେ
ଦେଖିଛ ମୁଁ ତୁମ୍ଭକୁ କିପରି ମିଶରରୁ ବାଜପକ୍ଷୀ ସଦୃଶ
ଉଠାଇ ମୋ ପାଖକୁ ଆଣିଲି। 5ତେଣୁ ସେମାନଙ୍କୁ ମୋର
ଆଜ୍ଞା ମାନିବା ପାଇଁ କୁହ। ସେମାନଙ୍କୁ ମୋର ନିୟମ
ପାଳନ କରିବାକୁ ଦିଅ। ଯଦି ତୁମ୍ଭେ ଏପରି କର, ତେବେ
ତୁମ୍ଭେମାନେ ମୋର ଆପଣାର ରତ୍ନଭଣ୍ଡାର ହୋଇ ରହିବ
ଯେହେତୁ ସମଗ୍ର ପୃଥିବୀ ମୋର। 6ମୋ ପାଇଁ ତୁମ୍ଭେମାନେ
ଯାଜକମାନଙ୍କର ଏକ ରାଜ୍ୟ ଏବଂ ପବିତ୍ର ରାଷ୍ଟ୍ର ହେବ।’
ମୋଶା, ଏହି ସମସ୍ତ କଥା ତୁମ୍ଭେ ଇଶ୍ରାୟେଲୀୟମାନଙ୍କୁ
କୁହ।”
7ତେଣୁ ମୋଶା ଗଲେ ଓ ସମସ୍ତ ପ୍ରାଚୀନବର୍ଗମାନଙ୍କୁ
ଡ଼ାକି ଏକତ୍ର କରାଇଲେ। ମୋଶା ସେମାନଙ୍କୁ ପରମେଶ୍ୱରଙ୍କର
ଆଜ୍ଞା ସମସ୍ତଙ୍କୁ କହିଲେ। 8ସମସ୍ତ ଲୋକେ ଏକ ସମୟରେ
କହିଲେ, “ଆମ୍ଭେ ସଦାପ୍ରଭୁଙ୍କର ସମସ୍ତ ଆଜ୍ଞା ମାନିବୁ।”
ଏହାପରେ ମୋଶା ପୁନର୍ବାର ପର୍ବତ ଉପରକୁ ପରମେଶ୍ୱରଙ୍କର
ନିକଟକୁ ଗଲେ। ମୋଶା ପରମେଶ୍ୱରଙ୍କୁ କହିଲେ ଲୋକମାନେ
ଆପଣଙ୍କର ସମସ୍ତ ଆଜ୍ଞା ମାନିବେ। 9ଏବଂ ସଦାପ୍ରଭୁ
ମୋଶାଙ୍କୁ କହିଲେ, “ମୁଁ ନିବିଡ଼ ମେଘରେ ତୁମ୍ଭ ନିକଟକୁ
ଆସିବି। ମୁଁ ତୁମ୍ଭକୁ ଏକଥା କହିବି ଯେପରି ସମସ୍ତେ
ଶୁଣିପାରିବେ। ମୁଁ ଏପରି କରିବି କାରଣ ସମସ୍ତ ଲୋକ ତୁମ୍ଭ
ଉପରେ ବିଶ୍ୱାସ ରଖିବେ। ତୁମ୍ଭେ ସେମାନଙ୍କୁ ଯାହା କହିବ
ସେମାନେ ତାହା ବିଶ୍ୱାସ କରିବେ।”
ଏହାପରେ ପରମେଶ୍ୱରଙ୍କୁ ଲୋକମାନଙ୍କର ସମସ୍ତ କଥା
କହିଲେ।
10ଏବଂ ସଦାପ୍ରଭୁ ମୋଶାଙ୍କୁ କହିଲେ, “ଆଜି ଏବଂ
ଆସନ୍ତାକାଲି ତୁମ୍ଭେ ଏକ ବିଶେଷ ସଭାର ଆୟୋଜନ କର।
ଲୋକମାନେ ସମସ୍ତେ ତାଙ୍କର ବସ୍ତ୍ର ଧୌତ କରି ପିନ୍ଧିବେ।

11ଏବଂ ତୃତୀୟ ଦନ ପାଇଁ ପ୍ରସ୍ତୁତ ହୋଇ ରହବେ କାରଣ
ଏହ ଦନ ଆମ୍ଭେ ସୀନୟ ପର୍ବତ ଉପରକୁ ଓହ୍ଲାଇ ଆସିବୁ।
ଏବଂ ସମସ୍ତ ଲୋକେ ମୋତେ ଦେଖି ପାରବେ। 12କନ୍ତୁ
ତୁମ୍ଭେ ଲୋକମାନଙ୍କୁ ଦୂରେଇ ରହବା ପାଇଁ କୁହ। ଏକ
ସୀମା ନର୍ଦ୍ଧାରଣ କର, ସେହ ସୀମାକୁ ଯେପର କେହ ସ୍ପର୍ଶ
କର ପାରବ ନାହିଁ। ପଶୁ ହେଉ କ ମନୁଷ୍ୟ ହେଉ ଯିଏ
ପର୍ବତ ସ୍ପର୍ଶ କରବ ସେ ମରବ। 13କଏ ପଥର ଛେଙ୍ଗରେ
ମରବ ତ କଏ ବାଣ ଦ୍ୱାରା ମରବ। କନ୍ତୁ କେହ ଏହ
ବ୍ୟକ୍ତିକୁ ହତ୍ୟା କର ପାରବେ ନାହିଁ। ଲୋକମାନଙ୍କୁ ଏହପର
ତୂରୀ ବାଜିବା ପର୍ଯ୍ୟନ୍ତ ଅପେକ୍ଷା କରବାକୁ ପଡବ। ଏହାପରେ
ସେମାନେ ପର୍ବତ ଉପରକୁ ଯାଇ ପାରବେ।”

14ତେଣୁ ମୋଶା ପର୍ବତରୁ ଓହ୍ଲାଇ ଲୋକମାନଙ୍କ ନକଟକୁ
ଗଲେ, ସମସ୍ତ ଲୋକେ ସେମାନଙ୍କର ବସ୍ତ୍ର ଧୌତ କର
ନଜକୁ ପବତ୍ର କଲେ।

15ଏହାପରେ ମୋଶା ଲୋକମାନଙ୍କୁ କହଲେ, “ତୃତୀୟ
ଦନରେ ପ୍ରସ୍ତୁତ ହୁଅ। ତୁମ୍ଭେମାନେ ସ୍ତ୍ରୀ ଲୋକଙ୍କ ସଂସ୍ପର୍ଶରେ
ଆସିବ ନାହିଁ।”

16ତୃତୀୟ ଦନ ପ୍ରଭାତରେ ଏକ ଘନ ମେଘ ପର୍ବତକୁ
ସ୍ପର୍ଶ କଲା। ଘଡଘଡ, ବଜୁଳ ଏବଂ ଏକ ଗମ୍ଭୀର ଶିଙ୍ଗା ଧ୍ୱନ
ଶୁଣାଗଲା। ଛାଉଣୀର ଲୋକମାନେ ଭୟଭୀତ ହୋଇଗଲେ।
17ଏହାପରେ ମୋଶା ଲୋକମାନଙ୍କୁ ଛାଉଣୀରୁ ବାହାର କର
ପରମେଶ୍ୱରଙ୍କର ସାକ୍ଷାତ ପାଇଁ ପର୍ବତର ପାଦଦେଶକୁ ଆଣିଲେ।
18ସୀନୟ ପର୍ବତ ଧୂଆଁରେ ପରପୂର୍ଣ୍ଣ ଥିଲା। ଚମିନରୁ ଧୂଆଁ
ବାହାରଲା ପର ପର୍ବତରୁ ଧୂଆଁ ବାହାରୁ ଥିଲା। ଏପର ଘଟିଲା
କାରଣ ସଦାପ୍ରଭୁ ଅଗ୍ନି ବାହନରେ ପର୍ବତରେ ଅବତରଣ
କରଥିଲେ। ପର୍ବତଟି କମ୍ପନ କରବାକୁ ଲାଗିଲା। 19ତୂରୀ ଧ୍ୱନ
ଅଧିକରୁ ଅଧିକ ଶବ୍ଦରେ ଶୁଭିଲା। ମୋଶା ପରମେଶ୍ୱରଙ୍କୁ
ଯେକୌଣସି ପ୍ରଶ୍ନ କଲେ ପରମେଶ୍ୱର ପ୍ରତ୍ୟେକ ଥର ବଜ୍ର
ସ୍ୱରରେ ଉତ୍ତର ଦେଲେ। 20ଏହାପରେ ସଦାପ୍ରଭୁ ପର୍ବତ
ଉପରେ ଅବତରଣ କଲାପରେ ସେ ମୋଶାଙ୍କୁ ପର୍ବତ
ଉପରକୁ ଡ଼ାକଲେ। ତେଣୁ ମୋଶା ପର୍ବତ ଉପରକୁ ଚଢିଲେ।

21ସଦାପ୍ରଭୁ ମୋଶାଙ୍କୁ କହଲେ, “ତଳକୁ ଯାଇ ଲୋକମାନଙ୍କୁ
ସତର୍କ କରାଇ ଦଅ ଯେ ସେମାନେ ମୋ ଆଡ଼କୁ ଚାହିଁବେ
ନାହିଁ କ ମୋ ନକଟକୁ ଆସିବେ ନାହିଁ, ଯଦ କଏ ଅମାନ୍ୟ
କରେ ତେବେ ସେ ମରବ। 22ଯେଉଁ ଯାଜକମାନେ ସଦାପ୍ରଭୁଙ୍କର
ନକଟବର୍ତ୍ତୀ ହୋଇଥାନ୍ତ, ସେମାନେ ହିଁ ନଜନଜକୁ ପବତ୍ର
କରାନ୍ତୁ। ନହେଲେ ସେମାନେ ଦଣ୍ଡ ଭୋଗ କରବେ।”

23ତହିଁରେ ମୋଶା ସଦାପ୍ରଭୁଙ୍କୁ କହଲେ, “ଲୋକମାନେ
ସୀନୟ ପର୍ବତକୁ ଆସି ପାରବେ ନାହିଁ। କାରଣ ତୁମ୍ଭେ ଦୃଢ଼
ଆଜ୍ଞା ଦେଇ ଆମ୍ଭମାନଙ୍କୁ କହଛ ଯେ, ପର୍ବତର ସୀମା
ନରୂପଣ କର ଓ ତାହା ପବତ୍ର କର।”

24ସଦାପ୍ରଭୁ ମୋଶାଙ୍କୁ କହଲେ, “ଓହ୍ଲାଇ ଯାଅ। ତୁମ୍ଭେ
ହାରୋଣ ସହତ ଆରୋହଣ କରବ। ମାତ୍ର ଦେଖ, ଯାଜକଗଣ
ଓ ଲୋକମାନେ ଯେପର ସୀମା ଅତିକ୍ରମ ନ କରନ୍ତ,
ନହେଲେ ମୁଁ ସେମାନଙ୍କୁ ଦଣ୍ଡ ଦେବ।”

25ତେଣୁ ମୋଶା ଓହ୍ଲାଇ ଗଲେ ଓ ଲୋକମାନଙ୍କୁ
କହଲେ।

### ଦଶ ଆଜ୍ଞା

20ଏହାପରେ ପରମେଶ୍ୱର କହଲେ, 2“ମୁଁ ହେଉଛ
ସଦାପ୍ରଭୁ ତୁମ୍ଭର ପରମେଶ୍ୱର। ତୁମ୍ଭମାନଙ୍କୁ ମୁଁ
ମିଶରରୁ ବାହାର ଆଣିଲ, ଯେଉଁଠାରେ ତୁମ୍ଭେମାନେ ଦାସ
ଥିଲ।

3“ତୁମ୍ଭେମାନେ ମୋ ବ୍ୟତୀତ ଆଉ କୌଣସି
ଦେବତାଗଣକୁ ଉପାସନା କରବ ନାହିଁ।

4“ତୁମ୍ଭେମାନେ କୌଣସି ପ୍ରତିମା ପୂଜା କରବ
ନାହିଁ, କ ସ୍ୱର୍ଗରେ କମ୍ବା ପୃଥିବୀରେ କମ୍ବା ପୃଥିବୀ
ନୀଚସ୍ଥ ଜଳରେ କୌଣସି ମୂର୍ତ୍ତି ନର୍ମାଣ କରବା
ଉଚତ୍ ନୁହଁ। 5କୌଣସି ମୂର୍ତ୍ତିକୁ ଉପାସନା କରବ
ନାହିଁ କମ୍ବା ତା'ର ସେବା କରବ ନାହିଁ। କାହିଁକ?
କାରଣ ମୁଁ ସଦାପ୍ରଭୁ, ତୁମ୍ଭମାନଙ୍କର ପରମେଶ୍ୱର
ଅଟେ। ମୁଁ ଈର୍ଷାପରାୟଣ ପରମେଶ୍ୱର। ଯେଉଁମାନେ
ମୋତେ ଘୃଣା କରନ୍ତ ସେମାନେ ମୋର ଶତ୍ରୁରେ
ଗଣାଯାନ୍ତ ଏବଂ ମୁଁ ସେମାନଙ୍କୁ ସେମାନଙ୍କର ତୃତୀୟ
ପୁରୁଷ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ଶାସ୍ତି ବଧାନ
କରବ। 6କନ୍ତୁ ମୁଁ ସେହ ଲୋକମାନଙ୍କ ପ୍ରତି
ଦୟାକରେ, ଯେଉଁମାନେ ମୋର ନୟମ ପାଳନ
କରନ୍ତ ଓ ମୋତେ ପ୍ରେମ କରନ୍ତ, ମୁଁ ତାଙ୍କର
ହଜାର ହଜାର ପୁରୁଷଙ୍କର ଦୟା କରେ।

7“ତୁମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱରଙ୍କ
ନାମ ମିଥ୍ୟାରେ ନେବ ନାହିଁ, କାରଣ ଯେ କେହ
ତାଙ୍କର ନାମ ମିଥ୍ୟାରେ ନଏ, ସଦାପ୍ରଭୁ ତାଙ୍କୁ
ଅପରାଧୀ ରୂପେ ଗଣନା କରନ୍ତ।

8“ବଶ୍ରାମଦନଟିକୁ ପବତ୍ର ଦବସ ରୂପେ ପାଳନ
କରବାକୁ ସ୍ମରଣ କର। 9ଛଅ ଦନରେ ଆପଣାର
ସମସ୍ତ କର୍ମ କରବ। 10ମାତ୍ର ସପ୍ତମ ଦନ ସଦାପ୍ରଭୁ
ତୁମ୍ଭ ପରମେଶ୍ୱରଙ୍କର ବଶ୍ରାମ ଦନ ଅଟେ। ତହିଁରେ
ତୁମ୍ଭେ କ ତୁମ୍ଭର ପୁତ୍ର କ ତୁମ୍ଭର କନ୍ୟା, ତୁମ୍ଭର
ଦାସ କମ୍ବା ଦାସୀ, ତୁମ୍ଭର ପଶୁ କ ତୁମ୍ଭର ନଗରର
ଦ୍ୱାରବର୍ତ୍ତୀ ବଦେଶୀ କେହ କୌଣସି କାର୍ଯ୍ୟ କରବ
ନାହିଁ। 11ଯେହେତୁ ସଦାପ୍ରଭୁ ଆକାଶମଣ୍ଡଳ ଓ
ପୃଥିବୀ ଓ ସମୁଦ୍ର ଓ ତନ୍ମଧ୍ୟସ୍ଥିତ ସମସ୍ତ ବସ୍ତୁ ଛଅ
ଦନରେ ନର୍ମାଣ କର ସପ୍ତମ ଦନରେ ବଶ୍ରାମ
କଲେ। ଏହପର ଭାବରେ ସଦାପ୍ରଭୁ ବଶ୍ରାମ ଦନଟିକୁ
ଆଶୀର୍ବାଦ କଲେ। ସଦାପ୍ରଭୁ ଏହ ଦନଟିକୁ ଏକ
ସ୍ୱତନ୍ତ୍ର ଦନ କଲେ।

12“ତୁମ୍ଭେ ଆପଣା ପିତା ଓ ମାତାଙ୍କୁ ସମ୍ମାନ
କର। ଏହପର କର ଯଦ୍ଦ୍ୱାରା ସଦାପ୍ରଭୁ ତୁମ୍ଭର
ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ ଦେବେ ସେହ
ଦେଶରେ ତୁମ୍ଭର ଦୀର୍ଘ ପରମାୟୁ ହେବ।

13“ତୁମ୍ଭେ ନରହତ୍ୟା କରବ ନାହିଁ।

14“ତୁମ୍ଭେ ବ୍ୟଭିଚାର କରବ ନାହିଁ।

15“ତୁମ୍ଭେ ଚୋର କରବ ନାହିଁ।

16“ତୁମ୍ଭେ ଆପଣା ପ୍ରତିବେଶୀ ବରୁଦ୍ଧରେ ମିଥ୍ୟା
ସାକ୍ଷ୍ୟ ଦେବ ନାହିଁ।

17"ତୁମ୍ଭେ ଆପଣା ପ୍ରତିବେଶୀର ଗୃହକୁ ଲୋଭ
କରିବ ନାହିଁ। ତୁମ୍ଭେ ଆପଣା ପ୍ରତିବେଶୀର ଭାର୍ଯ୍ୟା କି
ଦାସ, ଦାସୀ କି ତା'ର ଗୋରୁ କି ଗଧ କି ତୁମ୍ଭ
ପ୍ରତିବେଶୀର କୌଣସି ବସ୍ତୁକୁ ଲୋଭ କରିବ ନାହିଁ।"

### ଲୋକମାନେ ପରମେଶ୍ୱରଙ୍କୁ ଭୟ କଲେ

18ସେତେବେଳେ ସମସ୍ତ ଲୋକ ମେଘ ଗର୍ଜ୍ଜନ ଓ ବିଜୁଳି
ଓ ତୂରୀ ଧ୍ୱନି ଓ ଧୂମଯୁକ୍ତ ପର୍ବତ ଦେଖିଲେ, ପୁଣି ତାହା
ଦେଖି ସେମାନେ କମ୍ପିତ ହୋଇ ଦୂରରେ ଠିଆ ହେଲେ।
19ଆଉ ସେମାନେ ମୋଶାଙ୍କୁ କହିଲେ, "ତୁମ୍ଭେ ଆମ୍ଭମାନଙ୍କ
ସଙ୍ଗେ କଥା କୁହ ଆମ୍ଭେମାନେ ଶୁଣିବୁ, ମାତ୍ର ପରମେଶ୍ୱର
ଆମ୍ଭମାନଙ୍କ ସଙ୍ଗେ କଥା ନ କୁହନ୍ତୁ, ନହେଲେ ଆମ୍ଭେମାନେ
ମରିଯିବୁ।"

20ତହିଁରେ ମୋଶା ଲୋକମାନଙ୍କୁ କହିଲେ, "ଭୟ କର
ନାହିଁ। କାରଣ ତୁମ୍ଭମାନଙ୍କୁ ପରୀକ୍ଷା କରିବାକୁ ଓ ତୁମ୍ଭେମାନେ
ଯେମନ୍ତ ପାପ ନ କରିବ, ଏଥିପାଇଁ ଆପଣାର ଭୟାନକତା
ତୁମ୍ଭମାନଙ୍କର ଚକ୍ଷୁ ଗୋଚର କରିବାକୁ ସଦାପ୍ରଭୁ ଆସି
ଅଛନ୍ତି।"

21ଲୋକମାନେ ସେତେବେଳେ ସେହି ପବିତ୍ର ପର୍ବତଠାରୁ
ଦୂରରେ ରହିଲେ, ଯେତେବେଳେ ମୋଶା ସେହି ପର୍ବତ
ଉପରକୁ, ଘନ ମେଘ ମଧ୍ୟକୁ ପରମେଶ୍ୱରଙ୍କୁ ସାକ୍ଷାତ କରିବା
ପାଇଁ ଗଲେ। 22ସଦାପ୍ରଭୁ ମୋଶାଙ୍କୁ କହିଲେ, ଇଶ୍ରାୟେଲର
ଲୋକମାନଙ୍କୁ ଏହି କଥା କୁହ, "ଆମ୍ଭେ ସ୍ୱର୍ଗରେ ରହି
ତୁମ୍ଭମାନଙ୍କ ସହିତ କଥା କହିଥିଲୁ। ତୁମ୍ଭେମାନେ ଦେଖିଅଛ।
23ତେଣୁ ତୁମ୍ଭେମାନେ ଆମ୍ଭର ପ୍ରତିଯୋଗୀ ଅନ୍ୟ ଦେବତାଗଣ
ପ୍ରତିଷ୍ଠା କରିବ ନାହିଁ। ଆପଣାମାନଙ୍କ ପାଇଁ ରୌପ୍ୟମୂର୍ତ୍ତି କିମ୍ବା
ସ୍ୱର୍ଣ୍ଣର ମୂର୍ତ୍ତି ନିର୍ମାଣ କରିବ ନାହିଁ।

24"ତୁମ୍ଭେମାନେ ମାଟିରେ ଏକ ସ୍ୱତନ୍ତ୍ର ଯଜ୍ଞବେଦୀ ମୋ
ପାଇଁ ନିର୍ମାଣ କରିବ ଏବଂ ତୁମ୍ଭମାନଙ୍କ ମେଷ ଓ ଗୋରୁଗାଈରୁ
ସେଠାରେ ହୋମବଳି, ମଙ୍ଗଳାର୍ଥକ ବଳି ଉତ୍ସର୍ଗ କର। ମୁଁ
ତୁମ୍ଭମାନଙ୍କୁ ସବୁଠାରେ ଆଶୀର୍ବାଦ କରିବା ପାଇଁ ଆସିବି
ଯେଉଁଠାରେ ତୁମ୍ଭେମାନେ ମୋତେ ସ୍ମରଣ କରିବ। 25ଯେବେ
ତୁମ୍ଭେ ଆମ୍ଭ ନିମନ୍ତେ ପ୍ରସ୍ତରବେଦୀ ନିର୍ମାଣ କରିବ, ତେବେ
ଖୋଦିତ ପ୍ରସ୍ତରରେ ତାହା ନିର୍ମାଣ କରିବ ନାହିଁ। କାରଣ
ତହିଁ ଉପରେ ଆପଣା ଅସ୍ତ୍ର ଉଠାଇଲେ, ତାହା ଅପବିତ୍ର
ହେବ। ଏହା ଆଉ ଗ୍ରହଣ ଯୋଗ୍ୟ ହେବ ନାହିଁ। 26ଆଉ
ତୁମ୍ଭର ଉଲଗ୍ନତା ଆମ୍ଭ ବେଦୀ ଉପରେ ଯେମନ୍ତ ଅନାବୃତ୍ତ ନ
ହୁଏ, ଏଥିପାଇଁ ତୁମ୍ଭେ ପାବଚ୍ଛ ଦେଇ ଆମ୍ଭ ଯଜ୍ଞବେଦୀ
ଉପରକୁ ଉଠିବ ନାହିଁ।"

### ଅନ୍ୟାନ୍ୟ ବ୍ୟବସ୍ଥା ଓ ଆଜ୍ଞା

21 ଏହାପରେ ପରମେଶ୍ୱର ମୋଶାଙ୍କୁ କହିଲେ, "ଏଗୁଡ଼ିକ
ହେଉଛି ଅନ୍ୟାନ୍ୟ ବ୍ୟବସ୍ଥା ତୁମ୍ଭେ ଲୋକମାନଙ୍କୁ
ଜଣାଇବ।

2"ଯଦି ତୁମ୍ଭେ ଜଣେ ଏବ୍ରୀୟ କ୍ରୀତଦାସ ନିଅ, ତେବେ
ସେ ଛଅ ବର୍ଷ ତୁମ୍ଭର ସେବା କରିବ। ସପ୍ତମ ବର୍ଷରେ ସେ
ମୁକ୍ତ ହୋଇଯିବ। ତାକୁ ଆଉ କିଛି ମୂଲ୍ୟ ଦେବାକୁ ପଡ଼ିବ
ନାହିଁ। 3ଯଦି ସେହି ଲୋକ ଜଣଙ୍କ ବିବାହିତ ନ ହୋଇଥାଏ,
ତେବେ ସେ ଏକାକୀ ଯିବ ଓ ଯଦି ସେ ବିବାହିତ
ହୋଇଥାଏ ତେବେ ସେ ମୁକ୍ତ ହେବା ସମୟରେ ତା'ର ସ୍ତ୍ରୀକୁ
ସାଙ୍ଗରେ ନେଇଯିବ। 4ଯଦି ତା'ର ମୁନିବ ତାକୁ ବିବାହ କରି
ଦେଇଥାଏ, ଯଦି ସେହି ସ୍ତ୍ରୀଠାରୁ ପୁତ୍ରକନ୍ୟା ଜନ୍ମ ହୋଇଥାଏ,
ତେବେ ତା'ର ସ୍ତ୍ରୀ ଓ ପୁତ୍ର କନ୍ୟା ଉପରେ ଅଧିକାର
ରହିବ। ଏବଂ ଛଅ ବର୍ଷପରେ ତାକୁ ମୁକ୍ତ କରାଯିବ।

5"ମାତ୍ର ଏପରି ହୋଇପାରେ ଯେ ସେ ଦାସ କହିପାରେ
ମୁଁ ମୋର ମୁନିବ ନିକଟରେ ରହିବି। ଯଦି ସେ କହେ, 'ମୁଁ
ମୋର ମୁନିବକୁ ଭଲ ପାଏ, ମୁଁ ମୋର ସ୍ତ୍ରୀ, ପୁତ୍ରକନ୍ୟାକୁ
ପ୍ରେମ କରେ, ମୁଁ ମୁକ୍ତ ହେବାକୁ ଚାହୁଁ ନାହିଁ, ମୁଁ ଏଠାରେ
ରହିବି।' 6ଯଦି ଏପରି ଘଟେ, ତେବେ ତା'ର ମୁନିବ ତାଙ୍କୁ
ପରମେଶ୍ୱରଙ୍କ ସମ୍ମୁଖକୁ ଆଣିବ, ତା'ର ମୁନିବ ତାକୁ କବାଟ
ବା ବାଜୁବନ୍ଧ ନିକଟକୁ ଆଣି ବିନ୍ଧାଣୀରେ ତା'ର କାନ ବିନ୍ଧିବ,
ତହିଁରେ ସେ ସଦାକାଳ ତା'ର ସେବା କରିବ।

7"ଜଣେ ଲୋକ ତା'ର କନ୍ୟାକୁ ଦାସୀଭାବେ ବିକ୍ରୟ
କରିପାରିବ, ଯଦି ଏପରି ହୁଏ, ଅନ୍ୟ ଦାସମାନେ ମୁକ୍ତ
ହେଲାପରି ସେ ମୁକ୍ତ ହୋଇପାରିବ ନାହିଁ। 8ଯଦି ତା'ର
ମୁନିବ ତା'ଉପରେ ସନ୍ତୁଷ୍ଟ ନୁହେଁ, ତେବେ ତା'ର ବିବାହ
ଠିକ୍ କରି ନପାରେ, ତେବେ ତାକୁ ପୁନର୍ବାର ତା'ର ପିତାକୁ
ବିକ୍ରୟ କରିଦେଇ ପାରେ। ତାକୁ କୌଣସି ବିଦେଶୀକୁ ସେ
ବିକ୍ରୟ କରିପାରିବ ନାହିଁ, କାରଣ ସେ ତାକୁ ଅବିଶ୍ୱସ୍ତ
ଭାବରେ ବ୍ୟବହାର କରିଛି। 9ଯଦି ତା'ର ମୁନିବ ତାକୁ
ତା'ର ପୁତ୍ରବଧୂ କରିବାକୁ କହିଥାଏ, ତେବେ ତାକୁ ଦାସୀ
ଭାବରେ ବିବେଚନା କରାଯାଇ ପାରିବ ନାହିଁ। ତାକୁ ତାଙ୍କର
କନ୍ୟାପରି ବ୍ୟବହାର କରାଯିବ।

10"ଯଦି ମୁନିବ ଅନ୍ୟ ଜଣେ ସ୍ତ୍ରୀକୁ ବିବାହ କରେ,
ତେବେ ସେ ପ୍ରଥମ ସ୍ତ୍ରୀକୁ କେବେ ଅସୁବିଧାରେ ପକାଇବ
ନାହିଁ। ତା'ର ବିବାହୋଚିତ କର୍ତ୍ତବ୍ୟ ଯଥା: ଖାଦ୍ୟ, ବସ୍ତ୍ର ଓ
ଶାରୀରିକ ସମ୍ପର୍କରୁ ବଞ୍ଚିତ କରିବ ନାହିଁ। 11ସେହି ଲୋକ
ଏହିସବୁ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍। ଯଦି ଏଥିରେ
ସେ ତ୍ରୁଟି କରେ ତେବେ ସେହି ସ୍ତ୍ରୀ ଜଣଙ୍କ ନିଜେ
ବିନାମୂଲ୍ୟରେ ମୁକ୍ତ ହୋଇଯିବ।

12"ଯଦି ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିକୁ ଆଘାତ
କରେ ଓ ହତ୍ୟାକରେ, ତେବେ ଆଘାତ କରିଥିବା ବ୍ୟକ୍ତିକୁ
ମୃତ୍ୟୁଦଣ୍ଡ ଦିଆଯିବା ଉଚିତ୍। 13ଯଦି ସେ ତାକୁ ହତ୍ୟା
କରିବାକୁ ଚାହୁଁ ନଥିଲା କିନ୍ତୁ ପରମେଶ୍ୱର ତାକୁ ସମର୍ପଣ
କଲେ, ସେ ଯେଉଁଠାକୁ ଗଲେ ସେମାନେ ତାକୁ ଉପଯୁକ୍ତ
ଜାଗା ଦେବେ। 14କିନ୍ତୁ ଯଦି ଜଣେ ବ୍ୟକ୍ତି ଇଚ୍ଛା କରି କିମ୍ବା
ରାଗରେ ଅନ୍ୟଜଣକୁ ହତ୍ୟା କରେ, ତେବେ ହତ୍ୟାକାରୀ
ନିଶ୍ଚିତ ମୃତ୍ୟୁଦଣ୍ଡ ପାଇବ। ତାକୁ ମୋର ଯଜ୍ଞବେଦୀ ପାଖରୁ
ନେଇଯାଅ ଓ ହତ୍ୟା କର।

15"ଯଦି କୌଣସି ଲୋକ ତା'ର ପିତା କିମ୍ବା ମାତାକୁ
ଆଘାତ କରେ ତେବେ ତାକୁ ମୃତ୍ୟୁଦଣ୍ଡ ଦିଆଯିବ।

16"ଯଦି ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିକୁ ଅପହରଣ
କରି ବିକ୍ରୟ କରେ କିମ୍ବା ଦାସ ଭାବରେ ରଖେ, ତେବେ
ତାକୁ ମୃତ୍ୟୁଦଣ୍ଡ ଦିଆଯିବା ଉଚିତ୍।

17"ଯଦ କେହ ତା'ର ପିତାମାତାଙ୍କୁ ଅଭିଶାପ ଦଏ
ତେବେ ତା'ର ମୃତ୍ୟୁଦଣ୍ଡ ହେବ।

18"ଯଦ ଦୁଇଲୋକ ମଧ୍ୟରେ ବବାଦ ଉପୁଜିବାରୁ କେହ
ଅନ୍ୟକୁ ପଥରରେ ଆଘାତ କରେ ବା ହସ୍ତରେ ଆଘାତ
କରେ ଏବଂ ସେ ଆଘାତପ୍ରାପ୍ତ ଲୋକ ନ ମରେ ତେବେ
ମାରଥିବା ଲୋକକୁ ମୃତ୍ୟୁଦଣ୍ଡ ଦଆଯିବ ନାହିଁ। 19ଆଘାତପ୍ରାପ୍ତ
ଲୋକ ଯଦ ଶଯ୍ୟାଶାୟୀ ହୁଏ ଏବଂ ବଛଣାରୁ ଉଠିପାରେ
ଏବଂ ସେ ଆଶାବାଡ ଧର ବୁଲପାରେ। ତେବେ ଆଘାତ
ଦେଇଥିବା ଲୋକ ତା'ର କ୍ଷତି ଭରଣା କରବ ଏବଂ ସେ
ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ତା'ର ସହାୟତା କରବ।

20"ବେଳେ ବେଳେ ମୁନବ ତା'ର ଦାସୀକୁ କମ୍ବା ଦାସକୁ
ମାଡ ମାରେ, ଯଦ ଆଘାତପ୍ରାପ୍ତ ହୋଇ ଦାସଟି ମରଯାଏ,
ତେବେ ତା'ର ମୁନବକୁ ମୃତ୍ୟୁଦଣ୍ଡ ଦଆଯିବା ଉଚତ୍। 21ଯଦ
ସେହ ଦାସ ମାଡହେବା ଦନଠାରୁ ଦନେ ବା ଦୁଇଦନ ବଞ୍ଚେ,
ତେବେ ତାକୁ ଆଉ ଦଣ୍ଡ ଦଆଯିବ ନାହିଁ। କାହିଁକି? କାରଣ,
ମୁନବ ତାକୁ ପଇସା ବନମୟରେ କ୍ରୟ କରଥାଏ ଏବଂ
ଦାସଟି ତା'ର ସମ୍ପୂର୍ଣ୍ଣ ନଜର ହୋଇଥାଏ।

22"ଆଉ ପୁରୁଷମାନେ ପରସ୍ପର ବବାଦ କରୁ କରୁ
କୌଣସି ଗର୍ଭବତୀ ସ୍ତ୍ରୀକୁ ପ୍ରହାର କଲେ, ଯେବେ ତା'ର
ଗର୍ଭପାତ ହୁଏ ମାତ୍ର ପରେ ତା'ର ଯଦ କ୍ଷତି ନ ଘଟେ,
ତେବେ ସେହ ସ୍ତ୍ରୀର ସ୍ୱାମୀ ଯେଉଁରୂପେ ଦାବ କରବ ସେହ
ଅନୁସାରେ ତାକୁ ଅବଶ୍ୟ ଅର୍ଥଦଣ୍ଡ ହେବ। ପୁଣି ସେ
ବଚାରକର୍ତ୍ତାମାନଙ୍କ ନର୍ଦ୍ଧାରଣ ଅନୁସାରେ ଦେବ। 23ଯଦ
ଜଣେ ବ୍ୟକ୍ତ ଜୋରରେ ଆଘାତ ପ୍ରାପ୍ତ ହୁଏ, ତେବେ
ଆଘାତକାରୀ ଜୀବନ ବଦଳରେ ଜୀବନ ଦେବ। 24ଚକ୍ଷୁ
ପରଶୋଧରେ ଚକ୍ଷୁ, ହାତ ପରଶୋଧରେ ହାତ, ପାଦ
ପରଶୋଧରେ ପାଦ, 25ବାହୁ ପରଶୋଧରେ ବାହୁ, କ୍ଷତ
ପରଶୋଧରେ କ୍ଷତ, ଦାଗ ପରଶୋଧରେ ଦାଗ ଦଣ୍ଡ
ଦଆଯିବ।

26"ଯଦ କେହ ତା'ର ଦାସ କମ୍ବା ଦାସୀକୁ ଆଘାତ
କରବା ସମୟରେ ତା'ର ଚକ୍ଷୁ ନଷ୍ଟ ହୋଇଯାଏ ତେବେ
ତାକୁ ମୁକ୍ତ କର ଦଆଯିବ। 27ଯଦ କେହ ମୁନବ ତା'ର
ଦାସର ମୁହଁରେ ଆଘାତ କରେ ଓ ସେ ଯଦ ତା'ର ଦାନ୍ତ
ହରାଏ ତେବେ ତା'ର ଦାନ୍ତପାଇଁ ତାକୁ ମୁକ୍ତ କର ଦଆଯିବ।

28"ଯଦ କୌଣସି ଲୋକର ବଳଦ କାହାରକୁ ମାରଦଏ,
ତେବେ ତା'ର ମୁନବ ଦୋଷୀ ହେବନାହିଁ କନ୍ତୁ ସେହ
ବଳଦକୁ ପଥର ଦ୍ୱାରା ମରାଯିବ ଓ ତା'ର ମାଂସ ଖିଆଯିବ
ନାହିଁ। 29ଯଦ ଆଗରୁ ପ୍ରମାଣ ଥାଏ ଯେ ସେହ ବଳଦ
ଆଗରୁ କାହାରକୁ ମାରଛ, କନ୍ତୁ ତା'ର ମୁନବ ତାକୁ ବାନ୍ଧି
ରଖିନାହିଁ, ଯଦ ସେ କାହାରକୁ ହତ୍ୟା କରେ ତେବେ ତା'ର
ମୁନବକୁ ମଧ ହତ୍ୟା କରାଯିବ। 30ଯଦ ବଚାରକର୍ତ୍ତାଙ୍କ ନଷ୍ପତ୍ତି
ଅନୁସାରେ ସେ ଅର୍ଥ ପୈଠ କରେ ଏବଂ ମୃତ ଲୋକର
କେହ ଆତ୍ମୀୟ ସେହ ଅର୍ଥକୁ ଗ୍ରହଣ କରେ ତେବେ ଆଉ
ତାକୁ ମୃତ୍ୟୁ ଦଣ୍ଡ ଦଆଯିବ ନାହିଁ।

31"ଏହ ନୟମ ମଧ ବଳଦ ମାର ଦେଇଥିବା ପୁତ୍ର,
କନ୍ୟା ଏବଂ ଲୋକଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହେବ। 32କନ୍ତୁ
ଯଦ ବଳଦ ଯେବେ କାହାର ଦାସ କ ଦାସୀକୁ ଆଘାତ
କରେ, ତେବେ ସେ ତା'ର ପ୍ରଭୁକୁ ତରିଶ ସେକେଲ ରୁପା
ଦେବ। ଆଉ ବଳଦକୁ ପ୍ରସ୍ତର ଦ୍ୱାରା ହତ୍ୟା କରାଯିବ।

33"ଯଦ ଜଣେ ବ୍ୟକ୍ତ ଖୋଲାଥିବା କୂଅ ବା ଗାତ
ଖୋଲା ରଖିଥାଏ ଏବଂ ଯଦ ତା ଭିତରେ ଏକ ବଳଦ କମ୍ବା
ଏକ ଗଧ ପଡ଼ିଯାଏ ତେବେ ଯେଉଁ ଲୋକ ତାକୁ ଖୋଲାଥିବ
ସେ ଦୋଷୀ ଭାବେ ଗଣାଯିବ। 34ସେହ ଲୋକ ଜଣକ
ସେହ ପଶୁ ପାଇଁ ଅର୍ଥ ଦେବାକୁ ପଡ଼ିବ। ଯଦ ସେ ଅର୍ଥ
ପୈଠ କରେ, ସେହ ପଶୁ ପାଇଁ, ତେବେ ସେ ତା'ର ମୃତ
ଦେହକୁ ରଖିବା ପାଇଁ ଅନୁମତି ଦେବ।

35"ଯଦ କୌଣସି ଲୋକର ବଳଦ କାହାର ବଳଦକୁ
ହତ୍ୟା କରେ, ତେବେ ସେମାନେ ସେହ ଜୀବତ ଗୋରୁକୁ
ବକ୍ରୟ କର ଦୁଇଭାଗ କରବେ ଏବଂ ମୃତ ଗୋରୁକୁ ମଧ
ଦୁଇଭାଗ କର ନେବେ। 36ମାତ୍ର ତା'ର ଗୋରୁ ପୂର୍ବରୁ
ବନ୍ଧୁଥିବା ଜାଣି ଯଦ ତା'ର ମୁନବ ତାକୁ ବାନ୍ଧି ନ ରଖେ,
ତେବେ ସେ ଗୋରୁ ପରଶୋଧରେ ଗୋରୁ ନେବ ମାତ୍ର ମୃତ
ଗୋରୁ ତା'ର ନଜର ହେବ।

22 "ଜଣେ ବ୍ୟକ୍ତ ପାଇଁ କ'ଣ ଦଣ୍ଡ ଅଛ ଯିଏ ଗୋରୁ
କମ୍ବା ମେଷ ଚୋର କରେ, ଯଦ ସେ ତାକୁ ହତ୍ୟା
କରେ କମ୍ବା ବକ୍ରୀ କରେ। ସେ ଏହାକୁ ଫେରାଇ ପାରବ
ନାହିଁ। ତେଣୁ ସେ ଏକ ଗୋରୁ ବଦଳରେ ପାଞ୍ଚଟି ଗୋରୁ,
ଏବଂ ଏକ ମେଷ ବଦଳରେ ଚାରୋଟି ମେଷ ଦେବ।

2ଯଦ ଏକଚୋର ଚୋର କରବା ସମୟରେ ରାତ୍ରିରେ
ମରଯାଏ, ତେବେ ତା'ର ମୃତ୍ୟୁ ପାଇଁ କେହ ଦାୟୀ ହେବେ
ନାହିଁ। 3ଯଦ ଏପର ଦନରେ ଘଟିଥାଏ ତେବେ ହତ୍ୟା
କରଥିବା ବ୍ୟକ୍ତ ଦୋଷୀ ସାବ୍ୟସ୍ତ ହେବ।

"ଯଦ ଜଣେ ଲୋକ ଚୋର କରୁଥିବା ସମୟରେ
ଧରାପଡେ, ସେ ନଶ୍ଚୟ ଫେରାଇଦେବ, ଯାହା ଚୋର
କରଥିଲା। ଏବଂ ଯଦ ସେହ ଲୋକର ନଜର କଛ ନଥାଏ,
ତେବେ ତାକୁ କ୍ରୀତଦାସ ରୂପେ ବକ୍ରୀ କରାଯିବ

4ଯଦ ଚୋର ହୋଇଥିବା ପଶୁଟି ସେହ ଲୋକ ପାଖରେ
ମିଳେ, ଏହା ବଳଦ ହେଉ, ଗଧ କମ୍ବା ମେଷ ହେଉ, ସେ
ଚୋର କରଥିବା ଜନଷର ଦୁଇଗୁଣା ଦେବ।

5"ଯଦ କୌଣସି ବ୍ୟକ୍ତ ଅନ୍ୟ ଜଣେ ଲୋକର ଦ୍ରାକ୍ଷା
କ୍ଷେତ୍ରରେ ପଶୁ ଚରାଏ ତେବେ ସେ ଲୋକ ତା'ର ଉତ୍ତମ
କ୍ଷେତର ଫସଲ ଉକ୍ତ ଲୋକକୁ ଦେବ।

6"ଯଦ କୌଣସି ଲୋକ କଣ୍ଟକବନରେ ଅଗ୍ନି ସଂଯୋଗ
କରେ ଓ ସେହ ଅଗ୍ନିରେ ଯଦ କାହାର କ୍ଷେତର ଫସଲ ବା
ଶସ୍ୟଗଦା କମ୍ବା କ୍ଷେତଟି ପୋଡ ନଷ୍ଟ ହୁଏ ତେବେ ସେହ
ଲୋକକୁ ଉକ୍ତ କ୍ଷତିର ଭରଣା କରବାକୁ ହେବ।

7"ଆଉ କେହ ଆପଣା ପଡ଼ୋଶୀ ନକଟରେ ମୁଦ୍ରା ଅବା
ଆଉ କୌଣସି ଦ୍ରବ୍ୟ ରଖିବା ପାଇଁ ସମର୍ପଣ କଲେ ତାହା
ଯେବେ କେହ ସେହ ଲୋକର ଗୃହରୁ ଚୋରକରେ ଓ
ସେହ ଚୋର ଧରାପଡ଼େ, ତେବେ ସେ ତା'ର ଦୁଇଗୁଣ
ଦେବ। 8କନ୍ତୁ ଯଦ ଚୋର ଧରା ନ ପଡ଼େ, ତେବେ
ଗୃହସ୍ୱାମୀ ପ୍ରତିବେଶୀର ଦ୍ରବ୍ୟରେ ହସ୍ତ ଦେଇ ଅଛ କ ନାହିଁ,
ଏହା ଜଣାଯିବା ନମନ୍ତେ ସେ ପରମେଶ୍ୱରଙ୍କ ସାକ୍ଷାତରେ
ଉପସ୍ଥିତ ହେବ।

9"ପୁଣି ସର୍ବପ୍ରକାର ଅଧର୍ମ ବଷୟ୍ରେ, ଅର୍ଥାତ୍ ଗୋରୁ କ
ଗଧ, ମେଷ କଅବା ବସ୍ତ୍ର ଯେକୌଣସି ହଜିଲା ଦ୍ରବ୍ୟ
ବଷୟ୍ରେ ଯେବେ କେହ କହେ, 'ଏହା ସେହ ଦ୍ରବ୍ୟ' ଏବଂ
ଅନ୍ୟ ଜଣେ କହବ, 'ନା ଏହା ତାହା ନୁହେଁ' ତେବେ
ଉଭୟ୍ ପକ୍ଷଙ୍କ କଥା ପରମେଶ୍ୱରଙ୍କ ସାକ୍ଷାତରେ ଉପସ୍ଥିତ
ହେବ, ତହିଁରେ ପରମେଶ୍ୱର ଯାହାକୁ ଦୋଷୀ ବଚାର କରବେ
ସେ ଆପଣା ପଡ଼ୋଶୀକୁ ଦୁଇଗୁଣ ଦେବ।
10"କୌଣସି ଲୋକ ଯଦ ଅନ୍ୟ କାହାର ଗଧ କ
ଗୋରୁ, କ ମେଷ, କଅବା କୌଣସି ପଶୁ ପ୍ରତିପାଳନାର୍ଥେ
ରଖିଥାଏ, ଯଦ ଅଦେଖାରେ ସେ ପଶୁ ମରେ କମ୍ବା ଅଙ୍ଗହାନ
ହୁଏ କମ୍ବା ତଡ ଦଆଯାଏ, 11ତେବେ ସେ ପ୍ରତିବେଶୀର
ଦ୍ରବ୍ୟରେ ହସ୍ତ ଦେଇଅଛ କ ନାହିଁ, ଏ ବଷୟ୍ରେ ଉଭୟ୍ଙ୍କ
ମଧ୍ୟରେ ସଦାପ୍ରଭୁଙ୍କର ଶପଥ ହେବ। ପଶୁର ମାଲକ ସେହ
ଶପଥ ଗ୍ରହଣ କରବ। ପୁଣି ସେ ପରଶୋଧ କରବ ନାହିଁ।
12ମାତ୍ର ଯେବେ ତାହା ନକଟରୁ ଚୋର ଯାଏ, ତେବେ ସେ
ତା'ର ମୁନବକୁ ତାହାର ମୂଲ୍ୟ ଦେବ। 13ଯଦ କୌଣସି
ବନ୍ୟ ଜନ୍ତୁ ତାକୁ ହତ୍ୟା କରେ ତେବେ ତାହା ଯଦ ସେ
ପ୍ରମାଣ କରେ ତେବେ ତାକୁ ସେହ ପଶୁର ମୂଲ୍ୟ ଦେବାକୁ
ପଡ଼ବ ନାହିଁ।
14"କୌଣସି ଲୋକ ଯଦ ତା'ର ପଡ଼ୋଶୀଠାରୁ କଛ
ଧାର ଆଣିଥାଏ ତେବେ ସେ ସେହ ଜନଷ ପାଇଁ ଦାୟୀ
ରହବ। ଯଦ ଗୋଟିଏ ପଶୁ ଆଘାତ ପାଏ ଯଦ ଏ ପଶୁ
ମରଯାଏ, ତେବେ ତା'ର ପଡ଼ୋଶୀକୁ ତା'ର ପଶୁ ମୁନବକୁ
ତା'ର ମୂଲ୍ୟ ଦେବାକୁ ପଡ଼ବ। ଏଥିପାଇଁ ତା'ର ପଡ଼ୋଶୀ
ସଂପୂର୍ଣ୍ଣ ରୂପେ ଦାୟୀ ରହବ। କାରଣ ତା'ର ମୁନବ
ସେଠାରେ ନ ଥାଏ। 15କନ୍ତୁ ଯଦ ପଶୁ ନକଟରେ ତା'ର
ମୁନବ ଥାଏ, ତେବେ ତା'ର ପଡ଼ୋଶୀକୁ କଛ ଦେବାକୁ
ପଡ଼ବ ନାହିଁ। କମ୍ବା ଯଦ ତା'ର ପଡ଼ୋଶୀ ସେହ ପଶୁକୁ
ବ୍ୟବାହାର କର ପଇସା ଦେଉଥାଏ, ତେବେ ତାକୁ ପଇସା
ଦେବାକୁ ପଡ଼ବ ନାହିଁ। ଯେବେ ସେହ ପଶୁଟି ମରଯାଏ,
ବ୍ୟବହାର ସମୟ୍ରେ ଯେତିକ ଅର୍ଥ ଦେଇଥିବ ତାହା
ଯଥେଷ୍ଟ।
16"ଯଦ କୌଣସି ଲୋକର କୌଣସି ଅବବାହତ ଯୁବତୀ
ସହ ଯୌନ ସଂପର୍କ ଥାଏ, ତେବେ ସେ ତାକୁ ବବାହ
କରବାକୁ ବାଧ୍ୟ। ଏବଂ ତାକୁ ମଧ୍ୟ ସେ ଝିଅର ପିତାକୁ
ଯୌତୁକ ଦେବାକୁ ପଡ଼ବ। 17ଯଦ ତାଙ୍କର ପିତା ଦୁହିଁଙ୍କୁ
ବବାହ ଦେବାକୁ ମନା କରେ ତଥାପି ମଧ୍ୟ ସେହ ଯୁବକକୁ
ଅର୍ଥ ଦେବାକୁ ପଡ଼ବ। ସେ ତାଙ୍କୁ ସଂପୂର୍ଣ୍ଣ ଅର୍ଥ ଦେବାକୁ
ପଡ଼ବ।
18"ତୁମ୍ଭେ ନଶ୍ଚିତ କୌଣସି ସ୍ତ୍ରୀ ଲୋକକୁ ଖରାପ
ଯାଦୁବଦ୍ୟା ଅଭ୍ୟାସ କରବା ପାଇଁ ଅନୁମତି ଦେବା ଉଚତ୍
ନୁହଁ। ଯଦ କଏ ଏପର କରେ ତେବେ ତାକୁ ଜୀବତ ରଖିବ
ନାହିଁ।
19"କୌଣସି ଲୋକକୁ ପଶୁ ସହତ ଯୌନ ସଂପର୍କ
ରଖିବାକୁ ଦେବ ନାହିଁ। ଯଦ ଏପର କେହ କରେ, ତେବେ
ତାକୁ ମୃତ୍ୟୁ ଦଣ୍ଡ ଦେବ।
20"ଯଦ କେହ ଲୋକ ସଦାପ୍ରଭୁଙ୍କ ବନା ଅନ୍ୟ କୌଣସି
ଦେବତାଙ୍କୁ ବଳଦାନ ଉତ୍ସର୍ଗ କରେ ତେବେ ସେ ବର୍ଜ୍ଜନୀୟ୍
ହୋଇ ବନଷ୍ଟ ହେବ।
21"ମନେରଖ, ଅତୀତରେ ତୁମ୍ଭେମାନେ ମିଶରରେ ବଦେଶୀ
ରୂପେ ଥିଲ। ତେଣୁ ତୁମ୍ଭ ଦେଶରେ କୌଣସି ବଦେଶୀକୁ
ଠକବ ନାହିଁ, କମ୍ବା ଆଘାତ କରବ ନାହିଁ।
22"କୌଣସି ବଧବା କମ୍ବା ପିତାମାତାହୀନ ସନ୍ତାନଙ୍କର
କୌଣସି କ୍ଷତି କରବ ନାହିଁ। 23ଯଦ ତୁମ୍ଭେ କେହ ଅସହାୟ୍
ବଧବା କମ୍ବା ପିତାମାତାହୀନ ଅନାଥଙ୍କର କଛ ଅନଷ୍ଟ କର
ତେବେ ମୁଁ ତାଙ୍କର ଦୁଃଖ ଶୁଣିବ। 24ଏବଂ ଏଥିରେ ଅଧିକ
କ୍ରୋଧିତ ହେବ। ମୁଁ ତାକୁ ଏକ ଖଡ୍ଗରେ ହତ୍ୟା କରବ।
ଏହାପରେ ତୁମ୍ଭର ସ୍ତ୍ରୀ ବଧବା ହେବ ଏବଂ ତୁମ୍ଭର ପିଲାମାନେ
ଅନାଥ ହେବେ।
25"ଯଦ ତୁମ୍ଭେ ଗରବ ଲୋକକୁ ଧାର ଦଅ, ଯିଏକ
ମୋର ଲୋକ ତୁମ୍ଭେ ତା ନକଟରୁ ସୁଧ ନେବ ନାହିଁ।
ମହାଜନ ପର ବ୍ୟବହାର କର ନାହିଁ। 26ଯେବେ ତୁମ୍ଭେ
ଆପଣା ପଡ଼ୋଶୀର ବସ୍ତ୍ର ବନ୍ଧକ ରଖିବ ତେବେ ତାହା
ସୂର୍ଯ୍ୟାସ୍ତ ପୂର୍ବରୁ ଫେରାଇ ଦେବ। 27ଯଦ ସେ ଲୋକର
ଶରୀରକୁ ଆଚ୍ଛାଦନ କରବା ପାଇଁ କୌଣସି ବସ୍ତ୍ର ନଥାଏ,
ତେବେ ସେ କେଉଁଥିରେ ଶୋଇବ? ଏବଂ ସେ ଯଦ ମୋତେ
ଦୁଃଖରେ ଡ଼ାକେ, ତେବେ ମୁଁ ତା'ର କଥା ଶୁଣିବ କାରଣ
ମୁଁ ଦୟାଳୁ।
28"ତୁମ୍ଭେ କୌଣସି ଅବଜ୍ଞା କରବ ନାହିଁ ଆପଣା
ପରମେଶ୍ୱରଙ୍କୁ। ଏବଂ ତୁମ୍ଭର କୌଣସି ଅଧ୍ୟକ୍ଷ୍ୟଙ୍କୁ ଶାପ ଦେବ
ନାହିଁ। 29ଶସ୍ୟ ଅମଳ ସମୟ୍ରେ ତୁମ୍ଭର ପ୍ରଥମ ଶସ୍ୟ ଏବଂ
ପ୍ରଥମ ଫଳର ରସ ଦେବାରେ କୌଣସି ବଳମ୍ବ କରବ
ନାହିଁ।
ଏବଂ "ତୁମ୍ଭର ପ୍ରଥମଜାତ ସନ୍ତାନ ମୋତେ ଉତ୍ସର୍ଗ
କରବ। 30ତୁମ୍ଭମାନଙ୍କର ମେଷ, ଗୋବତ୍ସା ଇତ୍ୟାଦ ତାଙ୍କର
ପ୍ରଥମଜାତ ସନ୍ତାନମାନଙ୍କୁ ତାଙ୍କର ମା ପାଖରେ ସାତଦନ
ରଖି ଅଷ୍ଟମ ଦନରେ ମୋଠାରେ ଉତ୍ସର୍ଗ କରବ।
31"ତୁମ୍ଭେମାନେ ମୋର ବଶେଷ ଲୋକ। ତେଣୁ ତୁମ୍ଭେ
କୌଣସି ପଶୁମାନଙ୍କ ଦ୍ୱାରା ମରଥିବା ପଶୁକୁ ଖାଇବ ନାହିଁ।
କୁକୁରମାନଙ୍କୁ ତା'ର ମାଂସ ଖାଇବାକୁ ଦେବ।

23 "ଅନ୍ୟ ଲୋକମାନଙ୍କ ବଷୟ୍ରେ ମିଥ୍ୟା କୁହ ନାହିଁ।
କାହାର ପାଇଁ ମିଥ୍ୟା ସାକ୍ଷୀ ଦେଇ, ତାକୁ ଅସୁବଧାରେ
ପକାଇବାକୁ ଦୁଷ୍ଟ ଲୋକମାନଙ୍କ ସହତ ଷଡଯନ୍ତ୍ର କର ନାହିଁ।
2"ତୁମ୍ଭେ ଲୋକ ଗହଳ ସହତ ଯୋଗ ଦେବା ଉଚତ୍
ନୁହଁ ଏବଂ ନ୍ୟାୟ୍କୁ ଭ୍ରଷ୍ଟ କରବା ଉଚତ୍ ନୁହଁ, ଯେତେବେଳେ
ତୁମ୍ଭେ ନ୍ୟାୟାଳୟ୍ରେ ସାକ୍ଷ୍ୟ ଦଅ।
3"ସେ ଗରବ ବୋଲ ନ୍ୟାୟାଳୟ୍ରେ ତାକୁ ବଶେଷ
ଅନୁକମ୍ପା ଦେଖାଅ ନାହିଁ।
4"ଯଦ ତୁମ୍ଭେ ପଥହରା ଗୋରୁ କମ୍ବା ଗଧ ଦେଖ,
ତେବେ ତାକୁ ତା'ର ମୁନବକୁ ଫେରାଇ ଦଅ, ଯଦ ସେ
ତୁମ୍ଭର ଶତ୍ରୁ ବ ହୋଇଥାଏ।
5"ତୁମ୍ଭେ ଆପଣା ଶତ୍ରୁର ଗଧକୁ ଭାରତଳେ ପଡଥିବାର
ଦେଖିବ, ତାକୁ ଛାଡ ଯିବାରୁ ନବୃତ୍ତ ହୁଅ। ତୁମ୍ଭେ ଅବଶ୍ୟ
ତା' ସଙ୍ଗରେ ତାକୁ ମୁକ୍ତ କରବ।

6“ଦରିଦ୍ର ବିଚାରରେ ତୁମ୍ଭେ ତା ପ୍ରତି ଅନ୍ୟାୟ କରିବ
ନାହିଁ। ତାକୁ ଅନ୍ୟ ଲୋକଙ୍କ ପରି ନ୍ୟାୟ ଦେବ।
7“କୌଣସି ଲୋକକୁ ଅଯଥା ବଦନାମ କର ନାହିଁ। ତା
ନାମରେ ମିଥ୍ୟା ଦାବି କର ନାହିଁ। କୌଣସି ନିରୀହ
ଲୋକକୁ ଅନ୍ୟାୟରେ ସେ ନ କରିଥିବା କର୍ମ ପାଇଁ ଦଣ୍ଡ
ଦିଅ ନାହିଁ। ଯଦି କୌଣସି ଲୋକ ଏକ ନିରୀହ ଲୋକକୁ
ହତ୍ୟା କରିଥାଏ ତେବେ ମୁଁ ତାକୁ କ୍ଷମା ଦେବି ନାହିଁ।
8“ଯଦି କୌଣସି ଲୋକ ତା'ର ଭୂଲ ପାଇଁ, ତାହା ସହ
ଏକମତ ହେବା ପାଇଁ ତୁମ୍ଭକୁ ଲାଞ୍ଚ ଦିଏ ତେବେ ତୁମ୍ଭେ
ତାହା ଗ୍ରହଣ କର ନାହିଁ। କାରଣ ଲାଞ୍ଚ ଲୋକମାନଙ୍କୁ ଅନ୍ଧ
କରିଥାଏ। ବିଚାରକ ସତ୍ୟତା ଦେଖିପାରେ ନାହିଁ। ଏବଂ ଲାଞ୍ଚ
ମଧ୍ୟ ଏକ ଉତ୍ତମ ଲୋକର ବ୍ୟବହାର ବଦଳାଇ ଦେଇପାରିବ।
9“ତୁମ୍ଭେ କେବେବି ବିଦେଶୀମାନଙ୍କ ପାଇଁ ଅନ୍ୟାୟ କର
ନାହିଁ। ମନେରଖ, ଏକ ସମୟରେ ମଧ୍ୟ ତୁମ୍ଭେମାନେ
ବିଦେଶୀ ଥିଲ ଯେତେବେଳେ ତୁମ୍ଭେମାନେ ମିଶରରେ ବାସ
କରୁଥିଲ।

### ବିଶେଷ ଛୁଟିଦିନ

10“ମଞ୍ଜି ବୁଣ, ଶସ୍ୟ ଅମଳ କର, ଭୂମିକୁ ଛଅ ବର୍ଷ
ପାଇଁ ଫସଲ କର। 11କିନ୍ତୁ ସପ୍ତମବର୍ଷ ଜମିରେ ଆଉ
ଫସଲ କର ନାହିଁ। ସପ୍ତମ ବର୍ଷଟି ଭୂମିକୁ ପଡ଼ିଆ ରଖ।
ଏହି ସମୟରେ ତୁମ୍ଭର କ୍ଷେତ୍ରରେ କୌଣସି ଫସଲ କର
ନାହିଁ। ଯଦି କୌଣସି ଫସଲ ହୁଏ ତେବେ ଦରିଦ୍ର ଲୋକମାନଙ୍କ
ପାଇଁ ଛାଡ଼ି ଦିଅ ଏବଂ ଅବଶିଷ୍ଟକୁ ବଣ୍ୟଜନ୍ତୁମାନଙ୍କୁ ଖାଇବାକୁ
ଛାଡ଼ିଦିଅ। ଏପରିକି ତୁମ୍ଭମାନଙ୍କର ଦ୍ରାକ୍ଷାକ୍ଷେତ୍ର ଏବଂ ଜିତବୃକ୍ଷ
ଥିବା କ୍ଷେତ ପାଇଁ ଏହିପରି କର।
12“ଛଅ ଦିନ ଧରି କାର୍ଯ୍ୟ କର ଏବଂ ସପ୍ତମ ଦିନରେ
ବିଶ୍ରାମ କର। ଏପରି ମଧ୍ୟ ତୁମ୍ଭମାନଙ୍କର ଦାସମାନଙ୍କ ପାଇଁ
ଏବଂ ବିଦେଶୀମାନଙ୍କ ପ୍ରତି ଏହିପରି କର। ଏବଂ ତୁମ୍ଭମାନଙ୍କର
ଗୋରୁ ଏବଂ ଗଧମାନଙ୍କ ପାଇଁ ମଧ୍ୟ ଏପରି କରିବ।
ସେମାନଙ୍କ ପାଇଁ ସପ୍ତମ ଦିନଟି ବିଶ୍ରାମ ଦେବ।
13“ସାବଧାନ, ତୁମ୍ଭେ ମୋର ସମସ୍ତ ବ୍ୟବସ୍ଥା ମାନିବ।
ଅନ୍ୟ ଦେବତାମାନଙ୍କୁ ପୂଜା କର ନାହିଁ, କିମ୍ବା ତାଙ୍କର ନାମ
ତୁମ୍ଭମାନଙ୍କର ମୁଖରେ ଧର ନାହିଁ।
14“ତୁମ୍ଭେମାନେ ବର୍ଷରେ ତିନିଥର ମୋ ଉଦ୍ଦେଶ୍ୟରେ
ଉତ୍ସବ କର। ସେହି ଉତ୍ସବ ଗୁଡ଼ିକରେ ତୁମ୍ଭେମାନେ ମୋର
ପବିତ୍ର ସ୍ଥାନକୁ ଆସି ଉପାସନା କର। 15“ପ୍ରଥମ ଉତ୍ସବଟି
ତାଡ଼ିଶୂନ୍ୟ ରୋଟୀର ଉତ୍ସବ। ଏହା ମୋର ଆଜ୍ଞାନୁସାରେ
ପାଳନ କରିବ। ଏହିପରି ତୁମ୍ଭେମାନେ ସାତଦିନ ଯାଏ ପାଳନ
କରିବ। ଏହି ଉତ୍ସବଟିକୁ ତୁମ୍ଭେମାନେ ଆବୀବ୍ ମାସରେ
ପାଳନ କରିବ। କାରଣ ଏହି ମାସରେ ତୁମ୍ଭେମାନେ ମିଶରରୁ
ମୁକ୍ତ ହୋଇଥିଲ। ପ୍ରତ୍ୟେକ ଲୋକ ମୋତେ ନୈବେଦ୍ୟ
ଉତ୍ସର୍ଗ କରିବେ।
16“ପ୍ରଥମ ଫସଲର ଫଳ ସଂଗ୍ରହ ଉତ୍ସବ ହେଉଛି
ଦ୍ୱିତୀୟ ଉତ୍ସବ। ତୁମ୍ଭେମାନେ ଏହାକୁ ଗ୍ରୀଷ୍ମ ସମୟର ଆରମ୍ଭରେ
ପାଳନ କରିବ।
“ଏବଂ ତୃତୀୟ ଉତ୍ସବଟି ହେଉଛି ସଂଗ୍ରହର ଉତ୍ସବ। ଏହି
ଉତ୍ସବଟି ବର୍ଷ ଶେଷରେ ଫଳ ସଂଗ୍ରହ କଲାବେଳେ ପାଳନ
କରିବ।
17“ତେଣୁ ବର୍ଷ ମଧ୍ୟରେ ତିନିଥର ସମସ୍ତ ପୁରୁଷ ପ୍ରଭୁ
ତୁମ୍ଭର ସଦାପ୍ରଭୁଙ୍କ ସାକ୍ଷାତରେ ସ୍ୱତନ୍ତ୍ର ସ୍ଥାନରେ ଉପସ୍ଥିତ
ହେବେ।
18“ଯେତେବେଳେ ତୁମ୍ଭେମାନେ ପଶୁ ହତ୍ୟା କରିବ
ତା'ର ରକ୍ତ ମୋ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବ। ତୁମ୍ଭେମାନେ
ତାଡ଼ିଯୁକ୍ତ ରୋଟୀ ମୋତେ ଉତ୍ସର୍ଗ କରିବ ନାହିଁ। ଏବଂ ତୁମ୍ଭେ
ଯେତେବେଳେ ବଳିର ମାଂସ ଖାଇବ ସେତେବେଳେ ସେହି
ମାଂସକୁ ଗୋଟିଏ ଦିନରେ ଖାଇ ଶେଷ କରିବ। ତା'ପରଦିନକୁ
ବଳକା ମାଂସ ରଖିବ ନାହିଁ।
19“ଶସ୍ୟ ଅମଳ ସମୟରେ ତୁମ୍ଭେ ଯେତେବେଳେ ଶସ୍ୟ
ସାଇତିବ ପ୍ରଥମ ଶସ୍ୟ ଆଗେ ତୁମ୍ଭର ସଦାପ୍ରଭୁ ପରମେଶ୍ୱରଙ୍କ
ଗୃହକୁ ଆଣିବ।
“ତୁମ୍ଭେ କୌଣସି ଯୁବା ଛାଗର ମାଂସକୁ ତା'ର ମାତୃ
ଦୁଗ୍ଧରେ ପାକ କରିବ ନାହିଁ।”

### ପରମେଶ୍ୱର ଇଶ୍ରାୟେଲଙ୍କୁ ଆପଣା ଜମି ନେବାକୁ ସାହାଯ୍ୟ କରିବେ

20ପରମେଶ୍ୱର କହିଲେ, “ଆମ୍ଭେ ତୁମ୍ଭ ନିକଟକୁ ସ୍ୱର୍ଗଦୂତ
ପଠାଉଛୁ ସେ ତୁମ୍ଭମାନଙ୍କୁ ଆମ୍ଭେ ପ୍ରସ୍ତୁତ କରିଥିବା ଦେଶକୁ
ନେଇଯିବ। ସେହି ସ୍ୱର୍ଗଦୂତ ତୁମ୍ଭମାନଙ୍କୁ ସୁରକ୍ଷା ଦେବ।
21ସ୍ୱର୍ଗଦୂତଙ୍କ କଥା ତୁମ୍ଭେମାନେ ମାନ ଏବଂ ତାଙ୍କୁ ଅନୁସରଣ
କର। ତାଙ୍କର ବିରୁଦ୍ଧାଚରଣ କର ନାହିଁ। କାରଣ ସେ
ତୁମ୍ଭମାନଙ୍କର ଅଧର୍ମକୁ କ୍ଷମା କରିବେ ନାହିଁ। ମୋର ଶକ୍ତି
ତାଙ୍କଠାରେ ନିହିତ ଅଛି। 22ତାଙ୍କର ପ୍ରତ୍ୟେକ କଥାକୁ ମାନ।
ସେ ତୁମ୍ଭମାନଙ୍କୁ ଯାହାସବୁ କହିବେ ତାହାସବୁ ପାଳନ କର।
ଯଦି ତୁମ୍ଭେ ତାହା ପାଳନ କର ତେବେ ଆମ୍ଭେ ତୁମ୍ଭ ସହିତ
ରହିବା। ଏବଂ ଆମ୍ଭେ ତୁମ୍ଭମାନଙ୍କର ସମସ୍ତ ଶତ୍ରୁମାନଙ୍କର
ବିରୋଧ କରିବା। ଯେଉଁମାନେ ତୁମ୍ଭକୁ ବିରୋଧ କରିବ ସେ
ଆମ୍ଭର ଶତ୍ରୁ ହେବ।”
23ପରମେଶ୍ୱର କହିଲେ, “ଆମ୍ଭର ଦୂତ ତୁମ୍ଭକୁ କ୍ଷେତ୍ର
ମଧ୍ୟ ଦେଇ ଆଗେଇ ନେବ। ସେ ତୁମ୍ଭମାନଙ୍କୁ
ଇମୋରୀୟ, ହିତ୍ତୀୟ, ପିରିଷୀୟ, କିଣାନୀୟ, ହିବ୍ବୀୟ ଓ
ଯିବୂଷୀୟମାନଙ୍କ ଦେଶକୁ ଆଣିବେ। ପୁଣି ଆମ୍ଭେ ସେମାନଙ୍କୁ
ଉଚ୍ଛିନ୍ନ କରିବା।
24“ତୁମ୍ଭେମାନେ ସେମାନଙ୍କ ଦେବତାଗଣଙ୍କୁ ପୂଜା କରିବ
ନାହିଁ। ସେମାନଙ୍କ ସମ୍ମୁଖରେ ପ୍ରଣାମ କରିବ ନାହିଁ, ସେମାନଙ୍କ
କ୍ରିୟାନୁସାରେ କ୍ରିୟା କରିବ ନାହିଁ। ମାତ୍ର ସେମାନଙ୍କୁ ସମୂଳେ
ଉତ୍ପାଟନ କରିବ। ସେମାନଙ୍କର ସ୍ତମ୍ଭସବୁ ଭାଙ୍ଗି ପକାଇବ।
25ତୁମ୍ଭେ ସର୍ବଦା ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କର ସେବା
କରିବ। ତହିଁରେ ସେ ତୁମ୍ଭମାନଙ୍କୁ ଅନ୍ନଜଳରେ ଆଶୀର୍ବାଦ
କରିବେ। ଆମ୍ଭେ ତୁମ୍ଭମାନଙ୍କ ମଧ୍ୟରୁ ରୋଗ ଦୂର କରିବା।
26ତୁମ୍ଭର ସମସ୍ତ ସ୍ତ୍ରୀଲୋକ ମାତୃତ୍ୱର ଅଧିକାରୀ ହେବେ।
କେହି ବନ୍ଧ୍ୟା ରହିବେ ନାହିଁ କି ସନ୍ତାନ ଜନ୍ମ ସମୟରେ
କୌଣସି ଶିଶୁର ମୃତ୍ୟୁ ଘଟିବ ନାହିଁ। ପୁଣି ତୁମ୍ଭେମାନେ
ଦୀର୍ଘଜୀବୀ ହେବ।

27"ଯେତେବେଳେ ତୁମ୍ଭେମାନେ ତୁମ୍ଭମାନଙ୍କର ଶତ୍ରୁମାନଙ୍କ
ସହିତ ଯୁଦ୍ଧ କରିବ ସେ ସମୟରେ ମୋର ମହାନ୍ ଶକ୍ତି
ତୁମ୍ଭମାନଙ୍କର ସହାୟ ହେବ। ତୁମ୍ଭେମାନେ ତୁମ୍ଭର ସମସ୍ତ
ଶତ୍ରୁମାନଙ୍କୁ ଯୁଦ୍ଧରେ ପରାସ୍ତ କରିବ। ଯେଉଁମାନେ ତୁମ୍ଭ
ସହିତ ଯୁଦ୍ଧ କରିବେ ସେମାନେ ଇତଃସ୍ତତ ହୋଇ ଦୌଡ଼ି
ପଳାଇବେ। 28ମୁଁ ତୁମ୍ଭ ଆଗେ ଆଗେ ବିରୁଡିମାନଙ୍କୁ ପଠାଇବି।
ସେମାନେ ହିବ୍ବୀୟ, କିଣାନୀୟ, ହିତ୍ତୀୟମାନଙ୍କୁ ତୁମ୍ଭ ଦେଶରୁ
ଘଉଡାଇ ଦେବେ। 29ମାତ୍ର ଏକ ବର୍ଷରେ ତୁମ୍ଭ ସମ୍ମୁଖରୁ
ସେମାନଙ୍କୁ ଘଉଡାଇ ଦେବି ନାହିଁ। ତାହାହେଲେ ଦେଶ
ଶୂନ୍ୟ ହୋଇଯିବ ଓ ତୁମ୍ଭ ପ୍ରତିକୂଳରେ ବନ୍ୟ ପଶୁମାନଙ୍କ
ସଂଖ୍ୟା ବୃଦ୍ଧି ପାଇବ। 30ଆମ୍ଭେ ସେମାନଙ୍କୁ ଧୀରେ ଧୀରେ
ତୁମ୍ଭ ସମ୍ମୁଖରୁ ଘଉଡାଇ ଦେବା ତୁମ୍ଭମାନଙ୍କର ବର୍ଦ୍ଧିତ ହେବା
ପର୍ଯ୍ୟନ୍ତ ଓ ଦେଶ ଅଧିକାର କରିବା ପର୍ଯ୍ୟନ୍ତ।

31"ମୁଁ ସୂଫ ସମୁଦ୍ରଠାରୁ ଫରାତ୍ ନଦୀ ପର୍ଯ୍ୟନ୍ତ ତୁମ୍ଭର
ସୀମା ନିର୍ଦ୍ଧାରଣ କରିବି। ପଲେଷ୍ଟୀୟମାନଙ୍କର ସମୁଦ୍ର ତୁମ୍ଭର
ପଶ୍ଚିମ ସୀମାରେ ଏବଂ ଆରବ ମରୁଭୂମି ପୂର୍ବ ସୀମାରେ
ରହିବ। କାରଣ ମୁଁ ସେହି ଲୋକମାନଙ୍କୁ ତୁମ୍ଭ ହସ୍ତରେ
ସମର୍ପଣ କରିବି। ଏବଂ ତୁମ୍ଭେ ଆପଣା ସମ୍ମୁଖରୁ ସେମାନଙ୍କୁ
ଘଉଡାଇ ଦେବ।

32"ତୁମ୍ଭେ ସେମାନଙ୍କ ସହିତ କିମ୍ବା ସେମାନଙ୍କ ଦେବତାଗଣ
ସହିତ କୌଣସି ଚୁକ୍ତି କରିବ ନାହିଁ। 33ସେମାନେ ତୁମ୍ଭ
ଦେଶରେ ବାସ କରିବେ ନାହିଁ। ସେମାନେ ବାସ କଲେ
ଆମ୍ଭ ବିରୁଦ୍ଧରେ ତୁମ୍ଭକୁ ପାପ କରାଇବେ। ତୁମ୍ଭେ ଯେବେ
ସେମାନଙ୍କ ଦେବତାଗଣଙ୍କୁ ପୂଜା କର, ତେବେ ତାହା ତୁମ୍ଭର
ଫାନ୍ଦ ସ୍ୱରୂପ ହେବ।"

## ପରମେଶ୍ୱର ଓ ଇଶ୍ରାୟେଲ ମଧ୍ୟରେ ଚୁକ୍ତି

24 ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭେ ହାରୋଣ
ସହିତ ନାଦବ୍, ଅବୀହୂ ଏବଂ ଇଶ୍ରାୟେଲର ସତୁରି
ଜଣ ପ୍ରାଚୀନବର୍ଗ ସଦାପ୍ରଭୁଙ୍କୁ ଉପାସନା କରିବାକୁ ପର୍ବତ
ଆରୋହଣ କରିବ। ତୁମ୍ଭେମାନେ ଦୂରରୁ ମୋତେ ଉପାସନା
କରିବ। 2କେବଳ ମୋଶା ଉପାସନା କରିବାକୁ ସଦାପ୍ରଭୁଙ୍କ
ନିକଟକୁ ଆସିବ। ଅନ୍ୟମାନେ ସଦାପ୍ରଭୁଙ୍କ ନିକଟକୁ ଆସିବେ
ନାହିଁ। ଏବଂ ଏପରିକି ଲୋକମାନେ ମଧ୍ୟ ମୋଶାଙ୍କ ସହିତ
ପର୍ବତ ଉପରକୁ ଯିବେ ନାହିଁ।"

3ମୋଶା ସଦାପ୍ରଭୁଙ୍କ ନିୟମ ଏବଂ ଆଜ୍ଞା ସେମାନଙ୍କୁ
ଜଣାଇଲେ। ଏହାପରେ ସମସ୍ତ ଲୋକ ଏକ ସ୍ୱରରେ
କହିଲେ, "ସଦାପ୍ରଭୁଙ୍କର ସମସ୍ତ ନିୟମଗୁଡିକ ଆମ୍ଭେମାନେ
ପାଳନ କରିବୁ।"

4ତେଣୁ ମୋଶା ସଦାପ୍ରଭୁଙ୍କର ସମସ୍ତ ବାକ୍ୟ ଲେଖିଲେ।
ପ୍ରଭାତରେ ଉଠି ପର୍ବତ ତଳେ ଏକ ଯଜ୍ଞବେଦୀ ଓ
ଇଶ୍ରାୟେଲର ଦ୍ୱାଦଶ ବଂଶ ନିମନ୍ତେ ଦ୍ୱାଦଶ ସ୍ତମ୍ଭ ନିର୍ମାଣ
କଲେ। 5ଏହାପରେ ମୋଶା ଇଶ୍ରାୟେଲର ଯୁବକମାନଙ୍କୁ
ବଳିଦାନ ଉତ୍ସର୍ଗ କରିବା ପାଇଁ ପଠାଇଲେ। ସେହି ଯୁବକଗଣ
ପରମେଶ୍ୱରଙ୍କ ନିକଟରେ ହୋମବଳି ଓ ମଙ୍ଗଳାର୍ଥକ ବଳି
ସ୍ୱରୂପେ ବୃଷଭମାନଙ୍କୁ ବଳିଦାନ ଦେଲେ।

6ମୋଶା ସମସ୍ତ ରକ୍ତ ସଂଗ୍ରହ କଲେ, ଏହାର ଅଧା
ପାତ୍ରରେ ରଖିଲେ ଏବଂ ଆଉ ଅର୍ଦ୍ଧେକ ରକ୍ତ ବେଦୀ ଉପରେ
ଢାଳିଲେ।

7ମୋଶା ବିଶେଷ ନିୟମ ଲେଖାଯାଇଥିବା ନଳାକାର
ପୁସ୍ତକ ନେଇ ଲୋକମାନଙ୍କ ଆଗରେ ପାଠ କଲେ। ସେମାନେ
କହିଲେ, "ସଦାପ୍ରଭୁ ଯାହାସବୁ କହିଛନ୍ତି ଆମ୍ଭେମାନେ ଏହା
କରିବୁ ଏବଂ ଆମ୍ଭେମାନେ ମାନିବୁ।"

8ଏହାପରେ ମୋଶା ସେହି ରକ୍ତ ଲୋକମାନଙ୍କ ଉପରେ
ଛିଞ୍ଚିଲେ ଏବଂ କହିଲେ, "ଏହାକୁ ଦେଖ, ଏହା ସଦାପ୍ରଭୁ ଓ
ତୁମ୍ଭମାନଙ୍କ ସହିତ ହୋଇଥିବା ନିୟମର ରକ୍ତ।"

9ମୋଶା, ହାରୋଣ, ନାଦବ୍, ଅବୀହୂ ଏବଂ ଇଶ୍ରାୟେଲର
ସତୁରି ଜଣ ପ୍ରାଚୀନବର୍ଗ ପର୍ବତ ଆରୋହଣ କଲେ 10ଏବଂ
ସେମାନେ ଇଶ୍ରାୟେଲର ପରମେଶ୍ୱରଙ୍କୁ ଦେଖିଲେ। ପର୍ବତ
ଉପରେ ତାଙ୍କ ପାଦତଳ ରାସ୍ତା ଉଜ୍ଜ୍ୱଳ ନୀଳକାନ୍ତମଣି ନିର୍ମିତ
କାର୍ଯ୍ୟ ତୁଲ୍ୟ ଓ ନିର୍ମଳତାରେ ଠିକ୍ ନୀଳ ଆକାଶ ପରି
ଥିଲା। 11ପରମେଶ୍ୱର ଇଶ୍ରାୟେଲର ନେତାଗଣଙ୍କ ବିରୁଦ୍ଧରେ
ହସ୍ତ ବିସ୍ତାର କଲେ ନାହିଁ। ସେମାନେ ସମସ୍ତେ ପରମେଶ୍ୱରଙ୍କୁ
ଦର୍ଶନ କଲେ। ଏବଂ ସେମାନେ ଭୋଜନ ଓ ପାନ କଲେ।

## ମୋଶା ପରମେଶ୍ୱରଙ୍କ ବ୍ୟବସ୍ଥା ପୁସ୍ତକ ଆଣିବାକୁ ଗଲେ

12ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ପର୍ବତ
ଉପରେ ମୋ ପାଖକୁ ଆସ। ଏଠାରେ ରୁହ। ମୁଁ ପ୍ରସ୍ତର
ଫଳକ ତୁମ୍ଭକୁ ଦେବି, ବ୍ୟବସ୍ଥା ଓ ଆଜ୍ଞା, ଯାହା ମୁଁ
ସେମାନଙ୍କୁ ଶିକ୍ଷା ଦେବାକୁ ଲେଖିଛି।"

13ଏହାପରେ ମୋଶା ଓ ତାଙ୍କର ପରିଚାରକ ଯିହୋଶୂୟ
ଉଠିଲେ, ମୋଶା ପରମେଶ୍ୱରଙ୍କର ପର୍ବତକୁ ଆରୋହଣ
କଲେ। 14ମୋଶା ପ୍ରାଚୀନବର୍ଗଙ୍କୁ କହିଲେ, "ଆମ୍ଭେମାନେ
ଯେପର୍ଯ୍ୟନ୍ତ ତୁମ୍ଭମାନଙ୍କ ନିକଟକୁ ଫେରି ନ ଆସିଛୁ ସେପର୍ଯ୍ୟନ୍ତ
ତୁମ୍ଭେମାନେ ଏହିଠାରେ ଥାଅ। ଦେଖ ହାରୋଣ ଓ ହୂର
ତୁମ୍ଭମାନଙ୍କ ନିକଟରେ ଅଛନ୍ତି। କାହାର କୌଣସି
ବିବାଦର କଥା ଉପସ୍ଥିତ ହେଲେ ସେମାନେ ତାଙ୍କର ନିକଟକୁ
ଯିବେ।"

## ମୋଶା ପରମେଶ୍ୱରଙ୍କୁ ସାକ୍ଷାତ କଲେ

15ଏହାପରେ ମୋଶା ପର୍ବତ ଉପରକୁ ଚଢିଲେ, ପୁଣି
ମେଘ ପର୍ବତକୁ ଢାଙ୍କିଲା। 16ଏଥିରେ ସୀନୟ ପର୍ବତ ଉପରେ
ସଦାପ୍ରଭୁଙ୍କ ପ୍ରତାପ ଅବସ୍ଥିତ କଲା। ଆଉ ତାହା ଛଅଦିନ
ମେଘାଚ୍ଛନ୍ନ ହୋଇ ରହିଲା। ଏହାପରେ ସଦାପ୍ରଭୁ ସପ୍ତମ ଦିନ
ମେଘ ମଧ୍ୟରୁ ମୋଶାଙ୍କୁ ଡାକିଲେ। 17ସେଠାରେ ସଦାପ୍ରଭୁଙ୍କର
ମହିମା ପର୍ବତ ଶିଖର ଉପରେ ଦେଖାଗଲା। ଇଶ୍ରାୟେଲର
ଲୋକଙ୍କୁ ଏହା ଗ୍ରାସକାରୀ ଅଗ୍ନି ପରି ଦେଖାଗଲା।

18ପୁଣି ମୋଶା ମେଘ ମଧ୍ୟରେ ପ୍ରବେଶ କରି ପର୍ବତ
ଉପରକୁ ଉଠି ଚାଳିଶ ଦିନ ସେହି ପର୍ବତ
ଉପରେ ରହିଲେ।

## ପବିତ୍ର ଜିନିଷପତ୍ର ପାଇଁ ଉପହାର

25 ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ତୁମ୍ଭେ ଇଶ୍ରାୟେଲ
ଲୋକମାନଙ୍କୁ ମୋ ନିମନ୍ତେ ଉପହାର ସଂଗ୍ରହ

କରିବାକୁ କୁହ। ପ୍ରତ୍ୟେକ ଲୋକ ତା'ର ହୃଦୟରେ ନିଷ୍ପତ୍ତି
ନେବା ଉଚିତ୍, ସେ ମୋ ପାଇଁ ଯାହା ଉପହାର ଦେବା
ଉଚିତ୍। ମୋ ପାଇଁ ସେହି ଦ୍ରବ୍ୟ ସଂଗ୍ରହ କର। 3ଏହି
ବସ୍ତୁଗୁଡ଼ିକ ତୁମ୍ଭେ ଲୋକମାନଙ୍କଠାରୁ ଗ୍ରହଣ କରିପାରିବ।
ଯଥା- ସୁନା, ରୂପା, ପିତ୍ତଳ। 4ନୀଳବର୍ଣ୍ଣ, ଧୂମବର୍ଣ୍ଣ ଓ
ସିନ୍ଦୁରବର୍ଣ୍ଣ ଓ ଶୁଭ୍ର କ୍ଷୋମସୂତ୍ର ଓ ଛାଗଲୋମ, 5ରକ୍ତୀକୃତ
ମେଷଚର୍ମ, ଶିଶୁକ ଚର୍ମ ଓ ଶିଟୀମ୍ କାଷ୍ଠ। 6ଦୀପ ନିମନ୍ତେ
ତୈଳ ପୁଣି ଅଭିଷେକାର୍ଥ ତୈଳ ଓ ସୁଗନ୍ଧି ଧୂପ ନିମନ୍ତେ
ଗନ୍ଧ ଦ୍ରବ୍ୟ। 7ଏଫୋଦ୍ ଓ ବୁକୁପଟାରେ ଏହା ଲଗାଇବା
ନିମନ୍ତେ ଗୋମେଦକମଣି ଓ ଅଳଙ୍କାରସବୁ ଗ୍ରହଣ କର।"

## ପବିତ୍ର ତମ୍ବୁ

8ପରମେଶ୍ୱର ଏହା ମଧ୍ୟ କହିଲେ, "ସେମାନେ ଆମ୍ଭ
ନିମନ୍ତେ ଗୋଟିଏ ପବିତ୍ରସ୍ଥାନ ନିର୍ମାଣ କରନ୍ତୁ"। ତହିଁରେ ମୁଁ
ସେମାନଙ୍କ ମଧ୍ୟରେ ବାସ କରିବି। 9ପବିତ୍ର ତମ୍ବୁର ଆକାର
ଓ ତହିଁର ସମସ୍ତ ପାତ୍ରର ଆକାରାଦିର। ଯେଉଁ ଆଦର୍ଶ ଆମ୍ଭେ
ତୁମ୍ଭକୁ ଦେଖାଇବା ସେହି ଅନୁସାରେ ତୁମ୍ଭେମାନେ ସବୁ
କରିବ।

## ନିୟମ-ସିନ୍ଦୁକ

10"ଶିଟୀମ କାଠର ଏକ ସିନ୍ଦୁକ ତିଆରି କର। ସେହି
ପବିତ୍ର ସିନ୍ଦୁକ ଅଢେଇ ହାତ ଲମ୍ବ, ଦେଢ ହାତ ପ୍ରସ୍ଥ ଓ
ଦେଢ ହାତ ଉଚ୍ଚ ହେବ। 11ତହିଁ ତୁମ୍ଭେ ନିର୍ମଳ ସୁବର୍ଣ୍ଣରେ
ତାହା ମଡ଼ାଇବ। ତା'ର ଭିତର ପଟ ଓ ବାହାର ପଟରେ
ମଧ୍ୟ ମଡ଼ାଇବ। ଏବଂ ତା'ଉପରେ ଚତୁର୍ଦ୍ଦିଗରେ ସ୍ୱର୍ଣ୍ଣର କାନ୍ଥ
କରିବ। 12ଏଥିନିମନ୍ତେ ଚାରି କୋଣରେ ଚାରୋଟି ସୁବର୍ଣ୍ଣର
କଡା ଲଗାଅ। ପ୍ରତ୍ୟେକ ପାଖରେ ଦୁଇଟି କଡା ଲଗାଅ।
13ଏହାକୁ ବହିବା ପାଇଁ ସାଙ୍ଗୀ ତିଆରି କର ଓ ସୁବର୍ଣ୍ଣରେ
ମଣ୍ଡିତ କର। 14ସିନ୍ଦୁକ ବହିବା ନିମନ୍ତେ ସିନ୍ଦୁକର ଦୁଇ
ପାର୍ଶ୍ୱସ୍ଥ କଡ଼ାରେ ସେହି ସାଙ୍ଗୀ ପ୍ରବେଶ କରାଇବ। 15ସେହି
ସାଙ୍ଗୀ ସିନ୍ଦୁକର କଡ଼ା ଭିତରେ ଥିବ ଏବଂ ତହିଁରୁ ନିଶ୍ଚିତ
ବାହାର କରାଯିବ ନାହିଁ।

16ପରମେଶ୍ୱର କହିଲେ, "ପୁଣି ଆମ୍ଭେ ତୁମ୍ଭକୁ ଯେଉଁ
ଚୁକ୍ତିପତ୍ର ଦେବା ତାହା ସେହି ସିନ୍ଦୁକରେ ରଖିବ। 17ଏହାପରେ
ତୁମ୍ଭେମାନେ ଶୁଦ୍ଧ ସୁବର୍ଣ୍ଣରେ ଅଢ଼େଇ ହାତ ଲମ୍ବା ଦେଢ
ହାତ ପ୍ରସ୍ଥ ଓ ଏକ ପାପାଚ୍ଛାଦନ ନିର୍ମାଣ କରିବ। 18ଏହାପରେ
ତୁମ୍ଭେମାନେ ପିଟା ସୁବର୍ଣ୍ଣରୁ ଦୁଇଟି କିରୂବ ଦୂତ କରିବ।
ଏବଂ ସେଗୁଡ଼ିକୁ ସେହି ପାପାଚ୍ଛାଦନର ଦୁଇ ମୁଣ୍ଡରେ ଦେବ।
19ଏକ ଦୂତକୁ ଗୋଟିଏ ମୁଣ୍ଡରେ ଓ ଆଉ ଗୋଟିଏକୁ ଅନ୍ୟ
ମୁଣ୍ଡରେ ସ୍ଥାପନ କର। ଦୁଇ ଦୂତଙ୍କୁ ଆଚ୍ଛାଦନ ସହିତ
ସଂଲଗ୍ନ କର। 20ସେହି ଦୂତମାନେ ନିୟମ-ସିନ୍ଦୁକକୁ
ସେମାନଙ୍କର ଡେଣା ଦ୍ୱାରା ଆଚ୍ଛାଦନ କରିବେ, ଯାହାକି
ଆକାଶ ଆଡ଼କୁ ଉଠେ। ଆଚ୍ଛାଦକ ଆଡ଼କୁ ଅନାଇ ଦୂତମାନେ
ସାମ୍ନାସାମ୍ନି ରହିବା ଉଚିତ୍।

21"ତୁମ୍ଭେ ଏହି ପାପାଚ୍ଛାଦନ ସେହି ସିନ୍ଦୁକ ଉପରେ
ରଖିବ। ପୁଣି ଆମ୍ଭେ ତୁମ୍ଭକୁ ଯେଉଁ ଚୁକ୍ତିପତ୍ର ଦେବା ତାହା
ସେହି ସିନ୍ଦୁକ ମଧ୍ୟରେ ଥୋଇବ। 22ଆଉ ମୁଁ ଯେତେବେଳେ
ତୁମ୍ଭକୁ ସାକ୍ଷାତ କରେ ଓ ପାପାଚ୍ଛାଦନର ଉପରି ଭାଗରୁ
ଅର୍ଥାତ୍ ଚୁକ୍ତି ସିନ୍ଦୁକର ଉପରିସ୍ଥ କିରୂବଦୂତଗଣ ମଧ୍ୟରୁ ତୁମ୍ଭ
ସଙ୍ଗେ ଆଳାପ କରି ଇଶ୍ରାୟେଲ ସନ୍ତାନଗଣ ବିଷୟକ ମୁଁ
ସମସ୍ତ ଆଜ୍ଞା ତୁମ୍ଭକୁ ଜଣାଇବି।

## ମେଜ

23"ଶିଟୀମ୍ କାଠରେ ଏକ ମେଜ ପ୍ରସ୍ତୁତ କର। ସେହି
ମେଜଟି ଦୁଇ ହାତ ଲମ୍ବ, ଏକ ହସ୍ତ ପ୍ରସ୍ଥ ଓ ଦେଢ ହାତ
ଉଚ୍ଚ ହେବ। 24ଏହି ମେଜକୁ ଖାଣ୍ଟି ସୁବର୍ଣ୍ଣରେ ଆଚ୍ଛାଦନ
କର ଏବଂ ତା'ର ଚତୁର୍ଦ୍ଦିଗରେ ଏକ ସୁବର୍ଣ୍ଣର ଛାଞ୍ଚ ଦିଅ।
25ଏହାପରେ ମେଜର ଚତୁଃପାର୍ଶ୍ୱରେ ଏକ ହାତ ଓସାରର
ଏକ ତକ୍ତା ତିଆରି କର ଏବଂ ଏକ ସୁବର୍ଣ୍ଣର କାନ୍ଥ ଲଗାଅ।
26ଆଉ ସୁବର୍ଣ୍ଣରେ ଚାରୋଟି କଡା କରି ଚାରି ଖୁରାର ଚାରି
କୋଣରେ ରଖିବ। 27ଏହି କଡାଗୁଡିକ ଭିତରେ ସାଙ୍ଗୀ
ମେଜ ବହନ କରିବ। ଏବଂ ସେଗୁଡିକ ଶମ୍ବ୍ର ପାଖାପାଖି
ରହିବା ଉଚିତ୍। 28ମେଜକୁ ବୋହିବା ପାଇଁ ଶିଟୀମ୍ କାଠରେ
ସାଙ୍ଗୀ ତିଆରି କରି ସେଥିରେ ସୁବର୍ଣ୍ଣ ମଡ଼ାଇ ଦିଅ।
29ଏହାର ଥାଳ, ବାଟି, ଜଗ୍ ଓ ପିଆଲା ଶୁଦ୍ଧ ସୁବର୍ଣ୍ଣରେ
ନିର୍ମାଣ କର। ଜଗ୍ ଓ ପିଆଲାଗୁଡିକ ପେୟ ନୈବେଦ୍ୟ ପାଇଁ
ବ୍ୟବହୃତ ହେବ। 30ସେହି ମେଜ ଉପରେ, ମୋ ସମ୍ମୁଖରେ
ସବୁ ସମୟରେ ଦର୍ଶନୀୟ ରୋଟୀ ରଖ।

## ଦୀପରୁଖା

31"ଏହାପରେ ତୁମ୍ଭେମାନେ ଏକ ଦୀପ ବୃକ୍ଷ ତିଆରି
କରିବ। ଏହା ନିର୍ମଳ ସୁବର୍ଣ୍ଣରେ ପିଟା କର୍ମରେ ଏହାର ଗଣ୍ଡି
ଓ ଶାଖା ନିର୍ମାଣ କର। ଆଉ ଗୋଲାଧାର ଓ କଳିକା ଓ
ପୁଷ୍ପ ତହିଁରେ ସଂଲଗ୍ନ ରହିବ।

32"ଏହି ଦୀପ ବୃକ୍ଷଟି ଛଅ ଶାଖା ବିଶିଷ୍ଟ ହେବ। ଏହାର
ଏକ ପାର୍ଶ୍ୱରୁ ତିନି ଦୀପଶାଖା ଓ ଅନ୍ୟ ପାର୍ଶ୍ୱରୁ ତିନି
ଦୀପଶାଖା ବାହାରିବ। 33ପ୍ରତି ଶାଖାରେ ତିନୋଟି ଫୁଲ
ରହିବ। ଏହି ଫୁଲଗୁଡ଼ିକ ବାଦାମ ପୁଷ୍ପାକୃତି ତିନି ଗୋଲାଧାର,
କଳିକା ଓ ପୁଷ୍ପ ରହିବ। 34ଦୀପ ବୃକ୍ଷରେ ବାଦାମ ପୁଷ୍ପାକୃତି
ଚାରି ଗୋଲାଧାର ଓ କଳିକା ପୁଷ୍ପ ରହିବ। 35ସେହି
ଦୀପବୃକ୍ଷରୁ ଯେଉଁ ଛଅ ଶାଖା ହେବ ସେମାନଙ୍କ ଏକ ଶାଖା
ଦ୍ୱୟର ଏକ କଳିକା ଓ ଅନ୍ୟ ଶାଖା ଦ୍ୱୟର ତଳେ ଏକ
କଳିକା ଓ ଅନ୍ୟତର ଶାଖା ଦ୍ୱୟର ତଳେ ଏକ କଳିକା
ରହିବ। 36ସେ ଦୀପଶାଖାଟି ସଂପୂର୍ଣ୍ଣଭାବେ ଶୁଦ୍ଧ ସୁବର୍ଣ୍ଣରେ
ନିର୍ମିତ ହେବ। ଏହି ସମସ୍ତ ସୁବର୍ଣ୍ଣ କାର୍ଯ୍ୟ ପିଟା ସୁବର୍ଣ୍ଣରେ
ହେବ। ଏବଂ ଏହା ଯୋଡାଯାଇ ଗୋଟିଏ ଖଣ୍ଡ କରାହେବ।
37ତୁମ୍ଭେମାନେ ତାହାପାଇଁ ସପ୍ତ ପ୍ରଦୀପ ନିର୍ମାଣ କରିବ।
ତହିଁରେ ଲୋକମାନେ ସେହି ପ୍ରଦୀପ ଜଳାଇଲେ ତହିଁର
ସମ୍ମୁଖରେ ଆଲୁଅ ହେବ। 38ନିର୍ମଳ ସୁବର୍ଣ୍ଣରେ ତହିଁର
ଚିମୁଟା ଓ ଅଙ୍ଗାରଧାନୀ ନିର୍ମାଣ କରିବ। 39ଏହି ଦୀପରୁଖା
ଓ ତହିଁର ସାମଗ୍ରୀ ଏକ ତାଳନ୍ତ ଶୁଦ୍ଧ ସୁବର୍ଣ୍ଣରେ ତିଆରି
ହେବା ଉଚିତ୍। 40ନିଶ୍ଚିତ ହୁଅ ଯେ, ନିର୍ଦ୍ଦେଶ ମୁତାବକ
ଆସବାବ ପତ୍ରଗୁଡିକ ତିଆରି କରୁଛ। ଯାହା କି ମୁଁ ତୁମ୍ଭକୁ
ପର୍ବତ ଉପରେ ଦେଇଛି।"

### ପବିତ୍ର ତମ୍ବୁ

26 ସଦାପ୍ରଭୁ ମୋଶାଙ୍କୁ କହିଲେ, "ପବିତ୍ର ତମ୍ବୁଟି
ମୋଟ ନାଇଲିନ ସୂତାର ଦଶଟି କପଡ଼ାରେ ନିର୍ମିତ
ହେବ। ସେହି କପଡ଼ା ସବୁ ନୀଳ, ବାଇଗଣୀ ଓ ଲାଲ
ସୂତାରେ ନିର୍ମିତ ହେବ ଏବଂ ତହିଁରେ କିରୂବଦୂତଗଣଙ୍କର
ଛବି ସିଲେଇ କରାଯିବ। 2ପ୍ରତ୍ୟେକ କପଡ଼ା ଖଣ୍ଡମାନ ସମାନ
ଆକୃତି ବିଶିଷ୍ଟ ହେବ। ପ୍ରତ୍ୟେକ କପଡ଼ା ଅଠେଇଶ ହାତ
ଲମ୍ବ, ଚାରିହାତ ପ୍ରସ୍ଥ ହେବ। 3ଦୁଇଭାଗ କରି କପଡ଼ାଗୁଡ଼ିକ
ଗଣ୍ଠିଲିରେ ଏକତ୍ରୀତ କର। ପ୍ରତ୍ୟେକ ଗଣ୍ଠିଲିରେ ପାଞ୍ଚଖଣ୍ଡ
କପଡ଼ା ରଖି ଗୋଟିଏକୁ ଅନ୍ୟ ଗୋଟିଏ ସହିତ ଯୋଡିଦିଅ।
4ଉଭୟ ପ୍ରକାର ପରଦାଗୁଡିକର ଧାର ଝାଲେର କାର୍ଯ୍ୟ ପାଇଁ
ନୀଳ ବସ୍ତ୍ର ବ୍ୟବହାର କର। 5ପ୍ରଥମ କପଡ଼ା ଧାଡରେ ପଚାଶ
ଘୁଣ୍ଡିଘରା କରିବ। ଯୋଡ଼ ସ୍ଥାନର ଦ୍ୱିତୀୟ କପଡ଼ା ଧାଡ଼ରେ
ପଚାଶ ଘୁଣ୍ଡିଘରା କରିବ। ସେହି ଦୁଇ ଘୁଣ୍ଡିଘରା ଶ୍ରେଣୀ
ପରସ୍ପର ସମ୍ମୁଖୀନ ରହିବ। 6ଏକ ବଡ ତମ୍ବୁ କରିବା ପାଇଁ
ଏହାପରେ ପଚାଶଟି ସ୍ୱର୍ଣ୍ଣକପଡାରେ ପରଦାଗୁଡିକ ଯୋଡିବ।

7"ଆଉ ଏକ ତମ୍ବୁ ତିଆରି କର ଯାହାକି ଏହି ପବିତ୍ର
ଆବାସକୁ ଘୋଡ଼ାଇ ରହିବ। ତମ୍ବୁଟି କରିବା ପାଇଁ ଛେଳିର
ଚମଡାରେ ନିର୍ମିତ ହୋଇଥିବା ଏଗାରଟି ପରଦା ବ୍ୟବହାର
କର। 8ଏହି ଏଗାର ଖଣ୍ଡ କପଡ଼ା ଏକ ପ୍ରକାର ଆକାର
ବିଶିଷ୍ଟ ହେବା ଉଚିତ୍। ଏହାର ଲମ୍ବ ତିରିଶ ହାତ ଏବଂ ପ୍ରସ୍ଥ
ଚାରି ହାତ ହେବା ଉଚିତ୍। 9ପାଞ୍ଚଖଣ୍ଡ କପଡ଼ା ଏକତ୍ର କରି
ଗୋଟିଏ ବିଭାଗ କର। ଏହାପରେ ଅନ୍ୟ ଛଅଖଣ୍ଡ କପଡା
ଯୋଡ଼ି ଆଉ ଏକ ବିଭାଗ କର। ତମ୍ବୁ ସାମନାରେ ଟାଙ୍ଗିବା
ପାଇଁ ଷଷ୍ଠ ଖଣ୍ଡ କପଡାଟିକୁ ଭାଙ୍ଗ କର। 10ଯୋଡ଼ ସ୍ଥାନରେ
ପ୍ରଥମ ଅନ୍ୟ କପଡ଼ା ଧାଡ଼ରେ ପଚାଶ ଘୁଣ୍ଡିଘରା କରିବ।
ଦ୍ୱିତୀୟ କପଡ଼ା ବିଭାଗର ଯୋଡ଼ ସ୍ଥାନରେ ଧାଡ଼ରେ ପଚାଶ
ଘୁଣ୍ଡିଘରା କରିବ। 11ଏହାପରେ ପିତ୍ତଳର ପଚାଶଟି କଡା
ତିଆରି କର ଏବଂ ସେହି ତମ୍ବୁର ବସ୍ତ୍ର ସହିତ ଏହି
କଡାଗୁଡିକୁ ଯୋଡି ଦିଅ, ଏହା ଗୋଟିଏ ତମ୍ବୁ ହେବ।
12ସେହି ତମ୍ବୁ କପଡ଼ାର ଅତିରିକ୍ତ ଅଂଶ ଅର୍ଥାତ୍ ଯେଉଁ
ଅର୍ଦ୍ଧେକ କପଡ଼ା ଅତିରିକ୍ତ ଥିବ, ତାହା ପବିତ୍ର ତମ୍ବୁର ପଛ
ପାଖରେ ଓହଳି ରହିବ। 13ଆଉ ତମ୍ବୁ କପଡ଼ାର ଦୀର୍ଘତାର
ଯେଉଁ ଅଂଶ ଏପାଖରେ ଏକ ହସ୍ତ ଓ ସେପାଖରେ ଏକ
ହସ୍ତ ଅତିରିକ୍ତ ରହିବ। ତାହା ପବିତ୍ର ତମ୍ବୁର ଏପାର୍ଶ୍ୱ-ସେପାର୍ଶ୍ୱରେ
ଆଚ୍ଛାଦାନାର୍ଥେ ଝୁଲିବ। 14ଏହାପରେ ତୁମ୍ଭେ ରକ୍ତୀକୃତ ମେଷ
ଚର୍ମରେ ତମ୍ବୁର ଏକ ଛାତ କରିବ। ଆଉ ତହିଁ ଉପରେ
ଏକ ଶିଶୁକ ଚର୍ମରେ ଏକ ଛାତ କରିବ।

15"ପବିତ୍ର ତମ୍ବୁର ତକ୍ତା ଶିଟୀମ୍ କାଠରେ ତିଆରି
ହେବା ଉଚିତ୍। 16ସେହି ପଟାଗୁଡ଼ିକ ଦଶହାତ ଲମ୍ବ ଦେଢ଼ହାତ
ଚଉଡ଼ା ହେବ। 17ତକ୍ତାର ଦୁଇପାଖ ଦୁଇଟି ଖିଲ ଦ୍ୱାରା
ଯୋଡି ଦିଅ। ପବିତ୍ର ତମ୍ବୁର କାଠର ତକ୍ତାଗୁଡିକ ସମାନ
ଆକାରର ହେବା ଉଚିତ୍। 18ପବିତ୍ର ତମ୍ବୁ ତିଆରି କରିବା
ପାଇଁ ଦକ୍ଷିଣ ଦିଗରେ କୋଡିଏଟି କାଠର ତକ୍ତା ବ୍ୟବହାର
କର। 19ସେହି କୋଡ଼ିଏ ତକ୍ତା ତଳେ ରଖିବା ପାଇଁ ଚାଳିଶ
ରୂପାର ଆଧାର କର। ପ୍ରତ୍ୟେକ ତକ୍ତା ତଳେ ଦୁଇଟି
ଆଧାର ରଖ। ପ୍ରତ୍ୟେକ ତକ୍ତା ତଳେ ଦୁଇଟି ଖିଲ ପାଇଁ
ଦୁଇଟି ଆଧାର ରହିବ। 20ପୁଣି ପବିତ୍ର ତମ୍ବୁର ଅନ୍ୟ
ପାର୍ଶ୍ୱରେ ଉତ୍ତର ଦିଗରେ କୋଡ଼ିଏ ପଟା ହେବ। 21ପ୍ରତ୍ୟେକ
ତକ୍ତା ତଳେ ଦୁଇଟି ଆଧାର ରହିବ। ଏହିପରି ରୂପାର
ଚାଳିଶଟି ଆଧାର ହେବ। 22ପବିତ୍ର ତମ୍ବୁର ପଶ୍ଚିମ ଦିଗସ୍ଥ
ପଶ୍ଚାତ୍ ପାର୍ଶ୍ୱ ନିମନ୍ତେ ଛଅ ଖଣ୍ଡ ପଟା ହେବ। 23ପବିତ୍ର
ତମ୍ବୁର ସେହି ପଛପଟେ ପ୍ରତ୍ୟେକ ପାଖ କୋଣରେ ଦୁଇଖଣ୍ଡ
ତକ୍ତା ରହିବ। 24ତହିଁ ତଳେ ଯୋଡ଼ ହେବ ଓ ସେହିପରି
ତହିଁ ମୁଣ୍ଡରେ ପ୍ରଥମ କଡ଼ା ନିକଟରେ ଯୋଡ଼ ହେବ,
ଏହିପରି ଦୁଇଥର ହେବ। ତାହା ସବୁ ଦୁଇ କୋଣ ନିମନ୍ତେ
ହେବ। 25ତମ୍ବୁର ପଶ୍ଚିମ ମୁଣ୍ଡ ପାଇଁ, ମୋଟ ଆଠ ଖଣ୍ଡ
ତକ୍ତା ରହିବ। ଷୋହଳଟି ରୌପ୍ୟ ଆଧାର ହେବ, ଦୁଇଟି
ଆଧାର ପ୍ରତ୍ୟେକ ତକ୍ତା ତଳେ।

26"ଅର୍ଗଳ ତିଆରି କରିବାପାଇଁ ତୁମ୍ଭେମାନେ ଶିଟୀମ୍
କାଠ ବ୍ୟବହାର କରିବ। ପବିତ୍ର ତମ୍ବୁ ପାଇଁ ପାଞ୍ଚଟି ଅର୍ଗଳ
ତିଆରି କରିବ ଏକ ପାର୍ଶ୍ୱରେ। 27ଅନ୍ୟ ଏକ ପାର୍ଶ୍ୱରେ
ପାଞ୍ଚଟି ଅର୍ଗଳ ନିର୍ମାଣ କର ଏବଂ ପଛ ପାର୍ଶ୍ୱ ପଶ୍ଚିମ ଦିଗରେ
ନିର୍ମାଣ କର। 28ପୁଣି ମଧ୍ୟସ୍ଥିତ ଅର୍ଗଳ ପଟାର ମଧ୍ୟ
ଦେଶରେ ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ପାଇବ।

29"ସବୁ ଢାଞ୍ଚାଗୁଡିକୁ ଓ ଖିଲକୁ ଧରି ରଖୁଥିବା ଢାଞ୍ଚାକୁ
ସ୍ୱର୍ଣ୍ଣରେ ଆଚ୍ଛାଦନ କର। ସ୍ୱର୍ଣ୍ଣରେ କଡା ତିଆରି କର।
30ମୁଁ ପର୍ବତ ଉପରେ ଦେଖାଇଥିବା ଯୋଜନା ଅନୁସାରେ
ପବିତ୍ର ତମ୍ବୁଟିକୁ ତିଆରି କର।

### ପବିତ୍ର ତମ୍ବୁର ଅନ୍ତରାଳେ

31"ତୁମ୍ଭେ ନୀଳବର୍ଣ୍ଣ ଓ ଧୂମ୍ରବର୍ଣ୍ଣ ଓ ସିନ୍ଦୁର ବର୍ଣ୍ଣ ଶୁଭ୍ର
କ୍ଷୌମ ସୂତ୍ରରେ ଏକ ପରଦା ପ୍ରସ୍ତୁତ କରିବ। ସେଥିରେ
କିରୂବଦୂତଗଣର ଆକୃତିକୁ ଚିତ୍ରିତ କର। 32ତୁମ୍ଭେ
ସେହି ପରଦାକୁ ଶିଟୀମ୍ କାଠର ଚାରି ସ୍ତମ୍ଭ ଉପରେ ଟାଙ୍ଗିବ
ଏବଂ ସେଗୁଡିକୁ ସ୍ୱର୍ଣ୍ଣରେ ଆଚ୍ଛାଦନ କର। ସ୍ୱର୍ଣ୍ଣର
ଆଙ୍କୁଡା ସହିତ, ସ୍ତମ୍ଭ ଉପରେ ରୂପାର ଆଧାର ବ୍ୟବହାର
କର। 33ସ୍ୱର୍ଣ୍ଣ କଡାରେ ସେହି ପରଦା ଟାଙ୍ଗି ଦିଅ।
ତା'ପରେ ପରଦାର ପଛପଟେ ନିୟମ-ସିନ୍ଦୁକ ରଖ। ସେହି
ପରଦାଟି ପବିତ୍ର ସ୍ଥାନରୁ ମହାପବିତ୍ର ସ୍ଥାନକୁ ପୃଥକ କରିବା
ଉଚିତ୍। 34ତୁମ୍ଭେ ନିୟମ-ସିନ୍ଦୁକର ଆଚ୍ଛାଦନ ମହାପବିତ୍ର ସ୍ଥାନ
ଭିତରେ ରଖିବ।

35"ପରଦାର ବାହାର ପାର୍ଶ୍ୱରେ ମେଜ ରଖିବା ଉଚିତ୍
ଏବଂ ମେଜର ବିପରୀତ ପାର୍ଶ୍ୱରେ ପବିତ୍ର ତମ୍ବୁର ଦକ୍ଷିଣକୁ
ଦୀପ ରଖିବା ଉଚିତ୍। ପବିତ୍ର ତମ୍ବୁର ଉତ୍ତର ପାର୍ଶ୍ୱକୁ ମେଜ
ରଖ।

### ପବିତ୍ର ତମ୍ବୁର ଦ୍ୱାର

36"ପବିତ୍ର ତମ୍ବୁର ଦ୍ୱାର ନିମନ୍ତେ ଏକ ନୀଳ ପରଦା
ପ୍ରସ୍ତୁତ କର। ଏହା ଧୂମ୍ର ଓ ସିନ୍ଦୁର ବର୍ଣ୍ଣ ଶୁଭ୍ର କ୍ଷୌମ
ସୂତାରେ ବୁଣାଯିବା ଉଚିତ୍। 37ସେହି ଆଚ୍ଛାଦନ ବସ୍ତ୍ର ନିମନ୍ତେ
ପାଞ୍ଚଗୋଟି ଶିଟୀମ୍ କାଠର ସ୍ତମ୍ଭ ନିର୍ମାଣ କରି ସ୍ୱର୍ଣ୍ଣ
ମଡ଼ାଇବ। ପୁଣି ସ୍ୱର୍ଣ୍ଣରେ ତହିଁର ଆଙ୍କୁଡ଼ା କରିବ। ତହିଁ
ନିମନ୍ତେ ପିତ୍ତଳର ପାଞ୍ଚ ଚୁଙ୍ଗୀ ଢାଳିବ।"

### ହୋମ ନୈବେଦ୍ୟ ନିମନ୍ତେ ଯଜ୍ଞବେଦୀ

27 ସଦାପ୍ରଭୁ ମୋଶାଙ୍କୁ କହିଲେ, “ଏକ ଯଜ୍ଞବେଦୀ
ନିର୍ମାଣ କରିବାକୁ ଶିଟ୍ଟୀମ୍ କାଠ ବ୍ୟବହାର କର।
ଏହା ଏକ ବର୍ଗ କ୍ଷେତ୍ର ହେବା ଉଚିତ୍। ଏହାର ଦୈର୍ଘ୍ୟ ଓ
ପ୍ରସ୍ଥ ପାଞ୍ଚ ହାତ ଲେଖାଏଁ ହେବା ଉଚିତ୍ ଏବଂ ଏହାର
ଉଚ୍ଚତା ତିନି ହାତ ହେବା ଉଚିତ୍। 2ବେଦୀର ଚାରିକୋଣ
ପାଇଁ ଶିଙ୍ଗ ତିଆରି କର। ଏହି ଶିଙ୍ଗଗୁଡ଼ିକ ବେଦୀର ଏକ
ଅଂଶ ହେବା ଉଚିତ୍। ଏହା କଂସାରେ ଆଚ୍ଛାଦିତ ହେବା
ଉଚିତ୍।

3“ଭସ୍ମ ରଖିବା ପାଇଁ ପାତ୍ର କର, କୋଦାଳ ଗରା,
କଣ୍ଟାଚାମଚ ଏବଂ କରେଇ କଂସାରୁ ତିଆରି କର। ସମସ୍ତ
ପାତ୍ର ପିତ୍ତଳରେ ପ୍ରସ୍ତୁତ କରିବ। 4ପିତ୍ତଳରେ ଏକ ଜାଲି
କରିବ ଓ ତା'ଉପରେ ଚାରି କୋଣରେ ପିତ୍ତଳର ଚାରିକଡ଼ା
କରିବ। 5ଯଜ୍ଞବେଦୀର ତଳେ ଥିବା ଥାକ ତଳେ ଜାଲିକୁ
ରଖ। ଏହା ଯଜ୍ଞବେଦୀର ମଧ୍ୟଭାଗ ପର୍ଯ୍ୟନ୍ତ ପାଇବା ଉଚିତ୍।

6“ଯଜ୍ଞବେଦୀର ଖମ୍ବ ଶିଟ୍ଟୀମ୍ କାଠରେ ନିର୍ମାଣ କରି
ସେଥିରେ ପିତ୍ତଳ ଆଚ୍ଛାଦନ କର। 7ପୁଣି ସେହି ବେଦୀକୁ
ବହିବାବେଳେ ବେଦୀର ଉଭୟ ପାର୍ଶ୍ୱ ଉପରେ କଡ଼ା ମଧ୍ୟରେ
ସେହି ସାଙ୍ଗୀ ରଖ। 8ତୁମ୍ଭେ ଯଜ୍ଞବେଦୀକୁ ଫମ୍ପା ସିନ୍ଦୁକ ପରି
ରଖ। ପର୍ବତରେ ତୁମ୍ଭକୁ ଯେଉଁ ରୂପେ ଦେଖାଇଥିଲି ସେହିପରି
ଭାବରେ ବେଦୀ ନିର୍ମାଣ କରାଯିବା ଉଚିତ୍।।

### ପବିତ୍ର ତମ୍ବୁର ଚତୁଃପାର୍ଶ୍ୱର ପ୍ରାଙ୍ଗଣ

9“ପବିତ୍ର ତମ୍ବୁ ପାଇଁ ଏକ ପ୍ରାଙ୍ଗଣ ତିଆରି କର।
ସେହି ପ୍ରାଙ୍ଗଣର ଦକ୍ଷିଣ ଦିଗରେ ବଳା ଶୁଭ୍ର କ୍ଷୌମ ସୂତ୍ର
ନିର୍ମିତ ପରଦା ରହିବା ଉଚିତ୍। ଏହାର ଲମ୍ବ ଏକ ଶହ ହାତ
ହେବା ଉଚିତ୍। 10ତହିଁର କୋଡ଼ିଏ ସ୍ତମ୍ଭ ଓ କୋଡ଼ିଏ ଚୁଙ୍ଗୀ
ପିତ୍ତଳର ହେବ। ପୁଣି ସ୍ତମ୍ଭର ଆଙ୍କଡ଼ା ଓ ଛୁଇଁଆ ରୂପାର
ହେବ। 11ତମ୍ବୁର ଉତ୍ତର ପାର୍ଶ୍ୱରେ ଶହେ ହାତ ଲମ୍ବ
ପରଦା ହେବ ଓ ତାହାର କୋଡ଼ିଏ ସ୍ତମ୍ଭ ଓ କୋଡ଼ିଏ ଚୁଙ୍ଗୀ
ପିତ୍ତଳର ହେବ। ଏବଂ ସ୍ତମ୍ଭର ଆଙ୍କଡ଼ା ଓ ଛୁଇଁଆ ରୂପାର
ହେବ।

12“ଆଉ ପଶ୍ଚିମ ଦିଗରେ ପ୍ରାଙ୍ଗଣର ପ୍ରସ୍ଥତା ନିମନ୍ତେ
ପଚାଶ ହସ୍ତ ପରଦା, ଓ ତହିଁର ଦଶ ସ୍ତମ୍ଭ ଓ ଦଶ ଚୁଙ୍ଗୀ
କରିବ। 13ପୂର୍ବ ଦିଗରେ ପ୍ରାଙ୍ଗଣର ପ୍ରସ୍ଥତା ପଚାଶ ହାତ
ହେବ। 14ପୂର୍ବ ଭାଗରେ ପ୍ରବେଶ ପଥରେ ପନ୍ଦର ହାତ
ପରଦା ଓ ତିନି ସ୍ତମ୍ଭ ଓ ତିନି ଚୁଙ୍ଗୀ ହେବ। 15ଅନ୍ୟ
ପାର୍ଶ୍ୱରେ ପନ୍ଦର ହାତ ପରଦା ଓ ତିନି ସ୍ତମ୍ଭ ଓ ତିନି ଚୁଙ୍ଗୀ
ହେବ।

16“ପ୍ରାଙ୍ଗଣର ପ୍ରବେଶପଥ ନିମନ୍ତେ ପରଦାଟି କୋଡ଼ିଏ
ହାତ ଲମ୍ବ ହେବା ଉଚିତ୍। ସେହି ପରଦାଟିକୁ ସୂକ୍ଷ୍ମ ନାଇଲନ
ସୂତାରେ ତିଆରି କର ଯାହାକି ନୀଳ, ବାଇଗଣୀ, ଲାଲ
ରଙ୍ଗର ସୂତାରେ ଶିଳ୍ପକର୍ମ ହୋଇଥିବ। ଏବଂ ଏହାର ତା'ର
ଚାରୋଟି ସ୍ତମ୍ଭ ଓ ଚାରୋଟି ଆଧାର ହେବା ଉଚିତ୍। 17ପୁଣି
ପ୍ରାଙ୍ଗଣର ଚତୁର୍ଦ୍ଦିଗସ୍ଥ ସ୍ତମ୍ଭ ସକଳ ରୂପା ଛୁଇଁଆରେ ବନ୍ଧା
ହେବ ଓ ତା'ର ଅଙ୍କଡ଼ା ରୂପାର ଓ ଚୁଙ୍ଗୀ ପିତ୍ତଳର ହେବ।
18ପ୍ରାଙ୍ଗଣଟି ଏକଶହ ହାତ ଲମ୍ବ ଓ ପଚାଶ ହାତ ପ୍ରସ୍ଥ ଓ
ପାଞ୍ଚ ହାତ ଉଚ୍ଚ ହେବ। ସେହି ଶୁଭ୍ର କ୍ଷୌମସୂତ୍ରରେ ପ୍ରସ୍ତୁତ
ହେବା ସହିତ କଂସାର ଆଧାର ରହିବା ଉଚିତ୍। 19ଆଉ
ପବିତ୍ର ତମ୍ବୁର ସମୁଦାୟ କାର୍ଯ୍ୟ ସମ୍ବନ୍ଧୀୟ ସାମଗ୍ରୀ ଓ
ପ୍ରାଙ୍ଗଣର ସମସ୍ତ ଖିଲ କଂସାରେ ନିର୍ମିତ ହେବା ଉଚିତ୍।

### ପ୍ରଦୀପ ପାଇଁ ତୈଳ

20“ବର୍ତ୍ତମାନ ଇଶ୍ରାୟେଲର ଲୋକମାନଙ୍କୁ ସବୁଠାରୁ ଭଲ
ଅଲିଭ ଫଳରୁ ନିର୍ମଳ ପେଷା ଅଲିଭ ତୈଳ ଅନନ୍ତକାଳ
ଦୀପ ଜଳାଇବା ନିମନ୍ତେ ଆଣିବା ପାଇଁ ଆଜ୍ଞା ଦିଅ।
21ହାରୋଣ ଓ ତା'ର ପୁତ୍ରମାନେ ପରଦା ପଛରେ ଥିବା
ନିୟମ-ସିନ୍ଦୁକ ଓ ଏହାର ସମ୍ମୁଖରେ ଥିବା ଏହାକୁ ସନ୍ଧ୍ୟାରୁ
ସକାଳ ପର୍ଯ୍ୟନ୍ତ ପ୍ରସ୍ତୁତ ରଖିବା ଉଚିତ୍। ଏହି ବ୍ୟବସ୍ଥା
ଇଶ୍ରାୟେଲ ଲୋକମାନଙ୍କ ପାଇଁ ସର୍ବଦା ପ୍ରଯୁଜ୍ୟ ହେବ।”

### ଯାଜକମାନଙ୍କର ବସ୍ତ୍ର

28 ତହିଁରେ ସଦାପ୍ରଭୁ ମୋଶାଙ୍କୁ କହିଲେ, “ତୁମ୍ଭର
ଭାଇ ହାରୋଣ ଏବଂ ତାଙ୍କର ପୁତ୍ର, ନାଦବ୍ ଅବୀହ,
ଇଲୀୟାଜର ଓ ଇଥାମରକୁ ଇଶ୍ରାୟେଲର ଲୋକମାନଙ୍କ
ମଧ୍ୟରୁ ଆଣ। ସେମାନେ ମୋର ଯାଜକଗଣ ହେବେ।

2“ତୁମ୍ଭର ଭାଇ ହାରୋଣଙ୍କ ପାଇଁ ପବିତ୍ର ବସ୍ତ୍ର ତିଆରି
କର। ସେହି ବସ୍ତ୍ର ପିନ୍ଧିଲେ ସେ ସମ୍ମାନ ପାଇବେ ଓ ସୁନ୍ଦର
ଦିଶିବେ। 3ସେହି ନିପୁଣ ଲୋକମାନଙ୍କୁ ପଚାର, ଯେଉଁମାନଙ୍କୁ
ମୁଁ ହାରୋଣକୁ ଯାଜକ ରୂପେ ଉତ୍ସର୍ଗୀକୃତ କରିବା ପାଇଁ,
ବସ୍ତ୍ର ତିଆରି କରିବା ପାଇଁ ଜ୍ଞାନ ପ୍ରଦାନ କଲି। 4ବୁକପଟ୍ଟା,
ଏଫୋଦ, ଗୋଟିଏ ଚୋଗା, ଶୁକ୍ଳ ସୂତାରେ ବୁଣା ଯାଇଥିବା
ଚୋଗା, ପଗଡ଼ି ଓ କଟି ବନ୍ଧନ ସେମାନେ ପ୍ରସ୍ତୁତ କରିବା
ଉଚିତ୍। ଏହି ଲୋକମାନେ ଏହିସବୁ ପବିତ୍ର ବସ୍ତ୍ର ତୁମ୍ଭର ଭାଇ
ହାରୋଣ ଓ ତାହାର ପୁତ୍ରଗଣ ପାଇଁ ପ୍ରସ୍ତୁତ କରିବେ,
ଯେଉଁଥିପାଇଁ ସେମାନେ ମୋର ଯାଜକ ରୂପେ ସେବା
କରିବେ। 5ସେମାନେ ସ୍ୱର୍ଣ୍ଣ, ନୀଳ ଓ ଧୂମ୍ର ଓ ସିନ୍ଦୁରବର୍ଣ୍ଣ
ଓ ବଳା ଶୁଭ୍ର କ୍ଷୌମ ସୂତ୍ର ହେବ।

### ଏଫୋଦ ଓ କଟିବନ୍ଧନ

6“ସେମାନେ ନୀଳ, ଧୂମ୍ର, ସିନ୍ଦୁର ବର୍ଣ୍ଣ ଓ ବଳା ଶୁଭ୍ର
କ୍ଷୌମ ସୂତ୍ରରେ ନିପୁଣ ଶିଳ୍ପକାରର କର୍ମ ଦ୍ୱାରା ସେହି
ଏଫୋଦ ବସ୍ତ୍ର ପ୍ରସ୍ତୁତ କରନ୍ତୁ। 7ଏହାର ଦୁଇ ମୁଣ୍ଡରେ
ପରସ୍ପର ସଂଯୁକ୍ତ ଦୁଇ ସ୍କନ୍ଧପଟି ରହିବ। ଏହିପରି ଭାବରେ
ତାହା ଯୁକ୍ତ ହେବ।

8“ଏଫୋଦର ଯେଉଁ ଚିତ୍ରିତ ପଟୁକା ତହିଁ ଉପରେ
ରହିବ, ତହିଁର ଚିତ୍ରିତ କର୍ମ ସେହି ବସ୍ତ୍ର ଅନୁସାରେ ହେବ।
ଅର୍ଥାତ୍ ସ୍ୱର୍ଣ୍ଣରେ ନୀଳ ଓ ଧୂମ୍ର ଓ ସିନ୍ଦୁରବର୍ଣ୍ଣ ଓ ବଳା ଶୁଭ୍ର
କ୍ଷୌମ ସୂତ୍ରରେ ହେବ।

9“ଦୁଇଟି ଗୋମେଦକମଣି ନେଇ ତହିଁ ଉପରେ ଇଶ୍ରାୟେଲ
ପୁତ୍ରମାନଙ୍କ ନାମ ଖୋଦିତ କରିବ। 10ଛଅଟି ନାମ ଏକ
ମଣି ଉପରେ ଓ ଅବଶିଷ୍ଟ ଛଅଟି ନାମ ଅନ୍ୟ ମଣି ଉପରେ
ରହିବ। ଏହିସବୁ ନାମଗୁଡ଼ିକ ସେମାନଙ୍କର ଜନ୍ମ ଅନୁସାରେ
ତାଲିକାଭୁକ୍ତ କରାଯିବା ଉଚିତ୍। 11ଶିଳ୍ପ କର୍ମରେ ମୁଦ୍ରା

ଖୋଳିବା ନ୍ୟାୟ୍ ସେହି ଦୁଇ ମଣି ଉପରେ ଇଶ୍ରାୟେଲ
ପୁତ୍ରଗଣର ନାମ ଖୋଳିବ। ପୁଣି ତାହା ଦୁଇସ୍ୱର୍ଣ୍ଣ ଧାରରେ
ବନ୍ଦ କରିବ। 12ଏହାପରେ ଇଶ୍ରାୟେଲ ସନ୍ତାନଗଣଙ୍କୁ ସ୍ମରଣ
କରିବା ନିମନ୍ତେ ତୁମ୍ଭେ ସେହି ଦୁଇ ମଣି ଏଫୋଦର
ଦୁଇସ୍କନ୍ଧ ପଟିରେ ଦେବ। ତହିଁରେ ହାରୋଣ ସ୍ମରଣାର୍ଥେ
ସଦାପ୍ରଭୁଙ୍କ ସମ୍ମୁଖରେ ଆପଣ ଦୁଇ ସ୍କନ୍ଧରେ ସେମାନଙ୍କ ନାମ
ବହିବ। 13ଶୁଦ୍ଧ ସ୍ବର୍ଣ୍ଣରେ ଏହି ପଥର ଏଫୋଦର ରହିବ।
14ଦୁଇମୋଡ଼ା ହୋଇଥିବା ସ୍ବର୍ଣ୍ଣ ଜଞ୍ଜିର କରି ସେହି
ଏଫୋଦରେ ଲଗାଇବ।

## ବିଗ୍ୱର୍ଥକ ବୁକୁପଟା

15"ନିପୁଣ କାରିଗର ଦ୍ୱାରା ନିପୁଣ ଭାବରେ ବୁକୁପଟା
ପ୍ରସ୍ତୁତ କର। ବୁକୁପଟା ଏଫୋଦ ପରି ସୂକ୍ଷ୍ମ ମଲ୍‌ମଲ୍ ଏବଂ
ସ୍ବର୍ଣ୍ଣ, ନୀଳ, ବାଇଗଣୀ ଏବଂ ଲାଲ୍ ମଲ୍‌ମଲ୍ ନିପୁଣ
କଳାକୃତିରେ ନିର୍ମାଣ ହେବା ଉଚିତ୍। 16ଚତୁଷ୍କୋଣ ଓ
ଦୋହରା ହେବ। ତହିଁର ଦୀର୍ଘତା ଏକ ବିଘତ ଓ ପ୍ରସ୍ଥ ଏକ
ବିଘତ ହେବ। 17ତାହାକୁ ଚାରି ମଣି ପଂକ୍ତିରେ ଖଚିତ
କରିବ। ତହିଁରେ ପ୍ରଥମ ପଂକ୍ତିରେ ଚୂଣୀ ଓ ପୀତମଣି ମର୍କତ,
18ଦ୍ୱିତୀୟ ପଂକ୍ତିରେ ପଦ୍ମରାଗ ଓ ନୀଳକାନ୍ତ ହୀରକ, 19ତୃତୀୟ
ପଂକ୍ତିରେ ପେରୋଜ, ଯିସ୍ମ ଓ କଟାହେଲା। 20ଚତୁର୍ଥ
ପଂକ୍ତିରେ ବୈଦୂର୍ଯ୍ୟ, ଗୋମେଦକ ଓ ସୂର୍ଯ୍ୟକାନ୍ତ। ଏହିସବୁ
ସ୍ୱର୍ଣ୍ଣରେ ନିଜନିଜ ପଂକ୍ତିରେ ବସାଯିବ। 21ଏହି ମଣି ଇଶ୍ରାୟେଲ
ପୁତ୍ରମାନଙ୍କ ନାମ ନିମନ୍ତେ ସେମାନଙ୍କ ନାମ ଅନୁସାରେ
ଦ୍ୱାଦଶ ହେବ। ମୁଦ୍ରା ନ୍ୟାୟ୍ ଖୋଦିତ ପ୍ରତ୍ୟେକ ମଣିରେ
ସେହି ଦ୍ୱାଦଶ ବଂଶ ନିମନ୍ତେ ପ୍ରତ୍ୟେକ ପୁତ୍ରର ନାମ ରହିବ।
22"ବୁକୁପଟା ନିମନ୍ତେ ହାରଗୁଡିକ ତିଆରି କର। ଏହି
ହାର ଶୁଦ୍ଧ ସ୍ବର୍ଣ୍ଣରେ ମୋଡା ଯାଇଥିବ। 23ବୁକୁପଟା
ଉପରେ ସ୍ୱର୍ଣ୍ଣର ଦୁଇ କଡ଼ା ରହିବ। ବୁକୁପଟାର ଦୁଇ
ପ୍ରାନ୍ତରେ ସେହି ଦୁଇ କଡ଼ା ଲଗାଇବ। 24ବୁକୁପଟା ସ୍ଥିତ
ଦୁଇ ସ୍ବର୍ଣ୍ଣ କଡ଼ା ମଧ୍ୟରେ ସେହି ଦୁଇଟି ସ୍ବର୍ଣ୍ଣ ହାର
ଲଗାଇବ। 25ଦୁଇ ସ୍ବର୍ଣ୍ଣ ହାରର ଦୁଇ ମୁଣ୍ଡକୁ ଏଫୋଦର
ସ୍କନ୍ଧ ପଟିରେ ବାନ୍ଧ। 26ଆଉ ଦୁଇଟି ସ୍ବର୍ଣ୍ଣର କଡ଼ା ନିର୍ମାଣ
କର ଏବଂ ବୁକୁପଟାର ଏଫୋଦ ଭିତର ଭାଗସ୍ଥ ଦୁଇ
କୋଣରେ ତାକୁ ଲଗାଅ। 27ଆହୁରି ଦୁଇଟି ସ୍ୱର୍ଣ୍ଣକଡ଼ା କରି
ଏଫୋଦ ବସ୍ତ୍ରର ଦୁଇ ସ୍କନ୍ଧପଟି ତଳେ ତହିଁର ସମ୍ମୁଖ ଭାଗର
ଯୋଡ଼ ସ୍ଥାନରେ ଏଫୋଦର ଚିତ୍ରିତ ପଟୁକା ଉପରେ ତାହା
ରଖିବ। 28ବୁକୁପଟା ଯେମନ୍ତ ଏଫୋଦର ଚିତ୍ରିତ ପଟୁକା
ଉପରେ ଥାଇ ଏଫୋଦରୁ ନଯିବ ଏଥିପାଇଁ ସେମାନେ
ବୁକପଟାକୁ ନିଜ କଡ଼ାରେ ନୀଳସୂତ୍ର ଦ୍ୱାରା ଏଫୋଦର କଡ଼ା
ସହିତ ବନ୍ଦ ରଖିବେ।
29"ଯେତେବେଳେ ହାରୋଣ ପବିତ୍ର ସ୍ଥାନକୁ ପ୍ରବେଶ
କରିବ, ସେହି ସମୟରେ ସଦାପ୍ରଭୁଙ୍କ ସମ୍ମୁଖରେ ନିତ୍ୟ
ସ୍ମରଣାର୍ଥେ ସେ ବିଗ୍ୱାର୍ଥକ ବୁକୁପଟାରେ ଇଶ୍ରାୟେଲ ପୁତ୍ରଗଣର
ନାମ ସକଳ ଆପଣା ହୃଦୟ ଉପରେ ବହନ କରିବ।
30ସେହି ବିଗ୍ୱାର୍ଥକ ବୁକପଟାରେ ତୁମ୍ଭେ ଉରୀମ୍ ଓ ତୁମ୍ମୀମ୍
(ଦୀପ୍ତି ଓ ସିଦ୍ଧି) ରଖିବ। ତହିଁରେ ହାରୋଣ ଯେଉଁ
ସମୟରେ ସଦାପ୍ରଭୁଙ୍କ ଛାମୁରେ ପ୍ରବେଶ କରିବ। ସେହି
ସମୟରେ ହାରୋଣର ହୃଦୟ ଉପରେ ତାହା ରହିବ, ପୁଣି
ହାରୋଣ ସଦାପ୍ରଭୁଙ୍କ ଛାମୁରେ ପ୍ରତ୍ୟେକଦିନ ଇଶ୍ରାୟେଲ
ସନ୍ତାନଗଣର ବିଗ୍ୱର ଆପଣା ହୃଦୟ ଉପରେ ବହିବ।

## ଯାଜକମାନଙ୍କ ପାଇଁ ଅନ୍ୟାନ ସମସ୍ତ ବସ୍ତ୍ର

31"ଏଫୋଦ ନିମନ୍ତେ ସମ୍ପୂର୍ଣ୍ଣ ନୀଳବର୍ଣ୍ଣରେ ଚୋଗା
ତିଆରି କର। 32ଏହାର ମଧ୍ୟ ସ୍ଥଳରେ ମସ୍ତକ ପ୍ରବେଶ
ନିମନ୍ତେ ଏକ ଛିଦ୍ର ରହିବ। ସାଞ୍ଜୁଆର ଗଳଦେଶ ନ୍ୟାୟ୍
ସେହି ଛିଦ୍ରର ଚତୁର୍ଦ୍ଦିଗରେ ବୁଣା କର୍ମ ହେବ। ତହିଁରେ ତାହା
ଛିଣ୍ଡି ଯିବ ନାହିଁ। 33ତୁମ୍ଭେ ତହିଁର ଅଞ୍ଚଳର ଚତୁର୍ଦ୍ଦିଗରେ
ନୀଳ, ଧୂମ୍ର ଓ ସିନ୍ଦୁର ବର୍ଣ୍ଣର ଡ଼ାଳିମ୍ବ କରିବ। ଆଉ ଗୁରି
ଦିଗରେ ତହିଁ ମଧ୍ୟରେ ସ୍ୱର୍ଣ୍ଣଘଣ୍ଟି ରହିବ। 34ସେହି ଚୋଗାର
ଅଞ୍ଚଳର ଚତୁର୍ଦ୍ଦିଗରେ ଗୋଟିଏ ସ୍ୱର୍ଣ୍ଣଘଣ୍ଟି ଓ ଗୋଟିଏ ଡ଼ାଳିମ୍ବ,
ପୁଣି ଗୋଟିଏ ସ୍ୱର୍ଣ୍ଣଘଣ୍ଟି ଓ ଗୋଟିଏ ଡ଼ାଳିମ୍ବ ରହିବ।
35ହାରୋଣ ସେବା କରିବା ସମୟରେ ତାହା ପିନ୍ଧିବ।
ଯେଉଁଥିରେ ସେ ଯେତେବେଳେ ସଦାପ୍ରଭୁଙ୍କ ଛାମୁରେ ପବିତ୍ର
ସ୍ଥାନରେ ପ୍ରବେଶ କରିବ ଓ ପ୍ରସ୍ଥାନ କରିବ, ସେତେବେଳେ
ଘଣ୍ଟି ଶବ୍ଦ ଶୁଣାଯିବ। ଏହି ପ୍ରକାରେ ହାରୋଣ ମରିବ ନାହିଁ।
36"ଶୁଦ୍ଧ ସ୍ବର୍ଣ୍ଣର ଏକ ପାତ୍ର ତିଆରି କର ଏବଂ ଛୋଟ
ମୋହରରେ ଖୋଦିତ କଲପରି ଏହା ଉପରେ ଖୋଦନ କର,
"ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର"। 37ପୁଣି ପାଗ ଉପରେ
ରହିବା ପାଇଁ ତାହା ନୀଳ ସୂତ୍ରରେ ବନ୍ଧ କରି ପାଗର
ସମ୍ମୁଖରେ ରଖିବ। 38ଏହା ହାରୋଣର କପାଳ ଉପରେ
ରହିବ। ଇଶ୍ରାୟେଲୀୟମାନେ ଉତ୍ସର୍ଗ କରୁଥିବା ପବିତ୍ର ଉପହାର
ପାଇଁ ହାରୋଣ ଦାୟୀ ହେବ। ଏହା ସର୍ବଦା ତା'ର
କପାଳରେ ରହିବ, ଯାହା ଫଳରେ ସେହି ଉପହାରଟି
ସଦାପ୍ରଭୁଙ୍କର ଗ୍ରହଣୀୟ ହେବ।
39"ତୁମ୍ଭେ ଜାମାକୁ ବୁଟାଦାର ଶୁଭ୍ର କ୍ଷୋମ ବସ୍ତ୍ରରେ ଓ
ପାଗକୁ ଶୁଭ୍ର କ୍ଷୋମ ସୂତ୍ରରେ ପ୍ରସ୍ତୁତ କରିବ। ପୁଣି
କଟିବନ୍ଧନ ସୂଚୀକର୍ମ ଦ୍ୱାରା ଚିତ୍ରବିଚିତ୍ର କରିବ। 40ହାରୋଣର
ପୁତ୍ରଗଣଙ୍କ ନିମନ୍ତେ ଚୋଗା, କଟିବନ୍ଧନ ଓ ପଗଡ଼ି ପ୍ରସ୍ତୁତ
କର। ଏହି ବସ୍ତ୍ରଗୁଡିକ ସେମାନଙ୍କୁ ଗୌରବ ଓ ସୌନ୍ଦର୍ଯ୍ୟ
ଦେବ। 41ପୁଣି ତୁମ୍ଭର ଭ୍ରାତା ହାରୋଣକୁ ଓ ତା'ର
ପୁତ୍ରଗଣଙ୍କୁ ସେହିସବୁ ବସ୍ତ୍ର ପରିଧାନ କରାଅ। ତା'ପରେ
ସେମାନଙ୍କୁ ଅଭିଷିକ୍ତ କର ଓ ଧର୍ମ ସମ୍ପ୍ରଦାୟଭୁକ୍ତ କର,
ତା'ପରେ ସେମାନଙ୍କୁ ଯାଜକ ରୂପେ ମୋର ସେବା କରିବା
ପାଇଁ ଛାଡିଦିଅ।
42"ସେମାନଙ୍କର ଉଲଗ୍ନତା ଆଚ୍ଛାଦନ ନିମନ୍ତେ କଟିଠାରୁ
ଜଙ୍ଘ ପର୍ଯ୍ୟନ୍ତ ଶୁକ୍ଳ ଜଙ୍ଘିଆ ତିଆରି କର। 43ଏବଂ
ଯେତେବେଳେ ହାରୋଣ ଓ ତାହାର ପୁତ୍ରଗଣ ସମାଗମ
ତମ୍ବୁରେ ପ୍ରବେଶ କରିବେ କିମ୍ବା ପବିତ୍ର ସ୍ଥାନରେ ସେବା
କରିବା ନିମନ୍ତେ ଯଜ୍ଞବେଦୀର ନିକଟବର୍ତ୍ତୀ ହେବେ, ସେତେବେଳେ
ସେମାନେ ଏହି ବସ୍ତ୍ର ପରିଧାନ କରିବା ଉଚିତ୍, ତାହେଲେ
ସେମାନେ ଦୋଷୀ ହେବେ ନାହିଁ ଓ ମୃତ୍ୟୁବରଣ କରିବେ
ନାହିଁ। ସବୁ ସମୟରେ ସେମାନେ ଯାଜକ ରୂପେ କାର୍ଯ୍ୟ
କରନ୍ତୁ ଏହା ହାରୋଣର ଓ ତାହାର ଭବିଷ୍ୟଦ୍‌ବଂଶଧର ପାଇଁ
ଅନନ୍ତକାଳୀନ ବିଧି ଅଟେ।"

### ଯାଜକମାନଙ୍କର ନିଯୁକ୍ତ ପର୍ବ

29 “ବର୍ତ୍ତମାନ ମୁଁ ତୁମ୍ଭକୁ କହିବ, ହାରୋଣ ଏବଂ
ତାଙ୍କର ପୁତ୍ରମାନଙ୍କୁ କିପରି ଯାଜକ ଭାବେ ନିଯୁକ୍ତ
କରିବା ପାଇଁ ହେବ। ଏକ ନିଖୁଣ ବାଛୁରୀ ଓ ଦୁଇଟି ନିଖୁଣ
ଅଣ୍ଡିରା ମେଷ ନିଅ। 2ଏହାପରେ ତାଡ଼ିଶୂନ୍ୟ ରୋଟୀ ଓ
ତୈଳଯୁକ୍ତ ତାଡ଼ିଶୂନ୍ୟ ଚକୁଳି, ଏବଂ ତୈଳଯୁକ୍ତ ସରୁ ପିଠା,
ଏହିସବୁ ଭଲ ଗହମରୁ ପ୍ରସ୍ତୁତ ତାଡ଼ୀଶୂନ୍ୟ ଅଟାରୁ ପ୍ରସ୍ତୁତ
କରିବ। 3ଏହି ପିଠା ଓ ରୋଟୀକୁ ଡାଲାରେ ରଖ।
ଏହାପରେ ସେହି ଡାଲା ସହିତ ଏକ ଗୋବତ୍ସ ଓ ଦୁଇଟି
ଅଣ୍ଡିରା ମେଷ ସମାଗମ ତମ୍ବୁ ନିକଟକୁ ଆଣ।

4“ଏହାପରେ ହାରୋଣ ଏବଂ ତାଙ୍କର ପୁତ୍ରମାନଙ୍କୁ ପବିତ୍ର
ସମାଗମ ତମ୍ବୁ ସ୍ଥାନର ଦ୍ୱାର ଦେଶକୁ ଆଣ। ସେମାନଙ୍କୁ
ଗାଧୋଇ ଦିଅ। 5ହାରୋଣକୁ ସେହି ସ୍ୱତନ୍ତ୍ର ବସ୍ତ୍ର ପିନ୍ଧାଅ।
ଶୁକ୍ଳ ସୂତ୍ରରେ ବୁଣା ଯାଇଥିବା ଚୋଗା ଏବଂ ଏଫୋଦର
ଗେୃଗା ଓ ବୁକୁପଟା ସହିତ ପରିଧାନ କରାଇବ। ଆଉ ଚିତ୍ରିତ
କଟିବନ୍ଧନ ତାହାର କଟିରେ ବାନ୍ଧ। 6ତାହାର ମସ୍ତକରେ
ପାଗ ବାନ୍ଧି ତା'ଉପରେ ଏକ ପବିତ୍ର ମୁକୁଟ ଦେବ।
7ଏହାପରେ ଅଭିଷେକାର୍ଥକ ତୈଳ ନେଇ ତାହାର ମସ୍ତକ
ଉପରେ ଢାଳି ତାକୁ ଅଭିଷେକ କରିବ।

8“ଏହାପରେ ହାରୋଣର ପୁତ୍ରମାନଙ୍କୁ ସେହି ସ୍ଥାନକୁ
ଆଣ। ସେମାନଙ୍କୁ ଧଳା ଜାମା ପରିଧାନ କରାଇବ। 9ହାରୋଣର
ଓ ତା'ର ପୁତ୍ରମାନଙ୍କର କଟିରେ କଟିବନ୍ଧନ ବାନ୍ଧିଦିଅ ଓ
ସେମାନଙ୍କ ମସ୍ତକରେ ପଗଡି ବାନ୍ଧ। ତହିଁରେ ସେମାନେ
ବିଶେଷ ବ୍ୟବସ୍ଥା ଅନୁସାରେ ସର୍ବଦା ଯାଜକ ହେବେ।

10“ତା'ପରେ ସେହି ବାଛୁରୀକୁ ସମାଗମ ତମ୍ବୁ ନିକଟକୁ
ଆଣ। ହାରୋଣ ଏବଂ ତା'ର ପୁତ୍ରମାନେ ସେହି ଗୋବତ୍ସ
ମସ୍ତକରେ ହାତ ରଖିବେ। 11ଏହାପରେ ସେହି ବାଛୁରୀକୁ
ସେହିଠାରେ ଅର୍ଥାତ୍ ସେହି ପ୍ରବେଶ ଦ୍ୱାର ନିକଟରେ ହତ୍ୟା
କର। ଏହା ସଦାପ୍ରଭୁଙ୍କ ସମ୍ମୁଖରେ ହେବ। 12ଏହାପରେ
ସେହି ବାଛୁରୀର କିଛି ରକ୍ତ ଯଜ୍ଞବେଦୀ ନିକଟକୁ ନିଅ।
ତୁମ୍ଭର ଅଙ୍ଗୁଳିରେ ରକ୍ତ ନେଇ ଯଜ୍ଞବେଦୀର ଶିଙ୍ଗ ଉପରେ
ଦିଅ ଓ ଅବଶିଷ୍ଟ ରକ୍ତ ବେଦୀ ମୂଳରେ ଢାଳ। 13ତା'ପରେ
ତା'ର ଭିତରର ମେଦ, କଲିଜାର ମେଦ ଅଂଶ, ଯକୃତ ଏବଂ
ଗୃରପଟେ ଥିବା ମେଦକୁ ଯଜ୍ଞବେଦୀରେ ଦଗ୍ଧ କର। 14ଏହାପରେ
ବାଛୁରୀର ମାଂସ, ଚର୍ମ ଏବଂ ତା'ର ଗୋବର ନେଇ ଛାଉଣୀ
ବାହାରେ ଦଗ୍ଧ କର। ଏହା ଯାଜକମାନଙ୍କ ପାଇଁ ନୈବେଦ୍ୟ
ହେବ।

15“ଏହାପରେ ହାରୋଣ ଏବଂ ତାଙ୍କର ପୁତ୍ରମାନଙ୍କୁ କୁହ
ସେମାନେ ତାଙ୍କର ହସ୍ତ ଏକ ଅଣ୍ଡିରା ମେଷର ମସ୍ତକ
ଉପରେ ରଖିବେ। 16ସେହି ଅଣ୍ଡିରା ମେଷକୁ ହତ୍ୟା କର ଓ
ତା'ର ରକ୍ତ ସଂଗ୍ରହ କର। ସେହି ରକ୍ତକୁ ଯଜ୍ଞବେଦୀର
ଗୃରକାନ୍ଥରେ ଛିଞ୍ଚି ଦିଅ। 17ଏହାପରେ ଅଣ୍ଡିରା ମେଷକୁ ଖଣ୍ଡ
ଖଣ୍ଡ କରି କାଟ। ତାହାର ଅନ୍ତ ଓ ଗୋଡ଼ ଧୌତ କରି
ତାହାସବୁ ସେହି ଖଣ୍ଡ ସକଳ ଓ ତା'ର ମସ୍ତକ ସହିତ ରଖ।
18ଏହାପରେ ଗୋଟା ମେଷକୁ ଯଜ୍ଞବେଦୀ ଉପରେ ଦଗ୍ଧ
କରିବ। ତାହା ସଦାପ୍ରଭୁଙ୍କ ପାଇଁ ହୋମବଳି। ଏହା ସଦାପ୍ରଭୁଙ୍କ
ପାଇଁ ସୁବାସିତ ଉପହାର।

19“ହାରୋଣକୁ ଏବଂ ତାଙ୍କର ପୁତ୍ରମାନଙ୍କୁ ଅନ୍ୟ ଅଣ୍ଡିରା
ମେଷ ମୁଣ୍ଡ ଉପରେ ହାତ ରଖିବାକୁ କୁହ। 20ସେହି ଅଣ୍ଡିରା
ମେଷକୁ ହତ୍ୟା କରି ଏବଂ ତା'ର କିଛି ରକ୍ତ ସଂଗ୍ରହ କର।
ସେହି ରକ୍ତକୁ ହାରୋଣର ଦକ୍ଷିଣକର୍ଣ୍ଣ ପ୍ରାନ୍ତରେ ଓ ତା'ର
ପୁତ୍ରଗଣର ଦକ୍ଷିଣକର୍ଣ୍ଣ ପ୍ରାନ୍ତରେ ଲଗାଅ। ସେମାନଙ୍କର
ଦକ୍ଷିଣହସ୍ତର ବୃଦ୍ଧା ଆଙ୍ଗୁଠି ଉପରେ ଓ ଦକ୍ଷିଣପାଦର ବୃଦ୍ଧାଙ୍ଗୁଠି
ଉପରେ ଏହା ଲଗାଅ। ପୁଣି ଯଜ୍ଞବେଦୀର ଗୃରଆଡ଼େ ରକ୍ତ
ଛିଞ୍ଚ। 21ଏହାପରେ ଯଜ୍ଞବେଦୀର ଉପରିସ୍ଥିତ ରକ୍ତରୁ ଓ
ଅଭିଷେକାର୍ଥକ ତୈଳରୁ କିଛି ନେଇ ହାରୋଣ ଉପରେ ଓ
ତାହାର ବସ୍ତ୍ର ଉପରେ, ପୁଣି ତାହା ସହିତ ତାହାର ପୁତ୍ରଗଣ
ଉପରେ ଓ ସେମାନଙ୍କ ବସ୍ତ୍ର ଉପରେ ଛିଞ୍ଚିବ। ତହିଁରେ ସେ
ଓ ତାହା ସହିତ ତାହାର ବସ୍ତ୍ର, ପୁଣି ତାହାର ପୁତ୍ରଗଣ ଓ
ସେମାନଙ୍କ ବସ୍ତ୍ର ପବିତ୍ର ହେବ।

22“ଆହୁରି ତୁମ୍ଭେ ସେହି ଉତ୍ସର୍ଗୀତ ମେଷର ମେଦ ଓ
ମେଦମୟ ଲାଙ୍ଗୁଳ ଓ ଅନ୍ତ ଉପରିସ୍ଥ ମେଦ ଓ ଯକୃତର
ଉପରିସ୍ଥ ଅନ୍ତାପ୍ଲାବକ ଓ ଦୁଇ ଗୁରୁଦା ଓ ତହିଁ ଉପରିସ୍ଥ
ମେଦ ଓ ଡାହାଣ ଚଟୁଆ ନିଅ। ଯେହେତୁ ତାହା ଏକ
ଉତ୍ସର୍ଗୀକୃତ ଅଣ୍ଡିରା ମେଷ। 23ଏହାପରେ ତାଡ଼ୀଶୂନ୍ୟ ରୋଟୀ
ଡାଲି ନେଇ ସେହି ଡାଲିକୁ ସଦାପ୍ରଭୁଙ୍କ ସମ୍ମୁଖରେ ଥୋଇବ।
ସେହି ଡାଲିରୁ ଏକ ରୋଟୀ, ତୈଳ ମିଶ୍ରିତ ଏକ ପିଠା ଓ
ଏକ ସରୁ ଚକୁଳି ନେବ। 24ଏହିସବୁ ନେଇ ହାରୋଣ ଏବଂ
ତା'ର ପୁତ୍ରମାନଙ୍କ ହାତରେ ଦେବ। ତାଙ୍କୁ କୁହ ସେମାନେ
ଏହିସବୁ ସଦାପ୍ରଭୁଙ୍କ ସମ୍ମୁଖରେ ହାତରେ ଧରିବେ। ଏହା
ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବିଶିଷ୍ଟ ନୈବେଦ୍ୟ ହେବ। 25ଏହାପରେ
ହାରୋଣ ଏବଂ ତାଙ୍କର ପୁତ୍ରଙ୍କ ହସ୍ତରୁ ଏହି ନୈବେଦ୍ୟ
ନେଇ ଯଜ୍ଞବେଦୀର ହୋମବଳି ଉପରେ ଦଗ୍ଧ କର। ଏହା
ସଦାପ୍ରଭୁଙ୍କ ପାଇଁ ଏକ ସୁବାସିତ ଉପହାର।

26“ହାରୋଣଙ୍କର ଉତ୍ସର୍ଗୀକୃତ ଅଣ୍ଡିରା ମେଷର ଛାତି ନିଅ
ଏବଂ ଏହାକୁ ବିଶେଷ ନୈବେଦ୍ୟରୂପେ ସଦାପ୍ରଭୁଙ୍କ ସମ୍ମୁଖରେ
ଧରି। ଏହା ତୁମ୍ଭର ଅଂଶ ହେବ। 27ଉତ୍ସର୍ଗୀକୃତ ମେଷର
ଛାତି ଓ ଗୋଡକୁ ନିଅ ଏବଂ ଏହାକୁ ପବିତ୍ର ରୂପେ ପୃଥକ୍
କର। ଏହି ଅଂଶସବୁ ହାରୋଣ ଓ ତାଙ୍କର ପୁତ୍ରମାନଙ୍କୁ ଦିଅ।
28ଇଶ୍ରାୟେଲୀୟମାନେ ସର୍ବଦା ହାରୋଣ ଏବଂ ତାଙ୍କର ପୁତ୍ରମାନଙ୍କୁ
ଏହିସବୁ ଅଂଶ ଦେବେ। ଯେତେବେଳେ ଇଶ୍ରାୟେଲର ଲୋକମାନେ
ସେହିସବୁ ନୈବେଦ୍ୟ ଦେବେ ସେହି ସମୟରେ ହାରୋଣ
ଏବଂ ତାଙ୍କର ପୁତ୍ରମାନେ ଏହିସବୁ ଅଂଶ ପାଇବେ। ସେମାନେ
ଯାଜକଙ୍କୁ ଯେତେବେଳେ ଏହିସବୁ ଅଂଶ ଦେବେ, ଏହା
ଯାଜକମାନଙ୍କ ଦ୍ୱାରା ଗ୍ରହଣ କରାଯିବ।

29“ହାରୋଣଙ୍କ ପାଇଁ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ବସ୍ତ୍ରକୁ ସାଇତି
ରଖ। ତାଙ୍କର ମୃତ୍ୟୁ ପରେ ଏହି ପୋଷାକ ତାଙ୍କର
ଭବିଷ୍ୟତ୍ ବଂଶଧରମାନଙ୍କ ଦ୍ୱାରା ବ୍ୟବହାର ହେବ। ସେ
ଏହାକୁ ପିନ୍ଧିବେ ଯେତେବେଳେ ସେ ଅଭିଷିକ୍ତ ଓ ଯାଜକ
ପଦରେ ସମ୍ପ୍ରଦାୟଭୁକ୍ତ ହେବେ। 30ହାରୋଣଙ୍କ ମୃତ୍ୟୁ ପରେ
ତାଙ୍କର ପୁତ୍ର ମହାଯାଜକ ହେବେ। ତାଙ୍କର ପୁତ୍ର ଏହି
ବିଶେଷ ପୋଷାକକୁ ସାତ ଦିନ ଧରି ପରିଧାନ କରିବେ।
ଯେତେବେଳେ ସେମାନେ ସମାଗମ ତମ୍ବୁକୁ ଆସିବେ, ସେହି
ପବିତ୍ର ସ୍ଥାନରେ ସେବା କରିବେ।

31"ଏହାପରେ ସେହି ପଦ ନିଯୋଗାର୍ଥକ ଅଣ୍ଡିରା ମେଷର
ମାଂସ ନେଇ ଗୋଟିଏ ପବିତ୍ର ସ୍ଥାନରେ ରୋଷେଇ କର।
32ଏହାପରେ ହାରୋଣ ଏବଂ ତାଙ୍କର ପୁତ୍ରମାନେ ସମାଗମ
ତମ୍ବୁ ଦ୍ୱାର ଦେଶରେ ଏହାକୁ ଖାଇବେ। ଡାଲାରେ ଥିବା
ରୋଟୀକୁ ମଧ୍ୟ ସେମାନେ ଖାଇବେ। 33ସେମାନଙ୍କୁ ପଦରେ
ନିଯୁକ୍ତ ଓ ପ୍ରତିଷ୍ଠା କରିବା ନିମନ୍ତେ ଯାହାଦ୍ୱାରା ପ୍ରାୟଶ୍ଚିତ୍ତ
ହେଲା, ତାହା ସେମାନେ ଭୋଜନ କରିବେ। ମାତ୍ର କୌଣସି
ଅନ୍ୟ ବଂଶୀୟ ଲୋକ ତାହା ଭୋଜନ କରିବ ନାହିଁ କାରଣ
ତାହାସବୁ ପବିତ୍ର ବସ୍ତୁ। 34"ଯଦି ପଦ ନିଯୋଗାର୍ଥକ ମାଂସର
କିଛି ଅଂଶ କିମ୍ବା ରୋଟୀ ସକାଳ ପର୍ଯ୍ୟନ୍ତ ରହିଯାଏ, ତେବେ
ତାକୁ ଅଗ୍ନିର ଦଗ୍ଧ କର। ତୁମ୍ଭେମାନେ କେହି ଏହାକୁ ଖାଇବା
ଉଚିତ୍ ନୁହେଁ, କାରଣ ଏହା ପବିତ୍ର ଅଟେ।
35"ତୁମ୍ଭେମାନେ ଏହିସବୁ ନିଶ୍ଚିତ କରିବ, ହାରୋଣ ଏବଂ
ତାଙ୍କର ପୁତ୍ରମାନଙ୍କ ପାଇଁ ଆମ୍ଭେ ତୁମ୍ଭକୁ ଦେଇଥିବା ଆଜ୍ଞାନୁସାରେ
ନିଶ୍ଚୟ କରିବ। ତାଙ୍କର ପଦ ନିଯୋଗ ପାଇଁ ନିଶ୍ଚିତ ଭାବରେ
ସାତଦିନ ପାଇଁ ଲାଗିବ। 36ପ୍ରସ୍ତୁତ କରିବା ଏବଂ ଯଜ୍ଞବେଦୀକୁ
ପବିତ୍ର କରିବା ପାଇଁ ତୁମ୍ଭେମାନେ ସାତଦିନ ପାଇଁ ପ୍ରତ୍ୟେକ
ଦିନ ଏକ ବାଛୁରୀ ବଳିରୂପେ ଉତ୍ସର୍ଗ କରିବା ଉଚିତ୍।
ଉତ୍ସର୍ଗୀତ କରିବା ପାଇଁ ଏହା ଉପରେ ଅଲିଭ ତୈଳ ଢାଳ।
37ସାତଦିନ ଯାଏ ଯଜ୍ଞବେଦୀକୁ ପ୍ରସ୍ତୁତ କର। ଏହିପରି
ଯଜ୍ଞବେଦୀଟି ଅତି ପବିତ୍ର ହେବ। ଯାହା କିଛି ଯଜ୍ଞବେଦୀକୁ
ସ୍ପର୍ଶ କରେ ନିଶ୍ଚୟ ସେସବୁ ପବିତ୍ର ହେବ।
38"ପ୍ରତ୍ୟେକ ଦିନ ସେହି ଯଜ୍ଞବେଦୀ ଉପରେ ତୁମ୍ଭେ
ନୈବେଦ୍ୟ ଉତ୍ସର୍ଗ କରିବ। ଏହି ବଳି ପାଇଁ ମେଷଶାବକ
ଏକ ବର୍ଷୀୟ ହେବ ଏବଂ ପ୍ରତ୍ୟେକ ଦିନ ଏହା ଦୁଇଟି ବଳି
ହେବ। 39ପ୍ରଥମ ମେଷଶାବକ ପ୍ରଭାତରେ ଓ ଅନ୍ୟଟି ସନ୍ଧ୍ୟା
ସମୟରେ ଉତ୍ସର୍ଗ କରିବ। 40ଯେତେବେଳେ ତୁମ୍ଭେ ପ୍ରଥମ
ମେଷଶାବକ ସହିତ ଚତୁର୍ଥାଂଶ ନିର୍ମଳ ପେଷା ତୈଳରେ
ମିଶ୍ରିତ ଏକ ଐଫାର ଦଶମାଂଶ ମଇଦା ଓ ପେୟ ନୈବେଦ୍ୟ
ନିମନ୍ତେ ହିନର ଚତୁର୍ଥାଂଶ ଦ୍ରାକ୍ଷାରସ ଉତ୍ସର୍ଗ କର। 41ସନ୍ଧ୍ୟା
ସମୟରେ ଯେତେବେଳେ ଦ୍ୱିତୀୟ ମେଷ ଶାବକକୁ ଉତ୍ସର୍ଗ
କରିବ, ପ୍ରଭାତରେ ଭକ୍ଷ୍ୟ ନୈବେଦ୍ୟ ଓ ପେୟ ନୈବେଦ୍ୟ
ପ୍ରମାଣେ ତୁଷ୍ଟିଜନକ ଆଘ୍ରାଣାର୍ଥେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ଅଗ୍ନି ଉପହାର ସ୍ୱରୂପେ ତାହା ଉତ୍ସର୍ଗ କରିବ।
42"ଏହା ସମାଗମ ତମ୍ବୁ ଦ୍ୱାର ନିକଟରେ ସଦାପ୍ରଭୁଙ୍କ
ସମ୍ମୁଖରେ ତୁମ୍ଭମାନଙ୍କର ପୁରୁଷାନୁକ୍ରମେ ନିତ୍ୟ ହୋମବଳି
ହେବ। ସେହି ସ୍ଥାନରେ ମୁଁ ତୁମ୍ଭ ସହିତ ଆଳାପ କରିବା
ନିମନ୍ତେ ତୁମ୍ଭମାନଙ୍କ ସହିତ ସାକ୍ଷାତ କରିବ। 43ସେହି
ସ୍ଥାନରେ ମୁଁ ଇଶ୍ରାୟେଲ ଲୋକମାନଙ୍କ ସହିତ ସାକ୍ଷାତ
କରିବ। ମୋର ମହିମାରେ ତମ୍ବୁଟି ପବିତ୍ର ହେବ।
44"ମୁଁ ସମାଗମ ତମ୍ବୁ ଓ ଯଜ୍ଞବେଦୀ ପବିତ୍ର କରିବ
ଏବଂ ହାରୋଣ ଓ ତା'ର ପୁତ୍ରଗଣକୁ ଯାଜକ ରୂପେ ମୋର
ସେବା କରିବା ପାଇଁ ଉତ୍ସର୍ଗ କରିବ। 45ମୁଁ ଇଶ୍ରାୟେଲ
ଲୋକମାନଙ୍କ ମଧ୍ୟରେ ବାସ କରିବ ଏବଂ ସେମାନଙ୍କର
ପରମେଶ୍ୱର ହେବ। 46ତହିଁରେ ଆମ୍ଭେ ଯେ ସଦାପ୍ରଭୁ
ସେମାନଙ୍କର ପରମେଶ୍ୱର ତାହା ସେମାନେ ଜାଣିବେ। ସେମାନଙ୍କ
ମଧ୍ୟରେ ବାସ କରିବା ନିମନ୍ତେ ଆମ୍ଭେ ମିଶର ଦେଶରୁ
ସେମାନଙ୍କୁ ବାହାର କରି ଆଣିଛୁ, ତାହା ସେମାନେ ଜାଣିବେ।
ଆମ୍ଭେ ସଦାପ୍ରଭୁ ସେମାନଙ୍କର ପରମେଶ୍ୱର।"

## ଧୂପ ଜଳାଇବା ପାଇଁ ବେଦୀ

30 "ଶିଟୀମ୍ କାଠରେ ଏକ ବେଦୀ ନିର୍ମାଣ କର।
ତୁମ୍ଭେ ଏହି ବେଦୀକୁ ଧୂପ ଜଳାଇବା ପାଇଁ
ବ୍ୟବହାର କରିବା ଉଚିତ୍। 2ଏହି ବେଦୀ ବର୍ଗାକାର ହେବ।
ଏକ ହାତ ଲମ୍ବ, ଏକ ହାତ ପ୍ରସ୍ଥ ଏବଂ ଏହା ଦୁଇ ହାତ
ଉଚ୍ଚ ହେବା ଉଚିତ୍। ଏହାର ଶିଙ୍ଗଗୁଡ଼ିକ ବେଦୀର ଅଂଶ
ହେବ। 3ଏହି ବେଦୀର ଉପର ଏବଂ ଚତୁଃପାର୍ଶ୍ୱକୁ ନିର୍ମଳ
ସୁନାରେ ଆଚ୍ଛାଦନ କର ଏବଂ ଗୃହଆଡ଼େ ସୁନା କାନ୍ଥ
ଦେବ। 4ସୁବର୍ଣ୍ଣର ବଳୟ ତଳେ ଦୁଇଟି କଣା କର। ଏବଂ
ସେଠାରେ ଦୁଇଟି ସୁବର୍ଣ୍ଣର ଆଙ୍କୁଡା ଲଗାଅ। ଯଜ୍ଞବେଦୀକୁ
ସାଙ୍ଗୀ ସାହାଯ୍ୟରେ ବହନଅ। 5ଏହି ସାଙ୍ଗୀ ମଧ୍ୟ ଶିଟୀମ୍
କାଠରେ ତିଆରି କରିବ। ଏହି ସାଙ୍ଗୀଗୁଡ଼ିକ ସୁବର୍ଣ୍ଣରେ
ଛାଉଣୀ କରାଯିବ। 6ମୁଁ ତୁମ୍ଭକୁ ଯେଉଁ ସ୍ଥାନରେ ସାକ୍ଷାତ
କରିବ ତାହା ନିୟମ-ସିନ୍ଦୁକର ସମ୍ମୁଖରେ ଅଛି। ଯେଉଁଟାକି
ପରଦା ପାର୍ଶ୍ୱରେ ନିୟମ-ସିନ୍ଦୁକ ଆଚ୍ଛାଦକର ଆଗରେ ଅଛି।
7"ହାରୋଣ ସୁଗନ୍ଧିତ ଧୂପ ଜଳାଇବ। ସେ ପ୍ରତି ପ୍ରଭାତରେ
ପ୍ରଦୀପ ପରିଷ୍କାର କରିବାବେଳେ ସେହି ଧୂପ ଜଳାଇବ।
8ପୁଣି ସନ୍ଧ୍ୟା ସମୟରେ ହାରୋଣ ପ୍ରଦୀପ ଜଳାଇବା ସମୟରେ
ଧୂପ ଜଳାଇବ, ତହିଁରେ ସେମାନଙ୍କର ପୁରୁଷାନୁକ୍ରମେ ସଦାପ୍ରଭୁଙ୍କ
ସମ୍ମୁଖରେ ପ୍ରତ୍ୟେକ ଦିନ ଧୂପ ଜଳାଇବ। 9ବିଦେଶୀ ଧୂପ
କିମ୍ବା ହୋମବଳି କିମ୍ବା ଶସ୍ୟ ନୈବେଦ୍ୟ ବେଦୀ ଉପରେ
ଉତ୍ସର୍ଗ କର ନାହିଁ ଓ ତହିଁ ଉପରେ ପେୟ ନୈବେଦ୍ୟ ଢାଳ
ନାହିଁ।
10"ହାରୋଣ, ପାପ କ୍ଷମାର୍ଥେ ବର୍ଷକୁ ଥରେ ଦୋଷାର୍ଥକ
ବଳି ରକ୍ତ ସହିତ ଯଜ୍ଞବେଦୀର ଶିଙ୍ଗ ଉପରେ ପ୍ରସ୍ତୁତ
କରିବାର ଦିନ ବ୍ୟବହାର କରିବା ଉଚିତ୍। ହାରୋଣର
ବଂଶଧର ପୁରୁଷାନୁକ୍ରମେ ପ୍ରତ୍ୟେକ ବର୍ଷ ଏହା କରିବା
ଉଚିତ୍। ଏହି ଯଜ୍ଞବେଦୀ ସଦାପ୍ରଭୁଙ୍କ ପାଇଁ ମହାପବିତ୍ର।"

## ଏହି ବେଦୀ ପରମେଶ୍ୱରଙ୍କୁ ସବୁଠୁ ପବିତ୍ର

11ସଦାପ୍ରଭୁ ମୋଶାଙ୍କୁ କହିଲେ, 12"ତୁମ୍ଭେ ଗଣିତ ହୋଇଥିବା
ଲୋକମାନଙ୍କର ସଂଖ୍ୟା ଅନୁସାରେ ଇଶ୍ରାୟେଲ ସନ୍ତାନମାନଙ୍କୁ
ଗଣନା କରିବ। ସେତେବେଳେ ସେମାନଙ୍କର ପ୍ରତ୍ୟେକ
ଲୋକ ସଦାପ୍ରଭୁଙ୍କ ନିକଟରେ ନିଜନିଜ ପ୍ରାଣାର୍ଥେ ଗଣନା
ସମୟରେ ପ୍ରାୟଶ୍ଚିତ୍ତ କରିବେ। ତହିଁରେ ସେମାନଙ୍କ ମଧ୍ୟରେ
ଗଣନା ସମୟରେ ଆଘାତ ହେବ ନାହିଁ। 13ଯେଉଁମାନଙ୍କୁ
ଗଣନା କରାଯାଏ ସେମାନେ ଅର୍ଦ୍ଧ ଶେକଲ ଦେବା ଉଚିତ୍।
କାର୍ଯ୍ୟାଳୟ ମାପ ଅନୁସାରେ ଅର୍ଦ୍ଧ ଶେକଲ, ଏହି ଶେକଲ
କୋଡିଏ ଗେରାହ ଅଟେ। ସେହି ଅର୍ଦ୍ଧ ଶେକଲ ସଦାପ୍ରଭୁଙ୍କ
ପାଇଁ ନୈବେଦ୍ୟ ହେବ। 14କୋଡ଼ିଏ ବର୍ଷ କିମ୍ବା ତା'ଠାରୁ
ଅଧିକ ବୟସ୍କ ବ୍ୟକ୍ତି ଯିଏକେହି ଗଣତି ମଧ୍ୟରେ ଆସିବ, ସେ
ସଦାପ୍ରଭୁଙ୍କୁ ଏହି ନୈବେଦ୍ୟ ଉତ୍ସର୍ଗ କରିବ। 15ଧନୀ ବ୍ୟକ୍ତି
ଅର୍ଦ୍ଧ ଶେକଲରୁ ଅଧିକ ଦେବା ଉଚିତ୍ ନୁହେଁ। ଗରିବ
ଲୋକମାନେ ଅର୍ଦ୍ଧ ଶେକଲରୁ କମ୍ ଦେବା ଉଚିତ୍ ନୁହେଁ।

ସମସ୍ତ ନୈବେଦ୍ୟ ସମାନ ହେବା ଉଚିତ୍। ତୁମ୍ଭ ଜୀବନର
ପ୍ରାୟଶ୍ଚିତ୍ତ ନିମନ୍ତେ, ଏହା ସଦାପ୍ରଭୁଙ୍କୁ ଉତ୍ସର୍ଗ କରାଯିବ।
**16**ସେହି ଅର୍ଥକୁ ଇସ୍ରାଏଲ ଲୋକମାନଙ୍କ ପାଖରୁ ଏକତ୍ର
କର। ଏହି ଅର୍ଥକୁ ସମାଗମ ତମ୍ବୁର କାର୍ଯ୍ୟାର୍ଥେ ବିନିଯୋଗ
କର। ଏହି ଦେୟ ତୁମ୍ଭମାନଙ୍କର ସଦାପ୍ରଭୁଙ୍କୁ ମନେ ରଖିବା
ପାଇଁ ଏକ ମାଧ୍ୟମ ହେବ। ସେମାନେ ସେମାନଙ୍କର ଜୀବନ
ପ୍ରାୟଶ୍ଚିତ୍ତ ପାଇଁ ଏହା ଦାନ କରିବେ।"

### ପ୍ରକ୍ଷାଳନ କୁଣ୍ଡ

**17**ସଦାପ୍ରଭୁ ମୋଶାଙ୍କୁ କହିଲେ, **18**"ପ୍ରକ୍ଷାଳନ କୁଣ୍ଡ ଏବଂ
ଏହାର ଆଧାର ସବୁ କଂସାରେ ତିଆରି କର। ପୁଣି ସମାଗମ
ତମ୍ବୁ ଓ ଯଜ୍ଞବେଦୀ ମଧ୍ୟରେ ପ୍ରକ୍ଷାଳନ କୁଣ୍ଡ ରଖ ଓ ତହିଁ
ମଧ୍ୟରେ ଜଳ ପୂର୍ଣ୍ଣ କର। **19**ହାରୋଣ ଏବଂ ତାଙ୍କର
ପୁତ୍ରମାନେ ସେମାନଙ୍କର ହାତ ପାଦ ଧୌତ କରିବେ।
**20**ସେମାନେ ସମାଗମ ତମ୍ବୁରେ ପ୍ରବେଶ କଲା ସମୟରେ
ସେମାନେ ଧୋଇ ହେବା ଉଚିତ୍, ଯାହାଫଳରେ ସେମାନେ
ମରିବେ ନାହିଁ। ଆଉ ମଧ୍ୟ ସେମାନେ ଯାଜକର କର୍ମ କରିବା
ନିମନ୍ତେ ଯେତେବେଳେ ସଦାପ୍ରଭୁଙ୍କୁ ନୈବେଦ୍ୟ ଉତ୍ସର୍ଗ କରିବା
ପାଇଁ ବେଦୀ ପାଖକୁ ଯିବେ, **21**ସେମାନେ ସେମାନଙ୍କର ହାତ
ଏବଂ ପାଦ ଧୋଇବେ, ଯାହା ଫଳରେ ମୃତ୍ୟୁବରଣ କରିବେ
ନାହିଁ। ହାରୋଣ ଏବଂ ତାଙ୍କ ବଂଶଧରମାନଙ୍କ ପାଇଁ ଏହି
ବ୍ୟବସ୍ଥା ସବୁଦିନ ପାଇଁ ରହିବ।"

### ଅଭିଷେକାର୍ଥକ ତୈଳ

**22**ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, **23**"ଏହି
ଅତ୍ୟୁତ୍ତମ ସୁଗନ୍ଧି ଦ୍ରବ୍ୟ, ଅର୍ଥାତ୍ ପବିତ୍ରସ୍ଥାନର ଶେକଲ
ଅନୁସାରେ ପାଞ୍ଚଶହ ଶେକଲ ନିର୍ମଳ ଗନ୍ଧରସ ଓ ତା'ର
ଅଧା ଅର୍ଥାତ୍ ଅଢ଼ାଇଶହ ଶେକଲ ସୁଗନ୍ଧି ଦାରୁଚିନି ଓ
ଅଢ଼ାଇଶହ ଶେକଲ ସୁଗନ୍ଧି ବଚ ସଂଗ୍ରହ କର। **24**କାଶିଆର
500 ଶେକଲ ସଂଗ୍ରହ କର। ଯେତେବେଳେ ଏହିସବୁ ଓଜନ
କରୁଛ, କାର୍ଯ୍ୟାଳୟ ମାପ ବ୍ୟବହାର କର। ଆଉ ମଧ୍ୟ ଏକ
ହିନ ଅଲିଭ ତୈଳ ସଂଗ୍ରହ କର।

**25**"ଏହି ସବୁତକ ମସଲା ଓ ତୈଳ ମିଶାଇବା ପାଇଁ
ଏକ ସୁଗନ୍ଧି ଦ୍ରବ୍ୟ ତିଆରି କରୁଥିବା ଯନ୍ତ୍ର ଆଣ। ତାହା
ଅଭିଷେକାର୍ଥକ ପବିତ୍ର ତୈଳ ମିଶାଇବ। **26**ଏହା ନେଇ
ତୁମ୍ଭେମାନେ ସମାଗମ ତମ୍ବୁ ଓ ନିୟମ-ସିନ୍ଦୁକ ଉପରେ
ସିଞ୍ଚନ କର। **27**ମେଜ ଓ ତହିଁର ସକଳ ପାତ୍ର ଓ ଦୀପବୃକ୍ଷ
ଓ ତହିଁର ସକଳ ଅଂଶ, ଧୂପ ବେଦୀ, **28**ହୋମବଳିର ବେଦୀ
ଓ ତହିଁର ସକଳ ଅଂଶ, ପ୍ରକ୍ଷାଳନ ପାତ୍ର ଓ ତହିଁର ରୁଖା।
**29**ଏହିସବୁ ବସ୍ତୁକୁ ପବିତ୍ର କର। ତହିଁରେ ସେଗୁଡ଼ିକ ମହାପବିତ୍ର
ହେବ ଏବଂ ଯାହା କିଛି ସେଗୁଡ଼ିକ ସ୍ପର୍ଶ କରେ ସେସବୁ
ନିଶ୍ଚୟ ପବିତ୍ର ହେବ।

**30**"ଏହି ତୈଳକୁ ହାରୋଣ ଏବଂ ତାଙ୍କର ପୁତ୍ରମାନଙ୍କ
ଉପରେ ଛିଞ୍ଚି ପବିତ୍ର କର। ଯେଉଁଥିରେ ସେମାନେ ଆମ୍ଭର
ଯାଜକ କର୍ମ କରିବା ପାଇଁ ଅଭିଷେକ କରି ପବିତ୍ର କରିବେ।
**31**ଇସ୍ରାଏଲର ଲୋକମାନଙ୍କୁ ଏହି ଅଭିଷେକାର୍ଥକ ତୈଳ
ବିଷୟରେ କୁହ ଯେ ଏହା ପବିତ୍ର ଅଟେ। ଏହା ସର୍ବଦା ଆମ୍ଭ
ପାଇଁ ବ୍ୟବହାର ହେବ। **32**କେହି ଏହାକୁ ବ୍ୟକ୍ତିଗତ
କାର୍ଯ୍ୟରେ ସାଧାରଣ ତୈଳ ପରି ବ୍ୟବହାର କରିପାରିବେ
ନାହିଁ। ବିଶେଷ ତୈଳକୁ ପ୍ରସ୍ତୁତ କଲା ପରି ଅନ୍ୟ ସୁଗନ୍ଧିକୁ
ପ୍ରସ୍ତୁତ କରନାହିଁ। ଏହି ତୈଳ ପବିତ୍ର ଏବଂ ତୁମ୍ଭ ପାଇଁ
ପବିତ୍ର ହେବା ଉଚିତ୍। **33**ଯଦି ଜଣେ ଲୋକ ଏହି ତୈଳ
ପରି ସୁଗନ୍ଧି ତିଆରି କରେ, ଏବଂ ଯଦି ଅଯୋଗ୍ୟ ବ୍ୟକ୍ତିକୁ
ଦିଆଯାଏ, ତାକୁ ଏହି ଲୋକମାନଙ୍କଠାରୁ ଅଲଗା କରାଯିବ।"

### ଧୂପ

**34**ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭେ
ଆପଣା ନିକଟରେ ସୁଗନ୍ଧ ଦ୍ରବ୍ୟ ଅର୍ଥାତ୍ ଗୁଗ୍ଗୁଳ ଓ ନଖୀ,
କୁନ୍ଦୁରୁ ଓ ନିର୍ମଳ ଲୋବାନ୍। ଏହି ପ୍ରତ୍ୟେକ ସୁଗନ୍ଧି ଦ୍ରବ୍ୟ
ସମଭାବରେ ସଂଗ୍ରହ କର। **35**ଏହିସବୁ ମିଶାଇ ସୁଗନ୍ଧି ପ୍ରସ୍ତୁତ
କରିବା ପାଇଁ ଏକ ଧୂପକାରକକୁ ଆଣ। ଏଥିରେ ଲବଣ
ମଧ୍ୟ ମିଶାଅ। ଏହା ତୁମ୍ଭ ପାଇଁ ଶୁଦ୍ଧ ଓ ପବିତ୍ର ଅଟେ।
**36**ତହିଁରୁ କିଛି ଚୂର୍ଣ୍ଣ କରି ଯେଉଁ ସମାଗମ ତମ୍ବୁରେ ଆମ୍ଭେ
ତୁମ୍ଭ ସହିତ ସାକ୍ଷାତ କରିବା, ତହିଁ ମଧ୍ୟରେ ନିୟମ-ସିନ୍ଦୁକ
ମଧ୍ୟରେ ରଖିବ। ତାହା ତୁମ୍ଭମାନଙ୍କ ପ୍ରତି ମହାପବିତ୍ର ହେବ।
**37**ତୁମ୍ଭେମାନେ ଯେଉଁ ସୁଗନ୍ଧି ଧୂପ କରିବ, ତହିଁର ମିଶ୍ରିତ
ଦ୍ରବ୍ୟର ପରିମାଣ ଅନୁସାରେ ନିଜ ପାଇଁ କର ନାହିଁ। ତାହା
ତୁମ୍ଭମାନଙ୍କ ପ୍ରତି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର ହେବ।
**38**ଯଦି କେହି ଆପଣା ଘ୍ରାଣାର୍ଥେ ସେହିପରି ସୁଗନ୍ଧି ଧୂପ
ପ୍ରସ୍ତୁତ କରିବ। ତେବେ ସେ ଆପଣା ଲୋକମାନଙ୍କଠାରୁ
ଉଚ୍ଛିନ୍ନ ହେବ।"

### ବତ୍ସଲେଲ ଓ ଅହଲୀୟାବ

**31** ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, **2**"ଆମ୍ଭେ
ଯିହୁଦା ପରିବାରବର୍ଗର ଜଣେ ବ୍ୟକ୍ତିକୁ ବାଛି ଅଛୁ
ଯିଏକି ଆମ୍ଭ ପାଇଁ ଏକ ବିଶେଷ କାର୍ଯ୍ୟ କରିବ। ସେ
ହେଉଛି ହୂରର ପୌତ୍ର, ଊରିର ପୁତ୍ର ବତ୍ସଲେଲ। **3**ମୁଁ
ପରମେଶ୍ୱରଙ୍କ ଆତ୍ମାରେ ବତ୍ସଲେଲକୁ ପୂର୍ଣ୍ଣ କଲି। ସମସ୍ତ
କାରିଗରି କାର୍ଯ୍ୟ କରିବାକୁ ମୁଁ ତାକୁ ସମସ୍ତ ପ୍ରକାର କୌଶଳ
ଓ ଜ୍ଞାନ ଦେଇଛି। **4**ବତ୍ସଲେଲ ଜଣେ ଉଚ୍ଚକୋଟୀର
କର୍ମକାର ଏବଂ ସେ ସୁନା, ରୁପା ଓ ପିତ୍ତଳର କାରୁକାର୍ଯ୍ୟମାନ
ଉତ୍ତମ ଭାବରେ କରିପାରୁ ଥିଲେ। **5**ବତ୍ସଲେଲ ସୁନ୍ଦର
ଗହଣାମାନ ତିଆରି କରିପାରୁଥିଲେ। ସେ ମଧ୍ୟ ସୁନ୍ଦର କାଠ
କର୍ମମାନ କରିପାରୁ ଥିଲେ। ବତ୍ସଲେଲ ସର୍ବପ୍ରକାର କାର୍ଯ୍ୟରେ
ନିପୁଣ ଥିଲେ। **6**ଅହଲୀୟାବକୁ ସାହାଯ୍ୟ କରିବା ପାଇଁ ମୁଁ
ତାକୁ ବାଛିଅଛି। ସେ ହେଉଛି ଦାନ ପରିବାରବର୍ଗର ଅହୀଷାମକର
ପୁତ୍ର। ଆମ୍ଭେ ତାଙ୍କୁ ଏବଂ ସମସ୍ତ ଜ୍ଞାନମନା ଲୋକମାନଙ୍କୁ
ଜ୍ଞାନରେ ଭରପୁର କଲୁ। ମୁଁ ସେମାନଙ୍କର ସମସ୍ତଙ୍କୁ କୌଶଳ
ପ୍ରଦାନ କରିଅଛି ଏବଂ ସେମାନେ ମୋ ପାଇଁ କାର୍ଯ୍ୟ
କରିବେ।

**7** ସମାଗମ ତମ୍ବୁ, ନିୟମସିନ୍ଦୁକ,
ସିନ୍ଦୁକର ଆଚ୍ଛାଦକ,
ତା'ର ପାପାଚ୍ଛାଦନ ସମାଗମ ତମ୍ବୁର ସମସ୍ତ ଦ୍ରବ୍ୟ,

8 ମେଜ ଏବଂ ଏହା ଉପରସ୍ଥ ସମସ୍ତ ବସ୍ତୁ,
ଶୁଦ୍ଧ ସ୍ବର୍ଣ୍ଣ ଦୀପ ଓ ତା'ର ସମସ୍ତ ଓ ଧୂପ
ଜାଳିବା ପାଇଁ ବେଦୀ,
9 ହୋମବଳୀ ବେଦୀ ଓ ତହିଁର ସମସ୍ତ ପାତ୍ର,
ପ୍ରକ୍ଷାଳନ ପାତ୍ର ଓ ତହିଁର ବୈଠିକ,
10 ଯାଜକ ହାରୋଣ ନିମନ୍ତେ ବିଶେଷ ବସ୍ତ୍ର ସୁନ୍ଦର
ଭାବରେ ସିଲାଇ କରାଯାଇଛି,
ହାରୋଣର ପୁତ୍ରମାନଙ୍କ ପାଇଁ ବିଶେଷ ବସ୍ତ୍ରମାନ।
ଯେତେବେଳେ ସେମାନେ ଯାଜକ କର୍ମ କରିବେ
ସେତେବେଳେ ସେମାନେ ସେଗୁଡ଼ିକ
ପରିଧାନ କରିବେ।
11 ପବିତ୍ରସ୍ଥାନ ନିମନ୍ତେ ଅଭିଷେକାର୍ଥ ତୈଳ ଓ ଧୂପ
ଏହି କର୍ମୀମାନେ କାର୍ଯ୍ୟମାନ ମୋର ଆଜ୍ଞା
ଅନୁଯାୟୀ କରିବେ।"

## ବିଶ୍ରାମ ଦିନ

12ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, 13"ଏହିକଥା
ଇଶ୍ରାୟେଲ ଲୋକମାନଙ୍କୁ କୁହ, 'ତୁମ୍ଭେମାନେ ମୋର ବିଶ୍ରାମଦିନ
ପାଳନ କରିବା ଉଚିତ୍। ଯେଉଁଥିପାଇଁ ତୁମ୍ଭେମାନେ ଜାଣି
ପାରିବ ଯେ ମୁଁ ତୁମ୍ଭମାନଙ୍କର ସଦାପ୍ରଭୁ ଯିଏ ତୁମ୍ଭମାନଙ୍କୁ
ପବିତ୍ର କରନ୍ତି। ଏହା ପୁରୁଷାନୁକ୍ରମେ ମୁଁ ଓ ତୁମ୍ଭମାନଙ୍କ
ମଧ୍ୟରେ ଏକ ଚିହ୍ନ ହେବ।
14"'ତୁମ୍ଭେମାନେ ମୋର ବିଶ୍ରାମଦିନ ପାଳନ କରିବା
ଉଚିତ୍। କାରଣ ତାହା ତୁମ୍ଭମାନଙ୍କ ପାଇଁ ପବିତ୍ର ଅଟେ। ଯଦି
କେହି ଏହାକୁ ଅପବିତ୍ର କରେ ତେବେ ସେ ମୃତ୍ୟୁବରଣ
କରିବା ଉଚିତ୍। ଯଦି କେହି ସେଦିନ କାର୍ଯ୍ୟ କରେ, ସେ
ଆପଣା ଲୋକମାନଙ୍କଠାରୁ ଅଲଗା ହେବା ଉଚିତ୍। 15ଏକ
ସପ୍ତାହରେ ଛଅଦିନ କାର୍ଯ୍ୟ କରାଯିବ ଏବଂ ସପ୍ତମ ଦିନରେ
ବିଶ୍ରାମ କରିବ। ଏହି ଦିନଟି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର
ଦିନ ଅଟେ। ଏହି ପବିତ୍ର ବିଶ୍ରାମ ଦିନରେ ଯେ କେହି କାର୍ଯ୍ୟ
କରେ ତାକୁ ମୃତ୍ୟୁଦଣ୍ଡ ଦିଆଯିବ। 16ଇଶ୍ରାୟେଲର ସନ୍ତାନଗଣ
ମାନ୍ୟ କରିବା ପାଇଁ ପାଳନ କରିବେ। ଏହି ନିୟମ
ଅନନ୍ତକାଳ ପାଇଁ ସ୍ଥାୟୀ ରହିବ। ଏହା ପୁରୁଷାନୁକ୍ରମେ ପାଳନ
କରାଯିବ। ଏହା ଆମ୍ଭ ଓ ତୁମ୍ଭ ମଧ୍ୟରେ ଏକ ଚୁକ୍ତି।
17ମୋର ଓ ଇଶ୍ରାୟେଲ ଲୋକମାନଙ୍କ ମଧ୍ୟରେ ଏହା ଏକ
ଅନନ୍ତକାଳୀନ ଚିହ୍ନ ହେବା ଉଚିତ୍। କାରଣ ସଦାପ୍ରଭୁ ଛଅ
ଦିନରେ ଆକାଶମଣ୍ଡଳ ଓ ପୃଥିବୀ ତିଆରି କରି ସପ୍ତମ
ଦିନରେ ବିଶ୍ରାମ କରି ଆଶ୍ୱାସିତ ହୋଇଥିଲେ।'"
18ତେଣୁ ସଦାପ୍ରଭୁ ସୀନୟ ପର୍ବତରେ ମୋଶାଙ୍କ ସହିତ
କଥାବାର୍ତ୍ତା ନିୟମ ସ୍ୱରୂପେ ପରମେଶ୍ୱରଙ୍କ ଅଙ୍ଗୁଳି-ଲିଖିତ
ଦୁଇଟି ପ୍ରସ୍ତର ପଟା ଫଳକ ତାଙ୍କୁ ଦେଲେ।

## ସ୍ବର୍ଣ୍ଣ ବାଛୁରୀ

32 ଲୋକମାନେ ଅନୁଭବ କଲେ ଯେ, ମୋଶା ପର୍ବତ
ଉପରୁ ଓହ୍ଲାଇ ଆସିବାକୁ ଡେରି କଲେ। ତେଣୁ
ସେମାନେ ହାରୋଣଙ୍କ ନିକଟରେ ରୁଣ୍ଡ ହେଲେ। ସେମାନେ
ତାଙ୍କୁ କହିଲେ, "ଦେଖ, ମୋଶା ଆମ୍ଭମାନଙ୍କୁ ମିଶର ଦେଶରୁ
ବାହାର କରି ଆଣିଲେ କିନ୍ତୁ ଆମ୍ଭେ ଜାଣିପାରିଲୁ ନାହିଁ
ତାଙ୍କର କ'ଣ ହୋଇଛି। ଆମ୍ଭମାନଙ୍କୁ ଆଗେଇ ନେବା ପାଇଁ
କେତେକ ଦେବତାଗଣ ନିର୍ମାଣ କର।"
2ହାରୋଣ ସେହି ଲୋକମାନଙ୍କୁ କହିଲେ, "ତୁମ୍ଭମାନଙ୍କର
ସ୍ତ୍ରୀ, ପୁତ୍ରକନ୍ୟାମାନଙ୍କର କର୍ଣ୍ଣ କୁଣ୍ଡଳ ମୋ ପାଖକୁ ଆଣ।"
3ତେଣୁ ଲୋକମାନେ ସେହି କର୍ଣ୍ଣକୁଣ୍ଡଳ ଗୁଡ଼ିକୁ ସଂଗ୍ରହ
କରି ହାରୋଣଙ୍କୁ ଦେଲେ। 4ହାରୋଣ ଲୋକମାନଙ୍କଠାରୁ
ସ୍ବର୍ଣ୍ଣ ଗ୍ରହଣ କଲେ। ତା'ପରେ ହାରୋଣ ସେଥିରୁ ଏକ
ସ୍ବର୍ଣ୍ଣର ଶିଳ୍ପାସ୍ତ୍ରରେ ଛାଞ୍ଚ ପ୍ରସ୍ତୁତ କରି ସେଥିରେ ଢ଼ଳା
ବାଛୁରୀ ନିର୍ମାଣ କଲେ।
ଏହାପରେ ସେ କହିଲେ, "ଇଶ୍ରାୟେଲ, ଯେଉଁ ଦେବତା
ତୁମ୍ଭକୁ ମିଶର ଦେଶରୁ ବାହାର କରି ଆଣିଥିଲେ, ସେଗୁଡ଼ିକ
ଏହି।"
5ହାରୋଣ ଏହିସମସ୍ତ ଦେଖିଲେ, ତେଣୁ ହାରୋଣ ଏହାର
ସମ୍ମୁଖରେ ଏକ ବେଦୀ ତିଆରି କଲେ। ଏହାପରେ ହାରୋଣ
ସେଠାରେ ଏକ ଘୋଷଣା କଲେ। ସେ କହିଲେ, "ଆସନ୍ତାକାଲି
ସଦାପ୍ରଭୁଙ୍କ ସମ୍ମାନାର୍ଥେ ଏକ ଭୋଜି ହେବ।"
6ତା'ପରଦିନ ଅତି ପ୍ରଭାତରୁ ଲୋକମାନେ ଉଠିଲେ।
ସେମାନେ ହୋମବଳି ଉତ୍ସର୍ଗ କଲେ ଓ ମଙ୍ଗଳାର୍ଥକ ନୈବେଦ୍ୟ
ଆଣିଲେ। ଏହାପରେ ଲୋକମାନେ ଭୋଜନପାନ କରିବାକୁ
ଲାଗିଲେ। ଏହାପରେ ଲୀଳା କରିବାକୁ ଉଠିଲେ।"
7ସେହି ସମୟରେ, ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭେ
ଏହି ପର୍ବତରୁ ଓହ୍ଲାଇ ଯାଅ। ତୁମ୍ଭର ଲୋକମାନେ, ଯେଉଁ
ଲୋକମାନଙ୍କୁ ତୁମ୍ଭେ ମିଶରରୁ ବାହାର କରି ଆଣିଥିଲ,
ସେମାନେ ଘୋର ପାପ କରିଛନ୍ତି। 8ସେମାନେ ଖୁବ୍ ଶୀଘ୍ର
ମୁଁ ଶିକ୍ଷା ଦେଇଥିବା ପଥରୁ ବିମୁଖ ହେଲେ। ସେମାନେ
ସ୍ବର୍ଣ୍ଣର ଏକ ବାଛୁରୀ ନିର୍ମାଣ କଲେ। ସେମାନେ ସେହି
ମୂର୍ତ୍ତିକୁ ଉପାସନା କରୁଛନ୍ତି ଏବଂ ତା'ର ସମ୍ମୁଖରେ ବଳିଦାନ
କରୁଛନ୍ତି। ସେମାନେ କହନ୍ତି, 'ଇଶ୍ରାୟେଲ, ତୁମ୍ଭକୁ ମିଶର
ଦେଶରୁ ଯେଉଁ ଦେବତା ବାହାର କରି ଆଣିଲେ, ସେଗୁଡ଼ିକ
ଏହି।'"
9ସଦାପ୍ରଭୁ ମୋଶାଙ୍କୁ କହିଲେ, "ମୁଁ ଏହି ଲୋକମାନଙ୍କୁ
ଦେଖିଛି। ସେମାନେ ଅତିଶୟ ଜିଦ୍‌ଖୋର 10ତେଣୁ ବର୍ତ୍ତମାନ
ମୋତେ ବିରକ୍ତ କର ନାହିଁ, ଯେଉଁଥିପାଇଁ ମୁଁ ସେମାନଙ୍କୁ
ମୋର କ୍ରୋଧରେ ଧ୍ୱଂସ କରିବି। ଏହାପରେ ମୁଁ ତୁମ୍ଭଠାରୁ
ଏକ ମହାନ ଜାତି ସୃଷ୍ଟି କରିବି।"
11କିନ୍ତୁ ମୋଶା ତା'ର ସଦାପ୍ରଭୁ ପରମେଶ୍ୱରଙ୍କୁ ଭିକ୍ଷା
ମାଗିଲେ, "ହେ ସଦାପ୍ରଭୁ, ତୁମ୍ଭର କ୍ରୋଧରେ ତୁମ୍ଭର ଲୋକମାନଙ୍କୁ
ଧ୍ୱଂସ କର ନାହିଁ। ତୁମ୍ଭେ ଆପଣା ଶକ୍ତି ବଳରେ ସେମାନଙ୍କୁ
ମିଶରରୁ ବାହାର କରି ଆଣିଥିଲ। 12କିନ୍ତୁ ଯଦି ତୁମ୍ଭେ
ଆପଣା ଲୋକମାନଙ୍କୁ ଧ୍ୱଂସ କର, ତାହାହେଲେ ମିଶରୀୟମାନେ
କହିବେ, 'ସଦାପ୍ରଭୁ ତାଙ୍କର କ୍ଷତି କରିବାକୁ ଯୋଜନା
କରିଥିଲେ। ସେହି କାରଣରୁ ସେ ତାଙ୍କୁ ମିଶରରୁ ବାହାର
କରି ସେହି ପର୍ବତଗୁଡ଼ିକରେ ମାରି ପୃଥିବୀରୁ ସେମାନଙ୍କୁ
ଉଚ୍ଛିନ୍ନ କରିବାକୁ ଯୋଜନା କରିଥିଲେ।' ତେଣୁ ସେମାନଙ୍କ
ଉପରେ କ୍ରୋଧ ହୁଅ ନାହିଁ। ଦୟାକରି ତୁମ୍ଭର ମନ
ପରିବର୍ତ୍ତନ କର। ଦୟାଳୁ ହୁଅ ଓ ସେମାନଙ୍କୁ ଧ୍ୱଂସ କର

ନାହିଁ। 13ମନେରଖ, ଅବ୍ରହାମ, ଇସ୍ହାକ୍ ଏବଂ ଯାକୁବ,
ତୁମ୍ଭର ସେବକଗଣ। ତୁମ୍ଭେ ନିଜେ ପ୍ରତିଜ୍ଞା କରିଅଛ,
'ଆକାଶରେ ଥିବା ତାରାମାନଙ୍କ ପରି ତୁମ୍ଭମାନଙ୍କର ବଂଶ ବୃଦ୍ଧି
ହେବ ଏବଂ ମୁଁ ପ୍ରତିଜ୍ଞା କରିଥିବା ଭୂମି ତୁମ୍ଭମାନଙ୍କୁ ଦେବି।
ସେହି ଭୂମି ତୁମ୍ଭମାନଙ୍କର ଅନନ୍ତକାଳ ହେବ।'"

14ତେଣୁ ସଦାପ୍ରଭୁ ତାଙ୍କର ଲୋକମାନଙ୍କୁ ଧ୍ୱଂସ କରିବାରୁ
ମନ ପରିବର୍ତ୍ତନ କଲେ।

15ଏହାପରେ ମୋଶା ବୁଲି ପଡିଲେ ଓ ପର୍ବତର ତଳକୁ
ଓହ୍ଲାଇ ଗଲେ। ମୋଶାଙ୍କ ହାତରେ ଚୁକ୍ତି ଲେଖା ଯାଇଥିବା
ପ୍ରସ୍ତର ଫଳକ ଥିଲା। ସଦାପ୍ରଭୁଙ୍କର ଆଜ୍ଞା ଏହା ପଛପଟେ
ଓ ଆଗ ପଟେ ଲେଖା ହୋଇଥିଲା। 16ପରମେଶ୍ୱରଙ୍କ ଦ୍ୱାରା
ସେହି ପ୍ରସ୍ତର ଫଳକ ନିର୍ମିତ ହୋଇଥିଲା ଏବଂ ପରମେଶ୍ୱରଙ୍କ
ସ୍ୱହସ୍ତରେ ଲେଖିଥିଲେ।

17ଯିହୋଶୂୟ ସେହି ଭୋଜିର ପାଟି ଶୁଣିଲେ। ଯିହୋଶୂୟ
ମୋଶାଙ୍କୁ କହିଲେ, "ଛାଉଣୀରେ ଯୁଦ୍ଧର ଶବ୍ଦପରି ଏହା
ଶୁଭୁଛି।"

18ମୋଶା ଉତ୍ତର ଦେଲେ, "ଏହା ସୈନ୍ୟମାନଙ୍କର
ଜୟଧ୍ୱନିର ଶବ୍ଦ ନୁହେଁ। କିମ୍ବା ପରାଜୟର ଶବ୍ଦ ମଧ୍ୟ ନୁହେଁ।
ମୁଁ ଗାୟନର ଶବ୍ଦ ଶୁଣି ପାରୁଛି।"

19ମୋଶା ଛାଉଣୀର ନିକଟକୁ ଆସିଲେ। ସେ ସେହି
ସ୍ୱର୍ଣ୍ଣର ବାଛୁରୀ ଦେଖିଲେ ଏବଂ ସେ ଲୋକମାନଙ୍କୁ
ନାଚୁଥିବାର ଦେଖିଲେ। ମୋଶା ରାଗିଗଲେ। ସେ ରାଗରେ
ସେହି ପ୍ରସ୍ତର ଫଳକକୁ ପର୍ବତ ତଳେ ଫିଙ୍ଗି ଚୂନା କରିଦେଲେ।
20ଏହାପରେ ମୋଶା ସେମାନେ ତିଆରି କରିଥିବା ବାଛୁରୀକୁ
ନେଇଗଲେ ଏବଂ ସେ ଏହାକୁ ନିଆଁରେ ତରଳାଇ ଦେଲେ।
ଏହାପରେ ସେ ପେଷି ଦେଲେ ଏବଂ ତାକୁ ପାଣିରେ ମିଶାଇ
ଇଶ୍ରାୟେଲର ସମସ୍ତ ଲୋକଙ୍କୁ ସେହି ପାଣି ପିଆଇଲେ।

21ମୋଶା ହାରୋଣଙ୍କୁ କହିଲେ, "ଏ ଲୋକମାନେ ତୁମ୍ଭ
ପାଇଁ କ'ଣ କଲେ? କାହିଁକି ତୁମ୍ଭେ ତାକୁ ଏପରି ପାପ
କରିବାକୁ ଆଗେଇ ନେଲ?"

22ହାରୋଣ ଉତ୍ତର ଦେଲେ, "କ୍ରୋଧ ହୁଅ ନାହିଁ
ମହାଶୟ। ତୁମ୍ଭେ ଜାଣ ଏହି ଲୋକମାନେ ସର୍ବଦା ଭୁଲ
କରନ୍ତି। 23ଲୋକମାନେ ମୋତେ କହିଲେ, 'ମୋଶା ଆମ୍ଭମାନଙ୍କୁ
ମିଶରରୁ ବାହାର କରି ଆଣିଲେ। କିନ୍ତୁ ତାଙ୍କର କ'ଣ ହେଲା
ତାହା ଆମ୍ଭେ ଜାଣୁ ନାହିଁ। ତେଣୁ କିଛି ଦେବଗଣ ତିଆରି
କର ଓ ଆମ୍ଭମାନଙ୍କୁ ଆଗେଇ ନିଅ।' 24ତେଣୁ ମୁଁ
ଲୋକମାନଙ୍କୁ କହିଲି, 'ଯଦି ତୁମ୍ଭମାନଙ୍କ ପାଖରେ କିଛି
ସ୍ୱର୍ଣ୍ଣର ଅଳଙ୍କାର ଅଛି, ତେବେ ମୋ ପାଖକୁ ଆଣ ତେଣୁ,
ସେମାନେ ମୋତେ ତାଙ୍କର ସବୁ ସ୍ୱର୍ଣ୍ଣ ଦେଲେ।' ମୁଁ
ସ୍ୱର୍ଣ୍ଣକୁ ନିଆଁରେ ଫୋପାଡ ଦେଲି ଓ ଏହି ବାଛୁରୀ ତିଆରି
କଲି।"

25ମୋଶା ହୃଦ୍‌ବୋଧ କଲେ ଯେ, ହାରୋଣ ଲୋକମାନଙ୍କୁ
ନିୟନ୍ତ୍ରଣ ବାହାର କରି ଦେଇଛନ୍ତି। ତେଣୁ ଶତ୍ରୁମାନଙ୍କ ଦ୍ୱାରା
ହାସ୍ୟାସ୍ପଦ ହେବାକୁ ହେବ। 26ତେଣୁ ମୋଶା ଛାଉଣୀ ଦ୍ୱାର
ଦେଶରେ ଛିଡ଼ା ହୋଇ କହିଲେ, "ଯେଉଁ ଲୋକେ ସଦାପ୍ରଭୁଙ୍କୁ
ଅନୁସରଣ କରିବାକୁ ଚାହିଁ ସେମାନେ ମୋ ପାଖକୁ ଆସ।"
ଏବଂ ଏଥିରେ ଲେବୀ ବଂଶର ସମସ୍ତ ଲୋକ ମୋଶାଙ୍କ
ନିକଟକୁ ଦୌଡ଼ିଲେ। 27ମୋଶା ସେମାନଙ୍କୁ କହିଲେ, "ମୁଁ
ତୁମ୍ଭକୁ କହିବି ଇଶ୍ରାୟେଲର ସଦାପ୍ରଭୁ ପରମେଶ୍ୱର ଯାହା
କହନ୍ତି, 'ତୁମ୍ଭେମାନେ ପ୍ରତ୍ୟେକ ଆପଣା ଜଙ୍ଘରେ ଖଡ୍ଗ ବାନ୍ଧି
ଛାଉଣୀର ମଧ୍ୟ ଦେଇ ଗୋଟିଏ ଦ୍ୱାରରୁ ଅନ୍ୟଦ୍ୱାର ନିକଟକୁ
ଯିବା ଆସିବା କର ଏବଂ ପ୍ରତ୍ୟେକ ଆପଣା ଭ୍ରାତା, ମିତ୍ର ଓ
ପ୍ରତିବେଶୀକୁ ବଧକର।'"

28ତେଣୁ ମୋଶା ଯେପରି କହିଲେ, ଲେବୀୟମାନେ
ସେହିପରି କଲେ ଏବଂ ସେହିଦିନ ଇଶ୍ରାୟେଲରେ 3,000
ଲୋକଙ୍କୁ ହତ୍ୟା କରାଗଲା। 29ଏହାପରେ ମୋଶା କହିଲେ,
"ତୁମ୍ଭେମାନେ ପ୍ରତ୍ୟେକ ନିଜନିଜ ପୁତ୍ର ଓ ଭ୍ରାତୃଗଣର ବିପକ୍ଷ
ହୋଇ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିଜନିଜକୁ ନିଯୁକ୍ତ କର
ତହିଁରେ ସଦାପ୍ରଭୁ ଆଜି ତୁମ୍ଭମାନଙ୍କୁ ଆଶୀର୍ବାଦ କରିବେ।"

30ପରଦିନ ସକାଳେ ମୋଶା ଲୋକମାନଙ୍କୁ କହିଲେ,
"ତୁମ୍ଭେମାନେ ଭୟଙ୍କର ପାପ କରିଛ। କିନ୍ତୁ ବର୍ତ୍ତମାନ ମୁଁ
ସଦାପ୍ରଭୁଙ୍କ ନିକଟକୁ ଯିବି, ଏବଂ ହୁଏତ ତୁମ୍ଭର ପାପ ପାଇଁ
ମୁଁ ପ୍ରାୟଶ୍ଚିତ୍ତ କରିବାକୁ ସକ୍ଷମ ହେବି।" 31ତେଣୁ ମୋଶା
ପରମେଶ୍ୱରଙ୍କ ନିକଟକୁ ଫେରିଗଲେ ଏବଂ କହିଲେ, "ହେ
ସଦାପ୍ରଭୁ, ମୋର ଗୁହାରି ଶୁଣ। ଏହି ଲୋକମାନେ ସ୍ୱର୍ଣ୍ଣରେ
ଦେବତାଗଣ କରି ଭୟଙ୍କର ପାପ କରିଛନ୍ତି। 32ବର୍ତ୍ତମାନ
ସେମାନଙ୍କର ପାପକୁ କ୍ଷମା କରିଦିଅ, ଯଦି ତୁମ୍ଭେ ସେମାନଙ୍କୁ
କ୍ଷମା ନକର ତେବେ ତୁମ୍ଭେ ଲେଖିଥିବା ଜୀବନ୍ତ ପୁସ୍ତକରୁ
ମୋର ନାମକୁ କାଟି ଦିଅ।"

33କିନ୍ତୁ ସଦାପ୍ରଭୁ ମୋଶାଙ୍କୁ କହିଲେ, "ଯେଉଁମାନେ ମୋ
ବିରୁଦ୍ଧରେ ପାପ କରିଅଛନ୍ତି, ମୁଁ ମୋର ଜୀବନ୍ତ ପୁସ୍ତକରୁ
ତା'ର ନାମ କାଟି ଦେବି। 34ବର୍ତ୍ତମାନ ମୁଁ ଯେଉଁ ଦେଶ
ବିଷୟରେ ତୁମ୍ଭକୁ କହୁଅଛି ସେହି ଦେଶକୁ ଲୋକମାନଙ୍କୁ
ନେଇଯାଅ। ଦେଖ, ମୋର ସ୍ୱର୍ଗଦୂତ ତୁମ୍ଭମାନଙ୍କର ଆଗେ
ଆଗେ ଗମନ କରିବ କିନ୍ତୁ ପାପୀମାନେ ଉଚିତ୍ ସମୟରେ
ଦଣ୍ଡିତ ହେବେ।" 35ତେଣୁ ସଦାପ୍ରଭୁ ଲୋକମାନଙ୍କ ଉପରେ
ଭୟଙ୍କର ଅସୁସ୍ଥତା ଆଣିଲେ, ସେ ଏପରି କଲେ କାରଣ
ଲୋକମାନେ ହାରୋଣଙ୍କୁ ଏହି ସ୍ୱର୍ଣ୍ଣ ବାଛୁରୀ ତିଆରି
କରିବାକୁ କହିଥିଲେ।

## "ମୁଁ ତୁମ୍ଭ ସହିତ ଯିବି ନାହିଁ"

33 ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭେ
ଏବଂ ମିଶରରୁ ବାହାର କରି ଆଣିଥିବା ଲୋକମାନଙ୍କ
ସହିତ ଏ ଦେଶ ପରିତ୍ୟାଗ କର। ମୁଁ ଅବ୍ରହାମ ଓ
ଇସ୍ହାକ ଓ ଯାକୁବ ନିକଟରେ ପ୍ରତିଜ୍ଞା କରିଥିଲି, ସେମାନଙ୍କ
ଭବିଷ୍ୟତ ବଂଶଧରମାନଙ୍କୁ ଦେବି ବୋଲି। 2ତେଣୁ ମୁଁ ତୁମ୍ଭ
ଆଗେ ଆଗେ ଏକ ସ୍ୱର୍ଗଦୂତ ପଠାଇବି ପୁଣି ମୁଁ କିଣାନୀୟ
ଓ ଇମୋରୀୟ, ହିତ୍ତୀୟ, ପିରିଷୀୟ, ହିବ୍ବୀୟ ଓ ଯିବୂଷୀୟ
ଲୋକମାନଙ୍କୁ ତଡ଼ି ଦେବି। 3ତେଣୁ ତୁମ୍ଭେମାନେ ସେହି ଦୁଗ୍ଧ
ମଧୁପ୍ରବାହୀ ଦେଶକୁ ଯାଅ କିନ୍ତୁ ମୁଁ ତୁମ୍ଭ ସହିତ ଯିବି ନାହିଁ।
ମୁଁ ତୁମ୍ଭମାନଙ୍କୁ ହତ୍ୟା କରିବି, ଯେହେତୁ ତୁମ୍ଭେମାନେ
ଜିଦ୍‌ଖୋର ଲୋକ।"

4ଲୋକମାନେ ଏହିପରି ଅଶୁଭ ସମ୍ବାଦ ଶୁଣିବା ପରେ
ସେମାନେ ଶୋକ କଲେ ଏବଂ ଲୋକମାନେ ଆଉ କର୍ଣ୍ଣକୁଣ୍ଡଳ

ପିନ୍ଧିଲେ ନାହିଁ। 5କାହିଁକି? କାରଣ ସଦାପ୍ରଭୁ ମୋଶାଙ୍କୁ
କହିଲେ, "ଇସ୍ରାୟେଲ ଲୋକମାନଙ୍କୁ କୁହ 'ତୁମ୍ଭେମାନେ
ଶକ୍ତଗ୍ରୀବ ଲୋକ। ମୁଁ ଯଦି ଅଳ୍ପ ସମୟ ପାଇଁ ତୁମ୍ଭମାନଙ୍କ
ସହିତ ଯିବି ତେବେ ତୁମ୍ଭମାନଙ୍କୁ ଧ୍ୱଂସ କରିବି। ତେଣୁ
ଆପଣା ଶରୀରରୁ ସ୍ବର୍ଣ୍ଣ ବାହାର କର। ଏହାପରେ ତୁମ୍ଭମାନଙ୍କ
ପାଇଁ କ'ଣ କରାଯିବ ବିଚାର କରିବା।'" 6ତେଣୁ ଇସ୍ରାୟେଲୀୟ
ଲୋକମାନେ ହୋରେବ ପର୍ବତ ନିକଟରୁ ଆସିବାଠାରୁ ଆଉ
ସ୍ବର୍ଣ୍ଣ ପିନ୍ଧିଲେ ନାହିଁ।

## ଅସ୍ଥାୟୀ ସମାଗମ ତମ୍ବୁ

7ମୋଶା ତମ୍ବୁ ନେଇ ଛାଉଣୀଠାରୁ କିଛି ଦୂରରେ
ଅଲଗା ଛାଉଣୀ ସ୍ଥାପନ କଲେ। ସେ ସେହି ତମ୍ବୁର ନାମ
"ସମାଗମ ତମ୍ବୁ ଦେଲେ।" ଯେଉଁ ଲୋକ ସଦାପ୍ରଭୁଙ୍କ ଇଚ୍ଛା
ବିଷୟରେ ଜାଣିବାକୁ ଚାହିଁଲେ ତାଙ୍କୁ ସେହି ସମାଗମ ତମ୍ବୁକୁ
ଯିବାକୁ ପଡ଼ିଲା। 8ମୋଶା ବାହାର ହୋଇ ତମ୍ବୁ ନିକଟକୁ
ଗଲା ସମୟରେ ସମସ୍ତ ଲୋକେ ଉଠି ନିଜ ନିଜ ତମ୍ବୁ
ବାହାରେ ଠିଆ ହେଲେ, ଆଉ ଯେପର୍ଯ୍ୟନ୍ତ ମୋଶା ସେହି
ସମାଗମ ତମ୍ବୁରେ ପ୍ରବେଶ ନ କଲେ, ସେପର୍ଯ୍ୟନ୍ତ ସେମାନେ
ତାଙ୍କ ପଥକୁ ଅନାଇ ରହିଲେ। 9ମୋଶା ତମ୍ବୁରେ ପ୍ରବେଶ
କରନ୍ତେ ମେଘସ୍ତମ୍ଭ ତମ୍ବୁ ଦ୍ୱାରରେ ଉପସ୍ଥିତ ହେଲା। ତହିଁରେ
ସଦାପ୍ରଭୁ ମୋଶାଙ୍କ ସହିତ କଥାବାର୍ତ୍ତା କଲେ। 10ତେଣୁ
ଯେତେବେଳେ ଲୋକମାନେ ତମ୍ବୁର ଦ୍ୱାର ଦେଶରେ ମେଘ
ସ୍ତମ୍ଭ ଦେଖିଲେ। ସେତେବେଳେ ଲୋକମାନେ ଆପଣା ଆପଣା
ତମ୍ବୁ ଦ୍ୱାରରେ ଥାଇ ପ୍ରଣାମ କଲେ। 11ଏହି ପ୍ରକାରେ
ସଦାପ୍ରଭୁ ମୋଶାଙ୍କ ସହିତ ମୁହାଁମୁହିଁ କଥାବାର୍ତ୍ତା ହେଲେ।
ସଦାପ୍ରଭୁ ମୋଶାଙ୍କ ସହିତ କଥାବାର୍ତ୍ତା ହେଉଥିଲେ ଯେପରି
ସେ ତାଙ୍କର ବନ୍ଧୁ। ସଦାପ୍ରଭୁଙ୍କ ସହିତ ମୋଶା କଥାବାର୍ତ୍ତା
କରିସାରିବା ପରେ ଛାଉଣୀକୁ ଫେରି ଆସିଲା। କିନ୍ତୁ ତାଙ୍କର
ପରିଚାରକ ସର୍ବଦା ତମ୍ବୁରେ ରହୁଥିଲେ। ସେହି ପରିଚାରକର
ନାମଥିଲା ଯିହୋଶୂୟ, ସେ ଥିଲେ ନୂନର ପୁତ୍ର।

## ମୋଶା ସଦାପ୍ରଭୁଙ୍କର ମହିମା ଦେଖିଲେ

12ମୋଶା ସଦାପ୍ରଭୁଙ୍କୁ କହିଲେ, "ତୁମ୍ଭେ ମୋତେ ଆଜ୍ଞା
ଦେଲ ଏହି ଲୋକମାନଙ୍କୁ ଆଗେଇ ନେବା ପାଇଁ କିନ୍ତୁ
ତୁମ୍ଭେ କହିଲ ନାହିଁ ମୋ ସହିତ କାହାକୁ ପଠାଇବ। ତୁମ୍ଭେ
ମୋତେ କହିଛ ଯେ, 'ତୁମ୍ଭେ ମୋତେ ଭଲଭାବେ ଜାଣ,
ଏବଂ ତୁମ୍ଭେ ମୋ ପ୍ରତି ପ୍ରୀତ।' 13ଯଦି ମୁଁ ତୁମ୍ଭ ଦୃଷ୍ଟିରେ
ଅନୁଗ୍ରହର ପାତ୍ର ହୋଇଅଛି, ତେବେ ବିନୟ କରୁଛି ତୁମ୍ଭେ
ମୋତେ ତୁମ୍ଭର ପଥସବୁ ଶିକ୍ଷା ଦେବାକୁ, ଯେଉଁଥିପାଇଁ ମୁଁ
ତୁମ୍ଭକୁ ଖୁସି କରିପାରିବି। ମୁଁ ତୁମ୍ଭ ବିଷୟରେ ଜାଣିବାକୁ
ଚାହେଁ। ଦୟା କରି ତୁମ୍ଭର ଲୋକମାନଙ୍କର ଦଳରେ ମୋତେ
ବିବେଚନା କରନ୍ତୁ।"
14ସଦାପ୍ରଭୁ ଉତ୍ତର ଦେଲେ, "ମୋର ଉପସ୍ଥିତି ତୁମ୍ଭ
ସହିତ ଯିବ ଏବଂ ତୁମ୍ଭକୁ ବିଶ୍ରାମ ଦେବ।"
15ଏହାପରେ ମୋଶା ସଦାପ୍ରଭୁଙ୍କୁ କହିଲେ, "ଯଦି ତୁମ୍ଭର
ଉପସ୍ଥିତି ଆମ୍ଭମାନଙ୍କ ସହିତ ନ ରହେ, ତେବେ ଆମ୍ଭମାନଙ୍କୁ
କେଉଁଠାକୁ ପଠାଅ ନାହିଁ। 16କାରଣ ମୁଁ ଓ ତୁମ୍ଭର ସମସ୍ତ
ଲୋକମାନେ ଯେ ତୁମ୍ଭ ଦୃଷ୍ଟିରେ ଅନୁଗ୍ରହର ପାତ୍ର ହୋଇଅଛୁ
ଏହା ଆମ୍ଭେ କିପରି ଜାଣିବା? ଯଦି ତୁମ୍ଭେ ଆମ୍ଭ ସହିତ
ଯାଅ, ଆମ୍ଭେମାନେ ନିଶ୍ଚିତ ଭାବରେ ଜାଣିବୁ। ଯେମନ୍ତ ମୁଁ
ତୁମ୍ଭର ଲୋକମାନେ ପୃଥିବୀସ୍ଥ ସମସ୍ତ ଲୋକମାନଙ୍କ ଠାରୁ
ବିଶେଷ ଲୋକ ହେବି। ଯଦି ତୁମ୍ଭେ ଆମ୍ଭମାନଙ୍କ ସହିତ ନ
ଯାଅ, ତେବେ ପୃଥିବୀର ଅନ୍ୟ ଲୋକମାନଙ୍କଠାରୁ ଆମ୍ଭେମାନେ
ଭିନ୍ନ ନୁହଁ।"
17ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ତୁମ୍ଭର
କଥା ଅନୁଯାୟୀ ମୁଁ କରିବି କାରଣ ମୁଁ ତୁମ୍ଭ ପ୍ରତି ପ୍ରୀତ ଓ
ତୁମ୍ଭକୁ ମୁଁ ତୁମ୍ଭର ନାମରୂପେ ଜାଣିଅଛି।"
18ଏହାପରେ ମୋଶା କହିଲେ, "ବର୍ତ୍ତମାନ ତୁମ୍ଭର ମହିମା
ମୋତେ ଦେଖାଅ।"
19ଏହାପରେ ସଦାପ୍ରଭୁ ଉତ୍ତର ଦେଲେ, "ମୁଁ ତୁମ୍ଭ
ସମ୍ମୁଖରେ ଆପଣାର ସମସ୍ତ ଉତ୍ତମତା ଗମନ କରାଇବି, ତୁମ୍ଭ
ସମ୍ମୁଖରେ ସଦାପ୍ରଭୁଙ୍କର ନାମ ଘୋଷଣା କରାଇବି। ମୁଁ
ଯାହାକୁ ଅନୁଗ୍ରହ କରେ ତାହାକୁ ଅନୁଗ୍ରହ କରିବି ଓ ଯାହାକୁ
ଦୟାକରେ ତାହାକୁ ଦୟା କରିବି। 20କିନ୍ତୁ ତୁମ୍ଭେ ତୁମ୍ଭର
ମୁଖ ଦେଖିପାରିବ ନାହିଁ। କାରଣ କେହି ମୋତେ ଦେଖିଲେ
ଜୀବିତ ରହି ପାରିବେ ନାହିଁ।
21"ମୋ ନିକଟରେ ଏକ ଶୈଳ ଖଣ୍ଡ ପଡ଼ିଅଛି। ତୁମ୍ଭେ
ସେହି ଶୈଳ ଉପରେ ଛିଡ଼ା ହେବ। 22ତୁମ୍ଭ ନିକଟ ଦେଇ
ଆମ୍ଭ ମହିମାର ଗମନ ସମୟରେ ମୁଁ ତୁମ୍ଭକୁ ଶୈଳର ସେହି
ଛିଦ୍ରରେ ରଖିବି ଓ ମୁଁ ଗମନର ଶେଷ ପର୍ଯ୍ୟନ୍ତ ଆପଣା
ହସ୍ତରେ ତୁମ୍ଭକୁ ଆଚ୍ଛନ୍ନ କରିବି। 23ଏହାପରେ ଆମ୍ଭେ ଆପଣା
ହସ୍ତ କାଢ଼ି ନେଲେ, ତୁମ୍ଭେ ଆମ୍ଭର ପୃଷ୍ଠ ଦେଖିବ। ମାତ୍ର
ଆମ୍ଭର ମୁଖ ଦେଖି ପାରିବ ନାହିଁ।"

## ନୂତନ ପଥର ଫଳକ

34 ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ପ୍ରଥମ
ପ୍ରସ୍ତର ଫଳକ ପରି ଆଉ ଦୁଇଟି ପ୍ରସ୍ତର ଫଳକ
ତିଆରି କର। ଆଗ ପ୍ରସ୍ତର ଫଳକରେ ଯାହା ଲେଖା ଥିଲା
ଯାହା ତୁମ୍ଭେ ଚୂର୍ଣ୍ଣ କରିଛ ମୁଁ ଏହି ପ୍ରସ୍ତର ଫଳକରେ
ତାହାସବୁ ଲେଖିବି। 2ଆଉ ତୁମ୍ଭେ ଆସନ୍ତାକାଲି ପ୍ରଭାତ ପାଇଁ
ପ୍ରସ୍ତୁତ ହୁଅ ଏବଂ ପ୍ରଭାତରେ ସୀନୟ ପର୍ବତକୁ ଆସ ଏବଂ
ମୋ ଉପସ୍ଥିତିରେ ପର୍ବତର ଶୀର୍ଷରେ ଛିଡା ହୁଅ। 3ତୁମ୍ଭ
ସହିତ ଆଉ କୌଣସି ଲୋକ ଯିବା ଉଚିତ୍ ନୁହଁ। ଏବଂ ଏହି
ପର୍ବତରେ କେହି ନରହୁ, ଏପରିକି ଗୋମେଷାଦି ମଧ୍ୟ ପର୍ବତ
ଚତୁଃପାର୍ଶ୍ୱରେ ଚରିବା ଉଚିତ୍ ନୁହଁ।"
4ତହୁଁ ମୋଶା ପ୍ରଥମ ଫଳକ ପରି ଦୁଇଟି ଫଳକ
କାଟିଲେ ଏବଂ ତାପରଦିନ ପ୍ରଭାତରୁ ସେ ସଦାପ୍ରଭୁଙ୍କ ଆଜ୍ଞା
ଅନୁସାରେ ସୀନୟ ପର୍ବତ ଉପରକୁ ଗଲେ ଏବଂ ସେହି
ପ୍ରସ୍ତର ଫଳକକୁ ନିଜ ସହିତ ନେଇଗଲେ। 5ସଦାପ୍ରଭୁ
ମେଘରେ ତାଙ୍କ ନିକଟକୁ ଓହ୍ଲାଇ ଆସିଲେ। ସେଠାରେ ତାଙ୍କ
ସହିତ ଠିଆ ହୋଇ ସଦାପ୍ରଭୁ ତାଙ୍କର ନାମ ଯିହୋବା ବୋଲି
ଘୋଷଣା କଲେ।
6ସଦାପ୍ରଭୁ ମୋଶାଙ୍କ ସମ୍ମୁଖକୁ ଆସି ଏହା ଘୋଷଣା
କଲେ। "ଯିହୋବା, ଯିହୋବା ଦୟାଶୀଳ ପରମେଶ୍ୱର, ସେ

କ୍ରୋଧରେ ଧୀର। ସେ ଦୟାଳୁ ଓ ସତ୍ୟତାରେ ପରିପୂର୍ଣ୍ଣ।
7ସଦାପ୍ରଭୁ ତାଙ୍କର ହଜାର ହଜାର ବଂଶଧରଙ୍କୁ ଦୟା
ଦେଖାଇଛନ୍ତି। ସଦାପ୍ରଭୁ ସେମାନଙ୍କର ସମସ୍ତ ଦୋଷ କ୍ଷମା
କରିଛନ୍ତି। କିନ୍ତୁ ସଦାପ୍ରଭୁ ଦୋଷୀକୁ ଦଣ୍ଡ ଦେଇଛନ୍ତି।
ସଦାପ୍ରଭୁ ଦୋଷୀକୁ ତା'ର ସନ୍ତାନମାନଙ୍କୁ ଓ ତା'ର ନାତି
ନାତୁଣୀମାନଙ୍କୁ ଦଣ୍ଡିତ କରିବେ। ଅର୍ଥାତ୍ ଦୋଷୀ ତା'ର
ତୃତୀୟ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ଦଣ୍ଡ ଭୋଗ କରନ୍ତି।"
8ଏହାପରେ ମୋଶା ତତ୍କ୍ଷଣାତ୍ ଭୂମିଷ୍ଠ ହୋଇ ସଦାପ୍ରଭୁଙ୍କର
ଉପାସନା କରି କହିଲେ, 9"ହେ ସଦାପ୍ରଭୁ, ଯଦି ତୁମ୍ଭେ ମୋ
ପ୍ରତି ସଦୟ, ତେବେ ଆମ୍ଭମାନଙ୍କ ସହିତ ଦୟାକରି ଆସନ୍ତୁ।
ମୁଁ ଜାଣେ ଏହି ଲୋକମାନେ ଶକ୍ତଗ୍ରୀବ ଲୋକ। କିନ୍ତୁ
ଦୟାକରି ଆମ୍ଭମାନଙ୍କ ପାପର କ୍ଷମା କର! ତୁମ୍ଭର ଲୋକମାନଙ୍କ
ପରି ଆମ୍ଭକୁ ଗ୍ରହଣ କର।"
10ଏହାପରେ ସଦାପ୍ରଭୁ କହିଲେ, "ମୁଁ ଏହି ନିୟମ
ତୁମ୍ଭମାନଙ୍କର ଲୋକମାନଙ୍କ ସହିତ କରୁଅଛି, ମୁଁ ତୁମ୍ଭମାନଙ୍କ
ପ୍ରତି ଏପରି କାର୍ଯ୍ୟ କରିବି ଯେ, ପୃଥିବୀରେ କୌଣସି
ଲୋକମାନଙ୍କ ପାଇଁ ଏପରି କରାଯାଇ ନାହିଁ। ତୁମ୍ଭମାନଙ୍କ
ସହିତ ଥିବା ଲୋକମାନେ ମୋର ମହାନତା ଜାଣି ପାରିବେ
ଯେ, ମୁଁ ସଦାପ୍ରଭୁ ମହାନ। ଲୋକମାନେ ମୋର ଆଶ୍ଚର୍ଯ୍ୟ
କର୍ମମାନ ଦେଖିବେ ଯାହା ତୁମ୍ଭମାନଙ୍କ ପାଇଁ ମୁଁ କରିବି।
11ଏହି ଆଜ୍ଞା ପାଳନ କର। ଯାହା ଆଜି ମୁଁ ତୁମ୍ଭକୁ ଆଜ୍ଞା
ଦେଲି ତାହା ଅନୁସରଣ କର ମୁଁ ତୁମ୍ଭର ଶତ୍ରୁମାନଙ୍କୁ ଏହି
ଦେଶରୁ ବିତାଡ଼ିତ କରିବି। ମୁଁ କିଣାନୀୟ, ହିତ୍ତୀୟ, ପରିଷୀୟ,
ହିବ୍ବୀୟ ଓ ଯିବୂଷୀୟ ଲୋକମାନଙ୍କୁ ବିତାଡ଼ିତ କରିବି।
12ସାବଧାନ! ତୁମ୍ଭେମାନେ ଯେଉଁ ଦେଶକୁ ଯାଉଛ ସେମାନଙ୍କ
ସହିତ କୌଣସି ଚୁକ୍ତି କର ନାହିଁ। ଯଦି ତୁମ୍ଭେମାନେ ସେହି
ଲୋକମାନଙ୍କ ସହିତ କୌଣସି ଚୁକ୍ତି କର, ତେବେ ଏହା
ତୁମ୍ଭମାନଙ୍କ ପାଇଁ ଅସୁବିଧା ହେବ। 13ତେଣୁ ସେମାନଙ୍କର
ଯଜ୍ଞବେଦୀସବୁ ଧ୍ୱଂସ କର। ସେମାନଙ୍କର ସ୍ତମ୍ଭସବୁ ଭାଙ୍ଗିଦିଅ।
ସେମାନଙ୍କର ପବିତ୍ର କାଷ୍ଠ ସ୍ତମ୍ଭ ସବୁ କାଟି ପକାଇବ।
14ଅନ୍ୟ କୌଣସି ଦେବତାଙ୍କର ଉପାସନା କର ନାହିଁ,
କାରଣ ମୋର ନାମ ଯିହୋବା, ସ୍ୱଗୌରବ ରକ୍ଷଣରେ
ଉଦ୍‌ଯୋଗୀ, ମୁଁ ସ୍ୱଗୌରବ ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର।
15"ସାବଧାନ, ତୁମ୍ଭେ ଯେଉଁ ଦେଶରେ ବାସ କରିବ
ସେମାନଙ୍କ ସହିତ କୌଣସି ଚୁକ୍ତି କରିବ ନାହିଁ। ଯଦି ତୁମ୍ଭେ
ଏପରି କର, ତେବେ ତୁମ୍ଭେମାନେ ସେମାନଙ୍କ ଦେବଗଣମାନଙ୍କର
ଅନୁଚର ହେବ। କିମ୍ବା ସେମାନେ ତୁମ୍ଭମାନଙ୍କୁ ନିମନ୍ତ୍ରଣ
କଲେ ତୁମ୍ଭେ ସେମାନଙ୍କ ସହିତ ଯୋଗ ଦେବ। ତୁମ୍ଭେ
ସେମାନଙ୍କର ବଳିଦାନ ଭକ୍ଷଣ କରିବ। 16ତୁମ୍ଭେମାନେ
ସେମାନଙ୍କର କନ୍ୟାମାନଙ୍କୁ ଗ୍ରହଣ କରିପାର। ତୁମ୍ଭମାନଙ୍କର
ପୁତ୍ରମାନଙ୍କ ପାଇଁ, ତାଙ୍କର କନ୍ୟାଗଣ ସେମାନଙ୍କର
ଦେବଗଣମାନଙ୍କର ଅନୁଗାମୀ ହୋଇଥିବେ। ସେମାନେ ତୁମ୍ଭମାନଙ୍କୁ
ବା ତୁମ୍ଭର ପୁତ୍ରମାନଙ୍କୁ ତାଙ୍କ ଦେବତାମାନଙ୍କର ଅନୁଗାମୀ
କରାଇ ପାରନ୍ତି।
17"ତୁମ୍ଭେମାନେ କୌଣସି ଛାଞ୍ଚରେ ଢ଼ଳା ଦେବତା ତୁମ୍ଭମାନଙ୍କ
ପାଇଁ କର ନାହିଁ।
18"ତୁମ୍ଭେମାନେ ତାଡ଼ିଶୂନ୍ୟ ରୋଟୀର ପର୍ବ ପାଳନ କର।
ପୁଣି ଆବୀବ୍ ମାସର ଯେଉଁ ସମୟରେ ଯେଉଁପରି କରିବାକୁ
ତୁମ୍ଭମାନଙ୍କୁ ଆଜ୍ଞା ଦେଇଅଛୁ। ସେହିରୂପେ ତୁମ୍ଭେମାନେ
ସାତଦିନ ତାଡ଼ିଶୂନ୍ୟ ରୋଟୀ ଖାଇବ। କାରଣ ସେହି ଆବୀବ୍
ମାସରେ ତୁମ୍ଭେ ମିଶର ଦେଶରୁ ବାହାର ହୋଇ ଆସିଥିଲ।
19"କୌଣସି ସ୍ତ୍ରୀର ପ୍ରଥମ ସନ୍ତାନ ମୋର। ଏପରିକି
ଗୋମେଷାଦି ପଲର ପ୍ରଥମଜାତ ସନ୍ତାନ ମୋର। 20ଯଦି
ତୁମ୍ଭେ ଏକ ପ୍ରଥମଜାତ ଗଧକୁ ରଖିବାକୁ ଚାହୁଁଛ, ତେବେ
ତୁମ୍ଭେମାନେ ଏକ ମେଷ ବଦଳରେ ତାହା କ୍ରୟ କରିପାରିବ।
କିନ୍ତୁ ଯଦି ତୁମ୍ଭେ ମେଷ ବଦଳରେ ତାହା କ୍ରୟ ନ କର,
ତେବେ ତୁମ୍ଭେ ସେହି ଗଧର ବେକ ଭାଙ୍ଗିବ। ତୁମ୍ଭେମାନେ
ତୁମ୍ଭର ସମସ୍ତ ପ୍ରଥମଜାତ ପୁତ୍ରମାନଙ୍କୁ ମୁକ୍ତ କରିପାରିବ।
କୌଣସି ବ୍ୟକ୍ତି ବିନା ଉପହାରରେ ମୋ ପାଖକୁ ଆସିବ
ନାହିଁ।
21"ତୁମ୍ଭେମାନେ ଛଅଦିନ କାମ କରିବ। କିନ୍ତୁ ସପ୍ତମ
ଦିନ ତୁମ୍ଭେମାନେ ବିଶ୍ରାମ ନେବ। ତୁମ୍ଭେମାନେ ଏପରିକି ଶସ୍ୟ
ବୁଣା ଏବଂ ଶସ୍ୟ ଅମଳ ସମୟରେ ଏହି ନିୟମ ପାଳନ
କରିବ।
22"ତୁମ୍ଭେମାନେ ସପ୍ତାହର ପର୍ବ ପ୍ରଥମ ଗହମ କଟା ପର୍ବ
ଓ ବର୍ଷର ଶେଷ ଭାଗରେ ଶସ୍ୟ ଅମଳର ପର୍ବ ପାଳନ
କରିବା ଉଚିତ୍।
23"ତିନିଥର ପ୍ରତ୍ୟେକ ବର୍ଷ ତୁମ୍ଭମାନଙ୍କର ସମସ୍ତ ପୁରୁଷ
ପ୍ରଭୁ, ସଦାପ୍ରଭୁ ଇଶ୍ରାୟେଲର ପରମେଶ୍ୱରଙ୍କ ଛାମୁରେ ଉପସ୍ଥିତ
ହେବ।
24"ଯେତେବେଳେ ତୁମ୍ଭେ ତୁମ୍ଭର ଦେଶକୁ ଯାଅ ମୁଁ
ତୁମ୍ଭର ଶତ୍ରୁମାନଙ୍କୁ ସେଠାରୁ ତଡ଼ିଦେବି। ମୁଁ ତୁମ୍ଭମାନଙ୍କର
ସୀମା ବୃଦ୍ଧି କରିବି। ତୁମ୍ଭେମାନେ ଅଧିକରୁ ଅଧିକ ଭୂମି
ପାଇବ। କୌଣସି ଲୋକ ତୁମ୍ଭମାନଙ୍କଠାରୁ ଏହି
ଭୂମି ନେଇ ପାରିବ ନାହିଁ। ଯେତେବେଳେ ତୁମ୍ଭେ ବର୍ଷରେ
ତିନିଥର ତୁମ୍ଭର ସଦାପ୍ରଭୁ ପରମେଶ୍ୱରଙ୍କୁ ଦର୍ଶନ କରିବା
ପାଇଁ ଯିବ।
25"ଯେତେବେଳେ ତୁମ୍ଭେମାନେ ଆମ୍ଭକୁ ବଳିଦାନର ରକ୍ତ
ଉତ୍ସର୍ଗ କରିବ ସେ ସମୟରେ ତାଡ଼ିଯୁକ୍ତ ଦ୍ରବ୍ୟ ଆମ୍ଭକୁ
ଉତ୍ସର୍ଗ କରିବ ନାହିଁ।
"ଏହି ସମୟରେ ନିସ୍ତାର ପର୍ବ ଉତ୍ସବର ବଳି ଦ୍ରବ୍ୟ
ପ୍ରାତଃକାଳ ପର୍ଯ୍ୟନ୍ତ ରଖିବ ନାହିଁ।
26"ତୁମ୍ଭମାନଙ୍କର ପ୍ରଥମ ଶସ୍ୟ ସଦାପ୍ରଭୁଙ୍କୁ ଉତ୍ସର୍ଗ
କରିବ। ସେହି ସବୁକୁ ପ୍ରଥମେ ସଦାପ୍ରଭୁ ତୁମ୍ଭର ପରମେଶ୍ୱରଙ୍କ
ଗୃହକୁ ଆଣିବ।
"କଦାପି ଗୋଟିଏ ମେଷକୁ ତା'ର ମା ଦୁଗ୍ଧରେ ପାକ
କରିବ ନାହିଁ।"
27ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, "ଏ ସମସ୍ତ
ଲେଖ ଯାହା ଆମ୍ଭେ ସବୁ କହିଲୁ। ଏହି ଚୁକ୍ତି ଆମ୍ଭେ ତୁମ୍ଭ
ସହିତ ଏବଂ ତୁମ୍ଭର ଇଶ୍ରାୟେଲୀୟ ଲୋକମାନଙ୍କ ସହିତ
କଲୁ।"
28ମୋଶା ସେଠାରେ ସଦାପ୍ରଭୁଙ୍କ ସହିତ ଚାଳିଶ ଦିନ ଓ
ଚାଳିଶ ରାତି ରହିଲେ। ମୋଶା କୌଣସି ଖାଦ୍ୟ କିମ୍ବା
ପାନୀୟ ସେଠାରେ ଗ୍ରହଣ କଲେ ନାହିଁ। ଏବଂ ସେ ଚୁକ୍ତିର

ବାକ୍ୟସବୁ ସେହି ଦଶ ଆଜ୍ଞା ପ୍ରସ୍ତର ଫଳକରେ ଖୋଦିତ
କଲେ।

## ମୋଶାଙ୍କର ଉଜ୍ଜ୍ୱଳ ମୁହଁ

29ଏହାପରେ ମୋଶା ସୀନୟ ପର୍ବତ ଉପରୁ ତଳକୁ
ଓହ୍ଲାଇଲେ। ସେ ସେହି ଦୁଇଟି ପ୍ରସ୍ତର ଫଳକ ଚୁକ୍ତି
ସାଙ୍ଗରେ ନେଇ ଆସିଥିଲେ। ମୋଶାଙ୍କର ମୁଖ ଉଜ୍ଜ୍ୱଳ
ଦିଶୁଥିଲା କାରଣ ସେ ସଦାପ୍ରଭୁଙ୍କ ସହିତ କଥୋପକଥନ
କରିଥିଲେ, କିନ୍ତୁ ମୋଶାଙ୍କୁ ଏହା ଜଣା ନଥିଲା। 30ହାରୋଣ
ଏବଂ ସମସ୍ତ ଇଶ୍ରାୟେଲୀୟ ଲୋକମାନେ ଦେଖିଲେ ମୋଶାଙ୍କର
ମୁଖ ଅତି ଉଜ୍ଜ୍ୱଳ ଦିଶୁଛି। ତେଣୁ ସେମାନେ ତାଙ୍କ ନିକଟକୁ
ଯିବାକୁ ଭୟ କଲେ। 31କିନ୍ତୁ ମୋଶା ସେମାନଙ୍କୁ ନିକଟକୁ
ଡ଼ାକିଲେ। ତେଣୁ ହାରୋଣ ଏବଂ ସମସ୍ତ ଅଧ୍ୟକ୍ଷଗଣ ମୋଶାଙ୍କ
ନିକଟକୁ ଗଲେ। ମୋଶା ସେମାନଙ୍କ ସହିତ କଥୋପକଥନ
ହେଲେ। 32ଏହାପରେ ଇଶ୍ରାୟେଲର ସମସ୍ତ ଲୋକେ ମୋଶାଙ୍କ
ନିକଟକୁ ଆସିଲେ। ଏହାପରେ ମୋଶା ସେମାନଙ୍କୁ ସଦାପ୍ରଭୁଙ୍କର
ନିର୍ଦ୍ଦେଶ ଦେଲେ ଯାହା ସୀନୟ ପର୍ବତରେ ସଦାପ୍ରଭୁ ମୋଶାଙ୍କୁ
କହିଥିଲେ।

33ମୋଶା ଲୋକମାନଙ୍କୁ କହିସାରିବା ପରେ ତାଙ୍କର ମୁହଁ
ଆବରଣ କରିଦେଲେ। 34ଯେତେବେଳେ ମୋଶା ସଦାପ୍ରଭୁଙ୍କ
ସହିତ କଥା ହେବାକୁ ଭିତରକୁ ଗଲେ। ସେ ଓଢ଼ଣୀକୁ
ହଟାଇଲେ, ତା'ପରେ ସେ ବାହାରି ଆସିଲେ ଏବଂ ସଦାପ୍ରଭୁ
ଯାହା ଆଜ୍ଞା ଦେଇଥିଲେ, ତାହା ଇଶ୍ରାୟେଲର ଲୋକମାନଙ୍କୁ
କହିଲେ। 35ଲୋକମାନେ ଦେଖି ପାରିଲେ ଯେ ମୋଶାଙ୍କର
ମୁଖ ଉଜ୍ଜ୍ୱଳ ଦିଶୁଛି। ତେଣୁ ମୋଶା ତାଙ୍କର ମୁହଁରେ
ଆବରଣ ଦେଲେ। ମୋଶା ସଦାପ୍ରଭୁଙ୍କ ସହିତ ପୁନର୍ବାର
କଥାହେବା ପର୍ଯ୍ୟନ୍ତ ତାଙ୍କର ମୁହଁ ଆବରଣ କରି ରଖିଲେ।

## ବିଶ୍ରାମଦିନର ବିଧି

35 ମୋଶା ଇଶ୍ରାୟେଲର ସମସ୍ତ ଲୋକମାନଙ୍କୁ ଏକତ୍ରୀତ
କରାଇଲେ। ମୋଶା ସେମାନଙ୍କୁ କହିଲେ, "ସଦାପ୍ରଭୁ
ତୁମ୍ଭମାନଙ୍କୁ ପାଳନ କରିବା ପାଇଁ କହିଥିବା ବାକ୍ୟଗୁଡ଼ିକ ମୁଁ
ତୁମ୍ଭକୁ କହିବି। ସେଗୁଡ଼ିକ ତୁମ୍ଭେ ପାଳନ କରିବ।

2"ଛଅଦିନ କର୍ମ କରିବ। କିନ୍ତୁ ସପ୍ତମ ଦିନଟି ତୁମ୍ଭମାନଙ୍କ
ବିଶ୍ରାମ ପାଇଁ ଏକ ସ୍ୱତନ୍ତ୍ର ଦିନ। ତାହା ସଦାପ୍ରଭୁଙ୍କ ପାଇଁ
ବିଶ୍ରାମଦିନ ହେବ। ଯିଏ କେହି ସେହି ପବିତ୍ର ଦିନରେ କର୍ମ
କରିବ, ତାକୁ ମୃତ୍ୟୁଦଣ୍ଡ ଦିଆଯିବା ଉଚିତ୍। 3ତୁମ୍ଭେମାନେ
ବିଶ୍ରାମଦିନରେ କୌଣସି ବାସଗୃହରେ ଅଗ୍ନି ଜାଳିବ ନାହିଁ।"

## ପବିତ୍ର ତମ୍ବୁ ପାଇଁ ବସ୍ତୁମାନ

4ମୋଶା ସମସ୍ତ ଇଶ୍ରାୟେଲ ଲୋକମାନଙ୍କ ସମଗ୍ର ସଭାରେ
ଏହା କହିଲେ, "ସଦାପ୍ରଭୁ ଏହିସବୁ ଆଜ୍ଞା ଦେଇଛନ୍ତି।
5ତୁମ୍ଭେମାନେ ସଦାପ୍ରଭୁଙ୍କ ନିମନ୍ତେ ବିଶେଷ ଉପହାର ସଂଗ୍ରହ
କର। ପ୍ରତ୍ୟେକ ତାଙ୍କର ଇଚ୍ଛା ମତେ ଉପହାର ଦେବେ।
ଏବଂ ଏହାପରେ ସେହି ଉପହାରଗୁଡ଼ିକ ସଦାପ୍ରଭୁଙ୍କ ସମ୍ମୁଖକୁ
ଆଣ। ଏହି ଉପହାର ଯଥା ସୁନା, ରୂପା ଓ ପିତ୍ତଳ। 6ନୀଳ
ବର୍ଣ୍ଣ, ଧୂମ୍ର ବର୍ଣ୍ଣ, ସିନ୍ଦୁର ବର୍ଣ୍ଣ, ଶୁଭ୍ର ବର୍ଣ୍ଣ, କ୍ଷୋମସୂତ୍ର ଓ
ଛାଗଲୋମ, 7ରକ୍ତୀକୃତ, ମେଷଚର୍ମ, ସୂକ୍ଷ୍ମ ଶିଶୁକଚର୍ମ ଓ
ଶିଟୀମକାଠ, 8ଦୀପ ପାଇଁ ତୈଳ, ଅଭିଷେକାର୍ଥକ ତୈଳ
ପାଇଁ ମସଲା ଓ ଧୂପ। 9ଗୋମେଦକ ମଣି ଏବଂ ଅନ୍ୟାନ୍ୟ
ଅଳଙ୍କାର ଏଫୋଦ୍ ଓ ବିଚାରାର୍ଥକ ବୁକୁପଟାରେ ଖଚିତ
କରିବା ପାଇଁ।

10ତୁମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ କର୍ମରେ ନିପୁଣ
ସେମାନେ ସଦାପ୍ରଭୁଙ୍କ ଆଜ୍ଞାରେ ସବୁକିଛି ନିର୍ମାଣ କର।
11ତହିଁର ତମ୍ବୁ ଓ ଛାତ, ଘୁଣ୍ଡି, ପଟା ଓ ଅର୍ଗଳ, ସ୍ତମ୍ଭ ଓ
ଚୁଙ୍ଗୀ, 12ଏବଂ ପବିତ୍ର ସିନ୍ଦୁକ ତହିଁର ସାଙ୍ଗୀ, ଆଚ୍ଛାଦକ ବସ୍ତ୍ର
ଏବଂ ପରଦା, 13ମେଜ ଓ ତହିଁର ସାଙ୍ଗୀ, ସମସ୍ତ ପାତ୍ର ଓ
ଦର୍ଶନୀୟ ରୋଟୀ, 14ଦୀପ୍ତି ନିମନ୍ତେ ଦୀପରୂଖା, ତହିଁର ପାତ୍ର,
ଦୀପ ଓ ଦୀପ ପାଇଁ ତୈଳ, 15ଧୂପବେଦୀ, ତାରସାଙ୍ଗୀ,
ଅଭିଷେକାର୍ଥକ ତୈଳ, ସୁଗନ୍ଧିଧୂପ, ପବିତ୍ର ତମ୍ବୁ ପ୍ରବେଶ
ଦ୍ୱାରର ଆଚ୍ଛାଦନ ବସ୍ତ୍ର। 16ନୈବେଦ୍ୟ ଉତ୍ସର୍ଗ ନିମନ୍ତେ
ଯଜ୍ଞବେଦୀ ତା'ର କଂସା ଜାଲି, ସାଙ୍ଗୀ ଓ ତା'ର ସାମଗ୍ରୀ,
ପ୍ରକ୍ଷାଳନ ପାତ୍ର ଏବଂ ତା'ର ଆଧାର। 17ପ୍ରାଙ୍ଗଣର ପରଦା,
ସ୍ତମ୍ଭ, ଆଙ୍କୁଡ଼ା ଓ ପ୍ରାଙ୍ଗଣର ପ୍ରବେଶପଥର ପରଦା। 18ତମ୍ବୁର
ମେଖ, ପ୍ରାଙ୍ଗଣର ଖିଲ ଓ ଉଭୟର ରଜ୍ଜୁ। 19ପବିତ୍ର
ସ୍ଥାନର ସେବା ନିମନ୍ତେ ସୁଶୋଭିତ ବୁଣା ବସ୍ତ୍ର, ଏହିସବୁ
ବିଶେଷ ବସ୍ତ୍ରଗୁଡ଼ିକ ଯାଜକ ହାରୋଣଙ୍କୁ ନିମନ୍ତେ, ତାଙ୍କର
ପୁତ୍ରମାନଙ୍କର ପରିଧାନ ନିମନ୍ତେ ଅଟେ, ଯେତେବେଳେ ସେମାନେ
ଯାଜକ ରୂପେ ସେବା କରନ୍ତି।"

## ଲୋକମାନଙ୍କର ମହାନ ନୈବେଦ୍ୟ

20ଏହାପରେ ଇଶ୍ରାୟେଲର ସଭାର ସମସ୍ତ ଲୋକେ
ମୋଶାଙ୍କ ନିକଟରୁ ବିଦାୟ ନେଲେ। 21ସମସ୍ତ ଲୋକମାନେ
ସଦାପ୍ରଭୁଙ୍କ ନିକଟକୁ ଉପହାର ଆଣିଲେ। ଯେହେତୁ ସେମାନଙ୍କର
ହୃଦୟ ଉଦାର ହୋଇଗଲା। ଏହି ସମସ୍ତ ଉପହାର ଦ୍ରବ୍ୟ
ତମ୍ବୁରେ ଥିବା ସମସ୍ତ ଦ୍ରବ୍ୟ, ସମାଗମ ତମ୍ବୁ ଭିତରେ ଥିବା
ଅନ୍ୟାନ୍ୟ ସାମଗ୍ରୀ ଓ ବିଶେଷ ବସ୍ତ୍ର ତିଆରି କରିବାରେ
ବ୍ୟବହୃତ ହେଲା। 22ପୁରୁଷ ଓ ସ୍ତ୍ରୀ ଯେତେ ଲୋକ
ସ୍ୱଚ୍ଛନ୍ଦମନା ଥିଲେ, ସେ ସମସ୍ତ ଆସି ଉରୋମଣି ଓ କୁଣ୍ଡଳ
ଓ ଅଙ୍ଗୁରୀୟ ହାର ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାରସବୁ ଆଣିଲେ।
ପ୍ରତ୍ୟେକ ଲୋକ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣର ମହାନ
ଉପହାର ଉତ୍ସର୍ଗ କଲେ।

23ଯେଉଁମାନଙ୍କ ନିକଟରେ ନୀଳ ଓ ଧୂମ୍ର ସିନ୍ଦୂର ବର୍ଣ୍ଣ
ଓ ଶୁଭ୍ର କ୍ଷୋମସୂତ୍ର, ସେମାନେ ତାହା ଆଣିଲେ। ସେମାନେ
ମଧ୍ୟ ଛାଗ ଲୋମ, ଲାଲ ରଂଗରେ ରଂଜିତ ମେଷଚର୍ମ ଏବଂ
ସୂକ୍ଷ୍ମ ଚମଡା ଆଣିଲେ। 24ପୁଣି ଯିଏ ରୂପାର କି ପିତ୍ତଳର
ଉପହାର ଉତ୍ସର୍ଗ କଲା, ସେ ସଦାପ୍ରଭୁଙ୍କର ଉପହାର ଆଣିଲା।
ଆଉ ଯାହା ନିକଟରେ ସେବାର କୌଣସି କର୍ମ ନିମନ୍ତେ
ଶିଟୀମ୍ କାଠ ଥିଲା, ସେ ତାହା ଆଣିଲା। 25ଦକ୍ଷ ସ୍ତ୍ରୀଲୋକମାନେ
ନିଜନିଜ ହସ୍ତରେ ସୂତା କାଟି ନୀଳ, ଧୂମ୍ର, ସିନ୍ଦୁରବର୍ଣ୍ଣ ଓ
ଶୁଭ୍ର କ୍ଷୋମସୂତ୍ର ଆଣିଲେ। 26ନିପୁଣା ସ୍ତ୍ରୀଲୋକମାନେ ସ୍ୱଇଚ୍ଛାରେ
ଛାଗ ଲୋମରେ ସୂତା କାଟିଲେ।

27ଅଧ୍ୟକ୍ଷଗଣ ଏଫୋଦ ଓ ବୁକୁପଟା ନିମନ୍ତେ ଗୋମେଦକାଦି
ଖଚନାର୍ଥକ ମଣି ଆଣିଲେ। 28ଆଉ ମସଲା, ଦୀପ ପାଇଁ

ତୈଳ, ଅଭିଷେକାର୍ଥକ ତୈଳ ଓ ଧୂପ ଆଣିଲେ। **29**ପ୍ରତ୍ୟେକ
ପୁରୁଷ ଓ ସ୍ତ୍ରୀ ଯେଉଁମାନଙ୍କର ହୃଦୟ ସେମାନଙ୍କୁ ଉଦାର
କଲା, ସଦାପ୍ରଭୁ ମୋଶାଙ୍କ ମାଧ୍ୟମରେ ଦେଇଥିବା ଆଜ୍ଞାନୁସାରେ
କାର୍ଯ୍ୟ ପାଇଁ ଉପହାର ଆଣିଲେ। ତେଣୁ ଇଶ୍ରାୟେଲର
ଲୋକମାନେ ସଦାପ୍ରଭୁଙ୍କ ନିକଟକୁ ସ୍ୱେଚ୍ଛାଦତ୍ତ ନୈବେଦ୍ୟ
ଆଣିଲେ।

## ବସଲେଲ ଓ ଅହଲୀୟାବ

**30**ଏହାପରେ ମୋଶା ଇଶ୍ରାୟେଲର ଲୋକମାନଙ୍କୁ କହିଲେ,
“ଦେଖ ସଦାପ୍ରଭୁ ବସଲେଲକୁ ମନୋନୀତ କଲେ। ଯିଏ
ଯିହୁଦା ପରିବାରବର୍ଗର ଅନ୍ତର୍ଭୁକ୍ତ ଅଟେ। ବସଲେଲ ଊରିର
ପୁତ୍ର ଏବଂ ଊରି ହୂରର ପୁତ୍ର ଅଟେ। **31**ସଦାପ୍ରଭୁ ବସଲେଲକୁ
ପରମେଶ୍ୱରଙ୍କ ଜ୍ଞାନରେ ପୂର୍ଣ୍ଣ କଲେ। ସେ ତାଙ୍କୁ ସମସ୍ତ
ପ୍ରକାର କାର୍ଯ୍ୟ କରିବା ପାଇଁ ସମସ୍ତ କୌଶଳ ଓ ଜ୍ଞାନ
ଦେଲେ। **32**ସେ ଚିତ୍ର କର୍ମମାନ ସ୍ୱର୍ଣ୍ଣ, ରୌପ୍ୟ, ପିତ୍ତଳ
ଆଦିରେ ସୁନ୍ଦର କର୍ମମାନ କରିପାରନ୍ତି। **33**ଖଚନାର୍ଥକ ମଣିକର୍ତ୍ତନ
ଓ ନାନା ଶିଳ୍ପ କର୍ମ ନିମନ୍ତେ କାଠ ଖୋଦନ ଏହିସବୁ
କାର୍ଯ୍ୟମାନ କରିବା ପାଇଁ ତାଙ୍କୁ ନିପୁଣ କଲେ। **34**ସଦାପ୍ରଭୁ
ବସଲେଲ ଓ ଅହଲୀୟାବକୁ ପ୍ରବୃତ୍ତି ଦେଲେ ଯେଉଁଥିରେ
ସେମାନେ ଲୋକମାନଙ୍କୁ ଏ ବିଷୟରେ ଶିକ୍ଷାଦେଇ ପାରିବେ।
ଅହଲୀୟାବ ଥିଲେ ଅହୀଷାମଙ୍କର ପୁତ୍ର, ଯିଏ କି ଦାନ
ପରିବାରବର୍ଗ ଥିଲେ। **35**ସଦାପ୍ରଭୁ ସେ ଦୁହିଁଙ୍କୁ ସ୍ୱତନ୍ତ୍ର ଜ୍ଞାନ
କୌଶଳରେ ପରିପୂର୍ଣ୍ଣ କରିଛନ୍ତି, ସେମାନେ ଯେକୌଣସି
କାର୍ଯ୍ୟମାନ କରିପାରିବେ। ସେମାନେ କାଠ କାମ, ପିତ୍ତଳ
ନିର୍ମିତ କର୍ମମାନ କରିପାରିବେ। ସେମାନେ ସୁନ୍ଦର କାର୍ଯ୍ୟମାନ
ଯଥା: ନୀଳ, ଧୂମ୍ର, ସିନ୍ଦୁର ବର୍ଣ୍ଣ ଓ ଶୁଭ୍ର କ୍ଷୌମ ସୂତ୍ରରେ
ସୂଚୀ କର୍ମରେ ଓ ତନ୍ତ କର୍ମମାନ କରିବା ନିମନ୍ତେ ଯାବତୀୟ
କର୍ମରେ ସେମାନଙ୍କୁ ନିପୁଣ କରିଛନ୍ତି।

**36** “ତେଣୁ ବସଲେଲ, ଅହଲୀୟାବ ଏବଂ ପ୍ରତ୍ୟେକ
କୁଶଳୀ ଲୋକମାନେ ଯେଉଁମାନଙ୍କୁ ସଦାପ୍ରଭୁ ଏହି
ପବିତ୍ର ସ୍ଥାନ ସମ୍ବନ୍ଧୀୟ କାର୍ଯ୍ୟ କରିବାର କୌଶଳ ଓ ଜ୍ଞାନ
ପ୍ରଦାନ କରିଛନ୍ତି, ସେମାନଙ୍କୁ ପବିତ୍ର ସ୍ଥାନ ସମ୍ବନ୍ଧୀୟ ସମସ୍ତ
କାର୍ଯ୍ୟ କରିବାକୁ ଦିଅ। ଠିକ୍ ଯେପରି ସଦାପ୍ରଭୁ ଆଜ୍ଞା
ଦେଇଥିଲେ।”

**2**ତା'ପରେ ମୋଶା ବସଲେଲ ଏବଂ ଅହଲୀୟାବ ପ୍ରତ୍ୟେକ
ନିପୁଣ ଲୋକମାନଙ୍କୁ ଡାକିଲେ। ଯେଉଁମାନଙ୍କୁ ସଦାପ୍ରଭୁ
କାର୍ଯ୍ୟ କରିବାକୁ କୌଶଳ ଓ ଅତିଶୟ ଦକ୍ଷତା ଦେଇଛନ୍ତି।
**3**ମୋଶା ଏହି ସମସ୍ତ ଲୋକମାନଙ୍କୁ ଲୋକମାନଙ୍କର ଦାତବ୍ୟ
ଦ୍ରବ୍ୟମାନ ଦେଲେ ଏବଂ ସେମାନେ ସେହି ଦ୍ରବ୍ୟଗୁଡ଼ିକ
ବ୍ୟବହାର କରି ସଦାପ୍ରଭୁଙ୍କର ପବିତ୍ର ସ୍ଥାନ ତିଆରି କଲେ।
ଲୋକମାନେ ପ୍ରତି ପ୍ରଭାତରେ ଉପହାରମାନ ଆଣି ଦେଲେ।
**4**ଶେଷରେ, ପବିତ୍ର ସ୍ଥାନର ନିପୁଣ କର୍ମକର୍ତ୍ତାଗଣ କାର୍ଯ୍ୟ ଛାଡ଼ି
ମୋଶାଙ୍କ ନିକଟକୁ କହିବା ପାଇଁ ଗଲେ। **5**“ଲୋକମାନେ
ଯଥେଷ୍ଟ ଆଣୁଛନ୍ତି। ସଦାପ୍ରଭୁଙ୍କର ଆଜ୍ଞା କର୍ମ କରିବା ପାଇଁ
ଯାହା ଦରକାର ତାହାଠାରୁ ଲୋକେ ଯଥେଷ୍ଟ ଆଣୁଛନ୍ତି।”
**6**ଏହାପରେ ମୋଶା ଏହି ସମ୍ବାଦ ଛାଉଣୀ ମଧ୍ୟରେ
ପ୍ରଚାର କଲେ, “ପୁରୁଷ କିମ୍ବା ସ୍ତ୍ରୀ ଆଉ କୌଣସି ଉପହାର
ସଦାପ୍ରଭୁଙ୍କର ପବିତ୍ର ସ୍ଥାନ ପାଇଁ ଆଣନ୍ତୁ ନାହିଁ।” ତେଣୁ
ଲୋକମାନେ ବାଧ ହେଲେ ଆଉ ଉପହାର ନ ଦେବା
ପାଇଁ। **7**ଲୋକମାନେ କାର୍ଯ୍ୟ ପାଇଁ ଆବଶ୍ୟକତାଠାରୁ ଅଧିକ
ଦେଲେ।

## ପବିତ୍ର ତମ୍ବୁ

**8**ଏହାପରେ ସେହି ନିପୁଣ କାରିଗରଗଣ ବଳାଶୁଭ୍ର କ୍ଷୌମସୂତ୍ର
ଓ ନୀଳ ଧୂମ୍ର ଓ ସୁନ୍ଦର ବର୍ଣ୍ଣ ସୂତ୍ରଦ୍ୱାରା ପବିତ୍ର ତମ୍ବୁର
ଦଶ ଯବନିକା ପ୍ରସ୍ତୁତ କଲେ। ଏବଂ ତାହା ମଧ୍ୟରେ ଶିଳ୍ପ
କର୍ମରେ କିରୂବ ଦୂତଗଣର ଆକୃତି କଲେ। **9**ପ୍ରତ୍ୟେକ
ଯବନିକା ଅଠେଇଶ ହାତ ଲମ୍ବ, ଚାରି ହାତ ପ୍ରସ୍ଥ ଏବଂ
ପ୍ରତ୍ୟେକ ଯବନିକା ସମପରିମାଣର ଥିଲା। **10**ସେମାନେ ପାଞ୍ଚ
ଯବନିକା ଏକତ୍ର କରି ଯୋଗ କଲେ ଏବଂ ଅନ୍ୟ ପାଞ୍ଚ
ଯବନିକା ମଧ୍ୟ ଏକତ୍ର କରି ଯୋଗ କଲେ। **11**ସେମାନେ
ଯୋଡ଼ ସ୍ଥାନରେ ପ୍ରଥମ ଅନ୍ତ୍ୟ ଯବନିକାର ଧଡ଼ିରେ ନୀଳ
ସୂତ୍ରର ଘୁଣ୍ଡିଘର କଲେ। ଯୋଡ଼ ସ୍ଥାନର ଦ୍ୱିତୀୟ ଅନ୍ୟ
ଯବନିକାର ଧଡ଼ିରେ ଏକାପରି କାର୍ଯ୍ୟମାନ କଲେ। **12**ସେମାନେ
ପ୍ରଥମ ଯବନିକାର ଧଡ଼ିରେ ପଚାଶ ଘୁଣ୍ଡିଘର ଓ ଯୋଡା
ସ୍ଥାନରେ ଦ୍ୱିତୀୟ ଯବନିକାର ଧଡରେ ପଚାଶ ଘୁଣ୍ଡିଘେର
କଲେ। ସେହି ଘୁଣ୍ଡି ଘର ସବୁ ପରସ୍ପର ସମ୍ମୁଖୀନ ରହିଥିଲା।
**13**ଏହାପରେ ସେମାନେ ପଚାଶ ଗୋଟି ସ୍ୱର୍ଣ୍ଣଘୁଣ୍ଡି କରି
ଯବନିକା ସବୁ ଯୋଗ କଲେ। ତେଣୁ ପବିତ୍ର ତମ୍ବୁ ତିଆରି
ହୋଇ ଗୋଟିଏ ହେଲା।

**14**ଏହାପରେ ସେହି ଶିଳ୍ପୀଗଣ ସେହି ପବିତ୍ର ତମ୍ବୁର
ଆଚ୍ଛାଦନାର୍ଥକ ପବିତ୍ର ତମ୍ବୁ ନିମନ୍ତେ ଛାଗ ଲୋମର ଏକାଦଶ
ଯବନିକା ପ୍ରସ୍ତୁତ କଲେ। **15**ପ୍ରତ୍ୟେକ ଯବନିକାର ଲମ୍ବ
ତିରିଶ ହାତ ଓ ପ୍ରସ୍ଥ ଚାରି ହାତ ବିଶିଷ୍ଟ ହେଲା। ସେହି
ଏକାଦଶ ଯବନିକାର ସମାନ ପରିମାଣ ଥିଲା। **16**ସେମାନେ
ପାଞ୍ଚଟି ଯବନିକା ଯୋଡ଼ି ଗୋଟିଏ ଏବଂ ଅନ୍ୟ ଛଅଟି
ଯବନିକା ଯୋଡ଼ି ଗୋଟିଏ ପ୍ରସ୍ତୁତ କଲେ। **17**ଯୋଡ଼ା ସ୍ଥାନରେ
ପ୍ରଥମ ଅନ୍ତ୍ୟ ଯବନିକାର ଧଡ଼ିରେ ପଚାଶ ଘୁଣ୍ଡିଘର କଲେ ଓ
ଦ୍ୱିତୀୟ ଯବନିକାର ଯୋଡ଼ ସ୍ଥାନରେ ଧଡ଼ିରେ ପଚାଶ ଘୁଣ୍ଡିଘର
କଲେ। **18**ଶିଳ୍ପୀମାନେ ପିତ୍ତଳର ପଚାଶଟି ମୁଦଆ ତିଆରି
କଲେ ସେହି ଯବନିକାକୁ ଏକତ୍ର କରିବା ପାଇଁ ବା ଗୋଟିଏ
ତମ୍ବୁ ନିର୍ମାଣ କରିବା ପାଇଁ। **19**ଏହାପରେ ସେମାନେ ଆଉ
ଦୁଇଟି ଯବନିକା ପ୍ରସ୍ତୁତ କଲେ ସେହି ପବିତ୍ର ତମ୍ବୁ ପାଇଁ,
ସେମାନେ ଗୋଟିଏ ଛାଡ ରକ୍ତୀ କୃତ ଶିଶୁକ ଚର୍ମରେ ତିଆରି
କଲେ।

**20**ଏହାପରେ ଶିଳ୍ପୀମାନେ ଶିଟୀମ୍ କାଠରେ ପବିତ୍ର ତମ୍ବୁ
ନିମିତ୍ତ ଠିଆ ପଟା ତିଆରି କଲେ। **21**ପ୍ରତ୍ୟେକ ପଟାର ଲମ୍ବ
ଦଶ ହାତ ଓ ପ୍ରସ୍ଥ ଦେଢ ହାତ ଥିଲା। **22**ପ୍ରତ୍ୟେକ ଡାଞ୍ଚା
ସମାନ ଆକାରର ଦୁଇଟି ଖିଲ ଥିଲା। ପରସ୍ପର ଅନୁରୂପ
ଦୁଇ ଦୁଇ ଫୁଟ୍ ଥିଲା। ଏହିପରି ସେମାନେ ତମ୍ବୁ ନିମନ୍ତେ
ଡାଞ୍ଚା ପ୍ରସ୍ତୁତ କଲେ। **23**ସେମାନେ ପବିତ୍ର ତମ୍ବୁ ନିମନ୍ତେ
କୋଡ଼ିଏଟି ପଟା ଦକ୍ଷିଣପଟ ପାଇଁ ପ୍ରସ୍ତୁତ କଲେ। **24**ଏହାପରେ
ସେମାନେ ଚାଳିଶଟି ରୂପାର ଆଧାର ତିଆରି କଲେ, ତକ୍ତାର
ତଳେ ଦେବା ପାଇଁ। ପ୍ରତ୍ୟେକ ତକ୍ତା ପାଇଁ ସେମାନେ

ଦୁଇଟି କରି ଆଧାର ପ୍ରସ୍ତୁତ କଲେ। ତକ୍ତାର ପ୍ରତ୍ୟେକ ପାଖ
ଗୋଟିଏ ଆଧାର ପ୍ରସ୍ତୁତ କଲେ। **25**ସେମାନେ ଉତ୍ତରପଟ
ପାଇଁ କୋଡ଼ିଏଟି ପଟା ତିଆରି କଲେ, ସେହି ପବିତ୍ର ତମ୍ବୁ
ପାଇଁ। **26**ସେମାନେ ଏହି କୋଡ଼ିଏଟି ପଟା ନିମନ୍ତେ ଚାଳିଶଟି
ଚୁଙ୍ଗୀ ତିଆରି କଲେ। ଗୋଟିଏ ପଟା ନିମନ୍ତେ ଦୁଇଟି ଚୁଙ୍ଗୀ
ସେମାନେ ପ୍ରସ୍ତୁତ କଲେ। **27**ପବିତ୍ର ତମ୍ବୁର ପଶ୍ଚିମ ପଟ
ପାଇଁ ସେମାନେ ଛଅଟି ପଟା ତିଆରି କଲେ। **28**ସେମାନେ
ମଧ୍ୟ ପବିତ୍ର ତମ୍ବୁ ପଛପାଖ କୋଣପାଇଁ ତକ୍ତାଗୁଡ଼ିକ ତିଆରି
କଲେ। **29**ଏହି ପଟାଗୁଡ଼ିକର ତଳେ ଏକତ୍ର କରି ଯୋଡ଼ା
ଗଲା। ଏବଂ ଉପରେ ଏକ କଡ଼ା ଦ୍ୱାରା ଯୋଡ଼ି ରହିଲା।
ଏହିପରି ଭାବରେ ସେହି କୋଣ ପଟା ଦ୍ୱୟ ଏକତ୍ର ହୋଇ
ରହିଲା। ସେମାନେ ଉଭୟ କୋଣ ପାଇଁ ଏକା ପ୍ରକାର
କଲେ। **30**ସେହି ପବିତ୍ର ତମ୍ବୁର ପଶ୍ଚିମ ପଟରେ ମୋଟ
ଆଠଟି ତକ୍ତା ରହିଲା। ଏବଂ ଷୋଳଟି ରୁପାର ଆଧାର ଥିଲା।
ପ୍ରତ୍ୟେକ ତକ୍ତା ପାଇଁ ଦୁଇଟି ଆଧାର।

**31**ଏହାପରେ ଶିଳ୍ପୀମାନେ ପବିତ୍ର ତମ୍ବୁ ପାଇଁ ଶିଟୀମ୍
କାଠରେ ଅର୍ଗଳ ପ୍ରସ୍ତୁତ କଲେ। ସେମାନେ ପବିତ୍ର ତମ୍ବୁର
ଗୋଟିଏ ପାର୍ଶ୍ୱରେ ପାଞ୍ଚଟି ଅର୍ଗଳ ତିଆରି କଲେ। **32**ପାଞ୍ଚଟି
ଅର୍ଗଳ ଅନ୍ୟ ପାର୍ଶ୍ୱ ପାଇଁ ତିଆରି କଲେ ଏବଂ ପବିତ୍ର
ତମ୍ବୁର ପଛ ପାଖ ପାଇଁ ଅର୍ଥାତ୍ ପଶ୍ଚିମ ଦିଗ ପାଇଁ ପାଞ୍ଚଟି
ଅର୍ଗଳ ତିଆରି କଲେ। **33**ମଧ୍ୟସ୍ଥିତ ଅର୍ଗଳ ଡାଞ୍ଚାର ମଝି
ସ୍ଥାନରୁ ଏମୁଣ୍ଡରୁ ସେମୁଣ୍ଡ ଯାଏ ପାଇଲା। **34**ଆଉ ସେମାନେ
ସେହିସବୁ ପଟା ସ୍ୱର୍ଣ୍ଣ ଦ୍ୱାରା ମଡ଼ାଇଲେ। ଅର୍ଗଳର ଘର
ନିମନ୍ତେ ସ୍ୱର୍ଣ୍ଣର କଡ଼ା କଲେ। ଅର୍ଗଳ ସବୁ ସୁନାରେ
ମଡ଼ାଇଲେ।

**35**ଏହାପରେ ସେମାନେ ନୀଳଧୂମ୍ର, ସିନ୍ଦୁରବର୍ଣ୍ଣ ଓ ବଳାଶୁଭ୍ର
ମହାପବିତ୍ର ଓ କରୂବ ଦୂତଗଣ ଚିତ୍ରିତ ଏକ ବିଚ୍ଛେଦବସ୍ତ୍ର
ପ୍ରସ୍ତୁତ କଲେ। **36**ସେମାନେ ତା'ପାଇଁ ଶିଟୀମ୍ କାଠର
ଚାରିସ୍ତମ୍ଭ କରି ସ୍ୱର୍ଣ୍ଣରେ ମଡ଼ାଇଲେ। ଏବଂ ସେସବୁର
ଆଙ୍କୁଡ଼ା ସୁନାରେ ତିଆରି କଲେ ଓ ତହିଁ ନିମନ୍ତେ ରୂପାର
ଚାରୋଟି ଚୁଙ୍ଗୀ ଢାଳିଲେ। **37**ସେମାନେ ତମ୍ବୁ ପ୍ରବେଶ ଦ୍ୱାର
ନିମନ୍ତେ ନୀଳ, ଧୂମ୍ର ସିନ୍ଦୁର ବର୍ଣ୍ଣ ଓ କ୍ଷୋମସୂତ୍ର ନିର୍ମିତ ଏକ
ପରଦା ବୁଣିଲେ। **38**ତାହାର ପାଞ୍ଚଟି ସ୍ତମ୍ଭ ଏବଂ ସେସବୁର
ଆଙ୍କୁଡ଼ା ତିଆରି କଲେ ଏବଂ ସେ ସବୁର ମୁଣ୍ଡାଳି ଓ ଛୁଞ୍ଚିଆ
ସ୍ୱର୍ଣ୍ଣରେ ମଡ଼ାଇଲେ। ମାତ୍ର ସେମାନଙ୍କର ପାଞ୍ଚଟି ଚୁଙ୍ଗୀ
ପିତ୍ତଳର ଥିଲା।

### ନିୟମ-ସିନ୍ଦୁକ

**37** ବସଲେଲ ଶିଟୀମ୍ କାଠରେ ଏକ ପବିତ୍ର ସିନ୍ଦୁକ
ତିଆରି କଲେ। ଯାହାର ଲମ୍ବ ଥିଲା ଅଢ଼େଇ ହାତ,
ଦେଢ଼ହାତ ଚଉଡ଼ା ଏବଂ ଦେଢ଼ହାତ ଉଚ୍ଚ। **2**ସେ ଏହି
ସିନ୍ଦୁକକୁ ଶୁଦ୍ଧ ସ୍ୱର୍ଣ୍ଣ ଦ୍ୱାରା ଭିତର ପଟ ଓ ବାହାର ପଟ
ମଡ଼ାଇଲେ। ଏହାପରେ ସେ ସ୍ୱର୍ଣ୍ଣର କାନ୍ଥ କଲେ। **3**ସେ
ସ୍ୱର୍ଣ୍ଣର ଚାରୋଟି କଡ଼ାକରି ଚାରି କୋଣରେ ଲଗାଇଲେ।
ଏବଂ ଦୁଇ ପାର୍ଶ୍ୱରେ ଦୁଇଟି କଡା ଥିଲା। **4**ସେ ସେହି
ଶିଟୀମ୍ କାଠରେ ସାଙ୍ଗୀ ତିଆରି କରି ସେଥିରେ ସ୍ୱର୍ଣ୍ଣର
ଛାଉଣୀ ଦେଇଥିଲେ। **5**ସେହିପରି ସାଙ୍ଗୀକୁ ବହିବା ପାଇଁ
ଦୁଇ ପାର୍ଶ୍ୱରେ ଥିବା ଦୁଇ କଡା ମଧ୍ୟରେ ସାଙ୍ଗୀକୁ
ପୁରାଇଥିଲେ। **6**ଏହାପରେ ବସଲେଲ ଏକ ଶୁଦ୍ଧ ସ୍ୱର୍ଣ୍ଣର
ଗୋଟିଏ ଆଚ୍ଛାଦକ ତିଆରି କଲେ। ତା'ର ଲମ୍ବ ଅଢ଼େଇ
ହାତ ଓ ପ୍ରସ୍ଥ ଦେଢ଼ହାତ ଥିଲା। **7**ଏହାପରେ ବସଲେଲ
ପିଟାସ୍ୱର୍ଣ୍ଣରେ ଦୁଇ କରୂବ ଦୂତଗଣ ନିର୍ମାଣ କରି ପାପାଚ୍ଛାଦନ
ଦୁଇ ମୁଣ୍ଡରେ ରଖିଲେ। **8**ତହିଁର ଏକ ମୁଣ୍ଡରେ ଏକ କରୂବ,
ଅନ୍ୟ ମୁଣ୍ଡରେ ମଧ୍ୟ ଏକ କରୂବ ସ୍ଥାପନ କଲେ। ପାପାଚ୍ଛାଦନର
ଦୁଇମୁଣ୍ଡରେ ଦୁଇ କରୂବକୁ ତହିଁର ଅଂଶ କରି ରଖିଲେ।
**9**କରୂବମାନଙ୍କର ପକ୍ଷ ଊର୍ଦ୍ଧ୍ୱକୁ ବିସ୍ତାରିତ ହୋଇ ପାପାଚ୍ଛାଦନକୁ
ଆଚ୍ଛାଦନ କଲା। ଏବଂ ସେମାନଙ୍କର ମୁଖ ପରସ୍ପର ସମ୍ମୁଖୀନ
ହୋଇ ରହିଲା। ମାତ୍ର ପାପାଚ୍ଛାଦନ ପ୍ରତି କରୂବମାନଙ୍କର ମୁଖ
ରହିଲା।

### ଏକ ସ୍ୱତନ୍ତ୍ର ମେଜ

**10**ଏହାପରେ ସେ ଶିଟୀମ୍ କାଠରେ ଏକ ମେଜ ତିଆରି
କଲେ। ଏହାର ଲମ୍ବ ଦୁଇହାତ, ଏକହାତ ଚଉଡା, ଦେଢ଼ହାତ
ଉଚ୍ଚତା ଥିଲା। **11**ସେ ସେହି ମେଜକୁ ଶୁଦ୍ଧ ସ୍ୱର୍ଣ୍ଣରେ
ଆଚ୍ଛାଦନ କଲେ ଏବଂ ଟେବୁଲ ଚାରିପାଖରେ ଶୁଦ୍ଧ ସ୍ୱର୍ଣ୍ଣର
କାନ୍ଥ ତିଆରି କଲେ। **12**ତା'ପରେ ସେ ମେଜ ଚାରିପାଖ
ଏକ ହାତ, ଓସାର ବିଶିଷ୍ଟ ଏକ ଡାଞ୍ଚା ତିଆରି କଲେ ଓ
ଡାଞ୍ଚାର ଚାରିପଟେ ସ୍ୱର୍ଣ୍ଣର ବଳୟ ତିଆରି କଲେ।
**13**ଏହାପରେ ସେମାନେ ମେଜର ଚତୁର୍ଦ୍ଦିଗରେ ଚାରିଟା ସୁବର୍ଣ୍ଣର
କଳକା ଲଗାଇଲେ, ଯେଉଁ ଦିଗରେ ମେଜର ଗୋଡ଼ଗୁଡ଼ିକ
ଥିଲା। **14**ସେ ସେହି ସ୍ୱର୍ଣ୍ଣର କଡାଗୁଡ଼ିକ ପାଖ ଡାଞ୍ଚା
ପାଖାପାଖି ଲାଗି ଥିଲା। ଏହି କଡ଼ା ମଧ୍ୟରେ ପୁରାଇଥିବା
ସାଙ୍ଗୀ ଦ୍ୱାରା ବୁହା ଯାଉଥିଲା। **15**ସେହି ମେଜକୁ ବହିବା
ପାଇଁ ଶିଟୀମ୍ କାଠରେ ସାଙ୍ଗୀ ତିଆରି କଲେ ଓ ସେଗୁଡ଼ିକୁ
ସ୍ୱର୍ଣ୍ଣରେ ଆଚ୍ଛାଦିତ କଲେ। **16**ତା'ପରେ ସେ ଥାଳି, ଚାମଚ,
ଗିନା, ଗଡୁ ସବୁକୁ ସ୍ୱର୍ଣ୍ଣରେ ତିଆରି କଲେ।
ସେହି ଗିନା ଓ ଗଡୁସବୁ ପେୟ ନୈବେଦ୍ୟ ଢାଳିବାରେ
ବ୍ୟବହୃତ ହୁଏ।

### ଦୀପରୁଖା

**17**ଏହାପରେ ସେ ଶୁଦ୍ଧ ସ୍ୱର୍ଣ୍ଣରେ ଦୀପବୃକ୍ଷ ତିଆରି
କଲେ। ସେ ଦୀପରୂଖାରେ ବୃନ୍ତ ଓ ଶାଖା କରିବା ପାଇଁ
ସ୍ୱର୍ଣ୍ଣକୁ ପିଟିଲେ। ତା'ପରେ ସେ ଫୁଲ, ପାଖୁଡା, କଢ଼ିମାନ
ତିଆରି କଲେ। ସେ ଏହି ଜିନିଷଗୁଡ଼ିକୁ ଏକାଠି ଯୋଡି
ଗୋଟିଏ ଜିନିଷ ତିଆରି କଲେ। **18**ଦୀପବୃକ୍ଷର ଏକ ପାର୍ଶ୍ୱରୁ
ତିନି ଶାଖା ଏବଂ ଅନ୍ୟ ପାର୍ଶ୍ୱରୁ ତିନି ଶାଖା ଏହିପରି ଛଅଟି
ଶାଖା ସେହି ଦୀପବୃକ୍ଷରୁ ବାହାରି କଲେ। **19**ପ୍ରତ୍ୟେକ
ଶାଖାରେ ତିନୋଟି କରି ଫୁଲ ରହିଲା। ଏହି ଫୁଲଗୁଡ଼ିକ
ବାଦାମ ପୁଷ୍ପାକୃତି ତିନି ଗୋଲାଧାର କଳିକା ଓ ପୁଷ୍ପ,
ଏହିପରି ଛଅଟି ଶାଖାରେ ରହିଲା। **20**ଦୀପରୂଖାର ଦଣ୍ଡିରେ
ଚାରୋଟି ପୁଷ୍ପ ଥିଲା, ସେଗୁଡିକ ଆକୃତି ବାଦାମ ପୁଷ୍ପର ବୃନ୍ତ
ଓ ପାଖୁଡା ସଦୃଶ ଥିଲା। **21**ସେଥିରେ ଛଅଟି ଶାଖା ଥିଲା,
ତିନୋଟି ପ୍ରତ୍ୟେକ ପାର୍ଶ୍ୱକୁ ଆସୁଛନ୍ତି, ଶାଖା ମୂଳ ଫୁଲ
ସହିତ ବୃନ୍ତ ପାଖୁଡା ଥିଲା। **22**ସମ୍ପୂର୍ଣ୍ଣ ଦୀପ ବୃକ୍ଷଟି ତା'ର

ଗଣ୍ଠି, ଶାଖା, ଫୁଲ ଓ ଫଳ ସବୁ ଶୁଦ୍ଧ ସ୍ବର୍ଣ୍ଣରେ ତିଆରି
ହେଲା। ସମସ୍ତ ପିଟା ସୁନା କର୍ମରେ ନିର୍ମିତ ହୋଇଥିଲା।
**23**ସେ ସେଥିପାଇଁ ସାତଟି ପ୍ରଦୀପ ଓ ଚିମୁଟା ଓ ଅଙ୍ଗାର
ଧାନୀ ସମସ୍ତ ଶୁଦ୍ଧ ସ୍ବର୍ଣ୍ଣରେ ନିର୍ମାଣ କଲେ। **24**ସେ ଏହି
ସମସ୍ତ କାର୍ଯ୍ୟ ପାଇଁ ଏକ ତାଳନ୍ତ ସ୍ବର୍ଣ୍ଣ ବ୍ୟବହାର କଲେ।

## ଧୂପବେଦୀ

**25**ସେ ଏକ ଧୂପ ଜଳାଇବା ପାଇଁ ଗୋଟିଏ ବେଦୀ
ତିଆରି କଲେ। ସେ ଏଥିପାଇଁ ଶିଟ୍ଟୀମ୍‌କାଠ ବ୍ୟବହାର
କଲେ। ଏହି ବେଦୀଟି ଏକ ବର୍ଗାକାର, ଯାହାର ଦୈର୍ଘ୍ୟ,
ପ୍ରସ୍ଥ ଥିଲା ଏକ ହାତ, ଓ ଉଚ୍ଚତା ଥିଲା ଦୁଇହାତ।
ଶିଙ୍ଗଗୁଡ଼ିକ ତିଆରି ହୋଇଥିଲା ବେଦୀର ଅଂଶ ଭାବରେ।
**26**ଏବଂ ସେହି ଧୂପବେଦୀଟିର ଶିଙ୍ଗ ସହିତ ଉପରି ଭାଗ
ଶୁଦ୍ଧ ସ୍ବର୍ଣ୍ଣରେ ଆଚ୍ଛାଦିତ ହୋଇଥିଲା। ଏବଂ ସେ ବେଦୀ
ଚତୁଃପାର୍ଶ୍ୱରେ ସ୍ବର୍ଣ୍ଣର ବଳୟ ନିର୍ମାଣ କଲେ। **27**ଧୂପବେଦୀକୁ
ବହିବା ପାଇଁ ତା'ର ପ୍ରତ୍ୟେକ ପାର୍ଶ୍ୱରେ ସ୍ବର୍ଣ୍ଣର ବଳୟ
ତଳେ ସ୍ବର୍ଣ୍ଣ ଦୁଇ କଡ଼ା ନିର୍ମାଣ କଲେ। **28**ସେ ସେହି
ସାଙ୍ଗୀଗୁଡ଼ିକ ଶିଟ୍ଟୀମ୍ କାଠରେ ନିର୍ମାଣ କରି ସେଥିରେ
ସ୍ବର୍ଣ୍ଣର ଛାଉଣୀ ଦେଇଥିଲେ।

**29**ଏହାପରେ ସେ ବିଶେଷ ଅଭିଷେକାର୍ଥକ ତୈଳ ତିଆରି
କଲେ ଏବଂ ଖାଣ୍ଟି ଧୂପ ନିମନ୍ତେ ଗନ୍ଧବଣିକର କ୍ରିୟାନୁଯାୟୀ
ସୁଗନ୍ଧି ଦ୍ରବ୍ୟ ପ୍ରସ୍ତୁତ କଲେ।

## ହୋମବେଦି

**38** ଏହାପରେ ନୈବେଦ୍ୟ ଦଗ୍ଧ କରିବା ପାଇଁ ବସ୍‌ଲେଲ
ଶିଟ୍ଟୀମ୍ କାଠରେ ଏକ ଯଜ୍ଞବେଦୀ ନିର୍ମାଣ କଲେ।
ଏହି ହୋମବେଦୀଟି ବର୍ଗାକାର ଥିଲା। ଏହାର ଦୈର୍ଘ୍ୟ
ପାଞ୍ଚହାତ, ପ୍ରସ୍ଥ ପାଞ୍ଚହାତ ଏବଂ ଉଚ୍ଚତା ତିନିହାତ ଥିଲା।
**2**ସେ ଚାରିଟି କୋଣ ନିମନ୍ତେ ଶିଙ୍ଗ ତିଆରି କଲେ। ସେ
ଚାରୋଟି ଶିଙ୍ଗକୁ ମିଶାଇ ଦେଲେ, ସେସବୁ ଯଜ୍ଞବେଦୀର
ଏକ ଅଂଶ ହେଲା ଏବଂ ତା'ଉପରେ କଂସା ମଡ଼ାଇଲେ।
**3**ଏହାପରେ ସେ ଯଜ୍ଞବେଦୀ ପାଇଁ ଦରକାରୀ ପିତ୍ତଳ ପାତ୍ର,
ବେଲଚା, କରଚୁଲୀ, ଚଟା, କଣ୍ଟା ଚାମଚ ଓ ଅଙ୍ଗାରଧାନୀ
ସବୁକୁ ପ୍ରସ୍ତୁତ କଲେ। **4**ଏହାପରେ ସେ ଯଜ୍ଞବେଦୀ ପାଇଁ
କଂସାର ଜାଲି ପ୍ରସ୍ତୁତ କଲେ ଏବଂ ଯଜ୍ଞବେଦୀର ଧାରରେ
ବାନ୍ଧିଲେ। ଯାହାକି ଯଜ୍ଞବେଦୀର ମଝି ପର୍ଯ୍ୟନ୍ତ ଆସିଲା।
**5**ଏହାପରେ ସେ କଂସାର କଡ଼ା ତିଆରି କଲେ। ଏହି କଡ଼ା
ମଧ୍ୟରେ ସାଙ୍ଗୀ ପୁରେଇ ବେଦୀ ବୁହାଗଲା। ସେ କଂସା
ଜାଲିର ଚାରି ପାଖରେ ଚାରୋଟି କଡ଼ା ଲଗାଇଲେ। **6**ଏହାପରେ
ସେ ଶିଟ୍ଟୀମ୍ କାଠରେ ଏହାକୁ ବହିବା ପାଇଁ ସାଙ୍ଗୀ ପ୍ରସ୍ତୁତ
କଲେ। ସେହି ସାଙ୍ଗୀ ଉପରେ ପିତ୍ତଳର ଆବରଣ ମଡ଼ାଇଲେ।
**7**ବେଦିଟିକୁ ବହିବା ପାଇଁ ସେ ଯଜ୍ଞବେଦୀ ପାର୍ଶ୍ୱରେ ଥିବା
କଡ଼ା ମଧ୍ୟରେ ସାଙ୍ଗୀକୁ ପୁରାଇଲେ। ସେ ଯଜ୍ଞବେଦୀଟିକୁ
ଖାଲି ସିନ୍ଦୁକ ପରି ପଟାରେ ନିର୍ମାଣ କଲେ। **8**ସ୍ତ୍ରୀ ଲୋକଟି
ଦେଇଥିବା ଦର୍ପଣରୁ କଂସାର ପ୍ରକ୍ଷାଳନ ପାତ୍ର ଓ ଏକ କଂସାର
ରୂଖା ତିଆରି କଲେ। ସେହି ସ୍ତ୍ରୀଲୋକ ସମାଗମ ତମ୍ବୁର
ଦ୍ୱାର ସମୀପରେ ସେବା କରୁଥିଲେ।

## ପବିତ୍ର ତମ୍ବୁର ଚାରିପାଖର ଅଗଣା

**9**ଏହାପରେ ସେ ପ୍ରାଙ୍ଗଣ ପ୍ରସ୍ତୁତ କଲେ। ପ୍ରାଙ୍ଗଣର
ଦକ୍ଷିଣ ପାର୍ଶ୍ୱରେ ବଳା ଶୁଭ୍ର କ୍ଷୋମସୂତ୍ରରେ ଏକଶତ ହାତ
ନିର୍ମିତ ପରଦା ନିର୍ମାଣ କଲେ। **10**ଏହାର କୋଡ଼ିଏଟି ସ୍ତମ୍ଭ
କୋଡ଼ିଏଟି ଚୁଙ୍ଗୀ ପିତ୍ତଳର ଏବଂ ସେହି ସ୍ତମ୍ଭର ଆଙ୍କୁଡ଼ା ଓ
ଛୁଞ୍ଚିଆ ରୁପାର ଥିଲା। **11**ଉତ୍ତର ଦିଗର ପରଦା ଶହେ ହାତ
ତାହାର କୋଡ଼ିଏଟି ସ୍ତମ୍ଭ କୋଡିଏଟି ପିତ୍ତଳର ଚୁଙ୍ଗୀ ଓ
ସ୍ତମ୍ଭର ଆଙ୍ଗୁଡ଼ା ଓ ଛୁଞ୍ଚିଆ ରୂପାର ଥିଲା।

**12**ପଶ୍ଚିମ ପାର୍ଶ୍ୱରେ ପରଦା ପଚାଶ ହାତ ଲମ୍ବ ଥିଲା।
ଏହାର ଦଶଟି ସ୍ତମ୍ଭ ଦଶଟି ଚୁଙ୍ଗୀ, ସ୍ତମ୍ଭର ଅଙ୍ଗୁଡ଼ା ଓ ଛୁଞ୍ଚିଆ
ରୂପାର ଥିଲା।

**13**ପୂର୍ବ ଦିଗରେ ପୂର୍ବ ପାର୍ଶ୍ୱ ନିମନ୍ତେ ପଚାଶ ହାତ ଥିଲା।
**14**ଦ୍ୱାରର ଏକ ପାର୍ଶ୍ୱ ନିମନ୍ତେ ପନ୍ଦର ହାତ ଲମ୍ବର ପରଦା
ଓ ତହିଁରେ ତିନି ସ୍ତମ୍ଭ ଓ ତିନି ଚୁଙ୍ଗୀ ଥିଲା। **15**ଅନ୍ୟ ପାର୍ଶ୍ୱ
ପାଇଁ ପରଦାର କାନ୍ଥ ପନ୍ଦର ହାତ ଲମ୍ବ ଥିଲା। ପ୍ରାଙ୍ଗଣର
ଦ୍ୱାର ସନ୍ନିକଟ ଏକ ପାର୍ଶ୍ୱସ୍ଥ ଓ ଅନ୍ୟ ପାର୍ଶ୍ୱସ୍ଥ ପନ୍ଦର ହାତ
ପରଦା ଥିଲା। ଏହାର ତିନି ସ୍ତମ୍ଭ ଓ ତିନି ଚୁଙ୍ଗୀ ଥିଲା।
**16**ପ୍ରାଙ୍ଗଣର ଚତୁର୍ଦ୍ଦିଗରେ ସକଳ ପରଦା ବଳାଶୁଭ୍ର କ୍ଷୋମସୂତ୍ରରେ
ନିର୍ମିତ ଥିଲା। **17**ପୁଣି ସ୍ତମ୍ଭର ଆଧାରସବୁ କଂସାର ଥିଲା।
ସ୍ତମ୍ଭର ଆଙ୍କୁଡ଼ା ଓ ଛଡ଼ ରୂପାର ଥିଲା। ଏହି ସ୍ତମ୍ଭର ଉପରି
ଭାଗ ରୂପାରେ ଛାଉଣୀ ହୋଇଥିଲା। ଏବଂ ଅଗଣାର ଖମ୍ବର
ଛଡ଼ସବୁ ରୂପାରେ ତିଆରି ହୋଇଥିଲା।

**18**ପ୍ରାଙ୍ଗଣ ଦ୍ୱାରରେ ଆଚ୍ଛାଦନ ବସ୍ତ୍ର ନୀଳଧୂମ୍ର, ସିନ୍ଦୁରବର୍ଣ୍ଣ
ଓ ବଳା ଶୁଭ୍ର କ୍ଷୋମ ସୂତ୍ରରେ ଶିଳ୍ପ କର୍ମରେ ପରିପୂର୍ଣ୍ଣ
ଥିଲା। ପ୍ରାଙ୍ଗଣର ପରଦା ପରି ତାହାର ଦୈର୍ଘ୍ୟ କୋଡ଼ିଏ ହାତ
ଓ ପ୍ରସ୍ଥ ପାଞ୍ଚ ହାତ ଥିଲା। **19**ତହିଁରେ ପିତ୍ତଳର ଚାରିଟି
ସ୍ତମ୍ଭ, ଚାରିଟି ଚୁଙ୍ଗୀ ରୂପାର ଆଙ୍କୁଡ଼ା ତା'ର ମୁଣ୍ଡାଳ ରୂପାରେ
ଛାଉଣୀ ହୋଇଥିଲା। ଏବଂ ଛୁଞ୍ଚିଆ ରୂପା ନିର୍ମିତ ଥିଲା।
**20**ପବିତ୍ର ତମ୍ବୁର ଓ ଅଗଣାର ଖିଲସବୁ କଂସାରେ ନିର୍ମିତ
ହୋଇଥିଲା।

**21**ମୋଶା ଲେବୀୟ ଲୋକମାନଙ୍କୁ ଆଜ୍ଞା ଦେଲେ, ପବିତ୍ର
ତମ୍ବୁରେ ବ୍ୟବାହାର ହେଉଥିବା ବସ୍ତୁମାନଙ୍କର ଗଣନା କରିବା
ପାଇଁ ଏବଂ ଏହାର ଦାୟିତ୍ୱ ନେଇଥିଲେ ଯାଜକ ହାରୋଣର
ପୁତ୍ର ଇଥାମର।

**22**ସଦାପ୍ରଭୁ ମୋଶାଙ୍କ ଦ୍ୱାରା ଯେଉଁ ଆଜ୍ଞା ଦେଇଥିଲେ,
ସେହି ଅନୁଯାୟୀ ଯିହୁଦା ପରିବାରବର୍ଗର ହୂରର ପୌତ୍ର ଓ
ଊରିର ପୁତ୍ର ବସ୍‌ଲେଲ ସେ ସବୁ ନିର୍ମାଣ କରିଥିଲେ।
**23**ଦାନ ପରିବାରବର୍ଗର ଅହୀଷାମକଙ୍କ ପୁତ୍ର ଅହଲୀୟାବ
ଖୋଦନ କାର୍ଯ୍ୟରେ, ରୂପାଙ୍କନ କରିବାରେ, ନୀଳ, ବାଇଗଣୀ
ଓ ଲାଲ ବସ୍ତ୍ର ବୁଣିବାରେ ନିପୁଣ ଥିଲେ ଓ ସେ ତାଙ୍କର
ସହକାରୀ ଥିଲେ।

**24**ଅଣତିରିଶ ତାଳନ୍ତ ଓ 730 ଶେକଲ ସ୍ବର୍ଣ୍ଣ,
ଅଧିକାରୀମାନଙ୍କ ଦ୍ୱାରା ମପାଯାଇ ପବିତ୍ର ସ୍ଥାନ ନିର୍ମାଣ
ନିମନ୍ତେ ଦିଆଗଲା।

**25**ଯେତେ ଲୋକ ଗଣତି ହୋଇଥିଲେ, ସେମାନେ 100
ଶେକଲ ସ୍ବର୍ଣ୍ଣ ଓ 1,775 ଶେକଲ ରୂପା କାର୍ଯ୍ୟାଳୟ ମାପ
ଦ୍ୱାରା ପବିତ୍ର ସ୍ଥାନ ପାଇଁ ଓଜନ କରାଗଲା। **26**ଯେତେ

ଲୋକ ଗଣତି ହୋଇଥିଲେ, ସେମାନଙ୍କର ବୟସ ଥିଲା
କୋଡ଼ିଏ ବର୍ଷ ବା ତଦୁର୍ଦ୍ଧ୍ୱ। ସେମାନଙ୍କର ସଂଖ୍ୟା ଥିଲା
6,03,550। ସେମାନେ ପ୍ରତ୍ୟେକ ଏକ ଦୁଇ ବେକା ଅର୍ଥାତ୍
ପବିତ୍ର ସ୍ଥାନର କାର୍ଯ୍ୟାଳୟ ମାପ ଓଜନ ହୋଇଥିବା ସେକଲ
ଅନୁସାରେ ଅର୍ଦ୍ଧ ଅର୍ଦ୍ଧ ଶେକଲ ଦେଇଥିଲେ। 27ଏକ ତାଳନ୍ତ
ଲେଖାଏଁ ରୂପାରେ ପବିତ୍ର ସ୍ଥାନର ଆଧାର ଓ ପରଦା ତିଆରି
ହୋଇଥିଲା। 100 ଆଧାର ପାଇଁ 100 ତାଳନ୍ତ ବ୍ୟବହାର
କରାଗଲା ଅର୍ଥାତ୍ ଗୋଟିଏ ଆଧାର ପାଇଁ ଏକ ତାଳନ୍ତ।
28ସେମାନେ ଆଙ୍କୁଡ଼ା, ଛଡ ଏବଂ ଖମ୍ବଗୁଡ଼ିକର ଅଗ୍ରଭାଗକୁ
1,775 ଶେକଲ ରୂପାରେ ଆଚ୍ଛାଦନ କଲେ।

29ପିତ୍ତଳର ନୈବେଦ୍ୟ ସତ୍ତୁରି ତାଳନ୍ତ 2,400 ଶେକଲ
ଥିଲା। 30ଏଣୁ ସେ ପିତ୍ତଳ ଦ୍ୱାରା ସମାଗମ ତମ୍ବୁ ଦ୍ୱାରର
ଚୁଙ୍ଗୀ ପିତ୍ତଳ ଯଜ୍ଞବେଦୀ ଓ ତହିଁର ପିତ୍ତଳର ଝାଞ୍ଜରୀ ଏବଂ
ଯଜ୍ଞବେଦୀର ସମସ୍ତ ପାତ୍ର ନିର୍ମାଣ କଲେ। 31ପ୍ରାଙ୍ଗଣର
ଚତୁଃପାର୍ଶ୍ୱର ଆଧାର ପ୍ରାଙ୍ଗଣର ପ୍ରବେଶ ଦ୍ୱାରର ଆଧାର ଓ
ତମ୍ବୁର ସମସ୍ତ ଖିଲ, ଏବଂ ପ୍ରାଙ୍ଗଣର ଖିଲ ସବୁ ସେହି
କଂସାରେ ନିର୍ମିତ କରାଗଲା।

### ଯାଜକମାନଙ୍କର ବିଶେଷ ବସ୍ତ୍ର

39 କୁଶଳୀ କର୍ମୀମାନେ ନୀଳ, ଧୂମ୍ର ସିନ୍ଦୁର ବର୍ଣ୍ଣ
ସୂତାଦ୍ୱାରା ସେମାନେ ସ୍ୱତନ୍ତ୍ର ଧରଣର ପୋଷାକ
ତିଆରି କଲେ। ସେହି ବିଶେଷ ପୋଷାକ ଯାଜକମାନେ
ଯେତେବେଳେ ସଦାପ୍ରଭୁଙ୍କର କର୍ମ କରିବେ, ସେମାନେ ସେହି
ସମୟରେ ପିନ୍ଧିବେ। ସଦାପ୍ରଭୁ ମୋଶାଙ୍କ ଦ୍ୱାରା ଦେଇଥିବା
ଆଜ୍ଞା ଅନୁସାରେ ହାରୋଣ ପାଇଁ ସେହି ପବିତ୍ର ବସ୍ତ୍ର ତିଆରି
କଲେ।

### ଏଫୋଦ

2ସେମାନେ ସ୍ୱର୍ଣ୍ଣ, ନୀଳ ଓ ଧୂମ୍ର ଓ ସିନ୍ଦୁରବର୍ଣ୍ଣ ବଳା
ଶୁଭ୍ର ଦ୍ୱାରା ଏଫୋଦ ବସ୍ତ୍ର ପ୍ରସ୍ତୁତ କଲେ। 3ସେମାନେ ନୀଳ,
ବାଇଗଣୀ, ଓ ଲାଲ ରଂଗର ସୂତାରେ ଝାଲେରି ବୁଣିବା ପାଇଁ
ସେମାନେ ସ୍ୱର୍ଣ୍ଣକୁ ପିଟିଲେ ଓ କାଟି ଛୋଟ ସୂତାରେ
ପରିଣତ କଲେ। 4ସେମାନେ ଏଫୋଦ୍ ପାଇଁ ସ୍କନ୍ଦ ପଟି
ତିଆରି କଲେ। ଏହାପରେ ସେମାନେ ପ୍ରତ୍ୟେକର କାନକୁ
ଏଫୋଦ୍‌ର ଦୁଇ ମୁଣ୍ଡ ସହିତ ଯୋଡ଼ି ଦେଲେ। 5ସେମାନେ
କଟିବନ୍ଧନୀ ବୁଣିଲେ ଏଫୋଦରେ ବାନ୍ଧିଲେ। ଯେପରି
ଏଫୋଦ୍ ତିଆରି ହୋଇଥିଲା, ସେହିପରି ଏହାକୁ ତିଆରି
କରାଗଲା। ତାହା ମଧ୍ୟ ସେହି କର୍ମ ଅନୁସାରେ ସ୍ୱର୍ଣ୍ଣ
ଦ୍ୱାରା ନୀଳ, ବାଇଗଣୀ ଓ ଲାଲ ରଂଗରେ ସୂକ୍ଷ୍ମ କ୍ଷୋମସୂତ୍ର
ଦ୍ୱାରା ତିଆରି କଲେ ଯେପରି ସଦାପ୍ରଭୁ ମୋଶାଙ୍କୁ କରିବା
ପାଇଁ ଆଜ୍ଞା ଦେଇଥିଲେ।

6କର୍ମୀଗଣ ଏଫୋଦରେ ଗୋମେଦକ ମଣିକୁ ସ୍ୱୁନାରେ
ଖଚିତ କରି ବ୍ୟବହାର କଲେ। ସେହି ମଣିରେ ଇଶ୍ରାୟେଲ
ସନ୍ତାନମାନଙ୍କର ନାମ ଲେଖିଲେ। 7ଏହାପରେ ସେମାନେ
ସଦାପ୍ରଭୁଙ୍କର ମୋଶାଙ୍କୁ ଆଜ୍ଞା ଅନୁସାରେ ଏଫୋଦର ଦୁଇ
ସ୍କନ୍ଦପଟି ଉପରେ ଇଶ୍ରାୟେଲ ପୁତ୍ରମାନଙ୍କ ସ୍ମରଣାର୍ଥକ ମଣି
ରୂପେ ତାହା ବସାଇଲେ।

### ବିଚାରାର୍ଥକ ବୁକ୍‌ପଟ୍ଟ

8ଏହାପରେ ସେମାନେ ବୁକୁପଟ୍ଟା ପ୍ରସ୍ତୁତ କଲେ। ଏହି
କର୍ମ କୁଶଳ କାରୀଗରମାନଙ୍କର ଥିଲା। ଏହା ଠିକ୍ ଏଫୋଦ
ପରି ଥିଲା। ଏହା ସ୍ୱବର୍ଣ୍ଣ ନୀଳଧୂମ୍ର ସିନ୍ଦୁର ବର୍ଣ୍ଣ ଶୁଭ୍ର କ୍ଷୋମ
ସୂତ୍ର ଦ୍ୱାରା ତିଆରି କରାଯାଇଥିଲା। 9ଏହା ଚତୁଷ୍କୋଣ ଥିଲା।
ସେମାନେ ସେହି ବୁକୁ ପଟ୍ଟାକୁ ଦୋହରା କରି ଏକ ବିଖଣ୍ଡେ
ଲମ୍ବ ଓ ଏକ ବିଖଣ୍ଡ ପ୍ରସ୍ଥ କଲେ। 10ତାକୁ ଚାରି ପଙ୍କ୍ତି
ମଣିରେ ଖଚିତ କଲେ। ତାହାର ପ୍ରଥମ ପଂକ୍ତିରେ ଚୁଣି,
ପୀତମଣି ଓ ମରକତ ଇତ୍ୟାଦି ରଖିଲେ। 11ଦ୍ୱିତୀୟ ପଂକ୍ତିରେ
ସେମାନେ ପଦ୍ମରାଗ, ନୀଳକାନ୍ତ ଓ ହୀରକ ଦେଲେ। 12ତୃତୀୟ
ପଂକ୍ତିରେ ପେରୋଜ ଓ ଯିସ୍ମ ଓ କଟ୍ଟା ହେଳା ରଖିଲେ।
13ଏବଂ ଚତୁର୍ଥ ପଂକ୍ତିରେ ବୈଦୁର୍ଯ୍ୟ, ଗୋମେଦକ ମଣି,
ସୂର୍ଯ୍ୟକାନ୍ତ ମଣି ଥିଲା। ଏହିସବୁ ମଣି ସ୍ୱର୍ଣ୍ଣ ଧାରରେ
ବସାଗଲା। 14ଇଶ୍ରାୟେଲ ପୁତ୍ରମାନଙ୍କ ନାମାଙ୍କିତ ଏହି ସବୁ
ମଣି ଲୋକମାନଙ୍କ ନାମ ଅନୁସାରେ ଦ୍ୱାଦଶ ହେଲା। ପ୍ରତ୍ୟେକ
ମଣିରେ ଇଶ୍ରାୟେଲର ଦ୍ୱାଦଶ ପରିବାର ବର୍ଗର ଏକ ଏକ
ନାମ ବିଚାରାର୍ଥକ ବୁକପଟ୍ଟା ହୋଇ ରହିଲା।

15ତା'ପରେ ସେମାନେ ଶୁଦ୍ଧ ସ୍ୱବର୍ଣ୍ଣରେ ହାର ତିଆରି
କଲେ ଏବଂ ବିଚାରାର୍ଥକ ବୁକୁପଟ୍ଟା ପାଇଁ ରଜ୍ଜୁ ପରି
ଯୋଡ଼ିଲେ। 16ଦୁଇ ସ୍ୱର୍ଣ୍ଣଧାର ଓ ଦୁଇ ସ୍ୱର୍ଣ୍ଣକଡ଼ା ନିର୍ମାଣ
କରି ବିଚାରାର୍ଥକ ବୁକପଟ୍ଟାର ଦୁଇ ପ୍ରାନ୍ତରେ ସେହି ଦୁଇ
କଡ଼ା ଲଗାଇଲେ। 17ସେମାନେ ବିଚାରାର୍ଥକ ବୁକୁପଟ୍ଟାର ଶେଷ
ଭାଗରେ ଦୁଇଟି ସ୍ୱବର୍ଣ୍ଣର ଦୁଇଟି କଡା ପାଇଁ ଦୁଇଟି
ସ୍ୱବର୍ଣ୍ଣର ଜଞ୍ଜିର ତିଆରି କଲେ। 18ମୋଟା ଜଞ୍ଜିରର ଦୁଇ
ମୁଣ୍ଡ ଦୁଇ ଆଧାରରେ ବନ୍ଦ କରି ଏଫୋଦ ବସ୍ତ୍ର ସମ୍ମୁଖସ୍ଥ
ଦୁଇ ସ୍କନ୍ଧପଟି ଉପରେ ରଖିଲେ। 19ସେମାନେ ଦୁଇ
ସ୍ୱର୍ଣ୍ଣକଡ଼ା ନିର୍ମାଣ କରି ବିଚାରାର୍ଥକ ବୁକୁପଟ୍ଟାର ଦୁଇ ପ୍ରାନ୍ତରେ
ଏଫୋଦର, ସମ୍ମୁଖସ୍ଥ ଭିତର ଭାଗରେ ରଖିଲେ। 20ସେମାନେ
ଆଉ ଦୁଇ ସ୍ୱର୍ଣ୍ଣକଡ଼ା କଲେ ଏବଂ ଏଫୋଦର ଦୁଇ ସ୍କନ୍ଧପଟି
ତଳେ ଲଗାଇଲେ ଓ ଏଫୋଦର କଟିବନ୍ଧନ ଉପରେ ତାହା
ଲଗାଇଲେ। 21ଏହାପରେ ସେମାନେ ଏକ ନୀଳ ଶିବନ ଦ୍ୱାରା
ବୁକୁପଟ୍ଟାକୁ ଏଫୋଦରେ ଏପରି ଯତ୍ନପୂର୍ବକ ବାନ୍ଧିଲେ ଯେ,
ତାହା ଯେପରି ଗଳି ନ ପଡ଼େ, ତେଣୁ ବିଚାରାର୍ଥକ ବୁକୁପଟ୍ଟା
ଏଫୋଦ୍‌ର କମରବନ୍ଧ ଉପରେ ସୁରକ୍ଷିତ ହୋଇ ରହିଲା।
ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କର ଆଜ୍ଞା ଅନୁସାରେ ଏହା
କରାଗଲା।

### ଯାଜକମାନଙ୍କ ପାଇଁ ଅନ୍ୟାନ୍ୟ ପୋଷାକ

22ଏହାପରେ ସେମାନେ ସଂପୂର୍ଣ୍ଣ ନୀଳବର୍ଣ୍ଣ ବସ୍ତ୍ରରେ
ଏଫୋଦର ଚୋଗା କଲେ। ଏହା ଏକ କୁଶଳୀ କର୍ମୀ ଦ୍ୱାରା
ବୁଣାଗଲା। 23ଚୋଗାର ମଧ୍ୟ ସ୍ଥଳରେ ସାଞ୍ଜୁଆର ଗଳଦେଶ
ନ୍ୟାୟ ଛିଦ୍ର ଥିଲା। ତାହା ଯେପରି ଛିଣ୍ଡି ନ ଯାଏ, ଏଥିପାଇଁ
ସେହି ଗଳାର ଚାରିପାଖରେ ବୁଣା କର୍ମ ହୋଇଥିଲା।

24ସେମାନେ ଚୋଗାର ଅଞ୍ଚଳର ଚାରି ପାଖରେ ନୀଳ,
ଧୂମ୍ର ଓ ସିନ୍ଦୁର ବର୍ଣ୍ଣ ବଳା ସୂତ୍ରରେ ଡ଼ାଳିମ୍ବ ନିର୍ମାଣ କଲେ।
25ଆଉ ସେମାନେ ଡ଼ାଳିମ୍ବ ମଧ୍ୟରେ ନିର୍ମଳ ସୁନା ଦ୍ୱାରା ଘଣ୍ଟି
କରି ଚୋଗା ଅଞ୍ଚଳର ଚାରିଆଡ଼େ ଡ଼ାଳିମ୍ବର ମଧ୍ୟରେ ରଖିଲେ।

26ଉପାସନା ଚୋଗାର ଧଡରେ ସେମାନେ ଏକ ଡାଳମ୍ବ ଓ
ଘଣ୍ଟି, ଗୋଟିଏ ପରେ ଗୋଟିଏ ଲଗାଇଲେ, ସଦାପ୍ରଭୁଙ୍କର
ମୋଶାଙ୍କୁ ଦେଇଥିବା ଆଜ୍ଞାନୁସାରେ।

27ଏହାପରେ ସେମାନେ ହାରୋଣ ଓ ତାଙ୍କର ପୁତ୍ରଗଣ
ନିମନ୍ତେ ସୂକ୍ଷ୍ମ କ୍ଷୋମ ସୂତ୍ର ଦ୍ୱାରା ତନ୍ତୁବାୟ ନିର୍ମିତ ଜାମା
ତିଆରି କଲେ। 28ସୂକ୍ଷ୍ମ କ୍ଷୋମସୂତ୍ର ନିର୍ମିତ ପଗଡ ଓ ସୂକ୍ଷ୍ମ
କ୍ଷୋମ ସୂତ୍ର ନିର୍ମିତ ଶିରୋ ବନ୍ଧନୀ ଓ ସୂକ୍ଷ୍ମ କ୍ଷୋମସୂତ୍ର
ନିର୍ମିତ ଶୁକ୍ଳ ଜଙ୍ଘିଆ ପ୍ରସ୍ତୁତ କଲେ। 29ସେମାନେ ନୀଳ,
ବାଇଗଣୀ, ଲାଲ ରଂଗର ସୂତ୍ରରେ ଝାଲେଶ କାର୍ଯ୍ୟ ଦ୍ୱାରା ଏକ
କଟିବନ୍ଧନ ପ୍ରସ୍ତୁତ କଲେ। ସଦାପ୍ରଭୁଙ୍କର ମୋଶାଙ୍କ ପ୍ରତି
ଆଜ୍ଞାନୁସାରେ।

30ଏହାପରେ ସେମାନେ ଶୁଦ୍ଧ ସ୍ବର୍ଣ୍ଣରେ ପବିତ୍ର ମୁକୁଟର
ଫଳକ ପ୍ରସ୍ତୁତ କରି ଖୋଦିତ "ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ
ପବିତ୍ର" ଏହା ଏକ ମୋହର ପରି ଲେଖିଲେ। 31ଏହା ପଗଡ
ଉପରେ ରଖିବା ନିମନ୍ତେ ତାହା ନୀଳ ସୂତ୍ରରେ ବାନ୍ଧିଲେ।
ସଦାପ୍ରଭୁଙ୍କ ମୋଶାଙ୍କ ପ୍ରତି ଆଜ୍ଞାନୁସାରେ।

## ମୋଶା ପବିତ୍ର ତମ୍ବୁକୁ ପରିଦର୍ଶନ କଲେ

32ସମାଗମ ତମ୍ବୁ ରୂପେ ପବିତ୍ର ତମ୍ବୁର ସମସ୍ତ କାର୍ଯ୍ୟ
ଇଶ୍ରାୟେଲ ଲୋକମାନଙ୍କ ସମାପ୍ତ ହେଲା। ମୋଶାଙ୍କ ପ୍ରତି
ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ ସେମାନେ ସମସ୍ତ କର୍ମ କଲେ।
33ଏହାପରେ ସେମାନେ ମୋଶାଙ୍କୁ ପବିତ୍ର ତମ୍ବୁ ଦେଖାଇଲେ।
ଅର୍ଥାତ୍ ତମ୍ବୁ ଓ ତହିଁର ସକଳ ପାତ୍ର, ଘୁଣ୍ଡି ପଟା, ଅର୍ଗଳ,
ସ୍ତମ୍ଭ ଓ ଚୁଙ୍ଗୀ। 34ନାଲି ରଂଗରେ ରଂଜିତ ମେଷ ଚର୍ମରେ
ସୂକ୍ଷ୍ମ ଚର୍ମ ନିର୍ମିତ ତମ୍ବୁ ଆଚ୍ଛାଦକ ଏବଂ ପରଦା ତିଆରି
କଲେ। 35ନିୟମ-ସିନ୍ଦୁକ ଓ ତହିଁର ସାଙ୍ଗୀ ଓ ଆଚ୍ଛାଦକ
ଆଣିଲେ। 36ମେଜ, ତହିଁର ସକଳ ସାମଗ୍ରୀ ଓ ଦର୍ଶନୀୟ
ରୋଟୀ। 37ଶୁଦ୍ଧ ସ୍ବର୍ଣ୍ଣର ଦୀପ, ତହିଁରେ ଥିବା ସମସ୍ତ
ସାମଗ୍ରୀ ଓ ଦୀପ ପାଇଁ ତୈଳ। ଦୀପବୃକ୍ଷ ତହିଁରେ ପ୍ରଦୀପ
ଅର୍ଥାତ ପ୍ରଦୀପାବଳୀ ଓ ତାହାର ସମସ୍ତ ଉପାଦାନ ଓ
ଦୀପାର୍ଥକ ତୈଳ ଆଣିଲେ। 38ସ୍ୱର୍ଣ୍ଣମୟ ଯଜ୍ଞବେଦୀ,
ଅଭିଷେକାର୍ଥକ ତୈଳ, ଧୂପ ଓ ତମ୍ବୁ ପ୍ରବେଶ ଦ୍ୱାର ନିମନ୍ତେ
ପରଦା। 39କଂସାର ଯଜ୍ଞବେଦୀ, କଂସାର ଜଞ୍ଜିର, ତା'ର
ସାଙ୍ଗୀ ଓ ସକଳ ଆସବାବ ପତ୍ର, ପ୍ରକ୍ଷାଳନ ପାତ୍ର ଓ ତହିଁର
ଆଧାର।

40ପ୍ରାଙ୍ଗଣର ପରଦା, ତହିଁର ସ୍ତମ୍ଭ ଓ ଆଧାର ଓ ପ୍ରାଙ୍ଗଣ
ଦ୍ୱାରର ପରଦା ତହିଁର ରଜ୍ଜୁ ଓ ଖିଲ ଓ ସମାଗମ ତମ୍ବୁ
ନିମନ୍ତେ ବ୍ୟବହୃତ ହେଉଥିବା ସମସ୍ତ ଆସବାବ ପତ୍ର।

41ଯାଜକ ରୂପେ ସେବା କଲାବେଳେ ହାରୋଣ ଓ
ତାଙ୍କର ପୁତ୍ରମାନେ ଯେଉଁ ସୁଶୋଭିତ ଚୋଗା ପରିଧାନ
କରିଥିଲେ ତାହା ସେମାନେ ଦେଖାଇଲେ।

42ଇଶ୍ରାୟେଲର ଲୋକମାନେ ଏହିପରି କାର୍ଯ୍ୟମାନ
କରିଥିଲେ। ଯାହା ଯାହା କରିବାକୁ ସଦାପ୍ରଭୁ ମୋଶାଙ୍କୁ ଆଜ୍ଞା
ଦେଇଥିଲେ। 43ମୋଶା ସେହି ସମସ୍ତ କର୍ମ ପ୍ରତି ଦୃଷ୍ଟି
ନିକ୍ଷେପ କଲେ। ସେ ଦେଖିଲେ ସଦାପ୍ରଭୁଙ୍କ ନିର୍ଦ୍ଦେଶିତ
କାମଗୁଡ଼ିକ ଠିକ୍ ଭାବରେ ହୋଇଥିଲା। ତେଣୁ ମୋଶା
ସେମାନଙ୍କୁ ଆଶୀର୍ବାଦ କଲେ।

## ମୋଶା ପବିତ୍ର ତମ୍ବୁ ସ୍ଥାପନ କଲେ

40 ଏହାପରେ ସଦାପ୍ରଭୁ ମୋଶାଙ୍କୁ କହିଲେ, 2"ପ୍ରଥମ
ମାସର ପ୍ରଥମ ଦିନରେ ସମାଗମ ତମ୍ବୁର ପବିତ୍ର
ତମ୍ବୁ ସ୍ଥାପନ କର। 3ତା' ମଧ୍ୟରେ ସାକ୍ଷ ସିନ୍ଦୁକ ରଖି
ବିଚ୍ଛେଦ ବସ୍ତ୍ର ଟଙ୍ଗାଇ ସେହି ସିନ୍ଦୁକ ଆଚ୍ଛାଦନ କରିବ।
4ଏହାପରେ ମେଜ ଭିତରକୁ ଆଣି ତହିଁ ସମସ୍ତ ଦ୍ରବ୍ୟମାନ
ସଜାଇ ରଖ। ଦୀପ ରୂଖା ଆଣ ଏବଂ ସମସ୍ତ ଦୀପଗୁଡିକ
ଜାଳିବା ପାଇଁ ରଖ। 5ନିୟମ-ସିନ୍ଦୁକ ସମ୍ମୁଖରେ ସ୍ବର୍ଣ୍ଣର
ଧୂପବେଦି ରଖ। ପରଦାଟିକୁ ତମ୍ବୁର ପ୍ରବେଶପଥରେ ଟାଙ୍ଗ।

6"ଆଉ ସମାଗମ ତମ୍ବୁର ପବିତ୍ର ତମ୍ବୁ ସମ୍ମୁଖରେ
ହୋମବଳି ରଖିବ। 7ସମାଗମ ତମ୍ବୁ ଓ ଯଜ୍ଞବେଦୀ ମଧ୍ୟରେ
ପ୍ରକ୍ଷାଳନ ପାତ୍ର ରଖି ତହିଁରେ ଜଳ ଦେବ। 8ଚତୁର୍ଦ୍ଦିଗରେ
ପ୍ରାଙ୍ଗଣ ପ୍ରସ୍ତୁତ କର ଏବଂ ପ୍ରାଙ୍ଗଣର ପ୍ରବେଶ ପଥରେ
ପରଦାଟି ଟାଙ୍ଗ।

9"ଏହାପରେ ଅଭିଷେକାର୍ଥକ ତୈଳ ନେଇ ତମ୍ବୁ ଓ
ତନ୍ମଧ୍ୟସ୍ଥିତ ସମସ୍ତ ବସ୍ତୁ ଅଭିଷେକ କର ଓ ଉତ୍ସର୍ଗିତ କର।
ତହିଁରେ ତମ୍ବୁ ଓ ତାହାର ସାମଗ୍ରୀ ପବିତ୍ର ହେବ। 10ଆଉ
ହୋମବେଦୀ ଓ ତହିଁର ସକଳ ସାମଗ୍ରୀ ଅଭିଷେକ କରି
ଉତ୍ସର୍ଗିତ କର। ତହିଁରେ ସେହି ଯଜ୍ଞବେଦୀ ଅତ୍ୟନ୍ତ ପବିତ୍ର
ହେବ। 11ଆଉ ତୁମ୍ଭେ ପ୍ରକ୍ଷାଳନ ପାତ୍ର ଓ ତହିଁର ବୈଠକ
ଅଭିଷେକ କରି ପବିତ୍ର କରିବ।

12"ହାରୋଣ ଏବଂ ତାଙ୍କର ପୁତ୍ରମାନଙ୍କୁ ସମାଗମ ତମ୍ବୁର
ଦ୍ୱାର ଦେଶକୁ ଆଣ। ତାଙ୍କୁ ପାଣିରେ ସ୍ନାନ କରାଅ।
13ଏହାପରେ ହାରୋଣଙ୍କୁ ସେହି ପବିତ୍ର ବସ୍ତ୍ର ପରିଧାନ
କରାଅ। ତା'ପରେ ତାଙ୍କୁ ଅଭିଷିକ୍ତ ଓ ଉତ୍ସର୍ଗିତ କର ଏବଂ
ସେ ମୋର ଯାଜକ ହେବ। 14ଏହାପରେ ହାରୋଣଙ୍କର
ପୁତ୍ରଙ୍କୁ ଏହି ପବିତ୍ର ବସ୍ତ୍ରମାନ ପରିଧାନ କରାଅ। 15ହାରୋଣଙ୍କୁ
ଅଭିଷିକ୍ତ କଲାପରି ତାଙ୍କର ପୁତ୍ରମାନଙ୍କୁ ଅଭିଷିକ୍ତ କରାଅ।
ଅଭିଷିକ୍ତ ହେଲାପରେ ସେମାନେ ମୋର ଯାଜକ ରୂପେ କର୍ମ
କରିପାରିବେ। ସେହି ପରିବାର ଅନନ୍ତକାଳୀନ ମୋର ଯାଜକ
ରୂପେ ସେବା କରିବେ।" 16ମୋଶା ସଦାପ୍ରଭୁଙ୍କ ସମସ୍ତ
ନିୟମ ମାନ ତାଙ୍କର ଆଜ୍ଞା ଅନୁଯାୟୀ କାର୍ଯ୍ୟମାନ କଲେ।

17ଦ୍ୱିତୀୟ ବର୍ଷର ମାସର ପ୍ରଥମ ଦିନରେ ପବିତ୍ର ତମ୍ବୁ
ସ୍ଥାପିତ ହୋଇଥିଲା। 18ମୋଶା ତମ୍ବୁ ସ୍ଥାପନ କଲେ। ସେ
ପ୍ରଥମେ ଆଧାର ଉପରେ ତକ୍ତା ବସାଇଲେ ଓ ତା'ପରେ
ଅର୍ଗଳ ପ୍ରବେଶ କରାଇ ସ୍ତମ୍ଭ ଠିଆ କଲେ। 19ଏହାପରେ
ସେ ବାହ୍ୟ ଆବରଣ ରୂପେ ଆବାସ ତମ୍ବୁକୁ ପବିତ୍ର ତମ୍ବୁ
ଉପରେ ଘୋଡାଇ ଦେଲେ।

20ଏହାପରେ ମୋଶା ନିୟମର ନଳାକାର ପୁସ୍ତକକୁ ପବିତ୍ର
ସିନ୍ଦୁକ ମଧ୍ୟରେ ରଖିଲେ। ସେ ସାଙ୍ଗିକୁ ସିନ୍ଦୁକ ଉପରେ
ରଖିଲେ ଏବଂ ସିନ୍ଦୁକ ଉପରେ ଆଚ୍ଛାଦନ ବସ୍ତ୍ର ଘୋଡାଇ
ଦେଲେ। 21ଏହାପରେ ମୋଶା ସେହି ପବିତ୍ର ସିନ୍ଦୁକକୁ ନେଇ
ପବିତ୍ର ତମ୍ବୁରେ ରଖିଲେ। ଆଚ୍ଛାଦନର ବିଚ୍ଛେଦବସ୍ତ୍ର ଟଙ୍ଗାଇଲେ,
ଏହାକୁ ସୁରକ୍ଷାରେ ରଖିବା ପାଇଁ। ଯେପରି ସଦାପ୍ରଭୁ ଆଜ୍ଞା
କରିଥିଲେ। 22ଏହାପରେ ମୋଶା ପରଦା ବାହାରେ ସମାଗମ
ତମ୍ବୁର ଉତ୍ତର ପାର୍ଶ୍ୱରେ ମେଜ ରଖିଲେ। 23ଏହାପରେ ସେ
ସଦାପ୍ରଭୁଙ୍କ ସମ୍ମୁଖରେ ଦର୍ଶନୀୟ ରୋଟୀର ଆୟୋଜନ କଲେ।

ସଦାପ୍ରଭୁଙ୍କ ଆଜ୍ଞା ଅନୁଯାୟୀ ଏହା କରାଗଲା। 24ଏହାପରେ
ମୋଶା ଦୀପରୂଖା ସେହି ସମାଗମ ତମ୍ବୁରେ ରଖିଥିଲେ।
ଏହାର ମୁହଁ ଟେବୁଲ ଆଡକୁ କରି ସେ ଦକ୍ଷିଣ ପାର୍ଶ୍ୱରେ
ଏହାକୁ ରଖିଥିଲେ। 25ଏହାପରେ ମୋଶା ସଦାପ୍ରଭୁଙ୍କ ସମ୍ମୁଖରେ
ଦୀପରୂଖାରେ ଦୀପସବୁ ସଜାଇଲେ। ସେ ଏହା ସଦାପ୍ରଭୁଙ୍କ
ଆଜ୍ଞା ଅନୁସାରେ କଲେ।

26ଏହାପରେ ମୋଶା ସୁବର୍ଣ୍ଣ ଯଜ୍ଞବେଦୀକୁ ସମାଗମ
ତମ୍ବୁ ମଧ୍ୟରେ ରଖିଥିଲେ। ସେ ଏହି ଯଜ୍ଞବେଦୀକୁ ବିଚ୍ଛେଦ
ବସ୍ତ୍ର ସମ୍ମୁଖରେ ରଖିଥିଲେ। 27ଏହାପରେ ମୋଶା ସୁବାସିତ
ଧୂପ ଏହା ଉପରେ ଜଳାଇଲେ, ସଦାପ୍ରଭୁଙ୍କ ଆଜ୍ଞାନୁସାରେ।
28ଏହାପରେ ମୋଶା ପବିତ୍ର ତମ୍ବୁର ପ୍ରବେଶପଥରେ ଆଚ୍ଛାଦନ
ବସ୍ତ୍ର ଟାଙ୍ଗିଥିଲେ।

29ମୋଶା ପବିତ୍ର ତମ୍ବୁର ସମ୍ମୁଖରେ ବଳିଦାନ ପାଇଁ
ଯଜ୍ଞବେଦୀ ରଖିଲେ ଏବଂ ସଦାପ୍ରଭୁଙ୍କର ମୋଶାଙ୍କୁ ଦେଇଥିବା
ଆଜ୍ଞାନୁସାରେ ହୋମବଳି ଓ ଶସ୍ୟ ନୈବେଦ୍ୟ ଉତ୍ସର୍ଗ
କଲେ।

30ଏହାପରେ ସେ ସମାଗମ ତମ୍ବୁ ଓ ଯଜ୍ଞବେଦୀ
ମଧ୍ୟସ୍ଥାନରେ ପ୍ରକ୍ଷାଳନ ପାତ୍ର ରଖିଲେ ଓ ତହିଁ ମଧ୍ୟରେ
ପ୍ରକ୍ଷାଳନ ନିମନ୍ତେ ଜଳ ଭର୍ତ୍ତି କଲେ। 31ଏହାପରେ ମୋଶା
ଏବଂ ହାରୋଣ ଓ ତାଙ୍କର ପୁତ୍ରଗଣ ନିଜନିଜ ହସ୍ତପଦ
ପ୍ରକ୍ଷାଳନ କଲେ। 32ଯେକୌଣସି ସମୟରେ ସେମାନେ
ସମାଗମ ତମ୍ବୁରେ ପ୍ରବେଶ କଲେ ବା ଯଜ୍ଞବେଦୀର
ନିକଟକୁ ଆସିଲେ, ସେ ସମୟରେ ସେମାନେ ହସ୍ତପଦ
ପ୍ରକ୍ଷାଳନ କଲେ, ସଦାପ୍ରଭୁ ମୋଶାଙ୍କୁ ଦେଇଥିବା ଆଜ୍ଞାନୁସାରେ।
33ଏହାପରେ ମୋଶା ପବିତ୍ର ତମ୍ବୁର ଓ ଯଜ୍ଞବେଦୀର
ଚତୁର୍ଦ୍ଦିଗରେ ପ୍ରାଙ୍ଗଣ ପ୍ରସ୍ତୁତ କଲେ ଓ ତମ୍ବୁର ପ୍ରବେଶପଥରେ
ପରଦା ଟାଙ୍ଗିଲେ। ମୋଶା ଏହିପରି କାର୍ଯ୍ୟମାନ ସମାପ୍ତ
କଲେ।

## ସଦାପ୍ରଭୁଙ୍କର ମହିମା

34ଏହାପରେ ସେହି ମେଘ ସମାଗମ ତମ୍ବୁକୁ ଆଚ୍ଛାଦନ
କଲା ଓ ସଦାପ୍ରଭୁଙ୍କର ମହିମା ପବିତ୍ର ତମ୍ବୁକୁ ପରିପୂର୍ଣ୍ଣ
କଲା। 35ତହିଁରେ ମୋଶା ସମାଗମ ତମ୍ବୁରେ ପ୍ରବେଶ କରି
ପାରିଲେ ନାହିଁ। କାରଣ ମେଘ ତାହାକୁ ଆଚ୍ଛାଦନ କରିଥିଲା।
ସଦାପ୍ରଭୁଙ୍କ ପ୍ରତାପ ପବିତ୍ର ତମ୍ବୁ ପରିପୂର୍ଣ୍ଣ କରିଥିଲା। ସେହି
ପବିତ୍ର ସମାଗମ ତମ୍ବୁ।

36ଯେତେବେଳେ ବାଦଲ ପବିତ୍ର ତମ୍ବୁରୁ ଦୂରକୁ ଗତି
କଲା, ଇସ୍ରାୟେଲର ଲୋକମାନେ ମଧ୍ୟ ଗତି କଲେ। 37କିନ୍ତୁ
ଯେତେବେଳେ ମେଘ ସେହି ପବିତ୍ର ତମ୍ବୁକୁ ଆଚ୍ଛାଦନ
କରିଥିଲା, ଲୋକମାନେ ସେତେବେଳେ ଚେଷ୍ଟା କରି ନ
ଥିଲେ ଯିବା ପାଇଁ, ସେମାନେ ସେହିଠାରେ ମେଘ ଯିବା
ପର୍ଯ୍ୟନ୍ତ ରହିଥିଲେ। 38ତେଣୁ ସଦାପ୍ରଭୁଙ୍କର ମେଘ ଦିନବେଳେ
ପବିତ୍ର ତମ୍ବୁ ଉପରେ ରହିଲା। ରାତ୍ର ସମୟରେ ସେହି
ମେଘରେ ଅଗ୍ନି ଦେଖାଗଲା। ତେଣୁ ଇସ୍ରାୟେଲର ସମସ୍ତ
ଲୋକେ ଯେତେବେଳେ ସେମାନେ ଯାତ୍ରା କଲେ, ମେଘ
ଦେଖି ପାରିଲେ।

# License Agreement for Bible Texts

***World Bible Translation Center***
***Last Updated: September 21, 2006***

Copyright © 2006 by World Bible Translation Center
All rights reserved.

**These Scriptures:**

- Are copyrighted by World Bible Translation Center.
- Are not public domain.
- May not be altered or modified in any form.
- May not be sold or offered for sale in any form.
- May not be used for commercial purposes (including, but not limited to, use in advertising or Web banners used for the purpose of selling online add space).
- May be distributed without modification in electronic form for non-commercial use. However, they may not be hosted on any kind of server (including a Web or ftp server) without written permission. A copy of this license (without modification) must also be included.
- May be quoted for any purpose, up to 1,000 verses, without written permission. However, the extent of quotation must not comprise a complete book nor should it amount to more than 50% of the work in which it is quoted. A copyright notice must appear on the title or copyright page using this pattern: "Taken from the HOLY BIBLE: EASY-TO-READ VERSION™ © 2006 by World Bible Translation Center, Inc. and used by permission." If the text quoted is from one of WBTC's non-English versions, the printed title of the actual text quoted will be substituted for "HOLY BIBLE: EASY-TO-READ VERSION™." The copyright notice must appear in English or be translated into another language. When quotations from WBTC's text are used in non-saleable media, such as church bulletins, orders of service, posters, transparencies or similar media, a complete copyright notice is not required, but the initials of the version (such as "ERV" for the Easy-to-Read Version™ in English) must appear at the end of each quotation.

Any use of these Scriptures other than those listed above is prohibited. For additional rights and permission for usage, such as the use of WBTC's text on a Web site, or for clarification of any of the above, please contact World Bible Translation Center in writing or by email at distribution@wbtc.com.

World Bible Translation Center
P.O. Box 820648
Fort Worth, Texas 76182, USA
Telephone: 1-817-595-1664
Toll-Free in US: 1-888-54-BIBLE
E-mail: info@wbtc.com

**WBTC's web site –** World Bible Translation Center's web site: http://www.wbtc.org

**Order online –** To order a copy of our texts online, go to: http://www.wbtc.org

**Current license agreement –** *This license is subject to change without notice. The current license can be found at:* http://www.wbtc.org/downloads/biblelicense.htm

**Trouble viewing this file –** If the text in this document does not display correctly, use Adobe Acrobat Reader 5.0 or higher. Download Adobe Acrobat Reader from:
http://www.adobe.com/products/acrobat/readstep2.html

**Viewing Chinese or Korean PDFs –** To view the Chinese or Korean PDFs, it may be necessary to download the Chinese Simplified or Korean font pack from Adobe. Download the font packs from:
http://www.adobe.com/products/acrobat/acrrasianfontpack.html

# ମାଥିଉ ଲିଖିତ ସୁସମାଚାର

## ଯୀଶୁଙ୍କ ବଂଶାବଳୀ

୧ ଯୀଶୁ ଖ୍ରୀଷ୍ଟଙ୍କ ବଂଶାବଳୀ ଏହିପରି। ସେ ଦାଉଦଙ୍କ
ବଂଶଧର। ଦାଉଦ ଅବ୍ରହାମଙ୍କ ବଂଶଧର।

୨ ଅବ୍ରହାମ ଯିସ୍‌ହାକଙ୍କ ବାପା।
ଯିସ୍‌ହାକ ଯାକୁବଙ୍କ ବାପା।
ଯାକୁବ, ଯିହୂଦା ଓ ତାହାଙ୍କ ଭାଇମାନଙ୍କର ବାପା।
୩ ଯିହୂଦା, ଫେରସ ଓ ଜେରହଙ୍କ ବାପା।
(ଥାମାର ସେମାନଙ୍କ ମାଆ)
ଫେରସ ହେସ୍ରୋଣଙ୍କ ବାପା।
ହେସ୍ରୋଣ ଅରାମଙ୍କ ବାପା।
୪ ଅରାମ ଅମ୍ମୀନାଦାବଙ୍କ ବାପା।
ଅମ୍ମୀନାଦାବ ନହଶୋନଙ୍କ ବାପା।
ନହଶୋନ ସଲ୍ମୋନଙ୍କ ବାପା।
୫ ସଲ୍ମୋନ ବୋୟଜଙ୍କ ବାପା।
(ବୋୟଜଙ୍କ ମାଆଙ୍କ ନାମ ରାହାବ)
ବୋୟଜ ଓବେଦଙ୍କ ବାପା
(ରୂତ ଓବେଦଙ୍କ ମାଆ)
ଓବେଦ ଯିଶୀୟଙ୍କ ବାପା।
୬ ଯିଶୀୟ ରାଜା ଦାଉଦଙ୍କ ବାପା।
ଦାଉଦ ଶଲମୋନଙ୍କ ବାପା
(ଶଲମୋନଙ୍କ ମାଆ ଆଗରୁ ଉରିୟଙ୍କ
ସ୍ତ୍ରୀ ଥିଲେ)
୭ ଶଲମୋନ ରହବୟାମଙ୍କ ବାପା।
ରହବୟାମ ଅବିୟଙ୍କ ବାପା।
ଅବିୟ ଆସାଙ୍କ ବାପା।
୮ ଆସା ଯିହୋଶାଫାଟଙ୍କ ବାପା।
ଯିହୋଶାଫାଟ ଯୋରାମଙ୍କ ବାପା।
ଯୋରାମ ଉଜ୍ଜିୟଙ୍କ ବାପା।
୯ ଉଜ୍ଜିୟ ଯୋଥାମଙ୍କ ବାପା।
ଯୋଥାମ ଆହାଜଙ୍କ ବାପା।
ଆହାଜ ହିଜକିୟଙ୍କ ବାପା।
୧୦ ହିଜକିୟ ମନଃଶିହଙ୍କ ବାପା।
ମନଃଶିହ ଆମୋନଙ୍କ ବାପା।
ଆମୋନ ଯୋଶିୟଙ୍କ ବାପା।
୧୧ ଯୋଶିୟ, ଯିଖନିୟ ଓ ତାହାଙ୍କ ଭାଇମାନଙ୍କ ବାପା।
(ଏହା ଇସ୍ରାଏଲ ଲୋକଙ୍କୁ କ୍ରୀତଦାସ କରି
ବାବିଲୋନ ନିଆଯାଉଥିବା ସମୟର କଥା।)
୧୨ ସେମାନଙ୍କୁ ବାବିଲୋନକୁ ନିଆଯିବା ପରେ:
ଯିଖନିୟ ଶଅଲ୍‌ଥୀୟେଲଙ୍କ ବାପା।
ଶଅଲ୍‌ଥୀୟେଲ ଜିରୁବ୍‌ବାବେଲଙ୍କ ବାପା।
୧୩ ଜିରୁବ୍‌ବାବେଲ ଅବୀହୂଦଙ୍କ ବାପା।
ଅବୀହୂଦ ଏଲିୟାକୀମଙ୍କ ବାପା।
ଏଲିୟାକୀମ ଅଜ୍‌ଜୂରଙ୍କ ବାପା।
୧୪ ଅଜ୍‌ଜୂର ସାଦୋକଙ୍କ ବାପା।
ସାଦୋକ ଯାଖୀନଙ୍କ ବାପା।
ଯାଖୀନ ଏଲୀହୂଦଙ୍କ ବାପା।
୧୫ ଏଲୀହୂଦ ଏଲୀୟାଜାରଙ୍କ ବାପା।
ଏଲୀୟାଜାର ମଥାନଙ୍କ ବାପା।
ମଥାନ ଯାକୁବଙ୍କ ବାପା।
୧୬ ଯାକୁବ ଯୋସେଫଙ୍କ ବାପା।
ଯୋସେଫ ମରିୟମଙ୍କ ସ୍ୱାମୀ।
ମରିୟମଙ୍କ ଗର୍ଭରୁ ଯୀଶୁ ଜନ୍ମ ହେଲେ।
ଯୀଶୁଙ୍କୁ ଖ୍ରୀଷ୍ଟ* କୁହାଯାଏ।

୧୭ ଏହିଭଳି ଭାବରେ ଅବ୍ରହାମଙ୍କ ଠାରୁ ଦାଉଦଙ୍କ ପର୍ଯ୍ୟନ୍ତ
ହେଲେ ମୋଟ ଚଉଦ ପୁରୁଷ। ଦାଉଦଙ୍କ ଠାରୁ କ୍ରୀତଦାସ
ରୂପେ ବାବିଲୋନରେ ପହଞ୍ଚିବା ପର୍ଯ୍ୟନ୍ତ ଚଉଦ ପୁରୁଷ, ଓ
କ୍ରୀତଦାସ ରୂପେ ବାବିଲୋନରେ ପହଞ୍ଚିବା ପରଠାରୁ ଖ୍ରୀଷ୍ଟଙ୍କ
ଜନ୍ମପର୍ଯ୍ୟନ୍ତ ହେଲେ ଚଉଦ ପୁରୁଷ।

## ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ

୧୮ ଯୀଶୁଖ୍ରୀଷ୍ଟଙ୍କ ମାଆ ଥିଲେ ମରିୟମ। ଯୀଶୁଖ୍ରୀଷ୍ଟଙ୍କ
ଜନ୍ମ ଏହିଭଳି ହୋଇଥିଲା। ମରିୟମଙ୍କର ଯୋସେଫଙ୍କ
ସହିତ ବିବାହ ସ୍ଥିର ହୋଇଥିଲା। କିନ୍ତୁ ବିବାହ ପୂର୍ବରୁ
ଜଣା ପଡିଲା ଯେ, ମରିୟମ ପବିତ୍ର-ଆତ୍ମାଙ୍କ ଶକ୍ତି ବଳରେ
ଗର୍ଭବତୀ ହୋଇଛନ୍ତି। ୧୯ କିନ୍ତୁ ତାହାଙ୍କର ଭାବୀପତି ଯୋସେଫ
ଜଣେ ଧାର୍ମିକ ଲୋକ ଥିଲେ। ଲୋକମାନଙ୍କ ଆଗରେ
ମରିୟମଙ୍କୁ ଅପମାନ କରିବା ସେ ଚାହୁଁନଥିଲେ। ସେ
ତାହାଙ୍କୁ ଛାଡ଼ପତ୍ର ଦେବା ପାଇଁ ଗୋପନରେ ଯୋଜନା
କଲେ।

୨୦ କିନ୍ତୁ ଯୋସେଫ ଯେତେବେଳେ ଏକଥା ଭାବୁଥିଲେ,
ସେତେବେଳେ ସ୍ୱପ୍ନରେ ଦର୍ଶନ ପାଇଲେ ପ୍ରଭୁଙ୍କର ଜଣେ
ଦୂତ ତାହାଙ୍କ ପାଖକୁ ଆସି କହିଲେ, "ହେ ଦାଉଦଙ୍କ
ସନ୍ତାନ ଯୋସେଫ ତୁମ୍ଭେ ମରିୟମଙ୍କୁ ଆପଣା ସ୍ତ୍ରୀ ରୂପେ
ଗ୍ରହଣ କରିବାକୁ ଭୟ କରନାହିଁ। କାରଣ ତାହାଙ୍କ

---

**ଖ୍ରୀଷ୍ଟ** ଅଭିଷିକ୍ତ (ମଶୀହ) ବ୍ୟକ୍ତି ବା ମନୋନୀତ ବ୍ୟକ୍ତି

ଗର୍ଭରେ ଥିବା ଶିଶୁଟି ପବିତ୍ର-ଆତ୍ମାଙ୍କର। ୨୧ମରିୟମ ପୁତ୍ର
ସନ୍ତାନଟିଏ ଜନ୍ମ ଦେବେ। ତୁମ୍ଭେ ତାହାଙ୍କ ନାମ ଯୀଶୁ
ରଖିବ। କାରଣ ସେ ନିଜ ଲୋକମାନଙ୍କୁ ସେମାନଙ୍କ
ପାପରୁ ରକ୍ଷା କରିବେ।"
୨୨ଭବିଷ୍ୟଦ୍‌ବକ୍ତାଙ୍କ ମାଧ୍ୟମରେ ପ୍ରଭୁ ଯାହା କହିଥିଲେ,
ତାହା ସଫଳ କରିବା ନିମନ୍ତେ ଏହା ଘଟିଲା। ୨୩"ଜଣେ
କୁମାରୀ କନ୍ୟା ଗର୍ଭବତୀ ହୋଇ ପୁତ୍ର ସନ୍ତାନଟିଏ ଜନ୍ମ
ଦେବେ। ଲୋକେ ତାହାଙ୍କ ନାମ 'ଇମ୍ମାନୁୟେଲ' ଦେବେ।"*
(ଇମ୍ମାନୁୟେଲର ଅର୍ଥ: ପରମେଶ୍ୱର ଆମ୍ଭ ସହିତ ଅଛନ୍ତି।)
୨୪ଯୋସେଫ ନିଦରୁ ଉଠି ପ୍ରଭୁଙ୍କ ଦୂତ ତାହାଙ୍କୁ
ଯେଉଁଭଳି ଆଦେଶ ଦେଲେ, ସେପରି କରିଲେ। ସେ
ମରିୟମଙ୍କୁ ବିବାହ କଲେ। ୨୫କିନ୍ତୁ ମରିୟମ ପୁତ୍ର-ସନ୍ତାନକୁ
ଜନ୍ମ ନ ଦେବା ପର୍ଯ୍ୟନ୍ତ ସେ ତାହାଙ୍କ ସହିତ ସହବାସ
କରିନଥିଲେ। ଆଉ ଯୋସେଫ ପୁଅଟିର ନାମ ଯୀଶୁ
ରଖିଲେ।

### ଯୀଶୁଙ୍କୁ ଦେଖିବା ପାଇଁ ପୂର୍ବ ଦେଶରୁ ପଣ୍ଡିତମାନଙ୍କ ଆଗମନ

୨ ହେରୋଦ*ଙ୍କ ରାଜୁତିକାଳରେ ଯିହୂଦା ରାଜ୍ୟର
ବେଥ୍‌ଲେହେମ ନଗରରେ ଯୀଶୁ ଜନ୍ମ ହେଲେ। ଯୀଶୁ
ଜନ୍ମ ହେବା ପରେ ପୂର୍ବ ଦେଶର କେତେକ ପଣ୍ଡିତ
ଯିରୂଶାଲମକୁ ଆସିଲେ। ୨ସେମାନେ ପଚାରିଲେ,
"ଯିହୂଦୀମାନଙ୍କର ରାଜା ସେହି ନବଜାତ ଶିଶୁ କେଉଁଠାରେ?
କାରଣ ଆମ୍ଭେ ପୂର୍ବର ଆକାଶରେ ତାହାଙ୍କ ତାରା ଉଠିଥିବାର
ଦେଖିଲୁ। ସେହି ତାରା ପ୍ରକାଶ କରେ ଯେ, ସେ ଜନ୍ମ
ହୋଇଛନ୍ତି। ତେଣୁ ଆମ୍ଭେ ତାହାଙ୍କୁ ପ୍ରଣାମ କରିବାକୁ
ଆସିଛୁ।"
୩ରାଜା ହେରୋଦ ଯିହୂଦୀମାନଙ୍କର ଏହି ନୂଆ ରାଜାଙ୍କ
କଥା ଶୁଣିଲେ। ସେଥିପାଇଁ ସେ ଉଦ୍‌ବିଗ୍ନ ହେଲେ।
ଯିରୂଶାଲମର ସବୁ ଲୋକେ ମଧ୍ୟ ଚିନ୍ତିତ ହୋଇ ପଡିଲେ।
୪ହେରୋଦ ଯିହୂଦା ସମାଜର ସମସ୍ତ ପ୍ରମୁଖ ଯାଜକ ଏବଂ
ଧର୍ମ-ଶାସ୍ତ୍ରୀମାନଙ୍କର ଗୋଟିଏ ବୈଠକ ଡାକିଲେ। ସେ
ସେମାନଙ୍କୁ ପଚାରିଲେ, ଖ୍ରୀଷ୍ଟ କେଉଁଠାରେ ଜନ୍ମ ହେବେ?
୫ସେମାନେ କହିଲେ, "ଯିହୂଦା ପ୍ରଦେଶର ବେଥ୍‌ଲେହେମ
ନଗରରେ। ଭବିଷ୍ୟଦ୍‌ବକ୍ତା ଶାସ୍ତ୍ରରେ ଏସଂପର୍କରେ ଲେଖିଛନ୍ତି:

୬ 'ହେ ଯିହୂଦା-ପ୍ରଦେଶର ବେଥ୍‌ଲେହେମ! ଯିହୂଦାର
ଶାସକମାନଙ୍କ ଭିତରେ ତୁମ୍ଭେ ମହାନ। ହଁ, ତୁମ୍ଭର
ଭିତରୁ ଜଣେ ଶାସକ ଆଗତ ହେବ ଏବଂ ସେହି
ଶାସକ ମୋର ଲୋକମାନଙ୍କୁ, ଇସ୍ରାୟେଲକୁ
କଢ଼ାଇନେବେ।'" ମୀଖା ୫:୨

୭ତା'ପରେ ହେରୋଦ ପୂର୍ବଦେଶରୁ ଆସିଥିବା ପଣ୍ଡିତମାନଙ୍କ
ସହିତ ଗୁପ୍ତ ବୈଠକ କଲେ। ସେମାନେ କେତେବେଳେ
ପ୍ରଥମେ ସେହି ତାରା ଦେଖିଥିଲେ, ତାହାର ସଠିକ୍ ସମୟ
ହେରୋଦ ପଣ୍ଡିତମାନଙ୍କଠାରୁ ବୁଝିନେଲେ। ୮ହେରୋଦ
ସେମାନଙ୍କୁ ବେଥ୍‌ଲେହେମ ପଠାଇଲେ ଓ କହିଲେ, "ତୁମ୍ଭେମାନେ
ବେଥ୍‌ଲେହେମ ଯାଇ ଶିଶୁଟି ବିଷୟରେ ଯତ୍ନ ଭାବରେ
ଖୋଜ-ଖବର ନିଅ। ଯଦି ତୁମ୍ଭେ ତାକୁ ପାଇଯାଅ, ତେବେ
ମୋତେ ଜଣାଅ। ତା'ପରେ ମୁଁ ମଧ୍ୟ ଯାଇ ତାହାଙ୍କୁ
ପ୍ରଣାମ କରିବି।"
୯ପଣ୍ଡିତମାନେ ରାଜାଙ୍କ କଥା ଶୁଣି ଚାଲିଗଲେ। ଯେଉଁ
ତାରାଟି ସେମାନେ ଆଗରୁ ପୂର୍ବ ଦେଶରେ ଦେଖିଥିଲେ,
ପୁଣି ଥରେ ତାକୁ ଦେଖିଲେ। ସେହି ତାରାଟି ତାହାଙ୍କ
ଆଗେ-ଆଗେ ଚାଲିଲା ଏବଂ ଯେଉଁଠାରେ ପିଲାଟି ଥିଲା,
ସେହି ସ୍ଥାନ ଉପରେ ସ୍ଥିର ହୋଇ ରହିଗଲା। ୧୦ତାରା
ଦେଖି ପଣ୍ଡିତମାନେ ବହୁତ ଖୁସି ହେଲେ। ସେମାନେ
ଆନନ୍ଦରେ ପରିପୂର୍ଣ୍ଣ ହେଲେ। ୧୧ସେମାନେ ଘର ଭିତରକୁ
ଗଲେ। ମା ମରିୟମଙ୍କ ପାଖରେ ପିଲାଟିକୁ ଦେଖିଲେ।
ତାହାଙ୍କୁ ଭୂମିଷ୍ଠ ପ୍ରଣାମ କରି ତାହାଙ୍କର ଉପାସନା କଲେ।
ତା'ପରେ ସେମାନେ ଶିଶୁ ପାଇଁ ଆଣିଥିବା ଉପହାର
ପେଡିଟି ଖୋଲିଲେ। ସେମାନେ ଶିଶୁକୁ ସୁନା, କୁନ୍ଦୁରୁ* ଓ
ଗନ୍ଧରସ* ଉପହାର ଦେଲେ। ୧୨କିନ୍ତୁ ପରମେଶ୍ୱର ସେମାନଙ୍କୁ
ହେରୋଦଙ୍କ ପାଖକୁ ଫେରି ନ ଯିବାକୁ ସ୍ୱପ୍ନରେ ସାବଧାନ
କରାଇ ଦେଲେ। ତେଣୁ ସେମାନେ ଅନ୍ୟ ଏକ ପଥ
ଦେଇ ନିଜଦେଶକୁ ଫେରିଗଲେ।

### ଯୀଶୁଙ୍କ ବାପା-ମାଆ ତାହାଙ୍କୁ ମିସରକୁ ନେଲେ

୧୩ପଣ୍ଡିତମାନେ ଚାଲିଯିବାପରେ ପରମେଶ୍ୱରଙ୍କର ଜଣେ
ଦୂତ ସ୍ୱପ୍ନରେ ଯୋସେଫଙ୍କୁ ଦର୍ଶନ ଦେଇ କହିଲେ, "ଉଠ,
ଶିଶୁଟିକୁ ଓ ତା ମାଆଙ୍କୁ ନେଇ ମିସର ଦେଶକୁ ପଳାଅ
ଏବଂ ମୁଁ ନ କହିବା ପର୍ଯ୍ୟନ୍ତ ସେଠାରେ ରୁହ। କାରଣ
ହେରୋଦ ତାହାକୁ ମାରିଦେବା ପାଇଁ ଚାହୁଁଥିବାରୁ ତାହାଙ୍କୁ
ଖୋଜିବ।" ୧୪ତେଣୁ ଯୋସେଫ ଉଠିଲେ। ସେ ଶିଶୁ ଓ
ତା' ମାଆଙ୍କୁ ଧରି ମିସର ଦେଶକୁ ଯିବା ପାଇଁ ରାତିରେ
ବାହାରି ପଡିଲେ। ୧୫ସେଠାରେ ଯୋସେଫ ହେରୋଦଙ୍କ
ମୃତ୍ୟୁ ପର୍ଯ୍ୟନ୍ତ ରହିଲେ। ପରମେଶ୍ୱର ତାହାଙ୍କ ଭବିଷ୍ୟଦ୍‌ବକ୍ତାଙ୍କ
ମାଧ୍ୟମରେ ଯାହା କହିଥିଲେ, ତାହା ସଫଳ କରିବା ପାଇଁ
ଏସବୁ ଘଟିଲା। ପ୍ରଭୁ ପରମେଶ୍ୱର କହିଥିଲେ, "ମୁଁ ମୋର
ପୁଅକୁ ମିସରରୁ ବାହାରି ଆସିବାକୁ କହିଛି।"*

### ହେରୋଦ ବେଥ୍‌ଲେହେମର ଶିଶୁ-ପୁତ୍ରମାନଙ୍କୁ ହତ୍ୟା କଲେ

୧୬ହେରୋଦ ଦେଖିଲେ ଯେ, ପଣ୍ଡିତମାନେ ତାହାଙ୍କୁ
ବୋକା ବନେଇ ଦେଇଛନ୍ତି। ସେ ଖୁବ୍ ରାଗିଗଲେ। ସେ
ପଣ୍ଡିତମାନଙ୍କ ଠାରୁ ଶିଶୁପୁତ୍ରଟିର ଜନ୍ମ-ସମୟ ଜାଣିଥିଲେ।

---

**"ଜଣେ ... ଦେବେ।"** ଯିଶାଇୟ ୭:୧୪

**ହେରୋଦ** ହେରୋଦ (ପ୍ରଥମ) ଖ୍ରୀ:ପୂ: ୪୦ରୁ ପ୍ରାୟ ଖ୍ରୀ:ପୂ: ୪ ପର୍ଯ୍ୟନ୍ତ ଯିହୂଦାର ଶାସକ ଥିଲେ।

**କୁନ୍ଦୁରୁ** ଆରବ ଦେଶୀୟ ଝୁଣା। ଯାହାକୁ 'ଲୋବାନ୍' କୁହାଯାଏ।

**ଗନ୍ଧରସ** ଦାମୀ ଅତର (ଗୁଗ୍‌ଗୁଳ)

**"ମୁଁ ମୋର ... ଆସିବାକୁ କହିଛି।"** ହୋଶେୟ ୧୧:୧

ତାହା ଦୁଇବର୍ଷ ତଳର କଥା ହୋଇଥିବାରୁ ସେ ବେଥ୍‌ଲେହେମ
ଓ ତା' ଆଖପାଖ ଅଞ୍ଚଳର ଦୁଇବର୍ଷ ବା ତା'ଠାରୁ କମ୍
ବୟସର ସବୁ ଶିଶୁପୁତ୍ରଙ୍କୁ ହତ୍ୟା କରିବାକୁ ଆଦେଶ
ଦେଲେ। ୧୭ଏହିଭଳି ଭାବରେ ଭବିଷ୍ୟଦ୍‌ବକ୍ତା ଯିରିମିୟଙ୍କ
ମାଧ୍ୟମରେ କୁହାଯାଇଥିବା ପ୍ରଭୁଙ୍କ ବାକ୍ୟ ସଫଳ ହେଲା:

୧୮ "ରାମାରେ ଏକ ଦୁଃଖଭରା ସ୍ୱର ଶୁଣାଗଲା। ତାହା
ରୋଦନ ଓ ଅତିଶୟ ବିଳାପର ସ୍ୱର ଥିଲା।
ରାହେଲ ତା ପିଲାମାନଙ୍କ ପାଇଁ କାନ୍ଦୁଥିଲା। କେହିହେଲେ
ତାକୁ ସାନ୍ତ୍ୱନା ଦେଇ ପାରିବେନି। କାରଣ ତା'ର
ପିଲାମାନେ ମରିଯାଇଥିଲେ।"

ଯିରିମିୟ ୩୧:୧୫

### ଯୋସେଫ ଓ ମରିୟମ ମିସରରୁ ଫେରିଲେ

୧୯ହେରୋଦଙ୍କ ମୃତ୍ୟୁ ପରେ ମିସରରେ ଯୋସେଫଙ୍କୁ
ସ୍ୱପ୍ନରେ ପ୍ରଭୁ ପରମେଶ୍ୱରଙ୍କର ଜଣେ ଦୂତ ଦେଖାଦେଲେ।
୨୦ଦୂତ କହିଲେ, "ଉଠ, ପିଲାଟିକୁ ଓ ତା ମାଆକୁ ନେଇ
ଇସ୍ରାୟେଲ ଦେଶକୁ ଯାଅ। କାରଣ ଯେଉଁମାନେ ପିଲାଟିକୁ
ମାରିଦେବାକୁ ଚେଷ୍ଟା କରୁଥିଲେ, ସେମାନେ ଏବେ
ମରିଗଲେଣି।"
୨୧ତେଣୁ ଯୋସେଫ ପ୍ରସ୍ତୁତ ହେଲେ। ସେ ପିଲାଟିକୁ ଓ
ତା ମାଆଙ୍କୁ ନେଇ ଇସ୍ରାୟେଲ ଫେରିଗଲେ। ୨୨କିନ୍ତୁ
ଯୋସେଫ ଶୁଣିଲେ ଯେ, ହେରୋଦଙ୍କ ମୃତ୍ୟୁ ପରେ
ତାହାଙ୍କ ପୁଅ ଆର୍ଖିଲାୟ ଯିହୂଦାରେ ରାଜା ହୋଇଛନ୍ତି।
ତେଣୁ ସେ ସେଠାକୁ ଯିବାକୁ ଭୟକଲେ। କିନ୍ତୁ ପରମେଶ୍ୱରଙ୍କ
ଠାରୁ ସ୍ୱପ୍ନରେ ଆଦେଶ ପାଇ ଯୋସେଫ ଗାଲୀଲୀ
ପ୍ରଦେଶକୁ ଗଲେ। ୨୩ସେ ସେଠାରେ ପହଞ୍ଚି ନାଜରିତ
ନାମକ ନଗରରେ ବାସ କଲେ। ଖ୍ରୀଷ୍ଟ ନାଜରିତୀୟ ରୂପେ
ଖ୍ୟାତ ହେବେବୋଲି ଭବିଷ୍ୟତ୍‌ବକ୍ତାମାନଙ୍କ ମାଧ୍ୟମରେ
ପରମେଶ୍ୱର କହିଥିଲେ। ସେହି ବାକ୍ୟ ଅନୁସାରେ ଏହା
ଘଟିଲା।

### ବାପ୍ତିଜକ ଯୋହନଙ୍କ କାର୍ଯ୍ୟ

**୩** ସେହି ସମୟରେ ବାପ୍ତିଜକ ଯୋହନ ଆସି ଯିହୂଦା
ପ୍ରଦେଶର ପ୍ରାନ୍ତର ମଧ୍ୟରେ ଘୋଷଣା କରି କହିବାକୁ
ଲାଗିଲେ ୨ତୁମ୍ଭମାନଙ୍କର ଜୀବନ ଓ ହୃଦୟ ପରିବର୍ତ୍ତନ
କର, କାରଣ ସ୍ୱର୍ଗ ରାଜ୍ୟ ଶୀଘ୍ର ଆସୁଅଛି। ୩ସେହି
ଯୋହନଙ୍କ ବିଷୟରେ ଭବିଷ୍ୟଦ୍‌ବକ୍ତା ଯିଶାଇୟ କହିଥିଲେ,

"ପ୍ରାନ୍ତରରେ ଉଚ୍ଚ ଶବ୍ଦ କରୁଥିବା ଜଣକର ସ୍ୱର।
'ପ୍ରଭୁଙ୍କର ପଥ ପ୍ରସ୍ତୁତ କର, ତାହାଙ୍କ ପଥସବୁ
ସଳଖ କର।'" ଯିଶାଇୟ ୪୦:୩

୪ଯୋହନଙ୍କ ବସ୍ତ୍ର ଓଟଲୋମରେ ତିଆରି ହୋଇଥିଲା।
ସେ ଅଣ୍ଟାରେ ଚମଡ଼ାପଟି ବାନ୍ଧିଥିଲେ। ପଙ୍ଗପାଳ ଓ
ବନମଧୁ ତାହାଙ୍କର ଖାଦ୍ୟ ଥିଲା। ୫ସେ ସମୟରେ
ଯିରୂଶାଲମ, ସମଗ୍ର ଯିହୂଦା ରାଜ୍ୟ ଓ ଯର୍ଦ୍ଦନ ନଦୀର
ଦୁଇପାଖ ଅଞ୍ଚଳରେ ଥିବା ଲୋକେ ଯୋହନଙ୍କ ପାଖକୁ
ଉପଦେଶ ଶୁଣିବାକୁ ଆସିଲେ। ୬ସେମାନେ ନିଜ ନିଜ
ପାପ ସ୍ୱୀକାର କଲେ। ଯୋହନ ଯର୍ଦ୍ଦନ ନଦୀରେ ସେମାନଙ୍କୁ
ବାପ୍ତିସ୍ମ ଦେଲେ।
୭ଅନେକ ଫାରୂଶୀ ଓ ସାଦ୍ଦୂକୀ ଯୋହନ ଲୋକମାନଙ୍କୁ
ବାପ୍ତିସ୍ମ ଦେଉଥିବା ସ୍ଥାନକୁ ଆସିଲେ। ସେମାନଙ୍କୁ ଦେଖି
ଯୋହନ କହିଲେ, "ହେ କାଳସର୍ପର ବଂଶ। ତୁମ୍ଭେ ପ୍ରଭୁଙ୍କ
ଆଗାମୀ କ୍ରୋଧରୁ ପଳାୟନ କରିବା ପାଇଁ ତୁମ୍ଭକୁ କିଏ
ଚେତାବନୀ ଦେଲା? ୮ତୁମ୍ଭକୁ ନିଜର କାର୍ଯ୍ୟ ଦ୍ୱାରା ପ୍ରକାଶ
କରିବାକୁ ହେବ ଯେ, ତୁମ୍ଭେ ବାସ୍ତବରେ ମନପରିବର୍ତ୍ତନ
କରିଛ। ୯ତୁମ୍ଭେମାନେ ନିଜକୁ ଅବ୍ରହାମଙ୍କ ସନ୍ତାନ ବୋଲି
କହିଦେଲେ ଯେ ଯଥେଷ୍ଟ ହୋଇଗଲା, ସେ କଥା
କେବେହେଲେ ଭାବନାହିଁ। ମୁଁ ତୁମ୍ଭକୁ କହି ରଖୁଛି ଯେ
ପରମେଶ୍ୱର ଅବ୍ରହାମଙ୍କ ପାଇଁ ଏହି ପଥରଗୁଡ଼ିକରୁ ମଧ୍ୟ
ସନ୍ତାନ ସୃଷ୍ଟି କରିପାରିବେ। ୧୦ଗଛର ମୂଳ ଉପରେ
କୁହ୍ରାଡ଼ି ରଖା ଯାଇସାରିଲାଣି। ଯେଉଁସବୁ ଗଛ ଭଲ ଫଳ
ଦେଉ ନାହାଁନ୍ତି, ସେଗୁଡିକୁ କାଟି ନିଆଁରେ ପକେଇ
ଦିଆଯିବ।
୧୧"ତୁମ୍ଭେମାନେ ମନପରିବର୍ତ୍ତନ କରିଥିବାରୁ ମୁଁ ତ
ତୁମ୍ଭକୁ ଜଳରେ ବାପ୍ତିସ୍ମ ଦେଉଛି, କିନ୍ତୁ ମୋ ପରେ ଯେ
ଆସୁଛନ୍ତି, ସେ ମୋ'ଠାରୁ ମହାନ। ମୁଁ ତ ତାହାଙ୍କର
ଜୋତା ବୋହି ନେବାକୁ ମଧ୍ୟ ଯୋଗ୍ୟ ନୁହେଁ। ସେ
ତୁମ୍ଭକୁ ପବିତ୍ରଆତ୍ମା ଓ ଅଗ୍ନିରେ ବାପ୍ତିସ୍ମ ଦେବେ। ୧୨ତାହାଙ୍କ
ହାତରେ କୁଲା ଅଛି। ସେଥିରେ ସେ ଶସ୍ୟ ସବୁରୁ ଅଗାଡ଼ି
ତକ ଅଲଗା କରିଦେବେ। ସେ ତାହାଙ୍କ ଖଳାରୁ ପରିଷ୍କାର
ହୋଇଥିବା ଶସ୍ୟତକ ଏକାଠି କରିନେଇ ଅମାର ଭିତରେ
ରଖି ଦେବେ ଓ ଅଗାଡ଼ି, କାଠି-କୁଟାତକ ନିଆଁରେ
ପକେଇ ଦେବେ। ସେ ନିଆଁ କେବେହେଲେ ଲିଭିବ
ନାହିଁ।"

### ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେଲେ

୧୩ସେହି ସମୟରେ ଯୋହନଙ୍କଠାରୁ ବାପ୍ତିସ୍ମ ନେବାପାଇଁ
ଯୀଶୁ ଗାଲୀଲୀରୁ ଯର୍ଦ୍ଦନ ନଦୀ କୂଳକୁ ଆସିଲେ। ୧୪କିନ୍ତୁ
ଯୋହନ ଯୀଶୁଙ୍କୁ ବାପ୍ତିସ୍ମ ତାହାଙ୍କଠାରେ ନେବାପାଇଁ ମନା
କରିବାକୁ ଚେଷ୍ଟା କରି କହିଲେ, "ମୋର ତୁମ୍ଭଠାରୁ ବାପ୍ତିସ୍ମ
ନେବା ଦରକାର। ତୁମ୍ଭେ ମୋ ପାଖକୁ କାହିଁକି ଆସିଛ?"
୧୫ଉତ୍ତରରେ ଯୀଶୁ ତାହାଙ୍କୁ କହିଲେ, "ବର୍ତ୍ତମାନ ପାଇଁ
ଏହିଭଳି ହେଉ। ଆମ୍ଭେ ସମସ୍ତ ବିଷୟ କରିବା ଉଚିତ,
ଯାହା ଉତ୍ତମ ଅଟେ।" ତେଣୁ ଯୋହନ ଯୀଶୁଙ୍କୁ ବାପ୍ତିସ୍ମ
ଦେବାପାଇଁ ରାଜି ହେଲେ।
୧୬ଯୀଶୁ ବାପ୍ତିଜିତ ହେଲେ। ଯୀଶୁ ଜଳରୁ ବାହାରିବା
ମାତ୍ରେ ଆକାଶ ଖୋଲିଗଲା, ଏବଂ ସେ ପରମେଶ୍ୱରଙ୍କ
ଆତ୍ମାକୁ ଗୋଟିଏ କପୋତ ରୂପରେ ତଳକୁ ଓହ୍ଲେଇ
ତାହାଙ୍କ ଉପରକୁ ଆସୁଥିବାର ଦେଖିଲେ। ୧୭ସେତେବେଳେ
ଆକାଶରୁ ଏହି ବାଣୀ ହେଲା: "ଏ ମୋର ପ୍ରିୟ ପୁତ୍ର
(ଯୀଶୁ) ଓ ମୁଁ ତାହାଙ୍କୁ ପ୍ରେମ କରେ। ମୁଁ ତାହାଙ୍କ
ଉପରେ ପରମ ସନ୍ତୁଷ୍ଟ।"

# ୪

## ଯୀଶୁଙ୍କୁ ପରୀକ୍ଷା

୪ ତା'ପରେ ସେହି ପବିତ୍ର ଆତ୍ମା ଯୀଶୁଙ୍କୁ ମରୁଭୂମିକୁ
କଢ଼ାଇ ନେଇଗଲେ। ଶୟତାନ ଦ୍ୱାରା ପରୀକ୍ଷିତ
ହେବାପାଇଁ ତାହାଙ୍କୁ ସେଠାକୁ ନିଆଯାଇଥିଲା। ୨ଯୀଶୁ
ଚାଳିଶ ଦିନ ଓ ଚାଳିଶ ରାତି କିଛି ଖାଇଲେ ନାହିଁ। ଏହା
ପରେ ତାହାଙ୍କୁ ଖୁବ ଭୋକ ଲାଗୁଥିଲା। ୩ଶୟତାନ ପରୀକ୍ଷା
କରିବା ନିମନ୍ତେ ଆସି ତାହାଙ୍କୁ କହିଲା, "ତୁମ୍ଭେ ଯଦି
ପରମେଶ୍ୱରଙ୍କ ପୁତ୍ର, ତେବେ ଏହି ପଥରଗୁଡ଼ିକୁ ରୋଟୀ
ହୋଇ ଯିବାପାଇଁ କୁହ।"
୪ଯୀଶୁ ଉତ୍ତରରେ କହିଲେ, "ଶାସ୍ତ୍ରରେ ଏହା ଲେଖାଅଛି,

'ମଣିଷକୁ କେବଳ ଖାଦ୍ୟ ବଞ୍ଚାଇ ରଖେ ନାହିଁ,
ତା'ର ଜୀବନ ପରମେଶ୍ୱରଙ୍କ ମୁହଁରୁ ବାହାରି ଥିବା
ବାଣୀ ଉପରେ ହିଁ ନିର୍ଭର କରେ।'"
ଦ୍ୱିତୀୟ ବିବରଣ ୮:୩

୫ତା'ପରେ ଶୟତାନ ତାହାଙ୍କୁ ପବିତ୍ର ନଗରୀ ଯିରୂଶାଲମକୁ
ନେଇଗଲା। ସେ ଯୀଶୁଙ୍କୁ ମନ୍ଦିରର ସବୁଠାରୁ ଉଚ୍ଚ
ସ୍ଥାନରେ ରଖିଲା। ୬ଶୟତାନ କହିଲା, "ଯଦି ତୁମ୍ଭେ
ପରମେଶ୍ୱରଙ୍କ ପୁତ୍ର, ତେବେ ତଳକୁ ଡେଇଁପଡ଼। କାରଣ
ଶାସ୍ତ୍ରରେ ଲେଖାଅଛି:

'ପରମେଶ୍ୱର ତୁମ୍ଭର ଯତ୍ନ ନେବାପାଇଁ ନିଜ ସ୍ୱର୍ଗଦୂତଙ୍କୁ
ଆଦେଶ ଦେବେ। ସେମାନେ ତୁମ୍ଭକୁ ତାହାଙ୍କ
ହାତରେ ଧରିପକାଇବେ। ତାହାଲେ ପଥରରେ ତୁମ୍ଭ
ଗୋଡ଼ ବାଜିବ ନାହିଁ।'" ଗୀତସଂହିତା ୯୧:୧୧-୧୨

୭ଯୀଶୁ ତାହାକୁ ଉତ୍ତର ଦେଲେ, "ଶାସ୍ତ୍ର ଏକଥା ମଧ୍ୟ
କୁହେ:

'ତୁମ୍ଭେ ନିଜ ପ୍ରଭୁ ପରମେଶ୍ୱରଙ୍କୁ ପରୀକ୍ଷା (ସନ୍ଦେହ)
କରିବ ନାହିଁ।'" ଦ୍ୱିତୀୟ ବିବରଣ ୬:୧୬

୮ତା'ପରେ ସେ ଯୀଶୁଙ୍କୁ ବହୁତ ଉଚ୍ଚ ପର୍ବତ ଉପରକୁ
ନେଇଗଲା। ଏବଂ ତାହାଙ୍କୁ ସଂସାରର ସମସ୍ତ ରାଜ୍ୟ ଓ
ସେଗୁଡ଼ିକର ଐଶ୍ୱର୍ଯ୍ୟ ଦେଖାଇଲା। ୯ଶୟତାନ ଯୀଶୁଙ୍କୁ
କହିଲା, "ଯଦି ତୁମ୍ଭେ ପାଦତଳେ ପଡ଼ି ମୋତେ ପ୍ରଣାମ
କରିବ, ତେବେ ତୁମ୍ଭକୁ ମୁଁ ଏସବୁ ଦେଇଦେବି।"
୧୦ଯୀଶୁ ତାକୁ କହିଲେ, "ଶୟତାନ, ମୋ ପାଖରୁ
ଦୂରହୁଅ। ଶାସ୍ତ୍ରରେ ଲେଖାଅଛି:

'ନିଜ ପ୍ରଭୁ ପରମେଶ୍ୱରଙ୍କୁ ପ୍ରଣାମ କର। କେବଳ
ତାହାଙ୍କର ଉପାସନା କର।'"
ଦ୍ୱିତୀୟ ବିବରଣ ୬:୧୩

୧୧ତେଣୁ ଶୟତାନ ତାହାଙ୍କୁ ଛାଡ଼ି ଚାଲିଗଲା, ଏବଂ
ତା'ପରେ ସ୍ୱର୍ଗଦୂତମାନେ ଆସି ତାହାଙ୍କର ଯତ୍ନ ନେଲେ।

## ଗାଲିଲୀରେ ଯୀଶୁ କାର୍ଯ୍ୟ ଆରମ୍ଭ କରିଲେ

୧୨ଯୋହନ କାରାଗାରରେ ବନ୍ଦୀ ହୋଇଥିବା ଖବର
ଯୀଶୁ ଶୁଣିଲେ। ତେଣୁ ଯୀଶୁ ଗାଲିଲୀକୁ ଫେରିଗଲେ।
୧୩ଯୀଶୁ କିନ୍ତୁ ନାଜରିଥରେ ରହିଲେ ନାହିଁ। ସେ ଗାଲିଲୀ
ହ୍ରଦ କୂଳରେ କଫର୍ନାହୂମ ସହରରେ ବାସ କଲେ।
କଫର୍ନାହୂମ ଜବୂଲୂନ ଓ ନପ୍ତାଲୀର ପାଖ ଅଞ୍ଚଳରେ
ଅବସ୍ଥିତ। ୧୪ଭବିଷ୍ୟଦ୍‌ବକ୍ତା ଯିଶାଇୟଙ୍କ ମାଧ୍ୟମରେ ପ୍ରଭୁ
ପରମେଶ୍ୱର ଯାହା କହିଥିଲେ, ତାହା ପୂର୍ଣ୍ଣ ହେବା ପାଇଁ
ଯୀଶୁ ଏଭଳି କରିଥିଲେ।

୧୫ "ଜବୂଲୂନ ଓ ନପ୍ତାଲୀ ପ୍ରଦେଶ, ଭୂମଧ୍ୟସାଗର
ରାସ୍ତାର ନିକଟସ୍ଥ ଯର୍ଦ୍ଦନ ନଦୀର ପରପାଶ୍ୱସ୍ଥ ଗାଲିଲୀର
ଏକ ଅଣଯିହୂଦୀ ପ୍ରଦେଶ।
୧୬ ଯେଉଁଲୋକମାନେ ପାପର ଅନ୍ଧାରରେ ରହୁଥିଲେ,
ସେମାନେ ଏକ ମହାନ ଜ୍ୟୋତିଃ ଦେଖିଲେ।
କବର ଭଳି ଅନ୍ଧକାରମୟ ପ୍ରଦେଶରେ ଯେଉଁମାନେ
ରହୁଥିଲେ, ସେମାନଙ୍କ ଉପରେ ଜ୍ୟୋତିଃର ଉଦୟ
ହେଲା।" ଯିଶାଇୟ ୯:୧-୨

## ଯୀଶୁ କେତେକ ଶିଷ୍ୟଙ୍କୁ ବାଛିଲେ

୧୭ସେହିଦିନଠାରୁ ଯୀଶୁ ପ୍ରଚାର କରିବା ଆରମ୍ଭ
କରିଦେଲେ। ସେ କହିଲେ, "ହୃଦୟ ପରିବର୍ତ୍ତନ କର,
କାରଣ ସ୍ୱର୍ଗରାଜ୍ୟ ନିକଟ ହୋଇଗଲାଣି।"
୧୮ଯୀଶୁ ଗାଲିଲୀ ହ୍ରଦ ପାଖ ଦେଇ ଯାଉଥିଲେ। ସେ
(ପିତର ନାମରେ ଖ୍ୟାତ) ଶିମୋନ ଓ ତାହାଙ୍କ ଭାଇ
ଆନ୍ଦ୍ରିୟଙ୍କୁ ଦେଖିଲେ। ସେମାନେ ହ୍ରଦରେ ଜାଲ ପକାଉଥିଲେ।
ସେମାନେ ବ୍ୟବସାୟରେ କେଉଟ ଥିଲେ। ୧୯ଯୀଶୁ ସେମାନଙ୍କୁ
କହିଲେ, "ଆସ, ମୋତେ ଅନୁସରଣ କର। ମୁଁ ତୁମ୍ଭକୁ
ଏକ ଭିନ୍ନ ପ୍ରକାରର କେଉଟ କରିବି। ମାଛ ନ ଧରି
ମଣିଷମାନଙ୍କୁ ତୁମ୍ଭେ ଏକତ୍ର ସଂଗ୍ରହ କରିବ।" ୨୦ସେମାନେ
ସଙ୍ଗେ ସଙ୍ଗେ ତାହାଙ୍କ ଜାଲ ଛାଡ଼ିଦେଇ ଯୀଶୁଙ୍କୁ ଅନୁସରଣ
କଲେ।
୨୧ଯୀଶୁ ସେଠାରୁ ଆଗକୁ ଚାଲିଲେ। ସେ ଦେଖିଲେ
ଯେ ଜେବଦୀଙ୍କ ପୁଅ ଯାକୁବ ଓ ଯୋହନଙ୍କୁ ତାହାଙ୍କ
ବାପାଙ୍କ ସହିତ ଡ଼ଙ୍ଗା ଉପରେ ବସି ଜାଲ ମରାମତି
କରୁଛନ୍ତି। ଯୀଶୁ ସେମାନଙ୍କୁ ଡାକିଲେ। ୨୨ସେମାନେ
ସଙ୍ଗେ ସଙ୍ଗେ ତାହାଙ୍କ ବାପାଙ୍କୁ ଓ ଡ଼ଙ୍ଗାକୁ ଛାଡ଼ି ଦେଇ
ଯୀଶୁଙ୍କୁ ଅନୁସରଣ କଲେ।

## ଯୀଶୁ ଲୋକମାନଙ୍କୁ ଉପଦେଶ ଦେଲେ ଓ ରୋଗସୁସ୍ଥ କଲେ

୨୩ଯୀଶୁ ଯିହୂଦୀ ପ୍ରାର୍ଥନାଗୃହ ମାନଙ୍କରେ ସ୍ୱର୍ଗ-ରାଜ୍ୟର
ସୁସମାଚାର ପ୍ରଚାର କରି ଓ ଲୋକଙ୍କର ସମସ୍ତ ପ୍ରକାର
ରୋଗ ଓ ପୀଡ଼ା ଦୂରକରି କରି ସମଗ୍ର ଗାଲିଲୀ
ରାଜ୍ୟରେ ଭ୍ରମଣ କଲେ। ୨୪ସମଗ୍ର ସୁରିଆ ଦେଶରେ
ତାହାଙ୍କର ସମାଚାର ବ୍ୟାପିଗଲା। ଯେଉଁଲୋକମାନେ ବିଭିନ୍ନ
ରୋଗ ଓ ଭୟଙ୍କର ପୀଡ଼ାରେ ଭୋଗୁଥିଲେ, ଯେଉଁମାନଙ୍କୁ

ଭୂତ କବଳିତ କରିଥିଲା, ଯେଉଁମାନେ ମୃଗୀରୋଗୀ ଓ
ପକ୍ଷାଘାତ ରୋଗୀ ଥିଲେ, ସେମାନେ ସମସ୍ତେ ଯୀଶୁଙ୍କ
ପାଖକୁ ଆସିବାକୁ ଲାଗିଲେ। ଯୀଶୁ ସେମାନଙ୍କୁ ସୁସ୍ଥ
କରିଦେଲେ। [25]ତେଣୁ ଗାଲିଲୀ, ଦେକାପଲି, ଯିରୂଶାଲମ,
ଯିହୂଦା ଓ ଯର୍ଦ୍ଦନ ନଦୀର ପର ପାରିର ବହୁଲୋକ
ତାହାଙ୍କୁ ଅନୁସରଣ କରିବାକୁ ଲାଗିଲେ।

## ଯୀଶୁ ଲୋକମାନଙ୍କୁ ଶିକ୍ଷା ଦିଅନ୍ତି

**୫** ଯୀଶୁଙ୍କୁ ଅନୁସରଣ କରୁଥିବା ଲୋକଙ୍କ ସଂଖ୍ୟା
କ୍ରମଶଃ ବଢ଼ିବାକୁ ଲାଗିଲା। ଏହା ଦେଖି ଯୀଶୁ
ଗୋଟିଏ ପାହାଡ ଉପରକୁ ଗଲେ ଏବଂ ସେଠାରେ
ବସିଲେ। ତାହାଙ୍କର ଶିଷ୍ୟମାନେ ତାହାଙ୍କପାଖକୁ ଆସିଲେ।
[2]ଏଥର ଯୀଶୁ ସେମାନଙ୍କୁ ଉପଦେଶ ଦେବା ଆରମ୍ଭ
କଲେ:

[3] "ଆତ୍ମିକ ଭାବେ ଅଭାବ ଗ୍ରସ୍ତ ଲୋକମାନେ ଧନ୍ୟ,
କାରଣ ସ୍ୱର୍ଗରାଜ୍ୟ ସେହିମାନଙ୍କର।
[4] ବର୍ତ୍ତମାନ ଦୁଃଖିତ ଲୋକମାନେ ଧନ୍ୟ; କାରଣ
ପରମେଶ୍ୱର ସେମାନଙ୍କୁ ସାନ୍ତ୍ୱନା ଦେବେ।
[5] ନମ୍ର ଓ ସୁଶୀଳ ଲୋକମାନେ ଧନ୍ୟ; କାରଣ ଏ
ପୃଥିବୀ ସେହିମାନଙ୍କର ହେବ।
[6] ପରମେଶ୍ୱରଙ୍କ ଇଚ୍ଛା ଅନୁସାରେ ସତ୍‌କର୍ମ କରିବାକୁ
ଆଗ୍ରହୀ ଲୋକମାନେ ଧନ୍ୟ, କାରଣ ସେମାନେ
ସଂମ୍ପୂର୍ଣ୍ଣ ତୃପ୍ତି ଲାଭ କରିବେ।
[7] ଅନ୍ୟମାନଙ୍କୁ ଦୟା ଦେଖାଉଥିବା ଲୋକମାନେ ଧନ୍ୟ;
କାରଣ ପରମେଶ୍ୱର ସେହିମାନଙ୍କୁ ଦୟା କରିବେ।
[8] ନିର୍ମଳ ହୃଦୟ ଥିବା ଲୋକମାନେ ଧନ୍ୟ; କାରଣ
ସେମାନେ ପରମଶ୍ୱରଙ୍କୁ ଦେଖିବେ।
[9] ଶାନ୍ତି ପାଇଁ କାମକରୁଥିବା ଲୋକମାନେ ଧନ୍ୟ;
କାରଣ ସେମାନେ ପରମେଶ୍ୱରଙ୍କ ସନ୍ତାନ ଭାବେ
ଡକାଯିବେ।
[10] ପରମେଶ୍ୱରଙ୍କ ଇଚ୍ଛା ଅନୁସାରେ ଧର୍ମକାର୍ଯ୍ୟ କରି
କଷ୍ଟ ସହୁଥିବା ଲୋକମାନେ ଧନ୍ୟ; କାରଣ ସ୍ୱର୍ଗରାଜ୍ୟ
ସେହିମାନଙ୍କର।

[11]"ତୁମ୍ଭେମାନେ ମୋର ଅନୁଗାମୀ ହୋଇଥିବା ଯୋଗୁଁ
ଲୋକେ ତୁମ୍ଭମାନଙ୍କୁ ଅପମାନ ଦେବେ, ତୁମ୍ଭମାନଙ୍କୁ ଯାତନା
ଦେବେ ଓ ତୁମ୍ଭମାନଙ୍କ ବିରୁଦ୍ଧରେ ମିଛରେ ନାନା କଥା
କହିବେ। କିନ୍ତୁ ତୁମ୍ଭେମାନେ ଧନ୍ୟ। [12]ତେଣୁ ଖୁସିହୋଇ
ଆନନ୍ଦ କର। କାରଣ ସ୍ୱର୍ଗରେ ତୁମ୍ଭେମାନେ ଏକ ମହତ୍
ପୁରସ୍କାର ପାଇବ। ତୁମ୍ଭର ପୂର୍ବବର୍ତ୍ତୀ ଭବିଷ୍ୟଦ୍‌ବକ୍ତାମାନଙ୍କୁ
ମଧ୍ୟ ଲୋକମାନେ ଏହି ଭଳି ଯାତନା ଦେଇଥିଲେ।

## ତୁମ୍ଭେମାନେ ଲୁଣ ଓ ଆଲୋକ ପରି

[13]"ତୁମ୍ଭେମାନେ ସମଗ୍ର ପୃଥିବୀ ପାଇଁ ଲୁଣ ସଦୃଶ।
କିନ୍ତୁ ଲୁଣ ଯଦି ନିଜେ ସ୍ୱାଦହୀନ ହୋଇ ଯାଏ, ତେବେ
ତାକୁ ଆଉଥରେ ଲୁଣିଆ କରି ଯାଇ ନପାରେ। ଲୁଣ
ଆପଣା ଲୁଣିଆ ସ୍ୱାଦ ହରାଇଲେ ଆଉ କୌଣସି କାମରେ
ଲାଗିପାରିବ ନାହିଁ। ତାକୁ ବାହାରେ ଫିଙ୍ଗି ଦିଆଯିବ।
ଲୋକେ ତାକୁ ପାଦରେ ଚକଟି ଚାଲିଯିବେ।
[14]"ତୁମ୍ଭେ ଜଗତର ଆଲୋକ। ପାହାଡ ଉପରେ
ଅବସ୍ଥିତ କୌଣସି ନଗରକୁ କେବେହେଲେ ଲୁଚେଇ
ରଖାଯାଇ ପାରିବ ନାହିଁ। [15]ଲୋକେ ଦୀପଟିଏ ଜଳେଇ
ତାକୁ ହାଣ୍ଡି ତଳେ ରଖନ୍ତି ନାହିଁ। ଲୋକେ ତାକୁ
ଦୀପରୂଖା ଉପରେ ରଖନ୍ତି। ତଦ୍ୱାରା ଦୀପଟି ଘର ଭିତରର
ସବୁ ଲୋକଙ୍କୁ ଆଲୋକ ଦିଏ। [16]ଲୋକଙ୍କ ଆଗରେ
ତୁମ୍ଭେମାନେ ଆଲୋକ ଭଳି ପ୍ରକାଶିତ ହୁଅ। ସେମାନେ
ତୁମ୍ଭର ଭଲ କାମ ଗୁଡିକୁ ଦେଖନ୍ତୁ ଓ ସ୍ୱର୍ଗରେ ରହୁଥିବା
ତୁମ୍ଭ ପରମ-ପିତାହାଙ୍କ ପ୍ରଶଂସା ଗାନ କରନ୍ତୁ।

## ଯୀଶୁ ଓ ପୁରାତନ ନିୟମର ଲେଖାସମୂହ

[17]"ତୁମ୍ଭେମାନେ ଭାବନାହିଁ ଯେ ମୁଁ ମୋଶାଙ୍କ ବ୍ୟବସ୍ଥାର
ନିୟମ କିମ୍ବା ଭବିଷ୍ୟଦ୍‌ବକ୍ତାଙ୍କ ଶିକ୍ଷା ନଷ୍ଟ କରିବାକୁ
ଆସିଛି। ମୁଁ ସେମାନଙ୍କ ଉପଦେଶ ନଷ୍ଟ କରିବାକୁ
ଆସିନାହିଁ। ବରଂ ମୁଁ ସେମାନଙ୍କ ଉପଦେଶଗୁଡିକର ସମ୍ପୂର୍ଣ୍ଣ
ଅର୍ଥ ପ୍ରକାଶିତ କରିବାକୁ ଆସିଛି। [18]ମୁଁ ତୁମ୍ଭକୁ ସତ୍ୟ
କହୁଛି, ଏ ପୃଥିବୀ ଓ ଆକାଶ ସମାପ୍ତ ନ ହେବା ପର୍ଯ୍ୟନ୍ତ
ଓ ସବୁ କଥା ନ ଘଟିବା ପର୍ଯ୍ୟନ୍ତ ଏହି ନିୟମରୁ
ଅକ୍ଷରଟିଏ କି ବିନ୍ଦୁଟିଏ ହେଲେ ମଧ୍ୟ ଲୋପ ପାଇବନାହିଁ।
[19]ଏଣୁ ଲୋକେ ପ୍ରତ୍ୟେକ ଆଦେଶ ମାନିବା ଉଚିତ,
ଏପରିକି ମହତ୍ତ୍ୱପୂର୍ଣ୍ଣ ଦେଖା ଯାଉ ନଥିବା ଛୋଟ ଆଦେଶଟିଏ
ମଧ୍ୟ ମାନିବା ଉଚିତ। ଯେଉଁଲୋକ ଆଦେଶ ପାଳିବାକୁ
ମନାକରେ ଓ ଅନ୍ୟଲୋକଙ୍କୁ ଆଦେଶ ନ ପାଳିବାକୁ
ମନ୍ତ୍ରଣା ଦିଏ, ସେ ସ୍ୱର୍ଗ-ରାଜ୍ୟରେ ଅତି ନ୍ୟୁନ ବୋଲି
ଗଣିତ ହେବ। କିନ୍ତୁ ଯେଉଁଲୋକ ସେ ନିୟମ ମାନେ ଓ
ଅନ୍ୟକୁ ମାନି ଚଳିବାକୁ ଶିଖାଏ, ସେ ସ୍ୱର୍ଗ-ରାଜ୍ୟରେ
ମହାନ୍ ହେବ। [20]ମୁଁ ତୁମ୍ଭକୁ କହୁଛି ଯେ, ପରମେଶ୍ୱରଙ୍କ
ଇଚ୍ଛା ଅନୁସାରେ ଆଚରଣ କରି ତୁମ୍ଭେମାନେ ଧର୍ମ-ଶାସ୍ତ୍ରୀ
ଓ ଫାରୂଶୀ* ମାନଙ୍କ ଠାରୁ ଆଗେଇ ଯାଅ। ତା'ନହେଲେ
ତୁମ୍ଭେ ସ୍ୱର୍ଗ-ରାଜ୍ୟରେ ପ୍ରବେଶ କରିପାରିବ ନାହିଁ।

## ଯୀଶୁ କ୍ରୋଧ ବିଷୟରେ ଶିକ୍ଷା ଦିଅନ୍ତି

[21]"ତୁମ୍ଭେମାନେ ଶୁଣିଛ ଯେ, ଆମ୍ଭର ପୂର୍ବପୁରୁଷମାନଙ୍କୁ
କୁହା ଯାଇଥିଲା: 'ନରହତ୍ୟା କରନାହିଁ।* ଯେଉଁଲୋକ
ନରହତ୍ୟା କରେ, ସେ ବିଚାରସ୍ଥାନରେ ବିଚାରିତ ହେବ।'
[22]କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଛି ଯେ, ତୁମ୍ଭେମାନେ ଅନ୍ୟ
ଉପରେ ରାଗ ନାହିଁ, କାରଣ ପ୍ରତ୍ୟେକ ଲୋକ ତୁମ୍ଭର
ଭାଇପରି ଅଟେ। ତେଣୁ ଯଦି ତୁମ୍ଭେ ଅନ୍ୟ ଉପରେ
ରାଗିବ, ତେବେ ତୁମ୍ଭେ ମଧ୍ୟ ବିଚାରାଳୟରେ ବିଚାରିତ

---

**ଫାରୁଶୀ** ଯିହୂଦୀ ଧର୍ମର ନୀତି-ନିୟମ ଓ ପ୍ରଥାମାନ ଚଳୁଥିବା ଧାର୍ମିକ ଗୋଷ୍ଠୀ।

**'ନରହତ୍ୟା କରନାହିଁ।'** ଯାତ୍ରା ୨୦:୧୩; ଦ୍ୱିତୀୟ ବିବରଣ ୫:୧୭।

ହେବ। ତୁମ୍ଭେମାନେ ଯଦି ଅନ୍ୟକୁ ଅପମାନ ଦେଇ ଖରାପ
କଥା କୁହ ତେବେ ତୁମ୍ଭକୁ ଯିହୂଦୀୟ ସର୍ବୋଚ୍ଚ ବିଚାରାଳୟରେ*
ବିଚାରିତ ହେବାକୁ ହେବ। ଯଦି ଅନ୍ୟକୁ ମୂର୍ଖ ବୋଲି
କୁହ ତେବେ ତୁମ୍ଭକୁ ନରକର ନିଆଁ ଭିତରେ ପକାଇ
ଦିଆଯିବ।

୨୩"ଯେତେବେଳେ ତୁମ୍ଭେମାନେ ପରମେଶ୍ୱରଙ୍କ ନିକଟକୁ
ତୁମ୍ଭମାନଙ୍କର ଉତ୍ସର୍ଗ-ଦାନ ଆଣ, ସେତେବେଳେ ଅନ୍ୟ
ଲୋକମାନଙ୍କ ବିଷୟ ଚିନ୍ତା କର। ଯଦି ବେଦୀ ଉପରେ
ପରମେଶ୍ୱରଙ୍କୁ ଉତ୍ସର୍ଗ-ଦାନ ଦେବାବେଳେ ତୁମ୍ଭର ମନ
ପଡ଼ିଯାଏ ଯେ, ତୁମ୍ଭ ବିରୁଦ୍ଧରେ କାହାର କିଛି କଥା ଅଛି,
୨୪ତେବେ ତୁମ୍ଭର ଉତ୍ସର୍ଗ-ଦାନ ସେହିଠାରେ ଛାଡି ଦେଇ
ସେହି ଲୋକଟି ପାଖକୁ ଯାଅ ଏବଂ ତା ସହିତ ଶାନ୍ତି
ସ୍ଥାପନ କର, ତା'ପରେ ଆସି ତୁମ୍ଭର ଉତ୍ସର୍ଗ-ଦାନ ଅର୍ପଣ
କର।

୨୫"ଯଦି ତୁମ୍ଭର ଶତ୍ରୁ ତୁମ୍ଭକୁ ବିଚାରାଳୟକୁ ନେଇ
ଯାଉଅଛି ତେବେ ବିଚାରାଳୟକୁ ଯିବା ପୂର୍ବରୁ ତା' ସହିତ
ଶୀଘ୍ର ବନ୍ଧୁତା ସ୍ଥାପନ କର। ନଚେତ ତୁମ୍ଭର ଶତ୍ରୁ
ବିଚାରପତିଙ୍କ ହାତରେ ଦେଇଦିବ ଓ ଶେଷରେ ବିଚାରପତି
ତୁମ୍ଭକୁ ସିପାହୀ ହାତରେ ଦେବେ, ତା'ପରେ ତୁମ୍ଭେ
କାରାଗାରରେ ବନ୍ଦୀ ହୋଇ ଯିବ। ୨୬ମୁଁ ତୁମ୍ଭକୁ ସତ୍ୟ
କହୁଛି, ଯେଉଁ ପର୍ଯ୍ୟନ୍ତ ତୁମ୍ଭେ ପାହୁଲା-ପାହୁଲା କରି ନ
ଶୁଝିଛ, ସେ ପର୍ଯ୍ୟନ୍ତ କାରାଗାର ଭିତରୁ ବାହାରି ଆସି
ପାରିବ ନାହିଁ।

## ଯୀଶୁ ଯୌନଗତ ପାପ ସମ୍ବନ୍ଧରେ ଶିକ୍ଷା ଦିଅନ୍ତି

୨୭"ତୁମ୍ଭେମାନେ ଏ କଥା କୁହା ଯାଇଥିବାର ଶୁଣିଛ
ଯେ, 'ବ୍ୟଭିଚାର କରନାହିଁ।'* ୨୮କିନ୍ତୁ ମୁଁ ତୁମ୍ଭକୁ କହୁଛି
ଯେ, ଯଦି କେହି ଲୋକ କୌଣସି ସ୍ତ୍ରୀ ଦେଖେ ଓ
ତା'ସହିତ ବ୍ୟଭିଚାର କରିବା ପାଇଁ ଚାହେଁ, ତେବେ ସେ
ନିଜ ମନ ଭିତରେ ସେହି ସ୍ତ୍ରୀ ସହିତ ବ୍ୟଭିଚାର କରି
ସାରିଲାଣି। ୨୯ଯଦି ତୁମ୍ଭର ଡାହାଣ ଆଖି ତୁମ୍ଭର ପାପର
କାରଣ ହୁଏ, ତେବେ ସେହି ଆଖିଟିକୁ କାଢ଼ି ଫିଙ୍ଗି ଦିଅ।
ତୁମ୍ଭର ସମ୍ପୂର୍ଣ୍ଣ ଶରୀର ନରକରେ ପଡ଼ିବା ଅପେକ୍ଷା
ଶରୀରର ଗୋଟିଏ ଅଙ୍ଗ ନଷ୍ଟ ହୋଇଯିବା ଭଲ। ୩୦ଯଦି
ତୁମ୍ଭର ଡାହାଣ ହାତଟି ତୁମ୍ଭ ପାପର କାରଣ ହୁଏ, ତାକୁ
କାଟି ଫିଙ୍ଗି ଦିଅ। କାରଣ ତୁମ୍ଭର ସମ୍ପୂର୍ଣ୍ଣ ଶରୀର
ନରକରେ ପଡ଼ିବା ଅପେକ୍ଷା ଶରୀରର ଗୋଟିଏ ଅଙ୍ଗ ନଷ୍ଟ
ହୋଇଯିବା ଭଲ।

## ଯୀଶୁ ଛାଡ଼ପତ୍ର ସମ୍ବନ୍ଧରେ ଶିକ୍ଷା ଦିଅନ୍ତି

୩୧"ଏକଥା ମଧ୍ୟ କୁହାଯାଇଛି ଯେ, 'ଯେଉଁଲୋକ ତାର
ପତ୍ନୀକୁ ଛାଡ଼ପତ୍ର ଦିଏ, ସେ ତା ପତ୍ନୀକୁ ଛାଡ଼ପତ୍ର ପାଇଁ
ଲିଖିତ ରୂପରେ ଗୋଟିଏ ସୂଚନା ଦେବ।'* ୩୨କିନ୍ତୁ ମୁଁ
ତୁମ୍ଭମାନଙ୍କୁ କହୁଛି ଯେ, ଯଦି କେହି ନିଜର ପତ୍ନୀକୁ
ଛାଡ଼ପତ୍ର ଦିଏ, ସେ ତାହାକୁ ବ୍ୟଭିଚାର ଦୋଷରେ ଦୋଷୀ
କରିଥାଏ। ଯଦି ତାହାର ପତ୍ନୀ ଅନ୍ୟ ବ୍ୟକ୍ତି ସହିତ ଯୌନ
ସଂପର୍କ ରଖିଥାଏ, ତେବେ କେବଳ ସେ ତାହାକୁ ଛାଡ଼ପତ୍ର
ଦେଇ ପାରିବ। ଯଦି କୌଣସି ଲୋକ ଛାଡ ପତ୍ର
ପାଇଥିବା ସେହି ପତ୍ନୀକୁ ବିବାହ କରେ ତେବେ ସେ ମଧ୍ୟ
ବ୍ୟଭିଚାର ପାପରେ ଦୋଷୀ ହୁଏ।

## ଶପଥ ସମ୍ବନ୍ଧରେ ଯୀଶୁଙ୍କର ଶିକ୍ଷା

୩୩"ଏକଥା ତୁମ୍ଭେ ଶୁଣିଛ ଯେ ଆମ୍ଭର ପୂର୍ବପୁରୁଷମାନଙ୍କୁ
କୁହାଯାଇ ଥିଲା: 'ତୁମ୍ଭେମାନେ କରିଥିବା ଶପଥ କେବେ
ହେଲେ ଭାଙ୍ଗ ନାହିଁ ଓ ପ୍ରଭୁଙ୍କ ଉଦ୍ଦେଶ୍ୟରେ ସେହି ସବୁ
ପାଳନ କର।'* ୩୪କିନ୍ତୁ ମୁଁ ତୁମ୍ଭକୁ କହୁଛି ଯେ, ଆଦୌ
ଶପଥ କରନାହିଁ। ସ୍ୱର୍ଗର ନାମରେ ଶପଥ କର ନାହିଁ,
କାରଣ ତାହା ପରମେଶ୍ୱରଙ୍କ ସିଂହାସନ। ୩୫ପୃଥିବୀ ନାମରେ
ଶପଥ ନିଅନାହିଁ। କାରଣ ତାହା ପରମେଶ୍ୱରଙ୍କର ପାଦ-ପୀଠ।
ଯିରୂଶାଲମ ନାମରେ ଶପଥ ନିଅ ନାହିଁ। କାରଣ ତାହା
ମହାରାଜା(ପରମେଶ୍ୱର)ଙ୍କ ନଗରୀ। ୩୬ନିଜ ମୁଣ୍ଡ ଛୁଇଁ
ଶପଥ ନିଅ ନାହିଁ, କାରଣ ତା'ର ଗୋଟିଏ ବାଳକୁ ବି
ତୁମ୍ଭେ କଳା ବା ଧଳା କରି ପାରିବନାହିଁ। ୩୭ଯଦି ତୁମ୍ଭେ
ଠିକ୍ ମନେ କରୁଛ ତେବେ ହଁ କୁହ ଏବଂ ତୁମ୍ଭେ ଯଦି
ଭୁଲ ବୋଲି ମନେ କରୁଛ ତେବେ ନା କୁହ। 'ହଁ' ବା
'ନାଁ' ଠାରୁ ଅଧିକା ବିଷୟ ପାପାତ୍ମା(ଶୟତାନ)ଠାରୁ ଆସିଥାଏ।

## ଯୀଶୁ କହନ୍ତି: ପ୍ରତିଶୋଧ ମନଭାବ ରଖ ନାହିଁ

୩୮"ତୁମ୍ଭେ ଶୁଣିଛ ଯେ ଏକଥା କୁହା ଯାଇଛି: 'ଆଖି
ବଦଳରେ ଆଖି ଓ ଦାନ୍ତ ବଦଳରେ ଦାନ୍ତ।'* ୩୯କିନ୍ତୁ ମୁଁ
ତୁମ୍ଭକୁ କହୁଛି ଯେ କୌଣସି ମନ୍ଦ ଲୋକର ବିରୁଦ୍ଧରେ
ଠିଆ ହୁଅନାହିଁ। ବରଂ ଯଦି କେହି ତୁମ୍ଭର ଡାହାଣ
ଗାଲରେ ଚାପୁଡ଼ାଟିଏ ମାରେ ତେବେ ତୁମ୍ଭେ ତା ଆଡ଼କୁ
ଆର ଗାଲଟି ମଧ୍ୟ ଦେଖେଇ ଦିଅ। ୪୦ଯଦି କେହି ତୁମ୍ଭ
ବିରୁଦ୍ଧରେ ବିଚାରାଳୟରେ ମକଦ୍ଦମା କରି ତୁମ୍ଭର କୁର୍ତ୍ତାଟି
ନେବାକୁ ଇଚ୍ଛା କରେ, ତେବେ ତୁମ୍ଭେ ତାକୁ ତୁମ୍ଭର
ଚାଦରଟି ମଧ୍ୟ ଦେଇ ଦିଅ। ୪୧ଯଦି କେହି ତୁମ୍ଭକୁ ତା
ସହିତ ଗୋଟିଏ କୋଶ ଚାଲିବାକୁ ବାଧ୍ୟ କରେ ତେବେ
ତୁମ୍ଭେ ତା ସହିତ ଦୁଇ କୋଶ ଚାଲି ଯାଅ। ୪୨ଯଦି
କେହି ତୁମ୍ଭକୁ କିଛି ମାଗେ, ତେବେ ତାହା ତାହାକୁ ଦିଅ।
କେହି ଯଦି ତୁମ୍ଭଠାରୁ ଧାର ନେବାକୁ ଇଚ୍ଛାକରେ, ତେବେ
ତାହାକୁ ମନା କରନାହିଁ।

---

**ଯିହୂଦୀୟମାନଙ୍କ ସର୍ବୋଚ୍ଚ-ବିଚାରାଳୟ** ମୂଳ ଗ୍ରୀକ୍ ଭାଷାରେ ସାନ୍ହେଡ୍ରିନ। ଏହା ଅଦାଲତ ପରି ମଧ୍ୟ କାମକରେ।

**'ବ୍ୟଭିଚାର କରନାହିଁ'** ଯାତ୍ରା ୨୦:୧୪; ଦ୍ୱି.ବିବରଣ ୫:୧୮।

**'ଯେଉଁଲୋକ ତାର ... ସୂଚନା ଦେବ'** ଦ୍ୱି.ବିବରଣ ୨୪:୧।

**'ତୁମ୍ଭେମାନେ କରିଥିବା ... ପାଳନ କର'** ଲେବୀୟ ୧୯:୧୨ ଗଣନା ୩୦:୨; ଦ୍ୱି.ବିବରଣ ୨୩:୨୧।

**'ଆଖି ବଦଳରେ ... ଦାନ୍ତ'** ଯାତ୍ରା. ୨୧:୨୪; ଲେବୀୟ ୨୪:୨୦

### ସମସ୍ତଙ୍କୁ ପ୍ରେମ କର

୪୩“ତୁମ୍ଭେ ଶୁଣିଛ ଯେ ଏକଥା କୁହା ଯାଇଛି: ‘ତୁମ୍ଭର
ପଡ଼ୋଶୀଙ୍କୁ ପ୍ରେମ କର ଓ ଶତ୍ରୁମାନଙ୍କୁ ଘୃଣା କର।’ *
୪୪କିନ୍ତୁ ମୁଁ କହୁଛି: ତୁମ୍ଭେ ତୁମ୍ଭର ଶତ୍ରୁଙ୍କୁ ମଧ୍ୟ ପ୍ରେମ
କର। ତୁମ୍ଭକୁ ଯାତନା ଦେଉଥିବା ଲୋକମାନଙ୍କ ପାଇଁ
ପ୍ରାର୍ଥନା କର। ୪୫ତାହେଲେ ତୁମ୍ଭେ ସ୍ୱର୍ଗରେ ରହୁଥିବା
ପରମ-ପିତାଙ୍କ ଯଥାର୍ଥ ସନ୍ତାନ ହୋଇ ପାରିବ। ପରମ-ପିତା,
ଭଲ ଲୋକ ଓ ମନ୍ଦ ଲୋକ ଉଭୟଙ୍କ ଉପରେ ତାହାଙ୍କ
ସୂର୍ଯ୍ୟଙ୍କୁ ଉଦିତ କରାନ୍ତି। ସେ ଭଲ କାମ କରୁ ଥିବା
ଲୋକ ଓ ମନ୍ଦ କାମ କରୁଥିବା ଲୋକ, ଉଭୟଙ୍କ
ଉପରେ ବର୍ଷା ବର୍ଷାନ୍ତି। ୪୬ଯେଉଁମାନେ ତୁମ୍ଭକୁ ପ୍ରେମ
କରୁଛନ୍ତି, ତୁମ୍ଭେ ଯଦି କେବଳ ସେହିମାନଙ୍କୁ ପ୍ରେମ କରିବ
ତେବେ ତୁମ୍ଭେମାନେ କୌଣସି ପୁରସ୍କାର ପାଇବନାହିଁ?
ଏପରିକି କରଆଦାୟକାରୀ* ମାନେ ମଧ୍ୟ ଏହା କରନ୍ତି?
୪୭ଯଦି ତୁମ୍ଭେ କେବଳ ନିଜ ଭାଇ-ବନ୍ଧୁମାନଙ୍କୁ ନମସ୍କାର
କର ତେବେ ତୁମ୍ଭେ ଅନ୍ୟମାନଙ୍କଠାରୁ କ’ଣ ଅଧିକ କଲ?
ବିଧର୍ମୀମାନେ କ’ଣ ଏଭଳି କରନ୍ତିନାହିଁ କି? ୪୮ଏଣୁ
ସ୍ୱର୍ଗରେ ରହୁଥିବା ତୁମ୍ଭର ପରମ-ପିତା ଯେପରି ସିଦ୍ଧ,
ତୁମ୍ଭେମାନେ ମଧ୍ୟ ସେହିପରି ସିଦ୍ଧ ହୁଅ।

### ଦାନ ବିଷୟରେ ଯୀଶୁଙ୍କ ଉପଦେଶ

୬ “ସାବଧାନ ରୁହ। ଯେତେବେଳେ ଭଲ କାମକର,
ଲୋକମାନଙ୍କୁ ଜଣାଇବା ପାଇଁ କରନାହିଁ। ଲୋକମାନେ
ତାହା ଦେଖନ୍ତୁ ବୋଲି ତୁମ୍ଭେ ସେଗୁଡ଼ିକ କରନାହିଁ।
ତାହେଲେ ତୁମ୍ଭେ ସ୍ୱର୍ଗରେ ଥିବା ତୁମ୍ଭର ପରମ-ପିତାଙ୍କ
ଠାରୁ ପୁରସ୍କାର ପାଇ ପାରିବନାହିଁ।
୨“ଏଣୁ ଯେତେବେଳେ ତୁମ୍ଭେ କୌଣସି ଦୀନ-ଦୁଃଖୀକୁ
ଦାନ ଦେଉଛ, ସେତେବେଳେ ତାର ଘୋଷଣା କରନାହିଁ।
ଲୋକଙ୍କ ପ୍ରଶଂସା ପାଇବା ପାଇଁ କପଟି ଲୋକେ ପ୍ରାର୍ଥନା-ଗୃହ
ଓ ଗଳିମାନଙ୍କରେ ତୂରୀବଜାଇ ସେଭଳି ପ୍ରଚାର କରିଥାନ୍ତି।
ମୁଁ ତୁମ୍ଭକୁ ସତ୍ୟକଥା କହୁଛି ଯେ ସେମାନେ ତାହାଙ୍କର
ପ୍ରତିଫଳ ପାଇ ସାରିଲେଣି। ୩ଯେତେବେଳେ ତୁମ୍ଭେ କୌଣସି
ଦୀନ-ଦୁଃଖୀଙ୍କୁ ଦାନ ଦେଉଛ, ସେତେବେଳେ ତୁମ୍ଭର
ଡାହାଣ ହାତ କ’ଣ କରୁଛି, ସେ ବିଷୟରେ ବାମ ହାତକୁ
ମଧ୍ୟ ଜାଣିବାକୁ ସୁଯୋଗ ଦିଅନାହିଁ। ତୁମ୍ଭେ କ’ଣ କରୁଛ,
ତାହା ଯେପରି କେହି ନ ଜାଣନ୍ତୁ। ୪ତୁମ୍ଭର ଦାନ
ଗୋପନରେ ହେବା ଉଚିତ। ତୁମ୍ଭର ପରମ-ପିତା ଗୋପନରେ
କରାଯାଇଥିବା କାର୍ଯ୍ୟକୁ ଦେଖି ପାରନ୍ତି। ସେ ତୁମ୍ଭକୁ ତାର
ପ୍ରତିଫଳ ଦେବେ।

### ପ୍ରାର୍ଥନା ବିଷୟରେ ଯୀଶୁଙ୍କ ଶିକ୍ଷା

୫“ତୁମ୍ଭେ ପ୍ରାର୍ଥନା କଲାବେଳେ କପଟୀମାନଙ୍କ ପରି ହୁଅ
ନାହିଁ। କାରଣ ସେମାନେ ଯିହୁଦୀ ପ୍ରାର୍ଥନା-ଗୃହ ଓ
ଗଳି-ମୁଣ୍ଡରେ ଠିଆହୋଇ ବଡ଼ପାଟିରେ ପ୍ରାର୍ଥନା କରିବାକୁ
ଭଲ ପାଆନ୍ତି, ଯେପରି ଲୋକେ ତାହାଙ୍କୁ ଦେଖି ପାରିବେ।
ମୁଁ ତୁମ୍ଭକୁ ସତ୍ୟ କହୁଛି ଯେ ସେମାନଙ୍କୁ ତାର ପୂରା
ପ୍ରତିଫଳ ଦିଆଯାଇ ସାରିଲାଣି। ୬କିନ୍ତୁ ତୁମ୍ଭେ ପ୍ରାର୍ଥନା
କଲାବେଳେ ତୁମ୍ଭ ବଖରା ଭିତରକୁ ଯାଅ। କବାଟ ବନ୍ଦକରି
ତୁମ୍ଭର ପରମ-ପିତାଙ୍କୁ ଗୋପନରେ ପ୍ରାର୍ଥନା କର। ତୁମ୍ଭର
ପରମ-ପିତା ଗୋପନରେ କରୁଥିବା ତୁମ୍ଭ କାମ ଗୁଡ଼ିକୁ
ଦେଖି ପାରନ୍ତି। ସେ ତୁମ୍ଭକୁ ତାର ପ୍ରତିଫଳ ଦେବେ।
୭“ତୁମ୍ଭେ ପ୍ରାର୍ଥନା କଲାବେଳେ ଯେଉଁମାନେ ପରମେଶ୍ୱରଙ୍କୁ
ଜାଣନ୍ତି ନାହିଁ ସେମାନଙ୍କ ଭଳି ନିରର୍ଥକ କଥା ବାରମ୍ବାର
କୁହନାହିଁ। ସେମାନେ ଭାବନ୍ତି ଯେ, ବହୁତ କଥା କହିବା
ଯୋଗୁଁ ତାହାଙ୍କ କଥା ପରମେଶ୍ୱର ଶୁଣିବେ। ୮ଏଣୁ ତୁମ୍ଭେ
ସେମାନଙ୍କ ଭଳି ହୁଅନାହିଁ। କାରଣ ତୁମ୍ଭେ ତୁମ୍ଭର
ପରମପିତାଙ୍କୁ କିଛି ମାଗିବା ପୂର୍ବରୁ ସେ ତୁମ୍ଭମାନଙ୍କର
ପ୍ରୟୋଜନୀୟ ବିଷୟ ଜାଣନ୍ତି। ୯ଏଣୁ ଏହି ଭଳି ପ୍ରାର୍ଥନା
କର:

‘ହେ ସ୍ୱର୍ଗରେ ଥିବା ଆମ୍ଭର ପରମ-ପିତା। ତୁମ୍ଭର
ନାମ ସବୁବେଳେ ପବିତ୍ର ହେଉ।
୧୦ ତୁମ୍ଭର ସ୍ୱର୍ଗ-ରାଜ୍ୟ ଏ ପୃଥିବୀକୁ ଆସୁ। ସ୍ୱର୍ଗରେ
ତୁମ୍ଭ ଇଚ୍ଛା ସଫଳ ହେବାଭଳି ଏ ପୃଥିବୀରେ ବି
ତୁମ୍ଭ ଇଚ୍ଛା ସଫଳ ହେଉ।
୧୧ ଆମ୍ଭର ପ୍ରତିଦିନର ଖାଦ୍ୟ ତୁମ୍ଭେ ଦିଅ।
୧୨ ଆମ୍ଭ ପ୍ରତି ଭୁଲ କଲା ଲୋକଙ୍କୁ ଆମ୍ଭେ ଯେଉଁପରି
କ୍ଷମା କରିଛୁ, ସେହିପରି ଆମ୍ଭେ କରିଥିବା ପାପକୁ
କ୍ଷମା କର।
୧୩ ଆମ୍ଭକୁ ପରୀକ୍ଷାରେ ପକାଅ ନାହିଁ। ମାତ୍ର ମନ୍ଦଠାରୁ
ରକ୍ଷା କର।’ *

୧୪ଏଣୁ ତୁମ୍ଭେ ଯଦି ଲୋକଙ୍କ ଅପରାଧ କ୍ଷମା କରିଦେବ
ତେବେ ସ୍ୱର୍ଗରେ ରହୁଥିବା ତୁମ୍ଭମାନଙ୍କର ପରମ-ପିତା ତୁମ୍ଭ
ଅପରାଧ ପାଇଁ ତୁମ୍ଭକୁ ମଧ୍ୟ କ୍ଷମା କରିଦେବେ। ୧୫କିନ୍ତୁ
ତୁମ୍ଭେ ଯଦି ଲୋକଙ୍କୁ ତାହାଙ୍କ ପାପ ପାଇଁ କ୍ଷମା ଦେବ
ନାହିଁ, ତେବେ ତୁମ୍ଭର ପରମ-ପିତା ମଧ୍ୟ ତୁମ୍ଭ ଅପରାଧ
ଗୁଡ଼ିକପାଇଁ ତୁମ୍ଭକୁ କ୍ଷମା ଦେବେ ନାହିଁ।

### ଯୀଶୁ ଉପବାସ ବିଷୟରେ ଉପଦେଶ ଦେଲେ

୧୬“ତୁମ୍ଭେ ଉପବାସ କଲାବେଳେ ଦୁଃଖିତ ଥିବା ଭଳି
ମୁହଁ କରନାହିଁ। କପଟୀମାନେ ସେହିପରି କରିଥାନ୍ତି। ତୁମ୍ଭେ
କପଟୀଙ୍କ ପରି ହୁଅନାହିଁ। କପଟୀମାନେ ମୁହଁ ଶୁଖାଇ
ଲୋକଙ୍କୁ ଦେଖେଇବାକୁ ଚାହାନ୍ତି ଯେ, ସେମାନେ ଉପବାସ
କରୁଛନ୍ତି। ମୁଁ ତୁମ୍ଭକୁ ସତ୍ୟ କହୁଛି ଯେ ସେମାନଙ୍କୁ

---

**‘ତୁମ୍ଭର … କର’** ଲେବୀୟ ୧୯:୧୮

**କରଆଦାୟକାରୀ** କର ଆଦାୟକରିବା ପାଇଁ ରୋମୀୟମାନେ ଯେଉଁ ଯିହୁଦୀୟଙ୍କୁ ଆଣିଥାନ୍ତି ସେମାନେ ବେଳେବେଳେ ଠକିବା ଯୋଗୁଁ ତାଙ୍କୁ ଅନ୍ୟ ଯିହୁଦୀୟ ମାନେ ଘୃଣା କରୁଥିଲେ।

**ପଦସଂଖ୍ୟା ୧୩** କେତେକ ଗ୍ରୀକ ପୁସ୍ତକ ଏହା ଯୋଗ କରନ୍ତି: “ରାଜ୍ୟ, ଶକ୍ତି, ଓ ମହିମା ତୁମ୍ଭର ଯୁଗେ ଯୁଗେ ହେଉ। ଆମେନ୍।”

ଏଥିପାଇଁ ପ୍ରତିଫଳ ମିଳିସାରିଛି। [୧୭]ତେଣୁ ତୁମ୍ଭେ ଉପବାସ
କଲାବେଳେ ମୁଣ୍ଡରେ ତେଲ ଲଗାଇ ବାଳ ସଜାଡ଼, ଓ
ମୁହଁ ଧୁଅ। [୧୮]ତା'ହେଲେ ତୁମ୍ଭେ ଉପବାସ କରୁଛ ବୋଲି
ଲୋକେ ଜାଣି ପାରିବେନାହିଁ। ତୁମ୍ଭର ପରମ-ପିତାଙ୍କୁ ତୁମ୍ଭେ
ସିନା ଦେଖି ପାରୁନାହଁ, ମାତ୍ର ସେ ତୁମ୍ଭକୁ ଉପବାସ
କରୁଥିବାର ଦେଖିବେ। କାରଣ ଗୋପନରେ କରାଯାଇଥିବା
କାମଗୁଡ଼ିକୁ ପରମ-ପିତା ଦେଖନ୍ତି। ସେ ତୁମ୍ଭକୁ ତାର
ପ୍ରତିଫଳ ଦେବେ।

## ପରମେଶ୍ୱର ଧନ ଅପେକ୍ଷା ମହାନ୍

[୧୯]"ନିଜ ପାଇଁ ଏ ସଂସାରରେ ଧନ-ସଞ୍ଚୟ କରନାହିଁ।
ଏଠାରେ ପୋକ ଓ କଳଙ୍କ ଲାଗି ତାକୁ ନଷ୍ଟ କରିଦେବେ।
ଚୋର ପଶି ସିନ୍ଧି କାଟି ଚୋରି କରିନେବ। [୨୦]ବରଂ ନିଜ
ପାଇଁ ସ୍ୱର୍ଗରେ ଧନ-ସଞ୍ଚୟ କର। ସେଠାରେ ତାକୁ ପୋକ
କିମ୍ବା କଳଙ୍କ ନଷ୍ଟ କରି ପାରିବ ନାହିଁ। ସେଠାରେ ଚୋର
ବି ସିନ୍ଧି କାଟି ସେହିଧନ ଚୋରାଇ କରି ନେଇ ପାରିବ
ନାହିଁ। [୨୧]କାରଣ ଯେଉଁଠାରେ ତୁମ୍ଭର ଧନ, ସେଠାରେ
ତୁମ୍ଭର ମନ।

[୨୨]"ଆଖି ଶରୀର ପାଇଁ ଆଲୋକ ସ୍ୱରୂପ। ଏଣୁ ତୁମ୍ଭ
ଆଖି ଯଦି ଠିକ୍ ଥିବ, ତେବେ ତୁମ୍ଭର ସମ୍ପୂର୍ଣ୍ଣ ଶରୀର
ଆଲୋକମୟ ହେବ। [୨୩]କିନ୍ତୁ ତୁମ୍ଭର ଆଖି ଯଦି ଖରାପ,
ତେବେ ତୁମ୍ଭର ସମ୍ପୂର୍ଣ୍ଣ ଶରୀର ଅନ୍ଧକାର(ପାପ)ମୟ ହୋଇଯିବ।
ତୁମ୍ଭ ଭିତରର ସେହି ଏକମାତ୍ର ଆଲୋକ ଯଦି ଅନ୍ଧକାରମୟ
ହୋଇଯାଏ, ତେବେ ସେ ଅନ୍ଧକାର କେତେ ଘନୀଭୂତ ନ
ହେବ!

[୨୪]"ଜଣେ କେବେହେଲେ ଏକାବେଳେ ଦୁଇଜଣ ମାଲିକଙ୍କ
ସେବକ ହୋଇ ପାରିବନାହିଁ। କାରଣ ସେ ଜଣକୁ ଘୃଣା
କରିବ, ଓ ଅନ୍ୟ ଜଣକୁ ଭଲ ପାଇବ। କିମ୍ବା ଜଣେ
ମାଲିକ ପ୍ରତି ଅନୁରକ୍ତ ରହିବ ଓ ଅନ୍ୟ ଜଣକୁ ହେୟ
ଜ୍ଞାନ କରିବ। ତୁମ୍ଭେ ଏକା ସାଙ୍ଗରେ ପରମେଶ୍ୱର ଓ
ଧନ ଉଭୟଙ୍କ ସେବା କରି ପାରିବନାହିଁ।

## ପରମେଶ୍ୱରଙ୍କ ରାଜ୍ୟକୁ ପ୍ରଥମସ୍ଥାନ ଦିଅ

[୨୫]"ଅତଏବ ମୁଁ ତୁମ୍ଭକୁ କହୁଛି, ବଞ୍ଚିବା ପାଇଁ ଖାଇବା
ପିଇବା ବିଷୟରେ ଚିନ୍ତା କରନାହିଁ। ନିଶ୍ଚିତ ରୂପରେ
ଜୀବନ ଖାଦ୍ୟ ଅପେକ୍ଷା, ଓ ଶରୀର ପୋଷାକ ଅପେକ୍ଷା
ମହତ୍ତ୍ୱପୂର୍ଣ୍ଣ। [୨୬]ଆକାଶର ପକ୍ଷୀମାନଙ୍କୁ ଦେଖ। ସେମାନେ
ବିହନ ବୁଣନ୍ତି ନାହିଁ, କି ଅମଳ କରନ୍ତି ନାହିଁ ।
ଅମାରରେ ଖାଦ୍ୟଶସ୍ୟ ବି ଜମେଇ ରଖନ୍ତି ନାହିଁ। ତଥାପି
ସ୍ୱର୍ଗରେ ରହୁଥିବା ତୁମ୍ଭର ପରମ-ପିତା ସେମାନଙ୍କୁ ଖାଇବାକୁ
ଦିଅନ୍ତି। ତୁମ୍ଭେ ଜାଣିଛ ଯେ ତୁମ୍ଭେମାନେ ସେମାନଙ୍କ
ଅପେକ୍ଷା ଅଧିକ ଶ୍ରେଷ୍ଠ ଅଟ? [୨୭]ତୁମ୍ଭ ଭିତରେ ଏପରି
କେହି ନାହିଁ, ଯେକି ଚିନ୍ତାଗ୍ରସ୍ତ ହୋଇ ନିଜ ଜୀବନ-କାଳ
ସହିତ ଘଡ଼ିଏ ହେଲେ ସମୟ ଯୋଗ କରି ପାରିବ।

[୨୮]"ତୁମ୍ଭେ ପୋଷାକ ବିଷୟରେ କାହିଁକି ଚିନ୍ତା କରୁଛ?
କ୍ଷେତ୍ରର ଫୁଲଗୁଡ଼ିକ ବିଷୟରେ ଭାବି ଦେଖ! ଦେଖ,
ସେମାନେ କିପରି ଫୁଟୁଛନ୍ତି। ସେମାନେ କୌଣସି କାମ
କରନ୍ତି ନାହିଁ, କି ନିଜ ପାଇଁ ପୋଷାକ ତିଆରି କରନ୍ତି
ନାହିଁ। [୨୯]କିନ୍ତୁ ମୁଁ ତୁମ୍ଭକୁ କହୁଛି ମହାନ ଓ ଧନୀରାଜା
ଶଲମୋନ ନିଜର ସମସ୍ତ ବୈଭବ ଥାଇ ମଧ୍ୟ ସେ ନିଜକୁ
ସୁସଜ୍ଜିତ କରିପାରି ନଥିଲେ। [୩୦]ପଡ଼ିଆର ସେହି ଘାସ
ଆଜି ବଞ୍ଚିଛି, କିନ୍ତୁ କାଲିକି ତାକୁ ଚୁଲିରେ ପକେଇ
ଦିଆଯିବ। ତଥାପି ଯଦି ପରମେଶ୍ୱର ତାକୁ ଏଭଳି ସୁନ୍ଦର
ବେଶ ଦେଇଛନ୍ତି, ତେବେ ସେ କ'ଣ ତୁମ୍ଭକୁ ପିନ୍ଧିବାପାଇଁ
ଅଧିକ ଦେବେନାହିଁ? ତେବେ ତୁମ୍ଭେମାନେ କାହିଁକି ଏତେ
ଅଳ୍ପ ବିଶ୍ୱାସ ରଖୁଛ? [୩୧]ଏଣୁ ଚିନ୍ତାଗ୍ରସ୍ତ ହୋଇ କୁହନାହିଁ
ଯେ ଆମ୍ଭେ କ'ଣ ଖାଇବା, କ'ଣ ପିଇବା ବା କ'ଣ
ପିନ୍ଧିବା? [୩୨]ଯେଉଁଲୋକମାନେ ପରମେଶ୍ୱରଙ୍କୁ ଜାଣନ୍ତିନାହିଁ,
ସେମାନେ ଏସବୁ ପଛରେ ଦୌଡ଼ନ୍ତି। କିନ୍ତୁ ସ୍ୱର୍ଗରେ
ରହୁଥିବା ତୁମ୍ଭର ପରମ-ପିତା ଜାଣନ୍ତି ଯେ, ଏସବୁ ଜିନିଷ
ତୁମ୍ଭମାନଙ୍କର ଦରକାର। [୩୩]ଏଣୁ ଆଗ ପରମେଶ୍ୱରଙ୍କ
ରାଜ୍ୟ ଓ ଉତ୍ତମକାର୍ଯ୍ୟ ବିଷୟରେ ଚିନ୍ତାକର। ତୁମ୍ଭେ
ଯେଉଁସବୁ ଭଲ କାମ କରିବା ପରମେଶ୍ୱର ଚାହାନ୍ତି,
ସେଗୁଡ଼ିକ କର। ତା'ହେଲେ ଏହିସବୁ ବିଷୟଗୁଡ଼ିକ ତୁମ୍ଭକୁ
ଯୋଗାଇ ଦିଆଯିବ। [୩୪]ଆସନ୍ତାକାଲି ପାଇଁ ଚିନ୍ତା କରନାହିଁ,
କାରଣ ପ୍ରତ୍ୟେକ ଦିନର କୌଣସି ନା କୌଣସି ସମସ୍ୟା
ଥାଏ। କାଲିର ଚିନ୍ତା କାଲି ପାଇଁ ଯଥେଷ୍ଟ।

## ଲୋକଙ୍କୁ ଚହ୍ନିବା ପାଇଁ ଯୀଶୁଙ୍କ ଉପଦେଶ

୭ "ଅନ୍ୟର ବିଚାର କରନାହିଁ। ତା'ହେଲେ ପରମେଶ୍ୱର
ତୁମ୍ଭର ବିଚାର କରିବେ ନାହିଁ। [୨]ତୁମ୍ଭେ ଅନ୍ୟର
ବିଚାର କଲେ ଠିକ୍ ସେହିଭଳି ତୁମ୍ଭର ବି ବିଚାର
କରାଯିବ। ତୁମ୍ଭେ ଅନ୍ୟକୁ ଯେଉଁଥିରେ ତଉଲିବ ପରମେଶ୍ୱର
ତୁମ୍ଭକୁ ସେହିଥିରେ ତଉଲିବେ। ତୁମ୍ଭେ ଅନ୍ୟକୁ କ୍ଷମା
ଦେଲେ, ତୁମ୍ଭକୁ ବି କ୍ଷମା ଦିଆଯିବ। [୩]ତୁମ୍ଭେ ତୁମ୍ଭ ଭାଇ
ଆଖିରେ ପଡ଼ିଥିବା କାଠଗୁଣ୍ଡିଟି ପ୍ରତି କାହିଁକି ନଜର
ଦେଉଛ କିନ୍ତୁ ତୁମ୍ଭ ନିଜ ଆଖିରେ ପଡ଼ିଥିବା କାଠଖଣ୍ଡିଟି
ଦେଖିପାରୁନାହଁ? [୪]ତୁମ୍ଭ ନିଜ ଆଖିରେ କାଠଖଣ୍ଡିଟିଏ ପଡ଼ିଥିବା
ବେଳେ ତୁମ୍ଭେ ତୁମ୍ଭର ଭାଇକୁ କିପରି କହିପାରୁଛ ଯେ,
ଦେଖାଅ, ମୁଁ ତୁମ୍ଭ ଆଖିରୁ କାଠଗୁଣ୍ଡିଟି କାଢ଼ିଦେବି! [୫]ରେ
କପଟୀ, ଆଗ ନିଜ ଆଖିରୁ କାଠଖଣ୍ଡିଟି ବାହାର କର।
ତା'ହେଲେ ତୁମ୍ଭେ ନିଜେ ଠିକ୍ ଭାବରେ ଦେଖି ପାରିବ ଓ
ତା'ପରେ ତୁମ୍ଭେ ତୁମ୍ଭ ଭାଇର ଆଖିରୁ କାଠଗୁଣ୍ଡିଟି କାଢ଼ି
ଆଣି ପାରିବ।

[୬]"କୁକୁରମାନଙ୍କୁ ପବିତ୍ର ବସ୍ତୁ ଦିଅନାହିଁ, କାରଣ ସେମାନେ
ବୁଲି ପଡ଼ି ତୁମ୍ଭକୁ କାମୁଡ଼ି ପାରନ୍ତି। ଘୁଷୁରିମାନଙ୍କ ଆଗରେ
ନିଜର ମୋତି ପକାଅ ନାହିଁ, କାରଣ ସେମାନେ ମୋତିକୁ
ଗୋଡ଼ରେ ଦଳି ଦେଇ ଚାଲିଯିବେ।

## ଯାହାସବୁ ଚାହୁଁଛ, ସେଥିପାଇଁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥାଅ

[୭]"ମାଗ ସେଥିରେ ପରମେଶ୍ୱର ତାହା ତୁମ୍ଭକୁ ଦେବେ।
ଖୋଜ ଏବଂ ତୁମ୍ଭେ ପାଇବ। ଦ୍ୱାରରେ ଠକ୍ ଠକ୍ କର ଓ
ତାହା ତୁମ୍ଭପାଇଁ ଖୋଲିଯିବ। [୮]କାରଣ ଯେଉଁଲୋକ ମାଗୁଥାଏ,

ସେ ପାଏ। ଯେଉଁଲୋକ ଖୋଜୁଥାଏ, ସେ ପାଏ ଓ
ଯେଉଁଲୋକ ଦ୍ୱାର ଠକ୍ ଠକ୍ କରୁଥାଏ, ତା ପାଇଁ କବାଟ
ଖୋଲଯାଏ।
୯"ତୁମ୍ଭର କାହାର ପୁଅଟିଏ ଅଛି କି? ଯଦି ତୁମ୍ଭ ପୁଅ
ରୋଟୀ ଖଣ୍ଡିଏ ମାଗେ ତୁମ୍ଭେ କ'ଣ ତାକୁ ପଥରଟିଏ
ଦେବ। ୧୦ପୁଅ ମାଛଟିଏ ମାଗିଲେ, ତୁମ୍ଭେ କ'ଣ ତାକୁ
ସାପଟିଏ ଦେବ? ନା! ତୁମ୍ଭେ ଦେବନାହିଁ? ୧୧ଏପରିକି
ତୁମ୍ଭେ ମନ୍ଦ ଲୋକ ହୋଇ ମଧ୍ୟ ପିଲାମାନଙ୍କୁ କିଭଳି ଭଲ
ଉପହାର ଦେବାକୁ ହୁଏ, ତାହା ତୁମ୍ଭେ ଜାଣ। ତେବେ
ସ୍ୱର୍ଗରେ ରହୁଥିବା ତୁମ୍ଭର ପରମ-ପିତା, ମାଗୁଥିବା ଲୋକଙ୍କୁ
ନିଶ୍ଚୟ କେତେ ଭଲ ଜିନିଷ ଦେବେ!

## ବ୍ୟବସ୍ଥାର ସବୁଠାରୁ ବଡ଼ ଶିକ୍ଷା

୧୨"ଅନ୍ୟମାନେ ତୁମ୍ଭ ପାଇଁ ଯାହା କରିବେ ବୋଲି
ତୁମ୍ଭେ ଚାହୁଁଛ, ତୁମ୍ଭେ ନିଜେ ସେମାନଙ୍କ ପାଇଁ ସେହିଭଳି
କର। ଏହା ହିଁ ମୋଶାଙ୍କ ନିୟମ ଓ ଭବିଷ୍ୟଦ୍‌ବକ୍ତାମାନଙ୍କର
ଶିକ୍ଷାର ଅର୍ଥ।

## ସ୍ୱର୍ଗ ଏବଂ ନରକର ମାର୍ଗ

୧୩"ସ୍ୱର୍ଗ ପଥରେ କଢ଼ାଇ ନେବା ଥିବା ଅଣଓସାରିଆ
ଫାଟକ ଦେଇ ପ୍ରବେଶ କର। କାରଣ ଓସାରିଆ ଫାଟକ
ଓ ପରିସ୍ତ ରାସ୍ତା ନରକ ଆଡକୁ ଯାଏ। ବହୁତ ଲୋକ
ସେହି ରାସ୍ତାରେ ଯାଆନ୍ତି। ୧୪ବାସ୍ତବ ଜୀବନ ପଥରେ ଥିବା
ଫାଟକ ବହୁତ ଛୋଟ। ବାସ୍ତବ ଜୀବନ ଆଡକୁ ଯିବା
ରାସ୍ତା ବହୁତ କଠିନ। ଖୁବ୍ କମ୍ ଲୋକ ସେ ରାସ୍ତା
ଖୋଜି ପାଆନ୍ତି।

## ଲୋକମାନଙ୍କ କର୍ମକୁ ଲକ୍ଷ୍ୟ କର

୧୫"ଭଣ୍ଡ ଭବିଷ୍ୟଦ୍‌ବକ୍ତାଙ୍କ ଠାରୁ ଦୂରରେ ରୁହ। ସେମାନେ
ତୁମ୍ଭ ପାଖକୁ ମେଣ୍ଢା ଭଳି ସରଳ ଓ ଭଦ୍ର ଭାବରେ
ଆସନ୍ତି। କିନ୍ତୁ ସେମାନେ ପ୍ରକୃତରେ ହିଂସ୍ର ଗଧିଆ ଭଳି
ଅଟନ୍ତି। ୧୬ତୁମ୍ଭେ ତାହାଙ୍କୁ ସେମାନଙ୍କର କାର୍ଯ୍ୟରୁ ଚିହ୍ନିବ।
କଣ୍ଟା ବୁଦାରୁ ଯେପରି ଅଙ୍ଗୁର ମିଳେନାହିଁ କି ବଣୁଆ
କଣ୍ଟାଗଛରୁ ଡିମ୍ବିରି ଫଳ ଫଳେ ନାହିଁ, ସେହିପରି ଖରାପ
ଲୋକଙ୍କ ଭିତରୁ ଭଲ ବିଷୟ ବାହାରି ନଥାଏ। ୧୭ପ୍ରତ୍ୟେକ
ଭଲ ଗଛରେ ଭଲ ଫଳ ଫଳେ। କିନ୍ତୁ ଗୋଟିଏ ମନ୍ଦ
ଗଛରେ ମନ୍ଦ ଫଳ ଫଳେ, ୧୮ଗୋଟିଏ ଭଲ ଗଛରେ
ମନ୍ଦ ଫଳଫଳି ପାରିବନାହିଁ। କି ଗୋଟିଏ ମନ୍ଦ ଗଛରେ
ଭଲ ଫଳ ଫଳି ପାରିବନାହିଁ। ୧୯ଯେଉଁ ଗଛରେ ଭଲ
ଫଳଫଳେ ନାହିଁ, ତାହାକୁ କାଟି ଦିଆଯାଏ। ୨୦ତେଣୁ ମୁଁ
ପୁଣିଥରେ କହୁଛି ଯେ ଏହି ଭଣ୍ଡ ଲୋକମାନଙ୍କୁ ତୁମ୍ଭେ
ତାହାଙ୍କ କାର୍ଯ୍ୟରୁ ଚିହ୍ନି ପାରିବ। ୨୧ମୋତେ 'ପ୍ରଭୁ' 'ପ୍ରଭୁ'
କହୁଥିବା ପ୍ରତ୍ୟେକଲୋକ ସ୍ୱର୍ଗ-ରାଜ୍ୟରେ ପ୍ରବେଶ କରିବେ
ନାହିଁ। ଯେଉଁଲୋକ ସ୍ୱର୍ଗରେ ରହୁଥିବା ମୋର ପରମପିତାଙ୍କ
ଇଚ୍ଛା ଅନୁଯାୟୀ କାମ କରେ, ସେହି ବ୍ୟକ୍ତି କେବଳ
ସେଠାରେ ପ୍ରବେଶ କରିବ। ୨୨ସେହି ଶେଷ ଦିନରେ
ଅନେକ ଲୋକ ମୋତେ ପଚାରିବେ, 'ପ୍ରଭୁ, ଆମ୍ଭେ କ'ଣ
ତୁମ୍ଭ ନାମରେ ଭବିଷ୍ୟଦ୍‌ବାଣୀ କରି ନଥିଲୁ? ତୁମ୍ଭ ନାମରେ
କ'ଣ ଆମ୍ଭେ ଭୂତମାନଙ୍କୁ ବାହାର କରିଦେଇ ନଥିଲୁ?
ଆମ୍ଭେ କ'ଣ ତୁମ୍ଭ ନାମରେ ଅନେକ ଆଶ୍ଚର୍ଯ୍ୟଜନକ କାମ
କରିନ ଥିଲୁ?' ୨୩ତେବେ ମୁଁ ସେମାନଙ୍କୁ ଖୋଲାଖୋଲି
ଭାବରେ କହିବ ଯେ, 'ମୁଁ ତୁମ୍ଭକୁ ଆଦୌ ଜାଣିନି। ଆରେ
କୁକର୍ମୀମାନେ, ମୋ ପାଖରୁ ଚାଲିଯାଅ।'

## ଗୋଟିଏ ବୁଦ୍ଧିମାନ ଓ ଗୋଟିଏ ମୂର୍ଖ

୨୪"ତେଣୁ ଯେଉଁ ଲୋକ ମୋର ଏହି କଥାଗୁଡିକ
ଶୁଣେ, ଏବଂ ତାହା ମାନି ଚଳେ, ସେ ଲୋକ ପଥର
ଉପରେ ଘର ତୋଳିଥିବା ଗୋଟିଏ ବୁଦ୍ଧିମାନ ବ୍ୟକ୍ତିଭଳି।
୨୫ବର୍ଷା ହେଲା, ବଢ଼ି ମାଡି ଆସିଲା, ପବନ ବହିଲା ଓ
ସେ ଘରକୁ ଧକ୍‌କା ଦେଲା, କିନ୍ତୁ ତଥାପି ସେ ଘର
ଭାଙ୍ଗିଲାନାହିଁ। କାରଣ ତାର ମୂଳଦୁଆ ପଥର ଉପରେ
ରହିଥିଲା। ୨୬କିନ୍ତୁ ଯେଉଁ ଲୋକ ମୋର ଏହି କଥା
ଗୁଡିକ ଶୁଣେ, କିନ୍ତୁ ସେଗୁଡିକୁ ମାନି ଚଳେନାହିଁ, ସେ
ବାଲି ଉପରେ ଘର ତୋଳିଥିବା ଗୋଟିଏ ମୂର୍ଖ ବ୍ୟକ୍ତି
ଭଳି। ୨୭ବର୍ଷା ହେଲା, ବଢ଼ି ମାଡ଼ିଆସିଲା, ପବନ କହିଲା
ଓ ସେ ଘରକୁ ଧକ୍‌କା ଦେଲା ଏବଂ ସେହି ଘରଟି
ପୂରାପୂରି ଭାଙ୍ଗି ପଡିଲା।"
୨୮ଯୀଶୁଙ୍କର ଏହି ସବୁ କଥା କହିବା ଶେଷହେଲା।
ତାହାଙ୍କ ଉପଦେଶ ଶୁଣି ଜମା ହୋଇଥିବା ଲୋକେ
ଆଶ୍ଚର୍ଯ୍ୟ ହୋଇଗଲେ। ୨୯କାରଣ ସେ ସେମାନଙ୍କୁ ସେମାନଙ୍କର
ଧର୍ମ-ଶାସ୍ତ୍ରୀଙ୍କ ଭଳି ଉପଦେଶ ନଦେଇ ଅଧିକାର ଥିବା
ଜଣେ ଲୋକ ଭଳି ଉପଦେଶ ଦେଉଥିଲେ।

## ଯୀଶୁ ଗୋଟିଏ କୁଷ୍ଠ ରୋଗୀକୁ ସୁସ୍ଥ କରିଲେ

୮ ଯୀଶୁ ପାହାଡ ଉପରୁ ଓହ୍ଲେଇ ତଳକୁ ଆସିଲେ।
ଏକ ବିରାଟ ଜନ-ସମୂହ ତାହାଙ୍କୁ ଅନୁସରଣ କରିବାକୁ
ଲାଗିଲା। ୨ସେମାନଙ୍କ ଭିତରୁ ଜଣେ କୁଷ୍ଠରୋଗୀ ଆସି
ଯୀଶୁଙ୍କ ଆଗରେ ଆଣ୍ଠୁ ମାଡ଼ି ବସି ପଡ଼ି କହିଲା, "ପ୍ରଭୁ,
ଆପଣ ଚାହିଁଲେ ମୋତେ ଭଲ କରିଦେଇ ପାରିବେ।"
୩ତାପରେ ଯୀଶୁ ହାତ ବଢ଼େଇ କୁଷ୍ଠ ରୋଗୀଟିକୁ
ଛୁଇଁଦେଲେ। ସେ କହିଲେ, "ମୁଁ ଚାହୁଁଛି ତୁମ୍ଭେ ସୁସ୍ଥ
ହୁଅ।" ଏବଂ ସଙ୍ଗେ ସଙ୍ଗେ ତାର କୁଷ୍ଠରୋଗ ଭଲ
ହୋଇଗଲା। ୪ତାପରେ ଯୀଶୁ ତାହାକୁ କହିଲେ, "ଦେଖ,
ଏ ବିଷୟରେ କାହାକୁ କିଛି କୁହନାହିଁ, ବରଂ ଯାଜକଙ୍କ
ପାଖକୁ ଯାଅ ଓ ନିଜକୁ ଦେଖାଅ। ମୋଶାଙ୍କ ଆଦେଶ
ଅନୁସାରେ ଉତ୍ସର୍ଗ-ଦାନ ଦିଅ। ଏହା ଦ୍ୱାରା ଲୋକଙ୍କୁ
ଦେଖେଇ ଦିଆଯାଇ ପାରିବ ଯେ ତୁମ୍ଭେ ଭଲ ହୋଇ
ଯାଇଛ।"

## ଯୀଶୁ ଜଣେ ଅଧିକାରୀଙ୍କ ଦାସକୁ ଭଲ କରିଲେ

୫ତାପରେ ଯୀଶୁ କଫର୍ନାହୂମକୁ ଗଲେ। ନଗର ଭିତରେ
ପ୍ରବେଶ କଲାବେଳେ ଜଣେ ରୋମୀୟ ସେନାପତି ତାହାଙ୍କ
ପାଖକୁ ଆସିଲେ। ୬ସେ ବିନୟ ପୂର୍ବକ କହିଲେ, "ପ୍ରଭୁ,
ମୋର ଦାସ ରୋଗରେ ପୀଡ଼ିତ ହୋଇ ଘରେ ବିଛଣାରେ

ପଡ଼ିଛି। ତାକୁ ପକ୍ଷାଘାତ ରୋଗ ହୋଇଛି ଓ ସେ ଭୀଷଣ
କଷ୍ଟ ପାଉଛି।”
୭ତାପରେ ଯୀଶୁ ତାହାଙ୍କୁ କହିଲେ, “ମୁଁ ଯାଇ ତାହାକୁ
ଭଲ କରିଦେବି।”
୮ସେନାପତି ଉତ୍ତର ଦେଲେ, “ପ୍ରଭୁ, ଆପଣ ଯେ ମୋ
ଘରକୁ ଆସିବେ, ତାହାପାଇଁ ମୁଁ ଯୋଗ୍ୟ ନୁହେଁ। ଆପଣ
କେବଳ ଆଦେଶ ଦେଇ ଦିଅନ୍ତୁ। ମୋର ଦାସ ଭଲ
ହୋଇଯିବ। ୯ମୁଁ ମଧ୍ୟ ଜଣେ ବଡ ଅଧିକାରୀଙ୍କ ଅଧୀନରେ
କାମ କରୁଛି। ମୋ ଅଧୀନରେ କେତେକ ସୈନ୍ୟ ଅଛନ୍ତି।
ମୁଁ ଜଣେ ସୈନିକକୁ ଯଦି କୁହେ, ‘ଯାଅ’, ତେବେ ସେ
ଚାଲିଯାଏ। ଅନ୍ୟଜଣକୁ ମୁଁ ଯଦି କୁହେ, ‘ଆସ’, ତେବେ
ସେ ଆସେ। ମୋର ଦାସକୁ ମୁଁ ଯଦି କୁହେ, ‘ଏହା କର’
ତେବେ ସେ ତାହା କରେ। ତୁମ୍ଭର ମଧ୍ୟ ଏଭଳି ଶକ୍ତି
ଅଛି ବୋଲି ମୁଁ ଜାଣେ।”
୧୦ଯୀଶୁ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ସେ
ତାହାଙ୍କୁ ଅନୁସରଣ କରୁଥିବା ଲୋକଙ୍କୁ କହିଲେ, “ମୁଁ
ତୁମ୍ଭକୁ ସତ୍ୟ କହୁଛି ଯେ ମୁଁ ଏଭଳି ଗଭୀର ବିଶ୍ୱାସ
ଇସ୍ରାଏଲରେ କାହାରି ପାଖରେ ପାଇନାହିଁ। ୧୧“ମୁଁ ତୁମ୍ଭକୁ
ପୁଣି କହି ରଖୁଛି ଯେ, ପୂର୍ବ ଓ ପଶ୍ଚିମରୁ ବହୁତ ଲୋକ
ଆସିବେ ଏବଂ ସେମାନେ ଅବ୍ରହାମ, ଇସ୍ହାକ ଓ ଯାକୁବଙ୍କ
ସହିତ ସ୍ୱର୍ଗରାଜ୍ୟରେ ଭୋଜିରେ ନିଜ ନିଜ ଆସନ ଗ୍ରହଣ
କରିବେ। ୧୨କିନ୍ତୁ ରାଜ୍ୟର ମୂଳ ପ୍ରଜାମାନଙ୍କୁ ଅନ୍ଧାର
ଭିତରକୁ ଫିଙ୍ଗି ଦିଆଯିବ। ସେଠାରେ କାନ୍ଦି କାନ୍ଦି ଓ
କଷ୍ଟହେତୁ ଦାନ୍ତ କଡ଼ମଡ଼ କରି ରହିବେ।”
୧୩ତା’ପରେ ଯୀଶୁ ସେନାପତିଙ୍କୁ କହିଲେ, “ତୁମ୍ଭର
ବିଶ୍ୱାସ ଲାଗି, ତୁମ୍ଭ ପାଇଁ ତାହା ଘଟୁ।” ଠିକ୍ ସେହି
ସମୟରେ ତାହାଙ୍କର ଦାସ ସୁସ୍ଥ ହୋଇଗଲା।

## ଯୀଶୁ ଅନେକ ଲୋକଙ୍କୁ ସୁସ୍ଥ କଲେ

୧୪ଯୀଶୁ ପିତରଙ୍କ ଘରେ ପହଞ୍ଚିଲେ। ସେ ଦେଖିଲେ
ଯେ ପିତରଙ୍କ ଶାଶୁ ଭୀଷଣ ଜ୍ୱରରେ ପୀଡ଼ିତ ହୋଇ
ବିଛଣାରେ ପଡ଼ିଛନ୍ତି। ୧୫ଯୀଶୁ ତାହାଙ୍କୁ ଛୁଇଁ ଦେଲେ, ଓ
ତାହାଙ୍କର ଜ୍ୱର ଛାଡ଼ିଗଲା। ତାପରେ ସେ ଉଠି ଯୀଶୁଙ୍କ
ସେବା କରିବାକୁ ଲାଗିଲେ।
୧୬ସେହିଦିନ ସନ୍ଧ୍ୟାରେ ଲୋକେ ତାହାଙ୍କ ପାଖକୁ
ଭୂତ-ଗ୍ରସ୍ତ ଅନେକ ଲୋକଙ୍କୁ ଆଣିଲେ। ଯୀଶୁ ଗୋଟିଏ
ଆଜ୍ଞାରେ ସେହି ଭୂତମାନଙ୍କୁ ବାହାର କରିଦେଲେ। ଏହିଭଳି
ଯୀଶୁ ସମସ୍ତ ରୋଗୀଙ୍କୁ ଭଲ କରିଦେଲେ। ୧୭ଭବିଷ୍ୟଦ୍‌ବକ୍ତା
ଯିଶାଇୟଙ୍କ ମାଧ୍ୟମରେ ପରମେଶ୍ୱର ଯାହା କହିଥିଲେ
ତାହା ସଫଳ ହେବା ପାଇଁ ଯୀଶୁ ଏହି କାମ ଗୁଡିକ
କଲେ:

“ସେ ଆମ୍ଭର ରୋଗ ସବୁ ନେଇନେଲେ ଏବଂ
ଆମ୍ଭର ଅସୁସ୍ଥତା ସହିଲେ।” ଯିଶାଇୟ ୫୩:୪

## ଯୀଶୁଙ୍କୁ ଅନୁସରଣ କରିବା

୧୮ଯୀଶୁ ତାହାଙ୍କ ଚାରିପଟେ ଲୋକଙ୍କ ଭିଡ ଦେଖିଲେ।
ଶିଷ୍ୟମାନଙ୍କୁ ହ୍ରଦର ଆର ପଟକୁ ଯିବାକୁ ଆଦେଶ
ଦେଲେ। ୧୯ତା’ପରେ ଜଣେ ଧର୍ମଶାସ୍ତ୍ରୀ ତାହାଙ୍କ ପାଖକୁ
ଆସି କହିଲେ, “ଗୁରୁ, ଆପଣ ଯେଉଁଆଡେ ଯିବେ, ମୁଁ
ଆପଣଙ୍କ ଅନୁସରଣ କରିବି।”
୨୦ଯୀଶୁ ତାହାଙ୍କୁ କହିଲେ, “କୋକିଶିଆଳିର ଗାତ ଅଛି
ଓ ଆକାଶର ପକ୍ଷୀମାନଙ୍କର ବସା ଅଛି। କିନ୍ତୁ ମନୁଷ୍ୟପୁତ୍ରଙ୍କ
ପାଇଁ ମୁଣ୍ଡ ଗୁଞ୍ଜିବାକୁ ଯାଗା ଟିକିଏ ନାହିଁ।”
୨୧ଆଉ ଜଣେ ଅନୁଗାମୀ ଯୀଶୁଙ୍କୁ କହିଲା, “ପ୍ରଭୁ
ମୋତେ ଆଗ ଯାଇ ମୋର ବାପାଙ୍କୁ କବର ଦେଇଆସିବାକୁ
ଅନୁମତି ଦିଅନ୍ତୁ। ତା’ପରେ ମୁଁ ଆପଣଙ୍କର ଅନୁସରଣ
କରିବି।”
୨୨କିନ୍ତୁ ଯୀଶୁ ତାହାକୁ କହିଲେ, “ମୋର ଅନୁସରଣ
କର। ମରିଯାଇଥିବା ଲୋକମାନେ ଏହି ମୃତ ଲୋକଙ୍କୁ
କବର ଦିଅନ୍ତୁ।”

## ଯୀଶୁ ଝଡକୁ ଶାନ୍ତ କଲେ

୨୩ଯୀଶୁ ନୌକାରେ ଯାଇ ବସିଲେ ଏବଂ ତାହାଙ୍କ
ଶିଷ୍ୟମାନେ ତାହାଙ୍କର ଅନୁଗମନ ଗଲେ। ୨୪ସେହି ସମୟରେ
ହ୍ରଦରେ ଭୟଙ୍କର ଝଡ ହେଲା। ଲହଡ଼ିରେ ଡ଼ଙ୍ଗା ଓଲଟ-ପାଲଟ
ହୋଇ ପଡୁଥିଲା। କିନ୍ତୁ ଯୀଶୁ ଶୋଇ ଥିଲେ। ୨୫ଶିଷ୍ୟମାନେ
ଯୀଶୁଙ୍କ ପାଖରେ ଥିଲେ। ସେମାନେ ଯୀଶୁଙ୍କୁ ଉଠାଇଲେ।
ସେମାନେ କହିଲେ, “ପ୍ରଭୁ, ଆମ୍ଭମାନଙ୍କୁ ରକ୍ଷା କର।
ଆମ୍ଭେ ବର୍ତ୍ତମାନ ବୁଡ଼ି ମରିଯିବା ଉପରେ।”
୨୬ଯୀଶୁ ସେମାନଙ୍କୁ କହିଲେ, “ହେ ଅଳ୍ପ ବିଶ୍ୱାସୀଗଣ,
ତୁମ୍ଭେ ସବୁ ଏତେ ଡରିଯାଉଛ କାହିଁକି?” ତା’ପରେ ଯୀଶୁ
ଉଠିଲେ। ସେ ପବନ ଓ ଲହଡ଼ିକୁ ଧମକ ଦେଲେ।
ପବନ ବନ୍ଦ ହୋଇଗଲା। ହ୍ରଦ ଶାନ୍ତ ହୋଇଗଲା। ତା’ପରେ
ସେଠାରେ ସମ୍ପୂର୍ଣ୍ଣ ନୀରବତା ଆସିଗଲା।
୨୭ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ କହିଲେ,
“ଏ କି ପ୍ରକାର ବ୍ୟକ୍ତି? ଏପରିକି ପବନ ଓ ହ୍ରଦ ମଧ୍ୟ
ତାହାଙ୍କ କଥା ମାନୁଛନ୍ତି?”

## ଭୂତ କବଳରୁ ଦୁଇ ଜଣଙ୍କୁ ମୁକ୍ତ

୨୮ଯୀଶୁ ହ୍ରଦର ଆରପଟରେ ଥିବା ଗଦରୀୟ* ଲୋକଙ୍କ
ରାଜ୍ୟରେ ପହଞ୍ଚିଲେ। ଭୂତ-ଗ୍ରସ୍ତ ଦୁଇଜଣ ଲୋକ କବର
ସ୍ଥାନରୁ ବାହାରି ତାହାଙ୍କୁ ଭେଟିଲେ। ସେମାନେ ବହୁତ
ଭୟଙ୍କର ଥିଲେ। ୨୯ସେମାନଙ୍କ ନିମନ୍ତେ କେହି ସେହି
ବାଟେ ଯାଇପାରୁ ନଥିଲେ। ସେମାନେ ପାଟିକରି କହିଲେ,
“ହେ ପରମେଶ୍ୱରଙ୍କ ପୁତ୍ର! ତୁମ୍ଭେ ଆମ୍ଭଠାରୁ କ’ଣ
ଚାହୁଁଛ? ଉପଯୁକ୍ତ ସମୟ ପୂର୍ବରୁ ତୁମ୍ଭେ କ’ଣ ଆମ୍ଭକୁ
ଦଣ୍ଡ ଦେବାପାଇଁ ଆସିଛ?”
୩୦ସେତେବେଳେ ସେଠାରୁ କିଛିଦୂରରେ ଗୋଟିଏ ବିରାଟ
ଘୁଷୁରୀ ପଲ ଚରୁଥିଲେ। ୩୧ଭୂତମାନେ ତାହାଙ୍କୁ ବିନୀତ
ଅନୁରୋଧ କଲେ, “ତୁମ୍ଭେ ଯଦି ଆମ୍ଭକୁ ଏ ମଣିଷଙ୍କ

---

**ଗଦରୀୟ** ଗଦର ବାସୀ। ଗଦର ଗାଲୀଲୀ ହ୍ରଦର ଦକ୍ଷିଣ
ପୂର୍ବରେ ଅବସ୍ଥିତ।

ଦେହରୁ ତଡ଼ି ଦେବାକୁ ଚାହୁଁଛ, ତେବେ ଆମ୍ଭକୁ ଏ
ଘୁଷୁରି ପଲରେ ଛାଡ଼ିଦିଅ।"
୩୨ଯୀଶୁ ସେମାନଙ୍କୁ କହିଲେ, "ଯାଅ!" ତେଣୁ ଭୂତମାନେ
ମଣିଷଙ୍କ ଦେହରୁ ବାହାରି ଘୁଷୁରିମାନଙ୍କ ଦେହକୁ ଚାଲିଗଲେ।
ତା'ପରେ ସେହି ଘୁଷୁରିପଲ ତୀଖ ପାହାଡରୁ ତଳକୁ
ଗଡ଼ିଯାଇ ଶେଷରେ ହ୍ରଦରେ ବୁଡ଼ିଗଲେ। ୩୩ସେଠାରେ
ଘୁଷୁରି ଚରାଉଥିବା ଲୋକେ ଥିଲେ। ସେମାନେ ନଗରକୁ
ଦୌଡ଼ି ପଳାଇଲେ। ସେଠାରେ ଲୋକଙ୍କ ଆଗରେ ଘୁଷୁରିପଲ
ଓ ଭୂତ-ଗ୍ରସ୍ତ ଲୋକଙ୍କ ବିଷୟରେ ଯାହା-ଯାହା ଘଟିଥିଲା,
ସବୁକଥା ଗୋଟି ଗୋଟି କରି କହିଗଲେ। ୩୪ତାପରେ
ନଗରର ସବୁଲୋକେ ଯୀଶୁଙ୍କୁ ଭେଟିବାକୁ ଆସିଲେ।
ସେମାନେ ଯୀଶୁଙ୍କୁ ଦେଖି ତାହାଙ୍କୁ ସେମାନେ ସେହି
ଅଞ୍ଚଳ ଛାଡି ଚାଲିଯିବାପାଇଁ ବିନତି କଲେ।

## ଯୀଶୁ ଗୋଟିଏ ପକ୍ଷାଘାତ ରୋଗୀକୁ ସୁସ୍ଥ କଲେ

୯ ଯୀଶୁ ନୌକାରେ ବସି ହ୍ରଦର ଆର ପଟେ ଥିବା
ନିଜ ନଗରକୁ ଫେରିଗଲେ। ୨କେତେକ ଲୋକ
ଜଣେ ପକ୍ଷାଘାତ ରୋଗୀକୁ ଯୀଶୁଙ୍କ ପାଖକୁ ଆଣିଲେ। ସେ
ରୋଗୀଟି ଶେଯରେ ଶୋଇଥିଲା। ଯୀଶୁ ସେହି ଲୋକମାନଙ୍କର
ଗଭୀର ବିଶ୍ୱାସ ଥିବାର ଦେଖିଲେ। ସେ ପକ୍ଷାଘାତ
ରୋଗୀକୁ କହିଲେ, "ହେ ଯୁବକ! ସାହସ ରଖ। ତୁମ୍ଭର
ସବୁ ପାପ କ୍ଷମା କରାଗଲା।"
୩କେତେକ ଯିହୂଦୀ ଧର୍ମଶାସ୍ତ୍ରୀ ଏହା ଶୁଣିଲେ। ସେମାନେ
ନିଜ ନିଜ ଭିତରେ କୁହାକୁହି ହେଲେ, "ଏ ଲୋକଟି
ଏମିତି କଥା କହୁଛି, ସତେ ଯେପରି ସେ ନିଜେ
ପରମେଶ୍ୱର। ଏହାଦ୍ୱାରା ସେ ପରମେଶ୍ୱରଙ୍କ ନିନ୍ଦା କରୁଛି।"
୪ସେମାନେ ଯାହା ଭାବୁଥିଲେ, ଯୀଶୁ ତାହା ଜାଣି
ପାରିଲେ। ତେଣୁ ସେ କହିଲେ, "ତୁମ୍ଭେମାନେ ମନ
ଭିତରେ ମନ୍ଦ ଭାବନା କାହିଁକି ଆଣୁଛ? ୫ଏହି ପକ୍ଷାଘାତ
ରୋଗୀଟିକୁ କେଉଁ ବିଷୟଟି କହିବା ଅଧିକ ସହଜ ହେବ:
'ତୁମ୍ଭର ପାପ କ୍ଷମା କରି ଦିଆଗଲା' ନା 'ଉଠ, ଚାଲିବା
ଆରମ୍ଭ କର'? ୬ମୁଁ ତୁମ୍ଭକୁ ଦେଖେଇ ଦେବି ଯେ, ଏ
ଜଗତରେ ମନୁଷ୍ୟ-ପୁତ୍ରଙ୍କର ପାପ କ୍ଷମା କରିଦେବାର ଶକ୍ତି
ଅଛି।" ତା'ପରେ ଯୀଶୁ ସେହି ପକ୍ଷାଘାତ ରୋଗିଟିକୁ
କହିଲେ, "ଉଠ, ତୁମ୍ଭର ବିଛଣା ଧରି ଘରକୁ ଯାଅ।"
୭ପକ୍ଷାଘାତ ରୋଗିଟି ଉଠି ଘରକୁ ଚାଲିଗଲା। ୮ଜମା
ହୋଇଥିବା ଲୋକେ ଏ କଥା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ।
ପରମେଶ୍ୱର ଜଣେ ମଣିଷକୁ ଏପରି ଶକ୍ତି ଦେଇଥିବାରୁ
ସେମାନେ ପରମେଶ୍ୱରଙ୍କର ମହିମା ଗାନ କଲେ।

## ଯୀଶୁ ମାଥିଉଙ୍କୁ ବାଛିଲେ

୯ଯୀଶୁ ସେଠାରୁ ଯାଉଯାଉ ଦେଖିଲେ ଯେ କରଆଦାୟ
କେନ୍ଦ୍ରରେ ଜଣେ ଲୋକ ବସିଛନ୍ତି। ତାହାଙ୍କ ନାମ ଥିଲା
ମାଥିଉ। ଯୀଶୁ ତାହାଙ୍କୁ କହିଲେ, "ମୋର ଅନୁସରଣ
କର।" ମାଥିଉ ଉଠି ଯୀଶୁଙ୍କର ଅନୁଗମନ କଲେ।
୧୦ଯୀଶୁ ମାଥିଉଙ୍କ ଘରେ ଖାଉଥିଲେ। ସେ ଖାଇବାବେଳେ
ଅନେକ କର ଆଦାୟକାରୀ ଓ ଅନ୍ୟ ପାପୀମାନେ
ସେଠାରେ ପହଞ୍ଚିଲେ। ସେମାନେ ଯୀଶୁ ଓ ତାହାଙ୍କ
ଅନୁଗାମୀମାନଙ୍କ ସହ ଖାଇଲେ। ୧୧ଫାରୂଶୀମାନେ ଏହା
ଦେଖି ଯୀଶୁଙ୍କ ଅନୁଗାମୀମାନଙ୍କୁ ପଚାରିଲେ, "ତୁମ୍ଭର ଗୁରୁ
କର ଆଦାୟକାରୀ ଓ ପାପୀମାନଙ୍କ ସହିତ କାହିଁକି
ଖାଉଛନ୍ତି?"
୧୨ଫାରୂଶୀମାନଙ୍କ କଥା ଶୁଣି ଯୀଶୁ କହିଲେ, "ଜଣେ
ସୁସ୍ଥ ଲୋକ ପାଇଁ ଡାକ୍ତରର ଆବଶ୍ୟକ ନାହିଁ, କିନ୍ତୁ
ଜଣେ ରୋଗି ପାଇଁ ଡାକ୍ତର ଦରକାର। ୧୩ମୁଁ ତୁମ୍ଭକୁ
ଗୋଟିଏ କଥା କହିବି। ତୁମ୍ଭେ ଯାଇ ବୁଝ ଯେ ଏହି
ଶାସ୍ତ୍ର-ବାକ୍ୟର ଅର୍ଥ କ'ଣ: 'ମୁଁ ପଶୁବଧ ଚାହେଁ ନାହିଁ। ମୁଁ
ଲୋକଙ୍କ ଭିତରେ ଦୟାଭାବ ଚାହେଁ।'* ମୁଁ ଧାର୍ମିକ
ଲୋକଙ୍କୁ ଡାକିବାକୁ ଆସି ନାହିଁ। ମୁଁ ପାପୀଲୋକଙ୍କୁ
ଡାକିବାକୁ ଆସିଛି।"

## ଯୀଶୁ ଅନ୍ୟ ଧାର୍ମିକ ଯିହୂଦୀଙ୍କ ଭଳି ନୁହଁନ୍ତି

୧୪ଯୋହନ* ଙ୍କ ଶିଷ୍ୟମାନେ ଯୀଶୁଙ୍କ ପାଖକୁ ଆସିଲେ।
ସେମାନେ ଯୀଶୁଙ୍କୁ ପଚାରିଲେ, "ଆମେ ଓ ଫାରୂଶୀମାନେ
ଅଧିକାଂଶ ସମୟରେ ଉପବାସ କରୁଛୁ। କିନ୍ତୁ ଆପଣଙ୍କ
ଶିଷ୍ୟମାନେ ଉପବାସ କରନ୍ତି ନାହିଁ କାହିଁକି?"
୧୫ଯୀଶୁ ସେମାନଙ୍କୁ କହିଲେ, "ବର ଯେ ପର୍ଯ୍ୟନ୍ତ
ବରଯାତ୍ରୀମାନଙ୍କ ସହିତ ଥିବ, ସେ ପର୍ଯ୍ୟନ୍ତ ବରଯାତ୍ରୀମାନେ
ଦୁଃଖ କରିବେ କି? କିନ୍ତୁ ଦିନ ଆସିବ। ବରକୁ
ତାହାଙ୍କଠାରୁ ଛଡ଼େଇ ନିଆଯିବ। ସେତେବେଳେ
ବରଯାତ୍ରୀମାନେ ଦୁଃଖୀହେବେ। ତାପରେ ସେମାନେ ଉପବାସ
କରିବେ।
୧୬"କେହି କେବେ ପୁରୁଣା ଲୁଗା କଣାରେ ନୂଆ
କନାର ତାଳି ପକାଏନାହିଁ। କାରଣ ନୂଆ କନା ଧୋଇବା
ପୂର୍ବରୁ ଯାକି ହୋଇ ନ ଥାଏ। ନୂଆ କନାର ତାଳି
ପକାଇଦେଲେ ତାହା ଯାକି ହେବା ବେଳକୁ ପୁରୁଣା
ଲୁଗାକୁ ଚାରିପଟୁ ଟାଣିଦେବ, ଓ କଣାଟି ଆହୁରି ଅଧିକ
ବଡ ହୋଇଯିବ। ୧୭ଆହୁରି ଲୋକେ ନୂଆ ଅଙ୍ଗୁର ରସ
ପୁରୁଣା ଚମଡା ପାତ୍ରରେ ଢାଳନ୍ତି ନାହିଁ। ତା'କଲେ ପୁରୁଣା
ଚମଡା ପାତ୍ର ଫାଟିଯାଏ ଓ ଅଙ୍ଗୁରରସ ଢ଼ାଳି ହୋଇଯାଏ,
ସେଥିପାଇଁ ସେମାନେ ନୂଆ ଅଙ୍ଗୁର ରସ ନୂଆ ଚମଡା
ପାତ୍ରରେ ରଖନ୍ତି। ଏଥିରେ ଅଙ୍ଗୁରରସ ଓ ପାତ୍ର ଦୁଇଟି
ସୁରକ୍ଷିତ ରଖାଯାଇ ପାରିବ।"

## ଯୀଶୁ ଗୋଟିଏ ମୃତ ଝିଅଟିକୁ ଜୀବନ ଦେଲେ ଓ ଅସୁସ୍ଥ ସ୍ତ୍ରୀ ଲୋକଟିକୁ ସୁସ୍ଥ କରିଦେଲେ

୧୮ଯୀଶୁ ଏ ବିଷୟ କହୁଥିବା ସମୟରେ ଯିହୂଦୀ
ପ୍ରାର୍ଥନାଗୃହର ଜଣେ ଅଧକ୍ଷ ଆସିଲେ। ସେ ଯୀଶୁଙ୍କ
ଆଗରେ ଆଣ୍ଠୁମାଡ଼ି ବସି ପଡ଼ିଲେ ଓ କହିଲେ, "ମୋର

---

**'ମୁଁ ପଶୁବଧ ... ଚାହେଁ'** ହୋଶେୟ ୬:୬

**ଯୋହନ** ବାପ୍ତିସ୍ମ ଦେଉଥିବା ବ୍ୟକ୍ତି। ସେ ଲୋକମାନଙ୍କ ମଧ୍ୟରେ ଯୀଶୁଙ୍କ ଆଗମନବାର୍ତ୍ତା ପ୍ରଚାର କରିଥିଲେ।

ଝିଅ ଏବେ ମରିଗଲା। ତୁମ୍ଭେ ଆସି ତା'ଉପରେ ହାତ ରଖି
ଦିଅ। ତା'ହେଲେ ସେ ପୁଣି ବଞ୍ଚି ଉଠିବ।"
୧୯ଯୀଶୁ ଉଠିଲେ। ସେ ଅଧ୍ୟକ୍ଷଙ୍କ ସହିତ ସେଠାକୁ
ବାହାରିଲେ। ତାହାଙ୍କ ଶିଷ୍ୟମାନେ ମଧ୍ୟ ତାହାଙ୍କ ସହିତ
ସେଠାକୁ ଗଲେ।
୨୦ସେଠାରେ ଜଣେ ସ୍ତ୍ରୀ ଲୋକ ଥିଲା। ତାର ବାରବର୍ଷ
ଧରି ରକ୍ତସ୍ରାବ ହେଉଥିଲା। ସେ ସ୍ତ୍ରୀଲୋକଟି ଯୀଶୁଙ୍କ ପଛ
ପଟକୁ ଆସି ତାହାଙ୍କ ପିନ୍ଧା ବସ୍ତ୍ରର ଧାରକୁ ଛୁଇଁଦେଲା।
୨୧ଏହା କଲାବେଳେ ସେ ମନେମନେ ଭାବୁଥିଲା, "ମୁଁ
ତାହାଙ୍କ ବସ୍ତ୍ର ଟିକିଏ ଛୁଇଁଦେଲେ ସୁସ୍ଥ ହୋଇଯିବି।"
୨୨ଯୀଶୁ ବୁଲିପଡ଼ି ତାହାକୁ ଚାହିଁଲେ। ଯୀଶୁ କହିଲେ,
"ଝିଅ, ସାହାସ ଧର। ତୁମ୍ଭର ବିଶ୍ୱାସ ତୁମ୍ଭକୁ ସୁସ୍ଥ କରି
ଦେଇଛି।" ସଙ୍ଗେସଙ୍ଗେ ସେ ସ୍ତ୍ରୀ ଲୋକଟି ସୁସ୍ଥ ହୋଇଗଲା।
୨୩ତା'ପରେ ଯୀଶୁ ଯିହୂଦୀ ପ୍ରାର୍ଥନାଗୃହର* ଅଧ୍ୟକ୍ଷଙ୍କ
ଘରେ ପହଞ୍ଚିଲେ। ସେଠାରେ ବଂଶୀବାଦକମାନେ ସମାଧି
ଜନିତ ବଂଶୀ ବଜାଉଥିଲେ। ଝିଅଟି ମରିଯାଇଥିବାରୁ ଲୋକେ
କାନ୍ଦୁଥିଲେ। ୨୪ଯୀଶୁ ସମସ୍ତଙ୍କୁ କହିଲେ, "ବାହାରିଯାଅ।
ଝିଅଟି ମରିନାହିଁ। ସେ କେବଳ ଶୋଇ ପଡିଛି।" ଏହା
ଶୁଣି ଲୋକେ ଯୀଶୁଙ୍କୁ ଉପହାସ କଲେ। ୨୫ଲୋକଙ୍କୁ ଘର
ଭିତରୁ ବାହାର କରି ଦିଆଯିବାପରେ ଯୀଶୁ ଭିତରକୁ
ଗଲେ। ଝିଅଟିର ହାତ ଧରିଲେ। ଝିଅଟି ଉଠି ଠିଆହେଲା।
୨୬ଏ ଖବର ସେହି ଅଞ୍ଚଳ ସାରା ବ୍ୟାପିଗଲା।

## ଯୀଶୁ ଅନେକ ଲୋକଙ୍କୁ ସୁସ୍ଥ କରନ୍ତି

୨୭ଯୀଶୁ ସେହି ସ୍ଥାନ ଛାଡ଼ି ଯାଉଥିବା ସମୟରେ ଦୁଇ
ଜଣ ଅନ୍ଧ ଲୋକ ତାହାଙ୍କୁ ଅନୁସରଣ କଲେ। ସେମାନେ
ପାଟି କରି କହୁଥିଲେ, "ହେ ଦାଉଦଙ୍କ ପୁତ୍ର*, ଆମ୍ଭମାନଙ୍କୁ
ଦୟା କର।"
୨୮ଯୀଶୁ ପୁଣି ଭିତରକୁ ଗଲେ, ଅନ୍ଧ ଦୁଇଟି ମଧ୍ୟ
ତାହାଙ୍କ ସଙ୍ଗରେ ଗଲେ। ଯୀଶୁ ସେମାନଙ୍କୁ ପଚାରିଲେ,
"ତୁମ୍ଭେ କ'ଣ ବିଶ୍ୱାସ କରୁଛ ଯେ, ମୁଁ ତୁମ୍ଭକୁ ଆଖି ଦାନ
କରି ପାରିବି?" ସେମାନେ ଉତ୍ତର ଦେଲେ, "ହଁ, ପ୍ରଭୁ"।
୨୯ତା'ପରେ ଯୀଶୁ ସେମାନଙ୍କ ଆଖିକୁ ଛୁଇଁଲେ। ସେ
କହିଲେ, "ତୁମ୍ଭେ ଯେପରି ବିଶ୍ୱାସ କରିଅଛ, ତୁମ୍ଭପ୍ରତି
ସେପରି ହେଉ।" ୩୦ତା'ପରେ ଅନ୍ଧ ଦୁଇଜଣ ଦେଖିବାକୁ
ପାରିଲେ। ଯୀଶୁ ସେମାନଙ୍କୁ ଦୃଢ଼ଭାବରେ ଚେତାବନୀ
ଦେଇ କହିଲେ, "ଏ ବିଷୟ ଅନ୍ୟକୁ କହିବ ନାହିଁ।"
୩୧କିନ୍ତୁ ଅନ୍ଧ ଦୁହେଁ ଏ ଖବର ସେ ଅଞ୍ଚଳ ସାରା ପ୍ରଚାର
କରିଦେଲେ।
୩୨ସେ ଅନ୍ଧ ଦୁଇଜଣ ଗଲାପରେ କେତେକ ଲୋକ
ଯୀଶୁଙ୍କ ପାଖକୁ ଆଉ ଜଣେ ଲୋକକୁ ଆଣିଲେ। ସେ
କଥା କହି ପାରୁ ନ ଥିଲା। କାରଣ ତା ଦେହରେ ଭୂତ
ପ୍ରବେଶ କରି ରହିଥିଲା। ୩୩ଯୀଶୁ ତା' ଦେହରୁ ଭୂତକୁ
ତଡ଼ିଦେଲେ। କିଛି କହି ପାରୁ ନଥିବା ଲୋକଟି ପୁଣି
ତା'ର କହିବା ଶକ୍ତି ଫେରି ପାଇଲା। ଜମା ହୋଇଥିବା
ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ କହିଲେ,
"ଇସ୍ରାୟେଲରେ ଏଭଳି ଘଟଣା ଘଟିବା ଆମ୍ଭେ କେବେହେଲେ
ଦେଖି ନଥିଲୁ।"
୩୪କିନ୍ତୁ ଫାରୂଶୀମାନେ କହିଲେ, "ଯୀଶୁ ଭୂତମାନଙ୍କ
ମୁଖିଆଙ୍କ ସାହାଯ୍ୟରେ ଅନ୍ୟ ଭୂତଙ୍କୁ ତଡି ଦେଉଛନ୍ତି।"

## ଲୋକମାନଙ୍କ ପାଇଁ ଯୀଶୁ ଦୁଃଖ କରନ୍ତି

୩୫ଯୀଶୁ ନଗର-ନଗର ଓ ଗାଁ-ଗାଁ ଯାତ୍ରା କରିବାକୁ
ଲାଗିଲେ। ସେ ବାଟରେ ଯିହୂଦୀ ପ୍ରାର୍ଥନା ଗୃହ ମାନଙ୍କରେ
ଉପଦେଶ ଦେଲେ, ଓ ପରମେଶ୍ୱରଙ୍କ ରାଜ୍ୟର ସୁସମାଚାର
ପ୍ରଚାର କଲେ। ସେ ଲୋକଙ୍କର ସବୁ ପ୍ରକାର ରୋଗ ଓ
ଅସୁସ୍ଥତାକୁ ସୁସ୍ଥ କରି ଦେଲେ। ୩୬ଲୋକମାନଙ୍କୁ ଦେଖି
ଯୀଶୁଙ୍କ ମନରେ କରୁଣା ଜାତ ହେଲା। ମେଷ-ପାଳକ
ନଥିଲେ ମେଣ୍ଢା-ପଲର ଅବସ୍ଥା ଯାହା ହୁଏ, ଲୋକମାନଙ୍କର
ଅବସ୍ଥା ସେହିଭଳି ନିରାଶା ଓ ଅସହାୟତାରେ ପୂର୍ଣ୍ଣଥିଲା।
୩୭ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ, "ଫସଲ(ଲୋକ)
ବହୁତ। କିନ୍ତୁ ମୂଲିଆ(ସେବକ) କମ୍ ଅଛନ୍ତି। ୩୮ଫସଲ
ଅମଳ(ଉଦ୍ଧାର) କରିବା ପାଇଁ ଅଧିକ ମୂଲିଆ ପଠାଇବାକୁ
ଫସଲର ମାଲିକ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କର।"

## ଯୀଶୁ ପ୍ରେରିତ* ମାନଙ୍କୁ ସୁସମାଚାର ପ୍ରଚାର ପାଇଁ ପଠାଇଲେ

୧୦ ଯୀଶୁ ତାହାଙ୍କର ବାରଜଣ ଶିଷ୍ୟଙ୍କୁ
ପାଖକୁ ଡକାଇଲେ। ସେ ଭୂତମାନଙ୍କୁ ତଡ଼ିଦେବା
ପାଇଁ ଓ ସବୁ ପ୍ରକାର ରୋଗ ଏବଂ ଅସୁସ୍ଥତା ଭଲ
କରିଦେବା ପାଇଁ ଶିଷ୍ୟମାନଙ୍କୁ ଶକ୍ତି ପ୍ରଦାନ କଲେ।
୨ସେହି ବାରଜଣ ଶିଷ୍ୟଙ୍କ ନାମ ଏହିଭଳି: ଶିମୋନ(ଯାହାଙ୍କୁ
ପିତର ବୋଲି କୁହାଯାଏ), ତାହାଙ୍କ ଭାଇ ଆନ୍ଦ୍ରିୟ, ଜେବଦିଙ୍କ
ପୁଅ ଯାକୁବ ଓ ତାହାଙ୍କ ଭାଇ ଯୋହନ। ୩ଫିଲିପ୍ପ ଓ
ବର୍ଥଲମି, ଥୋମା ଓ କରଆଦାୟକାରୀ ମାଥିଉ, ଆଲଫିଙ୍କ
ପୁତ୍ର ଯାକୁବ ଓ ଥଦ୍ଦିୟ, ୪ଉଦ୍ଯୋଗୀ ଶିମୋନ ଓ
ଇଷ୍କାରିୟୋଥ ଯିହୂଦା। ଏହି ଇଷ୍କାରିୟୋଥ ଯିହୂଦା ପରେ
ଯୀଶୁଙ୍କ ପ୍ରତି ବିଶ୍ୱାସଘାତକତା କରିଥିଲା।
୫ଏହି ବାରଜଣ ଶିଷ୍ୟଙ୍କୁ ଯୀଶୁ ପଠାଇବାବେଳେ ଏହି
ଆଜ୍ଞା ଦେଲେ: "କୌଣସି ଅଣ-ଯିହୂଦୀ ଅଞ୍ଚଳକୁ ଯିବନାହିଁ
କି ଶମିରୋଣର କୌଣସି ନଗରରେ ପ୍ରବେଶ କରିବନାହିଁ।
୬ବରଂ ତୁମ୍ଭେ ଇସ୍ରାୟେଲ ଲୋକମାନଙ୍କ(ଯିହୂଦୀମାନଙ୍କ)
ପାଖକୁ ଯିବ। ସେମାନେ ହଜିଯାଇଥିବା ମେଣ୍ଢା ଭଳି।
୭ତୁମ୍ଭେମାନେ ପ୍ରଚାର କର, 'ସ୍ୱର୍ଗରାଜ୍ୟ ନିକଟ ହୋଇ
ଗଲାଣି।' ୮ତୁମ୍ଭେ ରୋଗୀକୁ ସୁସ୍ଥ କର। ମୃତକୁ ପୁର୍ନଜୀବିତ
କର, କୁଷ୍ଠ ରୋଗ ସୁସ୍ଥ କର, ଭୂତମାନଙ୍କୁ ତଡ଼ିଦିଅ।

---

**ଯିହୂଦୀ ପ୍ରାର୍ଥନାଗୃହ** ଏଠାରେ ଯିହୁଦୀମାନେ ପ୍ରାର୍ଥନା, ଶାସ୍ତ୍ର ଅଧ୍ୟୟନ ଓ ସାଧାରଣ ସଭା ପାଇଁ ଏକତ୍ରିତ ହୁଅନ୍ତି।

**ଦାଉଦଙ୍କ ପୁତ୍ର** ଦାଉଦଙ୍କ ବଂଶଧର। ଦାଉଦ ଇସ୍ରାୟେଲର ରାଜା ଥିଲେ।

**ପ୍ରେରିତ** ବାରଜଣ ପ୍ରଧାନ ଶିଷ୍ୟ ବା ପ୍ରେରିତ। ଏମାନେ ପରମେଶ୍ୱରଙ୍କ ବାର୍ତ୍ତାବହ ରୂପେ ଯୀଶୁଙ୍କ ଦ୍ୱାରା ମନୋନୀତ।

ତୁମ୍ଭେ ବିନା ମୂଲ୍ୟରେ ଆଶୀର୍ବାଦ ଓ ଶକ୍ତି ପାଇଛ। ତେଣୁ
ଅନ୍ୟକୁ ତାହା ବିନା ମୂଲ୍ୟରେ ଦାନ କର। ୯ତୁମ୍ଭେ
ତୁମ୍ଭମାନଙ୍କ ସାଙ୍ଗରେ ସୁନା, ରୂପା କିମ୍ବା ତମ୍ବା ନିଅନାହିଁ।
୧୦ଯାତ୍ରାବେଳେ ଝୁଲି ନିଅନାହିଁ। ପିନ୍ଧିଥିବା ପୋଷାକ ଓ
ଯୋତା ଛଡା ଅଧିକା ପୋଷାକ ବା ଯୋତା କି ବାଡ଼ି
ନିଅନାହିଁ। ଜଣେ ସେବକ କେବଳ ନିହାତି ଆବଶ୍ୟକୀୟ
ପଦାର୍ଥ ନେବା ଉଚିତ।

୧୧"କୌଣସି ନଗର ବା ଗାଁରେ ପ୍ରବେଶ କଲାବେଳେ
ସେଠାର ଯୋଗ୍ୟ ଲୋକଟିକୁ ବାଛି ବାହାର କର। ସେହି
ନଗର ବା ଗାଁ ନ ଛାଡ଼ିବା ପର୍ଯ୍ୟନ୍ତ ସେହି ସ୍ଥାନରେ ରୁହ।
୧୨କୌଣସି ଘରେ ପ୍ରବେଶ କଲାବେଳେ ସେହି ପରିବାରରେ
ଲୋକଙ୍କୁ 'ତୁମ୍ଭପ୍ରତି ଶାନ୍ତି ହେଉ' ବୋଲି କହି ଆଶୀର୍ବାଦ
କର। ଯଦି ସେ ପରିବାରର ଲୋକେ ଯୋଗ୍ୟ, ତେବେ
ସେ ପରିବାର ପ୍ରତି ତୁମ୍ଭର ଶାନ୍ତି ରହିବ। ୧୩ଯଦି ସେ
ପରିବାର ଲୋକେ ଅଯୋଗ୍ୟ ତେବେ ତୁମ୍ଭର ଶାନ୍ତି ତୁମ୍ଭ
ନିକଟକୁ ଫେରିଆସିବ। ୧୪ଯଦି କେହି ହେଲେ ତୁମ୍ଭର
ସ୍ୱାଗତ କରୁ ନାହାଁନ୍ତି, କିମ୍ବା ତୁମ୍ଭର ଉପଦେଶ ଶୁଣୁ
ନାହାଁନ୍ତି, ତେବେ ସେ ଘର ବା ନଗର ଛାଡ଼ିଦିଅ। ତୁମ୍ଭ
ପାଦରେ ଲାଗିଥିବା ଧୂଳି ମଧ୍ୟ ସେହିଠାରେ ଝାଡ଼ିଦିଅ।
୧୫ମୁଁ ତୁମ୍ଭକୁ ସତ୍ୟ କହୁଛି, ଯେଉଁ ଦିନ ନ୍ୟାୟ ହେବ,
ସେ ଦିନ ସେହି ନଗରର ଲୋକଙ୍କ ଅବସ୍ଥା ସଦୋମ ଓ
ଗମୋରା* ନଗରର ଲୋକଙ୍କ ଅବସ୍ଥା ଅପେକ୍ଷା ଅଧିକ
ଖରାପ ହେବ।

## ନିଜ ଶିଷ୍ୟମାନଙ୍କୁ ଯୀଶୁଙ୍କ ଚେତାବନୀ

୧୬"ସାବଧାନ, ଗଧିଆମାନଙ୍କ ଭିତରେ ମେଣ୍ଢାମାନଙ୍କୁ
ଛାଡ଼ିବା ଭଳି ମୁଁ ତୁମ୍ଭମାନଙ୍କୁ ବାହାରକୁ ପଠାଉଛି। ତୁମ୍ଭେ
ସାପ ଭଳି ଚତୁର ହୁଅ। କପୋତ ଭଳି ନିରୀହ ହୁଅ।
୧୭କିନ୍ତୁ ଲୋକଙ୍କ ପ୍ରତି ସାବଧାନ ରୁହ। ତୁମ୍ଭକୁ ସେମାନେ
ଗିରଫ କରି ତାହାଙ୍କର ସ୍ଥାନୀୟ ବିଚାରାଳୟ ହାତରେ
ଦେଇଦେବେ ଓ ତାହାଙ୍କର ପ୍ରାର୍ଥନା-ଗୃହରେ ତୁମ୍ଭକୁ ଛାଟରେ
ପିଟିବେ। ୧୮ତୁମ୍ଭେ ମୋର ଶିଷ୍ୟ ହୋଇଥିବା ଯୋଗୁଁ
ତୁମ୍ଭକୁ ଶାସକ ଓ ରାଜାଙ୍କ ଆଗକୁ ନିଆଯିବ। ଅଣଯିହୂଦୀ
ତଥା ସେମାନଙ୍କ ଆଗରେ ତୁମ୍ଭେ ମୋ ବିଷୟରେ ସାକ୍ଷୀ
ହେବ। ୧୯ସେମାନେ ତୁମ୍ଭକୁ ଗିରଫ କଲାବେଳେ କ'ଣ
କହିବ ଓ କିପରି କହିବ, ସେ ବିଷୟରେ ଚିନ୍ତାକରି କିଛି
ବ୍ୟସ୍ତ ହୁଅନାହିଁ। କାରଣ ତୁମ୍ଭକୁ ସେତେବେଳେ କ'ଣ
କହିବାକୁ ହେବ ତାହା ବତେଇ ଦିଆଯିବ। ୨୦ମନେରଖ।
କହିବା ଲୋକ କେବେହେଲେ ତୁମ୍ଭେ ନୁହଁ, ତୁମ୍ଭର
ପରମ-ପିତାଙ୍କ ଆତ୍ମା ହିଁ ତୁମ୍ଭ ଭିତରୁ କହିବେ।

୨୧"ଭାଇ ତା ନିଜ ଭାଇକୁ, ବାପା-ମାଆ ନିଜ ପିଲାପିଲିଙ୍କୁ
ମରଣ ମୁହଁକୁ ଠେଲିଦେବେ। ପିଲାମାନେ ନିଜ ବାପା-ମାଆଙ୍କ
ବିରୁଦ୍ଧରେ ଠିଆହେବେ ଓ ତାହାଙ୍କୁ ମାରି ପକାଇବେ।
୨୨ମୋର ଅନୁଗାମୀ ହୋଇଥିବା ଯୋଗୁ ଲୋକେ ତୁମ୍ଭକୁ
ଘୃଣା କରିବେ। କିନ୍ତୁ ଯେଉଁଲୋକ ଶେଷ ପର୍ଯ୍ୟନ୍ତ
ଦୃଢ଼ଭାବରେ ତିଷ୍ଠି ରହି ପାରିବ, ସେ ଉଦ୍ଧାର ପାଇବ।
୨୩ଗୋଟିଏ ନଗରରେ ସେମାନେ ତୁମ୍ଭକୁ ଯାତନା ଦେଲେ
ତୁମ୍ଭେ ଅନ୍ୟ ନଗରକୁ ପଳାଅ। ମୁଁ ତୁମ୍ଭକୁ ସତ୍ୟ କହୁଛି
ଇସ୍ରାୟେଲର ସମସ୍ତ ନଗରୀରେ ତୁମ୍ଭର ଭ୍ରମଣ ସରିବା
ପୂର୍ବରୁ ମନୁଷ୍ୟପୁତ୍ର ପୁନର୍ବାର ଆସିବେ।

୨୪"ଶିଷ୍ୟ ନିଜ ଗୁରୁଠାରୁ ବଡ଼ ନୁହେଁ କି କୌଣସି
ସେବକ ତା ମାଲିକଠାରୁ ବଡ ନୁହେଁ। ୨୫ଜଣେ ଶିଷ୍ୟ
ତା'ଗୁରୁ ଭଳି ହେବାରେ ଓ ଜଣେ ସେବକ ତା'ମାଲିକ
ଭଳି ହେବାରେ ସନ୍ତୋଷ ଲାଭ କରିବା ଦରକାର। ଘରର
ମୁଖ୍ୟଙ୍କୁ ଯଦି ବାଆଲ୍‌ଜିବୂଲ*କହି ଡକାଯାଏ ତେବେ
ଘରର ଅନ୍ୟ ସଦସ୍ୟମାନଙ୍କୁ ନିଶ୍ଚୟ ଅଧିକ ଖରାପ
ନାମରେ ଡକାଯିବ।

## ପରମେଶ୍ୱରଙ୍କୁ ଭୟ କର, ମାତ୍ର ମନୁଷ୍ୟଙ୍କୁ ନୁହେଁ

୨୬"ତେଣୁ ସେହି ଲୋକମାନଙ୍କୁ ଡର ନାହିଁ। ଯାହା
ଗୁପ୍ତରେ ଅଛି ତାହା ଦିନେ ନା ଦିନେ ପ୍ରକାଶ ପାଇବ,
ଏବଂ ସବୁ ଗୋପନ କଥା ଜଣା ପଡ଼ିବ। ୨୭ମୁଁ ଗୋପନରେ
ତୁମ୍ଭକୁ ଯାହା ସବୁ କହୁଛି, ତୁମ୍ଭେ ତାହାକୁ ପ୍ରକାଶ୍ୟ
ଦିବାଲୋକରେ କୁହ। ମୁଁ ତୁମ୍ଭକୁ ଆସ୍ତେ ଆସ୍ତେ ଯାହା
କହୁଛି, ତୁମ୍ଭେ ଘର ଛାତ ଉପରେ ଚିତ୍କାର କରି ତାହା
କୁହ। ୨୮ଲୋକଙ୍କୁ ଭୟ କର ନାହିଁ। ସେମାନେ କେବଳ
ତୁମ୍ଭର ଶରୀରକୁ ମାରି ପାରିବେ। ମାତ୍ର ତୁମ୍ଭର ଆତ୍ମାକୁ
ମାରି ପାରିବେନାହିଁ। ତୁମ୍ଭେ କେବଳ ପରମେଶ୍ୱରଙ୍କୁ ଭୟ
କର। ସେ କେବଳ ତୁମ୍ଭର ଶରୀର ଓ ଆତ୍ମା ଉଭୟଙ୍କୁ
ନଷ୍ଟ କରି ଦେଇ ପାରିବେ। ସେ ଶରୀର ଓ ଆତ୍ମା
ଉଭୟଙ୍କୁ ନରକକୁ ପଠେଇ ଦେଇ ପାରିବେ। ୨୯ଗୋଟିଏ
ପଇସା ମୂଲ୍ୟରେ ଦୁଇଟି ଘରଚଟିଆ ବିକ୍ରି ହୁଅନ୍ତି। କିନ୍ତୁ
ତୁମ୍ଭ ପରମ-ପିତାଙ୍କ ବିନା ଅନୁମତିରେ ସେଥିରୁ ଗୋଟିଏ
ହେଲେ ମଧ୍ୟ ମରି ପାରିବେ ନାହିଁ। ୩୦ତୁମ୍ଭ ମୁଣ୍ଡରେ
କେତୋଟି ବାଳ ଅଛି, ସେ କଥା ମଧ୍ୟ ପରମେଶ୍ୱର
ଜାଣନ୍ତି। ୩୧ତେଣୁ ଭୟଭୀତ ହୁଅନାହିଁ। ତୁମ୍ଭେ ଅନେକ
ଘରଚଟିଆଙ୍କ ଅପେକ୍ଷା ଅଧିକ ମୂଲ୍ୟବାନ।

## ଯୀଶୁଙ୍କଠାରେ ବିଶ୍ୱାସ

୩୨"ଯଦି କେହି ଲୋକ ସମସ୍ତଙ୍କ ଆଗରେ ଠିଆହୋଇ
କୁହେ ଯେ, ସେ ମୋତେ ବିଶ୍ୱାସ କରେ ତେବେ ମୁଁ
ମଧ୍ୟ ସ୍ୱର୍ଗରେ ରହୁଥିବା ମୋର ପରମ-ପିତାଙ୍କ ଆଗରେ
କହିବ ଯେ ସେ ମୋର ନିଜ ଲୋକ। ୩୩କିନ୍ତୁ ଯେଉଁଲୋକ
ସମସ୍ତଙ୍କ ଆଗରେ ଠିଆହୋଇ କୁହେ ଯେ ସେ ମୋତେ
ବିଶ୍ୱାସ କରେ ନାହିଁ, ତେବେ ମୁଁ ମଧ୍ୟ ସ୍ୱର୍ଗରେ ରହୁଥିବା
ମୋର ପରମ-ପିତାଙ୍କ ଆଗରେ କହିବ ଯେ ସେ ଲୋକ
ମୋ ନିଜ ଲୋକ ନୁହେଁ।

୩୪"ତୁମ୍ଭେ ଭାବନାହିଁ ଯେ ମୁଁ ପୃଥିବୀରେ ଶାନ୍ତି ଆଣିବା

---

**ସଦୋମ ଓ ଗମୋରା** ଦୁଇଟି ନଗରର ନାମ। ଏଠାକାର ବାସିନ୍ଦାଙ୍କ ପାପର ଦଣ୍ଡ ଦେବାପାଇଁ ପରମେଶ୍ୱର ଏ ନଗର ଦୁଇଟିକୁ ନଷ୍ଟ କରି ଦେଇଥିଲେ।

**ବାଆଲ୍‌ଜିବୂଲ** ଶୟତାନର ଗୋଟିଏ ନାମ।

ପାଇଁ ଆସିଛି। କିନ୍ତୁ ଖଡ୍ଗ ଆଣିବା ପାଇଁ ଆସିଛି।
୩୫-୩୬ଏପରି ଘଟଣା ଘଟେଇବା ପାଇଁ ମୁଁ ଆସିଛି:

> ‘ପୁଅ ତା ବାପା ବିରୁଦ୍ଧରେ, ଝିଅ ତା ମା ବିରୁଦ୍ଧରେ ଓ ବୋହୂ ତା ଶାଶୁ ବିରୁଦ୍ଧରେ ଠିଆ ହେବ। ନିଜ ଘରର ଲୋକେ ହିଁ ନିଜଲୋକଙ୍କ ଶତ୍ରୁ ହେବେ।’
> ମିଖା ୭:୬

୩୭“ଯେଉଁ ଲୋକ ମୋ ଅପେକ୍ଷା ତା ବାପା ମାଆଙ୍କୁ
ଅଧିକ ଭଲ ପାଏ, ତେବେ ସେ ମୋର ଅନୁଗାମୀ
ହେବାର ଯୋଗ୍ୟ ନୁହେଁ। ଯେଉଁ ଲୋକ ମୋ ଅପେକ୍ଷା
ତା ପୁଅ ଓ ଝିଅଙ୍କୁ ଅଧିକ ଭଲ ପାଏ, ସେ ମୋର
ଅନୁଗାମୀ ହେବାର ଯୋଗ୍ୟ ନୁହେଁ। ୩୮ଯେଉଁଲୋକ ତାକୁ
ଦିଆଯାଇଥିବା ଦୁଃଖ, କଷ୍ଟରୂପକ କ୍ରୁଶ ବୋହି ମୋର
ଅନୁସରଣ କରେନାହିଁ, ସେ ମୋତେ ପାଇବାକୁ ଯୋଗ୍ୟ
ନୁହେଁ। ୩୯ଯେଉଁ ଲୋକ ମୋ ଅପେକ୍ଷା ତା ନିଜ
ଜୀବନକୁ ଅଧିକ ଭଲ ପାଏ ସେ ବାସ୍ତବଜୀବନ ହରାଇ
ବସିବ। କିନ୍ତୁ ଯେଉଁ ଲୋକ ମୋ ସକାଶେ ଜୀବନ
ହରାଏ, ସେ ବାସ୍ତବ ଜୀବନ ପାଇପାରିବ। ୪୦ଯେଉଁ ଲୋକ
ତୁମ୍ଭକୁ ସ୍ୱୀକାର କରେ, ସେ ମୋତେ ମଧ୍ୟ ସ୍ୱୀକାର
କରେ, ଯେଉଁଲୋକ ମୋତେ ସ୍ୱୀକାର କରେ, ସେ
ମୋତେ ପଠାଇଥିବା ପରମେଶ୍ୱରଙ୍କୁ ମଧ୍ୟ ସ୍ୱୀକାର କରେ।
୪୧ଯେଉଁ ଲୋକ ପରମେଶ୍ୱରଙ୍କ ଭବିଷ୍ୟକ୍‌ବକ୍ତାଙ୍କୁ ଭେଟି
ତାହାଙ୍କୁ ସ୍ୱାଗତ କରେ, ତେବେ ସେ ଭବିଷ୍ୟଦ୍‌ବକ୍ତାର
ପୁରସ୍କାର ପାଇବ। ଯେଉଁ ଲୋକ ଜଣେ ଧାର୍ମିକ ଲୋକକୁ
ଧାର୍ମିକ ଲୋକ ରୂପେ ସ୍ୱୀକାର କରେ ତେବେ ସେ
ଧାର୍ମିକ ଲୋକର ପୁରସ୍କାର ପାଇବ। ୪୨ଯଦି କେହି ଲୋକ
ମୋର ଏହି ଛୋଟ ଓ ସରଳ ଶିଷ୍ୟମାନଙ୍କ ମଧ୍ୟରୁ
କାହାରିକୁ ମୋର ଶିଷ୍ୟ ବୋଲି କହି ସାହାର୍ଯ୍ୟ କରେ,
ତେବେ ସେ ନିଶ୍ଚୟ ତାର ପୁରସ୍କାର ପାଇବ। ସେ ଯଦି
ମୋ ଶିଷ୍ୟମାନଙ୍କୁ କାହାକୁ କେବଳ ଗିନାଏ ଥଣ୍ଡା ପାଣି
ଦେଇଥାଏ, ତଥାପି ସେ ତାର ପୁରସ୍କାର ପାଇବ।”

### ଯୀଶୁ ଓ ବାପ୍ତିଜକ ଯୋହନ

୧୧ ଯୀଶୁ ତାହାଙ୍କର ବାର ଜଣ ଯାକ ଶିଷ୍ୟଙ୍କୁ
ନିର୍ଦ୍ଦେଶ ଦେଇ ସାରିବା ପରେ ସେ ସ୍ଥାନ ଛାଡ଼ି
ଚାଲିଗଲେ। ସେ ଗାଲିଲୀ ପ୍ରଦେଶର ସହରମାନଙ୍କରେ
ତାହାଙ୍କର ଉପଦେଶ ଓ ବାର୍ତ୍ତା ପ୍ରଚାର କରିବା ନିମନ୍ତେ
ଗଲେ।
୨ବାପ୍ତିଜକ ଯୋହନ କାରାଗାରରେ ଥିଲେ। ସେ ଯୀଶୁ
ଖ୍ରୀଷ୍ଟଙ୍କ କାର୍ଯ୍ୟ-କଳାପ ବିଷୟରେ ଶୁଣିଲେ। ସେ ନିଜର
କେତେକ ଶିଷ୍ୟଙ୍କୁ ଯୀଶୁଙ୍କ ପାଖକୁ ପଠାଇଲେ। ୩ଯୋହନଙ୍କ
ଶିଷ୍ୟମାନେ ଯୀଶୁଙ୍କୁ ପଚାରିଲେ, “ଯେଉଁ ବ୍ୟକ୍ତି ଆସିବେ
ବୋଲି ଯୋହନ କହୁଥିଲେ, ଆପଣ ସେହି ବ୍ୟକ୍ତି ନା
ଆମ୍ଭେ ଆଉ କାହାର ଆସିବାପାଇଁ ଅପେକ୍ଷା କରିବୁ?”
୪ଯୀଶୁ ଉତ୍ତର ଦେଲେ, “ତୁମ୍ଭେମାନେ ଯାହା ଦେଖୁଛ
ଓ ଶୁଣୁଛ, ତାହା ଯୋହନଙ୍କୁ ଯାଇ କୁହ। ୫ଅନ୍ଧ ତାର
ଦୃଷ୍ଟିଶକ୍ତି ଫେରି ପାଆନ୍ତି। ଛୋଟାମାନେ ଚାଲି ପାରନ୍ତି।
କୁଷ୍ଠ ରୋଗୀ ସୁସ୍ଥ ହୋଇ ଯାଉଛନ୍ତି। ବଧିର ଶୁଣି
ପାରୁଛି। ମଲାଲୋକ ବଞ୍ଚି ଉଠୁଛି। ଦୀନ-ଦୁଃଖୀ ଲୋକଙ୍କ
ପାଇଁ ସୁସମାଚାର ପ୍ରଚାର କରାଯାଉଛି। ୬ଯେଉଁ ଲୋକ
ମୋତେ ଗ୍ରହଣ କରେ, ସେ ଧନ୍ୟ।”
୭ଏ କଥା ଶୁଣି ଯୋହନଙ୍କ ଶିଷ୍ୟମାନେ ଫେରି
ଯାଉଥିବା ସମୟରେ ଯୀଶୁ ସେଠାରେ ଜମା ହୋଇଥିବା
ଲୋକମାନଙ୍କୁ ଯୋହନଙ୍କ ବିଷୟରେ କହିଲେ, “ଏ ମରୁଭୂମିକୁ
କ’ଣ ଦେଖିବାକୁ ତୁମ୍ଭେ ଆସିଥିଲ? କ’ଣ ପବନରେ
ଦୋହଲୁ ଥିବା କୌଣସି ନଳଗଛକୁ*? ୮ତେବେ କ’ଣ
ଦେଖିବାକୁ ତୁମ୍ଭେ ଆସିଥିଲ? କ’ଣ ଉତ୍ତମ ପୋଷାକ
ପିନ୍ଧିଥିବା କୌଣସି ବ୍ୟକ୍ତିଙ୍କୁ? ତା’ ନୁହେଁ! ଉତ୍ତମ ପୋଷାକ
ପିନ୍ଧୁଥିବା ଲୋକଙ୍କୁ ତୁମ୍ଭେ ରାଜଭବନରେ ପାଇ ପାରିବ।
୯ତେବେ କ’ଣ ଦେଖିବାକୁ ତୁମ୍ଭେ ଆସିଥିଲ? କ’ଣ
କୌଣସି ଭବିଷ୍ୟଦ୍‌ବକ୍ତାଙ୍କୁ? ହଁ, ମୁଁ ତୁମ୍ଭକୁ କହୁଛି ଯେ
ଯାହାକୁ ତୁମ୍ଭେ ଦେଖିଛ ସେ ଭବିଷ୍ୟଦ୍‌ବକ୍ତାଙ୍କ ଠାରୁ ମଧ୍ୟ
ଆହୁରି ବଡ। ୧୦ଯୋହନଙ୍କ ବିଷୟରେ ଶାସ୍ତ୍ରରେ ଲେଖାଅଛି:

> ‘ଦେଖ, ମୁଁ ତୁମ୍ଭଆଗରୁ ମୋର ଜଣେ ଦୂତଙ୍କୁ ପଠାଉଛି। ସେ ତୁମ୍ଭ ପାଇଁ ରାସ୍ତା ସଜାଡ଼ିବେ।’
> ମଲାଖି ୩:୧

୧୧ମୁଁ ତୁମ୍ଭକୁ ସତ୍ୟ କହୁଛି। ବାପ୍ତିସ୍ମ ଦେଉଥିବା ଯୋହନଙ୍କଠାରୁ
ମହାନ୍ ବ୍ୟକ୍ତି ଆଉ କେହିହେଲେ ଜନ୍ମ ହୋଇ ନାହାନ୍ତି।
କିନ୍ତୁ ସ୍ୱର୍ଗରାଜ୍ୟରେ ଯେ ସବୁଠାରୁ ଛୋଟ, ସେ ଯୋହନଙ୍କ
ଠାରୁ ମଧ୍ୟ ଶ୍ରେଷ୍ଠ। ୧୨ବାପ୍ତିଜକ ଯୋହନଙ୍କ ସମୟରୁ ଆଜି
ପର୍ଯ୍ୟନ୍ତ ସ୍ୱର୍ଗ-ରାଜ୍ୟ ଶକ୍ତି ବୃଦ୍ଧି ପାଉଅଛି। ଏହାକୁ ବଳ
ପ୍ରୟୋଗ କରି ଅଧିକାର କରି ନେବାପାଇଁ ହିଂସ୍ର ପ୍ରକୃତିର
ଲୋକମାନେ ଚେଷ୍ଟା କରୁଛନ୍ତି। ୧୩ଯୋହନଙ୍କ ସମୟ
ପୂର୍ବରୁ ସମସ୍ତ ଭବିଷ୍ୟଦ୍‌ବକ୍ତା ଓ ମୋଶାଙ୍କ ନିୟମ
ଭବିଷ୍ୟଦ୍‌ବାଣୀ କହିଥିଲେ। ୧୪ଯଦି ତୁମ୍ଭେ ସେମାନଙ୍କ
ଭବିଷ୍ୟଦ୍‌ବାଣୀ ବିଶ୍ୱାସ କରିବାକୁ ଇଚ୍ଛା କରୁଛ ତେବେ
ଶୁଣ: ଯେଉଁ ଏଲିୟ ଆସିବେ ବୋଲି ସେମାନେ ଭବିଷ୍ୟଦ୍‌ବାଣୀ
କରିଥିଲେ, ସେ ହେଉଛନ୍ତି ଏହି ଯୋହନ। ୧୫ଯେଉଁମାନେ
ମୋକଥା ଶୁଣୁଛ, ଶୁଣ।
୧୬“ଏହି ଲୋକମାନଙ୍କ ବିଷୟରେ ମୁଁ କ’ଣ କହିବି।
ସେମାନେ କେଉଁ ପ୍ରକାରର? ସେମାନେ ବଜାରରେ ବସିଥିବା
ପିଲାମାନଙ୍କ ଭଳି। ସେ ପିଲାମାନେ ଅନ୍ୟ ପିଲାମାନଙ୍କୁ
ଡାକି କୁହନ୍ତି:

> ୧୭ ‘ଆମେ ତୁମ୍ଭ ପାଇଁ ବଂଶୀ ବଜାଇଲୁ। କିନ୍ତୁ ତୁମ୍ଭେ ନାଚିଲ ନାହିଁ। ଆମେ ଶୋକ ଗୀତ ଗାଇଲୁ, କିନ୍ତୁ ତୁମ୍ଭେ ବିଳାପ କଲ ନାହିଁ।’

---

**ନଳଗଛ** ଯୀଶୁଙ୍କ କହିବାର ତାତ୍ପର୍ଯ୍ୟ, ଯୋହନ ପବନରେ ଦୋହଲୁଥିବା ନଳଗଛ ଭଳି ଦୁର୍ବଳ ନଥିଲେ।

[୧୮]ବର୍ତ୍ତମାନର ଲୋକମାନେ ସେପର। ଯୋହନ ଆସିଲେ।
କନ୍ତୁ ଅନ୍ୟମାନଙ୍କ ଭଳ ସେ ଖାଉନଥିଲେ କ ପିଉ
ନଥିଲେ। ଲୋକେ କହଲେ, 'ତାହାଙ୍କ ଦେହରେ ଭୂତ
ପଶି ଯାଇଛ।' [୧୯]ତା'ପରେ ମନୁଷ୍ୟପୁତ୍ର ଆସିଲେ। ସେ
ଅନ୍ୟମାନଙ୍କୁ ଭଳ ଖିଆପିଆ କଲେ। ଲୋକେ କହଲେ,
'ଦେଖ, ଏ ଲୋକ ପେଟୁଆ ଓ ମଦୁଆ। ସେ ପାପୀ ଓ
କର ଆଦାୟ୍କାରୀଙ୍କ ଓ ପାପୀମାନଙ୍କ ବନ୍ଧୁ।' କନ୍ତୁ କାର୍ଯ୍ୟ
ଦ୍ୱାରା ଜ୍ଞାନ ସତ୍ୟ ବୋଲ ପ୍ରମାଣିତ ହୋଇଥାଏ।"

## ଅବଶ୍ୱାସୀ ଲୋକଙ୍କୁ ଯୀଶୁଙ୍କ ଚେତାବନୀ

[୨୦]ସେତେବେଳେ ଯୀଶୁ ଯେଉଁ ନଗର ମାନଙ୍କରେ
ଅଧିକାଂଶ ଆଶ୍ଚର୍ଯ୍ୟକାର୍ଯ୍ୟ ଗୁଡ଼କ କରଥିଲେ, ସେହ ନଗରଗୁଡକୁ
ତିରସ୍କାର କଲେ। କାରଣ ସେଠାକାର ଲୋକେ ନଜ ପାପ
ପାଇଁ ଅନୁତାପ କର ହୃଦୟ୍-ପରବର୍ତ୍ତନ କରନଥିଲେ, କ
ପାପ କରବା ଛାଡ ନଥିଲେ, [୨୧]ସେ କହଲେ, "ହାୟ୍
କୋରାଜୀନ୍! ହାୟ୍ ବେଥ୍ସାଇଦା!* ତୁମ୍ଭ ଅଞ୍ଚଳରେ ଯେଉଁ
ଆଶ୍ଚର୍ଯ୍ୟକାର୍ଯ୍ୟ ଗୁଡ଼କ କରାଗଲା, ସେ ଗୁଡକ ଯଦ ସୋର
ଓ ସୀଦୋନ* ରେ କରଥାଆନ୍ତୁ, ତେବେ ବହୁ ପୂର୍ବରୁ
ସେ ଲୋକମାନେ ହୃଦୟ୍ ଓ ଜୀବନ ପରବର୍ତ୍ତନ
କରସାରଥାଆନ୍ତେ। ସେମାନେ ଅଖା ପିନ୍ଧି ଓ ଦେହରେ
ପାଉଁଶ ବୋଲହୋଇ ତାହାଙ୍କ ପାପ ପାଇଁ ଦୁଃଖ ପ୍ରକାଶ
କର ସାର ଥାଆନ୍ତେ। [୨୨]କନ୍ତୁ ମୁଁ ତୁମ୍ଭକୁ କହୁଛ ଯେ
ବଚାର ଦନରେ ସୋର ଓ ସୀଦୋନର ଅପେକ୍ଷା ତୁମ୍ଭ
ଦଶା ଅଧିକ ଖରାପ ହେବ। [୨୩]ହେ କଫର୍ନାହୂମ! ତୁ କ'ଣ
ଭାବୁଛୁ ତୋତେ ସ୍ୱର୍ଗୀୟ୍ଗୌରବ ଦେବା ପାଇଁ ସ୍ୱର୍ଗକୁ
ଉଠାଇ ନଆଯିବ? ନା, ତୁମ୍ଭକୁ ପାତାଳରେ ନକ୍ଷେପ
କରାଯିବ। ଯେଉଁ ଆଶ୍ଚର୍ଯ୍ୟ କାର୍ଯ୍ୟଗୁଡକ ତୋର ଅଞ୍ଚଳରେ
କରାଯାଇଛ, ସେଗୁଡକ ଯଦ ସଦୋମ* ରେ କରାଯାଇଥାଆନ୍ତା,
ତେବେ ସେଠାକାର ବାସିନ୍ଦା ପାପ କରବା ବନ୍ଦ କର
ଦେଇଥାଆନ୍ତେ ଓ ସେ ନଗର ଏ ପର୍ଯ୍ୟନ୍ତ ତିଷ୍ଠି ରହ
ପାର ଥାଆନ୍ତା। [୨୪]କନ୍ତୁ ମୁଁ ତୁମ୍ଭକୁ କହୁଛ ଯେ, ନ୍ୟାୟ୍
ହେବା ଦନ ତୋର ଦଶା ସଦୋମର ଦଶା ଅପେକ୍ଷା
ଅଧିକ ଖରାପ ହେବ।"

## ଯୀଶୁ ତାହାଙ୍କର ଲୋକମାନଙ୍କୁ ଶାନ୍ତ ପ୍ରଦାନ କରନ୍ତ

[୨୫]ସେତେବେଳେ ଯୀଶୁ କହଲେ, "ହେ ପରମ-ପିତା,
ତୁମ୍ଭେ ସ୍ୱର୍ଗ ଓ ପୃଥିବୀର ପ୍ରଭୁ। ତୁମ୍ଭେ ଏହ ସବୁ ବଷୟ୍
ଜ୍ଞାନୀ ଓ ବୁଦ୍ଧିମାନ ଲୋକମାନଙ୍କ ନକଟରୁ ଲୁଚାଇ ରଖି
ପିଲାଙ୍କ ଭଳ ସରଳ ଲୋକଙ୍କ ନକଟରେ ସେଗୁଡ଼କୁ
ପ୍ରକାଶ କରଛ। ଏଥିପାଇଁ ମୁଁ ତୁମ୍ଭର ସ୍ତୁତି କରୁଛ। [୨୬]ହଁ
ପରମ-ପିତା, ତୁମ୍ଭେ ପ୍ରକୃତରେ ଯାହା ଚାହୁଁଥିଲ, ତାହା
ଘଟିଲା।

[୨୭]"ମୋର ପରମ-ପିତା ମୋତେ ସବୁକଛ ଦେଇଛନ୍ତ।
ପରମ-ପିତାଙ୍କ ଛଡା ପୁତ୍ରଙ୍କୁ ଅନ୍ୟକେହ ଜାଣିନାହାଁନ୍ତ।
ପୁତ୍ରଙ୍କ ଛଡ଼ା କେହ ପରମ-ପିତାଙ୍କୁ ପ୍ରକୃତରେ ଜାଣିନାହାଁନ୍ତ।
ଆଉ ପୁତ୍ର ଯେଉଁମାନଙ୍କୁ ମନୋନୀତ କରବେ, ସେହମାନେ
କେବଳ ପରମ-ପିତାଙ୍କ ନକଟରେ ପ୍ରକାଶିତ ହେବେ।

[୨୮]"ହେ, କ୍ଲାନ୍ତ ଶ୍ରାନ୍ତ ଓ ଚନ୍ତାରେ ଭାରଗ୍ରସ୍ତ ଥିବା
ଲୋକମାନେ! ମୋ ନକଟକୁ ଆସ। ମୁଁ ତୁମ୍ଭକୁ ବଶ୍ରାମ
ଦେବ। [୨୯]ମୋର କାର୍ଯ୍ୟଭାର ତୁମ୍ଭେ ଗ୍ରହଣ କର। ମୋ
ଠାରୁ ଶିଖ। କାରଣ ମୁଁ ଆତ୍ମାରେ ସରଳ ଓ ନମ୍ର ତେଣୁ
ତୁମ୍ଭେ ନଜ ଆତ୍ମାରେ ବଶ୍ରାମ ପାଇବ। [୩୦]ଯେଉଁ କାର୍ଯ୍ୟ
ମୁଁ ତୁମ୍ଭକୁ ଗ୍ରହଣ କରବାକୁ କହୁଛ, ତାହା ସହଜ। ଏବଂ
ଯେଉଁ ବୋଝ ତୁମ୍ଭ ଉପରେ ରଖୁଛ, ତାହା ହାଲୁକା।"

## କେତେକ ଯିହୂଦୀ ଯୀଶୁଙ୍କୁ ସମାଲୋଚନା କଲେ

୧୨ ପ୍ରାୟ୍ ସେହ ସମୟ୍ରେ ଯୀଶୁ ବଶ୍ରାମଦବସ*
ରେ ଶସ୍ୟକ୍ଷେତ୍ର ଦେଇ ଯାଉଥିଲେ। ଯୀଶୁଙ୍କ
ଶିଷ୍ୟମାନେ ତାହାଙ୍କ ସହତ ଥିଲେ। ତାହାଙ୍କର ଶିଷ୍ୟମାନଙ୍କୁ
ଭୋକ ଲାଗିଲା। ସେମାନେ କେତେକ ଗହମ-କେଣ୍ଡା
ଛଣ୍ଡେଇ ଖାଇବାକୁ ଲାଗିଲେ। [୨]ଫାରୂଶୀମାନେ ଏହା ଦେଖି
ଯୀଶୁଙ୍କୁ କହଲେ, "ଦେଖ, ତୁମ୍ଭର ଶିଷ୍ୟମାନେ ବଶ୍ରାମଦବସରେ
ଏଭଳ ଯାହା କରୁଛନ୍ତ, ତାହା ମୋଶାଙ୍କ ବ୍ୟବସ୍ଥାର
ବରୋଧୀ।

[୩]ଏହା ଶୁଣି ଯୀଶୁ ସେମାନଙ୍କୁ କହଲେ, "ଦାଉଦ ଓ
ତାହାଙ୍କ ସାଙ୍ଗରେ ଥିବା ଲୋକେ ଭୋକ ଲାଗିବା ବେଳେ
କ'ଣ କରଥିଲେ, ସେ ବଷୟ୍ରେ ତୁମ୍ଭେ କ'ଣ ପଢ଼ନାହଁ?
[୪]ସେ ପରମେଶ୍ୱରଙ୍କ ଘରେ ପ୍ରବେଶ କରଥିଲେ ଓ
ପରମେଶ୍ୱରଙ୍କୁ ଅର୍ପଣ କରାଯାଇଥିବା ପବତ୍ର ରୋଟୀ ସେ
ଓ ତାହାଙ୍କ ସହତ ଥିବା ଲୋକମାନେ ଖାଇଦେଇଥିଲେ।
ମୋଶାଙ୍କ ବ୍ୟବସ୍ଥା ଅନୁସାରେ ଦାଉଦ ଓ ତାହାଙ୍କ ସାଥୀ
ମାନଙ୍କର ଏହା ଖାଇବା ଅଧିକାର ନ ଥିଲା। କାରଣ
କେବଳ ଯାଜକମାନଙ୍କୁ ତାହା ଖାଇବାପାଇଁ ଅନୁମତି
ଦଆଯାଇଥାଏ। [୫]ତୁମ୍ଭେ ମୋଶାଙ୍କ ବ୍ୟବସ୍ଥାରେ କ'ଣ
ପଢ଼ନାହଁ ଯେ ବଶ୍ରାମ ଦବସରେ ଯାଜକମାନେ ପ୍ରଭୁଙ୍କ
ମନ୍ଦିରରେ ବଶ୍ରାମଦବସର ନୀତିନିୟ୍ମ ଉଲ୍ଲଙ୍ଘନ କରନ୍ତ?
ସେ ଘଟଣାରେ ତାହାଙ୍କର କେହ କଛ ଦୋଷ ଧରନ୍ତନାହଁ।
[୬]କନ୍ତୁ ମୁଁ ତୁମ୍ଭକୁ କହୁଛ, ଏଠାରେ ଏଭଳ କଛ ବଷୟ୍
ଅଛ, ଯାହା ମନ୍ଦିରଠାରୁ ମହାନ୍। [୭]ଶାସ୍ତ୍ରକୁହେ, 'ମୁଁ
ଲୋକମାନଙ୍କ ମଧରେ ଦୟା ଚାହେଁ, କନ୍ତୁ ପଶୁବଳ
ଚାହେଁନାହଁ।'* ତୁମ୍ଭେ ପ୍ରକୃତରେ ଏହାର ଅର୍ଥ ବୁଝିନାହଁ।

---

**କୋରାଜୀନ୍ ଓ ବେଥସାଇଦା** ଗାଲୀଲୀ ହ୍ରଦ ଉପକୂଳସ୍ଥ ଦୁଇଟି ନଗର। ଏଠାରେ ଯୀଶୁ ଉପଦେଶ ଦେଇଥିଲେ।

**ସୋର ଓ ସୀଦୋନ** ଦୁଇଟି ନଗର, ଯେଉଁଠାରେ ବହୁତ ଖରାପ ଲୋକ ରହୁଥିଲେ।

**ସଦୋମ** ଏହି ନଗରରେ ଦୁରାଚାରୀ ଲୋକେ ରହୁଥିଲେ। ପରମେଶ୍ୱର ଏ ନଗରଟିର ବନାଶ କରଥିଲେ। ଆଦପୁସ୍ତକ ୧୯:୧-୨୯

**ବଶ୍ରାମ ଦବସ** ଯିହୂଦୀମାନଙ୍କର ସପ୍ତାହର ସପ୍ତମ ଦବସ। ଏହ ଦନଟି ସେମାନଙ୍କର ବଶେଷ ଧାର୍ମିକ ଦବସ ରୂପେ ପରଗଣିତ।

**'ମୁଁ ଲୋକମାନଙ୍କ ... ବଳ ଚାହେଁନାହଁ'** ହୋଶେୟ୍ ୬:୬

ଯଦି ବୁଝି ଥାଆନ୍ତ, ତେବେ ଏହି ନିର୍ଦ୍ଦୋଷ ଲୋକମାନଙ୍କୁ
ନିନ୍ଦା କରନ୍ତିନାହିଁ।
୮"ମନୁଷ୍ୟପୁତ୍ର* ବିଶ୍ରାମଦିବସର ପ୍ରଭୁ ଅଟନ୍ତି।"

### ଯୀଶୁ ଗୋଟିଏ ଲୋକର ଅଚଳ ହାତଟି ସୁସ୍ଥ କରିଦେଲେ

୯ଯୀଶୁ ସେଠାରୁ ଯାଇ ସେମାନଙ୍କର ପ୍ରାର୍ଥନାଗୃହରେ
ପ୍ରବେଶ କଲେ। ୧୦ସେଠାରେ ଥିବା ଗୋଟିଏ ଲୋକର
ହାତ ଶୁଖି ଯାଇଥିଲା। ସେଠାରେ ଥିବା କେତେକ ଯିହୂଦୀ
ଯୀଶୁଙ୍କ ଉପରେ ଦୋଷାରୋପ କରିବା ପାଇଁ ସୁଯୋଗ
ଖୋଜୁଥିଲେ। ସେମାନେ ତାହାଙ୍କୁ ପଚାରିଲେ, "ମୋଶାଙ୍କ
ନିୟମ ଅନୁସାରେ ବିଶ୍ରାମଦିବସରେ କାହାରିକୁ ଭଲ କରିଦେବା
କ'ଣ ବିଧିସଙ୍ଗତ?"
୧୧ଯୀଶୁ କହିଲେ, "ମନେକର ତୁମ୍ଭର କାହାରି ଗୋଟିଏ
ମେଣ୍ଢା ଅଛି ଓ ସେହି ମେଣ୍ଢାଟି ବିଶ୍ରାମଦିବସରେ ଖାଲ
ଭିତରେ ଖସି ପଡ଼ିଲା। ତୁମ୍ଭେ କ'ଣ ତାକୁ ଖାଲରୁ ବାହାର
କରି ଆଣିବନାହିଁ? ୧୨ମଣିଷଟି ନିଶ୍ଚିତ ଭାବରେ ଗୋଟିଏ
ମେଣ୍ଢାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ। ତେଣୁ ମୋଶାଙ୍କ ବ୍ୟବସ୍ଥା
ବିଶ୍ରାମ-ଦିବସରେ ଭଲ କାମ କରିବାକୁ ଅନୁମତି ଦେଇଥାଏ।"
୧୩ତା'ପରେ ଯୀଶୁ ସେହି ଲୋକଟିକୁ କହିଲେ, "ତୁମ୍ଭ
ହାତ ମୋତେ ଦେଖାଅ।" ଲୋକଟି ଯୀଶୁଙ୍କୁ ହାତ
ଦେଖାଇବା ପାଇଁ ଆଗକୁ ବଢ଼େଇଦେଲା। ତାର ସେହି
ଶୁଖି ଯାଇଥିବା ହାତଟି ସମ୍ପୂର୍ଣ୍ଣ ଭଲ ହୋଇ ଗଲା। ଏହି
ହାତଟି ତାର ଅନ୍ୟ ହାତ ଭଳି ହୋଇଗଲା। ୧୪କିନ୍ତୁ
ଫାରୂଶୀମାନେ ସେଠାରୁ ବାହାରି ଗଲେ। ଯୀଶୁଙ୍କୁ ଜୀବନରେ
ମାରିଦେବା ପାଇଁ ସେମାନେ ଯୋଜନା କଲେ।

### ପରମେଶ୍ୱରଙ୍କ ମନୋନୀତ ସେବକ: ଯୀଶୁ

୧୫ଯୀଶୁ ଏକଥା ଜାଣିପାରି ସେ ଜାଗା ଛାଡି ଚାଲିଗଲେ।
ବହୁତ ଲୋକ ତାହାଙ୍କୁ ଅନୁସରଣ କଲେ। ଯୀଶୁ ସମସ୍ତ
ରୋଗୀଙ୍କୁ ସୁସ୍ଥ କରିଦେଲେ। ୧୬କିନ୍ତୁ ଯୀଶୁ ସେମାନଙ୍କୁ
ଚେତାବନୀ ଦେଇ କହିଲେ, "ଏ କଥା କାହାରି ଆଗରେ
ପ୍ରକାଶ କରିବ ନାହିଁ।" ୧୭ଭବିଷ୍ୟଦ୍‌ବକ୍ତା ଯିଶାଇୟଙ୍କ ମାଧ୍ୟମରେ
ପରମେଶ୍ୱର ଯାହା କହିଥିଲେ, ସେଗୁଡିକ ପୂର୍ଣ୍ଣ ହେବାପାଇଁ
ଯୀଶୁ ଏହା କଲେ। ୧୮ ଯିଶାଇୟ କହିଥିଲେ,

"ଏ ମୋର ସେବକ। ମୁଁ ତାହାଙ୍କୁ ବାଛିଛି। ମୁଁ
ତାହାଙ୍କୁ ଭଲ ପାଏ। ମୁଁ ତାହାଙ୍କ ଉପରେ ଖୁସୀ।
ମୋର ଆତ୍ମା ମୁଁ ତାହାଙ୍କଠାରେ ରଖିବି। ସେ
ଜାତିମାନଙ୍କ ଭିତରେ ନ୍ୟାୟ ଘୋଷଣା କରିବେ।
୧୯ ସେ ଯୁକ୍ତି କରିବେ ନାହିଁ କି ପାଟିତୁଣ୍ଡ କରିବେ
ନାହିଁ। ଲୋକେ ଗଳିରେ ତାହାଙ୍କ କଥା ଶୁଣିବେ
ନାହିଁ।
୨୦ ନଇଁ ପଡିଥିବା ଛେଗୃନଳର କାଣ୍ଡଟି ସେ ଭାଙ୍ଗିବେ
ନାହିଁ କି ଲିଭି ଆସୁଥିବା ଦୀପଟିକୁ ସେ ଲିଭେଇବେ
ନାହିଁ। ନ୍ୟାୟର ବିଜୟ ନ ହେବା ପର୍ଯ୍ୟନ୍ତ ସେ
ଅଟଳ ରହିବେ।
୨୧ ସେଥିରେ ସବୁ ଲୋକେ ତାହାଙ୍କ ଉପରେ ଭରସା
ରଖିବେ।" ଯିଶାଇୟ ୪୨:୧-୪

### ଯୀଶୁଙ୍କଠାରେ ପରମେଶ୍ୱରଙ୍କର ଶକ୍ତି ନିହିତ ଅଛି

୨୨ତା'ପରେ ଲୋକେ ଯୀଶୁଙ୍କ ପାଖକୁ ଗୋଟିଏ ଲୋକକୁ
ଆଣିଲେ। ସେ ଲୋକଟି ଅନ୍ଧ ଥିଲା। ତା ଦେହରେ
ଗୋଟିଏ ଭୂତ ପଶି ଥିବାରୁ ସେ ମୂକ ହୋଇ ଯାଇଥିଲା।
ଯୀଶୁ ଲୋକଟିକୁ ସୁସ୍ଥ କରିଦେଲେ। ଫଳରେ ଲୋକଟି
କଥା କହି ପାରିଲା, ଓ ଦେଖି ପାରିଲା। ୨୩ଜମା
ହୋଇଥିବା ଲୋକେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ,
ସେମାନେ କୁହାକୁହି ହେଲେ, "ଆମ୍ଭ ପାଖକୁ ପରମେଶ୍ୱର
ଯାହାଙ୍କୁ ପଠାଇବେ ବୋଲି ପ୍ରତିଜ୍ଞା କରିଥିଲେ, ଏ ହୁଏତ
ସେହି ଦାଉଦଙ୍କ ପୁତ୍ର ଅଟନ୍ତି?"
୨୪ମାତ୍ର ଫାରୂଶୀମାନେ ଲୋକଙ୍କର ଏହି କଥା ଶୁଣି
କହିଲେ, "ଯୀଶୁ ଭୂତମାନଙ୍କ ଶାସକ ବାଆଲ୍‌ଜିବୂଲ୍*ଙ୍କ
ସହାର୍ଯ୍ୟରେ ଭୂତମାନଙ୍କୁ ଛଡ଼ାନ୍ତି।"
୨୫ଯୀଶୁ ଫାରୂଶୀମାନଙ୍କର ମନକଥା ଜାଣିପାରିଲେ ଓ
ସେମାନଙ୍କୁ କହିଲେ, "ନିଜ ବିରୁଦ୍ଧରେ ବିଭେଦ ସୃଷ୍ଟି
କରୁଥିବା ପ୍ରତ୍ୟେକ ରାଜ୍ୟ ଧ୍ୱଂସ ପାଇଯିବ। ଯଦି କୌଣସି
ନଗର ନିଜ ନିଜ ମଧ୍ୟରେ ଭାଗଭାଗ ହୋଇଯାଏ, ତେବେ
ତାହା ତିଷ୍ଠିରହି ପାରିବନି। ସେହିଭଳି ନିଜ ନିଜ ଭିତରେ
ଭାଗ ହୋଇଗଲେ କୌଣସି ପରିବାର ତିଷ୍ଠି ରହି ପାରିବନି।
୨୬ଯଦି ଶୟତାନ ତାର ନିଜ ଭୂତମାନଙ୍କୁ ତଡ଼ି ଦିଏ,
ତେବେ ତାର ଅର୍ଥ ସେ ନିଜେ ନିଜ ଭିତରେ ଭାଗ-ଭାଗ
ହୋଇଛି। ଏ ପରିସ୍ଥିତିରେ ତାର ରାଜ୍ୟ ତିଷ୍ଠି ରହି ପାରିବା
ସମ୍ଭବ ହେବନାହିଁ। ୨୭ତୁମ କହିବା ଅନୁସାରେ ମୁଁ ଯଦି
ବାଆଲ୍‌ଜିବୂଲ୍‌ର ଶକ୍ତି ସାହାଯ୍ୟରେ ଭୂତମାନଙ୍କୁ ତଡ଼ି ଦେଉଛି
ତେବେ ତୁମ୍ଭର ଶିଷ୍ୟମାନେ କାହା ସାହାଯ୍ୟରେ ତାହାଙ୍କୁ
ତଡୁଛନ୍ତି? ତେଣୁ ତୁମ୍ଭ ନିଜର ଶିଷ୍ୟମାନେ ପ୍ରମାଣିତ
କରିଦେଉଛନ୍ତି ଯେ ତୁମ୍ଭେ ଭୁଲ କହୁଛ। ୨୮ମୁଁ କିନ୍ତୁ
ଭୂତମାନଙ୍କୁ ପରମେଶ୍ୱରଙ୍କ ଆତ୍ମାର ଶକ୍ତି ସାହାଯ୍ୟରେ ତଡ଼ି
ଦେଉଛି। ତେଣୁ ଏଥିରୁ ପ୍ରମାଣିତ ହେଉଛି ଯେ, ପରମେଶ୍ୱରଙ୍କ
ରାଜ୍ୟ ତୁମ୍ଭ ନିକଟରେ ପୂରାପୂରି ଆସି ପହଞ୍ଚିଗଲାଣି।
୨୯"ଜଣେ ଲୋକ କୌଣସି ବଳବାନ ଲୋକ ଘରେ
ପଶି ତାର ସମ୍ପତ୍ତି ଚୋରେଇନେବାକୁ ଚାହିଁଲେ, ସେ
ବଳବାନ ଲୋକଟିକୁ ପ୍ରଥମେ ବାନ୍ଧି ପକାଇବ। ତା'ପରେ
ସେ ବଳବାନ ଲୋକର ଘରୁ ସବୁ ଲୁଟି କରି ନେଇ
ଯାଇ ପାରିବ।
୩୦"ଯଦି କେହି ମୋ ସହିତ କାମ କରୁନାହିଁ, ତେବେ
ସେ ମୋ ବିରୁଦ୍ଧରେ କାମ କରୁଛି। ୩୧ତେଣୁ ମୁଁ ତୁମ୍ଭକୁ
କହୁଛି ଯେ, ଲୋକେ ଯେଉଁସବୁ ପାପ କରୁଛନ୍ତି ତାହା
କ୍ଷମା କରି ଦିଆଯିବ। ଲୋକମାନେ ଯେଉଁସବୁ ଖରାପ

---

**ମନୁଷ୍ୟପୁତ୍ର** ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଏହା ଗୋଟିଏ ନାମ। ପରମେଶ୍ୱର ତାହାଙ୍କ ଲୋକଙ୍କୁ ରକ୍ଷା କରିବାପାଇଁ ଏହାଙ୍କୁ ବାଛିଥିଲେ।

**ବାଆଲ୍‌ଜିବୂଲ୍** ଭୂତମାନଙ୍କର ରାଜା ଶଇତାନର ନାମ।

କଥା କହୁଛନ୍ତି, ତାହା କ୍ଷମା କରି ଦିଆଯିବ। କିନ୍ତୁ
ପବିତ୍ର-ଆତ୍ମାଙ୍କ ବିରୁଦ୍ଧରେ ନିନ୍ଦା କଲେ କ୍ଷମା କରାଯାଇ
ପାରିବନି। ୩୨ଯଦି କେହି ମନୁଷ୍ୟପୁତ୍ରଙ୍କ ବିରୁଦ୍ଧରେ କିଛି
କୁହେ ତେବେ ତାକୁ କ୍ଷମା କରାଯାଇପାରେ, କିନ୍ତୁ ପବିତ୍ରଆତ୍ମାଙ୍କ
ବିରୁଦ୍ଧରେ କେହି କିଛି କହିଲେ ତାକୁ ବର୍ତ୍ତମାନ ବା
ଭବିଷ୍ୟତରେ କେବେହେଲେ କ୍ଷମା କରାଯିବନାହିଁ।

## କର୍ମ ହିଁ ବ୍ୟକ୍ତିର ପରିଚୟ ଦିଏ

୩୩“ଭଲ ଫଳ ପାଇବାକୁ ହେଲେ ଭଲ ଗଛଟିଏ
ଲଗାଇବାକୁ ପଡ଼େ। ତୁମ୍ଭର ଖରାପ ଗଛଟିଏ ଥିଲେ
ସେଥିରୁ ତୁମ୍ଭେ ଖରାପ ଫଳ ପାଇବ। କାରଣ ଫଳଦ୍ୱାରା
ଗଛଟିକୁ ଚିହ୍ନି ହୁଏ। ୩୪ହେ ସର୍ପର ସନ୍ତାନଗଣ; ତୁମ୍ଭେମାନେ
ମନ୍ଦ ଲୋକ, ତୁମ୍ଭେ ଭଲ କଥା କିପରି କହି ପାରିବ?
ଜଣେ ତା ମନ ଭିତରେ ଯାହା ଭାବୁଥାଏ, ତାକୁ କଥାରେ
ପ୍ରକାଶ କରିଥାଏ। ୩୫ଗୋଟିଏ ଭଲ ଲୋକର ମନରେ
ଭଲ କଥା ସଞ୍ଚିତ ହୋଇ ରହିଥାଏ, ସେ କହିବାବେଳେ
ତାର ମନରୁ ଭଲ କଥା ବାହାରି ଆସେ। କିନ୍ତୁ ଜଣେ
ଖରାପ ଲୋକର ମନ ଭିତରେ ଖରାପ କଥା ସବୁ ସଞ୍ଚିତ
ହୋଇ ରହିଥାଏ। ସେ କହିବାବେଳେ ତା ମନ ଭିତରୁ
ଖରାପ କଥା ବାହାରିଥାଏ। ତେଣୁ ସେ ଖରାପ କଥା
କୁହେ। ୩୬କିନ୍ତୁ ମୁଁ ତୁମ୍ଭକୁ କହୁଛି ଲେକମାନେ ଅଜାଗ୍ରତ
ଭାବରେ କିଛି କହିଥିବା ପ୍ରତ୍ୟେକ ଶବ୍ଦପାଇଁ ବିଚାର
ଦିନରେ ସେମାନଙ୍କୁ ଉତ୍ତର ଦେବାକୁ ହେବ। ୩୭ଅତଏବ
ଯେଉଁସବୁ କଥା ତୁମ୍ଭେ କହିଥିବ, ତାରି ଅନୁସାରେ ତୁମ୍ଭକୁ
ଦୋଷୀ ବା ତୁମ୍ଭକୁ ନିର୍ଦ୍ଦୋଷୀ ବୋଲି ବିଚାର କରାଯିବ।”

## ଯୀଶୁଙ୍କୁ ପ୍ରମାଣ ଦେବା ପାଇଁ ଯିହୂଦୀମାନଙ୍କର ଆହ୍ୱାନ

୩୮ତାପରେ ଯିହୂଦୀ ଧର୍ମଶାସ୍ତ୍ରୀ ଓ ଫାରୂଶୀମାନଙ୍କ
ଭିତରୁ କେତେକ ଯୀଶୁଙ୍କୁ କହିଲେ, “ଗୁରୁ, ତୁମ୍ଭେ ଆମ୍ଭକୁ
ଚିହ୍ନ ସ୍ୱରୂପ ଆଶ୍ଚର୍ଯ୍ୟକାର୍ଯ୍ୟଟିଏ ଦେଖାଅ।”
୩୯ଯୀଶୁ କହିଲେ, “ମନ୍ଦ ଓ ପାପୀ ଲୋକମାନେ
ପ୍ରମାଣ ପାଇଁ ଆଶ୍ଚର୍ଯ୍ୟକାର୍ଯ୍ୟ ଦେଖିବାକୁ ଚାହାଁନ୍ତି। କିନ୍ତୁ
ତାହାଙ୍କୁ କୌଣସି ପ୍ରମାଣ ଦେଖାଇ ଦିଆଯିବନାହିଁ। କେବଳ
ଭବିଷ୍ୟଦ୍‌ବକ୍ତା ଯୂନସଙ୍କ କ୍ଷେତ୍ରରେ ଘଟିଥିବା ଆଶ୍ଚର୍ଯ୍ୟକାର୍ଯ୍ୟ
ହିଁ ସେମାନଙ୍କ ପାଇଁ ଏକମାତ୍ର ଚିହ୍ନ ହେବ। ୪୦ଯୂନସ
ସମୁଦ୍ରର ଗୋଟିଏ ବଡ଼ ମାଛ ପେଟରେ ତିନି ଦିନ ଓ
ତିନି ରାତି ଥିଲେ। ସେହିପରି ମନୁଷ୍ୟପୁତ୍ର ତିନିଦିନ ଓ
ତିନିରାତି କବର ଭିତରେ ରହିବେ। ୪୧ଯେଉଁଦିନ ବିଚାର
ହେବ, ସେହିଦିନ ନୀନିବୀର ଲୋକମାନେ ବର୍ତ୍ତମାନ ଜୀବିତ
ଥିବା ଲୋକଙ୍କ ସହିତ ଠିଆ ହେବେ, ଏବଂ ସେମାନଙ୍କୁ
ଦୋଷୀ ସାବ୍ୟସ୍ତ କରିବେ। କାରଣ ଯେତେବେଳେ ଯୂନସ
ସେମାନଙ୍କୁ ଉପଦେଶ ଦେଲେ ନୀନିବୀର ଲୋକେ ନିଜ
ନିଜର ହୃଦୟପରିବର୍ତ୍ତନ କରିଥିଲେ। ମୁଁ ତୁମ୍ଭମାନଙ୍କୁ କହୁଛି
ଯେ, ମୁଁ ଯୂନସଙ୍କ ଅପେକ୍ଷା ଅଧିକ ମହାନ୍। ୪୨ଯେଉଁ ଦିନ
ବିଚାର ହେବ ସେ ଦିନ ଦକ୍ଷିଣର ରାଣୀ ବର୍ତ୍ତମାନ ଜୀବିତ
ଥିବା ଲୋକଙ୍କ ସହିତ ଠିଆ ହେବେ ଏବଂ ସେ
ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବେ। କାରଣ ସେ
ଶଲମୋନଙ୍କ ଜ୍ଞାନର କଥା ଶୁଣିବା ପାଇଁ ବହୁତ ଦୂରରୁ
ଆସିଥିଲେ। ଏବଂ ମୁଁ ତୁମ୍ଭକୁ କହୁଛି ଯେ ମୁଁ ଶଲମୋନଙ୍କଠାରୁ
ଅଧିକ ମହାନ୍।

## ବର୍ତ୍ତମାନର ଲୋକମାନଙ୍କଠାରେ ମନ୍ଦଗୁଣ ଭରି ରହିଛି

୪୩“ଯେତେବେଳେ ଗୋଟିଏ ଭୂତ କୌଣସି ଲୋକଦେହରୁ
ବାହାରି ଚାଲି ଆସେ, ସେତେବେଳେ ସେ ପଥଭ୍ରଷ୍ଟ ହୋଇ
ବିଶ୍ରାମ ନେବାପାଇଁ ଶୁଖିଲା ଜାଗାଟିଏ ଖୋଜି ବୁଲେ। କିନ୍ତୁ
ସେଭଳି ଜାଗାଟିଏ ତାକୁ ମିଳେନାହିଁ। ୪୪ସେତେବେଳେ
ସେ କୁହେ, ‘ମୁଁ ମୋର ଯେଉଁ ପୁରୁଣା ଘର ଛାଡ଼ି ଚାଲି
ଆସିଛି, ପୁଣି ସେଠାକୁ ଫେରିଯିବି।’ ସେ ପୁଣି ଫେରିଆସେ।
ସେ ଦେଖେ ସେ ପର୍ଯ୍ୟନ୍ତ ମଧ୍ୟ ଘରଟି ଖାଲି ଅଛି। ସଫା
ଅଛି ଏବଂ ସବୁ ଠିକ୍‌ଠାକ୍ ଅଛି। ତା'ପରେ ସେ ଯାଏ ଓ
ତା'ଠାରୁ ଅଧିକ ଖରାପ ଆଉସାତଟା ଭୂତଙ୍କୁ ଡାକିଆଣେ।
୪୫ତା'ପରେ ସବୁ ଭୂତ ସେ ଘର ଭିତରକୁ ଯାଇ
ସେଠାରେ ବସବାସ କରନ୍ତି। ସେତେବେଳେ ଲୋକଟିର
ଅବସ୍ଥା ପୂର୍ବ ଅପେକ୍ଷା ଅଧିକ ଶୋଚନୀୟ ହୋଇପଡେ।
ଏବେ ଜୀବିତ ଥିବା ମନ୍ଦ ଲୋକଙ୍କ ପାଇଁ ସେହି ଏକାକଥା
ଘଟିବ।”

## ଯୀଶୁଙ୍କ ଶିଷ୍ୟମାନେ ତାହାଙ୍କର ପରିବାର

୪୬ଯୀଶୁ ଯେତେବେଳେ ଏହି ସବୁ କଥା ସେଠାରେ
ଜମା ହୋଇଥିବା ଲୋକମାନଙ୍କୁ କହୁଥିଲେ, ସେତେବେଳେ
ତାହାଙ୍କ ମାଆ ଏବଂ ଭାଇ ଆସି ବାହାରେ ଠିଆହେଲେ।
ସେମାନେ ଯୀଶୁଙ୍କ ସାଙ୍ଗରେ କଥାବାର୍ତ୍ତା କରିବା ପାଇଁ
ଚାହୁଁଥିଲେ। ୪୭ଜଣେ କେହି ଯୀଶୁଙ୍କୁ କହିଲେ, “ତୁମ୍ଭର
ମାଆ ଏବଂ ଭାଇମାନେ ବାହାରେ ଅପେକ୍ଷା କରିଛନ୍ତି।
ସେମାନେ ତୁମ୍ଭ ସହିତ କଥାବାର୍ତ୍ତା ହେବାକୁ ଚାହୁଁଛନ୍ତି।”
୪୮ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, “ମୋର ମାଆ
କିଏ? ମୋର ଭାଇମାନେ କିଏ?” ୪୯ତା'ପରେ ସେ
ତାହାଙ୍କର ଶିଷ୍ୟମାନଙ୍କ ଆଡ଼କୁ ହାତ ବଢ଼ାଇ କହିଲେ,
“ଏମାନେ ମୋର ମାଆ ଓ ଭାଇ। ୫୦ଯିଏ ସ୍ୱର୍ଗରେ
ରହୁଥିବା ମୋର ପରମପିତାଙ୍କ ଇଚ୍ଛା ଅନୁସାରେ କାମ
କରନ୍ତି, ସେ ମୋର ଭାଇ, ଭଉଣୀ ଓ ମାଆ।”

## ଯୀଶୁଙ୍କ ବୀଜ ବୁଣିବା କାହାଣୀ

୧୩ ସେହିଦିନ ଯୀଶୁ ସେହି ଘରୁ ବାହାରି ଚାଲିଗଲେ
ଓ ହ୍ରଦ କୂଳରେ ଯାଇ ବସିଲେ। ୨ତାହାଙ୍କ
ଚାରିପଟେ ବହୁତ ଲୋକ ଜମା ହୋଇଗଲେ। ତେଣୁ ଯୀଶୁ
ଗୋଟିଏ ଡ଼ଙ୍ଗା ଭିତରକୁ ଉଠିଗଲେ ଓ ସେଠାରେ ଯାଇ
ବସିଲେ। ସବୁ ଲୋକେ କୂଳରେ ରହିଲେ। ୩ତା'ପରେ
ଯୀଶୁ ଲୋକଙ୍କୁ କାହାଣୀ ମାଧ୍ୟମରେ ଅନେକ ଉପଦେଶ
ଦେଲେ। ଯୀଶୁ କହିଲେ, “ଗୋଟିଏ କୃଷକ ତା କ୍ଷେତରେ
ବୀଜ ବୁଣିବାକୁ ଗଲା। ୪ସେ ବୁଣିବା ବେଳେ କିଛି ବୀଜ
ରାସ୍ତା କଡ଼ରେ ପଡ଼ିଗଲା। ଚଢ଼େଇମାନେ ଆସି ସେ
ସବୁତକ ଖାଇଦେଲେ। ୫ଆଉ କିଛି ବୀଜ ପଥୁରିଆ
ଜାଗାରେ ପଡିଗଲା। ସେଠାରେ ଯଥେଷ୍ଟ ମାଟି ନ ଥିଲା।

ମାଟି ଗହିରିଆ ନ ଥିବାରୁ ବୀଜରୁ ଖୁବ୍ ଶୀଘ୍ର ଗଜା
ବାହାରି ପଡ଼ିଲା। ୬କିନ୍ତୁ ଯେତେବେଳେ ସୂର୍ଯ୍ୟ ଉପରକୁ
ଉଠିଲା, ସେତେବେଳେ ଗଛ ଝାଉଁଳି ପଡ଼ିଲା। ତା'ର
ଚେର ଗଭୀରକୁ ଯାଇ ପାରିନଥିବାରୁ ଗଛଟି ଶୁଖି ମରିଗଲା।
୭ଆଉ କିଛି ବୀଜ କଣ୍ଟା ବୁଦାରେ ପଡ଼ିଗଲା। କଣ୍ଟାବୁଦା
ବଢ଼ି ଯିବାରୁ ଚାରା ଗଛକୁ ଗ୍ରସିଦେଲା। ୮ଆଉ କିଛି ବୀଜ
ଭଲ ମାଟି ଉପରେ ପଡ଼ିଲା ଓ ତାହା ବଢ଼ି ସେଥିଲେ
ଫଳଫଳିଲା। କେତେକ ଗଛରେ ଶହେଗୁଣ, କେତେକରେ
ଷାଠିଏ ଗୁଣ ଓ ଆଉ କେତେକରେ ତିରିଶ ଗୁଣ ଅଧିକ
ଫଳିଲା। ୯ତୁମ୍ଭର ଯଦି କାନ ଅଛି, ତେବେ ଶୁଣ।"

## କାହାଣୀ ମାଧମରେ ଯୀଶୁଙ୍କର ଶିକ୍ଷା

୧୦ଶିଷ୍ୟମାନେ ଯୀଶୁଙ୍କ ପାଖକୁ ଆସି ପଚାରିଲେ,
"ତୁମ୍ଭେ ସେମାନଙ୍କୁ କାହାଣୀ ମାଧମରେ କାହିଁକି ଶିକ୍ଷା
ଦେଉଛ?"
୧୧ଯୀଶୁ କହିଲେ, "ସ୍ୱର୍ଗରାଜ୍ୟର ନିଗୂଢ଼ ସତ୍ୟ ଜାଣିବା
ପାଇଁ କେବଳ ତୁମ୍ଭମାନଙ୍କୁ ଅଧିକାର ମିଳିଛି। ଏ ଅଧିକାର
ସେମାନଙ୍କୁ ଦିଆଯାଇନାହିଁ। ୧୨ଯାହା ପାଖରେ କିଛି ହେଲେ
ବୁଝିବା ଶକ୍ତି ଅଛି, ତାକୁ ଆହୁରି ଅଧିକ ଦିଆଯିବ, ଏବଂ
ସେ ଆବଶ୍ୟକତାଠାରୁ ଅଧିକ ପାଇବ। କିନ୍ତୁ ଯାହା
ପାଖରେ ବିଶେଷ ବୁଝିବା-ଶକ୍ତି ନାହିଁ, ସେ ତା'ପାଖରେ
ଥିବା ସେହି ଟିକେ ବୁଝିବାଶକ୍ତି ମଧ୍ୟ ହରେଇ ବସିବ।
୧୩ସେଇଥିପାଇଁ ମୁଁ ସେମାନଙ୍କୁ କାହାଣୀ ମାଧମରେ ଉପଦେଶ
ଦେଉଛି। କାରଣ ସେମାନେ ଚେଷ୍ଟା କରିଲେ ମଧ୍ୟ
ପ୍ରକୃତରେ କିଛି ବୁଝିପାରନ୍ତି ନାହିଁ। ୧୪ଭବିଷ୍ୟଦ୍‌ବକ୍ତା
ଯିଶାଇୟ ସେମାନଙ୍କ ବିଷୟରେ ଯାହା କହିଥିଲେ, ତାହା
ସତ୍ୟ ବୋଲି ସେହିମାନେ ପ୍ରମାଣିତ କରି ଦେଉଛନ୍ତି।
ଯିଶାଇୟ କହିଥିଲେ,

'ତୁମ୍ଭେମାନେ ଶୁଣୁଥିବ, କିନ୍ତୁ ବୁଝି ପାରିବ ନାହିଁ।
ତୁମ୍ଭେମାନେ ଦେଖୁଥିବ କିନ୍ତୁ କିଛି ଜାଣି ପାରିବ
ନାହିଁ।
୧୫ କାରଣ ସେମାନଙ୍କର(ଲୋକମାନଙ୍କର) ହୃଦୟ କଠୋର
ହୋଇ ଯାଇଛି। ସେମାନଙ୍କର କାନ ଅଛି କିନ୍ତୁ
ଶୁଣନ୍ତି ନାହିଁ ଏବଂ ସତ୍ୟକୁ ଦେଖିବା ପାଇଁ ମନା
କରି ଦେଇଛନ୍ତି। ଫଳରେ ସେମାନେ ତାହାଙ୍କ
ଆଖିରେ କିଛି ଦେଖି ପାରିବେନାହିଁ। କିମ୍ବା ତାହାଙ୍କ
କାନରେ କିଛି ଶୁଣି ପାରିବେ ନାହିଁ। କିମ୍ବା
ହୃଦୟରେ କିଛି ବୁଝି ପାରିବେ ନାହିଁ। ଏହା
ଘଟିଅଛି କାରଣ ସୁସ୍ଥ ହେବା ପାଇଁ ସେମାନେ ମୋ
ପାଖକୁ ଆସିବେ ନାହିଁ।' ଯିଶାଇୟ ୬:୯-୧୦

୧୬କିନ୍ତୁ ତୁମ୍ଭେ ଧନ୍ୟ, କାରଣ ତୁମ୍ଭେ ଯାହା ଆଖିରେ
ଦେଖୁଛ, ତାହା ବୁଝୁଛ। ତୁମ୍ଭେ ଯାହା କାନରେ ଶୁଣୁଛ,
ତାହା ବୁଝୁଛ। ୧୭ମୁଁ ତୁମ୍ଭକୁ ସତ୍ୟ କହୁଛି। ତୁମ୍ଭେ ଏବେ
ଯାହା ଦେଖୁଛ, ତାହା ଦେଖିବାକୁ କେତେ ଭବିଷ୍ୟଦ୍‌ବକ୍ତା
ଓ ସାଧୁମାନେ ଚାହିଁଥିଲେ। କିନ୍ତୁ ସେମାନେ ତାହା ଦେଖି
ପାରି ନ ଥିଲେ। ତୁମ୍ଭେ ଏବେ ଯାହା ଶୁଣୁଛ, ତାହା
ଶୁଣିବା ପାଇଁ ସେମାନେ ଚାହିଁଥିଲେ, କିନ୍ତୁ ସେମାନେ
ତାହା ଶୁଣି ପାରି ନ ଥିଲେ।

## ବୀଜ ବୁଣା କାହାଣୀର ବ୍ୟାଖ୍ୟା

୧୮"ତେବେ କୃଷକ ସମ୍ବନ୍ଧୀୟ କାହାଣୀର ଅର୍ଥ ଶୁଣ।
୧୯ରାସ୍ତାରେ ପଡ଼ି ଯାଇଥିବା ବୀଜର ଅର୍ଥ କଣ? ମଞ୍ଜିଟି
ସେହି ଲୋକପରି ସେ ସ୍ୱର୍ଗରାଜ୍ୟର ସୁସମାଚାର ଶୁଣେ, ଓ
ତାହା ବୁଝି ପାରେନାହିଁ। ଶୟତାନ ଆସେ ଓ ତା
ହୃଦୟରେ ଯାହା କିଛି ବୁଣା ହୋଇଥାଏ ସେତକ ନେଇ
ଚାଲିଯାଏ। ୨୦ପଥୁରିଆ ଜାଗାରେ ବୁଣାଯାଇଥିବା ବୀଜର
ଅର୍ଥ କ'ଣ? ବୀଜଟି ଠିକ୍ ସେହି ଲୋକପରି, ଯେ
ସୁସମାଚାର ଶୁଣେ ଏବଂ ଆନନ୍ଦର ସହିତ ତାହା ସଙ୍ଗେସଙ୍ଗେ
ଗ୍ରହଣ କରିନିଏ। ୨୧କିନ୍ତୁ ସେ ନିଜ ଭିତରେ ଶିକ୍ଷାକୁ ଦୃଢ଼
ହେବାକୁ ଦିଏନାହିଁ, କେବଳ କିଛି ସମୟ ପାଇଁ ସେ
ଶିକ୍ଷାକୁ ଆପଣା ହୃଦୟରେ ରଖିଥାଏ। ଯେତେବେଳେ
ସୁସମାଚାର ଯୋଗୁଁ ସେ ଦୁଃଖ-କଷ୍ଟ ଓ ଯାତନା ପାଏ,
ସେ ତିଷ୍ଠି ପାରେନାହିଁ। ସେ ଖୁବ୍ ଶୀଘ୍ର ସେଗୁଡ଼ିକୁ
ଛାଡ଼ିଦିଏ। ୨୨କଣ୍ଟାବୁଦାରେ ପଡ଼ିଯାଇଥିବା ବୀଜର ଅର୍ଥ
କ'ଣ? ମଞ୍ଜିଟି ସେହି ଲୋକ ଯେ ସୁସମାଚାର ଶୁଣେ
କିନ୍ତୁ ସଂସାରର ଚିନ୍ତା ଓ ଧନର ମୋହ ଲାଗି ସୁସମାଚାରକୁ
ତା'ଭିତରେ ବଢ଼ିବାକୁ ଦିଏନାହିଁ, ସେ ବ୍ୟକ୍ତି କେବେ
ସଫଳ ହୋଇପାରେ ନାହିଁ। ୨୩ଭଲ ମାଟି ଉପରେ
ପଡ଼ିଥିବା ବୀଜର ଅର୍ଥ କ'ଣ? ସେହି ଲୋକ ଭଳି ସେ
ସୁସମାଚାର ଶୁଣେ, ଓ ତାକୁ ବୁଝିପାରେ। ସେ ଲୋକ
ସଫଳ ହୁଏ। ସେହି ସଫଳତା ବେଳେବେଳେ ଶହେ
ଗୁଣ, ଷାଠିଏ ଗୁଣ ଓ ତିରିଶ ଗୁଣ ପର୍ଯ୍ୟନ୍ତ ମିଳିଥାଏ।"

## ଗହମ ଓ ବାଜୁଙ୍ଗାର ଉଦାହରଣ

୨୪ଯୀଶୁ ସେମାନଙ୍କୁ ଆଉ ଗୋଟିଏ କାହାଣୀ କହିଲେ।
"ସ୍ୱର୍ଗରାଜ୍ୟ ଜଣେ ବ୍ୟକ୍ତି ଭଳି ଯେ କି ନିଜ ଜମିରେ
ଭଲ ବୀଜ ବୁଣିଥିଲେ। ୨୫କିନ୍ତୁ ସବୁ ଲୋକ ଶୋଇଥିବା
ସମୟରେ ସେହି ଲୋକର ଶତ୍ରୁ ଆସିଲା। ସେ ଗହମ
ମଝିରେ ବାଜୁଙ୍ଗା-ବୀଜ ବୁଣିଦେଲା। ତା'ପରେ ସେ ଚାଲିଗଲା।
୨୬ଗହମ ଗଛ ବଢ଼ିଲା ଓ ସେଥିରେ କେଣ୍ଡା ଫଳିଲା।
ସେତିକି ବେଳକୁ ବାଜୁଙ୍ଗା ବି ଦେଖାଗଲା। ୨୭ସେହି
ବ୍ୟକ୍ତିର ଚାକରମାନେ ଆସିଲେ ଓ ଜମି ମାଲିକକୁ
କହିଲେ, 'ତୁମ୍ଭେ ତ ଜମିରେ ଭଲ ବୀଜ ବୁଣିଥିଲ,
ତେବେ ଏତେ ବାଜୁଙ୍ଗା କେମିତି ଉଠିଲା?'
୨୮ସେ ସେମାନଙ୍କୁ କହିଲେ, 'ଏହା କୌଣସି ଶତ୍ରୁର
କାର୍ଯ୍ୟ।'
"ଚାକରମାନେ ପଚାରିଲେ, 'ଆମେ ଯାଇ ବାଜୁଙ୍ଗାତକ
ଉପାଡ଼ି ଦେଉ ବୋଲି ଆପଣ ଚାହାଁନ୍ତି କି?'
୨୯"କ୍ଷେତମାଲିକ ସେମାନଙ୍କୁ ମନାକରି କହିଲେ,
'ତୁମ୍ଭେମାନେ ବାଜୁଙ୍ଗା ଉପାଡ଼ିଲା ବେଳେ ତା'ସହିତ ଗହମ
ମଧ୍ୟ ଉପାଡ଼ି ଦେବ। ୩୦ଫସଲ ପାଚିବା ପର୍ଯ୍ୟନ୍ତ ଉଭୟ
ଗହମ ଓ ବାଜୁଙ୍ଗା ଏକାଠି ବଢ଼ନ୍ତୁ। କାଟିବା ବେଳେ ମୁଁ

କଟାଳିମାନଙ୍କୁ କହିବି ପ୍ରଥମେ ବାଜୁଙ୍ଗାଗୁଡ଼ିକୁ ଏକାଠି କରି ବଡ଼ାବାନ୍ଧି ଜାଳି ଦିଅ, ତା’ପରେ ଗହମ ସଂଗ୍ରହ କରି ଅମାରରେ ରଖିଦିଅ।’”

### ଯୀଶୁ ଅନେକ କାହାଣୀ ଦ୍ୱାରା ଶିକ୍ଷା ଦେଲେ

୩୧ଯୀଶୁ ସେହି ଲୋକମାନଙ୍କୁ ଆଉ ଗୋଟିଏ ଦୃଷ୍ଟାନ୍ତ
କହିଲେ: “ସ୍ୱର୍ଗରାଜ୍ୟ ଗୋଟିଏ ସୋରିଷ ଦାନା ଭଳି।
ଜଣେ ତାକୁ ନେଇ ତା’ କ୍ଷେତରେ ଲଗାଏ। ୩୨ସେ ବୀଜ
ଅନ୍ୟ ବୀଜ ତୁଳନାରେ ସବୁଠାରୁ ଛୋଟ ଥାଏ, କିନ୍ତୁ
ତାହା ଯେତେବେଳେ ବଢ଼ି ହୁଏ, ସେତେବେଳେ ବଗିଚାରେ
ସମସ୍ତ ଚାରା ଅପେକ୍ଷା ବଡ଼ ହୋଇଯାଏ। ତାହା ଗଛରେ
ପରିଣତ ହୁଏ। ଆକାଶର ପକ୍ଷୀମାନେ ଆସି ଏହି ଗଛର
ଶାଖାରେ ବସା ବାନ୍ଧି ଆଶ୍ରୟ ନିଅନ୍ତି।”
୩୩ତା’ପରେ ଯୀଶୁ ଲୋକମାନଙ୍କୁ ଆଉ ଗୋଟିଏ କାହାଣୀ
କହିଲେ: “ସ୍ୱର୍ଗରାଜ୍ୟ ଖମୀର ଭଳି। ଜଣେ ସ୍ତ୍ରୀଲୋକ
ଗୋଟିଏ ବଡ ପାତ୍ରରେ ଥିବା ଅଟାରେ ଖମୀର ମିଶାଇଲା।
ସବୁତକ ରୋଟୀ ଫୁଲିବାରେ ଖମୀର କାମ ଦେଲା।”
୩୪ଯୀଶୁ ସବୁ କିଛି କାହାଣୀ ମାଧ୍ୟମରେ କହୁଥିଲେ।
ବାସ୍ତବରେ ସେ ସେମାନଙ୍କୁ କାହାଣୀ ମାଧ୍ୟମ ଛଡ଼ା କିଛି
କହୁନଥିଲେ। ୩୫ପରମେଶ୍ୱର ଭବିଷ୍ୟଦ୍‌ବକ୍ତାଙ୍କ ମାଧ୍ୟମରେ
ଯାହା କହିଥିଲେ, ତାହା ପୂର୍ଣ୍ଣ ହେବା ପାଇଁ ଏହା
ହେଉଥିଲା। ପରମେଶ୍ୱର କହିଥିଲେ:

“ମୁଁ କାହାଣୀ ଦ୍ୱାରା କଥା କହିବି। ସୃଷ୍ଟିର ଆଦି
କାଳରୁ ଯେଉଁସବୁ କଥା ଗୋପନୀୟ ହୋଇ ରହିଛି,
ସେଗୁଡ଼ିକ ମୁଁ ପ୍ରକାଶ କରିବି।” ଗୀତସଂହିତା ୭୮:୨

### ଗହମ ଓ ବାଜୁଙ୍ଗା କାହାଣୀର ବ୍ୟାଖ୍ୟା

୩୬ତା’ପରେ ଯୀଶୁ ଲୋକମାନଙ୍କୁ ପଠେଇ ଦେଇ
ଘରକୁ ଗଲେ। ତାହାଙ୍କ ପାଖରେ ତାହାଙ୍କ ଶିଷ୍ୟମାନେ
ପହଞ୍ଚି କହିଲେ, “ଆମ୍ଭକୁ କ୍ଷେତର ବାଜୁଙ୍ଗା ଦୃଷ୍ଟାନ୍ତର ଅର୍ଥ
ବୁଝାଇ ଦିଅ।”
୩୭ଯୀଶୁ କହିଲେ, “ଯେଉଁ ଲୋକଜଣକ କ୍ଷେତରେ
ଭଲ ବୀଜ ବୁଣିଲେ, ସେ ହେଉଛନ୍ତି ମନୁଷ୍ୟପୁତ୍ର*।
୩୮ପୃଥିବୀ ହେଉଛି କ୍ଷେତ। ସ୍ୱର୍ଗରାଜ୍ୟରେ ଥିବା ପରମେଶ୍ୱରଙ୍କ
ସମସ୍ତ ସନ୍ତାନ ହେଲେ ଭଲ ବୀଜ, ବାଜୁଙ୍ଗାର ଅର୍ଥ
ଶୟତାନର ଅନୁଚର। ୩୯ଯେଉଁ ଶତ୍ରୁ ଜଣକ ବାଜୁଙ୍ଗା ବୁଣି
ଦେଇଥିଲା, ସେ ହେଉଛି ଶୟତାନ। ଫସଲ କାଟିବା
ସମୟ ହେଉଛି ଜଗତର ଅନ୍ତିମ ସମୟ ଏବଂ କଟାଳି
ହେଉଛନ୍ତି ସ୍ୱର୍ଗ-ଦୂତମାନେ।
୪୦“ଯେପରି ବାଜୁଙ୍ଗାକୁ ଏକାଠି କରା ହେଲା, ଓ
ନିଆଁରେ ପୋଡ଼ି ଦିଆଗଲା, ଠିକ୍ ସେହିପରି ଅବସ୍ଥା
ଜଗତର ଅନ୍ତିମ ସମୟରେ ହେବ। ୪୧ମନୁଷ୍ୟପୁତ୍ର ତାହାଙ୍କ
ସ୍ୱର୍ଗଦୂତଙ୍କୁ ପଠାଇବେ। ସେମାନେ ତାହାଙ୍କ ରାଜ୍ୟର ସମସ୍ତ
ପାପୀ ଓ ପାପପାଇଁ ପ୍ରବର୍ତ୍ତାଉଥିବା ସମସ୍ତଲୋକଙ୍କୁ ଏକାଠି
କରି ରାଜ୍ୟ ବାହାରକୁ ନେଇଯିବେ। ୪୨ସ୍ୱର୍ଗଦୂତମାନେ
ସେହି ଲୋକମାନଙ୍କୁ ଜଳୁଥିବା ଅଗ୍ନିକୁଣ୍ଡ ଭିତରକୁ ଫିଙ୍ଗିଦେବେ।
ସେଠାରେ ସେମାନେ କାନ୍ଦି-କାନ୍ଦି ଓ ଯନ୍ତ୍ରଣାରେ ଦାନ୍ତ
କାମୁଡ଼ି ରହିବେ। ୪୩ସେତେବେଳେ ଧାର୍ମିକ ଲୋକମାନେ
ସୂର୍ଯ୍ୟ ଭଳି ପ୍ରକାଶମାନ ହେବେ। ସେମାନେ ତାହାଙ୍କ
ପରମପିତାଙ୍କ ରାଜ୍ୟରେ ରହିବେ। ଯେଉଁମାନେ ଶୁଣି ପାରିବ,
ଶୁଣ।

### ଧନରଭଣ୍ଡାର ଓ ମୋତିର ଦୃଷ୍ଟାନ୍ତ

୪୪“ସ୍ୱର୍ଗରାଜ୍ୟ ଜମିରେ ପୋତା ହୋଇଥିବା ଧନଭଣ୍ଡାର
ଭଳି। ଦିନେ ଜଣେ ଲୋକ ଗୋଟିଏ ଧନରଭଣ୍ଡାର
ପାଇଲା, ଓ ପୁଣି ଆଉ ଥରେ ସେହି ଧନକୁ ଜମି
ଭିତରେ ପୋତିଦେଲା। ସେ ବହୁତ ଖୁସି ହୋଇଗଲା। ସେ
ସେଠାରୁ ଯାଇ ତା ପାଖରେ ଯାହା ସବୁ ଥିଲା, ସବୁତକ
ବିକି ସେହି ଜମିଟି କିଣିଲା। ୪୫“ସ୍ୱର୍ଗ-ରାଜ୍ୟ ମଧ୍ୟ ଭଲ
ମୋତି ଖୋଜୁଥିବା ଗୋଟିଏ ବେପାରୀ ଭଳି। ୪୬ଦିନେ ସେ
ଅତ୍ୟନ୍ତ ମୂଲ୍ୟବାନ ମୋତିଟିଏ ପାଇଗଲା, ସେ ଯାଇ ତାର
ସମସ୍ତ ସମ୍ପତ୍ତି ବିକି ଅମୂଲ୍ୟ ମୋତିଟି କିଣିଲା।

### ମାଛଧରା ଜାଲର ଦୃଷ୍ଟାନ୍ତ

୪୭“ସ୍ୱର୍ଗରାଜ୍ୟ ମଧ୍ୟ ହ୍ରଦରେ ଫିଙ୍ଗା ଯାଇଥିବା ଗୋଟିଏ
ଜାଲ ଭଳି। ସେଥିରେ ବିଭିନ୍ନ ପ୍ରକାରର ମାଛ ଧରା
ପଡିଲେ। ୪୮ଯେତେବେଳେ ଜାଲଟି ମାଛରେ ଭର୍ତ୍ତି ହୋଇଗଲା,
କେଉଟମାନେ ଜାଲକୁ କୂଳକୁ ଟାଣି ଆଣିଲେ। ସେମାନେ
ବସି ପଢ଼ି ଭଲ ଭଲ ମାଛ ବାଛି ଟୋକେଇରେ ଭର୍ତ୍ତି
କଲେ ଓ ଖରାପ ମାଛତକ ଫୋପାଡି ଦେଲେ। ୪୯ସଂସାର
ଶେଷ ହେବା ବେଳେ ଏହିଭଳି ଘଟିବ। ସ୍ୱର୍ଗଦୂତମାନେ
ଆସିବେ। ସେମାନେ ଧାର୍ମିକଲୋକଙ୍କ ଭିତରୁ ପାପୀଲୋକଙ୍କୁ
ଅଲଗା କରିଦେବେ। ୫୦ସ୍ୱର୍ଗଦୂତମାନେ ଖରାପ ଓ
ଦୁଷ୍ଟଲୋକମାନଙ୍କୁ ଅଗ୍ନିକୁଣ୍ଡ ଭିତରକୁ ଫିଙ୍ଗିଦେବେ। ସେଠାରେ
ସେମାନେ କେବଳ କାନ୍ଦିକାନ୍ଦି ଓ ଯନ୍ତ୍ରଣାରେ ଦାନ୍ତ କାମୁଡ଼ି
ରହିବେ।”
୫୧ଯୀଶୁ ନିଜ ଶିଷ୍ୟମାନଙ୍କୁ ପଚାରିଲେ, “ତୁମ୍ଭେ ଏ
ସବୁର ଅର୍ଥ ବୁଝି ପାରୁଛ?”
ଶିଷ୍ୟମାନେ କହିଲେ, “ହଁ, ଆମ୍ଭେମାନେ ବୁଝିପାରୁଛୁ।”
୫୨ତା’ପରେ ଯୀଶୁ କହିଲେ, “ସ୍ୱର୍ଗରାଜ୍ୟ ବିଷୟରେ
ଜାଣିଥିବା ପ୍ରତ୍ୟେକ ଧର୍ମଶାସ୍ତ୍ରୀ ଜଣେ ଘରମାଲିକ ଭଳି।
ଯେ କି ଭଣ୍ଡାରରେ ଥିବା ତାହାଙ୍କ ନୂଆ ଓ ପୁରୁଣା,
ଉଭୟ ପଦାର୍ଥ ବାହାରକରି ଆଣନ୍ତି।”

### ଯୀଶୁ ନିଜ ଜାଗାକୁ ଫେରିଆସିଲେ

୫୩ଯୀଶୁ ଏହି ସବୁ ଦୃଷ୍ଟାନ୍ତ କହିସାରିଲା ପରେ ସେ
ସ୍ଥାନ ଛାଡି ଚାଲିଗଲେ। ୫୪ସେ ଯେଉଁଠି ପ୍ରତିପାଳିତ
ହୋଇଥିଲେ ସେଠାକୁ ଗଲେ। ସେଠାରେ ଯିହୂଦୀ
ପ୍ରାର୍ଥନାଗୃହରେ ଉପଦେଶ ଦେବା ଆରମ୍ଭ କରିଦେଲେ,
ଯାହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ କହିଲେ,

---

**ମନୁଷ୍ୟପୁତ୍ର** ଯୀଶୁ। ଏହା ମଶୀହଙ୍କ ପାଇଁ ଏକ ନାମ ଲୋକଙ୍କୁ ରକ୍ଷା କରିବାକୁ ଏହାଙ୍କୁ ପରମେଶ୍ୱର ବାଛିଥିଲେ।

"ଆଶ୍ଚର୍ଯ୍ୟକାର୍ଯ୍ୟ କରିବା ପାଇଁ ଏ ଲୋକ କେଉଁଠାରୁ ଜ୍ଞାନ
ଓ ଶକ୍ତି ପାଇଲା? ୫୫ଏ ତ ସେହି ବଢେଇର ପୁଅ।
ତାହାଙ୍କର ମାଆଙ୍କ ନାମ ତ ମରିୟମ। ଯାକୁବ, ଯୋସେଫ,
ଶିମୋନ ଓ ଯିହୁଦା ତ ଏହାର ଭାଇ। ୫୬ତା'ର ସବୁ
ଭଉଣୀମାନେ ତ ଆମ୍ଭ ସହିତ ଏଠାରେ ଅଛନ୍ତି। ତେବେ
ଏସବୁ କହିବା ପାଇଁ ଜ୍ଞାନ ଓ ଶକ୍ତି ସେ କେଉଁଠାରୁ
ପାଇଲା?" ୫୭ସେହି ଲୋକମାନେ ଯୀଶୁଙ୍କୁ ସ୍ୱୀକାର କଲେନାହିଁ।
ଯୀଶୁ ସେ ଲୋକମାନଙ୍କୁ କହିଲେ, "ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ
ଲୋକେ ସମ୍ମାନ ଦିଅନ୍ତି। କିନ୍ତୁ ନିଜ ସହରରେ ଓ
ତାହାଙ୍କ ନିଜ ପରିବାରରେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ସମ୍ମାନ
ପାଏ ନାହିଁ।"
୫୮ସେଠାକାର ଲୋକେ ଯୀଶୁଙ୍କ ଉପରେ ବିଶ୍ୱାସ କରି
ପାରିଲେ ନାହିଁ। ତେଣୁ ଯୀଶୁ ସେଠାରେ ଅଧିକ ଆଶ୍ଚର୍ଯ୍ୟକାର୍ଯ୍ୟ
କଲେ ନାହିଁ।

## ହେରୋଦ ଯୀଶୁଙ୍କ ବିଷୟରେ ଶୁଣିଲେ

୧୪ ସେହି ସମୟରେ ଯୀଶୁଙ୍କ ବିଷୟରେ ଲୋକେ
ଯାହା କଥାବାର୍ତ୍ତା ହେଉଥିଲେ, ତାହା ଗାଲିଲୀର
ଶାସକ ହେରୋଦ ଶୁଣିଲେ। ୨ସେ ତାହାଙ୍କ ଚାକରମାନଙ୍କୁ
କହିଲେ, "ଏହି ବ୍ୟକ୍ତି ପ୍ରକୃତରେ ବାପ୍ତିଜକ ଯୋହନ।
ସେ ନିଶ୍ଚୟ ମୃତ୍ୟୁରୁ ପୁଣି ବଞ୍ଚି ଉଠିଛି, ସେଥିପାଇଁ
ଏହିଶକ୍ତି ଏହା ପାଖରେ କାମ କରୁଛି ଓ ସେ ଆଶ୍ଚର୍ଯ୍ୟକାର୍ଯ୍ୟ
କରିବାକୁ ସକ୍ଷମ ହେଉଛି।"

## ବାପ୍ତିଜକ ଯୋହନଙ୍କୁ କିପରି ହତ୍ୟା କରାଗଲା

୩ଏହି ସମୟ ପୂର୍ବରୁ ହେରୋଦ ଯୋହନଙ୍କୁ ବନ୍ଦୀ କରି
ଶିକୁଳିରେ ବାନ୍ଧି କାରାଗାରରେ ନିକ୍ଷେପ କରିଥିଲେ। ସେ
ହେରୋଦିଆଙ୍କ ଅନୁରୋଧକ୍ରମେ ଏକଥା କରିଥିଲେ।
ହେରୋଦିଆ ହେରୋଦଙ୍କ ଭାଇ ଫିଲିପ୍ପଙ୍କ ସ୍ତ୍ରୀ ଥିଲେ।
୪ହେରୋଦ ଯୋହନଙ୍କୁ ବନ୍ଦୀ କରିବାର କାରଣ ହେଲା,
ଯୋହନ ବାରମ୍ବାର ହେରୋଦଙ୍କୁ କହୁଥିଲେ, "ତୁମ୍ଭେ
ହେରୋଦିଆଙ୍କୁ ନିଜ ସ୍ତ୍ରୀ ଭାବରେ ରଖିବା ଠିକ୍ କାମ
ନୁହେଁ।" ୫ତେଣୁ ହେରୋଦ ଯୋହନଙ୍କୁ ମାରିଦେବାକୁ
ଚାହିଁଲେ। କିନ୍ତୁ ସେ ଲୋକମାନଙ୍କୁ ଭୟ କରୁଥିଲେ।
କାରଣ ଲୋକେ ଯୋହନଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତା ବୋଲି
ବିଶ୍ୱାସ କରୁଥିଲେ।
୬ହେରୋଦଙ୍କ ଜନ୍ମ ଦିନ ଅବସରରେ ହେରୋଦିଆଙ୍କ
ଝିଅ, ହେରୋଦ ଓ ତାହାଙ୍କ ଅତିଥିମାନଙ୍କ ଆଗରେ
ନାଚିଲା। ଏଥିରେ ହେରୋଦ ବହୁତ ମୁଗ୍ଧ ହୋଇଗଲେ।
୭ତେଣୁ ସେ ଶପଥ ପୂର୍ବକ ହେରୋଦିଆର ଝିଅକୁ ପ୍ରତିଶ୍ରୁତି
ଦେଲେ, "ତୁମ୍ଭେ ଯାହା କିଛି ମାଗିବ, ତାହା ତୁମ୍ଭକୁ
ଦିଆଯିବ।" ୮ହେରୋଦିଆଙ୍କ ପ୍ରରୋଚନାରେ ଝିଅ କହିଲା,
"ମୋତେ ବାପ୍ତିଜକ ଯୋହନଙ୍କ ମୁଣ୍ଡ ଗୋଟିଏ ଥାଳିରେ
ଆଣି ଏହିଠାରେ ଦିଅନ୍ତୁ।" ୯ଏହା ଶୁଣି ହେରୋଦ ବହୁତ
ଦୁଃଖୀ ହେଲେ। କିନ୍ତୁ ସେ ଶପଥ କରି ସାରିଥିଲେ, ଯେ
ଝିଅ ଯାହା ମାଗିବ ତାହା ତାକୁ ସେ ଦେବେ। ତା'ଛଡା
ହେରୋଦଙ୍କ ସହିତ ଖାଉଥିବା ଅତିଥିମାନେ ମଧ୍ୟ ଶପଥ
ଶୁଣିଥିଲେ। ତେଣୁ ହେରୋଦ ଝିଅକୁ ଯାହା କିଛି ସେ
ମାଗିଥିଲା ତାହା ଦେବାପାଇଁ ଆଦେଶ ଦେଲେ। ୧୦ସେ
କାରାଗାରରେ ଯୋହନଙ୍କ ମୁଣ୍ଡକାଟ କରିବା ପାଇଁ ଲୋକ
ପଠାଇଲେ। ୧୧ତାପରେ ଗୋଟିଏ ଥାଳିରେ ଯୋହନଙ୍କ
କଟାମୁଣ୍ଡ ଅଣାଗଲା। ତାହା ଝିଅକୁ ଦେଇ ଦିଆଗଲା। ଝିଅ
କଟାମୁଣ୍ଡ ତା ମାଆ ହେରୋଦିଆଙ୍କ ପାଖକୁ ନେଇଗଲା।
୧୨ଯୋହନଙ୍କ ଶିଷ୍ୟମାନେ ଆସି ଯୋହନଙ୍କ ମୃତଦେହ
ନେଇଯାଇ ସମାଧି ଦେଲେ। ତା'ପରେ ସେମାନେ ଯୀଶୁଙ୍କ
ପାଖକୁ ଯାଇ ସବୁକଥା କହିଲେ।

## ଯୀଶୁ ପାଞ୍ଚ ହଜାରରୁ ଅଧିକ ଲୋକଙ୍କୁ ଖାଇବାକୁ ଦେଲେ।

୧୩ଯୀଶୁ ଯୋହନଙ୍କ ବିଷୟରେ ଘଟିଥିବା ସବୁକଥା
ଶୁଣିସାରିବା ପରେ ସେ ସ୍ଥାନ ଛାଡି ଦେଲେ, ଓ ଏକୁଟିଆ
ଡଙ୍ଗାରେ ବସି ଗୋଟିଏ ନିଛାଟିଆ ଜାଗାକୁ ଚାଲିଗଲେ।
ଯୀଶୁ ଚାଲିଯାଇଥିବା ଖବର ଶୁଣି ଲୋକମାନେ ନିଜ
ନଗରମାନ ଛାଡି ଯୀଶୁଙ୍କୁ ଅନୁସରଣ କଲେ। ଯୀଶୁ
ଯେଉଁଠାକୁ ଯାଉଥିଲେ, ସେମାନେ ସ୍ଥଳପଥରେ ଚାଲି-ଚାଲି
ସେଠାରେ ଯାଇ ପହଞ୍ଚିଲେ। ୧୪ଡଙ୍ଗାରୁ ବାହାରି ଆସିବା
ବେଳକୁ ଯୀଶୁ ଦେଖିଲେ, ସେଠାରେ ବହୁତ ଲୋକ ଜମା
ହୋଇଛନ୍ତି। ଲୋକଙ୍କ ଉପରେ ତାହାଙ୍କର ଦୟା ହେଲା।
ସେ ଅସୁସ୍ଥ ଲୋକମାନଙ୍କୁ ସୁସ୍ଥ କରିଲେ।
୧୫ସନ୍ଧ୍ୟା ବେଳକୁ ଶିଷ୍ୟମାନେ ତାହାଙ୍କ ପାଖକୁ ଆସି
କହିଲେ, "ଏହା ଅତ୍ୟନ୍ତ ନିଛାଟିଆ ସ୍ଥାନ। ସମୟ ବହୁତ
ହେଲାଣି। ଲୋକମାନଙ୍କୁ ଏଠାରୁ ପଠେଇ ଦିଅ। ତା'ହେଲେ
ସେମାନେ ଗାଁମାନଙ୍କୁ ଯାଇ ସେମାନଙ୍କ ପାଇଁ ଖାଦ୍ୟ କିଣି
ପାରିବେ।"
୧୬କିନ୍ତୁ ଯୀଶୁ ସେମାନଙ୍କୁ କହିଲେ, "ସେମାନଙ୍କର
ଯିବା ଦରକାର ନାହିଁ। ତୁମ୍ଭେ ସେମାନଙ୍କୁ କିଛି ଖାଇବାକୁ
ଦିଅ।"
୧୭ଶିଷ୍ୟମାନେ କହିଲେ, "ଆମ୍ଭ ପାଖରେ ଏଠାରେ ମାତ୍ର
ପାଞ୍ଚଖଣ୍ଡ ରୋଟୀ ଓ ଦୁଇଟି ମାଛ ଅଛି।"
୧୮ଯୀଶୁ କହିଲେ, "ସେଗୁଡ଼ିକୁ ମୋ ପାଖକୁ ଆଣ।"
୧୯ଯୀଶୁ ସେଠାରେ ଜମା ହୋଇଥିବା ଲୋକମାନଙ୍କୁ ଘାସ
ଉପରେ ବସିଯିବାପାଇଁ କହିଲେ। ତା'ପରେ ସେ ପାଞ୍ଚଖଣ୍ଡ
ରୋଟୀ ଓ ଦୁଇଟି ଯାକ ମାଛ ଧରି ଆକାଶକୁ ଚାହିଁଲେ,
ଓ ଖାଦ୍ୟ ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ।
ରୋଟୀକୁ ଖଣ୍ଡଖଣ୍ଡ କରି ଶିଷ୍ୟମାନଙ୍କ ହାତକୁ ଦେଲେ।
ଶିଷ୍ୟମାନେ ଲୋକଙ୍କୁ ସେଥିରୁ ବାଣ୍ଟିଲେ। ୨୦ସମସ୍ତ ଲୋକେ
ତାହା ଖାଇଲେ, ଓ ସନ୍ତୋଷ ଲାଭ କଲେ। ଲୋକେ
ଖାଇସାରିବା ପରେ ଶିଷ୍ୟମାନେ ବଳକା ଖାଦ୍ୟତକ ବାରଟି
ଝୁଡିରେ ଭର୍ତ୍ତି କଲେ। ୨୧ସେଠାରେ ପ୍ରାୟ କେବଳ ପାଞ୍ଚ
ହଜାର ପୁରୁଷ ଲୋକ ଖାଇଥିଲେ। ତା'ଛଡା ସ୍ତ୍ରୀଲୋକ ଓ
ପିଲାମାନେ ମଧ୍ୟ ଖାଇଥିଲେ।

## ହ୍ରଦ ଉପରେ ଯୀଶୁ ଚାଲିଲେ

୨୨ତା'ପରେ ଯୀଶୁ ଶିଷ୍ୟମାନଙ୍କୁ ଡଙ୍ଗାରେ ଚଢ଼ି ହ୍ରଦର

ଅପର ପାର୍ଶ୍ୱକୁ ଯିବାକୁ କହିଲେ। ଯୀଶୁ ନିଜେ ସେଠାରୁ
ପରେ ଯିବେ ବୋଲି କହିଲେ। ୨୩ତା'ପରେ ଜମା ହୋଇଥିବା
ଲୋକମାନଙ୍କୁ ବିଦାୟ କରି ସେ ପ୍ରାର୍ଥନା କରିବାକୁ
ଏକାକୀ ପାହାଡ ଉପରକୁ ଗଲେ। ସନ୍ଧ୍ୟା ହୋଇ ସାରିଥିଲା,
ଯୀଶୁ ସେଠାରେ ଏକୁଟିଆ ଥିଲେ। ୨୪ସେତେବେଳକୁ ହ୍ରଦ
ଭିତରେ ଡ଼ଙ୍ଗା ଅନେକ ଦୂରକୁ ଚାଲିଯାଇଥିଲା। ଢ଼େଉରେ
ଧକ୍କା ଖାଇ ଡ଼ଙ୍ଗାଟି ଟଳମଳ ହେଉଥିଲା। ଖୁବ୍ ଜୋର୍‌ରେ
ପ୍ରତିକୂଳ ପବନ ବହୁଥିଲା।

୨୫ଯୀଶୁ ହ୍ରଦ ଉପରେ ଚାଲିକରି ରାତ୍ରିର ଚତୁର୍ଥ
ପ୍ରହରରେ ଶିଷ୍ୟମାନଙ୍କ ପାଖରେ ଯାଇ ପହଞ୍ଚିଲେ।
୨୬ଶିଷ୍ୟମାନେ ତାହାଙ୍କୁ ହ୍ରଦ ଉପରେ ଚାଲିକରି ଆସୁ
ଥିବାର ଦେଖି ଭୟଭୀତ ହେଲେ। ସେମାନେ କୁହାକୁହି
ହେଲେ, "ଏ ତ ଗୋଟିଏ ଭୂତ।" ସେମାନେ ଭୟରେ
ଚିତ୍କାର କଲେ।

୨୭ସଙ୍ଗେ ସଙ୍ଗେ ଯୀଶୁ ସେମାନଙ୍କୁ କହିଲେ, "ସାହାସ
ଧର! ମୁଁ ପରା ଆସିଛି! ଭୟ କର ନାହିଁ।"

୨୮ପିତର କହିଲେ, "ପ୍ରଭୁ, ଏହା ଯଦି ତୁମ୍ଭେ, ତେବେ
ମୋତେ ପାଣି ଉପରେ ଚାଲି ତୁମ୍ଭ ନିକଟକୁ ଯିବାକୁ
ଆଦେଶ ଦିଅ।"

୨୯ଯୀଶୁ କହିଲେ, "ଚାଲି ଆସ।"

ପିତର ଡ଼ଙ୍ଗାରୁ ବାହାରକୁ ଆସିଲେ। ସେ ପାଣି
ଉପରେ ଚାଲି ଯୀଶୁଙ୍କ ଆଡ଼କୁ ଗଲେ। ୩୦ପିତର ଯୀଶୁଙ୍କ
ଆଡ଼କୁ ପାଣି ଉପରେ ଚାଲିକରି ଯାଉଥିବା ସମୟରେ
ଜୋର୍‌ରେ ପବନ ବହୁଥିଲା। ଢ଼େଉ ଉଠୁଥିଲା,। ଏହା
ଦେଖି ପିତର ଭୟ କଲେ। ସେ ବୁଡି ଯିବାକୁ ଲାଗିଲେ।
ସେ ପାଟି କରି ଡାକିଲେ, "ପ୍ରଭୁ ମୋତେ ରକ୍ଷା କର।"

୩୧ଯୀଶୁ ସଙ୍ଗେସଙ୍ଗେ ତାହାଙ୍କ ପାଖରେ ପହଞ୍ଚି ତାହାଙ୍କୁ
ଧରି ପକାଇଲେ। ସେ ପିତରଙ୍କୁ କହିଲେ, "ତୁମ୍ଭର ବିଶ୍ୱାସ
ଅଳ୍ପ। ତୁମ୍ଭେ କାହିଁକି ସନ୍ଦେହ କଲ?"

୩୨ଯୀଶୁ ଓ ପିତର ଡ଼ଙ୍ଗା ଉପରକୁ ଆସିଯିବା ପରେ
ପବନ ବନ୍ଦ ହୋଇଗଲା। ୩୩ଯେଉଁମାନେ ଡ଼ଙ୍ଗା ଉପରେ
ଥିଲେ, ସେମାନେ ଯୀଶୁଙ୍କୁ ପ୍ରଣାମ କଲେ ଓ କହିଲେ,
"ପ୍ରକୃତରେ ତୁମ୍ଭେ ପରମେଶ୍ୱରଙ୍କ ପୁତ୍ର।"

୩୪ସେମାନେ ହ୍ରଦ ପାର ହୋଇ ଗିନ୍ନେସରତ୍ କୂଳରେ
ପହଞ୍ଚିଲେ। ୩୫ସେଠାକାର ଲୋକେ ଚିହ୍ନିପାରିଲେ ଓ ଆଖପାଖ
ଅଞ୍ଚଳକୁ ଯୀଶୁଙ୍କ ଆସିବା ଖବର ପଠାଇଲେ। ଲୋକେ
ରୋଗୀଙ୍କୁ ତାହାଙ୍କ ପାଖକୁ ଆଣିଲେ। ୩୬ଲୋକମାନେ
ଯୀଶୁଙ୍କୁ ଅନୁରୋଧ କଲେ ଯେ, ରୋଗୀମାନେ ଯେପରି
ସୁସ୍ଥ ହୋଇଯାଆନ୍ତି, ସେଥିପାଇଁ ସେ ସେମାନଙ୍କୁ ତାହାଙ୍କ
ବସ୍ତ୍ରର ଧାରଟି କେବଳ ଛୁଇଁବାକୁ ଅନୁମତି ଦିଅନ୍ତୁ। ଯେଉଁ
ରୋଗୀମାନେ ତାହା ଛୁଇଁଲେ, ସେମାନେ ସମସ୍ତେ ସୁସ୍ଥ
ହୋଇଗଲେ।

## ମନୁଷ୍ୟକୃତ ନିୟମ ଠାରୁ ପରମେଶ୍ୱରଙ୍କ ବିଧାନ ବଡ଼

**୧୫** କେତେକ ଫାରୂଶୀ ଓ ଯିହୂଦୀ ଧର୍ମଶାସ୍ତ୍ରୀ
ଯିରୂଶାଲମରୁ ଯୀଶୁଙ୍କ ନିକଟକୁ ଆସି ପଚାରିଲେ,
୨"ତୁମ୍ଭ ଶିଷ୍ୟମାନେ ପୂର୍ବପୁରୁଷଙ୍କ ପ୍ରଦତ୍ତ ନୀତିନିୟମଗୁଡ଼ିକୁ
କାହିଁକି ମାନୁ ନାହାଁନ୍ତି? ତୁମ୍ଭ ଶିଷ୍ୟମାନେ ଖାଇବା ପୂର୍ବରୁ
କାହିଁକି ହାତ ଧୋଉନାହାଁନ୍ତି।"

୩ଯୀଶୁ କହିଲେ, "ତୁମ୍ଭେ ନିଜର ପରମ୍ପରାଗତ ରୀତି-ନୀତି
ପାଳିବାକୁ ଯାଇ ପରମେଶ୍ୱରଙ୍କ ଆଦେଶ କାହିଁକି ଲଙ୍ଘନ
କରୁଛ? ୪ପରମେଶ୍ୱର କହିଛନ୍ତି: 'ତୁମ୍ଭେ ପିତାମାତାଙ୍କୁ
ସମ୍ମାନ ଦିଅ,* କିନ୍ତୁ ଯେଉଁଲୋକ ପିତାମାତାଙ୍କୁ ଅପମାନିତ
କରେ, ତାକୁ ବଧ କରା ଯିବା ଉଚିତ।'* ୫କିନ୍ତୁ ତୁମ୍ଭେ
ଯେଉଁଭଳି ଶିକ୍ଷା ଦେଉଛ, ତା'ଫଳରେ ଜଣେ ଲୋକ
ତାର ପିତାମାତାଙ୍କୁ କହି ପାରିବ, 'ମୁଁ ତୁମ୍ଭକୁ ସାହାଯ୍ୟ
କରି ପାରିବନାହିଁ। କାରଣ ମୋର ଯାହା ସବୁ ଅଛି
ସେଗୁଡିକୁ ମୁଁ ପରମେଶ୍ୱରଙ୍କୁ ଉତ୍ସର୍ଗ କରିବି।' ୬ଏହିଭଳି
ତୁମ୍ଭେ ସେ ଲୋକଙ୍କୁ ତା ପିତାମାତାଙ୍କୁ ସମ୍ମାନ ନ ଦେବା
ପାଇଁ ହିଁ ଶିକ୍ଷା ଦେଉଛ। ଏହିପରି ନିଜର ପରମ୍ପରାଗତ
ନୀତିନିୟମଗୁଡ଼ିକୁ ସମ୍ମାନ ଦେଇଛ ଓ ପରମେଶ୍ୱରଙ୍କ
ଆଦେଶକୁ ଅବମାନନା କରୁଛ। ୭ତୁମ୍ଭେ ସବୁ କପଟୀ।
ଯିଶାୟ ତୁମ୍ଭମାନଙ୍କ ବିଷୟରେ ଠିକ୍ ଭାବରେ ଏହି
ଭବିଷ୍ୟଦ୍‌ବାଣୀ କହିଥିଲେ:

୮ 'ଏମାନେ କେବଳ ମୁହଁରେ ମୋର ଆଦର କରନ୍ତି।
କିନ୍ତୁ ସେମାନଙ୍କ ମନକଥା ମୋ ଠାରୁ ବହୁତ
ଦୂରରେ ରହିଥାଏ।
୯ ସେମାନେ ମୋତେ ଯେଉଁ ଉପାସନା କରନ୍ତି, ତାହା
ମୂଲ୍ୟହୀନ। ସେମାନେ ଯେଉଁ ସବୁ ବିଷୟ ଶିକ୍ଷା
ଦିଅନ୍ତି ତାହା କେବଳ ମଣିଷ ତିଆରି ବିଧିବିଧାନ।'"
ଯିଶାଇୟ ୨୯:୧୩

୧୦ଯୀଶୁ ସମବେତ ହୋଇଥିବା ଲୋକମାନଙ୍କୁ ଡାକିଲେ।
ସେ ସେମାନଙ୍କୁ କହିଲେ, "ମୁଁ ଯାହା କହୁଛି ତାହା ଶୁଣି
ଓ ବୁଝ। ୧୧ମଣିଷ ମୁହଁ ଭିତରକୁ ଯାଇଥିବା ବିଷୟ
ଯୋଗୁ ଅପବିତ୍ର ହୋଇଯାଏ ନାହିଁ। ବରଂ ତା'ର ମୁହଁରୁ
ବାହାରୁ ଥିବା ବିଷୟ ଯୋଗୁ ସେ ଅପବିତ୍ର ହୋଇଥାଏ।"

୧୨ଯୀଶୁଙ୍କ ଶିଷ୍ୟମାନେ ତାହାଙ୍କ ପାଖକୁ ଆସି ତାହାଙ୍କୁ
କହିଲେ, "ଏସବୁ କହିବା ଫଳରେ ଫାରୂଶୀମାନେ ତୁମ୍ଭ
ଉପରେ ରାଗିଯାଇଅଛନ୍ତି ବୋଲି ତୁମ୍ଭେ ଜାଣିଛ ତ?"

୧୩ଯୀଶୁ କହିଲେ "ଯେଉଁ ଗଛ ମୋର ସ୍ୱର୍ଗୀୟ ପିତା
ନିଜେ ଲଗେଇ ନାହାଁନ୍ତି, ସେଗୁଡିକୁ ସମୂଳେ ଉପାଡି
ଦିଆଯିବ। ୧୪ସେମାନଙ୍କୁ ଛାଡ଼ିଦିଅ। ସେମାନେ ତ ଅନ୍ଧମାନଙ୍କର
ଅନ୍ଧ ନେତା। ଯଦି ଜଣେ ଅନ୍ଧ ଆଉ ଗୋଟିଏ ଅନ୍ଧକୁ
ରାସ୍ତା ଦେଖାଏ, ତେବେ ଉଭୟ ଖାତ ଭିତରେ ଖସି
ପଡିବେ।"

୧୫ଏକଥା ଶୁଣି ପିତର କହିଲେ, "ଏହି କାହାଣୀର ଅର୍ଥ
ଆମ୍ଭକୁ ବୁଝାଇ ଦିଅନ୍ତୁ।"

---

**'ତୁମ୍ଭେ ... ସମ୍ମାନ ଦିଅ'** ଯାତ୍ରା. ୨୦:୧୨; ଦ୍ୱି ବିବରଣ
୫:୧୬

**'କିନ୍ତୁ ଯେଉଁଲୋକ ... ଉଚିତ'** ଯାତ୍ରା.୨୧:୧୭

୧୬ଯୀଶୁ କହିଲେ, "ଏବେ ବି କ'ଣ ତୁମ୍ଭ ବୁଝିବାରେ
ଅସୁବିଧା ଅଛି? ୧୭ତୁମ୍ଭେ କ'ଣ ଜାଣିନ ଯେ, ଯେଉଁଖାଦ୍ୟ
ଜଣେ ଲୋକର ପାଟି ଭିତରକୁ ଯାଏ, ତାହା ପେଟ
ଭିତରକୁ ଯାଏ ଓ ପରିଶେଷରେ ଦେହରୁ ବାହାରିଯାଏ।
୧୮କିନ୍ତୁ ଜଣେ ଲୋକ ଯେଉଁ ମନ୍ଦ କଥା ପାଟିରେ କହେ,
ତାହା ପ୍ରକୃତରେ ତା'ର ମନ ଭିତରୁ ଆସିଥାଏ। ଏହା
ଲୋକକୁ ଅପବିତ୍ର କରିଥାଏ। ୧୯କାରଣ ଖରାପ ଭାବନା,
ହତ୍ୟା, ବ୍ୟଭିଚାର, ଯୌନାଗ୍ର, ଚୋରୀ, ମିଛସାକ୍ଷ୍ୟ ଓ
ନିନ୍ଦା ଆଦି ଖରାପ ବିଷୟଗୁଡ଼ିକ ପ୍ରଥମେ ମଣିଷର ମନ
ଭିତରେ ସୃଷ୍ଟି ହୁଏ। ୨୦ଏଗୁଡିକ ମଣିଷକୁ ଅପବିତ୍ର କରି
ଦିଅନ୍ତି। କିନ୍ତୁ ଖାଇବା ପୂର୍ବରୁ ହାତ ନ ଧୋଇବା ଘଟଣା
ମଣିଷକୁ ଅପବିତ୍ର କରି ପାରେ ନାହିଁ।"

## ଜଣେ ଅଣ-ଯିହୂଦୀ ସ୍ତ୍ରୀକୁ ଯୀଶୁଙ୍କ ସହାୟତା

୨୧ଯୀଶୁ ସେ ସ୍ଥାନ ଛାଡ଼ି ସୋର ଓ ସୀଦୋନ ଅଞ୍ଚଳକୁ
ଚାଲିଗଲେ। ୨୨ସେହି ଅଞ୍ଚଳର ଜଣେ କିଣାନୀୟା ସ୍ତ୍ରୀ ଆସି
ବଡ଼ପାଟି କରି କହିଲା, "ହେ ପ୍ରଭୁ! ହେ ଦାଉଦଙ୍କ ପୁତ୍ର!
ମୋ ପ୍ରତି ଦୟା କରନ୍ତୁ। ମୋ ଝିଅ ଦେହରେ ଗୋଟିଏ
ଭୂତ ପଶି ରହିଛି। ମୋ ଝିଅ ଭାରି କଷ୍ଟ ପାଉଛି।"
୨୩ଯୀଶୁ ତାକୁ ପଦେହେଲେ କିଛି କହିଲେ ନାହିଁ।
ତେଣୁ ଶିଷ୍ୟମାନେ ଯୀଶୁଙ୍କ ନିକଟକୁ ଆସିଲେ ଓ ଅନୁରୋଧ
କଲେ, "ସେ ଆମ୍ଭ ପଛେ-ପଛେ ପାଟି କରି ଆସୁଛି।
ତାକୁ ଚାଲି ଯିବାକୁ କହି ଦିଅନ୍ତୁ।"
୨୪ଯୀଶୁ କହିଲେ, "ପରମେଶ୍ୱର ମୋତେ କେବଳ
ଇସ୍ରାୟେଲର ହଜିଯାଇଥିବା ଲୋକ(ଯିହୂଦୀ) ମାନଙ୍କ ପାଇଁ
ପଠାଇଛନ୍ତି।"
୨୫ତା'ପରେ ସେ ସ୍ତ୍ରୀ ଯୀଶୁଙ୍କ ନିକଟକୁ ପୁଣି ଥରେ
ଆସିଲା। ସେ ଯୀଶୁଙ୍କୁ ପ୍ରଣାମ କରି କହିଲା, "ହେ ପ୍ରଭୁ!
ମୋତେ ସାହାଯ୍ୟ କରନ୍ତୁ।"
୨୬ଯୀଶୁ କହିଲେ, "ପିଲାମାନଙ୍କ ଖାଦ୍ୟନେଇ କୁକୁରଗୁଡ଼ିକୁ
ଦେଇଦେବା ଠିକ୍ କାମ ହେବନାହିଁ।"
୨୭ସେହି ସ୍ତ୍ରୀ କହିଲା, "ହଁ ପ୍ରଭୁ, ଏହା ଠିକ୍ କଥା।
କିନ୍ତୁ ସେମାନଙ୍କ ମାଲିକମାନଙ୍କର ଖାଇବା ଟେବୁଲ ଉପରୁ
ଖସି ପଡୁଥିବା ଖାଦ୍ୟ-କଣିକାସବୁ କୁକୁରଗୁଡ଼ିକ ଖାଇଥାନ୍ତି।"
୨୮ତା'ପରେ ଯୀଶୁ କହିଲେ, "ହେ ନାରୀ! ତୁମ୍ଭର
ଗଭୀର ବିଶ୍ୱାସ ରହିଛି। ତୁମ୍ଭେ ମୋଠାରୁ ଯାହା ଚାହିଁଛ,
ମୁଁ ତାହା କରିଦେବି।" ଏହା କହିବା ମାତ୍ରେ ସେହି ସ୍ତ୍ରୀର
ଝିଅଟି ସଂପୂର୍ଣ୍ଣ ରୂପେ ଭଲ ହୋଇଗଲା।

## ଯୀଶୁ ଅନେକ ଲୋକଙ୍କୁ ସୁସ୍ଥ କରିଦେଲେ

୨୯ତାପରେ ଯୀଶୁ ସେ ସ୍ଥାନ ଛାଡ଼ି ଚାଲିଗଲେ ଓ
ଗାଲିଲୀ ହ୍ରଦ କୂଳରେ ଯାଇ ପହଞ୍ଚିଲେ। ସେ ଗୋଟିଏ
ପାହାଡ଼ ଉପରକୁ ଯାଇ ସେଠାରେ ବସିଲେ।
୩୦ଅନେକ ସଂଖ୍ୟାରେ ଲୋକମାନେ ତାହାଙ୍କ ପାଖକୁ
ଆସିଲେ। ସେମାନେ ଅନେକ ଅନ୍ଧ, ମୂକ, ବଧିର, ଛୋଟା,
ଅପଙ୍ଗ ଓ ଅନ୍ୟ ରୋଗୀମାନଙ୍କୁ ଯୀଶୁଙ୍କ ପାଖକୁ ଆଣିଲେ।
ଯୀଶୁ ସେମାନଙ୍କୁ ସୁସ୍ଥ କରିଦେଲେ। ୩୧ଲୋକେ ଦେଖିଲେ
ଯେ ଯେଉଁ ଲୋକ କଥା କହିପାରୁନଥିଲା ସେ କଥା କହି
ପାରୁଛି; ଅପଙ୍ଗ ଲୋକେ ପୁଣି ସବଳ ହୋଇଛନ୍ତି;
ଛୋଟାମାନେ ଚାଲି ପାରୁଛନ୍ତି; ଅନ୍ଧମାନେ ପୁଣି ଦେଖି
ପାରୁଛନ୍ତି; ଏସବୁ ଦେଖି ସେମାନେ ବହୁତ ଆଶ୍ଚର୍ଯ୍ୟ
ହୋଇଗଲେ। ସେମାନେ ଇସ୍ରାୟେଲର ପରମେଶ୍ୱରଙ୍କ ମହିମା
ଗାନ କଲେ।

## ଯୀଶୁ ଚାରି ହଜାରରୁ ଅଧିକ ଲୋକଙ୍କୁ ଖାଇବାକୁ ଦେଲେ।

୩୨ଯୀଶୁ ତାହାଙ୍କର ଶିଷ୍ୟମାନଙ୍କୁ ଡାକି କହିଲେ, "ମୁଁ
ଏ ଲୋକମାନଙ୍କ ପାଇଁ ବଡ଼ ଦୁଃଖିତ। ସେମାନେ ମୋ
ସାଙ୍ଗରେ ତିନି ଦିନ ହେଲା ରହିଲେଣି। କିନ୍ତୁ ଏବେ
ସେମାନଙ୍କର ଖାଇବାକୁ କିଛି ନାହିଁ। ସେମାନେ ଏଠାରୁ
ଭୋକିଲା ଚାଲିଯିବାଟା ମୁଁ ଆଦୌ ଚାହୁଁନି। ସେମାନେ
ଘରକୁ ଗଲାବେଳେ ମୂର୍ଚ୍ଛା ହୋଇ ଯାଇ ପାରନ୍ତି।"
୩୩ଯୀଶୁଙ୍କ ଶିଷ୍ୟମାନେ କହିଲେ, "ଆମେ ଏତେ ଲୋକଙ୍କ
ପାଇଁ ଏତେ ଖାଦ୍ୟ ଏଭଳି ସ୍ଥାନରେ କେଉଁଠାରୁ ପାଇବା?
ଆମ୍ଭେ ନଗର ଠାରୁ ବହୁତ ଦୂରରେ ଅଛୁ।"
୩୪ଯୀଶୁ ପଚାରିଲେ, "ତୁମ୍ଭ ପାଖରେ କେତେ ଖଣ୍ଡ
ରୋଟୀ ଅଛି?"
ସେମାନେ କହିଲେ, "ସାତଖଣ୍ଡ ରୋଟୀ ଓ କିଛି
ଛୋଟ ମାଛ ଅଛି।"
୩୫ଯୀଶୁ ଲୋକମାନଙ୍କୁ ଭୂଇଁ ଉପରେ ବସିଯିବାକୁ
କହିଲେ: ୩୬ସେ ସାତଖଣ୍ଡ ରୋଟୀ ଓ ମାଛତକ ନେଲେ।
ତା'ପରେ ସେ ପରମେଶ୍ୱରଙ୍କୁ ଖାଦ୍ୟ ପାଇଁ ଧନ୍ୟବାଦ
ଦେଲେ। ଯୀଶୁ ସେଗୁଡ଼ିକୁ ଛୋଟ ଛୋଟ ଖଣ୍ଡ କଲେ ଓ
ତାହାଙ୍କ ଶିଷ୍ୟମାନଙ୍କୁ ଦେଲେ। ଶିଷ୍ୟମାନେ ଲୋକମାନଙ୍କୁ
ଖାଦ୍ୟ ବାଣ୍ଟିଲେ। ୩୭ସମସ୍ତେ ଖାଇଲେ ଓ ସନ୍ତୋଷ ଲାଭ
କଲେ। ତା'ପରେ ଶିଷ୍ୟମାନେ ବଳକା ଖାଦ୍ୟକୁ ସାତଟି
ଟୋକେଇରେ ଭର୍ତ୍ତିକଲେ। ୩୮ସେଠାରେ ପ୍ରାୟ ଚାରି
ହଜାର ପୁରୁଷ ଖାଇଥିଲେ। ସେମାନଙ୍କ ଛଡା ସ୍ତ୍ରୀ ଓ
ପିଲାମାନେ ମଧ୍ୟ ଖାଇଥିଲେ। ୩୯ସେମାନେ ଖାଇ ସାରିବା
ପରେ ଯୀଶୁ ସେମାନଙ୍କୁ ଘରକୁ ଫେରିଯିବା ପାଇଁ କହିଲେ।
ସେମାନଙ୍କୁ ବିଦାୟ କରିସାରି ଯୀଶୁ ଡ଼ଙ୍ଗାରେ ବସି
ମଗ୍‌ଦାନ୍ ଅଞ୍ଚଳକୁ ଗଲେ।

## ଯୀଶଙ୍କୁ ଯିହୂଦୀ ନେତାଙ୍କ ପରୀକ୍ଷା

୧୬ ଫାରୂଶୀ ଓ ସାଦ୍ଦୁକୀମାନେ ଯୀଶୁଙ୍କ ନିକଟକୁ
ଆସିଲେ। ସେମାନେ ଯୀଶୁଙ୍କୁ ପରୀକ୍ଷା କରିବାକୁ
ଚାହୁଁଥିଲେ। ତେଣୁ ସେମାନେ ଯୀଶୁଙ୍କୁ କୌଣସି ଆଶ୍ଚର୍ଯ୍ୟକାର୍ଯ୍ୟ
ଦେଖାଇବାକୁ କହିଲେ, କାରଣ ଯୀଶୁ ଆଶ୍ଚର୍ଯ୍ୟକାର୍ଯ୍ୟ ଦେଖାଇବା
ଫଳରେ ପ୍ରମାଣିତ ହୋଇ ପାରିବ ଯେ ସେ ପରମେଶ୍ୱରଙ୍କ
ପାଖରୁ ଆସିଛନ୍ତି।
୨ଯୀଶୁ ଉତ୍ତର ଦେଲେ, "ତୁମ୍ଭେମାନେ ସୂର୍ଯ୍ୟାସ୍ତ ସମୟରେ
ଆକାଶକୁ ଲାଲରଙ୍ଗ ହୋଇଥିବାର ଦେଖିଲେ କୁହ ଯେ
ପାଗ ଭଲ ରହିବ। ୩ତୁମ୍ଭେମାନେ ସୂର୍ଯ୍ୟୋଦୟ ସମୟରେ
ଆକାଶକୁ ଲାଲ ରଙ୍ଗର ଓ ମେଘୁଆ ଥିବାର ଦେଖିଲେ

କୁହ ଯେ ଆଜି ଝଡ଼ ହେବ। ଏଗୁଡ଼ିକ ପାଗର ଲକ୍ଷଣ।
ତୁମ୍ଭେ ଏହି ଲକ୍ଷଣଗୁଡ଼ିକ ଆକାଶରେ ଦେଖ ଓ ସେଗୁଡ଼ିକର
ଅର୍ଥ ବୁଝ। ସେହିଭଳି ତୁମ୍ଭେ ବର୍ତ୍ତମାନ ଘଟୁଥିବା ଘଟଣାଗୁଡ଼ିକୁ
ଦେଖୁଛ। ଏଗୁଡ଼ିକ ମଧ୍ୟ ଏପ୍ରକାର ଲକ୍ଷଣ। କିନ୍ତୁ ଏଗୁଡ଼ିକର
ଅର୍ଥ ବୁଝିବାକୁ ତୁମ୍ଭେ ସମର୍ଥ ହୋଇ ପାରୁନ। ୪ ମନ୍ଦ ଓ
ପାପୀ ଲୋକ ହିଁ ପ୍ରମାଣ-ଚିହ୍ନ ସ୍ୱରୂପ ଆଶ୍ଚର୍ଯ୍ୟକାର୍ଯ୍ୟ
ଦେଖିବାକୁ ଚାହାଁନ୍ତି। ଏଭଳି ଲୋକଙ୍କୁ ଯୂନସଙ୍କ ଚିହ୍ନ*
ବ୍ୟତୀତ ଅନ୍ୟ କୌଣସି ଚିହ୍ନ ଦିଆଯିବ ନାହିଁ।" ତାପରେ
ଯୀଶୁ ସେମାନଙ୍କୁ ସେଠାରେ ଛାଡି ଚାଲିଗଲେ।

## ଯିହୂଦୀ ନେତାମାନଙ୍କୁ ଯୀଶୁଙ୍କ ଚେତାବନୀ

୫ ଯୀଶୁଙ୍କ ଶିଷ୍ୟମାନେ ହ୍ରଦର ଅପର ପାର୍ଶ୍ୱକୁ ଗଲେ।
କିନ୍ତୁ ସେମାନେ ସାଙ୍ଗରେ ରୋଟୀ ନେବାକୁ ଭୁଲିଗଲେ।
୬ ଯୀଶୁ ସେମାନଙ୍କୁ କହିଲେ, "ସାବଧାନ ରୁହ। ଫାରୂଶୀ ଓ
ସାଦ୍ଦୂକୀମାନଙ୍କ ଖମୀରରୁ ତୁମ୍ଭମାନଙ୍କୁ ରକ୍ଷା କର।"
୭ ଶିଷ୍ୟମାନେ ନିଜ-ନିଜ ଭିତରେ ଏହାର ଅର୍ଥ ବିଷୟରେ
ଆଲୋଚନା କଲେ। ସେମାନେ କହିଲେ, "ବୋଧହୁଏ
ଆମ୍ଭେ ରୋଟୀ ନ ଆଣିଥିବାରୁ ସେ ଏପରି କହିଲେ।"
୮ ସେମାନେ ଯାହା କୁହାକୁହି ହେଉଥିଲେ ଯୀଶୁ ତାହା
ଜାଣି ପାରିଲେ। ସେ କହିଲେ, "ତୁମ୍ଭେ ରୋଟୀ ନ ଥିବା
କଥା କାହିଁକି ତୁମ୍ଭଭିତରେ କୁହାକୁହି ହେଉଛ? ତୁମ୍ଭର
ବିଶ୍ୱାସ ଅଳ୍ପ। ୯ ଏବେ ସୁଦ୍ଧା ତୁମ୍ଭେ କ'ଣ ବୁଝି ପାରୁନ?
ପାଞ୍ଚଟି ରୋଟୀକୁ ପାଞ୍ଚହଜାର ଲୋକ ଖାଇଥିବା କଥା
ମନେ ପକାଅ। ଲୋକେ ଖାଇ ସାରିବା ପରେ ବଳକା
ଅଂଶତକ ତୁମ୍ଭେ ଅନେକ ଟୋକେଇରେ ଭର୍ତ୍ତି କରିଥିଲ।
୧୦ ସାତୋଟି ରୋଟୀକୁ ଚାରିହଜାର ଲୋକ ଖାଇଥିବା କଥା
ମନେ ପକାଅ। ଲୋକେ ଖାଇସାରିବା ପରେ ବଳକା
ଅଂଶତକ ଅନେକ ଟୋକେଇରେ ଭର୍ତ୍ତି କରିଥିବା ବିଷୟରେ
କହୁ ନ ଥିଲ? ୧୧ ତୁମ୍ଭେ ତାହା କାହିଁକି ବୁଝି ପାରୁନ? ମୁଁ
ତୁମ୍ଭକୁ ସାବଧାନ ରହିବାକୁ ଏବଂ ଫାରୂଶୀ ଓ ସାଦ୍ଦୂକୀମାନଙ୍କର
କୁପ୍ରଭାବରୁ ଦୂରରେ ରହିବାକୁ କହୁଛି।"
୧୨ ତା'ପରେ ସେମାନେ ଯୀଶୁଙ୍କ କଥାର ଅର୍ଥ ବୁଝିଗଲେ।
ରୋଟୀରେ ବ୍ୟବହାର କରି ଯାଉଥିବା ଖମୀରର କୁପ୍ରଭାବରୁ
ସାବଧାନ ରହିବା ବିଷୟରେ ଯୀଶୁ କହିନଥିଲେ। ମାତ୍ର
ଫାରୂଶୀ ଓ ସାଦ୍ଦୂକୀମାନଙ୍କର ଉପଦେଶଠାରୁ ସାବଧାନ
ରହିବାକୁ ସେ ସେମାନଙ୍କୁ କହୁଥିଲେ।

## ପିତର କହନ୍ତି ଯୀଶୁ ହେଉଛନ୍ତି ଖ୍ରୀଷ୍ଟ

୧୩ ଯୀଶୁ କାଇସରୀଆ ଫିଲିପ୍ପୀ ଅଞ୍ଚଳକୁ ଆସିବା ପରେ
ଶିଷ୍ୟମାନଙ୍କୁ କହିଲେ, "ମୁଁ ହେଉଛି ମନୁଷ୍ୟପୁତ୍ର*। ମୁଁ
କିଏ ବୋଲି ଲୋକେ ମୋ ବିଷୟରେ କ'ଣ କହୁଛନ୍ତି?"
୧୪ ଶିଷ୍ୟମାନେ ଉତ୍ତର ଦେଲେ, "କେତେକ ଆପଣଙ୍କୁ
ବାପ୍ତିଜକ ଯୋହନ ବୋଲି କହୁଛନ୍ତି ତ କେତେକ
ଏଲୀୟ* ବୋଲି କହୁଛନ୍ତି। ଅନ୍ୟମାନେ ଆପଣଙ୍କୁ ଯିରିମିୟ*
ବା ଭବିଷ୍ୟଦ୍‌ବକ୍ତା* ମାନଙ୍କମଧ୍ୟରୁ ଜଣେ ବୋଲି କହୁଛନ୍ତି।"
୧୫ ଯୀଶୁ କହିଲେ, "ମୁଁ କିଏ ବୋଲି ତୁମ୍ଭେ କ'ଣ
କହୁଛ?"
୧୬ ଶିମୋନ ପିତର ଉତ୍ତର କେଲେ, "ଆପଣ ହେଉଛନ୍ତି
ଖ୍ରୀଷ୍ଟ। ଜୀବନ୍ତ ପରମେଶ୍ୱରଙ୍କ ପୁତ୍ର।"
୧୭ ଉତ୍ତରରେ ଯୀଶୁ କହିଲେ, "ହେ ଶିମୋନ! ଯୂନସଙ୍କ
ପୁତ୍ର! ତୁମ୍ଭେ ଧନ୍ୟ! ଏକଥା ତୁମ୍ଭକୁ କୌଣସି ମଣିଷ
ଶିଖାଇ ନାହିଁ। ମୋ ସ୍ୱର୍ଗୀୟ ପିତା ତୁମ୍ଭକୁ ଏକଥା
ଶିଖାଇଛନ୍ତି। ୧୮ ମୁଁ ମଧ୍ୟ ତୁମ୍ଭକୁ କହି ରଖୁଛି ଯେ ତୁମ୍ଭେ
ହେଉଛ ପିତର*। ଏବଂ ମୁଁ ଏହି ପଥର ଉପରେ ମୋର
ମଣ୍ଡଳୀ ତୋଳିବି। ମୃତ୍ୟୁଶକ୍ତି* ମୋର ମଣ୍ଡଳୀକୁ ପରାଜିତ
କରିବାକୁ ସମର୍ଥ ହୋଇପାରିବ ନାହିଁ। ୧୯ ସ୍ୱର୍ଗରାଜ୍ୟର ଚାବି
ଗୁଡ଼ିକ ମୁଁ ତୁମ୍ଭକୁ ଦେବି। ତେଣୁ ଏ ପୃଥିବୀରେ
ଯେତେବେଳେ ତୁମ୍ଭେ ନ୍ୟାୟ-ବିଚାର କରିବ, ସେହି
ନ୍ୟାୟ-ବିଚାର ପରମେଶ୍ୱରଙ୍କର ନ୍ୟାୟ-ବିଚାର ହେବ। ଏ
ପୃଥିବୀରେ ଯେତେବେଳେ ତୁମ୍ଭେ କ୍ଷମା ଦେବ, ସେହି କ୍ଷମା
ପରମେଶ୍ୱରଙ୍କର କ୍ଷମା ହେବ।" ୨୦ ତା'ପରେ ଯୀଶୁ ତାହାଙ୍କର
ଶିଷ୍ୟମାନଙ୍କୁ ଦୃଢ଼ ଆଜ୍ଞା ଦେଲେ, "ସେ ଯେ ଖ୍ରୀଷ୍ଟ
ଅଟନ୍ତି କାହାକୁ ନ କହିବା ପାଇଁ।"

## ନିଜ ମୃତ୍ୟୁ ବିଷୟରେ ଯୀଶୁଙ୍କ ଭବିଷ୍ୟଦ୍‌ବାଣୀ

୨୧ ସେ ସମୟରୁ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିବାକୁ
ଲାଗିଲେ ଯେ ସେ ନିଶ୍ଚିତ ଭାବରେ ଯିରୂଶାଲମକୁ ଯିବେ।
ସେଠାରେ ଯିହୂଦୀ ନେତା, ପ୍ରମୁଖ ଯାଜକ ଓ ଧର୍ମ-ଶାସ୍ତ୍ରୀମାନଙ୍କ
ଦ୍ୱାରା ସେ ଅନେକ ଯାତନା ପାଇବେ ଓ ବଧକରି
ଦିଆଯିବେ। ସେ ମୃତ୍ୟୁରୁ ତୃତୀୟ ଦିନ ପୁନର୍ଜୀବିତ
ହେବେ।
୨୨ ତା'ପରେ ପିତର ଯୀଶୁଙ୍କୁ ଗୋଟିଏ ପାଖକୁ ଏକୁଟିଆ
ଡାକିନେଲେ ଓ ତାହାଙ୍କୁ ସମାଲୋଚନା କରି କହିଲେ,
"ହେ ପ୍ରଭୁ! ପରମେଶ୍ୱର ଆପଣଙ୍କ ଉପରେ ଦୟା
କରନ୍ତୁ। ଆପଣଙ୍କ ପାଇଁ ଏସବୁ ଘଟଣା ନ ଘଟୁ।"
୨୩ ଯୀଶୁ ବୁଲିପଡ଼ି ପିତରଙ୍କୁ କହିଲେ, "ଶୟତାନ! ମୋ
ପାଖରୁ ଚାଲିଯାଅ। ତୁମ୍ଭେ ମୋ ପାଇଁ ଗୋଟିଏ ବିଘ୍ନ।
ତୁମ୍ଭେ ପରମେଶ୍ୱରଙ୍କ ନିୟମକୁ ଖାତିର୍ କରୁନାହିଁ। ଲୋକମାନେ
ଯାହାକୁ ମହତ୍ତ୍ୱପୂର୍ଣ୍ଣ ବୋଲି ଭାବନ୍ତି, ତୁମ୍ଭେମାନେ ମଧ୍ୟ
ସେହିଭଳି ଭାବୁଛ।"

---

**ଯୂନସଙ୍କ ଚିହ୍ନ** ଯୀଶୁ ସମାଧି ମଧ୍ୟରେ ତିନିଦିନ ରହିବା ଭଳି ଯୂନସ୍ ଗୋଟିଏ ବଡ ମାଛର ପେଟରେ ତିନିଦିନ ରହିଥିଲେ।

**ମନୁଷ୍ୟପୁତ୍ର** ଅର୍ଥାତ୍ ଯୀଶୁ। ଲୋକଙ୍କୁ ରକ୍ଷା କରିବା ସକାଶେ ପରମେଶ୍ୱର ତାଙ୍କୁ ମନୋନୀତ କରିଥିଲେ।

**ଏଲୀୟ** ପ୍ରାୟ ୮୫୦ ଖ୍ରୀପୂ ସମୟରେ ପରମେଶ୍ୱରଙ୍କ ପାଇଁ କହୁଥିବା ବ୍ୟକ୍ତି।

**ଯିରିମିୟ** ପ୍ରାୟ ୬୦୦ ଖ୍ରୀ,ପୂ, ସମୟରେ ପରମେଶ୍ୱରଙ୍କ ପାଇଁ କହୁଥିବା ବ୍ୟକ୍ତି।

**ଭବିଷ୍ୟଦ୍‌ବକ୍ତା** ଯେଉଁମାନେ ପରମେଶ୍ୱରଙ୍କ ପାଇଁ କହନ୍ତି।

**ପିତର** ଗ୍ରୀକ୍ ନାମ, ଅର୍ଥାତ୍ ପଥର

**ମୃତ୍ୟୁଶକ୍ତି** ମୃତ୍ୟୁର ଦ୍ୱାର

୨୪ ତା'ପରେ ଯୀଶୁ ତାହାଙ୍କର ଶିଷ୍ୟମାନଙ୍କୁ କହିଲେ,
"ଯଦି କେହି ଲୋକ ମୋର ଅନୁସରଣ କରିବାକୁ ଇଚ୍ଛା
କରୁଛି ତେବେ ସେ ନିଜ ବିଷୟରେ ଭୁଲିଯାଉ। ସେ
ଲୋକକୁ ଦିଆଯାଇଥିବା ଯାତନାର କ୍ରୁଶ ବହନ କରୁ।
ତା'ପରେ ସେ ମୋର ଅନୁସରଣ କରିବା ଉଚିତ।
୨୫ ଯେଉଁଲୋକ ତା ନିଜ ଜୀବନ ରକ୍ଷା କରିବାକୁ ଚାହୁଁଥିବ,
ସେ ଏହାକୁ ହରେଇ ବସିବ। ମୋ ପାଇଁ ଜୀବନ
ଦେଉଥିବା ପ୍ରତ୍ୟେକ ଲୋକ ଏହାକୁ ରକ୍ଷା କରିବ। ୨୬ ଯଦି
ଜଣେ ଲୋକ ନିଜ ଆତ୍ମାକୁ ହରେଇ ସାରା ସଂସାର ପାଏ,
ତେବେ ସେଥିରେ ତାହାର କି ଲାଭ ହେବ? ନିଜର
ଆତ୍ମାକୁ ଥରେ ହରେଇ ପୁଣି ଥରେ କିଣିବା ପାଇଁ କେହି
କେବେହେଲେ ଯଥେଷ୍ଟ ଧନ ଦେଇ ପାରିବନାହିଁ।
୨୭ ମନୁଷ୍ୟପୁତ୍ର ନିଜର ପିତାହାଙ୍କ ମହିମା ସହିତ ତାହାଙ୍କର
ସ୍ୱର୍ଗଦୂତମାନଙ୍କ ସଙ୍ଗେ ଆସିବେ। ସେ ସମୟରେ ମନୁଷ୍ୟପୁତ୍ର
ପ୍ରତ୍ୟେକ ଲୋକକୁ ତାର କର୍ମ ଅନୁସାରେ ଫଳ ଦେବେ।
୨୮ ମୁଁ ତୁମ୍ଭକୁ ସତ୍ୟ କହୁଛି। ଏଠାରେ କେତେକ ଲୋକ
ଠିଆ ହୋଇଛନ୍ତି, ଯେଉଁମାନେ ସେମାନଙ୍କ ମୃତ୍ୟୁ ପୂର୍ବରୁ
ମନୁଷ୍ୟପୁତ୍ରଙ୍କୁ ତାହାଙ୍କ ରାଜ୍ୟ ସହିତ ଆସୁଥିବାର ଦେଖିବେ।"

## ମୋଶା ଓ ଏଲୀୟଙ୍କ ସହିତ ଯୀଶୁ

୧୭ ଛଅ ଦିନ ପରେ ଯୀଶୁ ପିତର, ଯାକୁବ ଓ
ତାହାଙ୍କର ଭାଇ ଯୋହନଙ୍କୁ ସାଙ୍ଗରେ ନେଲେ,
ଓ ଗୋଟିଏ ଉଚ୍ଚ ପର୍ବତ ଉପରକୁ ଗଲେ। ସେଠାରେ
ସେମାନେ ସମସ୍ତେ ଥିଲେ। ୨ ସେମାନଙ୍କ ଆଗରେ ଯୀଶୁଙ୍କ
ସ୍ୱରୂପ ବଦଳିଗଲା। ତାହାଙ୍କର ମୁହଁ ସୂର୍ଯ୍ୟ ଭଳି ଝଲସି
ଉଠିଲା। ତାହାଙ୍କର ପୋଷାକ ଆଲୋକ ଭଳି ଧଳା
ଦେଖାଗଲା। ୩ ହଠାତ୍ ସେ ସ୍ଥାନରେ ଦୁଇଜଣ ବ୍ୟକ୍ତି ଆସି
ଯୀଶୁଙ୍କ ସହିତ କଥାବାର୍ତ୍ତା ହେଲେ। ସେମାନେ ଏଲୀୟ ଓ
ମୋଶା* ଥିଲେ।
୪ ଏହା ଦେଖି ପିତର ଯୀଶୁଙ୍କୁ କହିଲେ, "ହେ ପ୍ରଭୁ,
ଭଲ ହେଲା ଯେ, ଆମ୍ଭେ ଏଠାରେ ଅଛୁ। ଆପଣ ଚାହିଁଲେ
ମୁଁ ଏଠାରେ ତିନୋଟି ତମ୍ବୁ ଟାଣିଦେବି। ସେଥିରୁ ଗୋଟିଏ
ଆପଣଙ୍କ ପାଇଁ, ଗୋଟିଏ ମୋଶାଙ୍କ ପାଇଁ, ଓ ଅନ୍ୟଟି
ଏଲୀୟଙ୍କ ପାଇଁ।"
୫ ପିତର ଏକଥା କହୁଥିବା ବେଳେ ଗୋଟିଏ ଉଜ୍ଜ୍ୱଳ
ମେଘଖଣ୍ଡ ଆସି ସେମାନଙ୍କୁ ଢାଙ୍କି ଦେଲା। ମେଘମଧ୍ୟରୁ
ଅକାଶ-ବାଣୀ ହେଲା, "ଏ ହେଉଛନ୍ତି ମୋର ପୁତ୍ର ଯାହାଙ୍କୁ
ମୁଁ ପ୍ରେମ କରେ। ତାହାଙ୍କ ଉପରେ ମୁଁ ବହୁତ ସନ୍ତୁଷ୍ଟ।
ତୁମ୍ଭେ ତାହାଙ୍କ କଥା ମାନ,"
୬ ଯୀଶୁଙ୍କ ଶିଷ୍ୟମାନେ ଏକଥା ଶୁଣି ଅଧିକ ଭୟଭୀତ
ହୋଇ ପଡିଲେ। ସେମାନେ ଭୂଇଁ ଉପରେ ପଡିଗଲେ।
୭ ଯୀଶୁ ଶିଷ୍ୟମାନଙ୍କ ପାଖକୁ ଆସି ସେମାନଙ୍କୁ ଛୁଇଁ
ଦେଲେ। ଯୀଶୁ କହିଲେ, "ଠିଆ ହୁଅ। ଭୟ କର
ନାହିଁ।" ୮ ଶିଷ୍ୟମାନେ ଉପରକୁ ଚାହିଁଲେ। ସେମାନେ
ଯୀଶୁଙ୍କ ଛଡ଼ା ଆଉ କାହାରିକୁ ଦେଖିଲେ ନାହିଁ।
୯ ଯୀଶୁ ଓ ଶିଷ୍ୟମାନେ ପର୍ବତ ଉପରୁ ତଳକୁ ଓହ୍ଲାଉଥିଲେ।
ଯୀଶୁ ଶିଷ୍ୟମାନଙ୍କୁ ଆଦେଶ ଦେଲେ, "ପର୍ବତ ଉପରେ
ତୁମ୍ଭେମାନେ ଯାହାସବୁ ଦେଖିଲ, ତାହା କାହାକୁ କହିବ
ନାହିଁ। ମନୁଷ୍ୟପୁତ୍ର ମୃତ୍ୟୁରୁ ପୁନର୍ଜୀବିତ ହେବା ପର୍ଯ୍ୟନ୍ତ
ଅପେକ୍ଷା କର। ତା'ପରେ ତୁମ୍ଭେ ଯାହା ସବୁ ଦେଖିଛ,
ତାହା ଲୋକଙ୍କ ଆଗରେ କହିପାର।"
୧୦ ଯୀଶୁଙ୍କୁ ଶିଷ୍ୟମାନେ ପଚାରିଲେ, "ତେବେ ଧର୍ମ-
ଶାସ୍ତ୍ରୀମାନେ କାହିଁକି କହୁଛନ୍ତି ଯେ ଖ୍ରୀଷ୍ଟଙ୍କ ପୂର୍ବରୁ ପ୍ରଥମେ
ଏଲୀୟ ନିଶ୍ଚୟ ଆସିବେ?"
୧୧ ଯୀଶୁ ଉତ୍ତର ଦେଲେ, "ସେମାନେ ଠିକ୍ କହିଛନ୍ତି
ଯେ ଏଲୀୟ ଆସୁଛନ୍ତି, ସେ ପ୍ରତ୍ୟେକ ବସ୍ତୁକୁ ଠିକ୍
କ୍ରମରେ ରଖିବେ। ୧୨ କିନ୍ତୁ ମୁଁ ତୁମ୍ଭକୁ କହି ଦେଉଛି ଯେ
ଏଲୀୟ ଆସି ସାରିଛନ୍ତି। ଲୋକମାନେ ତାହାଙ୍କୁ ଚିହ୍ନି
ପାରିଲେ ନାହିଁ। ଲୋକମାନେ ଯାହା ଇଚ୍ଛାକଲେ, ତାହାଙ୍କୁ
ସେହି ପ୍ରକାର ବ୍ୟବହାର କଲେ। ସେହିଭଳି ମନୁଷ୍ୟ-ପୁତ୍ର
ମଧ୍ୟ ସେମାନଙ୍କଠାରୁ ସେହି ପ୍ରକାର ଯାତନା ଭୋଗ
କରିବେ।" ୧୩ ତାପରେ ତାହାଙ୍କର ଶିଷ୍ୟମାନେ ବୁଝି ପାରିଲେ
ଯେ ଯୀଶୁ ଯେଉଁ ବାପ୍ତିଜକ ଯୋହନଙ୍କ ବିଷୟରେ
ସେମାନଙ୍କୁ କହିଥିଲେ, ସେ ପ୍ରକୃତରେ ଏଲୀୟ।

## ଯୀଶୁ ଗୋଟିଏ ଅସୁସ୍ଥ ବାଳକକୁ ସୁସ୍ଥ କରିଦେଲେ

୧୪ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଲୋକମାନଙ୍କ ପାଖକୁ
ଫେରି ଆସିଲେ। ଗୋଟିଏ ଲୋକ ଯୀଶୁଙ୍କ ପାଖକୁ ଆସି
ତାହାଙ୍କ ଆଗରେ ଆଣ୍ଠୁ ମାଡ଼ି ପଡ଼ିଗଲା। ୧୫ ସେ କହିଲା,
"ପ୍ରଭୁ, ମୋର ପୁଅ ଉପରେ ଦୟା କର। ସେ ମୃଗୀ
ରୋଗରେ ବଡ଼ କଷ୍ଟ ପାଉଛି। ଅନେକ ସମୟରେ ସେ
ନିଆଁରେ କିମ୍ବା ପାଣିରେ ପଡ଼ି ଯାଉଛି। ୧୬ ମୁଁ ତାକୁ ତୁମ୍ଭ
ଶିଷ୍ୟମାନଙ୍କ ପାଖକୁ ଆଣିଥିଲି। କିନ୍ତୁ ସେମାନେ ତାକୁ
ସୁସ୍ଥ କରି ପାରିଲେନାହିଁ।"
୧୭ ଯୀଶୁ କହିଲେ, "ତୁମ୍ଭମାନଙ୍କର ବିଶ୍ୱାସ ନାହିଁ।
ତୁମ୍ଭେମାନେ ମନ୍ଦ ଜୀବନ କାଟୁଛ। ମୁଁ ଆଉ କେତେଦିନ
ତୁମ୍ଭମାନଙ୍କ ସହିତ ରହିବି? କେତେ ସମୟ ପର୍ଯ୍ୟନ୍ତ
ମୋର ଧୈର୍ଯ୍ୟ ରହିବ? ସେ ପିଲାଟିକୁ ମୋ ପାଖକୁ
ଆଣ।" ୧୮ ତା'ପରେ ଯୀଶୁ ପିଲାଟିର ଦେହ ଭିତରେ
ରହିଥିବା ଭୂତଟିକୁ କଠୋର ଆଦେଶ ଦେଲେ। ଭୂତଟି
ତା' ଦେହରୁ ବାହାରି ଆସିଲା। ସେହି ମୁହୂର୍ତ୍ତରେ ପିଲାଟି
ସୁସ୍ଥ ହୋଇଗଲା।
୧୯ ତା'ପରେ ଯୀଶୁଙ୍କ ଶିଷ୍ୟମାନେ ତାହାଙ୍କୁ ନିରୋଳାରେ
ଭେଟି ପଚାରିଲେ, "ଆମେମାନେ ଭୂତକୁ ତଡିଦେବାକୁ
କାହିଁକି ସକ୍ଷମ ହୋଇ ପାରିଲୁନାହିଁ?"
୨୦ ଯୀଶୁ କହିଲେ, "ତାହା କେବଳ ତୁମ୍ଭର ଅଳ୍ପ
ବିଶ୍ୱାସର ଯୋଗୁ ହେଲା। ମୁଁ ତୁମ୍ଭକୁ ସତ୍ୟ କହୁଛି।
ତୁମ୍ଭର ଯଦି ଗୋଟିଏ ସୋରିଷ ଦାନା ପରିମାଣର ମଧ୍ୟ
ବିଶ୍ୱାସ ଅଛି, ତେବେ ତୁମ୍ଭେ ଏହି ପର୍ବତକୁ କହିପାରିବ,
'ଏ ଜାଗାରୁ ସେ ଜାଗାକୁ ଚାଲିଯାଅ,' ଏବଂ ପର୍ବତ

---

**ଏଲୀୟ ଓ ମୋଶା** ଅତୀତର ଦୁଇଜଣ ବିଶିଷ୍ଟ ଯିହୁଦୀ
ନେତା

ଚାଲିଯିବ। ତୁମ୍ଭପାଇଁ କିଛି ଅସମ୍ଭବ ହୋଇ ରହିବନାହିଁ।
୨୧(ଏହିଭଳି ଭୂତମାନେ କେବଳ ଉପବାସ ଓ ପ୍ରାର୍ଥନା
ଦ୍ୱାରା ବାହାରି ଯାଇ ଥାଆନ୍ତି।)*

### ନିଜ ମୃତ୍ୟୁ ବିଷୟରେ ଯୀଶୁ କହନ୍ତି

୨୨ତା'ପରେ ଗାଲୀଲୀରେ ଶିଷ୍ୟମାନେ ଏକାଠି ହେବାପରେ,
ଯୀଶୁ ସେମାନଙ୍କୁ କହିଲେ, "ମନୁଷ୍ୟପୁତ୍ରଙ୍କୁ ମନୁଷ୍ୟମାନେ
ହିଁ ଧରିନେବେ। ୨୩ସେମାନେ ତାହାଙ୍କୁ ମାରିଦେବେ। କିନ୍ତୁ
ସେ ମୃତ୍ୟୁରୁ ତୃତୀୟ ଦିନ ବଞ୍ଚି ଉଠିବେ।" ଯୀଶୁଙ୍କୁ ମାରି
ଦିଆଯିବ ବୋଲି ଖବର ଶୁଣି ତାହାଙ୍କ ଶିଷ୍ୟମାନେ ବହୁତ
ମନଦୁଃଖ କଲେ।

### କର ଦେବା ବିଷୟରେ ଯୀଶୁଙ୍କ ଉପଦେଶ

୨୪ଯୀଶୁ ଓ ତାହାଙ୍କ ଶିଷ୍ୟମାନେ କଫର୍ନାହୂମକୁ ଗଲେ।
କଫର୍ନାହୂମରେ କେତେକ ଲୋକ ପିତରଙ୍କ ପାଖକୁ ଆସିଲେ।
ଯେଉଁମାନେ ମନ୍ଦିରର କର ଆଦାୟ କରନ୍ତି, ସେମାନେ
ସେହି ଲୋକ ଥିଲେ। ସେମାନେ ପଚାରିଲେ, "ତୁମ୍ଭର
ଗୁରୁ ମନ୍ଦିରର 'ଦୁଇ-ଡ୍ରାକ୍‌ମା' କର* ଦିଅନ୍ତି କି?"
୨୫ପିତର ଉତ୍ତର ଦେଲେ, "ହିଁ, ସେ ଦିଅନ୍ତି।"
ପିତର ଘର ଭିତରକୁ ଗଲେ। ସେଠାରେ ଯୀଶୁ
ଥିଲେ। ପିତର କିଛି କହିବା ପୂର୍ବରୁ ଯୀଶୁ କହିଲେ,
"ପୃଥିବୀର ରାଜାମାନେ ଲୋକମାନଙ୍କଠାରୁ ଅନେକ ପ୍ରକାର
କର ଆଦାୟ କରିଥାନ୍ତି। କିନ୍ତୁ କେଉଁମାନେ ସେହି କର
ଦିଅନ୍ତି? ଏମାନେ କ'ଣ ରାଜାଙ୍କ ନିଜ ସନ୍ତାନ ସନ୍ତତି ନା
ଅନ୍ୟ-ମାନଙ୍କର ସନ୍ତାନ-ସନ୍ତତି? ତୁମ୍ଭେ କ'ଣ ଭାବୁଛ?"
୨୬ପିତର ଉତ୍ତର ଦେଲେ, "ରାଜାମାନେ ଅନ୍ୟମାନଙ୍କର
ସନ୍ତାନ-ସନ୍ତତିଙ୍କ ଠାରୁ କର ଆଦାୟ କରନ୍ତି।" ଯୀଶୁ
ତାହାଙ୍କୁ କହିଲେ, "ତାର ଅର୍ଥ ରାଜାଙ୍କ ସନ୍ତାନମାନଙ୍କୁ
କର ଦେବାକୁ ପଡ଼େ ନାହିଁ। ୨୭କିନ୍ତୁ ଏହି କର
ଆଦାୟକାରୀଙ୍କୁ ଆମ୍ଭେ କ୍ରୋଧିତ କରିବାନାହିଁ। ତେଣୁ କର
ଏହିଭଳି ଭାବରେ ଦେଇଦିଅ: ହ୍ରଦକୁ ଯାଅ। ତୁମ୍ଭର ମାଛ
ଧର। ତୁମ୍ଭେ ଧରିଥିବା ପ୍ରଥମ ମାଛଟି ଆଣ। ତାର ପାଟି
ଖୋଲ। ତା ପାଟିରୁ ତୁମ୍ଭେ ଚାରିଟି ରୌପ୍ୟ ମୁଦ୍ରା ପାଇବ।
ସେ ମୁଦ୍ରାଗୁଡ଼ିକୁ ଆଣି ମୋ ପାଇଁ ଓ ତୁମ୍ଭ ପାଇଁ
ଟିକସ-ଆଦାୟକାରୀଙ୍କୁ ଦେଇଦିଅ।"

### ସବୁଠାରୁ ଶ୍ରେଷ୍ଠ କିଏ

୧୮ ସେହି ସମୟରେ ଶିଷ୍ୟମାନେ ଯୀଶୁଙ୍କ ନିକଟକୁ
ଆସି ପଚାରିଲେ, "ସ୍ୱର୍ଗରାଜ୍ୟରେ ସବୁଠାରୁ
ଶ୍ରେଷ୍ଠ କିଏ?"
୨ଯୀଶୁ ଗୋଟିଏ ଛୋଟ ପିଲାକୁ ପାଖକୁ ଡାକିଲେ। ସେ
ପିଲାକୁ ଶିଷ୍ୟମାନଙ୍କ ଆଗରେ ଠିଆ କରାଇଲେ। ୩ତା'ପରେ
ଯୀଶୁ କହିଲେ, "ମୁଁ ତୁମ୍ଭକୁ ସତ୍ୟ କହୁଛି। ତୁମ୍ଭେ ନିଜକୁ
ପରିବର୍ତ୍ତନ କର। ହୃଦୟ ଭିତରେ ଗୋଟିଏ ଛୋଟ
ପିଲାଭଳି ହୋଇଯାଅ। ଏକଥା ନକଲେ ତୁମ୍ଭେ ସ୍ୱର୍ଗରାଜ୍ୟରେ
କଦାପି ପ୍ରବେଶ କରିପାରିବ ନାହିଁ। ୪ଯେଉଁ ଲୋକ ନିଜକୁ
ଗୋଟିଏ ଛୋଟ ପିଲା ଭଳି ନମ୍ର କରିଥାଏ, ସେହି ଲୋକ
ସ୍ୱର୍ଗରାଜ୍ୟରେ ସବୁଠାରୁ ଶ୍ରେଷ୍ଠ।
୫"ଯେଉଁଲୋକ ମୋ ନାମରେ ଏହିଭଳି ଗୋଟିଏ
ଛୋଟ ପିଲାକୁ ଗ୍ରହଣ କରେ, ସେ ମୋତେ ଗ୍ରହଣ
କରେ। ୬କିନ୍ତୁ ମୋଠାରେ ବିଶ୍ୱାସ ରଖିଥିବା ଏହି ନମ୍ର
ଛୋଟ ପିଲାମାନଙ୍କ ମଧ୍ୟରୁ କାହାରିକୁ ପାପ ପଥରେ ଯଦି
କେହି ଟାଣିନିଏ, ତାହାହେଲେ ସେହି ଲୋକର ବେକରେ
ଗୋଟିଏ ଚକି ପଥର ବାନ୍ଧି ଗଭୀର ସମୁଦ୍ରରେ ତାକୁ
ବୁଡ଼େଇ ଦିଆଗଲେ ଭଲ ହୁଅନ୍ତା। ୭ଏହି ପୃଥିବୀରେ ପାପ
କରୁଥିବା ଲୋକମାନଙ୍କ ପାଇଁ ମୁଁ ଦୁଃଖ ଅନୁଭବ କରୁଛି।
ଏସବୁ ଘଟଣା ନିଶ୍ଚୟ ଘଟିବ। କିନ୍ତୁ ଯେଉଁ ଲୋକ ଏସବୁ
ଘଟଣା ଘଟିବାର କାରଣ ହୁଏ, ତାହା ପାଇଁ ଏହା ବହୁତ
ଖରାପ ହେବ। ୮ଯଦି ତୁମ୍ଭର ହାତ କିମ୍ବା ପାଦ ତୁମ୍ଭ ପାଇଁ
ପାପର କାରଣ ହୁଏ, ତେବେ ତାକୁ କାଟି ଫିଙ୍ଗିଦିଅ।
ଦୁଇହାତ ଓ ଦୁଇଗୋଡ଼ ଥାଇ ଚିରକାଳ ଜଳୁଥିବା
ନରକର ନିଆଁରେ ତୁମ୍ଭକୁ ଫିଙ୍ଗି ଦିଆଯିବା ଅପେକ୍ଷା ବରଂ
ହାତ କିମ୍ବା ଗୋଡ ନଥାଇ ଅନନ୍ତଜୀବନ ମଧ୍ୟରେ ପ୍ରବେଶ
କରିବା ତୁମ୍ଭ ପାଇଁ ଭଲ। ୯ଯଦି ତୁମ୍ଭର ଆଖିଟିଏ
ତୁମ୍ଭପାଇଁ ପାପର କାରଣ ହୁଏ ତେବେ ତାକୁ କାଢ଼ି
ଫିଙ୍ଗିଦିଅ। ତୁମ୍ଭର ଦୁଇଟି ଯାକ ଆଖି ଥାଇ ତୁମ୍ଭକୁ
ନରକର ନିଆଁରେ ଫିଙ୍ଗି ଦିଆଯିବା ଅପେକ୍ଷା ଗୋଟିଏ ଆଖି
ଥାଇ ଅନନ୍ତଜୀବନ ଲାଭ କରିବା ତୁମ୍ଭ ପାଇଁ ଭଲ।

### ଯୀଶୁ ହଜିଥିବା ମେଣ୍ଢାର ଦୃଷ୍ଟାନ୍ତ କହିଲେ

୧୦"ସାବଧାନ ଏହି ଛୋଟ ପିଲାମାନଙ୍କ ମଧ୍ୟରୁ କାହାରିକୁ
ତୁଚ୍ଛ ମନେ କରନାହିଁ। ଏହି ପିଲାମାନଙ୍କ ପାଇଁ ସ୍ୱର୍ଗରେ
ଦୂତମାନେ ଅଛନ୍ତି। ଏବଂ ସେହି ଦୂତମାନେ ସ୍ୱର୍ଗରେ
ମୋର ପରମପିତାଙ୍କ ସହିତ ସଦାସର୍ବଦା ଅଛନ୍ତି। ୧୧ଯେଉଁମାନେ
ହଜିଯାଇଛନ୍ତି ମନୁଷ୍ୟ-ପୁତ୍ର ସେମାନଙ୍କୁ ଉଦ୍ଧାର କରିବା
ପାଇଁ ଆସିଛନ୍ତି।*
୧୨"ଯଦି କୌଣସି ଲୋକର ଶହେଟି ମେଣ୍ଢା ଥାଆନ୍ତି,
କିନ୍ତୁ ସେଥିରୁ ଗୋଟିଏ ହଜିଯାଏ, ତେବେ ସେହି ଲୋକଟି
ତାର ବାକି ଅନେଶ୍ୱତ ମେଣ୍ଢାଙ୍କୁ ପାହାଡ ଉପରେ ଛାଡିଦେଇ
ହଜିଯାଇଥିବା ମେଣ୍ଢାକୁ ଖୋଜିବାକୁ ଯିବନାହିଁ କି? ତୁମ୍ଭେ
କଣ ଭାବ? ୧୩ମୁଁ ତୁମ୍ଭକୁ ସତ୍ୟ କହୁଛି। ଯଦି ସେ
ମେଣ୍ଢାଟି ଖୋଜି ପାଇଯାଏ ତେବେ ନହଜିଥିବା ଅନେଶ୍ୱତ
ମେଣ୍ଢାଙ୍କ ଅପେକ୍ଷା ମିଳିଯାଇଥିବା ମେଣ୍ଢା ପାଇଁ ସେ ଅଧିକ
ଖୁସି ହେବ। ୧୪ଠିକ୍ ସେହିଭଳି ସ୍ୱର୍ଗରେ ରହୁଥିବା ତୁମ୍ଭର
ପରମପିତା ଏହିଭଳି ଛୋଟ ପିଲାମାନଙ୍କ ମଧ୍ୟରୁ କେହି
ଜଣେ ହେଲେ ହଜିଯିବା ଚାହାନ୍ତିନାହିଁ।

---

**ପଦସଂଖ୍ୟା ୨୧** କେତେକ ଗ୍ରୀକ୍ ପ୍ରତିରେ ଏହିଭଳି ଭାବରେ ପଦଟିର ଉଲ୍ଲେଖ ରହିଛି।

**"ଦୁଇ-ଡ୍ରାକ୍‌ମା" କର** ଯିହୁଦୀମାନେ ମନ୍ଦିର ପାଇଁ ବର୍ଷକୁ ଥରେ ଦେଉଥିବା ଏକ ଟିକସ।

**ପଦସଂଖ୍ୟା ୧୧** ଏହା କେତେକ ଗ୍ରୀକ୍ ପ୍ରତୀକରେ ମିଳେ।

### ଯେତେବେଳେ ଜଣେ ଭୁଲ କରେ

[୧୫]“ତୁମ୍ଭର କେହି ଭାଇ ଯଦି ତୁମ୍ଭ ବିରୁଦ୍ଧରେ ଭୁଲ
କାମ କରେ, ତେବେ ସେ ଏକାକୀ ଥିବାବେଳେ ତା’
ନିକଟକୁ ଯାଇ ତାର ଭୁଲ ବିଷୟରେ କୁହ। ଯଦି
ସେତୁମ୍ଭ କଥା ଶୁଣେ, ତେବେ ତୁମ୍ଭେ ତାକୁ ପୁଣି ଥରେ
ତୁମ୍ଭର ଭାଇ ହୋଇ ରହିବାକୁ ସାହାଯ୍ୟ କଲ। [୧୬]ଯଦି
ସେ ଲୋକ କିଛି ଶୁଣିବାକୁ ମନା କରିଦିଏ ତେବେ ଜଣେ
ବା ଦୁଇ ଜଣ ଲୋକଙ୍କୁ ନେଇ ପୁଣି ଥରେ ତା’ ପାଖକୁ
ଯାଅ। ତେବେ ଯାହା କିଛି କୁହା ଯାଇଛି, ଦୁଇ ବା
ତିନିଜଣ ସାକ୍ଷୀଙ୍କ ଦ୍ୱାରା ତାହା ସମର୍ଥିତ ହେବ। [୧୭]ଯଦି
ସେ ଲୋକ ସେମାନଙ୍କ କଥା ମଧ୍ୟ ଶୁଣିବାକୁ ମନା
କରିଦିଏ, ତେବେ ମଣ୍ଡଳୀଙ୍କୁ କୁହ। ଯଦି ସେ ଲୋକ
ମଣ୍ଡଳୀ କଥା ନ ଶୁଣେ, ତେବେ ପରମେଶ୍ୱରଙ୍କୁ ବିଶ୍ୱାସ
କରୁ ନଥିବା ଲୋକ, କିମ୍ବା ଜଣେ କର-ଆଦାୟକାରୀକୁ
ଯେଉଁଭଳି ବ୍ୟବହାର କରାଯାଏ, ତାହାକୁ ସେହିଭଳି ବ୍ୟବହାର
କର।

[୧୮]“ମୁଁ ତୁମ୍ଭକୁ ସତ୍ୟ କହୁଛି ଯେ ତୁମ୍ଭେ ଏ ସଂସାରରେ
ଯାହା ସବୁ ବନ୍ଦ କରିବ ତାହା ପରମେଶ୍ୱରଙ୍କ ଦ୍ୱାରା ବନ୍ଦ
ହେବ। ତୁମ୍ଭେ ଏ ସଂସାରରେ ଯେତେବେଳେ କ୍ଷମା
ଦେବାପାଇଁ ପ୍ରତିଶ୍ରୁତି ଦେବ, ସେହି କ୍ଷମା ମଧ୍ୟ ପରମେଶ୍ୱରଙ୍କ
କ୍ଷମା ହେବ। [୧୯]ମୁଁ ତୁମ୍ଭକୁ ପୁଣି କହୁଛି ଯେ, ଏ
ଜଗତରେ ଯଦି ତୁମ୍ଭ ଭିତରୁ କେହି ଦୁଇଜଣ ଏକମତ
ହୋଇ ସ୍ୱର୍ଗରେ ରହୁଥିବା ମୋର ପରମପିତାଙ୍କୁ କିଛି
ମାଗିବେ, ତେବେ ସେ ତାହା ତୁମ୍ଭ ପାଇଁ ପୂରଣ
କରିଦେବେ। [୨୦]ଏକଥା ସତ୍ୟ। କାରଣ ଯେଉଁଠାରେ, ମୋ
ନାମରେ ବିଶ୍ୱାସ କରୁଥିବା ଦୁଇତିନି ଜଣ ଲୋକ ଏକାଠି
ହୁଅନ୍ତି, ମୁଁ ସେଠାରେ ସେମାନଙ୍କ ସହିତ ଅଛି।”

### ପାପକ୍ଷମାର କାହାଣୀ

[୨୧]ତା’ପରେ ପିତର ଯୀଶୁଙ୍କ ପାଖକୁ ଯାଇ ପଚାରିଲେ,
“ପ୍ରଭୁ, ମୋ ଭାଇ ଯଦି ମୋ ନିକଟରେ ବାରମ୍ବାର
ଅପରାଧ କରେ, ତେବେ ମୁଁ ତାକୁ କେତେଥର ପର୍ଯ୍ୟନ୍ତ
କ୍ଷମା ଦେବି? ମୁଁ କ’ଣ ତାକୁ ସାତଥର ପର୍ଯ୍ୟନ୍ତ କ୍ଷମା
ଦେବି?”

[୨୨]ଯୀଶୁ, କହିଲେ, “ମୁଁ କହୁଛି, ତୁମ୍ଭେ ତାକୁ ନିଶ୍ଚିତ
ରୂପରେ ସାତଥର ଠାରୁ ଅଧିକ ଥର କ୍ଷମା କରିବା
ଉଚିତ। ଏପରିକି ଯଦି ସେ ସାତଗୁଣ ସତୁରି* ଥର
ପର୍ଯ୍ୟନ୍ତ ମଧ୍ୟ ତୁମ୍ଭ ପ୍ରତି ଅପରାଧ କରେ, ତେବେ ମଧ୍ୟ
ତୁମ୍ଭେ କ୍ଷମା ଦେବା ଜାରି ରଖ।”

[୨୩]“ନିଜ ଚାକରମାନଙ୍କଠାରୁ ଉଧାର ଥିବା ଟଙ୍କା ପଇସାର
ଆଦାୟ ପାଇଁ ମନସ୍ଥ କରିଥିବା ଜଣେ ରାଜାଙ୍କ ସହିତ
ସ୍ୱର୍ଗରାଜ୍ୟର ତୁଳନା କରା ଯାଇପାରେ। [୨୪]ରାଜା ତାହାଙ୍କ
ଟଙ୍କା ଆଦାୟ କରିବା ଆରମ୍ଭ କରିଦେଲେ। ତାହାଙ୍କର
ଜଣେ ଚାକର ଉପରେ ଦଶ ହଜାର ରୌପ୍ୟମୁଦ୍ରା ବାକି
ଥିଲା। [୨୫]ରାଜାଙ୍କୁ ଋଣ ପରିଶୋଧ କରିବା ପାଇଁ ଚାକର
ପାଖରେ କିଛି ହେଲେ ନଥିଲା। ରାଜା ଆଦେଶ ଦେଲେ
ଯେ, ଚାକରର ସବୁ ଜିନିଷ ଏପରିକି ତାର ସ୍ତ୍ରୀ ଓ
ପିଲାପିଲିଙ୍କୁ ବିକ୍ରି କରିଦେଇ ଋଣ ପରିଶୋଧ କରାଯିବ।

[୨୬]“ଚାକରଟି ରାଜାଙ୍କ ଆଗରେ ଆଣ୍ଠୁ ମାଡ଼ି ବସି
ପଡ଼ିଲା। ସେ ପ୍ରାର୍ଥନା କଲା, ‘ଆପଣ ମୋ ପାଇଁ
ଧୈର୍ଯ୍ୟବାନ ହୁଅନ୍ତୁ। ମୁଁ ଆପଣଙ୍କର ସମସ୍ତ ଋଣ ପରିଶୋଧ
କରିଦେବି।’ [୨୭]ମାଲିକ ଏହାଶୁଣି ଚାକରଟି ପାଇଁ ଦୁଃଖ
ପ୍ରକାଶ କଲେ। ତେଣୁ ସେ ଚାକରର ଋଣ ଛାଡ଼
କରିଦେଇ ତାକୁ ଛାଡିଦେଲେ।

[୨୮]“ଚାକର ବାହାରୁଥିବା ସମୟରେ ରାସ୍ତାରେ ସେ
ତା’ର ଜଣେ ସଙ୍ଗୀ-ଚାକରକୁ ଦେଖିଲା। ସେ ଜଣକ
ତାଠାରୁ ଶହେ ମୁଦ୍ରା ଋଣ କରିଥିଲା। ପ୍ରଥମ ଚାକର
ଦ୍ୱିତୀୟ ଚାକରର ତଣ୍ଟି ଚିପି ଧରି କହିଲା, ‘ମୋ ଠାରୁ
ଯେଉଁ ଋଣ ନେଇଛୁ, ତାହାକୁ ସୁଝି ଦେ।’

[୨୯]“ତା’ପରେ ଦ୍ୱିତୀୟ ଚାକର ତା ନିକଟରେ ଆଣ୍ଠୁ
ମାଡି ବସି ପ୍ରାର୍ଥନା କଲା, ‘ମୋ ପାଇଁ ଧୈର୍ଯ୍ୟ ଧର। ମୁଁ
ଯାହା ନେଇଛି ସବୁତକ ସୁଝିଦେବି।’

[୩୦]“କିନ୍ତୁ ପ୍ରଥମ ଚାକର ଧୈର୍ଯ୍ୟ ଧରିବାକୁ ମନା କଲା।
କେବଳ ଏତିକି ନୁହେଁ, ସେ ବିଚାରପତିଙ୍କ ନିକଟକୁ ଯାଇ
ଦ୍ୱିତୀୟ ଚାକର ବିରୁଦ୍ଧରେ ଅଭିଯୋଗ ମଧ୍ୟ କଲା। ଦ୍ୱିତୀୟ
ଚାକରକୁ କାରାଗାରକୁ ପଠାଇ ଦିଆଗଲା। ଋଣ ପରିଶୋଧ
ନ କରିବା ପର୍ଯ୍ୟନ୍ତ ତାକୁ କାରାଗାରରେ ରହିବାକୁ ପଡ଼ିଲା।
[୩୧]ଅନ୍ୟ ଚାକରମାନେ ଏ ସମସ୍ତ ଘଟଣା ଦେଖିଲେ, ଓ
ବଡ଼ ଦୁଃଖିତ ହେଲେ। ତେଣୁ ଯାହା ସବୁ ଘଟିଥିଲା, ସେ
ସବୁ ସେମାନେ ସେମାନଙ୍କ ମାଲିକଙ୍କ ଆଗରେ ଯାଇ
କହିଲେ।

[୩୨]“ତାପରେ ମାଲିକ ପ୍ରଥମ ଚାକରକୁ ଡାକି କହିଲେ,
‘ରେ ଦୁଷ୍ଟ ଚାକର! ତୁ ମୋଠାରୁ ବହୁତ ଅଧିକ ଧନ ଋଣ
କରିଥିଲୁ। କିନ୍ତୁ ତୁ ମୋତେ ଦୟା ଭିକ୍ଷା କରିଥିଲୁ। ଏଣୁ
ତୋର ସମସ୍ତ ଋଣ ମୁଁ ଛାଡ କରିଦେଲି। [୩୩]ମୁଁ ତୋତେ
ଯେଉଁଭଳି ଦୟା ଦେଖାଇଥିଲି, ତୁ କ’ଣ ତୋର ସଙ୍ଗୀ-ଚାକରକୁ
ସେହିଭଳି ଦୟା ଦେଖାଇ ନଥାନ୍ତୁ?’ [୩୪]ତା’ର ମାଲିକ ଖୁବ୍
ରାଗିଗଲେ। ଦଣ୍ଡ ଦେବା ପାଇଁ ସେ ଚାକରକୁ କାରାଗାରରେ
ରଖିଲେ। ସମସ୍ତ ଋଣ ପରିଶୋଧ କରା ନ ଯିବା ପର୍ଯ୍ୟନ୍ତ
ଚାକରଟିକୁ କାରାଗାରରେ ରହିବାକୁ ହେଲା।

[୩୫]“ମୋର ସ୍ୱର୍ଗୀୟ ପରମପିତା ତୁମ୍ଭକୁ ଯେ ଭଳି
ବ୍ୟବହାର ଦେଖାଇବେ, ଏହି ରାଜା ଚାକରକୁ ଠିକ୍
ସେହିଭଳି ବ୍ୟବହାର ଦେଖାଇଲେ। ଅତଏବ ତୁମ୍ଭେମାନେ
ନିଜ ଭାଇ ବା ଭଉଣୀକୁ ହୃଦୟରୁ କ୍ଷମା ଦେବ। ନଚେତ
ମୋର ସ୍ୱର୍ଗୀୟ ପିତା ତୁମ୍ଭମାନଙ୍କୁ କ୍ଷମା ଦେବେନାହିଁ।”

### ଯୀଶୁ ବିବାହ ବିଚ୍ଛେଦ ବିଷୟରେ ଶିକ୍ଷା ଦେଲେ

୧୯ ଏସବୁ କଥା କହିସାରି ଯୀଶୁ ଗାଲୀଲୀରୁ
ଫେରି ଯର୍ଦ୍ଦନ ନଦୀର ଅପର ପାର୍ଶ୍ୱରେ ଥିବା
ଯିହୂଦା ଅଞ୍ଚଳରେ ପହଞ୍ଚିଲେ। [୨]ଅନେକ ଲୋକ ତାହାଙ୍କୁ

---

**ସାତଗୁଣ ସତୁରି** ଥରକୁ ସାତ-ସାତ କରି ସତୁରି ଥର ବୋଲି
ଅର୍ଥ ନିଆ ଯାଇପାରେ।

ଅନୁସରଣ କଲେ। ସେଠାରେ ଯୀଶୁ ରୋଗୀଲୋକମାନଙ୍କୁ
ସୁସ୍ଥ କଲେ।
୩କେତେକ ଫାରୂଶୀ ପରୀକ୍ଷା କରବା ପାଇଁ ତାହାଙ୍କ
ପାଖକୁ ଆସିଲେ। ସେମାନେ ପଚାରଲେ, "ଜଣେ ପୁରୁଷ
କୌଣସି କାରଣରୁ ତାର ସ୍ତ୍ରୀକୁ ଛାଡ଼ ଦେବା ନ୍ୟାୟସଙ୍ଗତ
କି?"
୪ଯୀଶୁ କହଲେ, "ତୁମ୍ଭେ ନଶ୍ଚୟ ଶାସ୍ତ୍ରରେ ପଢ଼ଛ ଯେ,
'ସୃଷ୍ଟିକର୍ତ୍ତା ମୂଳରୁ ଲୋକମାନଙ୍କୁ ସ୍ତ୍ରୀ ଓ ପୁରୁଷ ରୂପରେ
ସୃଷ୍ଟି କରଥିଲେ'?* ୫ପରମେଶ୍ୱର କହଲେ, 'ଏହ କାରଣରୁ
ପୁରୁଷ ନଜ ପିତା-ମାତାଙ୍କୁ ଛାଡ ତା ସ୍ତ୍ରୀ ସହତ ମିଳତ
ହେବ, ଏବଂ ସେ ଦୁଇଜଣ ଏକ ହୋଇଯିବେ।'* ୬ତେଣୁ
ସ୍ୱାମୀ-ସ୍ତ୍ରୀ ଦୁଇଜଣ ହୋଇ ରହନ୍ତ ନାହିଁ ମାତ୍ର ସେମାନେ
ଏକ ହୋଇ ଯାଆନ୍ତ। ପରମେଶ୍ୱର ସେମାନଙ୍କୁ ଏକାଠି
ଯୋଡଛନ୍ତ। ତେଣୁ କୌଣସି ଲୋକ ସେମାନଙ୍କୁ ଅଲଗା
ନ କରୁ।"
୭ଫାରୂଶୀମାନେ ପଚାରଲେ, "ତେବେ ଜଣେ ପୁରୁଷ
ଛାଡ଼ପତ୍ର ଲେଖି ନଜ ସ୍ତ୍ରୀକୁ ଛାଡ଼ ଦେଇ ପାରବ ବୋଲ
ମୋଶା କାହିଁକ ଆଦେଶ ଦେଇଛନ୍ତ?"
୮ଯୀଶୁ ସେମାନଙ୍କୁ କହଲେ, "ତୁମ୍ଭେମାନେ ପରମେଶ୍ୱରଙ୍କ
ଉପଦେଶ ଗ୍ରହଣ କରବାକୁ ମନା କରଥିବାରୁ ମୋଶା
ତୁମ୍ଭମାନଙ୍କୁ ନଜ ସ୍ତ୍ରୀକୁ ଛାଡ଼ପତ୍ର ଦେବାକୁ ଅନୁମତି
ଦେଇଛନ୍ତ। କନ୍ତୁ ପ୍ରଥମରୁ ଛାଡ଼ପତ୍ର ଦେବାପାଇଁ ଅନୁମତି
ଦଆଯାଇ ନଥିଲା। ୯ମୁଁ ତୁମ୍ଭମାନଙ୍କୁ କହ ରଖୁଛ ଯେ,
ଯଦ କୌଣସି ଲୋକ ନଜ ସ୍ତ୍ରୀକୁ ଛାଡପତ୍ର ଦେଇ
ଅନ୍ୟଜଣେ ସ୍ତ୍ରୀଲୋକକୁ ବବାହ କରେ, ତେବେ ସେ
ବ୍ୟଭିଚାରର ପାପରେ ଦୋଷୀ ସାବ୍ୟସ୍ତ ହୁଏ। ଯଦ ପ୍ରଥମ
ସ୍ତ୍ରୀର ଅନ୍ୟ କୌଣସି ଲୋକ ସହତ ଯୌନ-ସମ୍ପର୍କ
ରହଥାଏ, ସେହ ଗୋଟିଏ କାରଣରୁ ଜଣେ ଲୋକ ନଜ
ସ୍ତ୍ରୀକୁ ଛାଡ଼ପତ୍ର ଦେଇ ପୁଣି ଥରେ ବବାହ କର
ପାରବ।"
୧୦ଶିଷ୍ୟମାନେ ଯୀଶୁଙ୍କୁ କହଲେ, "ଯଦ ଜଣେ ପୁରୁଷ
କେବଳ ଗୋଟିଏ ମାତ୍ର କାରଣ ପାଇଁ ନଜ ସ୍ତ୍ରୀକୁ
ଛାଡ଼ପତ୍ର ଦେଇ ପାରବ,ତେବେ ବବାହ ନ କରବା ବରଂ
ଭଲ।"
୧୧ଯୀଶୁ ଉତ୍ତର ଦେଲେ, "ବବାହ ସମ୍ବନ୍ଧରେ ଏହ
ଉପଦେଶ ପ୍ରତ୍ୟେକ ଲୋକ ଗ୍ରହଣ କର ପାରବେନାହିଁ।
ଯେଉଁମାନଙ୍କୁ ପରମେଶ୍ୱର ଏହ କ୍ଷମତା ଦେଇଛନ୍ତ, କେବଳ
ସେହମାନେ ଏହ ଉପଦେଶ ଗ୍ରହଣ କର ପାରବେ।
୧୨କେତେକ ଲୋକ କାହିଁକ ବବାହ କରପାରନ୍ତ ନାହିଁ,
ତାର ବଭିନ୍ନ କାରଣ ଅଛ। ମାତୃ-ଗର୍ଭରୁ କେତେକ
ଲୋକ ନପୁଂସକ ହୋଇ ଜନ୍ମ ହୋଇଥାନ୍ତ। କେତେକ
ଲୋକ ଅନ୍ୟମାନଙ୍କ ଦ୍ୱାରା ପରବର୍ତ୍ତୀ ସମୟରେ ନପୁଂସକ
ହୋଇଯାଇଥାନ୍ତ। ଆଉ କେତେକ ଲୋକ ସ୍ୱର୍ଗ-ରାଜ୍ୟ
ପାଇଁ ବବାହ କରନ ଥାଆନ୍ତ। କନ୍ତୁ ଯେଉଁଲୋକ ବବାହ
କରପାରବ, ସେ ବବାହ ସମ୍ବନ୍ଧୀୟ ଏହ ଉପଦେଶ ଗ୍ରହଣ
କରବା ଉଚତ*।"

## ଯୀଶୁ ପିଲାମାନଙ୍କୁ ଗ୍ରହଣ କଲେ

୧୩ତା'ପରେ ଲୋକମାନେ କେତେକ ପିଲାଙ୍କୁ ଯୀଶୁଙ୍କ
ପାଖକୁ ନେଇ ଆସିଲେ। ଯେପର ଯୀଶୁ ସେମାନଙ୍କ
ଉପରେ ଆପଣା ହାତ ରଖି ପାରବେ, ଓ ସେମାନଙ୍କ
ଲାଗି ପ୍ରାର୍ଥନା କରବେ। କନ୍ତୁ ଯୀଶୁଙ୍କ ଶିଷ୍ୟମାନେ
ଲୋକମାନଙ୍କୁ ଧମକ ଦେଇ ଯୀଶୁଙ୍କ ପାଖକୁ, ପିଲାମାନଙ୍କୁ
ନ ଆଣିବା ପାଇଁ କହଲେ। ୧୪ଯୀଶୁ କହଲେ, "ପିଲାମାନଙ୍କୁ
ମୋ ପାଖକୁ ଆସିବାକୁ ଦଅ। ସେମାନଙ୍କୁ ଅଟକାଅ ନାହିଁ।
କାରଣ ଯେଉଁମାନେ ଠିକ୍ ଏହ ପିଲାମାନଙ୍କ ଭଳ ଅଟନ୍ତ
ସ୍ୱର୍ଗରାଜ୍ୟ ସେହମାନଙ୍କର।" ୧୫ତା'ପରେ ଯୀଶୁ ତାହାଙ୍କର
ହାତ ସେହ ପିଲାମାନଙ୍କ ଉପରେ ରଖିଲେ ଏବଂ ସେଠାରୁ
ଚାଲଗଲେ।

## ଧନୀଲୋକ ଯୀଶୁଙ୍କୁ ଅନୁସରଣ କରବାପାଇଁ ମନାକଲା

୧୬ଜଣେ ଲୋକ ଆସି ଯୀଶୁଙ୍କୁ ପଚାରଲେ, "ଗୁରୁ,
ଅନନ୍ତ-ଜୀବନ ଲାଭ କରବା ପାଇଁ ମୁଁ କେଉଁ କେଉଁ ଭଲ
କାମ କରବା ଉଚତ?"
୧୭ଯୀଶୁ ସେ ଲୋକକୁ ପଚାରଲେ, "ଭଲ କାମ
ବଷୟରେ ମୋତେ କାହିଁକ ପଚାରୁଛ? ଭଲ ତ କେବଳ
ମାତ୍ର ଜଣେ। ସେ ହେଉଛନ୍ତ ପରମେଶ୍ୱର। ତଥାପି ଯଦ
ତୁମ୍ଭେ ଅନନ୍ତ-ଜୀବନ ପାଇବା ପାଇଁ ଚାହୁଁଛ, ତେବେ
ଆଦେଶଗୁଡ଼କ ପାଳନ କର।"
୧୮ଲୋକ ଜଣକ ପଚାରଲା, "କେଉଁ ଆଦେଶ?"
ଯୀଶୁ ଉତ୍ତର ଦେଲେ, "'ତୁମ୍ଭେ କାହାରକୁ ହତ୍ୟା
କରବନାହିଁ; ବ୍ୟଭିଚାରଜନତ ପାପ କରନାହିଁ; ଚୋରୀ
କରନାହିଁ; ଅନ୍ୟ ଲୋକଙ୍କ ବଷୟରେ ମିଛ କୁହନାହିଁ।'
୧୯ନଜ ପିତା-ମାତାଙ୍କୁ ସମ୍ମାନ ଦେବ* ଓ 'ନଜକୁ ଯେପର
ଭଲ ପାଉଛ, ଅନ୍ୟମାନଙ୍କୁ ସେପର ଭଲ ପାଇବ।'*"
୨୦ଯୁବକଟି କହଲା, "ମୁଁ ଏ ସବୁକଥା ମାନଛ। ଏବେ
ମୋ ପାଖରେ ଆଉ କ'ଣ ଅଭାବ ରହଛ?"
୨୧ଯୀଶୁ କହଲେ, "ଯଦ ତୁମ୍ଭେ ସିଦ୍ଧ ହେବାକୁ ଚାହୁଁଛ,
ତେବେ ଯାଅ, ଏବଂ ତୁମ୍ଭ ପାଖରେ ଥିବା ସବୁ କଛ ବକ
ସେ ଧନ ଗରୀବମାନଙ୍କୁ ବାଣ୍ଟିଦଅ। ତା'ହେଲେ ସ୍ୱର୍ଗରେ
ତୁମ୍ଭକୁ ଅମାପ ଧନ ମିଳ ପାରବ। ତା'ପରେ ଆସ ଓ
ମୋର ଅନୁସରଣ କର।"
୨୨ଯୁବକଟି ଏକଥା ଶୁଣିବା ପରେ ବହୁତ ଦୁଃଖ କଲା।
ସେ ବହୁତ ଧନୀ ଥିଲା ଓ ନଜର ଧନ ପାଖରେ
ରଖିବାକୁ ଚାହୁଁଥିଲା। ତେଣୁ ସେ ଯୀଶୁଙ୍କୁ ଛାଡ ଚାଲଗଲା।

---

**'ସୃଷ୍ଟିକର୍ତ୍ତା ... ସୃଷ୍ଟି କରଥିଲେ'** ଆଦ.୧:୨୭ କମ୍ବା ୫:୨
**'ଏହ କାରଣରୁ ... ଏକ ହୋଇଯିବେ'** ଆଦ.୨:୨୪

**କନ୍ତୁ ... କରବା ଉଚତ** କମ୍ବା "ଯେଉଁଲୋକ ବବାହ ନ କରବା ବଷୟରେ ଏହ ଉପଦେଶ ଗ୍ରହଣ କରପାରବ, ସେ ଏ ଉପଦେଶ ଗ୍ରହଣ କରବା ଉଚତ।"
**'ତୁମ୍ଭେ ... ଦେବ'** ଯାତ୍ରା.୨୦:୧୨-୧୬ ଦ୍ୱିତୀୟ ବବରଣି ୫:୧୬-୨୦
**'ନଜକୁ ... ଭଲ ପାଇବ'** ଲେବୀୟ. ୧୯:୧୮

୨୩ତାପରେ ଯୀଶୁ ଶିଷ୍ୟମାନଙ୍କୁ କହିଲେ, "ମୁଁ ତୁମ୍ଭକୁ
ସତ୍ୟ କହୁଛି। ଜଣେ ଧନୀଲୋକ ନିମନ୍ତେ ସ୍ୱର୍ଗରାଜ୍ୟରେ
ପ୍ରବେଶ କରିବା ଅତ୍ୟନ୍ତ କଷ୍ଟକର ବିଷୟ। ୨୪ହଁ, ମୁଁ
ତୁମ୍ଭକୁ କହୁଛି ଯେ ଜଣେ ଧନୀଲୋକ ପରମେଶ୍ୱରଙ୍କ
ରାଜ୍ୟରେ ପ୍ରବେଶ କରିବା ଠାରୁ ଗୋଟିଏ ଓଟ ଛୁଞ୍ଚି-କଣା
ଭିତରେ ଗଳିଯିବା ବରଂ ସହଜ।"

୨୫ଶିଷ୍ୟମାନେ ଏକଥା ଶୁଣି ବଡ଼ ଆଶ୍ଚର୍ଯ୍ୟ ହେଲେ।
ସେମାନେ ପଚାରିଲେ, "ତେବେ କିଏ ପରିତ୍ରାଣ ପାଇ
ପାରିବ?"

୨୬ଯୀଶୁ ସେମାନଙ୍କୁ ଚାହିଁ କହିଲେ, "ଏହା ଲୋକମାନଙ୍କ
ପାଇଁ ଅସମ୍ଭବ। କିନ୍ତୁ ପରମେଶ୍ୱରଙ୍କ ପାଇଁ ସବୁ କିଛି
ସମ୍ଭବ।"

୨୭ତାପରେ ପିତର କହିଲେ, "ଆମ୍ଭର ଯାହା କିଛି
ଥିଲା, ଆମ୍ଭେ ସେ ସବୁ ଛାଡି ଦେଇଛୁ ଏବଂ ତୁମ୍ଭର
ଅନୁସରଣ କରିଛୁ। ତା'ହେଲେ ଆମ୍ଭେ କ'ଣ ପାଇବୁ?"

୨୮ଯୀଶୁ ଶିଷ୍ୟମାନଙ୍କୁ କହିଲେ, "ମୁଁ ତୁମ୍ଭକୁ ସତ୍ୟ
କହୁଛି। ନୂତନ ଜଗତ ସୃଷ୍ଟି ହେଲେ ମନୁଷ୍ୟ ପୁତ୍ର
ତାହାଙ୍କର ମହାନ ସିଂହାସନ ପାଖରେ ବସିବେ, ଓ
ତୁମ୍ଭେମାନେ ମଧ୍ୟ ଯେଉଁମାନେ ମୋତେ ଅନୁସରଣ କରୁଛ,
ସିଂହାସନ ପାଖରେ ବସିବ। ତୁମ୍ଭେମାନେ ବାରଟି ସିଂହାସନ
ଉପରେ ବସିବ, ଏବଂ ଇସ୍ରାୟେଲର* ବାରଟି ବଂଶର
ଲୋକମାନଙ୍କର ବିଚାର କରିବ। ୨୯ମୋ ପାଇଁ ଯେଉଁ
ଲୋକ ଘର-ଦ୍ୱାର କିମ୍ବା ଭାଇ, ଭଉଣୀ କିମ୍ବା ପିତା,
ମାତାଙ୍କୁ କିମ୍ବା ପିଲାମାନଙ୍କୁ କିମ୍ବା ଜମି-ବାଡ଼ି ଛାଡ଼ି ଦେଇଛି,
ସେ ଶହେଗୁଣ ଅଧିକା ପାଇବ ଏବଂ ଅନନ୍ତ-ଜୀବନ
ପାଇବ। ୩୦କିନ୍ତୁ ଯେଉଁମାନେ ଏବେ ପ୍ରଥମ ସ୍ଥାନରେ
ଅଛନ୍ତି, ଭବିଷ୍ୟତରେ ସେମାନଙ୍କ ଭିତରୁ ବହୁତ ଲୋକ
ଶେଷ ସ୍ଥାନରେ ରହିଯିବେ। ଏବଂ ଏବେ ଶେଷ ସ୍ଥାନରେ
ପଡି ରହିଥିବା ବହୁତଲୋକ ଭବିଷ୍ୟତରେ ପ୍ରଥମସ୍ଥାନ ଲାଭ
କରିବେ।

## ଯୀଶୁ ଶ୍ରମିକମାନଙ୍କର କାହାଣୀ କହିଲେ

**୨୦** "ସ୍ୱର୍ଗ-ରାଜ୍ୟ ଜଣେ ଜମିଦାରଙ୍କ ଭଳି।
ଜମିଦାରଙ୍କର କେତେକ ଅଙ୍ଗୁର ବଗିଚା ଥିଲା।
ଦିନେ ବଡ଼ ସକାଳୁ ସେ ତାହାଙ୍କ ଅଙ୍ଗୁର ବଗିଚାରେ କାମ
କରିବା ପାଇଁ ଅନ୍ୟ କେତେକ ଶ୍ରମିକ ଆଣିବାକୁ ବାହାରିଗଲେ।
୨ସେ ଶ୍ରମିକମାନଙ୍କୁ ସେଦିନ କାମ କରିବା ବାବଦରେ
ଗୋଟିଏ ଗୋଟିଏ ରୌପ୍ୟ ମୁଦ୍ରା ଦେବା ପାଇଁ ରାଜି
ହେଲେ। ତାପରେ ସେ ଶ୍ରମିକମାନଙ୍କୁ ବଗିଚାକୁ କାମ
କରିବାକୁ ପଠାଇଦେଲେ।

୩"ପ୍ରାୟ ନଅଟା ବେଳେ ସେ ବଜାର ଆଡ଼କୁ ଗଲେ
ଓ ସେଠାରେ କେତେକ ଶ୍ରମିକଙ୍କୁ ଠିଆ ହୋଇଥିବାର
ଦେଖିଲେ। ସେମାନଙ୍କ ପାଖରେ କିଛି କାମ ନ ଥିଲା।
୪ତେଣୁ ସେ ସେମାନଙ୍କୁ କହିଲେ, 'ତୁମ୍ଭେମାନେ ଯଦି ଯାଇ
ମୋ ଅଙ୍ଗୁରବଗିଚାରେ କାମ କରିବ, ତେବେ ତୁମ୍ଭର ଯାହା
ଉଚିତ ପ୍ରାପ୍ୟ ହେବ, ମୁଁ ତୁମ୍ଭକୁ ତାହା ଦେବି।' ୫ତେଣୁ
ସେମାନେ ମଧ୍ୟ ଅଙ୍ଗୁର ବଗିଚାକୁ କାମ କରିବାକୁ ଗଲେ।

"ପୁଣି ପ୍ରାୟ ବାରଟା ବେଳେ ଓ ଆଉଥରେ ପ୍ରାୟ
ତିନିଟା ବେଳେ ସେ ଘରୁ ଯାଇ ପୂର୍ବଭଳି ଆଉ କେତେକ
ଶ୍ରମିକଙ୍କୁ ଆଣିଲେ। ୬ପ୍ରାୟ ପାଞ୍ଚଟାବେଳେ ସେ ଘରୁ ଯାଇ
ବଜାରରେ ଦେଖିଲେ ଯେ କେତେକ ଲୋକ ଠିଆ
ହୋଇଛନ୍ତି। ସେ ସେମାନଙ୍କୁ ପଚାରିଲେ, 'ତୁମ୍ଭେମାନେ
ଦିନସାରା କିଛି କାମ ନକରି ଏଠାରେ ଏମିତି କାହିଁକି ଠିଆ
ହୋଇଛ?'

୭"ସେମାନେ କହିଲେ, 'ଆମ୍ଭକୁ କେହି ମଜୁରୀ ଦେଇ
କାମ କରିବାକୁ ଡାକି ନାହାଁନ୍ତି।' ଜମିଦାର ଜଣକ ସେମାନଙ୍କୁ
କହିଲେ, 'ତୁମ୍ଭେମାନେ ମଧ୍ୟ ଯାଇ ମୋର ଅଙ୍ଗୁର ବଗିଚାରେ
କାମ କର।'

୮"ସନ୍ଧ୍ୟା ହେବାରୁ ଅଙ୍ଗୁର ବଗିଚାର ଜମିଦାର ତାହାଙ୍କ
ଗୁମାସ୍ତାଙ୍କୁ ଡାକି କହିଲେ, 'ଶ୍ରମିକମାନଙ୍କୁ ଡାକ। ମୁଁ
ଯେଉଁମାନଙ୍କୁ ଶେଷରେ କାମରେ ଲଗାଇଲି ଶ୍ରମିକମାନଙ୍କ
ଠାରୁ ପ୍ରଥମେ ମଜୁରୀ ଦେବା ଆରମ୍ଭ କର। ସର୍ବ
ଶେଷରେ ପ୍ରଥମେ କାମକୁ ଆସିଥିବା ଶ୍ରମିକମାନଙ୍କୁ ମଜୁରୀ
ଦିଅ।'

୯"ଯେଉଁମାନେ ପାଞ୍ଚଟା ବେଳେ ଆସିଥିଲେ, ସେମାନେ
ମଜୁରୀ ନେବାକୁ ଆସିଲେ। ପ୍ରତ୍ୟେକ ଶ୍ରମିକ ଗୋଟିଏ
କରି ରୌପ୍ୟମୁଦ୍ରା ପାଇଲେ। ୧୦ଯେତେବେଳେ ଆଗ
ଆସିଥିବା ଶ୍ରମିକମାନେ ଆସିଲେ, ସେମାନେ ଭାବିଥିଲେ
ଯେ ସେମାନଙ୍କୁ କିଛି ଅଧିକ ମିଳିବ। କିନ୍ତୁ ସେମାନେ
ମଧ୍ୟ ପ୍ରତ୍ୟେକ ଗୋଟିଏ କରି ରୌପ୍ୟମୁଦ୍ରା ପାଇଲେ।
୧୧ସେମାନେ ଗୋଟିଏ ଗୋଟିଏ ରୌପ୍ୟମୁଦ୍ରା ନେଇସାରି
ଜମିଦାରଙ୍କ ଆଗରେ ଯାଇ ଏ ବିଷୟରେ ଅଭିଯୋଗ
କଲେ। ୧୨ସେମାନେ କହିଲେ, 'ଶେଷରେ ଆସିଥିବା
ଶ୍ରମିକମାନେ ମାତ୍ର ଗୋଟିଏ ଘଣ୍ଟା କାମ କରିଛନ୍ତି। ଆମ୍ଭେ
ଖରାରେ ଦିନସାରା କଠିନ ପରିଶ୍ରମ କରିଛୁ। କିନ୍ତୁ ଆପଣ
ସେମାନଙ୍କୁ ଯେତିକି ମଜୁରୀ ଦେଲେ, ଆମ୍ଭକୁ ମଧ୍ୟ
ସେତିକି ମଜୁରୀ ଦେଲେ!'

୧୩"ଜମିଦାର ସେହି ଶ୍ରମିକମାନଙ୍କ ଭିତରୁ ଜଣକୁ
କହିଲେ, 'ବନ୍ଧୁ, ମୁଁ ତୁମ୍ଭ ପ୍ରତି ଅନ୍ୟାୟ କରିନାହିଁ। ତୁମ୍ଭେ
ଗୋଟିଏ ଗୋଟିଏ ରୌପ୍ୟମୁଦ୍ରା ନେଇ କାମ କରିବ ବୋଲି
ମୋ ସାଙ୍ଗରେ ରାଜି ହୋଇ ନ ଥିଲ କି? ୧୪ଯାହା ତୁମ୍ଭର
ପ୍ରାପ୍ୟ ତାହା ନେଇ ଘରକୁ ଯାଅ। ମୁଁ ତୁମ୍ଭମାନଙ୍କୁ
ଯେତିକି ଦେଇଛି, ଶେଷରେ ଆସିଥିବା ଶ୍ରମିକକୁ ସେତିକି
ଲେଖାଏଁ ଦେବାକୁ ଚାହୁଁଛି। ୧୫ମୋ ଧନକୁ ମୋର
ଯେଉଁଭଳି ଇଚ୍ଛା ହେବ, ସେ ଭଳି ଖର୍ଚ୍ଚ କରିବାର ଅଧିକାର
କ'ଣ ମୋର ନାହିଁ? ବା ମୁଁ ଏହି ଲୋକଙ୍କ ପାଇଁ ଉଦାର
ବୋଲି କ'ଣ ତୁମ୍ଭେ ଈର୍ଷା କରୁଛ କି?'

୧୬"ଏହିଭଳି ଭାବରେ ବର୍ତ୍ତମାନ ଯେଉଁଲୋକ ସର୍ବଶେଷରେ
ଅଛନ୍ତି, ଭବିଷ୍ୟତରେ ସେମାନେ ପ୍ରଥମ ସ୍ଥାନ ପାଇବେ।
ଏବଂ ଯେଉଁଲୋକମାନେ ବର୍ତ୍ତମାନ ପ୍ରଥମ ସ୍ଥାନରେ ଅଛନ୍ତି,
ସେମାନେ ଭବିଷ୍ୟତରେ ଶେଷ ସ୍ଥାନ ପାଇବେ।"

---

**ଇସ୍ରାୟେଲ** ଇସ୍ରାୟେଲ ଶବ୍ଦ ପରମେଶ୍ୱରଙ୍କ ସମସ୍ତ ଲୋକଙ୍କ ପାଇଁ ବ୍ୟବହୃତ ହୋଇଥାଏ।

### ଯୀଶୁ ତାହାଙ୍କ ମୃତ୍ୟୁ ବିଷୟରେ କହିଲେ

୧୭ଯୀଶୁ ଯିରୂଶାଲମକୁ ଯାଉଥିଲେ। ତାହାଙ୍କର ବାରଜଣ
ଶିଷ୍ୟ ତାହାଙ୍କ ସହିତ ଥିଲେ। ସେମାନେ ଚାଲିକରି
ଯାଉଥିବା ସମୟରେ ଯୀଶୁ ସେହି ବାରଜଣ ଶିଷ୍ୟଙ୍କୁ
ଗୋଟିଏ ପାଖକୁ ଡାକିନେଇ କହିଲେ, ୧୮"ଶୁଣ, ଆମ୍ଭେମାନେ
ଯିରୂଶାଲମକୁ ଯାଉଛୁ। ମନୁଷ୍ୟ-ପୁତ୍ରଙ୍କୁ ସେଠାରେ ପ୍ରଧାନ
ଯାଜକ ଓ ଯିହୂଦୀ ଧର୍ମ-ଶାସ୍ତ୍ରୀମାନଙ୍କ ହାତରେ ଦେଇ
ଦିଆଯିବ। ସେମାନେ ତାହାଙ୍କୁ ମୃତ୍ୟୁଦଣ୍ଡ ଦେବାକୁ କହିବେ।
୧୯ସେମାନେ ଯୀଶୁଙ୍କୁ ଅଣ-ଯିହୂଦୀ ଲୋକଙ୍କ ହାତରେ
ଦେଇଦେବେ। ସେହି ଲୋକମାନେ ଯୀଶୁଙ୍କୁ ଉପହାସ
କରିବେ, କୋରଡ଼ାରେ ପିଟିବେ, ଏବଂ ଗୋଟିଏ କ୍ରୁଶରେ
ଚଢ଼େଇ ତାହାଙ୍କୁ ମାରିଦେବେ। କିନ୍ତୁ ମୃତ୍ୟୁର ତୃତୀୟ ଦିନ
ସେ ପୁଣି ବଞ୍ଚି ଉଠିବେ।"

### ଏକ ମାତାଙ୍କର ବିଶେଷ ଅନୁରୋଧ

୨୦ତା'ପରେ ଜେବଦୀଙ୍କ ସ୍ତ୍ରୀ ଯୀଶୁଙ୍କ ନିକଟକୁ ଆସିଲେ।
ତାହାଙ୍କର ପୁଅମାନେ ତାହାଙ୍କ ସହିତ ଥିଲେ। ସେମାନଙ୍କର
ମାଆ ଯୀଶୁଙ୍କୁ ପ୍ରଣାମ କଲେ। ସେ ସେମାନଙ୍କ ପାଇଁ
ଯୀଶୁଙ୍କୁ କିଛି ଅନୁରୋଧ କଲେ।
୨୧ଯୀଶୁ ପଚାରିଲେ, "ତୁମ୍ଭେ କ'ଣ ଚାହୁଁଛ?"
ସେ କହିଲେ, "ଆପଣ ପ୍ରତିଜ୍ଞା କରି କୁହନ୍ତୁ ଯେ,
ତୁମ୍ଭ ରାଜ୍ୟରେ ମୋର ଏହି ଦୁଇ ପୁଅଙ୍କ ଭିତରୁ ଜଣେ
ତୁମ୍ଭର ଡାହାଣ ପଟେ, ଓ ଅନ୍ୟ ଜଣକ ବାମପଟେ
ବସିବ।"
୨୨ଯୀଶୁ ଉତ୍ତର ଦେଲେ, "ତୁମ୍ଭେ କ'ଣ ମାଗୁଛ, ସେ
କଥା ତୁମ୍ଭେ ଜାଣି ପାରୁନାହଁ। ଯେଉଁଭଳି ଯାତନା ମୁଁ
ଭୋଗ କରିବାକୁ ଯାଉଛି, ତାହା କ'ଣ ତୁମ୍ଭେ ଭୋଗ
କରି ପାରିବ?"
ସେମାନେ ଉତ୍ତର ଦେଲେ, "ହଁ, ଆମ୍ଭେ ପାରିବୁ।"
୨୩ଯୀଶୁ ସେମାନଙ୍କୁ କହିଲେ, "ମୁଁ ଯେଉଁଭଳି ଯାତନା
ଭୋଗ କରିବ, ତୁମ୍ଭେମାନେ ମଧ୍ୟ ପ୍ରକୃତରେ ସେହିଭଳି
ଯାତନା ଭୋଗ କରିବ। କିନ୍ତୁ ମୋର ଡାହାଣ ପଟେ କିଏ
ବସିବ ବା ବାମ ପଟେ କିଏ ବସିବ, ତାହା ବାଛିବାର
ଅଧିକାର ମୋର ନାହିଁ। କାରଣ, କିଏ କେଉଁଠାରେ
ବସିବେ, ତାହା ମୋର ପରମପିତା ଆଗରୁ ସ୍ଥିର କରି
ସାରିଛନ୍ତି। ସେ ସେମାନଙ୍କ ପାଇଁ ଯେଉଁସ୍ଥାନ ପ୍ରସ୍ତୁତ
କରିଛନ୍ତି, ସେମାନେ ସେହି ସ୍ଥାନରେ ବସିବେ।"
୨୪ଅନ୍ୟ ଦଶଜଣ ଶିଷ୍ୟ ଏ କଥା ଶୁଣି ସେହି
ଦୁଇଭାଇଙ୍କ ଉପରେ ରାଗିଗଲେ। ୨୫ଯୀଶୁ ସବୁ ଶିଷ୍ୟଙ୍କୁ
ଏକାଠି ଡାକି କହିଲେ, "ତୁମ୍ଭେ ଜାଣ ଯେ, ଅଣ-ଯିହୂଦୀ
ଶାସକମାନେ ସେମାନଙ୍କ କ୍ଷମତା ଅନ୍ୟ ଲୋକଙ୍କ ଉପରେ
ବ୍ୟବହାର କରିବାକୁ ଭଲ ପାଆନ୍ତି। ଆଉ ଏହା ମଧ୍ୟ
ଜାଣ ଯେ, ସେମାନଙ୍କର ମହତ୍ତ୍ୱପୂର୍ଣ୍ଣ ନେତାମାନେ ସେମାନଙ୍କର
କର୍ତ୍ତୃତ୍ୱ ସେମାନଙ୍କ ଉପରେ ବ୍ୟବହାର କରିବାକୁ ଭଲ
ପାଆନ୍ତି। ୨୬କିନ୍ତୁ ତୁମ୍ଭମାନଙ୍କ କ୍ଷେତ୍ରରେ ସେହିଭଳି ହେବନାହିଁ।
ତୁମ୍ଭ ଭିତରୁ ଯଦି କେହି ବଡ଼ ହେବାକୁ ଇଚ୍ଛା କରୁଛି,
ତେବେ ସେ ଜଣେ ସେବକ ଭଳି ତୁମ୍ଭମାନଙ୍କର ସେବା
କରିବ। ୨୭ଯଦି ତୁମ୍ଭ ଭିତରୁ କେହି ପ୍ରଥମ ସ୍ଥାନ
ପାଇବାକୁ ଇଚ୍ଛା କରୁଛି, ତେବେ ତାକୁ ଜଣେ କ୍ରୀତଦାସ
ଭଳି ତୁମ୍ଭମାନଙ୍କର ସେବା କରିବାକୁ ହେବ। ୨୮ମନୁଷ୍ୟ-ପୁତ୍ରଙ୍କ
କ୍ଷେତ୍ରରେ ତାହା ଏକା ଭଳି। ମନୁଷ୍ୟ-ପୁତ୍ର ଅନ୍ୟମାନଙ୍କ
ଠାରୁ ସେବା ପାଇବେ ବୋଲି ଆସିନାହାନ୍ତି। ସେ ଅନ୍ୟମାନଙ୍କର
ସେବା କରିବା ପାଇଁ ଆସି ଅଛନ୍ତି। ମନୁଷ୍ୟପୁତ୍ର ଅନେକ
ଲୋକଙ୍କ ମୁକ୍ତିର ମୂଲ୍ୟଭାବେ ନିଜ ଜୀବନଦାନ କରିବା
ପାଇଁ ଆସିଛନ୍ତି।"

### ଯୀଶୁ ଦୁଇଜଣ ଅନ୍ଧଙ୍କୁ ସୁସ୍ଥ କଲେ

୨୯ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଯିରୀହୋରୁ ଗଲାବେଳେ
ବହୁ ସଂଖ୍ୟାରେ ଲୋକମାନେ ଯୀଶୁଙ୍କୁ ଅନୁସରଣ କରିବାକୁ
ଲାଗିଲେ। ୩୦ରାସ୍ତା ପାଖରେ ଦୁଇଜଣ ଅନ୍ଧ ବସିଥିଲେ।
ସେମାନେ ଶୁଣିଲେ ଯେ ଯୀଶୁ ସେ ବାଟେ ଦେଇ
ଯାଉଛନ୍ତି। ସେମାନେ ପାଟି କଲେ, "ହେ ପ୍ରଭୁ, ଦାଉଦଙ୍କ
ପୁତ୍ର, ଆମ୍ଭ ଉପରେ ଦୟା କର।"
୩୧ଲୋକେ ସେମାନଙ୍କୁ ଧମକ ଦେଇ ଚୁପ୍ ରହିବାକୁ
କହିଲେ। କିନ୍ତୁ ଅନ୍ଧ ଦୁଇଜଣ ଅଧିକରୁ ଅଧିକ ପାଟି
କରି କହିଲେ, "ହେ ପ୍ରଭୁ, ହେ ଦାଉଦଙ୍କ ପୁତ୍ର, ଆମ୍ଭ
ଉପରେ ଦୟା କର।"
୩୨ଯୀଶୁ ରହିଗଲେ, ଦୁଇଜଣଙ୍କୁ ଡାକିଲେ ଓ ସେମାନଙ୍କୁ
କହିଲେ, "ମୁଁ ତୁମ୍ଭମାନଙ୍କ ପାଇଁ କ'ଣ କରିବ ବୋଲି
ତୁମ୍ଭେ ଚାହୁଁଛ?"
୩୩ସେମାନେ ତାହାଙ୍କୁ କହିଲେ, "ହେ ପ୍ରଭୁ, ଆମ୍ଭେ
ଯେପରି ଦେଖିପାରିବୁ, ତାହା ଚାହୁଁଛୁ।"
୩୪ଯୀଶୁଙ୍କ ମନରେ ସେମାନଙ୍କ ପାଇଁ ଦୟା ଆସିଲା।
ସେ ସେମାନଙ୍କର ଆଖି ଛୁଇଁଦେଲେ, ଓ ସେମାନେ ତୁରନ୍ତ
ଦେଖି ପାରିଲେ। ତା'ପରେ ସେମାନେ ଯୀଶୁଙ୍କୁ ଅନୁସରଣ
କଲେ।

### ଯୀଶୁ ରାଜାଭାବରେ ଯିରୂଶାଲମରେ ପ୍ରବେଶ କଲେ

୨୧ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଯିରୂଶାଲମ
ପାଖାପାଖି ଆସି ଯାଇଥିଲେ। ସେମାନେ ପ୍ରଥମେ
ଜୀତ ପର୍ବତ ପାଖ ବେଥ୍‌ଫାଗୀ ଠାରେ ଅଟକିଲେ। ୨ଯୀଶୁ
ଦୁଇଜଣ ଶିଷ୍ୟଙ୍କୁ ଗାଁକୁ ପଠାଇଲେ। ସେ କହିଲେ,
"ତୁମ୍ଭେ ଠିକ ସାମନାରେ ଥିବା ଗାଁକୁ ଯାଅ। ସେଠାରେ
ପହଞ୍ଚିବା ପରେ ତୁମ୍ଭେ ଗୋଟିଏ ମାଈ ଗଧ ବନ୍ଧା
ହୋଇଥିବାର ଦେଖିବ। ତା'ସହିତ ଗୋଟିଏ ଗଧଛୁଆ ମଧ୍ୟ
ସେଠାରେ ଥିବ। ସେମାନଙ୍କୁ ଖୋଲିଦେବ, ଓ ସେମାନଙ୍କୁ
ମୋ ପାଖକୁ ନେଇ ଆସିବ। ୩ଯଦି ତୁମ୍ଭକୁ କେହି ଲୋକ
ପଚାରେ ଯେ, ତୁମ୍ଭେମାନେ କାହିଁକି ଗଧ ଦୁହିଁଙ୍କୁ ନେଇ
ଯାଉଛ, ତେବେ ତୁମ୍ଭେ କହିବ 'ଏଗୁଡ଼ିକ ପ୍ରଭୁଙ୍କର
ଦରକାର। ପରେ ସେ ସେମାନଙ୍କୁ ସଙ୍ଗେ ସଙ୍ଗେ
ପଠାଇଦେବେ।'"
୪ଭବିଷ୍ୟଦ୍‌ବକ୍ତା ଯାହା କହିଥିଲେ, ତାହା ସଫଳ ହେବା
ପାଇଁ ଏସବୁ ଘଟିଲା। ଭବିଷ୍ୟଦ୍‌ବକ୍ତା କହିଥିଲେ:

୫ “ସିୟୋନ ନଗରୀକୁ କୁହ: ‘ଦେଖ, ତୁମ୍ଭର ରାଜା
ତୁମ୍ଭ ପାଖକୁ ଆସୁଛନ୍ତି। ସେ ନମ୍ର ଓ ସେ
ଗୋଟିଏ ଗଧ ଉପରେ ଚଢ଼ି ଆସୁଛନ୍ତି। ହଁ,
ଗୋଟିଏ ଗଧଛୁଆ ଉପରେ ଚଢ଼ିଛନ୍ତି, ସେହି ଛୁଆଟି
ଏକ ସ୍ତନ୍ୟଦାନ ଗଧରୁ ଜନ୍ମ ହୋଇଛି।’”
ଜିଖରିୟ ୯:୯

୬ଶିଷ୍ୟମାନେ ଚାଲିଗଲେ ଓ ଯୀଶୁଙ୍କ କହିବା ଅନୁସାରେ
ସେମାନେ କାମ କଲେ। ୭ସେମାନେ ମାଈଗଧ ଓ
ଗଧଛୁଆକୁ ନେଇ ଯୀଶୁଙ୍କ ପାଖକୁ ଆସିଲେ। ସେମାନେ
ତାହାଙ୍କ ଲୁଗାଗୁଡ଼ିକ ଗଧମାନଙ୍କ ଉପରେ ବିଛାଇଦେଲେ।
ଯୀଶୁ ସେହି ଲୁଗା ଉପରେ ବସିଲେ। ୮ଯୀଶୁ ଯିରୂଶାଲମ
ରାସ୍ତାରେ ଯାତ୍ରା କଲେ। ଅନେକ ଲୋକ ଯୀଶୁଙ୍କ ପାଇଁ
ସେମାନଙ୍କର ଲୁଗା ରାସ୍ତାରେ ବିଛେଇ ଦେଲେ। ଆଉ
କେତେକ ଲୋକ, ଗଛରୁ ଡାଳ ସବୁ କାଟି ରାସ୍ତାରେ
ବିଛାଇଦେଲେ। ୯ଯୀଶୁଙ୍କ ଆଗେ-ଆଗେ କେତେକ ଲୋକ
ଯାଉଥିଲେ। ତାହାଙ୍କ ପଛେ ପଛେ ମଧ୍ୟ କେତେକ ଲୋକ
ଯାଉଥିଲେ। ସେ ସମସ୍ତେ ପାଟି କରି କହୁଥିଲେ:

“ଦାଉଦଙ୍କ ପୁତ୍ରଙ୍କ ମହିମା-ଗାନ* କର। ଯିଏ
ପ୍ରଭୁଙ୍କ ନାମରେ ଆସୁଛନ୍ତି। ସେ ଧନ୍ୟ। ସ୍ୱର୍ଗରେ
ରହୁଥିବା ପରମେଶ୍ୱରଙ୍କ ମହିମାଗାନ କର।”
ଗୀତସଂହିତା ୧୧୮:୨୬

୧୦ଯୀଶୁ ଯେତେବେଳେ ଯିରୂଶାଲମରେ ପ୍ରବେଶ କଲେ,
“ସେତେବେଳେ ସାରା ନଗରରେ ଚହଳ ପଡିଗଲା। ଲୋକେ
ପଚାରିଲେ, “ଏ ଲୋକଟି କିଏ?”
୧୧ଯୀଶୁଙ୍କୁ ଅନୁସରଣ କରୁଥିବା ଲୋକେ କହିଲେ, “ଏ
ହେଉଛନ୍ତି ଭବିଷ୍ୟଦ୍‌ବକ୍ତା ଯୀଶୁ। ସେ ଗାଲିଲୀ ପ୍ରଦେଶର
ନାଜରିତ ସହରରୁ ଆସିଛନ୍ତି।”

## ଯୀଶୁ ମନ୍ଦିରକୁ ଗଲେ

୧୨ଯୀଶୁ ମନ୍ଦିର ପରିସରରେ ପ୍ରବେଶ କଲେ। ସେଠାରେ
କିଣା ଓ ବିକା କରୁଥିବା ଲୋକମାନଙ୍କୁ ଯୀଶୁ ବାହାରକୁ
ଘଉଡ଼େଇ ଦେଲେ। ସେ ମୁଦ୍ରା ବ୍ୟବସାୟୀଙ୍କ ମେଜ ଓ
କାପ୍ତା ବ୍ୟବସାୟୀଙ୍କ ଆସନ ଓଲଟେଇ ଦେଲେ। ୧୩ଯୀଶୁ
ସେମାନଙ୍କୁ କହିଲେ, “ଶାସ୍ତ୍ରରେ ଏକଥା ଲେଖାଅଛି, ‘ମୋ
ଘର ପ୍ରାର୍ଥନା ଘର ବୋଲି କୁହା ଯିବ।’* କିନ୍ତୁ
ତୁମ୍ଭେମାନେ ଏହାକୁ ଡକାୟତଙ୍କ ଆଡ଼ଡା ସ୍ଥଳି କରି
ଦେଇଛ।”*
୧୪ମନ୍ଦିରରେ କେତେକ ଅନ୍ଧ ଓ କେତେକ ଛୋଟା
ଲୋକ ଯୀଶୁଙ୍କ ପାଖକୁ ଆସିଲେ। ଯୀଶୁ ସେମାନଙ୍କୁ ସୁସ୍ଥ
କରିଦେଲେ। ୧୫ପ୍ରଧାନ ଯାଜକ ଓ ଧର୍ମ-ଶାସ୍ତ୍ରୀମାନେ
ଯୀଶୁଙ୍କ ଏ ବିସ୍ମୟ ଜନକ କାମ ଦେଖିଲେ। ମନ୍ଦିର
ପରିସରରେ ପିଲାମାନେ ପାଟି କରି ଯୀଶୁଙ୍କ ମହିମା ଗାନ
କରୁଥିବାର ସେମାନେ ଶୁଣିଲେ। ପିଲାମାନେ କହୁଥିଲେ,
“ଦାଉଦଙ୍କ ପୁତ୍ରଙ୍କ ମହିମା ଗାନ କର।” ଏସବୁ ଘଟଣାରେ
ଯାଜକ ଓ ଧର୍ମଶାସ୍ତ୍ରୀମାନେ ରାଗିଗଲେ।
୧୬ସେମାନେ ଯୀଶୁଙ୍କୁ ପଚାରିଲେ, “ଏ ପିଲାମାନେ କ’ଣ
କହୁଛନ୍ତି, ତୁମ୍ଭେ କ’ଣ ତାହା ଶୁଣି ପାରୁଛ?”
ଯୀଶୁ ଉତ୍ତର ଦେଲେ, “ହଁ ଶୁଣି ପାରୁଛି। ଧର୍ମଶାସ୍ତ୍ର
କହେ, ‘ତୁମ୍ଭେ ବାଳକ ଓ ଶିଶୁଙ୍କୁ ପ୍ରଶଂସା ଗାନ
କରିବାପାଇଁ ଶିଖେଇଛ।’* ଏକଥା କ’ଣ ତୁମ୍ଭେ ଧର୍ମଶାସ୍ତ୍ରରେ
ପଢ଼ିନାହଁ?”
୧୭ତା’ପରେ ଯୀଶୁ ସେ ସ୍ଥାନ ଓ ନଗରରୁ ବାହାରକୁ
ଚାଲିଗଲେ। ସେ ବେଥନିଆ ଚାଲିଗଲେ ଓ ସେଠାରେ
ରାତିଟି କଟାଇଲେ।

## ଯୀଶୁ ବିଶ୍ୱାସର ଶକ୍ତି ପ୍ରକାଶ କଲେ

୧୮ତାପର ଦିନ ଅତି ସକାଳୁ ଯୀଶୁ ଯିରୂଶାଲମ
ନଗରକୁ ଫେରୁଥିଲେ। ତାହାଙ୍କୁ ଭୋକ ଲାଗିଲା। ୧୯ରାସ୍ତା
କଡରେ ସେ ଗୋଟିଏ ଡିମ୍ବିରି ଗଛ ଦେଖିଲେ। ସେ ଗଛ
ପାଖକୁ ଗଲେ। ଗଛରେ ପତ୍ର ଛଡା ଆଉ ସେ କିଛି
ପାଇଲେ ନାହିଁ। ସେ ଗଛକୁ କହିଲେ, “ଆଉ ଏଣିକି
ତୋଠାରେ ଫଳ ଆସିବ ନାହିଁ।” ସଙ୍ଗେସଙ୍ଗେ ଡିମ୍ବିରି
ଗଛଟି ଶୁଖି ମରିଗଲା।
୨୦ଯୀଶୁଙ୍କ ଶିଷ୍ୟମାନେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ।
ସେମାନେ ଯୀଶୁଙ୍କୁ ପଚାରିଲେ, “ଏତେ ଶୀଘ୍ର ଡିମ୍ବିରି
ଗଛଟି କିପରି ଶୁଖି ମରିଗଲା?”
୨୧ଯୀଶୁ ଉତ୍ତର ଦେଲେ, “ମୁଁ ତୁମ୍ଭକୁ ସତ୍ୟ କହୁଛି।
ଯଦି ତୁମ୍ଭର ବିଶ୍ୱାସ ଥିବ ଓ କୌଣସି ସନ୍ଦେହ ନଥିବ
ତେବେ ମୁଁ ଏ ଗଛଟିକୁ ଯାହା କଲି, ତୁମ୍ଭେମାନେ ମଧ୍ୟ
ଠିକ୍ ସେହିପରି କରିପାରିବ। ତୁମ୍ଭେମାନେ ମଧ୍ୟ ଅନେକ
ଅଧିକ କାମ କରିପାରିବ। ତୁମ୍ଭେମାନେ ଏପର୍ବତକୁ କହିପାରିବ,
‘ହେ ପର୍ବତ, ଏଠାରୁ ଯାଅ ଓ ସମୁଦ୍ରରେ ପଡ଼।’ ଯଦି
ତୁମ୍ଭମାନଙ୍କର ବିଶ୍ୱାସ ଥାଏ, ଏହା ଘଟିବ। ୨୨ତୁମ୍ଭେମାନେ
ଯାହା କିଛି ପ୍ରାର୍ଥନାରେ ମାଗିବ, ତାହା ପାଇବ।”

## ଯିହୂଦୀ ନେତାମାନେ ଯୀଶୁଙ୍କ ଅଧିକାରକୁ ସନ୍ଦେହ କଲେ

୨୩ଯୀଶୁ ମନ୍ଦିର ପରିସରକୁ ଗଲେ। ସେଠାରେ ସେ
ଉପଦେଶ ଦେଉଥିବା ସମୟରେ ପ୍ରଧାନ ଯାଜକ ଓ
ଲୋକମାନଙ୍କର ପ୍ରାଚୀନ ନେତାମାନେ ତାହାଙ୍କ ପାଖକୁ
ଆସିଲେ। ସେମାନେ ଯୀଶୁଙ୍କୁ ପଚାରିଲେ, “ଆମ୍ଭକୁ କୁହ,
ଏଭଳି ସବୁ କାମ କେଉଁ ଅଧିକାରରେ ତୁମ୍ଭେ କରୁଛ?
ତୁମ୍ଭକୁ ଏ ଅଧିକାର କିଏ ଦେଲା?”
୨୪ଯୀଶୁ ଉତ୍ତର ଦେଲେ, “ମୁଁ ମଧ୍ୟ ତୁମ୍ଭମାନଙ୍କୁ
ଗୋଟିଏ ପ୍ରଶ୍ନ ପଚାରିବ। ତୁମ୍ଭେମାନେ ଯଦି ମୋ ପ୍ରଶ୍ନର
ଉତ୍ତର ଦେଇ ପାରିବ, ତେବେ ମୁଁ କହିବ ଯେ ଏଭଳି

---

**ମହିମା-ଗାନ** ଏହାର ମୂଳ ହିବ୍ରୁ ଶବ୍ଦ “ହୋଶାନ୍ନା”, ଏହି ଶବ୍ଦଟି ପରମେଶ୍ୱରଙ୍କୁ ସହାୟତା ମାଗି ପ୍ରାର୍ଥନା କରୁଥିବା ସମୟରେ ବ୍ୟବହୃତ ହୁଏ।

**‘ମୋ ଘର … ଯିବ’** ଯିଶାଇୟ ୫୬:୭

**କିନ୍ତୁ … ଦେଇଛ** ଯିରିମିୟ ୭:୧୧

**‘ତୁମ୍ଭେ … ଶିଖେଇଛ’** ଗୀତସଂହିତା ୮:୩

କାମ କରିବାକୁ ମୋର କେଉଁ ଅଧିକାର ରହିଛି । ୨୫କୁହ,
ଯୋହନଙ୍କ ବାପ୍ତିସ୍ମ କେଉଁଠାରୁ ଆସିଥିଲା?”

ପରମେଶ୍ୱରଙ୍କ ପାଖରୁ ବା ମଣିଷ ପାଖରୁ? “ମୁଖ୍ୟ
ଯାଜକ ଓ ପ୍ରାଚୀନ ନେତାମାନେ ଯୀଶୁଙ୍କ ପ୍ରଶ୍ନ ବିଷୟରେ
ଆଲୋଚନା କଲେ ।” ସେମାନେ ନିଜ ନିଜ ଭିତରେ
କୁହାକୁହି ହେଲେ, ‘ଆମେ ଯଦି କହିବା ଯେ ଯୋହନଙ୍କ
ବାପ୍ତିସ୍ମ ପରମେଶ୍ୱରଙ୍କଠାରୁ ଆସିଥିଲା’, ତେବେ ଯୀଶୁ
ପଚାରିବେ, ‘ତେବେ ଯୋହନଙ୍କୁ ତୁମ୍ଭେମାନେ କାହିଁକି
ବିଶ୍ୱାସ କଲନାହିଁ?’ ୨୬କିନ୍ତୁ ଆମ୍ଭେ ଯଦି କହିବା, ‘ଏହା
ମନୁଷ୍ୟ ପାଖରୁ ଆସିଛି’, ତେବେ ଏଠାରେ ଜମା ହୋଇଥିବା
ଲୋକେ ଆମ୍ଭ ଉପରେ ରାଗିଯିବେ । ଆମ୍ଭେମାନେ
ଏଲୋକମାନଙ୍କୁ ଭୟ କରୁଛୁ । କାରଣ ସେମାନେ ସମସ୍ତେ
ଯୋହନଙ୍କୁ ଭବିଷ୍ୟଦ୍‌ବକ୍ତା ରୂପେ ବିଶ୍ୱାସ କରନ୍ତି ।”

୨୭ତେଣୁ ସେମାନେ ଯୀଶୁଙ୍କୁ ଉତ୍ତର ଦେଲେ, “ଯୋହନଙ୍କ
ବାପ୍ତିସ୍ମ କେଉଁଠାରୁ ଆସିଥିଲା, ଆମ୍ଭେ ତାହା ଜାଣିନାହୁଁ ।”

ଯୀଶୁ କହିଲେ, “ତେବେ କେଉଁ ଅଧିକାରରେ ମୁଁ
ଏସମସ୍ତ କାର୍ଯ୍ୟ କରୁଛି, ତାହା ମଧ୍ୟ ତୁମ୍ଭମାନଙ୍କୁ କହିବି
ନାହିଁ ।”

## ଯୀଶୁ ଦୁଇ ପୁଅର କାହାଣୀ କହିଲେ

୨୮“କୁହତ ଦେଖି, ତୁମ୍ଭେ ଏବିଷୟରେ କ’ଣ ଭାବୁଛ?:
ଜଣେ ଲୋକର ଦୁଇଟି ପୁଅ ଥିଲେ । ସେ ପ୍ରଥମ ପୁଅ
ପାଖକୁ ଯାଇ କହିଲା, ‘ପୁଅ ଆଜି ଯା ଓ ଅଙ୍ଗୁର
ବଗିଚାରେ କାମ କର ।’ ୨୯ପୁଅ କହିଲା, ‘ମୁଁ ଯିବି ନାହିଁ ।’
କିନ୍ତୁ ପରେ ସେ ନିଜର ମନ ବଦଳାଇ ଗଲା ।

୩୦“ତା’ପରେ ତା ବାପା ଅନ୍ୟ ପୁଅ ପାଖକୁ ଗଲେ ଓ
ତାକୁ ସେହି କଥା କହିଲେ । ସେ କହିଲା, ‘ହଁ । ଆଜ୍ଞା
ମୁଁ ଯିବି ।’ କିନ୍ତୁ ଗଲାନାହିଁ ।

୩୧“ତେବେ କୁହ, ‘କେଉଁ ପୁଅ ତାର ବାପାଙ୍କ ବାଧ୍ୟହେଲା?”

ଯିହୂଦୀ ଧର୍ମ-ନେତାମାନେ କହିଲେ, ‘ପ୍ରଥମ ପୁଅଟି
ମାନିଲା ।’

ଯୀଶୁ ସେମାନଙ୍କୁ କହିଲେ, “ମୁଁ ତୁମ୍ଭମାନଙ୍କୁ ସତ୍ୟ
କହୁଛି । ତୁମ୍ଭେମାନେ ଭାବ ଯେ, କର ଆଦାୟକାରୀ ଓ
ବେଶ୍ୟାମାନେ ଖରାପ ମଣିଷ । କିନ୍ତୁ ସେମାନେ ତୁମ୍ଭମାନଙ୍କ
ପୂର୍ବରୁ ଆଗ ପରମେଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବେ ।”
୩୨ତୁମ୍ଭମାନଙ୍କୁ ବଞ୍ଚିବା ପାଇଁ ଠିକ ବାଟ ଦେଖାଇବାକୁ
ଯୋହନ ଆସି ଥିଲେ । ତୁମ୍ଭେମାନେ ଯୋହନଙ୍କୁ ବିଶ୍ୱାସ
କଲ ନାହିଁ । କିନ୍ତୁ କର ଆଦାୟକାରୀ ଓ ବେଶ୍ୟାମାନେ
ଯୋହନଙ୍କୁ ବିଶ୍ୱାସ କଲେ । କର-ଆଦାୟକାରୀ ଓ
ବେଶ୍ୟାମାନେ ଯୋହନଙ୍କୁ ବିଶ୍ୱାସ କରିଛନ୍ତି ବୋଲି ତୁମ୍ଭେ
ଦେଖିଲ । ତଥାପି ତାହାଙ୍କଠାରେ ବିଶ୍ୱାସ କରିବା ଲାଗି
ତୁମ୍ଭେମାନେ ହୃଦୟ ପରିବର୍ତ୍ତନ କଲ ନାହିଁ ।

## ପରମେଶ୍ୱର ତାହାଙ୍କର ପୁତ୍ରଙ୍କୁ ପଠାଇଲେ

୩୩“ଆଉ ଗୋଟିଏ କାହାଣୀ ଶୁଣ । ଜଣେ ଜମି-ମାଲିକ
ଥିଲେ । ତାହାଙ୍କ ଜମିରେ ସେ ଅଙ୍ଗୁର ଲଗାଇଲେ । ସେ
ତା ଚାରିପଟେ ବାଡ ଲଗାଇଲେ । ସେ ଅଙ୍ଗୁର ରସ
ବାହାର କରିବା ପାଇଁ ସେଥିରେ ଦ୍ରାକ୍ଷାକୁଣ୍ଡଟିଏ* ଖୋଳିଲେ ।
ସେ ସେଠାରେ ପ୍ରହରୀଗୃହଟିଏ ନିର୍ମାଣ କଲେ ଓ କେତେକ
କୃଷକଙ୍କୁ ଜମିଟି ଭାଗ ଦେଇଦେଲେ । ତା’ପରେ ସେ
ବିଦେଶ-ଯାତ୍ରାରେ ବାହାରି ଗଲେ । ୩୪କିଛି ଦିନ ପରେ
ଅଙ୍ଗୁର ତୋଳିବା ବେଳ ଆସିଲା । ଜମିମାଲିକ ତାହାଙ୍କ
ଅଙ୍ଗୁର ଭାଗ ତକ ଆଣିବା ପାଇଁ କେତେକ ଚାକରଙ୍କୁ
କୃଷକମାନଙ୍କ ପାଖକୁ ପଠାଇଲେ ।

୩୫“କିନ୍ତୁ କୃଷକମାନେ ଚାକରମାନଙ୍କୁ ଧରି, ତାହାଙ୍କଭିତରୁ
ଜଣକୁ ପିଟିଲେ । ସେମାନେ ଜଣକ ପରେ ଜଣେ ଚାକରକୁ
ପଥରରେ ମାରି-ମାରି ମାରି ପକାଇଲେ । ୩୬ତେଣୁ ଜମି
ମାଲିକ ଆଉ କେତେକ ଚାକରଙ୍କୁ କୃଷକମାନଙ୍କ ପାଖକୁ
ପଠାଇଲେ । ଏଥର ପ୍ରଥମଥର ଠାରୁ ଅଧିକ ଚାକର
ଗଲେ । କିନ୍ତୁ କୃଷକମାନେ ପ୍ରଥମ ଚାକରମାନଙ୍କ ପ୍ରତି
ଯାହା କରିଥିଲେ, ଏଥର ମଧ୍ୟ ସେମାନଙ୍କ ପ୍ରତି ତାହା
କଲେ । ୩୭ତେଣୁ ମାଲିକ ନିଜର ପୁଅକୁ ପଠାଇବାକୁ ଠିକ୍
କଲେ । ସେ ଭାବିଲେ, ‘କୃଷକମାନେ ମୋ ପୁଅକୁ ସମ୍ମାନ
ଦେବେ ।’

୩୮“କୃଷକମାନେ ପୁଅକୁ ଦେଖି ନିଜ ନିଜ ଭିତରେ
କୁହାକୁହି ହେଲେ, ‘ଏ ହେଉଛି ଜମିମାଲିକଙ୍କ ପୁଅ । ସେ
ଏ ଜମିର ଉତ୍ତରାଧିକାରୀ । ଆମ୍ଭେ ଯଦି ତାକୁ ମାରିଦେବା,
ଏହି ସମ୍ପତ୍ତି ଆମ୍ଭର ହୋଇଯିବ ।’ ୩୯କୃଷକମାନେ ପୁଅକୁ
ଧରି ନେଲେ ଅଙ୍ଗୁର ବଗିଚା ବାହାରକୁ ଫିଙ୍ଗି ମାରିଦେଲେ ।

୪୦“ଅତଏବ, ଯେତେବେଳେ ନିଜେ ଜମି-ମାଲିକ ଆସିବେ,
ସେତେବେଳେ ଏହି କୃଷକମାନଙ୍କୁ କ’ଣ କରିବେ?”

୪୧ପ୍ରଧାନ ଯାଜକ ଓ ପ୍ରାଚୀନ ନେତାମାନେ କହିଲେ,
“ସେ ନିଶ୍ଚୟ ସେହି ନିର୍ଦ୍ଦୟ ଲୋକଙ୍କୁ ହତ୍ୟା କରିବେ ଓ
ତା’ପରେ ସେ ଅଙ୍ଗୁର ବଗିଚାଟିକୁ ଅନ୍ୟ କୃଷକମାନଙ୍କୁ
ଭାଗରେ ଦେଇଦେବେ, ଯେଉଁମାନେ ଅମଳ ସମୟରେ
ତାର ଭାଗ ତାହାଙ୍କୁ ଦେବେ ।”

୪୨ଯୀଶୁ ସେମାନଙ୍କୁ କହିଲେ, “ତୁମ୍ଭେମାନେ ଏକଥା
କ’ଣ କେବେହେଲେ ଶାସ୍ତ୍ରରେ ପଢ଼ି ନ ଥିଲ?:

> ‘ଯେଉଁ ପଥରକୁ ଗୃହ ନିର୍ମାଣକାରୀମାନେ ବେକାର
> ଭାବିଲେ, ସେହି ପଥର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ
> ମୂଳଦୁଆ କୋଣର ପଥର ହୋଇଗଲା । ପରମେଶ୍ୱର
> ଏହାହିଁ କଲେ । ଆମ୍ଭ ପାଇଁ ଏହା ଆଶ୍ଚର୍ଯ୍ୟଜନକ
> ଘଟଣା ।’ ଗୀତସଂହିତା ୧୧୮: ୨୨-୨୩

୪୩“ତେଣୁ ମୁଁ ତୁମ୍ଭମାନଙ୍କୁ କହୁଛି ଯେ ତୁମ୍ଭମାନଙ୍କଠାରୁ
ପରମେଶ୍ୱରଙ୍କ ରାଜ୍ୟ ଛଡାଇ ନିଆଯିବ । ପରମେଶ୍ୱର
ତାହାଙ୍କ ରାଜ୍ୟରେ ଯାହା ହେବାପାଇଁ ଚାହାଁନ୍ତି, ଯେଉଁ
ଲୋକମାନେ ତାହା କରନ୍ତି, ସେମାନଙ୍କୁ ପରମେଶ୍ୱର
ତାହାଙ୍କ ରାଜ୍ୟ ଦେବେ । ୪୪ଯେଉଁ ଲୋକ ଏହି ପଥର
ଉପରେ ଖସି ପଡ଼ିବ, ସେ ଖଣ୍ଡବିଖଣ୍ଡ ହୋଇଯିବ । ଏବଂ

---

**ଦ୍ରାକ୍ଷାକୁଣ୍ଡ** ଅଙ୍ଗୁରରୁ ରସ ବାହାର କରିବା ପାଇଁ ପଥରରେ ଖୋଳା ଯାଇଥିବା ସ୍ଥାନ ।

ପଥରଟି ଯିବ କାହା ଉପରେ ପଡିବ ତେବେ ପଥରଟି
ତାକୁ ଚୁନା କରିଦେବ।"
୪୫ପ୍ରଧାନ ଯାଜକ ଓ ଫାରୂଶୀମାନେ ଯୀଶୁଙ୍କ କାହାଣୀଗୁଡ଼ିକ
ଶୁଣିଲେ। ସେମାନେ ଜାଣି ପାରିଲେ ଯେ, ଯୀଶୁ ଏକଥା
ସେହିମାନଙ୍କ ବିଷୟରେ କହୁଛନ୍ତି। ୪୬ତେଣୁ ସେମାନେ
ଯୀଶୁଙ୍କୁ ବନ୍ଦୀ କରିବାକୁ ଚେଷ୍ଟା କଲେ। ସେମାନେ କିନ୍ତୁ
ଲୋକମାନଙ୍କୁ ଡ଼ରୁଥିଲେ। କାରଣ ଲୋକେ ଯୀଶୁଙ୍କୁ ଜଣେ
ଭବିଷ୍ୟଦ୍‌ବକ୍ତା ବୋଲି ବିଶ୍ୱାସ କରୁଥିଲେ।

## ଭୋଜି ପାଇଁ ନିମନ୍ତ୍ରିତ ଲୋକଙ୍କ କାହାଣୀ

୨୨ ଲୋକମାନଙ୍କୁ ଅନ୍ୟ କିଛି କଥା କହିବା ପାଇଁ
ଯୀଶୁ କାହାଣୀଗୁଡିକର ପ୍ରୟୋଗ କଲେ। ୨ଯୀଶୁ
କହିଲେ, "ସ୍ୱର୍ଗରାଜ୍ୟ ହେଉଛି ନିଜ ପୁଅର ବିବାହ-ଭୋଜି
ପ୍ରସ୍ତୁତ କରିଥିବା ଜଣେ ରାଜାଭଳି। ୩ରାଜା କେତେକ
ଲୋକଙ୍କୁ ବିବାହ-ଭୋଜିକୁ ନିମନ୍ତ୍ରଣ କଲେ। ସବୁ ପ୍ରସ୍ତୁତ
ହୋଇ ସାରିବା ପରେ ରାଜା ସେହି ଅତିଥିମାନଙ୍କୁ ଡାକିବାକୁ
ଚାକରମାନଙ୍କୁ ପଠାଇଲେ। କିନ୍ତୁ ସେମାନେ ରାଜାଙ୍କ ଭୋଜିକୁ
ଆସିବାକୁ ମନା କରିଦେଲେ।
୪"ତା'ପରେ ରାଜା ଆଉ କିଛି ଚାକରଙ୍କୁ ପଠାଇଲେ।
ରାଜା ଚାକରମାନଙ୍କୁ କହିଲେ, 'ଯେଉଁମାନଙ୍କୁ ବିବାହ-ଭୋଜିକୁ
ଆସିବାକୁ ନିମନ୍ତ୍ରଣ କରାଯାଇଛି, ତୁମ୍ଭେମାନେ ସେମାନଙ୍କୁ
କୁହ, ଭୋଜି ପ୍ରସ୍ତୁତି ସରିଲାଣି। ମୋର ଉତ୍ତମ ବଳଦ ଓ
ମୋଟା ପଶୁମାନଙ୍କୁ ମରାଯାଇଛି। ସବୁ କିଛି ପ୍ରସ୍ତୁତ ଅଛି।
ଅତଏବ ବିବାହ-ଭୋଜିକୁ ଆସନ୍ତୁ।'
୫"ଚାକରମାନେ ଯାଇ ଲୋକମାନଙ୍କୁ ଆସିବାକୁ କହିଲେ।
କିନ୍ତୁ ଲୋକମାନେ ଚାକରମାନଙ୍କ କଥାକୁ ଧ୍ୟାନ ଦେଲେନି।
ସେମାନେ ବିଭିନ୍ନ କାମରେ ଚାଲିଗଲେ। ଜଣେ ତା'
ଜମିରେ କାମ କରିବାକୁ ଚାଲିଗଲା। ଆଉ ଜଣେ ତା
ବ୍ୟବସାୟ କାମରେ ଚାଲିଗଲା। ୬ଆଉ କେତେକ ଲୋକ
ଚାକରମାନଙ୍କୁ ଧରି ନେଇ ପିଟାପିଟି କଲେ, ଓ ସେମାନଙ୍କୁ
ମାରିଦେଲେ। ୭ରାଜା ଖୁବ୍ ରାଗିଗଲେ। ତାହାଙ୍କ ଚାକରମାନଙ୍କୁ
ଯେଉଁମାନେ ମାରିଦେଲେ, ସେମାନଙ୍କୁ ମାରିଦେବାପାଇଁ ରାଜା
ସୈନ୍ୟ ପଠାଇଲେ। ସୈନ୍ୟମାନେ ସେହି ହତ୍ୟାକାରୀମାନଙ୍କୁ
ମାରିଦେଲେ ଓ ତାହାଙ୍କ ନଗରକୁ ପୋଡିଦେଲେ।
୮"ତା'ପରେ ରାଜା ଚାକରମାନଙ୍କୁ କହିଲେ, 'ବିବାହ
ଭୋଜି ପ୍ରସ୍ତୁତ ହୋଇ ସାରିଛି, ଯେଉଁମାନଙ୍କୁ ନିମନ୍ତ୍ରଣ
କରାଯାଇଥିଲା, ସେମାନେ ଅଯୋଗ୍ୟ ଥିଲେ। ୯ତେଣୁ
ତୁମ୍ଭେମାନେ ନଗର-ରାସ୍ତାକୁ ଯାଅ। ଯାହାକୁ ଦେଖିବ ତାକୁ
ବିବାହ-ଭୋଜିକୁ ଡାକିଆଣ।' ୧୦ଚାକରମାନେ ନଗର
ରାସ୍ତାଗୁଡିକୁ ଗଲେ। ଭଲ ଲୋକ ହେଉ ବା ମନ୍ଦ ଲୋକ
ହେଉ, ସେମାନେ ଯାହାକୁ ପାଇଲେ ତାକୁ ବିବାହ-ଭୋଜିକୁ
ଡାକିଆଣିଲେ। ବିବାହ-ଭବନ ଅତିଥିମାନଙ୍କ ଦ୍ୱାରା ପୂରିଗଲା।
୧୧"ରାଜା ଅତିଥିମାନଙ୍କୁ ଦେଖିବାକୁ ଭିତରକୁ ଆସିଲେ।
ସେ ସେଠାରେ ଗୋଟିଏ ଲୋକକୁ ବିବାହ-ପୋଷାକ ନ
ପିନ୍ଧି ଆସିଥିବାର ଦେଖିଲେ। ୧୨ରାଜା ତାହାଙ୍କୁ ପଚାରିଲେ,
'ବନ୍ଧୁ, ତୁମ୍ଭେ ବିବାହ-ପୋଷାକ ନ ପିନ୍ଧି ଏ ଭିତରକୁ
କେମିତି ଆସିଲ?' କିନ୍ତୁ ଲୋକଟି କିଛି କହିଲା ନାହିଁ।
୧୩ତେଣୁ ରାଜା କେତେକ ଚାକରଙ୍କୁ କହିଲେ, 'ଏ ଲୋକର
ହାତ-ଗୋଡ ବାନ୍ଧି ପକାଅ। ଏହାକୁ ବାହାରେ ଅନ୍ଧାରରେ
ଫିଙ୍ଗିଦିଅ, ଯେଉଁଠାରେ ଲୋକେ କାନ୍ଦୁଥିବେ, ଓ ଯନ୍ତ୍ରଣାରେ
ଦାନ୍ତ କଡ଼ମଡ଼ କରୁଥିବେ।'
୧୪"ହଁ ଅନେକ ଲୋକଙ୍କୁ ନିମନ୍ତ୍ରଣ କରାଯାଇଛି, କିନ୍ତୁ
ସେମାନଙ୍କ ମଧ୍ୟରୁ ଅଳ୍ପ ଲୋକ ମନୋନୀତ ଅଛନ୍ତି।"

## କେତେକ ଯିହୂଦୀ ନେତା ଯୀଶୁଙ୍କୁ ଫାନ୍ଦରେ ପକେଇବା ପାଇଁ ଚେଷ୍ଟା

୧୫ଯୀଶୁ ଯେଉଁ ସ୍ଥାନରେ ଉପଦେଶ ଦେଉଥିଲେ,
ଫାରୂଶୀମାନେ ସେ ସ୍ଥାନ ଛାଡି ଚାଲିଗଲେ। ସେମାନେ
ଯୀଶୁଙ୍କ କଥା ଦ୍ୱାରା ତାହାଙ୍କୁ କପଟ ଫାନ୍ଦରେ ପକାଇବେ,
ସେ ବିଷୟରେ ଯୋଜନା କଲେ। ୧୬ସେମାନେ କେତେକ
ହେରୋଦୀୟ* ମାନଙ୍କ ସହିତ ନିଜର କେତେକ ଶିଷ୍ୟଙ୍କୁ
ଯୀଶୁଙ୍କ ପାଖକୁ ପଠାଇଲେ। ସେମାନେ ଯାଇ କହିଲେ,
"ହେ ଗୁରୁ, ଆମ୍ଭେ ଜାଣୁ ଯେ ତୁମ୍ଭେ ଜଣେ ନିଷ୍ଠାବାନ
ଲୋକ। ପରମେଶ୍ୱରଙ୍କ ମାର୍ଗ ବିଷୟରେ ଅନ୍ୟମାନେ କ'ଣ
ଭାବୁଛନ୍ତି, ସେ ବିଷୟରେ ତୁମ୍ଭେ ଆଦୌ ଭୟ କରନାହିଁ।
ତୁମ୍ଭ ପାଇଁ ସମସ୍ତେ ସମାନ। ୧୭ଏ ବିଷୟରେ ତୁମ୍ଭ
ମତାମତ କ'ଣ ଆମ୍ଭକୁ କୁହ। କାଇସରଙ୍କୁ କର ଦେବା
ଉଚିତ ହେବ, ନା ନାହିଁ?"
୧୮କିନ୍ତୁ ଯୀଶୁ ସେମାନଙ୍କ ଦୁଷ୍ଟତା ବୁଝି ପାରିଲେ। ସେ
କହିଲେ, "ହେ କପଟୀ ଗଣ! ମୋତେ ଫାନ୍ଦରେ ପକାଇବାକୁ
କାହିଁକି ଚେଷ୍ଟା କରୁଛ? ୧୯କର ଦେବା ପାଇଁ ବ୍ୟବହୃତ
ହେଉଥିବା ଗୋଟେ ମୁଦ୍ରା ମୋତେ ଦେଖାଅ।" ସେମାନେ
ଯୀଶୁଙ୍କୁ ଗୋଟିଏ ରୌପ୍ୟମୁଦ୍ରା* ଦେଖାଇଲେ। ୨୦ଯୀଶୁ
ସେମାନଙ୍କୁ ପଚାରିଲେ, "ଏ ମୁଦ୍ରାର ଉପରେ କାହାର ଛବି
ଓ ନାମ ଖୋଦିତ ହୋଇଛି?"
୨୧ଲୋକମାନେ କହିଲେ, "କାଇସରଙ୍କର।"
ତାପରେ ଯୀଶୁ ସେମାନଙ୍କୁ କହିଲେ, "ଯାହା କାଇସରଙ୍କର
ତାହା କାଇସରଙ୍କୁ ଦିଅ, ଓ ଯାହା ପରମେଶ୍ୱରଙ୍କର, ତାହା
ପରମେଶ୍ୱରଙ୍କୁ ଦିଅ।"
୨୨ଏ କଥା ଶୁଣି ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ ଓ
ତାହାଙ୍କୁ ଛାଡି ସେଠାରୁ ଚାଲିଗଲେ।

## କେତେକ ସାଦ୍ଦୁକୀଙ୍କ ଯୀଶୁଙ୍କୁ ଫାନ୍ଦରେ ପକେଇବା ପାଇଁ ଚେଷ୍ଟା

୨୩ସେହି ଦିନ କେତେକ ସାଦ୍ଦୁକୀ* ଯୀଶୁଙ୍କ ପାଖକୁ
ଆସିଲେ। ସାଦ୍ଦୁକୀମାନେ ବିଶ୍ୱାସ କରନ୍ତି, ଯେ ଲୋକେ
ମୃତ୍ୟୁରୁ ପୁନର୍ଜୀବିତ ହୁଅନ୍ତି ନାହିଁ। ସାଦ୍ଦୁକୀମାନେ ଯୀଶୁଙ୍କୁ

---

**ହେରୋଦୀୟ** ଗୋଟିଏ ଯିହୁଦୀୟ ରାଜନୈତିକ ଦଳ

**ରୌପ୍ୟମୁଦ୍ରା** ରୋମୀୟ ଦିନାର। ଏହି ମୁଦ୍ରାର ମୂଲ୍ୟ ଦିନକର ମଜୁରୀ ସଙ୍ଗେ ସମାନ।

**ସାଦ୍ଦୁକୀ** ଗୋଟିଏ ପ୍ରମୁଖ ଯିହୁଦୀୟ ଧାର୍ମିକ ଗୋଷ୍ଠୀ। ସେମାନେ ପୁରାତନ ନିୟମର କେବଳ ପ୍ରଥମ ପାଞ୍ଚଟି ପୁସ୍ତକ ଗ୍ରହଣ କରନ୍ତି।

ଗୋଟିଏ ପ୍ରଶ୍ନ ପଚାରଲେ। ୨୪ସେମାନେ କହଲେ, "ହେ
ଗୁରୁ, ମୋଶା ଆମ୍ଭକୁ କହଛନ୍ତ ଯଦ କୌଣସି ଲୋକ
ପିଲପିଲ ନଥାଇ ମରଯାଏ, ତେବେ ତାର ଭାଇ ତାର
ସ୍ତ୍ରୀକୁ ନଶ୍ଚୟ ବବାହ କରବ, ଅତଏବ ନଜ ମୃତ ଭାଇ
ପାଇଁ ସେମାନେ ସନ୍ତାନ ଜନ୍ମ କରବେ। ୨୫ଆମ୍ଭ ଭତରେ
ସାତ ଭାଇ ଥିଲେ। ପ୍ରଥମ ଜଣକ ବବାହ କରଥିଲା। କନ୍ତୁ
ପରେ ମରଗଲା। ତାର କୌଣସି ସନ୍ତାନ ନ ଥିଲେ।
ତେଣୁ ତାର ଭାଇ ସେହ ସ୍ତ୍ରୀ ଲୋକଟିକୁ ବବାହ କଲା।
୨୬ଦ୍ୱିତୀୟ ଭାଇଟି ମଧ୍ୟ ମରଗଲା। ଏହାପରେ ତୃତୀୟ ଭାଇ
ଓ ଅନ୍ୟ ସବୁ ଭାଇଙ୍କର ସେହ ଅବସ୍ଥା ହେଲା।
୨୭ଶେଷରେ ସେ ସ୍ତ୍ରୀ ଲୋକଟି ମଧ୍ୟ ମରଗଲା। ୨୮କନ୍ତୁ
ସମସ୍ତ ସାତ ଭାଇ ତାହାକୁ ବବାହ କରଥିଲେ। ତେବେ
କୁହନ୍ତୁ, ପୁନରୁତ୍ଥାନ ପରେ ସେ କାହାର ସ୍ତ୍ରୀ ହେବ?"
୨୯ଯୀଶୁ କହଲେ, "ଏ କଥା ତୁମ୍ଭେ ବୁଝିପାରୁନ।
କାରଣ ଶାସ୍ତ୍ର କ'ଣ କୁହେ ଜାଣ ନାହିଁ। ଏବଂ ପରମେଶ୍ୱରଙ୍କ
ଶକ୍ତ ବଷୟରେ ତୁମ୍ଭେମାନେ କଛ ଜାଣିନାହିଁ। ୩୦ତୁମ୍ଭର
ବୁଝି ରଖିବା ଉଚତ ଯେ, ଯେତେବେଳେ ଲୋକମାନେ
ମୃତ୍ୟୁରୁ ବଞ୍ଚି ଉଠିବେ, ସେତେବେଳେ କୌଣସି ବବାହ
ହେବ ନାହିଁ। ପୁନର୍ଜୀବନ ଲାଭ କରବା ପରେ ଲୋକମାନେ
କେହ କାହାକୁ ବାହା ହେବେନ। ସେମାନେ ସ୍ୱର୍ଗରେ
ସମସ୍ତେ ସ୍ୱର୍ଗ-ଦୂତମାନଙ୍କ ଭଳ ହେବେ। ୩୧ମୃତର ପୁନରୁତ୍‌ଥାନ
ବଷୟରେ ପରମେଶ୍ୱର ତୁମ୍ଭକୁ କ'ଣ କହଛନ୍ତ, ତାହା
କ'ଣ ତୁମ୍ଭେ ପଢ଼ନାହଁ? ୩୨ପରମେଶ୍ୱର କହଛନ୍ତ, 'ମୁଁ
ଅବ୍ରହାମଙ୍କ ପରମେଶ୍ୱର, ଯିସ୍‌ହାକଙ୍କ ପରମେଶ୍ୱର ଓ
ଯାକୁବଙ୍କ* ପରମେଶ୍ୱର ଅଟେ।'* ଯଦ ନଜେ ପରମେଶ୍ୱର
କହଛନ୍ତ ଯେ ସେ ସେମାନଙ୍କର ପରମେଶ୍ୱର, ତେବେ
ସେମାନେ ବାସ୍ତବରେ ମୃତ ନୁହଁନ୍ତ। କାରଣ ପରମେଶ୍ୱର
ମୃତ ଲୋକମାନଙ୍କର ପରମେଶ୍ୱର ନୁହଁନ୍ତ, କନ୍ତୁ ଜୀବତ
ମାନଙ୍କର ଅଟନ୍ତ।"
୩୩ଲୋକମାନେ ଯୀଶୁଙ୍କ ଉପଦେଶ ଶୁଣି ଆଶ୍ଚର୍ଯ୍ୟ
ହୋଇଗଲେ।

## କେଉଁ ଆଜ୍ଞା ସବୁଠାରୁ ବଡ଼

୩୪ଫାରୂଶୀମାନେ ଶୁଣିଲେ ଯେ ଯୀଶୁଙ୍କ ଉତ୍ତରରେ
ସାଦୁକୀମାନେ ଚୁପ୍ ହୋଇଗଲେ। ତା'ପରେ ସେମାନେ
ସମସ୍ତେ ଏକାଠି ହେଲେ। ୩୫ଜଣେ ଫାରୂଶୀ ମୋଶାଙ୍କ
ବ୍ୟବସ୍ଥା ବଷୟରେ ଦକ୍ଷ ଥିଲା। ସେ ଯୀଶୁଙ୍କୁ ପରୀକ୍ଷାରେ
ପକାଇବାପାଇଁ ମନସ୍ଥ କର ତାହାଙ୍କୁ ଗୋଟିଏ ପ୍ରଶ୍ନ
ପଚାରଲା। ୩୬ସେ କହଲା, "ହେ ଗୁରୁ, ମୋଶାଙ୍କ ବ୍ୟବସ୍ଥା
ଭତରୁ କେଉଁ ଆଦେଶଟି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ?"
୩୭ଯୀଶୁ କହଲେ, "ତୁମ୍ଭେ ସମ୍ପୂର୍ଣ୍ଣ ହୃଦୟ, ସମ୍ପୂର୍ଣ୍ଣ
ଆତ୍ମା ଓ ସମ୍ପୂର୍ଣ୍ଣ ମନ ଦେଇ ପ୍ରଭୁ ତୁମ୍ଭର ପରମେଶ୍ୱରଙ୍କୁ
ପ୍ରେମ କରବ।'* ୩୮ଏହା ପ୍ରଥମ ଓ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ
ଆଦେଶ। ୩୯ଦ୍ୱିତୀୟ 'ଆଦେଶଟି ମଧ୍ୟ ପ୍ରଥମ ଆଦେଶ
ଭଳ। ତାହା ହେଉଛି: 'ତୁମ୍ଭେ ନଜକୁ ଯେପର ଭଲ
ପାଅ, ଅନ୍ୟକୁ ମଧ୍ୟ ସେହପର ଭଲ ପାଅ।'* ୪୦ସମସ୍ତ
ବ୍ୟବସ୍ଥା ଓ ଭବଷ୍ୟଦ୍‌ବକ୍ତାମାନଙ୍କର ଲେଖାଗୁଡ଼କ ଏହ
ଦୁଇଟି ଆଦେଶ ଉପରେ ଆଧାରତ।"

## ଫାରୂଶୀମାନଙ୍କୁ ଯୀଶୁଙ୍କର ଗୋଟିଏ ପ୍ରଶ୍ନ

୪୧ଯେତେବେଳେ ଫାରୂଶୀମାନେ ଏକାଠି ଥିଲେ। ଯୀଶୁ
ସେମାନଙ୍କୁ ଗୋଟିଏ ପ୍ରଶ୍ନ ପଚାରଲେ। ୪୨ଯୀଶୁ କହଲେ,
"ଖ୍ରୀଷ୍ଟଙ୍କ ବଷୟରେ ତୁମ୍ଭେମାନେ କ'ଣ ମନେ କରୁଛ?
ସେ କାହାର ପୁଅ?"
ସେମାନେ କହଲେ, "ଦାଉଦଙ୍କ ପୁଅ"।
୪୩ଯୀଶୁ ଫାରୂଶୀମାନଙ୍କୁ ପଚାରଲେ, "ଦାଉଦ ତାହାଙ୍କୁ
ପ୍ରଭୁ ବୋଲ କାହିଁକ ସମ୍ବୋଧନ କରଲେ। ଦାଉଦ ପବତ୍ର
ଆତ୍ମାଙ୍କ ଶକ୍ତରେ କହୁଥିଲେ। ଦାଉଦ କହଲେ:

୪୪ 'ପ୍ରଭୁ ମୋର ପ୍ରଭୁ' ଖ୍ରୀଷ୍ଟଙ୍କୁ କହଥିଲେ: ମୁଁ ତୁମ୍ଭର
ଶତ୍ରୁମାନଙ୍କୁ ତୁମ୍ଭର ନୟନ୍ତ୍ରଣରେ ଦେବ ଏବଂ ତୁମ୍ଭେ
ମୋର ଡାହାଣ ପଟେ ବସିବ।"

ଗୀତସଂହତା ୧୧୦:୧

୪୫ଯଦ ଦାଉଦ ଖ୍ରୀଷ୍ଟଙ୍କୁ ପ୍ରଭୁ ବୋଲ କହୁଛନ୍ତ। ତେବେ
ଖ୍ରୀଷ୍ଟ କପର ଦାଉଦଙ୍କ ପୁଅ ହୋଇ ପାରବେ"? ୪୬ଜଣେ
ହେଲେ ଫାରୂଶୀ ଯୀଶୁଙ୍କ ପ୍ରଶ୍ନର ଉତ୍ତର ଦେଇ ପାରଲେନାହିଁ।
ସେହ ଦନ ଠାରୁ ଯୀଶୁଙ୍କୁ ଆଉ କୌଣସି ପ୍ରଶ୍ନ ପଚାର
ଫାନ୍ଦରେ ପକାଇବାକୁ କେହହେଲେ ଚେଷ୍ଟା କରବାକୁ
ସାହସ କଲେନାହିଁ।

## ଯୀଶୁଙ୍କର ଯିହୂଦୀ ଧର୍ମ-ନେତାଙ୍କୁ ସମାଲୋଚନା

୨୩ ତା'ପରେ ଯୀଶୁ ଜନସମୂହ ଓ ତାହାଙ୍କ ଶିଷ୍ୟମାନଙ୍କୁ
କହଲେ, ୨"ଧର୍ମ-ଶାସ୍ତ୍ରୀମାନେ ଓ ଫାରୂଶୀମାନେ
ମୋଶାଙ୍କ ବ୍ୟବସ୍ଥାର ବ୍ୟାଖ୍ୟା କରବାର ଅଧିକାର ପାଇଛନ୍ତ।
୩ତେଣୁ ସେମାନେ ଯାହାସବୁ କହୁଛନ୍ତ, ତାହା ତୁମ୍ଭେ
ମାନବା ଉଚତ। ତୁମ୍ଭକୁ ସେମାନେ ଯାହାସବୁ କରବାକୁ
କହୁଛନ୍ତ, ତୁମ୍ଭେ ତାହା କରବା ଉଚତ। କନ୍ତୁ ସେମାନେ
ଯାହାସବୁ କରୁଛନ୍ତ, ତୁମ୍ଭେ ତାହା କରନାହିଁ। କାରଣ
ସେମାନେ ଯାହାସବୁ କହନ୍ତ, ନଜେ ତାକୁ କାର୍ଯ୍ୟରେ
କେବେ କରନ୍ତ ନାହିଁ। ୪ମାନବା ପାଇଁ କଠନ ହେଲେ
ମଧ୍ୟ ସେମାନେ ଲୋକମାନଙ୍କ ପାଇଁ କଡାକଡ ନୟମ
ତଆର କରନ୍ତ। ସେହ ନୟମଗୁଡ଼କ ମାନବାପାଇଁ ସେମାନେ
ଲୋକଙ୍କୁ ବାଧ କରନ୍ତ। କନ୍ତୁ ସେମାନେ ନଜେ କେବେହେଲେ
ସେହ ନୟମମାନଙ୍କ ମଧ୍ୟରୁ ଗୋଟିଏ ହେଲେ ଅନୁସରଣ
କରବାକୁ ଚେଷ୍ଟା କରନ୍ତନାହିଁ।

---

**ଅବ୍ରାହାମ, ଯିସ୍‌ହାକ ଓ ଯାକୁବ** ପୁରାତନ ନୟମ'ର ତନ ଜଣ ଯିହୁଦୀୟ ପ୍ରମୁଖ ନେତା।

**'ମୁଁ ... ପରମେଶ୍ୱର ଅଟେ'** ଯାତ୍ରା. ୩:୬

**'ତୁମ୍ଭେ ... ପ୍ରେମ କରବ'** ଦ୍ୱିତୀୟବବରଣ ୬:୫

**'ତୁମ୍ଭେ ... ଭଲ ପାଅ'** ଲେବୀୟ. ୧୯:୧୮

୫"କେବଳ ଅନ୍ୟ ଲୋକଙ୍କୁ ଦେଖେଇ ହେବା ପାଇଁ
ଯାହା କିଛି ଭଲ କାମ, ତାହା ସେମାନେ କରନ୍ତି। ନିଜକୁ
ଧାର୍ମିକ ଦେଖେଇ ହେବା ପାଇଁ ପ୍ରକୃତରେ ସେମାନେ ବଡ଼
ବଡ଼ କବଚ ପିନ୍ଧିଥାନ୍ତି, ଓ ନିଜର ସ୍ୱତନ୍ତ୍ର ପ୍ରାର୍ଥନା-ପୋଷାକକୁ
ବହୁତ ଲମ୍ବା କରିଥାନ୍ତି। ୬ଭୋଜିମାନଙ୍କରେ ମହତ୍ତ୍ୱପୂର୍ଣ୍ଣ
ଆସନମାନ ଓ ଧର୍ମସଭାମାନଙ୍କରେ ମହତ୍ତ୍ୱପୂର୍ଣ୍ଣ ଆସନ ମାନ
ପାଇବାକୁ ସେମାନେ ଭଲ ପାଆନ୍ତି। ୭ସେମାନେ ବଜାର
ସ୍ଥାନ ମାନଙ୍କରେ, ଲୋକମାନଙ୍କର ନମସ୍କାର ପ୍ରତିଦାନ
କରିବାକୁ ଭଲ ପାଆନ୍ତି। ସେମାନେ ଚାହାଁନ୍ତି ଯେ ଲୋକେ
ତାହାଙ୍କୁ 'ରବ୍ବୀ'* ବୋଲି ଡାକନ୍ତୁ। ୮କିନ୍ତୁ ତୁମ୍ଭ ଭିତରୁ
କେହି ନିଜକୁ ରବ୍ବୀ(ଗୁରୁ) ବୋଲେଇବ ନାହିଁ। ତୁମ୍ଭେ
ସମସ୍ତେ ଭାଇ-ଭଉଣୀ। ତୁମ୍ଭସମସ୍ତଙ୍କର ଜଣେ ମାତ୍ର ଗୁରୁ
ଅଛନ୍ତି। ୯ଏ ସଂସାରରେ କାହାରିକୁ 'ପରମପିତା' ବୋଲି
ସମ୍ବୋଧନ କରନାହିଁ। ତୁମ୍ଭର ଜଣେ ମାତ୍ର ପରମପିତା ଯେ
କି ସ୍ୱର୍ଗରେ ରହୁଛନ୍ତି। ୧୦ତୁମ୍ଭେ ନିଜକୁ ମାଲିକ ବୋଲାଇବ
ନାହିଁ। କାରଣ ତୁମ୍ଭର କେବଳ ଜଣେ ମାତ୍ର ମାଲିକ। ସେ
ହେଉଛନ୍ତି ଯୀଶୁ। ୧୧ଯେଉଁଲୋକ ଚାକର ଭଳି ତୁମ୍ଭର
ସେବାକରିବ, ସେ ଲୋକ ତୁମ୍ଭମାନଙ୍କ ମଧ୍ୟରେ ସବୁଠାରୁ
ବଡ ହେବ। ୧୨ଯେଉଁଲୋକ ନିଜକୁ ଅନ୍ୟଲୋକଙ୍କ ଅପେକ୍ଷା
ଉଚ୍ଚ କରିବ, ତାକୁ ନତ କରାଯିବ। ଯେଉଁଲୋକ ନିଜକୁ
ନତ କରିବ, ତାକୁ ମହାନ କରାଯିବ।

୧୩"ରେ କପଟୀ ଧର୍ମଶାସ୍ତ୍ରୀମାନେ ଓ ଫାରୂଶୀମାନେ?
ତୁମ୍ଭକୁ ଧିକ୍! ତୁମ୍ଭେମାନେ ଲୋକମାନଙ୍କ ପାଇଁ ସ୍ୱର୍ଗ-ରାଜ୍ୟର
ଦ୍ୱାର ବନ୍ଦ କରି ଦେଉଛ। ତୁମ୍ଭେମାନେ ନିଜେ ତ ପ୍ରବେଶ
କରି ପାରୁନାହଁ, ତା'ଛଡା ଯେଉଁଲୋକମାନେ ପ୍ରବେଶ
କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ମଧ୍ୟ ତୁମ୍ଭେମାନେ
ଅଟକେଇ ଦେଉଛ। ୧୪*

୧୫"ରେ କପଟୀ ଧର୍ମ-ଶାସ୍ତ୍ରୀ ଓ ଫାରୂଶୀମାନେ! ହାୟ୍!
ତୁମ୍ଭର ମାର୍ଗ ଅନୁସରଣ କରିବା ପାଇଁ ଲୋକ ଖୋଜି
ପାଇବା ପାଇଁ ତୁମ୍ଭେ ବିଭିନ୍ନ ଦେଶ ଓ ସମୁଦ୍ର ପାରି
ହୋଇ ଚାଲିଯାଉଛ। ଯେତେବେଳେ ସେଭଳି ଲୋକଟିଏ
ପାଇ ଯାଉଛ ସେତେବେଳେ ତାକୁ ତୁମ୍ଭେ ତୁମ୍ଭଠାରୁ ଅଧିକ
ଖରାପ କରିପକାଉଛ। ତୁମ୍ଭେ ସବୁ ଏତେ ଖରାପ ଯେ
ତୁମ୍ଭେ କେବଳ ନରକର ଅଧିକାରୀ ହେବ।

୧୬"ରେ ଅନ୍ଧ ମାର୍ଗ-ଦର୍ଶକ ଗଣ! ତୁମ୍ଭକୁ ଧିକ୍! ତୁମ୍ଭେ
କହିଥାଅ, ଯଦି କେହି ଲୋକ ଉପାସନା ମନ୍ଦିର ନାମରେ
ରାଣ ପକାଇ ଶପଥ କରିଥାଏ ତେବେ ତାକୁ ସେହି ଶପଥ
ରଖିବା ଦରକାର ନାହିଁ। କିନ୍ତୁ ଯେଉଁ ଲୋକ ଉପାସନା
ମନ୍ଦିରର ସୁନା ନାମରେ ରାଣ ପକାଇ ଶପଥ କରେ,
ତେବେ ସେ ନିଶ୍ଚୟ ସେହି ଶପଥ ରକ୍ଷା କରିବ।
୧୭ତୁମ୍ଭେମାନେ ଅନ୍ଧ ଓ ମୂର୍ଖ। ଅଧିକ ବଡ଼ କିଏ? ସୁନା
ନା ମନ୍ଦିର? ମନ୍ଦିର ସେହି ସୁନାକୁ ପବିତ୍ର କରିଥାଏ।
ତେଣୁ ମନ୍ଦିର ଅଧିକ ବଡ। ୧୮ତୁମ୍ଭେମାନେ କହିଥାଅ,
'ଯଦି କେହି ବେଦୀନାମରେ ଶପଥ ନିଏ, ତେବେ ତାର
କୌଣସି ଅର୍ଥନାହିଁ। କିନ୍ତୁ ଯଦି ଜଣେ ବେଦୀ ଉପରେ
ରଖାଯାଇଥିବା ଉପହାର ନାମରେ ଶପଥ ନିଏ, ତେବେ
ତାକୁ ନିଶ୍ଚିତ ଭାବରେ ରକ୍ଷା କରିବାକୁ ପଡିବ। ୧୯ତୁମ୍ଭେମାନେ
ଅନ୍ଧ। ତୁମ୍ଭେ କିଛି ବୁଝିନାହଁ। ବଡ଼ କିଏ? ବେଦୀ ନା
ଉପହାର? ବେଦୀ ଉପହାରକୁ ପବିତ୍ର କରିଥାଏ। ତେଣୁ
ବେଦୀ ବଡ଼। ୨୦ଏଣୁ ଯଦି କେହି ବେଦୀ ନାମରେ ଶପଥ
କରେ ତେବେ ସେ ବେଦୀ ସହିତ ବେଦୀ ଉପରେ ଯାହା
ରଖା ଯାଇଥାଏ, ସେ ସମସ୍ତଙ୍କ ନାମରେ ଶପଥ କରିଥାଏ।
୨୧ଯେଉଁଲୋକ ମନ୍ଦିର ନାମରେ ଶପଥ କରେ, ସେ
ମନ୍ଦିର ଭିତରେ ଜଣେ ଯିଏ ଅଛନ୍ତି, ତାହାଙ୍କ ନାମରେ
ଶପଥ ନେଇଥାଏ। ୨୨ଏବଂ ଯେଉଁଲୋକ ସ୍ୱର୍ଗ ନାମରେ
ଶପଥ ନେଇଥାଏ, ସେ ପରମେଶ୍ୱରଙ୍କ ସିଂହାସନ ସହିତ
ସେହି ସିଂହାସନ ଉପରେ ଯେ ବିରାଜମାନେ, ତାହାଙ୍କ
ନାମରେ ମଧ୍ୟ ଶପଥ ନେଇଥାଏ।

୨୩"ରେ କପଟୀ ଯିହୂଦୀ ଧର୍ମଶାସ୍ତ୍ରୀମାନେ ଓ ଫାରୂଶୀମାନେ!
ତୁମ୍ଭକୁ ଧିକ! ତୁମ୍ଭ ପାଖରେ ଯାହା ଅଛି, ତାର ଦଶ
ଭାଗରୁ ଏକ ଭାଗ, ଏପରିକି ନିଜର ପୋଦନା, ପାନମଧୁରୀ
ଓ ଜୀରାର ମଧ୍ୟ ଦଶ ଭାଗରୁ ଏକଭାଗ ତୁମ୍ଭେ ପରମେଶ୍ୱରଙ୍କୁ
ଦେଉଛ, କିନ୍ତୁ ତୁମ୍ଭେମାନେ ନିୟମର ଅଧିକ ନ୍ୟାୟ, ଦୟା
ଓ ବିଶ୍ୱାସ ଭଳି ମହତ୍ତ୍ୱପୂର୍ଣ୍ଣ ଉପଦେଶ ଗୁଡ଼ିକୁ ପାଳନ
କରୁନାହିଁ। ମାତ୍ର ଏଗୁଡ଼ିକ ତୁମ୍ଭର ପାଳନ କରିବା ଉଚିତ।
ଅନ୍ୟ ଉପଦେଶଗୁଡ଼ିକୁ ମଧ୍ୟ ନିୟମିତ ରୂପରେ ତୁମ୍ଭର
ପାଳନ କରିବା ଉଚିତ। ୨୪ତୁମ୍ଭେମାନେ ଲୋକଙ୍କୁ ମାର୍ଗ
ବତାଉଛ। କିନ୍ତୁ ତୁମ୍ଭେମାନେ ନିଜେ ଅନ୍ଧ। ତୁମ୍ଭେମାନେ
ଏହି ପ୍ରକାରର ଅଟ। ତୁମ୍ଭମାନଙ୍କ ପାନୀୟ ଭିତରୁ ମାଛିକୁ
ଛାଣି ଓ ଓଟକୁ ଗିଳି ପକାଅ।

୨୫"ରେ କପଟୀ ଧର୍ମ-ଶାସ୍ତ୍ରୀମାନେ ଓ ଫାରୂଶୀମାନେ!
ତୁମ୍ଭେମାନେ ଧିକ! ତୁମ୍ଭେମାନେ ତୁମ୍ଭର ଥାଳି-ଗିନାର
ବାହାର ପଟ ଭଲ ଭାବରେ ଧୋଉଛ। କିନ୍ତୁ ତୁମ୍ଭମାନଙ୍କର
ଅନ୍ତର ଅନ୍ୟକୁ ଠକି ନିଜକୁ ତୋଷିବା ପଦାର୍ଥରେ ପୂର୍ଣ୍ଣ
କରୁଛ। ୨୬ରେ ଅନ୍ଧ ଫାରୂଶୀମାନେ! ପ୍ରଥମେ ଗିନାର
ଭିତର ପଟ ମାଜି ସଫା କର। କିନ୍ତୁ ବାସ୍ତବରେ ଗିନାର
ଭିତର ପଟ ସଫା ରହିଲେ, ବାହାର ପଟ ମଧ୍ୟ ସଫା
ହୋଇ ପାରିବ।

୨୭"ରେ କପଟୀ ଧର୍ମ-ଶାସ୍ତ୍ରୀମାନେ! ରେ ଫାରୂଶୀମାନେ?
ତୁମ୍ଭକୁ ଧିକ! ତୁମ୍ଭେ ସବୁ ଧଳା ରଙ୍ଗ ବୋଳା ହୋଇଥିବା
ସମାଧି ଭଳି। ଏହି ସମାଧି ମାନଙ୍କର ବାହାର ପଟ ସୁନ୍ଦର
ଦେଖାଯାଏ। କିନ୍ତୁ ସମାଧି ଭିତର ମଲା ଲୋକର କେବଳ
କଙ୍କାଳ ଥାଏ। ସବୁ ପ୍ରକାର ଅପରିଷ୍କାର ଜିନିଷ ତା'
ଭିତରେ ଥାଏ। ୨୮ଠିକ୍ ସେହିଭଳି ତୁମ୍ଭେ ବାହାରୁ ତ
ଅନ୍ୟମାନଙ୍କୁ ସୁନ୍ଦର ଦେଖା ଯାଉଛ, କିନ୍ତୁ ଭିତରେ ତୁମ୍ଭେ
ଛନ୍ଦ-କପଟ ଓ ଖରାପ-ଗୁଣରେ ପରିପୂର୍ଣ୍ଣ।

୨୯"ରେ କପଟୀ ଧର୍ମଶାସ୍ତ୍ରୀମାନେ! ଓ ଫାରୂଶୀମାନେ!
ତୁମ୍ଭେ ଭବିଷ୍ୟଦ୍‌ବକ୍ତାମାନଙ୍କ ପାଇଁ ସମାଧି ତିଆରି କରୁଛ।

---

**ରବ୍ବି** ଗୁରୁ

**ପଦ ସଂଖ୍ୟା ୧୪** "ରେ କପଟୀ ଧର୍ମଶାସ୍ତ୍ରୀ ଓ ଫାରୂଶୀମାନେ! ତୁମେମାନେ ବିଧବାଙ୍କ ଘର-ଦ୍ୱାର ଠକି ନେଉଛ, ଏବଂ ଦେଖେଇ ହେବା ପାଇଁ ବହୁତ ଲମ୍ବା ଲମ୍ବା ପ୍ରାର୍ଥନା କରୁଛ। ଏଥିପାଇଁ ତୁମକୁ କଠିନ ଦଣ୍ଡ ମିଳିବ।"

ଯେଉଁ ଲୋକମାନେ ଭଲ ଜୀବନ କଟାଇଥିଲେ, ତୁମ୍ଭେମାନେ
ତାହାଙ୍କ ସମାଧି ସୁଶୋଭିତ କରୁଛ। ୩୦ଏବଂ ତୁମ୍ଭେମାନେ
କୁହୁଛ ଯେ, 'ଆମେ ଯଦି ଆମ୍ଭ ପୂର୍ବ-ପୁରୁଷଙ୍କ ସମକାଳୀନ
ହୋଇଥାଆନ୍ତୁ, ତେବେ ଏହି ଭବିଷ୍ୟଦ୍‌ବକ୍ତାମାନଙ୍କୁ ମାରି
ଦେବା ପାଇଁ ଆମ୍ଭେ କେବେହେଲେ ସାହାଯ୍ୟ କରି ନ
ଥାନ୍ତୁ।' ୩୧ତୁମ୍ଭେ ପ୍ରମାଣିତ କରି ଦେଉଛ ଯେ ତୁମ୍ଭେମାନେ
ସେହି ଲୋକମାନଙ୍କର ବଂଶଧର ଯେଉଁମାନେ
ଭବିଷ୍ୟଦ୍‌ବକ୍ତାମାନଙ୍କୁ ହତ୍ୟା କଲେ। ୩୨ତୁମ୍ଭର ପୂର୍ବ-ପୁରୁଷ
ଯେଉଁ ପାପ ଆରମ୍ଭ କରି ଦେଇଥିଲେ, ତୁମ୍ଭେ ତାହାକୁ
ଶେଷ କରିବ।

୩୩"ତୁମ୍ଭେମାନେ ସାପ ଭଳି। ତୁମ୍ଭେ ବିଷଧର ସର୍ପ-କୁଳରେ
ଜନ୍ମ ହୋଇଛ। ତୁମ୍ଭେ ପରମେଶ୍ୱରଙ୍କଠାରୁ ରକ୍ଷା ପାଇବ
ନାହିଁ। ତୁମ୍ଭ ସମସ୍ତଙ୍କୁ ଦୋଷୀ ବୋଲି ବିଚାର କରାଯିବ, ଓ
ତୁମ୍ଭେମାନେ ନରକକୁ ଯିବ। ୩୪ତେଣୁ ମୁଁ ତୁମ୍ଭକୁ ଏହା
କହୁଛି: ମୁଁ ତୁମ୍ଭକୁ ଭବିଷ୍ୟଦ୍‌ବକ୍ତାମାନଙ୍କ, ଜ୍ଞାନୀଲୋକ ଓ
ଗୁରୁମାନଙ୍କ ପାଖକୁ ପଠାଉଛି। ତୁମ୍ଭେ ସେମାନଙ୍କ ମଧ୍ୟରୁ
କେତେକଙ୍କୁ ମାରିବ, କ୍ରୁଶରେ ଚଢ଼ାଇ ତୁମ୍ଭେ କେତେକଙ୍କୁ
ହତ୍ୟା କରିବ। ତୁମ୍ଭର ପ୍ରାର୍ଥନା-ଗୃହରେ ତୁମ୍ଭେ କେତେକଙ୍କୁ
କୋରଡା ମାରିବ। ସହରରୁ ସହର ତୁମ୍ଭେମାନେ ସେମାନଙ୍କର
ପଛେ ପଛେ ଯାଇ କେତେକଙ୍କୁ ତାଡ଼ନା କରିବ। ୩୫ତେଣୁ
ଧାର୍ମିକ ଲୋକ ହେବଲଙ୍କଠାରୁ ଆରମ୍ଭକରି ବରଖିୟଙ୍କ
ପୁତ୍ର ଜିଖରିୟଙ୍କ ପର୍ଯ୍ୟନ୍ତ ଏ ପୃଥିବୀରେ ଯେତେ ଭଲ
ଲୋକଙ୍କୁ ମାରି ଦିଆ ଯାଇଛି, ସେଥିପାଇଁ, ତୁମ୍ଭେମାନେ
ଦୋଷୀ ସାବ୍ୟସ୍ତ ହେବ। ବରଖିୟଙ୍କ ପୁତ୍ର ଜିଖରିୟଙ୍କୁ
ମନ୍ଦିର ଓ ବେଦୀ ମଧ୍ୟ ସ୍ଥଳରେ ତୁମ୍ଭେମାନେ ହତ୍ୟା
କରିଥିଲ। ୩୬ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି ଯେ, ବର୍ତ୍ତମାନ
ତୁମ୍ଭ ସହ ଜୀବିତ ଥିବା ଲୋକମାନଙ୍କ ପାଇଁ ଏହି ସମସ୍ତ
କଥା ଘଟିବ।

## ଯିରୂଶାଲମର ଲୋକମାନଙ୍କୁ ଯୀଶୁଙ୍କ ସତର୍କତା

୩୭"ଯିରୂଶାଲମ! ରେ ଯିରୂଶାଲମ! ତୁ ଭବିଷ୍ୟଦ୍‌ବକ୍ତାମାନଙ୍କୁ
ହତ୍ୟା କରୁଛୁ। ପରମେଶ୍ୱର ଯେଉଁମାନଙ୍କୁ ତୋ ପାଖକୁ
ପଠାଇଥିଲେ, ତୁ ସେମାନଙ୍କୁ ପଥର ଫୋପାଡ଼ି ହତ୍ୟା
କରିଛୁ। ତୋର ଲୋକମାନଙ୍କୁ ମୁଁ ବହୁତ ଥର ସାହାଯ୍ୟ
କରିବାକୁ ଇଚ୍ଛା କରିଥିଲି। ଯେଉଁଭଳି ଗୋଟିଏ କୁକୁଡ଼ା ନିଜ
ଛୁଆମାନଙ୍କୁ ନିଜ ପକ୍ଷ୍ୟତଳେ ଏକାଠି କରେ, ସେହିପରି
ତୋର ସମସ୍ତ ସନ୍ତାନମାନଙ୍କୁ ଏକାଠି କରିବା ପାଇଁ ମୁଁ
ଅନେକ ଥର ଚାହିଁଥିଲି। କିନ୍ତୁ ତୁ ମୋତେ ତାହା କରେଇ
ଦେଲୁନାହିଁ। ୩୮ବର୍ତ୍ତମାନ ତୋର ଘର ପୁରାପୁରି ଉଜୁଡ଼ି
ଯିବ। ୩୯ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି ଯେ, ଯେଉଁ
ପର୍ଯ୍ୟନ୍ତ ତୁମ୍ଭେମାନେ ମୋତେ ନ କହିଛ: 'ଯିଏ ପ୍ରଭୁଙ୍କ
ନାମରେ ଆସୁଛନ୍ତି, ସେ ଧନ୍ୟ, ସେ ପର୍ଯ୍ୟନ୍ତ ତୁମ୍ଭେମାନେ
ମୋତେ ଆଉ ଦେଖି ପାରିବନାହିଁ।*'"

## ମନ୍ଦିର ଧ୍ୱଂସ ବିଷୟରେ ଭବିଷ୍ୟଦ୍‌ବାଣୀ

୨୪ ଯୀଶୁ ମନ୍ଦିର ଛାଡ଼ି ବାହାରି ଆସିଲେ ଓ ଚାଲି
ଯାଉଥିଲେ। ସେହି ସମୟରେ ତାହାଙ୍କ
ଶିଷ୍ୟମାନେ ତାହାଙ୍କୁ ମନ୍ଦିରର ଭବନଗୁଡ଼ିକୁ ଦେଖାଇବା
ପାଇଁ ତାହାଙ୍କ ପାଖକୁ ଆସିଲେ। ୨ଯୀଶୁ ସେମାନଙ୍କୁ
ପଚାରିଲେ, "ଏହି ଭବନଗୁଡ଼ିକୁ ତୁମ୍ଭେମାନେ ଦେଖି ପାରୁଛ?
ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି, ସବୁତକ ଭବନ ଧ୍ୱଂସ
ହୋଇଯିବ। ଏଥିର ଗୋଟିଏ ହେଲେ ପଥର ଅନ୍ୟଟି
ଉପରେ ରହିପାରିବ ନାହିଁ। ସବୁତକ ପଥର ଅନ୍ୟଟି
ଉପରେ ରହି ପାରିବନାହିଁ। ସବୁତକ ପଥର ଭୂଇଁ ଉପରେ
କୁଢ଼େଇ ହୋଇ ପଡ଼ିବ।"

୩ପରେ ଯେତେବେଳେ ଯୀଶୁ ଜୀତ ପର୍ବତ ଉପରେ
ବସି ଥିଲେ, ତାହାଙ୍କର ଶିଷ୍ୟମାନେ ସେ ଏକାନ୍ତରେ ଥିବା
ସମୟରେ ତାହାଙ୍କ ପାଖକୁ ଆସିଲେ। ସେମାନେ ପଚାରିଲେ,
"ଆମ୍ଭକୁ କୁହନ୍ତୁ, ଏସବୁ ଘଟଣା କେବେ ଘଟିବ? କେଉଁ
ସଙ୍କେତ ଦେଖାଇବ ଯେ ଆପଣଙ୍କ ପୁନର୍ବାର ଆସିବା ଓ
ଜଗତର ଅନ୍ତ ହେବା ସମୟ ହେଲାଣି?"

୪ଯୀଶୁ ଉତ୍ତର ଦେଲେ, "ସାବଧାନ ହୁଅ, ତୁମ୍ଭମାନଙ୍କୁ
ଯେପରି କେହି ପଥଭ୍ରଷ୍ଟ ନ କରେ। ୫ମୁଁ ତୁମ୍ଭମାନଙ୍କୁ
ଏକଥା ଏଥିପାଇଁ କହୁଛି ଯେ, ଅନେକ ଲୋକ ମୋ
ନାମରେ ଆସିବେ, ଓ କହିବେ 'ମୁଁ ନିଜେ ଖ୍ରୀଷ୍ଟ', ଓ
ସେମାନେ ଅନେକ ଲୋକଙ୍କୁ ପଥଭ୍ରଷ୍ଟ କରିବେ।
୬ତୁମ୍ଭେମାନେ ଯୁଦ୍ଧର ବିଷୟରେ ଓ ଯୁଦ୍ଧର ଗୁଜବ
ବିଷୟରେ ଶୁଣିବ। କିନ୍ତୁ ଦେଖ! ଭୟ କରିବ ନାହିଁ।
ଅନ୍ତକାଳ ଆସିବା ପୂର୍ବରୁ ଏସବୁ ଘଟଣା ନିଶ୍ଚୟ ଘଟିବ।
୭ଗୋଟିଏ ଜାତି ଅନ୍ୟ ଜାତିର ବିରୁଦ୍ଧରେ, ଓ ଗୋଟିଏ
ରାଜ୍ୟ ଅନ୍ୟ ଗୋଟିଏ ରାଜ୍ୟ ବିରୁଦ୍ଧରେ ଠିଆ ହେବ।
ବିଭିନ୍ନ ସ୍ଥାନରେ ଦୁର୍ଭିକ୍ଷ ପଡ଼ିବ ଓ ଭୂମିକମ୍ପ ହେବ।
୮କିନ୍ତୁ ଏ ଘଟଣାଗୁଡ଼ିକ କେବଳ ପ୍ରଥମ-ପ୍ରସୂତି-ବେଦନା
ଭଳି ହେବ।

୯"ସେତେବେଳେ ଲୋକେ ତୁମ୍ଭମାନଙ୍କ ପ୍ରତି ଖରାପ
ବ୍ୟବହାର କରିବେ। ସେମାନେ ତୁମ୍ଭମାନଙ୍କୁ ଦଣ୍ଡ ଦେବା
ପାଇଁ ଧରାଇ ଦେବେ। ସେମାନେ ତୁମ୍ଭମାନଙ୍କୁ ମାରିଦେବେ।
ତୁମ୍ଭେମାନେ ମୋର ଶିଷ୍ୟ ହୋଇଥିବା ଯୋଗୁଁ ସମସ୍ତ
ଦେଶର ଲୋକମାନେ ତୁମ୍ଭମାନଙ୍କୁ ଘୃଣା କରିବେ।
୧୦ସେତେବେଳେ ଅନେକ ବିଶ୍ୱାସୀ-ଲୋକ ବିଶ୍ୱାସ ହରେଇ
ବସିବେ। ସେମାନେ ପରସ୍ପରର ବିରୋଧୀ ହେବେ, ଓ
ପରସ୍ପରକୁ ଘୃଣା କରିବେ। ୧୧ଅନେକ ଭଣ୍ଡ ଭବିଷ୍ୟଦ୍‌ବକ୍ତା
ବାହାରିବେ। ସେମାନେ ଅନେକ ଲୋକଙ୍କୁ ଠକିବେ, ଓ
ସେମାନଙ୍କ କଥାରେ ପଡ଼ି ଅନେକ ଲୋକ ଭୁଲ କଥାରେ
ବିଶ୍ୱାସ କରିବେ। ୧୨ସଂସାରରେ ମନ୍ଦ ବଢ଼ି ବଢ଼ି ଚାଲିବ।
ଅଧିକାଂଶ ବିଶ୍ୱାସୀ ଲୋକଙ୍କର ପରମେଶ୍ୱର-ପ୍ରେମ ଲୋପ
ପାଇଯିବ। ୧୩କିନ୍ତୁ ଯେଉଁଲୋକ ଶେଷ ପର୍ଯ୍ୟନ୍ତ ଦୃଢ଼
ଭାବରେ ତିଷ୍ଠି ରହିବ ସେ ଉଦ୍ଧାର ପାଇବ। ୧୪ଈଶ୍ୱରଙ୍କ
ରାଜ୍ୟର ସୁସମାଚାର ସାରା ଜଗତରେ ପ୍ରଚାରିତ ହେବ।
ସମସ୍ତ ଦେଶର ଲୋକମାନେ ଏହା ଶୁଣିବେ। ତା'ପରେ
ଅନ୍ତକାଳ ଆସିବ।

---

**‘ଯିଏ ପ୍ରଭୁଙ୍କ ... ପାରିବନାହିଁ’** ଗୀତସଂହିତା ୧୧୮:୨୬

୧୫"ଭବିଷ୍ୟଦ୍‌ବକ୍ତା ଦାନିୟେଲ 'ଧ୍ୱଂସ ସାଧକ ଭୟଙ୍କର
ବସ୍ତୁ'* ବିଷୟରେ କହିଲେ। ଏହି ଭୟଙ୍କର ବସ୍ତୁଟି ପବିତ୍ର
ସ୍ଥାନରେ ଠିଆ ହୋଇଥିବାର ଦେଖାଯିବ।" (ଏହାକୁ ପଢୁଥିବା
ଲୋକେ ଏହାର ଅର୍ଥ ବୁଝି ପାରିବା ଉଚିତ।) ୧୬"ସେତେବେଳେ
ଯିହୂଦାର ଲୋକମାନେ ପର୍ବତ ଆଡ଼କୁ ପଳେଇଯିବା ଉଚିତ।
୧୭ସେତେବେଳେ କୌଣସି ଜିନିଷ ପାଇଁ ଡିଳେ ହେଲେ
ସମୟ ନଷ୍ଟ କରିବା ଉଚିତ ନୁହେଁ। ସେତେବେଳେ ଘରର
ଛାତ ଉପରେ ଥିବା ଲୋକ ଘରୁ କୌଣସି ଜିନିଷ ପାଇବା
ପାଇଁ ତଳକୁ ଓହ୍ଲେଇ ନ ଆସୁ। ୧୮ଜମିରେ ଥିବା ବ୍ୟକ୍ତି
ନିଜର ଗୃହର ଆଣିବାକୁ ଫେରି ନ ଯାଉ। ୧୯ଯେଉଁ
ମହିଳାମାନେ ଗର୍ଭବତୀ ଥିବେ, କିମ୍ବା ଯାହା କୋଳରେ
ଶିଶୁଟିଏ ଥିବ ସେମାନେ ଏହି ସମୟରେ ବହୁତ କଷ୍ଟ
ଭୋଗିବେ। ୨୦କିନ୍ତୁ ପ୍ରାର୍ଥନା କର ଯେ ଶୀତଦିନ କିମ୍ବା
ବିଶ୍ରାମ-ଦିବସ* ରେ ଏ ଗୁଡ଼ିକ ନ ଘଟୁ ଯେପରି ତୁମ୍ଭକୁ
ପଳାଇବାକୁ ନ ପଡ଼େ। ୨୧କାରଣ ସେତେବେଳେ ଏତେ
ଅଧିକ ବିପଦ ଆସିବ ଯେ ସେଭଳି ବିପଦ ସୃଷ୍ଟିର ଆରମ୍ଭ
କାଳରୁ ଏ ପର୍ଯ୍ୟନ୍ତ ଆସିନାହିଁ କି ଭବିଷ୍ୟତରେ ଆସିବନାହିଁ।
୨୨ପରମେଶ୍ୱର ଏହି ବିପଦପୂର୍ଣ୍ଣ ସମୟକୁ କମେଇ ଦେବାକୁ
ସ୍ଥିର କରିଛନ୍ତି। ନହେଲେ କେହି ବଞ୍ଚି ରହି ପାରିବେ
ନାହିଁ। କିନ୍ତୁ ପରମେଶ୍ୱର ଯେଉଁମାନଙ୍କୁ ବାଛିଛନ୍ତି, କେବଳ
ସେହିମାନଙ୍କ ପାଇଁ ସେହି ସମୟକୁ କମେଇ ଦେଇଛନ୍ତି।
୨୩ସେହି ସମୟରେ କେତେକ ଲୋକ ତୁମ୍ଭକୁ କହିପାରନ୍ତି
'ଦେଖ, ଖ୍ରୀଷ୍ଟ ଏଠାରେ ଅଛନ୍ତି' କିମ୍ବା 'ଖ୍ରୀଷ୍ଟ ସେଠାରେ
ଅଛନ୍ତି।' କିନ୍ତୁ ସେମାନଙ୍କୁ ବିଶ୍ୱାସ କରିବନାହିଁ। ୨୪ଭଣ୍ଡ
ଖ୍ରୀଷ୍ଟମାନେ ଓ ଭଣ୍ଡ ଭବିଷ୍ୟଦ୍‌ବକ୍ତାମାନେ ବାହାରିବେ।
ସେମାନେ ବହୁତ ବଡ଼ ବଡ଼ ଆଶ୍ଚର୍ଯ୍ୟଜନକ କାମ କରିବେ,
ଓ ଚମତ୍କାର ପ୍ରଦର୍ଶନ କରିବେ। ଯଦି ସମ୍ଭବ ହୁଏ,
ତେବେ ପରମେଶ୍ୱରଙ୍କ ଦ୍ୱାରା ମନୋନୀତ ଲୋକମାନଙ୍କୁ
ମଧ୍ୟ ସେମାନେ ବୋକା ବନେଇ ଦେବାକୁ ଚେଷ୍ଟା କରିବେ।
୨୫ଏ ଗୁଡ଼ିକ ଘଟିବା ପୂର୍ବରୁ ମୁଁ ତୁମ୍ଭକୁ ଚେତାବନୀ
ଦେଉଛି।
୨୬"କିଛି ଲୋକେ ତୁମ୍ଭକୁ କହି ପାରନ୍ତି: 'ଦେଖ, ଖ୍ରୀଷ୍ଟ
ଜନବହୀନ ମରୁଭୂମି ଅଞ୍ଚଳରେ ଅଛନ୍ତି।' କିନ୍ତୁ ତୁମ୍ଭେ
ଖ୍ରୀଷ୍ଟଙ୍କୁ ଖୋଜିବା ପାଇଁ ଜନବହୀନ ମରୁଭୂମି ଅଞ୍ଚଳକୁ
ଯିବନାହିଁ। ବା ସେମାନେ ତୁମ୍ଭକୁ କହି ପାରନ୍ତି: 'ଖ୍ରୀଷ୍ଟ
ସେହି କୋଠରୀରେ ଅଛନ୍ତି।' କିନ୍ତୁ ତୁମ୍ଭେ ସେମାନଙ୍କୁ
ବିଶ୍ୱାସ କରିବ ନାହିଁ। ୨୭ଆକାଶରେ ବିଜୁଳି ମାରିଲେ
ପୂର୍ବରୁ ଆରମ୍ଭ ହୋଇ ପଶ୍ଚିମ ଆକାଶ ପର୍ଯ୍ୟନ୍ତ ବ୍ୟାପି
ଯାଏ, ଓ ଯେପରି ସମସ୍ତେ ତାହା ଦେଖି ପାରନ୍ତି, ଠିକ୍
ସେହିଭଳି ମନୁଷ୍ୟ-ପୁତ୍ରଙ୍କ ଆସିବା ସମୟରେ ସମସ୍ତେ
ଦେଖି ପାରିବେ। ୨୮ଯେଉଁ ସ୍ଥାନରେ ତୁମ୍ଭେ ଶାଗୁଣାମାନଙ୍କୁ
ଏକାଠି ହୋଇଥିବାର ଦେଖ, ତୁମ୍ଭେ ସହଜରେ ଜାଣି ପାରି
ଯେ ସେହି ସ୍ଥାନରେ ଗୋଟିଏ ମଲା ଜୀବ ପଡ଼ିଛି। ଠିକ୍
ସେହିଭଳି ମୋର ଆସିବା ଦିନ ଏହିପ୍ରକାର ହେବ।
୨୯"ସେହି ଦିନ ଗୁଡ଼ିକର ବିପଦ ପଡ଼ିବା ପରେ-ପରେ
ଏହି ଘଟଣାମାନ ଘଟିବ:

'ସୂର୍ଯ୍ୟ କଳା ପଡ଼ିଯିବ, ଚନ୍ଦ୍ର ଆଲୋକ ଦେବନି।
ତାରାମାନେ ଆକାଶରୁ ଖସି ପଡ଼ିବେ। ଆକାଶର
ସମସ୍ତ ଶକ୍ତିଗୁଡ଼ିକ ପରିବର୍ତ୍ତିତ ହୋଇଯିବେ।'
ଯିଶାଇୟ ୧୩:୧୦; ୩୪:୪

୩୦"ପ୍ରଭୁ ମୋର ପ୍ରଭୁ ଖ୍ରୀଷ୍ଟଙ୍କୁ କହିଥିଲେ:ସେତିକିବେଳେ
ମନୁଷ୍ୟ-ପୁତ୍ରଙ୍କ ଆସିବା ସଙ୍କେତ ଆକାଶରେ ଦେଖାଦେବ।
ଜଗତର ସମସ୍ତ ଲୋକ ବିଳାପ କରିବେ। ଲୋକେ
ତାହାଙ୍କୁ ଆକାଶରେ ମେଘମାଳା ଉପରେ ଆସୁଥିବାର
ଦେଖିବେ। ମନୁଷ୍ୟପୁତ୍ର ଶକ୍ତି ଓ ମହାନ୍ ମହିମା ସହିତ
ଆସିବେ। ୩୧ନିଜର ସ୍ୱର୍ଗଦୂତମାନଙ୍କୁ ପୃଥିବୀରେ ସର୍ବତ୍ର
ପଠାଇବା ପାଇଁ ମନୁଷ୍ୟପୁତ୍ର ମହା ତୂରୀ ଧ୍ୱନି ସହିତ
ଆସିବେ। ସେହି ସ୍ୱର୍ଗଦୂତମାନେ ମର୍ତ୍ତ୍ୟର ଗୋଟିଏ ଭାଗରୁ
ଆଉ ଗୋଟିଏ ଭାଗ ପର୍ଯ୍ୟନ୍ତ ବୁଲି, ଚାରିଆଡୁ ତାହାଙ୍କର
ମନୋନୀତ ଲୋକଙ୍କୁ ଏକାଠି କରିବେ।
୩୨"ଡିମ୍ବିରି ଗଛରୁ ଗୋଟିଏ ଶିକ୍ଷା-ଲାଭ କର।
ଯେତେବେଳେ ଡିମ୍ବିରି ଗଛର ଡାଳଗୁଡ଼ିକ ଶାଗୁଆ ଓ
ନରମ ହୁଏ, ସେତେବେଳେ ତୁମ୍ଭେ ଜାଣ ଯେ, ଖରାଦିନ
ଶୀଘ୍ର ଆସିଯିବ। ୩୩ଠିକ୍ ସେହିଭଳି ମୁଁ କହିଥିବା କଥାଗୁଡ଼ିକ
ଯେତେବେଳେ ଘଟିବାର ତୁମ୍ଭେ ଦେଖିବ, ତୁମ୍ଭେ ଜାଣିବ
ଯେ ଖ୍ରୀଷ୍ଟଙ୍କ ଆସିବା ସମୟ ନିକଟ ହେଲାଣି। ୩୪ମୁଁ
ତୁମ୍ଭକୁ ସତ୍ୟ କହୁଛି। ବର୍ତ୍ତମାନର ଲୋକେ ବଞ୍ଚିଥିବା
ସମୟରେ ହିଁ ଏସବୁ ଘଟଣା ଘଟିବ। ୩୫ପୃଥିବୀ ଓ
ଆକାଶ ନଷ୍ଟ ହୋଇଯିବ, କିନ୍ତୁ ମୋର ବାକ୍ୟ କେବେ
ଅନ୍ୟଥା ହେବନାହିଁ।

### କେବଳ ପରମେଶ୍ୱର ଉଚିତ ସମୟ ଜାଣନ୍ତି

୩୬"ସେହି ଦିନ ବା ସେହି ସମୟ କେବେ ଆସିବ,
କେହି ଜାଣନ୍ତି ନାହିଁ। ଏପରିକି ସ୍ୱର୍ଗର ଦୂତମାନେ ଜାଣନ୍ତି
ନାହିଁ। ଏପରିକି ପୁତ୍ର ଜାଣନ୍ତି ନାହିଁ, କେବଳ ପରମ-ପିତା
ଏହା ଜାଣନ୍ତି। ୩୭ନୋହଙ୍କ ସମୟରେ ଯେଉଁଭଳି ଘଟିଥିଲା,
ମନୁଷ୍ୟପୁତ୍ରଙ୍କ ଆସିବା ସମୟରେ ସେପରି ଘଟିବ।
୩୮ସେତେବେଳେ ବନ୍ୟା ଆସିବା ପୂର୍ବରୁ ଲୋକମାନେ ଖିଆ
ଓ ପିଆ କରୁଥିଲେ, ଲୋକେ ବିବାହ କରୁଥିଲେ ଏବଂ
ପିଲାମାନଙ୍କୁ ବିବାହ ଦେଉଥିଲେ। ନୋହଙ୍କର ଜାହାଜରେ
ପ୍ରବେଶ କରିବା ଦିନ ପର୍ଯ୍ୟନ୍ତ ଲୋକେ ଏସବୁ କରୁଥିଲେ।
୩୯ଯାହା ସବୁ ସେତେବେଳେ ଘଟି ଯାଉଥିଲା, ଲୋକେ
ତାହା ଜାଣି ପାରୁ ନ ଥିଲେ। ସେତିକିବେଳେ ବନ୍ୟା
ମାଡ଼ିଆସିଲା। ସବୁ ଲୋକ ନଷ୍ଟ ହୋଇଗଲେ। ମନୁଷ୍ୟ-ପୁତ୍ର
ଆସିବା ସମୟରେ ଠିକ୍ ସେହିପରି ହେବ। ୪୦ଜମିରେ
ଦୁଇଜଣ ଲୋକ ଏକାଠି କାମ କରୁଥିବେ, ସେମାନଙ୍କ
ମଧ୍ୟରୁ ଜଣକୁ ସେଠାରେ ଛାଡ଼ି ଆଉ ଜଣକୁ ନିଆଯିବ।

---

**ଧ୍ୱଂସ ସାଧକ ଭୟଙ୍କର ବସ୍ତୁ** ଦାନିୟେଲ ୯:୨୭; ୧୧:୩୧; ୧୨:୧୧

**ବିଶ୍ରାମ ଦିବସ** ଯିହୁଦୀୟ ସପ୍ତାହର ସପ୍ତମ ଦିବସ। ସେମାନଙ୍କ ପାଇଁ ଏହି ଦିବସଟି ଗୋଟିଏ ସ୍ୱତନ୍ତ୍ର ଧାର୍ମିକ ଦିବସ।

୪୧ଦୁଇଜଣ ସ୍ତ୍ରୀଲୋକ ମିଶି ଚକରେ ଶସ୍ୟ ପେଷୁଥିବେ,
ସେମାନଙ୍କ ମଧ୍ୟରୁ ଜଣକୁ ସେଠାରେ ବାଦ୍ ଦେଇ ଆରଜଣକୁ
ନିଆଯିବ।
୪୨"ତେଣୁ ସଦାବେଳେ ପ୍ରସ୍ତୁତ ରୁହ। ତୁମ୍ଭର ପ୍ରଭୁ
କେଉଁଦିନ ଆସିବେ ତାହା ତୁମ୍ଭେ ଜାଣ ନାହିଁ। ୪୩ମନେରଖ,
ଯଦି ଘରମାଲିକ ଜାଣିଥାଆନ୍ତେ ଯେ ଚୋର କେତେବେଳେ
ଆସିବ, ତେବେ ସେ ସତର୍କ ରହନ୍ତେ ଓ ଚୋରକୁ ଘରେ
ପଶିବାକୁ ଦିଅନ୍ତେ ନାହିଁ। ୪୪ଠିକ୍ ସହିଭଳି ତୁମ୍ଭେ ଜାଗ୍ରତ
ରୁହ। କାରଣ ତୁମ୍ଭେ ଯେତେବେଳେ ଆଶା କରୁ ନ ଥିବ,
ଠିକ୍ ସେତିକିବେଳେ ମନୁଷ୍ୟ-ପୁତ୍ର ଆସିଯିବେ।
୪୫"କିଏ ବିଶ୍ୱାସଯୋଗ୍ୟ ଓ ବିଜ୍ଞ ଚାକର? ଯିଏ ଅନ୍ୟ
ଚାକରମାନଙ୍କୁ ଠିକ୍ ସମୟରେ ସେମାନଙ୍କର ଖାଦ୍ୟ ଦେବ,
ମାଲିକ ସେହିଭଳି ଚାକରକୁ ବିଶ୍ୱାସ କରିଥାନ୍ତି। କିଏ ସେ
ଚାକର, ସେହି କାମ କରିବା ପାଇଁ, ସେ କେଉଁ ଚାକରକୁ
ବିଶ୍ୱାସ କରିବେ? ୪୬ଯେତେବେଳେ ମାଲିକ ଫେରିଆସି
ଦେଖିବେ ଯେ ସେ ଚାକରଟିକୁ ଯେଉଁ କାମ ଦେଇଥିଲେ,
ସେ ସେହି କାମ ଠିକ୍ ଭାବରେ କରୁଛି, ସେତେବେଳେ
ସେ ଚାକରଟି ବହୁତ ଖୁସି ହେବ। ୪୭ମୁଁ ତୁମ୍ଭକୁ ସତ୍ୟ
କହୁଛି, ମାଲିକ ତାହାଙ୍କ ନିଜର ସମସ୍ତ ସମ୍ପତ୍ତିର ଦାୟିତ୍ୱ
ଦେବା ପାଇଁ ସେହି ଚାକରଟିକୁ ବାଛିବେ। ୪୮ଅନ୍ୟ
ପକ୍ଷରେ ଚାକରଟି ଯଦି ମନ୍ଦ ଲୋକ ହୋଇଥିବ, ଏବଂ
ସେ ମନେମନେ ଭାବିବ ଯେ ମାଲିକ ଏତେ ଶୀଘ୍ର
ଆସିବେନାହିଁ, ୪୯ତେବେ ସେ ଅନ୍ୟ ଚାକରମାନଙ୍କୁ ପିଟିବା
ଆରମ୍ଭ କରିଦେବ। ସେ ଖାଇ ଓ ଅନ୍ୟ ଲୋକମାନଙ୍କ
ସହିତ ମଦ୍ୟପାନ କରି ରହିବ। ୫୦ଚାକରଟି ଆଶା
କରୁନଥିବା ଦିନ ଓ ତାକୁ ଜଣା ନ ଥିବା ସମୟରେ ସେ
ମାଲିକ ଆସି ପହଞ୍ଚିବେ। ୫୧ମାଲିକ ତାକୁ କଠିନ ଶାସ୍ତି
ଦେବେ। ସେ ତାକୁ କପଟୀଲୋକଙ୍କ ସହିତ ଯେଉଁଠାରେ
ଲୋକମାନେ କାନ୍ଦନ୍ତି ଓ ଯନ୍ତ୍ରଣାରେ ଦାନ୍ତ କଡ଼ମଡ଼ କରନ୍ତି
ସେହି ସ୍ଥାନକୁ ପଠାଇଦେବେ।

## ଦଶ ଜଣ କୁମାରୀ ଝିଅଙ୍କ କାହାଣୀ

**୨୫** "ସେ ସମୟରେ ସ୍ୱର୍ଗରାଜ୍ୟ, ବର ଖୋଜିବାକୁ
ବାହାରିଥିବା ଦଶ ଜଣ କୁମାରୀ ଝିଅଙ୍କ ଭଳି
ହେବ। ଏହି ଝିଅମାନେ ବର ସହିତ ସାକ୍ଷାତ କରିବାକୁ
ବାହାରିଥିଲେ। ସେମାନେ ତାହାଙ୍କ ସହିତ ଦୀପ ଆଣି
ଥିଲେ, ୨ତାହାଙ୍କ ଭିତରୁ ପାଞ୍ଚ ଜଣ ବୋକୀ ଥିଲେ। ଆଉ
ପାଞ୍ଚ ଜଣ ଚତୁର ଥିଲେ। ୩ବୋକୀ ଝିଅ ପାଞ୍ଚ ଜଣ
ସେମାନଙ୍କ ସାଥିରେ ଦୀପ ସିନା ନେଇଥିଲେ, କିନ୍ତୁ ଦୀପ
ଜାଳିବା ପାଇଁ ବେଶୀ ତେଲ ଆଣି ନ ଥିଲେ। ୪ଚତୁର
ଝିଅ ପାଞ୍ଚ ଜଣ ଦୀପ ତ ନେଇଥିଲେ, ତା'ଛଡା
କାଚପାତ୍ରରେ ଅଧିକ ତେଲ ନେଇଥିଲେ। ୫ବରର ଆସିବା
ଡେରି ହୋଇଗଲା। ସବୁ ଝିଅଯାକ କ୍ଳାନ୍ତ ହୋଇ ଶେଷରେ
ଶୋଇ ପଡିଲେ।
୬"ଅଧ ରାତିରେ ଜଣେ କେହି ଘୋଷଣା କଲା: ବର
ଆସୁଛନ୍ତି। ବାହାରକୁ ଯାଅ ଓ ତାହାଙ୍କୁ ସାକ୍ଷାତ କର।
୭"ଏକଥା ଶୁଣି ସବୁ ଝିଅଯାକ ଉଠି ପଡିଲେ ନିଜ
ନିଜ ଦୀପ ସଜାଡ଼ିବାକୁ ଲାଗିଲେ। ୮ବୋକୀ ଝିଅମାନେ
ଚତୁର ଝିଅମାନଙ୍କୁ କହିଲେ, 'ତୁମ୍ଭ ତେଲରୁ ଆମ୍ଭକୁ ଟିକିଏ
ଦିଅ, ଆମ୍ଭ ଦୀପରୁ ତେଲ ପ୍ରାୟତଃ ସରି ଯାଇଛି।'
୯"ଚତୁର ଝିଅମାନେ କହିଲେ, 'ନା, ନା, ଆମ୍ଭ ତେଲ
ଆମ୍ଭ ସମସ୍ତଙ୍କ ପାଇଁ ଯଥେଷ୍ଟ ହେବନାହିଁ। ବରଂ ତୁମ୍ଭେମାନେ
ଦୋକାନକୁ ଯାଇ ନିଜ ପାଇଁ କିଛି ତେଲ କିଣିଆଣ।'
୧୦"ତେଣୁ ପାଞ୍ଚ ଜଣ ଯାକ ବୋକୀ ଝିଅ ତେଲ
କିଣିବାକୁ ଚାଲିଗଲେ। ସେମାନେ ଚାଲିଗଲାପରେ ବର
ଆସିଲେ। ଯେଉଁ ଚତୁର ଝିଅ ଯାକ ପ୍ରସ୍ତୁତ ଥିଲେ,
ସେମାନେ ବର ସହିତ ବିବାହ-ଭୋଜିକୁ ଗଲେ। ତା'ପରେ
କବାଟରେ ତାଲା ପଡ଼ିଗଲା। ୧୧ସେହି ସମୟରେ ବାକିତକ
ଝିଅ ପହଞ୍ଚିଲେ। ସେମାନେ କହିଲେ, 'ଆଜ୍ଞା! ଆଜ୍ଞା!
କବାଟ ଖୋଲନ୍ତୁ। ଯେପରି ଆମ୍ଭେ ଭିତରକୁ ଆସି
ପାରିବୁ,'
୧୨"କିନ୍ତୁ ବର ଉତ୍ତର ଦେଲେ, 'ମୁଁ ତୁମ୍ଭକୁ ସତ୍ୟ
କହୁଛି, ମୁଁ ତୁମ୍ଭକୁ ଚିହ୍ନିନାହିଁ।'
୧୩"ତେଣୁ ସଦାବେଳେ ଜାଗ୍ରତ ରୁହ, କାରଣ ମନୁଷ୍ୟ-ପୁତ୍ର
କେଉଁଦିନ ଓ କେଉଁ ସମୟରେ ଆସିବେ, ତାହା ତୁମ୍ଭେ
ଜାଣିନାହିଁ।

## ତିନିଜଣ ଚାକରଙ୍କ ବିଷୟରେ କାହାଣୀ

୧୪"ସ୍ୱର୍ଗରାଜ୍ୟ ଘର ଛାଡ଼ି ବିଦେଶକୁ ବୁଲିବାକୁ ଯାଉଥିବା
ଲୋକଟିଏ ଭଳି। ସେହି ଲୋକ ଯିବା ପୂର୍ବରୁ ତାର
ଚାକରମାନଙ୍କୁ ଡାକି ତାର ଅନୁପସ୍ଥିତିରେ ସମସ୍ତ ସମ୍ପତ୍ତିର
ଯତ୍ନ ନେବାକୁ କହିଲେ। ୧୫କେଉଁ ଚାକର କେତେ ଦାୟିତ୍ୱ
ନେଇ ପାରିବ, ସେ କଥା ସେ ସ୍ଥିର କଲେ। ସେ ଜଣଙ୍କୁ
ପାଞ୍ଚ ତୋଡ଼ା ରୁପା ଟଙ୍କା ଦେଲେ। ଆଉ ଜଣଙ୍କୁ ଦୁଇ
ତୋଡ଼ା, ଓ ତୃତୀୟଙ୍କୁ ଗୋଟିଏ ତୋଡ଼ା ରୁପା ଟଙ୍କା
ଦେଲେ। ଚାକରମାନଙ୍କର ସାମର୍ଥ୍ୟ ଅନୁସାରେ ସେମାନଙ୍କୁ
କାମ ବାଣ୍ଟିଦେଇ ସେ ବୁଲିବାକୁ ଚାଲିଗଲେ। ୧୬ଯେଉଁ
ଚାକରଟି ପାଞ୍ଚ ତୋଡ଼ା ରୁପା ଟଙ୍କା ନେଇଥିଲା, ସେ
ତୁରନ୍ତ ସେ ଟଙ୍କାକୁ ବ୍ୟବସାୟରେ ଲଗାଇଦେଲା। ସେ
ଆଉ ପାଞ୍ଚ ତୋଡ଼ା ରୁପା ଟଙ୍କା ଲାଭକଲା। ୧୭ସେହିଭଳି
ଯେଉଁ ଚାକରଟି ଦୁଇତୋଡ଼ା ରୁପାଟଙ୍କା ପାଇଥିଲା, ସେ
ମଧ୍ୟ ଟଙ୍କାକୁ ବ୍ୟବସାୟରେ ଲଗାଇ ଆଉ ଦୁଇତୋଡ଼ା
ରୁପା ଟଙ୍କା ଲାଭକଲା। ୧୮କିନ୍ତୁ ଯେଉଁ ଲୋକଟି କେବଳ
ଗୋଟିଏ ମାତ୍ର ତୋଡ଼ା ରୁପା ଟଙ୍କା ପାଇଥିଲା, ସେ ଯାଇ
ତା' ମାଲିକର ଧନକୁ ନେଇ ମାଟିରେ ଗୋଟିଏ ଗାତ
ଖୋଳି ସେଥିରେ ଲୁଚାଇ ରଖିଲା।
୧୯"ବହୁତ ଦିନ ପରେ ମାଲିକ ଘରକୁ ଫେରି ଆସିଲେ।
ସେ ଚାକରମାନଙ୍କୁ ଡାକିଲେ, ଓ ତାହାଙ୍କ ଟଙ୍କାରେ କ'ଣ
କଲେ, ତାହା ସେମାନଙ୍କୁ ପଚାରିଲେ। ୨୦ଯେଉଁ ଚାକରଟି
ପାଞ୍ଚ ତୋଡ଼ା ରୁପା ଟଙ୍କା ପାଇଥିଲା, ସେ ମାଲିକ ପାଖକୁ
ଆଉ ଅଧିକ ପାଞ୍ଚ ତୋଡ଼ା ଆଣିଦେଲା, ଚାକରଟି କହିଲା,
'ଆପଣ ମୋତେ ପାଞ୍ଚ ତୋଡ଼ା ରୁପା ଟଙ୍କା ଦେଇଥିଲେ।
ମୁଁ ତା'ଦ୍ୱାରା ଆଉ ପାଞ୍ଚ ତୋଡ଼ା ରୁପା ଟଙ୍କା ରୋଜଗାର
କରିଛି।'

୨୧“ମାଲିକ କହିଲେ, ‘ସାବାସ୍, ତୁମ୍ଭେ ବହୁତ ଭଲ, ଓ
ବିଶ୍ୱାସଯୋଗ୍ୟ ଲୋକ। ତୁମ୍ଭେ ଅଳ୍ପ ଟଙ୍କାରେ ଭଲ କାମ
କରିଛ। ତେଣୁ ମୁଁ ତୁମ୍ଭକୁ ବଡ଼ ବିଷୟର ଦାୟିତ୍ୱ ଦେବି।
ଆସ, ମୋ ସହିତ ମୋ ଖୁସିରେ ଭାଗୀ ହୁଅ।’
୨୨“ତା’ପରେ ଦୁଇ ତୋଡ଼ା ରୂପା ଟଙ୍କା ପାଇଥିବା
ଚାକରଟି ମାଲିକ ପାଖକୁ ଆସିଲା। ଚାକରଟି କହିଲା,
‘ଆପଣ ମୋତେ ଦୁଇ ତୋଡ଼ା ଟଙ୍କାର ଦାୟିତ୍ୱ ଦେଇଥିଲେ।
ମୁଁ ଆଉ ଦୁଇ ତୋଡ଼ା ଟଙ୍କା ରୋଜଗାର କରିବା ପାଇଁ
ଆପଣଙ୍କର ଦୁଇ ତୋଡ଼ା ଟଙ୍କା ବ୍ୟବହାର କରିଛି।’
୨୩“ମାଲିକ କହିଲେ, ‘ତୁମ୍ଭେ ଠିକ୍ କରିଛ। ତୁମ୍ଭେ
ଜଣେ ଭଲ ଚାକର। ତୁମ୍ଭ ଉପରେ ବିଶ୍ୱାସ କରାଯାଇପାରେ।
ଅଳ୍ପ ଟଙ୍କାରେ ତୁମ୍ଭେ ଭଲ କାମ କରିଛ। ତେଣୁ ମୁଁ
ତୁମ୍ଭକୁ ବଡ଼ ବିଷୟର ଦାୟିତ୍ୱ ଦେବି। ଆସ, ମୋ ସହିତ
ଖୁସିରେ ଭାଗୀ ହୁଅ।’
୨୪“ତା’ପରେ ଗୋଟିଏ ତୋଡ଼ା ଟଙ୍କା ପାଇଥିବା ଲୋକଟି
ମାଲିକଙ୍କ ପାଖକୁ ଆସିଲା। ସେ କହିଲା, ‘ମାଲିକ ମୁଁ
ଜାଣେ ଯେ ଆପଣ ଜଣେ କଠୋର ବ୍ୟକ୍ତି। ରୋପଣ ନ
କରି ମଧ୍ୟ ଆପଣ ଜମିରୁ ଫସଲ କାଟନ୍ତି। ବୀଜ ନ ବୁଣି
ମଧ୍ୟ ଶସ୍ୟ ଏକାଠି କରନ୍ତି। ୨୫ତେଣୁ ମୁଁ ଭୟ କଲି। ମୁଁ
ଯାଇ ଭୂମିରେ ଆପଣଙ୍କ ଟଙ୍କାତକ ଲୁଚେଇ ଦେଲି।
ଆପଣ ମୋତେ ଦେଇଥିବା ତୋଡ଼ା ଟଙ୍କା ନିଅନ୍ତୁ।’
୨୬“ତା ମାଲିକ ତାକୁ କହିଲେ, ‘ତୁମ୍ଭେ ଜଣେ ଅଳସୁଆ,
ଓ ଦୁଷ୍ଟ ଚାକର। ତୁମ୍ଭେ ଜାଣିଛ ଯେ ମୁଁ ଯେଉଁଠି
ରୋପଣ କରି ନଥାଏ ସେଠାରେ ମଧ୍ୟ ଫସଲ କାଟେ, ଓ
ଯେଉଁଠି ବୀଜ ବୁଣି ନଥାଏ, ସେଠାରେ ଶସ୍ୟ ଏକାଠି
କରେ। ୨୭ତେଣୁ ତୁମ୍ଭେ ମୋ ଟଙ୍କାକୁ ବ୍ୟାଙ୍କରେ ଜମା
ରଖିଦେବା ଉଚିତ ଥିଲା। ତା ହୋଇଥିଲେ ମୁଁ ଘରକୁ
ଫେରିବା ପରେ ମୋ ଟଙ୍କା ଫେରି ପାଇଥାନ୍ତି। ତା ସହିତ
ମୋ ଟଙ୍କାର ସୁଧ ମଧ୍ୟ ପାଇଥାନ୍ତି।’
୨୮“ତାପରେ ମାଲିକ ତାହାଙ୍କର ଅନ୍ୟ ଚାକରମାନଙ୍କୁ
କହିଲେ, ‘ସେହି ଚାକରଠାରୁ ଟଙ୍କାର ଥଳିଟି ନେଇ,
ଯାହାର ଦଶ ତୋଡ଼ା ଟଙ୍କା ଅଛି ତାକୁ ଦେଇଦିଅ।
୨୯ଯେଉଁଲୋକ ନିଜ ପାଖରେ ଥିବା ଜିନିଷର ଉପଯୁକ୍ତ
ବ୍ୟବହାର କରେ, ତାକୁ ବହୁତ ଅଧିକ ଦିଆଯିବ। ତାହାଙ୍କୁ
ତାହାଙ୍କର ଆବଶ୍ୟକତା ଠାରୁ ବହୁତ ବେଶୀ ଦିଆଯିବ।
କିନ୍ତୁ ଯେଉଁ ଲୋକ ତା ପାଖରେ ଥିବା ଜିନିଷର ଉପଯୁକ୍ତ
ବ୍ୟବହାର କରେ ନାହିଁ, ତାଠାରୁ ଯାହାକିଛି ଅଛି, ସବୁ
କିଛି ଛଡ଼େଇ ନିଆଯିବ।’ ୩୦ତା’ପରେ ମାଲିକ କହିଲେ,
‘ସେ ଅଦରକାରୀ ଚାକରକୁ ବାହାରେ ଅନ୍ଧକାରରେ ପକେଇ
ଦିଅ। ସେଠାରେ ଲୋକମାନେ କାନ୍ଦିବେ ଏବଂ ଯନ୍ତ୍ରଣାରେ
ଦାନ୍ତ କଡମଡ କରିବେ।’

## ମନୁଷ୍ୟପୁତ୍ର ସମସ୍ତଙ୍କର ବିଚାର କରିବେ

୩୧“ମନୁଷ୍ୟପୁତ୍ର ପୁଣି ଥରେ ଆସିବେ। ସେ ତାହାଙ୍କର
ମହିମା ସହିତ ଆସିବେ। ତାହାଙ୍କ ସହିତ ସମସ୍ତ ସ୍ୱର୍ଗଦୂତମାନେ
ଆସିବେ। ସେ ରାଜା ହେବେ ଏବଂ ତାହାଙ୍କର ମହାନ
ସିଂହାସନ ଉପରେ ବସିବେ। ୩୨ମନୁଷ୍ୟପୁତ୍ରଙ୍କ ଆଗରେ
ଜଗତର ସବୁଲୋକେ ଏକାଠି ହେବେ। ତାପରେ ମନୁଷ୍ୟ-ପୁତ୍ର
ସବୁ ଲୋକଙ୍କୁ ଦୁଇଟି ଦଳରେ ବାଣ୍ଟିଦେବେ। ଜଣେ
ଜଗୁଆଳି ଯେପରି ଛେଳିମାନଙ୍କ ଭିତରୁ ମେଣ୍ଢାମାନଙ୍କୁ
ଅଲଗା କରିଦିଏ ଏହା ଠିକ୍ ସେହିପରି ଅଟେ। ୩୩ମନୁଷ୍ୟ-ପୁତ୍ର
ମେଣ୍ଢାଙ୍କୁ ତାହାଙ୍କ ଡାହାଣ ପଟେ ରଖିବେ ଓ ଛେଳିଙ୍କୁ
ତାହାଙ୍କ ବାମ ପଟେ ରଖିବେ।
୩୪“ତା’ପରେ ରାଜା ତାହାଙ୍କ ଡାହାଣ ପଟରେ ଥିବା
ଲୋକମାନଙ୍କୁ କହିବେ, ‘ଆସ, ମୋର ପରମ-
ପିତା ତୁମ୍ଭମାନଙ୍କୁ ଆଶୀର୍ବାଦ କରିଛନ୍ତି। ପରମେଶ୍ୱର ତୁମ୍ଭକୁ
ଯେଉଁ ରାଜ୍ୟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି, ତାହା ଲାଭ
କର। ଜଗତ ସୃଷ୍ଟି ହେବା କାଳରୁ ତୁମ୍ଭପାଇଁ ସେ ରାଜ୍ୟ
ପ୍ରସ୍ତୁତ ହୋଇ ସାରିଛି।” ୩୫ତୁମ୍ଭେ ଏହି ରାଜ୍ୟ ଲାଭ
କରିବ କାରଣ ମୁଁ ଯେତେବେଳେ ଭୋକିଲା ଥିଲି,
ସେତେବେଳେ ତୁମ୍ଭେ ମୋତେ ଖାଇବାକୁ ଦେଇଥିଲ।
ମୋତେ ଶୋଷ ଲାଗୁଥିବା ସମୟରେ ମୋତେ କିଛି
ପିଇବାକୁ ଦେଇଛ। ମୁଁ ଘରଠାରୁ ଦୂରରେ ଏକୁଟିଆ ଥିଲି।
ତୁମ୍ଭେ ମୋତେ ତୁମ୍ଭ ଘରକୁ ଡାକିଥିଲ। ୩୬ମୋର କୌଣସି
ଲୁଗା-ପଟା ନ ଥିଲା, ଏବଂ ତୁମ୍ଭେ ମୋତେ ପିନ୍ଧିବାକୁ
ଦେଇଥିଲ। ମୁଁ ଅସୁସ୍ଥ ଥିଲି। ତୁମ୍ଭେ ମୋର ଯତ୍ନ
ନେଇଥିଲ। ମୁଁ କାରାଗାରରେ ଥିଲି। ତୁମ୍ଭେ ମୋତେ
ଦେଖିବାକୁ ଆସିଥିଲ।’
୩୭“ସେତେବେଳେ ଭଲଲୋକମାନେ ଉତ୍ତର ଦେବେ,
‘ହେ ପ୍ରଭୁ! ଆମ୍ଭେ କେତେବେଳେ ଆପଣଙ୍କୁ ଭୋକିଲା
ଦେଖିଥିଲୁ ଓ ଖାଇବାକୁ ଦେଇଥିଲୁ? କେତେବେଳେ
ଆମ୍ଭେ ଆପଣଙ୍କୁ ଶୋଷିଲା ଦେଖିଥିଲୁ ଓ ପିଇବାକୁ କିଛି
ଦେଇଥିଲୁ? ୩୮କେତେବେଳେ ଆମ୍ଭେ ଆପଣଙ୍କୁ ଘରଠାରୁ
ଦୂରରେ ଏକୁଟିଆ ଦେଖିଥିଲୁ ଓ ଆମ୍ଭ ଘରକୁ ଡାକିଥିଲୁ?
କେତେବେଳେ ଆପଣଙ୍କୁ ଆମ୍ଭେ ପୋଷାକ ନଥିବା ବେଳେ
ଦେଖିଥିଲୁ ଓ ପିନ୍ଧିବାକୁ କିଛି ଦେଇଥିଲୁ? ୩୯କେତେବେଳେ
ଆପଣଙ୍କୁ ଆମ୍ଭେ ଅସୁସ୍ଥ ଅବସ୍ଥାରେ ବା କାରାଗାରରେ
ଦେଖିଥିଲୁ ଓ ଆପଣଙ୍କର ଯତ୍ନ ନେଇଥିଲୁ?’
୪୦“ସେତେବେଳେ ରାଜା ଉତ୍ତର ଦେବେ, ‘ମୁଁ ତୁମ୍ଭକୁ
ସତ୍ୟ କହୁଛି। ଏଠାରେ ତୁମ୍ଭେ ମୋର ଉପେକ୍ଷିତ ଭାଇମାନଙ୍କ
ଭିତରୁ ଜଣଙ୍କ ପାଇଁ ଯାହା କିଛି କଲ, ତାହା ତୁମ୍ଭେ ମୋ
ପାଇଁ କଲ।’
୪୧“ତା’ପରେ ରାଜା ତାହାଙ୍କ ବାମ ପଟର ଲୋକମାନଙ୍କୁ
କହିବେ, ‘ମୋ ପାଖରୁ ଚାଲିଯାଅ। ପରମେଶ୍ୱର ତୁମ୍ଭ
ନିମନ୍ତେ ଦଣ୍ଡ ନିରୂପଣ କରିଛନ୍ତି। ତୁମ୍ଭେ ଚିରକାଳ
ଜଳୁଥିବା ନିଆଁକୁ ଯିବ, ଯାହାକି ଶୟତାନ ଓ ତାର
ଦୂତମାନଙ୍କ ପାଇଁ ପ୍ରସ୍ତୁତ ହୋଇଛି। ୪୨କାରଣ ମୁଁ ଭୋକିଲା
ଥିଲି କିନ୍ତୁ ତୁମ୍ଭେ ମୋତେ କିଛି ଖାଇବାକୁ ଦେଇ ନଥିଲ,
୪୩ମୁଁ ଶୋଷିଲା ଥିଲି କିନ୍ତୁ ତୁମ୍ଭେ ମୋତେ କିଛି ପିଇବାକୁ
ଦେଇ ନଥିଲ। ମୁଁ ଏକୁଟିଆ ଘରଠାରୁ ଦୂରରେ ଥିଲି,
କିନ୍ତୁ ତୁମ୍ଭେ ମୋତେ ଘର ଭିତରକୁ ଡାକିଲ ନାହିଁ, ମୋର
ଲୁଗାପଟା ନଥିଲା, ମୋତେ ତୁମ୍ଭେ ପିନ୍ଧିବାକୁ କିଛି ଦେଇ
ନଥିଲ। ମୁଁ ଅସୁସ୍ଥ ଥିଲି, ଓ କାରାଗାରରେ ଥିଲି, ଓ
ତୁମ୍ଭେ ମୋ ପାଇଁ ଚିନ୍ତା କରି ନଥିଲ।’

[୪୪]"ତା'ପରେ ସେମାନେ ମଧ୍ୟ ଉତ୍ତର ଦେବେ, 'ପ୍ରଭୁ,
ଆପଣଙ୍କୁ କେତେବେଳେ ଆମ୍ଭେ ଭୋକିଲା ବା ଶୋଷିଲା
ଦେଖିଥିଲୁ? ଆମ୍ଭେ କେତେବେଳେ ଆପଣଙ୍କୁ ଏକୁଟିଆ ଓ
ଘରଠାରୁ ଦୂରରେ ଦେଖିଥିଲୁ? କେତେବେଳେ ଆପଣଙ୍କୁ
ଆମ୍ଭେ ଲୁଗା-ପଟା ନ ଥିବା ଅବସ୍ଥାରେ ବା ଅସୁସ୍ଥ
ଅବସ୍ଥାରେ ବା କାରାଗାରରେ ଦେଖିଥିଲୁ? କେବେ ଏସବୁ
ଆମ୍ଭେ ଦେଖିଥିଲୁ ଓ ଆପଣଙ୍କୁ ସାହାଯ୍ୟ କଲୁନାହିଁ?'
[୪୫]"ତାପରେ ରାଜା ଉତ୍ତର ଦେବେ, 'ମୁଁ ତୁମ୍ଭକୁ ସତ୍ୟ
କହୁଅଛି, ଯେତେବେଳେ ଏଠାରେ ତୁମ୍ଭେ ମୋର ଉପେକ୍ଷିତ
ଲୋକଙ୍କ ଭିତରୁ ଯେ କୌଣସି ଲୋକକୁ ସାହାଯ୍ୟ
କରିବାକୁ ମନା କଲ, ତୁମ୍ଭେ ମୋତେ ସାହାଯ୍ୟ କରିବା
ପାଇଁ ମନା କଲ!'
[୪୬]"ତାପରେ ଏହି ଲୋକଗୁଡିକ ଚାଲିଯିବେ, ସେମାନଙ୍କୁ
ସବୁ ଦିନ ପାଇଁ ଦଣ୍ଡ ଭୋଗିବାକୁ ପଡିବ। କିନ୍ତୁ ଭଲ
ଲୋକମାନେ ଅନନ୍ତ-ଜୀବନ ଲାଭ କରିବେ।"

### ଯିହୁଦୀ ନେତାମାନଙ୍କର ଯୀଶୁଙ୍କୁ ହତ୍ୟା କରିବା ପାଇଁ ଷଡଯନ୍ତ୍ର।

**୨୬** ଏହି ସବୁ କଥା କହି ସାରିବା ପରେ ଯୀଶୁ
ନିଜର ଶିଷ୍ୟମାନଙ୍କୁ କହିଲେ, [୨]"ଦୁଇଦିନ ପରେ
ନିସ୍ତାର-ପର୍ବ ହେବା କଥା ତୁମ୍ଭେ ଜାଣ। ସେହି ଦିନ
କ୍ରୁଶରେ ଚଢ଼ାଇ ମନୁଷ୍ୟ-ପୁତ୍ରଙ୍କୁ ମାରି ଦେବା ପାଇଁ
ତାହାଙ୍କ ଶତ୍ରୁମାନଙ୍କ ହାତରେ ଦେଇ ଦିଆଯିବ।"
[୩]ତା'ପରେ ପ୍ରଧାନ ଯାଜକ ଓ ଲୋକମାନଙ୍କ ପ୍ରାଚୀନ
ନେତାମାନେ କୟାଫା ନାମକ ମହାଯାଜକଙ୍କ ଭବନର
ଅଗଣାରେ ଏକାଠି ହେଲେ। [୪]ସେମାନେ ଯୀଶୁଙ୍କୁ କପଟରେ
ବନ୍ଦୀ କରି ତାହାଙ୍କୁ ମାରିଦେବା ପାଇଁ ଯୋଜନା କଲେ।
[୫]କିନ୍ତୁ ବୈଠକରେ ସେମାନେ କଥାବାର୍ତ୍ତା ହେଲେ, "ଆମେ
ନିସ୍ତାର-ପର୍ବ* ସମୟରେ ଏସବୁ କରିବା ଉଚିତ ହେବନାହିଁ।
କାରଣ ଲୋକମାନେ ଏଥିରେ ରାଗିଯାଇ ପାରନ୍ତି ଓ
ଦଙ୍ଗାହାଙ୍ଗାମା କରି ପାରନ୍ତି।"

### ଯୀଶୁଙ୍କ ଉପରେ ଅତର ଢ଼ାଳିଲେ

[୬]ଯୀଶୁ ବେଥନିଆରେ ଥିଲେ। ସେ କୁଷ୍ଠରୋଗୀ ଶିମୋନର
ଘରେ ରହିଥିଲେ। [୭]ଯୀଶୁ ସେଠାରେ ଥିବା ସମୟରେ
ଜଣେ ସ୍ତ୍ରୀଲୋକ ତାହାଙ୍କ ପାଖରେ ଆସି ପହଞ୍ଚିଲା। ସେ
ଗୋଟିଏ ଶ୍ୱେତ ସ୍ଫଟିକ ପାତ୍ରରେ ବହୁ ମୂଲ୍ୟବାନ ସୁଗନ୍ଧିତ
ଅତର ଆଣିଥିଲା। ସେ ଅତରତକ ଯୀଶୁଙ୍କ ମୁଣ୍ଡ ଉପରେ
ଢାଳିଦେଲା। ସେତେବେଳେ ଯୀଶୁ ଖାଉଥିଲେ।
[୮]ଯୀଶୁଙ୍କ ଶିଷ୍ୟମାନେ ଏହାଦେଖି ଅତ୍ୟନ୍ତ ରାଗିଗଲେ।
ସେମାନେ କହିଲେ, "ଏତେ ଅପବ୍ୟୟ କାହିଁକି? [୯]ଏ
ଅତରତକ ଅନେକ ଟଙ୍କାରେ ବିକାଯାଇ ସେଥିରୁ ମିଳିବା
ଟଙ୍କା ଗରୀବମାନଙ୍କ ମଧ୍ୟରେ ବଣ୍ଟା ଯାଇ ପାରିଥାନ୍ତା।"
[୧୦]ଯୀଶୁ ତାହା ଜାଣି ସେମାନଙ୍କୁ କହିଲେ, "କାହିଁକି
ବୃଥାରେ ଏହି ସ୍ତ୍ରୀଲୋକକୁ ହଇରାଣ କରୁଛ? ସେ ମୋ
ପାଇଁ ଗୋଟିଏ ବହୁତ ଭଲ କାମ କରିଛି। [୧୧]ଗରିବମାନେ
ତ ସବୁବେଳେ ତୁମ୍ଭ ସହିତ ଅଛନ୍ତି।* ମୋତେ କିନ୍ତୁ
ତୁମ୍ଭେ ମୋତେ ସବୁବେଳେ ପାଇବ ନାହିଁ। [୧୨]ଏହି
ସ୍ତ୍ରୀଲୋକ ମୋ ଦେହରେ ଅତର ଢାଳିଛି। ମୋର ସମାଧି
ନିମନ୍ତେ ମୋତେ ପ୍ରସ୍ତୁତ କରିବା ପାଇଁ ସେ ଏହା କରିଛି,
[୧୩]ମୁଁ ତୁମ୍ଭକୁ ସତ୍ୟ କହୁଛି, ଏ ଜଗତରେ ସର୍ବତ୍ର
ଲୋକମାନଙ୍କ ମଧ୍ୟରେ ସୁସମାଚାର ଘୋଷଣା କରାଯିବ।
ତା ସହିତ ଏ ସ୍ତ୍ରୀ ଲୋକଟି କ'ଣ କରିଥିଲା, ସେ ବିଷୟ
ମଧ୍ୟ ଘୋଷଣା କରାଯିବ। ଲୋକମାନେ ତାକୁ ମନେ
ରଖିବେ।"

### ଯିହୂଦା ଯୀଶୁଙ୍କ ଶତ୍ରୁ ପାଲଟିଗଲେ

[୧୪]ତା'ପରେ ଯୀଶୁଙ୍କର ବାରଜଣ ଶିଷ୍ୟଙ୍କ ମଧ୍ୟରୁ ଜଣେ
ଯାଇ ପ୍ରଧାନ ଯାଜକମାନଙ୍କ ସହିତ କଥାବାର୍ତ୍ତା କଲା।
ସେହି ଶିଷ୍ୟର ନାମ ଇଷ୍କାରିୟୋଥ ଯିହୂଦା ଥିଲା। [୧୫]ସେ
କହିଲା, "ମୁଁ ତୁମ୍ଭମାନଙ୍କ ହାତରେ ଯୀଶୁଙ୍କୁ ଧରେଇ
ଦେବି। ଏହା କରିବା ପାଇଁ ତୁମ୍ଭେମାନେ ମୋତେ କ'ଣ
ଦେବ?" ଯାଜକମାନେ ଯିହୂଦାଙ୍କୁ ତିରିଶଟି ରୂପା ଟଙ୍କା
ଦେଲେ। [୧୬]ସେହି ସମୟରୁ ଯିହୂଦା ଯାଜକମାନଙ୍କ ହାତରେ
ଯୀଶୁଙ୍କୁ ଧରାଇ ଦେବା ପାଇଁ ସୁଯୋଗର ଅପେକ୍ଷାରେ
ରହିଲା।

### ଶିଷ୍ୟମାନଙ୍କ ସହିତ ଯୀଶୁଙ୍କ ନିସ୍ତାର ପର୍ବର ଭୋଜି

[୧୭]ଖମୀର ଶୂନ୍ୟ ରୋଟୀ ପର୍ବର ପ୍ରଥମ ଦିନ ଶିଷ୍ୟମାନେ
ଯୀଶୁଙ୍କ ନିକଟକୁ ଆସିଲେ। ସେମାନେ କହିଲେ, "ନିସ୍ତାର-
ଭୋଜି ଖାଇବାକୁ ଆପଣଙ୍କ ପାଇଁ ଆମ୍ଭେ ସବୁକିଛି ପ୍ରସ୍ତୁତ
କରିବୁ। ଆପଣ କେଉଁଠାରେ ଭୋଜି ଖାଇବା ପାଇଁ
ଚାହାଁନ୍ତି?"
[୧୮]ଯୀଶୁ କହିଲେ, "ନଗରରେ ଥିବା ମୋର ଜଣେ
ଚିହ୍ନା ଲୋକ ପାଖକୁ ଯାଅ। ତାକୁ କୁହ 'ଗୁରୁ କହିଛନ୍ତି
'ମନୋନୀତ ସମୟ ଆସି ପାଖେଇ ଗଲାଣି ଓ ମୁଁ ତୁମ୍ଭ
ଘରେ ମୋ ଶିଷ୍ୟମାନଙ୍କ ସହିତ ନିସ୍ତାର ପର୍ବଭୋଜି
ଉତ୍ସବ ପାଳନ କରିବି।'" [୧୯]ଯୀଶୁଙ୍କ କହିବା ଅନୁସାରେ
ଶିଷ୍ୟମାନେ କଲେ। ସେମାନେ ନିସ୍ତାରପର୍ବର ଭୋଜି
ପ୍ରସ୍ତୁତ କଲେ।
[୨୦]ସନ୍ଧ୍ୟା ବେଳେ ଯୀଶୁ ନିଜର ବାରଜଣଯାକ ଶିଷ୍ୟଙ୍କ
ସହିତ ଖାଇବାକୁ ବସିଲେ। [୨୧]ସେମାନେ ଖାଉଥିବା ସମୟରେ
ଯୀଶୁ କହିଲେ, "ମୁଁ ତୁମ୍ଭକୁ ସତ୍ୟ କହୁଛି। ତୁମ୍ଭମାନଙ୍କ
ମଧ୍ୟରେ ଥିବା ବାରଜଣଙ୍କ ଭିତରୁ ଜଣେ ମୋ ପ୍ରତି
ବିଶ୍ୱାସଘାତକତା କରିବ।"

---

**ନିସ୍ତାର ପର୍ବ** ଯିହୁଦୀମାନଙ୍କର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ପବିତ୍ର ଦିବସ ମୋଶାଙ୍କ ସମୟରେ ସେହିଦିନ ମିଶରରେ ପରମେଶ୍ୱର ସେମାନଙ୍କୁ ଦାସତ୍ୱରୁ ମୁକ୍ତ କରିଥିଲେ। ସେହିକଥା ମନେ ରଖିବା ପାଇଁ ସେମାନେ ପ୍ରତିବର୍ଷ ଏହିଦିନ ଗୋଟିଏ ସ୍ୱତନ୍ତ୍ର ଭୋଜନ କରିଥାନ୍ତି।

**'ଗରିବମାନେ ... ଅଛନ୍ତି'** ଦ୍ୱି. ବିବରଣି. ୧୫:୧୧

୨୨ଏହାଶୁଣି ସେମାନେ ବହୁତ ଦୁଃଖିତ ହେଲେ। ପ୍ରତ୍ୟେକ
ଶିଷ୍ୟ ଯୀଶୁଙ୍କୁ ପଚାରଲେ, “ପ୍ରଭୁ, ନଶ୍ଚିତଭାବରେ ସେ
ଜଣକ ମୁଁ ନୁହେଁ! କୁହନ୍ତୁ ମୁଁ କି?”
୨୩ଯୀଶୁ ଉତ୍ତର ଦେଲେ, “ଯେଉଁଲୋକ ମୋ ସାଙ୍ଗରେ
ଗିନାରେ ତାର ହାତ ବୁଡାଇଛି, ସେ ମୋ ସହତ
ବଶ୍ୱାସଘାତକତା କରବ। ୨୪ମନୁଷ୍ୟପୁତ୍ର ଯିବେ ଓ ମରଯିବେ।
ଏହାହିଁ ହେବବୋଲ ଶାସ୍ତ୍ରରେ ଲେଖାଅଛି। କନ୍ତୁ ଯେଉଁ
ଲୋକ ମନୁଷ୍ୟପୁତ୍ରଙ୍କୁ ମରବା ପାଇଁ ଶତ୍ରୁ ହାତରେ
ଦେଇଦେବ, ସେ ଲୋକ ଧିକ୍! ସେ ଲୋକ ଜନ୍ମ
ନହୋଇଥିଲେ ବରଂ ଭଲ ହୋଇଥାନ୍ତା।’”
୨୫ତାପରେ ଯିହୂଦା, “ଯିଏ ତାହାଙ୍କୁ ଶତ୍ରୁମାନଙ୍କୁ ଧରେଇ
ଦେବାକୁ ଯାଉଥିଲା, କହଲା ଗୁରୁ, ସେ କ’ଣ ମୁଁ?”
ଯୀଶୁ କହଲେ, “ହଁ, ତୁମ୍ଭେ ସେହ।”

## ପ୍ରଭୁଭୋଜ

୨୬ସେମାନେ ଖାଉଥିବା ବେଳେ, ଯୀଶୁ କଛି ରୋଟୀ
ନେଲେ। ସେହ ରୋଟୀ ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ
ଦେଲେ। ତା’ପରେ ରୋଟୀ ଛିଣ୍ଡେଇଲେ। ତାହାକୁ ଶିଷ୍ୟମାନଙ୍କୁ
ଦେଲେ। ଯୀଶୁ କହଲେ, “ଏହ ରୋଟୀ ନଅ ଓ ଖାଅ।
ଏ ରୋଟୀ ମୋର ଶରୀର।”
୨୭ତା’ପରେ ସେ ଗୋଟିଏ ଗିନାରେ ଅଙ୍ଗୁରରସ ନେଲେ,
ଓ ଏଥିପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ। ଶିଷ୍ୟମାନଙ୍କୁ
କହଲେ, “ତୁମ୍ଭେ ସମସ୍ତେ ଏଥିରୁ ପିଅ। ୨୮ଏ ଅଙ୍ଗୁରରସ
ମୋର ରକ୍ତ। ମୋ ରକ୍ତରେ ପରମେଶ୍ୱରଙ୍କଠାରୁ ସେ
ତାହାଙ୍କ ଲୋକମାନଙ୍କ ପାଇଁ କରଥିବା ନୂଆ ଚୁକ୍ତି ଆରମ୍ଭ
ହୁଏ। ଅନେକ ଲୋକଙ୍କର ପାପକୁ କ୍ଷମା କରଦଆଯିବା
ପାଇଁ ଏ ରକ୍ତ ଦଆ ଯାଉଛି। ୨୯ମୁଁ ତୁମ୍ଭମାନଙ୍କୁ ଏକଥା
କହ ରଖୁଛି: ମୋର ପରମପିତାଙ୍କ ରାଜ୍ୟରେ ଆମ୍ଭେ
ସମସ୍ତେ ଏକାଠି ନହେବା ପର୍ଯ୍ୟନ୍ତ ଓ ନୂଆ ଅଙ୍ଗୁରରସର
ଅଂଶୀ ହେବା ପର୍ଯ୍ୟନ୍ତ ମୁଁ ଅଙ୍ଗୁରରସ ପୁଣି ପାନ
କରବନାହିଁ। ତା’ପରେ ମୁଁ ତୁମ୍ଭମାନଙ୍କ ସହତ ଏହାକୁ
ପାନ କରବ।”
୩୦ଏହାପରେ ସେମାନେ ନସ୍ତାର-ପର୍ବର ପ୍ରାର୍ଥନା ଗୀତ
ବୋଲଲେ, ଓ ଜୀତ ପର୍ବତକୁ ଚାଲଗଲେ।

## ତାହାଙ୍କ ଶିଷ୍ୟମାନେ ତାହାଙ୍କୁ ଛାଡ଼ଦେବେ ବୋଲ ଯୀଶୁ କହଲେ

୩୧ଯୀଶୁ ସେମାନଙ୍କୁ କହଲେ, “ଆଜି ରାତିରେ ତୁମ୍ଭେମାନେ
ମୋ ଉପରୁ ବଶ୍ୱାସ ହରେଇ ବସିବ। ଶାସ୍ତ୍ରମାନଙ୍କରେ
ଏକଥା ଲେଖାଅଛି:

‘ମୁଁ ମେଷପାଳକଙ୍କୁ ମାରଦେବ, ଏବଂ ମେଣ୍ଢାମାନେ
ଏଣେତେଣେ ପଳେଇବେ।’ ଯିଖରୀୟ ୧୩:୭

୩୨କନ୍ତୁ ମୁଁ ପୁଣି ଥରେ ମୃତ୍ୟୁରୁ ପୁନରୁତ୍ଥିତ ହେବ।
ତା’ପରେ ମୁଁ ଗାଲୀଲୀକୁ ଚାଲଯିବ। ତୁମ୍ଭେମାନେ ସେଠାକୁ
ଯିବା ପୂର୍ବରୁ ମୁଁ ସେଠାକୁ ଯାଇଥିବ।”
୩୩ପିତର କହଲେ, “ଅନ୍ୟ ସମସ୍ତେ ଶିଷ୍ୟ ଆପଣଙ୍କ
ଉପରୁ ବଶ୍ୱାସ ହରେଇ ପାରନ୍ତି, କନ୍ତୁ ମୁଁ କେବେହେଲେ
ମୋର ବଶ୍ୱାସ ହରାଇବ ନାହିଁ।”
୩୪ଯୀଶୁ କହଲେ, “ମୁଁ ତୁମ୍ଭକୁ ସତ୍ୟ କହୁଛି। ଆଜି
ରାତିରେ ତୁମ୍ଭେ କହବ ଯେ ମୋତେ ଚହ୍ନିନାହିଁ। କୁକୁଡ଼ା
ଡ଼ାକବା ପୂର୍ବରୁ ତୁମ୍ଭେ ତିନଥର ଏହକଥା କହବ।”
୩୫ପିତର ଏକଥା ଶୁଣି କହଲେ, “ମୁଁ ବରଂ ଆପଣଙ୍କ
ସହତ ମୃତ୍ୟୁ ବରଣ କରବ, କନ୍ତୁ କେବେହେଲେ
ଆପଣଙ୍କୁ ଚହ୍ନିନାହିଁ ବୋଲ କହବନାହିଁ।” ପୁଣି ଅନ୍ୟ
ସମସ୍ତ ଶିଷ୍ୟମାନେ ସେହ ଏକା କଥା କହଲେ।

## ଯୀଶୁଙ୍କ ଏକାନ୍ତ ପ୍ରାର୍ଥନା

୩୬ତା’ପରେ ଯୀଶୁ ଶିଷ୍ୟମାନଙ୍କ ସହତ ଗେଥ୍‌ଶିମାନୀ
ନାମକ ସ୍ଥାନକୁ ଗଲେ। ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ
କହଲେ, “ସେଠାରେ ଯାଇ ମୁଁ ପ୍ରାର୍ଥନା କରୁଥିବା ପର୍ଯ୍ୟନ୍ତ
ତୁମ୍ଭେମାନେ ଏହଠାରେ ବସ।” ୩୭ଯୀଶୁ ପିତର ଓ
ଜେବଦଙ୍କ ଦୁଇ ପୁଅଙ୍କୁ ସାଙ୍ଗରେ ନେଲେ। ତା’ପରେ
ଯୀଶୁ ଦୁଃଖ ଓ ବ୍ୟାକୁଳତା ଅନୁଭବ କଲେ। ୩୮ଯୀଶୁ
ସେମାନଙ୍କୁ କହଲେ, “ମୋର ହୃଦୟ ଏତେ ଦୁଃଖରେ
ଭର ଯାଇଛି ଯେ, ସତେ ଯେପର ପ୍ରାଣ ବାହାର ଯିବା
ଉପରେ। ତୁମ୍ଭେମାନେ ମୋ ସହତ ଏଠାରେ ଚେଇଁ କର
ରୁହ ଓ ଅପେକ୍ଷା କର।”
୩୯ସେମାନଙ୍କ ପାଖରୁ କଛି ଦୂରକୁ ଚାଲକର ଯିବାପରେ
ଯୀଶୁ ତଳେ ଉବୁଡ଼ ହୋଇ ପଡ଼ଲେ ଓ ପ୍ରାର୍ଥନା କଲେ,
“ହେ ପରମ-ପିତା! ଯଦ ସମ୍ଭବ ହୁଏ, ତେବେ ଯନ୍ତ୍ରଣାର
ଏହ ପାତ୍ରଟି ମୋଠାରୁ ଦୂର ହୋଇଯାଉ। କନ୍ତୁ ମୋ ଇଛା
ଅନୁସାରେ ନ ହୋଇ ଆପଣଙ୍କ ଇଛା ଅନୁସାରେ କରନ୍ତୁ।”
୪୦ତା’ପରେ ସେ ଶିଷ୍ୟମାନଙ୍କ ପାଖକୁ ଫେରଗଲେ। ସେ
ଶିଷ୍ୟମାନଙ୍କୁ ଶୋଇଥିବାର ଦେଖିଲେ। ଯୀଶୁ ପିତରଙ୍କୁ
କହଲେ, “ତୁମ୍ଭେମାନେ ମୋ ସହତ ଘଣ୍ଟାଏ ପାଇଁ ମଧ
ଜାଗି ରହ ପାରଲ ନାହିଁ? ୪୧ତୁମ୍ଭେମାନେ ଜାଗି ରହ
ପ୍ରାର୍ଥନା କର ଯେପର ତୁମ୍ଭେମାନେ ପରୀକ୍ଷାରେ ନପଡ଼!
ଯାହା ଠିକ୍ ତାହା କରବାକୁ ତୁମ୍ଭମାନଙ୍କର ଆତ୍ମା ଚାହୁଁଛି।
କନ୍ତୁ ତୁମ୍ଭମାନଙ୍କର ଦେହ ଦୁର୍ବଳ।”
୪୨ପୁଣି ଥରେ ସେ ଗଲେ, ଓ ପ୍ରାର୍ଥନା କଲେ, “ହେ
ପରମ-ପିତା, ଯଦ ଯନ୍ତ୍ରଣାର ଏ ପାତ୍ର ମୋ ଠାରୁ ଦୂର
ହୋଇ ପାରବ ନାହିଁ, ଏବଂ ଏହାକୁ ମୁଁ ପାନ କରେ,
ତେବେ ମୁଁ ପ୍ରାର୍ଥନା କରୁଛି ଯେ, ଆପଣ ଯାହା ଇଛା
କରୁଛନ୍ତି, ତାହା ହିଁ ହେଉ।”
୪୩ତା’ପରେ ସେ ଫେରଆସି ପୁଣି ଶିଷ୍ୟମାନଙ୍କୁ
ଶୋଇଥିବାର ଦେଖିଲେ। ସେମାନଙ୍କ ଆଖି ବହୁତ ଭାର
ହୋଇ ଯାଇଥିଲା। ସେମାନେ ସେମାନଙ୍କର ଆଖି ଖୋଲ
ପାରୁ ନଥିଲେ। ୪୪ଯୀଶୁ ଶିଷ୍ୟମାନଙ୍କୁ ଛାଡ ପୁଣି ଫେର
ଯାଇ ତୃତୀୟ ଥର ପ୍ରାର୍ଥନା କଲେ। ଏଥର ମଧ ସେ
ପୂର୍ବଭଳ ସେହ ଏକା କଥା କହଲେ।
୪୫ତା’ପରେ ସେ ଶିଷ୍ୟମାନଙ୍କ ପାଖକୁ ଫେରଗଲେ ଓ
ସେମାନଙ୍କୁ କହଲେ, “ତୁମ୍ଭେମାନେ ଏବେ ସୁଦ୍ଧା ଶୋଇଛ

ଓ ବଶ୍ରାମ ନେଉଛ? ଶୁଣ, ସମୟ ଆସି ଗଲାଣି। ଏବେ
ପାପୀମାନଙ୍କ ହାତରେ ମନୁଷ୍ୟ-ପୁତ୍ରଙ୍କୁ ସମର୍ପି ଦଆଯିବ।
୪୬ଉଠ, ଆମ୍ଭେ ଯିବା। ଦେଖ, ମୋତେ ଶତ୍ରୁମାନଙ୍କ
ହାତରେ ଯେଉଁ ଲୋକଟି ଦେଇଦେବ, ସେ ଏଠାକୁ
ଆସୁଛି।"

## ଯୀଶୁ ବନ୍ଦୀ ହେଲେ

୪୭ଯୀଶୁ ଏହ କଥା କହୁଥିବା ସମୟରେ ଯିହୂଦା
ସେଠାକୁ ଆସିଲା। ସେ ଯୀଶୁଙ୍କର ବାରଜଣ ଶିଷ୍ୟଙ୍କ
ମଧ୍ୟରୁ ଜଣେ ଥିଲା। ଯିହୁଦାଙ୍କ ସହତ ମଧ୍ୟ ଅନେକ
ଲୋକ ଥିଲେ। ଯିହୂଦା ଓ ସେହ ଲୋକମାନେ ଖଣ୍ଡା ଓ
ଠେଙ୍ଗା ଧରଥିଲେ। ସେମାନଙ୍କୁ ପ୍ରଧାନ ଯାଜକ ଓ
ପ୍ରାଚୀନମାନେ ପଠାଇଥିଲେ। ୪୮ଯିହୂଦା ଲୋକମାନଙ୍କୁ ଯୀଶୁ
କଏ ବୋଲ ଚହ୍ନେଇ ଦେବା ପାଇଁ ଗୋଟିଏ ସଙ୍କେତ
ବତେଇ ଦେଲେ। ସେ କହଲେ, "ମୁଁ ଯାହାକୁ ଚୁମ୍ବନ
କରବ, ସେ ସେହଲୋକ। ତାକୁ ବନ୍ଦୀ କରବ।" ୪୯ତା'ପରେ
ଯିହୂଦା ଯୀଶୁଙ୍କ ପାଖରେ ପହଞ୍ଚି ତାହାଙ୍କୁ କହଲେ, "ହେ
ଗୁରୁ, ନମସ୍କାର" ତାପରେ ସେ ଯୀଶୁଙ୍କୁ ଚୁମ୍ବନ ଦେଲେ।
୫୦ଯୀଶୁ କହଲେ, "ବନ୍ଧୁ, ତୁମ୍ଭେ ଯେଉଁ କାମରେ
ଆସିଛ, ତାହା କର!"

ତା'ପରେ ଯିହୂଦାଙ୍କ ସହତ ଆସିଥିବା ଲୋକମାନେ
ସେଠାରେ ପହଞ୍ଚି ଯାଇ ଯୀଶୁଙ୍କୁ ବନ୍ଦୀ କରନେଲେ।
୫୧ଯେଉଁ ଲୋକମାନେ ଯୀଶୁଙ୍କ ସହତ ଥିଲେ, ସେମାନଙ୍କ
ଭିତରୁ ଜଣେ ଶିଷ୍ୟ ତାର ଖଣ୍ଡା ବାହାର କର ମହାଯାଜକଙ୍କ
ଚାକରକୁ ସେଥିରେ ଆଘାତ କଲା। ଫଳରେ ଚାକରର
କାନ କଟିଗଲା।

୫୨ଯୀଶୁ ସେହ ଲୋକକୁ କହଲେ, "ତୁମ୍ଭ ଖଣ୍ଡାକୁ
ଖୋଳ ଭିତରେ ରଖ। ଯେଉଁ ଲୋକମାନେ ଖଣ୍ଡା ବ୍ୟବହାର
କରନ୍ତ, ସେମାନଙ୍କୁ ଖଣ୍ଡା ଦ୍ୱାରା ହତ୍ୟା କରା ଯାଇଥାଏ।
୫୩ତୁମ୍ଭେ କ'ଣ ଜାଣିନାହଁ ଯେ ମୁଁ ମୋର ପରମ-ପିତାଙ୍କୁ
ମାଗିଲେ ସେ ସଙ୍ଗେ ସଙ୍ଗେ, ମୋତେ ବାରଟି ସେନା
ବାହନୀରୁ ଅଧିକ ଯୋଗେଇବେ। ୫୪କନ୍ତୁ ମୁଁ ତା' କଲେ
ଧର୍ମଶାସ୍ତ୍ର କପର ସମ୍ପୂର୍ଣ୍ଣ ହେବ? ସବୁକଥା ଏହଭଳ
ଭାବରେ ଘଟିବ ବୋଲ ଶାସ୍ତ୍ରରେ ଲେଖା ଅଛି।"

୫୫ତା'ପରେ ଯୀଶୁ ଲୋକମାନଙ୍କୁ କହଲେ, "ତୁମ୍ଭେସବୁ
ଖଣ୍ଡା ଓ ଠେଙ୍ଗା ନେଇ ମୋତେ ବନ୍ଦୀ କରବାପାଇଁ ଏପର
ଭାବରେ ଆସିଛ, ସତେ ଯେପର ମୁଁ ଗୋଟାଏ ଅପରାଧୀ।
ମୁଁ ସବୁଦନ ମନ୍ଦିର ପରସରରେ ବସି ଲୋକମାନଙ୍କୁ
ଉପଦେଶ ଦେଉଥିଲ। ସେତେବେଳେ ତୁମ୍ଭେ ମୋତେ
ବନ୍ଦୀ କରଲନାହଁ। ୫୬କନ୍ତୁ ଭବଷ୍ୟଦ୍‌ବକ୍ତାମାନେ ଯେଉଁଭଳ
ଲେଖିଥିଲେ, ସେହଭଳ ହେବା ପାଇଁ ଏହ ସବୁ କଥା
ଘଟିଲା," ତା'ପରେ ସମସ୍ତ ଶିଷ୍ୟମାନେ ଯୀଶୁଙ୍କୁ ଛାଡ଼
ପଳାଇଗଲେ।

## ଯିହୂଦୀନେତାମାନଙ୍କ ସମ୍ମୁଖରେ ଯୀଶୁଙ୍କୁ ହାଜର କରାଗଲା

୫୭ଯେଉଁ ଲୋକମାନେ ଯୀଶୁଙ୍କୁ ବନ୍ଦୀ କର ନେଇଥିଲେ,
ସେମାନେ ତାହାଙ୍କୁ ମହାଯାଜକ କୟାଫାଙ୍କ ଘରକୁ ନେଇଗଲେ।
ସେଠାରେ ଧର୍ମଶାସ୍ତ୍ରୀ ଓ ପ୍ରାଚୀନ ନେତାମାନେ ଏକାଠି
ଜମା ହୋଇଥିଲେ। ୫୮ପିତର ଅଳ୍ପ ଦୂରରେ ରହ
ମହାଯାଜକଙ୍କ ଅଗଣା ପର୍ଯ୍ୟନ୍ତ ଯୀଶୁଙ୍କ ପଛେ ପଛେ
ଗଲେ। ଯୀଶୁଙ୍କର ପରଣାମ କ'ଣ ହେବ, ତାହା ଦେଖିବା
ପାଇଁ ସେ ଭିତରକୁ ଯାଇ ପ୍ରହରୀମାନଙ୍କ ମଧ୍ୟରେ ବସି
ପଡଲେ।

୫୯ଯୀଶୁଙ୍କୁ ଯେପର ମୃତ୍ୟୁଦଣ୍ଡ ଦେଇ ପାରବେ, ସେଥିପାଇଁ
ପ୍ରଧାନଯାଜକ ଓ ସଂପୂର୍ଣ୍ଣ ଯିହୂଦୀମହାସଭା ଯୀଶୁଙ୍କ ବରୁଦ୍ଧରେ
କଛି ମିଛ ଅଭିଯୋଗ ଖୋଜି ବାହାର କରବାକୁ ଚେଷ୍ଟା
କଲେ। ୬୦କନ୍ତୁ ଯଦଓ ଅନେକ ମିଛ ସାକ୍ଷୀ ଆଗକୁ ଆସି
ମିଛରେ ସାକ୍ଷ୍ୟ ଦେଲେ, ତଥାପି ମହାସଭା ଯୀଶୁଙ୍କୁ
ମୃତ୍ୟୁ-ଦଣ୍ଡ ଦେବା ପାଇଁ ପ୍ରକୃତ କାରଣ ପାଇ ପାରଲା
ନାହଁ। ଶେଷରେ ଦୁଇଜଣ ଲୋକ ଆଗରୁ ବାହାର ଆସି
କହଲେ, ୬୧"ଏହ ଲୋକ କହଛନ୍ତ 'ମୁଁ ପରମେଶ୍ୱରଙ୍କ
ମନ୍ଦିର ଧ୍ୱଂସ କରପାରେ ଓ ପୁଣି ଏହାକୁ ତିନ ଦନ
ମଧ୍ୟରେ ତିଆର କର ଦେଇପାରେ।'"

୬୨ତା'ପରେ ମହାଯାଜକ ଠିଆ ହେଲେ ଓ ଯୀଶୁଙ୍କୁ
ପଚାରଲେ, "ଏ ଲୋକମାନେ ତୁମ୍ଭ ବରୁଦ୍ଧରେ ଯାହା
ଅଭିଯୋଗ କଲେ ତାର ତୁମ୍ଭେ କଛି ଉତ୍ତର ଦେବକି? ଏ
ଲୋକମାନେ କ'ଣ ସତ୍ୟ କହୁଛନ୍ତ?" ୬୩ଯୀଶୁ କନ୍ତୁ ଚୁପ୍
ରହଲେ।

ପୁଣି ଥରେ ମହାଯାଜକ ତାହାଙ୍କୁ ପଚାରଲେ, "ମୁଁ
ତୁମ୍ଭକୁ ଜୀବତ ପରମେଶ୍ୱରଙ୍କ ନାମରେ ଶପଥ କରାଉଛି,
ତୁମ୍ଭେ ଆମ୍ଭକୁ କୁହ, ତୁମ୍ଭେ କ'ଣ ଖ୍ରୀଷ୍ଟ, ପରମେଶ୍ୱରଙ୍କ
ପୁତ୍ର?"

୬୪ଯୀଶୁ କହଲେ, "ହଁ, ମୁଁ ପରମେଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ।
କନ୍ତୁ ମୁଁ ତୁମ୍ଭକୁ କହ ରଖୁଛି ଯେ ତୁମ୍ଭେ ଭବଷ୍ୟତରେ
ମନୁଷ୍ୟ-ପୁତ୍ରଙ୍କୁ ସେହ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଡାହାଣ
ପଟେ ବସିଥିବାର ଓ ଆକାଶର ମେଘମାଳାରେ ଆସୁଥିବାର
ଦେଖିବ।"

୬୫ମହା-ଯାଜକ ଏକଥା ଶୁଣି ବହୁତ ରାଗିଗଲେ ଓ ସେ
ତାହାଙ୍କ ନଜ ପୋଷାକ ଚରି ପକେଇଲେ ଓ ସେ
କହଲେ, "ଏ ଯେଉଁ ସବୁ କଥା କହଲେ ତା' ଦ୍ୱାରା
ପରମେଶ୍ୱରଙ୍କର ନନ୍ଦା ହୋଇଛି। ଆମ୍ଭର ଆଉ କୌଣସି
ସାକ୍ଷୀ-ଦରକାର ନାହଁ। ତୁମ୍ଭେମାନେ ପରମେଶ୍ୱରଙ୍କର ନନ୍ଦା
ଶୁଣିଛ। ତୁମ୍ଭେମାନେ ତେବେ କ'ଣ ଭାବୁଛ?" ୬୬ସେମାନେ
କହଲେ,

"ସେ ଅପରାଧୀ। ତାହାଙ୍କର ମୃତ୍ୟୁ ହେବା ଉଚତ।"

୬୭ତା'ପରେ ସେଠାରେ ଥିବା ଲୋକମାନେ ଯୀଶୁଙ୍କ
ମୁହଁ ଉପରେ ଛେପ ପକାଇଲେ, ବିଧା ମାରଲେ।
କେତେକ ଲୋକ ଚାପୁଡ଼ା ମାରଲେ। ୬୮ସେମାନେ କହଲେ,
"ହେ ଖ୍ରୀଷ୍ଟ! ତୁମ୍ଭେ ଯଦ ଜଣେ ଭବଷ୍ୟଦ୍‌ବକ୍ତା ତେବେ
କୁହ, ତୁମ୍ଭକୁ କଏ ମାରଲା?"

## ଯୀଶୁଙ୍କୁ ଜାଣନ୍ତ ବୋଲ ସ୍ୱୀକାର କରବାକୁ ପିତର ଭୟ କଲେ

୬୯ସେହ ସମୟରେ ପିତର ପ୍ରାଙ୍ଗଣ ମଧ୍ୟରେ ବସିଥିଲେ।

ଜଣେ ଦାସୀ ପିତରଙ୍କ ପାଖକୁ ଆସିଲା। ସେ କହିଲା,
"ତୁମ୍ଭେ ମଧ୍ଯ ଗାଲିଲୀର ଯୀଶୁଙ୍କ ସହିତ ଥିଲ।"
୭୦କିନ୍ତୁ ପିତର ଏକଥା ସମସ୍ତଙ୍କ ଆଗରେ ଅସ୍ୱୀକାର
କଲେ। ସେ କହିଲେ, "ତୁମ୍ଭେ କେଉଁ ବିଷୟରେ କହୁଛ
ତାହା ମୁଁ ଜାଣେ ନାହିଁ।"
୭୧ତା'ପରେ ସେ ଅଗଣାରୁ ବାହାର ଆସିଲେ। ଫାଟକ
ପାଖରେ ଆଉଜଣେ ଦାସୀ ତାହାଙ୍କୁ ଦେଖି ପକାଇ
ସେଠାରେ ଥିବା ସମସ୍ତ ଲୋକଙ୍କୁ କହିଲା, "ଏ ଲୋକ
ନାଜରିତର ଯୀଶୁଙ୍କ ସହିତ ଥିଲା।"
୭୨ପୁଣି ଥରେ ପିତର ଅସ୍ୱୀକାର କରିଦେଲେ। ସେ
କହିଲେ, "ମୁଁ ପରମେଶ୍ୱରଙ୍କ ନାମରେ ପ୍ରତିଜ୍ଞା କରି
କହୁଛି ଯେ ମୁଁ ସେ ଲୋକକୁ ଜାଣେନାହିଁ।"
୭୩କିଛି ସମୟ ପରେ ସେଠାରେ ଠିଆ ହୋଇଥିବା
ଲୋକମାନେ ପିତରଙ୍କ ପାଖକୁ ଆସି ତାହାଙ୍କୁ କହିଲେ,
"ଆମ୍ଭେ ଜାଣୁ ତୁମ୍ଭେ ନିଶ୍ଚୟ ତାହାଙ୍କର ଶିଷ୍ୟମାନଙ୍କ
ମଧ୍ୟରୁ ଜଣେ। ଏକଥା ତୁମ୍ଭ କହିବା ଢଙ୍ଗରୁ ଜଣା
ପଡୁଛି।"
୭୪ପିତର ନିଜକୁ ଧିକ୍କାର କରି, ଶପଥ ପକାଇ
କହିଲେ, "ମୁଁ ସେ ଲୋକଙ୍କୁ ଜାଣେନାହିଁ।" ସେତେବେଳେ
କୁକୁଡ଼ା ଡ଼ାକିଲା। ୭୫ଏବେ ପିତରଙ୍କର, ଯୀଶୁ କହିଥିବା
କଥା ମନେ ପଡ଼ିଲା। ଯୀଶୁ କହିଥିଲେ, "କୁକୁଡ଼ା ଡାକିବା
ପୂର୍ବରୁ ତୁମ୍ଭେ ମୋତେ ଜାଣିନାହିଁ ବୋଲି ତିନିଥର ଅସ୍ୱୀକାର
କରିବ।" ପିତର ବାହାରକୁ ବାହାରିଯାଇ ବ୍ୟାକୁଳ ହୋଇ
କାନ୍ଦିବାକୁ ଲାଗିଲେ।

## ରାଜ୍ୟପାଳ ପୀଲାତଙ୍କ ଆଗରେ ଯୀଶୁଙ୍କୁ ହାଜର କରାଗଲା

୨୭ ତାପରେ ଦିନ ଅତି ସକାଳୁ ସମସ୍ତ ପ୍ରଧାନ
ଯାଜକ ଓ ପ୍ରାଚୀନ ନେତାମାନେ ଏକାଠିହେଲେ,
ଓ ଯୀଶୁଙ୍କୁ ମାରିଦେବା ପାଇଁ ଯୋଜନା କଲେ। ୨ସେମାନେ
ଯୀଶୁଙ୍କୁ ବାନ୍ଧି ପକାଇଲେ। ତାପରେ ତାହାଙ୍କୁ ରାଜ୍ୟପାଳ
ପୀଲାତଙ୍କ ପାଖକୁ ନେଇଗଲେ, ଓ ତାହାଙ୍କ ହାତରେ
ଯୀଶୁଙ୍କୁ ଦେଇଦେଲେ।

## ଯିହୂଦାଙ୍କ ଆତ୍ମହତ୍ୟା

୩ଯିହୂଦା ଦେଖିଲା ଯେ, ସେମାନେ ଯୀଶୁଙ୍କୁ ମାରିଦେବା
ପାଇଁ ସ୍ଥିର କରିଛନ୍ତି। ଯିହୂଦାହିଁ ଯୀଶୁଙ୍କୁ ତାହାଙ୍କର
ଶତ୍ରୁମାନଙ୍କ ହାତରେ ଦେଇ ଦେଇଥିଲା। ତେଣୁ ସେ
ଏସବୁ ଘଟଣା ଦେଖି ନିଜର କର୍ମ ପାଇଁ ବହୁତ ଦୁଃଖ
କଲା। ସେ ପ୍ରଧାନ ଯାଜକ ଓ ପ୍ରାଚୀନ ନେତାମାନଙ୍କୁ
ସେହିତିରିଶଟି ରୌପ୍ୟମୁଦ୍ରା ଫେରାଇଦେଲା। ୪ସେ କହିଲା,
"ମୁଁ ପାପ କରିଛି। ମୁଁ ଜଣେ ନିରପରାଧ ଲୋକକୁ ମାରି
ଦେବାପାଇଁ ତୁମ୍ଭ ହାତରେ ଧରେଇ ଦେଇଛି।"
ଯିହୂଦୀ ନେତାମାନେ କହିଲେ, "ଏଥିରେ ଆମ୍ଭର କିଛି
ଯାଏ ଆସେ ନାହିଁ। ତୁମ୍ଭ କଥା ତୁମ୍ଭେ ବୁଝ।"
୫ଯିହୂଦା ମନ୍ଦିର ଭିତରେ ସେହି ରୂପାଟଙ୍କାତକ
ଫିଙ୍ଗିଦେଲା। ତାପରେ ସେହି ଜାଗା ଛାଡି ଯିହୂଦା ଚାଲିଗଲେ,
ଓ ନିଜକୁ ଫାଶି ଦେଲା।
୬ପ୍ରଧାନ ଯାଜକମାନେ ମନ୍ଦିର ଭିତରେ ସେହି ରୂପା
ଟଙ୍କାତକ ଗୋଟାଇ ନେଲେ। ସେମାନେ କହିଲେ, "ମନ୍ଦିର
ଟଙ୍କାସହିତ ଏ ଟଙ୍କାତକ ରଖିବା ନିୟମ ବିରୁଦ୍ଧ ହେବ।
କାରଣ ଏ ଟଙ୍କା ଜଣକର ମୃତ୍ୟୁ ପାଇଁ ଦିଆଯାଇଛି।"
୭ବାହାରୁ ଯିରୂଶାଲମକୁ ଭ୍ରମଣରେ ଆସୁଥିବା ଲୋକମାନଙ୍କ
ମୃତ୍ୟୁ ହେଲେ ସେମାନଙ୍କୁ ସମାଧି ଦେବା ନିମନ୍ତେ
ସେମାନେ ଏ ଟଙ୍କାରେ 'କୁମ୍ଭାର-ଜମି' ନାମରେ ନାମିତ
ଜମି ଖଣ୍ଡିଏ କିଣିବାକୁ ସ୍ଥିର କଲେ। ୮ତେଣୁ ଏବେ ସୁଦ୍ଧା
ଏହି ଜମିଟିକୁ ରକ୍ତ-କ୍ଷେତ୍ର ବୋଲି କୁହାଯାଉଛି। ୯ଏଭଳି
ଭାବରେ ଭବିଷ୍ୟଦ୍‌ବକ୍ତା ଯିରିମିୟଙ୍କ ମାଧ୍ୟମରେ କୁହାଯାଇଥିବା
ବାଣୀ ସଫଳ ହେଲା। ଯିରିମିୟ କହିଥିଲେ,
"ସେମାନେ ତିରିଶଟି ରୂପା-ଟଙ୍କା ନେଲେ। ସେତିକି
ଟଙ୍କା ଇସ୍ରାୟେଲର ଲୋକେ ତାହାଙ୍କର ଜୀବନର ମୂଲ୍ୟ-ସ୍ୱରୂପ
ଦେବାକୁ ସ୍ଥିର କରିଥିଲେ। ୧୦ପ୍ରଭୁ ମୋତେ ଦେଇଥିବା
ଆଦେଶ ଅନୁସାରେ ସେମାନେ ସେହି ଟଙ୍କାରେ କୁମ୍ଭାର-ଜମି
ଖଣ୍ଡିକ କିଣିଲେ।"*

## ଯୀଶୁଙ୍କୁ ପୀଲାତଙ୍କର ପ୍ରଶ୍ନ

୧୧ଏହି ସମୟରେ ଯୀଶୁ ରାଜ୍ୟପାଳ ପୀଲାତ ଆଗରେ
ଠିଆହେଲେ। ରାଜ୍ୟପାଳ ତାହାଙ୍କୁ ପଚାରିଲେ, "ତୁମ୍ଭେ
କ'ଣ ଯିହୂଦୀମାନଙ୍କର ରାଜା?"
ଯୀଶୁ ଉତ୍ତର ଦେଲେ, "ହଁ"।
୧୨କିନ୍ତୁ ଯେତେବେଳେ ପ୍ରଧାନ ଯାଜକ ଓ ପ୍ରାଚୀନ
ନେତାମାନେ ତାହାଙ୍କୁ ଅଭିଯୁକ୍ତ କଲେ ସେ କିଛି ଉତ୍ତର
ଦେଲେନାହିଁ। ୧୩ତେଣୁ ପୀଲାତ ଯୀଶୁଙ୍କୁ ପଚାରିଲେ, "ସେମାନେ
ତୁମ୍ଭ ବିରୁଦ୍ଧରେ ଯେଉଁ ସବୁ ଅଭିଯୋଗ କରୁଛନ୍ତି ତାହା
ତୁମ୍ଭେ ଶୁଣିଛ। କାହିଁକି ଉତ୍ତର ଦେଉନାହିଁ?"
୧୪କିନ୍ତୁ ଯୀଶୁ ଗୋଟିଏ ହେଲେ ଉତ୍ତର ତାହାଙ୍କୁ
ଦେବାକୁ ମନାକଲେ। ଏଥିରେ ପୀଲାତ ବଡ଼ ଆଶ୍ଚର୍ଯ୍ୟ
ହୋଇଗଲେ।

## ପୀଲାତ ଚେଷ୍ଟା କରିବା ସତ୍ତ୍ୱେ ଯୀଶୁଙ୍କୁ ମୁକ୍ତ କରିବାରେ ଅସଫଳ ହେଲେ

୧୫ପ୍ରତ୍ୟେକ ବର୍ଷ ନିସ୍ତାର ପର୍ବ ଅବସରରେ ରାଜ୍ୟପାଳ
କାରାଗାରରୁ ଜଣେ ବନ୍ଦୀକୁ ମୁକ୍ତ କରିବାର ରୀତି ଥିଲା।
ଲୋକମାନେ ଯେଉଁ ଲୋକର ମୁକ୍ତ ହେବା ଚାହୁଁଥିଲେ,
କେବଳ ସେହି ଲୋକକୁ ମୁକ୍ତ କରାଯାଉଥିଲା। ୧୬ସେହି
ସମୟରେ ବାରବ୍ବା* ନାମରେ ଜଣେ କୁଖ୍ୟାତ ବନ୍ଦୀ
ଥିଲା। ୧୭ତେଣୁ ଯେତେବେଳେ ସବୁଲୋକେ ଏକାଠି
ଜମାହେଲେ, ସେତେବେଳେ ପୀଲାତ ସେମାନଙ୍କୁ ପଚାରିଲେ,
"ମୁଁ ତୁମ୍ଭମାନଙ୍କ ପାଇଁ ଜଣେ ଲୋକକୁ ମୁକ୍ତ କରିବ।
ବାରବ୍ବା ଓ ଯୀଶୁଙ୍କ ମଧ୍ୟରୁ କାହାକୁ ମୁକ୍ତ କରିବାକୁ

---

**'ସେମାନେ … ଖଣ୍ଡିକ କିଣିଲେ'** ଯିଖରିୟ ୧୧:୧୨-୧୩; ଯିରିମିୟ ୩୨:୬-୯

**ବାରବ୍ବା** କେତେକ ଗ୍ରୀକ୍ ପୁସ୍ତକରେ ଏହି ନାମଟି ବାରବ୍ବା ଯୀଶୁ ବୋଲି ଉଲ୍ଲେଖ ଅଛି।

ଚାହୁଁଛ?" ୧୮ପୀଲାତ ଜାଣିଥିଲେ ଯେ ଲୋକମାନେ ଯୀଶୁଙ୍କ
ପ୍ରତି ଈର୍ଷାପରାୟଣ ଥିଲେ। ସେଥିପାଇଁ ତାହାଙ୍କ ହାତରେ
ଯୀଶୁଙ୍କୁ ସମର୍ପି ଦେଇଛନ୍ତି।
୧୯ପୀଲାତ ବିଚାରମଞ୍ଚରେ ବସିଥିବା ସମୟରେ ତାହାଙ୍କ
ସ୍ତ୍ରୀ ତାହାଙ୍କ ପାଖକୁ ଗୋଟିଏ ଖବର ପଠାଇଲେ। ଖବରଟି
ଥିଲା: "ଏହି ନିରୀହ ଲୋକଟିର କିଛି ହେଲେ କ୍ଷତି
କରନାହିଁ। ମୁଁ ତାହାଙ୍କ ବିଷୟରେ କାଲି ରାତିରେ ଗୋଟିଏ
ସ୍ୱପ୍ନ ଦେଖିଛି। ସେଥିଯୋଗୁଁ ମୁଁ ଅଧିକ ଚିନ୍ତାଗ୍ରସ୍ତ ହୋଇପଡ଼ିଛି।"
୨୦କିନ୍ତୁ ପ୍ରଧାନ ଯାଜକ ଓ ପ୍ରାଚୀନ ନେତାମାନେ
ଲୋକମାନଙ୍କୁ ପ୍ରବର୍ତ୍ତାଇଲେ ଯେ, ସେମାନେ ବାରବ୍ବାଙ୍କୁ
ମୁକ୍ତ କରିବା ପାଇଁ ଓ ଯୀଶୁଙ୍କୁ ମାରିଦେବା ପାଇଁ
ଅନୁରୋଧ କରନ୍ତୁ।
୨୧ରାଜ୍ୟପାଳ ପୀଲାତ ପଚାରିଲେ, "ବାରବ୍ବା ଓ ଯୀଶୁ
ଏହି ଦୁଇଜଣ ବନ୍ଦୀଙ୍କ ମଧ୍ୟରୁ ତୁମ୍ଭମାନଙ୍କ ପାଇଁ କାହାକୁ
ମୁକ୍ତ କରିଦେବା ତୁମ୍ଭେମାନେ ଚାହୁଁଛ?"
ସେମାନେ କହିଲେ, "ବାରବ୍ବା"
୨୨ତା'ପରେ ପୀଲାତ ସେମାନଙ୍କୁ ପଚାରିଲେ, "ତେବେ
ଯେଉଁ ଯୀଶୁଙ୍କୁ ଖ୍ରୀଷ୍ଟ କୁହାଯାଏ ତାହାଙ୍କ ପ୍ରତି ମୁଁ କ'ଣ
କରିବି?"
ସମସ୍ତେ କହିଲେ, "ତାହାଙ୍କୁ କ୍ରୁଶରେ ଚଢ଼େଇ ଦିଆଯାଉ।"
୨୩ପୀଲାତ ପଚାରିଲେ, "କାହିଁକି? ସେ କ'ଣ ଅପରାଧ
କରିଛନ୍ତି?"
କିନ୍ତୁ ସମସ୍ତେ ଚିତ୍କାର କରି କହିଲେ, "ତାହାଙ୍କୁ
କ୍ରୁଶରେ ଚଢେଇ ଦିଆଯାଉ।"
୨୪ପୀଲାତ ଦେଖିଲେ ଯେ, ସେ ଲୋକମାନଙ୍କ ମତ
ବଦଳେଇବାକୁ କିଛି କରିପାରିବେ ନାହିଁ ବରଂ ଲୋକେ
ବେଳକୁବେଳ ଉତ୍ତେଜିତ ହୋଇ ଉଠୁଛନ୍ତି। ପୀଲାତ କିଛି
ପାଣି ନେଲେ, ଓ ସମସ୍ତେ ଦେଖି ପାରିବା ଭଳି ତାହାଙ୍କର
ଦୁଇହାତ ଧୋଇଲେ। ସେ କହିଲେ, "ଏ ଲୋକର ମୃତ୍ୟୁ
ପାଇଁ ମୁଁ ଦାୟୀ ନୁହେଁ। ତୁମ୍ଭେମାନେ କେବଳ ଏସବୁ
କରୁଛ।"
୨୫ସବୁଲୋକ ଉତ୍ତର ଦେଲେ, "ଆମ୍ଭେ ତାହାଙ୍କ ମୃତ୍ୟୁ
ପାଇଁ ଦାୟୀ ରହିବୁ। ତାହାଙ୍କ ମୃତ୍ୟୁ ପାଇଁ ଯେ କୌଣସି
ଦଣ୍ଡ ପାଇବାକୁ ଯୋଗ୍ୟ, ଆମ୍ଭ ନିଜ ପାଇଁ ଓ ଆମ୍ଭ
ପିଲାମାନଙ୍କ ପାଇଁ ସେଥିରେ ରାଜି ଅଛୁ।" ୨୬ପୀଲାତ
ବାରବ୍ବାଙ୍କୁ ମୁକ୍ତ କରିଦେଲେ ଓ ଯୀଶୁଙ୍କୁ ବେତରେ
ମାରିବା ପାଇଁ ଆଦେଶ ଦେଲେ। ତା'ପରେ ସେ ଯୀଶୁଙ୍କୁ
କ୍ରୁଶରେ ଚଢ଼ାଇବା ପାଇଁ ସୈନ୍ୟମାନଙ୍କୁ ହାତରେ ଅର୍ପଣ
କଲେ।

## ପୀଲାତଙ୍କ ସୈନ୍ୟମାନେ ଯୀଶୁଙ୍କୁ ଥଟ୍ଟା କଲେ

୨୭ତାପରେ ପୀଲାତଙ୍କ ସୈନ୍ୟମାନେ ଯୀଶୁଙ୍କୁ ପୀଲାତଙ୍କ
ରାଜପ୍ରାସାଦ ଭିତରକୁ ନେଇଗଲେ। ସବୁ ସୈନ୍ୟଦଳ
ଯୀଶୁଙ୍କ ଚାରିପଟେ ଜମା ହୋଇଗଲେ। ୨୮ସୈନ୍ୟମାନେ
ଯୀଶୁଙ୍କ ପୋଷାକ କାଢ଼ି ପକାଇଲେ ଓ ତାହାଙ୍କୁ ଲାଲ
ପୋଷାକଟି ପିନ୍ଧାଇଦେଲେ। ୨୯ସେମାନେ କଣ୍ଟାଡାଳରେ
ଗୋଟିଏ ମୁକୁଟ ତିଆରି କଲେ ଓ ସେହି କଣ୍ଟା ମୁକୁଟ
ଯୀଶୁଙ୍କ ମୁଣ୍ଡରେ ପିନ୍ଧାଇଦେଲେ। ତାହାଙ୍କର ଡାହାଣ
ହାତରେ ବାଡ଼ିଟିଏ ଧରେଇ ଦେଲେ। ତାପରେ ତାହାଙ୍କ
ଆଗରେ ଆଣ୍ଠୁ ମାଡ଼ି ବସି ପଡି ତାହାଙ୍କୁ ଥଟ୍ଟା କଲେ।
ସେମାନେ କହିଲେ, "ହେ, ଯିହୂଦୀମାନଙ୍କର ରାଜା! ତୁମ୍ଭେ
ଦୀର୍ଘଜୀବୀ ହୁଅ।" ୩୦ତା'ପରେ ସେମାନେ ତାହାଙ୍କ ମୁହଁ
ଉପରକୁ ଛେପପକାଇଲେ ଓ ତାହାଙ୍କ ହାତରୁ ବାଡ଼ିଟି
ନେଇ ସେଥିଲେ ତାହାଙ୍କର ମୁଣ୍ଡକୁ ପିଟିବାକୁ ଲାଗିଲେ।
୩୧ତାହାଙ୍କୁ ଥଟ୍ଟା କରି ସାରିବା ପରେ ତାହାଙ୍କ ପୋଷାକ
କାଢ଼ିନେଲେ ଓ ପୁଣି ତାହାଙ୍କର ନିଜ ବସ୍ତ୍ର ପିନ୍ଧାଇ
କ୍ରୁଶରେ ଚଢାଇବା ପାଇଁ ନେଇଗଲେ।

## ଯୀଶୁଙ୍କୁ କ୍ରୁଶରେ ହତ୍ୟା କରାଗଲା

୩୨ସୈନ୍ୟମାନେ ଯୀଶୁଙ୍କୁ ନେଇ ନଗର ବାହାରକୁ
ଯାଉଥିବା ସମୟରେ କୁରୀଣୀୟ ଶିମୋନ ନାମରେ ଜଣେ
ଲୋକକୁ ଦେଖିଲେ। ସେମାନେ ସେ ଲୋକଟିକୁ ଯୀଶୁଙ୍କ
ପାଇଁ କ୍ରୁଶ ବୋହି ନେବା ପାଇଁ ବାଧ୍ୟ କଲେ। ୩୩ସେମାନେ
ଗଲ୍‌ଗଥା ନାମକ ସ୍ଥାନରେ (ଯାହାର ଅର୍ଥ କପାଳ-ସ୍ଥାନ)
ପହଞ୍ଚିଲେ। ୩୪ସେମାନେ ଯୀଶୁଙ୍କୁ ପିତ୍ତ ମିଶା ଅଙ୍ଗୁରରସ
ପିଇବାକୁ ଦେଲେ, କିନ୍ତୁ ଯୀଶୁ ତାହାକୁ ଚାଖିବା ପରେ
ପିଇବା ପାଇଁ ମନା କଲେ। ୩୫ସେମାନେ ଯୀଶୁଙ୍କୁ କ୍ରୁଶରେ
କଣ୍ଟାମାରିସାରି ତାହାଙ୍କର ପୋଷାକ ପତ୍ର ନିଜ ନିଜ
ଭିତରେ ଗୁଲିବାଣ୍ଟ କରି ବାଣ୍ଟି ନେଲେ। ୩୬ତା'ପରେ
ସୈନ୍ୟମାନେ ସେଠାରେ ଯୀଶୁଙ୍କୁ ଜଗିବା ପାଇଁ ବସିଲେ।
୩୭ସୈନ୍ୟମାନେ ଯୀଶୁଙ୍କ ବିରୁଦ୍ଧରେ ଅଭିଯୋଗ-ପତ୍ର ତିଆରି
କଲେ ଓ ତାହାକୁ ତାହାଙ୍କ ମୁଣ୍ଡ ଉପରେ ଝୁଲାଇ
ଦେଲେ। ସେଥିରେ ଲେଖା ଥିଲା, "ଏ ଯିହୂଦୀମାନଙ୍କର
ରାଜା ଯୀଶୁ।" ୩୮ସେହି ସମୟରେ ଦୁଇଜଣ ଡକାୟତଙ୍କୁ
ମଧ୍ୟ ଯୀଶୁଙ୍କ ପାଖରେ କ୍ରୁଶରେ ଚଢ଼େଇ ଦିଆଗଲା।
ଜଣକୁ ତାହାଙ୍କ ଡାହାଣ ପଟେ ଓ ଆର ଜଣକୁ ବାମ
ପଟେ। ୩୯ସେହି ପାଖ ଦେଇ ଯାଉଥିବା ଲୋକମାନେ
ଯୀଶୁଙ୍କୁ ଅପମାନ ଦେଉଥିଲେ। ସେମାନେ ସେମାନଙ୍କ
ମୁଣ୍ଡହଲେଇ କହୁଥିଲେ, ୪୦"ତୁମ୍ଭେ କହୁଥିଲ ଯେ ତୁମ୍ଭେ
ମନ୍ଦିରକୁ ଭାଙ୍ଗି ଦେଇ ପାରିବ ଓ ପୁଣି ତାକୁ ତିନିଦିନ
ମଧ୍ୟରେ ତିଆରି କରିଦେଇ ପାରିବ। ତେଣୁ ଏବେ ତୁମ୍ଭେ
ନିଜକୁ ରକ୍ଷା କର। ତୁମ୍ଭେ ଯଦି ପ୍ରକୃତରେ ପରମେଶ୍ୱରଙ୍କ
ପୁତ୍ର, ତେବେ କ୍ରୁଶ ଉପରୁ ତଳକୁ ଚାଲିଆସ।"
୪୧ପ୍ରଧାନ ଯାଜକ, ଧର୍ମଶାସ୍ତ୍ରୀ ଓ ପ୍ରାଚୀନମାନେ ମଧ୍ୟ
ସେଠାରେ ଥିଲେ। ସେମାନେ ମଧ୍ୟ ଅନ୍ୟମାନଙ୍କ ଭଳି
ଯୀଶୁଙ୍କୁ ଥଟ୍ଟା କରୁଥିଲେ। ୪୨ସେମାନେ କହୁଥିଲେ, "ସେ
ଅନ୍ୟମାନଙ୍କୁ ରକ୍ଷା କରୁଥିଲେ। ଏବେ କିନ୍ତୁ ସେ ନିଜକୁ
ରକ୍ଷା କରି ପାରୁନାହାନ୍ତି। ଲୋକେ କହନ୍ତି ଯେ ସେ
ଇସ୍ରାୟେଲର ରାଜା। ଏକଥା ଯଦି ସତ, ତେବେ ସେ
ବର୍ତ୍ତମାନ କ୍ରୁଶ ଉପରୁ ତଳକୁ ଓହ୍ଲେଇ ଆସନ୍ତୁ। ତେବେ
ଆମ୍ଭେ ତାହାଙ୍କୁ ବିଶ୍ୱାସ କରିବୁ। ୪୩ସେ ପରମେଶ୍ୱରଙ୍କଠାରେ
ବିଶ୍ୱାସ କରୁଥିଲେ। ଯଦି ପ୍ରକୃତରେ ପରମେଶ୍ୱର ତାହାଙ୍କୁ
ଚାହୁଁଥାଆନ୍ତି, ତେବେ ସେ ତାହାଙ୍କୁ ବର୍ତ୍ତମାନ ରକ୍ଷା
କରନ୍ତୁ। ସେ ନିଜେ କହୁଥିଲେ, 'ମୁଁ ପରମେଶ୍ୱରଙ୍କ

ପୁତ୍ର ।’” ୪୪ଯେଉଁ ଡକାୟତମାନଙ୍କୁ ଯୀଶୁଙ୍କ ପାଖରେ
କ୍ରୁଶରେ ଚଢ଼େଇ ଦିଆଯାଉଥିଲା, ସେମାନେ ମଧ୍ୟ ଯୀଶୁଙ୍କୁ
ସେହିଭଳି ଥଟ୍ଟା କରିବାରେ ଲାଗିଲେ ।

## ଯୀଶୁଙ୍କ ମୃତ୍ୟୁ

୪୫ଦ୍ୱିପ୍ରହରଠାରୁ ତିନିଟା ବାଜିବା ପର୍ଯ୍ୟନ୍ତ ସାରା ଦେଶରେ
ଅନ୍ଧକାର ଘୋଟିଗଲା । ୪୬ପ୍ରାୟ ତିନିଟାବେଳେ ଯୀଶୁ ଉଚ୍ଚ
ସ୍ୱରରେ ଡାକଲେ, “ଏଲି, ଏଲି, ଲାମା ସବକ୍ଥାନୀ?”
ଅର୍ଥାତ୍ “ହେ ମୋର ପରମେଶ୍ୱର, ହେ ମୋର ପରମେଶ୍ୱର,
ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ?”*
୪୭ସେଠାରେ ଠିଆହୋଇଥିବା କେତେକ ଲୋକ ଏକଥା
ଶୁଣିଲେ ଓ କହିଲେ, “ସେ ଏଲୀୟଙ୍କୁ ଡାକୁଛି ।”
୪୮ସେହିକ୍ଷଣି ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଦୌଡ଼ିଯାଇ
ସ୍ପଞ୍ଜଟିଏ ନେଇ ଆସିଲା । ତାକୁ ଅମ୍ଳରସରେ ବୁଡ଼ାଇ
ଗୋଟିଏ ବାଡ଼ିରେ ଟାଙ୍ଗି ଯୀଶୁଙ୍କୁ ବଢ଼ାଇ ଦେଲା । ୪୯କିନ୍ତୁ
ଅନ୍ୟମାନେ କହିଲେ, “ରୁହ, ଏଲୀୟ ଆସି ତାହାଙ୍କୁ ରକ୍ଷା
କରୁଛନ୍ତି କି ନାହିଁ ଏବେ ଦେଖିବା ।”
୫୦ପୁଣି ଥରେ ଯୀଶୁ ବଡ଼ ପାଟିରେ ଚିତ୍କାର କଲେ,
ତା’ପରେ ସେ ପ୍ରାଣତ୍ୟାଗ କଲେ । ୫୧ତାପରେ ମନ୍ଦିରର
ପରଦା ଉପରୁ ତଳ ପର୍ଯ୍ୟନ୍ତ ଚିରିଯାଇ ଦୁଇଖଣ୍ଡ ହୋଇଗଲା ।
ଭୂମିକମ୍ପ ହେଲା, ଓ ପଥର ମାନ ଫାଟି ଗଲା, ୫୨କବରଗୁଡିକ
ଖୋଲିଗଲା, ଆଗରୁ ମରିଯାଇଥିବା ପରମେଶ୍ୱରଙ୍କର ଅନେକ
ଗୁଡିଏ ଲୋକ ମୃତ୍ୟୁରୁ ପୁଣି ଉତ୍ଥାନ କଲେ । ସେମାନେ
କବର ଭିତରୁ ବାହାରି ଆସିଲେ । ୫୩ଯୀଶୁ ମୃତ୍ୟୁରୁ ବଞ୍ଚି
ଉଠିବା ପରେ ସେମାନେ ପବିତ୍ରନଗରକୁ ଯାଇ ଅନେକ
ଲୋକଙ୍କୁ ଦେଖାଦେଲେ ।
୫୪ରୋମୀୟ ସେନାଧକ୍ଷ ଓ ଯୀଶୁଙ୍କୁ ଜଗି ରହିଥିବା
ସୈନ୍ୟମାନେ ଭୂମିକମ୍ପ ଓ ଅନ୍ୟସବୁ ଘଟଣାମାନ ଘଟୁଥିବା
ଦେଖିଲେ, ସେମାନେ ବହୁତ ଭୟ କଲେ ଓ ସେମାନେ
କହିଲେ, “ସେ ପ୍ରକୃତରେ ପରମେଶ୍ୱରଙ୍କ ପୁତ୍ର ଥିଲେ ।”
୫୫କିଛି ଦୂରରେ ଅନେକ ସ୍ତ୍ରୀଲୋକ ଏସବୁ ଦେଖୁଥିଲେ ।
ଏହି ସ୍ତ୍ରୀଲୋକମାନେ ଯୀଶୁଙ୍କ ଯତ୍ନ ନେବା ପାଇଁ ଗାଲୀଲୀରୁ
ତାହାଙ୍କ ସହିତ ଆସିଥିଲେ । ୫୬ସେମାନଙ୍କ ମଧ୍ୟରେ ମଗ୍ଦଲୀନୀ
ମରିୟମ, ଯାକୁବ ଓ ଯୋସେଫଙ୍କ ମାଆ ମରିୟମ, ଓ
ଜେବଦୀଙ୍କ ପୁତ୍ରମାନ(ଯାକୁବ ଓ ଯୋହନ)ଙ୍କ ମାଆ ଥିଲେ ।

## ଯୀଶୁଙ୍କୁ କବର ଦିଆଗଲା

୫୭ସନ୍ଧ୍ୟା ହେବା ବେଳକୁ ଯୋସେଫ ନାମକ ଆରିମଥିଆର
ଜଣେ ଧନୀଲୋକ ଯିରୂଶାଲମରେ ଆସି ପହଞ୍ଚିଲେ । ସେ
ମଧ୍ୟ ଯୀଶୁଙ୍କର ଜଣେ ଶିଷ୍ୟ ଥିଲେ । ୫୮ସେ ପୀଲାତଙ୍କ
ପାଖକୁ ଗଲେ, ଓ ଯୀଶୁଙ୍କ ଶରୀର ପାଇଁ ଅନୁରୋଧ
କଲେ । ପୀଲାତ ସୈନ୍ୟମାନଙ୍କୁ ଆଜ୍ଞାଦେଇ କହିଲେ
ଶରୀରକୁ ତାହାଙ୍କୁ ଦେଇଦିଅ । ୫୯ଯୋସେଫ ଶରୀରକୁ
ନେଲେ, ଓ ତାହାଙ୍କୁ ନୂଆ ରେଶମ ବସ୍ତ୍ର ଦ୍ୱାରା ଘୋଡେଇ
ଦେଲେ । ୬୦ଯୋସେଫ ଯୀଶୁଙ୍କ ଶରୀରକୁ ତାହାଙ୍କ ନୂଆ
କବର ମଧ୍ୟରେ ରଖିଲେ । ସେହି କବରକୁ ଯୋସେଫ
ପଥରର କାନ୍ଥ କାଟି ତିଆରି କରିଥିଲେ । ତାପରେ ସେ
ଗୋଟିଏ ବହୁତ ବଡ ପଥର ଗଡ଼େଇ ଆଣି ପ୍ରବେଶ-ଦ୍ୱାରକୁ
ବନ୍ଦକରି ଦେଲେ । ଏସବୁ କଲାପରେ ଯୋସେଫ ଚାଲିଗଲେ ।
୬୧ମଗ୍ଦଲୀନୀ ମରିୟମ ଓ ମରିୟମନାମକ ଅନ୍ୟ ସ୍ତ୍ରୀଲୋକ
ଜଣକ ସେଠାରେ କବର ଆଗରେ ବସି ରହିଥିଲେ ।

## ଯୀଶୁଙ୍କ କବର ପାଖରେ ପହରା

୬୨ସେହି ଦିନଟି ପ୍ରସ୍ତୁତି-ଦିବସ ଥିଲା, ସେହି ଶୁକ୍ରବାରର
ପରଦିନ ପ୍ରମୁଖ ଯାଜକ ଓ ଫାରୂଶୀମାନେ ପୀଲାତଙ୍କୁ
ଭେଟିଲେ । ୬୩ସେମାନେ କହିଲେ, “ମହାଶୟ, ଆମ୍ଭର
ମନେ ଅଛି ଯେ ସେହି ପ୍ରତାରକ ସେ ବଞ୍ଚିଥିବା ବେଳେ
କହିଥିଲା, ‘ତୃତୀୟ ଦିନ ପରେ ମୁଁ ମୃତ୍ୟୁରୁ ପୁଣି
ପୁନରୁତ୍ଥିତ ହେବି ।’ ୬୪ତେଣୁ ତୃତୀୟ ଦିନ ପର୍ଯ୍ୟନ୍ତ
କବରକୁ ପହରା ଦେବା ପାଇଁ ଆପଣ ଆଦେଶ ଦିଅନ୍ତୁ ।
ତାହାଙ୍କର ଶିଷ୍ୟମାନେ ସେଠାକୁ ଆସି ତାହାଙ୍କ ମୃତ
ଦେହକୁ ଚୋରୀ କରି ନେବାପାଇଁ ଚେଷ୍ଟା କରିବେ ।
ତା’ପରେ ସେମାନେ ଲୋକମାନଙ୍କୁ କହିବେ ଯେ, ସେ
ମୃତ୍ୟୁରୁ ଉଠିଛନ୍ତି । ତାହାହେଲେ ଏହି ଶେଷ ପ୍ରତାରଣା
ଆଗ ପ୍ରତାରଣା ଅପେକ୍ଷା ଅଧିକ ଖରାପ ହେବ ।”
୬୫ପୀଲାତ ସେମାନଙ୍କୁ କହିଲେ, “ତୁମ୍ଭେ ପହରା ପାଇଁ
ସୈନ୍ୟ ନେଇଯାଇପାର । ତୁମ୍ଭେ ଯେଭଳି ଭଲ ଭାବୁଛ,
ଯାଅ ଓ ସେହିପରି କବରସ୍ଥାନକୁ ପହରା ଦେଇ ନିରାପଦରେ
ରଖ ।” ୬୬ତା’ପରେ ସେମାନେ କବର ପାଖକୁ ଗଲେ ଓ
ପ୍ରବେଶ-ଦ୍ୱାରରେ ମୋହର ଲଗେଇଲେ । ସେଠାରେ
ସୈନ୍ୟମାନଙ୍କୁ ପହରା ଦେବାପାଇଁ ଆଦେଶ ଦେଇ
ଚୋରମାନଙ୍କ କବଳରୁ କବରକୁ ନିରାପଦ ରଖିବାର ବ୍ୟବସ୍ଥା
କଲେ ।

## ଯୀଶୁ ମୃତ୍ୟୁରୁ ପୁନରୁତ୍ଥିତ ହେଲେ

୨୮ ବିଶ୍ରାମଦିବସର ପରଦିନ ଅର୍ଥାତ ସପ୍ତାହର ପ୍ରଥମ
ଦିନ ଅତି ସକାଳୁ ମଗ୍ଦଲୀନୀ ମରିୟମ ଓ
ମରିୟମ ନାମକ ଅନ୍ୟ ସ୍ତ୍ରୀଲୋକ ଜଣକ କବର ଦେଖିବାକୁ
ଆସିଲେ । ୨ସେତିକିବେଳେ ଗୋଟିଏ ବଡ ଧରଣର ଭୂମିକମ୍ପ
ହେଲା । ପ୍ରଭୁଙ୍କର ଜଣେ ସ୍ୱର୍ଗଦୂତ ସ୍ୱର୍ଗରୁ ଓହ୍ଲାଇ ଆସିଲେ ।
ସ୍ୱର୍ଗଦୂତ ଜଣକ କବର ପାଖକୁ ଗଲେ ଓ ପ୍ରବେଶଦ୍ୱାର
ପାଖରୁ ପଥରଟି ଗଡେଇ ବାହାର କରିଦେଲେ । ସେ
ପଥର ଉପରେ ବସିଲେ । ୩ସ୍ୱର୍ଗଦୂତଙ୍କ ରୂପ ବିଜୁଳି ଭଳି
ଝଲକୁଥିଲା ଓ ତାହାଙ୍କ ପୋଷାକ ହିମ ଭଳି ଧଳା ଥିଲା ।
୪କବରକୁ ଜଗି ରହିଥିବା ସୈନ୍ୟମାନେ ସ୍ୱର୍ଗଦୂତଙ୍କୁ ଦେଖି
ଡ଼ରିଗଲେ । ସେମାନେ ଭୟରେ ଥରିବାକୁ ଲାଗିଲେ ।
ସେମାନେ ମୃତ ପ୍ରାୟ ହୋଇଗଲେ ।
୫ସ୍ୱର୍ଗଦୂତ ଜଣକ ସ୍ତ୍ରୀଲୋକମାନଙ୍କୁ କହିଲେ, “ଭୟ
କରନାହିଁ । ଯେଉଁ ଯୀଶୁଙ୍କୁ କ୍ରୁଶରେ ଚଢ଼ାଇ ମାରି ଦିଆଯାଇଛି
ତୁମ୍ଭେ ତାହାଙ୍କୁ ଖୋଜୁଥିବା କଥା ମୁଁ ଜାଣିଛି । ୬କିନ୍ତୁ ଯୀଶୁ
ଏଠାରେ ନାହାଁନ୍ତି । ସେ ତାହାଙ୍କ କଥା ଅନୁସାରେ ମୃତ୍ୟୁରୁ
ପୁନରୁତ୍ଥିତ ହୋଇଛନ୍ତି । ତାହାଙ୍କ ମରା-ଶରୀରକୁ ଯେଉଁ

---

**“ହେ ମୋର ... ପରିତ୍ୟାଗ କଲ?”** ଗୀତସଂହିତା. ୨୨:୧

ସ୍ଥାନରେ ରଖା ଯାଇଥିଲା, ସେ ସ୍ଥାନ ତୁମ୍ଭେ ଆସି ଦେଖ।
୭ଶୀଘ୍ର ଏଠାରୁ ଯାଇ ତାହାଙ୍କ ଶିଷ୍ୟମାନଙ୍କୁ ଜଣାଅ: 'ଯୀଶୁ
ମୃତ୍ୟୁରୁ ପୁନରୁତ୍ଥିତ ହୋଇଛନ୍ତି। ସେ ଗାଲୀଲୀ ପ୍ରଦେଶକୁ
ଯାଉଛନ୍ତି। ତୁମ୍ଭମାନଙ୍କ ପୂର୍ବରୁ ସେ ସେଠାରେ ଥିବେ।
ତୁମ୍ଭେମାନେ ତାହାଙ୍କୁ ସେଠାରେ ଦେଖିବ।'" ତାପରେ
ସ୍ୱର୍ଗଦୂତ ଆଉ ଥରେ କହିଲେ, "ଏହି ସବୁ କଥା ମୁଁ
ତୁମ୍ଭକୁ କହିବାକୁ ଆସିଥିଲି।"

୮ତେଣୁ ସେହି ସ୍ତ୍ରୀଲୋକମାନେ ତତ୍କ୍ଷଣାତ୍ କବର ସ୍ଥାନ
ଛାଡ଼ି ଚାଲିଗଲେ। ସେମାନେ ଡରି ଯାଇଥିଲେ, କିନ୍ତୁ
ବହୁତ ଖୁସି ମଧ୍ୟ ଥିଲେ। ଯାହାସବୁ ଘଟିଗଲା, ସେ ସବୁ
ଯୀଶୁଙ୍କ ଶିଷ୍ୟମାନଙ୍କୁ ଜଣାଇବା ପାଇଁ ସେମାନେ ଦୌଡ଼-ଦୌଡ଼
ଗଲେ। ୯ହଠାତ୍ ସେମାନେ ଦେଖିଲେ, ଯୀଶୁ ତାହାଙ୍କ
ଆଗରେ ଠିଆ ହୋଇଛନ୍ତି। ସେ କହିଲେ, "ତୁମ୍ଭମାନଙ୍କର
ମଙ୍ଗଳ ହେଉ!" ସ୍ତ୍ରୀଲୋକମାନେ ଯୀଶୁଙ୍କ ପାଖକୁ ଗଲେ।
ସେମାନେ ତାହାଙ୍କ ପାଦ ଧରି ତାହାଙ୍କର ଉପାସନା
କଲେ। ୧୦ଯୀଶୁ ସେମାନଙ୍କୁ କହିଲେ, "ଭୟ କର ନାହିଁ।
ତୁମ୍ଭେମାନେ ଯାଇ ମୋ ଭାଇମାନଙ୍କୁ କୁହ ଯେ, ସେମାନେ
ଗାଲୀଲୀ ଯାଆନ୍ତୁ। ସେମାନେ ମୋତେ ସେହିଠାରେ
ଦେଖିବେ।"

## ଜଗୁଆଳମାନେ ଯିହୂଦୀ ନେତାମାନଙ୍କୁ ଘଟଣାର ସୂଚନା ଦେଲେ

୧୧ଯେତେବେଳେ ସ୍ତ୍ରୀଲୋକମାନେ ଯୀଶୁଙ୍କ ଶିଷ୍ୟମାନଙ୍କୁ
ଖବର ଦେବାକୁ ଗଲେ, କବର ନିକଟରେ ପହରା
ଦେଉଥିବା କେତେକ ଜଗୁଆଳ ନଗରକୁ ଗଲେ ଓ କବର
ନିକଟରେ ଯାହା ସବୁ ଘଟିଥିଲା, ସେ ସମସ୍ତ ଖବର
ପ୍ରଧାନ ଯାଜକମାନଙ୍କୁ ଜଣାଇଲେ। ୧୨ତା'ପରେ ପ୍ରଧାନ
ଯାଜକମାନେ ପ୍ରାଚୀନମାନଙ୍କ ସହିତ ମନ୍ତ୍ରଣା କରି ଗୋଟିଏ
ଉପାୟ ବାହାର କଲେ। ସେମାନେ ସୈନ୍ୟମାନଙ୍କୁ ମିଛ
କହିବା ପାଇଁ ଲାଞ୍ଚ ହିସାବରେ ପ୍ରଚୁର ଟଙ୍କା ଦେଲେ।
୧୩ସେମାନେ ସୈନ୍ୟମାନଙ୍କୁ କହିଲେ, "ତୁମ୍ଭେ ଲୋକମାନଙ୍କୁ
କହିବ ଯେ, ତୁମ୍ଭେମାନେ ସବୁ ଶୋଇ ପଡିଥିବା ସମୟରେ
ଯୀଶୁଙ୍କ ଶିଷ୍ୟମାନେ ରାତିରେ ଆସିଲେ ଓ ତାହାଙ୍କ
ଶରୀରକୁ କବରସ୍ଥାନରୁ ଚୋରେଇ ନେଲେ। ୧୪ରାଜ୍ୟପାଳ
ଯଦି ଏକଥା ଶୁଣନ୍ତି, ତେବେ ଆମ୍ଭେ ତାହାଙ୍କୁ ଠିକ୍
ଭାବରେ ସବୁ ବୁଝାଇ କହିବୁ ଓ ତୁମ୍ଭମାନଙ୍କୁ ଅସୁବିଧାରୁ
ରକ୍ଷା କରିବୁ।" ୧୫ସୈନ୍ୟମାନେ ଟଙ୍କାତକ ନେଲେ। ସେମାନଙ୍କୁ
ଯେପରି କରିବାକୁ ଶିଖାଯାଇଥିଲା, ସେମାନେ ତାହାହିଁ
କଲେ। ଏବଂ ଏକଥାଟି ଆଜି ପର୍ଯ୍ୟନ୍ତ ମଧ୍ୟ ଯିହୂଦୀମାନଙ୍କ
ମଧ୍ୟରେ ପ୍ରଚଳିତ ଅଛି।

## ଯୀଶୁ ତାହାଙ୍କ ଶିଷ୍ୟମାନଙ୍କ ସହିତ କଥାବାର୍ତ୍ତା ହେଲେ

୧୬ଏଗାର ଜଣ ଶିଷ୍ୟ ଗାଲୀଲୀକୁ ଗଲେ। ଯୀଶୁ
ସେମାନଙ୍କୁ ଯେଉଁ ପାହାଡ ଉପରକୁ ଯିବାକୁ କହିଥିଲେ,
ସେମାନେ ସେଠାକୁ ଗଲେ। ୧୭ପାହାଡ଼ ଉପରେ ସେମାନେ
ଯୀଶୁଙ୍କୁ ଦେଖିଲେ। ସେମାନେ ତାହାଙ୍କୁ ପ୍ରଣାମ କଲେ।
କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ ଶିଷ୍ୟ ବିଶ୍ୱାସ
କରିପାରିଲେନାହିଁ ଯେ, ଏ ହେଉଛନ୍ତି ପ୍ରକୃତରେ ଯୀଶୁ।
୧୮ତେଣୁ ଯୀଶୁ ସେମାନଙ୍କ ପାଖକୁ ଆସି କହିଲେ, "ସ୍ୱର୍ଗ
ଓ ପୃଥିବୀର ସମସ୍ତ ଅଧିକାର ମୋତେ ଦିଆ ଯାଇଛି।
୧୯ତେଣୁ ଯାଅ, ଓ ସବୁ ଦେଶର ଲୋକମାନଙ୍କୁ ମୋର
ଶିଷ୍ୟ କର। ପରମ-ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ
ତୁମ୍ଭେମାନେ ସେମାନଙ୍କୁ ବାପ୍ତିସ୍ମ ଦିଅ। ୨୦ମୁଁ ତୁମ୍ଭମାନଙ୍କୁ
ଯାହା ସବୁ କହିଛି, ସେ ସବୁ କଥା ପାଳନ କରିବା ପାଇଁ
ଲୋକମାନଙ୍କୁ ଶିକ୍ଷା ଦିଅ। ମୁଁ ତୁମ୍ଭମାନଙ୍କ ସହିତ ସଦାସର୍ବଦା
ରହିବି ବୋଲି ତୁମ୍ଭେମାନେ ଦୃଢ଼-ବିଶ୍ୱାସ ରଖ। ଜଗତର
ଶେଷ ସମୟ ପର୍ଯ୍ୟନ୍ତ ମଧ୍ୟ ମୁଁ ତୁମ୍ଭ ସଙ୍ଗେ ସଙ୍ଗେ
ରହିବି।"

# ମାର୍କ ଲିଖିତ ସୁସମାଚାର

### ଯୀଶୁଙ୍କ ଆଗମନର ପ୍ରସ୍ତୁତି

୧ ଏହା ପରମେଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାରର
ଆରମ୍ଭ। ୨ଭବିଷ୍ୟଦ୍‌ବକ୍ତା ଯିଶାଇୟଙ୍କ ପୁସ୍ତକରେ
ଲେଖାଅଛି:

> "ଶୁଣ! ମୁଁ ମୋ ଦୂତକୁ ତୁମ୍ଭ ପୂର୍ବରୁ ପଠାଉଛି ସେ
> ତୁମ୍ଭ ପାଇଁ ପଥ ପ୍ରସ୍ତୁତ କରିବ।" ମଲାଖି ୩:୧

୩ "ମରୁଭୂମିରେ ଜଣେ ପାଟିକରି କହୁଛି; 'ପ୍ରଭୁଙ୍କ
ପାଇଁ ପଥ ପ୍ରସ୍ତୁତ କର, ତାହାଙ୍କ ପାଇଁ ରାସ୍ତା
ସମତଳ କର।'" ଯିଶାଇୟ ୪୦:୩

୪ତେଣୁ ବାପ୍ତିଜକ ଯୋହନ ମରୁଭୂମି ଅଞ୍ଚଳକୁ ଆସି
ଲୋକମାନଙ୍କୁ ବାପ୍ତିସ୍ମ ଦେଉ ଥିଲେ। ସେ ସେମାନଙ୍କୁ
କହିଲେ, ତୁମ୍ଭେମାନେ ନିଜର ହୃଦୟ ପରିବର୍ତ୍ତନ କରିବାକୁ
ଚାହୁଁ ଥିବାରୁ ବାପ୍ତିସ୍ମ ଗ୍ରହଣ କର। ତା'ପରେ ସେମାନଙ୍କର
ପାପଗୁଡ଼ିକୁ କ୍ଷମା କରାଯିବ। ୫ଯିହୂଦା ଓ ଯିରୁଶାଲମର
ସବୁଲୋକ ଯୋହନଙ୍କ ପାଖକୁ ଆସିଲେ। ନିଜ ନିଜ ପାପ
ସ୍ୱୀକାର କରି ଯର୍ଦ୍ଦନ ନଦୀରେ ସେମାନେ ଯୋହନଙ୍କ
ଦ୍ୱାରା ବାପ୍ତିଜିତ ହେଲେ। ୬ଯୋହନ ଓଟ ଲୋମରେ
ତିଆରି ପୋଷାକ ପିନ୍ଧୁଥିଲେ ଓ ଅଣ୍ଟା ଚାରିପଟେ ଗୋଟିଏ
ଚମଡ଼ାର ପଟି ବାନ୍ଧୁଥିଲେ। ପଙ୍ଗପାଳ ଓ ବନ-ମଧୁ
ତାହାଙ୍କର ଖାଦ୍ୟ ଥିଲା। ୭ଯୋହନ ଲୋକମାନଙ୍କ ଆଗରେ
ଘୋଷଣା କରୁଥିଲେ: "ମୋ ପରେ ଜଣେ ଶକ୍ତିଶାଳୀ
ଲୋକ ଆସୁଛନ୍ତି; ମୁଁ ଆଣ୍ଠୁମାଡ଼ି ବସି ତାହାଙ୍କର ଯୋତା
ଖୋଲିବା ପାଇଁ ମଧ ଯୋଗ୍ୟ ନୁହେଁ। ୮ମୁଁ ତୁମ୍ଭମାନଙ୍କୁ
ଜଳ ଦ୍ୱାରା ବାପ୍ତିସ୍ମ ଦେଉଛି, କିନ୍ତୁ ସେ ତୁମ୍ଭମାନଙ୍କୁ
ପବିତ୍ର-ଆତ୍ମାଙ୍କ ଦ୍ୱାରା ବାପ୍ତିସ୍ମ କରିବେ।"

### ଯୀଶୁଙ୍କ ବାପ୍ତିସ୍ମ ଗ୍ରହଣ

୯ସେହି ସମୟରେ ଯୀଶୁ ଗାଲୀଲୀର ନାଜରିତରୁ (ଗୋଟିଏ
ସହର) ଯୋହନଙ୍କ ପାଖକୁ ଆସିଲେ। ଯୋହନ ଯୀଶୁଙ୍କୁ
ଯର୍ଦ୍ଦନ ନଦୀରେ ବାପ୍ତିସ୍ମ ଦେଲେ। ୧୦ଯୀଶୁ ଜଳରୁ ବାହାରି
ଆସୁଥିବା ସମୟରେ ସ୍ୱର୍ଗ ଖୋଲା ଥିବାର ଦେଖିଲେ। ସେ
ଦେଖିଲେ ଯେ ଆତ୍ମା ତାହାଙ୍କ ଉପରକୁ କପୋତ ଭଳି
ଓହ୍ଲାଇ ଆସୁଛନ୍ତି।। ୧୧ଆକାଶରୁ ବାଣୀ ହେଲା: "ହେ
ମୋହର ପୁତ୍ର, ମୁଁ ତୁମ୍ଭକୁ ପ୍ରେମ କରେ, ମୁଁ ତୁମ୍ଭ
ଉପରେ ବହୁତ ଖୁସୀ।"

### ଯୀଶୁଙ୍କୁ ଶୟତାନର ପରୀକ୍ଷା

୧୨ତା'ପରେ, ସଂଗେ ସଂଗେ ଆତ୍ମା ଯୀଶୁଙ୍କୁ ମରୁଭୂମିକୁ
ଏକୁଟିଆ ପଠାଇଦେଲେ। ୧୩ଯୀଶୁ ସେଠାରେ ଚାଳିଶ ଦିନ
ପର୍ଯ୍ୟନ୍ତ ବନ୍ୟ ପଶୁମାନଙ୍କ ସହିତ ରହିଲେ। ସେଠାରେ
ସେ ଶୟତାନ ଦ୍ୱାରା ପରୀକ୍ଷିତ ହେଲେ। ତା'ପରେ
ସ୍ୱର୍ଗଦୂତମାନେ ଆସି ଯୀଶୁଙ୍କର ସେବା କଲେ।

### ଯୀଶୁ କେତେକ ଶିଷ୍ୟଙ୍କୁ ବାଛିଲେ

୧୪ଏହା ପରେ ଯୋହନଙ୍କୁ କାରାଗାରରେ ବନ୍ଦୀ କରି
ରଖାଗଲା। ଯୀଶୁ ଗାଲିଲୀକୁ ଆସିଲେ ଓ ସେ ପରମେଶ୍ୱରଙ୍କ
ସୁସମାଚାର ପ୍ରଚାର କରିବାକୁ ଲାଗିଲେ। ୧୫ଯୀଶୁ କହିଲେ,
"ବର୍ତ୍ତମାନ ଉପଯୁକ୍ତ ସମୟ ଆସିଯାଇଛି। ପରମେଶ୍ୱରଙ୍କ
ରାଜ୍ୟ ପାଖ ହୋଇ ଗଲାଣି। ତୁମ୍ଭମାନଙ୍କର ହୃଦୟ
ପରିବର୍ତ୍ତନ କର। ସୁସମାଚାରରେ ବିଶ୍ୱାସ କର।"

୧୬ଯୀଶୁ ଗାଲିଲୀ ହ୍ରଦ ଦେଇ ଯିବା ସମୟରେ
ଶିମୋନ ଓ ତାହାଙ୍କ ଭାଇ ଆନ୍ଦ୍ରିୟକୁ ଦେଖିଲେ। ଶିମୋନ,
ପିତରଙ୍କର ଏହା ଅନ୍ୟ ଏକ ନାମ। ସେହି ଦୁଇ ଜଣ
କେଉଟ ଥିଲେ। ମାଛ ଧରିବା ପାଇଁ ସେମାନେ ହ୍ରଦ
ଭିତରକୁ ଜାଲ ଫିଙ୍ଗୁଥିଲେ। ୧୭ଯୀଶୁ ସେମାନଙ୍କୁ କହିଲେ,
"ତୁମ୍ଭେମାନେ ଆସ ଓ ମୋତେ ଅନୁସରଣ କର। ମୁଁ
ତୁମ୍ଭମାନଙ୍କୁ ଏକ ଭିନ୍ନ ପ୍ରକାରର ମାଛ ଧରାଳି କରିବି।
ତୁମ୍ଭେମାନେ ମାଛ ବଦଳରେ ମନୁଷ୍ୟଙ୍କୁ ଏକାଠି କରିବ।"
୧୮ତେଣୁ ଶିମୋନ ଓ ଆନ୍ଦ୍ରିୟ ସେମାନଙ୍କର ଜାଲ ଛାଡ଼ି,
ଯୀଶୁଙ୍କୁ ଅନୁସରଣ କଲେ।

୧୯ଯୀଶୁ ଗାଲୀଲୀ ହ୍ରଦ କୂଳରେ ଚାଲିବାକୁ ଲାଗିଲେ।
କିଛି ବାଟ ଗଲା ପରେ, ଜେବଦିଙ୍କ ପୁତ୍ର ଯାକୁବ ଓ
ତାହାଙ୍କ ଭାଇ ଯୋହନଙ୍କୁ ଦେଖିଲେ। ସେ ଦୁଇ ଭାଇ
ନୌକାରେ ବସି ମାଛ ଧରିବା ପାଇଁ ଜାଲ ସଜାଡୁଥିଲେ।
୨୦ସେହି ଦୁଇ ଭାଇଙ୍କ ସହ, ଡ଼ଙ୍ଗାରେ ସେମାନଙ୍କ ବାପା
ଜେବଦି ଓ ଅନ୍ୟ ସାହାଯ୍ୟକାରୀ ଶ୍ରମିକମାନେ ଥିଲେ।
ସେହି ଦୁଇ ଭାଇଙ୍କୁ ଦେଖିବା ମାତ୍ରେ ଯୀଶୁ ସେମାନଙ୍କୁ
ଆସିବାକୁ ଅନୁରୋଧ କଲେ। ସେମାନେ ସେମାନଙ୍କର
ବାପା ଓ ଶ୍ରମିକମାନଙ୍କୁ ଛାଡି, ଯୀଶଙ୍କୁ ଅନୁସରଣ କଲେ।

### ଯୀଶୁ ଦୁଷ୍ଟାତ୍ମାକୁ ସୁସ୍ଥକଲେ

୨୧ଯୀଶୁ ଓ ତାହାଙ୍କ ଶିଷ୍ୟମାନେ କଫର୍ନାହୂମକୁ ଗଲେ।
ବିଶ୍ରାମଦିବସ* ରେ ଯୀଶୁ ପ୍ରାର୍ଥନା ଗୃହକୁ ଯାଇ ସେଠାରେ
ଲୋକମାନଙ୍କୁ ଶିକ୍ଷା ଦେବାକୁ ଲାଗିଲେ। ୨୨ଯୀଶୁଙ୍କ ଶିକ୍ଷା

---

**ବିଶ୍ରାମଦିବସ** ଯିହୂଦୀ ସପ୍ତାହର ସପ୍ତମ ଦିବସ। ଏହି ଦିନଟି ସେମାନଙ୍କର ବିଶେଷ ପବିତ୍ର ଦିବସ।

ଶୁଣି ସେଠାକାର ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ। ଯୀଶୁ
ସେମାନଙ୍କୁ ଧର୍ମଶାସ୍ତ୍ରୀଙ୍କ ପରି ଶିକ୍ଷା ନ ଦେଇ, ଜଣେ
ଅଧିକାର ପାଇଥିବା ବ୍ୟକ୍ତିଙ୍କ ଭଳି ଶିକ୍ଷା ଦେଲେ। ୨୩ଯୀଶୁ
ପ୍ରାର୍ଥନାଗୃହ* ରେ ଥିବା ସମୟରେ ସେଠାରେ ଏପରି
ଜଣେ ଲୋକ ଥିଲା, ଯାହାଙ୍କର ଦେହରେ ଭୂତଟିଏ
ପ୍ରବେଶ କରି ରହିଥିଲା। ସେ ଲୋକଟି ପାଟି କରି
କହିଲା, ୨୪"ହେ ନାଜରୀତର ଯୀଶୁ; ତୁମ୍ଭେ ଆମ୍ଭଠାରୁ
କ'ଣ ଚାହୁଁଛ? ତୁମ୍ଭେ କ'ଣ ଆମ୍ଭକୁ ଧ୍ୱଂସ କରିଦେବାକୁ
ଆସିଛ? ତୁମ୍ଭେ କିଏ, ମୁଁ ତାହା ଜାଣେ। ତୁମ୍ଭେ ପରମେଶ୍ୱରଙ୍କ
ପବିତ୍ର ଲୋକ।"
୨୫ଯୀଶୁ ଭର୍ତ୍ସନା କରି କହିଲେ, "ଚୁପ୍ ରହ, ଏହି
ଲୋକଟି ଭିତରୁ ବାହାରିଯାଅ।" ୨୬ଦୁଷ୍ଟାତ୍ମା ଲୋକଟିକୁ
ଦୋହଲାଇ ଦେଲା। ତା'ପରେ ସେ ଖୁବ୍ ଜୋରରେ
ଚିତ୍କାର କରି ସେହି ଲୋକଟି ଭିତରୁ ବାହାରି ଗଲା।
୨୭ଏହା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ
ପରସ୍ପର କୁହାକୁହି ହେଲେ, "ଏଠାରେ କ'ଣ ସବୁ ଘଟୁଛି?
ଏ ଲୋକଟି ଆମ୍ଭକୁ କିଛି ନୂଆ ଶିକ୍ଷା ଦେଉଛି। ଏବଂ
ସେ ଅଧିକାର ସହିତ ଶିକ୍ଷା ଦେଉଛି। ସେ ଭୂତମାନଙ୍କୁ
ମଧ୍ୟ ଆଜ୍ଞା ଦେଉଛି ଓ ଭୂତମାନେ ତା' କଥା ମାନୁଛନ୍ତି।"
୨୮ତେଣୁ ଯୀଶୁଙ୍କ ବିଷୟରେ ଗାଲୀଲୀ ଅଞ୍ଚଳର ଚାରିଆଡ଼େ
ଖୁବ୍ ଶୀଘ୍ର ଖବର ବ୍ୟାପିଗଲା।

### ଯୀଶୁ ଅନେକଙ୍କୁ ସୁସ୍ଥକଲେ

୨୯ତାପରେ ସେମାନେ ପ୍ରାର୍ଥନା-ଗୃହରୁ ବାହାରି ଯାକୁବ
ଓ ଯୋହନଙ୍କ ସହିତ ସିଧା ଶିମୋନ ଓ ଆନ୍ଦ୍ରିୟଙ୍କ ଘରକୁ
ଗଲେ। ୩୦ଶିମୋନଙ୍କ ଶାଶୁ ଜ୍ୱରରେ ପୀଡ଼ିତ ହୋଇ
ବିଛଣାରେ ପଡ଼ି ଥିଲେ। ତେଣୁ ସେଠାରେ ଥିବା ଲୋକମାନେ
ଯୀଶୁଙ୍କୁ ତାହାଙ୍କ ବିଷୟରେ କହିଲେ। ୩୧ଯୀଶୁ ତାହାଙ୍କ
ବିଛଣା ନିକଟକୁ ଗଲେ। ଯୀଶୁ ତାହାଙ୍କ ହାତ ଧରି
ତାହାଙ୍କୁ ଠିଆ ହେବାରେ ସାହାଯ୍ୟ କଲେ। ତାହାଙ୍କର ଜ୍ୱର
ଛାଡ଼ିଗଲା ଓ ସେ ସୁସ୍ଥ ହୋଇଗଲେ। ତା'ପରେ ସେ
ସେମାନଙ୍କର ପରିଚର୍ଯ୍ୟା କରିବାକୁ ଲାଗିଲେ।
୩୨ସୂର୍ଯ୍ୟ ବୁଡ଼ି ଯିବା ପରେ, ସେହି ରାତିରେ ଲୋକମାନେ
ଅନେକ ଅସୁସ୍ଥ ଲୋକଙ୍କୁ ଯୀଶୁଙ୍କ ପାଖକୁ ନେଇ ଆସିଲେ।
ଯେଉଁ ଲୋକମାନଙ୍କ ଦେହ ଭିତରେ ଦୁଷ୍ଟାତ୍ମା ପ୍ରବେଶ
କରି ରହି ଥିଲା, ସେମାନଙ୍କୁ ମଧ୍ୟ ଲୋକମାନେ ଯୀଶୁଙ୍କ
ପାଖକୁ ଆଣିଲେ। ୩୩ସହରର ସବୁ ଲୋକେ ସେହି ଘରର
ଦୁଆରରେ ଜମା ହୋଇଗଲେ। ୩୪ବିଭିନ୍ନ ପ୍ରକାର ରୋଗରେ
ପୀଡ଼ିତ ଅନେକ ଲୋକଙ୍କୁ ଯୀଶୁ ସୁସ୍ଥ କରି ଦେଲେ। ସେ
ମଧ୍ୟ ଲୋକଙ୍କ ଦେହରୁ ଅନେକ ଭୂତାତ୍ମା ବାହାରି ଚାଲି
ଯିବାକୁ ବାଧ୍ୟ କଲେ, କିନ୍ତୁ ସେ କିଏ ବୋଲି ଭୂତ ମାନେ
ଜାଣି ଥିବାରୁ ସେ ସେମାନଙ୍କୁ ପଦେ ହେଲେ କହିବାକୁ
ସୁଯୋଗ ଦେଲେନାହିଁ।

### ଲୋକଙ୍କୁ ସୁସମାଚାର ପ୍ରଚାର କରିବାକୁ ଯୀଶୁଙ୍କ ପ୍ରସ୍ତୁତି

୩୫ତା'ପରେ ଦିନ ସକାଳେ ଯୀଶୁ ଖୁବ୍ ଶୀଘ୍ର ଉଠି
ପଡ଼ିଲେ। ଅନ୍ଧାର ଥାଉ ଥାଉ ସେ ଘର ଛାଡ଼ି ଗୋଟିଏ
ନିଛାଟିଆ ଜାଗାକୁ ଚାଲିଗଲେ। ସେଠାରେ ସେ ପ୍ରାର୍ଥନା
କଲେ। ୩୬ପରେ ଶିମୋନ ଓ ତାହାଙ୍କ ସାଥୀମାନେ
ଯୀଶୁଙ୍କୁ ଖୋଜିବାକୁ ଗଲେ। ୩୭ସେମାନେ ଯୀଶୁଙ୍କୁ ପାଇଲେ
ଓ ତାହାଙ୍କୁ କହିଲେ, "ଲୋକେ ତୁମ୍ଭକୁ ଖୋଜୁଛନ୍ତି।"
୩୮ଏହା ଶୁଣି ଯୀଶୁ କହିଲେ, "ଆମ୍ଭେମାନେ ଅନ୍ୟ
ନିକଟବର୍ତ୍ତୀ ନଗରକୁ ଯିବା ଉଚିତ ଯେପରି ମୁଁ ସେଠାରେ
ସେମାନଙ୍କୁ ମଧ୍ୟ ଉପଦେଶ ଦେଇ ପାରିବି। ମୁଁ କେବଳ
ଏଥିପାଇଁ ଆସିଛି।" ୩୯ଏହି ଭଳି ଭାବରେ ସେ ପ୍ରାର୍ଥନା-
ଗୃହମାନଙ୍କରେ ଉପଦେଶ ଦେଇ ଓ ଲୋକଙ୍କ ଠାରୁ
ଭୂତମାନଙ୍କୁ ତଡ଼ି ଗାଲୀଲୀ ସାରା ବୁଲିଲେ।

### ଗୋଟିଏ କୁଷ୍ଠରୋଗୀକୁ ଯୀଶୁ ସୁସ୍ଥ କରିଦେଲେ

୪୦ଗୋଟିଏ କୁଷ୍ଠ ରୋଗୀ ଯୀଶୁଙ୍କ ପାଖକୁ ଆସିଲା।
ସେ ଯୀଶୁଙ୍କ ଆଗରେ ଆଣ୍ଠୁମାଡ଼ି ପ୍ରାର୍ଥନା କଲା, "ତୁମ୍ଭେ
ଇଚ୍ଛା କଲେ ମୋତେ ଭଲ କରି ଦେଇ ପାରିବ। ସେହି
ଶକ୍ତି ତୁମ୍ଭର ଅଛି।"
୪୧ସେହି ଲୋକଟି ଉପରେ ଯୀଶୁଙ୍କର କରୁଣା ଜାତ
ହେଲା। ସେ ହାତ ବଢ଼େଇ ଲୋକଟିକୁ ଛୁଇଁ ଦେଲେ ଓ
କହିଲେ, "ମୁଁ ତୁମ୍ଭକୁ ସୁସ୍ଥ କରିବାକୁ ଚାହୁଁଛି, ତୁମ୍ଭେ ସୁସ୍ଥ
ହୋଇଯାଅ।" ୪୨ତାର କୁଷ୍ଠ ରୋଗ ତତ୍‌କ୍ଷଣାତ୍ ଛାଡ଼ି ଗଲା
ଓ ସେ ସୁସ୍ଥ ହୋଇଗଲା।
୪୩ଯୀଶୁ ଲୋକଟିକୁ ଚାଲି ଯିବାକୁ କହିଲେ, କିନ୍ତୁ
ତା'କୁ ଚେତାବନୀ ଦେଇ ସେ କହିଲେ, ୪୪"ମୁଁ ତୁମ୍ଭ
ପାଇଁ ଯାହା କଲି ସେହି କଥା କାହାକୁ ହେଲେ
କହିବନାହିଁ। କିନ୍ତୁ ଯାଜକଙ୍କ ପାଖକୁ ଯାଇ, ନିଜ ଦେହ
ଦେଖାଅ। ତୁମ୍ଭେ ସୁସ୍ଥ ହୋଇ ଥିବାରୁ ମୋଶାଙ୍କ ଆଜ୍ଞା
ଅନୁସାରେ, ପରମେଶ୍ୱରଙ୍କୁ ନୈବେଦ୍ୟ ଅର୍ପଣ କର। ତୁମ୍ଭେ
ସୁସ୍ଥ ହୋଇ ଯାଇଛ ବୋଲି ଲୋକମାନଙ୍କ ଆଗରେ
ପ୍ରମାଣ ରହିବ।" ୪୫ଲୋକଟି ସେହି ସ୍ଥାନ ଛାଡ଼ି ଚାଲିଗଲା
ଓ ଯାହାକୁ ଦେଖିଲା ତାହାକୁ କହିଲା ଯେ, ଯୀଶୁ ତାହାକୁ
ସୁସ୍ଥ କରି ଦେଇଛନ୍ତି। ତେଣୁ ଯୀଶୁଙ୍କ ବିଷୟରେ ଖବର
ଚାରି ଆଡ଼େ ବ୍ୟାପିବାକୁ ଲାଗିଲା। ଫଳରେ ଲୋକେ
କାଳେ ଦେଖି ପକାଇବେ, ତେଣୁ ଯୀଶୁ କୌଣସି ନଗର
ଭିତରକୁ ଆଉ ଯାଇ ପାରିଲେ ନାହିଁ। ସେ ଲୋକେ ରହୁ
ନ ଥିବା ନିଛାଟିଆ ଜାଗା ମାନଙ୍କରେ ରହିବାକୁ ଲାଗିଲେ।
କିନ୍ତୁ ସମସ୍ତ ନଗରରୁ ଲୋକମାନେ ଯୀଶୁ ରହିଥିବା ସ୍ଥାନକୁ
ଆସିବାକୁ ଲାଗିଲେ।

### ପକ୍ଷାଘାତ-ରୋଗୀକୁ ଯୀଶୁ ଭଲ କରି ଦେଲେ

୨ କିଛି ଦିନ ପରେ, ଯୀଶୁ କଫର୍ନାହୂମକୁ ଫେରି
ଆସିଲେ। ଯୀଶୁ ଘରକୁ ଫେରି ଆସିଛନ୍ତି ବୋଲି
ଖବର ବ୍ୟାପିଗଲା। ୨ଅନେକ ଲୋକ ଯୀଶୁଙ୍କ ଉପଦେଶ
ଶୁଣିବା ପାଇଁ ଜମା ହୋଇଗଲେ। ଘରଟି ପୂରିଗଲା। ଘରେ
କିମ୍ବା ବାହାରେ କେଉଁଠି ହେଲେ ଠିଆ ହେବାକୁ ଜାଗା ନ

---

**ପ୍ରାର୍ଥନାଗୃହ** ଏଠାରେ ଯିହୁଦୀମାନେ ଧର୍ମଶାସ୍ତ୍ର ଅଧ୍ୟୟନ,ପ୍ରାର୍ଥନା ଓ ସାଧାରଣ ସଭା ପାଇଁ ଏକତ୍ରିତ ହୁଅନ୍ତି।

ଥିଲା। ଯୀଶୁ ଲୋକମାନଙ୍କୁ ଉପଦେଶ ଦେଉଥିଲେ। ୩ସେହି
ସମୟରେ କେତେକ ଲୋକ ତାହାଙ୍କ ପାଖକୁ ଗୋଟିଏ
ପକ୍ଷାଘାତ ରୋଗଗ୍ରସ୍ତ ଲୋକଙ୍କୁ ଆଣିଲେ। ରୋଗୀକୁ ଚାରି
ଜଣ ଲୋକ ବୋହି କରି ଆଣିଥିଲେ। ୪ଲୋକ ଭିଡ଼
ହୋଇ ଯାଇଥିବାରୁ ସେମାନେ ରୋଗୀଟିକୁ ଯୀଶୁଙ୍କ ପାଖକୁ
ଆଣି ପାରିଲେ ନାହିଁ। ତେଣୁ ସେମାନେ ଯୀଶୁ ଥିବା
ଘରର ଛାତ କଣା କଲେ ଓ ବିଛଣାରେ ପଡ଼ି ଥିବା
ପକ୍ଷାଘାତ ରୋଗୀଟିକୁ ସେହି କଣା ବାଟରେ ଯୀଶୁ ଥିବା
ସ୍ଥାନ ପର୍ଯ୍ୟନ୍ତ, ତଳକୁ ଝୁଲାଇଦେଲେ। ୫ଯୀଶୁ ଦେଖିଲେ
ଯେ, ସେହି ଲୋକମାନଙ୍କର ଗଭୀର ବିଶ୍ୱାସ ଅଛି। ତେଣୁ
ଯୀଶୁ ପକ୍ଷାଘାତ ଲୋକଟିକୁ କହିଲେ, "ହେ ଯୁବକ, ତୁମ୍ଭ
ପାପଗୁଡ଼ିକୁ କ୍ଷମା କରାଗଲା।"
୬କେତେଜଣ ଧର୍ମଶାସ୍ତ୍ରୀ ସେଠାରେ ବସିଥିଲେ। ଯୀଶୁଙ୍କ
କାମ ସେମାନେ ଦେଖିଲେ। ସେମାନେ ନିଜ ଭିତରେ
କୁହାକୁହି ହେଲେ, ୭"ଏ' ଲୋକଟି ଏଭଳି କଥାବାର୍ତ୍ତା
କାହିଁକି କରୁଛି? ସେ ପରମେଶ୍ୱରଙ୍କ ବିରୁଦ୍ଧରେ କଥା
କହୁଛି। ପରମେଶ୍ୱରଙ୍କ ବ୍ୟତୀତ ପାପଗୁଡ଼ିକୁ ଅନ୍ୟ କିଏ
କ୍ଷମା କରି ପାରିବ?"
୮ଧର୍ମଶାସ୍ତ୍ରୀମାନେ ତାହାଙ୍କ ବିଷୟରେ ସେସବୁ ଭାବୁଛନ୍ତି
ବୋଲି ଯୀଶୁ ସଙ୍ଗେ ସଙ୍ଗେ ଜାଣି ପାରିଲେ। ତେଣୁ ଯୀଶୁ
ସେମାନଙ୍କୁ କହିଲେ, "ତୁମ୍ଭେମାନେ ମନରେ ଏସବୁ କଥା
କାହିଁକି ଭାବୁଛ। ୯ଏହି ପକ୍ଷାଘାତ ଲୋକଙ୍କୁ କେଉଁ କଥାଟି
କହିବା ସରଳ: 'ତୁମ୍ଭ ପାପ ଗୁଡ଼ିକୁ କ୍ଷମା କରି ଦିଆ
ଗଲା।' ନା' ତା'କୁ କହିବା: 'ଠିଆ ହୁଅ ଓ ତୁମର ବିଛଣା
ଧରି ଚାଲ।' ୧୦କିନ୍ତୁ, ମୁଁ ତୁମ୍ଭ ଆଗରେ ପ୍ରମାଣିତ କରି
ଦେବି ଯେ, ଏହି ପୃଥିବୀରେ ମନୁଷ୍ୟ ପୁତ୍ରଙ୍କର ପାପଗୁଡ଼ିକୁ
କ୍ଷମା କରିବା ଶକ୍ତି ଅଛି।" ତା'ପରେ ଯୀଶୁ ପକ୍ଷାଘାତ
ଲୋକଟିକୁ କହିଲେ, ୧୧"ମୁଁ ତୁମ୍ଭକୁ କହୁଛି, ଠିଆ ହୁଅ,
ବିଛଣା ଧରି ଓ ଘରକୁ ଯାଅ।" ୧୨ପକ୍ଷାଘାତ ଲୋକଟି
ଠିଆ ହେଲା। ବିଛଣା ଧରିଲା ଏବଂ ଘର ଭିତରୁ ବାହାରକୁ
ବାହାରିଗଲା। ସବୁ ଲୋକେ ତାକୁ ଦେଖି ପାରିଲେ।
ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ ଓ ପରମେଶ୍ୱରଙ୍କ ମହିମାଗାନ
କଲେ। ସେମାନେ କହିଲେ, "ଆମ୍ଭେମାନେ ଏଭଳି ଆଶ୍ଚର୍ଯ୍ୟ
ଘଟଣା କେବେହେଲେ ଦେଖି ନ ଥିଲୁ।"
୧୩ପୁଣିଥରେ ଯୀଶୁ ହ୍ରଦ ପାଖ ଦେଇ ଗଲେ। ଅନେକ
ଲୋକ ତା'ଙ୍କ ପାଖକୁ ଆସିଲେ। ଯୀଶୁ ସେମାନଙ୍କୁ ଶିକ୍ଷା
ଦେଲେ। ୧୪ଯୀଶୁ ଯାଉଥିବା ସମୟରେ କର ଆଦାୟ
ସ୍ଥାନରେ ବସି ଥିବା ଆଲଫିଙ୍କ ପୁଅ ଲେବୀଙ୍କୁ ଦେଖି ସେ
କହିଲେ, "ମୋର ଅନୁସରଣ କର।" ତା'ପରେ ଲେବୀ
ଠିଆ ହେଲେ ଓ ଯୀଶୁଙ୍କର ଅନୁସରଣ କଲେ।
୧୫ପରେ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଲେବୀଙ୍କ
ଘରେ ଖାଉଥିବା ସମୟରେ, ସେମାନଙ୍କ ସହିତ ଅନେକ
କର ଆଦାୟକାରୀ ଓ ଅନ୍ୟ ଦୁଷ୍ଟ ଲୋକମାନେ ମଧ୍ୟ
ଖାଉ ଥିଲେ। ଯୀଶୁଙ୍କୁ ଅନୁସରଣ କରୁଥିବା ଅନେକ
ଲୋକ ମଧ୍ୟ ସେଠାରେ ଥିଲେ। ୧୬ଯୀଶୁଙ୍କୁ କର ଆଦାୟକାରୀ
ଓ ଅନ୍ୟ ଦୁଷ୍ଟ ଲୋକଙ୍କ ସହିତ ବସି ଖାଉଥିବାର ଦେଖି,
ଧର୍ମଶାସ୍ତ୍ରୀମାନେ (ଯେଉଁମାନେ ଫାରୂଶୀ ଥିଲେ) ଯୀଶୁଙ୍କ
ଶିଷ୍ୟମାନଙ୍କୁ ପଚାରିଲେ, "ଯୀଶୁ କର-ଆଦାୟକାରୀ ଓ
ପାପୀମାନଙ୍କ ସହିତ କାହିଁକି ଖାଉଛନ୍ତି?"
୧୭ଯୀଶୁ ଏହା ଶୁଣି ସେମାନଙ୍କୁ କହିଲେ, "ସୁସ୍ଥ
ଲୋକର ଡାକ୍ତର ଦରକାର ନାହିଁ, କେବଳ ରୋଗୀ
ଲୋକଙ୍କର ଡାକ୍ତର ଦରକାର। ମୁଁ ଧାର୍ମିକମାନଙ୍କୁ ନିମନ୍ତ୍ରଣ
ଦେବା ପାଇଁ ଆସିନାହିଁ। ମୁଁ କେବଳ ପାପୀମାନଙ୍କୁ
ନିମନ୍ତ୍ରଣ ଦେବା ପାଇଁ ଆସିଛି।"

## ଯୀଶୁ ଅନ୍ୟ ଧର୍ମ-ଗୁରୁମାନଙ୍କ ଠାରୁ ଭିନ୍ନ

୧୮ଯୋହନଙ୍କ ଶିଷ୍ୟ ଓ ଫାରୂଶୀମାନେ ଉପବାସ
କରୁଥିଲେ। କେତେକ ଲୋକ ଯୀଶୁଙ୍କ ପାଖକୁ ଆସି
କହିଲେ, "ଯୋହନଙ୍କ ଶିଷ୍ୟମାନେ ଉପବାସ କରୁଛନ୍ତି,
କିନ୍ତୁ ତୁମ୍ଭର ଶିଷ୍ୟମାନେ କାହିଁକି ଉପବାସ କରୁ ନାହାଁନ୍ତି?"
୧୯ଯୀଶୁ କହିଲେ, "ବିବାହ ଉତ୍ସବ ସମୟରେ ବର
ଯାତ୍ରୀମାନେ ଦୁଃଖିତ ହୁଅନ୍ତି ନାହିଁ, କାରଣ ବର ସେମାନଙ୍କ
ସାଙ୍ଗରେ ଥାଆନ୍ତି। ତେଣୁ ବର ସେଠାରେ ଥିବା ପର୍ଯ୍ୟନ୍ତ
ସେମାନେ ଉପବାସ କରି ନ ପାରନ୍ତି। ୨୦କିନ୍ତୁ ସମୟ
ଆସିବ, ବରଙ୍କୁ ସେମାନଙ୍କଠାରୁ ଦୂରେଇ ନିଆ ଯିବ।
ସେତେବେଳେ ସେମାନେ (ବର ଯାତ୍ରୀମାନେ) ଉପବାସ
କରିବେ।
୨୧"କେହି କେବେହେଲେ ପୁରୁଣା ଲୁଗାରେ ନୂଆ
କନାର ତାଳି ପକାଏ ନାହିଁ। ଯଦି ସେ ତା' କରେ,
ତେବେ ନୂଆ କନାର ତାଳି ଜାକି ହୋଇ ଯିବ ଓ ତଦ୍ୱାରା
ଟାଣି ହୋଇ ଯାଇ ପୁରୁଣା କନାର କଣା ବଡ଼ ହୋଇଯିବ।
୨୨ସେହି ଭଳି କେହି କେବେହେଲେ ନୂଆ ଅଙ୍ଗୁରରସ
ପୁରୁଣା ଚମଡ଼ା-ପାତ୍ରରେ ରଖେ ନାହିଁ। ଯଦି ତାହା କରେ
ତେବେ ନୂଆ ଦ୍ରାକ୍ଷାରସ ପୁରୁଣା ଚମଡ଼ା ପାତ୍ରକୁ ଫଟାଇ
ଦେବ ଓ ଚମଡ଼ା ପାତ୍ରସହିତ ଅଙ୍ଗୁରରସ ମଧ୍ୟ ନଷ୍ଟ
ହୋଇଯିବ। ସେଥିପାଇଁ ନୂଆ ଅଙ୍ଗୁରରସ ନୂଆ ଚମଡ଼ା
ପାତ୍ରରେ ହିଁ ରଖା ଯାଇଥାଏ।"

## କେତେକ ଯିହୂଦୀ ଯୀଶୁ ଓ ତାଙ୍କ ଶିଷ୍ୟମାନଙ୍କୁ ସମାଲୋଚନା କଲେ

୨୩ବିଶ୍ରାମ ଦିବସରେ ଯୀଶୁ ଶସ୍ୟ-କ୍ଷେତ୍ର ଦେଇ ଯାଉଥିଲେ।
ତାହାଙ୍କ ଶିଷ୍ୟମାନେ ମଧ୍ୟ ତାହାଙ୍କ ସହିତ ଯାଉଥିଲେ।
ଯାଉ ଯାଉ ତାହାଙ୍କ ଶିଷ୍ୟମାନେ ଖାଇବା ପାଇଁ ଶସ୍ୟକ୍ଷେତ୍ରରୁ
ଶସ୍ୟ-କେଣ୍ଡା ଛିଣ୍ଡେଇଲେ। ୨୪ଫାରୂଶୀମାନେ ତାହା ଦେଖି
ଯୀଶୁଙ୍କୁ କହିଲେ, "ତୁମ୍ଭ ଶିଷ୍ୟମାନେ ଏଭଳି କାହିଁକି
କରୁଛନ୍ତି? ବିଶ୍ରାମ ଦିବସରେ ଏଭଳି କାମ ଯିହୂଦୀନିୟମର
ବିରୁଦ୍ଧାଚରଣ ଅଟେ।"
୨୫ଯୀଶୁ କହିଲେ, "ତୁମ୍ଭେମାନେ ଦାଉଦଙ୍କ ବିଷୟରେ
ପଢ଼ିଛ ଯେ ସେ ଓ ତାହାଙ୍କ ସହିତ ଥିବା ଲୋକେ
ଭୋକରେ ଥିଲାବେଳେ ଓ ଆହାରର ଆବଶ୍ୟକ ଥିଲା
ବେଳେ କ'ଣ କରିଥିଲେ? ୨୬ତୁମ୍ଭେମାନେ କ'ଣ ପଢ଼ିନାହିଁ
ଯେ, ଅବିୟାଥର ମହାଯାଜକ ଥିବା ସମୟରେ ଦାଉଦ
ପରମେଶ୍ୱରଙ୍କ ମନ୍ଦିରରେ ପ୍ରବେଶ କରି ପରମେଶ୍ୱରଙ୍କୁ
ଅର୍ପଣ କରା ଯାଇ ଥିବା ଖାଦ୍ୟ ଖାଇ ଦେଇଥିଲେ?

ମୋଶାଙ୍କ ନୟମ ଅନୁସାରେ ଯାଜକମାନେ କେବଳ ସେହ
ଖାଦ୍ୟ ଖାଇ ପାରବେ। ତାହାଙ୍କ ବ୍ୟତୀତ ଆଉ କାହାରକୁ
ସେହ ଖାଦ୍ୟ ଖାଇବାର ଅଧିକାର ନାହିଁ। କନ୍ତୁ ଦାଉଦ
ସେ ଖାଦ୍ୟରୁ କଛ ମଧ ତାହାଙ୍କ ସହତ ଥିବା ଲୋକମାନଙ୍କୁ
ଖାଇବାକୁ ଦେଇଥିଲେ।"
୨୭ତା'ପରେ ଯୀଶୁ ଫାରୂଶୀମାନଙ୍କୁ କହଲେ, "ଲୋକଙ୍କୁ
ସାହାଯ୍ୟ କରବା ପାଇଁ ବଶ୍ରାମ ଦବସ ସୃଷ୍ଟି ହୋଇଛ।
ବଶ୍ରାମ ଦବସ ଦ୍ୱାରା ପରଚାଳତ ହେବା ପାଇଁ ମନୁଷ୍ୟ
ସୃଷ୍ଟି ହୋଇନାହିଁ। ୨୮ଏଣୁ ମନୁଷ୍ୟପୁତ୍ର ପ୍ରତ୍ୟେକ ଦନର
ମାଲକ, ଏପରକ ବଶ୍ରାମ ଦନର ମଧ।"

## ଯୀଶୁ ଜଣେ ଖଞ୍ଜ ଲୋକର ହାତ ସୁସ୍ଥ କରଦେଲେ

୩ ଆଉ ଥରେ ଯୀଶୁ ଯିହୂଦୀମାନଙ୍କ ପ୍ରାର୍ଥନା ଗୃହକୁ
ଯାଇଥିଲେ। ସେଠାରେ ଜଣେ ଖଞ୍ଜ ଲୋକ ଥିଲା।
୨ସେଠାରେ କେତେକ ଲୋକ ଜଗି ରହଥିଲେ ଯେ ଯଦ
ଯୀଶୁ ସେ ଲୋକଟିକୁ ବଶ୍ରାମ ଦବସରେ କର ଦେବେ,
ତେବେ ସେମାନେ ଯୀଶୁଙ୍କୁ ଦୋଷାରୋପ କରବାକୁ ସୁଯୋଗ
ପାଇବେ। ୩ଯୀଶୁ ସେଠାରେ ଥିବା ଖଞ୍ଜ ଲୋକଟିକୁ
ଆଦେଶ ଦେଲେ "ଏଠାରେ ଠିଆ ହୁଅ ଯେପର ତୁମ୍ଭକୁ
ସମସ୍ତେ ଦେଖି ପାରବେ।"
୪ତା'ପରେ ଯୀଶୁ ଲୋକମାନଙ୍କୁ ପଚାରଲେ, "ବଶ୍ରାମ
ଦବସରେ କେଉଁ କାମ କରବା ଠିକ୍? ଭଲ କାମ ନା
ମନ୍ଦ କାମ? ଜଣଙ୍କର ଜୀବନ ରକ୍ଷା କରବା ଠିକ୍ ନା
ଜୀବନ ନଷ୍ଟ କରବା ଠିକ୍?" କନ୍ତୁ ସେମାନେ ନୀରବ
ରହିଲେ।
୫ତା'ପରେ ଯୀଶୁ ଲୋକମାନଙ୍କ ଆଡ଼କୁ ରାଗରେ
ଚାହିଁଲେ; କନ୍ତୁ ସେମାନଙ୍କ ହୃଦୟର କଠିନତା ଲକ୍ଷ୍ୟ କର
ବହୁତ ଦୁଃଖୀ ହେଲେ। ଯୀଶୁ ସେହ ଲୋକଟିକୁ କହଲେ,
"ତୁମ୍ଭ ହାତ ମୋତେ ଦେଖାଅ।" ଲୋକଟି ଯୀଶୁଙ୍କ ଆଡ଼କୁ
ହାତଟି ବଢ଼ାଇଦେଲା ଓ ୬ତା'ହାତ ଭଲ ହୋଇଗଲା।
ତା'ପରେ ଫାରୂଶୀମାନେ ସେଠାରୁ ଚାଲ ଗଲେ ଓ
ହେରୋଦୀୟ୍ ମାନଙ୍କ ସହତ ମିଶି ଯୀଶୁଙ୍କୁ ମାରବା ପାଇଁ
ଷଡ଼ଯନ୍ତ୍ର କଲେ।

## ଅନେକ ଲୋକ ଯୀଶୁଙ୍କ ଶିଷ୍ୟ ହେଲେ

୭ଯୀଶୁ ନଜ ଶିଷ୍ୟମାନଙ୍କ ସହତ ଗାଲୀଲୀ ହ୍ରଦ କୂଳକୁ
ଚାଲଗଲେ। ତାହାଙ୍କ ପଛରେ ଗାଲୀଲୀର ଅନେକ ଲୋକ
ମଧ ଗଲେ। ୮ଯିହୂଦା, ଯିରୂଶାଲମ, ଏଦୋମ, ଯର୍ଦ୍ଦନ
ନଦୀର ଅପର ପାର୍ଶ୍ୱ, ସୋର ଓ ସୀଦୋନର ଗୃଶଆଡୁ
ଅନେକ ଅନେକ ଲୋକ ମଧ ଆସି ପହଞ୍ଚିଲେ। ଏ
ଲୋକମାନେ ଆସିବାର କାରଣ ହେଲା, ଯୀଶୁ ଯାହା ସବୁ
କରୁଥିଲେ, ସେ ସମସ୍ତ ଘଟଣା ସେମାନେ ଶୁଣି ସାରଥିଲେ।
୯ଯୀଶୁ ଅନେକ ଲୋକଙ୍କୁ ଦେଖିଲେ, ଭିଡ ହୋଇ ଯିବାରୁ
ଲୋକମାନେ ଯେପର ତାହାଙ୍କ ଆଡ଼କୁ ମାଡ଼ ନ ଆସନ୍ତ
ସେଥିପାଇଁ ସେ ନଜ ଶିଷ୍ୟମାନଙ୍କୁ ଗୋଟିଏ ଛୋଟ ଡ଼ଙ୍ଗା
ତାହାଙ୍କ ପାଇଁ ପ୍ରସ୍ତୁତ କରବାକୁ କହଲେ। ୧୦ଯୀଶୁ
ଅନେକ ଲୋକଙ୍କୁ ସୁସ୍ଥ କଲେ। ତେଣୁ ସବୁ ରୋଗୀମାନେ
ତାହାଙ୍କୁ ଛୁଇଁବା ପାଇଁ ତାହାଙ୍କ ଆଡ଼କୁ ମାଡ଼ ଆସୁଥିଲେ।
୧୧କେତେକ ଲୋକଙ୍କ ଦେହରେ ଦୁଷ୍ଟାତ୍ମାମାନେ ପ୍ରବେଶ
କରଥିଲେ। ଯେତେବେଳେ ସେହ ଦୁଷ୍ଟାତ୍ମାମାନେ ଯୀଶୁଙ୍କୁ
ଦେଖୁଥିଲେ, ସେମାନେ ତାହାଙ୍କ ଆଗରେ ପଡ଼ ଯାଇ
ଚିତ୍କାର କର କହୁଥିଲେ, "ତୁମ୍ଭେ ପରମେଶ୍ୱରଙ୍କ ପୁତ୍ର।"
୧୨କନ୍ତୁ ଯୀଶୁ ସେମାନଙ୍କୁ ଦୃଢ଼ ଭାବରେ ଆଜ୍ଞା ଦେଲେ
ଯେ ସେ କଏ, ଏହା ସେମାନେ ଲୋକମାନଙ୍କୁ ଯେପର ନ
କୁହନ୍ତ।

## ଯୀଶୁ ବାରଜଣ ପ୍ରେରତ* ଙ୍କୁ ମନୋନୀତ କଲେ

୧୩ତା'ପରେ ଯୀଶୁ ଗୋଟିଏ ପାହାଡ଼ ଉପରକୁ ଗଲେ।
ସେ ଯେଉଁ ଲୋକମାନଙ୍କୁ ଚାହିଁଲେ, ସେମାନଙ୍କୁ ତାହାଙ୍କ
ପାଖକୁ ଆସିବାକୁ କହଲେ। ସେମାନେ ଯୀଶୁଙ୍କ ପାଖକୁ
ଗଲେ। ୧୪ଯୀଶୁ ସେମାନଙ୍କ ମଧ୍ୟରୁ ବାରଜଣଙ୍କୁ ବାଛ
ପ୍ରେରତ ବୋଲ ନାମିତ କଲେ। ଯୀଶୁ ଚାହୁଁଥିଲେ ଯେ
ସେମାନେ ତାହାଙ୍କ ସହିତ ରହବେ। ସେ ସେମାନଙ୍କୁ
ପ୍ରଚ଼ାର ଉଦ୍ଦେଶ୍ୟରେ ଅନ୍ୟ ସ୍ଥାନ ଗୁଡ଼କୁ ପଠାଇବେ ଓ
୧୫ଲୋକମାନଙ୍କ ଦେହରୁ ଭୂତମାନଙ୍କୁ ତଡ଼ ଦେବା ପାଇଁ
ସେମାନଙ୍କର ଅଧିକାର ରହବ। ୧୬ଯୀଶୁ ମନୋନୀତ କରଥିବା
ବାରଜଣଙ୍କ ନାମ ଏହଭଳି; ଶିମୋନ (ଯାହାଙ୍କୁ ସେ ପିତର
ବୋଲ ନାମ ଦେଲେ।) ୧୭ଜେବଦୀଙ୍କ ପୁତ୍ର ଯାକୁବ ଓ
ତାହାଙ୍କ ଭାଇ ଯୋହନ (ଯେଉଁମାନଙ୍କୁ ସେ ବନେରଗୋଷ୍
ଅର୍ଥାତ "ମେଘ ଗର୍ଜ୍ଜନର ପୁତ୍ର" ନାମ ଦେଲେ।) ୧୮ଆନ୍ଦ୍ରିୟ,
ଫିଲପ୍ପ, ବର୍ଥଲମି, ମାଥିଉ ଥୋମା, ଆଲଫିଙ୍କ ପୁତ୍ର
ଯାକୁବ, ଥଦ୍ଦିୟ, କଣାନୀୟ ବା ଉଦ୍‌ଯୋଗୀ ଶିମୋନ
ଜିଲୋଟ* ୧୯ତଥା ଇଷ୍କରୟୋଥ ଯିହୂଦା। ଏହ ଯିହୁଦା
ପରେ ପ୍ରବଞ୍ଚନା କର ଯୀଶୁଙ୍କୁ ଶତ୍ରୁ ହସ୍ତରେ ଅର୍ପଣ
କରଥିଲା।

## କେତେକ କହଲେ ଯେ: ଯୀଶୁଙ୍କ ଦେହରେ ଦୁଷ୍ଟାତ୍ମା ରହଛ

୨୦ତା'ପରେ ଯୀଶୁ ଘରକୁ ଫେରଗଲେ। ସେଠାରେ
ମଧ ଅନେକ ଲୋକ ଜମା ହୋଇଗଲେ। ସେଠାରେ
ଏତେ ଲୋକ ଥିଲେ ଯେ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ
ଖାଇ ମଧ ପାରଲେନାହିଁ। ୨୧ଯୀଶୁଙ୍କ ପରବାରର ଲୋକେ
ଏସବୁ ଶୁଣିଲେ। ସେମାନେ ଯୀଶୁଙ୍କୁ ଆଣିବାକୁ ଗଲେ।
କାରଣ ଲୋକେ କୁହାକୁହ ହେଉ ଥିଲେ ଯେ, ଯୀଶୁଙ୍କ
ମତିଭ୍ରମ ହେଲାଣି।
୨୨ଯିରୁଶାଲମରୁ ଆସିଥିବା ଧର୍ମଶାସ୍ତ୍ରୀମାନେ କହଲେ,
"ଯୀଶୁଙ୍କ ଦେହରେ ବାଆଲ୍‌ଜିବୂଲ୍ ପଶି ଯାଇଛ। ସେଥିଯୋଗୁ
ଯୀଶୁ ଭୂତମାନଙ୍କ ମୁଖିଆଙ୍କର ଶକ୍ତ ସାହାଯ୍ୟରେ ଭୂତମାନଙ୍କୁ
ତଡ଼ ଦେଉଛନ୍ତ।"

---

**ପ୍ରେରତ** ଯେଉଁମାନଙ୍କୁ ଯୀଶୁ ସ୍ୱତନ୍ତଃ ସାହାଯ୍ୟକାରୀ ରୂପେ ମନୋନୀତ କରଥିଲେ

**ଜିଲୋଟ** ଯିହୂଦୀମାନଙ୍କର ଗୋଟିଏ ରକ୍ଷଣଶୀଳ ରାଜନୈତିକ ଦଳ

୨୩ତେଣୁ ଯୀଶୁ ସେମାନଙ୍କୁ ପାଖକୁ ଡାକଲେ ଏବଂ
ଦୃଷ୍ଟାନ୍ତ ମାଧ୍ୟମରେ ସେମାନଙ୍କୁ ବୁଝାଇଲେ, “ଶୟତାନ
କପର ଶୟତାନକୁ ତଡ଼ ଦେଇ ପାରବ? ୨୪ଯଦ କୌଣସି
ରାଜ୍ୟ ନଜ ଭିତରେ ଯୁଦ୍ଧ କରେ ତେବେ ତାହା ଆଉ
ତିଷ୍ଠି ରହ ପାରବନାହିଁ।
୨୫ଯଦ କୌଣସି ପରବାର ନଜ ଭିତରେ ଭାଗ-ଭାଗ
ହୋଇ ଯାଏ, ତେବେ ସେ ପରବାର ତିଷ୍ଠି ରହ
ପାରବନାହିଁ। ୨୬ସେହ ଭଳ ଯଦ ଜଣେ ଶୟତାନ
ବଭାଜିତ ହୋଇ ନଜ ବରୁଦ୍ଧରେ ଲଢ଼େଇ କରେ, ତେବେ
ସେ ମଧ୍ୟ ତିଷ୍ଠି ରହ ପାରବନାହିଁ। ବରଂ ତାହାର ଅନ୍ତ
ହୋଇଯିବ। ୨୭ଯଦ ଜଣେ ଲୋକ ଗୋଟିଏ ଶକ୍ତିଶାଳୀ
ଲୋକର ଘରେ ପଶି ତାର ସମ୍ପତ୍ତି ଲୁଟି ନେବାକୁ ଚାହିଁବ,
ତେବେ ପ୍ରଥମେ ସେ ଶକ୍ତିଶାଳୀ ଲୋକଟିକୁ ବାନ୍ଧିବା
ଦରକାର। ତା'ପରେ ସେ ଶକ୍ତିଶାଳୀ ଲୋକଟିର ଘର
ଲୁଟି କର ସବୁ ଜିନଷ ନେଇ ଯାଇ ପାରବ। ୨୮ମୁଁ
ତୁମ୍ଭକୁ ସତ୍ୟ କହୁଛ। ଲୋକେ ଯେଉଁ ସବୁ ପାପ
କରୁଛନ୍ତି, ସେଗୁଡ଼କୁ କ୍ଷମା କର ଦଆ ଯାଇ ପାରବ।
ଲୋକେ ପରମେଶ୍ୱରଙ୍କ ବରୁଦ୍ଧରେ ଯେତେ ସବୁ ଖରାପ
କଥା କହୁଛନ୍ତି, ସେସବୁଗୁଡ଼କୁ ମଧ୍ୟ କ୍ଷମା କର ଦଆ
ଯାଇପାରବ। ୨୯କନ୍ତୁ ପବତ୍ର-ଆତ୍ମାଙ୍କ ବରୁଦ୍ଧରେ ଯେଉଁ
ଲୋକ କଛ କହବ, ତାହାକୁ କେବେହେଲେ କ୍ଷମା
ମିଳବନାହିଁ। ସେ ସବୁବେଳେ ସେହ ପାପର ଦୋଷୀ
ହେବ।”
୩୦ଧର୍ମଶାସ୍ତ୍ରୀମାନେ ଯୀଶୁଙ୍କଠାରେ ଦୁଷ୍ଟାତ୍ମା ଅଛ ବୋଲ
କହଥିବାରୁ, ଯୀଶୁ ଏସବୁ କହଲେ।

### ଯୀଶୁଙ୍କ ଶିଷ୍ୟମାନେ ହେଉଛନ୍ତି ତାହାଙ୍କର ପ୍ରକୃତ ପରବାର

୩୧ତା'ପରେ ଯୀଶୁଙ୍କ ମାଆ ଓ ଭାଇମାନେ ସେଠାକୁ
ଆସିଲେ। ସେମାନେ ବାହାରେ ଠିଆ ହେଲେ ଓ ଗୋଟିଏ
ଲୋକକୁ ଯୀଶୁଙ୍କୁ ବାହାରକୁ ଆସିବା ପାଇଁ ଡକାଇ
ପଠେଇଲେ। ୩୨ସେତେବେଳେ ଯୀଶୁଙ୍କ ଚାରପଟେ
ଲୋକମାନେ ଘେର ବସିଥିଲେ। ସେମାନେ ତାହାଙ୍କୁ କହଲେ,
“ତୁମ୍ଭ ମାଆ ଓ ଭାଇମାନେ ତୁମ୍ଭକୁ ବାହାରେ ଅପେକ୍ଷା
କରଛନ୍ତି।”
୩୩ଯୀଶୁ ପଚାରଲେ, “କଏ ମୋର ମାଆ? କେଉଁମାନେ
ମୋର ଭାଇ?” ୩୪ତା'ପରେ ଯୀଶୁ ତାହାଙ୍କ ଚାର ପାଖରେ
ବସିଥିବା ଲୋକମାନଙ୍କ ଆଡ଼େ ଚାହିଁଲେ। ସେ କହଲେ,
“ଏ ଲୋକମାନେ ମୋର ମାଆ ଓ ଭାଇ। ୩୫ଯେଉଁମାନେ
ପରମେଶ୍ୱରଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରନ୍ତି, ସେମାନେ ହିଁ
ମୋର ଭାଇ,ଭଉଣୀ ଓ ମାଆ।”

### ବୀଜ ବୁଣିବା ବଷୟରେ ଦୃଷ୍ଟାନ୍ତ କଥା

୪ ଯୀଶୁ ପୁଣି ହ୍ରଦ କୂଳରେ ଉପଦେଶ ଦେବା ଆରମ୍ଭ
କଲେ। ସେଠାରେ ତାହାଙ୍କ ଚାରପଟେ ବହୁତ
ଲୋକ ଜମା ହୋଇଗଲେ। ତେଣୁ ସେ ହ୍ରଦରେ ଥିବା
ଗୋଟିଏ ଡ଼ଙ୍ଗାରେ ଯାଇ ବସିଲେ। ଅନ୍ୟ ସବୁ ଲୋକ
ହ୍ରଦର କୂଳରେ ଠିଆ ହୋଇ ରହଲେ। ୨ଯୀଶୁ ଡ଼ଙ୍ଗାରେ
ଥାଇ ଲୋକମାନଙ୍କୁ ଶିକ୍ଷା ଦେଲେ। ସେ ସେମାନଙ୍କୁ
ଉପଦେଶ ଦେବା ପାଇଁ ଅନେକ ଗୁଡ଼ଏ ଦୃଷ୍ଟାନ୍ତ କଥାର
ପ୍ରୟୋଗ କଲେ। ତାହାଙ୍କ ଶିକ୍ଷାରେ ସେ କହଲେ,
୩“ଶୁଣ; ଜଣେ ଚାଷୀ ବୀଜ ବୁଣିବାକୁ ବାହାରଲା।”
୪ଯେତେବେଳେ ଚାଷୀଟି ବୀଜ ବୁଣୁଥିଲା, ସେଥିରୁ କଛ
ବୀଜ ରାସ୍ତାରେ ପଡ଼ଗଲା। ପକ୍ଷୀମାନେ ଆସି ସେତକ
ଖାଇଦେଲେ। ୫ଆଉ କଛ ବୀଜ ପଥୁରଆ ଜମିରେ
ପଡ଼ଗଲା। ସେ ଜମିରେ ଯଥେଷ୍ଟ ମାଟି ନ ଥିଲା। ଯଥେଷ୍ଟ
ମାଟି ନ ଥିବାରୁ ସେ ବୀଜଗୁଡ଼କ ଅତି ଶୀଘ୍ର ଗଜା
ହୋଇଗଲା। ୬କନ୍ତୁ ସୂର୍ଯ୍ୟ ଆକାଶରେ ଉଠିବା ପରେପରେ
ଉତ୍ତାପ ହେତୁ ଗଜା ଗୁଡ଼କ ଜଳ ଗଲା। ମାଟି ଭିତରକୁ
ଚେର ଗଭୀର ଭାବରେ ଯାଇ ପାର ନ ଥିବାରୁ ଗଛ
ଚାରାଗୁଡ଼କ ଶୁଖି ଗଲା। ୭କଛ ବୀଜ କଣ୍ଟାବୁଦାଗୁଡ଼କ
ଭିତରେ ପଡ଼ଗଲା। କଣ୍ଟାବୁଦାଗୁଡ଼କ ବଢ଼ୁ ଥିଲା, ତେଣୁ
କଣ୍ଟାବୁଦାଗୁଡ଼କ ଗଛଚାରାଗୁଡ଼କୁ ଚାପି ଦେଲା, ତା'ଫଳରେ
ସେଗୁଡ଼କ ଭଲ ଭାବରେ ବଢ଼ି ପାରଲାନାହିଁ। ତେଣୁ
ସେଥିରେ ଫଳ ଫଳଲାନାହିଁ। ୮କେତେକ ବୀଜ ଭଲ
ମାଟିରେ ପଡ଼ଲା। ସେଥିରୁ ଗଛ ହେଲା। ଗଛ ଭଲ
ବଢ଼ଲା ଓ ଫଳ ଫଳଲା। କେତେକ ଗଛରେ ତିରଶଗୁଣ
ବା ଷାଠିଏଗୁଣ ବା ଏପରକ କେତେକ ଗଛରେ ଶହେଗୁଣ
ପର୍ଯ୍ୟନ୍ତ ଫଳ ଫଳଲା।”
୯ତା'ପରେ ଯୀଶୁ କହଲେ, “ତୁମ୍ଭମାନଙ୍କ ଭିତରୁ ଯିଏ
ଶୁଣୁଛ, ଶୁଣ।”

### ଯୀଶୁ କାହିଁକ ଦୃଷ୍ଟାନ୍ତ ପ୍ରୟୋଗ କରନ୍ତ

୧୦ପରେ ଯେତେବେଳେ ଯୀଶୁ ଏକୁଟିଆ ଥିଲେ,
ସେତେବେଳେ ତାହାଙ୍କର ବାର ଜଣ ଯାକ ପ୍ରେରତ ଓ
ଅନ୍ୟ ଶିଷ୍ୟମାନେ ତାହାଙ୍କୁ ଦୃଷ୍ଟାନ୍ତ ସମ୍ବନ୍ଧରେ ପଚାରଲେ।
୧୧ଯୀଶୁ କହଲେ, “କେବଳ ତୁମ୍ଭମାନଙ୍କୁ ପରମେଶ୍ୱରଙ୍କ
ରାଜ୍ୟର ନଗୁଢ଼ ତତ୍ତ୍ୱ ବୁଝି ପାରବା ପାଇଁ ଶକ୍ତି ଦଆ
ଯାଇଛ। କନ୍ତୁ ଅନ୍ୟମାନଙ୍କ ପାଇଁ ମୁଁ ଦୃଷ୍ଟାନ୍ତ ମାଧ୍ୟମରେ
ସବୁକଥା କହୁଛ। ୧୨ମୁଁ ଏପର କରେ କାରଣ:

> ‘ସେମାନେ ଖାଲ ଚାହୁଁଥିବେ ସିନା କନ୍ତୁ କଛ
> ଦେଖି ପାରୁ ନଥିବେ। ସେମାନେ ଖାଲ ଶୁଣୁଥିବେ
> ସିନା କନ୍ତୁ କଛ ବୁଝି ପାରୁ ନଥିବେ। ଯଦ
> ସେମାନେ ଦେଖି ପାରବେ ଓ ବୁଝି ପାରବେ,
> ତେବେ ସେମାନେ ବଦଳ ଯିବେ ଓ କ୍ଷମା ପାଇ
> ଯିବେ'।” ଯିଶାଇୟ ୬:୯-୧୦

### ଯୀଶୁ ବୀଜ ବୁଣା ଦୃଷ୍ଟାନ୍ତ-କଥା ବୁଝାଇଲେ

୧୩ତା'ପରେ ଯୀଶୁ ସେମାନଙ୍କୁ କହଲେ, “ତୁମ୍ଭେମାନେ
ଏହ ଦୃଷ୍ଟାନ୍ତ ବୁଝି ପାରୁଛ କ? ତେବେ ଅନ୍ୟ ଦୃଷ୍ଟାନ୍ତଗୁଡ଼କ
କପର ବୁଝିବ?” ୧୪ଚାଷୀଟି ଲୋକମାନଙ୍କ ମନ ମଧ୍ୟରେ
ପରମେଶ୍ୱରଙ୍କ ଉପଦେଶ ବୁଣୁଥିବା ଲୋକ ଭଳ।
୧୫ବେଳେବେଳେ ଉପଦେଶ ରାସ୍ତାରେ ପଡ଼ ଯାଏ। କେତେକ
ଲୋକ ଏହ ରାସ୍ତା ଭଳ, ସେହ ଲୋକମାନେ ପରମେଶ୍ୱରଙ୍କ

ଉପଦେଶ ଶୁଣନ୍ତି କିନ୍ତୁ ଶୟତାନ ତତ୍କ୍ଷଣାତ୍ ଆସି ସେମାନଙ୍କ ମଧ୍ୟରେ ବୁଣା ଯାଇ ଥିବା ଉପଦେଶକୁ ନେଇ ଯାଏ। ୧୬ଆଉ କେତେକ ଲୋକ ପଥୁରିଆ ଜମିରେ ବୁଣା ଯାଇଥିବା ବୀଜ ଭଳି, ସେମାନେ ଉପଦେଶ ଶୁଣନ୍ତି ଏବଂ ଶୀଘ୍ର ଆନନ୍ଦରେ ତାହା ଗ୍ରହଣ କରି ନିଅନ୍ତି। ୧୭କିନ୍ତୁ ତାହାର ଚେର ତାହାଙ୍କ ହୃଦୟର ଗଭୀରତାରେ ପ୍ରବେଶ କରି ପାରେ ନାହିଁ। କେବଳ କିଛି କ୍ଷଣ ପାଇଁ ସେମାନେ ଉପଦେଶକୁ ଧରି ରଖନ୍ତି। ପରେ ଯେତେବେଳେ ଉପଦେଶ ଯୋଗୁ ବିପଦ ଆସେ ବା ସେମାନେ ନିର୍ଯ୍ୟାତିତ ହୁଅନ୍ତି, ସେତେବେଳେ ସେମାନେ ତୁରନ୍ତ ବିଶ୍ୱାସ ପରିତ୍ୟାଗ କରନ୍ତି। ୧୮ଆଉ କେତେକ ଲୋକ କଣ୍ଟାବୁଦାଗୁଡ଼ିକରେ ପଡ଼ି ଯାଇଥିବା ବୀଜ ଭଳି। ଏମାନେ ଉପଦେଶ ଶୁଣନ୍ତି। ୧୯କିନ୍ତୁ ତାହାଙ୍କ ମନରେ ଜୀବନର ଚିନ୍ତା, ଧନ-ସମ୍ପତ୍ତିର ମୋହ ଓ ଅନ୍ୟ ବସ୍ତୁ ଲାଭ କରିବାର ଲାଳସା ଆସେ ଓ ସେଗୁଡ଼ିକ ଉପଦେଶକୁ ଚାପି ପକାଏ। ଫଳରେ ତାହା ସେମାନଙ୍କ ଜୀବନରେ ଫଳହୀନ ହୁଏ। ୨୦କେତେକ ଲୋକ ଭଲ ମାଟିରେ ବୁଣା ଯାଇଥିବା ବୀଜ ଭଳି, ସେମାନେ ଉପଦେଶ ଶୁଣନ୍ତି ଓ ତାହା ଗ୍ରହଣ କରନ୍ତି। ତା'ପରେ ସେମାନେ ବୃଦ୍ଧି ପାଇ ଫଳପ୍ରଦ ହୁଅନ୍ତି। ତାହା ବେଳେବେଳେ ତିରିଶ ଗୁଣ, ଷାଠିଏ ଗୁଣ ବା ଶହେ ଗୁଣ ପର୍ଯ୍ୟନ୍ତ ଫଳ ଦେଇଥାଏ।"

### ଯାହା ତୁମ୍ଭ ପାଖରେ ଅଛି ତାହାର ବିନିଯୋଗ କର

୨୧ତା'ପରେ ଯୀଶୁ ସେମାନଙ୍କୁ କହିଲେ, "ତୁମ୍ଭେ କ'ଣ ହାଣ୍ଡି ତଳେ କି ଖଟ ତଳେ ଦୀପଟିଏ ରଖ କି? ତୁମ୍ଭେ ଦୀପ ରୁଖା ଉପରେ ଦୀପ ରଖ। ୨୨ତେବେ ଯାହା କିଛି ଲୁଚି ରହିଛି, ତାହା ସ୍ପଷ୍ଟ ହୋଇଯିବ। ଯାହା କିଛି ରହସ୍ୟ ହୋଇ ରହିଛି, ତାହା ପ୍ରକାଶ ପାଇବ। ୨୩ମୋତେ ଶୁଣୁଥିବା ଲୋକମାନେ ଶୁଣନ୍ତୁ।

୨୪"ତୁମ୍ଭେ ଯାହା ଶୁଣୁଛ, ତାହା ଉପରେ ସାବଧାନ ହୋଇ ବିଚାର କର।। ତୁମ୍ଭେ ଯେଉଁଭଳି ଭାବରେ ଅନ୍ୟକୁ ଦେଉଛ, ପରମେଶ୍ୱର ତୁମ୍ଭକୁ ଠିକ ସେହିଭଳି ଭାବରେ ଦେବେ। ବରଂ ପରମେଶ୍ୱର ତୁମ୍ଭକୁ ଆହୁରି ଅଧିକ ଦେବେ। ୨୫ଯାହା ପାଖରେ କିଛି ଅଛି, ତାହାକୁ ଆଉ ଅଧିକ ଦିଆଯିବ। କିନ୍ତୁ ଯାହା ପାଖରେ ଖୁବ୍ କମ୍ ଅଛି, ତାହା ମଧ୍ୟ ସେ ହରେଇ ବସିବ।"

### ବୀଜର ଦୃଷ୍ଟାନ୍ତ ଯୀଶୁ ବ୍ୟାଖ୍ୟା କଲେ

୨୬ଯୀଶୁ ପୁଣି କହିଲେ, "ପରମେଶ୍ୱରଙ୍କ ରାଜ୍ୟ, ଜମିରେ ବୀଜ ବୁଣୁଥିବା ଲୋକଟିଏ ଭଳି। ୨୭ବୀଜରୁ ଅଙ୍କୁର ବାହାରି ଦିନଗତି ବଢ଼ିବାକୁ ଲାଗେ। ସେହି ଲୋକ ଦିନରେ ଚେଇଁଥାଉ କିମ୍ବା ରାତିରେ ଶୋଇଥାଉ, ସେଥିରେ କିଛି ଯାଏ ଆସେ ନାହିଁ। ତଥାପି ଅଙ୍କୁରଟି ଆପଣା ଛାଁଏ ବଢ଼ି ଚାଲି ଥାଏ। ସେହି ଲୋକ ଜାଣିପାରେ ନାହିଁ ଯେ ଅଙ୍କୁରଟି କିପରି ବଢୁଛି। ୨୮କାହାରି ସାହାଯ୍ୟ ବିନା ଭୂମି ଆପେ-ଆପେ ଶସ୍ୟ ଉତ୍ପନ୍ନ କରେ। ପ୍ରଥମେ ଅଙ୍କୁର, ତା ପରେ କେଣ୍ଟା ହୁଏ। ତା'ପରେ କେଣ୍ଟାରେ ପରିପୂର୍ଣ୍ଣ ଶସ୍ୟ ହୁଏ; ୨୯ଯେତେବେଳେ ଶସ୍ୟ ପାଚିଯାଏ, ସେତେବେଳେ ସେହି ଲୋକ ଦାଆ ନେଇ ତାକୁ କାଟେ। କାରଣ ଏହାହିଁ ଅମଳ କରିବାର ଉପଯୁକ୍ତ ସମୟ।"

### ପରମେଶ୍ୱରଙ୍କ ରାଜ୍ୟ ଏକ ସୋରିଷ ଦାନା ଭଳି

୩୦ସେ ପୁଣି କହିଲେ, "ପରମେଶ୍ୱରଙ୍କ ରାଜ୍ୟ ସଂପର୍କରେ କ'ଣ କହି ମୁଁ ତୁମ୍ଭକୁ ବୁଝାଇବି? ମୁଁ କେଉଁ ଦୃଷ୍ଟାନ୍ତ ମାଧ୍ୟମରେ ଏହା ବୁଝେଇବି? ୩୧ପରମେଶ୍ୱରଙ୍କ ରାଜ୍ୟ ଗୋଟିଏ ସୋରିଷ ଦାନା ଭଳି। ଏହି ସୋରିଷ ଦାନା, ତୁମ୍ଭେ ଜମିରେ ବୁଣୁଥିବା ବୀଜଗୁଡ଼ିକ ଭିତରେ ସବୁଠାରୁ ଛୋଟ। ୩୨କିନ୍ତୁ ତୁମ୍ଭେ ବୁଣିବା ପରେ ଏହି ବୀଜ ବଢ଼ି ତୁମ୍ଭ ବଗିଚାର ଅନ୍ୟ ଗଛମାନଙ୍କ ଭିତରେ ସବୁଠାରୁ ବଡ଼ ହୋଇଯାଏ। ତାର ଶାଖା ଗୁଡ଼ିକ ବଡ଼ ହୋଇଯାଆନ୍ତି। ପକ୍ଷୀମାନେ ଆସି ତା ଛାଇରେ ବସା ବାନ୍ଧି ରହନ୍ତି।"

୩୩ଯୀଶୁ ଏହି ଭଳି ଅନେକ ଦୃଷ୍ଟାନ୍ତ କଥା ମାଧ୍ୟମରେ ସେମାନଙ୍କୁ ଉପଦେଶ ପ୍ରଦାନ କରୁଥିଲେ। ସେମାନଙ୍କର ବୁଝି ପାରିବା କ୍ଷମତା ଅନୁସାରେ ଯୀଶୁ ସେମାନଙ୍କୁ କହୁଥିଲେ। ୩୪ଯୀଶୁ ଲୋକଙ୍କୁ ଉପଦେଶ ଦେଲାବେଳେ ସବୁବେଳେ ଦୃଷ୍ଟାନ୍ତର ପ୍ରୟୋଗ କରୁଥିଲେ। କିନ୍ତୁ ଯୀଶୁଙ୍କ ସହିତ ତାହାଙ୍କ ଶିଷ୍ୟମାନେ ଏକୁଟିଆ ଥିବାବେଳେ, ସେତେବେଳେ ଯୀଶୁ ସେମାନଙ୍କୁ ସବୁଗୁଡ଼ିକର ଅର୍ଥ ସ୍ପଷ୍ଟ ଭାବରେ ବୁଝେଇ ଦେଉଥିଲେ।

### ଯୀଶୁ ଝଡ଼ ବନ୍ଦ କରିଦେଲେ

୩୫ସେହି ଦିନ ସନ୍ଧ୍ୟାବେଳେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ, "ଚାଲ, ଆର ପଟକୁ ଯିବା।" ୩୬ତେଣୁ ସେମାନେ ସବୁ ଲୋକଙ୍କୁ ସେଠାରେ ଛାଡ଼ି ଦେଲେ।। ଯେଉଁ ଡ଼ଙ୍ଗାରେ ଯୀଶୁ ପୂର୍ବରୁ ବସି ସାରିଥିଲେ, ଶିଷ୍ୟମାନେ ମଧ୍ୟ ଯାଇ ସେଥିରେ ବସିଲେ। ସେଠାରେ ଅନ୍ୟ ଡ଼ଙ୍ଗାଗୁଡ଼ିକ ମଧ୍ୟ ଥିଲା। ୩୭ତା'ପରେ ହ୍ରଦରେ ଗୋଟିଏ ଭୟଙ୍କର ଝଡ଼ ସୃଷ୍ଟି ହେଲା। ଡ଼ଙ୍ଗା ଆଡ଼କୁ ଢେଉ ମାଡ଼ି ଆସିଲା।। ଡ଼ଙ୍ଗାରେ ପାଣି ପ୍ରାୟ ଭର୍ତ୍ତି ହୋଇଗଲା। ୩୮ଯୀଶୁ ଡ଼ଙ୍ଗା ଭିତରେ ପଛ ମଙ୍ଗରେ ଗୋଟିଏ ତକିଆରେ ମୁଣ୍ଡ ଦେଇ ଶୋଇ ପଡ଼ିଥିଲେ। ତାହାଙ୍କ ଶିଷ୍ୟମାନେ ତାହାଙ୍କ ପାଖକୁ ଯାଇ ତାହାଙ୍କୁ ଉଠାଇଲେ। ସେମାନେ କହିଲେ, "ଗୁରୁ, ତୁମ୍ଭେ କ'ଣ ଆମ୍ଭ କଥା କିଛି ଚିନ୍ତାକରୁ ନାହଁ, ବର୍ତ୍ତମାନ ଆମ୍ଭେ ବୁଡ଼ିଯିବା।"

୩୯ଯୀଶୁ ଉଠି ପଡ଼ିଲେ, ସେ ପବନକୁ ଧମକ ଦେଲେ ଓ ଢେଉକୁ କହିଲେ, "ଶାନ୍ତ ହୁଅ, ସ୍ଥିର ହୁଅ।" ତା'ପରେ ଝଡ଼ ବନ୍ଦ ହୋଇଗଲା। ହ୍ରଦ ଶାନ୍ତ ହୋଇଗଲା।

୪୦ତା'ପରେ ଯୀଶୁ ଶିଷ୍ୟମାନଙ୍କୁ କହିଲେ, "ତୁମ୍ଭେମାନେ କାହିଁକି ଭୟ କରୁଛ? ଏ ପର୍ଯ୍ୟନ୍ତ କ'ଣ ତୁମ୍ଭମାନଙ୍କର ବିଶ୍ୱାସ ହୋଇନାହିଁ?"

୪୧ସେମାନେ କିନ୍ତୁ ବହୁତ ଡରି ଯାଇଥିଲେ। ସେମାନେ ନିଜ ଭିତରେ ପଚରା ପଚରି ହେଲେ, "ଏ କେଉଁ ପ୍ରକାରର ଲୋକ? ଏପରିକି ପବନ ଓ ପାଣି ମଧ୍ୟ ତାହାଙ୍କୁ ମାନୁଛନ୍ତି।"

### ଯୀଶୁ ଜଣେ ଲୋକଙ୍କୁ ଦୁଷ୍ଟାତ୍ମା କବଳରୁ ମୁକ୍ତ କଲେ

୫ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ହ୍ରଦର ଅପର ପାର୍ଶ୍ୱର
ଗରାଶୀୟମାନଙ୍କ ଦେଶରେ ପହଞ୍ଚିଲେ। ୨ଯୀଶୁ ଡଙ୍ଗାର
ବାହାରକୁ ଆସିବା ମାତ୍ରେ ଗୋଟିଏ ଲୋକ କବର ମଧ୍ୟରୁ
ବାହାରି ତାହାଙ୍କ ପାଖକୁ ଆସିଲା। ତା'ଦେହରେ ଦୁଷ୍ଟାତ୍ମାଟି
ପ୍ରବେଶ କରି ରହିଥିଲା। ୩ସେ ଲୋକଟି କବର ମଧ୍ୟରେ
ରହୁଥିଲା। ତାହାକୁ କେହି ହେଲେ ବାନ୍ଧି ପାରୁ ନ ଥିଲେ।
ଏପରିକି ଶିକୁଳିରେ ମଧ୍ୟ ତାକୁ ବାନ୍ଧି ପାରୁ ନ ଥିଲେ।
୪କାରଣ ତାହାକୁ ଅଧିକାଂଶ ସମୟରେ ହାତକଡ଼ି ଓ ବେଡ଼ି
ଦ୍ୱାରା ବାନ୍ଧି ଦିଆ ଯାଉଥିଲା। କିନ୍ତୁ ସେ ହାତକଡ଼ିକୁ
ଛିଣ୍ଡାଇ ଖୋଲି ଦେଉଥିଲା ଓ ଶିକୁଳିକୁ ଖଣ୍ଡ-ଖଣ୍ଡ କରି
ଛିଣ୍ଡାଇ ଦେଉଥିଲା। କେହି ହେଲେ ତାକୁ ନିୟନ୍ତ୍ରିତ କରି
ପାରୁ ନଥିଲେ। ୫ସେ ଦିନ ରାତି ସଦାବେଳେ କବର ଓ
ପାହାଡ଼ରେ ଥାଇ ଚିତ୍କାର କରୁଥିଲା ଓ ନିଜକୁ ପଥରରେ
କ୍ଷତ-ବିକ୍ଷତ କରି ପକାଉଥିଲା। ୬ଲୋକଟି ଯୀଶୁଙ୍କୁ ଦୂରରୁ
ଦେଖି ତାହାଙ୍କ ପାଖକୁ ଧାଇଁ ଆସିଲା ଓ ପ୍ରଣାମ କରି
ତାହାଙ୍କ ଆଗରେ ପଡ଼ିଗଲା। ୭-୮ଯୀଶୁ ସେହି ଲୋକକୁ
କହିଲେ, "ରେ ଦୁଷ୍ଟାତ୍ମା; ଏହି ଲୋକ ଦେହରୁ ବାହାରି
ଆ।" ଯୀଶୁ ଏପରି କରିବା ଦ୍ୱାରା ସେହି ଲୋକ ବଡ଼
ପାଟିରେ ଚିତ୍କାର କରି କହିଲା, "ସବୁଠାରୁ ମହାନ ପରମେଶ୍ୱରଙ୍କ
ପୁତ୍ର ହେ ଯୀଶୁ, ତୁମ୍ଭେ ମୋ ଠାରୁ କ'ଣ ଚାହୁଁଛ? ତୁମ୍ଭକୁ
ପରମେଶ୍ୱରଙ୍କ ରାଣ, ମୁଁ ଅନୁରୋଧ କରୁଛି, ତୁମ୍ଭେ
ମୋତେ ହଇରାଣ କର ନାହିଁ।"
୯ଯୀଶୁ ତାକୁ ପଚାରିଲେ, "ତୁମ୍ଭ ନାମ କ'ଣ?"
ଲୋକଟି କହିଲା, "ମୋ ନାମ ଲିଜନ* ବା ବାହିନୀଭୂତ।
କାରଣ ଆମ୍ଭେ ଅନେକ।" ୧୦ସେହି ଦୁଷ୍ଟାତ୍ମାମାନେ ବାରମ୍ବାର
କାକୁତି ମିନତି ହୋଇ ଭିକ୍ଷା ମାଗିଲା ଯେ ସେ ସେମାନଙ୍କୁ
ସେହି ଅଞ୍ଚଳର ବାହାରକୁ ପଠେଇ ନ ଦିଅନ୍ତୁ।
୧୧ସେହି ପାହାଡ଼ କଡ଼ରେ ସେତେବେଳେ ଘୁଷୁରିଙ୍କର
ଗୋଟିଏ ବଡ଼ ପଲ ଚରୁଥିଲା। ୧୨ଦୁଷ୍ଟାତ୍ମାମାନେ ଯୀଶୁଙ୍କୁ
ଅନୁରୋଧ କଲେ, "ଆମ୍ଭକୁ ଘୁଷୁରିମାନଙ୍କ ପାଖକୁ ପଠେଇ
ଦିଅ, ତାହେଲେ ଆମ୍ଭେ ସେମାନଙ୍କ ଦେହ ଭିତରେ
ପ୍ରବେଶ କରିଯିବୁ।" ୧୩ଯୀଶୁ ସେମାନଙ୍କୁ ଏପରି କରିବାକୁ
ଅନୁମତି ଦେଇଦେଲେ। ତାପରେ ଦୁଷ୍ଟାତ୍ମାମାନେ ସେହି
ଲୋକଟି ଦେହରୁ ବାହାରି ଘୁଷୁରିମାନଙ୍କ ଦେହରେ ପଶିଗଲେ।
ସେହି ଘୁଷୁରି ପଲରେ ପ୍ରାୟ ଦୁଇ ହଜାର ଘୁଷୁରି ଥିଲେ।
ସେ ସବୁତକ ଘୁଷୁରି ପାହାଡ଼ କଡ଼କୁ ଖୁବ୍ ବେଗରେ
ଧାଇଁଲେ ଓ ହ୍ରଦ ଭିତରେ ପଡ଼ି ଗଲେ। ସବୁତକ ଘୁଷୁରି
ପାଣିରେ ବୁଡ଼ିଗଲେ।
୧୪ଘୁଷୁରି ପଲର ଜଗୁଆଳିମାନେ ପଳେଇ ଯାଇ ସହରରେ
ଏହି ଘଟଣା ବିଷୟରେ କହିଲେ। ଲୋକେ କ'ଣ ଘଟିଛି
ବୋଲି ଦେଖିବାକୁ ଆସିଲେ। ୧୫ସେମାନେ ଯୀଶୁଙ୍କ ପାଖରେ
ପହଞ୍ଚି ଦେଖିଲେ ଯାହା ଦେହରେ ବାହିନୀଭୂତ* ପ୍ରବେଶ
କରିଥିଲା, ସେ ଲୋକଟି ଲୁଗାପଟା ପିନ୍ଧି ଭଲ୍ ଭାବରେ
ବସିଛି। ତାହାର ମନ ଭଲ ହୋଇ ଯାଇଛି। ଏହା ଦେଖି
ସେମାନେ ଭୟଭୀତ ହେଲେ। ୧୬ସେଠାରେ କେତେକ
ଲୋକ ଥିଲେ, ଯେଉଁମାନେ ଯୀଶୁଙ୍କ କାର୍ଯ୍ୟ ଦେଖିଥିଲେ।
ସେମାନେ ଅନ୍ୟ ଲୋକମାନଙ୍କ ଆଗରେ ଦୁଷ୍ଟାତ୍ମା* ଭୂତଗ୍ରସ୍ତ
ଲୋକଟିର ଓ ଘୁଷୁରିମାନଙ୍କର କ'ଣ ହେଲା, ସେ ସବୁ
ବର୍ଣ୍ଣନା କଲେ। ୧୭ତା'ପରେ ସେ ଲୋକମାନେ ଯୀଶୁଙ୍କୁ
ସେ ଅଞ୍ଚଳ ଛାଡ଼ି ଚାଲିଯିବାକୁ ଅନୁରୋଧ କଲେ।
୧୮ଯୀଶୁ ଡଙ୍ଗାରେ ବସି ଚାଲି ଯିବାକୁ ପ୍ରସ୍ତୁତ ହେଲେ।
ଯିଏ ପୂର୍ବରୁ ଦୁଷ୍ଟାତ୍ମା ଦ୍ୱାରା ଆକ୍ରାନ୍ତ ହୋଇଥିଲା, ସେ
ଯୀଶୁଙ୍କୁ ସହିତ ଯିବାକୁ ତାହାଙ୍କୁ ଅନୁରୋଧ କଲା।
୧୯କିନ୍ତୁ ଯୀଶୁ ତାହାକୁ ଯିବାପାଇଁ ଅନୁମତି ଦେଲେ
ନାହିଁ। ଯୀଶୁ କହିଲେ, "ତୁମ୍ଭେ ତୁମ୍ଭର ଘରକୁ, ଆତ୍ମୀୟ-ସ୍ୱଜନଙ୍କ
ପାଖକୁ ଯାଅ। ପ୍ରଭୁ ତୁମ୍ଭ ପାଇଁ ଯାହା କରିଛନ୍ତି, ସେ
ସମସ୍ତ କଥା ସେମାନଙ୍କୁ କୁହ।। ସେମାନଙ୍କୁ କୁହ ଯେ
ପ୍ରଭୁ ତୁମ୍ଭକୁ ଦୟା କରିଛନ୍ତି।" ୨୦ତେଣୁ ସେ ଚାଲିଗଲା ଓ
ଦେକାପଲି* ଅଞ୍ଚଳର ଲୋକଙ୍କୁ କହିବାକୁ ଲାଗିଲା ଯେ
ଯୀଶୁ କିପରି ତା ପାଇଁ କେତେ ବଡ଼ କାମ କରିଛନ୍ତି।
ସମସ୍ତ ଲୋକ ଏ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ।

### ଯୀଶୁ ମୃତ ବାଳକାକୁ ଜୀବନ ଦେଲେ ଓ ଏକ ଅସୁସ୍ଥ ସ୍ତ୍ରୀକୁ ସୁସ୍ଥ କଲେ

୨୧ଯୀଶୁ ନୌକାରେ ବସି ହ୍ରଦର ଅପର ପାର୍ଶ୍ୱକୁ
ଫେରିଗଲେ। ପୁଣି ହ୍ରଦ କୂଳରେ ତାହାଙ୍କ ଚାରି ପଟେ
ବହୁତ ଲୋକ ଜମିଗଲେ। ୨୨ଯିହୁଦୀ ପ୍ରାର୍ଥନା ଗୃହର
ଜଣେ ଅଧିକାରୀ ସେଠାକୁ ଆସିଲେ। ତାହାଙ୍କ ନାମ
ଯାଇରସ ଥିଲା। ଯାଇରସ ଯୀଶୁଙ୍କୁ ଦେଖିବା ମାତ୍ରେ
ତାହାଙ୍କ ପାଦ ତଳେ ପଡ଼ିଗଲେ। ୨୩ସେ କାକୁତି ମିନତି
ହୋଇ ଯୀଶୁଙ୍କୁ ଭିକ୍ଷା ମାଗିଲେ, "ମୋର ଛୋଟ ଝିଅ
ମରିବା ଉପରେ। ଦୟା କରି ଆପଣ ଆସି ତା'ଉପରେ
ହାତ ରଖନ୍ତୁ, ତା'ହେଲେ ସେ ସୁସ୍ଥ ହୋଇଯିବ ଓ ଜୀବନ
ପାଇବ।"
୨୪ଯୀଶୁ ଯାଇରସଙ୍କ ସାଥୀରେ ବାହାରିଲେ। ଅନେକ
ଲୋକ ଯୀଶୁଙ୍କ ପଛେ ପଛେ ଗଲେ। ଭିଡ଼ ହୋଇଥିବା
ଯୋଗୁ ଲୋକେ ଯୀଶୁଙ୍କ ଆଡ଼କୁ ମାଡ଼ି ଆସୁ ଥିଲେ।
୨୫ସେଠାରେ ଲୋକଙ୍କ ଭିତରେ ଜଣେ ସ୍ତ୍ରୀ ଲୋକ
ଥିଲା। ବିଗତ ବାରବର୍ଷ ଧରି ତା'ର ରକ୍ତସ୍ରାବ ହେଉଥିଲା।
୨୬ଅନେକ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇ ସାରିବା
ପରେ ସେ ନିରାଶ ହୋଇ ପଡ଼ିଥିଲା। ସେ ବହୁତ କଷ୍ଟ
ପାଉଥିଲା। ତାର ସମସ୍ତ ଟଙ୍କା ଖର୍ଚ୍ଚ ହୋଇ ଯାଇଥିଲା।
ତଥାପି ତା'ର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ଘଟୁ ନଥିଲା।
ବରଂ ତାର ଦେହ ଅତ୍ୟଧିକ ଖରାପ ହୋଇ ଯାଉଥିଲା।

---

**ଲିଜନ** ଏହା ବହୁତ ଅଧିକ। ରୋମୀୟ ସେନାବାହିନୀରେ ଗୋଟିଏ ଲିଜନରେ ୫,୦୦୦ ସୈନ୍ୟ ରହୁଥିଲେ।

**ବାହିନୀଭୂତ** ଅନେକ ଦୁଷ୍ଟାତ୍ମା

**ଦୁଷ୍ଟାତ୍ମା** ଏହା ଭୂତକୁ ବୁଝାଏ

**ଦେକାପଲି** ଏହା ଗ୍ରୀକ ଶବ୍ଦ। ଏହାର ଅର୍ଥ ଦଶ ନଗର। ଏହି ଅଞ୍ଚଳ ଗାଲୀଲୀ ହ୍ରଦର ପୂର୍ବରେ ଅବସ୍ଥିତ ଥିଲା। ଏକଦା ସେଠାରେ ଦଶଟି ପ୍ରମୁଖ ନଗର ଅବସ୍ଥିତ ଥିଲା।

୨୭ସେହି ସ୍ତ୍ରୀ ଲୋକଟି ଯୀଶୁଙ୍କ ବିଷୟରେ ଶୁଣିବା ପରେ
ଲୋକଙ୍କ ସହିତ ତାହାଙ୍କର ଅନୁସରଣ କଲା। ସେ ପଛ
ପଟରୁ ଆସି ଯୀଶୁଙ୍କ ନିକଟତର ହେଲା ଓ ତାହାଙ୍କ ବସ୍ତ୍ର
ଛୁଇଁଦେଲା। ୨୮ସେ ମନେ ମନେ କହୁଥିଲା, "ଯଦି ମୁଁ
ଖାଲି ଟିକିଏ ତାହାଙ୍କର ବସ୍ତ୍ର ଛୁଁଇ ପାରିବି ତେବେ ଭଲ
ହୋଇଯିବି।" ୨୯ସେ ଯୀଶୁଙ୍କ ବସ୍ତ୍ର ଛୁଇଁବା ମାତ୍ରେ ତାର
ରକ୍ତ ସ୍ରାବ ବନ୍ଦ ହୋଇଗଲା ଓ ତାର ଶରୀରରେ ରୋଗ
ଭଲ ହୋଇଗଲା ବୋଲି ସେ ଅନୁଭବ କଲା। ୩୦ସେହି
ସମୟରେ ଯୀଶୁ ଅନୁଭବ କଲେ ଯେ ତାହାଙ୍କ ଠାରୁ ଶକ୍ତି
ବାହାରି ଯାଇଛି। ସେ ଅଟକି ଗଲେ ଓ ପଛକୁ ବୁଲି ପଡ଼ି
ପଚାରିଲେ, "ମୋର ବସ୍ତ୍ର କିଏ ଛୁଇଁଲା।"
୩୧ଶିଷ୍ୟମାନେ ଯୀଶୁଙ୍କୁ କହିଲେ, "ଏଠାରେ ତ ଅନେକ
ଲୋକ ଆପଣଙ୍କ ଆଡ଼କୁ ଠେଲି ହୋଇ ଯାଉଛନ୍ତି। ଅଥଚ
ଆପଣ ପଚାରୁଛନ୍ତି, "ମୋତେ କିଏ ଛୁଇଁଲା?""
୩୨କିନ୍ତୁ ଯୀଶୁ ତାହାଙ୍କୁ କେଉଁ ଲୋକ ଛୁଇଁଲା ବୋଲି
ଚାରିଆଡ଼କୁ ଦେଖିବାକୁ ଲାଗିଲେ। ୩୩ସେହି ସ୍ତ୍ରୀ ଲୋକଟି
ଜାଣିଥିଲା ଯେ ସେ ଭଲ ହୋଇଯାଇଛି, ତେଣୁ ସେ
ଆଗକୁ ଆସି ଯୀଶୁଙ୍କ ପାଦ ତଳେ ପଡ଼ିଗଲା। ସେ
ଭୟରେ ଥରୁଥିଲା। ସେ ଯୀଶୁଙ୍କୁ ସବୁ କଥା କହିଲା।
୩୪ଯୀଶୁ ତାକୁ କହିଲେ, "ଆଗୋ ନାରୀ; ତୁମ୍ଭର ବିଶ୍ୱାସ
ତୁମ୍ଭକୁ ସୁସ୍ଥ କରି ଦେଇଛି। ଶାନ୍ତିରେ ଯାଅ ଏବଂ ତୁମ୍ଭ
ରୋଗରୁ ମୁକ୍ତ ହୁଅ।"
୩୫ଯୀଶୁ ସେଠାରେ ଏସବୁ କହୁଥିବା ସମୟରେ ଯିହୂଦୀ
ପ୍ରାର୍ଥନା ଗୃହର ଅଧିକାରୀ ଯାଇରସଙ୍କ ଘରୁ କେତେକ
ଲୋକ ଆସି ତାହାଙ୍କୁ କହିଲେ, "ତୁମ୍ଭର ଝିଅ ମରିଗଲାଣି।
ବର୍ତ୍ତମାନ ତୁମ୍ଭେ ଗୁରୁ (ଯୀଶୁ)ଙ୍କୁ ଅଯଥାରେ ଆଉ କାହିଁକି
ହଇରାଣ କରିବ?"
୩୬କିନ୍ତୁ ଯୀଶୁ ସେମାନଙ୍କ କଥା ଶୁଣିସାରି ଯିହୂଦୀ
ପ୍ରାର୍ଥନା ଗୃହର ଅଧିକାରୀଙ୍କୁ କହିଲେ, "ଭୟ କର ନାହିଁ,
କେବଳ ବିଶ୍ୱାସ କର।"
୩୭ତା'ପରେ ସେ ସମସ୍ତଙ୍କୁ ଛାଡି କେବଳ ପିତର,
ଯାକୁବ ଓ ତାହାଙ୍କ ଭାଇ ଯୋହନଙ୍କୁ ସାଙ୍ଗରେ ନେଲେ।
୩୮ସେମାନେ ଯିହୂଦୀ ପ୍ରାର୍ଥନା ସଭାର ଅଧିକାରୀଙ୍କ ଘରକୁ
ଗଲେ। ସେ ସେଠାରେ ଲୋକମାନଙ୍କୁ ଉଚ୍ଚ ସ୍ୱରରେ
ବିଳାପ କରୁଥିବାର ଦେଖିଲେ। ସେଠାରେ ବହୁତ କୋଳାହଳ
ହେଉଥିଲା। ୩୯ଯୀଶୁ ଘର ଭିତରେ ପ୍ରବେଶ କରି ଲୋକମାନଙ୍କୁ
କହିଲେ, "ତୁମ୍ଭେ ସବୁ କାହିଁକି ଏତେ ପାଟିତୁଣ୍ଡ ଓ
କାନ୍ଦାକଟା କରୁଛ? ଏ ପିଲାଟି ମରି ନାହିଁ, ସେ କେବଳ
ଶୋଇ ଯାଇଛି।" ୪୦ଏହା ଶୁଣି ସବୁ ଲୋକ ଯୀଶୁଙ୍କୁ
ପରିହାସ କଲେ। କିନ୍ତୁ ସେ ସମସ୍ତଙ୍କୁ ଘରର ବାହାରକୁ
ପଠେଇଦେଲେ। କେବଳ ପିଲାଟିର ବାପା-ମାଆ ଓ ତାହାଙ୍କ
ସହିତ ଆସିଥିବା ଶିଷ୍ୟମାନଙ୍କୁ ସାଙ୍ଗରେ ନେଇ ପିଲାଟି
ଯେଉଁ କୋଠରୀରେ ଥିଲା, ସେହି କୋଠରୀକୁ ଗଲେ।
୪୧ତା ପରେ ଯୀଶୁ ଝିଅଟିର ହାତ ଧରି ତାହାକୁ କହିଲେ,
"ଟାଲିଥା, କୁମ୍" (ଅର୍ଥାତ୍ ହେ ଝିଅ, ମୁଁ ତୋତେ କହୁଛି
ଉଠ।) ୪୨ଝିଅଟି ସଙ୍ଗେ ସଙ୍ଗେ ଉଠି ଠିଆ ହେଲା ଓ
ଚାଲିବାକୁ ଆରମ୍ଭ କଲା। (ଝିଅଟିର ବୟସ ବାର ବର୍ଷ
ଥିଲା।) ତାର ବାପା-ମାଆ ଓ ଶିଷ୍ୟମାନେ ଅତ୍ୟନ୍ତ
ଆଶ୍ଚର୍ଯ୍ୟ ହୋଇଗଲେ। ୪୩ଯୀଶୁ ଏ କଥା ଲୋକମାନଙ୍କୁ ନ
କହିବା ପାଇଁ ଝିଅର ବାପା-ମାଆଙ୍କୁ କଡ଼ା ଭାବରେ
ନିର୍ଦ୍ଦେଶ ଦେଲେ। ତା ପରେ ଯୀଶୁ ଝିଅଟିର ବାପା-ମାଆଙ୍କୁ
ଝିଅକୁ କିଛି ଖାଇବାକୁ ଦେବାକୁ କହିଲେ।

### ଯୀଶୁ ନିଜ ଜନ୍ମ ସହରକୁ ଗଲେ

୬ ଯୀଶୁ ସେ ସ୍ଥାନ ଛାଡ଼ି ନିଜ ଜନ୍ମ ସହରକୁ ଗଲେ।
ତାହାଙ୍କ ଶିଷ୍ୟମାନେ ତାହାଙ୍କ ସହିତ ଗଲେ।
୨ବିଶ୍ରାମଦିବସରେ ଯୀଶୁ ଯିହୂଦୀୟ ପ୍ରାର୍ଥନା ଗୃହରେ ଶିକ୍ଷା
ଦେଲେ। ବହୁତ ଲୋକ ତାହାଙ୍କ ଶିକ୍ଷା ଶୁଣି ଆଶ୍ଚର୍ଯ୍ୟ
ହୋଇଗଲେ। ସେମାନେ କହିଲେ, "ଏ ଲୋକକୁ ଏସବୁ
ଶିକ୍ଷା କେଉଁଠାରୁ ପାଇଲା? ଏ ଲୋକକୁ ଏ ଉତ୍ତମ
ବିଚାରଶକ୍ତି (ବିଜ୍ଞତା) ଦେଲା କିଏ? ଆଶ୍ଚର୍ଯ୍ୟକାର୍ଯ୍ୟ କରିବା
ପାଇଁ ସେ କେଉଁଠାରୁ ଶକ୍ତି ପାଇଲା? ୩ଏ କ'ଣ ସେହି
ବଢ଼େଇ ନୁହଁନ୍ତି? ଏ କ'ଣ ମରିୟମଙ୍କ ପୁଅ, ଆଉ
ଯାକୁବ, ଯୋସି, ଯିହୂଦା ଓ ଶିମୋନଙ୍କ ଭାଇ ନୁହଁନ୍ତି?
ତାହାଙ୍କର ଭଉଣୀମାନେ କ'ଣ ଏଠାରେ ଆମ୍ଭ ସହିତ
ନାହାଁନ୍ତି?" ତେଣୁ ଯୀଶୁଙ୍କୁ ସ୍ୱୀକାର କରିବାରେ ଏହି
ଲୋକମାନେ ବାଧା ପାଇଲେ।
୪ତେଣୁ ଯୀଶୁ ଲୋକମାନଙ୍କୁ କହିଲେ, "ଅନ୍ୟମାନେ
ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ସମ୍ମାନ ଦେଇଥାନ୍ତି। କିନ୍ତୁ ତାହାଙ୍କ
ନିଜ ସହର ଲୋକେ, ତାହାଙ୍କର ସମ୍ପର୍କୀୟମାନେ ଓ
ତାହାଙ୍କ ନିଜ ପରିବାରର ଲୋକମାନେ ତାହାଙ୍କୁ ସମ୍ମାନ
କରନ୍ତି ନାହିଁ।" ୫ଅତଏବ ସେଠାରେ ଯୀଶୁ କୌଣସି
ଆଶ୍ଚର୍ଯ୍ୟକାର୍ଯ୍ୟ ପ୍ରଦର୍ଶନ କରି ପାରିଲେ ନାହିଁ। କେବଳ
କେତେକ ରୋଗୀଙ୍କ ଉପରେ ହାତ ରଖି ସେ ସେମାନଙ୍କୁ
ସୁସ୍ଥ କରିଲେ। ୬ଏ ଲୋକମାନଙ୍କର କୌଣସି ବିଶ୍ୱାସ ନ
ଥିବାରୁ ଯୀଶୁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲେ। ତା'ପରେ
ଯୀଶୁ ସେ ଅଞ୍ଚଳର ଅନ୍ୟ ସବୁ ଗାଁକୁ ଯାଇ ସେଠାରେ
ଶିକ୍ଷା ଦେବାକୁ ଲାଗିଲେ। ୭ଯୀଶୁ ବାରଜଣ ଶିଷ୍ୟଙ୍କୁ ଏକାଠି
ଡାକିଲେ। ସେ ସେମାନଙ୍କୁ ଦୁଇ-ଦୁଇ ଜଣ କରି ବାହାରକୁ
ପଠାଇଲେ। ସେ ସେମାନଙ୍କୁ ଦୁଷ୍ଟାତ୍ମାମାନଙ୍କ ଉପରେ
କ୍ଷମତା ପ୍ରଦାନ କଲେ। ୮ସେ ଶିଷ୍ୟମାନଙ୍କୁ ନିର୍ଦ୍ଦେଶ
ଦେଲେ, "ତୁମ୍ଭେ ଯାତ୍ରା କାଳରେ ବାଡ଼ିଟିଏ ଛଡ଼ା ଆଉ
କିଛି ନେବ ନାହିଁ। ରୋଟୀ, ଝୁଲା କି ପକେଟରେ କିଛି
ହେଲେ ଟଙ୍କା ମଧ୍ୟ ନେବ ନାହିଁ। ୯ତୁମ୍ଭେ ଚପଲ ପିନ୍ଧି
ପାରିବ। କିନ୍ତୁ କେବଳ ପିନ୍ଧିଥିବା ଲୁଗାପଟା ଛଡ଼ା କୌଣସି
ଅଧିକ ଲୁଗାପଟା ନେବ ନାହିଁ। ୧୦କୌଣସି ଘରେ ପ୍ରବେଶ
କଲେ ସେ ସହର ଛାଡ଼ି ଚାଲିଯିବା ପର୍ଯ୍ୟନ୍ତ ସେହି ଘରେ
ରୁହ। ୧୧ଯଦି କୌଣସି ସହରରେ ସେମାନେ ତୁମକୁ
ସ୍ୱାଗତ ନ କରନ୍ତି କିମ୍ବା ସେମାନେ ତୁମ୍ଭ କଥା ନ
ଶୁଣନ୍ତି, ତେବେ ସେ ସହର ଛାଡ଼ି ଚାଲି ଯାଅ। ଛାଡିଲା
ବେଳେ ତୁମ ପାଦରୁ ସେଠାକାର ଧୂଳି ଝାଡ଼ି ଦିଅ। ତାହା
ସେମାନଙ୍କ ପାଇଁ ଚେତାବନୀ ହେବ।"
୧୨ଶିଷ୍ୟମାନେ ସେଠାରୁ ଅନ୍ୟ ସ୍ଥାନକୁ ଚାଲିଗଲେ।
ସେମାନେ ଘୋଷଣା କଲେ ଯେ ଲୋକମାନେ ଅନୁତାପ

କରନ୍ତୁ। ହୃଦୟ ପରିବର୍ତ୍ତନ କରନ୍ତୁ। ୧୩ସେମାନେ ଲୋକଙ୍କ
ଦେହରୁ ଅନେକ ଭୂତଙ୍କୁ ତଡ଼ି ଦେଲେ। ସେମାନେ
ଅନେକ ରୋଗୀଙ୍କୁ ତୈଳ ଲଗାଇ ସୁସ୍ଥ କରି ଦେଲେ।
ହେରୋଦଙ୍କ ଧାରଣା ଥିଲା ଯେ ଯୀଶୁହିଁ ବାପ୍ତିଜକ ଯୋହନ।

**ହେରୋଦ ଭାବିଛନ୍ତି ଯୀଶୁ ହେଉଛନ୍ତି ବାପ୍ତିଜକ ଯୋହନ**

୧୪ରାଜା ହେରୋଦ ଯୀଶୁଙ୍କ ବିଷୟରେ ଶୁଣିଲେ।
କାରଣ ବର୍ତ୍ତମାନ ଯୀଶୁଙ୍କ ଖ୍ୟାତି ଚାରିଆଡ଼େ ବ୍ୟାପି
ଯାଇଥିଲା। କେତେକ ଲୋକ କହୁଥିଲେ, "ଯୀଶୁ ହେଉଛନ୍ତି
ବାପ୍ତିଜକ ଯୋହନ। ସେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଛନ୍ତି।
ସେଥି ଯୋଗୁ ସେ ଆଶ୍ଚର୍ଯ୍ୟକାର୍ଯ୍ୟ କରି ପାରୁଛନ୍ତି।"
୧୫ଅନ୍ୟମାନେ କହୁଥିଲେ, "ସେ ହେଉଛନ୍ତି ଏଲିୟ।"
ଆଉ କେତେକ କହୁଥିଲେ, "ଯୀଶୁ ହେଉଛନ୍ତି
ଭବିଷ୍ୟଦ୍‌ବକ୍ତା, ପ୍ରାଚୀନ କାଳର ଭବିଷ୍ୟଦ୍‌ବକ୍ତାଙ୍କ ଭଳି
ସେ ମଧ୍ୟ ଜଣେ ଭବିଷ୍ୟଦ୍‌ବକ୍ତା।"
୧୬ହେରୋଦ ଯୀଶୁଙ୍କ ବିଷୟରେ ଏସବୁ ଶୁଣିଲେ। ସେ
କହିଲେ, "ମୁଁ ଯୋହନଙ୍କୁ ମୁଣ୍ଡ-କାଟି କରି ହତ୍ୟା କରିଛି।
ବର୍ତ୍ତମାନ ଯୋହନ ମୃତ୍ୟୁରୁ ପୁଣି ବଞ୍ଚି ଉଠିଛନ୍ତି।"

**ବାପ୍ତିଜକ ଯୋହନଙ୍କୁ କିଭଳି ହତ୍ୟା କରାଯାଇଥିଲା**

୧୭ନିଜେ ହେରୋଦ ଯୋହନଙ୍କୁ ବନ୍ଦୀ କରିବା ପାଇଁ
ତାହାଙ୍କ ସୈନ୍ୟମାନଙ୍କୁ ଆଦେଶ ଦେଇଥିଲେ। ଯୋହନଙ୍କୁ
କାରାଗାରରେ ରଖାଯାଇଥିଲା। ହେରୋଦ ତାହାଙ୍କ ସ୍ତ୍ରୀ
ହେରୋଦିଆଙ୍କୁ ଖୁସି କରିବା ପାଇଁ ଏହା କରିଥିଲେ।
ପ୍ରଥମେ ହେରୋଦିଆ ହେରୋଦଙ୍କ ଭାଇ ଫିଲିପ୍ପଙ୍କ ସ୍ତ୍ରୀ
ଥିଲେ। ପରେ ହେରୋଦ ତାହାଙ୍କୁ ବିବାହ କରିଥିଲେ।
୧୮ଯୋହନ ହେରୋଦଙ୍କୁ କହିଥିଲେ, "ତୁମ୍ଭ ଭାଇଙ୍କ ସ୍ତ୍ରୀଙ୍କୁ
ବିବାହ କରିବା ଠିକ୍ ନୁହେଁ।" ୧୯ତେଣୁ ହେରୋଦିଆ
ଯୋହନଙ୍କୁ ଶତ୍ରୁ ଭାବରେ ଦେଖୁଥିଲେ। ସେ ଯୋହନଙ୍କୁ
ହତ୍ୟା କରିବାକୁ ଚାହୁଁଥିଲେ, କିନ୍ତୁ ସେ ଏଥିପାଇଁ ହେରୋଦଙ୍କୁ
ପ୍ରବର୍ତ୍ତାଇବାରେ ଅସଫଳ ହୋଇଥିଲେ। ୨୦ହେରୋଦ
ଯୋହନଙ୍କୁ ମାରିବାକୁ ଭୟ କରୁଥିଲେ। ସେ ଜାଣି ଥିଲେ
ଯେ ସମସ୍ତ ଲୋକ ଯୋହନଙ୍କୁ ଜଣେ ଭଲ ଓ ପବିତ୍ର
ଲୋକ ଭାବୁଥିଲେ। ତେଣୁ ହେରୋଦ ଯୋହନଙ୍କୁ ରକ୍ଷା
କରୁଥିଲେ। ଯୋହନଙ୍କ ଉପଦେଶ ଶୁଣିବାକୁ ହେରୋଦ
ଖୁବ୍ ଭଲ ପାଉଥିଲେ। ତଥାପି ଯୋହନଙ୍କ ଉପଦେଶ
ହେରୋଦଙ୍କୁ ସବୁବେଳେ ବିଚଳିତ କରୁଥିଲା।
୨୧କିଛି ଦିନ ପରେ ହେରୋଦଙ୍କ ଜନ୍ମ ଦିନରେ
ଯୋହନଙ୍କ ମୃତ୍ୟୁ ଘଟାଇବା ପାଇଁ ହେରୋଦିଆଙ୍କୁ ଗୋଟିଏ
ସୁଯୋଗ ମିଳିଗଲା। ତାହାଙ୍କର ଉଚ୍ଚ ଅଧିକାରୀ, ସେନାପତିଗଣ
ଏବଂ ଗାଲୀଲୀର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ହେରୋଦ ରାତ୍ରି
ସମୟରେ ଭୋଜି ଦେଉଥାନ୍ତି। ୨୨ହେରୋଦିଆଙ୍କ ଝିଅ ଭିତରକୁ
ଆସି ନାଚିଲା। ତା ନାଚରେ ଅତିଥିଗଣ ଓ ନିଜେ
ହେରୋଦ ବହୁତ ଖୁସି ହେଲେ।
ହେରୋଦ ଝିଅକୁ କହିଲେ, "ତୋର ଯାହା ଦରକାର
ମୋତେ ମାଗେ। ମୁଁ ତୋତେ ତାହା ଦେବି।" ୨୩ହେରୋଦ
ଶପଥ ପୂର୍ବକ ମଧ୍ୟ କହିଲେ, "ତୁ ଯାହା ମାଗିବୁ ମୁଁ
ତୋତେ ତାହା ଦେବି। ଏପରିକି ମୁଁ ମୋ ରାଜ୍ୟର ଅଧା
ଭାଗ ତୋତେ ଦେଇପାରେ।"
୨୪ଝିଅଟି ତା ମାଆ ପାଖକୁ ଯାଇ ପଚାରିଲା, "ରାଜା
ହେରୋଦଙ୍କୁ ମୁଁ କ'ଣ ମାଗିବି?"
ତା ମାଆ କହିଲେ, "ବାପ୍ତିଜକ ଯୋହନଙ୍କ ମୁଣ୍ଡ
ମାଗେ।"
୨୫ଝିଅଟି ଅତି ଶୀଘ୍ର ରାଜାଙ୍କ ପାଖକୁ ଚାଲି ଗଲା। ସେ
ରାଜାଙ୍କୁ କହିଲା, "ମୋତେ ବାପ୍ତିଜକ ଯୋହନଙ୍କ ମୁଣ୍ଡ
ଗୋଟିଏ ଥାଳିରେ ରଖି ବର୍ତ୍ତମାନ ଦିଅ।"
୨୬ରାଜା ହେରୋଦ ବହୁତ ଦୁଃଖ କଲେ। କିନ୍ତୁ ସେ
ଝିଅର ଇଚ୍ଛା ଅନୁସାରେ ଦାନ ଦେବାକୁ ଶପଥ କରି
ସାରିଥିଲେ। ସେଠାରେ ହେରୋଦଙ୍କ ସହିତ ଖାଉଥିବା
ଅତିଥିମାନେ ମଧ୍ୟ ହେରୋଦଙ୍କ ଶପଥ ବିଷୟରେ ଶୁଣି
ସାରିଥିଲେ। ତେଣୁ ଝିଅ ଯାହା ମାଗିଥିଲା, ତାହା ଦେବା
ପାଇଁ ହେରୋଦ ମନା କରିବାକୁ ଇଚ୍ଛା କଲେନାହିଁ। ୨୭ଏଣୁ
ରାଜା ଯୋହନଙ୍କ ମୁଣ୍ଡ ନେଇ ଆସିବାକୁ ଆଜ୍ଞା ଦେଇ
ତୁରନ୍ତ ଜଣେ ସୈନ୍ୟକୁ ପଠାଇଲେ। ସେ ଯାଇ କାରାଗାରରେ
ଯୋହନଙ୍କ ମୁଣ୍ଡ କାଟି ଦେଲା। ୨୮ଯୋହନଙ୍କ ସେହି ମୁଣ୍ଡ
ସେ ଗୋଟିଏ ଥାଳିରେ ଆଣି ଝିଅକୁ ତାହା ଦେଲା। ସେ
ଝିଅ ସେହି ମୁଣ୍ଡ ନେଇ ତା ମାଆକୁ ଦେଲା। ୨୯ଏହି ସବୁ
ଘଟଣା ଯୋହନଙ୍କ ଶିଷ୍ୟମାନେ ଶୁଣିଲେ। ସେମାନେ ଆସି
ଯୋହନଙ୍କ ମୃତ ଶରୀରକୁ ନେଇ କବର ଦେଲେ।

**ଯୀଶୁ ପାଞ୍ଚ ହଜାରରୁ ଅଧିକ ଲୋକଙ୍କୁ ଖୁଆଇଲେ**

୩୦ଯେଉଁ ପ୍ରେରିତମାନଙ୍କୁ ଯୀଶୁ ପଠାଇଥିଲେ, ସେମାନେ
ଫେରି ଆସିଲେ। ସେମାନେ ଯୀଶୁଙ୍କ ଚାରିପଟେ ଏକାଠି
ହୋଇ ସେମାନେ ଯାହା ସବୁ କରିଥିଲେ ଓ ଲୋକଙ୍କୁ
ଯାହା ସବୁ ଶିକ୍ଷା ଦେଇଥିଲେ, ସେ ସବୁ ତାହାଙ୍କୁ
କହିଲେ। ୩୧ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ବହୁତ ଗହଳି
ସ୍ଥାନରେ ଥିଲେ। ସେଠାରେ ବହୁତ ଲୋକ ଥିଲେ। ତେଣୁ
ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ସେଠାରେ ଖାଇବାକୁ ମଧ୍ୟ
ଟିକିଏ ସମୟ ପାଉ ନଥିଲେ। ଯୀଶୁ ଶିଷ୍ୟମାନଙ୍କୁ କହିଲେ,
"ତୁମ୍ଭେମାନେ ମୋ ସହିତ ଗୋଟିଏ ନିର୍ଜନ ସ୍ଥାନକୁ ଚାଲ
ଓ ସେଠାରେ ଆମ୍ଭେ ଟିକେ ବିଶ୍ରାମ ନେବା।"
୩୨ତେଣୁ ସେମାନେ ଗୋଟିଏ ଡଙ୍ଗାରେ ବସି ଗୋଟିଏ
ନିର୍ଜନ ସ୍ଥାନକୁ ଚାଲିଗଲେ। ୩୩କିନ୍ତୁ ବହୁତ ଲୋକ
ସେମାନଙ୍କୁ ଚାଲି ଯାଉ ଥିବାର ଦେଖିଲେ ଓ ଚିହ୍ନି ମଧ୍ୟ
ପାରିଲେ। ତେଣୁ ସମସ୍ତ ନଗରରୁ ଲୋକେ ସ୍ଥଳ ପଥ
ଦେଇ ଯୀଶୁଙ୍କ ଯାଉଥିବା ସ୍ଥାନରେ ଯାଇ ପହଞ୍ଚି ଗଲେ।
ଯୀଶୁ ପହଞ୍ଚିବା ପୂର୍ବରୁ, ସେମାନେ ସେଠାରେ ପହଞ୍ଚିଗଲେ।
୩୪ଯୀଶୁ ଯେତେବେଳେ ସେଠାରେ ପହଞ୍ଚିଲେ, ସେ ଦେଖିଲେ
ଯେ ବହୁତ ଲୋକ ଅପେକ୍ଷା କରିଛନ୍ତି। ଯୀଶୁ ସେମାନଙ୍କ
ପାଇଁ ଦୁଃଖ ଅନୁଭବ କଲେ। କାରଣ ସେମାନେ ମେଷପାଳକ
ବିହୀନ ଅରକ୍ଷିତ ମେଣ୍ଢାପଲ ଭଳି ଥିଲେ। ଯୀଶୁ ସେମାନଙ୍କୁ
ଅନେକ ଉପଦେଶ ଦେଲେ।
୩୫ସେତେବେଳକୁ ଦିନ ଗଡ଼ି ଯାଇଥିଲା। ତେଣୁ
ଶିଷ୍ୟମାନେ ଯୀଶୁଙ୍କ ପାଖକୁ ଆସି କହିଲେ, "ଏହା

ଗୋଟିଏ ଜନଶୂନ୍ୟ ଜାଗା। ଦିନ ଗଡ଼ିଗଲାଣି। ୩୬ତେଣୁ
ଲୋକମାନଙ୍କୁ ଆଖ-ପାଖ ପଲ୍ଲୀ ଓ ଗାଁଗୁଡ଼ିକୁ ପଠାଅ।
ତା'ହେଲେ ସେଠାକୁ ଯାଇ ସେମାନେ ତାହାଙ୍କ ଖାଇବା
ପାଇଁ କିଛି ଖାଦ୍ୟ କିଣି ଆଣି ପାରିବେ।"
୩୭ଯୀଶୁ କିନ୍ତୁ ସେମାନଙ୍କୁ କହିଲେ, "ତୁମ୍ଭେମାନେ
ସେମାନଙ୍କୁ ଖାଇବାକୁ ଦିଅ।"

ଶିଷ୍ୟମାନେ ପଚାରିଲେ, "ଆମ୍ଭେ କ'ଣ ଯାଇ ରୋଟୀ
କିଣି ଆଣି ସେମାନଙ୍କୁ ଖାଇବାକୁ ଦେବୁ? ରୋଟୀ କିଣିବାକୁ
ସେତିକି ଅର୍ଥ ଯୋଗାଡ଼ କରିବାକୁ ହେଲେ ଆମ୍ଭ ସମସ୍ତଙ୍କୁ
ମାସେ କାଳ କାମ କରିବାକୁ ହେବ।"
୩୮ଯୀଶୁ ଶିଷ୍ୟମାନଙ୍କୁ ପଚାରିଲେ, "ଯାଇ ଦେଖ, ତୁମ୍ଭ
ପାଖରେ କେତେ ଖଣ୍ଡ ରୋଟୀ ଅଛି?"

ଶିଷ୍ୟମାନେ ରୋଟୀ ଗଣିସାରି ଯୀଶୁଙ୍କୁ କହିଲେ, "ଆମ୍ଭ
ପାଖରେ ପାଞ୍ଚଟି ରୋଟୀ ଓ ଦୁଇଟି ମାଛ ଅଛି।"
୩୯ଯୀଶୁ ଆଜ୍ଞା ଦେଲେ, "ଲୋକମାନଙ୍କୁ ପଡ଼ିଆର
ସବୁଜ ଘାସ ଉପରେ ଦଳ-ଦଳ କରି ବସେଇ ଦିଅ।"
୪୦ଲୋକମାନେ ପ୍ରତି ଦଳରେ ପଚାଶ-ପଚାଶ ବା ଶହେ-ଶହେ
ହୋଇ ବସିଗଲେ। ୪୧ତା'ପରେ ଯୀଶୁ ପାଞ୍ଚଟି ରୋଟୀ ଓ
ଦୁଇଟି ମାଛକୁ ଟେକି ସ୍ୱର୍ଗ ଆଡ଼କୁ ଚାହିଁ ପରମେଶ୍ୱରଙ୍କୁ
ରୋଟୀ ପାଇଁ ଧନ୍ୟବାଦ ଦେଲେ। ସେ ରୋଟୀ ଗୁଡ଼ିକୁ
ଛିଣ୍ଡାଇ ଖଣ୍ଡ ଖଣ୍ଡ କରି ଶିଷ୍ୟମାନଙ୍କୁ ଲୋକମାନଙ୍କ
ମଧ୍ୟରେ ପରିଶିବାକୁ ଦେଲେ। ତା'ପରେ ମାଛକୁ ମଧ୍ୟ ସେ
ଖଣ୍ଡ-ଖଣ୍ଡ କଲେ ଓ ଲୋକଙ୍କ ମଧ୍ୟରେ ସେହିଭଳି ବାଣ୍ଟି
ଦେଲେ। ୪୨ସମସ୍ତେ ପୁରା ପେଟ ଖାଇ ତୃପ୍ତ ହେଲେ।
୪୩ସମସ୍ତେ ଖାଇ ସାରିବା ପରେ ଶିଷ୍ୟମାନେ ବଳକା
ରୋଟୀ ଖଣ୍ଡ ଓ ମାଛ ଖଣ୍ଡ ଗୁଡ଼ିକୁ ବାରଟି ଟୋକେଇରେ
ସଂପୂର୍ଣ୍ଣ କରି ଭର୍ତ୍ତି କଲେ। ୪୪ଯେଉଁମାନେ ରୋଟୀ
ଖାଇଥିଲେ ସେମାନଙ୍କ ମଧ୍ୟରେ କେବଳ ପୁରୁଷଙ୍କ ସଂଖ୍ୟା
ପାଞ୍ଚ ହଜାର ଥିଲା।

## ଯୀଶୁ ପାଣି ଉପରେ ଚାଲିଲେ

୪୫ତା'ପରେ ଯୀଶୁ ଶିଷ୍ୟମାନଙ୍କୁ ଡ଼ଙ୍ଗା ଭିତରକୁ ଯିବାକୁ
କହିଲେ। ଯୀଶୁ ଶିଷ୍ୟମାନଙ୍କୁ ହ୍ରଦର ଅପର ପାର୍ଶ୍ୱରେ ଥିବା
ବେଥ୍ସାଇଦାକୁ ଆଗୁଆ ଯିବାକୁ କହିଲେ ଓ ସେ ନିଜେ
ପରେ ଯିବେ ବୋଲି କହିଲେ। ସେଠାରେ ଥିବା ଲୋକମାନଙ୍କୁ
ଘରକୁ ଫେରିଯିବା ପାଇଁ କହି ସେ ରହିଲେ। ୪୬ଯୀଶୁ
ଲୋକମାନଙ୍କୁ ବିଦାୟ ଦେବା ପରେ ପ୍ରାର୍ଥନା କରିବା
ଉଦ୍ଦେଶ୍ୟରେ ପାହାଡ଼ ଉପରକୁ ଗଲେ।
୪୭ସନ୍ଧ୍ୟା ହେବା ପରେ ମଧ୍ୟ ଡ଼ଙ୍ଗାଟି ହ୍ରଦ ମଝିରେ
ଥିଲା ଓ ଯୀଶୁ ସ୍ଥଳ ଭାଗରେ ଏକୁଟିଆ ଥିଲେ। ୪୮ଯୀଶୁ
ଦେଖିଲେ ଯେ ଶିଷ୍ୟମାନଙ୍କୁ ଡ଼ଙ୍ଗାର ଆହୁଲା ମାରିବା ପାଇଁ
ବଡ଼ ଅସୁବିଧା ହେଉଛି। କାରଣ ସେତେବେଳେ ପବନ
ତାହାଙ୍କର ବିପରୀତ ଦିଗରେ ବହୁଥିଲା। ପ୍ରାତଃକାଳର ପ୍ରାୟ
ତିନିଟାରୁ ଛଅଟା ଭିତରେ ଯୀଶୁ ହ୍ରଦ ଉପରେ ଚାଲି ଚାଲି
ଶିଷ୍ୟମାନଙ୍କ ପାଖକୁ ଆସିଲେ। ସେ ଶିଷ୍ୟମାନଙ୍କ ପାଖ
ଦେଇ ଯେତେବେଳେ ଆଗେଇ ଯିବା ଉପରେ,
୪୯ସେତେବେଳେ ତାହାଙ୍କ ଶିଷ୍ୟମାନେ ତାହାଙ୍କୁ ହ୍ରଦ
ଉପରେ ଚାଲୁଥିବାର ଦେଖି ତାହାଙ୍କୁ ଭୂତ ବୋଲି ଭାବିନେଲେ।
ସେମାନେ ଚିତ୍କାର କରିବାକୁ ଲାଗିଲେ।। ୫୦ସମସ୍ତ ଶିଷ୍ୟମାନେ
ଯେମିତି ତାହାଙ୍କୁ ଦେଖିଲେ ସେମାନେ ଡରିଗଲେ। ଯୀଶୁ
ତୁରନ୍ତ ସେମାନଙ୍କୁ କହିଲେ, "ସାହାସ ଧର। ଏହି ମୁଁ,
ଭୟ କର ନାହିଁ।" ୫୧ତା'ପରେ ସେ ଶିଷ୍ୟମାନଙ୍କ ସହିତ
ଡ଼ଙ୍ଗାରେ ଚଢ଼ିଗଲେ। ପବନ ବନ୍ଦ ହୋଇଗଲା। ଏଥିରେ
ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ୫୨ସେମାନେ ରୋଟୀ
ସମ୍ବନ୍ଧୀୟ ଆଶ୍ଚର୍ଯ୍ୟକାର୍ଯ୍ୟକୁ ବୁଝି ପାରି ନଥିଲେ। ସେମାନଙ୍କ
ବୁଦ୍ଧି ଜଡ଼ ହୋଇଯାଇଥିଲା।
୫୩ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ହ୍ରଦ ପାର ହୋଇ
ଗିନ୍ନେସରତ୍ରେ ପହଞ୍ଚିଲେ। ସେମାନେ ଡ଼ଙ୍ଗାଟି ସେଠାରେ
ବାନ୍ଧି ଦେଲେ। ୫୪ଡ଼ଙ୍ଗାରୁ ଓହ୍ଲେଇ ବାହାରକୁ ଆସିବା
ପରେ ଲୋକମାନେ ଯୀଶୁଙ୍କୁ ଦେଖି ଚିହ୍ନି ପାରିଲେ।
୫୫ତା'ପରେ ସେମାନେ ଯୀଶୁ ଆସିଥିବା ଖବର ଲୋକଙ୍କୁ
ଦେବା ପାଇଁ ସେ ଅଞ୍ଚଳର ପ୍ରତ୍ୟେକ ସ୍ଥାନକୁ ଦୌଡ଼ି
ଗଲେ। ଯୀଶୁ ଯେଉଁ ସ୍ଥାନକୁ ଗଲେ, ସେଠାରେ ଖବର
ବ୍ୟାପିଗଲା ଓ ସେଠାକୁ ଲୋକମାନେ ରୋଗୀମାନଙ୍କୁ ଖଟିଆରେ
ନେଇ ଆସିଲେ। ୫୬ଯୀଶୁ ସେ ଅଞ୍ଚଳର ନଗର, ଗାଁ ଓ
ପୁରପଲ୍ଲୀ ଯେଉଁଆଡ଼େ ଗଲେ, ଲୋକେ ରୋଗୀମାନଙ୍କୁ
ସେଠାକାର ହାଟ ବଜାରରେ ଥୋଇ ଦେଇ ତାହାଙ୍କୁ
ଅନୁରୋଧ କରୁଥିଲେ, ଯେ ସେ ତାହାଙ୍କ ପିନ୍ଧା ଲୁଗାରୁ
ଟିକିଏ ସେମାନଙ୍କୁ ଛୁଇଁ ଦେବାକୁ ସୁଯୋଗ ଦିଅନ୍ତୁ ।
ଯେଉଁମାନେ ତାହାଙ୍କୁ ଛୁଇଁ ପାରିଲେ, ସେମାନେ ସମସ୍ତେ
ସୁସ୍ଥ ହୋଇଗଲେ।

## ମନୁଷ୍ୟକୃତ ନିୟମ ଠାରୁ ପରମେଶ୍ୱରଙ୍କ ବିଧାନ ମହାନ

୭ କେତେକ ଫାରୂଶୀ ଓ କେତେକ ଧର୍ମଶାସ୍ତ୍ରୀ
ଯିରୂଶାଲମରୁ ଆସି ଯୀଶୁଙ୍କ ଚାରିପଟେ ରୁଣ୍ଡ
ହୋଇଗଲେ। ୨ସେମାନେ ଯୀଶୁଙ୍କର କେତେକ ଶିଷ୍ୟଙ୍କୁ
ଅପବିତ୍ର ହାତରେ (ଅର୍ଥାତ ନିର୍ଦ୍ଧାରିତ ପଦ୍ଧତିରେ ହାତ ନ
ଧୋଇ) ଖାଉଥିବାର ଦେଖିଲେ। ୩ଫାରୂଶୀ ଓ ସମସ୍ତ
ଯିହୂଦୀମାନେ ନିର୍ଦ୍ଧାରିତ ପଦ୍ଧତିରେ ହାତ ନ ଧୋଇ
କେବେହେଲେ ଖାଉ ନଥିଲେ। ସେମାନେ ତାହାଙ୍କର
ମହାନ ପୂର୍ବ ପୁରୁଷଙ୍କ ଦ୍ୱାରା ପ୍ରଚଳିତ ପରମ୍ପରା ପାଳନ
କରିବା ପାଇଁ ଏହା କରୁଥିଲେ। ୪ଏପରିକି ବଜାରରୁ
ଅଣାଯାଉଥିବା ଖାଦ୍ୟ ପଦାର୍ଥକୁ ସେମାନେ ନିର୍ଦ୍ଧାରିତ ପଦ୍ଧତିରେ
ନ ଧୋଇ ଖାଆନ୍ତି ନାହିଁ। ଗିନା, କଳସ, ତମ୍ବାପାତ୍ର ଆଦି
ମାଜିବା, ଧୋଇବା ଭଳି ଅନେକ ପରମ୍ପରା ସେମାନେ
ପାଳନ କରନ୍ତି।
୫ତେଣୁ ଫାରୂଶୀ ଓ ଧର୍ମଶାସ୍ତ୍ରୀମାନେ ଯୀଶୁଙ୍କୁ ପଚାରିଲେ,
"ତୁମ୍ଭର ଶିଷ୍ୟମାନେ ପୂର୍ବ ପୁରୁଷରୁ ପ୍ରଚଳିତ ପରମ୍ପରା
ଗୁଡ଼ିକୁ କାହିଁକି ପାଳୁ ନାହାଁନ୍ତି? ସେମାନେ ଅପବିତ୍ର
ହାତରେ ଖାଆନ୍ତି, ସେମାନେ ଏଭଳି କାହିଁକି କରନ୍ତି?"
୬ଯୀଶୁ କହିଲେ, "ତୁମ୍ଭଭଳି କପଟୀମାନଙ୍କ ସମ୍ବନ୍ଧରେ
ଯିଶାୟ ଯାହା ଭବିଷ୍ୟଦ୍‌ବାଣୀ କରିଥିଲେ ତାହା ଯଥାର୍ଥ,
ଯିଶାୟ ଲେଖିଥିଲେ,

'ଏ ଲୋକମାନେ କେବଳ ମୁହଁରେ ମୋର ସମ୍ମାନ
କରନ୍ତି, କିନ୍ତୁ ସେମାନଙ୍କ ମନ ମୋ ଠାରୁ ବହୁ
ଦୂରରେ ।
୭ ସେମାନଙ୍କର ମୋ ପାଇଁ ଉପାସନା ନିରର୍ଥକ,
କାରଣ ସେମାନେ ଲୋକଙ୍କୁ ତାହାଙ୍କ ସିଦ୍ଧାନ୍ତ
ଭାବରେ ମନୁଷ୍ୟକୃତ ନିୟମ ମାନିବାକୁ ଉପଦେଶ
ଦିଅନ୍ତି ।' ଯିଶାଇୟ ୨୯:୧୩

୮ତୁମ୍ଭେମାନେ ପରମେଶ୍ୱରଙ୍କ ଆଦେଶ ତ୍ୟାଗ କରିଛ ।
ଏବେ ତୁମ୍ଭେମାନେ ମନୁଷ୍ୟକୃତ ପରମ୍ପରାକୁ ଧରି ବସିଛ ।"
୯ଯୀଶୁ ପୁଣି ସେମାନଙ୍କୁ କହିଲେ, "ନିଜ ପରମ୍ପରା
ପାଳନ କରିବା ପାଇଁ ତୁମ୍ଭେମାନେ ପରମେଶ୍ୱରଙ୍କ ଆଦେଶ
ତ୍ୟାଗ କରି ଦେଇ ନିଜକୁ ଚତୁର ବୋଲି ଭାବୁଛ ।
୧୦ମୋଶା କହିଥିଲେ, 'ତୁମ୍ଭେ ତୁମ୍ଭ ବାପା-ମାଆଙ୍କୁ ସମ୍ମାନ
କର'* । ସେ ମଧ୍ୟ କହିଥିଲେ, 'ଯେଉଁଲୋକ ନିଜ
ବାପା-ମାଆଙ୍କୁ ଖରାପ କଥା କହେ, ତାକୁ ମାରିଦିଆଯିବା
ଉଚିତ'* । ୧୧କିନ୍ତୁ ତୁମ୍ଭେମାନେ ଉପଦେଶ ଦେଉଛ ଯେ
ଜଣେ ଲୋକ ତାର ବାପା ମାଆଙ୍କୁ କହି ପାରିବ, 'ମୋର
ଯେଉଁ ପଦାର୍ଥଟିରେ ତୁମ୍ଭର ଲାଭ ହୋଇ ପାରି ଥାଆନ୍ତା,
ସେହି ପଦାର୍ଥ ମୁଁ ତୁମ୍ଭ ପାଇଁ ବ୍ୟବହାର କରି ପାରିବିନାହିଁ,
କାରଣ ତାହା ମୁଁ ପରମେଶ୍ୱରଙ୍କୁ ସମର୍ପଣ କରିବି ।' ୧୨ଏହି
ଭଳି, ସେହି ଲୋକକୁ ତାର ବାପା ମାଆଙ୍କ ପାଇଁ କିଛି
କରିବା ପାଇଁ ତୁମ୍ଭେମାନେ ଅନୁମତି ଦେଉ ନାହଁ । ୧୩ନିଜ
ନିୟମ ପାଳିବା ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମନେ କରି
ତୁମ୍ଭେମାନେ ଲୋକମାନଙ୍କୁ ତାହା ପାଳିବାକୁ ଉପଦେଶ
ଦେଉଛ । ତୁମ୍ଭେମାନେ ପରମେଶ୍ୱରଙ୍କ ଆଦେଶ ପାଳିବା
ମହତ୍ତ୍ୱପୂର୍ଣ୍ଣ ନୁହେଁ ବୋଲି ଉପଦେଶ ଦେଇ ତାହା ଏଡ଼େଇ
ଦେଉଛ । ଏହିଭଳି ଅନେକ କାମ ତୁମ୍ଭେମାନେ କରୁଛ ।"
୧୪ଯୀଶୁ ଲୋକମାନଙ୍କୁ ପୁଣି ପାଖକୁ ଡାକିଲେ । ସେ
କହିଲେ ପ୍ରତ୍ୟେକ ଲୋକ ମୋର କଥା ଶୁଣ ଓ ବୁଝ ।
୧୫ଏଭଳି କୌଣସି ବସ୍ତୁ ନାହିଁ, ଯାହା ବାହାରୁ ମନୁଷ୍ୟ
ଭିତରକୁ ପ୍ରବେଶ କରି ତାକୁ ଅଶୁଦ୍ଧ କରି ପକାଇବ ।
ବରଂ ଯେଉଁ ବସ୍ତୁ ମନୁଷ୍ୟର ଭିତରୁ ବାହାରି ଥାଏ, ତାହା
ହିଁ ତାକୁ ଅଶୁଦ୍ଧ କରିପାରେ । ୧୬*
୧୭ତା'ପରେ ଯୀଶୁ ଲୋକମାନଙ୍କୁ ଛାଡ଼ି ଘର ଭିତରକୁ
ଗଲେ । ଶିଷ୍ୟମାନେ ତାହାଙ୍କୁ ଏ ଦୃଷ୍ଟାନ୍ତ କଥା ବିଷୟରେ
ପଚାରିଲେ । ୧୮ଯୀଶୁ କହିଲେ, "ତୁମ୍ଭେମାନେ ମଧ୍ୟ, ଅନ୍ୟମାନଙ୍କ
ଭଳି କ'ଣ ବୁଝି ପାରିଲ ନାହିଁ? ତୁମ୍ଭେମାନେ କ'ଣ ବୁଝି
ପାରୁନ ଯେ ଲୋକର ଭିତରକୁ ବାହାରୁ କୌଣସି ବସ୍ତୁ
ଗଲେ ତାହା ସେହି ଲୋକକୁ ଦୂଷିତ କରିପାରେ ନାହିଁ ।
୧୯କାରଣ ଖାଦ୍ୟ ତାର ହୃଦୟକୁ ନଯାଇ ପେଟ ଭିତରକୁ
ଯାଏ ଓ ପୁଣି ମଳ ଆକାରରେ ବାହାରକୁ ବାହାରି ଯାଏ ।"
(ଏହା କହି ଯୀଶୁ ସମସ୍ତ ଖାଦ୍ୟ-ପଦାର୍ଥ ଯେ ଶୁଦ୍ଧ ଅଟେ,
ଏହା ପ୍ରମାଣିତ କଲେ ।)
୨୦ସେ ପୁଣି କହିଲେ, "ମନୁଷ୍ୟର ଭିତରୁ ଯାହା
ବାହାରକୁ ଆସେ, ତାହା ତାହାକୁ ଅଶୁଦ୍ଧ କରି ଥାଏ ।
୨୧ମନୁଷ୍ୟ ଭିତରେ, ତାର ମନରେ, ଏହି ସବୁ ଖରାପ
ଜିନିଷ ଜନ୍ମ ଦିଏ; ମନ୍ଦ ବିଚାର, ଯୌନଗତ ପାପ, ଚୋରୀ,
ହତ୍ୟା । ୨୨ବ୍ୟଭିଚାର, ଲାଳସା ବା ଲୋଭ, ଦୁଷ୍ଟାତ୍ମା,
ମନ୍ଦକାମ କରିବା, ପ୍ରବଞ୍ଚନା, ଈର୍ଷା, ଚୁଗୁଲି, ଅହଙ୍କାର
ଏବଂ ମୂର୍ଖତା । ୨୩ଏହି ସବୁ ଖରାପ ଜିନିଷ ମନୁଷ୍ୟର
ଭିତରୁ ବାହାରକୁ ଆସିଥାଏ । ଏଗୁଡ଼ିକ ମନୁଷ୍ୟକୁ ଅଶୁଦ୍ଧ
କରିପକାନ୍ତି ।"

## ଯୀଶୁ ଜଣେ ଅଣଯିହୂଦୀ ସ୍ତ୍ରୀଲୋକଙ୍କୁ ସାହାଯ୍ୟ କଲେ

୨୪ଯୀଶୁ ସେ ସ୍ଥାନ ଛାଡ଼ି ସୋରର ଆଖ ପାଖ
ଅଞ୍ଚଳକୁ ଗଲେ । ସେଠାରେ ଯୀଶୁ ଗୋଟିଏ ଘର ଭିତରକୁ
ଗଲେ । ସେ ଚାହୁଁ ନଥିଲେ ଯେ କୌଣସି ଲୋକ
ତାହାଙ୍କର ଆସିଥିବା ଖବର ଜାଣନ୍ତୁ । କିନ୍ତୁ ସେ ସେଠାରେ
ଲୁଚି ରହି ପାରିଲେନାହିଁ । ୨୫ଜଣେ ସ୍ତ୍ରୀ ଲୋକ ଯୀଶୁ
ଆସିଥିବା ଖବର ଶୁଣି ପାରିଲା । ତାର ଝିଅ ଦେହରେ
ଦୁଷ୍ଟାତ୍ମା ପ୍ରବେଶ କରି ରହିଥିଲା । ତେଣୁ ସେ ସଙ୍ଗେ
ସଙ୍ଗେ ଯୀଶୁଙ୍କ ପାଖକୁ ଆସି ତାହାଙ୍କ ପାଦ ତଳେ
ପଡ଼ିଗଲା । ୨୬ସେ ସ୍ତ୍ରୀ ଲୋକଟି ଗ୍ରୀକ୍ ଥିଲା । ସେ
ସିରିଆର ଫୈନିକିୟା ଠାରେ ଜନ୍ମ ହୋଇଥିଲା । ସେ ତା
ଝିଅ ଠାରୁ ଭୂତକୁ ବାହାର କରି ଦେବା ପାଇଁ ଯୀଶୁଙ୍କୁ
ପ୍ରାର୍ଥନା କଲା ।
୨୭ଯୀଶୁ ତାହାକୁ କହିଲେ, "ପ୍ରଥମେ ପିଲାମାନଙ୍କୁ ତୃପ୍ତ
ହେବାକୁ ଦିଅ, କାରଣ ପିଲାମାନଙ୍କର ରୋଟୀ ନେଇ ଯାଇ
କୁକୁରମାନଙ୍କ ଆଗରେ ଫିଙ୍ଗି ଦେବା ଠିକ୍ ନୁହେଁ ।"
୨୮ସେ ସ୍ତ୍ରୀ ଲୋକଟି ଉତ୍ତର ଦେଲା, "ହେ ପ୍ରଭୁ,
ତାହା ସତ୍ୟ, କିନ୍ତୁ ପିଲାମାନେ ଖାଉଥିବା ସମୟରେ ତଳକୁ
ଖସି ପଡୁଥିବା ଖାଦ୍ୟର ଟିକି ଟିକି ଅଂଶତକ ଟେବୁଲ
ତଳେ ଥିବା କୁକୁରମାନେ ମଧ୍ୟ ଖାଇ ଥାଆନ୍ତି ।"
୨୯ତା' ପରେ ଯୀଶୁ ସେହି ସ୍ତ୍ରୀଲୋକଟିକୁ କହିଲେ,
"ଏହା ହିଁ ଉପଯୁକ୍ତ ଉତ୍ତର । ଏବେ ତୁମ୍ଭେ ଘରକୁ ଯାଇ
ପାର । ଭୂତ ତୁମ୍ଭର ଝିଅକୁ ଛାଡ଼ି ଚାଲି ଗଲାଣି ।"
୩୦ସେହି ସ୍ତ୍ରୀ ଲୋକଟି ଘରକୁ ଯାଇ ଦେଖିଲା ଯେ
ତାହାର ଝିଅ ଖଟରେ ଶୋଇଛି । ଦୁଷ୍ଟାତ୍ମା ତା ଦେହରୁ
ବାହାରି ଚାଲି ଯାଇଛି ।

## ଯୀଶୁ ଜଣେ ମୂକ ବଧିର ଲୋକକୁ ସୁସ୍ଥ କରିଦେଲେ

୩୧ତା'ପରେ ଯୀଶୁ ସୋର ଆଖ-ପାଖ ଅଞ୍ଚଳ ଛାଡ଼ି
ଦେକାପଲି ରାସ୍ତାରେ ସୀଦୋନ ହୋଇ ଗାଲିଲୀ ହ୍ରଦ
ପାଖକୁ ଆସିଲେ । ୩୨ସେଠାରେ କେତେକ ଲୋକ ଯୀଶୁଙ୍କ
ପାଖକୁ ଗୋଟିଏ ଲୋକକୁ ଆଣିଲେ । ସେ ଲୋକଟି ମୂକ
ଓ ବଧିର ଥିଲା । ଲୋକମାନେ ଯୀଶୁଙ୍କୁ ଅନୁରୋଧ କଲେ
ଯେ ସେ ତାହାଙ୍କ ହାତ ଲୋକଟି ଉପରେ ରଖି ତାକୁ

---

**'ତୁମ୍ଭେ ... କର'** ଯାତ୍ରା ପୁସ୍ତକ ୨୦:୧୨ ଦ୍ୱିତୀୟ ବିବରଣ ୫:୧୬ ।

**'ଯେଉଁଲୋକ ... ଉଚିତ'** ଯାତ୍ରା ପୁସ୍ତକ ୨୧:୧୭

**ପଦସଂଖ୍ୟା ୧୬** କେତେକ ଗ୍ରୀକ୍ ମୂଳ ଭାଷାରେ ପଦ ୧୬ ଯୋଗ କରାଯାଇଅଛି । "ତୁମ୍ଭେମାନେ, ଯେଉଁମାନେ ଶୁଣୁଛ, ଶୁଣ ।

ଭଲ କର ଦଅନ୍ତୁ। ୩୩ଯୀଶୁ ସେ ଲୋକଟିକୁ ଭିଡ଼ଠାରୁ
ଟିକିଏ ଦୂରକୁ ଗୋଟିଏ ପାଖକୁ ନେଇଗଲେ। ସେ ସେହି
ଲୋକଟିର କାନ ଭିତରେ ନିଜ ଆଙ୍ଗୁଳି ଗୁଡ଼ିକୁ ରଖିଲେ।
ତା ପରେ ସେ ଛେପ ପକାଇଲେ ଓ ଲୋକଟିର ଜିଭକୁ
ଛୁଇଁଲେ। ୩୪ଯୀଶୁ ପୁଣି ସ୍ୱର୍ଗ ଆଡ଼କୁ ଚାହିଁ ଦୀର୍ଘ ନିଶ୍ୱାସ
ପକାଇଲେ। ସେ ଲୋକଟିକୁ କହିଲେ, ୩୫ "ଇପ୍ଫଥଃ।"
(ଅର୍ଥାତ ‘ଖୋଲି ଯାଉ।’)। ତତ୍କ୍ଷଣାତ୍ ତାର କାନ ଖୋଲି
ଗଲା। ଜିଭର ଗ୍ରନ୍ଥି ଖୋଲିଗଲା। ସେ ସ୍ପଷ୍ଟ ଭାବରେ କହି
ପାରିଲା।

୩୬ଯୀଶୁ ସେମାନଙ୍କୁ ଆଜ୍ଞା ଦେଲେ ଯେ ଏ ବିଷୟରେ
କାହାକୁ କିଛି ଯେପରି ନ କୁହନ୍ତି। ଯୀଶୁ ସଦାବେଳେ
ଲୋକଙ୍କୁ ଆଜ୍ଞା ଦେଉଥିଲେ ଯେ ସେମାନେ ଅନ୍ୟ
କାହାକୁ ତାହାଙ୍କ ବିଷୟରେ କିଛି ନ କୁହନ୍ତୁ। କିନ୍ତୁ
ଏହାର ପରିଣାମରେ ଲୋକେ ତାହାଙ୍କ ବିଷୟରେ ଅଧିକରୁ
ଅଧିକ ପ୍ରଚାର କରୁଥିଲେ। ୩୭ଲୋକମାନେ ବାସ୍ତବରେ
ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେମାନେ କହୁଥିଲେ, "ଯୀଶୁ
ସବୁ କିଛି ସୁସ୍ଥ କରୁଛନ୍ତି, ଏପରିକି ସେ ବଧିରକୁ
ଶ୍ରବଣ-ଶକ୍ତି ଓ ମୂକକୁ ବାକ୍ ଶକ୍ତି ପ୍ରଦାନ କରୁଛନ୍ତି।"

## ଯୀଶୁ ଚାରି ହଜାରରୁ ଅଧିକ ଲୋକଙ୍କୁ ଖାଇବାକୁ ଦେଲେ

୮ ଆଉ ଥରେ ଯୀଶୁଙ୍କ ସହିତ ବହୁତ ଲୋକ ଥିଲେ।
ସେମାନଙ୍କର କିଛି ଖାଇବାକୁ ନଥିଲା। ତେଣୁ ଯୀଶୁ
ଶିଷ୍ୟମାନଙ୍କୁ ପାଖକୁ ଡକାଇ କହିଲେ, ୨"ଏ ଲୋକମାନଙ୍କ
ପାଇଁ ମୋତେ ବଡ଼ ଦୁଃଖ ଲାଗୁଛି। ସେମାନେ ମୋ
ସହିତ ତିନି ଦିନ ହେଲା ଅଛନ୍ତି ଅଥଚ ବର୍ତ୍ତମାନ
ସେମାନଙ୍କ ପାଖରେ ଖାଇବାକୁ କିଛି ନାହିଁ। ୩କିଛି ନ
ଖୁଆଇ, ସେମାନଙ୍କୁ ଯଦି ମୁଁ ପଠାଇ ଦିଏ, ତେବେ
ସେମାନେ ମୂର୍ଚ୍ଛା ହୋଇ ରାସ୍ତାରେ ଢ଼ଳି ପଡ଼ିବେ। କେତେକ
ଲୋକ ବହୁତ ଦୂରରୁ ଆସିଛନ୍ତି।"

୪ଯୀଶୁଙ୍କ ଶିଷ୍ୟମାନେ କହିଲେ, "ଆମ୍ଭେମାନେ ଏ
ଜନହୀନ ଅଂଚଳରେ ଏମାନଙ୍କୁ ଖୁଆଇବା ପାଇଁ ଯଥେଷ୍ଟ
ଖାଦ୍ୟ କୁଆଡୁ ପାଇ ପାରିବୁ?"

୫ଯୀଶୁ ସେମାନଙ୍କୁ ପଚାରିଲେ, "ତୁମ୍ଭମାନଙ୍କ ପାଖରେ
କେତେ ଖଣ୍ଡ ରୋଟୀ ଅଛି?"

ସେମାନେ ଉତ୍ତର ଦେଲେ, "ଆମ୍ଭମାନଙ୍କ ପାଖରେ
ସାତ ଖଣ୍ଡ ଅଛି।"

୬ତା'ପରେ ଯୀଶୁ ଲୋକମାନଙ୍କୁ ତଳେ ବସି ଯିବାକୁ
କହିଲେ। ସେ ସାତ ଖଣ୍ଡ ରୋଟୀ ନେଲେ ଓ ସେଥିପାଇଁ
ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ। ରୋଟୀତକ ଖଣ୍ଡ ଖଣ୍ଡ
କରି ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେବାକୁ ଶିଷ୍ୟମାନଙ୍କୁ
ଦେଲେ। ସେମାନେ ସେଇଆ କଲେ। ୭ଶିଷ୍ୟମାନଙ୍କ
ପାଖରେ ମଧ୍ୟ ଅଳ୍ପ କିଛି ଛୋଟ ମାଛ ଥିଲା। ଯୀଶୁ ମାଛ
ପାଇଁ ଧନ୍ୟବାଦ ଦେଇ ଶିଷ୍ୟମାନଙ୍କୁ ତାହା ଲୋକଙ୍କ
ଭିତରେ ବାଣ୍ଟି ଦେବାକୁ କହିଲେ। ୮ସବୁ ଲୋକ ଖାଇ
ତୃପ୍ତ ହେଲେ। ତା ପରେ ସେମାନେ ବଳକା ଟୁକୁରା ତକ
ଏକାଠି କରି ସାତଟି ଟୋକେଇରେ ଭର୍ତ୍ତି କଲେ। ୯ସେଠାରେ
ପ୍ରାୟ କେବଳ ଚାରି ହଜାର ପୁରୁଷ ଖାଇଥିଲେ। ସେମାନେ
ଖାଇଲା ପରେ ଯୀଶୁ ସେମାନଙ୍କୁ ବିଦାୟ କରି ଦେଲେ।
୧୦ତା'ପରେ ଯୀଶୁ ଶିଷ୍ୟମାନଙ୍କ ସହ ଡ଼ଙ୍ଗାରେ ବସି
ଦଲ୍ମନୂଥା ଅଞ୍ଚଳକୁ ଚାଲିଗଲେ।। ଫାରୂଶୀମାନେ ଯୀଶୁଙ୍କୁ
ପରୀକ୍ଷା କରିବାକୁ ଚାହିଁଲେ।

## ଫାରୂଶୀ ଯୀଶୁଙ୍କୁ ପରୀକ୍ଷା କଲେ

୧୧ଫାରୂଶୀମାନେ ଯୀଶୁଙ୍କ ପାଖକୁ ଆସି ଯୀଶୁଙ୍କୁ ପରୀକ୍ଷା
କରିବାକୁ ପ୍ରଶ୍ନ ପଚାରିଲେ। ସେମାନେ ଯୀଶୁଙ୍କୁ ପରୀକ୍ଷା
କରିବାକୁ ଚାହୁଁଥିଲେ। ତେଣୁ ସେମାନେ ଯୀଶୁଙ୍କୁ, ସେ
ପରମେଶ୍ୱରଙ୍କ ପାଖରୁ ଆସିଛନ୍ତି ବୋଲି ପ୍ରମାଣିତ କରିବା
ପାଇଁ ଆଶ୍ଚର୍ଯ୍ୟକର୍ମ କରିବାକୁ କହିଲେ। ୧୨ଯୀଶୁ ଦୀର୍ଘନିଶ୍ୱାସ
ନେଇ ଦୁଃଖ ପ୍ରକାଶ କରି କହିଲେ, "ତୁମ୍ଭେମାନେ କାହିଁକି
ପ୍ରମାଣ ସ୍ୱରୂପ ଆଶ୍ଚର୍ଯ୍ୟକର୍ମ ଦେଖିବାକୁ ଚାହୁଁଛ? ମୁଁ ତୁମ୍ଭକୁ
ସତ୍ୟ କହୁଛି, ତୁମ୍ଭମାନଙ୍କୁ ସେଭଳି କୌଣସି ପ୍ରମାଣ
ଦିଆଯିବନାହିଁ।" ୧୩ତା'ପରେ ଯୀଶୁ ଫାରୂଶୀମାନଙ୍କୁ ଛାଡ଼ି
ପୁନଃ ଡ଼ଙ୍ଗା ଭିତରକୁ ଚାଲି ଆସିଲେ। ସେ ଡ଼ଙ୍ଗାରେ
ବସି ହ୍ରଦର ଅପର ପାରିକୁ ଚାଲିଗଲେ।

## ଯୀଶୁଙ୍କ ସତର୍କବାଣୀ

୧୪ସେମାନେ ଖାଇବା ପାଇଁ ଅଧିକ ଖାଦ୍ୟ ଆଣିବାକୁ
ଭୁଲି ଯାଇଥିଲେ। ଯୀଶୁଙ୍କ ଶିଷ୍ୟମାନଙ୍କ ପାଖରେ ଖଣ୍ଡିଏ
ମାତ୍ର ରୋଟୀ ଥିଲା। ୧୫ଯୀଶୁ ସେମାନଙ୍କୁ ଚେତାବନୀ
ଦେଇ କହିଲେ, "ସାବଧାନ; ଫାରୂଶୀ ଓ ହେରୋଦଙ୍କ
ଖମୀର* ଠାରୁ ଦୂରରେ ରୁହ।"

୧୬ଶିଷ୍ୟମାନେ ଏହାର ଅର୍ଥ ବିଷୟରେ ଆଲୋଚନା
କଲେ। ସେମାନେ କହିଲେ, "ଆମ୍ଭମାନଙ୍କ ପାଖରେ ରୋଟୀ
ନାହିଁ ବୋଲି ଯୀଶୁ ଏକଥା କହିଲେ।"

୧୭ସେମାନେ କ'ଣ କଥାବାର୍ତ୍ତା ହେଉଛନ୍ତି ତାହା ଯୀଶୁ
ଜାଣି ପାରିଲେ ତେଣୁ ସେ ସେମାନଙ୍କୁ କହିଲେ, "ରୋଟୀ
ନାହିଁ ବୋଲି ତୁମ୍ଭେମାନେ କାହିଁକି ତର୍କ-ବିତର୍କ କରୁଛ?
ଏବେ ସୁଦ୍ଧା ତୁମ୍ଭେମାନେ ଦେଖି ପାରୁନ କି ବୁଝି ପାରୁନ?
୧୮ତୁମ୍ଭମାନଙ୍କର କ'ଣ ବୁଦ୍ଧି ହଜି ଯାଇଛି? ତୁମ୍ଭମାନଙ୍କର
ଆଖି ଅଛି ତଥାପି ତୁମ୍ଭେମାନେ ଦେଖି ପାରୁନାହିଁ?
ତୁମ୍ଭମାନଙ୍କର କାନ ଅଛି, ତଥାପି ତୁମ୍ଭେମାନେ ଶୁଣି
ପାରୁନାହିଁ? ଆମ୍ଭ ପାଖରେ ଯେତେବେଳେ ଖାଇବାକୁ
ଯଥେଷ୍ଟ ରୋଟୀ ନ ଥିଲା ମୁଁ ସେତେବେଳେ କ'ଣ
କରିଥିଲି ତୁମ୍ଭମାନଙ୍କର କ'ଣ ତାହା ମନେ ନାହିଁ? ୧୯ମୁଁ
ଯେତେବେଳେ ପାଞ୍ଚ ହଜାର ଲୋକଙ୍କ ପାଇଁ ପାଞ୍ଚଟି
ରୋଟୀ ଖଣ୍ଡ ଖଣ୍ଡ କରି ତୁମ୍ଭକୁ ଦେଇଥିଲି, ମନେ
ପକେଇଲ, ତୁମ୍ଭେମାନେ କେତୋଟି ଟୋକେଇରେ ବଳକା
ରୋଟୀ ଖଣ୍ଡତକ ଭର୍ତ୍ତି କରିଥିଲ?"

ସେମାନେ କହିଲେ, "ବାରଟିରେ।"

୨୦"ଆଉ ମୁଁ ଯେତେବେଳେ ଚାରିହଜାର ଲୋକଙ୍କ
ପାଇଁ ସାତଟି ରୋଟୀ ଖଣ୍ଡ ଖଣ୍ଡ କରି ଦେଇଥିଲି, ମନେ

---

**ଖମୀର** ଏଠାରେ ଖମୀର ଶବ୍ଦର ପ୍ରୟୋଗ କୁ ପ୍ରଭାବର ପ୍ରତୀକ ରୂପରେ ବ୍ୟବହାର କରାଯାଇଛି।

ପକେଇଲ, ତୁମ୍ଭେମାନେ କେତୋଟି ଟୋକେଇରେ ବଳକା
ରୋଟୀ ଖଣ୍ଡତକ ଭର୍ତ୍ତି କରିଥିଲ?"
"ସେମାନେ କହିଲେ, ସାତଟିରେ।"
୨୧ତା'ପରେ ଯୀଶୁ ସେମାନଙ୍କୁ କହିଲେ, "ମୁଁ ଯାହା
କରିଥିଲି,ସେ ସବୁ ତୁମ୍ଭେମାନେ ମନେ ରଖିଛ। ଅଥଚ
ଏବେ ମଧ୍ୟ ତୁମ୍ଭେମାନେ କିଛି ବୁଝି ପାରୁନାହଁ?"

## ବେଥ୍ସାଇଦାରେ ଯୀଶୁ ଜଣେ ଅନ୍ଧକୁ ଚକ୍ଷୁଦାନ କଲେ

୨୨ତା'ପରେ ସେମାନେ ବେଥ୍ସାଇଦା ଚାଲି ଆସିଲେ।
ସେଠାରେ କେତେକ ଲୋକ ଯୀଶୁଙ୍କ ପାଖକୁ ଗୋଟିଏ
ଅନ୍ଧକୁ ନେଇ ଆସିଲେ। ସେମାନେ ଯୀଶୁଙ୍କୁ ପ୍ରାର୍ଥନା
କଲେ ଯେ ସେ ଅନ୍ଧକୁ କେବଳ ଛୁଇଁ ଦିଅନ୍ତୁ। ୨୩ଯୀଶୁ
ଅନ୍ଧ ଲୋକଟିର ହାତ ଧରି ତାକୁ ଗାଁ ବାହାରକୁ କଢ଼ାଇ
ନେଇଗଲେ। ସେ ଅନ୍ଧଟିର ଆଖିରେ ଛେପ ପକାଇଲେ।
ତା ଉପରେ ହାତ ରଖି ତାକୁ ପଚାରିଲେ, "ତୁମ୍ଭେ କିଛି
ଦେଖି ପାରୁଛ କି?"
୨୪ସେହି ଲୋକଟି ଉପରକୁ ଚାହିଁ କହିଲା, "ମୁଁ
ଲୋକମାନଙ୍କୁ ଦେଖି ପାରୁଛି। ସେମାନେ ଚାରି ଆଡ଼େ
ଚାଲୁଥିବା ଗଛ ଭଳି ମୋତେ ଦେଖା ଯାଉଛନ୍ତି।"
୨୫ଯୀଶୁ ପୁଣି ଥରେ ଅନ୍ଧଟିର ଆଖି ଉପରେ ହାତ
ରଖିଲେ। ତା'ର ଆଖି ଭଲ ହୋଇ ଯାଇଥିଲା ଓ ସେ
ସବୁକିଛି ସ୍ପଷ୍ଟ ଦେଖି ପାରୁଥିଲା। ୨୬ଯୀଶୁ ତାକୁ ଘରକୁ
ପଠେଇ ଦେଲେ ଓ କହିଲେ, "ଗାଁ ଭିତରକୁ ତୁମ୍ଭେ
ଏବେ ଆଦୌ ଯିବ ନାହିଁ।"

## ପିତର କହିଲେ ଯେ ଯୀଶୁ ହେଉଛନ୍ତି ଖ୍ରୀଷ୍ଟ

୨୭ତା'ପରେ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ କାଇସରୀଆ
ଫିଲିପ୍ପୀ ଅଞ୍ଚଳର ଗାଁ ମାନଙ୍କୁ ଗଲେ। ବାଟରେ ସେ
ତାହାଙ୍କ ଶିଷ୍ୟମାନଙ୍କୁ ପଚାରିଲେ, "ମୁଁ କିଏ ବୋଲି
ଲୋକେ କ'ଣ କହୁଛନ୍ତି?"
୨୮ସେମାନେ କହିଲେ, "କେତେକ ଲୋକ କହୁଛନ୍ତି,
ଆପଣ ବାପ୍ତିଜକ ଯୋହନ; ଅନ୍ୟମାନେ କହୁଛନ୍ତି ଆପଣ
ଏଲିୟ; ଏବଂ ଆଉ କେତେକ କହୁଛନ୍ତି ଆପଣ ଭାବବାଦୀମାନଙ୍କ
ମଧ୍ୟରୁ ଜଣେ।"
୨୯ଯୀଶୁ ସେମାନଙ୍କୁ ପଚାରିଲେ, "ମୁଁ କିଏ ବୋଲି
ତୁମ୍ଭେମାନେ କ'ଣ କହୁଛ?"
ପିତର ଉତ୍ତର ଦେଲେ, "ଆପଣ ଖ୍ରୀଷ୍ଟ।"
୩୦ତା' ପରେ ଯୀଶୁ ସେମାନଙ୍କୁ ଚେତାବନୀ ଦେଇ
କହିଲେ, "ମୁଁ କିଏ ବୋଲି ତୁମ୍ଭେମାନେ କାହାରିକୁ କିଛି
କୁହ ନାହିଁ।"
୩୧ତା'ପରେ ସେ ସେମାନଙ୍କୁ ଶିକ୍ଷାଦେବାକୁ ଆରମ୍ଭ
କଲେ, "ମନୁଷ୍ୟପୁତ୍ରଙ୍କୁ ବହୁତ ଯାତନା ଭୋଗ କରିବାକୁ
ହେବ। ପ୍ରାଚୀନ ଓ ଯିହୂଦୀ ନେତା, ପ୍ରଧାନ ଯାଜକ ତଥା
ଧର୍ମଶାସ୍ତ୍ରୀମାନେ ତାହାଙ୍କୁ ସ୍ୱୀକାର କରିବେ ନାହିଁ। ନିଶ୍ଚିତ
ରୂପରେ ତାହାଙ୍କୁ ମାରି ଦିଆଯିବ ଓ ସେ ମୃତ୍ୟୁର ତୃତୀୟ
ଦିନ ପୁଣି ମୃତ୍ୟୁରୁ ପୁନରୁତ୍ଥାନ ହେବେ।" ୩୨ଯାହା ସବୁ
ଘଟିବ ସେ ସମସ୍ତ କଥା ଯୀଶୁ ସେମାନଙ୍କୁ କହିଦେଲେ।
ସେ କିଛି ହେଲେ ଲୁଚେଇ ରଖିଲେନାହିଁ। ପିତର ଯୀଶୁଙ୍କୁ
ଗୋଟିଏ ପାଖକୁ ଅଲଗା ନେଇ ସେ ଏସବୁ କହିଥିବା
ଯୋଗୁ ତାହାଙ୍କୁ ସମାଲୋଚନା କଲେ। ୩୩ଯୀଶୁ ପଛ
ପଟକୁ ବୁଲି ଶିଷ୍ୟମାନଙ୍କ ଉପରେ ଦୃଷ୍ଟି ପକାଇଲେ ଏବଂ
ପିତରଙ୍କୁ ସମାଲୋଚନା କରି କହିଲେ, "ଶୟତାନ, ମୋଠାରୁ
ଦୂର ହୁଅ। ତୁମ୍ଭେ ପରମେଶ୍ୱରଙ୍କ ବିଚାର ଭଳି ବିଚାର
କରୁ ନାହଁ। ଲୋକମାନେ ଯେଉଁ ଭଳି ବିଚାର କରୁଛନ୍ତି,
ତୁମ୍ଭେ ସେହି ଭଳି ଭାବୁଛ।"
୩୪ତା'ପରେ ଯୀଶୁ ସବୁ ଲୋକଙ୍କୁ ପାଖକୁ ଡାକିଲେ।
ତାହାଙ୍କ ସହିତ ଶିଷ୍ୟମାନେ ମଧ୍ୟ ସେଠାରେ ଥିଲେ। ଯୀଶୁ
ସେମାନଙ୍କୁ କହିଲେ, " ଯେଉଁ ଲୋକ ମୋତେ ଅନୁସରଣ
କରିବାକୁ ଚାହୁଁଛି, ଯାହା କିଛି ସେ ଚାହୁଁଛି, ସେ ସବୁକୁ
ଛାଡ଼ି, ନିଜ କ୍ରୁଶକୁ (ଯାତନାକୁ) ବହନ କରି ମୋ
ପଛରେ ଆସୁ। ୩୫କାରଣ ଯେଉଁ ଲୋକ ନିଜ ଜୀବନକୁ
ବଞ୍ଚାଇବାକୁ ଚାହିଁବ, ସେ ତାହା ହରାଇବ। ଯେଉଁ ଲୋକ
ମୋ ପାଇଁ ଓ ସୁସମାଚାର ପାଇଁ ନିଜ ଜୀବନ ତ୍ୟାଗ
କରିବ, ସେ ତା' ଜୀବନକୁ ଚିରି ଦିନ ଲାଗି ରକ୍ଷା
କରିବ। ୩୬ଯଦି କୌଣସି ଲୋକ ସମସ୍ତ ପୃଥିବୀକୁ ଲାଭ
କରେ କିନ୍ତୁ ନିଜର ଜୀବନ ହରେଇ ବସେ, ତେବେ
ସେଥିରେ କ'ଣ ଲାଭ ଅଛି? ୩୭କାରଣ କୌଣସି ଲୋକ
ଯେତେ ଅର୍ଥ ଦେଲେ ମଧ୍ୟ ତା ବଦଳରେ ନିଜ ଜୀବନ
ପୁଣି ଥରେ ଫେରି ପାଇ ପାରିବନାହିଁ। ୩୮ଏହି ଯୁଗର
ଲୋକେ ବର୍ତ୍ତମାନ ପାପ ଓ ବ୍ୟଭିଚାରର ଖରାପ ସମୟରେ
ବାସ କରୁଛନ୍ତି। ଯଦି କେହି ଲୋକ ମୋ ନାମ ଓ ମୋ
ଉପଦେଶ ଯୋଗୁ ଲଜ୍ଜା ବୋଧ କରେ ତେବେ ମନୁଷ୍ୟ
ପୁତ୍ର ଯେତେବେଳେ ସ୍ୱର୍ଗ ଦୂତମାନଙ୍କ ସହିତ ନିଜ
ପରମ-ପିତାଙ୍କ ମହିମା ସହିତ ଆସିବେ ସେତେବେଳେ ସେ
ମଧ୍ୟ ସେହି ଲୋକ ଯୋଗୁ ଲଜ୍ଜା ବୋଧ କରିବେ।"
୯ ତା'ପରେ ଯୀଶୁ କହିଲେ, "ମୁଁ ତୁମ୍ଭକୁ ସତ୍ୟ କହୁଛି,
ଏଠାରେ ଯେଉଁମାନେ ଠିଆ ହୋଇଛ, ତୁମ୍ଭମାନଙ୍କ
ମଧ୍ୟରୁ କେତେ ଜଣ ନିଜ ମୃତ୍ୟୁ ପୂର୍ବରୁ ପରମେଶ୍ୱରଙ୍କ
ରାଜ୍ୟ ଏଠାକୁ ଆସିବାର ଦେଖିବ। ପରମେଶ୍ୱରଙ୍କ ରାଜ୍ୟ
ତା'ର କ୍ଷମତା ନେଇ ଆସିବ।"

## ମୋଶା ଓ ଏଲିୟଙ୍କ ସହିତ ଯୀଶୁ

୨ଛଅ ଦିନ ପରେ, ଯୀଶୁ ପିତର, ଯାକୁବ ଓ
ଯୋହନଙ୍କୁ ନିଜ ସାଙ୍ଗରେ ନେଇ ଗୋଟିଏ ଉଚ୍ଚ ପର୍ବତ
ଉପରକୁ ଗଲେ। ସେଠାରେ କେବଳ ସେହିମାନେ ଥିଲେ।
ସେଠାରେ ଶିଷ୍ୟମାନେ ଯୀଶୁଙ୍କୁ ଦେଖୁଥିବା ସମୟରେ
ଯୀଶୁଙ୍କ ସ୍ୱରୂପ ପରିବର୍ତ୍ତନ ହୋଇ ଗଲା। ୩ଯୀଶୁଙ୍କ ବସ୍ତ୍ର
ଧଳା ଚକ୍ ଚକ୍ ହୋଇଗଲା। ତାହା ଏତେ ଉଜ୍ଜ୍ୱଳ ଓ
ଧଳା ଥିଲା ଯେ ପୃଥିବୀର କୌଣସି ଲୋକ ଏତେ ଧଳା
କରି ପାରିବନାହିଁ। ୪ଏଲିୟ ଓ ମୋଶା* ଯୀଶୁଙ୍କ ସହିତ
ପ୍ରକାଶିତ ହେଲେ। ସେମାନେ ଯୀଶୁଙ୍କ ସହିତ କଥାବାର୍ତ୍ତା
କରୁଥିଲେ।

---

**ଏଲିୟ ଓ ମୋଶା** ପୁରାତନ ନିୟମର ଦୁଇଜଣ ମୁଖ୍ୟ ନେତା।

୫ପିତର ଯୀଶୁଙ୍କୁ କହିଲେ, "ଗୁରୁ, ବହୁତ ଭଲ ହେଲା
ଯେ ଆମ୍ଭେ ଏଠାରେ ଅଛୁ। ଆମ୍ଭେ ଏଠାରେ ତିନୋଟି ତମ୍ବୁ
ଟାଣି ଦେବୁ, ଗୋଟିଏ ତୁମ୍ଭ ପାଇଁ, ଗୋଟିଏ ମୋଶାଙ୍କ
ପାଇଁ ଓ ଅନ୍ୟଟି ଏଲୀୟଙ୍କ ପାଇଁ।" ୬ପିତର ଜାଣି ପାରୁ
ନ ଥିଲେ ଯେ କ'ଣ କହିବାକୁ ହେବ। କାରଣ ସେ ଓ
ଅନ୍ୟ ଦୁଇଜଣ ଶିଷ୍ୟ ବହୁତ ଡରି ଯାଇଥିଲେ।
୭ତାପରେ ଖଣ୍ଡେ ମେଘ ଭାସି ଆସିଲା ଓ ସମସ୍ତଙ୍କୁ
ଘୋଡ଼ାଇ ପକାଇଲା। ମେଘ ଭିତରୁ ଏହି ଭଳି ବାଣୀ
ଶୁଣା ଗଲା, "ଏ ମୋର ପୁତ୍ର, ମୁଁ ତାହାଙ୍କୁ ପ୍ରେମ କରେ।
ତୁମ୍ଭେମାନେ ତାହାଙ୍କ କଥା ମାନ।"
୮ଏବଂ ସେହି ସମୟରେ ପିତର, ଯାକୁବ ଓ ଯୋହନ
ଚାରିଆଡ଼କୁ ଚାହିଁଲେ କିନ୍ତୁ ସେଠାରେ ସେମାନେ ତାହାଙ୍କ
ସହିତ କେବଳ ଯୀଶୁଙ୍କ ଛଡ଼ା ଆଉ କାହାରିକୁ ଦେଖିଲେ
ନାହିଁ। ୯ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ପର୍ବତ ଉପରୁ
ତଳକୁ ଓହ୍ଲାଇ ଆସୁଥିଲେ। ଯୀଶୁ ଶିଷ୍ୟମାନଙ୍କୁ ଆଜ୍ଞା
ଦେଲେ। ଯେ ସେମାନେ ପର୍ବତ ଉପରେ ଯାହା ସବୁ
ଦେଖିଲେ ତାହା କାହାରି ଆଗରେ ପ୍ରକାଶ କରିବେ ନାହିଁ
ଓ ମନୁଷ୍ୟ-ପୁତ୍ର ମୃତ୍ୟୁରୁ ପୁନରୁତ୍ଥିତ ନ ହେବା ପର୍ଯ୍ୟନ୍ତ
ଅପେକ୍ଷା କରିବେ। ତା ପରେ ସେମାନେ ଲୋକଙ୍କ
ଆଗରେ ତାହା ପ୍ରକାଶ କରି ପାରିବେ।
୧୦ତେଣୁ ଶିଷ୍ୟମାନେ ଯୀଶୁଙ୍କ କଥା ମାନିଲେ ଓ
ସେମାନେ ଯାହା ଦେଖିଲେ ତାହା କାହାରି ଆଗରେ
ପ୍ରକାଶ କଲେ ନାହିଁ। କିନ୍ତୁ ସେମାନେ କଥାବାର୍ତ୍ତା କରୁଥିଲେ
ଯେ ମୃତ୍ୟୁରୁ ପୁନରୁତ୍ଥିତ ହେବାର ଅର୍ଥ କ'ଣ? ୧୧ସେମାନେ
ଯୀଶୁଙ୍କୁ ପଚାରିଲେ, "ଧର୍ମଶାସ୍ତ୍ରୀମାନେ କାହିଁକି କହୁଛନ୍ତି
ଯେ ଏଲୀୟ ନିଶ୍ଚିତ ଭାବରେ ପ୍ରଥମେ ଆସିବେ?"
୧୨ଯୀଶୁ ସେମାନଙ୍କୁ କହିଲେ, "ହଁ, ସେମାନେ ଠିକ୍
କହୁଛନ୍ତି। ସବୁ ବିଷୟ ସୁବ୍ୟବସ୍ଥିତ କରିବାକୁ ନିଶ୍ଚୟ
ଏଲୀୟ ହିଁ ପ୍ରଥମେ ଆସିବେ। କିନ୍ତୁ ମନୁଷ୍ୟପୁତ୍ରଙ୍କ
ସମ୍ବନ୍ଧରେ ଶାସ୍ତ୍ରରେ କାହିଁକି ଲେଖା ଅଛି ଯେ ସେ ବହୁତ
ଯାତନା ଭୋଗ କରିବେ ଓ ଲୋକେ ତାହାଙ୍କ ସହିତ
ତାଚ୍ଛଲ୍ୟପୂର୍ଣ୍ଣ ବ୍ୟବହାର କରିବେ। ୧୩ମୁଁ ତୁମ୍ଭକୁ କହୁଛି
ଯେ ଏଲୀୟ ଏବେ ଆସି ସାରିଛନ୍ତି, ଏବଂ ଲୋକମାନେ
ଯାହା ଚାହିଁଛନ୍ତି ତାହାଙ୍କ ପ୍ରତି ସେଭଳି ଖରାପ ବ୍ୟବହାର
କରିଛନ୍ତି। ତାହାଙ୍କ ପ୍ରତି ଏଭଳି ବ୍ୟବହାର କରାଯିବ
ବୋଲି ଶାସ୍ତ୍ରରେ ଲେଖା ଅଛି।"

### ଯୀଶୁ ଗୋଟିଏ ଅସୁସ୍ଥ ବାଳକକୁ ସୁସ୍ଥ କରିଦେଲେ

୧୪ତା ପରେ ଯୀଶୁ ପିତର, ଯାକୁବ ଓ ଯୋହନ ଅନ୍ୟ
ଶିଷ୍ୟମାନଙ୍କ ପାଖକୁ ଗଲେ। ସେମାନେ ଦେଖିଲେ ଯେ
ଅନେକ ଲୋକ ସେମାନଙ୍କୁ ଘେରି ରହିଛନ୍ତି। ସେମାନଙ୍କ
ସହିତ ଧର୍ମଶାସ୍ତ୍ରୀମାନେ ଯୁକ୍ତି-ତର୍କ କରୁଛନ୍ତି। ୧୫ଯେତେବେଳେ
ଲୋକମାନେ ଯୀଶୁଙ୍କୁ ଦେଖିଲେ, ସେମାନେ ଆଶ୍ଚର୍ଯ୍ୟ
ହୋଇଗଲେ। ସେମାନେ ତାହାଙ୍କୁ ସ୍ୱାଗତ କରିବାକୁ ତାହାଙ୍କ
ପାଖକୁ ଦୌଡ଼ି ଗଲେ।
୧୬ଯୀଶୁ ପଚାରିଲେ, "ତୁମ୍ଭେମାନେ ଧର୍ମଶାସ୍ତ୍ରୀମାନଙ୍କ
ସହିତ କେଉଁ ବିଷୟରେ ଯୁକ୍ତିତର୍କ କରୁଥିଲ?"
୧୭ଭିଡ଼ ଭିତରୁ ଜଣେ ଲୋକ ଉତ୍ତର ଦେଲା, "ହେ
ଗୁରୁ, ମୁଁ ମୋ ପୁଅକୁ ଆପଣଙ୍କ ପାଖକୁ ଆଣିଥିଲି। ତା
ଦେହରେ ଦୁଷ୍ଟାତ୍ମାଟିଏ ପ୍ରବେଶ କରି ତାକୁ କଥା କହିବାକୁ
ଦେଉନାହିଁ। ୧୮ଦୁଷ୍ଟାତ୍ମା ପୁଅକୁ ଆକ୍ରମଣ କରୁଛି। ସେ
ଆକ୍ରମଣ କଲାବେଳେ ପୁଅକୁ ତଳେ କଚାଡ଼ି ଦେଉଛି।
ପୁଅ ମୁହଁରୁ ଫେଣ ବାହାରୁଛି ଓ ସେ ଦାନ୍ତ କଡ଼ମଡ଼
କରୁଛି ଓ ଶୁଖିଯାଉଛି, ମୁଁ ଆପଣଙ୍କ ଶିଷ୍ୟମାନଙ୍କୁ ସେହି
ଦୁଷ୍ଟାତ୍ମାକୁ ବାହାର କରି ଦେବାକୁ ଅନୁରୋଧ କଲି, କିନ୍ତୁ
ସେମାନେ ତାକୁ ବାହାର କରି ପାରିଲେ ନାହିଁ।"
୧୯ଯୀଶୁ ଉତ୍ତର ଦେଲେ, "ତୁମ୍ଭେମାନେ କାହିଁକି ବିଶ୍ୱାସ
କରୁନାହଁ? କେତେ କାଳ ମୁଁ ତୁମ୍ଭମାନଙ୍କ ସହିତ ଥିବି?
କେତେ କାଳ ମୁଁ ତୁମ୍ଭମାନଙ୍କର ସବୁ ସହିଥିବି? ସେହି
ପିଲାକୁ ମୋ ପାଖକୁ ନେଇଆସ।"
୨୦ତେଣୁ ଶିଷ୍ୟମାନେ ପିଲାକୁ ଯୀଶୁଙ୍କ ପାଖକୁ ନେଇ
ଆସିଲେ। ଦୁଷ୍ଟାତ୍ମା ଯୀଶୁଙ୍କୁ ଦେଖିବା ମାତ୍ରେ ପିଲାକୁ
ଆକ୍ରମଣ କଲା। ସେହି ପିଲା ତଳେ ପଡ଼ିଯାଇ ଗଡ଼ିଗଲା।
ତା' ପାଟିରୁ ଫେଣ ବାହାରିଲା।
୨୧ଯୀଶୁ ପିଲାର ବାପାକୁ ପଚାରିଲେ, "କେତେ ଦିନ
ହେଲା ପିଲାର ଏମିତି ହେଉଛି?"
ତାର ବାପା କହିଲେ, "ପିଲାଟି ଦିନରୁ ଏମିତି ହେଉଛି।"
୨୨ଦୁଷ୍ଟାତ୍ମା ତାକୁ ମାରିବାକୁ, ଅନେକ ଥର ପାଣିକୁ ଓ
ଅନେକ ନିଆଁ ଭିତରକୁ ଫିଙ୍ଗି ଦେଉଛି। ଆପଣ ଯଦି ତା
ପାଇଁ କିଛି କରି ପାରନ୍ତି, ତେବେ ଆମ୍ଭ ପ୍ରତି ଦୟା ହେବ
ଓ ଆମ୍ଭକୁ ସାହାଯ୍ୟ ହେବ।"
୨୩ଯୀଶୁ କହିଲେ, "ତୁମ୍ଭେ କହିଲ, 'ତୁମ୍ଭେ ଯଦି ପାରିବ
ତେବେ ସାହାଯ୍ୟ ହେବ।' ବିଶ୍ୱାସୀ ଲୋକପାଇଁ ସବୁ କିଛି
ସମ୍ଭବ।"
୨୪ପିଲାଟିର ବାପା ଉଚ୍ଚସ୍ୱର କରି କହିଲା, "ମୁଁ ବିଶ୍ୱାସ
କରୁଛି। ମୋତେ ଅଧିକ ବିଶ୍ୱାସ କରିବା ପାଇଁ ସାହାଯ୍ୟ
କରନ୍ତୁ।"
୨୫ଯୀଶୁ ଦେଖିଲେ ଯେ ଏହି ଘଟଣା ଦେଖିବା ପାଇଁ
ଲୋକେ ତାହାଙ୍କ ପାଖକୁ ମାଡ଼ି ଆସୁଛନ୍ତି। ତେଣୁ ସେ
ଦୁଷ୍ଟାତ୍ମାକୁ ଧମକ ଦେଇ କହିଲେ, "ହେ ଦୁଷ୍ଟାତ୍ମା, ତୁ
ପିଲାଟିକୁ ମୂକ ଓ ବଧିର କରି ଦେଇଛୁ। ମୁଁ ତୋତେ
ଆଜ୍ଞା ଦେଉଛି, ପିଲାର ଦେହ ଭିତରୁ ବାହାରିଯା। ଏହାର
ଦେହରେ ପୁଣି ଆଉ କେବେହେଲେ ପ୍ରବେଶ କରିବୁନାହିଁ।"
୨୬ଦୁଷ୍ଟାତ୍ମା ଯନ୍ତ୍ରଣାରେ ଚିତ୍କାର କଲା, ପିଲାକୁ ଥରାଇ
ତଳେ ପକାଇ ଦେଲା। ପୁଣି ଥରେ ପିଲାକୁ ତଳେ କଚାଡ଼ି
ଦେଇ ଦୁଷ୍ଟାତ୍ମା ତା' ଦେହରୁ ବାହାରି ଆସିଲା। ଏହି ପିଲା
ମରିଗଲା ଭଳି ଦେଖାଗଲା। ଅନେକ ଲୋକ କହିଲେ,
"ସେ ମରି ଯାଇଛି।"
୨୭କିନ୍ତୁ ଯୀଶୁ ପିଲାର ହାତ ଧରି ତାହାକୁ ଉଠାଇ
ଠିଆ କରାଇଲେ। ସେହି ପିଲା ଠିଆ ହେଲା।
୨୮ତା'ପରେ ଯୀଶୁ ଘର ଭିତରକୁ ଗଲେ। କେବଳ
ତାହାଙ୍କ ଶିଷ୍ୟମାନେ ତାହାଙ୍କ ସହିତ ସେଠାରେ ଥିଲେ।
ସେମାନେ ତାକୁ ପଚାରିଲେ, "ଆମ୍ଭେମାନେ ଦୁଷ୍ଟାତ୍ମାକୁ
କାହିଁକି ବାହାର କରି ପାରିଲୁନି?"

୨୯ଏହା ଶୁଣି ଯୀଶୁ ସେମାନଙ୍କୁ କହିଲେ, “ଏହି
ପ୍ରକାରର ଦୁଷ୍ଟାତ୍ମାଙ୍କୁ କେବଳ ପ୍ରାର୍ଥନା ମାଧ୍ୟମରେ ବାହାର
କରି ଯାଇ ପାରିବ।”

### ନିଜ ମୃତ୍ୟୁ ସମ୍ବନ୍ଧରେ ଯୀଶୁଙ୍କ କଥନ

୩୦ତା’ପରେ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ସେ ସ୍ଥାନ
ଛାଡ଼ି ଚାଲିଗଲେ। ସେମାନେ ଗାଲୀଲୀ ଦେଇ ଯାଉଥିଲେ।
ସେମାନେ କେଉଁଠି ଅଛନ୍ତି ସେ କଥା ଲୋକେ ଜାଣନ୍ତୁ
ବୋଲି ଯୀଶୁ ଚାହୁଁ ନଥିଲେ। ୩୧କାରଣ ସେ ନିଜ
ଶିଷ୍ୟମାନଙ୍କୁ ଏକୁଟିଆ ଅଲଗା ଉପଦେଶ ଦେବାକୁ ଚାହୁଁଥିଲେ।
ସେ ସେମାନଙ୍କୁ କହିଲେ, “ମନୁଷ୍ୟପୁତ୍ରଙ୍କୁ ମନୁଷ୍ୟମାନଙ୍କ
ହାତରେ ଦେଇ ଦିଆଯିବ। ସେମାନେ ତାହାଙ୍କୁ ମାରିଦେବେ।
କିନ୍ତୁ ମୃତ୍ୟୁର ତିନି ଦିନ ପରେ ସେ ପୁଣି ମୃତ୍ୟୁରୁ
ପୁନରୁତ୍ଥିତ ହେବେ।” ୩୨ଯୀଶୁଙ୍କ ଏହି କଥା କହିବାର ଅର୍ଥ
ଶିଷ୍ୟମାନେ ବୁଝି ପାରିଲେ ନାହିଁ। ସେମାନେ ତାହାଙ୍କୁ
ଏହାର ଅର୍ଥ ପଚାରି ବୁଝିବାକୁ ଭୟ କଲେ।

### ସବୁଠାରୁ ଶ୍ରେଷ୍ଠ କିଏ

୩୩ଯୀଶୁ ଓ ତାହାଙ୍କ ଶିଷ୍ୟମାନେ କଫର୍ନାହୂମକୁ ଆସିଲେ।
ସେମାନେ ଗୋଟିଏ ଘର ଭିତରକୁ ଗଲେ। ତା ପରେ
ଯୀଶୁ ଶିଷ୍ୟମାନଙ୍କୁ ପଚାରିଲେ, “ଆଜି ରାସ୍ତାରେ ଆସିବା
ବେଳେ କେଉଁ ବିଷୟରେ ତୁମ୍ଭେମାନେ ଯୁକ୍ତିତର୍କ କରୁଥିଲ?”
୩୪କିନ୍ତୁ ଶିଷ୍ୟମାନେ ଚୁପ୍ ରହିଲେ। କାରଣ ସେମାନେ
ବାଟରେ ଯୁକ୍ତିତର୍କ କରୁଥିଲେ ଯେ ତାହାଙ୍କ ଭିତରେ
ସବୁଠାରୁ ଶ୍ରେଷ୍ଠ କିଏ?
୩୫ଯୀଶୁ ବସିପଡ଼ିଲେ ଓ ବାରଜଣ ପ୍ରେରିତଙ୍କୁ ପାଖକୁ
ଡାକିଲେ। ଯୀଶୁ କହିଲେ, “ଯଦି କେହି ସବୁଠାରୁ ବଡ଼
ହେବାକୁ ଚାହେଁ ତେବେ ସେ ଅନ୍ୟ ସମସ୍ତଙ୍କୁ ତା’ ନିଜ
ଅପେକ୍ଷା ବଡ଼ ମନେ କରୁ ଓ ସମସ୍ତଙ୍କର ସେବା କରୁ।”
୩୬ତା’ପରେ ଯୀଶୁ ଗୋଟିଏ ଛୋଟ ପିଲାକୁ ନେଇ
ସେମାନଙ୍କ ଆଗରେ ଠିଆ କରାଇଲେ। ସେହି ପିଲାକୁ
କୋଳରେ ନେଇ ସେ କହିଲେ, ୩୭“ମୋ ନାମରେ ଯେଉଁ
ଲୋକ ଗୋଟିଏ ପିଲାକୁ ଏହିଭଳି ଗ୍ରହଣ କରେ, ସେ
ମୋତେ ଗ୍ରହଣ କରେ। ଯେଉଁ ଲୋକ ମୋତେ ଗ୍ରହଣ
କରେ, ସେ ଯେ, କେବଳ ମୋତେ ଗ୍ରହଣ କରେ, ତା
ନୁହେଁ, ବରଂ ସେ ମୋର ପ୍ରେରଣ କର୍ତ୍ତାଙ୍କୁ ମଧ୍ୟ ଗ୍ରହଣ
କରେ।”

### ଆମକୁ ବିରୋଧ କରୁନଥିବା ଲୋକ ଆମ ନିଜର ଲୋକ

୩୮ଯୋହନ ଯୀଶୁଙ୍କୁ କହିଲେ, “ହେ ଗୁରୁ, ତୁମ୍ଭ ନାମ
ନେଇ ଲୋକଙ୍କ ଦେହରୁ ଦୁଷ୍ଟାତ୍ମାମାନଙ୍କୁ ବାହାର କରୁ
ଥିବା ଜଣେ ଲୋକଙ୍କୁ ଆମ୍ଭେମାନେ ଦେଖିଲୁ। ଆମ୍ଭେମାନେ
ତା’କୁ ମନାକରିଲୁ, କାରଣ ସେ ଆମ୍ଭମାନଙ୍କ ଭିତରର
ଲୋକ ନୁହେଁ।”
୩୯କିନ୍ତୁ ଯୀଶୁ କହିଲେ, “ତାକୁ ଅଟକାଅ ନାହିଁ।
କାରଣ ଯେଉଁ ଲୋକ ମୋ ନାମ ନେଇ ଶକ୍ତିର କାର୍ଯ୍ୟ
କରିପାରେ, ସେ ମୋ ନାମରେ ଆଉ ଖରାପ କଥା କହି
ପାରିବ ନାହିଁ।” ୪୦ଯେଉଁ ଲୋକ ଆମ୍ଭର ବିରୋଧ କରେ
ନାହିଁ, ସେ ଆମ୍ଭର ସପକ୍ଷର ଲୋକ। ୪୧ମୁଁ ତୁମ୍ଭମାନଙ୍କୁ
ସତ୍ୟ କହୁଛି। ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଲୋକ ବୋଲି ଯଦି
କେହି ତୁମ୍ଭମାନଙ୍କୁ ଗିନାଏ ପାଣି ପିଇବାକୁ ଦିଏ, ତେବେ
ତାକୁ ଏଥି ପାଇଁ ନିଶ୍ଚୟ ପୁରସ୍କାର ମିଳିବ।
୪୨“ଯଦି ଏହି ଛୋଟ ଅବୋଧ ପିଲାମାନଙ୍କ ମଧ୍ୟରୁ
ମୋତେ କେହି ବିଶ୍ୱାସ କରୁଥାଏ ଏବଂ ଆଉ ଜଣେ
ଲୋକ ସେହି ପିଲାଟିକୁ ପାପ କର୍ମରେ ଲିପ୍ତ କରାଏ,
ତେବେ ସେ ଲୋକଟି ପାଇଁ ଏହା ଅତ୍ୟନ୍ତ ଖରାପ ହେବ।
ସେ ଲୋକ ବେକରେ ଚକି ପଥରଟିଏ ବାନ୍ଧି ଦେଇ ତାକୁ
ସମୁଦ୍ରରେ ଫିଙ୍ଗି ଦେବା ତା ପାଇଁ ଭଲ ହୋଇଥାଆନ୍ତା।
୪୩ଯଦି ତୁମ୍ଭର ହାତ ତୁମ୍ଭକୁ ପାପ କରାଏ, ତେବେ ତାକୁ
କାଟିଦିଅ। କାରଣ ଦୁଇ ହାତ ଥାଇ ଅନନ୍ତ କାଳ ଧରି
ଜଳୁଥିବା ନରକର ନିଆଁ ଭିତରେ ତୁମ୍ଭକୁ ଫିଙ୍ଗି ଦିଆଯିବା
ଅପେକ୍ଷା ବରଂ ତୁମ୍ଭେ ପଙ୍ଗୁ ହୋଇ ଅନନ୍ତ ଜୀବନ ଲାଭ
କରିବା ଭଲ। ୪୪* ୪୫ଯଦି ତୁମ୍ଭର ପାଦ ତୁମ୍ଭକୁ ପାପ
କରାଏ, ତେବେ ତାକୁ କାଟି ଦିଅ। ଦୁଇ ପାଦ ଥାଇ
ନର୍କରେ ତୁମ୍ଭକୁ ଫିଙ୍ଗି ଦିଆଯିବା ଅପେକ୍ଷା ବରଂ ଛୋଟା
ହୋଇ ଅନନ୍ତ ଜୀବନ ଲାଭ କରିବା ଭଲ। ୪୬* ୪୭ଯଦି
ତୁମ୍ଭର ଆଖି ତୁମ୍ଭକୁ ପାପ କରାଏ, ତେବେ ତାକୁ ବାହାର
କରି ଦିଅ। ଦୁଇ ଆଖି ଥାଇ ନରକରେ ତୁମ୍ଭକୁ ଫିଙ୍ଗି
ଦିଆଯିବା ଅପେକ୍ଷା ବରଂ ତୁମ୍ଭେ ଗୋଟିଏ ଆଖି ଥାଇ
ଅନନ୍ତ ଜୀବନ ଲାଭ କରିବା ଭଲ। ୪୮ମନୁଷ୍ୟକୁ ଖାଉଥିବା
ନରକର କୀଟ କେବେ ମରେନାହିଁ କି ନର୍କର ନିଆଁ
କେବେ ଲିଭେନାହିଁ। ୪୯ନିଆଁରେ ପ୍ରତ୍ୟେକ ଲୋକକୁ
ଦଣ୍ଡିତ କରାଯିବ।
୫୦“ଲୁଣ ଭଲ ପଦାର୍ଥ। କିନ୍ତୁ ଲୁଣ ଯଦି ତାର ଲୁଣିଆ
ଗୁଣ ହରାଇ ବସିବ, ତାକୁ ପୁଣି ଥରେ କିପରି ଲୁଣିଆ
କରି ଯାଇ ପାରିବ? ତେଣୁ ତୁମ୍ଭେ ଭଲ ଗୁଣରେ ପରିପୂର୍ଣ୍ଣ
ହୁଅ। ସମସ୍ତେ ମିଳିମିଶି ଶାନ୍ତିରେ ରୁହ।”

### ବିବାହ-ବିଚ୍ଛେଦ ସମ୍ପର୍କରେ ଯୀଶୁଙ୍କ ଶିକ୍ଷା

୧୦ ତା’ପରେ ଯୀଶୁ ସେ ସ୍ଥାନ ଛାଡ଼ି ଦେଲେ। ସେ
ଯିହୂଦା ଅଞ୍ଚଳ ଓ ଯର୍ଦ୍ଦନ ନଦୀର ଅପର
ପାରିକୁ ଗଲେ। ପୁଣି ବହୁତ ଲୋକ ତାହାଙ୍କ ପାଖରେ
ଜମା ହୋଇଗଲେ। ସବୁ ସମୟ ଭଳି ଯୀଶୁ ଲୋକମାନଙ୍କୁ
ଶିକ୍ଷା ଦେଲେ।
୨କେତେକ ଫାରୂଶୀ ଯୀଶୁଙ୍କ ପାଖକୁ ଆସିଲେ। ସେମାନେ
ଯୀଶୁଙ୍କ ଭୁଲ ଧରିବା ପାଇଁ ଚେଷ୍ଟା କଲେ। ସେମାନେ
ଯୀଶୁଙ୍କୁ ପରୀକ୍ଷା କରିବା ପାଇଁ ତାହାଙ୍କୁ ପଚାରିଲେ,

---

**ପଦ ସଂଖ୍ୟା ୪୪** ପଦ ସଂଖ୍ୟା ୪୪ ମାର୍କଙ୍କର କେତେକ ଗ୍ରୀକ୍ ପତ୍ରରେ ଯୋଡ଼ା ଯାଇଛି। ଏହି ପଦଟି ପଦ ସଂଖ୍ୟା ୪୮ ସହିତ ସମାନ

**ପଦ ସଂଖ୍ୟା ୪୬** ପଦ ସଂଖ୍ୟା ୪୬ ମାର୍କଙ୍କ କେତେକ ଗ୍ରୀକ୍ ପତ୍ରରେ ଯୋଡ଼ା ଯାଇଛି। ଏହି ପଦଟି ପଦ ସଂଖ୍ୟା ୪୮ ସହିତ ସମାନ।

"ଜଣେ ପୁରୁଷ ତାର ସ୍ତ୍ରୀକୁ ଛାଡ଼ପତ୍ର ଦେବା କ'ଣ ଆଇନ
ସଙ୍ଗତ କାର୍ଯ୍ୟ?"
୩ଯୀଶୁ କହିଲେ, "ମୋଶା ତୁମ୍ଭମାନଙ୍କୁ କ'ଣ ଆଜ୍ଞା
ଦେଇଛନ୍ତି?"
୪ସେମାନେ କହିଲେ, "ଜଣେ ପୁରୁଷ ଛାଡ଼ପତ୍ର ପାଇଁ
ପ୍ରମାଣପତ୍ର ଲେଖି ଦେଇ ତା'ପରେ ନିଜ ସ୍ତ୍ରୀକୁ ଛାଡ଼ି
ଦେଇ ପାରିବ ବୋଲି, ମୋଶା କହିଥିଲେ।"
୫ଯୀଶୁ ସେମାନଙ୍କୁ କହିଲେ, "ମୋଶା ତୁମ୍ଭମାନଙ୍କ ପାଇଁ
ଏହି ଆଜ୍ଞା ଲେଖିଥିଲେ, କାରଣ ତୁମ୍ଭେମାନେ ପରମେଶ୍ୱରଙ୍କ
ଉପଦେଶ ମାନିବାକୁ ମନା କଲ। ୬କିନ୍ତୁ ପରମେଶ୍ୱର
ଯେତେବେଳେ ଜଗତ ସୃଷ୍ଟି କଲେ, 'ସେ ଲୋକଙ୍କୁ ପୁରୁଷ
ଓ ସ୍ତ୍ରୀ କରି ସୃଷ୍ଟି କଲେ।'* ୭'ଏଣୁ ଜଣେ ପୁରୁଷ ନିଜ
ବାପାମାଆଙ୍କୁ ଛାଡ଼ି ନିଜ ସ୍ତ୍ରୀ ସହିତ ମିଳିତ ହେବ। ୮ଏବଂ
ସେମାନେ ଏକ ହୋଇଯିବେ।'* ତେଣୁ ସେମାନେ ଦୁଇଜଣ
ନୁହଁନ୍ତି ବରଂ ଏକ। ୯ପରମେଶ୍ୱର ଯଦି ଏହି ଦୁଇଜଣ
ମନୁଷ୍ୟଙ୍କୁ ଏକାଠି କରିଛନ୍ତି, ତାହାଙ୍କୁ କୌଣସି ବ୍ୟକ୍ତି
ଅଲଗା କରି ଦେବା ଉଚିତ ନୁହେଁ।"
୧୦ତା ପରେ ଯୀଶୁ ଓ ଶିଷ୍ୟମାନେ ଘରକୁ ଫେରିବା
ପରେ ଶିଷ୍ୟମାନେ ଯୀଶୁଙ୍କୁ ପୁଣି ଥରେ ଛାଡ଼ପତ୍ର ବିଷୟରେ
ପଚାରିଲେ। ୧୧ଯୀଶୁ କହିଲେ, "ଯେଉଁ ପୁରୁଷ ନିଜ
ପତ୍ନୀକୁ ଛାଡ଼ପତ୍ର ଦେଇ ଅନ୍ୟ ଜଣେ ସ୍ତ୍ରୀକୁ ବିବାହ
କରେ, ସେହି ପୁରୁଷ ତା ପତ୍ନୀ ପ୍ରତି ପାପ କରିବା
କାରଣରୁ ଦୋଷୀ ହୁଏ। ସେ ବ୍ୟଭିଚାର ପାପ ପାଇଁ
ଦୋଷୀ ହୁଏ। ୧୨ଏବଂ ଯଦି ଜଣେ ସ୍ତ୍ରୀ ନିଜ ସ୍ୱାମୀଙ୍କୁ
ଛାଡ଼ପତ୍ର ଦେଇ ଅନ୍ୟ ଜଣେ ପୁରୁଷକୁ ବିବାହ କରେ
ତେବେ ସେ ମଧ୍ୟ ବ୍ୟଭିଚାର ପାପରେ ଦୋଷୀ ହୁଏ।"

## ପିଲାମାନଙ୍କୁ ଯୀଶୁ ଗ୍ରହଣ କଲେ

୧୩ପୁଣି ଲୋକମାନେ ଯୀଶୁଙ୍କ ପାଖକୁ ସେମାନଙ୍କର
ଛୋଟ ଛୋଟ ପିଲାମାନଙ୍କୁ ଆଣିଲେ ଯେପରି ଯୀଶୁ
ପିଲାମାନଙ୍କୁ ଛୁଇଁ ଦେଇ ଆଶୀର୍ବାଦ କରିବେ। କିନ୍ତୁ
ଯୀଶୁଙ୍କ ଶିଷ୍ୟମାନେ ଲୋକମାନଙ୍କୁ ବାରଣ କଲେ ଯେ
ସେମାନେ ସେମାନଙ୍କର ପିଲାମାନଙ୍କୁ ଯୀଶୁଙ୍କ ପାଖକୁ ନ
ଆଣନ୍ତୁ। ୧୪ଏହା ଦେଖି ଯୀଶୁ ବହୁତ ରାଗିଗଲେ। ଯୀଶୁ
ଶିଷ୍ୟମାନଙ୍କୁ କହିଲେ, "ଛୋଟଛୋଟ ପିଲାମାନେ ମୋ
ପାଖକୁ ଆସନ୍ତୁ। ସେମାନଙ୍କୁ ଅଟକାଅ ନାହିଁ। କାରଣ
ପରମେଶ୍ୱରଙ୍କ ରାଜ୍ୟ ଏହି ପିଲାମାନଙ୍କ ଭଳି ସରଳ
ଲୋକମାନଙ୍କର ଅଟେ। ୧୫ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି,
ଗୋଟିଏ ଛୋଟ ପିଲା ସରଳ ମନରେ ସବୁ ବିଷୟ ଗ୍ରହଣ
କଲାଭଳି ତୁମ୍ଭେମାନେ ପରମେଶ୍ୱରଙ୍କ ରାଜ୍ୟ ଗ୍ରହଣ କରିବା
ଉଚିତ ନଚେତ ତୁମ୍ଭେ ସେଠାରେ କେବେ ହେଲେ
ପ୍ରବେଶ କରି ପାରିବ ନାହିଁ।" ୧୬ତା'ପରେ ଯୀଶୁ ପିଲାମାନଙ୍କୁ
କୋଳକୁ ଉଠେଇ ନେଲେ। ସେ ସେମାନଙ୍କ ଉପରେ
ହାତ ରଖି ଆଶୀର୍ବାଦ କଲେ।

## ଜଣେ ଧନୀ ଲୋକର ଯୀଶୁଙ୍କୁ ପ୍ରଶ୍ନ

୧୭ଯୀଶୁ ଯାଉଥିବା ବେଳେ ଜଣେ ଲୋକ ଦୌଡ଼ି
ଦୌଡ଼ି ତାହାଙ୍କ ପାଖକୁ ଆସିଲା ଓ ଯୀଶୁଙ୍କ ଆଗରେ
ଆଣ୍ଠୁମାଡ଼ି ବସି ପଡ଼ିଲା। ସେ ପଚାରିଲା, "ହେ ଉତ୍ତମ
ଗୁରୁ; ଅନନ୍ତ ଜୀବନର ଅଧିକାରୀ ହେବା ପାଇଁ ମୁଁ କ'ଣ
କରିବି?"
୧୮ଯୀଶୁ ଉତ୍ତର ଦେଲେ, "ତୁମ୍ଭେ ମୋତେ ଉତ୍ତମ
ବୋଲି କାହିଁକି କହୁଛ? କେବଳ ପରମେଶ୍ୱରଙ୍କ ଛଡ଼ା
ଆଉ କେହି ହେଲେ ଉତ୍ତମ ନୁହଁନ୍ତି। ୧୯କିନ୍ତୁ ମୁଁ ତୁମ୍ଭ
ପ୍ରଶ୍ନର ଉତ୍ତର ଦେଉଛି। ତୁମ୍ଭେ ଆଜ୍ଞା ଗୁଡ଼ିକ ଜାଣିଛ:
ହତ୍ୟା କର ନାହିଁ। ବ୍ୟଭିଚାର କର ନାହିଁ। ଚୋରୀ କର
ନାହିଁ। ମିଥ୍ୟା ସାକ୍ଷ୍ୟ ଦିଅ ନାହିଁ। ଠକ ନାହିଁ। ବାପା
ମାଆଙ୍କୁ ଆଦର କର।"
୨୦ସେହି ଲୋକ ଯୀଶୁଙ୍କୁ କହିଲା, "ଗୁରୁ, ମୁଁ ମୋ
ପିଲାଦିନୁ ଏହି ସବୁ କଥା ମାନି ଚଳୁଛି।"
୨୧ଯୀଶୁ ତାହାଙ୍କୁ ଚାହିଁଲେ ଓ ସ୍ନେହ କଲେ। ସେ
ତାହାଙ୍କୁ କହିଲେ, "ତୁମ୍ଭର ଏବେ ବି ଗୋଟିଏ କଥାର
ଅଭାବ ଅଛି। ତୁମ୍ଭେ ଯାଅ, ଯାହା କିଛି ତୁମ୍ଭ ପାଖରେ
ଅଛି ସେତକ ବିକି ଦେଇ ଗରିବଙ୍କୁ ସେ ଧନ ବାଣ୍ଟି
ଦିଅ। ସ୍ୱର୍ଗରେ ତୁମ୍ଭକୁ ଧନ ମିଳିବ। ତା'ପରେ ଆସ ଓ
ମୋର ଅନୁସରଣ କର।"
୨୨ଯୀଶୁଙ୍କ କଥା ଶୁଣି ଲୋକଟିର ମନ ଦୁଃଖ ହୋଇଗଲା।
ସେ ମନ ଦୁଃଖରେ ଫେରିଗଲା। କାରଣ ସେ ବହୁତ
ଧନୀ ଥିଲା ଓ ତାର ଧନ ନିଜ ପାଖରେ ରଖିବାକୁ
ଚାହୁଁଥିଲା।
୨୩ଯୀଶୁ ଚାରି ଆଡ଼େ ଚାହିଁ ଶିଷ୍ୟମାନଙ୍କୁ କହିଲେ,
"ଧନୀ ଲୋକମାନଙ୍କ ପକ୍ଷରେ ପରମେଶ୍ୱରଙ୍କ ରାଜ୍ୟରେ
ପ୍ରବେଶ କରିବା ବଡ଼ କଠିନ ବିଷୟ।"
୨୪ଯୀଶୁଙ୍କ କଥା ଶୁଣି ଶିଷ୍ୟମାନେ ଆଶ୍ଚର୍ଯ୍ୟ ହୋଇଗଲେ,
କିନ୍ତୁ ଯୀଶୁ ସେମାନଙ୍କୁ ପୁଣି କହିଲେ, "ହେ ମୋର
ପିଲାମାନେ, ପରମେଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା
ପ୍ରକୃତରେ କେଡ଼େ କଠିନ। ୨୫ଜଣେ ଧନୀ ଲୋକର
ପରମେଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ଅପେକ୍ଷା,
ଗୋଟିଏ ଓଟ ଗୋଟିଏ ଛୁଞ୍ଚି କଣାରେ ଗଳି ଯାଇ ପାରିବା
ସହଜ।"
୨୬ସେମାନେ ଆହୁରି ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ
ପରସ୍ପର କୁହାକୁହି ହେଲେ, "ତେବେ କିଏ ଉଦ୍ଧାର ପାଇ
ପାରିବ?"
୨୭ଯୀଶୁ ସେମାନଙ୍କୁ ଚାହିଁ କହିଲେ, "ଏହା ମନୁଷ୍ୟମାନଙ୍କ
ପାଇଁ ଅସମ୍ଭବ। କିନ୍ତୁ ପରମେଶ୍ୱରଙ୍କ ପାଇଁ ନୁହେଁ।
ପରମେଶ୍ୱର ସବୁ କିଛି କରି ପାରିବେ।"
୨୮ପିତର ଯୀଶୁଙ୍କୁ କହିଲେ, "ଆପଣଙ୍କୁ ଅନୁସରଣ
କରିବା ପାଇଁ ଆମ୍ଭେମାନେ ସବୁ କିଛି ତ୍ୟାଗ କରିଛୁ।"
୨୯ଯୀଶୁ କହିଲେ, "ମୁଁ ତୁମ୍ଭକୁ ସତ୍ୟ କହୁଛି; ଯେ
ମୋ ପାଇଁ ଓ ସୁସମାଚାର ପାଇଁ ଘରଦ୍ୱାର, ଭାଇ-ଭଉଣୀ,
ବାପା ମାଆ, ପିଲାଛୁଆ ଓ ଜମିବାଡ଼ି ଛାଡ଼ି ଦେଇ ପାରିଛି,
୩୦ସେ ନିଶ୍ଚୟ ଆପଣାର ସେହି ଛାଡ଼ିଥିବା ବସ୍ତୁଠାରୁ ଶହେ

---

**'ସେ ... ସୃଷ୍ଟି କଲେ।'** ଆଦିପୁସ୍ତକ ୧:୨୭

**'ଏଣୁ ... ହୋଇଯିବ।'** ଆଦିପୁସ୍ତକ ୨:୨୪

ଗୁଣ ଅଧିକ ଇହ କାଳରେ ପାଇ ପାରିବ। ସେ ଅଧିକ
ଘରଦ୍ୱାର, ଭାଇ-ଭଉଣୀ, ମାଆ,ପିଲାପିଲି ଓ ଜମିବାଡ଼ି
ପାଇବ। ଏବଂ ନିର୍ଯ୍ୟାତନା ସହିତ ସେ ଏହି ସବୁ ଜିନିଷ
ପାଇବ କିନ୍ତୁ ପର କାଳରେ ସେ ଅନନ୍ତ
ଜୀବନ ଲାଭ କରିବ। ୩୧ବର୍ତ୍ତମାନ ଯେଉଁ ଲୋକମାନେ
ପ୍ରଥମ ସ୍ଥାନରେ ଅଛନ୍ତି, ସେମାନେ ଭବିଷ୍ୟତରେ ଶେଷ
ସ୍ଥାନକୁ ଚାଲିଯିବେ, ଏବଂ ବର୍ତ୍ତମାନ ଯେଉଁମାନେ ଶେଷ
ସ୍ଥାନରେ ଅଛନ୍ତି, ସେମାନେ ଭବିଷ୍ୟତରେ ପ୍ରଥମ ସ୍ଥାନକୁ
ଚାଲିଯିବେ।"

### ଯୀଶୁ ତାଙ୍କ ମୃତ୍ୟୁ ବିଷୟରେ ପୁଣି ଥରେ କହିଲେ

୩୨ଯୀଶୁ ଓ ତାହାଙ୍କ ସହିତ ଲୋକମାନେ ଯିରୂଶାଲମକୁ
ଯାଉଥିଲେ। ଯୀଶୁ ସେମାନଙ୍କ ଆଗେ ଆଗେ ଯାଉଥିଲେ।
ତାହାଙ୍କ ଶିଷ୍ୟମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଯାଉଥିଲେ।
କିନ୍ତୁ ତାହାଙ୍କୁ ଅନୁସରଣ କରି ଆସୁଥିବା ଲୋକେ ସବୁ
ଡରି ଯାଇଥିଲେ। ଯୀଶୁ ତାହାଙ୍କର ବାରଜଣ ପ୍ରେରିତଙ୍କୁ
ଅଲଗା ଡାକି ଯିରୂଶାଲମରେ ଯାହା ସବୁ ଘଟିବ, ସେ
ବିଷୟରେ କହିବାକୁ ଲାଗିଲେ। ୩୩ଯୀଶୁ କହିଲେ, "ଶୁଣ,
ଆମ୍ଭେମାନେ ଯିରୂଶାଲମକୁ ଯାଉଛୁ। ମନୁଷ୍ୟପୁତ୍ରଙ୍କୁ ପ୍ରଧାନ
ଯାଜକ ଓ ଧର୍ମଶାସ୍ତ୍ରୀମାନଙ୍କ ହାତରେ ଦେଇ ଦିଆଯିବ
ଏବଂ ସେମାନେ ତାହାଙ୍କୁ ମୃତ୍ୟୁ ଦଣ୍ଡଦେବା ପାଇଁ
ଅଣଯିହୂଦୀମାନଙ୍କୁ ସମର୍ପି ଦେବେ। ୩୪ସେମାନେ ତାହାଙ୍କୁ
ଉପହାସ କରିବେ ଓ ତାହାଙ୍କ ଉପରେ ଛେପ ପକାଇବେ।
ତାହାଙ୍କୁ କୋରଡ଼ାରେ ପିଟିବେ ଓ ଶେଷରେ ମାରି
ପକାଇବେ। କିନ୍ତୁ ମୃତ୍ୟୁ ଠାରୁ ତୃତୀୟ ଦିନରେ ସେ
ପୁନରୁତ୍ଥାନ ହେବେ।"

### ଯାକୁବ ଓ ଯୋହନଙ୍କର ଯୀଶୁଙ୍କୁ ଅନୁରୋଧ

୩୫ଜେବଦୀଙ୍କ ପୁତ୍ର ଯାକୁବ ଓ ଯୋହନ ଯୀଶୁଙ୍କ ପାଖକୁ
ଆସି କହିଲେ। "ହେ ଗୁରୁ, ତୁମ୍ଭେ ଆମ୍ଭ ପାଇଁ କିଛି
କର ବୋଲି ଆମ୍ଭେ ଚାହୁଁଛୁ।"

୩୬ଯୀଶୁ ପଚାରିଲେ, "ତୁମ୍ଭେମାନେ ମୋ ଦ୍ୱାରା ତୁମ୍ଭ
ପାଇଁ କ'ଣ ପାଇବାକୁ ଚାହୁଁଛ?"

୩୭ସେମାନେ କହିଲେ, "ଆପଣଙ୍କ ରାଜ୍ୟରେ ଆପଣ
ମହିମା ପ୍ରାପ୍ତ ହେବାବେଳେ ଆମ୍ଭ ଭିତରୁ ଜଣେ ତୁମ୍ଭର
ଡାହାଣ ପଟେ ଓ ଆଉ ଜଣେ ବାମ ପଟେ ବସିବା ପାଇଁ
ଆମ୍ଭକୁ ଅଧିକାର ପ୍ରଦାନ କରନ୍ତୁ।"

୩୮ଯୀଶୁ କହିଲେ, "ତୁମ୍ଭେ କ'ଣ ମାଗୁଛ, ତାହା ତୁମ୍ଭେ
ଜାଣି ପାରୁନାହଁ। ମୁଁ ଯେଉଁ ଯାତନା ଭୋଗ କରିବି,
ତୁମ୍ଭେ ମଧ୍ୟ କ'ଣ ସେହି ଭଳି ଯାତନା ଭୋଗ କରି
ପାରିବ? ମୁଁ ଯେଉଁଭଳି ବାପ୍ତିଜିତ ହେବି, ତୁମ୍ଭେ କ'ଣ
ସେହିଭଳି ବାପ୍ତିଜିତ ହୋଇ ପାରିବ?"

୩୯ସେମାନେ ତାହାଙ୍କୁ କହିଲେ, "ହଁ ଆମ୍ଭେ ପାରିବୁ।"

ତା'ପରେ ଯୀଶୁ ସେମାନଙ୍କୁ କହିଲେ, "ମୁଁ ଯେଉଁ
ଯାତନା ଭୋଗ କରିବି, ତୁମ୍ଭେ ତାହା ଭୋଗ କରିବ। ମୁଁ
ଯାହା ଦ୍ୱାରା ବାପ୍ତିଜିତ ହେବି, ତୁମ୍ଭେମାନେ ମଧ୍ୟ ତା ଦ୍ୱାରା
ବାପ୍ତିଜିତ ହେବ। ୪୦କିନ୍ତୁ ମୋର ଡାହାଣ ବା ବାମ
ପଟରେ କିଏ ବସିବ, ତାହା ବାଛିବାର ଅଧିକାର ମୋର
ନାହିଁ। ଯେଉଁମାନଙ୍କ ପାଇଁ ଏହା ପ୍ରସ୍ତୁତ କରା ଯାଇଛି,
କେବଳ ସେହିମାନେ ସେଥିରେ ବସି ପାରିବେ।"

୪୧ଅନ୍ୟ ଦଶ ଜଣ ପ୍ରେରିତ ଏହା ଶୁଣିଲେ। ସେମାନେ
ଯାକୁବ ଓ ଯୋହନଙ୍କ ଉପରେ ରାଗିଗଲେ। ୪୨ଯୀଶୁ
ସମସ୍ତ ପ୍ରେରିତମାନଙ୍କୁ ଏକାଠି ଡାକିଲେ। ସେ ସେମାନଙ୍କୁ
କହିଲେ, "ଅଣ-ଯିହୂଦୀମାନଙ୍କ ଭିତରେ ଅନେକ ଲୋକ
ଅଛନ୍ତି, ଯେଉଁମାନଙ୍କୁ ସେମାନେ ଶାସକ କହନ୍ତି। ତୁମ୍ଭେ
ଜାଣ ଯେ, ଏହି ଶାସକମାନେ ଲୋକଙ୍କ ଉପରେ ପ୍ରଭୁତ୍ୱ
ଦେଖାଇବାକୁ ଭଲ ପାଆନ୍ତି। ତାହାଙ୍କର ମହତ୍ତ୍ୱପୂର୍ଣ୍ଣ
ନେତାମାନେ ମଧ୍ୟ ଲୋକଙ୍କ ଉପରେ ତାହାଙ୍କର ଅଧିକାର
ସାବ୍ୟସ୍ତ କରିବାକୁ ଭଲ ପାଆନ୍ତି। ୪୩କିନ୍ତୁ ତୁମ୍ଭ ମଧ୍ୟରେ
ଏଭଳି କିଛି ହେବା ଅନୁଚିତ। ଯଦି ତୁମ୍ଭ ଭିତରୁ କେହି
ବଡ଼ ହେବାକୁ ଚାହୁଁଥାଏ, ତେବେ ସେ ଜଣେ ସେବକ
ଭଳି ତୁମ୍ଭ ସମସ୍ତଙ୍କର ସେବା କରୁ। ୪୪ଯଦି ତୁମ୍ଭ ଭିତରୁ
କେହି ମହତ୍ତ୍ୱପୂର୍ଣ୍ଣ ହେବାକୁ ଚାହୁଁଥାଏ, ତେବେ ସେ ତୁମ୍ଭ
ସମସ୍ତଙ୍କର ଜଣେ କ୍ରୀତଦାସ ଭଳି ସେବା କରୁ। ୪୫ସେହିଭଳି
ମନୁଷ୍ୟ-ପୁତ୍ର ଅନ୍ୟ ଠାରୁ ସେବା ପାଇବା ପାଇଁ ଆସି
ନାହାଁନ୍ତି, ବରଂ ସେ ସେବା କରିବା ପାଇଁ ଆସିଛନ୍ତି। ସେ
ବହୁତ ଲୋକଙ୍କୁ ଉଦ୍ଧାର କରିବା ପାଇଁ ନିଜର ଜୀବନ
ଦେବା ପାଇଁ ଆସିଛନ୍ତି।"

### ଅନ୍ଧକୁ ଚକ୍ଷୁଦାନ

୪୬ତା'ପରେ ସେମାନେ ଯିରୀହୋକୁ ଆସିଲେ। ଯୀଶୁ
ତାହାଙ୍କ ଶିଷ୍ୟ ଓ ଅନ୍ୟ ଅନେକ ଲୋକଙ୍କ ସହିତ ସେହି
ସହର ଛାଡ଼ି ଯିବା ସମୟରେ ଟୀମୟର ପୁଅ ବର୍ଟୀମୟ
ନାମକ ଜଣେ ଅନ୍ଧ ଭିକାରୀ ରାସ୍ତା କଡ଼ରେ ବସିଥିଲା।
ସେ ସଦାବେଳେ ଲୋକଙ୍କୁ ଭିକ ମାଗୁଥିଲା। ୪୭ସେ ଶୁଣିଲା
ଯେ ନାଜରତର ଯୀଶୁ ସେହି ବାଟ ଦେଇ ଯାଉଛନ୍ତି। ସେ
ଚିତ୍କାର କରି କହିଲା, "ହେ ଦାଉଦଙ୍କ ପୁତ୍ର ଯୀଶୁ; ମୋ
ଉପରେ କୃପା କର।"

୪୮ଅନେକ ଲୋକ ତାକୁ ଚୁପ ହେବା ପାଇଁ ଧମକ
ଦେଲେ। କିନ୍ତୁ ସେହି ଅନ୍ଧ ଭିକାରୀଟି ଅଧିକରୁ ଅଧିକ
ଚିତ୍କାର କରି କହିଲା, "ହେ ଦାଉଦଙ୍କ ପୁତ୍ର ଯୀଶୁ, ମୋ
ଉପରେ କୃପା କର।"

୪୯ଯୀଶୁ ଅଟକି ଗଲେ ଓ କହିଲେ, "ତାହାକୁ କୁହ
ମୋ ପାଖକୁ ଆସୁ।"

ଲୋକମାନେ ଅନ୍ଧ ଲୋକଟିକୁ ଡାକି କହିଲେ, "ସାହସ
ଧର, ଉଠ। ଯୀଶୁ ତୁମ୍ଭକୁ ଡାକୁଛନ୍ତି।" ୫୦ଅନ୍ଧ ଲୋକଟି
ତତ୍‌କ୍ଷଣାତ୍ ତା' ଚାଦରଟି ଫିଙ୍ଗି ଦେଲା ଓ ଡେଇଁ ପଡ଼ିଲା।
ସେ ଯୀଶୁଙ୍କ ନିକଟକୁ ଆସିଲା। ୫୧ଯୀଶୁ ଅନ୍ଧ ଲୋକଟିକୁ
ପଚାରିଲେ, "ମୁଁ ତୁମ୍ଭ ପାଇଁ କ'ଣ କରିବି ବୋଲି ତୁମ୍ଭେ
ଚାହୁଁଛ?" ଅନ୍ଧଟି ଉତ୍ତର ଦେଲା, "ଗୁରୁ, ମୁଁ ଦେଖିବାକୁ
ଚାହୁଁଛି।" ୫୨ଯୀଶୁ କହିଲେ, "ଯାଅ। ତୁମ୍ଭେ ଭଲ ହୋଇଗଲ,
କାରଣ ତୁମ୍ଭେ ବିଶ୍ୱାସ କଲ।" ତା'ପରେ ଲୋକଟି ସବୁ
କିଛି ଦେଖି ପାରିଲା ଓ ସେ ପଥରେ ଯୀଶୁଙ୍କୁ ଅନୁସରଣ
କଲା।

## ଯୀଶୁ ଜଣେ ରାଜା ଭଳି ଯିରୂଶାଲମରେ ପ୍ରବେଶ କଲେ

୧୧ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଯିରୂଶାଲମର
ନିକଟବର୍ତ୍ତୀ ହେଲେ। ସେମାନେ ଜୀତ-ପର୍ବତ
ପାଖ ବେଥ୍‌ଫାଗୀ ଓ ବେଥନିଆ ସହରରେ ପହଞ୍ଚିଲେ।
ଯୀଶୁ ନିଜ ଶିଷ୍ୟମାନଙ୍କ ଭିତରୁ ଦୁଇ ଜଣଙ୍କୁ ଏହା କହି
ପଠାଇଲେ, ୨“ଆଗରେ ଦେଖାଯାଉଥିବା ଗାଆଁକୁ ଯାଅ।
ଗାଁଆ ଭିତରେ ପ୍ରବେଶ କରିବା ମାତ୍ରେ ତୁମ୍ଭେମାନେ
ଗୋଟିଏ ଗଧଛୁଆ ବନ୍ଧା ହୋଇଥିବାର ଦେଖିବ। ସେହି
ଗଧ ଛୁଆ ଉପରେ କେହି ଏ ପର୍ଯ୍ୟନ୍ତ ଚଢ଼ି ନାହାଁନ୍ତି।
ତାକୁ ଖୋଲି ମୋ ପାଖକୁ ନେଇ ଆସ। ୩ଯଦି କୌଣସି
ଲୋକ ତୁମ୍ଭମାନଙ୍କୁ ଗଧଛୁଆକୁ କାହିଁକି ନେଇ ଯାଉଛ
ବୋଲି ପଚାରେ, ତେବେ ତୁମ୍ଭେମାନେ ତାହାକୁ କହିବ,
“ପ୍ରଭୁଙ୍କର ଏହାଠାରେ ଦରକାର ଅଛି। ତା’ ପରେ
ତାହାକୁ ଶୀଘ୍ର ଫେରାଇ ଦେବେ।”
୪ସେମାନେ ଚାଲିଗଲେ। ସେମାନେ ଗୋଟିଏ ଦ୍ୱାର
ପାଖ ଦାଣ୍ଡରେ ଏକ ଗଧଛୁଆକୁ ବନ୍ଧା ହୋଇଥିବାର
ଦେଖିଲେ। ସେମାନେ ତାହାକୁ ଖୋଲିଦେଲେ। ୫କେତେକ
ଲୋକ ସେଠାରେ ଠିଆ ହୋଇଥିଲେ। ସେମାନେ ଏହା
ଦେଖି ପଚାରିଲେ, “ତୁମ୍ଭେମାନେ ଏ ଗଧଛୁଆକୁ କାହିଁକି
ଖୋଲୁଛ?” ୬ଶିଷ୍ୟମାନଙ୍କୁ ଯୀଶୁ ଯାହା କହିବା ପାଇଁ
କହିଥିଲେ, ଶିଷ୍ୟମାନେ ଲୋକମାନଙ୍କୁ ତାହା କହିଲେ।
ତା’ପରେ ଲୋକମାନେ ଗଧଛୁଆ ସହ ସେମାନଙ୍କୁ ଛାଡ଼ିଦେଲେ।
୭ଶିଷ୍ୟମାନେ ଗଧକୁ ଯୀଶୁଙ୍କ ପାଖକୁ ଆଣିଲେ ଓ ଗଧ
ପିଠି ଉପରେ ନିଜ ଲୁଗା ପକାଇ ଦେଲେ। ଯୀଶୁ
ତା’ଉପରେ ବସିଲେ। ୮ଅନେକ ଲୋକ ଯୀଶୁଙ୍କ ପାଇଁ
ସେମାନଙ୍କ ଲୁଗା ରାସ୍ତାରେ ବିଛାଇ ଦେଲେ। ଅନ୍ୟମାନେ
ଡାଳ କାଟି ଆଣି ରାସ୍ତାରେ ବିଛାଇ ଦେଲେ। ୯କେତେକ
ଲୋକ ଯୀଶୁଙ୍କ ଆଗେ ଆଗେ ଯାଉଥିଲେ ଓ ଅନ୍ୟ
କେତେକ ତାହାଙ୍କ ପଛେ ପଛେ ଯାଉଥିଲେ। ସମସ୍ତେ
ପାଟି କରି କହୁଥିଲେ,

“ପ୍ରଶଂସା (ହୋଶାନ୍ନା*) ଗାନକର ପ୍ରଭୁଙ୍କ ନାମରେ
ଯେଉଁ ବ୍ୟକ୍ତି ଆସୁଛନ୍ତି, ସେ ଧନ୍ୟ।’
ଗୀତସଂହିତା ୧୧୮:୨୫-୨୬

୧୦ ଆମ୍ଭର ପିତା ଦାଉଦଙ୍କର ଆଗାମୀ ରାଜ୍ୟ ଧନ୍ୟ,
ସ୍ୱର୍ଗରେ ରହୁଥିବା ପରମ-ପିତା ହେଉଛନ୍ତି ଧନ୍ୟ।”

୧୧ଯୀଶୁ ଯିରୂଶାଲମ ଆସି ମନ୍ଦିର* ଭିତରେ ପ୍ରବେଶ
କଲେ। ଯୀଶୁ ମନ୍ଦିରରେ ପ୍ରତ୍ୟେକ ବିଷୟ ପ୍ରତି ଦୃଷ୍ଟି
ପକାଇଲେ। ସେତେବେଳେକୁ ବହୁତ ଡେରି ହୋଇ ଯାଇଥିଲା।
ତେଣୁ ଯୀଶୁ ବାରଜଣ ପ୍ରେରିତଙ୍କ ସହିତ ବେଥନିଆକୁ
ଚାଲିଗଲେ।
୧୨ତହିଁ ଆର ଦିନ ଯେତେବେଳେ ସେମାନେ ବେଥନିଆରୁ
ବାହାରୁଥିଲେ, ତାହାଙ୍କୁ ବହୁତ ଭୋକ ଲାଗିଲା। ୧୩ଯୀଶୁ
ପତ୍ରରେ ପରିପୂର୍ଣ୍ଣ ଗୋଟିଏ ଡିମ୍ବିରି-ଗଛ ଦେଖିଲେ। ଗଛରେ
କିଛି ଡିମ୍ବିରି ଫଳ ଥିବ ଭାବି ସେ ଗଛ ମୂଳକୁ ଗଲେ।
କିନ୍ତୁ ସେଠାରେ ପହଞ୍ଚି ସେ ଗଛରେ ଗୋଟିଏ ହେଲେ
ଡିମ୍ବିରି-ଫଳ ପାଇଲେ ନାହିଁ। ଗଛରେ ପତ୍ର ଛଡ଼ା ଆଉ
କିଛି ନ ଥିଲା। ଏହା ଡିମ୍ବିରି-ଫଳ ଆସିବା ଋତୁ ନ ଥିଲା।
୧୪ତେଣୁ ଯୀଶୁ ଗଛଟିକୁ କହିଲେ, “ଲୋକେ ତୁମ୍ଭର ଫଳ
ଆଉ ଏଣିକି କେବେହେଲେ ଖାଇବେ ନାହିଁ।” ଶିଷ୍ୟମାନେ
ଯୀଶୁଙ୍କର ଏହି କଥା ଶୁଣିଲେ।

## ଯୀଶୁଙ୍କର ମନ୍ଦିରରେ ପ୍ରବେଶ

୧୫ତା’ପରେ ସେ ଯିରୂଶାଲମକୁ ଗଲେ। ଯୀଶୁ ମନ୍ଦିରରେ
ପ୍ରବେଶ କଲାମାତ୍ରେ ସେଠାରେ କିଣା-ବିକା କରୁଥିବା
ଲୋକମାନଙ୍କୁ ବାହାରକୁ ତଡ଼ି ଦେବାକୁ ଲାଗିଲେ। ସେ
ବିଭିନ୍ନ ପ୍ରକାର ମୁଦ୍ରା ବିନିମୟ କରୁଥିବା ଲୋକଙ୍କ ମେଜ
ଓଲଟାଇ ଦେଲେ। ଯେଉଁମାନେ କପୋତ ବିକୁଥିଲେ
ସେମାନଙ୍କର ମେଜସବୁ ମଧ୍ୟ ସେ ଓଲଟାଇ ଦେଲେ।
୧୬ସେ ମଧ୍ୟ କାହାରିକୁ ମନ୍ଦିର ପରିସରରୁ କିଛି ହେଲେ
ନେଇ ଯିବାକୁ ଅନୁମତି ଦେଲେ ନାହିଁ। ୧୭ତା’ପରେ ସେ
ସେମାନଙ୍କୁ ଉପଦେଶ ଦେଇ କହିଲେ, “ଶାସ୍ତ୍ରରେ ଏ କଥା
ଲେଖା ଅଛି ଯେ ‘ମୋ ଘରକୁ ସବୁ ଜାତିର ଲୋକମାନଙ୍କ
ପାଇଁ ପ୍ରାର୍ଥନା ଘର କୁହାଯିବ।’* କିନ୍ତୁ ତୁମ୍ଭେମାନେ ତ
ତାକୁ ଚୋରମାନଙ୍କର ଆଶ୍ରୟ ସ୍ଥଳରେ ପରିଣତ କରି
ଦେଉଛ।’*
୧୮ପ୍ରଧାନଯାଜକ ଓ ଧର୍ମଯାଜକମାନେ ଏ କଥା ଶୁଣିଲେ।
ସେମାନେ ଯୀଶୁଙ୍କୁ ମାରିବା ପାଇଁ ବାଟ ଖୋଜିଲେ। କିନ୍ତୁ
ସେଠାରେ ଜମା ହୋଇଥିବା ସବୁ ଲୋକେ ଯୀଶୁଙ୍କ
ଉପଦେଶ ଶୁଣି ବିସ୍ମିତ ହୋଇଯାଇଥିବାରୁ ଧର୍ମଯାଜକମାନେ
ଯୀଶୁଙ୍କୁ ଡରି ଗଲେ। ୧୯ସନ୍ଧ୍ୟା ହୋଇଗଲା। ସନ୍ଧ୍ୟା
ହେବାରୁ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ନଗରରୁ ବାହାରି
ଚାଲିଗଲେ।

## ଯୀଶୁ ବିଶ୍ୱାସର ଶକ୍ତି ଦେଖାଇଲେ

୨୦ତା’ପର ଦିନ ସକାଳେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କ
ସହିତ ସେହି ଡିମ୍ବିରିଗଛ ଥିବା ବାଟ ଦେଇ ଆସିଲେ।
ସେମାନେ ଡିମ୍ବିରି ଗଛକୁ ମୂଳରୁ ଶୁଖି ମରି ଯାଇଥିବାର
ଦେଖିଲେ। ୨୧ସେତେବେଳେ ପିତର ଡିମ୍ବିରି ଗଛକୁ ମନେ
ପକାଇଲେ ଓ ଯୀଶୁଙ୍କୁ କହିଲେ, “ହେ ଗୁରୁ, ଦେଖ;
ଗତ କାଲି ତୁମ୍ଭେ ଯେଉଁ ଡିମ୍ବିରି ଗଛକୁ ଅଭିଶାପ
ଦେଇଥିଲ, ସେ ଗଛ ଆଜି ଶୁଖି ମରି ଯାଇଛି।”

---

**ହୋଶାନ୍ନା** ଏକ ଏବ୍ରିୟ ଶବ୍ଦ। ରକ୍ଷା କରିବା ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କଲାବେଳେ ପ୍ରଥମେ ଏହି ଶବ୍ଦର ପ୍ରୟୋଗ ହେଉଥିଲା। କିନ୍ତୁ ଏଠାରେ ପରମେଶ୍ୱର କିମ୍ବା ଖ୍ରୀଷ୍ଟଙ୍କୁ ପ୍ରଶଂସା କରି ଆନନ୍ଦ ଅଭିବ୍ୟକ୍ତ କରିବା ପାଇଁ ଏହି ଶବ୍ଦର ପ୍ରୟୋଗ କରା ଯାଇଛି।

**ମନ୍ଦିର** ଯିହୂଦୀ ମାନଙ୍କର ଉପାସନା ସ୍ଥଳ।

**‘ମୋ ଘରକୁ ... କୁହାଯିବ’** ଯିଶାଇୟ ୫୬:୭

**‘ମୋ ଘରକୁ ... କରି ଦେଉଛ’** ଯିରିମିୟ ୭:୧୧

²²ଯୀଶୁ ଉତ୍ତର ଦେଲେ, "ପରମେଶ୍ୱରଙ୍କଠାରେ ବଶ୍ୱାସ
ରଖ। ²³ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି: ଯଦ କେହ
ଲୋକ ଏହ ପର୍ବତକୁ କହବ, 'ତୁ ଉପୁଡ଼ ସମୁଦ୍ରରେ ଯାଇ
ପଡ଼ଯା,' ଏବଂ ଯଦ ଲୋକଟିର ମନରେ କୌଣସି ପ୍ରକାର
ସନ୍ଦେହ ନ ଥାଇ ବଶ୍ୱାସ କରବ ଯେ, ସେ ଯାହା କହଛି
ତାହା ଘଟିବ, ତେବେ ପରମେଶ୍ୱର ତା'ପାଇଁ ତାହା କର
ଦେବେ। ²⁴ଏଣୁ ମୁଁ ତୁମ୍ଭମାନଙ୍କୁ କହୁଛି ଯେ ତୁମ୍ଭେମାନେ
ପ୍ରାର୍ଥନା କଲାବେଳେ ଯାହା ମାଗୁଛ, ବଶ୍ୱାସ କର ଯେ,
ତାହା ତୁମ୍ଭକୁ ମିଳଯାଇଛି ତେବେ ପ୍ରକୃତରେ ତାହା ତୁମ୍ଭେ
ପାଇବ। ²⁵ତୁମ୍ଭେମାନେ ଯେତେବେଳେ ପ୍ରାର୍ଥନା କରବାକୁ
ଠିଆ ହୋଇଥିବ, ସେତେବେଳେ ଯଦ ତୁମ୍ଭମାନଙ୍କର ମନେ
ପଡ଼ଯାଏ ଯେ, ତୁମ୍ଭେମାନେ କାହାର ଉପରେ କୌଣସି
କାରଣରୁ ରଗିଛ, ତେବେ ସେହ ଲୋକକୁ କ୍ଷମା କର
ଦଅ। ତା'ହେଲେ ସ୍ୱର୍ଗରେ ରହୁଥିବା ତୁମ୍ଭମାନଙ୍କର ପରମ-ପିତା
ମଧ ତୁମ୍ଭମାନଙ୍କର ପାପ ଗୁଡ଼କୁ କ୍ଷମା କରଦେବେ।"
²⁶*

## ଯିହୂଦୀ ନେତାମାନଙ୍କର ସନ୍ଦେହ

²⁷ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ପୁଣି ଯିରୂଶାଲମକୁ
ଗଲେ। ଯୀଶୁ ମନ୍ଦିର ଭିତରେ ବୁଲୁଥିଲେ। ପ୍ରଧାନ ଯାଜକ
ଧର୍ମଶାସ୍ତ୍ରୀ ପ୍ରାଚୀନ ଓ ଯିହୂଦୀ ନେତାମାନେ ତାହାଙ୍କ
ପାଖକୁ ଆସିଲେ। ²⁸ସେମାନେ ଯୀଶୁଙ୍କୁ କହଲେ, "ଆମ୍ଭକୁ
କୁହ,କେଉଁ ଅଧିକାରରେ ତୁମ୍ଭେ ଏସବୁ କାମ କରୁଛ? ଏ
ସବୁ କରବାକୁ ତୁମ୍ଭକୁ କିଏ ଅଧିକାର ଦେଲା?"
²⁹ଯୀଶୁ ଉତ୍ତର ଦେଲେ, "ମୁଁ ତୁମ୍ଭମାନଙ୍କୁ ଗୋଟିଏ
ପ୍ରଶ୍ନ ପଚାରବ। ମୋ ପ୍ରଶ୍ନର ଉତ୍ତର ଦେଲେ ମୁଁ
ତୁମ୍ଭମାନଙ୍କୁ କହବ ଯେ କେଉଁ ଅଧିକାରରେ ମୁଁ ଏସବୁ
କାର୍ଯ୍ୟ କରୁଛି। ³⁰ମୋତେ କୁହ, ଯେତେବେଳେ ଯୋହନ
ଲୋକମାନଙ୍କୁ ବାପ୍ତିସ୍ମ ଦେଉଥିଲେ, ତାହା ପରମେଶ୍ୱରଙ୍କ
ଠାରୁ ଆସିଥିଲା ନା ମନୁଷ୍ୟଠାରୁ? ମୋର ପ୍ରଶ୍ନର ଉତ୍ତର
ଦଅ।"
³¹ଯିହୂଦୀ ନେତାମାନେ ଯୀଶୁଙ୍କ ପ୍ରଶ୍ନ ଉପରେ ଆଲୋଚନା
କଲେ। ସେମାନେ କୁହାକୁହ ହେଲେ, "ଆମ୍ଭେମାନେ ଯଦ
କହବା ଯେ, 'ଯୋହନଙ୍କ ବାପ୍ତିସ୍ମ ପରମେଶ୍ୱରଙ୍କ ଠାରୁ
ଆସିଥିଲା', ତେବେ ଯୀଶୁ କହବେ, 'ତେବେ ତୁମ୍ଭେମାନେ
ଯୋହନଙ୍କୁ କାହିଁକି ବଶ୍ୱାସ କଲ ନାହିଁ?' ³²କିନ୍ତୁ ଯଦ
ଆମ୍ଭେମାନେ କହବା, 'ଯୋହନଙ୍କ ବାପ୍ତିସ୍ମ ମନୁଷ୍ୟଠାରୁ
ଆସିଥିଲା ତେବେ ଲୋକମାନେ ଆମ୍ଭ ଉପରେ ରଗିଯିବେ।"
(ସେମାନେ ଲୋକମାନଙ୍କୁ ଖୁବ୍ ଡରୁଥିଲେ। କାରଣ ସବୁ
ଲୋକ ବଶ୍ୱାସ କରୁଥିଲେ ଯେ, ଯୋହନ ପ୍ରକୃତରେ ଜଣେ
ଭବଷ୍ୟଦ୍‌ବକ୍ତା)।

³³ଏଣୁ ସେମାନେ ଯୀଶୁଙ୍କୁ ଉତ୍ତର ଦେଲେ, "ଆମ୍ଭେମାନେ
ଜାଣିନାହୁଁ।"
ତେଣୁ ଯୀଶୁ ସେମାନଙ୍କୁ କହଲେ, "ତା'ହେଲେ ମୁଁ
ମଧ ତୁମ୍ଭମାନଙ୍କୁ କହବ ନାହିଁ ଯେ କେଉଁ ଅଧିକାରରେ
ମୁଁ ଏ ସବୁ କାର୍ଯ୍ୟ କରୁଛି।"

## ପରମେଶ୍ୱର ନଜ ପୁତ୍ରଙ୍କୁ ପଠାଇଲେ

**୧୨** ଯୀଶୁ ଦୃଷ୍ଟାନ୍ତ ମାଧ୍ୟମରେ ଲୋକମାନଙ୍କୁ ଶିକ୍ଷା
ଦେଲେ; ସେ କହଲେ, "ଜଣେ ଲୋକ ଗୋଟିଏ
ବଗିଚାରେ ଅଙ୍ଗୁର ଗଛ ଲଗାଇଲା। ବଗିଚା ଚାରପଟେ
ପାଚେରୀ କରଦେଲା। ଅଙ୍ଗୁର-ରସ ସଂଗ୍ରହ* କରବା
ପାଇଁ ଗୋଟିଏ କୁଣ୍ଡ ତିଆର କଲା। ସେ ପ୍ରହରୀଗୃହଟି
ମଧ ତିଆର କଲା। ସେ କେତେକ କୃଷକଙ୍କୁ ସେହ
ବଗିଚାକୁ ଭାଗରେ ଦେଲା, ତାପରେ ସେ ପରଭ୍ରମଣ
ଉଦ୍ଦେଶ୍ୟରେ ସେ ସ୍ଥାନ ଛାଡ଼ ଚାଲଗଲା। ²ପରେ ଯେତେବେଳେ
ଅଙ୍ଗୁର ତୋଳବା ବେଳ ଆସିଲା, ସେତେବେଳେ ସେ
ତାହାଙ୍କର ଜଣେ ଚାକରକୁ ଅଙ୍ଗୁରରୁ ତାହାଙ୍କର ନଜ ଭାଗ
ଆଣିବା ପାଇଁ କୃଷକମାନଙ୍କ ପାଖକୁ ପଠାଇଲା। ³କିନ୍ତୁ
କୃଷକମାନେ ଚାକରଟିକୁ ଧର ପ୍ରହାର କଲେ ଓ ତାକୁ
କିଛି ନ ଦେଇ ଘଉଡ଼େଇ ଦେଲେ। ⁴ତା'ପରେ ସେହ
ଲୋକଟି ଆଉ ଜଣେ ଚାକରକୁ ସେମାନଙ୍କ ପାଖକୁ
ପଠାଇଲା। ସେମାନେ ଏହ ଚାକରର ମୁଣ୍ଡକୁ ପିଟିଲେ ଓ
ତାକୁ ଅପମାନ ଦେଲେ। ⁵ତା'ପରେ ସେ ଆଉ ଜଣେ
ଚାକରକୁ ପଠାଇଲା। କୃଷକମାନେ ଏହ ଚାକରଟିକୁ ଜୀବନରେ
ମାରଦେଲେ। ସେ ଲୋକଟି ଆଉ ଅଧିକ ଚାକରଙ୍କୁ
ପଠାଇଲା,କିନ୍ତୁ କୃଷକମାନେ କେତେକଙ୍କୁ ପିଟିଲେ ଓ ଅନ୍ୟ
କେତେକଙ୍କୁ ଜୀବନରେ ମାରଦେଲେ।
⁶"ଲୋକଟି ପାଖରେ କୃଷକମାନଙ୍କ ପାଖକୁ ପଠାଇବା
ପାଇଁ ଆଉ ଜଣେ ମାତ୍ର ବାକ ଥିଲା। ସେ ଜଣକ ତାହାର
ପୁଅ। ସେହ ଲୋକଟି ପୁଅକୁ ଖୁବ୍ ଭଲ ପାଉଥିଲା। କିନ୍ତୁ
ସେ କୃଷକମାନଙ୍କ ପାଖକୁ ପୁଅକୁ ପଠାଇବାକୁ ସ୍ଥିର କଲା।
କାରଣ କୃଷକମାନଙ୍କ ପାଖକୁ ପଠାଇବା ପାଇଁ ପୁଅ ହିଁ
ଶେଷ ବ୍ୟକ୍ତି ଥିଲା। ସେ କହଲା, 'କୃଷକମାନେ ମୋର
ପୁଅକୁ ନଶ୍ଚୟ ସମ୍ମାନ ଦେବେ।'
⁷"କିନ୍ତୁ କୃଷକମାନେ କୁହାକୁହ ହେଲେ, 'ଏହ ଲୋକଟି
ବଗିଚା ମାଲକର ପୁଅ। ବଗିଚାର ସେ ଉତ୍ତରାଧିକାରୀ।
ଆମ୍ଭେମାନେ ତାକୁ ମାରଦେଲେ ବଗିଚାଟି ଆମ୍ଭର ହୋଇଯିବ'।
⁸ତେଣୁ କୃଷକମାନେ ମାଲକର ପୁଅକୁ ଧର ନେଇ
ଜୀବନରେ ମାରଦେଲେ ଓ ଅଙ୍ଗୁର ବଗିଚା ବାହାରକୁ
ଫିଙ୍ଗିଦେଲେ।
⁹"ଏବେ ଅଙ୍ଗୁର ବଗିଚାର ମାଲକ କ'ଣ କରବ? ସେ
ଆସି ସେହ କୃଷକମାନଙ୍କୁ ମାର ପକାଇବ ଓ ଅଙ୍ଗୁର

---

**ପଦସଂଖ୍ୟା ୨୬** କେତେକ ପ୍ରାଚୀନ ଗ୍ରୀକ ପ୍ରତିରେ ପଦସଂଖ୍ୟା ୨୬ର ପାଠ ଏହ ଭଳ ଦଆ ଯାଇଛି। "କିନ୍ତୁ ଯଦ ତୁମ୍ଭେମାନେ ଅନ୍ୟକୁ କ୍ଷମା କରବନାହିଁ ତେବେ ସ୍ୱର୍ଗରେ ରହୁଥିବା ତୁମ୍ଭମାନଙ୍କର ପରମପିତା ତୁମ୍ଭର ପାପ ଗୁଡ଼କୁ ମଧ କ୍ଷମା କରବେ ନାହିଁ।"

**ଅଙ୍ଗୁରରସ ସଂଗ୍ରହ** ମୂଳ ଶବ୍ଦ ୱାଇନ-ପ୍ରେସ। ଏହା ପଥରରେ ଖୋଳା ଯାଇଥିବା ଗୋଟିଏ ସ୍ଥାନ। ସେଥିରେ ଅଙ୍ଗୁରକୁ ଛେଚ ତାର ରସ ସଂଗ୍ରହ କରାଯାଏ।

ବଗିଚାକୁ ଅନ୍ୟ କୃଷକମାନଙ୍କୁ ଦେଇଦେବ। ୧୦ତୁମ୍ଭେମାନେ
କ'ଣ ଏହି ଶାସ୍ତ୍ର ପଢ଼ିନାହଁ?
"ଯେଉଁ ପଥରକୁ କାରିଗରମାନେ ଅଦରକାରୀ ମନେକଲେ,
ସେହି ପଥର

'କିନ୍ତୁ କୋଣର ପ୍ରଧାନ ମୂଳଦୁଆ ପଥର* ହୋଇଗଲା।
୧୧ ପ୍ରଭୁ ତାହା କଲେ ଏବଂ ଏହା ଆମ୍ଭ ପାଇଁ
ଆଶ୍ଚର୍ଯ୍ୟଜନକ।'" ଗୀତସଂହିତା ୧୧୮:୨୨-୨୩

୧୨ଏହି ଯିହୂଦୀନେତାମାନେ ଯୀଶୁଙ୍କ ଦୃଷ୍ଟାନ୍ତ ଶୁଣିଲେ।
ଏହା ସେମାନଙ୍କ ଉଦ୍ଦେଶ୍ୟରେ ଥିଲା ବୋଲି ସେମାନେ
ଜାଣି ପାରିଲେ। ତେଣୁ ଯୀଶୁଙ୍କୁ ବନ୍ଦୀ କରିବା ପାଇଁ
ସେମାନେ ଉପାୟ ଖୋଜି ବସିଲେ। କିନ୍ତୁ ସେମାନେ
ଲୋକମାନଙ୍କୁ ଭୟ କରୁଥିଲେ। ତେଣୁ ସେମାନେ ଯୀଶୁଙ୍କୁ
ଛାଡ଼ି ଚାଲିଗଲେ।

### ଯୀଶୁଙ୍କୁ ଫାନ୍ଦରେ ପକାଇବାକୁ ଯିହୂଦୀ ନେତାଙ୍କ ଚକ୍ରାନ୍ତ

୧୩ପରେ ଯିହୂଦୀ ନେତାମାନେ କେତେକ ଫାରୂଶୀ ଓ
ହେରୋଦୀୟମାନଙ୍କୁ ଯୀଶୁଙ୍କ ପାଖକୁ ପଠାଇଲେ। ସେମାନେ
ଯୀଶୁଙ୍କ ଭୁଲ ଧରି ଫାନ୍ଦରେ ପକାଇବାକୁ ଚାହୁଁଥିଲେ।
୧୪ଫାରୂଶୀ ଓ ହେରୋଦୀୟମାନେ ଯୀଶୁଙ୍କ ପାଖକୁ ଯାଇ
କହିଲେ, "ଗୁରୁ, ଆମ୍ଭେମାନେ ଜାଣିଛୁ ଯେ ତୁମ୍ଭେ ବହୁତ
ଭଲ ଲୋକ। ଅନ୍ୟମାନେ ତୁମ୍ଭ ବିଷୟରେ କ'ଣ ଭାବୁଛନ୍ତି,
ସେଥିପାଇଁ ତୁମ୍ଭେ କେବେ ଚିନ୍ତା କର ନାହିଁ। ସବୁ ଲୋକ
ତୁମ୍ଭ ପାଇଁ ସମାନ। ତୁମ୍ଭେ ପରମେଶ୍ୱର ଗ୍ରହୁଁଥିବା ଜୀବନର
ମାର୍ଗ ବିଷୟରେ ଠିକ୍ ଉପଦେଶ ଦେଉଛ। ଆମ୍ଭମାନଙ୍କୁ
କୁହ: କାଇସରଙ୍କୁ କର ଦେବାର ଉଚିତ୍ କି ନୁହେଁ?"
୧୫ଯୀଶୁ ସେମାନଙ୍କ ଚାଲବାଜି ବୁଝିଗଲେ। ସେ ସେମାନଙ୍କୁ
ପଚାରିଲେ, "ତୁମ୍ଭେମାନେ ମୋତେ ଭଲ କଥା କହି
କାହିଁକି ଫାନ୍ଦରେ ପକାଇବାକୁ ଚେଷ୍ଟା କରୁଛ? ମୋ
ପାଖକୁ ରୂପା ଟଙ୍କାଟିଏ ଆଣ, ମୁଁ ତାକୁ ଦେଖେ।"
୧୬ସେମାନେ ରୂପାଟଙ୍କାଟିଏ ନେଇ ଆସିଲେ। ଯୀଶୁ ସେମାନଙ୍କୁ
ପଚାରିଲେ, "ମୁଦ୍ରାଟି ଉପରେ କାହାର ଛବି ଅଙ୍କିତ
ହୋଇଛି? ତା ଉପରେ କାହାର ନାମ ଲେଖା ଯାଇଛି?"
ସେମାନେ କହିଲେ, "ଏହା କାଇସରଙ୍କ ଛବି ଓ କାଇସରଙ୍କ
ନାମ।"
୧୭ତା'ପରେ ଯୀଶୁ ସେମାନଙ୍କୁ କହିଲେ, "ଯାହା
କାଇସରଙ୍କର, ତାହା କାଇସରଙ୍କୁ ଦିଅ ଓ ଯାହା
ପରମେଶ୍ୱରଙ୍କର, ତାହା ପରମେଶ୍ୱରଙ୍କୁ ଦିଅ।" ଏହା ଶୁଣି
ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ।

### ଯୀଶୁଙ୍କୁ ଫାନ୍ଦରେ ପକାଇବାକୁ କେତେକ ସାଦ୍ଦୁକୀଙ୍କର ଚକ୍ରାନ୍ତ

୧୮ତା' ପରେ କେତେକ ସାଦ୍ଦୁକୀ ତାହାଙ୍କ ପାଖକୁ
ଆସିଲେ। ସାଦ୍ଦୁକୀମାନେ ଦାବୀ କରନ୍ତି ଯେ ମଣିଷ
ମୃତ୍ୟୁପରେ ପୁନରୁଥାନ ହେବ। ୧୯ସେମାନେ କହିଲେ,
"ଗୁରୁ, ମୋଶା ଆମ୍ଭମାନଙ୍କ ପାଇଁ ଲେଖିଛନ୍ତି ଯେ, ଯଦି
କୌଣସି ବିବାହିତ ଲୋକ ପିଲାପିଲି ନଥାଇ ମରି ଯାଏ
ତେବେ ତା'ର ଭାଇର ସେହି ସ୍ତ୍ରୀଟିକୁ ବିବାହ କରିବା
ଉଚିତ୍। ତା'ହେଲେ ସେହି ମୃତ ଭାଇଟି ପାଇଁ ବଂଶ ବୃଦ୍ଧି
କରିପାରିବ। ୨୦ଥରେ ସାତ ଭାଇ ଥିଲେ। ସବୁଠାରୁ ବଡ଼
ଭାଇ ବିବାହ କଲା। କିନ୍ତୁ କୌଣସି ପିଲାପିଲି ନଥାଇ ସେ
ମରିଗଲା। ୨୧ତେଣୁ ଦ୍ୱିତୀୟ ଭାଇ ସେ ସ୍ତ୍ରୀଟିକୁ ବିବାହ
କଲା। ସେ ମଧ୍ୟ କୌଣସି ପିଲାପିଲି ନ ଥାଇ ମରିଗଲା।
ତୃତୀୟ ଭାଇ ପ୍ରତି ମଧ୍ୟ ତାହା ଘଟିଲା। ୨୨ସାତ ଜଣ
ଭାଇ ସେହି ସ୍ତ୍ରୀ ଲୋକକୁ ଜଣକ ପରେ ଜଣେ ବିବାହ
କଲେ ଓ ଶେଷରେ ମରିଗଲେ। ସେମାନଙ୍କ ମଧ୍ୟରୁ
କାହାରି ହେଲେ କୌଣସି ପିଲାପିଲି ନଥିଲେ। ଶେଷରେ
ସେହି ସ୍ତ୍ରୀଟି ମଧ୍ୟ ମରିଗଲା। ୨୩କିନ୍ତୁ ସାତ ଭାଇଯାକ
ତାକୁ ବିବାହ କରିଥିଲେ। ତେବେ ପୁନରୁଥାନ ସମୟରେ,
ସେହି ସ୍ତ୍ରୀଟି କାହାର ପତ୍ନୀ ହେବ?"
୨୪ଯୀଶୁ କହିଲେ, "ସବୁ ଶାସ୍ତ୍ର କ'ଣ କହେ, ତାହା
ତୁମ୍ଭେମାନେ ଜାଣିନାହଁ କି ପରମେଶ୍ୱରଙ୍କ ଶକ୍ତି ବିଷୟରେ।
ତେଣୁ ତୁମ୍ଭେମାନେ ଭ୍ରମରେ ପଡ଼ିଥାଅ। ୨୫ଲୋକମାନେ
ଯେତେବେଳେ ମୃତ୍ୟୁରୁ ପୁନରୁଥାନ ହେବେ ସେତେବେଳେ
କୌଣସି ବିବାହ ହେବ ନାହିଁ। ସେମାନେ କେହି କାହାରିକୁ
ବିବାହ କରିବେନାହିଁ, ବରଂ ପ୍ରତ୍ୟେକେ ସ୍ୱର୍ଗଦୂତଙ୍କ ଭଳି
ହୋଇଯିବେ। ୨୬ପୁନରୁଥିତ ଲୋକଙ୍କ ବିଷୟରେ ତୁମ୍ଭେମାନେ
କ'ଣ ମୋଶାଙ୍କ ପୁସ୍ତକରେ ଲିଖିତ ବୁଦାବୃତ୍ତାନ୍ତଟି ପଢ଼ିନାହଁ?
ସେଥିରେ ପରମେଶ୍ୱର ମୋଶାଙ୍କୁ କହିଛନ୍ତି, 'ମୁଁ ଅବ୍ରାହାମଙ୍କ
ପରମେଶ୍ୱର, ଇସ୍ହାକର ପରମେଶ୍ୱର, ଯାକୁବର
ପରମେଶ୍ୱର'।* ୨୭ଯଦି ପରମେଶ୍ୱର କହିଛନ୍ତି ଯେ, ସେ
ସେମାନଙ୍କର ପରମେଶ୍ୱର, ତେବେ ପ୍ରକୃତରେ ଏ ଲୋକମାନେ
ମୃତ ନୁହଁନ୍ତି। କାରଣ ସେ ମୃତମାନଙ୍କର ପରମେଶ୍ୱର
ନୁହଁନ୍ତି। ବରଂ ସେ ଜୀବିତମାନଙ୍କର ପରମେଶ୍ୱର। ହେ
ସାଦ୍ଦୁକୀମାନେ, ତୁମ୍ଭେମାନେ ବଡ଼ ଭ୍ରମରେ ପଡ଼ିଛ।"

### କେଉଁ ଆଦେଶ ମହତ୍ତ୍ୱପୂର୍ଣ୍ଣ

୨୮ଜଣେ ଧର୍ମଶାସ୍ତ୍ରୀ ଯୀଶୁଙ୍କ ପାଖକୁ ଆସିଲେ। ସାଦ୍ଦୁକୀ
ଓ ଫାରୂଶୀମାନଙ୍କ ସହିତ ଯୀଶୁଙ୍କୁ ଯୁକ୍ତିତର୍କ କରୁଥିବାର
ସେ ଶୁଣିଲେ। ସେ ଦେଖିଲେ ଯେ, ଯୀଶୁ ସେମାନଙ୍କ
ପ୍ରଶ୍ନର ଯଥାର୍ଥ ଉତ୍ତର ଦେଇଛନ୍ତି। ତେଣୁ ସେ ଯୀଶୁଙ୍କୁ
ପଚାରିଲେ, "କେଉଁ ଆଦେଶଟି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ?"
୨୯ଯୀଶୁ ଉତ୍ତର ଦେଲେ, "ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଆଦେଶଟି
ଏହି ପ୍ରକାରର: 'ହେ ଇସ୍ରାୟେଲ, ଶୁଣ। ଆମ୍ଭ ପ୍ରଭୁ
ପରମେଶ୍ୱର ଏକମାତ୍ର ପ୍ରଭୁ। ୩୦ସମସ୍ତ ହୃଦୟରେ, ସମସ୍ତ
ଆତ୍ମାରେ, ସମସ୍ତ ମନରେ ଓ ସମସ୍ତ ଶକ୍ତିରେ ତୁମ୍ଭେ
ଆପଣା ପ୍ରଭୁ ପରମେଶ୍ୱରଙ୍କୁ ପ୍ରେମ କର।'* ୩୧ଦ୍ୱିତୀୟ

---

**କୋଣର ପ୍ରଧାନ ମୂଳଦୁଆ ପଥର** କୋଠା ଘରର ପ୍ରଥମ ଓ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପଥର।

**'ମୁଁ ଅବ୍ରାହାମ... ପରମେଶ୍ୱର'** ଯାତ୍ରା. ୩:୬

**'ହେ ଇସ୍ରାୟେଲ, ... ପ୍ରେମ କର'** ଦ୍ୱିତୀୟ ବିବରଣ ୬:୪-୫

ମହତ୍ତ୍ୱପୂର୍ଣ୍ଣ ଆଦେଶଟି ହେଉଛି ଏହି 'ପ୍ରକାରରେ: ତୁମ୍ଭେ
ନିଜକୁ ଯେପରି ପ୍ରେମ କର, ନିଜର ପଡ଼ୋଶୀକୁ ସେହିପରି
ପ୍ରେମ କର'*। ଏହି ଦୁଇଟି ଆଦେଶ ଛଡ଼ା ଆଉ ବଡ଼
ଆଦେଶ କିଛି ନାହିଁ।"
୩୨ଏହା ଶୁଣି ଧର୍ମଶାସ୍ତ୍ରୀ ଜଣକ କହିଲେ, "ଗୁରୁ, ପ୍ରଭୁ
ପରମେଶ୍ୱର ଯେ ଏକ ଓ ତାହାଙ୍କ ଛଡ଼ା ଆଉ ଅନ୍ୟ
କେହି ନାହିଁ, ଏହା ତୁମ୍ଭେ ଠିକ୍ କହିଛ। ୩୩ପ୍ରକୃତରେ
ଜଣେ ଲୋକକୁ ସମସ୍ତ ହୃଦୟ, ସମସ୍ତ ମନ ଓ ସମସ୍ତ
ଶକ୍ତି ଦେଇ ପରମେଶ୍ୱରଙ୍କୁ ପ୍ରେମ କରିବାକୁ ହେବ। ସେ
ଯେପରି ନିଜକୁ ଭଲ ପାଏ, ତାକୁ ଅନ୍ୟକୁ ମଧ୍ୟ ସେପରି
ଭଲ ପାଇବାକୁ ହେବ। ଆମ୍ଭେ ପରମେଶ୍ୱରଙ୍କୁ ଯେତେ
ପଶୁ ବଳି ଓ ଉତ୍ସର୍ଗ ଦାନ ଅର୍ପଣ କରୁ, ସେହି
ଗୁଡ଼ିକଠାରୁ ଏହି ଦୁଇଟି ଆଦେଶ ଅଧିକ ମହତ୍ତ୍ୱପୂର୍ଣ୍ଣ।"
୩୪ଯୀଶୁ ଦେଖିଲେ ଯେ ଲୋକଟି ବୁଦ୍ଧି-ବିଚାର ଜ୍ଞାନୀ
ଭଳି ଉତ୍ତର ଦେଇଛି। ସେ ତାହାକୁ କହିଲେ, "ତୁମ୍ଭେ
ପରମେଶ୍ୱରଙ୍କ ରାଜ୍ୟଠାରୁ ଦୂରରେ ନାହିଁ।" ଏହା ପରେ
ଆଉ କେହି ହେଲେ ଯୀଶୁଙ୍କୁ କୌଣସି ଅଧିକ ପ୍ରଶ୍ନ
ପଚାରିବାକୁ ସାହସ କଲେ ନାହିଁ।
୩୫ଯୀଶୁ ମନ୍ଦିରରେ ଉପଦେଶ ଦେଲାବେଳେ ପଚାରିଲେ,
"ଧର୍ମ-ଶାସ୍ତ୍ରୀମାନେ କିପରି କହୁଛନ୍ତି ଯେ ଖ୍ରୀଷ୍ଟ ଦାଉଦଙ୍କ
ପୁତ୍ର? ୩୬ସ୍ୱୟଂ ଦାଉଦ ପବିତ୍ର ଆତ୍ମାଙ୍କ ସାହାଯ୍ୟରେ
କହିଥିଲେ;

> 'ପ୍ରଭୁ ପରମେଶ୍ୱର ମୋର ପ୍ରଭୁଙ୍କୁ (ଖ୍ରୀଷ୍ଟ) କହିଥିଲେ:
> ତୁମ୍ଭେ ମୋ ପାଖରେ, ମୋହର ଡାହାଣ ପଟେ
> ବସ। ମୁଁ ତୁମ୍ଭର ଶତ୍ରୁମାନଙ୍କୁ ତୁମ୍ଭର ଅଧୀନକୁ
> ନେଇ ଆସିବି।' ଗୀତସଂହିତା ୧୧୦:୧

୩୭ଦାଉଦ ନିଜେ ଖ୍ରୀଷ୍ଟଙ୍କୁ 'ପ୍ରଭୁ' ବୋଲି କହିଥିଲେ।
ତେବେ ଖ୍ରୀଷ୍ଟ କିଭଳି ଦାଉଦଙ୍କ ପୁତ୍ର ହୋଇ ପାରିବେ?"
ଜମା ହୋଇଥିବା ଲୋକମାନେ ଯୀଶୁଙ୍କ ଉପଦେଶ ଖୁସି
ମନରେ ଶୁଣୁଥିଲେ।
୩୮ଯୀଶୁ ଶିକ୍ଷା ଦେଇ ଚାଲିଥିଲେ। ସେ କହିଲେ,
"ଧର୍ମଶାସ୍ତ୍ରୀଙ୍କଠାରୁ ସାବଧାନ ରୁହ। ସେମାନେ ଲମ୍ବା ଲମ୍ବା
ରାଜକୀୟ ପୋଷାକ ପିନ୍ଧି ଏଣେ ତେଣେ ବୁଲିବାକୁ ଭଲ
ପାଆନ୍ତି। ସେମାନେ ଭଲ ପାଆନ୍ତି ଯେ, ଲୋକେ ତାହାଙ୍କୁ
ହାଟ-ବଜାରରେ ସମ୍ମାନ ଦେଖାନ୍ତୁ। ୩୯ପ୍ରାର୍ଥନା-ଗୃହରେ
ସେମାନେ ମହତ୍ତ୍ୱପୂର୍ଣ୍ଣ ଆସନରେ ବସିବାକୁ ଭଲପାଆନ୍ତି।
ଭୋଜିରେ ସେମାନେ, ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ପାଇବାକୁ
ଭଲପାଆନ୍ତି। ୪୦ସେମାନେ ବିଧବାମାନଙ୍କ ପ୍ରତି ଅତ୍ୟନ୍ତ
ନୀଚ ବ୍ୟବହାର ଦେଖାନ୍ତି। ସେମାନେ ବିଧବାମାନଙ୍କର
ସମ୍ପତ୍ତି ଅପହରଣ କରି ନିଅନ୍ତି। ଭଲ ଦେଖେଇ ହେବା
ପାଇଁ ସେମାନେ ଲମ୍ବା ପ୍ରାର୍ଥନା କରନ୍ତି। ଏଭଳି ଲୋକମାନଙ୍କୁ
ପରମେଶ୍ୱର କଠିନ ଶାସ୍ତି ଦେବେ।"

### ଏକ ବିଧବାର ପ୍ରକୃତ ଦାନ

୪୧ଯୀଶୁ ମନ୍ଦିରର ଦାନ ବାକ୍ସ ପାଖରେ ବସିଥିଲେ।
ଲୋକମାନେ କିଭଳି ଭାବରେ ଦାନ-ବାକ୍ସରେ ଟଙ୍କା ଭର୍ତ୍ତି
କରୁଛନ୍ତି, ତାହା ସେ ଲକ୍ଷ୍ୟ କରୁଥିଲେ। ବହୁତ ଧନୀ
ଲୋକ ଦାନ-ବାକ୍ସରେ ପ୍ରଚୁର ଟଙ୍କା ପକାଉଥିଲେ। ୪୨ପରେ
ଗରୀବ ବିଧବାଟିଏ ସେଠାକୁ ଆସିଲା ଓ ସେଥିରେ ସେ
ମାତ୍ର ଦୁଇଟି ତମ୍ବା-ମୁଦ୍ରା ପକେଇଲା। ଏହି ମୁଦ୍ରା ଦୁଇଟିର
ମୂଲ୍ୟ ପଇସାଟିଏ ସାଙ୍ଗରେ ବି ସମାନ ନୁହେଁ।
୪୩ତା'ପରେ ଯୀଶୁ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକି
କହିଲେ, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି, ଏହି ସମସ୍ତ
ଧନୀ ଲୋକମାନେ ଦେଇଥିବା ଦାନଠାରୁ ଏହି ଗରିବ
ବିଧବାଟି ପ୍ରକୃତରେ ବହୁତ ଅଧିକ ଦେଇଛି। ୪୪କାରଣ
ଧନୀ ଲୋକମାନଙ୍କ ପାଖରେ ପ୍ରଚୁର ଅଛି। ସେମାନେ
ତାହାଙ୍କର ଦରକାର ନଥିବା ବଳକା ଅର୍ଥରୁ ହିଁ ଧନ
ଦେଇଛନ୍ତି। କିନ୍ତୁ ଏହି ବିଧବାଟି ବହୁତ ଗରିବ। ଏହି
ଗରିବଟି ନିକଟରେ ଯାହା ଥିଲା; ସେ ସବୁତକ ଦାନ-ସ୍ୱରୂପ
ଦେଇ ଦେଇଛି। ତାର ଚଳିବା ପାଇଁ ସେତିକି ମାତ୍ର
ସମ୍ବଳ ଥିଲା।"

### ମନ୍ଦିର-ଧ୍ୱଂସ ସମ୍ପର୍କରେ ଯୀଶୁଙ୍କ ଭବିଷ୍ୟଦ୍‌ବାଣୀ

୧୩ ଯୀଶୁ ମନ୍ଦିର ମଧ୍ୟରୁ ବାହାରି ଯାଉଥିବା ସମୟରେ
ତାହାଙ୍କର ଜଣେ ଶିଷ୍ୟ ତାହାଙ୍କୁ କହିଲା,
"ଗୁରୁ, ଦେଖନ୍ତୁ, ଏ ମନ୍ଦିରର ସୁନ୍ଦର ଭବନ ଗୁଡ଼ିକ ଓ
ତାର ବିଶାଳ ପଥର ଗୁଡ଼ିକ କେତେ ସୁନ୍ଦର ହୋଇଛି।"
୨ଯୀଶୁ କହିଲେ, "ତୁମ୍ଭେ ଏହି ବିଶାଳ ଭବନଗୁଡ଼ିକ
ଦେଖୁଛ? ଏହି ସମସ୍ତ ଭବନ ଧ୍ୱଂସ ପାଇଯିବ। ସବୁତକ
ପଥର ଭୂମି ଉପରେ ଓଜାଡ଼ି ହୋଇ ପଡ଼ିବ। ଗୋଟିଏ
ହେଲେ ପଥର ଅନ୍ୟ ପଥର ଉପରେ ରହି ପାରିବନାହିଁ।"
୩ପରେ ଯୀଶୁ ମନ୍ଦିର ସାମନାରେ ଥିବା ଜୀତ ପର୍ବତ*
ଉପରେ ବସିଥିଲେ। ତାହାଙ୍କ ସହିତ ପିତର, ଯାକୁବ,
ଯୋହନ ଓ ଆନ୍ଦ୍ରିୟ ଥିଲେ। ସେମାନେ ଯୀଶୁଙ୍କୁ ବ୍ୟକ୍ତିଗତଭାବେ
ପଚାରିଲେ, ୪"ଏ ସବୁ କେବେ ଘଟିବ, ଆମ୍ଭକୁ କୁହ? ଏ
ସବୁ ଘଟିବା ସମୟ ହୋଇଗଲା ବୋଲି, କଣକଣ ଚିହ୍ନ
ମାନ ଦେଖା ଯିବ?"
୫ଯୀଶୁ ଶିଷ୍ୟମାନଙ୍କୁ କହିଲେ। "ସାବଧାନ। ତୁମ୍ଭକୁ
କେହି ଯେପରି ପ୍ରତାରଣା କରି ନ ପାରେ। ୬ଅନେକ
ଲୋକ ଆସିବେ ଏବଂ ସେମାନେ ମୋର ନାମ ବ୍ୟବହାର
କରିବେ। ସେମାନେ ଦାବି କରିବେ, 'ମୁଁ ସେହି'। ସେମାନେ
ବହୁତ ଲୋକଙ୍କୁ ପ୍ରତାରଣା କରିବେ। ୭ତୁମ୍ଭେ ଯୁଦ୍ଧ
ବିଷୟରେ କମ୍ବା ଯୁଦ୍ଧ ଚାଲିଥିବା ବିଷୟରେ ଉଡ଼ା ଖବର
ଶୁଣି ଭୟଭୀତ ହୋଇ ଯିବନାହିଁ। ଅନ୍ତିମକାଳ ଆସିବା
ପୂର୍ବରୁ ଏସବୁ ଘଟଣା ନିଶ୍ଚୟ ଘଟିବ। ୮ଗୋଟିଏ ଜାତି
ଅନ୍ୟ ଜାତି ବିରୋଧରେ, ଗୋଟିଏ ରାଜ୍ୟ ଅନ୍ୟ ରାଜ୍ୟ
ବିରୋଧରେ ଲଢେଇ କରିବ। ବହୁତ ସ୍ଥାନରେ ଭୂମିକମ୍ପ

---

**'ତୁମ୍ଭେ ... ପ୍ରେମ କର'** ଲେବୀୟ ୧୯:୧୮

**ଜୀତ ପର୍ବତ** ଯିରୁଶାଲମର ପୂର୍ବରେ ଥିବା ଏକ ପର୍ବତ,
ଯେଉଁଠାରୁ ମନ୍ଦିର ଚୂଳ ଦେଖି ହେବ।

ହେବ। ଲୋକଙ୍କୁ ଖାଇବାକୁ ମିଳିବନାହିଁ। ଏହା ସବୁ
କୌଣସି ନୂତନ ଶିଶୁର ଜନ୍ମ ପୂର୍ବର ପ୍ରସବ ବେଦନା
ଭଳି।

୯ “ତୁମ୍ଭେମାନେ ସତର୍କ ରହିବ। ଲୋକମାନେ ତୁମ୍ଭମାନଙ୍କୁ
ବନ୍ଦୀକରି ବିଚାରାଳୟରେ ସମର୍ପି ଦେବେ। ସେମାନେ
ତୁମ୍ଭମାନଙ୍କୁ ସେମାନଙ୍କର ପ୍ରାର୍ଥନାଗୃହ ଗୁଡ଼ିକରେ ପିଟିବେ।
ମୋର ଶିଷ୍ୟ ହୋଇଥିବା ଯୋଗୁ ତୁମ୍ଭମାନଙ୍କୁ ଶାସକ ଓ
ରାଜାମାନଙ୍କ ଆଗରେ ଠିଆ ହେବାକୁ ବାଧ୍ୟ କରାଯିବ।
ତୁମ୍ଭେମାନେ ମୋ ବିଷୟରେ ପ୍ରମାଣ ଦେବ। ୧୦ କିନ୍ତୁ
ଏସବୁ ଘଟଣା ଘଟିବା ପୂର୍ବରୁ ସବୁ ଜାତିର ଲୋକଙ୍କଠାରେ
ସୁସମାଚାର* ପ୍ରକାଶ୍ୟରେ ପ୍ରଚାରିତ କରାହେବ। ୧୧ ସେମାନେ
ତୁମ୍ଭମାନଙ୍କୁ ବନ୍ଦୀକରି ତୁମ୍ଭମାନଙ୍କୁ ଜେରା କରିବେ। ସେମାନେ
ତୁମ୍ଭମାନଙ୍କୁ ବିଚାର ପାଇଁ ଯଦି ନିଅନ୍ତି, ତେବେ ତୁମ୍ଭେ
ସେଠାରେ କ’ଣ କହିବ, ସେ ବିଷୟରେ ଆଗରୁ କେବେହେଲେ
ଚିନ୍ତା କର ନାହିଁ। ସେ ସମୟରେ ତୁମ୍ଭକୁ ପରମେଶ୍ୱର
ଯାହା କିଛି କହିବା ପାଇଁ ଦେବେ, ତୁମ୍ଭେ ତାହା କହିବ,
କାରଣ ସେତେବେଳେ ପ୍ରକୃତରେ ତୁମ୍ଭେ କଥା କହିବ
ନାହିଁ ମାତ୍ର ପବିତ୍ରଆତ୍ମା କଥା କହିବେ।

୧୨ “ଭାଇ, ଭାଇକୁ ମରଣ ମୁହଁକୁ ଠେଲି ଦେବ। ବାପା
ତା’ ସନ୍ତାନକୁ ମରିବା ପାଇଁ ଦେଇ ଦେବ। ପିଲାମାନେ
ବାପାମାଆଙ୍କ ବିରୁଦ୍ଧରେ ଠିଆହେବେ ଓ ସେମାନଙ୍କୁ ମାରି
ଦେବେ। ୧୩ ତୁମ୍ଭେମାନେ ମୋର ଶିଷ୍ୟ ହୋଇଥିବା ଯୋଗୁ
ସମସ୍ତେ ତୁମ୍ଭମାନଙ୍କୁ ଘୃଣା କରିବେ। କିନ୍ତୁ ଯେଉଁ ଲୋକ
ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଦୃଢ଼ ହୋଇ ରହିବ, ସେ
ରକ୍ଷା ପାଇବ।

୧୪ “ତୁମ୍ଭେମାନେ, ‘ଧ୍ୱଂସ ଘଟାଉଥିବା ଭୟଙ୍କର ବସ୍ତୁକୁ’*
ଯେଉଁଠାରେ ନ ରହିବା ଉଚିତ୍, ସେହି ସ୍ଥାନରେ ଥିବାର
ଦେଖିବ।” (ଯେଉଁମାନେ ଏହା ପଢ଼ିବେ, ସେମାନେ ବୁଝିନେବା
ଉଚିତ୍ ଯେ ଏହାର ଅର୍ଥ କ’ଣ?) “ସେତେବେଳେ
ଯିହୂଦାର ଲୋକମାନେ ପାହାଡ଼ ଉପରକୁ ପଳେଇବା ଉଚିତ।
୧୫ ଯେଉଁ ଲୋକ ଘରର ଛାତ ଉପରେ ଥିବ, ସେ ଘର
ଭିତରକୁ ଯାଇ କିଛି ହେଲେ ପାଇବାକୁ ତଳକୁ ନ
ଆସିବା ଉଚିତ। ୧୬ ଯଦିକେହି ବାହାରେ ପଡ଼ିଆରେ ଥାଏ,
ସେ ନିଜ ଚାଦର ଆଣିବା ପାଇଁ ଘରକୁ ଫେରି ନ ଯାଉ।

୧୭ ସେହି ସମୟ ଗର୍ଭବତୀ ମହିଳା ଓ କୋଳରେ
ଛୋଟ ପିଲାଥିବା ମହିଳାମାନଙ୍କ ପାଇଁ ବହୁତ ଶୋଚନୀୟ
ହେବ। ୧୮ ପ୍ରାର୍ଥନା କର, ଯେପରି ଏ ସବୁ ଶୀତ ଦିନରେ
ନ ହୁଏ। ୧୯ କାରଣ ସେହି ଦିନ ଗୁଡ଼ିକ ବିପଦରେ
ପରିପୂର୍ଣ୍ଣ ରହିବ। ସେତେବେଳେ ଏତେ ବଡ଼ ବିପଦ ମାଡ଼ି
ଆସିବ ଯେ ସେଭଳି ବଡ଼ ବିପଦ ପରମେଶ୍ୱରଙ୍କ ସୃଷ୍ଟି
ରଚନା କାଳରୁ ଆଜି ପର୍ଯ୍ୟନ୍ତ କେବେ ଆସି ନାହିଁ କି
ଭବିଷ୍ୟତରେ କେବେ ଆସିବ ନାହିଁ। ୨୦ ସେହି ଭୟଙ୍କର
ସମୟକୁ କମେଇ ଦେବା ପାଇଁ ପରମେଶ୍ୱର ସ୍ଥିର କରିଛନ୍ତି।
ଯଦି ସେହି ସମୟ କମେଇ ଦିଆ ନ ଯିବ, ତେବେ
କେହି ବଞ୍ଚି ରହି ପାରିବେ ନାହିଁ। କିନ୍ତୁ ପରମେଶ୍ୱର
ଯେଉଁମାନଙ୍କୁ ବାଛିଛନ୍ତି, କେବଳ ସେହିମାନଙ୍କ ପାଇଁ ସେହି
ସମୟ କମେଇ ଦେବେ। ୨୧ ସେହି ଦିନମାନଙ୍କରେ କେତେକ
ଲୋକ ତୁମ୍ଭମାନଙ୍କୁ କହି ପାରନ୍ତି ଯେ, ‘ଦେଖ ଏଠାରେ
ଯୀଶୁ ଅଛନ୍ତି’ କିମ୍ବା ‘ଦେଖ ସେଠାରେ ସେ ଅଛନ୍ତି’।
ତୁମ୍ଭେ କିନ୍ତୁ ସେମାନଙ୍କୁ ବିଶ୍ୱାସ କରିବ ନାହିଁ। ୨୨ ଭଣ୍ଡ
ଖ୍ରୀଷ୍ଟ ଓ ଭଣ୍ଡ ଭବିଷ୍ୟଦ୍‌ବକ୍ତାମାନେ ଦେଖାଦେବେ। ସେମାନେ
ଅଦ୍‌ଭୁତ କାମ ଓ ଆଶ୍ଚର୍ଯ୍ୟକାର୍ଯ୍ୟ କରିବେ। ସମ୍ଭବ
ହେଲେ, ପରମେଶ୍ୱର ବାଛିଥିବା ଲୋକମାନଙ୍କୁ ସେମାନେ
ପ୍ରତାରଣା କରିବା ପାଇଁ ଚେଷ୍ଟା କରିବେ। ୨୩ ତେଣୁ
ସାବଧାନ ରହିବ। ଏ ସବୁ ଘଟିବାର ଯଥେଷ୍ଟ ପୂର୍ବରୁ ମୁଁ
ତୁମ୍ଭମାନଙ୍କୁ ଚେତେଇ ଦେଉଛି।

୨୪ “ସେହି ଦିନମାନଙ୍କରେ ଏହି ବଡ଼ ବିପଦର ସମୟ
ଚାଲି ଗଲାପରେ

‘ସୂର୍ଯ୍ୟ ସଂପୂର୍ଣ୍ଣ ଅନ୍ଧକାରମୟ ହୋଇଯିବ, ଚନ୍ଦ୍ର ତାର
ଆଲୋକ ଦେବନାହିଁ।
୨୫ ଆକାଶରୁ ତାରାମାନେ ଖସି ପଡ଼ିବେ, ଆକାଶରେ
ନକ୍ଷେତ୍ର ମଣ୍ଡଳର ମହାଶକ୍ତିଗୁଡ଼ିକ ଦୋହଲି ଯିବେ।’
ଯିଶାଇୟ ୧୩:୧୦; ୩୪:୪

୨୬ “ସେତେବେଳେ ଲୋକେ ମନୁଷ୍ୟପୁତ୍ରଙ୍କୁ ମହାଶକ୍ତି ଓ
ମହିମା ସହିତ ମେଘମାଳା ମଧ୍ୟରେ ଆସିବାର ଦେଖିବେ।
୨୭ ମନୁଷ୍ୟପୁତ୍ର ପୃଥିବୀର ଚାରି ଆଡ଼କୁ ତାହାଙ୍କ ସ୍ୱର୍ଗ-ଦୂତମାନଙ୍କୁ
ପଠାଇବେ। ସେମାନେ ତାହାଙ୍କ ଦ୍ୱାରା ବଛା ଯାଇଥିବା
ଲୋକଙ୍କୁ ପୃଥିବୀର ପ୍ରତ୍ୟେକ ସ୍ଥାନରୁ ଆଣି ଏକାଠି
କରାଇବେ।

୨୮ “ଡିମ୍ବିରି ଗଛ ଆମ୍ଭକୁ ଗୋଟିଏ ଶିକ୍ଷା ଦିଏ। ଯେତେବେଳେ
ଡିମ୍ବିରି ଗଛର ଡାଳ ଗୁଡ଼ିକ ଶାଗୁଆ ଓ ନରମ ପଡ଼ିଯାଏ
ଏବଂ ନୂଆ ପତ୍ର କଅଁଳିବାକୁ ଆରମ୍ଭ କରେ, ସେତେବେଳେ
ତୁମ୍ଭେମାନେ ଜାଣି ପାର ଯେ ଗ୍ରୀଷ୍ମ ଋତୁ ପାଖେଇ
ଗଲାଣି। ୨୯ ମୁଁ ତୁମ୍ଭକୁ ଯାହା କହିଲି, ଠିକ୍ ତାହା ଏହିପରି
ଘଟିବ। ତୁମ୍ଭେମାନେ ଯେତେବେଳେ ଏହିଭଳି ସବୁ ଘଟିବାର
ଦେଖିବ, ସେତେବେଳେ ବୁଝ ଯେ ‘ସେହି ସମୟ’*
ନିକଟରେ ଆସି ପହଞ୍ଚିଗଲାଣି। ୩୦ ମୁଁ ତୁମ୍ଭକୁ ସତ୍ୟ
କହୁଛି। ଏହି ପିଢ଼ୀର ଲୋକେ ବଞ୍ଚିଥିବା ସମୟରେ ହିଁ
ଏସବୁ ଘଟଣା ଘଟିବ। ୩୧ ପୃଥିବୀ ଓ ଆକାଶ ନଷ୍ଟ

---

**ସୁସମାଚାର** ସୁସମାଚାର ଅଭିପ୍ରାୟ ହେଉଛି, ପରମେଶ୍ୱର ଖ୍ରୀଷ୍ଟଙ୍କ ମାଧ୍ୟମରେ ଗୋଟିଏ ମାର୍ଗ ପ୍ରସ୍ତୁତ କରିଛନ୍ତି ଏହା ଲୋକମାନଙ୍କୁ ଜଣାଇବା। ତାହା ଦ୍ୱାରା ଲୋକମାନଙ୍କୁ ସେମାନଙ୍କ ପାପ ପାଇଁ କ୍ଷମା ମିଳିବ ଏବଂ ସେମାନେ ପରମେଶ୍ୱରଙ୍କ ସହିତ ରହିବେ। ଯେଉଁଲୋକ ଏହି ମୃତ୍ୟୁକୁ ସ୍ୱୀକାର କରେ, ପରମେଶ୍ୱର ମଧ୍ୟ ତାକୁ ସ୍ୱୀକାର କରନ୍ତି।

**‘ଧ୍ୱଂସ … ବସ୍ତୁକୁ’** ଦାନିଏଲ ୯:୨୭; ୧୨:୧୧

**‘ସେହି ସମୟ’** ଏଠାରେ ଯୀଶୁ ଯେଉଁ ସମୟ ବିଷୟରେ ଚର୍ଚ୍ଚା କରୁଛନ୍ତି, ସେହି ସମୟ ହେଉଛି, ଯେତେବେଳେ କୌଣସି ମହତ୍ତ୍ୱପୂର୍ଣ୍ଣ ଘଟଣା ଘଟିବ। ‘ଲୂକଲିଖିତ ସୁସମାଚାର’ (୨୧:୩୧)ରେ ଯୀଶୁ କହିଲେ ଯେ ତାହାହିଁ ହେଉଛି ପରମେଶ୍ୱରଙ୍କ ରାଜ୍ୟର ଆସିବା ସମୟ।

ହୋଇଯିବ, କିନ୍ତୁ ମୋ କହିଥିବା ବାକ୍ୟ କେବେହେଲେ
ନଷ୍ଟ ହେବନାହିଁ।
୩୨"ସେହି ଦିନ ବା ସେହି ସମୟ ବିଷୟରେ କାହାରିକୁ
କିଛି ଜଣାନାହିଁ। ସ୍ୱର୍ଗଦୂତ ବା ମନୁଷ୍ୟପୁତ୍ର କେହି କିଛି
ଜାଣନ୍ତିନାହିଁ। କେବଳ ଏକଥା ପରମପିତା ପରମେଶ୍ୱର
ଜାଣନ୍ତି। ୩୩ସାବଧାନ; ସଦାବେଳେ ପ୍ରସ୍ତୁତ ରୁହ। କାରଣ
ସେ ସମୟ କେତେବେଳେ ପହଞ୍ଚିବ, ତାହା ତୁମ୍ଭେମାନେ
ଜାଣିନାହିଁ। ୩୪ଏହା ଏହିଭଳି ଘଟଣା, ଯେପରି ଜଣେ
ବ୍ୟକ୍ତି କୌଣସି ସ୍ଥାନକୁ ଯାତ୍ରା କଲାବେଳେ ଚାକରମାନଙ୍କ
ଉପରେ ନିଜ ଘରର ଦାୟିତ୍ୱ ଛାଡ଼ି ଦେଇଯାଏ ଓ
ପ୍ରତ୍ୟେକ ଚାକରକୁ ତାର ନିର୍ଦ୍ଦିଷ୍ଟ କାମ ଦେଇଥାଏ ଏବଂ
ଦ୍ୱାର-ପାଳକକୁ ସଦାବେଳେ ପ୍ରସ୍ତୁତ ହୋଇ ରହିବାକୁ
ଆଦେଶ ଦେଇଥାଏ। ୩୫ଏଣୁ ତୁମ୍ଭେମାନେ ମଧ୍ୟ ସର୍ବଦା
ପ୍ରସ୍ତୁତ ହୋଇ ରୁହ। କାରଣ ତୁମ୍ଭେ ଜାଣି ନାହିଁ, ଘରର
ମାଲିକ କେତେବେଳେ ଯେ ଆସି ପହଞ୍ଚିଯିବେ। ସନ୍ଧ୍ୟାବେଳେ,
ଅଧରାତିରେ, ପାହାନ୍ତିଆରେ ବା ସକାଳେ, କୌଣସି ସମୟରେ
ସେ ଆସି ପାରନ୍ତି। ୩୬ସେ ଖୁବ୍ ଶୀଘ୍ର ମଧ୍ୟ ଆସି ଯାଇ
ପାରନ୍ତି। ତୁମ୍ଭେ ଯଦି ସର୍ବଦା ପ୍ରସ୍ତୁତ ଥିବ, ତେବେ ସେ
ତୁମ୍ଭକୁ କଦାପି ଶୋଇଥିବା ଅବସ୍ଥାରେ ଦେଖି ପାରିବେନାହିଁ।
୩୭ମୁଁ ତୁମ୍ଭକୁ ଯାହା କହୁଛି, ସମସ୍ତଙ୍କୁ ସେହି ଏକା କଥା
କହୁଛି ଯେ ସର୍ବଦା ପ୍ରସ୍ତୁତ ରୁହ।"

## ଯୀଶୁଙ୍କୁ ମାରିଦେବା ପାଇଁ ଯିହୂଦୀ ନେତାଙ୍କ ଯୋଜନା

୧୪ ନିସ୍ତାର ପର୍ବ ଓ ଖମୀର ଶୂନ୍ୟ ରୋଟୀପର୍ବ
ଆଉ ଦୁଇ ଦିନ ବାକି ଥିଲା। ପ୍ରଧାନ ଯାଜକ
ଓ ଯିହୂଦୀ ଧର୍ମଶାସ୍ତ୍ରୀମାନେ ଯୀଶୁଙ୍କୁ କୌଶଳରେ ବନ୍ଦୀ
କରି ତା'ପରେ ମାରି ଦେବା ପାଇଁ ଉପାୟ ଖୋଜୁ ଥିଲେ।
୨ସେମାନେ କହିଲେ, "ଆମ୍ଭେ କିନ୍ତୁ ପର୍ବ ସମୟରେ
ଯୀଶୁଙ୍କୁ ବନ୍ଦୀ କରି ପାରିବା ନାହିଁ। ତା' କଲେ ଲୋକମାନେ
ରାଗିଯାଇ ଦଙ୍ଗା ହାଙ୍ଗାମା କରି ପାରନ୍ତି।"

## ଏକ ସ୍ତ୍ରୀର ବିଶେଷ କାର୍ଯ୍ୟ

୩ଯୀଶୁ ବେଥନିଆରେ କୁଷ୍ଠ ରୋଗୀ ଶିମୋନଙ୍କ ଘରେ
ଖାଇବାକୁ ବସିଥିବା ସମୟରେ ଜଣେ ସ୍ତ୍ରୀ ଲୋକ ତାହାଙ୍କ
ପାଖକୁ ଆସିଲା। ସେ ଗୋଟିଏ ଧଳା, ଚିକ୍କଣ ସ୍ଫଟିକ
ସିଲଖଡ଼ି ପାତ୍ରରେ ବହୁମୁଲ୍ୟ ଅତର ଭର୍ତ୍ତିକରି ଆଣିଥିଲା।
ସେ ଅତର ଖାଣ୍ଟି ଜଟାମାଂସରୁ ତିଆରି ହୋଇଥିଲା। ସ୍ତ୍ରୀ
ଲୋକଟି ପାତ୍ରଟି ଖୋଲିଦେଇ ସବୁତକ ଅତର ଯୀଶୁଙ୍କ
ମୁଣ୍ଡରେ ଢାଳିଦେଲା।
୪ଏହା ଦେଖି ସେଠାରେ ଉପସ୍ଥିତ ଥିବା କେତେକ
ଲୋକ ଖୁବ୍ ବିରକ୍ତ ହେଲେ ଓ ପରସ୍ପର କୁହାକୁହି
ହେଲେ, "ଅତରକୁ ଏଭଳି କାହିଁକି ନଷ୍ଟ କରାଗଲା? ୫ଏହି
ଅତରତକ ଜଣକର ସାରା ବର୍ଷର ପରିଶ୍ରମର ମୂଲ୍ୟ ସଙ୍ଗେ
ସମାନ। ଏହା ବିକା ଯାଇ ପାରିଥାଆନ୍ତା ଏବଂ ତହିଁର ଅର୍ଥ
ଗରୀବ ଲୋକମାନଙ୍କୁ ବଣ୍ଟା ଯାଇ ପାରିଥାଆନ୍ତା।" ତେଣୁ
ସେମାନେ ସ୍ତ୍ରୀଲୋକଟିକୁ ଦୃଢ଼ଭାବରେ ସମାଲୋଚନା କରିବାକୁ
ଲାଗିଲେ। ୬ଯୀଶୁ କହିଲେ, "ସେହି ସ୍ତ୍ରୀ ଲୋକଟିକୁ
ହଇରାଣ କର ନାହିଁ। ତାକୁ ଛାଡ଼ିଦିଅ। ସେ ମୋ ପାଇଁ
ଗୋଟିଏ ବହୁତ ଭଲ କାମ କରିଛି। ୭କାରଣ ଗରିବମାନେ
ତ ସବୁବେଳେ ତୁମ୍ଭ ପାଖରେ ରହିବେ। ତୁମ୍ଭେ ଯେତେବେଳେ
ଚାହିଁବ, ସେମାନଙ୍କୁ ସାହାଯ୍ୟ କରି ପାରିବ। କିନ୍ତୁ ତୁମ୍ଭେମାନେ
ମୋତେ ସଦାବେଳେ ପାଇବ ନାହିଁ।"୮ଏ ସ୍ତ୍ରୀଲୋକଟିର
ମୋ ପାଇଁ ଯାହା କରି ପାରିବାର ଶକ୍ତି ଥିଲା, ସେ
ସେତିକ କରିଛି। ସମାଧି ନିମନ୍ତେ ମୋ ଦେହକୁ ପ୍ରସ୍ତୁତ
କରିବା ପାଇଁ ସେ ମୋ ଦେହରେ ମୋର ମୃତ୍ୟୁ ପୂର୍ବରୁ
ଅତର ଢାଳିଛି। ୯ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି। ସାରା
ସଂସାରରେ ଲୋକମାନଙ୍କ ମଧ୍ୟରେ ସୁସମାଚାର ପ୍ରଚାର
କରାଯିବ। ଯେଉଁ ଯେଉଁ ସ୍ଥାନରେ ସୁସମାଚାର ପ୍ରଚାରିତ
ହେବ, ସେହି-ସେହି ସ୍ଥାନରେ ଏହି ସ୍ତ୍ରୀଲୋକଟିର ଏହି
କାର୍ଯ୍ୟ ବିଷୟରେ କୁହାଯିବ। ଲୋକମାନେ ତାହାକୁ ମନେ
ପକେଇବେ।"

## ଯିହୂଦା ଯୀଶୁଙ୍କ ଶତ୍ରୁମାନଙ୍କୁ ସାହାଯ୍ୟ

୧୦ତା ପରେ ବାରଜଣ ଯାକ ପ୍ରେରିତଙ୍କ ମଧ୍ୟରୁ ଜଣେ
ପ୍ରେରିତ ପ୍ରମୁଖ-ଯାଜକମାନଙ୍କ ସହିତ କଥା ବାର୍ତ୍ତା କରିବାକୁ
ଗଲା। ଏହି ପ୍ରେରିତର ନାମ ଥିଲା ଇଷ୍କାରିୟୋଥ ଯିହୂଦା।
ସେ ଯୀଶୁଙ୍କୁ ପ୍ରଧାନ ଯାଜକମାନଙ୍କ ହାତରେ ଧରେଇ
ଦେବାକୁ ଚାହୁଁଥିଲା। ୧୧ପ୍ରଧାନ ଯାଜକମାନେ ଯିହୂଦାର ଏ
କଥାରେ ବହୁତ ଖୁସୀ ହେଲେ। ଏହି କାମ କରି ଦେଲେ
ସେମାନେ ଯିହୂଦାକୁ ଟଙ୍କା ଦେବେ ବୋଲି କଥା
ଦେଲେ। ତେଣୁ ଯିହୂଦା ଯୀଶୁଙ୍କୁ ପ୍ରଧାନ ଯାଜକମାନଙ୍କ
ହାତରେ ଧରେଇ ଦେବା ପାଇଁ ସୁଯୋଗର ଅପେକ୍ଷାରେ
ରହିଲା।

## ନିସ୍ତାର ପର୍ବର ଭୋଜି

୧୨ଖମୀର ଶୂନ୍ୟ ରୋଟୀ-ପର୍ବର ପ୍ରଥମ ଦିନରେ
ଯିହୂଦୀମାନେ 'ନିସ୍ତାର ପର୍ବର ମେଣ୍ଢାଛୁଆଟି'* କୁ ବଳି
ଦିଅନ୍ତି। ସେହି ଦିନ ଯୀଶୁଙ୍କ ପାଖକୁ ତାହାଙ୍କ ଶିଷ୍ୟମାନେ
ଆସି ପଚାରିଲେ, "ନିସ୍ତାର ପର୍ବର ଭୋଜିରେ ଆପଣଙ୍କ
ପାଇଁ ସବୁ କିଛି ପ୍ରସ୍ତୁତ କରିବାକୁ ଆମ୍ଭେ କେଉଁଠାକୁ ଯିବୁ
ବୋଲି ଆପଣ ଚାହୁଁଛନ୍ତି?"
୧୩ତା'ପରେ ଯୀଶୁ ନିଜର ଦୁଇଜଣ ଶିଷ୍ୟଙ୍କୁ ନଗରକୁ
ପଠାଇଲେ। ଯୀଶୁ ସେମାନଙ୍କୁ କହିଲେ, "ନଗରକୁ ଯାଅ,
ତୁମ୍ଭେ ଗୋଟିଏ ଲୋକକୁ ପାଣି ମାଠିଆଟିଏ ନେଇଯାଉଥିବାର
ଦେଖିବ। ସେହିଲୋକ ତୁମ୍ଭ ପାଖକୁ ଆସିବ। ତୁମ୍ଭେ ତା'ର
ପଛେ ପଛେ ଯିବ। ୧୪ସେହି ଲୋକ ଗୋଟିଏ ଘରେ
ପ୍ରବେଶ କରିବ, ତୁମ୍ଭେ ମଧ୍ୟ ଯାଇ ସେହି ଘରମାଲିକକୁ
କହିବ ଯେ, 'ଗୁରୁ କହି ପଠେଇଛନ୍ତି ମୁଁ ମୋ ଶିଷ୍ୟମାନଙ୍କ
ସହିତ ନିସ୍ତାର ପର୍ବର ଭୋଜି ଯେଉଁ ବଖରାଟିରେ ପାଳନ

---

**'ନିସ୍ତାର ପର୍ବର ମେଣ୍ଢାଛୁଆ'** ନିସ୍ତାର ପର୍ବ ପାଳନ କରିବା ପରମ୍ପରାରେ ଗୋଟିଏ ମେଣ୍ଢା ଛୁଆକୁ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଉପହାର ସ୍ୱରୂପ ଅର୍ପଣ କରାଯାଏ। ଯାତ୍ରା. ୧୨:୩-୯

କରିବି, ସେହି ବଖରାଟି କେଉଁଠି?’ ତାହାଙ୍କୁ କୁହ ଯେ
ଗୁରୁ ଏହା ଜାଣିବାକୁ ଇଚ୍ଛା କରନ୍ତି।’ ୧୫ଘର ମାଲିକ
ତୁମ୍ଭମାନଙ୍କୁ ଉପର ମହଲାରେ ସମସ୍ତ ବ୍ୟବସ୍ଥା ଥିବା
ଗୋଟିଏ ବଡ଼ କୋଠରୀ ଦେଖାଇବେ। ତୁମ୍ଭେ ସେହିଠାରେ
ଆମ୍ଭମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କର।”

୧୬ତା’ପରେ ଶିଷ୍ୟମାନେ ସେଠାରୁ ନଗରକୁ ଚାଲିଗଲେ।
ଯୀଶୁ ସେମାନଙ୍କୁ ଯାହା କହିଥିଲେ, ସବୁ କଥା ସେହିପରି
ଘଟିଲା। ସେଠାରେ ସେମାନେ ନିସ୍ତାରପର୍ବର ଖାଦ୍ୟ ପ୍ରସ୍ତୁତ
କଲେ।

୧୭ସନ୍ଧ୍ୟା ବେଳକୁ ଯୀଶୁ ବାରଜଣ ଯାକ ପ୍ରେରିତଙ୍କୁ
ସାଙ୍ଗରେ ଧରି ସେଠାରେ ଯାଇ ପହଞ୍ଚିଲେ। ୧୮ସେମାନେ
ଖାଉଥିବା ବେଳେ ଯୀଶୁ କହିଲେ, “ମୁଁ ତୁମ୍ଭମାନଙ୍କୁ ସତ୍ୟ
କହୁଛି, ବର୍ତ୍ତମାନ ମୋ ସାଙ୍ଗରେ ଖାଉଥିବା ତୁମ୍ଭ ଭିତରୁ
ଜଣେ ମୋ’ ପ୍ରତି ବିଶ୍ୱାସଘାତକତା କରିବ।”

୧୯ଏହା ଶୁଣି ଶିଷ୍ୟମାନେ ବହୁତ ମନ ଦୁଃଖ କଲେ।
ପ୍ରତ୍ୟେକେ ଯୀଶୁଙ୍କୁ କହିଲେ, “ନିଶ୍ଚୟ ମୁଁ ସେହି ଲୋକ
ନୁହେଁ।”

୨୦ତା’ପରେ ଯୀଶୁ ସେମାନଙ୍କୁ କହିଲେ, “ସେହି ଲୋକ
ତୁମ୍ଭ ବାରଜଣଙ୍କ ମଧ୍ୟରୁ ଜଣେ, ଯେକି ମୋ’ ସହିତ
ବିଶ୍ୱାସଘାତକତା କରିବ। ସେ ମୋ’ ସଙ୍ଗେ ଗୋଟିଏ
ଥାଳିରେ ରୋଟୀ ବୁଡାଉଛି। ୨୧ମନୁଷ୍ୟପୁତ୍ରଙ୍କୁ ଯାଇ ମରିବାକୁ
ପଡ଼ିବ। ଏହା ଘଟିବ ବୋଲି ଶାସ୍ତ୍ରରେ ଲେଖାଅଛି। କିନ୍ତୁ,
ଯେଉଁଲୋକ ମନୁଷ୍ୟ ପୁତ୍ରଙ୍କୁ ବିଶ୍ୱାସଘାତକତା କରିବ,
ସେହି ଲୋକ ଯଦି ଜନ୍ମ ହୋଇ ନଥାଆନ୍ତା, ତେବେ
ବହୁତ ଭଲ ହୋଇଥାଆନ୍ତା।”

## ପ୍ରଭୁଭୋଜ

୨୨ସେମାନେ ଖାଇବା ସମୟରେ ଯୀଶୁ କିଛି ରୋଟୀ
ନେଲେ। ସେ ରୋଟୀ ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ
ଦେଲେ। ରୋଟୀ ଛିଣ୍ଡେଇ ଶିଷ୍ୟମାନଙ୍କୁ ଦେଇ କହିଲେ,
“ଏହି ରୋଟୀ ନିଅ। ଏହା ମୋର ଦେହ।”

୨୩ତା’ପରେ ସେ ଅଙ୍ଗୁର ରସର ପାତ୍ରଟି ନେଲେ।
ତାହା ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ। ତା’ପରେ
ତାହା ଶିଷ୍ୟମାନଙ୍କୁ ଦେଲେ। ସମସ୍ତ ଶିଷ୍ୟ ସେହି ପାତ୍ରରୁ
ଅଙ୍ଗୁର ରସ ପିଇଲେ।

୨୪ତା’ପରେ ଯୀଶୁ କହିଲେ, “ଏହା ମୋର ରକ୍ତ।
ମୋର ରକ୍ତ ଏକ ନୂଆ ନିୟମ ଆରମ୍ଭ କରେ। ଏହି
ନିୟମଟି ପରମେଶ୍ୱରଙ୍କ ଠାରୁ ତାହାଙ୍କ ଲୋକଙ୍କ ପାଇଁ
ଉଦ୍ଦିଷ୍ଟ। ଏହି ରକ୍ତ ଅନେକ ଲୋକଙ୍କ ପାଇଁ ଦିଆଯାଇଛି।
୨୫ମୁଁ ତୁମ୍ଭକୁ ସତ୍ୟ କହୁଛି। ମୁଁ ଯେପର୍ଯ୍ୟନ୍ତ ପରମେଶ୍ୱରଙ୍କ
ରାଜ୍ୟରେ ନୂଆ ଅଙ୍ଗୁରରସ ପାନ ନ କରିଛି, ସେହି ଦିନ
ପର୍ଯ୍ୟନ୍ତ ଆଉ ଅଙ୍ଗୁରରସ ପିଇବି ନାହିଁ।”

୨୬ସବୁ ଶିଷ୍ୟମାନେ ମିଳି ଗୋଟିଏ ଗୀତ ବୋଲିଲେ ଓ
ତା’ପରେ ଜୀତ ପର୍ବତ ଉପରକୁ ଚାଲିଗଲେ।

## ଯୀଶୁଙ୍କ ଭବିଷ୍ୟଦ୍‌ବାଣୀ: ଶିଷ୍ୟମାନେ ବିଶ୍ୱାସ ହରେଇବେ

୨୭ଯୀଶୁ ଶିଷ୍ୟମାନଙ୍କୁ କହିଲେ, “ତୁମ୍ଭେମାନେ ସମସ୍ତେ
ତୁମ୍ଭମାନଙ୍କର ବିଶ୍ୱାସ ହରେଇ ବସିବ। ଏହା ଶାସ୍ତ୍ରରେ
ଲେଖା ଅଛି:

> ‘ମୁଁ ମେଷପାଳକଙ୍କୁ ମାରିଦେବି, ତହିଁରେ ମେଣ୍ଢାମାନେ
> ଏଣେତେଣେ ପଳେଇଯିବେ’। ଜିଖରୀୟ ୧୩:୭

୨୮କିନ୍ତୁ ମୁଁ ମୃତ୍ୟୁ ପରେ ପୁନରୁତ୍ଥିତ ହେବି। ତା’ପରେ ମୁଁ
ଗାଲୀଲୀକୁ ଯିବି। ତୁମ୍ଭେମାନେ ସେଠାକୁ ଯିବା ପୂର୍ବରୁ ମୁଁ
ସେଠାରେ ଥିବି।”

୨୯ପିତର କହିଲେ, “ଅନ୍ୟ ସମସ୍ତ ଶିଷ୍ୟ ହୁଏତ
ସେମାନଙ୍କ ବିଶ୍ୱାସ ହରେଇ ପାରନ୍ତି। କିନ୍ତୁ ମୁଁ ମୋର
ବିଶ୍ୱାସ କଦାପି ହରେଇବି ନାହିଁ।”

୩୦ଯୀଶୁ ଉତ୍ତର ଦେଲେ, “ମୁଁ ତୁମ୍ଭକୁ ସତ୍ୟ କହୁଛି,
ଆଜି ରାତିରେ କୁକୁଡ଼ା ଦ୍ୱିତୀୟ ଥର ଡ଼ାକିବା ପୂର୍ବରୁ
ତୁମ୍ଭେ ମୋତେ ଚିହ୍ନି ନାହିଁ ବୋଲି ତିନିଥର କହିବ।”

୩୧ଏ କଥା ଶୁଣି ପିତର ଆହୁରି ଜୋର ଦେଇ
କହିଲେ, “ମୋତେ ତୁମ୍ଭ ସହିତ ମରିବାକୁ ପଡ଼ିଲେ ସୁଦ୍ଧା
ମୁଁ ତୁମ୍ଭକୁ ଚିହ୍ନିନାହିଁ ବୋଲି କଦାପି କହିବି ନାହିଁ।” ଅନ୍ୟ
ସମସ୍ତ ଶିଷ୍ୟମଧ୍ୟ ସେହି ଏକା କଥା କହିଲେ।

## ଯୀଶୁଙ୍କ ଏକାନ୍ତରେ ପ୍ରାର୍ଥନା

୩୨ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଗେଥ୍‌ଶିମାନୀ ନାମକ
ଗୋଟିଏ ସ୍ଥାନକୁ ଆସିଲେ। ଯୀଶୁ ଶିଷ୍ୟମାନଙ୍କୁ କହିଲେ,
“ମୁଁ ପ୍ରାର୍ଥନା କରୁଥିବା ପର୍ଯ୍ୟନ୍ତ ତୁମ୍ଭେମାନେ ଏଠାରେ
ବସ।” ୩୩ସେ ପିତର, ଯାକୁବ ଓ ଯୋହନଙ୍କୁ ତାହାଙ୍କ
ସହିତ ଆସିବାକୁ କହିଲେ। ତା’ ପରେ ଯୀଶୁ ଅତ୍ୟଧିକ
ବିଚଳିତ ଓ ଦୁଃଖରେ ପୂର୍ଣ୍ଣ ହେବାକୁ ଲାଗିଲେ, ୩୪ଯୀଶୁ,
ପିତର, ଯାକୁବ ଓ ଯୋହନଙ୍କୁ କହିଲେ, “ମୋର ହୃଦୟ
ଦୁଃଖରେ ଭାଙ୍ଗି ପଡୁଛି। ମୁଁ ପ୍ରାଣ ବାହାରି ଯିବା ବେଳି
ଭଳି ଦୁଃଖ ଅନୁଭବ କରୁଛି। ଏଠାରେ ଅପେକ୍ଷା କରି
ରୁହ ଓ ଜାଗ୍ରତ ମଧ୍ୟ ରୁହ।”

୩୫ଯୀଶୁ ସେମାନଙ୍କ ଠାରୁ ଅଳ୍ପ ଦୂରକୁ ଚାଲି କରି
ଗଲେ। ତା’ପରେ ଯୀଶୁ ଭୂମିରେ ପଡ଼ିଗଲେ ଓ ପ୍ରାର୍ଥନା
କଲେ ଯେ ଯଦି ସମ୍ଭବ ହୁଏ, ତେବେ ଏ ଯନ୍ତ୍ରଣାର
ମୁହୂର୍ତ୍ତଟି ମୋ ପାଖରୁ ଘୁଞ୍ଚିଯାଉ।” ୩୬ସେ କହିଲେ,
“ଆବ୍ବା;* (ହେ ପରମ ପିତା) ତୁମ୍ଭ ପାଇଁ ସବୁ କିଛି
ସମ୍ଭବ। ମୋ ଠାରୁ ଯନ୍ତ୍ରଣାର ଏହି ଗିନାଟି* କୁ ଦୂରେଇ
ଦିଅ। ତଥାପି ଯାହା ତୁମ୍ଭର ଇଚ୍ଛା, ତାହା କର; କିନ୍ତୁ
ମୋ ଇଚ୍ଛାରେ କିଛି ନୁହେଁ।”

୩୭ତା’ ପରେ ଯୀଶୁ ତାହାଙ୍କର ଶିଷ୍ୟମାନଙ୍କ ପାଖକୁ
ଫେରି ଆସିଲେ। ସେ ସେମାନଙ୍କୁ ଶୋଇ ପଡ଼ିଥିବାର

---

**‘ଆବ୍ବା’** ଏହା ବାପାଙ୍କ ପାଇଁ ଗୋଟିଏ ସମ୍ବୋଧନ ଶବ୍ଦ।

**‘ଯନ୍ତ୍ରଣାର ଗିନା’** ଯୀଶୁ ଯେଉଁ ଯନ୍ତ୍ରଣା ଭୋଗ କରିବେ, ଏଠାରେ ସେ ତାହାର ବିଷୟରେ ସଙ୍କେତ ଦେଉଛନ୍ତି। ଏହା ବହୁତ କଠୋର। ଅତ୍ୟନ୍ତ ଖରାପ ସ୍ୱାଦ-ଯୁକ୍ତ ପୁରା ଭର୍ତ୍ତି ଗିନାଏ ପାନୀୟ ପିଇବା ଭଳି ଏହାକୁ ଗ୍ରହଣ କରିବା ଅତି କଠିଣ।

ଦେଖିଲେ। ସେ ପିତରଙ୍କୁ କହିଲେ, "ଶିମୋନ, ତୁମ୍ଭେ
ଶୋଇ ପଡ଼ିଲ? ତୁମ୍ଭେ ଘଣ୍ଟାଏ ପାଇଁ ଚେଇଁ ରହି
ପାରିଲନାହିଁ? ୩୮ଜାଗି ରୁହ ଓ ପ୍ରାର୍ଥନା କର ଯେ,
ତୁମ୍ଭେମାନେ ଯେପରି ପରୀକ୍ଷାରେ ନ ପଡ଼। ଯାହା ଠିକ୍,
ତୁମ୍ଭର ଆତ୍ମା ତାହା କରିବାକୁ ଚାହୁଁଛି, କିନ୍ତୁ ତୁମ୍ଭର
ଶରୀର ଦୁର୍ବଳ।"
୩୯ପୁଣି ଯୀଶୁ ଫେରିଗଲେ ଓ ସେହିଭଳି କହି ପ୍ରାର୍ଥନା
କଲେ। ୪୦ତା'ପରେ ସେ ଶିଷ୍ୟମାନଙ୍କ ପାଖକୁ ପୁଣି
ଫେରି ଆସିଲେ ଓ ଦେଖିଲେ ଯେ, ସେମାନେ ପୁଣି
ଶୋଇ ପଡ଼ିଛନ୍ତି। ସେମାନଙ୍କ ଆଖି ନିଦରେ ମାଡ଼ି
ପଡୁଥିଲା। ଶିଷ୍ୟମାନେ ଜାଣି ପାରୁ ନଥିଲେ ଯେ, ସେମାନେ
ଯୀଶୁଙ୍କୁ କ'ଣ ଉତ୍ତର ଦେବେ।
୪୧ଯୀଶୁ ତୃତୀୟଥର ପ୍ରାର୍ଥନା ସାରିବା ପରେ ଶିଷ୍ୟମାନଙ୍କ
ପାଖକୁ ପୁଣି ଫେରି ଆସିଲେ ଏବଂ କହିଲେ, "ଏବେ
ମଧ୍ୟ ତୁମ୍ଭେମାନେ ଶୋଇ ବିଶ୍ରାମ ନେଉଛ? ଯଥେଷ୍ଟ
ସମୟ ହେଲାଣି। ବର୍ତ୍ତମାନ ମନୁଷ୍ୟପୁତ୍ରଙ୍କୁ ପାପୀମାନଙ୍କ
ହାତରେ ଧରେଇ ଦିଆଯିବାର ସମୟ ଆସି ପହଞ୍ଚି ଗଲା।
୪୨ଠିଆ ହୁଅ। ଆମ୍ଭେମାନେ ଏଥର ଯିବା। ଦେଖ, ମୋତେ
ବିଶ୍ୱାସଘାତକତା କରି ଧରେଇ ଦେବା ଲୋକ ଏବେ
ଆସୁଛି।"

## ଯୀଶୁ ବନ୍ଦୀ ହେଲେ

୪୩ଯୀଶୁ ଏହି କଥା କହୁଥିବା ସମୟରେ ଯିହୂଦା ଆସି
ସେଠାରେ ପହଞ୍ଚିଲା। ସେ ବାରଜଣ ପ୍ରେରିତଙ୍କ ମଧ୍ୟରେ
ଜଣେ ଥିଲା। ତା ସାଙ୍ଗରେ ଅନେକ ଲୋକ ଥିଲେ।
ସେହି ଲୋକମାନଙ୍କୁ ପ୍ରଧାନ ଯାଜକ, ଧର୍ମଶାସ୍ତ୍ରୀ, ଓ
ପ୍ରାଚୀନ ଯିହୂଦୀ ନେତାମାନେ ପଠାଇଥିଲେ। ଯିହୂଦା ଓ
ସେହି ଲୋକମାନେ ହାତରେ ଖଣ୍ଡା ଓ ଠେଙ୍ଗା
ଧରିଥିଲେ।
୪୪ବିଶ୍ୱାସଘାତକ ଯିହୂଦା ସେହି ଲୋକମାନଙ୍କୁ ଯୀଶୁଙ୍କୁ
ଚିହ୍ନେଇ ଦେବା ପାଇଁ ଗୋଟିଏ ସଙ୍କେତ ଦେଇଥିଲା। ସେ
କହିଥିଲା: "ଯେଉଁ ଲୋକକୁ ମୁଁ ଚୁମ୍ବନ ଦେବି, ସେ
ହେଉଛନ୍ତି ଯୀଶୁ। ତୁମ୍ଭେମାନେ ତାହାଙ୍କୁ ବନ୍ଦୀ କରିବ ଓ
ସାବଧାନରେ ଦୂରକୁ ନେଇଯିବ।" ୪୫ଯିହୂଦା ଯୀଶୁଙ୍କ
ପାଖକୁ ଯାଇ କହିଲା, "ଗୁରୁ!" ତା'ପରେ ଯିହୂଦା ଯୀଶୁଙ୍କୁ
ଚୁମ୍ବନ କଲା। ୪୬ଏହି ସମୟରେ ଲୋକମାନେ ଯୀଶୁଙ୍କୁ
ଧରି ବନ୍ଦୀ କରିନେଲେ। ୪୭ଯୀଶୁଙ୍କ ପାଖରେ ଠିଆ
ହୋଇଥିବା ଜଣେ ଶିଷ୍ୟ ତାର ଖଣ୍ଡା ବାହାର କରି ଆଣି
ମହା ଯାଜକଙ୍କର ଜଣେ ଚାକର ଉପରେ ଆଘାତ କଲା।
ସେହି ଚାକରର କାନ କଟିଗଲା।
୪୮ଯୀଶୁ ସେହି ଲୋକମାନଙ୍କୁ କହିଲେ, "ମୁଁ କ'ଣ
ଜଣେ ଅପରାଧୀ ଯେ ତୁମ୍ଭେମାନେ ଖଣ୍ଡା ଓ ଠେଙ୍ଗା ନେଇ
ମୋତେ ଧରି ନେବାକୁ ଆସିଛ? ୪୯ପ୍ରତିଦିନ ମନ୍ଦିରରେ
ଶିକ୍ଷା ଦେବା ସମୟରେ ମୁଁ ତୁମ୍ଭମାନଙ୍କ ସହିତ ଥିଲି।
କିନ୍ତୁ ସେତେବେଳେ ତୁମ୍ଭେମାନେ ମୋତେ ବନ୍ଦୀ କରି
ନଥିଲ। କିନ୍ତୁ ଶାସ୍ତ୍ରରେ ଯାହା ଲେଖା ଯାଇଛି ତାହା
ଯେପରି ସତ୍ୟ ହୁଏ, ସେଥି ନିମନ୍ତେ ଏଭଳି ଘଟୁଛି।"
୫୦ତା' ପରେ ଯୀଶୁଙ୍କ ଶିଷ୍ୟମାନେ ତାହାଙ୍କୁ ଛାଡି ଦୌଡ଼ି
ପଳାଇଲେ।
୫୧ଜଣେ ଯୁବକ ଯୀଶୁଙ୍କୁ ଅନୁସରଣ କରୁଥିଲା। ସେ
କେବଳ ଖଣ୍ଡିଏ ସରୁ ରେଶମ ଲୁଗା ପିନ୍ଧିଥିଲା। ସେହି
ଲୋକମାନେ ଯୁବକକୁ ଧରିବାକୁ ଚେଷ୍ଟା କଲେ। ୫୨ସେ
ଲୁଗାକୁ ଖସାଇ ଦେଲା ଓ ଉଲଗ୍ନ ହୋଇ ଦୌଡ଼ି
ପଳାଇଲା।

## ଯିହୂଦୀ ନେତାଙ୍କ ଆଗରେ ଯୀଶୁଙ୍କ ବିଚାର

୫୩ସେହି ଲୋକମାନେ ଯୀଶୁଙ୍କୁ ମହା-ଯାଜକଙ୍କ ପାଖକୁ
ନେଇଗଲେ। ସମସ୍ତ ପ୍ରଧାନ-ଯାଜକ, ପ୍ରାଚୀନ ନେତାଗଣ,
ଓ ଧର୍ମଶାସ୍ତ୍ରୀମାନେ ଏକତ୍ରିତ ହେଲେ। ୫୪ପିତର ଯୀଶୁଙ୍କଠାରୁ
ଦୂରରେ ରହି ତାହାଙ୍କ ପଛେ ପଛେ ଆସି ମହା ଯାଜକଙ୍କ
ଅଗଣା ଭିତରେ ପହଞ୍ଚିଗଲେ। ସେ ସେଠାରେ ପ୍ରହରୀମାନଙ୍କ
ସହିତ ବସି ଯାଇ ନିଆଁରେ ସେକି ହେଲେ।
୫୫ପ୍ରଧାନ ଯାଜକ ଓ ସମଗ୍ର ଯିହୂଦୀ ମହାସଭା ଯୀଶୁଙ୍କୁ
ମୃତ୍ୟୁ-ଦଣ୍ଡ ଦେବା ପାଇଁ ତାହାଙ୍କ ବିରୁଦ୍ଧରେ କୌଣସି
ଦୋଷର ପ୍ରମାଣ ପାଇବା ପାଇଁ ଚେଷ୍ଟା କଲେ, କିନ୍ତୁ
ସେମାନେ ମୃତ୍ୟୁଦଣ୍ଡ ଦେବା ଭଳି କୌଣସି ପ୍ରମାଣ
ପାଇଲେନାହିଁ। ୫୬ଅନେକ ଲୋକ ଆସି ଯୀଶୁଙ୍କ ବିରୁଦ୍ଧରେ
ମିଛ ସାକ୍ଷ୍ୟ ଦେଲେ। କିନ୍ତୁ ସେମାନେ ସମସ୍ତେ ଅଲଗା-ଅଲଗା
କଥା କହିଲେ। ତାହାଙ୍କ ଭିତରୁ ଜଣେ ହେଲେ ଅନ୍ୟ
ସହିତ ସମ୍ମତ ନ ଥିଲା।
୫୭ତା'ପରେ କେତେକ ଲୋକ ଠିଆ ହେଲେ ଓ
ଯୀଶୁଙ୍କ ବିରୁଦ୍ଧରେ ମିଛ ସାକ୍ଷ୍ୟ ଦେଇ କହିଲେ, ୫୮"ଆମ୍ଭେମାନେ
ଯୀଶୁଙ୍କୁ ଏହି କଥା କହିବାର ଶୁଣିଛୁ, 'ମଣିଷ ତିଆରି ଏ
ମନ୍ଦିରକୁ ମୁଁ ଭାଙ୍ଗି ଦେବି ଓ ପୁଣି ତିନି ଦିନ ଭିତରେ
ଆଉ ଗୋଟାଏ ମନ୍ଦିର ତିଆରି କରି ଦେବି, ଯାହା କି
ମଣିଷ ହାତରେ ତିଆରି ହୋଇ ନ ଥିବ।'" ୫୯ତଥାପି ଏ
ଲୋକମାନେ ଯାହା ସବୁ କହିଲେ, ତା ମଧ୍ୟରେ କାହାରି
କଥା କାହାରି ସାଙ୍ଗରେ ମେଳ ଖାଉ ନଥିଲା।
୬୦ତା'ପରେ ସମସ୍ତଙ୍କ ଆଗରେ ମହାଯାଜକ ଠିଆ
ହେଲେ। ସେ ଯୀଶୁଙ୍କୁ କହିଲେ, "ଏ ଲୋକମାନେ ତୁମ୍ଭ
ବିରୁଦ୍ଧରେ ଅନେକ କଥା କହିଲେ। ତୁମ୍ଭ ବିରୁଦ୍ଧରେ
ଯେତେ ଗୁଡ଼ିଏ ଅଭିଯୋଗ ଅଣାଗଲା, ସେ ବିଷୟରେ
ତୁମ୍ଭର କିଛି କହିବାର ଅଛି କି? ଏ ଲୋକମାନେ କ'ଣ
ସତ୍ୟ କଥା କହୁଛନ୍ତି?" ୬୧କିନ୍ତୁ ଯୀଶୁ ଚୁପ୍ ରହିଲେ।
ସେ କିଛି ଉତ୍ତର ଦେଲେନାହିଁ।
ମହା ଯାଜକ ଯୀଶୁଙ୍କୁ ଆଉ ଗୋଟିଏ ପ୍ରଶ୍ନ ପଚାରିଲେ:
"ତୁମ୍ଭେ କ'ଣ ମହାନ୍ ପରମେଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ?"
୬୨ଯୀଶୁ ଉତ୍ତର ଦେଲେ, "ହଁ ମୁଁ ପରମେଶ୍ୱରଙ୍କ ପୁତ୍ର।
ଏବଂ ଭବିଷ୍ୟତରେ ତୁମ୍ଭେ ମନୁଷ୍ୟପୁତ୍ରଙ୍କୁ ସେହି ସର୍ବଶକ୍ତିମାନଙ୍କ
ଡାହାଣ ପଟେ ବସିଥିବାର ଏବଂ ସ୍ୱର୍ଗର ମେଘମାଳା
ମଧ୍ୟରେ ଆସୁଥିବାର ଦେଖିବ।"
୬୩ମହାଯାଜକ ଏକଥା ଶୁଣି ଖୁବ୍ ରାଗି ଗଲେ। ସେ
ରାଗରେ ନିଜ ବସ୍ତ୍ର ଚିରି ପକାଇ ସମସ୍ତଙ୍କୁ କହିଲେ,
"ଆମ୍ଭର ଆଉ ସାକ୍ଷୀର କ'ଣ ଦରକାର? ୬୪ସେ ପରମେଶ୍ୱରଙ୍କ

ବିରୁଦ୍ଧରେ ଯାହା ସବୁ କହିଗଲେ, ତୁମ୍ଭେମାନେ ସମସ୍ତେ
ଶୁଣିଲ। ଏବେ ତୁମ୍ଭେମାନେ କ'ଣ ଭାବୁଛ?"
ସମସ୍ତେ ଯୀଶୁଙ୍କୁ ଅପରାଧୀ ସାବ୍ୟସ୍ତ କଲେ ଓ ତାହାଙ୍କୁ
ମୃତ୍ୟୁଦଣ୍ଡ ଦିଆ ଯିବା ଉଚିତ୍ ବୋଲି କହିଲେ। [୬୫]ସେଠାରେ
ଉପସ୍ଥିତ ଥିବା କେତେକ ଲୋକ ଯୀଶୁଙ୍କ ଉପରକୁ ଛେପ
ପକାଇଲେ। କେତେକ ଯୀଶୁଙ୍କ ମୁହଁ ଘୋଡେଇ ଦେଇ
ବିଧା ମାରିଲେ, ଓ ଆଉ କେତେକ ଥଟ୍ଟା କରି କହିଲେ
"ଏବେ ତୁମ୍ଭେ ଆମ୍ଭକୁ ଦେଖେଇ ଦିଅ ଯେ, ତୁମ୍ଭେ ଜଣେ
ଭବିଷ୍ୟଦ୍-ବକ୍ତା।" ତା'ପରେ ପ୍ରହରୀମାନେ ତାହାଙ୍କୁ ନେଇ
ଯାଇ ପିଟିଲେ।

## ପିତର ଯୀଶୁଙ୍କୁ ଜାଣିଥିବା କଥା ଅସ୍ୱୀକାର କଲେ

[୬୬]ସେହି ସମୟରେ ପିତର ମଧ୍ୟ ଅଗଣା ମଧ୍ୟରେ
ଥିଲେ। ପିତରଙ୍କ ପାଖକୁ ମହାଯାଜକଙ୍କର ଜଣେ ଚାକରାଣୀ
ଆସିଲା। [୬୭]ସେ ପିତରଙ୍କୁ ନିଆଁ ପାଖରେ ସେକି ହେଉଥିବାର
ଦେଖିଲା। ସେ ପିତରଙ୍କୁ ଭଲ କରି ଚାହିଁଲା।
ତା'ପରେ ତାହାଙ୍କୁ ଚିହ୍ନି ପାରି କହିଲା, "ତୁମ୍ଭେ ମଧ୍ୟ
ନାଜରିତର ଯୀଶୁଙ୍କ ସାଙ୍ଗରେ ଥିଲ।"
[୬୮]ପିତର କିନ୍ତୁ କହିଲେ ଯେ, ସେ କେବେହେଲେ
ଯୀଶୁଙ୍କ ସାଙ୍ଗରେ ନ ଥିଲେ। ସେ କହିଲେ, "ତୁମ୍ଭେ
କାହା ବିଷୟରେ କହୁଛ, ସେ ସବୁ ମୁଁ ଜାଣି ପାରୁନି କି
ବୁଝି ପାରୁନାହିଁ।" ତା'ପରେ ପିତର ସେ ସ୍ଥାନ ଛାଡି
ଅଗଣାର ପ୍ରବେଶ-ଦ୍ୱାର ପାଖକୁ ଚାଲିଗଲେ।*
[୬୯]ସେ ଚାକରାଣୀଟି ପୁଣି ପିତରଙ୍କୁ ଦେଖି ସେଠାରେ
ଠିଆ ହୋଇଥିବା ଲୋକମାନଙ୍କୁ କହିବାକୁ ଲାଗିଲା, "ଏ
ଲୋକଟି ସେମାନଙ୍କ ମଧ୍ୟରୁ ଜଣେ।" [୭୦]ପୁଣି ଥରେ
ପିତର କହିଲେ ଯେ, ଏ କଥା ସତ୍ୟ ନୁହେଁ।
କିଛି ସମୟ ପରେ ସେଠାରେ ଠିଆ ହୋଇଥିବା
ଲୋକମାନେ ପିତରଙ୍କୁ କହିଲେ, "ନିଶ୍ଚିତ ଭାବରେ ତୁମ୍ଭେ
ସେମାନଙ୍କ ମଧ୍ୟରୁ ଜଣେ। କାରଣ ତୁମ୍ଭେ ମଧ୍ୟ ଗାଲିଲୀରୁ
ଆସିଛ।"
[୭୧]ତା'ପରେ ପିତର ଅଭିଶାପ ଦେବାକୁ ଲାଗିଲେ। ସେ
ଦୃଢ଼ ଭାବରେ କହିଲେ, "ମୁଁ ପରମେଶ୍ୱରଙ୍କ ନାମରେ
ଶପଥ କରି କହୁଛି ଯେ ତୁମ୍ଭେମାନେ ଯେଉଁ ଲୋକ
ବିଷୟରେ କହୁଛ, ମୁଁ ତାହାକୁ ଆଦୌ ଜାଣେ ନାହିଁ।"
[୭୨]ପିତର ଏକଥା କହିବା ପରେ ପରେ କୁକୁଡାଟିଏ
ଦ୍ୱିତୀୟ ଥର ଡ଼ାକିଲା। ଯୀଶୁଙ୍କର ସେହି ସବୁ କଥା ଏବେ
ପିତରଙ୍କର ମନେ ପଡ଼ିଲା: "କୁକୁଡା ତୃତୀୟ ଥର ଡ଼ାକିବା
ପୂର୍ବରୁ ତୁମ୍ଭେ ମୋତେ ଜାଣିନାହିଁ ବୋଲି ତିନିଥର କହି
ସାରିଥିବ।" ତା'ପରେ ପିତର ଭୀଷଣ ଦୁଃଖରେ ଭାଙ୍ଗି
ପଡି କାନ୍ଦିବାକୁ ଲାଗିଲେ।

## ପୀଲାତଙ୍କ ଆଗରେ ଯୀଶୁଙ୍କୁ ହାଜର କରାଗଲା

**୧୫** ସକାଳ ହେବା ମାତ୍ରେ ପ୍ରଧାନ ଯାଜକ, ପ୍ରାଚୀନ,
ଯିହୂଦୀ ନେତାଗଣ ଓ ଧର୍ମଶାସ୍ତ୍ରୀ ତଥା ସମଗ୍ର
ଯିହୂଦୀ ମହାସଭା ଯୀଶୁଙ୍କ ପ୍ରତି କ'ଣ ବିଚାର କରାଯିବ,
ତାହା ସ୍ଥିର କଲେ। ସେମାନେ ଯୀଶୁଙ୍କୁ ବାନ୍ଧି ଶାସନ-କର୍ତ୍ତା
ପୀଲାତଙ୍କ ପାଖକୁ ନେଇଗଲେ ଓ ତାହାଙ୍କ ହାତରେ
ସମର୍ପଣ କରିଦେଲେ।
[୨]ପୀଲାତ ଯୀଶୁଙ୍କୁ ପଚାରିଲେ, "ତୁମ୍ଭେ କ'ଣ ଯିହୂଦୀମାନଙ୍କର
ରାଜା?"
ଯୀଶୁ ଉତ୍ତର ଦେଲେ, "ତୁମ୍ଭେ ଯାହା କହିଲ ତାହା
ସତ୍ୟ।"
[୩]ପ୍ରଧାନ ଯାଜକମାନେ ଅନେକ ବିଷୟରେ ଯୀଶୁଙ୍କୁ
ଅଭିଯୁକ୍ତ କଲେ। [୪]ପୀଲାତ ପୁଣି ଯୀଶୁଙ୍କୁ ପଚାରିଲେ,
"ତୁମ୍ଭର କ'ଣ କିଛି କହିବାର ନାହିଁ? ଦେଖ, ସେମାନେ
ତୁମ୍ଭକୁ ଅନେକ ବିଷୟରେ ଅଭିଯୁକ୍ତ କରୁଛନ୍ତି।"
[୫]ତଥାପି ଯୀଶୁ କିଛି ହେଲେ ଉତ୍ତର ଦେଲେ ନାହିଁ।
ପୀଲାତ ଏଥିରେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲେ।

## ପୀଲାତ ଯୀଶୁଙ୍କୁ ମୁକ୍ତ କରିବାରେ ଅସମର୍ଥହେଲେ

[୬]ପ୍ରତିବର୍ଷ ପରମ୍ପରାକ୍ରମେ ନିସ୍ତାର-ପର୍ବ ସମୟରେ ଶାସନ-
କର୍ତ୍ତା ଜଣେ ବନ୍ଦୀକୁ ବନ୍ଦୀଶାଳାରୁ ମୁକ୍ତ କରିଥାନ୍ତି। ଯେଉଁ
ବନ୍ଦୀକୁ ମୁକ୍ତ କରିବା ପାଇଁ ଲୋକମାନେ ଚାହାଁନ୍ତି, କେବଳ
ସେହି ବନ୍ଦୀକୁ ଶାସନକର୍ତ୍ତା ମୁକ୍ତ ଦେଇଥାନ୍ତି। [୭]ସେହି
ସମୟରେ ବନ୍ଦୀଶାଳାରେ ବାରବ୍ବା ନାମରେ ଏକ ବ୍ୟକ୍ତି
ବିଦ୍ରୋହୀମାନଙ୍କ ସହିତ ବନ୍ଦୀ ଥିଲା। ଏହି ବିଦ୍ରୋହୀମାନେ
ଗୋଟିଏ ବିଦ୍ରୋହ ସମୟରେ ନରହତ୍ୟା ଅପରାଧରେ
ଦୋଷୀ ସାବ୍ୟସ୍ତ ହୋଇଥିଲେ। [୮]ଲୋକମାନେ ପୀଲାତଙ୍କ
ପାଖକୁ ଆସିଲେ ଓ ତାହାଙ୍କୁ କହିଲେ ଯେ ସବୁଥର ଭଳି
ଏଥର ମଧ୍ୟ ସେମାନଙ୍କ ପାଇଁ ସେ ଜଣେ ବନ୍ଦୀକୁ ମୁକ୍ତ
କରନ୍ତୁ। [୯]ପୀଲାତ ଲୋକମାନଙ୍କୁ ପଚାରିଲେ, "ତୁମ୍ଭେମାନେ
କ'ଣ ଚାହୁଁଛ ଯେ ମୁଁ ତୁମ୍ଭମାନଙ୍କ ପାଇଁ ଯିହୂଦୀମାନଙ୍କ
ରାଜାଙ୍କୁ ଛାଡ଼ି ଦିଏ?" [୧୦]ପୀଲାତ ଏକଥା କହିବାର କାରଣ
ହେଲା, ସେ ଜାଣିଥିଲେ ଯେ ପ୍ରଧାନଯାଜକମାନେ ଈର୍ଷାନ୍ୱିତ
ହୋଇ ଯୀଶୁଙ୍କୁ ତାହାଙ୍କ ହାତରେ ସମର୍ପଣ କରି ଦେଇଛନ୍ତି।
[୧୧]କିନ୍ତୁ ପ୍ରଧାନଯାଜକମାନେ ଲୋକମାନଙ୍କୁ ପ୍ରବର୍ତ୍ତାଇଲେ
ଯେ, ସେମାନେ ପୀଲାତଙ୍କୁ କୁହନ୍ତୁ ବାରବ୍ବାକୁ ମୁକ୍ତ
କରିବା ପାଇଁ, କିନ୍ତୁ ଯୀଶୁଙ୍କୁ ନୁହେଁ।
[୧୨]ପୀଲାତ ଲୋକମାନଙ୍କୁ ଆଉଥରେ ପଚାରିଲେ,
"ତୁମ୍ଭେମାନେ ଯାହାକୁ ଯିହୂଦୀମାନଙ୍କର ରାଜା ବୋଲି
କହୁଛ, ମୁଁ ତାହାଙ୍କ ପ୍ରତି କ'ଣ କରିବା ପାଇଁ ତୁମ୍ଭେମାନେ
ଚାହୁଁଛ?"
[୧୩]ଲୋକମାନେ ପାଟି କରି କହିଲେ, "ତାହାଙ୍କୁ କ୍ରୁଶରେ
ଚଢାଅ।"
[୧୪]ପୀଲାତ ପଚାରିଲେ,"କାହିଁକି? ସେ ଏଭଳି କ'ଣ
ଅପରାଧ କରିଛନ୍ତି?"
କିନ୍ତୁ ଲୋକମାନେ ଅଧିକ ଜୋରରେ ଚିତ୍କାର କରି
କହିଲେ, "ତାହାଙ୍କୁ କ୍ରୁଶରେ ଚଢାଅ।"

---

**ପଦସଂଖ୍ୟା ୬୮** କେତେକ ଗ୍ରୀକ୍ ପ୍ରତିରେ ଏହା ଅଛି
(ସେତିକିବେଳେ କୁକୁଡ଼ାଟିଏ ଡ଼ାକିଲା)

୧୫ପୀଲାତ ଲୋକମାନଙ୍କୁ ଖୁସୀ କରିବାକୁ ଚାହୁଁଲେ,
ତେଣୁ ସେ ସେମାନଙ୍କ ପାଇଁ ବାରବ୍ବାକୁ ମୁକ୍ତ କରି
ଦେଲେ ଏବଂ ଯୀଶୁଙ୍କୁ କୋରଡ଼ାରେ ପିଟିବା ପାଇଁ ସୈନ୍ୟମାନଙ୍କୁ
ଆଦେଶ ଦେଲେ। ତା'ପରେ ସେ ଯୀଶୁଙ୍କୁ କ୍ରୁଶରେ
ଚଢ଼ାଇ, ମାରିଦେବା ପାଇଁ ତାହାଙ୍କୁ ସୈନ୍ୟମାନଙ୍କ ହାତରେ
ଦେଇ ଦେଲେ।

୧୬ସୈନ୍ୟମାନେ ଯୀଶୁଙ୍କୁ ଶାସନକର୍ତ୍ତାଙ୍କ ପ୍ରାସାଦ ଭିତରକୁ
ନେଇଗଲେ। ସେମାନେ ଅନ୍ୟ ସମସ୍ତ ସୈନ୍ୟମାନଙ୍କୁ
ଏକାଠି ଡାକିଲେ। ୧୭ସୈନ୍ୟମାନେ ଯୀଶୁଙ୍କୁ ବାଇଗଣୀ
ରଙ୍ଗର ପୋଷାକ ପିନ୍ଧାଇଲେ। ସେମାନେ ଗୋଟିଏ କଣ୍ଟାର
ମୁକୁଟ ତିଆରି କରି ତାହାଙ୍କ ମୁଣ୍ଡରେ ପିନ୍ଧାଇଲେ। ୧୮ତା
ପରେ ସେମାନେ ତାହାଙ୍କୁ ସ୍ୱାଗତ କରି ଥଟ୍ଟାରେ କହିଲେ
ହେ ଯିହୂଦୀମାନଙ୍କର ରାଜା, କହି ପ୍ରଣାମ କଲେ।
୧୯ସୈନ୍ୟମାନେ ଯୀଶୁଙ୍କ ମୁଣ୍ଡରେ ବାରମ୍ବାର ବେତରେ
ଆଘାତ କଲେ। ତାହାଙ୍କ ଉପରେ ଛେପ ପକାଇଲେ।
ଆଣ୍ଠୁମାଡ଼ି ବସି ତାହାଙ୍କୁ ପ୍ରଣାମ କଲେ। ୨୦ଥଟ୍ଟା କରି
ସାରିବା ପରେ ସେମାନେ ଯୀଶୁଙ୍କ ଦେହରୁ ବାଇଗଣୀ
ପୋଷାକ କାଢ଼ିନେଇ ପୁଣି ତାହାଙ୍କୁ ତାହାଙ୍କର ପୂର୍ବ ବସ୍ତ୍ର
ପିନ୍ଧାଇଦେଲେ। ତା'ପରେ ସେମାନେ ଯୀଶୁଙ୍କୁ କ୍ରୁଶରେ
ଚଢାଇ ମାରିବା ପାଇଁ ପ୍ରାସାଦ ବାହାରକୁ ନେଇଗଲେ।

### ଯୀଶୁଙ୍କୁ କ୍ରୁଶରେ ଚଢାଇ ମାରି ଦିଆ ଗଲା

୨୧ସେତେବେଳେ ଜଣେ କୂରୀଣୀୟ ବାସିନ୍ଦା ଶିମୋନ
ପଲ୍ଲୀଗ୍ରାମରୁ ଆସି ସେ ବାଟେ ଯାଉଥିଲା। ସେ ଆଲେକ୍‌ଜାଣ୍ଡର
ଓ ରୂଫଙ୍କ ପିତା ଥିଲା। ସୈନ୍ୟମାନେ ଯୀଶୁଙ୍କ ପାଇଁ କ୍ରୁଶ
ବୋହି ନେବାକୁ ତାକୁ ବାଧ୍ୟ କଲେ। ୨୨ତା ପରେ
ସେମାନେ ଯୀଶୁଙ୍କୁ ଗଲ୍‌ଗଥା ନାମକ ସ୍ଥାନକୁ ନେଇ
ଗଲେ। (ଗଲ୍‌ଗଥାର ଅର୍ଥ କପାଳ-ସ୍ଥାନ) ୨୩ସେଠାରେ
ସେମାନେ ଯୀଶୁଙ୍କୁ ଗନ୍ଧରସ ମିଶ୍ରିତ ଅଙ୍ଗୁରରସ ପିଇବାକୁ
ଦେଲେ। କିନ୍ତୁ ଯୀଶୁ ତାହା ପିଇବାକୁ ମନା କଲେ। ୨୪ତା
ପରେ ସୈନ୍ୟମାନେ ଯୀଶୁଙ୍କୁ କ୍ରୁଶ-ବିଦ୍ଧ କଲେ। ସେମାନେ
ଯୀଶୁଙ୍କ ଲୁଗା-ପଟା ନିଜ ନିଜ ମଧ୍ୟରେ ବାଣ୍ଟି ନେଲେ।
କିଏ କ'ଣ ପାଇବ, ତାହା ସେମାନେ ଗୁଲିବାଣ୍ଟ ଦ୍ୱାରା ଭାଗ
କରିବା ପାଇଁ ସ୍ଥିର କଲେ।

୨୫ଯୀଶୁଙ୍କୁ କ୍ରୁଶବିଦ୍ଧ କଲା ବେଳକୁ ସକାଳ ନଅଟା
ବାଜିଥିଲା। ୨୬ଯୀଶୁଙ୍କ ବିରୁଦ୍ଧରେ ଗୋଟିଏ ଅଭିଯୋଗପତ୍ର
ଫଳକ ଉପରେ ଲେଖା ଯାଇଥିଲା ଓ "ଯିହୂଦୀମାନଙ୍କର
ରାଜା।' ୨୭ଯୀଶୁଙ୍କ ସହିତ ଆଉ ଦୁଇଜଣ ଡକାୟତଙ୍କୁ ମଧ୍ୟ
ସେମାନେ କ୍ରୁଶ-ବିଦ୍ଧ କଲେ। ଜଣକୁ ତାହାଙ୍କର ଡାହାଣ
ପଟେ ଓ ଆଉ ଜଣଙ୍କୁ ବାମ ପଟେ କ୍ରୁଶବିଦ୍ଧ କରାଗଲା।
୨୮* ୨୯ଯୀଶୁଙ୍କ ପାଖ ଦେଇ ଚାଲିଯାଉଥିବା ଲୋକେ
ତାହାଙ୍କୁ ଅପମାନିତ କରୁଥିଲେ। ସେମାନେ ମୁଣ୍ଡ ହଲେଇ
ହଲେଇ କହୁଥିଲେ, "ଆରେ ବାଃ; ତୁ ସେହି ଲୋକ,
ଯିଏ ମନ୍ଦିରକୁ ଭାଙ୍ଗି ଦେଇ ତିନି ଦିନ ମଧ୍ୟରେ ତାହା
ପୁଣି ତିଆରି କରି ଦେବୁ ବୋଲି କହୁଥିଲୁ। ୩୦ଏବେ କ୍ରୁଶ
ଉପରୁ ଓହ୍ଲେଇ ଆସି ନିଜକୁ ରକ୍ଷା କର।"

୩୧ପ୍ରଧାନ ଯାଜକ ଓ ଧର୍ମଶାସ୍ତ୍ରୀମାନେ ମଧ୍ୟ ସେଠାରେ
ଉପସ୍ଥିତ ଥିଲେ। ଅନ୍ୟ ଲୋକମାନେ ଯୀଶୁଙ୍କୁ ଯେଉଁଭଳି
ଭାବରେ ଥଟ୍ଟା କରୁଥିଲେ, ସେମାନେ ମଧ୍ୟ ଠିକ୍ ସେହିଭଳି
ଯୀଶୁଙ୍କୁ ଥଟ୍ଟା କଲେ। ସେମାନେ କୁହାକୁହି ହେଉଥିଲେ,
"ସେ ଅନ୍ୟକୁ ରକ୍ଷା କରୁଥିଲା, କିନ୍ତୁ ଏବେ ସେ ନିଜକୁ
ରକ୍ଷା କରି ପାରିଲା ନାହିଁ। ୩୨ଯଦି ପ୍ରକୃତରେ ସେ ଖ୍ରୀଷ୍ଟ,,
ଇସ୍ରାଏଲର ରାଜା, ତେବେ ବର୍ତ୍ତମାନ ସେ କ୍ରୁଶ ଉପରୁ
ତଳକୁ ଓହ୍ଲେଇ ଆସୁ। ନିଜକୁ ରକ୍ଷା କରୁ। ତା'ହେଲେ
ଆମ୍ଭେମାନେ ତାହା ଦେଖିବା ଓ ତାକୁ ବିଶ୍ୱାସ କରିବା।
ଯେଉଁମାନଙ୍କୁ ଯୀଶୁଙ୍କ ସହିତ ପାଖରେ କ୍ରୁଶ-ବିଦ୍ଧ କରାଯାଉଥିଲା,
ସେମାନେ ମଧ୍ୟ ଯୀଶୁଙ୍କୁ ଅପମାନିତ କଲେ।

### ଯୀଶୁଙ୍କ ମୃତ୍ୟୁ

୩୩ଦ୍ୱିପ୍ରହର ବେଳକୁ ସମଗ୍ର ଦେଶ ଉପରେ ଅନ୍ଧକାର
ମାଡ଼ି ଆସିଲା। ଏହି ଅନ୍ଧକାର ଅପରାହ୍ନ ତିନିଟା ବେଳ
ପର୍ଯ୍ୟନ୍ତ ରହିଲା। ୩୪ସେହି ସମୟରେ ଯୀଶୁ ବଡ଼ ପାଟିରେ
କହି ଉଠିଲେ, "ଏଲୋହୀ, ଏଲୋହୀ, ଲମାଶବକ୍ ଥାନୀ।"
ଅର୍ଥାତ, "ହେ ମୋର ପରମେଶ୍ୱର, ହେ ମୋର ପରମେଶ୍ୱର,
ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ?"

୩୫ସେଠାରେ ଠିଆ ହୋଇଥିବା କେତେକ ଲୋକ
ଏକଥା ଶୁଣିଲେ। ସେମାନେ କହିଲେ, "ଶୁଣ, ସେ
ଏଲୟଙ୍କୁ ଡାକୁଛି।" ୩୬ସେଠାରୁ ଜଣେ ଲୋକ ଦୌଡ଼ିଯାଇ
ଅମ୍ଳରସରେ ଭିଜାଇଥିବା ଗୋଟିଏ ସ୍ପଞ୍ଜ ଆଣିଲା। ସ୍ପଞ୍ଜକୁ
ଗୋଟିଏ ବାଡ଼ରେ ବାନ୍ଧିଲା। ଯୀଶୁ ସ୍ପଞ୍ଜରୁ ଅମ୍ଳ-ରସ
ପିଇବେ ବୋଲି ସେ ବାଡ଼ିଟିର ସ୍ପଞ୍ଜ ବନ୍ଧା ହୋଇଥିବା
ପାଖଟି ତାହାଙ୍କ ଆଡ଼କୁ ବଢାଇଲା। ଲୋକଟି କହିଲା,
"ଏବେ ଆମ୍ଭେ ଅପେକ୍ଷା କରିବା ଏବଂ ଏଲୟ ଆସି ତାକୁ
କ୍ରୁଶ ଉପରୁ ତଳକୁ ନେବାକୁ ଆସୁଛନ୍ତି କି ନାହିଁ,
ଦେଖିବା।"

୩୭ତା'ପରେ ଯୀଶୁ ଉଚ୍ଚ ସ୍ୱରରେ ପାଟି କରି ପ୍ରାଣତ୍ୟାଗ
କଲେ।

୩୮ଯୀଶୁ ଯେତେବେଳେ ପ୍ରାଣତ୍ୟାଗ କଲେ, ସେତେବେଳେ
ମନ୍ଦିରର ପରଦା ଉପରୁ ତଳ ପର୍ଯ୍ୟନ୍ତ ଦୁଇଖଣ୍ଡ ହୋଇ
ଚିରିଗଲା। ୩୯କ୍ରୁଶ ଆଗରେ ଠିଆ ହୋଇଥିବା ସେନାପତି
ଯୀଶୁ କିପରି ପ୍ରାଣତ୍ୟାଗ କଲେ, ତାହା ଦେଖିଲେ। ସେ
କହିଲେ, "ପ୍ରକୃତରେ ଏହି ଲୋକ ପରମେଶ୍ୱରଙ୍କ ପୁତ୍ରଥିଲେ।"

୪୦କେତେକ ସ୍ତ୍ରୀଲୋକ କ୍ରୁଶଠାରୁ କିଛି ଦୂରରେ ଠିଆ
ହୋଇ ଦେଖୁଥିଲେ। ସେମାନଙ୍କ ମଧ୍ୟରେ ମଗ୍‌ଦଲା ସହରରୁ
ଆସିଥିବା ମରିୟମ, ଶଲୋମୀ, ଯାକୁବ ଓ ଯୋସିଙ୍କ ମାଆ
ମରିୟମ ଥିଲେ। (ଯାକୁବ ମରିୟମଙ୍କର ସାନ ପୁଅ
ଥିଲା।) ୪୧ଏହି ସ୍ତ୍ରୀଲୋକମାନେ ଯୀଶୁ ଗାଲୀଲୀରେ ଥିବାବେଳେ
ତାହାଙ୍କର ସହିତରେ ଥିଲେ। ସେମାନେ ତାହାଙ୍କର
ସେବାଯତ୍ନ କରୁଥିଲେ। ଅନ୍ୟ ଅନେକ ସ୍ତ୍ରୀଲୋକ ମଧ୍ୟ

---

**ପଦସଂଖ୍ୟା ୨୮** କେତେକ ଗ୍ରୀକ୍ ପତ୍ରରେ ପଦସଂଖ୍ୟା ୨୮ ଏହିଭଳି ଯୋଡ଼ା ଯାଇଛି। "ଏହି ଭଳି ଭାବରେ ଶାସ୍ତ୍ରରେ ଲେଖାଥିବା ଏହି କଥା ସଫଳ ହେଲା : ତାହାଙ୍କୁ 'ଅପରାଧୀଙ୍କ ସହିତ ରଖାଗଲା।'"

ସେଠାରେ ଥିଲେ। ସେମାନେ ଯୀଶୁଙ୍କ ସହିତ ଯିରୂଶାଲମକୁ
ଆସିଥିଲେ।

## ଯୀଶୁଙ୍କୁ ସମାଧି ଦିଆଗଲା

୪୨ସନ୍ଧ୍ୟା ହୋଇଯାଇଥିଲା। ଏହି ଦିନଟି ଆୟୋଜନ
ଦିବସ (ବିଶ୍ରାମ-ଦିବସର ପୂର୍ବ ଦିନ) ଥିଲା। ୪୩ହାରିମାଥୀୟାର
ଯିହୂଦୀ ଯୋସେଫ ମହାସଭାର ଜଣେ ସମ୍ମାନିତ ସଦସ୍ୟ
ଥିଲେ ଓ ସେ ପରମେଶ୍ୱରଙ୍କ ରାଜ୍ୟ ଆସୁ ବୋଲି
ଚାହୁଁଥିଲେ। ସେ ସାହସର ସହିତ ପୀଲାତଙ୍କ ପାଖକୁ ଯାଇ
ଯୀଶୁଙ୍କ ଶବକୁ ମାଗିଲେ। ୪୪ଯୀଶୁ ଏତେ ଶୀଘ୍ର ମରି
ଯାଇ ସାରିଲେଣି ଶୁଣି ପୀଲାତ ବହୁତ ଆଶ୍ଚର୍ଯ୍ୟ ହୋଇଗଲେ।
ସେ ଯୀଶୁଙ୍କୁ ଜଗିଥିବା ସେନାପତିଙ୍କୁ ଡକାଇଲେ। ପୀଲାତ
ତାହାଙ୍କୁ ଯୀଶୁ ମରି ସାରିଲେଣି କି ନାହିଁ ପଚାରିଲେ।
୪୫ସେନାପତି ଜଣକ ପୀଲାତଙ୍କୁ ଯୀଶୁ ପ୍ରାଣତ୍ୟାଗ କରି
ସାରିଥିବା କଥା କହିଲେ। ତା'ପରେ ପୀଲାତ ଯୋସେଫଙ୍କୁ
କହିଲେ ଯେ ସେ ଯୀଶୁଙ୍କ ଶବ ନେଇ ଯାଇ ପାରିବେ।
୪୬ଯୋସେଫ ଖଣ୍ଡିଏ ବସ୍ତ୍ର କିଣିଲେ। ସେ ଶବକୁ କ୍ରୁଶ
ଉପରୁ ତଳକୁ ଓହ୍ଲାଇ ଆଣିଲେ। ସେ ଶବକୁ ବସ୍ତ୍ରରେ
ସମ୍ପୂର୍ଣ୍ଣ ଗୁଡ଼େଇ ଦେଲେ ଓ ପଥର କଟା ହୋଇ ତିଆରି
ହୋଇଥିବା ଗୋଟିଏ କବରରେ ତାହାଙ୍କୁ ରଖିଦେଲେ।
ଖଣ୍ଡିଏ ବଡ଼ ପଥର ଗଡ଼େଇ ଆଣି କବରର ମୁହଁକୁ ବନ୍ଦ
କରିଦେଲେ। ୪୭ମଗ୍ଦଲୀନୀ ମରିୟମ ଓ ଯୋସିଙ୍କ ମାଆ
ଯୀଶୁଙ୍କୁ ଯେଉଁଠାରେ ରଖାଗଲା, ସେହି ସ୍ଥାନଟି
ଦେଖିଲେ।

## ଯୀଶୁ ମୃତ୍ୟୁରୁ ପୁନରୁତ୍ଥିତ ହେଲେ

୧୬ ବିଶ୍ରାମ ଦିବସର ପର ଦିନ ମଗ୍ଦଲୀନୀ ମରିୟମ,
ଯାକୁବଙ୍କ ମାଆ ମରିୟମ ଓ ଶଲୋମୀ ଯୀଶୁଙ୍କ
ଶରୀରକୁ ଅଭିଷିକ୍ତ କରିବା ପାଇଁ କିଛି ସୁଗନ୍ଧିତ ତେଲ
ଆଣିଲେ। ୨ସପ୍ତାହର ସେହି ପ୍ରଥମ ଦିନ ଖୁବ୍ ଶୀଘ୍ର, ଠିକ
ସୂର୍ଯ୍ୟୋଦୟ ପରେ ପରେ ସେମାନେ କବର ପାଖକୁ
ଗଲେ। ୩ସେମାନେ ନିଜନିଜ ଭିତରେ କୁହାକୁହି ହେଲେ,
"କବର ମୁହଁକୁ ଗୋଟିଏ ବିରାଟ ପଥର ଦ୍ୱାରା ବନ୍ଦ କରି
ଦିଆ ହୋଇଛି। ପଥରଟିକୁ ଆମ୍ଭ ପାଇଁ କିଏ ସେଠାରୁ
ଗଡ଼େଇ ଦେବ?"
୪ତା ପରେ ସେମାନେ ସେ ଆଡ଼କୁ ଚାହିଁଲେ। ସେମାନେ
ଦେଖିଲେ ଯେ ସେହି ବଡ଼ ପଥରଟି ସେଠାରୁ ଘୁଞ୍ଚା
ଯାଇଛି। ୫ସେମାନେ କବର ଭିତରକୁ ଗଲେ। ସେଠାରେ
ସେମାନେ ଧଳା ପୋଷାକ ପିନ୍ଧିଥିବା ଜଣେ ଯୁବକକୁ
ଦେଖିଲେ। ସେ ସମାଧିର ଡାହାଣ ପଟେ ବସି ରହିଥିଲା।
ସେମାନେ ଡରିଗଲେ।
୬କିନ୍ତୁ ଯୁବକ ଜଣକ କହିଲେ, "ଭୟ କର ନାହିଁ।
ତୁମ୍ଭେମାନେ କ୍ରୁଶବଦ୍ଧ ନାଜରୀତର ଯୀଶୁଙ୍କୁ ଖୋଜୁଛ। ସେ
ମୃତ୍ୟୁରୁ ପୁନରୁତ୍ଥିତ ହୋଇଛନ୍ତି। ସେ ଏଠାରେ ନାହାଁନ୍ତି।
ଦେଖ, ସେମାନେ ତାହାଙ୍କୁ ଏହି ସ୍ଥାନରେ ରଖିଥିଲେ।
୭ଏବେ ଯାଇ ତାହାଙ୍କ ଶିଷ୍ୟମାନଙ୍କୁ ଏବଂ ପିତରଙ୍କୁ କୁହ
ଯେ ତୁମ୍ଭମାନଙ୍କ ପୂର୍ବରୁ ଯୀଶୁ ଗାଲୀଲୀକୁ ଯାଉଛନ୍ତି। ସେ
ତୁମ୍ଭକୁ ପୂର୍ବରୁ ଯେଉଁ ଭଳି କହିଥିଲେ, ତୁମ୍ଭେମାନେ
ତାହାଙ୍କୁ ସେହିଭଳି ସେଠାରେ ଦେଖିବ।" ୮ସେହି
ସ୍ତ୍ରୀଲୋକମାନେ ଭୟ ପାଇ ଯାଇଥିଲେ ଏବଂ ବିସ୍ମୟରେ
ଅଭିଭୂତ ହୋଇ ଯାଉଥିଲେ। ସେମାନେ କବରରୁ ବାହାରି
ଦୌଡ଼ି ପଳାଇଲେ, କିନ୍ତୁ ଭୟଭୀତ ହୋଇ ଯାଇଥିବାରୁ
ଏସବୁ ଘଟଣା କାହାରିକୁ କହିଲେ ନାହିଁ।

---

*(କେତେକ ପୁରୁଣା ଗ୍ରୀକ୍ ପ୍ରତିରେ ପଦସଂଖ୍ୟା ଆଠ)ରେହିଁ ମାର୍କ ଲିଖିତ ସୁସମାଚାର ସମାପ୍ତ ହୋଇଛି।)*

## କେତେକ ଶିଷ୍ୟ ଯୀଶୁଙ୍କୁ ଦେଖିଲେ

୯ସପ୍ତାହର ପ୍ରଥମ ଦିନର ବଡ଼ ସକାଳୁ ଯୀଶୁ ମୃତ୍ୟୁରୁ
ପୁନରୁତ୍ଥିତ ହେଲେ। ସର୍ବ ପ୍ରଥମେ ସେ ମଗ୍ଦଲୀନୀ
ମରିୟମଙ୍କ ନିକଟରେ ନିଜକୁ ଦେଖା ଦେଲେ। ଅତୀତରେ
ଥରେ ଯୀଶୁ ଏହି ମରିୟମଙ୍କ ଠାରୁ ସାତଟି ଭୂତଙ୍କୁ ତଡ଼ି
ଦେଇଥିଲେ। ୧୦ମରିୟମ ଯୀଶୁଙ୍କୁ ଦେଖି ସାରିବା ପରେ
ତାହାଙ୍କ ଶିଷ୍ୟମାନଙ୍କ ପାଖକୁ ଯାଇ ଏବିଷୟ କହିଲେ।
ସେତେବେଳେକୁ ଶିଷ୍ୟମାନେ ଶୋକରେ ବୁଡ଼ି ଯାଇଥିଲେ
ଓ ବିଳାପ କରୁଥିଲେ। ୧୧ମରିୟମ ସେମାନଙ୍କୁ କହିଲେ
ଯେ ଯୀଶୁ ଜୀବିତ ଅଛନ୍ତି ଏବଂ ସେ ନିଜେ ଯୀଶୁଙ୍କୁ
ଦେଖିଛନ୍ତି। କିନ୍ତୁ ଶିଷ୍ୟମାନେ ସେମାନଙ୍କ କଥାରେ ବିଶ୍ୱାସ
କଲେ ନାହିଁ।
୧୨ଏହା ପରେ ଦୁଇଜଣ ଶିଷ୍ୟ ପଡ଼ିଆ ମଧରେ
ଯାଉଥିବା ସମୟରେ ଯୀଶୁ ସେମାନଙ୍କ ନିକଟରେ ଅନ୍ୟ
ଏକ ରୂପରେ ଦେଖା ଦେଲେ। ୧୩ଏହି ଶିଷ୍ୟ ଦୁଇଜଣ
ଫେରିଆସି ଅନ୍ୟ ଶିଷ୍ୟମାନଙ୍କୁ ଏକଥା ଜଣାଇଲେ। ତଥାପି
ଶିଷ୍ୟମାନେ ତାହାଙ୍କ କଥାକୁ ମଧ ବିଶ୍ୱାସ କଲେ ନାହିଁ।

## ପ୍ରେରିତମାନଙ୍କ ସହିତ ଯୀଶୁଙ୍କ କଥାବାର୍ତ୍ତା

୧୪ପରେ ଯେତେବେଳେ ଏଗାର ଜଣ ପ୍ରେରିତ ଖାଉଥିଲେ,
ସେତିକିବେଳେ ଯୀଶୁ ସେମାନଙ୍କୁ ଦେଖା ଦେଲେ। ସେ
ସେମାନଙ୍କୁ ସେମାନଙ୍କର ଅବିଶ୍ୱାସ ଓ ମନର ଜଡ଼ତା ପାଇଁ
ସମାଲୋଚନା କଲେ। କାରଣ ଯେଉଁମାନେ ଯୀଶୁଙ୍କୁ ମୃତ୍ୟୁରୁ
ପୁନରୁତ୍ଥାନ ହୋଇଛନ୍ତି ବୋଲି ଦେଖିଥିଲେ ସେମାନଙ୍କୁ ଏହି
ଶିଷ୍ୟମାନେ ବିଶ୍ୱାସ କରି ନଥିଲେ।
୧୫ଯୀଶୁ ସେମାନଙ୍କୁ କହିଲେ, "ପୃଥିବୀର ଚାରିଆଡ଼କୁ
ଯାଅ। ପ୍ରତ୍ୟେକ ଲୋକକୁ ସୁସମାଚାର ଶୁଣାଅ। ୧୬ଯେଉଁ
ଲୋକ ବିଶ୍ୱାସ କରିବ ଓ ବାପ୍ତିଜିତ ହେବ, ସେ ଉଦ୍ଧାର
ପାଇବ। କିନ୍ତୁ ଯେଉଁ ଲୋକ ଅବିଶ୍ୱାସ କରିବ, ସେ
ଦୋଷୀ ସାବ୍ୟସ୍ତ ହେବ। ୧୭ଯେଉଁମାନେ ମୋତେ ବିଶ୍ୱାସ
କରିବେ, ସେମାନେ ତାର ପ୍ରମାଣ ସ୍ୱରୂପ ଏହି ସବୁ କାମ
କରିବାକୁ ସକ୍ଷମ ହେବେ: ସେମାନେ ଲୋକମାନଙ୍କ ଠାରୁ
ମୋ ନାମରେ ଭୂତମାନଙ୍କୁ ବାହାର କରି ଦେଇ ପାରିବେ।
କେବେହେଲେ ଶିଖି ନଥିବା ନୂଆନୂଆ ଅନେକ ଭାଷାରେ
କଥାବାର୍ତ୍ତା କରିବେ। ୧୮ସେମାନେ ନିଜ ହାତରେ ସାପକୁ
ଧରିବେ କିନ୍ତୁ ସେମାନଙ୍କର କିଛି ହେଲେ କ୍ଷତି ହେବନାହିଁ।
ସେମାନେ ବିଷ ମଧ ପିଇ ଦେବେ, କିନ୍ତୁ ସେମାନଙ୍କର

କିଛି ହେଲେ କ୍ଷତି ହେବନାହିଁ। ଏ ଲୋକମାନେ ରୋଗୀମାନଙ୍କ ଉପରେ ହାତ ରଖିବେ ଏବଂ ରୋଗୀମାନେ ଭଲ ହୋଇଯିବେ।"

୧୯ପ୍ରଭୁ ଯୀଶୁ ଏହିସବୁ କଥା ପ୍ରେରିତମାନଙ୍କୁ କହିସାରିବା
ପରେ ତାହାଙ୍କୁ ସ୍ୱର୍ଗକୁ ନିଆଗଲା। ସେ ପରମେଶ୍ୱରଙ୍କ
ଡାହାଣ ପଟେ ବସିଲେ। ୨୦ତା'ପରେ ପ୍ରେରିତମାନେ ପୃଥିବୀର
ପ୍ରତ୍ୟେକ ସ୍ଥାନକୁ ଯାଇ ଲୋକମାନଙ୍କୁ ସୁସମାଚାରର ଉପଦେଶ ଦେଲେ ଏବଂ ପ୍ରଭୁ ସେମାନଙ୍କୁ ସାହାଯ୍ୟ କଲେ। ପ୍ରଭୁ ପ୍ରମାଣିତ କରିଦେଲେ ଯେ, ପ୍ରେରିତମାନେ ଯେଉଁ ସୁସମାଚାର ପ୍ରଚାର କରୁଥିଲେ ତାହା ସତ୍ୟ। ପ୍ରଭୁ ସେମାନଙ୍କୁ ଆଶ୍ଚର୍ଯ୍ୟକାର୍ଯ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରି ଏହା ପ୍ରମାଣିତ କରିଦେଲେ।

# ଲୂକ ଲିଖିତ ସୁସମାଚାର

### ଯୀଶୁଙ୍କ ଜୀବନୀ ସମ୍ବନ୍ଧରେ ଲୂକଙ୍କ ରଚନା

୧ ପ୍ରିୟ ଥିୟଫିଲ,
ଅନେକ ଲୋକ ଆମ୍ଭମାନଙ୍କ ମଧ୍ୟରେ ଘଟି ଯାଇଥିବା
ଘଟଣା ଗୁଡ଼ିକର ବିବରଣୀ ଲେଖିବା ପାଇଁ ଚେଷ୍ଟା କରିଛନ୍ତି।
୨ଯେଉଁମାନେ ଏ ଘଟଣା ଗୁଡ଼ିକୁ ନିଜେ ଆରମ୍ଭରୁ ଦେଖିଛନ୍ତି
ଏବଂ ଲୋକମାନଙ୍କ ମଧ୍ୟରେ ତାହାଙ୍କ ବାର୍ତ୍ତା ପ୍ରଚାର କରି
ପରମେଶ୍ୱରଙ୍କ ସେବା କରିଛନ୍ତି, ସେହିମାନଙ୍କ ଠାରୁ
ଯେଉଁବିଷୟ ଆମ୍ଭେମାନେ ଶିକ୍ଷା କରିଛୁ ଠିକ୍ ସେହିସବୁ
କଥା ସେମାନେ ଲେଖିଅଛନ୍ତି। ୩ହେ ମାନ୍ୟବର, ଯେହେତୁ
ପ୍ରଥମରୁ ମୁଁ ନିଜେ ସାବଧାନ ହୋଇ ଏ ସବୁ ଅନୁଧ୍ୟାନ
କରିଛି, ସେଥିସକାଶେ ତୁମ୍ଭ ପାଇଁ ଏହାର ଗୋଟିଏ କ୍ରମିକ
ବିବରଣୀ ଏକ ପୁସ୍ତକ ଆକାରରେ ଲେଖିବାକୁ ମୁଁ ଉଚିତ
ମନେ କଲି। ୪ମୁଁ ଏଗୁଡ଼ିକ ଲେଖିବା ଫଳରେ ତୁମ୍ଭେମାନେ
ଜାଣି ପାରିବ ଯେ ଆପଣଙ୍କୁ ଯାହା ସବୁ ଶିକ୍ଷା ଦିଆ
ଯାଇଛି, ତାହା ସତ୍ୟ।

### ଜିଖରିୟ ଓ ଏଲୀଶାବେଥ

୫ହେରୋଦ ଯିହୂଦାର ରାଜା ଥିବା ସମୟରେ ଜିଖରିୟ
ନାମକ ଜଣେ ଯାଜକ ଥିଲେ। ସେ ‘ଅବିୟ’ଙ୍କ ଦଳର
ଲୋକଥିଲେ। ତାହାଙ୍କ ପତ୍ନୀଙ୍କ ନାମ ଥିଲା ଏଲୀଶାବେଥ।
ଏଲୀଶାବେଥ ହାରୋଣ ବଂଶର ଝିଅ ଥିଲେ। ୬ସେମାନେ
ଦୁହେଁ ପରମେଶ୍ୱରଙ୍କ ଆଗରେ ଉତ୍ତମ ବ୍ୟକ୍ତି ଥିଲେ।
ସେମାନେ ଉଭୟ ପ୍ରଭୁଙ୍କର ସମସ୍ତ ଆଜ୍ଞା ପାଳନ କରୁଥିଲେ।
ପ୍ରଭୁ ଲୋକମାନଙ୍କୁ ପାଳିବାକୁ କହିଥିବା ସମସ୍ତ କଥା
ସେମାନେ ଦୁହେଁ ପାଳୁଥିଲେ। ସେମାନଙ୍କର କୌଣସି ଭୁଲ
ନଥିଲା। ୭କିନ୍ତୁ ସେମାନଙ୍କର କୌଣସି ସନ୍ତାନସନ୍ତତି ନଥିଲେ।
ଏଲୀଶାବେଥ ବନ୍ଧ୍ୟା ଥିଲେ। ଉଭୟେ ଜିଖରିୟ ଓ
ଏଲୀଶାବେଥ ବୁଢ଼ାବୁଢ଼ୀ ହୋଇ ଯାଇଥିଲେ।
୮ଜିଖରିୟ ତାହାଙ୍କ ଦଳ ତରଫରୁ ଜଣେ ଯାଜକ
ହିସାବରେ ମନ୍ଦିରରେ ପରମେଶ୍ୱରଙ୍କ ସେବାକାର୍ଯ୍ୟ କରୁଥିଲେ।
ସେବାକାର୍ଯ୍ୟ କରିବା ପାଇଁ ତାହାଙ୍କ ଦଳର ପାଳି ପଡ଼ିଲା।
୯ଧୂପ ଅର୍ପଣ କରିବା ପାଇଁ ଯାଜକମାନେ ସଦାବେଳେ
ଜଣେ ଯାଜକଙ୍କୁ ବାଛୁଥିଲେ। ଜିଖରିୟଙ୍କୁ ଏଥିପାଇଁ ବଛାଗଲା।
ତେଣୁ ଜିଖରିୟ ପ୍ରଭୁଙ୍କ ମନ୍ଦିର ଭିତରକୁ ଧୂପ ଦେବା
ପାଇଁ ଗଲେ। ୧୦“ବାହାରେ ବହୁତ ଲୋକ ଜମା ହୋଇଥିଲେ।
ଧୂପ ଜାଳିବା ସମୟରେ ସେମାନେ ପ୍ରାର୍ଥନା କରୁଥିଲେ।
୧୧ସେହି ସମୟରେ ଜିଖରିୟଙ୍କ ଆଗରେ ପ୍ରଭୁଙ୍କର ଜଣେ
ସ୍ୱର୍ଗଦୂତ ଦର୍ଶନ ଦେଲେ। ସେ ଧୂପବେଦୀର ଡାହାଣ
ପଟେ ଠିଆ ହୋଇଥିଲେ। ୧୨ଜିଖରିୟ ସ୍ୱର୍ଗଦୂତଙ୍କୁ ଦେଖିବା
ମାତ୍ରେ ବିଚଳିତ ଓ ବହୁତ ଭୟଭୀତ ହେଲେ। ୧୩କିନ୍ତୁ
ସ୍ୱର୍ଗଦୂତ ତାହାଙ୍କୁ କହିଲେ, “ଜିଖରିୟ! ଭୟ କରନାହିଁ,
ତୁମ୍ଭର ପ୍ରାର୍ଥନା ପରମେଶ୍ୱର ଶୁଣିଛନ୍ତି। ତୁମ୍ଭର ପତ୍ନୀ
ଏଲୀଶାବେଥ ଗୋଟିଏ ପୁତ୍ର ସନ୍ତାନ ଜନ୍ମ କରିବେ।
ତୁମ୍ଭେମାନେ ତାହାର ନାମ ଯୋହନ ରଖିବ। ୧୪ତୁମ୍ଭେ
ଅତ୍ୟନ୍ତ ଖୁସି ହେବ। ତାହାଙ୍କର ଜନ୍ମ ହେତୁ ବହୁତ
ଲୋକ ଖୁସି ହେବେ। ୧୫ପ୍ରଭୁଙ୍କ ପାଇଁ ଯୋହନ ମହାନ
ହେବେ। ସେ କେବେ ହେଁ ଦ୍ରାକ୍ଷାରସ କିମ୍ବା ମଦ୍ୟପାନ
କରିବେ ନାହିଁ। ଏପରିକି ଜନ୍ମ ସମୟରୁ ସେ ପବିତ୍ରଆତ୍ମାରେ
ପରିପୂର୍ଣ୍ଣ ହେବେ। ୧୬ଯୋହନ ଅନେକ ଯିହୂଦୀ ଲୋକଙ୍କୁ
ପ୍ରଭୁଙ୍କ ପାଖକୁ ଫେରି ଆସିବାକୁ ସାହାଯ୍ୟ କରିବେ। ପ୍ରଭୁ
ସେମାନଙ୍କର ପରମେଶ୍ୱର ଅଟନ୍ତି। ୧୭ଯୋହନ ନିଜେ
ଅଗ୍ରଗାମୀ ରୂପେ ପ୍ରଭୁଙ୍କ ପୂର୍ବରୁ ଯିବେ। ସେ ଏଲିୟଙ୍କ
ପରି ଶକ୍ତିଶାଳୀ ହେବେ। ସେ ଏଲିୟଙ୍କ ଆତ୍ମା ଲାଭ
କରିବେ। ସେ ପିତାଗଣ ଓ ସେମାନଙ୍କ ସନ୍ତାନମାନଙ୍କ
ମଧ୍ୟରେ ଶାନ୍ତି ସ୍ଥାପନ କରିବେ। ପରମେଶ୍ୱରଙ୍କୁ ଅବଜ୍ଞା
କରୁଥିବା ଅନେକ ଲୋକମାନଙ୍କୁ ଧାର୍ମିକମାନଙ୍କ ଦୃଷ୍ଟିରେ
ଠିକ୍ ମାର୍ଗକୁ ସେ ନେଇ ଆସିବେ। ପ୍ରଭୁଙ୍କ ଆଗମନ
ପାଇଁ ସେ ଲୋକମାନଙ୍କୁ ପ୍ରସ୍ତୁତ କରିବେ।”
୧୮ଜିଖରିୟ ସ୍ୱର୍ଗଦୂତଙ୍କୁ କହିଲେ, “ତୁମ୍ଭେ ଯାହା କହୁଛ,
ତାହା ସତ୍ୟ ବୋଲି ମୁଁ କିପରି ଜାଣିବି? ମୁଁ
ଜଣେ ବୁଢ଼ା ଲୋକ ଓ ମୋର ପତ୍ନୀ ମଧ୍ୟ ବୁଢ଼ୀ
ହୋଇଗଲେଣି।”
୧୯ସ୍ୱର୍ଗଦୂତ ଉତ୍ତର ଦେଲେ, “ମୁଁ ଗାବ୍ରିୟେଲ। ମୁଁ
ପରମେଶ୍ୱରଙ୍କ ସାମନାରେ ଠିଆ ହୋଇଥାଏ। ତୁମ୍ଭ ସହିତ
କଥାବାର୍ତ୍ତା କରିବାକୁ ଓ ଏ ସୁସମାଚାର ଦେବାକୁ ପରମେଶ୍ୱର
ମୋତେ ପଠାଇଛନ୍ତି। ୨୦ଏବେ ଶୁଣ! ତୁମ୍ଭେମାନେ ମୋ
କଥାରେ ବିଶ୍ୱାସ କଲନାହିଁ। କିନ୍ତୁ ନିଶ୍ଚିତ ସମୟ ଆସିଲେ
ଏହା ସତ୍ୟ ବୋଲି ପ୍ରମାଣିତ ହେବ। ଏବେ ତୁମ୍ଭେ ମୂକ
ହୋଇଯିବ। ଯେ ପର୍ଯ୍ୟନ୍ତ ଏସବୁ ନ ଘଟିଛି, ସେ ପର୍ଯ୍ୟନ୍ତ
ତୁମ୍ଭେମାନେ କହିବା ଶକ୍ତି ହରେଇ ବସିବ।”
୨୧ତେଣେ ଲୋକମାନେ ବାହାରେ ଜିଖରିୟଙ୍କୁ ଅପେକ୍ଷା
କରିଥିଲେ। ସେମାନେ ଆଶ୍ଚର୍ଯ୍ୟ ହେଲେ ଯେ ଏତେ
ସମୟ ପର୍ଯ୍ୟନ୍ତ ଜିଖରିୟ ମନ୍ଦିର ଭିତରେ କାହିଁକି ଅଟକି
ରହିଛନ୍ତି! ୨୨ଯେତେବେଳେ ଜିଖରିୟ ବାହାରକୁ ଆସିଲେ,
ସେତେବେଳେ ସେ କିଛି କଥା କହିପାରୁ ନଥିଲେ। ତେଣୁ
ସେମାନେ ବୁଝି ପାରିଲେ ଯେ, ସେ ମନ୍ଦିର ଭିତରେ
କୌଣସି ଦିବ୍ୟଦର୍ଶନ ପାଇଛନ୍ତି। ସେ ମୂକ ହୋଇ
ଯାଇଥିଲେ ଓ କେବଳ ଠାରରେ କହୁଥିଲେ। ୨୩ଜିଖରିୟଙ୍କ

ସେବାକାର୍ଯ୍ୟର ସମୟ୍ ଶେଷ ହୋଇଯିବାପରେ ସେ ଘରକୁ
ଫେରଗଲେ।
୨୪ତା'ପରେ ଜିଖରୟଙ୍କ ପତ୍ନୀ ଏଲୀଶାବେଥ ଗର୍ଭବତୀ
ହେଲେ, ତେଣୁ ଏଲୀଶାବେଥ ଘର ବାହାରକୁ ପାଞ୍ଚମାସ
ପର୍ଯ୍ୟନ୍ତ ବାହାରଲେ ନାହିଁ। ଏଲୀଶାବେଥ କହଲେ, ୨୫"ଦେଖ,
ଶେଷରେ ପରମେଶ୍ୱର ମୋତେ ସାହାଯ୍ୟ କରଛନ୍ତ।
ଲୋକମାନଙ୍କ ମଧ୍ୟରେ ମୋର ଲଜ୍ଜା ନବାରଣ କରବା
ପାଇଁ ପ୍ରଭୁ ମୋ' ପ୍ରତି ସଦୟ୍ ହୋଇଛନ୍ତ।"

## କୁମାରୀ କନ୍ୟା ମରୟମ

୨୬-୨୭ଏଲୀଶାବେଥଙ୍କର ଗର୍ଭର ଷଷ୍ଠ ମାସ ଚାଲୁଥିଲା।
ଗାଲୀଲୀର ଗୋଟିଏ ସହର ନାଜରତରେ ବାସ କରୁଥିବା
ଜଣେ କୁମାରୀକନ୍ୟା ପାଖକୁ ପରମେଶ୍ୱର ସ୍ୱର୍ଗଦୂତ
ଗାବ୍ରୀୟେଲଙ୍କୁ ପଠାଇଲେ। ଦାଉଦଙ୍କ ବଂଶଜ ଯୋସେଫ
ନାମକ ଜଣେ ପୁରୁଷ ସହତ ସେ କନ୍ୟାଙ୍କର ବବାହନର୍ବନ୍ଧ
ହୋଇ ସାରଥିଲା। ତାହାଙ୍କର ନାମ ମରୟମ ଥିଲା।
୨୮ସ୍ୱର୍ଗଦୂତ ସେହ କନ୍ୟା ପାଖକୁ ଆସି କହଲେ, "ନମସ୍କାର।
ପ୍ରଭୁ ତୁମ୍ଭକୁ ଅନୁଗ୍ରହ କରଛନ୍ତ। ସେ ତୁମ୍ଭସହତ ଅଛନ୍ତ।"
୨୯ମରୟମ କନ୍ତୁ ସ୍ୱର୍ଗଦୂତଙ୍କ କଥାଶୁଣି ଉଦବଗ୍ନ
ହୋଇଗଲେ। ତାହାଙ୍କ ଅଭିବାଦନର ଅର୍ଥ କଣ ହୋଇପାରେ,
ସେହ କଥା ଭାବ ସେ ଚନ୍ତାରେ ପଡଗଲେ।
୩୦ସ୍ୱର୍ଗଦୂତ ତାହାଙ୍କୁ କହଲେ, "ମରୟମ! ଭୟ କରନାହିଁ।
କାରଣ ପରମେଶ୍ୱର ତୁମ୍ଭ ଉପରେ ପ୍ରସନ୍ନ ହୋଇଛନ୍ତ।
୩୧ଶୁଣ, ତୁମ୍ଭେ ଗର୍ଭବତୀ ହେବ। ତୁମ୍ଭେ ଗୋଟିଏ ପୁତ୍ର
ସନ୍ତାନକୁ ଜନ୍ମ ଦେବ। ତୁମ୍ଭେ ତାହାଙ୍କ ନାଁ ଯୀଶୁ ରଖିବ।
୩୨ସେ ମହାନ୍ ହେବେ। ଲୋକମାନେ ତାହାଙ୍କୁ ସର୍ବୋପରସ୍ଥ
ପରମେଶ୍ୱରଙ୍କ ପୁତ୍ର ବୋଲ କହବେ ଏବଂ ପ୍ରଭୁ ପରମେଶ୍ୱର
ତାହାଙ୍କୁ ତାହାଙ୍କର ପୂର୍ବ ପୁରୁଷ ଦାଉଦଙ୍କ ସିଂହାସନ
ପ୍ରଦାନ କରବେ। ୩୩ସେ ଅନନ୍ତକାଳ ପର୍ଯ୍ୟନ୍ତ ଯାକୁବବଂଶ
ଉପରେ ରାଜତ୍ୱ କରବେ। ଯୀଶୁଙ୍କ ରାଜ୍ୟର କେବେହେଲେ
ଶେଷ ହେବ ନାହିଁ।"
୩୪ମରୟମ ସ୍ୱର୍ଗଦୂତଙ୍କୁ ପଚାରଲେ, "ଏହା କପର
ଘଟିବ? ମୁଁ ଏବେ ମଧ୍ୟ କୁମାରୀ ଅଛ।"
୩୫ସ୍ୱର୍ଗଦୂତ ମରୟମଙ୍କୁ କହଲେ, "ପବତ୍ରଆତ୍ମା ତୁମ୍ଭ
ପାଖକୁ ଆସିବେ, ସର୍ବୋପରସ୍ଥ ପରମେଶ୍ୱରଙ୍କ ଶକ୍ତ ତୁମ୍ଭକୁ
ଆବରଣ କରବ। ଏହ ଭଳ ଭାବରେ ଜନ୍ମଗ୍ରହଣ କରୁଥିବା
ବାଳକ ପବତ୍ର ହେବେ। ସେ ପରମେଶ୍ୱରଙ୍କ ପୁତ୍ରଭାବରେ
ଖ୍ୟାତ ହେବେ। ୩୬ତୁମ୍ଭର ସମ୍ପର୍କୀୟ ଏଲୀଶାବେଥ ମଧ୍ୟ
ଗର୍ଭବତୀ ଅଛନ୍ତ। ବହୁତ ବୁଢ଼ୀ ହୋଇଯାଇଥିଲେ ମଧ୍ୟ
ସେ ଏବେ ଗୋଟିଏ ପୁତ୍ରସନ୍ତାନକୁ ଜନ୍ମ ଦେବେ। ସମସ୍ତେ
ଭାବୁଥିଲେ ଯେ ସେ ଏଣିକ ଆଉ ସନ୍ତାନ ସନ୍ତତି
ପାଇବାକୁ ସମର୍ଥ ହେବେନାହିଁ। କନ୍ତୁ ସେ ଏବେ ଛଅ
ମାସର ଗର୍ଭବତୀ ଅଟନ୍ତ। ୩୭ପରମେଶ୍ୱର ସବୁ କଛ କର
ପାରନ୍ତ। ତାହାଙ୍କ ପାଇଁ ଅସମ୍ଭବ ବୋଲ କଛ ନାହିଁ।"
୩୮ମରୟମ କହଲେ, "ମୁଁ ପ୍ରଭୁଙ୍କର ଦାସୀ କନ୍ୟା
ଅଟେ। ତୁମ୍ଭେ ମୋତେ ଯାହା କହଲ, ମୋ ପାଇଁ ତାହା
ହିଁ ହେଉ।" ତାପରେ ସ୍ୱର୍ଗଦୂତ ତାହାଙ୍କ ପାଖରୁ ଚାଲଗଲେ।

## ମରୟମ, ଜିଖରୟ ଓ ଏଲୀଶାବେଥଙ୍କ ପାଖକୁ ଗଲେ।

୩୯ଠିକ୍ ତା'ପରେ ମରୟମ ପ୍ରସ୍ତୁତ ହେଲେ ଓ
ତରତର ହୋଇ ଯିହୂଦାର ପାହାଡ଼ିଆ ପ୍ରଦେଶସ୍ଥିତ ଗୋଟିଏ
ନଗରକୁ ବାହାର ପଡ଼ିଲେ। ୪୦ସେ ଜିଖରୟଙ୍କ ଘରକୁ
ଯାଇ ଏଲୀଶାବେଥଙ୍କୁ ଅଭିବାଦନ କଲେ। ୪୧ମରୟମଙ୍କ
ଅଭିବାଦନ ଶୁଣିବା ମାତ୍ରେ ଏଲୀଶାବେଥଙ୍କ ଗର୍ଭସ୍ଥ ସନ୍ତାନ
ନାଚ ଉଠିଲା। ଏଲୀଶାବେଥ ପବତ୍ର ଆତ୍ମାରେ ପରପୂର୍ଣ୍ଣ
ହୋଇ ଉଠିଲେ। ୪୨ଏଲୀଶାବେଥ ବଡ ପାଟିରେ କହଲେ,
"ତୁମ୍ଭେ ସମସ୍ତ ନାରୀମାନଙ୍କ ଅପେକ୍ଷା ଅଧିକ ଧନ୍ୟା।
କାରଣ ଯେଉଁ ଶିଶୁକୁ ତୁମ୍ଭେ ଜନ୍ମ ଦେବାକୁ ଯାଉଅଛ,
ପରମେଶ୍ୱର ତାହାକୁ ଧନ୍ୟ କରଛନ୍ତ। ୪୩ତୁମ୍ଭେ ମୋ
ପ୍ରଭୁଙ୍କ ମାଆ ଏବଂ ତୁମ୍ଭେ ମୋ ପାଖକୁ ଆସିଛ! ମୋ
ପାଇଁ ଏତେ ବଡ ଭଲ ଘଟଣା କାହିଁକ ଘଟିଲା? ୪୪ମୁଁ
ତୁମ୍ଭ ଅଭିବାଦନର ସ୍ୱର ଶୁଣିବା ମାତ୍ରେ ମୋର ଗର୍ଭସ୍ଥ
ସନ୍ତାନ ଆନନ୍ଦରେ ନାଚ ଉଠିଲା। ୪୫ତୁମ୍ଭେ ଧନ୍ୟା।
କାରଣ ପ୍ରଭୁ ତୁମ୍ଭକୁ ଯାହା କହଥିଲେ ତୁମ୍ଭେ ତାହା
ବଶ୍ୱାସ କରଛ। ଏ କଥା ନଶ୍ଚୟ ଘଟିବ ବୋଲ ତୁମ୍ଭେ
ବଶ୍ୱାସ କଲ।

## ମରୟମ ପରମେଶ୍ୱରଙ୍କୁ ସ୍ତୁତି କଲେ।

୪୬ତା'ପରେ ମରୟମ କହଲେ,

୪୭ "ମୋର ଆତ୍ମା ପ୍ରଭୁଙ୍କର ସ୍ତୁତି କରୁଛି। ମୋର
ହୃଦୟ୍ ଆନନ୍ଦରେ ପରପୂର୍ଣ୍ଣ। କାରଣ ପରମେଶ୍ୱର
ମୋର ଉଦ୍ଧାର କର୍ତ୍ତା।
୪୮ ମୋର କଛ ମହତ୍ୱ ନାହିଁ, କନ୍ତୁ ପରମେଶ୍ୱର ମୋ
ଭଳ ଦୀନହୀନଦାସୀ ଉପରେ କୃପାଦୃଷ୍ଟି ପକାଇଲେ।
ଆଜିଠାରୁ ସମସ୍ତେ ମୋତେ ସବୁ ଧନ୍ୟ କହବେ।
୪୯ କାରଣ ସର୍ବଶକ୍ତମାନ ପରମେଶ୍ୱର ମୋ ପାଇଁ
ମହାନ୍ କାର୍ଯ୍ୟ ସବୁ କରଛନ୍ତ। ତାହାଙ୍କର ନାମ
ପବତ୍ର ହେଉ।
୫୦ ଯେଉଁମାନେ ତାହାଙ୍କର ଉପାସନା କରନ୍ତ, ସେ
ସେମାନଙ୍କୁ ସଦାସର୍ବଦା ଦୟାକରନ୍ତ।
୫୧ ସେ ତାଙ୍କର ବାହୁର ଶକ୍ତ ଦେଖାଇଛନ୍ତ। ସେ
ଅହଂକାରୀ ଲୋକମାନଙ୍କୁ ଛିନ୍‌ଛତ୍ର କର ସେମାନଙ୍କର
ସମସ୍ତ ଯୋଜନା ଧ୍ୱଂସ କରଦେଲେ।
୫୨ ପରମେଶ୍ୱର ରାଜାମାନଙ୍କୁ ସିଂହାସନରୁ ତଳକୁ ଖସାଇ
ଆଣିଲେ ଓ ଦୀନହୀନ ଲୋକଙ୍କୁ ଉପରକୁ ଉଠାଇଲେ।
୫୩ ସେ ଭୋକଲା ଲୋକଙ୍କୁ ଭଲ ବଷୟଦେଇ ତୃପ୍ତ
କଲେ କନ୍ତୁ ଧନୀ ଓ ସ୍ୱାର୍ଥପର ଲୋକଙ୍କୁ ଖାଲ
ହାତରେ ଫେରାଇ ଦେଲେ।
୫୪ ତାହାଙ୍କର ସେବା କରବାପାଇଁ ସେ ନଜେ ବାଛିଥିବା
ଇସ୍ରାୟେଲର ଲୋକମାନଙ୍କୁ ସାହାଯ୍ୟ କଲେ। ସେ
ଆମ୍ଭମାନଙ୍କୁ ତାହାଙ୍କର କୃପା ପ୍ରଦାନ କରଛନ୍ତ।
୫୫ ସେ ଆମ୍ଭମାନଙ୍କ ପୂର୍ବପୁରୁଷଙ୍କୁ, ଅବ୍ରହାମ ଓ ତାହାଙ୍କର
ସନ୍ତାନମାନଙ୍କୁ ସଦାସର୍ବଦା ଦୟା ଦେଖାଇବା ପାଇଁ
ଦେଇଥିବା ତାହାଙ୍କ ପୂର୍ବ ପ୍ରତିଶ୍ରୁତି ପାଳନ କରଛନ୍ତ।"

୫୬ମରିୟମ ପ୍ରାୟ ତିନିମାସ ପର୍ଯ୍ୟନ୍ତ ଏଲୀଶାବେଥଙ୍କ
ପାଖରେ ରହିବା ପରେ ନିଜ ଘରକୁ ଫେରିଗଲେ।

## ଯୋହନଙ୍କ ଜନ୍ମ

୫୭ଏଲୀଶାବେଥଙ୍କର ସନ୍ତାନ ପ୍ରସବ କରିବା ସମୟ
ହେବାରୁ ସେ ପୁତ୍ରସନ୍ତାନଟିଏ ଜନ୍ମ ଦେଲେ। ୫୮ତାହାଙ୍କର
ପଡୋଶୀ ଓ ପରିବାରର ଲୋକେ ଶୁଣିଲେ ଯେ ପ୍ରଭୁ
ତାହାଙ୍କ ଉପରେ ଅଶେଷ ଦୟା କରିଛନ୍ତି। ସେମାନେ
ଏଲୀଶାବେଥଙ୍କ ପାଇଁ ଆନନ୍ଦିତ ହେଲେ।
୫୯ବାଳକର ଜନ୍ମ ହେବାର ଅଷ୍ଟମ ଦିନ ସେମାନେ
ଶିଶୁକୁ ସୁନ୍ନତ କରିବାକୁ ଆସିଲେ ଓ ସେମାନେ ବାଳକର
ନାମ ତାର ପିତାଙ୍କ ନାମ ଅନୁସାରେ ଜିଖରିୟ ଦେବାକୁ
ଚାହୁଁଥିଲେ। ୬୦କିନ୍ତୁ ତାହାଙ୍କ ମାଆ କହିଲେ, "ନା, ତା'ର
ନାମ ଯୋହନ ଦିଆଯିବ।"
୬୧ଲୋକମାନେ ଏଲୀଶାବେଥଙ୍କୁ କହିଲେ, "ତୁମ୍ଭର କୌଣସି
ସମ୍ପର୍କୀୟଙ୍କର ଏଭଳି ନାମ ନାହିଁ। ୬୨ତା'ପରେ ସେମାନେ
ପରେ ତାର ବାପାଙ୍କୁ ପଚାରିଲେ, "ତୁମ୍ଭେ ଏହି ଶିଶୁର
ନାମ କ'ଣ ଦେବାକୁ ଚାହୁଁଛ?"
୬୩ଏହା ଶୁଣି ଜିଖରିୟ ଲେଖିବା ପାଇଁ ସେମାନଙ୍କୁ ଏକ
ଲେଖାଫଳକ ମାଗି ସେଥିରେ ଲେଖିଲେ, ତା'ର "ନାମ
ଯୋହନ।" ୬୪ସବୁ ଲୋକ ଆଶ୍ଚର୍ଯ୍ୟ ହୋଇଗଲେ। ତାପରେ,
ତତ୍‌କ୍ଷଣାତ୍ ଜିଖରିୟଙ୍କ ପାଟି ଖୋଲିଗଲା। ସେ କଥାବାର୍ତ୍ତା
କରି ପାରିଲେ। ସେ ପରମେଶ୍ୱରଙ୍କର ସ୍ତୁତି କରିବାରେ
ଲାଗିଲେ। ୬୫ତାହାଙ୍କର ସମସ୍ତ ପଡ଼ୋଶୀ ଭୟ ଭୀତ
ହେଲେ। ଯିହୂଦାର ସମସ୍ତ ପାହାଡ଼ିଆ ପ୍ରଦେଶରେ ଲୋକେ
ଏହି ସବୁ ଘଟଣା ବିଷୟରେ ଚର୍ଚ୍ଚା କରିବାକୁ ଲାଗିଲେ।
୬୬ଏ କଥା ଯେଉଁମାନେ ଶୁଣିଲେ, ସେମାନେ ବିସ୍ମିତ
ହୋଇ ଗଲେ। ଲୋକେ ଭାବିଲେ, "ଏ ବାଳକଟି କ'ଣ
ହେବ?" ପ୍ରଭୁଙ୍କ ହସ୍ତ ପିଲାଟିର ସହିତ ଅଛି, ସେମାନେ
ଏପରି ଭାବିଲେ।

## ଜିଖରିୟ ପରମେଶ୍ୱରଙ୍କ ସ୍ତୁତି କଲେ।

୬୭ତା'ପରେ ଯୋହନଙ୍କ ପିତା ଜିଖରିୟ ପବିତ୍ରଆତ୍ମାରେ
ପରିପୂର୍ଣ୍ଣ ହୋଇ ଉଠିଲେ। ସେ ଭବିଷ୍ୟଦ୍‌ବାଣୀ କହିଲେ:

୬୮ "ଇସ୍ରାୟେଲର ପ୍ରଭୁ ପରମେଶ୍ୱରଙ୍କର ସ୍ତୁତିଗାନ କର।
ସେ ନିଜ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ
ଆସିଛନ୍ତି ଏବଂ ସେମାନଙ୍କୁ ସ୍ୱାଧୀନତା ଦେଇଛନ୍ତି।
୬୯ ସେ ଆମ୍ଭମାନଙ୍କ ପାଇଁ ତାହାଙ୍କ ସେବକ ଦାଉଦଙ୍କ
ପରିବାରରୁ ଜଣେ ଶକ୍ତିଶାଳୀ ଉଦ୍ଧାରକର୍ତ୍ତାଙ୍କୁ
ଦେଇଛନ୍ତି।
୭୦ ବହୁତ ଦିନ ପୂର୍ବେ ବାସ କରୁଥିବା ନିଜ ପବିତ୍ର
ଭବିଷ୍ୟଦ୍‌ବକ୍ତାମାନଙ୍କ ମାଧ୍ୟମରେ ପରମେଶ୍ୱର ଏହା
କରିବେ ବୋଲି କହିଥିଲେ।
୭୧ ସେ ଆମ୍ଭମାନଙ୍କୁ ଆମ୍ଭମାନଙ୍କର ଶତ୍ରୁମାନଙ୍କ ଠାରୁ
ତଥା ଆମ୍ଭମାନଙ୍କୁ ଘୃଣା କରୁଥିବା ସମସ୍ତଙ୍କ ହାତରୁ
ରକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥିଲେ।
୭୨ ସେ ଆମ୍ଭମାନଙ୍କର ପୂର୍ବପୁରୁଷମାନଙ୍କୁ ଦୟା ଦେଖାଇବେ
ବୋଲି କହିଥିଲେ ଏବଂ ସେ ତାହାଙ୍କର ପବିତ୍ର
ପ୍ରତିଜ୍ଞା ମନେ ରଖିଛନ୍ତି।
୭୩ ସେ ଆମ୍ଭମାନଙ୍କର ପୂର୍ବପୁରୁଷ ଅବ୍ରହାମଙ୍କୁ ପ୍ରତିଜ୍ଞା
ଦେଇଥିଲେ।
୭୪ ଯେ ସେ ଆମ୍ଭମାନଙ୍କୁ ଆମ୍ଭମାନଙ୍କ ଶତ୍ରୁଙ୍କ ଶକ୍ତି
କବଳରୁ ମୁକ୍ତ କରିବେ। ତା'ଫଳରେ ଆମ୍ଭେମାନେ
ନିର୍ଭୟରେ ପରମେଶ୍ୱରଙ୍କ ସେବା କରିପାରିବୁ।
୭୫ ଆମ୍ଭେମାନେ ବଞ୍ଚିଥିବା ପର୍ଯ୍ୟନ୍ତ ପରମେଶ୍ୱରଙ୍କ ଆଗରେ
ଧାର୍ମିକ ଓ ପବିତ୍ର ରହିବୁ।
୭୬ "ଏବଂ ତୁମ୍ଭେ, ହେ ଶିଶୁ! ତୁମ୍ଭେ ସେହି ସର୍ବୋପରିସ୍ଥ
ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ରୂପେ ଖ୍ୟାତ ହେବ।
ପ୍ରଭୁଙ୍କ ଆଗମନ ପାଇଁ ଲୋକମାନଙ୍କୁ ପ୍ରସ୍ତୁତ କରିବା
ନିମନ୍ତେ ପ୍ରଭୁଙ୍କ ପୂର୍ବରୁ ତୁମ୍ଭେ ପ୍ରଥମେ ଯିବ।
୭୭ ପରମେଶ୍ୱରଙ୍କ ଲୋକଙ୍କୁ ତୁମ୍ଭେ ଜଣେଇଦେବ ଯେ
ସେମାନଙ୍କର ପାପକୁ କ୍ଷମା କରି ଦିଆଯାଇ ସେମାନଙ୍କୁ
ଉଦ୍ଧାର କରାଯିବ।
୭୮ "ଆମ୍ଭମାନଙ୍କ ପରମେଶ୍ୱରଙ୍କ ସ୍ନେହମୟ ଅନୁଗ୍ରହ
ହେତୁ ସ୍ୱର୍ଗରୁ ଆଗତ ଗୋଟିଏ ନୂତନ ଦିନର
ପ୍ରଭାତ ଆମ୍ଭମାନଙ୍କୁ ଆଲୋକିତ କରିବ।
୭୯ ମୃତ୍ୟୁର ଭୟରେ ଅନ୍ଧକାର ଭିତରେ ବାସ କରୁଥିବା
ଲୋକଙ୍କୁ ପରମେଶ୍ୱର ସାହାଯ୍ୟ କରିବେ। ସେ
ଆମ୍ଭମାନଙ୍କୁ ଶାନ୍ତି ମାର୍ଗରେ ବାଟ କଢ଼େଇ ନେବେ।"

୮୦ଶିଶୁଟି ଏହିପରି ବଢ଼ିବାକୁ ଲାଗିଲା ଓ ଆତ୍ମାରେ
ଦୃଢ଼ରୁ ଦୃଢ଼ତର ହେବାକୁ ଲାଗିଲା। ଇସ୍ରାୟେଲରେ ଉପଦେଶ
ପ୍ରଦାନ କରିବାର ଶକ୍ତି ପାଇବା ପର୍ଯ୍ୟନ୍ତ ଯୋହନ ଅନ୍ୟ
ଲୋକଙ୍କ ଠାରୁ ଦୂରରେ ଏକ ସ୍ଥାନରେ ରହିଥିଲେ।

## ଯୀଶୁଙ୍କ ଜନ୍ମ

୨ ସେହି ସମୟରେ ରୋମୀୟ ଶାସନ ଅନ୍ତର୍ଗତ ସମସ୍ତ
ଦେଶର ଲୋକମାନଙ୍କ ଉଦ୍ଦେଶ୍ୟରେ କାଇସର
ଅଗଷ୍ଟଙ୍କର ଗୋଟିଏ ଆଜ୍ଞା ଘୋଷଣା କରାଗଲା। ଆଜ୍ଞାଟି
କୁହେ ଯେ ସମସ୍ତେ ଜନଗଣନା ପାଇଁ ନିଜନିଜ ନାମର
ପଞ୍ଜୀକରଣ କରିବେ। ୨ଏହା ପ୍ରଥମ ଜନଗଣନା ଥିଲା।
କ୍ୱିରୀଣିୟ ସୁରିୟାର ରାଜ୍ୟପାଳ ଥିବା ସମୟରେ ଏହା
ହେଲା। ୩ତେଣୁ ପ୍ରତ୍ୟେକ ଲୋକ ନାମ ପଞ୍ଜୀକରଣ
କରିବାପାଇଁ ନିଜନିଜ ନଗରକୁ ଗଲେ।
୪ଯୋସେଫ ଦାଉଦଙ୍କ ବଂଶର ହୋଇଥିବାରୁ ସେ
ଗାଲିଲୀର ନାଜରିତ ନଗରରୁ ଯିହୂଦା ପ୍ରଦେଶର
ବେଥ୍‌ଲେହମକୁ ଗଲେ। ବେଥ୍‌ଲେହମ ନଗର ଦାଉଦଙ୍କ
ନଗର ନାମରେ ପରିଚିତ ଥିଲା। ୫ଯୋସେଫ ମରିୟମଙ୍କ
ସହିତ ନାମ ପଞ୍ଜୀକରଣ କଲେ, କାରଣ ମରିୟମଙ୍କ
ସହିତ ତାହାଙ୍କର ବିବାହନିର୍ବନ୍ଧ ହୋଇ ସାରିଥିଲା। ମରିୟମ
ସେତେବେଳେ ଗର୍ଭବତୀ ଥିଲେ। ୬ଯୋସେଫ ଓ ମରିୟମ
ବେଥ୍‌ଲେହମରେ ଥିବା ସମୟରେ ମରିୟମଙ୍କର ପ୍ରସବ
ସମୟ ଆସିଲା। ୭ସେ ତାହାଙ୍କର ପ୍ରଥମଜାତ ପୁତ୍ର

ସନ୍ତାନକୁ ଜନ୍ମ ଦେଲେ। ସେମାନେ ରହବାକୁ ଚଟିଘରେ
ଆଉ ଜାଗା ନଥିଲା। ତେଣୁ ମରୟମ ଶିଶୁଟିକୁ ଲୁଗାପଟାରେ
ଗୁଡ଼ାଇ ଗୁହାଳରେ ଗୋରୁକୁଣ୍ଡରେ ରଖିଦେଲେ।

## ମେଷପାଳକମାନେ ଯୀଶୁଙ୍କ ଜନ୍ମଖବର ପାଇଲେ

୮ସେହ ରାତିରେ କେତେକ ମେଷପାଳକ ସେମାନଙ୍କର
ମେଣ୍ଢାଗୁଡ଼କୁ ରାତିସାରା ପଦାରେ ଜଗି ରହଥିଲେ। ୯ପ୍ରଭୁଙ୍କର
ଜଣେ ସ୍ୱର୍ଗଦୂତ ମେଷପାଳକମାନଙ୍କ ସମ୍ମୁଖରେ ଠିଆ
ହେଲେ। ପ୍ରଭୁଙ୍କର ଗୌରବର ଜ୍ୟୋତିଃ ସେମାନଙ୍କର
ଚତୁର୍ଦ୍ଦିଗରେ ଝଲକ ଉଠିଲା। ୧୦ମେଷପାଳକମାନେ ଅତ୍ୟନ୍ତ
ଭୟଭୀତ ହୋଇଗଲେ। ସ୍ୱର୍ଗଦୂତ ସେମାନଙ୍କୁ କହଲେ,
"ଭୟ କରନାହିଁ, କାରଣ ମୁଁ ତୁମ୍ଭମାନଙ୍କ ପାଇଁ ଅତ୍ୟନ୍ତ
ଶୁଭ ସମାଚାର ଆଣିଛି। ତାହା ସବୁଲୋକଙ୍କ ପାଇଁ ମହା
ଆନନ୍ଦ ଆଣିଦେବ। ୧୧କାରଣ ଆଜି ଦାଉଦଙ୍କ ନଗରରେ
ତୁମ୍ଭମାନଙ୍କର ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଜନ୍ମ ଗ୍ରହଣ କରଛନ୍ତ।
୧୨ତୁମ୍ଭେମାନେ ତାହାଙ୍କୁ ଚହ୍ନି ପାରବା ପାଇଁ ଏହା ହେଉଛ
ସଙ୍କେତ: "ତୁମ୍ଭେମାନେ ଗୋଟିଏ ଶିଶୁକୁ କନାରେ ଗୁଡ଼ାଇ
ହୋଇ ଗୋରୁକୁଣ୍ଡରେ ଶୋଇଥିବାର ଦେଖିବ।"
୧୩ସେହ ସମୟରେ ସ୍ୱର୍ଗରୁ ବହୁସଂଖ୍ୟାରେ ସ୍ୱର୍ଗଦୂତମାନେ,
ଆସି ସେହ ସ୍ୱର୍ଗଦୂତଙ୍କ ସହତ ଯୋଗ ଦେଲେ। ସମସ୍ତ
ସ୍ୱର୍ଗଦୂତ ଏହପର ପ୍ରଭୁଙ୍କ ସ୍ତୁତି କରୁଥିଲେ:

୧୪ "ସ୍ୱର୍ଗରେ ରହୁଥିବା ପରମେଶ୍ୱରଙ୍କୁ ଜୟ ହେଉ
ଏବଂ ଏ ପୃଥିବୀରେ ଯେଉଁ ଲୋକମାନଙ୍କ ଉପରେ
ପରମେଶ୍ୱର ପ୍ରସନ୍ନ ଅଛନ୍ତ, ସେସମସ୍ତଙ୍କୁ ଶାନ୍ତ
ମିଳୁ।"

୧୫ସ୍ୱର୍ଗଦୂତମାନେ ମେଷପାଳକମାନଙ୍କୁ ଛାଡ ସ୍ୱର୍ଗକୁ
ଫେରଗଲେ। ମେଷପାଳକମାନେ ପରସ୍ପର କୁହାକୁହ ହେଲେ:
"ଆମ୍ଭେମାନେ ବେଥ୍ଲେହମ ଯିବା ଓ ଏହ ଯେଉଁ ଘଟଣା
ଘଟିଛି ବୋଲ ପ୍ରଭୁ ଆମ୍ଭମାନଙ୍କୁ ଜଣାଇଲେ, ତାହା
ଦେଖିବା।"
୧୬ତେଣୁ ସେମାନେ ଶୀଘ୍ର ଗଲେ ଓ ମରୟମ ଏବଂ
ଯୋସେଫଙ୍କୁ ଖୋଜିପାଇଲେ। ସେହ ଶିଶୁ ଗୋଟିଏ
ଗୋରୁକୁଣ୍ଡରେ ଶୋଇ ଥିଲେ। ୧୭ମେଷପାଳକମାନେ ଶିଶୁଙ୍କୁ
ଦେଖିଲେ। ଏହ ଶିଶୁଙ୍କ ବଷୟରେ ସ୍ୱର୍ଗଦୂତମାନେ ଯାହା
କହଥିଲେ,ତାହା ସେମାନେ ସମସ୍ତଙ୍କୁ କହଲେ।
୧୮ମେଷପାଳକମାନେ ଯାହା କହଲେ ତାହା ଶୁଣି, ସମସ୍ତେ
ଆଶ୍ଚର୍ଯ୍ୟ ହୋଇଗଲେ। ୧୯କନ୍ତୁ ମରୟମ ଏସବୁ କଥା ନଜ
ମନ ଭିତରେ ଗୋପନ ରଖି ନରନ୍ତର ଚନ୍ତା କରବାକୁ
ଲାଗିଲେ। ୨୦ମେଷପାଳକମାନେ ନଜ ମେଷମାନଙ୍କ ନକଟକୁ
ଫେରଗଲେ ଏବଂ ଯାହା ସବୁ ଶୁଣିଥିଲେ, ଓ ଦେଖିଥିଲେ,
ସେଥିପାଇଁ ପରମେଶ୍ୱରଙ୍କୁ ଗୌରବ ଦେଲେ ଓ ପ୍ରଶଂସା
ଗାନ କଲେ। ସ୍ୱର୍ଗଦୂତମାନେ ଯେପର କହଥିଲେ, ସେମାନେ
ପ୍ରତ୍ୟେକ ଜିନଷକୁ ସେହପର ଦେଖିଲେ।
୨୧ଶିଶୁଟି ଆଠ ଦନର ହେବାରୁ ତାର ସୁନ୍ନତ କରାଗଲା
ଓ ତାହାଙ୍କର ନାମ ଯୀଶୁ ରଖାଗଲା। ସେ
ଗର୍ଭରେ ରହ ବଢ଼ବା ପୂର୍ବରୁ ସ୍ୱର୍ଗଦୂତ ତାହାଙ୍କୁ ଏହ ନାମ
ଦେଇଥିଲେ।

## ଯୀଶୁଙ୍କୁ ମନ୍ଦିରରେ ହାଜିର କରାଗଲା

୨୨ମୋଶାଙ୍କ ବ୍ୟବସ୍ଥା ଅନୁସାରେ ଶୁଚ* ହେବାର
ସମୟ ଆସିଲା। ଏହାପରେ ଯୋସେଫ ଓ ମରୟମ
ଯୀଶୁଙ୍କୁ ପ୍ରଭୁପରମେଶ୍ୱର ନକଟରେ ଉତ୍ସର୍ଗ କରବା ପାଇଁ
ଯିରୂଶାଲମକୁ ନେଇ ଆସିଲେ। ୨୩ପ୍ରଭୁଙ୍କ 'ନିୟମ'* ରେ
ଲେଖାଅଛି: "ପରବାରରେ ପ୍ରଥମ ପୁତ୍ରସନ୍ତାନ ଜନ୍ମ ହେଲେ
ସେ 'ପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ' ହେବ।"* ୨୪ପ୍ରଭୁଙ୍କ
ନୟମରେ ଆହୁରି ମଧ୍ୟ ଲେଖାଅଛି: "ତୁମ୍ଭକୁ ଦୁଇଟି
କପୋତ କମ୍ବା ଦୁଇଟି ପାରାଛୁଆ ମଧ୍ୟ ବଳ ଦେବାକୁ
ହେବ।"* ତେଣୁ ଏହ ବ୍ୟବସ୍ଥା ଅନୁସାରେ ବଳ ଦେବା
ନମନ୍ତେ ଯୋସେଫ ଓ ମରୟମ ଯିରୂଶାଲମକୁ ଗଲେ।

## ଶିମିୟୋନ ଯୀଶୁଙ୍କୁ ଦେଖା କଲେ

୨୫ଯିରୂଶାଲମରେ ଶିମିୟୋନ ନାମରେ ଜଣେ ଅତ୍ୟନ୍ତ
ଧାର୍ମିକ ଓ ନଷ୍ଠାପର ଭକ୍ତ ରହୁଥିଲେ। ଇସ୍ରାୟେଲକୁ
ସାନ୍ତ୍ୱନା କରବା ନମନ୍ତେ ପରମେଶ୍ୱର କେବେ ଆସିବେ,
ସେହ ସମୟକୁ ସେ ଅପେକ୍ଷା କର ରହଥିଲେ। ପବତ୍ରଆତ୍ମା
ତାହାଙ୍କ ମଧ୍ୟରେ ଥିଲେ। ୨୬ପବତ୍ରଆତ୍ମା ତାହାଙ୍କୁ କହ
ଦେଇଥିଲେ ଯେ, ସେ ପ୍ରଭୁ ପରମେଶ୍ୱରଙ୍କଠାରୁ ଆଗତ
ଖ୍ରୀଷ୍ଟଙ୍କ ଦର୍ଶନ ନ କରବା ପୂର୍ବରୁ ତାହାଙ୍କର ମୃତ୍ୟୁ
ହେବନାହିଁ। ୨୭ଆତ୍ମା ଶିମିୟୋନଙ୍କୁ ମନ୍ଦିରକୁ କଢ଼େଇଆଣିଲେ।
ଯିହୂଦୀମାନଙ୍କ ବ୍ୟବସ୍ଥା ଅନୁସାରେ କାର୍ଯ୍ୟ କରବା ପାଇଁ
ଯୋସେଫ ମରୟମ ଶିଶୁ ଯୀଶୁଙ୍କୁ ସଙ୍ଗରେ ନେଇ
ମନ୍ଦିରକୁ ଗଲେ। ୨୮ଶିମିୟୋନ ଯୀଶୁଙ୍କୁ କୋଳକୁ ନେଇ
ପ୍ରଭୁଙ୍କ ସ୍ତୁତିଗାନ କର କହଲେ:

୨୯ "ପ୍ରଭୁ ! ଏବେ ତୁମ୍ଭେ ତୁମ୍ଭ କହବା ଅନୁସାରେ
ତୁମ୍ଭର ଏହ ଦାସକୁ ଶାନ୍ତରେ ମରବାକୁ ଦଅ।
୩୦ ମୁଁ ମୋ ଆଖିରେ ତୁମ୍ଭର ପରତ୍ରାଣକୁ ଦେଖିଛି।
୩୧ ତୁମ୍ଭେ ତାହାଙ୍କୁ ସମସ୍ତ ଲୋକଙ୍କ ଆଗରେ ପ୍ରସ୍ତୁତ
କରଛ।
୩୨ ସେ ଅଣଯିହୂଦୀମାନଙ୍କୁ ତୁମ୍ଭର ପଥ ଦେଖାଇବା
ପାଇଁ ଆଲୋକ ଅଟନ୍ତ ଓ ସେ ତୁମ୍ଭର ଲୋକମାନଙ୍କ
ପାଇଁ ଗୌରବ ଆଣିବେ।"

---

**ମୋଶାଙ୍କ ବ୍ୟବସ୍ଥା ଅନୁସାରେ ଶୁଚ** ମୋଶାଙ୍କ ବ୍ୟବସ୍ଥା ଅନୁସାରେ ଜଣେ ଯିହୂଦୀ ମହଳା ସନ୍ତାନ ଜନ୍ମ ଦେବାର ଚାଳଶ ଦନ ପରେ ମନ୍ଦିରରେ ଗୋଟିଏ ନର୍ଦ୍ଦିଷ୍ଟ ଉତ୍ସବ ହେବା ପରେ ଶୁଚ ହୋଇ ପାରବ।

**'ନୟମ'** ଯାହା ମୋଶାଙ୍କୁ 'ବ୍ୟବସ୍ଥା' ରୂପରେ ପରମେଶ୍ୱର ଦେଇଥିଲେ।

**"ପରବାରରେ ... ହେବ।"** ଯାତ୍ରା ପୁସ୍ତକ ୧୩:୨,୧୨

**"ତୁମ୍ଭକୁ ... ହେବ।"** ଲେବୀୟ ପୁସ୍ତକ ୧୨:୮

୩୩ଯୀଶୁଙ୍କ ବାପାମାଆ ଯୀଶୁଙ୍କ ବିଷୟରେ ଶିମିୟୋନଙ୍କ
ମୁହଁରୁ ଏ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ୩୪ତା'ପରେ
ଶିମିୟୋନ ସେମାନଙ୍କୁ ଆଶୀର୍ବାଦ କଲେ ଓ ମରିୟମଙ୍କୁ
କହିଲେ, "ଏ ବାଳକ ଯୋଗୁ ଅନେକ ଯିହୂଦୀଙ୍କର
ଉତ୍ଥାନ ଓ ପତନ ହେବ। ସେ ପରମେଶ୍ୱରଙ୍କର ଏକ
ଚିହ୍ନ ହେବେ ଓ ତାହା ଲୋକମାନେ ଗ୍ରହଣ କରିବେନାହିଁ।
୩୫ଲୋକମାନଙ୍କ ମନ ଭିତରେ ଥିବା ଗୋପନକଥା ପ୍ରକାଶିତ
ହେବ। ସେହି ଘଟଣା ସବୁ ତୁମ୍ଭର ହୃଦୟକୁ ଦୁଃଖ
ଆଣିବ।"

## ହାନ୍ନା ଯୀଶୁଙ୍କୁ ଦେଖା କଲେ।

୩୬ସେତେବେଳେ ହାନ୍ନା ନାମରେ ଜଣେ ମହିଳା
ଭବିଷ୍ୟଦ୍‌ବକ୍ତ୍ରୀ ମନ୍ଦିର ଭିତରେ ଥିଲେ। ସେ ଆଶେର
ବଂଶର ଫିନୂୟେଲଙ୍କ ଝିଅ ଥିଲେ। ହାନ୍ନା ବହୁତ ବୁଢ଼ୀ
ହୋଇ ଯାଇଥିଲେ। ବିବାହ ପରେ ମାତ୍ର ସାତବର୍ଷ ପର୍ଯ୍ୟନ୍ତ
ସେ ସ୍ୱାମୀଙ୍କ ସହିତ ରହିଥିଲେ। ୩୭ତାପରେ ତାହାଙ୍କର
ସ୍ୱାମୀ ମରିଗଲେ ଓ ସେ ବିଧବା ହୋଇ ଏକୁଟିଆ
ରହିବାକୁ ଲାଗିଲେ। ଏବେ ତାହାଙ୍କୁ ଚଉରାଅଶୀ ବର୍ଷ
ବୟସ ହୋଇଥିଲା। ହାନ୍ନା ସବୁବେଳେ ମନ୍ଦିରରେ ରହୁଥିଲେ।
କେବେହେଲେ ସେ ମନ୍ଦିର ଛାଡ଼ି ଯାଇ ନ ଥିଲେ। ସେ
ଉପବାସ କରି ଓ ସେ ଦିନରାତି ପ୍ରାର୍ଥନା କରି ପରମେଶ୍ୱରଙ୍କ
ଉପାସନା କରୁଥିଲେ। ୩୮ସେ ସେହି ସମୟରେ ଶିଶୁ ଓ
ତା'ର ବାପାମାଆଙ୍କ ପାଖକୁ ଆସିଲେ। ସେ ପରମେଶ୍ୱରଙ୍କୁ
ଧନ୍ୟବାଦ ଦେଲେ। ଯେଉଁମାନେ ଯିରୂଶାଲମର ମୁକ୍ତିର
ଅପେକ୍ଷାରେ ଥିଲେ, ସେହି ସମସ୍ତ ଲୋକଙ୍କୁ ସେ ଯୀଶୁଙ୍କ
ବିଷୟରେ କହିଲେ।

## ଯୋସେଫ ଓ ମରିୟମ ଘରକୁ ଫେରିଗଲେ।

୩୯ଯୋସେଫ ଓ ମରିୟମ ପ୍ରଭୁଙ୍କ ବ୍ୟବସ୍ଥାନୁଯାୟୀ
ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ। ତା'ପରେ ସେମାନେ
ଗାଲିଲୀ ପ୍ରଦେଶର ନିଜ ନଗର ନାଜରିତକୁ ଫେରିଗଲେ।
୪୦ସାନ ଶିଶୁଟି(ଯୀଶୁ) ଦିନକୁ ଦିନ ବଢ଼ିବାକୁ ଲାଗିଲେ।
ସେ ହୃଷ୍ଟପୁଷ୍ଟ ଓ ବୁଦ୍ଧିମାନ ହେବାକୁ ଲାଗିଲେ। ତାହାଙ୍କ
ସହିତ ପରମେଶ୍ୱରଙ୍କର ଆଶୀର୍ବାଦ ଥିଲା।

## ବାଳକ ଯୀଶୁ

୪୧ନିସ୍ତାରପର୍ବ ପାଇଁ ଯୀଶୁଙ୍କର ପିତାମାତା ପ୍ରତିବର୍ଷ
ଯିରୂଶାଲମ ଯାଉଥିଲେ। ୪୨ଯୀଶୁଙ୍କୁ ବାରବର୍ଷ ବୟସ ହୋଇଥିବା
ସମୟରେ ସବୁଥର ଭଳି ସେମାନେ ପର୍ବକୁ ଗଲେ।
୪୩ପର୍ବ ଦିନତକ ଶେଷ ହୋଇଯିବା ପରେ ସେମାନେ
ଘରକୁ ଫେରୁଥିଲେ। କିନ୍ତୁ ବାଳକ ଯୀଶୁ ଯିରୂଶାଲମରେ
ରହିଗଲେ। ତାହାଙ୍କ ବାପାମାଆ ଏକଥା ଜାଣିନଥିଲେ।
୪୪ଦଳ ଭିତରେ ପୁଅ ଅଛି ଭାବି ଯୋସେଫ ଓ ମରିୟମ
ପୁରା ଦିନେ ଯାତ୍ରା କରିସାରିଥିଲେ। ତା ପରେ ସେମାନେ
ନିଜ ପରିବାର ଲୋକ ଓ ଅନ୍ତରଙ୍ଗ ବନ୍ଧୁଙ୍କ ଭିତରେ
ଯୀଶୁଙ୍କୁ ଖୋଜିଲେ। ୪୫କିନ୍ତୁ ସେମାନେ ଯୀଶୁଙ୍କୁ ପାଇଲେ
ନାହିଁ। ତେଣୁ ସେମାନେ ଯୀଶୁଙ୍କୁ ଖୋଜିଖୋଜି ଯିରୂଶାଲମ
ଫେରି ଆସିଲେ। ୪୬ତିନିଦିନ ପରେ ସେମାନେ ଯୀଶୁଙ୍କୁ
ପାଇଲେ। ଯୀଶୁ ମନ୍ଦିର ଭିତରେ ଧର୍ମଗୁରୁମାନଙ୍କ ସହିତ
ବସିଥିଲେ। ସେ ସେମାନଙ୍କ କଥା ଶୁଣୁଥିଲେ ଓ ସେମାନଙ୍କୁ
ପ୍ରଶ୍ନ ସବୁ ପଚାରୁଥିଲେ। ୪୭ସମସ୍ତେ ତାହାଙ୍କ କଥା
ଶୁଣୁଥିଲେ। ତାହାଙ୍କର ବୁଝିବା ଶକ୍ତି ଦେଖି ଓ ଜ୍ଞାନପୂର୍ଣ୍ଣ
ଉତ୍ତରଗୁଡ଼ିକ ଶୁଣି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।
୪୮ଯୀଶୁଙ୍କ ବାପାମାଆ ତାହାଙ୍କୁ ଦେଖି ବିସ୍ମିତ ହୋଇଗଲେ।
ତାହାଙ୍କ ମାଆ ତାହାଙ୍କୁ ପଚାରିଲେ, "ପୁଅରେ! ତୁ ଆମ
ସାଙ୍ଗରେ ଏପରି କାହିଁକି କଲୁ? ତୋ ବାପା ଓ ମୁଁ
ତୋତେ ଖୋଜିଖୋଜି ବହୁତ ଚିନ୍ତିତ ହୋଇ ପଡିଲୁଣି।"
୪୯ଏହା ଶୁଣି ଯୀଶୁ ସେମାନଙ୍କୁ କହିଲେ, "ତୁମ୍ଭେମାନେ
ମୋତେ କାହିଁକି ଖୋଜୁଥିଲ?ଯେଉଁଠାରେ ମୋର
ପରମପିତାଙ୍କର କାର୍ଯ୍ୟ ଅଛି, ମୁଁ ସେଠାରେ ନିଶ୍ଚୟ ଥିବି
ବୋଲି ତୁମ୍ଭେମାନେ କ'ଣ ଜାଣିନାହଁ?" ୫୦କିନ୍ତୁ ସେମାନେ
ଯୀଶୁଙ୍କର କଥାର ଅର୍ଥ କିଛି ବୁଝି ପାରିଲେନାହିଁ।
୫୧ଯୀଶୁ ସେମାନଙ୍କ ସହିତ ନାଜରିତକୁ ଗଲେ। ସେ
ବାପାମାଆଙ୍କର ସବୁ ଆଜ୍ଞା ପାଳନ କଲେ। ଯୀଶୁଙ୍କ ମାଆ
ତଥାପି ଏହି ସବୁ କଥା ନିଜ ମନ ଭିତରେ ରଖି ଚିନ୍ତା
କରୁଥିଲେ। ୫୨ଯୀଶୁ ଜ୍ଞାନରେ, ଶରୀରରେ, ଏବଂ ପରମେଶ୍ୱର
ଓ ମନୁଷ୍ୟମାନଙ୍କ ଅନୁଗ୍ରହରେ ବଢ଼ିବାକୁ ଲାଗିଲେ।

## ଯୋହନଙ୍କ ପ୍ରଚାର

୩ ତିବିରିଅ କାଇସରଙ୍କ ରାଜତ୍ୱର ପନ୍ଦରତମ ବର୍ଷ
ସମୟର କଥା।
ଯିହୂଦା ପ୍ରଦେଶର ଶାସକ ପନ୍ତିୟ ପୀଲାତ,
ଗାଲିଲୀର ଶାସକ ହେରୋଦ, ଇତୁରୀୟା
ଓ ତ୍ରାଖୋନୀତି ପ୍ରଦେଶର ଶାସକ ହେରୋଦର ଭାଇ
ଫିଲିପ୍ପ, ଓ ଆବିଲୀନୀର ଶାସକ ଲୁସାନିୟା; ଏ ସମସ୍ତେ
କାଇସରଙ୍କ ଅଧିନରେ ଥିଲେ।
୨ହାନାନ ଓ କୟାଫା ମହାଯାଜକ ଥିଲେ। ସେହି
ସମୟରେ ଜିଖରିୟଙ୍କ ପୁଅ ଯୋହନଙ୍କ ପାଖକୁ ପରମେଶ୍ୱରଙ୍କର
ଗୋଟିଏ ଆଜ୍ଞା ଆସିଲା। ଯୋହନ ମରୁଭୂମିରେ ବାସ
କରୁଥିଲେ। ୩ଯୋହନ ଯର୍ଦ୍ଦନ ନଦୀର ଚାରିପାଖଯାକ
ସବୁଅଞ୍ଚଳରେ ବୁଲିବୁଲି ଲୋକମାନଙ୍କ ନିକଟରେ ପ୍ରଚାର
କଲେ ଯେ ସେମାନେ ନିଜର ହୃଦୟ ଓ ଜୀବନ
ପରିବର୍ତ୍ତନ କରନ୍ତୁ ଓ ବାପ୍ତିଜିତ ହୁଅନ୍ତୁ, ତାହାହେଲେ
ସେମାନଙ୍କର ପାପଗୁଡ଼ିକୁ କ୍ଷମା କରି ଦିଆଯିବ। ୪ଏହା
ଭବିଷ୍ୟଦ୍‌ବକ୍ତା ଯିଶାୟଙ୍କ ବାକ୍ୟ ସମ୍ବଳିତ ପୁସ୍ତକରେ ଲେଖାଥିବା
କଥା ଥିଲା। ସେଥିରେ ଲେଖାଥିଲା:

"ମରୁଭୂମିରେ ଜଣେ ଲୋକ ପାଟି କରି କହୁଛି:
'ପ୍ରଭୁଙ୍କ ମାର୍ଗ ପ୍ରସ୍ତୁତ କର। ତାହାଙ୍କ ବାଟ ସଳଖ
କର।
୫ ପ୍ରତ୍ୟେକ ଉପତ୍ୟକା ପୂର୍ଣ୍ଣ କରି ଦିଆଯିବ। ପ୍ରତ୍ୟେକ
ପର୍ବତ ଓ ପାହାଡ ସମତଳ ହୋଇଯିବ। ବଙ୍କାରାସ୍ତା
ସବୁ ସିଧା କରି ଦିଆଯିବ ଓ ଖାଲଢ଼ିପ ରାସ୍ତା ସବୁ
ସମତଳ କରି ଦିଆଯିବ।

୬ ପ୍ରତ୍ୟେକ ଲୋକ ପରମେଶ୍ୱରଙ୍କ ପରିତ୍ରାଣ ବିଷୟରେ
ଜାଣିବେ।’” ଯିଶାଇୟ ୪୦:୩-୫

୭ଯୋହନଙ୍କ ନିକଟରୁ ବାପ୍ତିଜିତ ହେବା ପାଇଁ ଲୋକମାନେ
ଆସିଲେ। ଯୋହନ ସେମାନଙ୍କୁ କହିଲେ, “ତୁମ୍ଭେମାନେ
ବିଷଧର ସାପ ଭଳି। ପରମେଶ୍ୱରଙ୍କ ଆସୁଥିବା ମହା
କ୍ରୋଧରୁ ଖସି ପଳାଇବା ପାଇଁ କିଏ ତୁମ୍ଭମାନଙ୍କୁ ଚେତାଇ
ଦେଲା? ୮ତୁମ୍ଭେମାନେ ପ୍ରକୃତରେ ନିଜ ହୃଦୟ ଓ ଜୀବନ
ପରିବର୍ତ୍ତନ କରିଛ ବୋଲି ତୁମ୍ଭମାନଙ୍କୁ ନିଜ କାର୍ଯ୍ୟଦ୍ୱାରା
ପ୍ରମାଣିତ କରିବାକୁ ହେବ। ଗର୍ବ କରି କୁହନାହିଁ ଯେ
‘ଅବ୍ରାହାମ ଆମ୍ଭମାନଙ୍କର ପିତା।’ ମୁଁ ତୁମ୍ଭମାନଙ୍କୁ କହୁଛି
ଯେ ପରମେଶ୍ୱର ଅବ୍ରାହାମଙ୍କ ପାଇଁ ଏହି ପଥର ଗୁଡ଼ିକରୁ
ମଧ୍ୟ ସନ୍ତାନ ସୃଷ୍ଟି କରିପାରନ୍ତି। ୯ଗଛର ମୂଳରେ କୁହ୍ରାଡ଼ି
ରଖାଯାଇ ସାରିଲାଣି ଏବଂ ଯେଉଁ ଗଛ ଭଲ ଫଳ
ଦେଇପାରୁନାହିଁ, ସେହି ପ୍ରତ୍ୟେକ ଗଛକୁ କାଟିଦିଆଯିବ
ଏବଂ ନିଆଁରେ ଫିଙ୍ଗି ଦିଆଯିବ।”
୧୦ଲୋକମାନେ ତାହାଙ୍କୁ ପଚାରିଲେ, “ତେବେ ଆମ୍ଭେମାନେ
କଣ କରିବୁ?”
୧୧ଯୋହନ ସେମାନଙ୍କୁ ଉତ୍ତର ଦେଲେ, “ଯଦି ତୁମ୍ଭ
ପାଖରେ ଦୁଇଟି କୁର୍ତ୍ତା ଅଛି ତେବେ ସେଥିରୁ ଗୋଟିଏ
କୁର୍ତ୍ତା ଯାହାର ନାହିଁ ତାହାକୁ ଦିଅ। ଯଦି ତୁମ୍ଭ ପାଖରେ
ଖାଦ୍ୟ ଅଛି ତେବେ ତାହାକୁ ମଧ୍ୟ ବାଣ୍ଟିଦିଅ।”
୧୨କେତେକ କର ଆଦାୟକାରୀ ବାପ୍ତିଜିତ ହେବାପାଇଁ
ଆସିଲେ। ସେମାନେ ଯୋହନଙ୍କୁ ପଚାରିଲେ, “ହେଗୁରୁ!
ଆମ୍ଭେମାନେ କ’ଣ କରିବୁ?”
୧୩ଯୋହନ ସେମାନଙ୍କୁ କହିଲେ, “ତୁମ୍ଭକୁ ଯେତିକି
ନେବାକୁ ଆଦେଶ ଦିଆଯାଇଛି, ତା’ଠାରୁ ଅଧିକ କର
ଲୋକମାନଙ୍କଠାରୁ ନିଅନାହିଁ।”
୧୪ସୈନ୍ୟମାନେ ତାହାଙ୍କୁ ପଚାରିଲେ, “ଆମକୁ କ’ଣ
କରିବାକୁ ହେବ?”
ଯୋହନ ସେମାନଙ୍କୁ କହିଲେ, “ବଳପୂର୍ବକ କାହାରିଠାରୁ
ଅର୍ଥ ନିଅନାହିଁ। କାହା ବିରୁଦ୍ଧରେ ମିଛ କୁହନାହିଁ।
ଯେତିକି ବେତନ ମିଳୁଛି, ସେତିକିରେ ସନ୍ତୁଷ୍ଟ ରୁହ।”
୧୫ସବୁ ଲୋକେ ଖ୍ରୀଷ୍ଟଙ୍କ ଆଗମନର ଅପେକ୍ଷାରେ
ଥିଲେ। ଯୋହନଙ୍କ ବିଷୟରେ ସେମାନେ ମନେମନେ
ଭାବୁଥିଲେ, “ହୁଏତ ଏ ଖ୍ରୀଷ୍ଟ ଅଟନ୍ତି।”
୧୬ସେତେବେଳେ ଯୋହନ ସେମାନଙ୍କୁ କହିଲେ, “ମୁଁ
ତ ତୁମ୍ଭମାନଙ୍କୁ ଜଳରେ ବାପ୍ତିଜିତ କରୁଛି, କିନ୍ତୁ ମୋ’ଠାରୁ
ଅଧିକ ଶକ୍ତିଶାଳୀ ଜଣେ ଆସୁଛନ୍ତି। ତାହାଙ୍କର ଯୋତାର
ଫିତା ଫିଟାଇବାକୁ ମଧ୍ୟ ମୁଁ ଯୋଗ୍ୟ ନୁହେଁ। ସେ
ତୁମ୍ଭମାନଙ୍କୁ ପବିତ୍ରଆତ୍ମା ଓ ଅଗ୍ନି ଦ୍ୱାରା ବାପ୍ତିଜିତ କରିବେ।
୧୭ତାହାଙ୍କ ହାତରେ ଖଳା ସଫାକରିବାର କୁଲା ଅଛି।
ସେଥିରେ ସେ ଶସ୍ୟକୁ ଅଗାଡ଼ି ଠାରୁ ଅଲଗା କରିଦେବେ।
ସେ ଭଲ ଶସ୍ୟତକ ସଂଗ୍ରହ କରି ଅମାରରେ ନେଇ
ରଖିବେ। ତା’ପରେ ଅଗାଡ଼ି ଓ ଦରକାରୀ ଅନାବନା
ଜିନିଷଗୁଡ଼ିକୁ ଚିରକାଳ ଜଳୁଥିବା ନିଆଁରେ ପୋଡ଼ିଦେବେ।”
୧୮ଏହି ଭଳି ଯୋହନ ଲୋକମାନଙ୍କୁ ସୁସମାଚାରର
ଉପଦେଶ ଦେଉଥିଲେ ଏବଂ ଅନେକ ପ୍ରକାରରେ ସାହାଯ୍ୟ
କରୁଥିଲେ।

## ପରେ ଯୋହନଙ୍କ କାର୍ଯ୍ୟ କିପରି ଶେଷ ହେଲା।

୧୯ସାମନ୍ତରାଜା ହେରୋଦ ନିଜ ଭାଇର ସ୍ତ୍ରୀ(ଭାଉଜ)
ହେରୋଦିଆଙ୍କ ସହିତ ଅନୁଚିତ ସମ୍ପର୍କ ରଖିଥିବାରୁ ଓ
ଅନ୍ୟ କେତେକ ଖରାପ କାମ କରିଥିବାରୁ ଯୋହନ
ତାହାଙ୍କୁ ସମାଲୋଚନା କଲେ। ୨୦ସେହିଭଳି ହେରୋଦ
ଆଉ ଗୋଟିଏ ଖରାପ କାମ କଲେ। ସେ ଯୋହନଙ୍କୁ
ବନ୍ଦୀଶାଳାରେ ରଖିଲେ। ସେ ଯେତେ କୁକର୍ମ କରିଥିଲେ,
ସେଥିରେ ଏହି କୁକର୍ମଟି ଯୋଗ ହେଲା।

## ଯୋହନ ଯୀଶୁଙ୍କୁ ବାପ୍ତିଜିତ କଲେ।

୨୧ଯୋହନ କାରାଗାରରେ ବନ୍ଦୀ ହେବା ପୂର୍ବରୁ ସବୁଲୋକ
ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେଉଥିଲେ। ତା’ପରେ ଯୀଶୁ
ମଧ୍ୟ ଆସିଲେ ଓ ତାହାଙ୍କ ଦ୍ୱାରା ବାପ୍ତିଜିତ ହେଲେ। ଯୀଶୁ
ପ୍ରାର୍ଥନା କଲାବେଳେ ଆକାଶ ଖୋଲିଗଲା। ୨୨ପବିତ୍ରଆତ୍ମା
ତାହାଙ୍କ ଉପରକୁ ଓହ୍ଲାଇ ଆସିଲେ ଓ ସେ କପୋତ ପରି
ଦେହ ଧାରଣ କରିଥିଲେ। ଆକାଶବାଣୀ ହେଲା: “ତୁମ୍ଭେ
ମୋର ପ୍ରିୟ ପୁତ୍ର। ମୁଁ ତୁମ୍ଭ ଉପରେ ଅତ୍ୟନ୍ତ ସନ୍ତୁଷ୍ଟ।”

## ଯୋସେଫଙ୍କ ବଂଶର ଇତିହାସ

୨୩ଯୀଶୁ ଉପଦେଶ ପ୍ରଦାନ କାର୍ଯ୍ୟ ଆରମ୍ଭ କରିବା
ବେଳକୁ ତାହାଙ୍କୁ ପ୍ରାୟ ତିରିଶ ବର୍ଷ ବୟସ ହୋଇଥିଲା।
ଲୋକଙ୍କ ଧାରଣା ଅନୁସାରେ ଯୀଶୁ ଯୋସେଫଙ୍କ ପୁତ୍ର।

ଯୋସେଫ ଏଲୀଙ୍କ ପୁତ୍ର ଥିଲେ।
୨୪ ଏଲୀ ମତ୍ଥାତଙ୍କର ପୁତ୍ର।
ମତ୍ଥାତ ଲେବୀଙ୍କ ପୁତ୍ର।
ଲେବୀ ମଲ୍‌ଖୀଙ୍କ ପୁତ୍ର।
ମଲ୍‌ଖୀ ଯାନ୍ନୟଙ୍କର ପୁତ୍ର।
ଯାନ୍ନୟ ଯୋସେଫଙ୍କର ପୁତ୍ର।
୨୫ ଯୋସେଫ ମତ୍ତିଥ୍ୟାଙ୍କର ପୁତ୍ର।
ମତ୍ତିଥ୍ୟା ଆମୋସଙ୍କର ପୁତ୍ର।
ଆମୋସ ନାହୂମଙ୍କର ପୁତ୍ର।
ନାହୂମ ହେସ୍ଲୀଙ୍କ ପୁତ୍ର।
ହେସ୍ଲୀ ନଗୟଙ୍କର ପୁତ୍ର।
୨୬ ନଗୟ ମହଥଙ୍କ ପୁତ୍ର।
ମହଥ ମତ୍ତିଥ୍ୟାଙ୍କର ପୁତ୍ର।
ମତ୍ତିଥ୍ୟା ଶିମୟିଙ୍କର ପୁତ୍ର।
ଶିମୟି ଯୋସେଖଙ୍କର ପୁତ୍ର।
ଯୋସେଖ ଯୋଦାଙ୍କର ପୁତ୍ର।
୨୭ ଯୋଦା ଯୋହନଙ୍କ ପୁତ୍ର।
ଯୋହନ ରେଶାଙ୍କ ପୁତ୍ର।
ରେଶା ଜିରୁବ୍‌ବାବେଲଙ୍କର ପୁତ୍ର।
ଜିରୁବ୍‌ବାବେଲ ଶଅଲ୍‌ଥୀୟେଲଙ୍କ ପୁତ୍ର।
ଶଅଲ୍‌ଥୀୟେଲ ନେରୀଙ୍କ ପୁତ୍ର।

୨୮ ନେରୀ ମଲ୍‌ଖୀଙ୍କ ପୁତ୍ର।
ମଲ୍‌ଖୀ ଅଦ୍ଦୀଙ୍କ ପୁତ୍ର।
ଅଦ୍ଦୀ କୋସାମଙ୍କ ପୁତ୍ର।
କୋସାମ ଏଲ୍ମଦାନଙ୍କ ପୁତ୍ର।
ଏଲ୍ମଦାନ ଏରଙ୍କ ପୁତ୍ର।
୨୯ ଏର ଯୀଶୁଙ୍କ ପୁତ୍ର।
ଯୀଶୁ ଏଲୀୟେଜରଙ୍କ ପୁତ୍ର।
ଏଲୀୟେଜର ଯୋରୀମଙ୍କ ପୁତ୍ର।
ଯୋରୀମ ମତ୍ଥାତଙ୍କ ପୁତ୍ର।
ମତ୍ଥାତ ଲେବୀଙ୍କ ପୁତ୍ର।
୩୦ ଲେବୀ ଶିମିୟୋନଙ୍କ ପୁତ୍ର।
ଶିମିୟୋନ ଯିହୂଦାଙ୍କ ପୁତ୍ର।
ଯିହୂଦା ଯୋସେଫଙ୍କ ପୁତ୍ର।
ଯୋସେଫ ଯୋନାମଙ୍କ ପୁତ୍ର।
ଯୋନାମ ଏଲୀୟାକୀମଙ୍କ ପୁତ୍ର।
୩୧ ଏଲୀୟାକୀମ ମଲ୍ଲାହଙ୍କ ପୁତ୍ର।
ମଲ୍ଲାହ ମନ୍ନାଙ୍କ ପୁତ୍ର।
ମନ୍ନା ମତ୍ତଥାଙ୍କ ପୁତ୍ର।
ମତ୍ତଥା ନାଥନଙ୍କ ପୁତ୍ର।
ନାଥନ ଦାଉଦଙ୍କ ପୁତ୍ର।
୩୨ ଦାଉଦ ଯିଶୟଙ୍କ ପୁତ୍ର।
ଯିଶୟ ଓବେଦଙ୍କ ପୁତ୍ର
ଓବେଦ ବୋୟଜଙ୍କ ପୁତ୍ର।
ବୋୟଜ ଶେଲହନଙ୍କ ପୁତ୍ର।
ଶେଲହନ ନହଶୋନଙ୍କ ପୁତ୍ର।
୩୩ ନହଶୋନ ଅମ୍ମୀନାଦାବଙ୍କ ପୁତ୍ର।
ଅମ୍ମୀନାଦାବ ଅଦ୍ମୀନଙ୍କ ପୁତ୍ର।
ଅଦ୍ମୀନ ଅର୍ଣ୍ଣୀଙ୍କ ପୁତ୍ର।
ଅର୍ଣ୍ଣୀ ହେସ୍ରୋଣଙ୍କ ପୁତ୍ର।
ହେସ୍ରୋଣ ଫେରସଙ୍କ ପୁତ୍ର।
ଫେରସ ଯିହୂଦାଙ୍କ ପୁତ୍ର।
୩୪ ଯିହୂଦା ଯାକୁବଙ୍କ ପୁତ୍ର।
ଯାକୁବ ଯିସ୍‌ହାକଙ୍କ ପୁତ୍ର।
ଯିସ୍‌ହାକ ଅବ୍ରାହାମଙ୍କ ପୁତ୍ର।
ଅବ୍ରାହାମ ଥେରହଙ୍କ ପୁତ୍ର।
ଥେରହ ନାହୋରଙ୍କ ପୁତ୍ର।
୩୫ ନାହୋର ସରୂଗଙ୍କ ପୁତ୍ର।
ସରୂଗ ରଗୁଙ୍କ ପୁତ୍ର।
ରଗୁ ଫେଲଗଙ୍କ ପୁତ୍ର।
ଫେଲଗ ଏବରଙ୍କ ପୁତ୍ର।
ଏବର ଶେଲହଙ୍କ ପୁତ୍ର।
୩୬ ଶେଲହ କେନାନଙ୍କ ପୁତ୍ର।
କେନାନ ଅର୍ଫକ୍ଷଦଙ୍କ ପୁତ୍ର।
ଅର୍ଫକ୍ଷଦ ଶେମଙ୍କ ପୁତ୍ର।
ଶେମ ନୋହଙ୍କ ପୁତ୍ର।
ନୋହ ଲେମଖଙ୍କ ପୁତ୍ର।
୩୭ ଲେମଖ ମଥୂଶେଲହଙ୍କ ପୁତ୍ର।
ମଥୂଶେଲହ ହନୋକଙ୍କ ପୁତ୍ର।
ହନୋକ ଯେରଦଙ୍କ ପୁତ୍ର।
ଯେରଦ ମହଲଲେଲଙ୍କ ପୁତ୍ର।
ମହଲଲେଲ କେନାନଙ୍କ ପୁତ୍ର।
୩୮ କେନାନ ଏନୋଶଙ୍କ ପୁତ୍ର।
ଏନୋଶ ଶେଥଙ୍କ ପୁତ୍ର।
ଶେଥ ଆଦମଙ୍କ ପୁତ୍ର।
ଆଦମ ପରମେଶ୍ୱରଙ୍କ ପୁତ୍ର।

### ଶୟତାନ ଦ୍ୱାରା ଯୀଶୁଙ୍କୁ ପରୀକ୍ଷା

**୪** ଯୀଶୁ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇ ଯର୍ଦ୍ଦନ
ନଦୀରୁ ବାହୁଡି ଆସିଲେ। ଆତ୍ମା ତାହାଙ୍କୁ ମରୁଭୂମିକୁ
କଢ଼ାଇ ନେଇଗଲେ। [2]ସେଠାରେ ଶୟତାନ ଚାଳିଶ ଦିନ
ପର୍ଯ୍ୟନ୍ତ ତାହାଙ୍କର ପରୀକ୍ଷା ନେଲା। ସେହି ଦିନମାନଙ୍କରେ
ଯୀଶୁ କିଛି ନ ଖାଇ ନ ପିଇ ରହିଲେ। ସେହି ଦିନତକ
ସରିଯିବା ପରେ ଯୀଶୁଙ୍କୁ ବଡ ଭୋକ ଲାଗିଲା।
[3]ଶୟତାନ ଯୀଶୁଙ୍କୁ କହିଲା, “ତୁମ୍ଭେ ଯଦି ପରମେଶ୍ୱରଙ୍କ
ସନ୍ତାନ, ତେବେ ଏହି ପଥରଟିକୁ କୁହ, ସେ ରୋଟୀ
ହୋଇଯାଉ।”
[4]ଏହା ଶୁଣି ଯୀଶୁ ତାହାକୁ ଉତ୍ତର ଦେଲେ,

“ଶାସ୍ତ୍ରରେ ଲେଖାଅଛି: ମଣିଷ କେବଳ ରୋଟୀରେ
ବଞ୍ଚେନାହିଁ।” ଦ୍ୱିତିୟ ବିବରଣ ୮:୩

[5]ତାପରେ ଶୟତାନ ତାହାଙ୍କୁ ବହୁତ ଉପରକୁ ନେଇଯାଇ
କ୍ଷଣକ ମଧ୍ୟରେ ସାରା ସଂସାରର ସମସ୍ତ ରାଜ୍ୟ ଦେଖାଇ
ଦେଲା। [6]ଶୟତାନ ଯୀଶୁଙ୍କୁ କହିଲା, “ମୁଁ ଏହିସବୁ ରାଜ୍ୟ
ଏବଂ ସେମାନଙ୍କର ସମସ୍ତ କ୍ଷମତା ବିଭବ ତୁମ୍ଭକୁ ଦେଇଦେବି।
ସେଗୁଡିକୁ ମୋତେ ଦିଆ ଯାଇଛି। ମୁଁ ଯାହାକୁ ଚାହିଁବି,
ତାହାକୁ ଏ ସମସ୍ତ ଦେଇପାରିବି। [7]ତେବେ ଯଦି ତୁମ୍ଭେ
ମୋତେ ପ୍ରଣାମ କରିବ, ତେବେ ମୁଁ ଏସବୁ ତୁମ୍ଭକୁ
ଦେଇଦେବି।”
[8]ଯୀଶୁ ଉତ୍ତର ଦେଲେ, “ଶାସ୍ତ୍ରରେ ଲେଖାଅଛି:

‘ତୁମ୍ଭେ କେବଳ ନିଜ ପ୍ରଭୁ ପରମେଶ୍ୱରଙ୍କୁ ପ୍ରଣାମ
କରିବ ଓ ତାହାଙ୍କର ଉପାସନା କରିବ।’”
ଦ୍ୱିତୀୟ ବିବରଣ ୬:୧୩

[9]ତା’ପରେ ସେ ଯୀଶୁଙ୍କୁ ଯିରୂଶାଲେମକୁ ନେଇଗଲା ଓ
ସେଠାର ମନ୍ଦିରର ଶିଖରରେ ଠିଆ କରାଇ ଦେଲା। ସେ
ଯୀଶୁଙ୍କୁ କହିଲା, “ଯଦି ତୁମ୍ଭେ ପରମେଶ୍ୱରଙ୍କ ପୁତ୍ର,
ତେବେ ଏହି ଠାରୁ ତଳକୁ ଡେଇଁପଡ”। [10]ଶାସ୍ତ୍ରରେ
ଲେଖାଅଛି:

‘ପରମେଶ୍ୱର ତାହାଙ୍କର ସ୍ୱର୍ଗଦୂତ ମାନଙ୍କୁ ତୁମ୍ଭର
ଯତ୍ନ ନେବାପାଇଁ ଆଜ୍ଞା ଦେବେ।’
ଗୀତସଂହିତା ୯୧:୧୧

୧୧ଏହା ମଧ୍ୟ ଲେଖାଅଛି:

'ସେମାନେ ତାହାଙ୍କ ହାତରେ ତୁମ୍ଭକୁ ଉଠେଇ
ନେବେ, ଯାହା ଫଳରେ କୌଣସି ପଥରରେ ତୁମ୍ଭ
ପାଦ ଲାଗିବନାହିଁ।'" ଗୀତସଂହିତା ୯୧:୧୨

୧୨ଯୀଶୁ କହିଲେ, "ଶାସ୍ତ୍ରରେ ଏ କଥା ମଧ୍ୟ ଲେଖାଅଛି:

'ତୁମ୍ଭେ ପ୍ରଭୁ ପରମେଶ୍ୱରଙ୍କୁ କେବେହେଲେ ପରୀକ୍ଷା
କରିବ ନାହିଁ।'" ଦ୍ୱିତୀୟ ବିବରଣ ୬:୧୬

୧୩ଶୟତାନ ଯୀଶୁଙ୍କର ସବୁ ପ୍ରକାର ପରୀକ୍ଷା ନେଇ
ସାରିଲା। ଆଉ କିଛିଏ ଭଲ ସୁଯୋଗ ଆସିବା ପର୍ଯ୍ୟନ୍ତ
ଅପେକ୍ଷା କରିବାକୁ ସେ ଯୀଶୁଙ୍କୁ ଛାଡ଼ି ଚାଲିଗଲା।

## ଲୋକମାନଙ୍କୁ ଯୀଶୁଙ୍କ ଉପଦେଶ

୧୪ପବିତ୍ରଆତ୍ମାଙ୍କ ଦ୍ୱାରା ଶକ୍ତି ପାଇ ଯୀଶୁ ଗାଲୀଲୀକୁ
ଫେରିଗଲେ। ଗାଲୀଲୀର ଚାରିଆଡ଼େ ଯୀଶୁଙ୍କ ବିଷୟରେ
ଖବର ବ୍ୟାପିଗଲା। ୧୫ଯୀଶୁ ସେମାନଙ୍କର ପ୍ରାର୍ଥନାଗୃହ
ମାନଙ୍କରେ ଉପଦେଶ ଦେବା ଆରମ୍ଭ କଲେ। ସମସ୍ତେ
ତାହାଙ୍କର ପ୍ରଶଂସା କରୁଥିଲେ।
୧୬ତାପରେ ସେ ନାଜରିତକୁ ଆସିଲେ। ନାଜରିତରେ
ସେ ପ୍ରତିପାଳିତ ହୋଇଥିଲେ। ସବୁଥର ଭଳି ସେ
ବିଶ୍ରାମବାର ଦିନ ଯିହୂଦୀ ପ୍ରାର୍ଥନା ଗୃହକୁ ଗଲେ। ସେ
ପାଠ କରିବା ପାଇଁ ଠିଆ ହେଲେ। ୧୭ଭବିଷ୍ୟଦ୍‌ବକ୍ତା
ଯିଶାଇୟଙ୍କ ପୁସ୍ତକ ତାହାଙ୍କୁ ଦିଆଯାଇଥିଲା। ଯୀଶୁ ପୁସ୍ତକ
ଖୋଲି ଯେଉଁ ଜାଗାରେ ଏହା ଲେଖାଥିଲା, ତାହା ପାଇଲେ:

୧୮ "ପ୍ରଭୁଙ୍କ ଆତ୍ମା ମୋ' ଠାରେ ଅଛି। ଦୀନହୀନ
ଲୋକଙ୍କ ନିକଟରେ ସୁସମାଚାର ପ୍ରଚାର କରିବା
ପାଇଁ ପରମେଶ୍ୱର ମୋତେ ବାଛିଛନ୍ତି। ବନ୍ଦୀମାନେ
ଯେ ମୁକ୍ତ ହୋଇ ପାରିଛନ୍ତି, ଏହା ସେମାନଙ୍କୁ
ଶୁଣାଇବା ପାଇଁ, ଅନ୍ଧମାନେ ପୁନଃ ଦେଖିପାରିବେ
ବୋଲି ସେମାନଙ୍କୁ କହିବା ପାଇଁ, ଦୁଃଖ ଦୁର୍ଦ୍ଦଶା
(ଦୁର୍ବଳ) ଗ୍ରସ୍ତ ଲୋକଙ୍କ ଦୁଃଖ (ଯାତନା) ଦୂର
କରିଦେବାକୁ
୧୯ ଓ ପ୍ରଭୁଙ୍କ ଅନୁଗ୍ରହର ସମୟ ଘୋଷଣା କରିବାକୁ
ପ୍ରଭୁ ମୋତେ ପଠାଇଛନ୍ତି।" ଯିଶାଇୟ ୬୧:୧-୨

୨୦ଯୀଶୁ ପୁସ୍ତକ ବନ୍ଦ କରି ସେବକଙ୍କୁ ଫେରାଇଦେଲେ।
ତାପରେ ସେ ବସି ପଡ଼ିଲେ। ପ୍ରାର୍ଥନାଗୃହରେ ଥିବା
ପ୍ରତ୍ୟେକ ଲୋକର ଲକ୍ଷ୍ୟ ତାହାଙ୍କ ଉପରେ ଥିଲା। ୨୧ଯୀଶୁ
ସେମାନଙ୍କୁ କହିଲେ, "ମୁଁ ପୁସ୍ତକରୁ ଯେଉଁ ଅଂଶ ବର୍ତ୍ତମାନ
ପାଠକଲି, ତାହା ତୁମ୍ଭେମାନେ ଶୁଣିଲା ବେଳେ ଶାସ୍ତ୍ରର ଏହି
ବାକ୍ୟ ଏବେ ସଫଳ ହେଲା।"
୨୨ପ୍ରତ୍ୟେକ ଲୋକ ଯୀଶୁଙ୍କୁ ପ୍ରଶଂସା କରିବାକୁ ଲାଗିଲେ।
ଯୀଶୁଙ୍କ ମୁହଁରୁ ଯେଉଁ ସୁନ୍ଦର ବାକ୍ୟ ବାହାରି ଆସୁଥିଲା,
ସେଥିରେ ସମସ୍ତେ ବିସ୍ମିତ ହୋଇ ଯାଉଥିଲେ। ସେମାନେ
କହୁଥିଲେ, "ଏ କ'ଣ ଯୋସେଫଙ୍କ ପୁଅ ନୁହେଁ?"
୨୩ଯୀଶୁ ସେମାନଙ୍କୁ କହିଲେ, "ମୁଁ ଜାଣିଛି ଯେ,
ତୁମ୍ଭେମାନେ ମୋତେ ସେହି ପୁରୁଣା ଉକ୍ତିଟି କହିବ,
'ଆରେ ବଇଦ, ଆଗ ନିଜକୁ ଭଲ କର।' ତୁମ୍ଭେ
କହିବାକୁ ଚାହୁଁଛ, କଫର୍ନାହୂମରେ ତୁମ୍ଭେ ଯାହା ସବୁ
କରିଛ ବୋଲି ଆମ୍ଭେମାନେ ଶୁଣିଛୁ, ସେହିସବୁ ଏବେ ନିଜ
ପୈତୃକ ନଗରରେ ମଧ୍ୟ କର।" ୨୪ତାପରେ ଯୀଶୁ
ସେମାନଙ୍କୁ କହିଲେ, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି ଯେ
କୌଣସି ଭବିଷ୍ୟଦ୍‌ବକ୍ତାଙ୍କୁ ନିଜ ନଗରରେ ଗ୍ରହଣ କରାଯାଏ
ନାହିଁ। ୨୫ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି, ଏଲୀୟଙ୍କ ସମୟରେ
ଇସ୍ରାୟେଲରେ ଯେତେବେଳେ ତିନି ବର୍ଷ ଛଅ ମାସ
ପର୍ଯ୍ୟନ୍ତ ବର୍ଷା ହେଲା ନାହିଁ ଓ ସାରା ଦେଶରେ ଭୀଷଣ
ଦୁର୍ଭିକ୍ଷ ପଡିଲା, ସେତେବେଳେ ଇସ୍ରାୟେଲରେ ବହୁ ସଂଖ୍ୟାରେ
ବିଧବା ଥିଲେ। ୨୬କିନ୍ତୁ ଏଲୀୟଙ୍କୁ ସେମାନଙ୍କ ମଧ୍ୟରୁ
କୌଣସି ବିଧବାଙ୍କ ପାଖକୁ ପଠାଗଲା ନାହିଁ। ଏଲୀୟଙ୍କୁ
କେବଳ ସୀଦୋନ ଅଞ୍ଚଳର ସାରିଫତରେ ରହୁଥିବା ଜଣେ
ବିଧବା ପାଖକୁ ପଠାଗଲା। ୨୭ଆହୁରି ମଧ୍ୟ ଭବିଷ୍ୟଦ୍‌ବକ୍ତା
ଏଲୀଶାୟଙ୍କ ସମୟରେ ଇସ୍ରାୟେଲରେ ଅନେକ କୁଷ୍ଠରୋଗୀ
ଥିଲେ। ତଥାପି ସେମାନଙ୍କ ମଧ୍ୟରୁ, କାହାରିକୁ ଆରୋଗ୍ୟ
କରାଯାଇନଥିଲା। କେବଳ ସୁରିଆ ଦେଶର ନାମାନଙ୍କୁ
ଆରୋଗ୍ୟ କରାଯାଇଥିଲା। ନାମାନ ଇସ୍ରାୟେଲର ଲୋକ
ନଥିଲେ।"
୨୮ପ୍ରାର୍ଥନାଗୃହରେ ଥିବା ସବୁଲୋକେ ଯୀଶୁଙ୍କ ଏହି
କଥା ସବୁ ଶୁଣି ଖୁବ ରାଗିଗଲେ। ୨୯ଲୋକମାନେ ଉଠି
ପଡ଼ିଲେ ଓ ଜୋର ଜବରଦସ୍ତି ଯୀଶୁଙ୍କୁ ନଗର ମଧ୍ୟରୁ
ବାହାର କରିଦେଲେ। ସେମାନଙ୍କ ନଗର ଗୋଟିଏ ପାହାଡ଼
ଉପରେ ନିର୍ମିତ ଥିଲା। ସେମାନେ ଯୀଶୁଙ୍କୁ ପାହାଡ଼ର
ଧାରକୁ ନେଇଗଲେ। ସେମାନେ ଯୀଶୁଙ୍କୁ ସେଠାରୁ ତଳକୁ
ଫିଙ୍ଗି ଦେବାକୁ ଚାହୁଁଥିଲେ। ୩୦କିନ୍ତୁ ଯୀଶୁ ସେମାନଙ୍କ ମଧ୍ୟ
ଦେଇ ଚାଲିଗଲେ।

## ଯୀଶୁ ଦୁଷ୍ଟାତ୍ମା କବଳରୁ ଜଣକୁ ସୁସ୍ଥ କଲେ।

୩୧ଯୀଶୁ ଗାଲୀଲୀର କଫର୍ନାହୂମ ନାମକ ନଗରକୁ
ଆସିଲେ। ସେ ବିଶ୍ରାମବାରରେ ଲୋକମାନଙ୍କୁ ଉପଦେଶ
ଦେବାକୁ ଲାଗିଲେ। ୩୨ଲୋକେ ତାହାଙ୍କ ଉପଦେଶ ଶୁଣି
ବିସ୍ମିତ ହୋଇଯାଉଥିଲେ। କାରଣ ସେ ଅଧିକାର ସହିତ
କଥା କହୁଥିଲେ। ୩୩ସେହି ପ୍ରାର୍ଥନାଗୃହରେ ଥିବା ଜଣେ
ଲୋକ ଦେହରେ ଦୁଷ୍ଟାତ୍ମା ଆସି ରହିଥିଲା। ସେ ବଡ଼ପାଟିରେ
ଚିତ୍କାର କରି କହିଲା, ୩୪"ହେ ନାଜରିତର ଯୀଶୁ! ତୁମ୍ଭେ
ଆମ୍ଭମାନଙ୍କଠାରୁ କ'ଣ ଚାହୁଁଛ? ତୁମ୍ଭେ କ'ଣ ଆମ୍ଭମାନଙ୍କୁ
ଧ୍ୱଂସ କରିଦେବାକୁ ଆସିଛ? ମୁଁ ଜାଣିଛି ତୁମ୍ଭେ କିଏ ତୁମ୍ଭେ
ପରମେଶ୍ୱରଙ୍କ ସେହି ପବିତ୍ର ବ୍ୟକ୍ତି।" ୩୫ଯୀଶୁ ତାହାକୁ
ଧମକ ଦେଇ କହିଲେ, "ଚୁପ୍ କର ଏହି ଲୋକର
ଦେହରୁ ବାହାରିଯା"। ଏହାପରେ ଦୁଷ୍ଟାତ୍ମା ସେହି ଲୋକଟିକୁ
ସମସ୍ତଙ୍କ ସାମନାରେ ତଳେ ପକାଇଦେଲା ଓ ତାହାର
କୌଣସି କ୍ଷତି ନକରି ତା' ଦେହରୁ ବାହାରିଗଲା।

୩୬ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ କୁହାକୁହି
ହେଲେ, "ଏ କିପରି କଥା? ଅଧିକାର ଓ ଶକ୍ତି ସହିତ
ସେ ଦୁଷ୍ଟାତ୍ମାମାନଙ୍କୁ ଆଜ୍ଞା ଦେଉଛନ୍ତି। ଏବଂ ଦୁଷ୍ଟାତ୍ମାମାନେ
ତାହାଙ୍କ କଥା ମାନି ବାହାରି ଆସୁଛନ୍ତି।" ୩୭ସେହି
ଅଞ୍ଚଳର ସବୁ ସ୍ଥାନରେ ଯୀଶୁଙ୍କ ବିଷୟରେ ଏହି ଖବର
ବ୍ୟାପିଗଲା।

### ଯୀଶୁ ପିତରଙ୍କ ଶାଶୁଙ୍କୁ ସୁସ୍ଥ କରିଦେଲେ।

୩୮ଯୀଶୁ ପ୍ରାର୍ଥନାଗୃହ ଛାଡି ଶିମୋନଙ୍କ ଘରକୁ ଗଲେ।
ଶିମୋନଙ୍କ ଶାଶୁଙ୍କୁ ଭୟଙ୍କର ଜ୍ୱର ହୋଇଥିଲା। ସେମାନେ
ଯୀଶୁଙ୍କୁ, ତାହାଙ୍କୁ ସାହାଯ୍ୟ କରିବା ପାଇଁ କହିଲେ।
୩୯ଯୀଶୁ ତାହାଙ୍କର ପାଖରେ ଠିଆ ହୋଇ ଜ୍ୱରକୁ ଧମକ
ଦେଲେ। ତାହାଙ୍କର ଜ୍ୱର ଛାଡ଼ିଗଲା। ତାପରେ ସେ ଉଠି
ସେମାନଙ୍କର ସେବାରେ ଲାଗିପଡ଼ିଲେ।

### ଯୀଶୁ ଅନେକ ଲୋକଙ୍କୁ ସୁସ୍ଥ କଲେ।

୪୦ସୂର୍ଯ୍ୟ ଅସ୍ତ ହୋଇଯିବା ପରେ ଲୋକମାନେ ସେମାନଙ୍କର
ରୋଗୀଲୋକମାନଙ୍କୁ ଯୀଶୁଙ୍କ ପାଖକୁ ଆଣିଲେ। ସେମାନଙ୍କ
ଠାରେ ବିଭିନ୍ନ ପ୍ରକାରର ରୋଗ ଥିଲା। ଯୀଶୁ ନିଜ ହାତ
ରୋଗୀମାନଙ୍କ ଉପରେ ରଖି ସେମାନଙ୍କୁ ସୁସ୍ଥ କରିଦେଲେ।
୪୧ଆଉ ମଧ୍ୟ ସେମାନଙ୍କ ମଧ୍ୟରେ ଥିବା ଅନେକଙ୍କ
ଭିତରୁ ଦୁଷ୍ଟାତ୍ମାମାନେ ବାହାରି ଆସିଲେ। ଦୁଷ୍ଟାତ୍ମାମାନେ
ଚିତ୍କାର କରୁ ଥିଲେ, "ତୁମ୍ଭେ ପରମେଶ୍ୱରଙ୍କର ପୁତ୍ର।"
କିନ୍ତୁ ଯୀଶୁ ଦୁଷ୍ଟାତ୍ମାମାନଙ୍କୁ ଚୁପ୍ ରହିବା ପାଇଁ କଠୋର
ଆଜ୍ଞା ଦେଲେ। କାରଣ ସେହି ଦୁଷ୍ଟାତ୍ମାମାନେ ଜାଣିଥିଲେ
ଯେ ଯୀଶୁ ହେଉଛନ୍ତି ସ୍ୱୟଂ ଖ୍ରୀଷ୍ଟ।

### ଅନ୍ୟ ନଗରଗୁଡ଼ିକୁ ଯୀଶୁଙ୍କ ଯାତ୍ରା

୪୨ଯୀଶୁ ଏକାକୀ ରହିବା ଉଦ୍ଦେଶ୍ୟରେ ତା'ପର ଦିନ
ସକାଳେ ସେ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଗଲେ। କିନ୍ତୁ
ଲୋକମାନେ ତାହାଙ୍କୁ ଖୋଜିଲେ। ଖୋଜିଖୋଜି ଶେଷରେ
ସେମାନେ ଯୀଶୁ ଯେଉଁ ଠାରେ ଥିଲେ, ସେଠାରେ ପହଞ୍ଚିଗଲେ।
ଯୀଶୁ ସେମାନଙ୍କୁ ଛାଡ଼ି କରି କୁଆଡ଼େ ନ ଯାଆନ୍ତୁ ବୋଲି
ସେମାନେ ଚାହୁଁ ଥିଲେ। ତେଣୁ ସେମାନେ ଯୀଶୁଙ୍କୁ
ଅଟକେଇବାକୁ ଚେଷ୍ଟା କଲେ। ୪୩କିନ୍ତୁ ଯୀଶୁ ସେମାନଙ୍କୁ
କହିଲେ, "ପରମେଶ୍ୱରଙ୍କ ରାଜ୍ୟର ସୁସମାଚାର ମୋତେ
ଅନ୍ୟ ନଗରମାନଙ୍କରେ ମଧ୍ୟ ପ୍ରଚାର କରିବାକୁ ପଡ଼ିବ।
କାରଣ ମୋତେ ଏଥିପାଇଁ ପଠାଯାଇଛି।"
୪୪ଏହିଭଳି ଭାବରେ ଯୀଶୁ ଯିହୂଦାରେ ବିଭିନ୍ନ ପ୍ରାର୍ଥନାଗୃହ
ମାନଙ୍କରେ ଉପଦେଶ ପ୍ରଚାର କରିବାକୁ ଲାଗିଲେ।

### ପିତର, ଯାକୁବ ଓ ଯୋହନ ଯୀଶୁଙ୍କ ଶିଷ୍ୟ ହେଲେ।

୫ ଯୀଶୁ ଗିନେସରତ ହ୍ରଦ କୂଳରେ ଠିଆ ହୋଇଥିଲେ।
ତାହାଙ୍କ ଚାରିପଟେ ଘେରିଯାଇ ଠିଆହେବାକୁ
ଲୋକମାନେ ଠେଲାପେଲା ହେଉଥିଲେ। ସେମାନେ ତାହାଙ୍କ
ଠାରୁ ପରମେଶ୍ୱରଙ୍କ ଉପଦେଶ ବାଣୀ ଶୁଣିବାକୁ ଚାହୁଁଥିଲେ।
୨ଯୀଶୁ ହ୍ରଦ କୂଳରେ ଦୁଇଟି ଡଙ୍ଗା ଥୁଆ ହୋଇଥିବାର
ଦେଖିଲେ। କେଉଟମାନେ ସେହି ଡଙ୍ଗାରୁ ଓହ୍ଲାଇ ତାହାଙ୍କ
ଜାଲ ଧୋଉଥିଲେ। ୩ଯୀଶୁ ସେଥିରୁ ଗୋଟିଏ ଡଙ୍ଗାରେ
ଚଢ଼ିଗଲେ। ସେ ଡଙ୍ଗାଟି ଶିମୋନ* ଙ୍କର ଥିଲା। ଯୀଶୁ
ଡଙ୍ଗାଟିକୁ କୂଳଠାରୁ ଅଳ୍ପ ଟିକିଏ ଭିତରକୁ ନେବାକୁ
ଶିମୋନଙ୍କୁ କହିଲେ। ତାପରେ ସେ ଡଙ୍ଗାଟିରେ ବସି
ପଡିଲେ ଓ ସେହି ଡଙ୍ଗା ଉପରେ ଥାଇ ଲୋକମାନଙ୍କୁ
ଉପଦେଶ ଦେବାକୁ ଲାଗିଲେ।
୪ଉପଦେଶ ଦେଇ ସାରିବା ପରେ ଯୀଶୁ ଶିମୋନଙ୍କୁ
କହିଲେ, "ଡଙ୍ଗାକୁ ଗଭୀର ଜଳକୁ ନେଇ ଚାଲ। ପାଣିରେ
ତୁମ୍ଭେ ସମସ୍ତେ ଯଦି ତୁମ୍ଭମାନଙ୍କର ଜାଲ ପକେଇବ,
ତେବେ କିଛି ମାଛ ଧରିବ।"
୫ଶିମୋନ କହିଲେ, "ପ୍ରଭୁ, ମାଛ ଧରିବା ପାଇଁ
ଆମ୍ଭେମାନେ ରାତିସାରା କଠିନ ପରିଶ୍ରମ କଲୁ, ମାତ୍ର କିଛି
ହେଲେ ପାଇଲୁନାହିଁ। ଏବେ ତୁମ୍ଭେ ଜାଲ ପକାଇବାକୁ
କହୁଛ। ତେଣୁ ମୁଁ ଜାଲ ପକାଇବ।" ୬କେଉଟମାନେ
ସେମାନଙ୍କର ଜାଲ ପାଣିରେ ପକେଇଲେ। ତାହାଙ୍କର
ଜାଲସବୁ ଏତେ ମାଛରେ ବୋଝେଇ ହୋଇଗଲା ଯେ
ଜାଲସବୁ ଛିଣ୍ଡିଯିବାକୁ ଲାଗିଲା। ୭ସେମାନେ ସାହାଯ୍ୟ ନିମନ୍ତେ
ଅନ୍ୟ ଡଙ୍ଗାରେ ଥିବା ତାହାଙ୍କର ଅଂଶୀଦାରମାନଙ୍କୁ ଡାକିଲେ।
ସାଙ୍ଗମାନେ ଆସିଲେ। ଦୁଇଟି ଯାକ ଡଙ୍ଗା ମାଛରେ ଏତେ
ଭର୍ତ୍ତି ହୋଇ ଗଲା ଯେ ଡଙ୍ଗା ଦୁଇଟି ପ୍ରାୟ ବୁଡ଼ିଯିବାକୁ
ଲାଗିଲା।
୮-୯ଶିମୋନ ପିତର ଏବଂ ସମସ୍ତ କେଉଟମାନେ ଏତେ
ଗୁଡିଏ ମାଛ ଧରିପାରିଥିବାରୁ ଆଶ୍ଚର୍ଯ୍ୟ ହୋଇଗଲେ। ଶିମୋନ
ପିତର ଏହା ଦେଖି ଯୀଶୁଙ୍କ ପାଦତଳେ ପଡ଼ିଯାଇ କହିଲେ,
"ହେ ପ୍ରଭୁ! ତୁମ୍ଭେ ମୋ ପାଖରୁ ଚାଲିଯାଅ। ମୁଁ ଜଣେ
ପାପୀ ମଣିଷ।" ୧୦ଜେବଦୀଙ୍କ ଦୁଇ ପୁଅ ଯାକୁବ ଓ
ଯୋହନ ମଧ୍ୟ ସେହିଭଳି ଆଶ୍ଚର୍ଯ୍ୟ ହୋଇଗଲେ। (ସେମାନେ
ଶିମୋନଙ୍କ ସାଙ୍ଗରେ ଏକାଠି କାମ କରୁଥିଲେ)।
ଯୀଶୁ ଶିମୋନଙ୍କୁ କହିଲେ, "ଭୟ କରନାହିଁ। ବର୍ତ୍ତମାନ
ଠାରୁ ତୁମ୍ଭେମାନେ ମାଛ ବଦଳରେ ମଣିଷଙ୍କୁ ସଂଗ୍ରହ
କରିବା କାମ କରିବ।"
୧୧ତା'ପରେ ସେମାନେ ସେମାନଙ୍କର ଡଙ୍ଗା ଗୁଡିକୁ
କୂଳକୁ ଆଣିଲେ। ସେମାନେ ସବୁ କିଛି ତ୍ୟାଗ କରିଦେଇ
ଯୀଶୁଙ୍କ ଅନୁଗମନ କଲେ।

### ଯୀଶୁ ଗୋଟିଏ କୁଷ୍ଠ ରୋଗୀକୁ ସୁସ୍ଥ କରିଦେଲେ

୧୨ଥରେ ଯୀଶୁ ଗୋଟିଏ ନଗରରେ ଥିଲେ। ସେଠାରେ
ଦେହସାରା କୁଷ୍ଠ ହୋଇ ଯାଇଥିବା ଲୋକଟିଏ ରହୁଥିଲା।
ଯେତେବେଳେ ସେ ଯୀଶୁଙ୍କୁ ଦେଖିଲା, ତାହାଙ୍କୁ ପ୍ରଣାମ
କରି ଅନୁରୋଧ କଲା, "ହେ ପ୍ରଭୁ! ମୋତେ ସୁସ୍ଥ
କରିଦିଅ। ମୁଁ ଜାଣେ ଯେ ତୁମ୍ଭେ ଇଚ୍ଛାକଲେ ମୋତେ
ସୁସ୍ଥ କରିଦେଇ ପାରିବ।"
୧୩ଯୀଶୁ ହାତ ବଢ଼େଇ ସେହି ଲୋକଟିକୁ ଛୁଇଁକରି
କହିଲେ, "ମୁଁ ଇଚ୍ଛା କରୁଅଛି ତୁମ୍ଭେ ସୁସ୍ଥ ହୋଇ ଯାଅ।"

---

**ଶିମୋନ** ଶିମୋନଙ୍କର ଅନ୍ୟ ନାମ ପିତର।

ତତ୍କ୍ଷଣାତ୍ ତାହାଙ୍କଠାରୁ କୁଷ୍ଠରୋଗ ଦୂର ହୋଇଗଲା।
୧୪ଯୀଶୁ ତାହାକୁ ଆଦେଶ ଦେଲେ, “ଏବେ ଯାହା ଘଟିଲା,
ସେ କଥା କାହାରିକୁ କୁହନାହିଁ। କିନ୍ତୁ ଯାଜକଙ୍କ ପାଖକୁ
ଯାଅ। ନିଜ ଦେହ ତାହାଙ୍କୁ ଦେଖାଅ। ତୁମ୍ଭେ ସୁସ୍ଥ
ହୋଇଯାଇଥିବା ଯୋଗୁ ମୋଶାଙ୍କ ଆଦେଶ ଅନୁସାରେ
ପରମେଶ୍ୱରଙ୍କ ନିକଟରେ ବଳି ଉତ୍ସର୍ଗ କର। ଏହା
ଲୋକଙ୍କୁ ଦେଖେଇଦେବ ଯେ ତୁମ୍ଭେ ସୁସ୍ଥ ହୋଇଯାଇଛ।”
୧୫କିନ୍ତୁ ଯୀଶୁଙ୍କ ବିଷୟରେ ଖବର ଆହୁରି ଅଧିକରୁ
ଅଧିକ ବ୍ୟାପିବାକୁ ଲାଗିଲା। ଅନେକ ଲୋକ ଉପଦେଶ
ଶୁଣିବାକୁ ଓ ରୋଗରୁ ସୁସ୍ଥ ହେବାକୁ ତାହାଙ୍କ ପାଖକୁ
ଆସୁଥିଲେ। ୧୬ଯୀଶୁ କିନ୍ତୁ ପ୍ରାର୍ଥନା କରିବା ପାଇଁ ଅଧିକାଂଶ
ସମୟରେ କୌଣସି ନିର୍ଜନ ସ୍ଥାନକୁ ଚାଲି ଯାଉଥିଲେ।

## ଯୀଶୁ ଗୋଟିଏ ପକ୍ଷାଘାତ ରୋଗୀକୁ ସୁସ୍ଥ କରିଦେଲେ।

୧୭ଦିନେ ଯୀଶୁ ଲୋକମାନଙ୍କୁ ଉପଦେଶ ଦେଉଥିଲେ।
ସେଠାରେ ଫାରୂଶୀ ଓ ଯିହୂଦୀଧର୍ମଶାସ୍ତ୍ରୀମାନେ ମଧ୍ୟ ବସିଥିଲେ।
ସେମାନେ ଗାଲିଲୀର ପ୍ରତ୍ୟେକ ନଗରରୁ, ଯିହୂଦା ତଥା
ଯିରୂଶାଲମରୁ ଆସିଥିଲେ। ପ୍ରଭୁ ଲୋକଙ୍କୁ ସୁସ୍ଥ କରି
ଦେବାପାଇଁ ଯୀଶୁଙ୍କୁ ଶକ୍ତି ଦେଉଥିଲେ। ୧୮ସେତିକିବେଳେ
କେତେକ ଲୋକ ଗୋଟିଏ ପକ୍ଷାଘାତ ରୋଗୀକୁ ଖଟରେ
ବୋହିକରି ଯୀଶୁଙ୍କ ପାଖକୁ ଆଣିଲେ। ସେମାନେ ରୋଗୀଟିକୁ
ଭିତରକୁ ଆଣି ଯୀଶୁଙ୍କ ଆଗରେ ରଖିବା ପାଇଁ ଚେଷ୍ଟା
କଲେ। ୧୯କିନ୍ତୁ ସେଠାରେ ଏତେ ଲୋକ ଥିଲେ ଯେ
ସେମାନେ ଯୀଶୁଙ୍କ ପାଖକୁ ଯିବାକୁ ବାଟ ପାଇଲେ ନାହିଁ।
ତେଣୁ ସେମାନେ ଛାତ ଉପରକୁ ଚାଲିଗଲେ। ଛାତରୁ
ଛପର କିଛି ବାହାର କରି କଣାଟିଏ କଲେ। ସେମାନେ
ସେହି କଣା ବାଟେ ପକ୍ଷାଘାତ ରୋଗୀଟିକୁ ଖଟ ସହିତ
ଯୀଶୁଙ୍କ ସାମନାକୁ ଖସେଇ ଦେଲେ। ୨୦ସେହି ଲୋକମାନଙ୍କର
ବିଶ୍ୱାସ ଦେଖି ଯୀଶୁ ସେହି ରୋଗୀଟିକୁ କହିଲେ, “ବନ୍ଧୁ!
ତୁମ୍ଭର ପାପ କ୍ଷମା କରିଦିଆଗଲା।”
୨୧ଯିହୂଦୀଧର୍ମଶାସ୍ତ୍ରୀ ଓ ଫାରୂଶୀମାନେ ଭାବିବାକୁ ଲାଗିଲେ,
“ଏ ଲୋକ କିଏ? ଏ ପରମେଶ୍ୱରଙ୍କୁ ଅପମାନ କରୁଛି।
କେବଳ ପରମେଶ୍ୱର ପାପ କ୍ଷମା କରିପାରନ୍ତି?”
୨୨କିନ୍ତୁ ଯୀଶୁ ଜାଣିପାରିଲେ ଯେ ସେମାନେ କ’ଣ
ଭାବୁଛନ୍ତି। ସେ କହିଲେ, “ତୁମ୍ଭେମାନେ ମନ ଭିତରେ
ଏଭଳି ବିଚାର କାହିଁକି ଆଣୁଛ? ୨୩କଅଣ କହିବା ସରଳ?
ପକ୍ଷାଘାତ ରୋଗୀଟିକୁ କହିବା ଯେ ‘ତୁମ୍ଭ ପାପ କ୍ଷମା କରି
ଦିଆଗଲା’ ନା ଏ କଥା କହିବା ଯେ ଉଠ ଓ ଚାଲ?’
୨୪ମୁଁ କିନ୍ତୁ ତୁମ୍ଭମାନଙ୍କୁ ଦେଖାଇ ଦେବିଯେ, ମନୁଷ୍ୟପୁତ୍ରଙ୍କର
ପାପ କ୍ଷମା କରିବାର ଶକ୍ତି ଅଛି।” ତେଣୁ ସେ ପକ୍ଷାଘାତ
ରୋଗୀଟିକୁ କହିଲେ, “ମୁଁ ତୁମ୍ଭକୁ କହୁଛି: ଠିଆ ହୁଅ।
ତୁମ୍ଭର ବିଛଣା ଧରି ଓ ଘରକୁ ଯାଅ।”
୨୫ସେ ତତ୍କ୍ଷଣାତ୍ ସେମାନଙ୍କ ସାମନାରେ ଉଠି ଠିଆ
ହେଲା। ଯେଉଁ ବିଛଣା ଉପରେ ସେ ଶୋଇ ଥିଲା, ତାହା
ଧରି ପରମେଶ୍ୱରଙ୍କ ସ୍ତୁତିଗାନକରି ନିଜ ଘରକୁ ଚାଲିଗଲା।
୨୬ସେଠାରେ ଯେଉଁମାନେ ଉପସ୍ଥିତ ଥିଲେ, ସେମାନେ
ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇ ପରମେଶ୍ୱରଙ୍କ ଗୁଣଗାନ
କରିବାକୁ ଲାଗିଲେ। ପରମେଶ୍ୱରଙ୍କ ଶକ୍ତି ଦେଖି ସେମାନଙ୍କ
ହୃଦୟ ଭକ୍ତିରେ ଭରିଗଲା। ସେମାନେ କହି ଉଠିଲେ,
“ଆଜି ଆମ୍ଭେମାନେ ବିସ୍ମୟ ଜନକ ଘଟଣା ମାନ ଦେଖିଛୁ।”

## ଯୀଶୁ ଲେବୀଙ୍କୁ ଡାକିଲେ।

୨୭ଏହାପରେ ଯୀଶୁ ସେଠାରୁ ଚାଲିଗଲେ। ସେ କର
ଆଦାୟ କରା ଯାଉଥିବା କାର୍ଯ୍ୟାଳୟରେ ଲେବୀ ନାମକ
ଜଣେ କର ଆଦାୟକାରୀଙ୍କୁ ବସିଥିବାର ଦେଖିଲେ। ଯୀଶୁ
ତାହାଙ୍କୁ କହିଲେ, “ମୋର ଅନୁସରଣ କର”। ୨୮ଲେବୀ
ଉଠି ପଡିଲେ। ସେ ସବୁକିଛି ପରିତ୍ୟାଗ କରି ଯୀଶୁଙ୍କୁ
ଅନୁସରଣ କଲେ।
୨୯ଲେବୀ ଯୀଶୁଙ୍କ ସମ୍ମାନାର୍ଥେ ନିଜ ଘରେ ଗୋଟିଏ
ବଡ ଭୋଜି ଦେଲେ। ଅନେକ କର ଆଦାୟକାରୀ ଓ
ଅନ୍ୟ କେତେକ ଲୋକ ମଧ୍ୟ ଯୀଶୁଙ୍କ ସହ ଏକତ୍ର
ଭୋଜନ କରୁଥିଲେ। ୩୦ତେଣୁ ଫାରୂଶୀ ଓ ଯିହୂଦୀଶାସ୍ତ୍ରୀମାନେ
ଯୀଶୁଙ୍କ ଶିଷ୍ୟମାନଙ୍କ ଆଗରେ ଅଭିଯୋଗ କଲେ, “ତୁମ୍ଭେମାନେ
କରଆଦାୟକାରୀ ଓ ପାପୀମାନଙ୍କ ସହିତ କାହିଁକି ଏକାଠି
ଖିଆପିଆ କରୁଛ?”
୩୧ଯୀଶୁ ସେମାନଙ୍କୁ କହିଲେ, “ସୁସ୍ଥ ଲୋକମାନଙ୍କ
ପାଇଁ ଡାକ୍ତରର ଆବଶ୍ୟକତା ନାହିଁ। କିନ୍ତୁ ଅସୁସ୍ଥ ଲୋକମାନଙ୍କ
ପାଇଁ ଡାକ୍ତରର ଆବଶ୍ୟକତା ରହିଛି। ୩୨ମୁଁ ଧାର୍ମିକ
ଲୋକମାନଙ୍କୁ ପରିବର୍ତ୍ତନ ସକାଶେ ଆସିନାହିଁ। ମୁଁ ପାପୀମାନଙ୍କ
ପାଇଁ ଆସିଛି। ସେମାନେ ନିଜନିଜ ହୃଦୟ ଓ ଜୀବନ
ପରିବର୍ତ୍ତନ କରନ୍ତୁ।”

## ଉପବାସ ସମ୍ବନ୍ଧରେ ଯୀଶୁଙ୍କ ଉତ୍ତର

୩୩ସେମାନେ ଯୀଶୁଙ୍କୁ କହିଲେ, “ଯୋହନଙ୍କ ଶିଷ୍ୟମାନେ
ଅଧିକାଂଶ ଥର ଉପବାସ ଓ ପ୍ରାର୍ଥନା କରନ୍ତି। ଫାରୂଶୀ
ମାନଙ୍କ ଶିଷ୍ୟମାନେ ସେହିପରି କରନ୍ତି। କିନ୍ତୁ ତୁମ୍ଭର
ଶିଷ୍ୟମାନେ ସବୁବେଳେ ଖିଆପିଆ କରୁଛନ୍ତି।”
୩୪ଯୀଶୁ ସେମାନଙ୍କୁ କହିଲେ, “ବର, ବରଯାତ୍ରୀ ସହିତ
ଥିବା ପର୍ଯ୍ୟନ୍ତ ତୁମ୍ଭେ କ’ଣ ବରଯାତ୍ରୀମାନଙ୍କୁ ଉପବାସରେ
ରଖି ପାରିବ? ୩୫କିନ୍ତୁ ସମୟ ଆସିବ, ଯେତେବେଳେ
ସେମାନଙ୍କ ପାଖରୁ ବରକୁ ଛଡାଇ ନିଆଯିବ। ସେତେବେଳେ
ସେମାନେ ଉପବାସ କରିବେ।”
୩୬ଯୀଶୁ ସେମାନଙ୍କୁ ଆଉ ଗୋଟିଏ ଦୃଷ୍ଟାନ୍ତ କହିଲେ:
“ଜଣେ ଲୋକ ଗୋଟିଏ ପୁରୁଣା ଚାଦରରେ ତାଳି ପକାଇବାକୁ
କୌଣସି ନୂଆ ଚାଦରରୁ ଖଣ୍ଡେ ଚିରିପକାଏ ନାହିଁ। ଯେଉଁ
ଲୋକ ଏଭଳି କରେ, ତାର ନୂଆ ଚାଦରଟିତ ନଷ୍ଟ
ହୋଇଯାଏ ପୁଣି ନୂଆ ଚାଦରରୁ ଚିରାହୋଇଥିବା ତାଳି
ପୁରୁଣା ଚାଦର ସାଙ୍ଗରେ ମିଶେନାହିଁ। ୩୭କୌଣସି ଲୋକ
ପୁରୁଣା ଚମଡ଼ା ଥଳିଗୁଡିକରେ ନୂଆ ଅଙ୍ଗୁରରସ ଢାଳେ
ନାହିଁ। ଯଦି ସେ ଏପରି କରେ ତେବେ ନୂଆ ଦ୍ରାକ୍ଷାରସ
ପୁରୁଣା ଚମଡ଼ା ଥଳି ଗୁଡ଼ିକୁ ଚିରିଦେବ। ଅଙ୍ଗୁରରସ
ଢ଼ାଳିହୋଇଯିବ ଓ ଥଳି ଗୁଡିକ ନଷ୍ଟ ହୋଇଯିବ। ୩୮ତେଣୁ
ଲୋକେ ସଦାବେଳେ ନୂଆ ଦ୍ରାକ୍ଷାରସ ନୂଆ ଚମଡ଼ା
ଥଳିରେ ରଖିଥାନ୍ତି। ୩୯ପୁରୁଣା ଦ୍ରାକ୍ଷାରସ ପିଇ ସାରି

କୌଣସି ଲୋକ କେବେହେଲେ ନୂଆ ଅଙ୍ଗୁରରସ ପିଇବାକୁ
ଇଚ୍ଛା କରେନାହିଁ। କାରଣ ସେ କହେ, 'ପୁରୁଣା ଅଙ୍ଗୁରରସ
ସ୍ବାଦ।'"

### ଯୀଶୁ ବଶ୍ରାମବାରର ପ୍ରଭୁ

୬ ଥରେ ବଶ୍ରାମବାରରେ ଯୀଶୁ ଶସ୍ୟ କ୍ଷେତ୍ର ଦେଇ
ଯାଉ ଥିଲେ। ତାହାଙ୍କର ଶିଷ୍ୟମାନେ କେତେକ
ଶସ୍ୟ ଛଣ୍ଡାଇଲେ ଓ ତାହାକୁ ଦୁଇ ହାତରେ ଦଳଲେ
ଏବଂ ଖାଇଲେ। ୨କେତେକ ଫାରୂଶୀ କହଲେ, "ବଶ୍ରାମବାରରେ
ଯାହା କରବା ବଧିସଙ୍ଗତ ନୁହେଁ, ତୁମ୍ଭେମାନେ ତାହା
କାହିଁକ କରୁଛ?"
୩ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, "ଦାଉଦ ଓ
ତାହାଙ୍କ ସାଥୀମାନେ ଭୋକଲା ଥିବାବେଳେ ଦାଉଦ କ'ଣ
କରଥିଲେ, ତାହା କ'ଣ ତୁମ୍ଭେମାନେ ପଢ଼ନାହିଁ? ୪ଦାଉଦ
ପରମେଶ୍ୱରଙ୍କ ଘର ଭିତରକୁ ପଶିଲେ। ପରମେଶ୍ୱରଙ୍କୁ
ଅର୍ପିତ ହୋଇଥିବା ରୋଟୀ ଉଠେଇ ଆଣି ନଜେ ଖାଇଥିଲେ
ତଥା ସାଥୀମାନଙ୍କୁ ମଧ ଖାଇବାକୁ ଦେଇଥିଲେ। ଏହା
ମୋଶାଙ୍କ ଆଦେଶର ବରୁଦ୍ଧାଚରଣ ଥିଲା। ମୋଶାଙ୍କ ଆଦେଶ
ଅନୁସାରେ ଏହ ରୋଟୀ କେବଳ ଯାଜକମାନଙ୍କ ବ୍ୟତୀତ
ଅନ୍ୟ କାହାର ଖାଇବା ଉଚତ ନୁହେଁ। ୫ତା'ପରେ ଯୀଶୁ
ଫାରୂଶୀମାନଙ୍କୁ କହଲେ, "ମନୁଷ୍ୟପୁତ୍ର ବଶ୍ରାମବାରର ମଧ
ମାଲକ।"

### ଯୀଶୁ ବଶ୍ରାମବାରରେ ଜଣେ ରୋଗୀକୁ ସୁସ୍ଥ କଲେ

୬ଆଉ ଗୋଟିଏ ବଶ୍ରାମବାରରେ ଯୀଶୁ ଯିହୂଦୀ ପ୍ରାର୍ଥନାଗୃହକୁ
ଗଲେ। ସେଠାରେ ସେ ଲୋକମାନଙ୍କୁ ଉପଦେଶ ଦେଲେ।
ସେଠାରେ ଗୋଟିଏ ଲୋକ ଥିଲା, ଯାହାର ଡାହାଣ ହାତଟି
ପଙ୍ଗୁ ହୋଇ ଯାଇଥିଲା। ୭ବଶ୍ରାମବାରରେ ଯୀଶୁ କାହାରକୁ
ସୁସ୍ଥ କର ଦେଉଛନ୍ତ କ ନାହିଁ ତାହା ଦେଖିବା ପାଇଁ
ସେଠାରେ ଯିହୂଦୀଧର୍ମଶାସ୍ତ୍ରୀ ଓ ଫାରୂଶୀମାନେ ଅପେକ୍ଷା
କର ରହଥିଲେ। ସେମାନେ ଦେଖିବାକୁ ଚାହୁଁଥିଲେ ଯେ
ଯୀଶୁ କିଛ ଭୁଲ କାମ କଲେ ସେମାନେ ତାହାଙ୍କୁ ଦୋଷୀ
ସାବ୍ୟସ୍ତ କରପାରବେ। ୮କନ୍ତୁ ସେମାନେ କ'ଣ ଭାବୁଛନ୍ତ,
ତାହା ଯୀଶୁ ଜାଣି ପାରଲେ। ତେଣୁ ଯେଉଁ ଲୋକଟିର
ହାତ ପଙ୍ଗୁ ହୋଇଯାଇଥିଲା, ଯୀଶୁ ତାହାକୁ କହଲେ,
"ଉଠ ଓ ସମସ୍ତଙ୍କ ଆଗରେ ଠିଆ ହୋଇ ଯାଅ।" ସେ
ଉଠିପଡ ସମସ୍ତଙ୍କ ଆଗରେ ଠିଆ ହୋଇଗଲା। ୯ତା'ପରେ
ଯୀଶୁ ଲୋକମାନଙ୍କୁ କହଲେ, "ମୁଁ ତୁମ୍ଭମାନଙ୍କୁ ପଚାରୁଛ
ବଶ୍ରାମବାରରେ କାହାର ମଙ୍ଗଳ କରବା ନା କାହାର କ୍ଷତି
କରବା ଉଚତ? କାହାର ଜୀବନରକ୍ଷା କରବା ଉଚତ ନା
କାହାର ଜୀବନ ନଷ୍ଟ କରବା।" ୧୦ଯୀଶୁ ଚାରଆଡ଼କୁ
ସମସ୍ତଙ୍କ ଉପରେ ଦୃଷ୍ଟି ପକେଇଲେ ଓ ପୁଣି ସେହ
ଲୋକଟିକୁ କହଲେ, "ତୁମ୍ଭ ହାତ ବଢ଼ାଅ।" ସେ
ସେହଭଳ କଲା ଓ ତା ହାତ ପୁଣି ସୁସ୍ଥ ହୋଇଗଲା।
୧୧ଫାରୂଶୀ ଓ ଧର୍ମଶାସ୍ତ୍ରୀମାନେ ଖୁବ୍ ରାଗିଗଲେ। ସେମାନେ
ନଜ ନଜ ଭିତରେ କଥାବାର୍ତ୍ତା କଲେ, "ଯୀଶୁଙ୍କ ପାଇଁ
କ'ଣ କରାଯିବ?"

### ଯୀଶୁ ତାହାଙ୍କ ବାରଜଣ ପ୍ରେରତଙ୍କୁ ବାଛଲେ

୧୨ସେହ ସମୟରେ ଯୀଶୁ ପ୍ରାର୍ଥନା କରବା ପାଇଁ
ଗୋଟିଏ ପର୍ବତ ଉପରକୁ ଗଲେ। ସେ ସେଠାରେ
ପରମେଶ୍ୱରଙ୍କୁ ପ୍ରାର୍ଥନା କରବାରେ ସାରା ରାତିଟି ବତେଇଲେ।
୧୩ତା'ପରଦନ ସକାଳେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ଡାକଲେ।
ସେ ସେମାନଙ୍କ ମଧ୍ୟରୁ ବାରଜଣଙ୍କୁ ବାଛଲେ। ସେ ଏହ
ଶିଷ୍ୟମାନଙ୍କୁ 'ପ୍ରେରତ' ନାମ ଦେଲେ। ୧୪ସେମାନେ ହେଲେ:
ଶିମୋନ(ଯାହାଙ୍କୁ ସେ ପିତର ବୋଲ ମଧ ନାମ ଦେଲେ)।
ଶିମୋନଙ୍କ ଭାଇ ଆନ୍ଦ୍ରିୟ, ଯାକୁବ ଓ ଯୋହନ। ଫିଲିପ୍ପ
ଓ ବର୍ଥଲମି, ୧୫ମାଥିଉ, ଥୋମା, ଆଲଫିଙ୍କ ପୁତ୍ର ଯାକୁବ,
ଶିମୋନ ଯାହାଙ୍କୁ (ଉଦ୍‌ଯୋଗୀ) ବୋଲ କୁହନ୍ତ। ୧୬ଯାକୁବଙ୍କ
ପୁତ୍ର ଯିହୂଦା ଓ ଇଷ୍କାରୟୋଥ ଯିହୂଦା। ପରେ ଏହ ଯିହୂଦା
ବିଶ୍ୱାସ ଘାତକତା କର ଯୀଶୁଙ୍କୁ ଶତ୍ରୁ ହସ୍ତରେ ସମର୍ପଣ
କଲା।

### ଯୀଶୁ ଲୋକଙ୍କୁ ଉପଦେଶ ଦେଲେ ଓ ରୋଗମୁକ୍ତ କଲେ

୧୭ତାପରେ ଯୀଶୁ ସେମାନଙ୍କ ସହତ ତଳକୁ ଆସି
ଗୋଟିଏ ସମତଳ ଭୂମି ଉପରେ ଠିଆହେଲେ। ସେଠାରେ
ବହୁତ ସଂଖ୍ୟାରେ ତାହାଙ୍କ ଶିଷ୍ୟମାନେ ଉପସ୍ଥିତ ଥିଲେ।
ତା ଛଡ଼ା ସମଗ୍ର ଯିହୂଦା, ଯିରୂଶାଲମ, ସମୁଦ୍ର ଉପକୂଳବର୍ତ୍ତୀ
ସହର ସୋର ଓ ସୀଦୋନରୁ ଆସି ବହୁ ସଂଖ୍ୟାରେ
ଲୋକ ସେଠାରେ ଜମା ହୋଇଥିଲେ। ୧୮ସେମାନେ ଯୀଶୁଙ୍କ
ଉପଦେଶ ଶୁଣିବାକୁ ଓ ସୁସ୍ଥ ହେବାକୁ ସେଠାକୁ ଆସିଥିଲେ।
ଯେଉଁମାନେ ଦୁଷ୍ଟାତ୍ମା ଯୋଗୁ କଷ୍ଟ ପାଉଥିଲେ, ସେମାନେ
ସେଠାକୁ ଆସି ସୁସ୍ଥ ହୋଇଗଲେ। ୧୯ସମସ୍ତ ଲୋକେ
ତାହାଙ୍କୁ ଛୁଇଁବାକୁ ଚେଷ୍ଟା କରୁଥିଲେ। କାରଣ ତାହାଙ୍କ
ଦେହରୁ ଶକ୍ତ ବାହାରୁ ଥିଲା। ସେ ସେହ ଲୋକମାନଙ୍କୁ
ସୁସ୍ଥ କରଦେଲେ।
୨୦ଶିଷ୍ୟମାନଙ୍କ ଆଡ଼କୁ ଚାହିଁ ଯୀଶୁ କହଲେ,

"ହେ ଦୀନହୀନ ଲୋକମାନେ! ତୁମ୍ଭେମାନେ ଧନ୍ୟ,
କାରଣ ତୁମ୍ଭେମାନେ ସ୍ୱର୍ଗରାଜ୍ୟର ଅଧିକାରୀ।
୨୧ ତୁମ୍ଭେମାନେ, ଯେଉଁମାନେ ଏବେ ଭୋକଲା, ଧନ୍ୟ,
କାରଣ ତୁମ୍ଭେମାନେ ପରତୃପ୍ତ ହେବ। ରୋଦନ
କରୁଛ ଯେ ତୁମ୍ଭେମାନେ, ତୁମ୍ଭେମାନେ ଏବେ ଧନ୍ୟ,
କାରଣ ତୁମ୍ଭେମାନେ ଆନନ୍ଦରେ ଜୀବନଯାପନ କରବ।

୨୨"ମନୁଷ୍ୟପୁତ୍ରଙ୍କ ଯୋଗୁ ଲୋକମାନେ ତୁମ୍ଭମାନଙ୍କୁ ଘୃଣା
କରବେ। ସେମାନେ ତୁମ୍ଭମାନଙ୍କୁ ଘୃଣା କରବେ। ତୁମ୍ଭମାନଙ୍କୁ
ଅପମାନ ଦେବେ, ତୁମ୍ଭମାନଙ୍କ ବିଷୟରେ ମନ୍ଦ କଥା କହ
ତୁମ୍ଭମାନଙ୍କୁ ଅଗ୍ରାହ୍ୟ କରଦେବେ, ଯେତେବେଳେ ଏହା
ଘଟିବ, ତୁମ୍ଭେ ଧନ୍ୟ ହେବ। ୨୩ସେତେବେଳେ ଆନନ୍ଦରେ
ନାଚଉଠିବ। କାରଣ ତୁମ୍ଭମାନଙ୍କ ପାଇଁ ସ୍ୱର୍ଗରେ ମହା
ପୁରସ୍କାର ରହଛି। ସେମାନଙ୍କର ପୂର୍ବପୁରୁଷମାନେ
ଭବଷ୍ୟଦ୍‌ବକ୍ତାମାନଙ୍କୁ ଠିକ୍ ସେହଭଳ ବ୍ୟବହାର ଦେଖାଇ
ଥିଲେ ଯେଉଁ ଭଳ ଏବେ ସେମାନେ ତୁମ୍ଭକୁ ବ୍ୟବହାର
ଦେଖାଉଛନ୍ତ।

୨୪ "କିନ୍ତୁ ହେ ଧନୀଲୋକମାନେ! ତୁମ୍ଭକୁ ଧିକ୍! କାରଣ
ତୁମ୍ଭେମାନେ ଆରାମଦାୟକ ଜୀବନ କଟାଇ ଆସିଛ।
୨୫ ଧିକ୍ ତୁମ୍ଭେମାନେ, ଯେଉଁମାନେ ବର୍ତ୍ତମାନ ପରିତୃପ୍ତ
ଅଛ। କାରଣ ତୁମ୍ଭେମାନେ ଭୋକିଲା ହେବ। ଧିକ୍
ତୁମ୍ଭେମାନେ, ଯେଉଁମାନେ ବର୍ତ୍ତମାନ ହସୁଛ, କାରଣ
ତୁମ୍ଭେମାନେ ଦୁଃଖିତ ହେବ ଓ କାନ୍ଦିବ।

୨୬"ଧିକ ତୁମ୍ଭମାନଙ୍କୁ ଯେଉଁମାନଙ୍କୁ ବର୍ତ୍ତମାନ ଲୋକେ
'ଭଲ' ବୋଲି କହୁଛନ୍ତି। କାରଣ ସେମାନଙ୍କର ପୂର୍ବପୁରୁଷମାନେ
ଭଣ୍ଡ ଭବିଷ୍ୟଦ୍‌ବକ୍ତାମାନଙ୍କୁ ମଧ୍ୟ ଭଲ ବୋଲି କହୁଥିଲେ।

## ତୁମ୍ଭର ଶତ୍ରୁକୁ ପ୍ରେମ କର

୨୭"ତୁମ୍ଭେମାନେ ଯେଉଁମାନେ ମୋ କଥା ଶୁଣୁଛ, ମୁଁ
ସେହିମାନଙ୍କୁ କହୁଛି: ନିଜ ଶତ୍ରୁକୁ ପ୍ରେମ କର। ତୁମ୍ଭମାନଙ୍କୁ
ଯେଉଁମାନେ ଘୃଣା କରୁଛନ୍ତି, ସେମାନଙ୍କର ମଙ୍ଗଳ କର।
୨୮ଯେଉଁମାନେ ତୁମ୍ଭମାନଙ୍କୁ ଅଭିଶାପ ଦେଉଛନ୍ତି, ପରମେଶ୍ୱରଙ୍କୁ
ପ୍ରାର୍ଥନା କର ଯେ ସେ ସେମାନଙ୍କୁ ଆଶୀର୍ବାଦ କରନ୍ତୁ।
ଯେଉଁମାନେ ତୁମ୍ଭମାନଙ୍କୁ ଅପମାନ ଦେଉଛନ୍ତି, ତୁମ୍ଭେମାନେ
ସେମାନଙ୍କ ପାଇଁ ପ୍ରାର୍ଥନା କର। ୨୯ଯେଉଁଲୋକ ତୁମ୍ଭର
ଗୋଟିଏ ଗାଲରେ ଚାପୁଡ଼ାଟିଏ ମାରିବ, ତାହାକୁ ଅନ୍ୟ
ଗାଲଟି ବି ଦେଖାଇ ଦିଅ। ଯେଉଁ ଲୋକ ତୁମ୍ଭର ଜାମାଟି
ନେଇଯାଉଛି ତାହାକୁ ତୁମ୍ଭର ଧୋତିବି ନେଇଯିବାକୁ ଦିଅ।
୩୦ଯଦି କେହି ତୁମ୍ଭକୁ କିଛି ମାଗୁଛି, ତାହା ତାକୁ
ଦେଇଦିଅ। ଯଦି କୌଣସି ଲୋକ ତୁମ୍ଭର କିଛି ନେଇ
ଯାଏ, ତେବେ ତାହା ତାକୁ ଫେରେଇ ଦେବାକୁ କୁହନାହିଁ।
୩୧ଅନ୍ୟ ଲୋକମାନେ ତୁମ୍ଭମାନଙ୍କୁ ଯେଉଁଭଳି ବ୍ୟବହାର
ଦେଖାନ୍ତୁ ବୋଲି ଇଚ୍ଛା କର, ତୁମ୍ଭେମାନେ ମଧ୍ୟ ଅନ୍ୟମାନଙ୍କୁ
ସେହିଭଳି ବ୍ୟବହାର ଦେଖାଅ। ୩୨ଯେଉଁମାନେ ତୁମ୍ଭମାନଙ୍କୁ
ପ୍ରେମ କରନ୍ତି, ତୁମ୍ଭେମାନେ ଯଦି କେବଳ ସେହି ଲୋକମାନଙ୍କୁ
ପ୍ରେମ କରୁଛ, ତେବେ ତୁମ୍ଭେମାନେ କେଉଁ ପ୍ରଶଂସା
ପାଇବାକୁ ଯୋଗ୍ୟ? କାରଣ ପାପୀମାନେ ମଧ୍ୟ ସେହିମାନଙ୍କୁ
ପ୍ରେମ କରନ୍ତି, ଯେଉଁମାନେ ସେମାନଙ୍କୁ ପ୍ରେମ କରନ୍ତି।
୩୩ଯେଉଁମାନେ ତୁମ୍ଭମାନଙ୍କର ଉପକାର କରନ୍ତି, ତୁମ୍ଭେମାନେ
ଯଦି କେବଳ ସେହିମାନଙ୍କର ଉପକାର କରିବ, ତେବେ
ତୁମ୍ଭମାନଙ୍କର ମହତ ପଣିଆ କେଉଁଠି ରହିଲା? କାରଣ
ପାପୀମାନେ ମଧ୍ୟ ଏହିପରି କରନ୍ତି। ୩୪ଯେଉଁମାନଙ୍କଠାରୁ
ଫେରି ପାଇବାର ଆଶା ଥିବ, ତୁମ୍ଭେମାନେ ଯଦି କେବଳ
ସେହିମାନଙ୍କୁ ଟଙ୍କା ଧାର ଦିଅ, ତେବେ ତୁମ୍ଭେମାନେ
କେଉଁ ପ୍ରଶଂସା ପାଇବାକୁ ଯୋଗ୍ୟ? କାରଣ ପାପୀମାନେ
ମଧ୍ୟ ଟଙ୍କା ଫେରିପାଇବା ଆଶାରେ ଅନ୍ୟ ପାପୀମାନଙ୍କୁ
ଟଙ୍କା ଧାର ଦିଅନ୍ତି। ୩୫ତେଣୁ ନିଜ ଶତ୍ରୁକୁ ଭଲ ପାଅ।
ଲୋକଙ୍କର ଉପକାର କର ଓ ଫେରିପାଇବାର କୌଣସି
ଆଶା ନରଖି ଟଙ୍କା ଧାର ଦିଅ। ଏହା କଲେ ତୁମ୍ଭମାନଙ୍କୁ
ପ୍ରଚୁର ପୁରସ୍କାର ମିଳିବ। ତୁମ୍ଭେମାନେ ସର୍ବୋପରିସ୍ଥ
ପରମେଶ୍ୱରଙ୍କର ସନ୍ତାନ ହେବ। କାରଣ ସେ କପଟୀ
ଏବଂ ଦୁଷ୍ଟ ଲୋକମାନଙ୍କ ପ୍ରତି ମଧ୍ୟ ଦୟାଶୀଳ ଅଟନ୍ତି।
୩୬ତୁମ୍ଭମାନଙ୍କର ପରମପିତା ଯେଉଁଭଳି ତୁମ୍ଭମାନଙ୍କୁ ପ୍ରେମ
ଦେଖାନ୍ତି ଓ ଦୟା କରନ୍ତି, ତୁମ୍ଭେମାନେ ମଧ୍ୟ ସେହିଭଳି
ଅନ୍ୟମାନଙ୍କୁ ଦୟା ଦେଖାଅ ଓ ପ୍ରେମ କର।

## ନିଜକୁ ଦେଖ

୩୭"ତୁମ୍ଭେମାନେ କାହାରି ବିଚାର କରନାହିଁ। ତାହାହେଲେ
ତୁମ୍ଭମାନଙ୍କର ମଧ୍ୟ ବିଚାର କରାଯିବ ନାହିଁ। କୌଣସି
ବ୍ୟକ୍ତିକୁ ଦୋଷୀ କରନାହିଁ, ତେବେ ତୁମ୍ଭେ ମଧ୍ୟ ଦୋଷୀ
ବିବେଚିତ ହେବନାହିଁ। ଅନ୍ୟକୁ କ୍ଷମା କରିଦିଅ, ତେବେ
ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିଦିଆଯିବ। ୩୮ଅନ୍ୟକୁ ଦିଅ,
ତେବେ ତୁମ୍ଭେମାନେ ପାଇବ। ତୁମ୍ଭମାନଙ୍କୁ ବହୁତ ଦିଆଯିବ।
ତୁମ୍ଭେମାନେ ଯେତିକି ଧରି ପାରିବ, ତା'ଠାରୁ ଅଧିକ
ତୁମ୍ଭମାନଙ୍କ ହାତରେ ଢାଳି ଦିଆଯିବ। ତୁମ୍ଭମାନଙ୍କୁ ଏତେ
ଅଧିକ ଦିଆଯିବ ଯେ ସେଥିରୁ ବହୁତ ତୁମ୍ଭମାନଙ୍କ ଅଣ୍ଟିରୁ
ଉଚ୍ଛୁଳି ପଡିବ। ତୁମ୍ଭେମାନେ ଯେଉଁଭଳି ଭାବରେ ଅନ୍ୟକୁ
ଦେବ, ପରମେଶ୍ୱର ବି ତୁମ୍ଭମାନଙ୍କୁ ସେହିଭଳି ଭାବରେ
ଦେବେ।"
୩୯ଯୀଶୁ ସେମାନଙ୍କୁ ଗୋଟିଏ ଦୃଷ୍ଟାନ୍ତ କଥା କହିଲେ,
"ଜଣେ ଅନ୍ଧ ଆଉ ଜଣେ ଅନ୍ଧକୁ ବାଟ ଦେଖାଇ
ପାରିବକି? ନା! ତାହାକଲେ ଉଭୟ ଗୋଟିଏ ଖାଲରେ
ଖସି ପଡିବେ। ୪୦ଜଣେ ଛାତ୍ର ତା ଶିକ୍ଷକ ଠାରୁ ବଡ଼
ହୋଇ ପାରିବ ନାହିଁ। କିନ୍ତୁ ଛାତ୍ର ଜଣକ ପ୍ରତ୍ୟେକ ବିଷୟ
ସଂମ୍ପୂର୍ଣ୍ଣ ଶିଖି ସାରିବା ପରେ ନିଜ ଶିକ୍ଷକଙ୍କ ସମାନ
ହୋଇଯାଏ। ୪୧"ତୁମ୍ଭେମାନେ ନିଜ ଭାଇ ଆଖିରେ ପଡ଼ିଥିବା
ଗୋଟିଏ ଛୋଟ ଗୁଣ୍ଡିଟି ଆଡ଼କୁ କାହିଁକି ଚାହୁଁଛ? ତୁମ୍ଭମାନଙ୍କୁ
କ'ଣ ନିଜ ଆଖିରେ ପଡ଼ିଥିବା ବଡ଼ କାଠ ଖଣ୍ଡିକ
ଦେଖାଯାଉନାହିଁ? ୪୨ତୁମ୍ଭେ ଯେତେବେଳେ ନିଜ ଆଖିରେ
ପଡ଼ିଥିବା ବଡ଼ କାଠ ଖଣ୍ଡିକ ଦେଖି ପାରୁନାହିଁ, ସେତେବେଳେ
ନିଜ ଭାଇକୁ କିପରି କହି ପାରିବ: 'ଭାଇ, ଆସ ତୁମ୍ଭ
ଆଖିରେ ପଡିଥିବା ଛୋଟ ଗୁଣ୍ଡିଟି ବାହାର କରିଦେବି'।
ଆରେ କପଟୀ! ଆଗ ନିଜ ଆଖିରେ ପଡ଼ିଥିବା କାଠ
ଖଣ୍ଡିକ ବାହାର କରିଦିଅ, ତାହେଲେ ତୁମ୍ଭେ ସ୍ପଷ୍ଟ ଦେଖିପାରିବ
ଓ ଭାଇର ଆଖିରେ ପଡ଼ିଥିବା ଛୋଟ ଗୁଣ୍ଡିଟି ବାହାର କରି
ପାରିବ।

## ଦୁଇ ପ୍ରକାରର ଫଳ

୪୩"ଗୋଟିଏ ଭଲ ଗଛରେ ଖରାପ ଫଳ ଫଳେ ନାହିଁ।
ଠିକ୍ ସେହିଭଳି ଗୋଟିଏ ଖରାପ ଗଛରେ ଭଲ ଫଳ
ଫଳେ ନାହିଁ। ୪୪ପ୍ରତ୍ୟେକ ଗଛ ତା'ର ଫଳ ଦ୍ୱାରା ଚିହ୍ନି
ହୁଏ। ଲୋକମାନେ ଅନାବନା କଣ୍ଟା ଗଛରୁ ଡିମ୍ବିରିଫଳ
ସଂଗ୍ରହ କରନ୍ତିନାହିଁ କି କଣ୍ଟା ବୁଦାରୁ ଅଙ୍ଗୁର କୋଳି
ପାଆନ୍ତିନାହିଁ। ୪୫ଜଣେ ଭଲ ଲୋକର ମନ ଭିତରେ ଭଲ
ବିଷୟ ସଞ୍ଚିତ ହୋଇ ରହିଥାଏ। ତେଣୁ ତା'ମନ ଭିତରୁ
ଭଲ ବିଷୟ ବାହାରିଥାଏ। କିନ୍ତୁ ଗୋଟିଏ ଖରାପ ଲୋକର
ମନ ଭିତରେ ଖରାପ ବିଷୟ ସଞ୍ଚିତ ହୋଇ ରହିଥାଏ।
ତେଣୁ ତା' ମନ ଭିତରୁ ଖରାପ ବିଷୟ ବାହାରିଥାଏ।
ଜଣେ ଲୋକର ମନ ଭିତରେ ଯାହା ଥାଏ, ସେ ତାହା
କହିଥାଏ।

### ଦୁଇ ପ୍ରକାରର ମଣିଷ

୪୬"ତୁମ୍ଭେମାନେ ମୋତେ କାହିଁକି 'ପ୍ରଭୁ', ପ୍ରଭୁ ବୋଲି
ଡାକୁଛ? କିନ୍ତୁ ମୁଁ ଯାହା କହୁଛି, ତୁମ୍ଭେମାନେ ତ ତାହା
କରୁନାହଁ? ୪୭ଯେଉଁଲୋକ ମୋପାଖକୁ ଆସେ, ମୋ ଉପଦେଶ
ଶୁଣେ ଓ ତାହାକୁ ମାନେ, ୪୮ସେ ଲୋକ ଘର ତିଆରି
କରୁଥିବା ଗୋଟିଏ ଲୋକ ଭଳି। ସେ ଗଭୀର କରି ଗାତ
ଖୋଳେ ଓ ଦୃଢ଼ ପଥର ଉପରେ ମୂଳଦୁଆ ପକାଏ!
ଯେତେବେଳେ ବଢ଼ିଆସେ, ପାଣି ସେ ଘରକୁ ଭସେଇ
ନେବାକୁ ଧକ୍‌କା ମାରେ, କିନ୍ତୁ ଆଦୌ ହଲେଇ ପାରେନାହିଁ।
କାରଣ ଘରଟି ମଜଭୁତ ଭାବରେ ତିଆରି ହୋଇଥାଏ।
୪୯କିନ୍ତୁ ଯେଉଁ ଲୋକ ମୋର ଉପଦେଶ ଶୁଣେ, କିନ୍ତୁ
ତାହା ମାନେ ନାହିଁ, ସେ ଲୋକ ମୂଳଦୁଆ ନ ପକାଇ
କେବଳ ବାଲି ଉପରେ ଘର ତୋଳୁଥିବା ଲୋକଟିଏ ପରି।
ଯେତେବେଳେ ବଢ଼ିଆସେ, ଘରଟି ଅତି ସହଜରେ ପଡ଼ିଯାଏ
ଏବଂ ସଂପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଏ।"

### ବିଶ୍ୱାସର ଶକ୍ତି

୭ ଯୀଶୁ ଲୋକମାନଙ୍କୁ ଯାହାସବୁ ଶୁଣେଇବାକୁ ଚାହୁଁଥିଲେ,
ସେ ସମସ୍ତ କହି ସାରିବା ପରେ ସେ କଫର୍ନାହୂମ
ଚାଲିଗଲେ। ୨ସେ ସମୟରେ କଫର୍ନାହୂମରେ ଜଣେ
ଶତସେନାପତି ଥିଲେ। ତାହାଙ୍କର ଗୋଟିଏ ଚାକର ଏତେ
ବେମାର ଥିଲା ଯେ ସେ ପ୍ରାୟ ମରିଯିବା ଅବସ୍ଥାରେ ଥିଲା।
ଶତସେନାପତି ଚାକରଟିକୁ ଖୁବ୍ ଭଲ ପାଉଥିଲେ।
୩ଶତସେନାପତି ଜଣକ ଯୀଶୁଙ୍କ ବିଷୟରେ ଶୁଣି ତାହାଙ୍କ
ପାଖକୁ କେତେକ ପ୍ରାଚୀନ ଯିହୂଦୀନେତାଙ୍କୁ ପଠାଇଲେ।
ସେ ଚାହୁଁଥିଲେ ଯେ ଲୋକେ ଯାଇ ଯୀଶୁଙ୍କୁ ଆସିବାକୁ
ଅନୁରୋଧ କରନ୍ତୁ ଓ ଯୀଶୁ ଆସି ଚାକରଟିର ଜୀବନ
ରକ୍ଷା କରିଦିଅନ୍ତୁ। ୪ସେହି ପ୍ରାଚୀନ ନେତାମାନେ ଯୀଶୁଙ୍କ
ପାଖକୁ ଗଲେ। ସେମାନେ ଯୀଶୁଙ୍କୁ ଅନୁନୟ ପୂର୍ବକ
ଅନୁରୋଧ କରି କହିଲେ, "ଶତସେନାପତି ଜଣକ ଆପଣଙ୍କ
ସାହାଯ୍ୟ ପାଇବାକୁ ଯୋଗ୍ୟ। ୫ସେ ଆମ୍ଭ ଲୋକଙ୍କୁ ଭଲ
ପାଆନ୍ତି ଏବଂ ଆମ୍ଭ ପାଇଁ ପ୍ରାର୍ଥନାଗୃହ ତିଆରି କରିଛନ୍ତି।"
୬ତେଣୁ ଯୀଶୁ ସେମାନଙ୍କ ସହିତ ଯିବାପାଇଁ ବାହାରି
ପଡିଲେ। ଯୀଶୁ ଶତସେନାପତି ଘର ପାଖା ପାଖି ଆସି
ପହଞ୍ଚି ଯାଇଥିବା ସମୟରେ ଶତସେନାପତି ଜଣକ ନିଜ
ବନ୍ଧୁମାନଙ୍କୁ ଯୀଶୁଙ୍କ ପାଖକୁ ଏହି କଥା କହିବା ପାଇଁ
ପଠାଇଲେ, "ପ୍ରଭୁ, ନିଜକୁ ଆଉ କଷ୍ଟ ଦିଅନ୍ତୁ ନାହିଁ।
କାରଣ ମୁଁ ଏତେ ଭଲ ନୁହେଁ ଯେ ଆପଣ ମୋ ଘରକୁ
ଆସିବେ। ୭କେବଳ ସେଇଥିପାଇଁ ମୁଁ ନିଜେ ଆପଣଙ୍କ
ପାଖକୁ ଯିବାକୁ ନିଜକୁ ଯୋଗ୍ୟ ମନେ କରି ନ ଥିଲି।
ଆପଣ କେବଳ ଆଦେଶ ଦିଅନ୍ତୁ ଓ ମୋର ଚାକରଟି
ଭଲ ହୋଇଯିବ। ୮ମୁଁ ଆପଣଙ୍କର ଅଧିକାର ବିଷୟରେ
ବୁଝି ପାରୁଛି। ମୁଁ ନିଜେ ଜଣେ ଅଧିକାରୀଙ୍କ ଅଧିନରେ
କାମ କରୁଛି ଏବଂ ମୋ ଅଧିନରେ ମଧ୍ୟ କେତେକ
ସୈନ୍ୟ ରହିଛନ୍ତି। ମୁଁ ଯଦି ଜଣେ ସୈନ୍ୟକୁ କହେ,
'ଯାଅ' ତେବେ ସେ ଚାଲିଯାଏ। ମୁଁ ଯଦି ଆଉ ଜଣକୁ
କୁହେ, 'ଆସ' ତେବେ ସେ ଚାଲିଆସେ। ମୁଁ ଯଦି ମୋ
ଚାକରକୁ କୁହେ, 'ଏହା କର', ତେବେ ସେ ତାହା
କରେ।"
୯ଯୀଶୁ ଏହା ଶୁଣିସାରି ବଡ଼ ଆଶ୍ଚର୍ଯ୍ୟ ହୋଇଗଲେ।
ସେ ତାହାଙ୍କୁ ଅନୁସରଣ କରୁଥିବା ଲୋକମାନଙ୍କ ଆଡ଼କୁ
ବୁଲି ପଡ଼ି କହିଲେ, "ମୁଁ ତୁମ୍ଭମାନଙ୍କୁ କହି ରଖୁଛି ଯେ
ଏଭଳି ବିଶ୍ୱାସ ମୋତେ ଇସ୍ରାୟେଲରେ ମଧ୍ୟ ମିଳିନାହିଁ।"
୧୦ଯୀଶୁଙ୍କ ପାଖକୁ ଯେଉଁ ଲୋକମାନଙ୍କୁ ପଠାଯାଇଥିଲା,
ସେମାନେ ଘରକୁ ଫେରିଯିବାପରେ ଦେଖିଲେ ଯେ ଚାକରଟି
ସୁସ୍ଥ ହୋଇ ଯାଇଛି।

### ମୃତ ଲୋକକୁ ଜୀବନଦାନ

୧୧ତା'ପରେ ଦିନ ଯୀଶୁ ନାଇନ ନଗରକୁ ଗଲେ।
ତାହାଙ୍କ ସହିତ ତାଙ୍କ ଶିଷ୍ୟମାନେ ଓ ବହୁ ସଂଖ୍ୟାରେ
ଅନ୍ୟ ଲୋକମାନେ ଯାଉଥିଲେ। ୧୨ଯୀଶୁ ଯେତେବେଳେ
ନଗରଦ୍ୱାର ନିକଟରେ ପହଞ୍ଚିଲେ ସେତେବେଳେ ଗୋଟିଏ
ଶବ ନିଆ ଯାଉଥିବାର ସେ ଦେଖିଲେ। ସେ ତା' ବିଧବା
ମାଆର ଏକମାତ୍ର ସନ୍ତାନ ଥିଲା। ପୁଅକୁ ନିଆ ଯାଉଥିବା
ସମୟରେ ସେଠାରେ ତା ମାଆ ସହିତ ମଧ୍ୟ ନଗରର
ବହୁ ସଂଖ୍ୟକ ଲୋକ ଥିଲେ। ୧୩ସେହି ବିଧବାକୁ ଦେଖି
ଯୀଶୁଙ୍କ ମନରେ କରୁଣା ଜାତ ହେଲା। ସେ ତାକୁ
କହିଲେ, "କାନ୍ଦ ନାହିଁ।" ୧୪ଯୀଶୁ କୋକେଇ ପାଖକୁ
ଯାଇ ତାହା ଛୁଇଁଲେ। କୋକେଇ କାନ୍ଧେଇ ନେଉଥିବା
ଲୋକେ ଅଟକିଗଲେ। ଯୀଶୁ ମୃତ ପୁତ୍ରକୁ କହିଲେ,
"ଯୁବକ, ମୁଁ ତୁମ୍ଭକୁ କହୁଛି ଠିଆ ହୁଅ।" ୧୫ମୃତ ପୁତ୍ର
ଉଠି ବସିଲା। ସେ କଥା କହିବାକୁ ଲାଗିଲା। ଯୀଶୁ ତାକୁ
ତା ମାଆ ହାତରେ ଦେଇଦେଲେ।
୧୬ସବୁଲୋକେ ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ
ପରମେଶ୍ୱରଙ୍କ ମହିମା ଗାନ କଲେ। ସେମାନେ କହିଲେ,
"ଜଣେ ମହାନ ଭବିଷ୍ୟଦ୍‌ବକ୍ତା ଆମ୍ଭମାନଙ୍କ ପାଖକୁ
ଆସିଛନ୍ତି।" ଆହୁରି ମଧ୍ୟ ସେମାନେ କହିଲେ,
"ପରମେଶ୍ୱର ନିଜ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆସି
ଯାଇଛନ୍ତି।"
୧୭ଯୀଶୁଙ୍କ ବିଷୟରେ ଏହି ଖବର ଯିହୂଦା ଓ ଆଖପାଖ
ସମସ୍ତ ଅଞ୍ଚଳରେ ପ୍ରଚାରିତ ହୋଇଗଲା।

### ଯୋହନଙ୍କ ପ୍ରଶ୍ନ

୧୮ଯୋହନଙ୍କ ଶିଷ୍ୟମାନେ ଯୋହନଙ୍କୁ ଏ ସମସ୍ତ ଖବର
ଜଣାଇଲେ। ଯୋହନ ତାହାଙ୍କର ଦୁଇଜଣ ଶିଷ୍ୟଙ୍କୁ ଡକାଇଲେ।
୧୯ଯୋହନ ସେମାନଙ୍କୁ ପ୍ରଭୁ (ଯୀଶୁ)ଙ୍କ ପାଖକୁ ଏହି କଥା
ପଚାରି ପଠାଇଲେ: "ଯାହାଙ୍କର ଆସିବାର ଥିଲା, ଆପଣ
କ'ଣ ସେହି ଲୋକ ନା ଆମ୍ଭେ ଆଉ କାହାରି ଅପେକ୍ଷାରେ
ରହିବୁ?"
୨୦ସେ ଲୋକମାନେ ଯୀଶୁଙ୍କ ପାଖରେ ପହଞ୍ଚିଲେ।
ସେମାନେ ଯୀଶୁଙ୍କୁ ପଚାରିଲେ, "ବାପ୍ତିଜକ ଯୋହନ ଆମ୍ଭକୁ
ତୁମ୍ଭପାଖକୁ ଏହି ପ୍ରଶ୍ନ ପଚାରିବାକୁ ପଠାଇଲେ: 'ଯାହାଙ୍କର
ଆସିବାର ଥିଲା, ଆପଣ କ'ଣ ସେହି ଲୋକ ନା ଆମ୍ଭେ
ଆଉ ଅନ୍ୟ କାହାରି ଅପେକ୍ଷାରେ ରହିବୁ?'"

[21]ସେହି ସମୟରେ ଯୀଶୁ ଅନେକ ଲୋକଙ୍କୁ ସେମାନଙ୍କ
ରୋଗରୁ ସୁସ୍ଥ, ବେଦନା ଦୂର ଓ ଦୁଷ୍ଟାତ୍ମା କବଳରୁ ମୁକ୍ତ
କରି ଦେଉଥିଲେ। ସେ ଅନେକ ଅନ୍ଧଙ୍କୁ ଦୃଷ୍ଟିଶକ୍ତି
ଦେଉଥିଲେ। [22]ତାପରେ ଯୀଶୁ ଯୋହନଙ୍କ ସେହି ଶିଷ୍ୟମାନଙ୍କୁ
କହିଲେ, "ଯାଅ ଓ ଏଠାରେ ତୁମ୍ଭେ ଯାହା ସବୁ ଦେଖିଲ
ଓ ଶୁଣିଲ, ତାହା ଯୋହନଙ୍କୁ ଯାଇ ଜଣାଅ। ଅନ୍ଧମାନେ
ଦେଖି ପାରୁଛନ୍ତି, ଛୋଟାମାନେ ଚାଲି ପାରୁଛନ୍ତି; କୁଷ୍ଟ
ରୋଗୀ ସୁସ୍ଥ ହୋଇ ଯାଉଛନ୍ତି; ବଧିରଲୋକ ଶୁଣିପାରୁଛନ୍ତି;
ମରିଯାଉଥିବା ଲୋକକୁ ପୁଣି ଜୀବନ ଦିଆଯାଉଛି ଏବଂ
ଗରିବ ଲୋକମାନଙ୍କୁ ପରମେଶ୍ୱରଙ୍କ ରାଜ୍ୟର ସୁସମାଚାର
ଶୁଣେଇ ଦିଆଯାଉଛି। [23]ଯେଉଁଲୋକ ମୋତେ ଗ୍ରହଣ
କରିବ, ସେ ଧନ୍ୟ।"

[24]ଯୋହନଙ୍କ ଶିଷ୍ୟମାନେ ଚାଲିଯିବା ପରେ ଯୀଶୁ
ଲୋକମାନଙ୍କୁ ଯୋହନଙ୍କ ବିଷୟରେ କହିବାକୁ ଆରମ୍ଭ
କଲେ: "ତୁମ୍ଭେମାନେ ମରୁଭୂମିରେ କ'ଣ ଦେଖିବାକୁ
ଯାଇଥିଲ? କ'ଣ ପବନରେ ଦୋହଲୁଥିବା ନଳଗଛ?
[25]ତା'ନହେଲେ, ତୁମ୍ଭେ କ'ଣ ଦେଖିବାକୁ ସେଠାକୁ ଯାଇଥିଲ?
କ'ଣ ଉତ୍ତମ ବସ୍ତ୍ର ପିନ୍ଧିଥିବା ଜଣେ ଲୋକକୁ? ନା,
ଯେଉଁମାନେ ଉତ୍ତମ ବସ୍ତ୍ର ପିନ୍ଧନ୍ତି ଏବଂ ଆମୋଦପ୍ରମୋଦରେ
ଜୀବନ କଟାନ୍ତି, ସେମାନେ ତ ରାଜାଙ୍କ ପ୍ରାସାଦ ମାନଙ୍କରେ
ଥାଆନ୍ତି। [26]ତେବେ ତୁମ୍ଭେମାନେ କ'ଣ ଦେଖିବାପାଇଁ
ବାହାରି ଯାଇଥିଲ? କ'ଣ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ? ହଁ, ମୁଁ
ତୁମ୍ଭକୁ କହୁଛି। ଯୋହନ ଜଣେ ଭବିଷ୍ୟଦ୍‌ବକ୍ତାଙ୍କଠାରୁ
ମଧ୍ୟ ମହାନ୍ ଅଟନ୍ତି। [27]ଯୋହନଙ୍କ ବିଷୟରେ ଏହା
ଲେଖାଅଛି:

'ଦେଖ, ମୁଁ ତୁମ୍ଭ ଆଗରୁ ମୋହର ଦୂତଙ୍କୁ ପଠାଉଛି।
ସେ ତୁମ୍ଭପାଇଁ ପୂର୍ବରୁ ରାସ୍ତା ତିଆରି କରିଦେବେ।'
ମଲାଖି ୩:୧

[28]ମୁଁ ତୁମ୍ଭକୁ କହୁଛି, ନାରୀ ଗର୍ଭ ମଧ୍ୟରୁ ଜାତ ସମସ୍ତଙ୍କ
ମଧ୍ୟରେ ଯୋହନଙ୍କ ଠାରୁ ଅଧିକ ମହାନ୍ କେହି ନାହିଁ।
ତଥାପି ପରମେଶ୍ୱରଙ୍କ ରାଜ୍ୟର ଯେଉଁ ଲୋକ ସବୁଠାରୁ
ଛୋଟ, ସେ ମଧ୍ୟ ଯୋହନଙ୍କ ଠାରୁ ମହାନ।"

[29](ଯୀଶୁଙ୍କ ଉପଦେଶ ଶୁଣୁଥିବା ସବୁଲୋକ ସ୍ୱୀକାର
କଲେ ଯେ, ପରମେଶ୍ୱରଙ୍କ ଉପଦେଶ ସବୁଠାରୁ ଉତ୍ତମ।
ଏପରିକି କର ଆଦାୟକାରୀମାନେ ମଧ୍ୟ ଏଥିରେ ଏକମତ
ହୋଇଗଲେ। ସେମାନେ ସମସ୍ତେ ପୂର୍ବରୁ ଯୋହନଙ୍କ ଦ୍ୱାରା
ବାପ୍ତିଜିତ ହୋଇଥିଲେ, [30]କିନ୍ତୁ ଫାରୂଶୀ ଓ ଧର୍ମଶାସ୍ତ୍ରୀମାନେ
ସେମାନଙ୍କ ପାଇଁ ପରମେଶ୍ୱରଙ୍କ ଦତ୍ତ ଯୋଜନାକୁ ଅସ୍ୱୀକାର
କଲେ ଓ ଯୋହନଙ୍କ ଦ୍ୱାରା ବାପ୍ତିସ୍ମ ଗ୍ରହଣ କଲେ
ନାହିଁ।)

[31]ତେବେ ମୁଁ ପୁଣି ଏହି ଯୁଗର ଲୋକମାନଙ୍କ
ବିଷୟରେ କ'ଣ କହିବି? ମୁଁ କାହା ସହିତ ସେମାନଙ୍କୁ
ତୁଳନା କରିବି? ସେମାନେ କାହା ଭଳି ହେବେ? [32]ସେମାନେ
ବଜାରରେ, ବସିଥିବା ସେହି ପିଲାମାନଙ୍କ ଭଳି, ଯେଉଁମାନଙ୍କ
ଭିତରୁ ଦଳେ ଅନ୍ୟଦଳକୁ କହନ୍ତି:

'ଆମେ ତୁମ୍ଭପାଇଁ ବଂଶୀ ବଜାଇଲୁ, କିନ୍ତୁ ତୁମ୍ଭେ
ନାଚିଲନାହିଁ। ଆମ୍ଭେ ଗୋଟିଏ ଶୋକଗୀତ ଗାଇଲୁ,
କିନ୍ତୁ ତୁମ୍ଭେମାନେ କାନ୍ଦିଲନାହିଁ।'

[33]ବାପ୍ତିଜକ ଯୋହନ ଆସିଲେ। ସେ ଅନ୍ୟ ଲୋକମାନଙ୍କ
ଭଳି ଖାଉନଥିଲେ କିମ୍ବା ଅଙ୍ଗୁରରସ ପିଉନଥିଲେ। ଆଉ
ତୁମ୍ଭେମାନେ କହୁଛ ଯେ, 'ତାହାଙ୍କ ଦେହରେ ଭୂତ
ପ୍ରବେଶ କରିଛି।' [34]ପୁଣି ମନୁଷ୍ୟପୁତ୍ର ଅନ୍ୟମାନଙ୍କ ଭଳି
ଖାଇଲେ ଓ ଅଙ୍ଗୁରରସ ପିଇଲେ। ଆଉ ତୁମ୍ଭେମାନେ
କହୁଛ, 'ଦେଖ, ଏ ଲୋକ ଜଣେ ପେଟୁ ଓ ଗୋଟାଏ
ମଦୁଆ। କର ଆଦାୟକାରୀ ଓ ପାପୀମାନେ ତା'ର ସାଙ୍ଗ
ଅଟନ୍ତି।' [35]କିନ୍ତୁ ଆପଣା କାର୍ଯ୍ୟ ଦ୍ୱାରା ଜ୍ଞାନ ଯଥାର୍ଥ
ବୋଲି ପ୍ରକାଶିତ ହୋଇଥାଏ।"

## ଫାରୂଶୀ ଶିମୋନ

[36]ଫାରୂଶୀ ମାନଙ୍କ ମଧ୍ୟରୁ ଜଣେ ଯୀଶୁଙ୍କୁ ନିଜ ସହିତ
ଖାଇବା ପାଇଁ ନିମନ୍ତ୍ରଣ କଲେ। ଯୀଶୁ ସେହି ଫାରୂଶୀଙ୍କ
ଘରକୁ ଗଲେ ଓ ଖାଇବା ପାଇଁ ବସିଲେ। [37]ସେହି
ସମୟରେ ସେହି ନଗରରେ ଜଣେ ପାପୀ ସ୍ତ୍ରୀ ଲୋକ
ଥିଲା। ସେ ଜାଣିପାରିଲା ଯେ ଯୀଶୁ ଫାରୂଶୀଙ୍କ ଘରେ
ଖାଉଛନ୍ତି। ତେଣୁ ସେହି ସ୍ତ୍ରୀ ଲୋକଟି ଗୋଟିଏ ସ୍ଫଟିକ
ପାତ୍ରରେ କିଛି ଅତର ଆଣିଲା। [38]ସେ ଯୀଶୁଙ୍କ ପଛଆଡେ
ଗୋଡ ପାଖରେ ଠିଆ ହେଲା। ସେ କାନ୍ଦୁଥିଲା। ତା'ପରେ
ସେ ଯୀଶୁଙ୍କ ପାଦ ତା' ଲୁହରେ ଧୋଇଦେଲା। ନିଜ
ମୁଣ୍ଡର ବାଳରେ ଯୀଶୁଙ୍କ ପାଦ ପୋଛିଦେଲା। ତାହାଙ୍କ
ପାଦରେ ବହୁବାର ଚୁମ୍ବନ ଦେଲା ଓ ପାଦ ଉପରେ ଅତର
ଢ଼ାଳିଦେଲା। [39]ଯେଉଁ ଫାରୂଶୀ ଜଣକ ଯୀଶୁଙ୍କୁ ନିଜ
ଘରକୁ ଡାକିଥିଲେ, ସେ ଏସବୁ ଦେଖିଲେ। ସେ ମନେ
ମନେ ଭାବିଲେ, "ଯୀଶୁ ଯଦି ପ୍ରକୃତରେ ଜଣେ ଭବିଷ୍ୟଦ୍‌ବକ୍ତା
ହୋଇଥାନ୍ତେ, ତେବେ ସେ ନିଶ୍ଚୟ ଜାଣି ପାରନ୍ତେ ଯେ,
ଯେଉଁ ସ୍ତ୍ରୀ ଲୋକଟି ତାହାଙ୍କୁ ଛୁଇଁଛି ସେ ଜଣେ
ପାପିନୀ।"

[40]ଯୀଶୁ ଫାରୂଶୀଙ୍କୁ କହିଲେ, "ଶିମୋନ, ମୋର ତୁମ୍ଭକୁ
କିଛି କହିବାର ଅଛି।"

ଶିମୋନ କହିଲେ, "ଗୁରୁ, କୁହନ୍ତୁ!"

[41]ଯୀଶୁ କହିଲେ, "କୌଣସି ସାହୁକାର ପାଖରୁ ଦୁଇଜଣ
ଖାତକ କରଜ ନେଇଥିଲେ। ଜଣେ ପାଞ୍ଚଶହରୂପା ଟଙ୍କା
କରଜ ନେଇଥିଲା ଓ ଆଉ ଜଣେ ପଚାଶଟି ରୂପା ଟଙ୍କା
ନେଇଥିଲା। [42]ସେମାନଙ୍କ ପାଖରେ ଟଙ୍କା ନଥିବାରୁ ସେମାନେ
ଋଣ ପରିଶୋଧ କରି ପାରୁନଥିଲେ। ତେଣୁ ସାହୁକାର
ଦୁଇଜଣଙ୍କୁ ଋଣ ମୁକ୍ତ କରିଦେଲେ। ତେବେ ଏ ଦୁଇଜଣଙ୍କ
ମଧ୍ୟରୁ କିଏ ସାହୁକାରଙ୍କୁ ଅଧିକ ଭଲ ପାଇବ?

[43]ଶିମୋନ ଉତ୍ତର ଦେଲେ, "ମୁଁ ଭାବୁଛି, ସାହୁକାର
ଯାହାକୁ ଅଧିକା ଟଙ୍କା ଛାଡ଼ିଦେଲେ, ସେହି ଲୋକକୁ
ଅଧିକା ଭଲ ପାଇବ।"

ଯୀଶୁ ଶିମୋନଙ୍କୁ କହିଲେ, "ତୁମ୍ଭେ ଠିକ୍ କଥା
କହିଛ।" [44]ତା'ପରେ ଯୀଶୁ ସ୍ତ୍ରୀ ଲୋକଟି ଆଡକୁ

ବୁଲିପଡ଼ି ଶିମୋନଙ୍କୁ କହିଲେ, "ତୁମ୍ଭେ ଏ ସ୍ତ୍ରୀ ଲୋକଟିକୁ
ଦେଖୁଛ? ମୁଁ ତୁମ୍ଭ ଘରକୁ ଆସିଲି। ଅଥଚ ତୁମ୍ଭେ ମୋତେ
ଗୋଡ ଧୋଇବାକୁ ପାଣି ସୁଦ୍ଧା ଦେଲନାହିଁ, କିନ୍ତୁ ଏ ସ୍ତ୍ରୀ
ଲୋକଟି ମୋର ପାଦକୁ ଲୁହରେ ଧୋଇ ଦେଲା। ଏବଂ
ତାବାଳରେ ପୋଛିଦେଲା। ୪୫ତୁମ୍ଭେ ମୋତେ ଚୁମ୍ବନ ଦେଲନାହିଁ,
କିନ୍ତୁ ଯେଉଁ ସମୟରୁ ମୁଁ ଭିତରକୁ ଆସିଲିଣି, ସେସମୟରୁ
ଏ ପର୍ଯ୍ୟନ୍ତ ସେ ମୋର ପାଦରେ ଚୁମ୍ବନ ଦେବା ବନ୍ଦ
କରିନାହିଁ। ୪୬ତୁମ୍ଭେ ମୋ ମୁଣ୍ଡରେ ତେଲ ଲଗାଇଲ ନାହିଁ,
କିନ୍ତୁ ଏ ସ୍ତ୍ରୀ ଲୋକଟି ମୋ ପାଦରେ ଅତର ଲଗାଇଲା।
୪୭ଏଣୁ ମୁଁ ତୁମ୍ଭକୁ କହୁଛି ଯେ, ତା'ର ଅନେକ ପାପ କ୍ଷମା
କରିଦିଆଗଲା। ଏ କଥା ସ୍ପଷ୍ଟ, କାରଣ ସେ ଅଗାଧ ପ୍ରେମ
ଦେଖାଇଛି। ଯେଉଁ ଲୋକ କ୍ଷମା ପାଇବାପାଇଁ କମ୍
ଆବଶ୍ୟକତା ଅନୁଭବ କରିଥାଏ, ସେ କ୍ଷମା ପାଇବାବେଳେ
କମ୍ ପ୍ରେମ ଅନୁଭବ କରିଥାଏ।"
୪୮ତା'ପରେ ଯୀଶୁ ସେହି ସ୍ତ୍ରୀଲୋକଟିକୁ କହିଲେ,
"ତୋର ପାପ କ୍ଷମା କରିଦିଆଗଲା।"
୪୯ଯେଉଁମାନେ ଯୀଶୁଙ୍କ ସହିତ ଭୋଜନ କରୁଥିଲେ,
ସେମାନେ ମନେମନେ ଭାବିବାକୁ ଲାଗିଲେ, "ଏ ଲୋକ
ନିଜକୁ କ'ଣ ଭାବୁଛି? ସେ କିପରି ପାପଗୁଡ଼ିକୁ କ୍ଷମା
କରିପାରିବ?"
୫୦ଯୀଶୁ ସ୍ତ୍ରୀ ଲୋକଟିକୁ କହିଲେ, "ତୁମ୍ଭେ ବିଶ୍ୱାସ
କରିଥିବାରୁ ତୁମ୍ଭେ ପାପରୁ ରକ୍ଷା ପାଇଅଛ। "ଶାନ୍ତିରେ
ଯାଅ।"

## ଶିଷ୍ୟମାନଙ୍କ ସହିତ ଯୀଶୁ

୮ ଏହାପରେ ଯୀଶୁ ନଗରନଗର, ଗାଁଗାଁ ବୁଲି
ପରମେଶ୍ୱରଙ୍କ ରାଜ୍ୟର ସୁସମାଚାର ଲୋକମାନଙ୍କୁ
ଶୁଣାଇଲେ। ତାହାଙ୍କ ସହିତ ବାରଜଣ ପ୍ରେରିତ ମଧ୍ୟ
ରହିଥିଲେ। ୨କେତେକ ସ୍ତ୍ରୀଲୋକ ମଧ୍ୟ ତାହାଙ୍କ ସାଙ୍ଗରେ
ଥିଲେ। ସେମାନଙ୍କୁ ଯୀଶୁ ଦୁଷ୍ଟାତ୍ମା କବଳରୁ ତଥା ରୋଗରୁ
ମୁକ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣକର ନାଁ ଥିଲା
ମରିୟମ। ସେ ମଗ୍ଦଲା ସହରର ବାସିନ୍ଦା ଥିଲେ।
ତା'ଠାରୁ ସାତଟି ଭୂତ ବାହାର କରା ଯାଇଥିଲା। ୩ହେରୋଦଙ୍କ
ଗୁମାସ୍ତା ଖୂଜାଙ୍କ ସ୍ତ୍ରୀ ଯୋହାନ୍ନା, ଶୋଶାନ୍ନା, ପୁଣି ଏହିଭଳି
ଆହୁରି ଅନେକ ସ୍ତ୍ରୀ ଲୋକ ମଧ୍ୟ ଯାଉଥିଲେ। ସେହି ସ୍ତ୍ରୀ
ଲୋକମାନେ ଯୀଶୁ ଓ ତାହାଙ୍କ ପ୍ରେରିତମାନଙ୍କୁ ସାହାଯ୍ୟ
କରିବା ପାଇଁ ସେମାନଙ୍କ ନିଜ ଟଙ୍କା ଖର୍ଚ୍ଚ କରୁଥିଲେ।

## ବିହନ ବୁଣା ଦୃଷ୍ଟାନ୍ତ

୪ବହୁ ଲୋକ ଆସି ଜମା ହୋଇଗଲେ। ପ୍ରତ୍ୟେକ
ନଗରରୁ ଲୋକେ ଯୀଶୁଙ୍କ ପାଖକୁ ଆସିଲେ। ଯୀଶୁ
ସେମାନଙ୍କୁ ଏହି ଦୃଷ୍ଟାନ୍ତ କହିଲେ:
୫"ଜଣେ କୃଷକ ବୀଜ ବୁଣିବାକୁ ବାହାରିଲା। ସେ ବୀଜ
ବୁଣିଲା ବେଳେ କିଛି ବୀଜ ରାସ୍ତା କଡ଼ରେ ଯାଇ ପଡ଼ିଲା।
ଏହି ବୀଜ ଗୁଡ଼ିକ ଲୋକଙ୍କ ପାଦରେ ଚକଟି ହୋଇଗଲା
ଓ ଚଢ଼େଇମାନେ ସେ ଗୁଡ଼ିକୁ ଖାଇଗଲେ। ୬କିଛି ବୀଜ
ପଥର ଉପରେ ପଡ଼ିଲା ସେଥିରୁ ଗଜା ବାହାରିଲା କିନ୍ତୁ
ଜଳ ଅଭାବରୁ ମରିଗଲା। ୭କିଛି ବୀଜ କଣ୍ଟା ବୁଦାରେ
ପଡ଼ିଲା। ବୀଜ ଗଜା ହୋଇ ଗଛ ବଢ଼ିଲା। କିନ୍ତୁ କଣ୍ଟା
ବୁଦା ମଧ୍ୟ ତା' ସହିତ ବଢ଼ିଲା ଓ ଶେଷରେ ତାକୁ ଚାପି
ପକାଇଲା। ୮ଅନ୍ୟ ବୀଜତକ ଭଲ ମାଟିରେ ପଡ଼ିଲା। ତାହା
ଗଛ ହୋଇ ବଢ଼ିଲା। ଏଥିରୁ ଶହେ ଗୁଣ ଅଧିକ ଶସ୍ୟ
ମିଳିଲା।"
ଏହି ଦୃଷ୍ଟାନ୍ତ କହିସାରି ଯୀଶୁ ବଡ଼ ପାଟିରେ କହିଲେ,
"ତୁମ୍ଭମାନଙ୍କର ଯଦି କାନ ଅଛି, ତେବେ ଶୁଣ।"
୯ତାହାଙ୍କ ଶିଷ୍ୟମାନେ ତାହାଙ୍କୁ ପଚାରିଲେ,"ଏହି ଦୃଷ୍ଟାନ୍ତର
ଅର୍ଥ କ'ଣ?"
୧୦ଯୀଶୁ କହିଲେ, "ପରମେଶ୍ୱରଙ୍କ ରାଜ୍ୟର ନିଗୁଢ଼
ବିଷୟ ଜାଣିବା ପାଇଁ ତୁମ୍ଭେ ବଛା ହୋଇଛ। କିନ୍ତୁ
ଅନ୍ୟମାନଙ୍କୁ ଏହି ରହସ୍ୟ ବିଷୟରେ କହିବାକୁ ମୁଁ ଦୃଷ୍ଟାନ୍ତ
ବ୍ୟବହାର କରୁଛି।

> 'ମୁଁ ଏହା କରୁଛି ଯେପରିକି ସେମାନେ ଚାହୁଁଥିଲେ
> ମଧ୍ୟ ଦେଖି ପାରିବେନି ଏବଂ ଶୁଣୁଥିଲେ ମଧ୍ୟ ବୁଝି
> ପାରିବେ ନାହିଁ।' ଯିଶାଇୟ ୬:୯

## ବିହନବୁଣା ଦୃଷ୍ଟାନ୍ତର ଅର୍ଥ

୧୧"ଦୃଷ୍ଟାନ୍ତର ଏହାହିଁ ଅର୍ଥ: "ବୀଜ ହେଉଛି ପରମେଶ୍ୱରଙ୍କ
ଉପଦେଶ। ୧୨ଯେଉଁ ବୀଜ ରାସ୍ତା କଡ଼ରେ ପଡ଼ିଥିଲା, ତାହା
ସେହି ଲୋକମାନଙ୍କ ଭଳି, ଯେଉଁମାନେ ପରମେଶ୍ୱରଙ୍କ
ବାକ୍ୟ ଶୁଣନ୍ତି, କିନ୍ତୁ ତା'ପରେ ଶୟତାନ ଆସେ ତାହାଙ୍କ
ହୃଦୟରୁ ଉପଦେଶ ବାହାର କରି ନେଇଯାଏ। ତେଣୁ
ସେହି ଲୋକମାନେ ବିଶ୍ୱାସ କରି ନପାରି ଉଦ୍ଧାର ପାଆନ୍ତି
ନାହିଁ। ୧୩ଯେଉଁ ବୀଜ ପଥର ଉପରେ ପଡ଼ିଥିଲା, ତାହା
ସେହି ଲୋକମାନଙ୍କ ଭଳି, ଯେଉଁମାନେ ପରମେଶ୍ୱରଙ୍କ
ଉପଦେଶ ଶୁଣନ୍ତି ଓ ଆନନ୍ଦରେ ତାହା ଗ୍ରହଣ କରନ୍ତି।
କିନ୍ତୁ ତା'ର ଚେର ସେହି ଲୋକମାନଙ୍କ ହୃଦୟ ମଧ୍ୟରେ
ଗଭୀରକୁ ପ୍ରବେଶ କରିପାରେନାହିଁ। ସେମାନେ କିଛି
ସମୟ ପର୍ଯ୍ୟନ୍ତ ବିଶ୍ୱାସ କରନ୍ତି, କିନ୍ତୁ ପରୀକ୍ଷାର ସମୟ
ଆସିଲେ ସେମାନେ ବିଶ୍ୱାସ କରିବା ବନ୍ଦ କରନ୍ତି।
ସେମାନେ ବିଶ୍ୱାସ ହରେଇ ବସନ୍ତି ଓ ପରମେଶ୍ୱରଙ୍କଠାରୁ
ଦୂରେଇ ଯାଆନ୍ତି। ୧୪ଯେଉଁ ବୀଜ କଣ୍ଟା ବୁଦାରେ ପଡ଼ିଥିଲା,
ତାହା ସେହି ଲୋକମାନଙ୍କ ଭଳି, ଯେଉଁମାନେ ପରମେଶ୍ୱରଙ୍କ
ବାକ୍ୟ ଶୁଣନ୍ତି କିନ୍ତୁ ଚିନ୍ତା, ଧନ, ସମ୍ପତ୍ତି, ଜୀବନର ଭୋଗ
ବିଳାସ ଆଦି ସେମାନଙ୍କୁ ବଢ଼ିବାରୁ ବାଧାଦିଏ। ତା'
ଫଳରେ ସେଥିରୁ ଭଲ ଫଳ ମିଳି ପାରେନାହିଁ। ୧୫ଏବଂ
ଯେଉଁ ବୀଜ ଭଲ ମାଟିରେ ପଡ଼ିଥିଲା, ତାହା ସେହି
ଲୋକମାନଙ୍କ ଭଳି, ଯେଉଁମାନେ ପରମେଶ୍ୱରଙ୍କ ଉପଦେଶ
ସ୍ୱଚ୍ଛ ଓ ପବିତ୍ର ହୃଦୟରେ ଶୁଣନ୍ତି, ତାହା ହୃଦୟରେ
ଗ୍ରହଣ କରନ୍ତି, କାର୍ଯ୍ୟରେ ପାଳନ କରନ୍ତି ଓ ଧୈର୍ଯ୍ୟ
ପୂର୍ବକ ଉତ୍ତମ ଫଳ ଫଳନ୍ତି।

## ନିଜର ବୁଝିବା ଶକ୍ତିର ପ୍ରୟୋଗ କର

୧୬"କେହି କେବେ ଦୀପଟିଏ ହାଣ୍ଡିତଳେ ଘୋଡେଇ

ରଖିବା ପାଇଁ ବା ଖଟ ତଳେ ଲୁଚେଇ ରଖିବା ପାଇଁ
ଜଳେଇ ନଥାଏ। ବରଂ ସେ ଦୀପଟି ଗୋଟିଏ ଦୀପ ରୁଖା
ଉପରେ ରଖେ। ତାହା ହେଲେ ଯେଉଁମାନେ ଘର
ଭିତରକୁ ଆସିବେ, ସେମାନେ ଦେଖି ପାରିବା ପାଇଁ
ଯଥେଷ୍ଟ ଆଲୁଅ ପାଇବେ। ୧୭ପ୍ରତ୍ୟେକ ଗୁପ୍ତ ରହିଥିବା
ବିଷୟ ଜ୍ଞାତ ହେବ ଓ ପ୍ରକାଶ୍ୟକୁ ଅଣାଯିବ। ଏପରି
କୌଣସି ଗୁପ୍ତ ଜିନିଷ ନାହିଁ, ଯାହା ସ୍ପଷ୍ଟ କରାଯିବ ନାହିଁ,
ଜ୍ଞାତ ହେବ ନାହିଁ ଓ ପ୍ରକାଶ୍ୟକୁ ଅଣା ଯିବ ନାହିଁ।
୧୮ତୁମ୍ଭେମାନେ କିପରି ଶୁଣୁଛ, ସେଥିପାଇଁ ସାବଧାନ ରୁହ।
ଯାହାର କିଛି ବୁଝିବା ଶକ୍ତି ଥିବ, ସେ ଅଧିକ ଗ୍ରହଣ
କରିବ ଏବଂ ଯାହାର ବୁଝିବା ଶକ୍ତି ନଥିବ, ତାହାର
ଯେତିକି ବା ବୁଝିବା ଶକ୍ତି ଅଛି ବୋଲି ସେ ଭାବୁଥିବ,
ସେତିକି ମଧ୍ୟ ତା'ଠାରୁ ଛଡାଇ ନିଆଯିବ।"

### ଯୀଶୁଙ୍କ ଶିଷ୍ୟମାନେ ହେଉଛନ୍ତି ତାହାଙ୍କର ବାସ୍ତବ ପରିବାର

୧୯ଯୀଶୁଙ୍କ ମାଆ ଓ ଭାଇମାନେ ତାହାଙ୍କୁ ଦେଖିବାକୁ
ଆସିଲେ। କିନ୍ତୁ ବହୁତ ଲୋକ ଗହଳି ହୋଇଥିବା ହେତୁ
ସେମାନେ ତାହାଙ୍କ ପାଖକୁ ଯାଇ ପାରୁ ନ ଥିଲେ।
୨୦କେହି ଜଣେ ଯୀଶୁଙ୍କୁ କହିଲା, "ତୁମ୍ଭର ମା ଓ
ଭାଇମାନେ ବାହାରେ ଠିଆ ହୋଇଛନ୍ତି। ସେମାନେ ତୁମ୍ଭକୁ
ଦେଖିବାକୁ ଚାହୁଁଛନ୍ତି।"
୨୧କିନ୍ତୁ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, "ମୋର
ମାଆ ଓ ଭାଇମାନେ ହେଉଛନ୍ତି ସେହିମାନେ, ଯେଉଁମାନେ
ପରମେଶ୍ୱରଙ୍କ ଉପଦେଶ ଶୁଣନ୍ତି ଓ ତାହା ପାଳନ
କରନ୍ତି।"

### ଶିଷ୍ୟମାନେ ଯୀଶୁଙ୍କ ଶକ୍ତି ଦେଖିଲେ

୨୨ଦିନେ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଗୋଟିଏ
ଡଙ୍ଗାରେ ଚଢ଼ିଲେ। ଯୀଶୁ ସେମାନଙ୍କୁ କହିଲେ, "ଆସ,
ଆମ୍ଭେମାନେ ହ୍ରଦ ସେପାରିକି ଯିବା।" ଶିଷ୍ୟମାନେ ଡ଼ଙ୍ଗା
ଖୋଲିଦେଲେ। ୨୩ସେମାନେ ଡଙ୍ଗା ବାହି ନେଉଥିବା
ସମୟରେ ଯୀଶୁ ଶୋଇ ପଡିଲେ। ହ୍ରଦରେ ଝଡ଼ତୋଫାନ
ମାଡ଼ି ଆସିଲା। ଡଙ୍ଗାରେ ପାଣି ପଶିବାକୁ ଲାଗିଲା। ସେମାନେ
ବିପଦରେ ପଡିଗଲେ। ୨୪ଶିଷ୍ୟମାନେ ଯୀଶୁଙ୍କ ପାଖକୁ
ଆସିଲେ ଓ ତାହାଙ୍କୁ ଉଠେଇ କହିବାକୁ ଲାଗିଲେ, "ଗୁରୁ,
ହେ ଗୁରୁ, ଆମ୍ଭେ ବୁଡ଼ିଯିବା"।
ଯୀଶୁ ଠିଆ ହେଲେ। ସେ ତୋଫାନ ଓ ଢେ଼ଉକୁ
ଆଜ୍ଞା ଦେଲେ। ପବନ ବନ୍ଦ ହୋଇଗଲା। ହ୍ରଦ ଶାନ୍ତ
ହୋଇଗଲା। ୨୫ଯୀଶୁ ଶିଷ୍ୟମାନଙ୍କୁ ପଚାରିଲେ, "ତୁମ୍ଭମାନଙ୍କର
ବିଶ୍ୱାସ କେଉଁଆଡ଼େ ଗଲା?"
ସେମାନେ କିନ୍ତୁ ଡରିଯାଇଥିଲେ ଓ ଆଶ୍ଚର୍ଯ୍ୟ
ହୋଇଯାଇଥିଲେ। ସେମାନେ କଥା ବାର୍ତ୍ତା ହେଲେ, "ଏ
ତେବେ କିଏ? ସେ ପବନ ଓ ପାଣିକୁ ମଧ୍ୟ ଆଜ୍ଞା
ଦେଉଛନ୍ତି ଓ ସେମାନେ ତାହାଙ୍କ କଥା ମାନୁଛନ୍ତି!"

### ଜଣେ ଲୋକ ଭୂତ କବଳରୁ ମୁକ୍ତ

୨୬ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଗାଲୀଲୀରୁ ହ୍ରଦର
ଅପର ପାର୍ଶ୍ୱକୁ ଗଲେ। ସେମାନେ ଗରାଶିୟମାନେ ରହୁଥିବା
ଅଞ୍ଚଳରେ ପହଞ୍ଚିଲେ। ୨୭ଯୀଶୁ ଡଙ୍ଗାରୁ ବାହାରକୁ ବାହାରିବା
ସମୟରେ ଜଣେ ଲୋକ ନଗରରୁ ଯୀଶୁଙ୍କ ପାଖକୁ
ଆସିଲା। ଏହି ଲୋକଟି ଦେହରେ ଭୂତଟିଏ ପ୍ରବେଶ
କରିଥିଲା। ଅନେକ ଦିନ ଧରି ସେ ଲୁଗା ପିନ୍ଧୁ ନଥିଲା କି
ଘରେ ମଧ୍ୟ ରହୁନଥିଲା। ସେ କବର ସ୍ଥାନରେ ରହୁଥିଲା।
୨୮-୨୯ଭୂତ ଅନେକ ଥର ଲୋକଟିକୁ କବଳିତ କରୁଥିଲା।
ଏହି ସମୟରେ ତା' ହାତରେ ହାତକଡ଼ି ଓ ଗୋଡରେ
ବେଡ଼ି ପକାଇ ପହରା ଭିତରେ ରଖା ଯାଉଥିଲା। କିନ୍ତୁ
ସେ ସବୁବେଳେ ସେ ସବୁ ଛିଣ୍ଡାଇ ଦେଉଥିଲା ଓ ତା'
ଦେହରେ ଥିବା ଭୂତ ତାହାକୁ ଲୋକେ ରହୁ ନଥିବା
ନିଛାଟିଆ ଜାଗାକୁ ଟାଣି ନେଉଥିଲା। ଯୀଶୁ ଭୂତକୁ ସେହି
ଲୋକଟି ଦେହରୁ ବାହାରି ଆସିବାକୁ ଆଜ୍ଞା ଦେଲେ।
ଲୋକଟି ଯୀଶୁଙ୍କ ଆଗରେ ପଡିଯାଇ ଉଚ୍ଚ ସ୍ୱରରେ, ପାଟି
କରି କହିଲା, "ହେ ସର୍ବୋପରିସ୍ଥଙ୍କ ପୁତ୍ର ଯୀଶୁ! ତୁମ୍ଭେ
ମୋ ଠାରୁ କ'ଣ ଚାହୁଁଛ? ମୁଁ ଅନୁରୋଧ କରୁଛି, ମୋତେ
ଦଣ୍ଡ ଦିଅନାହିଁ।"
୩୦ଯୀଶୁ ତାକୁ ପଚାରିଲେ, "ତୋର ନାମ କ'ଣ?"
ଲୋକଟି କହିଲା, "ବାହିନୀ"* (ସେ ତା ନାମ
"ବାହିନୀ" କହିବାର କାରଣ ହେଲା ବହୁତ ଗୁଡିଏ ଭୂତ
ତା ଦେହରେ ପ୍ରବେଶ କରିଥିଲେ। ) ୩୧ଭୂତମାନେ
ଯୀଶୁଙ୍କୁ ଅନୁରୋଧ କଲେ ଯେ ସେ ସେମାନଙ୍କୁ ଅନନ୍ତ
ନରକକୁ ପଠାଇ ନ ଦିଅନ୍ତୁ। ୩୨ସେତେବେଳେ ସେହି
ପାହାଡ ଉପରେ ଏକ ବଡ଼ ଘୁଷୁରିଦଳ ଚରୁଥିଲେ।
ଭୂତମାନେ ଯୀଶୁଙ୍କୁ ଅନୁରୋଧ କଲେ ଯେ ସେ ସେମାନଙ୍କୁ
ଘୁଷୁରିମାନଙ୍କ ଦେହକୁ ଯିବାକୁ ଅନୁମତି ଦିଅନ୍ତୁ। ଯୀଶୁ
ସେମାନଙ୍କୁ ତାହା କରିବାକୁ ଅନୁମତି ଦେଇଦେଲେ।
୩୩ତାପରେ ଭୂତମାନେ ଲୋକଟି ଦେହରୁ ବାହାରି ଆସିଲେ
ଓ ଘୁଷୁରିମାନଙ୍କ ଦେହକୁ ଚାଲିଗଲେ ଦଳକଯାକ ଘୁଷୁରି
ସେହି ପାହାଡ ଉପରୁ ହ୍ରଦ ଭିତରକୁ ଦୌଡିଗଲେ ଓ
ସମସ୍ତେ ବୁଡ଼ିଗଲେ।
୩୪ଏ ଘଟଣା ଦେଖି ଘୁଷୁରି ଜଗୁଆଳମାନେ ସେଠାରୁ
ପଳାଇଲେ। ସେମାନେ ଯାଇ ନଗର ଓ ପଲ୍ଲୀରେ ଥିବା
ଲୋକମାନଙ୍କୁ ଏହି କଥା କହିଲେ। ୩୫ଲୋକମାନେ ଏହି
ଘଟଣା ଦେଖିବା ପାଇଁ ବାହାରି ଆସିଲେ। ସେମାନେ
ଯୀଶୁଙ୍କ ପାଖକୁ ଆସିଲେ। ସେମାନେ ଯୀଶୁଙ୍କ ପାଦତଳେ
ସେହି ଲୋକଟିକୁ ବସିଥିବାର ଦେଖିଲେ। ଲୋକଟି ଲୁଗା
ପିନ୍ଧିଥିଲା ଓ ତା'ମନ ପୁରାପୁରି ବଦଳି ଯାଇଥିଲା। ତା'
ଦେହରୁ ଭୂତ ମାନେ ବାହାରି ଯାଇଥିଲେ। ଏହା ଦେଖି
ସମସ୍ତେ ଡରିଗଲେ। ୩୬ଯେଉଁମାନେ ଏହି ଘଟଣା ଦେଖିଥିଲେ,
ସେମାନେ ସମସ୍ତେ ଅନ୍ୟ ଲୋକମାନଙ୍କୁ କହିବାକୁ ଲଗିଲେ,
ଯେ ଭୂତ କବଳିତ ଲୋକଟି କିପରି ଭଲ ହୋଇଗଲା।
୩୭ସେ ଅଞ୍ଚଳର ସମସ୍ତ ଲୋକ ଯୀଶୁଙ୍କୁ ସେହି ସ୍ଥାନରୁ

---

**ବାହିନୀ** ଏହାର ଅର୍ଥ ବହୁତ ବେଶୀ। ପ୍ରାଚୀନ ରୋମୀୟ ସୈନ୍ୟବାହିନୀରେ ଗୋଟିଏ ବାହିନୀରେ ପ୍ରାୟ ୫,୦୦୦ ସୈନ୍ୟ ରହୁଥିଲେ।

ଚାଲିଯିବାପାଇଁ ଅନୁରୋଧ କଲେ। କାରଣ ସେମାନେ ସମସ୍ତେ ବହୁତ ଡରି ଯାଇଥିଲେ। ତେଣୁ ଯୀଶୁ ଡଙ୍ଗାରେ ବସି ଗାଲିଲୀ ଫେରିଗଲେ। ୩୮କିନ୍ତୁ ଯେଉଁଲୋକଟି ଦେହରୁ ଭୂତ ଗୁଡ଼ାକ ବାହାରି ସାରିଥିଲେ, ସେ ଯୀଶୁଙ୍କ ସହିତ ଯିବାକୁ ଅନୁରୋଧ କଲା।

କିନ୍ତୁ ଯୀଶୁ ଲୋକଟିକୁ ଏହା କହି ଘରକୁ ପଠାଇଦେଲେ: ୩୯"ଘରକୁ ଫେରିଯାଅ। ପରମେଶ୍ୱର ତୁମ୍ଭ ପାଇଁ ଯାହା କରିଛନ୍ତି ତାହା ଲୋକମାନଙ୍କୁ କୁହ।"

ତେଣୁ ଲୋକଟି ଫେରିଗଲା ଓ ଯୀଶୁ ତା ପାଇଁ ଯାହା କରିଥିଲେ, ତାହା ନଗର ସାରା ସମସ୍ତଙ୍କୁ କହି ବୁଲିଲା।

## ମରିଯାଇଥିବା ଝିଅକୁ ଜୀବନ ଦେବା ଓ ରୋଗୀ ସ୍ତ୍ରୀ ଲୋକକୁ ସୁସ୍ଥ କରିବା

୪୦ଯୀଶୁ ଗାଲିଲୀ ଫେରିଯିବା ପରେ ଲୋକମାନେ ତାହାଙ୍କୁ ସ୍ୱାଗତ କଲେ। ସମସ୍ତେ ତାହାଙ୍କୁ ଅପେକ୍ଷା କରି ରହିଥିଲେ। ୪୧ଯାଇରସ ନାମରେ ଜଣେ ଲୋକ ଯୀଶୁଙ୍କ ପାଖକୁ ଆସିଲେ। ଯାଇରସ ସେଠାକାର ପ୍ରାର୍ଥନାଗୃହର ନେତା ଥିଲେ। ସେ ଯୀଶୁଙ୍କ ପାଦତଳେ ପଡ଼ିଗଲେ ଓ ତାହାଙ୍କୁ ଘରକୁ ଆସିବା ପାଇଁ ଅନୁରୋଧ କଲେ। ୪୨ଯାଇରସଙ୍କର ଗୋଟିଏ ବୋଲି ଝିଅ ଥିଲା। ତାହାକୁ ବାର ବର୍ଷ ବୟସ ହୋଇଥିଲା। ସେ ମରିଯିବା ଅବସ୍ଥାରେ ପଡ଼ିଥିଲା। ଯୀଶୁ ଯେତେବେଳେ ଯାଇରସର ଘରକୁ ଯାଉଥିଲେ, ସେତେବେଳେ ବହୁ ସଂଖ୍ୟାରେ ଲୋକ ତାହାଙ୍କ ଘରି ଚାରିପାଖକୁ ଆସିଗଲେ।

ଲୋକଙ୍କ ଭିଡ଼ ଭିତରେ ଯୀଶୁ ଚାପି ହୋଇ ଯାଉଥିଲେ। ୪୩ସେଠାରେ ଜଣେ ସ୍ତ୍ରୀ ଲୋକ ମଧ୍ୟ ଥିଲା। ତାର ବାର ବର୍ଷ ହେଲା ରକ୍ତ ସ୍ରାବ ହେଉଥିଲା। ସେ ତାର ସମସ୍ତ ଅର୍ଥ ଔଷଧରେ ଖର୍ଚ୍ଚ କରି ସାରିଥିଲା। କିନ୍ତୁ କୌଣସି ଡାକ୍ତର ତାକୁ ଭଲ କରିଦେବା ପାଇଁ ସମର୍ଥ ହୋଇ ନଥିଲେ। ୪୪ସେହି ସ୍ତ୍ରୀ ଲୋକ ଯୀଶୁଙ୍କ ପଛପଟୁ ଆସି ତାହାଙ୍କ ଜାମାର ତଳକୁ ଛୁଇଁଦେଲା। ତତ୍‌କ୍ଷଣାତ୍ ତାର ରକ୍ତସ୍ରାବ ବନ୍ଦ ହୋଇଗଲା। ୪୫ସେତେବେଳେ ଯୀଶୁ ପଚାରିଲେ, "ମୋତେ କିଏ ଛୁଇଁଲା?"

ସବୁଲୋକ କହିଲେ ଯେ, ସେମାନେ ତାହାଙ୍କୁ ଛୁଇଁ ନାହାଁନ୍ତି। ତାପରେ ପିତର କହିଲେ, "ଗୁରୁ, ସବୁ ଲୋକତ ଆପଣଙ୍କ ଚାରିପଟେ ଘେରି ରହିଛନ୍ତି ଏବଂ ଆପଣଙ୍କ ଆଡ଼କୁ ଠେଲି ହୋଇ ଯାଉଛନ୍ତି।"

୪୬କିନ୍ତୁ ଯୀଶୁ କହିଲେ, "ଜଣେ କେହି ମୋତେ ଛୁଇଁଛି। କାରଣ ମୋଠାରୁ ଶକ୍ତି ବାହାରି ଯାଇଥିବା ମୁଁ ଅନୁଭବ କରିଛି।" ୪୭ସ୍ତ୍ରୀ ଲୋକଟି ଦେଖିଲା ଯେ ସେ ଲୁଚି ରହି ପାରିବନାହିଁ, ତେଣୁ ସେ ଥରିଥରି ଆଗକୁ ଆସିଲା। ସେ ଯୀଶୁଙ୍କ ଆଗରେ ମୁଣ୍ଡ ନୁଆଁଇଲା। ସେ ଯୀଶୁଙ୍କୁ କାହିଁକି ଛୁଇଁ ଦେଲା, ସେଇ କଥା ସବୁ ଲୋକମାନଙ୍କ ଆଗରେ କହିଲା। ସେ କହିଲା ଯେ, ଯେତେବେଳେ ସେ ଯୀଶୁଙ୍କୁ ଛୁଇଁଦେଲା, ତତ୍‌କ୍ଷଣାତ୍ ସେ ସୁସ୍ଥ ହୋଇଗଲା। ୪୮ଯୀଶୁ ସ୍ତ୍ରୀ ଲୋକଟିକୁ କହିଲେ, "ହେ ଝିଅ, ତୁମ୍ଭେ ବିଶ୍ୱାସ କଲ ସେଥିପାଇଁ ସୁସ୍ଥ ହୋଇଗଲ। ଏଥର ଶାନ୍ତିରେ ଯାଅ।"

୪୯ସେ ଠିକ୍ ଏହି କଥା କହୁଥିବା ସମୟରେ ପ୍ରାର୍ଥନାଗୃହର ନେତା ଯାଇରସଙ୍କ ଘରୁ ଜଣେ ଆସି କହିଲା, "ତୁମ୍ଭ ଝିଅ ମରିଗଲା। ଆଉ ଏବେ ଗୁରୁଙ୍କୁ କଷ୍ଟ ଦିଅନାହିଁ।"

୫୦ଯୀଶୁ ଏକଥା ଶୁଣିଲେ। ସେ ଯାଇରସଙ୍କୁ କହିଲେ,"ଭୟ କରନାହିଁ। ବିଶ୍ୱାସ ରଖ। ତୁମ୍ଭ ଝିଅ ସୁସ୍ଥ ହୋଇଯିବ।"

୫୧ଯୀଶୁ ଘରକୁ ଆସିଲେ। ସେ କେବଳ ପିତର, ଯୋହନ ଓ ଯାକୁବ ତଥା ଝିଅଟିର ବାପାମାଆଙ୍କୁ ତାହାଙ୍କ ସହିତ ଭିତରକୁ ଯିବାକୁ ଦେଲେ। ୫୨ସମସ୍ତେ ସେହି ଝିଅଟିର ମୃତ୍ୟୁ ପାଇଁ କାନ୍ଦୁଥିଲେ ଓ ଦୁଃଖ କରୁଥିଲେ। କିନ୍ତୁ ଯୀଶୁ କହିଲେ, "କାନ୍ଦନାହିଁ ସେ ମରିନାହିଁ; ସେ କେବଳ ଶୋଇଛି ମାତ୍ର।"

୫୩ଏହା ଶୁଣି ଲୋକେ ଯୀଶୁଙ୍କୁ ଉପହାସ କଲେ। କାରଣ ସେମାନେ ଜାଣିଥିଲେ ଯେ ଝିଅଟି ମରିଯାଇଛି। ୫୪କିନ୍ତୁ ଯୀଶୁ ଝିଅଟିର ହାତ ଧରି ତାକୁ ଡାକିଲେ, "ହେ ଝିଅ, ଉଠିପଡ଼।" ୫୫ସେହିକ୍ଷଣି ତା ଶରୀର ଭିତରକୁ ତା'ର ଆତ୍ମା ଫେରି ଆସିଲା ଓ ସେ ସଙ୍ଗେସଙ୍ଗେ ଠିଆ ହୋଇ ପଡ଼ିଲା। ଯୀଶୁ ଆଜ୍ଞା ଦେଲେ, "ତାକୁ କିଛି ଖାଇବାକୁ ଦିଅ।" ୫୬ତା ବାପାମାଆ ବିସ୍ମିତ ହୋଇଗଲେ। ଯୀଶୁ ସେମାନଙ୍କୁ ଏ ଘଟଣା କାହାରି ଆଗରେ ନ କହିବାକୁ କହିଲେ।

## ଯୀଶୁ ବାରଜଣ ପ୍ରେରିତଙ୍କୁ ପଠାଇଲେ

୯ ଯୀଶୁ ବାରଜଣ ପ୍ରେରିତଙ୍କୁ ଏକାଠି ଡାକିଲେ। ସେ ସେମାନଙ୍କୁ ଭୂତ ମାନଙ୍କ ଉପରେ କ୍ଷମତା ଓ ଅଧିକାର ପ୍ରଦାନ କଲେ। ସେ ପ୍ରେରିତମାନଙ୍କୁ ରୋଗ ଭଲ କରିଦେବା ପାଇଁ ମଧ୍ୟ ଶକ୍ତି ଦେଲେ। ୨ତାପରେ ସେ ସେମାନଙ୍କୁ ପରମେଶ୍ୱରଙ୍କ ରାଜ୍ୟର ସୁସମାଚାର ଶୁଣାଇବା ପାଇଁ ଓ ରୋଗୀମାନଙ୍କୁ ସୁସ୍ଥ କରିବା ପାଇଁ ପଠାଇଲେ। ୩ସେ ସେମାନଙ୍କୁ କହିଲେ, "ଯାତ୍ରା ସମୟରେ ସାଙ୍ଗରେ କୌଣସି ପଦାର୍ଥ ନେବ ନାହିଁ। ଠେଙ୍ଗା, ଝୁଲି,ଖାଦ୍ୟ, ଟଙ୍କାପଇସା କିମ୍ବା ଅଧିକ ଲୁଗାପଟା କିଛି ହେଲେ ନେବ ନାହିଁ। କେବଳ ପିନ୍ଧିଥିବା ଲୁଗା ଛଡ଼ା ଅନ୍ୟ କିଛି ନେବନାହିଁ। ୪ତୁମ୍ଭେମାନେ ଯେଉଁ ଘରକୁ ଯିବ, ସେ ସ୍ଥାନ ଛାଡ଼ିବା ସମୟ ନ ହେବା ପର୍ଯ୍ୟନ୍ତ ସେହିଠାରେ ରହିବ। ୫ଯଦି ନଗରର ଲୋକେ ତୁମ୍ଭମାନଙ୍କୁ ସ୍ୱାଗତ ନକରନ୍ତି, ତେବେ ନଗର ଛାଡ଼ି ବାହାରକୁ ଚାଲିଯିବ ଓ ତୁମ୍ଭମାନଙ୍କ ପାଦର ଧୂଳିତକ ମଧ୍ୟ ସେଠାରେ ଝାଡ଼ିଦେବ। ତେବେ ଏହା ସେମାନଙ୍କ ପାଇଁ ଚେତାବନୀ ହେବ।"

୬ପ୍ରେରିତମାନେ ବାହାରିଗଲେ। ସେମାନେ ସମସ୍ତେ ନଗର ଦେଇ ଯାତ୍ରା କଲେ। ସେମାନେ ସୁସମାଚାର ଶୁଣାଇଲେ ଓ ସବୁ ଜାଗାରେ ଲୋକମାନଙ୍କୁ ସୁସ୍ଥ କଲେ।

## ଯୀଶୁଙ୍କ ବିଷୟରେ ହେରୋଦଙ୍କ ଭ୍ରମ

୭ଇତି ମଧ୍ୟରେ ସାମନ୍ତରାଜା ହେରୋଦ ଏହି ଘଟଣାଗୁଡ଼ିକ ବିଷୟରେ ଶୁଣି ଗଭୀର ଚିନ୍ତାରେ ପଡ଼ିଗଲେ। କାରଣ

କେତେକ ଲୋକ କହୁଥିଲେ, “ବାପ୍ତିଜକ ଯୋହନ ପୁଣି
ମୃତ୍ୟୁରୁ ବଞ୍ଚି ଉଠିଛନ୍ତି।” ୮ଆଉ କେତେକ କହୁଥିଲେ,
“ଏଲିୟ ଆମ୍ଭ ପାଖରେ ପ୍ରକଟିତ ହୋଇଛନ୍ତି।” ଅନ୍ୟମାନେ
ମଧ୍ୟ କହୁଥିଲେ, “ଆଗ କାଳର କୌଣସି ଭବିଷ୍ୟଦ୍‌ବକ୍ତା
ଜୀବନରେ ଉଠିଛନ୍ତି।” ୯କିନ୍ତୁ ହେରୋଦ କହିଲେ, “ମୁଁ
ଯୋହନଙ୍କ ମୁଣ୍ଡକାଟି କରିଛି। ତେବେ ଏ କିଏ, ଯାହାଙ୍କ
ବିଷୟରେ ମୁଁ ଏଭଳି କଥା ଶୁଣୁଛି?” ତେଣୁ ହେରୋଦ
ଯୀଶୁଙ୍କୁ ଦେଖିବା ପାଇଁ ଚେଷ୍ଟା କଲେ।

## ଯୀଶୁ ପାଞ୍ଚ ହଜାରରୁ ଅଧିକ ଲୋକଙ୍କୁ ଖାଇବାକୁ ଦେଲେ।

୧୦ପ୍ରେରିତମାନେ ଫେରିଆସି ସେମାନେ ଯାତ୍ରା କରିବା
ସମୟରେ ଯାହା ସବୁ କରିଥିଲେ, ସେ ବିଷୟରେ ଯୀଶୁଙ୍କ
ଆଗରେ ବର୍ଣ୍ଣନା କଲେ। ତା’ପରେ ଯୀଶୁ ପ୍ରେରିତମାନଙ୍କୁ
ସାଙ୍ଗରେ ନେଇ ସେଠାରୁ ବେଥ୍‌ସାଇଦା ନାମକ ନଗରକୁ
ଅନ୍ୟମାନଙ୍କ ଠାରୁ ଅଲଗା ରହିବା ପାଇଁ ଚାଲିଗଲେ।
୧୧କିନ୍ତୁ ଯୀଶୁ କେଉଁଠାକୁ ଗଲେ ଏହା ଲୋକମାନେ ଜାଣି
ପାରିଲେ। ସେମାନେ ତାହାଙ୍କର ଅନୁସରଣ କଲେ। ଯୀଶୁ
ସେମାନଙ୍କୁ ସ୍ୱାଗତ କଲେ ଏବଂ ସେମାନଙ୍କୁ ପରମେଶ୍ୱରଙ୍କ
ରାଜ୍ୟ ବିଷୟରେ ଶିକ୍ଷା ଦେଲେ। ସେ ରୋଗୀମାନଙ୍କୁ ସୁସ୍ଥ
କଲେ।

୧୨ଅପରାହ୍ନର ବିଳମ୍ବିତ ପ୍ରହରରେ ବାରଜଣ ଯାକ
ପ୍ରେରିତ ଯୀଶୁଙ୍କ ପାଖକୁ ଆସି କହିଲେ, “ଏ ସ୍ଥାନଟି
ନିର୍ଜନ ଅଟେ। ଆପଣ ଲୋକମାନଙ୍କୁ ବିଦାୟ କରିଦିଅନ୍ତୁ।
ସେମାନେ ଆଖପାଖ ଗାଁ ଓ କ୍ଷେତକୁ ଯାଇ ବସା ଓ
ଖାଦ୍ୟର ବ୍ୟବସ୍ଥା କରନ୍ତୁ।”

୧୩କିନ୍ତୁ ଯୀଶୁ ସେମାନଙ୍କୁ କହିଲେ, “ତୁମ୍ଭେମାନେ
ଏମାନଙ୍କୁ କିଛି ଖାଇବାକୁ ଦିଅ।”

ଶିଷ୍ୟମାନେ କହିଲେ, ଆମ୍ଭ ପାଖରେ କେବଳ ପାଞ୍ଚଟି
ରୋଟୀ ଓ ଦୁଇଟି ମାଛ ଛଡା ଆଉ କିଛି ହେଲେ ନାହିଁ।
ଆମ୍ଭେ ଯାଇ ଏସବୁ ଲୋକମାନଙ୍କ ପାଇଁ ଖାଦ୍ୟ କିଣି
ଆଣିବୁ ବୋଲି ଆପଣ ଚାହୁଁଛନ୍ତି କି?” ୧୪(ସେଠାରେ
କେବଳ ପ୍ରାୟ ପାଞ୍ଚ ହଜାର ପୁରୁଷ ଲୋକ ଥିଲେ। )

ଯୀଶୁ ଶିଷ୍ୟମାନଙ୍କୁ କହିଲେ, “ଲୋକମାନଙ୍କୁ ପଚାଶପଚାଶ
ଜଣ ହିସାବରେ ଦଳଦଳ କରି ବସାଅ।”

୧୫ସେମାନେ ତାହା କଲେ ଓ ସବୁ ଲୋକଙ୍କୁ ବସାଇ
ଦେଲେ। ୧୬ତାପରେ ଯୀଶୁ ପାଞ୍ଚଟି ରୋଟୀ ଓ ଦୁଇଟି
ମାଛ ନେଲେ। ସେ ସ୍ୱର୍ଗ ଆଡ଼କୁ ଚାହିଁ ଖାଦ୍ୟପାଇଁ
ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ। ସେ ଖାଦ୍ୟତକ ଖଣ୍ଡଖଣ୍ଡ
କରି ତାହାଙ୍କ ଶିଷ୍ୟମାନଙ୍କୁ ଲୋକଙ୍କ ଭିତରେ ପରଶି
ଦେବାକୁ ଦେଲେ। ୧୭ସବୁ ଲୋକ ଖାଇଲେ ଓ ତୃପ୍ତ
ହୋଇଗଲେ। ତଥାପି ବହୁତ ଖାଦ୍ୟ ବଳିଗଲା। ବଳକା
ଖାଦ୍ୟ ଟୁକୁରାତକ ଶିଷ୍ୟମାନେ ବାରଟି ଟୋକେଇରେ
ଭର୍ତ୍ତିକଲେ।

## ଯୀଶୁ, ଖ୍ରୀଷ୍ଟ ଅଟନ୍ତି

୧୮ଥରେ ଯୀଶୁ ଏକୁଟିଆ ପ୍ରାର୍ଥନା କରୁଥିଲେ। ତାହାଙ୍କ
ଶିଷ୍ୟମାନେ ଏକାଠି ମିଳି ସେହିସ୍ଥାନକୁ ଆସିଲେ। ଯୀଶୁ
ସେମାନଙ୍କୁ ପଚାରିଲେ, “ମୁଁ କିଏ ବୋଲି ଲୋକେ କ’ଣ
ସବୁ କହୁଛନ୍ତି?”

୧୯ସେମାନେ ଉତ୍ତର ଦେଲେ, “କେତେକ କହୁଛନ୍ତି
ଯେ ଆପଣ ବାପ୍ତିଜକ ଯୋହନ। କେତେକ କହୁଛନ୍ତି ଯେ
ଆପଣ ଏଲିୟ। ଏବଂ ଅନ୍ୟ କେତେକ କହୁଛନ୍ତି ଯେ
ଆପଣ ବହୁ କାଳ ପୂର୍ବେ ଥିବା ଭବିଷ୍ୟଦ୍‌ବକ୍ତାମାନଙ୍କ
ମଧ୍ୟରୁ ପୁନର୍ବାର ବଞ୍ଚି ଉଠିଥିବା କୌଣସି ଏକ ଭବିଷ୍ୟଦ୍‌ବକ୍ତା।”

୨୦ଯୀଶୁ ସେମାନଙ୍କୁ କହିଲେ, “ମୁଁ କିଏ ବୋଲି
ତୁମ୍ଭେମାନେ କ’ଣ କହୁଛ?”

ପିତର ଉତ୍ତର ଦେଲେ, “ଆପଣ ପରମେଶ୍ୱରଙ୍କ ପାଖରୁ
ଆସିଥିବା ଖ୍ରୀଷ୍ଟ।”

୨୧କିନ୍ତୁ ଯୀଶୁ ଏ ବିଷୟରେ କାହାକୁ ନ କହିବା ପାଇଁ
ଚେତାବନୀ ଦେଇ ସେମାନଙ୍କୁ କହିଲେ, ୨୨“ଏ କଥା
ସତ୍ୟ ଯେ ମନୁଷ୍ୟପୁତ୍ର ଅନେକ ଯାତନା ନିଶ୍ଚୟ ଭୋଗ
କରିବେ। ପ୍ରାଚୀନ ଯିହୂଦୀ ନେତା, ପ୍ରଧାନ ଯାଜକ ଓ
ଶାସ୍ତ୍ରୀମାନେ ତାହାଙ୍କୁ ଅସ୍ୱୀକାର କରିବେ। ମନୁଷ୍ୟ ପୁତ୍ରଙ୍କୁ
ମାରି ଦେବେ। କିନ୍ତୁ ତିନିଦିନ ପରେ ସେ ପୁଣି ମୃତ୍ୟୁରୁ
ପୁନରୁତ୍ଥିତ ହେବେ।”

୨୩ଯୀଶୁ ପୁଣି ସେମାନଙ୍କୁ କହିବାକୁ ଲାଗିଲେ, “ଯଦି
କେହି ମୋର ଅନୁସରଣ କରିବାକୁ ଚାହୁଁଥାଏ, ତେବେ
ତାହାକୁ ନିଜର ସମସ୍ତ କାମନା ତ୍ୟାଗ କରିବାକୁ ପଡିବ।
ପ୍ରତିଦିନ ତାହାକୁ ଦିଆଯାଇଥିବା କ୍ରୁଶକୁ ଗ୍ରହଣ କରିବାକୁ
ହେବ, ଏବଂ ସେ ମୋର ଅନୁସରଣ କରିବ। ୨୪ଯେଉଁ
ଲୋକ ନିଜ ଜୀବନ ରକ୍ଷା କରିବାକୁ ଚାହିଁବ, ସେ ତାହା
ହରାଇ ବସିବ। ଏବଂ ଯେଉଁଲୋକ ମୋ ପାଇଁ ତାହାର
ଜୀବନ ଦେବ, ସେ ତାହାକୁ ରକ୍ଷା କରିବ। ୨୫ଯଦି ଜଣେ
ସାରା ସଂସାର ପାଇ ଶେଷରେ ମରିଯାଏ ବା ହଜିଯାଏ,
ତାହା ହେଲେ ଲାଭ କଣ? ୨୬ଯଦି କୌଣସି ଲୋକ ମୋ
ପାଇଁ ବା ମୋ ଉପଦେଶ ପାଇଁ ଲଜ୍ଜିତ ହୋଇଥାଏ,
ତେବେ ମୁଁ ମଧ୍ୟ ତା’ ପାଇଁ ଲଜ୍ଜିତ ହେବି। ଯେତେବେଳେ
ମନୁଷ୍ୟ ପୁତ୍ର ନିଜ ମହିମା, ପରମପିତାଙ୍କ ମହିମା ଓ
ପବିତ୍ର ସ୍ୱର୍ଗଦୂତଙ୍କ ମହିମା ସହିତ ଆଗମନ କରିବେ,
ସେତେବେଳେ ସେ ତା ପାଇଁ ଲଜ୍ଜିତ ହେବେ। ୨୭ମୁଁ
ତୁମ୍ଭମାନଙ୍କୁ ସତ୍ୟ କହୁଛି ଯେ ତୁମ୍ଭମାନଙ୍କ ଭିତରୁ ଏଠାରେ
ଠିଆ ହୋଇଥିବା କେତେକ ଲୋକ ମୃତ୍ୟୁ ପୁର୍ବରୁ ପରମେଶ୍ୱରଙ୍କ
ରାଜ୍ୟ ଦେଖିବେ।”

## ମୋଶା ଓ ଏଲିୟଙ୍କ ସହିତ ଯୀଶୁ

୨୮ଏକଥା କହିବାର ପ୍ରାୟ ଆଠ ଦିନ ପରେ ସେ
ପିତର, ଯୋହନ ଓ ଯାକୁବଙ୍କୁ ସାଙ୍ଗରେ ନେଇ ପ୍ରାର୍ଥନା
କରିବାକୁ ଗୋଟିଏ ପର୍ବତ ଉପରକୁ ଗଲେ। ୨୯ଯୀଶୁ
ପ୍ରାର୍ଥନା କରୁଥିବା ସମୟରେ ତାହାଙ୍କ ମୁହଁର ଚେହେରା
ବଦଳିଗଲା। ତାହାଙ୍କ ପିନ୍ଧାଲୁଗା ଚକ୍‌ଚକ୍ ଧଳା ହୋଇଗଲା।
୩୦ତାପରେ ସେଠାରେ ଦୁଇ ଜଣ ପୁରୁଷ ଯୀଶୁଙ୍କ ସହିତ
କଥାବାର୍ତ୍ତା କରୁଥିଲେ। ସେମାନେ ମୋଶା ଓ ଏଲିୟ
ଥିଲେ। ୩୧ସେମାନଙ୍କ ଚେହେରା ମଧ୍ୟ ଝଲସୁ ଥିଲା।

ସେମାନେ ଯୀଶୁଙ୍କ ସହିତ ଯିରୂଶାଲମରେ ଘଟିବାକୁ ଥିବା
ତାହାଙ୍କ ମୃତ୍ୟୁ ବିଷୟରେ କଥାବାର୍ତ୍ତା ହେଉଥିଲେ।
୩୨ସେତେବେଳେ ପିତର ଓ ଅନ୍ୟମାନେ ଶୋଇ ପଡିଥିଲେ।
କିନ୍ତୁ ସେମାନେ ଉଠି ପଡିଲେ ଓ ଯୀଶୁଙ୍କ ମହିମା
ଦେଖିଲେ। ଯୀଶୁଙ୍କ ସହିତ ଠିଆ ହୋଇଥିବା ଅନ୍ୟ
ଦୁଇଜଣଙ୍କୁ ମଧ୍ୟ ସେମାନେ ଦେଖିଲେ: ୩୩ମୋଶା ଓ
ଏଲିୟ ଯିବାକୁ ବାହାରିବା ସମୟରେ ପିତର ଯୀଶୁଙ୍କୁ
କହିଲେ, “ଗୁରୁ, ଭଲ ହେଲା ଯେ ଆମ୍ଭେମାନେ ଏଠାରେ
ଅଛୁ। ଆମ୍ଭେମାନେ ଏଠାରେ ତିନୋଟି ତମ୍ବୁ ଟାଣି ଦେବୁ।
ଗୋଟିଏ ତୁମ୍ଭ ପାଇଁ ଆଉ ଗୋଟିଏ ମୋଶାଙ୍କ ପାଇଁ ଓ
ଅନ୍ୟଟି ଏଲିୟଙ୍କ ପାଇଁ।” (ପିତର ଜାଣି ପାରୁ ନ ଥିଲେ
ଯେ ସେ କ’ଣ କହୁଛନ୍ତି।)
୩୪ପିତର ଏହି ସବୁ କଥା କହିବା ସମୟରେ ଖଣ୍ଡେ
ମେଘ ଉଠି ଆସିଲା ଓ ସମସ୍ତଙ୍କୁ ଘୋଡ଼ାଇ ପକେଇଲା।
ମେଘ ସେମାନଙ୍କୁ ଘୋଡାଇ ପକାଇବାରୁ ପିତର,ଯାକୁବ ଓ
ଯୋହନ ଡରିଗଲେ। ୩୫ସେତେବେଳେ ମେଘ ଭିତରୁ
ଆକାଶବାଣୀ ହେଲା, “ଏ ମୋର ପୁତ୍ର। ଏହାଙ୍କୁ ମୁଁ
ବାଛିଅଛି। ତାହାଙ୍କ କଥାରି ବାଧ୍ୟ ହୁଅ।”
୩୬ଆକାଶବାଣୀ ହୋଇ ସାରିବା ପରେ ସେଠାରେ
କେବଳ ଯୀଶୁ ଥିଲେ। ପିତର, ଯାକୁବ ଓ ଯୋହନ ଏ
ବିଷୟରେ ନୀରବ ରହିଲେ। ସେମାନେ ଯାହା କିଛି
ଦେଖିଥିଲେ, ସେ ବିଷୟରେ ସେ ସମୟରେ କାହାରିକୁ
କିଛି କହିଲେନାହିଁ।

## ଯୀଶୁ ଗୋଟିଏ ବାଳକକୁ ଭୂତ କବଳରୁ ମୁକ୍ତକଲେ

୩୭ତା ପରଦିନ ଯୀଶୁ,ପିତର, ଯୋହନ ଓ ଯାକୁବ
ପର୍ବତ ଉପରୁ ତଳକୁ ଓହ୍ଲାଇ ଆସିଲେ। ବହୁ ସଂଖ୍ୟାରେ
ଲୋକେ ଆସି ଯୀଶୁଙ୍କୁ ଭେଟିଲେ। ୩୮ଭିଡ଼ ଭିତରୁ ଜଣେ
ଲୋକ ପାଟି କରିଉଠିଲା, “ଗୁରୁ, ଦୟାକରି ଆସି ମୋ
ପୁଅକୁ ଦେଖନ୍ତୁ। ୩୯ସେ ମୋର ଏକ ମାତ୍ର ସନ୍ତାନ।
ଶୟତାନଠାରୁ ଗୋଟିଏ ଭୂତ ଆସି ତାକୁ କବଳିତ କରି
ନେଉଛି ଏବଂ ତା’ପରେ ପୁଅ ଚିତ୍କାର କରି ଉଠୁଛି। ସେ
ତା’ ନିଜର ନିୟନ୍ତ୍ରଣ ହରେଇ ବସୁଛି। ତା ମୁହଁରୁ ଫେଣ
ବାହାରି ପଡୁଛି। ସେ ଭୂତ ତାକୁ ବାରମ୍ବାର ଯନ୍ତ୍ରଣା
ଦେଉଛି ଓ ପ୍ରାୟ ତାକୁ ଛାଡି ଯାଉନାହିଁ।” ୪୦ମୁଁ
ଆପଣଙ୍କ ଶିଷ୍ୟମାନଙ୍କୁ ମୋ ପୁଅ ଦେହରୁ ଭୂତକୁ ଛଡ଼େଇ
ଦେବାକୁ ଅନୁରୋଧ କଲି, କିନ୍ତୁ ସେମାନେ ପାରିଲେନାହିଁ।”
୪୧ତା’ପରେ ଯୀଶୁ କହିଲେ, “ତୁମ୍ଭେମାନେ ବିଶ୍ୱାସ
ବିହୀନ ଜୀବନ ଯାପନ କରୁଛ ଓ କୁପଥଗାମୀ ହେଉଛ।
ଆଉ କେତେ ଦିନ ପର୍ଯନ୍ତ ମୁଁ ତୁମ୍ଭମାନଙ୍କ ସହିତ
ରହିଥିବି ଓ କେତେଦିନ ପର୍ଯ୍ୟନ୍ତ ମୁଁ ତୁମ୍ଭମାନଙ୍କର
ବ୍ୟବହାର ସହୁଥିବି?” ତାପରେ ଯୀଶୁ ଲୋକଟିକୁ କହିଲେ,
“ତୁମ୍ଭ ପୁଅକୁ ଏଠାକୁ ଆଣ।”
୪୨ପିଲାଟି ଆସୁଥିବା ବେଳେ ଭୂତ ତାକୁ ଭୂମି ଉପରକୁ
କଚାଡ଼ ଦେଲା। ପିଲାଟି ନିଜର ନିୟନ୍ତ୍ରଣ ହରାଇ ବସିଲା।
କିନ୍ତୁ ଯୀଶୁ ଭୂତକୁ ଗୋଟିଏ କଠୋର ଧମକ ଦେଲେ।
ଏହାପରେ ପିଲାଟି ସୁସ୍ଥ ହୋଇଗଲା। ଯୀଶୁ ତାହାକୁ
ତା’ବାପା ପାଖରେ ସମର୍ପି ଦେଲେ। ୪୩ସମସ୍ତ ଲୋକ
ପରମେଶ୍ୱରଙ୍କ ମହାନ ଶକ୍ତି ଦେଖି ଆଶ୍ଚର୍ଯ୍ୟ
ହୋଇଗଲେ।

## ଯୀଶୁ ତାହାଙ୍କ ମୃତ୍ୟୁ ବିଷୟରେ କହିଲେ

ଯୀଶୁ ଯାହା ସବୁ କରୁଥିଲେ ତାହା ଦେଖି ଲୋକେ
ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ। ୪୪ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ
କହିଲେ, “ବର୍ତ୍ତମାନ ମୁଁ ତୁମ୍ଭମାନଙ୍କୁ ଯାହା କହିବି, ତାହା
ଭୁଲିବ ନାହିଁ। ମନୁଷ୍ୟପୁତ୍ରଙ୍କୁ କେତେଜଣ ମନୁଷ୍ୟମାନଙ୍କ
ହାତରେ ଧରେଇ ଦେବେ।” ୪୫କିନ୍ତୁ ଶିଷ୍ୟମାନେ ଯୀଶୁଙ୍କ
ଏ କଥାର କିଛି ଅର୍ଥ ବୁଝି ପାରିଲେ ନାହିଁ। ଏହାର ଅର୍ଥ
ସେମାନଙ୍କ ପ୍ରତି ଲୁକାୟିତ ଥିଲା। ତେଣୁ ସେମାନେ କିଛି
ଏହାକୁ ବୁଝି ପାରିଲେ ନାହିଁ କିନ୍ତୁ ସେମାନେ ଯୀଶୁଙ୍କୁ ଏ
ବିଷୟରେ ପଚାରିବାକୁ ସାହାସ କଲେ ନାହିଁ।

## ସବୁଠାରୁ ବଡ଼ କିଏ

୪୬ଥରେ ଯୀଶୁଙ୍କ ଶିଷ୍ୟମାନଙ୍କ ମଧ୍ୟରେ ଯୁକ୍ତିତର୍କ
ହେଲା ଯେ ସେମାନଙ୍କ ଭିତରେ ସବୁଠାରୁ ଶ୍ରେଷ୍ଠ କିଏ?
୪୭ଯୀଶୁ ସେମାନଙ୍କର ମନଭାବ ଜାଣିଗଲେ। ତେଣୁ ସେ
ଗୋଟିଏ ଛୋଟ ପିଲାକୁ ନିଜ ପାଖରେ ଠିଆ କରାଇଲେ।
୪୮ସେ ଶିଷ୍ୟମାନଙ୍କୁ କହିଲେ, “ଯଦି କୌଣସି ଲୋକ
ଏହିଭଳି ଛୋଟ ପିଲାକୁ ମୋ ନାମରେ ଗ୍ରହଣ କରେ,
ତାହାହେଲେ ସେ ମୋତେ ଗ୍ରହଣ କରେ। ଆଉ ଯେଉଁଲୋକ
ମୋତେ ଗ୍ରହଣ କରେ, ସେ ମୋତେ ପଠାଇ ଥିବା
ପରମେଶ୍ୱରଙ୍କୁ ଗ୍ରହଣ କରେ। ଏଣୁ ତୁମ୍ଭମାନଙ୍କ ମଧ୍ୟରେ
ଯେଉଁ ଲୋକ ସବୁଠାରୁ ନମ୍ର, ସେ ହେଉଛି ସବୁଠାରୁ
ଶ୍ରେଷ୍ଠ।”

## ଯେଉଁଲୋକ ତୁମ୍ଭର ବିପକ୍ଷ ନୁହେଁ ସେ ତୁମ୍ଭର ସପକ୍ଷ

୪୯ଯୋହନ କହିଲେ, “ଗୁରୁ, ଆମ୍ଭେମାନେ ଜଣେ
ଲୋକକୁ ଆପଣଙ୍କ ନାମ ନେଇ ଭୂତମାନଙ୍କୁ ଲୋକଙ୍କ
ଦେହରୁ ତଡି ଦେଉଥିବାର ଦେଖିଲୁ। ଆମ୍ଭେମାନେ ତାହାକୁ
ଏସବୁ ବନ୍ଦ କରିବାକୁ କହିଲୁ। କାରଣ ସେ ଆମ୍ଭ
ଶିଷ୍ୟମାନଙ୍କ ଗୋଷ୍ଠୀର ଲୋକ ନୁହେଁ।”
୫୦ଯୀଶୁ ଯୋହନଙ୍କୁ ଉତ୍ତର ଦେଲେ, “ତାକୁ ମନା
କରନାହିଁ। କାରଣ ଯେଉଁଲୋକ ତୁମ୍ଭ ବିପକ୍ଷରେ ନାହାଁନ୍ତି,
ସେହିଁ ତୁମ୍ଭ ସପକ୍ଷର ଲୋକ।”

## ଗୋଟିଏ ଶମିରୋଣୀୟ ନଗର

୫୧ଯୀଶୁ ଜଗତ ଛାଡି ସ୍ୱର୍ଗକୁ ଫେରିଯିବାର ସମୟ
ପାଖେଇ ଆସୁଥିଲା। ଯୀଶୁ ଯିରୂଶାଲମ ଯିବାକୁ ସ୍ଥିର
କଲେ। ୫୨ସେ ତାହାଙ୍କ ଆଗରୁ କେତେକ ଲୋକଙ୍କୁ
ପଠାଇଲେ। ସେମାନେ ଯୀଶୁଙ୍କ ପାଇଁ ସବୁକିଛି ପ୍ରସ୍ତୁତ
କରିବା ପାଇଁ ଶମିରୋଣର ଏକ ନଗରରେ ପହଞ୍ଚିଲେ।
୫୩କିନ୍ତୁ ଯୀଶୁ ଯିରୂଶାଲମକୁ ଯାଉଥିବାର ଦେଖି ସେଠାକାର
ଲୋକ ତାହାଙ୍କୁ ସ୍ୱାଗତ କଲେ ନାହିଁ। ୫୪ଯୀଶୁଙ୍କ ଶିଷ୍ୟ
ଯାକୁବ ଓ ଯୋହନ ଏହା ଦେଖିଲେ। ସେମାନେ କହିଲେ,

"ପ୍ରଭୁ ସ୍ୱର୍ଗରୁ ଅଗ୍ନି ବର୍ଷା କରି ସେମାନଙ୍କୁ ଧ୍ୱଂସ କରିଦେବାପାଇଁ
ଆମ୍ଭେ ଆଦେଶ ଦେବୁ ବୋଲି କ'ଣ ଆପଣ ଚାହୁଁଛନ୍ତି?"*
୫୫କିନ୍ତୁ ଯୀଶୁ ସେମାନଙ୍କ ଆଡ଼କୁ ବୁଲି ପଡ଼ି ସେମାନଙ୍କୁ
ଭର୍ତ୍ସନାକଲେ।* ୫୬ତା'ପରେ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ
ଅନ୍ୟ ଗାଁକୁ ଚାଲିଗଲେ।

**ଯୀଶୁଙ୍କ ଅନୁସରଣ କରିବା**

୫୭ସେମାନେ ରାସ୍ତାରେ ଆଗେଇ ଯାଉଥିଲେ। ଜଣେ
ଲୋକ ଯୀଶୁଙ୍କୁ କହିଲା, "ଆପଣ ଯେଉଁ ଆଡ଼େ ଯିବେ, ମୁଁ
ଆପଣଙ୍କ ପଛେପଛେ ଯିବି।"
୫୮ଯୀଶୁ ତାହାକୁ କହିଲେ, "କୋକିଶିଆଳିର ରହିବାପାଇଁ
ଗାତ ଅଛି। ଆକାଶର ପକ୍ଷୀମାନଙ୍କର ବସା ଅଛି, କିନ୍ତୁ
ମନୁଷ୍ୟ ପୁତ୍ରଙ୍କର ମୁଣ୍ଡ ଗୁଞ୍ଜିବାକୁ ଟିକିଏ ହେଲେ ସ୍ଥାନ
ନାହିଁ।"
୫୯ତା'ପରେ ଯୀଶୁ ଆଉ ଜଣକୁ କହିଲେ, "ମୋର
ଅନୁସରଣ କର।"
କିନ୍ତୁ ସେହି ଲୋକଟି କହିଲା, "ପ୍ରଭୁ, ମୋତେ
ପ୍ରଥମେ ଯାଇ ମୋ ବାପାଙ୍କୁ କବର ଦେବାକୁ ଅନୁମତି
ଦିଅନ୍ତୁ।"
୬୦କିନ୍ତୁ ଯୀଶୁ ତାହାକୁ କହିଲେ, "ମୃତ ଲୋକଙ୍କୁ ମୃତ
ଲୋକମାନେ କବର ଦେବେ। କିନ୍ତୁ ତୁମ୍ଭେ ଯାଇ ପରମେଶ୍ୱରଙ୍କ
ରାଜ୍ୟବିଷୟରେ ପ୍ରଚାର କର।"
୬୧ଆଉ ଜଣେ ଲୋକ କହିଲା, "ପ୍ରଭୁ ମୁଁ ଆପଣଙ୍କ
ଅନୁସରଣ କରିବି। କିନ୍ତୁ ପ୍ରଥମେ ମୋତେ ମୋ ପରିବାର
ଲୋକଙ୍କ ଠାରୁ ବିଦାୟ ନେବାକୁ ଅନୁମତି ଦିଅନ୍ତୁ।"
୬୨କିନ୍ତୁ ଯୀଶୁ ତାହାଙ୍କୁ କହିଲେ, "ଯେଉଁ ଲୋକ
ଲଙ୍ଗଳ ଉପରେ ହାତ ଦେଇ ପଛକୁ ଚାହେଁ, ସେ
ପରମେଶ୍ୱରଙ୍କ ରାଜ୍ୟ ପାଇଁ ଯୋଗ୍ୟ ନୁହେଁ।"

**ଯୀଶୁ ବାସ୍ତରିଜଣଙ୍କୁ ପଠାଇଲେ**

୧୦ ଏହାପରେ ପ୍ରଭୁ(ଯୀଶୁ)ଆଉ ବାସ୍ତରିଜଣ* ଲୋକଙ୍କୁ
ବାଛିଲେ। ଯେଉଁଯେଉଁ ନଗର ଓ ସ୍ଥାନ ମାନଙ୍କୁ
ତାହାଙ୍କର ଯିବାର ଯୋଜନା ଥିଲା, ସେହି ନଗର ଓ ସ୍ଥାନ
ମାନଙ୍କୁ ସେ ସେମାନଙ୍କୁ ଦୁଇଦୁଇ ଜଣ ହିସାବରେ ନିଜେ
ଯିବା ଆଗରୁ ପଠାଇଦେଲେ। ୨ଯୀଶୁ ସେମାନଙ୍କୁ କହିଲେ,
"ଅମଳ ହେବାକୁ ପ୍ରଚୁର ଫସଲ ପଡ଼ି ରହିଛି। କିନ୍ତୁ
ମୂଲିଆ ଖୁବ କମ୍। ତେଣୁ ଫସଲର ମାଲିକଙ୍କୁ ପ୍ରାର୍ଥନା
କର ଯେ, ସେ ଯେପରି ତାହାଙ୍କର ଫସଲ କାଟିବା ପାଇଁ
କାମ କରିବାକୁ ଅଧିକ ମୂଲିଆ ପଠାଇବେ। ୩ଯାଅ, କିନ୍ତୁ
ମନେରଖ। ମୁଁ ତୁମ୍ଭମାନଙ୍କୁ ଗଧିଆ ମାନଙ୍କ ମଧ୍ୟରେ
ମେଣ୍ଢାଛୁଆ ଭାବରେ ପଠାଉଛି। ୪ସାଙ୍ଗରେ ଟଙ୍କା, ଥଳି,
ଜୋତା କିଛି ହେଲେ ନିଅନାହିଁ। ରାସ୍ତାରେ କାହାରି ସହିତ
କଥାବାର୍ତ୍ତା ହେବା ପାଇଁ ଅଟକି ଯିବ ନାହିଁ। ୫ଯେ
କୌଣସି ଘରେ ପ୍ରବେଶ କରିବା ମାତ୍ରେ ପ୍ରଥମେ କୁହ,
'ଏ ଘରକୁ ଶାନ୍ତି ମିଳୁ।' ୬ଯଦି ସେଠାରେ କେହି
ଶାନ୍ତିପ୍ରିୟ ଲୋକ ଥିବ, ତେବେ ତୁମ୍ଭମାନଙ୍କର ଶାନ୍ତିଆଶୀର୍ବାଦ
ତାହାକୁ ମିଳିବ। ଯଦି ସେଠାରେ କେହି ଶାନ୍ତିପ୍ରିୟ ଲୋକ
ନଥିବ, ତେବେ ତୁମ୍ଭମାନଙ୍କ ଶାନ୍ତିଆଶୀର୍ବାଦ ତୁମ୍ଭମାନଙ୍କ
ପାଖକୁ ଫେରି ଆସିବ। ୭ତମ୍ଭେମାନେ ଶାନ୍ତି ଥିବା ଘରେ
ରୁହ। ସେ ଲୋକମାନେ ତୁମ୍ଭମାନଙ୍କୁ ଯାହାଦେବେ ତାହା
ଖାଅ ଓ ପିଅ। କାରଣ କାମ କରିବା ଲୋକର ତା'ବେତନ
ଉପରେ ଅଧିକାର ଅଛି। ଅନ୍ୟ ଘରେ ରହିବା ପାଇଁ
ସେହି ଘର ଛାଡି ଯାଅନାହିଁ। ୮ଯଦି ତୁମ୍ଭେମାନେ ଗୋଟିଏ
ନଗରକୁ ଯାଅ ଓ ସେଠାରେ ଯଦି ଲୋକେ ତୁମ୍ଭମାନଙ୍କୁ
ସ୍ୱାଗତ କରନ୍ତି, ତେବେ ତୁମ୍ଭମାନଙ୍କୁ ସେମାନେ ଯାହା
ଖାଦ୍ୟ ଦିଅନ୍ତି, ତାହା ଖାଅ। ୯ସେଠାରେ ରହୁଥିବା
ରୋଗୀଙ୍କୁ ସୁସ୍ଥ କର। ତା'ପରେ ସେମାନଙ୍କୁ କୁହ,
'ପରମେଶ୍ୱରଙ୍କ ରାଜ୍ୟ ତୁମ୍ଭମାନଙ୍କ ନିକଟରେ ଖୁବ ଶୀଘ୍ର
ଆସି ପହଞ୍ଚିଯାଉଛି।' ୧୦କିନ୍ତୁ ତୁମ୍ଭେମାନେ ଯଦି ଏଭଳି
ଏକ ନଗରକୁ ଯାଅ ଓ ସେଠାରେ ଲୋକେ ତୁମ୍ଭମାନଙ୍କର
ସ୍ୱାଗତ ନ କରନ୍ତି, ତେବେ ସେହି ନଗରର ଗଳି
ମାନଙ୍କରେ ଯାଅ ଏବଂ କୁହ, ୧୧ଆମ୍ଭର ପାଦରେ ଲାଗିଥିବା
ଏହି ଧୂଳିତକ ମଧ୍ୟ ଆମ୍ଭେ ତୁମ୍ଭମାନଙ୍କ ବିରୁଦ୍ଧରେ
ଏହିଠାରେ ଝାଡି ଦେଇ ଯାଉଛୁ।' ତଥାପି ମନେରଖ,
'ପରମେଶ୍ୱରଙ୍କ ରାଜ୍ୟ ଖୁବ ଶୀଘ୍ର ଆସୁଛି।' ୧୨ମୁଁ ତୁମ୍ଭମାନଙ୍କୁ
କହୁଛି ଯେ ବିଚାର ହେବା ଦିନ ସେହି ନଗରର
ଲୋକମାନଙ୍କର ଦଶା ସଦୋମର ଲୋକମାନଙ୍କ ଦଶା
ଅପେକ୍ଷା ଅଧିକ ଖରାପ ହେବ।

**ଅବିଶ୍ୱାସୀମାନଙ୍କୁ ଯୀଶୁଙ୍କ ଚେତାବନୀ**

୧୩"ହାୟ୍ କୋରାଜିନ୍! ହାୟ୍ ବେଥ୍‌ସାଇଦା!* ତୁମ୍ଭମାନଙ୍କ
ମଧ୍ୟରେ ମୁଁ ଅନେକ ଆଶ୍ଚର୍ଯ୍ୟକର୍ମ ଦେଖାଇଛି। ଯଦି
ଏଗୁଡିକ ସୋର ଓ ସୀଦୋନରେ ଲୋକମାନଙ୍କୁ କରା
ଯାଇଥାଆନ୍ତା, ତେବେ କେବେଠାରୁ ସେମାନେ ନିଜର
ହୃଦୟ ପରିବର୍ତ୍ତନ କରି ସାରିଥାଆନ୍ତେ ଓ ପାପ କରିବା
ଛାଡ଼ି ଦେଇଥାଆନ୍ତେ। ସେମାନେ ନିଜନିଜ ପାପ ପାଇଁ
ଅନୁତାପ କରିଥିବା କଥା ଦେଖାଇବା ପାଇଁ ତାର ପ୍ରତୀକ
ସ୍ୱରୂପ ଅଖାରେ ତିଆରି ଶୋକବସ୍ତ୍ର ଧାରଣ କରିଥାଆନ୍ତେ
ଓ ମୁଣ୍ଡରେ ପାଉଁଶ ବୋଳି ହୋଇଥାଆନ୍ତେ। ୧୪ବିଚାର
ଦିନ ତୁମ୍ଭମାନଙ୍କ ଦଶା ସୋର ଓ ସୀଦୋନର ଲୋକମାନଙ୍କ

---

**ପଦସଂଖ୍ୟା ୫୪** କେତେକ ଗ୍ରୀକ୍ ପୁସ୍ତକରେ ଏହା ଯୋଡ଼ାଯାଇଛି-'ଏଲିୟ ମଧ୍ୟ ଯେପରି କରିଥିଲେ,ସେହିପରି'

**ପଦସଂଖ୍ୟା ୫୫** କେତେକ ଗ୍ରୀକ୍ ପୁସ୍ତକରେ ଏହି ପାଠ ମଧ୍ୟ ମିଳିଥାଏ: ଏବଂ ଯୀଶୁ କହିଲେ,"ତୁମ୍ଭେ କ'ଣ ଜାଣିନାହିଁ ଯେ ତୁମ୍ଭେ କିଭଳି ଆତ୍ମାର ଅଧିକାରୀ! ୫୬ ମନୁଷ୍ୟ ପୁତ୍ର ମନୁଷ୍ୟମାନଙ୍କ ଆତ୍ମାକୁ ନଷ୍ଟ କରିବାକୁ ନୁହେଁ ବରଂ ସେମାନଙ୍କର ଉଦ୍ଧାର କରିବା ପାଇଁ ଆସିଛନ୍ତି।

**ବାସ୍ତରିଜଣ** କେତେକ ଗ୍ରୀକ ପୁସ୍ତକରେ ଏହି ସଂଖ୍ୟା ସତୁରି ଲେଖାଅଛି।

---

**କୋରାଜିନ ଓ ବେଥ୍‌ସାଇଦା** ଗାଲିଲୀ ହ୍ରଦ ଉପକୂଳସ୍ଥ ଦୁଇଟିନଗର। ଏଠାରେ ଯୀଶୁ ଲୋକଙ୍କୁ ଉପଦେଶ ପ୍ରଦାନ କରିଥିଲେ।

ଦଶା ଅପେକ୍ଷା ଅଧିକ ଖରାପହେବ। ୧୫ଏବଂ ହେ କଫର୍ନାହୂମ!
ତୁମ୍ଭକୁ କ'ଣ ସ୍ୱର୍ଗ ଯେତେ ଉଚ୍ଚ, ସେତେ ଉଚ୍ଚକୁ ଉଠା
ଯିବ? ନା, ତୁମ୍ଭକୁ ନରକ ଯେତେ ନୀଚ ସେହିପରି ନୀଚ
ସ୍ଥାନକୁ ଅଣାଯିବ।
୧୬"ଯେତେବେଳେ କୌଣସି ଲୋକ ତୁମ୍ଭମାନଙ୍କ କଥା
ଶୁଣେ, ସେ ପ୍ରକୃତରେ ମୋ କଥା ଶୁଣେ। ଯେତେବେଳେ,
ଜଣେ ତୁମ୍ଭମାନଙ୍କୁ ଗ୍ରହଣ କରିବାକୁ ମନା କରେ, ସେ
ପ୍ରକୃତରେ ମୋତେ ଗ୍ରହଣ କରିବାକୁ ମନା କରିଦିଏ ଏବଂ
ଯେତେବେଳେ ଜଣେ ମୋତେ ଗ୍ରହଣ କରିବାକୁ ମନା
କରେ, ସେ ପ୍ରକୃତରେ ମୋତେ ପଠାଇଥିବା ପରମେଶ୍ୱରଙ୍କୁ
ଗ୍ରହଣ କରିବାକୁ ମନା କରିଦିଏ।"

## ଶୟତାନର ପତନ

୧୭ଯେତେବେଳେ ବାସ୍ତରି* ଜଣ ସେମାନଙ୍କ ଭ୍ରମଣରୁ
ଫେରି ଆସିଲେ, ସେମାନେ ବହୁତ ଖୁସି ଥିଲେ। ସେମାନେ
କହିଲେ, "ପ୍ରଭୁ, ଆମ୍ଭେମାନେ ଯେତେବେଳେ ଆପଣଙ୍କ
ନାମ ନେଇ ଆଜ୍ଞା ଦେଲୁ, ସେତେବେଳେ ଏପରିକି
ଭୂତମାନେ ମଧ୍ୟ ଆମ୍ଭମାନଙ୍କ କଥା ମାନିଲେ।" ୧୮ଏହା
ଶୁଣି ଯୀଶୁ ସେମାନଙ୍କୁ କହିଲେ, "ମୁଁ ଶୟତାନକୁ ଆକାଶରୁ
ବିଜୁଳି ଭଳି ଖସିଥିବାର ଦେଖିଛି। ୧୯ଶୁଣ! ସାପ ଓ
କଙ୍କଡାବିଛାମାନଙ୍କୁ ପାଦତଳେ ଦଳି ଦେବାକୁ ମୁଁ ତୁମ୍ଭମାନଙ୍କୁ
ଶକ୍ତି ଦେଇଛି। ମୁଁ ତୁମ୍ଭମାନଙ୍କୁ ଶତ୍ରୁ ପାଖରେ ଥିବା ଶକ୍ତି
ଠାରୁ ଅଧିକ ଶକ୍ତି ଦେଇଛି। ତୁମ୍ଭମାନଙ୍କର କେହି କିଛି
କ୍ଷତି କରି ପାରିବ ନାହିଁ। ୨୦ହଁ, ଆତ୍ମାମାନେ ତୁମ୍ଭମାନଙ୍କ
କଥା ମାନୁଛନ୍ତି। ତୁମ୍ଭେମାନେ ଖୁସି ହୁଅ। କାହିଁକି?
ତୁମ୍ଭମାନଙ୍କ ପାଖରେ ଏ ଶକ୍ତି ଥିବା ଯୋଗୁ ନୁହେଁ, ବରଂ
ତୁମ୍ଭମାନଙ୍କ ନାମ ସ୍ୱର୍ଗରେ ଲେଖା ହୋଇଥିବା ଯୋଗୁ ଖୁସି
ହୁଅ।"

## ଯୀଶୁ ପରମପିତାହାଙ୍କୁ ପ୍ରାର୍ଥନା କଲେ

୨୧ତାପରେ ପବିତ୍ରଆତ୍ମା ଯୀଶୁଙ୍କୁ ଅତ୍ୟନ୍ତ ଆନନ୍ଦିତ
କରାଇଲେ। ଯୀଶୁ କହିଲେ, "ହେ ପରମପିତା! ହେ ସ୍ୱର୍ଗ
ଓ ପୃଥିବୀର ପ୍ରଭୁ! ମୁଁ ତୁମ୍ଭକୁ ପ୍ରଶଂସା କରୁଛି। କାରଣ
ତୁମ୍ଭେ ଏହି କଥାଗୁଡ଼ିକୁ ଜ୍ଞାନୀ ଓ ବୁଦ୍ଧିମାନ ଲୋକମାନଙ୍କ
ନିକଟରୁ ଲୁଚେଇ ରଖିଥିଲେ ମଧ୍ୟ ଶିଶୁମାନଙ୍କ ପରି
ଲୋକମାନଙ୍କୁ ଦେଖାଇଛ। ହେ ପରମ ପିତା! ତୁମ୍ଭେ ଏହା
ପ୍ରକୃତରେ କରିବାକୁ ଚାହୁଁଥିଲ ବୋଲି ତୁମ୍ଭେ ଏହା କଲ।
୨୨"ମୋର ପରମପିତା ମୋତେ ସବୁକିଛି ଦେଇଛନ୍ତି।
ପୁତ୍ର କିଏ ଏହା ପରମପିତାଙ୍କ ବ୍ୟତୀତ ଅନ୍ୟ କେହି
ଜାଣନ୍ତି ନାହିଁ। ଏବଂ ପରମପିତା କିଏ ଏହା ପୁତ୍ରଙ୍କ ଛଡା
କେହି ଜାଣନ୍ତି ନାହିଁ। କେବଳ ସେହିମାନେ ପରମପିତାଙ୍କ
ବିଷୟରେ ଜାଣିପାରିବେ, ଯେଉଁମାନଙ୍କୁ ତାହା ଜଣାଇବା
ନିମନ୍ତେ ପୁତ୍ର ସ୍ୱୟଂ ବାଛିବେ।"
୨୩ତାପରେ ଯୀଶୁ ଶିଷ୍ୟମାନଙ୍କ ଆଡ଼କୁ ମୁହଁ ବୁଲାଇଲେ।
ଯୀଶୁଙ୍କ ସହିତ ସେଠାରେ କେବଳ ତାହାଙ୍କ ଶିଷ୍ୟମାନେ
ରହିଥିଲେ। ଯୀଶୁ କହିଲେ, "ତୁମ୍ଭେମାନେ ଧନ୍ୟ, ଯେହେତୁ
ତୁମ୍ଭେମାନେ ଏହି ସବୁବିଷୟ ଦେଖିଲ। ୨୪ମୁଁ ତୁମ୍ଭମାନଙ୍କୁ
କହୁଛି, ତୁମ୍ଭେମାନେ ଏବେ ଯାହା ଦେଖୁଛ, ତାହା ଦେଖିବା
ପାଇଁ ଅନେକ ଭବିଷ୍ୟଦ୍‌ବକ୍ତା ଓ ରାଜା ଚାହିଁଥିଲେ। କିନ୍ତୁ
ସେମାନେ ଏସବୁ ଦେଖି ପାରି ନଥିଲେ। ତୁମ୍ଭେମାନେ
ଏବେ ଯାହା ଶୁଣୁଛ, ତାହା ଶୁଣିବା ପାଇଁ ଅନେକ
ଭବିଷ୍ୟଦବକ୍ତା ଓ ରାଜା ଚାହିଁଥିଲେ। କିନ୍ତୁ ସେମାନେ
ଏସବୁ ଶୁଣି ପାରି ନଥିଲେ।"

## ଉତ୍ତମ ଶମିରୋଣୀୟ ଦୃଷ୍ଟାନ୍ତ

୨୫ତାପରେ ଜଣେ ଧର୍ମଶାସ୍ତ୍ରୀ ଠିଆ ହେଲେ। ସେ
ଯୀଶୁଙ୍କୁ ପରୀକ୍ଷା କରିବା ପାଇଁ ତାହାଙ୍କୁ ପଚାରିଲେ, "ଗୁରୁ,
ଅନନ୍ତ ଜୀବନ ଲାଭ କରିବା ପାଇଁ ମୁଁ କ'ଣ କରିବି?"
୨୬ଏହା ଶୁଣି ଯୀଶୁ ତାହାଙ୍କୁ କହିଲେ, "ବ୍ୟବସ୍ଥାଶାସ୍ତ୍ରରେ
କ'ଣ ଲେଖାଅଛି? ସେଥିରେ ତୁମ୍ଭେ କ'ଣ ପଢୁଛ?"
୨୭ସେ ଉତ୍ତର ଦେଲେ, "'ତୁମ୍ଭେ ନିଜର ସମସ୍ତ
ହୃଦୟ, ସମସ୍ତ ଆତ୍ମା, ସମସ୍ତ ଶକ୍ତି, ଓ ସମସ୍ତ ମନଦେଇ
ତୁମ୍ଭର ପ୍ରଭୁ ପରମେଶ୍ୱରଙ୍କୁ ପ୍ରେମ କର।'* ଏବଂ, 'ତୁମ୍ଭେ
ନିଜକୁ ପ୍ରେମ କରିଲା ଭଳି ଅନ୍ୟମାନଙ୍କୁ ପ୍ରେମ କର।'"*
୨୮ତାପରେ ଯୀଶୁ ତାହାଙ୍କୁ କହିଲେ, "ତୁମ୍ଭେ ଠିକ୍
ଉତ୍ତର ଦେଇଛ। ଏହାହିଁ କର। ଏହା ଫଳରେ ତୁମ୍ଭେ
ଅନନ୍ତଜୀବନ ଲାଭ କରିବ।"
୨୯ନିଜେ ଠିକ୍ ଜୀବନ ଯାପନ କରୁଛନ୍ତି ବୋଲି
ଧର୍ମଶାସ୍ତ୍ରୀ ଜଣକ ପ୍ରମାଣ କରିବାକୁ ଚାହୁଁଥିଲେ। ତେଣୁ
ସେ ଯୀଶୁଙ୍କୁ ପଚାରିଲେ, "ତେବେ ଯେଉଁମାନଙ୍କୁ ପ୍ରେମ
କରିବ, ସେମାନେ କିଏ?"
୩୦ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଯୀଶୁ କହିଲେ,
"ଜଣେ ଲୋକ ଯିରୂଶାଲମରୁ ଯିରୀହୋକୁ ଯାଉଥିଲା।
ବାଟରେ ସେ ଡକାୟତମାନଙ୍କ ହାବୁଡ଼ରେ ପଡ଼ିଲା। ସେମାନେ
ତା' ଲୁଗାପଟା ସବୁ ଛିଣି ବାହାର କରି ଓ ତାକୁ ମାଡ
ମାରି ଅର୍ଦ୍ଧମୃତ ଅବସ୍ଥାରେ ପକାଇଦେଇ ଚାଲିଗଲେ।
୩୧ଏପରି ଘଟିଲା ଯେ ଜଣେ ଯିହୂଦୀଯାଜକ ସେହି ରାସ୍ତା
ଦେଇ ଯାଉଥିଲେ। ସେହି ଲୋକଟିକୁ ଦେଖି ସେ ବାଟ
ଛାଡ଼ି ଚାଲିଗଲେ। ୩୨ତାପରେ ଜଣେ ଲେବୀୟ * ସେହି
ବାଟରେ ଆସିଲେ। ସେ ସେହି ଲୋକଟିକୁ ଦେଖିବା
ସତ୍ତ୍ୱେ ତାକୁ ସାହାଯ୍ୟ କରିବାକୁ ନ ଅଟକି ଚାଲିଗଲେ।
୩୩ତାପରେ ଶମିରୋଣୀୟ ଦେଶର ଜଣେ ଲୋକ ସେହି
ବାଟେ ଆସିଲେ। ଆହତ ଲୋକଟି ଯେଉଁଠାରେ ପଡ଼ିଥିଲା,
ସେ ସେହି ସ୍ଥାନକୁ ଆସିଲେ। ସେ ସେହି ଲୋକଟିକୁ
ଦେଖି ତା ପାଇଁ ବହୁତ ମନ ଦୁଃଖ କଲେ। ୩୪ସେ
ଆହତ ଲୋକଟି ପାଖକୁ ଗଲେ। ତା କ୍ଷତରେ ତେଲ ଓ
ଅଙ୍ଗୁରରସ ଢ଼ାଳି ପଟି ବାନ୍ଧିଦେଲେ। ତାହାଙ୍କ ପାଖରେ

---

**ବାସ୍ତରି** କେତେକ ଗ୍ରୀକ୍ ପୁସ୍ତକରେ ସତୁରି ଲେଖା ଅଛି।

**'ତୁମ୍ଭେ ନିଜର ... ପ୍ରେମ କର'** ଦ୍ୱିତୀୟ ବିବରଣ ୬:୫

**'ତୁମ୍ଭେ ନିଜକୁ ... ପ୍ରେମ କର'** ଲେବୀୟ ପୁସ୍ତକ ୧୯:୧୮

**ଲେବୀୟ** ଲେବୀ ପରିବାର-ସମୂହର ଲୋକ। ଏମାନେ ମନ୍ଦିରରେ ଇହୁଦୀ ଯାଜକଙ୍କୁ ସାହାର୍ଯ୍ୟ କରିଥାନ୍ତି।

ଗଧଟିଏ ଥିଲା। ସେ ଆହତ ଲୋକଟିକୁ ତାହାଙ୍କ ଗଧ
ଉପରେ ବସାଇ ଗୋଟିଏ ଚଟିଘରକୁ ନେଇଗଲେ। ଚଟିଘରେ
ସେ ଆହତ ଲୋକଟିର ଯତ୍ନ ନେଲେ। ୩୫ତା'ପରଦିନ
ଶମିରୋଣୀୟ ଲୋକ ଜଣକ ଦୁଇଟି ରୂପାମୁଦ୍ରା ବାହାର
କଲେ। ସେ ତାହା ଚଟିଘରର ଦାୟିତ୍ୱରେ ଥିବା ଲୋକଟିକୁ
ଦେଇ କହିଲେ, 'ଏହି ଆହତ ଲୋକଟିର ଯତ୍ନ ନେବ।
ତା' ପାଇଁ ଯଦି ଆଉ ଅଧିକ ଟଙ୍କା ଖର୍ଚ୍ଚ ହୁଏ, ମୁଁ
ଫେରିଲା ବେଳେ ତୁମ୍ଭକୁ ସେତକ ପରିଶୋଧ
କରିଦେବି।'"

୩୬ଏହାପରେ ଯୀଶୁ କହିଲେ, "ଏବେ କୁହ, ଡକାୟତମାନଙ୍କ
ହାବୁଡରେ ପଡି ଆହତ ହୋଇଥିବା ଲୋକଟିକୁ ଏହି ତିନି
ଜଣଙ୍କ ମଧ୍ୟରୁ କିଏ ପ୍ରେମଭାବ ଦେଖାଇଲେ ବୋଲି ତୁମ୍ଭେ
ଭାବୁଛ?"

୩୭ଶାସ୍ତ୍ରୀ ଜଣକ କହିଲେ, "ଯେଉଁଲୋକ ଆହତ ଲୋକଟିକୁ
ସାହାଯ୍ୟ କଲା।"

ତାପରେ ଯୀଶୁ ତାହାଙ୍କୁ କହିଲେ, "ତେବେ ତୁମ୍ଭେ
ଯାଅ, ଏବଂ ଲୋକମାନଙ୍କ ନିମନ୍ତେ ସେହିଭଳି କାମକର।"

## ମରିୟମ ଓ ମାର୍ଥା

୩୮ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଯାତ୍ରା କରୁଥିବା
ଅବସରରେ ଗୋଟିଏ ଗାଁକୁ ଯୀଶୁ ଗଲେ। ମାର୍ଥା ନାମକ
ଜଣେ ସ୍ତ୍ରୀଲୋକ ଯୀଶୁଙ୍କୁ ନିଜ ଘରକୁ ସ୍ୱାଗତ କଲା।
୩୯ମାର୍ଥାର ମରିୟମ ନାମରେ ଗୋଟିଏ ଭଉଣୀ ଥିଲା।
ମରିୟମ ଯୀଶୁଙ୍କ ପାଦ ପାଖରେ ବସି ତାହାଙ୍କ ଉପଦେଶ
ଶୁଣୁଥିଲା, କିନ୍ତୁ ମାର୍ଥା ଘରର ସବୁ କାମ କରୁଥିଲା।
୪୦ମାର୍ଥାକୁ ବହୁତ ଗୁଡାଏ କାମ କରିବାକୁ ପଡୁଥିବାରୁ ସେ
ରାଗିଗଲା। ସେ ଯୀଶୁଙ୍କ ପାଖକୁ ଆସି କହିଲା, "ପ୍ରଭୁ!
ମୋ ଭଉଣୀ ଘରର ଯେ ସବୁ କାମ ମୋ ଉପରେ ଛାଡି
ଦେଇଛି, ଏବିଷୟରେ କ'ଣ ଆପଣଙ୍କର ମନୋଯୋଗ
ନାହିଁ? ଏଣୁ ତାହାକୁ କୁହନ୍ତୁ ଯେ ସେ ମୋତେ ସାହାଯ୍ୟ
କରୁ।"

୪୧ଯୀଶୁ ଉତ୍ତର ଦେଲେ, "ମାର୍ଥା, ହେ ମାର୍ଥା, ବହୁତ
ଗୁଡାଏ କଥା ପାଇଁ ତୁମ୍ଭେ ବ୍ୟସ୍ତ ଓ ଚିନ୍ତିତ ଅଛ। ୪୨କିନ୍ତୁ
ଗୋଟିଏ ଜିନିଷ ସବୁଠାରୁ ମହତ୍ୱପୂର୍ଣ୍ଣ। ମରିୟମ ନିଜ ପାଇଁ
ଠିକ୍ ଜିନିଷଟି ପସନ୍ଦ କରିଛି, ଏବଂ ଏହା ତା ଠାରୁ
ଛଡ଼େଇ ନିଆଯିବନାହିଁ।"

## ଯୀଶୁ ପ୍ରାର୍ଥନା ବିଷୟରେ ଉପଦେଶ ଦେଲେ।

୧୧ ଥରେ ଯୀଶୁ ଗୋଟିଏ ସ୍ଥାନରେ ପ୍ରାର୍ଥନା କରୁଥିଲେ।
ସେ ପ୍ରାର୍ଥନା କରି ସାରିବା ପରେ ତାହାଙ୍କର
ଜଣେ ଶିଷ୍ୟ ତାହାଙ୍କୁ କହିଲେ, "ପ୍ରାର୍ଥନା କିପରି କରିବାକୁ
ହେବ ତାହା ଯୋହନ ତାହାଙ୍କ ଶିଷ୍ୟମାନଙ୍କୁ ଶିଖାଇ
ଦେଇଥିଲେ। ପ୍ରଭୁ, ପ୍ରାର୍ଥନା କିପରି କରିବାକୁ ହୁଏ, ତାହା
ଆପଣ ମଧ୍ୟ ଆମ୍ଭମାନଙ୍କୁ ଶିଖେଇ ଦିଅନ୍ତୁ।

୨ଯୀଶୁ ସେମାନଙ୍କୁ କହିଲେ, "ତୁମ୍ଭେମାନେ ପ୍ରାର୍ଥନା
କଲାବେଳେ କୁହ:

'ହେ ପରମପିତା, ଆମ୍ଭେମାନେ ପ୍ରାର୍ଥନା କରୁଛୁ ଯେ
ତୁମ୍ଭ ନାମ ସର୍ବଦା ପବିତ୍ର ରହୁ। ଆମ୍ଭେମାନେ
ପ୍ରାର୍ଥନା କରୁଛୁଯେ ତୁମ୍ଭର ରାଜ୍ୟ ଆସୁ।
୩ ଆମ୍ଭେମାନେ ଆବଶ୍ୟକ କରୁଥିବା ଖାଦ୍ୟ ଆମ୍ଭକୁ
ଦିଅ।
୪ ଆମ୍ଭମାନଙ୍କର ପାପଗୁଡିକୁ କ୍ଷମା କରିଦିଅ, କାରଣ
ଯେଉଁମାନେ ଆମ୍ଭମାନଙ୍କ ପ୍ରତି ଅନ୍ୟାୟ କରିଛନ୍ତି,
ଆମ୍ଭେମାନେ ପ୍ରତ୍ୟେକଙ୍କୁ ମଧ୍ୟ କ୍ଷମା କରି ଦେଉଛୁ।
ଆମ୍ଭମାନଙ୍କୁ କଠିନ ପରୀକ୍ଷା ମଧ୍ୟରେ ପକାଅ ନାହିଁ।'"

## ମାଗୁଥାଅ

୫-୬ତାପରେ ଯୀଶୁ ସେମାନଙ୍କୁ କହିଲେ, "ମନେ କର
ତୁମ୍ଭମାନଙ୍କ ଭିତରୁ ଜଣେ କେହି ନିଜ ସାଙ୍ଗ ପାଖକୁ
ରାତିରେ ବହୁତ ଡେରିରେ ଯାଇ କହିଲ, 'ମୋର ଅନ୍ୟ
ସହରରେ ଜଣେ ବନ୍ଧୁ ମୋତେ ଦେଖା କରିବାକୁ ଆସିଛନ୍ତି।
ତାହାଙ୍କୁ ଖାଇବାକୁ ଦେବାପାଇଁ ମୋ ପାଖରେ କିଛି
ହେଲେ ନାହିଁ। ଦୟାକରି ମୋତେ ତିନିଖଣ୍ଡ ରୋଟୀଦିଅ।'
୭ତୁମ୍ଭ ସାଙ୍ଗ ଘର ଭିତରୁ ଉତ୍ତର ଦେଲେ, 'ତୁମ୍ଭେ
ଚାଲିଯାଅ। ମୋତେ ହଇରାଣ କରନାହିଁ। ଦୁଆର ବନ୍ଦ
ହୋଇଗଲାଣି। ମୁଁ ଓ ମୋ ପିଲାମାନେ ଶୋଇବାକୁ ଗଲୁଣି,
ତୁମ୍ଭକୁ ରୋଟୀ ଦେବାକୁ ମୁଁ ବର୍ତ୍ତମାନ ଉଠି ପାରିବିନାହିଁ।'
୮ମୁଁ ତୁମ୍ଭକୁ କହୁଛି। ସେ ଲୋକଟି ଶେଯ ଛାଡି ଉଠିବା,
ଓ ତୁମ୍ଭକୁ ରୋଟୀ ଦେବା ପାଇଁ ହୁଏତ ତୁମ୍ଭର ବନ୍ଧୁତ୍ୱ
ଯଥେଷ୍ଟ ହୋଇ ପାରି ନଥାଏ। କିନ୍ତୁ ତୁମ୍ଭେ ଯଦି ନିରନ୍ତର
ମାଗି ଚାଲିଥାଅ, ତେବେ ସେ ନିଶ୍ଚୟ ଉଠିବ, ଓ ତୁମ୍ଭର
ଯାହା ଦରକାର, ତାହା ଦେବ। ୯ତେଣୁ ମୁଁ ତୁମ୍ଭମାନଙ୍କୁ
କହୁଛି, ବାରମ୍ବାର ମାଗୁଥାଅ। ତାହେଲେ ପରମେଶ୍ୱର
ତୁମ୍ଭମାନଙ୍କୁ ଦେବେ। ଖୋଜୁ ଥାଅ। ତୁମ୍ଭେମାନେ ପାଇବ।
ଦୁଆର ଠକ୍ଠକ୍ କରି ଚାଲି ଥାଅ। ତୁମ୍ଭ ପାଇଁ ଦୁଆର
ଖୋଲିଯିବ। ୧୦କାରଣ ଯେଉଁଲୋକମାନେ ମାଗୁଥାନ୍ତି, ସେମାନେ
ପ୍ରତ୍ୟେକେ ପାଇଥାନ୍ତି। ଯେଉଁମାନେ ଖୋଜୁଥାନ୍ତି, ସେମାନେ
ପାଇଥାନ୍ତି। ଯେଉଁମାନେ ଦୁଆର ବାଡ଼େଇ ଥାନ୍ତି, ସେମାନଙ୍କ
ପାଇଁ ଦୁଆର ଖୋଲି ଯାଏ। ୧୧ତୁମ୍ଭମାନଙ୍କ ଭିତରୁ କାହାର
ପୁଅଟିଏ ଅଛିକି? ତୁମ୍ଭକୁ ତୁମ୍ଭ ପୁଅ ମାଛଟିଏ ମାଗିଲେ
ତୁମ୍ଭେ କ'ଣ କରିବ? କୌଣସି ବାପା ତା ପୁଅକୁ ମାଛଟିଏ
ବଦଳରେ, ସାପଟିଏ ଦିଏ କି? ନା, ତୁମ୍ଭେମାନେ ତାକୁ
ମାଛ ଦେବ। ୧୨କିମ୍ବା ପୁଅ ଯଦି ଅଣ୍ଡାଟିଏ ମାଗେ, ତେବେ
ତା ହାତରେ ତୁମ୍ଭେମାନେ କଙ୍କଡାବିଛାଟିଏ ଦେବକି? ନା।
୧୩ତୁମ୍ଭେମାନେ ଖରାପ ଲୋକ ହୋଇଥିଲେ ମଧ୍ୟ ତୁମ୍ଭମାନଙ୍କ
ପିଲାମାନଙ୍କୁ କିଭଳି ଭଲ ଉପହାର ଦିଆଯାଏ ତୁମ୍ଭେମାନେ
ଜାଣ। ତେବେ ସ୍ୱର୍ଗରେ ରହୁଥିବା ତୁମ୍ଭମାନଙ୍କର ପରମପିତା
ଜାଣନ୍ତି ଯେ ତାହାଙ୍କୁ ମାଗୁଥିବା ଲୋକ ମାନଙ୍କୁ ସେ
ପବିତ୍ରଆତ୍ମା କିପରି ଦେବେ।"

## ଯୀଶୁଙ୍କଠାରେ ପରମେଶ୍ୱରଙ୍କର ଶକ୍ତି

୧୪ଥରେ ଯୀଶୁ କଥା କହି ପାରୁନଥିବା ଗୋଟିଏ
ଲୋକ ଦେହରୁ ଭୂତକୁ ତଡି ଦେଉଥିଲେ। ଭୂତଟି ମୂକ

ଲୋକ ଦେହରୁ ବାହାରି ଆସିବା ମାତ୍ରେ, ଲୋକଟି ପୁଣି
କଥା କହିବାକୁ ଲାଗିଲା। ଜମା ହୋଇଥିବା ଲୋକମାନେ
ଆଶ୍ଚର୍ଯ୍ୟ ହୋଇଗଲେ। ୧୫କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ
କହିଲେ, "ଯୀଶୁ ଭୂତପତି ବାଆଲ୍‌ଜିବୁଲ୍‌ର ଶକ୍ତି ଦ୍ୱାରା
ଭୂତ ଛଡ଼ାଉଛନ୍ତି, ଭୂତମାନଙ୍କୁ ତଡ଼ି ଦେବାକୁ ବ୍ୟବହାର
କରୁଛନ୍ତି।
୧୬ଅନ୍ୟ ଲୋକମାନେ ଯୀଶୁଙ୍କୁ ପରୀକ୍ଷା କରିବାକୁ
ଚାହୁଁଥିଲେ। ସେମାନେ ଯୀଶୁଙ୍କୁ ସ୍ୱର୍ଗର କୌଣସି ଚିହ୍ନ
ଦେଖାଇବାକୁ କହିଲେ। ୧୭କିନ୍ତୁ ଯୀଶୁ ସେହିଲୋକମାନଙ୍କ
ଭାବନା ଜାଣିପାରିଲେ। ସେ କହିଲେ, "ଗୋଟିଏ ରାଜ୍ୟ
ଭାଗଭାଗ ହୋଇ ନିଜ ବିରୁଦ୍ଧରେ ଲଢେଇ କଲେ ଶେଷରେ
ଧ୍ୱଂସ ହୋଇଯିବ। ଗୋଟିଏ ପରିବାରର ଲୋକେ ନିଜ
ବିରୁଦ୍ଧରେ ଲଢ଼େଇ କଲେ ସେ ପରିବାର ମଧ୍ୟ ଭାଙ୍ଗି
ଯିବ। ୧୮ତେଣୁ ଯଦି ଶୟତାନ ନିଜ ବିରୁଦ୍ଧରେ ଲଢ଼େଇ
କରେ, ତେବେ କିଭଳି ତା ରାଜ୍ୟ ତିଷ୍ଠି ରହି ପାରିବ? ମୁଁ
ବାଆଲ୍‌ଜିବୁଲ୍ ସହାଯ୍ୟରେ ଭୂତମାନଙ୍କୁ ବାହାର କରି
ଦେଉଛି ବୋଲି ତୁମ୍ଭେମାନେ କହୁଛ। ୧୯କିନ୍ତୁ, ମୁଁ ଯଦି
ବାଆଲ୍‌ଜିବୁଲ୍ ସାହାଯ୍ୟରେ ଭୂତମାନଙ୍କୁ ବାହାର କରି
ଦେଉଛି, ତେବେ ତୁମ୍ଭମାନଙ୍କ ଲୋକମାନେ କାହା ସାହାଯ୍ୟରେ
ଭୂତମାନଙ୍କୁ ବାହାର କରୁଛନ୍ତି? ତେବେ ତୁମ୍ଭମାନଙ୍କର ନିଜ
ଲୋକେ ପ୍ରମାଣିତ କରି ଦେଉଛନ୍ତି ଯେ, ତୁମ୍ଭେମାନେ
ଭୁଲ କହୁଛ। ୨୦ମୁଁ ଭୂତମାନଙ୍କୁ ବାହାର କରିଦେବାପାଇଁ
ପରମେଶ୍ୱରଙ୍କ ଶକ୍ତି ବ୍ୟବହାର କରୁଛି। ଏକଥା ସ୍ପଷ୍ଟ
ଦେଖାଇ ଦେଉଛି ଯେ ପରମେଶ୍ୱରଙ୍କ ରାଜ୍ୟ ତୁମ୍ଭମାନଙ୍କ
ପାଖକୁ ଆସିଗଲାଣି।
୨୧"ଯେତେବେଳେ ଜଣେ ଶକ୍ତିଶାଳୀ ଲୋକ ଅନେକ
ଅସ୍ତ୍ରଶସ୍ତ୍ର ଧରି ନିଜ ଘରକୁ ଜଗିରହେ, ସେତେବେଳେ
ତା'ର ସମସ୍ତ ସମ୍ପତ୍ତି ସୁରକ୍ଷିତ ରହେ। ୨୨କିନ୍ତୁ, ଯେତେବେଳେ
ତା'ଠାରୁ ଜଣେ ଅଧିକ ଶକ୍ତିଶାଳୀ ଲୋକ ଆସେ ଓ
ତା'ଉପରେ ଆକ୍ରମଣ କରି ତାକୁ ହରେଇ ଦିଏ, ଯେଉଁ
ଅସ୍ତ୍ରଶସ୍ତ୍ର ଗୁଡିକ ଉପରେ ପ୍ରଥମ ଲୋକଟିର ଭରସା ଥିଲା,
ସେହି ସମସ୍ତ ଅସ୍ତ୍ରଶସ୍ତ୍ର ଗୁଡିକୁ ଅଧିକତର ବଳବାନ
ଲୋକଟି ଛଡେଇ ନିଏ, ଓ ତାହାର ଜିନିଷଗୁଡ଼ିକୁ ଯାହା
ଇଚ୍ଛା ତାହା କରେ।
୨୩"ଯେଉଁ ଲୋକ ମୋ ସହିତ ନାହିଁ, ସେ ମୋ
ବିରୁଦ୍ଧରେ ଅଛି, ଯେଉଁ ଲୋକ ମୋ ସହିତ କାମ କରୁନି,
ସେ ମୋ ବିରୁଦ୍ଧରେ କାମ କରୁଛି।

## ଶୂନ୍ୟ ମଣିଷ

୨୪"ଯେତେବେଳେ କୌଣସି ଭୂତ କୌଣସି ମଣିଷ
ଦେହରୁ ବାହାରି ଆସେ, ସେତେବେଳେ ସେହି ଆତ୍ମା
ବିଶ୍ରାମ ସ୍ଥାନ ଖୋଜିଖୋଜି ଶୁଖିଲା ଜାଗାସବୁରେ ବୁଲେ।
କିନ୍ତୁ ସେ ବିଶ୍ରାମ ନେବାକୁ ଜାଗା ଟିକିଏ ନ ପାଇଲେ
କୁହେ, 'ମୁଁ ଯେଉଁଠାରୁ ଆସିଛି, ପୁଣି ସେହି ଘରକୁ
ଫେରିଯିବି।' ୨୫ଯେତେବେଳେ ଭୂତଟି ସେହି ମଣିଷ ନିକଟକୁ
ଫେରିଆସେ, ସେ ଦେଖେ ଯେ ସେହି ଘରଟି ସଫାସୁତୁରା
ଓ ସବୁ ଠିକ୍‌ଠାକ୍ ଅଛି। ୨୬ତାପରେ ସେ ଯାଇ ତା'ଠାରୁ
ଆହୁରି ଅଧିକ ଦୁଷ୍ଟ ସାତଜଣ ଭୂତଙ୍କୁ ଡାକିଆଣେ,
ସେମାନେ ସମସ୍ତେ ସେହି ମଣିଷ ମଧ୍ୟରେ ପ୍ରବେଶ କରି
ଏକତ୍ର ରହନ୍ତି। ଏହିଭଳି ଭାବରେ ସେହି ଲୋକଟିର
ଅବସ୍ଥା ପୂର୍ବ ଅପେକ୍ଷା ଅଧିକ ଖରାପ ହୋଇ ପଡେ।"

## ଏହି ଲୋକମାନେ ପ୍ରକୃତରେ ଧନ୍ୟ

୨୭ଯୀଶୁ ଏହିସବୁ କଥା କହୁଥିବା ସମୟରେ ଭିଡ
ଭିତରୁ ସ୍ତ୍ରୀ ଲୋକଟିଏ ଉଠିପଡି ଉଚ୍ଚ ସ୍ୱରରେ କହିବାକୁ
ଲାଗିଲା, "ଧନ୍ୟ ତୁମ୍ଭର ମାଆ। କାରଣ ସେ ତୁମ୍ଭକୁ ଜନ୍ମ
ଦେଇଛନ୍ତି ଓ କ୍ଷୀରପାନ କରାଇଛନ୍ତି।" ୨୮କିନ୍ତୁ ଯୀଶୁ
କହିଲେ, "ପରମେଶ୍ୱରଙ୍କ ଉପଦେଶ ଯେଉଁମାନେ ଶୁଣନ୍ତି,
ଓ ତାହା ମାନି ଚଳନ୍ତିପ୍ରକୃତରେ ସେହିମାନେ ହିଁ ଧନ୍ୟ।"

## ପ୍ରମାଣପାଇଁ ଦାବୀ

୨୯ଧୀରେ ଧୀରେ ଭିଡ ବଢ଼ିବାକୁ ଲାଗିଲା। ଯୀଶୁ
କହିଲେ, "ବର୍ତ୍ତମାନ ଯୁଗର ଲୋକେ ବଡ଼ ମନ୍ଦ। ସେମାନେ
ପରମେଶ୍ୱରଙ୍କଠାରୁ ପ୍ରମାଣ ସ୍ୱରୂପ ଏକ ଆଶ୍ଚର୍ଯ୍ୟକର୍ମ*
ଦେଖିବାକୁ ଚାହୁଁଛନ୍ତି। କିନ୍ତୁ ଏମାନଙ୍କୁ ଚିହ୍ନ ସ୍ୱରୂପ
କୌଣସି ଆଶ୍ଚର୍ଯ୍ୟକର୍ମ ଦେଖାଇ ଦିଆଯିବନାହିଁ। ଯୂନସ* ଙ୍କ
ସମ୍ବନ୍ଧରେ ଘଟିଥିବା ଆଶ୍ଚର୍ଯ୍ୟକର୍ମ ହେଉଛି ଏକ ମାତ୍ର
ଚିହ୍ନ। ୩୦ଯୂନସ ଯେପରି ନୀନିବୀୟମାନଙ୍କ ପାଇଁ ଚିହ୍ନ
ସ୍ୱରୂପ ହେଲେ, ସେହିଭଳି ଏହି ସମୟର ଲୋକମାନଙ୍କ
ପାଇଁ ମନୁଷ୍ୟପୁତ୍ର ମଧ୍ୟ ଚିହ୍ନ ସ୍ୱରୂପ ହେବେ। ୩୧ବିଚାର
ଦିନରେ ଦକ୍ଷିଣର ରାଣୀ* ପ୍ରକାଶିତ ହୋଇ ଏବେ
ବଞ୍ଚିଥିବା ଲୋକମାନଙ୍କ ବିରୁଦ୍ଧରେ ଅଭିଯୋଗ ଆଣିବେ, ଓ
ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବେ, କାରଣ ସେହି ରାଣୀ
ଶଲମୋନଙ୍କ ଜ୍ଞାନମୂଳକ ଉପଦେଶ ଶୁଣିବା ପାଇଁ ବହୁତ
ଦୂରରୁ ଆସିଥିଲେ, ଏବଂ ମୁଁ ତୁମ୍ଭମାନଙ୍କୁ କହୁଛି ଯେ, ମୁଁ
ଶଲମୋନଙ୍କ ଅପେକ୍ଷା ମହାନ୍ ଅଟେ। ୩୨ବିଚାର ହେବା
ଦିନ ନୀନିବୀର ଲୋକମାନେ ଏହି ସମୟରେ ବଞ୍ଚିଥିବା
ଲୋକମାନଙ୍କ ବିରୁଦ୍ଧରେ ଠିଆ ହୋଇ ସେମାନଙ୍କୁ ଦୋଷୀ
ସାବ୍ୟସ୍ତ କରିବେ। କାରଣ ସେମାନେ ଯୂନସଙ୍କ ଉପଦେଶ
ଶୁଣି ନିଜର ହୃଦୟ ଓ ଜୀବନଯାପନ ପ୍ରଣାଳୀ ପରିବର୍ତ୍ତନ
କରିଥିଲେ। ମୁଁ ତୁମ୍ଭମାନଙ୍କୁ କହୁଛି ଯେ, ମୁଁ ଯୂନସଙ୍କ
ଅପେକ୍ଷା ମହାନ୍ ଅଟେ।

---

**ଆଶ୍ଚର୍ଯ୍ୟକର୍ମ** ପରମେଶ୍ୱରଙ୍କ ଶକ୍ତି ବଳରେ କରାଯାଇଥିବା ବିସ୍ମୟଜନକ କାର୍ଯ୍ୟ।

**ଯୂନସ** ପୁରାତନ ନିୟମରେ ବର୍ଣ୍ଣିତ ଜଣେ ଭବିଷ୍ୟଦ୍‌ବକ୍ତା। ଗୋଟିଏ ବଡ ମାଛ ପେଟରେ ତିନି ଦିନ ରହିବା ପରେ ସେ ଜୀବିତ ଅବସ୍ଥାରେ ବାହାରି ଆସିଥିଲେ। ସେହିଭଳି ଯୀଶୁ ସମାଧିରୁ ତୃତୀୟ ଦିନରେ ପୁନରୁତ୍ଥିତ ହେବେ।

**ଦକ୍ଷିଣର ରାଣୀ** ଶିବା ପ୍ରଦେଶର ରାଣୀ। ପରମେଶ୍ୱରଙ୍କ ଜ୍ଞାନ ଶଲମୋନଙ୍କ ଠାରୁ ଲାଭ କରିବା ପାଇଁ ସେ ଏକ ହଜାର ମାଇଲ ପଥ ଯାତ୍ରା କରିଥିଲେ।

## ପୃଥିବୀରେ ଆଲୋକ ସ୍ୱରୂପ ହୁଅ

୩୩"କୌଣସି ଲୋକ ଦୀପଟିଏ ଜଳାଇ ଲୁଗାଇ ରଖେନାହିଁ
କିମ୍ବା ହାଣ୍ଡି ତଳେ ରଖେ ନାହିଁ। ବରଂ ତାହା ରୁଖାଟିଏ
ଉପରେ ରଖେ, ଯାହା ଫଳରେ ଭିତରକୁ ଆସୁଥିବା
ଲୋକେ ଆଲୁଅ ଦେଖି ପାରିବେ। ୩୪ତୁମ୍ଭ ଆଖି ତୁମ୍ଭ
ଶରୀର ପାଇଁ ପ୍ରଦୀପ। ତୁମ୍ଭର ଆଖି ଭଲ ଥିଲେ ତୁମ୍ଭର
ସମଗ୍ର ଶରୀର ଆଲୁଅରେ ପରିପୂର୍ଣ୍ଣ ରହିବ। ତୁମ୍ଭର ଆଖି
ଖରାପ ଥିଲେ ତୁମ୍ଭର ସମଗ୍ର ଶରୀର ଅନ୍ଧକାରରେ
ଭରିଯିବ। ୩୫ମନେରଖ, ତୁମ୍ଭ ଭିତରର ଆଲୁଅ ଯେପରି
ଅନ୍ଧକାରମୟ ହୋଇ ନ ଯାଏ। ୩୬ଯଦି ତୁମ୍ଭର ସମଗ୍ର
ଶରୀର ଆଲୋକରେ ପରିପୂର୍ଣ୍ଣ ଏବଂ ଏହାର କୌଣସି
ଅଂଶ ଅନ୍ଧକାରମୟ ନୁହେଁ, ତାହାହେଲେ ଏହା ଆଲୋକରେ
ପୂର୍ଣ୍ଣ ରହିବ। ତାହା ତୁମ୍ଭ ଉପରେ (ଝଟକୁ) ଥିବା ପ୍ରଦୀପ
ପରି ହେବ।"

## ଯୀଶୁ ଫାରୂଶୀମାନଙ୍କୁ ସମାଲୋଚନା କଲେ

୩୭ଯୀଶୁ ତାହାଙ୍କ କଥା ଶେଷ କଲାବେଳକୁ ଜଣେ
ଫାରୂଶୀ ଯୀଶୁଙ୍କୁ ତାହାଙ୍କ ସାଙ୍ଗରେ ଖାଇବା ପାଇଁ
ଅନୁରୋଧ କଲେ। ତେଣୁ ଯୀଶୁ ଭିତରକୁ ଗଲେ ଓ
ଖାଇବା ପାଇଁ ବସି ପଡ଼ିଲେ। ୩୮ଯୀଶୁ ଖାଇବାକୁ ଯିବା
ପୂର୍ବରୁ ନିଜ ହାତ ନ ଧୋଇଥିବାରୁ ଫାରୂଶୀଜଣକ ଆଶ୍ଚର୍ଯ୍ୟ
ହୋଇଗଲେ। ୩୯ପ୍ରଭୁ (ଯୀଶୁ) ତାହାଙ୍କୁ କହିଲେ, "ତୁମ୍ଭେମାନେ
ଫାରୂଶୀମାନେ ଥାଳିଗିନାର ବାହାରିତ ପରିଷ୍କାର କରୁଛ,
କିନ୍ତୁ ଭିତରେ ତୁମ୍ଭେମାନେ ଲୋକମାନଙ୍କୁ ଠକି ଓ
ଦୁଷ୍ଟତାପୂର୍ଣ୍ଣ ଆଚରଣ କରି ତା' ଦ୍ୱାରା ପାଇଥିବା ଜିନିଷରେ
ପରିପୂର୍ଣ୍ଣ କରିଛ। ୪୦ହେ ନିର୍ବୋଧଗଣ! ବାହାରେ ଯାହା
ଅଛି, ତାହା ଯିଏ ତିଆରି କରିଛନ୍ତି ସେ ମଧ୍ୟ ଭିତରେ
ଥିବା ବିଷୟସବୁ ତିଆରି କରିଛନ୍ତି। ୪୧ଏଣୁ ତୁମ୍ଭମାନଙ୍କ
ଭିତରେ ଥିବା ବିଷୟ ଗୁଡ଼ିକ ପ୍ରତି ଦୃଷ୍ଟିଦିଅ।
ଯେଉଁଲୋକମାନେ ସାହାଯ୍ୟ ଲୋଡ଼ନ୍ତି, ସେମାନଙ୍କୁ ସାହାଯ୍ୟ
କର। ତାହେଲେ ତୁମ୍ଭେମାନେ ସମ୍ପୂର୍ଣ୍ଣରୂପେ ପରିଷ୍କାର ଓ
ପବିତ୍ର ହୋଇଯିବ। ୪୨ହେ ଫାରୂଶୀଗଣ! ତୁମ୍ଭମାନଙ୍କୁ ଧିକ!
ତୁମ୍ଭେମାନେ ସମସ୍ତ ବିଷୟରେ ଦଶମାଂଶ ପରମେଶ୍ୱରଙ୍କୁ
ଦେଇଥାଅ। ପୋଦିନା, ଆରୁଦ, ଓ ଏପରିକି ବଗିଚାର
ଅନ୍ୟାନ୍ୟ ଛୋଟ ଗଛର ମଧ୍ୟ ଦଶ ଭାଗରୁ ଭାଗେ
ପରମେଶ୍ୱରଙ୍କୁ ଦେଇଥାଅ। କିନ୍ତୁ ଅନ୍ୟମାନଙ୍କ ପ୍ରତି ଦୟାପୂର୍ଣ୍ଣ
ବ୍ୟବହାର କରିବାକୁ ଓ ପରମେଶ୍ୱରଙ୍କୁ ଭଲ ପାଇବାକୁ
ତୁମ୍ଭେମାନେ ଭୁଲି ଯାଇଥାଅ। ତୁମ୍ଭମାନଙ୍କର ଏସବୁ କାର୍ଯ୍ୟ
କରିବା ଉଚିତ। ତା'ସହିତ ଦଶମାଂଶ ଦେବା ଏବଂ
ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ଗ୍ଲୁରଖିବା ଉଚିତ। ୪୩ହାୟ
ଫରୂଶୀଗଣ! କାରଣ ତୁମ୍ଭେମାନେ ଯିହୂଦୀ ପ୍ରାର୍ଥନାଗୃହରେ
ଅତ୍ୟନ୍ତ ମହତପୂର୍ଣ୍ଣ ଆସନ ଚାହୁଁଛ ଓ ହାଟବଜାରରେ
ଲୋକମାନଙ୍କ ଠାରୁ ସମ୍ମାନଜନକ ନମସ୍କାର ପାଇବାକୁ ଭଲ
ପାଉଛ। ୪୪ହାୟ, କାରଣ ତୁମ୍ଭେମାନେ ଲୁଚିରହିଥିବା ସେହି
କବରମାନଙ୍କ ଭଳି, ଯାହା ଉପରେ ଲୋକମାନେ ଅଜଣାରେ
ଚାଲିଯାଆନ୍ତି।"

## ଧର୍ମଶାସ୍ତ୍ରୀମାନଙ୍କ ବିଷୟରେ ଯୀଶୁଙ୍କ କଥନ

୪୫ଜଣେ ଧର୍ମଶାସ୍ତ୍ରୀ ଯୀଶୁଙ୍କୁ କହିଲେ, "ଗୁରୁ, ଆପଣ
ଯେତେବେଳେ ଫରୂଶୀମାନଙ୍କ ବିଷୟରେ ଏହି ଭଳି କଥା
କହୁଛନ୍ତି, ସେତେବେଳେ ଆମ୍ଭ ଦଳକୁ ମଧ୍ୟ ଅପମାନ
ଦେଉଛନ୍ତି।"
୪୬ଏହା ଶୁଣି ଯୀଶୁ କହିଲେ, "ହେ ଧର୍ମଶାସ୍ତ୍ରୀଗଣ!
ହାୟ, କାରଣ ତୁମ୍ଭେମାନେ ଲୋକମାନଙ୍କ ଉପରେ କଠିନ
ନିୟମର ବୋଝ ଏତେ ଲଦି ଦେଉଛ ଯେ, ତାହାମାନିବା
କଷ୍ଟକର ହୋଇଯାଉଛି। ଏହି ନିୟମ ଗୁଡ଼ିକୁ ମାନିବା ପାଇଁ
ତୁମ୍ଭେମାନେ ଲୋକଙ୍କୁ ବାଧ୍ୟ କରୁଛ କିନ୍ତୁ ନିଜେ କେବେହେଲେ
ଏଥିରୁ କୌଣସି ଗୋଟିଏ ହେଲେ ନିୟମ ପାଳିବାକୁ ଚେଷ୍ଟା
କରୁନାହିଁ। ୪୭ହାୟ, କାରଣ ତୁମ୍ଭେମାନେ ଭବିଷ୍ୟଦ୍‌ବକ୍ତାମାନଙ୍କ
ସମ୍ମାନାର୍ଥେ କବର ତିଆରି କରୁଥାଅ। କିନ୍ତୁ ଏହି
ଭବିଷ୍ୟଦ୍‌ବକ୍ତାମାନଙ୍କୁ ତୁମ୍ଭମାନଙ୍କର ପୂର୍ବପୁରୁଷମାନେ ହିଁ
ମାରିଦେଇଥିଲେ। ୪୮ଏହାଦ୍ୱାରା ତୁମ୍ଭେମାନେ ଲୋକଙ୍କୁ ଦେଖେଇ
ଦେବାକୁ ଚାହୁଁଛ ଯେ, ତୁମ୍ଭେମାନେ ତୁମ୍ଭମାନଙ୍କ
ପୂର୍ବପୁରୁଷମାନଙ୍କ କାମକୁ ସମର୍ଥନ କରୁଛ। କାରଣ ସେମାନେ
ଭବିଷ୍ୟଦ୍‌ବକ୍ତାମାନଙ୍କୁ ମାରି ଦେଇଥିଲେ ଏବଂ ତୁମ୍ଭେମାନେ
ତାହାଙ୍କ ପାଇଁ କବର ତିଆରି କରୁଛ। ୪୯ଏଥିପାଇଁ
ପରମେଶ୍ୱରଙ୍କ ଜ୍ଞାନ କହେ, 'ମୁଁ ଭବିଷ୍ୟଦ୍‌ବକ୍ତା ଓ
ପ୍ରେରିତମାନଙ୍କୁ ସେମାନଙ୍କ ପାଖକୁ ପଠାଇବି। କେତେକଙ୍କୁ
ସେମାନେ ମାରି ପକାଇବେ ଓ ଆଉ କେତେକଙ୍କୁ ବହୁତ
ଖରାପ ବ୍ୟବହାର ଦେଖାଇବେ।' ୫୦ଏଣୁ ସୃଷ୍ଟି ଆରମ୍ଭରୁ
ଯେତେଯେତେ ଭବିଷ୍ୟଦ୍‌ବକ୍ତାଙ୍କ ରକ୍ତପାତ ହୋଇଛି, ସେଥିପାଇଁ
ଏହି ସମୟର ବଞ୍ଚିଥିବା ଲୋକମାନଙ୍କୁ ଦଣ୍ଡ ଭୋଗିବାକୁ
ପଡ଼ିବ। ୫୧ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି। ହେବଲ* ଙ୍କ
ରକ୍ତପାତ ଠାରୁ ଆରମ୍ଭ କରି ବେଦୀ* ଓ ମନ୍ଦିର* ର
ମଧ୍ୟସ୍ଥଳରେ ନିହତ ହୋଇଥିବା ଜିଖରିୟଙ୍କ ରକ୍ତପାତ
ପର୍ଯ୍ୟନ୍ତ ସମସ୍ତ ଭବିଷ୍ୟଦ୍‌ବକ୍ତାଙ୍କ ରକ୍ତପାତ ପାଇଁ ଏହି
ସମୟରେ ବଞ୍ଚିଥିବା ଲୋକମାନଙ୍କୁ ଏହି ଦଣ୍ଡ ଭୋଗିବାକୁ
ପଡ଼ିବ।
୫୨"ହେ ଧର୍ମଶାସ୍ତ୍ରୀଗଣ! ତୁମ୍ଭମାନଙ୍କୁ ଧିକ୍, କାରଣ
ତୁମ୍ଭେମାନେ ଈଶ୍ୱର ଜ୍ଞାନର ଚାବିକାଠି ଲୁଚେଇ ଦେଲ।
ନିଜେ ଐଶ୍ୱରିକ ଜ୍ଞାନ ଶିଖିଲ ନାହିଁ କି, ଯେଉଁମାନେ
ଶିଖିବାକୁ ଚାହୁଁଥିଲେ, ସେମାନଙ୍କୁ ମଧ୍ୟ ଶିଖିବାକୁ ଦେଲନାହିଁ।"
୫୩ଯୀଶୁ ସେ ସ୍ଥାନ ଛାଡ଼ି ଚାଲି ଯାଉଥିବା ସମୟରେ
ଧର୍ମଶାସ୍ତ୍ରୀ ଓ ଫାରୂଶୀମାନେ ଯୀଶୁଙ୍କୁ ଅନେକ କଷ୍ଟ ଦେବା
ଆରମ୍ଭ କରିଦେଲେ। ସେମାନେ ଯୀଶୁଙ୍କୁ ଅନେକ ବିଷୟରେ
ପ୍ରଶ୍ନମାନ ପଚାରି ତାହାଙ୍କଠାରୁ ଉତ୍ତର ଗ୍ରହୁଁଥିଲେ। ୫୪କାରଣ

---

**ହେବଲ ଓ ଜିଖରିୟ** ବାଇବଲର ପୁରାତନ ନିୟମର ବର୍ଣ୍ଣନା ଅନୁଯାୟୀ ହତ୍ୟା କରାଯାଇଥିବା ଲୋକମାନଙ୍କ ମଧ୍ୟରେ ହେବଲ ଓ ଜିଖରୀୟ ଯଥାକ୍ରମେ ପ୍ରଥମ ଓ ଶେଷ ବ୍ୟକ୍ତି।

**ବେଦୀ** ମନ୍ଦିର ବାହାରେ ଏହି ସ୍ଥାନରେ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ବଳି ଦିଆଯାଏ।

**ମନ୍ଦିର** ଯିହୂଦୀମାନଙ୍କର ଉପାସନା ପାଇଁ ଯିରୂଶାଲମରେ ଥିବା ଅଟ୍ଟାଳିକା।

ସେମାନେ ଯୀଶୁଙ୍କୁ କିଛି ଭୁଲ କଥା କୁହାଇ ଫାନ୍ଦରେ
ପକେଇବାକୁ ବାଟ ଖୋଜୁଥିଲେ।

### ଫାରୂଶୀମାନଙ୍କ ଭଳି ହୁଅନାହିଁ

**୧୨** ହଜାରହଜାର ଲୋକ ଆସି ଜମା ହୋଇଗଲେ।
ଲୋକେ ଜଣେ ଜଣକୁ ମାଡ଼ି ପକାଉ ଥିଲେ।
ଲୋକମାନଙ୍କୁ କହିବା ପୂର୍ବରୁ ଯୀଶୁ ପ୍ରଥମେ ନିଜ ଶିଷ୍ୟମାନଙ୍କୁ
କହିଲେ, "ଫାରୂଶୀମାନଙ୍କ ଖମୀରଠାରୁ ଦୂରରେ ରୁହ।
ମୋ କହିବାର ଅଭିପ୍ରାୟ ହେଉଛି ଯେ, ସେମାନେ
କପଟୀ। ୨ଲୁଚି ରହିଥିବା ପ୍ରତ୍ୟେକ ଜିନିଷକୁ ପ୍ରକାଶ କରି
ଦିଆଯିବ। ଗୋପନରେ ରହିଥିବା ପ୍ରତ୍ୟେକ ବିଷୟକୁ
ପ୍ରକାଶ କରାଯିବ। ୩ତୁମ୍ଭେମାନେ ଅନ୍ଧକାରରେ କହୁଥିବା
କଥା ଆଲୁଅରେ କହି ଦିଆଯିବ। ଗୋଟିଏ ଏକାନ୍ତ
କୋଠରୀ ଭିତରେ ଚୁପ୍ କରି କାହା କାନରେ ତୁମ୍ଭେମାନେ
କିଛି କହିଲେ ମଧ୍ୟ ତାହାକୁ ଘରର ଛାତ ଉପରୁ
ଘୋଷଣା କରି ଦିଆଯିବ।"

### କେବଳ ପରମେଶ୍ୱରଙ୍କୁ ଭୟ କର

୪ତା'ପରେ ଯୀଶୁ ଲୋକମାନଙ୍କୁ କହିଲେ, "ହେ ମୋର
ବନ୍ଧୁଗଣ! ମୁଁ ତୁମ୍ଭମାନଙ୍କୁ କହୁଛି, ଲୋକଙ୍କୁ ଭୟ କରନାହିଁ।
ଲୋକେ କେବଳ ଶରୀରକୁ ମାରି ପକାଇବେ। କିନ୍ତୁ
ସେତିକି କରି ସାରିବା ପରେ ସେମାନେ ତୁମ୍ଭମାନଙ୍କର
ଆଉ ଅଧିକା କିଛି କରି ପାରିବେ ନାହିଁ। ୫ତୁମ୍ଭେମାନେ
ଯାହାକୁ ଭୟ କରିବା ଉଚିତ ମୁଁ ତୁମ୍ଭମାନଙ୍କୁ ତାହାଙ୍କୁ
ଦେଖାଇଦେବି। ତୁମ୍ଭମାନଙ୍କୁ ମାରିସାରି ନରକରେ ଫିଙ୍ଗିଦେବା
ଶକ୍ତି ଯାହାର ଅଛି, ତୁମ୍ଭେମାନେ ସେହି ପରମେଶ୍ୱରଙ୍କୁ
ଭୟ କରିବା ଉଚିତ। ହଁ, ମୁଁ ତୁମ୍ଭମାନଙ୍କୁ କହୁଛି,
କେବଳ ତାହାଙ୍କୁ ଭୟ କର।

୬"ଚଢ଼େଇ ବିକାଯିବା ବେଳେ ପାଞ୍ଚଟା ଚଢ଼େଇଙ୍କର
ମୂଲ୍ୟ ଅଳ୍ପ କେତେକ ପଇସା ହୁଏ। ତଥାପି, ପରମେଶ୍ୱର
ସେମାନଙ୍କ ମଧ୍ୟରୁ ଗୋଟିକୁ ହେଲେ ଭୁଲି ଯାଆନ୍ତିନାହିଁ।
୭ହଁ, ତୁମ୍ଭମାନଙ୍କ ମୁଣ୍ଡରେ କେତେ ଗୋଟି ବାଳ ଅଛି,
ତାହା ମଧ୍ୟ ପରମେଶ୍ୱର ଜାଣନ୍ତି। ଭୟ କର ନାହିଁ।
ତୁମ୍ଭମାନଙ୍କର ମୂଲ୍ୟ ଅନେକ ଚଢ଼େଇଙ୍କ ଅପେକ୍ଷା ବହୁତ
ଅଧିକ।

### ଯୀଶୁଙ୍କ ଯୋଗୁ ଲଜ୍ଜା କରନାହିଁ

୮"ମୁଁ ତୁମ୍ଭମାନଙ୍କୁ କହୁଛି, ଯେଉଁ ଲୋକ ସମସ୍ତଙ୍କ
ଆଗରେ ଠିଆ ହୋଇ କହେ ଯେ ସେ ମୋଠାରେ ବିଶ୍ୱାସ
କରୁଛି, ତା'ହେଲେ ମୁଁ (ମନୁଷ୍ୟପୁତ୍ର)ମଧ୍ୟ ପରମେଶ୍ୱରଙ୍କ
ସ୍ୱର୍ଗଦୂତମାନଙ୍କ ଆଗରେ କହିବି ଯେ ସେହି ଲୋକଟି
ମୋର ନିଜର ଲୋକ। ୯କିନ୍ତୁ ଯେଉଁଲୋକ ଅନ୍ୟମାନଙ୍କ
ଆଗରେ ଠିଆ ହୋଇ କୁହେ ଯେ, ସେ ମୋଠାରେ
ବିଶ୍ୱାସ କରେନାହିଁ, ତେବେ ମୁଁ ମଧ୍ୟ ପରମେଶ୍ୱରଙ୍କ
ସ୍ୱର୍ଗଦୂତମାନଙ୍କ ଆଗରେ କହିବି ଯେ ସେ ଲୋକ ମୋ
ନିଜ ଲୋକ ନୁହେଁ।

୧୦"ମନୁଷ୍ୟପୁତ୍ରଙ୍କ ବିରୁଦ୍ଧରେ କିଛି କହୁଥିବା ଲୋକକୁ
କ୍ଷମା କରି ଦିଆଯାଇପାରେ। କିନ୍ତୁ ପବିତ୍ରଆତ୍ମାଙ୍କ ବିରୁଦ୍ଧରେ
କହୁଥିବା ଲୋକକୁ କ୍ଷମା କରାଯାଇ ପାରିବନାହିଁ।

୧୧"ଯେତେବେଳେ ଲୋକମାନେ ତୁମ୍ଭମାନଙ୍କୁ ଯିହୂଦୀ
ପ୍ରାର୍ଥନାଗୃହ, ଶାସକ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ
ଆଗକୁ ଆଣିବେ, ସେତେବେଳେ ତୁମ୍ଭେମାନେ କିପରି
ଉତ୍ତର ଦେବ, ଓ କ'ଣ କହିବ, ସେ ବିଷୟରେ ଆଦୌ
ଚିନ୍ତା କରନାହିଁ। ୧୨କାରଣ ସେହି ସମୟରେ ପବିତ୍ରଆତ୍ମା
ତୁମ୍ଭମାନଙ୍କୁ ଶିଖାଇ ଦେବେ ତୁମ୍ଭମାନଙ୍କୁ କ'ଣ କହିବାକୁ
ହେବ।"

### ସ୍ୱାର୍ଥପରତା ବିରୁଦ୍ଧରେ ଚେତାବନୀ

୧୩ଜନସମୂହ ମଧ୍ୟରୁ କେହି ଜଣେ ଯୀଶୁଙ୍କୁ କହିଲା,
"ଗୁରୁ,! ଆମ୍ଭର ବାପା ଏବେ ମରି ଗଲେ। ଆମ୍ଭ ବାପାଙ୍କ
ସମ୍ପତ୍ତିକୁ ଆମ୍ଭ ଭିତରେ ଭାଗ କରିବା ପାଇଁ ମୋ ଭାଇକୁ
କୁହନ୍ତୁ।"

୧୪ଏହା ଶୁଣି ଯୀଶୁ କହିଲେ, "ମୋତେ ତୁମ୍ଭମାନଙ୍କର
ବିଚାର କରିବାକୁ କିମ୍ବା ତୁମ୍ଭ ବାପାଙ୍କ ସମ୍ପତ୍ତି ତୁମ୍ଭ ଦୁହିଙ୍କ
ଭିତରେ ବାଣ୍ଟି ଦେବାକୁ କିଏ କହିଛି?" ୧୫ଯୀଶୁ କହିଲେ,
"ସାବଧାନର ସହିତ ସମସ୍ତ ପ୍ରକାର ଲୋଭରୁ ନିଜକୁ
ଦୂରରେ ରଖ। ନିଜର ଅଧିକାରରେ ଥିବା ବିପୁଳ ସଂପତ୍ତିରୁ
କେହି କେବେ ଜୀବନ ପାଇ ପାରେନାହିଁ।"

୧୬ତା'ପରେ ସେ ସେମାନଙ୍କୁ ଗୋଟିଏ ଦୃଷ୍ଟାନ୍ତ ଶୁଣାଇଲେ:
"ଜଣେ ଧନୀ ଲୋକର କେତେକ ଜମି ଥିଲା। ସେହି
ଜମିରେ ବହୁତ ଖାଦ୍ୟଶସ୍ୟ ଫଳିଲା। ୧୭ଲୋକଟି ମନେ
ମନେ ଭାବିଲା, 'ମୁଁ କ'ଣ କରିବି? ମୋ ପାଖରେ ମୋର
ସବୁ ଶସ୍ୟତକ ରଖିବା ପାଇଁ ଜାଗା ନାହିଁ। ୧୮ତା'ପରେ
ସେ କହିଲା, ଠିକ୍ ଅଛି। କ'ଣ କରିବାକୁ ହେବ, ତାହା
ମୁଁ ଜାଣିଛି। ମୁଁ ପ୍ରଥମେ ଅମାର ଗୁଡ଼ିକ ଭାଙ୍ଗିଦେଇ ବଡ
ବଡ ଅମାର ତିଆରି କରିବି ଏବଂ ସବୁତକ ଗହମ ଓ
ଭଲ ଜିନିଷ ତକ ଏକାଠି ନୂଆ ଅମାର ମାନଙ୍କରେ
ରଖିଦେବି। ୧୯ତା'ପରେ ମୁଁ ନିଜକୁ କହି ପାରିବି, ମୁଁ
ଅନେକ ଉତ୍ତମ ପଦାର୍ଥ ଅନେକ ବର୍ଷ ପାଇଁ ସଞ୍ଚୟ କରି
ରଖିଛି। ଏଥର ଆରାମ କର। ଖାଇପିଇ ମଉଜ କର।'
୨୦କିନ୍ତୁ ପରମେଶ୍ୱର ତାହାକୁ କହିଲେ, 'ଆରେ ନିର୍ବୋଧ
ମନୁଷ୍ୟ! ଆଜି ରାତିରେ ତୁ ମରିଯିବୁ। ତୁ ଯେଉଁ
ପଦାର୍ଥତକ ତୋପାଇଁ ସାଇତି କରି ରଖିଛୁ, ତାହା କ'ଣ
ହେବ? ସେ ସବୁ କିଏ ଭୋଗ କରିବ?'

୨୧"ଯେଉଁଲୋକ କେବଳ ନିଜ ପାଇଁ ଅନେକ ପଦାର୍ଥ
ସାଇତି କରି ରଖେ, ତାହା ପ୍ରତି ଏହିଭଳି ଘଟିବ।
ପରମେଶ୍ୱରଙ୍କ ଦୃଷ୍ଟିରେ ସେହିଲୋକ ଆଦୌ ଧନୀ ନୁହେଁ।"

### ପରମେଶ୍ୱରଙ୍କ ରାଜ୍ୟକୁ ପ୍ରଥମସ୍ଥାନ ଦେବା

୨୨ଯୀଶୁ ପୁଣି ତାହାଙ୍କ ଶିଷ୍ୟମାନଙ୍କୁ କହିଲେ, "ଏଣୁ ମୁଁ
ତୁମ୍ଭମାନଙ୍କୁ କହୁଛି ଯେ କ'ଣ ଖାଇ ଜୀବନଧାରଣ କରିବ,
ସେଥିପାଇଁ ଚିନ୍ତା କରନାହିଁ। ଶରୀର ଆବୃତ କରିବା ପାଇଁ
ଯେଉଁ ଲୁଗା ପଟା ଦରକାର, ସେଥିପାଇଁ ଚିନ୍ତା କରନାହିଁ।
୨୩କାରଣ ଜୀବନ ଖାଇବା ଠାରୁ ଓ ଶରୀର ପିନ୍ଧିବା ଠାରୁ

ଅଧିକ ମହତ୍ତ୍ୱପୂର୍ଣ୍ଣ। ୨୪ପକ୍ଷୀଗୁଡ଼ିକଙ୍କୁ ଦେଖ। ସେମାନେ
ବିହନ ବୁଣନ୍ତି ନାହିଁ, କି ଫସଲ ଅମଳ କରନ୍ତି ନାହିଁ।
ସଞ୍ଚୟ କରିବା ପାଇଁ ପକ୍ଷୀମାନଙ୍କ ପାଖରେ ଭଣ୍ଡାର ନାହିଁ,
କି ଅମାର ନାହିଁ। ତଥାପି ପରମେଶ୍ୱର ସେମାନଙ୍କୁ
ଖାଇବାକୁ ଦେଇଥାନ୍ତି। ତୁମ୍ଭେମାନେ ତ ପକ୍ଷୀମାନଙ୍କ ଅପେକ୍ଷା
କେତେ ଅଧିକ ମୂଲ୍ୟବାନ। ୨୫ତୁମ୍ଭମାନଙ୍କ ଭିତରେ କ'ଣ
ଏପରି କିଏ ଅଛି, ଯେ କି ଏଗୁଡ଼ିକ ପାଇଁ ବ୍ୟସ୍ତ ହେବା
ଦ୍ୱାରା ନିଜ ପରମାୟୁରେ ଆଉ ଘଡ଼ିଏ ସମୟ ଯୋଡ଼ି
ପାରିବ? ୨୬ତେବେ ତୁମ୍ଭେମାନେ ଯଦି ଏଡ଼ିକି ଛୋଟିଆ
କାମଟିଏ କରି ପାରିବନାହିଁ, ତେବେ ଅନ୍ୟସବୁ ବଡ଼ବଡ଼
କାମ ପାଇଁ କାହିଁକି ବ୍ୟସ୍ତ ହୋଇ ପଡ଼ୁଛ? ୨୭ବନ୍ୟ
ଫୁଲଗୁଡ଼ିକୁ ଦେଖ, ସେମାନେ କିପରି ଫୁଟନ୍ତି? ସେମାନେ
ପରିଶ୍ରମ କରନ୍ତିନାହିଁ, କି ଲୁଗା ବୁଣନ୍ତି ନାହିଁ। କିନ୍ତୁ ମୁଁ
ତୁମ୍ଭମାନଙ୍କୁ କହୁଛି ଯେ ସବୁଠାରୁ ମହାନ୍, ଓ ଧନବାନ
ରାଜା ଶଲମୋନ ମଧ୍ୟ ସେହି ଫୁଲ ମାନଙ୍କ ମଧ୍ୟରୁ
କୌଣସି ଗୋଟିଏ ପରି ସୁନ୍ଦର ସୁସଜ୍ଜିତ ହୋଇପାରି
ନଥିଲେ। ୨୮ପରମେଶ୍ୱର ପଡ଼ିଆର ଘାସକୁ ମଧ୍ୟ ସେହିପରି
ବସ୍ତ୍ର ଦେଇଛନ୍ତି। ସେହି ଘାସ ଆଜି ବଞ୍ଚିଛି। ଆସନ୍ତା
କାଲି ତାକୁ ନିଆଁରେ ଜଳିବା ପାଇଁ ଫିଙ୍ଗି ଦିଆଯିବ।
ତୁମ୍ଭମାନଙ୍କ ଜାଣି ରଖିବା ଉଚିତ ଯେ, ପରମେଶ୍ୱର
ତୁମ୍ଭମାନଙ୍କୁ ତାଠାରୁ ବହୁତ ଅଧିକ ବସ୍ତ୍ର ଦେବେ।
ପରମେଶ୍ୱରଙ୍କଠାରେ ତୁମ୍ଭମାନଙ୍କର କ'ଣ ଏତିକି ବିଶ୍ୱାସ
ନାହିଁ? ୨୯ତେଣୁ ତୁମ୍ଭେମାନେ କ'ଣ ଖାଇବ, କ'ଣ ପିଇବ
ସେ ବିଷୟରେ ଆଦୌ ଚିନ୍ତା କରନାହିଁ। ଆଦୌ ବ୍ୟସ୍ତ
ହୁଅନାହିଁ। ୩୦ଏ ପୃଥିବୀରେ ସମସ୍ତେ ସେଗୁଡ଼ିକ ପାଇବା
ପାଇଁ ଚେଷ୍ଟା କରୁଛନ୍ତି। ତୁମ୍ଭମାନଙ୍କର ପରମପିତା ଜାଣିଛନ୍ତି
ଯେ, ତୁମ୍ଭମାନଙ୍କର ସେଗୁଡ଼ିକ ଦରକାର। ୩୧ବରଂ ତୁମ୍ଭମାନଙ୍କର
ଯେଉଁ ବିଷୟଟି ଚାହିଁବା ଉଚିତ, ତାହା ହେଉଛି ସ୍ୱର୍ଗରାଜ୍ୟ।
ତାହେଲେ ତୁମ୍ଭେମାନେ ଦରକାର କରୁଥିବା ଏହି ସମସ୍ତ
ବିଷୟ ତୁମ୍ଭମାନଙ୍କୁ ଦିଆଯିବ।

## ଧନ ଉପରେ ଭରସା ରଖନାହିଁ

୩୨"ହେ ସାନ ମେଷପଲ! ଭୟ କରନାହିଁ। ତୁମ୍ଭମାନଙ୍କ
ପରମପିତା ତୁମ୍ଭମାନଙ୍କୁ ସେହି ସ୍ୱର୍ଗ ରାଜ୍ୟ ଦେବାକୁ
ଚାହାଁନ୍ତି। ୩୩ତେଣୁ ତୁମ୍ଭେମାନେ ନିଜର ସମସ୍ତ ସମ୍ପତ୍ତି ବିକି
ଦେଇ ସେହି ଟଙ୍କା ଗରିବ ଲୋକଙ୍କ ମଧ୍ୟରେ ବାଣ୍ଟିଦିଅ।
ଏ ସଂସାରର ଧନସମ୍ପତ୍ତି ସବୁ ଦିନ ପାଇଁ ରହିବନାହିଁ।
ତେଣୁ ସବୁଦିନ ରହି ପାରୁଥିବା ଧନସମ୍ପତ୍ତି ସଂଗ୍ରହ କର।
ନିଜ ପାଇଁ ସ୍ୱର୍ଗରେ ଧନସମ୍ପତ୍ତି ସଂଗ୍ରହ କର। ଏହା
ଚିରକାଳ ରହିବ। ସ୍ୱର୍ଗରେ ତୁମ୍ଭମାନଙ୍କ ସମ୍ପତ୍ତିକୁ କେହି
ଚୋରେଇ ନେଇ ପାରିବନାହିଁ କି ତାକୁ କୀଟ ନଷ୍ଟ କରି
ପାରିବନାହିଁ। ୩୪ତୁମ୍ଭମାନଙ୍କର ଧନସମ୍ପତ୍ତି ଯେଉଁଠାରେ ରହିବ,
ତୁମ୍ଭମାନଙ୍କ ହୃଦୟ ମଧ୍ୟ ସେହି ଠାରେ ରହିବ।

## ସର୍ବଦା ପ୍ରସ୍ତୁତ ରୁହ

୩୫"କର୍ମ ପାଇଁ ସର୍ବଦା ପ୍ରସ୍ତୁତ ରୁହ। ତୁମ୍ଭର ଦୀପ
ଗୁଡ଼ିକ ଜଳେଇ ରଖ। ୩୬ବିବାହଭୋଜିରୁ ଫେରି ମାଲିକ
ଯେପରି ତୁମ୍ଭମାନଙ୍କୁ ପ୍ରସ୍ତୁତ ଦେଖନ୍ତି, ଏପରି ଚାକରମାନଙ୍କ
ଭଳି ହୁଅ। କାରଣ ମାଲିକ ଫେରି ଆସି କବାଟ
ବାଡ଼େଇବା ମାତ୍ରେ ଚାକରମାନେ ସଙ୍ଗେସଙ୍ଗେ ମାଲିକଙ୍କୁ
ଦୁଆର ଫିଟେଇ ଦେବେ। ୩୭ସେହି ଚାକରମାନେ ଧନ୍ୟ,
ଯେଉଁମାନଙ୍କୁ ମାଲିକ ଫେରିଆସି ଦେଖିବେ ଯେ ସେମାନେ
ଜାଗ୍ରତ ଅଛନ୍ତି, ଓ ତାହାଙ୍କୁ ଅପେକ୍ଷା କରି ରହିଛନ୍ତି। ମୁଁ
ତୁମ୍ଭମାନଙ୍କୁ ସତ୍ୟ କହୁଛି। ମାଲିକ ମଧ୍ୟ ସେମାନଙ୍କ
ସେବା ପାଇଁ ନିଜକୁ ପ୍ରସ୍ତୁତ କରିବେ। ସେ ସେମାନଙ୍କୁ
ବସିବା ପାଇଁ କହିବେ, ଓ ନିଜେ(ଖାଦ୍ୟ)ପରଶି ଦେବେ।
୩୮ସେହି ଚାକରମାନଙ୍କୁ ମାଲିକଙ୍କ ପାଇଁ ଅଧରାତି ବା
ତା'ଠାରୁ ଆହୁରି ଅଧିକ ସମୟ ଅପେକ୍ଷା କରିବାକୁ
ପଡ଼ିପାରେ। କିନ୍ତୁ ମାଲିକ ଯେତେବେଳେ ଫେରିଆସି
ସେମାନଙ୍କୁ ସେପର୍ଯ୍ୟନ୍ତ ଅପେକ୍ଷା କରିଥିବାର ଦେଖିବେ,
ସେତେବେଳେ ସେମାନେ ଖୁସି ହୋଇଯିବେ। ୩୯ମନେରଖ,
ଯଦି ଘରର ମାଲିକ ଆଗରୁ ଜାଣିପାରନ୍ତେ ଯେ ଚୋର
କେତେବେଳେ ଆସିବ, ତେବେ ସେ ଚୋରକୁ ଘରେ
ପଶିବାକୁ ଦିଅନ୍ତେନାହିଁ। ୪୦ଏଣୁ ତୁମ୍ଭେମାନେ ମଧ୍ୟ ପ୍ରସ୍ତୁତ
ରୁହ। କାରଣ ମନୁଷ୍ୟପୁତ୍ର ଏପରି ଏକ ସମୟରେ
ଆସିବେ, ଯେଉଁ ସମୟରେ ସେ ଆସିବେ ବୋଲି ତୁମ୍ଭେମାନେ
ଆଦୌ ଭାବି ପାରି ନଥିବ।"

## ବିଶ୍ୱସ୍ତ ସେବକ କିଏ?

୪୧ପିତର ପଚାରିଲେ, "ପ୍ରଭୁ! ଏହି ଦୃଷ୍ଟାନ୍ତ ଆପଣ
ଆମ୍ଭ ପାଇଁ କହୁଛନ୍ତି ନା ସମସ୍ତଙ୍କ ପାଇଁ?"
୪୨ଏହା ଶୁଣି ଯୀଶୁ କହିଲେ, "ବିଶ୍ୱାସୀ ଓ ବୁଦ୍ଧିମାନ
ସେବକ କିଏ? ମାଲିକ ଅନ୍ୟସେବକ ମାନଙ୍କୁ ସେମାନଙ୍କର
ଖାଦ୍ୟ ଠିକ୍ ସମୟରେ ଦେବା ପାଇଁ ଜଣେ ଚାକରକୁ
ଦାୟିତ୍ୱ ଦେଇଥାନ୍ତି, ଯାହାକୁ ଏ କାମ କରିବା ପାଇଁ
ମାଲିକ ବିଶ୍ୱାସ କରିବେ, ସେ ସେବକ କିଏ? ୪୩ମାଲିକ
ଯେବେ ଆସିଲେ ମଧ୍ୟ ଯେଉଁ ସେବକକୁ ସବୁବେଳେ କାମ
ତୁଲାଉଥିବାର ଦେଖିବେ, ସେହି ସେବକ ବହୁତ ଖୁସି
ହେବ। ୪୪ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି। ମାଲିକ ତାକୁ
ତାହାଙ୍କ ସମସ୍ତ ସମ୍ପତ୍ତିର ଦାୟିତ୍ୱରେ ରହିବା ପାଇଁ
ବାଛିବେ। ୪୫କିନ୍ତୁ ଯଦି ସେବକଟି ଦୁଷ୍ଟ ହୋଇଥିବ ଓ
ମନେମନେ କହିବ, ମୋ ମାଲିକ ତୁରନ୍ତ ଆସିବେ ନାହିଁ,
ତେବେ କ'ଣ ଘଟିବ? ସେ ଅନ୍ୟ ପୁରୁଷ ଓ ମହିଳା
ସେବକମାନଙ୍କୁ ମାରପିଟ୍ କରିବା ଆରମ୍ଭ କରିଦେବ ଓ
ନିଜେ ଖିଆପିଆରେ ବୁଡ଼ି ରହିବ ଓ ମଦ ପିଇ ମାତାଲ
ହେବ। ୪୬ତା'ପରେ ସେହି ସେବକଟିର ମାଲିକ କୌଣସି
ଦିନ ଆସି ପହଞ୍ଚିଯିବେ। ସେତେବେଳେ ସେବକଟି ପ୍ରସ୍ତୁତ
ନଥିବ। ମାଲିକ ଆସି ଏପରି ହଠାତ୍ ପହଞ୍ଚିଯିବେ ବୋଲି
ସେବକଟି ଭାବି ମଧ୍ୟ ପାରି ନଥିବ। ତାପରେ ମାଲିକ
ସେବକଟିକୁ କଠିନ ଦଣ୍ଡ ଦେବେ ଓ ଅନ୍ୟ ଅବାଧ୍ୟ
ଲୋକଙ୍କ ପାଖକୁ ତଡ଼ିଦେବେ।
୪୭"ଯେଉଁ ସେବକ ଆଗରୁ ଜାଣିଥାଏ ଯେ, ମାଲିକଙ୍କ
ଇଚ୍ଛା କ'ଣ କିନ୍ତୁ ସେଥିପାଇଁ ଆଦୌ ତତ୍ପର ହୁଏନାହିଁ,
କିମ୍ବା ମାଲିକଙ୍କ ଇଚ୍ଛା ଅନୁସାରେ କାମ କରେନି, ସେହିଭଳି

ସେବକକୁ ଭୀଷଣ ଦଣ୍ଡ ଦିଆଯିବ। ୪୮କିନ୍ତୁ ଯେଉଁ
ସେବକ ନିଜ ମାଲିକଙ୍କ ଇଚ୍ଛା ବିଷୟରେ କିଛି ଜାଣି
ନଥାଏ, ସେ ଦଣ୍ଡନୀୟ କାମ କରିବସେ। ତେବେ ତାକୁ
ସେଥିପାଇଁ ନିଜ କର୍ତ୍ତବ୍ୟ ବିଷୟରେ ଜାଣିଥିବା ଚାକର
ଅପେକ୍ଷା କମ୍ ଦଣ୍ଡ ଦିଆଯିବ। କାରଣ ଯେଉଁ ଲୋକକୁ
ଅଧିକ ଦିଆଯାଇଛି, ସେ ବିଷୟ ପାଇଁ ଦାୟୀ ହେବ।
ଯେଉଁ ଲୋକକୁ ଅଧିକ ଦିଆଯାଇଛି ତାଠାରୁ ବହୁତ ଅଧିକ
ଆଶା କରାଯିବ।”

### ଲୋକମାନେ ଯୀଶୁଙ୍କ ସହ ଏକମତ ହେବେନାହିଁ

୪୯ଯୀଶୁ କହି ଚାଲିଲେ, “ମୁଁ ଏ ପୃଥିବୀରେ ନିଆଁ
ଜଳେଇବାକୁ ଆସିଛି। ମୁଁ ଚାହୁଁଛି ଏହା ଆଗରୁ ଜଳୁଥାନ୍ତା।
୫୦ମୋତେ ‘ଅନ୍ୟପ୍ରକାର ବାପ୍ତିସ୍ମ’* ଦ୍ୱାରା ବାପ୍ତିଜିତ ହେବାକୁ
ପଡ଼ିବ। ଏହା ନହେବା ପର୍ଯ୍ୟନ୍ତ ମୁଁ ପୀଡ଼ା ଅନୁଭବ
କରୁଛି। ୫୧ତୁମ୍ଭେମାନେ କ’ଣ ଭାବୁଛ ଯେ ମୁଁ ଶାନ୍ତି
ଦେବା ପାଇଁ ଏ ପୃଥିବୀକୁ ଆସିଛି? ନା, ମୁଁ ପୃଥିବୀକୁ
ଭାଗଭାଗ କରିଦେବାକୁ ଆସିଛି। ୫୨ଏଣିକି ବର୍ତ୍ତମାନଠାରୁ
ଗୋଟିଏ ଘରେ ପାଞ୍ଚଜଣ ଲୋକ ଥିଲେ ସେମାନେ
ପରସ୍ପରର ବିରୋଧୀ ହୋଇଯିବେ।

ତିନି ଜଣ ଦୁଇ ଜଣଙ୍କ ବିରୋଧରେ ଠିଆ ହେବେ
କିମ୍ବା ଦୁଇଜଣ ତିନିଜଣଙ୍କ ବିରୋଧରେ ଠିଆହେବେ।

୫୩ ବାପ ପୁଅର ବିରୋଧୀ, ପୁଅ ବାପର ବିରୋଧୀ,
ମାଆ ଝିଅର ବିରୋଧୀ, ଝିଅ ମାଆର ବିରୋଧୀ,
ଶାଶୁ ବୋହୂର ବିରୋଧୀ ଓ ବୋହୂ ଶାଶୁର
ବିରୋଧୀ ହୋଇଯିବ।”

### ସମୟକୁ ଚିହ୍ନ

୫୪ଯୀଶୁ ଲୋକମାନଙ୍କୁ କହିବାକୁ ଲାଗିଲେ, “ତୁମ୍ଭେମାନେ
ପଶ୍ଚିମ ଦିଗରୁ ମେଘ ଉଠିଲେ ଦେଖିଲେ କୁହ, ‘ଝଡବର୍ଷା
ଆସୁଛି’ ତାପରେ ତାହାହିଁ ହୁଏ। ୫୫ଦକ୍ଷିଣ ଦିଗରୁ ପବନ
ବୋହିଲେ ତୁମ୍ଭେମାନେ କୁହ, ‘ଗରମ ହେବ।’ ତାପରେ
ତାହାହିଁ ହୁଏ। ୫୬ହେ କପଟୀଗଣ! ତୁମ୍ଭେମାନେ ପାଗ
ବିଷୟରେ ତ ଜାଣି ପାରୁଛ। ତେବେ ଏହି ସମୟରେ
କ’ଣ ଘଟୁଛି, ତାହା କାହିଁକି ଜାଣି ପାରୁନାହିଁ?

### ନିଜ ସମସ୍ୟାର ସମାଧାନ କର

୫୭“ଯାହା ଠିକ୍, ତାହା ତୁମ୍ଭେମାନେ ନିଜେ ନିଷ୍ପତ୍ତି କରି
ପାରୁନାହିଁ କାହିଁକି? ୫୮ଯଦି ତୁମ୍ଭେ ତୁମ୍ଭ ବିରୋଧୀ ସହିତ
ବିଚାରାଳୟକୁ ଯାଉଛ, ତେବେ ରାସ୍ତାରେ ତା’ ସହିତ
ବୁଝାମଣା କରିବାକୁ ଚେଷ୍ଟା କର। ତା ନହେଲେ ସେ
ତୁମ୍ଭକୁ ବିଚାରପତିଙ୍କ ଆଗକୁ ଟାଣିନେବ। ବିଚାରପତି
ତୁମ୍ଭକୁ ଅଧିକାରୀଙ୍କ ହାତରେ ଦେଇଦେବେ, ଏବଂ ଅଧିକାରୀ
ତୁମ୍ଭକୁ କାରାଗାରରେ ବନ୍ଦୀକରିବେ। ୫୯ଯେଉଁଦିନ ପର୍ଯ୍ୟନ୍ତ
ତୁମ୍ଭେ ପ୍ରତ୍ୟେକ ଋଣର ମୂଲ୍ୟ ଶେଷ ପଇସା ପର୍ଯ୍ୟନ୍ତ ନ
ଦେଇଛ, ସେ ପର୍ଯ୍ୟନ୍ତ ତୁମ୍ଭେମାନେ ସେଠାରୁ ମୁକ୍ତ ପାଇ
ପାରିବ ନାହିଁ।”

### ହୃଦୟ ପରିବର୍ତ୍ତନ କର

୧୩ ସେତେବେଳେ ଯୀଶୁଙ୍କ ପାଖରେ କେତେକ
ଲୋକ ଥିଲେ। ଗାଲିଲୀର କେତେକ ଲୋକଙ୍କର
ଯାହା ଘଟିଥିଲା, ସେହି ବିଷୟରେ ସେମାନେ ଯୀଶୁଙ୍କୁ
କହିଲେ। ସେମାନେ ଉପାସନା କରୁଥିବା ସମୟରେ ପୀଲାତ*
ସେହି ଲୋକମାନଙ୍କୁ ହତ୍ୟା କରିଥିଲେ, ଓ ବଳିପଶୁମାନଙ୍କ
ରକ୍ତ ସହିତ ସେମାନଙ୍କ ରକ୍ତକୁ ମିଶାଇଥିଲେ। ୨ଯୀଶୁ
ଉତ୍ତର ଦେଲେ, “ତୁମ୍ଭେମାନେ କ’ଣ ଭାବୁଛ ଯେ ଏହି
ଲୋକମାନେ ଗାଲିଲୀର ସବୁଠାରୁ ଅଧିକ ପାପୀ ଥିଲେ
ବୋଲି ସେମାନଙ୍କୁ ଏ ଦଶା ଭୋଗିବାକୁ ପଡିଲା? ୩ନା,
ସେମାନେ ତାହା ନଥିଲେ। କିନ୍ତୁ ତୁମ୍ଭେମାନେ ଯଦି ତୁମ୍ଭର
ହୃଦୟ ଓ ଜୀବନଯାପନ ପ୍ରଣାଳୀରେ ପରିବର୍ତ୍ତନ ନ ଆଣିବ
ତେବେ ତୁମ୍ଭେମାନେ ମଧ୍ୟ ସେହି ଲୋକମାନଙ୍କ ଭଳି ଧ୍ୱଂସ
ପାଇଯିବ। ୪ଶୀଲୋହରେ ସେହି ଯେଉଁ ଅଠର ଜଣଙ୍କ
ଉପରେ ପ୍ରହରୀଗୃହ ଭାଙ୍ଗି ପଡିଲା, ତୁମ୍ଭେମାନେ କ’ଣ
ଭାବୁଛ ଯେ ସେମାନେ ଯିରୂଶାଲମରେ ରହୁଥିବା ଅନ୍ୟ
ଲୋକମାନଙ୍କ ଅପେକ୍ଷା ଅଧିକ ପାପୀ ଥିଲେ? ୫ନା,
ସେମାନେ ତା’ନଥିଲେ। ମୁଁ କିନ୍ତୁ ତୁମ୍ଭମାନଙ୍କୁ କହୁଛି ଯେ
ତୁମ୍ଭେମାନେ ଯଦି ତୁମ୍ଭମାନଙ୍କର ହୃଦୟ ଓ ଜୀବନଯାପନ
ପ୍ରଣାଳୀରେ ପରିବର୍ତ୍ତନ ନ ଆଣିବ, ତେବେ ତୁମ୍ଭେମାନେ
ସବୁ ବିନଷ୍ଟ ହେବ।”

### ଅଦରକାରୀ ଗଛ

୬ଯୀଶୁ ପୁଣି ଏହି ଦୃଷ୍ଟାନ୍ତଟି କହିଲେ, “କୌଣସି
ଗୋଟିଏ ଲୋକ ତା ବଗିଚାରେ ଡିମ୍ବିରି ଗଛଟିଏ ଲଗାଇଥିଲା।
ଗଛରେ ଫଳ ଆସିଛି କି ନାହିଁ ତାହା ଦେଖିବାକୁ ସେ
ଆସିଥିଲା। କିନ୍ତୁ ଗୋଟିଏ ହେଲେ ଫଳ ପାଇଲାନାହିଁ।
୭ତେଣୁ ସେ ବଗିଚା ଦାୟିତ୍ୱରେ ଥିବା ଚାକରକୁ କହିଲା,
‘ଦେଖ, ମୁଁ ତିନି ବର୍ଷ ହେଲା ଏ ଡିମ୍ବିରି ଗଛରେ ଫଳ
ଆସିବ ବୋଲି ଅପେକ୍ଷା କରି ଆସୁଛି। କିନ୍ତୁ ଗୋଟିଏ
ହେଲେ ଫଳ ମୁଁ ପାଉନାହିଁ। ଏ ଗଛଟା କାଟିଦିଅ,
କାହିଁକି ଅଯଥାରେ ସେ ଗଛଟା ମାଟି ଖରାପ କରିବ?’
୮କିନ୍ତୁ ଚାକରଟି କହିଲା, ‘ମାଲିକ: ଆଉ ବର୍ଷକ ପାଇଁ
ଏହାକୁ ଛାଡିଦିଅ। ମୁଁ ଏହାର ଚାରିପଟେ ଗାତ ଖୋଳି
ଖତସାର ଦେବି। ୯କାଳେ ଆସନ୍ତା ବର୍ଷ ଗଛରେ ଫଳ
ଆସିପାରେ। ଯଦି ଆସନ୍ତା ବର୍ଷ ଗଛରେ ଫଳ ନ ଆସିବ,
ତେବେ ତୁମ୍ଭେ ଏହାକୁ କାଟି ଦେଇପାର।’”

---

**‘ଅନ୍ୟପ୍ରକାର ବାପ୍ତିସ୍ମ’** ଏଠାରେ ଅନ୍ୟ ପ୍ରକାର “ବାପ୍ତିସ୍ମର” ଅର୍ଥ ଯନ୍ତ୍ରଣା ଭିତରେ “ବୁଡିଯିବା।”

**‘ପୀଲାତ** ଖ୍ରୀ:୨୬ ଠାରୁ ଖ୍ରୀ:୩୬ ପର୍ଯ୍ୟନ୍ତ ଯିହୂଦାର ରୋମୀୟ ଶାସକ।

## ଯୀଶୁ ବିଶ୍ରାମବାରରେ ଜଣେ ସ୍ତ୍ରୀ ଲୋକକୁ ସୁସ୍ଥ କରିଦେଲେ

୧୦ଅରେ ଯୀଶୁ ବିଶ୍ରାମବାରରେ ଗୋଟିଏ ଯିହୂଦୀ,
ପ୍ରାର୍ଥନାଗୃହରେ ଉପଦେଶ ଦେଉଥିଲେ। ୧୧ସେଠାରେ ଏପରି
ଗୋଟିଏ ସ୍ତ୍ରୀଲୋକ ଥିଲା, ଯାହା ଦେହରେ ଗୋଟିଏ ଭୂତ
ପ୍ରବେଶ କରି ରହିଥିଲା। ଭୂତ ସ୍ତ୍ରୀ ଲୋକଟିକୁ ଅଠର ବର୍ଷ
ଧରି ପଙ୍ଗୁ କରି ପକାଇଥିଲା। ସେ କୁବ୍ଜା ହୋଇ ନଇଁ
ଯାଇଥିଲା। ସେ ଜମା ସିଧା ଠିଆ ହୋଇ ପାରୁନଥିଲା।
୧୨ଯୀଶୁ ତାକୁ ଡାକି ପାଖରେ ଦେଖି କହିଲେ, “ହେ
ନାରୀ ତୁମ୍ଭର ପୀଡିତା ଅବସ୍ଥା ବର୍ତ୍ତମାନ ଚାଲିଯାଇଛି।”
୧୩ଯୀଶୁ ନିଜ ହାତ ସ୍ତ୍ରୀ ଲୋକଟି ଉପରେ ରଖିଲେ।
ତାପରେ ସ୍ତ୍ରୀ ଲୋକଟି ସିଧା ଠିଆ ହେବାକୁ ସକ୍ଷମ
ହେଲା। ସେ ପରମେଶ୍ୱରଙ୍କ ସ୍ତୁତି କଲା।
୧୪ଯୀଶୁ ବିଶ୍ରାମ ବାରରେ ସ୍ତ୍ରୀ ଲୋକଟିକୁ ସୁସ୍ଥ
କରିଦେବାରୁ ଯିହୂଦୀ ପ୍ରାର୍ଥନାଗୃହର ନେତା ରାଗିଗଲେ।
ନେତା ଜଣକ ଲୋକମାନଙ୍କୁ କହିଲେ, “ସପ୍ତାହରେ କାମ
କରିବାକୁ ଛଅ ଦିନ ରହିଛି। ତେଣୁ ତୁମ୍ଭେମାନେ ସୁସ୍ଥ
ହେବା ପାଇଁ ସେ ଭିତରୁ କୌଣସି ଦିନ ଆସ।
ବିଶ୍ରାମବାରରେ କେବେହେଲେ ସୁସ୍ଥ ହେବାପାଇଁ ଆସନାହିଁ।”
୧୫ପ୍ରଭୁ(ଯୀଶୁ) ଉତ୍ତର ଦେଲେ, “ତୁମ୍ଭେମାନେ କପଟୀ।
ତୁମ୍ଭେମାନେ ପ୍ରତିଦିନ ଏପରିକି ବିଶ୍ରାମବାରରେ ମଧ୍ୟ
ତୁମ୍ଭମାନଙ୍କର କାମ କରୁଥିବା ପଶୁଙ୍କୁ ଖୋଲି ପାଣି
ପିଆଇଥାଅ। ୧୬ଏହି ଯେଉଁ ସ୍ତ୍ରୀ ଲୋକଟିକୁ ମୁଁ ସୁସ୍ଥ
କରିଦେଲି ସେ ଆମ୍ଭର ଜଣେ ଯିହୂଦୀ ଭଉଣୀ।*
ଶୟତାନ ତାକୁ ଅଠର ବର୍ଷ ହେଲା ବାନ୍ଧି ରଖିଥିଲା,
ବିଶ୍ରାମବାରରେ ସେଥିରୁ ସେ ମୁକ୍ତ ହେବା କ’ଣ ଉଚିତ
ନୁହେଁ?” ୧୭ଯୀଶୁ ଏକଥା କହିବା ବେଳେ ଯେଉଁସବୁ
ଲୋକେ ତାହାଙ୍କୁ ସମାଲୋଚନା କରୁଥିଲେ, ସେମାନେ
ଲଜ୍ଜିତ ହେଲେ। ଯୀଶୁ ଯେଉଁ ସବୁ ଆଶ୍ଚର୍ଯ୍ୟକାର୍ଯ୍ୟ ମାନ
କଲେ, ତାକୁ ଦେଖି ସବୁ ଲୋକ ଖୁସି ହେଲେ।

## ପରମେଶ୍ୱରଙ୍କ ରାଜ୍ୟ କିପରି?

୧୮ଯୀଶୁ କହିଲେ, “ପରମେଶ୍ୱରଙ୍କ ରାଜ୍ୟ କିପରି? ମୁଁ
ଏହାକୁ କାହା ସହିତ ତୁଳନା କରି ପାରିବି? ୧୯ପରମେଶ୍ୱରଙ୍କ
ରାଜ୍ୟ ଗୋଟିଏ ସୋରିଷ ଦାନା ଭଳି। ଜଣେ ଲୋକ ସେ
ସୋରିଷ ମଞ୍ଜିଟି ତା’ ବଗିଚାରେ ବୁଣେ। ମଞ୍ଜିଟିରୁ ଗଜା
ବାହାରି ଗଛ ହୁଏ। ପକ୍ଷୀମାନେ ଏହାର ଡାଳରେ ବସା
ବାନ୍ଧନ୍ତି।”
୨୦ଯୀଶୁ ପୁଣି କହିଲେ, “ମୁଁ ପରମେଶ୍ୱରଙ୍କ ରାଜ୍ୟ
କାହା ସହିତ ତୁଳନା କରିପାରିବି? ୨୧ଏହା ଖମୀର ଭଳି।
ଜଣେ ସ୍ତ୍ରୀଲୋକ ରୋଟୀ ତିଆରି କରିବା ପାଇଁ ଗୋଟିଏ
ବଡ ପାତ୍ରରେ ଥିବା ଅଟା ସହିତ ଏହି ଖମୀର ମିଶାଏ।
ଖମୀର ସମସ୍ତ ଦଳାଅଟାକୁ ଫୁଲାଇ ଦିଏ।”

## ଅଣଓସାରିଆ ଦ୍ୱାର

୨୨ଯୀଶୁ ପ୍ରତ୍ୟେକ ନଗର ଓ ଗ୍ରାମରେ ଉପଦେଶ
ଦେଉଥିଲେ। ସେ ଯାତ୍ରା କରୁକରୁ ଯିରୂଶାଲମ ଆଡକୁ
ଯାଉଥିଲେ। ୨୩ଜଣେ କେହି ଯୀଶୁଙ୍କୁ କହିଲା, “ପ୍ରଭୁ,
କେତେ ଜଣ ଲୋକ ପରିତ୍ରାଣ ପାଇ ପାରିବେ?କ’ଣ ଅଳ୍ପ
ଲୋକ?”
୨୪ଯୀଶୁ କହିଲେ, “ତୁମ୍ଭେମାନେ ଅଣ ଓସାରିଆ ଦ୍ୱାର
ଦେଇ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବା ପାଇଁ କଠିନ
ପରିଶ୍ରମ କର। ଅନେକ ଲୋକ ସେଠାରେ ପ୍ରବେଶ
କରିବାକୁ ଚେଷ୍ଟା କରିବେ। କିନ୍ତୁ ସେମାନେ ପ୍ରବେଶ
କରିବାକୁ ସମର୍ଥ ହେବେ ନାହିଁ। ୨୫ଯଦି ଜଣେ ଲୋକ
ତା’ର ଘରର କବାଟ ବନ୍ଦ କରି ଦିଏ ତେବେ ତୁମ୍ଭେମାନେ
ବାହାରେ ଠିଆ ହୋଇ କବାଟ ବାଡ଼େଇବ। କିନ୍ତୁ ସେ
କବାଟ ଖୋଲିବ ନାହିଁ। ତୁମ୍ଭେମାନେ କହିବ, ‘ଆଜ୍ଞା, ଆମ୍ଭ
ପାଇଁ ଦ୍ୱାର ଫିଟାନ୍ତୁ।’ କିନ୍ତୁ ଲୋକଟି କହିବ, ‘ମୁଁ ତୁମ୍ଭକୁ
ଜାଣିନାହିଁ। ତୁମ୍ଭେମାନେ କେଉଁ ଠାରୁ ଆସିଛ?’ ୨୬ତାପରେ
ତୁମ୍ଭେମାନେ କହିବ, ‘ଆମ୍ଭେ ତୁମ୍ଭ ସହିତ ଏକାଠି ଖାଇଛୁ,
ପିଇଛୁ। ତୁମ୍ଭେମାନେ ଆମ୍ଭ ନଗର ଗଳିମାନଙ୍କରେ ଉପଦେଶ
ଦେଇଛ।’ ୨୭ତା’ପରେ ସେ ତୁମ୍ଭମାନଙ୍କୁ କହିବେ, ‘ମୁଁ
ତୁମ୍ଭମାନଙ୍କୁ ଜାଣିନାହିଁ। ତୁମ୍ଭେମାନେ କେଉଁଠାରୁ ଆସିଛ?
ତୁମ୍ଭେମାନେ ମନ୍ଦ କାମ କରୁଥିବା ଲୋକ। ମୋ’ପାଖରୁ
ଦୂର ହୁଅ।’ ୨୮ତୁମ୍ଭେମାନେ ଅବ୍ରହାମ, ଯିସ୍‌ହାକ ଓ ଯାକୁବ
ତଥା ଅନ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କୁ ପରମେଶ୍ୱରଙ୍କ ରାଜ୍ୟରେ
ଦେଖି ପାରିବ। କିନ୍ତୁ ତୁମ୍ଭେମାନେ ବାହାରେ ରହିଯିବ।
ସେତିକିବେଳେ ତୁମ୍ଭେମାନେ କ୍ରୋଧ ଓ ଭୟରେ କାନ୍ଦିବ।
୨୯ଲୋକମାନେ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦିଗରୁ
ଆସିବେ। ସେମାନେ ପରମେଶ୍ୱରଙ୍କ ରାଜ୍ୟରେ ଖାଇବାକୁ
ବସିବେ। ୩୦କେତେକ ଲୋକ ଥିବେ, ଯେଉଁମାନଙ୍କର
ଜାଗତିକ ପଦ ମର୍ଯ୍ୟାଦା ସବୁଠାରୁ ନିମ୍ନରେ ଅଛି, ସେମାନେ
ପରମେଶ୍ୱରଙ୍କ ରାଜ୍ୟରେ ସବୁଠାରୁ ଉଚ୍ଚ ଆସନ ଲାଭ
କରିବେ। ଆଉ ଶେଷରେ ଥିବା କେତେକ ଲୋକ ପ୍ରଥମ
ହେବେ ଓ ପ୍ରଥମରେ ଥିବା କେତେକ ଲୋକ ପରମେଶ୍ୱରଙ୍କ
ରାଜ୍ୟରେ ସବୁଠାରୁ ଶେଷରେ ରହିବେ।’

## ଯୀଶୁଙ୍କର ଯିରୂଶାଲମରେ ମୃତ୍ୟୁ ହେବ

୩୧ସେହି ସମୟରେ କେତେକ ଫାରୂଶୀ ଯୀଶୁଙ୍କ ପାଖକୁ
ଆସିଲେ। ସେମାନେ କହିଲେ, “ଏଠାରୁ ଚାଲିଯାଇ ଲୁଚିଯାଆନ୍ତୁ।
ହେରୋଦ ଆପଣଙ୍କୁ ମାରିଦେବା ପାଇଁ ଚାହୁଁଛନ୍ତି।”
୩୨ଯୀଶୁ ସେମାନଙ୍କୁ କହିଲେ, “ଯାଅ, ସେହି
କୋକିଶିଆଳକୁ କୁହ, ‘ଆଜି ଓ ଆସନ୍ତା କାଲି ମୁଁ
ଲୋକଙ୍କଦେହରୁ ଭୂତମାନଙ୍କୁ ତଡ଼ି ଦେଉଛି ଓ ଲୋକମାନଙ୍କୁ
ସୁସ୍ଥ କରିବା କାମ ସାରି ଦେଉଛି। ତା’ପରି ଦିନ ମୋର
କାମ ସରିଯିବ। ୩୩କିନ୍ତୁ ମୁଁ ଏସବୁ କାର୍ଯ୍ୟ ଆଜି ଓ
ଆସନ୍ତା କାଲି ନିଶ୍ଚୟ କରିବି। ତା’ପରେ ମୁଁ ଯିବି।
କାରଣ ସମସ୍ତ ଭବିଷ୍ୟଦ୍‌ବକ୍ତା ଯିରୂଶାଲମରେ ମରନ୍ତି।
୩୪“ଯିରୂଶାଲମ! ହେ ଯିରୂଶାଲମ! ତୁମ୍ଭେ
ଭବିଷ୍ୟଦ୍‌ବକ୍ତାମାନଙ୍କୁ ହତ୍ୟା କରୁଛ। ଯେଉଁ ଲୋକମାନଙ୍କୁ

---

**ଯିହୂଦୀ ଭଉଣୀ** ଅବ୍ରହାମଙ୍କ କନ୍ୟା।

ପରମେଶ୍ୱର ତୁମ୍ଭ ପାଖକୁ ପଠାଇଥିଲେ, ତୁମ୍ଭେ ତାହାଙ୍କୁ
ପଥର ଫୋପାଡ଼ି ମାରି ଦେଇଛ। ମୁଁ ଅନେକ ଥର ତୁମ୍ଭ
ଲୋକମାନଙ୍କୁ ସାହାଯ୍ୟ କରିବାକୁ ଚାହିଁଛି। ଗୋଟିଏ କୁକୁଡ଼ା
ତାର ପକ୍ଷତଳେ କୁକୁଡ଼ାଛୁଆ ମାନଙ୍କୁ ଏକାଠି କରିବାଭଳି
ମୁଁ ତୁମ୍ଭମାନଙ୍କ ଲୋକମାନଙ୍କୁ ଏକାଠି କରିବାକୁ ଚାହିଁଥିଲି।
କିନ୍ତୁ ତୁମ୍ଭେମାନେ ମୋତେ ତାହା କରେଇ ଦେଲନାହିଁ।
୩୫ବର୍ତ୍ତମାନ ତୁମ୍ଭମାନଙ୍କ ଘର ପୂରାପୂରି ଖାଲି ଛାଡ଼ି
ଦିଆଯିବ। ମୁଁ ତୁମ୍ଭମାନଙ୍କୁ କହୁଛି, ଯେଉଁ ସମୟ ପର୍ଯ୍ୟନ୍ତ
ତୁମ୍ଭେମାନେ ଏହି କଥା ନ କହିବ, 'ପ୍ରଭୁଙ୍କ ନାମରେ
ଯେଉଁ ବ୍ୟକ୍ତି ଆସନ୍ତି, ପରମେଶ୍ୱର ତାହାଙ୍କୁ ଆଶିର୍ବାଦ
କରନ୍ତୁ',* 'ସେହି ସମୟ ପର୍ଯ୍ୟନ୍ତ ତୁମ୍ଭେମାନେ ମୋତେ
ପୁନର୍ବାର ଦେଖି ପାରିବନାହିଁ।'"

## ବିଶ୍ରାମବାରରେ ଲୋକଙ୍କୁ ସୁସ୍ଥ କରିଦେବା କ'ଣ ଠିକ୍?

୧୪ ଗୋଟିଏ ବିଶ୍ରାମବାରରେ ଯୀଶୁ ଜଣେ ପ୍ରଧାନ
ଫାରୂଶୀଙ୍କ ଘରକୁ ତାହାଙ୍କ ସହିତ ଏକାଠି
ଖାଇବା ପାଇଁ ଗଲେ। ସେଠାରେ ଥିବା ପ୍ରତ୍ୟେକ ଲୋକ
ଯୀଶୁଙ୍କୁ ସତର୍କତାର ସହିତ ଲକ୍ଷ୍ୟ କରୁଥିଲେ। ୨ଜଣେ
'ଜଳୋଦର'* ରୋଗୀକୁ ଯୀଶୁଙ୍କ ସାମନାକୁ ଅଣାଗଲା।
୩ଯୀଶୁ ଫାରୂଶୀ ଓ ଧର୍ମଶାସ୍ତ୍ରୀମାନଙ୍କୁ ପଚାରିଲେ
"ବିଶ୍ରାମବାରରେ ଭଲ କରିଦେବା ଠିକ୍ ନା ଭୁଲ?"
୪ସେମାନେ କିନ୍ତୁ ଚୁପ୍ ରହିଲେ। ତେଣୁ ଯୀଶୁ ଲୋକଟିକୁ
ଧରି ସୁସ୍ଥ କରିଦେଲେ। ତା'ପରେ ସେହି ଲୋକଟି
ଚାଲିଗଲା। ୫ଯୀଶୁ ଧର୍ମଶାସ୍ତ୍ରୀ ଓ ଫାରୂଶୀମାନଙ୍କୁ କହିଲେ,
"ଯଦି ବିଶ୍ରାମବାରରେ ତୁମ୍ଭମାନଙ୍କ ପୁଅ କିମ୍ବା ତୁମ୍ଭମାନଙ୍କ
ବଳଦଟି କୂଅ ଭିତରେ ଖସିପଡ଼େ, ତେବେ ତୁମ୍ଭେମାନେ
କ'ଣ ତାକୁ ସଙ୍ଗେ ସଙ୍ଗେ ବାହାରକୁ ଟାଣି ଆଣିବନାହିଁ?"
୬ଯୀଶୁ ଯାହା ପଚାରିଲେ ସେମାନେ କିଛି ଉତ୍ତର ଦେଇ
ପାରିଲେନାହିଁ।

## ନିଜକୁ ମହାନ ବୋଲି ଭାବନାହିଁ

୭ଯୀଶୁ ଲକ୍ଷ୍ୟ କଲେ ଯେ କେତେକ ଅତିଥି ବସିବା
ପାଇଁ ଭଲ ଆସନଟିଏ ଖୋଜୁଥିଲେ। ତେଣୁ ଯୀଶୁ ଏହି
ଦୃଷ୍ଟାନ୍ତ କହିଲେ: ୮"ଯଦି ଜଣେ ତୁମ୍ଭକୁ ବିବାହଉତ୍ସବରେ
ନିମନ୍ତ୍ରଣ କରୁଛି, ତେବେ ସବୁଠାରୁ ମୁଖ୍ୟ ଆସନରେ
ବସନାହିଁ। କାରଣ ସେହି ଲୋକଟି ତୁମ୍ଭଠାରୁ ଅଧିକ
ମହାନ ଲୋକକୁ ମଧ୍ୟ ଡାକି ଥାଇପାରେ। ୯ତୁମ୍ଭେ ଯଦି
ସବୁଠାରୁ ମୁଖ୍ୟ ଆସନରେ ବସିଥିବ, ତେବେ ତୁମ୍ଭକୁ
ନିମନ୍ତ୍ରଣ କରିଥିବା ଲୋକଟି ଆସି କହିବ, 'ଏହି ଲୋକଙ୍କୁ
ତୁମ୍ଭ ଆସନଟି ଦେଇଦିଅ।' ତାପରେ ତୁମ୍ଭେ ସେଠାରୁ ଉଠି
ପଛରେ ଥିବା ଶେଷ ଆସନଟିକୁ ଯିବ। ସେତେବେଳେ
ତୁମ୍ଭକୁ ବଡ଼ ଅପମାନ ଲାଗିବ। ୧୦ତେଣୁ ଯେତେବେଳେ
ଜଣେ ଲୋକ ତୁମ୍ଭକୁ ନିମନ୍ତ୍ରଣ କରିଛି, ତୁମ୍ଭେ ଗୋଟିଏ
ନିମ୍ନତମ ଆସନରେ ବସ। ସେତେବେଳେ ତୁମ୍ଭକୁ ନିମନ୍ତ୍ରଣ
କରିଥିବା ଲୋକଟି ଆସି ତୁମ୍ଭକୁ କହିବ, 'ବନ୍ଧୁ, ତୁମ୍ଭେ
ଏଠାରେ ନ ବସି ଟିକିଏ ଆଗକୁ ଆସି ଏ ଭଲ
ଆସନରେ ବସ।' ସେତେବେଳେ ଅନ୍ୟ ନିମନ୍ତ୍ରିତ ଅତିଥିମାନେ
ତୁମ୍ଭକୁ ସମ୍ମାନ କରିବେ। ୧୧ଯେଉଁ ଲୋକ ନିଜକୁ ମହାନ୍
ଭାବେ, ତାକୁ ହୀନ କରି ଦିଆଯିବ। ଯେଉଁଲୋକ ନିଜକୁ
ହୀନ ଭାବେ, ତାହାକୁ ମହାନ୍ କରାଯିବ।"

## ତୁମ୍ଭେ ପୁରସ୍କାର ପାଇବ

୧୨ଯୀଶୁ ତାହାଙ୍କୁ ନିମନ୍ତ୍ରଣ କରିଥିବା ଫାରୂଶୀ ଜଣଙ୍କୁ
କହିଲେ, "ତୁମ୍ଭେ କାହାରିକୁ ଦିନରେ ବା ରାତିରେ
ଖାଇବାକୁ ନିମନ୍ତ୍ରଣ କଲାବେଳେ କେବଳ ତୁମ୍ଭର ଭାଇବନ୍ଧୁକୁଟୁମ୍ବ
ଓ ଧନୀ ପଡ଼ୋଶୀମାନଙ୍କୁ ଡାକନାହିଁ। କାରଣ ଅନ୍ୟବେଳେ
ସେମାନେ ମଧ୍ୟ ତୁମ୍ଭକୁ ତାହାଙ୍କ ସହିତ ଖାଇବାକୁ
ଡାକିବେ। ସେତେବେଳେ ତୁମ୍ଭେ ତୁମ୍ଭର ପ୍ରତିଦାନ ପାଇଯିବ।
୧୩ବରଂ ଭୋଜି ଦେବା ସମୟରେ ଗରିବ, ପଙ୍ଗୁ, ଛୋଟା
ଓ ଅନ୍ଧମାନଙ୍କୁ ଡାକ। ୧୪ଏ ଲୋକମାନଙ୍କର କିଛି ନଥିବାରୁ
ସେମାନେ ତୁମ୍ଭକୁ ପ୍ରତିବଦଳରେ କିଛି ଦେଇ ପାରିବେନାହିଁ।
ତେଣୁ ଏହା ତୁମ୍ଭପାଇଁ ଆଶୀର୍ବାଦଜନକ ହେବ। କିନ୍ତୁ
ଯେତେବେଳେ ଧାର୍ମିକ ଲୋକମାନେ ମୃତମାନଙ୍କ ମଧ୍ୟରୁ
ଜୀବିତ ହେବେ, ସେହି ସମୟରେ ତୁମ୍ଭେମାନେ ତୁମ୍ଭର
ପୁରସ୍କାର ପାଇବ।"

## ଗୋଟିଏ ବଡ଼ ରାତ୍ରିଭୋଜି ବିଷୟରେ ଦୃଷ୍ଟାନ୍ତ

୧୫ଯୀଶୁଙ୍କ ସହିତ ଖାଇବାକୁ ବସିଥିବା ଲୋକମାନଙ୍କ
ମଧ୍ୟରୁ ଜଣେ ଲୋକ ଏ ସବୁ କଥା ଶୁଣି ଯୀଶୁଙ୍କୁ
କହିଲା, "ପରମେଶ୍ୱରଙ୍କ ରାଜ୍ୟରେ ଭୋଜନ କରୁଥିବା
ଲୋକ ବହୁତ ଖୁସି ହେବ।"
୧୬ଯୀଶୁ ସେହି ଲୋକକୁ କହିଲେ,"ଥରେ ଜଣେ ଲୋକ
ଗୋଟିଏ ବଡ଼ ରାତ୍ରିଭୋଜର ବ୍ୟବସ୍ଥା କରିଥିଲେ। ସେ
ବହୁତ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। ୧୭ଖାଇବା ସମୟ
ହେବାରୁ ସେ ଅତିଥିମାନଙ୍କ ପାଖକୁ ଏହି କଥା କହିବା
ପାଇଁ ନିଜ ଚାକରକୁ ପଠାଇଲେ: 'ଆସନ୍ତୁ, ଭୋଜନ
ପ୍ରସ୍ତୁତି ହୋଇ ଗଲାଣି।' ୧୮କିନ୍ତୁ ସମସ୍ତ ନିମନ୍ତ୍ରିତ ବ୍ୟକ୍ତିମାନେ
କହିଲେ ଯେ, ସେମାନେ ଯାଇ ପାରିବେନାହିଁ। ପ୍ରତ୍ୟେକ
ବାହାନା କରି କ୍ଷମା ମାଗି ରହିଗଲେ। ପ୍ରଥମ ଲୋକଟି
କହିଲା, 'ମୁଁ ଏବେ ଖଣ୍ଡେ ଜମି କିଣିଛି। ସେହି ଜମିଟି
ଦେଖିବାକୁ ବର୍ତ୍ତମାନ ମୋତେ ଯିବାକୁ ପଡ଼ିବ। ଦୟାକରି
ମୋତେ କ୍ଷମା କର।' ୧୯ଆଉ ଜଣେ କହିଲା, 'ମୁଁ ଏବେ
ପାଞ୍ଚହଳ ବଳଦ କିଣିଛି। ମୁଁ ତାହାଙ୍କୁ ପରଖିବାକୁ ଯିବାକୁ
ବାହାରିଲିଣି। ଦୟାକରି ମୋତେ କ୍ଷମା କର।' ୨୦ତୃତୀୟ
ଲୋକଟି କହିଲା, 'ମୋର ତ ଏବେ ବାହାଘର ହୋଇଛି।
ମୁଁ ଯାଇ ପାରିବନାହିଁ।' ୨୧ତେଣୁ ଚାକରଟି ଫେରିଆସିଲା।
ଯାହା ସବୁ ଘଟିଥିଲା, ସେ ତା ମାଲିକକୁ ସବୁ କହିଲା,
ଏହା ଶୁଣି ମାଲିକ ଖୁବ୍ ରାଗିଗଲେ ଓ କହିଲେ, 'ନଗରର
ରାସ୍ତା ଗଳିମାନଙ୍କୁ ଶୀଘ୍ର ଦୌଡ଼ିଯାଅ, ଏବଂ ଦୀନଦୁଃଖୀ,
ପଙ୍ଗୁ, ଅନ୍ଧ, ଓ ଛୋଟାମାନଙ୍କୁ ଏଠାକୁ ନେଇଆସ।'
୨୨ପରେ ଚାକରଟି ତାହାଙ୍କୁ କହିଲା, 'ମାଲିକ ତୁମ୍ଭେ ଯାହା

---

**'ପ୍ରଭୁଙ୍କ ନାମରେ ... କରନ୍ତୁ'** ଗୀତସଂହିତା ୧୧୮:୨୬
**'ଜଳୋଦର'** ତୃପ୍ତିରୋଗ, ଫୁଲି-ଫୁଲି ଯିବା ରୋଗ।

କହଲ, ମୁଁ ତ କଲ। ତଥାପି ଆଉ ଅଧିକ ଲୋକଙ୍କ
ପାଇଁ ଜାଗା ବଳଛ।' ୨୩ମାଲକ ଚାକରକୁ କହଲେ,
'ରାଜପଥ ଓ ଗ୍ରାମପଥକୁ ଚାଲଯାଅ। ସେଠାରେ ଥିବା
ଲୋକଙ୍କୁ ଆସିବାକୁ କୁହ। ମୁଁ ଚାହେଁ, ମୋ ଘର
ପୁରାପୁର ଭରଯାଉ।' ୨୪ଯେଉଁମାନଙ୍କୁ ମୁଁ ପ୍ରଥମେ ନମନ୍ତ୍ରଣ
କରଥିଲ, ସେମାନଙ୍କ ମଧ୍ୟରୁ ଜଣେ ହେଲେ ମଧ ମୋ
ସହତ ଆଉ କେବେହେଁ ଭୋଜି ଖାଇବେ ନାହିଁ।'"

### ପ୍ରଥମେ ତୁମ୍ଭେ ଯୋଜନା କର

୨୫ବହୁତ ଲୋକ ଯୀଶୁଙ୍କ ସହତ ଯାତ୍ରା କରୁଥିଲେ।
ଯୀଶୁ ଲୋକମାନଙ୍କୁ କହଲେ, ୨୬"ଯଦ ଜଣେ ଲୋକ ମୋ
ପାଖକୁ ଆସେ, କନ୍ତୁ ଯଦ ମୋ ଅପେକ୍ଷା ତା ବାପାମାଆ,
ସ୍ତ୍ରୀ, ପିଲା, ଭାଇଭଉଣୀମାନଙ୍କୁ ଅଧିକ ଭଲ ପାଏ, ତେବେ
ସେ ଲୋକ ମୋର ଶିଷ୍ୟ ହୋଇ ପାରବନାହିଁ। ଜଣେ
ଲୋକକୁ ତା' ନଜ ଅପେକ୍ଷା ମୋତେ ଅଧିକ ଭଲ
ପାଇବାକୁ ହେବ। ୨୭ଜଣେ ଲୋକ ମୋତେ ଅନୁସରଣ
କଲାବେଳେ ଯଦ ତାକୁ ଦଆଯାଇଥିବା କ୍ରୁଶ କାନ୍ଧେଇ
ଚାଲବନାହିଁ, ତେବେ ସେ ଲୋକ ମୋର ଶିଷ୍ୟ ହୋଇ
ପାରବନାହିଁ। ୨୮ତୁମ୍ଭେମାନେ ଯଦ ଗୋଟିଏ କୋଠାଘର
ତିଆର କରବାକୁ ଚାହୁଁଛ, ତେବେ ତୁମ୍ଭେମାନେ ପ୍ରଥମେ
ବସି ସ୍ଥିର କରବ ଯେ, ଏଥି ପାଇଁ କେତେ ଖର୍ଚ୍ଚ ହେବ।
ତୁମ୍ଭମାନଙ୍କର ହସାବ କର ଦେଖିବା ଉଚତ ଯେ, କାମଟି
ସଂପୂର୍ଣ୍ଣ କରବା ନମନ୍ତେ ତୁମ୍ଭମାନଙ୍କ ପାଖରେ ଯଥେଷ୍ଟ
ଅର୍ଥ ଅଛ କ ନାହିଁ। ୨୯ତା'ନହେଲେ ତୁମ୍ଭେମାନେ
ମୂଳଦୁଆ ପକେଇ ଦେଇ କାମ ଆରମ୍ଭ କର ପାର, କନ୍ତୁ
ଶେଷ କର ପାରବନାହିଁ। ଯଦ ତୁମ୍ଭେମାନେ ତାକୁ ଶେଷ
କରପାରବ ନାହିଁ, ତେବେ ଏହାକୁ ଦେଖିଥିବା ଲୋକେ
ତୁମ୍ଭମାନଙ୍କୁ ଉପହାସ କରବେ। ୩୦ସେମାନେ କହବେ, 'ଏ
ଲୋକଟା କୋଠା ଆରମ୍ଭ କରଦେଲା, କନ୍ତୁ ଶେଷ କର
ପାରଲାନାହିଁ।'

୩୧"ଯଦ ଜଣେ ରାଜା ଅନ୍ୟ ଜଣେ ରାଜାଙ୍କ ସହତ
ଯୁଦ୍ଧ କରବାକୁ ବାହାରନ୍ତ, ତେବେ ସେ ଆଗ ବସି
ଯୋଜନା କରନ୍ତ। ଯଦ ସେହ ରାଜାଙ୍କର କେବଳ ଦଶ
ହଜାର ସୈନ୍ୟ ଥାଆନ୍ତ, ତେବେ ସେ କୋଡଏ ହଜାର
ସୈନ୍ୟ ଧର ଆସୁଥିବା ଜଣେ ବରୋଧୀ ରାଜାଙ୍କୁ ପରାସ୍ତ
କରପାରବେ ନାହିଁ। ୩୨ଯଦ ସେ ଅନ୍ୟ ରାଜାଙ୍କୁ ପରାସ୍ତ
କରବାକୁ ସକ୍ଷମ ହେବେନାହିଁ, ତେବେ ବରୋଧୀ ରାଜା
ବହୁତ ଦୂରରେ ଥିବାବେଳେ ତାହାଙ୍କ ପାଖକୁ କଛ ଲୋକ
ପଠାଇ ସନ୍ଧିପ୍ରସ୍ତାବ ଦେବେ। ୩୩ସେହଭଳ ତୁମ୍ଭେମାନେ
ସମସ୍ତେ ପ୍ରଥମେ ଯୋଜନା କରବ। ତୁମ୍ଭେମାନେ ମୋତେ
ଅନୁସରଣ କରବାକୁ ଚାହିଁଲେ ତୁମ୍ଭମାନଙ୍କର ପ୍ରତ୍ୟେକ
ବଷୟ ତ୍ୟାଗ କରବ। ତୁମ୍ଭେମାନେ ଯଦ ତାହା କର
ନପାରବ, ତେବେ ମୋର ଶିଷ୍ୟ ହୋଇ ପାରବନାହିଁ।

### ତୁମ୍ଭର ପ୍ରଭାବ ହରାଅନାହିଁ

୩୪"ଲୁଣ ଗୋଟିଏ ଭଲ ଜନଷ। ଲୁଣ ଯଦ ତାର
ଲୁଣିଆ ସ୍ୱାଦ ହରାଇ ବସେ, ତେବେ ତାର କୌଣସି
ମୂଲ୍ୟ ନାହିଁ। ତୁମ୍ଭେମାନେ ପୁଣି ଥରେ ତାର ଲୁଣିଆ ସ୍ୱାଦ
ଫେରାଇ ଦେଇ ପାରବନାହିଁ। ୩୫ଏହାକୁ ତୁମ୍ଭେମାନେ
ଏପରକ ମାଟି ପାଇଁ ବା ଖତସାର ପାଇଁ ମଧ ବ୍ୟବହାର
କର ପାରବନାହିଁ। ଲୋକେ ତାକୁ ଫୋପାଡ ଦଅନ୍ତ।"

"ଯାହାର ଶୁଣିବାର ଅଛ, ସେ ଶୁଣୁ।"

### ସ୍ୱର୍ଗରେ ଆନନ୍ଦ

୧୫ ଯୀଶୁଙ୍କ ଉପଦେଶ ଶୁଣିବା ପାଇଁ ଅନେକ
କରଆଦାୟକାରୀ ଓ ଖରାପ ଲୋକମାନେ
ଆସିବାକୁ ଲାଗିଲେ। ୨ଏହା ଦେଖି ଫାରୂଶୀ ଓ ଧର୍ମଶାସ୍ତ୍ରୀମାନେ
ଅଭିଯୋଗ କରବାକୁ ଆରମ୍ଭ କଲେ, "ଦେଖ, ଏହ
ବ୍ୟକ୍ତ(ଯୀଶୁ) ପାପୀ ଲୋକମାନଙ୍କୁ ସ୍ୱାଗତ କରୁଛନ୍ତ ଓ
ଏପରକ ସେମାନଙ୍କ ସହତ ଖାଉଛନ୍ତ।"

୩ଯୀଶୁ ସେମାନଙ୍କୁ ଏହ ଦୃଷ୍ଟାନ୍ତ କହଲେ: ୪"ମନେକର
ତୁମ୍ଭମାନଙ୍କ ଭିତରୁ ଜଣକର ଶହେଟି ମେଣ୍ଢା ଅଛ, କନ୍ତୁ
ସେଥିରୁ ଗୋଟିଏ ହଜଗଲା। ତେବେ ସେ ଅନେଶ୍ୱତ
ମେଣ୍ଢାଙ୍କୁ ଏକୁଟିଆ ଛାଡଦେଇ ହଜ ଯାଇଥିବା ମେଣ୍ଢାଟିକୁ
ଖୋଜିବା ପାଇଁ ବାହାରପଡବ ଓ ତାକୁ ପାଇବା ପର୍ଯ୍ୟନ୍ତ
ସେ ଖୋଜିବାକୁ ଲାଗିବ। ୫ମେଣ୍ଢାଟି ପାଇଗଲେ ସେ
ବହୁତ ଖୁସି ହେବ। ସେ ମେଣ୍ଢାଟିକୁ କାନ୍ଧରେ ବସାଇ
ଘରକୁ ଆଣିବ। ୬ସେ ତା' ବନ୍ଧୁ ଓ ପଡୋଶୀମାନଙ୍କ
ପାଖକୁ ଯାଇ କହବ, ମୁଁ ମୋର ହଜ ଯାଇଥିବା ମେଣ୍ଢାଟି
ପାଇ ଯାଇଛ। ମୁଁ ଅତ୍ୟନ୍ତ ଆନନ୍ଦତ। ଆସ, ମୋ ସହତ
ତୁମ୍ଭେମାନେମାନେ ଆନନ୍ଦ କର। ୭ସେହଭଳ ମୁଁ ତୁମ୍ଭମାନଙ୍କୁ
କହୁଛ, ଯେତେବେଳେ ଜଣେ ପାପୀ ତା' ହୃଦୟ ପରବର୍ତ୍ତନ
କରଥାଏ, ସେତେବେଳେ ସ୍ୱର୍ଗରେ ଅଧିକ ଆନନ୍ଦ ହୁଏ।
ଯେଉଁ ଲୋକମାନଙ୍କ ହୃଦୟପରବର୍ତ୍ତନର ଆବଶ୍ୟକ ନାହିଁ,
ଏପର ଅନେଶ୍ୱତ ଧାର୍ମିକ ଲୋକଙ୍କ ଅପେକ୍ଷା ଗୋଟିଏ
ପାପୀ ଲୋକର ହୃଦୟ ପରବର୍ତ୍ତନ ହେଲେ ଅଧିକ ଆନନ୍ଦ
ହୁଏ।

୮"ମନେକର ଜଣେ ସ୍ତ୍ରୀଲୋକର ଦଶଟି ରୂପା ମୁଦ୍ରା
ଅଛ। କନ୍ତୁ ସେଥିରୁ ଗୋଟିଏ ହଜଗଲା। ତେବେ ସେହ
ସ୍ତ୍ରୀଲୋକଟି ଆଲୁଅ ଲଗେଇ ଘର ସାରା ଭଲ କର
ଓଳେଇ ପକେଇବ, ଓ ରୂପା ମୁଦ୍ରାଟି ନ ପାଇବା ପର୍ଯ୍ୟନ୍ତ
ଚାରଆଡ଼ ଖୋଜିବ। ୯ହଜ ଯାଇଥିବା ରୂପା ମୁଦ୍ରାଟି
ପାଇଗଲେ ସେ ତା' ବଂଧୁ ଓ ପଡୋଶୀମାନଙ୍କୁ ଡାକ
କହବ, 'ମୁଁ ବହୁତ ଆନନ୍ଦତ। କାରଣ ମୋର ହଜ
ଯାଇଥିବା ରୂପା ମୁଦ୍ରାଟି ମିଳଗଲା। ଆସ, ମୋ ସହତ
ଆନନ୍ଦ କର।' ୧୦ସେହଭଳ ଜଣେ ପାପୀ ତା' ହୃଦୟ
ପରବର୍ତ୍ତନ କଲେ, ପରମେଶ୍ୱରଙ୍କ ଦୂତମାନେ ବହୁତ
ଆନନ୍ଦତ ହୁଅନ୍ତ।"

### ପୁଅ ଯେ କ ଘର ଛାଡ ଚାଲଗଲା

୧୧ଯୀଶୁ କହଲେ, "ଜଣେ ଲୋକର ଦୁଇ ପୁଅ ଥିଲେ।
୧୨ଦନେ ସାନ ପୁଅ ତା' ବାପାଙ୍କୁ କହଲା, 'ବାପା, ତୁମ୍ଭେ
ମତେ ତୁମ୍ଭର ସବୁ ସମ୍ପତ୍ତିରୁ ମୋ ଭାଗତକ ଦେଇଦଅ।'
ତେଣୁ ତା' ବାପା ତାହାଙ୍କର ସବୁ ସମ୍ପତ୍ତିକୁ ଦୁଇ ପୁଅଙ୍କ

ମଧ୍ୟରେ ବାଣ୍ଟିଦେଲେ। ୧୩ଅଳ୍ପ ଦିନ ପରେ ସାନପୁଅ
ତା'ଭାଗର ସବୁ ସମ୍ପତ୍ତିତକ ସଂଗ୍ରହ କରି ଗୋଟିଏ ଦୂର
ଦେଶକୁ ଚାଲିଗଲା। ସେଠାରେ ସେ ଗୋଟିଏ ମୂର୍ଖ ଭଳି
ଜୀବନଯାପନ କରି ସବୁ ଧନ ସମ୍ପତ୍ତି ଉଡେଇ ଦେଲା।
୧୪ସବୁତକ ସାରିଦେଲା ପରେ, ସେହି ଦେଶରେ ଚାରିଆଡେ
ଭୟଙ୍କର ଦୁର୍ଭିକ୍ଷ ପଡିଲା। ତାକୁ ଅଭାବ ଭିତରେ ଉପାସରେ
ରହିବାକୁ ପଡିଲା। ତା'ର ଟଙ୍କା ଦରକାର ପଡିଲା।
୧୫ତେଣୁ ସେ ସେହି ଦେଶରେ ଗୋଟିଏ ଲୋକ ପାଖକୁ
ମୂଲ ଲାଗିବାକୁ ଗଲା, ସେ ଲୋକଟି ତାହାକୁ ତା
ପଡିଆରେ ଘୁଷୁରି ଚରେଇବାକୁ ପଠାଇଲା। ୧୬ତାହାକୁ
ଏତେ ଭୋକ ଲାଗୁଥିଲା ଯେ ସେ ଘୁଷୁରିମାନେ ଖାଉଥିବା
ଖାଦ୍ୟରୁ କିଛି ଖାଇବାକୁ ଇଚ୍ଛା କଲା କିନ୍ତୁ ତାହା ମଧ୍ୟ
କେହି ତାହାକୁ ଦେଲେନାହିଁ। ୧୭ଏବେ ସେ ବୁଝି ପାରିଲା
ଯେ, ସେ ବହୁତ ମୂର୍ଖାମୀ କରିଛି। ସେ ଭାବିଲା, 'ମୋ
ବାପାଙ୍କର ମୂଲିଆମାନଙ୍କର କେତେ ଖାଦ୍ୟ ବଳୁଛି। ଆଉ
ମୁଁ ଏଠାରେ ଭୋକରେ ମରୁଛି। ୧୮ମୁଁ ଏ ସ୍ଥାନ ଛାଡି ମୋ
ବାପାଙ୍କ ପାଖକୁ ଫେରିଯିବି।' ମୁଁ ତାହାଙ୍କୁ କହିବି, 'ବାପା,
ମୁଁ ପରମେଶ୍ୱରଙ୍କ ବିରୁଦ୍ଧରେ ଓ ତୁମ୍ଭ ବିରୁଦ୍ଧରେ ପାପ
କରିଛି। ୧୯ମୁଁ ତୁମ୍ଭର ପୁଅ ହେବାର ଯୋଗ୍ୟ ନୁହେଁ।
କିନ୍ତୁ ତୁମ୍ଭେ ମୋତେ ଦୟାକରି ତୁମ୍ଭର ଅନ୍ୟ ମୂଲିଆମାନଙ୍କ
ଭଳି ରଖ।' ୨୦ତେଣୁ ସେ ସ୍ଥାନ ଛାଡି ତା' ବାପାଙ୍କ
ପାଖକୁ ବାହାରିଲା।

## ପୁଅର ଘର ବାହୁଡ଼ା

"ପୁତ୍ର ବହୁତ ଦୂରରେ ଥିଲା ବେଳେ ବାପା ତାହାକୁ
ଦେଖିଲେ। ସେ ପୁଅ ପାଇଁ ଦୁଃଖ ଅନୁଭବ କଲେ ଓ ତା
ପାଖକୁ ଦୌଡିଗଲେ। ସେ ପୁଅକୁ କୁଣ୍ଢେଇ ପକେଇ
ଚୁମ୍ବନ ଦେଲେ। ୨୧ପୁଅ କହିଲା, 'ବାପା, ମୁଁ ପରମେଶ୍ୱରଙ୍କ
ବିରୁଦ୍ଧରେ ଓ ତୁମ୍ଭ ବିରୁଦ୍ଧରେ ପାପ କରିଛି। ମୁଁ ତୁମ୍ଭର
ପୁଅ ହେବାକୁ ଯୋଗ୍ୟ ନୁହେଁ।' ୨୨କିନ୍ତୁ ବାପା ତାହାଙ୍କ
ଚାକରମାନଙ୍କୁ ଡାକି କହିଲେ, "ଶୀଘ୍ର ଯାଅ, ତା' ପାଇଁ
ସବୁଠାରୁ ଭଲ ପୋଷାକପତ୍ର ଆଣ। ତା' ଆଙ୍ଗୁଠିରେ
ମୁଦିଟିଏ ପିନ୍ଧାଇ ଦିଅ। ପାଦରେ ଭଲ ଯୋତା ପିନ୍ଧାଇ
ଦିଅ। ୨୩ଆମ୍ଭର ସବୁଠାରୁ ମୋଟା ବାଛୁରୀଟିକୁ ଆଣ।
ଆମ୍ଭେ ତାହାକୁ ମାରିବା। ଆମ୍ଭର ଖାଇବା ପାଇଁ ତାହା
ପ୍ରଚୁର ହେବ। ଆମ୍ଭେମାନେ ଗୋଟିଏ ଭୋଜି କରିବା।
୨୪ମୋର ପୁଅ ମରି ଯାଇଥିଲା। ବର୍ତ୍ତମାନ ସେ ପୁଣି ବଞ୍ଚି
ଉଠିଛି। ସେ ହଜି ଯାଇଥିଲା। ଏବେ ମିଳି ଯାଇଛି।'
ତେଣୁ ସେମାନେ ଭୋଜିର ଆୟୋଜନ କଲେ।

## ବଡ ପୁଅ ଆସିଲା

୨୫"ଏହି ସମୟରେ ଲୋକଟିର ବଡ ପୁଅ କ୍ଷେତରେ
ଥିଲା। ଫେରିଲା ବେଳେ, ଘର ପାଖାପାଖି ପହଞ୍ଚିବା
ବେଳକୁ ସେ ନାଚଗୀତର ଶବ୍ଦ ଶୁଣିଲା। ୨୬ତେଣୁ ସେ
ଜଣେ ଚାକରକୁ ଡାକି ପଚାରିଲା, 'ଏ ସବୁ କ'ଣ
ଚାଲିଛି?' ୨୭ଚାକରଟି କହିଲା, 'ତୁମ୍ଭ ଭାଇ ଫେରି ଆସିଛି।
ତୁମ୍ଭ ବାପା ଭୋଜି ପାଇଁ ମୋଟା ବାଛୁରୀଟି ମାରିଛନ୍ତି।
ତୁମ୍ଭ ଭାଇ କୁଶଳରେ ଫେରି ଆସିଥିବାରୁ ତୁମ୍ଭ ବାପା
ବହୁତ ଖୁସି ହେଉଛନ୍ତି।' ୨୮ଏହା ଶୁଣି ବଡ ପୁଅ ଭୀଷଣ
ରାଗିଗଲା। ସେ ଭିତରେ ପ୍ରବେଶ କରିବା ପାଇଁ ଇଚ୍ଛା
କଲାନାହିଁ। ତେଣୁ ତା' ବାପା ବଡ ପୁଅକୁ ଭିତରକୁ
ଡାକିବା ପାଇଁ ବାହାରି ଆସିଲେ। ୨୯ବଡ ପୁଅ ବାପାଙ୍କୁ
କହିଲା, 'ବର୍ଷବର୍ଷ ଧରି ମୁଁ ଗୋଟିଏ କ୍ରୀତଦାସ ଭଳି
ତୁମ୍ଭର ସେବା କରି ଆସିଛି। ତୁମ୍ଭର ଆଦେଶକୁ ସବୁବେଳେ
ମାନି ଆସିଛି। କିନ୍ତୁ ତୁମ୍ଭେ ମୋ ପାଇଁ ଛେଳିଟିଏ ମଧ୍ୟ
କେବେ ମାରିନାହିଁ। ତୁମ୍ଭେ ମୋ ପାଇଁ ଓ ମୋ ବନ୍ଧୁମାନଙ୍କ
ପାଇଁ କେବେହେଲେ ଭୋଜିଟିଏ ଦେଇନାହଁ। ୩୦କିନ୍ତୁ
ତୁମ୍ଭର ଏହି ପୁଅଟି ତୁମ୍ଭର ସବୁତକ ସମ୍ପତ୍ତି ବେଶ୍ୟା
ମାନଙ୍କ ପାଇଁ ନଷ୍ଟ କରି ଦେଇଛି। ତା' ପରେ ସେ
ଘରକୁ ଫେରି ଆସିଲା। ଆଉ ତା' ପାଇଁ ତୁମ୍ଭେ ମୋଟା
ବାଛୁରିଟିକୁ ମାରିଲ!' ୩୧କିନ୍ତୁ ବାପା ତାକୁ କହିଲେ, 'ପୁଅ,
ତୁ ସବୁବେଳେ ମୋ ପାଖରେ ଅଛୁ। ମୋର ଯାହା କିଛି
ଅଛି, ସେ ସବୁ ତୋର। ୩୨କିନ୍ତୁ ତୋର ଏ ଭାଇ
ମରିଯାଇଥିଲା। ଏବେ ସେ ପୁଣି ଜୀବନ ପାଇଲା। ସେ
ହଜି ଯାଇଥିଲା, ଏବେ ସେ ମିଳିଲା। ସେଥିପାଇଁ ଆମ୍ଭେ
ଖୁସି ହେବା ଓ ଭୋଜି କରିବା ଉଚିତ।'"

## ବାସ୍ତବଧନ

୧୬ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ, "ଜଣେ
ଧନୀ ଲୋକ ଥିଲେ। ସେ ତାହାଙ୍କ ସମ୍ପତ୍ତିର
ବୁଝାସୁଝା କରିବା ପାଇଁ ଗୁମାସ୍ତାଟିଏ ରଖିଥିଲେ। ପରେ
ଧନୀ ଲୋକ ଜଣକ ଅଭିଯୋଗ ପାଇଲେ ଯେ, ଗୁମାସ୍ତା
ତାହାଙ୍କୁ ଠକୁଥିଲା। ୨ଧନୀଲୋକଜଣକ ଗୁମାସ୍ତାଙ୍କୁ ଡାକି
କହିଲେ, "ମୁଁ ତୁମ୍ଭ ବିରୁଦ୍ଧରେ ଅନେକ କଥା ଶୁଣୁଛି।
ତୁମ୍ଭେ ଯାହା ସବୁ କରିଛ, ତାର ହିସାବ ମୋତେ ଦିଅ।
ଏଣିକି ତୁମ୍ଭେ ଆଉ ମୋର ଗୁମାସ୍ତା ହୋଇ ପାରିବନାହିଁ।'
୩ଗୁମାସ୍ତା ଜଣକ ମନେ ମନେ ଭାବିଲା, 'ଏବେ ମୁଁ କ'ଣ
କରିବି? ମୋ ମାଲିକ ମୋ ଚାକିରି ନେଇ ଯାଉଛନ୍ତି।
ଗାତ ଖୋଳିବା ପାଇଁ ମୋ ଦେହରେ ବଳ ନାହିଁ। ଭିକ
ମାଗିଲେ ମୋତେ ଲାଜ ମାଡିବ।' ୪ତେବେ ମୋତେ କ'ଣ
କରିବାକୁ ହେବ ତା ମୁଁ ଜାଣିଛି। ଯେତେବେଳେ ମୁଁ
ଗୁମାସ୍ତା ଚାକିରି ହରାଇବି, ସେତେବେଳେ ଯେପରି ଲୋକେ
ସେମାନଙ୍କ ଘରେ ମୋର ସ୍ୱାଗତ କରିବେ ସେଥିପାଇଁ
ଗୋଟିଏ କାମ ମୁଁ କରିବି। ୫ତେଣୁ ଗୁମାସ୍ତା ଜଣକ
ମାଲିକଙ୍କଠାରୁ ଋଣ ନେଇଥିବା ପ୍ରତ୍ୟେକ ଖାତକଙ୍କୁ ଡାକିଲେ।
ସେ ପ୍ରଥମ ଖାତକଟିକୁ ପଚାରିଲେ, 'ମୋ ମାଲିକଙ୍କୁ
ତୁମ୍ଭର କେତେ ଦେବାକୁ ଅଛି?' ୬ଲୋକଟି ଉତ୍ତର ଦେଲା,
'ଶହେ ଟିଣ ତେଲ।' ଗୁମାସ୍ତା ତାକୁ କହିଲେ, 'ଏଇଟି
ତୁମ୍ଭର ହିସାବ କାଗଜ ନିଅ। ବସି ପଡି ତାକୁ କମ୍ କରି
ଶୀଘ୍ର ପଚାଶ ବୋଲି ଲେଖିଦିଅ।' ୭ତା'ପରେ ଗୁମାସ୍ତା
ଆଉ ଜଣେ ଖାତକକୁ ପଚାରିଲେ, 'ତୁମ୍ଭର କେତେ ଋଣ
ପରିଶୋଧ କରିବାକୁ ଅଛି?' ଖାତକଟି କହିଲା, 'ଶହେ
ଭରଣ ଗହମ', ଗୁମାସ୍ତା ତାହାଙ୍କୁ କହିଲେ, 'ଏଇଟି ତୁମ୍ଭର

ହସାବ କାଗଜ ନଅ, ତାକୁ କମ କର ଅଶୀ ଭରଣ
ବୋଲ ଲେଖିଦଅ।’ ୮ପରେ ମାଲକ ସେହ ଅସାଧୁ
ଗୁମାସ୍ତାଙ୍କର ପ୍ରଶଂସା କଲେ। କାରଣ ଗୁମାସ୍ତା ଚତୁରତାର
ସହତ କାମ ତୁଲେଇ ଦେଲେ। ତାହାଙ୍କ ଭଳ,
ଅନ୍ୟଲୋକମାନଙ୍କ ସହତ ବ୍ୟବସାୟ କରବାରେ ଏହ
ସାଂସାରକ ଲୋକମାନେ ଆଧାତ୍ମିକ ଲୋକମାନଙ୍କ ଅପେକ୍ଷା
ଅଧିକ ଚତୁର।
୯“ମୁଁ ତୁମ୍ଭମାନଙ୍କୁ କହୁଛ ଯେ, ତୁମ୍ଭମାନଙ୍କର ଯାହାସବୁ
ଅଛ ସେଥିରେ ପରମେଶ୍ୱରଙ୍କ ସହତ ମିତ୍ରତା ସ୍ଥାପନ
କର। ତେଣୁ ଯେତେବେଳେ ଏ ଜାଗତକ ଧନ ସରଯିବ,
ସେତେବେଳେ ଚରନ୍ତନ ନବାସରେ ତୁମ୍ଭମାନଙ୍କୁ ସ୍ୱାଗତ
କରାଯିବ। ୧୦ଛୋଟଛୋଟ ବଷୟରେ ଯଦ ଜଣକୁ ବଶ୍ୱାସ
କରାଯାଇ ପାରବ, ତେବେ ତାକୁ ବଡ଼ ବଷୟ ଗୁଡକ
ପାଇଁ ମଧ ବଶ୍ୱାସ କରାଯାଇ ପାରବ। ଅଳ୍ପ ଜନଷ ପାଇଁ
ଯଦ ଜଣେ ଅସାଧୁ ହୋଇଯାଏ, ତେବେ ସେ ଅଧିକ
ଜନଷ ପାଇଁ ମଧ ଅସାଧୁ ହୋଇଯିବ। ୧୧ତୁମ୍ଭେମାନେ ଯଦ
ସାଂସାରକ ସମ୍ପତ୍ତି ପାଇଁ ବଶ୍ୱାସଯୋଗ୍ୟ ବୋଲ ପ୍ରମାଣିତ
ହୋଇ ପାରବନାହିଁ, ତେବେ ତୁମ୍ଭମାନଙ୍କୁ ସତ୍ୟ ସମ୍ପତ୍ତି
ପାଇଁ କଏ ବଶ୍ୱାସ କରବ? ୧୨ତୁମ୍ଭେମାନେ ଯଦ ଅନ୍ୟ
କାହାର ଜନଷ ରଖିବା ପାଇଁ ବଶ୍ୱାସଯୋଗ୍ୟ ବୋଲ
ପ୍ରମାଣିତ ହୋଇ ନାହିଁ, ତେବେ ତୁମ୍ଭମାନଙ୍କ ନଜ ଜନଷ
ମଧ ତୁମ୍ଭମାନଙ୍କୁ ଦଆ ଯିବନାହିଁ।
୧୩“ଜଣେ ସେବକ ଏକା ସଙ୍ଗରେ ଦୁଇଜଣ ମାଲକଙ୍କ
ସେବା କରପାରବ ନାହିଁ। ସେ ଜଣକୁ ଘୃଣା କରବ ଓ
ଅନ୍ୟ ଜଣକୁ ଶ୍ରଦ୍ଧା କରବ। କମ୍ବା ସେ ଜଣକ ପ୍ରତ
ବଶ୍ୱସ୍ତ ରହବ ଓ ଅନ୍ୟ ଜଣକୁ ବେଖାତର କରବ।
ତୁମ୍ଭେମାନେ ଏକାବେଳେ ପରମେଶ୍ୱର ଓ ଧନ ଦୁହିଁଙ୍କ
ସେବା କର ପାରବ ନାହିଁ।”

## ପରମେଶ୍ୱରଙ୍କ ବଧାନ ଅଟଳ

୧୪ଫାରୂଶୀମାନେ ଏହ ସବୁ କଥା ଶୁଣୁଥିଲେ। ଫାରୂଶୀମାନେ
ନଜେ ଟଙ୍କାକୁ ଭଲ ପାଉଥିବାରୁ ଯୀଶୁଙ୍କୁ ସମାଲୋଚନା
କଲେ। ୧୫ଯୀଶୁ ଫାରୂଶୀମାନଙ୍କୁ କହଲେ, “ଲୋକଙ୍କ
ଆଗରେ ତୁମ୍ଭେମାନେ ନଜକୁ ଭଲ ବୋଲ ଦେଖେଇ
ହେଉଛ। କନ୍ତୁ ତୁମ୍ଭମାନଙ୍କ ହୃଦୟରେ ପ୍ରକୃତରେ କ’ଣ
ଅଛ, ତାହା ପରମେଶ୍ୱର ଜାଣନ୍ତ। ଯେଉଁସବୁ ବଷୟକୁ
ଲୋକମାନେ ବହୁତ ମୂଲ୍ୟବାନ ବୋଲ ମନେ କରଥାନ୍ତ,
ତାହା ପରମେଶ୍ୱରଙ୍କ ଦୃଷ୍ଟିରେ ମୂଲ୍ୟ ହୀନ।
୧୬“ମୋଶାଙ୍କ ନୟମ ଓ ଭବଷ୍ୟଦ୍‌ବକ୍ତାମାନଙ୍କ ଲେଖା
ଅନୁସାରେ ଲୋକମାନେ ଜୀବନଯାପନ କରନ୍ତୁ ବୋଲ
ପରମେଶ୍ୱର ଚାହିଁଲେ। କନ୍ତୁ ବାପ୍ତିଜକ ଯୋହନ ଆସିବା
ପର ଠାରୁ ପରମେଶ୍ୱରଙ୍କ ରାଜ୍ୟ ବଷୟରେ ସୁସମାଚାର
ପ୍ରଚାର କରାଯାଉଛ। ପରମେଶ୍ୱରଙ୍କ ରାଜ୍ୟରେ ପ୍ରବେଶ
କରବା ପାଇଁ ଅନେକ ଲୋକ ଅକ୍ଳାନ୍ତ ଚେଷ୍ଟା କରୁଛନ୍ତ।
୧୭ସ୍ୱର୍ଗ ଓ ପୃଥିବୀର ଧ୍ୱଂସ ହୁଏତ ସହଜରେ ହୋଇଯିବ,
ମାତ୍ର ବ୍ୟବସ୍ଥାର କ୍ଷୁଦ୍ରତମ ଅଂଶ ସୁଦ୍ଧା ପରବର୍ତ୍ତିତ
ହେବନାହିଁ।

## ଛାଡପତ୍ର ଓ ପୁନର୍ବବାହ

୧୮“ଯଦ ଜଣେ ପୁରୁଷ ନଜ ପତ୍ନୀକୁ ଛାଡପତ୍ର ଦେଇ
ଅନ୍ୟ ଜଣେ ସ୍ତ୍ରୀକୁ ବବାହ କରେ, ତେବେ ସେହ
ପୁରୁଷଟି ବ୍ୟଭଚାର ପାପରେ ଦୋଷୀ ସାବ୍ୟସ୍ତ ହେବ।
ଏବଂ ଯେଉଁ ପୁରୁଷ ଜଣେ ପରତ୍ୟକ୍ତା ସ୍ତ୍ରୀକୁ ବବାହ
କରେ, ସେ ମଧ ବ୍ୟଭଚାର ପାପରେ ଦୋଷୀ ହେବ।”

## ଧନୀଲୋକ ଓ ଲାଜାର

୧୯ଯୀଶୁ କହଲେ, “ଥରେ ଜଣେ ଧନୀଲୋକ ସଦାବେଳେ
ଭଲ ଭଲ ପୋଷାକ ପିନ୍ଧୁଥିଲା। ସେ ଏତେ ଧନୀ ଥିଲା
ଯେ ପ୍ରତଦନ ଗୋଟିଏ ବଳାସପୂର୍ଣ୍ଣ ଭୋଜି ଦେବାକୁ ସକ୍ଷମ
ଥିଲା। ୨୦ଲାଜାର ନାମରେ ଜଣେ ଅତ ଗରବ ଲୋକ
ଥିଲା। ତା’ଦେହ ଘା’ରେ ଭର ଯାଇଥିଲା। ଲାଜାର ପ୍ରାୟ
ସବୁ ସମୟରେ ଧନୀଲୋକଙ୍କ ଫାଟକ ପାଖରେ ପଡରହୁଥିଲା।
୨୧ଧନୀଲୋକ ଖାଇ ସାରବା ପରେ ସେ ଛାଡ ଦେଇ
କେବଳ ଅଇଁଠା ଅଂଶ ତକ ଖାଇବାକୁ ଚାହୁଁଥିଲା।
କୁକୁରମାନେ ଆସି ତା’ର ଘାଆକୁ ଚାଟୁଥିଲେ। ୨୨ପରେ
ଲାଜାର ମରଗଲା। ସ୍ୱର୍ଗଦୂତମାନେ ତାହାକୁ ନେଇଯାଇ
ଅବ୍ରହାମଙ୍କ କୋଳରେ ରଖିଲେ। ଧନୀ ଲୋକ ଜଣକ
ମଧ ମରଗଲା ଓ ତାହାକୁ କବର ଦଆଗଲା। ୨୩ତାହାକୁ
ନରକକୁ ପଠାଇ ଦଆଗଲା। ସେଠାରେ ସେ ବହୁତ
ଯନ୍ତ୍ରଣା ଭୋଗ କଲା। ଧନୀଲୋକ ଜଣକ ଉପରକୁ
ଅନାଇଲା ଓ ଲାଜାରକୁ କୋଳରେ ଧରଥିବା ଅବ୍ରହାମଙ୍କୁ
ବହୁତ ଦୂରରେ ଦେଖିଲା। ୨୪ସେ ଡାକଲା, ‘ପିତା ଅବ୍ରହାମ,
ମୋତେ ଦୟା କର। ମୋ ପାଖକୁ ଲାଜାରକୁ ପଠାଅ।
ସେ ତା’ ଆଙ୍ଗୁଳ ଟିପକୁ ପାଣିରେ ବୁଡେଇ ମୋ ଜଭରେ
ଟୋପାଏ ଟୋପାଏ ପାଣି ଦେଉ। ମୁଁ ଏହ ନଆଁରେ ବହୁତ
ଯନ୍ତ୍ରଣା ଭୋଗ କରୁଛ।’ ୨୫କନ୍ତୁ ଅବ୍ରାହାମ କହଲେ,
‘ପୁଅ, ତୁ ଯେତେବେଳେ ବଞ୍ଚିଥିଲୁ, ସେତେବେଳର କଥା
ଟିକଏ ମନେ ପକା। ତୁ ଜୀବନରେ ସମସ୍ତ ବଷୟ
ପାଇଛୁ। କନ୍ତୁ ଲାଜାର ପାଇଁ ସମସ୍ତ ଖରାପ ଜନଷ
ଘଟିଛ। ଏବେ ସେ ଆରାମରେ ଅଛ, ଓ ତୁ ଯନ୍ତ୍ରଣା
ଭୋଗୁଛୁ। ୨୬ତା’ ଛଡା ତୋର ଓ ଆମ୍ଭ ମଝିରେ ଗୋଟିଏ
ବଡ ଖାତ ଅଛ। ତୋତେ ସାହାଯ୍ୟ କରବା ପାଇଁ ସେହ
ଖାତକୁ କେହ ପାର ହୋଇ ଯାଇ ପାରବେନାହିଁ ଏବଂ
ସେହ ସ୍ଥାନ ଛାଡ କେହ ଏଠାକୁ ଆସି ପାରବେ ନାହିଁ।’
୨୭ଧନୀ ଲୋକ ଜଣକ କହଲେ, ‘ତେବେ ପିତା, ଦୟାକର
ଲାଜାରକୁ ପୃଥିବୀରେ ଥିବା ମୋର ବାପାଙ୍କ ଘରକୁ
ପଠାଅ। ୨୮ମୋର ପାଞ୍ଚଜଣ ଭାଇ ଅଛନ୍ତ। ଲାଜାର ମୋର
ଭାଇମାନଙ୍କୁ ସତର୍କ କରାଇ ଦେବ। ତା’ହେଲେ ସେମାନେ
ଏ ଯନ୍ତ୍ରଣା ଭୋଗ କରବା ସ୍ଥାନକୁ ଆସିବେନାହିଁ।’ ୨୯କନ୍ତୁ
ଅବ୍ରହାମ କହଲେ, ‘ସେମାନଙ୍କ ପାଖରେ ମୋଶାଙ୍କ ନୟମ
ଓ ଭବଷ୍ୟଦ୍‌ବକ୍ତାମାନଙ୍କ ଲେଖା ସବୁ ପଢ଼ିବା ପାଇଁ
ରହଛ। ସେମାନେ ସେଥିରୁ ଶିକ୍ଷା ଲାଭ କରନ୍ତୁ।’
୩୦ଧନୀଲୋକଟି କହଲା, ‘ନା, ପିତା ଅବ୍ରହାମ! ଯଦ ମର
ଯାଇଥିବା ଲୋକମାନଙ୍କ ଭିତରୁ କେହ ଜଣେ ତାହାଙ୍କ
ପାଖକୁ ଯାଏ, ତେବେ ସେମାନେ ବଶ୍ୱାସ କରବେ, ଓ

ସେମାନଙ୍କର ହୃଦୟ୍ ଓ ଜୀବନକୁ ପରିବର୍ତ୍ତନ କରିବେ।’
୩୧କିନ୍ତୁ ଅବ୍ରହାମ ତାହାଙ୍କୁ କହିଲେ, ‘ନା, ଯଦି ତୁମ୍ଭ
ଭାଇମାନେ ମୋଶା ଓ ଭବିଷ୍ୟଦ୍‌ବକ୍ତାଙ୍କ କଥା ଶୁଣିବେନାହିଁ,
ତେବେ ସେମାନେ ମୃତ୍ୟୁରୁ ଫେରି ଆସି ଥିବା କୌଣସି
ଲୋକଙ୍କ କଥା ମଧ୍ୟ ଶୁଣିବେ ନାହିଁ।’”

୧୭ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ, “ନିଶ୍ଚିତ
ଭାବରେ ଏଭଳି ଘଟଣା ଘଟିବ, ଯେଉଁ କାରଣରୁ
ଲୋକେ ପାପ କରିବେ। ମାତ୍ର ଯେଉଁ ଲୋକ ଦ୍ୱାରା
ଏଭଳି ଘଟଣାମାନ ଘଟିବ, ସେହି ଲୋକ ପାଇଁ ଏହା
ବହୁତ ଖରାପ ହେବ। ୨ଯେଉଁଲୋକ ଏଭଳି ଦୁର୍ବଳ
ମାନଙ୍କ ମଧ୍ୟରୁ ଜଣକୁ ହେଲେ ପାପ କରିବା ପାଇଁ
ପ୍ରବର୍ତ୍ତାଏ ତାହା ପାଇଁ ଏହା ବହୁତ ଖରାପ ହେବ।
ବେକରେ ପଥର ବାନ୍ଧି ସମୁଦ୍ରରେ ବୁଡି ମରିବା ତା’
ପକ୍ଷରେ ଭଲ ହେବ। ୩ତେଣୁ ସାବଧାନ ରୁହ। ଯଦି
ତୁମ୍ଭର ଭାଇ ପାପ କରେ, ତେବେ ତାକୁ କୁହ ଯେ ଭୁଲ
କରୁଛି। ସେ ଯଦି ଦୁଃଖ ପ୍ରକାଶ କରି ଆଉ ପାପ କରେ
ନାହିଁ ତେବେ ତାକୁ କ୍ଷମା ଦିଅ। ୪ଯଦି ତୁମ୍ଭର ଭାଇ ଦିନ
ଭିତରେ ତୁମ୍ଭ ପ୍ରତି ସାତଥର ଅନ୍ୟାୟ କରେ, ଓ ପ୍ରତିଥର
ଆସି କହେ ଯେ, ସେ ଏଥିପାଇଁ ଦୁଃଖିତ, ତେବେ ତାକୁ
କ୍ଷମା କରି ଦିଅ।”

## ତୁମ୍ଭର ବିଶ୍ୱାସ କେତେ ଦୃଢ଼

୫ପ୍ରେରିତମାନେ ପ୍ରଭୁଙ୍କୁ କହିଲେ, “ଆମ୍ଭକୁ ଅଧିକ
ବିଶ୍ୱାସ ପ୍ରଦାନ କର।”
୬ପ୍ରଭୁ କହିଲେ, “ଯଦି ତୁମ୍ଭମାନଙ୍କର ବିଶ୍ୱାସ ଗୋଟିଏ
ସୋରିଷ ଦାନା ପରିମାଣର ହୋଇଥାଏ, ତେବେ ତୁମ୍ଭେମାନେ
ଏହି ତୁତ ଗଛକୁ କହିପାରିବ, ନିଜକୁ ଉପାଡିନେଇ
ସମୁଦ୍ରରେ ରୋପଣ କର, ତେବେ ଗଛଟି ତୁମ୍ଭମାନଙ୍କ
କଥା ମାନିବ।

## ଉତ୍ତମ ସେବକ ହୁଅ

୭“ମନେକର ତୁମ୍ଭମାନଙ୍କ ଭିତରୁ ଜଣକର ଚାକରଟିଏ
ଅଛି। ସେହି ଚାକର ତୁମ୍ଭ ବିଲରେ କାମ କରିଆସେ।
ସେ ତୁମ୍ଭ ବିଲରେ ହଳ କରିଆସୁଛି କିମ୍ବା ମେଣ୍ଢାଙ୍କ ଯତ୍ନ
ନେଇ ଆସେ। ସେ କାମରୁ ଫେରିବା ପରେ ତୁମ୍ଭେ ତାକୁ
କ’ଣ କହିବ? ତୁମ୍ଭେ କ’ଣ କହିବ ଯେ, ‘ଭିତରକୁ ଆସ
ଓ ଖାଇବାକୁ ବସ?’ ୮ନା, ତୁମ୍ଭେ ତୁମ୍ଭର ଚାକରକୁ
କହିବ, ‘ମୋ ପାଇଁ କିଛି ଖାଇବାକୁ ପ୍ରସ୍ତୁତ କର। ମୋ
ଖିଆପିଆ ସରିଲେ ତୁମ୍ଭେମାନେ ଖାଇବ ଓ ପିଇବ।’
୯ଚାକର ବିଶେଷ ଧନ୍ୟବାଦ ବି ପାଇବା କଥା ନୁହେଁ।
କାରଣ ମାଲିକ ଯାହା କରିବାକୁ କହନ୍ତି, ସେ କେବଳ
ତାହାହିଁ କରେ। ୧୦ତୁମ୍ଭମାନଙ୍କ କ୍ଷେତ୍ରରେ ସେହି ଏକା
କଥା ହେବ। ତୁମ୍ଭମାନଙ୍କୁ ଦିଆଯାଇଥିବା କାମତକ କରି
ଦେବା ପରେ ତୁମ୍ଭମାନଙ୍କର କହିବା ଉଚିତ ଯେ ‘ଆମ୍ଭେମାନେ
କୌଣସି ବିଶେଷ ଧନ୍ୟବାଦ ପାଇବାକୁ ଯୋଗ୍ୟ ନୋହୁଁ।
କାରଣ ଆମ୍ଭେ ଅଯୋଗ୍ୟ ଚାକର ଓ ଆମ୍ଭର ଯାହା କରିବା
ଉଚିତ, ଆମ୍ଭେ କେବଳ ତାହାହିଁ କରିଛୁ।’”

## କୃତଜ୍ଞ ରୁହ

୧୧ଯୀଶୁ ଯିରୂଶାଲମ ଯାତ୍ରା କରୁଥିଲେ। ସେ ଗାଲିଲୀରୁ
ଶମିରୋଣକୁ ଗଲେ। ୧୨ସେ ଗୋଟିଏ ଛୋଟ ନଗରକୁ
ଆସିଲେ। ସେଠାରେ ତାହାଙ୍କୁ ଦଶ ଜଣ ଲୋକ ଭେଟିଲେ।
ସେହି ସମସ୍ତଙ୍କର କୁଷ୍ଠ ରୋଗ ହୋଇଥିବାରୁ ସେମାନେ
କେହି ଯୀଶୁଙ୍କର ଅତି ପାଖକୁ ଆସି ପାରିଲେନାହିଁ।
୧୩କିନ୍ତୁ ସେମାନେ ଯୀଶୁଙ୍କୁ ପାଟି କରି ଡାକିଲେ, “ହେ
ପ୍ରଭୁ ଯୀଶୁ! ଦୟାକରି ଆମ୍ଭକୁ ସାହାଯ୍ୟ କର।”
୧୪ଯୀଶୁ ଲୋକମାନଙ୍କୁ ଦେଖି କହିଲେ, “ତୁମ୍ଭେମାନେ
ଯାଇ ନିଜ ଦେହକୁ ଯାଜକମାନଙ୍କୁ ଦେଖାଅ।”
ସେହି ଦଶ ଜଣ ଲୋକ ଯାଜକଙ୍କ ପାଖକୁ ଗଲାବେଳେ
ସୁସ୍ଥ ହୋଇଗଲେ। ୧୫ଜଣେ ଲୋକ ନିଜକୁ ସୁସ୍ଥ ହୋଇ
ଯାଇଥିବାର ଦେଖି ଯୀଶୁଙ୍କ ପାଖକୁ ଫେରି ଆସିଲା। ସେ
ବଡ ପାଟିକରି ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲା। ୧୬ସେ
ଯୀଶୁଙ୍କ ପାଦତଳେ ନଇଁପଡି ପ୍ରଣାମ କଲା ଓ ତାହାଙ୍କୁ
ଧନ୍ୟବାଦ ଦେଲା। (ଏହି ଲୋକଟି ଶମିରୋଣର ଅଧିବାସୀ
ଥିଲା। ସେ ଯିହୂଦୀ ନଥିଲା) ୧୭ଯୀଶୁ ଉତ୍ତର ଦେଲେ,
“ଦଶ ଜଣ ଲୋକ ସୁସ୍ଥ ହେଲେ; ତେବେ ଅନ୍ୟ ନଅ
ଜଣ କାହାଁନ୍ତି? ୧୮ସୁସ୍ଥ ହୋଇ ସାରିବା ପରେ ପୁଣି ଫେରି
ଆସି ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଇବା ପାଇଁ କ’ଣ ଏହି
ଶମିରୋଣୀୟ୍ ଜଣକ କେବଳ ଥିଲା?” ୧୯ତାପରେ ଯୀଶୁ
ତାହାକୁ କହିଲେ, “ଠିଆ ହୁଅ। ତୁମ୍ଭ ଏବେ ଯାଅ। ତୁମ୍ଭର
ବିଶ୍ୱାସ କରି ଥିବା ହେତୁ ତୁମ୍ଭେ ଭଲ ହୋଇଗଲ।”

## ପରମେଶ୍ୱରଙ୍କ ରାଜ୍ୟ ତୁମ୍ଭ ନିଜ ଭିତରେ ଅଛି

୨୦କେତେକ ଫାରୂଶୀ ଯୀଶୁଙ୍କୁ ପଚାରିଲେ, “ପରମେଶ୍ୱରଙ୍କ
ରାଜ୍ୟ କେବେ ଆସିବ?”
ଯୀଶୁ ଉତ୍ତର ଦେଲେ, “ପରମେଶ୍ୱରଙ୍କ ରାଜ୍ୟ ଆସୁଛି।
କିନ୍ତୁ ଯେଉଁଭଳି ଭାବରେ ଆସିବ, ତାହାକୁ ତୁମ୍ଭେମାନେ
ଆଖିରେ ଦେଖି ପାରିବନାହିଁ। ୨୧ଲୋକମାନେ କହିବେନାହିଁ
ଯେ, ‘ହେଇ ଦେଖ, ପରମେଶ୍ୱରଙ୍କ ରାଜ୍ୟ ଏଠାରେ ଅଛି
କିମ୍ବା ସେଠାରେ ଅଛି। ନା, ପରମେଶ୍ୱରଙ୍କ ରାଜ୍ୟ ତୁମ୍ଭମାନଙ୍କ
ନିଜ ଭିତରେ ଅଛି।’”
୨୨ତାପରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ,
“ଦିନ ଆସିବ, ଯେତେବେଳେ ତୁମ୍ଭେମାନେ ମନୁଷ୍ୟପୁତ୍ରଙ୍କ
ଦିନ ଗୁଡିକମାନଙ୍କ ଭିତରୁ ଦିନଟିଏ ଦେଖିବାକୁ ବହୁତ
ଇଚ୍ଛା କରିବ। କିନ୍ତୁ ତୁମ୍ଭେମାନେ ତାହା ଦେଖି ପାରିବନାହିଁ।
୨୩ଲୋକମାନେ ତୁମ୍ଭମାନଙ୍କୁ କହିବେ, ‘ଦେଖ ତାହା ସେଠାରେ!’
‘ଦେଖ, ତାହା ଏଠାରେ!’ କିନ୍ତୁ ତୁମ୍ଭେମାନେ ଯେଉଁଠି ଅଛ
ସେହିଠାରେ ରୁହ। ବାହାରକୁ ଯାଇ ଖୋଜନାହିଁ।

## ଯୀଶୁଙ୍କ ପୁନରାଗମନର ସମୟ

୨୪“ମନୁଷ୍ୟପୁତ୍ରଙ୍କର ଫେରି ଆସିବା ସମୟ ତୁମ୍ଭେମାନେ
ଜାଣି ପାରିବ। ଯେଉଁ ଦିନ ସେ ଫେରି ଆସିବେ, ସେ
ଆକାଶରେ ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତର ପର୍ଯ୍ୟନ୍ତ ଉଜ୍ଜ୍ୱଳ
ବିଜୁଳି ଝଲକିଲା ଭଳି ଦେଖାଯିବେ। ୨୫କିନ୍ତୁ ମନୁଷ୍ୟପୁତ୍ର
ପ୍ରଥମେ ଅନେକ ଯନ୍ତ୍ରଣା ଭୋଗ କରିବେ ଏବଂ ବର୍ତ୍ତମାନର

ଲୋକମାନଙ୍କ ଦ୍ୱାରା ହତ ହେବେ। ୨୬ନୋହ ବାସ
କରୁଥିବା ସମୟରେ ଯାହା ଘଟିଥିଲା, ମନୁଷ୍ୟ ପୁତ୍ର
ଫେରିଆସିବା ସମୟରେ ସେହି ଏକା କଥା ଘଟିବ।
୨୭ନୋହଙ୍କ ସମୟରେ, ଏପରିକି ନୋହ ଜାହାଜରେ ବସିବା
ସମୟ ପର୍ଯ୍ୟନ୍ତ ଲୋକମାନେ ଖିଆପିଆ କରୁଥିଲେ ଓ
ବିବାହ କରୁଥିଲେ। ତା'ପରେ ବନ୍ୟା ମାଡ଼ି ଆସିଲା ଓ
ସେ ସମସ୍ତଙ୍କୁ ମାରି ଦେଲା। ୨୮ପରମେଶ୍ୱର ଲୋଟଙ୍କ
ସମୟରେ ସଦୋମ ନଗର ଧ୍ୱଂସ କଲାବେଳେ ଯାହା
ଘଟିଥିଲା, ଏବେ ମଧ୍ୟ ସେହି କଥା ଘଟିବ। ସେହି
ଲୋକମାନେ ସେତେବେଳେ ଖିଆପିଆ, କିଣାବିକା କରୁଥିଲେ।
ଗଛ ଲଗାଉଥିଲେ ଓ ନିଜ ପାଇଁ ଘର ତୋଳୁ ଥିଲେ।
୨୯ଲୋଟ ନଗର ଛାଡ଼ି ଚାଲିଯିବା ସମୟ ପର୍ଯ୍ୟନ୍ତ ମଧ୍ୟ
ଲୋକମାନେ ଏସବୁ କାମ କରୁଥିଲେ। ତା'ପରେ ସେଠାରେ
ଆକାଶରୁ ଅଗ୍ନି ଓ ଗନ୍ଧକ ବର୍ଷା ହେଲା ଓ ତାହା
ସମସ୍ତଙ୍କୁ ମାରିଦେଲା। ୩୦ଯେତେବେଳେ ମନୁଷ୍ୟପୁତ୍ର ଫେରି
ଆସିବେ, ସେତେବେଳେ ଠିକ୍ ସେହିଭଳି ଘଟଣା ଘଟିବ।
୩୧"ସେ ଦିନ ଯଦି କୌଣସି ଲୋକ ତା'ର ଘରର
ଛାତ ଉପରେ ଥିବ, ଭିତରକୁ ଯାଇ ଜିନିଷପତ୍ର ଆଣିବାକୁ
ତାକୁ ସମୟ ହେବନାହିଁ। ଯଦି କୌଣସି ଲୋକ ବିଲରେ
ଥିବ, ତେବେ ସେ ଘରକୁ ଫେରି ପାରିବନାହିଁ। ୩୨ଲୋଟଙ୍କ
ସ୍ତ୍ରୀଙ୍କର କ'ଣ ହୋଇଥିଲା, ମନେ ପକାଅ। ୩୩ଯେଉଁଲୋକ
ନିଜ ଜୀବନ ରକ୍ଷା କରିବାକୁ ଚେଷ୍ଟା କରିବ, ସେ ତାହା
ହରେଇ ବସିବ। କିନ୍ତୁ ଯେଉଁ ଲୋକ ତା ଜୀବନ
ପରିତ୍ୟାଗ କରିବ, ସେ ତାହା ରକ୍ଷା କରିବ। ୩୪ମୁଁ ଫେରି
ଆସିବା ସମୟରେ ଗୋଟିଏ କୋଠରୀରେ ହୁଏତ ସେହି
ରାତିରେ ଦୁଇଜଣ ଲୋକ ଶୋଇଥାଇ ପାରନ୍ତି, କିନ୍ତୁ
ସେମାନଙ୍କ ମଧ୍ୟରୁ ଜଣକୁ ନିଆ ହେବ ଓ ଅନ୍ୟ ଜଣକୁ
ଛାଡ଼ି ଦିଆଯିବ। ୩୫ହୁଏତ ଦୁଇଜଣ ସ୍ତ୍ରୀଲୋକ ଏକତ୍ର
ଚକିରେ ଶସ୍ୟ ଦାନା ପେଶୁ ଥାଇ ପାରନ୍ତି, କିନ୍ତୁ
ସେମାନଙ୍କ ମଧ୍ୟରୁ ଜଣକୁ ନେଇ ନିଆଯିବ ଓ ଅନ୍ୟ
ଜଣକୁ ଛାଡ଼ି ଦିଆଯିବ।" ୩୬*
୩୭ଶିଷ୍ୟମାନେ ଯୀଶୁଙ୍କୁ ପଚାରିଲେ, "ଏ ଘଟଣା କେଉଁଠାରେ
ଘଟିବ ପ୍ରଭୁ?"
ଯୀଶୁ ଉତ୍ତର ଦେଲେ, "ଶାଗୁଣାମାନେ ଉଡ଼ିବା ଦ୍ୱାରା
ଲୋକମାନେ ଜାଣିପାରନ୍ତି କୌଣସି ଏକ ଶବ ପଡ଼ିଛି।"

## ପରମେଶ୍ୱର ତାହାଙ୍କ ଲୋକଙ୍କୁ ଉତ୍ତର ଦେବେ

୧୮ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ଉପଦେଶ ଦେଉଥିଲେ
ଯେ, ସେମାନେ ସଦାବେଳେ ପ୍ରାର୍ଥନା କରିବା
ଉଚିତ। ଏବଂ କେବେହେଲେ ଭରସା ହରେଇବା ଉଚିତ
ନୁହେଁ। ଯୀଶୁ ସେମାନଙ୍କୁ ଉପଦେଶ ଦେବାପାଇଁ ଏହି
ଦୃଷ୍ଟାନ୍ତ କହିଲେ: ୨"ଥରେ ଗୋଟିଏ ନଗରରେ ଜଣେ
ବିଚାରପତି ଥିଲେ। ପରମେଶ୍ୱରଙ୍କୁ ତାହାଙ୍କର ଡର ନଥିଲା
କି ଲୋକମାନେ ତାହାଙ୍କ ବିଷୟରେ କ'ଣ ଭାବୁଛନ୍ତି,
ସେଥିପ୍ରତି ଖାତିର କରୁ ନଥିଲେ। ୩ସେହି ନଗରରେ
ଗୋଟିଏ ସ୍ତ୍ରୀଲୋକ ଥିଲା। ତା'ର ସ୍ୱାମୀ ମରି ଯାଇଥିଲା।
ସେ ସ୍ତ୍ରୀଲୋକଟି ଏହି ବିଚାରପତିଙ୍କ ନିକଟକୁ ବହୁତ ଥର
ଆସୁଥିଲା। ସେ ବିଚାରପତିଙ୍କୁ କହୁଥିଲା, 'ଗୋଟିଏ ଲୋକ
ମୋ ପ୍ରତି ଅନ୍ୟାୟ କରୁଛି। ତୁମ୍ଭେ ମୋତେ ମୋ ନ୍ୟାୟ
ଅଧିକାର ଦିଅ।' ୪କିନ୍ତୁ ବିଚାରପତି ସ୍ତ୍ରୀଲୋକଟିକୁ ସାହାଯ୍ୟ
କରିବାକୁ ଇଚ୍ଛା କରିନଥିଲେ। କେତେ ସମୟ ପରେ
ବିଚାରପତି ଜଣକ ମନେମନେ ଭାବିଲେ, 'ମୁଁ ପରମେଶ୍ୱରଙ୍କୁ
ଡରୁନାହିଁ କି ଲୋକମାନେ ମୋ ବିଷୟରେ କ'ଣ ଭାବୁଛନ୍ତି,
ସେଥିପ୍ରତି ଖାତିର ବି କରୁନାହିଁ। ୫କିନ୍ତୁ ଏହି ସ୍ତ୍ରୀଲୋକଟି
ମୋତେ ସବୁବେଳେ ବ୍ୟସ୍ତ କରି ପକାଉଛି। ମୁଁ ତାକୁ
ନ୍ୟାୟଅଧିକାର ଦେଇଦେଲେ ସେ ମୋ ପିଛା ଛାଡ଼ିଦେବ।
ନଚେତ ସେ ମୋତେ ହଇରାଣ କରୁଥିବ।'"
୬ପ୍ରଭୁ! କହିଲେ, "ଶୁଣ, ସେହି ଦୁଷ୍ଟବିଚାରପତି ଜଣକ
ଯାହା କହିଲେ, ସେ କଥାର ଗୋଟିଏ ଅର୍ଥ ଅଛି।
୭ପରମେଶ୍ୱରଙ୍କ ଦ୍ୱାରା ମନୋନୀତ ଲୋକମାନେ ଦିନରାତି
ତାହାଙ୍କୁ ପାଟି କରି ଡାକୁଥାନ୍ତି। ଯାହା ଠିକ୍, ତାହା
ପରମେଶ୍ୱର ତାହାଙ୍କ ଲୋକଙ୍କୁ ସଦାବେଳେ ଦେଇଥାନ୍ତି।
ନିଜ ଲୋକଙ୍କୁ ଉତ୍ତର ଦେବାରେ ପରମେଶ୍ୱର ଆଦୌ
ବିଳମ୍ବ କରିବେ ନାହିଁ। ୮ମୁଁ ତୁମ୍ଭକୁ କହୁଛି। ଅତି ଶୀଘ୍ର
ପରମେଶ୍ୱର ତାହାଙ୍କ ଲୋକଙ୍କୁ ସାହାଯ୍ୟ କରିବେ। କିନ୍ତୁ
ମନୁଷ୍ୟପୁତ୍ର ପୁଣିଥରେ ଫେରି ଆସିବା ପରେ ସେ ଏ
ପୃଥିବୀରେ ତାହାଙ୍କର ବିଶ୍ୱାସୀମାନଙ୍କୁ ପାଇ ପାଇବେ
କି?"

## ପରମେଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ରହିବା ଉଚିତ

୯କେତେକ ଲୋକ ଭାବୁଥିଲେ ଯେ ସେମାନେ ବହୁତ
ଭଲ ଅଟନ୍ତି। ସେମାନେ ନିଜେ ଅନ୍ୟମାନଙ୍କ ଅପେକ୍ଷା
ବହୁତ ଭଲ ହୋଇଥିବା ଭଳି ବ୍ୟବହାର କରୁଥିଲେ।
ଯୀଶୁ ସେମାନଙ୍କୁ ଉପଦେଶ ଦେବାପାଇଁ ଏହି ଦୃଷ୍ଟାନ୍ତ
କହିଲେ: ୧୦"ଜଣେ ଫାରୂଶୀ ଓ ଜଣେ କରଆଦାୟକାରୀ
ଥିଲେ। ଦିନେ ସେହି ଦୁଇଜଣ ପ୍ରାର୍ଥନା କରିବାକୁ ମନ୍ଦିରକୁ
ଗଲେ। ୧୧ଫାରୂଶୀଜଣକ କରଆଦାୟକାରୀଙ୍କଠାରୁ ଦୂରରେ
ଅଲଗା ଠିଆ ହୋଇଥିଲେ। ଫାରୂଶୀ ଜଣକ ପ୍ରାର୍ଥନା
କଲାବେଳେ କହିଲେ, 'ହେ ପରମେଶ୍ୱର, ମୁଁ ଅନ୍ୟ
ଲୋକଙ୍କ ଭଳି ଖରାପ ହୋଇନଥିବାରୁ ତୁମ୍ଭକୁ କୃତଜ୍ଞତା
ଜଣାଉଛି। ମୁଁ ଚୋର, ଠକାମି, ବ୍ୟଭିଚାର ପାପ କରୁଥିବା
ଲୋକମାନଙ୍କ ଭଳି ନୁହେଁ। ମୁଁ ଏହି କରଆଦାୟକାରୀ
ଅପେକ୍ଷା ଭଲ ହୋଇଥିବାରୁ ତୁମ୍ଭ ପାଖରେ କୃତଜ୍ଞତା
ଜଣାଉଛି। ୧୨ମୁଁ ଜଣେ ଭଲ ଲୋକ। ମୁଁ ସପ୍ତାହରେ
ଦୁଇ ଥର ଉପବାସ କରେ। ମୁଁ ମୋର ସମସ୍ତ ରୋଜଗାରର
ଦଶ ଭାଗରୁ ଏକ ଭାଗ ଦାନ କରେ।'
୧୩"କରଆଦାୟକାରୀ ମଧ୍ୟ ଅଲଗା ଏକାକୀ ଠିଆ
ହୋଇଥିଲେ। କିନ୍ତୁ ପ୍ରାର୍ଥନା କଲାବେଳେ ସେ ସ୍ୱର୍ଗ ଆଡ଼କୁ
ମଧ୍ୟ ଚାହିଁଲେ ନାହିଁ। କରଆଦାୟକାରୀ ପରମେଶ୍ୱରଙ୍କ

---

**ପଦସଂଖ୍ୟା ୩୬** କେତେକ ଗ୍ରୀକ୍-ପ୍ରତୀକରେ ଲୂକଙ୍କର ଏହି ଛତିଶତମ ପଦ ଅଛି: "ହୁଏତ ଗୋଟିଏ ଜମିରେ ଦୁଇଜଣ ପୁରୁଷ କାମ କରିପାରୁଥାଆନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ଜଣକୁ ନିଆଯିବ ଓ ଅନ୍ୟ ଜଣକୁ ଛାଡ଼ି ଦିଆଯିବ।"

ପାଖରେ ନିଜକୁ ନମ୍ରକରି ପ୍ରାର୍ଥନା କଲେ, "ହେ ପରମେଶ୍ୱର,
ମୋ ଉପରେ ଦୟା କର। ମୁଁ ଜଣେ ପାପୀ।" ୧୪ମୁଁ
ତୁମ୍ଭମାନଙ୍କୁ କହୁଛି, 'ଏହି ଲୋକଟି ଯେତେବେଳେ ତା'ର
ପ୍ରାର୍ଥନା ଶେଷ କରି ତା' ଘରକୁ ଫେରିଗଲା, ସେ
ପରମେଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ପରିଗଣିତ ହେଲା। କିନ୍ତୁ
ଯେଉଁ ଫାରୂଶୀ ଅନୁଭବ କଲା ଯେ ସେ ଅନ୍ୟଲୋକମାନଙ୍କ
ଅପେକ୍ଷା ଭଲ ଲୋକ, ସେ ପରମେଶ୍ୱରଙ୍କ ପ୍ରତି ବିଶ୍ୱସ୍ତ
ନଥିଲା। ଯେଉଁ ଲୋକ ନିଜକୁ ନିଜେ ମହାନ ବୋଲିଭାବେ,
ତାକୁ ହୀନ କରି ଦିଆଯିବ, କିନ୍ତୁ ଯେଉଁ ଲୋକ ନିଜକୁ
ହୀନ କରି ଦିଏ ତାକୁ ମହାନ କରା ଯିବ।'"

### ପରମେଶ୍ୱରଙ୍କ ରାଜ୍ୟରେ କେଉଁମାନେ ପ୍ରବେଶ କରିବେ

୧୫କେତେକ ଲୋକ ସେମାନଙ୍କର ଛୋଟ ଛୋଟ
ପିଲାମାନଙ୍କୁ ଯୀଶୁଙ୍କ ପାଖକୁ ଆଣିଲେ ଯେପରି ଯୀଶୁ
ସେହି ପିଲାମାନଙ୍କୁ କେବଳ ଛୁଇଁବେ। ଯୀଶୁଙ୍କ ଶିଷ୍ୟମାନେ
ଏହା ଦେଖି ଲୋକମାନଙ୍କୁ ଏହା ନ କରିବାକୁ କହିଲେ।
୧୬କିନ୍ତୁ ଯୀଶୁ ସେହି ଛୋଟ ପିଲାମାନଙ୍କୁ ପାଖକୁ ଡାକିଲେ।
ସେ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ, "ଛୋଟ ପିଲାମାନେ
ମୋ ପାଖକୁ ଆସନ୍ତୁ। ସେମାନଙ୍କୁ ଅଟକାଅ ନାହିଁ। କାରଣ
ଯେଉଁ ଲୋକମାନେ ଏହି ଛୋଟ ପିଲାମାନଙ୍କ ଭଳି
ହୋଇଥିବେ, କେବଳ ସେହି ମାନେ ପରମେଶ୍ୱରଙ୍କ ରାଜ୍ୟର
ଅଧିକାରୀ ହେବେ। ୧୭ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି।
ଗୋଟିଏ ଛୋଟ ପିଲା କିଛି ଗ୍ରହଣ କଲାଭଳି ତୁମ୍ଭେମାନେ
ପରମେଶ୍ୱରଙ୍କ ରାଜ୍ୟ ଗ୍ରହଣ ନ କଲେ ତା'ମଧିରେ
ପ୍ରବେଶ କରି ପାରିବନାହିଁ।"

### ଜଣେ ଧନୀଲୋକ ଯୀଶୁଙ୍କୁ ଗୋଟିଏ ପ୍ରଶ୍ନ ପଚାରିଲେ

୧୮ଜଣେ ଯିହୂଦୀ ନେତା ଯୀଶୁଙ୍କୁ ପଚାରିଲେ, "ହେ
ଉତ୍ତମ ଗୁରୁ! ଅନନ୍ତଜୀବନ ଲାଭ କରିବା ପାଇଁ ମୁଁ କ'ଣ
କରିବା ଉଚିତ?"
୧୯ଯୀଶୁ ତାହାଙ୍କୁ କହିଲେ, "ତୁମ୍ଭେ ମୋତେ ଉତ୍ତମ
ବୋଲି କାହିଁକି କହିଲ? କେବଳ ପରମେଶ୍ୱରହିଁ ଉତ୍ତମ।
୨୦ମୁଁ କିନ୍ତୁ ତୁମ୍ଭ ପ୍ରଶ୍ନର ଉତ୍ତର ଦେବି। ତୁମ୍ଭେ ପରମେଶ୍ୱରଙ୍କ
ଆଜ୍ଞାମାନ ଜାଣିଛ: 'ତୁମ୍ଭେ ବ୍ୟଭିଚାର କରିବ ନାହିଁ, ତୁମ୍ଭେ
କାହାରିକୁ ହତ୍ୟା କରିବ ନାହିଁ, କୌଣସି ଜିନିଷ ଚୋରି
କରିବ ନାହିଁ, ଅନ୍ୟ ଲୋକଙ୍କ ବିଷୟରେ କେବେହେଁ ମିଛ
କହିବ ନାହିଁ, ତୁମ୍ଭେ ତୁମ୍ଭର ବାପାମାଆଙ୍କୁ ନିଶ୍ଚୟ ସମ୍ମାନ
ଦେବ....'*"
୨୧କିନ୍ତୁ ଯିହୂଦୀ ନେତା ଜଣକ କହିଲେ, "ମୁଁ ମୋ
ପିଲା ଦିନୁ ଏସବୁ ଆଜ୍ଞା ମାନିଆସିଛି।"
୨୨ଏକଥା ଶୁଣି ଯୀଶୁ ସେହି ନେତାଙ୍କୁ କହିଲେ,
"ତଥାପି ଏ ପର୍ଯ୍ୟନ୍ତ ଆଉ ଗୋଟିଏ କଥା ତୁମ୍ଭର
କରିବାକୁ ବାକିଅଛି। ତୁମ୍ଭର ଯାହା ଅଛି ସବୁ ବିକି ଦେଇ
ଗରିବଙ୍କୁ ବାଣ୍ଟିଦିଅ। ତୁମ୍ଭକୁ ସ୍ୱର୍ଗରେ ପୁରସ୍କାର ମିଳିବ।
ତା'ପରେ ତୁମ୍ଭେ ଆସ ଓ ମୋର ଅନୁସରଣ କର।"
୨୩ନେତା ଜଣକ ଏହା ଶୁଣି ବହୁତ ମନ ଦୁଃଖ କଲେ।
ସେ ବହୁତ ଧନୀ ଥିଲେ ଓ ନିଜ ଧନତକ ରଖିବାକୁ
ଚାହୁଁଥିଲେ।
୨୪ସେହି ଯିହୁଦୀ ନେତାଙ୍କୁ ଦୁଃଖିତ ହେବାର ଦେଖି
ଯୀଶୁ କହିଲେ, "ପରମେଶ୍ୱରଙ୍କ ରାଜ୍ୟରେ ଧନୀ ଲୋକମାନେ
ପ୍ରବେଶ କରିବା ବହୁତ କଠିନ। ୨୫ଜଣେ ଧନୀଲୋକ
ପକ୍ଷରେ ପରମେଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ଠାରୁ,
ଗୋଟିଏ ଛୁଞ୍ଚି କଣାଦେଇ ଓଟଟିଏ ଗଳିଯିବା ଅଧିକ
ସହଜ।"

### କେଉଁମାନେ ପରିତ୍ରାଣ ପାଇ ପାରିବେ

୨୬ଲୋକମାନେ ଏକଥା ଶୁଣିବା ପରେ କହିଲେ, "ତେବେ
କେଉଁମାନେ ପରିତ୍ରାଣ ପାଇ ପାରିବେ?"
୨୭ଯୀଶୁ କହିଲେ, "ଯେଉଁ କାମ ମନୁଷ୍ୟ ପକ୍ଷରେ
ସମ୍ଭବ ନହେଁ, ତାହା ପରମେଶ୍ୱର କରି ପାରିବେ।"
୨୮ପିତର କହିଲେ, "ଦେଖନ୍ତୁ, ଆମ୍ଭେ ଆମ୍ଭର ସର୍ବସ୍ୱ
ଛାଡିଦେଇ ଆପଣଙ୍କ ଅନୁସରଣ କରିଛୁ।"
୨୯ଯୀଶୁ କହିଲେ, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି।
ଯେଉଁ ଲୋକ ପରମେଶ୍ୱରଙ୍କ ରାଜ୍ୟ ପାଇଁ ତାର ଘର,
ପତ୍ନୀ, ଭାଇ, ବାପାମାଆ କିମ୍ବା ପିଲାମାନଙ୍କୁ ଛାଡିଥିବ,
୩୦ସେ ଛାଡି ଥିବା ବସ୍ତୁ ଅପେକ୍ଷା ଅଧିକ ପାଇବ। ସେ
ଲୋକ ଏହି ଜୀବନକାଳ ମଧ୍ୟରେ ତ ଅନେକ ଗୁଣ
ଅଧିକ ପାଇବ, ଏବଂ ମରିଗଲା ପରେ ମଧ୍ୟ ସେ
ପରମେଶ୍ୱରଙ୍କ ସହିତ ଚିରକାଳ ବାସ କରିବ।

### ଯୀଶୁ ମୃତ୍ୟୁରୁ ପୁଣି ଜୀବିତ ହେବେ

୩୧ତା'ପରେ ଯୀଶୁ ଅଲଗା ଭାବରେ ବାରଜଣ ଶିଷ୍ୟଙ୍କୁ
କହିଲେ, "ଶୁଣ, ଆମ୍ଭେମାନେ ଯିରୂଶାଲମକୁ ଯାଉଛୁ।
ପରମେଶ୍ୱର ଭବିଷ୍ୟଦ୍‌ବକ୍ତାମାନଙ୍କୁ ମନୁଷ୍ୟପୁତ୍ରଙ୍କ ବିଷୟରେ
ଯାହା ସବୁ ଲେଖିବାକୁ କହିଥିଲେ,ସେ ସବୁ ଘଟିବ।
୩୨ତାହାଙ୍କ ଲୋକମାନେ ତାହାଙ୍କୁ ବିଧର୍ମୀମାନଙ୍କ ହାତରେ
ଦେଇଦେବେ। ତାହାଙ୍କୁ ଉପହାସ କରାଯିବ। ଲୋକେ
ତାହାଙ୍କୁ ଅପମାନ ଦେବେ ଓ ତାହାଙ୍କ ଉପରକୁ ଛେପ
ପକାଇବେ। ୩୩ସେମାନେ ତାହାଙ୍କୁ ଚାବୁକରେ ପିଟିବେ ଓ
ଶେଷରେ ମାରିଦେବେ। କିନ୍ତୁ ମୃତ୍ୟୁର ତୃତୀୟ ଦିବସରେ
ସେ ପୁଣି ଜୀବିତ ହୋଇ ଉଠିବେ।" ୩୪ପ୍ରେରିତମାନେ
ଏକଥା ବୁଝିବାକୁ ଚେଷ୍ଟା କଲେ। ମାତ୍ର ସେମାନେ ବୁଝି
ପାରିଲେନାହିଁ। ଏକଥାର ଅର୍ଥ ସେମାନଙ୍କ ପାଖରେ ଗୁପ୍ତ
ରହିଲା।

### ଯୀଶୁ ଗୋଟିଏ ଅନ୍ଧକୁ ସୁସ୍ଥ କରିଦେଲେ

୩୫ଯୀଶୁ ଯିରୀହୋ ନଗର ପାଖାପାଖି ହୋଇ ଆସିଲେ।
ସେତେବେଳେ ରାସ୍ତା କଡରେ ଗୋଟିଏ ଅନ୍ଧ ବସିଥିଲା।
ସେହି ଅନ୍ଧଟି ଭିକ ମାଗୁଥିଲା। ୩୬ସେ ରାସ୍ତାରେ ଯାଉଥିବା
ଲୋକମାନଙ୍କ କୋଳାହଳ ଶୁଣିପାରି ପଚାରିଲା, "ଘଟଣା
କ'ଣ?"

---

**'ତୁମ୍ଭେ ବ୍ୟଭିଚାର ... ଦେବ'** ଯାତ୍ରାପୁସ୍ତକ ୨୦:୧୨-୧୬;
ଦ୍ୱିତୀୟ ବିବରଣ ୫:୧୬-୨୦

୩୭ଲୋକମାନେ କହଲେ, "ନାଜରତର ଯୀଶୁ ଏହ ବାଟ
ଦେଇ ଯାଉଛନ୍ତ।"
୩୮ଅନ୍ଧଟି ଉତ୍ତେଜତ ହୋଇ ପଡ଼ଲା, ଓ କହଲା,
"ଦାଉଦଙ୍କ ପୁତ୍ର ଯୀଶୁ ଦୟାକର ମୋତେ ସାହାଯ୍ୟ
କର।"
୩୯ଆଗରେ ଯାଉଥିବା ଲୋକମାନେ ଅନ୍ଧକୁ ଧମକ
ଦେଲେ। ସେମାନେ ଅନ୍ଧକୁ ଚୁପ୍ ରହବାକୁ କହଲେ।
କନ୍ତୁ ସେ ଆହୁରି ଜୋର୍‌ରେ ପାଟି କର କହଲା, "ହେ
ଦାଉଦଙ୍କ ପୁତ୍ର; ଦୟାକର ମୋତେ ସାହାଯ୍ୟ କରନ୍ତୁ।"
୪୦ଯୀଶୁ ସେଠାରେ ଅଟକ ଗଲେ, ସେ ଆଜ୍ଞା ଦେଲେ
"ତାହାକୁ ମୋ ପାଖକୁ ଆଣ।" ସେ ପାଖକୁ ଆସିବା
ପରେ ଯୀଶୁ ତାକୁ ପଚାରଲେ, ୪୧"ମୁଁ ତୁମ୍ଭ ପାଇଁ କ'ଣ
କରବ ବୋଲି ତୁମ୍ଭେ ଚାହୁଁଛ?"
ସେହ ଅନ୍ଧଟି କହଲା, "ପ୍ରଭୁ, ମୁଁ ପୁଣି ଥରେ ଦେଖି
ପାରବାକୁ ଚାହୁଁଛ।"
୪୨ଯୀଶୁ ତାହାକୁ କହଲେ, "ତୁମ୍ଭେ ଦୃଷ୍ଟି ଶକ୍ତ ଲାଭ
କର। ତୁମ୍ଭର ବଶ୍ୱାସ ହିଁ ତୁମ୍ଭକୁ ଉଦ୍ଧାର କଲା।"
୪୩ତତ୍ ସଙ୍ଗେ ସଙ୍ଗେ ଅନ୍ଧଟି ଦୃଷ୍ଟି ଶକ୍ତ ଫେରପାଇଲା।
ସେ ପରମେଶ୍ୱରଙ୍କୁ ପ୍ରଶଂସା କର ଯୀଶୁଙ୍କୁ ଅନୁସରଣ
କଲା। ଏହ ଘଟଣା ଦେଖି ଥିବା ଲୋକେ ପରମେଶ୍ୱରଙ୍କ
ସ୍ତୁତିଗାନ କଲେ।

### ଜଖିୟ

୧୯ ଯୀଶୁ ଯିରୀହୋ ନଗର ଦେଇ ଯାଉଥିଲେ।
୨ଯିରୀହୋରେ ଜଖିୟ ବୋଲ ଜଣେ ଲୋକ
ଥିଲେ। ସେ ଜଣେ ପ୍ରଧାନ କରଆଦାୟକାରୀ ଥିଲେ ଓ
ସେ ବହୁତ ଧନୀ ଥିଲେ। ୩ସେ ଯୀଶୁଙ୍କୁ ଦେଖିବାକୁ
ଚାହୁଁଥିଲେ। ଆହୁରି ମଧ ଅନେକ ଲୋକ ଯୀଶୁଙ୍କୁ
ଦେଖିବାକୁ ଚାହୁଁ ଥିଲେ। ଜଖିୟ ଏତେ ବାଙ୍ଗରା ଥିଲେ
ଯେ, ଲୋକଙ୍କ ଭିତରେ ଥାଇ ଯୀଶୁଙ୍କୁ ଦେଖି ପାରବା
ସମ୍ଭବ ନଥିଲା। ୪ତେଣୁ ଯେଉଁବାଟେ ଯୀଶୁ ଆସିବେ
ବୋଲ ସେ ଜାଣିଥିଲେ, ସେଭଳି ଗୋଟିଏ ସ୍ଥାନକୁ ସେ
ଦୌଡ଼ଗଲେ। ଯୀଶୁଙ୍କୁ ଦେଖି ପାରବା ପାଇଁ ସେ ଗୋଟିଏ
ଡମ୍ବିର ଗଛରେ ଚଢ଼ଗଲେ। ୫ଯୀଶୁ ସେହ ସ୍ଥାନକୁ
ଆସିଲେ। ସେ ଉପରକୁ ଚାହିଁଲେ। ସେ ଜଖିୟଙ୍କୁ ଗଛ
ଉପରେ ଦେଖିଲେ। ଯୀଶୁ ତାହାଙ୍କୁ କହଲେ, "ଜଖିୟ!
ଶୀଘ୍ର ତଳକୁ ଆସ; ମୁଁ ଆଜି ନଶ୍ଚୟ ତୁମ୍ଭ ଘରେ
ରହବ।"
୬ତା'ପରେ ଜଖିୟ ଖୁବ୍ ଶୀଘ୍ର ତଳକୁ ଓହ୍ଲାଇ ଆସିଲେ।
ଅତ୍ୟନ୍ତ ଖୁସିରେ ସେ ଯୀଶୁଙ୍କୁ ନଜ ଘରେ ସ୍ୱାଗତ
କଲେ। ୭ସମସ୍ତେ ଏକଥା ଦେଖିଲେ। ସେମାନେ ଅଭିଯୋଗ
କରବାକୁ ଆରମ୍ଭ କଲେ, "ଦେଖ, କେଉଁ ଭଳ ଲୋକ
ସହତ ଯୀଶୁ ରହୁଛନ୍ତ। ଜଖିୟ ଗୋଟିଏ ପାପୀ।"
୮ଜଖିୟ ପ୍ରଭୁଙ୍କୁ କହଲେ, "ମୁଁ ଭଲ କାମ କରବାକୁ
ଇଚ୍ଛା କରୁଛ। ମୁଁ ମୋ ଧନର ଅଧା ଗରବଙ୍କୁ ବାଣ୍ଟି
ଦେବ। ମୁଁ ଯଦ କାହାରକୁ ଠକଥାଏ, ତେବେ ସେହ
ଲୋକକୁ ଚାରଗୁଣ ଧନ ଫେରାଇ ଦେବ।"
୯ଯୀଶୁ କହଲେ, "ଏ ଲୋକଟି ପ୍ରକୃତରେ ଜଣେ ଭଲ
ମଣିଷ। ସେ ଅବ୍ରହାମଙ୍କର ଉପଯୁକ୍ତ ସନ୍ତାନ। ତେଣୁ ଆଜି
ସେ ନଜ ପାପରୁ ଉଦ୍ଧାର ପାଇଗଲେ। ୧୦ମନୁଷ୍ୟପୁତ୍ର ହଜି
ଯାଇଥିବା ଲୋକମାନଙ୍କୁ ଖୋଜିବାକୁ ଓ ସେମାନଙ୍କୁ ରକ୍ଷା
କରବାକୁ ଆସିଛନ୍ତ।"

### ପରମେଶ୍ୱର ଯାହା ଦଅନ୍ତ ତାହା ଉପଯୁକ୍ତ ଭାବରେ ବ୍ୟବହାର କର

୧୧ଯୀଶୁ ଯିରୂଶାଲମର ପାଖାପାଖି ଆସିଗଲେ। କେତେକ
ଲୋକ ଭାବଲେ ଯେ ପରମେଶ୍ୱରଙ୍କ ରାଜ୍ୟ ଶୀଘ୍ର ଆସିଯିବ।
୧୨ଲୋକମାନେ ଏହ କଥା ଭାବୁଥିବା ଯୀଶୁ ଜାଣି ପାରଲେ।
ତେଣୁ ସେ ଲୋକମାନଙ୍କୁ ଏହ ଦୃଷ୍ଟାନ୍ତଟି କହଲେ: "ଜଣେ
ଅତି ମାନ୍ୟଗଣ୍ୟ ବ୍ୟକ୍ତ ରାଜା ହେବା ପାଇଁ କୌଣସି ଏକ
ଦୂର ରାଜ୍ୟକୁ ଯିବାକୁ ପ୍ରସ୍ତୁତ ହେଉଥିଲେ। ତା'ପରେ ସେ
ଫେରଆସି ନଜ ଲୋକମାନଙ୍କ ଉପରେ ଶାସନ କରବାକୁ
ଯୋଜନା କଲେ। ୧୩ସେ ନଜର ଦଶ ଜଣ ଚାକରଙ୍କୁ
ଡାକଲେ। ସେ ପ୍ରତ୍ୟେକ ଚାକରଙ୍କୁ ଗୋଟିଏ ଗୋଟିଏ
ଟଙ୍କା ଥଳ ଦେଲେ। ସେ କହଲେ, 'ମୁଁ ଫେରବା ପର୍ଯ୍ୟନ୍ତ
ଏହ ଟଙ୍କାରେ ବ୍ୟବସାୟ କର।' ୧୪ସେହ ବ୍ୟକ୍ତଙ୍କୁ ସେ
ରାଜ୍ୟର ନାଗରକମାନେ ଘୃଣା କରୁଥିଲେ। ତେଣୁ ସେମାନେ
ତାହାଙ୍କ ପଛରେ ଦଳେ ଲୋକଙ୍କୁ ସେଠାକୁ ପଠାଇଲେ।
ସେଠାକୁ ଯାଇ ଏହ ଦଳର ଲୋକମାନେ କହଲେ, 'ଆମ୍ଭେ
ଚାହୁଁନା ଯେ, ସେହ ବ୍ୟକ୍ତ ଆମ୍ଭମାନଙ୍କର ରାଜା ହୁଅନ୍ତୁ।'
୧୫"ତଥାପି ସେ ରାଜା ହୋଇଗଲେ। ତା'ପରେ ସେ
ଘରକୁ ଫେର ଆସିଲେ। ତା'ପରେ ସେ କହଲେ, 'ଯେଉଁ
ଚାକରମାନଙ୍କୁ ମୁଁ ମୋର ଟଙ୍କା ଦେଇଥିଲ ସେମାନଙ୍କୁ
ଡାକ, ମୁଁ ଜାଣିବାକୁ ଚାହୁଁଛ ଯେ, ସେହ ଟଙ୍କାରେ
ସେମାନେ ଆଉ କେତେ ଅଧିକ ଲାଭ କରଛନ୍ତ।'
୧୬ପ୍ରଥମ ଚାକର ଜଣକ ଆସି କହଲା, 'ଆଜ୍ଞା, ଆପଣ
ମୋତେ ଦେଇଥିବା ଟଙ୍କା ଥଳଟିକୁ ବ୍ୟବହାର କର ମୁଁ
ଦଶ ଥଳ ଅଧିକ ଟଙ୍କା ଅର୍ଜନ କରଛ।' ୧୭ରାଜା
ଚାକରମାନଙ୍କୁ କହଲେ, "ବହୁତ ଭଲ କଥା। ତୁମ୍ଭେ
ଜଣେ ଭଲ ଚାକର। ତୁମ୍ଭକୁ ଛୋଟ ଛୋଟ ବଷୟରେ
ବଶ୍ୱାସ କରାଯାଇ ପାରବ ବୋଲ ମୁଁ ଜାଣୁଛ। ତେଣୁ ମୁଁ
ତୁମ୍ଭକୁ ମୋର ଦଶଟି ନଗର ଶାସନ କରବାକୁ ଦେବ।'
୧୮ଦ୍ୱିତୀୟ ଚାକରଟି ଆସିଲା ଓ କହଲା, 'ଆଜ୍ଞା, ଆପଣ
ଦେଇଥିବା ଟଙ୍କାଥଳକୁ ବ୍ୟବହାର କର ପାଞ୍ଚଥଳ ଟଙ୍କା
ଅର୍ଜନ କରଛ।' ୧୯ରାଜା ସେହ ଚାକରଟିକୁ କହଲେ,
'ତୁମ୍ଭେ ପାଞ୍ଚଟି ନଗର ଉପରେ ଶାସନ କରବ।' ୨୦ତା'ପରେ
ଅନ୍ୟ ଚାକରଟି ଭିତରକୁ ଆସିଲା। ସେ ରାଜାଙ୍କୁ କହଲା,
'ଆଜ୍ଞା, ଏହ ଆପଣଙ୍କ ଟଙ୍କା ଥଳ। ମୁଁ ଖଣ୍ଡେ କନାରେ
ଏହାକୁ ଗୁଡାଇ ଲୁଚେଇ ରଖିଥିଲ। ୨୧ଆପଣ ଜଣେ
କଠୋର ବ୍ୟକ୍ତ ହୋଇଥିବାରୁ ମୁଁ ଆପଣଙ୍କୁ ଭୟ କରୁଥିଲ।
ଏପରକ ଆପଣ ନଜେ ଅର୍ଜନ କର ନ ଥିବା ଟଙ୍କା
ନେଇଥାନ୍ତ ଓ ନଜେ ଉତ୍ପନ୍ନ କର ନ ଥିବା ଖାଦ୍ୟଶସ୍ୟ
ସଂଗ୍ରହ କରଥାନ୍ତ।" ୨୨ତା'ପରେ ରାଜା ସେହ ଚାକରକୁ
କହଲେ, 'ତୁମ୍ଭେ ଜଣେ ଦୁଷ୍ଟ ଚାକର। ତୁମ୍ଭେ ମୋ ପ୍ରତି

ବ୍ୟବହାର କରିଥିବା ଭାଷାରେ ମୁଁ ତୁମ୍ଭର ବିଚାର କରିବି।
ତୁମ୍ଭେ କହୁଛ ଯେ, ମୁଁ ଜଣେ କଠୋର ବ୍ୟକ୍ତି। ପୁଣି
କହୁଛ ଯେ ମୁଁ ଅର୍ଜନ ନକରି ଟଙ୍କା ନିଏ ଓ ଉତ୍ପନ୍ନ
ନକରି ମଧ୍ୟ ଖାଦ୍ୟଶସ୍ୟ ସଂଗ୍ରହ କରେ।' ୨୩ଯଦି ଏକଥା
ସତ୍ୟ, ତେବେ ତୁମ୍ଭେ ମୋ ଟଙ୍କା ବ୍ୟାଙ୍କରେ ଜମା ରଖି
ପାରିଥାନ୍ତ। ତା'ହେଲେ ମୁଁ ଫେରି ଆସିଲା ବେଳକୁ ମୋ
ଟଙ୍କାରେ କିଛି ସୁଧ ଅର୍ଜନ କରାଯାଇ ପାରିଥାଆନ୍ତା।
୨୪ସେଠାରେ ରହି ଏସବୁ ଦେଖୁ ଥିବା ଲୋକମାନଙ୍କୁ ରାଜା
କହିଲେ, 'ଏ ଚାକର ପାଖରୁ ଟଙ୍କା ଥଳିଟି ନେଇ ଯାଇ
ଦଶଥଳି ଟଙ୍କା ଅର୍ଜନ କରିଥିବା ଚାକରକୁ ଦେଇଦିଅ।'"
୨୫ଲୋକମାନେ ରାଜାଙ୍କୁ କହିଲେ, "କିନ୍ତୁ ଆଜ୍ଞା, ସେ
ଚାକରଟି ପାଖରେ ତ ଆଗରୁ ଦଶଥଳି ଟଙ୍କା ଅଛି।'
୨୬ରାଜା କହିଲେ, 'ଯଦି ଜଣେ ବ୍ୟକ୍ତି ତା' ପାଖରେ ଯାହା
ଅଛି ତାହାର ବ୍ୟବହାର କରେ ତେବେ ସେ ଆହୁରି
ଅଧିକ ପାଇବ। କିନ୍ତୁ ଯେଉଁ ବ୍ୟକ୍ତି ତା ପାଖରେ ଯେତିକି
ଅଛି, ତାହା ବ୍ୟବହାର କରେନି, ତାଠାରୁ ତାହା ମଧ୍ୟ
ଛଡେଇ ନିଆଯିବ। ୨୭ବର୍ତ୍ତମାନ ମୋର ଶତ୍ରୁମାନେ କାହାଁନ୍ତି?
ମୁଁ ସେମାନଙ୍କର ରାଜା ନ ହୁଏ ବୋଲି ଯେଉଁମାନେ ଚାହୁଁ
ଥିଲେ। ସେମାନେ କାହାଁନ୍ତି? ମୋ ଶତ୍ରୁମାନଙ୍କୁ ଏଠାକୁ
ଆଣ। ସେମାନଙ୍କୁ ମୋ ଆଖି ଆଗରେ ମାରିଦିଅ।'"

### ଯୀଶୁ ଯିରୂଶାଲମରେ ପ୍ରବେଶ କଲେ

୨୮ଯୀଶୁ ଏସବୁ କହି ସାରିବା ପରେ ଯିରୂଶାଲମ
ଆଡକୁ ଯାତ୍ରା ଆରମ୍ଭ କଲେ। ୨୯ଜୀତ ପର୍ବତ ପାଖ
ବେଥ୍‌ଫାଗୀ ଓ ବେଥନିଆ ନଗର ପାଖକୁ ଯୀଶୁ ଆସିଗଲେ।
ଯୀଶୁ ନିଜର ଦୁଇ ଜଣ ଶିଷ୍ୟଙ୍କୁ ଏହା କହି ପଠାଇଲେ,
୩୦"ଆଗରେ ଯେଉଁ ଗାଁ ଦେଖା ଯାଉଛି, ସେଠାକୁ ଯାଅ।
ତୁମ୍ଭେମାନେ ଗାଁରେ ପଶିବା ମାତ୍ରେ ସେଠାରେ ଗୋଟିଏ
ଗଧଛୁଆ ବନ୍ଧା ହୋଇଥିବାର ଦେଖିବ। ସେହି ଗଧ
ଉପରେ କେହି କେବେହେଲେ ଚଢ଼ି ନଥିବେ। ତାକୁ
ଖୋଲି ଦେଇ ମୋ ପାଖକୁ ଆଣିବ। ୩୧ଯଦି କୌଣସି
ଲୋକ ତୁମ୍ଭକୁ ପଚାରେ ଯେ ତୁମ୍ଭେମାନେ ଗଧଟିକୁ
କାହିଁକି ନେଇ ଯାଉଛ, ତେବେ ତୁମ୍ଭେମାନେ କହିବ ଯେ
ପ୍ରଭୁଙ୍କର ଏଇଟି ଦରକାର ଅଛି।'"

୩୨ଦୁଇ ଜଣ ଶିଷ୍ୟ ସେହି ଗାଁକୁ ଗଲେ, ଯୀଶୁ
ସେମାନଙ୍କୁ ଯେଉଳି କହିଥିଲେ, ଠିକ୍ ସେହି ଅନୁସାରେ
ସେମାନେ ଗଧଟିକୁ ପାଇଗଲେ। ୩୩ଶିଷ୍ୟମାନେ ଗଧଟିକୁ
ଫିଟାଉଥିବା ସମୟରେ ଗଧଟିର ମାଲିକମାନେ ବାହାରି
ଆସିଲେ। ସେମାନେ ଶିଷ୍ୟମାନଙ୍କୁ ପଚାରିଲେ, "ତୁମ୍ଭେମାନେ
ଗଧଟିକୁ କାହିଁକି ଫିଟାଉଛ?"

୩୪ଶିଷ୍ୟମାନେ କହିଲେ, "ଏହାଠାରେ ପ୍ରଭୁଙ୍କର ଦରକାର
ଅଛି।" ୩୫ତା'ପରେ ଶିଷ୍ୟମାନେ ଗଧଟିକୁ ଯୀଶୁଙ୍କ ପାଖକୁ
ଆଣିଲେ। ସେମାନେ ଗଧ ପିଠି ଉପରେ ସେମାନଙ୍କର
ଲୁଗା ପକେଇଲେ। ତା'ପରେ ସେମାନେ ଯୀଶୁଙ୍କୁ ଗଧ
ଉପରେ ବସାଇଲେ। ୩୬ଯୀଶୁ ଗଧ ଉପରେ ବସି ଯିରୂଶାଲମ
ଆଡକୁ ଯାତ୍ରା କଲେ। ଲୋକମାନେ ଯୀଶୁଙ୍କ ଆଗରେ
ରାସ୍ତାଉପରେ ନିଜନିଜ ଲୁଗା ବିଛାଇ ଦେଲେ।

୩୭ଯୀଶୁ ଯିରୂଶାଲମର ପାଖ ହୋଇ ଆସୁଥିଲେ, ସେ
ଜୀତପର୍ବତର ପାଦ ଦେଶ ନିକଟରେ ପହଞ୍ଚିଲେ। ଯୀଶୁଙ୍କର
ସମୁଦାୟ ଶିଷ୍ୟଦଳ ଖୁସି ଥିଲେ। ସେମାନେ ଉଚ୍ଚସ୍ୱରରେ
ପରମେଶ୍ୱରଙ୍କ ପ୍ରଶଂସା ଗାନ କରିବାକୁ ଲାଗିଲେ। ସେମାନେ
ଯେଉଁ ସବୁ ଶକ୍ତିର କାର୍ଯ୍ୟମାନ ଦେଖିଥିଲେ, ସେଥିପାଇଁ
ପରମେଶ୍ୱରଙ୍କ ସ୍ତୁତିଗାନ କଲେ। ସେମାନେ କହିଲେ:
୩୮"ସ୍ୱାଗତ କରି କହିଲେ:

"ପ୍ରଭୁଙ୍କ ନାମରେ ଯେଉଁ ରାଜା ଆସୁଛନ୍ତି, ତାହାଙ୍କୁ
ପରମେଶ୍ୱରଙ୍କ ଆଶୀର୍ବାଦ କରନ୍ତୁ,
ଗୀତସଂହିତା ୧୧୮:୨୬
ସ୍ୱର୍ଗରେ ଶାନ୍ତି ଓ ପରମେଶ୍ୱରଙ୍କ ମହିମା ହେଉ।"

୩୯ଜନଗହଳିରେ କେତେ ଜଣ ରହିଥିବା ଫାରୂଶୀ
ଯୀଶୁଙ୍କୁ କହିଲେ, "ଗୁରୁ, ତୁମ୍ଭର ଶିଷ୍ୟମାନଙ୍କୁ ଏ ସବୁ
କଥା ନ କହିବାକୁ କୁହ।"

୪୦କିନ୍ତୁ ଯୀଶୁ କହିଲେ, "ମୁଁ ତୁମ୍ଭମାନଙ୍କୁ କହୁଛି,
ଏସବୁ କଥା ନିଶ୍ଚୟ କୁହାଯିବ। ଯଦି ମୋର ଶିଷ୍ୟମାନେ
ଏସବୁ କଥା ନ କୁହନ୍ତି। ତାହା ହେଲେ ଏ ପଥର ସବୁ
ପାଟି କରି ତାହାସବୁ କହିବେ।"

### ଯୀଶୁ ଯିରୂଶାଲମ ପାଇଁ କାନ୍ଦି ପକାଇଲେ।

୪୧ଯୀଶୁ ଯିରୂଶାଲମ ପାଖରେ ପହଞ୍ଚିଗଲେ। ଯୀଶୁ
ଯିରୂଶାଲମ ନଗରକୁ ଦେଖି ତା'ପାଇଁ କାନ୍ଦି ପକାଇଲେ।
୪୨ଯୀଶୁ ଯିରୂଶାଲମକୁ କହିଲେ, "ତୁମ୍ଭକୁ କିପରି ଶାନ୍ତି
ମିଳି ପାରିବ, ତାହା ତୁମ୍ଭେମାନେ ଆଜି ଅନ୍ତତଃ ଜାଣି
ପାରନ୍ତ! କିନ୍ତୁ ତାହା ତୁମ୍ଭେମାନେ ଜାଣି ପାରିବନାହିଁ।
କାରଣ ତାହା ତୁମ୍ଭ ପାଖରୁ ଗୁପ୍ତ ରଖା ଯାଇଛି। ୪୩ତୁମ
ସକାଶେ ଏପରି ସମୟ ଆସୁଛି। ଯେତେବେଳେ କି ତୁମ୍ଭର
ଶତ୍ରୁମାନେ ତୁମ୍ଭ ଚାରିପଟେ ଗୋଟିଏ ପାଚେରୀ ତିଆରି
କରିଦେବେ। ତୁମ୍ଭ ଶତ୍ରୁମାନେ ତୁମ୍ଭକୁ ଘେରିଯାଇ ଅବରୋଧ
କରିବେ। ୪୪ସେମାନେ ତୁମ୍ଭକୁ ଓ ତୁମ୍ଭ ଲୋକମାନଙ୍କୁ ନଷ୍ଟ
କରିଦେବେ। ତୁମ୍ଭ କୋଠାଗୁଡିକର ଗୋଟିଏ ହେଲେ
ପଥର ଅନ୍ୟ ପଥରଟି ଉପରେ ସେମାନେ ରଖେଇ
ଦେବେ ନାହିଁ। ଏସବୁ ଘଟିବ। କାରଣ ତୁମ୍ଭକୁ ଉଦ୍ଧାର
କରିବା ପାଇଁ ପରମେଶ୍ୱର ଯେତେବେଳେ ଆସିଥିଲେ, ସେ
ସମୟଟିକୁ ତୁମ୍ଭେ ଚିହ୍ନି ପାରିଲ ନାହିଁ।"

### ମନ୍ଦିରରେ ଯୀଶୁ

୪୫ଯୀଶୁ ମନ୍ଦିର ଭିତରକୁ ଗଲେ। ସେ ମନ୍ଦିର ପରିସର
ଭିତରେ କିଣା ବିକା କରୁଥିବା ଲୋକମାନଙ୍କୁ ବାହାର
କରିବାକୁ ଲାଗିଲେ। ୪୬ଯୀଶୁ କହିଲେ, "ଶାସ୍ତ୍ରରେ ଲେଖାଅଛି:
'ମୋ ଗୃହ ପ୍ରାର୍ଥନାଗୃହ ହେବ।'* କିନ୍ତୁ ତୁମ୍ଭେମାନେ
ଏହାକୁ ଚୋରମାନଙ୍କ ଆଡ୍‌ଡାସ୍ଥଳି କରି ଦେଇଛ।'"

---

**'ମୋ ... ହେବ'** ଯିଶାଇୟ ୫୬:୭

୪୭ଯୀଶୁ ପ୍ରତିଦିନ ମନ୍ଦିରରେ ଉପଦେଶ ଦେଉଥିଲେ।
ପ୍ରଧାନ ଯାଜକ, ଧର୍ମଶାସ୍ତ୍ରୀ ଓ ଯିହୂଦୀ ନେତାମାନେ ଯୀଶୁଙ୍କୁ
ଜୀବନରେ ମାରି ଦେବାକୁ ଚାହୁଁଥିଲେ। ୪୮କିନ୍ତୁ ସବୁ
ଲୋକ ଯୀଶୁଙ୍କ ଉପଦେଶ ମନଧ୍ୟାନ ଦେଇ ଶୁଣୁଥିଲେ।
ସେମାନେ ଯୀଶୁଙ୍କ କଥାପ୍ରତି ପ୍ରବଳ ଆଗ୍ରହ ପ୍ରକାଶ
କରୁଥିଲେ। ତେଣୁ ପ୍ରଧାନ ଯାଜକ, ଧର୍ମଶାସ୍ତ୍ରୀ ଓ ଯିହୂଦୀ
ନେତାମାନେ କ'ଣ କରିବେ ବୋଲି କିଛି ସ୍ଥିର କରି ପାରୁ
ନଥିଲେ।

## ଯିହୂଦୀ ନେତାମାନେ ଯୀଶୁଙ୍କୁ ପଚାରିଲେ

୨୦ ଦିନେ ଯୀଶୁ ମନ୍ଦିର ଭିତରେ ଥିଲେ। ସେ
ଲୋକମାନଙ୍କୁ ଉପଦେଶ ଦେଉଥିଲେ। ଯୀଶୁ
ଲୋକମାନଙ୍କୁ ପରମେଶ୍ୱରଙ୍କ ରାଜ୍ୟ ବିଷୟରେ ସୁସମାଚାର
କହୁଥିଲେ। ପ୍ରଧାନ ଯାଜକ, ଧର୍ମଶାସ୍ତ୍ରୀ ଓ ଯିହୂଦୀ
ନେତାମାନେ ଯୀଶୁଙ୍କୁ ପ୍ରଶ୍ନ ପଚାରିବାକୁ ଆସିଲେ। ୨ସେମାନେ
ପଚାରିଲେ, "ଆମ୍ଭକୁ କୁହ, କେଉଁ ଅଧିକାର ବଳରେ
ତୁମ୍ଭେ, ଏସବୁ କାମ କରୁଛ? ତୁମ୍ଭକୁ ଏ ଅଧିକାର କିଏ
ଦେଲା?"
୩ଯୀଶୁ ଉତ୍ତର ଦେଲେ, "ମୁଁ ମଧ୍ୟ ତୁମ୍ଭମାନଙ୍କୁ
ଗୋଟିଏ ପ୍ରଶ୍ନ ପଚାରିବି। ମୋତେ କୁହ: ୪ଯେତେବେଳେ
ଯୋହନ ଲୋକମାନଙ୍କୁ ବାପ୍ତିସ୍ମ ଦେଲେ, ତାହା
ପରମେଶ୍ୱରଙ୍କଠାରୁ ଆସିଥିଲା ନା ମଣିଷଠାରୁ ଆସିଥିଲା?"
୫ପ୍ରଧାନ ଯାଜକ, ଧର୍ମଶାସ୍ତ୍ରୀ ଓ ଯିହୂଦୀ ନେତାମାନେ ଏ
ବିଷୟରେ କଥାବାର୍ତ୍ତା ହେଲେ। ସେମାନେ ପରସ୍ପର କୁହାକୁହି
ହେଲେ, "ଆମ୍ଭେ ଯଦି କହିବା ଯେ ଯୋହନଙ୍କ ବାପ୍ତିସ୍ମ
ପରମେଶ୍ୱରଙ୍କଠାରୁ ଆସିଥିଲା, ତେବେ ସେ ପଚାରିବେ,
'ତୁମ୍ଭେମାନେ ଯୋହନଙ୍କୁ କାହିଁକି ବିଶ୍ୱାସ କଲନାହିଁ?'
୬କିନ୍ତୁ ଆମ୍ଭେ ଯଦି କହିବା, 'ଯୋହନଙ୍କ ବାପ୍ତିସ୍ମ ମଣିଷ
ଠାରୁ ଆସିଥିଲା', ତେବେ ସବୁ ଲୋକ ଆମ୍ଭ ଉପରକୁ
ଢେଲାପଥର ଫିଙ୍ଗି ଆମ୍ଭକୁ ଜୀବନରେ ମାରିଦେବେ।
କାରଣ ସେମାନେ ଯୋହନଙ୍କୁ ଭବିଷ୍ୟଦ୍‌ବକ୍ତା ରୂପେ ବିଶ୍ୱାସ
କରନ୍ତି।" ୭ତେଣୁ ସେମାନେ କହିଲେ, "ଆମ୍ଭେ ଜାଣିନାହୁଁ।"
୮ଯୀଶୁ ସେମାନଙ୍କୁ କହିଲେ, "ମୁଁ ତେବେ ତୁମ୍ଭମାନଙ୍କୁ
କହିବି ନାହିଁ ଯେ ମୁଁ କେଉଁ ଅଧିକାରରେ ଏ ସବୁ କାମ
କରୁଛି।"

## ପରମେଶ୍ୱର ତାହାଙ୍କ ପୁତ୍ରଙ୍କୁ ପଠାନ୍ତି

୯ତାପରେ ଯୀଶୁ ଲୋକମାନଙ୍କୁ ଏହି ଦୃଷ୍ଟାନ୍ତଟି କହିଲେ:
"ଗୋଟିଏ ଲୋକ କିଛି ଜମିରେ ଅଙ୍ଗୁର ଚାଷ କଲା। ସେ
ଏହି ଜମିଟି କେତେ ଜଣ କୃଷକଙ୍କୁ ଭାଗ ଦେଇ ଦେଲା।
ତାପରେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେଠାରୁ ଚାଲିଗଲା।
୧୦ପରେ ଅଙ୍ଗୁର ତୋଳିବା ସମୟ ଆସିଲା। ତେଣୁ
ଲୋକଟି ତାର ଜଣେ ଚାକରକୁ ଏହି କୃଷକ ମାନଙ୍କ
ପାଖକୁ ପଠାଇଲା ଯେପରି କୃଷକମାନେ ତାହାଙ୍କ ଭାଗ
ଅଙ୍ଗୁର ଚାକର ହାତରେ ଦେଇଦେବେ। କିନ୍ତୁ କୃଷକମାନେ
ଚାକରକୁ ମାଡ ମାରି ଖାଲି ହାତରେ ପଠେଇ ଦେଲେ।
୧୧ତେଣୁ ଲୋକଟି ଆଉ ଜଣେ ଚାକରକୁ ପଠାଇଲା।
କୃଷକମାନେ ଏହି ଲୋକଟିକୁ ମାଡ ମାରିଲେ ଓ ତାପ୍ରତି
ଅସମ୍ମାନ ବ୍ୟବହାର କଲେ। ସେମାନେ ତାକୁ ମଧ୍ୟ କିଛି
ନଦେଇ ପଠେଇ ଦେଲେ। ୧୨ତେଣୁ ଜମିମାଲିକ ପୁଣି
ଆଉ ଜଣେ ଚାକରକୁ ପଠାଇଲା। କୃଷକମାନେ ତାକୁ
ଭୟଙ୍କର ଭାବରେ କ୍ଷତବିକ୍ଷତ କରି ବାହାରକୁ ଫିଙ୍ଗି
ଦେଲେ। ୧୩ଜମିମାଲିକ କହିଲା, 'ଏବେ ମୁଁ କ'ଣ କରିବି?
ମୁଁ ମୋ ପୁଅକୁ ପଠାଇବି। ମୁଁ ମୋ ପୁଅକୁ ଅତ୍ୟଧିକ
ଭଲ ପାଏ। ହୁଏତ ମୋ ପୁଅକୁ କୃଷକ ମାନେ ସମ୍ମାନ
ଦେଇ ପାରନ୍ତି।' ୧୪କୃଷକମାନେ ମାଲିକର ପୁଅକୁ ଦେଖି
କୁହାକୁହି ହେଲେ, 'ଏତ ଜମିମାଲିକର ପୁଅ। ଏ ଜମି
ଖଣ୍ଡିକ ତାର ହିଁ ହେବ। ଆମ୍ଭେ ତାକୁ ମାରିଦେଲେ ଜମିଟି
ଆମ୍ଭର ହୋଇଯିବ।' ୧୫ତେଣୁ କୃଷକମାନେ ମାଲିକର
ପୁଅକୁ ଜୀବନରେ ମାରିଦେଲେ ଓ ଜମି ବାହାରକୁ ଫିଙ୍ଗି
ଦେଲେ।
"ଏବେ ଜମିମାଲିକ କ'ଣ କରିବ? ୧୬ସେ ଆସି ସେହି
କୃଷକମାନଙ୍କୁ ଜୀବନରେ ମାରିଦେବ। ତାପରେ ସେହି
ଜମିଟିକୁ ଆଉ କେତେକ କୃଷକଙ୍କୁ ଭାଗ ଦେଇଦେବେ।"
ଲୋକମାନେ ଏହି ଦୃଷ୍ଟାନ୍ତଟି ଶୁଣିଲେ ଓ ସେମାନେ
କହିଲେ, "ଯେ, ଏକଥା କେବେହେଲେ ନ ହେଉ।"
୧୭ଯୀଶୁ ସେମାନଙ୍କୁ ଚାହିଁ କହିଲେ, "ତେବେ ଧର୍ମଶାସ୍ତ୍ରର
ଏହି ପଦ ଅର୍ଥ କ'ଣ ହେବ:

'ନିର୍ମାତାମାନେ ଯେଉଁ ପଥରକୁ ନାପସନ୍ଦ କରିଦେଲେ,
ସେହି ପଥରଟି ମୂଳଦୁଆର ପ୍ରଧାନ ପଥର ହୋଇଗଲା।'
ଗୀତ ସଂହିତା ୧୧୮:୨୨

୧୮ଯେଉଁଲୋକ ସେହି ପଥର ଉପରେ ଖସି ପଡିବ, ତା'ର
ହାଡ ଗୋଡ ଭାଙ୍ଗିଯିବ। କିନ୍ତୁ ସେହି ପଥର ଯାହା
ଉପରେ ପଡିବ, ତାହା ତାକୁ ଚୁରମାର୍ କରିଦେବ।"
୧୯ଧର୍ମଶାସ୍ତ୍ରୀ ଓ ମୁଖ୍ୟ ଯାଜକମାନେ ଯୀଶୁଙ୍କ ଠାରୁ ଏହି
ଦୃଷ୍ଟାନ୍ତଟି ଶୁଣିଲେ। ସେମାନେ ଜାଣି ପାରିଲେ ଯେ ଏହି
ଦୃଷ୍ଟାନ୍ତଟି ସେମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି। ତେଣୁ
ସେମାନେ ଯୀଶୁଙ୍କୁ ଠିକ୍ ସେତିକିବେଳେ ବନ୍ଦୀ କରିବାକୁ
ଚାହିଁଲେ। କିନ୍ତୁ ଲୋକମାନେ କାଳେ କ'ଣ କିଛି
କରିପକାଇବେ, ସେଥିପାଇଁ ସେମାନେ ଡରୁଥିଲେ।

## ଯୀଶୁଙ୍କୁ ଫାନ୍ଦରେ ପକାଇବାକୁ ଯିହୂଦୀ ନେତାମାନଙ୍କ ଚେଷ୍ଟା।

୨୦ତେଣୁ ଧର୍ମଶାସ୍ତ୍ରୀ ଏବଂ ଯାଜକମାନେ ଯୀଶୁଙ୍କୁ ଫାନ୍ଦରେ
ପକାଇବା ପାଇଁ ଉପଯୁକ୍ତ ସମୟ ଅପେକ୍ଷାରେ ରହିଲେ।
ସେମାନେ ଯୀଶୁଙ୍କ ପାଖକୁ କେତେକ ଗୁପ୍ତଚର ପଠାଇଲେ।
ସେମାନେ ଏହି ଲୋକମାନଙ୍କୁ ଭଲ ଲୋକ ଭଳି ଛଳନା
କରିବା ପାଇଁ କହିଥିଲେ। ସେମାନେ ଯୀଶୁଙ୍କ କହୁଥିବା
କଥାରେ କିଛି ଭୁଲ ବିଷୟ ଖୋଜି ବାହାର କରିବାକୁ
ଚାହୁଁଥିଲେ। (କାରଣ ଯଦି ସେମାନେ ଯୀଶୁଙ୍କର କିଛି
ଭୂଲ ଦେଖି ପାରିବେ, ତେବେ ସେମାନେ ଯୀଶୁଙ୍କ ଉପରେ
ଅଧିକାର ଓ କ୍ଷମତା ରହିଥିବା ଶାସନକର୍ତ୍ତାଙ୍କ ହାତରେ

ଯୀଶୁଙ୍କୁ ଦେଇଦେବେ।) ୨୧ସେହି ଲୋକମାନେ ଯୀଶୁଙ୍କୁ
କହିଲେ, "ଗୁରୁ, ଆମ୍ଭେ ଜାଣୁଛୁ ଯେ ଆପଣ ଯାହା
କହୁଛନ୍ତି ଓ ଉପଦେଶ ଦେଉଛନ୍ତି, ସେ ସବୁ ଠିକ୍।
ଆପଣ କାହାପ୍ରତି ପକ୍ଷପାତପୂର୍ଣ୍ଣ ଆଚରଣ କରୁନାହାଁନ୍ତି।
ଆପଣ ପରମେଶ୍ୱରଙ୍କ ମାର୍ଗ ବିଷୟରେ ଯେଉଁ ଉପଦେଶ
ଦେଉଛ, ତାହାସତ୍ୟ। ୨୨ଆମ୍ଭକୁ କୁହ। କାଇସରଙ୍କୁ କର
ଦେବା ଆମ୍ଭ ପକ୍ଷେ ଠିକ୍ ହେବ କି ନାହିଁ?"

୨୩କିନ୍ତୁ ଯୀଶୁ ଜାଣିଥିଲେ ଯେ ଏହି ଲୋକମାନେ
ତାହାଙ୍କୁ ଫାନ୍ଦରେ ପକାଇବାକୁ ଚାହୁଁଛନ୍ତି। ତେଣୁ ଯୀଶୁ
ସେମାନଙ୍କୁ କହିଲେ, ୨୪"ମୋତେ ଗୋଟିଏ ମୁଦ୍ରା ଦେଖାଅ
ମୁଦ୍ରା ଉପରେ କାହାର ନାମ ଅଛି ଏବଂ କାହାର ଛବି
ଅଛି?"

ସେମାନେ କହିଲେ, "କାଇସରଙ୍କର।"

୨୫ଯୀଶୁ ସେମାନଙ୍କୁ କହିଲେ, "ତେବେ ଯାହା
କାଇସରଙ୍କର, ତାହା କାଇସରଙ୍କରଙ୍କୁ ଦେଇଦିଅ, ଯାହା
ପରମେଶ୍ୱରଙ୍କର ତାହା ପରମେଶ୍ୱରଙ୍କୁ ଦେଇଦିଅ।"

୨୬ଲୋକମାନେ ଯୀଶୁଙ୍କର ଏହି ବୁଦ୍ଧିପୂର୍ଣ୍ଣ ଉତ୍ତର ଶୁଣି
ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ କିଛି କହି ପାରିଲେନାହିଁ।
ସେମାନେ ଯୀଶୁଙ୍କୁ ସମସ୍ତଙ୍କ ଆଗରେ ଫାନ୍ଦରେ ପକାଇ
ପାରିଲେନାହିଁ। ଯୀଶୁ ଏଭଳି କିଛି କହିଲେ ନାହିଁ, ଯାହାକୁ
ସେମାନେ ଯୀଶୁଙ୍କ ବିରୁଦ୍ଧରେ ବ୍ୟବହାର କରିପାରିବେ।

## କେତେକ ସାଦ୍ଦୂକୀ ଯୀଶୁଙ୍କୁ ଫାନ୍ଦରେ ପକାଇବାକୁ ଚେଷ୍ଟା କଲେ

୨୭କେତେକ ସାଦ୍ଦୂକୀ ଯୀଶୁଙ୍କ ପାଖକୁ ଆସିଲେ।
(ସାଦ୍ଦୂକୀମାନେ ବିଶ୍ୱାସ କରନ୍ତି ଯେ ଲୋକେ ମୃତ୍ୟୁରୁ ପୁଣି
ବଞ୍ଚି ଉଠି ପାରିବେନାହିଁ।) ସେମାନେ ଯୀଶୁଙ୍କୁ ପଚାରିଲେ,
୨୮"ଗୁରୁ! ମୋଶା ଆମ୍ଭ ପାଇଁ ଲେଖିଥିଲେ ଯେ ଯଦି
ଜଣେ ବିବାହିତ ପୁରୁଷ କୌଣସି ସନ୍ତାନସନ୍ତତି ନଥାଇ
ମରିଯାଏ, ତେବେ ତାର ଭାଇ ନିଶ୍ଚୟ ସେହି ମୃତ ଭାଇର
ପତ୍ନୀକୁ ବିବାହ କରିବ। ତାହାହେଲେ ସେ ତା ମୃତ ଭାଇ
ପାଇଁ ସେହି ସ୍ତ୍ରୀ ଠାରୁ ସନ୍ତାନସନ୍ତତି ଉତ୍ପନ୍ନ କରି ପାରିବ।
୨୯ଥରେ ସାତ ଜଣ ଭାଇ ଥିଲେ। ବଡ ଭାଇଟି ବିବାହ
କରିଥିଲା। କୌଣସି ସନ୍ତାନ ନ ଥାଇ ସେ ଭାଇଟି
ମରିଗଲା। ୩୦ତାପରେ ସେହି ସ୍ତ୍ରୀ ଲୋକଟିକୁ ଦ୍ୱିତୀୟ ଭାଇ
ବିବାହ କଲା। କିନ୍ତୁ ସେ ମଧ୍ୟ ମରିଗଲା। ୩୧ତାପରେ
ତୃତୀୟ ଭାଇଟି ସେହି ସ୍ତ୍ରୀକୁ ବିବାହ କଲା ଓ ମରିଗଲା।
ଅନ୍ୟ ଭାଇମାନଙ୍କ ପ୍ରତିମଧ୍ୟ ସେହି ଏକା କଥା ଘଟିଲା।
ସେମାନେ ସମସ୍ତେ ମରିଗଲେ ଓ କାହାରିହେଲେ ସନ୍ତାନସନ୍ତତି
ଜନ୍ମ ହୋଇନଥିଲେ। ୩୨ଶେଷରେ ସେହି ସ୍ତ୍ରୀଟି ମଧ୍ୟ
ମରିଗଲା। ୩୩ସାତଭାଇଯାକ ତାକୁ ବିବାହ କରିଥିଲେ।
ତେବେ ଯେତେବେଳେ ଲୋକେ ମୃତ୍ୟୁରୁ ପୁଣି ଜୀବନ ନ
ପାଇ ଉଠିବେ, ସେତେବେଳେ ଏହି ସ୍ତ୍ରୀଟି କାହାର ପତ୍ନୀ
ହେବ?"

୩୪ଯୀଶୁ ସାଦ୍ଦୂକୀମାନଙ୍କୁ କହିଲେ, "ସଂସାରରେ
ଲୋକମାନେ ପରସ୍ପର ମଧ୍ୟରେ ବିବାହ କରିଥାନ୍ତି। ୩୫କିନ୍ତୁ
କେତେକ ଲୋକ ମୃତ୍ୟୁରୁ ପୁଣି ବଞ୍ଚି ଉଠିବାକୁ ଯୋଗ୍ୟ
ହେବେ ଓ ସେମାନେ ଏହି ଜୀବନ ପରେ ମଧ୍ୟ ପୁଣି
ଜୀବିତ ରହିବେ। ସେହି ଜୀବନରେ ସେମାନେ ବିବାହ
କରିବେ ନାହିଁ। ୩୬ସେହି ଜୀବନରେ ଲୋକମାନେ ସ୍ୱର୍ଗଦୂତଙ୍କ
ପରି ହୋଇଥାନ୍ତି ଓ ସେମାନେ କେବେହେଲେ ମରନ୍ତିନାହିଁ।
ସେମାନେ ପରମେଶ୍ୱରଙ୍କ ସନ୍ତାନ କାରଣ ମୃତ୍ୟୁରୁ ପୁଣି
ବଞ୍ଚି ଉଠିଥାନ୍ତି। ୩୭ମୋଶା ସ୍ପଷ୍ଟ ଭାବରେ ଦେଖେଇ
ଦେଇଛନ୍ତି ଯେ ଲୋକେ ମୃତ୍ୟୁରୁ ପୁଣିବଞ୍ଚି ଉଠନ୍ତି।
ମୋଶା ଯେତେବେଳେ 'ଜ୍ୱଳନ୍ତବୁଦା'* ବିଷୟରେ ଲେଖିଲେ,
ସେ କହିଥିଲେ ଯେ, 'ପ୍ରଭୁ (ପରମେଶ୍ୱର) ହେଉଛନ୍ତି
ଅବ୍ରହାମଙ୍କ ପରମେଶ୍ୱର, ଯିସ୍‌ହାକଙ୍କ ପରମେଶ୍ୱର ଓ
ଯାକୁବଙ୍କ ପରମେଶ୍ୱର'*। ୩୮ଯଦି ପରମେଶ୍ୱର କହିଛନ୍ତି
ଯେ, ସେ ସେମାନଙ୍କର ପରମେଶ୍ୱର, ତେବେ ଏ ଲୋକମାନେ
ପ୍ରକୃତରେ ମୃତ ନୁହନ୍ତି। ସେ କେବଳ ଜୀବିତ ଲୋକମାନଙ୍କ
ପରମେଶ୍ୱର। ଯେଉଁମାନେ ପରମେଶ୍ୱରଙ୍କ ଲୋକ, ସେମାନେ
ସମସ୍ତେ ଜୀବିତ ଅଟନ୍ତି।

୩୯ଧର୍ମଶାସ୍ତ୍ରୀମାନେ କହିଲେ, "ଗୁରୁ, ଆପଣଙ୍କ ଉତ୍ତର
ବହୁତ ଭଲ ଥିଲା।" ୪୦ଯୀଶୁଙ୍କୁ ଆଉ ଅଧିକ ପ୍ରଶ୍ନ
ପଚାରିବାକୁ କେହି ସାହାସ କଲେନାହିଁ।

## ଖ୍ରୀଷ୍ଟ କ'ଣ ଦାଉଦଙ୍କ ପୁତ୍ର?

୪୧ତାପରେ ଯୀଶୁ କହିଲେ, "ଲୋକେ କାହିଁକି କହୁଛନ୍ତି
ଯେ ଖ୍ରୀଷ୍ଟ ଦାଉଦଙ୍କ ପୁତ୍ର? ୪୨ଗୀତସଂହିତାରେ ଦାଉଦ
ନିଜେ କହିଛନ୍ତି:

'ପ୍ରଭୁ (ପରମେଶ୍ୱର) ମୋର ପ୍ରଭୁଙ୍କୁ (ଖ୍ରୀଷ୍ଟ) କହିଲେ:
ମୋର ଡାହାଣ ପଟେ ମୋ ପାଖରେ ବସ।
୪୩ ମୁଁ ତୁମ୍ଭର ଶତ୍ରୁମାନଙ୍କୁ ତୁମ୍ଭ ଶକ୍ତି ଅଧୀନରେ
ରଖିବେ।' ଗୀତସଂହିତା ୧୧୦:୧

୪୪ଦାଉଦ ଖ୍ରୀଷ୍ଟଙ୍କୁ 'ପ୍ରଭୁ' କହିଛନ୍ତି। କିନ୍ତୁ ଖ୍ରୀଷ୍ଟ ମଧ୍ୟ
ଦାଉଦଙ୍କ ପୁତ୍ର। ଏ ଉଭୟ କଥା କିପରି ସତ୍ୟ ହୋଇ
ପାରିବ?"

## ଧର୍ମଶାସ୍ତ୍ରୀମାନଙ୍କ ବିରୁଦ୍ଧରେ ଚେତାବନୀ

୪୫ସବୁଲୋକେ ଯୀଶୁଙ୍କ ଉପଦେଶ ଶୁଣୁଥିଲେ। ଯୀଶୁ
ଶିଷ୍ୟମାନଙ୍କୁ କହିଲେ, ୪୬"ଧର୍ମଶାସ୍ତ୍ରୀମାନଙ୍କଠାରୁ ସାବଧାନ
ରୁହ। ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ପରି ପୋଷାକପତ୍ର ପିନ୍ଧି
ବୁଲାବୁଲି କରିବାକୁ ସେମାନେ ଚାହାଁନ୍ତି। ହାଟବଜାରରେ
ଲୋକେ ତାହାଙ୍କୁ ସମ୍ମାନ ଦେଖାନ୍ତୁ ବୋଲି ସେମାନେ
ଭଲପାଆନ୍ତି। ଯିହୂଦୀ ପ୍ରାର୍ଥନାଗୃହମାନଙ୍କରେ ସବୁଠାରୁ ଶ୍ରେଷ୍ଠ
ଆସନଗୁଡିକ ପାଇବାକୁ ସେମାନେ ଭଲ ପାଆନ୍ତି। ଭୋଜି
ମାନଙ୍କରେ ସବୁଠାରୁ ପ୍ରଧାନ ଆସନରେ ବସିବାକୁ ସେମାନେ

---

**ଜ୍ୱଳନ୍ତା ବୁଦା** ଯାତ୍ରାପୁସ୍ତକ ୩:୧-୧୨

**'ପ୍ରଭୁ ... ଯାକୁବଙ୍କ ପରମେଶ୍ୱର'** ପୁରାତନ ନିୟମ(ଓଲଡ ଟେଷ୍ଟାମେଣ୍ଟ) ସମୟରେ ତିନିଜଣ ଇହୁଦୀ-ନେତା ଯାତ୍ରାପୁସ୍ତକ ୩:୬

ଭଲ ପାଆନ୍ତି। ୪୭କିନ୍ତୁ ସେମାନେ ବିଧବାମାନଙ୍କ ପ୍ରତି
ଅତ୍ୟନ୍ତ ନୀଚ ମନୋଭାବ ଦେଖାନ୍ତି। ସେମାନେ ବିଧବାମାନଙ୍କର
ଘରଦ୍ୱାର ଠକିକରି ନେଇ ଥାଆନ୍ତି। ସେମାନେ ଲମ୍ବାଲମ୍ବା
ପ୍ରାର୍ଥନା କରି ନିଜକୁ ଭଲ ବୋଲି ଦେଖେଇ ହେବାକୁ
ଚେଷ୍ଟା କରନ୍ତି। ପରମେଶ୍ୱର ଏହି ଲୋକମାନଙ୍କୁ କଠିନ
ଦଣ୍ଡ ଦେବେ।”

### ପ୍ରକୃତଦାନ

୨୧ ଯୀଶୁ ଦେଖିଲେ ଯେ କେତେକ ଧନୀଲୋକ
ମନ୍ଦିରର ଦାନବାକ୍ସରେ ପରମେଶ୍ୱରଙ୍କ ପାଇଁ
ଦାନ ଦେଉଛନ୍ତି। ୨ଯୀଶୁ ଗୋଟିଏ ଗରିବ ବିଧବାକୁ
ଦେଖିଲେ। ସେହି ବିଧବା ଲୋକଟି ଦାନବାକ୍ସରେ ଦୁଇଟି
ତମ୍ବା ପଇସା ପକାଇଲା। ୩ଯୀଶୁ କହିଲେ, “ମୁଁ ତୁମ୍ଭକୁ
ସତ୍ୟ କହୁଛି, ଏହି ଗରିବ ବିଧବାଟି କେବଳ ଦୁଇଟି
ତମ୍ବାପଇସା ଦାନ ଦେଲା। କିନ୍ତୁ ପ୍ରକୃତରେ ସେ ଏହି
ଧନୀଲୋକମାନଙ୍କ ଠାରୁ ବହୁତ ଅଧିକ ଦେଲା।
୪ଧନୀଲୋକମାନଙ୍କର ପ୍ରଚୁର ଅର୍ଥ ଅଛି। ସେମାନେ
ସେମାନଙ୍କର ଦରକାର ନଥିବା ଅର୍ଥ ଦାନ କଲେ। ଏ
ସ୍ତ୍ରୀଲୋକଟି ବହୁତ ଗରୀବ। କିନ୍ତୁ ସେ ତାର ସର୍ବସ୍ୱ ଦାନ
କରିଦେଲା। ସେହି ଅର୍ଥ ତା’ର ବଞ୍ଚିବା ପାଇଁ ଦରକାର
ଥିଲା।”

### ମନ୍ଦିରର ଧ୍ୱଂସ

୫କେତେକ ଶିଷ୍ୟ ମନ୍ଦିର ବିଷୟରେ କଥାବାର୍ତ୍ତା
ହେଉଥିଲେ। ସେମାନେ କହିଲେ, “ଏହା ଗୋଟିଏ ସୁନ୍ଦର
ମନ୍ଦିର। ଏହା ସବୁଠାରୁ ଭଲ ପଥରରେ ତିଆରି ହୋଇଛି।
ଦେଖ ପରମେଶ୍ୱରଙ୍କୁ କିପରି ଭଲଭଲ ଦାନ ଅର୍ପଣ କରା
ଯାଇଛି!”

୬କିନ୍ତୁ ଯୀଶୁ କହିଲେ, “ଏବେ ତୁମ୍ଭେମାନେ ଏଠାରେ
ଯାହା ସବୁ ଦେଖୁଛ, ସମୟ ଆସିବ, ଯେତେବେଳେ ଏ
ସବୁ ଧ୍ୱଂସ ହୋଇଯିବ। ଏହି ଭବନଗୁଡିକର ପ୍ରତ୍ୟେକ
ପଥର ଭୂମିସାତ୍ ହୋଇ ପଡିବ। ଗୋଟିଏ
ହେଲେ ପଥର ଅନ୍ୟ ଗୋଟିଏ ପଥର ଉପରେ ରହି
ପାରିବନାହିଁ।”

୭କେତେକ ଶିଷ୍ୟ ଯୀଶୁଙ୍କୁ ପଚାରିଲେ, “ଗୁରୁ! ଏ ସବୁ
ଘଟଣା କେବେ ଘଟିବ? କି ପ୍ରକାରର ଲକ୍ଷଣ ଦ୍ୱାରା ଜଣା
ପଡିବ ଯେ ଏ ସବୁ ଘଟଣା ଘଟିବାର ସମୟ ଆସି
ଗଲାଣି?” ୮ଯୀଶୁ କହିଲେ, “ସାବଧାନ! ଭ୍ରାନ୍ତହୁଅ ନାହିଁ।
ମୋ ନାମ ବ୍ୟବହାର କରି ଅନେକ ଲୋକ ଆସିବେ।
ସେମାନେ କହିବେ, ‘ମୁଁ ଖ୍ରୀଷ୍ଟ’ ଏବଂ ‘ଉପଯୁକ୍ତ ସମୟ
ଆସିଯାଇଛି।’ କିନ୍ତୁ ତୁମ୍ଭେମାନେ ସେମାନଙ୍କୁ ଅନୁସରଣ
କରିବନାହିଁ। ୯ତୁମ୍ଭେମାନେ ଯେତେବେଳେ ଯୁଦ୍ଧ ଓ ବିଦ୍ରୋହର
ଜନରବ ଶୁଣିବ, କେବେ ଡରିଯିବ ନାହିଁ। ଏସବୁ ଘଟଣା
ନିଶ୍ଚୟ ପ୍ରଥମେ ଘଟିବ। କିନ୍ତୁ ଅନ୍ତିମ ସମୟ ଆସିବାକୁ
ବିଳମ୍ବ ହେବ।”

୧୦ଯୀଶୁ ସେମାନଙ୍କୁ କହିଲେ, “ଦେଶଦେଶ ବିରୁଦ୍ଧରେ
ଲଢ଼େଇ କରିବେ। ରାଜ୍ୟରାଜ୍ୟ ବିରୁଦ୍ଧରେ ଲଢ଼େଇ କରିବେ।
୧୧ଭୟାନକ ଭୂମିକମ୍ପ, ରୋଗ ଓ ଅମଙ୍ଗଳର ବିଷୟ ସବୁ
ଅନେକ ସ୍ଥାନରେ ଘଟିବ। କେତେକ ସ୍ଥାନରେ ମରୁଡ଼ି
ପଡ଼ିବ, ଲୋକେ ଖାଇବାକୁ ପାଇବେ ନାହିଁ। ଭୟଙ୍କର
ଘଟଣାମାନ ଘଟିବ। ଲୋକମାନଙ୍କୁ ଚେତାବନୀ ଦେବା
ପାଇଁ ଆକାଶରେ ଅନେକ ଆଶ୍ଚର୍ଯ୍ୟଜନକ ବିଷୟ ଦେଖାଯିବ।
୧୨“କିନ୍ତୁ ଏସବୁ ଘଟଣା ଘଟିବା ପୂର୍ବରୁ ଲୋକେ ତୁମ୍ଭମାନଙ୍କୁ
ବନ୍ଦୀ କରିନେବେ, ଓ ତୁମ୍ଭମାନଙ୍କୁ ଯନ୍ତ୍ରଣା ଦେବେ।
ଲୋକମାନେ ସେମାନଙ୍କର ପ୍ରାର୍ଥନାଗୃହମାନଙ୍କରେ ତୁମ୍ଭମାନଙ୍କର
ବିଚାର କରିବେ ଓ ତୁମ୍ଭମାନଙ୍କୁ କାରାଗାରରେ ବନ୍ଦୀ
କରିବେ। ରାଜା ଓ ଶାସନକର୍ତ୍ତାଙ୍କ ସାମନାରେ ତୁମ୍ଭମାନଙ୍କୁ
ହାଜର କରାଯିବ। ତୁମ୍ଭେମାନେ ମୋର ଅନୁସରଣ କରୁଥିବା
ଯୋଗୁ ଲୋକମାନେ ତୁମ୍ଭମାନଙ୍କ ପ୍ରତି ଏଭଳି ବ୍ୟବହାର
କରିବେ। ୧୩କିନ୍ତୁ ଏହା ତୁମ୍ଭମାନଙ୍କୁ ମୋ ବିଷୟରେ
କହିବାକୁ ସୁଯୋଗ ଦେବ। ୧୪ତୁମ୍ଭେମାନେ ନିଜକୁ ରକ୍ଷା
କରିବା ପାଇଁ କ’ଣ କହିବ, ସେଥି ପାଇଁ ଆଦୌ ବ୍ୟସ୍ତ
ହୁଅନାହିଁ। ୧୫ମୁଁ ତୁମ୍ଭକୁ କହିବାକୁ ଜ୍ଞାନ ପ୍ରଦାନ କରିବି।
ତୁମ୍ଭେମାନେ ଯାହା କହିବ, ତୁମ୍ଭର କୌଣସି ଶତ୍ରୁ ତାର
ଉତ୍ତର ଦେଇ ପାରିବନାହିଁ। ୧୬ଏପରିକି ତୁମ୍ଭମାନଙ୍କର
ବାପାମାଆ, ଭାଇ, ସମ୍ପର୍କୀୟ ଓ ବନ୍ଧୁମାନେ ତୁମ୍ଭମାନଙ୍କର
ବିରୋଧୀ ହୋଇଯିବେ। ସେମାନେ ତୁମ୍ଭମାନଙ୍କ ମଧ୍ୟରୁ
କେତେକଙ୍କୁ ମାରିଦେବେ। ୧୭ତୁମ୍ଭେମାନେ ମୋର ଅନୁସରଣ
କରୁଥିବା ଯୋଗୁ ସବୁ ଲୋକେ ତୁମ୍ଭମାନଙ୍କୁ ଘୃଣା କରିବେ।
୧୮କିନ୍ତୁ ପ୍ରକୃତରେ ଏଥି ମଧ୍ୟରୁ କାହାରି ଦ୍ୱାରା ମଧ୍ୟ
ତୁମ୍ଭମାନଙ୍କ କ୍ଷତି ହେବନାହିଁ। ୧୯ଏହି ସବୁ ଘଟଣା ଭିତରେ
ତୁମ୍ଭେମାନେ ତୁମ୍ଭ ବିଶ୍ୱାସରେ ଦୃଢ଼ ରହିଲେ ନିଜକୁ ରକ୍ଷା
କରିପାରିବ।

### ଯିରୂଶାଲମର ଧ୍ୱଂସ

୨୦“ତୁମ୍ଭେମାନେ ଯିରୂଶାଲମର ଚାରିପଟେ ସୈନ୍ୟବାହିନୀଙ୍କୁ
ଘେରି ରହିଥିବାର ଦେଖିବ। ତେବେ ତୁମ୍ଭେମାନେ ଜାଣିପାରିବ
ଯେ ଯିରୂଶାଲମର ଧ୍ୱଂସ ହେବା ସମୟ ଆସି ପହଞ୍ଚି
ଗଲାଣି। ୨୧ସେତେବେଳେ ଯିହୂଦାର ଲୋକେ ପର୍ବତ
ଆଡକୁ ପଳାଇଯିବା ଉଚିତ। ଯିରୂଶାଲମ ନଗର ଭିତରେ
ଥିବା ଲୋକେ ଯଥାଶୀଘ୍ର ନଗର ଛାଡି ଚାଲିଯିବା ଉଚିତ।
ଜଣେ ଯଦି ନଗର ବାହାରେ ଥିବ, ତେବେ ସେ ନଗର
ଭିତରକୁ ଯିବା ଉଚିତ ନୁହେଁ। ୨୨ପରମେଶ୍ୱର କେତେବେଳେ
ତାହାଙ୍କ ଲୋକମାନଙ୍କୁ ଦଣ୍ଡ ଦେବେ, ସେହି ସମୟ
ବିଷୟରେ ଭବିଷ୍ୟଦ୍‌ବକ୍ତାମାନେ ଅନେକ କଥା ଲେଖିଛନ୍ତି।
ମୁଁ ତୁମ୍ଭମାନଙ୍କୁ ସେହି ସମୟ ବିଷୟରେ କହୁଛି, ଯେତେବେଳେ
ସମସ୍ତ ଘଟଣା ନିଶ୍ଚିତ ରୂପରେ ଘଟିବ। ୨୩ଗର୍ଭବତୀ ସ୍ତ୍ରୀ
ଓ କୋଳରେ ଛୋଟ ଶିଶୁ ଥିବା ସ୍ତ୍ରୀମାନଙ୍କ ପାଇଁ ସେହି
ଦିନଗୁଡିକ ଅତ୍ୟନ୍ତ ଭୟାନକ ହେବ। କାରଣ ସେହି
ଦିନମାନଙ୍କରେ ଏହି ଦେଶ ଉପରକୁ ବହୁତ ବିପଦ ମାଡି
ଆସିବ। ଏବଂ ଏହି ଲୋକଙ୍କ ଉପରେ ପରମେଶ୍ୱର କ୍ରୋଧ
କରିବେ। ୨୪କେତେକ ଲୋକଙ୍କୁ ସୈନ୍ୟମାନେ ମାରିଦେବେ।
ଅନ୍ୟ କେତେକଙ୍କୁ ବନ୍ଦୀ କରି ଅନ୍ୟ ସବୁ ଦେଶକୁ
ପଠାଇ ଦିଆଯିବ। ଅଣଯିହୂଦୀଲୋକ ସେମାନଙ୍କର ସମୟ

ଶେଷ ନହେବା ପର୍ଯ୍ୟନ୍ତ ପବିତ୍ର ନଗର ଯିରୂଶାଲମକୁ
ପଦଦଳିତ କରିବେ।

## ଭୟ କରନାହିଁ

୨୫"ସୂର୍ଯ୍ୟ, ଚନ୍ଦ୍ର ଓ ତାରାମାନଙ୍କରେ ସଙ୍କେତ ରୂପକ
ଅନେକ ଅଦ୍‌ଭୁତ ବିଷୟ ଘଟିବ। ପୃଥିବୀରେ ଲୋକମାନେ
ନିରାଶ ଅନୁଭବ କରିବେ। ସମୁଦ୍ର ଗୁଡ଼ିକ ଭୟଙ୍କର ରୂପ
ଧାରଣ କରିବ। ଲୋକେ କଣ ପାଇଁ ଏପରି ହେଲା,
ଜାଣିବେ ନାହିଁ। ୨୬ସଂସାରକୁ ମାଡ଼ି ଆସୁଥିବା ବିପଦକୁ
ଚିନ୍ତାକରି ଲୋକେ ଭୟରେ ମୂର୍ଚ୍ଛିତ ହୋଇଯିବେ। ଆକାଶ
ମଣ୍ଡଳର ପ୍ରତ୍ୟେକ ବିଷୟ ବଦଳି ଯିବ। ୨୭ସେତେବେଳେ
ଲୋକେ ମନୁଷ୍ୟ ପୁତ୍ରଙ୍କୁ ଶକ୍ତି ଓ ମହାଗୌରବ ସହିତ
ମେଘମାଳା ଉପରେ ଆସୁ ଥିବାର ଦେଖିବେ। ୨୮ଯେତେବେଳେ
ଏସବୁ ଘଟଣା ଘଟିବା ଆରମ୍ଭ ହୋଇଯିବ, ତୁମ୍ଭେମାନେ
ଭୟ କରିବନାହିଁ। ଉପରକୁ ଚାହିଁ ଖୁସି ହେବ, ଆଦୌ
ବ୍ୟସ୍ତ ହେବନାହିଁ। କାରଣ ତୁମ୍ଭମାନଙ୍କର ମୁକ୍ତି ସମୟ
ପାଖ ହୋଇଗଲାଣି ବୋଲି ଏଥିରୁ ଜାଣିବ।"

## ମୋର ବାକ୍ୟ ଅନନ୍ତକାଳସ୍ଥାୟୀ

୨୯ତାପରେ ଯୀଶୁ ଏହି ଦୃଷ୍ଟାନ୍ତଟି କହିଲେ: "ସବୁ ଗଛ
ଗୁଡ଼ିକୁ ଦେଖ। ଡିମ୍ବିରି ଗଛଟି ଗୋଟିଏ ଭଲ ଉଦାହରଣ।
୩୦ସେଗୁଡ଼ିକରେ ଯେତେବେଳେ ନୂଆ ପତ୍ର କଅଁଳେ,
ତୁମ୍ଭେମାନେ ଜାଣିଥାଅ ଯେ, ଗ୍ରୀଷ୍ମ ଋତୁ ଆସି ପହଞ୍ଚି
ଯାଇଛି। ୩୧ସେହିଭଳି ମୁଁ ତୁମ୍ଭମାନଙ୍କୁ ଯାହା କହୁଛି
ସେଗୁଡ଼ିକ ଘଟିବ। ଏହିସବୁ ଘଟଣା ଘଟିବା ଦେଖିଲେ
ତୁମ୍ଭେମାନେ ଜାଣି ପାରିବ ଯେ, ପରମେଶ୍ୱରଙ୍କ ରାଜ୍ୟ
ନିକଟ ହୋଇଗଲାଣି।
୩୨"ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି, ଏହି ସବୁରେ
ଲୋକେ ବଞ୍ଚିଥିବା ସମୟ ଭିତରେ ଏସବୁ ଘଟଣା ଘଟିବ।
୩୩ପୃଥିବୀ ଓ ଆକାଶ ଲୋପ ହୋଇଯାଇପାରେ। କିନ୍ତୁ
ମୋର ବାକ୍ୟ କଦାପି ଲୋପ ହେବନାହିଁ। ମୋର ବାକ୍ୟ
ଅନନ୍ତକାଳସ୍ଥାୟୀ।

## ସଦାବେଳେ ପ୍ରସ୍ତୁତ ଥାଅ

୩୪"ସାବଧାନ ରୁହ। ତୁମ୍ଭେମାନେ ମଦ୍ୟପାନ କରି
ମାତାଲ ହୋଇ ନିଜ ସମୟ ନଷ୍ଟ କରନାହିଁ। ସାଂସାରିକ
ବସ୍ତୁଗୁଡ଼ିକ ବିଷୟରେ ଅତ୍ୟଧିକ ଚିନ୍ତିତ ହୋଇ ପଡ଼ନାହିଁ।
ସେଭଳି କଲେ ତୁମ୍ଭେମାନେ ଜଡ଼ ହୋଇଯିବ ଓ ଉଚିତ
କଥା କେବେ ଭାବି ପାରିବନାହିଁ। ଏବଂ ତୁମ୍ଭେମାନେ ପ୍ରସ୍ତୁତ
ନଥିବା ବେଳେ ଅନ୍ତିମକାଳ ଆସିଯାଇପାରେ। ୩୫ପୃଥିବୀରେ
ରହୁଥିବା ସମସ୍ତ ଲୋକମାନଙ୍କ ପାଖକୁ ଏହା ଏକ ଫାନ୍ଦ
ଭଳି ଆସିଯିବ। ୩୬ତେଣୁ ସଦାବେଳେ ପ୍ରସ୍ତୁତ ଥାଅ।
ଯେଉଁସବୁ ଘଟଣା ଘଟିବାକୁ ଯାଉଅଛି, ସେଗୁଡ଼ିକ ମଧ୍ୟଦେଇ
ନିରାପଦରେ ଗତି କରିବାକୁ ଶକ୍ତିଲାଭ ପାଇଁ ପ୍ରାର୍ଥନା
କର। ତୁମ୍ଭେମାନେ ଆତ୍ମବିଶ୍ୱାସର ସହିତ ମନୁଷ୍ୟପୁତ୍ରଙ୍କ
ଆଗରେ ଠିଆ ହୋଇ ପାରିବା ପାଇଁ ପ୍ରାର୍ଥନା
କର।"

୩୭ସେହି ଦିନଗୁଡ଼ିକରେ ଯୀଶୁ ଲୋକମାନଙ୍କୁ ମନ୍ଦିରରେ
ଉପଦେଶ ଦେଉଥିଲେ। ରାତ୍ରିକାଳରେ ସେ ନଗର ବାହାରକୁ
ଚାଲି ଯାଉଥିଲେ ଓ ସାରା ରାତି ଜୀତ ପର୍ବତ ଉପରେ
କଟାଉଥିଲେ। ୩୮ଲୋକମାନେ ମନ୍ଦିରକୁ ଯାଇ ଯୀଶୁଙ୍କ
ଉପଦେଶ ଶୁଣିବା ପାଇଁ, ପ୍ରତିଦିନ ଅତି ସକାଳୁ ଉଠି
ପଡ଼ୁଥିଲେ।

## ଯିହୂଦୀ ନେତାମାନେ ଯୀଶୁଙ୍କୁ ମାରିଦେବାକୁ ଚାହିଁଲେ

୨୨ ଖମୀରଶୂନ୍ୟ ରୋଟୀ ପର୍ବ, ଯାହାକୁ ନିସ୍ତାର
ପର୍ବ ମଧ୍ୟ କୁହାଯାଏ, ତାହାର ସମୟ ନିକଟ
ହୋଇ ଆସୁଥିଲା। ୨ପ୍ରଧାନ ଯାଜକ ଓ ଧର୍ମଶାସ୍ତ୍ରୀମାନେ
ଯୀଶୁଙ୍କୁ ଜୀବନରେ ମାରିଦେବା ପାଇଁ ଉପାୟ ଖୋଜୁଥିଲେ।
କିନ୍ତୁ ସେମାନେ ଲୋକମାନଙ୍କୁ ଭୟ କରୁଥିଲେ।

## ଯୀଶୁଙ୍କ ବିରୁଦ୍ଧରେ ଯିହୂଦାଙ୍କ ଯୋଜନା

୩ଯୀଶୁଙ୍କର ବାରଜଣ ପ୍ରେରିତଙ୍କ ମଧ୍ୟରେ ଜଣକର
ନାମ ଥିଲା ଇଷ୍କାରିୟୋଥ ଯିହୂଦା। ଶୟତାନ ଯିହୂଦାଙ୍କ
ଶରୀର ମଧ୍ୟରେ ପ୍ରବେଶ କରି ତାହାଙ୍କୁ ଗୋଟିଏ ଖରାପ
କାମ କରିବା ପାଇଁ ପ୍ରବର୍ତ୍ତାଇଲା। ୪ଯିହୂଦା ଯାଇ ପ୍ରଧାନ
ଯାଜକ ଓ ମନ୍ଦିରର ସେନାପତିମାନଙ୍କ ସହିତ କଥାବାର୍ତ୍ତା
କଲା। ଯୀଶୁଙ୍କୁ ସେମାନଙ୍କ ହାତରେ ସମର୍ପଣ କରିବା
ପାଇଁ ଯିହୂଦା ସେମାନଙ୍କ ସହିତ ଏକ ମନ୍ତ୍ରଣା କଲା।
୫ଏଥିରେ ଯାଜକମାନେ ଖୁସି ହୋଇଗଲେ। ଯୀଶୁଙ୍କୁ ସେମାନଙ୍କ
ହାତରେ ଦେଇ ଦେଲେ ସେମାନେ ଯିହୂଦାକୁ ଅର୍ଥ
ଦେବାପାଇଁ ପ୍ରତିଶ୍ରୁତି ଦେଲେ। ୬ଯିହୂଦା ରାଜି ହେଲା। ସେ
ଯୀଶୁଙ୍କୁ ଯାଜକମାନଙ୍କ ହାତରେ ଧରେଇ ଦେବାପାଇଁ
ଗୋଟିଏ ସୁଯୋଗର ଅପେକ୍ଷାରେ ରହିଲା। ଯିହୂଦା ଚାହୁଁଥିଲା
ଯେ, ଯେତେବେଳେ କୌଣସି ଲୋକ ଉପସ୍ଥିତ ନଥିବେ,
ସେ ସେତିକିବେଳେ ଏ କାମ କରିବ।

## ନିସ୍ତାର ପର୍ବର ଖାଦ୍ୟ ତିଆରି

୭ଖମୀର ହୀନ ରୋଟୀ ପର୍ବର* ଦିନଟି ଆସିଗଲା।
ଏହି ଦିନ ଯିହୂଦୀମାନେ ନିସ୍ତାରପର୍ବର ମେଷଶାବକମାନଙ୍କୁ
ବଳି ଦିଅନ୍ତି। ୮ଯୀଶୁ ପିତର ଓ ଯୋହନଙ୍କୁ କହିଲେ,
"ତୁମ୍ଭେମାନେ ଯାଇ ଆମ୍ଭମାନଙ୍କର ଖାଇବା ପାଇଁ ନିସ୍ତାରପର୍ବର
ଖାଦ୍ୟ ପ୍ରସ୍ତୁତି କର।"
୯ପିତର ଓ ଯୋହନ ଯୀଶୁଙ୍କୁ ପଚାରିଲେ, "ଏ ଖାଦ୍ୟ
କେଉଁ ସ୍ଥାନରେ ଆମ୍ଭେ ପ୍ରସ୍ତୁତି କରିବୁ ବୋଲି ଆପଣ
ଚାହୁଁଛନ୍ତି?"
ଯୀଶୁ ସେମାନଙ୍କୁ କହିଲେ, ୧୦"ଶୁଣ! ତୁମ୍ଭେମାନେ
ନଗର ଭିତରକୁ ଯିବା ପରେ ଜଣେ ଲୋକକୁ ପାଣି
ମାଠିଆଟିଏ ନେଇ ଯାଉଥିବାର ଦେଖିବ। ତୁମ୍ଭେମାନେ ତା

---

**ଖମୀର ହୀନ ରୋଟୀ ପର୍ବ** ଯିହୂଦୀମାନଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ଉତ୍ସବ। ପୁରାତନ ନିୟମ ଅନୁସାରେ ଏହା ନିସ୍ତାର-ପର୍ବ ପରଦିନ ଆରମ୍ଭ ହେଉଥିଲା। ପରେ ଦୁଇଟି ଯାକ ପର୍ବ ମିଶି ଏକାକାର ହୋଇ ଯାଉଛି।

ପଛେପଛେ ଯିବ। ସେ ଗୋଟିଏ ଘର ଭିତରକୁ ଯିବ।
ତୁମ୍ଭେମାନେ ତା ସହିତ ଯିବ। ୧୧ତୁମ୍ଭେମାନେ ଘରମାଲିକଙ୍କୁ
ପଚାରିବ, 'ଗୁରୁ ପଚାରୁଛନ୍ତି ଯେ ସେ ଓ ତାହାଙ୍କର
ଶିଷ୍ୟମାନେ ନିସ୍ତାରପର୍ବର* ଖାଦ୍ୟ ଯେଉଁଠାରେ ଖାଇବେ,
ତୁମ୍ଭେ ତାହା ଆମ୍ଭକୁ ଦେଖାଇ ଦିଅ।' ୧୨ତାପରେ ଘରମାଲିକ
ତୁମ୍ଭମାନଙ୍କୁ ଉପର ମହଲାର ଗୋଟିଏ ବଡ ବଖରା
ଦେଖାଇଦେବେ। ଏ ବଖରାଟି ତୁମ୍ଭମାନଙ୍କ ପାଇଁ ସଜାଇ
ରଖା ଯାଇଥିବ। ସେଠାରେ ତୁମ୍ଭେମାନେ ନିସ୍ତାର ପର୍ବର
ଖାଦ୍ୟ ପ୍ରସ୍ତୁତ କରିବ।"
୧୩ପିତର ଓ ଯୋହନ ବାହାରିଗଲେ। ଯୀଶୁ ଯେଭଳି
କହିଥିଲେ, ସବୁ ଘଟଣା ସେହିଭଳି ଘଟିଲା। ସେମାନେ
ନିସ୍ତାର ପର୍ବର ଖାଦ୍ୟ ପ୍ରସ୍ତୁତ କଲେ।

## ଯୀଶୁଙ୍କ ରାତ୍ରିଭୋଜନ

୧୪ସେମାନେ ନିସ୍ତାର ପର୍ବର ଖାଦ୍ୟ ଖାଇବାର ସମୟ
ହେଲା। ଯୀଶୁ ଓ ପ୍ରେରିତମାନେ ଖାଇ ବସିଲେ। ୧୫ଯୀଶୁ
ସେମାନଙ୍କୁ କହିଲେ, "ମୁଁ ମୋ ମୃତ୍ୟୁ ପୂର୍ବରୁ ତୁମ୍ଭମାନଙ୍କ
ସହିତ ଏକାଠି ଏହି ନିସ୍ତାର ପର୍ବର ଖାଦ୍ୟ ଖାଇବା ପାଇଁ
ଏକାନ୍ତ ଇଚ୍ଛା କରିଥିଲି। ୧୬ମୁଁ ତୁମ୍ଭମାନଙ୍କୁ କହୁଛି,
ପରମେଶ୍ୱରଙ୍କ ରାଜ୍ୟରେ ଏହାର ବାସ୍ତବ ଅର୍ଥ ସ୍ପଷ୍ଟ
ନହେବା ପର୍ଯ୍ୟନ୍ତ ମୁଁ କେବେହେଲେ ନିସ୍ତାର ପର୍ବର ଖାଦ୍ୟ
ଆଉ ଖାଇବି ନାହିଁ।"
୧୭ତାପରେ ଯୀଶୁ ଗୋଟିଏ ପାତ୍ରରେ ଅଙ୍ଗୁରରସ ନେଲେ।
ଏଥିପାଇଁ ସେ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ। ସେ
କହିଲେ, "ଏହି ପାତ୍ର ନିଅ, ଏଥିରେ ଥିବା ଅଙ୍ଗୁରରସ
ସମସ୍ତଙ୍କୁ ଦିଅ।" ୧୮ମୁଁ ତୁମ୍ଭମାନଙ୍କୁ କହୁଛି ପରମେଶ୍ୱରଙ୍କ
ରାଜ୍ୟ ନ ଆସିବା ପର୍ଯ୍ୟନ୍ତ ମୁଁ ପୁନର୍ବାର ଅଙ୍ଗୁରରସ ପାନ
କରିବି ନାହିଁ।"
୧୯ତାପରେ ଯୀଶୁ କିଛି ରୋଟୀ ନେଲେ। ରୋଟୀ ପାଇଁ
ସେ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ। ସେ ରୋଟୀକୁ
ଖଣ୍ଡଖଣ୍ଡ କରି ତାହା ପ୍ରେରିତମାନଙ୍କୁ ଦେଲେ। ତା'ପରେ
ଯୀଶୁ କହିଲେ, "ଏହି ରୋଟୀ ମୋର ଶରୀର। ଏହା ମୁଁ
ତୁମ୍ଭମାନଙ୍କ ପାଇଁ ଦେଉଛି। ମୋତେ ମନେ ରଖିବା ପାଇଁ
ଏହା କର।" ୨୦ସେହିଭଳି ରାତ୍ରିଭୋଜନ ପରେ ଯୀଶୁ
ଅଙ୍ଗୁରରସର ପାତ୍ରଟି ଧରି କହିଲେ। "ଏହି ଅଙ୍ଗୁରରସ
ଦର୍ଶାଏ ଯେ ପରମେଶ୍ୱରଙ୍କ ତାହାଙ୍କ ଲୋକମାନଙ୍କ ସହିତ
ଗୋଟିଏ ନୂଆ ଚୁକ୍ତି କରି ଅଛନ୍ତି। ମୁଁ ତୁମ୍ଭମାନଙ୍କୁ
ଦେଉଥିବା ମୋର ରକ୍ତରେ ଏହି ଚୁକ୍ତି ଆରମ୍ଭ ହୁଏ।"*

---

**ନିସ୍ତାର ପର୍ବ** ଯିହୂଦୀ ମାନଙ୍କର ମୁଖ୍ୟ ପବିତ୍ର ଦିବସ। ପ୍ରତିବର୍ଷ ଏହି ଦିନ ସେମାନେ ଏକ ସ୍ୱତନ୍ତ୍ର ଭୋଜନ କରୁଥିଲେ। ମୋଶାଙ୍କ ସମୟରେ ମିଶରରେ ସେମାନଙ୍କୁ ପରମେଶ୍ୱର ମୁକ୍ତ ଦେଇଥିବା ଘଟଣାକୁ ସ୍ମରଣ କରିବା ପାଇଁ ଏହା ପାଳିତ ହୁଏ।

**ପଦ-୧୯** କେତେକ ଗ୍ରୀକ୍ ପୁସ୍ତକରେ ପଦ-୧୯ର ଶେଷ ଅଂଶ ଓ ସମ୍ପୂର୍ଣ୍ଣ ପଦ-୨୦ ନାହିଁ।

## କିଏ ଯୀଶୁଙ୍କ ବିରୁଦ୍ଧରେ ଉଠିବ?

୨୧ଯୀଶୁ କହିଲେ, "ତୁମ୍ଭମାନଙ୍କ ଭିତରୁ ଜଣେ ଶୀଘ୍ର
ମୋ ପ୍ରତି ବିଶ୍ୱାସଘାତକତା କରିବ। ତାର ହାତ ମୋ
ହାତ ପାଖରେ ଏହି ଟେବୁଲ ଉପରେ ଅଛି। ୨୨ପରମେଶ୍ୱର
ଯେପରି ନିରୂପଣ କରିଛନ୍ତି, ମନୁଷ୍ୟପୁତ୍ର ସେହି ଅନୁସାରେ
ମୃତ୍ୟୁ ଭୋଗ କରିବେ। କିନ୍ତୁ ମନୁଷ୍ୟ ପୁତ୍ରଙ୍କୁ ଯେଉଁଲୋକ
ହତ ହେବାପାଇଁ ଶତ୍ରୁ ହାତରେ ଦେଇଦେବ, ତା' ପକ୍ଷରେ
ଏହା ବହୁତ ଖରାପ ହେବ।"
୨୩ତା'ପରେ ପ୍ରେରିତମାନେ ପରସ୍ପର ପଚରାପଚରି ହେଲେ,
"ଆମ୍ଭଭିତରୁ କିଏ ଯୀଶୁଙ୍କ ପ୍ରତି ଏପରି ଆଚରଣ କରିବ?"

## ଜଣେ ସେବକ ଭଳି ହୁଅ

୨୪ସେମାନଙ୍କ ମଧ୍ୟରେ ସବୁଠାରୁ କିଏ ଶ୍ରେଷ୍ଠ ପ୍ରେରିତମାନେ
ସେହି ବିଷୟରେ ପରସ୍ପର ମଧ୍ୟରେ ବାଦାନୁବାଦ କରିବାକୁ
ଲାଗିଲେ। ୨୫କିନ୍ତୁ ଯୀଶୁ ସେମାନଙ୍କୁ କହିଲେ, "ଏହି
ସଂସାରର ଦେଶ ଗୁଡିକର ରାଜାମାନେ ସେମାନଙ୍କ ଲୋକଙ୍କ
ଉପରେ ଶାସନ କରନ୍ତି। ଯେଉଁ ଲୋକମାନଙ୍କର ଅନ୍ୟ
ଲୋକଙ୍କ ଉପରେ ଶାସନ କ୍ଷମତା ଥାଏ, ସେମାନେ ଅନ୍ୟ
ଲୋକଙ୍କ ପାଇଁ ଉପକାରୀ ବୋଲି ଖ୍ୟାତ ହୁଅନ୍ତି। ୨୬କିନ୍ତୁ
ତୁମ୍ଭେମାନେ ସେମାନଙ୍କ ପରି ନୁହଁ, ବରଂ ତୁମ୍ଭମାନଙ୍କ
ମଧ୍ୟରେ ଯେଉଁ ଲୋକ ସବୁଠାରୁ ବଡ, ସେ ସବୁଠାରୁ
ଛୋଟ ହେବା ଉଚିତ। ନେତା ସେବକ ଭଳି ହେବା
ଉଚିତ। ୨୭ସବୁଠାରୁ ଶ୍ରେଷ୍ଠ ଲୋକ କିଏ? ଟେବୁଲ
ପାଖରେ ଖାଇବାକୁ ବସିଥିବା ଲୋକ ନା ତାହାଙ୍କୁ ପରଶୁଥିବା
ଲୋକ? ତୁମ୍ଭେମାନେ ଭାବିବଯେ ଖାଇବାକୁ ବସିଥିବା
ଲୋକଟି ଅଧିକ ମହତ। କିନ୍ତୁ ତୁମ୍ଭମାନଙ୍କ ମଧ୍ୟରେ ମୁଁ
ଜଣେ ସେବକ ଭଳି ରହିଛି।
୨୮"ଅନେକ ବାଧାବିଘ୍ନ ଭିତର ଦେଇ ତୁମ୍ଭେମାନେ ମୋ
ସହିତ ରହିଛ। ୨୯ମୋର ପରମପିତା ମୋତେ ଗୋଟିଏ
ରାଜ୍ୟ ଦେଇଛନ୍ତି। ମୋ ସହିତ ତୁମ୍ଭେମାନେ ମଧ୍ୟ ତାହା
ଉପରେ ଶାସନ କରିବାକୁ ମୁଁ ତୁମ୍ଭମାନଙ୍କୁ କ୍ଷମତା ଦେଉଛି।
୩୦ମୋ ରାଜ୍ୟରେ ମୋ ସହିତ ଟେବୁଲ ଉପରେ ତୁମ୍ଭେମାନେ
ଖିଆପିଆ କରିବ। ତୁମ୍ଭେମାନେ ସିଂହାସନଗୁଡିକ ଉପରେ
ବସି ଇସ୍ରାୟେଲର* ବାରଟି ଯାକ ଗୋଷ୍ଠୀର ବିଚାର
କରିବ।

## ବିଶ୍ୱାସ ହରାଅ ନାହିଁ

୩୧"କୃଷକ ତା'ର ଗହମକୁ ଚାଲୁଣୀରେ ଚଲାଇବା ଭଳି
ଶୟତାନ ତୁମ୍ଭମାନଙ୍କୁ ଚଲାଇବା ପାଇଁ ଅନୁମତି ପାଇଛି।
ଶିମୋନ! ହେ ଶିମୋନ, ୩୨ମୁଁ ପ୍ରାର୍ଥନା କରିଛି ଯେ ତୁମ୍ଭର
ବିଶ୍ୱାସ ଲୋପ ନ ହେଉ। ତୁମ୍ଭେମାନେ ମୋ ପାଖକୁ
ଫେରି ଆସିବା ସମୟରେ ନିଜ ଭାଇମାନଙ୍କୁ ବିଶ୍ୱାସରେ
ଦୃଢ଼ ହେବା ପାଇଁ ସାହାର୍ଯ୍ୟ କର।"

---

**ଇସ୍ରାୟେଲ** ପ୍ରଥମେ ଇସ୍ରାୟେଲ ଯିହୂଦୀଙ୍କ ରାଷ୍ଟ୍ରଥିଲା। କିନ୍ତୁ ଏହି ନାମଟି ପରମେଶ୍ୱରଙ୍କ ଲୋକଙ୍କ ପାଇଁ ବ୍ୟବହୃତ ହୁଏ।

୩୩କିନ୍ତୁ ପିତର ଯୀଶୁଙ୍କୁ କହିଲେ, "ପ୍ରଭୁ, ମୁଁ ଆପଣଙ୍କ
ସହିତ କାରାଗାରକୁ ଯିବାକୁ ପ୍ରସ୍ତୁତ ଅଛି। ଏପରିକି ମୁଁ
ଆପଣଙ୍କ ସହିତ ମରିବା ପାଇଁ ମଧ୍ୟ ପ୍ରସ୍ତୁତ ଅଛି।"
୩୪ଯୀଶୁ କିନ୍ତୁ କହିଲେ, "ପିତର, ଆସନ୍ତାକାଲି ସକାଳେ
କୁକୁଡ଼ା ଡାକିବା ପୂର୍ବରୁ ତୁମ୍ଭେ କହିବ ଯେ, ତୁମ୍ଭେ
ମୋତେ ଜାଣିନାହିଁ। ଏକଥା ତୁମ୍ଭେ ତିନିଥର କହିବ।"

### ଅସୁବିଧା ପାଇଁ ପ୍ରସ୍ତୁତ ରୁହ

୩୫ତା'ପରେ ଯୀଶୁ ପ୍ରେରିତମାନଙ୍କୁ କହିଲେ, "ମୁଁ
ଲୋକମାନଙ୍କ ନିକଟରେ ଉପଦେଶ ଦେବାପାଇଁ ତୁମ୍ଭମାନଙ୍କୁ
ପଠାଇଥିଲି। ମୁଁ ତୁମ୍ଭମାନଙ୍କୁ ଟଙ୍କା, ଥଳି ଓ ଜୋତା ବିନା
ପଠାଇଥିଲି। ତୁମ୍ଭମାନଙ୍କର କୌଣସିଟିରେ ଅଭାବ ଥିଲା
କି?"

ପ୍ରେରିତମାନେ କହିଲେ, "ନା।"
୩୬ଯୀଶୁ ସେମାନଙ୍କୁ କହିଲେ, "କିନ୍ତୁ ଏବେ ଯଦି
ତୁମ୍ଭମାନଙ୍କ ପାଖରେ ଟଙ୍କା କି ଥଳି ଥାଏ, ତେବେ ତାହା
ନିଜ ସାଙ୍ଗରେ ନିଅ। ଯଦି ତୁମ୍ଭମାନଙ୍କର ଖଣ୍ଡାଟିଏ ନଥାଏ
ତେବେ ତୁମ୍ଭେମାନେ ନିଜର କୋଟ ମଧ୍ୟ ବିକିଦେଇ ଖଣ୍ଡା
କିଣ। ୩୭ଶାସ୍ତ୍ର କହେ:

"ଲୋକମାନେ କହିଲେ ଯେ ସେ ଜଣେ ଅପରାଧୀ।"
ଯିଶାଇୟ ୫୩:୧୨

ଏହି ଶାସ୍ତ୍ରର ବାକ୍ୟ ନିଶ୍ଚୟ ଘଟିବ, ଏହା ମୋ ବିଷୟରେ
ଲେଖାଥିଲା, ଏବଂ ଏହା ଏବେ ଘଟୁଛି।"
୩୮ଶିଷ୍ୟମାନେ କହିଲେ ଦେଖନ୍ତୁ ପ୍ରଭୁ ଏଠାରେ ଦୁଇଟି
ଖଣ୍ଡା
ଅଛି, ଯୀଶୁ କହିଲେ, "ଦୁଇଟି ଖଣ୍ଡା ଯଥେଷ୍ଟ।"

### ଯୀଶୁ ପ୍ରେରିତମାନଙ୍କୁ ପ୍ରାର୍ଥନା କରିବାକୁ କହିଲେ

୩୯ଯୀଶୁ ଯିରୂଶାଲମ ନଗର ଛାଡ଼ି ଜୀତପର୍ବତ ଉପରକୁ
ଗଲେ। ସେ ଏପରି ଅଧିକାଂଶ ସମୟରେ କରୁଥିଲେ।
ତାହାଙ୍କର ଶିଷ୍ୟମାନେ ତାହାଙ୍କ ସହିତ ଗଲେ। ୪୦ସେଠାରେ
ପହଞ୍ଚି ଯୀଶୁ ଶିଷ୍ୟମାନଙ୍କୁ କହିଲେ, "ତୁମ୍ଭେମାନେ ଯେପରି
ପରୀକ୍ଷାରେ ନ ପଡ଼ ଏଥିପାଇଁ ପ୍ରାର୍ଥନା କର।"
୪୧ତାପରେ ଯୀଶୁ ସେମାନଙ୍କଠାରୁ ପ୍ରାୟ ପଚିଶ ମିଟର
ଦୂରକୁ ଗଲେ। ସେ, ଆଣ୍ଠୁ ମାଡ଼ି ବସି ପଡ଼ି ପାର୍ଥନା
କଲେ, ୪୨"ହେ ପରମପିତା, ଯଦି ଏହା ତୁମ୍ଭର ଇଚ୍ଛା,
ତେବେ ଦୁଃଖ 'ଯାତନାର ଏହି ପାନ ପାତ୍ର'* ମୋ ଠାରୁ
ଦୂର କର। କିନ୍ତୁ ଯାହା ତୁମ୍ଭର ଇଚ୍ଛା, ତାହା କର। ମୋ
ଇଚ୍ଛାରେ ନୁହେଁ।" ୪୩ତା'ପରେ ସ୍ୱର୍ଗରୁ ଜଣେ ଦୂତ ଆସି
ଦେଖାଦେଲେ। ସେହି ସ୍ୱର୍ଗ ଦୂତଙ୍କୁ ଯୀଶୁଙ୍କୁ ସାହାଯ୍ୟ
କରିବା ପାଇଁ ପଠାଯାଇଥିଲା। ୪୪ଯୀଶୁ ମର୍ମାନ୍ତକ ପୀଡ଼ାରେ
ବୁଡ଼ି ରହି ଆହୁରି ଦୃଢ଼ ଭାବରେ ପ୍ରାର୍ଥନା କରିବାକୁ
ଲାଗିଲେ। ତାହାଙ୍କ ମୁହଁରୁ ଘନ ଘନ ରକ୍ତ ଟୋପା ଭଳି
ଝାଳ ବାହାରି ଆସି ଭୂଇଁରେ ପଡ଼ିଲା। ୪୫ଯୀଶୁ ପ୍ରାର୍ଥନା
କରିସାରି ଶିଷ୍ୟମାନଙ୍କ ପାଖକୁ ଫେରିଗଲେ। ସେମାନେ
ସମସ୍ତେ ଶୋଇ ପଡ଼ିଥିଲେ, (ସେମାନଙ୍କ ଦୁଃଖ ସେମାନଙ୍କୁ
ବହୁତ କ୍ଳାନ୍ତ କରି ପକାଇଥିଲା)। ୪୬ଯୀଶୁ ସେମାନଙ୍କୁ
କହିଲେ, "ତୁମ୍ଭେମାନେ କାହିଁକି ଶୋଇ ପଡ଼ିଛ? ଉଠ ଓ
ପରୀକ୍ଷାରେ ନ ପଡ଼ିବାକୁ ତଥା ଶକ୍ତିଲାଭ ପାଇଁ ପ୍ରାର୍ଥନା
କର"।

### ଯୀଶୁ ବନ୍ଦୀ ହେଲେ

୪୭ଏସବୁ କଥା ଯୀଶୁ କହୁଥିବା ସମୟରେ ଦଳେ
ଲୋକ ସେଠାକୁ ଆସିଲେ। ବାର ଜଣ ପ୍ରେରିତଙ୍କ ମଧ୍ୟରୁ
ଜଣେ ପ୍ରେରିତ ସେହି ଲୋକମାନଙ୍କ ଦଳର ନେତୃତ୍ୱ
ନେଇଥିଲା। ସେ ଥିଲା ଯିହୂଦା। ଯୀଶୁଙ୍କୁ ଚୁମ୍ବନ ଦେଇ
ପାରିବା ପାଇଁ ଯିହୂଦା ଯୀଶୁଙ୍କ ପାଖକୁ ଆସିଲା।
୪୮କିନ୍ତୁ ଯୀଶୁ ତାହାଙ୍କୁ କହିଲେ, "ଯିହୁଦା, ତୁମ୍ଭେ
କ'ଣ ମନୁଷ୍ୟପୁତ୍ରଙ୍କୁ ତାହାଙ୍କ ଶତ୍ରୁମାନଙ୍କ ହାତରେ ଦେଇ
ଦେବାପାଇଁ ବନ୍ଧୁତାର ଚୁମ୍ବନକୁ ବ୍ୟବହାର କରୁଛ?"
୪୯ଯୀଶୁଙ୍କର ଶିଷ୍ୟମାନେ ମଧ୍ୟ ସେଠାରେ ଠିଆ ହୋଇଥିଲେ।
ଯାହା ଘଟୁଥିଲା, ସେମାନେ ସେ ସବୁ ଦେଖୁଥିଲେ,
ସେମାନେ ଯୀଶୁଙ୍କୁ କହିଲେ, "ପ୍ରଭୁ, ଆମ୍ଭେ କ'ଣ ଆମ୍ଭର
ଖଣ୍ଡାର ପ୍ରୟୋଗ କରିବୁ?" ୫୦ଏବଂ ଜଣେ ଶିଷ୍ୟ ଖଣ୍ଡା
ବ୍ୟବହାର କଲା। ମହାଯାଜକଙ୍କର ଚାକରର ଡାହାଣ
କାନଟି ସେ କାଟି ପକାଇଲା।
୫୧ଯୀଶୁ କହିଲେ, "ବନ୍ଦ କର!" ତାପରେ ଯୀଶୁ ସେହି
ଚାକରଟିର କାନ ଛୁଇଁ ସୁସ୍ଥ କରିଦେଲେ।
୫୨ଯୀଶୁଙ୍କୁ ବନ୍ଦୀ କରିବା ପାଇଁ ଯେଉଁ ଦଳ ଆସିଥିଲା,
ସେଥିରେ ପ୍ରଧାନ ଯାଜକ, ପ୍ରାଚୀନ, ଯିହୂଦୀ ନେତା ଓ
ଯିହୂଦୀ ସୈନ୍ୟମାନେ ଥିଲେ। ଯୀଶୁ ସେମାନଙ୍କୁ କହିଲେ,
"ତୁମ୍ଭେମାନେ ଖଣ୍ଡା ଓ ଠେଙ୍ଗା ଧରି ଏଠାକୁ କାହିଁକି
ଆସିଛ? ତୁମ୍ଭେମାନେ କ'ଣ ଭାବୁଛ ଯେ ମୁଁ ଗୋଟିଏ
ଅପରାଧୀ? ୫୩ମନ୍ଦିରରେ ମୁଁ ପ୍ରତ୍ୟେକ ଦିନ ତୁମ୍ଭମାନଙ୍କ
ସହିତ ରହୁଥିଲି। ତୁମ୍ଭେମାନେ ମୋତେ ସେଠାରେ ବନ୍ଦୀ
କରିନେବାକୁ କାହିଁକି ଚେଷ୍ଟା କଲନାହିଁ? କିନ୍ତୁ ଏହି
ସମୟରେ ଆସିଛ ଯେତେବେଳେ ଅନ୍ଧକାର (ପାପ) ରାଜତ୍ୱ
କରିଥାଏ।"

### ଯୀଶୁଙ୍କୁ ଜାଣିଛନ୍ତି ବୋଲି କହିବାକୁ ପିତରଙ୍କ ଭୟ

୫୪ସେମାନେ ଯୀଶୁଙ୍କୁ ବନ୍ଦୀ କରି ମହାଯାଜକଙ୍କ ଘର
ଭିତରକୁ ନେଇଗଲେ। ପିତର ସେମାନଙ୍କ ପଛେପଛେ
ଗଲେ। କିନ୍ତୁ ସେ ଯୀଶୁଙ୍କ ପାଖାପାଖି ଆସୁ ନ ଥିଲେ।
୫୫ସୈନ୍ୟମାନେ ଅଗଣା ମଝିରେ ନିଆଁ ଜାଳି ଏକାଠି
ବସିଗଲେ। ପିତର ମଧ୍ୟ ସେମାନଙ୍କ ସହିତ ବସିଲେ।
୫୬ଜଣେ ଦାସୀ ପିତରଙ୍କୁ ସେଠାରେ ବସିଥିବାର ଦେଖିଲା।
ସେ ପିତରଙ୍କୁ ଜଳୁଥିବା ନିଆଁର ଆଲୁଅରେ ଦେଖିପାରିଲା।

---

**'ଯାତନାର ଏହି ପାନ ପାତ୍ର'** ଯୀଶୁ ତାଙ୍କ ନିଜପାଇଁ ଘଟିବାକୁ
ଯାଉଥିବା ଅଘଟଣ ବିଷୟରେ କହୁଛନ୍ତି। ଅତ୍ୟନ୍ତ ଅସହନୀୟ
ସ୍ୱାଦ ଯୁକ୍ତ ପାନୀୟ ଥିବା ପାତ୍ରରୁ ପିଇବା ଯେପରି କଠୋର,
ଏହା ଗ୍ରହଣ କରିବା ସେହିପରି କଠୋର।

କନ୍ୟାଦାସୀଟି ମନ ଧ୍ୟାନ ଦେଇ ପିତରଙ୍କ ମୁହଁକୁ ଚାହିଁଲା।
ତା'ପରେ ସେ କହିଲା, "ଏଲୋକ ମଧ୍ୟ ତାହାଙ୍କ ସହିତ
ଥିଲା।"
୫୭କିନ୍ତୁ ପିତର ଏକଥା ଅସ୍ୱୀକାର କଲେ। ସେ
କହିଲେ, "ନା ଭଉଣୀ, ମୁଁ ତାହାଙ୍କୁ ଜାଣେନାହିଁ।" ୫୮ଅଳ୍ପ
କିଛି ସମୟ ପରେ ଆଉ ଜଣେ ଲୋକ ପିତରଙ୍କୁ ଦେଖି
କହିଲା, "ଯୀଶୁଙ୍କ ଅନୁଗମନ କରୁଥିବା ଲୋକଙ୍କ ମଧ୍ୟରୁ
ତୁମ୍ଭେ ମଧ୍ୟ ଜଣେ।"
କିନ୍ତୁ ପିତର କହିଲେ,"ନା,ମୁଁ ନୁହେଁ।"
୫୯ପ୍ରାୟ ଘଣ୍ଟାଏ ପରେ ଆଉ ଜଣେ ଲୋକ ଦୃଢ଼
ଭାବରେ କହିଲା,"ଏହା ସତ୍ୟ। ଏ ଲୋକ ନିଶ୍ଚୟ ତାହାଙ୍କ
ସହିତ ଥିଲା। କାରଣ ସେ ତ ଗାଲିଲୀୟ।" ସେହି
ଲୋକ କହିଲା ଯେ ସେ ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ।
୬୦କିନ୍ତୁ ପିତର କହିଲେ, "ନା ଭାଇ! ତୁମ୍ଭେ ଯାହା
କହୁଛ, ମୁଁ ତାହା ଜାଣେନାହିଁ।"
ପିତର ଏକଥା କହିବା ବେଳେ ସେହିକ୍ଷଣି କୁକୁଡ଼ାଟିଏ
ଡ଼ାକିଲା। ୬୧ତାପରେ ପ୍ରଭୁ ବୁଲିପଡି ପିତରଙ୍କୁ ଏକ
ଲୟରେ ଚାହିଁଲେ। ପିତରଙ୍କର ମନେ ପଡିଗଲା ଯେ, ପ୍ରଭୁ
ପୂର୍ବରୁ କହିଥିଲେ, "ସକାଳେ କୁକୁଡ଼ା ଡ଼ାକିବା ପୂର୍ବରୁ
ତୁମ୍ଭେ ମତେ ଜାଣି ନାହିଁ ବୋଲି ତିନିଥର କହିବ।"
୬୨ତା'ପରେ ପିତର ବାହାରକୁ ବାହାରିଯାଇ ବ୍ୟାକୁଳ ଭାବରେ
କାନ୍ଦିବାକୁ ଲାଗିଲେ।

### ଲୋକମାନେ ଯୀଶୁଙ୍କୁ ଉପହାସ କଲେ

୬୩-୬୪କେତେକ ଲୋକ ଯୀଶୁଙ୍କୁ ଜଗିଥିଲେ। ସେମାନେ
ଯୀଶୁଙ୍କୁ ଥଟ୍ଟା କଲେ। ଯୀଶୁ ଯେପରି ସେମାନଙ୍କୁ ଦେଖି
ନ ପାରନ୍ତି, ଏଥି ପାଇଁ ସେମାନେ ତାହାଙ୍କ ମୁହଁ ଘୋଡ଼ାଇ
ଦେଲେ। ସେମାନେ ଯୀଶୁଙ୍କୁ ପିଟିବାକୁ ଲାଗିଲେ। ସେମାନେ
ତାହାଙ୍କୁ ପଚାରିଲେ, "ତୁମ୍ଭେ ପରା ଭବିଷ୍ୟଦ୍‌ବକ୍ତା। କୁହ
ତ ଦେଖି, ତୁମ୍ଭକୁ କିଏ ମାରିଲା? ୬୫ଲୋକମାନେ ଯୀଶୁଙ୍କୁ
ଅନେକ କଦର୍ଯ୍ୟ କଥା କହିବାକୁ ଲାଗିଲେ।

### ଯିହୂଦୀ ନେତାଙ୍କ ସାମନାରେ ଯୀଶୁ

୬୬ତା'ପରଦିନ ସକାଳେ, ପ୍ରାଚୀନ ଯିହୂଦୀ ନେତା ଗଣ,
ପ୍ରଧାନ ଯାଜକ ଓ ଧର୍ମଶାସ୍ତ୍ରୀମାନେ ଏକାଠି ହେଲେ।
ସେମାନେ ଯୀଶୁଙ୍କୁ ସେମାନଙ୍କର ସର୍ବୋଚ୍ଚ ନ୍ୟାୟାଳୟକୁ
ନେଇଗଲେ ୬୭ସେମାନେ କହିଲେ, "ତୁମ୍ଭେ ଯଦି ଖ୍ରୀଷ୍ଟ,
ତେବେ ତାହା ଆମ୍ଭକୁ କୁହ।"
ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, "ମୁଁ ଯଦି କୁହେ
ଯେ ମୁଁ ଖ୍ରୀଷ୍ଟ ତୁମ୍ଭେମାନେ ମୋତେ ବିଶ୍ୱାସ କରିବ ନାହିଁ।
୬୮ଏବଂ ମୁଁ ଯଦି ତୁମ୍ଭମାନଙ୍କୁ ପ୍ରଶ୍ନ ପଚାରେ, ତେବେ
ତୁମ୍ଭେମାନେ ତାର ଉତ୍ତର ଦେବନାହିଁ। ୬୯କିନ୍ତୁ ବର୍ତ୍ତମାନଠାରୁ
ମନୁଷ୍ୟପୁତ୍ର ପରମେଶ୍ୱରଙ୍କ ସିଂହାସନରେ ଡାହାଣ ପଟେ
ବସିବେ।"
୭୦ସେମାନେ ସମସ୍ତେ କହିଲେ, "ତେବେ କ'ଣ ତୁମ୍ଭେ
ପରମେଶ୍ୱରଙ୍କ ପୁତ୍ର?" ଯୀଶୁ ସେମାନଙ୍କୁ କହିଲେ, "ହଁ,
ତୁମ୍ଭେ ଯାହା କହୁଛ, ତାହା ଠିକ୍।"
୭୧ସେମାନେ କହିଲେ, "ତେବେ ଆମ୍ଭର ବର୍ତ୍ତମାନ
ଆଉ ସାକ୍ଷୀ କ'ଣ ଦରକାର? ଆମ୍ଭେ ତ ନିଜେ ତାହାଙ୍କ
ମୁହଁରୁ ଏହା ଶୁଣିଲୁ।"

### ଯୀଶୁଙ୍କୁ ରାଜ୍ୟପାଳ ପୀଲାତଙ୍କ ପ୍ରଶ୍ନ

୨୩ ସମସ୍ତେ ଉଠି ଠିଆହେଲେ। ସେମାନେ ଯୀଶୁଙ୍କୁ
ପୀଲାତଙ୍କ ପାଖକୁ ନେଇଗଲେ। ୨ସେମାନେ
ଯୀଶୁଙ୍କୁ ଦୋଷ ଦେବାକୁ ଲାଗିଲେ। ସେମାନେ ପୀଲାତଙ୍କୁ
କହିଲେ, "ଆମ୍ଭର ଲୋକମାନଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା
କରୁଥିବା ବେଳେ ଆମ୍ଭେମାନେ ଏହାଙ୍କୁ ଧରିଛୁ। ସେ
ଲୋକମାନଙ୍କୁ କହୁଛନ୍ତି ଯେ କାଇସରଙ୍କୁ କର ଦେବା
ଉଚିତ ନୁହେଁ। ସେ ନିଜକୁ ଖ୍ରୀଷ୍ଟ, ଜଣେ ରାଜା ବୋଲି
କହୁଛି।"
୩ପୀଲାତ ଯୀଶୁଙ୍କୁ ପଚାରିଲେ, "ତୁମ୍ଭେ କ'ଣ
ଯିହୁଦୀମାନଙ୍କର ରାଜା?"
ଯୀଶୁ ଉତ୍ତର ଦେଲେ, "ହଁ ତାହା ଠିକ୍ କଥା।"
୪ପୀଲାତ ପ୍ରଧାନ ଯାଜକ ଏବଂ ଲୋକମାନଙ୍କୁ କହିଲେ,
"ଏ ଲୋକର ମୁଁ କିଛି ଭୁଲ ଦେଖି ପାରୁନାହିଁ,"
୫ସେମାନେ କିନ୍ତୁ ବାରମ୍ବାର କହିଲେ, "ସେ ଲୋକଙ୍କ
ମଧ୍ୟରେ ଗୋଳମାଳ ସୃଷ୍ଟି କରୁଛନ୍ତି। ଯିହୂଦାର ଚାରିଆଡେ
ସେ ଲୋକଙ୍କୁ ଉପଦେଶ ଦେଉଛନ୍ତି। ସେ ଏହା
ଗାଲିଲୀରେ ଆରମ୍ଭ କରିଥିଲେ। ଏବେ ସେ ଏଠାରେ
ଅଛନ୍ତି।"

### ପୀଲାତ ଯୀଶୁଙ୍କୁ ହେରୋଦଙ୍କ ପାଖକୁ ପଠାଇଲେ

୬ପୀଲାତ ଏହା ଶୁଣି ପଚାରିଲେ, ଏହି ଲୋକ କ'ଣ
ଗାଲିଲୀର? ୭ପୀଲାତ ଜାଣିଲେ ଯେ, ଯୀଶୁ ହେରୋଦଙ୍କ
ଅଧିକାରକ୍ଷେତ୍ରର ଲୋକ। ହେରୋଦ ସେହି ସମୟରେ
ଯିରୂଶାଲମରେ ଥିଲେ। ତେଣୁ ପୀଲାତ ଯୀଶୁଙ୍କୁ ତାହାଙ୍କ
ପାଖକୁ ପଠାଇଦେଲେ। ୮ହେରୋଦ ଯୀଶୁଙ୍କୁ ଦେଖି ବହୁତ
ଖୁସି ହୋଇଗଲେ। ହେରୋଦ ଯୀଶୁଙ୍କ ବିଷୟରେ ସବୁକଥା
ଶୁଣି ସାରିଥିଲେ। ବହୁ ଆଗରୁ ଯୀଶୁଙ୍କୁ ଦେଖିବାକୁ ସେ
ଇଚ୍ଛା କରିଥିଲେ। ହେରୋଦ ଯୀଶୁଙ୍କର ଗୋଟିଏ ଆଶ୍ଚର୍ଯ୍ୟକର୍ମ
ଦେଖିବାକୁ ଚାହୁଁଥିଲେ। ତେଣୁ ସେ ଆଶା କରୁଥିଲେ ଯେ,
ତାହାଙ୍କ ଆଗରେ ଯୀଶୁ କିଛି ଆଶ୍ଚର୍ଯ୍ୟକର୍ମ ପ୍ରଦର୍ଶନ
କରିବେ। ୯ହେରୋଦ ଯୀଶୁଙ୍କୁ ଅନେକ ପ୍ରଶ୍ନ ପଚାରିଲେ।
କିନ୍ତୁ ଯୀଶୁ କିଛି ହେଲେ ଉତ୍ତର ଦେଲେନାହିଁ। ୧୦ପ୍ରଧାନ
ଯାଜକ ଓ ଧର୍ମଶାସ୍ତ୍ରୀମାନେ ସେଠାରେ ଠିଆ ହୋଇଥିଲେ।
ସେମାନେ ଯୀଶୁଙ୍କ ବିରୁଦ୍ଧରେ ଅଭିଯୋଗ ଆଣି ଚିତ୍କାର
କରି କହୁଥିଲେ। ୧୧ତା'ପରେ ହେରୋଦ ଓ ତାହାଙ୍କ
ସୈନ୍ୟମାନେ ଯୀଶୁଙ୍କୁ ପରିହାସ କଲେ। ତାହାଙ୍କୁ ରାଜକୀୟ
ପୋଷାକ ପିନ୍ଧାଇ ଦେଇ ସେମାନେ ଉପହାସ କଲେ।
ତାପରେ ହେରୋଦ ପୀଲାତଙ୍କ ପାଖକୁ ଯୀଶୁଙ୍କୁ ପଠାଇଦେଲେ।
୧୨ଅତୀତରେ ପିଲାତ ଓ ହେରୋଦଙ୍କ ମଧ୍ୟରେ ବରାବର
ଶତ୍ରୁତା ଲାଗିରହୁଥିଲା, କିନ୍ତୁ ସେହି ଦିନରୁ ସେ ଦୁହେଁ
ବନ୍ଧୁ ହୋଇଗଲେ।

## ଯୀଶୁଙ୍କର ମୃତ୍ୟୁ ନିଶ୍ଚିତ

୧୩ପୀଲାତ, ପ୍ରଧାନ ଯାଜକ ଓ ଯିହୂଦୀନେତାଙ୍କ ସହିତ
ସବୁ ଲୋକଙ୍କୁ ଏକାଠି ଡାକିଲେ। ୧୪ପୀଲାତ ସେମାନଙ୍କୁ
କହିଲେ, "ତୁମ୍ଭେମାନେ ଯୀଶୁଙ୍କୁ ମୋ ପାଖକୁ ଆଣିଛ।
ତୁମ୍ଭେମାନେ କହୁଛ ଯେ ସେ ଲୋକଙ୍କ ମଧ୍ୟରେ ଗୋଳମାଳ
ସୃଷ୍ଟି କରୁଛନ୍ତି। କିନ୍ତୁ ମୁଁ ତୁମ୍ଭମାନଙ୍କ ସମସ୍ତଙ୍କ ଉପସ୍ଥିତିରେ
ତାହାଙ୍କୁ ପ୍ରଶ୍ନ କରିଛି। ତାହାଙ୍କ ଠାରେ ମୁଁ କୌଣସି ଭୁଲ
ଦେଖିପାରିଲିନାହିଁ। ତୁମ୍ଭେମାନେ ଯାହା କହୁଛ, ଯୀଶୁ ସେଥିରେ
ଦୋଷୀ ନୁହଁନ୍ତି। ୧୫ତାଛଡା ହେରୋଦ ମଧ୍ୟ ତାହାଙ୍କ
ଠାରେ କୌଣସି ଭୁଲ ଦେଖି ନାହାଁନ୍ତି। ହେରୋଦ ଆମ୍ଭ
ପାଖକୁ ଯୀଶୁଙ୍କୁ ପଠାଇ ଦେଇଛନ୍ତି। ଦେଖ, ଯୀଶୁ କିଛି
ହେଲେ ଭୂଲ କାମ କରି ନାହାଁନ୍ତି। ତେଣୁ ତାହାଙ୍କୁ ବଧ
କରିବା ଠିକ୍ ହେବନାହିଁ। ୧୬ତେଣୁ ତାହାଙ୍କୁ ସାମାନ୍ୟ ଦଣ୍ଡ
ଦେବାପରେ ମୁଁ ତାହାଙ୍କୁ ମୁକ୍ତ କରି ଚାଲିଯିବାକୁ ଅନୁମତି
ଦେବି।" ୧୭ *

୧୮କିନ୍ତୁ ସବୁଲୋକେ ପାଟି କରି ଉଠିଲେ, "ତାହାକୁ
ମାରିଦିଅ। ବାରବ୍ବାକୁ ମୁକ୍ତ କରିଦିଅ।" ୧୯(ବାରବ୍ବା
ନଗରରେ ଦଙ୍ଗା ଆରମ୍ଭ କରିଥିବା ଯୋଗୁ ଓ କେତେକଲୋକଙ୍କୁ
ହତ୍ୟାକରିଥିବା ଯୋଗୁ କାରାଗାରରେ ବନ୍ଦୀ ହୋଇ ରହିଥିଲା)।

୨୦ପୀଲାତ ଯୀଶୁଙ୍କୁ ମୁକ୍ତ କରି ଦେବାକୁ ଚାହୁଁଥିଲେ।
ତେଣୁ ପୁଣି ଥରେ ପୀଲାତ ସେମାନଙ୍କୁ କହିଲେ ଯେ ସେ
ଯୀଶୁଙ୍କୁ ଛାଡିଦେବେ। ୨୧କିନ୍ତୁ ଲୋକମାନେ ଚିତ୍କାର କରି
କହିଲେ, "ତାହାଙ୍କୁ ମାରିଦିଅ। ତାହାଙ୍କୁ କ୍ରୁଶରେ ଚଢ଼ାଇ
ମାରିଦିଅ।"

୨୨ତୃତୀୟ ଥର ପାଇଁ ପୀଲାତ ସେମାନଙ୍କୁ କହିଲେ,
"କାହିଁକି, ସେ କ'ଣ ଭୁଲ କରିଛନ୍ତି? ସେ ଦୋଷୀ
ନୁହନ୍ତି। ତାହାଙ୍କୁ ମୃତ୍ୟୁଦଣ୍ଡ ଦେବାପାଇଁ ମୁଁ କୌଣସି
କାରଣ ଦେଖି ପାରୁନାହିଁ। ତେଣୁ ତାହାଙ୍କୁ ସାମାନ୍ୟ ଦଣ୍ଡ
ଦେବା ପରେ ମୁଁ ତାହାଙ୍କୁ ଛାଡିଦେବି।"

୨୩କିନ୍ତୁ ଲୋକମାନେ ଚିତ୍କାର କରିବାକୁ ଲାଗିଲେ।
ସେମାନେ ଦାବି କଲେ ଯେ ଯୀଶୁଙ୍କୁ କ୍ରୁଶରେ ଚଢ଼ାଇ
ମାରି ଦିଅ। ସେମାନଙ୍କର ପାଟିତୁଣ୍ଡ ଏତେ ତୀବ୍ର ହେଲାଯେ,
୨୪ପୀଲାତ ଲୋକଙ୍କ ଇଚ୍ଛା ଅନୁଯାୟୀ ନିର୍ଣ୍ଣୟ ନେଲେ।
୨୫ଲୋକମାନେ ବାରବ୍ବାକୁ ମୁକ୍ତ ହୋଇ ଚାଲି ଯିବାକୁ
ଚାହୁଁଥିଲେ। ବରବ୍ବା ନରହତ୍ୟା ଓ ବିଦ୍ରୋହ ଅପରାଧରେ
କାରାଗାରରେ ଥିଲା। ପୀଲାତ ବାରବ୍ବାଙ୍କୁ ମୁକ୍ତ କରିଦେଲେ।
ପୀଲାତ ଯୀଶୁଙ୍କୁ ମାରିଦେବା ପାଇଁ ଲୋକମାନଙ୍କ ହାତରେ
ସମର୍ପି ଦେଲେ। ଲୋକମାନେ ତାହା ଚାହୁଁଥିଲେ।

## ଯୀଶୁ କ୍ରୁଶରେ ହତ ହେଲେ

୨୬ସୈନ୍ୟମାନେ ଯୀଶୁଙ୍କୁ ମାରିଦେବା ପାଇଁ ନେଇଗଲେ।
ଠିକ୍ ସେହି ସମୟରେ ଜଣେ ଲୋକ ପଲ୍ଲୀଗ୍ରାମରୁ ଫେରି
ନଗର ଭିତରକୁ ଆସୁଥିଲା। ତାର ନାମ ଥିଲା ଶିମୋନ।
ଶିମୋନ କୁରୀଣ ନଗରର ଲୋକ ଥିଲା। ସୈନ୍ୟମାନେ
ଯୀଶୁଙ୍କ କ୍ରୁଶ ବହନ କରି ଯୀଶୁଙ୍କ ପଛରେ ଯିବାକୁ
ଶିମୋନକୁ ବାଧ୍ୟ କଲେ।

୨୭ବହୁ ସଂଖ୍ୟାରେ ଲୋକେ ଯୀଶୁଙ୍କ ପଛେପଛେ ଗଲେ।
କେତେକ ସ୍ତ୍ରୀଲୋକ ଦୁଃଖ କରୁଥିଲେ ଓ କାନ୍ଦୁଥିଲେ।
ସେମାନେ ଯୀଶୁଙ୍କ ପାଇଁ ଦୁଃଖ ଅନୁଭବ କରୁଥିଲେ।
୨୮କିନ୍ତୁ ଯୀଶୁ ବୁଲିପଡି ସେହି ସ୍ତ୍ରୀଲୋକମାନଙ୍କୁ କହିଲେ,
"ହେ ଯିରୂଶାଲମର ନାରୀଗଣ! ମୋ ପାଇଁ କାନ୍ଦ ନାହିଁ।
ତୁମ୍ଭେମାନେ ନିଜ ପାଇଁ ଓ ନିଜ ପିଲାମାନଙ୍କ ପାଇଁ କାନ୍ଦ।
୨୯ଏବେ ସମୟ ଆସୁଛି, ଯେତେବେଳେ ଲୋକମାନେ
କହିବେ, 'ଯେଉଁ ସ୍ତ୍ରୀଲୋମାନଙ୍କର ସନ୍ତାନସନ୍ତତି ନାହାଁନ୍ତି,
ସେମାନେ ସୁଖୀ। ଯେଉଁ ସ୍ତ୍ରୀଲୋକମାନେ ବନ୍ଧ୍ୟା, ସେମାନେ
ଧନ୍ୟ। ଯେଉଁ ସ୍ତ୍ରୀଲୋକମାନେ ସନ୍ତାନସନ୍ତତିଙ୍କୁ ଜନ୍ମ ଦେଇ
ନାହାଁନ୍ତି ଏବଂ ତାହାଙ୍କର ଯତ୍ନ ନେଇ ନାହାଁନ୍ତି, ସେମାନେ
ଧନ୍ୟ।' ୩୦ତା'ପରେ ଲୋକମାନେ ପର୍ବତକୁ କହିବେ, ଆମ୍ଭ
ଉପରେ ଖସି ପଡ ଲୋକେ ପାହାଡକୁ କହିବେ 'ଆମ୍ଭକୁ
ଘୋଡେଇ ଦିଅ।'* ୩୧ବର୍ତ୍ତମାନ ସମୟରେ ଯେତେବେଳେ
ଜୀବନ ଭଲରେ କଟୁଛି, ସେତେବେଳେ ଲୋକେ ଯଦି
ଏଭଳି ବ୍ୟବହାର କରିବେ, ତେବେ ଯେତେବେଳେ ଖରାପ
ସମୟ ଆସିବ, ସେତେବେଳେ ଅବସ୍ଥା କ'ଣ ହେବ?"*

୩୨ଯୀଶୁଙ୍କ ସହିତ ମୃତ୍ୟୁ ଦଣ୍ଡ ଦିଆଯିବା ପାଇଁ ଆଉ
ଦୁଇଜଣ ଅପରାଧୀଙ୍କୁ ମଧ୍ୟ ନିଆ ଯାଉଥିଲା। ୩୩'କପାଳ'
ନାମକ ସ୍ଥାନକୁ ଯୀଶୁ ଓ ସେହି ଦୁଇଜଣ ଅପରାଧୀଙ୍କୁ
ମଧ୍ୟ ନିଆଗଲା। ସେଠାରେ ସୈନ୍ୟମାନେ ଯୀଶୁଙ୍କୁ କ୍ରୁଶବଦ୍ଧ
କଲେ। ସେମାନେ ସେହି ଅପରାଧୀମାନଙ୍କ ମଧ୍ୟରୁ ଜଣକୁ
ଯୀଶୁଙ୍କ ଡାହାଣ ପାଖରେ ଓ ଅନ୍ୟ ଜଣକୁ ଯୀଶୁଙ୍କ ବାମ
ପାଖରେ ରଖିଲେ। ୩୪ଯୀଶୁ କହିଲେ, "ହେ ପରମପିତା,
ଯେଉଁ ଲୋକମାନେ ମୋତେ ହତ୍ୟା କରୁଛନ୍ତି, ସେମାନଙ୍କୁ
କ୍ଷମା କର। କାରଣ ସେମାନେ କ'ଣ କରୁଛନ୍ତି,ତାହା
ସେମାନେ ଜାଣନ୍ତି ନାହିଁ।"*

ସୈନ୍ୟମାନେ ଗୁଳିବାଣ୍ଟ ସାହାଯ୍ୟରେ ଯୀଶୁଙ୍କ ପୋଷାକ
ବାଣ୍ଟି ନେଲେ। ୩୫ଲୋକମାନେ ସେଠାରେ ଠିଆ ହୋଇ
ଯୀଶୁଙ୍କୁ ଲକ୍ଷ୍ୟ କରୁଥିଲେ। ଯିହୂଦୀନେତାମାନେ ଯୀଶୁଙ୍କୁ
ଉପହାସ କରୁଥିଲେ। ସେମାନେ କହୁଥିଲେ, "ଯଦି ସେ
ପରମେଶ୍ୱରଙ୍କ ଦ୍ୱାରା ମନୋନୀତ ଖ୍ରୀଷ୍ଟ, ତେବେ ନିଜକୁ
ରକ୍ଷା କରନ୍ତୁ। ସେ ଅନ୍ୟ ଲୋକଙ୍କୁ ରକ୍ଷା କରିଥିଲେ।
ନୁହେଁ କି?"

୩୬ଏପରିକି ସୈନ୍ୟମାନେ ଯୀଶୁଙ୍କୁ ପ୍ରତି ଉପହାସ କଲେ
ଓ ତାହାଙ୍କୁ ଥଟ୍ଟା କରିଲେ। ସେମାନେ ଯୀଶୁଙ୍କ ପାଖକୁ
ଆସିଲେ ଓ ତାହାଙ୍କୁ ଅମ୍ଳରସ ଯାଚିଲେ। ୩୭ସୈନ୍ୟମାନେ

---

**ପଦସଂଖ୍ୟା ୧୭** ଲୂକଙ୍କର ଅଳ୍ପ କେତେକ ଗ୍ରୀକ ପୁସ୍ତକରେ ଏହି ପଦଟି ମିଶିଛି: "ପ୍ରତିବର୍ଷ ନିସ୍ତାର-ପର୍ବ ଅବସରରେ ପୀଲାତଙ୍କୁ ଲୋକମାନଙ୍କ ପାଇଁ ଜଣେ ବନ୍ଦୀକୁ ମୁକ୍ତ କରିବାକୁ ହେଉଥିଲା।"

---

**ଲୋକମାନେ ... ଘୋଡ଼େଇ ଦିଅ** ହୋଶେୟ ୧୦:୮

**ଲୋକେ ... କ'ଣ ହେବ?** ଯଦି ଗଛ ସବୁଜ ଥିବାବେଳେ ଲୋକେ ଏପରି କରିବେ, ତେବେ ଯେତେବେଳେ ଗଛ ଶୁଖିଯିବ, ସେତେବେଳେ କ'ଣ ହେବ?

**"ହେ ପରମେଶ୍ୱର ... ଜାଣନ୍ତି ନାହିଁ"** କେତେକ ମୂଳ ଗ୍ରୀକ୍ ଲେଖା ପ୍ରତୀକରେ ଏହି ଲେଖାନାହିଁ।

କହିଲେ, "ତୁମ୍ଭେ ଯଦି ଯିହୂଦୀମାନଙ୍କର ରାଜା, ତେବେ
ନିଜକୁ ରକ୍ଷାକର।" 38କ୍ରୁଶରେ ଉପର ଭାଗରେ ଲେଖା
ଯାଇଥିଲା: "ଏ ଯିହୂଦୀ ମାନଙ୍କର ରାଜା।"
39ଝୁଲୁଥିବା ଅପରାଧୀ ଦୁହିଁଙ୍କ ଭିତରୁ ଜଣେ ଯୀଶୁଙ୍କୁ
ନିନ୍ଦାକରି କହିବାକୁ ଲାଗିଲା, "ତୁମ୍ଭେ କ'ଣ ଖ୍ରୀଷ୍ଟ ନୁହଁ?
ତେବେ ତୁମ୍ଭେ ନିଜକୁ ରକ୍ଷା କର ଓ ଆମ୍ଭକୁ ମଧ୍ୟ ରକ୍ଷା
କର।"
40କିନ୍ତୁ ଅନ୍ୟ ଅପରାଧୀଟି ତାହାକୁ ଗାଳି କରି କହିଲା,
"ତୁ କ'ଣ ପରମେଶ୍ୱରଙ୍କୁ ମଧ୍ୟ ଭୟ କରୁନାହୁଁ? ଆମ୍ଭେମାନେ
ଖୁବ୍ ଶୀଘ୍ର ମରିବାକୁ ଯାଉଛୁ। 41ତୁ ଓ ମୁଁ ଉଭୟ
ଅପରାଧୀ। ଆମ୍ଭେ ଦୋଷ କରିଥିଲୁ। ତେଣୁ ଆମ୍ଭେ ଯାହା
ପାଇବାକୁ ଯୋଗ୍ୟ, ଆମ୍ଭେ ତାହା ପାଇଛୁ। କିନ୍ତୁ ଏହି
ଲୋକ କୌଣସି ଦୋଷ କରି ନାହାଁନ୍ତି।" 42ତା'ପରେ
ସେହି ଅପରାଧୀଟି ଯୀଶୁଙ୍କୁ କହିଲା, "ଯୀଶୁ, ଆପଣ
ଯେତେବେଳେ ରାଜା ଭାବରେ ଆପଣଙ୍କ ଶାସନ ଆରମ୍ଭ
କରିବେ, ସେତେବେଳେ ମୋତେ ମନେ ପକାଇବେ।"
43ଯୀଶୁ ତାହାକୁ କହିଲେ, "ଶୁଣ! ମୁଁ ଯାହା କହୁଛି
ତାହା ସତ୍ୟ। ଆଜି ତୁମ୍ଭେ ମୋ ସହିତ ପାରାଦୀଶରେ*
ପ୍ରବେଶ କରିବ।"

### ଯୀଶୁଙ୍କ ପ୍ରାଣତ୍ୟାଗ

44ସେତେବେଳେ ପ୍ରାୟ ଦିନ ଦ୍ୱିପ୍ରହର ହୋଇଥିଲା।
କିନ୍ତୁ ଅପରାହ୍ନ ତିନିଟା ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଅନ୍ଧକାରମୟ
ହୋଇଗଲା। 45ସୂର୍ଯ୍ୟ ଦେଖାଯାଉନଥିଲା। ମନ୍ଦିରର ପରଦା
ଦୁଇଖଣ୍ଡ ହୋଇ ଚିରିଗଲା। 46ଯୀଶୁ ପାଟି କରି କହିଲେ,"ହେ
ପରମପିତା, ମୁଁ ମୋର ଆତ୍ମା ତୁମ୍ଭକୁ ଦେଉଛି।" ଏହା
କହିବା ପରେ ଯୀଶୁ ପ୍ରାଣ ତ୍ୟାଗ କଲେ।
47ସେନାଧକ୍ଷ ସେଠାରେ ଯାହା ଘଟିଲା, ଦେଖିଲେ। ସେ
ଏହି କଥା କହି ପରମେଶ୍ୱରଙ୍କୁ ପ୍ରଶଂସା କଲେ, "ମୁଁ
ଜାଣେ ଯେ, ଏହି ମନୁଷ୍ୟ ଜଣେ ଉତ୍ତମ ବ୍ୟକ୍ତି ଥିଲେ!"
48ଅନେକ ଲୋକ ଏହି ଘଟଣା ଦେଖିବାକୁ ନଗରରୁ
ବାହାରି ଆସିଥିଲେ। ଏସବୁ ଦେଖି ସେମାନେ ଅତ୍ୟନ୍ତ
ଦୁଃଖ ପ୍ରକାଶ କଲେ ଏବଂ ଶେଷରେ ସେମାନେ ଫେରିଗଲେ।
49ଯୀଶୁଙ୍କର ଅନ୍ତରଙ୍ଗ ବନ୍ଧୁମାନେ ସେଠାରେ ଉପସ୍ଥିତଥିଲେ।
ତା'ଛଡା ଯୀଶୁଙ୍କୁ ଗାଲିଲୀରୁ ଅନୁସରଣ କରି ଆସିଥିବା
ଅନେକ ସ୍ତ୍ରୀଲୋକ ସେଠାରେ ଥିଲେ। ସେମାନେ କ୍ରୁଶଠାରୁ
ଦୂରରେ ଠିଆହୋଇ ଏସବୁ ଦେଖୁଥିଲେ।

### ହାରାମାଥୀୟାର ଯୋସେଫ

50-51ଯିହୂଦୀମାନଙ୍କର ହାରାମାଥୀୟା ନଗରର ଜଣେ
ଲୋକ ସେଠାରେ ଥିଲେ। ତାହାଙ୍କ ନାମ ଯୋସେଫ। ସେ
ଯିହୂଦୀ ମହାସଭାର ଜଣେ ସଦସ୍ୟ ଥିଲେ। ସେ ଜଣେ
ଉତ୍ତମ ଓ ଧାର୍ମିକ ଲୋକଥିଲେ। ସେ ପରମେଶ୍ୱରଙ୍କ
ରାଜ୍ୟକୁ ଅପେକ୍ଷା କରୁଥିଲେ। ଅନ୍ୟ ଯିହୂଦୀ ନେତାମାନେ
ଯୀଶୁଙ୍କୁ ହତ୍ୟା କରିବାକୁ ସ୍ଥିର କଲାବେଳେ ସେ ସେଥିରେ
ରାଜି ହୋଇନଥିଲେ। 52ଯୋସେଫ ପୀଲାତଙ୍କ ପାଖକୁ ଯାଇ
ଯୀଶୁଙ୍କ ଶରୀରକୁ ମାଗିଲେ। ପୀଲାତ ଯୋସେଫଙ୍କୁ ସେଥିପାଇଁ
ଅନୁମତି ଦେଲେ। 53ତେଣୁ ଯୋସେଫ ଯୀଶୁଙ୍କ ଶରୀରକୁ
କ୍ରୁଶ ଉପରୁ ତଳକୁ ଓହ୍ଲାଇ ଆଣିଲେ। ତାହା ଗୋଟିଏ
ଲୁଗାରେ ସେ ଘୋଡାଇ ଦେଲେ। ସେ ଯୀଶୁଙ୍କ ଶରୀରକୁ
ନେଇ ପାହାଡକାନ୍ଥରେ ଖୋଳା ହୋଇଥିବା ଓ ପୂର୍ବରୁ
କେବେ ବ୍ୟବହୃତ ହୋଇନଥିବା କବର ମଧ୍ୟରେ ରଖିଲେ।
54ଏହା ପ୍ରସ୍ତୁତିଦିବସର ଶେଷ ସମୟ ଥିଲା। ବିଶ୍ରାମଦିବସ
ପାଖେଇ ଆସୁଥିଲା।
55ଯେଉଁ ସ୍ତ୍ରୀଲୋକମାନେ ଯୀଶୁଙ୍କୁ ଅନୁସରଣ କରି
ତାହାଙ୍କ ସହିତ ଗାଲିଲୀରୁ ଆସିଥିଲେ, ସେମାନେ
ଯୋସେଫଙ୍କ ପଛେ ପଛେ ଗଲେ। ସେମାନେ ଯାଇ
କବରଟି ଦେଖିଲେ। ଭିତରେ ଯେଉଁ ସ୍ଥାନରେ ଶରୀରଟି
ରଖାଗଲା, ସେହି ସ୍ଥାନଟି ମଧ୍ୟ ସେମାନେ ଦେଖିଲେ।
56ତାପରେ ସେହି ସ୍ତ୍ରୀ ଲୋକମାନେ ଯୀଶୁଙ୍କ ଶରୀରରେ
ଲଗାଇବା ପାଇଁ ସୁଗନ୍ଧିତ ଦ୍ରବ୍ୟ ପ୍ରସ୍ତୁତ କରିବାକୁ ସେଠାରୁ
ଚାଲିଗଲେ।
ବିଶ୍ରାମ ଦିବସରେ ସେମାନେ ବିଶ୍ରାମ ନେଲେ। କାରଣ
ମୋଶାଙ୍କ ନିୟମ ଲୋକମାନଙ୍କୁ ଏହା କରିବାକୁ ଆଜ୍ଞା
ଦେଇଥାଏ।

### ଯୀଶୁ ମୃତ୍ୟୁରୁ ପୁନରୁତ୍ଥାନ ଖବର

**୨୪** ସପ୍ତାହର ପ୍ରଥମ ଦିନ ଅତି ସକାଳୁ ସେହି ସ୍ତ୍ରୀ
ଲୋକମାନେ ଯେଉଁଠାରେ ଯୀଶୁଙ୍କ ଶରୀରକୁ
ରଖା ଯାଇଥିଲା, ସେହି ସ୍ଥାନକୁ ଆସିଲେ। ସେମାନେ
ନିଜେ ପ୍ରସ୍ତୁତ କରିଥିବା ସୁଗନ୍ଧିତ ଦ୍ରବ୍ୟ ସଙ୍ଗରେ ଆଣିଥିଲେ।
2ସମାଧି ବନ୍ଦ କରିବା ପାଇଁ ତାରି ପ୍ରବେଶଦ୍ୱାରରେ
ଗୋଟିଏ ବଡ ପଥର ଦିଆ ଯାଇଥିଲା। ସ୍ତ୍ରୀଲୋକମାନେ
ଦେଖିଲେ ଯେ ପଥରଟି ଗଡି ଯାଇଛି। 3ସେମାନେ
ଭିତରକୁ ଗଲେ। କିନ୍ତୁ ସେମାନେ ସେଠାରେ ପ୍ରଭୁ ଯୀଶୁଙ୍କ
ଶରୀରକୁ ପାଇଲେନାହିଁ। 4ସ୍ତ୍ରୀଲୋକମାନେ ଏ ଘଟଣାର
ରହସ୍ୟ କିଛି ବୁଝିପାରିଲେନାହିଁ। ଏହି ଘଟଣାରେ ସେମାନେ
ବିସ୍ମିତ ହୋଇଯାଇଥିବା ସମୟରେ ଉଜ୍ଜ୍ୱଳ ପୋଷାକ ପିନ୍ଧି
ଦୁଇଜଣ ସ୍ୱର୍ଗଦୂତ ସେମାନଙ୍କ ପାଖରେ ଠିଆହେଲେ। 5ସ୍ତ୍ରୀ
ଲୋକମାନେ ଖୁବ୍ ଡରିଗଲେ। ସେମାନେ ତାହାଙ୍କର ମୁଣ୍ଡ
ନୁଆଁଇଲେ। ସେହି ଦୁଇଜଣ ଦୂତ ସେମାନଙ୍କୁ ପଚାରିଲେ,
"ତୁମ୍ଭେମାନେ ଜଣେ ମୃତ ଲୋକକୁ ଏଠାରେ କାହିଁକି
ଖୋଜୁଛ? ଏହାତମୃତ ଲୋକମାନଙ୍କର ସ୍ଥାନ। 6ଯୀଶୁ
ଏଠାରେ ନାହାଁନ୍ତି, ସେ ମୃତ୍ୟୁରୁ ଜୀବିତ ହୋଇ ଉଠିଛନ୍ତି।
ସେ ଗାଲିଲୀରେ ଥିଲା ପର୍ଯ୍ୟନ୍ତ ତୁମ୍ଭମାନଙ୍କୁ କ'ଣ
କହିଥିଲେ, ତାହା ତୁମ୍ଭମାନଙ୍କର ମନେ ପଡୁଛି କି? 7ଯୀଶୁ
କହିଥିଲେ ଯେ, ମନୁଷ୍ୟପୁତ୍ରଙ୍କୁ ଦୁଷ୍ଟ ଲୋକଙ୍କ ହାତରେ
କ୍ରୁଶରେ ମାରି ଦିଆଯିବା ପାଇଁ ଅବଶ୍ୟ ଦେଇ ଦିଆଯିବ।
କିନ୍ତୁ ସେ ପୁଣି ମୃତ୍ୟୁରୁ ତୃତୀୟ ଦିନ ଜୀବିତ ହୋଇ
ଉଠିବେ।" 8ତା'ପରେ ଯୀଶୁ ଯାହା କହିଥିଲେ, ସେ କଥା
ସ୍ତ୍ରୀଲୋକମାନେ ମନେ ପକାଇଲେ।

---

**ପାରାଦୀଶରେ** ଗ୍ରୀକ ଶବ୍ଦ- 'ପାରାଦୀଶ' ଅର୍ଥାତ୍ ସ୍ୱର୍ଗରେ ପ୍ରବେଶ ଭଲଲୋକଙ୍କର ପୂର୍ବରୁ ଆରାମ କରିବା ସ୍ଥାନ।

୯ସେହି ସ୍ତ୍ରୀଲୋକମାନେ ସମାଧି ସ୍ଥାନ ଛାଡି ଏଗାର
ଜଣ ପ୍ରେରିତ ଓ ସମସ୍ତ ଅନ୍ୟ ଶିଷ୍ୟମାନଙ୍କ ପାଖରେ
ଯାଇ ପହଞ୍ଚିଲେ। ସମାଧି ଭିତରେ ଯାହା ଯାହା ଘଟିଥିଲା,
ସେତକ ଗୋଟି ଗୋଟି କରି ସେମାନଙ୍କୁ କହିଲେ।
୧୦ସେହି ସ୍ତ୍ରୀ ଲୋକମାନଙ୍କ ମଧ୍ୟରେ ମଗ୍‌ଦଲୀନୀ ମରିୟମ,
ଯୋହନ, ଯାକୁବଙ୍କ ମାଆ ମରିୟମ ଓ ଅନ୍ୟମାନେ
ଥିଲେ। ଏମାନେ ପ୍ରେରିତମାନଙ୍କୁ ସବୁ ବିଷୟ ଜଣାଇଲେ।
୧୧କିନ୍ତୁ ପ୍ରେରିତମାନେ ସ୍ତ୍ରୀଲୋକମାନଙ୍କ କଥାରେ ଆଦୌ
ବିଶ୍ୱାସ କଲେନାହିଁ। ସେମାନଙ୍କୁ ଏହା ପାଗଳା କଥା ପରି
ଲାଗିଲା। ୧୨କିନ୍ତୁ ପିତର ଉଠି ପଡିଲେ। ଏକଥା ଠିକ୍ କି
ନୁହେଁ, ତାହା ଦେଖିବା ପାଇଁ ସେ ସମାଧି ପାଖକୁ
ଦୌଡ଼ିଗଲେ। ସେ ଭିତରକୁ ଚାହିଁଲେ। କିନ୍ତୁ ସେ
କେବଳ ଯୀଶୁଙ୍କ ଉପରେ ଘୋଡାଇ ଦିଆଯାଇଥିବା ଲୁଗାପଟି
ସେଠାରେ ଦେଖିଲେ। ଯୀଶୁଙ୍କ ଶରୀର ସେଠାରେ ନଥିଲା।
ଯାହା ଘଟି ଯାଇଥିଲା, ସେଥିରେ ସେ ଆଶ୍ଚର୍ଯ୍ୟ ହୋଇ
ଏକାକୀ ରହିବା ପାଇଁ ଚାଲିଗଲେ।

### ଇମ୍ମାୟୁ ଗ୍ରାମକୁ ଯିବା ବାଟରେ

୧୩ସେହି ଦିନ ଯୀଶୁଙ୍କର ଦୁଇଜଣ ଶିଷ୍ୟ ଇମ୍ମାୟୁ
ନାମକ ଗାଁକୁ ଯାଉଥିଲେ। ଏ ସ୍ଥାନ ଯିରୂଶାଲମ ଠାରୁ
ପ୍ରାୟ ଏଗାର କିଲୋମିଟର ଦୂର। ୧୪ଯାହା ସବୁ ଘଟିଥିଲା,
ସେମାନେ ସେ ବିଷୟରେ କଥାବାର୍ତ୍ତା ହେଉଥିଲେ। ୧୫ସେ
ସବୁ ବିଷୟସେମାନେ ଆଲୋଚନା କଲାବେଳେ ନିଜେ ଯୀଶୁ
ତାହାଙ୍କ ପାଖକୁ ଆସିଲେ ଓ ତାହାଙ୍କ ସହିତ ଚାଲିବାକୁ
ଲାଗିଲେ। ୧୬(କିନ୍ତୁ ସେ ଦୁଇଜଣଙ୍କୁ ସେତେବେଳେ ଯୀଶୁଙ୍କୁ
ଚିହ୍ନିବା ପାଇଁ ବାଧା ଦିଆ ଗଲା।) ୧୭ତା'ପରେ ଯୀଶୁଙ୍କୁ
ପଚାରିଲେ, "ତୁମ୍ଭେମାନେ କାହା ବିଷୟରେ କଥାବାର୍ତ୍ତା
କରୁଛ? ଦୁଇଜଣ ଯାକ ଅଟକିଗଲେ। ସେମାଙ୍କର ମୁହଁ
ଅତ୍ୟନ୍ତ ଦୁଃଖିତ ଦେଖା ଯାଉଥିଲା। ୧୮ତାହାଙ୍କ ଭିତରୁ
କ୍ଲିୟପା ନାମକ ଲୋକଟି ଉତ୍ତର ଦେଲା, "ତୁମ୍ଭେ
ଯିରୂଶାଲମଠାରେ ରହୁଥିବା ଜଣେ ମାତ୍ର ଲୋକ ଯେକି
ଗତ କେତେ ଦିନ ଭିତରେ ଘଟି ଯାଇଥିବା ଘଟଣା
ଗୁଡିକ ବିଷୟରେ କିଛି ଜାଣନାହିଁ।"
୧୯ଯୀଶୁ ସେମାନଙ୍କୁ ପଚାରିଲେ, "ତୁମ୍ଭେମାନେ କେଉଁ
ଘଟଣା ଗୁଡିକ ବିଷୟରେ କହୁଛ?"

ଲୋକମାନେ ଯୀଶୁଙ୍କୁ କହିଲେ, "ନାଜରିତୀୟ ଯୀଶୁଙ୍କ
ବିଷୟରେ। ସେ ପରମେଶ୍ୱର ଓ ଲୋକମାନଙ୍କ ପାଇଁ
ଜଣେ ମହାନ ଭବିଷ୍ୟଦ୍‌ବକ୍ତା ଥିଲେ। ସେ ବହୁତ ଗୁଡ଼ିଏ
ଶକ୍ତିଶାଳୀ କାର୍ଯ୍ୟ କହିଥିଲେ ଓ କରିଥିଲେ। ୨୦କିନ୍ତୁ
ଆମ୍ଭର ପ୍ରଧାନ ଯାଜକ ଓ ଶାସକମାନେ ତାହାଙ୍କୁ ମୃତ୍ୟୁଦଣ୍ଡ
ଦିଆଯିବା ପାଇଁ ଅର୍ପଣ କରିଦେଲେ ଏବଂ ତାହାଙ୍କୁ କ୍ରୁଶରେ
ବଧ କଲେ। ୨୧ସେ ହିଁ ଯିଏ ଇସ୍ରାୟେଲକୁ ମୁକ୍ତ କରିବେ
ବୋଲି ଆମ୍ଭେମାନେ ଆଶା ରଖିଥିଲୁ। କିନ୍ତୁ ସେତିକିବେଳେ
ଏସବୁ ଘଟଣା ଘଟିଗଲା। ଏସବୁ ଛଡା ବର୍ତ୍ତମାନ ଯୀଶୁଙ୍କୁ
ହତ୍ୟା କରି ଯିବାର ତିନି ଦିନ ବିତି ଗଲାଣି। ୨୨କିନ୍ତୁ
ଆଜି ଆମ୍ଭ ଦଳର କେତେଜଣ ସ୍ତ୍ରୀଲୋକ ଆମ୍ଭକୁ ଗୋଟିଏ
ଆଶ୍ଚର୍ଯ୍ୟ ଜନକ କଥା କହିଲେ। ଯେଉଁ କବରରେ ଯୀଶୁଙ୍କ
ଶରୀରକୁ ରଖା ଯାଇଥିଲା, ସେହି ସ୍ଥାନକୁ ସେମାନେ ଆଜି
ଅତି ଭୋରରୁ ଯାଇଥିଲେ। ୨୩କିନ୍ତୁ ସେମାନେ ସେଠାରେ
ଯୀଶୁଙ୍କ ଶରୀରକୁ ପାଇଲେନାହିଁ। ସେମାନେ ସେଠାରେ
ସ୍ୱର୍ଗଦୂତଙ୍କୁ ଦର୍ଶନ କରିଥିବା କଥା ମଧ୍ୟ ଆମ୍ଭକୁ ଫେରିଆସି
କହିଲେ। ସ୍ୱର୍ଗଦୂତମାନେ ସେମାନଙ୍କୁ ଯୀଶୁ ଜୀବିତ ଥିବା
କଥା କହିଥିଲେ। ୨୪ତା'ପରେ ଆମ୍ଭ ଦଳ ଭିତରୁ କେତେ
ଜଣ ମଧ୍ୟ ସମାଧି ପାଖକୁ ଗଲେ। ସ୍ତ୍ରୀଲୋକମାନଙ୍କୁ
କହିବା ଅନୁସାରେ କବରଟି ମଧ୍ୟ ଖାଲି ଥିଲା, ସେମାନେ
ଭିତରକୁ ଚାହିଁଲେ, କିନ୍ତୁ ସେମାନେ ଯୀଶୁଙ୍କୁ ସେଠାରେ
ପାଇଲେ ନାହିଁ।"

୨୫ତା'ପରେ ଯୀଶୁ ସେହି ଦୁଇଜଣ ଲୋକଙ୍କୁ କହିଲେ,
"ତୁମ୍ଭେମାନେ କେତେ ବୋକା। ଭବିଷ୍ୟଦ୍‌ବକ୍ତାମାନେ ଯାହାସବୁ
କହିଥିଲେ,ସେହି ସତ୍ୟକୁ ବିଶ୍ୱାସ କରିବାରେ ତୁମ୍ଭେମାନେ
କେତେ ମନ୍ଥର। ୨୬ଭବିଷ୍ୟଦ୍‌ବକ୍ତାମାନେ କହିଥିଲେ ଯେ,
ଯୀଶୁ ତାହାଙ୍କ ମହିମାରେ ପ୍ରବେଶ କରିବା ପୂର୍ବରୁ ଏଭଳି
ଯାତନା ଭୋଗ କରିବେ।" ୨୭ତା'ପରେ ଯୀଶୁ ଶାସ୍ତ୍ରମାନଙ୍କରେ
ତାହାଙ୍କ ବିଷୟରେ ଯାହା ସବୁଲେଖା ଯାଇଥିଲା, ସେଗୁଡିକୁ
ଗୋଟି ଗୋଟି କରି ବୁଝାଇବାକୁ ଲାଗିଲେ। ଯୀଶୁ ମୋଶାଙ୍କ
ପୁସ୍ତକରୁ ଆରମ୍ଭ କରି ଅନ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କ ପର୍ଯ୍ୟନ୍ତ
ସମସ୍ତେ ତାହାଙ୍କ ବିଷୟରେ ଯାହାସବୁ କହିଥିଲେ, ସେଗୁଡିକ
ବୁଝାଇ ଦେଲେ।

୨୮ଯେଉଁ ଗାଁକୁ ସେମାନଙ୍କର ଯିବାକୁ ଥିଲା, ସେମାନେ
ସେ ଗାଁକୁ ପାଖରେ ପହଞ୍ଚିଗଲେ। ଯୀଶୁ ସେମାନଙ୍କ
ସହିତ ଏଭଳି ବ୍ୟବହାର କଲେ, ପ୍ରକୃତରେ ଯେପରି
ତାହାଙ୍କର ଆଗକୁ ଯିବାକୁ ଦରକାର ଅଛି। ୨୯କିନ୍ତୁ
ସେମାନେ ବହୁତ ଆଗ୍ରହର ସହିତ ଯୀଶୁଙ୍କୁ ଅନୁରୋଧ
କଲେ, "ଆମ୍ଭ ସାଙ୍ଗରେ ରହିଯାଅ। ସନ୍ଧ୍ୟାକାଳ ହେଲାଣି
ଦିନ ପ୍ରାୟ ସରିବା ଉପରେ।" ତେଣୁ ଯୀଶୁ ସେମାନଙ୍କ
ସହିତ ରହିବା ପାଇଁ ଘର ଭିତରକୁ ଗଲେ।

୩୦ଯୀଶୁ ସେମାନଙ୍କ ସହିତ ଖାଇବା ପାଇଁ ବସି
ପଡିଲେ। ସେ ହାତରେ କିଛି ରୋଟୀ ଧରିଲେ। ସେ
ଖାଦ୍ୟତକ ପାଇଁ ଧନ୍ୟବାଦ ଦେଲେ ଓ ରୋଟୀକୁ ଖଣ୍ଡଖଣ୍ଡ
କରି ସେମାନଙ୍କୁ ଦେଲେ। ୩୧ସେହି ସମୟରେ ସେହି
ଦୁଇଜଣଙ୍କର ଚକ୍ଷୁ ଖୋଲିଦିଆଗଲା ଓ ସେମାନେ ଯୀଶୁଙ୍କୁ
ଚିହ୍ନି ପାରିଲେ। କିନ୍ତୁ ଯୀଶୁ ସେମାନଙ୍କ ସାମନାରୁ ଅଦୃଶ୍ୟ
ହୋଇଗଲେ। ୩୨ତା'ପରେ ସେମାନେ ପରସ୍ପର କଥାବାର୍ତ୍ତା
ହେଲେ, "ଯେତେବେଳେ ଯୀଶୁ ଆମ୍ଭ ସହିତ ରାସ୍ତାରେ
କଥାବାର୍ତ୍ତା ହେଉଥିଲେ, ସେତେବେଳେ ଆମ୍ଭ ହୃଦୟ
ଭିତରେ ଅଗ୍ନି ଜଳି ଉଠିବା ଭଳି ମନେ ହେଉଥିଲା। ସେ
ଆମ୍ଭକୁ ଯେତେବେଳେ ଶାସ୍ତ୍ରର ବାସ୍ତବ ଅର୍ଥ ବୁଝାଉଥିଲେ,
ତାହା ଆମ୍ଭକୁ ଉତ୍ତେଜିତ କରି ଦେଉଥିଲା।"

୩୩ତା'ପରେ ସେମାନେ ଉଠି ପଡ଼ିଲେ ଓ ଯିରୂଶାଲମକୁ
ଫେରି ଗଲେ। ଯିରୂଶାଲମରେ ସେମାନେ ଯୀଶୁଙ୍କ ଶିଷ୍ୟଗଣ
ଓ ଏଗାରଜଣ ପ୍ରେରିତଙ୍କୁ ଏକତ୍ରିତ ହୋଇଥିବାର ଦେଖିଲେ।
୩୪ପ୍ରେରିତ ଓ ଅନ୍ୟ ଶିଷ୍ୟମାନେ କହୁଥିଲେ, "ପ୍ରକୃତରେ,
ପ୍ରଭୁ ମୃତ୍ୟୁରୁ ଜୀବିତ ଉଠିଛନ୍ତି। ସେ ଶିମୋନଙ୍କୁ ଦେଖା
ଦେଇଛନ୍ତି।"

୩୫ତା'ପରେ ଏହି ଦୁଇଜଣ ଲୋକ ରାସ୍ତାରେ ଯାହା
ସବୁ ଘଟିଥିଲା, ସେ ସମସ୍ତ ସେମାନଙ୍କ ଆଗରେ ବର୍ଣ୍ଣନା
କଲେ। ସେମାନେ କହିଲେ, ଯୀଶୁ ରୋଟୀ ବାଣ୍ଟିବା
ସମୟରେ ସେମାନେ କିପରି ଯୀଶୁଙ୍କୁ ଚିହ୍ନିପାରିଲେ।

## ଯୀଶୁ ନିଜ ଶିଷ୍ୟମାନଙ୍କ ଆଗରେ ଦେଖା ଦେଲେ

୩୬ଏହି ଦୁଇଜଣ ଲୋକ ଏହି ସବୁ କଥା ବର୍ଣ୍ଣନା
କରୁଥିବା ସମୟରେ ନିଜେ ଯୀଶୁ ଶିଷ୍ୟଦଳଙ୍କ ଭିତରେ
ଠିଆ ହୋଇଥିଲେ। ଯୀଶୁ ସେମାନଙ୍କୁ କହିଲେ, "ତୁମ୍ଭମାନଙ୍କ
ପ୍ରତି ଶାନ୍ତି ହେଉ।"
୩୭ଏଥିରେ ଶିଷ୍ୟମାନେ ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ
ଡରିଗଲେ। ସେମାନେ ଭାବିଲେ ଯେ, ସେମାନେ ଗୋଟିଏ
ଭୂତ ଦେଖୁଛନ୍ତି। ୩୮କିନ୍ତୁ ଯୀଶୁ କହିଲେ, "ତୁମ୍ଭେମାନେ
କାହିଁକି ବ୍ୟସ୍ତ ହୋଇପଡୁଛ? ଯାହା ଦେଖୁଛ, ସେଥିରେ
କାହିଁକି ସନ୍ଦେହ କରୁଛ? ୩୯ମୋ ହାତକୁ ଚାହିଁ। ମୋ
ଗୋଡକୁ ଚାହିଁ। ଏହା ମୁଁ! ମୋତେ ଛୁଅଁ, ତୁମ୍ଭେମାନେ
ଦେଖ ଯେ, ମୋର ଏହା ଜୀବନ୍ତ ଶରୀର। ତୁମ୍ଭେମାନେ
ମୋତେ ଯେପରି ଦେଖୁଛ, ଗୋଟିଏ ଭୂତର ସେ ଭଳି
ଶରୀର ହୋଇ ପାରିବନାହିଁ।"
୪୦ଯୀଶୁ ସେମାନଙ୍କୁ ଏହି କଥା କହି ସାରିବା ପରେ
ସେ ସେମାନଙ୍କୁ ତାହାଙ୍କ ହାତ ଓ ଗୋଡର ଆଘାତ ସବୁ
ଦେଖାଇଲେ। ୪୧ଶିଷ୍ୟମାନେ ବିସ୍ମିତ ହୋଇଗଲେ। ସେମାନେ
ଯୀଶୁଙ୍କୁ ସଶରୀରରେ ଦେଖି ବହୁତ ଖୁସି ହୋଇଗଲେ।
ତଥାପି ସେମାନେ ଯାହା ଦେଖିଲେ, ତାହା ବିଶ୍ୱାସ କରି
ପାରିଲେ ନାହିଁ। ଯୀଶୁ ସେମାନଙ୍କୁ କହିଲେ, "ତୁମ୍ଭମାନଙ୍କ
ପାଖରେ କିଛି ଖାଇବା ପଦାର୍ଥ ଅଛି କି?" ୪୨ସେମାନେ
ଯୀଶୁଙ୍କୁ ଖଣ୍ଡେ ରନ୍ଧା ମାଛ ଦେଲେ। ୪୩ଶିଷ୍ୟମାନେ
ଦେଖୁଥିବା ବେଳେ ଯୀଶୁ ମାଛ ନେଇ ଖାଇଲେ।
୪୪ଯୀଶୁ ସେମାନଙ୍କୁ କହିଲେ, "ତୁମ୍ଭମାନଙ୍କ ପାଖରେ ମୁଁ
ଥିବା ବେଳର କଥା ମନେ ପକାଅ। ମୁଁ କହିଥିଲି ଯେ
ମୋଶାଙ୍କ ନିୟମରେ, ଭବିଷ୍ୟଦ୍‌ବକ୍ତାଙ୍କ ପୁସ୍ତକରେ ଓ
ଗୀତସଂହିତାରେ ମୋ ବିଷୟରେ ଯାହା ସବୁ ଲେଖା
ଯାଇଛି, ସେଗୁଡିକ ନିଶ୍ଚୟ ଘଟିବ।"
୪୫ତାପରେ ଯୀଶୁ ଶିଷ୍ୟମାନଙ୍କୁ ସବୁ ଶାସ୍ତ୍ର ବିଷୟ
ବୁଝାଇଲେ। ତାହାଙ୍କ ବିଷୟରେ ଯାହା ସବୁ ଲେଖା
ଯାଇଥିଲା, ଯୀଶୁ ସେମାନଙ୍କୁ ସବୁ ବୁଝାଇଲେ। ୪୬ଯୀଶୁ
ସେମାନଙ୍କୁ କହିଲେ, "ଖ୍ରୀଷ୍ଟଙ୍କୁ ମାରି ଦିଆଯିବା ଓ ମୃତ୍ୟୁରୁ
ତିନିଦିନ ପରେ ପୁଣି ସେ ବଞ୍ଚି ଉଠିବା କଥା ଲେଖା
ଅଛି। ୪୭-୪୮ତୁମ୍ଭେମାନେ ଏସବୁ ଘଟଣା ଘଟିବାର ଦେଖିଲ।
ତୁମ୍ଭେମାନେ ତା'ର ସାକ୍ଷୀ। ତୁମ୍ଭେମାନେ ଲୋକମାନଙ୍କ
ପାଖକୁ ଯାଇ କୁହ ଯେ ସେମାନଙ୍କର ପାପ ଗୁଡିକୁ କ୍ଷମା
କରାଯାଇପାରିବ। ସେମାନଙ୍କୁ କୁହ ଯେ, ସେମାନେ ନିଜର
ହୃଦୟ ପରିବର୍ତ୍ତନ କରନ୍ତୁ ଏବଂ ନିଜର ପାପ ପାଇଁ ଦୁଃଖ
ଅନୁଭବ କରନ୍ତୁ। ଯଦି ସେମାନେ ଏହା କରିବେ, ତେବେ
ପରମେଶ୍ୱର ସେମାନଙ୍କୁ କ୍ଷମା କରିଦେବେ। ତୁମ୍ଭେମାନେ
ଯିରୂଶାଲମରୁ ଆରମ୍ଭ କରିବ ଓ ମୋ ନାମରେ ଏଗୁଡିକ
ପ୍ରଚାର କରିବ। ଏହି ସୁସମାଚାର ଏ ପୃଥିବୀରେ ନିଶ୍ଚୟ
ସମସ୍ତଙ୍କୁ ଶୁଣେଇ ଦିଆଯିବ। ୪୯ଶୁଣ! ମୋର ପରମପିତା
ତୁମ୍ଭମାନଙ୍କୁ ଯାହା ପ୍ରତିଶ୍ରୁତି ଦେଇଛନ୍ତି, ମୁଁ ତାହା ତୁମ୍ଭମାନଙ୍କ
ପାଖକୁ ପଠାଇବି। କିନ୍ତୁ ସ୍ୱର୍ଗରୁ ସେହି ଶକ୍ତି ନପାଇବା
ପର୍ଯ୍ୟନ୍ତ ତୁମ୍ଭେମାନେ ନିଶ୍ଚୟ ଯିରୂଶାଲମରେ ରହିବ।"

## ଯୀଶୁ ସ୍ୱର୍ଗକୁ ଫେରି ଗଲେ

୫୦ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ଯିରୂଶାଲମରୁ ବେଥନିଆକୁ
କଢ଼ାଇ ନେଇଗଲେ। ଯୀଶୁ ତାହାଙ୍କର ହାତ ଟେକି
ଶିଷ୍ୟମାନଙ୍କୁ ଆଶୀର୍ବାଦ କଲେ। ୫୧ଯୀଶୁ ସେମାନଙ୍କୁ ଆଶୀର୍ବାଦ
କରୁଥିବା ସମୟରେ ସେ ଶିଷ୍ୟମାନଙ୍କ ପାଖରୁ ଅଲଗା
ହୋଇଗଲେ ଓ ତାହାଙ୍କୁ ସ୍ୱର୍ଗକୁ ନିଆଗଲା। ୫୨ଶିଷ୍ୟମାନେ
ସେଠାରେ ତାହାଙ୍କୁ ଆରାଧନା କଲେ। ତାପରେ ସେମାନେ
ଯିରୂଶାଲମକୁ ଫେରିଗଲେ। ସେମାନେ ବହୁତ ଖୁସି ଥିଲେ।
୫୩ସେମାନେ ସବୁ ସମୟରେ ମନ୍ଦିରରେ ରହି ପରମେଶ୍ୱରଙ୍କ
ସ୍ତୁତି କରୁଥିଲେ।

# ଯୋହନ ଲିଖିତ ସୁସମାଚାର

## ଯୀଶୁଙ୍କର ଜଗତରେ ଆବିର୍ଭାବ

୧ ଜଗତ ଆରମ୍ଭର ପୂର୍ବରୁ 'ବାକ୍ୟ'* ଥିଲେ। ସେହି
ବାକ୍ୟ ପରମେଶ୍ୱରଙ୍କ ସହିତ ଥିଲେ। ସେହି ବାକ୍ୟ
ପରମେଶ୍ୱର ଥିଲେ। ୨ସେହି ବାକ୍ୟ ଆରମ୍ଭରୁ ପରମେଶ୍ୱରଙ୍କ
ସହିତ ଥିଲେ। ୩ତାହାଙ୍କ* ଦ୍ୱାରା ସବୁ କିଛି ସୃଷ୍ଟି
ହୋଇଛି। ଏହି ସଂସାରରେ ଏପରି କିଛି ବସ୍ତୁ ନାହିଁ, ଯାହା
ତାହାଙ୍କ ଦ୍ୱାରା ସୃଷ୍ଟି ହୋଇ ନାହିଁ। ୪ତାହାଙ୍କଠାରେ ଜୀବନ
ଥିଲା। ସେହି ଜୀବନ ପୃଥିବୀର ଲୋକମାନଙ୍କ ପାଇଁ
ଆଲୋକ ଥିଲା। ୫ସେହି ଆଲୋକ ଅନ୍ଧକାରରେ ଆଲୋକିତ
ହୁଏ। କିନ୍ତୁ ଅନ୍ଧକାର ଆଲୋକକୁ ଲୋପ କରି ପାରିନାହିଁ।
୬ଯୋହନ* ନାମକ ଜଣେ ବ୍ୟକ୍ତି ଥିଲେ। ତାହାଙ୍କୁ
ପରମେଶ୍ୱର ପଠାଇଥିଲେ। ୭ସେ ଲୋକମାନଙ୍କୁ ସେହି
ଆଲୋକ ବିଷୟରେ କହିବା ପାଇଁ ଆସିଥିଲେ। ତାହାଙ୍କ
ମାଧ୍ୟମରେ ସବୁ ଲୋକେ ଆଲୋକ (ଖ୍ରୀଷ୍ଟଙ୍କ) ବିଷୟରେ
ଶୁଣିପାରିଲେ ଓ ବିଶ୍ୱାସ କରି ପାରିଲେ। ୮ଯୋହନ ନିଜେ
ଆଲୋକ ନଥିଲେ। କିନ୍ତୁ ସେ ଲୋକମାନଙ୍କୁ ଆଲୋକ
ବିଷୟରେ କହିବା ପାଇଁ ଆସିଥିଲେ। ୯ଏହି ପ୍ରକୃତ
ଆଲୋକ ଜଗତକୁ ଆସୁଥିଲେ। ଏହି ପ୍ରକୃତ ଆଲୋକ
ସବୁ ଲୋକମାନଙ୍କୁ ଆଲୋକ ଦିଅନ୍ତି।

୧୦ସେହି ବାକ୍ୟ ଜଗତରେ ଥିଲେ। ତାହାଙ୍କ ଦ୍ୱାରା ଏ
ପୃଥିବୀର ସୃଷ୍ଟି ହେଲା, କିନ୍ତୁ ଏହି ଜଗତର ଲୋକମାନେ
ତାହାଙ୍କୁ ଚିହ୍ନି ପାରିଲେ ନାହିଁ। ୧୧ସେ ତାହାଙ୍କ ନିଜ
ଜଗତକୁ ଆସିଲେ, କିନ୍ତୁ ତାହାଙ୍କର ନିଜ ଲୋକମାନେ
ତାହାଙ୍କୁ ଗ୍ରହଣ କଲେ ନାହିଁ, ୧୨ଯେଉଁ ଅଳ୍ପ କେତେକ
ଲୋକ ତାହାଙ୍କୁ ଗ୍ରହଣ କଲେ, ସେମାନେ ତାହାଙ୍କ
ଉପରେ ବିଶ୍ୱାସ କଲେ। ଯେଉଁ ଲୋକମାନେ ତାହାଙ୍କୁ
ବିଶ୍ୱାସ କଲେ, ସେ ସେମାନଙ୍କୁ ପରମେଶ୍ୱରଙ୍କ ସନ୍ତାନ
ହେବାର ଅଧିକାର ପ୍ରଦାନ କଲେ, ୧୩ସେହି ସନ୍ତାନମାନେ
ଅନ୍ୟ ଶିଶୁ ପିଲାମାନଙ୍କ ପରି ଜନ୍ମ ହେଲେ ନାହିଁ।
ସେମାନେ ପିତା-ମାତାଙ୍କର ଇଚ୍ଛା କିମ୍ବା ଯୋଜନା ଅନୁସାରେ
ଜନ୍ମ ଗ୍ରହଣ ନ କରି ପରମେଶ୍ୱରଙ୍କ ଠାରୁ ଜନ୍ମ
ହୋଇଥିଲେ।

୧୪ସେହି ବାକ୍ୟ ମନୁଷ୍ୟ ହେଲେ ଓ ଆମ୍ଭମାନଙ୍କ
ସହିତ ବାସ କରିଲେ। ଆମ୍ଭେ ତାହାଙ୍କର ମହିମା ଦେଖିଲୁ।
ଏହି ମହିମା ପରମପିତାଙ୍କ ଏକମାତ୍ର ପୁତ୍ରଙ୍କର ଥିଲା।
ସେହି ବାକ୍ୟ ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ଥିଲେ।
୧୫ଯୋହନ ଲୋକମାନଙ୍କୁ ତାହାଙ୍କ ବିଷୟରେ କହିଲେ।
ସେ କହିଲେ, "ମୁଁ ଯାହାଙ୍କ ବିଷୟରେ କହୁଥିଲି, ସେ
ଏହି। ମୁଁ କହିଲି, 'ମୋ ପରେ ଯିଏ ଆସୁଛନ୍ତି, ସେ ମୋ
ଠାରୁ ବହୁତ ଶ୍ରେଷ୍ଠ। ସେ ମୋ ପୂର୍ବରୁ ବାସ
କରୁଥିଲେ।'"

୧୬ବାକ୍ୟ' (ଖ୍ରୀଷ୍ଟ) ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ
ଥିଲେ। ଆମ୍ଭେ ତାହାଙ୍କ ଠାରୁ ପ୍ରଚୁର ଆଶୀର୍ବାଦ ପାଇଲୁ।
୧୭ମୋଶାଙ୍କ ଦ୍ୱାରା ଆମକୁ ନିୟମ (ବ୍ୟବସ୍ଥା) ମିଳିଲା, କିନ୍ତୁ
ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଅନୁଗ୍ରହ ଓ ସତ୍ୟ(ମାର୍ଗ) ଆସିଲା।
୧୮ପରମେଶ୍ୱରଙ୍କୁ କୌଣସି ଲୋକ କେବେ ଦେଖି ନାହିଁ,
କିନ୍ତୁ ଏକ ମାତ୍ର ପୁତ୍ର(ଯୀଶୁ) ହେଉଛନ୍ତି ପରମେଶ୍ୱର। ସେ
ପରମ-ପିତାଙ୍କର ଅତି ନିକଟତମ। ପରମେଶ୍ୱର କିପରି
ଅଟନ୍ତି, ଏହା ପୁତ୍ର ଆମକୁ ଦେଖାଇ ଦେଇଛନ୍ତି।

## ଯୀଶୁଙ୍କ ବିଷୟରେ ଯୋହନ ଲୋକମାନଙ୍କୁ କହନ୍ତି

୧୯ଯିରୂଶାଲମରୁ ଯିହୂଦୀମାନେ କେତେକ ଯାଜକ ଓ
ଲେବୀୟମାନଙ୍କୁ ଯୋହନଙ୍କ ପାଖକୁ ପଠାଇଲେ। "ତୁମ୍ଭେ
କିଏ?" ଏହା ତାହାଙ୍କୁ ପଚାରିବା ପାଇଁ ଯିହୂଦୀମାନେ
ସେମାନଙ୍କୁ ପଠାଇଥିଲେ।

୨୦ଯୋହନ ସରଳ ଭାବରେ କହିଲେ। ସେ ଉତ୍ତର
ଦେବା ପାଇଁ ଅସ୍ୱୀକାର କଲେ ନାହିଁ। ଯୋହନ ସ୍ପଷ୍ଟ
ଭାବେ ଲୋକମାନଙ୍କୁ ଏହି କଥା କହିଲେ, "ମୁଁ ଖ୍ରୀଷ୍ଟ(ମଶୀହ)
ନୁହେଁ।"

୨୧ଯିହୂଦୀମାନେ ଯୋହନଙ୍କୁ ପଚାରିଲେ, ତାହାହେଲେ
"ତୁମ୍ଭେ କିଏ? ତୁମ୍ଭେ କ'ଣ ଏଲିୟ?"*

ସେ ଉତ୍ତର ଦେଲେ, "ନା, ମୁଁ ଏଲିୟ ନୁହେଁ।"

ଯିହୂଦୀମାନେ ପଚାରିଲେ, "ତୁମ୍ଭେ କ'ଣ ସେହି
ଭବିଷ୍ୟଦ୍‌ବକ୍ତା?"*

ଯୋହନ ଉତ୍ତର ଦେଲେ, "ନା, ମୁଁ ସେହି ଭବିଷ୍ୟଦ୍‌ବକ୍ତା
ନୁହେଁ।"

୨୨ତା'ପରେ ଯିହୂଦୀମାନେ ପଚାରିଲେ, "ତେବେ ତୁମ୍ଭେ
କିଏ? ତୁମ୍ଭେ ତୁମ ନିଜ ବିଷୟରେ କୁହ, ଆମ୍ଭକୁ

---

**"ବାକ୍ୟ"** ଏହା ଗ୍ରୀକ୍‌ର ଏକ ଶବ୍ଦ "ଲୋଗସ୍"ରୁ ଆସିଅଛି। ଏହାର ଅର୍ଥ- ସନ୍ଦେଶ ବା ବାର୍ତ୍ତା। ଏହି ବାର୍ତ୍ତା ହେଉଛନ୍ତି ଖ୍ରୀଷ୍ଟ, ଯାହାଙ୍କ ମାଧ୍ୟମରେ ଈଶ୍ୱର ଆପଣ କୁ ସମସ୍ତ ମାନବଜାତି ନିକଟରେ ପ୍ରକାଶ କଲେ।

**ତାହାଙ୍କ** ଅର୍ଥାତ୍, ଯୀଶୁ ଖ୍ରୀଷ୍ଟ।

**ଯୋହନ** ଖ୍ରୀଷ୍ଟଙ୍କ ଆଗମନର ପ୍ରଚାର କରୁଥିଲେ ମାଥିଉ:୩, ଲୂକ:୩

**ଏଲିୟ** ଖ୍ରୀ:ପୂ ୮୫୦ରେ ଭବିଷ୍ୟଦ୍‌ବକ୍ତା ମଲାଖି ୪:୫-୬

**ଭବିଷ୍ୟଦ୍‌ବକ୍ତା** ଦ୍ୱିତୀୟ ବିବରଣ ୧୮:୧୫-୧୯

ପଠାଇଥିବା ଲୋକମାନଙ୍କୁ କହିବା ପାଇଁ ଆମ୍ଭକୁ ଗୋଟିଏ
ଉତ୍ତର ଦିଅ। ତୁମ୍ଭେ ନିଜ ବିଷୟରେ କ'ଣ କହୁଛ?"
୨୩ଯୋହନ ସେମାନଙ୍କୁ ଭବିଷ୍ୟଦ୍‌ବକ୍ତା ଯିଶାଇୟଙ୍କ ବାଣୀ
କହିଲେ:

> "ମୁଁ ମରୁଭୂମିରେ ଚିତ୍କାର କରୁଥିବା ଜଣେ ବ୍ୟକ୍ତିର
> ସ୍ୱର: 'ପ୍ରଭୁଙ୍କ ପାଇଁ ଗୋଟିଏ ସଳଖରାସ୍ତା ପ୍ରସ୍ତୁତ
> କର।'" ଯିଶାଇୟ ୪୦:୩

୨୪ଫାରୂଶୀମାନେ ଏହି ଯିହୂଦୀମାନଙ୍କୁ ପଠାଇଥିଲେ।
୨୫ଏହି ଲୋକମାନେ ଯୋହନଙ୍କୁ କହିଲେ: "ତୁମ୍ଭେ କହୁଛ
ଯେ ତୁମ୍ଭେ ଖ୍ରୀଷ୍ଟ ନୁହଁ। ତୁମ୍ଭେ କହୁଛ ଯେ ତୁମ୍ଭେ ଏଲିୟ
ନୁହଁ କିମ୍ବା ସେହି ଭବିଷ୍ୟଦ୍‌ବକ୍ତା ନୁହଁ, ତେବେ ତୁମ୍ଭେ
କାହିଁକି ଲୋକମାନଙ୍କୁ ବାପ୍ତିଜିତ* ଦେଉଛ?"
୨୬ଯୋହନ ଉତ୍ତର ଦେଲେ, "ମୁଁ ଲୋକମାନଙ୍କୁ ଜଳରେ
ବାପ୍ତିଜିତ ଦେଉଛି। କିନ୍ତୁ ତୁମ୍ଭ ସହିତ ଏଠାରେ ଏପରି
ଜଣେ ବ୍ୟକ୍ତି ଅଛନ୍ତି ଯାହାଙ୍କୁ ତୁମ୍ଭେ ଜାଣି ନାହଁ। ୨୭ସେ
ବ୍ୟକ୍ତି ମୋ ପରେ ଆସୁଛନ୍ତି, ମୁଁ ତାହାଙ୍କ ଜୋତାର ଫିତା
ଫିଟାଇବା ପାଇଁ ଯୋଗ୍ୟ ନୁହେଁ।"
୨୮ଏହି ସବୁ ଘଟଣା ଯର୍ଦ୍ଦନ ନଦୀର ଆର ପଟେ ଥିବା
ବେଥାନୀ ଗ୍ରାମରେ ଘଟିଥିଲା। ଏହି ସ୍ଥାନରେ ଯୋହନ
ଲୋକମାନଙ୍କୁ ବାପ୍ତିଜିତ କରୁଥିଲେ।
୨୯ତହିଁ ଆରଦିନ ଯୋହନ ଯୀଶୁଙ୍କୁ ତାହାଙ୍କ ପାଖକୁ
ଆସିବାର ଦେଖିଲେ। ଯୋହନ କହିଲେ, "ଏହି ଦେଖ,
ପରମେଶ୍ୱରଙ୍କର ମେଷଶାବକ। ସେ ପୃଥିବୀର ପାପ ବୋହି
ନିଅନ୍ତି। ୩୦ମୁଁ ଆଗରୁ ଏହି ବ୍ୟକ୍ତିଙ୍କ ବିଷୟରେ କହିଥିଲି।
ମୁଁ କହିଥିଲି, 'ମୋ ପରେ ଜଣେ ବ୍ୟକ୍ତି ଆସୁଛନ୍ତି, ସେ
ମୋଠାରୁ ଶ୍ରେଷ୍ଠ। ସେ ମୋ ପୂର୍ବରୁ ବାସ କରୁଥିଲେ। ସେ
ସର୍ବଦା ରହିଛନ୍ତି।' ୩୧ମୁଁ ନିଜେ ମଧ୍ୟ ତାହାଙ୍କୁ ଜାଣି
ନ ଥିଲି। କିନ୍ତୁ ଇସ୍ରାୟେଲ ଯେପରି ଜାଣିପାରିବ ଯେ ଯୀଶୁ
ଖ୍ରୀଷ୍ଟ* ଅଟନ୍ତି। ଏଥିନିମନ୍ତେ ମୁଁ ଲୋକମାନଙ୍କୁ ଜଳରେ
ବାପ୍ତିଜିତ କରିବା ପାଇଁ ଆସିଥିଲି।"
୩୨-୩୩ତା'ପରେ ଯୋହନ କହିଲେ, "ଖ୍ରୀଷ୍ଟ କିଏ ବୋଲି
ମୁଁ ମଧ୍ୟ ଜାଣି ନ ଥିଲି। କିନ୍ତୁ ପରମେଶ୍ୱର ମୋତେ
ଲୋକମାନଙ୍କୁ ଜଳରେ ବାପ୍ତିଜିତ ଦେବା ପାଇଁ ପଠାଇଥିଲେ।
ଏବଂ ପରମେଶ୍ୱର ମୋତେ କହିଥିଲେ, 'ତୁମ୍ଭେ ପବିତ୍ର
ଆତ୍ମାଙ୍କୁ ଅବତରଣ କରିବା ଓ ଜଣେ ବ୍ୟକ୍ତିଙ୍କ ଉପରେ
ସ୍ଥିର ହୋଇ ରହିବା ଦେଖିବ, ସେହି ବ୍ୟକ୍ତି ଯେକି
ପବିତ୍ରଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ଦେବେ।'" ଯୋହନ କହିଲେ,
"ଏସବୁ ଘଟିବାର ମୁଁ ଦେଖିଛି। ସ୍ୱର୍ଗରୁ ଆତ୍ମା ଅବତରଣ
କରିବାର ମୁଁ ଦେଖିଲି। ସେହି ଆତ୍ମା ଗୋଟିଏ କପୋତ
ପରି ଦେଖା ଯାଉଥିଲେ ଓ ଯୀଶୁଙ୍କ ଉପରେ ବସି
ରହିଥିବାର ମୁଁ ଦେଖିଲି। ୩୪ତେଣୁ ମୁଁ ଲୋକମାନଙ୍କୁ ଏହା
କହେ: 'ସେ (ଯୀଶୁ) ପରମେଶ୍ୱରଙ୍କର ପୁତ୍ର।'"

**ଯୀଶୁଙ୍କର ପ୍ରଥମ ଶିଷ୍ୟମାନେ**

୩୫ତହିଁ ଆରଦିନ ଯୋହନ ପୁଣି ସେଠାରେ ଥିଲେ।
ତାହାଙ୍କ ସହିତ ତାହାଙ୍କର ଦୁଇ ଜଣ ଶିଷ୍ୟଥିଲେ।
୩୬ସେତେବେଳେ ଯୋହନ ଯୀଶୁଙ୍କୁ ଯିବାର ଦେଖିଲେ। ସେ
କହିଲେ, "ଦେଖ, ପରମେଶ୍ୱରଙ୍କର ମେଷଶାବକ।"
୩୭ସେହି ଦୁଇ ଜଣ ଶିଷ୍ୟ ଯୋହନଙ୍କ କଥା ଶୁଣିଲେ,
ତେଣୁ ସେମାନେ ଯୀଶୁଙ୍କ ଅନୁସରଣ କଲେ। ୩୮ଯୀଶୁ
ବୁଲି ପଡ଼ି ଦେଖିଲେ ଯେ, ସେହି ଦୁଇ ଜଣ ବ୍ୟକ୍ତି
ତାହାଙ୍କ ଅନୁସରଣ କରୁଛନ୍ତି। ସେ ପଚାରିଲେ, "ତୁମ୍ଭେମାନେ
କ'ଣ ଚାହଁ?"
ସେମାନେ ଉତ୍ତର ଦେଲେ, "ରବ୍ବୀ, ଆପଣ କେଉଁଠାରେ
ରହୁଛନ୍ତି?" ("ରବ୍ବୀ" ଅର୍ଥାତ୍ "ଗୁରୁ")
୩୯ଯୀଶୁ ସେମାନଙ୍କୁ କହିଲେ, "ମୋ ସହିତ ଆସ,
ତୁମ୍ଭେମାନେ ଦେଖିବ।" ତେଣୁ ସେହି ଦୁଇ ଜଣ ଯୀଶୁଙ୍କ
ସହିତ ଗଲେ। ସେମାନେ ତାହାଙ୍କର ରହିବା ସ୍ଥାନ
ଦେଖିଲେ। ସେ ଦିନ ସେମାନେ ଯୀଶୁଙ୍କ ସହିତ ରହିଲେ।
ସେତେବେଳେ ସମୟ ପ୍ରାୟ ଚାରିଘଣ୍ଟା ହୋଇଥିଲା।
୪୦ଏହି ଦୁଇ ଜଣ ଲୋକ ଯୋହନଙ୍କଠାରୁ ଯୀଶୁଙ୍କ
ବିଷୟରେ ଶୁଣି ତାହାଙ୍କର ଅନୁସରଣ କରିଥିଲେ, ସେ
ଦୁଇ ଜଣଙ୍କ ମଧ୍ୟରୁ ଜଣେ ଥିଲେ ଆନ୍ଦ୍ରିୟ। ଆନ୍ଦ୍ରିୟ
ଶିମୋନ ପିତରଙ୍କର ଭାଇ ଥିଲେ। ୪୧ଆନ୍ଦ୍ରିୟ ପ୍ରଥମେ
ତାହାଙ୍କ ଭାଇ ଶିମୋନଙ୍କ ପାଖକୁ ଗଲେ। ସେ ଶିମୋନଙ୍କୁ
କହିଲେ, "ଆମ୍ଭେ ମଶୀହଙ୍କୁ ଭେଟିଛୁ।" ("ମଶୀହ" ଅର୍ଥାତ
"ଖ୍ରୀଷ୍ଟ।")
୪୨ତା'ପରେ ଆନ୍ଦ୍ରିୟ ଶିମୋନଙ୍କୁ ଯୀଶୁଙ୍କ ପାଖକୁ ଆଣିଲେ।
ଯୀଶୁ ତାହାଙ୍କୁ ଚାହିଁ କହିଲେ, "ତୁମ୍ଭେ, ଯୋହନଙ୍କ ପୁତ୍ର
ଶିମୋନ। ତୁମ୍ଭକୁ କେଫା ନାମରେ ଡକା ହେବ।"
("କେଫା" ଅର୍ଥାତ୍ "ପିତର।")
୪୩ତା'ପରଦିନ ଯୀଶୁ ଗାଲିଲୀକୁ ଯିବା ପାଇଁ ସ୍ଥିର
କଲେ। ସେ ଫିଲିପ୍ପଙ୍କୁ ଦେଖି କହିଲେ, "ମୋର ଅନୁସରଣ
କର।" ୪୪ଫିଲିପ୍ପ ମଧ୍ୟ ଆନ୍ଦ୍ରିୟ ଓ ପିତରଙ୍କ ପରି
ବେଥ୍‌ସାଇଦା ସହରର ଲୋକ ଥିଲେ। ୪୫ଫିଲିପ୍ପ
ନିଥନିୟେଲଙ୍କର ଦେଖା ପାଇ କହିଲେ, "ମୋଶା ବ୍ୟବସ୍ଥାରେ
ଯାହା ଲେଖିଥିଲେ, ତାହା ମନେ ପକାଅ। ମୋଶା ଜଣେ
ବ୍ୟକ୍ତିଙ୍କ ଆଗମନ ବିଷୟରେ ଲେଖିଥିଲେ।
ଭବିଷ୍ୟଦ୍‌ବକ୍ତାମାନେ ମଧ୍ୟ ତାହାଙ୍କ ବିଷୟରେ ଲେଖିଥିଲେ।
ଆମେ ତାହାଙ୍କୁ ଭେଟିଛୁ। ତାହାଙ୍କ ନାମ ଯୀଶୁ। ସେ
ଯୋସେଫଙ୍କର ପୁତ୍ର। ସେ ନାଜରିତରୁ ଆସିଛନ୍ତି।"
୪୬ନିଥନିୟେଲ ଫିଲିପ୍ପଙ୍କୁ କହିଲେ, "ନାଜରିତ, ନାଜରିତରୁ
କ'ଣ କୌଣସି ଉତ୍ତମ ବସ୍ତୁ ଉତ୍ପନ୍ନ ହୋଇପାରେ?"
ଫିଲିପ୍ପ ଉତ୍ତର ଦେଲେ, "ତୁମ୍ଭେ ଆସି ଦେଖ।"
୪୭ଯୀଶୁ ନିଥନିୟେଲଙ୍କୁ ତାହାଙ୍କ ଆଡ଼େ ଆସିବାର
ଦେଖିଲେ। ସେ କହିଲେ, "ଏହି ଲୋକ ପ୍ରକୃତରେ
ପରମେଶ୍ୱରଙ୍କର ଜଣେ ବ୍ୟକ୍ତି। ତାହାଙ୍କଠାରେ କୌଣସି
ଅସାଧୁତା ନାହିଁ।"
୪୮ନିଥନିୟେଲ ତାହାଙ୍କୁ ପଚାରିଲେ, "ଆପଣ ମୋତେ
କିପରି ଜାଣିଲେ?"

---

**ବାପ୍ତିଜିତ** ଜଳରେ ବୁଡ଼ନ
**ଖ୍ରୀଷ୍ଟ** ମସୀହ

ଯୀଶୁ ଉତ୍ତର ଦେଲେ, "ମୁଁ ତୁମ୍ଭକୁ ଡମ୍ବିରି ଗଛ ତଳେ
ଦେଖିଥିଲି, ଫିଲିପ୍ପ ତୁମ୍ଭକୁ ମୋ ବିଷୟରେ କହିବା ପୂର୍ବରୁ
ମୁଁ ତୁମ୍ଭକୁ ଦେଖିଥିଲି।"
୪୯ତା'ପରେ ନିଥନିୟେଲ ଯୀଶୁଙ୍କୁ କହିଲେ, "ହେ
ରାବ୍ବୀ (ଗୁରୁ), ଆପଣ ପରମେଶ୍ୱରଙ୍କ ପୁତ୍ର। ଆପଣ
ଇସ୍ରାୟେଲର ରାଜା।"
୫୦ଯୀଶୁ ନିଥନିୟେଲଙ୍କୁ କହିଲେ, "ମୁଁ ତୁମ୍ଭକୁ କହିଲି
ଯେ, ମୁଁ ତୁମ୍ଭକୁ ଡମ୍ବିରି ଗଛ ତଳେ ଦେଖିଥିଲି।
ସେଥିପାଇଁ ତୁମ୍ଭେ ମୋତେ ବିଶ୍ୱାସ କରୁଛ। କିନ୍ତୁ ତୁମ୍ଭେ
ତା'ଠାରୁ ଆହୁରି ଶ୍ରେଷ୍ଠତର ବିଷୟ ଦେଖିବ।" ୫୧ଯୀଶୁ
ପୁଣି କହିଲେ, "ମୁଁ ତୁମ୍ଭକୁ ସତ୍ୟ କହୁଛି, ତୁମ୍ଭେମାନେ
ସ୍ୱର୍ଗକୁ ଖୋଲି ଯିବାର ଦେଖିବ। ତୁମ୍ଭେମାନେ ପରମେଶ୍ୱରଙ୍କ
'ଦୂତମାନଙ୍କୁ* ମନୁଷ୍ୟପୁତ୍ରଙ୍କ* ନିକଟକୁ ଆରୋହଣ ଓ
ଅବତରଣ' କରୁଥିବାର ଦେଖିବ।"

### କାନାରେ ବିବାହ

୨ ଦୁଇ ଦିନ ପରେ ଗାଲିଲୀର କାନା ସହରରେ
ଗୋଟିଏ ବିବାହ ହେଲା। ଯୀଶୁଙ୍କ ମାଆ ସେଠାରେ
ଥିଲେ। ୨ସେହି ବିବାହ ଉତ୍ସବକୁ ଯୀଶୁ ଓ ତାହାଙ୍କ
ଶିଷ୍ୟମାନେ ମଧ୍ୟ ନିମନ୍ତ୍ରିତ ହୋଇଥିଲେ। ୩ସେହି ବିବାହ
ଉତ୍ସବରେ ଯଥେଷ୍ଟ ପରିମାଣରେ ଅଙ୍ଗୁରରସ ନଥିଲା।
ଅଙ୍ଗୁରରସ ସରିଯିବା ପରେ ଯୀଶୁଙ୍କର ମାଆ ଆସି ତାହାଙ୍କୁ
କହିଲେ, "ସେମାନଙ୍କର ଆଉ ଅଙ୍ଗୁରରସ ନାହିଁ।"
୪ଯୀଶୁ ଉତ୍ତର ଦେଲେ, "ପ୍ରିୟ ନାରୀ, କ'ଣ କରିବାକୁ
ହେବ, ଏହା ତୁମ୍ଭେ ମୋତେ କହିବା ଉଚିତ ନୁହେଁ।
ମୋର ସମୟ ଏପର୍ଯ୍ୟନ୍ତ ଆସି ନାହିଁ।"
୫ଯୀଶୁଙ୍କର ମାଆ ସେବକମାନଙ୍କୁ କହିଲେ, "ଯୀଶୁ
ଯେପରି କହନ୍ତି, ତୁମ୍ଭେମାନେ ସେପରି କର।"
୬ସେହି ସ୍ଥାନରେ ଛଅଟି ପଥରର ବଡ଼ ବଡ଼ ଜଳକୁଣ୍ଡ
ଥିଲା। ଯିହୂଦୀମାନେ ତାହାଙ୍କ ଶୁଚିକରଣ ନୀତି ଅନୁସାରେ
ଏହି ଜଳକୁଣ୍ଡ ବ୍ୟବହାର କରୁଥିଲେ। ପ୍ରତ୍ୟେକ ଜଳକୁଣ୍ଡରେ
ପ୍ରାୟ ଶହେରୁ ଶହେ ପଚିଶ ଲିଟର ପାଣି ଧରୁଥିଲା।
୭ଯୀଶୁ ସେବକମାନଙ୍କୁ କହିଲେ, "ସେହି ଜଳ କୁଣ୍ଡରେ
ପାଣି ଭର୍ତ୍ତି କର।" ତେଣୁ ସେବକମାନେ କୁଣ୍ଡରେ ପାଣି
ଭର୍ତ୍ତି କରିଦେଲେ।
୮ତା'ପରେ ଯୀଶୁ ସେବକମାନଙ୍କୁ କହିଲେ, "ବର୍ତ୍ତମାନ
ସେଥିରୁ କିଛି ପାଣି କାଢ଼ି ନିଅ। ଏହି ପାଣି ନେଇ
ଭୋଜିକର୍ତ୍ତାଙ୍କ ପାଖକୁ ଯାଅ।"
ତେଣୁ ସେମାନେ ସେହି ପାଣି ନେଇ ତାହାଙ୍କ ପାଖରେ
ପହଞ୍ଚିଲେ। ୯ତା'ପରେ ଭୋଜି ଦାୟିତ୍ୱରେ ଥିବା ମୁଖ୍ୟ
ଲୋକ ତାହାକୁ ଚାଖିଲେ। ସେହି ପାଣି ଏବେ ଅଙ୍ଗୁରରସରେ
ପରିଣତ ହୋଇଯାଇଥିଲା। ସେ ଜାଣି ନଥିଲେ ଯେ ଏପରି
ଅଙ୍ଗୁରରସ କେଉଁଠାରୁ ଆସିଲା? କିନ୍ତୁ ସେହି ପାଣି
କାଢ଼ିଥିବା ସେବକମାନେ ଜାଣିଥିଲେ। ତା'ପରେ ଭୋଜିକର୍ତ୍ତା
ବରକୁ ଡାକିଲେ। ୧୦ସେ ବରକୁ କହିଲେ, "ଲୋକମାନେ
ସବୁବେଳେ ସବୁଠାରୁ ଉତ୍ତମ ଅଙ୍ଗୁରରସ ପ୍ରଥମେ ପିଇବାକୁ
ଦିଅନ୍ତି। ଅତିଥିମାନେ ଯଥେଷ୍ଟ ପିଇ ତୃପ୍ତ ହେବାପରେ
ସେମାନେ ଶସ୍ତା ଅଙ୍ଗୁରରସ ଦିଅନ୍ତି। କିନ୍ତୁ ତୁମ୍ଭେ ତ
ଏପର୍ଯ୍ୟନ୍ତ ଉତ୍ତମ ଅଙ୍ଗୁରରସ ରଖିଛ।"
୧୧ଏହା ଯୀଶୁଙ୍କର ପ୍ରଥମ ଆଶ୍ଚର୍ଯ୍ୟକାର୍ଯ୍ୟ ଥିଲା। ସେ
ଏହି ଆଶ୍ଚର୍ଯ୍ୟକାମ ଗାଲିଲୀର କାନା ସହରରେ କରିଥିଲେ।
ଏହିପରି ସେ ତାହାଙ୍କ ମହିମା ଦେଖାଇଲେ। ଏବଂ
ତାହାଙ୍କର ଶିଷ୍ୟମାନେ ତାହାଙ୍କ ଉପରେ ବିଶ୍ୱାସ କଲେ।

### ମନ୍ଦିର ଭିତରେ ଯୀଶୁ

୧୨ତା'ପରେ ଯୀଶୁ କଫର୍ନାହୂମ ସହରକୁ ଗଲେ। ତାହାଙ୍କ
ସହିତ ତାହାଙ୍କର ମାଆ, ତାହାଙ୍କର ଭାଇମାନେ ଓ
ତାହାଙ୍କର ଶିଷ୍ୟମାନେ ଗଲେ। ସେମାନେ ସମସ୍ତେ
କଫର୍ନାହୂମରେ କିଛି ଦିନ ରହିଲେ। ୧୩ସେତେବେଳେ
ଯିହୂଦୀମାନଙ୍କର ନିସ୍ତାରପର୍ବର ସମୟ ପାଖ ହୋଇଆସୁଥିଲା।
ତେଣୁ ଯୀଶୁ ଯିରୂଶାଲମକୁ ଗଲେ। ୧୪ସେହି ମନ୍ଦିର
ପରିସରରେ ଯୀଶୁ ଲୋକମାନଙ୍କୁ ଗୋରୁ, ମେଣ୍ଢା ଓ
କପୋତ ବିକ୍ରି କରିବା ଦେଖିଲେ। କେତେକ ଲୋକଙ୍କୁ
ସେ ଟେବୁଲ ପାଖରେ ବସିଥିବାର ଦେଖିଲେ। ସେହି
ଲୋକମାନେ ଲୋକଙ୍କର ଟଙ୍କା ବିନିମୟ ଓ ବ୍ୟବସାୟ
ମଧ୍ୟ କରୁଥିଲେ। ୧୫ଯୀଶୁ କେତେ ଖଣ୍ଡ ଦଉଡ଼ିରେ
ଗୋଟିଏ ଛାଟ ତିଆରି କଲେ। ତା'ପରେ ଯୀଶୁ ସେ
ସମସ୍ତ ଲୋକମାନଙ୍କୁ, ମେଣ୍ଢାଗୁଡ଼ିକୁ ଓ ଗୋରୁଗୁଡ଼ିକୁ ସେଠାରୁ
ଜୋର ଜବରଦସ୍ତି ତଡ଼ିଦେଲେ। ସେ
ମୁଦ୍ରାବିନିମୟକାରୀମାନଙ୍କର ଟଙ୍କା ତଳେ ପକେଇ ମେଜଗୁଡ଼ିକ
ଓଲଟେଇ ଦେଲେ। ୧୬ତା'ପରେ ଯୀଶୁ କପୋତ
ବେପାରୀମାନଙ୍କୁ ଯାଇ କହିଲେ, "ଏସବୁ ଜିନିଷ ଗୁଡ଼ିକ
ଏଠାରୁ ନେଇଯାଅ। ମୋର ପରମପିତାଙ୍କ ଘରକୁ ଗୋଟିଏ
ବଜାର ଭାବରେ ପରିଣତ କର ନାହିଁ।"
୧୭ଏହି ସବୁ ଘଟଣା ଘଟିବା ବେଳେ ଯୀଶୁଙ୍କର
ଶିଷ୍ୟମାନେ ଶାସ୍ତ୍ରରେ ଲେଖାହୋଇଥିବା ଏହି ବାଣୀ ମନେ
ପକାଇଲେ:

> "ତୁମ୍ଭ ଗୃହ ପାଇଁ ମୋର ଅନୁରାଗ ମୋତେ ଗ୍ରାସ
> କରିଦେବ।" ଗୀତସଂହିତା ୬୯:୯

୧୮ଯିହୂଦୀମାନେ ଯୀଶୁଙ୍କୁ କହିଲେ, "ଆମ୍ଭକୁ ଚିହ୍ନ
ସ୍ୱରୂପେ ଏକ ଆଶ୍ଚର୍ଯ୍ୟ କାର୍ଯ୍ୟକରି ଦେଖାଅ। ପ୍ରମାଣିତ
କର ଯେ, ଏସବୁ କରିବା ପାଇଁ ତୁମ୍ଭର ଅଧିକାର ଅଛି।"
୧୯ଯୀଶୁ ଉତ୍ତର ଦେଲେ, "ଏହି ମନ୍ଦିରକୁ ନଷ୍ଟ କରି
ଦିଅ ଏବଂ ମୁଁ ଏହାକୁ ତିନି ଦିନ ମଧ୍ୟରେ ପୁନର୍ବାର
ନିର୍ମାଣ କରି ଦେବି।"
୨୦ଯିହୁଦୀମାନେ କହିଲେ, "ଏହି ମନ୍ଦିର ନିର୍ମାଣ କରିବା
ପାଇଁ ଲୋକମାନେ ଛୟାଳିଶ ବର୍ଷ ପର୍ଯ୍ୟନ୍ତ କାମ କରିଥିଲେ।
ଆଉ ତୁମ୍ଭେ କ'ଣ ପ୍ରକୃତରେ ବିଶ୍ୱାସ କରୁଛ, ତୁମ୍ଭେ ଏହା
ତିନି ଦିନ ମଧ୍ୟରେ ନିର୍ମାଣ କରି ଦେବ?"

---

**ଦୂତମାନଙ୍କୁ** ଆଦିପୁସ୍ତକ ୨୮:୧୨
**ମନୁଷ୍ୟପୁତ୍ର** ଯୀଶୁ ଦାନିଏଲ-୭:୧୩-୧୪

୨୧(କିନ୍ତୁ ଯୀଶୁ ଏହି ମନ୍ଦିର କହିବା ବେଳେ ନିଜ
ଶରୀରକୁ ଲକ୍ଷ୍ୟ କରି କହିଥିଲେ। ୨୨ଯୀଶୁ ମୃତ୍ୟୁରୁ ଉଠିଲା
ପରେ ତାହାଙ୍କ ଶିଷ୍ୟମାନେ ତାହାଙ୍କ କହିବା କଥା ମନେ
ପକାଇଥିଲେ। ତେଣୁ ତାହାଙ୍କର ଶିଷ୍ୟମାନେ ତାହାଙ୍କ
ବିଷୟରେ ଶାସ୍ତ୍ରରେ ଯାହା ଲେଖାଥିଲା ଓ ଯୀଶୁ ଯାହା
କହିଥିଲେ, ସେସବୁ କଥା ବିଶ୍ୱାସ କଲେ।)
୨୩ଯୀଶୁ ନିସ୍ତାରପର୍ବ ପାଇଁ ଯିରୂଶାଲମରେ ଥିଲେ।
ଅନେକ ଲୋକ ତାହାଙ୍କ ଉପରେ ବିଶ୍ୱାସ କଲେ କାରଣ
ସେମାନେ ତାହାଙ୍କ ଦ୍ୱାରା କରା ଯାଇଥିବା ଆଶ୍ଚର୍ଯ୍ୟ
କାର୍ଯ୍ୟମାନ ଦେଖିଲେ। ୨୪କିନ୍ତୁ ଯୀଶୁ ସେମାନଙ୍କୁ ଭରସା
କଲେ ନାହିଁ କାରଣ ସେ ସେହି ଲୋକମାନଙ୍କର ମନର
ଭାବନା ଜାଣିଥିଲେ। ୨୫ମନୁଷ୍ୟ ମନ ଭିତରେ କ'ଣ ଅଛି,
ତାହା ସେ ଭଲ ଭାବରେ ଜାଣିଥିଲେ। ତେଣୁ ତାହାଙ୍କୁ
ଲୋକମାନଙ୍କ ବିଷୟରେ ବୁଝେଇବା କାହାରି ଦରକାର
ନଥିଲା।

## ଯୀଶୁ ଓ ନୀକଦୀମ

୩ ନୀକଦୀମ ନାମକ ଜଣେ ବ୍ୟକ୍ତି ଥିଲେ। ସେ ଜଣେ
ଫାରୂଶୀ ଥିଲେ। ସେ ଯିହୂଦୀମାନଙ୍କର ଜଣେ ମୁଖ୍ୟ
ନେତା ଥିଲେ। ୨ସେ ଦିନେ ରାତିରେ ଯୀଶୁଙ୍କ ପାଖକୁ
ଆସିଲେ। ସେ କହିଲେ, "ରାବ୍ବୀ, ଆମ୍ଭେ ଜାଣିଛୁ ଯେ,
ତୁମ୍ଭେ ଏକ ଗୁରୁ, ପରମେଶ୍ୱରଙ୍କ ଦ୍ୱାରା ପଠାଯାଇ ଅଛ।
ତୁମ୍ଭେ ଯେଉଁ ସବୁ ଆଶ୍ଚର୍ଯ୍ୟକାର୍ଯ୍ୟ କରୁଛ, ସେଗୁଡ଼ିକ
ପରମେଶ୍ୱରଙ୍କ ସାହାଯ୍ୟ ନ ପାଇ କେହି କରି ପାରିବେ
ନାହିଁ।"
୩ଯୀଶୁ ତାହାଙ୍କୁ ଉତ୍ତର ଦେଲେ, "ମୁଁ ତୁମ୍ଭକୁ ସତ୍ୟ
କହୁଛି। ପ୍ରତ୍ୟେକ ବ୍ୟକ୍ତି ନିଶ୍ଚିତ ରୂପେ ପୁନର୍ବାର ଜନ୍ମ
ହେବା ଆବଶ୍ୟକ। ଯଦି କୌଣସି ଲୋକ ପୁନର୍ବାର ଜନ୍ମ
ନହୁଏ, ତେବେ ସେ ଲୋକ ପରମେଶ୍ୱରଙ୍କର ରାଜ୍ୟରେ
କଦାପି ପ୍ରବେଶ କରି ପାରିବ ନାହିଁ।"
୪ନୀକଦୀମ ତାହାଙ୍କୁ କହିଲେ, "କିନ୍ତୁ ଯଦି କୌଣସି
ବ୍ୟକ୍ତି ବୃଦ୍ଧ ହୋଇ ସାରିଛି, ତେବେ ସେ କିପରି ପୁନର୍ବାର
ଜନ୍ମ ନେଇ ପାରିବ? ଜଣେ ଲୋକ କଦାପି ତାର ମାତାର
ଗର୍ଭରେ ଆଉ ଥରେ ପ୍ରବେଶ କରି ପାରିବ ନାହିଁ। ତେଣୁ
ଜଣେ ବ୍ୟକ୍ତି କଦାପି ଦ୍ୱିତୀୟ ଥର ଜନ୍ମ ଗ୍ରହଣ କରି
ପାରିବ ନାହିଁ।"
୫ଯୀଶୁ ଉତ୍ତର ଦେଲେ, "ମୁଁ ତୁମ୍ଭକୁ ସତ୍ୟ କହୁଛି,
ଜଣେ ଲୋକ ନିଶ୍ଚିତ ଭାବେ ଜଳ ଓ ଆତ୍ମାରୁ ଜନ୍ମ
ହେବା ଆବଶ୍ୟକ। ଯଦି କୌଣସି ଲୋକ ଜଳ ଓ
ଆତ୍ମାରୁ ଜନ୍ମ ହୋଇ ନଥାଏ, ତେବେ ସେ କଦାପି
ପରମେଶ୍ୱରଙ୍କ ରାଜ୍ୟ ଭିତରେ ପ୍ରବେଶ କରି ପାରିବ
ନାହିଁ। ୬ଜଣେ ଲୋକର ଶରୀର ତାର ପିତା-ମାତାଙ୍କଠାରୁ
ଜନ୍ମ ନିଏ। କିନ୍ତୁ ଜଣେ ଲୋକର ଆତ୍ମିକ ଜୀବନ
ଆତ୍ମାଙ୍କଠାରୁ ଜନ୍ମ ନିଏ। ୭ତେଣୁ ଆଶ୍ଚର୍ଯ୍ୟ ହୁଅ ନାହିଁ,
କାରଣ ତୁମ୍ଭକୁ କହିଲି ଯେ 'ତୁମ୍ଭେ ନିଶ୍ଚୟ ପୁନର୍ବାର ଜନ୍ମ
ହେବାକୁ ପଡ଼ିବ।' ୮ପବନ ତା' ଇଚ୍ଛା ଅନୁସାରେ ବହେ
ଓ ନିଜ ଇଚ୍ଛାରେ ଗତି କରେ। ତୁମ୍ଭେ ପବନ ବହିବାର
ଶବ୍ଦ ଶୁଣିଥାଅ, କିନ୍ତୁ ତୁମ୍ଭେ ଜାଣି ନ ଥାଅ, ପବନ
କେଉଁଠାରୁ ଆସେ ଓ କେଉଁଠାକୁ ଯାଏ। ଆତ୍ମାରୁ ଜନ୍ମ
ନେଇଥିବା ପ୍ରତ୍ୟେକ ଲୋକ ଠିକ୍ ସେହି ପରି।"
୯ନୀକଦୀମ ପଚାରିଲେ, "ଏସବୁ କିପରି ସମ୍ଭବ ହୋଇ
ପାରିବ?"
୧୦ଯୀଶୁ ତାହାଙ୍କୁ ଉତ୍ତର ଦେଲେ, "ତୁମ୍ଭେ ଇସ୍ରାଏଲର
ଜଣେ ପ୍ରଧାନ ଗୁରୁ। କିନ୍ତୁ ତୁମ୍ଭେ ଏସବୁ କଥା ବୁଝି ପାରୁ
ନାହିଁ? ୧୧ମୁଁ ତୁମ୍ଭକୁ ସତ୍ୟ କହୁଛି, ଆମ୍ଭେ ଯାହା ସବୁ
ଜାଣୁ ତାହା ସବୁ କହୁଛୁ, ଆମ୍ଭେ ଯାହା ଦେଖିଛୁ ତାହା
ତୁମ୍ଭକୁ କହୁଛୁ, କିନ୍ତୁ ଆମ୍ଭେ ତୁମ୍ଭମାନଙ୍କୁ ଯାହା କହୁଛୁ,
ତୁମ୍ଭେମାନେ ତାହା ଗ୍ରହଣ କରୁ ନାହିଁ। ୧୨ମୁଁ ତୁମ୍ଭକୁ ଏ
ସଂସାରର ବିଷୟ ସବୁ କହିଛି। କିନ୍ତୁ ତୁମ୍ଭେ ମୋତେ
ବିଶ୍ୱାସ କରୁ ନାହିଁ। ମୁଁ ଯଦି ତୁମ୍ଭକୁ ସ୍ୱର୍ଗ ବିଷୟରେ
କହିବି, ତେବେ ନିଶ୍ଚିତ ଭାବେ ତୁମ୍ଭେ ବିଶ୍ୱାସ କରିବ
ନାହିଁ। ୧୩ମନୁଷ୍ୟପୁତ୍ର* କେବଳ ସେହି ଜଣେ ଯିଏ ସ୍ୱର୍ଗରୁ
ଆସିଛନ୍ତି, ଓ ସେ ହିଁ ଏକମାତ୍ର ଯିଏ ସ୍ୱର୍ଗକୁ ଯାଇଛନ୍ତି।
୧୪"ମୋଶା ମରୁଭୂମିରେ ସାପକୁ ଉପରକୁ ଉଠାଇଥିଲେ।*
ଠିକ୍ ସେହିପରି ମନୁଷ୍ୟପୁତ୍ର ମଧ୍ୟ ଉପରକୁ ଉଠାଯିବେ।
୧୫ଏହା ଦ୍ୱାରା ମନୁଷ୍ୟପୁତ୍ରଙ୍କଠାରେ ବିଶ୍ୱାସ କରୁଥିବା ପ୍ରତ୍ୟେକ
ଲୋକ ଅନନ୍ତ ଜୀବନ ଲାଭ କରିବ।"
୧୬ହଁ, ପରମେଶ୍ୱର ଏ ପୃଥିବୀକୁ ଏଡ଼େ ପ୍ରେମ କଲେ
ଯେ ସେ ତାହାଙ୍କ ଏକମାତ୍ର ପୁତ୍ରଙ୍କୁ ଦାନ କଲେ।
ପରମେଶ୍ୱର ତାହାଙ୍କ ପୁତ୍ରଙ୍କୁ ଦାନ କଲେ ଯେପରି
ତାହାଙ୍କ ପୁତ୍ରଙ୍କୁ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି, ବିନାଶ
ହେବେ ନାହିଁ, କିନ୍ତୁ ଅନନ୍ତ ଜୀବନ ପାଇବେ। ୧୭ପରମେଶ୍ୱର
ତାହାଙ୍କ ପୁତ୍ରଙ୍କୁ ଏ ଜଗତକୁ ପଠାଇଲେ। ସେ ତାହାଙ୍କୁ
ଜଗତର ବିଚାର କରିବା ପାଇଁ ପଠାଇ ନଥିଲେ। ମାତ୍ର
ଏହି ଜଗତ ଯେପରି ତାହାଙ୍କ ପୁତ୍ରଙ୍କ ଦ୍ୱାରା ଉଦ୍ଧାର
ପାଇବ, ସେଥିପାଇଁ ସେ ତାହାଙ୍କୁ ପଠାଇଥିଲେ।
୧୮ପରମେଶ୍ୱରଙ୍କ ପୁତ୍ରଙ୍କଠାରେ ବିଶ୍ୱାସ ରଖୁଥିବା ଲୋକ
କେବେ ବିଚାରିତ (ନିନ୍ଦିତ) ହୁଏ ନାହିଁ। ତାହାଙ୍କଠାରେ
ବିଶ୍ୱାସ ନ କରୁଥିବା ଲୋକ ବିଚାରିତ ହୋଇସାରିଛି।
କାରଣ ସେ ପରମେଶ୍ୱରଙ୍କର ଏକମାତ୍ର ପୁତ୍ରଙ୍କୁ ବିଶ୍ୱାସ
କଲା ନାହିଁ। ୧୯ଲୋକମାନଙ୍କର ବିଚାର ଏହି ବିଷୟ ଦ୍ୱାରା
ହୁଏ: ସେହି ଆଲୋକ ଜଗତକୁ ଆସିଲେ, କିନ୍ତୁ ଲୋକେ
ସେହି ଆଲୋକ ଚାହିଁଲେ ନାହିଁ, ସେମାନେ ଅନ୍ଧକାର
ଚାହିଁଲେ, କାରଣ ସେମାନେ ମନ୍ଦକାର୍ଯ୍ୟରେ ରତଥିଲେ।
୨୦ମନ୍ଦକାର୍ଯ୍ୟ କରୁଥିବା ପ୍ରତ୍ୟେକ ଲୋକ ଆଲୋକକୁ ଘୃଣା
କରେ। ସେ କେବେ ଆଲୋକକୁ ଆସିବ ନାହିଁ କାରଣ

---

**ମନୁଷ୍ୟପୁତ୍ର** ଏକ ନାମ ଯାହା ଯୀଶୁ ନିଜେ ବ୍ୟବହାର କରୁଥିଲେ। ଏହି ନାମ ମଶୀହଙ୍କୁ ମଧ୍ୟ ବୁଝାଏ, ଯିଏ କି ଈଶ୍ୱରଙ୍କ ମନୋନୀତ ଉଦ୍ଧାରକର୍ତ୍ତା।

**"ମୋଶା ... ଉଠାଇଥିଲେ"** ଯେତେବେଳେ ଈଶ୍ୱରଙ୍କ ଲୋକମାନେ ସାପକାମୁଡ଼ାରେ ମରୁଥିଲେ, ସେତେବେଳେ ଈଶ୍ୱର ମୋଶାଙ୍କୁ କହିଲେ ଏକ ପିତଳର ସାପ ଏକ ସ୍ତମ୍ଭରେ ରଖିବାପାଇଁ ଏବଂ ଯେଉଁମାନେ ଦେଖିବେ ସେମାନେ ସୁସ୍ଥ ହେବେ ଗଣନା-୨୧:୪-୯

ଆଲୋକ ତା'ର କୃତ ସମସ୍ତ ମନ୍ଦକାର୍ଯ୍ୟ ଗୁଡ଼ିକୁ ଦେଖାଇ
ଦେବ। ୨୧କିନ୍ତୁ ଯେଉଁ ଲୋକ ସତ୍ୟପଥ ଅନୁସରଣ
କରେ, ସେ ଆଲୋକ ନିକଟକୁ ଆସେ। ତା'ପରେ
ଆଲୋକ ସ୍ପଷ୍ଟ ଦେଖାଇ ଦେବ ଯେ ସେ ଲୋକ ଯେଉଁ
କାର୍ଯ୍ୟ କରିଛି ତାହା ସେ ପରମେଶ୍ୱରଙ୍କ ମାଧ୍ୟମରେ
କରିଛି।*

### ଯୀଶୁ ଏବଂ ବାପ୍ତିଜକ ଯୋହନ

୨୨ଏହା ପରେ ଯୀଶୁ ଓ ତାହାଙ୍କର ଶିଷ୍ୟମାନେ ଯିହୂଦା
ଅଞ୍ଚଳକୁ ଗଲେ। ସେଠାରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କ
ସହିତ ରହି ଲୋକଙ୍କୁ ବାପ୍ତିସ୍ମ* ଦେଲେ। ୨୩ଯୋହନ
ମଧ୍ୟ ଏନୋନ ଗ୍ରାମରେ ଲୋକମାନଙ୍କୁ ବାପ୍ତିଜିତ ଦେଉଥିଲେ।
ଏନୋନ ଶାଲମ ନଗର ନିକଟବର୍ତ୍ତୀ। ସେଠାରେ ପ୍ରଚୁର
ଜଳ ଥିବାରୁ ଯୋହନ ସେଠାରେ ବାପ୍ତିସ୍ମ ଦେଉଥିଲେ।
ଲୋକମାନେ ସେଠାକୁ ବାପ୍ତିଜିତ ହେବାପାଇଁ ଯାଉଥିଲେ।
୨୪(ଯୋହନ କାରାଗାରରେ ବନ୍ଦୀ ହେବା ପୂର୍ବରୁ ଏସବୁ
ଘଟିଥିଲା।)

୨୫ଯୋହନଙ୍କର କେତେକ ଶିଷ୍ୟଙ୍କ ସହିତ ଜଣେ
ଯିହୂଦୀଙ୍କ ଯୁକ୍ତି-ତର୍କ ହେଲା। ସେମାନେ ତାହାଙ୍କ ସହିତ
ଧର୍ମ ସଂକ୍ରାନ୍ତୀୟ ଶୁଚିକରଣ ବିଷୟରେ ତର୍କ କରୁଥିଲେ।
୨୬ତେଣୁ ଶିଷ୍ୟମାନେ ଆସି ଯୋହନଙ୍କୁ କହିଲେ, "ହେ
ଗୁରୁ, ତୁମ୍ଭ ସହିତ ଯର୍ଦ୍ଦନ ନଦୀର ଆର ପାଖରେ ଯେଉଁ
ଲୋକ ଥିଲେ, ତାହାଙ୍କୁ ମନେ ପକାଅ। ତୁମ୍ଭେ ସେହି
ଲୋକ ବିଷୟରେ ଲୋକମାନଙ୍କୁ କହିଥିଲ। ସେହି ଲୋକ
ବାପ୍ତିସ୍ମ ଦେଉଛନ୍ତି ଓ ଅନେକ ଲୋକ ତାହାଙ୍କ ପାଖକୁ
ଯାଉଛନ୍ତି।"

୨୭ଯୋହନ ଉତ୍ତର ଦେଲେ, "ପରମେଶ୍ୱର ଗୋଟିଏ
ଲୋକକୁ ଯାହା ଦିଅନ୍ତି, ସେ କେବଳ ସେତିକି ପାଏ।
୨୮ତୁମ୍ଭେମାନେ ନିଜେ ମୋର କହିବା ଶୁଣିଛ ଯେ 'ମୁଁ
ଖ୍ରୀଷ୍ଟ ନୁହେଁ। ତାହାଙ୍କ ପାଇଁ ପଥ ତିଆରି କରିବା
ଉଦ୍ଦେଶ୍ୟରେ ଈଶ୍ୱର ମୋତେ ପଠାଇଛନ୍ତି।' ୨୯କନ୍ୟା
କେବଳ ବରର। ବରକୁ ସାହାଯ୍ୟ କରୁଥିବା ବନ୍ଧୁ ବର
ଆସିବା ପର୍ଯ୍ୟନ୍ତ ଶୁଣେ ଓ ଅପେକ୍ଷା କରେ। ବରର ସ୍ୱର
ଶୁଣି ସେହି ବନ୍ଧୁ ବହୁତ ଖୁସି ହୁଏ। ମୁଁ ଏବେ ସେହି
ଭଳି ଆନନ୍ଦ ପାଉଛି। ଏହା ମୋର ଆନନ୍ଦର ସମୟ।
୩୦ଯୀଶୁଙ୍କର ଅବଶ୍ୟ ବୃଦ୍ଧି ହେଉ। ଏବଂ ମୋର ପ୍ରୟୋଜନୀୟତା
ଅବଶ୍ୟ କମି ଯାଉ।

### ସ୍ୱର୍ଗରୁ ଆସିବା ଜଣେ ବ୍ୟକ୍ତି

୩୧"ସ୍ୱର୍ଗରୁ ଆସିଥିବା ବ୍ୟକ୍ତି ଅନ୍ୟ ଲୋକମାନଙ୍କ ଅପେକ୍ଷା
ଶ୍ରେଷ୍ଠ। ପୃଥିବୀରୁ ଆସିଥିବା ବ୍ୟକ୍ତି ପୃଥିବୀର ଅଟନ୍ତି।
ସେହି ବ୍ୟକ୍ତି ପୃଥିବୀରେ ଥିବା ବସ୍ତୁ ବିଷୟରେ କହନ୍ତି।
କିନ୍ତୁ ଯେଉଁ ବ୍ୟକ୍ତି ସ୍ୱର୍ଗରୁ ଆସନ୍ତି, ସେ ଅନ୍ୟ ସମସ୍ତଙ୍କଠାରୁ
ଶ୍ରେଷ୍ଠ। ୩୨ସେ ଯାହା ଦେଖିଛନ୍ତି ଓ ଶୁଣିଛନ୍ତି ସେହି
ବିଷୟରେ କୁହନ୍ତି। କିନ୍ତୁ ସେ କହିଥିବା କଥା ସବୁ
ଲୋକେ ଗ୍ରହଣ କରନ୍ତି ନାହିଁ। ୩୩ସେ କହୁଥିବା କଥା
ଗୁଡ଼ିକୁ ଯେଉଁ ଲୋକ ଗ୍ରହଣ କରେ, ସେ ପ୍ରମାଣ ଦିଏ
ଯେ ପରମେଶ୍ୱର ଯାହା କହନ୍ତି ତାହା ସତ୍ୟ। ୩୪ପରମେଶ୍ୱର
ତାହାଙ୍କୁ ପଠାଇଛନ୍ତି। ପରମେଶ୍ୱର ଯାହା କହିଥାନ୍ତି, ସେ
ତାହା କହନ୍ତି। ପରମେଶ୍ୱର ସମ୍ପୂର୍ଣ୍ଣ ଭାବେ ତାହାଙ୍କୁ
ପବିତ୍ରଆତ୍ମା ପ୍ରଦାନ କରିଛନ୍ତି। ୩୫ପରମପିତା ପୁତ୍ରଙ୍କୁ ଭଲ
ପାଆନ୍ତି। ସେ ତାହାଙ୍କୁ ସମସ୍ତ ବିଷୟର ଉପରେ କ୍ଷମତା
ପ୍ରଦାନ କରିଛନ୍ତି। ୩୬ପୁତ୍ରଙ୍କୁ ବିଶ୍ୱାସ କରୁଥିବା ଲୋକ
ଅନନ୍ତ ଜୀବନ ପାଆନ୍ତି। କିନ୍ତୁ ପୁତ୍ରଙ୍କୁ ଅବଜ୍ଞା କରୁଥିବା
ଲୋକ କଦାପି ଅନନ୍ତ ଜୀବନ ଲାଭ କରିବ ନାହିଁ। ସେହି
ଲୋକମାନଙ୍କ ଉପରେ ପରମେଶ୍ୱରଙ୍କର କ୍ରୋଧ ରହିବ।"

### ଜଣେ ଶମିରୋଣୀୟା ସ୍ତ୍ରୀ ସହିତ ଯୀଶୁଙ୍କର କଥାବାର୍ତ୍ତା

୪ ଯୋହନଙ୍କ ଅପେକ୍ଷା ଯୀଶୁ ଅଧିକ ଶିଷ୍ୟ କରୁଥିବାର
ଓ ବାପ୍ତିଜିତ ଦେଉଥିବାର ଖବର ଫାରୂଶୀମାନେ
ଶୁଣିଲେ। ୨(କିନ୍ତୁ ଯୀଶୁ ପ୍ରକୃତରେ ଲୋକମାନଙ୍କୁ ବାପ୍ତିସ୍ମ
ଦେଉ ନ ଥିଲେ। ତାହାଙ୍କ ଶିଷ୍ୟମାନେ ତାହାଙ୍କ ପାଇଁ
ଲୋକଙ୍କୁ ବାପ୍ତିସ୍ମ ଦେଉଥିଲେ।) ଯୀଶୁ ଜାଣିଥିଲେ ଯେ
ଫାରୂଶୀମାନେ ତାହାଙ୍କ ସମ୍ବନ୍ଧରେ ଶୁଣିଛନ୍ତି। ୩ତେଣୁ ସେ
ସେତେବେଳେ ଯିହୂଦା ପ୍ରଦେଶ ଛାଡ଼ି ପୁଣି ଥରେ ଗାଲିଲୀକୁ
ଚାଲିଗଲେ। ୪ଯୀଶୁ ଗାଲିଲୀ ଗଲାବେଳେ ତାହାଙ୍କୁ ଶମିରୋଣ
ଅଞ୍ଚଳ ବାଟ ଦେଇ ଯିବାକୁ ହେଲା।

୫ଯୀଶୁ ଶମିରୋଣର ସୁଖାରରେ ଆସି ପହଞ୍ଚିଲେ। ଏହି
ନଗରଟି ଯାକୁବ ତାହାଙ୍କ ପୁତ୍ର ଯୋସେଫଙ୍କୁ ଦେଇଥିବା
ଜମି ପାଖରେ ଥିଲା। ୬ଯାକୁବଙ୍କ କୂଅ ସେଠାରେ ଥିଲା।
ଯୀଶୁ ଚାଲି ଚାଲି କ୍ଲାନ୍ତ ହୋଇ ପଡ଼ିଥିଲେ। ତେଣୁ ସେ
କୂଅ ପାଖରେ ବସି ପଡ଼ିଲେ। ଏହା ମଧ୍ୟାହ୍ନ ସମୟ ଥିଲା।
୭ସେତିକିବେଳେ ଜଣେ ଶମିରୋଣୀୟା ସ୍ତ୍ରୀ ସେହି କୂଅରୁ
ପାଣି ନେବା ପାଇଁ ଆସିଲା। ଯୀଶୁ ତାକୁ କହିଲେ,
"ମୋତେ ଦୟାକରି ମୁନ୍ଦେ ପାଣି ପିଇବାକୁ ଦିଅ।" ୮(ସେ
ସମୟରେ ତାହାଙ୍କ ଶିଷ୍ୟମାନେ କିଛି ଖାଦ୍ୟ କିଣିବା ପାଇଁ
ନଗରକୁ ଯାଇଥିଲେ)।

୯ସେହି ଶମିରୋଣୀୟା ସ୍ତ୍ରୀ ଜଣକ ତାହାଙ୍କୁ କହିଲା,
"ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ ଆପଣ ମୋତେ ପାଣି
ପିଇବାକୁ ମାଗୁଛନ୍ତି। ଆପଣ ଜଣେ ଯିହୂଦୀ ଓ ମୁଁ ଜଣେ
ଶମିରୋଣୀୟା ସ୍ତ୍ରୀ।" (ଯିହୂଦୀମାନେ ଶମିରୋଣୀୟଙ୍କ ସହିତ
ବନ୍ଧୁତା କରନ୍ତି ନାହିଁ)।

୧୦ଯୀଶୁ ଉତ୍ତର ଦେଲେ, "ତୁମ୍ଭେ ପରମେଶ୍ୱର ଦେଉଥିବା
ଜିନିଷ ବିଷୟରେ ଜାଣି ନାହିଁ। ତୁମ୍ଭକୁ ଜଳ ମାଗୁଥିବା
ବ୍ୟକ୍ତି, ଅର୍ଥାତ ମୁଁ କିଏ ତାହା ମଧ୍ୟ ତୁମ୍ଭେ ଜାଣି ନାହିଁ।
ତୁମ୍ଭେ ଯଦି ଏସବୁ କଥା ଜାଣିଥାନ୍ତ ତେବେ ତୁମ୍ଭେ
ମୋତେ ମାଗନ୍ତ ଓ ମୁଁ ତୁମ୍ଭକୁ ଜୀବନ୍ତ ଜଳ ଦିଅନ୍ତି।"

୧୧ସେହି ସ୍ତ୍ରୀ ଲୋକଟି କହିଲା, "ମହାଶୟ, ଆପଣ
କେଉଁଠାରୁ ସେହି ଜୀବନ୍ତ ଜଳ ପାଇବେ? କୂଅଟି ଅତି
ଗଭୀର ଓ ପାଣି କାଢ଼ିବା ପାଇଁ ଆପଣଙ୍କ ପାଖରେ କିଛି

---

**୧୬-୨୧ ପଦ** ଅନେକ ପଣ୍ଡିତ ଭାବନ୍ତି ଏହା ଯୀଶୁଙ୍କର ବାକ୍ୟ।

**ବାପ୍ତିସ୍ମ** ଜଳରେ ବୁଡ଼ନ କରିବା।

ନାହିଁ । ୧୨ଆପଣ କ'ଣ ଆମ ପୂର୍ବପୁରୁଷ ଯାକୁବଙ୍କ ଠାରୁ
ଶ୍ରେଷ୍ଠ? ଯାକୁବ ହିଁ ଆମ୍ଭକୁ ଏହି କୂଅ ଦେଇଥିଲେ । ସେ
ନିଜେ ଏହି କୂଅରୁ ଜଳ ପିଉଥିଲେ । ତାହାଙ୍କର ପୁତ୍ରମାନେ
ଓ ସବୁ ପଶୁମାନେ ମଧ୍ୟ ଏହି କୂଅରୁ ଜଳ ପିଉଥିଲେ ।"
୧୩ଯୀଶୁ ଉତ୍ତର ଦେଲେ, "ପ୍ରତ୍ୟେକ ଲୋକ ଏହି ଜଳ
ପାନ କରିବା ପରେ ପୁଣି ତୃଷାର୍ତ୍ତ ହେବ । ୧୪କିନ୍ତୁ ମୁଁ
ଯେଉଁ ଜଳ ପିଇବାକୁ ଦେବି, ତାହା ଯେଉଁ ଲୋକ ପିଇବ
ସେ କଦାପି ତୃଷାର୍ତ୍ତ ହେବ ନାହିଁ । ମୁଁ ତାହାକୁ ଯେଉଁ
ଜଳ ଦେବି, ତାହା ଅନନ୍ତ ଜୀବନ ଜଳର ଝର ସ୍ୱରୂପେ
ସର୍ବଦା ପ୍ରବାହିତ ହେବ ।"
୧୫ସେ ସ୍ତ୍ରୀଲୋକଟି ଯୀଶୁଙ୍କୁ କହିଲା, "ମହାଶୟ, ମୋତେ
ସେହି ଜଳ ଦିଅନ୍ତୁ । ମୁଁ ଆଉ ଯେପରି ଆଉ କେବେ
ତୃଷାର୍ତ୍ତ ହେବି ନାହିଁ । ମୋତେ ଏଠାକୁ ଆଉ କେବେ ଜଳ
ନେବା ପାଇଁ ଆସିବାକୁ ପଡ଼ିବ ନାହିଁ ।"
୧୬ଯୀଶୁ ତାକୁ କହିଲେ, "ଯାଅ, ତୁମ୍ଭ ସ୍ୱାମୀଙ୍କୁ ଡାକି
ଏଠାକୁ ଆସ ।"
୧୭ସ୍ତ୍ରୀ ଲୋକଟି କହିଲା, "କିନ୍ତୁ ମୋର ସ୍ୱାମୀ ନାହିଁ ।"
ଯୀଶୁ କହିଲେ, "ଠିକ୍ କଥା କହୁଛ ତୁମ୍ଭର ସ୍ୱାମୀ
ନାହିଁ । ୧୮ପ୍ରକୃତରେ ତୁମ୍ଭର ପାଞ୍ଚଜଣ ସ୍ୱାମୀ ଥିଲେ । ତୁମ୍ଭେ
ବର୍ତ୍ତମାନ ଯେଉଁ ଲୋକ ସହିତ ରହୁଛ, ସେ ତୁମ୍ଭର ସ୍ୱାମୀ
ନୁହେଁ । ତୁମ୍ଭେ ମୋତେ ସତ୍ୟ କହିଲ ।"
୧୯ସ୍ତ୍ରୀ ଲୋକଟି କହିଲା, "ମହାଶୟ, ମୁଁ ଜାଣିପାରୁଛି,
ଆପଣ ଜଣେ ଭବିଷ୍ୟଦ୍‌ବକ୍ତା । ୨୦ଆମ୍ଭର ପିତୃପୁରୁଷମାନେ
ଏହି ପର୍ବତରେ ଉପାସନା କରୁଥିଲେ । କିନ୍ତୁ ଯିହୂଦୀମାନେ
କୁହନ୍ତି ଯେ ଯିରୂଶାଲମ ହେଉଛି ଉପାସନା କରିବା
ନିମନ୍ତେ ଯଥାର୍ଥ ସ୍ଥାନ ।"
୨୧ଯୀଶୁ ତାହାକୁ କହିଲେ, "ହେ ନାରୀ, ମୋତେ
ବିଶ୍ୱାସ କର । ଏପରି ସମୟ ଆସୁଛି ଯେତେବେଳେ
ତୁମ୍ଭେମାନେ ପରମପିତାଙ୍କର ଉପାସନା ଏ ପର୍ବତରେ କିମ୍ବା
ଯିରୂଶାଲମରେ କରିବ ନାହିଁ । ୨୨ତୁମ୍ଭେ ଶମିରୋଣୀୟମାନେ
କିଛି ନ ଜାଣି ନ ବୁଝି ଉପାସନା କର । କିନ୍ତୁ ଆମ୍ଭେ
ଯିହୂଦୀମାନେ କାହାକୁ ଉପାସନା କରୁ, ସବୁ ଜାଣୁ ।
ଯିହୂଦୀମାନଙ୍କଠାରୁ ପରିତ୍ରାଣ ଏ ଜଗତକୁ ଆସେ । ୨୩ଏପରି
ସମୟ ଆସୁଛି, ଯେତେବେଳେ ପ୍ରକୃତ ଉପାସକମାନେ
ପରମପିତାଙ୍କୁ ଆତ୍ମା ଓ ସତ୍ୟରେ ଉପାସନା କରିବେ ।
ସେହି ସମୟ ବର୍ତ୍ତମାନ ଉପସ୍ଥିତ । ସେହିଭଳି ଲୋକମାନଙ୍କୁ,
ପରମପିତା ନିଜର ଉପାସକ-ରୂପେ ଗ୍ରହଣ କରିବାକୁ
ଚାହାଁନ୍ତି । ୨୪ପରମେଶ୍ୱର ହିଁ ଆତ୍ମା । ତେଣୁ ପରମେଶ୍ୱରଙ୍କ
ଉପାସନା କରୁଥିବା ଲୋକମାନେ ଆତ୍ମା ଓ ସତ୍ୟ ସହିତ
ତାହାଙ୍କର ଉପାସନା କରିବା ଉଚିତ ।"
୨୫ସେହି ସ୍ତ୍ରୀ ଲୋକଟି କହିଲା, "ମୁଁ ଜାଣେ ଯେ
ମଶୀହ ଆସୁଛନ୍ତି ।" (ମଶୀହଙ୍କୁ ଖ୍ରୀଷ୍ଟ କହନ୍ତି ।)
"ଯେତେବେଳେ ମଶୀହ ଆସିବେ, ସେତେବେଳେ ସେ
ଆମ୍ଭମାନଙ୍କୁ ସବୁ କଥା ବୁଝାଇ ଦେବେ ।"
୨୬ଯୀଶୁ ତାହାକୁ କହିଲେ, "ଯେଉଁ ଲୋକ ବର୍ତ୍ତମାନ
ତୁମ୍ଭ ସହିତ କଥାବାର୍ତ୍ତା କରୁଛି । ସେ ନିଜେ ମଶୀହ
ଅଟେ ।"
୨୭ସେହି ସମୟରେ ଯୀଶୁଙ୍କର ଶିଷ୍ୟମାନେ ନଗରରୁ
ଫେରିଲେ । ସେମାନେ ଯୀଶୁଙ୍କୁ ଗୋଟିଏ ସ୍ତ୍ରୀଲୋକ ସହିତ
କଥା ହେବା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । କିନ୍ତୁ କେହି
ତାହାଙ୍କୁ ଏପରି କିଛି ପ୍ରଶ୍ନ ପଚାରିଲେ ନାହିଁ, "ତୁମ୍ଭେ କ'ଣ
ଚାହିଁ?" କିମ୍ବା "ତୁମ୍ଭେ କାହିଁକି ତା ସହିତ କଥାବାର୍ତ୍ତା
ହେଉଛ?"
୨୮ତା'ପରେ ସେ ସ୍ତ୍ରୀଲୋକ ତା କଳସୀ ପାଣି ଛାଡ଼ି
ନଗରକୁ ଚାଲିଗଲା । ସେଠାରେ ପହଞ୍ଚି ସେ ଲୋକମାନଙ୍କୁ
କହିଲା, ୨୯"ମୁଁ ଯାହା କିଛି କରିଛି, ପ୍ରତ୍ୟେକ କଥା
ମୋତେ ଜଣେ ଲୋକ କହିଦେଲେ । ତୁମ୍ଭେ ସେହି
ଲୋକଙ୍କୁ ଦେଖିବ ଆସ । ସେ ବୋଧେ ଖ୍ରୀଷ୍ଟ ହୋଇ
ପାରନ୍ତି ।" ୩୦ତେଣୁ ଲୋକମାନେ ନଗର ଛାଡ଼ି ଯୀଶୁଙ୍କୁ
ଦେଖିବାକୁ ଗଲେ । ୩୧ସ୍ତ୍ରୀଲୋକଟି ନଗରରେ ଥିବା ସମୟରେ,
ଯୀଶୁଙ୍କ ଶିଷ୍ୟମାନେ ତାହାଙ୍କୁ ଅନୁରୋଧ କଲେ, "ଗୁରୁ
କିଛି ଭୋଜନ କରନ୍ତୁ ।"
୩୨କିନ୍ତୁ ଯୀଶୁ ଉତ୍ତର ଦେଲେ, "ମୋ ପାଖରେ ଏପରି
ଖାଦ୍ୟ ଅଛି, ଯାହା ବିଷୟରେ ତୁମ୍ଭେମାନେ ଜାଣି ନାହିଁ ।"
୩୩ତେଣୁ ଶିଷ୍ୟମାନେ ନିଜ-ନିଜ ମଧ୍ୟରେ କଥାବାର୍ତ୍ତା
ହେଲେ "ତାହାଙ୍କ ଲାଗି କିଏ ଖାଦ୍ୟ ଆଣିଲା କି?"
୩୪ଯୀଶୁ କହିଲେ, "ଯେଉଁ ପରମେଶ୍ୱର ମୋତେ
ପଠାଇଛନ୍ତି, ତାହାଙ୍କର ଇଚ୍ଛା ପାଳନ କରିବା ଓ ତାହାଙ୍କର
କାର୍ଯ୍ୟ ପୂର୍ଣ୍ଣ କରିବା ହେଉଛି ମୋର ଆହାର । ୩୫ତୁମ୍ଭେମାନେ
ଯେତେବେଳେ କିଛି ରୋପଣ କର ସେତେବେଳେ ତୁମ୍ଭେ
ସର୍ବଦା କୁହ, 'ଶସ୍ୟ କଟା ହେବା ପାଇଁ ଆହୁରି ଚାରି
ମାସ ବାକି ଅଛି ।' କିନ୍ତୁ ମୁଁ ତୁମ୍ଭକୁ କହୁଛି, ତୁମ୍ଭମାନଙ୍କର
ଆଖି ଖୋଲ । ଲୋକମାନଙ୍କୁ ଦେଖ । ସେମାନେ ଅମଳ
ପାଇଁ ପ୍ରସ୍ତୁତ କ୍ଷେତ୍ରତୁଲ୍ୟ ଅଟନ୍ତି । ୩୬ବର୍ତ୍ତମାନ ମଧ୍ୟ ଯେଉଁ
ଲୋକ ଶସ୍ୟ କାଟେ, ତାକୁ ମଜୁରି ଦିଆ ଯାଉଛି । ସେ
ଅନନ୍ତ ଜୀବନ ପାଇଁ ଶସ୍ୟ ସଂଗ୍ରହ କରୁଛି । ତେଣୁ
ବୁଣାଳି ଓ କଟାଳି ଉଭୟ ମିଳି ଆନନ୍ଦିତ କରିବେ ।
୩୭କଥାରେ ଅଛି 'ଜଣେ ଲୋକ ବୁଣେ ଏବଂ ଅନ୍ୟ ଜଣେ
ଫସଲ କାଟେ', ଏହି ଉକ୍ତିଟି ସତ୍ୟ । ୩୮ତୁମ୍ଭେ ଯାହା ବୁଣି
ନଥିଲ ତାହା କାଟିବା ପାଇଁ ମୁଁ ତୁମ୍ଭକୁ ପଠାଇଥିଲି । ଅନ୍ୟ
ଲୋକମାନେ କାମ କଲେ, ଆଉ ତୁମ୍ଭେମାନେ ସେମାନଙ୍କ
କାମରୁ ଲାଭ ପାଇଲ ।"
୩୯ସେ ସହରର ଶମିରୋଣୀୟମାନଙ୍କ ଭିତରୁ ଅନେକ
ଯୀଶୁଙ୍କୁ ବିଶ୍ୱାସ କଲେ । ସେ ସ୍ତ୍ରୀଲୋକ ଯୀଶୁଙ୍କ ବିଷୟରେ
ଯାହା କହିଥିଲା ସେଥିପାଇଁ ସେମାନେ ବିଶ୍ୱାସ କଲେ । ସେ
ସେମାନଙ୍କୁ କହିଲା, "ଯୀଶୁ ମୋତେ ମୁଁ କରିଥିବା ପ୍ରତ୍ୟେକ
ଘଟଣାମାନ କହିଲେ ।" ୪୦ଶମିରୋଣୀୟମାନେ ଯୀଶୁଙ୍କ ପାଖକୁ
ଗଲେ । ସେମାନେ ତାହାଙ୍କୁ ସେମାନଙ୍କ ସହିତ କିଛି ଦିନ
ରହିବା ପାଇଁ ଅନୁରୋଧ କଲେ । ତେଣୁ ଯୀଶୁ ସେଠାରେ
ଦୁଇ ଦିନ ରହିଲେ । ୪୧ଯୀଶୁଙ୍କଠାରୁ ବାଣୀ ଶୁଣି ବହୁତ
ଲୋକ ତାହାଙ୍କଠାରେ ବିଶ୍ୱାସ କଲେ ।
୪୨ଲୋକମାନେ ସେ ସ୍ତ୍ରୀକୁ କହିଲେ, "ପ୍ରଥମେ ଆମ୍ଭେ
ତୁମ୍ଭ କଥା ଶୁଣି ଯୀଶୁଙ୍କୁ ବିଶ୍ୱାସ କରିଥିଲୁ କିନ୍ତୁ ବର୍ତ୍ତମାନ
ଆମ୍ଭେ ନିଜେ ତାହାଙ୍କ କଥା ଶୁଣି ବିଶ୍ୱାସ କରୁଛୁ । ଆମ୍ଭେ

ବର୍ତ୍ତମାନ ଜାଣୁଛୁ ଯେ ସେ ହେଉଛନ୍ତି ପ୍ରକୃତରେ ଜଗତର
ତ୍ରାଣକର୍ତ୍ତା।”

## ଜଣେ ରାଜକର୍ମଚାରୀଙ୍କ ପୁତ୍ରକୁ ଯୀଶୁ ସୁସ୍ଥ କଲେ

[୪୩]ସେଠାରେ ଦୁଇ ଦିନ ରହିବା ପରେ ଯୀଶୁ ଗାଲିଲୀକୁ
ଯାତ୍ରା କଲେ। [୪୪](ଯୀଶୁ ପୂର୍ବରୁ କହିଥିଲେ ଯେ ଜଣେ
ଭାବବାଦୀ ନିଜ ଦେଶରେ ସମ୍ମାନ ପାଏ ନାହିଁ)। [୪୫]ପୁଣି
ଯୀଶୁ ଯେତେବେଳେ ଗାଲିଲୀରେ ପହଞ୍ଚିଲେ, ସେଠାରେ
ଲୋକେ ତାହାଙ୍କୁ ସ୍ୱାଗତ କଲେ। ପୂର୍ବରୁ ଯିରୂଶାଲମରେ
ନିସ୍ତାରପର୍ବ ବେଳେ ସେମାନେ ତାହାଙ୍କର କାର୍ଯ୍ୟ ସବୁ
ଦେଖିଥିଲେ। ସେହି ଲୋକମାନେ ପର୍ବ ସମୟରେ ମଧ୍ୟ
ଉପସ୍ଥିତ ଥିଲେ।
[୪୬]ଯୀଶୁ ଗାଲିଲୀର କାନା ନଗରକୁ ପୁଣି ଥରେ
ଗଲେ। କାନାରେ ସେ ଜଳକୁ ଅଙ୍ଗୁରରସରେ ପରିଣତ
କରିଥିଲେ। ରାଜାଙ୍କର ଜଣେ ମୁଖ୍ୟକର୍ମଚାରୀ କଫର୍ନାହୂମ
ନଗରରେ ବାସ କରୁଥିଲେ। ଏହି ବ୍ୟକ୍ତିଙ୍କର ପୁତ୍ର ଅସୁସ୍ଥ
ଥିଲା। [୪୭]ସେହି ବ୍ୟକ୍ତି ଶୁଣିଲେ ଯେ ଯୀଶୁ ଯିହୂଦା
ପ୍ରଦେଶରୁ ଆସିଛନ୍ତି ଓ ବର୍ତ୍ତମାନ ଗାଲିଲୀରେ ଅଛନ୍ତି
ତେଣୁ ସେ ବ୍ୟକ୍ତି କାନାରେ ଯୀଶୁଙ୍କୁ ଦେଖା କଲେ।
କଫର୍ନାହୂମକୁ ଆସି ତାହାଙ୍କର ପୁତ୍ରକୁ ସୁସ୍ଥ କରିବା ପାଇଁ
ସେ ଯୀଶୁଙ୍କୁ ନିବେଦନ କଲେ। ତାହାଙ୍କର ପୁତ୍ର ମୃତ
ପ୍ରାୟ ହୋଇଥିଲା। [୪୮]ଯୀଶୁ ତାହାଙ୍କୁ କହିଲେ, “ତୁମ୍ଭେମାନେ
ଅଲୌକିକ ଓ ଆଶ୍ଚର୍ଯ୍ୟଜନକ କାର୍ଯ୍ୟମାନ ନ ଦେଖିଲେ
ତୁମ୍ଭେମାନେ ମୋତେ ବିଶ୍ୱାସ କରିବ ନାହିଁ।”
[୪୯]ରାଜକର୍ମଚାରୀଜଣକ କହିଲେ, “ମହାଶୟ, ମୋ ପୁତ୍ର
ମରିବା ପୂର୍ବରୁ ଆପଣ ମୋ ଘରକୁ ଆସନ୍ତୁ।”
[୫୦]ଯୀଶୁ ଉତ୍ତର ଦେଲେ, “ଯାଅ, ତୁମ୍ଭର ପୁଅ ବଞ୍ଚିବ।”
ଯୀଶୁଙ୍କ କଥା ସେ ବ୍ୟକ୍ତିଟି ଶୁଣି ବିଶ୍ୱାସ କଲେ ଓ
ଘରକୁ ଚାଲିଗଲେ। [୫୧]ଘରକୁ ଯିବା ବାଟରେ ତାହାଙ୍କର
କେତେଜଣ ଚାକର ଆସି ତାହାଙ୍କୁ ଭେଟିଲେ। ସେମାନେ
ତାହାଙ୍କୁ କହିଲେ, “ତୁମ୍ଭର ପୁଅ ସୁସ୍ଥ ହେଲାଣି।”
[୫୨]“ପିଲାର ଅବସ୍ଥା କେଉଁ ସମୟଠାରୁ ଭଲ ଆଡ଼କୁ
ଗତି କଲା?” ସେ ପଚାରିଲେ।
ଚାକରମାନେ କହିଲେ, “ଗତକାଲି ପ୍ରାୟ ଗୋଟାଏ
ବେଳକୁ ତା’ର ଜ୍ୱର ଛାଡ଼ିଗଲା।”
[୫୩]“ତୁମ୍ଭର ପୁଅ ବଞ୍ଚିବ,” ବୋଲି ଯୀଶୁ ଠିକ୍ ସେହି
ସମୟରେ କହିଥିଲେ, ଏହା ପିଲାର ବାପା ଜାଣିଲେ।
ତେଣୁ ସେହି ରାଜକର୍ମଚାରୀ ଓ ତାହାଙ୍କର ସମସ୍ତ ପରିବାରବର୍ଗ
ଯୀଶୁଙ୍କଠାରେ ବିଶ୍ୱାସ କଲେ।
[୫୪]ଯିହୂଦା ପ୍ରଦେଶରୁ ଗାଲିଲୀକୁ ଆସିବା ପରେ ଯୀଶୁଙ୍କର
ଏହା ଦ୍ୱିତୀୟ ଆଶ୍ଚର୍ଯ୍ୟକାର୍ଯ୍ୟ ଥିଲା।

## ପୋଖରୀ ପାଖରେ ଯୀଶୁ ଜଣେ ଲୋକକୁ ସୁସ୍ଥ କଲେ

୫ ଏହା ପରେ ଯୀଶୁ ଯିହୂଦୀମାନଙ୍କର ଗୋଟିଏ ବିଶେଷ
ପର୍ବ ଥିବାରୁ ସେ ଯିରୂଶାଲମକୁ ଗଲେ। [୨]ଯିରୂଶାଲମରେ
ପାଞ୍ଚୋଟି ମଣ୍ଡପ ଥିବା ଗୋଟିଏ ପୋଖରୀ ଥିଲା। ଯିହୂଦୀ
ଭାଷାରେ ଏହାକୁ ବେଥେସ୍ଦା (ଦୟାଗୃହ) କହନ୍ତି। ଏହା
ମେଷଦ୍ୱାର ପାଖରେ ଥିଲା। [୩]ବହୁତ ଅସୁସ୍ଥ ଲୋକେ
ପୋଖରୀ ପାଖ ମଣ୍ଡପ ଗୁଡ଼ିକରେ ପଡ଼ିରହୁଥିଲେ। ସେମାନଙ୍କ
ମଧ୍ୟରୁ କେତେକ ଅନ୍ଧ, ଛୋଟା ଓ ପକ୍ଷାଘାତଗ୍ରସ୍ତ ରୋଗୀ
ଥିଲେ। [୪]*ଏହାର କାରଣ, ଜଣେ ସ୍ୱର୍ଗଦୂତ ବେଳେବେଳେ
ଆସି ପୋଖରୀର ପାଣିକୁ ହଲାଉଥିଲେ। ସେତେବେଳେ
ଯେଉଁ ରୋଗୀ ପ୍ରଥମେ ପାଣି ଭିତରକୁ ଯାଉଥିଲା, ସେ
ସୁସ୍ଥ ହୋଇ ଯାଉଥିଲା। [୫]ସେଠାରେ ଜଣେ ଲୋକ
ପଡ଼ିରହି ଥିଲା, ସେ ବିଗତ ୩୮ ବର୍ଷଧରି ରୋଗଗ୍ରସ୍ତ
ଥିଲା। [୬]ଯୀଶୁ ସେହି ଲୋକକୁ ସେଠାରେ ପଡ଼ି ରହିଥିବା
ଦେଖିଲେ। ସେ ଜାଣିଲେ, ଯେ ସେ ଲୋକଟି ବହୁତ ବର୍ଷ
ହେଲାଣି ରୋଗରେ ପଡ଼ିଛି। ତେଣୁ ଯୀଶୁ ତାକୁ ପଚାରିଲେ,
“ତୁମ୍ଭେ କ’ଣ ସୁସ୍ଥ ହେବାକୁ ଚାହଁ?”
[୭]ସେ ରୋଗୀଟି ଉତ୍ତର ଦେଲା, “ମହାଶୟ, ପାଣି
ହଲିବା ସମୟରେ ପାଣି ଭିତରକୁ ଯିବାରେ ସାହାଯ୍ୟ
କରିବା ପାଇଁ ମୋର କେହି ଲୋକ ନାହାଁନ୍ତି। ମୁଁ ପ୍ରଥମେ
ପାଣି ଭିତରକୁ ଯିବା ପାଇଁ ଚେଷ୍ଟା କଲାବେଳେ ଅନ୍ୟ
ଜଣେ ମୋ ପୂର୍ବରୁ ପାଣି ଭିତରକୁ ଚାଲିଯାଆନ୍ତି।”
[୮]ତା’ପରେ ଯୀଶୁ କହିଲେ, “ଠିଆ ହୁଅ। ତୁମ୍ଭର
ବିଛଣା ଉଠାଇ ଚାଲ।” [୯]ସଙ୍ଗେସଙ୍ଗେ ଲୋକଟି ସୁସ୍ଥ
ହୋଇଗଲା। ସେ ତା’ ବିଛଣା ଉଠେଇ ଚାଲିବାକୁ ଆରମ୍ଭ
କଲା।
ଏହି ଘଟଣା ବିଶ୍ରାମବାର ଦିନ ହୋଇଥିଲା। [୧୦]ତେଣୁ
ଯିହୂଦୀମାନେ ସୁସ୍ଥ ହୋଇଥିବା ଲୋକକୁ କହିଲେ, “ଆଜି
ବିଶ୍ରାମବାର। ବିଶ୍ରାମବାରରେ ତୁମ୍ଭେ ବିଛଣା ବୋହି ନେଇ
ଯିବା ଆମ୍ଭର ନିୟମ ବିରୁଦ୍ଧ କାର୍ଯ୍ୟ।”
[୧୧]କିନ୍ତୁ ଲୋକଟି କହିଲା, “ମୋତେ ଯିଏ ସୁସ୍ଥ କଲେ,
ସେ ମୋତେ କହିଲେ ‘ତୁମ୍ଭର ବିଛଣା ନିଅ ଓ ଚାଲ।’”
[୧୨]ଯିହୂଦୀମାନେ ସେ ଲୋକକୁ ପଚାରିଲେ, “ଯିଏ
ତୁମ୍ଭକୁ ଆଜି ବିଛଣା ଉଠେଇ ଚାଲିବାକୁ କହିଲା, ସେ
କିଏ?”
[୧୩]କିନ୍ତୁ ସୁସ୍ଥ ହୋଇଥିବା ଲୋକଟି, ସେ ବ୍ୟକ୍ତିଟି କିଏ
ତାହା ଜାଣି ନ ଥିଲା। ସେହି ଜାଗାରେ ବହୁତ ଲୋକଥିଲେ
ଓ ଯୀଶୁ ସେଠାରୁ ଚାଲି ଯାଇଥିଲେ।
[୧୪]ପରେ ଯୀଶୁ ସେହି ଲୋକକୁ ମନ୍ଦିର ପରିସରରେ
ଦେଖିଲେ। ସେ ତାକୁ କହିଲେ, “ଦେଖ, ତୁମ୍ଭେ ବର୍ତ୍ତମାନ
ସୁସ୍ଥ ହୋଇଯାଇଛ। ତେଣୁ ତୁମ୍ଭେ ଆଉ ପାପ କର
ନାହିଁ। ଯଦି ତୁମ୍ଭେ ପାପ କରିବ, ତେବେ ତୁମ୍ଭର
ଏହାଠାରୁ ଅଧିକ କ୍ଷତି ହୋଇପାରେ।”
[୧୫]ତା’ପରେ ଲୋକଟି ସେହି ଯିହୂଦୀମାନଙ୍କ ପାଖକୁ
ଗଲା। ସେ ସେମାନଙ୍କୁ କହିଲା ଯେ ଯୀଶୁ ତାକୁ ସୁସ୍ଥ
କରିଛନ୍ତି।

---

**ପଦସଂଖ୍ୟା ୪** ଏହି ପଦଟି କେବଳ କେତେକ ପରବର୍ତ୍ତୀ ହସ୍ତଲିପିରେ ମିଳେ।

୧୬ଯୀଶୁ ବିଶ୍ରାମବାରରେ ଏହିସବୁ (ସୁସ୍ଥ) କାର୍ଯ୍ୟ କରୁଥିଲେ।
ତେଣୁ ଯିହୂଦୀମାନେ ଯୀଶୁଙ୍କ ପ୍ରତି ଖରାପ ବ୍ୟବହାର
କରିବା ଆରମ୍ଭ କଲେ। ୧୭କିନ୍ତୁ ଯୀଶୁ ଯିହୂଦୀମାନଙ୍କୁ
କହିଲେ, "ମୋର ପିତା ସର୍ବଦା କାର୍ଯ୍ୟରତ, ଅତଏବ ମୁଁ
ମଧ୍ୟ କାର୍ଯ୍ୟ କରେ।"
୧୮ଏଥିପାଇଁ ଯିହୂଦୀ ନେତାମାନେ ତାହାଙ୍କୁ ହତ୍ୟା
କରିବା ପାଇଁ ଆହୁରି ଅଧିକ ଚେଷ୍ଟା କଲେ। ଯିହୂଦୀମାନେ
କହିଲେ, "ପ୍ରଥମେ ଯୀଶୁ ବିଶ୍ରାମବାରର ନିୟମ ଭାଙ୍ଗିଲେ।
ତା'ପରେ ସେ ପରମେଶ୍ୱରଙ୍କୁ ନିଜର ପିତା ବୋଲି
କହିଲେ। ସେ ନିଜକୁ ପରମେଶ୍ୱରଙ୍କ ସହିତ ସମାନ
କରିଲେ।"

## ଯୀଶୁଙ୍କଠାରେ ପରମେଶ୍ୱରଙ୍କ ଶକ୍ତି ଅଛି

୧୯କିନ୍ତୁ ଯୀଶୁ କହିଲେ, "ମୁଁ ତୁମ୍ଭକୁ ସତ୍ୟ କହୁଛି,
ପୁତ୍ର ଏକାକୀ କିଛି କରିପାରନ୍ତି ନାହିଁ। ଯାହା ତାହାଙ୍କ
ପିତା କରୁଥିବା ପୁତ୍ର ଦେଖନ୍ତି, ସେ ତାହାହିଁ କରନ୍ତି
କାରଣ ପିତା ଯାହା କରନ୍ତି ପୁତ୍ର ମଧ୍ୟ ସେହିସବୁ କରନ୍ତି।
୨୦ପିତା ପୁତ୍ରକୁ ପ୍ରେମ କରନ୍ତି। ପିତା ନିଜେ କରିଥିବା
ପ୍ରତ୍ୟେକ କାର୍ଯ୍ୟ ପୁତ୍ରକୁ ଦେଖାନ୍ତି। (ଏହି ରୋଗୀଟି ସୁସ୍ଥ
ହୋଇଗଲା।) ଆଉ ତୁମ୍ଭେମାନେ ଯେପରି ଆଶ୍ଚର୍ଯ୍ୟାନ୍ୱିତ
ହୁଅ, ଏ ନିମନ୍ତେ ପିତା ପୁତ୍ରଙ୍କୁ ଏହାଠାରୁ ଆହୁରି ମହତ୍
କର୍ମ ଦେଖାଇବେ। ୨୧ପରମପିତା ମୃତଲୋକଙ୍କୁ ଉଠାନ୍ତି ଓ
ସେମାନଙ୍କୁ ଜୀବନଦାନ କରନ୍ତି। ଠିକ୍ ସେହିପରି ପୁତ୍ର
ମଧ୍ୟ ନିଜ ଇଚ୍ଛା ଅନୁସାରେ ଲୋକଙ୍କୁ ଜୀବନଦାନ
କରନ୍ତି। ୨୨ପିତା କାହାର ବିଚାର କରନ୍ତି ନାହିଁ। କିନ୍ତୁ ସେ
ପୁତ୍ରଙ୍କୁ ବିଚାର କରିବାର ସମସ୍ତ କ୍ଷମତା ଅର୍ପଣ କରିଛନ୍ତି।
୨୩ଈଶ୍ୱର ଏହା କଲେ କାରଣ ସମସ୍ତେ ପିତାଙ୍କୁ ଯେପରି
ସମ୍ମାନ ଦେଉଛନ୍ତି, ସେହିପରି ପୁତ୍ରଙ୍କୁ ମଧ୍ୟ ସମ୍ମାନ
ଦେବେ। ଯଦି କୌଣସି ଲୋକ ପୁତ୍ରକୁ ସମ୍ମାନ ଦିଏ
ନାହିଁ, ତେବେ ସେ ପିତାଙ୍କୁ ମଧ୍ୟ ସମ୍ମାନ ଦିଏ ନାହିଁ।
ପିତା ପୁତ୍ରକୁ ପଠାଇଛନ୍ତି।
୨୪"ମୁଁ ତୁମ୍ଭକୁ ସତ୍ୟ କହୁଛି ଯେ, ଯଦି କୌଣସି
ବ୍ୟକ୍ତି ମୋର କହିବା କଥା ଶୁଣେ ଓ ମୋତେ ଯିଏ
ପଠାଇଛନ୍ତି ତାହାଙ୍କଠାରେ ବିଶ୍ୱାସ କରେ, ତେବେ ସେ
ବ୍ୟକ୍ତି ଅନନ୍ତ ଜୀବନ ଲାଭ କରିଅଛି। ସେ ବ୍ୟକ୍ତି ଦୋଷୀ
ବୋଲି ବିଚାରିତ ହେବ ନାହିଁ। ସେ ମୃତ୍ୟୁକୁ ପାରି ହୋଇ
ଜୀବନ ଭିତରେ ପ୍ରବେଶ କରି ସାରିଛି। ୨୫ମୁଁ ତୁମ୍ଭକୁ
ସତ୍ୟ କହୁଛି, ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମୟ ଆସୁଛି। ସେ
ସମୟ ଆସି ଗଲାଣି। ପାପ ଦ୍ୱାରା ମୃତ ଲୋକମାନେ
ଈଶ୍ୱରଙ୍କ ପୁତ୍ରଙ୍କ ସ୍ୱର ଶୁଣିବେ। ପୁତ୍ରଙ୍କର ସ୍ୱର ଶୁଣି
ଗ୍ରହଣ କରିଥିବା ଲୋକମାନେ, ଅନନ୍ତ ଜୀବନ ଲାଭ
କରିବେ। ୨୬ସ୍ୱୟଂ ପରମପିତା ହେଉଛନ୍ତି ଜୀବନର ଉତ୍ସ।
ଅତଏବ ସେ ପୁତ୍ରଙ୍କୁ ଜୀବନଦାନ କରିବା ପାଇଁ ଅନୁମତି
ଦେଇଛନ୍ତି। ୨୭ଲୋକଙ୍କର ବିଚାର କରିବା ପାଇଁ ସେ
ପୁତ୍ରଙ୍କୁ କ୍ଷମତା ଦେଇଛନ୍ତି। କାରଣ ସେ ମନୁଷ୍ୟ ପୁତ୍ର*
ଅଟନ୍ତି। ୨୮ତୁମ୍ଭେ ଏଥିରେ ଆଶ୍ଚର୍ଯ୍ୟ ହୁଅ ନାହିଁ। ଏପରି
ସମୟ ଆସୁଛି, ଯେତେବେଳେ ସମାଧିସ୍ଥ ସମସ୍ତ ମୃତ
ଲୋକମାନେ ତାହାଙ୍କର ସ୍ୱର ଶୁଣିବେ। ୨୯ସେମାନେ
ସେମାନଙ୍କର ସମାଧିରୁ ବାହାରିବେ। ଜୀବନରେ ସତ୍
କାର୍ଯ୍ୟ କରିଥିବା ଲୋକମାନେ ଉଠିବେ ଓ ଅନନ୍ତ ଜୀବନ
ପାଇବେ। କିନ୍ତୁ କୁକାର୍ଯ୍ୟ କରିଥିବା ଲୋକମାନେ ଦୋଷୀ
ଭାବରେ ବିଚାରିତ ହେବା ପାଇଁ ଉଠିବେ।

## ଯୀଶୁଙ୍କର ଯିହୂଦୀମାନଙ୍କ ସହିତ କଥାବାର୍ତ୍ତା ପ୍ରବୃତ୍ତ

୩୦"ମୁଁ ଏକୁଟିଆ କିଛି କରିପାରିବି ନାହିଁ। ମୁଁ କେବଳ
ପରମେଶ୍ୱରଙ୍କ କହିବା ଅନୁସାରେ ବିଚାର କରେ। ତେଣୁ
ମୋର ବିଚାର ଠିକ୍, କାରଣ ମୁଁ ନିଜକୁ ସନ୍ତୁଷ୍ଟ କରିବା
ପାଇଁ ଚେଷ୍ଟା କରେ ନାହିଁ। କିନ୍ତୁ ପରମେଶ୍ୱରଙ୍କୁ ସନ୍ତୁଷ୍ଟ
କରିବା ପାଇଁ ମୁଁ ଇଚ୍ଛା କରେ, ଯିଏ ମୋତେ ପଠାଇଛନ୍ତି।
୩୧"ମୁଁ ଯଦି ଲୋକମାନଙ୍କୁ ମୋ ନିଜ ବିଷୟରେ
କୁହେ, ଓ ସେମାନଙ୍କୁ ମୋର ସାକ୍ଷ୍ୟ ଦିଏ, ସେମାନେ
ମୋର ସାକ୍ଷ୍ୟ ଗ୍ରହଣ କରିବେ ନାହିଁ। ୩୨କିନ୍ତୁ ଅନ୍ୟ
ଜଣେ ଅଛନ୍ତି, ଯିଏକି ଲୋକମାନଙ୍କୁ ମୋର ବିଷୟରେ
ସାକ୍ଷ୍ୟ ଦିଅନ୍ତି। ଏବଂ ମୁଁ ଜାଣେ, ମୋ ବିଷୟରେ ସେ
ଯାହା କହନ୍ତି, ତାହା ସବୁ ସତ୍ୟ।
୩୩"ତୁମ୍ଭେ ଯୋହନଙ୍କ ପାଖକୁ ଲୋକ ପଠାଇଛ। ସେ
ତୁମ୍ଭମାନଙ୍କୁ ସତ୍ୟ ସମ୍ବନ୍ଧରେ କହିଛନ୍ତି। ୩୪ମୋ ବିଷୟରେ
ସାକ୍ଷ୍ୟ ଦେବା ପାଇଁ କୌଣସି ବ୍ୟକ୍ତିର ପ୍ରୟୋଜନ ନାହିଁ
କିନ୍ତୁ ମୁଁ ତୁମ୍ଭକୁ ଏହି ସବୁ କହୁଛି ଯେପରି ତୁମ୍ଭେମାନେ
ତାହାଦ୍ୱାରା ଉଦ୍ଧାର ପାଇ ପାରିବ। ୩୫ଯୋହନ ଗୋଟିଏ
ପ୍ରଦୀପ ପରି ଜଳି ଆଲୋକ ଦେଇଥିଲେ। ଏବଂ ତୁମ୍ଭେମାନେ
ସେହି ଆଲୋକ କିଛି କ୍ଷଣ ପାଇଁ ଉପଭୋଗ କରି ଖୁସି
ହେଲ।
୩୬"କିନ୍ତୁ ମୋ ପାଖରେ ମୋ ସମ୍ବନ୍ଧରେ ଗୋଟିଏ
ପ୍ରମାଣ ଅଛି, ଯାହା ଯୋହନଙ୍କ ପ୍ରମାଣଠାରୁ ଅଧିକ
ମହତ୍ତ୍ୱପୂର୍ଣ୍ଣ। ମୁଁ ଯାହା ସବୁ କରୁଛି, ତାହା ସବୁ ମୋର
ପ୍ରମାଣ। ପରମପିତା ମୋତେ ଏସବୁ କରିବା ପାଇଁ
ଦେଇଥିଲେ। ଏହିସବୁ କାର୍ଯ୍ୟରୁ ଏହା ପ୍ରମାଣିତ ହୁଏ ଯେ
ପରମପିତା ମୋତେ ପଠାଇଛନ୍ତି। ୩୭ପରମପିତା ମୋତେ
ପଠାଇଛନ୍ତି ଓ ନିଜେ ମୋ ବିଷୟରେ ପ୍ରମାଣ ଦେଇଛନ୍ତି।
କିନ୍ତୁ ତୁମ୍ଭେ କେବେ ତାହାଙ୍କର ସ୍ୱର ଶୁଣିନାହିଁ। ତାହାଙ୍କର
କିପରି ରୂପ, ତାହା ମଧ୍ୟ ତୁମ୍ଭେ ଦେଖିନାହିଁ। ୩୮ପରମପିତାଙ୍କର
ଉପଦେଶ ତୁମ୍ଭଠାରେ ବାସ କରିନାହିଁ। ଏହାର କାରଣ,
ସେ ପଠାଇଥିବା ବ୍ୟକ୍ତିଠାରେ ତୁମ୍ଭେମାନେ ବିଶ୍ୱାସ ରଖି
ନାହିଁ। ୩୯ତୁମ୍ଭେମାନେ ଯତ୍ନ ସହକାରେ ଧର୍ମ ଶାସ୍ତ୍ରଗୁଡ଼ିକ
ଅଧ୍ୟୟନ କରୁଛ। କାରଣ ତୁମ୍ଭେମାନେ ବିଶ୍ୱାସ କର ଯେ,
ସେହି ଧର୍ମଶାସ୍ତ୍ର ଦ୍ୱାରା ହିଁ ତୁମ୍ଭେମାନେ ଅନନ୍ତ ଜୀବନ
ପାଇବ। ସେହି ଧର୍ମଶାସ୍ତ୍ର ଗୁଡ଼ିକ ମୋ ବିଷୟରେ କହନ୍ତି।
୪୦କିନ୍ତୁ ତୁମ୍ଭେମାନେ ଅନନ୍ତ ଜୀବନ ପାଇବା ପାଇଁ ମୋ
ନିକଟକୁ ଆସୁ ନାହିଁ।

---

**ମନୁଷ୍ୟ ପୁତ୍ର** ଦାନିଏଲ ୭:୧୩-୧୪ ଅନୁସାରେ ଏହା ଉଦ୍ଧାରକର୍ତ୍ତାଙ୍କୁ ବୁଝାଏ।

୪୧"ମୁଁ ଲୋକମାନଙ୍କଠାରୁ ପ୍ରଶଂସା ଚାହୁଁ ନାହିଁ। ୪୨କିନ୍ତୁ
ମୁଁ ତୁମ୍ଭକୁ ଜାଣେ। ମୁଁ ଜାଣେ ଯେ ତୁମ୍ଭ ହୃଦୟରେ
ପରମେଶ୍ୱରଙ୍କ ପ୍ରେମ ନାହିଁ। ୪୩ମୁଁ ମୋର ପରମପିତାଙ୍କଠାରୁ
ଆସିଛି। ମୁଁ ତାହାଙ୍କ ପାଇଁ କଥା କହେ। କିନ୍ତୁ ତୁମ୍ଭେମାନେ
ମୋତେ ଗ୍ରହଣ କରୁ ନାହିଁ। କିନ୍ତୁ ଯେତେବେଳେ ଅନ୍ୟ
କିଏ ଆସି କେବଳ ତା ନିଜ ବିଷୟରେ କହିବ ସେତେବେଳେ
ତୁମ୍ଭେ ତାକୁ ଗ୍ରହଣ କରିବ। ୪୪ତୁମ୍ଭେମାନେ ପରସ୍ପରଠାରୁ
ପ୍ରଶଂସା ପାଇବା ପାଇଁ ଭଲ ପାଅ। କିନ୍ତୁ ଏକମାତ୍ର
ପରମେଶ୍ୱରଙ୍କ ପାଖରୁ ଯେଉଁ ପ୍ରଶଂସା ଆସେ, ତାହା
ପାଇବା ପାଇଁ ତୁମ୍ଭେ ଆଦୌ ଚେଷ୍ଟା କରୁ ନାହିଁ।
ତାହାହେଲେ ତୁମ୍ଭେ ଏକଥା କିପରି ବିଶ୍ୱାସ କରି ପାରିବ।
୪୫ଭାବ ନାହିଁ ଯେ ମୁଁ ପରମପିତାଙ୍କ ଆଗରେ ତୁମ୍ଭ
ବିରୁଦ୍ଧରେ ଅଭିଯୋଗ କରିବି। ମୋଶା ହେଉଛନ୍ତି ଜଣେ,
ଯିଏ ତୁମ୍ଭ ବିରୁଦ୍ଧରେ ଅଭିଯୋଗ କରନ୍ତି। ତୁମ୍ଭେ ମୋଶାଙ୍କଠାରେ
ଭରସା ରଖିଛ ଯେ ସେ ତୁମ୍ଭକୁ ଉଦ୍ଧାର କରିବେ। ୪୬ଯଦି
ପ୍ରକୃତରେ ତୁମ୍ଭେମାନେ ମୋଶାଙ୍କୁ ବିଶ୍ୱାସ କରିଛ, ତେବେ
ତୁମ୍ଭେ ମୋତେ ମଧ୍ୟ ବିଶ୍ୱାସ କରିବ। କାରଣ ମୋଶା
ମୋ ବିଷୟରେ ଲେଖିଥିଲେ। ୪୭କିନ୍ତୁ ତୁମ୍ଭେ ମୋଶାଙ୍କର
ଲେଖିବା କଥା ବିଶ୍ୱାସ କରୁ ନାହିଁ। ତେଣୁ ତୁମ୍ଭେମାନେ
ମୋ କଥାରେ ବିଶ୍ୱାସ କରି ପାରିବ ନାହିଁ।"

## ଯୀଶୁ ୫୦୦୦(ପାଞ୍ଚ ହଜାର)ରୁ ଅଧିକ ଲୋକଙ୍କୁ ଖୁଆଇଲେ

୬ ଏହା ପରେ ଯୀଶୁ ଗାଲିଲୀ ହ୍ରଦ (ଅର୍ଥାତ୍ ତିବିରିଆ
ହ୍ରଦ) ପାର ହୋଇ ଆରପାରିକି ଗଲେ। ୨ତାହାଙ୍କ
ପଛେ ପଛେ ବହୁତ ଲୋକ ଗଲେ। ସେମାନେ ତାହାଙ୍କୁ
ଅନୁସରଣ କଲେ, କାରଣ ଯୀଶୁ କି ପ୍ରକାରେ ରୋଗୀମାନଙ୍କୁ
ସୁସ୍ଥ କରି ଆପଣା ଶକ୍ତି ପ୍ରକାଶ କଲେ ତାହା ସେମାନେ
ଦେଖିଥିଲେ। ୩ଯୀଶୁ ପାହାଡ଼ ଉପରକୁ ଚଢ଼ିଗଲେ। ସେଠାରେ
ତାହାଙ୍କର ଶିଷ୍ୟମାନଙ୍କ ଗହଣରେ ବସିଲେ। ୪ଯିହୂଦୀମାନଙ୍କର
ନିସ୍ତାରପର୍ବର ସମୟ ପାଖ ହୋଇଯାଇଥିଲା।
୫ଯୀଶୁ ଦେଖିଲେ ଲୋକମାନେ ବହୁ ସଂଖ୍ୟାରେ ତାହାଙ୍କ
ପାଖକୁ ଆସୁଛନ୍ତି। ସେ ଫିଲିପ୍ପଙ୍କୁ କହିଲେ, "ଫିଲିପ୍ପ, ଏହି
ଲୋକମାନଙ୍କୁ ଖୁଆଇବା ପାଇଁ ଆମ୍ଭେ କେଉଁଠାରୁ ଯଥେଷ୍ଟ
ଖାଦ୍ୟ କିଣି ପାରିବା?" ୬(ସେ ଏକଥା ଫିଲିପ୍ପଙ୍କୁ ପରୀକ୍ଷା
କରିବା ପାଇଁ ପଚାରିଲେ, କାରଣ ସେ ତାହାଙ୍କ ନିଜ
ଯୋଜନା ବିଷୟରେ ଜାଣିଥିଲେ।)
୭ଫିଲିପ୍ପ ଉତ୍ତର ଦେଲେ, "ଏଠାରେ ଥିବା ପ୍ରତ୍ୟେକଙ୍କୁ
ଖଣ୍ଡେ-ଖଣ୍ଡେ ରୋଟୀ କିଣି ଦେବା ପାଇଁ ଆମ୍ଭ ସମସ୍ତଙ୍କୁ
ମାସେ ପର୍ଯ୍ୟନ୍ତ କାମ କରି ଉପାର୍ଜନ କରିବାକୁ ପଡ଼ିବ।"
୮ସେଠାରେ ଆଉଜଣେ ଶିଷ୍ୟ, ଆନ୍ଦ୍ରିୟ ଉପସ୍ଥିତ ଥିଲେ,
ସେ ଶିମୋନ ପିତରଙ୍କର ଭାଇ। ଆନ୍ଦ୍ରିୟ କହିଲେ;୯
"ଏଠାରେ ଜଣେ ବାଳକ ଅଛି। ତା'ପାଖରେ ପାଞ୍ଚୋଟି
ରୋଟୀ ଓ ଦୁଇଟି ଛୋଟମାଛ ଅଛି। କିନ୍ତୁ ଏତେ
ଲୋକଙ୍କ ପାଇଁ ତାହା ଯଥେଷ୍ଟ ହେବ ନାହିଁ।"
୧୦ଯୀଶୁ କହିଲେ, "ସମସ୍ତଙ୍କୁ ବସିବାକୁ କୁହ।" ସେଠାରେ
ପ୍ରଚୁର ଘାସ ଥିଲା। ସେଠାରେ ପ୍ରାୟ ପାଞ୍ଚ ହଜାର ପୁରୁଷ
ବସିଥିଲେ। ୧୧ଯୀଶୁ ରୋଟୀ ନେଇ ପରମେଶ୍ୱରଙ୍କୁ ଧନ୍ୟବାଦ
ଦେଲେ ଓ ବସିଥିବା ଲୋକମାନଙ୍କୁ ତାହା ବାଣ୍ଟିଲେ। ସେ
ମାଛକୁ ମଧ୍ୟ ସେହିପରି ବାଣ୍ଟିଲେ। ସେ ଲୋକମାନଙ୍କୁ
ମନଇଚ୍ଛା ଖାଇବାକୁ ଦେଲେ।
୧୨ସବୁ ଲୋକମାନେ ଯଥେଷ୍ଟ ପରିମାଣରେ ଖାଇଲେ।
ସେମାନେ ଖାଇ ସାରିବା ପରେ ଯୀଶୁ ଶିଷ୍ୟମାନଙ୍କୁ
କହିଲେ, "ବଳକା ମାଛ ଓ ରୋଟୀ ଏକାଠି କର, କିଛି
ନଷ୍ଟ କର ନାହିଁ।" ୧୩ତେଣୁ ଶିଷ୍ୟମାନେ ବଳକା ଥିବା
ଖାଦ୍ୟ ଏକାଠି କଲେ। ଲୋକମାନେ କେବଳ ମାତ୍ର
ପାଞ୍ଚୋଟି ରୋଟୀରୁ ଖାଇବା ଆରମ୍ଭ କରିଥିଲେ କିନ୍ତୁ ଏବେ
ଶିଷ୍ୟମାନେ ବଳକା ଖାଦ୍ୟକୁ ବାରଟି ଟୋକାଇରେ ଭର୍ତ୍ତି
କଲେ।
୧୪ଲୋକମାନେ ଯୀଶୁଙ୍କର ଏହି ଆଶ୍ଚର୍ଯ୍ୟକାର୍ଯ୍ୟ ଦେଖି
କହିଲେ, "ସେ ନିଶ୍ଚୟ ଜଣେ ଭବିଷ୍ୟଦ୍‌ବକ୍ତା, ଯିଏ କି
ଏହି ଜଗତକୁ ଆସିଛନ୍ତି।"
୧୫ଯୀଶୁ ଜାଣିଥିଲେ ଯେ ଲୋକମାନେ ତାହାଙ୍କୁ ରାଜା
କରିବା ପାଇଁ ଚାହୁଁଥିଲେ। ଯେତେବେଳେ ତାହାଙ୍କୁ ଧରି
ନେଇ ରାଜା କରିବାର ଯୋଜନା ଲୋକେ କରିଲେ,
ସେତେବେଳେ ସେ, ସେହି ସ୍ଥାନ ଛାଡ଼ି ଏକୁଟିଆ ପାହାଡ଼
ଉପରକୁ ଚାଲିଗଲେ।

## ଯୀଶୁ ପାଣିରେ ଚାଲିଲେ

୧୬ତାହାଙ୍କ ଶିଷ୍ୟମାନେ ସେହି ସନ୍ଧ୍ୟାରେ ଗାଲିଲୀ
ହ୍ରଦକୁ ଗଲେ। ୧୭ଅନ୍ଧାର ହୋଇଯାଇଥିଲା, ତଥାପି ଯୀଶୁ
ସେମାନଙ୍କ ପାଖକୁ ଫେରିଲେ ନାହିଁ। ତେଣୁ ସେମାନେ
ଡଙ୍ଗାରେ ବସି ହ୍ରଦର ଆର ପାରିରେ ଥିବା କଫର୍ନାହୂମ
ଆଡ଼େ ଗଲେ। ୧୮ଖୁବ୍ ଜୋରରେ ପବନ ବହୁଥିଲା।
ହ୍ରଦରେ ବଡ଼ ବଡ଼ ଢେଉ ଉଠିଲା। ୧୯ସେମାନେ ଆହୁଲା
ମାରି ପ୍ରାୟ ପାଞ୍ଚ କିମ୍ବା ଛଅ କିଲୋମିଟର ପର୍ଯ୍ୟନ୍ତ
ଗଲେ। ତା'ପରେ ସେମାନେ ଯୀଶୁଙ୍କୁ ଦେଖିଲେ। ସେ
ପାଣି ଉପରେ ଚାଲୁଥିଲେ। ସେ ଡ଼ଙ୍ଗା ଆଡ଼କୁ ଆସୁଥିଲେ।
ଶିଷ୍ୟମାନେ ଡରି ଗଲେ। ୨୦କିନ୍ତୁ ଯୀଶୁ ସେମାନଙ୍କୁ
କହିଲେ, "ଭୟ କର ନାହିଁ। ଏହିତ ମୁଁ ନିଜେ।" ୨୧ଯୀଶୁ
ଏକଥା କହିବା ପରେ ଶିଷ୍ୟମାନେ ତାହାଙ୍କୁ ଡ଼ଙ୍ଗା ଭିତରକୁ
ଆଣି ଖୁସି ହେଲେ। ତା'ପରେ ଡଙ୍ଗାଟି ଲକ୍ଷ୍ୟ ସ୍ଥଳରେ
ଆସି ପହଞ୍ଚିଲା।

## ଲୋକମାନେ ଯୀଶୁଙ୍କୁ ଖୋଜିଲେ

୨୨ତହିଁ ଆରଦିନ ହ୍ରଦର ଆର ପଟେ କେତେକ
ଲୋକ ରହିଗଲେ। ଯୀଶୁ ତାହାଙ୍କ ଶିଷ୍ୟମାନଙ୍କ ସହିତ
ଡଙ୍ଗାରେ ଯାଇ ନାହାଁନ୍ତି, ଏହି ବିଷୟ ସେହି ଲୋକମାନେ
ଜାଣି ନଥିଲେ। ସେମାନେ ଜାଣିଥିଲେ ଯେ, ଶିଷ୍ୟମାନେ
ଯୀଶୁଙ୍କୁ ଏକାକୀ ଛାଡ଼ି ଦେଇ ଡଙ୍ଗାରେ ଚାଲିଗଲେ।
ସେମାନେ ଜାଣିଥିଲେ ଯେ, ସେଠାରେ କେବଳ ସେହି
ଗୋଟିଏ ମାତ୍ର ଡଙ୍ଗା ଥିଲା। ୨୩କିନ୍ତୁ ସେତେବେଳେ
ତିବିରିଆରୁ କେତେକ ଡଙ୍ଗା ଆସିଲା। ଲୋକମାନେ ଯେଉଁ
ସ୍ଥାନରେ ପୂର୍ବ ଦିନ ଖାଇଥିଲେ ସେଠାରେ ଡଙ୍ଗା ଗୁଡ଼ିକ

ଆସି ରହିଲା। ସେହି ସ୍ଥାନରେ ପ୍ରଭୁ ଯୀଶୁ ଧନ୍ୟବାଦ
ଦେବା ପରେ ସେମାନେ ରୋଟୀ ଖାଇଥିଲେ। ୨୪ଲୋକମାନେ
ସେଠାରେ ଯୀଶୁ ଓ ତାହାଙ୍କର ଶିଷ୍ୟମାନେ ନଥିବା
ଦେଖିଲେ। ତେଣୁ ଲୋକମାନେ ଡଙ୍ଗାଗୁଡ଼ିକରେ ଯାତ୍ରାକରି
ଯୀଶୁଙ୍କୁ ଖୋଜିବା ପାଇଁ କଫର୍ନାହୂମକୁ ଗଲେ।

### ଯୀଶୁ, ଜୀବନ ସ୍ୱରୂପ ଖାଦ୍ୟ

୨୫ଲୋକମାନେ ହ୍ରଦର ଆରପଟେ ଯୀଶୁଙ୍କୁ ପାଇଲେ।
ସେମାନେ ତାହାଙ୍କୁ ପଚାରିଲେ, "ଗୁରୁ, ଆପଣ ଏଠାକୁ
କେତେବେଳେ ଆସିଲେ?" ୨୬ଯୀଶୁ ଉତ୍ତର ଦେଲେ,
"ତୁମ୍ଭେମାନେ ମୋତେ କାହିଁକି ଖୋଜୁଛ? ମୁଁ କରିଥିବା
ଆଶ୍ଚର୍ଯ୍ୟକାର୍ଯ୍ୟ ଗୁଡ଼ିକ ମୋର ଶକ୍ତିକୁ ପ୍ରମାଣିତ କରୁଥିବାରୁ
ତୁମ୍ଭେ ମୋତେ ଖୋଜୁଛ କି? ତା' ନୁହେଁ। ମୁଁ ତୁମ୍ଭକୁ
ସତ୍ୟ କହୁଛି, ରୋଟୀ ଖାଇ ସନ୍ତୁଷ୍ଟ ହୋଇଥିବାରୁ ତୁମ୍ଭେମାନେ
ମୋତେ ଖୋଜୁଛ। ୨୭ପୃଥିବୀର ଖାଦ୍ୟ ପଦାର୍ଥ ନଷ୍ଟ
ହୋଇଯାଏ। ତେଣୁ ତୁମ୍ଭେ ସେହିଭଳି ଖାଦ୍ୟ ପାଇବା ପାଇଁ
କାର୍ଯ୍ୟ କର ନାହିଁ, ବରଂ ତୁମ୍ଭେମାନେ ଏଭଳି କାର୍ଯ୍ୟ କର
ଯାହା ଭଲ ହୋଇ ରହିଥିବ ଓ ତୁମ୍ଭକୁ ସବୁ ଦିନ ପାଇଁ
ଜୀବନ ଦେବ। ମନୁଷ୍ୟ ପୁତ୍ର ସେହିପରି ଖାଦ୍ୟ ତୁମ୍ଭକୁ
ଦେବେ। ପରମେଶ୍ୱର ଦେଖାଇଛନ୍ତି ଯେ, ସେ ମନୁଷ୍ୟ
ପୁତ୍ରଙ୍କ ସହିତ ଅଛନ୍ତି।"

୨୮ଲୋକମାନେ ଯୀଶୁଙ୍କୁ ପଚାରିଲେ, "ଆମ୍ଭେ କ'ଣ
କ'ଣ କରିବା ଉଚିତ ବୋଲି ପରମେଶ୍ୱର ଚାହାଁନ୍ତି?"

୨୯ଯୀଶୁ ଉତ୍ତର ଦେଲେ, "ପରମେଶ୍ୱର ଚାହାଁନ୍ତି, ଯେ
ସେ ଯାହାଙ୍କୁ ପଠାଇଛନ୍ତି, ତାହାଙ୍କଠାରେ ତୁମ୍ଭେମାନେ
ବିଶ୍ୱାସ କର।"

୩୦ତେଣୁ ଲୋକମାନେ ପଚାରିଲେ, "ତୁମ୍ଭକୁ ଯେ
ପରମେଶ୍ୱର ପଠାଇଛନ୍ତି, ଏକଥା ତୁମ୍ଭେ କେଉଁ ଆଶ୍ଚର୍ଯ୍ୟକାର୍ଯ୍ୟ
ଦ୍ୱାରା ପ୍ରମାଣ କରି ଦେଖାଇବ? ତୁମ୍ଭେ ଯଦି କୌଣସି
ଆଶ୍ଚର୍ଯ୍ୟକାର୍ଯ୍ୟ ଆମ୍ଭକୁ କରି ଦେଖାଇବ, ତେବେ ଆମ୍ଭେ
ତୁମ୍ଭକୁ ବିଶ୍ୱାସ କରିବୁ। ତୁମ୍ଭେ କ'ଣ କରିବ? ୩୧ଆମ୍ଭର
ପିତୃପୁରୁଷମାନେ ମରୁଭୂମିରେ ମାନ୍ନା* ଖାଇଥିଲେ, ତାହା
ପରମେଶ୍ୱର ସେମାନଙ୍କୁ ଦେଇଥିଲେ। ଧର୍ମଶାସ୍ତ୍ରରେ ଲେଖା
ଅଛି: 'ପରମେଶ୍ୱର ସେମାନଙ୍କୁ ସ୍ୱର୍ଗରୁ ଖାଦ୍ୟ ଖାଇବାକୁ
ଦେଇଥିଲେ।'"*

୩୨ଯୀଶୁ କହିଲେ, "ମୁଁ ତୁମ୍ଭକୁ ସତ୍ୟ କହୁଛି, ସ୍ୱର୍ଗର
ଖାଦ୍ୟ ତୁମ୍ଭ ଲୋକମାନଙ୍କୁ ଦେଇଥିବା ଲୋକ ମୋଶା
ନୁହନ୍ତି। ମୋର ପରମପିତା ତୁମ୍ଭମାନଙ୍କୁ ସ୍ୱର୍ଗର ପ୍ରକୃତ
ଖାଦ୍ୟ ଖାଇବାକୁ ଦିଅନ୍ତି। ୩୩ପରମେଶ୍ୱରଙ୍କର ଖାଦ୍ୟ
କ'ଣ? ପରମେଶ୍ୱରଙ୍କର ଖାଦ୍ୟ ହେଉଛି ଜଣେ ବ୍ୟକ୍ତି ଯିଏ
ଜଗତକୁ ଜୀବନ ଦେବା ପାଇଁ ସ୍ୱର୍ଗରୁ ଓହ୍ଲାଇଛନ୍ତି।"

୩୪ଲୋକମାନେ କହିଲେ, "ମହାଶୟ, ଆମ୍ଭକୁ ସବୁବେଳେ
ଏହି ଖାଦ୍ୟ ଖାଇବାକୁ ଦିଅନ୍ତୁ।"

୩୫ତାପରେ ଯୀଶୁ କହିଲେ, "ମୁଁ ସେହି ଜୀବନଦାୟକ
ଖାଦ୍ୟ। ମୋ ନିକଟକୁ ଯେ କେହି ଆସେ ସେ କଦାପି
ଭୋକିଲା ରହିବ ନାହିଁ। ମୋତେ ଯିଏ ବିଶ୍ୱାସ କରେ,
ସେ କେବେ ତୃଷିତ ହେବ ନାହିଁ। ୩୬ମାତ୍ର ମୁଁ ତୁମ୍ଭକୁ
ପୂର୍ବରୁ କହିଛି ଯେ, ତୁମ୍ଭେ ମୋତେ ଦେଖିଅଛ, କିନ୍ତୁ
ତୁମ୍ଭେ ତଥାପି ବିଶ୍ୱାସ କରୁନାହଁ। ୩୭ମୋର ପରମପିତା
ମୋତେ ମୋ ଲୋକମାନଙ୍କୁ ଦେଇଛନ୍ତି। ସେମାନେ ପ୍ରତ୍ୟେକ
ମୋ ପାଖକୁ ଆସିବେ। ମୁଁ ସର୍ବଦା ମୋପାଖକୁ ଆସୁଥିବା
ପ୍ରତ୍ୟେକଙ୍କୁ ଗ୍ରହଣ କରିବି। ୩୮ମୁଁ ପରମେଶ୍ୱରଙ୍କର ଇଚ୍ଛା
ଅନୁଯାୟୀ କାର୍ଯ୍ୟ କରିବାପାଇଁ ସ୍ୱର୍ଗରୁ ଆସିଅଛି। ମୁଁ ନିଜ
ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବା ପାଇଁ ଆସି ନାହିଁ।
୩୯ପରମେଶ୍ୱର ଯେଉଁମାନଙ୍କୁ ମୋତେ ଦେଇଛନ୍ତି, ମୁଁ
ସେମାନଙ୍କ ମଧ୍ୟରୁ ଜଣକୁ ହେଲେ କଦାପି ହରାଇବି
ନାହିଁ। ମୁଁ ସେମାନଙ୍କୁ ଶେଷ ଦିନରେ ନିଶ୍ଚୟ ଉଥାପନ
କରିବି। ଯିଏ ମୋତେ ପଠାଇଛନ୍ତି ସେ ଚାହାଁନ୍ତି ମୁଁ ସେହି
କାର୍ଯ୍ୟ କରେ। ୪୦ପ୍ରତ୍ୟେକ ଲୋକ ଯିଏ ପୁତ୍ରଙ୍କୁ ଦେଖେ
ଏବଂ ତାହାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ
ଲାଭ କରେ। ମୁଁ ସେ ଲୋକକୁ ଶେଷଦିନରେ ଉଥାପନ
କରିବି। ଏହା ପରମପିତାଙ୍କର ଇଚ୍ଛା।"

୪୧"ମୁଁ ସ୍ୱର୍ଗରୁ ଓହ୍ଲାଇଥିବା ଖାଦ୍ୟ," ବୋଲି ଯୀଶୁ
କହିବାରୁ ଯିହୂଦୀମାନେ ଯୀଶୁଙ୍କ ବିରୁଦ୍ଧରେ ଅଭିଯୋଗ
ପ୍ରଚାର କଲେ। ୪୨ଯିହୂଦୀମାନେ କହିଲେ, "ଏ ଯୀଶୁ
ଅଟନ୍ତି। ଆମ୍ଭେ ତାହାଙ୍କ ପିତା ମାତାଙ୍କୁ ଜାଣିଛୁ। ଯୀଶୁ
କେବଳ ଯୋସେଫଙ୍କର ପୁତ୍ର। 'ସେ କିପରି ସ୍ୱର୍ଗରୁ
ଓହ୍ଲାଇଛି ବୋଲି କହୁଛି?'"

୪୩କିନ୍ତୁ ଯୀଶୁ କହିଲେ, "ତୁମ୍ଭେମାନେ ଅଭିଯୋଗ
କରିବା ବନ୍ଦକର। ୪୪ପରମପିତା ମୋତେ ପଠାଇଛନ୍ତି। ସେ
ଲୋକମାନଙ୍କୁ ମୋ ନିକଟକୁ ଆଣନ୍ତି। ମୁଁ ସେହି ଲୋକମାନଙ୍କୁ
ଶେଷଦିନରେ ଉଥାପନ କରିବି। ଯଦି ପରମପିତା କୌଣସି
ଲୋକକୁ ମୋ ନିକଟକୁ ନ ଆଣିବେ, ତେବେ ସେ
ଲୋକ ମୋ ପାଖକୁ ଆସିପାରିବ ନାହିଁ। ୪୫ଭାବବାଣୀରେ
ଏହିପରି ଲେଖା ଅଛି: 'ପରମେଶ୍ୱର ଲୋକମାନଙ୍କୁ ଶିକ୍ଷା
ଦେବେ।'* ଲୋକମାନେ ପରମପିତାଙ୍କ କଥା ଶୁଣନ୍ତି, ଓ
ତାହାଙ୍କଠାରୁ ଶିକ୍ଷା ପାଆନ୍ତି। ତା'ପରେ ମୋ' ପାଖକୁ ସେ
ଲୋକମାନେ ଆସନ୍ତି। ୪୬ମୁଁ କହିବା ଅର୍ଥ ନୁହେଁ ଯେ,
କୌଣସି ବ୍ୟକ୍ତି ପରମପିତାଙ୍କୁ ଦେଖିଛି। ପରମପିତାଙ୍କୁ
କେବଳ ସେହି ଜଣେ ଦେଖିଛନ୍ତି, ଯିଏ କି ପରମେଶ୍ୱରଙ୍କଠାରୁ
ଆସିଛନ୍ତି। ସେହି ଲୋକ ପରମପିତାଙ୍କୁ ଦେଖିଛନ୍ତି। ୪୭ମୁଁ
ତୁମ୍ଭକୁ ସତ୍ୟ କହୁଛି, ଯଦି କୌଣସି ବ୍ୟକ୍ତି ବିଶ୍ୱାସ କରେ
ତେବେ ସେ ଅନନ୍ତ-ଜୀବନ ଲାଭ କରେ। ୪୮ମୁଁ ନିଜେ
ସେହି ଜୀବନଦାୟକ ଖାଦ୍ୟ। ୪୯ତୁମ୍ଭର ପିତୃପୁରୁଷମାନେ
ପ୍ରାନ୍ତରରେ ପରମେଶ୍ୱର ଦେଇଥିବା ମାନ୍ନା (ଖାଦ୍ୟ) ଖାଇଥିଲେ।
କିନ୍ତୁ ସେମାନେ ଅନ୍ୟ ଲୋକଙ୍କ ପରି ମରିସାରିଲେଣି।
୫୦ମୁଁ ସ୍ୱର୍ଗରୁ ଓହ୍ଲାଇଥିବା ସେହି ଖାଦ୍ୟ। ଯଦି କୌଣସି
ଲୋକ ଏହି ଖାଦ୍ୟ ଖାଏ ତେବେ ସେ କଦାପି ମରିବ
ନାହିଁ। ୫୧ମୁଁ ସ୍ୱର୍ଗରୁ ଓହ୍ଲାଇଥିବା ଜୀବନ୍ତ ଖାଦ୍ୟ। ଯଦି

---

**ମାନ୍ନା** ଏକ ପ୍ରକାର ଖାଦ୍ୟ।

**'ପରମେଶ୍ୱର ... ଦେଇଥିଲେ'** ଗୀତସଂହିତା ୭୮:୨୪

**'ପରମେଶ୍ୱର ... ଦେବେ।'** ଯିଶାଇୟ ୫୪:୧୩

କୌଣସି ଲୋକ ଏ ଖାଦ୍ୟ ଖାଏ, ତେବେ ସେ ଚିରଦିନ
ପାଇଁ ବଞ୍ଚି ରହିବ। ଏହି ଖାଦ୍ୟ ହେଉଛି ମୋର ଶରୀର।
ମୁଁ ମୋର ଶରୀର ଦେଇଦେବି, ତଦ୍ୱାରା ଜଗତର ଲୋକମାନେ
ଜୀବନ ପାଇପାରିବେ।”
୫୨ତା’ପରେ ଯିହୂଦୀମାନେ ପରସ୍ପର ଭିତରେ ଯୁକ୍ତିତର୍କ
କରିବାକୁ ଲାଗିଲେ। ସେମାନେ କହିଲେ, “ଏ ଲୋକ
କିପରି ଆମ୍ଭମାନଙ୍କୁ ତା’ର ଶରୀର ଖାଇବା ପାଇଁ ଦେଇ
ପାରିବ?”
୫୩ଯୀଶୁ କହିଲେ, “ମୁଁ ତୁମ୍ଭକୁ ସତ୍ୟ କହୁଛି, ତୁମ୍ଭେ
ନିଶ୍ଚୟ ମନୁଷ୍ୟପୁତ୍ରଙ୍କ ମାଂସ ଖାଇବ। ତୁମ୍ଭେ ନିଶ୍ଚୟ
ତାହାଙ୍କ ରକ୍ତ ପିଇବ। ଯଦି ତୁମ୍ଭେ ଏହା ନ କରିବ,
ତେବେ ତୁମ୍ଭ ଭିତରେ ପ୍ରକୃତ ଜୀବନ ନାହିଁ। ୫୪ଯେଉଁ
ବ୍ୟକ୍ତି ମୋ ମାଂସ ଖାଏ ଓ ମୋ ରକ୍ତ ପିଏ, ସେ
ଅନନ୍ତଜୀବନ ପାଏ। ମୁଁ ସେହି ଲୋକକୁ ଶେଷ ଦିନରେ
ମୃତ୍ୟୁରୁ ଉଠେଇବି। ୫୫ମୋର ମାଂସ ପ୍ରକୃତ ଆହାର।
ମୋର ରକ୍ତ ପ୍ରକୃତ ପାନୀୟ। ୫୬ଯଦି କୌଣସି ବ୍ୟକ୍ତି
ମୋ ମାଂସ ଖାଏ ଓ ମୋର ରକ୍ତ ପିଏ, ତେବେ ସେହି
ବ୍ୟକ୍ତି ମୋ ଭିତରେ ରହେ ଓ ମୁଁ ତା’ ଭିତରେ ରୁହେ।
୫୭ପରମପିତା ମୋତେ ପଠାଇଛନ୍ତି। ପରମପିତା ଜୀବନ୍ତ ଓ
ତାହାଙ୍କ ହେତୁ ମୁଁ ଜୀବିତ। ତେଣୁ ଯେଉଁ ଲୋକ ମୋତେ
ଭୋଜନ କରେ, ସେ ମୋ’ ହେତୁ ଜୀବିତ ରହିବ। ୫୮ମୁଁ
ସେହି ଖାଦ୍ୟଭଳି ନୁହେଁ, ଯାହାକୁ ଆମ୍ଭ ପିତୃପୁରୁଷମାନେ
ମରୁଭୂମିରେ ଖାଇଥିଲେ। ସେମାନେ ସେ ଖାଦ୍ୟ ଖାଇଲେ,
କିନ୍ତୁ ଅନ୍ୟମାନଙ୍କ ପରି ସେମାନେ ମୃତ୍ୟୁବରଣ କଲେ। ମୁଁ
ସ୍ୱର୍ଗରୁ ଆସିଥିବା ଖାଦ୍ୟ। ଏହି ଖାଦ୍ୟ ଯେଉଁ ଲୋକ ଖାଏ
ସେ ଅନନ୍ତକାଳ ପାଇଁ ଜୀବିତ ରହେ।” ୫୯ଯୀଶୁ କଫର୍ନାହୂମର
ସମାଜଗୃହରେ ଏହି ସବୁ କଥା ଉପଦେଶ ଦେଉଥିଲେ।

## ଯୀଶୁଙ୍କୁ ଅନୁଗମନ କରୁଥିବା ଅନେକ ଲୋକ ତାହାଙ୍କୁ ଛାଡ଼ି ଚାଲିଗଲେ

୬୦ଯୀଶୁଙ୍କର ଶିଷ୍ୟମାନେ ଏହି ସବୁ କଥା ଶୁଣିଲେ।
ସେମାନଙ୍କ ଭିତରୁ ଅନେକ କହିଲେ, “ଏ ଉପଦେଶ
ଗ୍ରହଣ କରିବା କଷ୍ଟକର। ଏହି ଉପଦେଶ କିଏ ଗ୍ରହଣ
କରିପାରିବ?”
୬୧ଯୀଶୁ ଜାଣିଲେ ଯେ ତାହାଙ୍କର ଶିଷ୍ୟମାନେ ଏ
ବିଷୟରେ ଆପତ୍ତି କରୁଛନ୍ତି। ତେଣୁ ସେ କହିଲେ, “ଏ
ଉପଦେଶ କ’ଣ ତୁମ୍ଭକୁ ଅସୁବିଧାରେ ପକାଉଛି? ୬୨ତେବେ
ମନୁଷ୍ୟପୁତ୍ର ଯେଉଁଠାରୁ ଆସିଥିଲେ, ପୁନର୍ବାର ସେ ସ୍ଥାନକୁ
ଫେରିଯିବେ, ଏହା ମଧ୍ୟ କ’ଣ ତୁମ୍ଭକୁ ବ୍ୟତିବ୍ୟସ୍ତ କରୁଛି?
୬୩ଶରୀର ମନୁଷ୍ୟକୁ ଜୀବନଦାନ କରେନାହିଁ। ଆତ୍ମା ଜୀବନ
ଦିଏ। ମୁଁ ତୁମ୍ଭକୁ ଯାହା କହିଲି ତାହା ଆତ୍ମା, ତେଣୁ
ଏସବୁ ବିଷୟ ଜୀବନ ଦିଏ। ୬୪କିନ୍ତୁ ତୁମ୍ଭ ଭିତରୁ
କେତେକ ବିଶ୍ୱାସ କରୁ ନାହିଁ। ଯୀଶୁ ବିଶ୍ୱାସ ନ କରୁଥିବା
ଲୋକଙ୍କୁ ପ୍ରଥମରୁ ଜାଣି ଥିଲେ ଏବଂ ପରେ ଯିଏ
ବିଶ୍ୱାସଘାତକତା କରିବ ସେହି ଲୋକକୁ ମଧ୍ୟ ସେ
ଜାଣିଥିଲେ। ୬୫ଯୀଶୁ କହିଲେ, “ସେଥିପାଇଁ ମୁଁ କହିଥିଲି,
‘ଯଦି ପରମପିତା କୌଣସି ଲୋକକୁ ମୋ ନିକଟକୁ
ଆସିବାକୁ ଅନୁମତି ଦିଅନ୍ତି ନାହିଁ ତେବେ ସେ ଲୋକ
ମୋ ନିକଟକୁ ଆସିପାରିବ ନାହିଁ।’”
୬୬ଯୀଶୁ ଏ କଥା କହିବା ପରେ ତାହାଙ୍କର ଅନେକ
ଶିଷ୍ୟ ତାହାଙ୍କୁ ଛାଡ଼ି ଚାଲିଗଲେ। ସେମାନେ ଆଉ
ତାହାଙ୍କର ଅନୁଗମନ କଲେ ନାହିଁ।
୬୭ଯୀଶୁ ବାରଜଣ ପ୍ରେରିତଙ୍କୁ ପଚାରିଲେ, “ତୁମ୍ଭେମାନେ
ମଧ୍ୟ କ’ଣ ମୋତେ ଛାଡ଼ିଯିବା ପାଇଁ ଚାହିଁ କି?”
୬୮ଶିମୋନ ପିତର ଉତ୍ତର ଦେଲେ, “ପ୍ରଭୁ, ଆମେ
କାହା ପାଖକୁ ଯିବୁ? ତୁମ୍ଭ ପାଖରେ ଅନନ୍ତ-ଜୀବନ ଅଛି।
୬୯ଆମ୍ଭେ ତୁମ୍ଭଠାରେ ବିଶ୍ୱାସ କରୁ। ଆମ୍ଭେ ଜାଣୁ ଯେ
ତୁମ୍ଭେ ପରମେଶ୍ୱରଙ୍କ ନିକଟରୁ ଆସିଥିବା ପବିତ୍ର ବ୍ୟକ୍ତି।”
୭୦ଯୀଶୁ ଉତ୍ତର ଦେଲେ, “ମୁଁ ତୁମ୍ଭ ବାରଜଣଙ୍କୁ
ମନୋନୀତ କଲି। କିନ୍ତୁ ତୁମ୍ଭ ଭିତରୁ ଜଣେ ଶୟତାନ।”
୭୧ଯୀଶୁ ଶିମୋନ ଇଷ୍କାରିୟୋଥର ପୁତ୍ର ଯିହୂଦାକୁ ଲକ୍ଷ୍ୟ
କରି ଏହା କହିଥିଲେ। ସେ ବାର ଜଣଙ୍କ ମଧ୍ୟରୁ ଜଣେ
ଥିଲା। ପରେ ସେହି ଯିହୂଦା ତାହାଙ୍କ ବିରୁଦ୍ଧରେ ବିଶ୍ୱାସଘାତକତା
କରିଥିଲା।

## ଯୀଶୁ ଓ ତାହାଙ୍କର ଭାଇମାନେ

୭ ଏହା ପରେ ଯୀଶୁ ଗାଲିଲୀ ପ୍ରଦେଶରେ ଭ୍ରମଣ
କରିବାକୁ ଲାଗିଲେ। ସେ ଯିହୂଦାରେ ଯାତ୍ରା କରିବା
ପାଇଁ ଚାହୁଁ ନ ଥିଲେ, କାରଣ ଯିହୂଦୀମାନେ ତାହାଙ୍କୁ
ହତ୍ୟା କରିବା ପାଇଁ ଚାହୁଁଥିଲେ। ୨ଯିହୂଦୀମାନଙ୍କର ବାର୍ଷିକ
କୁଟୀରବାସ ପର୍ବର ସମୟ ଆସିଲା। ୩ତେଣୁ ଯୀଶୁଙ୍କର
ଭାଇମାନେ ତାହାଙ୍କୁ କହିଲେ, “ଏ ସ୍ଥାନ ଛାଡ଼ି ଓ ପର୍ବ
ସକାଶେ ଯିହୂଦା ପ୍ରଦେଶକୁ ଯାଅ। ଯେପରି, ତୁମ୍ଭର
ଶିଷ୍ୟମାନେ ସେଠାରେ ତୁମ୍ଭେ କରୁଥିବା ଆଶ୍ଚର୍ଯ୍ୟ କାର୍ଯ୍ୟଗୁଡ଼ିକ
ଦେଖି ପାରିବେ। ୪ଯଦି କୌଣସି ଲୋକ ଚାହେଁ ଯେ
ସମସ୍ତେ ତାହାଙ୍କୁ ଜାଣନ୍ତୁ, ତେବେ ସେ ତା’ର କାର୍ଯ୍ୟସୂଚୀ
ଲୁଚେଇବା ଉଚିତ ନୁହେଁ। ତୁମ୍ଭେ ନିଜକୁ ଜଗତ ଆଗରେ
ପ୍ରକାଶ କର। ତୁମ୍ଭେ କରୁଥିବା ଆଶ୍ଚର୍ଯ୍ୟକାର୍ଯ୍ୟ ସବୁ
ସେମାନଙ୍କୁ ଦେଖିବାକୁ ଦିଅ।“ ୫(ଯୀଶୁଙ୍କର ଭାଇମାନେ
ସୁଦ୍ଧା ତାହାଙ୍କୁ ବିଶ୍ୱାସ କରୁନଥିଲେ) ୬ଯୀଶୁ ତାହାଙ୍କ
ଭାଇମାନଙ୍କୁ କହିଲେ, “ମୋ ପାଇଁ ଏପର୍ଯ୍ୟନ୍ତ ଉପଯୁକ୍ତ
ସମୟ ଆସି ନାହିଁ। କିନ୍ତୁ ତୁମ୍ଭମାନଙ୍କର (ଯିବା) ପାଇଁ
ସମସ୍ତ ସମୟ ଉପଯୁକ୍ତ। ୭ସଂସାର ତୁମ୍ଭକୁ ଘୃଣା କରି
ପାରିବ ନାହିଁ। ସଂସାର ମୋତେ ଘୃଣା କରେ, କାରଣ ମୁଁ
ଜଗତର ଲୋକମାନଙ୍କୁ ସେମାନଙ୍କର କାର୍ଯ୍ୟଗୁଡ଼ିକ ମନ୍ଦ
ବୋଲି କହେ। ୮ତେଣୁ ତୁମ୍ଭେମାନେ ପର୍ବକୁ ଯାଅ। ମୁଁ
ବର୍ତ୍ତମାନ ପର୍ବକୁ ଯିବି ନାହିଁ। ମୋ ପାଇଁ ଏପର୍ଯ୍ୟନ୍ତ
ଉପଯୁକ୍ତ ସମୟ ଆସି ନାହିଁ।” ୯ଏକଥା କହିବା ପରେ
ଯୀଶୁ ଗାଲିଲୀରେ ରହିଗଲେ।
୧୦ତେଣୁ ଯୀଶୁଙ୍କର ଭାଇମାନେ ପର୍ବକୁ ଗଲେ। ସେମାନେ
ଗଲା ପରେ ଯୀଶୁ ମଧ୍ୟ ଗଲେ। ସେ ଲୋକମାନଙ୍କ
ଦୃଷ୍ଟିଗୋଚର ହେଲେ ନାହିଁ। ୧୧ଯିହୂଦୀୟମାନେ ପର୍ବରେ
ଯୀଶୁଙ୍କୁ ଖୋଜିଲେ। ସେମାନେ ପଚାରିଲେ, “ସେହି ଲୋକଟି
କାହିଁ?”

୧୨ସେଠାରେ ବହୁତ ଲୋକ ଥିଲେ। ସେମାନଙ୍କ ମଧ୍ୟରୁ
ଅନେକେ ଗୋପନରେ ନିଜ ନିଜ ଭିତରେ ଯୀଶୁଙ୍କ
ବିଷୟରେ କଥାବାର୍ତ୍ତା ହେଉଥିଲେ। କେତେକ ଲୋକ
କହିଲେ, “ସେ ଜଣେ ଉତ୍ତମ ଲୋକ।” କିନ୍ତୁ ଅନ୍ୟମାନେ
କହୁଥିଲେ, “ନା, ସେ ଲୋକମାନଙ୍କୁ ପ୍ରତାରଣା କରୁଛି।”
୧୩କିନ୍ତୁ ଲୋକମାନଙ୍କ ମଧ୍ୟରେ ଏପରି କେହି ସାହସୀ
ନଥିଲେ, ଯିଏ କି ଯୀଶୁଙ୍କ ବିଷୟରେ ଖୋଲା ଖୋଲି
ଭାବରେ କହିବ। ଲୋକମାନେ ଯିହୂଦୀୟ ନେତାମାନଙ୍କୁ
ଭୟ କରୁଥିଲେ।

## ଯିରୂଶାଲମରେ ଯୀଶୁଙ୍କର ଉପଦେଶ

୧୪ପର୍ବ ପ୍ରାୟ ଅଧାଅଧି ଶେଷ ହୋଇ ଯାଇଥିଲା।
ତା’ପରେ ଯୀଶୁ ମନ୍ଦିର ପରିସରକୁ ଯାଇ ଉପଦେଶ
ଦେବାରେ ଲାଗିଲେ। ୧୫ଯିହୂଦୀମାନେ ଆଶ୍ଚର୍ଯ୍ୟ ହେଲେ।
ସେମାନେ କହିଲେ, “ଏ ଲୋକ କେବେ ବିଦ୍ୟାଳୟରେ
ପଢ଼ି ନାହିଁ। ଏତେ ବିଷୟବସ୍ତୁ ସେ କିପରି ଜାଣିଲା?”

୧୬ଯୀଶୁ ଉତ୍ତର ଦେଲେ, “ମୁଁ ଯାହା ଉପଦେଶ
ଦେଉଛି, ତାହା ମୋ ନିଜର ନୁହେଁ। ମୋର ଶିକ୍ଷାଗୁଡ଼ିକ
ମୋତେ ପଠାଇଥିବା ପରମେଶ୍ୱରଙ୍କଠାରୁ ଆସିଛି।
୧୭ପରମେଶ୍ୱର ଯାହା ଚାହାଁନ୍ତି ଯଦି କୌଣସି ବ୍ୟକ୍ତି ସେହି
ଅନୁଯାୟୀ କାର୍ଯ୍ୟ କରେ, ମୋର ଉପଦେଶ ପରମେଶ୍ୱରଙ୍କଠାରୁ
ଆସିଛି ନା ନାହିଁ, ତାହା ସେ ଜାଣିପାରିବ। ସେ ବ୍ୟକ୍ତି
ଜାଣିପାରିବ ଯେ ଏ ଉପଦେଶ ମୋ ନିଜର ନୁହେଁ।
୧୮ଯେଉଁ ଲୋକ ନିଜର ଚିନ୍ତାଧାରା ପ୍ରଚାର କରେ, ସେ
ନିଜ ପାଇଁ ସମ୍ମାନ ଚାହେଁ କିନ୍ତୁ ଯେଉଁଲୋକ ନିଜ
ପ୍ରେରଣକର୍ତ୍ତାଙ୍କର ସମ୍ମାନ ଚାହେଁ, ସେ ସତ୍ୟ କହେ। ତା’
ପାଖରେ କିଛି ମିଥ୍ୟା ନାହିଁ। ୧୯ଏହା ସତ୍ୟ ଯେ ମୋଶା
ତୁମକୁ ନିୟମ (ବ୍ୟବସ୍ଥା) ଦେଇଛନ୍ତି। କିନ୍ତୁ ତୁମ୍ଭମାନଙ୍କ
ମଧ୍ୟରୁ କେହି ସେ ନିୟମ ମାନୁ ନାହିଁ। ତୁମ୍ଭେ ମୋତେ
କାହିଁକି ମାରି ଦେବା ପାଇଁ ଚେଷ୍ଟା କରୁଛ?”

୨୦ଲୋକମାନେ କହିଲେ, “ତୁମ୍ଭ ଭିତରେ ଗୋଟିଏ
ଭୂତ ପ୍ରବେଶ କରି ତୁମ୍ଭକୁ ପାଗଳ କରିଦେଇଛି। ଆମ୍ଭେ
ତୁମ୍ଭକୁ ମାରିବାକୁ ଚେଷ୍ଟାକରୁ ନାହୁଁ।”

୨୧ଯୀଶୁ ସେମାନଙ୍କୁ କହିଲେ, “ମୁଁ ଗୋଟିଏ ଆଶ୍ଚର୍ଯ୍ୟକାର୍ଯ୍ୟ
କଲି, ଏବଂ ତୁମ୍ଭେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲ। ୨୨ମୋଶା
ତୁମ୍ଭକୁ ସୁନ୍ନତ ବିଧି ପାଳନ କରିବା ପାଇଁ ନିୟମ ଦେଲେ,
(କିନ୍ତୁ ପ୍ରକୃତରେ ମୋଶା ତୁମ୍ଭକୁ ସୁନ୍ନତ ବିଷୟ ଦେଇ
ନାହାଁନ୍ତି। ଏହାତ ମୋଶାଙ୍କ ପୂର୍ବରୁ ଥିବା ଲୋକମାନଙ୍କ
ପାଖରୁ ଆସିଛି) । ତେଣୁ ତୁମ୍ଭେ ବେଳେ ବେଳେ ବିଶ୍ରାମବାର
ଦିନ ଗୋଟିଏ ବାଳକକୁ ସୁନ୍ନତ* କରିଥାଅ। ୨୩ଏଥିରୁ
ଜଣାପଡ଼େ ଯେ, କୌଣସି ଲୋକକୁ ମୋଶାଙ୍କର ନିୟମ
ପାଳନ କରିବା ପାଇଁ ବିଶ୍ରାମବାର ଦିନ ସୁନ୍ନତ କରା
ଯାଇପାରେ। ତେଣୁ ମୁଁ ଯଦି ବିଶ୍ରାମବାର ଦିନ କୌଣସି
ଲୋକର ସମ୍ପୂର୍ଣ୍ଣ ଦେହକୁ ସୁସ୍ଥ କଲି ତେବେ ତୁମ୍ଭେ
କାହିଁକି ରାଗୁଛ? ୨୪କୌଣସି ବିଷୟର ବାହ୍ୟରୂପ ଦେଖି
ବିଚାର କର ନାହିଁ। ପ୍ରକୃତରେ ଯାହା ଠିକ୍, ତଦନୁଯାୟୀ
ବିଚାର କର।”

## ଯୀଶୁ କ’ଣ ପ୍ରକୃତରେ ଖ୍ରୀଷ୍ଟ- ଜନତାଙ୍କ ମଧ୍ୟରେ ଆଲୋଡ଼ନ

୨୫ଯିରୂଶାଲମରେ ବାସ କରୁଥିବା କେତେକ ଲୋକ
କହିଲେ, “ଏହି ଲୋକକୁ ସେମାନେ ମାରିବା ପାଇଁ
ଚାହାଁନ୍ତି। ୨୬କିନ୍ତୁ ସେ ପ୍ରକାଶରେ ପ୍ରଚାର କରୁଛି, ତାହାଙ୍କୁ
ସମସ୍ତେ ଦେଖୁଛନ୍ତି ଓ ଶୁଣୁଛନ୍ତି। କୌଣସି ଲୋକ ତାହାର
ପ୍ରଚାର ବନ୍ଦ କରିବା ପାଇଁ ଚେଷ୍ଟା କରୁ ନାହିଁ। ବୋଧହୁଏ
ନେତାମାନେ ମନସ୍ଥ କଲେ ଯେ, ସେ ପ୍ରକୃତରେ ଖ୍ରୀଷ୍ଟ।
୨୭କିନ୍ତୁ ଆମ୍ଭେ ଜାଣୁ ଏହି ବ୍ୟକ୍ତି କେଉଁଠାରୁ ଆସିଛି।
ଯେତେବେଳେ ପ୍ରକୃତ ଖ୍ରୀଷ୍ଟ ଆସିବେ, ସେତେବେଳେ
କେହି ତାହାଙ୍କର ଆସିବା ସ୍ଥାନ ଜାଣିପାରିବେ ନାହିଁ।”

୨୮ଯୀଶୁ ମନ୍ଦିରରେ ଉପଦେଶ ଦେଉ ଦେଉ, ଉଚ୍ଚ
ସ୍ୱରରେ କହିଲେ, “ହଁ, ତୁମ୍ଭେ ମୋତେ ଜାଣ ଓ ମୁଁ
କେଉଁଠାରୁ ଆସିଛି ତାହା ମଧ୍ୟ ଜାଣ। କିନ୍ତୁ ମୁଁ ମୋର
ନିଜ ଅଧିକାର ବଳରେ ଆସି ନାହିଁ। ମୁଁ ସତ୍ୟ ପରମେଶ୍ୱରଙ୍କ
ଦ୍ୱାରା ପଠାଯାଇଛି। ତୁମ୍ଭେ ତାହାଙ୍କୁ ଜାଣି ନାହିଁ। ୨୯କିନ୍ତୁ
ମୁଁ ତାହାଙ୍କୁ ଜାଣିଛି ଓ ମୁଁ ତାହାଙ୍କ ପାଖରୁ ଆସିଛି। ସେ
ମୋତେ ପଠାଇଛନ୍ତି।”

୩୦ଯୀଶୁ ଏ କଥା କହିବା ବେଳେ ଲୋକମାନେ
ତାହାଙ୍କୁ ଧରିବା ପାଇଁ ଚେଷ୍ଟା କଲେ। କିନ୍ତୁ କେହି
ତାହାଙ୍କୁ ଛୁଇଁ ପାରିଲେ ନାହିଁ। ସେତେବେଳେ ମଧ୍ୟ
ତାହାଙ୍କୁ ହତ୍ୟା କରିବାର ଉଚିତ୍ ସମୟ ହୋଇ ନ ଥିଲା।
୩୧ବହୁତ ଲୋକ ଯୀଶୁଙ୍କୁ ବିଶ୍ୱାସ କଲେ। ଲୋକମାନେ
କହିଲେ, “ଆମ୍ଭେ ଖ୍ରୀଷ୍ଟଙ୍କ ଆଗମନ ପାଇଁ ଅପେକ୍ଷା
କରିଛୁ। ଏହି ବ୍ୟକ୍ତି ଯେଉଁ ସବୁ ଆଶ୍ଚର୍ଯ୍ୟକାର୍ଯ୍ୟ କରିଛନ୍ତି,
ଖ୍ରୀଷ୍ଟ ଆସିଲେ ଏହା ଅପେକ୍ଷା କଣ ଅଧିକ କରିବେ? ନା,
ଏହି ବ୍ୟକ୍ତି ନିଶ୍ଚୟ ଖ୍ରୀଷ୍ଟ ହୋଇଥିବେ।”

## ଯୀଶୁଙ୍କୁ ବନ୍ଦୀ କରିବା ପାଇଁ ଯିହୂଦୀମାନଙ୍କର ଚେଷ୍ଟା

୩୨ଲୋକମାନେ ଯୀଶୁଙ୍କ ବିଷୟରେ ଏହି କଥାମାନ
କହୁଥିବାର ଫାରୂଶୀମାନେ ଶୁଣିଲେ। ତେଣୁ ମୁଖ୍ୟ ଯାଜକମାନେ
ଓ ଫାରୂଶୀମାନେ ଯୀଶୁଙ୍କୁ ବନ୍ଦୀ କରିବା ପାଇଁ ମନ୍ଦିରରେ
କେତେକ ସୈନ୍ୟଙ୍କୁ ପଠାଇଲେ। ୩୩ତା’ପରେ ଯୀଶୁ କହିଲେ,
“ମୁଁ ତୁମ୍ଭ ସହିତ ଆଉ ଅଳ୍ପ ସମୟ ରହିବି। ମୋତେ
ଯିଏ ପଠାଇଛନ୍ତି ମୁଁ ତାହାଙ୍କ ନିକଟକୁ ଫେରିଯିବି।
୩୪ତୁମ୍ଭେମାନେ ମୋତେ ଖୋଜିବ, କିନ୍ତୁ ମୋତେ ପାଇବ
ନାହିଁ। ଆଉ, ମୁଁ ଯେଉଁଠାରେ ଥିବି, ସେଠାକୁ ତୁମ୍ଭେମାନେ
ଯାଇ ପାରିବ ନାହିଁ।” ୩୫ଯିହୂଦୀମାନେ ପରସ୍ପର କୁହାକୁହି
ହେଲେ, “ଏ ଲୋକ ଏପରି କେଉଁଠାକୁ ଯିବ ଯେ, ଆମ୍ଭେ
ତାହାକୁ ପାଇବା ନାହିଁ। ସେ କ’ଣ ଗ୍ରୀକ୍ ନଗରଗୁଡ଼ିକୁ
ଯିବ ଯେଉଁଠାରେ ଆମ୍ଭ ଲୋକମାନେ ରୁହନ୍ତି? ସେ
ସେଠାରେ ଗ୍ରୀକ୍ ଲୋକମାନଙ୍କୁ ଶିକ୍ଷା ଦେବକି? ୩୬ଏହି

---

**ସୁନ୍ନତ** ଅଗ୍ରଚର୍ମ କାଟିବା ବିଧିକୁ ବୁଝାଏ। ପ୍ରତ୍ୟେକ ଯିହୂଦୀ ବାଳକକୁ ଏହା କରାଯାଉ ଥିଲା। ଏହା ଏକ ଚିହ୍ନ ସ୍ୱରୂପ ଯାହା ଈଶ୍ୱର ଅବ୍ରାହାମଙ୍କ ସହିତ କରିଥିଲେ। ଆଦିପୁସ୍ତକ ୧୭:୯-୧୪

ଲୋକ କହୁଛି, 'ତୁମ୍ଭେ ମୋତେ ଖୋଜିବ, କିନ୍ତୁ ମୋତେ
ପାଇବନାହିଁ।" ସେ ପୁଣି କହୁଛି, 'ମୁଁ ଯେଉଁଠି ରହିବି,
ତୁମ୍ଭେ ଆସି ପାରିବନାହିଁ।' ଏହାର ଅର୍ଥ କ'ଣ?"

### ଯୀଶୁ ପବିତ୍ରଆତ୍ମାଙ୍କ ବିଷୟରେ କହିଲେ

୩୭ପର୍ବର ଶେଷ ଦିନ ଆସିଲା। ସେହି ପ୍ରଧାନ ଦିନରେ
ଯୀଶୁ ଠିଆ ହୋଇ ଉଚ୍ଚ ସ୍ୱରରେ କହିଲେ, "ଯଦି
କୌଣସି ଲୋକ ତୃଷାର୍ତ୍ତ, ତେବେ ସେ ମୋ ନିକଟକୁ
ଆସି ପାନ କରୁ। ୩୮ଯଦି କୌଣସି ଲୋକ ମୋଠାରେ
ବିଶ୍ୱାସ କରେ, ତେବେ ତା'ର ହୃଦୟରୁ ଜୀବନ୍ତ ଜଳ
ପ୍ରବାହିତ ହେବ। ଏହି କଥା ଧର୍ମ ଶାସ୍ତ୍ରରେ ଲେଖା
ଅଛି।" ୩୯ଯୀଶୁ ପବିତ୍ରଆତ୍ମାଙ୍କ ବିଷୟରେ କହୁଥିଲେ।
ଯୀଶୁ ଏପର୍ଯ୍ୟନ୍ତ ମୃତ୍ୟୁ ଭୋଗ କରି ନଥିବାରୁ ଓ ସେ
ମହିମାପ୍ରାପ୍ତ ହୋଇ ନ ଥିବାରୁ ଲୋକମାନଙ୍କୁ ଏପର୍ଯ୍ୟନ୍ତ
ପବିତ୍ର ଆତ୍ମା ଦିଆ ଯାଇ ନଥିଲା। କିନ୍ତୁ ପରେ, ଯେଉଁ
ଲୋକମାନେ ଯୀଶୁଙ୍କୁ ବିଶ୍ୱାସ କରିବେ, ସେମାନେ ପବିତ୍ର
ଆତ୍ମା ଲାଭ କରିବେ।

### ଯୀଶୁଙ୍କ ସମ୍ବନ୍ଧରେ ଲୋକମାନଙ୍କର ତର୍କ

୪୦ଯୀଶୁଙ୍କ ଏହି କଥା ଲୋକମାନେ ଶୁଣିଲେ। କେତେକ
ଲୋକ କହିଲେ, "ଏହିଲୋକ ପ୍ରକୃତରେ ସେହି
ଭବିଷ୍ୟଦ୍‌ବକ୍ତା।"

୪୧ଅନ୍ୟମାନେ କହିଲେ, "ସେ ଖ୍ରୀଷ୍ଟ।"

ଅନ୍ୟମାନେ କହିଲେ, "ଗାଲିଲୀରୁ ଖ୍ରୀଷ୍ଟ ଆସିବେ
ନାହିଁ। ୪୨ଧର୍ମଶାସ୍ତ୍ର କୁହେ ଯେ ଖ୍ରୀଷ୍ଟ ଦାଉଦଙ୍କ ପରିବାରରୁ
ଆସିବେ। ଏବଂ ଧର୍ମଶାସ୍ତ୍ର କୁହେ ଯେ, ଖ୍ରୀଷ୍ଟ ଦାଉଦଙ୍କ
ବାସସ୍ଥଳ ବେଥଲେହିମ ନଗରରୁ ଆସିବେ।" ୪୩ତେଣୁ
ଲୋକମାନେ ଯୀଶୁଙ୍କ ବିଷୟରେ ଭିନ୍ନ-ଭିନ୍ନ ମତ ଦେଲେ।
୪୪ଲୋକମାନଙ୍କ ମଧ୍ୟରୁ କେତେକ ଯୀଶୁଙ୍କୁ ବନ୍ଦୀ କରିବା
ପାଇଁ ଚାହିଁଲେ। କିନ୍ତୁ କେହି ଜଣେ ହେଲେ ଏହା
କରିବାକୁ ଚେଷ୍ଟା କଲେ ନାହିଁ।

### ଯିହୂଦୀ ନେତାମାନେ ବିଶ୍ୱାସ କରିବାକୁ ମନା କଲେ

୪୫ମନ୍ଦିରର ସୈନ୍ୟମାନେ ମୁଖ୍ୟଯାଜକ ଓ ଫାରୂଶୀମାନଙ୍କ
ପାଖକୁ ଫେରି ଆସିଲେ। ଯାଜକମାନେ ଓ ଫରୂଶୀମାନେ
ସେମାନଙ୍କୁ ପଚାରିଲେ, "ତୁମ୍ଭେମାନେ ଯୀଶୁଙ୍କୁ କାହିଁକି ବନ୍ଦୀ
କରି ଆଣିଲ ନାହିଁ?"

୪୬ମନ୍ଦିରର ସୈନ୍ୟମାନେ ଉତ୍ତର ଦେଲେ, "ସେ ଯାହା
କହୁଛନ୍ତି, ତାହା ଅନ୍ୟ ସମସ୍ତଙ୍କ କଥାଠାରୁ ଅଧିକ
ମୂଲ୍ୟବାନ୍।"

୪୭ଫାରୂଶୀମାନେ କହିଲେ, "ତାହା ହେଲେ ଯୀଶୁ
ତୁମ୍ଭମାନଙ୍କୁ ମଧ୍ୟ ବୋକା ବନେଇଛନ୍ତି। ୪୮କୌଣସି ନେତା
କ'ଣ ତାକୁ ବିଶ୍ୱାସ କରିଛନ୍ତି? ନା। ଆମ୍ଭ ଫାରୂଶୀମାନଙ୍କ
ମଧ୍ୟରୁ କ'ଣ ତାହାଙ୍କୁ କେହି ବିଶ୍ୱାସ କରିଛନ୍ତି? ନା।
୪୯ଏହି ଯେଉଁ ଲୋକମାନେ ନିୟମ (ବ୍ୟବସ୍ଥା) ବିଷୟରେ
କିଛି ଜାଣନ୍ତିନି, ସେମାନେ ଶାପଗ୍ରସ୍ତ।"

୫୦କିନ୍ତୁ ସେହି ଦଳରେ ନୀକଦୀମ ଥିଲେ। ସେ ଏହା
ପୂର୍ବରୁ ଯୀଶୁଙ୍କୁ ଦେଖିବା ପାଇଁ ଯାଇଥିଲେ।* ୫୧ସେ
କହିଲେ, "ଆମ୍ଭର ପ୍ରଥା ଯେ କୌଣସି ଲୋକର କଥା
ପ୍ରଥମେ ନଶୁଣି ବିଚାର କରିବ ନାହିଁ। ସେ କ'ଣ
କରିଛନ୍ତି, ଆମ୍ଭେ ନ ଜାଣି ତାହାଙ୍କର ବିଚାର କରି ପାରିବା
ନାହିଁ।"

୫୨ଯିହୂଦୀନେତାମାନେ ଉତ୍ତର ଦେଲେ, "ତୁମ୍ଭେ କ'ଣ
ସେହି ଗାଲିଲୀୟମାନଙ୍କ ମଧ୍ୟରୁ ଜଣେ? ଧର୍ମଶାସ୍ତ୍ରଗୁଡ଼ିକୁ
ଅନୁସନ୍ଧାନ କର। ତୁମ୍ଭେ ଜାଣି ପାରିବ, କୌଣସି ଭବିଷ୍ୟଦ୍‌ବକ୍ତା
ଗାଲିଲୀରୁ ଆସନ୍ତି ନାହିଁ।"

---

(ପ୍ରାଚୀନତମ ଓ 'ଯୋହନ'ର ସବୁଠାରୁ ଭଲ ଗ୍ରୀକ୍ ପ୍ରତିଗୁଡିକରେ
୭:୫୩ ଠାରୁ ୮:୧୧ ପର୍ଯ୍ୟନ୍ତ ପଦଗୁଡିକ ନାହିଁ।)

### ବ୍ୟଭିଚାରର ପାପରେ ଧରାଯାଇଥିବା ସ୍ତ୍ରୀ

୫୩ତା'ପରେ ସେ ସ୍ଥାନ ଛାଡ଼ି ସମସ୍ତ ଯିହୂଦୀ ନେତାମାନେ
ନିଜ-ନିଜ ଘରକୁ ଗଲେ।

୮ ଯୀଶୁ ଜୀତପର୍ବତକୁ* ଗଲେ। ୨ତହିଁ ଆରଦିନ ଅତି
ସକାଳୁ ସେ ମନ୍ଦିରକୁ ଫେରିଆସିଲେ। ସବୁ ଲୋକମାନେ
ଯୀଶୁଙ୍କ ପାଖକୁ ଆସିଲେ। ସେ ବସି ଲୋକମାନଙ୍କୁ ଶିକ୍ଷା
ଦେଲେ। ୩ବ୍ୟବସ୍ଥା ଶାସ୍ତ୍ରଜ୍ଞମାନେ, ଶିକ୍ଷକମାନେ ଓ
ଫାରୂଶୀମାନେ ଜଣେ ସ୍ତ୍ରୀଲୋକକୁ ସେଠାକୁ ଆଣିଲେ।
ସେହି ସ୍ତ୍ରୀଲୋକଟି ବ୍ୟଭିଚାର କଲାବେଳେ ଧରା ପଡ଼ିଥିଲା।
ଯିହୂଦୀମାନେ ତାହାକୁ ଲୋକମାନଙ୍କ ଆଗରେ ଠିଆ ହେବା
ପାଇଁ ବାଧ କଲେ। ୪ସେମାନେ ଯୀଶୁଙ୍କୁ କହିଲେ, "ଗୁରୁ,
ଏହି ସ୍ତ୍ରୀଲୋକଟି ଜଣେ ପୁରୁଷ ସହିତ ବ୍ୟଭିଚାର କଲାବେଳେ
ଧରା ପଡ଼ିଛି। ସେ ପୁରୁଷ ତା'ର ସ୍ୱାମୀ ନୁହେଁ।
୫ମୋଶାଙ୍କର ନିୟମ ଆଦେଶ ଦିଏ ଯେ ଏଭଳି କାର୍ଯ୍ୟ
କରୁଥିବା ପ୍ରତ୍ୟେକ ସ୍ତ୍ରୀକୁ ଆମ୍ଭେ ପଥର ଫୋପାଡ଼ି
ମାରିଦେବା ଉଚିତ। କିନ୍ତୁ ଆମ୍ଭେ କ'ଣ କରିବା ଉଚିତ
ବୋଲି ଆପଣ କହୁଛନ୍ତି?" ୬ଯିହୂଦୀୟମାନେ ଯୀଶୁଙ୍କୁ
ହଇରାଣ କରିବା ପାଇଁ ଏଭଳି ପ୍ରଶ୍ନ ପଚାରୁଥିଲେ।
ସେମାନେ ଯୀଶୁଙ୍କର ଭୁଲ ଧରିବାକୁ ଚାହୁଁଥିଲେ। ତାହାହେଲେ
ସେମାନେ ତାହାଙ୍କ ବିରୁଦ୍ଧରେ ଅଭିଯୋଗ ଆଣିପାରିବେ।
କିନ୍ତୁ ଯୀଶୁ ଆଣ୍ଠେଇ ଆଙ୍ଗୁଳି ସାହାଯ୍ୟରେ ଭୂମି ଉପରେ
କିଛି ଲେଖିବାରେ ଲାଗିଲେ। ୭ଯିହୂଦୀନେତାମାନେ ତାହାଙ୍କୁ
ଅବିରତ ପ୍ରଶ୍ନ ପଚାରିବାରେ ଲାଗିଲେ। ତେଣୁ ଯୀଶୁ ଠିଆ
ହୋଇ କହିଲେ, "ଏଠାରେ ଏଭଳି କୌଣସି ଲୋକ
ଉପସ୍ଥିତ ଅଛନ୍ତି, ଯିଏ କେବେ ପାପ କରି ନାହିଁ?
ସେହିଭଳି ପାପ ନ କରିଥିବା ଲୋକ ଏହି ସ୍ତ୍ରୀଲୋକକୁ
ପ୍ରଥମେ ପଥର ଫିଙ୍ଗୁ।" ୮ତାପରେ ଯୀଶୁ ପୁଣି ଆଣ୍ଠେଇ
ଭୂଇଁରେ ଲେଖିବାକୁ ଲାଗିଲେ।

---

**ନୀକଦୀମ … ଯାଇଥିଲେ** ନୀକଦୀମ ଯୀଶୁଙ୍କ ନିକଟକୁ ଯାଇ କଥାବର୍ତ୍ତା ହେବା ବିଷୟ ଯୋହନ ୩:୧-୨୧ ରେ ଅଛି।

**ଜୀତ ପର୍ବତ** ଯିରୂଶାଲମ ପାଖରେ ଥିବା ଏକ ପର୍ବତ ବିଶେଷ।

୯ଯେଉଁମାନେ ଯୀଶୁଙ୍କର ଏ କଥା ଶୁଣୁଥିଲେ ସେମାନେ
ସେଠାରୁ ଜଣ-ଜଣ ହୋଇ ଚାଲି ଗଲେ। ଆଗେ ବୟସ୍କ
ଲୋକେ ଓ ତା'ପରେ ଅନ୍ୟମାନେ ଚାଲିଗଲେ। କେବଳ
ଯୀଶୁ ଓ ସେହି ସ୍ତ୍ରୀଲୋକଟି ସେଠାରେ ରହିଗଲେ।
୧୦ଯୀଶୁ ମୁଣ୍ଡ ଟେକି ତାହାକୁ ପଚାରିଲେ, "ସେମାନେ
କୁଆଡ଼େ ଗଲେ? କ'ଣ କେହି ତୁମକୁ ଦଣ୍ଡନୀୟ ବୋଲି
ବିଚାର କଲେ ନାହିଁ।"
୧୧ସେ ସ୍ତ୍ରୀଲୋକଟି ଉତ୍ତର ଦେଲା, "ନା, ଆଜ୍ଞା
ସେମାନଙ୍କ ମଧ୍ୟରୁ କେହି ମୋତେ ଦଣ୍ଡନୀୟ ବୋଲି
ବିଚାର କଲେ ନାହିଁ।"
ତା'ପରେ ଯୀଶୁ କହିଲେ, "ତେଣୁ, ମୁଁ ମଧ୍ୟ ତୁମକୁ
ଦଣ୍ଡନୀୟ ବୋଲି ବିଚାର କରୁ ନାହିଁ। ତୁମେ ବର୍ତ୍ତମାନ
ଯାଇପାର, କିନ୍ତୁ ଆଉ କେବେ ପାପ କରିବ ନାହିଁ।"

---

### ଯୀଶୁ ହେଉଛନ୍ତି ଜଗତର ଆଲୋକ

୧୨ପରେ, ଯୀଶୁ ପୁଣି ଲୋକମାନଙ୍କୁ ଉପଦେଶ ଦେଲେ।
ସେ କହିଲେ, "ମୁଁ ଜଗତର ଆଲୋକ, ମୋତେ ଯେଉଁ
ଲୋକ ଅନୁସରଣ କରେ, ସେ କେବେ ଅନ୍ଧକାରରେ
ଚାଲିବ ନାହିଁ। ସେ ଲୋକ ଜୀବନ ପ୍ରଦାନକାରୀ ଆଲୋକ
ପାଇବ।"
୧୩କିନ୍ତୁ ଫାରୂଶୀମାନେ ଯୀଶୁଙ୍କୁ କହିଲେ, "ତୁମେ
ଯେତେବେଳେ ତୁମ ନିଜ ସାକ୍ଷ୍ୟ ହେଉଛ, ସେତେବେଳେ
ତୁମେ କେବଳ ଏସବୁ କଥା ସତ୍ୟ ବୋଲି କହୁଛ। ତେଣୁ
ଆମ୍ଭେ ତୁମର ଏସବୁ କଥା ଗ୍ରହଣ କରିପାରିବୁ ନାହିଁ।"
୧୪ଯୀଶୁ ଉତ୍ତର ଦେଲେ, "ହଁ, ମୁଁ ମୋ ବିଷୟରେ
ଏସବୁ କଥା କହୁଛି, କିନ୍ତୁ ମୁଁ ଯାହା କହୁଛି, ଲୋକେ
ବିଶ୍ୱାସ କରି ପାରିବେ। କାରଣ ମୁଁ ଜାଣେ, ମୁଁ କେଉଁଠାରୁ
ଆସିଛି ଓ ମୁଁ କେଉଁଆଡ଼େ ଯାଉଛି। ମୁଁ ତୁମମାନଙ୍କ ଭଳି
ନୁହେଁ। ତୁମେ ଜାଣି ନାହଁ, ମୁଁ କେଉଁଠାରୁ ଆସିଛି ଓ
କେଉଁଠାକୁ ଯାଉଛି। ୧୫ପୃଥିବୀର ଲୋକମାନଙ୍କୁ ବିଚାର
କଲା ଭଳି ତୁମେ ମୋର ବିଚାର କରୁଛ। ମୁଁ କାହାର
ବିଚାର କରୁ ନାହିଁ। ୧୬କିନ୍ତୁ ମୁଁ ଯଦି ବିଚାର କରେ,
ତେବେ ମୋ ବିଚାର ଠିକ୍ ହୁଅନ୍ତା। କାରଣ ମୁଁ ଏକୁଟିଆ
ନୁହେ, ମୋ' ସହିତ ମୋର ପ୍ରେରଣକର୍ତ୍ତା ପରମପିତା
ଅଛନ୍ତି। ୧୭ତୁମର ବିଧି ବ୍ୟବସ୍ଥା କୁହେ ଯେ କୌଣସି
ଘଟଣା ସମ୍ବନ୍ଧରେ ଯଦି ଦୁଇ ଜଣ ସାକ୍ଷୀ ସମାନ କଥା
କହନ୍ତି, ତେବେ ତୁମେ ନିଶ୍ଚୟ ସେମାନଙ୍କ କଥା ଗ୍ରହଣ
କରିବ। ୧୮ମୁଁ ମୋ ନିଜ ସମ୍ବନ୍ଧରେ ଜଣେ ସାକ୍ଷୀ, ଓ
ମୋତେ ପଠାଇଥିବା ପରମପିତା ମୋର ଆଉ ଜଣେ
ସାକ୍ଷୀ।"
୧୯ଲୋକମାନେ ପଚାରିଲେ, "ତୁମର ପିତା କାହାନ୍ତି?"
ଯୀଶୁ ଉତ୍ତର ଦେଲେ, "ତୁମେ ମୋତେ ଜାଣି ନାହଁ
ଓ ମୋ ପରମପିତାଙ୍କୁ ମଧ୍ୟ ଜାଣି ନାହଁ। କିନ୍ତୁ ତୁମେ
ଯଦି ମୋତେ ଜାଣିଥାନ୍ତ, ତେବେ ମୋ ପରମପିତାଙ୍କୁ ମଧ୍ୟ
ଜାଣିଥାନ୍ତ।" ୨୦ଯୀଶୁ ଏସବୁ କଥା ମନ୍ଦିର ପରିସରରେ
ଉପଦେଶ ଦେଲାବେଳେ କହିଲେ। ଦାନ-ପାତ୍ରରେ ଦାନ
ପକାଉଥିବା ସ୍ଥାନ ନିକଟରେ ଯୀଶୁ ଠିଆ ହୋଇଥିଲେ।
କିନ୍ତୁ କେହି ଲୋକ ତାହାଙ୍କୁ ବନ୍ଦୀ କଲେ ନାହିଁ।
ଯୀଶୁଙ୍କର ଉଚିତ ସମୟ ସେପର୍ଯ୍ୟନ୍ତ ଆସି ନଥିଲା।

### ଯିହୂଦୀମାନେ ଯୀଶୁଙ୍କ ବିଷୟରେ ବୁଝି ପାରିଲେ ନାହିଁ

୨୧ଯୀଶୁ ପୁନର୍ବାର ଲୋକମାନଙ୍କୁ କହିଲେ, "ମୁଁ ତୁମକୁ
ଛାଡ଼ି ଚାଲିଯିବି। ତୁମେ ମୋତେ ଖୋଜିବ। କିନ୍ତୁ ତୁମେ
ନିଜ ପାପ ସହିତ ମରିବ। ମୁଁ ଯେଉଁ ସ୍ଥାନକୁ ଯାଉଛି,
ତୁମେ ସେଠାକୁ ଯାଇପାରିବ ନାହିଁ।"
୨୨ତେଣୁ ଯିହୂଦୀମାନେ ପରସ୍ପରକୁ ପଚାରିଲେ, "ଯୀଶୁ
କ'ଣ ଆତ୍ମହତ୍ୟା କରିବେ? ସେଥିପାଇଁ କଣ ସେ କହିଲେ
ଯେ 'ମୁଁ ଯେଉଁଠାକୁ ଯାଉଛି ତୁମେମାନେ ସେଠାକୁ ଆସି
ପାରିବ ନାହିଁ?'"
୨୩କିନ୍ତୁ ଯୀଶୁ ସେହି ଯିହୂଦୀମାନଙ୍କୁ କହିଲେ, "ତୁମେମାନେ
ଏହି ସ୍ଥାନରୁ ସୃଷ୍ଟ, କିନ୍ତୁ ମୁଁ ଊର୍ଦ୍ଧ୍ବରୁ ଆସିଛି। ତୁମେମାନେ
ଏ ପୃଥିବୀର ଲୋକ, କିନ୍ତୁ ମୁଁ ପୃଥିବୀର ଲୋକ ନୁହେଁ।
୨୪ମୁଁ ତୁମକୁ କହିଥିଲି ଯେ ତୁମେ ତୁମ ପାପଗୁଡ଼ିକରେ
ମରିବ। ମୁଁ ଯେ ସେହି ବ୍ୟକ୍ତି ତୁମେ ଏହା ବିଶ୍ୱାସ ନ
କଲେ ତୁମ ନିଜ ପାପଗୁଡ଼ିକରେ ତୁମେ ମରିବ।"
୨୫ଯିହୂଦୀମାନେ ପଚାରିଲେ, "ତୁମେ କିଏ, ଆମ୍ଭମାନଙ୍କୁ
କୁହ।"
ଯୀଶୁ ଉତ୍ତର ଦେଲେ, "ମୁଁ ନିଜ ବିଷୟରେ ପ୍ରଥମରୁ
ଯାହା କହିଆସିଛି, ମୁଁ ସେହି। ୨୬ମୋର ତୁମ ବିଷୟରେ
ଅନେକ କିଛି କହିବାକୁ ଅଛି। ମୁଁ ତୁମର ବିଚାର
କରିପାରେ, କିନ୍ତୁ ମୋର ପ୍ରେରଣକର୍ତ୍ତା ମୋତେ ଯାହା
କହି ପଠାଇଛନ୍ତି, ମୁଁ ପୃଥିବୀର ଲୋକମାନଙ୍କୁ ତାହା
କହୁଛି, ଏବଂ ସେ ସତ୍ୟ କହନ୍ତି।" ୨୭ଯୀଶୁ କାହା
ବିଷୟରେ କହୁଥିଲେ, ଏକଥା ଲୋକମାନେ ବୁଝି ନଥିଲେ।
ଯୀଶୁ ପରମପିତାଙ୍କ ବିଷୟରେ କହୁଥିଲେ। ୨୮ତେଣୁ ଯୀଶୁ
ସେମାନଙ୍କୁ କହିଲେ, "ତୁମେମାନେ ମନୁଷ୍ୟପୁତ୍ରଙ୍କୁ
ଊର୍ଦ୍ଧ୍ବକୁ(ବଧକରିବାକୁ) ଉଠାଇବ। ସେତେବେଳେ ମୁଁ ଯେ
ସେହି ବ୍ୟକ୍ତି ତାହା ତୁମେ ବୁଝି ପାରିବ। ମୁଁ ନିଜେ ଯାହା
କରୁଛି, ଏସବୁ ମୋ ନିଜ ଅଧିକାରରୁ କରୁ ନାହିଁ,
ପରମପିତା ମୋତେ ଯାହା ଶିକ୍ଷା ଦେଇଛନ୍ତି ସେହି କଥା
ଯେ କେବଳ ମୁଁ କହୁଛି, ଏହା ତୁମେ ପରେ ଜାଣି
ପାରିବ। ୨୯ମୋତେ ଯେ (ପରମେଶ୍ୱର) ପଠାଇଛନ୍ତି, ସେ
ମୋ ସହିତ ଅଛନ୍ତି। ତାହାଙ୍କ ସନ୍ତୋଷଜନକ କାର୍ଯ୍ୟ ମୁଁ
ସର୍ବଦା କରେ। ତେଣୁ ସେ ମୋତେ ଏକୁଟିଆ କରି ଛାଡ଼ି
ନାହାଁନ୍ତି।" ୩୦ଯୀଶୁ ଏକଥା କହିଲାବେଳେ ତାହାଙ୍କୁ ଅନେକ
ଲୋକ ବିଶ୍ୱାସ କଲେ।

### ପାପରୁ ମୁକ୍ତ ପାଇବା ବିଷୟରେ ଯୀଶୁ କହିଲେ

୩୧ଯୀଶୁ ତାହାଙ୍କୁ ବିଶ୍ୱାସ କରୁଥିବା ଯିହୂଦୀମାନଙ୍କୁ
କହିଲେ, "ଯଦି ତୁମେ ମୋର ଶିକ୍ଷା ସବୁବେଳେ ମାନି
ଚାଲିବ, ତେବେ ତୁମେ ମୋର ପ୍ରକୃତ ଶିଷ୍ୟ ହେବ।
୩୨ତୁମେ ସତ୍ୟକୁ ଜାଣିବ ଓ ସେହି ସତ୍ୟ ତୁମକୁ ମୁକ୍ତ
କରିବ।"

୩୩ଯିହୂଦୀମାନେ ଉତ୍ତର ଦେଲେ, "ଆମ୍ଭେମାନେ ଅବ୍ରାହାମଙ୍କ
ବଂଶଧର। ଆମ୍ଭେ କେବେହେଲେ କ୍ରୀତଦାସ ହୋଇନାହୁଁ।
ତେଣୁ ତୁମ୍ଭେ କାହିଁକି କହୁଛ ଯେ ଆମ୍ଭେ ମୁକ୍ତ
ହେବୁ?"
୩୪ଯୀଶୁ ଉତ୍ତର ଦେଲେ, "ମୁଁ ତୁମ୍ଭକୁ ସତ୍ୟ କହୁଛି।
ପ୍ରତ୍ୟେକ ପାପ କରୁଥିବା ଲୋକ ହେଉଛି ଜଣେ କ୍ରୀତଦାସ।
ପାପ ତା'ର ପ୍ରଭୁ। ୩୫ଜଣେ କ୍ରୀତଦାସ ଗୋଟିଏ ପରିବାରରେ
ସର୍ବଦା ରହେ ନାହିଁ। କିନ୍ତୁ ଜଣେ ପୁତ୍ର ଗୋଟିଏ
ପରିବାର-ଭୁକ୍ତ ହୋଇ ସବୁବେଳେ ରୁହେ। ୩୬ତେଣୁ ଯଦି
ସେହି ପୁତ୍ର ତୁମ୍ଭକୁ ମୁକ୍ତ ଦିଅନ୍ତି, ତେବେ ତୁମ୍ଭେ
ପ୍ରକୃତରେ ମୁକ୍ତ ପାଇବ। ୩୭ମୁଁ ଜାଣେ ଯେ, ତୁମ୍ଭେ
ଅବ୍ରାହାମଙ୍କ ବଂଶଧର। କିନ୍ତୁ ତୁମ୍ଭେ ମୋତେ ହତ୍ୟା
କରିବାକୁ ଚାହୁଁ, ଯେହେତୁ ତୁମ୍ଭେ ମୋର ଉପଦେଶ ଗ୍ରହଣ
କରିବା ପାଇଁ ଚାହୁଁନାହିଁ। ୩୮ମୋତେ ପରମପିତା ଯାହା
ଦେଖାଇଛନ୍ତି, ତାହା ମୁଁ ତୁମ୍ଭକୁ କହୁଛି। କିନ୍ତୁ ତୁମ୍ଭେମାନେ
ତୁମ୍ଭ ପିତା ଯାହା କହିଛନ୍ତି ତାହା କରୁଛ।"
୩୯ଯିହୂଦୀମାନେ କହିଲେ, "ଅବ୍ରାହାମ ଆମ୍ଭମାନଙ୍କର
ପିତା।"
ଯୀଶୁ କହିଲେ, "ଯଦି ତୁମ୍ଭେ ପ୍ରକୃତରେ ଅବ୍ରାହମଙ୍କ
ସନ୍ତାନ, ତେବେ ତୁମ୍ଭେମାନେ ଅବ୍ରାହାମ କରିଥିବା କାର୍ଯ୍ୟମାନ
କରିବ। ୪୦ମୁଁ ତୁମ୍ଭକୁ ପରମେଶ୍ୱରଙ୍କଠାରୁ ଶୁଣିଥିବା ସତ୍ୟ
କଥା କହୁଛି। କିନ୍ତୁ ତୁମ୍ଭେମାନେ ମୋତେ ହତ୍ୟା କରିବା
ପାଇଁ ଚେଷ୍ଟା କରୁଛ। ଅବ୍ରାହାମ କିନ୍ତୁ ସେପରି କିଛି କରି
ନଥିଲେ। ୪୧ତୁମ୍ଭେ ସବୁ ତୁମ୍ଭର ନିଜ ପିତା କରିଥିବା
କାର୍ଯ୍ୟଗୁଡ଼ିକ କରୁଛ।"
କିନ୍ତୁ ଯିହୂଦୀମାନେ କହିଲେ, "ଆମ୍ଭେ ସେ ଭଳି
ସନ୍ତାନ ନୋହୁଁ, ଯେଉଁମାନେ ତାହାଙ୍କ ପିତାଙ୍କ ପରିଚୟ
ଜାଣନ୍ତି ନାହିଁ। ପରମେଶ୍ୱର ଆମ୍ଭର ପରମପିତା। ସେ
ଆମ୍ଭର ଏକମାତ୍ର ପରମପିତା।"
୪୨ଯୀଶୁ ସେହି ଯିହୂଦୀମାନଙ୍କୁ କହିଲେ, "ଯଦି ପରମେଶ୍ୱର
ପ୍ରକୃତରେ ତୁମ୍ଭର ପରମପିତା, ତେବେ ତୁମ୍ଭେ ମୋତେ
ଭଲ ପାଇବା ଉଚିତ। ମୁଁ ପରମେଶ୍ୱରଙ୍କ ପାଖରୁ ଆସିଛି
ଓ ବର୍ତ୍ତମାନ ମୁଁ ଏଠାରେ ଅଛି। ମୁଁ ମୋ କ୍ଷମତା
ଅନୁସାରେ ଆସିନାହିଁ। ପରମେଶ୍ୱର ମୋତେ ଏଠାକୁ
ପଠାଇଛନ୍ତି। ୪୩ମୁଁ ଯାହା ସବୁ କହୁଛି, ତାହା ତୁମ୍ଭେ ବୁଝି
ପାରୁ ନାହିଁ। ଏହାର କାରଣ ହେଲା, ତୁମ୍ଭେ ମୋ
ଉପଦେଶ ଗ୍ରହଣ କରି ପାରୁ ନାହିଁ। ୪୪ଶୟତାନ ହେଉଛି
ତୁମ୍ଭର ପିତା। ତୁମ୍ଭେ ତାହାର ଅଟ। ତୁମ୍ଭେ ତାର ଇଚ୍ଛା
ଅନୁସାରେ କାର୍ଯ୍ୟ କରୁଛ। ପ୍ରଥମରୁ ସେ ଜଣେ ଖୁଣୀ।
ସେ ସର୍ବଦା ସତ୍ୟର ବିରୁଦ୍ଧ। ତା' ଭିତରେ କୌଣସି
ସତ୍ୟତା ନାହିଁ। ସେ ତାର ସ୍ୱଭାବରୁ ମିଛୁଆ। ସେ
ମିଥ୍ୟାବାଦୀ, ସେ ମିଥ୍ୟାର ଜନ୍ମଦାତା। ୪୫ମୁଁ ସତ୍ୟ କହେ।
ସେଥିପାଇଁ ତୁମ୍ଭେ ମୋତେ ବିଶ୍ୱାସ କରୁନାହିଁ। ୪୬ତୁମ୍ଭମାନଙ୍କ
ମଧ୍ୟରୁ କେହି ଜଣେ ଏ କଥା ପ୍ରମାଣ କରିପାରିବ ଯେ,
ମୁଁ ପାପ ପାଇଁ ଦୋଷୀ? ଯଦି ମୁଁ ସତ୍ୟ କହେ, ତେବେ
ମୋତେ କାହିଁକି ବିଶ୍ୱାସ କରୁନାହିଁ? ୪୭ଯେଉଁ ଲୋକ
ପରମେଶ୍ୱରଙ୍କର, ସେ ପରମେଶ୍ୱର ଯାହା କହନ୍ତି ଗ୍ରହଣ
କରେ। କିନ୍ତୁ ତୁମ୍ଭେ ପରମେଶ୍ୱରଙ୍କ କଥା ଗ୍ରହଣ କରୁ
ନାହିଁ, କାରଣ ତୁମ୍ଭେ ପରମେଶ୍ୱରଙ୍କର ନୁହଁ।"

## ଯୀଶୁ ନିଜ ବିଷୟରେ ଓ ଅବ୍ରାହାମଙ୍କ ବିଷୟରେ କହିଲେ

୪୮ଯିହୂଦୀମାନେ ଉତ୍ତର ଦେଲେ, "ଆମ୍ଭେମାନେ କହୁଛୁ,
ତୁମ୍ଭେ ଜଣେ ଶମିରୋଣୀୟ। ତୁମ୍ଭ ଭିତରେ ଗୋଟିଏ ଭୂତ
ରହିଛି ଓ ସେ ତୁମ୍ଭକୁ ପାଗଳ କରିଦେଇଛି। ଆମ୍ଭର ଏହି
କଥା କ'ଣ ଠିକ ନୁହେଁ କି?"
୪୯ଯୀଶୁ ଉତ୍ତର ଦେଲେ, "ମୋ ଭିତରେ ଭୂତ ନାହିଁ।
ମୁଁ ମୋ ପରମପିତାଙ୍କୁ ସମ୍ମାନ ଦିଏ। କିନ୍ତୁ ତୁମ୍ଭେ ମୋତେ
ସମ୍ମାନ ଦେଉ ନାହିଁ। ୫୦ମୁଁ ନିଜେ ସମ୍ମାନ ପାଇବା ପାଇଁ
ଚେଷ୍ଟା କରୁନାହିଁ। ମାତ୍ର ଜଣେ ଅଛନ୍ତି, ଯିଏ ମୋ
ନିମନ୍ତେ ସମ୍ମାନ ଇଚ୍ଛା କରନ୍ତି। ସେ ହେଉଛନ୍ତି ବିଚାରକ।
୫୧ମୁଁ ତୁମ୍ଭକୁ ସତ୍ୟ କହୁଛି, ଯଦି କେହି ମୋ ଉପଦେଶ
ମାନେ, ତେବେ ସେ ଲୋକ କେବେ ମରିବ ନାହିଁ।"
୫୨ଯିହୂଦୀମାନେ ଯୀଶୁଙ୍କୁ କହିଲେ, "ଆମ୍ଭେ ବର୍ତ୍ତମାନ
ଜାଣିଲୁ ଯେ, ତୁମ୍ଭ ଭିତରେ ଗୋଟିଏ ଭୂତ ଅଛି। ଏପରିକି
ଅବ୍ରାହାମ ମରିଥିଲେ ଓ ଭବିଷ୍ୟଦ୍‌ବକ୍ତାମାନେ ମଧ୍ୟ ମରିଥିଲେ।
କିନ୍ତୁ ତୁମ୍ଭେ କହୁଛ, 'ମୋ ଉପଦେଶ ମାନିବା ଲୋକ
କଦାପି ମରିବ ନାହିଁ।' ୫୩ତୁମ୍ଭେ କ'ଣ ଭାବୁଛ ଯେ, ତୁମ୍ଭେ
ଆମ୍ଭ ପିତା ଅବ୍ରାହାମଙ୍କଠାରୁ ମହାନ୍? ଅବ୍ରାହାମ ତ'ମରି
ଗଲେ ଓ ଭବିଷ୍ୟଦ୍‌ବକ୍ତାମାନେ ମଧ୍ୟ ମରିଗଲେ। ତୁମ୍ଭେ
ନିଜକୁ କିଏ ବୋଲି ଭାବୁଛ?"
୫୪ଯୀଶୁ ଉତ୍ତର ଦେଲେ, "ଯଦି ମୁଁ ନିଜକୁ ସମ୍ମାନ
ଦିଅନ୍ତି, ତେବେ ସେ ସମ୍ମାନର କିଛି ମୂଲ୍ୟ ନାହିଁ।
ମୋତେ ଯିଏ ସମ୍ମାନ ଦିଅନ୍ତି, ସେ ମୋର ପରମ ପିତା।
ଏବଂ ତୁମ୍ଭେମାନେ କହୁଛ, ସେ ତୁମ୍ଭର ପରମେଶ୍ୱର।
୫୫କିନ୍ତୁ ତୁମ୍ଭେ ତାହାଙ୍କୁ ପ୍ରକୃତରେ ଜାଣି ନାହିଁ। ମୁଁ
ତାହାଙ୍କୁ ଜାଣେ। ଯଦି ମୁଁ କୁହେ ଯେ, ମୁ ତାହାଙ୍କୁ ଜାଣେ
ନାହିଁ, ତେବେ ମୁଁ ତୁମ୍ଭମାନଙ୍କ ଭଳି ମିଥ୍ୟାବାଦୀ ହେବି।
କିନ୍ତୁ ମୁଁ ତାହାଙ୍କୁ ଅବଶ୍ୟ ଜାଣେ, ସେ ଯାହା କହନ୍ତି, ମୁଁ
ସେଗୁଡ଼ିକ ପାଳନ କରେ। ୫୬ମୋର ଆଗମନ ଦେଖି
ପାରିବେ ବୋଲି ଆଶାକରି ତୁମ ପିତା ଅବ୍ରାହାମ ବହୁତ
ଖୁସି ହୋଇଥିଲେ। ସେ ସେହି ଦିନଟି ଦେଖିଲେ ଓ ଖୁସି
ହେଲେ।"
୫୭ଯିହୂଦୀମାନେ ଯୀଶୁଙ୍କୁ କହିଲେ, "କ'ଣ ତୁମ୍ଭେ
ଅବ୍ରାହାମକୁ କଦାପି ଦେଖିନାହଁ! ତୁମ୍ଭର ବୟସ ତ ପଚାଶ
ବର୍ଷ ବି ନୁହେଁ।"
୫୮ଯୀଶୁ ଉତ୍ତର ଦେଲେ, "ମୁଁ ତୁମ୍ଭକୁ ସତ୍ୟ କହୁଛି,
ଅବ୍ରାହାମଙ୍କ ଜନ୍ମ ପୂର୍ବରୁ, ମୁଁ ନିଜେ ଅଛି।" ୫୯ଯୀଶୁ
ଏକଥା କହିବାବେଳେ ଲୋକମାନେ ତାହାଙ୍କୁ ମାରିବା ପାଇଁ
ପଥର ଉଠେଇଲେ। ମାତ୍ର ସେ ଲୁଚି ଗଲେ ଓ ପରେ
ମନ୍ଦିର ପରିସରରୁ ବାହାରି ଚାଲିଗଲେ।

## ଯୀଶୁ ଜଣେ ଜନ୍ମାନ୍ଧକୁ ଦୃଷ୍ଟିଶକ୍ତି ଦେଲେ

୯ ଯୀଶୁ ଯାଉଥିବା ବେଳେ ଜଣେ ଅନ୍ଧକୁ ଦେଖିଲେ।
ସେ ଲୋକଟି ଜନ୍ମରୁ ଅନ୍ଧ ଥିଲା। ୨ଯୀଶୁଙ୍କର

ଶିଷ୍ୟମାନେ ତାହାଙ୍କୁ ପଚାରିଲେ, "ଗୁରୁ, ଏହି ଲୋକଟି
ଜନ୍ମରୁ ଅନ୍ଧ। କିନ୍ତୁ ସେ କାହାର ପାପ ହେତୁ ଅନ୍ଧ
ହୋଇ ଜନ୍ମ ହେଲା? ଏହା ତା' ନିଜର ପାପ ନା ତା
ପିତା-ମାତାଙ୍କର?"
୩ଯୀଶୁ ଉତ୍ତର ଦେଲେ, "ଏହା ତାର ପାପ କିମ୍ବା ତା'
ବାପା-ମାଙ୍କର ପାପ ତାକୁ ଅନ୍ଧ କରି ନାହିଁ। ଏହି
ଲୋକଟି ଅନ୍ଧ ହୋଇ ଜନ୍ମ ହୋଇଛି, ଯେପରି ଏହି
ଲୋକକୁ ମୁଁ ସୁସ୍ଥ କଲାବେଳେ ଲୋକମାନଙ୍କ ଆଗରେ
ପରମେଶ୍ୱରଙ୍କ ଶକ୍ତି ପ୍ରଦର୍ଶିତ ହୋଇପାରିବ। ୪ଦିନ ଥାଉଁ
ଥାଉଁ ମୋର ପ୍ରେରଣକର୍ତ୍ତାଙ୍କ କାର୍ଯ୍ୟ ଆମେ ଅବିରତ
କରିବା ଉଚିତ୍। ରାତି ଆସୁଅଛି। ରାତିରେ କେହି କାର୍ଯ୍ୟ
କରିପାରିବେ ନାହିଁ। ୫ମୁଁ ଜଗତରେ ଥିବା ପର୍ଯ୍ୟନ୍ତ ଜଗତ
ନିମନ୍ତେ ଆଲୋକ ଅଟେ ଓ ସମସ୍ତଙ୍କୁ ଆଲୋକ
ଦେଉଥିବି।"
୬ଯୀଶୁ ଏକଥା କହିଲାପରେ ଭୂଇଁରେ ଛେପ ପକାଇ
କାଦୁଅ କରି, ସେହି କାଦୁଅକୁ ନେଇ ସେ ସେହି ଜନ୍ମାନ୍ଧ
ଲୋକଟିର ଆଖିରେ ଲଗେଇଦେଲେ। ୭ଯୀଶୁ ତାହାଙ୍କୁ
କହିଲେ, "ଯାଅ, ଶିଲୋହ ପୋଖରୀରେ ଧୋଇ ଦିଅ।"
(ଶିଲୋହ ପଦର ଅର୍ଥ 'ପ୍ରେରିତ।') ତା'ପରେ ସେ ଅନ୍ଧ
ଲୋକଟି ପୋଖରୀରେ ଧୋଇ ହୋଇ ଆସିଲା। ସେ
ବର୍ତ୍ତମାନ ଦେଖିପାରୁଥିଲା।
୮କେତେକ ଲୋକ ଏହି ଲୋକଟିକୁ ପ୍ରଥମେ ଭିକ
ମାଗିବା ଦେଖିଥିଲେ। ସେହି ଲୋକମାନେ ଓ ଲୋକଟିର
ପଡ଼ୋଶୀମାନେ ତାହାଙ୍କୁ ଦେଖି କହିଲେ, "ଦେଖ, ଯିଏ
ସବୁବେଳେ ବସି ଭିକ ମାଗୁଥାଏ ଏ ଲୋକଟି ସେହି
ନୁହେଁ କି?"
୯କେତେକ କହିଲେ, "ହଁ, ଏ ସେହି ଲୋକ।" କିନ୍ତୁ
ଅନ୍ୟ ଲୋକମାନେ କହିଲେ, "ନାଁ, ଏ ସେହି ଲୋକ
ନୁହେଁ। ଏ ଲୋକଟି ତା'ରି ଭଳି ଦେଖାଯାଉଛି।"
ତେଣୁ ସେ ଲୋକ ନିଜେ କହିଲା, "ମୁଁ ସେହି ଲୋକ,
ଯିଏ ପ୍ରଥମେ ଅନ୍ଧ ଥିଲା।"
୧୦ଲୋକମାନେ ତାକୁ ପଚାରିଲେ, "କ'ଣ ହେଲା?
ତୁମେ କିପରି ଦୃଷ୍ଟି ଶକ୍ତି ପାଇଲ?" ୧୧ସେ ଲୋକଟି
ଉତ୍ତର ଦେଲା "ଲୋକମାନେ ଯାହାଙ୍କୁ ଯୀଶୁ ବୋଲି
କହନ୍ତି, ସେ ଛେପ ଦ୍ୱାରା ମାଟିକୁ କାଦୁଅ କରି ମୋ
ଆଖିରେ ବୋଳିଦେଲେ। ତା'ପରେ ସେ ମୋତେ ଶିଲୋହ
ପୋଖରୀରେ ଧୋଇହେବା ପାଇଁ କହିଲେ। ତାପରେ ମୁଁ
ସେହି ପୋଖରୀରେ ଧୋଇହେବା ପରେ ଦେଖିପାରିଲି।"
୧୨ଲୋକମାନେ ତାହାକୁ ପଚାରିଲେ, "ସେ ଲୋକ
କେଉଁଠି ଅଛନ୍ତି?"
ଲୋକଟି କହିଲା, "ମୁଁ ଜାଣେ ନାହିଁ।"

## ଯୀଶୁ ସୁସ୍ଥ କରିଥିବା ଲୋକକୁ ଯିହୂଦୀମାନଙ୍କର ପ୍ରଶ୍ନ

୧୩ଏହା ପରେ ଲୋକମାନେ ସେ ଲୋକଟିକୁ ଫାରୂଶୀମାନଙ୍କ
ପାଖକୁ ନେଇଗଲେ। ଏହି ଲୋକଟି ପୂର୍ବରୁ ଅନ୍ଧ ଥିଲା,
୧୪ଯୀଶୁ କାଦୁଅ କରିଥିଲେ ଓ ତା' ଆଖି ସୁସ୍ଥ କରି
ଥିଲେ। ସେ ଏ କାର୍ଯ୍ୟ ବିଶ୍ରାମବାର ଦିନ କରିଥିଲେ।
୧୫ତେଣୁ ଫାରୂଶୀମାନେ ମଧ୍ୟ ସେ ଲୋକକୁ ପଚାରିଲେ,
"ତୁମେ କିପରି ଦୃଷ୍ଟିଶକ୍ତି ପାଇଲ?"
ସେ କହିଲା, "ସେ ମୋ ଆଖିରେ କାଦୁଅ ଲଗେଇଦେଲେ।
ଧୋଇବା ପରେ ମୁଁ ଏବେ ଦେଖି ପାରୁଛି।"
୧୬କେତେକ ଫାରୂଶୀମାନେ କହିଲେ, "ଏ ଲୋକ
ବିଶ୍ରାମବାରର ନିୟମ ମାନୁ ନାହିଁ। ତେଣୁ ସେ ପରମେଶ୍ୱରଙ୍କ
ପାଖରୁ ଆସି ନାହିଁ।"
ଅନ୍ୟମାନେ କହିଲେ, "ଜଣେ ପାପୀ କେବେ ଏଭଳି
ଆଶ୍ଚର୍ଯ୍ୟକାର୍ଯ୍ୟ କରି ପାରିବ ନାହିଁ।" ଏହା ଯିହୂଦୀମାନଙ୍କ
ମଧ୍ୟରେ ମତଭେଦ ହେଲା।
୧୭ଯିହୂଦୀମାନେ ସେହି ଲୋକକୁ ଆଉ ଥରେ ପଚାରିଲେ,
"ଏହି ଲୋକ (ଯୀଶୁ) ତୁମକୁ ସୁସ୍ଥ କଲା ଓ ତୁମେ ଦେଖି
ପାରିଲ। ତୁମେ ତା' ବିଷୟରେ କ'ଣ କହୁଛ?"
ସେହି ଲୋକଟି ଉତ୍ତର ଦେଲା, "ସେ ଜଣେ
ଭବିଷ୍ୟଦ୍‌ବକ୍ତା।"
୧୮ଯିହୂଦୀମାନେ ତଥାପି ତାହାର ସୁସ୍ଥ ହେବା ବିଷୟ
ବିଶ୍ୱାସ କଲେ ନାହିଁ। ସେ ଲୋକର ପିତା-ମାତାଙ୍କୁ ନ
ଡାକିବା ପର୍ଯ୍ୟନ୍ତ ସେମାନେ ମୋଟେ ବିଶ୍ୱାସ କଲେ ନାହିଁ
ଯେ, ସେ ଲୋକଟି ଅନ୍ଧ ଥିଲା ଓ ତାକୁ ସେ ଦେଖି
ପାରୁଛି। ୧୯ଯିହୂଦୀମାନେ ତା'ର ପିତା-ମାତାଙ୍କୁ ପଚାରିଲେ,
"ଇଏ କ'ଣ ତୁମ ପୁଅ? ତୁମେ କହୁଛ ଯେ, ସେ
ଜନ୍ମାନ୍ଧ। ତେବେ ସେ ବର୍ତ୍ତମାନ କିପରି ଦେଖି ପାରୁଛି?"
୨୦ପିତା-ମାତା ଉତ୍ତର ଦେଲେ, "ଆମେ ଜାଣୁ ଯେ
ଇଏ ଆମ ପୁଅ ଓ ସେ ଜନ୍ମରୁ ଅନ୍ଧ ଥିଲା। ୨୧କିନ୍ତୁ
ଆମେ ଜାଣିନୁ, ସେ ଏବେ କିପରି ଦେଖି ପାରୁଛି? ତାକୁ
କିଏ ତାର ଦୃଷ୍ଟିଶକ୍ତି ଦେଲା, ତାହା ଆମେ ଜାଣିନାହୁଁ।
ତାକୁ ପଚାର। ନିଜ କଥା ନିଜେ କହିବା ପାଇଁ ତାର
ବୟସ ହେଲାଣି।" ୨୨ଯିହୂଦୀ ନେତାମାନଙ୍କୁ ଭୟ କରି
ତାର ପିତା-ମାତା ଏପରି କହିଲେ। ସେମାନେ ସେତେବେଳେକୁ
ସ୍ଥିର କରି ସାରିଥିଲେ ଯେ, ଯେଉଁ ବ୍ୟକ୍ତି ଯୀଶୁଙ୍କୁ ମଶୀହ
ବୋଲି କହିବ, ସେମାନେ ତାକୁ ଦଣ୍ଡ ଦେବେ ଓ ସେହି
ଲୋକମାନଙ୍କୁ ପ୍ରାର୍ଥନା-ଗୃହରୁ ବାହାର କରିଦେବେ। ୨୩ତେଣୁ
ତାର ପିତା-ମାତା କହିଲେ, "ତା'ର ଯଥେଷ୍ଟ ବୟସ
ହୋଇଛି। ତାକୁ ପଚାର।"
୨୪ତେଣୁ ଯିହୂଦୀ ନେତାମାନେ ସେହି ପୂର୍ବରୁ ଅନ୍ଧଥିବା
ଲୋକକୁ ଆଉଥରେ ଭିତରକୁ ଡାକିଲେ। ସେମାନେ
କହିଲେ, "ତୁମେ ସତ୍ୟ କହି ପରମେଶ୍ୱରଙ୍କୁ ଗୌରବ
ଦେବା ଉଚିତ। ଆମେ ଜାଣୁ ଯେ, ଏହି ଲୋକ (ଯୀଶୁ)
ଜଣେ ପାପୀ।"
୨୫ଲୋକଟି ଉତ୍ତର ଦେଲା, "ସେ ପାପୀ କି ନାହିଁ, ମୁଁ
ଜାଣିନାହିଁ। କିନ୍ତୁ ମୁଁ ଅନ୍ଧ ଥିଲି ଓ ବର୍ତ୍ତମାନ ଦେଖିପାରୁଛି।"
୨୬ଯିହୂଦୀ ନେତାମାନେ ପଚାରିଲେ, "ସେ ତୁମକୁ କ'ଣ
କରିଲା? ସେ ତୁମ ଆଖିକୁ କିପରି ଭଲ କରି ଦେଲା?"
୨୭ସେ ଲୋକ କହିଲା, "ମୁଁ ସେ କଥା ତୁମକୁ ଆଗରୁ
କହିସାରିଛି। କିନ୍ତୁ ତୁମେ ମୋ କଥା ଶୁଣୁନାହଁ। ତୁମେ
ପୁଣି କାହିଁକି ଶୁଣିବା ପାଇଁ ଚାହୁଁଛ? ତୁମେ ମଧ୍ୟ କ'ଣ
ତାହାଙ୍କର ଶିଷ୍ୟ ହେବା ପାଇଁ ଚାହୁଁଛ?"

୨୮ଯିହୂଦୀନେତାମାନେ ଖୁବ୍ ରାଗିଯାଇ ତାକୁ ଗାଳିଦେଲେ।
ତା'ପରେ ସେମାନେ କହିଲେ, "ତୁମେ ସେହି ଲୋକର
ଶିଷ୍ୟ। କିନ୍ତୁ ଆମେ ମୋଶାଙ୍କର ଶିଷ୍ୟ। ୨୯ଆମେ ଜାଣୁ,
ପରମେଶ୍ୱର ମୋଶାଙ୍କୁ କଥା କହିଛନ୍ତି। କିନ୍ତୁ ଏ ଲୋକ
କେଉଁଠାରୁ ଆସିଛି, ଆମେ ତାହା ସୁଦ୍ଧା ଜାଣିନାହୁଁ।"
୩୦ଲୋକଟି ଉତ୍ତର ଦେଲା, "ଏହା ବଡ଼ ଆଶ୍ଚର୍ଯ୍ୟ
କଥା। ଯୀଶୁ କେଉଁଠାରୁ ଆସିଛନ୍ତି ତୁମେ ଜାଣିନାହଁ। କିନ୍ତୁ
ସେ ମୋ ଆଖି ଭଲ କରି ଦେଇଛନ୍ତି। ୩୧ଆମେ ସମସ୍ତେ
ଜାଣୁ ଯେ, ପରମେଶ୍ୱର ପାପୀଙ୍କ କଥା ଶୁଣନ୍ତି ନାହିଁ।
କିନ୍ତୁ ଯେଉଁ ଲୋକ ପରମେଶ୍ୱରଙ୍କ ଉପାସନା କରେ ଓ
ତାହାଙ୍କ କଥା ପାଳନ କରେ ପରମେଶ୍ୱର ତା'ର କଥା
ଶୁଣନ୍ତି। ୩୨ଆଜି ପର୍ଯ୍ୟନ୍ତ କେହି କେବେ ଜଣେ ଜନ୍ମାନ୍ଧର
ଆଖି ଖୋଲି ପାରି ନ ଥିଲେ। ୩୩ଏ ଲୋକ ନିଶ୍ଚିତ
ରୂପରେ ପରମେଶ୍ୱରଙ୍କ ପାଖରୁ ଆସିଛି, ନହେଲେ ସେ
ଏଭଳି କିଛି କାର୍ଯ୍ୟ କରି ପାରି ନଥାନ୍ତା।"
୩୪ଯିହୂଦୀମାନେ ଉତ୍ତର ଦେଲେ, "ତୁମେ ତ ସମ୍ପୂର୍ଣ୍ଣ
ପାପରୁ ଜନ୍ମ ହୋଇଛ। ତୁମେ କ'ଣ ଆମକୁ ଶିକ୍ଷା ଦେବା
ପାଇଁ ଚେଷ୍ଟା କରୁଛ?" ଏହା କହି ସେମାନେ ତାକୁ
ଜବରଦସ୍ତ ତଡ଼ି ଦେଲେ।

### ଆତ୍ମିକ ଅନ୍ଧତା

୩୫ଯୀଶୁ ଶୁଣିଲେ ଯେ, ଯିହୂଦୀନେତାମାନେ ସେ ଲୋକକୁ
ଜବରଦସ୍ତ ତଡ଼ି ଦେଇଛନ୍ତି। ଯୀଶୁ ସେ ଲୋକକୁ ଖୋଜି
ପାଇଲେ। ଏବଂ ସେ ତାହାକୁ ପଚାରିଲେ, "ତୁମେ କ'ଣ
ମନୁଷ୍ୟପୁତ୍ରଙ୍କୁ ବିଶ୍ୱାସ କର?"
୩୬ସେ ଲୋକଟି ପଚାରିଲା, "ଆଜ୍ଞା, ମନୁଷ୍ୟ ପୁତ୍ର
କିଏ? ମୋତେ କୁହନ୍ତୁ ଯେପରି ମୁଁ ତାହାଙ୍କଠାରେ ବିଶ୍ୱାସ
କରି ପାରେ।"
୩୭ଯୀଶୁ ତାହାକୁ କହିଲେ, "ତୁମେ ତାହାଙ୍କୁ ଦେଖି
ସାରିଛ। ତୁମ୍ଭ ସହିତ ବର୍ତ୍ତମାନ ଯିଏ କଥା ହେଉଛନ୍ତି,
ସେ ସେହି ମନୁଷ୍ୟପୁତ୍ର।"
୩୮ସେ ଲୋକଟି ଉତ୍ତର ଦେଲା, "ହଁ, ପ୍ରଭୁ ମୁଁ ବିଶ୍ୱାସ
କରେ।" ସେ ମୁଣ୍ଡ ନୁଆଁଇ ଯୀଶୁଙ୍କୁ ପ୍ରଣାମ କଲା।
୩୯ଯୀଶୁ କହିଲେ, "ମୁଁ ଜଗତକୁ ଆସିଛି, ଯେପରି ଏ
ଜଗତ ବିଚାରିତ ହେବ। ମୁଁ ଆସିଛି ଯେପରି ଅନ୍ଧ
ଲୋକମାନେ ଦେଖି ପାରିବେ। ଏବଂ ଯେଉଁମାନେ ଦେଖି
ପାରୁଛନ୍ତି ବୋଲି ମନେମନେ ଭାବୁଛନ୍ତି, ସେମାନେ ଅନ୍ଧ
ହେବେ।"
୪୦ଯୀଶୁଙ୍କ ପାଖରେ କେତେକ ଫାରୂଶୀ ଥିଲେ। ସେମାନେ
ଯୀଶୁଙ୍କର ଏପରି କହିବା ଶୁଣିଲେ। ସେମାନେ ପଚାରିଲେ,
"କ'ଣ? ତା ମାନେ ତୁମେ କହୁଛ ଯେ ଆମେ ମଧ୍ୟ
ଅନ୍ଧ?"
୪୧ଯୀଶୁ କହିଲେ, "ତୁମେ ଯଦି ପ୍ରକୃତରେ ଅନ୍ଧ(ଅବୋଧ)
ହୋଇଥାନ୍ତ, ତେବେ ଦୋଷୀ ବିବେଚିତ ହୁଅନ୍ତ ନାହିଁ।
କିନ୍ତୁ ତୁମେ କହୁଛ ଯେ ତୁମେ ଦେଖି ପାରୁଛ, ତେଣୁ
ତୁମେ ଦୋଷୀ।"

### ମେଷପାଳକ ଓ ତା'ର ମେଷ

୧୦ ଯୀଶୁ କହିଲେ, "ମୁଁ ତୁମ୍ଭକୁ ସତ୍ୟ କହୁଛି, ଯଦି
କୌଣସି ଲୋକ ମେଷଶାଳାରେ ପ୍ରବେଶ କରେ,
ତେବେ ସେ ଦ୍ୱାର ବାଟେ ଯିବା ଉଚିତ୍। ଯଦି ସେ ଅନ୍ୟ
ବାଟ ଚଢ଼ି ଭିତରକୁ ଯାଏ, ତେବେ ସେ ଚୋର। ସେ
ନିଶ୍ଚୟ ମେଣ୍ଢା ଚୋରି କରିବା ପାଇଁ ଚେଷ୍ଟା କରୁଛି। ୨କିନ୍ତୁ
ଯେଉଁ ଲୋକ ମେଣ୍ଢାମାନଙ୍କର ଯତ୍ନ ନିଏ, ସେ ଫାଟକ
ଭିତର ଦେଇ ଯାଏ। ସେ ହିଁ ମେଷପାଳକ। ୩ଫାଟକ
ଜଗୁଆଳୀ ମେଷପାଳକ ପାଇଁ ଫାଟକ ଖୋଲେ। ମେଣ୍ଢାମାନେ
ମେଷପାଳକର କଥା ଶୁଣନ୍ତି। ମେଷପାଳକ ତା'ର ମେଣ୍ଢାକୁ
ନାମ ଧରି ଡାକେ ଓ ବାହାରେ ଚରାଏ। ୪ସେ ସବୁ
ମେଣ୍ଢାମାନଙ୍କୁ ବାହାରକୁ ଆଣେ, ସେମାନଙ୍କ ଆଗେ-ଆଗେ
ଚାଲେ ଓ ମେଣ୍ଢାମାନେ ତାହାର ଅନୁସରଣ କରନ୍ତି, କାରଣ
ମେଣ୍ଢାମାନେ ତା'ର ସ୍ୱର ଜାଣନ୍ତି। ୫କିନ୍ତୁ ମେଣ୍ଢାମାନେ
ଅପରିଚିତ ଲୋକର ଅନୁସରଣ କରନ୍ତି ନାହିଁ। ସେମାନେ
ତା ପାଖରୁ ଦୌଡ଼ି ପଳାନ୍ତି, କାରଣ ସେମାନେ ଅପରିଚିତ
ଲୋକର ସ୍ୱର ଚିହ୍ନନ୍ତି ନାହିଁ।" ୬ଯୀଶୁ ଲୋକମାନଙ୍କୁ ଏହି
କାହାଣୀ କହିଲେ। କିନ୍ତୁ ଲୋକମାନେ ତାହାଙ୍କ ଏହି
କାହାଣୀର ଅର୍ଥ ବୁଝିପାରିଲେ ନାହିଁ।

### ଯୀଶୁ ଉତ୍ତମ ମେଷପାଳକ

୭ତେଣୁ ଯୀଶୁ ଆଉଥରେ କହିଲେ, "ମୁଁ ତୁମକୁ ସତ୍ୟ
କହୁଛି, ମୁଁ ହେଉଛି ମେଣ୍ଢାମାନଙ୍କ ଫାଟକ। ୮ମୋ ପୂର୍ବରୁ
ଯେଉଁ ଲୋକମାନେ ଆସିଥିଲେ, ସେମାନେ ଚୋର ଓ
ଡକାୟତ। ମେଣ୍ଢାମାନେ ସେମାନଙ୍କ କଥା ଶୁଣିଲେ ନାହିଁ।
୯ମୁଁ ଫାଟକ। ଯେଉଁ ବ୍ୟକ୍ତି ମୋ (ଫାଟକ) ଦେଇ
ପ୍ରବେଶ କରେ, ସେ ରକ୍ଷା ପାଇବ। ସେହି ଲୋକ
ଭିତରକୁ ଆସିପାରିବ ଓ ବାହାରକୁ ଯାଇ ପାରିବ। ତା'ର
ଯାହା ଦରକାର, ସେ ସବୁ ପାଇବ। ୧୦ଜଣେ ଚୋର
ଚୋରି, ହତ୍ୟା ଓ ନଷ୍ଟ କରିବା ପାଇଁ ଆସେ। କିନ୍ତୁ ମୁଁ
ସେମାନଙ୍କୁ ପୂର୍ଣ୍ଣ ଓ ଉତ୍ତମ ଜୀବନ ଦେବା ପାଇଁ ଆସିଛି।
୧୧"ମୁଁ ଉତ୍ତମ ମେଷପାଳକ। ଉତ୍ତମ ମେଷପାଳକ
ମେଣ୍ଢାମାନଙ୍କ ପାଇଁ ତା'ର ଜୀବନ ଦିଏ। ୧୨ମେଣ୍ଢା ରଖିବା
ପାଇଁ ଯେଉଁ ମୂଲିଆକୁ ରଖାଯାଇଛି, ସେ ଲୋକ ମେଷପାଳକ
ଠାରୁ ଭିନ୍ନ। ମେଷଗୁଡ଼ିକ ମୂଲିଆର ନୁହଁନ୍ତି। ତେଣୁ ସେ
ଗଧିଆ ଆସିବା ଦେଖିଲେ ମେଣ୍ଢାମାନଙ୍କୁ ଏକୁଟିଆ ଛାଡ଼ି
ଦୌଡ଼ି ପଳାଏ। ତା'ପରେ ଗଧିଆ ମେଣ୍ଢାମାନଙ୍କ ଉପରକୁ
କୁଦା ମାରେ ଓ ସେମାନଙ୍କୁ ଛିନ୍ନଭିନ୍ନ କରି ଦିଏ। ୧୩ସେ
ଲୋକଟି ଦୌଡ଼ି ପଳାଏ, କାରଣ ସେ ମୂଲିଆ। ସେ
ପ୍ରକୃତରେ ମେଣ୍ଢାମାନଙ୍କର ଯତ୍ନ ନିଏ ନାହିଁ।
୧୪-୧୫"ମୁଁ ମେଷପାଳକ ଯିଏ କି ମେଣ୍ଢାମାନଙ୍କର ଯତ୍ନ
ନିଏ। ମୁଁ ମୋର ମେଣ୍ଢାକୁ ଜାଣେ ଯେପରି, ପରମପିତା
ମୋତେ ଜାଣନ୍ତି। ମୁଁ ଯେପରି ପରମପିତାଙ୍କୁ ଜାଣେ,
ସେହିପରି ମୋର ମେଣ୍ଢାମାନେ ମୋତେ ଜାଣନ୍ତି। ମୁଁ ଏ
ମେଣ୍ଢାମାନଙ୍କ ପାଇଁ ଜୀବନ ଦିଏ। ୧୬ମୋର ଅନ୍ୟ
ମେଣ୍ଢାମାନେ ମଧ୍ୟ ଅଛନ୍ତି। ସେମାନେ ଏହି ପଲରେ
ନାହାଁନ୍ତି। ମୁଁ ସେମାନଙ୍କୁ ମଧ୍ୟ ଆଣିବି। ସେମାନେ ମୋର

ସ୍ୱର ଶୁଣିବେ। ଭବିଷ୍ୟତରେ ଗୋଟିଏ ପଲ ହେବ, ଓ
ସେ ପଲର ଜଣେ ମେଷପାଳକ ହେବେ। ୧୭ପରମପିତା
ମୋତେ ପ୍ରେମ କରନ୍ତି କାରଣ ମୁଁ ମୋ ଜୀବନ ଦିଏ। ମୁଁ
ଜୀବନ ଦିଏ, ଯେହେତୁ ମୁଁ ପୁନର୍ବାର ସେହି ଜୀବନ ଲାଭ
କରିପାରେ। ୧୮ମୋ'ଠାରୁ କେହି ମୋ ଜୀବନ ନେଇ
ପାରିବ ନାହିଁ। ମୁଁ ସ୍ୱେଚ୍ଛାରେ ମୋ ଜୀବନ ଦିଏ। ମୋର
ଜୀବନ ଦେବାର ଅଧିକାର ଅଛି। ଏବଂ ମୋର ପୁନର୍ବାର
ଜୀବନ ଫେରି ପାଇବାର ମଧ୍ୟ ଅଧିକାର ରହିଛି। ଏହି
କଥା ମୋତେ ପରମପିତା କହିଛନ୍ତି।"
୧୯ଯୀଶୁଙ୍କର ଉକ୍ତ ସମସ୍ତ କଥା ଶୁଣିବା ପରେ
ଯିହୂଦୀମାନଙ୍କ ମଧ୍ୟରେ ପୁନର୍ବାର ଭିନ୍ନ ମତ ପ୍ରକାଶ
ପାଇଲା। ୨୦ସେମାନଙ୍କ ମଧ୍ୟରୁ ଅନେକ ଯିହୂଦୀ କହିଲେ,
"ଜଣେ ଭୂତ ତା ଭିତରକୁ ଆସିଛି ଓ ତାହାକୁ ପାଗଳ
କରିଦେଇଛି। ଏ ଭଳି ଲୋକର କଥା ଶୁଣି ଲାଭ ନାହିଁ।"
୨୧କିନ୍ତୁ ଅନ୍ୟ ଯିହୂଦୀମାନେ କହିଲେ, "ନିଜ ଭିତରେ
ଭୂତ ରହିଥିବା ଜଣେ ଲୋକ ଏଭଳି କଥା କହେ ନାହିଁ।
ଗୋଟିଏ ଭୂତ କ'ଣ କେବେ ଅନ୍ଧ ଲୋକର ଆଖି ଭଲ
କରି ଦେଇ ପାରିବ? ନା!"

## ଯୀଶୁଙ୍କ ବିରୁଦ୍ଧରେ ଯିହୂଦୀମାନେ

୨୨ସେତେବେଳେ ଶୀତଋତୁ। ଯିରୂଶାଲମରେ 'ମନ୍ଦିର
ପ୍ରତିଷ୍ଠା' ପର୍ବ ପଡ଼ିଲା। ୨୩ଯୀଶୁ ମନ୍ଦିରରେ ଶଲୋମନଙ୍କର
ମଣ୍ଡପରେ ବୁଲୁ ଥିଲେ। ୨୪ଯିହୂଦୀମାନେ ଯୀଶୁଙ୍କ ଚାରିପାଖେ
ଘେରିଗଲେ। ସେମାନେ ପଚାରିଲେ, "ତୁମେ କେତେ
ସମୟ ପର୍ଯ୍ୟନ୍ତ ନିଜ ବିଷୟରେ ଆମକୁ ସନ୍ଦେହରେ
ରଖିବ? ଯଦି ତୁମେ ନିଜେ ଖ୍ରୀଷ୍ଟ, ତେବେ ଆମକୁ ସ୍ପଷ୍ଟ
ଭାବରେ କୁହ।"
୨୫ଯୀଶୁ ଉତ୍ତର ଦେଲେ, "ମୁଁ ତୁମକୁ କହି ସାରିଛି
କିନ୍ତୁ ତୁମେ ବିଶ୍ୱାସ କରୁ ନାହଁ। ମୁଁ ମୋର ପରମପିତାଙ୍କ
ନାମରେ ଅନେକ ଆଶ୍ଚର୍ଯ୍ୟକାର୍ଯ୍ୟ କରିଛି। ସେହି
ଆଶ୍ଚର୍ଯ୍ୟକାର୍ଯ୍ୟ ସବୁ ଦର୍ଶାଏ ଯେ, ମୁଁ କିଏ। ୨୬କିନ୍ତୁ ତୁମେ
ବିଶ୍ୱାସ କରୁନାହଁ, କାରଣ ତୁମେ ମୋର ମେଣ୍ଢା ନୁହଁ।
୨୭ମୋ ସ୍ୱର ମୋ ମେଣ୍ଢାମାନେ ଶୁଣନ୍ତି। ମୁଁ ସେମାନଙ୍କୁ
ଜାଣେ ଓ ସେମାନେ ମୋତେ ଅନୁସରଣ କରନ୍ତି। ୨୮ମୁଁ
ନିଜ ମେଣ୍ଢାମାନଙ୍କୁ ଅନନ୍ତ ଜୀବନ ଦିଏ। ସେମାନେ
କଦାପି ମରିବେ ନାହିଁ। ସେମାନଙ୍କୁ ମୋ ହାତରୁ କେହି
ଛଡ଼େଇ ନେଇ ପାରିବେ ନାହିଁ। ୨୯ମୋ ପରମପିତା
ମୋତେ ମୋର ମେଣ୍ଢାମାନଙ୍କୁ ଦେଇଛନ୍ତି। ସେ ସମସ୍ତଙ୍କଠାରୁ
ମହାନ୍। ମୋ' ପରମପିତାଙ୍କ ହାତରୁ କୌଣସି ଲୋକ
ମୋ ମେଣ୍ଢା ଚୋରି କରିପାରିବ ନାହିଁ। ୩୦ପରମପିତା ଓ
ମୁଁ ଏକ।"
୩୧ଯିହୂଦୀମାନେ ଯୀଶୁଙ୍କୁ ମାରିବା ପାଇଁ ପୁଣି ପଥର
ଉଠେଇଲେ। ୩୨କିନ୍ତୁ ଯୀଶୁ ସେମାନଙ୍କୁ କହିଲେ, "ମୁଁ
ପରମପିତାଙ୍କ ନିର୍ଦ୍ଦେଶ ଅନୁସାରେ ବହୁତ ଆଶ୍ଚର୍ଯ୍ୟ କାର୍ଯ୍ୟ
କରି ସାରିଛି। ତୁମେ ସେସବୁ ଦେଖିଛ। ତେବେ କେଉଁ
ଭଲ କାର୍ଯ୍ୟ ହେତୁ ତୁମେ ମୋତେ ହତ୍ୟା କରିବା ପାଇଁ
ଚେଷ୍ଟା କରୁଛ?"
୩୩ଯିହୂଦୀମାନେ ଉତ୍ତର ଦେଲେ, "ଆମେ ତୁମକୁ
କୌଣସି ଭଲ କାମ କରିଥିବାରୁ ମାରୁନାହୁଁ। କିନ୍ତୁ ତୁମେ
ଯାହା କହୁଛ, ତାହା ପରମେଶ୍ୱରଙ୍କ ବିରୁଦ୍ଧରେ କହୁଛ।
ତୁମେ ଜଣେ ମନୁଷ୍ୟ ମାତ୍ର, କିନ୍ତୁ ତୁମେ ନିଜକୁ
ପରମେଶ୍ୱର ସହିତ ସମାନ ବୋଲି କହୁଛ। ସେଥିପାଇଁ
ଆମେ ତୁମକୁ ପଥରରେ ମାରି ଦେବାପାଇଁ ଚାହୁଁଛୁ।"
୩୪ଯୀଶୁ ଉତ୍ତର ଦେଲେ, "ତୁମ ବ୍ୟବସ୍ଥାରେ ଏହା
ଲେଖା ଅଛି, 'ମୁଁ (ପରମେଶ୍ୱର) କହିଛି, ତୁମ୍ଭେମାନେ
ଈଶ୍ୱରଗଣ।'[୧] ୩୫ଏହି ଧର୍ମଶାସ୍ତ୍ର କୁହେ ଯେ ଯେଉଁମାନେ
ପରମେଶ୍ୱରଙ୍କର ବାର୍ତ୍ତା ଗ୍ରହଣ କରନ୍ତି, ସେମାନେ ଈଶ୍ୱରଗଣ।
ଆଉ ଶାସ୍ତ୍ରର ବାକ୍ୟ ସର୍ବଦା ସତ୍ୟ। ୩୬ତେବେ ତୁମେ
କାହିଁକି କହୁଛ ଯେ, ମୁଁ ଯାହା କହୁଛି ପରମେଶ୍ୱରଙ୍କ
ବିରୁଦ୍ଧରେ କହୁଛି। କାରଣ ମୁଁ କହିଛି, 'ମୁଁ ପରମେଶ୍ୱରଙ୍କର
ପୁତ୍ର।' ମୋତେ ପରମେଶ୍ୱର ବାଛିଛନ୍ତି ଓ ଏ ଜଗତକୁ
ପଠାଇଛନ୍ତି।' ୩୭ମୋର ପରମପିତା ଯାହା କରନ୍ତି, ମୁଁ ଯଦି
ତାହା କରେ ନାହିଁ, ତେବେ ମୁଁ ଯାହା କୁହେ ତାହା
ବିଶ୍ୱାସ କର ନାହିଁ। ୩୮କିନ୍ତୁ ଯଦି ମୋର ପରମପିତା
ଯାହା କରନ୍ତି, ମୁଁ ତାହା କରୁଥାଏ, ତେବେ ତୁମେ ମୋ
କାର୍ଯ୍ୟ ଗୁଡ଼ିକରେ ବିଶ୍ୱାସ ରଖିବା ଉଚିତ। ତୁମେ ମୋଠାରେ
ବିଶ୍ୱାସ ନ କଲେ ମଧ୍ୟ ମୋ କାର୍ଯ୍ୟରେ ବିଶ୍ୱାସ କରିବା
ଉଚିତ। ତେବେ ତୁମେ ଜାଣି ପାରିବ ଓ ବୁଝି ପାରିବ
ଯେ ପରମପିତା ମୋଠାରେ ଅଛନ୍ତି ଓ ମୁଁ ତାହାଙ୍କଠାରେ
ଅଛି।"
୩୯ଯିହୂଦୀମାନେ ଯୀଶୁଙ୍କୁ ଧରିବା ପାଇଁ ପୁଣି ଥରେ
ଚେଷ୍ଟା କଲେ, କିନ୍ତୁ ସେ ସେମାନଙ୍କ ହାତରୁ ଖସି
ଗଲେ।
୪୦ତାପରେ ଯୀଶୁ ଯର୍ଦ୍ଦନ ନଦୀର ଅପର ପାର୍ଶ୍ୱରେ
ପହଞ୍ଚିଲେ। ଯୋହନ ପ୍ରଥମେ ଯେଉଁଠାରେ ବାପ୍ତିସ୍ମ ଦେଉଥିଲେ,
ସେ ସେହି ସ୍ଥାନକୁ ଆସିଲେ, ଓ ସେଠାରେ ରହିଲେ।
୪୧ତାହାଙ୍କ ପାଖକୁ ଅନେକ ଲୋକ ଆସିଲେ। ଲୋକମାନେ
କହିଲେ, "ଯୋହନ ଯଦ୍ୟପି କୌଣସି ଆଶ୍ଚର୍ଯ୍ୟକାର୍ଯ୍ୟ
କରିନଥିଲେ, କିନ୍ତୁ ସେ ଏହି ଲୋକ (ଯୀଶୁ) ବିଷୟରେ
ଯାହା କହିଥିଲେ, ତାହା ସବୁ ସତ୍ୟ।" ୪୨ସେଠାରେ
ଯୀଶୁଙ୍କୁ ଅନେକ ଲୋକ ବିଶ୍ୱାସ କଲେ।

## ଲାଜାରଙ୍କ ମୃତ୍ୟୁ

୧୧ ଲାଜାର ନାମକ ଜଣେ ବ୍ୟକ୍ତି ଅସୁସ୍ଥ ଥିଲେ।
ସେ ବେଥନିଆ ନଗରରେ ରହୁଥିଲେ। ସେଠାରେ
ମରିୟମ ଓ ତାହାଙ୍କ ଭଉଣୀ ମାର୍ଥା ବାସ ମଧ୍ୟ କରୁଥିଲେ।
୨ସେହି ମରିୟମ ପରେ ପ୍ରଭୁ ଯୀଶୁଙ୍କ ପାଦରେ ଅତି
ମୂଲ୍ୟବାନ ଅତର ଢାଳି ନିଜ କେଶରେ ପାଦ ପୋଛି
ଦେଇଥିଲେ। ସେମାନଙ୍କର ଭାଇ ଲାଜାର ଅସୁସ୍ଥ ଥିଲେ।
୩ତେଣୁ ମରିୟମ ଓ ମାର୍ଥା ଯୀଶୁଙ୍କୁ ଜଣାଇବା ପାଇଁ
ଗୋଟିଏ ଲୋକ ପଠାଇଲେ। ସେମାନେ କହି ପଠାଇଲେ,
"ପ୍ରଭୁ, ତୁମର ପ୍ରିୟ ବନ୍ଧୁ ଲାଜାର ପୀଡ଼ିତ ଅଛନ୍ତି।"

---

**'ମୁଁ ... ଈଶ୍ୱରଗଣ'** ଗୀତସଂହିତା ୮୨:୬

୪ଯୀଶୁ ଏହି କଥା ଶୁଣି କହିଲେ, "ତାହାର ପୀଡ଼ା
ମୃତ୍ୟୁଜନକ ନୁହେଁ। କିନ୍ତୁ ତା'ର ଅସୁସ୍ଥତା ପରମେଶ୍ୱରଙ୍କର
ଗୌରବ ନିମନ୍ତେ। ପରମେଶ୍ୱରଙ୍କର ପୁତ୍ର ଏହା ଦ୍ୱାରା
ଗୌରବାନ୍ୱିତ ହେବେ।" ୫ଯୀଶୁ ମାର୍ଥା, ତା'ର ଭଉଣୀ
ମରିୟମ ଓ ଲାଜାରଙ୍କୁ ବହୁତ ଭଲ ପାଉଥିଲେ। ୬ସେ
ଲାଜାରଙ୍କ ଅସୁସ୍ଥତାର ଖବର ପାଇ ସେ ଯେଉଁଠି ଥିଲେ
ସେଠାରେ ଆହୁରି ଦୁଇ ଦିନ ରହିଗଲେ। ୭ତାପରେ ଯୀଶୁ
ତାହାଙ୍କର ଶିଷ୍ୟମାନଙ୍କୁ କହିଲେ, "ଚାଲ, ଆମେ ଯିହୂଦା
ପ୍ରଦେଶକୁ ଫେରିଯିବା।"
୮ଶିଷ୍ୟମାନେ କହିଲେ, "ଗୁରୁ, ଯିହୂଦାରେ ତ' ଆପଣଙ୍କୁ
ଯିହୂଦୀ ନେତାମାନେ ପଥରରେ ମାରିବାକୁ ଚେଷ୍ଟା କରୁଥିଲେ।
ଏହା ଅଳ୍ପଦିନ ପୂର୍ବେ ହୋଇଥିଲା। ଆପଣ ପୁଣି ସେଠାକୁ
ଫେରିଯିବାକୁ ଚାହାଁନ୍ତି?"
୯ଯୀଶୁ ଉତ୍ତର ଦେଲେ, "ଦିନ ମଧ୍ୟରେ ବାର ଘଣ୍ଟା
ଆଲୋକ ଥାଏ। ଜଣେ ଲୋକ ଦିନ ବେଳେ ଚାଲିଲେ
ସେ ଝୁଣ୍ଟେ ନାହିଁ କି ପଡ଼େ ନାହିଁ, କାରଣ ସଂସାରର
ଆଲୋକରେ ସେ ଦେଖିପାରେ। ୧୦କିନ୍ତୁ ରାତିରେ ଜଣେ
ଲୋକ ଝୁଣ୍ଟେ, କାରଣ ରାତି ବେଳେ ତାକୁ ଦେଖିବାରେ
ସାହାଯ୍ୟ କରିବା ପାଇଁ ଆଲୋକ ନଥାଏ।"
୧୧ଯୀଶୁ ଏକଥା କହିବା ସାରିବା ପରେ, କହିଲେ,
"ଆମର ବନ୍ଧୁ ଲାଜାର ବର୍ତ୍ତମାନ ଶୋଇଛନ୍ତି। ମୁଁ ତାହାଙ୍କୁ
ଉଠେଇବା ପାଇଁ ସେଠାକୁ ଯାଉଛି।"
୧୨ଶିଷ୍ୟମାନେ ଉତ୍ତର ଦେଲେ, "କିନ୍ତୁ ପ୍ରଭୁ, ଯଦି ସେ
ଶୋଇଛନ୍ତି, ତେବେ ସେ ସୁସ୍ଥ ହୋଇ ଯିବେ।"
୧୩ଯୀଶୁଙ୍କର କହିବା ଅର୍ଥ ଥିଲା, ଯେ ଲାଜାର ମୃତ।
କିନ୍ତୁ ତାହାଙ୍କର ଶିଷ୍ୟମାନେ ବୁଝିଲେ ଯେ ସେ ସାଧାରଣ
ଶୋଇବା ବିଷୟରେ କହୁଛନ୍ତି। ୧୪ତେଣୁ ଯୀଶୁ ସ୍ପଷ୍ଟରୂପେ
କହିଲେ, "ଲାଜାର ମରିଯାଇଛନ୍ତି, ୧୫ମୁଁ ଖୁସି ଯେ ମୁଁ
ସେଠାରେ ନଥିଲି। ମୁଁ ତୁମ୍ଭମାନଙ୍କ ନିମନ୍ତେ ଆନନ୍ଦ କରୁଛି
କାରଣ ବର୍ତ୍ତମାନ ତୁମ୍ଭେମାନେ ମୋଠାରେ ବିଶ୍ୱାସ କରିବ।
ଚାଲ, ଆମେ ବର୍ତ୍ତମାନ ତାହାଙ୍କ ପାଖକୁ ଯିବା।"
୧୬ତା'ପରେ ଥୋମା ଯାହାଙ୍କୁ ଦିଦୁମ* କୁହାଯାଉଥିଲା
ସେ ଅନ୍ୟ ଶିଷ୍ୟଙ୍କୁ କହିଲେ, "ଚାଲ ଆମ୍ଭେମାନେ ମଧ୍ୟ
ଯିବା ଓ ଯୀଶୁଙ୍କ ସହିତ ଯିହୂଦାରେ ମରିବା"

## ବେଥନିଆରେ ଯୀଶୁ

୧୭ଯୀଶୁ ବେଥନୀଆରେ ପହଞ୍ଚିଲେ। ସେ ଦେଖିଲେ,
ଲାଜାରଙ୍କର ମୃତ୍ୟୁ ହୋଇ କବରସ୍ଥ ହେବାର ଚାରି ଦିନ
ହୋଇଗଲାଣି। ୧୮ବେଥନିଆ ଯିରୂଶାଲମଠାରୁ ପ୍ରାୟ ତିନି
କିଲୋମିଟର ଦୂର। ୧୯ଅନେକ ଯିହୂଦୀ ମାର୍ଥା ଓ ମରିୟମଙ୍କ
ପାଖକୁ ଆସିଥିଲେ। ସେମାନେ ମାର୍ଥା ଓ ମରିୟମଙ୍କୁ
ସେମାନଙ୍କର ଭାଇ ଲାଜାର ସକାଶେ ସାନ୍ତ୍ୱନା ଦେବା ପାଇଁ
ଆସିଥିଲେ।
୨୦ଯୀଶୁ ଆସୁଛନ୍ତି ବୋଲି ମାର୍ଥା ଶୁଣିଲେ। ସେ
ଯୀଶୁଙ୍କୁ ସ୍ୱାଗତ କରିବା ପାଇଁ ଗଲେ। କିନ୍ତୁ ମରିୟମ
ଘରେ ରହିଲେ। ୨୧ମାର୍ଥା ଯୀଶୁଙ୍କୁ କହିଲେ, "ପ୍ରଭୁ, ଯଦି
ଆପଣ ଏଠାରେ ଥାଆନ୍ତେ, ତେବେ ମୋର ଭାଇ ମରି
ନଥାନ୍ତା। ୨୨କିନ୍ତୁ ଏବେ ମଧ୍ୟ ମୁଁ ଜାଣେ ଯେ ଆପଣ
ଯାହା କିଛି ମାଗିବେ, ପରମେଶ୍ୱର ତାହା ଦେବେ।"
୨୩ଯୀଶୁ କହିଲେ, "ତୁମର ଭାଇ ପୁଣି ଥରେ ବଞ୍ଚି
ଉଠିବ।"
୨୪ମାର୍ଥା ଉତ୍ତର ଦେଲେ, "ମୁଁ ଜାଣେ, ପୁନରୁତ୍ଥାନ
ଦିନ ଯେତେବେଳେ ସମସ୍ତେ ମୃତ୍ୟୁରୁ ବଞ୍ଚି ଉଠିବେ,
ସେତେବେଳେ ସେ ମଧ୍ୟ ମୃତ୍ୟୁରୁ ବଞ୍ଚି ଉଠିବ।"
୨୫ଯୀଶୁ ତାକୁ କହିଲେ, "ମୁଁ ସେହି ପୁନରୁତ୍ଥାନ ଓ
ଜୀବନ, ମୋଠାରେ ବିଶ୍ୱାସ କରୁଥିବା ଲୋକ ମୃତ୍ୟୁ ପରେ
ପୁଣି ବଞ୍ଚି ଉଠିବ ଓ ଜୀବିତ ରହିବ। ୨୬ମୋ'ଠାରେ
ରହୁଥିବା ଓ ବିଶ୍ୱାସ କରୁଥିବା ଲୋକ କଦାପି ମରିବ
ନାହିଁ। ମାର୍ଥା, ତୁମେ କ'ଣ ଏହା ବିଶ୍ୱାସ କର?"
୨୭ମାର୍ଥା ଉତ୍ତର ଦେଲେ, "ହଁ, ପ୍ରଭୁ, ମୁଁ ଆପଣଙ୍କୁ
ଖ୍ରୀଷ୍ଟ ବୋଲି ବିଶ୍ୱାସ କରେ। ଆପଣ ପରମେଶ୍ୱରଙ୍କର
ପୁତ୍ର। ଯାହାଙ୍କର ଏହି ଜଗତକୁ ଆସିବାର ଥିଲା, ଆପଣ
ସେହି ବ୍ୟକ୍ତି ଅଟନ୍ତି।"

## ଯୀଶୁ କାନ୍ଦିଲେ

୨୮ମାର୍ଥା ଏ ସବୁ କଥା କହିବା ପରେ ଭଉଣୀ
ମରିୟମ ପାଖକୁ ଗଲେ। ସେ ମରିୟମଙ୍କ ସହିତ ଏକୁଟିଆ
କଥାବାର୍ତ୍ତା ହେଲେ। ସେ କହିଲେ, "ଏଠାରେ ଗୁରୁ
ଅଛନ୍ତି, ସେ ତୁମକୁ ଖୋଜୁଛନ୍ତି।" ୨୯ମରିୟମ ଏ କଥା
ଶୁଣି ଯୀଶୁଙ୍କ ପାଖକୁ ସଙ୍ଗେସଙ୍ଗେ ଆସିଲେ। ୩୦ଯୀଶୁ
ସେହି ସମୟ ପର୍ଯ୍ୟନ୍ତ ଗ୍ରାମକୁ ଆସି ନଥିଲେ। ମାର୍ଥା
ତାହାଙ୍କୁ ଯେଉଁ ସ୍ଥାନରେ ଦେଖିଥିଲେ, ସେ ପର୍ଯ୍ୟନ୍ତ ସେ
ସେହିଠାରେ ଥିଲେ। ୩୧ଯିହୂଦୀମାନେ ମରିୟମଙ୍କ ସହିତ
ଘରେ ଥିଲେ। ସେମାନେ ତାହାଙ୍କୁ ସାନ୍ତ୍ୱନା ଦେଉଥିଲେ।
ସେମାନେ ମରିୟମଙ୍କୁ ହଠାତ୍ ଠିଆ ହୋଇ ତରବରରେ
ବାହାରକୁ ଯିବା ଦେଖିଲେ। ସେମାନେ ଭାବିଲେ ବୋଧେ
ସେ ଲାଜାରଙ୍କ କବର ପାଖକୁ କାନ୍ଦିବାକୁ ଯାଉଛନ୍ତି।
ତେଣୁ ସେମାନେ ତାହାଙ୍କ ପଛେପଛେ ଗଲେ। ୩୨ମରିୟମ
ଯୀଶୁ ରହିଥିବା ସ୍ଥାନକୁ ଗଲେ। ଯୀଶୁଙ୍କୁ ଦେଖି ସେ
ତାହାଙ୍କ ପାଦ ତଳେ ପଡ଼ିଗଲେ। ମରିୟମ କହିଲେ,
"ପ୍ରଭୁ, ଆପଣ ଯଦି ଏଠାରେ ଥାଆନ୍ତେ, ତେବେ ମୋ
ଭାଇ ମରି ନ ଥାଆନ୍ତା।"
୩୩ଯୀଶୁ ମରିୟମଙ୍କୁ କାନ୍ଦିବାର ଦେଖିଲେ। ସେ
ଯିହୂଦୀମାନଙ୍କୁ ତାହାଙ୍କ ସହିତ ଆସିବାର ଦେଖିଲେ। ସେମାନେ
ମଧ୍ୟ କାନ୍ଦୁଥିଲେ। ଯୀଶୁ ବହୁତ ଦୁଃଖ ଅନୁଭବ କଲେ ଓ
ଅନ୍ତରରେ ଅତ୍ୟାଧିକ ବ୍ୟଥା ଅନୁଭବ କଲେ। ୩୪ଯୀଶୁ
କହିଲେ, "ତୁମେ ଲାଜାରଙ୍କୁ କେଉଁଠାରେ ରଖିଛ?" ସେମାନେ
କହିଲେ, "ପ୍ରଭୁ ଆସି ଦେଖନ୍ତୁ।"
୩୫ଯୀଶୁ କାନ୍ଦିଲେ।
୩୬ଯିହୂଦୀମାନେ କହିଲେ, "ଦେଖ, ଯୀଶୁ ଲାଜାରଙ୍କୁ
କେତେ ସ୍ନେହ କରୁଥିଲେ।"

---

**ଦିଦୁମ** ଅର୍ଥାତ୍ ଯମଜ।

୩୭କିନ୍ତୁ କେତେକ ଯିହୂଦୀ କହିଲେ, "ଯୀଶୁ ଅନ୍ଧ
ଲୋକଟିର ଆଖି ଭଲ କରି ଦେଇଥିଲେ। ତେବେ ସେ
ଲାଜାରଙ୍କୁ ମରଣ ମୁଖରୁ ବଞ୍ଚାଇ ରଖିବା ପାଇଁ କାହିଁକି
କିଛି କରି ପାରିଲେ ନାହିଁ।"

## ଯୀଶୁ ମୃତ ଲାଜାରଙ୍କୁ ଜୀବନ ଦେଲେ

୩୮ଯୀଶୁ ପୁଣି ବହୁତ ବ୍ୟତିବ୍ୟସ୍ତ ହେଲେ। ସେ
ଲାଜାରଙ୍କ କବର ନିକଟକୁ ଆସିଲେ। ତାହା ଗୋଟିଏ
ଗୁହା ଥିଲା ଓ ତା ମୁହଁରେ ଗୋଟିଏ ବଡ଼ ପଥର
ଘୋଡ଼େଇ ଦିଆ ଯାଇଥିଲା। ୩୯ଯୀଶୁ କହିଲେ, "ଏ
ପଥରକୁ ଘୁଞ୍ଚାଇ ଦିଅ।"
ମାର୍ଥା କହିଲେ, "ପ୍ରଭୁ ସେ ମରିବାର ଚାରିଦିନ
ହୋଇଗଲାଣି। ତେଣୁ ବଡ଼ ଦୁର୍ଗନ୍ଧ ହେଉଥିବ।" ମାର୍ଥା
ମୃତ ଲୋକର ଭଉଣୀ ଥିଲେ। ୪୦ଯୀଶୁ ତାହାଙ୍କୁ କହିଲେ,
"ମୁଁ ତୁମକୁ ଯାହା କହିଥିଲି, ତାହା ମନେପକାଅ। ମୁଁ
ତୁମକୁ କହିଥିଲି, ଯଦି ତୁମେ ବିଶ୍ୱାସ କରିବ ତେବେ
ପରମେଶ୍ୱରଙ୍କର ଗୌରବ ଦେଖି ପାରିବ।"
୪୧ତେଣୁ ସେମାନେ ପଥର ବାହାର କଲେ। ତା'ପରେ
ଯୀଶୁ ଊର୍ଦ୍ଧ୍ୱକୁ ଚାହିଁ କହିଲେ, "ହେ ପରମପିତା, ତୁମକୁ
ଧନ୍ୟବାଦ ଦେଉଅଛି, କାରଣ ତୁମେ ମୋ କଥା ଶୁଣିଛ।
୪୨ମୁଁ ଜାଣେ ଯେ, ତୁମେ ସବୁବେଳେ ମୋ କଥା ଶୁଣ।
ମାତ୍ର ତୁମେ ମୋତେ ପଠାଇଛ ବୋଲି ଏଠାରେ ଠିଆ
ହୋଇଥିବା ଲୋକମାନେ ଯେପରି ବିଶ୍ୱାସ କରିବେ, ସେଥିପାଇଁ
ମୁଁ ଏହା କହିଲି।" ୪୩ଏହା ପରେ ଯୀଶୁ ଉଚ୍ଚ ସ୍ୱରରେ
ଡାକିଲେ, "ଲାଜାର, ବାହାରି ଆସ।" ୪୪ମୃତ ଲୋକଟି
ବାହାରି ଆସିଲେ। ତାହାଙ୍କର ହାତ ଗୋଡ଼ରେ ଖଣ୍ଡଖଣ୍ଡ
କନା ଗୁଡ଼େଇ ହୋଇଥିଲା। ତାହାଙ୍କ ମୁହଁରେ ଗୋଟିଏ
ରୁମାଲ ବନ୍ଧା ହୋଇଥିଲା।
ଯୀଶୁ ଲୋକମାନଙ୍କୁ କହିଲେ, "କନାଗୁଡ଼ିକ କାଢି ନିଅ
ଓ ତାହାଙ୍କୁ ଯିବାକୁ ଦିଅ।"

## ଯୀଶୁଙ୍କୁ ମାରିବା ପାଇଁ ଯିହୂଦୀନେତାମାନଙ୍କର ଯୋଜନା

୪୫ସେଠାରେ ମରିୟମଙ୍କୁ ଦେଖା କରିବା ନିମନ୍ତେ
ଅନେକ ଯିହୂଦୀ ଆସିଥିଲେ। ସେମାନେ ସମସ୍ତେ ଯୀଶୁଙ୍କର
କାର୍ଯ୍ୟ ଦେଖିଲେ। ସେମାନଙ୍କ ଭିତରୁ ଅନେକ ଯିହୂଦୀ
ତାହାଙ୍କୁ ବିଶ୍ୱାସ କଲେ। ୪୬କିନ୍ତୁ କେତେକ ଯିହୂଦୀ
ଫାରୂଶୀମାନଙ୍କ ପାଖକୁ ଫେରିଗଲେ। ସେମାନେ ଫାରୂଶୀମାନଙ୍କୁ
ଯୀଶୁ କରିଥିବା କାର୍ଯ୍ୟ ବର୍ଣ୍ଣନା କଲେ। ୪୭ତା'ପରେ ମୁଖ୍ୟ
ଯାଜକ ଓ ଫାରୂଶୀମାନେ ଯିହୂଦୀ ପରିଷଦର ଗୋଟିଏ
ସଭା ଡାକିଲେ। ସେମାନେ କହିଲେ, "ଆମର କ'ଣ
କରିବା ଉଚିତ୍? ଏହି ଲୋକ ବହୁତ ଆଶ୍ଚର୍ଯ୍ୟକାର୍ଯ୍ୟ
କରୁଛି। ୪୮ଯଦି ଆମେ ତାକୁ ଏଭଳି କାର୍ଯ୍ୟ କରିବା ପାଇଁ
ଛାଡ଼ିଦେବା, ତାହାକୁ ସମସ୍ତେ ବିଶ୍ୱାସ କରିବେ। ତା'ପରେ
ରୋମୀୟମାନେ ଆସି ଆମ ମନ୍ଦିର ଓ ଆମ ଜାତି
ଉଭୟକୁ ନଷ୍ଟ କରିଦେବେ।"
୪୯ସେମାନଙ୍କ ମଧ୍ୟରୁ କୟାଫା ନାମକ ଜଣେ ବ୍ୟକ୍ତି
ଥିଲେ। ସେ ସେହି ବର୍ଷପାଇଁ ମହାଯାଜକ ଥିଲେ।
କୟାଫା କହିଲେ, "ତୁମେ ସବୁ କିଛି ଜାଣି ନାହଁ।
୫୦ସମଗ୍ର ଜାତି ଧ୍ୱଂସ ପାଇବା ଅପେକ୍ଷା ଜଣେ ଲୋକ
ଜନସାଧାରଣଙ୍କ ପାଇଁ ମରିବା ଉତ୍ତମ। କିନ୍ତୁ ତୁମେ ତାହା
ଅନୁଭବ କରୁନାହଁ।"
୫୧କୟାଫା ନିଜେ ସେହି କଥା ଭାବି ପାରି ନଥିଲେ।
ଯେ ସେ ବାସ୍ତବରେ ଭବିଷ୍ୟଦ୍‌ବାଣୀ କରିଥିଲେ, ଯୀଶୁ
ଯିହୂଦୀୟ ଜାତି ପାଇଁ ପ୍ରାଣ ଦେବେ। ୫୨ହଁ, ଯୀଶୁ ଯିହୂଦୀ
ଲୋକମାନଙ୍କ ପାଇଁ ନିଜ ଜୀବନ ଦେବେ। କିନ୍ତୁ ସେ
ପରମେଶ୍ୱରଙ୍କ ଅନ୍ୟ ସନ୍ତାନମାନଙ୍କ ପାଇଁ ମଧ୍ୟ ଜୀବନ
ଦେବେ, ଯେଉଁମାନେ ଜଗତର ଚାରିଆଡ଼େ ଛିନ୍ନ ଭିନ୍ନ
ହୋଇ ରହିଛନ୍ତି। ସେମାନଙ୍କୁ ଏକାଠି କରିବା ପାଇଁ ଓ
ସମସ୍ତଙ୍କୁ ଏକ କରିବା ପାଇଁ ଯୀଶୁ ମୃତ୍ୟୁ ଭୋଗ
କରିବେ।
୫୩ସେହି ଦିନଠାରୁ ଯିହୂଦୀ ନେତାମାନେ ଯୀଶୁଙ୍କୁ ହତ୍ୟା
କରିବା ପାଇଁ ଯୋଜନା କଲେ। ୫୪ତେଣୁ ଯୀଶୁ ଯିହୂଦୀମାନଙ୍କ
ମଧ୍ୟରେ ଖୋଲାଖୋଲି ଭାବରେ ଯାତ୍ରା କରିବା ବନ୍ଦ କରି
ଦେଲେ। ସେ ଯିରୂଶାଲମ ଛାଡ଼ି ମରୁଭୂମି ପାଖ ଥିବା
ଗୋଟିଏ ସ୍ଥାନକୁ ଚାଲିଗଲେ। ସେହି ସହରର ନାମ
ଏଫ୍ରୟିମ। ସେ ସେଠାରେ ନିଜ ଶିଷ୍ୟମାନଙ୍କ ସହିତ
ରହିଲେ।
୫୫ଯିହୂଦୀମାନଙ୍କର ପବିତ୍ର ନିସ୍ତାରପର୍ବର ସମୟ ପାଖ
ହୋଇ ଆସିଲା। ଅନେକ ଲୋକ ନିସ୍ତାରପର୍ବ ପୂର୍ବରୁ
ଗ୍ରାମାଞ୍ଚଳରୁ କିଛି ଦିନ ଆଗରୁ ଯିରୂଶାଲମରେ ଆସି
ପହଞ୍ଚିଲେ, ସେମାନେ ପର୍ବ ପାଇଁ ନିଜକୁ ପବିତ୍ର କରିବା
ଉଦ୍ଦେଶ୍ୟରେ ବିଶେଷ କର୍ମ କରିବାକୁ ଗଲେ। ୫୬ସେମାନେ
ଯୀଶୁଙ୍କୁ ଖୋଜିଲେ। ସେମାନେ ମନ୍ଦିର ପରିସରରେ ପରସ୍ପରକୁ
ପଚାରିଲେ, "ସେ କ'ଣ ନିସ୍ତାରପର୍ବକୁ ଆସୁଛନ୍ତି? ତୁମେ
କ'ଣ ଭାବୁଛ?" ୫୭କିନ୍ତୁ ମହାଯାଜକ ଓ ଫାରୂଶୀମାନେ
ଯୀଶୁଙ୍କ ସମ୍ବନ୍ଧରେ ଗୋଟିଏ ବିଶେଷ ଆଦେଶ ଦେଇଥିଲେ।
ସେମାନେ ଘୋଷଣା କରିଥିଲେ ଯେ, ଯୀଶୁ କେଉଁଠାରେ
ଅଛନ୍ତି ଏହା ଜାଣିଥିବା ବ୍ୟକ୍ତି ସଙ୍ଗେସଙ୍ଗେ ସେମାନଙ୍କୁ
ଜଣାଇବ। ତେବେ ମୁଖ୍ୟ ଯାଜକ ଓ ଫାରୂଶୀମାନେ
ଯୀଶୁଙ୍କୁ ବନ୍ଦୀ କରିପାରିବେ।

## ତାହାଙ୍କ ବନ୍ଧୁମାନଙ୍କ ସହ ବେଥନିଆରେ ଯୀଶୁ

୧୨ ଯୀଶୁ ନିସ୍ତାରପର୍ବ ଉତ୍ସବର ଛଅ ଦିନ ପୂର୍ବରୁ
ବେଥନିଆକୁ ଗଲେ। ଲାଜାର ବେଥନିଆରେ
ରହୁଥିଲେ। (ତାହାଙ୍କୁ ଯୀଶୁ ମୃତ୍ୟୁରୁ ଉଠେଇ ଥିଲେ।)
୨ସେଠାରେ ଯୀଶୁଙ୍କ ପାଇଁ ଗୋଟିଏ ଭୋଜି ପ୍ରସ୍ତୁତ
ହୋଇଥିଲା। ମାର୍ଥା ଖାଦ୍ୟ ପରିବେଷଣ କରୁଥିଲେ। ଯୀଶୁଙ୍କ
ସହିତ ଅନ୍ୟ ଲୋକମାନଙ୍କ ମଧ୍ୟରେ ଲାଜାର ମଧ୍ୟ
ଖାଉଥିଲେ। ୩ମରିୟମ ଅଧ ଲିଟର ଅତି ମୂଲ୍ୟବାନ
ବିଶୁଦ୍ଧ ଜଟାମାଂସୀର ଅତର ଆଣି ଯୀଶୁଙ୍କ ପାଦରେ ଢାଳି
ଦେଲେ। ତା'ପରେ ସେ ତାହାଙ୍କ ପାଦ ନିଜ କେଶରେ
ପୋଛି ଦେଲେ। ଘରଟି ଅତର ସୁବାସରେ ମହକି
ଉଠିଲା।

୪ଇଷ୍କାରିୟୋଥ ଯିହୂଦା ସେଠାରେ ଥିଲା। ଯିହୂଦା ଯୀଶୁଙ୍କର
ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ଥିଲା। (ସେ ପରେ ଯୀଶୁଙ୍କର
ବିରୁଦ୍ଧାଚରଣ କରିଥିଲା।) ଯିହୂଦା ମରିୟମଙ୍କ ଏହି କାର୍ଯ୍ୟ
ପସନ୍ଦ କଲେ ନାହିଁ। ସେ କହିଲେ, ୫"ସେହି ଅତରର
ମୂଲ୍ୟ ତିନିଶହ ରୂପା ଟଙ୍କା। ଏହାକୁ ବିକ୍ରି କରି ସେହି
ଟଙ୍କା ଗରିବ ଲୋକମାନଙ୍କୁ ଦେବା ଉଚିତ ଥିଲା," ୬କିନ୍ତୁ
ଯିହୂଦା ଗରୀବ ଲୋକମାନଙ୍କ ପ୍ରତି ପ୍ରକୃତରେ ଚିନ୍ତିତ
ନଥିଲା। ସେ ନିଜେ ଚୋର ଥିବାରୁ ଏକଥା କହିଲା। ସେ
ଶିଷ୍ୟମାନଙ୍କ ପାଇଁ ଟଙ୍କା-ବାକ୍ସ(ଆୟବ୍ୟୟ) ନିଜ ପାଖରେ
ରଖୁଥିଲା। ସେ ପ୍ରାୟ ସେହି ବାକ୍ସରୁ ଟଙ୍କା ଚୋରି
କରୁଥିଲା।
୭ଯୀଶୁ ଉତ୍ତର ଦେଲେ, "ମରିୟମଙ୍କୁ ବାଧା ଦିଅ
ନାହିଁ। ସେ ଅତର ସଞ୍ଚୟ କରି ମୋର ସମାଧି କ୍ରିୟାର
ପ୍ରସ୍ତୁତି ପାଇଁ ଆଜି ଏହା କରିଛି। ୮ତୁମ ପାଖରେ
ସବୁବେଳେ ଗରୀବ ଲୋକେ ରହିଥିବେ, କିନ୍ତୁ ମୁଁ ସର୍ବଦା
ତୁମ ସହିତ ରହିବିନାହିଁ।"

## ଲାଜାରଙ୍କ ବିରୁଦ୍ଧରେ ଷଡଯନ୍ତ୍ର

୯ଯୀଶୁ ବେଥନିଆରେ ଥିବା କଥା ଅନେକ ଯିହୂଦୀମାନେ
ଶୁଣିଲେ। ତେଣୁ ସେମାନେ ତାହାଙ୍କୁ ଦେଖିବା ପାଇଁ
ସେଠାକୁ ଗଲେ। ସେମାନେ ଲାଜାରଙ୍କୁ ମଧ୍ୟ ଦେଖିବାକୁ
ଗଲେ। ଲାଜାରଙ୍କୁ ଯୀଶୁ ମୃତ୍ୟୁରୁ ଉଠେଇ ଥିଲେ, ୧୦ତେଣୁ
ମୁଖ୍ୟ ଯାଜକମାନେ ଲାଜାରଙ୍କୁ ହତ୍ୟା କରିବା ପାଇଁ ମଧ୍ୟ
ଯୋଜନା କଲେ। ୧୧ଅନେକ ଯିହୂଦୀ ଲାଜାରଙ୍କ ହେତୁ
ସେମାନଙ୍କର ନେତାମାନଙ୍କୁ ଛାଡ଼ି ଯୀଶୁଙ୍କୁ ବିଶ୍ୱାସ କରୁଥିଲେ।
ସେଥି ପାଇଁ ଯିହୂଦୀ ନେତାମାନେ ଲାଜାରଙ୍କୁ ମଧ୍ୟ ମାରିବା
ପାଇଁ ଚେଷ୍ଟା କଲେ।

## ଯିରୂଶାଲମରେ ଯୀଶୁଙ୍କ ପ୍ରବେଶ

୧୨ତହିଁ ଆରଦିନ ଲୋକମାନେ ଯିରୂଶାଲମରେ ଶୁଣିଲେ
ଯେ, ଯୀଶୁ ସେଠାକୁ ଆସୁଛନ୍ତି। ଏହି ଲୋକମାନେ
ଅନେକ ସଂଖ୍ୟାରେ ନିସ୍ତାରପର୍ବ ପାଇଁ ଆସିଥିଲେ। ୧୩ସେମାନେ
ଖଜୁରୀ ବାହୁଙ୍ଗା ଧରି ଯୀଶୁଙ୍କୁ ଦେଖା କରିବା ପାଇଁ
ଗଲେ। ସେ ଲୋକମାନେ ଖୁବ୍ ଜୋରରେ କହିଲେ,

"ତାହାଙ୍କୁ ପ୍ରଶଂସା କର, ସ୍ୱାଗତ କର, ଯିଏ ପ୍ରଭୁଙ୍କ
ନାମରେ ଆସନ୍ତି। ପରମେଶ୍ୱର ତାହାଙ୍କୁ ଆଶୀର୍ବାଦ
କର, ପରମେଶ୍ୱର ଇସ୍ରାୟେଲର ରାଜାଙ୍କୁ ଆଶୀର୍ବାଦ
କରନ୍ତୁ।" ଗୀତସଂହିତା ୧୧୮:୨୫-୨୬

୧୪ଯୀଶୁ ଗୋଟିଏ ଗଧ ପାଇଲେ ଓ ତା' ଉପରେ
ଚଢ଼ିଲେ। ଏହା ଶାସ୍ତ୍ରର ବାଣୀ ପରି ସଫଳ ହେଲା।
ଏଥିରେ ଲେଖାଥିଲା,

୧୫ "ହେ ସିୟୋନ ନଗର, ଭୟ କର ନାହିଁ। ଦେଖ,
ତୁମର ରାଜା ଆସୁଛନ୍ତି। ସେ ଗୋଟିଏ ଗଧଛୁଆ
ଉପରେ ବସି ଆସୁଛନ୍ତି।" ଯିଖରିୟ ୯:୯

୧୬ଯୀଶୁଙ୍କର ଶିଷ୍ୟମାନେ ସେତେବେଳେ ଏହି ଘଟଣାର
ଅର୍ଥ ବୁଝିପାରି ନ ଥିଲେ। କିନ୍ତୁ ଯୀଶୁ ଯେତେବେଳେ
ମହିମାନ୍ୱିତ ହେଲେ ସେତେବେଳେ ସେମାନେ ବୁଝି ପାରିଲେ
ଯେ, ଏହା ତାହାଙ୍କ ବିଷୟରେ ଲେଖାଯାଇଥିଲା। ତା'ପରେ
ଶିଷ୍ୟମାନେ ମନେ ପକାଇଲେ ଯେ ସେମାନେ ଯୀଶୁଙ୍କ
ପ୍ରତି ଏହା ସବୁ କରିଛନ୍ତି।

## ଲୋକମାନେ ଯୀଶୁଙ୍କ ବିଷୟରେ କହିଲେ

୧୭ଯୀଶୁ ଯେତେବେଳେ ଲାଜାରଙ୍କୁ ମରଣ ପରେ
ଉଠେଇଲେ ଓ ତାହାଙ୍କୁ କବର ଭିତରୁ ବାହାରକୁ ଆସିବାକୁ
କହିଲେ, ସେତେବେଳେ ତାହାଙ୍କ ସହିତ ବହୁତ ଲୋକ
ଥିଲେ। ସେହି ଲୋକମାନେ ଯୀଶୁଙ୍କ କାର୍ଯ୍ୟ ବିଷୟରେ
ଅନ୍ୟ ଲୋକମାନଙ୍କୁ କହୁଥିଲେ। ୧୮ଯେତେବେଳେ ସେମାନେ
ଶୁଣିଲେ ଯେ ଏହି ଆଶ୍ଚର୍ଯ୍ୟକାର୍ଯ୍ୟ ଯୀଶୁଙ୍କ ଦ୍ୱାରା ହୋଇଛି,
ଅନେକ ଲୋକ ତାହାଙ୍କୁ ଭେଟିବା ପାଇଁ ଗଲେ। ୧୯ତେଣୁ
ଫାରୂଶୀମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଲେ,
"ଦେଖ, ଆମର ଯୋଜନା କାମ କରୁନାହିଁ। ସାରା ଜଗତ
ତାହାଙ୍କର ଅନୁସରଣ କରିଲେଣି।"

## ଜୀବନ ଓ ମୃତ୍ୟୁ ବିଷୟରେ ଯୀଶୁଙ୍କ କଥା

୨୦ନିସ୍ତାର ପର୍ବରେ ଉପାସନା କରିବା ପାଇଁ ଯିରୂଶାଲମ
ଯାଇଥିବା ଲୋକମାନଙ୍କ ମଧ୍ୟରୁ କେତେକ ଗ୍ରୀକ ଲୋକଥିଲେ।
୨୧ସେହି ଗ୍ରୀକ୍ ଲୋକମାନେ ଫିଲିପ୍ପଙ୍କ ପାଖକୁ ଗଲେ।
(ଫିଲିପ୍ପ ଗାଲୀଲୀର ବେଥ୍ସାଇଦାବାସୀ ଥିଲେ।) ଗ୍ରୀକ୍
ଲୋକମାନେ କହିଲେ, "ମହାଶୟ; ଆମେ ଯୀଶୁଙ୍କୁ ଦେଖିବାକୁ
ଚାହୁଁ।" ୨୨ଫିଲିପ୍ପ ଆନ୍ଦ୍ରିୟଙ୍କୁ ଯାଇ ଏକଥା ଜଣାଇଲେ।
ତା'ପରେ ଆନ୍ଦ୍ରିୟ ଓ ଫିଲିପ୍ପ ଯୀଶୁଙ୍କୁ ଯାଇ କହିଲେ।
୨୩ଯୀଶୁ ସେମାନଙ୍କୁ କହିଲେ, "ବର୍ତ୍ତମାନ ମନୁଷ୍ୟ
ପୁତ୍ରଙ୍କର ଗୌରବ ପାଇବା ସମୟ ଆସିଯାଇଛି। ୨୪ମୁଁ
ତୁମକୁ ସତ୍ୟ କହୁଛି। ଗୋଟିଏ ଗହମ ଦାନା ଭୂମିରେ
ପଡ଼ି ନିଶ୍ଚୟ ମରିବା ଆବଶ୍ୟକ। ତା ପରେ ଏହା ବଢ଼ି
ବହୁତ ଶସ୍ୟ ଦିଏ। କିନ୍ତୁ ଯଦି ଏହା କଦାପି ମରେ ନାହିଁ,
ତେବେ ଏହା ସର୍ବଦା ଗୋଟିଏ ମଞ୍ଜି ହୋଇ ରହିଥାଏ।
୨୫ନିଜ ଜୀବନକୁ ଭଲ ପାଉଥିବା ବ୍ୟକ୍ତି ଏହା ହରାଇବ।
ନିଜ ଜାଗତିକ ଜୀବନକୁ ଘୃଣା କରୁଥିବା ଲୋକ ଏହାକୁ
ସୁରକ୍ଷିତ ରଖିବ। ସେ ଅନନ୍ତ ଜୀବନ ପାଇଁ ତାହା ପାଇ
ପାରିବ। ୨୬ମୋର ସେବା କରୁଥିବା ଲୋକେ ନିଶ୍ଚୟ
ମୋର ଅନୁସରଣ କରନ୍ତୁ। ତେବେ ମୋର ସେବକମାନେ
ମୁଁ ଯେଉଁଠାରେ ଥିବି, ସେଠାରେ ମୋ ସହିତ ରହିବେ।
ଯେଉଁ ଲୋକମାନେ ମୋର ସେବା କରୁଥିବେ, ମୋର
ପରମପିତା ସେମାନଙ୍କୁ ସମ୍ମାନ ଦେବେ।

## ଯୀଶୁ ନିଜ ମୃତ୍ୟୁ ବିଷୟରେ କହିଲେ

୨୭"ବର୍ତ୍ତମାନ ମୁଁ ବହୁତ ଉଦ୍‌ବିଗ୍ନ ଅଛି। ମୁଁ କ'ଣ
କହିବି? 'ହେ ପରମପିତା, ମୋତେ ଏ ଯନ୍ତ୍ରଣାଦାୟକ
ସମୟରୁ ଉଦ୍ଧାର କର', ଏଭଳି କହି କ'ଣ ମୁଁ ପ୍ରାର୍ଥନା
କରିବି? ନା, କାରଣ ମୁଁ ତ' ଯନ୍ତ୍ରଣା ଭୋଗିବି ବୋଲି

ଆସିଛି। [୨୮]ହେ ପରମପିତା, ଆପଣା ନାମକୁ ଗୌରବାନ୍ୱିତ
କର।"
ସେତେବେଳେ ସ୍ୱର୍ଗରୁ ଏହି ବାଣୀ ଶୁଭିଲା, "ମୁଁ ସେହି
ନାମକୁ ଗୌରବାନ୍ୱିତ କରିଛି। ମୁଁ ତାହା ଆଉ ଥରେ
କରିବି।"
[୨୯]ସେଠାରେ ଠିଆ ହୋଇଥିବା ଲୋକମାନେ ଏହି ବାଣୀ
ଶୁଣିଲେ। ସେମାନେ ତାହା ମେଘ ଗର୍ଜନ ବୋଲି କହିଲେ।
କିନ୍ତୁ ଅନ୍ୟମାନେ କହିଲେ, "ଯୀଶୁଙ୍କୁ ଜଣେ ସ୍ୱର୍ଗଦୂତ
କଥା କହିଲେ।"
[୩୦]ଯୀଶୁ ଲୋକମାନଙ୍କୁ କହିଲେ, "ସେହି ବାଣୀ ତୁମ
ପାଇଁ ଥିଲା, ମୋ ପାଇଁ ନୁହେଁ। [୩୧]ବର୍ତ୍ତମାନ ଜଗତର
ବିଚାରର ସମୟ ଉପସ୍ଥିତ, ଏହି ଜଗତର ଶାସକ ବିତାଡ଼ିତ
ହେବାର ଏହା ହେଉଛି ସମୟ। [୩୨]ମୁଁ ଜଗତରୁ ଉର୍ଦ୍ଧ୍ୱକୁ
ଉତ୍ଥିତ ହେବି। ଯେତେବେଳେ ଏହା ଘଟିବ, ମୁଁ ସବୁ
ଲୋକମାନଙ୍କୁ ମୋ ନିକଟକୁ ନେଇ ଯିବି।" [୩୩]ଯୀଶୁ
କେଉଁ ପ୍ରକାରର ମୃତ୍ୟୁବରଣ କରିବେ, ତାହା ଦେଖାଇବା
ପାଇଁ ସେ ଏହା କହିଲେ।
[୩୪]ଲୋକମାନେ କହିଲେ, "ଆମ ବ୍ୟବସ୍ଥା କୁହେ ଯେ,
ଖ୍ରୀଷ୍ଟ ଚିରଦିନ ପାଇଁ ଜୀବିତ ରହିବେ। ତେବେ ତୁମେ
କାହିଁକି କହୁଛ ଯେ 'ମନୁଷ୍ୟ ପୁତ୍ର ନିଶ୍ଚୟ ଉର୍ଦ୍ଧ୍ୱକୁ ଯିବେ?
ଏହି ମନୁଷ୍ୟ ପୁତ୍ର କିଏ?"
[୩୫]ଯୀଶୁ କହିଲେ, "ତୁମ୍ଭମାନଙ୍କ ପାଖରେ ଆଲୋକ
ଆଉ ଅଳ୍ପ ସମୟ ପାଇଁ ରହିବ। ତେଣୁ ଆଲୋକ ତୁମ
ପାଖରେ ଥିବା ପର୍ଯ୍ୟନ୍ତ ଚାଲ। ତେବେ ଅନ୍ଧକାର ତୁମକୁ
ଧରି ପାରିବ ନାହିଁ। ଅନ୍ଧକାରରେ ଚାଲୁଥିବା ବ୍ୟକ୍ତି
କେଉଁଆଡ଼େ ଯାଉଛି ଜାଣି ପାରେ ନାହିଁ। [୩୬]ତେଣୁ ତୁମ
ପାଖରେ ଆଲୋକ ଥିବା ପର୍ଯ୍ୟନ୍ତ ତା'ଠାରେ ତୁମେ ବିଶ୍ୱାସ
ରଖ। ତେବେ ତୁମ୍ଭେମାନେ ଆଲୋକର ସନ୍ତାନ ହେବ।"
ଯୀଶୁ ଏକଥା କହିବା ପରେ ସେମାନଙ୍କ ପାଖରୁ ଚାଲି
ଗଲେ। ସେ ଏପରି ସ୍ଥାନରେ ରହିଲେ, ଯେଉଁଠି ଲୋକମାନେ
ତାହାଙ୍କୁ ପାଇଲେ ନାହିଁ।

## ଯୀଶୁଙ୍କୁ ବିଶ୍ୱାସ କରିବା ପାଇଁ ଯିହୁଦୀମାନେ ଅସ୍ୱୀକାର କଲେ

[୩୭]ଯୀଶୁ ବହୁତ ଗୁଡ଼ିଏ ଆଶ୍ଚର୍ଯ୍ୟକାର୍ଯ୍ୟ କଲେ। ଲୋକମାନେ
ଏ ସବୁ ଦେଖିବା ସତ୍ତ୍ୱେ ତାହାଙ୍କୁ ବିଶ୍ୱାସ କଲେ ନାହିଁ।
[୩୮]ଅତଏବ ଭବିଷ୍ୟଦ୍‌ବକ୍ତା ଯିଶାଇୟ ଯାହା କହିଥିଲେ
ତାହା ସତ୍ୟ ହେଲା, ସେ କହିଥିଲେ,

"ହେ ପ୍ରଭୁ, ଆମ କହିଥିବା କଥାରେ କିଏ ବିଶ୍ୱାସ
କରିଛି? କିଏ ପ୍ରଭୁଙ୍କର ଶକ୍ତି ଦେଖିଛି?"
ଯିଶାଇୟ-୫୩:୧

[୩୯]ସେମାନେ ବିଶ୍ୱାସ କରି ପାରି ନଥିଲେ, କାରଣ
ଯିଶାଇୟ ଆହୁରି ମଧ୍ୟ କହିଥିଲେ:

[୪୦]"ପରମେଶ୍ୱର ଲୋକମାନଙ୍କୁ ଅନ୍ଧ କରିଛନ୍ତି। ସେ
ସେମାନଙ୍କର ହୃଦୟ କଠିନ କରିଦେଇଛନ୍ତି। ସେମାନେ
ଯେପରି ଆଖିରେ ଦେଖିପାରିବେ ନାହିଁ ଓ ବୁଦ୍ଧିରେ
ବୁଝିପାରିବେ ନାହିଁ ସେଥି ନିମନ୍ତେ ପରମେଶ୍ୱର
ଏହା କରିଅଛନ୍ତି। ତା'ପରେ ମୁଁ ସେମାନଙ୍କୁ ସୁସ୍ଥ
କରିବି।"
ଯିଶାଇୟ:୬-୧୦

[୪୧]ଯିଶାଇୟ ଏକଥା କହିଥିଲେ, କାରଣ ସେ ପ୍ରଭୁଙ୍କର
ଗୌରବ ଦେଖିଥିଲେ। ତେଣୁ ସେ ତାହାଙ୍କ (ଯୀଶୁଙ୍କ)
ବିଷୟରେ ଏହା କହିଲେ।
[୪୨]କିନ୍ତୁ ଯୀଶୁଙ୍କୁ ଅନେକ ଲୋକ ବିଶ୍ୱାସ କଲେ।
ଏପରିକି, ଅନେକ ଯିହୂଦୀ ନେତାମାନେ ମଧ୍ୟ ତାହାଙ୍କ
ଠାରେ ବିଶ୍ୱାସ କଲେ। କିନ୍ତୁ ସେମାନେ ଫାରୂଶୀମାନଙ୍କୁ
ଭୟ କରୁଥିଲେ। ତେଣୁ ସେମାନେ ତାହାଙ୍କ ବିଶ୍ୱାସ
ସମ୍ବନ୍ଧରେ ଖୋଲାଖୋଲି ଭାବେ କହିଲେ ନାହିଁ। ସେମାନେ
ଡରିଲେ, କାଳେ ଫାରୂଶୀମାନେ ସେମାନଙ୍କୁ ପ୍ରାର୍ଥନା-ଗୃହରୁ
ବାହାର କରିଦେବେ। [୪୩]ସେ ଲୋକମାନେ ପରମେଶ୍ୱରଙ୍କ
ପ୍ରଶଂସା ଅପେକ୍ଷା ଲୋକଙ୍କର ପ୍ରଶଂସା ପାଇବାକୁ ଭଲ
ପାଉଥିଲେ।

## ଯୀଶୁଙ୍କ ଶିକ୍ଷା ଲୋକଙ୍କୁ ବିଚାର କରିବ

[୪୪]ତା'ପରେ ଯୀଶୁ ଚିତ୍କାର କରି କହିଲେ, "ମୋଠାରେ
ଯେଉଁ ଲୋକ ବିଶ୍ୱାସ ରଖେ, ସେ ପ୍ରକୃତରେ ମୋ ଠାରେ
ନୁହେଁ ମାତ୍ର ଯେ ମୋତେ ପଠାଇଛନ୍ତି, ତାହାଙ୍କଠାରେ
ବିଶ୍ୱାସ ରଖେ। [୪୫]ମୋତେ ଯେଉଁ ଲୋକ ଦେଖେ, ସେ
ପ୍ରକୃତରେ ମୋର ପ୍ରେରଣ କର୍ତ୍ତାଙ୍କୁ ଦେଖେ। [୪୬]ମୁଁ
ଆଲୋକ ଓ ମୁଁ ଏ ଜଗତକୁ ଆସିଛି। ମୋର ଆସିବାର
କାରଣ, ମୋଠାରେ ବିଶ୍ୱାସ ରଖିଥିବା ପ୍ରତ୍ୟେକ ଲୋକ
କେବେ ଅନ୍ଧାରରେ ରହିବ ନାହିଁ।
[୪୭]ମୁଁ ଲୋକମାନଙ୍କର ବିଚାର କରିବା ପାଇଁ ଆସି
ନାହିଁ। ମାତ୍ର ମୁଁ ଏ ଜଗତର ଲୋକଙ୍କୁ ଉଦ୍ଧାର କରିବା
ଉଦ୍ଦେଶ୍ୟରେ ଆସିଛି। ଯେଉଁମାନେ ମୋ ଶିକ୍ଷା ଶୁଣନ୍ତି
କିନ୍ତୁ ତାହା ଅମାନ୍ୟ କରନ୍ତି ମୁଁ ସେହି ଲୋକମାନଙ୍କର
ବିଚାର କରିବା ପାଇଁ ଆସି ନାହିଁ। [୪୮]ଜଣେ ବିଚାରକ
ଅଛନ୍ତି, ଯିଏ ବିଚାର କରିବେ କି, କେଉଁ ଲୋକ ମୋତେ
ବିଶ୍ୱାସ କରୁ ନାହିଁ ଓ ମୋ କଥା ଗ୍ରହଣ କରୁ ନାହିଁ। ମୁଁ
ଯେଉଁ ଉପଦେଶ ଶିକ୍ଷା ଦେଇଛି, ତାହା ଦ୍ୱାରା ସେହି
ଲୋକ ଶେଷ ଦିନରେ ବିଚାରିତ ହେବ। [୪୯]ଏହାର କାରଣ
ହେଉଛି, ମୁଁ ଯାହା ଶିକ୍ଷା ଦେଇଛି ତାହା ମୋର ନୁହେଁ।
ମୋର ପ୍ରେରଣ କର୍ତ୍ତା ପରମପିତା ମୋତେ କ'ଣ କହିବାକୁ
ଓ କ'ଣ ଉପଦେଶ ଦେବାକୁ ପଡ଼ିବ ତାହା କହିଛନ୍ତି।
[୫୦]ମୁଁ ଜାଣେ, ମୋ ପରମପିତା ଯାହା ଆଦେଶ ଦିଅନ୍ତି,
ସେହିଠାରୁ ଅନନ୍ତ ଜୀବନ ଆସେ। ତେଣୁ ମୁଁ ଯାହା
କହୁଛି, ତାହା କହିବା ପାଇଁ ମୋତେ ପରମପିତା କହିଛନ୍ତି।"

## ଯୀଶୁ ତାହାଙ୍କ ଶିଷ୍ୟମାନଙ୍କର ପାଦ ଧୋଇଲେ

୧୩ ସେତେବେଳେ ଯିହୂଦୀମାନଙ୍କର ନିସ୍ତାର ପର୍ବ
ସମୟ ପ୍ରାୟ ହୋଇଯାଇଥିଲା। ଯୀଶୁ ଜାଣିଥିଲେ,
ତାହାଙ୍କର ଜଗତକୁ ଛାଡ଼ି ଯିବାର ସମୟ ଉପସ୍ଥିତ

ହୋଇଗଲାଣି । ବର୍ତ୍ତମାନ ସେ ତାହାଙ୍କ ପରମପିତାଙ୍କ ନିକଟକୁ
ଫେରିଯିବେ । ସେ ସବୁବେଳେ ଏହି ଜଗତରେ ଥିବା
ତାହାଙ୍କ ନିଜର ହୋଇଯାଇଥିବା ଲୋକମାନଙ୍କୁ ଭଲ
ପାଉଥିଲେ । ସେ ସେମାନଙ୍କ ପ୍ରତି ତାହାଙ୍କର ଗଭୀର ଓ
ଚୂଡ଼ାନ୍ତ ପ୍ରେମ ଦେଖାଇଥିଲେ ।
୨ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ସନ୍ଧ୍ୟା ଭୋଜନରେ
ବସିଥିଲେ । ଶିମୋନର ପୁତ୍ର ଇଷ୍କାରିୟୋଥ ଯିହୂଦାଙ୍କୁ ଯୀଶୁଙ୍କ
ବିରୁଦ୍ଧରେ ଶୟତାନ ପ୍ରବର୍ତ୍ତାଇ ସାରିଥିଲା । ୩ପରମପିତା
ଯୀଶୁଙ୍କୁ ସବୁ ବିଷୟରେ କ୍ଷମତା ଦେଇଥିଲେ । ଯୀଶୁ ଏହା
ଜାଣିଥିଲେ । ସେ ପରମେଶ୍ୱରଙ୍କଠାରୁ ଆସିଛନ୍ତି ବୋଲି ମଧ୍ୟ
ଜାଣିଥିଲେ । ସେ ତାହାଙ୍କ ପାଖକୁ ଫେରିଯାଉଛନ୍ତି ବୋଲି
ମଧ୍ୟ ଜାଣିଥିଲେ । ୪ସେମାନେ ଖାଇବା ସମୟରେ ଯୀଶୁ
ଠିଆ ହୋଇ ପିନ୍ଧିଥିବା ଲମ୍ବା ପୋଷାକଟି ଖୋଲିଦେଲେ ।
ସେ ଅଣ୍ଟାରେ ଗୋଟିଏ ତଉଲିଆ ଗୁଡେଇ ହୋଇ ପଡିଲେ ।
୫ତା'ପରେ ସେ ପାତ୍ରରେ ଜଳ ଭର୍ତ୍ତି କଲେ, ଓ
ଶିଷ୍ୟମାନଙ୍କର ପାଦ ଧୋଇବା ଆରମ୍ଭ କଲେ । ସେ
ଅଣ୍ଟାରେ ବାନ୍ଧିଥିବା ତଉଲିଆରେ ସେମାନଙ୍କର ପାଦ
ପୋଛିଲେ ।
୬ଯୀଶୁ ଶିମୋନ ପିତରଙ୍କ ପାଖକୁ ଆସିଲେ । କିନ୍ତୁ
ପିତର ତାହାଙ୍କୁ କହିଲେ, "ପ୍ରଭୁ, ତୁମେ ମୋର ପାଦ
ଧୋଇବା ଉଚିତ ନୁହେଁ ।"
୭ଯୀଶୁ କହିଲେ, "ତୁମେ ଏବେ ଜାଣିପାରୁ ନାହିଁ ଯେ,
ମୁଁ କ'ଣ କରୁଛି । କିନ୍ତୁ ପରେ ତୁମେ ବୁଝିବ ।"
୮ପିତର କହିଲେ, "ନା, ଆପଣ ମୋ ପାଦ କେବେ
ଧୋଇବେ ନାହିଁ ।"
ଯୀଶୁ ଉତ୍ତର ଦେଲେ, "ଯଦି ମୁଁ ତୁମ ପାଦ ଧୋଇବି
ନାହିଁ, ତେବେ ତୁମେ କଦାପି ମୋର ଲୋକମାନଙ୍କ ମଧ୍ୟରୁ
ଜଣେ ହେବ ନାହିଁ ।"
୯ଶିମୋନ ପିତର ଉତ୍ତର ଦେଲେ, "ହେ ପ୍ରଭୁ, ତୁମେ
ମୋର ପାଦ ଧୋଇବା ପରେ ମୋର ହାତ ଓ ମୁଣ୍ଡ ମଧ୍ୟ
ଧୋଇ ଦିଅ ।"
୧୦ଯୀଶୁ କହିଲେ, "ଜଣେ ଲୋକ ସ୍ନାନ କରିବାପରେ
ତା'ର ସମ୍ପୂର୍ଣ୍ଣ ଶରୀରଟା ନିର୍ମଳ ହୋଇଯାଏ । କେବଳ
ତା'ର ପାଦ ସେ ଧୋଇବା ଦରକାର । ମୁଁ ଜାଣେ
ତୁମ୍ଭେମାନେ ପରିଷ୍କାର ହୋଇଛ, କିନ୍ତୁ ତୁମ୍ଭମାନଙ୍କ ଭିତରୁ
ସମସ୍ତେ ପରିଷ୍କାର ନୁହନ୍ତି ।" ୧୧ଯୀଶୁ ଜାଣିଥିଲେ ଯେ କିଏ
ତାହାଙ୍କ ବିରୁଦ୍ଧରେ ଉଠିବ, ତେଣୁ ସେ କହିଲେ, "ତୁମ୍ଭମାନଙ୍କ
ଭିତରୁ ସମସ୍ତେ ପରିଷ୍କାର ନୁହଁନ୍ତି ।"
୧୨ଯୀଶୁ ଶିଷ୍ୟମାନଙ୍କ ପାଦ ଧୋଇସାରିଲେ । ତା'ପରେ
ସେ ଲୁଗାପଟା ପିନ୍ଧି ମେଜ ପାଖରେ ପୁଣି ବସିଲେ, ଯୀଶୁ
ପଚାରିଲେ, "ମୁଁ ତୁମ ପାଇଁ କ'ଣ କରିଲି, ତୁମେ ତାହା
ବୁଝିପାରିଲ କି? ୧୩ତୁମେ ମୋତେ 'ଗୁରୁ' ଓ 'ପ୍ରଭୁ'
କହୁଛ । ଅବଶ୍ୟ, ଏହା ଠିକ୍, କାରଣ ମୁଁ ତାହା ଅଟେ ।"
୧୪ମୁଁ ତୁମର ଗୁରୁ ଓ ପ୍ରଭୁ । କିନ୍ତୁ ମୁଁ ତୁମର ପାଦ
ଗୋଟିଏ ସେବକ ରୂପେ ଧୋଇଲି । ତେଣୁ ତୁମେ ମଧ୍ୟ
ପରସ୍ପରର ପାଦ ଧୋଇବା ଉଚିତ । ୧୫ମୁଁ ଏହା ତୁମ ପାଇଁ
ଗୋଟିଏ ଆଦର୍ଶ ସ୍ୱରୂପ କରିଲି । ତେଣୁ ତୁମେ ପରସ୍ପର
ମଧ୍ୟରେ ଏହିପରି କରିବ । ୧୬ମୁଁ ଏହା ସତ୍ୟ କହୁଛି,
ଜଣେ ସେବକ ତାର ପ୍ରଭୁଠାରୁ ବଡ଼ ନୁହେଁ । ଯେଉଁ
ଲୋକକୁ କିଛି କାର୍ଯ୍ୟ କରିବା ପାଇଁ ପଠାଯାଇଛି, ସେ
ପ୍ରେରଣକର୍ତ୍ତାଙ୍କ ଠାରୁ ବଡ଼ ନୁହେଁ । ୧୭ଯଦି ତୁମେ ଏହା
ସବୁ ଜାଣି ତେବେ ତୁମେ ଏହି କାର୍ଯ୍ୟ କରି ଖୁସି ହେବ ।
୧୮"ମୁଁ ତୁମ ସମସ୍ତଙ୍କ ବିଷୟରେ କହୁନାହିଁ । ମୁଁ
ଯେଉଁମାନଙ୍କୁ ବାଛିଛି, ସେମାନଙ୍କୁ ଜାଣେ । କିନ୍ତୁ ଶାସ୍ତ୍ରରେ
ଯାହା ଲେଖାଅଛି, ତାହା ନିଶ୍ଚୟ ଘଟିବ: 'ଯେଉଁଲୋକ
ମୋ ସହିତ ଖାଏ, ସେ ମୋ ବିରୁଦ୍ଧରେ ଠିଆ ହେବ ।'
୧୯ବର୍ତ୍ତମାନ ଏହା ନଘଟିବା ପୂର୍ବରୁ ମୁଁ ତୁମକୁ ଏକଥା
କହୁଛି । ତେଣୁ ଯେତେବେଳେ ଏହା ଘଟିବ, ତୁମେ ବିଶ୍ୱାସ
କରିବ-ମୁଁ, ସେହି ଅଟେ । ୨୦ମୁଁ ତୁମକୁ ସତ୍ୟ କହୁଛି,
ମୋତେ ପଠାଇଥିବା ବ୍ୟକ୍ତିକୁ ଯିଏ ଗ୍ରହଣ କରେ ସେ
ମୋତେ ଗ୍ରହଣ କରେ । ମୋତେ ଯେଉଁ ଲୋକ
ଗ୍ରହଣ କରେ, ସେ ମୋର ପ୍ରେରଣକର୍ତ୍ତାଙ୍କୁ ମଧ୍ୟ ଗ୍ରହଣ
କରେ ।"

## ଯୀଶୁ ତାହାଙ୍କ ବିଶ୍ୱାସଘାତକ ବିଷୟରେ କହିଲେ

୨୧ଯୀଶୁ ଏକଥା କହିବା ପରେ ସେ ବହୁତ ଦୁଃଖିତ
ହେଲେ । ସେ ମୁକ୍ତରେ କହିଲେ, "ମୁଁ ତୁମକୁ ସତ୍ୟ
କହୁଛି, ତୁମ୍ଭମାନଙ୍କ ମଧ୍ୟରୁ ଜଣେ ମୋ
ବିରୁଦ୍ଧରେ ଯିବ ।"
୨୨ଯୀଶୁଙ୍କର ଶିଷ୍ୟମାନେ ସମସ୍ତେ ପରସ୍ପରକୁ ଚାହିଁଲେ ।
ସେମାନେ ବୁଝି ପାରିଲେ ନାହିଁ ଯେ ଯୀଶୁ କାହା
ବିଷୟରେ କହୁଛନ୍ତି । ୨୩ଯୀଶୁଙ୍କ ପାଖରେ ଆଉ ଜଣେ
ଶିଷ୍ୟ ବସିଥିଲା । ଯୀଶୁ ତାହାକୁ ବହୁତ ଭଲ ପାଉଥିଲେ ।
୨୪ଶିମୋନ ପିତର, ସେହି ଶିଷ୍ୟକୁ ଯୀଶୁ କାହା ସମ୍ବନ୍ଧରେ
କହୁଛନ୍ତି ତାହା ତାହାଙ୍କୁ ପଚାରିବା ପାଇଁ ଠାରିଲେ ।
୨୫ସେ ଶିଷ୍ୟ ଜଣଙ୍କ ଯୀଶୁଙ୍କର ଆହୁରି ପାଖକୁ ଆଉଜି
ପଡ଼ି ପଚାରିଲେ, "ପ୍ରଭୁ କିଏ ତୁମ ବିରୁଦ୍ଧରେ ଯିବ?"
୨୬ଯୀଶୁ ଉତ୍ତର ଦେଲେ, "ମୁଁ ଏହି ରୋଟୀଖଣ୍ଡିକ
ପାତ୍ରରେ ବୁଡ଼େଇ ଯାହାକୁ ଦେବି, ସେହି ଲୋକ ମୋ
ବିରୁଦ୍ଧରେ ଯିବ ।" ତେଣୁ ଯୀଶୁ ଖଣ୍ଡେ ରୋଟୀ ନେଇ
ପାତ୍ରରେ ବୁଡ଼େଇଲେ ଓ ଶିମୋନଙ୍କ ପୁତ୍ର ଇଷ୍କାରିୟୋଥ
ଯିହୂଦାକୁ ଦେଲେ । ୨୭ଯିହୂଦା ରୋଟୀ ନେଲାବେଳେ ଶୟତାନ
ତା'ଭିତରେ ପ୍ରବେଶ କଲା । ଯୀଶୁ ଯିହୂଦାକୁ କହିଲେ,
"ତୁମେ ଯାହା କରିବା କଥା, ତାହା ଶୀଘ୍ର କର ।" ୨୮ଯୀଶୁ
ଏକଥା ଯିହୂଦାଙ୍କୁ କାହିଁକି କହିଲେ ତାହା ମେଜ ପାଖରେ
ବସିଥିବା ଲୋକମାନଙ୍କ ଭିତରୁ କେହିହେଲେ ବୁଝିପାରିଲେ
ନାହିଁ । ୨୯ଯିହୂଦା ଦଳର ସାମୁହିକ ଟଙ୍କା-ବାକ୍ସ ନିଜ
ପାଖରେ ରଖୁଥିଲା । ତେଣୁ କେତେକ ଶିଷ୍ୟ ଭାବିଲେ ଯେ
ଯୀଶୁ ତାକୁ ପର୍ବ ପାଇଁ କିଛି କିଣିବାକୁ କହିଲେ । କିମ୍ବା
ସେମାନେ ଏକଥା ମଧ୍ୟ ଭାବିଲେ, ଯୀଶୁ ବୋଧେ ଯିହୂଦାକୁ
ଦରିଦ୍ରମାନଙ୍କୁ କିଛି ଦାନ ଦେବା ପାଇଁ କହିଲେ ।
୩୦ଯିହୂଦା ଯୀଶୁ ଦେଇଥିବା ରୋଟୀ ଗ୍ରହଣ କଲେ ।
ତା'ପରେ ଯିହୂଦା ବାହାରି ଚାଲିଗଲେ । ସେତେବେଳେ ରାତ୍ରି
ହୋଇଥିଲା ।

### ଯୀଶୁ ନିଜର ମୃତ୍ୟୁ ବିଷୟରେ କହିଲେ

୩୧ଯିହୂଦା ଗଲା ପରେ ଯୀଶୁ କହିଲେ, "ବର୍ତ୍ତମାନ
ମନୁଷ୍ୟପୁତ୍ର ଗୌରବ ପାଉଛନ୍ତି। ପରମେଶ୍ୱର ମଧ୍ୟ ମନୁଷ୍ୟ
ପୁତ୍ରଙ୍କଦ୍ୱାରା ଗୌରବ ପାଉଛନ୍ତି। ୩୨ଯଦି ପରମେଶ୍ୱର
ତାହାଙ୍କ ମାଧ୍ୟମରେ ଗୌରବ ଅର୍ଜନ କରନ୍ତି, ତେବେ
ପରମେଶ୍ୱର ତାହାଙ୍କଠାରେ ପୁତ୍ରଙ୍କୁ ଗୌରବ ଦେବେ। ସେ
ତାହାଙ୍କୁ ଅତି ଶୀଘ୍ର ଗୌରବାନ୍ୱିତ କରିବେ।"
୩୩ଯୀଶୁ କହିଲେ, "ମୋର ପିଲାମାନେ, ମୁଁ ତୁମ୍ଭମାନଙ୍କ
ସହିତ ମାତ୍ର ଅଳ୍ପ ସମୟ ପାଇଁ ରହିବି। ତୁମେ ମୋତେ
ଖୋଜିବ। ମୁଁ ଯିହୂଦୀମାନଙ୍କୁ ଯାହା କହିଛି, ତାହା ମୁଁ
ବର୍ତ୍ତମାନ ତୁମକୁ କହୁଛି। ମୁଁ ଯେଉଁଠିକୁ ଯାଉଛି, ତୁମେ
ସେଠାକୁ ଆସିପାରିବ ନାହିଁ।
୩୪"ମୁଁ ତୁମକୁ ଗୋଟିଏ ନୂତନ ଆଜ୍ଞା ଦେଉଛି।
ତୁମ୍ଭେମାନେ ପରସ୍ପରକୁ ପ୍ରେମ କର। ମୁଁ ତୁମ୍ଭମାନଙ୍କୁ
ଯେପରି ପ୍ରେମ କରିଛି, ତୁମ୍ଭେମାନେ ପରସ୍ପରକୁ ସେହିପରି
ପ୍ରେମ କରିବା ଉଚିତ। ୩୫ତୁମେ ଯଦି ପରସ୍ପରକୁ ପ୍ରେମ
କରିବ, ତେବେ ସମସ୍ତେ ଜାଣିବେ ଯେ ତୁମ୍ଭେମାନେ
ମୋର ଶିଷ୍ୟ।"

### ଯୀଶୁ କହିଲେ ଯେ ପିତର ତାହାଙ୍କୁ ଅସ୍ୱୀକାର କରିବେ

୩୬ଶିମୋନ ପିତର ଯୀଶୁଙ୍କୁ ପଚାରିଲେ, "ପ୍ରଭୁ, ତୁମେ
କେଉଁଆଡ଼େ ଯାଉଛ?" ଯୀଶୁ ଉତ୍ତର ଦେଲେ, "ମୁଁ
ଯେଉଁଆଡ଼େ ଯାଉଛି, ତୁମେ ମୋର ପଛେ-ପଛେ ଏବେ
ସେଠାକୁ ଯାଇ ପାରିବ ନାହିଁ। କିନ୍ତୁ ପରେ ତୁମେ ମୋର
ଅନୁଗମନ କରିବ।"
୩୭ପିତର ପଚାରିଲେ, "ପ୍ରଭୁ, ମୁଁ ବର୍ତ୍ତମାନ କାହିଁକି
ତୁମର ପଛେ ପଛେ ଯାଇ ପାରିବି ନାହିଁ? ମୁଁ ତୁମ ପାଇଁ
ମରିବାକୁ ମଧ୍ୟ ପ୍ରସ୍ତୁତ।"
୩୮ଯୀଶୁ ଉତ୍ତର ଦେଲେ, "ତୁମେ କ'ଣ ପ୍ରକୃତରେ
ମୋ ପାଇଁ ଜୀବନ ଦେବ? ମୁଁ ତୁମକୁ ସତ୍ୟ କହୁଛି,
କୁକୁଡ଼ା ଡାକିବା ପୂର୍ବରୁ ତୁମେ ମୋତେ ଚିହ୍ନିନାହିଁ ବୋଲି
ତିନିଥର ଅସ୍ୱୀକାର କରିବ।"

### ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ସାନ୍ତ୍ୱନା ଦେଲେ

୧୪ ଯୀଶୁ କହିଲେ, "ତୁମ୍ଭମାନଙ୍କର ହୃଦୟ ଦୁଃଖିତ
ନ ହେଉ। ପରମେଶ୍ୱରଙ୍କଠାରେ ବିଶ୍ୱାସ ରଖିଥାଅ।
ମୋଠାରେ ମଧ୍ୟ ବିଶ୍ୱାସ ରଖ, ୨ମୋର ପରମପିତାଙ୍କ
ଘରେ ଅନେକ ଗୁଡ଼ିଏ ବଖରା ଅଛି। ତାହା ନ ହୋଇଥିଲେ
ମୁଁ ତୁମକୁ ଏହା କହି ନଥାନ୍ତି। ମୁଁ ତୁମ ପାଇଁ ଗୋଟିଏ
ସ୍ଥାନ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ସେଠାକୁ ଯାଉଛି। ୩ମୁଁ
ଯାଇ ତୁମ ପାଇଁ ସ୍ଥାନ ପ୍ରସ୍ତୁତ କଲା ପରେ ଫେରି
ଆସିବି। ତା'ପରେ ତୁମକୁ ମୋ ସହିତ ନେଇଯିବି। ମୁଁ
ଯେଉଁଠାରେ ରହିବି ତୁମ୍ଭେମାନେ ମଧ୍ୟ ସେଠାରେ ମୋ
ସହିତ ରହିପାରିବ। ୪ମୁଁ ଯେଉଁଠାକୁ ଯାଉଛି, ତୁମ୍ଭେମାନେ
ସେଠାକୁ ଯିବାର ପଥ ଜାଣ।"
୫ଥୋମା କହିଲେ, "ପ୍ରଭୁ, ଆପଣ କେଉଁଆଡ଼େ ଯାଉଛନ୍ତି,
ଆମେ ଜାଣି ନାହୁଁ। ତେଣୁ ସେଠାକୁ ଯିବାର ପଥ ଆମେ
ଜାଣିବୁ କିପରି?"
୬ଯୀଶୁ ଉତ୍ତର ଦେଲେ, "ମୁଁ ପଥ। ମୁଁ ସତ୍ୟ ଓ
ଜୀବନ। ପରମପିତାଙ୍କ ପାଖକୁ ଯିବାପାଇଁ ମୁଁ ହେଉଛି
ଏକମାତ୍ର ପଥ। ୭ତୁମେ ଯଦି ମୋତେ ପ୍ରକୃତରେ ଜାଣିଥାନ୍ତ,
ତେବେ ପରମପିତାଙ୍କୁ ମଧ୍ୟ ଜାଣିଥାଆନ୍ତ। ବର୍ତ୍ତମାନ ତୁମେ
ତାହାଙ୍କୁ ଜାଣିଛ ଓ ତାହାଙ୍କୁ ଦେଖିଛ।"
୮ଫିଲିପ୍ପ ଯୀଶୁଙ୍କୁ କହିଲେ, "ପ୍ରଭୁ, ଆମକୁ ପରମପିତାଙ୍କୁ
ଦେଖାନ୍ତୁ। ଆମର ସେତିକି ଦରକାର।"
୯ଯୀଶୁ ଉତ୍ତର ଦେଲେ, "ଫିଲିପ୍ପ, ମୁଁ ତୁମ ସହିତ
ଦୀର୍ଘ ସମୟଧରି ରହିଛି। ସେଥିପାଇଁ ତୁମେ ମୋତେ
ଜାଣିବା ଉଚିତ। ମୋତେ ଯିଏ ଦେଖିଛି, ସେ ପରମପିତାଙ୍କୁ
ମଧ୍ୟ ଦେଖିଛି। ତେଣୁ ତୁମେ ମୋତେ କାହିଁକି କହୁଛ,
'ଆମକୁ ପରମପିତାଙ୍କୁ ଦେଖାଅ?' ୧୦ତୁମେ କ'ଣ ପ୍ରକୃତରେ
ବିଶ୍ୱାସ କର ଯେ, ମୁଁ ପରମପିତାଙ୍କଠାରେ ଓ ପରମପିତା
ମୋଠାରେ ଅଛନ୍ତି? ମୁଁ ତୁମକୁ ଯାହା-ଯାହା କହିଛି ତାହା
ମୋଠାରୁ ଆସି ନାହିଁ। ପରମପିତା ମୋ ଭିତରେ ଅଛନ୍ତି,
ଓ ସେ ତାହାଙ୍କ କାର୍ଯ୍ୟ କରୁଛନ୍ତି। ୧୧ମୁଁ ପରମପିତାଙ୍କ
ଠାରେ ଓ ପରମପିତା ମୋ ଠାରେ ଅଛନ୍ତି। ତୁମେ ମୋର
ଏହି କଥା ବିଶ୍ୱାସ କର। କିମ୍ବା ମୁଁ ଯେଉଁ ସବୁ
ଆଶ୍ଚର୍ଯ୍ୟକାର୍ଯ୍ୟ କରିଛି ସେଥିପାଇଁ ବିଶ୍ୱାସ କର। ୧୨ମୁଁ
ତୁମକୁ ସତ୍ୟ କହୁଛି। ମୋଠାରେ ବିଶ୍ୱାସ କରୁଥିବା ବ୍ୟକ୍ତି,
ମୁଁ ଯାହା କରିଛି, ତାହା କରିବ। ହଁ, ସେ ମୁଁ କରିଥିବା
କାମଠାରୁ ମଧ୍ୟ ଅଧିକ ବଡ଼ କାମ କରିବ, କାରଣ ମୁଁ
ପରମପିତାଙ୍କ ନିକଟକୁ ଯାଉଛି। ୧୩ତୁମେ ମୋ ନାମରେ
ଯାହା ମାଗିବ, ମୁଁ ତାହା ତୁମ ପାଇଁ କରିବି। ଏହା ଦ୍ୱାରା
ପୁତ୍ରଙ୍କ ମାଧ୍ୟମରେ ପରମପିତାଙ୍କ ଗୌରବ ପ୍ରକାଶିତ ହେବ।
୧୪ମୋ' ନାମରେ ତୁମେ ଯାହା ମାଗିବ, ମୁଁ
ତାହା କରିବି।

### ପବିତ୍ରଆତ୍ମାଙ୍କର ପ୍ରତିଜ୍ଞା

୧୫"ମୋତେ ଯଦି ତୁମେ ପ୍ରେମ କର, ତେବେ ମୋର
ଆଜ୍ଞା ଅନୁସାରେ ତୁମେ କାମ କରିବ। ୧୬ମୁଁ ପରମପିତାଙ୍କୁ
କହିବି ଓ ସେ ତୁମକୁ ଆଉ ଜଣେ ସାହାଯ୍ୟକାରୀଙ୍କୁ
ଦେବେ। ସେ ସେହି ସାହାଯ୍ୟକାରୀଙ୍କୁ ତୁମ ପାଖରେ
ସର୍ବଦା ରହିବା ପାଇଁ ଦେବେ। ୧୭ସେହି ସାହାଯ୍ୟକାରୀ
ଜଣକ ସତ୍ୟମୟ ଆତ୍ମା। ଏ ଜଗତ ତାହାଙ୍କୁ ଗ୍ରହଣ କରି
ପାରିବ ନାହିଁ। ଯେହେତୁ ଜଗତ ତାହାଙ୍କୁ ଦେଖୁନାହିଁ ବା
ଜାଣି ନାହିଁ। କିନ୍ତୁ ତୁମେ ତାହାଙ୍କୁ ଜାଣିଛ। ସେ ତୁମ
ସହିତ ରହନ୍ତି, ଓ ତୁମ ହୃଦୟରେ ବାସ କରିବେ।
୧୮"ମୁଁ ତୁମକୁ ଅନାଥ ପିଲାମାନଙ୍କ ପରି ଛାଡିଯିବି
ନାହିଁ। ମୁଁ ତୁମ ପାଖକୁ ଫେରିଆସିବି। ୧୯ଜଗତର
ବାସିନ୍ଦାମାନେ ଖୁବ୍ ଅଳ୍ପ ସମୟ ପରେ ମୋତେ ଆଉ
ଦେଖି ପାରିବେ ନାହିଁ। କିନ୍ତୁ ତୁମେ ମୋତେ ଦେଖି
ପାରିବ। ତୁମ୍ଭେମାନେ ଜୀବିତ ରହିବ, କାରଣ ମୁଁ ଜୀବିତ।
୨୦ତୁମେ ସେଦିନ ଜାଣିବ ଯେ, ମୁଁ ପରମପିତାଙ୍କଠାରେ
ରହିଛି। ତୁମେ ଜାଣିବ ଯେ, ତୁମେ ମୋ'ଠାରେ ଓ ମୁଁ

ତୁମଠାରେ ଅଛି। ୨୧ଯେଉଁ ଲୋକ ମୋର ଆଜ୍ଞା ଜାଣେ
ଓ ପାଳନ କରେ, ସେ ଲୋକ ପ୍ରକୃତରେ ମୋତେ ପ୍ରେମ
କରେ। ମୋତେ ପ୍ରେମ କରୁଥିବା ଲୋକକୁ ମୋ ପରମ-ପିତା
ମଧ୍ୟ ପ୍ରେମ କରିବେ। ମୁଁ ମଧ୍ୟ ତାକୁ ପ୍ରେମ କରିବି ଓ
ନିଜକୁ ତା' ନିକଟରେ ପ୍ରକାଶ କରିବି।"
୨୨ତା'ପରେ ଯିହୂଦା (ଇଷ୍କାରିୟୋଥ ନୁହଁନ୍ତି) ତାହାଙ୍କୁ
ପଚାରିଲେ, "କିନ୍ତୁ ପ୍ରଭୁ ଆପଣ କାହିଁକି ଆମଠାରେ ନିଜକୁ
ଦେଖାଇବା ପାଇଁ ଯୋଜନା କରୁଛନ୍ତି, ସାରା ଜଗତକୁ
କାହିଁକି ଦେଖାଉ ନାହାଁନ୍ତି।"
୨୩ଯୀଶୁ ଉତ୍ତର ଦେଲେ, "ଯଦି କେହି ମୋତେ ପ୍ରେମ
କରେ ତେବେ ସେ ମୋହର ଉପଦେଶ ପାଳନ କରିବ।
ମୋର ପରମପିତା ତାକୁ ଭଲ ପାଇବେ। ମୋର ପରମପିତା
ଓ ମୁଁ ସେହି ଲୋକ ପାଖକୁ ଆସିବୁ ଓ ତା ସହିତ
ରହିବୁ। ୨୪କିନ୍ତୁ ଯେଉଁଲୋକ ମୋତେ ପ୍ରେମ କରେ
ନାହିଁ, ସେ ମୋର ଉପଦେଶ ମାନେ ନାହିଁ। ମୋଠାରୁ
ଯେଉଁ ଉପଦେଶ ତୁମେ ଶୁଣୁଛ, ତାହା ପ୍ରକୃତରେ ମୋର
ନୁହେଁ। ଏହା ମୋତେ ପଠାଇ ଥିବା ପରମ-ପିତାଙ୍କର।
୨୫"ମୁଁ ତୁମ ସହିତ ଥିବା ସମୟରେ ଏହି ସବୁ କଥା
ତୁମ୍ଭମାନଙ୍କୁ କହିଛି। ୨୬କିନ୍ତୁ ତୁମକୁ ସାହାଯ୍ୟକାରୀ ସବୁ
ଶିକ୍ଷା ଦେବେ। ମୁଁ ତୁମକୁ କହିଥିବା ସମସ୍ତ କଥା ମନେ
ରଖିବାପାଇଁ ସେ ସାହାଯ୍ୟ ମଧ୍ୟ କରିବେ। ଏହି ସାହାଯ୍ୟକାରୀ
ହେଉଛନ୍ତି ପବିତ୍ରଆତ୍ମା, ଯାହାଙ୍କୁ ପରମପିତା ମୋ ନାମରେ
ପଠାଇବେ।
୨୭"ମୁଁ ତୁମକୁ ଶାନ୍ତି ଦେଇ ଯାଉଛି। ଏହି ଶାନ୍ତି ମୋ
ନିଜର, ଯାହା ମୁଁ ତୁମକୁ ଦେଉଛି। ଜଗତ ଯେପରି ଶାନ୍ତି
ଦିଏ, ତା'ଠାରୁ ଭିନ୍ନ ଶାନ୍ତି ମୁଁ ତୁମକୁ ଦେଉଛି। ତେଣୁ
ମନରେ ଦୁଃଖ କର ନାହିଁ। ଭୟ ମଧ୍ୟ କର ନାହିଁ।
୨୮ତୁମେ ମୋର କଥା ଶୁଣିଛ ଯେ 'ମୁଁ ଯାଉଛି, କିନ୍ତୁ ମୁଁ
ପୁଣି ତୁମ ପାଖକୁ ଫେରିବି।' ଯଦି ତୁମେ ମୋତେ
ପ୍ରକୃତରେ ପ୍ରେମ କରୁଥାଅ, ତେବେ ମୋ ପାଇଁ ତୁମେ
ଖୁସି ହେବ; କାରଣ ବର୍ତ୍ତମାନ ମୁଁ ପରମପିତାଙ୍କ ନିକଟକୁ
ଯାଉଛି। ପରମପିତା ମୋଠାରୁ ମହାନ୍। ୨୯ଏ ସମସ୍ତ
ଘଟଣା ଘଟିବା ପୂର୍ବରୁ ମୁଁ ତୁମକୁ ସବୁ ବର୍ତ୍ତମାନ
ଜଣାଇଦେଲି, ଯେପରି ଏସବୁ ଘଟିଲା ବେଳେ ତୁମେ
ବିଶ୍ୱାସ କରିବ। ୩୦ମୁଁ ତୁମ ସହିତ ବେଶି ସମୟ
କଥାବାର୍ତ୍ତା ହେବି ନାହିଁ। ଏ ଜଗତର ଶାସକ (ଶୟତାନ)
ଆସୁଛି। ମୋ ଉପରେ ତା'ର କୌଣସି କ୍ଷମତା ନାହିଁ।
୩୧କିନ୍ତୁ ଏହି ଜଗତ ଜାଣିବା ଉଚିତ ଯେ, ମୁଁ ପରମପିତାଙ୍କୁ
ପ୍ରେମ କରେ। ତେଣୁ ପରମପିତା ମୋତେ ଯେପରି
କହିଛନ୍ତି, ମୁଁ ଠିକ୍ ସେପରି କରିବି। ଚାଲ ଯିବା। ଆମେ
ଏ ସ୍ଥାନ ତ୍ୟାଗ କରିବା।"

### ଯୀଶୁ ଅଙ୍ଗୁରଲତା ସଦୃଶ

୧୫ ଯୀଶୁ କହିଲେ, "ମୁଁ ହେଉଛି ପ୍ରକୃତ ଅଙ୍ଗୁର
ଲତା, ଓ ମୋର ପରମପିତା ମାଳୀ ଅଟନ୍ତି।
୨ମୋଠାରେ ଥିବା ଯେଉଁ ଶାଖାରେ ଫଳ ଫଳେ ନାହିଁ,
ସେ ତାକୁ କାଟିଦିଅନ୍ତି। ଯେଉଁ ଶାଖାରେ ଫଳ ଫଳି
ଥାଏ, ସେ ସେଗୁଡ଼ିକ ଆହୁରି ଅଧିକ ଫଳ ପ୍ରଦାନ କରିବା
ପାଇଁ ଅଗ କଟାକଟି କରି ପରିଷ୍କାର କରନ୍ତି। ୩ମୁଁ ତୁମକୁ
ଯେଉଁ ଉପଦେଶ ଦେଇଛି, ତାହା ଦ୍ୱାରା ତୁମେ ପରିଷ୍କୃତ
ହୋଇସାରିଅଛ। ୪ମୋ'ଠାରେ ରୁହ ଓ ମୁଁ ତୁମଠାରେ
ରହିବି। ଗୋଟିଏ ଶାଖା ଏକୁଟିଆ ଅଲଗାରେ କେବେ
ଫଳ ଦେବ ନାହିଁ। ଏହା ଲତାରେ ଲାଗି ରହିବା ଉଚିତ।
ତୁମ୍ଭେମାନେ ମଧ୍ୟ ଏକା ଥାଇ ଫଳ ଫଳି ପାରିବ ନାହିଁ।
ତେଣୁ ତୁମେ ମୋ ସହିତ ମିଶି ରହିବା ଉଚିତ।
୫"ମୁଁ ଅଙ୍ଗୁରଲତା ଓ ତୁମ୍ଭେମାନେ ଶାଖା। ଯେଉଁଲୋକ
ମୋ'ଠାରେ ରହେ, ଓ ମୁଁ ତା'ଠାରେ ରହେ, ସେହି
ଲୋକ ପ୍ରଚୁର ଫଳ ଫଳେ। କିନ୍ତୁ ମୋ ବିନା ସେ କିଛି
କରି ପାରିବ ନାହିଁ। ୬ଯଦି କେହି ବ୍ୟକ୍ତି ମୋଠାରେ
ରୁହେ ନାହିଁ, ତେବେ ତାକୁ ଶାଖା ପରି ଫିଙ୍ଗି ଦିଆଯିବ।
ସେହି ଫିଙ୍ଗା ଯାଇଥିବା ଶାଖା ଶୁଖିଯାଏ। ଲୋକମାନେ
ଶୁଖିଲା ଶାଖାକୁ ଉଠାଇ ନିଆଁରେ ଫୋପାଡି ଦିଅନ୍ତି।
ସେଗୁଡିକ ଜଳି ଯାଏ।
୭"ମୋଠାରେ ରୁହ ଓ ମୋର ଉପଦେଶ ପାଳନ
କର। ଯଦି ତୁମେ ଏହା କର, ତେବେ ଯାହା ଇଚ୍ଛାକର,
ତାହା ମାଗ ଆଉ ତାହା ତୁମକୁ ଦିଆଯିବ। ୮ତୁମ୍ଭେମାନେ
ପ୍ରଚୁର ଫଳ ଉତ୍ପାଦନ କର ଓ ମୋର ଶିଷ୍ୟ ବୋଲି
ଦର୍ଶାଇ ଦିଅ। ଏହା ଦ୍ୱାରା ମୋର ପରମପିତା ଗୌରବ
ପାଇବେ। ୯ମୋ ପରମପିତା ମୋତେ ଯେପରି ପ୍ରେମ
କରୁଥିଲେ, ମୁଁ ତୁମକୁ ସେପରି ପ୍ରେମ କରିଛି। ବର୍ତ୍ତମାନ
ମୋ ପ୍ରେମରେ ସ୍ଥିର ରୁହ। ୧୦ମୁଁ ମୋର ପରମପିତାଙ୍କର
ଆଜ୍ଞା ମାନିଛି ଓ ମୁଁ ତାହାଙ୍କ ପ୍ରେମରେ ରହିଛି।
ସେହିପରି ତୁମେ ଯଦି ମୋର ଆଜ୍ଞା ପାଳନ କରିବ,
ତୁମେ ମୋ ପ୍ରେମରେ ରହିବ। ୧୧ମୁଁ ତୁମକୁ ଏସବୁ କଥା
କହିଛି, ତାହାଲେ ମୁଁ ଯେପରି ଆନନ୍ଦରେ ଅଛି, ତୁମେ
ମଧ୍ୟ ମୋପରି ଆନନ୍ଦ ପାଇବ। ମୁଁ ଚାହେଁ, ତୁମର ଆନନ୍ଦ
ସଂପୂର୍ଣ୍ଣ ହେଉ। ୧୨ମୁଁ ତୁମକୁ ଏହି ଆଜ୍ଞା ଦେଉଛି!
ଯେପରି ମୁଁ ତୁମକୁ ପ୍ରେମ କରିଛି ତୁମ୍ଭେମାନେ ମଧ୍ୟ
ପରସ୍ପରକୁ ସେହିପରି ପ୍ରେମ କର। ୧୩ନିଜ ବନ୍ଧୁମାନଙ୍କ
ପାଇଁ ପ୍ରାଣ ଦେଇ ଜଣେ ବ୍ୟକ୍ତି ସର୍ବୋତ୍କୃଷ୍ଟ ପ୍ରେମ
ଦେଖାଇ ପାରିବ। ୧୪ତୁମେ ଯଦି ମୋ କହିବା ଅନୁଯାୟୀ
କାମ କର, ତେବେ ତୁମ୍ଭେମାନେ ମୋର ବନ୍ଧୁ। ୧୫ମୁଁ
ତୁମ୍ଭମାନଙ୍କୁ ବର୍ତ୍ତମାନ ସେବକ ବୋଲି କହୁନାହିଁ। ଜଣେ
ସେବକ, ତା'ର ମୁନିବ କ'ଣ କରେ, ଜାଣେ ନାହିଁ। କିନ୍ତୁ
ବର୍ତ୍ତମାନ ମୁଁ ତୁମ୍ଭମାନଙ୍କୁ ବନ୍ଧୁ ବୋଲି କହୁଛି, କାରଣ ମୁଁ
ପରମପିତାଙ୍କଠାରୁ ଯାହା ସବୁ ଶୁଣିଛି ତାହା କହିଛି।
୧୬ତୁମ୍ଭେ ମୋତେ ମନୋନୀତ କରିନାହିଁ, କିନ୍ତୁ ମୁଁ ତୁମକୁ
ମନୋନୀତ କରିଛି। ମୁଁ ତୁମକୁ ଏହି କାର୍ଯ୍ୟ ଦେଇଛି,
ଯେପରି ତୁମେ ଯାଇ ଫଳ ଫଳିବ। ମୁଁ ଚାହେଁ, ତୁମ
ଜୀବନରେ ଏହି ଫଳ ଲାଗିରହୁ। ସେଥିରେ ମୋ ନାମ
ନେଇ ଯାହା ମାଗିବ, ପରମପିତା ତୁମକୁ ତାହା ଦେବେ।
୧୭ଏହା ମୋର ଆଦେଶ, ତୁମ୍ଭେମାନେ ପରସ୍ପରକୁ ପ୍ରେମ
କର।

### ଯୀଶୁ ଶିଷ୍ୟମାନଙ୍କୁ ସତର୍କ କରନ୍ତି

[୧୮]"ଯଦି ତୁମକୁ ଜଗତ ଘୃଣା କରେ, ତେବେ ମନେ
ରଖ, ତୁମମାନଙ୍କୁ ଘୃଣା କରିବା ପୂର୍ବରୁ ଜଗତ ମୋତେ
ଘୃଣା କରିଛି। [୧୯]ତୁମ୍ଭେମାନେ ଯଦି ଏ ଜଗତର ହୋଇଥାଆନ୍ତ,
ତେବେ ସଂସାର ତୁମ୍ଭମାନଙ୍କୁ ଭଲ ପାଉଥାଆନ୍ତା, ଯେପରି
ଏହା ନିଜ ଲୋକଙ୍କୁ ଭଲ ପାଏ। କିନ୍ତୁ ମୁଁ ତୁମକୁ ଜଗତ
ଭିତରୁ ବାଛିଛି। ତେଣୁ ତୁମେ ଏ ଜଗତର ନୁହଁ।
ସେଥିପାଇଁ ଜଗତ ତୁମକୁ ଘୃଣା କରେ। [୨୦]ମୁଁ ତୁମକୁ
ଯାହା କହିଥିଲି ତାହା ମନେ ରଖ: ଜଣେ ଚାକର ତାର
ମୁନିବଠାରୁ ବଡ ନୁହେଁ। ଯଦି ଲୋକମାନେ ମୋତେ
ତାଡ଼ନା କଲେ ତେବେ ସେମାନେ ତୁମକୁ ମଧ୍ୟ ତାଡ଼ନା
କରିବେ। ଯଦି ସେମାନେ ମୋର ଉପଦେଶ ମାନିଲେ,
ତେବେ ତୁମର ଉପଦେଶ ମଧ୍ୟ ମାନିବେ। [୨୧]ଲୋକମାନେ
ମୋ ଯୋଗୁ ତୁମ ପ୍ରତି ଏଭଳି ବ୍ୟବହାର କରିବେ।
କାରଣ ସେମାନେ ମୋର ପ୍ରେରଣକର୍ତ୍ତାଙ୍କୁ ଜାଣନ୍ତି ନାହିଁ।
[୨୨]ମୁଁ ଯଦି ଆସି ନଥାନ୍ତି ଓ ଏଜଗତର ଲୋକମାନଙ୍କୁ
କହିନଥାନ୍ତି, ତେବେ ସେମାନେ ପାପରେ ଦୋଷୀ ବୋଲି
ବିବେଚିତ ହୁଅନ୍ତେ ନାହିଁ। କିନ୍ତୁ ମୁଁ ବର୍ତ୍ତମାନ ସେମାନଙ୍କୁ
କହିଛି। ତେଣୁ ତାହାଙ୍କ ପାପ ପାଇଁ ସେମାନଙ୍କ ପାଖରେ
କୌଣସି ଆଳ ନାହିଁ। [୨୩]ମୋତେ ଘୃଣା କରୁଥିବା ବ୍ୟକ୍ତି
ମୋର ପରମପିତାଙ୍କୁ ମଧ୍ୟ ଘୃଣା କରେ। [୨୪]ମୁଁ ଯେଉଁ
ଆଶ୍ଚର୍ଯ୍ୟକାର୍ଯ୍ୟ ସେ ଲୋକମାନଙ୍କ ମଧ୍ୟରେ କରିଛି, ତାହା
କୌଣସି ଲୋକ କେବେ କରିନାହିଁ। ଯଦି ମୁଁ ସେହି
କାର୍ଯ୍ୟ କରିନଥାନ୍ତି, ତେବେ ସେମାନେ ପାପଦ୍ୱାରା ଦୋଷୀ
ସାବ୍ୟସ୍ତ ହୋଇନଥାଆନ୍ତେ। କିନ୍ତୁ ସେମାନେ ମୋର ସେହି
ଆଶ୍ଚର୍ଯ୍ୟକାର୍ଯ୍ୟ କରିବା ଦେଖିଛନ୍ତି। ତଥାପି ସେମାନେ
ମୋତେ ଓ ପରମପିତାଙ୍କୁ ଘୃଣା କରନ୍ତି। [୨୫]ଏସବୁ ଘଟିବା
ଦ୍ୱାରା ତାହାଙ୍କ ବିଧି ବ୍ୟବସ୍ଥାରେ ଯାହା ଲେଖାଥିଲା ତାହା
ସତ୍ୟ ହେଲା: 'ସେମାନେ ମୋତେ ବିନା କାରଣରେ ଘୃଣା
କଲେ।'*

[୨୬]"ମୁଁ ପରମପିତାଙ୍କପାଖରୁ ତୁମ୍ଭମାନଙ୍କ ନିକଟକୁ ସେହି
ସାହାଯ୍ୟକାରୀଙ୍କୁ ପଠାଇବି। ସେହି ସାହାର୍ଯ୍ୟକାରୀ ସତ୍ୟମୟ
ଆତ୍ମା ଅଟନ୍ତି। ସେ ପରମପିତାଙ୍କ ପାଖରୁ ଆସନ୍ତି। ସେ
ଯେତେବେଳେ ଆସିବେ, ସେ ମୋ ବିଷୟରେ କହିବେ।
[୨୭]ତୁମେ ମୋ ବିଷୟରେ ଲୋକମାନଙ୍କୁ ମଧ୍ୟ କହିବ,
କାରଣ ତୁମେମାନେ ପ୍ରଥମରୁ ମୋ ସହିତ ରହିଛ।

୧୬ "ମୁଁ ତୁମକୁ ଏହିସବୁ କଥା କହିଛି, ଯେପରି
ଲୋକମାନେ ତୁମର ବିଶ୍ୱାସ ନଷ୍ଟ କରି ନ
ପାରନ୍ତି। [୨]ତୁମମାନଙ୍କୁ ଲୋକମାନେ ସେମାନଙ୍କର ପ୍ରାର୍ଥନା-
ଗୃହଗୁଡ଼ିକରୁ ବାହାର କରିଦେବେ। ହଁ, ଏପରି ସମୟ
ଆସୁଛି ଯେତେବେଳେ ଲୋକମାନେ ଭାବିବେ ଯେ ତୁମକୁ
ବଧ କରିବା ଦ୍ୱାରା ସେମାନେ ପରମେଶ୍ୱରଙ୍କ ସେବା
କରୁଛନ୍ତି। [୩]କାରଣ ସେମାନେ ପରମପିତାଙ୍କୁ ଜାଣି ନାହାଁନ୍ତି
ଓ ସେମାନେ ମୋତେ ମଧ୍ୟ ଜାଣି ନାହାଁନ୍ତି। [୪]ମୁଁ ତୁମକୁ
ଏସବୁ କଥା ବର୍ତ୍ତମାନ କହିଛି, ତେଣୁ ଯେତେବେଳେ
ଏସବୁ ଘଟିବାର ସମୟ ଆସିବ, ସେତେବେଳେ ତୁମ୍ଭେମାନେ
ମନେ ପକାଇବ ଯେ ମୁଁ ତୁମକୁ ସତର୍କ କରିଥିଲି।

### ପବିତ୍ରଆତ୍ମାଙ୍କର କାର୍ଯ୍ୟ

"ମୁଁ ତୁମ୍ଭମାନଙ୍କ ସହିତ ଥିବାବେଳେ ଆରମ୍ଭରୁ ଏସବୁ
କଥା ତୁମମାନଙ୍କୁ କହି ନଥିଲି। [୫]ବର୍ତ୍ତମାନ ମୁଁ ମୋର
ପ୍ରେରଣକର୍ତ୍ତାଙ୍କ ପାଖକୁ ଯାଉଛି। କିନ୍ତୁ ତୁମ୍ଭମାନଙ୍କ ମଧ୍ୟରୁ
ମୋତେ କେହି ପଚାରୁନାହିଁ, "ତୁମେ କେଉଁଆଡେ ଯାଉଛ?"
[୬]ତୁମମାନଙ୍କ ହୃଦୟ ଦୁଃଖରେ ପରିପୂର୍ଣ୍ଣ କାରଣ ମୁଁ ତୁମକୁ
ଏସବୁ କହିଲି। [୭]କିନ୍ତୁ ମୁଁ ତୁମକୁ ସତ୍ୟ କହୁଛି ଯେ
ମୋର ଚାଲିଯିବା ତୁମମାନଙ୍କ ପାଇଁ ମଙ୍ଗଳଜନକ ଅଟେ।
କାରଣ ମୁଁ ଚାଲିଗଲାପରେ, ମୁଁ ତୁମପାଖକୁ ସେହି
ସାହାଯ୍ୟକାରୀଙ୍କୁ ପଠାଇବି। କିନ୍ତୁ ଯଦି ମୁଁ ନ ଯାଏ,
ତେବେ ସାହାର୍ଯ୍ୟକାରୀ ଆସିବେ ନାହିଁ। [୮]"ସେ ଯେତେବେଳେ
ଆସିବେ, ସେତେବେଳେ ସେ ଜଗତର ଲୋକମାନଙ୍କୁ ଏହି
କଥାଗୁଡ଼ିକର ସତ୍ୟତା ବିଷୟରେ, ପାପ ବିଷୟରେ,
ଈଶ୍ୱରଙ୍କଠାରେ ଧାର୍ମିକତା ବିଚାର ଇତ୍ୟାଦି ବିଷୟରେ
ପ୍ରମାଣ ଦେବେ। [୯]ସେହି ସାହାଯ୍ୟକାରୀ ପ୍ରମାଣ ଦେବେ
ଯେ ଲୋକମାନଙ୍କଠାରେ ପାପ ରହିଛି, କାରଣ ସେମାନେ
ମୋଠାରେ ବିଶ୍ୱାସ କରନ୍ତି ନାହିଁ। [୧୦]ପରମେଶ୍ୱରଙ୍କ ସହିତ
ମୋର ସୁସଂପର୍କ ସମ୍ବନ୍ଧରେ ସେ ସେମାନଙ୍କୁ ପ୍ରମାଣ
ଦେବେ, କାରଣ ମୁଁ ପରମପିତାଙ୍କ ପାଖକୁ ଯାଉଛି।
ତା'ପରେ ଆଉ ତୁମେ ମୋତେ ଦେଖିବ ନାହିଁ। [୧୧]ସେହି
ସାହାଯ୍ୟକାରୀ ବିଚାରର ସତ୍ୟତା ବିଷୟରେ ଜଗତକୁ
ପ୍ରମାଣ ଦେବେ, କାରଣ ଏହି ଜଗତର ଶାସକର ବିଚାର
ହୋଇ ସାରିଲାଣି।

[୧୨]"ମୋର ତୁମକୁ କହିବା ପାଇଁ ବହୁତ କଥା ଅଛି।
କିନ୍ତୁ ସେତେ ମାତ୍ରାରେ ସେଗୁଡ଼ିକ ବର୍ତ୍ତମାନ ତୁମେ ଗ୍ରହଣ
କରିପାରିବ ନାହିଁ। [୧୩]କିନ୍ତୁ ଯେତେବେଳେ ସତ୍ୟମୟ ଆତ୍ମା
ଆସିବେ, ସେତେବେଳେ ସେ ତୁମକୁ ସମସ୍ତ ସତ୍ୟ
ପଥରେ କଢ଼ାଇନେବେ। ସେ ତାହାଙ୍କ ନିଜର କଥା
କହିବେ ନାହିଁ। ସେ କେବଳ ଯାହା ଶୁଣିବେ, ତାହା
କହିବେ। ସେ ତୁମକୁ ଭବିଷ୍ୟତର ଘଟଣା ବିଷୟରେ
କହିବେ। [୧୪]ପବିତ୍ରଆତ୍ମା ମୋ ପାଇଁ ଗୌରବ ଆଣିବେ।
ସେ ମୋଠାରୁ ସମସ୍ତ ସତ୍ୟବିଷୟ ଗ୍ରହଣ କରି ତୁମକୁ
କହିବେ। [୧୫]ପରମପିତାଙ୍କର ସବୁ କିଛି ମୋର। ସେଥିପାଇଁ
ମୁଁ କହିଲି, ପବିତ୍ରଆତ୍ମା ମୋଠାରୁ ସବୁ ନେଇ ତୁମକୁ
କହିବେ।

### ଦୁଃଖ ସୁଖରେ ପରିଣତ ହେବ।

[୧୬]"ତୁମେ ମୋତେ ଅଳ୍ପ ସମୟ ପରେ ଆଉ ଦେଖିବ
ନାହିଁ। ତା'ପରେ ଆଉ ଅଳ୍ପ ସମୟ ପରେ ତୁମେ ମୋତେ
ପୁଣି ଦେଖିବ।"

[୧୭]କେତେଜଣ ଶିଷ୍ୟ ପରସ୍ପରକୁ କହିଲେ, "ଯୀଶୁଙ୍କର
ଏପରି କହିବା ଅର୍ଥ କ'ଣ, 'ଅଳ୍ପ ସମୟ ପରେ ତୁମେ
ମୋତେ ଦେଖି ପାରିବ ନାହିଁ। ପୁଣି ଆଉ ଅଳ୍ପକ୍ଷଣ ପରେ

---

**'ସେମାନେ ... କଲେ'** ଗୀତସଂହିତା ୩୫:୧୯, ୬୯:୪

ତୁମେ ମୋତେ ଦେଖିପାରିବ।” ପିତାଙ୍କ ନିକଟକୁ ଯିବାର
ଅର୍ଥ କ’ଣ? ତାହାଙ୍କ କଥାର ଅର୍ଥ ତ ଆମେ କିଛି ବୁଝି
ପାରୁନାହୁଁ। ୧୮ଶିଷ୍ୟମାନେ ପଚାରିଲେ, ତାହାଙ୍କ କହିବା
ଅନୁସାରେ “ସେହି ‘ଅଳ୍ପ ସମୟର ଅର୍ଥ କ’ଣ?’ ସେ
ଏପରି କ’ଣ କହୁଛନ୍ତି ଆମେ ବୁଝିପାରୁନାହୁଁ।”
୧୯ଯୀଶୁ ଜାଣିଲେ ଯେ ଶିଷ୍ୟମାନେ ତାହାଙ୍କୁ ଏ
ବିଷୟରେ ପଚାରିବା ପାଇଁ ଇଚ୍ଛା କରୁଛନ୍ତି। ତେଣୁ ସେ
ଶିଷ୍ୟମାନଙ୍କୁ କହିଲେ, “ମୋ କଥାର ଅର୍ଥ କ’ଣ, ତାହା
ତୁମେ ପରସ୍ପରକୁ ପଚାରୁଛ।” ମୁଁ କହିଲି, “ଅଳ୍ପକ୍ଷଣ
ପରେ ତୁମେ ମୋତେ ଦେଖିପାରିବ ନାହିଁ ଓ ପୁଣି ଆଉ
ଅଳ୍ପ ସମୟ ପରେ ତୁମେ ମୋତେ ଦେଖିପାରିବ। ୨୦ମୁଁ
ତୁମକୁ ସତ୍ୟ କହୁଛି, ତୁମେ କାନ୍ଦିବ, ଓ ଦୁଃଖିତ ହେବ,
କିନ୍ତୁ ଜଗତ ଆନନ୍ଦିତ ହେବ। ତୁମେ ଦୁଃଖୀ ହେବ, କିନ୍ତୁ
ତୁମର ଦୁଃଖ ଆନନ୍ଦରେ ପରିଣତ ହେବ, ୨୧ଯେତେବେଳେ
ଜଣେ ସ୍ତ୍ରୀଲୋକ ଗୋଟିଏ ସନ୍ତାନକୁ ଜନ୍ମ ଦିଏ, ସେ
ଯନ୍ତ୍ରଣା ଭୋଗ କରେ କାରଣ ତାର ଜନ୍ମ ଦେବାର ସମୟ
ଆସିଯାଏ। କିନ୍ତୁ ତାର ସନ୍ତାନ ଜନ୍ମ ହେବା ପରେ ସେ
କଷ୍ଟ ଭୁଲିଯାଏ। ଜଗତରେ ସନ୍ତାନଟିଏ ଜନ୍ମ ହୋଇଥିବା
କାରଣରୁ ସେ ଏବେ ଖୁସି ଅନୁଭବ କରେ। ୨୨ଏହିପରି
ତୁମ କ୍ଷେତ୍ରରେ ମଧ୍ୟ ତାହା ଘଟିବ। ବର୍ତ୍ତମାନ ତୁମେ
ଦୁଃଖୀତ। କିନ୍ତୁ ମୁଁ ତୁମକୁ ପୁଣି ଭେଟିବି, ଓ ତୁମେ ଖୁସି
ହେବ। କେହି ତୁମର ଆନନ୍ଦ ନେଇ ଯିବ ନାହିଁ।
୨୩ସେହିଦିନ ତୁମେ ମୋତେ କିଛି ମାଗିବ ନାହିଁ। ମୁଁ
ତୁମକୁ ସତ୍ୟ କହୁଛି, ମୋ ନାମରେ ତୁମେ ଯାହା
ପରମପିତାଙ୍କୁ ମାଗିବ, ସେ ତାହା ଦେବେ। ୨୪ଏପର୍ଯ୍ୟନ୍ତ
ତୁମେ ମୋ ନାମରେ କିଛି ମାଗି ନାହଁ। ମାଗ, ତୁମ୍ଭେମାନେ
ପାଇବ ଓ ତୁମର ଆନନ୍ଦ ପରିପୂର୍ଣ୍ଣ ହେବ।

## ପୃଥିବୀ ଉପରେ ବିଜୟ

୨୫“ମୁଁ ତୁମକୁ ସାଙ୍କେତିକ ଭାବରେ ଏ ସମସ୍ତ ବିଷୟ
କହିଛି। କିନ୍ତୁ ସମୟ ଆସୁଛି, ଯେତେବେଳେ ମୁଁ ତୁମକୁ
ଏସବୁ ଏପରି ଭାବରେ କହିବି ନାହିଁ। ମୁଁ ତୁମକୁ
ପରମପିତାଙ୍କ ବିଷୟରେ ସରଳ ଭାଷାରେ କହିବି। ୨୬ତୁମେ
ସେହିଦିନ ପରମପିତାଙ୍କୁ ମୋ ନାମରେ ଅନେକ ବିଷୟ
ମାଗିବ। ମୁଁ କହୁଛି, ତୁମ ପାଇଁ ମୋତେ ପରମପିତାଙ୍କୁ
କିଛି କହିବାର ଆବଶ୍ୟକତା ପଡ଼ିବ ନାହିଁ। ୨୭ପରମପିତା
ତୁମକୁ ପ୍ରେମ କରନ୍ତି। ସେ ତୁମକୁ ପ୍ରେମ କରନ୍ତି କାରଣ
ତୁମେ ମୋତେ ପ୍ରେମ କରିଛ। ସେ ତୁମକୁ ପ୍ରେମ କରନ୍ତି
କାରଣ ମୁଁ ପରମେଶ୍ୱରଙ୍କ ଠାରୁ ଆସିଛି ବୋଲି ତୁମେ
ବିଶ୍ୱାସ କରିଛ। ୨୮ମୁଁ ଏହି ଜଗତକୁ ପରମପିତାଙ୍କଠାରୁ
ଆସିଛି। ବର୍ତ୍ତମାନ ମୁଁ ଏହି ପୃଥିବୀ ଛାଡ଼ି ପରମେଶ୍ୱରଙ୍କ
ପାଖକୁ ଫେରିଯାଉଛି।”
୨୯ଯୀଶୁଙ୍କର ଶିଷ୍ୟମାନେ କହିଲେ, “ତୁମେ ବର୍ତ୍ତମାନ
ଆମକୁ ସ୍ପଷ୍ଟ ଭାବରେ କହୁଛ। ବୁଝି ନ ପାରିଲା ଭଳି
କଷ୍ଟକର ଶବ୍ଦ ତୁମେ କହୁନାହଁ। ୩୦ଆମେ ବର୍ତ୍ତମାନ
ଦେଖି ପାରୁଛୁ ଯେ ତୁମେ ସବୁ କିଛି ଜାଣ। ତୁମେ
ଜଣଙ୍କୁ ତା’ର ପ୍ରଶ୍ନ ପଚାରିବା ପୂର୍ବରୁ ଉତ୍ତର କହିପାର।
ଏହା ଦ୍ୱାରା ଆମର ବିଶ୍ୱାସ ହୋଇଛି ଯେ ତୁମେ
ପରମେଶ୍ୱରଙ୍କ ଠାରୁ ଆସିଛ।”
୩୧ଯୀଶୁ କହିଲେ, “ତେବେ ବର୍ତ୍ତମାନ ତୁମେ ବିଶ୍ୱାସ
କରୁଛ? ୩୨ଶୁଣ! ସମୟ ଆସୁଛି ଯେତେବେଳେ ତୁମେ
ଛିନ୍ନ-ଭିନ୍ନ ହୋଇଯିବ। ତୁମମାନଙ୍କୁ ମଧ୍ୟରୁ ପ୍ରତ୍ୟେକ ନିଜ
ନିଜର ଘର ଭିତରକୁ ଛିନ୍ନ-ଭିନ୍ନ ହୋଇ ଚାଲିଯିବ। ସେହି
ସମୟ ଆସି ପହଞ୍ଚିଛି। ତୁମେ ମୋତେ ଏକାକୀ ଛାଡ଼ି
ଦେବ। ମୁଁ ଏକୁଟିଆ ଥିବି। କିନ୍ତୁ ମୁଁ କଦାପି ଏକୁଟିଆ
ନୁହେଁ, କାରଣ ପରମପିତା ସବୁବେଳେ ମୋ ସହିତ
ଅଛନ୍ତି। ୩୩ମୋ’ଠାରେ ତୁମେମାନେ ଯେପରି ଶାନ୍ତି ପାଇବ,
ଏଥିପାଇଁ ମୁଁ ତୁମମାନଙ୍କୁ ଏସମସ୍ତ କଥା କହିଲି। ଏହି
ଜଗତରେ ତୁମେ କଷ୍ଟ ପାଇବ। କିନ୍ତୁ ସାହସୀ ହୁଅ ମୁଁ
ଜଗତକୁ ଜୟ କରିଛି।”

## ଯୀଶୁ ତାହାଙ୍କର ଶିଷ୍ୟମାନଙ୍କ ପାଇଁ ପ୍ରାର୍ଥନା କରନ୍ତି

୧୭ ଯୀଶୁ ଏସମସ୍ତ କଥା କହିସାରିବା ପରେ ସ୍ୱର୍ଗ
ଆଡ଼େ ଚାହିଁଲେ। ସେ ପ୍ରାର୍ଥନା କଲେ, “ହେ
ପରମପିତା, ବର୍ତ୍ତମାନ ସମୟ ଉପସ୍ଥିତ ହୋଇଛି। ତୁମେ
ତୁମର ପୁତ୍ରଙ୍କୁ ଗୌରବ ଦିଅ, ଯେପରି ପୁତ୍ର ତୁମକୁ
ଗୌରବ ଦେଇ ପାରିବେ। ୨ତୁମେ ତାହାଙ୍କୁ ସମସ୍ତ
ଲୋକଙ୍କ ଉପରେ କ୍ଷମତା ଦେଇଛ। ଯେପରି ତୁମେ
ତାହାଙ୍କୁ ଯେଉଁମାନଙ୍କ ପାଇଁ ଦେଇଛ, ସେସମସ୍ତଙ୍କୁ ସେହି
ପୁତ୍ର ଅନନ୍ତ-ଜୀବନ ଦିଅନ୍ତି। ୩ତୁମେ ଯେ ଏକମାତ୍ର ସତ୍ୟ
ପରମେଶ୍ୱର, ତୁମ୍ଭଙ୍କୁ ଓ ଯାହାଙ୍କୁ ତୁମେ ପଠାଇଛ, ସେହି
ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ହିଁ ଅନନ୍ତ ଜୀବନ ଅଟେ। ୪ତୁମେ
ମୋତେ ଯେଉଁ କାମ ଦେଇଥିଲ ତାହା ମୁଁ କରିସାରିଛି।
ମୁଁ ତୁମକୁ ଏ ସଂସାରରେ ଗୌରବାନ୍ୱିତ କରିଛି। ୫ବର୍ତ୍ତମାନ,
ପରମପିତା ତୁମର ଉପସ୍ଥିତିରେ ମୋତେ ଗୌରବ ଦିଅ।
ଜଗତ ଆରମ୍ଭ ହେବାପୂର୍ବରୁ, ମୋର ତୁମ ସହିତ ଯେଉଁ
ଗୌରବ ଥିଲା, ସେହି ଗୌରବ ତୁମେ ମୋତେ ଦିଅ।
୬“ତୁମେ ପୃଥିବୀର କେତେକ ଲୋକଙ୍କୁ ମୋତେ
ଦେଲ। ମୁଁ ସେମାନଙ୍କଠାରେ ତୁମକୁ ପ୍ରକାଶ କରିଛି।
ସେମାନେ ତୁମର ଥିଲେ, ଓ ତୁମେ ସେମାନଙ୍କୁ ମୋତେ
ଦେଲ। ସେମାନେ ତୁମର ଶିକ୍ଷା ପାଳନ କରିଛନ୍ତି।
୭ବର୍ତ୍ତମାନ ସେମାନେ ଜାଣନ୍ତି, ତୁମେ ମୋତେ ଯାହା ସବୁ
ଦେଇଛ, ସେ ସବୁ ତୁମ ପାଖରୁ ଆସେ। ୮ମୋତେ ତୁମେ
ଯେଉଁ ଉପଦେଶ ଦେଇଥିଲ, ମୁଁ ସେହି ଉପଦେଶ ଏହି
ଲୋକଙ୍କୁ ଦେଇଛି। ସେମାନେ ତାହା ଗ୍ରହଣ କରିଛନ୍ତି।
ସେମାନେ ଜାଣି ପାରିଲେ ଯେ, ମୁଁ ପ୍ରକୃତରେ ତୁମଠାରୁ
ଆସିଛି ଓ ତୁମେ ମୋତେ ପଠାଇଛ ବୋଲି ସେମାନେ
ବିଶ୍ୱାସ କରିଛନ୍ତି। ୯ମୁଁ ସେମାନଙ୍କ ପାଇଁ ଏବେ ପ୍ରାର୍ଥନା
କରୁଛି। ମୁଁ ପୃଥିବୀର ଲୋକମାନଙ୍କପାଇଁ ପ୍ରାର୍ଥନା କରୁ
ନାହିଁ। ମୁଁ ସେହିମାନଙ୍କ ପାଇଁ ପ୍ରାର୍ଥନା କରୁଛି, ଯେଉଁମାନଙ୍କୁ
ତୁମେ ମୋତେ ଦେଇଥିଲ। କାରଣ ସେମାନେ ତୁମର
ଅଟନ୍ତି। ୧୦ମୋର ଯାହା ସବୁ ଅଛି, ସବୁ ତୁମର ଏବଂ
ତୁମର ଯାହା ଅଛି, ସବୁ ମୋର। ଏହି ଲୋକମାନେ
ମୋତେ ଗୌରବାନ୍ୱିତ କରନ୍ତି। ୧୧ମୁଁ ବର୍ତ୍ତମାନ ତୁମ

ପାଖକୁ ଆସୁଛି। ମୁଁ ବର୍ତ୍ତମାନ ଜଗତରେ ଆଉ ରହବି
ନାହିଁ। କନ୍ତୁ ଏହ ଲୋକମାନେ ଜଗତରେ ରହଛନ୍ତ। ହେ
ପବତ୍ର ପରମପିତା, ତୁମେ ସେମାନଙ୍କୁ ନରାପଦରେ ରଖ।
ତୁମ ନାମର ଶକ୍ତ ଦ୍ୱାରା ସେମାନଙ୍କୁ ନରାପଦରେ ରଖ
(ଯେଉଁ ନାମ ତୁମେ ମୋତେ ଦେଇଥିଲ)। ଯେପର ତୁମେ
ଓ ମୁଁ ଏକ, ସେମାନେ ସେହପର ଏକ ହୋଇ ପାରବେ।
୧୨ମୁଁ ଯେତେବେଳେ ସେମାନଙ୍କ ସହତ ଥିଲ, ମୁଁ ସେମାନଙ୍କୁ
ନରାପଦରେ ରଖିଥିଲ। ମୁଁ ତୁମ ନାମର ଶକ୍ତ ବଳରେ
ସେମାନଙ୍କୁ ନରାପଦରେ ରଖିଥିଲ। ସେହ ନାମ ତୁମେ
ମୋତେ ଦେଇଥିଲ। ମୁଁ ସେମାନଙ୍କୁ ସୁରକ୍ଷିତ କଲ।
ସେମାନଙ୍କ ଭିତରୁ କେବଳ ଜଣେ(ଯିହୂଦା) ବନାଶ ପାଇଁ
ଉଦ୍ଦିଷ୍ଟ ଥିଲା। ଧର୍ମଶାସ୍ତ୍ର ଯେପର ସଫଳ ହୁଏ ସେଥିପାଇଁ
ସେ ନଷ୍ଟ ହେଲା।

୧୩"ମୁଁ ତୁମପାଖକୁ ଏବେ ଆସୁଛି। କନ୍ତୁ ମୁଁ ଜଗତରେ
ଥାଉ ଥାଉ ଏହସବୁ ପାଇଁ ପ୍ରାର୍ଥନା କରୁଛି। ମୁଁ ଏହସବୁ
କହେ, ଯେପର ଏହ ଲୋକମାନେ ମୋଠାରେ ଥିବା
ଆନନ୍ଦ ପାଇ ପାରବେ। ମୁଁ ଚାହେଁ, ସେମାନେ ସେମାନଙ୍କ
ଭିତରେ ମୋର ପୂର୍ଣ୍ଣ-ଆନନ୍ଦ ପାଆନ୍ତୁ। ୧୪ମୁଁ ସେମାନଙ୍କୁ
ତୁମର ଉପଦେଶ ଦେଇଛି। ଏହ ଜଗତର ଲୋକମାନେ
ତାହାଙ୍କୁ ଘୃଣା କରେ। ଜଗତ ଏହ ଲୋକମାନଙ୍କୁ ଘୃଣା
କରେ, କାରଣ ସେମାନେ ଜଗତର ନୁହଁନ୍ତ ଓ ଯେପର
ମୁଁ ମଧ୍ୟ ଏହ ପୃଥିବୀର ନୁହେଁ। ୧୫ମୁଁ ତୁମକୁ ସେମାନଙ୍କୁ
ଜଗତରୁ ନେଇଯିବାପାଇଁ କହୁନାହିଁ। ମୁଁ ତୁମକୁ ସେମାନଙ୍କୁ
ପାପାତ୍ମା(ଶୟତାନ) ଠାରୁ ନରାପଦରେ ରଖିବା ପାଇଁ କହୁଛି।
୧୬ମୁଁ ଯେପର ଜଗତର ନୁହେଁ, ସେମାନେ ସେହପର ଏହ
ଜଗତର ନୁହଁନ୍ତ। ୧୭ତେଣୁ ତୁମେ ତୁମର ସତ୍ୟ ଦ୍ୱାରା
ସେମାନଙ୍କୁ ତୁମର ସେବା ପାଇଁ ପ୍ରସ୍ତୁତ କରାଅ। ତୁମର
ଉପଦେଶ ହେଉଛି ସତ୍ୟ। ୧୮ମୁଁ ସେମାନଙ୍କୁ ଜଗତ
ମଧ୍ୟକୁ ପଠାଇ ଦେଇଛି ଯେପର ତୁମେ ମୋତେ ଏହ
ଜଗତକୁ ପଠାଇଲ। ୧୯ମୁଁ ନଜକୁ ସେବା ପାଇଁ ପ୍ରସ୍ତୁତ
କରୁଛି। ମୁଁ ସେମାନଙ୍କ ପାଇଁ ଏହା କରୁଛି ଯେହେତୁ
ସେମାନେ ତୁମର ସେବା ପାଇଁ ପ୍ରକୃତରେ ପ୍ରସ୍ତୁତ
ହୋଇପାରବେ।

୨୦"ମୁଁ ଏହ ଲୋକମାନଙ୍କ ପାଇଁ ପ୍ରାର୍ଥନା କରେ ଓ
ଏହ ଲୋକମାନଙ୍କର ଶିକ୍ଷା ହେତୁ ମୋଠାରେ ବଶ୍ୱାସ
କରବାକୁ ଯାଉଥିବା ସମସ୍ତ ଲୋକମାନଙ୍କ ପାଇଁ ମଧ୍ୟ
ପ୍ରାର୍ଥନା କରୁଛି। ୨୧ହେ ପରମପିତା, ମୁଁ ତୁମଠାରେ
ପ୍ରାର୍ଥନା କରେ ଯେପର ମୋ ଉପରେ ବଶ୍ୱାସ ରଖୁଥିବା
ଲୋକମାନେ ଏକ ହୋଇପାରବେ। ତୁମେ ମୋ'ଠାରେ
ରହଛ ଓ ମୁଁ ତୁମଠାରେ ଅଛି। ମୁଁ ପ୍ରାର୍ଥନା କରେ, ଏହ
ଲୋକମାନେ ଆମଠାରେ ଯେପର ଏକ ହୋଇ ପାରବେ।
ତଦ୍ଦ୍ୱାରା ଜଗତ ବଶ୍ୱାସ କରବ, ଯେ ତୁମେ ମୋତେ
ପଠାଇଅଛ। ୨୨ମୋତେ ତୁମେ ଯେଉଁ ଗୌରବ ଦେଇଥିଲ,
ମୁଁ ତାହା ଏହ ଲୋକମାନଙ୍କୁ ଦେଇଛି। ଏହ ଗୌରବ
ଦେବାର କାରଣ ହେଉଛି ଯେ, ଯେପର 'ତୁମେ ଓ ମୁଁ
ଏକ, ସେପର ସେମାନେ ମଧ୍ୟ ଏକ ହୋଇପାରବେ।'
୨୩ମୁଁ ସେମାନଙ୍କଠାରେ ରହବ ଓ ତୁମେ ମୋଠାରେ
ରହବ। ତେଣୁ ସେମାନେ ସଂମ୍ପୂର୍ଣ୍ଣଭାବେ ଏକ ହୋଇପାରବେ।
ତାହା ହେଲେ ପରେ ଜଗତ ଜାଣିପାରବ ଯେ, ତୁମେ
ମୋତେ ପଠାଇଛ। ଏ ଜଗତ ଜାଣିବ ଯେ, ତୁମେ
ମୋତେ ଯେପର ପ୍ରେମ କରୁଥିଲ ଠିକ୍ ସେହପର ଏହ
ଲୋକମାନଙ୍କୁ ମଧ୍ୟ ପ୍ରେମ କରୁଛ।

୨୪ହେ ପରମପିତା, ତୁମେ ମୋତେ ଯେଉଁ ଲୋକମାନଙ୍କୁ
ଦେଇଛ, ମୁଁ ଚାହେଁ, ମୁଁ ଥିବା ପ୍ରତ୍ୟେକ ସ୍ଥାନରେ
ସେମାନେ ମୋ ସହତ ରୁହନ୍ତୁ। ମୁଁ ଇଚ୍ଛା କରେ,
ସେମାନେ ମୋର ଗୌରବ ଦେଖନ୍ତୁ। ଏହ ଗୌରବ ତୁମେ
ମୋତେ ଦେଇଛ, କାରଣ ତୁମେ ପୃଥିବୀ ସୃଷ୍ଟି ହେବା
ପୂର୍ବରୁ ମୋତେ ପ୍ରେମ କଲ। ୨୫ହେ ପରମପିତା ତୁମେ
ହେଉଛ ଉତ୍ତମ। ଏହ ଜଗତ ତୁମକୁ ଚହ୍ନି ନାହିଁ କନ୍ତୁ ମୁଁ
ତୁମକୁ ଚହ୍ନେ। ଏହ ଲୋକମାନେ ଜାଣନ୍ତ ଯେ, ତୁମେ
ମୋତେ ପଠାଇଛ। ୨୬ତୁମେ କପର, ତାହା ମୁଁ,
ସେମାନଙ୍କଠାରେ ପ୍ରକାଶ କରଛି। ଏବଂ ପୁନର୍ବାର
ସେମାନଙ୍କଠାରେ ପ୍ରକାଶ କରବ। ତାପରେ ମୋ ପ୍ରତି
ତୁମର ଯେପର ପ୍ରେମ ରହଛି, ସେହପର ପ୍ରେମ ତାହାଙ୍କଠାରେ
ରହବ ଓ ମୁଁ ସେମାନଙ୍କଠାରେ ବାସ କରବ।"

## ଯୀଶୁ ବନ୍ଦୀ ହେଲେ

୧୮ ଯୀଶୁ ଏହ ପ୍ରାର୍ଥନା କର ସାରବା ପରେ,
ଶିଷ୍ୟମାନଙ୍କ ସହତ ଚାଲଗଲେ। ସେମାନେ
କଦ୍ରୋଣ ଉପତ୍ୟକା ପାର ହୋଇଗଲେ। ଆର ପଟେ
ଜଳପାଇ ବୃକ୍ଷର ଗୋଟିଏ ବଗିଚା ଥିଲା। ଯୀଶୁ ଓ ତାହାଙ୍କ
ଶିଷ୍ୟମାନେ ସେଠାକୁ ଗଲେ।

୨ଯିହୂଦା ଏହ ସ୍ଥାନ ଜାଣିଥିଲା। କାରଣ ଯୀଶୁ ପ୍ରାୟ
ତାହାଙ୍କ ଶିଷ୍ୟମାନଙ୍କ ସହତ ସେହ ସ୍ଥାନକୁ ଯାଉଥିଲେ।
ସେହ ଯିହୂଦା ହିଁ ଯୀଶୁଙ୍କ ବରୁଦ୍ଧରେ ଗଲା। ୩ତେଣୁ ସେ
ଦଳେ ସୈନ୍ୟଙ୍କୁ ନେଇ ବଗିଚାକୁ ଗଲା। ସେ ମୁଖ୍ୟ
ଯାଜକ ଓ ଫାରୂଶୀମାନଙ୍କ ମଧ୍ୟରୁ କେତେକ ପ୍ରହରୀମାନଙ୍କୁ
ମଧ୍ୟ ଆଣିଥିଲା। ସେମାନେ ମଶାଲ, ଲଣ୍ଠନ ଓ ଅସ୍ତ୍ର-ଶସ୍ତ୍ର
ଆଣି ସେଠାରେ ପହଞ୍ଚିଲେ।

୪ତାହାଙ୍କପ୍ରତି କ'ଣ ଘଟିବ, ସେ କଥା ଯୀଶୁ ଆଗରୁ
ଜାଣିଥିଲେ। ସେ ସେମାନଙ୍କ ନକଟକୁ ଯାଇ ପଚାରଲେ,
"ତୁମେ କାହାକୁ ଖୋଜୁଛ?"

୫ସେହ ଲୋକମାନେ ଉତ୍ତର ଦେଲେ, 'ନାଜରତୀୟ
ଯୀଶୁଙ୍କୁ।' ଯୀଶୁ କହଲେ, 'ମୁଁ ନଜେ ସେହ ଯୀଶୁ।'
(ଯୀଶୁଙ୍କ ବରୁଦ୍ଧରେ ଯାଇଥିବା ଯିହୂଦା ମଧ୍ୟ ସେମାନଙ୍କ
ସହତ ଠିଆ ହୋଇଥିଲା।) ୬ଯେତେବେଳେ ଯୀଶୁ କହଲେ,
"ମୁଁ ଯୀଶୁ," ଲୋକମାନେ ପଛକୁ ଘୁଞ୍ଚିଯାଇ ତଳେ
ପଡ଼ଗଲେ।

୭ଯୀଶୁ ସେମାନଙ୍କୁ ପୁଣି ଥରେ ପଚାରଲେ, "ତୁମେ
କାହାକୁ ଖୋଜୁଛ?"

ସେମାନେ କହଲେ, "ନାଜରତୀୟ ଯୀଶୁଙ୍କୁ।"

୮ଯୀଶୁ କହିଲେ, "ମୁଁ ତ କହଲ ଯେ ମୁଁ ସେହ
ଯୀଶୁ। ଯଦ ତୁମେ ମୋତେ ଖୋଜୁଛ, ତେବେ ଏହ ଅନ୍ୟ

ଲୋକମାନଙ୍କୁ ଏଠାରୁ ଯିବାକୁ ଛାଡ଼ିଦିଅ।” ୯ଏପରି ଘଟିଲା
ଯେହେତୁ ପୂର୍ବରୁ ତାହାଙ୍କ ଦ୍ୱାରା କଥିତ ବାଣୀ ସତ୍ୟ
ହେବ: “ମୁଁ ତୁମେ ଦେଇଥିବା ଜଣେ ଲୋକକୁ ମଧ୍ୟ
ହରେଇ ନାହିଁ।”
୧୦ଶିମୋନ ପିତରଙ୍କ ପାଖରେ ଗୋଟିଏ ଖଣ୍ଡା ଥିଲା।
ସେ ଖଣ୍ଡା ବାହାର କରି ମୁଖ୍ୟ ଯାଜକଙ୍କ ଚାକରକୁ
ଆଘାତ କଲେ। ସେ ଚାକରର ଡାହାଣ କାନ କଟି ଗଲା।
(ସେହି ଚାକରର ନାମ ମାଲ୍‌ଖ ଥିଲା।) ୧୧ଯୀଶୁ ପିତରଙ୍କୁ
କହିଲେ, “ତୁମେ ଖଣ୍ଡା ଖାପରେ ରଖି ଦିଅ। ପରମପିତା
ମୋତେ ଏହି ପିଆଲା ପିଇବାକୁ ଦେଇଛନ୍ତି, ମୁଁ ଏହା
ଗ୍ରହଣ କରିବା ଉଚିତ।

## ଯୀଶୁ ହାନାନଙ୍କ ଆଗକୁ ଅଣାଗଲେ

୧୨ତାପରେ, ସୈନ୍ୟମାନେ, ଓ ସେମାନଙ୍କ ସେନାପତିମାନେ
ଓ ଯିହୂଦୀମାନଙ୍କର ପ୍ରହରୀମାନେ ଯୀଶୁଙ୍କୁ ବନ୍ଦୀ କଲେ।
୧୩ସେମାନେ ତାହାଙ୍କୁ ବାନ୍ଧିଲେ ଓ ହାନାନଙ୍କ ନିକଟକୁ
ଘେନିଗଲେ। ହାନାନ କୟାଫାଙ୍କର ଶ୍ୱଶୁର ଥିଲେ। ସେହି
ବର୍ଷ କୟାଫା ମହାଯାଜକ ଥିଲେ। ୧୪କୟାଫା ଯିହୂଦୀମାନଙ୍କୁ
ପରାମର୍ଶ ଦେଇଥିଲେ, “ସବୁ ଲୋକମାନଙ୍କ ମଙ୍ଗଳ ପାଇଁ
ଜଣେ ପ୍ରାଣ ଦେବା ବରଂ ଭଲ।”

## ଯୀଶୁଙ୍କୁ ଜାଣିନାହାନ୍ତି ବୋଲି ପିତର ମିଥ୍ୟା କହିଲେ

୧୫ଶିମୋନ ପିତର ଓ ଅନ୍ୟ ଜଣେ ଶିଷ୍ୟ ଯୀଶୁଙ୍କ
ସହିତ ଗଲେ। ସେହି ଶିଷ୍ୟଜଣ ମହାଯାଜକଙ୍କୁ ଜାଣିଥିଲେ।
ତେଣୁ ସେ ଯୀଶୁଙ୍କ ସହିତ ମହାଯାଜକଙ୍କ ଘର ଅଗଣା
ପର୍ଯ୍ୟନ୍ତ ଗଲେ। ୧୬କିନ୍ତୁ ପିତର ଫାଟକ ବାହାରେ
ଅପେକ୍ଷା କଲେ। ମହାଯାଜକଙ୍କୁ ଜାଣିଥିବା ସେହି ଶିଷ୍ୟ
ଜଣକ ବାହାରକୁ ଫେରି ଆସିଲେ। ସେ ଫାଟକ ଜଗିଥିବା
ଦାସୀକୁ କହି ସେ ପିତରଙ୍କୁ ଭିତରକୁ ଆଣିଲେ। ୧୭ସେହି
ଦାସୀ ପିତରଙ୍କୁ ପଚାରିଲା, “ତୁମେ ବି କ’ଣ ଏହି
ଲୋକର ଶିଷ୍ୟମାନଙ୍କ ମଧ୍ୟରୁ ଜଣେ?”
ପିତର ଉତ୍ତର ଦେଲେ, “ନା, ମୁଁ ନୁହେଁ।”
୧୮ଶୀତ ହେଉଥିଲା। ଦାସ ଓ ପ୍ରହରୀମାନେ ନିଆଁ
ଜାଳିଥିଲେ। ସେମାନେ ନିଆଁ ଚାରିପଟେ ଠିଆ ହୋଇ
ଦେହକୁ ସେକୁଥିଲେ। ପିତର ମଧ୍ୟ ସେଠାରେ ସେମାନଙ୍କ
ସହିତ ଠିଆ ହୋଇ ଥିଲେ।

## ଯୀଶୁଙ୍କୁ ମହାଯାଜକଙ୍କ ପ୍ରଶ୍ନ

୧୯ମହାଯାଜକ ଯୀଶୁଙ୍କୁ ତାହାଙ୍କ ଶିଷ୍ୟମାନଙ୍କ ବିଷୟରେ
ପ୍ରଶ୍ନ ପଚାରିଲେ। ସେ ଯୀଶୁଙ୍କୁ ତାହାଙ୍କ ଶିକ୍ଷା ବିଷୟରେ
ପ୍ରଶ୍ନ କଲେ। ୨୦ଯୀଶୁ ଉତ୍ତର ଦେଲେ, “ମୁଁ ଲୋକମାନଙ୍କୁ
ସବୁବେଳେ ଖୋଲାଖୋଲି ଭାବେ ଶିକ୍ଷା ଦେଇଛି। ମୁଁ
ସର୍ବଦା ପ୍ରାର୍ଥନାଗୃହ ଓ ମନ୍ଦିରରେ ଶିକ୍ଷା ଦେଇ ଆସିଛି।
ସେଠାରେ ସବୁ ଯିହୂଦୀମାନେ ଏକତ୍ର ହୁଅନ୍ତି। ମୁଁ କୌଣସି
ବିଷୟ ଗୁପ୍ତ ଭାବରେ କହି ନାହିଁ। ୨୧ତୁମେ ମୋତେ
କାହିଁକି ପ୍ରଶ୍ନ ପଚାରୁଛ? ମୋର ଶିକ୍ଷା ଶୁଣିଥିବା ଲୋକଙ୍କୁ
ପଚାର, ମୁଁ କ’ଣ କହିଥିଲି, ସେମାନେ ଜାଣନ୍ତି।”

୨୨ଯୀଶୁ ଏହି କଥା କହିବାବେଳେ ଯୀଶୁଙ୍କ ପାଖରେ
ଠିଆ ହୋଇଥିବା ଜଣେ ପ୍ରହରୀ ତାହାଙ୍କୁ ପ୍ରହାର କଲା।
ସେ କହିଲା, “ତୁମେ ମହାଯାଜକଙ୍କୁ ସେପରି ଉତ୍ତର
ଦେବା ଉଚିତ ନୁହେଁ।”
୨୩ଯୀଶୁ ଉତ୍ତର ଦେଲେ, “ଯଦି ମୁଁ କିଛି ଭୁଲ କହିଲି
ତେବେ ଏଠାରେ ଥିବା ପ୍ରତ୍ୟେକଙ୍କୁ ମୋର ଭୁଲ ଜଣାଇଦିଅ।
ଯଦି ମୋର କହିବା ଠିକ୍, ତେବେ ମୋତେ ତୁମେ
କାହିଁକି ମାରିଲ?”
୨୪ତେଣୁ ହାନାନ ଯୀଶୁଙ୍କୁ ବନ୍ଧା ହୋଇଥିବା ଅବସ୍ଥାରେ
ମହାଯାଜକ କୟାଫାଙ୍କ ନିକଟକୁ ପଠାଇଦେଲେ।

## ପିତର ପୁନର୍ବାର ମିଥ୍ୟା କହିଲେ

୨୫ଶିମୋନ ପିତର ନିଆଁ ପାଖେ ଠିଆ ହୋଇ ସେକି
ହେଉଥିଲେ। ଅନ୍ୟ ଲୋକମାନେ ତାହାଙ୍କୁ ପଚାରିଲେ,
“ତୁମେ କ’ଣ ଏହି ଲୋକର ଶିଷ୍ୟମାନଙ୍କ ଭିତରୁ ଜଣେ?
କିନ୍ତୁ ପିତର ମନା କଲେ।
ସେ କହିଲେ, “ନା, ମୁଁ ନୁହେଁ।”
୨୬ମହାଯାଜକଙ୍କର ଜଣେ ଦାସ ସେଠାରେ ଥିଲା।
ପିତର ଯେଉଁ ଲୋକର କାନ କାଟିଦେଇଥିଲେ, ସେ
ସେହି ଦାସର ସମ୍ପର୍କୀୟ। ତେଣୁ ସେ କହିଲା, “ମୁଁ
ଭାବୁଛି, ମୁଁ ବଗିଚାରେ ଏହି ଲୋକ ସହିତ ତୁମକୁ
ଦେଖିଥିଲି।”
୨୭କିନ୍ତୁ ପିତର ପୁଣି ଥରେ କହିଲେ, “ନା, ମୁଁ
ତାହାଙ୍କ ସହିତ ନଥିଲି।” ଠିକ୍ ସେତିକିବେଳେ ଗୋଟିଏ
କୁକୁଡ଼ା ଡ଼ାକିଲା।

## ଯୀଶୁଙ୍କୁ ପୀଲାତଙ୍କ ସମ୍ମୁଖକୁ ଆଣାଗଲେ

୨୮ତା’ପରେ ସେମାନେ ଯୀଶୁଙ୍କୁ କୟାଫାଙ୍କ ଘରୁ ରୋମୀୟ
ରାଜ୍ୟପାଳଙ୍କ ନିଅରକୁ ନେଇଗଲେ। ସେତେବେଳେ ପାହାନ୍ତିଆ
ସମୟ। ଯିହୂଦୀମାନେ ନିଅର ଭିତରକୁ ଗଲେ ନାହିଁ।
ସେମାନେ ନିଜକୁ ଅପବିତ୍ର କରିବାପାଇଁ ଚାହୁଁ ନ ଥିଲେ,
କାରଣ ସେମାନେ ନିସ୍ତାରପର୍ବର ଭୋଜନ ଖାଇବା ପାଇଁ
ଚାହୁଁଥିଲେ। ୨୯ତେଣୁ ପୀଲାତ ନିଅର ବାହାରେ ଯିହୂଦୀମାନଙ୍କ
ପାଖକୁ ଗଲେ। ସେ ପଚାରିଲେ, “ଏହି ଲୋକ ବିରୁଦ୍ଧରେ
ତୁମ୍ଭମାନଙ୍କର ଅଭିଯୋଗ କ’ଣ?”
୩୦ସେମାନେ ଉତ୍ତର ଦେଲେ, “ସେ ଜଣେ ମନ୍ଦ
ଲୋକ। ସେଥିପାଇଁ ଆମେ ତାହାକୁ ତୁମ ନିକଟକୁ
ଆଣିଛୁ।”
୩୧ପୀଲାତ ଯିହୂଦୀମାନଙ୍କୁ କହିଲେ, “ତୁମେ ତାହାକୁ
ନେଇଯାଅ, ଓ ତୁମ ନିୟମ(ବ୍ୟବସ୍ଥା) ଅନୁସାରେ ତାହାର
ବିଚାର କର।” ଯିହୂଦୀମାନେ କହିଲେ, “କିନ୍ତୁ ଆପଣଙ୍କର
ଆଇନ ଅନୁସାରେ ଆମେ କାହାକୁ ମୃତ୍ୟୁଦଣ୍ଡ ଦେଇପାରିବୁ
ନାହିଁ।” ୩୨(ଏହାଦ୍ୱାରା ସେ କିପରି ମରିବେ, ସେ ବିଷୟରେ
ଯୀଶୁଙ୍କର ବାଣୀ ସତ୍ୟ ହେଲା।)
୩୩ତା’ପରେ ପୀଲାତ ନିଅର ଭିତରକୁ ଚାଲିଗଲେ। ସେ
ଯୀଶୁଙ୍କୁ ଆପଣା ନିକଟକୁ ଡାକିଲେ। ତାହାଙ୍କୁ ପଚାରିଲେ,
“ତୁମେ କ’ଣ ଯିହୂଦୀମାନଙ୍କର ରାଜା?”

୩୪ଯୀଶୁ କହିଲେ, “ଏହା ତୁମ ନିଜର ପ୍ରଶ୍ନ, ନା
ଅନ୍ୟମାନେ ତୁମକୁ ମୋ ବିଷୟରେ କହିଛନ୍ତି?”
୩୫ପୀଲାତ କହିଲେ, “ମୁଁ ଜଣେ ଯିହୂଦୀ ନୁହେଁ। ତୁମ
ନିଜର ଲୋକମାନେ ଓ ସେମାନଙ୍କର ପ୍ରଧାନଯାଜକମାନେ
ତୁମକୁ ମୋ ପାଖକୁ ଆଣିଛନ୍ତି। ତୁମେ କ’ଣ ଦୋଷ
କରିଛ?”
୩୬ଯୀଶୁ କହିଲେ, “ମୋର ରାଜ୍ୟ ଏ ଜଗତର ନୁହେଁ।
ଯଦି ଏହା ଜଗତର ହୋଇଥାନ୍ତା, ତେବେ ମୋର ଦାସମାନେ
ଯୁଦ୍ଧ କରିଥାଆନ୍ତେ ଓ ମୋତେ ଯିହୂଦୀମାନେ ଧରିପାରି ନ
ଥାନ୍ତେ। କିନ୍ତୁ ମୋ ରାଜ୍ୟ ଅନ୍ୟ ଏକ ସ୍ଥାନରେ।”
୩୭ପୀଲାତ କହିଲେ, “ତେବେ ତୁମେ ଜଣେ ରାଜା।”
ଯୀଶୁ ଉତ୍ତର ଦେଲେ, “ତୁମେ ମୋତେ ରାଜା ବୋଲି
କହୁଛ। ଏହା ସତ୍ୟ। ମୁଁ ଏଥିପାଇଁ ଜନ୍ମ ନେଇଛି।
ଲୋକମାନଙ୍କୁ ସତ୍ୟ ବିଷୟରେ କହିବା ପାଇଁ; ସେଥିପାଇଁ
ମୁଁ ଜଗତକୁ ଆସିଛି। ସତ୍ୟକୁ ଭଲପାଉଥିବା ପ୍ରତ୍ୟେକ
ଲୋକ ମୋ କଥା ଶୁଣନ୍ତି।”
୩୮ପୀଲାତ କହିଲେ, “ସତ୍ୟ କ’ଣ?” ସେ ଏହା
କହିବା ପରେ ପୁଣି ଯିହୂଦୀମାନଙ୍କ ପାଖକୁ ଗଲେ। ପୀଲାତ
କହିଲେ, “ଏହି ଲୋକ ବିରୁଦ୍ଧରେ କୌଣସି ଅଭିଯୋଗ ମୁଁ
ପାଉ ନାହିଁ। ୩୯ପ୍ରତ୍ୟେକ ବର୍ଷ ନିସ୍ତାର ପର୍ବ ବେଳେ
ମୋଠାରୁ ଜଣେ ବନ୍ଦୀର ମୁକ୍ତି ମାଗିବା ନିମନ୍ତେ ତୁମ୍ଭମାନଙ୍କର
ପ୍ରଥା ଅଛି। ତେଣୁ ତୁମେ ଯଦି ଚାହଁ, ମୁଁ ଏହି
‘ଯିହୂଦୀମାନଙ୍କ ରାଜା’ଙ୍କୁ ମୁକ୍ତ ଦେବି।”
୪୦ମାତ୍ର ଯିହୂଦୀମାନେ ଚିତ୍କାର କଲେ, “ନା, ଏ
ଲୋକକୁ ନୁହେଁ। ବାରବ୍ବାକୁ ମୁକ୍ତ ଦିଅ।” (ବାରବ୍ବା
ଜଣେ ଧର୍ମ ଦ୍ରୋହୀ ଥିଲା।)

**୧୯** ତା’ପରେ ପୀଲାତ ଯୀଶୁଙ୍କୁ ନେଇ ଯାଇ କୋରଡ଼ା
ପ୍ରହାର କରିବା ପାଇଁ ଆଦେଶ ଦେଲେ।
୨ସୈନିକମାନେ କଣ୍ଟା ଗଛର ମୁକୁଟ ତିଆରି କରି ତାହାଙ୍କ
ମୁଣ୍ଡରେ ପିନ୍ଧାଇଲେ। ତା’ପରେ ସେମାନେ ତାହାଙ୍କୁ ବାଇଗଣୀ
ରଙ୍ଗର ପୋଷାକ ପିନ୍ଧାଇଲେ। ୩ସୈନିକମାନେ ଯୀଶୁଙ୍କ
ପାଖକୁ ବହୁତ ଥର ଆସିଲେ ଓ କହିଲେ, “ହେ!
ଯିହୂଦୀମାନଙ୍କ ରାଜା।” ସେମାନେ ଯୀଶୁଙ୍କୁ ଚାପୁଡ଼ା
ମାରିଲେ।
୪ପୀଲାତ ପୁଣି ଥରେ ବାହାରକୁ ଆସି ଯିହୂଦୀମାନଙ୍କୁ
କହିଲେ, “ବର୍ତ୍ତମାନ ମୁଁ ତାହାଙ୍କୁ ତୁମ୍ଭମାନଙ୍କ ଆଗକୁ
ଆଣୁଛି। ମୁଁ ତୁମ୍ଭମାନଙ୍କୁ ଜଣାଇ ଦେବାକୁ ଚାହେଁ ଯେ, ମୁଁ
ତାହାଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ପାଉ ନାହିଁ।”
୫ତାପରେ ଯୀଶୁ ବାହାରକୁ ଆସିଲେ। ସେ କଣ୍ଟାର ମୁକୁଟ
ଓ ବାଇଗଣୀ ରଙ୍ଗର ପୋଷାକ ପିନ୍ଧିଥିଲେ। ପୀଲାତ
କହିଲେ, “ଦେଖ, ସେହି ଲୋକ।”
୬ତାହାଙ୍କୁ ଦେଖିଲା ମାତ୍ରେ ପ୍ରଧାନ ଯାଜକଗଣ ଓ
ଯିହୂଦୀ ପ୍ରହରୀମାନେ ଚିତ୍କାର କଲେ, “ତାକୁ କ୍ରୁଶରେ
ଚଢ଼ାଇ ମାର, ତାକୁ କ୍ରୁଶରେ ଚଢ଼ାଇ ମାର।”
କିନ୍ତୁ ପୀଲାତ କହିଲେ, “ତୁମେମାନେ ତାହାଙ୍କୁ ନେଇ
କ୍ରୁଶରେ ଚଢ଼ାଇ ମାର, କିନ୍ତୁ ମୁଁ ତାହାଙ୍କ ବିରୁଦ୍ଧରେ
କୌଣସି ଅଭିଯୋଗ ପାଉ ନାହିଁ।”
୭ଯିହୂଦୀମାନେ ଉତ୍ତର ଦେଲେ, “ଆମର ବିଧିବ୍ୟବସ୍ଥା
ଅନୁସାରେ ସେ ମୃତ୍ୟୁଦଣ୍ଡ ପାଇବା ଉଚିତ କାରଣ ସେ
ନିଜକୁ ପରମେଶ୍ୱରଙ୍କର ପୁତ୍ର ବୋଲି କହିଅଛି।”
୮ପୀଲାତ ଏହା ଶୁଣି ଆହୁରି ଭୟଭୀତ ହେଲେ। ୯ସେ
ନଅର ଭିତରକୁ ଫେରିଗଲେ ଓ ଯୀଶୁଙ୍କୁ ପଚାରିଲେ,
“ତୁମେ କେଉଁଠାରୁ ଆସିଛ?” ମାତ୍ର ଯୀଶୁ କିଛି ଉତ୍ତର
ଦେଲେ ନାହିଁ। ୧୦ପୀଲାତ କହିଲେ, “ତୁମେ କ’ଣ ମୋ
ସହିତ କଥା କହିବ ନାହିଁ? ମନେରଖ, ତୁମକୁ ମୁକ୍ତ
ଦେବାକୁ କିମ୍ବା କ୍ରୁଶରେ ଚଢ଼ାଇବାକୁ ମଧ୍ୟ ମୋର କ୍ଷମତା
ଅଛି।”
୧୧ଯୀଶୁ ଉତ୍ତର ଦେଲେ, “ମୋ’ ଉପରେ ଆପଣଙ୍କର
ଯେଉଁ କ୍ଷମତା ଅଛି ବୋଲି ଆପଣ କହୁଛନ୍ତି, କେବଳ
ସେହି କ୍ଷମତା ପରମେଶ୍ୱର ଆପଣଙ୍କୁ ଦେଇଅଛନ୍ତି। ତେଣୁ
ଯିଏ ମୋତେ ଆପଣଙ୍କ ପାଖରେ ସମର୍ପଣ କରିଛି, ତା’ର
ପାପ ଆହୁରି ଗୁରୁତର।”
୧୨ଏହାପରେ ପୀଲାତ ଯୀଶୁଙ୍କୁ ମୁକ୍ତ ଦେବାକୁ ଚେଷ୍ଟା
କଲେ। କିନ୍ତୁ ଯିହୂଦୀମାନେ ଚିତ୍କାର କରି କହିଲେ,
“ଆପଣ ଯଦି ଏ ବ୍ୟକ୍ତିକୁ ମୁକ୍ତ କରିଦିଅନ୍ତି, ତେବେ
ଆପଣ କାଇସରଙ୍କର ବନ୍ଧୁ ନୁହଁନ୍ତି। ଯିଏ ନିଜକୁ ରାଜା
ବୋଲି ଦାବୀ କରୁଛି, ସେ କାଇସରଙ୍କ ବିରୋଧୀ।”
୧୩ପୀଲାତ ଯିହୂଦୀମାନଙ୍କର ଏହି କଥା ଶୁଣିଲେ। ତେଣୁ
ସେ ଯୀଶୁଙ୍କୁ ‘ପ୍ରସ୍ତରମଣ୍ଡପ’ ନାମକ ସ୍ଥାନକୁ ଆଣିଲେ।
(ଯିହୂଦୀମାନଙ୍କ ଭାଷାରେ ଏହାର ନାମ ‘ଗବ୍‌ବଥା’ ଅଟେ)।
ପୀଲାତ ପ୍ରସ୍ତରମଣ୍ଡପରେ ଥିବା ବିଚାରାସନରେ ବସିଲେ।
୧୪ସେଦିନ ନିସ୍ତାରପର୍ବ ସପ୍ତାହର ପ୍ରସ୍ତୁତି ଦିନର ମଧ୍ୟାହ୍ନ
ସମୟ ଥିଲା। ପୀଲାତ ଯିହୂଦୀମାନଙ୍କୁ କହିଲେ, “ତୁମର
ରାଜାଙ୍କୁ ଦେଖ।”
୧୫ଯିହୂଦୀମାନେ ଚିତ୍କାର କଲେ, “ତାକୁ ଦୂରକୁ ନେଇଯାଅ।
ତାକୁ କ୍ରୁଶରେ କଣ୍ଟାବିଦ୍ଧ କରି ମାରିଦିଅ।”
ପୀଲାତ ଯିହୂଦୀମାନଙ୍କୁ ପଚାରିଲେ, “ତୁମେ କ’ଣ ଚାହଁ
ଯେ, ମୁଁ ତୁମ ରାଜାଙ୍କୁ କ୍ରୁଶରେ ଚଢ଼ାଇ ମାରିବି?”
ମୁଖ୍ୟ ଯାଜକମାନେ ଉତ୍ତର ଦେଲେ, “କାଇସର
କେବଳ ଆମର ରାଜା।”
୧୬ତେଣୁ ପୀଲାତ ଯୀଶୁଙ୍କୁ କ୍ରୁଶରେ ମାରିବାପାଇଁ ସେମାନଙ୍କ
ହାତରେ ସମର୍ପି ଦେଲେ।

## ଯୀଶୁ କ୍ରୁଶରେ ହତ ହେଲେ

ସୈନିକମାନେ ଯୀଶୁଙ୍କୁ ନେଇଗଲେ। ୧୭ଯୀଶୁ ତାହାଙ୍କ
ନିଜର କ୍ରୁଶ ବୋହି “କପାଳସ୍ଥଳ” ନାମକ ସ୍ଥାନକୁ ଗଲେ।
(ଏବ୍ରୀ ଭାଷାରେ ସେହିସ୍ଥାନକୁ ‘ଗଲଗଥା’ କହନ୍ତି।) ୧୮ସେହି
‘ଗଲଗଥା’ରେ ସେମାନେ ଯୀଶୁଙ୍କୁ କ୍ରୁଶବିଦ୍ଧ କଲେ। ଯୀଶୁଙ୍କୁ
ମଝିରେ ରଖି ତାହାଙ୍କର ଦୁଇ ପାର୍ଶ୍ୱରେ ଆଉ ଦୁଇଜଣଙ୍କୁ
ମଧ୍ୟ କ୍ରୁଶବିଦ୍ଧ କଲେ। ୧୯ପୀଲାତ ଗୋଟିଏ ସଙ୍କେତ ଲେଖି
ଯୀଶୁଙ୍କ କ୍ରୁଶରେ ଟାଙ୍ଗେଇଲେ। ସେଥିରେ ଲେଖାଥିଲା,
“ନାଜରିତୀୟ ଯୀଶୁ, ଯିହୂଦୀମାନଙ୍କର ରାଜା।” ୨୦ଯୀଶୁଙ୍କର
କ୍ରୁଶବିଦ୍ଧ ହେବା ସ୍ଥାନ ନଗରର ନିକଟବର୍ତ୍ତୀ ହୋଇଥିବା
କାରଣରୁ ଅନେକ ଯିହୂଦୀ ସେହି ସଙ୍କେତ ପଢ଼ିଲେ। ଏହା

ଏବ୍ରୀ, ଲାଟିନ୍ ଓ ଗ୍ରୀକ୍ ଭାଷାରେ ଲେଖାହୋଇ ଥିଲା।
୨୧ମୁଖ୍ୟ ଯାଜକମାନେ ପିଲାତଙ୍କୁ କହିଲେ, "ଯିହୂଦୀମାନଙ୍କ
ରାଜା", ଏହି କଥା ଲେଖନ୍ତୁ ନାହିଁ। କିନ୍ତୁ ଏହି ଲୋକ
ନିଜକୁ 'ମୁଁ ଯିହୂଦୀମାନଙ୍କ ରାଜା ବୋଲି କହିଲା' ବୋଲି
ଲେଖନ୍ତୁ।
୨୨ପିଲାତ ଉତ୍ତର ଦେଲେ, "ମୁଁ ଯାହା ଲେଖିଛି, ତାହା
ପରିବର୍ତ୍ତନ କରିବି ନାହିଁ।"
୨୩ଯୀଶୁଙ୍କୁ କ୍ରୁଶବିଦ୍ଧ କଲାପରେ ସୈନିକମାନେ ତାହାଙ୍କର
ଲୁଗାପଟା ନେଇଗଲେ। ସେମାନେ ତାହାଙ୍କର ବସ୍ତ୍ର ଚାରି
ଭାଗ କଲେ। ପ୍ରତ୍ୟେକ ସୈନିକ ଗୋଟିଏ ଭାଗ ରଖିଲେ।
ସେମାନେ ତାହାଙ୍କର ପିନ୍ଧା ପୋଷାକ ମଧ୍ୟ ନେଇଗଲେ।
ଏହା ତଳୁ ଉପର ପର୍ଯ୍ୟନ୍ତ ବିନା ସିଲେଇରେ ଗୋଟିଏ
ପୋଷାକ ଥିଲା। ୨୪ତେଣୁ ସେମାନେ ପରସ୍ପର କଥା
ହେଲେ, "ଆମେ ଏହାକୁ ଚିରି ଭାଗ କରିବାନାହିଁ। ଏହା
କିଏ ପାଇବ, ତାହା ଜାଣିବାପାଇଁ ଆମେ ଗୁଲିବାଣ୍ଟ କରିବା
ଉଚିତ।" ଏହାଦ୍ୱାରା ଧର୍ମଶାସ୍ତ୍ରର ଉକ୍ତି ସତ୍ୟ ହେଲା:

> "ସେମାନେ ନିଜ-ନିଜ ମଧ୍ୟରେ ମୋର ବସ୍ତ୍ର ଭାଗ
> କଲେ ଓ ମୋର ପିନ୍ଧା ପୋଷାକ ପାଇଁ ଗୁଲିବାଣ୍ଟ
> କଲେ।" ଗୀତସଂହିତା ୨୨:୧୮

ତେଣୁ ସୈନିକମାନେ ତାହା କଲେ।
୨୫ଯୀଶୁଙ୍କର ମା' ତାହାଙ୍କ କ୍ରୁଶ ନିକଟରେ ଠିଆ
ହୋଇଥିଲେ, ସେଠାରେ ତାହାଙ୍କର ମାଉସୀ, କ୍ଲୋପାଙ୍କ ସ୍ତ୍ରୀ
ମରିୟମ, ଓ ମଗ୍ଦଲୀନୀ ମରିୟମ ମଧ୍ୟ ଠିଆ ହୋଇଥିଲେ।
୨୬ଯୀଶୁ ତାହାଙ୍କ ମାଆଙ୍କୁ ଦେଖିଲେ। ସେ ତାହାଙ୍କର ଅତି
ପ୍ରିୟ ଶିଷ୍ୟଙ୍କୁ ମଧ୍ୟ ତାହାଙ୍କ ମା'ଙ୍କ ପାଖରେ ଠିଆ
ହୋଇଥିବା ଦେଖିଲେ। ତାହାଙ୍କ ମାଆଙ୍କୁ କହିଲେ, "ପ୍ରିୟ
ନାରୀ, ଏ ତୁମର ପୁଅ!" ୨୭ତାପରେ ଯୀଶୁ ତାହାଙ୍କର
ସେହି ଶିଷ୍ୟଙ୍କୁ କହିଲେ, "ଦେଖ, ଏଠାରେ ତୁମର
ମାଆ।" ତେଣୁ ଏହି ଶିଷ୍ୟ ଜଣକ ଯୀଶୁଙ୍କ ମାଆଙ୍କୁ
ତାହାଙ୍କ ଘରକୁ ନେଇଗଲେ।

## ଯୀଶୁଙ୍କର ମୃତ୍ୟୁବରଣ କଲେ

୨୮ଏବେ ସମସ୍ତ କିଛି ଶେଷ ହୋଇଯାଇଛି, ଯୀଶୁ ଏହା
ଜାଣିଲେ। ଧର୍ମଶାସ୍ତ୍ରବାଣୀ ସତ୍ୟ ହେବା ପାଇଁ ସେ
କହିଲେ, "ମୋତେ ଶୋଷ କରୁଛି।"* ୨୯ସେଠାରେ
ଗୋଟିଏ ପାତ୍ରରେ ଭର୍ତ୍ତି ଖଟା-ପିଠା ସ୍ୱାଦଯୁକ୍ତ ରସ
ରଖାଯାଇଥିଲା। ସେମାନେ ଖଣ୍ଡେ ସ୍ପଞ୍ଜକୁ ରସରେ ବୁଡେଇ
ଏଜୋପ ନଳରେ ଲଗାଇ ଯୀଶୁଙ୍କ ମୁଖ ପାଖକୁ ବଢ଼ାଇଲେ।
୩୦ଯୀଶୁ ତାହା ଚାଖିଲେ। ତାପରେ ସେ କହିଲେ, "ସମାପ୍ତ
ହେଲା"। ତାପରେ ସେ ମୁଣ୍ଡ ନୁଆଁଇ ପ୍ରାଣତ୍ୟାଗ କଲେ।
୩୧ସେଦିନ ନିସ୍ତାରପର୍ବର ପ୍ରସ୍ତୁତି ଦିନ ଥିଲା। ତହିଁ
ଆରଦିନ ବିଶେଷ ବିଶ୍ରାମବାର ଥିଲା। ତେଣୁ ଯିହୂଦୀମାନେ
ଚାହିଁ ନଥିଲେ ଯେ, ମୃତ ଶରୀରଗୁଡ଼ିକ କ୍ରୁଶ ଉପରେ
ବିଶ୍ରାମବାର ଦିନ ପର୍ଯ୍ୟନ୍ତ ଝୁଲି ରହୁ। ତେଣୁ ସେମାନେ
ପୀଲାତଙ୍କୁ ଅନୁରୋଧ କଲେ ଯେ, ସେ ଯୀଶୁ ଓ ଅନ୍ୟ
ଦୁଇ ଜଣଙ୍କର ଗୋଡ ଭାଙ୍ଗିଦେବାପାଇଁ ଆଦେଶ ଦିଅନ୍ତୁ।
ଯେପରି ସେମାନେ ଶୀଘ୍ର ମରିଯିବେ ଓ ସେମାନଙ୍କର
ଦେହ କ୍ରୁଶରୁ ଓହ୍ଲାଇବା ପାଇଁ ତାଙ୍କୁ ଅନୁମତି ମାଗିଲେ।
୩୨ତେଣୁ ସୈନିକମାନେ ଆସିଲେ ଓ ଯୀଶୁଙ୍କ ପାଖରେ
କ୍ରୁଶରେ ଝୁଲୁଥିବା ପ୍ରଥମ ଲୋକଟିର ଗୋଡ଼ ଭାଙ୍ଗିଦେଲେ।
କିନ୍ତୁ ତା'ପରେ ସେମାନେ ଅନ୍ୟ ଲୋକଟିର ଗୋଡ଼
ଭାଙ୍ଗିଦେଲେ। ୩୩କିନ୍ତୁ ସେମାନେ ଯେତେବେଳେ ଯୀଶୁଙ୍କୁ
ପାଖକୁ ଆସିଲେ, ସେତେବେଳେ ସେମାନେ ଦେଖିଲେ
ଯେ, ସେ ମରି ସାରିଲେଣି। ତେଣୁ ସେମାନେ ତାହାଙ୍କ
ଗୋଡ ଭାଙ୍ଗିଲେ ନାହିଁ। ୩୪କିନ୍ତୁ ଜଣେ ସୈନିକ ବର୍ଚ୍ଛା
ଦ୍ୱାରା ତାହାଙ୍କର କକ୍ଷଦେଶକୁ ବିଦ୍ଧ କଲା। ସଙ୍ଗେସଙ୍ଗେ
ତହିଁରୁ ରକ୍ତ ଓ ଜଳ ବାହାରି ଆସିଲା। ୩୫(ଯିଏ ଏହା
ଦେଖିଛନ୍ତି ସେ ଏହା ବର୍ଣ୍ଣନା କରିଛନ୍ତି। ଯଦ୍ୱାରା ତୁମେ
ମଧ୍ୟ ଶୁଣି ବିଶ୍ୱାସ କରିବ। ସେ ଯାହା କହନ୍ତି, ତାହା
ସତ୍ୟ। ସେ ଜାଣନ୍ତି ଯେ ସେ ସତ୍ୟ କହନ୍ତି।) ୩୬ଏସବୁ
ଘଟିଛି, ଅତଏବ ଧର୍ମଶାସ୍ତ୍ରରେ ଯାହା ଲେଖା ଅଛି, ତାହା
ସତ୍ୟ ହେବ, "ତାହାଙ୍କର ଗୋଟିଏ ହାଡ ମଧ୍ୟ ଭାଙ୍ଗି ଯିବ
ନାହିଁ।"* ୩୭ଅନ୍ୟ ସ୍ଥାନରେ ଧର୍ମଶାସ୍ତ୍ରରେ ଲେଖାଅଛି:
"ସେମାନେ ଯାହାଙ୍କୁ ବର୍ଚ୍ଛା ଦ୍ୱାରା ଆଘାତ କଲେ, ତାହାଙ୍କୁ
ଲୋକମାନେ ଦେଖିବେ।"*

## ଯୀଶୁଙ୍କର ସମାଧି

୩୮ଏହା ପରେ ଆରିମାଥିଆର ଯୋସେଫ ନାମକ
ଜଣେ ଲୋକ ପୀଲାତଙ୍କୁ ଯୀଶୁଙ୍କର ଶରୀରଟି ମାଗିଲେ।
(ଯୋସେଫ ଯୀଶୁଙ୍କର ଜଣେ ଶିଷ୍ୟ ଥିଲେ। କିନ୍ତୁ ସେ
ଲୋକମାନଙ୍କୁ ତାହା କହିଲେ ନାହିଁ, କାରଣ ସେ ଯିହୂଦୀମାନଙ୍କୁ
ଭୟ କରୁଥିଲେ।) ପୀଲାତ ଯୋସେଫଙ୍କୁ ଯୀଶୁଙ୍କର ଶରୀର
ନେବାପାଇଁ ଅନୁମତି ଦେଲେ। ତେଣୁ ଯୋସେଫ ଆସି
ଯୀଶୁଙ୍କର ଶରୀର ନେଇଗଲେ। ୩୯ନୀକଦୀମ ମଧ୍ୟ ଯୋସେଫଙ୍କ
ସହିତ ଗଲେ। ସେ ପ୍ରଥମେ ଯୀଶୁଙ୍କ ସହିତ ରାତ୍ରିରେ
ସାକ୍ଷାତ କରିବାକୁ ଯାଇଥିଲେ ଓ ତାହାଙ୍କ ସହିତ କଥା
ହୋଇଥିଲେ। ସେ ଯୀଶୁଙ୍କ ଦେହରେ ଲଗାଇବା ପାଇଁ
ପ୍ରାୟ ପଚାଶ କିଲୋଗ୍ରାମ ଗନ୍ଧରସ ମିଶ୍ରିତ ଅଗୁରୁ ଘେନି
ଆସିଲେ। ୪୦ଯିହୂଦୀମାନଙ୍କର ସମାଧି ଦେବା ପ୍ରଥାନୁସାରେ
ସେମାନେ ଦୁହେଁ ଯୀଶୁଙ୍କର ମୃତଦେହକୁ ସୁଗନ୍ଧି ଅଗୁରୁ
ସହିତ ପତଳା ଲୁଗାରେ ଗୁଡେଇ ଦେଲେ। ୪୧ଯୀଶୁଙ୍କୁ
ଯେଉଁଠାରେ କ୍ରୁଶବିଦ୍ଧ କରାଯାଇଥିଲା, ସେହି ସ୍ଥାନ ପାଖରେ
ଗୋଟିଏ ବଗିଚା ଥିଲା। ସେହି ବଗିଚାରେ ଗୋଟିଏ ନୂଆ
କବର ଥିଲା, ଯେଉଁଥିରେ ପୂର୍ବରୁ କାହାକୁ ସମାଧି ଦିଆ
ଯାଇ ନ ଥିଲା, ୪୨ବିଶ୍ରାମବାର ଆରମ୍ଭ ହେବା ପୂର୍ବରୁ
ତାହାର ପ୍ରସ୍ତୁତି କାର୍ଯ୍ୟ ଶେଷ କରିବା ପାଇଁ ସେମାନେ

---

**"ମୋତେ ... କରୁଛି"** ଗୀତସଂହିତା ୨୨:୧୫, ୬୯:୨

**"ତାହାଙ୍କର ... ନାହିଁ"** ଗୀତସଂହିତା ୩୪:୨୦; ଯାତ୍ରାବିବରଣି ୧୨:୪୬ ଓ ଗଣନା ପୁସ୍ତକ ୯:୧୨ ଅନୁସାରେ

**"ସେମାନେ ... ଦେଖିବେ।"** ଯିଖରିୟ ୧୨:୧୦

ଯୀଶୁଙ୍କୁ ସେଠାରେ ସମାଧିସ୍ଥ କଲେ, କାରଣ ସେହି
ସମାଧିଟି ପାଖରେ ଥିଲା।

### ଯୀଶୁଙ୍କର କେତେକ ଶିଷ୍ୟ ସମାଧିକୁ ଖାଲିପଡ଼ିଥିବା ଦେଖିଲେ

୨୦ ୧ରବିବାର ଦିନ ପାହାନ୍ତିଆରେ ମଗ୍ଦଲୀନୀ
ମରିୟମ ଯୀଶୁଙ୍କର କବର ନିକଟକୁ ଆସିଲେ।
ସେତେବେଳେ ତଥାପି ଅନ୍ଧାର ଥିଲା। ସେ ଦେଖିଲେ ଯେ,
ବହୁତ ବଡ ପଥରଟି କବର ଦ୍ୱାର ପାଖରୁ ଦୂରକୁ ଘୁଞ୍ଚି
ଯାଇଛି। ୨ତେଣୁ ମରିୟମ, ଶିମୋନ ପିତର ଓ ଅନ୍ୟ
ଜଣେ ଶିଷ୍ୟ (ଯାହାଙ୍କୁ ଯୀଶୁ ପ୍ରେମ କରୁଥିଲେ) ସେମାନଙ୍କ
ନିକଟକୁ ଦୌଡ଼ିଗଲେ, ଓ ସେ ସେମାନଙ୍କୁ କହିଲେ,
"ସେମାନେ ପ୍ରଭୁଙ୍କର ମୃତଦେହକୁ କବର ଭିତରୁ
ନେଇଯାଇଛନ୍ତି। ସେମାନେ ତାହାଙ୍କୁ କେଉଁଠାରେ ରଖିଛନ୍ତି
ଆମେ ଜାଣି ନାହୁଁ।"
୩ତେଣୁ ପିତର ଓ ଅନ୍ୟଶିଷ୍ୟ କବର ନିକଟକୁ ଯିବାକୁ
ବାହାରିଲେ। ୪ସେମାନେ ଦୁହେଁ ଦୌଡୁଥିଲେ, କିନ୍ତୁ
ପିତରଙ୍କଠାରୁ ଅନ୍ୟ ଶିଷ୍ୟଜଣକ ଜୋର୍‌ରେ ଦୌଡୁଥିଲେ।
ତେଣୁ ସେ ପ୍ରଥମେ କବର ପାଖରେ ପହଞ୍ଚିଲେ। ୫ସେ
ନଇଁପଡି ଭିତରକୁ ଚାହିଁ ପତଳା ଆଚ୍ଛାଦନ-ବସ୍ତ୍ର ସେଠାରେ
ପଡିଥିବା ଦେଖିଲେ, କିନ୍ତୁ ଭିତରକୁ ଗଲେ ନାହିଁ।
୬ତା'ପରେ ତାହାଙ୍କ ପଛରେ ଶିମୋନ ପିତର ଆସି
ପହଞ୍ଚିଲେ। ପିତର କବର ଭିତରକୁ ଗଲେ ଏବଂ ସେ
ମଧ୍ୟ ସେଠାରେ ପତଳା ଆଚ୍ଛାଦନ-ବସ୍ତ୍ର ପଡ଼ିଥିବାର ଦେଖିଲେ।
୭ଯେଉଁ ଲୁଗାଟି ଯୀଶୁଙ୍କ ମୁଣ୍ଡରେ ଗୁଡ଼ା ହୋଇଥିଲା ତାହା
ସେ ଦେଖିଲେ। ତାହା ପତଳା ବସ୍ତ୍ର ପାଖରେ ନଥାଇ
ଅଲଗା ଜାଗାରେ ଗୁଡ଼େଇ ହୋଇ ପଡିଥିଲା। ପତଳା-ଆଚ୍ଛାଦନ
ବସ୍ତ୍ର ସହିତ ତାହା ପଡ଼ି ନଥିଲା। ୮ଏହାପରେ ଅନ୍ୟଶିଷ୍ୟ
ଜଣକ ମଧ୍ୟ ଭିତରକୁ ଗଲେ, ସେହି ଶିଷ୍ୟ ଜଣକ କବର
ପାଖରେ ଆଗ ପହଞ୍ଚିଥିଲେ। ସେ ସମସ୍ତ ଘଟଣା ଦେଖିଲେ
ଓ ବିଶ୍ୱାସ କଲେ। ୯(ଧର୍ମଶାସ୍ତ୍ର ଅନୁସାରେ 'ଯୀଶୁ ମୃତ୍ୟୁରୁ
ଅବଶ୍ୟ ପୁନର୍ଜୀବିତ ହେବେ', ଏହାର ଅର୍ଥ ସେହି ଶିଷ୍ୟମାନେ
ଏ ପର୍ଯ୍ୟନ୍ତ ବୁଝି ପାରି ନ ଥିଲେ।)

### ମଗ୍ଦଲୀନୀ ମରିୟମଙ୍କୁ ଯୀଶୁ ଦେଖାଦେଲେ

୧୦ତା'ପରେ ଶିଷ୍ୟମାନେ ଘରକୁ ଫେରିଗଲେ। ୧୧କିନ୍ତୁ
ମରିୟମ କବର ବାହାରେ ଠିଆ ହୋଇ କାନ୍ଦୁଥିଲେ। ସେ
କାନ୍ଦୁଥିବାବେଳେ ନଇଁପଡି କବର ଭିତରକୁ ଚାହିଁଲେ।
୧୨ସେ ଦୁଇ ଜଣ ସ୍ୱର୍ଗଦୂତଙ୍କୁ ଧଳା ଲୁଗା ପିନ୍ଧି ଯୀଶୁଙ୍କ
ଶରୀର ଯେଉଁଠାରେ ଥିଲା, ତାହା ପାଖରେ ବସିବାର
ଦେଖିଲେ। ଜଣେ ସ୍ୱର୍ଗଦୂତ ଯୀଶୁଙ୍କ ମୁଣ୍ଡ ରହିଥିବା
ଜାଗାରେ ଓ ଅନ୍ୟ ଜଣେ ପାଦ ରହିଥିବା ଜାଗାରେ
ବସିଥିଲେ।
୧୩ସେମାନେ ମରିୟମଙ୍କୁ ପଚାରିଲେ, "ହେ ନାରୀ,
ତୁମେ କାହିଁକି କାନ୍ଦୁଛ?"
ମରିୟମ ଉତ୍ତର ଦେଲେ, "ମୋର ପ୍ରଭୁଙ୍କ ଶରୀର
କେତେକ ଲୋକ ନେଇଯାଇଛନ୍ତି। ସେମାନେ ତାହାଙ୍କୁ
କେଉଁଠି ରଖିଛନ୍ତି, ତାହା ମୁଁ ଜାଣିନାହିଁ।" ୧୪ସେ ଏହା
କହି ବୁଲି ପଡ଼ିଲେ। ସେ ଯୀଶୁଙ୍କୁ ସେଠାରେ ଠିଆ
ହୋଇଥିବା ଦେଖିଲେ। କିନ୍ତୁ ମରିୟମ ତାହାଙ୍କୁ ଚିହ୍ନିଲେ
ନାହିଁ।
୧୫ଯୀଶୁ ତାହାଙ୍କୁ ପଚାରିଲେ, "ହେ ନାରୀ, ତୁମେ
କାହିଁକି କାନ୍ଦୁଛ? ତୁମେ କାହାକୁ ଖୋଜୁଛ?"
ମରିୟମ ଭାବିଲେ, ଏହି ଲୋକ ହିଁ ବଗିଚାର ଯତ୍ନ
ନିଅନ୍ତି। ତେଣୁ ସେ ତାହାଙ୍କୁ କହିଲେ, "ଆଜ୍ଞା, ଆପଣ
କ'ଣ ଯୀଶୁଙ୍କୁ ନେଇଯାଇଛନ୍ତି? ତାହାଙ୍କୁ ଆପଣ କେଉଁଠି
ରଖିଛନ୍ତି? ମୋତେ କୁହନ୍ତୁ, ମୁଁ ଯାଇ ତାହାଙ୍କୁ ଘେନି
ଆସିବି।"
୧୬ଯୀଶୁ ତାହାଙ୍କୁ କହିଲେ, "ମରିୟମ,"।
ମରିୟମ ତାହାଙ୍କ ଆଡ଼େ ବୁଲିପଡ଼ି ଯିହୂଦୀୟ ଭାଷାରେ
କହିଲେ, "ରାବ୍‌ବୂନୀ" (ଅର୍ଥାତ 'ଗୁରୁ')।
୧୭ଯୀଶୁ ତାହାଙ୍କୁ କହିଲେ, "ମୋତେ ଧର ନାହିଁ। ମୁଁ
ଏପର୍ଯ୍ୟନ୍ତ ପରମପିତାଙ୍କ ପାଖକୁ ଯାଇନାହିଁ। କିନ୍ତୁ ତୁମେ
ଯାଇ ମୋର ଭାଇମାନଙ୍କୁ କୁହ ଯେ, ମୁଁ ମୋର ଓ ତୁମର
ପରମପିତାଙ୍କ ପାଖକୁ ଫେରିଯାଉଛି। ମୁଁ ମୋର ଓ ତୁମର
ପରମେଶ୍ୱରଙ୍କ ପାଖକୁ ଯାଉଅଛି।"
୧୮ମଗ୍ଦଲୀନୀ ମରିୟମ ଶିଷ୍ୟମାନଙ୍କ ପାଖକୁ ଗଲେ ଓ
ସେମାନଙ୍କୁ କହିଲେ, "ମୁଁ ପ୍ରଭୁଙ୍କୁ ଦେଖିଲି।" ସେ
ସେମାନଙ୍କୁ ଯୀଶୁ କହିଥିବା କଥା ଶୁଣାଇଲେ।

### ଯୀଶୁ ଶିଷ୍ୟମାନଙ୍କୁ ଦର୍ଶନ ଦେଲେ

୧୯ସେଦିନ ରବିବାର ଥିଲା। ସନ୍ଧ୍ୟାରେ ସବୁ ଶିଷ୍ୟମାନେ
ଏକାଠିହେଲେ। ଯିହୂଦୀ ନେତାମାନଙ୍କ ଭୟରେ ଶିଷ୍ୟମାନେ
ଘରର ସବୁ କବାଟ ବନ୍ଦ କରିଦେଇଥିଲେ। ତା'ପରେ
ଯୀଶୁ ଆସି ସେମାନଙ୍କ ମଧ୍ୟରେ ଠିଆ ହୋଇଗଲେ। ସେ
କହିଲେ, "ତୁମ୍ଭମାନଙ୍କର ଶାନ୍ତି ହେଉ।" ୨୦ଯୀଶୁ ଏକଥା
କହିବା ପରେ ଶିଷ୍ୟମାନଙ୍କୁ ତାହାଙ୍କ ହାତ ଗୋଡ଼ ଦେଖାଇଲେ।
ଶିଷ୍ୟମାନେ ପ୍ରଭୁଙ୍କୁ ଦେଖି ଅତ୍ୟନ୍ତ ଖୁସି ହେଲେ।
୨୧ଯୀଶୁ ପୁନର୍ବାର କହିଲେ, "ତୁମ୍ଭମାନଙ୍କର ଶାନ୍ତି
ହେଉ। ମୋତେ ପରମପିତା ଯେପରି ପଠାଇଥିଲେ, ମୁଁ
ସେହିପରି ତୁମକୁ ବର୍ତ୍ତମାନ ପଠାଉଛି।" ୨୨ଯୀଶୁ ଏହିକଥା
କହିବା ପରେ ଶିଷ୍ୟମାନଙ୍କ ଉପରେ ପ୍ରଶ୍ୱାସ ଛାଡ଼ିଲେ।
ସେ କହିଲେ, "ପବିତ୍ରଆତ୍ମାଙ୍କୁ ଗ୍ରହଣ କର। ୨୩ଯଦି ତୁମେ
ଲୋକମାନଙ୍କର ପାପ କ୍ଷମା କରିବ ତେବେ ସେମାନଙ୍କର
ପାପ କ୍ଷମା କରାହେବ। ଯଦି ତୁମେ ଲୋକମାନଙ୍କର ପାପ
କ୍ଷମା କରିବନାହିଁ, ତେବେ ସେମାନଙ୍କର ପାପ କ୍ଷମା କରା
ହେବ ନାହିଁ।"

### ଥୋମାଙ୍କୁ ଯୀଶୁ ଦର୍ଶନ ଦେଲେ

୨୪ଥୋମା (ଯାହାଙ୍କୁ ଦିଦୁମ କୁହାଯାଉଥିଲା) ଯୀଶୁ
ଆସିଲା ବେଳେ ଶିଷ୍ୟମାନଙ୍କ ସହିତ ନଥିଲେ। ସେ
ବାରଜଣ ଶିଷ୍ୟଙ୍କ ମଧ୍ୟରୁ ଜଣେ ଥିଲେ। ୨୫ଅନ୍ୟ ଶିଷ୍ୟମାନେ
ଥୋମାଙ୍କୁ କହିଲେ, "ଆମେ ପ୍ରଭୁଙ୍କୁ ଦେଖିଲୁ।" ଥୋମା
କହିଲେ, "ମୁଁ ତାହାଙ୍କ ହାତରେ କଣ୍ଟାର କ୍ଷତ ଦାଗ

ନଦେଖିଲା ପର୍ଯ୍ୟନ୍ତ ବିଶ୍ୱାସ କରିବି ନାହିଁ। ମୁଁ ମୋର
ଆଙ୍ଗୁଠି ସେହି କଣ୍ଟାର ଦାଗରେ ନ ରଖିବା, ଓ ତାହାଙ୍କ
କକ୍ଷଦେଶରେ ମୋର ହାତ ନଦେବା ପର୍ଯ୍ୟନ୍ତ, ମୁଁ ବିଶ୍ୱାସ
କରିବି ନାହିଁ।"
୨୬ଗୋଟିଏ ସପ୍ତାହ ପରେ ଶିଷ୍ୟମାନେ ପୁଣି ଘର
ଭିତରେ ଥିଲେ। ଥୋମା ସେମାନଙ୍କ ସହିତ ଥିଲେ।
କବାଟରେ ତାଲା ପଡ଼ିଥିଲା। କିନ୍ତୁ ଯୀଶୁ ଆସି ସେମାନଙ୍କ
ମଧ୍ୟରେ ଠିଆ ହେଲେ। ସେ କହିଲେ, "ତୁମ୍ଭମାନଙ୍କର
ଶାନ୍ତି ହେଉ।" ୨୭ତା'ପରେ ଯୀଶୁ ଥୋମାଙ୍କୁ କହିଲେ,
"ଏଠାରେ ତୁମର ଆଙ୍ଗୁଠି ରଖ। ମୋ ହାତକୁ ଦେଖ।
ମୋ କକ୍ଷଦେଶରେ ତୁମ ହାତ ରଖ। ଅବିଶ୍ୱାସ ନକରି
ବିଶ୍ୱାସ କର।"
୨୮ଥୋମା ଯୀଶୁଙ୍କୁ କହିଲେ, "ମୋର ପ୍ରଭୁ, ମୋର
ପରମେଶ୍ୱର।"
୨୯ଯୀଶୁ ଥୋମାଙ୍କୁ କହିଲେ, "ତୁମେ ମୋତେ ଦେଖିବାରୁ
ବିଶ୍ୱାସ କରୁଛ। ମାତ୍ର ଯେଉଁ ଲୋକମାନେ ମୋତେ ନ
ଦେଖି ବିଶ୍ୱାସ କରନ୍ତି, ସେମାନେ ପ୍ରକୃତରେ ଆଶୀର୍ବାଦର
ଯୋଗ୍ୟ।"

### ଯୋହନ ଏହି ବହି ଲେଖିବାର କାରଣ

୩୦ଯୀଶୁ ଅନେକ ଗୁଡ଼ିଏ ଅନ୍ୟ ଆଶ୍ଚର୍ଯ୍ୟକାର୍ଯ୍ୟ କଲେ।
ସେଗୁଡ଼ିକୁ ତାହାଙ୍କ ଶିଷ୍ୟମାନେ ଦେଖିଲେ। ସେହି
ଆଶ୍ଚର୍ଯ୍ୟକାର୍ଯ୍ୟ ଗୁଡ଼ିକ ଏ ବହିରେ ଲେଖାଯାଇନାହିଁ, ୩୧କିନ୍ତୁ
ଏହି ପୁସ୍ତକରେ ଏହି ସବୁ ଲେଖାହୋଇଛି ଯେପରି ତୁମେ
ବିଶ୍ୱାସ କରିବ ଯେ ଯୀଶୁ ହେଉଛନ୍ତି ଖ୍ରୀଷ୍ଟ ଓ ପରମେଶ୍ୱରଙ୍କର
ପୁତ୍ର ଅଟନ୍ତି ଓ ବିଶ୍ୱାସ କରି, ତୁମ୍ଭେମାନେ ତାହାଙ୍କ
ନାମଦ୍ୱାରା ଜୀବନ ପାଇବ।

### ସାତ ଜଣ ଶିଷ୍ୟଙ୍କୁ ଯୀଶୁ ଦେଖାଦେଲେ

**୨୧** ତା'ପରେ ଯୀଶୁ ନିଜକୁ ଶିଷ୍ୟମାନଙ୍କ ଆଗରେ
ଦେଖାଦେଲେ। ସେ ତିବିରିଆ ହ୍ରଦ ଗାଲୀଲୀ
କୂଳରେ ସେମାନଙ୍କୁ ଦେଖାଦେଇଥିଲେ। ସେ ଏହିପରି
ଭାବରେ ଦର୍ଶନ ଦେଇଥିଲେ: ୨ଯୀଶୁଙ୍କର କେତେକ ଶିଷ୍ୟ
ଏକତ୍ର ହୋଇଥିଲେ, ସେମାନେ ହେଲେ ଶିମୋନ ପିତର,
ଥୋମା, (ଡାକନାମ ଦିଦ୍ଦୁମ)। ଗାଲୀଲୀର କାନାନବାସୀ
ନିଥନିୟେଲ, ଜେବଦିର ପୁତ୍ରମାନେ, ଓ ଦୁଇଜଣ ଅନ୍ୟ
ଶିଷ୍ୟ। ୩ଶିମୋନ ପିତର କହିଲେ, "ମୁଁ ମାଛ ଧରିବାକୁ
ଯାଉଛି।" ଅନ୍ୟ ଶିଷ୍ୟମାନେ କହିଲେ, "ଆମେ ତୁମ
ସହିତ ଯିବୁ।" ତେଣୁ ସବୁ ଶିଷ୍ୟମାନେ ଯାଇ ନୌକାରେ
ବସିଲେ। ସେମାନେ ମାଛ ଧରିବାକୁ ସାରା ରାତି ଚେଷ୍ଟା
କଲେ, କିନ୍ତୁ କିଛି ଧରିପାରିଲେ ନାହିଁ।
୪ପରଦିନ ଅତି ସକାଳୁ ଯୀଶୁ ହ୍ରଦ କୂଳରେ ଠିଆ
ହୋଇଥିଲେ। କିନ୍ତୁ ଶିଷ୍ୟମାନେ ତାହାଙ୍କୁ ଯୀଶୁ ବୋଲି
ଜାଣି ନ ଥିଲେ। ୫ତା'ପରେ ଶିଷ୍ୟମାନଙ୍କୁ କହିଲେ,
"ବନ୍ଧୁମାନେ, ତୁମେ କିଛି ମାଛ ଧରିଛ କି?"
ଶିଷ୍ୟମାନେ ଉତ୍ତର ଦେଲେ, "ନା।"
୬ଯୀଶୁ କହିଲେ, "ତୁମର ଜାଲ ନୌକାର ଡାହାଣ ପଟ
ପାଣିରେ ପକାଅ। ତୁମେ ସେଠାରେ ମାଛ ପାଇବ।"
ଶିଷ୍ୟମାନେ ସେହିପରି କଲେ। ସେମାନେ ଏତେ ମାଛ
ଧରିଲେ ଯେ, ସେମାନେ ଜାଲକୁ ନୌକା ପର୍ଯ୍ୟନ୍ତ ଟାଣି
ପାରିଲେ ନାହିଁ।
୭ଯୀଶୁ ଯେଉଁଶିଷ୍ୟଙ୍କୁ ପ୍ରେମ କରୁଥିଲେ, ସେ ପିତରଙ୍କୁ
କହିଲେ, "ଏ ତ ପ୍ରଭୁ।" ପିତର ଏ ତ ପ୍ରଭୁ ବୋଲି
ଶୁଣି ତାହାଙ୍କ ପୋଷାକ ପିନ୍ଧିଲେ। (କାରଣ ସେ କାର୍ଯ୍ୟ
କରିବା ପାଇଁ ସବୁ ବସ୍ତ୍ର ଖୋଲି ଦେଇଥିଲେ।) ତା'ପରେ
ସେ ପାଣିକୁ ଡେଇଁ ପଡ଼ିଲେ। ୮ଅନ୍ୟ ଶିଷ୍ୟମାନେ
ନୌକାରେ କୂଳକୁ ଗଲେ। ସେମାନେ ମାଛରେ ଭର୍ତ୍ତି
ହୋଇଥିବା ଜାଲ ଭିଡ଼ିଲେ। ସେମାନେ କୂଳରୁ ବେଶୀ
ଦୂରରେ ନଥିଲେ, ଦୂରତ୍ୱ ପ୍ରାୟ ନବେମିଟର ଥିଲା।
୯ଶିଷ୍ୟମାନେ ଯେତେବେଳେ ନୌକାରୁ ବାହାରି କୂଳରେ
ପହଞ୍ଚିଲେ, ସେମାନେ ସେତେବେଳେ ରଡ଼ନିଆଁ ଜଳୁଥିବାର
ଦେଖିଲେ। ସେଠାରେ ନିଆଁ ଉପରେ ମାଛ ଥିଲା, ଓ କିଛି
ରୋଟୀ ମଧ୍ୟ ଥିଲା। ୧୦ତା'ପରେ ଯୀଶୁ କହିଲେ, "ତୁମ୍ଭେମାନେ
ଧରିଥିବା କିଛି ମାଛ ଆଣ।"
୧୧ଶିମୋନ ପିତର ନୌକା ଭିତରକୁ ଗଲେ, ଓ ଜାଲ
କୂଳକୁ ଟାଣିଲେ। ଏହା ବଡ଼-ବଡ଼ ମାଛରେ ପୂର୍ଣ୍ଣ ଥିଲା।
ସେଥିରେ ୧୫୩ଟି ମାଛ ଥିଲା। ମାଛ ଗୁଡ଼ିକ ବହୁତ
ଓଜନିଆ ଥିଲା କିନ୍ତୁ ଜାଲ ଛିଣ୍ଡି ନଥିଲା। ୧୨ଯୀଶୁ
ସେମାନଙ୍କୁ କହିଲେ, "ଆସ ଓ ଖାଅ।" ଶିଷ୍ୟମାନଙ୍କ
ଭିତରେ କେହି ଜଣେ ହେଲେ ପଚାରିବା ପାଇଁ ସାହସ
କଲେନାହିଁ, ତୁମେ କିଏ?" କାରଣ ସେମାନେ ଜାଣିଥିଲେ
ଯେ, ସେ ପ୍ରଭୁ। ୧୩ଯୀଶୁ ଖାଦ୍ୟ ନିକଟକୁ ଆସି ରୋଟୀ
ଘେନି ସେମାନଙ୍କୁ ଦେଲେ। ସେ ସେମାନଙ୍କୁ ମାଛ ମଧ୍ୟ
ଦେଲେ।
୧୪ଯୀଶୁ ମୃତ୍ୟୁରୁ ବଞ୍ଚି ଉଠିବା ପରେ ଶିଷ୍ୟମାନଙ୍କୁ ଏହି
ତୃତୀୟ ଥର ପାଇଁ ଦର୍ଶନ ଦେଲେ।

### ପିତରଙ୍କ ସହିତ ଯୀଶୁ କଥା ହେଲେ

୧୫ସେମାନେ ଖାଇବା ପରେ ଯୀଶୁ ଶିମୋନ ପିତରଙ୍କୁ
କହିଲେ, "ଯୋହନଙ୍କର ପୁତ୍ର ଶିମୋନ। ତୁମେ କ'ଣ
ମୋତେ ଏମାନଙ୍କ ଅପେକ୍ଷା ଅଧିକ ଭଲ ପାଉଛ?"
ପିତର ଉତ୍ତର ଦେଲେ, "ହଁ ପ୍ରଭୁ, ଆପଣ ଜାଣନ୍ତି
ଯେ ମୁଁ ଆପଣଙ୍କୁ ପ୍ରେମ କରେ।"
ଯୀଶୁ ତାହାଙ୍କୁ କହିଲେ, "ମୋର ମେଷଶାବକମାନଙ୍କୁ
ଚରାଅ।"
୧୬ତା'ପରେ ଯୀଶୁ ପୁଣି ତାହାଙ୍କୁ କହିଲେ, "ଯୋହନଙ୍କ
ପୁତ୍ର, ଶିମୋନ, ତୁମେ କ'ଣ ମୋତେ ପ୍ରେମ କର?"
ପିତର ଉତ୍ତର ଦେଲେ, "ହଁ, ପ୍ରଭୁ, ଆପଣ ଜାଣନ୍ତି,
ମୁଁ ଆପଣଙ୍କୁ ପ୍ରେମ କରେ।"
ତା'ପରେ ଯୀଶୁ କହିଲେ, "ମୋର ମେଷମାନଙ୍କୁ ପ୍ରତିପାଳନ
କର।"
୧୭ପୁଣି ତୃତୀୟ ଥର ସେ ତାହାଙ୍କୁ ପଚାରିଲେ,
"ଯୋହନଙ୍କ ପୁତ୍ର ଶିମୋନ, ତୁମେ ମୋତେ ପ୍ରେମ କର
କି?"

ପିତର ଦୁଃଖିତ ହେଲେ, ଯେହେତୁ ଯୀଶୁ ତାହାଙ୍କୁ
ତିନ ଥର ସେହ କଥା ପଚାରିଲେ, "ମୋତେ ପ୍ରେମ କର
କି?"

ପିତର କହଲେ, "ପ୍ରଭୁ, ଆପଣ ସବୁ ଜାଣିଛନ୍ତ। ମୁଁ
ଆପଣଙ୍କୁ ପ୍ରେମ କରେ ବୋଲ ଆପଣ ଜାଣନ୍ତ।" ଯୀଶୁ
ପିତରଙ୍କୁ କହଲେ, "ମୋ ମେଷମାନଙ୍କୁ ଚରାଅ। ୧୮ମୁଁ
ତୁମକୁ ସତ୍ୟ କହୁଛି ତୁମେ ଯେତେବେଳେ ଯୁବକ ଥିଲ,
ସେତେବେଳେ ତୁମେ ଅଣ୍ଟାରେ ନଜ ଲୁଗା ଭିଡ଼ ଇଚ୍ଛାନୁସାରେ
ଯେ କୌଣସି ସ୍ଥାନକୁ ଯାଉଥିଲ। ମାତ୍ର ବୃଦ୍ଧ ବୟସରେ
ତୁମେ ହାତ ବଢାଇବ ଓ ଯେଉଁଆଡ଼େ ତୁମର ଯିବାକୁ
ଇଚ୍ଛା ନଥିବ, ସେହଠାକୁ ଅନ୍ୟମାନେ ତୁମକୁ ନେଇଯିବେ।"
୧୯(ପରମେଶ୍ୱରଙ୍କର ଗୌରବ ପାଇଁ ପିତର କପରି ଭାବେ
ମୃତ୍ୟୁ ବରଣ କରିବେ, ଏହା ଜଣାଇବା ଉଦ୍ଦେଶ୍ୟରେ ଯୀଶୁ
ସେପରି କହଥିଲେ।) ଏହା ପରେ ଯୀଶୁ ତାହାଙ୍କୁ କହଲେ,
"ମୋର ଅନୁଗମନ କର।"

୨୦ପିତର ବୁଲ ପଡ଼ ଦେଖିଲେ ଯେ ଯେଉଁ ଶିଷ୍ୟଙ୍କୁ
ଯୀଶୁ ପ୍ରେମ କରୁଥିଲେ, ସେ ସେମାନଙ୍କ ଅନୁଗମନ
କରୁଛନ୍ତ। (ସେହ ରାତ୍ରି-ଭୋଜବେଳେ, ସେହ ଶିଷ୍ୟ
ଯୀଶୁଙ୍କ ଶରୀରରେ ଆଉଜି ପଡ଼, ପଚାରି ଥିଲେ, "ପ୍ରଭୁ,
ଆମ ଭିତରୁ କିଏ ଆପଣଙ୍କ ବିରୁଦ୍ଧରେ ଯିବ?") ୨୧ସେହ
ଶିଷ୍ୟଙ୍କୁ ପଛରେ ଆସୁଥିବା ଦେଖି ପିତର ପଚାରିଲେ,
"ପ୍ରଭୁ, ତାହାଙ୍କ ବିଷୟରେ କ'ଣ ହେବ?"

୨୨ଯୀଶୁ ଉତ୍ତର ଦେଲେ, "ମୋର ପୁନରାଗମନ ସମୟ
ପର୍ଯ୍ୟନ୍ତ ସେ ବଞ୍ଚି ରହୁ ବୋଲ ଯଦ ମୁଁ ଇଚ୍ଛା କରେ,
ତେବେ ସେଥିରେ ତୁମର କ'ଣ ଅଛି? ତୁମେ ମୋର
ଅନୁଗମନ କର।"

୨୩ତେଣୁ ଭାଇମାନଙ୍କ ଶିଷ୍ୟ ମଧ୍ୟରେ ଗୋଟିଏ କାହାଣୀ
ପ୍ରଚାରିତ ହେଲା। ସେମାନେ କହୁଥିଲେ ଯେ, ଯୀଶୁ ଯେଉଁ
ଶିଷ୍ୟଙ୍କୁ ପ୍ରେମ କରୁଛନ୍ତ, ସେହ ଶିଷ୍ୟ ମରିବେ ନାହିଁ।
କିନ୍ତୁ ଯୀଶୁ ଏକଥା କହ ନ ଥିଲେ ଯେ, ସେ ମରିବ
ନାହିଁ। ସେ କେବଳ କହଲେ, "ମୋର ପୁନରାଗମନ
ସମୟ ପର୍ଯ୍ୟନ୍ତ ସେ ବଞ୍ଚି ରହୁ ବୋଲ ଯଦ ମୁଁ ଇଚ୍ଛା
କରେ, ତେବେ ସେଥିରେ ତୁମର କଣ ଅଛି?"

୨୪ସେହ ଶିଷ୍ୟ ଏ ସବୁ କଥା କହୁଛନ୍ତ। ସେ
ହେଉଛନ୍ତ ସେହ ବ୍ୟକ୍ତ ଯେ କ ଏସବୁ କଥା ଲେଖିଛନ୍ତ।
ଆମେ ଜାଣୁ, ସେ ଯାହା କହନ୍ତ ତାହା ସତ୍ୟ।

୨୫ଯୀଶୁ ଆହୁରି ଅନେକ କାର୍ଯ୍ୟ କରିଥିଲେ। ମୁଁ ମନେ
କରେ ଯେ, ଯୀଶୁଙ୍କ ବିଷୟରେ ସମସ୍ତ ବିଷୟ ଯଦ
ଲେଖା ହୋଇ ଥାଆନ୍ତା, ତେବେ ସେହ ପୁସ୍ତକ ଗୁଡ଼କ
ରଖିବା ପାଇଁ ସାରା ଜଗତରେ ସ୍ଥାନ ହୁଅନ୍ତା ନାହିଁ।

# ପ୍ରେରିତମାନଙ୍କ କାର୍ଯ୍ୟର ବିବରଣ

## ଲୂକଙ୍କ ଦ୍ୱାରା ରଚିତ ଦ୍ୱିତୀୟ ପୁସ୍ତକ

୧ ହେ ଥିୟଫିଲ, ମୁଁ ମୋର ପ୍ରଥମ ପୁସ୍ତକରେ
ଯୀଶୁଙ୍କର ସମସ୍ତ କାର୍ଯ୍ୟ ଓ ଉପଦେଶଗୁଡ଼ିକ ବିଷୟରେ
ଲେଖିଛି। ୨ମୁଁ ଯୀଶୁଙ୍କର ସଂମ୍ପୂର୍ଣ୍ଣ ଜୀବନ ସମ୍ପର୍କରେ
ଆରମ୍ଭରୁ ତାହାଙ୍କୁ ସ୍ୱର୍ଗକୁ ନିଆଯିବା ପର୍ଯ୍ୟନ୍ତ ସବୁକିଛି
ଲେଖିଛି। ଏହା ଘଟିବା ପୂର୍ବରୁ ଯୀଶୁ ନିଜେ ବାଛିଥିବା
ପ୍ରେରିତମାନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ପବିତ୍ର
ଆତ୍ମାଙ୍କ ସାହାର୍ଯ୍ୟରେ ଯୀଶୁ, ପ୍ରେରିତମାନେ* କ'ଣ କରିବା
ଉଚିତ, ସେହି କଥା କହିଲେ। ୩ଏହି ଘଟଣାଟି ଯୀଶୁଙ୍କର
ମୃତ୍ୟୁ ପରେ ଘଟିଥିଲା। କିନ୍ତୁ ଅନେକ ଶକ୍ତିଯୁକ୍ତ କାର୍ଯ୍ୟ
ଦ୍ୱାରା ସେ ପ୍ରମାଣିତ କରି ଦେଖେଇ ଦେଲେ ଯେ, ସେ
ଜୀବିତ ଥିଲେ। ମୃତ୍ୟୁ ପରେ ପୁନର୍ଜୀବିତ ହୋଇ ଉଠିଥିବାର
ଚାଳିଶ ଦିନ ପର୍ଯ୍ୟନ୍ତ ପ୍ରେରିତମାନେ ଯୀଶୁଙ୍କୁ ଅନେକ ଥର
ଦେଖିଲେ। ଯୀଶୁ ପରମେଶ୍ୱରଙ୍କର ରାଜ୍ୟ ବିଷୟରେ
ପ୍ରେରିତମାନଙ୍କୁ କହିଲେ। ୪ଦିନେ ଯେତେବେଳେ ଯୀଶୁ
ସେମାନଙ୍କ ସାଙ୍ଗରେ ଭୋଜନ କରୁଥିଲେ ସେତେବେଳେ
ସେ ପ୍ରେରିତମାନଙ୍କୁ ଯିରୂଶାଲମ ନ ଛାଡିବାପାଇଁ କହିଲେ।
ଯୀଶୁ କହିଲେ, "ପରମେଶ୍ୱର ତୁମ୍ଭମାନଙ୍କୁ କିଛି ପ୍ରତିଜ୍ଞା
ଦେଇଛନ୍ତି। ମୁଁ ତୁମ୍ଭମାନଙ୍କୁ ଏହି ପ୍ରିତିଜ୍ଞା ବିଷୟରେ
ଆଗରୁ କହି ସାରିଛି। ତେଣୁ ସେହି ପ୍ରତିଜ୍ଞା ନ ପାଇବା
ପର୍ଯ୍ୟନ୍ତ ତୁମ୍ଭେମାନେ ଯିରୂଶାଲମରେ ଅପେକ୍ଷାରେ ରୁହ।
୫ଯୋହନ ଲୋକମାନଙ୍କୁ ଜଳରେ ବାପ୍ତିସ୍ମ ଦେଇଥିଲେ,
କିନ୍ତୁ ଅଳ୍ପ ଦିନ ଭିତରେ ତୁମ୍ଭେମାନେ ପବିତ୍ରଆତ୍ମାଙ୍କ ଦ୍ୱାରା
ବାପ୍ତିଜିତ ହେବ।"

## ଯୀଶୁ ସ୍ୱର୍ଗକୁ ନିଆଗଲେ

୬ପ୍ରେରିତମାନେ ଏକାଠି ହୋଇ ଯୀଶୁଙ୍କୁ ପଚାରିଲେ,
"ପ୍ରଭୁ, ଆପଣ ଯିହୂଦୀମାନଙ୍କୁ ସେମାନଙ୍କର ରାଜ୍ୟ ଏହି
ସମୟରେ ପୁନର୍ବାର ଦେଉଅଛନ୍ତି କି?"
୭ଯୀଶୁ ସେମାନଙ୍କୁ କହିଲେ, "କେବଳ ପରମେଶ୍ୱରଙ୍କର
ଅଧିକାର ଅଛି ଯେ, ସେ ତାରିଖ ଓ ସମୟ ଗୁଡ଼ିକ
ବିଷୟରେ ନିଷ୍ପତ୍ତି ଗ୍ରହଣ କରିପାରିବେ। ତୁମ୍ଭେମାନେ ସେ
ବିଷୟରେ ଜାଣି ପାରିବ ନାହିଁ। ୮କିନ୍ତୁ ପବିତ୍ର ଆତ୍ମା
ତୁମ୍ଭମାନଙ୍କ ପାଖକୁ ଆସିବେ। ତା'ପରେ ତୁମ୍ଭେମାନେ ଶକ୍ତି
ପାଇବ। ତୁମ୍ଭେମାନେ ମୋର ସାକ୍ଷୀ ହେବ। ତୁମ୍ଭେମାନେ
ମୋ ବିଷୟରେ ଲୋକମାନଙ୍କୁ କହିବ। ପ୍ରଥମେ ଯିରୂଶାଲମର
ଲୋକମାନଙ୍କୁ, ତା'ପରେ ତୁମ୍ଭେମାନେ ସମଗ୍ର ଯିହୂଦା
ପ୍ରଦେଶ, ଶମିରୋଣ ଓ ପୃଥିବୀର ସମସ୍ତ ଅଞ୍ଚଳର
ଲୋକମାନଙ୍କୁ କହିବ।"
୯ଯୀଶୁ ପ୍ରେରିତମାନଙ୍କୁ ଏତିକି କହିବା ପରେ ତାହାଙ୍କୁ
ଆକାଶକୁ ଉଠେଇ ନିଆଗଲା। ପ୍ରେରିତମାନେ ଦେଖୁଥିବା
ସମୟରେ ଯୀଶୁ ଖଣ୍ଡେ ମେଘ ଭିତରକୁ ଚାଲିଗଲେ, ଓ
ସେମାନେ ତାହାଙ୍କୁ ଆଉ ଦେଖିପାରିଲେ ନାହିଁ। ୧୦ଯୀଶୁ
ଚାଲି ଯାଉଥିଲେ ଓ ପ୍ରେରିତମାନେ ଆକାଶକୁ ଚାହିଁ
ରହିଥିଲେ। ହଠାତ୍ ଦୁଇଜଣ ଧଳା ବସ୍ତ୍ର ପିନ୍ଧିଥିବା ପୁରୁଷ
(ସ୍ୱର୍ଗଦୂତ) ସେମାନଙ୍କ ପାଖରେ ଆସି ଠିଆହେଲେ। ୧୧ସେହି
ଦୁଇଜଣ ପୁରୁଷ ପ୍ରେରିତମାନଙ୍କୁ କହିଲେ, "ହେ ଗାଲୀଲୀର
ଲୋକେ, ତୁମ୍ଭେମାନେ ଏଠାରେ ଠିଆହୋଇ ଆକାଶ ଆଡେ
କାହିଁକି ଚାହିଁଛ? ଏହି ଯୀଶୁଙ୍କୁ ଯେପରି ତୁମ୍ଭମାନଙ୍କ ମଧ୍ୟରୁ
ଉଠାଇ ନିଆଗଲା, ସେ ସ୍ୱର୍ଗକୁ ଗଲେ, ଓ ତୁମ୍ଭେମାନେ
ତାହାଙ୍କୁ ଉପରକୁ ଯିବାର ଯେପରି ଦେଖିଲ, ସେହିପରି
ସେ ପୁଣି ଫେରିଆସିବେ।"

## ଜଣେ ନୂଆ ପ୍ରେରିତଙ୍କ ନିର୍ବାଚନ

୧୨ତାପରେ ପ୍ରେରିତମାନେ ଜୀତ ନାମକ ପର୍ବତରୁ
ଯିରୂଶାଲମ ଫେରି ଆସିଲେ। (ଏହି ପର୍ବତ ଯିରୂଶାଲମଠାରୁ
ପ୍ରାୟ ଦୁଇ କିଲୋମିଟର ଦୂର)। ୧୩ପ୍ରେରିତମାନେ ସେଠାରେ
ପହଞ୍ଚି ଉପରମହଲାର ଏକ କୋଠରୀ ଭିତରକୁ ଗଲେ,
ସେଠାରେ ସେମାନେ ରହିଲେ। ଏ ପ୍ରେରିତମାନେ -ପିତର,
ଯୋହନ, ଯାକୁବ, ଆନ୍ଦ୍ରିୟ, ଫିଲିପ୍ପ, ଥୋମା, ବାର୍ଥଲମି,
ମାଥିଉ, ଆଲଫିର ପୁତ୍ର ଯାକୁବ, ସାହସୀ ଶିମୋନ ଓ
ଯାକୁବର ପୁତ୍ର ଯିହୂଦା ଥିଲେ।
୧୪ପ୍ରେରିତମାନେ ସମସ୍ତେ ଏକାଠି ଥିଲେ, ଓ ଗୋଟିଏ
ଉଦ୍ଦେଶ୍ୟରେ ଏକମନ ହୋଇ ନିରନ୍ତର ପ୍ରାର୍ଥନା କରୁଥିଲେ।
ସେମାନଙ୍କ ସହିତ କେତେ ଜଣ ସ୍ତ୍ରୀ, ଯୀଶୁଙ୍କ ମାତା
ମରିୟମ ଓ ଯୀଶୁଙ୍କର ଭାଇମାନେ ମଧ୍ୟ ଥିଲେ।
୧୫ସେହି ସମୟରେ ସେଠାରେ ପ୍ରାୟ ଶହେକୋଡିଏ
ଜଣ ବିଶ୍ୱାସୀ ଏକତ୍ର ହୋଇଥିଲେ। ପିତର ସେମାନଙ୍କ
ମଧ୍ୟରେ ଠିଆ ହୋଇ କହିଲେ, ୧୬"ଭାଇମାନେ, ଧର୍ମଶାସ୍ତ୍ରରେ
ପବିତ୍ର ଆତ୍ମା ଦାଉଦଙ୍କ ମୁଖ ଦ୍ୱାରା କହିଛନ୍ତି ଯେ, କିଛି
ଗୋଟିଏ ନିଶ୍ଚୟ ଘଟିବ। ସେ ଏହା ଯିହୂଦାଙ୍କ ବିଷୟରେ
କହିଥିଲେ। ୧୭ଯିହୂଦା ଆମ୍ଭ ଦଳରେ ଥିଲା ଓ ଆମ୍ଭ ସହିତ
ଏକତ୍ର ସେବା କାର୍ଯ୍ୟ କରିଥିଲା, ପବିତ୍ର ଆତ୍ମା କହିଥିଲେ
ଯେ ଯେଉଁଲୋକମାନେ ଯୀଶୁଙ୍କୁ ବନ୍ଦୀ କରିବାକୁ ଯିବେ
ଯିହୂଦା ସେମାନଙ୍କର ନେତା ହେବ।"

---

**ପ୍ରେରିତମାନେ** ଯୀଶୁଙ୍କ ଶିଷ୍ୟମାନେ

[୧୮]ଯିହୂଦାକୁ ଏହି ଘୃଣ୍ୟ କାମ କରିବା ପାଇଁ ଟଙ୍କା
ଦିଆଯାଇଥିଲା। ସେଥିରେ ସେ ଗୋଟିଏ ଜମି କିଣି ଦେଲା।
କିନ୍ତୁ ସେ ନିଜେ ମୁଣ୍ଡ ମାଡ଼ ହୋଇ ପଡ଼ିଲା। ପରେ
ତା'ର ପେଟ ଫାଟିଗଲା, ଓ ଅନ୍ତବୁଜୁଳା ବାହାରି ପଡ଼ିଲା।
[୧୯]ଏହି କଥା ଯିରୂଶାଲମ ବାସିନ୍ଦାମାନେ ସମସ୍ତେ ଜାଣିଲେ।
ଏଣୁ ସେମାନେ ତାହାଙ୍କ ନିଜ-ନିଜ ଭାଷାରେ ଏହି ଜମିକୁ
“ହକଲ୍ଦମା” ଅର୍ଥାତ “ରକ୍ତ କ୍ଷେତ୍ର’ବୋଲି କହିଲେ।”)
[୨୦]ପିତର ପୁଣି କହିଲେ, “ଗୀତସଂହିତାରେ ଯିହୂଦା
ସଂପର୍କରେ ଲେଖା ଯାଇଅଛି:

‘ତା'ର ବାସଗୃହ ଜନ ଶୂନ୍ୟ ହେଉ, ସେଠାରେ
କୌଣସି ବ୍ୟକ୍ତି ବାସ ନ କରନ୍ତୁ।’
ଗୀତସଂହିତା ୬୯:୨୫

ଏବଂ ଆହୁରି ମଧ୍ଯ ଲେଖାଅଛି:

‘ତାହାଙ୍କୁ ଅର୍ପଣ କରାଯାଇଥିବା କାର୍ଯ୍ୟ ଅନ୍ୟ କେହି
ବ୍ୟକ୍ତି କରନ୍ତୁ।’ ଗୀତସଂହିତା ୧୦୯:୮

[୨୧-୨୨]ତେଣୁ ମୃତମାନଙ୍କ ମଧ୍ୟରୁ ଯୀଶୁଙ୍କର ପୁନରୁତ୍ଥାନର
ସାକ୍ଷୀ ହେବା ନିମନ୍ତେ ଆଉ ଜଣେ ଆମ୍ଭ ସହିତ ଯୋଗ
ଦେବା ନିତାନ୍ତ ଜରୁରୀ ଅଟେ। ତେଣୁ ପ୍ରଭୁ ଯୀଶୁ ଆମ୍ଭ
ସହିତ ଥିବା ସମୟରେ ସେତେବେଳେ ଆମ୍ଭମାନଙ୍କ ଭିତରେ
ଯେତେ ଜଣ ଥିଲେ ସେମାନଙ୍କ ମଧ୍ୟରୁ ଆଉ ଜଣକୁ ହିଁ
ବଛାଯିବ। ଅନ୍ୟଭାଷାରେ କହିବାକୁ ଗଲେ, ଯୋହନଙ୍କ
ଦ୍ୱାରା ବାପ୍ତିଜିତ ହେବା ଦିନଠାରୁ ଯୀଶୁଙ୍କୁ ଆମ୍ଭମାନଙ୍କ
ମଧ୍ୟରୁ ଉର୍ଦ୍ଧ୍ୱକୁ ନିଆ ହୋଇ ଯିବା ପର୍ଯ୍ୟନ୍ତ ଏହି ଲୋକ
ଜଣଙ୍କ ଆମ୍ଭ ସଙ୍ଗରେ ରହିଥିବା ଉଚିତ।”
[୨୩]ଏଥିପାଇଁ ପ୍ରେରିତମାନେ ଦୁଇଜଣ ଲୋକଙ୍କ ନାମ
ପ୍ରସ୍ତାବ କଲେ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି
ଯୋସେଫ, ଯାହାଙ୍କୁ ବର୍ଶବ୍ବା ବୋଲି ଯାଉଥିଲା (ଏହାଙ୍କୁ
ଯୁଷ୍ଟ ମଧ୍ୟ କୁହାଯାଉଥିଲା) ଏବଂ ଅନ୍ୟ ଜଣେ ମଥିୟ।
[୨୪]ପୁଣି ପ୍ରେରିତମାନେ ପରମେଶ୍ୱରଙ୍କୁ ପ୍ରାର୍ଥନା କଲେ,
“ପ୍ରଭୁ, ତୁମ୍ଭେ ସମସ୍ତଙ୍କ ମନକଥା ଜାଣିଛ। ଏହି ସେବା
କାର୍ଯ୍ୟ ଓ ପ୍ରେରିତ ପଦ ଛାଡ଼ିଦେଇ ଯିହୂଦା ନିଜ ସ୍ଥାନକୁ
ଚାଲିଯାଇଛି। [୨୫]ସେହି ପଦରେ ପ୍ରେରିତ ହେବା ନିମନ୍ତେ
ତୁମ୍ଭେ ଏହି ଦୁଇ ଜଣଙ୍କ ମଧ୍ୟରୁ କାହାକୁ ପସନ୍ଦ କରିଛ,
ତାହା ଆମ୍ଭମାନଙ୍କୁ ଦେଖାଇଦିଅ।” [୨୬]ତାପରେ ପ୍ରେରିତମାନେ
ଏହି ଦୁହିଁଙ୍କ ନାମରେ ଗୁଳା ପକାଇଲେ। କାଗଜରେ
ଲେଖାଥିବା ଗୁଳା ମଥିୟଙ୍କ ନାମରେ ଉଠିଲା। ଏହିପରି
ସେ ଅନ୍ୟ ଏଗାର ଜଣ ପ୍ରେରିତଙ୍କ ସହିତ ଜଣେ ପ୍ରେରିତ
ହିସାବରେ ଗଣିତ ହେଲେ।

### ପବିତ୍ର ଆତ୍ମାଙ୍କର ଆଗମନ

**୨** ଯେତେବେଳେ ପେଣ୍ଟିକଷ୍ଟ* ଦିନ ଆସିଲା ସେମାନେ
ସମସ୍ତେ ଗୋଟିଏ ସ୍ଥାନରେ ଏକାଠି ଜମା ହେଲେ।
[୨]ସେତେବେଳେ ହଠାତ୍ ଆକାଶରୁ ଗୋଟିଏ ଶବ୍ଦ ଶୁଣାଗଲା।
ଏହିଶବ୍ଦ ଗୋଟିଏ ଭୀଷଣ ଝଡ଼ ବହିବା ପରି ଥିଲା।
ଶବ୍ଦଟି ସେମାନେ ଯେଉଁଘର ଭିତରେ ବସିଥିଲେ ସେହି
ଘରର ଗୃହଆଡ଼େ ବ୍ୟାପି ଗଲା। [୩]ସେମାନେ ଅଗ୍ନିଶିଖା
ପରି କିଛି ଦେଖିଲେ। ଏହି ଅଗ୍ନି ଶିଖାସବୁ ଭାଗଭାଗ
ହୋଇ ସେଠାରେ ଥିବା ପ୍ରତ୍ୟେକ ବ୍ୟକ୍ତିର ଉପରେ
ରହିଲା। [୪]ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେଲେ।
ପବିତ୍ରଆତ୍ମାଙ୍କ ଦ୍ୱାରା ପାଉଥିବା ଶକ୍ତି ସାହାଯ୍ୟରେ ସେମାନେ
ଭିନ୍ନଭିନ୍ନ ଭାଷାରେ କଥା କହିବାକୁ ଆରମ୍ଭ କଲେ।
[୫]ସେ ସମୟରେ ପୃଥିବୀର ସବୁ ଦେଶରୁ ଯିହୂଦୀ
ଭକ୍ତମାନେ ଆସି ଯିରୂଶାଲମରେ ରହୁଥିଲେ। [୬]ଏହି ଶବ୍ଦ
ଶୁଣିବା ମାତ୍ରେ ସେମାନଙ୍କ ଭିତରୁ ବହୁତ ଲୋକ ଆସି
ଜମା ହୋଇଗଲେ। ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ,
କାରଣ ସେମାନେ ନିଜେ ଯେଉଁ ଭାଷାରେ କଥା ହେଉଥିଲେ,
ପ୍ରେରିତମାନେ ସେହି ସେହି ଭାଷାରେ କଥା ହେଉଥିବାର
ଶୁଣିଲେ। [୭]ଏଥିରେ ଯିହୂଦୀମାନେ ଆଶ୍ଚର୍ଯ୍ୟ ହୋଇ ପରସ୍ପର
ମଧ୍ୟରେ କଥାବାର୍ତ୍ତା ହେଲେ, “ଦେଖ, ଏହିପରି କଥା
କହୁଥିବା ଏହି ସମସ୍ତ ଲୋକେ ଗାଲିଲୀର ନୁହଁନ୍ତି କି?
[୮]କିନ୍ତୁ ଆମ୍ଭେମାନେ ସେମାନଙ୍କୁ ଆମ୍ଭ ମାତୃଭାଷାରେ କଥା
କହିବାର କିପରି ଶୁଣୁଛୁ? ଏହା କିପରି ସମ୍ଭବ! [୯]ଆମ୍ଭେ
ଏଠାରୁ ଭିନ୍ନଭିନ୍ନ ସ୍ଥାନରୁ ଆସିଛୁ। ପାର୍ଥୀୟ, ମାଦୀୟ, ଓ
ଏଲାମୀୟ ପୁଣି ମେସପତାମିଆର ଲୋକମାନେ, [୧୦]ଏବଂ
ଯିହୂଦା, କାପ୍ପାଦକିଆ, ପନ୍ତ, ଓ ଆସିଆ, ଫ୍ରୁଗିଆ ଓ
ପମ୍ଫୂଲିଆ, ମିଶର ନିବାସୀ, କୂରୀଣୀ ନିକଟବର୍ତ୍ତୀ ଲିବ୍ୟା
ପ୍ରଦେଶ ଲୋକେ, ରୋମ ନଗରରୁ ଆସିଥିବା ତଥା
କ୍ରୀତୀୟ ଓ ଆରବୀୟ ପରିଦର୍ଶକ ଗଣ। ଆମ୍ଭ ଭିତରୁ
କେତେଜଣ ଜନ୍ମରୁ ଯିହୂଦୀ ଏବଂ ଅନ୍ୟକେତେକ ଯିହୂଦୀ
ଧର୍ମଗ୍ରହଣ କରିଥିବା ଲୋକମାନେ। [୧୧]ଆମ୍ଭେ ସମସ୍ତେ ଭିନ୍ନ
ଭିନ୍ନ ଦେଶରୁ ଆସିଛୁ। କିନ୍ତୁ ଆମ୍ଭେ ଏହି ଲୋକମାନଙ୍କଠାରୁ
ଆମ୍ଭ ନିଜ ଭାଷା କହିବାର ଶୁଣୁଛୁ। ସେମାନେ ପରମେଶ୍ୱରଙ୍କର
ମହତ୍ ଓ ଆଶ୍ଚର୍ଯ୍ୟ ପୂର୍ଣ୍ଣ କାର୍ଯ୍ୟକୁ ଆମ୍ଭ ଭାଷାରେ ବର୍ଣ୍ଣନା
କରୁଛନ୍ତି। ଆମ୍ଭେ ଏହା ବୁଝି ପାରୁଛୁ।” [୧୨]ସେମାନେ
ସମସ୍ତେ ଆଶ୍ଚର୍ଯ୍ୟ ଓ ବିଭ୍ରାନ୍ତ ହୋଇ ପଡ଼ିଲେ। ସେମାନେ
ପରସ୍ପର ଭିତରେ ପଚାରାପଚାରି ହେଲେ, “ଏ ସବୁ କ'ଣ
ହେଉଛି?” [୧୩]କିନ୍ତୁ ଅନ୍ୟ ଲୋକମାନେ ପ୍ରେରିତମାନଙ୍କୁ
ଉପହାସ କରି କହିଲେ, “ଏମାନେ ସମସ୍ତେ ମଦପିଇ
ମାତାଲ ହୋଇଛନ୍ତି।”

### ପିତରଙ୍କର ଲୋକମାନଙ୍କୁ ସମ୍ବୋଧନ

[୧୪]ପିତର ସେହି ଏଗାର ଜଣ ପ୍ରେରିତଙ୍କ ସହ ଠିଆହୋଇ
ସେହି ଲୋକମାନଙ୍କୁ ବଡ଼ ପାଟିରେ କହିଲେ, “ହେ
ଯିହୂଦୀୟମାନେ, ହେ ଯିରୂଶାଲମ ବାସିନ୍ଦାମାନେ, ସମସ୍ତେ
ମୋ କଥା ଶୁଣ। [୧୫]ତୁମ୍ଭେମାନେ ଯାହା ଅନୁମାନ କରୁଛ

---

**ପେଣ୍ଟିକଷ୍ଟ** ଯୀହୁଦୀମାନଙ୍କର ଶଷ୍ୟ କାଟିବା ପର୍ବ ଯାହା ନିସ୍ତାର ପର୍ବର ୫୦ ଦିନ ପରେ ଆରମ୍ଭ ହୋଇଥାଏ।

ଯେ, ଏମାନେ ମାତାଲ, ତାହା ନୁହେଁ, କାରଣ ବର୍ତ୍ତମାନ
ତ' ସକାଳ ନ'ଟା ବାଜିଛି। ୧୬ଏବେ ଯାହା ଘଟୁଛି ସେ
ବିଷୟରେ ଭାବବାଦୀ ଯୋୟେଲ କହିଥିଲେ: ପରମେଶ୍ୱର
କହନ୍ତି,

୧୭ 'ମୁଁ ଶେଷ ସମୟରେ ସମସ୍ତଙ୍କ ଉପରେ ମୋର
ଆତ୍ମା ଢ଼ାଳି ଦେବି। ଯାହାଦ୍ୱାରା ତୁମ୍ଭମାନଙ୍କର ପୁଅ
ଝିଅମାନେ ଭବିଷ୍ୟତ ବାଣୀ କହିପାରିବେ। ତୁମ୍ଭମାନଙ୍କର
ଯୁବକମାନେ ଦର୍ଶନ ପାଇବେ, ଓ ବୃଦ୍ଧ ଲୋକମାନେ,
ସ୍ୱପ୍ନ ଦେଖିବେ।
୧୮ ହଁ, ସେତେବେଳେ ମୁଁ ନିଜ ସେବକ ସେବିକାମାନଙ୍କ
ଉପରେ ନିଜ ଆତ୍ମା ଢ଼ାଳି ଦେବି, ସେମାନେ
ଭବିଷ୍ୟତ ବାଣୀ କହିବେ।
୧୯ ମୁଁ ଉପରିସ୍ଥ ଆକାଶରେ ବିସ୍ମୟଜନକ କାର୍ଯ୍ୟ ଓ
ନୀଚସ୍ଥ ପୃଥିବୀରେ ରକ୍ତ, ନିଆଁ, ମେଘ, ଧୂଆଁର
ଚିହ୍ନମାନ ଦେଖାଇବି।
୨୦ ପ୍ରଭୁଙ୍କର ସେହି ମହତ୍ ଓ ପ୍ରସିଦ୍ଧ ଦିନ ଆସିବା
ପୂର୍ବରୁ ସୂର୍ଯ୍ୟ କଳା ଓ ଚନ୍ଦ୍ର ରକ୍ତ ବର୍ଣ୍ଣ ହୋଇଯିବ।
୨୧ ସେତେବେଳେ ଯେ କେହି ପ୍ରଭୁଙ୍କ ନାମ ଉଚ୍ଚାରଣ
କରିବ, ସେ ଉଦ୍ଧାର ପାଇବ।'

ଯୋୟେଲ ୨:୨୮-୩୨

୨୨"ହେ ଇସ୍ରାୟେଲର ଲୋକମାନେ, ଏହି ସବୁ କଥା
ଶୁଣ: ନାଜରିତୀୟ ଯୀଶୁ ଜଣେ ବିଶିଷ୍ଟ ବ୍ୟକ୍ତି ଥିଲେ
ଯାହାଙ୍କୁ ଈଶ୍ୱର ପଠାଇ ଥିଲେ। ଯୀଶୁ ଯେଉଁସବୁ ଶକ୍ତିଶାଳୀ
କାର୍ଯ୍ୟ ଏବଂ ଆଶ୍ଚର୍ଯ୍ୟ ଘଟଣା ସବୁ କରିଥିଲେ, ତାହାଦ୍ୱାରା
ପରମେଶ୍ୱର ତୁମ୍ଭମାନଙ୍କ ନିକଟରେ ଏହା ପ୍ରମାଣିତ କରିଛନ୍ତି।
୨୩ତୁମ୍ଭେମାନେ ସମସ୍ତେ ଏସବୁ ଦେଖିଛ ଓ ଏସବୁ ଯେ
ନିର୍ଘାତ ସତ୍ୟ ତାହା ଜାଣିଛ। ଏହି ଯୀଶୁଙ୍କୁ ପରମେଶ୍ୱରଙ୍କର
ନିଶ୍ଚିତ ଯୋଜନା ଓ ପୂର୍ବ ଜ୍ଞାନ ଅନୁସାରେ ତୁମ୍ଭମାନଙ୍କୁ
ସମର୍ପି ଦିଆ ଯାଇଥିଲା। କିନ୍ତୁ ତୁମ୍ଭେମାନେ ଦୁଷ୍ଟମାନଙ୍କ
ସାହାଯ୍ୟରେ ତାହାଙ୍କୁ କ୍ରୁଶରେ ଚଢ଼େଇ କଣ୍ଟା ବାଡ଼େଇ
ହତ୍ୟା କରିଦେଲ। ୨୪କିନ୍ତୁ ପରମେଶ୍ୱର ଏସବୁ ଘଟିବ
ବୋଲି ଆଗରୁ ଜାଣିଥିଲେ। ସେଥିପାଇଁ ସେ ଯୀଶୁଙ୍କୁ
ମୃତ୍ୟୁର ଯନ୍ତ୍ରଣାରୁ ମୁକ୍ତ କରି ତାହାଙ୍କୁ ପୁଣି ବଞ୍ଚାଇଲେ।
ମୃତ୍ୟୁ ତାହାଙ୍କୁ ବାନ୍ଧି ରଖିପାରିଲାନାହିଁ। ୨୫ଦାଉଦ ତାହାଙ୍କ
ବିଷୟରେ କହିଥିଲେ,

'ମୁଁ ସର୍ବଦା ପ୍ରଭୁଙ୍କୁ ମୋ ସମ୍ମୁଖରେ ଦେଖୁଥିଲି।
ସେ ମୋତେ ନିରାପଦରେ ରଖିବା ପାଇଁ ମୋର
ଡାହାଣ ପାଖରେ ରହନ୍ତି।
୨୬ ଏହା ଦ୍ୱାରା ମୋର ମନ ପ୍ରଫୁଲ୍ଲିତ ହେଲା ଓ ମୋ
ମୁହଁରୁ ଆନନ୍ଦଜନକ କଥା ବାହାରିଲା।
୨୭ ମୋ ଶରୀର ମଧ୍ୟ ଭରସାରେ ବଞ୍ଚି ରହିବ,
ଯେହେତୁ ତୁମ୍ଭେ ମୋର ଆତ୍ମାକୁ ମୃତ୍ୟୁ ସ୍ଥାନରେ
ଛାଡ଼ି ଦେବ ନାହିଁ। ତୁମ୍ଭେ ନିଜର ପବିତ୍ର ବ୍ୟକ୍ତିକୁ
କବରରେ କ୍ଷୟ ହେବାକୁ ଦେବ ନାହିଁ।
୨୮ ତୁମ୍ଭେ ମୋତେ ଜୀବନର ପଥ ଦେଖାଇ ଅଛ।
ତୁମ୍ଭ ଉପସ୍ଥିତିରେ ମୋତେ ବହୁତ ଆନନ୍ଦ ମିଳିବ।'

ଗୀତସଂହିତା ୧୬:୮-୧୧

୨୯"ମୋର ଭାଇମାନେ, ମୁଁ ବିଶ୍ୱାସର ସହିତ ଆମ୍ଭ ପୂର୍ବ
ପୁରୁଷ ଦାଉଦଙ୍କ ବିଷୟରେ ତୁମ୍ଭମାନଙ୍କୁ କହି ପାରିବି।
ସେ ମୃତ୍ୟୁ ବରଣ କରି କବରସ୍ଥ ହୋଇଛନ୍ତି, ଏବଂ
ତାହାଙ୍କର ଏହି କବର ଅଦ୍ୟାବଧି ଆମ୍ଭ ନିକଟରେ ଅଛି।
୩୦ଦାଉଦ ଜଣେ ଭାବବାଦୀ ଥିଲେ। ସେ ଜାଣିଥିଲେ,
ପରମେଶ୍ୱର ତାହାଙ୍କ ପାଖରେ ପ୍ରତିଜ୍ଞା କରିଥିଲେ ଯେ,
ସେ ତାହାଙ୍କ ବଂଶଧର ମଧ୍ୟରୁ ଜଣଙ୍କୁ ତାହାଙ୍କ ସିଂହାସନରେ
ବସାଇବେ। ୩୧ଏଣୁ ଭବିଷ୍ୟତରେ ଯାହା ଘଟିବା,ତାହା
ଦାଉଦ ପୂର୍ବରୁ ଜାଣିପାରି ଖ୍ରୀଷ୍ଟଙ୍କ ସମ୍ପର୍କରେ କହିଥିଲେ,

ତାହାଙ୍କ ମୃତ୍ୟୁର ସ୍ଥାନରେ ଛାଡ଼ି ଦିଆ ଯାଇନାହିଁ ଓ
ତାହାଙ୍କର ଦେହ କବରରେ ପଚିସଢ଼ି ଯାଇନାହିଁ।'

ଦାଉଦ ଏହି ସ୍ଥାନରେ ଯୀଶୁଖ୍ରୀଷ୍ଟଙ୍କର ମୃତମାନଙ୍କ ମଧ୍ୟରୁ
ପୁନରୁତ୍ଥାନ ସମ୍ବନ୍ଧରେ କହିଥିଲେ। ୩୨ଏହି ଯୀଶୁଙ୍କୁ ପରମେଶ୍ୱର
ଯେ ମୃତ୍ୟୁରୁ ଉଠାଇଛନ୍ତି, ଆମ୍ଭେମାନେ ସେଥିରେ ନିଜେ
ସାକ୍ଷୀ ଅଟୁ। ୩୩ଯୀଶୁଙ୍କୁ ସ୍ୱର୍ଗକୁ ଉଠାଇ ନିଆ ଯାଇଛି।
ସେ ବର୍ତ୍ତମାନ ପରମେଶ୍ୱରଙ୍କର ଡାହାଣ ପଟେ ଅଛନ୍ତି।
ପରମ ପିତା ଯୀଶୁଙ୍କୁ ପବିତ୍ରଆତ୍ମା ଦେଇଛନ୍ତି। ପରମେଶ୍ୱର
ଏହି ପବିତ୍ରଆତ୍ମା ଦେବାପାଇଁ ଆଗରୁ ଶପଥ କରିଥିଲେ।
ତେଣୁ ଯୀଶୁ ପବିତ୍ରଆତ୍ମାଙ୍କୁ ଢ଼ାଳି ଦେଉଛନ୍ତି। ବର୍ତ୍ତମାନ
ତୁମ୍ଭେମାନେ ଏହା ଦେଖୁଅଛ ଓ ଶୁଣୁଅଛ। ୩୪ଦାଉଦ ସ୍ୱର୍ଗ
ଆରୋହଣ କରି ନାହାଁନ୍ତି। ଯୀଶୁ ସ୍ୱର୍ଗ ଆରୋହଣ
କରିଥିଲେ। ଦାଉଦ ନିଜେ ଏହିକଥା କହିଛନ୍ତି:

'ପ୍ରଭୁ ମୋର ପ୍ରଭୁଙ୍କୁ କହିଲେ:
୩୫ ମୁଁ ତୁମ୍ଭର ଶତ୍ରୁମାନଙ୍କୁ ତୁମ୍ଭର ପାଦ ତଳକୁ ନ
ଆଣିବା ପର୍ଯ୍ୟନ୍ତ ତୁମ୍ଭେ ମୋର ଡାହାଣ ପଟେ
ବସିଥାଅ।' ଗୀତସଂହିତା ୧୧୦:୧

୩୬"ତେଣୁ ଇସ୍ରାୟେଲର ସମସ୍ତେ ଏହା ଭଲ ଭାବରେ
ଜାଣନ୍ତୁ ଯେ, ଏହି ଯେଉଁ ଯୀଶୁଙ୍କୁ ତୁମ୍ଭେମାନେ କ୍ରୁଶରେ
ବିଦ୍ଧ କରିଛ, ପରମେଶ୍ୱର ତାହାଙ୍କୁ ପ୍ରଭୁ ଓ ମଶୀହ
ପଦରେ ନିଯୁକ୍ତ କରିଛନ୍ତି।"
୩୭ଲୋକମାନେ ଏପ୍ରକାର କଥା ଶୁଣି ବହୁତ ଦୁଃଖିତ
ହେଲେ। ସେମାନେ ପିତର ଓ ଅନ୍ୟ ପ୍ରେରିତମାନଙ୍କୁ
ପଚାରିଲେ, "ଭାଇମାନେ, ଆମ୍ଭେ କ'ଣ କରିବା?"
୩୮ପିତର ସେମାନଙ୍କୁ କହିଲେ, "ତୁମ୍ଭେମାନେ ତୁମ୍ଭମାନଙ୍କର
ହୃଦୟ ଓ ଜୀବନ ପରିବର୍ତ୍ତନ କର। ତୁମ୍ଭମାନଙ୍କ ମଧ୍ୟରୁ
ପ୍ରତ୍ୟେକଙ୍କୁ ନିଜ ପାପ ପାଇଁ କ୍ଷମା ପାଇବା ନିମନ୍ତେ ଯୀଶୁ
ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ନେବାକୁ ପଡ଼ିବ। ତେବେ
ତୁମ୍ଭେମାନେ ପବିତ୍ର ଆତ୍ମାର ଦାନ ପାଇବ। ୩୯ଏହି ପ୍ରତିଜ୍ଞା
ତୁମ୍ଭମାନଙ୍କ ପାଇଁ ଦିଆଯାଇଛି। ଆହୁରି ମଧ୍ୟ ଏହା ତୁମ୍ଭର

ପିଲାମାନଙ୍କ ପାଇଁ ଓ ଯେଉଁମାନେ ବହୁତ ଦୂରରେ ଅଛନ୍ତି
ସେମାନଙ୍କ ପାଇଁ ଦିଆଯାଇଛି। ଯେଉଁମାନଙ୍କୁ ପରମେଶ୍ୱର,
ଆମ୍ଭମାନଙ୍କ ପ୍ରଭୁ, ଡାକନ୍ତି ସେ ସମସ୍ତଙ୍କ ପାଇଁ ଏହି
ପ୍ରତିଜ୍ଞା ଦିଆଯାଇଛି।"
୪୦ପିତର ସେମାନଙ୍କୁ ଚେତନା ଦେଇ କହିଲେ, "ଏହି
ବର୍ତ୍ତମାନ ମନ୍ଦ ଲୋକମାନଙ୍କଠାରୁ ନିଜକୁ ରକ୍ଷାକର।"
୪୧ଯେଉଁମାନେ ତାହାଙ୍କର ଏହି କଥା ଗ୍ରହଣ କଲେ
ସେମାନେ ବାପ୍ତିଜିତ ହେଲେ। ସେଦିନ ସେହି ବିଶ୍ୱାସୀ
ଦଳ ସହିତ ଆହୁରି ପ୍ରାୟ ତିନି ହଜାର ଲୋକ ଯୋଗ
ଦେଲେ। ୪୨ବିଶ୍ୱାସୀ ଲୋକମାନେ ଏକାଠି ମିଳିତ ହେବାକୁ
ଲାଗିଲେ। ପ୍ରେରିତମାନଙ୍କ ଉପଦେଶ ଶୁଣିବାକୁ ସେମାନେ
ସେମାନଙ୍କର ସମୟ ଦେଲେ। ବିଶ୍ୱାସୀମାନେ ପରସ୍ପରର
ସହଭାଗୀ ହେଲେ। ସେମାନେ ରୋଟୀ ବାଣ୍ଟି ଖାଇବାରେ
ଏବଂ ପ୍ରାର୍ଥନା କରିବାରେ ସମୟ ଦେଲେ।

## ବିଶ୍ୱାସୀମାନଙ୍କ ମଧ୍ୟରେ ସହଭାଗୀତା

୪୩ପ୍ରେରିତମାନେ ବହୁତ ଶକ୍ତିଶାଳୀ ଓ ବହୁତ ଆଶ୍ଚର୍ଯ୍ୟପୂର୍ଣ୍ଣ
କାର୍ଯ୍ୟ କରୁଥିଲେ। ପ୍ରତ୍ୟେକ ଲୋକର ପରମେଶ୍ୱରଙ୍କ ପ୍ରତି
ଅତି ଭକ୍ତି ଥିଲା। ୪୪ସମସ୍ତ ବିଶ୍ୱାସୀମାନେ ଏକାଠି ରହିଲେ
ଏବଂ ସେମାନଙ୍କ ପାଖରେ ଯାହା ସବୁ ଥିଲା, ସେଥିରେ
ସମସ୍ତେ ଭାଗୀଦାର ହେଲେ। ୪୫ସେମାନେ ନିଜନିଜର ସବୁ
ସମ୍ପତ୍ତି ଓ ଜିନିଷପତ୍ର ବିକିଦେଲେ, ଓ ସମସ୍ତ ଲୋକମାନଙ୍କୁ
ସେମାନଙ୍କ ନିଜନିଜ ଆବଶ୍ୟକତା ଅନୁସାରେ ବାଣ୍ଟିଦେଲେ।
୪୬ପ୍ରତିଦିନ ସେମାନେ ଏକାଠି ହୋଇ ଉପାସନା ମନ୍ଦିରରେ
ପରସ୍ପରକୁ ଭେଟୁଥିଲେ। ସେ ସମସ୍ତଙ୍କର ଲକ୍ଷ୍ୟ ଏକ
ଥିଲା। ସେମାନେ ସେମାନଙ୍କ ଘରେ ଏକତ୍ର ଖାଉଥିଲେ,
ଏବଂ ଆନନ୍ଦପୂର୍ଣ୍ଣ ହୃଦୟରେ ପରସ୍ପରକୁ ଏଥିର ଅଂଶୀ
କରାଉଥିଲେ। ୪୭ବିଶ୍ୱାସୀମାନେ ପରମେଶ୍ୱରଙ୍କର ପ୍ରଶଂସା
କଲେ। ସବୁ ଲୋକମାନେ ସେମାନଙ୍କୁ ଭଲ ପାଉଥିଲେ।
ପ୍ରତିଦିନ ଅଧିକରୁ ଅଧିକ ଲୋକ ପରିତ୍ରାଣ ପାଉଥିଲେ।
ପରିତ୍ରାଣ ପାଉଥିବା ଲୋକମାନଙ୍କୁ ପ୍ରଭୁ ବିଶ୍ୱାସୀମାନଙ୍କ
ଦଳରେ ସଂଯୁକ୍ତ କରୁଥିଲେ।

## ପିତର ଛୋଟା ଲୋକକୁ ସୁସ୍ଥ କଲେ।

୩ ଦିନେ ପିତର ଓ ଯୋହନ ଏକାଠି ମନ୍ଦିର ପରିସରକୁ
ଗଲେ। ସେତେବେଳେ ଦିନ ତିନିଟା ହୋଇଥିଲା ଓ
ତାହା ପ୍ରତିଦିନର ପ୍ରାର୍ଥନାର ସମୟ ଥିଲା। ୨ସେମାନେ
ଉପାସନା ମନ୍ଦିର ପରିସର ମଧ୍ୟରେ ଯାଉଥିବା ସମୟରେ
ଜଣେ ଲୋକ ସେଠାରେ ଥିଲା। ସେ ଜନ୍ମରୁ ଛୋଟା
ହୋଇଥିବାରୁ ଚାଲିପାରୁ ନ ଥିଲା। ସେମାନେ ତାହାକୁ
ସବୁଦିନ ମନ୍ଦିରରୁ 'ସୁନ୍ଦର ଫାଟକ' ପାଖରେ ବସେଇ
ଦେଉଥିଲେ। ସେ ମନ୍ଦିରକୁ ଯାଉଥିବା ଲୋକମାନଙ୍କ ଠାରୁ
ପଇସା ମାଗୁଥିଲା। ୩ସେ ଯେତେବେଳେ ପିତର ଓ
ଯୋହନଙ୍କୁ ମନ୍ଦିର ଭିତରକୁ ଯିବାର ଦେଖିଲା, ସେତେବେଳେ
ସେ ସେମାନଙ୍କୁ ପଇସା ମାଗିଲା। ୪ଯୋହନ ଓ ପିତର ତା
ଆଡ଼କୁ ଅନାଇ କହିଲେ, "ଆମ୍ଭ ଆଡେ ଚାହଁ।" ୫ସେ
କିଛି ପାଇବା ଆଶାରେ ସେମାନଙ୍କ ଆଡେ ଦେଖିଲା।
୬କିନ୍ତୁ ପିତର କହିଲେ, "ମୋ ପାଖରେ ସୁନା ବା ରୂପା
ନାହିଁ, କିନ୍ତୁ ଯାହା ଅଛି ତାହା ମୁଁ ତୁମ୍ଭକୁ ଦେଉଛି।
ନାଜରିତୀୟ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଉଠ ଓ ଚାଲ।"
୭ଏହା କହି ପିତର ତା'ର ଡାହାଣ ହାତ ଧରି ଉଠେଇଲେ।
ସଙ୍ଗେ ସଙ୍ଗେ ତା' ଗୋଡ଼ ଓ ପାଦ ଶକ୍ତ ହୋଇଗଲା।
୮ସେ ଡେଇଁ ପଡ଼ି ଚାଲିବାକୁ ଆରମ୍ଭ କଲା। ସେ ନାଚିନାଚି
ପରମେଶ୍ୱରଙ୍କୁ ପ୍ରଶଂସା କରି ସେମାନଙ୍କ ସହିତ ଉପାସନା
ମନ୍ଦିରକୁ ଗଲା। ୯ସମସ୍ତେ ତାହାକୁ ଚାଲିବାର ଓ ପରମେଶ୍ୱରଙ୍କର
ପ୍ରଶଂସା କରିବାର ଦେଖିଲେ। ୧୦ଲୋକମାନେ ତାହାକୁ
ଚିହ୍ନିପାରିଲେ ଯେ ଏ ସେହି ଲୋକ ଯିଏ କି ଉପାସନା
ମନ୍ଦିରର 'ସୁନ୍ଦର ଫାଟକ' ପାଖରେ ବସି ଭିକ ମାଗୁଥିଲା।
ସେମାନେ ତାହାର ଏହି ପରିବର୍ତ୍ତନ ଦେଖି ଆଶ୍ଚର୍ଯ୍ୟ
ହୋଇଗଲେ। ଏହା କିପରି ସମ୍ଭବ ହେଲା, ତାହା ସେମାନେ
ବୁଝିପାରୁ ନଥିଲେ।

## ପିତରଙ୍କ ଲୋକମାନଙ୍କୁ ଉପଦେଶ

୧୧ସେ ସୁସ୍ଥ ଲୋକଟି ପିତର ଓ ଯୋହନଙ୍କ ପାଖେ
ପାଖେ ରହିଲା। ତେଣୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇ "ଶଲୋମନଙ୍କ
ମଣ୍ଡପ" ରେ ସେମାନଙ୍କ ପାଖକୁ ଦୌଡ଼ି ଆସିଲେ।
୧୨ତାହା ଦେଖି ପିତର ଲୋକମାନଙ୍କୁ କହିଲେ, "ହେ
ଇସ୍ରାୟେଲର ଲୋକମାନେ, ତୁମ୍ଭେମାନେ ଏହା ଦେଖି
କାହିଁକି ଆଶ୍ଚର୍ଯ୍ୟ ହେଉଅଛ? ତୁମ୍ଭେମାନେ ଆମ୍ଭକୁ ଏପରି
କାହିଁକି ଦେଖୁଛ, ଯେପରିକି ଆମ୍ଭେ ଆମ୍ଭ ଶକ୍ତି ବା ଭକ୍ତି
ବଳରେ ଏହି ଲୋକକୁ ଚାଲିବାକୁ ଦେଲୁ। ୧୩ନା! ପରମେଶ୍ୱର
ଏହା କରିଛନ୍ତି। ସେ ଅବ୍ରାହାମ, ଯିସ୍‌ହାକ ଓ ଯାକୁବଙ୍କ
ପରମେଶ୍ୱର ଅଟନ୍ତି। ସେ ଆମ୍ଭର ସମସ୍ତ ପୂର୍ବ ପୁରୁଷଙ୍କ
ପରମେଶ୍ୱର ଅଟନ୍ତି। ସେ ତାହାଙ୍କ ମହାନ ସେବକ
ଯୀଶୁଙ୍କୁ ଗୌରବାନ୍ୱିତ କରିଅଛନ୍ତି। ମାତ୍ର ତୁମ୍ଭେମାନେ
ଯୀଶୁଙ୍କୁ ମୃତ୍ୟୁଭୋଗ କରିବା ନିମନ୍ତେ ସମର୍ପଣ କରିଦେଲେ।
ପୀଲାତ ଯୀଶୁଙ୍କୁ ମୁକ୍ତ କରିବାକୁ ସ୍ଥିର କରିଥିଲେ, କିନ୍ତୁ
ତୁମ୍ଭେମାନେ ଯୀଶୁଙ୍କୁ ଚାହିଁନାହିଁ ବୋଲି ପୀଲାତଙ୍କୁ କହିଲ।
୧୪ତୁମ୍ଭେମାନେ ଜଣେ ପବିତ୍ର ଓ ଧାର୍ମିକ ଲୋକକୁ ଅସ୍ୱୀକାର
କଲ ଓ ଜଣେ ହତ୍ୟାକାରୀକୁ ତାହାଙ୍କ ବଦଳରେ ତୁମ୍ଭମାନଙ୍କ
ପାଇଁ ମୁକ୍ତ କରିଦେବା ପାଇଁ ଚାହିଁଲ। ୧୫ଜୀବନ ଦାନ
କରୁଥିବା ବ୍ୟକ୍ତିକୁ ତୁମ୍ଭେମାନେ ହତ୍ୟା କଲ, ମାତ୍ର
ପରମେଶ୍ୱର ତାହାଙ୍କୁ ମୃତ୍ୟୁରୁ ଉଠାଇଲେ। ଆମ୍ଭେ ସମସ୍ତେ
ଏହାର ସାକ୍ଷୀ ଆମ୍ଭେମାନେ ବି ଏହା ନିଜ ଆଖିରେ
ଦେଖିଅଛୁ। ୧୬ଏ ଯେଉଁ ଲୋକକୁ ତୁମ୍ଭେମାନେ ଦେଖୁଛ ଓ
ଚିହ୍ନିଛ, ସେ ଯୀଶୁଙ୍କ ନାମରେ ଶକ୍ତି ପାଇ ଚାଲି ପାରିଲା।
ଯୀଶୁଙ୍କ ନାମରେ ଆମ୍ଭମାନଙ୍କର ବିଶ୍ୱାସ ଅଛି। ହିଁ,
କେବଳ ଯୀଶୁଙ୍କ ଉପରେ ଥିବା ବିଶ୍ୱାସ ତାକୁ ସମ୍ପୂର୍ଣ୍ଣ
ରୂପେ ଆରୋଗ୍ୟ କରିଦେଲା ଆଉ ତାହା ତୁମ୍ଭେମାନେ
ଦେଖିଲ।
୧୭"ଭାଇମାନେ, ମୁଁ ଜାଣେ, ଯେ, ତୁମ୍ଭେମାନେ ମଧ୍ୟ
କ'ଣ କରୁଛ, ତାହା ନ ବୁଝି ଯୀଶୁଙ୍କ ପ୍ରତି ଏପରି କଲ।
ତୁମ୍ଭମାନଙ୍କର ନେତାମାନେ ମଧ୍ୟ କ'ଣ କରୁଅଛନ୍ତି, ତାହା
ବୁଝିପାରି ନଥିଲେ। ୧୮ପରମେଶ୍ୱର ଖ୍ରୀଷ୍ଟଙ୍କର ଦୁଃଖ ଭୋଗିବା

ବିଷୟରେ ପୂର୍ବରୁ ସବୁ କଥା ଭାବବାଦୀମାନଙ୍କ ମୁଖଦ୍ୱାରା
କହି ସାରିଥିଲେ। ବର୍ତ୍ତମାନ ପରମେଶ୍ୱର ଏ ସବୁ ଘଟଣା
ଘଟାଉଛନ୍ତି। ୧୯ଏଥିପାଇଁ ତୁମ୍ଭେମାନେ ତୁମ୍ଭମାନଙ୍କର ହୃଦୟ
ଓ ଜୀବନ ପରିବର୍ତ୍ତନ କରି ପରମେଶ୍ୱରଙ୍କ ପାଖକୁ
ଫେରିଆସ, ତେବେ ସେ ତୁମ୍ଭମାନଙ୍କର ପାପସବୁ କ୍ଷମା
କରିଦେବେ। ୨୦ଏପରି କଲେ ପ୍ରଭୁ ତୁମ୍ଭମାନଙ୍କୁ ଆତ୍ମିକ
ଶାନ୍ତି ଦେବେ। ତାହାଙ୍କ ମନୋନୀତ ଖ୍ରୀଷ୍ଟ ଯୀଶୁଙ୍କୁ ମଧ
ସେ ତୁମ୍ଭମାନଙ୍କ ପାଖକୁ ପଠାଇ ଦେବେ। ୨୧ପୁନର୍ବାର
ସମସ୍ତ କାର୍ଯ୍ୟ ସୁସମ୍ପନ୍ନ ହେବା ପର୍ଯ୍ୟନ୍ତ ଯୀଶୁଙ୍କୁ ସ୍ୱର୍ଗରେ
ରହିବାକୁ ପଡିବ। ଏହି ସମୟ ବିଷୟରେ ପରମେଶ୍ୱର
ବହୁତ ଆଗରୁ ଭାବବାଦୀମାନଙ୍କ ମାଧ୍ୟମରେ କହିଛନ୍ତି।
୨୨ମୋଶା କହିଛନ୍ତି, 'ପରମେଶ୍ୱର ତୁମ୍ଭମାନଙ୍କ ପାଇଁ ଜଣେ
ଭାବବାଦୀ ଦେବେ। ସେହି ଭାବବାଦୀ ତୁମ୍ଭମାନଙ୍କ (ଯିହୂଦୀ)
ମଧ୍ୟରୁ ଆସିବେ। ସେ ମୋ' ପରି ହେବେ। ସେ ଯାହା
କହିବେ, ତାହା ତୁମ୍ଭମାନଙ୍କୁ ମାନିବାକୁ ପଡ଼ିବ। ୨୩ଯେଉଁ
ଲୋକ ତାହାଙ୍କ କଥାରି ବାଧ ହେବନାହିଁ ତା'ର ମୃତ୍ୟୁ
ଘଟିବ ଓ ପରମେଶ୍ୱରଙ୍କ ଲୋକମାନଙ୍କ ମଧ୍ୟରୁ ସେ
ବିଚ୍ଛିନ୍ନ କରିଦିଆଯିବ।'* ୨୪ହଁ, ଶାମୁୟେଲ ଓ ତାହାଙ୍କ
ପରେ ଆସିଥିବା ସମସ୍ତ ଭାବବାଦୀମାନେ ଏହି ସମୟ
ବିଷୟରେ ଘୋଷଣା କରିଛନ୍ତି। ୨୫ତୁମ୍ଭେମାନେ ସେହି
ଭାବବାଦୀମାନଙ୍କର ଉତ୍ତରାଧିକାରୀ। ପରମେଶ୍ୱର ତୁମ୍ଭମାନଙ୍କ
ପୂର୍ବପୁରୁଷମାନଙ୍କ ସହିତ ଯେଉଁ ଚୁକ୍ତି କରିଥିଲେ, ତୁମ୍ଭେମାନେ
ମଧ୍ୟ ତାର ଉତ୍ତରାଧିକାରୀ। ସେ ଅବ୍ରାହାମଙ୍କୁ କହିଥିଲେ,
'ତୁମ୍ଭମାନଙ୍କ ସନ୍ତାନମାନଙ୍କ ଦ୍ୱାରା ଜଗତରେ ସବୁ ଲୋକ
ଆଶୀର୍ବାଦ ପାଇବେ।'* ୨୬ପରମେଶ୍ୱର ତୁମ୍ଭମାନଙ୍କୁ ଆଶୀର୍ବାଦ
କରିବାପାଇଁ ପ୍ରଥମେ ଆପଣାର ବିଶେଷ ସେବକ ଯୀଶୁଙ୍କୁ
ପଠାଇଛନ୍ତି। ତୁମ୍ଭେମାନେ ଯେପରି ମନ୍ଦକାର୍ଯ୍ୟରୁ ବିମୁଖ
ହୁଅ, ଏଥିପାଇଁ ସେ ଏପରି କରିଛନ୍ତି।"

### ଯିହୂଦୀଙ୍କ ସଭା ସମ୍ମୁଖରେ ପିତର ଏବଂ ଯୋହନ

୪ ପିତର ଓ ଯୋହନ ଲୋକମାନଙ୍କ ସହ କଥାବାର୍ତ୍ତା
କରୁଥିବା ସମୟରେ କେତେକ ଲୋକ ସେମାନଙ୍କ
ପାଖକୁ ଆସିଲେ। ସେମାନେ ଯାଜକ, ମନ୍ଦିରର ଜଗୁଆଳୀମାନଙ୍କ
ସେନାପତି ଓ କେତେକ ସାଦ୍ଦୂକୀ ଥିଲେ। ୨ସେମାନେ
ରାଗିଯାଇଥିଲେ କାରଣ ପିତର ଓ ଯୋହନ ଲୋକମାନଙ୍କୁ
ଉପଦେଶ ଦେଇଥିଲେ, ଓ ଯୀଶୁଙ୍କ ପୁନରୁତ୍ଥାନ ପରି ସବୁ
ମୃତ ବ୍ୟକ୍ତିମାନଙ୍କର ଯେ ଉତ୍ଥାନ ହେବ, ଏହି କଥା
ଘୋଷଣା କରୁଥିଲେ। ୩ତେଣୁ ସେମାନେ କାରାଗାରରେ
ବନ୍ଦୀ କରିଦେଲେ। ସନ୍ଧ୍ୟା ହୋଇଯାଇ ଥିବାରୁ ସେମାନଙ୍କୁ
ପର ଦିନ ପର୍ଯ୍ୟନ୍ତ ବନ୍ଦୀ କରି ରଖିଲେ। ୪କିନ୍ତୁ ଉପଦେଶ
ଶୁଣିବା ଲୋକମାନଙ୍କ ମଧ୍ୟରୁ ଅନେକ ଲୋକ ସେମାନଙ୍କ
ବାର୍ତ୍ତା ବିଶ୍ୱାସ କଲେ। ତେଣୁ, ବର୍ତ୍ତମାନ ସେଠାରେ ପ୍ରାୟ
ପାଞ୍ଚହଜାର ପୁରୁଷ ବିଶ୍ୱାସୀ ଥିଲେ।

୫ତହିଁ ଆରଦିନ ସେମାନଙ୍କର ନେତାମାନେ, ପ୍ରାଚୀନମାନେ
ଓ ଆଇନର ଶିକ୍ଷକମାନେ ଯିରୁଶାଲମରେ ଏକାଠି ହେଲେ।
୬ସେଠାରେ ହାନାନ ମହାଯାଜକ, କୟାଫା, ଯୋହନ,
ଆଲେକ୍‌ଜାଣ୍ଡାର ଓ ମହାଯାଜକୀୟ ପରିବାରର ସମସ୍ତେ
ମଧ୍ୟ ଉପସ୍ଥିତ ଥିଲେ। ୭ସେମାନେ ପ୍ରେରିତମାନଙ୍କୁ ସାମନାରେ
ଠିଆ କରି ପଚାରିଲେ, "ତୁମ୍ଭେମାନେ କେଉଁ କ୍ଷମତା କିମ୍ବା
କେଉଁ ଅଧିକାରରେ ଏହି କାର୍ଯ୍ୟ କଲ? ତୁମ୍ଭେମାନେ ଏ
ଛୋଟା ଲୋକଟିକୁ କିପରି ସୁସ୍ଥ କରି ପାରିଲ?"
୮ତାପରେ ପିତର ପବିତ୍ର ଆତ୍ମା ଦ୍ୱାରା ପରିପୂର୍ଣ୍ଣ ହୋଇ
ସେମାନଙ୍କୁ କହିଲେ, "ହେ ଲୋକମାନଙ୍କର ନେତାମାନେ
ଓ ପ୍ରାଚୀନ ଲୋକମାନେ! ୯ଏହି ଛୋଟା ଲୋକଟି ପ୍ରତି
କରାଯାଇଥିବା ଉତ୍ତମ କର୍ମରେ କ'ଣ ଆପଣମାନେ ଆମ୍ଭକୁ
ଆଜି ପ୍ରଶ୍ନ ପଚାରୁଛନ୍ତି? ଆପଣମାନେ କ'ଣ ପଚାରୁଛନ୍ତି
ଯେ କେଉଁ ବିଷୟ ଦ୍ୱାରା ସେ ସୁସ୍ଥ ହୋଇପାରିଲା?
୧୦ତେବେ, ତୁମ୍ଭେମାନେ ସମସ୍ତେ ଓ ସମସ୍ତ ଇସ୍ରାୟେଲୀୟ
ଲୋକମାନେ ଏହା ଜାଣିରଖିବା ଉଚିତ ଯେ, ଏହା ନାଜରିତୀୟ
ଯୀଶୁଖ୍ରୀଷ୍ଟଙ୍କ ନାମରେ ଏହି ଲୋକଟି ସୁସ୍ଥ ହୋଇଛି।
ତୁମ୍ଭେମାନେ ସେହି ଯୀଶୁଙ୍କୁ କ୍ରୁଶରେ କଣ୍ଟାବିଦ୍ଧ କରିଛ,
ମାତ୍ର ପରମେଶ୍ୱର ତାହାଙ୍କୁ ମୃତ୍ୟୁର ଉଠାଇଛନ୍ତି। ତାହାଙ୍କ
ଦ୍ୱାରା ଏହି ଛୋଟା ଲୋକଟି ସମ୍ପୂର୍ଣ୍ଣ ଭାବରେ ସୁସ୍ଥ
ହୋଇଛି। ସେ ବର୍ତ୍ତମାନ ତୁମ୍ଭମାନଙ୍କ ସମ୍ମୁଖରେ ଠିଆ
ହୋଇଛି। ୧୧ଯୀଶୁ ହେଉଛନ୍ତି

> 'ସେହି ପଥର ଯାହାଙ୍କୁ ତୁମ୍ଭେ, ଅତଏବ ନିର୍ମାଣ
> କର୍ତ୍ତାମାନେ, ହେୟଜ୍ଞାନ କରି ଥିଲ। କିନ୍ତୁ ସେହି
> ପଥର ଆଜି ମୁଖ୍ୟପଥର ହୋଇ ପାରିଛି।'
>
> ଗୀତସଂହିତା ୧୧୮:୨୨

୧୨ତାହାଙ୍କ ବ୍ୟତୀତ ଅନ୍ୟ କାହା ପାଖରେ ଉଦ୍ଧାର ନାହିଁ,
କାରଣ ଏହି ଆକାଶ ତଳେ ଦିଆଯାଇଥିବା ଅନ୍ୟ କୌଣସି
ନାମ ନାହିଁ ଯାହା ଦ୍ୱାରା କି ଆମ୍ଭେ ଉଦ୍ଧାର
ପାଇପାରିବା।"
୧୩ସେମାନେ ଯେତେବେଳେ ପିତର ଓ ଯୋହନଙ୍କର
ଏପରି ସାହସ ଦେଖିଲେ ଓ ଜାଣି ପାରିଲେ ଯେ
ସେମାନେ ଅଶିକ୍ଷିତ ଓ ସାଧାରଣ ଲୋକ, ସେମାନେ
ବହୁତ ଆଶ୍ଚର୍ଯ୍ୟ ହେଲେ। ସେମାନେ ଏହା ମଧ୍ୟ ବୁଝିପାରିଲେ
ଯେ, ସେମାନେ ଯୀଶୁଙ୍କ ସାଙ୍ଗରେ ଥିଲେ। ୧୪ସେମାନେ
ଦେଖିଲେ, ସେହି ଛୋଟା ଲୋକଟି ସୁସ୍ଥ ହୋଇ ପ୍ରେରିତମାନଙ୍କ
ପାଖରେ ଠିଆ ହୋଇଛି। ତେଣୁ ସେମାନେ ପ୍ରେରିତମାନଙ୍କ
ବିରୁଦ୍ଧରେ କିଛି କହିପାରିଲେ ନାହିଁ। ୧୫ସେମାନଙ୍କୁ ସଭାରୁ
ଚାଲିଯିବା ପାଇଁ ଆଦେଶ ଦେଲେ। ତା'ପରେ ନେତାମାନେ
କ'ଣ କରିବେ, ସେ ବିଷୟରେ ପରସ୍ପର ମଧ୍ୟରେ କଥାବାର୍ତ୍ତା
ହେଲେ। ୧୬ସେମାନେ କହିଲେ, "ଏ ଲୋକମାନଙ୍କ ପ୍ରତି
ଆମ୍ଭେ କ'ଣ କରିବା? ଯିରୁଶାଲମର ପ୍ରତ୍ୟେକ ଲୋକ
ଜାଣିଛନ୍ତି ଯେ, ସେମାନେ ଗୋଟିଏ ଅସାଧାରଣ କାର୍ଯ୍ୟ
କରିଛନ୍ତି। ଆମ୍ଭେ ଏହା ଅସ୍ୱୀକାର କରିପାରିବା ନାହିଁ।
୧୭ଆମ୍ଭେ ସେମାନଙ୍କୁ ଯୀଶୁଙ୍କ ବିଷୟରେ କିଛି ନ କହିବାପାଇଁ

---

**'ପରମେଶ୍ୱର ... କରିଦିଆଯିବ'** ଦ୍ୱିତୀୟ ବିବରଣୀ ୧୮:୧୫,୧୯
**'ତୁମ୍ଭମାନଙ୍କ ... ପାଇବେ।'** **ଆଦିପୁସ୍ତକ** ୨୨:୧୮; ୨୬:୪

ଭୟ ଦେଖାଇବା। ଫଳରେ, ଲୋକମାନଙ୍କ ମଧ୍ୟରେ ଏକଥା ଅଧିକ ବ୍ୟାପି ପାରିବ ନାହିଁ।"

୧୮ତେଣୁ ସେମାନେ ପ୍ରେରିତମାନଙ୍କୁ ଭିତରକୁ ଡାକିଲେ ଓ ଯୀଶୁଙ୍କ ନାମରେ କୌଣସି କଥା ବା ଉପଦେଶ ନ ଦେବାପାଇଁ ଆଦେଶ ଦେଲେ। ୧୯କିନ୍ତୁ ଯୋହନ ଓ ପିତର ସେମାନଙ୍କୁ ଉତ୍ତର ଦେଲେ, "ପରମେଶ୍ୱରଙ୍କ ଆଜ୍ଞା ଅପେକ୍ଷା ତୁମ୍ଭମାନଙ୍କର ଆଜ୍ଞା ପାଳନ କରିବା ଆମ୍ଭର ଉଚିତ କି ନାହିଁ, ତାହା ତୁମ୍ଭେମାନେ ବିଚାର କର। ୨୦ଆମ୍ଭେ ଯାହା ଦେଖିଛୁ ଓ ଯାହା ଶୁଣିଛୁ ତାହା ଲୋକମାନଙ୍କୁ ନ କହି ରହିପାରିବୁ ନାହିଁ।" ୨୧-୨୨ସେମାନେ ପ୍ରେରିତମାନଙ୍କୁ ଦଣ୍ଡ ଦେବାପାଇଁ ବାଟ ପାଇଲେ ନାହିଁ, କାରଣ ଲୋକେ ଏ ଘଟଣା ପାଇଁ ପରମେଶ୍ୱରଙ୍କର ଗୁଣଗାନ କରୁଥିଲେ। ତେଣୁ ସେ ସେମାନଙ୍କୁ ଆଉ ଥରେ ଭୟ ଦେଖାଇଲେ ଏବଂ ସେମାନଙ୍କୁ ମୁକ୍ତ କରିଦେଲେ। ଏହି ଅସାଧାରଣ କାର୍ଯ୍ୟ ପରମେଶ୍ୱରଙ୍କର ଗୋଟିଏ ପ୍ରମାଣ ଥିଲା। (ସୁସ୍ଥ ହୋଇଥିବା ଲୋକଟିର ବୟସ ଚାଳିଶି ବର୍ଷରୁ ଅଧିକ ଥିଲା)।

### ପିତର ଓ ଯୋହନ ବିଶ୍ୱାସୀମାନଙ୍କ ପାଖକୁ ଫେରିଆସିଲେ

୨୩ପିତର ଓ ଯୋହନ ଯିହୂଦୀ ନେତାମାନଙ୍କ ସଭା ଛାଡ଼ି ନିଜନିଜ ବନ୍ଧୁମାନଙ୍କ ପାଖକୁ ଆସିଲେ। ମୁଖ୍ୟ ଯାଜକମାନେ ଏବଂ ପ୍ରାଚୀନ ନେତାମାନେ ସେମାନଙ୍କୁ ଯାହା ସବୁ କହିଥିଲେ, ସେ ସବୁ କଥା ନିଜ ଦଳର ଲୋକଙ୍କୁ କହିଲେ। ୨୪ଯେତେବେଳେ ବିଶ୍ୱାସୀମାନେ ସମସ୍ତେ ଏହା ଶୁଣିଲେ, ସେମାନେ ଏକ ମନରେ ମିଳିତ ଭାବେ ପ୍ରାର୍ଥନା କଲେ, "ହେ ପ୍ରଭୁ, ତୁମ୍ଭେ ଆକାଶ, ପୃଥିବୀ, ସମୁଦ୍ର ଓ ସେଥିରେ ଥିବା ସବୁ କିଛି ସୃଷ୍ଟି କରିଛ। ୨୫ଆମ୍ଭମାନଙ୍କର ପୂର୍ବପୁରୁଷ ଦାଉଦ ତୁମ୍ଭର ସେବକ ଥିଲେ। ସେ ପବିତ୍ରଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ ଏହି କଥା ଲେଖିଛନ୍ତି,

'ଏହି ଜାତିର ଲୋକେ କାହିଁକି କଳି କରୁଛନ୍ତି? ଏ
ଜଗତରେ ଲୋକେ କାହିଁକି ପରମେଶ୍ୱରଙ୍କ ବିରୁଦ୍ଧରେ
କୁମନ୍ତ୍ରଣା କରୁଛନ୍ତି? ଏହା ସବୁ ନିରର୍ଥକ।
୨୬ ପୃଥିବୀର ରାଜାମାନେ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଲେ
ଓ ଶାସକମାନେ ପ୍ରଭୁ ଓ ଖ୍ରୀଷ୍ଟଙ୍କ ବିରୁଦ୍ଧରେ ଠିଆ
ହେଲେ।' ଗୀତସଂହିତା ୨:୧-୨

୨୭ଯେତେବେଳେ ହେରୋଦ, ପନ୍ତିୟ ପୀଲାତ, ଇସ୍ରାୟେଲ ଅନ୍ୟଦେଶୀୟମାନେ ମିଳିତ ହୋଇ ଏହି ସହରରେ ଜମା ହୋଇ ତୁମ୍ଭର ପବିତ୍ର ସେବକ ଯୀଶୁଙ୍କ ବିରୁଦ୍ଧରେ ଠିଆ ହେଲେ ସେତେବେଳେ ଏହା ପ୍ରକୃତରେ ସଫଳ ହେଲା। ସେହି ଯୀଶୁଙ୍କୁ ତୁମ୍ଭେ ଖ୍ରୀଷ୍ଟ ରୂପେ ମନୋନୀତ କରିଥିଲ। ୨୮ଏହି ଯେଉଁ ଲୋକମାନେ ଯୀଶୁଙ୍କ ବିରୁଦ୍ଧରେ ଏକତ୍ର ମନ୍ତ୍ରଣା କଲେ ସେମାନେ ତୁମ୍ଭର ଯୋଜନାକୁ ସଫଳ କଲେ। ତୁମ୍ଭର ଇଚ୍ଛା ଓ ଶକ୍ତି ଅନୁସାରେ ଏହା ଘଟିଲା। ୨୯ହେ ପ୍ରଭୁ, ବର୍ତ୍ତମାନ ସେମାନେ କ'ଣ କହୁଅଛନ୍ତି, ତାହା ଶୁଣ। ସେମାନେ ଆମ୍ଭମାନଙ୍କୁ ଭୟ ଦେଖାଉଛନ୍ତି। ପ୍ରଭୁ, ଆମ୍ଭେମାନେ ତୁମ୍ଭର ସେବକ ଅଟୁ, ତେଣୁ ତୁମ୍ଭେ ଯାହା ଚାହଁ, ତାହା ନିର୍ଭୟରେ କହିବା ପାଇଁ ଆମ୍ଭକୁ ସାହାଯ୍ୟ କର। ୩୦ତୁମ୍ଭର ଶକ୍ତି ଆମ୍ଭକୁ ଦେଖାଅ, ଯଦ୍ଦ୍ୱାରା ଆମ୍ଭେ ସାହସର ସହିତ ତୁମ୍ଭର ପବିତ୍ର ସେବକ ଯୀଶୁଙ୍କ ନାମରେ ରୋଗୀମାନଙ୍କୁ ସୁସ୍ଥ କରିବା, ନାନାଦି ଚିହ୍ନ ଦେଖାଇବା ଓ ଆଶ୍ଚର୍ଯ୍ୟକାର୍ଯ୍ୟମାନ କରିପାରିବା।"

୩୧ପ୍ରାର୍ଥନା ସରିବା ପରେ ଯେଉଁ ପ୍ରାର୍ଥନା ଘରେ, ସମସ୍ତେ ଏକାଠି ହୋଇଥିଲେ, ସେହି ଘର କମ୍ପି ଉଠିଲା। ସେମାନେ ସମସ୍ତେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇଗଲେ, ଓ ପରମେଶ୍ୱରଙ୍କର ବାର୍ତ୍ତା ସାହସର ସହିତ କହିବାକୁ ଲାଗିଲେ।

### ବିଶ୍ୱାସୀମାନଙ୍କର ପରସ୍ପର ସହଭାଗିତା

୩୨ବିଶ୍ୱାସୀକାରୀମାନଙ୍କର ଏକ ମନ, ଏକ ଆତ୍ମା ଥିଲା। ସେମାନଙ୍କ ମଧ୍ୟରୁ କେହି କୌଣସି ଜିନିଷକୁ ନିଜର ବୋଲି କହୁ ନ ଥିଲେ। ସେମାନଙ୍କ ପାଖରେ ଯାହା ଥିଲା, ସେଥିରେ ସମସ୍ତେ ଭାଗୀଦାର ଥିଲେ। ୩୩ପ୍ରଭୁ ଯୀଶୁ ଯେ ପ୍ରକୃତରେ ମୃତମାନଙ୍କ ମଧ୍ୟରୁ ଉଠିଅଛନ୍ତି, ଏହା ପ୍ରେରିତମାନେ ମହାଶକ୍ତିର ସହିତ ସାକ୍ଷ୍ୟ ଦେଲେ। ପରମେଶ୍ୱର ସମସ୍ତ ବିଶ୍ୱାସୀଙ୍କୁ ବହୁତ ଆଶୀର୍ବାଦ କଲେ। ୩୪ସେମାନଙ୍କ ମଧ୍ୟରେ କାହାର କିଛି ଅଭାବ ନ ଥିଲା। ଯାହାର ଘର ବା ଜମି ଥିଲା, ସେ ତାହାକୁ ବିକ୍ରି କରି ଦେଉଥିଲା। ୩୫ସେମାନେ ସେହି ଧନ ପ୍ରେରିତମାନଙ୍କ ପାଦତଳେ ରଖି ଦେଉଥିଲେ। ପ୍ରତ୍ୟେକଙ୍କ ନିଜ ଆବଶ୍ୟକତା ଅନୁସାରେ ଟଙ୍କା ବଣ୍ଟାଗଲା।

୩୬ଯୋସେଫ ନାମରେ ଜଣେ ବିଶ୍ୱାସୀ ଥିଲେ। ପ୍ରେରିତମାନେ ତାହାଙ୍କୁ "ବର୍ଣ୍ଣବ୍ବା" ନାମରେ ଡାକୁ ଥିଲେ। (ଏହି ନାମର ଅର୍ଥ, "ସାହାଯ୍ୟକାରୀ") ସେ କୁପ୍ରୀୟ ଜାତିର ଜଣେ ଲେବୀୟ ଥିଲେ। ୩୭ଯୋସେଫଙ୍କର ଖଣ୍ଡିଏ କ୍ଷେତ ଥିଲା। ସେ ତାହାକୁ ବିକ୍ରି କରିଦେଲେ ଓ ବିକ୍ରୀଲବ୍ଧ ସମସ୍ତ ଟଙ୍କା ଆଣି ପ୍ରେରିତମାନଙ୍କୁ ଦେଇଦେଲେ।

### ହନନିୟ ଓ ଶଫୀରା

୫ ହନନିୟ ନାମକ ଜଣେ ଲୋକଥିଲେ, ତାହାଙ୍କ ସ୍ତ୍ରୀଙ୍କର ନାମ ଥିଲା ଶଫୀରା, ତାହାଙ୍କର କିଛି ଜମି ବିକ୍ରି କରିଦେଲେ। ୨ସେ ତା ସ୍ତ୍ରୀକୁ ଜଣାଇ ତା'ର ସମ୍ମତିରେ ଏହି ସମ୍ପତ୍ତି ବିକ୍ରିର କିଛି ଟଙ୍କା ନିଜ ପାଖରେ ରଖିଲା ଓ ବାକିଟଙ୍କା ଆଣି ପ୍ରେରିତମାନଙ୍କ ଚରଣରେ ରଖିଲା। ୩ଏହା ଦେଖି ପିତର କହିଲେ, "ହେ ହନନିୟ, ତୁମ୍ଭେ କାହିଁକି ଶୟତାନକୁ ତୁମ୍ଭ ହୃଦୟକୁ ନିୟନ୍ତ୍ରଣ କରିବାକୁ ଦେଲ? ତୁମ୍ଭେ ମିଛ କହିଲ, ପବିତ୍ରଆତ୍ମାଙ୍କୁ ଠକିବାକୁ ଚେଷ୍ଟା କଲ; ତୁମ୍ଭେ ସମ୍ପତ୍ତି ବିକ୍ରି କଲ, କିନ୍ତୁ କାହିଁକି ସେହି ଟଙ୍କାର କିଛି ଅଂଶ ନିଜ ପାଇଁ ଲୁଚାଇ ରଖିଲ। ୪ସେ ସମ୍ପତ୍ତି କ'ଣ ବିକ୍ରି ପୂର୍ବରୁ ତୁମ୍ଭର ନ ଥିଲା? ବିକ୍ରି ପରେ ସେ ସମ୍ପତ୍ତିର ମୂଲ୍ୟ କ'ଣ ତୁମ୍ଭ ଅଧିକାରରେ ନଥିଲା? ତେବେ ତୁମ୍ଭେ ମନ ଭିତରେ ଏପରି ଖରାପ କଥା କାହିଁକି ଭାବିଲ? ଏହା ଦ୍ୱାରା ତୁମ୍ଭେ ମନୁଷ୍ୟମାନଙ୍କ ଆଗରେ ମିଥ୍ୟା କହିଲ ନାହିଁ ବରଂ ତୁମ୍ଭେ ପରମେଶ୍ୱରଙ୍କୁ ମିଥ୍ୟା କହିଲ।" ୫ଏକଥା ଶୁଣିବା ମାତ୍ରେ

ହନନୀୟ ଭୂମିରେ ପଡ଼ି ମରିଗଲା। ଏ କଥା ଶୁଣି
ଲୋକମାନେ ବହୁତ ଡ଼ରିଗଲେ। ୬ତା'ପରେ ଯୁବକମାନେ
ତାହାକୁ ଲୁଗାରେ ଗୁଡେଇ ନେଇ ବାହାରକୁ ଚାଲିଗଲେ ଓ
କବର ଦେଇଦେଲେ।

୭ପ୍ରାୟ ତିନିଘଣ୍ଟା ବିତିଗଲା ପରେ ତା' ସ୍ତ୍ରୀ ଶଫୀରା
ସେଠାରେ ପହଞ୍ଚିଲା। ସେ ଏହି ଘଟଣା ବିଷୟରେ କିଛି
ମଧ ଜାଣି ନ ଥିଲା। ୮ପିତର ତାହାକୁ ପଚାରିଲେ,
"ମୋତେ କୁହ, ତୁମ୍ଭେ ତୁମ୍ଭ ଜମି ସେତିକି ଦାମ୍‌ରେ ବିକ୍ରି
କରିଛ କି?"

ସେ ଉତ୍ତର ଦେଲା, "ହଁ, ସେହି ଦାମରେ।"

୯ତାପରେ ପିତର କହିଲେ, "ତୁମ୍ଭେମାନେ ଦୁହେଁ
ପ୍ରଭୁଙ୍କ ଆତ୍ମାକୁ ପରୀକ୍ଷା କରିବା ପାଇଁ କାହିଁକି ଏକମତ
ହେଲ? ଦେଖ, ଯେଉଁମାନେ ତୁମ୍ଭର ସ୍ୱାମୀକୁ କବର
ଦେଇଛନ୍ତି, ସେମାନେ ଦ୍ୱାର ପାଖରେ ପହଞ୍ଚିଗଲେଣି।
ତୁମ୍ଭକୁ ମଧ ସେମାନେ ବାହାରକୁ ଟାଣି ନେଇଯିବେ।"
୧୦ସେ ସ୍ତ୍ରୀ ଲୋକଟି ମଧ ତାହାଙ୍କ ପାଦତଳେ ପଡ଼ି
ମରିଗଲା। ତା'ପରେ ଯୁବକମାନେ ଭିତରକୁ ଆସିଲେ, ଓ
ତାହାକୁ ମୃତ ଦେଖି ବାହାରକୁ ନେଇଗଲେ ଓ ତାହାର
ସ୍ୱାମୀ ପାଖରେ ତାହାକୁ କବର ଦେଲେ। ୧୧ମଣ୍ଡଳୀର
ସମସ୍ତ ବିଶ୍ୱାସୀ ଓ ଅନ୍ୟ ସମସ୍ତ ଲୋକ, ଯେଉଁମାନେ ଏ
କଥା ଶୁଣିଲେ, ବହୁତ ଭୟଭୀତ ହେଲେ।

## ପରମେଶ୍ୱରଙ୍କଠାରୁ ପ୍ରମାଣ

୧୨ପ୍ରେରିତମାନଙ୍କ ଦ୍ୱାରା ଲୋକମାନଙ୍କ ମଧରେ ବହୁତ
ଗୁଡିଏ ଚିହ୍ନ ଓ ଆଶ୍ଚର୍ଯ୍ୟ କାର୍ଯ୍ୟମାନ କରାଗଲା। ସେମାନେ
ସମସ୍ତେ ଗୋଟିଏ ଉଦ୍ଦେଶ୍ୟରେ ଶଲୋମନଙ୍କ ମଣ୍ଡପରେ
ଏକାଠି ହେଲେ। ୧୩ସେମାନଙ୍କ ସହିତ ଏକତ୍ର ଠିଆ
ହେବାପାଇଁ କେହି ହେଲେ ସାହସ କଲେ ନାହିଁ। ସବୁଲୋକ
ପ୍ରେରିତମାନଙ୍କର ଖୁବ୍ ପ୍ରଶଂସା କଲେ। ୧୪ଉଭୟ ପୁରୁଷ
ଓ ସ୍ତ୍ରୀ ଅଧିକରୁ ଅଧିକ ପ୍ରଭୁଙ୍କୁ ବିଶ୍ୱାସ କଲେ।
ସେମାନେ ବିଶ୍ୱାସୀଙ୍କ ଦଳରେ ସଂଯୁକ୍ତ ହେଲେ। ୧୫ତେଣୁ
ଲୋକମାନେ ରୋଗୀମାନଙ୍କୁ ରାସ୍ତାକୁ ବହି ଆଣିଲେ, ଯେପରିକି
ପିତରଙ୍କ ଛାଇ ଯିବା ଆସିବା ସମୟରେ ରୋଗୀମାନଙ୍କ
ଉପରେ ପଡି ପାରିବ। ଏହାଦ୍ୱାରା ସେହି ରୋଗୀମାନେ
ସୁସ୍ଥ ହୋଇପାରିବେ। ୧୬ଯିରୂଶାଲମରେ ଆଖପାଖ
ସହରଗୁଡିକରୁ ଲୋକମାନେ ସେମାନଙ୍କ ରୋଗୀମାନଙ୍କୁ ଓ
ଯେଉଁମାନେ ଭୁତମାନଙ୍କ ଦ୍ୱାରା ବ୍ୟତିବ୍ୟସ୍ତ ହେଉଥିଲେ,
ସେମାନଙ୍କୁ ନେଇ ଆସୁଥିଲେ ଓ ସମସ୍ତେ ସୁସ୍ଥ
ହୋଇଯାଉଥିଲେ।

## ଯିହୂଦୀ ମାନଙ୍କର ପ୍ରେରିତମାନଙ୍କୁ କ୍ଷାନ୍ତ କରିବାକୁ ଚେଷ୍ଟା

୧୭ମହାଯାଜକ ଓ ତାହାଙ୍କର ସବୁ ବନ୍ଧୁମାନେ, (ସାଦ୍ଦୂକୀ
ଦଳ) ଈର୍ଷାନ୍ୱିତ ହୋଇ ସେମାନଙ୍କ ବିରୁଦ୍ଧରେ ଠିଆହେଲେ।
୧୮ସେମାନେ ପ୍ରେରିତମାନଙ୍କୁ ବନ୍ଦୀକରି କାରାଗାରରେ ରଖିଲେ।
୧୯କିନ୍ତୁ ପ୍ରଭୁଙ୍କର ଜଣେ ସ୍ୱର୍ଗଦୂତ ରାତିରେ ସେହି କାରାଗାରର
କବାଟ ଖୋଲି ସେମାନଙ୍କୁ ବାହାର କରିଦେଲେ ଓ
କହିଲେ, ୨୦"ତୁମ୍ଭେମାନେ ମନ୍ଦିରକୁ ଯାଇ, ଠିଆ ହୁଅ ଓ
ଲୋକମାନଙ୍କୁ ପ୍ରଭୁ ଯୀଶୁଙ୍କ ଦତ୍ତ ଏହି ନୂତନ ଜୀବନ
ବିଷୟରେ କୁହ।" ୨୧ଏହାଶୁଣି ପ୍ରେରିତମାନେ ସକାଳୁ
ମନ୍ଦିରକୁ ଯାଇ ଲୋକମାନଙ୍କୁ ଉପଦେଶ ଦେଲେ।

ଏହି ସମୟରେ ମହାଯାଜକ ଓ ତାହାଙ୍କର ବନ୍ଧୁମାନେ
ସେହି ମନ୍ଦିରର ଅନ୍ୟ ପାଖରେ ପହଞ୍ଚି ଇସ୍ରାୟେଲର
ବିଶିଷ୍ଟ ଲୋକମାନଙ୍କର ଏକ ସଭା ଡାକିଲେ। ସେମାନେ
ପ୍ରେରିତମାନଙ୍କୁ କାରାଗାରରୁ ଆଣିବା ପାଇଁ କିଛି ଲୋକଙ୍କୁ
ପଠାଇଲେ। ୨୨କିନ୍ତୁ ସେହି ଲୋକମାନେ କାରାଗାରରେ
ପ୍ରେରିତମାନଙ୍କୁ ନପାଇ ଫେରିଗଲେ ଓ ଯାଇ ସେମାନଙ୍କୁ
ଏହି ଖବର ଦେଲେ, ୨୩"ଆମ୍ଭେ କାରାଗାରରେ ଭଲ
ଭାବରେ ତାଲା ପଡ଼ିଥିବାର ଦେଖିଲୁ ଓ ଜଗୁଆଳୀମାନଙ୍କୁ
ଦ୍ୱାର ପାଖରେ ଠିଆ ହେବାର ମଧ ଦେଖିଲୁ। କିନ୍ତୁ
ଆମ୍ଭେ ଯେତେବେଳେ କାରାଗାର ଖୋଲି ଦେଖିଲୁ,
ସେତେବେଳେ ସେଠାରେ କେହି ନଥିଲେ।" ୨୪ଏକଥା
ଶୁଣି ମନ୍ଦିରର ସେନାପତି ଓ ମହାଯାଜକ ବିବ୍ରତ ହୋଇପଡ଼ିଲେ
ଓ "ଏହାର ପରିଣାମ କ'ଣ ହେବ, ଏହା ଭାବି ସମସ୍ତେ
ହତବୁଦ୍ଧି ହେଲେ।" ୨୫ଠିକ୍ ସେହି ସମୟରେ ଜଣେ ଆସି
ସେମାନଙ୍କୁ କହିଲା, "ତୁମ୍ଭେମାନେ ଯେଉଁମାନଙ୍କୁ କାରାଗାରରେ
ବନ୍ଦୀ କରି ରଖିଥିଲ ସେମାନେ ମନ୍ଦିରରେ ଠିଆ ହୋଇ
ଲୋକମାନଙ୍କୁ ଉପଦେଶ ଦେଉଛନ୍ତି।" ୨୬ତେଣୁ ସେନାପତି
ସେହି ଲୋକମାନଙ୍କୁ ସାଙ୍ଗରେ ନେଇ ପ୍ରେରିତମାନଙ୍କୁ
ନେଇ ଆସିଲେ। ସେମାନେ ପ୍ରେରିତମାନଙ୍କୁ ଜୋର ଜବରଦସ୍ତି
କରି ଆଣିଲେ ନାହିଁ କାରଣ ସେମାନେ ଭୟ କଲେ, ଯଦି
ସେମାନେ ଏପରି କରିବେ, ତେବେ ଲୋକମାନେ ହୁଏତ
ସେମାନଙ୍କୁ ପଥର ଫୋପାଡିବେ।

୨୭ସେମାନେ ପ୍ରେରିତମାନଙ୍କୁ ଭିତରକୁ ଆଣି ମହାସଭାରେ
ଉପସ୍ଥିତ କରାଇଲେ। ତା'ପରେ ମହାଯାଜକ ସେମାନଙ୍କୁ
ପଚାରିଲେ, ୨୮"ଆମ୍ଭେ ତୁମ୍ଭମାନଙ୍କୁ ଯୀଶୁଙ୍କନାମରେ ଶିକ୍ଷା
ନ ଦେବାପାଇଁ କଠୋର ଆଦେଶ ଦେଇଥିଲୁ କିନ୍ତୁ
ତୁମ୍ଭେମାନେ ନିଜନିଜ ଶିକ୍ଷା ଦ୍ୱାରା ଯିରୂଶାଲମକୁ ପୂର୍ଣ୍ଣ
କରିଦେଇଛ। ତୁମ୍ଭେମାନେ ଏଲୋକର ମୃତ୍ୟୁ ଦୋଷ
ଆମ୍ଭମାନଙ୍କ ଉପରେ ଲଦି ଦେବାପାଇଁ ଚାହୁଁଛ।"

୨୯ପିତର ଓ ଅନ୍ୟ ପ୍ରେରିତମାନେ ଉତ୍ତର ଦେଲେ,
"ଆମ୍ଭେମାନେ ମନୁଷ୍ୟମାନଙ୍କ ଆଜ୍ଞା ଅପେକ୍ଷା ପରମେଶ୍ୱରଙ୍କ
ଆଜ୍ଞା ନିଶ୍ଚୟ ମାନିବୁ। ୩୦ତୁମ୍ଭେମାନେ ଯେଉଁ ଯୀଶୁଙ୍କୁ
କ୍ରୁଶରେ ଝୁଲେଇ ହତ୍ୟା କରିଛ ତାହାଙ୍କୁ ଆମ୍ଭ ପିତୃପୁରୁଷ
ମାନଙ୍କର ପରମେଶ୍ୱର ମୃତ୍ୟୁରୁ ଉଠାଇଛନ୍ତି। ୩୧ପରମେଶ୍ୱର
ଇଶ୍ରାୟେଲର ଲୋକମାନଙ୍କ ହୃଦୟ ଓ ଜୀବନ ପରିବର୍ତ୍ତନ
କରିବା ପାଇଁ ତାହାଙ୍କୁ ନେତା ଓ ଉଦ୍ଧାରକର୍ତ୍ତା କରି ନିଜ
ଡାହାଣ ପଟେ ସ୍ଥାପିତ କରିଛନ୍ତି। ୩୨ଆମ୍ଭେ ସମସ୍ତେ ଏ
ଘଟଣାଗୁଡିକର ସାକ୍ଷୀ। ପବିତ୍ର ଆତ୍ମା ମଧ୍ୟ ଏ ଘଟଣାଗୁଡିକର
ସାକ୍ଷୀ। ପରମେଶ୍ୱର ନିଜର ଆଜ୍ଞା ମାନୁଥିବା ଲୋକମାନଙ୍କୁ
ପବିତ୍ର ଆତ୍ମାଙ୍କୁ ଦେଇଛନ୍ତି। ସେମାନେ ମଧ ଏହାର
ସାକ୍ଷୀ।"

୩୩ଯିହୂଦୀୟ ନେତାମାନେ ଏକଥା ଶୁଣି ଭୀଷଣ ରାଗିଗଲେ
ଓ ପ୍ରେରିତମାନଙ୍କୁ ହତ୍ୟା କରବାପାଇଁ ଯୋଜନା କଲେ।

୩୪କିନ୍ତୁ ସେହି ସଭାରେ ଆଇନ ଶିକ୍ଷକ ଗମଲୀୟେଲ
ନାମକ ଜଣେ ସମ୍ମାନଜନକ ଫାରୂଶୀ ଠିଆହୋଇ ପ୍ରେରିତମାନଙ୍କୁ
କିଛି ସମୟ ପାଇଁ ବାହାରକୁ ଯିବାପାଇଁ ଆଦେଶ ଦେଲେ।
୩୫ତାପରେ ସେ ସେମାନଙ୍କୁ କହିଲେ, "ହେ ଇଶ୍ରାୟେଲର
ଲୋକମାନେ, ତୁମ୍ଭେମାନେ ଏହି ଲୋକମାନଙ୍କ ପାଇଁ ଯାହା
କରିବାକୁ ଯାଉଛ ସେଥିପାଇଁ ସାବଧାନ ରୁହ। ୩୬ଏହା
ପୂର୍ବରୁ ଥିଉଦା ନାମକ ଜଣେ ଲୋକ ନିଜକୁ ବହୁତ ବଡ
ବୋଲି ଭାବୁଥିଲା। ପ୍ରାୟ ଚାରିଶହ ଲୋକ ତାହାର ଅନୁଗାମୀ
ଥିଲେ। କିନ୍ତୁ ତାହାକୁ ମାରିଦିଆଗଲା। ପରେ ତା'ର ସମସ୍ତ
ଶିଷ୍ୟମାନେ ଛିନ୍ନଭିନ୍ନ ହୋଇ ପଳାଇଗଲେ। ଏହି ସମସ୍ତର
କୌଣସି ଫଳ ହେଲାନାହିଁ। ୩୭ତାହାଙ୍କ ପରେ ଜନଗଣନା
ସମୟରେ ଗାଲିଲୀ ଦେଶର ଯିହୂଦା ନାମକ ଜଣେ ବ୍ୟକ୍ତି
ବାହାରିଲେ। ସେ ମଧ୍ୟ କେତେକ ଲୋକଙ୍କୁ ନିଜର ଶିଷ୍ୟ
କଲେ। କିନ୍ତୁ ତାହାଙ୍କୁ ମଧ୍ୟ ମାରି ଦିଆଗଲା। ତାହାଙ୍କର
ସମସ୍ତ ଅନୁଗାମୀମାନେ ଛିନ୍ନଭିନ୍ନ ହୋଇ ପଳାଇ ଗଲେ।
୩୮ବର୍ତ୍ତମାନ ମୁଁ ତୁମ୍ଭମାନଙ୍କୁ କହୁଛି, ଏହି ଲୋକମାନଙ୍କଠାରୁ
ଦୂରରେ ରୁହ। ସେମାନଙ୍କୁ ଏକୁଟିଆ ଛାଡିଦିଅ। ଯଦି
ସେମାନଙ୍କର ମନ୍ତ୍ରଣା ବା ଏହି କାମ ମନୁଷ୍ୟମାନଙ୍କ ପକ୍ଷରୁ
ହୋଇଥାଏ, ତେବେ ତାହା ବିଫଳ ହେବ। ୩୯କିନ୍ତୁ ଯଦି
ଏହା ପରମେଶ୍ୱରଙ୍କଠାରୁ ହୋଇଥାଏ, ତେବେ ତୁମ୍ଭେମାନେ
ସେମାନଙ୍କ କାମ ବନ୍ଦ କରିପାରିବନାହିଁ। ତୁମ୍ଭେମାନେ
ନିଜକୁ ପରମେଶ୍ୱରଙ୍କ ବିରୁଦ୍ଧରେ ଲଢ଼ିବାର ଦେଖିବ।"

ସେମାନେ ତାହାଙ୍କ ଉପଦେଶ ମାନିଲେ। ୪୦ସେମାନେ
ପ୍ରେରିତମାନଙ୍କୁ ଭିତରକୁ ଡାକି ନେଇ ପ୍ରହାର କଲେ।
ସେମାନଙ୍କୁ ଯୀଶୁଙ୍କ ନାମରେ କିଛି ନ କହିବାପାଇଁ
ଆଦେଶ ଦେଲେ। ତା'ପରେ ସେମାନଙ୍କୁ ଛାଡି ଦେଲେ।
୪୧ପ୍ରେରିତମାନେ ମହାସଭା ଛାଡି ଚାଲିଗଲେ। ସେମାନେ
ଖୁସି ହେଲେ ଯେ, ସେମାନଙ୍କୁ ଯୀଶୁଙ୍କ ନାମରେ ଅପମାନ
ସହିବାକୁ ଯୋଗ୍ୟ ବିବେଚିତ କରାଯାଇଛି। ୪୨ପ୍ରେରିତମାନେ
ପ୍ରତିଦିନ ମନ୍ଦିରରେ ଓ ଘରେ ଘରେ ଏହି ସୁସମାଚାର
ଦେଲେ ଯେ ଯୀଶୁ ହେଉଛନ୍ତି ଖ୍ରୀଷ୍ଟ। ସେମାନେ ପ୍ରଚାର
କାର୍ଯ୍ୟ ଆଦୌ ବନ୍ଦ କଲେ ନାହିଁ।

### ବିଶେଷ କାର୍ଯ୍ୟ ପାଇଁ ସାତଜଣଙ୍କୁ ବାଛିଲେ।

୬ ଏହି ସମୟ ମଧ୍ୟରେ ଶିଷ୍ୟମାନଙ୍କ ସଂଖ୍ୟା ବଢ଼ିଗଲା।
ସେତେବେଳେ ଗ୍ରୀକ୍ ଭାଷା କହୁଥିବା ଯିହୁଦୀମାନେ
ଏବ୍ରୀଭାଷା କହୁଥିବା ଯିହୁଦୀମାନଙ୍କ ବିରୁଦ୍ଧରେ ଅଭିଯୋଗ
କଲେ। ସେମାନଙ୍କ ବିଧବାମାନଙ୍କୁ ଉଚିତ ପରିମାଣରେ
ଖାଦ୍ୟ ବଣ୍ଟା ନ ଯାଉଥିବା କାରଣରୁ ଏପରି ବଚସା
ହେଲା। ୨ତେଣୁ ପ୍ରେରିତମାନେ ସଂପୂର୍ଣ୍ଣ ଶିଷ୍ୟ ମଣ୍ଡଳୀକୁ
ଡାକି କହିଲେ, "ଆମ୍ଭେ ପରମେଶ୍ୱରଙ୍କର ବାକ୍ୟ ପ୍ରଚାରରେ
ଅବହେଳା କରିବା ଠିକ୍ ହେବନାହିଁ। ଖାଦ୍ୟ ବଣ୍ଟନରେ
ସମୟ ଦେବା ଅପେକ୍ଷା ପ୍ରଚାର କାର୍ଯ୍ୟ ଚାଲୁ ରଖିବା
ଆମ୍ଭପକ୍ଷେ ଯଥାର୍ଥ ହେବ। ୩ଏଥିପାଇଁ ହେ ଭାଇମାନେ,
ତୁମ୍ଭେମାନେ ନିଜ ଭିତରୁ ସାତ ଜଣ ପୁରୁଷଙ୍କୁ ବାଛ।
ସେମାନେ ଯେପରି ଲୋକମାନଙ୍କ ଦୃଷ୍ଟିରୁ ଉତ୍ତମ, ପବିତ୍ର
ଆତ୍ମା ଓ ଜ୍ଞାନରେ ପୂର୍ଣ୍ଣ ହୋଇଥିବେ। ଆମ୍ଭେମାନେ
ସେମାନଙ୍କୁ ଏହି କାମ କରିବାପାଇଁ ଦେବୁ। ୪ତେବେ
ଆମ୍ଭେମାନେ ଆମ୍ଭର ସମସ୍ତ ସମୟ ଶିକ୍ଷାଦାନ ଓ ପ୍ରାର୍ଥନାରେ
ଦେଇପାରିବୁ।"

୫ସେହି ଦଳର ସମସ୍ତେ ଏହି ଚିନ୍ତାଧାରାକୁ ପସନ୍ଦ
କଲେ। ସେମାନେ ନିଜ ମଧ୍ୟରୁ ସ୍ତିଫାନ(ଯେ କି ପବିତ୍ର
ଆତ୍ମା ଓ ବିଶ୍ୱାସରେ ପରିପୂର୍ଣ୍ଣ ଥିଲେ), ଫିଲିପ୍, ପ୍ରଖର,
ନୀକାନୋର, ତୀମୋନ, ପାର୍ମିନା ଓ ନୀକଲାୟଙ୍କୁ (ସେ
ଆନ୍ତିୟଖିଅରୁ ଆସିଥିଲେ ଓ ଯିହୂଦୀ ଧର୍ମରୁ ଧର୍ମାନ୍ତରୀତ
ହୋଇଥିଲେ) ମନୋନୀତ କଲେ। ୬ସେମାନେ ଏହି
ଲୋକମାନଙ୍କୁ ପ୍ରେରିତମାନଙ୍କ ପାଖରେ ଉପସ୍ଥିତ କରାଇଲେ।
ପ୍ରେରିତମାନେ ପ୍ରାର୍ଥନା କରି ସେମାନଙ୍କ ଉପରେ ହାତ
ରଖିଲେ।

୭ଏହିପରି ଭାବରେ ପରମେଶ୍ୱରଙ୍କର ବାକ୍ୟ ଚାରିଆଡ଼େ
ବ୍ୟାପିଗଲା। ଯିରୂଶାଲମରେ ଶିଷ୍ୟମାନଙ୍କର ସଂଖ୍ୟା ବହୁତ
ବଢ଼ିଗଲା। ଏପରିକି ଯିହୂଦୀଯାଜକମାନଙ୍କ ମଧ୍ୟରୁ ଅନେକ
ବିଶ୍ୱାସ କଲେ ଓ ପାଳନ କଲେ।

### ସ୍ତିଫାନଙ୍କ ବିରୁଦ୍ଧରେ ଯିହୂଦୀମାନେ

୮ସ୍ତିଫାନ ପରମେଶ୍ୱରଙ୍କଠାରୁ ପ୍ରାପ୍ତ ଅନୁଗ୍ରହ ଓ ଶକ୍ତିରେ
ପରିପୂର୍ଣ୍ଣ ଥିଲେ। ସେ ଲୋକମାନଙ୍କ ମଧ୍ୟରେ ବିଭିନ୍ନ
ପ୍ରକାରର ଆଶ୍ଚର୍ଯ୍ୟ କର୍ମ କରୁଥିଲେ ଓ ଈଶ୍ୱରଙ୍କ ଶକ୍ତିର
ପ୍ରମାଣ ଦେଉଥିଲେ। ୯କେତେକ ଯିହୂଦୀ ଆସି ସ୍ତିଫାନଙ୍କ
ସହିତ ଯୁକ୍ତିତର୍କ କଲେ। ସେମାନେ କୁରୀଣୀୟ, ଲିବର୍ତୀନ,
କିଲିକିଆ ଓ ଏସିଆ ଦେଶର ଯିହୂଦୀ ଥିଲେ। ସେମାନେ
ଯିହୂଦୀମାନଙ୍କର ଆଲେକଜାଣ୍ଡ୍ରୀୟ ପ୍ରାର୍ଥନା ଗୃହର ସଭ୍ୟଥିଲେ।
୧୦କିନ୍ତୁ ସେମାନେ ସ୍ତିଫାନଙ୍କର ଜ୍ଞାନ ଓ ଆତ୍ମା ସମ୍ମୁଖରେ
ଯୁକ୍ତିବାଢ଼ି ପାରିଲେନାହିଁ। ୧୧ତା'ପରେ ସେମାନେ କେତେକ
ଲୋକଙ୍କୁ ଲାଞ୍ଚ ଦେଇ ଏହା କୁହାଇଲେ, "ଆମ୍ଭେ ତାହାଙ୍କୁ
ପରମେଶ୍ୱର ଓ ମୋଶାଙ୍କର ବିରୁଦ୍ଧରେ ଖରାପ କଥା
କହୁଥିବାର ଶୁଣିଛୁ।" ୧୨ଏହା କରିବା ଦ୍ୱାରା ସେମାନେ
ପୁରୁଖା ଯିହୂଦୀ ନେତାଙ୍କୁ ଆଇନର ଶିକ୍ଷକମାନଙ୍କୁ ଓ
ଲୋକମାନଙ୍କୁ ଉତ୍ତେଜିତ କଲେ ଓ ସ୍ତିଫାନଙ୍କୁ ଧରିନେଇ
ମହାସଭାକୁ ନେଇ ଆସିଲେ। ୧୩ସେମାନେ କେତେ ଜଣ
ମିଥ୍ୟା ସାକ୍ଷୀଙ୍କୁ ଆଣିଲେ। ସେମାନେ କହିଲେ, "ଏଲୋକ
ସର୍ବଦା ଏହି ପବିତ୍ର ସ୍ଥାନ ଓ ମୋଶାଙ୍କ ବ୍ୟବସ୍ଥା
ବିରୁଦ୍ଧରେ କୁହେ। ୧୪ଆମ୍ଭେମାନେ ତାହାକୁ କହିବାର
ଶୁଣିଛୁ ଯେ ନାଜରୀତର ଯୀଶୁ ଏହି ସ୍ଥାନକୁ ନଷ୍ଟ
କରିଦେବେ, ଓ ମୋଶା ଆମ୍ଭକୁ ଦେଇଥିବା ବ୍ୟବସ୍ଥା
ପରିବର୍ତ୍ତନ କରି ଦେବେ।" ୧୫ଏହାଶୁଣି ମହାସଭାର ସମସ୍ତେ
ତାହାଙ୍କ ଆଡ଼କୁ ସ୍ଥିର ଦୃଷ୍ଟିରେ ଦେଖିଲେ। ତାହାଙ୍କ ମୁଖ
ସ୍ୱର୍ଗଦୂତଙ୍କ ମୁଖ ପରି ଦେଖାଗଲା ଓ ସେମାନେ ତାହା
ଦେଖିଲେ।

### ସ୍ତିଫାନଙ୍କ ଭାଷଣ

୭ ମହାଯାଜକ ସ୍ତିଫାନଙ୍କୁ ପଚାରିଲେ, "ଏସବୁ କଥା
କ'ଣ ସତ୍ୟ?" ୨ସେ ଉତ୍ତର ଦେଲେ, "ମୋର
ଯିହୂଦୀ ପିତାମାନେ ଓ ଭାଇମାନେ, ମୋ କଥା ଶୁଣ।

ଆମ୍ଭର ପିତା ଅବ୍ରାହାମ ହାରୋଣ ନଗରରେ ବାସ କରିବା
ପୂର୍ବରୁ ଯେତେବେଳେ ମେସପତାମିଆରେ ଥିଲେ,
ସେତେବେଳେ ଗୌରବମୟ ପରମେଶ୍ୱର ତାହାଙ୍କୁ ଦର୍ଶନ
ଦେଇ କହିଲେ, ୩'ତୁମ୍ଭେ ନିଜ ଦେଶ ଓ ବନ୍ଧୁବର୍ଗଙ୍କୁ ଛାଡି
ମୁଁ ତୁମ୍ଭକୁ ଯେଉଁ ଦେଶ ଦେଖାଇବି, ସେ ଦେଶକୁ
ଚାଲିଯାଅ।'* ୪ତେଣୁ ସେ କଲଦୀୟମାନଙ୍କ ସ୍ଥାନ ତ୍ୟାଗ
କରି ହାରଣରେ ବାସ କଲେ। ତାହାଙ୍କ ପିତାଙ୍କ ମୃତ୍ୟୁ
ପରେ ପରମେଶ୍ୱର ତାହାଙ୍କୁ ଏଠାକୁ ଆଣିଲେ, ଯେଉଁଠି
ତୁମ୍ଭେମାନେ ବର୍ତ୍ତମାନ ରହୁଛ। ୫ପରମେଶ୍ୱର ତାହାଙ୍କୁ କିଛି
ଦେଲେ ନାହିଁ। ଏପରିକି ଗୋଟିଏ ଫୁଟ ଜାଗା ମଧ୍ୟ
ନୁହେଁ। ସେତେବେଳେ ତାହାଙ୍କର କିଛି ପିଲାପିଲି ନଥିଲା।
ପରମେଶ୍ୱର ତାହାଙ୍କୁ ଓ ତାହାଙ୍କର ଭବିଷ୍ୟତ ଉତ୍ତରାଧିକାରୀଙ୍କୁ
ଏହି ଭୂମି ଏକ ଅଧିକାର ରୂପେ ଦେବାପାଇଁ ପ୍ରତିଜ୍ଞା
କରିଥିଲେ। ୬ପରମେଶ୍ୱର ତାହାଙ୍କୁ ଏହିକଥା କହିଥିଲେ,
'ତୁମ୍ଭର ସନ୍ତାନମାନେ ବିଦେଶରେ ଦାସ୍ୟ କର୍ମ କରିବେ।
ସେମାନେ ତାହାଙ୍କୁ ଚାରିଶହ ବର୍ଷ ପର୍ଯ୍ୟନ୍ତ ଖରାପ ବ୍ୟବହାର
କରିବେ।'* ୭ପରମେଶ୍ୱର କହିଲେ, 'ଯେଉଁମାନେ ସେମାନଙ୍କୁ
ଦାସ କରି ରଖିଛନ୍ତି, ମୁଁ ସେମାନଙ୍କୁ ଦଣ୍ଡ ଦେବି।
ତାପରେ ସେମାନେ ସେଠାରୁ ଆସି ଏହିସ୍ଥାନରେ ମୋତେ
ପୂଜା କରିବେ।'* ୮ଏହିପରି ପରମେଶ୍ୱର ଅବ୍ରାହାମଙ୍କୁ ଏହି
ଚୁକ୍ତି ପାଇଁ ସୁନ୍ନତର ଚିହ୍ନ ପ୍ରଦାନ କଲେ। ସେ ଯିସ୍ହାକଙ୍କର
ପିତା ହେଲେ। ଯିସହାକଙ୍କ ଜନ୍ମର ଅଷ୍ଟମଦିନ ଅବ୍ରାହାମ
ତାହାଙ୍କର ସୁନ୍ନତ କଲେ, ଓ ଯିସ୍ହାକ ତାହାଙ୍କର ପୁତ୍ର
ଯାକୁବର ସୁନ୍ନତ କଲେ। ପୁଣି ଯାକୁବ ତାହାଙ୍କ ବାରଜଣ
ପୁତ୍ରଙ୍କର ସୁନ୍ନତ କଲେ, ଏହି ପୁତ୍ରମାନେ ଆମ୍ଭ ଗୋଷ୍ଠୀଗୁଡିକର
ପିତା ହେଲେ।

୯"ସେହି ପୂର୍ବପୁରୁଷମାନେ ଯୋସେଫଙ୍କର ପ୍ରତି ଈର୍ଷା
କରି ତାହାଙ୍କୁ ମିସର ଦେଶର ଜଣେ ଦାସ ଭାବରେ ବିକ୍ରି
କରିଦେଲେ। କିନ୍ତୁ ପରମେଶ୍ୱର ଯୋସେଫଙ୍କ ସହିତ
ଥିଲେ। ୧୦ସେ ତାହାଙ୍କୁ ସବୁ ଅସୁବିଧାରୁ ରକ୍ଷା କଲେ।
ସେ ତାହାଙ୍କୁ ଜ୍ଞାନ ଦେଲେ, ଓ ମିସର ଦେଶର ରାଜା
ଫାରୋଙ୍କର ଅନୁଗ୍ରହ ପାଇବା ପାଇଁ ସକ୍ଷମ କରାଇଲେ।
ସେ ତାହାଙ୍କୁ ମିସର ଦେଶର ଶାସକ ଓ ସମସ୍ତ ରାଜକୀୟ
ସମ୍ପତ୍ତିର ଶାସନକର୍ତ୍ତା କରିଦେଲେ। ୧୧ସେ ସମୟରେ
ସମଗ୍ର ମିସର ଓ କିଣାନ ଦେଶରେ ଦୁର୍ଭିକ୍ଷ ପଡିବାରୁ
ଲୋକେ ବହୁତ କଷ୍ଟରେ ପଡିଲେ। ଆମ୍ଭର ପୂର୍ବ ପୁରୁଷମାନେ
ଖାଇବାକୁ କିଛି ପାଇଲେ ନାହିଁ। ୧୨ମିସରରେ ଶସ୍ୟଥିବା
ଖବର ଶୁଣି ଯାକୁବ ପ୍ରଥମେ ଆମ୍ଭପୂର୍ବ ପୁରୁଷମାନଙ୍କୁ
ସେଠାକୁ ପଠାଇଲେ। ୧୩ସେମାନଙ୍କର ଦ୍ୱିତୀୟ ଥର ଯିବା
ସମୟରେ ଯୋସେଫ ନିଜ ଭାଇମାନଙ୍କ ପାଖରେ ପରିଚିତ
ହେଲେ ଓ ଫାରୋ ଯୋସେଫଙ୍କ ପରିବାର ବିଷୟରେ
ଜାଣିଲେ। ୧୪ତେଣୁ ଯୋସେଫ ତାହାଙ୍କ ଭାଇମାନଙ୍କୁ ପଠାଇ

**'ତୁମ୍ଭେ ନିଜ ... ଚାଲିଯାଅ'** ଆଦିପୁସ୍ତକ ୧୨:୧
**'ତୁମ୍ଭର ... କରିବେ'** ଆଦିପୁସ୍ତକ ୧୫:୧୩-୧୪
**'ଯେଉଁମାନେ ... କରିବେ'** ଆଦିପୁସ୍ତକ ୧୫:୧୪; ଯାତ୍ରା ୩:୧୨

ନିଜ ପିତା ଯାକୁବ ଓ ସମସ୍ତ ସଂମ୍ପର୍କୀୟଙ୍କୁ ନିଜ ପାଖକୁ
ଡକେଇ ଆଣିଲେ। ସେମାନେ ସମୁଦାୟ ୭୫ ଜଣ
ଥିଲେ। ୧୫ତା'ପରେ ଯାକୁବ ମିସର ଦେଶକୁ ଗଲେ।
ସେଠାରେ ସେ ନିଜେ ଓ ଆମ୍ଭର ପୂର୍ବପୁରୁଷମାନେ ମୃତ୍ୟୁ
ବରଣ କଲେ। ୧୬ସେମାନଙ୍କୁ ଶିଖେମକୁ ନିଆଯାଇ କବର
ଦିଆଗଲା। ଶିଖେମର ଏହି କବର ସ୍ଥାନକୁ ଅବ୍ରାହାମ
ହମୋରର ପୁତ୍ରମାନଙ୍କୁ ପାଖରୁ କିଛି ରୂପା ଟଙ୍କା ଦେଇ
କିଣିଥିଲେ।

୧୭"ଇତି ମଧ୍ୟରେ ମିସର ଦେଶର ଇସ୍ରାୟେଲ
ଲୋକମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଲା। ପରମେଶ୍ୱର
ଅବ୍ରାହାମଙ୍କୁ ଯେଉଁସବୁ ପ୍ରତିଜ୍ଞା କରିଥିଲେ ତାହା ସତ୍ୟରେ
ପରିଣତ ହୋଇଥିଲା। ୧୮ସେସମୟରେ ଆଉ ଜଣେ ରାଜା
ମିସରକୁ ରାଜତ୍ୱ କରିବାପାଇଁ ଆରମ୍ଭ କଲେ। ସେ
ଯୋସେଫଙ୍କୁ ଜାଣି ନ ଥିଲେ। ୧୯ସେ ନୂଆ ରାଜା ଆମ୍ଭ
ଲୋକଙ୍କ ପ୍ରତି ନିଷ୍ଠୁର ଥିଲେ। ସେ ଆମ୍ଭ ପୂର୍ବପୁରୁଷମାନଙ୍କୁ
ପ୍ରତି ଦୁର୍ବ୍ୟବହାର କଲେ। ରାଜା ସେମାନଙ୍କର ଶିଶୁମାନଙ୍କୁ
ମାରିବା ପାଇଁ ବାହାରେ ପକେଇଦେବାକୁ ସେମାନଙ୍କୁ ବାଧ୍ୟ
କଲେ। ୨୦ଏହି ସମୟରେ ମୋଶା ଜନ୍ମ ଗ୍ରହଣ କଲେ।
ସେ ବହୁତ ସୁନ୍ଦର ଥିଲେ। ତାହଙ୍କୁ ପିତାଙ୍କ ଘରେ
ତିନିମାସ ପର୍ଯ୍ୟନ୍ତ ଲାଳନପାଳନ କରାଗଲା। ୨୧ତାହାଙ୍କୁ
ବାହାରେ ପକାଇ ଦେବାବେଳେ ଫାରୋଙ୍କର କନ୍ୟା ତାହାଙ୍କୁ
ନେଲେ, ଏବଂ ନିଜ ପୁତ୍ର ଭାବରେ ପାଳିଲେ। ୨୨ମୋଶା
ମିସରବାସୀମାନଙ୍କର ସମସ୍ତ ବିଦ୍ୟାରେ ଶିକ୍ଷିତ ହେଲେ।
ସେ ନିଜ ବକ୍ତବ୍ୟ ଓ କାମରେ ଶକ୍ତିଶାଳୀ ଥିଲେ।

୨୩"ତାହାଙ୍କୁ ଚାଳିଶ ବର୍ଷ ବୟସ ହେବାବେଳେ ସେ
ନିଜ ଭାଇମାନଙ୍କୁ ତଥା ଇସ୍ରାୟେଲ ଲୋକମାନଙ୍କୁ ସାକ୍ଷାତ
କରିବାପାଇଁ ଇଚ୍ଛା କଲେ। ୨୪ମୋଶା ସେଠାରେ ଜଣେ
ମିସରୀୟ ଜଣେ ଯିହୂଦୀ ସହିତ ଅନ୍ୟାୟ କରୁଥିବାର
ଦେଖିଲେ। ତେଣୁ ସେ ଯିହୂଦୀୟ ଜଣଙ୍କୁ ରକ୍ଷା କରିବାକୁ
ଯାଇ ମିସରୀୟକୁ ଦଣ୍ଡଦେଲେ। ସେ ତାହାକୁ ଏପରି
ଆଘାତ କଲେ ଯେ, ମିସରୀୟ ଜଣକ ସେହିଠାରେ
ମରିଗଲା। ୨୫ମୋଶା ଭାବିଲେ ଯେ, ପରମେଶ୍ୱର ସେମାନଙ୍କର
ମୁକ୍ତି ପାଇଁ ତାହାଙ୍କୁ ଏହି କାର୍ଯ୍ୟରେ ଲଗାଇ ଅଛନ୍ତି, ତାହା
ତାହାଙ୍କ ଯିହୂଦୀୟ ଭାଇମାନେ ବୁଝିବେ, ମାତ୍ର ସେମାନେ
ତାହା ବୁଝିଲେ ନାହିଁ। ୨୬ତା' ପରଦିନ ସେ ଦୁଇଜଣ
ଯିହୂଦୀ ଲୋକଙ୍କୁ ପରସ୍ପର ମଧ୍ୟରେ କଳି କରୁଥିବାର
ଦେଖିଲେ। ସେ ସେମାନଙ୍କ ମଧ୍ୟରେ ଶାନ୍ତି ସ୍ଥାପନ
କରିବାକୁ ଚେଷ୍ଟା କଲେ, ଓ କହିଲେ, 'ହେ ଲୋକମାନେ,
ତୁମ୍ଭେମାନେ ପରସ୍ପର ଭାଇଭାଇ। ତୁମ୍ଭେମାନେ ପରସ୍ପର
ଭିତରେ କାହିଁକି କଳି କରୁଛ?' ୨୭ଏହାଶୁଣି ପଡୋଶୀପ୍ରତି
ଅନ୍ୟାୟ କରୁଥିବା ଲୋକଟି ମୋଶାଙ୍କୁ ଠେଲିଦେଇ କହିଲା,
'ତୁମ୍ଭକୁ ଆମ୍ଭ ଶାସକ ଓ ବିଚାରକ ରୂପେ କିଏ ନିଯୁକ୍ତ
ଦେଲା? ୨୮ଗତକାଲି ତୁମ୍ଭେ ଯେପରି ମିସରୀୟକୁ ମାରିଦେଲ
ସେହିପରି କଣ ମୋତେ ମାରି ଦେବାପାଇଁ ଚାହୁଁଛ?'*
୨୯ମୋଶା ଏହାଶୁଣି ଅତିଶୀଘ୍ର ମିସରରୁ ଚାଲିଗଲେ, ଓ

**'ତୁମ୍ଭକୁ ... ଦେବାପାଇଁ ଚାହୁଁଛ?'** ଯାତ୍ରାପୁସ୍ତକ ୨:୧୪

ମିଦୟନ ଦେଶରେ ଜଣେ ବିଦେଶୀ ହୋଇ ରହିଲେ।
ସେଠାରେ ତାହାଙ୍କର ଦୁଇଟି ପୁତ୍ର ହେଲେ।
୩୦"ଦୀର୍ଘ ଚାଳିଶ ବର୍ଷ ଅତିବାହିତ ହେବା ପରେ ଜଣେ
ସ୍ୱର୍ଗଦୂତ ସୀନୟ ପର୍ବତ ନିକଟରେ ଥିବା ମରୁଭୂମିରେ
ଗୋଟିଏ ଜ୍ୱଳନ୍ତା ବୁଦାର ଅଗ୍ନିଶିଖାରେ ମୋଶାଙ୍କୁ ଦର୍ଶନ
ଦେଲେ। ୩୧ମୋଶା ସେ ଦୃଶ୍ୟ ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ
ହୋଇଗଲେ। ତାହାକୁ ଭଲଭାବେ ଦେଖିବା ପାଇଁ ନିକଟକୁ
ଯିବାବେଳକୁ ସେ ପ୍ରଭୁଙ୍କର ସ୍ୱର ଶୁଣିଲେ: ୩୨'ମୁଁ ତୁମ୍ଭ
ପୂର୍ବପୁରୁଷମାନଙ୍କର ପରମେଶ୍ୱର। ଅବ୍ରହାମ, ଯିସ୍‌ହାକ ଓ
ଯାକୁବର ପରମେଶ୍ୱର।'* ଏହା ଶୁଣି ମୋଶା ଭୟରେ
ଥରିଲେ ଓ ଆଉ ଦେଖିବା ପାଇଁ ସାହସ କଲେ ନାହିଁ।
୩୩ତା'ପରେ ପ୍ରଭୁ ତାହାଙ୍କୁ କହିଲେ, 'ତୁମ୍ଭେ ପାଦରୁ
ପାଦୁକା କାଢ଼ିଦିଅ, କାରଣ ଯେଉଁ ସ୍ଥାନରେ ତୁମ୍ଭେ ଠିଆ
ହୋଇଛ ତାହା ପବିତ୍ର ଭୂମି। ୩୪ମୁଁ ମିସର ଦେଶରେ ମୋ
ଲୋକମାନଙ୍କୁ କରାଯାଉଥିବା ସମସ୍ତ ଦୁର୍ବ୍ୟବହାର ଦେଖିଛି।
ମୁଁ ସେମାନଙ୍କର କ୍ରନ୍ଦନ ଶୁଣିଛି। ମୁଁ ସେମାନଙ୍କୁ ମୁକ୍ତ
ଦେବାପାଇଁ ଓହ୍ଲାଇ ଆସିଛି। ଏଥିପାଇଁ ତୁମ୍ଭେ ଆସ। ମୁଁ
ତୁମ୍ଭକୁ ମିସର ଦେଶକୁ ପଠାଇବି।'*
୩୫"ଯେଉଁ ମୋଶାଙ୍କୁ ସେମାନେ ଅବଜ୍ଞା କରି କହିଥିଲେ,
'କିଏ ତୁମ୍ଭକୁ ଶାସକ ଓ ବିଚାରକ କଲା?' ସେହି
ମୋଶାଙ୍କୁ ହିଁ ବର୍ତ୍ତମାନ ପରମେଶ୍ୱର ସେମାନଙ୍କର ଶାସନକର୍ତ୍ତା
ଓ ମୁକ୍ତିଦାତା କରି ପଠାଇଲେ। ଯେଉଁ ସ୍ୱର୍ଗଦୂତ ମୋଶାଙ୍କୁ
ବୁଦାଭିତରେ ଦର୍ଶନ ଦେଇଥିଲେ ସେହି ସ୍ୱର୍ଗଦୂତଙ୍କ ସାହାଯ୍ୟରେ
ପରମେଶ୍ୱର ମୋଶାଙ୍କୁ ପଠାଇଲେ। ୩୬ତେଣୁ ମୋଶା
ମିସର ଦେଶରେ ଓ ସୁଫ ସମୁଦ୍ରରେ ତଥା ମରୁଭୂମିରେ
ଚାଳିଶ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଆଶ୍ଚର୍ଯ୍ୟପୂର୍ଣ୍ଣ ଚିହ୍ନ
ଓ କାର୍ଯ୍ୟମାନ କରି ସେମାନଙ୍କୁ ବାହାରକୁ ଆଣିଲେ।
୩୭ସେହି ମୋଶା ଇଶ୍ରାଏଲର ସନ୍ତାନମାନଙ୍କୁ କହିଲେ,
'ପରମେଶ୍ୱର ତୁମ୍ଭମାନଙ୍କ ମଧ୍ୟରୁ ମୋପରି ଜଣେ ଭାବବାଦୀଙ୍କୁ
ସୃଷ୍ଟି କରିବେ।'* ୩୮ଏହି ମୋଶା ମରୁଭୂମିରେ ଯିହୂଦୀମାନଙ୍କ
ମଣ୍ଡଳୀରେ ଥିଲେ। ଯେଉଁ ସ୍ୱର୍ଗଦୂତ ସୀନୟ ପର୍ବତରେ
ରହି ତାହାଙ୍କ ସହିତ କଥାବାର୍ତ୍ତା ହୋଇଥିଲେ, ସେହି
ସ୍ୱର୍ଗଦୂତ ଆମ୍ଭ ପିତୃପୁରୁଷ ମୋଶାଙ୍କ ସହିତ ଥିଲେ, ମୋଶା
ପରମେଶ୍ୱରଙ୍କ ଠାରୁ ଜୀବନଦାନକାରୀ ଆଜ୍ଞା ପାଇଥିଲେ।
ଏହି ଆଜ୍ଞାସବୁ ମୋଶା ଆମ୍ଭମାନଙ୍କୁ ଦେଲେ।
୩୯"କିନ୍ତୁ ଆମ୍ଭ ପୂର୍ବପୁରୁଷମାନେ ତାହାଙ୍କୁ ମାନିବା ପାଇଁ
ଇଚ୍ଛା କଲେ ନାହିଁ। ସେମାନେ ତାହାଙ୍କୁ ଗ୍ରହଣ କରିବାକୁ
ମନା କଲେ ଓ ମିସରକୁ ଫେରି ଯିବାପାଇଁ ଇଚ୍ଛା କଲେ।
୪୦ସେମାନେ ହାରୋଣଙ୍କୁ ଯାଇ କହିଲେ, 'ଆମ୍ଭମାନଙ୍କର
ପଥ ଦେଖାଇବା ପାଇଁ କେତେ ଜଣ ଦେବତାଙ୍କୁ ନିର୍ମାଣ
କର। ଏହି ଯେଉଁ ମୋଶା ଆମ୍ଭମାନଙ୍କୁ ମିସରରୁ ବାହାର
କରି ଆଣିଥିଲେ, ତାହାଙ୍କର କଣ ହେଲା ଆମ୍ଭେ ଜାଣି
ନାହୁଁ।'* ୪୧ସେହି ସମୟରେ ସେମାନେ ଗୋଟିଏ ବାଛୁରୀର
ମୂର୍ତ୍ତି ତିଆରି କରି ସେହି ମୂର୍ତ୍ତି ଆଗରେ ବଳି ଦେଲେ।
ସେମାନେ ନିଜ ହାତ ତିଆରି ଜିନିଷ ଦେଖି ବହୁତ ଖୁସି
ହେଲେ। ୪୨କିନ୍ତୁ ପରମେଶ୍ୱର ସେମାନଙ୍କଠାରୁ ବିମୁଖ
ହେଲେ। ସେ ସେମାନଙ୍କୁ ଆକାଶସ୍ଥ ଭଣ୍ଡ ଦେବତାମାନଙ୍କର
ପୂଜା କରିବାପାଇଁ ଛାଡ଼ିଦେଲେ। ଏହି ବିଷୟରେ
ଭାବବାଦୀମାନଙ୍କର ପୁସ୍ତକରେ ଯେପରି ଲେଖାଅଛି,

'ହେ ଇସ୍ରାୟେଲର ଲୋକମାନେ, ତୁମ୍ଭେମାନେ ଚାଳିଶ
ବର୍ଷ ପର୍ଯ୍ୟନ୍ତ ପ୍ରାନ୍ତରରେ ମୋ ଉଦ୍ଦେଶ୍ୟରେ ପଶୁବଳି
ଓ ନୈବେଦ୍ୟ ଉତ୍ସର୍ଗ କରିନାହଁ।
୪୩ ତୁମ୍ଭେମାନେ ତୁମ୍ଭମାନଙ୍କ ସହିତ ମୋଲଖର ତମ୍ବୁ
ଏବଂ ନକ୍ଷତ୍ର ଦେବତା ରମ୍ଫାର ମୂର୍ତ୍ତୀକୁ ମଧ୍ୟ ବୋହି
ନେଇଯାଇଥିଲ। ଏଗୁଡ଼ିକୁ ତୁମ୍ଭେମାନେ ପୂଜା
କରିବାପାଇଁ ତିଆରି କରିଥିଲ। ତେଣୁ ମୁଁ ମଧ୍ୟ
ତୁମ୍ଭମାନଙ୍କୁ ବାବିଲନର ଆରପାରିକୁ ପଠାଇଦେବି।'
ଆମୋଷ ୫:୨୫-୨୭

୪୪"ଆମ୍ଭ ପୂର୍ବପୁରୁଷମାନଙ୍କ ପବିତ୍ର ତମ୍ବୁ ମଧ୍ୟ ପ୍ରାନ୍ତରରେ
ଥିଲା। ପରମେଶ୍ୱର ମୋଶାଙ୍କୁ ଗୋଟିଏ ନକ୍ସା ଦେଖାଇଲେ,
ଏବଂ ସେ ଦେଖିଥିବା ନକ୍ସା ଅନୁସାରେ ଗୋଟିଏ ତମ୍ବୁ
ତିଆରି କରିବାକୁ ତାହାଙ୍କୁ କହିଥିଲେ। ୪୫ଆମ୍ଭର
ପୂର୍ବପୁରୁଷମାନେ ସେହି ପବିତ୍ର ତମ୍ବୁ ସାଙ୍ଗରେ ଆଣିଥିଲେ।
ସେହି ସମୟରେ ଯିହୋଶୂୟଙ୍କ ନେତୃତ୍ୱରେ ସେମାନେ
ଅନ୍ୟଜାତି ଗଣର ଦେଶ ଅଧିକାର କରି ନେଇଥିଲେ।
ଏହି ଜାତିମାନଙ୍କୁ ଆମ୍ଭ ପୂର୍ବପୁରୁଷମାନଙ୍କ ସାମନାରେ
ବାହାର କରିଦେଲେ। ତମ୍ବୁଟି ଦାଉଦଙ୍କ ସମୟ ପର୍ଯ୍ୟନ୍ତ
ଥିଲା। ୪୬ଦାଉଦ ପରମେଶ୍ୱରଙ୍କ କୃପା ପ୍ରାପ୍ତ ହେଲେ। ସେ
ଯାକୁବର ପରମେଶ୍ୱରଙ୍କ ପାଇଁ ଗୋଟିଏ ମନ୍ଦିର ତୋଳିବାକୁ
ଅନୁମତି ଦେବାପାଇଁ ପରମେଶ୍ୱରଙ୍କୁ ଅନୁରୋଧ କଲେ।
୪୭କିନ୍ତୁ ଶଲମୋନ ତାହାଙ୍କ ପାଇଁ ଗୋଟିଏ ମନ୍ଦିର ନିର୍ମାଣ
କଲେ।
୪୮"ମାତ୍ର ସର୍ବୋପରିସ୍ଥ ପରମେଶ୍ୱର କୌଣସି ହାତ
ତିଆରି ମନ୍ଦିରରେ ବାସ କରନ୍ତି ନାହିଁ। ଭବିଷ୍ୟଦ୍‌ବକ୍ତା
ଏହିପରି ଲେଖନ୍ତି,

ସ୍ୱର୍ଗ ମୋହର ସିଂହାସନ।
୪୯ ପୃଥିବୀ ମୋହର ପାଦପୀଠ। ତୁମ୍ଭେମାନେ ମୋ
ପାଇଁ କି ପ୍ରକାରର ମନ୍ଦିର ନିର୍ମାଣ କରିବ? ମୋର
ବିଶ୍ରାମ ନେବାପାଇଁ ସ୍ଥାନ କେଉଁଠି?
୫୦ ମନେରଖ, ମୁଁ ଏସବୁ ସୃଷ୍ଟି କରିଛି।'"
ଯିଶାଇୟ ୬୬:୧-୨

୫୧ସ୍ତିଫାନ କହିଲେ, "ହେ ଯିହୂଦୀଲୋକମାନେ, ତୁମ୍ଭେମାନେ
କେଡ଼େ ଜିଦ୍‌ଖୋର୍! ତୁମ୍ଭମାନଙ୍କର ହୃଦୟ ପରମେଶ୍ୱରଙ୍କର
ନୁହେଁ। ତୁମ୍ଭେମାନେ ତାହାଙ୍କ କଥା ଶୁଣିବାକୁ ମନା

---

**'ମୁଁ ତୁମ୍ଭ ... ପରମେଶ୍ୱର'** ଯାତ୍ରାପୁସ୍ତକ ୩:୬
**'ତୁମ୍ଭେ ... ପଠାଇବି'** ଯାତ୍ରାପୁସ୍ତକ ୩:୫-୧୦
**'ପରମେଶ୍ୱର ... କରିବେ'** ଦ୍ୱିତୀୟ ବିବରଣୀ ୧୮:୧୫
**'ଆମ୍ଭମାନଙ୍କର ... ନାହୁଁ'** ଯାତ୍ରାପୁସ୍ତକ ୩୨:୧

କରୁଛ। ତୁମ୍ଭେମାନେ ସର୍ବଦା ପବିତ୍ର ଆତ୍ମାଙ୍କର ବିରୋଧ
କରୁଛ। ତୁମ୍ଭେମାନେ ସବୁ ତୁମ୍ଭମାନଙ୍କର ପୂର୍ବପୁରୁଷମାନଙ୍କ
ପରି ହେଉଛ। ୫୨ତୁମ୍ଭମାନଙ୍କର ପୂର୍ବପୁରୁଷମାନେ କୌଣସି
ଭାବବାଦୀଙ୍କୁ ତାଡ଼ନା ନ କରି ଛାଡ଼ି ନାହାଁନ୍ତି। ଏହି
ଭାବବାଦୀମାନେ ପୂର୍ବରୁ ସେହି ଧାର୍ମିକ ବ୍ୟକ୍ତିଙ୍କର ଆଗମନ
କଥା କହିଥିଲେ। କିନ୍ତୁ ତୁମ୍ଭମାନଙ୍କର ପୂର୍ବପୁରୁଷମାନେ
ସେହି ଲୋକମାନଙ୍କୁ ମଧ୍ୟ ମାରି ଦେଇଥିଲେ। ବର୍ତ୍ତମାନ
ତୁମ୍ଭେମାନେ ସେହି ଧାର୍ମିକବ୍ୟକ୍ତିଙ୍କୁ ପ୍ରତାରିତ ଓ ହତ୍ୟା
କରିଛ। ୫୩ତୁମ୍ଭେମାନେ ପରମେଶ୍ୱରଙ୍କ ସ୍ୱର୍ଗଦୂତଙ୍କ ଦ୍ୱାରା
ମୋଶାଙ୍କୁ ଦିଆଯାଇଥିବା ବ୍ୟବସ୍ଥାକୁ ଗ୍ରହଣ କରିଛ, କିନ୍ତୁ
ତାହାର ବାଧ ହୋଇନାହଁ।"

## ସ୍ତିଫାନଙ୍କ ହତ୍ୟା

୫୪ଯିହୂଦୀ ନେତାମାନେ ଏହା ଶୁଣି ସ୍ତିଫାନଙ୍କର ଉପରେ
ଭୀଷଣ ରାଗି ଦାନ୍ତ କଡ଼ ମଡ଼ କଲେ। ୫୫କିନ୍ତୁ ସ୍ତିଫାନ
ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ଆକାଶକୁ ଚାହିଁଲେ।
ସେଠାରେ ସେ ପରମେଶ୍ୱରଙ୍କ ଗୌରବ ଦେଖିଲେ। ସେ
ଯୀଶୁଙ୍କୁ ପରମେଶ୍ୱରଙ୍କ ଡାହାଣ ପଟେ ଠିଆ ହେବାର
ଦେଖିଲେ। ୫୬ସ୍ତିଫାନ କହିଲେ, "ଦେଖ, ମୁଁ ସ୍ୱର୍ଗକୁ
ଖୋଲା ଅବସ୍ଥାରେ ଓ ପରମେଶ୍ୱରଙ୍କ ଡାହାଣ ପଟେ
ମନୁଷ୍ୟପୁତ୍ରଙ୍କୁ ଠିଆ ହେବାର ଦେଖୁଛି।"
୫୭ଏଥିରେ ଯିହୂଦୀ ନେତାମାନେ କାନରେ ହାତ ଦେଇ
ଖୁବ୍ ଜୋରରେ ପାଟି କଲେ। ସେମାନେ ଏକାଠି ହୋଇ
ସ୍ତିଫାନଙ୍କ ଆଡକୁ ଦୌଡ଼ିଲେ। ୫୮ସେମାନେ ତାହାଙ୍କୁ
ନଗରବାହାରକୁ ଟାଣି ନେଇ ପଥର ମାରିବା ଆରମ୍ଭ
କରିଦେଲେ। ସାକ୍ଷୀମାନେ ଶାଉଲ ନାମକ ଜଣେ ଯୁବକର
ପାଖରେ ସେମାନଙ୍କର ଲୁଗାପଟା ରଖିଲେ। ୫୯ପଥର
ଫୋପାଡିବା ସମୟରେ ସ୍ତିଫାନ ପ୍ରାର୍ଥନା କରି କହିଲେ,
"ହେ ପ୍ରଭୁ ଯୀଶୁ, ମୋ ଆତ୍ମାକୁ ଗ୍ରହଣ କର।"
୬୦ତା'ପରେ ସେ ଆଣ୍ଠୁମାଡ଼ି ପଡ଼ି ଜୋରରେ
କହିଲେ, "ହେ ପ୍ରଭୁ, ଏହି ପାପ ନିମନ୍ତେ ଏମାନଙ୍କୁ
ଅପରାଧୀ ଗଣନା କରନାହିଁ।" ଏହା କହି ସେ ମୃତ୍ୟୁବରଣ
କଲେ।

୮ ସ୍ତିଫାନଙ୍କ ମୃତ୍ୟୁ ଯେ ଯଥାର୍ଥ, ଏହା ଶାଉଲ
ସମର୍ଥନ କରୁଥିଲେ।

## ବିଶ୍ୱାସୀମାନଙ୍କ ଉପରେ ଅତ୍ୟାଚାର

୨-୩କେତେକ ନିଷ୍ଠାପର ଲୋକ ସ୍ତିଫାନଙ୍କୁ କବର
ଦେଲେ, ଓ ତାହାଙ୍କ ପାଇଁ ବହୁତ କାନ୍ଦିଲେ। ସେହିଦିନ
ଯିରୂଶାଲମରେ ଥିବା ବିଶ୍ୱାସୀମାନଙ୍କ ବିରୁଦ୍ଧରେ ଗୋଟିଏ
ଭୀଷଣ ତାଡ଼ନା ହେଲା। ପ୍ରେରିତମାନଙ୍କ ବ୍ୟତିତ ଅନ୍ୟ
ସମସ୍ତ ବିଶ୍ୱାସୀ ଯିହୂଦା ଓ ଶମିରୋଣ ଦେଶର ବିଭିନ୍ନ
ସ୍ଥାନରେ ଛିନ୍ନଭିନ୍ନ ହୋଇଗଲେ। କିନ୍ତୁ ଶାଉଲ ଘରେ-ଘରେ
ପଶି ପୁରୁଷ ଓ ସ୍ତ୍ରୀ ମାନଙ୍କୁ ଟାଣି ଆଣି କାରାଗାରରେ
ରଖିଲେ, ଓ ମଣ୍ଡଳୀ ଧ୍ୱଂସ କରିବା ପାଇଁ ଚେଷ୍ଟା କଲେ।
୪ଯେଉଁମାନେ ଛିନ୍ନ-ଭିନ୍ନ ହୋଇଯାଇଥିଲେ, ସେହି ଲୋକମାନେ
ଚାରିଆଡ଼େ ଯାଇ ସୁସମାଚାର କହିଲେ।

## ଶମିରୋଣରେ ଫିଲିପ୍ପଙ୍କର ପ୍ରଚାର

୫ଫିଲିପ୍ପ ଶମିରୋଣ ନଗରକୁ ଯାଇ ଖ୍ରୀଷ୍ଟଙ୍କ ବିଷୟରେ
ସେମାନଙ୍କ ନିକଟରେ ପ୍ରଚାର କଲେ। ୬ସେଠାକାର
ଲୋକମାନେ ଫିଲିପ୍ପଙ୍କର କଥା ଶୁଣିଲେ, ଓ ତାହାଙ୍କ ଦ୍ୱାରା
କରାଯାଇଥିବା ଆଶ୍ଚର୍ଯ୍ୟ କାର୍ଯ୍ୟ ସବୁ ଦେଖି ତାହାଙ୍କ
କଥାରେ ଅଧିକ ମନ ଦେଲେ। ୭ବହୁତ ଲୋକଙ୍କ
ଭିତରେ ଭୂତମାନେ ଥିଲେ। କିନ୍ତୁ ସେମାନଙ୍କୁ ବାହାର
କରିଦେଲେ। ବାହାରକୁ ଆସିବା ବେଳେ ଭୁତମାନେ
ଉଚ୍ଚସ୍ୱରରେ ପାଟି କରୁଥିଲେ। ବହୁତ ପକ୍ଷାଘାତୀ ଏବଂ
ଛୋଟା ଲୋକ ମଧ୍ୟ ଫିଲିପ୍ପଙ୍କ ଦ୍ୱାରା ଆରୋଗ୍ୟ ହେଲେ।
୮ଏଥିଯୋଗୁ, ସେ ନଗରର ଲୋକମାନେ ବହୁତ ଖୁସି
ହେଲେ।
୯ସେହି ନଗରରେ ଶିମୋନ ନାମକ ଜଣେ ଲୋକ
ଥିଲା। ଫିଲିପ୍ପ ସେଠାକୁ ଆସିବା ପୂର୍ବରୁ ଶିମୋନ ଯାଦୁଖେଳ
ଦେଖାଇ ଶମିରୋଣର ବାସିନ୍ଦାମାନଙ୍କୁ ବିସ୍ମିତ କରିଦେଇଥିଲା।
ସେ ନିଜକୁ ବଡ଼ ମହାପୁରୁଷ ବୋଲି କହୁଥିଲା। ୧୦ତେଣୁ
ସାନ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଶିମୋନଙ୍କ ପ୍ରତି ଧ୍ୟାନ
ଦେଲେ। ଲୋକେ କହିଲେ, "ଏହି ଲୋକଠାରେ ପରମେଶ୍ୱରଙ୍କ
ଶକ୍ତି ଅଛି। ଯାହାକୁ କି 'ମହାନ ଶକ୍ତି' ବୋଲି କୁହାଯାଏ।"
୧୧ଶିମୋନ ଲୋକମାନଙ୍କୁ ବହୁତ ସମୟ ପର୍ଯ୍ୟନ୍ତ ଯାଦୁ
ବିଦ୍ୟାରେ ମୁଗ୍ଧ କରିପାରୁଥିବା କଥା ସମସ୍ତେ ଶୁଣିଲେ।
୧୨କିନ୍ତୁ ଯେତେବେଳେ ସେମାନେ ଫିଲିପ୍ପଙ୍କଠାରୁ ପରମେଶ୍ୱରଙ୍କ
ରାଜ୍ୟ ଓ ଯୀଶୁଖ୍ରୀଷ୍ଟଙ୍କ ଶକ୍ତି ବିଷୟକ ସୁସମ୍ବାଦ ଶୁଣିଲେ,
ସେତେବେଳେ ସେମାନେ ଫିଲିପ୍ପଙ୍କ କଥାରେ ବିଶ୍ୱାସ କରି
ବାପ୍ତିଜିତ ହେଲେ। ୧୩ଶିମୋନ ନିଜେ ମଧ୍ୟ ଏହା ବିଶ୍ୱାସ
କଲେ ଓ ବାପ୍ତିଜିତ ହୋଇ ଫିଲିପ୍ପଙ୍କ ସହିତ ରହିଲେ।
ସେ ଅସାଧାରଣ, ଆଶ୍ଚର୍ଯ୍ୟପୂର୍ଣ୍ଣ କାର୍ଯ୍ୟ ଓ ଚିହ୍ନମାନ ଦେଖି
ବିସ୍ମିତ ହେଲେ।
୧୪ପ୍ରେରିତମାନେ ଯିରୂଶାଲମରେ ଶୁଣିଲେ ଯେ, ଶମିରୋଣର
ଲୋକ ପରମେଶ୍ୱରଙ୍କ ବାକ୍ୟ ଗ୍ରହଣ କରିଛନ୍ତି। ତେଣୁ
ସେମାନେ ପିତର ଓ ଯୋହନଙ୍କୁ ସେମାନଙ୍କ ପାଖକୁ
ପଠାଇଲେ। ୧୫ପିତର ଓ ଯୋହନ ସେଠାରେ ପହଞ୍ଚି
ଶମିରୋଣ ବାସିନ୍ଦାମାନଙ୍କ ପାଇଁ ପ୍ରାର୍ଥନା କଲେ ଯେପରିକି
ସେମାନେ ପବିତ୍ରଆତ୍ମାଙ୍କୁ ଗ୍ରହଣ କରି ପାରିବେ। ୧୬ସେମାନେ
କେବଳ ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଥିଲେ।
କିନ୍ତୁ ସେ ପର୍ଯ୍ୟନ୍ତ କାହା ଉପରେ ପବିତ୍ରଆତ୍ମା ଅଧିଷ୍ଠିତ
ହୋଇନଥିଲେ। ୧୭ତା'ପରେ ପ୍ରେରିତମାନେ ଲୋକମାନଙ୍କ
ଉପରେ ନିଜ ହାତ ରଖିବାରୁ ସେମାନେ ପବିତ୍ରଆତ୍ମାଙ୍କୁ
ଗ୍ରହଣ କଲେ।
୧୮ପ୍ରେରିତମାନଙ୍କ ହାତ ରଖିବା ଦ୍ୱାରା ପବିତ୍ରଆତ୍ମା ପ୍ରାପ୍ତ
ହେବା ଶିମୋନ ଦେଖିଲା। ତେଣୁ ଶିମୋନ ପ୍ରେରିତମାନଙ୍କୁ
ଟଙ୍କା ଯାଚି କହିଲା, ୧୯"ମୋତେ ମଧ୍ୟ ଏହି ଶକ୍ତି ଦିଅ,
ଯେପରିକି ମୁଁ ଯାହା ଉପରେ ହାତ ରଖିବି, ସେ
ପବିତ୍ରଆତ୍ମା ପାଇପାରିବ।"
୨୦ପିତର ତାହାକୁ କହିଲେ, "ତୁମ୍ଭେ ଓ ତୁମ୍ଭର ଟଙ୍କା
ସବୁଦିନ ପାଇଁ ନଷ୍ଟ ହୋଇଯାଉ, କାରଣ ତୁମ୍ଭେ ଭାବିଲ
ଯେ, ପରମେଶ୍ୱରଙ୍କ ଦାନ ଟଙ୍କାରେ କିଣି ହେବ।

୨୧ପରମେଶ୍ୱରଙ୍କ ପ୍ରତି ତୁମ୍ଭର ହୃଦୟ ନିର୍ମଳ ନ ଥିବାରୁ
ତୁମ୍ଭେ ଆମ୍ଭ ସହିତ ଏ କାମରେ ଭାଗ ନେଇ ପାରିବ
ନାହିଁ। ୨୨ତେଣୁ ତୁମ୍ଭ ହୃଦୟ ପରିବର୍ତ୍ତନ କର ଓ ତୁମ୍ଭର
ଏହି ଦୁଷ୍କର୍ମରୁ ବିମୁଖ ହୋଇ ପ୍ରଭୁଙ୍କୁ ପ୍ରାର୍ଥନା କର।
ହୁଏତ ପରମେଶ୍ୱର ତୁମ୍ଭର ହୃଦୟରେ ଥିବା ପାପ ଚିନ୍ତାକୁ
କ୍ଷମା କରିପାରନ୍ତି। ୨୩ମୁଁ ଦେଖୁଛି, ତୁମ୍ଭ ମନରେ ତିକ୍ତତା
ପୂରିରହିଛି ଓ ପାପ ତୁମ୍ଭ ଉପରେ କର୍ତ୍ତୃତ୍ୱ କରୁଛି।"
୨୪ଶିମୋନ ଉତ୍ତର ଦେଲା, "ତୁମ୍ଭେ କହିଥିବା କୌଣସି
କଥା ଯେପରି ମୋ ପ୍ରତି ଘଟିବ ନାହିଁ, ସେଥିପାଇଁ ତୁମ୍ଭେ
ଦୁହେଁ ମୋ ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କର।"
୨୫ପ୍ରେରିତମାନେ ଶମିରୋଣର ଅନେକ ଗ୍ରାମରେ
ଶୁଭସମାଚାର କହି ଯିରୂଶାଲମକୁ ଫେରିଗଲେ। ସେମାନେ
ଫେରିବା ସମୟରେ ଶମିରୋଣୀୟମାନଙ୍କର ବହୁତ ଗ୍ରାମରେ
ସୁସମାଚାର ପ୍ରଚାର କଲେ।

## ଫିଲିପ୍ପଙ୍କର ଇଥିଓପିଆରୁ ଆସିଥିବା ଲୋକଙ୍କୁ ଶିକ୍ଷା

୨୬ପ୍ରଭୁଙ୍କର ଜଣେ ସ୍ୱର୍ଗ ଦୂତ ଫିଲିପଙ୍କୁ କହିଲେ,
"ପ୍ରସ୍ତୁତ ହୁଅ। ଯିରୂଶାଲମରୁ ମରୁଭୂମି ଦେଇ ଯେଉଁ ରାସ୍ତା
ଗଜାକୁ ଯାଉଅଛି, ସେହି ରାସ୍ତାରେ ଯାଅ।" ୨୭ଫିଲିପ୍ପ
ପ୍ରସ୍ତୁତ ହୋଇ ବାହାରିଲେ। ସେହି ରାସ୍ତାରେ ଜଣେ
ନପୁଂସକ ସଙ୍ଗରେ ଦେଖାହେଲା। ସେହି ନପୁଂସକ ଇଥିଓପିଆରୁ
ଆସିଥିଲେ। ସେ କାଣ୍ଡାକି ନାମ୍ନୀ ରାଣୀଙ୍କର ଜଣେ ଉଚ୍ଚ
ପଦସ୍ଥ କର୍ମଚାରୀ ଥିଲେ। ସେ ତାହାଙ୍କର ସମସ୍ତ ସମ୍ପତ୍ତିର
ଦାୟିତ୍ୱରେ ଥିଲେ। ନପୁଂସକ ଜଣକ ଉପାସନା କରିବା
ପାଇଁ ଯିରୂଶାଲମକୁ ଯାଇଥିଲେ। ୨୮ସେ ରଥରେ ବସି
ଫେରିବା ସମୟରେ ଭାବବାଦୀ ଯିଶାଇୟଙ୍କର ପୁସ୍ତକରୁ
ପଢୁଥିଲେ। ୨୯ସେତେବେଳେ ପବିତ୍ରଆତ୍ମା ଫିଲିପ୍ପଙ୍କୁ କହିଲେ,
"ତୁମ୍ଭେ ସେ ରଥ ପାଖକୁ ଯାଇ ସେଠାରେ ରୁହ।"
୩୦ଫିଲିପ୍ପ ରଥ ପାଖକୁ ଯାଇ ତାହାଙ୍କୁ ଯିଶାଇୟ ଭାବବାଦୀଙ୍କର
ପୁସ୍ତକ ପଢ଼ିବାର ଶୁଣିଲେ। ସେ ତାହାଙ୍କୁ ପଚାରିଲେ,
"ତୁମ୍ଭେ ଯାହା ପଢୁଛ, ତାହା କ'ଣ ବୁଝିପାରୁଛ?"
୩୧ସେ ନପୁଂସକ କହିଲେ, "ଯଦି କେହି ଏହା
ବୁଝିବାକୁ ସାହାଯ୍ୟ କରିବେନାହିଁ, ତେବେ ମୁଁ ଏହା କିପରି
ବୁଝିବି?" ତେଣୁ ସେ ଫିଲିପ୍ପଙ୍କୁ ରଥରେ ଚଢ଼ି ନିଜ
ପାଖରେ ବସିବାପାଇଁ ଅନୁରୋଧ କଲେ। ୩୨ସେ ଶାସ୍ତ୍ରର
ପାଠ କରୁଥିବା ଅଂଶ ଏହା ଥିଲା:

"ତାହାଙ୍କୁ ଗୋଟିଏ ମେଣ୍ଢା ପରି ବଧ ହେବା ପାଇଁ
ବଧସ୍ଥାନକୁ ନିଆଗଲା। ଗୋଟିଏ ମେଣ୍ଢା ଛୁଆ
ଯେପରି ଲୋମଛେଦକ ସାମନାରେ ଚୁପ୍ ହୋଇ
ଠିଆ ହୁଏ, ସେହିପରି ସେ ଚୁପ ହୋଇ ଠିଆ
ହେଲେ।
୩୩ ତାହାଙ୍କୁ ଅପମାନିତ କରାଗଲା, ଓ ତାହାଙ୍କର ସମସ୍ତ
ଅଧିକାର କାଢ଼ି ନିଆଗଲା। ଏହି ପୃଥିବୀରେ ତାହାଙ୍କର
ଜୀବନକାଳ ଶେଷ ହେଲା। କିଏ ତାହାଙ୍କ ବଂଶ
ବିଷୟରେ କଥାବାର୍ତ୍ତା କରିବ?"

ଯିଶାଇୟ ୫୩:୭-୮

୩୪ନପୁଂସକ ଫିଲିପ୍ପଙ୍କୁ କହିଲେ, "ମୋତେ ଦୟାକରି
କୁହ, କାହା ବିଷୟରେ ଭବିଷ୍ୟଦ୍‌ବକ୍ତା ଏହା କହୁଛନ୍ତି?
ସେ ତାହାଙ୍କ ନିଜ ବିଷୟରେ କହୁଛନ୍ତି ନା ଆଉ କାହା
ବିଷୟରେ କହୁଛନ୍ତି?" ୩୫ତା'ପରେ ଫିଲିପ୍ପ ଶାସ୍ତ୍ର ସେହି
ବାକ୍ୟରୁ ଆରମ୍ଭ କରି ଯୀଶୁଙ୍କର ସୁସମାଚାର ପର୍ଯ୍ୟନ୍ତ
ତାହାଙ୍କୁ କହିଲେ।
୩୬ସେମାନେ ଏହିପରି ଯାଉ ଯାଉ ଜଳଥିବା ଗୋଟିଏ
ଜାଗାରେ ପହଞ୍ଚିଲେ, ଓ ନପୁଂସକ ଜଣକ କହିଲେ,
"ଦେଖ, ଏଠାରେତ ଜଳ ଅଛି। ଏବେ ମୋର ବାପ୍ତିଜିତ
ହେବାର କିଛି ଅସୁବିଧା ଅଛି କି?" ୩୭* ୩୮ତା'ପରେ
ସେ ରଥ ରଖିବାକୁ ଆଦେଶ ଦେଲେ। ତାପରେ ଫିଲିପ୍ପ
ଓ ନପୁଂସକ ଦୁହେଁ ଜଳ ଭିତରକୁ ଓହ୍ଲାଇ ଗଲେ ଓ
ଫିଲିପ୍ପ ତାହାଙ୍କୁ ବାପ୍ତିସ୍ମ ଦେଲେ। ୩୯ସେମାନେ ଦୁହେଁ
ଜଳ ଭିତରୁ ଉଠି ଆସିବା ପରେ ପ୍ରଭୁଙ୍କର ଆତ୍ମା
ଫିଲିପ୍ପଙ୍କୁ ନେଇଗଲେ। ନପୁଂସକ ତାହାଙ୍କୁ ଆଉ ଦେଖିପାରିଲେ
ନାହିଁ। ସେ ଖୁସିରେ ତାହାଙ୍କ ବାଟରେ ଚାଲିଗଲେ।
୪୦କିନ୍ତୁ ଫିଲିପ୍ପ ଅଷ୍ଦୋଦ ନଗରରେ ଦେଖାଦେଲେ ଓ
କାଇସରୀଆ ନଗରକୁ ଯିବା ବାଟରେ ସବୁ ସହରରେ
ଲୋକମାନଙ୍କୁ ସୁସମାଚାର ପ୍ରଚାର କରି ଚାଲିଲେ।

## ଶାଉଲଙ୍କ ହୃଦୟ ପରିବର୍ତ୍ତନ

୯ ଶାଉଲ ଯିରୂଶାଲମରେ ପ୍ରଭୁଙ୍କ ଅନୁସରଣ
କାରୀମାନଙ୍କ ବିରୁଦ୍ଧରେ ହତ୍ୟାର ଭୟ ଦେଖାଇବା
ପାଇଁ ଚେଷ୍ଟା କଲେ। ୨ସେ ମହାଯାଜକଙ୍କ ପାଖକୁ ଯାଇ
ଦମ୍ମେସକ ନଗରର ଯିହୂଦୀ ପ୍ରାର୍ଥନାଗୃହ ଗୁଡ଼ିକୁ ପତ୍ର ସବୁ
ଲେଖିବା ନିମନ୍ତେ କହିଲେ। ଯେପରି ଏହାଦ୍ୱାରା ସେ
ଯେତେବେଳେ ଖ୍ରୀଷ୍ଟଙ୍କ ପଥ ଅନୁସରଣକାରୀ କୌଣସି
ପୁରୁଷ ବା ସ୍ତ୍ରୀକୁ ଦେଖନ୍ତି, ସେତେବେଳେ ସେମାନଙ୍କୁ
ବନ୍ଦୀ କରି ଯିରୂଶାଲମକୁ ନେଇ ଆସିପାରିବେ।
୩ସେ ଦମ୍ମେସକ ନିକଟକୁ ଆସିଲେ। ହଠାତ୍ ସ୍ୱର୍ଗରୁ
ଗୋଟିଏ ଆଲୋକ ତାହାଙ୍କ ଚାରିପଟେ ଉଦ୍‌ଭାସିତ ହୋଇଗଲା।
୪ସେ ଭୂମିରେ ପଡ଼ିଗଲେ। ସେ ଗୋଟିଏ ସ୍ୱର ଶୁଣିବାକୁ
ପାଇଲେ, "ଶାଉଲ, ଶାଉଲ, ତୁମ୍ଭେ ମୋତେ କାହିଁକି
ତାଡ଼ନା ଦେଉଛ?"
୫ଶାଉଲ କହିଲେ, "ପ୍ରଭୁ, ତୁମ୍ଭେ କିଏ?"
ସେ କହିଲେ, "ମୁଁ ଯୀଶୁ, ଯାହାଙ୍କୁ ତୁମ୍ଭେ ତାଡ଼ନା
କରୁଛ। ୬ଏବେ ଉଠ ଓ ନଗରକୁ ଯାଅ। ସେଠାରେ
ତୁମ୍ଭକୁ କ'ଣ କରିବାକୁ ହେବ, ତାହା ତୁମ୍ଭକୁ ଜଣେ
କହିବେ।"
୭ତାହାଙ୍କ ସହିତ ଯାତ୍ରା କରୁଥିବା ଲୋକମାନେ ଆଶ୍ଚର୍ଯ୍ୟ
ହୋଇ ଠିଆ ହେଲେ। ସେମାନେ ଏହି କଥା ଶୁଣିଲେ,

---

**ପଦସଂଖ୍ୟା ୩୭** କେତେକ ନୂତନ ସଂସ୍କରଣ ଗୁଡ଼ିକରେ ୩୭
ପଦ ଯୋଗ କରାଯାଇଛି। "ଫିଲିପ୍ପ ଉତ୍ତର ଦେଲେ, "ଯଦି
ତୁମ୍ଭେ ହୃଦୟର ସହ ବିଶ୍ୱାସ କରୁଛ, ତେବେ ବାପ୍ତିଜିତ
ହୋଇପାର।" ନପୁଂସକ କହିଲେ "ହଁ, ମୁଁ ବିଶ୍ୱାସ କରେ ଯେ,
ଯୀଶୁଖ୍ରୀଷ୍ଟ ପରମେଶ୍ୱରଙ୍କର ପୁତ୍ର।"

କିନ୍ତୁ କାହାକୁ ସେଠାରେ ଦେଖିଲେ ନାହିଁ। ୮ଶାଉଲ
ଭୂମିଉପରୁ ଉଠିଲେ, କିନ୍ତୁ କିଛି ଦେଖି ପାରିଲେ ନାହିଁ।
ତେଣୁ ଲୋକମାନେ ତାହାଙ୍କର ହାତ ଧରି ଦମ୍ମେସକକୁ
ନେଇଗଲେ। ୯ସେ ତିନି ଦିନ ପର୍ଯ୍ୟନ୍ତ କିଛି ଦେଖି
ପାରିଲେ ନାହିଁ ଓ କିଛି ଖିଆପିଆ ମଧ୍ୟ କଲେ ନାହିଁ।
୧୦ହନନିୟ ନାମକ ଜଣେ ଯୀଶୁଙ୍କର ଶିଷ୍ୟ ଦମ୍ମେସକରେ
ଥିଲେ। ପ୍ରଭୁ ତାହାଙ୍କୁ ଦର୍ଶନ ଦେଇ କହିଲେ, "ହନନିୟ!"
ହନନୀୟ କହିଲେ, "ପ୍ରଭୁ, ମୁଁ ଏଠାରେ ଅଛି।"
୧୧ପ୍ରଭୁ ତାହାଙ୍କୁ କହିଲେ, "ଉଠ ଓ ସଳଖ ନାମକ
ରାସ୍ତାକୁ ଯାଅ ଏବଂ ଯିହୂଦାଙ୍କ ଘରେ ତାର୍ଷ ନଗରର
ଶାଉଲ ନାମକ ଜଣେ ବ୍ୟକ୍ତିର ସନ୍ଧାନ ନିଅ। ଯେହେତୁ
ସେ ପ୍ରାର୍ଥନା କରୁଅଛି। ୧୨ଏହି ଶାଉଲ ଗୋଟିଏ ଦର୍ଶନ
ଦେଖିଅଛି ଯେ, ହନନିୟ ନାମକ ଜଣେ ଲୋକ ତା’
ନିକଟକୁ ଆସି, ତା’ ଉପରେ ହାତଥୋଇ ପ୍ରାର୍ଥନା କରୁଅଛି,
ଓ ତାହାଦ୍ୱାରା ସେ ପୁଣି ଦେଖିପାରୁଛି।"
୧୩ହନନିୟ ଉତ୍ତର ଦେଲେ, "ପ୍ରଭୁ, ମୁଁ ବହୁତ
ଲୋକଙ୍କଠାରୁ ଏହି ଲୋକ ବିଷୟରେ ଶୁଣିଛି। ମୁଁ ଶୁଣିଛି
ଯେ, ସେ ଯିରୂଶାଲମରେ ଆପଣଙ୍କ ପବିତ୍ର ଲୋକମାନଙ୍କ
ପ୍ରତି ବହୁତ ଅତ୍ୟାଚାର କରିଛି। ୧୪ଏଠାରେ ମଧ୍ୟ ସେହି
ଲୋକଟି ପ୍ରଧାନ ଯାଜକମାନଙ୍କଠାରୁ କ୍ଷମତା ପାଇ ଆପଣଙ୍କୁ
ବିଶ୍ୱାସ କରୁଥିବା ସମସ୍ତ ଲୋକମାନଙ୍କୁ ବନ୍ଦୀ କରିବାପାଇଁ
ଆସିଛି।"
୧୫କିନ୍ତୁ ପ୍ରଭୁ ତାହାଙ୍କୁ କହିଲେ, "ତୁମ୍ଭେ ଯାଅ, କାରଣ
ଏହି ଲୋକକୁ ମୁଁ ଏକ ବିଶେଷ କାର୍ଯ୍ୟ ପାଇଁ ବାଛିଛି।
ଅଣଯିହୂଦୀ, ରାଜା ଓ ଇସ୍ରାୟେଲର ଲୋକମାନଙ୍କ ଆଗରେ
ସେ ମୋ ନାମରେ ସାକ୍ଷ୍ୟ ଦେବ। ୧୬ମୋ ନାମ ପାଇଁ
ତାହାକୁ ଯେ, କେତେ କଷ୍ଟ ଦେଇ ଯିବାକୁ ହେବ ମୁଁ
ନିଜେ ତାହାକୁ ଜଣାଇବି।"
୧୭ତେଣୁ ହନନିୟ ଯିହୂଦାଙ୍କ ଘରକୁ ଯାଇ ଶାଉଲଙ୍କ
ଉପରେ ହାତ ରଖିଲେ, ଓ କହିଲେ, "ଭାଇ ଶାଉଲ!
ପ୍ରଭୁ ଯୀଶୁ ମୋତେ ପଠାଇଛନ୍ତି, ସେ ତୁମ୍ଭର ଆସିବା
ବାଟରେ ତୁମ୍ଭକୁ ଦର୍ଶନ ଦେଇଥିଲେ, ଯେପରି ତୁମ୍ଭେ ପୁଣି
ଥରେ ଦେଖିପାରିବ ଓ ପବିତ୍ରଆତ୍ମାରେ ପରିପୂର୍ଣ୍ଣ
ହୋଇପାରିବ।" ୧୮ଏହି କଥା କହିବା ସଙ୍ଗେସଙ୍ଗେ ଶାଉଲଙ୍କ
ଆଖିରୁ ମାଛ କାତି ପରି କିଛି ଖସି ପଡ଼ିଲା। ସେ ଦେଖି
ପାରିଲେ। ତାପରେ ସେ ଉଠି ବାପ୍ତିଜିତ ହେଲେ। ୧୯କିଛି
ଖାଦ୍ୟ ଖାଇବା ପରେ ତାହାଙ୍କର ବଳ ଆସିଲା। ସେ
ଦମ୍ମେସକ ନଗରରେ ଶିଷ୍ୟମାନଙ୍କ ସହିତ କିଛି ସମୟ
ରହିଲେ।

## ଦମ୍ମେସକରେ ଶାଉଲଙ୍କ ପ୍ରଚାର

୨୦ତାପରେ ଶାଉଲ ସିଧା ଯିହୂଦୀ ପ୍ରାର୍ଥନାଗୃହମାନଙ୍କରେ
ପହଞ୍ଚି ସେଠାରେ ଯୀଶୁଙ୍କ ବିଷୟରେ ପ୍ରଚାର କଲେ। ସେ
ଲୋକମାନଙ୍କୁ କହିବାକୁ ଲାଗିଲେ, "ଯୀଶୁ ପରମେଶ୍ୱରଙ୍କର
ପୁତ୍ର ଅଟନ୍ତି।"
୨୧ତାହାଙ୍କ କଥା ଶୁଣୁଥିବା ସମସ୍ତ ଲୋକ ଆଶ୍ଚର୍ଯ୍ୟ
ହେଲେ। ସେମାନେ କହିଲେ, "ଏ କ’ଣ ସେହି ଲୋକ
ନୁହେଁ, ଯିଏ ଏହି ନାମରେ ବିଶ୍ୱାସ କରୁଥିବା ଯିରୂଶାଲମର
ଲୋକମାନଙ୍କୁ ତାଡ଼ନା କରୁଥିଲା? ଏହି ଲୋକ କ’ଣ ସେ
ନୁହେଁ, ଯେ କି ସେମାନଙ୍କୁ ବାନ୍ଧି ନେଇ ପ୍ରଧାନଯାଜକମାନଙ୍କ
ପାଖକୁ ନେଇଯିବା ପାଇଁ ଏଠାକୁ ଆସିଥିଲା।"
୨୨କିନ୍ତୁ ଶାଉଲ ଅଧିକ ଶକ୍ତିଶାଳୀ ହୋଇ ଉଠିଲେ।
ସେ ପ୍ରମାଣ କରିଦେଲେ ଯେ ଯୀଶୁ ହେଉଛନ୍ତି ଖ୍ରୀଷ୍ଟ।
ତାହାଙ୍କ ପ୍ରମାଣ ସବୁ ଏତେ ଦୃଢ଼ଥିଲା ଯେ, ଦମ୍ମେସକର
ଯିହୂଦୀମାନେ ଏ ବିଷୟରେ ତାହାଙ୍କ ସହିତ ଯୁକ୍ତି କରିପାରୁ
ନ ଥିଲେ।

## ଶାଉଲ ଯିହୂଦୀଙ୍କଠାରୁ ରକ୍ଷା ପାଇବା

୨୩ଅନେକ ଦିନ ବିତିଗଲା ପରେ ଯିହୂଦୀମାନେ ଶାଉଲଙ୍କୁ
ମାରିଦେବା ପାଇଁ ଷଡ଼ଯନ୍ତ୍ର କଲେ। ୨୪ଯିହୂଦୀମାନେ ତାହାଙ୍କୁ
ମାରିବାପାଇଁ ଦିନରାତି ନଗରର ଫାଟକଗୁଡ଼ିକ ପାଖରେ
ଜଗି ବସିଲେ। କିନ୍ତୁ ଶାଉଲ ଏହା ଜାଣିପାରିଲେ। ୨୫କିନ୍ତୁ
ତାହାଙ୍କର ଅନୁସରଣକାରୀ ତାହାଙ୍କୁ ଦିନେ ରାତିରେ
ଟୋକେଇରେ ନେଇ ନଗରର ପାଚେରୀ ଆରପଟେ
ଛାଡ଼ିଦେଲେ।

## ଯିରୂଶାଲମରେ ଶାଉଲ

୨୬ଶାଉଲ ଯିରୂଶାଲମରେ ପହଞ୍ଚି ବିଶ୍ୱାସୀ ଶିଷ୍ୟମାନଙ୍କ
ସହିତ ଯୋଗଦେବା ପାଇଁ ଚେଷ୍ଟା କଲେ, କିନ୍ତୁ ସେମାନେ
ସମସ୍ତେ ତାହାଙ୍କୁ ଭୟ କରୁଥିଲେ। ସେ ଯେ ପ୍ରକୃତରେ
ଯୀଶୁଙ୍କର ଶିଷ୍ୟ ହୋଇଅଛନ୍ତି, ଏହା ଶିଷ୍ୟମାନେ ବିଶ୍ୱାସ
କଲେ ନାହିଁ। ୨୭ମାତ୍ର ବର୍ଣ୍ଣବ୍ବା, ଶାଉଲଙ୍କୁ ଗ୍ରହଣ କଲେ
ଓ ତାହାଙ୍କୁ ସାଙ୍ଗରେ ନେଇ ପ୍ରେରିତମାନଙ୍କ ପାଖକୁ
ଗଲେ। ଦମ୍ମେସକକୁ ଯିବା ବାଟରେ ଶାଉଲ କିପରି
ପ୍ରଭୁଙ୍କ ଦର୍ଶନ ପାଇଥିଲେ, ଓ ପ୍ରଭୁ ତାହାଙ୍କ ସହ କିପରି
କଥା ହେଲେ, ଏହା ପ୍ରେରିତମାନଙ୍କୁ ବୁଝାଇ କହିଲେ।
ଶାଉଲ ଦମ୍ମେସକରେ କିପରି ନିର୍ଭୀକ ଭାବରେ ଯୀଶୁଙ୍କ
ନାମରେ ପ୍ରଚାର କରିଥିଲେ, ଏହା ସବୁ ମଧ୍ୟ ସେ
ସେମାନଙ୍କୁ ବୁଝାଇ ଦେଲେ।
୨୮ତାପରେ ଶାଉଲ ସେମାନଙ୍କ ସହିତ ରହି, ଯିରୂଶାଲମର
ପ୍ରତ୍ୟେକ ସ୍ଥାନରେ ପ୍ରଭୁଙ୍କର ନାମରେ ସାହସର ସହିତ
ପ୍ରଚାର କଲେ। ୨୯ସେ ଗ୍ରୀକ୍ ଭାଷାଭାଷୀ ଯିହୂଦୀମାନଙ୍କ
ସହିତ କଥାବାର୍ତ୍ତା କରୁଥିଲେ, ଏବଂ ବାଦାନୁବାଦ ମଧ୍ୟ
କରୁଥିଲେ। କିନ୍ତୁ ସେମାନେ ତାହାଙ୍କୁ ମାରିବା ପାଇଁ ଚେଷ୍ଟା
କଲେ। ୩୦ଭାଇମାନେ ଏହା ଜାଣିପାରି ତାହାଙ୍କୁ କାଇସରୀଆ
ନଗରରୁ ଆଣି ତାର୍ଷ ନଗରକୁ ପଠାଇଦେଲେ।
୩୧ଏହାଦ୍ୱାରା ଯିହୂଦା, ଶମିରୋଣ ଓ ଗାଲୀଲୀର ମଣ୍ଡଳୀରେ
ଶାନ୍ତ ଥିଲା, ଓ ଏହା ଶକ୍ତିଶାଳୀ ହେଉଥିଲା। ବିଶ୍ୱାସୀମାନଙ୍କ
ସଂଖ୍ୟା ବଢ଼ିବାରେ ଲାଗିଲା। ପ୍ରଭୁଙ୍କ ଭୟ ଓ ପବିତ୍ର
ଆତ୍ମାର ସହାୟତା ପାଇ ସେମାନେ ରହୁଥିଲେ।
୩୨ଇତିମଧ୍ୟରେ ପିତର ବିଭିନ୍ନ ଅଞ୍ଚଳ ବୁଲିବୁଲି ଶେଷରେ
ଲୂଦ ନଗରରେ ରହୁଥିବା ସାଧୁମାନଙ୍କ ପାଖରେ ଆସି
ପହଞ୍ଚିଲେ। ୩୩ସେଠାରେ ସେ ଏନିୟ ନାମକ ଜଣେ
ପକ୍ଷାଘାତ ରୋଗୀକୁ ଦେଖିଲେ। ସେ ଆଠ ବର୍ଷ ଯାଏ

ଶଯ୍ୟାଶାୟୀ ଅବସ୍ଥାରେ ପଡ଼ିଥିଲା। ୩୪ପିତର ତାହାଙ୍କୁ କହିଲେ,
“ଏନିୟ, ଯୀଶୁ ଖ୍ରୀଷ୍ଟ ତୁମ୍ଭକୁ ସୁସ୍ଥ କରୁଛନ୍ତି, ଉଠ ଓ
ତୁମ୍ଭ ବିଛଣା ନିଜେ ସଜାଡ଼।” ଏହା କହିବା ମାତ୍ରେ ସେ
ଉଠିଗଲା।” ୩୫ଏହା ଦେଖି ଲୂଦ ଓ ଶାରୋଣର ସମସ୍ତ
ବାସିନ୍ଦାମାନେ ମନ ଫେରିଣ କରି ପ୍ରଭୁଙ୍କଠାରେ ବିଶ୍ୱାସ
କଲେ।

## ଲୂଦ ଓ ଯାଫୋରେ ପିତର

୩୬ଟାବୀଥା ନାମକ ଜଣେ ଶିଷ୍ୟା ଯାଫୋ ନଗରରେ
ରହୁଥିଲେ। (ଯାହାର ଗ୍ରୀକ ଅନୁବାଦ ଦର୍କା ଅର୍ଥାତ୍
ହରିଣୀ)। ସେ ସବୁବେଳେ ଗରୀବ ଲୋକମାନଙ୍କୁ ଦାନ
ଦେଉଥିଲେ ଓ ଲୋକମାନଙ୍କର ଉପକାର କରୁଥିଲେ।
୩୭ପିତର ଯେତେବେଳେ ଲୂଦରେ ଥିଲେ, ସେତେବେଳେ
ସେ ଅସୁସ୍ଥ ହୋଇ ମରିଗଲେ। ଲୋକମାନେ ତାହାଙ୍କର
ଶରୀରକୁ ଧୋଇ ଉପର ମହଲାର କୋଠରୀରେ ଶୁଆଇ
ଦେଲେ। ୩୮ଯାଫୋର ବିଶ୍ୱାସୀ ଶିଷ୍ୟମାନେ ଶୁଣିଲେ ଯେ,
ପିତର ଲୂଦରେ ଅଛନ୍ତି। ଲୂଦ ଯାଫୋର ପାଖରେ ଥିଲା।
ତେଣୁ ସେମାନେ ଦୁଇଜଣଙ୍କୁ ପିତରଙ୍କ ପାଖକୁ ପଠାଇ
ଏହି ନିବେଦନ କଲେ, “ଆମ୍ଭ ପାଖକୁ ଶୀଘ୍ର ଆସନ୍ତୁ।”
୩୯ତେଣୁ ପିତର ପ୍ରସ୍ତୁତ ହେଲେ ଏବଂ ସେମାନଙ୍କ ସହିତ
ଗଲେ। ସେ ଯେତେବେଳେ ପହଞ୍ଚିଲେ, ସେମାନେ ତାହାଙ୍କୁ
ଉପର କୋଠରୀକୁ ନେଇ ଗଲେ। ପିତରଙ୍କ ଚାରିପାଖେ
ବିଧବାମାନେ ଠିଆହୋଇ କାନ୍ଦୁଥିଲେ। ଟାବୀଥା ସେମାନଙ୍କ
ସହିତ ଜୀବିତ ଥିବା ସମୟରେ ଯେଉଁ କୁର୍ତ୍ତା ଓ ଅନ୍ୟ
ଲୁଗାପଟା ତିଆରି କରିଥିଲେ, ସେଗୁଡ଼ିକ ସେମାନେ ପିତରଙ୍କୁ
ଦେଖାଇଲେ। ୪୦ପିତର କୋଠରୀ ଭିତରୁ ସମସ୍ତଙ୍କୁ ବାହାର
କରି ଆଣ୍ଠୁମାଡ଼ି ପ୍ରାର୍ଥନା କଲେ। ତା'ପରେ ସେ ଟାବୀଥାଙ୍କ
ଶରୀର ପାଖକୁ ଯାଇ କହିଲେ, “ଟାବୀଥା, ଉଠ।” ସେ
ଆଖି ଖୋଲିଲେ ଓ ପିତରଙ୍କୁ ଦେଖି ଉଠି ବସିଲେ।
୪୧ପିତର ତାହାଙ୍କର ହାତ ଧରି ଉଠେଇଲେ ଓ ବିଶ୍ୱାସୀମାନଙ୍କୁ
ଓ ବିଧବାମାନଙ୍କୁ କୋଠରୀ ମଧ୍ୟକୁ ଡାକିଲେ ଓ ଟାବୀଥାକୁ
ଜୀବିତ ଦେଖାଇଲେ। ୪୨ଏହି ଖବର ଯାଫୋର ଚାରିଆଡ଼େ
ବ୍ୟାପିଗଲା। ଅନେକ ଲୋକ ପ୍ରଭୁଙ୍କ ପାଖରେ ବିଶ୍ୱାସ
କଲେ। ୪୩ତା'ପରେ ପିତର ଯାଫୋ ନଗରରେ ଶିମୋନ
ନାମକ ଜଣେ ଚର୍ମକାରଙ୍କ ଘରେ ବହୁତ ଦିନ
ରହିଲେ।

## ପିତର ଓ କର୍ଣ୍ଣୀଲିୟ

୧୦ କାଇସରୀଆ ନଗରରେ କର୍ଣ୍ଣୀଲିୟ ନାମକ ଜଣେ
ଲୋକ ଥିଲେ। ଇତାଲିଆ ନାମକ ରୋମୀୟ
ସୈନ୍ୟବାହିନୀର ଏକ ବିଭାଗରେ ପଦାଧିକାରୀ ଥିଲେ।
୨ସେ ଜଣେ ଧାର୍ମିକ ଲୋକ ଥିଲେ, ଓ ତାହାଙ୍କ ଗୃହରେ
ବାସ କରୁଥିବା ଲୋକମାନଙ୍କ ସହ ସେ ସତ୍ୟ ପରମେଶ୍ୱରଙ୍କର
ଉପାସନା କରୁଥିଲେ। ସେ ଗରିବମାନଙ୍କୁ ବହୁତ ଦାନ
ଦେଉଥିଲେ ଓ ସବୁବେଳେ ପରମେଶ୍ୱରଙ୍କ ନିକଟରେ
ପ୍ରାର୍ଥନା କରୁଥିଲେ। ୩ଦିନେ ଅପରାହ୍ନ ପ୍ରାୟ ତିନିଟା
ସମୟରେ ସେ ଏକ ଦର୍ଶନ ଦେଖିଲେ। ସେ ଜଣେ
ସର୍ଗଦୂତଙ୍କୁ ତାହାଙ୍କ ନିକଟକୁ ଆସୁଥିବାର ସ୍ପଷ୍ଟ ଭାବେ
ଦେଖିଲେ। ସେ ତାହାଙ୍କୁ କହିଲେ, “କର୍ଣ୍ଣୀଲିୟ।”
୪କର୍ଣ୍ଣୀଲିୟ ତାହାଙ୍କ ଆଡକୁ ଚାହିଁଲେ, ଏବଂ ଭୟରେ
କହିଲେ, “ମହାଶୟ, ଆପଣ କ'ଣ ଚାହାଁନ୍ତି?”
ସ୍ୱର୍ଗଦୂତ ତାହାଙ୍କୁ କହିଲେ, “ପରମେଶ୍ୱର ତୁମ୍ଭର
ପ୍ରାର୍ଥନା ଶୁଣିଅଛନ୍ତି। ତୁମ୍ଭେ ଗରୀବମାନଙ୍କୁ ଯେଉଁସବୁ ଦାନ
ଦେଇଅଛ, ତାହା ମଧ୍ୟ ସେ ଦେଖିଅଛନ୍ତି। ତେଣୁ ସେ
ତୁମ୍ଭକୁ ସ୍ମରଣ କରିଅଛନ୍ତି।” ୫ବର୍ତ୍ତମାନ ଯାଫୋ ନଗରକୁ
ତୁମ୍ଭେ ତୁମ୍ଭର ଲୋକମାନଙ୍କୁ ପଠାଇ ଶିମୋନ ନାମକ
ଗୋଟିଏ ଲୋକଙ୍କୁ ସେଠାରୁ ଆଣ। ସେହି ଶିମୋନ,
ପିତର ନାମରେ ମଧ୍ୟ ପରିଚିତ। ୬ପିତର ସମୁଦ୍ରକୂଳ
ପାଖରେ ରହୁଥିବା ଶିମୋନ ନାମକ ଜଣେ ଚର୍ମକାରଙ୍କ
ସଂଗେ ରହୁଛନ୍ତି।” ୭ଏହା କହି ସ୍ୱର୍ଗଦୂତ ଚାଲିଗଲେ।
ଏହାପରେ କର୍ଣ୍ଣୀଲିୟ ନିଜର ବ୍ୟକ୍ତିଗତ ସହକାରୀ ମଧ୍ୟରୁ
ତାହାଙ୍କର ଦୁଇଜଣ ସେବକ ଓ ଜଣେ ନିଷ୍ଠାପର ସୈନିକକୁ
ଡାକିଲେ। ୮ସେ ସେମାନଙ୍କୁ ସମସ୍ତ ଘଟଣା କହି ଯାଫୋକୁ
ପଠାଇଲେ।
୯ତହିଁ ଆରଦିନ ସେମାନେ ଯାଫୋ ନଗର ନିକଟରେ
ପହଞ୍ଚିଲେ, ସେତେବେଳେ ପିତର ଛାତ ଉପରକୁ ପ୍ରାର୍ଥନା
କରିବାପାଇଁ ଯାଇଥିଲେ। ତାହାପ୍ରାୟ ଦ୍ୱିପହର ସମୟ ଥିଲା।
୧୦ତେଣୁ ପିତରଙ୍କୁ ବହୁତ ଭୋକ ଲାଗିବାରୁ ସେ ଖାଇବା
ପାଇଁ ଇଚ୍ଛା କରୁଥିଲେ। ସେମାନେ ପିତରଙ୍କ ନିମନ୍ତେ
ଖାଦ୍ୟ ତିଆରି କରୁଥିବା ସମୟରେ ସେ ଗୋଟିଏ ସ୍ୱପ୍ନ
ଦେଖିଲେ। ୧୧ସେ ଦେଖିଲେ ଯେ, ସ୍ୱର୍ଗ ଖୋଲିଗଲା ଓ
ତା' ଭିତରୁ ଗୋଟିଏ ବଡ଼ ଚାଦର ଭଳି କିଛି ଗୋଟାଏ
ଚାରି କୋଣ ଧରା ହୋଇ ତଳକୁ ପୃଥିବୀକୁ ଖସୁଛି।
୧୨ତାଭିତରେ ପୃଥିବୀର ବିଭିନ୍ନ ପ୍ରକାରର ପଶୁପକ୍ଷୀ ଓ
ସରୀସୃପ ପ୍ରାଣୀମାନ ଥିଲେ। ୧୩ତାପରେ ତାହାଙ୍କୁ ଗୋଟିଏ
ବାଣୀ ଶୁଭିଲା, “ପିତର, ଉଠ, ଏହି ପଶୁମାନଙ୍କ ମଧ୍ୟରୁ
ଯେ କୌଣସିଟିକୁ ମାରି ଓ ଖାଅ।”
୧୪ପିତର କହିଲେ, “ନା ପ୍ରଭୁ। ମୁଁ କେବେ କୌଣସି
ଅପବିତ୍ର ବା ଅପରିଷ୍କାର ଖାଦ୍ୟ ଖାଇ ନାହିଁ।”
୧୫ମାତ୍ର ସେହି ସ୍ୱର ତାହାଙ୍କୁ ପୁଣି କହିଲେ, “ପରମେଶ୍ୱର
ଯେଉଁ ବିଷୟକୁ ପବିତ୍ର କରିଛନ୍ତି, ତୁମ୍ଭେ ତାକୁ ଅପବିତ୍ର
କୁହନାହିଁ।” ୧୬ଏହିପରି ତିନିଥର ହେବାପରେ ସେ ଜିନିଷଟି
ହଠାତ୍ ସ୍ୱର୍ଗକୁ ଉଠି ଚାଲିଗଲା।
୧୭ପିତର ଯେଉଁ ଦୃଶ୍ୟ ଦେଖି ଥିଲେ, ତାର ଅର୍ଥ
ବିଷୟରେ ଚିନ୍ତା କରି ହତବୁଦ୍ଧି ହୋଇ ପଡିଲେ। ଏହି
ସମୟରେ କର୍ଣ୍ଣୀଲିୟଙ୍କ ଯେଉଁ ଲୋକମାନେ ଶିମୋନଙ୍କର
ଘର ଖୋଜୁଥିଲେ, ସେମାନେ ଆସି ଫାଟକ ନିକଟରେ
ଠିଆହୋଇଥିଲେ। ୧୮ସେମାନେ ତାହାଙ୍କୁ ଡାକିଲେ ଓ
ପିତର ନାମରେ ପରିଚିତ ଶିମୋନ ସେଠାରେ ଅତିଥି
ଭାବରେ ରହୁଛନ୍ତି କି ନାହିଁ ପଚାରିଲେ।
୧୯ସେପର୍ଯ୍ୟନ୍ତ ପିତର ସେହି ଦର୍ଶନ ବିଷୟରେ ଚିନ୍ତା
କରୁଥିଲେ। ସେହି ସମୟରେ ପବିତ୍ରଆତ୍ମା ତାହାଙ୍କୁ କହିଲେ,
“ଶୁଣ, ତିନିଜଣ ଲୋକ ତୁମ୍ଭକୁ ଖୋଜୁଛନ୍ତି। ୨୦ତେଣୁ ଉଠ

ଓ ତଳକୁ ଯାଅ। ସେହି ଲୋକମାନଙ୍କ ସହିତ ଯାଅ ଓ
ସେମାନଙ୍କୁ କିଛି ପଚାରନାହିଁ। କାରଣ ମୁଁ ସେମାନଙ୍କୁ
ପଠାଇଛି।" ୨୧ପିତର ତଳକୁ ଗଲେ ଓ ସେମାନଙ୍କୁ
କହିଲେ, "ତୁମ୍ଭେମାନେ ଯାହାକୁ ଖୋଜୁଛ ମୁଁ ସେହିଲୋକ।
ତୁମ୍ଭେମାନେ ଏଠାକୁ କାହିଁକି ଆସିଛ?"
୨୨ସେମାନେ ତାହାଙ୍କୁ କହିଲେ, "ଆମ୍ଭମାନଙ୍କୁ
ସୈନ୍ୟବାହିନୀର ଅଧିକାରୀ କର୍ଣ୍ଣିଲିୟ ପଠାଇଛନ୍ତି। ସେ
ପରମେଶ୍ୱରଙ୍କୁ ଭୟ କରୁଥିବା ଜଣେ ଉତ୍ତମ ବ୍ୟକ୍ତି।
ତାହାଙ୍କୁ ଯିହୂଦୀମାନେ ବହୁତ ସମ୍ମାନ ଦିଅନ୍ତି। ଜଣେ
ପବିତ୍ର ସ୍ୱର୍ଗଦୂତ କର୍ଣ୍ଣିଲିୟଙ୍କୁ ଦର୍ଶନ ଦେଇ ତୁମ୍ଭକୁ
ତାହାଙ୍କ ଘରକୁ ନିମନ୍ତ୍ରଣ କରିବା ପାଇଁ କହିଛନ୍ତି, ଯେପରି
ସେ ତୁମ୍ଭ ନିକଟରୁ କଥା ଶୁଣିପାରନ୍ତି।" ୨୩ତେଣୁ ପିତର
ସେମାନଙ୍କୁ ଭିତରକୁ ଡାକିଲେ ଓ ରାତିରେ ରହିବାକୁ
ଜାଗାଟିଏ ଦେଲେ।

ତହିଁ ଆରଦିନ ସେ ସେମାନଙ୍କ ସହିତ ପ୍ରସ୍ତୁତ ହୋଇ
ଚାଲିଗଲେ। ଯାଫୋର କେତେକ ଭାଇମାନେ ମଧ୍ୟ ତାହାଙ୍କ
ସହିତ ଆସିଥିଲେ। ୨୪ତହିଁ ଆରଦିନ ସେ କାଇସରୀୟା
ନଗରରେ ପହଞ୍ଚିଲେ। କର୍ଣ୍ଣିଲିୟ ନିଜର ବନ୍ଧୁବାନ୍ଧବ ଓ
ଘନିଷ୍ଠ ବନ୍ଧୁମାନଙ୍କୁ ଡକାଇ ସେମାନଙ୍କ ଅପେକ୍ଷାରେ ଥିଲେ।
୨୫ପିତର ଘରେ ପ୍ରବେଶ କରିବା ବେଳେ କର୍ଣ୍ଣିଲିୟ
ତାହାଙ୍କୁ ସାକ୍ଷାତ କରି ତାହାଙ୍କ ପାଦତଳେ ପଡି ପ୍ରଣାମ
କଲେ। ୨୬ପିତର ତାହାଙ୍କୁ ଉଠାଇ ଦେଇ କହିଲେ,
"ଉଠ, ମୁଁ ତୁମ୍ଭପରି କେବଳ ଜଣେ ମଣିଷ।" ୨୭ପିତର
ତାହାଙ୍କ ସହିତ କଥା ହେଉ ହେଉ ଭିତରକୁ ଗଲେ।
ସେଠାରେ ସେ ବହୁତ ଲୋକମାନଙ୍କୁ ଏକତ୍ରିତ ହେବାର
ଦେଖିଲେ। ୨୮ସେ ସେମାନଙ୍କୁ କହିଲେ, "ତୁମ୍ଭେମାନେ
ଜାଣିଛ ଯେ, କୌଣସି ଯିହୂଦୀ ଅନ୍ୟ ସହିତ ମିଶିବା ବା
ଅନ୍ୟ ଜାତିର ଲୋକଙ୍କ ଘରକୁ ଯିବା ଯିହୂଦୀୟ ବ୍ୟବସ୍ଥା
ବିରୁଦ୍ଧ। କିନ୍ତୁ କୌଣସି ଲୋକକୁ 'ଅପବିତ୍ର' ଓ 'ଅପରିଚ୍ଛନ୍ନ'
ନ କହିବା ପାଇଁ ପରମେଶ୍ୱର ମୋତେ ଦେଖାଇଛନ୍ତି।
୨୯ତେଣୁ ମୁଁ ନିମନ୍ତ୍ରଣ ପାଇ ବିନା ଆପତ୍ତିରେ ଏଠାକୁ
ଚାଲିଆସିଲି। ମୋତେ ବର୍ତ୍ତମାନ କୁହ, ତୁମ୍ଭେମାନେ ମୋତେ
କାହିଁକି ଡକାଇଥିଲ?"
୩୦କର୍ଣ୍ଣିଲିୟ କହିଲେ, "ମୁଁ ଠିକ୍ ଚାରିଦିନ ଆଗରୁ
ମୋ ଘରେ ଅପରାହ୍ନ ପ୍ରାୟ ତିନିଟା ବେଳେ ପ୍ରାର୍ଥନା
କରୁଥିଲି। ସେତେବେଳେ ହଠାତ୍ ଜଣେ ସ୍ୱର୍ଗଦୂତ, ଉଜ୍ଜ୍ୱଳ
ଓ ଝଲସୁଥିବା ବସ୍ତ୍ର ପିନ୍ଧି ମୋ ସାମନାରେ ଠିଆ
ହୋଇଗଲେ। ୩୧ସେ କହିଲେ, 'କର୍ଣ୍ଣିଲିୟ, ପରମେଶ୍ୱର
ତୁମ୍ଭର ପ୍ରାର୍ଥନା ଶୁଣିଛନ୍ତି ଓ ତୁମ୍ଭେ ଗରିବମାନଙ୍କୁ ଦେଇଥିବା
ଦାନ ମନେ ରଖିଛନ୍ତି। ୩୨ତେଣୁ ଯାଫୋକୁ ଲୋକ ପଠାଇ
ପିତର ନାମରେ ପରିଚିତ ଶିମୋନଙ୍କୁ ଏଠାକୁ ଡକାଅ। ସେ
ସମୁଦ୍ର କୂଳରେ ଚର୍ମକାର ଶିମୋନଙ୍କ ଘରେ ରହୁଛନ୍ତି।'
୩୩ତେଣୁ ମୁଁ ଆପଣଙ୍କୁ ସଙ୍ଗେସଙ୍ଗେ ଡ଼କାଇ ପଠାଇଲି।
ଆପଣ ଏଠାକୁ ଆସି ଭଲ କରିଛନ୍ତି। ପ୍ରଭୁ ଆପଣଙ୍କୁ
ଯାହା କହିବାପାଇଁ ଆଦେଶ ଦେଇଛନ୍ତି, ତାହା ଶୁଣିବାପାଇଁ
ଆମ୍ଭେ ସମସ୍ତେ ଏଠାରେ ପ୍ରଭୁଙ୍କ ସମ୍ମୁଖରେ ଅପେକ୍ଷା କରି
ରହିଛୁ।"

## କର୍ଣ୍ଣୀଲିୟଙ୍କ ଘରେ ପିତରଙ୍କ ଶିକ୍ଷା

୩୪ପିତର କହିବା ଆରମ୍ଭ କଲେ, "ମୁଁ ବର୍ତ୍ତମାନ
ପ୍ରକୃତରେ ବୁଝିପାରୁଛି, ପରମେଶ୍ୱରଙ୍କ ଦୃଷ୍ଟିରେ ପ୍ରତ୍ୟେକ
ଲୋକ ସମାନ। ତାହାଙ୍କ ପାଖରେ କୌଣସି ଭେଦଭାବ
ନାହିଁ। ୩୫କିନ୍ତୁ ପରମେଶ୍ୱର ତାହାଙ୍କୁ ଉପାସନା କରୁଥିବା
ଓ ଉତ୍ତମ କର୍ମ କରୁଥିବା ଲୋକଙ୍କୁ ଗ୍ରହଣ କରନ୍ତି।
୩୬ପରମେଶ୍ୱର ଇସ୍ରାୟେଲ ଲୋକମାନଙ୍କ ପାଖକୁ ତାହାଙ୍କ
ସମାଚାର ପଠାଇଥିଲେ। ସେ ମଧ୍ୟ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା
ତାହାଙ୍କର ଶାନ୍ତି ସୁସମାଚାର ପଠାଇଛନ୍ତି। ସେ ସମସ୍ତଙ୍କର
ପ୍ରଭୁ। ୩୭ଯୋହନଙ୍କ ଦ୍ୱାରା ବାପ୍ତିସ୍ମ ସମ୍ପର୍କରେ ପ୍ରଚାର
ହେବାପରେ ଗାଲିଲୀଠାରୁ ଆରମ୍ଭ କରି ସାରା ଯିହୂଦାରେ
ଯାହାସବୁ ଘଟିଲା, ତାହା ତୁମ୍ଭେମାନେ ଜାଣିଛ। ୩୮ତୁମ୍ଭେମାନେ
ନାଜରିତୀୟ ଯୀଶୁଙ୍କ ବିଷୟରେ ମଧ୍ୟ ଜାଣିଛ। ପରମେଶ୍ୱର
ତାହାଙ୍କୁ ପବିତ୍ରଆତ୍ମା ଓ ଶକ୍ତିରେ ପୂର୍ଣ୍ଣକରି ଖ୍ରୀଷ୍ଟରୂପେ
ଅଭିଷିକ୍ତ କରିଥିଲେ। ଯୀଶୁ ଚତୁର୍ଦ୍ଦିଗକୁ ଯାଇ ଲୋକଙ୍କ
ଉପକାର କରୁଥିଲେ। ଶୟତାନର ଅତ୍ୟାଚାର ଅଧୀନରେ
ରହିଥିବା ଲୋକଙ୍କୁ ସେ ସୁସ୍ଥ କରିଦେଉଥିଲେ। ଏହିସବୁ
ଦ୍ୱାରା ପ୍ରମାଣିତ ହେଉଥିଲା ଯେ, ପରମେଶ୍ୱର ତାହାଙ୍କ
ସହିତ ଥିଲେ। ୩୯ଯୀଶୁ ଯିହୂଦା ଦେଶରେ ଓ ଯିରୂଶାଲମରେ
ଯାହା ସବୁ କରିଥିଲେ ସେହିସବୁ ଆମ୍ଭେ ନିଜେ ଦେଖିଅଛୁ।
ଆମ୍ଭେ ତାହାର ସାକ୍ଷୀ ଅଟୁ। ସେମାନେ ତାହାଙ୍କୁ ବଧ
କଲେ। କାଠ ନିର୍ମିତ କ୍ରୁଶରେ ସେମାନେ ତାହାଙ୍କୁ ଚଢ଼ାଇ
ହତ୍ୟାକଲେ। ୪୦କିନ୍ତୁ ତାହାଙ୍କ ମୃତ୍ୟୁର ତିନିଦିନ ପରେ
ପରମେଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ପୁନର୍ଜୀବିତ କରି
ଉଠାଇଲେ ଓ ଲୋକଙ୍କ ନିକଟରେ ତାହାଙ୍କୁ ଦେଖାଇଲେ।
୪୧ମାତ୍ର ଯୀଶୁ ସବୁ ଲୋକମାନଙ୍କୁ ଦେଖାଗଲେ ନାହିଁ।
ପରମେଶ୍ୱର ଯେଉଁମାନଙ୍କୁ ତାହାଙ୍କ ସାକ୍ଷୀରୂପେ ପୂର୍ବରୁ
ମନୋନୀତ କରିଥିଲେ, ସେହିମାନେ କେବଳ ତାହାଙ୍କୁ
ଦେଖିପାରିଲେ। ଆମ୍ଭେମାନେ ସେହି ସାକ୍ଷୀ ଅଟୁ। ଯୀଶୁ
ମୃତ୍ୟୁରୁ ଉଠିଲାପରେ ଆମ୍ଭେମାନେ ତାହାଙ୍କ ସହିତ ଖାଇଥିଲୁ
ଓ ପିଇଥିଲୁ। ୪୨ଯୀଶୁ ଆମ୍ଭମାନଙ୍କୁ ଲୋକମାନଙ୍କ ପାଖରେ
ସୁସମାଚାର ପ୍ରଚାର କରିବାପାଇଁ ଆଦେଶ ଦେଲେ। ପୁଣି
ଜୀବିତ ଓ ମୃତମାନଙ୍କର ବିଚାରକ ହେବା ନିମନ୍ତେ
କେବଳ ଏକମାତ୍ର ସେ ଯେ ନିଯୁକ୍ତ ପାଇଛନ୍ତି, ଏହାର
ସାକ୍ଷ୍ୟ ଦେବାପାଇଁ ମଧ୍ୟ କହିଲେ। ୪୩ଯେ କେହି ଯୀଶୁଙ୍କଠାରେ
ବିଶ୍ୱାସ କରିବ,ସେ ପାପକ୍ଷମା ପାଇବ। ପରମେଶ୍ୱର ଯୀଶୁଙ୍କ
ନାମରେ ସେହି ବ୍ୟକ୍ତିର ସମସ୍ତ ପାପ କ୍ଷମା କରିଦେବେ।
ସମସ୍ତ ଭାବବାଦୀଙ୍କ ଦ୍ୱାରା କଥିତ ଏହି ବାକ୍ୟ ନିଶ୍ଚିତ
ସତ୍ୟ ଅଟେ।"

## ଅଣଯିହୂଦୀମାନଙ୍କ ଉପରେ ପବିତ୍ର ଆତ୍ମାଙ୍କର ଅଧିଷ୍ଠାନ

୪୪ପିତର ଏହିକଥା କହିବା ସମୟରେ ସୁସମାଚାର
ଶୁଣୁଥିବା ସମସ୍ତ ଲୋକମାନଙ୍କ ଉପରେ ପବିତ୍ର ଆତ୍ମା
ଓହ୍ଲାଇ ଆସିଲେ। ୪୫ଯେଉଁ ଯିହୂଦୀ ବିଶ୍ୱାସୀମାନେ ପିତରଙ୍କ
ସଙ୍ଗେ ଆସିଥିଲେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ ଯେ,
ଅଣଯିହୂଦୀମାନଙ୍କୁ ମଧ୍ୟ ପବିତ୍ର ଆତ୍ମା ଦିଆଗଲା। ୪୬ସେମାନଙ୍କ
ଭିନ୍ନଭିନ୍ନ ଭାଷାରେ କଥା ହେବା ଓ ପରମେଶ୍ୱରଙ୍କୁ ପ୍ରଶଂସା

କରିବାର ମଧ୍ୟ ଶୁଣିଲେ। ୪୭ତା'ପରେ ପିତର କହିଲେ,
"ଏହି ଲୋକମାନଙ୍କୁ ବାପ୍ତିଜିତ ହେବାନିମନ୍ତେ କେହି କ'ଣ
କେବେ ଜଳ ଯୋଗାଇ ଦେବାପାଇଁ ମନା କରିପାରିବ?
ସେମାନେ ମଧ୍ୟ ଆମ୍ଭପରି ପବିତ୍ର ଆତ୍ମାଙ୍କୁ ଗ୍ରହଣ କରିଛନ୍ତି!"
୪୮ତେଣୁ ପିତର ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବାପାଇଁ
କର୍ଣ୍ଣୀଲିୟ, ତାହାଙ୍କର ଆତ୍ମୀୟସ୍ୱଜନ ଓ ବନ୍ଧୁମାନଙ୍କୁ ଆଦେଶ
ଦେଲେ। ତା'ପରେ ଲୋକମାନେ ପିତରଙ୍କୁ ସେମାନଙ୍କ
ସହିତ ଆଉ କିଛି ଦିନ ରହିବାପାଇଁ ଅନୁରୋଧ କଲେ।

## ପିତର ଯିରୂଶାଲମ ଫେରିଆସିଲେ

୧୧ ଯିହୂଦାରେ ପ୍ରେରିତମାନେ ଓ ଭାଇମାନେ ଶୁଣିବାକୁ
ପାଇଲେ ଯେ, ଅଣଯିହୂଦୀ ଲୋକମାନେ ମଧ୍ୟ
ପରମେଶ୍ୱରଙ୍କ ସୁସମାଚାର ଗ୍ରହଣ କରିଛନ୍ତି। ୨ତେଣୁ
ପିତର ଯିରୂଶାଲମରେ ପହଞ୍ଚିବା ପରେ ସୁନ୍ନତ ହୋଇଥିବା
ଲୋକମାନେ ତାହାଙ୍କୁ ସମାଲୋଚନା କଲେ। ୩ସେମାନେ
କହିଲେ, "ତୁମ୍ଭେ ସୁନ୍ନତ ନ ହୋଇଥିବା ଲୋକଙ୍କ ଘରକୁ
ଯାଇଛ ଓ ସେମାନଙ୍କ ସହିତ ଭୋଜନ ମଧ୍ୟ କରିଛ।"
୪ତେଣୁ ପିତର ସେମାନଙ୍କୁ ସମସ୍ତ ଘଟଣାମାନ ବୁଝାଇ
କହିଲେ, ୫"ମୁଁ ଯାଫୋ ନଗରରେ ପ୍ରାର୍ଥନା କଲାବେଳେ
ଗୋଟିଏ ଦିବ୍ୟଦର୍ଶନ ଦେଖିଲି। ଗୋଟିଏ ଚାଦର ଚାରିକୋଣରୁ
ଧରାଯାଇ ସ୍ୱର୍ଗରୁ ମୋ ଆଡ଼କୁ ଖସିଆସୁଥିବାର ମୁଁ ଦେଖିଲି।
୬ମୁଁ ମନୋଯୋଗ ସହିତ ନିରୀକ୍ଷଣ କରି ଦେଖିଲି ଯେ,
ସେଥିରେ ଚାରିପାଦ ବିଶିଷ୍ଟ ପଶୁ, ଜଙ୍ଗଲୀ ଜନ୍ତୁ, ସରୀସୃପ,
ଓ ଆକାଶର ପକ୍ଷୀସବୁ ଅଛନ୍ତି। ୭ତାପରେ ମୁଁ ଗୋଟିଏ
ସ୍ୱର ଶୁଣିଲି, 'ପିତର, ଉଠ। ଏମାନଙ୍କ ଭିତରୁ କୌଣସିଟିକୁ
ମାରି ଖାଅ।' ୮କିନ୍ତୁ ମୁଁ କହିଲି, 'ପ୍ରଭୁ, ମୁଁ ଏହାକଦାପି
କରିବି ନାହିଁ, କାରଣ ମୁଁ କେବେ ଅପବିତ୍ର ଓ ଅପରିଷ୍କାର
ଖାଦ୍ୟ ଖାଇନାହିଁ।' ୯ଏହି ସ୍ୱର ମୁଁ ସ୍ୱର୍ଗରୁ ଦ୍ୱିତୀୟ ଥର
ପୁଣି ଶୁଣିଲି, 'ପରମେଶ୍ୱର ଯାହା ସବୁ ପବିତ୍ର କରିଛନ୍ତି,
ତାହା ତୁମ୍ଭର ଅପବିତ୍ର ବୋଲି କହିବା ଉଚିତ ନୁହେଁ।'
୧୦ଏହିପରି ତିନିଥର ହେବାପରେ, ଏହା ସବୁ ସ୍ୱର୍ଗକୁ
ଉଠାଇ ନିଆଗଲା। ୧୧ଠିକ୍ ସେହି ସମୟରେ ତିନିଜଣ
ମଣିଷ ଆମ୍ଭେ ରହୁଥିବା ଘରକୁ ଆସିଲେ। ସେମାନଙ୍କୁ
କାଇସରୀଆରୁ ମୋ ପାଖକୁ ପଠାଯାଇଥିଲା। ୧୨ମୋତେ
ସେମାନଙ୍କ ସହିତ ବିନା ସଙ୍କୋଚରେ ଯିବାପାଇଁ ପବିତ୍ରଆତ୍ମା
ନିର୍ଦ୍ଦେଶ ଦେଲେ। ମୋ ସାଙ୍ଗରେ ଏଠାରେଥିବା ଏହି ଛଅ
ଜଣ ବିଶ୍ୱାସୀ ଭାଇ ମଧ୍ୟ ଆସିଥିଲେ। ଆମ୍ଭେମାନେ
କର୍ଣ୍ଣୀଲିୟଙ୍କ ଘରକୁ ଗଲୁ। ୧୩କର୍ଣ୍ଣୀଲିୟ କିପରି ତାହାଙ୍କ
ଘରେ ଜଣେ ସ୍ୱର୍ଗଦୂତଙ୍କୁ ଦେଖିଲେ, ସେହିସବୁ ଆମ୍ଭକୁ
କହିଲେ। ଏହି ଦୂତ ତାହାଙ୍କୁ କହିଲେ, 'ଯାଫୋ ନଗରକୁ
ଲୋକ ପଠାଇ ପିତର ନାମରେ ପରିଚିତ ଶିମୋନଙ୍କୁ
ଆଣ। ୧୪ସେ ତୁମ୍ଭକୁ ଓ ତୁମ୍ଭ ଘରେ ରହୁଥିବା ଲୋକମାନଙ୍କୁ
ବାକ୍ୟ କହିବେ, ଯାହା ଦ୍ୱାରା ତୁମ୍ଭେ ସମସ୍ତେ ରକ୍ଷା
ପାଇବ।' ୧୫ମୁଁ କହିବାକୁ ଆରମ୍ଭ କଲାମାତ୍ରେ, ପବିତ୍ରଆତ୍ମା
ସେମାନଙ୍କ ଉପରେ ଓହ୍ଲାଇ ଆସିଲେ, ଯେପରି ଆମ୍ଭ
ଉପରେ ପ୍ରଥମରେ ଓହ୍ଲାଇ ଆସିଥିଲେ। ୧୬ସେତେବେଳେ
ମୋର ପ୍ରଭୁଙ୍କର କଥା ମନେ ପଡ଼ିଲା। ସେ କହିଥିଲେ,
'ଯୋହନ ଲୋକମାନଙ୍କୁ ଜଳରେ ବାପ୍ତିସ୍ମ କରାଇଥିଲେ,
କିନ୍ତୁ ତୁମ୍ଭେମାନେ ପବିତ୍ର ଆତ୍ମାରେ ବାପ୍ତିଜିତ ହେବ।'
୧୭ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବାରୁ ପରମେଶ୍ୱର
ଆମ୍ଭକୁ ଯେପରି ପବିତ୍ର ଆତ୍ମା ଦାନ ଦେଇଥିଲେ, ସେହିପରି
ଯଦି ସେ ସେମାନଙ୍କୁ ସେହି ସମାନ ଦାନ ଦେଲେ,
ତେବେ ମୁଁ ପରମେଶ୍ୱରଙ୍କ ମାର୍ଗରେ ବାଧା ଦେବା ପାଇଁ
କିଏ?"
୧୮ଯିହୂଦୀୟ ବିଶ୍ୱାସୀମାନେ ଏକଥା ଶୁଣି ଆଉ ଯୁକ୍ତିତର୍କ
କଲେ ନାହିଁ। ସେମାନେ ପରମେଶ୍ୱରଙ୍କର ପ୍ରଶଂସା କଲେ,
ପୁଣି କହିଲେ, "ଏହାର ଅର୍ଥ ଯେ, ପରମେଶ୍ୱର ଆମପରି
ଅନ୍ୟ ଜାତିର ଲୋକମାନଙ୍କୁ ମଧ୍ୟ ଅନୁତାପ କରି ପ୍ରକୃତ
ଜୀବନର ଅଧିକାରୀ ହେବା ନିମନ୍ତେ ସୁଯୋଗ
ଦେଇଛନ୍ତି।"

## ଆନ୍ତିୟଖିଆରେ ସୁସମାଚାର

୧୯ସ୍ତିଫାନ୍ ମୃତ ହେବାପରେ ଯେଉଁ ତାଡ଼ନା ଘଟିଲା,
ସେଥିସକାଶୁ ବିଶ୍ୱାସୀମାନେ ଚାରିଆଡ଼େ ଛିନ୍ନଭିନ୍ନ ହୋଇଗଲେ।
ସେମାନଙ୍କ ମଧ୍ୟରୁ କେତେଜଣ ଫୈନୀକିଆ, କୁପ୍ର ଓ
ଆନ୍ତିୟଖିଆକୁ ଗଲେ। ସେଠାରେ ସେମାନେ ଯିହୂଦୀମାନଙ୍କ
ବ୍ୟତୀତ ଅନ୍ୟ କାହାରି ନିକଟରେ ସୁସମାଚାର ପ୍ରଚାର
କଲେ ନାହିଁ। ୨୦ଏହି ବିଶ୍ୱାସୀମାନଙ୍କ ମଧ୍ୟରେ କେତେଜଣ
କୁପ୍ର ଓ କୁରୀଣୀର ଲୋକ ଥିଲେ। ସେମାନେ ଆନ୍ତିୟଖିଆକୁ
ଆସି ଗ୍ରୀକ (ଅଣଯିହୂଦୀ) ମାନଙ୍କୁ ମଧ୍ୟ ଯୀଶୁ ଖ୍ରୀଷ୍ଟଙ୍କର
ସୁସମାଚାର ଦେଲେ। ୨୧ପ୍ରଭୁ ସେହି ବିଶ୍ୱାସୀମାନଙ୍କୁ ସାହାଯ୍ୟ
କରୁଥିଲେ। ତେଣୁ ଅନେକ ଲୋକ ବିଶ୍ୱାସ କଲେ ଓ
ପ୍ରଭୁଙ୍କର ଅନୁଗମନ କଲେ।
୨୨ଆନ୍ତିୟଖିଆର ଏହି ନୂଆ ବିଶ୍ୱାସୀମାନଙ୍କ ବିଷୟରେ
ଯିରୂଶାଲମର ବିଶ୍ୱାସୀ ମଣ୍ଡଳୀ ଶୁଣିବାକୁ ପାଇଲେ। ତେଣୁ
ସେମାନେ ବର୍ଣ୍ଣବ୍ବାଙ୍କୁ ଆନ୍ତିୟଖିଆକୁ ପଠାଇଦେଲେ।
୨୩ବର୍ଣ୍ଣବ୍ବା ସେଠାରେ ପହଞ୍ଚି ସେହି ଲୋକମାନଙ୍କୁ ପରମେଶ୍ୱର
ଦେଇଥିବା ଆଶୀର୍ବାଦ ଦେଖି ବହୁତ ଖୁସି ହେଲେ। ସେ
ସେମାନଙ୍କୁ ଆହୁରି ଉତ୍ସାହିତ କଲେ। ସେ ସେମାନଙ୍କୁ
କହିଲେ, "ତୁମ୍ଭର ବିଶ୍ୱାସ କଦାପି ହରାଅ ନାହିଁ,
ସର୍ବାନ୍ତଃକରଣରେ ପ୍ରଭୁଙ୍କର ବାଧ୍ୟ ହୁଅ।" ୨୪ବର୍ଣ୍ଣବ୍ବା
ଜଣେ ଉତ୍ତମ ବ୍ୟକ୍ତି ଥିଲେ। ସେ ପବିତ୍ରଆତ୍ମା ଓ
ବିଶ୍ୱାସରେ ପୂର୍ଣ୍ଣଥିଲେ। ତେଣୁ ଅନେକ ଲୋକ ତାହାଙ୍କ
ଲାଗି ପ୍ରଭୁଯୀଶୁଙ୍କର ଶିଷ୍ୟ ହେଲେ।
୨୫ବର୍ଣ୍ଣବ୍ବା ଶାଉଲଙ୍କୁ ଖୋଜିବା ପାଇଁ ତାର୍ଷ ନଗରକୁ
ଯାତ୍ରା କଲେ। ୨୬ଯେତେବେଳେ ସେ ତାହାଙ୍କୁ ପାଇଲେ,
ସେ ତାହାଙ୍କୁ ଆନ୍ତିୟଖିଆକୁ ନେଇ ଆସିଲେ। ଶାଉଲ ଓ
ବର୍ଣ୍ଣବ୍ବା ସେଠାରେ ବର୍ଷେ ପର୍ଯ୍ୟନ୍ତ ରହିଲେ ଓ ଯେତେଥର
ବିଶ୍ୱାସୀମାନଙ୍କ ଦଳ ସେମାନଙ୍କ ନିକଟକୁ ଆସିଲେ, ସେମାନେ
ସେମାନଙ୍କୁ ସାକ୍ଷାତ କଲେ ଓ ବହୁତ ଲୋକଙ୍କୁ ଉପଦେଶ
ଦେଲେ। ଆନ୍ତିୟଖିଆରେ ଯୀଶୁଙ୍କ ଅନୁଗମନକାରୀମାନେ
ପ୍ରଥମରେ ଖ୍ରୀଷ୍ଟିଆନ ନାମରେ ନାମିତ ହେଲେ।
୨୭ସେତେବେଳେ କେତେକ ଭାବବାଦୀ ଯିରୂଶାଲମରୁ
ଆନ୍ତିୟଖିଆକୁ ଆସିଲେ। ୨୮ସେମାନଙ୍କ ମଧ୍ୟରେ ଆଗାବ

ନାମକ ଜଣେ ଭାବବାଦୀ ଥିଲେ। ସେ ପବିତ୍ରଆତ୍ମାରେ
ପୂର୍ଣ୍ଣହୋଇ ଭବିଷ୍ୟଦ୍‌ବାଣୀ କହିଲେ, “ଏ ସମଗ୍ର ପୃଥିବୀରେ
ମହାଦୁର୍ଭିକ୍ଷ ପଡ଼ିବ, ସେହି ସମୟରେ ଲୋକମାନେ କିଛି
ଖାଇବାକୁ ପାଇବେ ନାହିଁ।” ଏହି ଦୁର୍ଭିକ୍ଷ କ୍ଲାଉଦିଅ
କାଇସରଙ୍କ ସମୟରେ ପଡ଼ିଥିଲା। ୨୯ସେଥିପାଇଁ ବିଶ୍ୱାସୀମାନେ
ସ୍ଥିର କଲେ ଯେ, ସେମାନେ ଯଥାଶକ୍ତି ସାହାଯ୍ୟ ପଠାଇବେ।
ପ୍ରତ୍ୟେକ ବିଶ୍ୱାସୀ ନିଜର ସାଧ୍ୟମତେ ସାହାଯ୍ୟ ଦେବାପାଇଁ
ଯୋଜନା କଲେ। ୩୦ସେମାନେ ସବୁ ପଇସା ଏକାଠି କରି
ଶାଉଲ ଓ ବର୍ଣ୍ଣବ୍ବାଙ୍କୁ ଦେଲେ। ଶାଉଲ ଓ ବର୍ଣ୍ଣବ୍ବା
ତାହା ଆଣି ଯିହୂଦାର ପ୍ରାଚୀନ ବ୍ୟକ୍ତିମାନଙ୍କ ହାତରେ
ଅର୍ପଣ କଲେ।

### ବିଶ୍ୱାସୀମଣ୍ଡଳୀ ଉପରେ ହେରୋଦଙ୍କର ଅତ୍ୟାଚାର

**୧୨** ରାଜା ହେରୋଦ ସେ ସମୟରେ ମଣ୍ଡଳୀରେ
କେତେକ ଲୋକଙ୍କ ଉପରେ ଅତ୍ୟାଚାର କରିବା
ଆରମ୍ଭ କରିଦେଲେ। ୨ସେ ଯୋହନଙ୍କ ଭାଇ ଯାକୁବଙ୍କୁ
ଖଣ୍ଡାରେ ହତ୍ୟା କରିଦେଲେ। ୩ଯିହୂଦୀୟ ମାନଙ୍କୁ ଏଘଟଣାରେ
ଖୁସି ହେବାର ଦେଖି ପିତରଙ୍କୁ ମଧ୍ୟ ବନ୍ଦୀ କରିବାପାଇଁ
ଆଗେଇଲେ। (ଏହା ଯିହୂଦୀୟ ନିସ୍ତାରପର୍ବ ଦିନର ଘଟଣା)।
୪ତା’ପରେ ହେରୋଦ ପିତରଙ୍କୁ ବନ୍ଦୀ କରି କାରାଗାରରେ
ରଖିଲେ। ତାହାଙ୍କୁ ଜଗିବା ପାଇଁ ଷୋହଳ ଜଣ ପ୍ରହରୀ
ରହିଲେ। ହେରୋଦଙ୍କ ଉଦ୍ଦେଶ୍ୟ ଥିଲା ନିସ୍ତାର ପର୍ବ
ପରେ ସେ ପିତରଙ୍କୁ ଲୋକମାନଙ୍କ ସାମନାକୁ ଆଣିବେ।
୫ତେଣୁ ପିତର କାରାଗାରରେ ବନ୍ଦୀ ହୋଇ ରହିଲେ।
ତାହାଙ୍କ ପାଇଁ ମଣ୍ଡଳୀର ସମସ୍ତେ ପରମେଶ୍ୱରଙ୍କ ନିକଟରେ
ନିରବଚ୍ଛିନ୍ନ ଭାବରେ ପ୍ରାର୍ଥନା କଲେ।

### ପିତରଙ୍କୁ ଜେଲରୁ ମୁକ୍ତି।

୬ହେରୋଦ ଯେଉଁଦିନ ପିତରଙ୍କୁ ବିଚାର ପାଇଁ ବାହାରକୁ
ଆଣିବା ନିମନ୍ତେ ଯୋଜନା କରିଥିଲେ, ତା’ପୂର୍ବ ରାତିରେ
ପିତର ଦୁଇଟି ଶିକୁଳିରେ ବନ୍ଧା ହୋଇ ଦୁଇଜଣ ସୈନିକଙ୍କ
ମଝିରେ ଶୋଇଥିଲେ। ବହୁତ ଜଗୁଆଳୀମାନେ ଫାଟକ
ପାଖରେ ରହି କାରାଗାରକୁ ଜଗି ରହିଥିଲେ। ୭ହଠାତ୍
ପ୍ରଭୁଙ୍କର ଜଣେ ଦୂତ ଆସି ସେଠାରେ ଉଭା ହେଲେ।
କୋଠରୀଟି ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହୋଇଗଲା।
ସେ ପିତରଙ୍କୁ ହଲେଇ ଦେଇ କହିଲେ, “ଶୀଘ୍ର ଉଠ।”
ସେହି ସମୟରେ ତାହାଙ୍କ ହାତରୁ ସବୁ ଶିକୁଳି ଖସିପଡିଲା
୮ସେ ସ୍ୱର୍ଗଦୂତ ପିତରଙ୍କୁ କହିଲେ, “ଲୁଗାପଟା ଓ ଜୋତା
ପିନ୍ଧ।” ସେ ପିନ୍ଧିଲେ। ସେ ପୁଣି କହିଲେ, “ତୁମ୍ଭର
ଚାଦର ଘୋଡ଼େଇ ହୁଅ, ଓ ମୋତେ ଅନୁସରଣ କର।”
୯ପିତର ତାହାଙ୍କୁ ଅନୁସରଣ କଲେ। ସ୍ୱର୍ଗଦୂତ ଯେ
ପ୍ରକୃତରେ ଏହି ଘଟଣାଟି ଘଟାଉଛନ୍ତି ଏହା ପିତର
ଅନୁଭବ କରିପାରିଲେ ନାହିଁ। ସେ ଭାବୁଥିଲେ, ଯେ ସେ
ଏକ ଦର୍ଶନ ଦେଖୁଅଛନ୍ତି। ୧୦ସେମାନେ ପ୍ରଥମ ଓ ଦ୍ୱିତୀୟ
ପ୍ରହରୀଙ୍କୁ ଟପି ଗୋଟିଏ ଲୁହା ଫାଟକ ପାଖକୁ ଆସିଲେ।
ଏହା କାରାଗାରକୁ ନଗରରୁ ବିଚ୍ଛିନ୍ନ କରୁଥିଲା। ଏହା
ଆପେଆପେ ଖୋଲିଗଲା, ଓ ସେମାନେ ବାହାରକୁ ଚାଲିଗଲେ।
ସେମାନେ ଗୋଟିଏ ଗଳିର ଶେଷ ଆଡକୁ ଗଲାପରେ
ହଠାତ୍ ସ୍ୱର୍ଗଦୂତଜଣକ ପିତରଙ୍କୁ ଛାଡି ଚାଲିଗଲେ।
୧୧ତା’ପରେ ପିତର ଜାଣିପାରିଲେ ତାହାଙ୍କୁ ଯାହା ସବୁ
ହେଲା ଏବଂ କହିଲେ, “ମୁଁ ବର୍ତ୍ତମାନ ଜାଣିଲି, ଏହା
ପ୍ରକୃତରେ ସତ୍ୟ ଅଟେ। ପ୍ରଭୁ ପ୍ରକୃତରେ ତାହାଙ୍କ
ସ୍ୱର୍ଗଦୂତଙ୍କୁ ପଠାଇ ହେରୋଦଙ୍କ କବଳରୁ ମୋତେ ଉଦ୍ଧାର
କଲେ, ଓ ଯିହୂଦୀୟମାନଙ୍କ ସମସ୍ତ ମନ୍ଦ ଆଶାକୁ ବ୍ୟର୍ଥ
କଲେ।”
୧୨ଏହା ଅନୁଭବ କଲାପରେ, ସେ ଯୋହନଙ୍କ ମାତା
ମରିୟମଙ୍କ ଘରକୁ ଗଲେ। ଯୋହନଙ୍କୁ ମାର୍କ ମଧ୍ୟ କୁହା
ଯାଉଥିଲା। ସେଠାରେ ଅନେକ ଲୋକ ଏକାଠି ହୋଇ
ପ୍ରାର୍ଥନା କରୁଥିଲେ। ୧୩ପିତର କବାଟରେ ଠକ୍‌ଠକ୍ କରନ୍ତେ
ରୋଦା ନାମକ ଜଣେ ଚାକରାଣୀ କବାଟ ଖୋଲିବାକୁ
ଆସିଲା। ୧୪ସେ ପିତରଙ୍କର ସ୍ୱର ଜାଣିପାରି ଏତେ ଖୁସୀ
ହୋଇଗଲା ଯେ, ସେ କବାଟ ନଖୋଲି ଭିତରକୁ ଦୌଡ଼ିଗଲା।
ଭିତରକୁ ଦୌଡ଼ିଯାଇ ସେ ସମସ୍ତଙ୍କୁ କହିଲା, “ପିତର
କବାଟ ପାଖରେ ଠିଆ ହୋଇଛନ୍ତି!” ୧୫ବିଶ୍ୱାସୀମାନେ
ରୋଦାର କଥା ଶୁଣି ତାହାକୁ କହିଲେ “ତୁ ପାଗଳୀ”,
କିନ୍ତୁ ସେ ତା କଥା ସତ୍ୟ ବୋଲି ଦୃଢ଼ଭାବେ କହିବାକୁ
ଲାଗିଲା। ସେମାନେ କହିଲେ, “ସେ ନିଶ୍ଚୟ ପିତରଙ୍କର
ଦୂତ।”
୧୬କିନ୍ତୁ ପିତର କବାଟରେ ଠକ୍ ଠକ୍ କରି ଚାଲିଥିଲେ।
ବିଶ୍ୱାସୀମାନେ ଯେତେବେଳେ କବାଟ ଖୋଲିଲେ ସେତେବେଳେ
ପିତରଙ୍କୁ ଦେଖି ବିସ୍ମିତ ହୋଇଗଲେ। ୧୭ପିତର ସେମାନଙ୍କୁ
ହାତରେ ଠାରି ଚୁପ୍ ରହିବାକୁ କହିଲେ। ପ୍ରଭୁ କିପରି
ତାହାଙ୍କୁ କାରାଗାରରୁ ବାହାରକରି ଆଣିଲେ, ସେ ସବୁ
କଥା ପିତର ସେମାନଙ୍କୁ ବୁଝାଇ କହିଲେ। ସେ ଏବିଷୟରେ
ଯାକୁବ ଓ ଅନ୍ୟଭାଇମାନଙ୍କୁ ଜଣେଇବା ପାଇଁ କହିଲେ।
ତା’ପରେ ସେ ଅନ୍ୟ ସ୍ଥାନକୁ ଚାଲିଗଲେ।
୧୮ତହିଁଆରଦିନ ସକାଳ ହେବାରୁ ସୈନ୍ୟମାନେ ଅତି
ବିବ୍ରତ ହୋଇଗଲେ। ପିତରଙ୍କ ପ୍ରତି କ’ଣ ଘଟିଥିବ, ଏହା
ଭାବି ସେମାନେ ଚିନ୍ତିତ ହୋଇପଡ଼ିଲେ। ୧୯ହେରୋଦ
ତାହାଙ୍କୁ ଖୋଜିଲେ, କିନ୍ତୁ ପାଇଲେ ନାହିଁ। ତା’ପରେ ସେ
ଜଗୁଆଳୀମାନଙ୍କୁ ପଚରାଉଚରା କରିସାରି, ସେମାନଙ୍କୁ
ମୃତ୍ୟୁଦଣ୍ଡରେ ଦଣ୍ଡିତ ଦେଲେ।

### ହେରୋଦ ଅଗ୍ରିପ୍ପାଙ୍କ ମୃତ୍ୟୁ

ତା’ପରେ ହେରୋଦ ଯିହୂଦା ପ୍ରଦେଶରୁ ଯାଇ
କାଇସରୀଆଠାରେ ରହିଲେ। ୨୦ହେରୋଦ ସୋର ଓ
ସୀଦୋନର ଲୋକମାନଙ୍କ ଉପରେ ଭୀଷଣ ରାଗିଥିଲେ।
ସେମାନେ ଦଳଦଳ ହୋଇ ତାହାଙ୍କୁ ଦେଖିବାକୁ ଆସିଲେ।
ସେମାନେ ରାଜାଙ୍କର ବ୍ୟକ୍ତିଗତ ଚାକର ବ୍ଲାସ୍ତଙ୍କ ସାହାଯ୍ୟ
ନେଲେ। ସେମାନେ ହେରୋଦଙ୍କ ସହିତ ଶାନ୍ତିସନ୍ଧି ରଖିଲେ,
କାରଣ ରାଜାଙ୍କ ଦେଶରୁ ସେମାନଙ୍କ ଦେଶକୁ ଖାଦ୍ୟ
ଆସୁଥିଲା।
୨୧ହେରୋଦ ଗୋଟିଏ ନିର୍ଦ୍ଦିଷ୍ଟ ଦିନ ସେମାନଙ୍କୁ ଦେଖା
କରିବାପାଇଁ ସ୍ଥିର କଲେ। ସେଦିନ ସେ ରାଜକୀୟ ବସ୍ତ୍ର

ପିନ୍ଧି ସିଂହାସନରେ ବସି ଲୋକମାନଙ୍କୁ ଭାଷଣ ଦେଲେ।
୨୨ଲୋକମାନେ ପାଟିକରି କହିଲେ, "ଏହା ଦେବତାର
ସ୍ୱର, ମନୁଷ୍ୟର ନୁହେଁ।" ୨୩ହେରୋଦ ନିଜର ଏହି
ପ୍ରଶଂସା ଶୁଣିଲେ, କିନ୍ତୁ ସେ ପରମେଶ୍ୱରଙ୍କୁ ତାହାଙ୍କର
ସମ୍ମାନ ଜଣାଇଲେ ନାହିଁ। ତେଣୁ ପ୍ରଭୁଙ୍କର ଜଣେ ଦୂତ
ହଠାତ୍ ତାହାଙ୍କୁ ଅସୁସ୍ଥ କରିଦେଲେ। ତାହାଙ୍କ ଶରୀର
ମଧ୍ୟରେ ଥିବା କୀଟମାନେ ତାହାଙ୍କୁ ଖାଇ ଦେଲେ ଓ ସେ
ମରିଗଲେ।
୨୪କିନ୍ତୁ ପରମେଶ୍ୱରଙ୍କର ସୁସମାଚାର ଚାରିଆଡେ
ବ୍ୟାପିଗଲା। ଅଧିକରୁ ଅଧିକ ଲୋକମାନେ ଏହି ସୁସମାଚାର
ଦ୍ୱାରା ପ୍ରଭାବିତ ହେଲେ। ବିଶ୍ୱାସୀମାନଙ୍କ ସଂଖ୍ୟା ବୃଦ୍ଧି
ପାଇବାକୁ ଲାଗିଲା।
୨୫ବର୍ଣ୍ଣବ୍ବା ଓ ଶାଉଲ ଯିରୂଶାଲମରେ କାମ ସାରି
ଆଣ୍ଟିୟଖିଆକୁ ଫେରିଗଲେ। ସେମାନଙ୍କ ସହିତ ମାର୍କ
ନାମରେ ପରିଚିତ ଯୋହନ ଥିଲେ।

### ବର୍ଣ୍ଣବ୍ବା ଓ ଶାଉଲଙ୍କୁ ଏକ ବିଶେଷ କର୍ମ ଦିଆଗଲା

୧୩ ଆଣ୍ଟିୟଖିଆ ମଣ୍ଡଳୀରେ କେତେକ ଭବିଷ୍ୟଦ୍‌ବକ୍ତା
ଓ ଶିକ୍ଷକ ଥିଲେ। ସେମାନେ ହେଲେ; ବର୍ଣ୍ଣବ୍ବା,
ଶିମିୟୋନ (ଏହାଙ୍କୁ ନିଗର ବୋଲି କୁହାଯାଉଥିଲା) କୁରୀଣୀୟ
ଲୂକିୟ, ମନହେମ୍ (ଯିଏ ହେରୋଦ ରାଜାଙ୍କ ସହିତ
ବଢ଼ିଥିଲେ) ଓ ଶାଉଲ। ୨ସେମାନେ ପ୍ରଭୁଙ୍କର ସେବା ଓ
ଉପବାସ କରୁଥିବା ସମୟରେ ପବିତ୍ରଆତ୍ମା ସେମାନଙ୍କୁ
କହିଲେ, "ତୁମ୍ଭେମାନେ ମୋ ପାଇଁ ବର୍ଣ୍ଣବ୍ବା ଓ ଶାଉଲଙ୍କୁ
ସ୍ୱତନ୍ତ୍ର ଭାବେ ଛାଡି ଦିଅ। ମୁଁ ସେମାନଙ୍କୁ ଗୋଟିଏ
ବିଶେଷ କାମ କରିବାପାଇଁ ଡାକିଛି।"
୩ତେଣୁ ସେମାନେ ଉପବାସ ଓ ପ୍ରାର୍ଥନା କରିବାପରେ
ବର୍ଣ୍ଣବ୍ବା ଓ ଶାଉଲଙ୍କ ଉପରେ ହସ୍ତାର୍ପଣ* କରି ବିଦାୟ
କଲେ।

### ବର୍ଣ୍ଣବ୍ବା ଓ ଶାଉଲଙ୍କର କୁପ୍ର ଉପଦ୍ୱୀପକୁ ଯାତ୍ରା

୪ବର୍ଣ୍ଣବ୍ବା ଓ ଶାଉଲ ପବିତ୍ର ଆତ୍ମାଙ୍କ ଦ୍ୱାରା ପ୍ରେରିତ
ହୋଇ ସେଲୂକିଆ ନଗରକୁ ଗଲେ। ସେଠାରୁ ସେମାନେ
କୁପ୍ର ଉପଦ୍ୱୀପକୁ ଯାତ୍ରା କଲେ। ୫ସେମାନେ ସାଲାମି
ନଗରରେ ପହଞ୍ଚି ଯିହୂଦୀମାନଙ୍କର ପ୍ରାର୍ଥନାଗୃହ ଗୁଡ଼ିକରେ
ପରମେଶ୍ୱରଙ୍କର ବାକ୍ୟ ପ୍ରଚାର କଲେ। ଯୋହନ ମାର୍କ
ମଧ୍ୟ ସେମାନଙ୍କୁ ସାହାଯ୍ୟ କରୁଥିଲେ।
୬ସେମାନେ ଉପଦ୍ୱୀପରେ ସର୍ବତ୍ର ବୁଲିବୁଲି ପାଫ ନଗରରେ
ପହଞ୍ଚିଲେ। ସେଠାରେ ସେମାନେ ବର୍ଯୀଶୁ ନାମକ ଜଣେ
ଯିହୂଦୀ ଭଣ୍ଡଭବିଷ୍ୟଦ୍‌ବକ୍ତାକୁ ଦେଖିଲେ। ସେ ଲୋକମାନଙ୍କ
ନିକଟରେ ଯାଦୁକର୍ମ ଦ୍ୱାରା ନାନା କାର୍ଯ୍ୟ ଦେଖାଉଥିଲା।
୭ସେହି ବର୍ଯୀଶୁ ରାଜ୍ୟପାଳ ସେର୍ଗୀୟ ପାଉଲଙ୍କର ମିତ୍ର
ଥିଲେ। ସେର୍ଗୀୟ ପାଉଲ ଜଣେ ବିବେକୀ, ଓ ଜ୍ଞାନୀ
ଲୋକ ଥିଲେ, ପରମେଶ୍ୱରଙ୍କର ବାକ୍ୟ ଶୁଣିବାକୁ ଚାହୁଁଥିଲେ।
ତେଣୁ ସେ ବର୍ଣ୍ଣବ୍ବା ଓ ଶାଉଲଙ୍କୁ ଡକାଇ ପଠାଇଲେ।
୮ମାତ୍ର ଅଲ୍ଲୀମା (ଏହା ବର୍ଯୀଶୁର ଗ୍ରୀକ୍ ନାମ) ବର୍ଣ୍ଣବ୍ବା ଓ
ଶାଉଲଙ୍କୁ ବାଧା ଦେଲା। ଅଲ୍ଲୀମା ରାଜ୍ୟପାଳଙ୍କୁ ଯୀଶୁଙ୍କ
ବିଶ୍ୱାସ ପଥରୁ ଦୂରେଇ ଦେବାପାଇଁ ଚେଷ୍ଟା କଲା। ୯ତେଣୁ
ପାଉଲ ନାମରେ ମଧ୍ୟ ପରିଚିତ ଶାଉଲ ପବିତ୍ର ଆତ୍ମାରେ
ପୂର୍ଣ୍ଣ ହୋଇ ଅଲ୍ଲୀମା ଯାଦୁକରକୁ କଠୋର ଦୃଷ୍ଟିରେ ଚାହିଁ
ତାହାକୁ କହିଲେ, "ଆରେ ଶୟତାନର ପୁତ୍ର! ତୁମ୍ଭେ ସମସ୍ତ
ପ୍ରକାର ସଠିକ୍ କାର୍ଯ୍ୟର ଶତ୍ରୁ! ତୁମ୍ଭେ ସବୁପ୍ରକାର ମନ୍ଦ
କାର୍ଯ୍ୟ ଓ ମିଥ୍ୟାରେ ପରିପୂର୍ଣ୍ଣ ଅଟ। ତୁମ୍ଭେ ସର୍ବଦା
ପ୍ରଭୁଙ୍କ ସତ୍ୟକୁ ମିଥ୍ୟାରେ ପରିଣତ କରିବାକୁ ଚେଷ୍ଟା
କରିଥାଅ। ୧୧ଏବେ ଦେଖ, ତୁମ୍ଭ ଉପରେ ପ୍ରଭୁଙ୍କର ହାତ
ଅଛି। ତୁମ୍ଭେ ଅନ୍ଧ ହୋଇଯିବ ଓ କିଛି ସମୟ ପାଇଁ
ସୂର୍ଯ୍ୟ ଆଲୁଅ ମଧ୍ୟ ଦେଖି ପାରିବ ନାହିଁ।"
ପ୍ରକୃତରେ ଅଲ୍ଲୀମାଙ୍କୁ ହଠାତ୍ ସବୁ ଅନ୍ଧାର ଦେଖାଗଲା,
ଓ ସେ ଏଣେତେଣେ ଅଣ୍ଡାଳିହେବାକୁ ଲାଗିଲେ। ସେ
ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ଗୋଟିଏ ଲୋକ ଖୋଜିଲେ,
ଯିଏ କି ତାହାଙ୍କ ହାତ ଧରି ବାଟ ଦେଖାଇ ପାରିବ।
୧୨ଯେତେବେଳେ ରାଜ୍ୟପାଳ ସେର୍ଗୀୟ ପାଉଲ ଏହା ଦେଖିଲେ,
ସେ ପ୍ରଭୁଙ୍କଠାରେ ବିଶ୍ୱାସ କଲେ। ସେ ପ୍ରଭୁଙ୍କର ଉପଦେଶ
ଶୁଣି ବିସ୍ମିତ ହେଲେ।

### ପାଉଲ ଓ ବର୍ଣ୍ଣବ୍ବାଙ୍କର କୁପ୍ରରୁ ପ୍ରସ୍ଥାନ

୧୩ପାଉଲ ଓ ତାହାଙ୍କର ବନ୍ଧୁମାନେ ପାଫ ନଗର ଛାଡି
ସମୁଦ୍ର ପଥରେ ଫଫୂଲିଆର ପର୍ଗୀକୁ ଆସିଲେ। କିନ୍ତୁ
ଯୋହନ ମାର୍କ ସେମାନଙ୍କୁ ଛାଡି ଯିରୂଶାଲମକୁ ଫେରିଆସିଲେ।
୧୪ସେମାନେ ପର୍ଗୀରୁ ଯାତ୍ରା କରି ପିସିଦିଆର ଆଣ୍ଟିୟଖିଆ
ନଗରରେ ଆସି ପହଞ୍ଚିଲେ। ଆଣ୍ଟିୟଖିଆରେ ବିଶ୍ରାମ
ଦିନରେ ସେମାନେ ଯିହୂଦୀମାନଙ୍କର ପ୍ରାର୍ଥନାଗୃହରେ ଯାଇ
ବସିଲେ। ୧୫ସେଠାରେ ମୋଶାଙ୍କ ପ୍ରଦତ୍ତ ବ୍ୟବସ୍ଥା ଓ
ଭବିଷ୍ୟଦ୍‌ବକ୍ତାମାନଙ୍କର ଲେଖାଗୁଡିକ ପଢ଼ାଯିବା ପରେ
ନେତାମାନେ ପାଉଲ ଓ ବର୍ଣ୍ଣବ୍ବାଙ୍କୁ ନିକଟକୁ ଏହା କହି
ପଠାଇଲେ, "ଭାଇମାନେ, ଲୋକମାନଙ୍କ ପାଇଁ ଯଦି
ତୁମ୍ଭମାନଙ୍କର କିଛି ନିଷ୍ଠାର ଉପଦେଶ ଥାଏ, ତେବେ
କୁହ।"
୧୬ତେଣୁ ପାଉଲ ଠିଆ ହୋଇ ହାତରେ ସଙ୍କେତ
ଦେଲେ ଏବଂ କହିଲେ, "ହେ ଇସ୍ରାୟେଲୀୟ ଲୋକମାନେ
ଓ ପ୍ରକୃତ ପରମେଶ୍ୱରଙ୍କୁ ଉପାସନା କରୁଥିବା
ଅନ୍ୟଜାତୀୟମାନେ, ଅନୁଗ୍ରହ କରି ମୋ କଥା ଶୁଣ।
୧୭ଇସ୍ରାୟେଲର ପରମେଶ୍ୱର ଆମ୍ଭ ପୂର୍ବପୁରୁଷମାନଙ୍କୁ
ବାଛିନେଲେ। ମିସରରେ ବିଦେଶୀ ଭାବେ ସେମାନେ ରହୁଥିବା
ବେଳେ ପରମେଶ୍ୱର ଆମ୍ଭ ଲୋକମାନଙ୍କୁ ସଫଳତା ଦେଲେ।
ସେ ତାହାଙ୍କ ମହାନ୍ ଶକ୍ତି ବଳରେ ସେଠାରୁ ସେମାନଙ୍କୁ
ବାହାର ମଧ୍ୟ କରି ଆଣିଲେ। ୧୮ପରମେଶ୍ୱର ଚାଳିଶ ବର୍ଷ
ପର୍ଯ୍ୟନ୍ତ ମରୁଭୂମିରେ ସେମାନଙ୍କର ଆଚରଣ ସହିଲେ।
୧୯ପରମେଶ୍ୱର କିଣାନ ଦେଶର ସାତଗୋଟି ଜାତିକୁ ନଷ୍ଟ
କରି ସେହି ଗୁଡ଼ିକ ଇସ୍ରାୟେଲୀୟମାନଙ୍କୁ ଦେଲେ। ୨୦ଏହି

---

**ହସ୍ତାର୍ପଣ** ଏହା ଏକ ଚିହ୍ନ ସ୍ୱରୂପ ଯେ ଏହି ବ୍ୟକ୍ତିମାନେ ପରମେଶ୍ୱରଙ୍କ ବିଶେଷ କାମପାଇଁ ମନୋନୀତ ହେଲେ।

ସବୁ ଦେଶ ଉତ୍ତରାଧିକାରୀ ଭାବରେ ଦେଲେ ଓ ଏହା
୪୫୦ ବର୍ଷ ପର୍ଯ୍ୟନ୍ତ ସେମାନେ ଅଧିକାର କଲେ।
"ତା'ପରେ ସେ ସେମାନଙ୍କୁ ଭବିଷ୍ୟଦ୍‌ବକ୍ତା ଶାମୁୟେଲଙ୍କ
ସମୟ ପର୍ଯ୍ୟନ୍ତ ବିଚାର କର୍ତ୍ତାମାନଙ୍କୁ ଦେଲେ। ୨୧ଏହାପରେ
ସେମାନେ ଜଣେ ରାଜା ଚାହିଁଲେ। ପରମେଶ୍ୱର ସେମାନଙ୍କୁ
ବିନ୍ୟାମୀନ ଗୋଷ୍ଠୀ କୀଶର ପୁତ୍ର ଶାଉଲଙ୍କୁ ରାଜାରୂପେ
ଦେଲେ। ସେ ଚାଳିଶି ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କଲେ।
୨୨ଶାଉଲଙ୍କୁ ବାହାର କରିଦେଲାପରେ ପରମେଶ୍ୱର ଦାଉଦଙ୍କୁ
ସେମାନଙ୍କ ରାଜା ଭାବରେ ମନୋନୀତ କଲେ। ପରମେଶ୍ୱର
ଦାଉଦଙ୍କ ବିଷୟରେ ସାକ୍ଷ୍ୟ ଦେଇ କହିଲେ, 'ମୁଁ ମୋର
ମନର ମତ ଅନୁସାରେ ଯିଶୟର ପୁତ୍ର ଦାଉଦଙ୍କୁ ପାଇଅଛି।
ସେ ମୋ ଇଚ୍ଛା ଅନୁସାରେ ସବୁ ବିଷୟ କରିବେ।'
୨୩ପରମେଶ୍ୱର ତାହାଙ୍କର ପ୍ରତିଜ୍ଞା ଅନୁଯାୟୀ ଏହି ଦାଉଦଙ୍କ
ବଂଶର ଜଣଙ୍କୁ ଇସ୍ରାୟେଲର ଉଦ୍ଧାରକର୍ତ୍ତା ଭାବରେ ଆଣିଅଛନ୍ତି,
ସେ ହେଉଛନ୍ତି ଖ୍ରୀଷ୍ଟ ଯୀଶୁ। ୨୪ତାହାଙ୍କ ଆସିବା ପୂର୍ବରୁ
ଯୋହନ ଇସ୍ରାୟେଲର ସମସ୍ତ ଲୋକମାନଙ୍କୁ ପ୍ରଚାର କରି
କହିଥିଲେ ଯେ, ସେମାନଙ୍କ ଜୀବନରେ ପରିବର୍ତ୍ତନ ହୋଇ
ଥିବାର ଚିହ୍ନ ସ୍ୱରୂପ ସେମାନେ ବାପ୍ତିସ୍ମ ନେବା ଆବଶ୍ୟକ।
୨୫ଯୋହନ ତାହାଙ୍କ କାର୍ଯ୍ୟ ପୂର୍ଣ୍ଣ କରି କହିଲେ, 'ମୋତେ
ତୁମ୍ଭେମାନେ କିଏ ବୋଲି ଭାବୁଛ? ମୁଁ ଖ୍ରୀଷ୍ଟ ନୁହେଁ। ଯେ
ମୋ ପରେ ଆସୁଛନ୍ତି, ତାହାଙ୍କର ଜୋତା ଫିତା ଫିଟେଇବା
ପାଇଁ ମଧ୍ୟ ମୁଁ ଯୋଗ୍ୟ ନୁହେଁ।'
୨୬"ହେ ଭାଇମାନେ, ଅବ୍ରାହାମଙ୍କ ପୁତ୍ରମାନେ ଓ ପ୍ରକୃତ
ପରମେଶ୍ୱରଙ୍କୁ ଉପାସନା କରୁଥିବା ଅନ୍ୟଜାତୀୟମାନେ,
ଆମ୍ଭମାନଙ୍କ ପାଇଁ ଏହି ପରିତ୍ରାଣର ସୁସମାଚାର
ପଠାଯାଇଛି। ୨୭ଯିରୂଶାଲମ ବାସିନ୍ଦାମାନେ ଓ
ଯିହୂଦୀନେତାମାନେ ଯୀଶୁଙ୍କୁ ଚିହ୍ନି ପାରିଲେ ନାହିଁ। ସେମାନେ
ତାହାଙ୍କୁ ଦଣ୍ଡ ଦେଲେ। ଏହି ପ୍ରକାରେ ସେମାନେ
ଭବିଷ୍ୟଦ୍‌ବକ୍ତାମାନଙ୍କ ବାକ୍ୟ ସଫଳ କଲେ।
ଭବିଷ୍ୟଦ୍‌ବକ୍ତାମାନଙ୍କର ଏହି ବାକ୍ୟ ସବୁ ପ୍ରତି ବିଶ୍ରାମ
ଦିବସରେ ପଢାଯାଏ। ୨୮ସେମାନେ ତାହାଙ୍କର ମୃତ୍ୟୁ ଦଣ୍ଡ
ଦେବାର କିଛି କାରଣ ନ ପାଇ ତାହାଙ୍କୁ ମାରିଦେବାପାଇଁ
ପୀଲାତଙ୍କୁ କହିଲେ। ୨୯ତାହାଙ୍କ ବିଷୟରେ ସବୁ ଲେଖା
ହୋଇଥିବା ଘଟଣାମାନ ପୂର୍ଣ୍ଣ ହେଲା ପରେ ସେମାନେ
ତାହାଙ୍କୁ କ୍ରୁଶରୁ ତଳକୁ ଓହ୍ଲାଇ ଆଣି କବର ମଧ୍ୟରେ
ରଖିଦେଲେ। ୩୦କିନ୍ତୁ ପରମେଶ୍ୱର ତାହାଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ
କଲେ। ୩୧ସେ ତାହାଙ୍କ ସହିତ ଗାଲିଲୀରୁ ଯିରୂଶାଲମକୁ
ଆସିଥିବା ଲୋକମାନଙ୍କୁ ବହୁତ ଦିନ ପର୍ଯ୍ୟନ୍ତ ଦର୍ଶନ
ଦେଲେ। ସେମାନେ ଲୋକମାନଙ୍କ ଆଗରେ ଏବେ ତାହାଙ୍କର
ସାକ୍ଷୀ ଅଟନ୍ତି। ୩୨ଆମ୍ଭ ପୂର୍ବ ପୁରୁଷମାନଙ୍କ ପ୍ରତିଜ୍ଞା
କରାଯାଇଥିବା ଅନୁସାରେ ଆମ୍ଭେ ତୁମ୍ଭମାନଙ୍କୁ ସୁସମାଚାର
ଶୁଣାଉଛୁ। ୩୩ପରମେଶ୍ୱର ସେହି ପ୍ରତିଜ୍ଞାକୁ ଆମ୍ଭପରି
ତାହାଙ୍କର ସନ୍ତାନମାନଙ୍କ ନିମନ୍ତେ ପୂର୍ଣ୍ଣ କରିଛନ୍ତି। ଏହିପରି
ଏହା ଗୀତସଂହିତାରେ ଲେଖାଅଛି:

> 'ତୁମ୍ଭେ ମୋ ପୁତ୍ର, ଆଜି ମୁଁ ତୁମ୍ଭର ପିତା ହେଲି।'
> ଗୀତସଂହିତା ୨:୭

୩୪ପରମେଶ୍ୱର ଯୀଶୁଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କଲେ, ଯେପରି
ତାହାଙ୍କର ଶରୀର ପୁଣିଥରେ କବରପ୍ରାପ୍ତ ହେଇ କ୍ଷୟ ନ
ହୁଏ। ଏ ବିଷୟରେ ସେ କହିଲେ,

> 'ମୁଁ ଦାଉଦଙ୍କ ନିକଟରେ ପ୍ରତିଜ୍ଞା କରିଥିବା ପବିତ୍ର
> ଓ ପ୍ରକୃତ ଆଶୀର୍ବାଦ ତୁମ୍ଭମାନଙ୍କୁ ଦେବି।'
> ଯିଶାଇୟ ୫୫:୩

୩୫ପବିତ୍ର ବାକ୍ୟର ଅନ୍ୟ ସ୍ଥାନରେ ମଧ୍ୟ ଲେଖାଅଛି,

> 'ତୁମ୍ଭେ ନିଜର ପବିତ୍ର ବ୍ୟକ୍ତିଙ୍କୁ କବରରେ କ୍ଷୟ
> ହେବାକୁ ଦେବନାହିଁ।' ଗୀତସଂହିତା ୧୬:୧୦

୩୬ଦାଉଦ ତାହାଙ୍କ ଯୁଗରେ ପରମେଶ୍ୱରଙ୍କର ଇଚ୍ଛା ଅନୁସାରେ
ସେବାକାର୍ଯ୍ୟ କରି ସାରିଲାପରେ ଦେହତ୍ୟାଗ କରିଥିଲେ।
ଦାଉଦଙ୍କୁ ତାହାଙ୍କ ପୂର୍ବପୁରୁଷମାନଙ୍କ ସହିତ ସମାଧି ଦିଆଗଲା,
ଓ ସେ କ୍ଷୟ ପ୍ରାପ୍ତ ହେଲେ। ୩୭କିନ୍ତୁ ପରମେଶ୍ୱର ଯାହାଙ୍କୁ
ମୃତ୍ୟୁରୁ ଉଠେଇଲେ ସେ କ୍ଷୟପ୍ରାପ୍ତ ହୋଇ ନଥିଲେ। ୩୮-
୩୯ତେଣୁ ଭାଇମାନେ, ତୁମ୍ଭମାନଙ୍କର ଜାଣିବା ଉଚିତ ଯେ,
କେବଳ ଏହି ଜଣଙ୍କ ଦ୍ୱାରା ହିଁ ତୁମ୍ଭମାନଙ୍କର ସମସ୍ତ ପାପ
କ୍ଷମା ହୋଇପାରେ। ମୋଶାଙ୍କ ବ୍ୟବସ୍ଥା ଦ୍ୱାରା ତୁମ୍ଭେମାନେ
ଯେଉଁ ମୁକ୍ତି ପାଇ ପାରିବ ନାହିଁ; ତାହାଙ୍କଠାରେ ବିଶ୍ୱାସ
କରି ତୁମ୍ଭେମାନେ ସେହିସବୁ ପାପରୁ ମୁକ୍ତ ପାଇ ପାରିବ।
୪୦ତେଣୁ ସାବଧାନ ରୁହ ଯେ, ଭବିଷ୍ୟଦ୍‌ବକ୍ତାମାନେ ଯାହା
କହିଥିଲେ, ତାହା ଯେପରି ତୁମ୍ଭମାନଙ୍କ ପ୍ରତି ନ ଘଟେ।
୪୧ଭବିଷ୍ୟଦ୍‌ବକ୍ତାମାନେ କହିଲେ,

> 'ଦେଖ, ଅବଜ୍ଞାକାରୀ ଲୋକମାନେ, ତୁମ୍ଭେମାନେ
> ଆଶ୍ଚର୍ଯ୍ୟ ହୋଇ ପାର ଓ ତାପରେ ମରିବାକୁ
> ଯାଇଥାଅ; କାରଣ ମୁଁ ତୁମ୍ଭମାନଙ୍କ ସମୟରେ,
> ଏପରି ଗୋଟିଏ କାର୍ଯ୍ୟ କରିବି ଯାହା ତୁମ୍ଭମାନଙ୍କୁ
> କେହି କହିଲେ ସୁଦ୍ଧା ତୁମ୍ଭେମାନେ ବିଶ୍ୱାସ କରିବ
> ନାହିଁ।'" ହବକ୍କୂକ୍ ୧:୫

୪୨ପାଉଲ ଓ ବର୍ଣ୍ଣବ୍ବା ସେଠାରୁ ଗଲାବେଳେ ଲୋକମାନେ
ସେମାନଙ୍କୁ ଆଗାମୀ ବିଶ୍ରାମ ଦିବସରେ ଏହି ସବୁକଥା
ଆହୁରି କହିବାପାଇଁ ଅନୁରୋଧ କଲେ। ୪୩ସଭା ସମାପ୍ତ
ହେବାପରେ ଅନେକ ଯିହୂଦୀୟ ଲୋକ ଓ ଯିହୂଦୀ ଧର୍ମ
ଗ୍ରହଣ କରିଥିବା ଅନ୍ୟଜାତୀୟମାନେ ପାଉଲ ଓ ବର୍ଣ୍ଣବ୍ବାଙ୍କୁ
ଅନୁସରଣ କଲେ। ସେମାନେ ସେମାନଙ୍କ ସହିତ କଥାବାର୍ତ୍ତା
ହୋଇ ସେମାନଙ୍କୁ ପରମେଶ୍ୱରଙ୍କ ଅନୁଗ୍ରହରେ ସ୍ଥିରହୋଇ
ରହିବାପାଇଁ କହିଲେ।
୪୪ପରବର୍ତ୍ତୀ ବିଶ୍ରାମବାରରେ ସହରର ପ୍ରାୟସବୁ ଲୋକ
ପ୍ରଭୁଙ୍କ ବାକ୍ୟ ଶୁଣିବା ପାଇଁ ଏକାଠି ହେଲେ। ୪୫ଯିହୂଦୀୟମାନେ
ଲୋକମାନଙ୍କର ଭିଡ଼ ଦେଖି ଈର୍ଷା କଲେ। ସେମାନେ
ପାଉଲଙ୍କ କଥାକୁ ବିରୋଧ କରି ଅପମାନଜନକ ଶବ୍ଦ
ସବୁ ପ୍ରୟୋଗ କଲେ। ୪୬କିନ୍ତୁ ପାଉଲ ଓ ବର୍ଣ୍ଣବ୍ବା

ସାହସର ସହିତ କହିଲେ, “ପରମେଶ୍ୱରଙ୍କର ସୁସମାଚାର
ତୁମ୍ଭମାନଙ୍କ ନିକଟରେ ପ୍ରଥମେ କୁହାଯିବା ଆବଶ୍ୟକ ଥିଲା।
କିନ୍ତୁ ତୁମ୍ଭେମାନେ ତାହା ଅସ୍ୱୀକାର କରିବାରୁ ତୁମ୍ଭେମାନେ
ଅନନ୍ତ ଜୀବନ ପାଇଁ ନିଜକୁ ଯୋଗ୍ୟ ଭାବି ନ ଥିବାରୁ
ଆମ୍ଭେମାନେ ଅନ୍ୟଜାତୀୟମାନଙ୍କ ପାଖକୁ ଯିବା। ୪୭ପ୍ରଭୁ
ଆମ୍ଭକୁ ଏହି ଆଦେଶ ଦେଇଛନ୍ତି:

‘ମୁଁ ତୁମ୍ଭକୁ ଅନ୍ୟ ଜାତୀୟମାନଙ୍କ ପାଇଁ ଗୋଟିଏ
ଆଲୋକ ସଦୃଶ କରିଅଛି। ଏହା ଦ୍ୱାରା ପୃଥିବୀର
ଶେଷ ଭାଗ ପର୍ଯ୍ୟନ୍ତ ତୁମ୍ଭେମାନେ ପରିତ୍ରାଣ ଆଣି
ପାରିବ।’” ଯିଶାଇୟ ୪୯:୬

୪୮ଅନ୍ୟ ଜାତୀୟ ଲୋକମାନେ ଏହା ଶୁଣି ଖୁସି
ହେଲେ ଓ ପ୍ରଭୁଙ୍କର ସୁସମାଚାରର ପ୍ରଶଂସା କଲେ, ଓ
ଯେଉଁମାନେ ଅନନ୍ତ ଜୀବନ ନିମନ୍ତେ ମନୋନୀତ
ହୋଇଥିଲେ, ସେହି ଲୋକମାନେ ପ୍ରଭୁଙ୍କଠାରେ ବିଶ୍ୱାସ
କଲେ।

୪୯ଏହିପରି ପ୍ରଭୁଙ୍କର ବାର୍ତ୍ତା ଦେଶର ଚାରିଆଡେ ବ୍ୟାପିଗଲା।
୫୦ଯିହୂଦୀୟମାନେ ଯିହୂଦୀଧର୍ମର ଉଚ୍ଚବଂଶୀୟ ସ୍ତ୍ରୀ ଲୋକଙ୍କୁ
ଓ ନଗରର ମୁଖ୍ୟ ବ୍ୟକ୍ତିମାନଙ୍କୁ ଉତ୍ତେଜିତ କରାଇଲେ।
ସେମାନେ ପାଉଲ ଓ ବର୍ଣ୍ଣବ୍ବା ବିରୁଦ୍ଧରେ ଅନ୍ୟମାନଙ୍କୁ
ପ୍ରବର୍ତ୍ତାଇଲେ। ସେମାନେ ସେମାନଙ୍କୁ ତାଡ଼ନା କରିବା
ଆରମ୍ଭ କଲେ ଓ ସେମାନଙ୍କୁ ସେହି ଅଞ୍ଚଳରୁ ବାହାର
କରିଦେଲେ। ୫୧ପାଉଲ ଓ ବର୍ଣ୍ଣବ୍ବା ସେମାନଙ୍କ ବିରୁଦ୍ଧରେ
ଆପଣା ଆପଣା ପାଦତଳ ଧୂଳି ଝାଡିଦେଇ ଇକନିୟ
ନଗରକୁ ଚାଲିଗଲେ। ୫୨କିନ୍ତୁ ଶିଷ୍ୟମାନେ ଆନନ୍ଦ ଓ
ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇଗଲେ।

## ଇକନିୟରେ ପାଉଲ ଓ ବର୍ଣ୍ଣବ୍ବା

୧୪ ପାଉଲ ଓ ବର୍ଣ୍ଣବ୍ବା ଦୁହେଁ ଇକନିୟ ନଗରରେ
ଯିହୂଦୀୟମାନଙ୍କର ପ୍ରାର୍ଥନାଗୃହକୁ ଗଲେ।
ସେଠାରେ ସେମାନେ ଏଭଳି ଭାବରେ ପ୍ରଭୁଙ୍କ ବାକ୍ୟ
ପ୍ରଚାର କଲେ ଯେ, ଉଭୟ ଯିହୂଦୀୟ ଓ ଅନ୍ୟ ଜାତିର
ଅନେକ ଲୋକ ବିଶ୍ୱାସ କଲେ। ୨ମାତ୍ର ଯେଉଁ ଯିହୂଦୀୟମାନେ
ଅବିଶ୍ୱାସ କରୁଥିଲେ, ସେମାନେ ଅନ୍ୟ ଜାତୀୟ ଲୋକମାନଙ୍କ
ମନରେ ଭାଇମାନଙ୍କ ବିରୁଦ୍ଧରେ ଖରାପ ଧାରଣା ଜନ୍ମାଇଲେ।
୩ତଥାପି ପାଉଲ ଓ ବର୍ଣ୍ଣବ୍ବା ସେଠାରେ ଅନେକ ଦିନ
ରହିଲେ ଓ ପ୍ରଭୁଙ୍କର କଥା ସାହସର ସହିତ ପ୍ରଚାର
କଲେ। ସେମାନଙ୍କ ମାଧ୍ୟମରେ ପ୍ରଭୁ ଆଶ୍ଚର୍ଯ୍ୟକାର୍ଯ୍ୟ ସବୁ
କଲେ, ଓ ଅନୁଗ୍ରହର ବାକ୍ୟ ପ୍ରଚାର କଲେ। ୪ନଗରର
ଲୋକମାନେ ଦୁଇ ଦଳରେ ଭାଗ ହୋଇଗଲେ। କେତେକ
ଯିହୂଦୀୟମାନଙ୍କ ପକ୍ଷରେ ଓ ଅନ୍ୟ ଦଳ ପ୍ରେରିତମାନଙ୍କ
ପକ୍ଷରେ ଥିଲେ।

୫ଅନ୍ୟଜାତୀୟ ଓ ଯିହୂଦୀୟ ଲୋକମାନେ ସେମାନଙ୍କ
ସହ ଖରାପ ବ୍ୟବହାର କରିବାପାଇଁ ଓ ସେମାନଙ୍କ
ଉପରେ ପଥର ପକାଇବା ନିମନ୍ତେ ନେତାମାନଙ୍କ ସହିତ
ମିଶିଲେ। ୬ପାଉଲ ଓ ବର୍ଣ୍ଣବ୍ବା ଏହା ଜାଣିପାରି ଲୁକାଅନିଆର
ଲୁସ୍ତ୍ରାର ଦର୍ବୀ ନଗର ଓ ଚାରିପାଖ ଅଞ୍ଚଳକୁ ଚାଲିଗଲେ।
୭ସେଠାରେ ସେମାନେ ସୁସମାଚାର ପ୍ରଚାର କଲେ।

## ଲୁସ୍ତ୍ରା ଓ ଦର୍ବୀରେ ପାଉଲ

୮ଲୁସ୍ତ୍ରାରେ ଗୋଟିଏ ଛୋଟା ଥିଲା। ସେ ଲୋକଟି
ଜନ୍ମରୁ ଛୋଟା ଥିଲା। ସେ କେବେ ଚାଲି ପାରୁ ନ ଥିଲା।
୯ସେ ବସି ପାଉଲଙ୍କ କଥା ଶୁଣୁଥିଲା। ପାଉଲ ତାକୁ
ସିଧାସଳଖ ଅନାଇ ଦେଖିଲେ ଯେ ସେ ସୁସ୍ଥ ହୋଇପାରିବ
ବୋଲି ତା’ର ବିଶ୍ୱାସ ଅଛି। ୧୦ସେ ଖୁବ୍ ଜୋରରେ
କହିଲେ, “ପାଦରେ ଭରା ଦେଇ ସିଧା ଠିଆ ହୁଅ।” ସେ
ଛୋଟା ଲୋକଟି ଡେଇଁ ପଡିଲା ଓ ଚାଲିବାକୁ ଆରମ୍ଭ
କଲା। ୧୧ଲୋକମାନେ ପାଉଲଙ୍କର ଏ କାମ ଦେଖି
ଲୁକାଅନିଆ ଭାଷାରେ ଖୁବ୍ ଜୋରରେ କହିଲେ,
“ଦେବତାମାନେ ମନୁଷ୍ୟ ରୂପରେ ଆମ୍ଭ ପାଖକୁ ଆସିଛନ୍ତି।”
୧୨ଲୋକମାନେ ବର୍ଣ୍ଣବ୍ବାଙ୍କୁ ବୃହସ୍ପତି ଓ ପାଉଲ ପ୍ରଧାନ
ବକ୍ତା ହେବାରୁ ତାହାଙ୍କୁ ବୁଧ ବୋଲି କହିଲେ। ୧୩ସେହି
ନଗର ସାମନାରେ ସ୍ଥାପିତ ବୃହସ୍ପତି ମନ୍ଦିରର ଯାଜକ
କେତୋଟି ବଳଦ ଓ ଫୁଲମାଳ ଆଣି ପହଞ୍ଚିଲେ। ଯାଜକ
ଓ ଲୋକମାନେ, ପାଉଲ ଓ ବର୍ଣ୍ଣବ୍ବାଙ୍କୁ ଏହା ଉତ୍ସର୍ଗ
କରିବା ପାଇଁ ଇଚ୍ଛା କରୁଥିଲେ।

୧୪କିନ୍ତୁ ବର୍ଣ୍ଣବ୍ବା ଓ ପାଉଲ ଏହା ଶୁଣି ନିଜ ବସ୍ତ୍ର
ଚିରି ପକାଇଲେ। ସେମାନେ ଲୋକମାନଙ୍କ ଆଡ଼କୁ ଦୌଡ଼ି
ପାଟିକରି କହିବାକୁ ଲାଗିଲେ: ୧୫“ହେ ଲୋକମାନେ
ତୁମ୍ଭେମାନେ ଏପରି କାହିଁକି କରୁଛ? ଆମ୍ଭେ ତୁମ୍ଭମାନଙ୍କପରି
କେବଳ ମଣିଷ। ଆମ୍ଭେ ତୁମ୍ଭମାନଙ୍କୁ ସୁସମାଚାର କହିବା
ପାଇଁ ଆସିଛୁ। ତୁମ୍ଭମାନଙ୍କୁ ଏହି ମୂଲ୍ୟହୀନ ବିଷୟଗୁଡ଼ିକ
ଠାରୁ ଦୂରେଇ ରହି ଜୀବନ୍ତ ପରମେଶ୍ୱରଙ୍କ ଆଡ଼କୁ
ଫେରାଇବା ପାଇଁ ଆମ୍ଭେ ଆସିଛୁ। ସେହି ପରମେଶ୍ୱର
ଆକାଶ, ପୃଥିବୀ, ସମୁଦ୍ର ଓ ତନ୍ମଧ୍ୟସ୍ଥ ସମସ୍ତ ବିଷୟ ସୃଷ୍ଟି
କରିଛନ୍ତି। ୧୬ଅତୀତରେ ସବୁ ଜାତିର ଲୋକମାନଙ୍କୁ ନିଜ
ନିଜ ରାସ୍ତାରେ ଚାଲିବା ପାଇଁ ସେ ଅନୁମତି ଦେଇଥିଲେ।
୧୭କିନ୍ତୁ ସେ ତୁମ୍ଭମାନଙ୍କ ନିକଟରେ ନିଜର ସାକ୍ଷ୍ୟ ଦେଇ
ଅଛନ୍ତି। କାରଣ ସେ ତୁମ୍ଭମାନଙ୍କ ପାଇଁ ବହୁତ ଭଲ କାମ
କରିଛନ୍ତି। ସେ ତୁମ୍ଭକୁ ସ୍ୱର୍ଗରୁ ବର୍ଷା ଓ ଋତୁ ଅନୁସାରେ
ଶସ୍ୟ ଦେଇଛନ୍ତି। ସେ ତୁମ୍ଭମାନଙ୍କୁ ଖାଦ୍ୟ ଦିଅନ୍ତି। ସେ
ତୁମ୍ଭମାନଙ୍କର ହୃଦୟ ଆନନ୍ଦରେ ଭରି ଦିଅନ୍ତି।” ୧୮ଏସବୁ
କଥା କହି ପାଉଲ ଓ ବର୍ଣ୍ଣବ୍ବା ଅତିକଷ୍ଟରେ ସେମାନଙ୍କର
ଉଦ୍ଦେଶ୍ୟରେ ନୈବେଦ୍ୟ ଉତ୍ସର୍ଗ କରିବାରୁ ଲୋକମାନଙ୍କୁ
ବନ୍ଦ କଲେ।

୧୯କିନ୍ତୁ ତା’ପରେ କେତେକ ଯିହୂଦୀ ଆନ୍ତିୟଖିଆ ଓ
ଇକନିୟରୁ ଆସିଲେ। ସେମାନେ ଲୋକମାନଙ୍କୁ ମତାଇ
ପାଉଲଙ୍କୁ ପଥର ମାରିଲେ। ସେ ମରିଗଲେଣି ଭାବି
ସେମାନେ ତାହାଙ୍କୁ ନଗର ବାହାରକୁ ଟାଣି ଆଣିଲେ।
୨୦କିନ୍ତୁ ଶିଷ୍ୟମାନେ ପାଉଲଙ୍କ ଚାରିପାଖେ ଘେରି ଯିବାରୁ
ସେ ଉଠି ହୋଇ ନଗରକୁ ଚାଲିଗଲେ। ତହିଁ ଆରଦିନ
ସେ ବର୍ଣ୍ଣବ୍ବାଙ୍କ ସହିତ ଦର୍ବୀ ନଗରକୁ ଚାଲିଗଲେ।

## ସିରିଆ ଦେଶର ଆନ୍ତିୟଖିଆକୁ ଫେରିବା

୨୧ ପାଉଲ ଓ ବର୍ଣ୍ଣବ୍ବା ଦର୍ବୀ ନଗରରେ ସୁସମାଚାର
ପ୍ରଚାର କଲେ। ବହୁତ ଲୋକ ଯୀଶୁଙ୍କର ଶିଷ୍ୟ ହେଲେ।
ତା'ପରେ ବର୍ଣ୍ଣବ୍ବା ଓ ପାଉଲ ଲୁସ୍ତ୍ରା, ଇକନିୟ ଓ
ଆନ୍ତିୟଖିଆକୁ ଫେରିଗଲେ। ୨୨ ସେମାନେ ସେ ସ୍ଥାନଗୁଡ଼ିକରେ
ଶିଷ୍ୟମାନଙ୍କ ଆତ୍ମାକୁ ସବଳ କଲେ ଓ ବିଶ୍ୱାସରେ
ବୃଦ୍ଧିପାଇବା ପାଇଁ ଉତ୍ସାହିତ କଲେ। ସେମାନେ କହିଲେ,
"ପରମେଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ନିମନ୍ତେ ଆମ୍ଭକୁ
ଅନେକ ଦୁଃଖ କଷ୍ଟ ଭୋଗ କରିବାକୁ ପଡ଼ିବ।" ୨୩ ପାଉଲ
ଓ ବର୍ଣ୍ଣବ୍ବା ସେମାନଙ୍କ ପାଇଁ ପ୍ରତି ମଣ୍ଡଳୀରେ ପ୍ରାଚୀନମାନଙ୍କୁ
ନିଯୁକ୍ତ ଦେଲେ। ସେମାନେ ଏହି ପ୍ରାଚୀନମାନଙ୍କ ପାଇଁ
ଉପବାସ ଓ ପ୍ରାର୍ଥନା କଲେ। ଏହି ପ୍ରାଚୀନମାନେ ପ୍ରଭୁ
ଯୀଶୁଙ୍କଠାରେ ବିଶ୍ୱାସ କରିଥିଲେ। ତେଣୁ ପାଉଲ ଓ
ବର୍ଣ୍ଣବ୍ବା ସେମାନଙ୍କୁ ପ୍ରଭୁଙ୍କ ପାଖରେ ସମର୍ପଣ କଲେ।
୨୪ ସେମାନେ ପିସିଦିଆ ଦେଇ ପମ୍ଫୂଲିଆରେ ପହଞ୍ଚିଲେ।
୨୫ ସେମାନେ ପର୍ଗାରେ ସୁସମାଚାର ପ୍ରଚାର କଲାପରେ
ଆତ୍ତାଲିଆ ନଗରରେ ପହଞ୍ଚିଲେ। ୨୬ ସେଠାରୁ ସେମାନେ
ଆନ୍ତିୟଖିଆକୁ ସମୁଦ୍ର ପଥରେ ଚାଲିଗଲେ। ଏହି ସ୍ଥାନରେ
ବିଶ୍ୱାସୀମାନେ ସେମାନଙ୍କୁ ଏହି କାର୍ଯ୍ୟ କରିବା ପାଇଁ
ପ୍ରଭୁଙ୍କ ନିକଟରେ ସମର୍ପିତ କରି ପଠାଇଥିଲେ। ସେମାନେ
ଏହି କାର୍ଯ୍ୟ ପୂର୍ଣ୍ଣ କଲେ।
୨୭ ପାଉଲ ଓ ବର୍ଣ୍ଣବ୍ବା ସେଠାରେ ପହଞ୍ଚିବା ପରେ
ମଣ୍ଡଳୀକୁ ଏକାଠି କଲେ। ପରମେଶ୍ୱର ସେମାନଙ୍କ ସହିତ
ଯାହା କିଛି କରିଥିଲେ ତାହା ସେମାନଙ୍କୁ କହିଲେ ଓ
ପରମେଶ୍ୱର ଅନ୍ୟ ଜାତୀୟ ଲୋକଙ୍କ ପାଇଁ କିପରି
ବିଶ୍ୱାସର ରାସ୍ତା ଖୋଲିଲେ, ତାହା ସେମାନେ ବର୍ଣ୍ଣନା
କଲେ। ସେମାନେ ସେଠାରେ ଖ୍ରୀଷ୍ଟଙ୍କ ଶିଷ୍ୟମାନଙ୍କ ସହିତ
ଅନେକ ଦିନ ପର୍ଯ୍ୟନ୍ତ ରହିଲେ।

## ଯିରୂଶାଲମରେ ସଭା

**୧୫** କେତେକ ଲୋକ ଯିହୂଦାରୁ ଆନ୍ତିୟଖିଆକୁ
ଆସିଲେ। ସେମାନେ ଭାଇମାନଙ୍କୁ ଏହି ଶିକ୍ଷା
ଦେଲେ, "ତୁମ୍ଭେମାନେ ଯଦି ମୋଶାଙ୍କର ବ୍ୟବସ୍ଥା ଅନୁସାରେ
ସୁନ୍ନତ ନହୁଅ, ତେବେ ତୁମ୍ଭେମାନେ ପରିତ୍ରାଣ ପାଇପାରିବ
ନାହିଁ।" ୨ ପାଉଲ ଓ ବର୍ଣ୍ଣବ୍ବା ସେମାନଙ୍କ ସହିତ ରାଜି
ନହୋଇ ବହୁତ ଯୁକ୍ତି କଲେ। ଏହି ପ୍ରଶ୍ନ ଉପରେ ବିଚାର
ଆଲୋଚନା ଲାଗି ପାଉଲ, ବର୍ଣ୍ଣବ୍ବା ଓ ଅନ୍ୟ କେତେକଙ୍କୁ
ଯିରୂଶାଲମରେ ପ୍ରେରିତ ଓ ପ୍ରାଚୀନମାନଙ୍କ ପାଖକୁ ଯିବାପାଇଁ
ନିଯୁକ୍ତ ଦିଆଗଲା।
୩ ଖ୍ରୀଷ୍ଟିୟ ମଣ୍ଡଳୀ ଦ୍ୱାରା ସେମାନଙ୍କୁ ପଠାଗଲା। ସେମାନେ
ଫୈନୀକିଆ ଓ ଶମିରୋଣ ଦେଇ ଗଲେ। ଅନ୍ୟ ଜାତୀୟ
ଲୋକମାନେ କିପରି ପରମେଶ୍ୱରଙ୍କ ପ୍ରତି ମନ ଫେରାଇଛନ୍ତି,
ଏହା ସେମାନେ ସେଠାରେ କହିଲେ। ଏହା ଶୁଣି ଭାଇମାନେ
ବହୁତ ଖୁସି ହେଲେ। ୪ ପାଉଲ, ବର୍ଣ୍ଣବ୍ବା ଓ ଅନ୍ୟମାନେ
ଯିରୂଶାଲମରେ ପହଞ୍ଚିଲେ। ପ୍ରେରିତ, ପ୍ରାଚୀନ ଓ ଅନ୍ୟ
ବିଶ୍ୱାସୀମାନେ ସେଠାରେ ସେମାନଙ୍କୁ ସ୍ୱାଗତ କଲେ।
ପରମେଶ୍ୱର ସେମାନଙ୍କ ସହିତ ଯାହା ସବୁ କରିଥିଲେ,
ସେ ସବୁକଥା ସେମାନେ କହିଲେ। ୫ କିନ୍ତୁ ଫାରୂଶୀମାନଙ୍କ
ଦଳର କେତେକ ବିଶ୍ୱାସୀ ଲୋକ ଠିଆ ହୋଇ କହିଲେ,
"ଅନ୍ୟ ଜାତୀୟମାନଙ୍କୁ ନିଶ୍ଚିତରୂପେ ସୁନ୍ନତ ହେବାକୁ ପଡ଼ିବ
ଓ ମୋଶାଙ୍କ ବ୍ୟବସ୍ଥା ମାନିବାକୁ ପଡ଼ିବ।"
୬ ପ୍ରେରିତ ଓ ପ୍ରାଚୀନମାନେ ଏ ସମସ୍ୟା ଉପରେ
ବିଚାର କରିବାପାଇଁ ଏକତ୍ରିତ ହେଲେ। ୭ ବହୁତ ବାଦବିବାଦ
ପରେ ପିତର ଠିଆ ହେଲେ ଓ ସେମାନଙ୍କୁ କହିଲେ,
"ଭାଇମାନେ, ତୁମ୍ଭେମାନେ ଜାଣ, ଯେ ଅନ୍ୟଜାତୀୟମାନେ
ଯେପରି ସୁସମାଚାର ବାର୍ତ୍ତା ଶୁଣିପାରନ୍ତି ଓ ତାହା ଶୁଣି
ବିଶ୍ୱାସ କରିପାରନ୍ତି ଏଥିନିମନ୍ତେ ପରମେଶ୍ୱର ବହୁପୂର୍ବରୁ
ତୁମ୍ଭମାନଙ୍କ ମଧ୍ୟରୁ ମୋତେ ବାଛିଥିଲେ। ୮ ପରମେଶ୍ୱର
ସମସ୍ତଙ୍କ ଅନ୍ତରର ଭାବନା ଜାଣନ୍ତି। ସେ ସେହି
ଅନ୍ୟଜାତୀୟମାନଙ୍କୁ ଗ୍ରହଣ କଲେ। ପରମେଶ୍ୱର ଆମ୍ଭକୁ
ଯେପରି ପବିତ୍ର ଆତ୍ମାଙ୍କୁ ଦାନ କରିଥିଲେ, ସେହିପରି
ସେମାନଙ୍କୁ ମଧ୍ୟ ପବିତ୍ରଆତ୍ମା ଦାନ କରିଅଛନ୍ତି। ୯ ଏହାଦ୍ୱାରା
ପରମେଶ୍ୱର ଆମ୍ଭମାନଙ୍କର ଓ ସେମାନଙ୍କ ମଧ୍ୟରେ କୌଣସି
ତଫାତ ରଖିଲେ ନାହିଁ। ସେ ସେମାନଙ୍କର ବିଶ୍ୱାସ ଦ୍ୱାରା
ସେମାନଙ୍କର ହୃଦୟକୁ ପବିତ୍ର କରିଲେ। ୧୦ ତେଣୁ, ତୁମ୍ଭେମାନେ
କାହିଁକି ଶିଷ୍ୟମାନଙ୍କ କାନ୍ଧରେ ଯୁଆଳି ରଖି ପରମେଶ୍ୱରଙ୍କୁ
ପରୀକ୍ଷା କରୁଛ? ଆମ୍ଭେମାନେ କିମ୍ବା ଆମ୍ଭର ପୂର୍ବପୁରୁଷମାନେ
ତ ଏହି ଯୁଆଳି ଭାର ସହି ପାରିଲେ ନାହିଁ। ୧୧ ଆମ୍ଭର
ବିଶ୍ୱାସ ଯେ ଆମ୍ଭେ ଓ ଏଲୋକମାନେ ପ୍ରଭୁ ଯୀଶୁଙ୍କ
ଅନୁଗ୍ରହ ଦ୍ୱାରା ରକ୍ଷା ପାଇଛୁ।"
୧୨ ତା'ପରେ ସମସ୍ତେ ନୀରବ ହୋଇଗଲେ। ସେମାନେ
ବର୍ଣ୍ଣବ୍ବା ଓ ପାଉଲଙ୍କ କଥା ଶୁଣିଲେ। ପରମେଶ୍ୱର ଅନ୍ୟ
ଜାତୀୟ ମାନଙ୍କମଧ୍ୟରେ ସେମାନଙ୍କ ଜରିଆରେ, ଯେଉଁସବୁ
ଆଶ୍ଚର୍ଯ୍ୟକର୍ମ ଓ ଚିହ୍ନମାନ କରିଥିଲେ, ସେ ସବୁ ପାଉଲ
ଓ ବର୍ଣ୍ଣବ୍ବା ବର୍ଣ୍ଣନା କଲେ। ୧୩ ସେମାନେ କହିବାପରେ
ଯାକୁବ ଉତ୍ତର ଦେଲେ, "ଭାଇମାନେ, ମୋ କଥା ଶୁଣ।
୧୪ ପରମେଶ୍ୱର କିପରି ପ୍ରଥମ ଥର ଅନ୍ୟ ଜାତୀୟ
ଲୋକମାନଙ୍କ ପାଇଁ ନିଜର ପ୍ରେମ ଦେଖାଇଲେ ଓ
ସେମାନଙ୍କୁ ଗ୍ରହଣ କରି ତାହାଙ୍କର ଲୋକରେ ପରିଣତ
କଲେ; ତାହା ଶିମୋନ ବର୍ଣ୍ଣନା କରିଅଛନ୍ତି। ୧୫ ଏହା
ଭାବବାଦୀମାନେ ମଧ୍ୟ ଏହିକଥା କହିଅଛନ୍ତି। ଏହା ଏହିପରି
ଲେଖାଯାଇଛି:

୧୬ 'ଏହା ପରେ ମୁଁ ପୁନର୍ବାର ଫେରି ଆସିବି ଏବଂ
ଦାଉଦର ଭଗ୍ନଗୃହ ପୁଣି ନିର୍ମାଣ କରିବି। ମୁଁ
ଏହାର ନଷ୍ଟ ହୋଇଯାଇଥିବା ଅଂଶ ପୁଣି ଥରେ
ନିର୍ମାଣ କରି ଠିକ୍ କରିଦେବି।
୧୭ ପ୍ରଭୁ ଏହି କଥା କହନ୍ତି, ଅବଶିଷ୍ଟ ମାନବଜାତି ଓ
ଅନ୍ୟ ଜାତୀୟ ଲୋକମାନେ, ଯେଉଁମାନେ ମୋ
ନାମରେ ପରିଚିତ ହୁଅନ୍ତି, ସେମାନେ ମୋତେ
ଖୋଜିବେ। ଯେଉଁପ୍ରଭୁ ଏହି ସମସ୍ତ ଘଟଣା ଘଟାନ୍ତି,
ସେ ସ୍ୱୟଂ ଏହା କହିଅଛନ୍ତି।
୧୮ ଏହା ଯୁଗ ଆରମ୍ଭରୁ ଜଣାଅଛି।'

ଆମୋଷ ୯:୧୧-୧୨

୧୯"ସେଥିପାଇଁ, ମୁଁ ଭାବୁଛି, ପରମେଶ୍ୱରଙ୍କ ପ୍ରତି ଫେରୁଥିବା
ଅନ୍ୟ ଜାତୀୟ ଲୋକମାନଙ୍କୁ କଷ୍ଟ ଦେବା ଆମ୍ଭମାନଙ୍କ
ପକ୍ଷରେ ଉଚିତ ନୁହେଁ। ୨୦ଏହା ବଦଳରେ ଆମ୍ଭେ
ସେମାନଙ୍କୁ ଲେଖିବା ଉଚିତ ଯେ:

ତୁମ୍ଭେମାନେ ମୂର୍ତ୍ତିମାନଙ୍କୁ ଦିଆଯାଉଥିବା ଅପବିତ୍ର
ଖାଦ୍ୟ ଖାଅ ନାହିଁ। ଯୌନ ପାପ କରନାହିଁ। ରକ୍ତ
ଖାଅ ନାହିଁ। ତଣ୍ଟି ଚିପି ମରାଯାଇଥିବା କୌଣସି
ପଶୁର ମାଂସ ଖାଅନାହିଁ।

୨୧ସେମାନେ ଏସବୁ କରିବା ଉଚିତ ନୁହେଁ, କାରଣ
ଆରମ୍ଭରୁ ମୋଶାଙ୍କ ବ୍ୟବସ୍ଥା ପାଠ କରୁଥିବା ଲୋକେ ପ୍ରତି
ନଗରରେ ଏବେ ମଧ୍ୟ ଅଛନ୍ତି ଏବଂ ତାହାଙ୍କର
ବ୍ୟବସ୍ଥା ପ୍ରାର୍ଥନାଗୃହମାନଙ୍କରେ ପ୍ରତି ବିଶ୍ରାମବାରରେ ପାଠ
କରାଯାଏ।"

## ଅନ୍ୟ ଯିହୂଦୀ ବିଶ୍ୱାସୀମାନଙ୍କୁ ପତ୍ର

୨୨ଏହାପରେ ପ୍ରେରିତ, ପ୍ରାଚୀନ ଓ ସମଗ୍ର ମଣ୍ଡଳୀ,
ସେମାନଙ୍କ ମଧ୍ୟରୁ କେତେକ ଲୋକଙ୍କୁ ବାଛିଲେ। ସେମାନେ
ପାଉଲ ଓ ବର୍ଣ୍ଣବ୍ବାଙ୍କ ସହିତ ସେମାନଙ୍କୁ ଆନ୍ତିୟଖିଆକୁ
ପଠାଇବା ପାଇଁ ସ୍ଥିର କଲେ। ସେମାନେ ଯିହୂଦା (ଯାହାଙ୍କର
ଅନ୍ୟନାମ ଥିଲା, ବର୍ଶବ୍ବା) ଓ ଶୀଲାଙ୍କୁ ବାଛିଲେ।
ଏହିମାନେ ଭାଇମାନଙ୍କ ମଧ୍ୟରେ ନେତା ଥିଲେ। ୨୩ସେମାନେ
ତାହାଙ୍କ ହାତରେ ଏହି ଚିଠି ଦେଲେ:

ଆନ୍ତିୟଖିଆ, ସୁରିଆ, କିଲିକିଆସ୍ଥ ଅନ୍ୟଜାତୀୟ
ବିଶ୍ୱାସୀ ଭାଇମାନଙ୍କୁ ପ୍ରେରିତ, ପ୍ରାଚୀନ ଓ ଅନ୍ୟ
ଭାଇମାନଙ୍କର ନମସ୍କାର।

୨୪ଆମ୍ଭେ ଶୁଣିଲୁ ଯେ ଆମ୍ଭଭିତରୁ କେତେକ
ଲୋକ ଆମ୍ଭଠାରୁ ଆଦେଶ ନପାଇ ତୁମ୍ଭମାନଙ୍କୁ
ସେମାନଙ୍କ କଥା ଦ୍ୱାରା ଅସୁବିଧାରେ ପକାଇଛନ୍ତି ଓ
ତୁମ୍ଭମାନଙ୍କୁ ବ୍ୟତିବ୍ୟସ୍ତ କରୁଛନ୍ତି। ୨୫ସେଥିପାଇଁ
ଆମ୍ଭେ ଏକମତ ଓ ସ୍ଥିର ହୋଇ କେତେକ
ଲୋକଙ୍କୁ ବାଛିଛୁ। ଆମ୍ଭେ ସେମାନଙ୍କୁ ଆମ୍ଭର ପ୍ରିୟ
ବର୍ଣ୍ଣବ୍ବା ଓ ପାଉଲଙ୍କ ସହିତ ପଠାଉଛୁ। ୨୬ବର୍ଣ୍ଣବ୍ବା
ଓ ପାଉଲ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମ ପାଇଁ ସେମାନଙ୍କର
ଜୀବନକୁ ଉତ୍ସର୍ଗ କରିଛନ୍ତି। ୨୭ସେଥିପାଇଁ ଆମ୍ଭେ
ଯିହୂଦା ଓ ଶୀଲାଙ୍କୁ ତୁମ୍ଭମାନଙ୍କ ପାଖକୁ ପଠାଇଲୁ।
ସେମାନେ ତୁମ୍ଭମାନଙ୍କୁ ମୌଖିକଭାବେ ମଧ୍ୟ ଏହି
ସବୁ କଥା କହିବେ। ୨୮ପବିତ୍ର ଆତ୍ମା ଓ ଆମ୍ଭମାନଙ୍କୁ
ଏହା ଉଚିତ ମନେହେଲା ଯେ, ତୁମ୍ଭେମାନେ ଏହି
କେତୋଟି ବିଷୟ ଛଡ଼ା ଆଉ ଅଧିକ ବୋଝରେ
ଭାରାକ୍ରାନ୍ତ ହେବା ଠିକ୍ ନୁହେଁ। ତେଣୁ ଏହି
କେତୋଟି ଆବଶ୍ୟକୀୟ ବିଷୟଗୁଡ଼ିକ ତୁମ୍ଭେମାନେ
କରିବ:

୨୯ ତୁମ୍ଭେମାନେ ମୂର୍ତ୍ତିଗୁଡ଼ିକ ନିକଟରେ ସମର୍ପିତ ଖାଦ୍ୟ
ଖାଇବ ନାହିଁ। ତୁମ୍ଭେମାନେ ରକ୍ତ ଖାଇବ ନାହିଁ।
ତଣ୍ଟି ଚିପି ମରାଯାଇଥିବା ପଶୁମାନଙ୍କୁ ତୁମ୍ଭେମାନେ
ଖାଇବ ନାହିଁ। ତୁମ୍ଭେମାନେ ଯୌନ ପାପ ସବୁ
କରିବ ନାହିଁ।

ଯଦି ତୁମ୍ଭେମାନେ ଏସବୁ ଜିନିଷଠାରୁ ନିଜକୁ ଅଲଗା
ରଖିବ, ତେବେ ତୁମ୍ଭେମାନେ ଉତ୍ତମ କାର୍ଯ୍ୟ କରିବ।
ବିଦାୟ।"

୩୦ତାପରେ ବର୍ଣ୍ଣବ୍ବା, ପାଉଲ, ଯିହୂଦା ଓ ଶୀଲା
ଯିରୂଶାଲମରୁ ଆନ୍ତିୟଖିଆକୁ ଯାତ୍ରା କଲେ। ସେଠାରେ
ସେମାନେ ଏକାଠି ହୋଇଥିବା ବିଶ୍ୱାସୀମାନଙ୍କୁ ପତ୍ର ଦେଲେ।
୩୧ଆନ୍ତିୟଖିଆର ବିଶ୍ୱାସୀମାନେ ଏ ପତ୍ର ପଢ଼ି ଆନନ୍ଦିତ
ହେଲେ। କାରଣ ଏହା ସେମାନଙ୍କୁ ଅତ୍ୟନ୍ତ ଉତ୍ସାହିତ କରି
ଥିଲା। ୩୨ଯିହୂଦା ଓ ଶୀଲା ଦୁହେଁ ମଧ୍ୟ ଭାବବାଦୀ ଥିଲେ।
ସେମାନେ ଭାଇମାନଙ୍କୁ ଉତ୍ସାହ ଦେଇ ଅନେକ କଥା
କହିଲେ, ଓ ସେମାନଙ୍କୁ ଶକ୍ତିଯୁକ୍ତ କଲେ। ୩୩ସେଠାରେ
କିଛି ଦିନ ରହିବାପରେ ଯେଉଁମାନେ ସେମାନଙ୍କୁ ପଠାଇଥିଲେ,
ଯିରୂଶାଲମର ସେହି ଭାଇମାନଙ୍କ ପାଖକୁ ଫେରି ଯିବା
ପାଇଁ ଶାନ୍ତିରେ ବିଦାୟ ଦେଲେ। ୩୪ *
୩୫କିନ୍ତୁ ପାଉଲ ଓ ବର୍ଣ୍ଣବ୍ବା ଆନ୍ତିୟଖିଆରେ ରହିଲେ,
ଏବଂ ଅନ୍ୟମାନଙ୍କ ସହିତ ସେମାନେ ଲୋକମାନଙ୍କୁ ପ୍ରଭୁଙ୍କର
ବାକ୍ୟ ଶିକ୍ଷା ଦେଲେ, ଏବଂ ସୁସମାଚାର ପ୍ରଚାର କଲେ।

## ପାଉଲ ଓ ବର୍ଣ୍ଣବ୍ବା ଅଲଗା ହୋଇଗଲେ

୩୬ପାଉଲ କିଛି ଦିନ ପରେ ବର୍ଣ୍ଣବ୍ବାଙ୍କୁ କହିଲେ,
"ଚାଲ, ଆମ୍ଭେମାନେ ଫେରିବା ଆଉ ଆମ୍ଭେମାନେ ପ୍ରଭୁଙ୍କର
ବାକ୍ୟ ଯେଉଁ ପ୍ରତ୍ୟେକ ସହରରେ ପ୍ରଚାର କରିଛୁ, ସେହି
ସବୁ ସହରକୁ ଯାଇ ଆମ୍ଭ ଭାଇମାନଙ୍କୁ ଦେଖିବା, ଆଉ
ସେମାନଙ୍କ ଭଲମନ୍ଦ ବୁଝିବା।" ୩୭ବର୍ଣ୍ଣବ୍ବା ସେମାନଙ୍କ
ସହିତ ମାର୍କ ନାମରେ ପରିଚିତ ଯୋହନଙ୍କୁ ନେବାପାଇଁ
ଚାହିଁଲେ। ୩୮କିନ୍ତୁ ପାଉଲ ତାହାଙ୍କୁ ସାଙ୍ଗରେ ନ ନେବାପାଇଁ
ଜୋରଦେଲେ, କାରଣ ସେ ପୂର୍ବରୁ ପମ୍ଫୂଲିଆରେ ସେମାନଙ୍କ
ସହିତ ଏହି କାର୍ଯ୍ୟରେ ସାଙ୍ଗରେ ନ ରହି ସେମାନଙ୍କୁ
ତ୍ୟାଗ କରି ଚାଲି ଆସିଥିଲେ। ୩୯ଏଥିପାଇଁ ସେମାନଙ୍କ
ମଧ୍ୟରେ ଘୋର ମତଭେଦ ହେଲା। ଏହା ଫଳରେ,
ପାଉଲ ଓ ବର୍ଣ୍ଣବ୍ବା ପରସ୍ପର ଠାରୁ ଅଲଗା ହୋଇଗଲେ।
ବର୍ଣ୍ଣବ୍ବା ମାର୍କଙ୍କୁ ନେଇ ଜଳ ପଥରେ କୁପ୍ର ଉପଦ୍ୱୀପକୁ
ଚାଲିଗଲେ। ୪୦ପାଉଲ ଶୀଲାଙ୍କୁ ତାହାଙ୍କ ସହିତ ନେବାପାଇଁ
ବାଛିଲେ। ଆନ୍ତିୟଖିଆରେ ଭାଇମାନେ ପାଉଲଙ୍କୁ ପ୍ରଭୁଙ୍କ
ଅନୁଗ୍ରହ ଓ ତତ୍ତ୍ୱାବଧାନରେ ସମର୍ପଣ କରି ବିଦାୟ
ଦେଲେ। ୪୧ପାଉଲ ଓ ଶୀଲା ସିରିଆ ଓ କିଲିକିଆ ଦେଶ

---

**ପଦ ସଂଖ୍ୟା:୩୪** କେତେକ ଗ୍ରୀକ୍ ଲିପିରେ ଏହିପରି ଲେଖାଯାଏ। "ମାତ୍ର ଶୀଲା ସେଠାରେ ରହିବା ପାଇଁ ସ୍ଥିର କଲେ।"

ଦେଇ ଗଲେ ଓ ମଣ୍ଡଳୀଗୁଡ଼ିକୁ ଶକ୍ତିଶାଳୀ ହେବାପାଇଁ
ସାହାଯ୍ୟ କଲେ।

### ତୀମଥି ପାଉଲ ଓ ଶୀଲାଙ୍କ ସହିତ ଗଲେ

୧୬ ପାଉଲ ଦର୍ବୀ ଓ ଲୁସ୍ତ୍ରା ନଗରକୁ ଗଲେ।
ସେଠାରେ ତୀମଥି ନାମକ ଜଣେ ଶିଷ୍ୟ ଥିଲେ।
ସେ ଜଣେ ବିଶ୍ୱାସୀନୀ ଯିହୂଦୀ ସ୍ତ୍ରୀଙ୍କର ପୁତ୍ର ଥିଲେ କିନ୍ତୁ
ତାହାଙ୍କର ପିତା ଗ୍ରୀକ୍ ଥିଲେ। ୨ତୀମଥିଙ୍କୁ ଲୁସ୍ତ୍ରା ଓ
ଇକନିୟର ଭାଇମାନେ ବହୁତ ପ୍ରଶଂସା କରୁଥିଲେ। ୩ପାଉଲ
ତୀମଥିଙ୍କୁ ନିଜ ସହିତ ନେବାପାଇଁ ଇଚ୍ଛା କଲେ। ତାହାଙ୍କର
ପିତା ଗ୍ରୀକ୍ ବୋଲି ସମସ୍ତେ ଜାଣିଥିଲେ। ତେଣୁ ପାଉଲ
ତାହାଙ୍କୁ ଯିହୂଦୀମାନଙ୍କ ହେତୁ ସୁନ୍ନତ କରିଦେଲେ। ୪ସେମାନେ
ନଗରରୁ ନଗର ଭ୍ରମଣ କଲାବେଳେ ଯିରୂଶାଲମରେ ଥିବା
ପ୍ରେରିତ ଓ ପ୍ରାଚୀନ ମାନଙ୍କର ଉପଦେଶ ଓ ନିଷ୍ପତ୍ତିଗୁଡ଼ିକ
ବିଷୟରେ ବିଶ୍ୱାସୀମାନଙ୍କୁ କହୁଥିଲେ ଓ ସେହି ଉପଦେଶଗୁଡ଼ିକୁ
ପାଳନ କରିବାକୁ ସେମାନଙ୍କୁ ପ୍ରବର୍ତ୍ତାଉଥିଲେ। ୫ତେଣୁ
ମଣ୍ଡଳୀଗୁଡ଼ିକର ସଂଖ୍ୟା ଦିନକୁ ଦିନ ବଢ଼ିବାକୁ ଲାଗୁଥିଲା ଓ
ସେଗୁଡ଼ିକ ବିଶ୍ୱାସରେ ଶକ୍ତିଶାଳୀ ହେଉଥିଲେ।

### ଏସିଆରୁ ବାହାରକୁ ଯିବା ପାଇଁ ପାଉଲଙ୍କୁ ଆଦେଶ

୬ପାଉଲ ଓ ତାହାଙ୍କ ସହିତ ଥିବା ଲୋକମାନେ
ଫ୍ରୁଗିଆ ଓ ଗାଲାତୀୟ ଅଞ୍ଚଳ ଦେଇଗଲେ। ସେମାନଙ୍କୁ
ପବିତ୍ର ଆତ୍ମା ଏସିଆରେ ପ୍ରଭୁଙ୍କର କଥା ପ୍ରଚାର କରିବାକୁ
ଅନୁମତି ଦେଲେ ନାହିଁ। ୭ସେମାନେ ମୂସିଆ ଦେଶକୁ
ଆସିଲା ପରେ ବୀଥୂନିଆକୁ ଯିବାପାଇଁ ଚେଷ୍ଟା କଲେ।
କିନ୍ତୁ, ଯୀଶୁଙ୍କ ଆତ୍ମା ସେମାନଙ୍କୁ ଯିବାପାଇଁ ଅନୁମତି
ଦେଲେ ନାହିଁ। ୮ତା'ପରେ ସେମାନେ ମୂସିଆ ଦେଶ ଛାଡ଼ି
ତ୍ରୋୟା ନଗରକୁ ଆସିଲେ। ୯ରାତିରେ ପାଉଲ ଏକ ଦର୍ଶନ
ପାଇଲେ। ସେଥିରେ ସେ ଜଣେ ମାକିଦନିଆର ଲୋକକୁ
ତାହାଙ୍କ ଆଗରେ ଠିଆ ହୋଇ ଥିବାର ଦେଖିଲେ। ସେ
ପାଉଲଙ୍କୁ କହିଲେ, "ତୁମ୍ଭେ ମାକିଦନିଆକୁ ଆସି ଆମ୍ଭକୁ
ସାହାଯ୍ୟ କର।" ୧୦ପାଉଲ ଦର୍ଶନ ପାଇବା ପରେ ଆମ୍ଭେ
ସଙ୍ଗେସଙ୍ଗେ ମାକିଦନିଆକୁ ଯିବାପାଇଁ ପ୍ରସ୍ତୁତ ହେଲୁ।
ଆମ୍ଭେ ହୃଦୟଙ୍ଗମ କଲୁ ଯେ, ପ୍ରଭୁ ସେମାନଙ୍କ ନିକଟରେ
ସୁସମାଚାର ପହଞ୍ଚାଇବା ପାଇଁ ଆମ୍ଭକୁ ଡାକିଛନ୍ତି।

### ଲୂଦିଆଙ୍କ ହୃଦୟ ପରିବର୍ତ୍ତନ

୧୧ଆମ୍ଭେ ତ୍ରୋୟା ନଗରରୁ ଜଳଯାତ୍ରାରେ ସାମଥ୍ରାକୀ
ଉପଦ୍ୱୀପରେ ପହଞ୍ଚିଲୁ। ତା ଆରଦିନ ଆମ୍ଭେ ନିୟାପଲି
ନଗରକୁ ଗଲୁ। ୧୨ସେଠାରୁ ଆମ୍ଭେ ମାକିଦନିଆ ଜିଲ୍ଲାର
ଗୋଟିଏ ପ୍ରଧାନ ନଗର ଫିଲିପ୍ପୀକୁ ଗଲୁ। ଏହା
ରୋମୀୟମାନଙ୍କର ନଗର ଥିଲା। ଆମ୍ଭେ ସେହି ନଗରରେ
କିଛି ଦିନ ରହିଲୁ।
୧୩ବିଶ୍ରାମବାର ଦିନ ଆମ୍ଭେ ନଗରଦ୍ୱାର ବାହାରେ ନଦୀ
କୂଳ ଆଡ଼େ ଗଲୁ। ଆମ୍ଭେ ଭାବିଥିଲୁ ଯେ, ସେଠାରେ
ପ୍ରାର୍ଥନା କରିବା ପାଇଁ ଗୋଟିଏ ସ୍ଥାନ ଥିବ। ଆମ୍ଭେ
ସେଠାରେ ବସିଲୁ, ଓ ସେଠାରେ ଏକତ୍ରିତ ହୋଇଥିବା
ସ୍ତ୍ରୀମାନଙ୍କ ସହିତ କଥା ହେଲୁ। ୧୪ସେଠାରେ ଲୂଦିଆ
ନାମକ ଜଣେ ସ୍ତ୍ରୀ ଲୋକ ଥିଲା। ସେ ଥୁୟାଥୀରା ନଗରର
ବାଇଗଣୀ ରଙ୍ଗର ଲୁଗା ବ୍ୟବସାୟୀ ଥିଲା। ସେ ସତ୍ୟ
ପରମେଶ୍ୱରଙ୍କୁ ଉପାସନା କରୁଥିଲା, ଓ ଆମ୍ଭ କଥା
ଶୁଣୁଥିଲା। ପାଉଲଙ୍କ କଥା ଶୁଣିବା ପାଇଁ ପ୍ରଭୁ ତାହାଙ୍କ
ହୃଦୟ ଖୋଲି ଦେଇଥିଲେ। ୧୫ସେ ଓ ତାର ଘରେ
ରହୁଥିବା ସମସ୍ତେ ବାପ୍ତିଜିତ ହେବାପରେ, ସେ ଆମ୍ଭମାନଙ୍କୁ
ଅନୁରୋଧ କରି ଡାକି କହିଲା, "ତୁମ୍ଭେମାନେ ଯଦି
ମୋତେ ପ୍ରଭୁଙ୍କଠାରେ ଜଣେ ପ୍ରକୃତ ବିଶ୍ୱାସୀ ବୋଲି
ଭାବୁଛ, ତେବେ ମୋ ଘରେ ଆସି ରୁହ।" ଏହିପରି ସେ
ଆମ୍ଭମାନଙ୍କୁ ତା'ର ଘରକୁ ଯିବାପାଇଁ ରାଜି କରାଇଲା।

### ପାଉଲ ଓ ଶୀଲା କାରାଗାରରେ

୧୬ଦିନେ ଆମ୍ଭେ ପ୍ରାର୍ଥନାଗୃହକୁ ଯିବା ସମୟରେ ଗୋଟିଏ
ଚାକରାଣୀକୁ ଦେଖିଲୁ। ତା'ଦେହରେ ଏପରି ଆତ୍ମାଟିଏ *
ଥିଲା, ଯାହା ଦ୍ୱାରା ସେ ଭବିଷ୍ୟତ କଥା ସବୁ କହି
ପାରୁଥିଲା। ସେ ଏହିପରି ଭବିଷ୍ୟତର କଥାସବୁ କହି
ତା'ମାଲିକମାନଙ୍କ ପାଇଁ ବହୁତ ଧନ ଉପାର୍ଜନ କରୁଥିଲା।
୧୭ସେ ପାଉଲ ଓ ଆମ୍ଭମାନଙ୍କର ଅନୁସରଣ କଲା, ଓ
ଜୋରରେ କହିଲା, "ଏହି ଲୋକମାନେ ସର୍ବୋପରିସ୍ଥ
ପରମେଶ୍ୱରଙ୍କର ସେବକ। ସେମାନେ ତୁମ୍ଭମାନଙ୍କୁ ମୁକ୍ତିର
ପଥ ବିଷୟରେ କହୁଛନ୍ତି।" ୧୮ସେ ଏପରି ବହୁତ ଦିନ
ପର୍ଯ୍ୟନ୍ତ କଲା, ପାଉଲ ଏଥିରେ ବିରକ୍ତ ହୋଇପଡ଼ିଲେ।
ସେ ସେହି ଆତ୍ମାକୁ କହିଲେ, "ମୁଁ ଯୀଶୁଙ୍କ ନାମରେ
ଆଦେଶ ଦେଉଛି, ଏହି ଝିଅଟି ଦେହରୁ ବାହାରିଯା।"
ସେହି ସମୟରେ ସେ ଆତ୍ମାଟି ବାହାରକୁ ଚାଲିଆସିଲା।
୧୯ସେହି ବାଳିକାର ମାଲିକମାନେ ଏସବୁ ଦେଖିଲେ।
ସେମାନେ ଜାଣିପାରିଲେ ଯେ, ସେମାନେ ଆଉ ଏ ବାଳିକା
ଦ୍ୱାରା ଧନ ଉପାର୍ଜନ କରିପାରିବେ ନାହିଁ। ତେଣୁ ସେମାନେ
ପାଉଲ ଓ ଶୀଲାଙ୍କୁ ଧରି ବଜାର ରାସ୍ତାକୁ ସେମାନଙ୍କୁ ଟାଣି
ନେଲେ ଏବଂ ନଗରକର୍ତ୍ତୃପକ୍ଷଙ୍କ ଆଗରେ ସେମାନଙ୍କୁ ଠିଆ
କରାଇଲେ। ୨୦ସେମାନଙ୍କୁ ନଗରପାଳମାନଙ୍କ ପାଖରେ ପହଞ୍ଚାଇ
କହିଲେ, "ଏମାନେ ଯିହୂଦୀୟଲୋକ। ଏମାନେ ଆମ୍ଭ
ନଗରରେ ବହୁତ ଉପଦ୍ରବ ସୃଷ୍ଟି କରୁଛନ୍ତି। ୨୧ଆମ୍ଭେମାନେ
ରୋମୀୟ। ଏଣୁ ଏମାନେ ଲୋକମାନଙ୍କୁ ଯେଉଁ କଥା
କହୁଛନ୍ତି, ସେହି ପ୍ରଥାଗୁଡ଼ିକ ଆମ୍ଭମାନଙ୍କ ଗ୍ରହଣ ଯୋଗ୍ୟ
ନୁହେଁ। ତେଣୁ ଆମ୍ଭେ ଏସବୁ କରିପାରିବୁ ନାହିଁ।" ୨୨ତା'ପରେ
ଲୋକମାନେ ପାଉଲ ଓ ଶୀଲାଙ୍କୁ ଆକ୍ରମଣ କରିବା
ନିମନ୍ତେ ସେମାନଙ୍କ ବିରୁଦ୍ଧରେ ଯୋଗ ଦେଲେ।
ନଗରପାଳମାନେ ସେମାନଙ୍କର ଲୁଗାପଟା ଛିଣ୍ଡାଇ ଦେଲେ,
ଓ ସେମାନଙ୍କୁ ବେତଆଘାତ ଦ୍ୱାରା ଦଣ୍ଡ ଦେବାପାଇଁ
ଆଦେଶ ଦେଲେ। ୨୩ସେମାନେ ସେମାନଙ୍କୁ ବହୁତ ମାଡ଼
ମାରିବା ପରେ କାରାଗାରରେ ବନ୍ଦୀ କଲେ। ସେମାନଙ୍କୁ
ସାବଧାନରେ ଜଗିବାପାଇଁ କାରାଧ୍ୟକ୍ଷଙ୍କୁ ଆଦେଶ ଦେଲେ।

---

**ଆତ୍ମାଟିଏ** ଗୋଟିଏ ଶଇତାନରେ ଆତ୍ମା। ଏହା ପାଇଁ ସେ ବିଶେଷଜ୍ଞାନର ଅଧିକାରିଣୀ ହୋଇ ପାରିଥିଲା।

୨୪ସେ ଏପରି ଆଦେଶ ପାଇ ସେମାନଙ୍କୁ ଭିତର କୋଠରୀ
ଭିତରେ ରଖିଦେଲେ। ସେ ସେମାନଙ୍କର ଗୋଡ ବଡବଡ
କାଠ ଗଣ୍ଡି ସହିତ ବାନ୍ଧି ପକାଇଦେଲେ।
୨୫ପାଉଲ ଓ ଶୀଲା ମଧ୍ୟରାତ୍ରି ବେଳେ ପରମେଶ୍ୱରଙ୍କୁ
ପ୍ରାର୍ଥନା ଓ ସ୍ତୁତି ଗାନ କରୁଥିଲେ। ଅନ୍ୟ ବନ୍ଦୀମାନେ
ତାହାସବୁ ଶୁଣୁଥିଲେ। ୨୬ହଠାତ୍ ଖୁବ୍ ଜୋରରେ ଭୂମିକମ୍ପ
ହେଲା। ଏହାଦ୍ୱାରା କାରାଗାରର ମୂଳଦୁଆ ଟଳମଳ ହେଲା।
ଦେଖୁଦେଖୁ ସବୁ ଦ୍ୱାର ଖୋଲିଗଲା, ଓ ସମସ୍ତ ବନ୍ଦୀଙ୍କର
ଶିକୁଳି ଖୋଲିଗଲା। ୨୭କାରାଧ୍ୟକ୍ଷ ନିଦରୁ ଉଠି ବସିଲେ।
କାରାଗାରର ଦୁଆର ଗୁଡିକ ଖୋଲାଥିବାର ଦେଖି, ସେ
ନିଜକୁ ହତ୍ୟା କରିବା ଉଦ୍ଦେଶ୍ୟରେ ନିଜର ଖଣ୍ଡା ଟାଣି
ଆଣିଲେ। ସେ ଭାବିଲେ ଯେ, ବନ୍ଦୀମାନେ ଖସି ପଳାଇ
ଯାଇଛନ୍ତି। ୨୮କିନ୍ତୁ ପାଉଲ ଚିତ୍କାର କରି କହିଲେ,
“ଆମ୍ଭେ ସମସ୍ତେ ଏଠାରେ ଅଛୁ। ନିଜର କ୍ଷତି କରନାହିଁ।”
୨୯ସେ ସଙ୍ଗେସଙ୍ଗେ ଗୋଟିଏ ଦୀପ ଆଣିବାପାଇଁ ଆଦେଶ
ଦେଇ ଦୌଡ଼ି ଆସି ଭୟରେ ଥରଥର ପାଉଲ ଓ ଶୀଲାଙ୍କ
ପାଦ ତଳେ ପଡିଗଲେ। ୩୦ତା’ପରେ ସେ ସେମାନଙ୍କୁ
ବାହାରକୁ ଆଣି ପଚାରିଲେ, ମହାଶୟମାନେ, “ପରିତ୍ରାଣ
ପାଇବା ପାଇଁ ମୋର କ’ଣ କରିବା ଆବଶ୍ୟକ?”
୩୧ସେମାନେ ତାହାଙ୍କୁ କହିଲେ, “ପ୍ରଭୁ ଯୀଶୁଙ୍କଠାରେ
ବିଶ୍ୱାସ କର। ଏହି ଭାବରେ ତୁମ୍ଭେ ଓ ତୁମ୍ଭ ଘରେ
ରହୁଥିବା ସମସ୍ତେ ଉଦ୍ଧାର ପାଇପାରିବେ।” ୩୨ପାଉଲ ଓ
ଶୀଲା ତା’କୁ ଓ ତା’ଘରେ ରହୁଥିବା ସମସ୍ତଙ୍କୁ ପ୍ରଭୁଙ୍କର
ବାକ୍ୟ ପ୍ରଚାର କଲେ। ୩୩କାରାଗାରର ଅଧିକାରୀ ସେମାନଙ୍କୁ
ନେଇ ସେହି ମଧ୍ୟ ରାତ୍ରିରେ ସେମାନଙ୍କର କ୍ଷତ ବିକ୍ଷତ
ଜାଗା ଗୁଡିକୁ ଧୋଇ ସଫା କଲେ। ତାପରେ ତୁରନ୍ତ ସେ
ଓ ତାହାଙ୍କର ସମସ୍ତ ପରିବାର ବାପ୍ତିଜିତ ହେଲେ।
୩୪ତା’ପରେ ସେହି କାରାଧ୍ୟକ୍ଷ ପାଉଲ ଓ ଶୀଲାଙ୍କୁ ଘରକୁ
ଡାକି ନେଇ ଖାଇବାକୁ ଦେଲେ। ସେ ଓ ତାହାଙ୍କର
ପରିବାରର ସମସ୍ତେ ଆନନ୍ଦିତ ହେଲେ।
୩୫ସକାଳ ହେବାରୁ ବିଚାରକର୍ତ୍ତାମାନେ “ସେ ଲୋକମାନଙ୍କୁ
ଛାଡି ଦିଅ” ଏହି ବାର୍ତ୍ତା ଦେଇ କେତେକ ସୈନିକଙ୍କୁ
ପଠାଇଲେ।
୩୬କାରାଧ୍ୟକ୍ଷ ପାଉଲଙ୍କୁ କହିଲେ ଯେ, “ବିଚାରକର୍ତ୍ତାମାନେ
ଆପଣମାନଙ୍କୁ ଛାଡ଼ି ଦେବାପାଇଁ କହି ପଠାଇଛନ୍ତି। ତେଣୁ
ଆପଣମାନେ ବର୍ତ୍ତମାନ ବାହାରକୁ ଶାନ୍ତିରେ ଯାଇପାରନ୍ତି।”
୩୭କିନ୍ତୁ ପାଉଲ ସୈନିକମାନଙ୍କୁ କହିଲେ, “ସେମାନେ
ଆମ୍ଭକୁ ବିନା ବିଚାରରେ ଜନସାଧାରଣଙ୍କ ସାମନାରେ
ମାରିଛନ୍ତି। ଆମ୍ଭେ ରୋମୀୟ ନାଗରିକ। କିନ୍ତୁ ଆମ୍ଭକୁ
କାରାଗାରରେ ବନ୍ଦୀ କରି ରଖାଯାଇଛି। ବର୍ତ୍ତମାନ ସେମାନେ
ଆମ୍ଭକୁ ଚୁପ କରି ଛାଡ଼ି ଦେବାପାଇଁ କହୁଛନ୍ତି? ଏହା
ଆଦୌ ହୋଇପାରିବ ନାହିଁ।” ତେଣୁ ସେମାନେ ନିଜେ
ଆସି ବିଚାରକର୍ତ୍ତାମାନଙ୍କୁ କହିଲେ।
୩୮ସେମାନେ ପାଉଲ ଓ ଶୀଲାଙ୍କୁ ରୋମୀୟ ଜାଣି
ଡରିଗଲେ। ୩୯ତେଣୁ ସେମାନେ ଆସି ପାଉଲ ଓ ଶୀଲାଙ୍କୁ
କ୍ଷମା ମାଗିଲେ, ଓ ସେମାନଙ୍କୁ କାରାଗାରରୁ ମୁକ୍ତ କଲେ।
ତା’ପରେ ସେମାନେ ପାଉଲ ଓ ଶୀଲାଙ୍କୁ ନଗର ଛାଡ଼ିବା
ପାଇଁ ଅନୁରୋଧ କଲେ। ୪୦ପାଉଲ ଓ ଶୀଲା କାରାଗାରରୁ
ବାହାରକୁ ଆସି ଲୁଦିୟାର ଘରକୁ ଆସିଲେ। ସେଠାରେ
ଭାଇମାନଙ୍କୁ ଦେଖି ସେମାନେ ସେମାନଙ୍କୁ ଉତ୍ସାହର
ବାଣୀ ଶୁଣାଇଲେ। ତା’ପରେ ସେମାନେ ସେ ସ୍ଥାନରୁ
ଚାଲିଗଲେ।

## ପାଉଲ ଓ ଶୀଲାଙ୍କର ଥେସଲନୀକୀରେ ପ୍ରବେଶ।

**୧୭** ପାଉଲ ଓ ଶୀଲା ଆମ୍ଫିପଲି ଓ ଆପଲ୍ଲୋନିଆ
ନଗର ଦେଇ ଥେସଲନୀକୀ ନଗରରେ
ପହଞ୍ଚିଲେ। ସେଠାରେ ଯିହୂଦୀୟମାନଙ୍କର ଗୋଟିଏ ପ୍ରାର୍ଥନାଗୃହ
ଥିଲା। ୨ପାଉଲ ସେମାନଙ୍କ ପାଖକୁ ଗଲେ। ଏପରି ସେ
ସର୍ବଦା କରୁଥିଲେ। ସେ ତିନି ବିଶ୍ରାମବାର ଦିନ ପର୍ଯ୍ୟନ୍ତ
ସେମାନଙ୍କ ସହିତ ଶାସ୍ତ୍ର ଆଲୋଚନା କଲେ। ୩ସେ ପବିତ୍ର
ବାକ୍ୟ ବୁଝେଇଲେ, ଓ ସେମାନଙ୍କୁ ପ୍ରମାଣ ଦେଇ କହିଲେ
ଯେ, ଖ୍ରୀଷ୍ଟଙ୍କର ଦୁଃଖଭୋଗ କରିବାର ଓ ମୃତ୍ୟୁରୁ
ପୁନର୍ଜୀବିତ ହେବାର ଆବଶ୍ୟକତା ଥିଲା। ପାଉଲ କହିଲେ,
“ଏହି ଯୀଶୁ, ଯାହାଙ୍କ ବିଷୟରେ ମୁଁ ତୁମ୍ଭମାନଙ୍କ ନିକଟରେ
ପ୍ରଚାର କରୁଛି, ସେ ହେଉଛନ୍ତି ଖ୍ରୀଷ୍ଟ।” ୪ସେମାନଙ୍କ
ମଧ୍ୟରୁ କେତେକ ଲୋକ ପରିବର୍ତ୍ତିତ ହେଲେ, ଏବଂ
ପାଉଲ ଓ ଶୀଲାଙ୍କ ସହିତ ଯୋଗ ଦେଲେ। ସତ୍ୟ
ପରମେଶ୍ୱରଙ୍କୁ ପୂଜା କରୁଥିବା ଅନେକ ଗ୍ରୀକ୍‌ଲୋକ ଓ
ଅନେକ ପ୍ରଭାବଶାଳୀ ସ୍ତ୍ରୀ-ମାନେ ମଧ୍ୟ ସେମାନଙ୍କ ସହିତ
ଯୋଗଦେଲେ।
୫କିନ୍ତୁ ଅବିଶ୍ୱାସୀ ଯିହୂଦୀୟମାନେ ଈର୍ଷାପରାୟଣ ହୋଇ
ବଜାରରୁ ଦୁଷ୍ଟଲୋକଙ୍କ ମଧ୍ୟରୁ ଗୋଟିଏ ଦଳ ଏକାଠି
କଲେ, ଓ ନଗରରେ ଗଣ୍ଡଗୋଳ ସୃଷ୍ଟିକଲେ। ସେମାନେ
ନଗରରେ ଉପଦ୍ରବ କରି ଯାସୋନଙ୍କ ଘର ଉପରେ
ଆକ୍ରମଣ କଲେ। ସେମାନେ ପାଉଲ ଓ ଶୀଲାଙ୍କୁ ଲୋକମାନଙ୍କ
ଆଗକୁ ଧରି ଆଣିବାପାଇଁ ଚେଷ୍ଟା କଲେ। ୬ସେମାନେ
ତାହାଙ୍କୁ ନପାଇ ଯାସୋନ ଓ କେତେକ ଭାଇମାନଙ୍କୁ
ନଗରକର୍ତ୍ତାମାନଙ୍କ ନିକଟକୁ ଟାଣି ନେଲେ। ସେମାନେ
ପାଟି କରି କହିଲେ, “ଏହି ଲୋକମାନେ ସାରା ଜଗତରେ
ଭୟଙ୍କର ଅରାଜକତା ସୃଷ୍ଟି କରୁଛନ୍ତି। ସେମାନେ ବର୍ତ୍ତମାନ
ଏଠାକୁ ମଧ୍ୟ ଆସିଲେଣି।” ୭ଯାସୋନ ସେହିମାନଙ୍କୁ ଆଣି
ନିଜ ଘରେ ରଖିଛି। ଯୀଶୁ ନାମରେ ଯେ ଆଉ ଜଣେ
ରାଜା ଅଛି, ଏହା କହି ସେମାନେ ସମସ୍ତେ ଦାବୀ କରି
କାଇସରଙ୍କ ନିୟମର ବିରୁଦ୍ଧାଚରଣ କରୁଛନ୍ତି।”
୮ଜନସମୂହ ଓ ନଗରର ଶାସନକର୍ତ୍ତାମାନେ ସେମାନଙ୍କ
କଥା ଶୁଣି ବିଚଳିତ ହୋଇପଡିଲେ। ୯ପରେ
ସେମାନେ ଯାସୋନ ଓ ଅନ୍ୟମାନଙ୍କ ଠାରୁ ଜାମିନ ନେଇ
ଛାଡ଼ିଦେଲେ।

## ପାଉଲ ଓ ଶୀଲାଙ୍କର ବେରେୟାରେ ପ୍ରବେଶ

୧୦ପାଉଲ ଓ ଶୀଲାଙ୍କୁ ଭାଇମାନେ ସେହି ରାତିରେ
ସାଙ୍ଗେସାଙ୍ଗେ ବେରେୟା ନଗରକୁ ପଠାଇ ଦେଲେ।
ସେମାନେ ସେଠାରେ ପହଞ୍ଚି ଯିହୂଦୀୟମାନଙ୍କ ପ୍ରାର୍ଥନାଗୃହକୁ
ଗଲେ। ୧୧ସେଠାରେ ଲୋକମାନେ ଥେସଲନୀକୀୟ

ଲୋକମାନଙ୍କ ଅପେକ୍ଷା ବେଶି ଭଦ୍ର ଓ ଉତ୍ତମ ଥିଲେ।
ସେମାନେ ପାଉଲ ଓ ଶୀଲାଙ୍କର କଥା ଅତି ଉତ୍ସୁକତାର
ସହ ଶୁଣିଲେ। ସେମାନଙ୍କର କଥା ସତ୍ୟ ନା ମିଥ୍ୟା, ଏହି
କଥା ଜାଣିବା ପାଇଁ ସେମାନେ ପ୍ରତିଦିନ ଶାସ୍ତ୍ର ପରୀକ୍ଷା
କରି ଦେଖିଲେ। ୧୨ଅତଏବ, ଅନେକ ଯିହୂଦୀୟ ଲୋକ
ବିଶ୍ୱାସକଲେ। ଅନେକ ସମ୍ଭ୍ରାନ୍ତ ଗ୍ରୀକ ସ୍ତ୍ରୀ ଓ ପୁରୁଷମାନେ
ମଧ୍ୟ ବିଶ୍ୱାସ କଲେ। ୧୩ଥେସଲନୀକୀୟ ଯିହୂଦୀୟମାନେ
ବେରେୟା ନଗରରେ ପାଉଲ ପରମେଶ୍ୱରଙ୍କର ବାକ୍ୟ
ପ୍ରଚାର କରୁଛନ୍ତି ବୋଲି ଜାଣିପାରିଲେ। ତେଣୁ ସେମାନେ
ସେଠାକୁ ଆସି ଆନ୍ଦୋଳନ କରି ଲୋକସମୂହକୁ ମତେଇଲେ।
୧୪ସେଥିପାଇଁ ଭାଇମାନେ ପାଉଲଙ୍କୁ ସମୁଦ୍ର କୂଳକୁ ପଠାଇ
ଦେଲେ, କିନ୍ତୁ ଶୀଲା ଓ ତୀମଥି ସେଠାରେ ରହିଲେ।
୧୫ଯେଉଁମାନେ ପାଉଲଙ୍କୁ ସଙ୍ଗରେ ନେଇ ଯାଇଥିଲେ
ସେମାନେ ତାହାଙ୍କୁ ଆଥୀନୀ ନଗର ପର୍ଯ୍ୟନ୍ତ ପହଞ୍ଚାଇ
ଦେଲେ। ପାଉଲ ସେମାନଙ୍କ ଦ୍ୱାରା ଖବର ଦେଲେ ଯେ,
ଶୀଲା ଓ ତୀମଥି ଆସି ତାହାଙ୍କ ସହିତ ଯୋଗଦାନ
କରନ୍ତୁ। ତାପରେ ସେମାନେ ଫେରି ଗଲେ।

### ଆଥୀନୀ ନଗରରେ ପାଉଲ

୧୬ପାଉଲ ଆଥୀନୀ ନଗରରେ ଶୀଲା ଓ ତୀମଥିଙ୍କୁ
ଅପେକ୍ଷା କରିଥାଆନ୍ତି। ନଗର ସାରା ମୂର୍ତ୍ତିଗୁଡ଼ିକରେ ପୂର୍ଣ୍ଣ
ହୋଇଥିବାର ଦେଖି ସେ ହୃଦୟରେ ଅତି ମାତ୍ରାରେ ବିବ୍ରତ
ହୋଇପଡିଲେ। ୧୭ତେଣୁ ସତ୍ୟ ପରମେଶ୍ୱରଙ୍କୁ ଉପାସନା
କରୁଥିବା ଯିହୂଦୀୟ ଓ ଗ୍ରୀକ୍ ଲୋକମାନଙ୍କ ସହିତ ସେ
ପ୍ରାର୍ଥନାଗୃହ ଏବଂ ବଜାରକୁ ଆସୁଥିବା ଲୋକମାନଙ୍କ ସହିତ
ସେ ପ୍ରତିଦିନ କଥାବାର୍ତ୍ତା କଲେ। ୧୮ତେଣୁ କେତେକ
ଏପିକୂରୀୟ ଓ ସ୍ତୋୟିକ ଦାର୍ଶନିକମାନେ ତାହାଙ୍କ ସହିତ
ଯୁକ୍ତିତର୍କ କଲେ।

ସେମାନଙ୍କ ଭିତରୁ କେତେକ କହିଲେ, “ଏ ଲୋକଟି
କ’ଣ କହୁଛି ତାହା ସେ ଜାଣେ ନାହିଁ?” ପାଉଲ
ସେମାନଙ୍କୁ ଯୀଶୁଙ୍କ ମୃତ୍ୟୁରୁ ପୁନରୁତ୍‌ଥାନ ସୁସମାଚାର ସମ୍ବନ୍ଧରେ
କହୁଥିଲେ। ଅନ୍ୟମାନେ କହିଲେ, “ଦେଖ, ଏ ଲୋକଟି
କୌଣସି ବିଦେଶୀ ଦେବଦେବୀଙ୍କ ବିଷୟରେ କହୁଛି।
ସେମାନେ ଏପରି କହିଲେ, କାରଣ ପାଉଲ ଯୀଶୁ ଓ
ତାହାଙ୍କର ମୃତ୍ୟୁରୁ ପୁନର୍ଜୀବିତ ହୋଇ ଉଠିବା କଥା
ପ୍ରଚାର କରୁଥିଲେ।” ୧୯ସେମାନେ ପାଉଲଙ୍କୁ ଆରୟପାଗ
ସଭା ପାଖକୁ ନେଇଗଲେ। ସେମାନେ ତାହାଙ୍କୁ ପଚାରିଲେ,
“ତୁମ୍ଭେ ଉପଦେଶ ଦେଉଥିବା ଏହି ନୂଆ ଶିକ୍ଷା କ’ଣ,
ତାହା ଆମ୍ଭେ ଜାଣି ପାରିବୁ କି? ୨୦ତୁମ୍ଭେ ଆମ୍ଭ ନିକଟରେ
କେତେକ ଅଦ୍‌ଭୁତବିଚାରମାନ ଉପସ୍ଥାପିତ କରୁଛ, ଓ
ଆମ୍ଭେମାନେ ସେଗୁଡ଼ିକ କ’ଣ, ତାହା ଜାଣିବାକୁ ଚାହୁଁ।”
୨୧(ଆଥୀନୀୟ ବାସିନ୍ଦାମାନେ ଓ ସେଠାରେ ରହୁଥିବା ବିଦେଶୀ
ଲୋକମାନେ କିଛି କାର୍ଯ୍ୟ ନ କରି କେବଳ ନୂତନ
ବିଷୟମାନ ଶୁଣିବାରେ ଓ କଥା କହିବାରେ ସମୟ
କାଟୁଥିଲେ)।

୨୨ପାଉଲ ଆରୟପାଗ ସଭାର ସାମନାରେ ଠିଆ ହୋଇ
କହିଲେ, “ହେ ଆଥୀନୀୟ ଲୋକମାନେ, ମୁଁ ଦେଖୁଛି,
ତୁମ୍ଭେମାନେ ସବୁ ବିଷୟରେ ଅତି ଧାର୍ମିକ। ୨୩ମୁଁ ନଗରର
ଚାରିପାଖରେ ଭ୍ରମଣ କରି, ତୁମ୍ଭମାନଙ୍କର ପୂଜା କରୁଥିବା
ବସ୍ତୁମାନ ଦେଖିଲି। ମୁଁ ଗୋଟିଏ ବେଦୀ ଦେଖିଲି ଯାହା
ଉପରେ ଲେଖାଥିଲା, ‘ଏକ ଈଶ୍ୱର ଯାହାଙ୍କୁ ଆମ୍ଭେ
ଜାଣିନାହୁଁ।’ ତେଣୁ ତୁମ୍ଭେମାନେ ନ ଜାଣି ଯାହା ପୂଜା
କରୁଛ, ମୁଁ ତାହାଙ୍କୁ ତୁମ୍ଭମାନଙ୍କ ଆଗରେ ପ୍ରଚାର କରୁଛି।
୨୪ପରମେଶ୍ୱର ଏ ପୃଥିବୀରେ ଓ ଏଥିରେ ଥିବା ସମସ୍ତ
ବସ୍ତୁର କର୍ତ୍ତା। ସେ ସ୍ୱର୍ଗ ଓ ପୃଥିବୀର ପ୍ରଭୁ ହୋଇ
ଥିବାରୁ ସେ ମଣିଷ ନିର୍ମିତ ମନ୍ଦିର ଗଡ଼ିକରେ ରୁହନ୍ତି
ନାହିଁ। ୨୫ସେ ପରମେଶ୍ୱର ଜୀବନ ଓ ପ୍ରାଣବାୟୁ ପ୍ରଦାନ
କରନ୍ତି। ସେ ମନୁଷ୍ୟମାନଙ୍କର ସାହାଯ୍ୟ ଲୋଡ଼ନ୍ତି ନାହିଁ।
ତାହାଙ୍କର କୌଣସି ଅଭାବ ନାହିଁ। ୨୬ପରମେଶ୍ୱର ଗୋଟିଏ
ମନୁଷ୍ୟଠାରୁ ସମୁଦାୟ ମନୁଷ୍ୟ ଜାତିକୁ ତିଆରି କରିଛନ୍ତି।
ସେଥିପାଇଁ ସେମାନେ ପୃଥିବୀର ସର୍ବତ୍ର ରହନ୍ତି। ସେ
ସେମାନଙ୍କ ପାଇଁ ପୂର୍ବରୁ ନିର୍ଦ୍ଧାରିତ ସମୟ ଓ ସ୍ଥାନର
ସୀମା ମଧ୍ୟ ସ୍ଥିର କରିଛନ୍ତି, ୨୭ଯେପରି ସେମାନେ ପରମେଶ୍ୱରଙ୍କୁ
ଖୋଜି ପାଇ ପାରିବେ। ସେମାନେ ତାହାଙ୍କ ନିକଟକୁ ଯାଇ
ତାହାଙ୍କୁ ପାଇବା ପାଇଁ ଚେଷ୍ଟା କରିପାରନ୍ତି ଯଦ୍ୟପି ସେ
ଆମ୍ଭମାନଙ୍କ ମଧ୍ୟରୁ କାହାରିଠାରୁ ଦୂରରେ ନାହାଁନ୍ତି।

୨୮ ‘କାରଣ ଆମ୍ଭେ ତାହାଙ୍କ ସହିତ ବାସ କରୁ,
ତାହାଙ୍କ ସହିତ ଗତି କରୁ, ଓ ତାହାଙ୍କଠାରେ
ଆମ୍ଭର ଅସ୍ତିତ୍ୱ ଅଛି।’

ତୁମ୍ଭମାନଙ୍କ ମଧ୍ୟରୁ କେତେକ କବି ମଧ୍ୟ ଏହା କହିଛନ୍ତି
ଯେ,

‘ଆମ୍ଭେମାନେ ତାହାଙ୍କର ସନ୍ତାନ।’

୨୯ଯେହେତୁ ଆମ୍ଭେମାନେ ପରମେଶ୍ୱରଙ୍କ ସନ୍ତାନ ତେଣୁ
ଆମ୍ଭେମାନେ ପରମେଶ୍ୱରଙ୍କୁ ମନୁଷ୍ୟର କୌଶଳ ଓ କଳ୍ପନାରେ
ତିଆରି ପ୍ରତିମା ବୋଲି ଭାବିବା ନାହିଁ, ବା ସୁନା କି ରୂପା
କି ପଥର ବୋଲି ମଧ୍ୟ ଭାବିବା ନାହିଁ। ୩୦ପୂର୍ବରୁ
ପରମେଶ୍ୱର ଲୋକମାନଙ୍କର ଏହି ନିର୍ବୋଧତା ଉପେକ୍ଷା
କରିଥିଲେ। ମାତ୍ର ବର୍ତ୍ତମାନ ସେ ସାରା ପୃଥିବୀର ଲୋକମାନଙ୍କୁ
ଅନୁତାପ କରି ଫେରିଆସିବା ପାଇଁ ଆଦେଶ ଦିଅନ୍ତି।
୩୧ସେ ଜଣଙ୍କୁ ନ୍ୟାୟ ବିଚାର ପାଇଁ ନିଯୁକ୍ତ ଦେଇଛନ୍ତି।
ସେ ଗୋଟିଏ ଦିନ ସ୍ଥିର କରିଛନ୍ତି, ଯେଉଁଦିନ ସେହି
ସମଗ୍ର ବିଶ୍ୱକୁ ତାହାଙ୍କ ଦ୍ୱାରା ନ୍ୟାୟ ସହିତ ବିଚାର
କରିବେ। ସେ ପ୍ରତ୍ୟେକଙ୍କ ଆଗରେ ଯୀଶୁଙ୍କର ମୃତ୍ୟୁରୁ
ବଞ୍ଚି ଉଠିବା କଥାର ପ୍ରମାଣ ଦେଇଛନ୍ତି।”

୩୨ଯେତେବେଳେ ସେମାନେ ଯୀଶୁ ମୃତ୍ୟୁରୁ ପୁନର୍ଜୀବିତ
ହୋଇଥିବା ବିଷୟରେ ଶୁଣିଲେ, ସେମାନଙ୍କ ଭିତରୁ କେତେଜଣ
ତାହାଙ୍କୁ ଉପହାସ କଲେ। ଆଉ କେତେକ କହିଲେ,
“ଆମ୍ଭେ ପରେ ଏ ବିଷୟରେ ତୁମ୍ଭଠାରୁ ଅଧିକ ଶୁଣିବୁ।”
୩୩ତେଣୁ ପାଉଲ ସେମାନଙ୍କୁ ଛାଡ଼ି ଚାଲିଗଲେ। ୩୪କେତେକ
ପାଉଲଙ୍କ ସହିତ ଯୋଗଦାନ କଲେ ଓ ବିଶ୍ୱାସ କଲେ।
ସେମାନଙ୍କ ଭିତରେ ଆରୟପାଗୀୟ ସଭାର ସଦସ୍ୟ ଦିୟନୂସିୟ

ଓ ଦାମାରି ନାମକ ଜଣେ ସ୍ତ୍ରୀଲୋକ ଓ ଅନ୍ୟମାନେ ମଧ୍ୟ
ଥିଲେ।

## ପାଉଲ କରିନ୍ଥୀରେ

୧୮ ପାଉଲ ଆଥୀନୀ ନଗର ଛାଡି କରିନ୍ଥ ନଗରକୁ
ଆସିଲେ। ୨ସେଠାରେ ସେ ପନ୍ତ ଦେଶୀୟ
ଆକ୍ୱିଲା ନାମକ ଜଣେ ଯିହୂଦୀୟକୁ ଭେଟିଲେ। ସେ ତାର
ସ୍ତ୍ରୀ ପ୍ରୀସ୍କିଲ୍ଲା ସହିତ ସଦ୍ୟ ଇତାଲିଆ ଦେଶରୁ ଆସିଥିଲେ।
ସେ ସମୟରେ କ୍ଳାଉଦିଅ ସମ୍ରାଟ ସମସ୍ତ ଯିହୂଦୀୟମାନଙ୍କୁ
ରୋମ୍ ଛାଡ଼ି ଚାଲିଯିବାପାଇଁ ଆଦେଶ ଦେଇଥିଲେ। ତେଣୁ
ସେମାନେ ଇତାଲିଆ ଛାଡି ଚାଲିଆସି ଥିଲେ। ପାଉଲ
ସେମାନଙ୍କୁ ଦେଖିବା ପାଇଁ ଯାଇଥିଲେ। ୩ସେମାନେ ତମ୍ବୁ
ବ୍ୟବସାୟୀ ଥିଲେ। ପାଉଲ ମଧ୍ୟ ସେହି ବ୍ୟବସାୟୀ
ଥିଲେ। ତେଣୁ ସେ ମଧ୍ୟ ସେମାନଙ୍କ ସହିତ ରହି ସେହି
କାମ କଲେ। ୪ପାଉଲ ପ୍ରତି ବିଶ୍ରାମବାର ଦିନ
ପ୍ରାର୍ଥନାସଭାଗୃହରେ ଯିହୂଦୀୟ ଓ ଗ୍ରୀକ୍‌ମାନଙ୍କ ସହିତ ଚର୍ଚ୍ଚା
କରୁଥିଲେ, ଓ ଉପଦେଶ ଦ୍ୱାରା ସେମାନଙ୍କର ବିଶ୍ୱାସ
ଜନ୍ମାଇବାକୁ ଚେଷ୍ଟା କରୁଥିଲେ।

୫ଶୀଲା ଓ ତୀମଥି ମାକିଦନିଆରୁ କରିନ୍ଥକୁ ଆସିବା
ପରେ ପାଉଲ ତାହାଙ୍କର ସବୁ ସମୟ ସୁସମାଚାର ପ୍ରଚାର
କରିବାରେ ଦେଲେ। ସେ ଯିହୂଦୀୟମାନଙ୍କ ଆଗରେ ପ୍ରମାଣିତ
କରି ଦେଲେ ଯେ, ଯୀଶୁ ଖ୍ରୀଷ୍ଟ ଅଟନ୍ତି। ୬କିନ୍ତୁ ସେମାନେ
ଯେତେବେଳେ ତାହାଙ୍କୁ ବାଧା ଦେଲେ, ଓ ନାନା ଖରାପ
କଥା କହିଲେ, ପାଉଲ ଏହାର ବିରୁଦ୍ଧରେ ନିଜର ଲୁଗାପଟାର
ଧୂଳି ଝାଡ଼ି ଦେଲେ। ସେ କହିଲେ, "ଯଦି ତୁମ୍ଭେମାନେ
ଉଦ୍ଧାର ପାଉନାହଁ ତାହାହେଲେ ଏହା ମୋର ଦୋଷ
ନୁହେଁ। ମୁଁ ସମସ୍ତ ଚେଷ୍ଟା କରି ସାରିଛି। ମୁଁ ଏବେଠାରୁ
ଅଣଯିହୂଦୀମାନଙ୍କ ପାଖକୁ ଯିବି।" ୭ପାଉଲ ପ୍ରାର୍ଥନାଗୃହ
ଛାଡ଼ି ସତ୍ୟ ପରମେଶ୍ୱରଙ୍କର ଜଣେ ଉପାସକ ତିତସ
ଯୂସ୍ତଙ୍କ ଘରକୁ ଗଲେ। ତାହାଙ୍କ ଘର ପ୍ରାର୍ଥନାଗୃହ ପାଖରେ
ଥିଲା। ୮କ୍ରୀଷ୍ପ ସେ ପ୍ରାର୍ଥନାଗୃହର ମୁଖ୍ୟ ଥିଲେ। ସେ ଓ
ତାହାଙ୍କର ପରିବାରର ସମସ୍ତେ ପ୍ରଭୁଙ୍କୁ ବିଶ୍ୱାସ କଲେ।
ଅନେକ କରିନ୍ଥୀୟ ଲୋକମାନେ ପାଉଲଙ୍କ ଶିକ୍ଷା ଶୁଣିଲେ,
ବିଶ୍ୱାସ କଲେ ଓ ବାପ୍ତିଜିତ ହେଲେ।

୯ଦିନେ ରାତିରେ ପ୍ରଭୁ ପାଉଲଙ୍କୁ ସ୍ୱପ୍ନରେ କହିଲେ,
"ଭୟ କର ନାହିଁ। ନୀରବ ରୁହ ନାହିଁ। କଥା କୁହ।
୧୦ମୁଁ ତୁମ୍ଭ ସହିତ ଅଛି। କେହି ତୁମ୍ଭର କିଛି କ୍ଷତି
କରିବେ ନାହିଁ। ମୋର ଅନେକ ଲୋକ ଏ ନଗରରେ
ଅଛନ୍ତି।" ୧୧ତେଣୁ ପାଉଲ ସେଠାରେ ଦେଢ଼ ବର୍ଷ ପର୍ଯ୍ୟନ୍ତ
ରହିଲେ, ଓ ସେମାନଙ୍କୁ ପରମେଶ୍ୱରଙ୍କ ସୁସମାଚାର ବିଷୟରେ
ଉପଦେଶ ଦେଲେ।

## ପାଉଲଙ୍କୁ ଗାଲ୍ଲିୟୋନ୍‌ଙ୍କ ସମ୍ମୁଖକୁ ଅଣା ଯିବା

୧୨ଗାଲ୍ଲିୟୋନ୍ ଆଖାୟାର ରାଜ୍ୟପାଳ ହେଲେ। ସେ
ସମୟରେ ଯିହୂଦୀୟମାନେ ମିଳିତ ଭାବରେ ଚେଷ୍ଟା କରି
ପାଉଲଙ୍କୁ ଆକ୍ରମଣ କଲେ। ସେମାନେ ତାହାଙ୍କୁ ଅଦାଲତକୁ
ନେଇଗଲେ। ୧୩ସେମାନେ କହିଲେ, "ଏହି ଲୋକ ଯେଉଁ
ଉପାୟରେ ପରମେଶ୍ୱରଙ୍କ ଉପାସନା କରିବାପାଇଁ ଲୋକମାନଙ୍କୁ
ମତାଇ ଅଛି, ତାହା ଆମ୍ଭ ବ୍ୟବସ୍ଥାର ବିରୁଦ୍ଧ ଅଟେ।"

୧୪ପାଉଲ କହିବା ଆରମ୍ଭ କରିବା ମାତ୍ରେ ଗାଲ୍ଲିୟୋନ
ଯିହୂଦୀୟମାନଙ୍କୁ କହିଲେ, "ଯଦି ଏହା କୌଣସି ଅପରାଧ
ବା କୌଣସି ସାଂଘାତିକ ଦୁର୍ବ୍ୟବହାର ବିଷୟରେ ଅଭିଯୋଗ
ହୋଇଥାନ୍ତା ତେବେ ତୁମ୍ଭମାନଙ୍କର କଥା ଶୁଣିବା ମୋର
କର୍ତ୍ତବ୍ୟ ହୋଇଥାନ୍ତା, ୧୫କିନ୍ତୁ ତୁମ୍ଭ ବ୍ୟବସ୍ଥାରେ ଲେଖାଥିବା
ବାକ୍ୟ ଓ ନାମ ବିରୁଦ୍ଧରେ ଏହି ବିବାଦ ସୃଷ୍ଟି ହୋଇଥିବାରୁ
ତୁମ୍ଭେମାନେ ନିଜେ-ନିଜେ ଏହାର ସମାଧାନ କର। ଏହି
ସବୁ ବିଷୟରେ ମୁଁ କୌଣସି ବିଚାର କରିବି ନାହିଁ।"
୧୬ସେ ଏହା କହି ସେମାନଙ୍କୁ ଅଦାଲତରୁ ବାହାର
କରିଦେଲେ।"

୧୭ତା'ପରେ ସେମାନେ ପ୍ରାର୍ଥନାଗୃହର ପ୍ରଧାନ କର୍ତ୍ତା
ସୋସ୍ଥିନାଙ୍କୁ ଧରିନେଇ ଅଦାଲତ ସାମନାରେ ପିଟିଲେ।
କିନ୍ତୁ ଗାଲ୍ଲିୟୋନ ଏଥିପ୍ରତି ମୋଟେ ଦୃଷ୍ଟି ଦେଲେ ନାହିଁ।

## ପାଉଲଙ୍କ ଆନ୍ତିୟଖିଆକୁ ଫେରିବା

୧୮ପାଉଲ ସେଠାରେ ଭାଇମାନଙ୍କ ସହିତ ଅନେକ ଦିନ
ରହିଲେ। ତାପରେ ସେ ବିଦାୟ ନେଇ ଜଳପଥରେ
ସୁରିଆ ଦେଶକୁ ଗଲେ। ତାହାଙ୍କ ସହିତ ପ୍ରୀସ୍କିଲ୍ଲା ଓ
ଆକ୍ୱିଲା ମଧ୍ୟ ଗଲେ। ପରମେଶ୍ୱରଙ୍କ ନିକଟରେ ଏକ
ଶପଥ କରିଥିବାରୁ ପାଉଲ କେଙ୍କ୍ରେୟାରେ ଲଣ୍ଡା ହେଲେ।
୧୯ତା'ପରେ ସେମାନେ ଏଫିସ ନଗରରେ ପହଞ୍ଚିଲେ।
ସେଠାରେ ପାଉଲ ପ୍ରୀସ୍କିଲ୍ଲା, ଓ ଆକ୍ୱିଲାଙ୍କୁ ଛାଡ଼ି ନିଜେ
ପ୍ରାର୍ଥନାଗୃହରେ ପ୍ରବେଶ କଲେ, ଓ ଯିହୂଦୀୟମାନଙ୍କ ସହିତ
କଥାବାର୍ତ୍ତା କଲେ। ୨୦ସେମାନେ ତାହାଙ୍କୁ ସେଠାରେ ଆଉ
କିଛି ଦିନ ରହିବାକୁ କହିଲେ, କିନ୍ତୁ ସେ ରାଜି ହେଲେ
ନାହିଁ। ୨୧ସେ ଗଲାବେଳେ କହିଲେ, "ଯଦି ପରମେଶ୍ୱର
ଚାହାଁନ୍ତି, ତେବେ ମୁଁ ପୁଣି ତୁମ୍ଭମାନଙ୍କ ପାଖକୁ ଆସିବି।"
ତା'ପରେ ସେ ଜଳପଥରେ ଏଫିସରୁ ବିଦାୟ ନେଲେ।

୨୨ପାଉଲ କାଇସରୀଆରେ ପହଞ୍ଚି ଯିରୂଶାଲମର ମଣ୍ଡଳୀକୁ
ଯାଇ ସେମାନଙ୍କ ସହିତ ସାକ୍ଷାତ କଲେ। ତା'ପରେ ସେ
ଆନ୍ତିୟଖିଆ ନଗରକୁ ଗଲେ। ୨୩ସେଠାରେ ପାଉଲ କିଛି
ଦିନ ରହିଲେ। ତାପରେ ସେ ଗାଲାତୀୟ ଓ ଫ୍ରୁଗିଆ
ଅଞ୍ଚଳକୁ ଚାଲିଗଲେ। ସେଠାରେ ସେ ସହରରୁ ସହର
ବୁଲି ଯୀଶୁଙ୍କର ସମସ୍ତ ଶିଷ୍ୟମାନଙ୍କୁ ବଳବାନ୍ କଲେ।

## ଏଫିସ ଓ କରିନ୍ଥରେ ଆପଲ୍ଲ

୨୪ଆପଲ୍ଲ ନାମକ ଜଣେ ଯିହୂଦୀୟ ସେଠାରେ ଥିଲେ।
ତାହାଙ୍କର ଜନ୍ମସ୍ଥାନ ଆଲେକ୍‌ଜାଣ୍ଡ୍ରିୟା। ସେ ଏଫିସ ନଗରକୁ
ଆସିଲେ। ସେ ଜଣେ ଅତି ଭଲ ବକ୍ତାଥିଲେ। ଧର୍ମ
ଶାସ୍ତ୍ରରେ ତାହାଙ୍କର ବହୁତ ଭଲ ଜ୍ଞାନ ଥିଲା। ୨୫ତାହାଙ୍କୁ
ପ୍ରଭୁଙ୍କ ପଥ ବିଷୟରେ ଶିକ୍ଷା ଦିଆଯାଇ ଥିଲା, ଓ ସେ
ଉତ୍ସାହଜନକ ଆତ୍ମାରେ ପୂର୍ଣ୍ଣ ହୋଇ କଥା କହୁଥିଲେ।
କେବଳ ଯୋହନଙ୍କର ବାପ୍ତିସ୍ମ ବିଷୟରେ ଜାଣିଥିଲେ ମଧ୍ୟ
ସେ ଯୀଶୁଙ୍କ ବିଷୟରେ ସମ୍ପୂର୍ଣ୍ଣ ଶିକ୍ଷା ଠିକ୍ ଭାବରେ
ଦେଉଥିଲେ। ୨୬ସେ ନିର୍ଭୟରେ ପ୍ରାର୍ଥନାଗୃହରେ କହିବା

ଆରମ୍ଭ କଲେ। ପ୍ରିସ୍କିଲ୍ଲା ଓ ଆକ୍ୱିଲା ତାହାଙ୍କ କଥା ଶୁଣି
ତାହାଙ୍କୁ ନିଜ ପାଖକୁ ନେଇ ଆସିଲେ। ସେମାନେ
ପରମେଶ୍ୱରଙ୍କ ପଥ ବିଷୟରେ ଆହୁରି ପରିଷ୍କାର ଭାବରେ
ତାହାଙ୍କୁ ବୁଝାଇ ଦେଲେ। ୨୭ସେ ଯେତେବେଳେ ଆଖାୟାକୁ
ବାହାରିଲେ, ସେତେବେଳେ ଭାଇମାନେ ତାହାଙ୍କୁ ଉତ୍ସାହିତ
କଲେ। ସେମାନେ ତାହାଙ୍କୁ ସ୍ୱାଗତ କରିବାପାଇଁ ଶିଷ୍ୟମାନଙ୍କୁ
ପତ୍ର ଲେଖିଲେ। ସେ ସେଠାରେ ପହଞ୍ଚି, ପରମେଶ୍ୱରଙ୍କ
ଅନୁଗ୍ରହରେ ବିଶ୍ୱାସ କରିଥିବା ଲୋକମାନଙ୍କର ବହୁତ
ସାହାଯ୍ୟ କଲେ। ୨୮କାରଣ ସେ ଯିହୂଦୀମାନଙ୍କ ସହିତ
ସର୍ବସାଧାରଣରେ ଦୃଢ଼ଭାବେ ଯୁକ୍ତିତର୍କ କରି ସେମାନଙ୍କୁ
ପରାସ୍ତ କଲେ ଓ ଧର୍ମଶାସ୍ତ୍ରରୁ ପ୍ରମାଣ କରି ଦେଖାଇଦେଲେ,
ଯେ କେବଳ ଯୀଶୁ ଖ୍ରୀଷ୍ଟ ଅଟନ୍ତି।

## ପାଉଲ ଏଫିସ ନଗରରେ

୧୯ ଆପଲ୍ଲ କରିନ୍ଥରେ ଥିଲାବେଳେ ପାଉଲ ବିଭିନ୍ନ
ସ୍ଥାନସବୁ ଦେଇ ଯାତ୍ରା କରି ଏଫିସରେ ଆସି
ପହଞ୍ଚିଲେ। ତା'ପରେ ପାଉଲ ସେଠାରେ ସେ ଯୋହନଙ୍କ
କେତେକ ଶିଷ୍ୟଙ୍କୁ ଦେଖିଲେ। ୨ପାଉଲ ସେମାନଙ୍କୁ ପଚାରିଲେ,
"ତୁମ୍ଭେମାନେ ବିଶ୍ୱାସୀ ହେଲାବେଳେ ପବିତ୍ର ଆତ୍ମାଙ୍କୁ ପ୍ରାପ୍ତ
ହୋଇଥିଲ କି?"
ସେହି ଶିଷ୍ୟମାନେ ତାହାଙ୍କୁ କହିଲେ, "ଜଣେ ପବିତ୍ରଆତ୍ମା
ଯେ ଅଛନ୍ତି, ଏହା ଆମ୍ଭେମାନେ ଆଦୌ ଶୁଣି ନାହୁଁ।"
୩ସେ ପୁଣି ପଚାରିଲେ, "ତେବେ ତୁମ୍ଭେମାନେ କେଉଁଥିରେ
ବାପ୍ତିଜିତ ହୋଇଥିଲ?"
ସେମାନେ କହିଲେ, "ଯୋହନ ଡୁବକ ଯେଉଁ ବାପ୍ତିସ୍ମ
ବିଷୟ ଶିକ୍ଷା ଦେଇଥିଲେ।"
୪ପାଉଲ ଏହାଶୁଣି କହିଲେ, "ଯୋହନଙ୍କର ବାପ୍ତିସ୍ମର
ଉଦ୍ଦେଶ୍ୟ ଥିଲା, ଲୋକମାନେ ଯେପରି ନିଜର ମନ
ପରିବର୍ତ୍ତନ କରନ୍ତି। ତେଣୁ ଯେଉଁମାନେ ତାହାଙ୍କ ନିକଟକୁ
ଆସୁଥିଲେ ସେ ସେହି ଲୋକମାନଙ୍କୁ ତାହାଙ୍କ ପରେ
ଆସୁଥିବା ବ୍ୟକ୍ତି, ଅର୍ଥାତ୍, ଯୀଶୁଙ୍କଠାରେ ବିଶ୍ୱାସ କରିବା
ନିମନ୍ତେ କହୁଥିଲେ।"
୫ସେମାନେ ଏକଥା ଶୁଣି ପ୍ରଭୁ ଯୀଶୁଙ୍କ ନାମରେ
ବାପ୍ତିଜିତ ହେଲେ। ୬ପାଉଲ ଯେତେବେଳେ ସେମାନଙ୍କ
ଉପରେ ହାତ ରଖିଲେ, ପବିତ୍ରଆତ୍ମା ସେମାନଙ୍କ ଉପରେ
ଓହ୍ଲାଇ ଆସିଲେ। ସେମାନେ ବିଭିନ୍ନ ପ୍ରକାର ଭାଷା ଓ
ଭବିଷ୍ୟଦ୍‌ବାଣୀ କହିବାକୁ ଲାଗିଲେ। ୭ସେମାନେ ସମୁଦାୟ
ବାର ଜଣ ଥିଲେ।
୮ତା'ପରେ ପାଉଲ ପ୍ରାର୍ଥନାଗୃହରେ ପ୍ରବେଶ କରି
ତିନିମାସ ପର୍ଯ୍ୟନ୍ତ ସାହସର ସହିତ ଯିହୂଦୀମାନଙ୍କ ସହିତ
ପରମେଶ୍ୱରଙ୍କ ରାଜ୍ୟ ବିଷୟରେ କହିଲେ। ସେ ସେମାନଙ୍କୁ
ପରମେଶ୍ୱରଙ୍କ ରାଜ୍ୟ ବିଷୟରେ କହି ସେମାନଙ୍କୁ ଗ୍ରହଣ
କରିବା ପାଇଁ ରାଜି କରାଇଲେ। ୯ମାତ୍ର ସେମାନଙ୍କ ଭିତରୁ
କେତେକ ଜିଦ୍‌ଖୋର ହୋଇ ବିଶ୍ୱାସ କଲେ ନାହିଁ।
ସେମାନେ ଲୋକମାନଙ୍କ ଆଗରେ ଖ୍ରୀଷ୍ଟଙ୍କ ପଥ ବିଷୟରେ
ବହୁତ ଖରାପ କଥା କହିବାକୁ ଲାଗିଲେ। ତେଣୁ ପାଉଲ
ସେମାନଙ୍କୁ ଛାଡି କେବଳ ଯୀଶୁଙ୍କର ଶିଷ୍ୟମାନଙ୍କୁ ସାଙ୍ଗରେ
ରଖିଲେ। ସେ ପ୍ରତିଦିନ ତୁରାନ୍ନର ବିଦ୍ୟାଳୟକୁ ଯାଇ
ଆଲୋଚନା କରୁଥିଲେ। ୧୦ଏହିପରି ଦୁଇ ବର୍ଷ ବିତିଗଲା,
ଏଥିପାଇଁ ଏସିଆର ସମସ୍ତ ବାସିନ୍ଦାମାନେ ଅର୍ଥାତ୍
ଉଭୟ ଯିହୂଦୀୟ ଓ ଗ୍ରୀକ୍‌ମାନେ ପ୍ରଭୁଙ୍କ କଥା ଶୁଣିବାକୁ
ପାଇଲେ।

## ସ୍କେବାଙ୍କ ପୁତ୍ରମାନେ

୧୧ପରମେଶ୍ୱର ପାଉଲଙ୍କ ମାଧ୍ୟମରେ ଅତି ଅସାଧାରଣ
କାର୍ଯ୍ୟମାନ କରୁଥିଲେ। ୧୨ତେଣୁ ପାଉଲ ସ୍ପର୍ଶ କରୁଥିବା
ରୁମାଲ ଓ ଗାମୁଛା ନେଇ ରୋଗୀମାନଙ୍କ ଉପରେ ପକାଇ
ଦେଉଥିଲେ ଓ ଏହିଭଳି ସେମାନେ ରୋଗରୁ ସୁସ୍ଥ
ହୋଇଯାଉଥିଲେ। ସେମାନଙ୍କ ମଧ୍ୟରୁ ଭୂତାତ୍ମା ମଧ୍ୟ
ଚାଲିଯାଉଥିଲା।
୧୩ଭୂତାତ୍ମାକୁ ଦୂର କରିବାପାଇଁ ଏଣେତେଣେ ବୁଲୁଥିବା
କେତେକ ଯିହୂଦୀୟମାନେ ମଧ୍ୟ ଭୂତାତ୍ମାକୁ ଛଡ଼ାଇବା
ନିମନ୍ତେ ପ୍ରଭୁ ଯୀଶୁଙ୍କ ନାମକୁ ବ୍ୟବହାର କରିବାପାଇଁ
ଚେଷ୍ଟା କଲେ। ସେମାନେ କହିଲେ, "ଯେଉଁ ଯୀଶୁଙ୍କୁ
ପାଉଲ ପ୍ରଚାର କରୁଛନ୍ତି ମୁଁ ତୁମ୍ଭକୁ ତାହାଙ୍କ ନାମରେ
ଆଦେଶ ଦେଉଛି।" ୧୪ସ୍କେବାଙ୍କର ସାତ ଜଣ ପୁତ୍ର
ଏହିପରି କରୁଥିଲେ। (ସ୍କେବା ଜଣେ ଯିହୂଦୀୟ ମୁଖ୍ୟ
ଯାଜକ ଥିଲେ)।
୧୫କିନ୍ତୁ ଜଣେ ଭୂତାତ୍ମା ସେମାନଙ୍କୁ କହିଲା, "ମୁଁ
ଯୀଶୁଙ୍କୁ ଚିହ୍ନେ ଓ ପାଉଲଙ୍କୁ ମଧ୍ୟ ଜାଣେ। କିନ୍ତୁ
ତୁମ୍ଭେମାନେ କିଏ?"
୧୬ଏହା କହି ସେହି ଭୂତାତ୍ମା ଥିବା ଲୋକଟି ସେମାନଙ୍କ
ଉପରେ ଡେଇଁ ପଡିଲା। ସେ ସେମାନଙ୍କୁ ମାରି ପରାସ୍ତ
କଲା। ତେଣୁ ସେମାନେ ସମସ୍ତେ ସେ ଘରୁ ଉଲଗ୍ନ ଓ
କ୍ଷତବିକ୍ଷତ ହୋଇ ଦୌଡ ପଳାଇଗଲେ। ୧୭ଏକଥା ଏଫିସ
ନଗରର ସମସ୍ତ ଯିହୂଦୀୟ ଓ ଗ୍ରୀକ୍‌ମାନେ ଜାଣି ଭୟ
କଲେ। ଏହାଦ୍ୱାରା ପ୍ରଭୁ ଯୀଶୁଙ୍କର ନାମ ଅଧିକ ଗୌରବାନ୍ୱିତ
ହେଲା। ୧୮ସେମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରୁଥିଲେ,
ସେହି ଲୋକମାନେ ଆସି ସମସ୍ତଙ୍କ ସାକ୍ଷାତରେ ନିଜର
କୁକର୍ମ ସବୁ ସ୍ୱୀକାର କଲେ। ୧୯ଯେଉଁଲୋକମାନେ ଯାଦୁକର୍ମ
କରୁଥିଲେ, ସେମାନେ ସେମାନଙ୍କର ସବୁ ବହିଗୁଡ଼ିକ
ଏକାଠି କରି ଆଣି ସମସ୍ତଙ୍କ ସମ୍ମୁଖରେ ପୋଡି ପକାଇଲେ।
ସେମାନେ ଏହି ଗୁଡିକର ଦାମ ହିସାବ କରି ଦେଖିଲେ
ଯେ, ଏହାପ୍ରାୟ ପଚାଶ ହଜାର ରୌପ୍ୟମୁଦ୍ରା ମୂଲ୍ୟର ବହି
ଥିଲା। ୨୦ଏହିପରି ଭାବରେ ପ୍ରଭୁଙ୍କର କଥା ଅଧିକ
ପ୍ରଭାବଶାଳୀ ହୋଇ ଚାରିଆଡେ ବ୍ୟାପିବାକୁ ଲାଗିଲା ଏବଂ
ଅଧିକରୁ ଅଧିକ ଲୋକ ପ୍ରଭୁଙ୍କଠାରେ ବିଶ୍ୱାସ କଲେ।

## ପାଉଲଙ୍କର ଯାତ୍ରା ଯୋଜନା

୨୧ପାଉଲ ଏସବୁ ଘଟଣା ପରେ ମାକିଦନିଆ ଓ
ଆଖାୟା ବାଟେ ଦେଇ ଯିରୂଶାଲମ ଯିବାପାଇଁ ନିର୍ଣ୍ଣୟ
କଲେ। ସେ କହିଲେ ଯେ, "ଯିରୁଶାଲମ ଗଲାପରେ ମୁଁ
ରୋମକୁ ଯିବା କଥା।" ୨୨ତେଣୁ ସେ ତାହାଙ୍କର ଦୁଇଜଣ
ସାହାଯ୍ୟକାରୀ ଅର୍ଥାତ୍ ତୀମଥି ଓ ଏରାଷ୍ଟଙ୍କୁ ମାକିଦନିଆକୁ

ପଠାଇଲେ। ସେ ନିଜେ ଆଉ କିଛି ଅଧିକ ସମୟ
ଏସିଆରେ କଟାଇଲେ।

### ଏଫିସରେ ଉପଦ୍ରବ

୨୩ସେସମୟରେ 'ପରମେଶ୍ୱରଙ୍କ ପଥ' ବିଷୟରେ ଗୋଟିଏ
ବଡ ଧରଣର ଆନ୍ଦୋଳନ ହେଲା। ୨୪ସେଠାରେ ଦୀମୀତ୍ରିୟ
ନାମକ ଜଣେ ରୂପା ବଣିଆ ଥିଲା। ସେ ଦେବୀ ଆର୍ତ୍ତେମୀର
ରୂପା ମନ୍ଦିର ନିର୍ମାଣ କରୁଥିଲା। ସେ ରୂପା କାରୀଗରମାନଙ୍କୁ
ବହୁତ କାର୍ଯ୍ୟ ଯୋଗାଇ ଦେଉଥିଲା। ୨୫ସେ ସେମାନଙ୍କୁ,
ଓ ଏହି କାମ କରୁଥିବା ଅନ୍ୟ କର୍ମୀମାନଙ୍କୁ ଏକାଠି କରି
କହିଲା, "ହେ ଲୋକମାନେ, ତୁମ୍ଭେମାନେ ଜାଣିଛ ଯେ,
ଆମ୍ଭେ ଏ କାମରୁ ବହୁତ ଲାଭ କରୁଛୁ। ୨୬ତୁମ୍ଭେମାନେ
ଦେଖୁଛ ଓ ଶୁଣୁଛ ଯେ, ଏହି ପାଉଲ କେବଳ ଏଫିସ
ନଗରରେ ନୁହେଁ, ପୁରା ଏସିଆରେ ଲୋକମାନଙ୍କୁ ମତେଇ
ପ୍ରଭାବିତ କରୁଛି। ସେ କହୁଛି ଯେ, ମନୁଷ୍ୟର ହାତ
ତିଆରି ଦେବତାମାନେ ପ୍ରକୃତ ଦେବତା ନୁହଁନ୍ତି। ୨୭ଏହାଦ୍ୱାରା
କେବଳ ଆମ୍ଭ କାର୍ଯ୍ୟର କ୍ଷତି ଘଟିବ ନାହିଁ ମାତ୍ର
ମହାଦେବୀ ଆର୍ତ୍ତେମୀର ମନ୍ଦିରର ମଧ୍ୟ କୌଣସି ଗୁରୁତ୍ୱ
ରହିବ ନାହିଁ। ସମଗ୍ର ଏସିଆ ଓ ପୃଥିବୀର ଲୋକମାନେ
ଯେଉଁ ଦେବୀଙ୍କୁ ପୂଜା କରନ୍ତି, ତାହାର ମହିମା ମଧ୍ୟ ନଷ୍ଟ
ହୋଇଯିବ।"

୨୮ସେମାନେ ଏହା ଶୁଣି ଭୀଷଣ ରାଗିଗଲେ ଓ ଚିତ୍କାର
କରି କହିଲେ, "ଏଫିସୀୟମାନଙ୍କର ଆର୍ତ୍ତେମୀ ମହାଦେବୀ
ମହାନ୍ ଅଟନ୍ତି।" ୨୯ସମ୍ପୂର୍ଣ୍ଣ ସହରରେ ଚହଳ ପଡିଗଲା।
ପାଉଲଙ୍କ ସହଯାତ୍ରୀ ମାକିଦନୀୟା ନିବାସୀ ଗାୟ ଓ
ଆରିସ୍ତାର୍ଖଙ୍କୁ ଧରିନେଇ ସେମାନେ ଖେଳ ପଡ଼ିଆ ଆଡକୁ
ଦୌଡିଲେ। ୩୦ପାଉଲ ଭିତରକୁ ଯିବାପାଇଁ ଇଚ୍ଛା କଲେ
କିନ୍ତୁ ଶିଷ୍ୟମାନେ ତାହାଙ୍କୁ ଯିବାକୁ ଦେଲେ ନାହିଁ।
୩୧ସେହି ଦେଶର କେତେକ ନେତାମାନେ ପାଉଲଙ୍କର ବନ୍ଧୁ
ଥିଲେ। ସେମାନେ ତାହାଙ୍କୁ ଖେଳପଡ଼ିଆ ପାଖକୁ ନ
ଯିବାପାଇଁ ଅନୁରୋଧ କରି ଖବର ପଠାଇଲେ। ୩୨ଏହି
ସମୟ ଭିତରେ ନାନା ଲୋକ ନାନା କଥା କହିଲେ ଓ
ପାଟିକଲେ। ଅଧିକାଂଶ ଲୋକମାନେ ସେମାନଙ୍କର ଏକାଠି
ହେବାର କାରଣ ଜାଣି ନ ଥିଲେ। ଏହା ଫଳରେ
ସଭାରେ ପାଟିତୁଣ୍ଡ ହେଉଥିଲା। ୩୩ସେତେବେଳେ
ଯିହୂଦୀୟମାନେ ଆଲେକ୍‌ଜାଣ୍ଡରକୁ ଆଗକୁ ପଠାଇଥିଲେ ଓ
ତାହାଙ୍କୁ କିଛି କହିବା ପାଇଁ ଉପଦେଶ ଦେଉଥିଲେ।
ଆଲେକଜାଣ୍ଡର ଲୋମାନଙ୍କ ଆଗରେ ହାତ ହଲେଇ
ସେମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା କରୁଥିଲେ। ୩୪କିନ୍ତୁ
ଯେତେବେଳେ ଲୋକମାନେ ଆଲେକ୍‌ଜାଣ୍ଡରଙ୍କୁ ଜଣେ ଯିହୂଦୀୟ
ବୋଲି ଜାଣି ପାରିଲେ, ସେତେବେଳେ ସେମାନେ ଦୁଇ
ଘଣ୍ଟା ପର୍ଯ୍ୟନ୍ତ ଚିତ୍କାର କଲେ ଓ କହିଲେ, "ଏଫିସୀୟମାନଙ୍କର
ମହାଦେବୀ ଆର୍ତ୍ତେମୀ ମହାନ୍ ଅଟନ୍ତି…।"

୩୫ଏହାଶୁଣି ନଗରର ବିବର୍ତ୍ତା ଜନଗହଳିକୁ ଶାନ୍ତ
କରେଇ କହିଲେ, "ହେ ଏଫିସୀୟ ବାସିନ୍ଦାମାନେ, ସାରା
ପୃଥିବୀର କିଏ ନ ଜାଣେ ଯେ, ଏଫିସ ନଗର, ଆର୍ତ୍ତେମୀ
ମହାଦେବୀ ଓ ସ୍ୱର୍ଗରୁ ପଡିଥିବା ପବିତ୍ର ଶିଳାର ମନ୍ଦିରର
ରକ୍ଷକ ଅଟେ? ୩୬ଏକଥା କେହି ଅସତ୍ୟ ବୋଲି କହିପାରିବେ
ନାହିଁ। ତେଣୁ ତୁମ୍ଭେମାନେ ଶାନ୍ତ ରହିବାଉଚିତ। ପ୍ରଥମେ
କିଛି ନ ଭାବି ତୁମ୍ଭେମାନେ କିଛି କରିବା ଅନୁଚିତ।
୩୭ତୁମ୍ଭେମାନେ ଯେଉଁ ଲୋକମାନଙ୍କୁ ଏଠାକୁ ଆଣିଛ,
ସେମାନେ କୌଣସି ମନ୍ଦିର ଲୁଟ କରି ନାହାଁନ୍ତି ବା ଆମ୍ଭ
ଦେବୀଙ୍କର ଅପମାନ କରି ନାହାଁନ୍ତି।" ୩୮ସେ କହିଲେ,
"ଆମ୍ଭର ବିଚାରାଳୟ ଅଛି ଓ ବିଚାରକମାନେ ମଧ୍ୟ ଅଛନ୍ତି।
ଯଦି କାହାରି ବିରୁଦ୍ଧରେ ଦୀମୀତ୍ରିୟ ବା ତାର କାରୀଗରମାନଙ୍କର
କୌଣସି ଅଭିଯୋଗ ଥାଏ, ସେମାନେ ସେଠାକୁ ଯାଇ
ପରସ୍ପର ବିରୁଦ୍ଧରେ ଅଭିଯୋଗ ଆଣି ପାରନ୍ତି। ୩୯ମାତ୍ର
ତୁମ୍ଭମାନଙ୍କର ଯଦି ଆଉ କିଛି ବିଷୟ ଅଛି, ତେବେ ତାହା
ନିୟମିତ ଜନସଭାରେ ବିଚାର କରାଯାଇ ପାରିବ। ୪୦ଆଜିର
ଜନ ସଭାରେ ଆନ୍ଦୋଳନ ସକାଶେ ଆମ୍ଭେ ଦୋଷୀ
ହୋଇପାରୁ, ଯେହେତୁ ଆମ୍ଭପାଖରେ ଏହାର କୌଣସି
ଯଥାର୍ଥ କାରଣ ନାହିଁ।" ୪୧ଏହା କହି ସେ ସଭା
ଭାଙ୍ଗିଲେ। ତା'ପରେ ସେ ଲୋକମାନଙ୍କୁ ଘରକୁ ଯିବାପାଇଁ
କହିଲେ। ସମସ୍ତେ ଚାଲିଗଲେ।

### ପାଉଲଙ୍କ ମାକିଦନିଆ ଓ ଗ୍ରୀସ୍ ଯାତ୍ରା

୨୦ ଉତ୍ତେଜନା ଶାନ୍ତ ହେବା ପରେ ପାଉଲ ଯୀଶୁଙ୍କର
ଶିଷ୍ୟମାନଙ୍କୁ ଡକାଇ ପଠାଇଲେ ଓ ସେମାନଙ୍କୁ
ଉତ୍ସାହିତ କଲେ। ତାପରେ ସେମାନଙ୍କଠାରୁ ବିଦାୟ ନେଇ
ସେ ମାକିଦନିଆକୁ ଯାତ୍ରା କଲେ। ୨ସେହି ଅଞ୍ଚଳ ଦେଇ
ଯିବାବେଳେ ଯୀଶୁଙ୍କ ଅନୁଗାମୀ ଲୋକମାନଙ୍କୁ ବଳପ୍ରଦାନ
କରିବା ପାଇଁ ସେ ସେମାନଙ୍କୁ ଉତ୍ସାହନଜନକ କଥା
କହିଲେ। ତାପରେ ସେ ଗ୍ରୀସ୍‌ରେ ପହଞ୍ଚିଲେ। ୩ସେଠାରେ
ସେ ତିନିମାସ ପର୍ଯ୍ୟନ୍ତ ରହିଲେ। ସେଠାରୁ ସିରିଆକୁ
ଜଳଯାତ୍ରା କରିବାପାଇଁ ଚାହିଁଲେ। କିନ୍ତୁ ଯିହୂଦୀମାନେ
ତାହାଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରିବାରୁ ସେ ମାକିଦନିଆକୁ
ଫେରି ଯିବାପାଇଁ ସ୍ଥିର କଲେ। ୪ତାହାଙ୍କ ସହିତ ବେରୟା
ନଗରର ପୁରଙ୍କ ପୁତ୍ର ସୋପାତ୍ର, ଥେସଲନୀକୀୟର ଆରିସ୍ତାର୍ଖ
ଓ ସେକୁନ୍ଦ, ଦର୍ବୀର ଗାୟ, ଓ ତୀମଥି, ଏସିଆର ତୁଖିକ
ଓ ତ୍ରଫିମ ଗଲେ। ୫ଏମାନେ ସମସ୍ତେ ଆଗେ ଯାଇ
ତ୍ରୋୟା ନଗରରେ ଅମ୍ଭମାନଙ୍କୁ ଅପେକ୍ଷା କଲେ। ୬ଖମୀରବିହୀନ
ରୋଟୀର ପର୍ବ ପରେ ଆମ୍ଭେ ଫିଲିପ୍ପୀ ନଗରରୁ ଜଳପଥରେ
ସେମାନଙ୍କ ପାଖରେ ତ୍ରୋୟାରେ ପହଞ୍ଚିଲୁ। ଆମ୍ଭେ ସେଠାରେ
ସାତ ଦିନ ପର୍ଯ୍ୟନ୍ତ ରହିଲୁ।

### ପାଉଲଙ୍କର ତ୍ରୋୟା ଯାତ୍ରା

୭ଆମ୍ଭେ ସପ୍ତାହର ପ୍ରଥମ ଦିନ ପ୍ରଭୁଭୋଜର ରୋଟୀ
ଭାଙ୍ଗିବା ପାଇଁ ଏକାଠି ହେବା ବେଳେ ପାଉଲ ସେମାନଙ୍କୁ
ପ୍ରଭୁଙ୍କ କଥା କହିବା ଆରମ୍ଭ କଲେ। କାରଣ ସେ
ତହିଁଆର ଦିନ ଚାଲିଯିବା ପାଇଁ ଯୋଜନା କରି ମଧ୍ୟରାତ୍ରି
ପର୍ଯ୍ୟନ୍ତ ସେମାନଙ୍କୁ ଉପଦେଶ ଦେଲେ। ୮ଆମ୍ଭେ ଯେଉଁଠି
ଏକାଠି ହୋଇଥିଲୁ, ସେହି ଉପରଘରେ ଅନେକ ଗୁଡିଏ
ଦୀପ ଥିଲା। ୯ଇଉତୁଖ ନାମକ ଜଣେ ଯୁବକ ଝରକା
କଡ଼ରେ ବସି ଖୁବ୍ ନିଦରେ ଶୋଇ ପଡିଥିଲା। ପାଉଲ

କହି ଚାଲୁଥିଲାବେଳେ ସେ ନିଘୋଡ଼ ନିଦରେ ଶୋଇପଡ଼ି
ତିନି ମହଲାରୁ ଖସି ପଡ଼ିଲା। ଯେତେବେଳେ ସେମାନେ
ତାହାକୁ ଉଠାଇଲେ, ସେ ମରିସାରିଥିଲା। ୧୦ପାଉଲ ତଳକୁ
ଆସି ଆଣ୍ଠେଇ ପଡ଼ିଲେ, ଓ ତାହାକୁ ନିଜ ହାତରେ
ଟେକିନେଲେ, ଓ କହିଲେ, “ତୁମ୍ଭେମାନେ ବ୍ୟସ୍ତ ହୁଅ
ନାହିଁ। ସେ ଏବେ ଜୀବିତ ହେବ।” ୧୧ତାପରେ ପାଉଲ
ଉପରକୁ ଯାଇ ରୋଟୀ ଭାଙ୍ଗି ଖାଇଲେ। ସେ ସେମାନଙ୍କ
ସହିତ ଅଧିକ ସମୟ ପାହାନ୍ତିଆ ପର୍ଯ୍ୟନ୍ତ କଥାବାର୍ତ୍ତା କରି
ପ୍ରସ୍ଥାନ କଲେ। ୧୨ସେମାନେ ଯୁବକକୁ ଜୀବିତ ପାଇ
ଘରକୁ ନେଇ ଗଲେ, ଓ ବହୁତ ଆଶ୍ୱସ୍ତ ହେଲେ।

## ତ୍ରୋୟାରୁ ମିତୁଲୀନୀକୁ ଯାତ୍ରା

୧୩ଆମ୍ଭେମାନେ ସେଠାରୁ ଜାହାଜରେ ଆସସ୍ ନଗରକୁ
ଯାତ୍ରା କଲୁ। ସେଠାରୁ ପାଉଲଙ୍କୁ ନେବାପାଇଁ ଭାବିଥିଲୁ।
ସେ ସ୍ଥଳ ମାର୍ଗରେ ଚାଲି ଯିବାପାଇଁ ଇଚ୍ଛା କଲେ।
୧୪ପରେ ପାଉଲ ଆମ୍ଭ ସହିତ ଆସ୍ସ ନଗରରେ ଦେଖାଦେଲେ।
ସେ ଆମ୍ଭ ସହିତ ଜାହାଜରେ ଚଢ଼ିଲେ, ଓ ମିତୁଲୀନୀ
ନାମକ ବନ୍ଦର ନଗରୀକୁ ଆସିଲୁ। ୧୫ତହିଁ ଆରଦିନ ଆମ୍ଭେ
ସେଠାରୁ ଜାହାଜରେ ଖିଅ ଉପଦ୍ୱୀପ ସାମନାରେ ଆସି
ପହଞ୍ଚିଲୁ। ତାପରେ ଦ୍ୱିତୀୟ ଦିନ ଆମ୍ଭେ ମୀଲୀତ ନଗରରେ
ପହଞ୍ଚିଲୁ। ୧୬ପାଉଲ ଏସିଆରେ ଅଧିକ ସମୟ ରହିବାପାଇଁ
ଇଚ୍ଛା କରୁ ନଥିଲେ। ସେ ଏଫିସରେ ନ ଅଟକିବା ପାଇଁ
ନିର୍ଣ୍ଣୟ କଲେ। ସମ୍ଭବହେଲେ ସେ ପେଣ୍ଟିକଷ୍ଟ ଦିନ ସୁଦ୍ଧା
ଯିରୂଶାଲମରେ ପହଞ୍ଚିବାପାଇଁ ତର-ତର ହେଉଥିଲେ।

## ପାଉଲଙ୍କର ଏଫିସ ନଗରର ପ୍ରାଚୀନ ଲୋକଙ୍କ ସହିତ କଥାବାର୍ତ୍ତା।

୧୭ପାଉଲ ମୀଲୀତ ଠାରୁ ଏଫିସକୁ ଲୋକ ପଠାଇ
ମଣ୍ଡଳୀର ପ୍ରାଚୀନମାନଙ୍କୁ ଡକାଇଲେ। ୧୮ସେ ସେମାନଙ୍କୁ
ଆସି ପହଞ୍ଚିବା ପରେ କହିଲେ, “ମୁଁ ଏସିଆରେ ପହଞ୍ଚିବାର
ପ୍ରଥମ ଦିନଠାରୁ ତୁମ୍ଭମାନଙ୍କ ପାଖରେ ଅଛି। ତୁମ୍ଭମାନଙ୍କ
ସହିତ ରହିଲା ବେଳେ ମୁଁ କିଭଳି ଜୀବନଯାପନ କରିଛି,
ତାହା ତୁମ୍ଭେମାନେ ଜାଣ। ୧୯ଯିହୂଦୀମାନେ ମୋ ବିରୁଦ୍ଧରେ
ବହୁତ ଷଡଯନ୍ତ୍ର କରିଛନ୍ତି। ସେମାନେ ମୋତେ ବହୁତ
ଅସୁବିଧାରେ ପକାଇଛନ୍ତି। ତଥାପି ମୁଁ ସମ୍ପୂର୍ଣ୍ଣ ନମ୍ରତାର
ସହିତ ଅଶ୍ରୁପାତ କରି ପ୍ରଭୁଙ୍କର ସେବା କରିଛି। ୨୦ଯେଉଁ
ସବୁ ବିଷୟ ତୁମ୍ଭମାନଙ୍କ ନିମନ୍ତେ ମଙ୍ଗଳଜନକ, ସେହିସବୁ
ତୁମ୍ଭମାନଙ୍କ ନିକଟରେ ମୁଁ ବିନା ସଙ୍କୋଚରେ ପ୍ରଚାର
କରିଛି। ଜନସାଧାରଣଙ୍କ ସାମନାରେ ଓ ଘରେଘରେ ବୁଲି
ମୁଁ ତୁମ୍ଭମାନଙ୍କୁ ଉପଦେଶ ଦେଇଛି। ୨୧ମୁଁ ଯିହୂଦୀ ଓ
ଗ୍ରୀକ ଏବଂ ସମସ୍ତ ଲୋକମାନଙ୍କୁ ମନ ପରିବର୍ତ୍ତନ କରି
ପରମେଶ୍ୱରଙ୍କ ନିକଟକୁ ଆସିବା ଓ ଆମ୍ଭମାନଙ୍କ ପ୍ରଭୁ
ଯୀଶୁଙ୍କଠାରେ ବିଶ୍ୱାସ କରିବା ନିମନ୍ତେ ଚେତାଇ ଦେଇଅଛି।
୨୨କିନ୍ତୁ ମୁଁ ବର୍ତ୍ତମାନ ପବିତ୍ର ଆତ୍ମାଙ୍କର ବାଧ୍ୟ ହୋଇ
ଯିରୂଶାଲମକୁ ଯାଉଛି। ମୁଁ ଜାଣିନାହିଁ, ମୋର ସେଠାରେ
କ’ଣ ହେବ। ୨୩ମୋତେ ପବିତ୍ର ଆତ୍ମା ଜଣାଉଅଛନ୍ତି ଯେ
ପ୍ରତି ନଗରରେ ମୁଁ କାରାବରଣ ଓ ଅସୁବିଧା ଭୋଗ
କରିବ। ୨୪କିନ୍ତୁ, ମୁଁ ପ୍ରଭୁ ଯୀଶୁଙ୍କଠାରୁ ପରମେଶ୍ୱରଙ୍କ
ଅନୁଗ୍ରହଜନକ ସୁସମାଚାର ଘୋଷଣା କରିବାର ଯେଉଁ
କାର୍ଯ୍ୟ ଓ ସେବା ପଦ ପାଇଅଛି, ତାହା ସମ୍ପୂର୍ଣ୍ଣ କରିବା
ନିମନ୍ତେ ପ୍ରାଣପଣ ଚେଷ୍ଟା କରୁଛି। ଏଥିପାଇଁ ମୋ ନିଜର
ଜୀବନକୁ ନିତାନ୍ତ ମୂଲ୍ୟହୀନ ମଣୁଅଛି।

୨୫“ମୁଁ ଯେଉଁମାନଙ୍କ ନିକଟରେ ପରମେଶ୍ୱରଙ୍କ ରାଜ୍ୟବିଷୟ
ଘୋଷଣା କରିଥିଲି, ଅର୍ଥାତ୍ ତୁମ୍ଭେମାନେ, ତୁମ୍ଭମାନଙ୍କ
ମଧ୍ୟରୁ କେହିହେଲେ ବର୍ତ୍ତମାନଠାରୁ ମୋତେ ଆଉ
କେବେହେଲେ ଦେଖିବାକୁ ପାଇବ ନାହିଁ; ଏହା ମୁଁ ଜାଣେ।
୨୬ତେଣୁ ମୁଁ ଆଜି ତୁମ୍ଭକୁ ଗୋଟିଏ କଥା କହୁଛି। ମୁଁ
ତୁମ୍ଭମାନଙ୍କର ରକ୍ତପାତ ଦୋଷର ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଅଟେ।
୨୭କାରଣ ମୁଁ ତୁମ୍ଭମାନଙ୍କୁ ଆଗରେ ପରମେଶ୍ୱରଙ୍କର ସମସ୍ତ
ଇଚ୍ଛା ବିନାସଙ୍କୋଚରେ ଜଣାଇ ସାରିଛି। ୨୮ତେଣୁ ତୁମ୍ଭେମାନେ
ସମସ୍ତେ ନିଜେନିଜେ ସାବଧାନ ରୁହ। ପୁଣି ପବିତ୍ର ଆତ୍ମା
ଯେଉଁ ମେଷପଲ ଉପରେ ତୁମ୍ଭମାନଙ୍କୁ ମେଷପାଳକ ରୂପେ
ନିଯୁକ୍ତ କରିଅଛନ୍ତି, ସେମାନଙ୍କ ବିଷୟରେ ସତର୍କ ରୁହ; ଓ
ଯେଉଁ ମଣ୍ଡଳୀକୁ ପରମେଶ୍ୱର ଆପଣା ରକ୍ତରେ କ୍ରୟ
କରିଅଛନ୍ତି ତାହାର ଯତ୍ନ ନିଅ। ୨୯ମୁଁ ଜାଣେ, ମୋ
ଗଲାପରେ ଜଙ୍ଗଲୀ ଗଧିଆ ତୁମ୍ଭମାନଙ୍କ ମଧ୍ୟକୁ ଆସିବେ।
ସେମାନେ ଏହି ମେଷ ପଲକୁ ନଷ୍ଟ କରିବାପାଇଁ ଚେଷ୍ଟା
କରିବେ। ୩୦ଏପରିକି ତୁମ୍ଭମାନଙ୍କ ଭିତରୁ ମଧ୍ୟ କେତେଜଣ
ଲୋକ ବାହାରିବେ ଓ ଭୁଲ କଥା ଉପଦେଶ ଦେଇ
ଶିଷ୍ୟମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବେ। ୩୧ତେଣୁ
ତୁମ୍ଭେମାନେ ସାବଧାନ ହୋଇରୁହ। ତୁମ୍ଭେମାନେ ମନେ
ପକାଅ ଯେ, ମୁଁ ତିନି ବର୍ଷ ପର୍ଯ୍ୟନ୍ତ ତୁମ୍ଭମାନଙ୍କ ପାଖରେ
ରହି ଆଖିର ଲୁହରେ ପ୍ରତ୍ୟେକଙ୍କୁ ଦିନରାତି ସତର୍କ ବାଣୀ
ଶୁଣାଇ ଥିଲି।

୩୨“ବର୍ତ୍ତମାନ ମୁଁ ତୁମ୍ଭମାନଙ୍କୁ ପରମେଶ୍ୱରଙ୍କ ନିକଟରେ
ଓ ତାହାଙ୍କ ଅନୁଗ୍ରହଜନକ ବାକ୍ୟ ନିକଟରେ ସମର୍ପଣ
କରୁଅଛି। ଏହି ବାକ୍ୟ ହିଁ ତୁମ୍ଭମାନଙ୍କୁ ଶକ୍ତିଶାଳୀ କରିବ
ଓ ପରମେଶ୍ୱର ତାହାଙ୍କର ସମସ୍ତ ପବିତ୍ର ଲୋକମାନଙ୍କୁ
ଦେଇଥିବା ଅଧିକାର ତୁମ୍ଭମାନଙ୍କୁ ପ୍ରଦାନ କରିବେ। ୩୩ମୁଁ
ଯେତେବେଳେ ତୁମ୍ଭମାନଙ୍କ ସହିତ ଥିଲି, ସେତେବେଳେ ମୁଁ
କେବେ କାହାର ଟଙ୍କା ଓ ସୁନ୍ଦର ବସ୍ତ୍ର ପ୍ରତି ଲୋଭ
ଦେଖାଇ ନାହିଁ। ୩୪ତୁମ୍ଭେମାନେ ଜାଣିଛ ଯେ, ମୁଁ ନିଜେ
ମୋର ଓ ମୋ ସହିତ ରହିଥିବା ଲୋକମାନଙ୍କର ଆବଶ୍ୟକତା
ପୂରଣ କରିବା ପାଇଁ ନିଜ ହାତରେ କାର୍ଯ୍ୟ କରିଛି।
୩୫ମୋର ସମସ୍ତ କାର୍ଯ୍ୟ ଦ୍ୱାରା ମୁଁ ତୁମ୍ଭମାନଙ୍କୁ ଏହି ଆଦର୍ଶ
ଦେଖାଇଅଛି ଯେ, ଏହିପରି ପରିଶ୍ରମ କରି ଆମ୍ଭେ ଗରିବମାନଙ୍କୁ
ସାହାଯ୍ୟ କରିବା ଉଚିତ। ଆମ୍ଭେ ସମସ୍ତେ ପ୍ରଭୁ ଯୀଶୁଙ୍କର
ଏହି ବାକ୍ୟ ମନେ ରଖିବା ଉଚିତ ଯେ, ‘ଗ୍ରହଣ କରିବା
ଅପେକ୍ଷା ଦାନ ଦେବା ଅଧିକ ଶ୍ରେଷ୍ଠ ଅଟେ।’”

୩୬ଏକଥା କହିବାପରେ ପାଉଲ ଆଣ୍ଠୁମାଡି ବସିଲେ ଓ
ସମସ୍ତଙ୍କ ସହିତ ପ୍ରାର୍ଥନା କଲେ। ୩୭ସେମାନେ ସମସ୍ତେ
ବହୁତ କାନ୍ଦିଲେ ଓ ପାଉଲଙ୍କୁ କୁଣ୍ଢେଇ ଧରି ଚୁମ୍ବନ
ଦେଲେ। ୩୮ସେମାନେ ତାହାଙ୍କୁ ଆଉ ଦେଖିପାରିବେ ନାହିଁ
ବୋଲି ପାଉଲ କହିଥିବା କଥା ସେମାନଙ୍କୁ ବହୁତ ଦୁଃଖ

ଦେଇଥିଲା । ସେମାନେ ସମସ୍ତେ ତାହାଙ୍କୁ ଜାହାଜ ପର୍ଯ୍ୟନ୍ତ
ଛାଡ଼ିବାକୁ ଯାଇ ବିଦାୟ ଦେଲେ ।

## ପାଉଲଙ୍କ ଯିରୂଶାଲମ ଯାତ୍ରା

୨୧ ଆମ୍ଭେମାନେ ସେମାନଙ୍କଠାରୁ ବିଦାୟ ନେଲୁ ।
ତା'ପରେ ଆମ୍ଭେ ସିଧା କୋସ୍ ଉପଦ୍ୱୀପକୁ
ଜଳଯାତ୍ରା କଲୁ । ତହିଁ ଆର ଦିନ ଆମ୍ଭେ ସେଠାରୁ ରୋଦା
ଉପଦ୍ୱୀପକୁ ଆସିଲୁ । ପୁଣି ସେଠାରୁ ଆମ୍ଭେ ପାତାରାରେ
ପହଞ୍ଚିଲୁ । ୨ପାତାରାରେ ଫୈନିକୀଆକୁ ଯାଉଥିବା ଗୋଟିଏ
ଜାହାଜ ପାଇ ଆମ୍ଭେ ସେଥିରେ ଚଢ଼ିଲୁ, ଓ ଯାତ୍ରା କଲୁ ।
୩ଆମ୍ଭେ ଯାଇ କୁପ୍ର ଉପଦ୍ୱୀପ ପାଖରେ ପହଞ୍ଚି ତାର ବାମ
ପଟେ ସୁରିଆକୁ ଯାତ୍ରା କଲୁ । ଆମ୍ଭେ ସୋର ନଗରରେ
ଓହ୍ଲେଇଲୁ, କାରଣ ସେଠାରେ ଜାହାଜରୁ ମାଲ ଖଲାସ
କରିବାକୁ ଥିଲା । ୪ଆମ୍ଭେ ସେଠାରେ ଯୀଶୁଙ୍କର କେତେକ
ଶିଷ୍ୟମାନଙ୍କୁ ଦେଖିଲୁ । ସେମାନଙ୍କ ସହିତ ସାତ ଦିନ
ପର୍ଯ୍ୟନ୍ତ ରହିଲୁ । ସେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ପାଉଲଙ୍କୁ
ଯିରୁଶାଲମ ନ ଯିବା ପାଇଁ ଚେତାବନୀ ଦେଲେ । ୫ସମୟ
ପୁରିଗଲା ପରେ ଆମ୍ଭେ ସେଠାରୁ ବିଦାୟ ନେଲୁ । ସେତେବେଳେ
ସେମାନେ ସମସ୍ତେ ସ୍ତ୍ରୀ, ପିଲାମାନଙ୍କ ସହିତ ନଗର ବାହାର
ପର୍ଯ୍ୟନ୍ତ ଆମ୍ଭ ସହିତ ଆସିଲେ । ଆମ୍ଭେ ସମସ୍ତେ ସମୁଦ୍ର
କୂଳରେ ଆଣ୍ଠୁ ମାଡ଼ି ପ୍ରାର୍ଥନା କଲୁ । ଆମ୍ଭେ ସମସ୍ତେ
ପରସ୍ପରଠାରୁ ବିଦାୟ ନେଇ ଜାହାଜରେ ଚଢ଼ିଲୁ । ଶିଷ୍ୟମାନେ
ନିଜନିଜ ଘରକୁ ଫେରିଗଲେ ।
୭ସୋର ନଗରରୁ ଆମ୍ଭେ ଆମ୍ଭର ଯାତ୍ରା ଆରମ୍ଭ କଲୁଁ
ଓ ପ୍ତଲମାଇରେ ପହଞ୍ଚିଲୁ । ସେଠାରେ ଭାଇମାନଙ୍କୁ
ଅଭିନନ୍ଦନ ଜଣେଇ ସେମାନଙ୍କ ସହିତ ଗୋଟିଏ ଦିନ
ରହିଲୁ । ୮ଆମ୍ଭେ ତହିଁ ଆରଦିନ କାଇସରୀଆ ନଗରରେ
ପହଞ୍ଚିଲୁ । ତା'ପରେ ଆମ୍ଭେ ସୁସମାଚାର ପ୍ରଚାରକ ଫିଲିପ୍ପଙ୍କ
ଘରେ ପ୍ରବେଶ କଲୁ । ସେ ସାତ ଜଣ ବିଶେଷ ସେବକମାନଙ୍କ
ମଧ୍ୟରୁ ଜଣେ ଥିଲେ । ଆମ୍ଭେମାନେ ତାହାଙ୍କ ସହିତ
ରହିଲୁ । ୯ତାହାଙ୍କର ଚାରୋଟି ଅବିବାହିତା ଝିଅ ଥିଲେ ।
ସେମାନେ ଭାବବାଦିନୀ ଥିଲେ । ୧୦ସେଠାରେ ଆମ୍ଭେ ବହୁତ
ଦିନ ରହିଲା ପରେ ଯିହୂଦା ଦେଶରୁ ଆଗାବ ନାମରେ
ଜଣେ ଭବିଷ୍ୟଦ୍‌ବକ୍ତା ଆସି ପହଞ୍ଚିଲେ । ୧୧ସେ ଆମ୍ଭପାଖକୁ
ଆସି ପାଉଲଙ୍କ କଟିବନ୍ଧନ ମାଗି ନେଇ ନିଜ ହାତଗୋଡ଼
ବାନ୍ଧି ପକେଇଲେ ଓ କହିଲେ, "ପବିତ୍ର ଆତ୍ମା ଏପରି
କହନ୍ତି ଏହି କଟିବନ୍ଧନ ଯାହାର ଅଟେ, 'ତାହାଙ୍କୁ ଯିରୂଶାଲମରେ
ଯିହୂଦୀମାନେ ଏହିପରି ବାନ୍ଧି ପକାଇବେ । ସେମାନେ ତାହାଙ୍କୁ
ଅଣଯିହୂଦୀମାନଙ୍କ ହାତରେ ସମର୍ପଣ କରିବେ ।'"
୧୨ଆମ୍ଭେମାନେ ଓ ଅନ୍ୟ ବିଶ୍ୱାସୀମାନେ ଏହି କଥା
ଶୁଣି ପାଉଲଙ୍କୁ ଯିରୂଶାଲମ ନଯିବା ପାଇଁ ବହୁତ ଅନୁରୋଧ
କଲୁ । ୧୩କିନ୍ତୁ ପାଉଲ କହିଲେ, "ତୁମ୍ଭେମାନେ କାହିଁକି
କାନ୍ଦୁଛ? ତୁମ୍ଭେମାନେ କାହିଁକି ଏପରି ମୋତେ ଦୁଃଖିତ
କରୁଛ? ଯିରୂଶାଲମରେ ମୁଁ ବନ୍ଧା ହେବା ପାଇଁ ଯେ
କେବଳ ପ୍ରସ୍ତୁତ ଅଛି, ତାହା ନୁହେଁ, ମାତ୍ର ମୁଁ ପ୍ରଭୁ
ଯୀଶୁଙ୍କ ନାମରେ ମରିବା ପାଇଁ ମଧ୍ୟ ପ୍ରସ୍ତୁତ ଅଛି ।"
୧୪ସେ ଆମ୍ଭ କଥାରେ ପ୍ରଭାବିତ ନ ହେବାରୁ ଆମ୍ଭେମାନେ
ଚୁପ୍ ରହିଲୁ । ଆମ୍ଭେ କହିଲୁ, "ପ୍ରଭୁଙ୍କର ଯାହା ଇଚ୍ଛା,
ତାହା ହିଁ ହେଉ ।"
୧୫ଏହି ସମସ୍ତ ଦିନ ବିତିଗଲା ପରେ ଆମ୍ଭେ ନିଜର
ସାମଗ୍ରୀ ପ୍ରସ୍ତୁତ କଲୁଁ, ଓ ଯିରୂଶାଲମ ପାଇଁ ଯାତ୍ରା ଆରମ୍ଭ
କଲୁ । ୧୬କାଇସରୀଆରେ ଥିବା ଯୀଶୁଙ୍କ କେତେକ ଶିଷ୍ୟ
ଆମ୍ଭ ସହିତ ଆସିଲେ । ସେମାନେ ଆମ୍ଭକୁ କୁପ୍ର ଉପଦ୍ୱୀପର
ମନାସୋନ (ଯେ କି ଯୀଶୁଙ୍କ ପ୍ରଥମ ଶିଷ୍ୟମାନଙ୍କ ମଧ୍ୟରେ
ଜଣେ) ନାମକ ଜଣେ ଶିଷ୍ୟଙ୍କ ଘରକୁ ନେଇଗଲେ ।
ସେଠାରେ ଆମ୍ଭେ ରାତି କଟାଇବା କଥା ଥିଲା ।

## ପାଉଲଙ୍କ ଯାକୁବଙ୍କ ସହିତ ମିଳନ

୧୭ଆମ୍ଭେମାନେ ଯିରୂଶାଲମରେ ପହଞ୍ଚିବା ମାତ୍ରେ ଆମ୍ଭକୁ
ଭାଇମାନେ ଖୁସିରେ ସ୍ୱାଗତ ଜଣାଇଲେ । ୧୮ତା' ପରଦିନ
ପାଉଲ ଆମ୍ଭମାନଙ୍କ ସାଙ୍ଗରେ ଯାକୁବଙ୍କୁ ଭେଟିବାକୁ ଗଲେ ।
ସବୁ ପ୍ରାଚୀନ ଲୋକମାନେ ସମସ୍ତେ ସେଠାରେ ଉପସ୍ଥିତ
ଥିଲେ । ୧୯ପାଉଲ ସେମାନଙ୍କୁ ଅଭିନନ୍ଦନ ଜଣାଇଲେ ।
ପରମେଶ୍ୱର ତାହାଙ୍କ ସେବାକାର୍ଯ୍ୟ ମାଧ୍ୟମରେ ଅଣଯିହୂଦୀମାନଙ୍କ
ମଧ୍ୟରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି, ସେସବୁ ସେ
ସେମାନଙ୍କୁ ଗୋଟିଗୋଟି କରି କହିଲେ । ୨୦ସେମାନେ ଏହା
ଶୁଣି ପରମେଶ୍ୱରଙ୍କର ପ୍ରଶଂସା କଲେ । ସେମାନେ ପାଉଲଙ୍କୁ
କହିଲେ, "ଭାଇ, ତୁମ୍ଭେ ଦେଖିଛ ଯେ, ହଜାରହଜାର
ଯିହୂଦୀମାନେ ବିଶ୍ୱାସୀ ହୋଇ ଅଛନ୍ତି । କିନ୍ତୁ ସେମାନେ
ମନେ କରନ୍ତି ଯେ, ବ୍ୟବସ୍ଥା ପାଳନ କରିବା ଅଧିକ
ମହତ୍ତ୍ୱପୂର୍ଣ୍ଣ ଅଟେ । ୨୧ସେମାନେ ତୁମ୍ଭ ବିଷୟରେ ଶୁଣିଛନ୍ତି
ଯେ, ତୁମ୍ଭେ ଅଣଯହୂଦୀମାନଙ୍କ ଦେଶରେ ରହୁଥିବା
ଯିହୂଦୀମାନଙ୍କୁ, ମୋଶାଙ୍କର ବ୍ୟବସ୍ଥା ତ୍ୟାଗ କରିବା ପାଇଁ
ଶିକ୍ଷା ଦେଉଛ । ତୁମ୍ଭେ ସେମାନଙ୍କୁ ସେମାନଙ୍କ ପିଲାମାନଙ୍କର
ସୁନ୍ନତ ନ କରିବା ପାଇଁ ଓ ଯିହୂଦୀ ରୀତିନୀତି ଗୁଡ଼ିକୁ ନ
ମାନିବା ପାଇଁ ଶିକ୍ଷା ଦେଉଛ । ୨୨ତେଣୁ ଆମ୍ଭକୁ କଣ
କରିବା ଉଚିତ୍? ତୁମ୍ଭେ ଯେ ଏଠାକୁ ଆସିଛ, ଏହା
ସେମାନେ ନିଶ୍ଚୟ ଶୁଣିବାକୁ ପାଇବେ । ୨୩ତେଣୁ ଆମ୍ଭ
କହିବା ଅନୁସାରେ କାମ କର । ଆମ୍ଭ ପାଖରେ ପରମେଶ୍ୱରଙ୍କ
ଠାରେ ମାନତ କରିଥିବାର ଚାରି ଜଣ ଲୋକ ଅଛନ୍ତି ।
୨୪ତୁମ୍ଭେ ସେମାନଙ୍କୁ ସାଙ୍ଗରେ ନେଇ ସେମାନଙ୍କ ସହିତ
ଆପଣାକୁ ଶୁଚିକର ଓ ତୁମ୍ଭେ ସେମାନଙ୍କର ମୁଣ୍ଡ ଲଣ୍ଡା
ହେବାପାଇଁ ଖର୍ଚ୍ଚ ଦିଅ । ଏହା ଦ୍ୱାରା ସମସ୍ତେ ଭାବିବେ ଯେ,
ସେମାନେ ତୁମ୍ଭ ବିଷୟରେ ଯାହା ସବୁ ଶୁଣିଛନ୍ତି ତାହା
ମିଥ୍ୟା । ସେମାନେ ଦେଖିବେ ଯେ, ତୁମ୍ଭେ ନିଜ ଜୀବନରେ
ମୋଶାଙ୍କ ବ୍ୟବସ୍ଥା ମାନି ଚଳୁଛ । ୨୫ଆମ୍ଭେ ଅଣଯିହୂଦୀ
ବିଶ୍ୱାସୀ ଲୋକମାନଙ୍କୁ ପତ୍ର ଲେଖିଛୁ । ଆମ୍ଭେ ସେମାନଙ୍କୁ
ଲେଖିସାରିଛୁ:

'ମୂର୍ତ୍ତିକୁ ସମର୍ପିତ ହୋଇଥିବା ଖାଦ୍ୟ ଖାଅ ନାହିଁ ।
ରକ୍ତ ଖାଅ ନାହିଁ । ତୁମ୍ଭେମାନେ କୌଣସି ପ୍ରକାରର
ଯୌନ ସମ୍ବନ୍ଧୀୟ ପାପ କାର୍ଯ୍ୟ କର ନାହିଁ ।'"

୨୬ତେଣୁ ପାଉଲ ତହିଁ ଆର ଦିନ ସେହି ଚାରି ଜଣ
ଲୋକଙ୍କୁ ସାଙ୍ଗରେ ନେଇ ଆପଣାକୁ ଶୁଚି କଲେ ।

ତା'ପରେ ସେ ମନ୍ଦିରକୁ ଯାଇ କେଉଁ ଦିନ କ୍ରିୟା
ସମାରୋହର ଦିନ ପୁରି ଯିବ ଓ ସେମାନଙ୍କ ମଧ୍ୟରୁ
ପ୍ରତ୍ୟେକଙ୍କ ପାଇଁ ଦାନ ଦିଆ ଯିବ, ସେହି ବିଷୟରେ
ଘୋଷଣା କଲେ।
୨୭ସାତଦିନ ପୁରି ଯିବା ଦିନ ଏସିଆର କେତେକ
ଯିହୂଦୀମାନେ ତାହାଙ୍କୁ ମନ୍ଦିରରେ ଦେଖିଲେ। ସେମାନେ
ସମଗ୍ର ଲୋକଙ୍କୁ ତାହାଙ୍କ ବିରୁଦ୍ଧରେ ଉତ୍ତେଜିତ କଲେ ଓ
ତାହାଙ୍କୁ ଧରି ପକେଇଲେ। ୨୮ସେମାନେ ଖୁବ୍ ଜୋରରେ
ଚିତ୍କାର କରି କହିଲେ, "ହେ ଇସ୍ରାୟେଲୀୟ ଲୋକମାନେ,
ଆମ୍ଭକୁ ସାହାଯ୍ୟ କର। ଏ ଲୋକ ଆମ୍ଭ ଲୋକମାନଙ୍କ
ବିରୁଦ୍ଧରେ, ଆମ୍ଭ ବ୍ୟବସ୍ଥା ଓ ଏହି ସ୍ଥାନ ବିରୁଦ୍ଧରେ ସବୁ
ଲୋକମାନଙ୍କୁ ଶିକ୍ଷା ଦେଉଛି। ସେ ବର୍ତ୍ତମାନ କେତେକ
ଗ୍ରୀକ୍ ଲୋକମାନଙ୍କୁ ମଧ୍ୟ ମନ୍ଦିର ଭିତରକୁ ଆଣିଛି ଓ
ଆମ୍ଭର ଏହି ପବିତ୍ର ସ୍ଥାନକୁ ଅପବିତ୍ର କରିଛି।" ୨୯(ସେମାନେ
ଆଗରୁ ଏଫିସର ତ୍ରଫିମ ସହିତ ପାଉଲଙ୍କୁ ଦେଖିଥିଲେ।
ତ୍ରଫିମ ଜଣେ ଗ୍ରୀକ୍‌ଲୋକ ଥିଲେ। ତେଣୁ ସେମାନେ
ଅନୁମାନ କରି ନେଲେ ଯେ, ପାଉଲ ତାହାଙ୍କୁ ମନ୍ଦିରକୁ
ଆଣିଥିବେ।)
୩୦ପୁରା ନଗରଟାରେ ଉତ୍ତେଜନା ସୃଷ୍ଟି ହୋଇଗଲା।
ଲୋକମାନେ ଏକାଠି ଦୌଡ଼ି ଯାଇ ପାଉଲଙ୍କୁ ମନ୍ଦିର
ଭିତରୁ ଟାଣି ନେଇ ଗଲେ। ସଙ୍ଗେସଙ୍ଗେ ଦ୍ୱାର ଗୁଡ଼ିକ
ବନ୍ଦ ହୋଇଗଲା। ୩୧ଲୋକମାନେ ପାଉଲଙ୍କୁ ହତ୍ୟା କରିବା
ପାଇଁ ଚେଷ୍ଟା କରୁଥିବା ସମୟରେ ରୋମୀୟ ସେନାପତିଙ୍କ
ନିକଟରେ ଏହି ଖବର ପହଞ୍ଚିଲା। ସେ ଜାଣିବାକୁ ପାଇଲେ
ଯେ ସମଗ୍ର ଯିରୂଶାଲମରେ ଉତ୍ତେଜନା ଖେଳି ଯାଇଛି।
୩୨ସେ ସଙ୍ଗେସଙ୍ଗେ କେତେକ ସୈନ୍ୟ ଓ ଅଧିକାରୀମାନଙ୍କ
ସହିତ ଆସି ପହଞ୍ଚିଲେ। ସେ ପାଉଲଙ୍କୁ ହତ୍ୟା କରିବାକୁ
ଉଦ୍ୟମ ହେଉଥିବା ଯିହୂଦୀମାନଙ୍କ ପାଖକୁ ଗଲେ। ସେମାନେ
ସେନାପତି ଓ ସୈନ୍ୟ-ସାମନ୍ତଙ୍କୁ ଦେଖି ପାଉଲଙ୍କୁ ମାଡ଼
ମାରିବା ବନ୍ଦ କଲେ। ୩୩ତା'ପରେ ସେନାପତି ପାଖକୁ
ଆସିଲେ, ଓ ପାଉଲଙ୍କୁ ବନ୍ଦୀ କଲେ। ସେ ପାଉଲଙ୍କୁ
ଦୁଇଟି ଶିକୁଳିରେ ବାନ୍ଧି ଦେବା ପାଇଁ ସୈନ୍ୟମାନଙ୍କୁ
ଆଦେଶ ଦେଲେ। ତା'ପରେ ପାଉଲ କିଏ ଓ ସେ କଣ
କରିଛନ୍ତି ବୋଲି ସେନାପତି ପଚାରିଲେ। ୩୪ଲୋକ ଗହଳି
ଭିତରୁ ଲୋକେ ଚିତ୍କାର କରି ଭିନ୍ନ-ଭିନ୍ନ କଥା କହିଲେ।
ସେନାପତି ଏପରି କୋଳାହଳ ଦେଖି କାହାର କଥା ସତ୍ୟ
ତାହା ଠିକ୍ ଭାବରେ ଜାଣି ପାରିଲେ ନାହିଁ। ତେଣୁ ସେ
ପାଉଲଙ୍କୁ ସୈନ୍ୟ ନିବାସକୁ ନେଇ ଯିବା ପାଇଁ ଆଦେଶ
ଦେଲେ। ସବୁ ଲୋକମାନେ ତାହାଙ୍କ ପଛେପଛେ ଚିତ୍କାର
କରି ଯାଉଥିଲେ। ୩୫ଲୋକମାନେ ଅତ୍ୟନ୍ତ ହିଂସ୍ରକ ହୋଇ
ଉଠିବାରୁ ପାହାଚ ନିକଟରେ ସୈନିକମାନେ ପାଉଲଙ୍କୁ
ଟେକି ନେଇଗଲେ। ୩୬ତଥାପି ଲୋକ ସମୂହ
ତାହାଙ୍କ ପଛରେ ଯାଉଯାଉ ପାଟି କଲେ, "ତାହାଙ୍କୁ
ହତ୍ୟାକର।"
୩୭ସେନାନିବାସକୁ ନେବା ସମୟରେ ସେନାପତିଙ୍କୁ ପାଉଲ
ପଚାରିଲେ, "ମୁଁ ଆପଣଙ୍କୁ କିଛି କହିବା ଅଧିକାର ଅଛି
କି?"

ସେନାପତି ତାହାଙ୍କୁ ପଚାରିଲେ, "ତୁମ୍ଭେ କଣ ଗ୍ରୀକ୍
ଭାଷା ଜାଣ? ୩୮ତେବେ ତୁମ୍ଭେ କଣ ସେ ମିସରୀୟ
ଲୋକ ନୁହଁ, ଯିଏ କିଛି ବର୍ଷ ପୂର୍ବେ ସରକାରଙ୍କ
ବିରୁଦ୍ଧରେ ବିଦ୍ରୋହ କରିଥିଲା ଓ ଚାରି ହଜାର ଆତଙ୍କବାଦୀଙ୍କୁ
ନେଇ ମରୁଭୂମିକୁ ଚାଲିଯାଇଥିଲା।"
୩୯ପାଉଲ କହିଲେ, "ମୁଁ କିଲିକିଆର ତାର୍ଷ ନଗରର
ଜଣେ ଯିହୂଦୀ। ଗୋଟିଏ ପ୍ରଧାନ ନଗରର ମୁଁ ଜଣେ
ନାଗରିକ। ତେଣୁ ମୁଁ ଲୋକମାନଙ୍କୁ କଥା କହିବା ପାଇଁ
ଆପଣଙ୍କଠାରୁ ଅନୁମତି ଚାହୁଁଛି।"
୪୦ପାଉଲ ସେନାପତିଙ୍କଠାରୁ ଅନୁମତି ପାଇ ପାହାଚ
ଉପରେ ଠିଆ ହୋଇଗଲେ। ସେ ଲୋକମାନଙ୍କୁ ହାତରେ
ସଙ୍କେତ କରିବା ହେତୁ ସମସ୍ତେ ଅତି ଶାନ୍ତ ହୋଇଗଲେ।
ତା'ପରେ ସେ ଏବ୍ରୀ ଭାଷାରେ କହିଲେ।

### ପାଉଲଙ୍କ ଭାଷଣ

୨୨ ପାଉଲ କହିଲେ, "ଭାଇମାନେ ଓ
ପିତାମାନେ,ଯେହେତୁ ମୁଁ ମୋର ନିଜ ସପକ୍ଷରେ
କଥା କହୁଛି, ତେଣୁ ଆପଣମାନେ ମୋ କଥା ଶୁଣନ୍ତୁ।"
୨ସେମାନେ ପାଉଲଙ୍କୁ ଯିହୂଦୀ ଭାଷାରେ କହିବାର ଶୁଣି
ଆହୁରି ଅଧିକ ଶାନ୍ତ ହୋଇଗଲେ। ତା'ପରେ ପାଉଲ
କହିଲେ, ୩"ମୁଁ ଜଣେ ଯିହୂଦୀୟ ଲୋକ। ମୋର ଜନ୍ମ
କିଲିକିଆ ଦେଶର ତାର୍ଷ ନଗରରେ। କିନ୍ତୁ ଏହି ନଗରରେ
ମୋର ଲାଳନପାଳନ ହୋଇଥିଲା। ମୁଁ ଆମ୍ଭ ପିତୃପୁରୁଷଙ୍କ
ନିୟମ ଗୁଡ଼ିକ ବିଷୟରେ ଗୁରୁ ଗମଲୀୟେଲ ପାଖରୁ
ବହୁତ ଯତ୍ନ ସହକାରେ ତାଲିମ ପାଇଛି। ତୁମ୍ଭମାନଙ୍କ ପରି,
ମୁଁ ମଧ୍ୟ ପରମେଶ୍ୱରଙ୍କ ନିମନ୍ତେ ଅତି ଉତ୍ସାହୀ ଥିଲି। ୪ମୁଁ
ଯୀଶୁଙ୍କ ପଥରେ ଯାଉଥିବା ଲୋକମାନଙ୍କୁ ତାଡ଼ନା ଓ କଷ୍ଟ
ଦେଉଥିଲି। ମୁଁ ପୁରୁଷ ଓ ସ୍ତ୍ରୀ ଲୋକମାନଙ୍କୁ ବନ୍ଦୀ କରି
କାରାଗାରରେ ରଖିଥିଲି। ୫ମହାଯାଜକ ଓ ପ୍ରାଚୀନ
ଲୋକମାନଙ୍କର ସମ୍ପୂର୍ଣ୍ଣ ପରିଷଦ ଏ କଥାର ସାକ୍ଷୀ ଅଟନ୍ତି।
ମୁଁ ସେମାନଙ୍କଠାରୁ ଦମ୍ମେସକରେ ଥିବା ସେମାନଙ୍କର
ଭାଇମାନଙ୍କ ପାଖକୁ ପତ୍ର ନେଇ ଯାଇଥିଲି। ସେଠାରେ
ଥିବା ଯୀଶୁଙ୍କର ଶିଷ୍ୟମାନେ ଯେପରି ଦଣ୍ଡ ପାଇପାରନ୍ତି,
ଏଥିନିମନ୍ତେ ସେମାନଙ୍କୁ ବନ୍ଦୀ କରି ଯିରୂଶାଲମକୁ ନେଇ
ଆସିବା ପାଇଁ ମୁଁ ଯାଉଥିଲି।

### ପାଉଲଙ୍କ ମନପରିବର୍ତ୍ତନ

୬"ମୁଁ ଦମ୍ମେସକର ନିକଟବର୍ତ୍ତୀ ହେଲାବେଳେ ହଠାତ୍
ଗୋଟାଏ ଘଟଣା ଘଟିଲା। ଦମ୍ମେସକରେ ପହଞ୍ଚିବା ବେଳେ
ପ୍ରାୟ ଦ୍ୱିପହର ହୋଇଥିଲା। ସେତେବେଳେ ହଠାତ୍ ଆକାଶରୁ
ଗୋଟିଏ ଉଜ୍ଜ୍ୱଳ ଆଲୋକ ମୋ ଚାରି ପାଖରେ ପ୍ରକାଶିତ
ହେଲା। ୭ମୁଁ ତଳେ ପଡ଼ିଗଲି। ସେତେବେଳେ ମୋତେ
ଗୋଟିଏ ବାଣୀ ଶୁଭିଲା, 'ଶାଉଲ, ଶାଉଲ, ତୁମ୍ଭେ କାହିଁକି
ମୋତେ ତାଡ଼ନା କରୁଛ?' ୮ମୁଁ ପଚାରିଲି, 'ଆପଣ କିଏ,
ପ୍ରଭୁ?' ସେ ମୋତେ କହିଲେ, 'ମୁଁ ସେହି ନାଜରିତୀୟ
ଯୀଶୁ, ଯାହାକୁ ତୁମ୍ଭେ ତାଡନା କରୁଅଛ।' ୯ମୋ ସହିତ
ଥିବା ଲୋକମାନେ ମଧ୍ୟ ସେହି ଆଲୋକ ଦେଖି ପାରିଲେ।

କିନ୍ତୁ ସେମାନେ ମୋତେ କୁହାଯିବା ବାକ୍ୟ ଶୁଣି ବୁଝି
ପାରିଲେ ନାହିଁ। ୧୦ମୁଁ ପଚାରିଲି, 'ପ୍ରଭୁ ମୁଁ କଣ କରିବି?'
ପ୍ରଭୁ ମୋତେ କହିଲେ, 'ଉଠ ଦମ୍ମେସକ ନଗରକୁ ଯାଅ।'
ଯେଉଁସବୁ କାର୍ଯ୍ୟ ନିମନ୍ତେ ତୁମ୍ଭକୁ ମନୋନୀତ କରାଯାଇଛି,
ତାହା ସେଠାରେ ତୁମ୍ଭକୁ କୁହାଯିବ।' ୧୧ମୁଁ, କିଛି ଦେଖିପାରୁ
ନ ଥିଲି, କାରଣ ସେହି ଆଲୋକର ତେଜ ମୋତେ ଅନ୍ଧ
କରି ପକାଇଥିଲା। ସେଥିପାଇଁ ମୋର ବନ୍ଧୁମାନେ ମୋ
ହାତ ଧରି ଦମ୍ମେସକ ନେଇଗଲେ।
୧୨"ହନନିୟ ନାମକ ଜଣେ ଭକ୍ତ ଦମ୍ମେସକ ନଗରରେ
ଥିଲେ। ସେ ମୋଶାଙ୍କ ବ୍ୟବସ୍ଥା ମାନୁଥିଲେ। ସେଠାରେ
ରହୁଥିବା ସମସ୍ତ ଯିହୂଦୀୟମାନେ ତାହାଙ୍କୁ ସମ୍ମାନ ଦେଉଥିଲେ।
୧୩ହନନିୟ ମୋ ପାଖରେ ଆସି ଠିଆ ହୋଇ କହିଲେ,
'ହେ ଭାଇ ଶାଉଲ, ତୁମ୍ଭେ ପୁଣି ଥରେ ଦେଖିବାକୁ ପାଅ।'
ମୁଁ ସେହି ମୁହୂର୍ତ୍ତରେ ତାହାଙ୍କୁ ଦେଖିପାରିଲି। ୧୪ସେ
ମୋତେ କହିଲେ, 'ଆମ୍ଭମାନଙ୍କ ପୈତୃକ ପରମେଶ୍ୱର
ତାହାଙ୍କର ଇଚ୍ଛା ଜାଣିବା ନିମନ୍ତେ, ଓ ସେହି ଧାର୍ମିକ
ବ୍ୟକ୍ତିଙ୍କୁ ଦେଖିବା ଓ ତାହାଙ୍କ ମୁଖର କଥା ଶୁଣିବା
ନିମନ୍ତେ ତୁମ୍ଭକୁ ମନୋନୀତ କରି ଅଛନ୍ତି। ୧୫କାରଣ
ତୁମ୍ଭେ ସମସ୍ତ ଲୋକମାନଙ୍କ ପାଖରେ ତାହାଙ୍କର ସାକ୍ଷୀ
ହେବ। ତୁମ୍ଭେ ଯାହା ଯାହା ଦେଖିଛ ଓ ଶୁଣିଛ, ତାହା
ସମସ୍ତଙ୍କୁ କହିବ। ୧୬ତୁମ୍ଭେ ବର୍ତ୍ତମାନ ଆଉ ଅପେକ୍ଷା କର
ନାହିଁ। ଶୀଘ୍ର ଉଠ ଓ ବାପ୍ତିଜିତ ହୁଅ ଏବଂ ଯୀଶୁଙ୍କ
ନାମରେ ତୁମ୍ଭର ପାପରୁ ଧୋଇ ହୁଅ।'
୧୭"ତା'ପରେ ମୁଁ ଯିରୂଶାଲମକୁ ଫେରି ଆସିଲି। ସେଠାରେ
ମନ୍ଦିରରେ ଦିନେ ପ୍ରାର୍ଥନା କଲାବେଳେ ମୁଁ ଗୋଟିଏ ଦର୍ଶନ
ଦେଖିଲି। ୧୮ସେହି ସମୟରେ ମୁଁ ଯୀଶୁଙ୍କୁ ଦର୍ଶନ କଲି।
ସେ ମୋତେ କହିଲେ, 'ତୁମ୍ଭେ ସଙ୍ଗେ-ସଙ୍ଗେ ଯିରୂଶାଲମ
ଛାଡ଼ି ଦିଅ, କାରଣ ତୁମ୍ଭେ ମୋ ବିଷୟରେ ଯାହା କହିବ,
ସେମାନେ ଗ୍ରହଣ କରିବେ ନାହିଁ।' ୧୯କିନ୍ତୁ ମୁଁ କହିଲି,
'ପ୍ରଭୁ, ଏ ଲୋକମାନେ ତ ସମସ୍ତେ ଜାଣନ୍ତି ଯେ ମୁଁ
ପ୍ରତ୍ୟେକ ପ୍ରାର୍ଥନା ଗୃହକୁ ଯାଇ ସେଠାରେ ତୁମ୍ଭକୁ ବିଶ୍ୱାସ
କରୁଥିବା ଲୋକମାନଙ୍କୁ ବନ୍ଦୀ କରୁଥିଲି, ଏବଂ ମାଡ଼
ମାରୁଥିଲି। ୨୦ତୁମ୍ଭର ସାକ୍ଷୀ ସ୍ତିଫାନଙ୍କ ରକ୍ତ ବହିଯାଉଥିବା
ସମୟରେ ମୁଁ ସେଠାରେ ଠିଆ ହୋଇ ସେହି କାର୍ଯ୍ୟକୁ
ସମର୍ଥନ କରୁଥିଲି। ମୁଁ ତାହାଙ୍କୁ ହତ୍ୟା କରୁଥିବା ଲୋକମାନଙ୍କର
ଲୁଗାପଟାକୁ ଜଗିଥିଲି, ଏସବୁ କଥା ସେମାନେ ଜାଣନ୍ତି।'
୨୧କିନ୍ତୁ ପ୍ରଭୁ ମୋତେ କହିଲେ, 'ତୁମ୍ଭେ ଯାଅ। ମୁଁ ତୁମ୍ଭକୁ
ବହୁତ ଦୂର ଅଣଯିହୂଦୀ ଦେଶ ଗୁଡ଼ିକୁ ପଠାଇବି।'"
୨୨ପାଉଲ ଏକଥା କହିବା ପର୍ଯ୍ୟନ୍ତ ଯିହୂଦୀୟମାନେ
ଶୁଣୁଥିଲେ। ତା'ପରେ ସେମାନେ ସମସ୍ତେ ମିଶି ଖୁବ୍
ଜୋରରେ ପାଟି କରି କହିଲେ, "ଏ ଲୋକକୁ ପୃଥିବୀରୁ
ଦୂର କର। କାରଣ ସେ ବଞ୍ଚିରହିବା ପାଇଁ ଯୋଗ୍ୟ
ନୁହଁ।" ୨୩ସେମାନେ ଚିତ୍କାର କରି ନିଜନିଜ ଲୁଗାପଟା
ବାହାର କରି ଫୋପାଡ଼ି ଦେଲେ ଓ ଶୂନ୍ୟକୁ ଧୂଳି
ଫୋପାଡ଼ିଲେ। ୨୪ତା'ପରେ ସେନାପତି ପାଉଲଙ୍କୁ ସୈନ୍ୟ
ନିବାସ ଭିତରକୁ ନେଇଯିବା ପାଇଁ ଆଦେଶ ଦେଲେ।
କାହିଁକି ଲୋକମାନେ ତାହାଙ୍କ ବିରୁଦ୍ଧରେ ଏଭଳି ପାଟିତୁଣ୍ଡ
କରୁଥିଲେ, ତାହା ଜାଣିବା ପାଇଁ କୋରଡ଼ା ପ୍ରହାର ଦ୍ୱାରା
ପାଉଲଙ୍କୁ ପଚାରିବା ନିମନ୍ତେ ସେ ସୈନିକମାନଙ୍କୁ ଆଦେଶ
ଦେଲେ। ୨୫ସେମାନେ ପାଉଲଙ୍କୁ କୋରଡ଼ା ମାରିବା ପାଇଁ
ବାନ୍ଧୁଥିବା ସମୟରେ ପାଉଲ ସେଠାରେ ଠିଆ ହୋଇଥିବା
ଜଣେ ସେନା ଅଧିକାରୀଙ୍କୁ କହିଲେ, "ଜଣେ ରୋମୀୟ
ନାଗରିକ, ଯେ କି ଦୋଷୀ ବୋଲି ପ୍ରମାଣିତ ହୋଇ ନାହିଁ,
ତାହାକୁ କୋରଡ଼ା ମାରିବା କ'ଣ ଆଇନ ସଙ୍ଗତ ଅଟେ?"
୨୬ଏ କଥା ଅଧିକାରୀ ଶୁଣି ସେନାଧକ୍ଷଙ୍କୁ ଜଣାଇଲେ।
ଅଧିକାରୀ କହିଲେ, "ତୁମ୍ଭେ ଜାଣ, ତୁମ୍ଭେ କଣ କରୁଛ?
ଏ ଲୋକ ଜଣେ ରୋମୀୟ ନାଗରିକ?"
୨୭ତେଣୁ ସେନାଧକ୍ଷ ଯାଇ ପାଉଲଙ୍କୁ ପଚାରିଲେ, "ମୋତେ
କୁହ, ତୁମ୍ଭେ କଣ ପ୍ରକୃତରେ ଜଣେ ରୋମୀୟ ନାଗରିକ?"
ପାଉଲ ଉତ୍ତର ଦେଲେ, "ହଁ।"
୨୮ସେନାଧାକ୍ଷ କହିଲେ, "ମୁଁ ଜଣେ ରୋମୀୟ ନାଗରିକ
ହେବାପାଇଁ ପ୍ରଚୁର ଟଙ୍କା ଦେଇଥିଲି।"
ପାଉଲ କହିଲେ, "କିନ୍ତୁ ମୁଁ ଜଣେ ରୋମୀୟ ନାଗରିକ
ଭାବେ ଜନ୍ମ ନେଇଥିଲି।"
୨୯ପାଉଲ ଜଣେ ରୋମୀୟ ନାଗରିକ ବୋଲି ଜାଣିବା
ପରେ ତାହାଙ୍କୁ ପ୍ରଶ୍ନ କରିବା ପାଇଁ ଯାଉଥିବା ଲୋକମାନେ
ସଙ୍ଗେସଙ୍ଗେ ତାହାଙ୍କୁ ଛାଡ଼ି ଚାଲିଗଲେ। ସେନାଧକ୍ଷ ମଧ
ତାହାଙ୍କୁ ବାନ୍ଧି ବେତ୍ରାଘାତ କରିବା ପାଇଁ ଆଦେଶ ଦେଇଥିବାରୁ
ଡରିଗଲେ।

## ପାଉଲ ଯିହୂଦୀ ନେତାମାନଙ୍କ ସହିତ କଥାବାର୍ତ୍ତା ହେଲେ

୩୦ତହିଁ ଆର ଦିନ ସେନାଧକ୍ଷ ଜାଣିବା ପାଇଁ ଚାହିଁଲେ,
ଯିହୂଦୀମାନେ ପ୍ରକୃତରେ ପାଉଲଙ୍କ ବିରୁଦ୍ଧରେ କଣ
ଦୋଷାରୋପ କରୁଥିଲେ। ତେଣୁ ସେ ପାଉଲଙ୍କୁ ମୁକ୍ତ
କରିଦେଲେ ଏବଂ ଯିହୂଦୀ ମୁଖ୍ୟ ଯାଜକମାନଙ୍କୁ ଓ ସମଗ୍ର
ଯିହୂଦୀ ମହାସଭା ଏକାଠି ହେବାକୁ ଆଦେଶ ଦେଲେ।
ତା'ପରେ ସେନାଧକ୍ଷ ପାଉଲଙ୍କର ଶିକୁଳି ଖୋଲିଦେଲେ।
ସେ ପାଉଲଙ୍କୁ ମହାସଭା ସମ୍ମୁଖରେ ବିଚାର ପାଇଁ ଠିଆ
କରାଇଲେ।

**୨୩** ପାଉଲ ଏକ ଲୟରେ ମହାସଭାକୁ ଚାହିଁ
କହିଲେ, "ହେ ମୋର ଭାଇମାନେ! ମୁଁ ଆଜି
ପର୍ଯ୍ୟନ୍ତ ଉତ୍ତମ ବିବେକ ଅନୁସାରେ କର୍ମ କରି ପରମେଶ୍ୱରଙ୍କ
ସମ୍ମୁଖରେ ଜୀବନ ଅତିବାହିତ କରିଛି।" ୨ଏହାଶୁଣି ମହାଯାଜକ
ହନାନୀୟ ତାହାଙ୍କ ପାଖରେ ଠିଆ ହୋଇଥିବା ଲୋକମାନଙ୍କୁ
ତାହାଙ୍କ ମୁହଁରେ ଚାପୁଡ଼ା ମାରିବା ପାଇଁ ଆଦେଶ ଦେଲେ।
୩ପାଉଲ ହନାନୀୟଙ୍କୁ କହିଲେ, "ପରମେଶ୍ୱର ତୁମ୍ଭକୁ ମଧ
ଆଘାତ କରିବେ। ତୁମ୍ଭେ ଗୋଟିଏ ମଇଳା କାନ୍ଥ ପରି
ଯାହା ଉପରେ ଧଳା ରଙ୍ଗ ବୋଳା ଯାଇଛି। ତୁମ୍ଭେ
ବ୍ୟବସ୍ଥା ଅନୁଯାୟୀ ମୋର ନ୍ୟାୟ କରିବା ପାଇଁ
ବସିଛ, କିନ୍ତୁ ବ୍ୟବସ୍ଥା ବିରୁଦ୍ଧରେ ମୋତେ ଆଘାତ
ଦେବାପାଇଁ ଆଦେଶ ଦେଉଛ। ଏହା ମୋଶାଙ୍କ ବ୍ୟବସ୍ଥା
ବିରୁଦ୍ଧ।"
୪ପାଉଲଙ୍କ ପାଖରେ ଠିଆ ହୋଇଥିବା ଲୋକମାନେ
କହିଲେ, "ତୁମ୍ଭେ ପରମେଶ୍ୱରଙ୍କର ମହାଯାଜକଙ୍କୁ ସେପରି

କଥା କହିପାରିବ ନାହିଁ। ତୁମ୍ଭେ ଏପରି କହି ତାହାଙ୍କୁ
ଅପମାନ କରୁଛ।”
୫ପାଉଲ ଉତ୍ତର ଦେଲେ, “ଭାଇମାନେ, ମୁଁ ତାହାଙ୍କୁ
ମହାଯାଜକ ବୋଲି ଜାଣି ନ ଥିଲି। ଏହା ଧର୍ମଶାସ୍ତ୍ରରେ
ଲେଖାଅଛି, ‘ତୁମ୍ଭର ନିଜ ଲୋକଙ୍କ ନେତା ବିଷୟରେ
ଖରାପ କଥା କହିବା ଉଚିତ ନୁହେଁ।’*”
୬ସଭାରେ ସେମାନଙ୍କ ଭିତରୁ କେତେକ ଲୋକ ସାଦ୍ଦୂକୀ
ଓ ଅନ୍ୟ କେତେକ ଫାରୂଶୀ ମଧ୍ୟ ଥିଲେ। ଏହି ପାଉଲ
ଜାଣିପାରିଲେ। ତେଣୁ ସେ ଖୁବ୍ ଜୋର୍‌ରେ କହିଲେ,
“ହେ ଭାଇମାନେ, ମୁଁ ଜଣେ ଫାରୂଶୀ ଓ ମୋ ପିତା ମଧ୍ୟ
ଫାରୂଶୀ ଥିଲେ। ମୁଁ ଲୋକମାନଙ୍କର ମୃତ୍ୟୁରୁ ପୁନରୁତ୍ଥାନରେ
ବିଶ୍ୱାସ କରେ। ଏହି ବିଶ୍ୱାସ ପାଇଁ ମୁଁ ଆଜି ଏଠାରେ
ଏହି ବିଚାରର ସମ୍ମୁଖୀନ ହେଉଛି।”
୭ପାଉଲ ଏପରି କହିବା ମାତ୍ରେ ଫାରୂଶୀ ଓ ସାଦ୍ଦୂକୀମାନଙ୍କ
ମଧ୍ୟରେ ବହୁତ ତର୍କ-ବିତର୍କ ହେଲା। ସଭା ଦୁଇ ଦଳରେ
ଭାଗ ହୋଇଗଲା। ୮ସାଦ୍ଦୂକୀମାନେ ବିଶ୍ୱାସ କରନ୍ତି ଯେ
ମୃତ ଲୋକମାନଙ୍କର ପୁନରୁତ୍ଥାନ ହୁଏନାହିଁ କି କୌଣସି
ସ୍ୱର୍ଗଦୂତ କିମ୍ବା ଆତ୍ମା କେହି ନାହାଁନ୍ତି। କିନ୍ତୁ ଫାରୂଶୀମାନେ
ଏ ଦୁଇବିଷୟକୁ ବିଶ୍ୱାସ କରନ୍ତି। ୯ତେଣୁ ଯିହୂଦୀମାନେ
ଭୀଷଣ ପାଟି ତୁଣ୍ଡ କଲେ। ଫାରୂଶୀ ଦଳର କେତେଜଣ
ବ୍ୟବସ୍ଥା ଶିକ୍ଷକ ଠିଆ ହୋଇ ପାଉଲଙ୍କ ସପକ୍ଷରେ ଯୁକ୍ତି
କଲେ। ସେମାନେ କହିଲେ, “ଆମ୍ଭେ ଏ ଲୋକର କିଛି
ଦୋଷ ଦେଖିବାକୁ ପାଉନାହୁଁ। ହୁଏତ କୌଣସି ଆତ୍ମା କିମ୍ବା
ସ୍ୱର୍ଗଦୂତ ଏ ଲୋକ ସହିତ କଥାବାର୍ତ୍ତା ହୋଇଥିଲେ।”
୧୦ଧୀରେଧୀରେ ଗଣ୍ଡଗୋଳ ବଢ଼ି ହିଂସ୍ରକ ହୋଇଉଠିଲା।
ସେନାଧକ୍ଷ ଭାବିଲେ, ବୋଧେ ଲୋକେ ପାଉଲଙ୍କୁ ଖଣ୍ଡଖଣ୍ଡ
କରି ପକାଇବେ। ତେଣୁ ପାଉଲଙ୍କୁ ସେମାନଙ୍କ ନିକଟରୁ
ନେଇଆସି ସୈନ୍ୟ ନିବାସ ଭିତରୁ ନେଇ ଯିବା ନିମନ୍ତେ
ସୈନିକମାନଙ୍କୁ ଆଦେଶ ଦେଲେ।
୧୧ସେହି ରାତିରେ ପ୍ରଭୁ ପାଉଲଙ୍କ ପାଖରେ ଠିଆ
ହୋଇ କହିଲେ, “ସାହସୀ ହୁଅ। ତୁମ୍ଭେ ମୋ ବିଷୟରେ
ଯିରୂଶାଲମରେ ଯେପରି ସାକ୍ଷ୍ୟ ଦେଇଛ ଠିକ୍ ସେହିପରି
ରୋମରେ ମଧ୍ୟ ଦେବ।”
୧୨ତହିଁ ଆର ଦିନ କେତେକ ଯିହୂଦୀ ଗୋଟିଏ
ଯୋଜନା କଲେ। ସେମାନେ ପାଉଲଙ୍କୁ ହତ୍ୟା କରିବା
ପାଇଁ ଚାହିଁଲେ। ତାହାଙ୍କୁ ହତ୍ୟା ନ କରିବା ପର୍ଯ୍ୟନ୍ତ
ସେମାନେ ଅନ୍ନଜଳ ସ୍ପର୍ଶ କରିବେ ନାହିଁ ବୋଲି ଶପଥ
କଲେ। ୧୩ଚାଳିଶ ଜଣରୁ ଅଧିକ ଯିହୂଦୀ ଏହି ଷଡ଼ଯନ୍ତ୍ର
କଲେ। ୧୪ସେମାନେ ମୁଖ୍ୟ ଯାଜକ ଓ ପ୍ରାଚୀନମାନଙ୍କ
ପାଖକୁ ଯାଇ କହିଲେ, “ଆମ୍ଭେ ପ୍ରତିଜ୍ଞା କରିଛୁ ଯେ,
ପାଉଲଙ୍କୁ ବଧ ନକରିବା ପର୍ଯ୍ୟନ୍ତ, କେହି ଭୋଜନ ସ୍ପର୍ଶ
କରିବୁ ନାହିଁ। ୧୫ତେଣୁ ତୁମ୍ଭେ ଆମ୍ଭ ପାଇଁ ଏହି କାମ
କରିବ। ତୁମ୍ଭେ ନିଜ ତରଫରୁ ସେନାଧକ୍ଷ ଓ ସମସ୍ତ
ଯିହୂଦୀୟ ନେତାମାନଙ୍କ ପାଖକୁ ସମ୍ବାଦ ଦେବ। ତୁମ୍ଭେ
ସେନାଧକ୍ଷଙ୍କୁ କହିବ ଯେ ତୁମ୍ଭେ ପାଉଲଙ୍କୁ ବାହାରକୁ
ଆଣିବା ପାଇଁ ଚାହିଁ, କାରଣ ତୁମ୍ଭର ତାହାଙ୍କୁ ଅନେକ ପ୍ରଶ୍ନ
ପଚାରିବାର ଅଛି। ଆମ୍ଭେ ତାହାଙ୍କୁ ଏଠାରେ ପହଞ୍ଚିବା
ପୂର୍ବରୁ ବାଟରେ ହତ୍ୟା କରିବା ପାଇଁ ପ୍ରସ୍ତୁତ ଅଛୁ।”
୧୬ପାଉଲଙ୍କର ଭଣଜା ଏ ଷଡ଼ଯନ୍ତ୍ର ବିଷୟରେ ଶୁଣିଲେ।
ସେ ସେନାମାନଙ୍କ ସୈନ୍ୟନିବାସକୁ ଯାଇ ପାଉଲଙ୍କୁ ଏ
ବିଷୟରେ କହିଲେ। ୧୭ତାପରେ ପାଉଲ ଜଣେ ସେନା
ଅଧିକାରୀଙ୍କୁ ଡ଼ାକି କହିଲେ, “ଏହି ଯୁବକକୁ ସେନାଧକ୍ଷଙ୍କ
ନିକଟକୁ ନେଇଯାଅ। ତା'ର ତାହାଙ୍କୁ କିଛି କହିବାର
ଅଛି।” ୧୮ତେଣୁ ସେନା ଅଧିକାରୀ ତାହାକୁ ସେନାଧକ୍ଷଙ୍କ
ନିକଟକୁ ନେଇଗଲା ଓ କହିଲା, “ବନ୍ଦୀ ପାଉଲ ଏଯୁବକକୁ
ଆପଣଙ୍କ ନିକଟକୁ ପଠାଇଛନ୍ତି। ସେ ଆପଣଙ୍କୁ କିଛି
କହିବାକୁ ଚାହେଁ।”
୧୯ସେନାଧକ୍ଷ ଯୁବକର ହାତ ଧରି ନିରୋଳା ସ୍ଥାନକୁ
ନେଇ ପଚାରିଲେ, “ତୁମ୍ଭେ ମୋତେ କଣ କହିବାକୁ
ଚାହଁ?”
୨୦ସେ କହିଲା, “ଯିହୂଦୀମାନେ ପାଉଲଙ୍କୁ ଆହୁରି
ଅଧିକ ପ୍ରଶ୍ନ ପଚାରିବାର ବାହାନାରେ ଆସନ୍ତା କାଲି
ତାହାଙ୍କର ମହାସଭାକୁ ଆଣିବା ଉଦ୍ଦେଶ୍ୟରେ ଆପଣଙ୍କୁ
କହିବାକୁ ସ୍ଥିର କରିଛନ୍ତି। ୨୧କିନ୍ତୁ ଆପଣ ସେମାନଙ୍କ
କଥା ବିଶ୍ୱାସ କରିବେ ନାହିଁ। ଚାଳିଶ ଜଣରୁ ଅଧିକ
ଯିହୂଦୀୟ ଲୁଚିଛନ୍ତି ଏବଂ ପାଉଲଙ୍କୁ ହତ୍ୟା କରିବା ପାଇଁ
ଅପେକ୍ଷା କରିଛନ୍ତି। ସେମାନେ ତାହାଙ୍କୁ ନ ମାରିବା
ପର୍ଯ୍ୟନ୍ତ ଅନ୍ନଜଳ ସ୍ପର୍ଶ କରିବେ ନାହିଁ ବୋଲି ପ୍ରତିଜ୍ଞା
କରିଛନ୍ତି, ଏବେ ସେମାନେ ଆପଣଙ୍କ ସମ୍ମତିକୁ ଅପେକ୍ଷା
କରି ପ୍ରସ୍ତୁତ ଅଛନ୍ତି।”
୨୨ସେନାଧକ୍ଷ ସେହି ଯୁବକଙ୍କୁ ଆଦେଶ ଦେଲେ ଯେ
ସେ ତାହାଙ୍କୁ ଏକଥା କହିଛି ବୋଲି କାହାକୁ ଯେପରି
ନକୁହେ, “ଓ ଏହା କହି ତାହାଙ୍କୁ ପଠାଇଦେଲେ।”

## ପାଉଲଙ୍କୁ କାଇସରୀଆକୁ ସ୍ଥାନାନ୍ତରିତ

୨୩ସେନାଧକ୍ଷ ଦୁଇ ଜଣ ସେନାପତିଙ୍କୁ ଡାକି କହିଲେ,
“ଆଜି ରାତି ନ'ଟା ବେଳେ କାଇସରୀଆକୁ ଯିବା ପାଇଁ
୨୦୦ ପଦାତିକ ସୈନ୍ୟ, ୭୦ ଜଣ ଅଶ୍ୱାରୋହୀ, ୨୦୦
ବର୍ଚ୍ଛାଧାରୀଙ୍କୁ ପ୍ରସ୍ତୁତ କର। ୨୪ନଗପଦରେ ଯିବା ପାଇଁ
କେତେକ ଘୋଡ଼ାକୁ ପାଉଲଙ୍କ ପାଇଁ ପ୍ରସ୍ତୁତ କର ଓ
ରାଜ୍ୟପାଳ ଫେଲିକ୍ସଙ୍କ ପାଖରେ ଉପସ୍ଥିତ କରାଅ।”
୨୫ସେନାଧକ୍ଷ ରାଜ୍ୟପାଳଙ୍କୁ ଗୋଟିଏ ପତ୍ର ଲେଖିଲେ, ପତ୍ରର
ମର୍ମ ହେଲା;

୨୬“ମହାମହିମ ରାଜ୍ୟପାଳ ଫେଲୀକ୍ସଙ୍କୁ କ୍ଲାଉଦିଅ
ଲୂସିୟାଙ୍କର ନମସ୍କାର।
୨୭ଯିହୂଦୀମାନେ ଏହି ଲୋକକୁ ଧରି ନେଇ
ହତ୍ୟା କରିବା ପାଇଁ ଚେଷ୍ଟା କରୁଥିଲେ। ମୁଁ
ଘଟଣାସ୍ଥଳରେ ସୈନ୍ୟମାନଙ୍କ ସହିତ ପହଁଞ୍ଚିଲି ଓ
ତାହାଙ୍କୁ ରକ୍ଷା କଲି। ମୁଁ ଜାଣିବାକୁ ପାଇଲି ସେ
ଜଣେ ରୋମୀୟ ନାଗରିକ। ୨୮ମୁଁ ଏହି ଲୋକକୁ
ସେମାନଙ୍କର ମହାସଭାକୁ ନେଇ ତାହା ବିରୁଦ୍ଧରେ

---

**‘ତୁମ୍ଭର ... ନୁହେଁ’** ଯାତ୍ରା ପୁସ୍ତକ ୨୨:୨୮

ଥିବା ଅଭିଯୋଗ ଜାଣିବାକୁ ଚାହୁଁଥିଲି। ୨୯ତାପରେ
ମୁଁ ଜାଣିବାକୁ ପାଇଲି ଯେ, ସେ ସେମାନଙ୍କ ବ୍ୟବସ୍ଥା
ସମ୍ବନ୍ଧୀୟ ବିଷୟ ଗୁଡ଼ିକରେ ଅଭିଯୁକ୍ତ ହୋଇଛି।
କିନ୍ତୁ ସେ କାରାଦଣ୍ଡ ବା ପ୍ରାଣଦଣ୍ଡ ପାଇବାର
କୌଣସି ଦୋଷ କରି ନାହିଁ। ୩୦ହଠାତ୍ ମୁଁ ତାକୁ
ହତ୍ୟା କରିବାକୁ ଷଡ଼ଯନ୍ତ୍ର କରା ଯାଇଥିବାର ଖବର
ପାଇଲି। ତେଣୁ ମୁଁ ତାକୁ ସଙ୍ଗେସଙ୍ଗେ ଆପଣଙ୍କ
ନିକଟକୁ ପଠାଇଲି। ମୁଁ ତାର ଅଭିଯୋଗକାରୀମାନଙ୍କୁ
କହିଲି ଯେ, ସେମାନେ ଆପଣଙ୍କ ନିକଟରେ ଅଭିଯୋଗ
କରନ୍ତୁ।"

୩୧ତେଣୁ ତାହାଙ୍କ ଆଦେଶ ଅନୁସାରେ, ସୈନିକମାନେ
ପାଉଲଙ୍କୁ ଧରି ନେଲେ ଏବଂ ରାତିରେ ଆନ୍ତିପାତ୍ରି ନଗରକୁ
ଆଣିଲେ। ୩୨ତହିଁ ଆରଦିନ ପାଉଲଙ୍କୁ କାଇସରୀଆରେ
ପହଞ୍ଚାଇବାର ଦାୟିତ୍ୱ ଅଶ୍ୱାରୋହୀମାନଙ୍କୁ ଦେଇ ପଦାତିକ
ସୈନ୍ୟମାନେ ସୈନ୍ୟ ନିବାସକୁ ଫେରି ଆସିଲେ। ୩୩ସେମାନେ
କାଇସରିଆରେ ପହଞ୍ଚି ରାଜ୍ୟପାଳଙ୍କୁ ପତ୍ରଟି ଦେଲେ।
ତା'ପରେ ସେମାନେ ପାଉଲଙ୍କୁ ତାହାଙ୍କ ହାତରେ ସମର୍ପଣ
କଲେ। ୩୪ରାଜ୍ୟପାଳ ପତ୍ର ପଢ଼ି ପାଉଲ କେଉଁ ପ୍ରଦେଶର
ଲୋକ ବୋଲି ପଚାରିଲେ। ସେ ଜାଣିବାକୁ ପାଇଲେ ଯେ
ପାଉଲ କିଲିକିଆର ଲୋକ। ୩୫ରାଜ୍ୟପାଳ କହିଲେ, "ତୁମ୍ଭର
ଅଭିଯୋଗକାରୀମାନେ ଏଠାରେ ପହଞ୍ଚିବା ପରେ, ମୁଁ ତୁମ୍ଭ
ବିଷୟରେ ଶୁଣିବି।" ସେ ପାଉଲଙ୍କୁ ହେରୋଦଙ୍କର ପ୍ରାସାଦରେ
ରଖିବା ପାଇଁ ଆଦେଶ ଦେଲେ।

## ପାଉଲଙ୍କ ଉପରେ ଯିହୂଦୀମାନଙ୍କର ଅଭିଯୋଗ

**୨୪** ହାନାନିୟ ମହାଯାଜକ ପାଞ୍ଚଦିନ ପରେ କେତେକ
ଯିହୂଦୀୟ ନେତା ଓ ତର୍ତ୍ତୁଲ୍ଲ ନାମକ ଜଣେ
ଓକିଲଙ୍କୁ ନେଇ କାଇସରିଆରେ ପହଞ୍ଚିଲେ। ସେଠାରେ
ସେମାନେ ରାଜ୍ୟପାଳଙ୍କ ସାମନାରେ ପାଉଲଙ୍କ ବିରୁଦ୍ଧରେ
ଅଭିଯୋଗ କଲେ। ୨ତେଣୁ ପାଉଲଙ୍କୁ ଡକା ହେଲା।
ତର୍ତ୍ତୁଲ୍ଲ ତାହାଙ୍କ ବିରୁଦ୍ଧରେ ଅଭିଯୋଗ କରି କହିଲେ,
"ହେ ମହାମାନ୍ୟ ଫେଲୀକ୍ସ! ଆମ୍ଭ ଲୋକମାନେ ଆପଣଙ୍କ
ସକାଶେ ବହୁତ ଶାନ୍ତିରେ ଜୀବନଯାପନ କରୁଛନ୍ତି, ତେଣୁ
ଆମ୍ଭେ ଆପଣଙ୍କୁ ଧନ୍ୟବାଦ ଜଣାଉଅଛୁ। ଆପଣଙ୍କ ଦୂରଦୃଷ୍ଟି
ଯୋଗୁ ଏ ଜାତି ନିମନ୍ତେ ବହୁତ ଉନ୍ନତିକର କାର୍ଯ୍ୟ
ହୋଇପାରୁଛି। ୩ଏଥିପାଇଁ ଆମ୍ଭେ ସବୁପ୍ରକାର ଓ ସର୍ବଦା
ଆପଣଙ୍କ ନିକଟରେ ଅତ୍ୟନ୍ତ କୃତଜ୍ଞ। ୪ଏବେ ମୁଁ ଆପଣଙ୍କର
ଅଧିକ ସମୟ ନଷ୍ଟ କରିବାକୁ ଇଚ୍ଛା ନକରି, ସଂକ୍ଷେପରେ
ଆମ୍ଭ କଥା କହିବି। ତେଣୁ ଆପଣ ଧୈର୍ଯ୍ୟ ଧରି ଆମ୍ଭ
କଥା ଶୁଣନ୍ତୁ। ୫ଏ ବ୍ୟକ୍ତି ଜଣେ ଗଣ୍ଡଗୋଳକାରୀ। ସେ
ସାରା ପୃଥିବୀର ଯିହୂଦୀମାନଙ୍କ ମଧ୍ୟରେ ବିଦ୍ରୋହ ସୃଷ୍ଟି
କରୁଛି ଓ ଆନ୍ଦୋଳନ କରିବା ପାଇଁ ମତାଉଛି। ସେ
ନାଜରିତୀୟ ସମ୍ପ୍ରଦାୟର ଜଣେ ମୁଖ୍ୟ ନେତା। ୬ଏପରିକି
ସେ ମନ୍ଦିରକୁ ଅପବିତ୍ର କରିବା ପାଇଁ ମଧ୍ୟ ଚେଷ୍ଟା
କରୁଥିଲା। କିନ୍ତୁ ସେତିକିବେଳେ ଆମ୍ଭେ ତାହାକୁ ଧରିନେଲୁ।
[* ଆପଣ ନିଜେ ତାକୁ ପରୀକ୍ଷା କରି ତାହାଠାରୁ ଆମ୍ଭେ
ତା'ଙ୍କ ବିରୁଦ୍ଧରେ କରିଥିବା ସମସ୍ତ ଅଭିଯୋଗର ସତ୍ୟାସତ୍ୟ
ଜାଣି ପାରିବେ।" ୯ତା'ପରେ ସମସ୍ତ ଯିହୂଦୀମାନେ ଏହି
ଅଭିଯୋଗ ସତ୍ୟ ବୋଲି କହିଲେ।

୧୦ରାଜ୍ୟପାଳ ଯେତେବେଳେ ପାଉଲଙ୍କୁ କହିବା ପାଇଁ
ଆଦେଶ ଦେଲେ, ସେତେବେଳେ ପାଉଲ ଉତ୍ତର ଦେଇ
କହିଲେ, "ମୁଁ ଜାଣେ ଯେ ଆପଣ ଅନେକ ବର୍ଷ ଧରି ଏ
ଜାତିର ବିଚାରକର୍ତ୍ତା ଭାବରେ କାର୍ଯ୍ୟ କରିଆସୁଛନ୍ତି। ତେଣୁ
ଆପଣଙ୍କ ସମ୍ମୁଖରେ ମୁଁ ଆନନ୍ଦରେ ମୋର ପକ୍ଷସମର୍ଥନ
କରୁଅଛି। ୧୧ଆପଣ ନିଜେ ଜାଣି ପାରିବେ ଯେ ମୁଁ
କେବଳ ଉପାସନା କରିବା ପାଇଁ ମାତ୍ର ବାରଦିନ ପୂର୍ବରୁ
ଯିରୂଶାଲମରେ ପହଞ୍ଚିଥିଲି। ୧୨ସେମାନେ ମୋତେ ମନ୍ଦିରରେ
ବା କୌଣସି ପ୍ରାର୍ଥନାଗୃହରେ ବା ସହରରେ କାହାରି ସହ
ଯୁକ୍ତି ତର୍କ କରିବା ବା ଭିଡ଼ ଜମେଇବାର ଦେଖି ନାହାଁନ୍ତି।
୧୩ଏହି ଲୋକମାନେ ମୋ ବିରୁଦ୍ଧରେ ଯେଉଁ ଅଭିଯୋଗ
କରୁଛନ୍ତି, ତାହାର ପ୍ରମାଣ ସେମାନେ ଦେଇ ପାରିବେ
ନାହିଁ। ୧୪କିନ୍ତୁ ମୁଁ ଗୋଟିଏ କଥା ଆପଣଙ୍କୁ କହୁଛି,
ଏମାନେ ଯେଉଁମାନଙ୍କୁ ଗୋଟିଏ 'ଦଳ' ବୋଲି କହନ୍ତି,
ସେହି ମତାନୁଯାୟୀ ମୁଁ ମୋର ପୂର୍ବପୁରୁଷମାନଙ୍କ
ପରମେଶ୍ୱରଙ୍କର ଉପାସନା କରେ। କିନ୍ତୁ ମୋଶାଙ୍କ ବ୍ୟବସ୍ଥା
ଯାହା ସବୁ ଶିକ୍ଷା ଦିଏ, ଓ ଭାବବାଦୀ ପୁସ୍ତକରେ ଯାହା
ସବୁ ଲେଖାଅଛି, ସେ ସବୁ ମୁଁ ଦୃଢ଼ରୂପେ ବିଶ୍ୱାସ କରେ।
୧୫ଏହି ବ୍ୟକ୍ତିମାନଙ୍କ ଭଳି, ମୁଁ ମଧ୍ୟ ପରମେଶ୍ୱରଙ୍କଠାରେ
ଏହି ଭରସା ରଖିଛି ଯେ, ଉଭୟ ଉତ୍ତମ ଓ ଦୁଷ୍ଟ
ଲୋକମାନଙ୍କର ମୃତ୍ୟୁରୁ ପୁନରୁତ୍ଥାନ ହେବ। ୧୬ସେଥିପାଇଁ
ମୁଁ ପରମେଶ୍ୱର ଓ ଲୋକମାନଙ୍କ ପାଖରେ ଯାହା ଠିକ୍
ବୋଲି ଅନୁଭବ କରେ, ତାହା ଅନୁଯାୟୀ କାର୍ଯ୍ୟ କରିବା
ପାଇଁ ସର୍ବଦା ଚେଷ୍ଟା କରେ।

୧୭"ମୁଁ ବହୁତ ବର୍ଷ ପର୍ଯ୍ୟନ୍ତ ଯିରୁଶାଲମରୁ ଦୂରରେ
ଥିଲି। ତା ପରେ ମୋ ଦରିଦ୍ର ଯିହୂଦୀମାନଙ୍କୁ ଅର୍ଥ
ସାହାଯ୍ୟ ଦେବା ପାଇଁ ଓ ପରମେଶ୍ୱରଙ୍କ ପାଖରେ ଦାନ
ଉତ୍ସର୍ଗ କରିବା ପାଇଁ ଯିରୁଶାଲମକୁ ଫେରିଲି। ୧୮ମୁଁ
ମନ୍ଦିରରେ ନିଜକୁ ଶୁଚି କରିବାକୁ ଯାଇଥିଲି। ଶୁଚିକରଣ
ଉତ୍ସବ ସରିଗଲାପରେ କେତେକ ଯିହୂଦୀମାନେ ସେଠାରେ
ମୋତେ ଦେଖିଲେ। ମୁଁ ସେଠାରେ କୌଣସି ଗଣ୍ଡଗୋଳ
ସୃଷ୍ଟି କରିନାହିଁ କି ମୋ ସହିତ କୌଣସି ଲୋକ ମଧ୍ୟ
ନଥିଲେ। ୧୯ସେ ସମୟରେ ଏସିଆର କେତେକ ଯିହୂଦୀ
ସେଠାରେ ଥିଲେ। ଯଦି ସେମାନଙ୍କର ମୋ ବିରୁଦ୍ଧରେ
କିଛି ଆପତ୍ତି ଥାଏ ତେବେ ସେମାନେ ଆପଣଙ୍କ ନିକଟରେ
ଉପସ୍ଥିତ ହେବା ଉଚିତ୍, ୨୦ନଚେତ୍ ଆପଣ ଏଠାରେ
ଉପସ୍ଥିତ ଥିବା ଯିହୂଦୀୟମାନଙ୍କୁ ପଚାରନ୍ତୁ, ସେମାନଙ୍କ
ପରିଷଦ ସଭାରେ, ସେମାନଙ୍କ ସମ୍ମୁଖରେ ମୁଁ ଯେତେବେଳେ

---

**ପଦ ସଂଖ୍ୟା ୬-୮** ମାତ୍ର ଲୁସିୟା ସେନାଧକ୍ଷ୍ୟ ଆସି ତାଙ୍କୁ ଆମ ନିକଟରୁ ଜବରଦସ୍ତି ନେଇଗଲେ। ସେ ଅଭିଯୋଗକାରୀମାନଙ୍କୁ ଆପଣଙ୍କୁ ନିକଟକୁ ଆସିବା ପାଇଁ ଆଦେଶ ଦେଲେ। ଏହା କେତେକ ମୂଳ ପ୍ରତୀକରେ ନାହିଁ।

ଠିଆ ହେଲି, ସେତେବେଳେ ସେମାନେ ମୋଠାରେ କଣ
ସବୁ ଦୋଷ ଦେଖିଲେ? ୨୧ମୁଁ କେବଳ ଗୋଟିଏ କଥା
ସେମାନଙ୍କ ମଧ୍ୟରେ ଠିଆ ହୋଇ ଜୋରରେ କହିଥିଲି
ଯେ, 'ମୃତ୍ୟୁରୁ ଲୋକମାନଙ୍କର ପୁନରୁତ୍‌ଥାନ ହେବ ବୋଲି
ବିଶ୍ୱାସ କରୁଥିବାରୁ ମୋର ଆଜି ସଭା ସମ୍ମୁଖରେ ବିଚାର
ହେଉଛି ।'"
୨୨ଫେଲୀକ୍ସ୍ ଖ୍ରୀଷ୍ଟଙ୍କର ମାର୍ଗ ବିଷୟରେ ଭଲ ଭାବରେ
ଜାଣିଥିବାରୁ ଶୁଣାଣି ସ୍ଥଗିତ ରଖିଲେ। ସେ କହିଲେ,
"ସେନାଧ୍ୟକ୍ଷ ଲୂସିୟା ଆସିବା ପରେ ମୁଁ ତୁମ୍ଭମାନଙ୍କ ବିଚାର
କରିବି ।" ୨୩ଫେଲୀକ୍ସ୍ ଶତସେନାପତିଙ୍କ ଜିମାରେ ପାଉଲଙ୍କୁ
ରଖିବା ପାଇଁ ଆଦେଶ ଦେଲେ। ସେ ତାହାଙ୍କୁ ନଜରବନ୍ଦୀରେ
ରଖି କିଛି ସ୍ୱାଧୀନତା ଦେବା ପାଇଁ ମଧ୍ୟ ଆଜ୍ଞା ଦେଲେ।
ପାଉଲଙ୍କ ବନ୍ଧୁମାନେ ଯଦି ତାହାଙ୍କ ନିକଟକୁ କୌଣସି
ଆବଶ୍ୟକୀୟ ଜିନିଷ ନେଇ ଆସନ୍ତି, ତେବେ ସେମାନଙ୍କୁ
ବାଧା ନ ଦେବା ନିମନ୍ତେ ମଧ୍ୟ ସେ ସେହି ଶତସେନାପତିଙ୍କୁ
ଆଦେଶ ଦେଲେ।

### ଫେଲୀକ୍ସ୍ ଓ ତାହାଙ୍କ ସ୍ତ୍ରୀଙ୍କ ସହିତ ପାଉଲଙ୍କର କଥା

୨୪କିଛି ଦିନ ପରେ ଫେଲୀକ୍ସ୍ ତାହାଙ୍କ ସ୍ତ୍ରୀ ଦ୍ରୁସିଲ୍ଲାଙ୍କୁ
ନେଇ ଆସିଲେ। ସେ ଯିହୂଦୀ ଥିଲେ। ଫେଲୀକ୍ସ୍
ପାଉଲଙ୍କୁ ଡକାଇ ତାହାଙ୍କଠାରୁ ଖ୍ରୀଷ୍ଟ ଯୀଶୁଙ୍କଠାରେ ବିଶ୍ୱାସ
ବିଷୟରେ ଶୁଣିଲେ। ୨୫କିନ୍ତୁ ପାଉଲ ଯେତେବେଳେ
ଧାର୍ମିକ ଜୀବନ, ଆତ୍ମସଂଯମ ଓ ଆଗାମୀ ବିଚାର ବିଷୟରେ
କହିଲେ, ସେତେବେଳେ ଫେଲୀକ୍ସ୍ ଭୟଭୀତ ହୋଇଗଲେ।
ଫେଲୀକ୍ସ୍ କହିଲେ, "ବର୍ତ୍ତମାନ ତୁମ୍ଭେ ଯାଅ। ମୋର
ସମୟ ହେଲେ ମୁଁ ତୁମ୍ଭକୁ ଡାକିବି।" ୨୬କିନ୍ତୁ ଫେଲୀକ୍ସ୍
ପାଉଲଙ୍କ ସହିତ କଥା ହେବାର ଆଉ ଗୋଟିଏ କାରଣ
ଥିଲା। ସେ ଆଶା କରିଥିଲେ ଯେ ପାଉଲ ତାହାଙ୍କୁ ଟଙ୍କା
ଲାଞ୍ଚ ଦେବେ। ତେଣୁ ସେ ପାଉଲଙ୍କୁ ଅନେକଥର ଡକାଇ
କଥା ହେଉଥିଲେ।
୨୭କିନ୍ତୁ ଏହିପରି ଦୁଇ ବର୍ଷ ବିତିଗଲାପରେ ପର୍କିୟ
ଫେଷ୍ଟ ରାଜ୍ୟପାଳ ହେଲେ। ଫେଲୀକ୍ସ୍ ଆଉ ରାଜ୍ୟପାଳ
ପଦରେ ରହିଲେ ନାହିଁ। ତେଣୁ ଫେଲୀକ୍ସ୍ ଯିହୂଦୀୟମାନଙ୍କୁ
ସନ୍ତୁଷ୍ଟ କରିବା ପାଇଁ ପାଉଲଙ୍କୁ ବନ୍ଦୀ ଅବସ୍ଥାରେ କାରାଗାରରେ
ରଖି ଚାଲିଗଲେ।

### ପାଉଲଙ୍କର କାଇସରୀଆ ଦେଖିବା ଇଚ୍ଛା

**୨୫** ତା'ପରେ ଫେଷ୍ଟ ରାଜ୍ୟପାଳ ହେଲେ। ସେ
ସେହି ପ୍ରଦେଶରେ ତିନି ଦିନ ରହିଲେ ଓ
ତା'ପରେ କାଇସରୀଆରୁ ଯିରୂଶାଲମ ଚାଲିଗଲେ। ୨ସେଠାରେ
ମୁଖ୍ୟ ଯାଜକମାନେ ଓ ଅନ୍ୟ ଯିହୂଦୀ ନେତାମାନେ
ତାହାଙ୍କୁ ସାକ୍ଷାତ କରି ପାଉଲଙ୍କ ବିରୁଦ୍ଧରେ ସେମାନଙ୍କର
ଅଭିଯୋଗ ଆଗତ କଲେ। ୩ସେମାନେ ପାଉଲଙ୍କୁ ଯିରୂଶାଲମକୁ
ପଠାଇଦେବା ପାଇଁ ତାହାଙ୍କୁ ଅନୁରୋଧ କଲେ। କାରଣ
ସେମାନେ ତାହାଙ୍କୁ ରାସ୍ତାରେ ହତ୍ୟା କରିବାର ଷଡ଼ଯନ୍ତ୍ର
କରିଥିଲେ। ୪କିନ୍ତୁ ଫେଷ୍ଟ କହିଲେ, "ପାଉଲ କାଇସରୀଆରେ
ରହିବେ ଓ ମୁଁ ଶୀଘ୍ର ଯାଇ ପହଞ୍ଚିବି।" ୫ତୁମ୍ଭମାନଙ୍କ
ମଧ୍ୟରୁ କେତେକ ନେତା ମଧ୍ୟ ମୋ ସହିତ ଚାଲନ୍ତୁ। ଯଦି
ପାଉଲ କିଛି ଭୁଲ କରିଛନ୍ତି, ତେବେ ସେମାନେ ତାହାଙ୍କ
ବିରୁଦ୍ଧରେ ଅଭିଯୋଗ ଆଣନ୍ତୁ।"
୬ତା'ପରେ ଫେଷ୍ଟ ସେମାନଙ୍କ ସହିତ ଆଠ ଦଶ
ଦିନରହି କାଇସରୀଆକୁ ଚାଲିଗଲେ। ତହିଁ ଆର ଦିନ ସେ
ବିଚାର ଆସନରେ ବସିଲେ, ଓ ପାଉଲଙ୍କୁ ଡକାଇ ପଠାଇଲେ।
୭ପାଉଲ କୋଠରୀକୁ ଆସିବା ପରେ ଯିରୂଶାଲମରୁ ଯେଉଁ
ଯିହୂଦୀମାନେ ଆସିଥିଲେ, ସେମାନେ ତାହାଙ୍କ ଚାରିପାଖେ
ଠିଆ ହୋଇଗଲେ। ସେମାନେ ତାହାଙ୍କ ବିରୁଦ୍ଧରେ
ବହୁଗୁରୁତର ଅଭିଯୋଗମାନ କଲେ, କିନ୍ତୁ କିଛି ପ୍ରମାଣ
କରିପାରିଲେ ନାହିଁ। ୮ପାଉଲ ଆତ୍ମରକ୍ଷାର ସୁଯୋଗ ପାଇ
ଉତ୍ତର ଦେଲେ, "ମୁଁ ଯିହୂଦୀୟ ବ୍ୟବସ୍ଥା କିମ୍ବା ମନ୍ଦିର
କିମ୍ବା କାଇସରଙ୍କ ବିରୁଦ୍ଧରେ କୌଣସି ଦୋଷ କରି
ନାହିଁ।"
୯କିନ୍ତୁ ଫେଷ୍ଟ ଯିହୂଦୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ
ପଚାରିଲେ, "ତୁମ୍ଭେ ମୋ ଦ୍ୱାରା ଏହି ଅଭିଯୋଗ ସମ୍ବନ୍ଧରେ
ବିଚାର କରା ଯିବା ପାଇଁ ଯିରୂଶାଲମ ଯିବା ପାଇଁ ଚାହୁଁଛ
କି?"
୧୦ପାଉଲ କହିଲେ, "ମୁଁ ବର୍ତ୍ତମାନ କାଇସରଙ୍କ ବିଚାର
ଆସନ ସମ୍ମୁଖରେ ଠିଆ ହୋଇଛି। ଏଠାରେ ହିଁ ମୋର
ବିଚାର ହେବ। ମୁଁ ଯିହୂଦୀୟମାନଙ୍କ ପ୍ରତି ଯେ କୌଣସି
ଭୁଲ କରି ନାହିଁ, ଏହା ଆପଣ ଜାଣନ୍ତି। ୧୧ମୁଁ ଯଦି
କୌଣସି ଦୋଷ କରିଥାଏ, ଓ ମୃତ୍ୟୁ ଯୋଗ୍ୟ କୌଣସି
କାର୍ଯ୍ୟ କରିଥାଏ, ତେବେ ମୁଁ ମୃତ୍ୟୁ ବରଣ କରିବା ପାଇଁ
ପ୍ରସ୍ତୁତ ଅଛି। କିନ୍ତୁ ଯଦି ଏ ଅଭିଯୋଗକାରୀ ମାନଙ୍କର
କଥାରେ ସତ୍ୟତା ନାହିଁ ତେବେ ମୋତେ କେହି
ସେମାନଙ୍କ ହାତରେ ସମର୍ପଣ କରି ପାରିବେ ନାହିଁ। ତେଣୁ
ମୁଁ କାଇସରଙ୍କ ନିକଟରେ ବିଚାର ପାଇଁ ଆବେଦନ
କରୁଛି।"
୧୨ଫେଷ୍ଟ ତାହାଙ୍କ ପରାମର୍ଶ ଦାତାମାନଙ୍କ ସହିତ ଏ
ବିଷୟରେ କଥା ହେଲେ। ସେ କହିଲେ, "ତୁମ୍ଭେ କାଇସରଙ୍କ
ନିକଟରେ ଆବେଦନ କରିଛ। ତେଣୁ ତୁମ୍ଭେ ତାହାଙ୍କ
ନିକଟକୁ ଯିବ।"

### ପାଉଲ ହେରୋଦ ଆଗ୍ରିପ୍ପାଙ୍କ ସାମନାରେ ଉପସ୍ଥିତ ହେଲେ

୧୩କିଛି ଦିନ ପରେ ଆଗ୍ରିପ୍ପା ରାଜା ଓ ରାଣୀ ବର୍ଣ୍ଣୀକୀ
ଫେଷ୍ଟଙ୍କ ସାଙ୍ଗରେ ଦେଖା କରିବାକୁ କାଇସରୀଆ ନଗରକୁ
ଗଲେ। ୧୪ସେମାନେ ସେହି ସ୍ଥାନରେ ବହୁତ ଦିନ
ରହିଲେ। ଫେଷ୍ଟ ରାଜାଙ୍କ ଆଗରେ ପାଉଲଙ୍କ ଅଭିଯୋଗ
ବିଷୟରେ କହିଲେ। ସେ ତାହାଙ୍କୁ କହିଲେ, "ଏଠାରେ
ଜଣେ ଲୋକ ଅଛି। ଫେଲୀକ୍ସ ତାକୁ ବନ୍ଦୀ ରୂପେ ରଖି
ଯାଇଛନ୍ତି। ୧୫ମୁଁ ଯିରୂଶାଲମରେ ରହିବା ସମୟରେ ମୁଖ୍ୟ
ଯାଜକମାନେ ଓ ଯିହୂଦୀମାନଙ୍କ ପ୍ରାଚୀନମାନେ ମୋ ନିକଟରେ
ତା ବିରୁଦ୍ଧରେ ଅଭିଯୋଗ କରିଥିଲେ। ସେମାନେ ତାର
ମୃତ୍ୟୁ ଦଣ୍ଡ ଚାହୁଁଥିଲେ। ୧୬ମୁଁ ସେମାନଙ୍କୁ ଉତ୍ତର ଦେଲି,
'ଯେତେବେଳେ କୌଣସି ବ୍ୟକ୍ତି କୌଣସି ଦୋଷ ପାଇଁ
ଅଭିଯୁକ୍ତ ହୁଏ, ସେ ନିଜ ଅଭିଯୋଗକାରୀମାନଙ୍କର ମୁଖାମୁଖି

ନ ହେବା ପର୍ଯ୍ୟନ୍ତ ଓ ନିଜ ବିରୁଦ୍ଧରେ ଆଗତ ଅଭିଯୋଗର
ଉତ୍ତର ନ ଦେବା ପର୍ଯ୍ୟନ୍ତ ରୋମୀୟମାନେ ସେହି ଲୋକଙ୍କୁ
ଅନ୍ୟ କାହାକୁ ବିଚାର ପାଇଁ ଦିଅନ୍ତି ନାହିଁ।' ୧୭ତେଣୁ ଏହି
ଯିହୂଦୀୟମାନେ ବିଚାର ପାଇଁ କାଇସରୀଆକୁ ଆସିବାର ମୁଁ
ସମୟ ନଷ୍ଟ ନକରି ତହିଁ ଆର ଦିନ ବିଚାର ସ୍ଥାନରେ
ବସିଲି, ଓ ସେହି ଲୋକଙ୍କୁ ବିଚାରାଳୟକୁ ଆଣିବା ପାଇଁ
ଆଦେଶ ଦେଲି। ୧୮ଯିହୂଦୀମାନେ ଠିଆ ହୋଇ ତାହାଙ୍କୁ
ଦୋଷୀ କଲେ। କିନ୍ତୁ କୌଣସି ଖରାପ ଅପରାଧ ପାଇଁ
ସେମାନେ ତାକୁ ଅଭିଯୁକ୍ତ କରି ପାରିଲେ ନାହିଁ। ୧୯ତା'
ପରିବର୍ତ୍ତେ ସେମାନେ କେବଳ ନିଜ ଧର୍ମ ଓ ଯୀଶୁ ନାମକ
ଜଣେ ମୃତ ବ୍ୟକ୍ତି ବିଷୟରେ ଯୁକ୍ତି ତର୍କ କଲେ। କିନ୍ତୁ
ପାଉଲ ଯୀଶୁଙ୍କୁ ଜୀବିତ ବୋଲି ଦାବୀ କଲେ। ୨୦ମୁଁ ଏ
ସବୁ ବିଷୟରେ ବେଶି ଜାଣି ନଥିଲି। ତେଣୁ ମୁଁ କିଛି
ପ୍ରଶ୍ନ ପଚାରିଲି ନାହିଁ। ମୁଁ ପାଉଲଙ୍କୁ ପଚାରିଲି, 'ଏହି
ଅଭିଯୋଗଗୁଡ଼ିକର ବିଚାର ପାଇଁ ତୁମ୍ଭେ ଯିରୂଶାଲମ ଯିବାକୁ
ଚାହୁଁଛ କି?' ୨୧କିନ୍ତୁ ପାଉଲ ବନ୍ଦୀଗୃହରେ ରହିବା ପାଇଁ
ଓ ସମ୍ରାଟଙ୍କ ଦ୍ୱାରା ବିଚାର ହେବା ପାଇଁ ଅନୁରୋଧ
କଲେ। ତେଣୁ ମୁଁ ତାହାଙ୍କୁ ସମ୍ରାଟଙ୍କ ପାଖକୁ ପଠାଇବାର
ବ୍ୟବସ୍ଥା କରିବା ପର୍ଯ୍ୟନ୍ତ ବନ୍ଦୀଗୃହରେ ରହିବା ପାଇଁ
ଆଦେଶ ଦେଲି।"

୨୨ତା'ପରେ ଆଗ୍ରିପ୍ପା ଫେଷ୍ଟସ୍‌ଙ୍କୁ କହିଲେ, "ମୁଁ ସେହି
ଲୋକଠାରୁ ନିଜେ ଶୁଣିବାକୁ ଚାହେଁ।"

ଫେଷ୍ଟସ୍ କହିଲେ, "ଆପଣ ଆସନ୍ତା କାଲି ତା'ଠାରୁ
ଶୁଣିବେ।"

୨୩ତହିଁ ଆର ଦିନ ଆଗ୍ରିପ୍ପା ଓ ବର୍ଣ୍ଣୀକୀ ମହାଆଡ଼ମ୍ବରରେ
ଉଚ୍ଚପଦସ୍ଥ ସାମରିକ କର୍ମଚାରୀ ତଥା ନଗରର ମୁଖ୍ୟ
ବ୍ୟକ୍ତିଙ୍କ ସହିତ ବିଚାରାଳୟରେ ପ୍ରବେଶ କଲେ। ଫେଷ୍ଟସ୍‌ଙ୍କ
ଆଦେଶ ଅନୁଯାୟୀ ପାଉଲଙ୍କୁ ସେଠାକୁ ଅଣାଗଲା। ୨୪ତା'ପରେ
ଫେଷ୍ଟସ୍ କହିଲେ, "ହେ ରାଜା ଆଗ୍ରିପ୍ପା, ଓ ଉପସ୍ଥିତ ଭଦ୍ର
ବ୍ୟକ୍ତି ବୃନ୍ଦ, ଏ ହେଉଛନ୍ତି ସେହି ଲୋକ, ଯାହାଙ୍କ
ବିଷୟରେ ଉଭୟ ଯିରୂଶାଲମ ଓ ଏଠାରେ ଥିବା ସମସ୍ତ
ଯିହୂଦୀୟ ଲୋକମାନେ ମୋ ନିକଟରେ ଚିତ୍କାର କରି
ଆବେଦନ କରିଛନ୍ତି ଯେ, ତାହାଙ୍କୁ ଆଉ ବଞ୍ଚିରହିବାକୁ
ଦିଆ ନ ଯାଉ। ୨୫କିନ୍ତୁ ମୁଁ ଯେତେବେଳେ ତାହାଙ୍କର
ବିଚାର କଲି ସେତେବେଳେ ତାହାଙ୍କର କିଛି ଭୁଲ ଦେଖିଲି
ନାହିଁ। ତାହାଙ୍କୁ ମୃତ୍ୟୁଦଣ୍ଡ ଦେଲା ଭଳି କୌଣସି କାରଣ
ଦେଖିଲି ନାହିଁ। ସେ ସମ୍ରାଟଙ୍କ ନିକଟରେ ବିଚାରିତ ହେବା
ପାଇଁ ଆବେଦନ କରିଥିବାରୁ ମୁଁ ତାହାଙ୍କୁ ପାଖକୁ ରୋମ
ପଠାଇବା ପାଇଁ ସ୍ଥିର କଲି। ୨୬କିନ୍ତୁ ମୁଁ ପ୍ରକୃତରେ ଜାଣି
ପାରୁନାହିଁ, ସମ୍ରାଟଙ୍କୁ ତା' ବିଷୟରେ କଣ ଲେଖିବି? ତେଣୁ
ମୁଁ ତାକୁ ଆପଣମାନଙ୍କ ପାଖକୁ ଓ ହେ ରାଜା ଆଗ୍ରିପ୍ପା
ବିଶେଷ କରି ଆପଣଙ୍କ ପାଖକୁ ଆଣିଛି। ମୋର ଆଶା,
ଆପଣ ତାକୁ ପ୍ରଶ୍ନ ପଚାରି ପାରିବେ, ଓ କାଇସରଙ୍କୁ
ଲେଖିବା ପାଇଁ ମୋତେ କିଛି କହିବେ। ୨୭ତେଣୁ ମୁଁ
ଭାବୁଛି, ଜଣେ ବନ୍ଦୀ ବିରୁଦ୍ଧରେ କୌଣସି ଅଭିଯୋଗ
ନଲେଖି ସମ୍ରାଟଙ୍କ ପାଖକୁ ପଠାଇବା ମୋର ମୂର୍ଖାମୀ
ହେବ।"

### ରାଜା ଆଗ୍ରିପ୍ପାଙ୍କ ସମ୍ମୁଖରେ ପାଉଲ

**୨୬** ଆଗ୍ରିପ୍ପା ପାଉଲଙ୍କୁ କହିଲେ, "ତୁମ୍ଭକୁ ନିଜ
ସପକ୍ଷରେ କହିବା ପାଇଁ ଅନୁମତି ଦିଆଗଲା।"

ତାପରେ ପାଉଲ ନିଜ ହାତ ପ୍ରସାରିତ କରି ନିଜ
ପକ୍ଷରେ କହିବାକୁ ଲାଗିଲେ। ୨ହେ ରାଜା ଆଗ୍ରିପ୍ପା, "ମୁଁ
ନିଜକୁ ଭାଗ୍ୟବାନ ମନେ କରୁଛି, କାରଣ ମୁଁ ଆଜି
ଆପଣଙ୍କ ସମ୍ମୁଖରେ ଯିହୁଦୀମାନଙ୍କ ଦ୍ୱାରା ଅଭିଯୋଗ
ବିରୁଦ୍ଧରେ ମୋ ପକ୍ଷର ଉତ୍ତର ଦେବା ପାଇଁ ସମର୍ଥ
ହୋଇପାରିଛି। ୩ଏକଥା ସତ୍ୟ ଯେ, ଆପଣ ଯିହୂଦୀୟ
ପରମ୍ପରା ଓ ସେମାନେ ଯୁକ୍ତି କରୁଥିବା ବିଷୟରେ ଉତ୍ତମ
ଜ୍ଞାନ ରଖିଛନ୍ତି। ତେଣୁ ମୋର କଥା ଧୈର୍ଯ୍ୟ ସହକାରେ
ଶୁଣିବା ପାଇଁ ମୁଁ ଆପଣଙ୍କୁ ଅନୁରୋଧ କରୁଛି।

୪"ସମସ୍ତ ଯିହୂଦୀୟମାନେ ମୋର ସମ୍ପୂର୍ଣ୍ଣ ଜୀବନ ବିଷୟରେ
ଜାଣନ୍ତି। ମୁଁ ପିଲାଦିନରୁ ନିଜ ଦେଶରେ ଓ ପରେ
ଯିରୂଶାଲମରେ କିପରି ବାସ କରିଥିଲି, ତାହା ସେମାନେ
ଜାଣନ୍ତି। ୫ସେମାନେ ମୋତେ ବହୁତ ଦିନରୁ ଜାଣନ୍ତି।
ସେମାନେ ଯଦି ଚାହାଁନ୍ତି ତେବେ ସାକ୍ଷ୍ୟ ଦେଇ ପାରନ୍ତି
ଯେ, ମୁଁ ଜଣେ ଉତ୍ତମ ଫାରୂଶୀ ଥିଲି। ଯିହୂଦୀୟ ଧର୍ମ
ବ୍ୟବସ୍ଥାକୁ ଫାରୂଶୀମାନେ ଅନ୍ୟ କୌଣସି ଯିହୂଦୀୟ ଦଳର
ଲୋକଙ୍କ ଅପେକ୍ଷା ଅଧିକ ଦୃଢ଼ ଭାବରେ ମାନନ୍ତି।
୬ଆମ୍ଭମାନଙ୍କ ପୂର୍ବପୁରୁଷଙ୍କ ନିକଟରେ ପରମେଶ୍ୱର ଯେଉଁ
ପ୍ରତିଜ୍ଞା କରିଥିଲେ, ସେହି ପ୍ରତିଜ୍ଞା ଉପରେ ନିର୍ଭର
କରିଥିବାରୁ ମୋର ଆଜି ବିଚାର ହେଉଛି। ୭ଯେଉଁ
ପ୍ରତିଜ୍ଞାକୁ ଇସ୍ରାୟେଲର ବାରୋଟି ଗୋଷ୍ଠୀ ମଧ୍ୟ ଗ୍ରହଣ
କରିବାକୁ ଆଶା କରନ୍ତି, ଓ ଏହାରି ଉପରେ ନିର୍ଭର କରି
ଦିନରାତି ପରମେଶ୍ୱରଙ୍କୁ ପୂଜା କରନ୍ତି, ମୁଁ ମଧ୍ୟ ସେହି
ପ୍ରତିଜ୍ଞା ଗ୍ରହଣ କରିବା ପାଇଁ ଆଶା କରିଛି। ହେ ରାଜା!
ସେହି ପ୍ରତିଜ୍ଞା ଉପରେ ମୋର ଆଶା ଓ ବିଶ୍ୱାସ ଥିବାରୁ
ଯିହୂଦୀମାନେ ମୋ ବିରୁଦ୍ଧରେ ଅଭିଯୋଗ କରୁଛନ୍ତି।
୮ପରମେଶ୍ୱର ଯେ ଲୋକମାନଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କରି
ପାରିବେ, ଏକଥା ଆପଣମାନେ କାହିଁକି ଅସମ୍ଭବ ବୋଲି
ଭାବୁଛନ୍ତି?

୯"ମୁଁ ଯେତେବେଳେ ଫାରୂଶୀଥିଲି, ସେତେବେଳେ ମୁଁ
ମଧ୍ୟ ନାଜରିତୀୟ ଯୀଶୁଙ୍କ ବିରୁଦ୍ଧରେ ଅନେକ କାର୍ଯ୍ୟ
କରିବି ବୋଲି ଭାବୁଥିଲି। ୧୦ଏ ଭଳି କରୁଥିବା ବେଳେ ମୁଁ
ଯିରୂଶାଲମରେ ପରମେଶ୍ୱରଙ୍କର ଅନେକ ଲୋକଙ୍କୁ ବନ୍ଦୀ
କରି କାରାଗାରରେ ରଖିଥିଲି। ଯୀଶୁଙ୍କ ଅନୁସରଣକାରୀଙ୍କୁ
ଯେତେବେଳେ ମୃତ୍ୟୁଦଣ୍ଡ ଦିଆଯାଉଥିଲା, ସେତେବେଳେ ମୁଁ
ମଧ୍ୟ ଏହା ଠିକ୍ ବୋଲି ଭାବି ସେଥିରେ ପୂର୍ଣ୍ଣ ସମ୍ମତ
ହୋଇଥିଲି। ମୁଁ ପରମେଶ୍ୱରଙ୍କର ଅନେକ ଲୋକମାନଙ୍କୁ
ଧରି ଆଣି କାରାଗାରରେ ବନ୍ଦୀ କରି ରଖୁଥିଲି, କାରଣ
ଏପରି କରିବା ନିମନ୍ତେ ମୁଁ ମହାଯାଜକମାନଙ୍କଠାରୁ କ୍ଷମତା
ପାଇଥିଲି। ୧୧ମୁଁ ସେମାନଙ୍କୁ ପ୍ରାର୍ଥନାଗୃହ ସବୁରେ ଦଣ୍ଡ
ଦେଇଥିଲି। ମୁଁ ସେମାନଙ୍କୁ ଖ୍ରୀଷ୍ଟଙ୍କ ବିରୁଦ୍ଧରେ କହିବା
ପାଇଁ ବାଧ କରିଥିଲି। ମୁଁ ସେମାନଙ୍କ ବିରୁଦ୍ଧରେ ଏତେ
ଭୀଷଣ ଭାବରେ ରାଗି ଯାଇଥିଲି ଯେ ସେମାନଙ୍କୁ ଅତ୍ୟାଚାର
କରିବା ପାଇଁ ବିଦେଶୀ ନଗର ଗୁଡ଼ିକୁ ମଧ୍ୟ ଯାଇଥିଲି।

### ଯୀଶୁଙ୍କ ବଷୟରେ ପାଉଲଙ୍କ ବର୍ଣ୍ଣନା

୧୨“ଥରେ ମୁଖ୍ୟ ଯାଜକମାନେ ମୋତେ ଦମ୍ମେସକ
ନଗରକୁ ଯିବା ପାଇଁ ଅନୁମତି ଓ କ୍ଷମତା ଦେଲେ। ୧୩ମୁଁ
ଦମ୍ମେସକକୁ ଯାଉଥିଲ। ସେତେବେଳେ ଖରାବେଳ ହୋଇଥିଲା।
ହଠାତ୍ ମୁଁ ଆକାଶରେ ଗୋଟିଏ ଆଲୋକ ଦେଖିଲ।
ସେହ ଆଲୋକ ସୂର୍ଯ୍ୟଙ୍କଠାରୁ ମଧ୍ୟ ଆହୁର ଉଜ୍ଜଳ ଥିଲା।
ତାହା ମୋର ଓ ମୋ ସହତ ଯାଉଥିବା ଲୋକଙ୍କ
ଚାରପଟେ ଝଲକୁ ଥିଲା। ୧୪ଆମେ ସମସ୍ତେ ତଳେ
ପଡ଼ଗଲୁ। ସେତେବେଳେ ମୁଁ ଏବ୍ରୀ ଭାଷାରେ ଗୋଟିଏ ସ୍ୱର
ମୋତେ କହୁଥିବାର ଶୁଣିଲ, ‘ଶାଉଲ, ଶାଉଲ, ତୁମ୍ଭେ
ମୋତେ କାହିଁକ ତାଡ଼ନା ଦେଉଛ? କଣ୍ଟାମୁନରେ ଗୋଇଠା
ମାରବା ତୁମ୍ଭପାଇଁ ଅସମ୍ଭବ ଅଟେ।’ ୧୫ମୁଁ ପଚାରଲ, ‘ପ୍ରଭୁ,
ଆପଣ କିଏ?’ ସେ କହଲେ, ‘ମୁଁ ସେହ ଯୀଶୁ, ଯାହାଙ୍କୁ
ତୁମ୍ଭେ ତାଡ଼ନା କରୁଛ।’ ୧୬ତୁମ୍ଭେ ଏବେ ଠିଆହୁଅ। ମୁଁ
ତୁମ୍ଭକୁ ଜଣେ ସେବକରୂପେ ନଯୁକ୍ତ କରବା ପାଇଁ ତୁମ୍ଭ
ନକଟରେ ଦେଖା ଦେଇଅଛ। ତୁମ୍ଭେ ମୋ ବଷୟରେ
ଯାହା ଦେଖିଲ, ଓ ଯାହା ମୁଁ ତୁମ୍ଭକୁ ଦେଖାଇବ, ତୁମ୍ଭେ
ତା’ର ସାକ୍ଷୀ ହେବ। ୧୭ମୁଁ ତୁମ୍ଭକୁ ତୁମ୍ଭ ନଜ ଓ ଅନ୍ୟ
ଦେଶର ଲୋକମାନଙ୍କଠାରୁ ରକ୍ଷା କରବ। ସେମାନଙ୍କର
ଆଖି ଖୋଲ ଦେବାପାଇଁ ମୁଁ ତୁମ୍ଭକୁ ପଠାଉଛ। ୧୮ତୁମ୍ଭେ
ସେହ ଲୋକମାନଙ୍କୁ ସତ୍ୟ ପଥ ଦେଖାଇବ ଓ ସେମାନଙ୍କୁ
ଅନ୍ଧକାରରୁ ଆଲୋକକୁ ଆଣିବ। ତୁମ୍ଭେ ସେମାନଙ୍କୁ
ଶୟତାନର ଶକ୍ତ ନକଟରୁ ଦୂରେଇ ନେଇ ପରମେଶ୍ୱରଙ୍କ
ପାଖକୁ ଆଣିବ। ତେବେ ସେମାନଙ୍କର ପାପକୁ କ୍ଷମା
କରାଯିବ। ଯେଉଁମାନେ ମୋତେ ବଶ୍ୱାସ କର ପବତ୍ର
ହୋଇଛନ୍ତ ସେମାନଙ୍କ ମଧ୍ୟରେ ସେମାନେ ସ୍ଥାନ
ପାଇବେ।’”

### ପାଉଲଙ୍କ ନଜ କାର୍ଯ୍ୟ ବଷୟରେ କହବା

୧୯ପାଉଲ କହଲେ, “ହେ ମହାରାଜା ଅଗ୍ରିପ୍ପା’ ମୁଁ
ସେହ ସ୍ୱର୍ଗୀୟ ଦର୍ଶନର ବାଧ୍ୟ ହେଲ। ୨୦ମୁଁ ପ୍ରଥମେ
ଦମ୍ମେସକ ନଗରରେ, ପରେ ଯିରୂଶାଲମରେ, ସମଗ୍ର
ଯିହୂଦା ଓ ଅଣଯିହୂଦୀ ଦେଶମାନଙ୍କରେ ମଧ୍ୟ ପ୍ରଚାର
କଲ। ମୁଁ ସେମାନଙ୍କୁ ଅନୁତାପ କର ପରମେଶ୍ୱରଙ୍କ
ପାଖକୁ ଫେରବା ପାଇଁ କହଲ। ସେମାନଙ୍କ ହୃଦୟ
ପରବର୍ତ୍ତନ ପାଇଁ ଉଚତ କାର୍ଯ୍ୟକରବା ପାଇଁ ମଧ୍ୟ କହଲ।
୨୧ଏଥିପାଇଁ ମନ୍ଦିରରେ ଥିବା ସମୟରେ ଯିହୂଦୀମାନେ
ମୋତେ ବନ୍ଦୀ କଲେ, ଓ ମାରବାକୁ ଚେଷ୍ଟା କଲେ।
୨୨କନ୍ତୁ ମୋତେ ପରମେଶ୍ୱର ସାହାଯ୍ୟ କଲେ। ସେ ଆଜି
ପର୍ଯ୍ୟନ୍ତ ମୋତେ ସାହାଯ୍ୟ କରଆସୁଛନ୍ତ। ପରମେଶ୍ୱରଙ୍କ
ସାହାଯ୍ୟ ପାଇ ମୁଁ ଏଠାରେ ଠିଆ ହୋଇଛ। ଉଭୟ
ପ୍ରଭାବଶାଳୀ ଓ ସାଧାରଣ ଲୋକମାନଙ୍କୁ, ମୁଁ ଦେଖିଥିବା
କଥା କହୁଛ। ମୁଁ କଛ ନୂଆ କଥା କହୁ ନାହିଁ। ମୋଶା
ଓ ଭାବବାଦୀମାନେ ଯାହା ସବୁ ଘଟିବ ବୋଲ କହଛନ୍ତ,
ମୁଁ ସେହ କଥା କହୁଛ। ୨୩ସେମାନେ କହଛନ୍ତ, ଖ୍ରୀଷ୍ଟ
ମୃତ୍ୟୁବରଣ କରବେ ଓ ମୃତ୍ୟୁରୁ ପୁନରୁତ୍‌ଥିତ ହେଉଥିବା
ପ୍ରଥମ ବ୍ୟକ୍ତ ହେବେ। ମୋଶା ଓ ଭାବବାଦୀମାନେ
କହଛନ୍ତ, କେବଳ ଖ୍ରୀଷ୍ଟ ଯିହୂଦୀ ଓ ଅଣଯିହୂଦୀମାନଙ୍କୁ
ଆଲୋକ ଦେଖାଇବେ।”

### ପାଉଲଙ୍କର ଆଗ୍ରିପ୍ପାଙ୍କ ଧାରଣା ବଦଳେଇବାର ଚେଷ୍ଟା

୨୪ପାଉଲ ଆତ୍ମରକ୍ଷା ପାଇଁ ଏହ ସବୁ କଥା କହଲାବେଳେ,
ଫେଷ୍ଟ ଖୁବ୍ ଜୋରରେ କହଲେ, “ପାଉଲ, ତୁମ୍ଭେ
ପାଗଳ। ବହୁତ ପଢ଼ିବା କାରଣରୁ ତୁମ୍ଭେ ପାଗଳ
ହୋଇଯାଇଛ।”

୨୫ପାଉଲ ଏହା ଶୁଣି ଉତ୍ତର ଦେଲେ, “ହେ ମହମାନ୍ୟ
ଫେଷ୍ଟ, ମୁଁ ପାଗଳ ନୁହେଁ। ମୋର ସବୁ କଥା ସତ୍ୟ ଓ
ଯୁକ୍ତଯୁକ୍ତ। ୨୬ରାଜା ଆଗ୍ରିପ୍ପା ଏସବୁ କଥା ଜାଣନ୍ତ। ତାହାଙ୍କୁ
ଏହା ସ୍ପଷ୍ଟ ଭାବରେ କହ ପାରବ, କାରଣ ମୁଁ ଜାଣେ ଯେ,
ତାହାଙ୍କ ଦୃଷ୍ଟିରୁ ଏ ସମସ୍ତ ବଷୟ ବାଦ୍ ଯାଇନାହିଁ,
ଯେହେତୁ ଏହସବୁ କୌଣସି ଗୁପ୍ତ ସ୍ଥାନରେ କରାଯାଇ
ନାହିଁ। ୨୭ହେ ରାଜା ଆଗ୍ରିପ୍ପା, ଆପଣ କଣ ଭାବବାଦୀମାନଙ୍କ
ଲେଖାରେ ବଶ୍ୱାସ କରନ୍ତ କ? ମୁଁ ଜାଣେ, ଆପଣ ବଶ୍ୱାସ
କରନ୍ତ।”

୨୮ଆଗ୍ରିପ୍ପା ପାଉଲଙ୍କୁ କହଲେ, “ତୁମ୍ଭେ କ’ଣ ଏତେ
ସହଜରେ ମୋତେ ଖ୍ରୀଷ୍ଟିୟାନ କରଦେବ ବୋଲ ଭାବୁଛ?”
୨୯ପାଉଲ ଉତ୍ତର ଦେଲେ, “ପରମେଶ୍ୱର କରନ୍ତୁ, ଶୀଘ୍ର
ବା ବଳମ୍ବରେ ହେଉ, ଆପଣ ଓ ଅନ୍ୟସମସ୍ତେ, ମୋ
କଥା ଶୁଣି, ପରତ୍ରାଣ ପାଆନ୍ତୁ ଓ କୌଣସି ବନ୍ଧନ ବନା
ମୋ ପର ହୁଅନ୍ତୁ।”

୩୦ତାପରେ ରାଜା, ରାଜ୍ୟପାଳ, ରାଣୀ ବର୍ଣ୍ଣୀକୀ ଓ
ଅନ୍ୟମାନେ ସମସ୍ତେ ଠିଆ ହେଲେ ଓ ପ୍ରସ୍ଥାନ କଲେ।
୩୧ସେମାନେ ବଚାର ଗୃହ ଛାଡ଼ଲା ବେଳେ ପରସ୍ପର ସହତ
କଥାବାର୍ତ୍ତା ହେଲେ। ସେମାନେ କହଲେ, “ଏହ ଲୋକକୁ
ମାରଦେବା କମ୍ବା ବନ୍ଦୀ କରବା ଉଚତ ନୁହେଁ। ସେ
ପ୍ରକୃତରେ କଛ ଖରାପ କାର୍ଯ୍ୟ କରନାହିଁ।” ୩୨ଅଗ୍ରିପ୍ପା
ଫେଷ୍ଟଙ୍କୁ କହଲେ, “ଆମ୍ଭେ ଏହ ଲୋକକୁ ମୁକ୍ତ
ଦେଇପାରଥାନ୍ତୁ, କନ୍ତୁ ସେ ଯଦ କାଇସରଙ୍କୁ ଆବେଦନ
କର ନ ଥାଆନ୍ତା।”

### ପାଉଲଙ୍କର ରୋମକୁ ଜଳଯାତ୍ରା

୨୭ ଇଟାଲିଆକୁ ଜାହାଜରେ ଯାତ୍ରା କରବା ପାଇଁ
ସ୍ଥିର ହେବାରୁ ପାଉଲ ଓ ଅନ୍ୟ ବନ୍ଦୀମାନଙ୍କୁ
ଦାୟିତ୍ୱ ଯୂଲିଅ ନାମକ ଶତସେନାପତିଙ୍କ ହସ୍ତରେ ଅର୍ପଣ
କରାଗଲା। ସେହ ଯୂଲିଅ ସମ୍ରାଟଙ୍କର ସେନା ବାହନୀରେ
ଚାକରୀ କରୁଥିଲେ। ଆମ୍ଭେମାନେ ଆଦ୍ରାମୁତ୍ତୀୟରୁ ଗୋଟିଏ
ଜାହାଜରେ ଉଠିଲୁ। ସେହ ଜାହାଜଟି ଏସିଆ ଉପକୂଳବର୍ତ୍ତୀ
ବନ୍ଦରଗୁଡ଼କୁ ଯାଉଥିଲା। ଥେସଲନୀକୀର ଆରସ୍ତାର୍ଖ ନାମକ
ଜଣେ ମାକଦନଆ ଅଧିବାସୀ ଆମ୍ଭ ସହତ ଥିଲେ। ୩ତହିଁ
ଆରଦନ ଆମ୍ଭେ ସୀଦୋନରେ ପହଞ୍ଚିଲୁ। ଯୂଲିଅ ପାଉଲଙ୍କ
ପ୍ରତି ଦୟା ଦେଖେଇ ତାହାଙ୍କୁ ତାହାଙ୍କର ବନ୍ଧୁମାନଙ୍କ
ସହତ ସାକ୍ଷାତ କରବା ପାଇଁ ଅନୁମତି ଦେଲେ। ପାଉଲଙ୍କ
ବନ୍ଧୁମାନେ ତାହାଙ୍କର ଆବଶ୍ୟକତା ପୂର୍ଣ୍ଣ କଲେ। ୪ତା’ପରେ
ଆମ୍ଭେ ସୀଦୋନ ନଗର ଛାଡ଼ଲୁ। ସେ ସମୟରେ ପ୍ରତକୂଳ

ପବନ ବହୁଥିଲା। ତେଣୁ ଆମ୍ଭେ ସାଇପ୍ରସ୍ ଉପଦ୍ୱୀପ ନିକଟ
ଦେଇ ଜଳଯାତ୍ରା କଲୁ। ୫ତା'ପରେ ଆମ୍ଭେ କିଲିକିୟା ଓ
ପମ୍ଫୁଲିଆ କୂଳେକୂଳେ ଯାଇ ଲୁକିଆ ଦେଶର ମୁରା
ନଗରୀରେ ପହଞ୍ଚିଲୁ। ୬ସେଠାରେ ଯୁଲିଅ ଆଲେକଜାଣ୍ଡ୍ରିଆର
ଜାହାଜଟିଏ ଇଟାଲିଆକୁ ଯାଉଥିବାର ପାଇଲେ। ସେ
ଆମ୍ଭମାନଙ୍କୁ ସେଥିରେ ଚଢ଼ାଇ ଦେଲେ।
୭ଆମ୍ଭେମାନେ କିଛି ଦିନ ଧୀରେ ଧୀରେ ଯାତ୍ରା କଲୁ।
ଶେଷରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇ କ୍ନିଦ
ପହଞ୍ଚିଲୁ। କିନ୍ତୁ ଖୁବ୍ ଜୋର୍‌ରେ ପବନ ବହୁଥିବାରୁ ଆମ୍ଭେ
ଆଗକୁ ଯାଇ ପାରିଲୁନାହିଁ। ତେଣୁ ଆମ୍ଭେ ସାଲ୍ମୋନୀର
ନିକଟ କ୍ରୀତୀ ଦ୍ୱୀପ ଉପକୂଳ ଦେଇ ଯାତ୍ରା କଲୁ। ୮ଆମ୍ଭେ
କୂଳେକୂଳେ ବହୁତ କଷ୍ଟରେ ଯାତ୍ରା କଲୁ। ତାପରେ ଆମ୍ଭେ
ଲାସାୟା ନଗର ପାଖ 'ସୁନ୍ଦର ବନ୍ଦର' ନାମକ ସ୍ଥାନରେ
ପହଞ୍ଚିଲୁ।
୯ଏହିପରି ବହୁତ ସମୟ ବିତିଗଲା। ସେତେବେଳେ
ଯିହୂଦୀୟ ଉପବାସ ଦିବସର ପରବର୍ତ୍ତୀ ସମୟ ହୋଇ
ଥିବାରୁ, ଦୀର୍ଘ ଯାତ୍ରା ପାଇଁ ପାଗ ବିପଦପୂର୍ଣ୍ଣ ହୋଇ
ଆସୁଥିଲା। ତେଣୁ ପାଉଲ ସେମାନଙ୍କୁ ସାବଧାନ କରେଇ
କହିଲେ, "ହେ ବନ୍ଧୁଗଣ! ମୁଁ ଭାବୁଛି, ଆମ୍ଭମାନଙ୍କର ଆଉ
ଆଗକୁ ଯାତ୍ରା କରିବା ବିପଦଜନକ ହେବ। ୧୦ଏହା ଦ୍ୱାରା
ଯେ କେବଳ ଜାହାଜ ଓ ଜିନିଷପତ୍ରର କ୍ଷତି ଘଟିବ ତାହା
ନୁହେଁ, ହୁଏତ ଆମ୍ଭମାନଙ୍କର ଜୀବନ ମଧ୍ୟ ଚାଲିଯାଇପାରେ।"
୧୧କିନ୍ତୁ ସେନାଧିକାରୀ, ପାଉଲଙ୍କ କହିଥିବା କଥା ଅପେକ୍ଷା
ଜାହାଜର କ୍ୟାପଟେନ୍ ଓ ମାଲିକଙ୍କ କଥାକୁ ଅଧିକ
ବିଶ୍ୱାସ କଲେ। ୧୨ସେହି ବନ୍ଦରଟି ଶୀତ କଟେଇବା ପାଇଁ
ଅନୁପଯୁକ୍ତ ଥିଲା। ତେଣୁ ଜାହାଜର ଅଧିକାଂଶ ନାବିକ
ଫୋନୀକ୍ସ୍‌ରେ ପହଞ୍ଚିବା ଆଶାରେ ସେଠାରେ ଆମ୍ଭ ସହିତ
ଯିବା ପାଇଁ ଓ ଶୀତଋତୁ କଟେଇବା ପାଇଁ ପରାମର୍ଶ
ଦେଲେ। ଫୋନୀକ୍ସ୍ କ୍ରୀତି ଉପଦ୍ୱୀପର ଗୋଟିଏ ନଗର।
ଫୋନୀକ୍ସ୍ ଗୋଟିଏ ବନ୍ଦର। ତାହା ଉଭୟ ଉତ୍ତରପୂର୍ବ ଓ
ଦକ୍ଷିଣ ପୂର୍ବ ଦିଗକୁ ଥିଲା।

### ତୋଫାନ

୧୩ତାପରେ ବହୁତ ପବନ ଦକ୍ଷିଣ ଦିଗରୁ ବୋହିଲା।
ଜାହାଜରେ ଥିବା ଲୋକମାନେ ଭାବିଲେ, "ଆମ୍ଭେ ଯେଉଁ
ପବନ ବହିବା ଇଚ୍ଛା କରିଥିଲୁ, ତାହା ଆମ୍ଭେ ପାଇଲୁ।"
ତେଣୁ ଆମ୍ଭେ ଲଙ୍ଗର ଉଠେଇ କ୍ରୀତି ଉପଦ୍ୱୀପର କୂଳେକୂଳେ
ଯାତ୍ରା କଲୁ। ୧୪ମାତ୍ର ଅଳ୍ପ ସମୟ ପରେ ହଠାତ୍ ପାଗ
ବଦଳିଗଲା। "ଉତ୍ତର ପୂର୍ବୀୟ" ନାମକ ପବନ, ଦ୍ୱୀପଆଡୁ
ପ୍ରଚଣ୍ଡ ବେଗରେ ବୋହିବାକୁ ଲାଗିଲା। ୧୫ଏହା ଜାହାଜକୁ
ଆଘାତ କରି ସମୁଦ୍ର ଭିତରକୁ ଠେଲି ନେଲା। ଜାହାଜ
ପବନରେ ସ୍ଥିର ହୋଇ ରହି ନପାରିବାରୁ ଆମ୍ଭେ ତାକୁ
ଭାସିଯିବା ପାଇଁ ଛାଡ଼ି ଦେଲୁ। ୧୬ତାପରେ ଆମ୍ଭେ କ୍ଲାଉଦ
ନାମକ ଉପଦ୍ୱୀପ ଉହାଡ଼ରେ ଜାହାଜ ଚଳାଇଲୁ। ସେଠାରେ
ଗୋଟିଏ ଜୀବନରକ୍ଷକ ଡ଼ଙ୍ଗାକୁ ବହୁ କଷ୍ଟରେ ଆମ୍ଭେ
ଜାହାଜ ଉପରକୁ ଉଠାଇବାକୁ ସମର୍ଥ ହେଲୁ। ୧୭କେବଳ
ତାହାକୁ ଜାହାଜ ଭିତରକୁ ନେଲୁ। ତାହାକୁ ଏକାଠି ଧରି
ରଖିବା ପାଇଁ ଜାହାଜର ଚାରିପଟେ ଦଉଡ଼ିରେ ବାନ୍ଧି
ଦେଲେ। ନାବିକମାନେ ଚୋରାବାଲିରେ ଜାହାଜ ଲାଗିଯିବାର
ଭୟ କଲେ। ତେଣୁ ସେମାନେ ଉପର ପାଲ ଗୁଡ଼ିକ
ଖସେଇ ପବନରେ ଜାହାଜଟିକୁ ଭସେଇ ଦେଲେ। ୧୮ତହିଁ
ଆରଦିନ ସେମାନେ ଝଡ଼ର ପ୍ରବଳ ବେଗରେ ବଢ଼ିବାରୁ
ମାଲ ଗୁଡ଼ିକ ସମୁଦ୍ରରେ ପକେଇ ଦେଲେ। ୧୯ତୃତୀୟ ଦିନ
ସେମାନେ ନିଜ ହାତରେ ଜାହାଜର ସରଞ୍ଜାମ ସବୁ ପାଣିକୁ
ଫୋପାଡ଼ି ଦେଲେ। ୨୦ଆମ୍ଭେ ବହୁତ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟ
କି ତାରା କିଛି ଦେଖି ପାରିଲୁ ନାହିଁ। ପ୍ରଚଣ୍ଡ ଝଡ଼
ବତାସର ବେଗ କମିଲା ନାହିଁ। ଆମ୍ଭେମାନେ ଜୀବନ ରକ୍ଷା
କରିବାର ସମସ୍ତ ଆଶା ହରେଇ ବସିଲୁ। ଆମ୍ଭେ ଭାବିଲୁ,
ଆମ୍ଭର ମୃତ୍ୟୁ ଘଟିବ। ଅନେକ ଦିନ ପର୍ଯ୍ୟନ୍ତ ଆମ୍ଭେମାନେ
କେହି କିଛି ଖାଇ ନଥିଲୁ।
୨୧ଶେଷରେ ପାଉଲ ସେମାନଙ୍କୁ କହିଲେ, "ବନ୍ଧୁଗଣ,
ତୁମ୍ଭେମାନେ ଯଦି ମୋ କଥା ଶୁଣି କ୍ରୀତି ଉପଦ୍ୱୀପରୁ
ଜାହାଜ ଛାଡ଼ି ନଥାନ୍ତ, ତେବେ ତୁମ୍ଭମାନଙ୍କର ଏ ଜାହାଜ
ନଷ୍ଟ ହୋଇ ନଥାନ୍ତା ଓ ଏତେ କ୍ଷତି ଘଟି ନ ଥାନ୍ତା।
୨୨କିନ୍ତୁ ବର୍ତ୍ତମାନ ମୋହର କଥାଶୁଣ ଓ ସାହସ ଧର।
କାରଣ ତୁମ୍ଭମାନଙ୍କ ମଧ୍ୟରୁ କାହାରି ଜୀବନ ଯିବ ନାହିଁ।
କେବଳ ଜାହାଜଟି ନଷ୍ଟ ହୋଇଯିବ। ୨୩ମୁଁ ଯେଉଁ
ପରମେଶ୍ୱରଙ୍କର ସେବା କରେ, ତାହାଙ୍କର ଜଣେ ଦୂତ
ଗତକାଲି ରାତିରେ ମୋ ପାଖରେ ଠିଆ ହୋଇ କହିଲେ,
୨୪ଭୟ କରନାହିଁ, ପାଉଲ! ତୁମ୍ଭେ ନିଶ୍ଚୟ କାଇସରଙ୍କ
ସମ୍ମୁଖକୁ ଯିବ। ପରମେଶ୍ୱର ତୁମ୍ଭ ହେତୁ ତୁମ୍ଭର ସମସ୍ତ
ସହଯାତ୍ରୀଙ୍କ ଜୀବନ ରକ୍ଷା କରିବେ।' ୨୫ତେଣୁ ବନ୍ଧୁଗଣ!
ଖୁସୀ ହୁଅ। ମୁଁ ପରମେଶ୍ୱରଙ୍କୁ ବିଶ୍ୱାସ କରେ। ତାହାଙ୍କ
ଦୂତ ମୋତେ ଯେପରି କହିଛନ୍ତି, ଠିକ୍ ସେହିପରି ଘଟିବ।
୨୬କିନ୍ତୁ ଆମ୍ଭେ କୌଣସି ଉପଦ୍ୱୀପ କୂଳରେ ଖଣ୍ଡ ବିଖଣ୍ଡ
ହୋଇ ପଡ଼ିବୁ।"
୨୭ଝଡ଼ର ଚଉଦ ଦିନରେ ପ୍ରାୟ ମଧ୍ୟ ରାତ୍ରି ସମୟରେ
ଆମ୍ଭ ଜାହାଜ ଆଦ୍ରିୟା ସମୁଦ୍ରର ପାଖରେ ଭାସୁଥିଲା। ଆମ୍ଭ
ନାବିକମାନେ କୌଣସି ସ୍ଥଳ ଭାଗରେ ନିକଟବର୍ତ୍ତୀ ହୋଇଛନ୍ତି
ବୋଲି ସନ୍ଦେହ କଲେ। ୨୮ସେମାନେ ଗୋଟିଏ କଡ଼ରେ
ଓଜନ ଓହଳିଥିବା ଦଉଡ଼ି ସାହାଯ୍ୟରେ ମାପ କରି
ସେଠାରେ ଜଳର ଗଭୀରତା ୧୨୦ ଫୁଟ ବୋଲି ଦେଖିଲେ।
କିଛି ସମୟ ପରେ ସେମାନେ ପୁଣି ମାପି ତାହା ୯୦
ଫୁଟ ଗଭୀର ଥିବାର ଦେଖିଲେ। ୨୯ସେମାନେ ଭୟ
କଲେ, ଯେ କାଳେ ଜାହାଜ ଭାସି-ଭାସି ଯାଇ ପଥରରେ
ଧକ୍‌କା ହୋଇଯିବ। ତେଣୁ ସେମାନେ ଜାହାଜର ପଛପଟେ
ଚାରୋଟି ଲଙ୍ଗର ପକାଇ ଦିନ ହେବା ପାଇଁ ଅପେକ୍ଷା
କଲେ। ୩୦କେତେକ ନାବିକ ଜାହାଜ ଛାଡ଼ି ଚାଲିଯିବାକୁ
ଚାହିଁଲେ। ତେଣୁ ସେମାନେ ଜୀବନରକ୍ଷକ ଡ଼ଙ୍ଗାକୁ ପାଣିରେ
ଖସେଇ ଦେଲେ। ଯାହା ଫଳରେ ଅନ୍ୟମାନେ ଭାବିବେ
ଯେ, ନାବିକମାନେ ଜାହାଜ ସାମନାରେ ଅଧିକ ଲଙ୍ଗର
ପକାଇବାକୁ ଯାଉଛନ୍ତି। ୩୧କିନ୍ତୁ ପାଉଲ ସେନାଅଧିକାରୀଙ୍କୁ
ଓ ସୈନିକମାନଙ୍କୁ କହିଲେ, "ଏମାନେ ଯଦି ଜାହାଜରେ
ନ ରହିବେ, ତେବେ ତୁମ୍ଭେମାନେ କେହି ରକ୍ଷା ପାଇବ

ନାହିଁ।” ୩୨ତେଣୁ ସୈନିକମାନେ ଜୀବନରକ୍ଷକ ଡଙ୍ଗାର
ଦଉଡ଼ି କାଟି ଦେଲେ ଓ ତାହାକୁ ପାଣିରେ ପକେଇ
ଦେଲେ।
୩୩ପାହାନ୍ତିଆ ସମୟରେ ଠିକ୍ ପୂର୍ବରୁ ପାଉଲ ସେମାନଙ୍କୁ
କିଛି ଖାଦ୍ୟ ଖାଇବା ପାଇଁ ଅନୁରୋଧ କଲେ। ସେ
କହିଲେ, “ତୁମ୍ଭେମାନେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛ
ଓ ଆଜିକୁ ଚଉଦ ଦିନ ଧରି ତୁମ୍ଭେମାନେ ଖାଦ୍ୟ ସ୍ପର୍ଶ
କରି ନାହିଁ। ୩୪ବର୍ତ୍ତମାନ ବଞ୍ଚିବା ପାଇଁ ତୁମ୍ଭମାନଙ୍କର କିଛି
ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ତୁମ୍ଭମାନଙ୍କ ମଧ୍ୟରୁ
କାହାରି ମୁଣ୍ଡର ଗୋଟିଏ ବାଳ ମଧ୍ୟ, ନଷ୍ଟ ହେବ ନାହିଁ।”
୩୫ଏତିକି କହିବା ପରେ ପାଉଲ କିଛି ରୋଟୀ ନେଇ
ସମସ୍ତଙ୍କ ଆଗରେ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ, ଓ
ସେଥିରୁ ଖଣ୍ଡେ ଛିଣ୍ଡେଇ ଖାଇବାକୁ ଆରମ୍ଭ କଲେ।
୩୬ଏଥିରେ ସେମାନେ ସମସ୍ତେ ଉତ୍ସାହିତ ହେଲେ ଓ
ସେମାନେ ମଧ୍ୟ ଖାଇବା ଆରମ୍ଭ କଲେ। ୩୭(ଜାହାଜରେ
ସର୍ବ ମୋଟ ୨୭୬ ଜଣ ଥିଲେ)। ୩୮ଆମ୍ଭେ ଯଥେଷ୍ଟ
ପରିମାଣରେ ଖାଇବା ପରେ ଜାହାଜରେ ଥିବା ଗହମକୁ
ସେମାନେ ସମୁଦ୍ରରେ ଫିଙ୍ଗି ଦେଲେ, ଯଦ୍ୱାରା ଜାହାଜ
ହାଲୁକା ହୋଇଗଲା।

## ଜାହାଜ ନଷ୍ଟ ହୋଇଗଲା

୩୯ଦିନ ହେଲା, ମାତ୍ର ନାବିକମାନେ ସେହି ସ୍ଥାନଟି ଚିହ୍ନି
ପାରିଲେ ନାହିଁ। ସେମାନେ ଗୋଟିଏ ଉପସାଗର କୂଳରେ
ବାଲିତଟ ଦେଖିଲେ। ସମ୍ଭବ ହେଲେ ସେହି କୂଳରେ
ଜାହାଜ ଲଗେଇବା ପାଇଁ ସ୍ଥିରକଲେ। ୪୦ସେମାନେ ଲଙ୍ଗର
ଗୁଡ଼ିକ କାଟି ସମୁଦ୍ରରେ ଫିଙ୍ଗି ଦେଲେ। ସେମାନେ ମଙ୍ଗର
ଦଉଡ଼ି ଫିଟେଇ ପବନରେ ସାମନା ପାଲଟି ଉଠାଇଲେ।
ତାପରେ ସେମାନେ ବାଲିତଟ ଆଡ଼କୁ ଯାତ୍ରା କଲେ।
୪୧କିନ୍ତୁ ଜାହାଜଟି ଦୁଇଟି ସମୁଦ୍ରର ସଙ୍ଗମ ସ୍ଥାନରେ
ଗୋଟିଏ ବାଲିଚଡ଼ାଠାରେ ଧକ୍କା ଖାଇ ଲାଗିଗଲା। ତେଣୁ
ଜାହାଜର ଆଗ ଅଂଶ ଅଚଳ ହୋଇଗଲା ଓ ପଛ ଭାଗ
ଲହରୀ ଧକ୍କାରେ ଭାଙ୍ଗି ଖଣ୍ଡଖଣ୍ଡ ହୋଇଗଲା।
୪୨ବନ୍ଦୀମାନେ କାଳେ ପହଁରି ଖସି ଚାଲିଯିବେ, ସେଥିପାଇଁ
ସୈନ୍ୟମାନେ ଭୟରେ ସେମାନଙ୍କୁ ହତ୍ୟା କରିବା ପାଇଁ
ଚିନ୍ତା କଲେ। ୪୩କିନ୍ତୁ ସେନା ଅଧିକାରୀ ଯୂଲିଅ ପାଉଲଙ୍କୁ
ରକ୍ଷା କରିବା ପାଇଁ ଚାହିଁଲେ। ତେଣୁ ବନ୍ଦୀ ଲୋକମାନଙ୍କୁ
ମାରିଦେବା ପାଇଁ ସେ ସୈନିକମାନଙ୍କୁ ଅନୁମତି ଦେଲେ
ନାହିଁ। ସେ ପହଁରି ଜାଣିଥିବା ଲୋକଙ୍କୁ ସମୁଦ୍ରକୁ ଡେଇଁ
ପଡ଼ି ପହଁରିପହଁରି କୂଳକୁ ଯିବା ପାଇଁ ଆଦେଶ ଦେଲେ।
୪୪ସେ ଅନ୍ୟମାନଙ୍କୁ ଜାହାଜର କୌଣସି କାଠ ପଟା ବା
ଭଙ୍ଗା ଅଂଶକୁ ଧରି ବା ଭେଳା ସାହାଯ୍ୟରେ କୂଳକୁ ଯିବା
ପାଇଁ କହିଲେ। ଏହିପରି ଭାବରେ ସମସ୍ତେ ନିରାପଦରେ
କୂଳରେ ଆସି ପହଞ୍ଚିଲେ। କାହାରି ମୃତ୍ୟୁ ହେଲା ନାହିଁ।

## ମେଲିଟୀ ଦ୍ୱୀପରେ ପାଉଲ

୨୮ ଆମ୍ଭେ ନିରାପଦରେ କୂଳରେ ପହଞ୍ଚିବା ପରେ
ଜାଣିଲୁ ଯେ, ସେହି ଉପଦ୍ୱୀପର ନାମ ମେଲିଟୀ
ସେତେବେଳେ ବର୍ଷା ହେଉଥିଲା। ୨ବହୁତ ଥଣ୍ଡା ଲାଗୁଥିଲା,
ଦ୍ୱୀପର ବାସିନ୍ଦାମାନେ ଆମ୍ଭମାନଙ୍କ ପ୍ରତି ବହୁତ ଦୟା
ଦେଖାଇଲେ। ସେମାନେ ଆମ୍ଭପାଇଁ ନିଆଁ ଜଳେଇ ଆମ୍ଭକୁ
ସ୍ୱାଗତ କଲେ। ୩ପାଉଲ ବିଡ଼ାଏ କାଠ ଏକତ୍ର କରି
ନିଆଁରେ ପକାଇଲେ। ସେତେବେଳେ ନିଆଁର ଉତ୍ତାପ
ହେତୁ ଗୋଟିଏ ବିଷାକ୍ତ ସାପ ବାହାରି ପାଉଲଙ୍କ ହାତକୁ
କାମୁଡ଼ି ଦେଲା। ୪ସେଠାର ବାସିନ୍ଦାମାନେ ତାହାଙ୍କ ହାତରେ
ସାପ ଝୁଲୁ ଥିବାର ଦେଖିଲେ। ସେମାନେ ନିଜନିଜ
ଭିତରେ କୁହା କୁହି ହେଲେ, “ଏ ଲୋକଟା ନିଶ୍ଚୟ
ହତ୍ୟାକାରୀ। ଯଦିଓ ଏ ଲୋକ ସମୁଦ୍ରରୁ ରକ୍ଷା ପାଇଲା,
କିନ୍ତୁ ନ୍ୟାୟ ଏହାକୁ ବଞ୍ଚିବା ପାଇଁ ଦେଲା ନାହିଁ।” ୫ମାତ୍ର
ପାଉଲ ହାତ ଛାଟିଆଡ଼ି ସାପଟିକୁ ନିଆଁରେ ଫିଙ୍ଗି ଦେଲେ।
ଏଥିରେ ତାହାଙ୍କର କିଛି କ୍ଷତି ହେଲା ନାହିଁ। ୬ଲୋକେ
ଆଶା କରି ଥିଲେ ସେ ଫୁଲି ଯିବ ବା ତଳେ ପଡ଼ି
ମରିଯିବ। କିନ୍ତୁ ବହୁତ ସମୟ ପରେ ମଧ୍ୟ ତାହାଙ୍କର
କିଛି କ୍ଷତି ହେବାର ସେମାନେ ଦେଖିଲେ ନାହିଁ। ତେଣୁ
ପାଉଲଙ୍କ ପ୍ରତି ସେମାନଙ୍କର ଧାରଣା ବଦଳିଗଲା। ତାହାଙ୍କୁ
ପରମେଶ୍ୱର ବୋଲି ଭାବିଲେ।
୭ସେହି ଅଞ୍ଚଳ ନିକଟରେ ଦ୍ୱୀପର ଜଣେ ମୁଖ୍ୟ
ଲୋକଙ୍କର କେତେ ଖଣ୍ଡି ଜମି ଥିଲା। ତାହାଙ୍କର ନାମ
ପୁବ୍ଲିୟ। ସେ ତାହାଙ୍କ ଘରକୁ ନେଇ ଆମ୍ଭକୁ ତିନି ଦିନ
ପର୍ଯ୍ୟନ୍ତ ରଖି ଅତିଥି ସତ୍କାର କଲେ। ୮ସେହି ସମୟରେ
ପୁବ୍ଲିୟଙ୍କ ପିତା ଜ୍ୱର ଓ ଝାଡ଼ାରେ ଶଯ୍ୟାଶାୟୀ ଥିଲେ।
ପାଉଲ ତାହାଙ୍କ ପାଖକୁ ଯାଇ ପ୍ରାର୍ଥନା କଲେ। ପ୍ରାର୍ଥନା
ପରେ ସେ ତାହାଙ୍କ ଉପରେ ହାତ ରଖି ତାହାଙ୍କୁ ସୁସ୍ଥ
କରିଦେଲେ। ୯ଏପରି ହେବାର ଦେଖି ଦ୍ୱୀପରେ ଥିବା
ଅନ୍ୟ ପୀଡ଼ିତ ଲୋକମାନେ ମଧ୍ୟ ଆସି ସୁସ୍ଥ ହେଲେ।
୧୦ସେମାନେ ଆମ୍ଭକୁ ବହୁତ ଉପହାର ସହିତ ସମ୍ମାନ
ଦେଲେ। ଆମ୍ଭେ ସେଠାରେ ତିନି ମାସ ପର୍ଯ୍ୟନ୍ତ ରହିଲୁ।
ଆମ୍ଭେ ଜଳଯାତ୍ରାରେ ବାହାରିବା ସମୟରେ ସେମାନେ
ଆମ୍ଭକୁ ଆବଶ୍ୟକୀୟ ଜିନିଷମାନ ମଧ୍ୟ ଦେଲେ।

## ପାଉଲଙ୍କ ରୋମକୁ ଗଲେ

୧୧ଆମ୍ଭେ ତିନି ମାସ ପରେ ଆଲେକଜାଣ୍ଡ୍ରିଆ ନଗରୀର
ଗୋଟିଏ ଜାହାଜରେ ଚଢ଼ି ପୁଣି ଯାତ୍ରା କଲୁ। ତାର ନାମ
ମିଥୁନ ଥିଲା। ଏହି ଜାହାଜଟି ମେଲିଟୀ ଦ୍ୱୀପରେ ଶୀତକାଳ
ବିତାଇଥିଲା। ୧୨ଆମ୍ଭେମାନେ ସେଥିରେ ସୁରକୁସା ନଗରୀରେ
ପହଞ୍ଚି ସେଠାରେ ତିନି ଦିନ ରହିଲୁ। ୧୩ସେଠାରୁ ବାହାରି
ଆମ୍ଭେ ରେଗିୟ ନଗରରେ ପହଞ୍ଚିଲୁ। ସେଠାରେ ଗୋଟିଏ
ଦିନ ରହିବା ପରେ ଦକ୍ଷିଣା ପବନ ବହିଲା। ଆମ୍ଭେ
ଦ୍ୱିତୀୟ ଦିନ ପୁତେଅଲୀ ନଗରରେ ପହଞ୍ଚିଲୁ। ୧୪ସେଠାରେ
ଆମ୍ଭେ କେତେକ ଭାଇମାନଙ୍କୁ ଭେଟିଲୁ। ସେମାନେ ଆମ୍ଭକୁ
ସେଠାରେ ସାତ ଦିନ ରହିବାକୁ ଅନୁରୋଧ କଲେ।
ତା’ପରେ ଆମ୍ଭେ ରୋମକୁ ଆସିଲୁ। ୧୫ରୋମରେ ଥିବା
ଭାଇମାନେ ଆମ୍ଭ ଆସିବା ବିଷୟରେ ଖବର ପାଇଥିଲେ।
ସେମାନେ “ଆପ୍ପିୟଙ୍କ ହାଟ” ଓ “ତିନି ସରେଇ ଘର”
ସ୍ଥାନ ପର୍ଯ୍ୟନ୍ତ ଆମ୍ଭକୁ ଭେଟିବାକୁ ଆସିଥିଲେ। ସେମାନଙ୍କୁ

ଦେଖି ପାଉଲ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ ଓ ଉତ୍ସାହିତ ହେଲେ।

## ରୋମରେ ପାଉଲ

୧୬ତା'ପରେ ଆମ୍ଭେ ରୋମ ଗଲୁ, ପାଉଲଙ୍କୁ ରୋମରେ
ଏକାକୀ ରହିବା ପାଇଁ ଅନୁମତି ମିଳିଲା। କିନ୍ତୁ ତାହାଙ୍କ
ପାଖରେ ଜଣେ ସୈନିକ ସବୁବେଳେ ଜଗି ରହିଲା।
୧୭ପାଉଲ ତିନି ଦିନ ପରେ ଯିହୂଦୀନେତାମାନଙ୍କୁ
ଡକାଇଲେ। ସେମାନେ ଏକତ୍ରିତ ହେଲା ପରେ ସେ
ସେମାନଙ୍କୁ କହିଲେ, "ଭାଇମାନେ, ମୁଁ ଯଦି ଆମ୍ଭ ଲୋକମାନଙ୍କ
ବିରୁଦ୍ଧରେ ବା ଆମ୍ଭ ପୂର୍ବ ପୁରୁଷମାନଙ୍କ ପରମ୍ପରା ବିରୁଦ୍ଧରେ
କିଛି କରି ନଥିଲି, ତଥାପି ମୋତେ ଯିରୂଶାଲମରେ ବନ୍ଦୀ
କରି ରୋମୀୟମାନଙ୍କ ପାଖରେ ସମର୍ପିତ କରାଗଲା।
୧୮ରୋମୀୟମାନେ ମୋତେ ଅନେକ ପ୍ରଶ୍ନ ପଚାରିଲେ। କିନ୍ତୁ
ସେମାନେ ମୋଠାରେ ମୃତ୍ୟୁଦଣ୍ଡ ଯୋଗ୍ୟ କୌଣସି ଦୋଷ
ପାଇଲେ ନାହିଁ। ତେଣୁ ସେମାନେ ମୋତେ ମୁକ୍ତ କରି
ଦେବା ପାଇଁ ଚାହିଁଲେ। ୧୯କିନ୍ତୁ ଯିହୂଦୀମାନେ ଏ ନିଷ୍ପତ୍ତିରେ
ଆପତ୍ତି କଲେ। ତେଣୁ ମୁଁ କାଇସରଙ୍କ ନିକଟରେ
ଆବେଦନ କରିବା ପାଇଁ ବାଧ୍ୟ ହେଲି। ମୋର କିନ୍ତୁ ନିଜ
ଲୋକମାନଙ୍କ ବିରୁଦ୍ଧରେ କୌଣସି ଆପତ୍ତି ଅଭିଯୋଗ
ନାହିଁ। ୨୦ଏଇଥିପାଇଁ ମୁଁ ତୁମ୍ଭମାନଙ୍କ ସଙ୍ଗେ ସାକ୍ଷାତ
କରିବା ଓ କଥା ହେବା ପାଇଁ ଚାହିଁଲି। ଇସ୍ରାୟେଲର
ଭରସାରେ ବିଶ୍ୱାସ କରୁଥିବା ହେତୁ ମୁଁ ଆଜି ଏହି
ଶିକୁଳିରେ ବନ୍ଧା ହୋଇଛି।"
୨୧ଯିହୂଦୀ ନେତାମାନେ ଏହା ଶୁଣି ପାଉଲଙ୍କୁ କହିଲେ,
"ଆମ୍ଭେମାନେ ତୁମ୍ଭ ବିଷୟରେ ଯିହୂଦା ଦେଶରୁ କୌଣସି
ପତ୍ର ପାଇ ନାହୁଁ। ଆମ୍ଭେ ଯିରୂଶାଲମରୁ ଆସିଥିବା
ଭାଇମାନଙ୍କଠାରୁ ତୁମ୍ଭ ବିରୁଦ୍ଧରେ କିଛି ଖବର ବା ମନ୍ଦ
ସୂଚନା ପାଇ ନାହୁଁ। ୨୨ଆମ୍ଭେ ତୁମ୍ଭଠାରୁ ତୁମ୍ଭ ବିଚାରଗୁଡ଼ିକ
ବିଷୟରେ ଶୁଣିବାକୁ ଚାହୁଁଛୁ। ଆମ୍ଭେ ଜାଣୁ ଯେ ଏହି
ଦଳର ନିନ୍ଦା ସବୁଠାରେ ହେଉଛି।"
୨୩ତେଣୁ ସେମାନେ ତାହାଙ୍କ ପାଖକୁ ଆସିବା ପାଇଁ
ଗୋଟିଏ ଦିନ ସ୍ଥିର କଲେ। ବହୁ ସଂଖ୍ୟାରେ ଲୋକମାନେ
ତାହାଙ୍କ ରହିବା ସ୍ଥାନକୁ ଆସିଲେ। ପାଉଲ ସେମାନଙ୍କୁ
ପରମେଶ୍ୱରଙ୍କ ରାଜ୍ୟ ବିଷୟରେ ପ୍ରମାଣ ସହିତ ସବୁ କଥା
ବୁଝାଇ ଦେଲେ। ସେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମୋଶାଙ୍କ
ବ୍ୟବସ୍ଥା ଓ ଭାବବାଦୀଙ୍କ ଶାସ୍ତ୍ରରୁ ଯୀଶୁଙ୍କ ବିଷୟ ବୁଝାଇ
ସେମାନଙ୍କୁ ବିଶ୍ୱାସ କରାଇବା ପାଇଁ ଚେଷ୍ଟା କଲେ।
୨୪ସେମାନଙ୍କ ମଧ୍ୟରୁ କେତେ ଜଣ ଯିହୂଦୀ ପାଉଲଙ୍କ କଥା
ବିଶ୍ୱାସ କଲେ, କିନ୍ତୁ କେତେକ ବିଶ୍ୱାସ କଲେ ନାହିଁ।
୨୫ସେମାନେ ଶେଷରେ ନିଜ-ନିଜ ଭିତରେ ତର୍କବିତର୍କ
କରି ବିଦାୟ ନେଲେ। ସେତେବେଳେ ପାଉଲ ସେମାନଙ୍କୁ
କହିଲେ, "ପବିତ୍ର ଆତ୍ମା ଭାବବାଦୀ ଯିଶାଇୟଙ୍କ ଦ୍ୱାରା
ତୁମ୍ଭମାନଙ୍କର ପୂର୍ବପୁରୁଷମାନଙ୍କୁ ସତ୍ୟ କଥା କହିଥିଲେ।
୨୬ସେ କହିଲେ,

'ଏହି ଲୋକମାନଙ୍କ ପାଖକୁ ଯାଅ, ଓ ସେମାନଙ୍କୁ
କୁହ ଯେ ତୁମ୍ଭେମାନେ ଶୁଣିବ, କିନ୍ତୁ ବୁଝିବ ନାହିଁ।
ତୁମ୍ଭେମାନେ ଚାହୁଁଥିବ, ଓ ଦେଖୁଥିବ କିନ୍ତୁ ତୁମ୍ଭେ
ଯାହା ଦେଖିବ, ତାହା ବୁଝିବ ନାହିଁ।
୨୭ ହିଁ, ଏଠାରେ ଏହି ଲୋକମାନଙ୍କର ମନ କଠୋର
ହୋଇ ଯାଇଛି। ଏ ଲୋକମାନଙ୍କର କାନ ଅଛି
କିନ୍ତୁ ଏମାନେ ଶୁଣିପାରୁ ନାହାଁନ୍ତି। ଏମାନେ ସତ
କଥା ଦେଖିବା ପାଇଁ ଆଖି ବନ୍ଦ କରି ଦେଉଛନ୍ତି।
ନ ହେଲେ ହୁଏତ ସେମାନେ ସେମାନଙ୍କ ଆଖିରେ
ଦେଖି ପାରନ୍ତେ, କାନରେ ଶୁଣି ପାରନ୍ତେ ଓ ବୁଝି
ପାରନ୍ତେ। ଏହାଦ୍ୱାରା, ସେମାନେ ମନଫେରାଇ ମୋ'
ନିକଟକୁ ଆସନ୍ତେ ଓ ମୁଁ ସେମାନଙ୍କୁ ସୁସ୍ଥ କରନ୍ତି।'

ଯିଶାଇୟ ୬:୯-୧୦

୨୮"ତେଣୁ ମୁଁ ଚାହେଁ ତୁମ୍ଭେମାନେ ଜାଣିରଖ ଯେ,
ପରମେଶ୍ୱର ତାହାଙ୍କର ଏହି ପରିତ୍ରାଣର ସମ୍ବାଦ ଅଣଯିହୂଦୀ
ଲୋକମାନଙ୍କ ପାଖକୁ ପଠାଇଛନ୍ତି। ସେମାନେ ତାହାକୁ
ଶୁଣିବେ, ପୁଣି ଗ୍ରହଣ କରିବେ।" ୨୯*
୩୦ପାଉଲ ଦୁଇ ବର୍ଷ ପର୍ଯ୍ୟନ୍ତ ନିଜର ଭଡ଼ା ଘରେ
ରହିଲେ। ୩୧ଯେତେଲୋକ ପାଉଲଙ୍କୁ ଦେଖିବା ପାଇଁ
ଆସୁଥିଲେ ସେ ସମସ୍ତଙ୍କୁ ସେ ସ୍ୱାଗତ କଲେ ଓ ପାଉଲ
ମୁକ୍ତ ଭାବରେ, ବିନା ବାଧାରେ ପୁଣି ଅତି ସାହସର ସହିତ
ପରମେଶ୍ୱରଙ୍କ ରାଜ୍ୟ ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ
ପ୍ରଚାର କଲେ। ପୁଣି ସେହି ଶିକ୍ଷା ଦେବାରୁ କେହି ହେଲେ
ତାହାଙ୍କୁ ଅଟକାଇବା ପାଇଁ ଚେଷ୍ଟା କଲେ ନାହିଁ।

---

**ପଦ ସଂଖ୍ୟା ୨୯** ଏହି କଥା କହିବା ପରେ ଯିହୂଦୀମାନେ ନିଜନିଜ ଭିତରେ ବହୁତ ଯୁକ୍ତିତର୍କ କରି ଚାଲି ଗଲେ।

# ରୋମୀୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କ ପତ୍ର

୧ ଖ୍ରୀଷ୍ଟ ଯୀଶୁଙ୍କ ଜଣେ କ୍ରୀତ ଦାସ ପାଉଲଙ୍କ ଠାରୁ
ନମସ୍କାର। ପରମେଶ୍ୱର ମୋତେ ତାହାଙ୍କର ପ୍ରେରିତ
ଭାବରେ ଡ଼ାକିଲେ। ତାହାଙ୍କର ସୁସମାଚାର ଲୋକମାନଙ୍କୁ
କହିବା ପାଇଁ ମୁଁ ବଛା ହେଲି।
୨ପରମେଶ୍ୱର, ଏହି ସୁସମାଚାର ନିଜ ଲୋକଙ୍କୁ ଦେବା
ପାଇଁ ବହୁ ଆଗରୁ ପ୍ରତିଜ୍ଞା କରି ଥିଲେ। ପରମେଶ୍ୱର,
ନିଜ ଭବିଷ୍ୟଦ୍‌ବକ୍ତାମାନଙ୍କୁ ବ୍ୟବହାର କରି ଏହି ପ୍ରତିଜ୍ଞା
କରିଥିଲେ। ସେହି ପ୍ରତିଜ୍ଞା ପବିତ୍ର ଶାସ୍ତ୍ରରେ ଲେଖା
ହୋଇଛି। ୩ଏହି ସୁସମାଚାର ପରମେଶ୍ୱରଙ୍କ ପୁତ୍ର ତଥା
ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଅଟେ। ୪ସେ
ଦାଉଦଙ୍କ ବଂଶରେ ମନୁଷ୍ୟ ରୂପରେ ଜନ୍ମ ହୋଇଥିଲେ।
କିନ୍ତୁ, ପବିତ୍ର ଆତ୍ମା ଦ୍ୱାରା ପୁନରୁଥାନର ଫଳ ସ୍ୱରୂପ ସେ
ମହାନ ଶକ୍ତି ସହିତ ପରମେଶ୍ୱରଙ୍କର ପୁତ୍ର ରୂପେ ଘୋଷିତ
ହେଲେ। ୫ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ପରମେଶ୍ୱର ମୋତେ
ବାର୍ତ୍ତାବହ ହେବାର ବିଶେଷ କାର୍ଯ୍ୟ ଦେଇଛନ୍ତି। ପରମେଶ୍ୱର,
ଏହା ଦ୍ୱାରା ସମସ୍ତ ଜାତିର ଲୋକଙ୍କ ମନରେ ତାହାଙ୍କ
ପ୍ରତି ବିଶ୍ୱାସ ଜନ୍ମାଇବା ଓ ତାହାଙ୍କୁ ମାନିବା ପାଇଁ ଏହି
କାମ ମୋତେ ଦେଲେ। ମୁଁ ଏହି କାମ ଯୀଶୁ ଖ୍ରୀଷ୍ଟଙ୍କ
ପାଇଁ କରୁଛି। ୬ତୁମ୍ଭେମାନେ ମଧ୍ୟ ଯୀଶୁ ଖ୍ରୀଷ୍ଟଙ୍କର ହେବା
ପାଇଁ ଡକା ଯାଇଛ।
୭ତୁମ୍ଭେମାନେ ପରମେଶ୍ୱରଙ୍କ ପବିତ୍ର ଲୋକ ବୋଲି
ବଛା ଯାଇ ଥିବାରୁ, ମୁଁ ତୁମ୍ଭମାନଙ୍କୁ ଏହି ପତ୍ର ଲେଖୁଛି।
ତୁମ୍ଭମାନଙ୍କୁ ଅନୁଗ୍ରହ ଓ ଶାନ୍ତି ପ୍ରାପ୍ତ ହେଉ। ଆମ୍ଭ
ପରମପିତା ପରମେଶ୍ୱର ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଅନୁଗ୍ରହ
ଓ ଶାନ୍ତି ତୁମ୍ଭମାନଙ୍କୁ ମିଳୁ।

## ଧନ୍ୟବାଦ ପ୍ରାର୍ଥନା

୮ସର୍ବପ୍ରଥମେ ମୁଁ କହିବାକୁ ଚାହେଁ ଯେ ତୁମ୍ଭ ସମସ୍ତଙ୍କ
ପାଇଁ ମୁଁ ମୋର ପରମେଶ୍ୱରଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା
ଧନ୍ୟବାଦ ଦେଉଛି। ମୁଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉଛି
କାରଣ ତୁମ୍ଭମାନଙ୍କର ବିଶ୍ୱାସ ବିଷୟରେ ସାରା ସଂସାର
ଚର୍ଚ୍ଚା

କରୁଛି। ୯ପ୍ରତିଥର ମୁଁ ପ୍ରାର୍ଥନା କଲା ବେଳେ ତୁମ୍ଭମାନଙ୍କୁ
ସ୍ମରଣ କରୁଛି। ୧୦ପରମେଶ୍ୱର ଜାଣନ୍ତି ଯେ ଏହା ସତ୍ୟ।
ପରମେଶ୍ୱରଙ୍କ ପୁତ୍ରଙ୍କ ବିଷୟରେ ସୁସମାଚାର ଲୋକମାନଙ୍କୁ
ଶୁଣାଇବା ଦ୍ୱାରା ମୁଁ ପରମେଶ୍ୱରଙ୍କୁ ମୋ ଅନ୍ତରର ସହ
ଉପାସନା କରୁଛି। ମୁଁ ପ୍ରାର୍ଥନା କରେ ଯେ, ତୁମ୍ଭମାନଙ୍କ
ପାଖକୁ ଯିବା ପାଇଁ ମୋତେ ଅନୁମତି ମିଳୁ। ପରମେଶ୍ୱର
ଇଚ୍ଛା କଲେ ଏହା ସମ୍ଭବ ହେବ। ୧୧ମୁଁ ତୁମ୍ଭମାନଙ୍କୁ
ଦେଖିବାକୁ ବହୁତ ଇଚ୍ଛା କରେ। ତୁମ୍ଭମାନଙ୍କୁ କିଛି ଆତ୍ମିକ
ଅନୁଗ୍ରହଦାନ ଦେଇ ଶକ୍ତିଶାଳୀ କରାଇବା ମୋର ଇଚ୍ଛା।
୧୨ମୋର କହିବାର ଅର୍ଥ ଏହି ଯେ ଆମ୍ଭେମାନେ ଏକ
ଆରେକକୁ ନିଜନିଜର ବିଶ୍ୱାସ ଦ୍ୱାରା ସାହାଯ୍ୟ କରିବା।
ତୁମ୍ଭମାନଙ୍କ ବିଶ୍ୱାସ ମୋତେ ଓ ମୋ ବିଶ୍ୱାସ ତୁମ୍ଭମାନଙ୍କୁ
ସାହାଯ୍ୟ କରିବ। ୧୩ଭାଇ ଓ ଭଉଣୀମାନେ, ମୁଁ ତୁମ୍ଭମାନଙ୍କୁ
ଜଣାଇବାକୁ ଚାହେଁ ଯେ, ପୂର୍ବରୁ ମୁଁ ବହୁତ ଥର
ତୁମ୍ଭମାନଙ୍କ ପାଖକୁ ଆସିବାକୁ ଚେଷ୍ଟା କରିଛି, କିନ୍ତୁ
ଏପର୍ଯ୍ୟନ୍ତ ମୋତେ ତୁମ୍ଭମାନଙ୍କ ପାଖକୁ ଆସିବାକୁ ବାଧା
ପାଇଛି। ତୁମ୍ଭମାନଙ୍କୁ ଆତ୍ମିକ ଭାବରେ ବଢ଼ିବାରେ ସାହାଯ୍ୟ
କରିବା ପାଇଁ ମୁଁ ଆସିବାକୁ ଇଚ୍ଛା କରିଥିଲି। ଅନ୍ୟ
ଅଣଯିହୂଦୀମାନଙ୍କୁ ମୁଁ ଯେପରି ସାହାଯ୍ୟ କରିଥିଲି, ସେହିପରି
ତୁମ୍ଭମାନଙ୍କୁ ମୁଁ ସାହାଯ୍ୟ କରିବାକୁ ଚାହେଁ।
୧୪ମୁଁ ଗ୍ରୀକ୍ ବା ବର୍ବର, ବୁଦ୍ଧିମାନ ବା ମୂର୍ଖ ସମସ୍ତଙ୍କୁ
ସେବା କରିବାକୁ ଉଚିତ ମନେ କରେ। ୧୫ସେଥିପାଇଁ ମୁଁ
ରୋମରେ ରହୁଥିବା ତୁମ୍ଭ ସମସ୍ତଙ୍କୁ ସୁସମାଚାର ଦେବାକୁ
ଇଚ୍ଛା କରୁଛି।
୧୬ମୁଁ ଏହି ସୁସମାଚାର ପାଇଁ ଗର୍ବ ଅନୁଭବ କରୁଛି।
ଏହି ସୁସମାଚାର ହେଉଛି ଶକ୍ତି, ଯାହା ଦ୍ୱାରା ପରମେଶ୍ୱର
ତାହାଙ୍କୁ ବିଶ୍ୱାସ କରୁଥିବା ପ୍ରତ୍ୟେକ ଲୋକଙ୍କୁ ଉଦ୍ଧାର
କରନ୍ତି। ପ୍ରଥମେ ଯିହୂଦୀମାନଙ୍କୁ ଓ ପରେ ଅଣଯିହୂଦୀମାନଙ୍କୁ
ମଧ୍ୟ। ୧୭ପରମେଶ୍ୱର ଲୋକମାନଙ୍କୁ କିପରି ତାଙ୍କ ପାଇଁ
ଧାର୍ମିକ କରନ୍ତି ତାହା ସୁସମାଚାର ଦର୍ଶାଇଥାଏ। ବିଶ୍ୱାସ
ଦ୍ୱାରା ପରମେଶ୍ୱରଙ୍କ ପାଇଁ ଧାର୍ମିକତା ଆରମ୍ଭ ହୁଏ ଓ
ବିଶ୍ୱାସରେ ଶେଷ ହୁଏ। ଯେପରି ଧର୍ମଶାସ୍ତ୍ରରେ କୁହା
ଯାଇଛି, "ବିଶ୍ୱାସ ଦ୍ୱାରା ଧାର୍ମିକ ଅନନ୍ତକାଳ ଜୀବିତ
ରହେ।"*

## ସମସ୍ତେ ପାପ କରିଛନ୍ତି

୧୮ପରମେଶ୍ୱରଙ୍କ କ୍ରୋଧ ସ୍ୱର୍ଗରୁ ପ୍ରକାଶିତ ହୋଇଛି।
ଲୋକମାନଙ୍କ ଦ୍ୱାରା ପରମେଶ୍ୱରଙ୍କ ବିରୁଦ୍ଧରେ କରାଯାଉଥିବା
ପ୍ରତ୍ୟେକ କୁକର୍ମ ଓ ଭୁଲକର୍ମ ପାଇଁ ପରମେଶ୍ୱର କ୍ରୋଧ
କରନ୍ତି। ସେମାନଙ୍କ ପାଖରେ ସତ୍ୟ ଅଛି, କିନ୍ତୁ ସେମାନେ
ନିଜର ମନ୍ଦ ଜୀବନ ଦ୍ୱାରା ତାହା ଲୁଚାନ୍ତି। ୧୯ପରମେଶ୍ୱରଙ୍କ
ବିଷୟକ ସମସ୍ତ ଜ୍ଞାନ ଲୋକମାନଙ୍କ ପାଇଁ ସ୍ପଷ୍ଟ କରା
ଯାଇ ସାରିଥିବାରୁ, ପରମେଶ୍ୱର ତାହାଙ୍କର କ୍ରୋଧ ଦେଖାନ୍ତି।
ପ୍ରକୃତରେ, ପରମେଶ୍ୱର ନିଜ ବିଷୟରେ ଯାହା ଜଣାଇବା

---

**"ବିଶ୍ୱାସ ଦ୍ୱାରା ... ରହେ"** ହବକ୍‌କୂକ୍ ୨:୪

କଥା, ସେ ସମସ୍ତ କଥା ସ୍ପଷ୍ଟ ଭାବରେ ଦେଖାଇ
ଦେଇଛନ୍ତି। ୨୦ପରମେଶ୍ୱରଙ୍କ ବିଷୟରେ କେତେକ ତଥ୍ୟ
ଲୋକେ ଦେଖି ପାରିବେ ନାହିଁ ତାହାଙ୍କର ଅନନ୍ତ ଶକ୍ତି ଓ
ପରମେଶ୍ୱରତ୍ୱ (ତାହାଙ୍କୁ ପରମେଶ୍ୱର ବୋଲି ପ୍ରମାଣିତ
କରୁଥିବା ସମସ୍ତ କଥା)। କିନ୍ତୁ ଜଗତର ସୃଷ୍ଟିର ଆରମ୍ଭରୁ
ସେ ଗୁଡ଼ିକ ଲୋକମାନଙ୍କ ବୁଝିବା ପାଇଁ ସହଜ କରା
ଯାଇଛି। ଏ ଗୁଡ଼ିକ ପରମେଶ୍ୱର ସୃଷ୍ଟି କରିଥିବା ବସ୍ତୁଗୁଡ଼ିକରୁ
ସ୍ପଷ୍ଟ ହୋଇ ଥାଏ। ସେଥିପାଇଁ ମନ୍ଦ କାର୍ଯ୍ୟ କରିବା ପାଇଁ
ଲୋକମାନଙ୍କ ପାଖରେ କୌଣସି ବାହାନା ନାହିଁ। ୨୧ଲୋକେ
ପରମେଶ୍ୱରଙ୍କୁ ଜାଣିଥିଲେ। କିନ୍ତୁ ସେମାନେ ପରମେଶ୍ୱରଙ୍କୁ
ଗୌରବ ଦେଲେ ନାହିଁ ଓ ତାହାଙ୍କୁ ଧନ୍ୟବାଦ ଜଣାଇଲେ
ନାହିଁ। ଲୋକଙ୍କ ଚିନ୍ତାଧାରା ନିରର୍ଥକ ହେଲା। ସେମାନଙ୍କର
ଜ୍ଞାନ ଅନ୍ଧକାରରେ ଭରିଗଲା। ୨୨ଲୋକେ ନିଜକୁ ବୁଦ୍ଧିମାନ
ବୋଲି କହିଲେ କିନ୍ତୁ ପ୍ରକୃତରେ ସେମାନେ ମୂର୍ଖ ହୋଇଗଲେ।
୨୩ସେମାନେ ପରମେଶ୍ୱରଙ୍କ ଚିରସ୍ଥାୟୀ ମହିମାକୁ ଛାଡ଼ି
ଦେଲେ। ଲୋକେ ସେହି ମହିମାକୁ ମୂର୍ତ୍ତିପୂଜା ଦ୍ୱାରା
ବେପାର କଲେ। ଲୋକେ ଏହି ମୂର୍ତ୍ତିଗୁଡ଼ିକୁ ପକ୍ଷୀ, ପଶୁ
ଓ ସରୀସୃପ ରୂପ ପ୍ରଦାନ କଲେ।

୨୪ଲୋକେ ସର୍ବଦା ମନ୍ଦ କର୍ମ କରିବାକୁ ଇଚ୍ଛା କଲେ।
ସେମାନେ ପାପରେ ପୂର୍ଣ୍ଣ ଥିଲେ। ପରମେଶ୍ୱର ସେମାନଙ୍କୁ
ନିଜର ପାପ ମାର୍ଗରେ ଯିବା ପାଇଁ ଛାଡ଼ି ଦେଲେ।
ସେଥିପାଇଁ ସେମାନେ ଯୌନପାପରେ ପରିପୂର୍ଣ୍ଣ ହେଲେ ଓ
ନିଜ ନିଜ ଶରୀରକୁ ପରସ୍ପର ସହିତ ମନ୍ଦ କର୍ମରେ
ନିୟୋଜିତ ରଖିଲେ, ଯା'ଦ୍ୱାରା ସେମାନଙ୍କ ଶରୀର ନିନ୍ଦିତ
ହେଲା। ୨୫ଲୋକେ ପରମେଶ୍ୱରଙ୍କ ସତ୍ୟ ବଦଳରେ ମିଥ୍ୟାକୁ
ଗ୍ରହଣ କଲେ। ସେମାନେ ସୃଷ୍ଟ ବସ୍ତୁ ଗୁଡ଼ିକର ଉପାସନା
ଓ ସେବା କଲେ। ସେମାନେ ଏହି ବସ୍ତୁ ଗୁଡ଼ିକର
ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କୁ ଉପାସନା କଲେ ନାହିଁ। ପରମେଶ୍ୱର
ସର୍ବଦା ପ୍ରଶଂସାର ପାତ୍ର। ଆମେନ୍।

୨୬ସେଥିପାଇଁ ପରମେଶ୍ୱର ସେମାନଙ୍କୁ ସେହି ଲଜ୍ଜାଜନକ
କାର୍ଯ୍ୟ କରିବା ପାଇଁ ଛାଡ଼ିଦେଲେ। ୨୭ସେହିଭଳି ପୁରୁଷମାନେ
ମଧ୍ୟ ସ୍ତ୍ରୀମାନଙ୍କ ସ୍ୱାଭାବିକ ସଙ୍ଗ ଛାଡ଼ି ପରସ୍ପର ଭିତରେ
କାମନାରେ ଲିପ୍ତ ହେଲେ। ପୁରୁଷମାନେ ଅନ୍ୟ ପୁରୁଷମାନଙ୍କ
ସହିତ ଅଶୋଭନୀୟ ବ୍ୟବହାର କଲେ। ନିଜର ମନ୍ଦ
କାର୍ଯ୍ୟ ପାଇଁ ସେମାନେ ନିଜ ଦେହରେ ଦଣ୍ଡ ଭୋଗିଲେ।

୨୮ପରମେଶ୍ୱରଙ୍କ ବିଷୟରେ ପ୍ରକୃତ ଜ୍ଞାନ ପ୍ରାପ୍ତ କରିବାକୁ
ଲୋକେ ଗୁରୁତ୍ୱ ଦେଲେ ନାହିଁ। ସେଥିପାଇଁ ପରମେଶ୍ୱର
ସେମାନଙ୍କୁ ସେମାନଙ୍କ ବିକୃତ ଚିନ୍ତାରେ ରହିବାକୁ ଛାଡ଼ି
ଦେଲେ ଓ ସେମାନେ ଅନୁଚିତ କର୍ମକରି ରହିଲେ।
୨୯ସେହି ଲୋକମାନେ ସମସ୍ତ ପ୍ରକାରର ପାପ, ମନ୍ଦଭାବନା,
ସ୍ୱାର୍ଥ ଓ ଘୃଣାରେ ପରିପୂର୍ଣ୍ଣ ଥିଲେ। ସେମାନେ ହତ୍ୟା,
ଝଗଡ଼ା, ମିଛ, ଛନ୍ଦ-କପଟତା ଓ ଅନ୍ୟମାନଙ୍କର ମନ୍ଦ
ଚିନ୍ତାରେ ବୁଡ଼ି ରହନ୍ତି। ୩୦ସେମାନେ ପରଚର୍ଚ୍ଚା କରନ୍ତି,
ପରନିନ୍ଦା କରନ୍ତି, ଓ ଏକ ଆରେକ ବିରୁଦ୍ଧରେ ମନ୍ଦ କଥା
କୁହନ୍ତି। ସେମାନେ ପରମେଶ୍ୱରଙ୍କୁ ଘୃଣା କରନ୍ତି। ସେମାନେ
ଉଦ୍ଧତ, ଆତ୍ମଗର୍ବୀ ଓ ଅହଂକାରୀ। ସେମାନେ ମନ୍ଦକର୍ମ
କରିବା ପାଇଁ ବାଟ ଖୋଜୁ ଥାଆନ୍ତି। ୩୧ସେମାନେ ନିଜର
ପିତାମାତାଙ୍କୁ ମାନନ୍ତି ନାହିଁ। ସେମାନେ ମୂର୍ଖ ସେମାନେ
ନିଜର କଥା ରଖନ୍ତି ନାହିଁ ଓ ସେମାନେ ଅନ୍ୟ ଲୋକମାନଙ୍କ
ପ୍ରତି ଦୟାଭାବ ପ୍ରଦର୍ଶନ କରନ୍ତି ନାହିଁ। ୩୨ସେମାନେ
ପରମେଶ୍ୱରଙ୍କ ବ୍ୟବସ୍ଥା ଜାଣନ୍ତି। ସେମାନେ ଜାଣନ୍ତି ଯେ
ପରମେଶ୍ୱରଙ୍କ ବ୍ୟବସ୍ଥା କୁହେ, ଯେଉଁ ଲୋକ ଏହି ଭଳି
ଜୀବନ ଯାପନ କରୁଛି, ସେ ମରିବା ଉଚିତ। କିନ୍ତୁ
ସେମାନେ ଏହି ମନ୍ଦକାର୍ଯ୍ୟ ଗୁଡ଼ିକ କରି ଚାଲନ୍ତି। ଯେଉଁ
ଲୋକମାନେ ଏହିଭଳି କାମ କରନ୍ତି, ସେମାନଙ୍କୁ ମଧ୍ୟ
ସେମାନେ ସମର୍ଥନ କରନ୍ତି।

## ଯିହୂଦୀମାନେ! ତୁମ୍ଭେମାନେ ମଧ୍ୟ ପାପୀ

**୨** ଯଦି ତୁମ୍ଭେ ଭାବୁଛ ଯେ ତୁମ୍ଭେମାନେ ଅନ୍ୟ
ଲୋକଙ୍କର ନ୍ୟାୟବିଚାର କରି ପାରିବ ତା ହେଲେ
ତୁମ୍ଭେ ଭୁଲ କରୁଛ। ତୁମ୍ଭେମାନେ ନିଜେ ମଧ୍ୟ ପାପର
ଦୋଷୀ। ତୁମ୍ଭେ ଅନ୍ୟମାନଙ୍କର ନ୍ୟାୟ ବିଚାର କରୁଛ,
ହେଲେ ତୁମ୍ଭେ ମଧ୍ୟ ସେମାନଙ୍କ ପରି ମନ୍ଦ କାମ କରୁଛ।
ଅତଏବ ଯେତେବେଳେ ତୁମ୍ଭେ ସେମାନଙ୍କର ନ୍ୟାୟବିଚାର
କରୁଛ, ସେତେବେଳେ ପ୍ରକୃତରେ ନିଜକୁ ଅପରାଧୀ ବୋଲି
ନ୍ୟାୟବିଚାର କରୁଛ। ୨ପରମେଶ୍ୱର, ଯେଉଁମାନେ ଏପରି
ମନ୍ଦକର୍ମ କରନ୍ତି ତାହାଙ୍କର ନ୍ୟାୟ ବିଚାର କରନ୍ତି। ଏହା
ଆମ୍ଭେମାନେ ଜାଣୁ ଯେ, ପରମେଶ୍ୱରଙ୍କର ନ୍ୟାୟ ବିଚାର
ଠିକ୍ ଅଟେ। ୩ତୁମ୍ଭେ ଭୁଲ କାମ କରୁଥିବା ଲୋକଙ୍କର
ନ୍ୟାୟବିଚାର କରୁଛ। କିନ୍ତୁ ତୁମ୍ଭେ ନିଜେ ମଧ୍ୟ ସେହି
ଭଳି ଭୁଲ କାମ କରୁଛ। ସେଥିପାଇଁ ତୁମ୍ଭେ ଜାଣ ଯେ
ପରମେଶ୍ୱର ନିଶ୍ଚିତ ଭାବରେ ତୁମ୍ଭର ନ୍ୟାୟବିଚାର କରିବେ।
ତୁମ୍ଭେ ବିଚାରରୁ ରକ୍ଷା ପାଇ ପାରିବ ନାହିଁ। ୪ପରମେଶ୍ୱର
ତୁମ୍ଭ ପ୍ରତି ଅତି ଦୟାଳୁ। ସେ ତୁମ୍ଭ ପ୍ରତି ଧୈର୍ଯ୍ୟବାନ।
ପରମେଶ୍ୱର ଅପେକ୍ଷା କରିଛନ୍ତି ଯେ ତୁମ୍ଭେ ବଦଳି ଯାଅ।
କିନ୍ତୁ ତୁମ୍ଭେ ତାହାଙ୍କର ଦୟାଳୁତା ବିଷୟରେ ଆଦୌ ଭାବୁ
ନାହିଁ। ଏହା ହୋଇ ପାରେ ଯେ, ତୁମ୍ଭେ ସମ୍ଭବତଃ
ବୁଝିପାରୁ ନାହିଁ ଯେ ତୁମ୍ଭକୁ ନିଜର ହୃଦୟ ଓ ଜୀବନ
ବଦଳାଇବା ପାଇଁ ସୁଯୋଗ ଦେବା ଉଦ୍ଦେଶ୍ୟରେ ପରମେଶ୍ୱର
ତୁମ୍ଭ ପ୍ରତି ଦୟାଳୁ ହୋଇଛନ୍ତି। ୫କିନ୍ତୁ ତୁମ୍ଭେମାନେ କଠିନ
ଓ ଅନୁତାପବିହୀନ। ତୁମ୍ଭେ ବଦଳିବା ପାଇଁ ନାରାଜ।
ସେଥିପାଇଁ ତୁମ୍ଭେ ନିଜର ଦଣ୍ଡକୁ ଅଧିକରୁ ଅଧିକ ବଢ଼ାଉଛ।
ଯେଉଁ ଦିନ ପରମେଶ୍ୱର ନିଜର କ୍ରୋଧ ଦେଖାଇବେ,
ସେହି ଦିନ ତୁମ୍ଭେ ସେହି ଦଣ୍ଡ ପାଇବ। ସେହି ଦିନ
ଲୋକେ ପରମେଶ୍ୱରଙ୍କର ଠିକ୍ ନ୍ୟାୟବିଚାର ଦେଖିବେ।
୬ପରମେଶ୍ୱର ପ୍ରତ୍ୟେକ ଲୋକକୁ ନିଜ ନିଜର କର୍ମ
ଅନୁସାରେ ପୁରସ୍କାର ବା ଦଣ୍ଡ ଦେବେ। ୭କେତେକ
ଲୋକ ପରମେଶ୍ୱରଙ୍କର ମହିମା, ସମ୍ମାନ ଓ ପରମେଶ୍ୱର
ଦେବାକୁ ଥିବା ଅନନ୍ତ ଜୀବନ ପାଇଁ ବଞ୍ଚନ୍ତି। ଯେଉଁମାନେ
ସର୍ବଦା ଭଲ କାମ କରି ଧୈର୍ଯ୍ୟପୂର୍ବକ ଏହି ଗୁଡ଼ିକ ପାଇଁ
ଜୀବନ ଧାରଣ କରନ୍ତି, ସେହି ଲୋକମାନଙ୍କୁ ପରମେଶ୍ୱର
ଅନନ୍ତ ଜୀବନ ପ୍ରଦାନ କରିବେ। ୮କିନ୍ତୁ ଯେଉଁମାନେ
ସ୍ୱାର୍ଥୀ ଓ ସତ୍ୟକୁ ଅନୁସରଣ କରିବା ପାଇଁ ମନା କରନ୍ତି
ଓ ମନ୍ଦ ମାର୍ଗ ଅବଲମ୍ବନ କରନ୍ତି, ପରମେଶ୍ୱର ସେମାନଙ୍କୁ

ଦଣ୍ଡ ଦେବେ। [୯]ମନ୍ଦକାମ କରୁଥିବା ପ୍ରତ୍ୟେକ ଲୋକକୁ
ପରମେଶ୍ୱର ଦୁଃଖ ଓ ସଂକଟରେ ପକାଇବେ। ଯିହୂଦୀମାନଙ୍କୁ
ପ୍ରଥମେ, ପରେ ଅଣଯିହୂଦୀମାନଙ୍କୁ ମଧ୍ୟ। [୧୦]କିନ୍ତୁ ପରମେଶ୍ୱର,
ଭଲ କାମ କରୁଥିବା ପ୍ରତ୍ୟେକ ଲୋକକୁ ଗୌରବ, ସମ୍ମାନ
ଓ ଶାନ୍ତି ପ୍ରଦାନ କରିବେ-ପ୍ରଥମେ ଯିହୂଦୀମାନଙ୍କୁ ଓ ପରେ
ଅଣଯିହୂଦୀମାନଙ୍କୁ ମଧ୍ୟ। [୧୧]ପରମେଶ୍ୱର ପ୍ରତ୍ୟେକ ଲୋକଙ୍କ
ପ୍ରତି ସମାନ ଭାବରେ ନ୍ୟାୟବିଚାର କରନ୍ତି।

[୧୨]ଯେଉଁ ଲୋକମାନେ ବ୍ୟବସ୍ଥା ଜାଣିଛନ୍ତି ଓ
ଯେଉଁଲୋକମାନେ ବ୍ୟବସ୍ଥା ବିଷୟରେ ଶୁଣି ନାହାଁନ୍ତି, ପାପ
କର୍ମ କଲା ବେଳେ ସମସ୍ତେ ସମାନ। ଲୋକେ ଯେଉଁମାନେ
ବ୍ୟବସ୍ଥା ଜାଣି ନାହାଁନ୍ତି ଓ ପାପ କରୁଛନ୍ତି, ସେମାନେ ନଷ୍ଟ
ହୋଇ ଯିବେ। ଓ ସେହି ପରି, ଯେଉଁମାନେ ବ୍ୟବସ୍ଥା
ଜାଣିଛନ୍ତି ଓ ପାପ କରୁଛନ୍ତି, ବ୍ୟବସ୍ଥା ଅନୁସାରେ ସେମାନଙ୍କର
ନ୍ୟାୟବିଚାର ହେବ। [୧୩]ବ୍ୟବସ୍ଥାକୁ କେବଳ ଶୁଣିଥିଲେ
କେହି ପରମେଶ୍ୱରଙ୍କ ପ୍ରତି ଧାର୍ମିକ ହୋଇ ପାରିବ ନାହିଁ।
ବ୍ୟବସ୍ଥାକୁ ସମଗ୍ର ଭାବରେ ପାଳନ କଲେ ହିଁ ବ୍ୟବସ୍ଥା,
ଲୋକମାନଙ୍କୁ, ପରମେଶ୍ୱରଙ୍କ ପ୍ରତି ଧାର୍ମିକ ବୋଲି ପ୍ରମାଣିତ
କରେ। [୧୪]ଅଣ ଯିହୂଦୀମାନଙ୍କର କୌଣସି ବ୍ୟବସ୍ଥା ନାହିଁ।
କିନ୍ତୁ ଯେତେବେଳେ ସେମାନେ ସ୍ୱାଭାବିକ ଭାବରେ ବ୍ୟବସ୍ଥା
ଅନୁଯାୟୀ ନ ଜାଣି ମଧ୍ୟ କାମ କରନ୍ତି, ସେତେବେଳେ
ସେ ଗୁଡ଼ିକ ହିଁ ବ୍ୟବସ୍ଥା ହୋଇ ଯାଏ। ସେମାନଙ୍କର
ବ୍ୟବସ୍ଥା ନଥିଲେ ମଧ୍ୟ ଏହା ସତ୍ୟ। [୧୫]ସେମାନେ ହୃଦୟରେ
ଜାଣି ପାରନ୍ତି ଯେ କଣ ଠିକ୍ ଓ କଣ ଭୁଲ। ଯାହା ଠିକ୍
ତାହା ବ୍ୟବସ୍ଥା ଚାହେଁ। ସେମାନେ ଠିକ୍ ଓ ଭୁଲ
ବିଷୟରେ ଯାହା ଅନୁଭବ କରନ୍ତି, ତାହା ଦେଖାଇ ମଧ୍ୟ
ଦିଅନ୍ତି। ବେଳେବେଳେ ସେମାନଙ୍କ ବିଚାର ସେମାନଙ୍କୁ
କୁହେ ଯେ, ସେମାନେ ମନ୍ଦ କାମ କଲେ ସେମାନେ
ଦୋଷୀ ହୁଅନ୍ତି ଓ ବେଳେବେଳେ ସେମାନଙ୍କ ବିଚାର
ସେମାନଙ୍କୁ କୁହେ ଯେ, ସେମାନେ ଉତ୍ତମ କାମ କଲେ,
ସେମାନେ ନିଜକୁ ଦୋଷୀ ବିବେଚିତ କରନ୍ତି ନାହିଁ।
[୧୬]ଯେଉଁ ଦିନ ପରମେଶ୍ୱର ଲୋକମାନଙ୍କ ଭିତରେ ଥିବା
ଗୁପ୍ତ କଥା ଗୁଡ଼ିକର ନ୍ୟାୟବିଚାର କରିବେ ସେହି ଦିନ
ଏହି କଥା ଘଟିବ। ମୁଁ ଯେଉଁ ସୁସମାଚାର ଲୋକମାନଙ୍କୁ
କହୁଛି, ତାହା କୁହେ ଯେ, ପରମେଶ୍ୱର ଖ୍ରୀଷ୍ଟ ଯୀଶୁଙ୍କ
ଦ୍ୱାରା, ଲୋକମାନଙ୍କର ନ୍ୟାୟବିଚାର କରିବେ।

## ଯିହୂଦୀ ଓ ବ୍ୟବସ୍ଥା

[୧୭]ତୁମ୍ଭ ବିଷୟରେ କଣ? ତୁମ୍ଭେ କହୁଛ ତୁମ୍ଭେ ଜଣେ
ଯିହୂଦୀ। ତୁମ୍ଭର ବ୍ୟବସ୍ଥା ଉପରେ ଭରସା ଅଛି ଓ ଗର୍ବ
କର ଯେ, ତୁମ୍ଭେ ପରମେଶ୍ୱରଙ୍କ ନିକଟରେ ଅଛ।
[୧୮]ତୁମ୍ଭେ ଜାଣ ଯେ, ତୁମ୍ଭେ କଣ କରିବ ବୋଲି
ପରମେଶ୍ୱର ଚାହାଁନ୍ତି। ଏବଂ ତୁମ୍ଭେ ଜାଣିଛ ଯେ କେଉଁ
ବିଷୟ ଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ, କାରଣ ତୁମ୍ଭେ ବ୍ୟବସ୍ଥା
ଶିଖିଛ। [୧୯]ତୁମ୍ଭେ ଭାବୁଛ ଯେ, ଯେଉଁ ଲୋକମାନେ ସତ୍ୟ
ମାର୍ଗ ବିଷୟରେ ଜାଣନ୍ତି ନାହିଁ, ତୁମ୍ଭେ ସେମାନଙ୍କର ମାର୍ଗ
ଦର୍ଶକ। ତୁମ୍ଭେ ଭାବୁଛ ଯେ, ଯେଉଁମାନେ ଅନ୍ଧକାରରେ
ଅଛନ୍ତି ସେମାନଙ୍କ ପାଇଁ ତୁମ୍ଭେ ଆଲୁଅ ସଦୃଶ। [୨୦]ତୁମ୍ଭେ
ଭାବୁଛ ଯେ, ଯେଉଁମାନେ ମୁର୍ଖ, ସେମାନଙ୍କୁ ସତ୍ୟ ଦେଖାଇ
ପାରିବ। ଏବଂ ତୁମ୍ଭେ ଭାବୁଛ ଯେ, ଯେଉଁମାନଙ୍କର ଏବେ
ମଧ୍ୟ ଶିଖିବା ଆବଶ୍ୟକ, ସେମାନଙ୍କର ତୁମ୍ଭେ ଶିକ୍ଷକ।
ତୁମ୍ଭ ପାଖରେ ବ୍ୟବସ୍ଥା ଅଛି ସେଥିପାଇଁ ତୁମ୍ଭେ ଭାବୁଛ
ଯେ ତୁମ୍ଭେ ସବୁ କିଛି ଜାଣିଛ ଓ ତୁମ୍ଭ ପାଖରେ ସତ୍ୟ
ଅଛି। [୨୧]ତୁମ୍ଭେ ଅନ୍ୟ ଲୋକଙ୍କୁ ଶିକ୍ଷା ଦେଉଛ। ସେ
ଦୃଷ୍ଟିରୁ ତୁମ୍ଭେ ନିଜକୁ ଶିକ୍ଷା କାହିଁକି ଦେଉନାହିଁ? ତୁମ୍ଭେ
ଲୋକଙ୍କୁ କହୁଛ ଚୋରୀକର ନାହିଁ। କିନ୍ତୁ ତୁମ୍ଭେ ନିଜେ
ଚୋରୀ କରୁଛ। [୨୨]ତୁମ୍ଭେ କହୁଛ ଲୋକେ ବ୍ୟଭିଚାର ପାପ
କରିବା କଥା ନୁହେଁ। କିନ୍ତୁ ତୁମ୍ଭେ ନିଜେ ସେହି ପାପରେ
ଦୋଷୀ। ତୁମ୍ଭେ ମୂର୍ତ୍ତିକୁ ଘୃଣା କରିଥାଅ। [୨୩]କିନ୍ତୁ ତୁମ୍ଭେ
ମନ୍ଦିରରୁ ଚୋରୀ କରୁଛ। ତୁମ୍ଭେ ପରମେଶ୍ୱରଙ୍କ ବ୍ୟବସ୍ଥା
ପାଇଁ ଗର୍ବ କରୁଛ। କିନ୍ତୁ ତୁମ୍ଭେ ସେହି ବ୍ୟବସ୍ଥା ଭଙ୍ଗ
କରି ପରମେଶ୍ୱରଙ୍କୁ ଲଜ୍ଜା ଦେଉଛ। [୨୪]ପବିତ୍ର-ଶାସ୍ତ୍ରରେ*
ଲେଖା ଅଛି, "ଅଣ ଯିହୂଦୀମାନେ ପରମେଶ୍ୱରଙ୍କ ବିଷୟରେ
ମନ୍ଦ କଥା, ଯିହୂଦୀମାନଙ୍କ ପାଇଁ ହିଁ କୁହନ୍ତି।"*

[୨୫]ଯଦି ତୁମ୍ଭେ ବ୍ୟବସ୍ଥା* ପାଳନ କରୁଛ ତାହେଲେ
ତୁମ୍ଭର ସୁନ୍ନତ* ହେବାର ମୂଲ୍ୟ ଅଛି। କିନ୍ତୁ ତୁମ୍ଭେ ଯଦି
ବ୍ୟବସ୍ଥା ଭଙ୍ଗ କରୁଛ ତାହେଲେ ତୁମ୍ଭେ ସୁନ୍ନତ ନ ହେବା
ସହିତ ସମାନ। [୨୬]ଅଣଯିହୂଦୀମାନେ ସୁନ୍ନତ ହୁଅନ୍ତି ନାହିଁ।
କିନ୍ତୁ ସେମାନେ ଯଦି ବ୍ୟବସ୍ଥା କହିବା ଭଳି ଆଚରଣ
କରନ୍ତି, ତାହେଲେ ସେମାନେ ସୁନ୍ନତ ହେବା ଭଳି
ହେଲେ। [୨୭]ତୁମ୍ଭ, ଯିହୂଦୀମାନଙ୍କର ଲିଖିତ ବ୍ୟବସ୍ଥା ଅଛି
ଓ ସୁନ୍ନତ ମଧ୍ୟ, କିନ୍ତୁ ତୁମ୍ଭେମାନେ ବ୍ୟବସ୍ଥା ଭଙ୍ଗ କରୁଛ।
ଅତଏବ ଶାରୀରିକ ଭାବେ ସୁନ୍ନତ ନ ହୋଇ ବ୍ୟବସ୍ଥା
ପାଳନ କରୁଥିବା ଲୋକେ ଦେଖାଇ ଦେବେ ଯେ ତୁମ୍ଭେ
ଦୋଷୀ ଅଟ।

[୨୮]ଜଣେ କେବଳ ଶରୀରରେ ଯିହୂଦୀ, କିନ୍ତୁ ପ୍ରକୃତରେ
ଯିହୂଦୀ ନୁହେଁ। ପ୍ରକୃତ ସୁନ୍ନତ କେବଳ ବାହାର ଶରୀରର
ନୁହେଁ। [୨୯]ଜଣେ ଲୋକ ଯଦି ପ୍ରକୃତରେ ଯିହୂଦୀ ସେ
ଅନ୍ତରରୁ ଯିହୂଦୀ ଅଟେ। ପ୍ରକୃତ ସୁନ୍ନତ ହୃଦୟରେ ହିଁ
କରା ଯାଇଥାଏ। ଏହା ଆତ୍ମା* ଦ୍ୱାରା କରା ଯାଇ ଥାଏ।
ଆକ୍ଷରିକ ଭାବରେ ନୁହେଁ। ଯେଉଁ ଲୋକ ହୃଦୟରେ ଆତ୍ମା
ଦ୍ୱାରା ସୁନ୍ନତ ହୋଇ ଥାଏ ସେ ପରମେଶ୍ୱରଙ୍କ ଠାରୁ
ପ୍ରଶଂସା ପାଏ, ମଣିଷମାନଙ୍କ ଠାରୁ ନୁହେଁ।

୩ ଅତଏବ ଯିହୂଦୀମାନଙ୍କ ଠାରେ କଣ ଅଧିକ ଅଛି
ଯାହା ଅନ୍ୟ ଲୋକମାନଙ୍କ ଠାରେ ନାହିଁ? ଅସୁନ୍ନତ
ହେବାରେ କ'ଣ ବିଶେଷ ମୂଲ୍ୟ ଅଛି? [୨]ହିଁ ଯିହୂଦୀ
ମାନଙ୍କଠାରେ ଅନେକ କିଛି ବିଶେଷ ବିଷୟ ଅଛି।

---

**ପବିତ୍ର ଶାସ୍ତ୍ର** ପ୍ରାଚୀନ ସୁମାଚାର (ପୁରାତନ ନିୟମ)

**"ଅଣ ଯିହୂଦୀ ... କୁହନ୍ତି"** ଯିଶାଇୟ ୫୨.୫ ରୁ ଉଦ୍ଧୃତ

**ବ୍ୟବସ୍ଥା** ଅର୍ଥ ପରମେଶ୍ୱରଙ୍କ ନିୟମ।

**ସୁନ୍ନତ** ଲିଙ୍ଗର ଉପରି ଚମଡ଼ା କଟା ଯିବା। ପ୍ରତ୍ୟେକ ଯିହୂଦୀ ବାଳକର ଏହା କରା ଯାଇଥାଏ।

**ଆତ୍ମା** ପବିତ୍ର ଆତ୍ମା। ପରମେଶ୍ୱରଙ୍କ ଆତ୍ମା, ଯୀଶୁ ଖ୍ରୀଷ୍ଟଙ୍କ ଆତ୍ମା।

ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ଏହି ଯେ, ସେମାନଙ୍କୁ ସର୍ବପ୍ରଥମେ
ପରମେଶ୍ୱର ତାହାଙ୍କ ଉପଦେଶ ଗୁଡ଼ିକୁ ସମର୍ପିତ କଲେ।
୩ଏହା ସତ୍ୟ ଯେ, କେତେକ ଯିହୂଦୀ ପରମେଶ୍ୱରଙ୍କର
ବିଶ୍ୱସ୍ତ ନଥିଲେ। କିନ୍ତୁ ସେମାନଙ୍କ ଅବିଶ୍ୱସ୍ତତା କ'ଣ
ପରମେଶ୍ୱରଙ୍କୁ ନିଜ ପ୍ରତିଜ୍ଞା ରଖିବାରେ ବାଧା ଦେବ?
୪କେବେ ନୁହେଁ। ଯଦି ପ୍ରତ୍ୟେକ ଲୋକ ଅସତ୍ ହୁଅନ୍ତି,
ତେବେ ମଧ୍ୟ ପରମେଶ୍ୱର ସତ୍ୟ ହୋଇ ରହିବେ।
ଶାସ୍ତ୍ରରେ ଲେଖା ଅଛି ଯେ:

"ତୁମ୍ଭେ ତୁମ୍ଭର କହୁଥିବା ବିଷୟ ଦ୍ୱାରା ଧାର୍ମିକ
ବୋଲି ପ୍ରମାଣିତ ହେବ, ଓ ନ୍ୟାୟ ବିଚାର ହେଲାବେଳେ
ତୁମ୍ଭେ ବିଜୟ ଲାଭ କରିବ।"

ଗୀତସଂହିତା ୫୧:୪

୫ଆମ୍ଭେ ଯେତେବେଳେ ଭୁଲ କରୁ, ସେଥିରୁ ସ୍ପଷ୍ଟ
ଭାବରେ ଜଣା ପଡ଼େ ଯେ ପରମେଶ୍ୱର ହେଉଛନ୍ତି ଠିକ୍।
ସେଥିପାଇଁ ପରମେଶ୍ୱର ଯେତେବେଳେ ଆମ୍ଭକୁ ଦଣ୍ଡ
ଦିଅନ୍ତି, କଣ ଆମ୍ଭେ କହି ପାରିବା ଯେ, ସେ ଅନ୍ୟାୟୀ?
୬(ମୁଁ କେତେକ ଲୋକଙ୍କ ଭାବିବାର ଢଙ୍ଗ ବିଷୟରେ
କହୁଛି।) ନା! ଯଦି ପରମେଶ୍ୱର ଆମ୍ଭକୁ ଦଣ୍ଡ ଦେଇ
ପାରିବେ ନାହିଁ, ତା'ହେଲେ ସେ ସଂସାରର ବିଚାର କରି
ପାରିବେ ନାହିଁ।

୭ଜଣେ ଲୋକ କହି ପାରେ, "ଯେତେବେଳେ ମୁଁ ମିଛ
କହେ ତାହା ପ୍ରକୃତରେ ପରମେଶ୍ୱରଙ୍କୁ ଅଧିକତର ମହିମା
ପ୍ରଦାନ କରେ, କାରଣ ମୋ ମିଛ, ପରମେଶ୍ୱରଙ୍କ ସତ୍ୟକୁ
ପ୍ରକାଶ କରେ।" ସେଥିପାଇଁ ମୋତେ ପାପୀ ବୋଲି
କାହିଁକି ବିଚାର କରାଗଲା? ୮ଏହି ସମାନ କଥା କହିବା
ହେଲା, "ଆମ୍ଭେ ନିର୍ଭୟ ମନ୍ଦ କାମ କରିବା, କାରଣ ତା'
ଦ୍ୱାରା ଭଲ ଆସିବ।" ଅନେକ ଲୋକ ଆମ୍ଭକୁ ସମାଲୋଚନା
କରନ୍ତି ଓ ମିଛରେ କୁହନ୍ତି ଯେ ଆମ୍ଭେ ସେହି ଶିକ୍ଷା
ଦେଉଛୁ। ଯେଉଁମାନେ ଏ ଭଳି କଥା କୁହନ୍ତି ସେମାନେ
ଠିକ୍ ନୁହଁନ୍ତି ଓ ସେମାନଙ୍କୁ ଦଣ୍ଡ ଦେବା ଉଚିତ।

## ସମସ୍ତେ ଦୋଷୀ

୯ସେଥିପାଇଁ ଅନ୍ୟ ଲୋକମାନଙ୍କଠାରୁ ଆମ୍ଭେ ଯିହୂଦୀଗଣ
କଣ ଭଲ? ନା। ଯିହୂଦୀ ଓ ଅଣ ଯିହୂଦୀ ସମସ୍ତେ
ସମାନ ବୋଲି ଆମ୍ଭେ ଆଗରୁ କହି ସାରିଛୁ। ସେମାନେ
ସମସ୍ତେ ନିଜନିଜ ପାପ ପାଇଁ ଦୋଷୀ। ୧୦ଶାସ୍ତ୍ରରେ ଏହି
ପରି ଲେଖା ଅଛି:

"କେହି ହେଲେ ଧାର୍ମିକ ନାହିଁ, ଜଣେ ମଧ୍ୟ ନୁହେଁ!
୧୧ ବୁଝିବା ଲୋକ ଜଣେ ମଧ୍ୟ ନାହିଁ, ପରମେଶ୍ୱରଙ୍କୁ
ପ୍ରକୃତରେ ଖୋଜୁ ଥିବା ଲୋକ ଜଣେ ନାହିଁ।
୧୨ ସମସ୍ତେ ସତ୍ୟ ମାର୍ଗ ଭୁଲି ଯାଇଛନ୍ତି, ଓ ସମସ୍ତେ
ମୂଲ୍ୟହୀନ ହୋଇ ଯାଇଛନ୍ତି। ସେଠାରେ କେହି
ନାହିଁ ଯିଏ ଭଲ କରେ। ଏପରିକି ଜଣେ ମଧ୍ୟ
ନୁହେଁ।" ଗୀତସଂହିତା ୧୪:୧-୩

୧୩ "ମଣିଷ ମାନଙ୍କର ମୁହଁ ଖୋଲା କବର ଭଳି
ଅଟେ, ସେମାନେ ମିଛ ପାଇଁ ତାଙ୍କ ଜିହ୍ୱାକୁ
ବ୍ୟବହାର କରନ୍ତି।" ଗୀତସଂହିତା ୫:୯

"ସେମାନଙ୍କର କଥା ସାପର ବିଷ ଭଳି ଅଟେ।"

ଗୀତସଂହିତା ୧୪୦:୩

୧୪ "ଅଭିଶାପ ଓ କଟୁତାରେ ସେମାନଙ୍କର କଥା ପୂର୍ଣ୍ଣ
ହୋଇଥାଏ।" ଗୀତସଂହିତା ୧୦:୭

୧୫ "ଲୋକେ ଅନ୍ୟକୁ ଆଘାତ ଓ ହତ୍ୟା କରିବା ପାଇଁ
ସର୍ବଦା ପ୍ରସ୍ତୁତ
୧୬ ସେମାନେ ବିନାଶ କରିବା ଓ କ୍ଳେଶ ଦେବା ପାଇଁ
ସର୍ବତ୍ର ଯାଆନ୍ତି।
୧୭ ଲୋକେ ଶାନ୍ତିର ମାର୍ଗ ଜାଣନ୍ତି ନାହିଁ।"

ଯିଶାଇୟ ୫୯:୭-୮

୧୮ "ସେମାନଙ୍କର ଆଖିରେ ପରମେଶ୍ୱରଙ୍କ ପ୍ରତି ଭୟ
ବା ସମ୍ମାନ ଭାବ ନାହିଁ।"

ଗୀତସଂହିତା ୩୬:୧

୧୯ବ୍ୟବସ୍ଥାରେ ଯେଉଁ କଥା ଗୁଡ଼ିକ କୁହା ଯାଇଛି,
ତାହା ବ୍ୟବସ୍ଥାଧିନ ରହିଥିବା ଲୋକଙ୍କ ପାଇଁ ପ୍ରୟୋଜନ।
ଏହି ବ୍ୟବସ୍ଥା ଗୁଡ଼ିକ ସମସ୍ତ ଯିହୂଦୀ ଲୋକଙ୍କୁ ଆଳ
ଦେଖାଇବାରୁ ଅଟକାଏ, ଏବଂ ସମଗ୍ର ସଂସାରର ଲୋକମାନଙ୍କୁ
ପରମେଶ୍ୱରଙ୍କ ନ୍ୟାୟବିଚାରକୁ ଆଣେ। ୨୦ଏହାର କାରଣ
ହେଲା, କୌଣସି ଲୋକ ବ୍ୟବସ୍ଥା ପାଳନ କରିବା ଦ୍ୱାରା
ପରମେଶ୍ୱରଙ୍କ ସହିତ ଧାର୍ମିକ ହୁଏ ନାହିଁ। ବ୍ୟବସ୍ଥା
କେବଳ ଆମ୍ଭର ପାପ ବିଷୟରେ ଆମ୍ଭକୁ ସାବଧାନ
କରାଏ।

## ପରମେଶ୍ୱର ମଣିଷମାନଙ୍କୁ ଧାର୍ମିକ କିପରି କରନ୍ତି?

୨୧କିନ୍ତୁ ବିନା ବ୍ୟବସ୍ଥାରେ ଲୋକମାନଙ୍କୁ ଧାର୍ମିକ କରିବା
ପାଇଁ ପରମେଶ୍ୱରଙ୍କର ଗୋଟିଏ ନୂତନ ମାର୍ଗ ଅଛି। ସେ
ଆମ୍ଭକୁ ସେହି ନୂତନ ପଥ ଦେଖାଇ ଦେଇଛନ୍ତି। ଏହି
ନୂତନ ପଥ ବିଷୟରେ ବ୍ୟବସ୍ଥା ଓ ଭବିଷ୍ୟଦ୍‌ବକ୍ତା ଆମ୍ଭକୁ
କହୁଛନ୍ତି। ୨୨ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ପରମେଶ୍ୱର
ଲୋକମାନଙ୍କୁ ଧାର୍ମିକ କରନ୍ତି। ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ
ରଖୁଥିବା ସମସ୍ତ ଲୋକଙ୍କ ପାଇଁ ପରମେଶ୍ୱର ଏହା
କରନ୍ତି। ସବୁ ଲୋକେ ହେଉଛନ୍ତି ସମାନ। ୨୩ସମସ୍ତେ
ପାପ କରିଛନ୍ତି ଓ ପରମେଶ୍ୱରଙ୍କ ମହିମା ପାଇବାରେ ଊଣା
ପଡ଼ିଛନ୍ତି। ୨୪ପରମେଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ଲୋକେ ତାହାଙ୍କ
ଦୃଷ୍ଟିରେ ଧାର୍ମିକ ହୁଅନ୍ତି। ଏହା ବିନା ମୂଲ୍ୟର ଅନୁଗ୍ରହଦାନ
ଅଟେ। ଖ୍ରୀଷ୍ଟ ଯୀଶୁଙ୍କ ମାଧ୍ୟମରେ ପାପରୁ ମୁକ୍ତ ହୋଇ
ଲୋକେ ପରମେଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ହୁଅନ୍ତି।
୨୫ଲୋକମାନଙ୍କୁ ବିଶ୍ୱାସ ଜରିଆରେ, ପାପରୁ କ୍ଷମା କରିବା
ଉଦ୍ଦେଶ୍ୟରେ ପରମେଶ୍ୱର ଯୀଶୁଙ୍କୁ ପଥ ଭାବରେ ଦେଇଥିଲେ।

ଯୀଶୁଙ୍କ ରକ୍ତ ବା ମୃତ୍ୟୁ ଦ୍ୱାରା ପରମେଶ୍ୱର କ୍ଷମା କରନ୍ତି।
ଯୀଶୁଙ୍କୁ ଦେବା ଦ୍ୱାରା ଏହା ପ୍ରମାଣିତ କରେ ଯେ
ପରମେଶ୍ୱର ସର୍ବଦା ନ୍ୟାୟ କରନ୍ତି। ୨୬ପୂର୍ବରୁ ପରମେଶ୍ୱର
ଧୈର୍ଯ୍ୟ ଧରି ରହିଥିବା ଲୋକମାନଙ୍କୁ ସେମାନଙ୍କର ପାପ
ପାଇଁ ଦଣ୍ଡ ନଦେଇ ଉଚିତ କାର୍ଯ୍ୟ କରିଥିଲେ। ସେ
ନିଜର ଧାର୍ମିକତା ପ୍ରକାଶ କରିବା ପାଇଁ ଏବେ ଯୀଶୁଙ୍କୁ
ପଠାଇଲେ। ପରମେଶ୍ୱର ଯେ, ନିଜେ ନ୍ୟାୟବାନ ତାହା
ଦେଖାଇବା ପାଇଁ ଯୀଶୁଙ୍କଠାରେ ବିଶ୍ୱାସ ରଖି ଥିବା ଯେ
କୌଣସି ଲୋକକୁ ଧାର୍ମିକ କଲେ।

୨୭ତା'ହେଲେ ଆମ୍ଭର ଗର୍ବ କରିବାର କିଛି ଅଛି କି?
ନା! କାହିଁକି ନୁହେଁ? କାରଣ, ବିଶ୍ୱାସର ମାର୍ଗ ଦ୍ୱାରା ସମସ୍ତ
ପ୍ରକାରର ଗର୍ବ କରିବା ବିଷୟକୁ ବାଦ୍ କରା ଯାଇଛି।
୨୮ଏହାର କାରଣ ହେଲା ଜଣେ ଲୋକ ବ୍ୟବସ୍ଥା ପାଳନ
କରିବା ଦ୍ୱାରା ନୁହେଁ ବରଂ ବିଶ୍ୱାସ ଦ୍ୱାରା ପରମେଶ୍ୱରଙ୍କ
ପ୍ରତି ଧାର୍ମିକ ଗଣିତ ହୁଏ। ଏ କଥାରେ ଆମ୍ଭେ ବିଶ୍ୱାସ
କରୁ। ୨୯ପରମେଶ୍ୱର କେବଳ ଯିହୂଦୀମାନଙ୍କର ପରମେଶ୍ୱର
ନୁହଁନ୍ତି। ଅଣଯିହୂଦୀମାନଙ୍କର ମଧ୍ୟ ସେ ପରମେଶ୍ୱର ଅଟନ୍ତି।
୩୦ପରମେଶ୍ୱର ହେଉଛନ୍ତି ମାତ୍ର ଜଣେ, ସେ ଯିହୂଦୀମାନଙ୍କୁ
ସେମାନଙ୍କ ବିଶ୍ୱାସ ଆଧାରରେ ତାହାଙ୍କ ସହିତ ଧାର୍ମିକ
କରିବେ। ଅଣଯିହୂଦୀମାନଙ୍କୁ ମଧ୍ୟ ସେମାନଙ୍କର ବିଶ୍ୱାସ
ପାଇଁ ସେ ଧାର୍ମିକ କରିବେ। ୩୧ଏଠାରେ ପ୍ରଶ୍ନ ଉଠେ ଯେ
ଆମ୍ଭେ କ'ଣ ବିଶ୍ୱାସର ମାର୍ଗ ଅନୁସରଣ କରିବା ଦ୍ୱାରା
ବ୍ୟବସ୍ଥାକୁ ନଷ୍ଟ କରୁଛୁ କି? ନା! ଏହା ସତ୍ୟ ନୁହେଁ।
ବରଂ ବ୍ୟବସ୍ଥା ଆମ୍ଭଠାରୁ ଯାହା ଆଶା କରେ, ତାହା
ହେବା ପାଇଁ ବିଶ୍ୱାସ ଆମ୍ଭକୁ ସୁଯୋଗ ପ୍ରଦାନ କରେ।

## ଅବ୍ରାହାମଙ୍କର ଉଦାହରଣ

୪ ତା ହେଲେ ଆମର ଜାଗତିକ ପୂର୍ବ ପୁରୁଷ ଅବ୍ରାହାମଙ୍କ
ବିଷୟରେ କ'ଣ କହି ପାରିବା? ୨ସେ ବିଶ୍ୱାସ
ବିଷୟରେ କ'ଣ ଶିଖିଲେ? ଅବ୍ରାହାମ ଯଦି ନିଜର କର୍ମ
ପାଇଁ ଧାର୍ମିକ ବୋଲି ଧରା ହେଲେ, ତା'ହେଲେ, ସେଥିରେ
ତାହାଙ୍କର ଗର୍ବ କରିବା କଥା। କିନ୍ତୁ ଅବ୍ରାହାମ ପରମେଶ୍ୱରଙ୍କ
ଆଗରେ ଗର୍ବ କରି ପାରିଲେ ନାହିଁ। ୩ଶାସ୍ତ୍ର କୁହେ:
"ଅବ୍ରାହାମ ପରମେଶ୍ୱରଙ୍କଠାରେ ବିଶ୍ୱାସ ରଖିଲେ। ପରମେଶ୍ୱର
ତାହାଙ୍କର ବିଶ୍ୱାସକୁ ଗ୍ରହଣ କଲେ। ଏହା ଦ୍ୱାରା ପରମେଶ୍ୱରଙ୍କ
ପ୍ରତି ଅବ୍ରାହାମ ଧାର୍ମିକ ହେଲେ।"*

୪କାମ କରୁଥିବା ଲୋକକୁ ମଜୁରୀ ବା ଦରମା ଦେବା
ଦାନ ନୁହେଁ। ସେ ମଜୁରୀ ବା ଦରମା ଅର୍ଜନ କରେ।
୫କିନ୍ତୁ ଜଣେ ଲୋକ ପରମେଶ୍ୱରଙ୍କ ପ୍ରତି ଧାର୍ମିକ ହେବା
ଭଳି କାମ କରି ପାରେ ନାହିଁ। ତାହାର ପରମେଶ୍ୱରଙ୍କ
ପ୍ରତି ବିଶ୍ୱାସ ରହିବା ଉଚିତ। ତା ହେଲେ ପରମେଶ୍ୱର
ସେ ଲୋକର ବିଶ୍ୱାସକୁ ଗ୍ରହଣ କରନ୍ତି ଓ ଏହା ତାହାକୁ
ପରମେଶ୍ୱରଙ୍କ ପ୍ରତି ଧାର୍ମିକ କରେ। ପରମେଶ୍ୱର ମନ୍ଦ
ଲୋକକୁ ମଧ୍ୟ ଧାର୍ମିକ କରି ପାରନ୍ତି। ୬ଦାଉଦ ସେହି
କଥା କହୁଛନ୍ତି: ମଣିଷ ଯାହା କରିଛି ତାହାର ହିସାବ ନ
କରି ପରମେଶ୍ୱର ଯେତେବେଳେ ତାହାକୁ ଧାର୍ମିକ ହିସାବରେ
ଗଣନା କରନ୍ତି, ସେ ଲୋକ ହିଁ ପ୍ରକୃତରେ ଧନ୍ୟ:

୭"ଲୋକେ ପ୍ରକୃତରେ ଧନ୍ୟ, ଯେତେବେଳେ ସେମାନଙ୍କର
ଅପରାଧ କ୍ଷମା କରା ଯାଏ, ଓ ଯେତେବେଳେ
ସେମାନଙ୍କର ପାପଗୁଡ଼ିକୁ ଢାଙ୍କି ଦିଆ ଯାଏ!
୮ଓ ସେ ଲୋକମାନେ ପ୍ରକୃତରେ ଧନ୍ୟ, ଯେତେବେଳେ
ପାପରହିତ ଭାବେ ପରମେଶ୍ୱର ତାହାଙ୍କୁ ଗ୍ରହଣ କରି
ନେଇଛନ୍ତି।"

ଗୀତସଂହୀତା ୩୨:୧-୨

୯ତେବେ ଏହି ଖୁସି କିଣ କେବଳ ସୁନ୍ନତ ହୋଇଥିବା
ଯିହୂଦୀମାନଙ୍କ ପାଇଁ ଅଟେ? ବା ଯେଉଁ ଅଣଯିହୂଦୀମାନେ
ସୁନ୍ନତ ହୋଇ ନାହାଁନ୍ତି ସେମାନଙ୍କ ପାଇଁ ମଧ୍ୟ ଅଟେ?
ଆମ୍ଭେ କହି ସାରିଛୁ ଯେ, ପରମେଶ୍ୱର ଅବ୍ରାହାମଙ୍କ
ବିଶ୍ୱାସକୁ ଗ୍ରହଣ କଲେ ଓ ସେହି ବିଶ୍ୱାସ ଅବ୍ରାହାମକୁ
ତାଙ୍କ ପ୍ରତି ଧାର୍ମିକ କଲା। ୧୦ଏହା ଘଟିଲା କିପରି?
ପରମେଶ୍ୱର ଅବ୍ରାହାମଙ୍କୁ ସୁନ୍ନତ ହେବାପରେ ଗ୍ରହଣ କଲେ,
ନା ସୁନ୍ନତ ହେବା ପୂର୍ବରୁ ଗ୍ରହଣ କଲେ? ସେ ସୁନ୍ନତ
ହୋଇ ସାରିଲା ପରେ ଏହା ପ୍ରକୃତରେ ଘଟିନାହିଁ, କିନ୍ତୁ
ସେ ସୁନ୍ନତ ନ ହୋଇଥିଲା ବେଳେ ଏହା ଘଟିଛି।*
୧୧ପରମେଶ୍ୱର ଗ୍ରହଣ କରି ନେଇଛନ୍ତି ବୋଲି ପ୍ରମାଣିତ
କରିବା ଲାଗି ଅବ୍ରାହାମଙ୍କୁ ପରେ ସୁନ୍ନତ କରା ଯାଇ ଥିଲା।
ଏହି ସୁନ୍ନତ ପ୍ରମାଣ କରୁଛି ଯେ ସୁନ୍ନତ ହେବା ପୂର୍ବରୁ
ପରମେଶ୍ୱରଙ୍କ ପ୍ରତି ସେ ଧାର୍ମିକ ଥିଲେ। ସେଥିପାଇଁ,
ଯେଉଁମାନେ ପରମେଶ୍ୱରଙ୍କୁ ବିଶ୍ୱାସ କରନ୍ତି ଓ ସୁନ୍ନତ
ହୋଇ ନାହାଁନ୍ତି, ସେ ସମସ୍ତ ଲୋକଙ୍କର ପିତା ଅବ୍ରାହାମ
ଅଟନ୍ତି। ସେମାନେ ବିଶ୍ୱାସ କରନ୍ତି ଓ ଏହି କାରଣରୁ
ସେମାନେ ପରମେଶ୍ୱରଙ୍କ ପାଇଁ ଧାର୍ମିକ ବୋଲି ନିରୂପିତ
ହୁଅନ୍ତି। ୧୨ଅସୁନ୍ନତ ଲୋକଙ୍କର ପିତା ମଧ୍ୟ ଅବ୍ରାହାମ।
ସୁନ୍ନତ ହୋଇଥିବା କାରଣରୁ ଅବ୍ରାହାମ ସେମାନଙ୍କର ପିତା
ନୁହଁନ୍ତି। ସୁନ୍ନତ ହେବା ପୂର୍ବରୁ ଅବ୍ରାହାମଙ୍କର ଯେଉଁ
ବିଶ୍ୱାସ ଥିଲା, ଯଦି ସେମାନେ ମଧ୍ୟ ସେହି ବିଶ୍ୱାସ ଗ୍ରହଣ
କରନ୍ତି, ତା'ହେଲେ ଅବ୍ରାହାମ ସେମାନଙ୍କର ପିତା।

## ବିଶ୍ୱାସ ମାଧ୍ୟମରେ ପରମେଶ୍ୱରଙ୍କ ପ୍ରତିଜ୍ଞା

୧୩ଅବ୍ରାହାମ ଓ ତାହଙ୍କର ବଂଶଜମାନଙ୍କୁ ପ୍ରତିଜ୍ଞା ମିଳିଥିଲା
ଯେ ସେମାନେ ସଂସାରର ଉତ୍ତରାଧିକାରୀ ହେବେ। କିନ୍ତୁ
ଅବ୍ରାହାମ ଏହି ପ୍ରତିଶ୍ରୁତି ବ୍ୟବସ୍ଥା ପାଳନ କରିଥିବାରୁ ମିଳି
ନଥିଲା। ବିଶ୍ୱାସ ଦ୍ୱାରା ସେ ପରମେଶ୍ୱରଙ୍କଠାରେ ଧାର୍ମିକ
ହୋଇଥିବାରୁ ତାହାଙ୍କୁ ଏହି ପ୍ରତିଶ୍ରୁତି ମିଳିଥିଲା। ୧୪ବ୍ୟବସ୍ଥା
ପାଳନ କରିବା ଦ୍ୱାରା, ଯଦି ଜଣେ ଲୋକ ପରମେଶ୍ୱର
ଯାହା ପ୍ରତିଜ୍ଞା ଦେଇଥିଲେ ତାହା ପାଏ, ତା ହେଲେ
ବିଶ୍ୱାସର କିଛି ଅର୍ଥ ନାହିଁ ଓ ପ୍ରତିଜ୍ଞାର କିଛି ମୂଲ୍ୟ

---

**"ଅବ୍ରାହାମ ... ଧାର୍ମିକ ହେଲେ"** ଆଦିପୁସ୍ତକ ୧୫:୬

**ପରମେଶ୍ୱର ତାଙ୍କୁ ... ଘଟିଛି** ଆଦିପୁସ୍ତକ ୧୭:୯-୧୪

ନାହିଁ । ୧୫କାରଣ ବ୍ୟବସ୍ଥା ପାଳନ ନ କରିବା ଦ୍ୱାରା
ବ୍ୟବସ୍ଥା ପରମେଶ୍ୱରଙ୍କର କ୍ରୋଧ ଆଣିଥାଏ । କିନ୍ତୁ ଯଦି
ବ୍ୟବସ୍ଥା ନ ଥାନ୍ତା, ତା'ହେଲେ ଅବାଧ ହେବାର ପ୍ରଶ୍ନ
ଉଠିବ ନାହିଁ ।

୧୬ସେଥିପାଇଁ ବିଶ୍ୱାସ ଦ୍ୱାରା ଲୋକେ ପରମେଶ୍ୱରଙ୍କ
ପ୍ରତିଜ୍ଞା ପାଆନ୍ତି । ପ୍ରତିଜ୍ଞା ଯେପରି ଏକ ବିନାମୂଲ୍ୟର ଦାନ
ହୋଇପାରେ ସେଥିପାଇଁ ଏପରି ଘଟେ, ଯଦି ବିନା
ମୂଲ୍ୟରେ ପ୍ରତିଜ୍ଞା ଦାନ ମିଳେ ତା'ହେଲେ ଅବ୍ରାହାମଙ୍କ
ବଂଶର ସବୁ ଲୋକେ ପ୍ରତିଜ୍ଞା ପାଇବା ସୁନିଶ୍ଚିତ । ଏହି
ପ୍ରତିଜ୍ଞା କେବଳ ବ୍ୟବସ୍ଥାଧିନ ରହିଥିବା ଲୋକଙ୍କ ପାଇଁ
ନୁହେଁ । ଅବ୍ରାହାମ ଭଳି ବିଶ୍ୱାସ ପୂର୍ବକ ଜୀବନ ଯାପନ
କରୁଥିବା ସମସ୍ତ ଲୋକଙ୍କ ପାଇଁ ଏହି ପ୍ରତିଜ୍ଞା ରହିଛି ।
ଅବ୍ରାହାମ ଆମ୍ଭ ସମସ୍ତଙ୍କର ପିତା । ୧୭ଶାସ୍ତ୍ରରେ ଲେଖା
ଅଛି, "ମୁଁ ତୁମ୍ଭକୁ (ଅବ୍ରାହାମ) ଅନେକ ଗୁଡ଼ିଏ ଜାତିର
ପିତା ଘୋଷିତ କରିଛି ।"* ପରମେଶ୍ୱରଙ୍କ ଆଗରେ ଏହା
ସତ୍ୟ ଅଟେ । ଅବ୍ରାହାମ ଯେଉଁ ପରମେଶ୍ୱରଙ୍କୁ ବିଶ୍ୱାସ
କରିଥିଲେ, ସେହି ପରମେଶ୍ୱର ମୃତ ଲୋକଙ୍କୁ ଜୀବନ
ପ୍ରଦାନ କରନ୍ତି ଓ ଯେଉଁ ଘଟଣା ଅଦ୍ୟାପି ଘଟି ନାହିଁ
ସେଗୁଡ଼ିକ ଘଟିବା କଥା ନିର୍ଣ୍ଣୟ କରନ୍ତି ।

୧୮ଅବ୍ରାହାମଙ୍କର ସନ୍ତାନ ହେବାର ଆଶା ନଥିଲା । କିନ୍ତୁ
ଅବ୍ରାହାମ ପରମେଶ୍ୱରଙ୍କୁ ବିଶ୍ୱାସ କଲେ ଓ ଭରସାକୁ
ବଜାୟ ରଖିଲେ । ସେଥିପାଇଁ ସେ ଅନେକ ଜାତିର ପିତା
ହେଲେ । ପରମେଶ୍ୱର ତାହାଙ୍କୁ କହିଥିଲେ: "ତୁମ୍ଭର ଅଗଣିତ
ବଂଶଧର ହେବେ ।"* ୧୯ଅବ୍ରାହାମଙ୍କୁ ୧୦୦ ବର୍ଷ ବୟସ
ହୋଇଥିଲା, ଅତଏବ ପିଲାପିଲି ହେବା ସମୟ ଚାଲି ଯାଇ
ଥିଲା । ତାହାଙ୍କ ସ୍ତ୍ରୀ ସାରା ମଧ୍ୟ ସନ୍ତାନ ଜନ୍ମ କରି
ପାରିବେ ନାହିଁ, ଅବ୍ରାହାମ ଏ କଥା ଭାବିଥିଲେ । ୨୦କିନ୍ତୁ
ପରମେଶ୍ୱରଙ୍କ ପ୍ରତି ତାହାଙ୍କର ବିଶ୍ୱାସ ଦୁର୍ବଳ ହେଲା
ନାହିଁ । ପରମେଶ୍ୱର ତାହାଙ୍କୁ ଯାହା ପ୍ରତିଶ୍ରୁତି ଦେଇଛନ୍ତି
ତାହା ସେ କରିବାରେ ସମର୍ଥ ଏଥିରେ ଅବ୍ରାହାମ ଟିକେ
ହେଲେ ସନ୍ଦେହ କଲେ ନାହିଁ । ବରଂ ତାହାଙ୍କର ବିଶ୍ୱାସ
ଅଧିକ ଦୃଢ଼ ହେଲା ଓ ସେ ପରମେଶ୍ୱରଙ୍କୁ ଗୌରବ
ଦେଲେ । ୨୧ଅବ୍ରାହାମ ଦୃଢ଼ ଭାବରେ ଅନୁଭବ କଲେ ଯେ
ପରମେଶ୍ୱର ଯାହା ପ୍ରତିଶ୍ରୁତି ଦେଇଛନ୍ତି, ତାହା କରିବାରେ
ସେ ସକ୍ଷମ ଥିଲେ । ୨୨ସେଥିପାଇଁ ପରମେଶ୍ୱର, "ଅବ୍ରାହାମଙ୍କ
ବିଶ୍ୱାସକୁ ଗ୍ରହଣ କଲେ । ସେ ବିଶ୍ୱାସ ଅବ୍ରାହାମଙ୍କୁ
ପରମେଶ୍ୱରଙ୍କ ପ୍ରତି ଧାର୍ମିକ କରି ରଖିଥିଲା ।"* ୨୩ପରମେଶ୍ୱର
ଅବ୍ରାହାମଙ୍କ ବିଶ୍ୱାସ ଗ୍ରହଣ କଲେ, ଏହି ବାକ୍ୟ ଗୁଡ଼ିକ
କେବଳ ଅବ୍ରାହାମଙ୍କ ପାଇଁ ଲେଖା ଯାଇ ନଥିଲା । ୨୪ଏହି
ବାକ୍ୟ ଗୁଡ଼ିକ ଆମ୍ଭ ପାଇଁ ମଧ୍ୟ ଲେଖା ଯାଇ ଥିଲା ।
ଆମ୍ଭେ ବିଶ୍ୱାସ କରୁଥିବା ଯୋଗୁ ପରମେଶ୍ୱର ଆମ୍ଭକୁ ମଧ୍ୟ
ଗ୍ରହଣ କରିବେ । ଆମ୍ଭେ ତାହାଙ୍କୁ ବିଶ୍ୱାସ କରୁ ଯିଏ
ଆମ୍ଭର ପ୍ରଭୁ ଯୀଶୁଙ୍କୁ ମୃତ୍ୟୁରୁ ପୁନର୍ଜୀବିତ କଲେ ।
୨୫ଆମ୍ଭର ପାପ ଲାଗି ଯୀଶୁଙ୍କୁ ମୃତ୍ୟୁଠାରେ ସମର୍ପିତ କରା
ହେଲା । ଆମ୍ଭକୁ ପରମେଶ୍ୱରଙ୍କଠାରେ ଧାର୍ମିକ କରିବା ଲାଗି
ଯୀଶୁ ମୃତ୍ୟୁରୁ ପୁନର୍ଜୀବିତ ହେଲେ ।

## ପରମେଶ୍ୱରଙ୍କ ପ୍ରତି ଧାର୍ମିକ

୫ ଆମ୍ଭର ବିଶ୍ୱାସ ହେତୁ ଆମ୍ଭକୁ ପରମେଶ୍ୱରଙ୍କଠାରେ
ଧାର୍ମିକ କରାଯାଇଛି । ସେଥିପାଇଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ
ମାଧ୍ୟମରେ ପରମେଶ୍ୱରଙ୍କ ସହିତ ଆମ୍ଭେ ଶାନ୍ତିରେ ଅଛୁ ।
ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟ ଆମ୍ଭକୁ ପରମେଶ୍ୱରଙ୍କ ଅନୁଗ୍ରହର
ଅଧୀନ କଲେ । ୨ଏବେ ଆମ୍ଭେ ଏହି ଅନୁଗ୍ରହରେ ରହିଛୁ
ଓ ଆମ୍ଭେ ପରମେଶ୍ୱରଙ୍କ ଏହି ମହିମାରେ ଭାଗୀଦାର
ହୋଇଥିବା ଆଶାରେ ଆନନ୍ଦିତ । ୩ଆମ୍ଭେମାନେ ଆମ୍ଭର
କ୍ଳେଶଗୁଡ଼ିକ ଥାଇ ମଧ୍ୟ ଆନନ୍ଦିତ । ଆମ୍ଭେ ଏହି କଷ୍ଟଗୁଡ଼ିକ
ପାଇଁ କାହିଁକି ଆନନ୍ଦିତ? କାରଣ ଆମ୍ଭେ ଜାଣୁ ଯେ ଏହି
କଷ୍ଟ ଗୁଡ଼ିକ ଆମ୍ଭକୁ ଅଧିକ ଧୈର୍ଯ୍ୟବାନ କରାଏ । ୪ଏହି
ଧୈର୍ଯ୍ୟ ପ୍ରମାଣ କରେ ଯେ, ଆମ୍ଭେ ବଳବାନ ଓ ଏହି
ପ୍ରମାଣ ଆମ୍ଭକୁ ଭରସା ପ୍ରଦାନ କରେ । ୫ଏହି ଭରସା
ଆମ୍ଭକୁ କେବେ ହେଲେ ନିରାଶ କରିବ ନାହିଁ । କିଣ
ପାଇଁ? କାରଣ ପରମେଶ୍ୱର ଆମ୍ଭର ହୃଦୟ ଗୁଡ଼ିକୁ ପୂର୍ଣ୍ଣ
କରିବା ପାଇଁ ତାହାଙ୍କର ପ୍ରେମ ଢ଼ାଳିଦେଲେ । ପରମେଶ୍ୱର
ପବିତ୍ର ଆତ୍ମା ମାଧ୍ୟମରେ ତାହାଙ୍କର ପ୍ରେମ ଦେଇଛନ୍ତି ।
ପରମେଶ୍ୱରଙ୍କ ତରଫରୁ ଆମ୍ଭ ପାଇଁ ପବିତ୍ର ଆତ୍ମା ଅନୁଗ୍ରହ
ଦାନ ଭାବରେ ଆସିଥିଲେ ।

୬ଆମ୍ଭେ ଦୁର୍ବଳ ଥିବା ବେଳେ ଖ୍ରୀଷ୍ଟ ଆମ୍ଭ ପାଇଁ ମରି
ଥିଲେ । ଆମ୍ଭେ ପରମେଶ୍ୱରଙ୍କ ବିରୁଦ୍ଧରେ ଜୀବନଯାପନ
କରୁଥିଲୁ, ତଥାପି ଯଥାର୍ଥ ସମୟରେ ଖ୍ରୀଷ୍ଟ ଆମ୍ଭ ପାଇଁ
ମରି ଥିଲେ । ୭ଅନ୍ୟ ଲୋକ ଯେତେ ଭଲ ହେଲେ ମଧ୍ୟ,
ଖୁବ କମ୍ ଲୋକ ଅନ୍ୟକୁ ବଞ୍ଚାଇବା ପାଇଁ ମୃତ୍ୟୁ ବରଣ
କରିବେ । ଯଦି ଲୋକଟି ଅତି ଭଲ ହୋଇ ଥାଏ ତେବେ
ତା ନିମନ୍ତେ କିଏ ଜଣେ ମୃତ୍ୟୁ ବରଣ କରିବା ପାଇଁ
ସାହସ କରିବ । ୮କିନ୍ତୁ ଆମ୍ଭେ ସମସ୍ତେ ପାପୀ ଥିବା
ସମୟରେ ସୁଦ୍ଧା ଖ୍ରୀଷ୍ଟ ଆମ୍ଭ ପାଇଁ ମୃତ୍ୟୁ ବରଣ କଲେ ।
ଏହା ଦ୍ୱାରା ପରମେଶ୍ୱର ପ୍ରମାଣିତ କଲେ ଯେ ସେ ଆମ୍ଭକୁ
ବହୁତ ଭଲ ପାଆନ୍ତି ।

୯ଆମ୍ଭେ ଖ୍ରୀଷ୍ଟଙ୍କର ରକ୍ତ ଦ୍ୱାରା ପରମେଶ୍ୱରଙ୍କ ପ୍ରତି
ଧାର୍ମିକ ହୋଇଛୁ । ସେଥି ପାଇଁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଆମ୍ଭେ
ପରମେଶ୍ୱରଙ୍କର କ୍ରୋଧରୁ ନିଶ୍ଚିତ ଭାବେ ରକ୍ଷା ପାଇବା ।
୧୦ମୋ କହିବା ଅର୍ଥ ଯେ ଆମ୍ଭେ ପରମେଶ୍ୱରଙ୍କର ଶତ୍ରୁ
ହୋଇଥିଲେ ମଧ୍ୟ, ସେ ନିଜ ପୁତ୍ରଙ୍କ ମୃତ୍ୟୁ ଦ୍ୱାରା ଆମ୍ଭ
ସହିତ ବନ୍ଧୁତା ସ୍ଥାପନ କରିଛନ୍ତି । ସେଥିପାଇଁ ଏବେ
ଯେହେତୁ ଆମ୍ଭେ ପରମେଶ୍ୱରଙ୍କର ମିତ୍ର, ପରମେଶ୍ୱର ତାଙ୍କ
ପୁତ୍ରଙ୍କ ଜୀବନ ମାଧ୍ୟମରେ ଆମ୍ଭକୁ ନିଶ୍ଚିତ ଭାବରେ ରକ୍ଷା
କରିବେ । ୧୧ଆମ୍ଭେ ଯେ କେବଳ ରକ୍ଷା ପାଇବୁ ତା
ନୁହେଁ, ବରଂ ଏବେ ଆମ୍ଭେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ
ପରମେଶ୍ୱରଙ୍କ ଠାରେ ମଧ୍ୟ ଅତ୍ୟଧିକ ଆନନ୍ଦିତ ହେତୁ
କେବଳ ଯୀଶୁଙ୍କ ପାଇଁ ଆମ୍ଭେ ଆଜି ପରମେଶ୍ୱରଙ୍କ ମିତ୍ର
ଅଟୁ ।

---

**"ମୁଁ ତୁମକୁ ... କରିଛି"** ଆଦିପୁସ୍ତକ ୧୭:୫
**"ତୁମର ଅଗଣିତ ବଂଶଧର ହେବେ"** ଆଦିପୁସ୍ତକ ୧୫:୫
**"ଅବ୍ରାହାମଙ୍କ ... ରଖିଥିଲା"** ଆଦିପୁସ୍ତକ ୧୫:୬

### ଆଦମ ଓ ଯୀଶୁ

୧୨ଜଣେ ଲୋକ (ଆଦମ) ପାଇଁ ସଂସାରକୁ ପାପ
ଆସିଲା। ପାପ ସହିତ ମୃତ୍ୟୁ ଆସିଲା। ସେଥିପାଇଁ ସମସ୍ତେ
ନିଶ୍ଚୟ ମରିବେ, କାରଣ ସମସ୍ତେ ପାପ କରିଛନ୍ତି।
୧୩ମୋଶା ବ୍ୟବସ୍ଥା ଦେବା ପୂର୍ବରୁ ପାପ ସଂସାରରେ ଥିଲା।
କିନ୍ତୁ ପରମେଶ୍ୱର, ବ୍ୟବସ୍ଥା ନଥିବା କାରଣରୁ ଲୋକମାନଙ୍କୁ
ପାପରେ ପାପୀ ମାନି ନଥିଲେ। ୧୪କିନ୍ତୁ ଆଦମଙ୍କ ସମୟରୁ
ମୋଶାଙ୍କ ସମୟ ସୁଦ୍ଧା, ପ୍ରତ୍ୟେକ ଲୋକକୁ ମରିବାକୁ
ପଡ଼ିଲା। ପରମେଶ୍ୱରଙ୍କର ଆଦେଶ ଅମାନ୍ୟ କରି ପାପ
କରିଥିବା ହେତୁ ଆଦମ ମଲା। କିନ୍ତୁ, ଯେଉଁ ଲୋକମାନେ
ଆଦମ ଭଳି ପାପ କରି ନଥିଲେ, ସେମାନଙ୍କୁ ମଧ୍ୟ
ମରିବାକୁ ହେଲା।
ଭବିଷ୍ୟତରେ ଯେଉଁ ଜଣଙ୍କର (ଖ୍ରୀଷ୍ଟଙ୍କର) ଆସିବା
କଥା, କେତେକାଂଶରେ ସେ ଆଦମଙ୍କ ଭଳି । ୧୫କିନ୍ତୁ,
ପରମେଶ୍ୱରଙ୍କ ଅନୁଗ୍ରହଦାନ ଆଦମର ପାପ ପରି ନୁହେଁ।
ଜଣେ ଲୋକର ପାପ କାରଣରୁ ଅନେକ ଲୋକ ମୃତ୍ୟୁ
ବରଣ କଲେ। କିନ୍ତୁ ପରମେଶ୍ୱରଙ୍କଠାରୁ ଲୋକେ ଯେଉଁ
ଅନୁଗ୍ରହ ପାଇଲେ, ତାହା ବହୁତ ଅଧିକ ଥିଲା। ଅନେକ
ଲୋକ ଜଣେ ଲୋକର ଅନୁଗ୍ରହ ହେତୁ ଜୀବନରୂପ
ଅନୁଗ୍ରହଦାନ ପାଇଲେ। ୧୬ଆଦମ ଥରେ ପାପ କଲା
ପରେ ସେ ଦୋଷୀ ବୋଲି ସାବ୍ୟସ୍ତ ହେଲା। କିନ୍ତୁ
ପରମେଶ୍ୱରଙ୍କର ଅନୁଗ୍ରହଦାନ ଏହାଠାରୁ ଭିନ୍ନ ଅଟେ।
ଅନେକ ପାପ ପରେ ପରମେଶ୍ୱରଙ୍କର ଅନୁଗ୍ରହଦାନ ଆସିଲା।
ଓ ଏହି ଅନୁଗ୍ରହଦାନ ଲୋକଙ୍କୁ ପରମେଶ୍ୱରଙ୍କ ପ୍ରତି
ଧାର୍ମିକ କରାଇଲା। ୧୭ଜଣେ ଲୋକ ପାପ କଲା, ସେଥିପାଇଁ
ସେ ଜଣକ ଲାଗି, ମୃତ୍ୟୁ ସମସ୍ତଙ୍କ ଉପରେ ରାଜତ୍ୱ କଲା।
କିନ୍ତୁ ଏବେ କିଛି ଲୋକ ପରମେଶ୍ୱରଙ୍କ ପୂର୍ଣ୍ଣ ଦୟା ଓ
ତାହଙ୍କର 'ଧାର୍ମିକ' ହେବା ଭଳି ବିରାଟ ଅନୁଗ୍ରହଦାନକୁ
ମଧ୍ୟ ଗ୍ରହଣ କରନ୍ତି। ଏହା ନିଶ୍ଚିତ ଯେ ସେ ଲୋକମାନେ
ପ୍ରକୃତ ଜୀବନ ପ୍ରାପ୍ତ କରିବେ, ଓ ସେହି ଲୋକମାନେ
ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଶାସନ କରିବେ।

୧୮ଅତଏବ ଯେପରି ଆଦମର ଗୋଟିଏ ପାପ ସମସ୍ତ
ଲୋକଙ୍କୁ (ମୃତ୍ୟୁରେ) ଦଣ୍ଡିତ କଲା, ସେହି ଭଳି ଯୀଶୁ
ଖ୍ରୀଷ୍ଟ କରିଥିବା ଗୋଟିଏ ଧାର୍ମିକ କାମ ସମସ୍ତ ଲୋକଙ୍କୁ
ପରମେଶ୍ୱରଙ୍କ ପ୍ରତି ଧାର୍ମିକ କରି ରଖିବ। ଓ ତାହା
ସେହି ଲୋକମାନଙ୍କ ପାଇଁ ପ୍ରକୃତ ଜୀବନ ଆଣି ଦେବ।
୧୯ଜଣେ ଲୋକ ପରମେଶ୍ୱରଙ୍କୁ ଅବଜ୍ଞା କଲା ଓ ଅନେକ
ଲୋକ ପାପୀ ହୋଇ ଗଲେ। କିନ୍ତୁ ସେହିପରି ଜଣେ
ଲୋକ ପରମେଶ୍ୱରଙ୍କୁ ମାନିଲା ଓ ଅନେକ ଲୋକ ଧାର୍ମିକ
ହୋଇ ଯିବେ। ୨୦ଲୋକମାନେ ଅଧିକ ପାପ କରିବା ପାଇଁ
ବ୍ୟବସ୍ଥା ଆସିଲା, କିନ୍ତୁ ଯେତେବେଳେ ଲୋକେ ଅଧିକ
ପାପ କଲେ, ପରମେଶ୍ୱର ସେମାନଙ୍କୁ ପ୍ରଚୁର ମାତ୍ରାରେ
ତାହାଙ୍କ ଅନୁଗ୍ରହ ପ୍ରଦାନ କଲେ। ୨୧ଆମ୍ଭମାନଙ୍କୁ ଶାସନ
କରିବା ପାଇଁ ପାପ ଥରେ ମୃତ୍ୟୁକୁ ବ୍ୟବହାର କଲା। କିନ୍ତୁ
ପରମେଶ୍ୱର ନିଜର ଅଧିକ ଅନୁଗ୍ରହ ପ୍ରଦାନ କଲେ ଯାହା
ଦ୍ୱାରା ଅନୁଗ୍ରହ ଶାସନ କଲା ଓ ଲୋକେ ପରମେଶ୍ୱରଙ୍କ
ପ୍ରତି ଧାର୍ମିକ ହୋଇ ରହିଲେ। ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ
ଦ୍ୱାରା ଏହା ଅନନ୍ତ ଜୀବନ ଆଣିଲା।

### ପାପ ପାଇଁ ମୃତ, କିନ୍ତୁ ଖ୍ରୀଷ୍ଟଙ୍କ ପ୍ରତି ଜୀବିତ

୬ ତା ହେଲେ ତୁମ୍ଭେମାନେ ଭାବୁଛ ଯେ ଆମ୍ଭେ
ସର୍ବଦା ପାପ କରି ଚାଲି ଥିବା ଯାହା ପାଇଁ
ପରମେଶ୍ୱର ଆମ୍ଭକୁ ଆହୁରି ଅଧିକ ଅନୁଗ୍ରହ ପ୍ରଦାନ
କରିବେ? ୨ନା! ଆମ୍ଭେ ଆମ୍ଭର ପୁରାତନ ପାପ ପୂର୍ଣ୍ଣ
ଜୀବନ ପ୍ରତି ମରିଯାଇଛୁ। ତା'ହେଲେ ଆମ୍ଭେ ଆଉ ପାପ
କରି ଚାଲି ପାରିବା କି? ୩ତୁମ୍ଭେମାନେ କଣ ମନେ ରଖିଛ
କି ଯେତେବେଳେ ଆମ୍ଭେ ସମସ୍ତେ ବାପ୍ତିଜିତ ହେଲୁ,
ସେତେବେଳେ ଯୀଶୁ ଖ୍ରୀଷ୍ଟଙ୍କର ଅଂଶ ହୋଇଗଲୁ। ଆମ୍ଭର
ବାପ୍ତିଜିତ ହେବାରେ ଆମ୍ଭେ ତାହାଙ୍କର ମୃତ୍ୟୁର ମଧ୍ୟ
ଭାଗୀଦାର ହେଲୁ। ୪ଅତଏବ ଆମ୍ଭେ ଯେତେବେଳେ ବାପ୍ତିଜିତ
ହେଲୁ, ଆମ୍ଭେ ଯୀଶୁ ଖ୍ରୀଷ୍ଟଙ୍କ ଭିତରେ ସମାଧି ପ୍ରାପ୍ତ
ହୋଇ ଗଲୁ, ଓ ତାହାଙ୍କ ମୃତ୍ୟୁର ଭାଗୀଦାର ହେଲୁ।
ଖ୍ରୀଷ୍ଟଙ୍କ ସହିତ କବରସ୍ଥ ହେବା ଦ୍ୱାରା ଆମ୍ଭେ ପୁନରୁତ୍ଥିତ
ହୋଇ ନୂତନ ଜୀବନ ଯାପନ କରିବା। ପରମପିତାଙ୍କର
ଆଶ୍ଚର୍ଯ୍ୟ ଶକ୍ତି ଦ୍ୱାରା ଯେପରି ଖ୍ରୀଷ୍ଟ ମୃତ୍ୟୁରୁ ପୁନର୍ଜୀବିତ
ହେଲେ, ସେହି ଭଳି ଏହା ଘଟିଲା।

୫ଖ୍ରୀଷ୍ଟ ମୃତ୍ୟୁ ବରଣ କଲେ, ଓ ଆମ୍ଭେ ମଧ୍ୟ ମୃତ୍ୟୁ
ଦ୍ୱାରା ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୋଇଛୁ। ଖ୍ରୀଷ୍ଟ ମୃତ୍ୟୁରୁ
ଜୀବିତ ହେବା ଭଳି ଆମ୍ଭେ ମଧ୍ୟ ମୃତ୍ୟୁରୁ ଜୀବିତ ହୋଇ
ତାହାଙ୍କ ସହିତ ସଂଯୁକ୍ତ ହେବା। ୬ଆମ୍ଭେ ଜାଣୁ ଯେ,
ଆମ୍ଭର ପୂର୍ବ ଜୀବନ, ଖ୍ରୀଷ୍ଟଙ୍କ ସହିତ କ୍ରୁଶ ଉପରେ
ତାହାଙ୍କ ସହିତ ମୃତ ହୋଇ ଯାଇଛି। ଆମ୍ଭର ପାପପୂର୍ଣ୍ଣ
ଶରୀର ଆମ୍ଭ ଉପରେ ରାଜତ୍ୱ ନକରିବା ପାଇଁ ଏପରି
ଘଟିଲା। ତା'ପରେ ଆମ୍ଭେ ପାପର ଦାସ ହେବୁ ନାହିଁ।
୭ଯେଉଁ ଲୋକ ମରିଯାଇଛି, ସେ ପାପର ଦାସତ୍ୱରୁ ମୁକ୍ତ
ହୋଇ ଯାଇଛି।
୮ଆମ୍ଭେ ଯଦି ଖ୍ରୀଷ୍ଟଙ୍କ ସହିତ ମୃତ୍ୟୁ ବରଣ କରିଛୁ,
ତା'ହେଲେ ଜାଣୁ ଯେ ଆମ୍ଭେ ମଧ୍ୟ ତାହାଙ୍କ ସହିତ
ଜୀବିତ ରହିବା। ୯ଖ୍ରୀଷ୍ଟ ମୃତ୍ୟୁରୁ ଉଠି ଥିଲେ, ଓ ଆମ୍ଭେ
ଜାଣୁ ଯେ ସେ ପୁନଃ ମରିବେ ନାହିଁ। ଏବେ ମୃତ୍ୟୁର
ତାଙ୍କ ଉପରେ ଆଉ କୌଣସି କର୍ତ୍ତୃତ୍ୱ ନାହିଁ। ୧୦ଯେତେବେଳେ
ଖ୍ରୀଷ୍ଟ ମରି ଥିଲେ, ସେ ପାପର ଶକ୍ତିକୁ ଥରେ ମାତ୍ର
ହରାଇବା ପାଇଁ ମରି ଥିଲେ-ଏହା ସବୁ ଦିନ ପାଇଁ
ଯଥେଷ୍ଟ ଥିଲା। ଏବେ ସେ ଯେଉଁ ଜୀବନ ଯାପନ କରନ୍ତି
ତାହା ପରମେଶ୍ୱରଙ୍କ ପାଇଁ କରନ୍ତି। ୧୧ସେହି ଭଳି
ତୁମ୍ଭେମାନେ ମଧ୍ୟ ପାପର ଶକ୍ତି ବିଷୟରେ ନିଜକୁ ମୃତ
ବୋଲି ଭାବିବା ଉଚିତ। ତୁମ୍ଭେମାନେ ଖ୍ରୀଷ୍ଟ ଯୀଶୁଙ୍କ
ମାଧ୍ୟମରେ ପରମେଶ୍ୱରଙ୍କ ପାଇଁ ଜୀବିତ ବୋଲି ଅନୁଭବ
କର।
୧୨କିନ୍ତୁ ପାପ ଯେପରି ତୁମ୍ଭମାନଙ୍କର ଶରୀରକୁ ରାଜତ୍ୱ
ନ କରୁ। ତୁମ୍ଭମାନଙ୍କର ପାପପୂର୍ଣ୍ଣ ସ୍ୱଭାବ ଦ୍ୱାରା ତୁମ୍ଭେମାନେ
ଯେପରି ଶାସିତ ନ ହୁଅ। ୧୩ପାପର ସେବା କରିବା ପାଇଁ

ତୁମ୍ଭମାନଙ୍କ ଶରୀରର ଅଙ୍ଗ ଗୁଡ଼କକୁ ଅନୁମତି ଦଅ ନାହିଁ।
ମନ୍ଦ କାମ କରବା ପାଇଁ ଶରୀରକୁ ବ୍ୟବହାର କର
ନାହିଁ। ତା' ପରବର୍ତ୍ତେ ନଜକୁ ପରମେଶ୍ୱରଙ୍କଠାରେ ସମର୍ପଣ
କର। ଯେଉଁମାନେ ମର ଥିଲେ ଓ ଏବେ ଜୀବତ ଅଛନ୍ତ
ସେ ଲୋକଙ୍କ ଭଳ ହୁଅ। ନଜ ଶରୀରର ଅଙ୍ଗ ଗୁଡ଼କୁ
ଭଲ କାମ କରବା ପାଇଁ ପରମେଶ୍ୱରଙ୍କଠାରେ ସମର୍ପଣ
କର। ୧୪ପାପ ତୁମ୍ଭମାନଙ୍କର ସ୍ୱାମୀ ହେବ ନାହିଁ। କାରଣ
ତୁମ୍ଭେମାନେ ବ୍ୟବସ୍ଥାର ବନ୍ଧନରେ ନୁହଁ। ତୁମ୍ଭେମାନେ
ଏବେ ପରମେଶ୍ୱରଙ୍କ ଅନୁଗ୍ରହରେ ଜୀବତ ଅଛ।

### ଧାର୍ମିକତାର ଦାସ

୧୫ତା ହେଲେ ଆମ୍ଭେ କଣ କରବା ଉଚତ? ଆମ୍ଭେ
ବ୍ୟବସ୍ଥାର ଅଧୀନ ନୋହୁଁ, କନ୍ତୁ ଅନୁଗ୍ରହର ଅଧୀନ ବୋଲ
କଣ ପାପ କର ଚାଲଥିବା? ଅବଶ୍ୟ ନୁହେଁ ! ୧୬ଏହା
ନଶ୍ଚିତ ଭାବରେ ତୁମ୍ଭେମାନେ ଜାଣ ଯେ ଯେତେବେଳେ
ତୁମ୍ଭେମାନେ ଦାସ ଭଳ ନଜକୁ ସମର୍ପଣ କର, ସେତେବେଳେ
ତୁମ୍ଭେମାନେ ପ୍ରକୃତରେ ସେହ ଲୋକର ଦାସ ଅଟ।
ଯେଉଁ ଲୋକକୁ ତୁମ୍ଭେମାନେ ମାନବ ସେ ହେଉଛ ତୁମ୍ଭର
ମାଲକ। ତୁମ୍ଭେମାନେ ପାପର ଚାକର ହୋଇ ପାରବ ବା
ପରମେଶ୍ୱରଙ୍କୁ ମାନବ। ପାପ ଆଧ୍ୟାତ୍ମିକ ମୃତ୍ୟୁ ଆଣି ଦଏ।
କନ୍ତୁ ପରମେଶ୍ୱରଙ୍କୁ ମାନଲେ, ପରମେଶ୍ୱରଙ୍କଠାରେ
ତୁମ୍ଭେମାନେ ଧାର୍ମିକ ବୋଲ ଗଣିତ ହୁଅ। ୧୭ଅତୀତରେ
ତୁମ୍ଭେମାନେ ପାପର ଦାସ ଥିଲ, ପାପ ତୁମ୍ଭମାନଙ୍କୁ
ନୟନ୍ତ୍ରଣ କର ରଖିଥିଲା। କନ୍ତୁ ପରମେଶ୍ୱରଙ୍କୁ ଧନ୍ୟବାଦ
ଦଅ, ଯେ ତୁମ୍ଭମାନଙ୍କୁ ଯାହା ଶିକ୍ଷା ଦଆଗଲା ତାହା
ତୁମ୍ଭେମାନେ ସମସ୍ତ ହୃଦୟ ସହ ପାଳନ କଲ। ୧୮ତୁମ୍ଭମାନଙ୍କୁ
ପାପରୁ ମୁକ୍ତ କରା ହେଲା ଓ ଏବେ ତୁମ୍ଭେମାନେ
ଧାର୍ମିକତାର ଦାସ ହୋଇଛ। ୧୯ଲୋକେ ଜାଣିଥିବା ଗୋଟିଏ
ଉଦାହରଣ ଦେଇ ମୁଁ ଏ କଥା ତୁମ୍ଭମାନଙ୍କୁ ବୁଝାଉଛ।
ଏହାକୁ ବୁଝିବା କଷ୍ଟକର ହୋଇଥିବା କାରଣରୁ ମୁଁ ଏହ
ଭଳ ବୁଝାଉଛ। ଅତୀତରେ ତୁମ୍ଭେମାନେ ନଜ ଶରୀରର
ଅଙ୍ଗ ଗୁଡ଼କୁ ପାପର ଦାସ ହେବାକୁ ଓ ମନ୍ଦ କର୍ମରେ
ନୟୁକ୍ତ କରଥିଲ। ଫଳ ସ୍ୱରୂପ ତୁମ୍ଭେମାନେ ପରମେଶ୍ୱରଙ୍କ
ବରୁଦ୍ଧରେ ଜୀବନ ଯାପନ କରୁଥିଲ। ଠିକ୍ ସେହ ଭଳ
ଏବେ ତୁମ୍ଭମାନଙ୍କ ଶରୀରର ଅଙ୍ଗ ଗୁଡ଼କୁ ଭଲ କାମ
କରବା ପାଇଁ ସମର୍ପଣ କର। ତେବେ ତୁମ୍ଭେମାନେ
କେବଳ ପରମେଶ୍ୱରଙ୍କ ପାଇଁ ବଞ୍ଚିବ।
୨୦ଅତୀତରେ ତୁମ୍ଭେମାନେ ପାପର ଦାସ ଥିଲ ଓ ଯାହା
ଉତ୍ତମ ତାହା (ଜୀବନ ଯାପନ) ତୁମ୍ଭମାନଙ୍କୁ ନୟନ୍ତ୍ରିତ କର
ନ ଥିଲା। ୨୧ତୁମ୍ଭେମାନେ ମନ୍ଦ କାମ କରୁଥିଲ। ଏବେ
ତୁମ୍ଭେମାନେ ସେଭଳ କର୍ମ ପାଇଁ ଲଜ୍ଜିତ। ସେ କାମ
ଗୁଡ଼କ କଣ ତୁମ୍ଭମାନଙ୍କୁ ସାହାଯ୍ୟ କଲା? ନା, ସେ କର୍ମ
ଗୁଡ଼କ କେବଳ ଆଧ୍ୟାତ୍ମିକ ମୃତ୍ୟୁ ଆଣି ଥାଏ। ୨୨କନ୍ତୁ
ଏବେ ତୁମ୍ଭେମାନେ ପାପରୁ ମୁକ୍ତ। ତୁମ୍ଭେମାନେ ଏବେ
ପରମେଶ୍ୱରଙ୍କର ଦାସ ଓ ଏହା କେବଳ ପରମେଶ୍ୱରଙ୍କ
ପାଇଁ ତୁମ୍ଭମାନଙ୍କୁ ଜୀବନ ଆଣି ଦେବ। ତା ପରେ
ତୁମ୍ଭେମାନେ ସଦାକାଳ ପାଇଁ ଅନନ୍ତ ଜୀବନ ପାଇବ।
୨୩ପାପର ସ୍ୱାଭାବକ ପରଣତ ମୃତ୍ୟୁ। କନ୍ତୁ ପରମେଶ୍ୱର,
ଆମ୍ଭର ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅନୁଗ୍ରହଦାନ ଭାବରେ
ତାହାଙ୍କ ଲୋକମାନଙ୍କୁ ଅନନ୍ତ ଜୀବନ ଦଅନ୍ତ।

### ବବାହର ଦୃଷ୍ଟାନ୍ତ

୭ ଭାଇ ଓ ଭଉଣୀଗଣ, ତୁମ୍ଭେମାନେ ବ୍ୟବସ୍ଥା ଜାଣ।
ତୁମ୍ଭେମାନେ ଜାଣ ଯେ ଯେତେବେଳେ ଜଣେ
ଲୋକ ଜୀବତ, ବ୍ୟବସ୍ଥା ତାହାକୁ ନୟନ୍ତ୍ରିତ କରେ। ୨ମୁଁ
ତୁମ୍ଭମାନଙ୍କୁ ଗୋଟିଏ ଉଦାହରଣ ଦେଉଛ। ଜଣେ ବବାହତା
ସ୍ତ୍ରୀଲୋକ ତାହାର ସ୍ୱାମୀ ଜୀବତ ଥିବା ସମୟ ପର୍ଯ୍ୟନ୍ତ
ତା' ସହତ ଆବଦ୍ଧ ହୋଇ ରହଥାଏ। କନ୍ତୁ ଯେତେବେଳେ
ତାହାର ସ୍ୱାମୀ ମର ଯାଏ ସେ ବବାହର ନୟମରୁ ମୁକ୍ତ
ହୋଇ ଯାଏ। ୩କନ୍ତୁ ଯେତେବେଳେ ଜଣେ ସ୍ତ୍ରୀଲୋକ
ତାହାର ସ୍ୱାମୀ ଜୀବତ ଥିବା ଅବସ୍ଥାରେ, ଆଉ ଜଣକୁ
ବବାହ କରେ, ବ୍ୟବସ୍ଥା କୁହେ ଯେ, ସେ ବ୍ୟଭଚାରର
ଦୋଷରେ ଦୋଷୀ। କନ୍ତୁ ଯଦ ସେ ସ୍ତ୍ରୀଲୋକର ସ୍ୱାମୀ
ମର ଯାଏ, ତାହେଲେ ସେ ସ୍ତ୍ରୀଲୋକଟି ବବହାର ବନ୍ଧନ
(ବ୍ୟବସ୍ଥା)ରୁ ମୁକ୍ତ ହୋଇ ଯାଏ। ଅତଏବ, ଯଦ ସେହ
ସ୍ତ୍ରୀଲୋକ ସ୍ୱାମୀର ମୃତ୍ୟୁ ପରେ ଆଉ ଜଣକୁ ବବାହ
କରେ, ସେ ବ୍ୟଭଚାରର ଦୋଷରେ ଆଉ ଦୋଷୀ ହୁଏ
ନାହିଁ।
୪ଠିକ୍ ସେହ ଭଳ, ମୋ ଭାଇ (ଓ ଭଉଣୀ)ଗଣ,
ତୁମ୍ଭମାନଙ୍କର ପୁରୁଣା ବ୍ୟକ୍ତତ୍ୱ ମରଯାଇଛ ଓ ତୁମ୍ଭେମାନେ
ଖ୍ରୀଷ୍ଟଙ୍କ ଶରୀର ମାଧ୍ୟମରେ ବ୍ୟବସ୍ଥାରୁ ମୁକ୍ତ ହୋଇଯାଇଛ।
ଏବେ ତୁମ୍ଭେମାନେ ଅନ୍ୟ ଜଣକର ଅଟ। ତୁମ୍ଭେମାନେ
ମୃତ୍ୟୁରୁ ବଞ୍ଚି ଉଠିଥିବା ଖ୍ରୀଷ୍ଟଙ୍କର ଅଟ। ଆମ୍ଭେ ଯୀଶୁ
ଖ୍ରୀଷ୍ଟଙ୍କର ଅଟୁ, ସେଥିପାଇଁ ଆମ୍ଭେ ପରମେଶ୍ୱରଙ୍କ ସେବାରେ
ନୟୋଜିତ ହୋଇ ପାରବା। ୫ଅତୀତରେ, ଆମ୍ଭେ ଆମ୍ଭର
ପାପପୂର୍ଣ୍ଣ ଶରୀର ଦ୍ୱାରା ନୟନ୍ତ୍ରିତ ହେଉଥିଲୁ। ଆମ୍ଭ ଦ୍ୱାରା
ବ୍ୟବସ୍ଥା ପାପପୂର୍ଣ୍ଣ କାମ କରାଉ ଥିଲା। ଓ ଏହ ପାପପୂର୍ଣ୍ଣ
କାମ ସବୁ ଆମ୍ଭର ଶରୀରକୁ ନୟନ୍ତ୍ରିତ କରୁଥିଲା। ଅତଏବ
ଏହ କର୍ମ ଆମ୍ଭର ଆଧ୍ୟାତ୍ମିକ ମୃତ୍ୟୁ ଘଟାଉ ଥିଲା।
୬ଅତୀତର ବ୍ୟବସ୍ଥା ଆମ୍ଭକୁ ବନ୍ଦୀ ଭଳ ବାନ୍ଧି ରଖି ଥିଲା।
କନ୍ତୁ ଆମ୍ଭର ପୁରୁଣା ବ୍ୟକ୍ତତ୍ୱ ଏବେ ମର ଯାଇଛ ଓ
ଆମ୍ଭେ ବ୍ୟବସ୍ଥାରୁ ମୁକ୍ତ ହୋଇ ସାରଛୁ। ଅତଏବ ଆମ୍ଭେ
ପ୍ରାଚୀନ ପଦ୍ଧତି ଲଖିତ ବ୍ୟବସ୍ଥା ଅନୁସାରେ ପରମେଶ୍ୱରଙ୍କ
ସେବା କରୁନାହୁଁ। ଆମ୍ଭେ ପରମେଶ୍ୱରଙ୍କ ନୂତନ-ପଦ୍ଧତିରେ
ଆତ୍ମାରେ ସେବା କରୁ ଅଛୁ।

### ପାପ ସହତ ଆମର ସଂଘର୍ଷ

୭ତୁମ୍ଭେ ଭାବ ପାର ଯେ, ମୁଁ କହୁଛ ପାପ ଓ ବ୍ୟବସ୍ଥା
ହେଉଛ ଏକା କଥା। ଏହା ସତ୍ୟ ନୁହେଁ। କନ୍ତୁ ବ୍ୟବସ୍ଥା
ହେଉଛ ଏକମାତ୍ର ଉପାୟ ଯାହା ଦ୍ୱାରା ମୁଁ ପାପର ଅର୍ଥ
ଜାଣି ପାରଲ। ମୁଁ କେବେ ହେଲେ ଜାଣି ପାର ନ ଥାନ୍ତି,
"ଲୋଭ କରବା" ଅର୍ଥ କଣ। କନ୍ତୁ ବ୍ୟବସ୍ଥା କହଲା
"ଅନ୍ୟମାନଙ୍କ ବସ୍ତୁ ପାଇବା ପାଇଁ କେବେହେଲେ ଲୋଭ

କର ନାହିଁ।”* [୮]ଏହି ଆଦେଶ ଅନୁସାରେ ମୋ ଭିତରେ
ସମସ୍ତ ପ୍ରକାରର ଭୁଲ ବସ୍ତୁ ପ୍ରତି ପାପ ଇଚ୍ଛା ଜାଗ୍ରତ
କରାଇଲା। ସେଥିପାଇଁ ଉକ୍ତ ଆଦେଶ ହେତୁ ପାପ ମୋ
ପାଖକୁ ଆସିଲା। କିନ୍ତୁ ବ୍ୟବସ୍ଥା ବିନା ପାପର କୌଣସି
ଶକ୍ତି ନାହିଁ। [୯]ବ୍ୟବସ୍ଥା ଜାଣିବା ପୂର୍ବରୁ, ବ୍ୟବସ୍ଥା ବିନା ମୁଁ
ଜୀବିତ ଥିଲି। କିନ୍ତୁ ଯେତେବେଳେ ବ୍ୟବସ୍ଥାର ଆଦେଶ
ମୋ ପାଖକୁ ଆସିଲା, ସେତେବେଳେ ପାପ ଜୀବିତ ହେଲା
ଓ ପାପ ହେତୁ ଆତ୍ମିକ ଭାବରେ ମୁଁ ମୃତ୍ତୁ ହେଲି।
[୧୦]ଆଦେଶର ଆଜ୍ଞା ଥିଲା ଜୀବନ ଦାନ କିନ୍ତୁ ମୋ ପାଇଁ
ଆଜ୍ଞା ଆଣିଲା ମୃତ୍ୟୁ। [୧୧]ଏହି ଆଜ୍ଞାକୁ ବ୍ୟବହାର କରି
ପାପ ମୋତେ ମୂର୍ଖ ପ୍ରମାଣିତ କରିବା ପାଇଁ ସୁଯୋଗ
ପାଇଲା। ମୋତେ ଆତ୍ମିକ ଭାବରେ ମୃତ କରାଇବାରେ
ପାପ ଏହି ଆଜ୍ଞାକୁ ବ୍ୟବହାର କଲା।

[୧୨]ଅତଏବ ବ୍ୟବସ୍ଥା ହେଉଛି ପବିତ୍ର ଓ ଆଜ୍ଞା ମଧ୍ୟ
ପବିତ୍ର, ଠିକ୍ ଓ ଉତ୍ତମ। [୧୩]ଏହାର କଣ ଏହି ଅର୍ଥ ଯେ
ଯାହା ଭଲ, ତାହାହିଁ ମୋ ପାଇଁ ମୃତ୍ୟୁ ଆଣିଲା? କିନ୍ତୁ
ଯାହା ଭଲ ପାପ ତାହାକୁ ହିଁ ବ୍ୟବହାର କରି ମୋ ପାଇଁ,
ମୃତ୍ୟୁ ଆଣିଲା। ଏହା ହେଲା, ଯେପରି ମୁଁ ଜାଣିପାରିବି
ପାପ କ’ଣ? ପାପ ହେଉଛି ଅତିଶୟ ମନ୍ଦ, ଏହା
ଜଣାଇବା ପାଇଁ ଏପରି ଘଟିଲା, ଓ ଆଜ୍ଞାର ବ୍ୟବହାର
ମଧ୍ୟ ଏହାହିଁ ଦେଖାଇବା ପାଇଁ ହେଲା।

## ମଣିଷର ଦ୍ୱନ୍ଦ୍ୱ

[୧୪]ମୁଁ ଜାଣେ ଯେ ବ୍ୟବସ୍ଥା ହେଉଛି ଆତ୍ମିକ। କିନ୍ତୁ ମୁଁ
ଆତ୍ମିକ ନୁହେଁ। ପାପର ଦାସ ଭଳି ମୁଁ ତା’ ପାଖରେ ବିକ୍ରି
ହୋଇ ଯାଇଛି। ମୁଁ ଯାହାକରେ ତାହା ମୁଁ ବୁଝେ ନାହିଁ।
[୧୫]ଯେଉଁ ଭଲ କାମ ମୁଁ କରିବାକୁ ଇଚ୍ଛା କରେ, ମୁଁ
କରେ ନାହିଁ। ଓ ଯେଉଁ ମନ୍ଦ କାମ କରିବାକୁ ମୁଁ ଘୃଣା
କରେ, ସେହି କାମ କରେ। [୧୬]ଯେଉଁ କାମ କରିବାକୁ ମୁଁ
ଚାହେଁ ନାହିଁ, ଯଦି ମୁଁ ତାହା କରେ, ତାହାର ଅର୍ଥ ଯେ,
ବ୍ୟବସ୍ଥା ଭଲ ବୋଲି ମୁଁ ସମର୍ଥନ କରେ। [୧୭]କିନ୍ତୁ ମୁଁ,
ପ୍ରକୃତରେ ଏହି ମନ୍ଦ କର୍ମ କରି ନ ଥାଏ। ମୋ ଭିତରେ
ଥିବା ପାପର ସ୍ୱଭାବ ଏହି ସବୁ କାମ କରେ। [୧୮]ମୁଁ ଏହା
ଜାଣେ ଯେ ମୋ ଭିତରେ କିଛି ଭଲ ନାହିଁ। ମୋ କହିବା
ଅର୍ଥ ଯେ, ମୋର ଶରୀରରେ କୌଣସି ଭଲ ବିଷୟ
ନାହିଁ। [୧୯]ମୁଁ ଭଲ କାମ କରିବାକୁ ଇଚ୍ଛା କରେ। କିନ୍ତୁ
ମୁଁ ଏହା କରେ ନାହିଁ। [୨୦]ମୁଁ ମନ୍ଦ କାମ କରେ ଯାହା ମୁଁ
କରିବାକୁ ଚାହେଁ ନାହିଁ। ତାହାର ଅର୍ଥ ମୁଁ ପ୍ରକୃତରେ
ଏସବୁ କରେ ନାହିଁ। ମୋ ଭିତରେ ଥିବା ପାପ ଏହି ସବୁ
କାମ କରେ।

[୨୧]ସେହି ଭଳି ମୁଁ ଏହି ବ୍ୟବସ୍ଥାଟି ଶିଖିଛି: ଯେତେବେଳେ
ମୁଁ ଭଲ କାମ କରିବାକୁ ଇଚ୍ଛା କରେ, ମନ୍ଦ ମୋ
ପାଖେପାଖେ ଥାଏ। [୨୨]ମୋ ମନରେ, ମୁଁ ପରମେଶ୍ୱରଙ୍କର
ବ୍ୟବସ୍ଥାରେ ସୁଖୀ। [୨୩]କିନ୍ତୁ ମୋ ଶରୀରରେ ମୁଁ ଆଉ
ଗୋଟିଏ ବ୍ୟବସ୍ଥା କାମ କରୁଥିବାର ଦେଖୁଛି। ସେମାନେ
ଗ୍ରହଣ କରୁଥିବା ବ୍ୟବସ୍ଥା ସହିତ ମୋ ଶରୀରର ବ୍ୟବସ୍ଥା
ସଂଘର୍ଷ କରୁଛି। ମୋ ଶରୀରରେ କାମ କରୁଥିବା ଏହି
ବ୍ୟବସ୍ଥାଟି ପାପର ବ୍ୟବସ୍ଥା ଅଟେ, ଓ ସେହି ବ୍ୟବସ୍ଥା
ମୋତେ ବନ୍ଦୀ କରି ପକାଏ। [୨୪]ଏହା ଭୟଙ୍କର ଅଟେ!
ମୋତେ ଏହି ଶରୀରରୁ, ଯାହା ମୋ ପାଇଁ ମୃତ୍ୟୁ ଆଣେ,
କିଏ ରକ୍ଷା କରିବ? ପରମେଶ୍ୱର ମୋତେ ରକ୍ଷା କରିବେ।
[୨୫]ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପରମେଶ୍ୱରଙ୍କ
ଧନ୍ୟବାଦ ହେଉ। ଅତଏବ-ମୋ ମନ ସହିତ ମୁଁ ପରମେଶ୍ୱରଙ୍କ
ବ୍ୟବସ୍ଥାର ଦାସ।

କିନ୍ତୁ ପାପପୂର୍ଣ୍ଣ ସ୍ୱଭାବରେ ମୁଁ ପାପଯୁକ୍ତ ନିୟମର
ଦାସ।

## ଆତ୍ମାରେ ଜୀବନ

୮ ଅତଏବ ଏବେ ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ
ଅଛନ୍ତି, ସେମାନେ ଦୋଷୀ ବୋଲି ବିଗ୍ଭରିତ ହୁଅନ୍ତି
ନାହିଁ। [୨]ମୁଁ ଦୋଷୀ ବୋଲି ବିଗ୍ଭରିତ ହେଉ ନାହିଁ
କାହିଁକି? କାରଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ଆତ୍ମାର ବ୍ୟବସ୍ଥା
ଜୀବନ ଦିଏ ଓ ତାହା ମୋତେ ମୁକ୍ତ କରିଛି। ପାପ ଓ
ମୃତ୍ୟୁ ଆଣୁଥିବା ବ୍ୟବସ୍ଥାରୁ ଏହା ମୋତେ ମୁକ୍ତ କରିଛି।
[୩]ଆମ୍ଭର ପାପପୂର୍ଣ୍ଣ ସ୍ୱଭାବ ଦ୍ୱାରା ବ୍ୟବସ୍ଥା ଶକ୍ତିହୀନ
ହୋଇପାରେ। କିନ୍ତୁ ବ୍ୟବସ୍ଥା ଯାହା କରି ପାରି ନ ଥିଲା,
ତାହା ପରମେଶ୍ୱର କଲେ। ପରମେଶ୍ୱର ନିଜର ପୁତ୍ରକୁ
ସେଇ ମାନବ ଶରୀର ପ୍ରଦାନ କରି ପୃଥିବୀକୁ ପଠାଇଲେ,
ଯେଉଁ ଶରୀରକୁ ଅନ୍ୟମାନେ ପାପ କାମରେ ଲଗାନ୍ତି।
ପାପର ପ୍ରାୟଶ୍ଚିତ୍ତ ପାଇଁ ପରମେଶ୍ୱର ତାହାଙ୍କ ପୁତ୍ରଙ୍କୁ
ପଠାଇଲେ। ସେଥିପାଇଁ ପରମେଶ୍ୱର ପାପକୁ ବିନାଶ
କରିବା ପାଇଁ ମାନବ ଶରୀରକୁ ବ୍ୟବହାର କଲେ।
[୪]ବ୍ୟବସ୍ଥା ଆମ୍ଭକୁ ଯେପରି ହେବା ପାଇଁ ଚାହେଁ, ସେହି
ଭଳି ହେବା ପାଇଁ ପରମେଶ୍ୱର ଏପରି କଲେ। ଆମ୍ଭେ
ଏବେ ପାପପୂର୍ଣ୍ଣ ମାନବ ସ୍ୱଭାବ ଅନୁସାରେ ନୁହେଁ ବରଂ
ଆତ୍ମା ଅନୁସାରେ ଜୀବନ ଯାପନ କରୁଛୁ।

[୫]ଯେଉଁ ଲୋକମାନେ ତାହାଙ୍କର ପାପପୂର୍ଣ୍ଣ ଶରୀର
ଅନୁସାରେ ଜୀବନ ଯାପନ କରନ୍ତି, ସେମାନେ ସବୁବେଳେ
ତାହାଙ୍କ ପାପପୂର୍ଣ୍ଣ ଶରୀରର କଥା ଅନୁସାରେ ଚିନ୍ତା
କରନ୍ତି। କିନ୍ତୁ ଯେଉଁ ଲୋକମାନେ ଆତ୍ମା ଅନୁସାରେ
ଜୀବନ ଯାପନ କରନ୍ତି, ସେମାନେ ସର୍ବଦା ଆତ୍ମା ଅନୁସାରେ
ଚିନ୍ତା କରନ୍ତି। [୬]ଯଦି ଜଣେ ଲୋକର ବିଗ୍ଭର ପାପପୂର୍ଣ୍ଣ
ଶରୀର ଦ୍ୱାରା ନିୟନ୍ତ୍ରିତ ହୁଏ, ତାହେଲେ ଆତ୍ମିକ ମୃତ୍ୟୁ
ହୁଏ। କିନ୍ତୁ ଯଦି ଜଣକର ବିଗ୍ଭର ଆତ୍ମା ଦ୍ୱାରା ନିୟନ୍ତ୍ରିତ
ହୁଏ, ତାହେଲେ ସେଠାରେ ଜୀବନ ଓ ଶାନ୍ତି ଅଛି। [୭]ଏହା
କାହିଁକି ସତ୍ୟ? କାରଣ ଯଦି ଜଣେ ଲୋକର ବିଗ୍ଭର
ତାହାର ପାପପୂର୍ଣ୍ଣ ଶରୀର ଦ୍ୱାରା ନିୟନ୍ତ୍ରିତ ହୁଏ, ତାହେଲେ
ସେ ଲୋକ ପରମେଶ୍ୱରଙ୍କର ବିରୋଧୀ। ସେ ଲୋକ
ପରମେଶ୍ୱରଙ୍କର ବ୍ୟବସ୍ଥା ମାନିବାକୁ ମନା କରେ। ପ୍ରକୃତରେ
ସେ ଲୋକ ପରମେଶ୍ୱରଙ୍କର ବ୍ୟବସ୍ଥା ମାନିବା ପାଇଁ
ଅସମର୍ଥ। [୮]ଯେଉଁ ଲୋକମାନେ ତାହାଙ୍କର ପାପପୂର୍ଣ୍ଣ

---

**“ଅନ୍ୟମାନଙ୍କ … ନାହିଁ”** ଯାତ୍ରା ପୁସ୍ତକ ୨୦:୧୭; ଦ୍ୱିତୀୟ ବିବରଣ ୫:୨୧

ଶରୀର ଦ୍ୱାରା ଶାସିତ ସେମାନେ ପରମେଶ୍ୱରଙ୍କୁ ଖୁସି କରି
ପାରିବେ ନାହିଁ।
୯କିନ୍ତୁ, ତୁମ୍ଭେମାନେ ନିଜର ପାପପୂର୍ଣ୍ଣ ଶରୀର ଦ୍ୱାରା
ଶାସିତ ନୁହଁ। ଯଦି ପ୍ରକୃତରେ ଖ୍ରୀଷ୍ଟଙ୍କର ଆତ୍ମା ତୁମ୍ଭମାନଙ୍କ
ଭିତରେ ଅଛି, ତା'ହେଲେ ତୁମ୍ଭେମାନେ ଆତ୍ମା ଦ୍ୱାରା
ଶାସିତ ହେଉଛ। କିନ୍ତୁ ଯଦି କୌଣସି ଲୋକ ଭିତରେ
ଖ୍ରୀଷ୍ଟଙ୍କର ଆତ୍ମା ନାହିଁ, ତା' ହେଲେ ସେ ଲୋକ
ଖ୍ରୀଷ୍ଟଙ୍କର ନୁହେଁ। ୧୦ପାପ ହେତୁ ତୁମ୍ଭମାନଙ୍କ ଶରୀର
ସବୁବେଳେ ମୃତ ହୋଇ ରହିବ। କିନ୍ତୁ ଯଦି ଖ୍ରୀଷ୍ଟ
ତୁମ୍ଭମାନଙ୍କ ଭିତରେ ଅଛନ୍ତି, ତା'ହେଲେ ଆତ୍ମା ତୁମ୍ଭମାନଙ୍କୁ
ଜୀବନ ପ୍ରଦାନ କରିବେ, କାରଣ ଖ୍ରୀଷ୍ଟ ତୁମ୍ଭମାନଙ୍କୁ
ପରମେଶ୍ୱରଙ୍କ ସହିତ ଧାର୍ମିକ କରିଛନ୍ତି। ୧୧ପରମେଶ୍ୱର
ଯୀଶୁଙ୍କୁ ମୃତ୍ୟୁରୁ ପୁନର୍ଜୀବିତ କରିଛନ୍ତି। ଓ ଯଦି ପରମେଶ୍ୱରଙ୍କ
ଆତ୍ମା ତୁମ୍ଭମାନଙ୍କ ଭିତରେ ଅଛି, ତା'ହେଲେ ତୁମ୍ଭମାନଙ୍କର
ମୃତ ଶରୀରକୁ ମଧ୍ୟ ସେ ତାହାଙ୍କର ଆତ୍ମାଙ୍କ ଦ୍ୱାରା
ଜୀବନ ପ୍ରଦାନ କରିବେ।
୧୨ସୁତରାଂ, ମୋ ଭାଇ ଓ ଭଉଣୀମାନେ, ଆମ୍ଭ ପାପପୂର୍ଣ୍ଣ
ଶରୀର ଦ୍ୱାରା ଆମ୍ଭେ ଶାସିତ ନୋହୁଁ। ଆମ୍ଭେ ଆମ୍ଭର
ପାପପୂର୍ଣ୍ଣ ଶରୀରର ଇଚ୍ଛା ଅଧୀନରେ ନୋହୁଁ। ୧୩ଯଦି
ତୁମ୍ଭେମାନେ ତୁମ୍ଭ ପାପପୂର୍ଣ୍ଣ ଶରୀର ଅନୁସାରେ ମନ୍ଦ କାମ
ପାଇଁ ନିଜ ଜୀବନକୁ ବ୍ୟବହାର କର, ତାହେଲେ ତୁମ୍ଭେମାନେ
ଆତ୍ମିକ ରୂପରେ ମରିଯିବ। କିନ୍ତୁ ଯଦି ତୁମ୍ଭେମାନେ
ଆତ୍ମାଙ୍କୁ ଶରୀର ମାଧ୍ୟମରେ ମନ୍ଦ କାମ କରିବାକୁ ରୋକିବା
ପାଇଁ ବ୍ୟବହାର କର, ତା'ହେଲେ ତୁମ୍ଭେମାନେ ପ୍ରକୃତ
ଜୀବନ ପାଇବ।
୧୪ଯେଉଁମାନେ ନିଜ ଜୀବନରେ ପରମେଶ୍ୱରଙ୍କର ଆତ୍ମାଙ୍କୁ
ନେତୃତ୍ୱ ଦିଅନ୍ତି ସେମାନେ ପରମେଶ୍ୱରଙ୍କର ପ୍ରକୃତ ସନ୍ତାନ।
୧୫ଯେଉଁ ଆତ୍ମାଙ୍କୁ ଆମ୍ଭେ ପାଇଛୁ, ସେ ଆତ୍ମା ଆମ୍ଭକୁ
ଆଉ ଦାସ ହେବାକୁ ଦେବେ ନାହିଁ କି ଆମ୍ଭ ପାଇଁ
ଭୟର କାରଣ ହେବେ ନାହିଁ। ଆମ୍ଭ ଭିତରେ ଯେଉଁ
ଆତ୍ମା ଅଛନ୍ତି ସେ ଆମ୍ଭକୁ ପରମେଶ୍ୱରଙ୍କର ସନ୍ତାନ କରି
ଦିଅନ୍ତି। ଓ ସେହି ଆତ୍ମାଙ୍କ ସହିତ ଆମ୍ଭେ କହୁ, "ପିତା,
ପ୍ରିୟ ପିତା।" ୧୬ଆମ୍ଭେ ପରମେଶ୍ୱରଙ୍କର ସନ୍ତାନ ବୋଲି
କହିବା ଲାଗି ସେହି ଆତ୍ମା ଆମ୍ଭ ଆତ୍ମା ସହିତ ଯୋଡ଼ି
ହୁଅନ୍ତି। ୧୭ଆମ୍ଭେ ଯଦି ପରମେଶ୍ୱରଙ୍କର ସନ୍ତାନ, ତା
ହେଲେ ପରମେଶ୍ୱର ତାହାଙ୍କ ଲୋକଙ୍କ ପାଇଁ ଯେଉଁ
ଆଶୀର୍ବାଦ ରଖିଛନ୍ତି, ତାହା ଆମ୍ଭକୁ ମିଳିବ। ଆମ୍ଭେ ଏହା
ପରମେଶ୍ୱରଙ୍କଠାରୁ ପାଇବୁ। ଖ୍ରୀଷ୍ଟଙ୍କ ସହିତ ଆମ୍ଭେ ମଧ୍ୟ
ଏହି ଆଶୀର୍ବାଦ ପାଇବୁ। କିନ୍ତୁ ଖ୍ରୀଷ୍ଟ ଭଳି ଆମ୍ଭେ କଷ୍ଟ
ପାଇବା ଦରକାର। ତାହା ହେଲେ ଖ୍ରୀଷ୍ଟଙ୍କ ଭଳି ଆମ୍ଭେ
ମଧ୍ୟ ମହିମାର ଅଧିକାରୀ ହେବା।

### ଆମ୍ଭକୁ ଭବିଷ୍ୟତରେ ମହିମା ମିଳିବ

୧୮ଆମ୍ଭେ ଦୁଃଖ ଭୋଗ କରୁଛୁ। କିନ୍ତୁ ଯେଉଁ ଗୌରବ
ଆମ୍ଭକୁ ଭବିଷ୍ୟତରେ ମିଳିବ ତା ତୁଳନାରେ ଆମ୍ଭର
ବର୍ତ୍ତମାନର ଦୁଃଖ କିଛି ନୁହେଁ। ୧୯ପରମେଶ୍ୱର ଯାହା କିଛି
ସୃଷ୍ଟି କରିଛନ୍ତି, ସେହି ସବୁ ବଡ଼ ଆଶାରେ ସେହି
ସମୟକୁ ଅପେକ୍ଷା କରିଛନ୍ତି ଯେ କେତେବେଳେ ପରମେଶ୍ୱର
ସଂସାରକୁ ଜଣାଇ ଦେବେ ଯେ, କେଉଁମାନେ ତାହାଙ୍କର
ସନ୍ତାନ ଅଟନ୍ତି। ସମଗ୍ର ସଂସାର ଏହି ଘଟଣା ଘଟିବା ପାଇଁ
ଚାହିଁ ରହିଛି। ୨୦ପରମେଶ୍ୱର ଯାହା କିଛି ସୃଷ୍ଟି କରିଥିଲେ
ତାହା ଅସାର ହୋଇଗଲା। ଏହା ସଂସାରର ପସନ୍ଦ ନଥିଲା,
କିନ୍ତୁ ପରମେଶ୍ୱର ଏହା କରିବା ପାଇଁ ସ୍ଥିର କରି ଥିଲେ।
କିନ୍ତୁ ଏହି ଭରସା ଥିଲା: ୨୧ଯେପରି ପରମେଶ୍ୱର ସୃଷ୍ଟି
କରିଥିବା ପ୍ରତ୍ୟେକ ବସ୍ତୁ ବିନାଶରୁ ମୁକ୍ତ ହେବ। ଏହି
ଭରସା ଥିଲା ଯେ ପରମେଶ୍ୱରଙ୍କ ସନ୍ତାନମାନଙ୍କ ପାଇଁ
ଯାହା କିଛି ନିର୍ମିତ ହୋଇଛି ସେଗୁଡ଼ିକ ସେହି ସ୍ୱାଛନ୍ଦ୍ୟ ଓ
ମହିମାର ଭାଗୀ ହେବେ।
୨୨ଆମ୍ଭେ ଜାଣୁ ଯେ ପରମେଶ୍ୱରଙ୍କ ନିର୍ମିତ ପ୍ରତ୍ୟେକ
ବିଷୟ, ଏବେ ସୁଦ୍ଧା ସନ୍ତାନକୁ ଜନ୍ମଦେବା ପ୍ରସବ ବେଦନା
ସହିତ ପ୍ରତୀକ୍ଷାରତ ସ୍ତ୍ରୀଲୋକ ଭଳି, ଅପେକ୍ଷାରେ ଅଛି।
୨୩କେବଳ ସଂସାର ନୁହେଁ, ଆମ୍ଭେ ମଧ୍ୟ ସେହିପରି
ବେଦନାପୂର୍ବକ ଅପେକ୍ଷାରେ ଅଛୁ। ପରମେଶ୍ୱରଙ୍କର ପ୍ରତିଜ୍ଞାର
ପ୍ରଥମ ଫଳ ସ୍ୱରୂପ ଆମ୍ଭେ ଆତ୍ମାଙ୍କୁ ପାଇଲୁ। ସେଥିପାଇଁ
ଆମ୍ଭେ ଅପେକ୍ଷା କରିଛୁ ଯେ, ପରମେଶ୍ୱର ଆମ୍ଭକୁ
ତାହାଙ୍କର ନିଜ ସନ୍ତାନ ଭାବେ ସୃଷ୍ଟି କରିବା କାମ ସମାପ୍ତ
କରନ୍ତୁ। ଅର୍ଥାତ ଆମ୍ଭମନେ ଶରୀରଗୁଡ଼ିକ ମୁକ୍ତ ପାଇଁ
ଅପେକ୍ଷା କରିଛୁ। ୨୪ଆମ୍ଭେ ପରିତ୍ରାଣ ପାଇଥିଲୁ ଓ ଆମ୍ଭର
ଏହି ଭରସା ଅଛି। ଯାହା ପାଇଁ ଆମ୍ଭେ ଭରସା କରୁଛୁ
ଯଦି ଆମ୍ଭେ ତାହାକୁ ଦେଖି ପାରୁ, ତା' ହେଲେ ତାହା
ପ୍ରକୃତରେ ଭରସା ନୁହେଁ। ମଣିଷ, ଯାହା ତା' ପାଖରେ
ଏବେ ଅଛି, ସେ ଗୁଡ଼ିକ ପାଇଁ ଭରସା କରେ ନାହିଁ।
୨୫କିନ୍ତୁ ଯାହା ଆମ୍ଭ ପାଖରେ ଏବେ ସୁଦ୍ଧା ନାହିଁ ତା ପାଇଁ
ଆମ୍ଭେ ଭରସାରେ ଅଛୁ। ଆମ୍ଭେ ଏହା ପାଇଁ ଧୈର୍ଯ୍ୟପୂର୍ବକ
ଅପେକ୍ଷା କରି ରହିଛୁ।
୨୬ଆତ୍ମା ମଧ୍ୟ ଆମ୍ଭକୁ ସାହାଯ୍ୟ କରୁଛନ୍ତି, ଆମ୍ଭେ ଅତି
ଦୁର୍ବଳ କିନ୍ତୁ ଆତ୍ମା ଆମ୍ଭର ଦୁର୍ବଳତାରେ ଆମ୍ଭକୁ ସାହାଯ୍ୟ
କରୁଛନ୍ତି। କଣ ଓ କିପରି ପ୍ରାର୍ଥନା କରିବି ଉଚିତ, ତାହା
ଆମ୍ଭେ ଜାଣୁ ନାହୁଁ। କିନ୍ତୁ ଆତ୍ମା ନିଜ ତରଫରୁ ପରମେଶ୍ୱରଙ୍କୁ
ଆମ୍ଭ ପାଇଁ ପ୍ରାର୍ଥନା କରନ୍ତି। ଆତ୍ମା ଆମ୍ଭ ପାଇଁ
ପରମେଶ୍ୱରଙ୍କଠାରେ ଭିକ୍ଷା ମାଗନ୍ତି। ଆତ୍ମା ଯେତେ ଗଭୀର
ଭାବନା ସହିତ ପରମେଶ୍ୱରଙ୍କୁ କୁହନ୍ତି ତାହା ଶବ୍ଦରେ
ବର୍ଣ୍ଣନା କରାଯାଇ ପାରିବ ନାହିଁ। ୨୭ଲୋକମାନଙ୍କର ହୃଦୟରେ
କ'ଣ ଅଛି ପରମେଶ୍ୱର ତାହା ଦେଖି ପାରନ୍ତି। ପରମେଶ୍ୱର
ଆତ୍ମାର ମନରେ କ'ଣ ଅଛି ତାହା ଜାଣନ୍ତି, କାରଣ ଆତ୍ମା
ପରମେଶ୍ୱର ଯେପରି ଇଚ୍ଛା କରନ୍ତି, ସେହି ଭଳି ତାଙ୍କ
ଲୋକମାନଙ୍କ ପାଇଁ କରନ୍ତି।
୨୮ଆମ୍ଭେ ଜାଣୁ ଯେ, ଯେଉଁମାନେ ତାହାଙ୍କୁ ପ୍ରେମ
କରନ୍ତି ସେମାନଙ୍କ ପାଇଁ ପରମେଶ୍ୱର ପ୍ରତ୍ୟେକ ବିଷୟରେ
ମଙ୍ଗଳ ଜନ୍ମାନ୍ତି। ପରମେଶ୍ୱର ଏହି ଲୋକମାନଙ୍କୁ ବାଛିଛନ୍ତି,
କାରଣ ଏହାହିଁ ତାହାଙ୍କର ଯୋଜନା ଥିଲା। ୨୯ପରମେଶ୍ୱର
ସଂସାର ତିଆରି କରିବା ପୂର୍ବରୁ ଏହି ଲୋକମାନଙ୍କୁ
ଜଣାଇଥିଲେ। ଏବଂ ପରମେଶ୍ୱର ନିର୍ଣ୍ଣୟ କରିଥିଲେ ଯେ
ସେହି ଲୋକମାନେ ତାହାଙ୍କର ପୁତ୍ର ଭଳି ହୁଅନ୍ତୁ।

ତାହେଲେ ଯୀଶୁ ଅନେକ ଭାଇ ଓ ଭଉଣୀ ମାନଙ୍କ
ଭିତରେ ପ୍ରଥମଜାତ* ବୋଲି ଧରାହେବେ। ୩୦ପରମେଶ୍ୱରଙ୍କ
ଯୋଜନା ସେମାନଙ୍କ ପାଇଁ ହେଲା ଯେ ସେମାନେ
ତାହାଙ୍କର ପୁତ୍ର ଭଳି ହେବେ। ସେ ଏହି ଲୋକମାନଙ୍କୁ
ଡାକିଲେ। ପରମେଶ୍ୱର ସେମାନଙ୍କୁ ନିଜ ପ୍ରତି ଧାର୍ମିକ
କଲେ। ଏବଂ ପରମେଶ୍ୱର ଯେଉଁମାନଙ୍କୁ ନିଜ ପ୍ରତି ଧାର୍ମିକ
କଲେ, ସେହି ଲୋକମାନଙ୍କୁ ମହିମା ଦେଲେ।

## ଖ୍ରୀଷ୍ଟ ଯୀଶୁରେ ପରମେଶ୍ୱରଙ୍କ ପ୍ରେମ

୩୧ସେଥିପାଇଁ ଆମ୍ଭେ ଏହି ବିଷୟରେ କ'ଣ କହିବା?
ଯଦି ପରମେଶ୍ୱର ଆମ୍ଭ ସହିତ ଅଛନ୍ତି, ତାହେଲେ
କୌଣସି ଲୋକ ଆମ୍ଭକୁ ପରାଜିତ କରି ପାରିବ ନାହିଁ।
୩୨ପରମେଶ୍ୱର ଆମ୍ଭ ପାଇଁ ସବୁ କିଛି କରିବେ। ପରମେଶ୍ୱର
ନିଜର ପୁତ୍ରକୁ ସୁଦ୍ଧା ଧରି ରଖିଲେ ନାହିଁ କିନ୍ତୁ ଆମ୍ଭ
ସମସ୍ତଙ୍କ ପାଇଁ ଦେଇ ଦେଲେ। ଏଣୁ ସେ ତାଙ୍କ ସହ
ଆମ୍ଭକୁ ସବୁ ବିଷୟ ଦେବେ। ୩୩ପରମେଶ୍ୱର ଯାହାଙ୍କୁ
ବାଛିଛନ୍ତି, ସେ ଲୋକମାନଙ୍କୁ କିଏ ବା ଅଭିଯୁକ୍ତ କରି
ପାରିବ? କେହି ନୁହେଁ! ପରମେଶ୍ୱର ହିଁ ସେହି ଲୋକମାନଙ୍କୁ
ଧାର୍ମିକ କରନ୍ତି। ୩୪କିଏ କହି ପାରିବ ଯେ ପରମେଶ୍ୱରଙ୍କ
ଲୋକମାନେ ଦୋଷୀ? କେହି ନୁହେଁ। ଆମ୍ଭ ପାଇଁ ଯୀଶୁ
ଖ୍ରୀଷ୍ଟ ମଲେ, କିନ୍ତୁ ତାହାହିଁ ସବୁ କିଛି ନୁହେଁ। ସେ
ମୃତ୍ୟୁରୁ ମଧ୍ୟ ଜୀବିତ ହେଲେ। ସେ ଏବେ ପରମେଶ୍ୱରଙ୍କ
ଡାହାଣ ପଟରେ ଅଛନ୍ତି ଓ ଆମ୍ଭ ପାଇଁ ପରମେଶ୍ୱରଙ୍କୁ
ଭିକ୍ଷା ମାଗୁଛନ୍ତି। ୩୫ଖ୍ରୀଷ୍ଟଙ୍କର ପ୍ରେମ ଠାରୁ ଆମ୍ଭକୁ କିଏ
କ'ଣ ଅଲଗା କରି ପାରେ? ନା! କଷ୍ଟ କ'ଣ ଆମ୍ଭକୁ
ଖ୍ରୀଷ୍ଟଙ୍କର ପ୍ରେମରୁ ଅଲଗା କରି ପାରେ? ନା! ସମସ୍ୟା ବା
ତାଡ଼ନା କ'ଣ ଖ୍ରୀଷ୍ଟଙ୍କର ଶତ୍ରୁମାନଙ୍କ ଆଘାତ ଆମ୍ଭକୁ
ଖ୍ରୀଷ୍ଟଙ୍କର ପ୍ରେମରୁ ଅଲଗା କରି ପାରେ? ନା! ଯଦି ଆମ୍ଭ
ପାଖରେ ଖାଦ୍ୟ ବା ଲୁଗାପଟା ନାହିଁ, ତା ହେଲେ ତାହା
କ'ଣ ଖ୍ରୀଷ୍ଟଙ୍କର ପ୍ରେମରୁ ଆମ୍ଭକୁ ଅଲଗା କରି ପାରେ?
ନା! ବିପଦ ବା ମୃତ୍ୟୁ ହେଉନା କାହିଁକି ତାହା କ'ଣ
ଆମ୍ଭକୁ ଖ୍ରୀଷ୍ଟଙ୍କର ପ୍ରେମରୁ ଅଲଗା କରି ପାରେ? ନା!
୩୬ଶାସ୍ତ୍ରରେ ଏହିପରି ଲେଖା ଅଛି:

> "ତୁମ୍ଭ ପାଇଁ (ଖ୍ରୀଷ୍ଟ) ସର୍ବଦା ଆମ୍ଭେ ମୃତ୍ୟୁର
> ବିପଦରେ ଅଛୁ। ଲୋକ ଭାବୁଛନ୍ତି, ଆମ୍ଭର ମୂଲ୍ୟ
> ବଳି ହେବାକୁ ଥିବା ମେଣ୍ଢାମାନଙ୍କଠାରୁ ଅଧିକ କିଛି
> ନୁହେଁ।"

ଗୀତସଂହିତା ୪୪:୨୨

୩୭କିନ୍ତୁ ଏ ସବୁରେ ଆମ୍ଭ ପ୍ରତି ପ୍ରେମ ପ୍ରଦର୍ଶିତ
କରିଥିବା ପରମେଶ୍ୱରଙ୍କ ଦ୍ୱାରା ଆମ୍ଭେ ପୂର୍ଣ୍ଣ ବିଜୟୀ।
୩୮-୩୯ହଁ। ମୁଁ ଜାଣେ ଯେ କୌଣସି ବିଷୟ ଆମ୍ଭକୁ
ପରମେଶ୍ୱରଙ୍କ ପ୍ରେମରୁ ବଞ୍ଚିତ କରି ପାରିବ ନାହିଁ।
ମୃତ୍ୟୁ ନୁହେଁ, ଜୀବନ ନୁହେଁ, ସ୍ୱର୍ଗଦୂତମାନେ ନୁହଁନ୍ତି,
ଆତ୍ମିକ ଶକ୍ତି ଗୁଡ଼ିକ ନୁହଁନ୍ତି, ଏବେ କିଛି ନୁହେଁ,
ଭବିଷ୍ୟରେ କିଛି ନୁହେଁ, କୌଣସି ଶକ୍ତି ନୁହେଁ, ଉଚ୍ଚରେ
କିଛି ନୁହେଁ, ଗଭୀରରେ କିଛି ନୁହେଁ, ସମଗ୍ର ସୃଷ୍ଟି
ସଂସାରରେ କିଛି ନୁହେଁ; ଖ୍ରୀଷ୍ଟ ଯୀଶୁ ଆମ୍ଭ ପ୍ରଭୁଙ୍କଠାରେ
ଥିବା ପରମାତ୍ମାଙ୍କ ପ୍ରେମ ଠାରୁ ଆମ୍ଭକୁ କେହି ଅଲଗା
କରି ପାରିବେ ନାହିଁ।

## ପରମେଶ୍ୱର ଓ ଯିହୂଦୀ ଲୋକେ

୯ ମୁଁ ଖ୍ରୀଷ୍ଟଙ୍କଠାରେ ଅଛି, ଓ ମୁଁ ସତ୍ୟ କହୁଛି। ମୁଁ
ମିଛ କହୁ ନାହିଁ। ପବିତ୍ରଆତ୍ମା ଦ୍ୱାରା ମୋର ଭାବନା
ନିୟନ୍ତ୍ରିତ। ଏହି ଭାବନା ମୋତେ କୁହେ ଯେ ମୁଁ ମିଛ
କୁହେ ନାହିଁ। ୨ମୋର ଅଶେଷ ଦୁଃଖ ଅଛି, ଓ ମୁଁ
ଯିହୂଦୀମାନଙ୍କ ଲାଗି ଅଧିକ ବେଦନାଗ୍ରସ୍ତ ଅଛି। ୩ସେମାନେ
ମୋର ଭାଇ ଓ ଭଉଣୀ। ସେମାନେ ଏହି ସଂସାରରେ
ମୋର ପରିବାର। ମୁଁ ସେମାନଙ୍କୁ ସାହାଯ୍ୟ କରିପାରେ। ମୁଁ
ନିଜେ ଅଭିଶପ୍ତ ହେବା ପାଇଁ ଇଚ୍ଛୁକ, ଓ ଖ୍ରୀଷ୍ଟଙ୍କଠାରୁ
ପୃଥକ ରହି ଶାପଗ୍ରସ୍ତ ହୋଇ ପାରେ। ୪ସେମାନେ
ଇସ୍ରାୟେଲୀୟ ଲୋକ। ସେମାନେ ପରମେଶ୍ୱରଙ୍କର ବଛା
ଯାଇଥିବା ସନ୍ତାନ। ସେମାନଙ୍କ ପାଖରେ ପରମେଶ୍ୱରଙ୍କ
ମହିମା ଅଛି ଓ ସେମାନେ ପରମେଶ୍ୱର ଲୋକମାନଙ୍କ
ସହିତ କରିଥିବା ଚୁକ୍ତିର ସହଭାଗୀ। ପରମେଶ୍ୱର ସେମାନଙ୍କୁ
ମୋଶାଙ୍କ ବ୍ୟବସ୍ଥା ଓ ଉପାସନାର ସଠିକ ପଦ୍ଧତି ଦେଇଛନ୍ତି।
ପରମେଶ୍ୱର ସେମାନଙ୍କୁ ତାହାଙ୍କର ପ୍ରତିଶ୍ରୁତିମାନ ଦେଇଛନ୍ତି।
୫ସେମାନେ ଆମ୍ଭର ପୂର୍ବପୁରୁଷ ମାନଙ୍କର ବଂଶଧର ଅଟନ୍ତି।
ସେମାନେ ସଂସାରରେ ଖ୍ରୀଷ୍ଟଙ୍କର ପରିବାର। ସମସ୍ତ ବିଷୟରେ
ଖ୍ରୀଷ୍ଟ ପରମେଶ୍ୱର ଅଟନ୍ତି। ତାହାଙ୍କୁ ସର୍ବଦା ପ୍ରଶଂସା କର।
ଆମେନ୍।
୬ମୁଁ ଯିହୂଦୀମାନଙ୍କ ଲାଗି ଦୁଃଖ ପ୍ରକାଶ କରୁଛି।
ପରମେଶ୍ୱର ତାହାଙ୍କର ପ୍ରତିଶ୍ରୁତି ରକ୍ଷା କଲେ ନାହିଁ ବୋଲି
ନୁହେଁ, କାରଣ ଇସ୍ରାୟେଲର କେବଳ ଅଳ୍ପ କିଛି ଲୋକ
ହିଁ ପ୍ରକୃତରେ ପରମେଶ୍ୱରଙ୍କର ଲୋକ। ୭ଅବ୍ରାହମଙ୍କ
କେବଳ ଅଳ୍ପ କିଛି ସନ୍ତାନ ହିଁ ପ୍ରକୃତରେ ପରମେଶ୍ୱରଙ୍କର
ସନ୍ତାନ। ଅବ୍ରାହମଙ୍କୁ ପରମେଶ୍ୱର କହିଥିଲେ: "ଯିସ୍‌ହାକ
ଦ୍ୱାରା ତୁମ୍ଭର ବିଧି ସଂଗତ ବଂଶବୃଦ୍ଧି ହେବ।"* ୮ଏହାର
ଅର୍ଥ ଯେ ଅବ୍ରାହମଙ୍କ ବଂଶର ସମସ୍ତେ ପରମେଶ୍ୱରଙ୍କର
ପ୍ରକୃତ ସନ୍ତାନ ନୁହଁନ୍ତି। କେବଳ ଯେଉଁମାନେ ପରମେଶ୍ୱରଙ୍କ
ପ୍ରତିଜ୍ଞା ଦ୍ୱାରା ପରମେଶ୍ୱରଙ୍କ ସନ୍ତାନ ହୋଇଥିଲେ ସେହିମାନେ
ଅବ୍ରାହାମଙ୍କ ପ୍ରକୃତ ସନ୍ତାନ ହେଲେ। ୯ପରମେଶ୍ୱରଙ୍କ
ପ୍ରତିଜ୍ଞା ଏହିପରି ଥିଲା: "ଉଚିତ୍ ସମୟ ଉପସ୍ଥିତ ହେଲେ
ମୁଁ ଫେରିବି ଓ ସାରା ପୁତ୍ର ଜନ୍ମ କରିବ।"*
୧୦କେବଳ ଏତିକି ନୁହେଁ। ଆମ୍ଭର ପୂର୍ବ ପୁରୁଷ
ଇସହାକଙ୍କ ଠାରୁ ରେବିକା ଦୁଇଟି ସନ୍ତାନଲାଭ କରିଥିଲେ।

---

**ପ୍ରଥମଜାତ** ପରମେଶ୍ୱରଙ୍କ ପରିବାରରେ ଯୀଶୁ ପରମେଶ୍ୱରଙ୍କ ମହିମା ପାଇବାରେ ପ୍ରଥମ, ବୋଲି ଏହାର ଅର୍ଥ ଗ୍ରହଣ କରା ଯାଇପାରେ।

**"ଯିସ୍‌ହାକ ... ହେବ"** ଆଦିପୁସ୍ତକ ୨୧:୧୨

**"ଉଚିତ ... କରିବ"** ଆଦିପୁସ୍ତକ ୧୮:୧୦,୧୪

୧୧-୧୨ଦୁଇଟି ପୁତ୍ର ଜନ୍ମ ହେବା ପୂର୍ବରୁ ଓ ସେମାନେ
କୌଣସି ଭଲ ବା ମନ୍ଦ କାମ କରି ନଥିବା ପୂର୍ବରୁ
ପରମେଶ୍ୱର ରେବିକାକୁ କହିଥିଲେ, ବଡ଼ ପୁତ୍ରଟି ସାନଟିର
ସେବା କରିବ। ପରମେଶ୍ୱରଙ୍କ ମନୋନୟନ ତାହାଙ୍କ
ଯୋଜନା ଉପରେ ଆଧାରିତ ଥିଲା ଓ ଯାହା ସେ
ଚାହିଁଥିଲେ ସେହି କାରଣରୁ ହେଲା। ୧୩ଶାସ୍ତ୍ର କୁହେ: “ମୁଁ
ଯାକୁବକୁ ଭଲ ପାଇଲି କିନ୍ତୁ, ଏସୌକୁ ନୁହେଁ।”*
୧୪ତା’ହେଲେ ଏ ବିଷୟରେ ଆମ୍ଭେ କଣ କହିବା?
କ’ଣ ପରମେଶ୍ୱର ଅନ୍ୟାୟୀ? ୧୫ନା, ଆମ୍ଭେ ଏପରି କହି
ପାରିବା ନାହିଁ। ପରମେଶ୍ୱର ମୋଶାଙ୍କୁ କହିଥିଲେ, “ମୁଁ
ଯାହାକୁ ଦୟା କରିବା ପାଇଁ ଇଚ୍ଛା କରିବି ମୁଁ ତାହା ପ୍ରତି
ଦୟା ଦେଖାଇବି। ମୁଁ ଯାହାକୁ କରୁଣା ଦେଖାଇବା ପାଇଁ
ଇଚ୍ଛା କରିବି ମୁଁ ତାହାକୁ କରୁଣା ଦେଖାଇବି।”* ୧୬ଅତଏବ,
ପରମେଶ୍ୱରଙ୍କ ଦୟା ଉପରେ ଏହା ନିର୍ଭରକରେ, ଜଣେ
ଲୋକର ଇଚ୍ଛା ବା ଚେଷ୍ଟା ଉପରେ ନୁହେଁ। ୧୭ଧର୍ମଶାସ୍ତ୍ରରେ
ଯେପରି ପରମେଶ୍ୱର ଫାରୋକୁ* କହନ୍ତି: “ତୁମ୍ଭକୁ ମୁଁ
ଏହି ଏକ ମାତ୍ର ଉଦ୍ଦେଶ୍ୟ ପାଇଁ ତୁମ୍ଭକୁ ରାଜା କରିଛି,
ଯଦ୍ଦ୍ୱାରା ତୁମ୍ଭ ମାଧ୍ୟମରେ ମୁଁ ମୋର ଶକ୍ତି ଦେଖାଇ ପାରିବି
ଓ ଅତଏବ ମୋର ନାମ ସମଗ୍ର ବିଶ୍ୱରେ ଘୋଷିତ ହେଉ
ବୋଲି ମୋର ଇଚ୍ଛା।”* ୧୮ଅତଏବ ଯେଉଁମାନଙ୍କୁ ପରମେଶ୍ୱର
ଦୟା ଦେଖାଇବାକୁ ଚାହାଁନ୍ତି ସେମାନଙ୍କୁ ସେ ଦୟା
ଦେଖାନ୍ତି ଓ ଯେଉଁମାନଙ୍କୁ ସେ କଠୋର କରିବାକୁ
ଚାହାଁନ୍ତି, ସେମାନଙ୍କୁ ସେ କଠୋର କରନ୍ତି। ୧୯ତାହେଲେ
ତୁମ୍ଭେ ମୋତେ ପ୍ରଶ୍ନ କରି ପାର ଯେ “ସେ ଆମ୍ଭର
ଦୋଷ କାହିଁକି ଧରନ୍ତି?” ୨୦ତୁମ୍ଭେ କେବଳ ଜଣେ ମଣିଷ।
ପରମେଶ୍ୱରଙ୍କୁ ଓଲଟି ପ୍ରଶ୍ନ ପଚାରିବାର ଅଧିକାର ତୁମ୍ଭର
ନାହିଁ। ମାଟି କଳସୀଟି କୁମ୍ଭାରକୁ ପ୍ରଶ୍ନ କରେ ନାହିଁ ଯେ
“ତୁମ୍ଭେ ମୋତେ ଏପରି ଭାବେ କାହିଁକି ଗଢ଼ିଲ?” ୨୧କୁମ୍ଭାରର
ଅଧିକାର ରହିଛି ଯେ ସେ ମାଟି ପିଣ୍ଡୁଳାଟି ନେଇ ବିଶେଷ
ପ୍ରୟୋଜନ ନିମନ୍ତେ ଗୋଟିଏ ଓ ସାଧାରଣ ପ୍ରୟୋଜନ
ନିମନ୍ତେ ଅନ୍ୟ ପାତ୍ରଟିଏ ତିଆରି କରିବ।
୨୨ଠିକ୍ ସେହିଭଳି ପରମେଶ୍ୱର ମଧ୍ୟ ନିଜର କ୍ରୋଧ ଓ
ଶକ୍ତି ପ୍ରଦର୍ଶନ କରିବା ପାଇଁ ଚାହିଁଥିଲେ। ସେ ଖୁବ୍
ଧୈର୍ଯ୍ୟର ସହିତ ତାହାଙ୍କ କ୍ରୋଧ ଓ ବିନାଶ ପାତ୍ରମାନଙ୍କୁ
ସହି ନେଇଥିଲେ। ୨୩ପରମେଶ୍ୱର ତାହାଙ୍କର ଦୟାପାତ୍ରମାନଙ୍କୁ
ନିଜ ମହିମାର ଧନ ଦେଖାଇବା ଲାଗି ଧୈର୍ଯ୍ୟପୂର୍ବକ
ଅପେକ୍ଷା କରିଥିଲେ। ୨୪ସେମାନଙ୍କୁ ତାହାଙ୍କ ମହିମା ଦେବା
ପାଇଁ ପ୍ରସ୍ତୁତ କଲେ। ୨୫ଆମ୍ଭେମାନେ ସେହି ଲୋକ।
ପରମେଶ୍ୱର କେବଳ ଯିହୂଦୀମାନଙ୍କ ଭିତରୁ ନୁହେଁ, କିନ୍ତୁ
ଅଣଯିହୂଦୀମାନଙ୍କ ଭିତରୁ ମଧ୍ୟ ଆମ୍ଭମାନଙ୍କୁ ଡାକିଲେ।
ହୋଶେୟ ପୁସ୍ତକରେ ଏହି ପରି ଲେଖା ଅଛି:

**“ମୁଁ ... ନୁହେଁ”** ମଲାଖି ୧:୨-୩

**“ମୁଁ ଯାହାକୁ ... କରୁଣା ଦେଖାଇବି”** ଯାତ୍ରାପୁସ୍ତକ ୩୩:୧୯

**ଫାରୋ** ମିଶରର ରାଜାମାନଙ୍କ ପାଇଁ ଏହା ଏକ ଉପାଧି ସ୍ୱରୂପ

**“ତୁମ୍ଭକୁ ମୁଁ ... ମୋର ଇଚ୍ଛା”** ଯାତ୍ରପୁସ୍ତକ ୯:୧୬

“ଯେଉଁ ଲୋକମାନେ ମୋର ନଥିଲେ ସେମାନେ
ମୋର ଲୋକ ବୋଲି ମୁଁ ଡାକିବି। ଓ ଯେଉଁମାନଙ୍କୁ
ମୁଁ ପ୍ରେମ କରୁ ନଥିଲି, ସେହି ଲୋକମାନଙ୍କୁ ମୁଁ
ପ୍ରିୟ ବୋଲି ଡାକିବି।”

ହୋଶେୟ ୨:୨୩

୨୬ “ଏବଂ ଯେଉଁ ସ୍ଥାନରେ ପରମେଶ୍ୱର କହିଥିଲେ,
‘ତୁମ୍ଭେମାନେ ମୋ ଲୋକ ନୁହଁ’- ସେହି ସ୍ଥାନରେ
ସେମାନେ ଜୀବିତ ପରମେଶ୍ୱରଙ୍କ ସନ୍ତାନ
ବୋଲାଇବେ।” ହୋଶେୟ ୧:୧୦

୨୭ଏବଂ ଇଶ୍ରାୟେଲ ବିଷୟରେ ଯିଶାଇୟ ଘୋଷଣା
କରି କୁହନ୍ତି:

“ସମୁଦ୍ରର ବାଲିକଣିକା ପରି ଇଶ୍ରାୟେଲର
ଲୋକମାନଙ୍କ ସଂଖ୍ୟା ଅସଂଖ୍ୟ। କିନ୍ତୁ ସେମାନଙ୍କ
ଭିତରୁ ଖୁବ୍ ଅଳ୍ପ ଲୋକ ରକ୍ଷା ପାଇ ପାରିବେ।
୨୮କାରଣ ପ୍ରଭୁ ନିଜ ନ୍ୟାୟ ବଳରେ ବିଚାର କରି
ପୃଥିବୀର ଲୋକଙ୍କୁ ଶୀଘ୍ର ସମାପ୍ତ କରି ଦେବେ।”*

୨୯ଯିଶାଇୟ ଆହୁରି ମଧ୍ୟ କହିଥିଲେ:

“ପ୍ରଭୁ ସର୍ବଶକ୍ତିମାନ। ସେ ତାହାଙ୍କ ଲୋକମାନଙ୍କ
ଭିତରୁ କେତେକଙ୍କୁ ଆମ୍ଭ ପାଇଁ ବଞ୍ଚାଇ ରଖିଲେ।
ସେ ଏପରି କରି ନଥିଲେ ଆମ୍ଭ ଅବସ୍ଥା ଏବେ
ସଦୋମ ଓ ଗମୋରା* ଭଳି ହୋଇ ଯାଇ
ଥାଆନ୍ତା।”*

୩୦ତା’ ହେଲେ ଏ ସବୁର ଅର୍ଥ କ’ଣ? ଏହାର ଅର୍ଥ
ଯେ, ଅଣଯିହୂଦୀମାନେ ପରମେଶ୍ୱରଙ୍କ ପାଇଁ ଧାର୍ମିକ ହେବା
ପାଇଁ ଯତ୍ନଶୀଳ ନୁହଁନ୍ତି। କିନ୍ତୁ ସେମାନେ ପରମେଶ୍ୱରଙ୍କ
ଦ୍ୱାରା ନିଜ ବିଶ୍ୱାସ ହେତୁ ଧାର୍ମିକ ହେଲେ। ୩୧ଇଶ୍ରାୟେଲର
ଲୋକେ ଧାର୍ମିକ ହେବା ପାଇଁ ବ୍ୟବସ୍ଥା ପାଳନ କରି ମଧ୍ୟ
କୃତକାର୍ଯ୍ୟ ହେଲେ ନାହିଁ। ୩୨କାରଣ ସେମାନଙ୍କର ବିଶ୍ୱାସ
ନଥିଲା ଯେ ସେମାନେ ନିଜର କାର୍ଯ୍ୟ ଦ୍ୱାରା ଧାର୍ମିକ ହେବା
ପାଇଁ ଚେଷ୍ଟା କଲେ ତେଣୁ ସେମାନେ ଝୁଣ୍ଟି ପଡ଼ିବା
ପଥରରେ ଝୁଣ୍ଟି ପଡ଼ିଲେ। ୩୩ଧର୍ମଶାସ୍ତ୍ର ସେ ପଥର
ବିଷୟରେ କୁହେ:

**“ସମୁଦ୍ରର ବାଲିକଣିକା ... କରି ଦେବେ”** ଯିଶାଇୟ ୧୦:୨୨-୨୩

**ସଦୋମ ଓ ଗମୋରା** ମନ୍ଦଲୋକ ରହୁଥିବା ଦୁଇଟି ସହର। ପରମେଶ୍ୱର ଏହି ସହରଗୁଡ଼ିକୁ ନଷ୍ଟ କରି ସେମାନଙ୍କୁ ଦଣ୍ଡ ଦେଇଥିଲେ।

**“ପ୍ରଭୁ ... ଯାଇ ଥାଆନ୍ତା”** ଯିଶାଇୟ ୧:୯

"ଦେଖ, ମୁଁ ସିୟୋନଠାରେ ପଥରଟିଏ ରଖିଛି ଏହି
ପଥରଟି ଲୋକମାନଙ୍କୁ ପକାଇ ଦିଏ। ଏହି ପଥରଟି
ଲୋକମାନଙ୍କୁ ପାପ କରିବା ପାଇଁ ପ୍ରବର୍ତ୍ତାଏ କିନ୍ତୁ
ଯେଉଁ ଲୋକ ସେ ପଥରଟିରେ ବିଶ୍ୱାସ କରେ
ସେ ଲଜ୍ଜିତ ହେବ ନାହିଁ।"

ଯିଶାଇୟ ୮:୧୪; ୨୮:୧୬

୧୦ ଭାଇ ଓ ଭଉଣୀମାନେ, ମୁଁ ପରମେଶ୍ୱରଙ୍କୁ
ପ୍ରାର୍ଥନା କରୁଛି ଓ ଏକାନ୍ତ ଭାବରେ ଇଚ୍ଛା
କରୁଛି ଯେ ଯିହୂଦୀଲୋକେ ରକ୍ଷା ପାଆନ୍ତୁ। ୨ମୁଁ ବିଶ୍ୱାସ
ପୂର୍ବକ ସେମାନଙ୍କ ବିଷୟରେ କହି ପାରେ, ଯେ ସେମାନେ
ପ୍ରକୃତରେ ପରମେଶ୍ୱରଙ୍କୁ ଅନୁସରଣ କରିବା ପାଇଁ ଚାହାଁନ୍ତି
କିନ୍ତୁ ଠିକ୍ ବାଟ ଜାଣନ୍ତି ନାହିଁ। ୩ସେମାନେ ଜାଣି ନଥିଲେ
ଯେ, ପରମେଶ୍ୱର କିପରି ତାହାଙ୍କ ସହିତ ଲୋକମାନଙ୍କୁ
ଧାର୍ମିକ କରନ୍ତି। ସେମାନେ ଧାର୍ମିକ ହେବା ପାଇଁ ନିଜର
ଉପାୟ ଦ୍ୱାରା ଚେଷ୍ଟା କଲେ। ଅତଏବ ସେମାନେ ଧାର୍ମିକତା
ବୋଲି ଗଣିତ ପରମେଶ୍ୱରଙ୍କ ମାର୍ଗର ଅନୁସରଣ କଲେ
ନାହିଁ। ୪ଖ୍ରୀଷ୍ଟ ବ୍ୟବସ୍ଥାକୁ ସମାପ୍ତ କଲେ ଯେପରି, ତାହାଙ୍କୁ
ବିଶ୍ୱାସ କରୁଥିବା ପ୍ରତ୍ୟେକ ଲୋକ ପରମେଶ୍ୱରଙ୍କଠାରେ
ଧାର୍ମିକ ହୋଇପାରିବ।

୫ବ୍ୟବସ୍ଥା ପାଳନ ଦ୍ୱାରା ଧାର୍ମିକ ହେବା ବିଷୟରେ
ମୋଶା କହିଛନ୍ତି: "ଯେଉଁଲୋକ ବ୍ୟବସ୍ଥା ପାଳନ ଦ୍ୱାରା
ଜୀବନ ପାଇବା ପାଇଁ ଚେଷ୍ଟା କରେ, ସେ ନିଜର କାର୍ଯ୍ୟ
ବ୍ୟବସ୍ଥା ଅନୁସାରେ କରିବା ଆବଶ୍ୟକ।"* ୬କିନ୍ତୁ ବିଶ୍ୱାସ
ଦ୍ୱାରା ଧାର୍ମିକ ହେବା ବିଷୟରେ ଶାସ୍ତ୍ର ଏହିପରି କୁହେ:
"ନିଜେ ନିଜକୁ ପଚାର ନାହିଁ ଯେ 'ସ୍ୱର୍ଗକୁ କିଏ ଯିବ?'"
(ଅର୍ଥାତ୍ "କିଏ ସ୍ୱର୍ଗରୁ ଖ୍ରୀଷ୍ଟଙ୍କୁ ପୃଥିବୀକୁ ଆଣିବ?") ୭"ଓ
ଏପରି କୁହ ନାହିଁ ଯେ, 'ପାତାଳକୁ କିଏ ଯିବ?'"(ଅର୍ଥାତ୍
"ମୃତମାନଙ୍କ ଭିତରୁ ଖ୍ରୀଷ୍ଟଙ୍କୁ ଉପରକୁ କିଏ ଆଣିବ?")
୮ଶାସ୍ତ୍ର କୁହେ: "ପରମେଶ୍ୱରଙ୍କର ଶିକ୍ଷା ତୁମ୍ଭ ପାଖରେ
ଅଛି; ଏହା ତୁମ୍ଭ ମୁହଁରେ ଓ ତୁମ୍ଭ ହୃଦୟରେ ଅଛି।"*
ଆମ୍ଭେ ଲୋକମାନଙ୍କୁ ଘୋଷଣା କରୁଥିବା ସେହି ଶିକ୍ଷାଟି
ବିଶ୍ୱାସର ଶିକ୍ଷା ଅଟେ। ୯ଯଦି ତୁମ୍ଭେ ନିଜ ମୁହଁରେ କୁହ,
"ଯୀଶୁ ପ୍ରଭୁ ଅଟନ୍ତି," ଓ ତୁମ୍ଭର ମନ ବିଶ୍ୱାସ କରେ
ଯେ, ପରମେଶ୍ୱର ଯୀଶୁଙ୍କୁ ମୃତ୍ୟୁର ଉଠାଇ ଆଣି ଥିଲେ;
ତେବେ ତୁମ୍ଭେ ଉଦ୍ଧାର ପାଇଯିବ। ୧୦ହୃଦୟରେ ବିଶ୍ୱାସ
ଦ୍ୱାରା ଆମ୍ଭେ ପରମେଶ୍ୱରଙ୍କ ପ୍ରତି ଧାର୍ମିକ ହେଉ ଓ ମୁଖ
ଦ୍ୱାରା କହି ବିଶ୍ୱାସକୁ ପ୍ରକାଶ କଲେ ଆମ୍ଭେ ଉଦ୍ଧାର
ପାଉ। ୧୧ଶାସ୍ତ୍ର କୁହେ: "ଯିଏ ତାହାଙ୍କୁ (ଖ୍ରୀଷ୍ଟଙ୍କୁ) ବିଶ୍ୱାସ
କରେ ସେ ଲଜ୍ଜିତ ହେବ ନାହିଁ।"* ୧୨ଏଠାରେ "ଯିଏ"
ର ଅର୍ଥ ଯିହୂଦୀ ଓ ଅଣଯିହୂଦୀମାନଙ୍କ ଭିତରେ ଭେଦ ନ
ଥିବା ସୂଚାଏ। ସମସ୍ତ ଲୋକଙ୍କର ଜଣେ ପ୍ରଭୁ। ଯେଉଁ
ଲୋକେ ତାହାଙ୍କୁ ବିଶ୍ୱାସ କରନ୍ତି, ପରମେଶ୍ୱର ସେମାନଙ୍କୁ
ଅନେକ ଆଶୀର୍ବାଦ କରନ୍ତି। ୧୩ଶାସ୍ତ୍ର କୁହେ: "ପ୍ରଭୁଙ୍କୁ
ବିଶ୍ୱାସ କରୁଥିବା ପ୍ରତ୍ୟେକ ଲୋକ ପରିତ୍ରାଣ ପାଇବ।"*

୧୪କିନ୍ତୁ ଲୋକେ ବିଶ୍ୱାସ କଲା ପରେ ହିଁ ପ୍ରଭୁଙ୍କୁ
ସାହାଯ୍ୟ ପାଇଁ ଡାକି ପାରିବେ। ତାହାଙ୍କ ବିଷୟରେ ଶୁଣି
ସାରିଲା ପରେ ହିଁ, ଲୋକେ ତାହାଙ୍କ ବିଷୟରେ ବିଶ୍ୱାସ
କରି ପାରିବେ। କିଏ ଜଣେ ସେମାନଙ୍କୁ କହିଲା ପରେ ହିଁ
ଲୋକେ ତାହାଙ୍କ ବିଷୟରେ ଶୁଣି ପାରିବେ। ୧୫ଏହି
ଉପଦେଶ ଦେବା ଲୋକ ଜଣକୁ କାହା ଦ୍ୱାରା ନ
ପଠାଗଲେ ବା ସେ କିପରି ଉପଦେଶ ଦେବ? ଶାସ୍ତ୍ରରେ
ଲେଖା ଅଛି: "ସୁସମାଚାର ଦେବା ପାଇଁ ଆସିବା ଲୋକର
ପାଦ କେତେ ସୁନ୍ଦର ଅଟେ।"*

୧୬ମାତ୍ର ସମସ୍ତେ ସୁସମାଚାରକୁ ଗ୍ରହଣ କରି ନାହାଁନ୍ତି।
ଯିଶାଇୟ କହନ୍ତି: "ହେ ପ୍ରଭୁ, ଆମ୍ଭ ଉପଦେଶଗୁଡ଼ିକ କିଏ
କ'ଣ ବିଶ୍ୱାସ କଲା?"* ୧୭ସୁସମାଚାର ଶୁଣିଲେ ବିଶ୍ୱାସ
ହୁଏ ଓ ଜଣେ କିଏ ଖ୍ରୀଷ୍ଟଙ୍କ ବିଷୟରେ କହିଲେ ଲୋକେ
ଶୁଣନ୍ତି।

୧୮କିନ୍ତୁ ମୁଁ ପଚାରୁଛି: "କଣ ଲୋକେ ସୁସମାଚାର ଶୁଣି
ନାହାଁନ୍ତି?" ହିଁ ସେମାନେ ଶୁଣିଛନ୍ତି। ଶାସ୍ତ୍ର କୁହେ:

"ସେମାନଙ୍କର ସ୍ୱର ଜଗତର ସର୍ବତ୍ର ଖେଳି ଗଲା।
ସେମାନଙ୍କ ବାକ୍ୟ ଜଗତର ପ୍ରାନ୍ତରର ଶେଷଭାଗ
ପର୍ଯ୍ୟନ୍ତ ଖେଳିଗଲା।"

ଗୀତସଂହିତା ୧୯:୪

୧୯ପୁନର୍ବାର ମୁଁ ପଚାରୁଛି: "କଣ ଇସ୍ରାୟେଲର ଲୋକେ
ବୁଝି ପାରି ନଥିଲେ?" ହିଁ ସେମାନେ ବୁଝିଥିଲେ। ପ୍ରଥମେ
ମୋଶା କହିଛନ୍ତି:

"ଜାତୀୟ (ଇସ୍ରାୟେଲୀୟ) ଚରିତ୍ର ନଥିବା ଲୋକଙ୍କ
ଦ୍ୱାରା ମୁଁ ତୁମ୍ଭ ଭିତରେ ଈର୍ଷା ଜାତ କରାଇବି।
ନିର୍ବୋଧ ଲୋକଙ୍କ ଦ୍ୱାରା ମୁଁ ତୁମ୍ଭ ଭିତରେ କ୍ରୋଧ
ଜାତ କରାଇବି।"

ଦ୍ୱିତୀୟ ବିବରଣ ୩୨:୨୧

୨୦ଏହା ପରେ ଯିଶାଇୟ ନିର୍ଭୟ ହୋଇ କହନ୍ତି:

"ଯେଉଁ ଲୋକମାନେ ମୋତେ ଖୋଜୁ ନଥିଲେ
ସେମାନେ ମୋତେ ପାଇଲେ। ଯେଉଁମାନେ ଖୋଜି
ନାହାଁନ୍ତି ସେମାନଙ୍କ ପାଇଁ ମୁଁ ନିଜକୁ ପ୍ରକାଶ
କଲି।"

ଯିଶାଇୟ ୬୫:୧

---

**"ଯେଉଁଲୋକ … ଆବଶ୍ୟକ"** ଲେବୀୟ ପୁସ୍ତକ ୧୮:୫
**ପଦସଂଖ୍ୟା ୬-୮** ଦ୍ୱିତୀୟ ବିବରଣ ୩୦:୧୨-୧୪
**"ଯିଏ … ନାହିଁ"** ଯିଶାଇହ ୨୮:୧୬
**"ପ୍ରଭୁଙ୍କୁ … ପାଇବ"** ଯୋୟେଲ ୨:୩୨
**"ସୁସମାଚାର … ଅଟେ"** ଯିଶାଇହ ୫୨:୭
**"ହେ ପ୍ରଭୁ … ବିଶ୍ୱାସ କଲା?"** ଯିଶାଇହ ୫୩:୧

୨୧କିନ୍ତୁ ଇସ୍ରାୟେଲ ଲୋକଙ୍କ ବିଷୟରେ ପରମେଶ୍ୱର ଏହା
କହନ୍ତି, "ମୁଁ ଏହି ଲୋକଙ୍କ ପାଇଁ ଦିନ ସାରା ଅପେକ୍ଷା
କରି ଥିଲେ ମଧ୍ୟ, ସେମାନେ ମୋତେ ମାନିଲେ ନାହିଁ ଓ
ଅନୁସରଣ କଲେ ନାହିଁ।"*

## ପରମେଶ୍ୱର ତାହାଙ୍କ ଲୋକମାନଙ୍କୁ ଭୁଲି ନାହାଁନ୍ତି

୧୧ ତା'ହେଲେ ମୁଁ ପ୍ରଶ୍ନ କରୁଛି: "କଣ ପରମେଶ୍ୱର
ନିଜ ଲୋକମାନଙ୍କୁ ପରିତ୍ୟାଗ କରନ୍ତି କି?"
ନା! ମୁଁ ଜଣେ ଇସ୍ରାୟେଲୀୟ ଲୋକ। ମୁଁ ଅବ୍ରାହମଙ୍କ
ପରିବାରର ଅଟେ। ବିନ୍ୟାମୀନଙ୍କ ଗୋଷ୍ଠୀରେ ଜାତ। ୨ସେମାନେ
ଜନ୍ମ ହେବା ପୂର୍ବରୁ ପରମେଶ୍ୱର ଇଶ୍ରାୟେଲୀୟମାନଙ୍କୁ
ବାଛିଥିଲେ। ପରମେଶ୍ୱର ସେମାନଙ୍କୁ ତ୍ୟାଗ କରି ନାହାଁନ୍ତି।
ଏଲୀୟ ଯେତେବେଳେ ପରମେଶ୍ୱରଙ୍କଠାରେ ଇଶ୍ରାୟେଲ
ଲୋକମାନଙ୍କ ବିରୁଦ୍ଧରେ ପ୍ରାର୍ଥନା କରୁଥିଲେ, ତାହାଙ୍କ
ବିଷୟରେ ଶାସ୍ତ୍ର ଯାହା କୁହେ, ତୁମ୍ଭେ ଜାଣିଛ? ୩ଏଲୀୟ
କହିଥିଲେ: "ପ୍ରଭୁ, ଲୋକେ ତୁମ୍ଭର ଭବିଷ୍ୟଦ୍‌ବକ୍ତାଗଣଙ୍କୁ
ବଧ କରିଛନ୍ତି, ଓ ତୁମ୍ଭର ଯଜ୍ଞବେଦି ସବୁ ଭାଙ୍ଗିଛନ୍ତି।
କେବଳ ମୁଁ ଜଣେ ଭବିଷ୍ୟଦ୍‌ବକ୍ତା ବଞ୍ଚିଛି, ସେମାନେ
ମୋତେ ମଧ୍ୟ ମାରି ଦେବା ପାଇଁ ଚେଷ୍ଟା କରୁଛନ୍ତି।"*
୪କିନ୍ତୁ ତାହାଙ୍କୁ ପରମେଶ୍ୱରଙ୍କର ଉତ୍ତର କ'ଣ ଥିଲା?
"ବାଆଲ ଆଗରେ ଆଣ୍ଠୁମାଡ଼ି ନଥିବା ସାତହଜାର ଲୋକଙ୍କୁ
ଏବେ ମଧ୍ୟ ମୁଁ ନିଜ ପାଇଁ ରଖିଛି।"* ୫ପରମେଶ୍ୱରଙ୍କ
ଅନୁଗ୍ରହ ଦ୍ୱାରା ବଛା ଯାଇଥିବା ଏବେ ମଧ୍ୟ କେତେକ
ଲୋକ ଅଛନ୍ତି। ୬ଯଦି ପରମେଶ୍ୱର ଅନୁଗ୍ରହ ହେତୁ
ସେମାନଙ୍କୁ ମନୋନୀତ କରିଛନ୍ତି, ତା'ହେଲେ ଲୋକମାନେ
ନିଜେ କରିଥିବା କାର୍ଯ୍ୟ ହେତୁ ପରମେଶ୍ୱରଙ୍କ ଲୋକ
ହୋଇ ନାହାଁନ୍ତି। ଯଦି କାର୍ଯ୍ୟ ଦ୍ୱାରା ତାହା ହୋଇଥାନ୍ତା
ତେବେ ଅନୁଗ୍ରହର କ'ଣ ବା ଅର୍ଥ ହେବ? ତା'ହେଲେ
କଣ ହେଲା?
୭ଇଶ୍ରାୟେଲର ଲୋକେ ଯାହା ପାଇଁ (ପରମେଶ୍ୱରଙ୍କ
ଠାରେ ଧାର୍ମିକ ହେବା) ଚେଷ୍ଟା କରିଥିଲେ, କିନ୍ତୁ ସଫଳ
ହେଲେ ନାହିଁ। କିନ୍ତୁ ପରମେଶ୍ୱରଙ୍କ ଦ୍ୱାରା ବଛା ଯାଇଥିବା
ଲୋକେ ଧାର୍ମିକ ହେଲେ। ଅନ୍ୟ ସମସ୍ତେ ଜଡ଼ ହୋଇ
ପରମେଶ୍ୱରଙ୍କ କଥା ଶୁଣିବା ପାଇଁ ମନା କଲେ। ୮ଶାସ୍ତ୍ରରେ
ଯେପରି ଲେଖା ଅଛି:

"ପରମେଶ୍ୱର ଲୋକମାନଙ୍କୁ ଶୁଆଇ ଦେଲେ।"
ଯିଶାଇୟ ୨୯:୧୦

"ସେମାନେ ସତ୍ୟକୁ ଦେଖି ନ ପାରନ୍ତୁ ସେଥିପାଇଁ
ପରମେଶ୍ୱର ସେମାନଙ୍କର ଆଖି ବନ୍ଦ କରି ଦେଲେ,
ସେମାନେ ସତ୍ୟକୁ ଶୁଣି ନ ପାରନ୍ତୁ ସେଥିପାଇଁ
ପରମେଶ୍ୱର ସେମାନଙ୍କର କାନ ବନ୍ଦ କରି ଦେଲେ।
ଏହି ଦଶା ଏବେ ସୁଦ୍ଧା ଲାଗି ରହିଛି।"
ଦ୍ୱିତୀୟ ବିବରଣ ୨୯:୪

୯ଦାଉଦ କୁହନ୍ତି:

"ସେ ଲୋକମାନେ ନିଜର ଭୋଜନରେ ଛନ୍ଦି ଓ
ବାନ୍ଧି ହୋଇ ଯାଆନ୍ତୁ, ତାହାଙ୍କର ପତନ ହେଉ ଓ
ସେମାନଙ୍କୁ ଦଣ୍ଡ ମିଳୁ।
୧୦ ସେମାନଙ୍କର ଆଖି ସତ୍ୟକୁ ଦେଖି ନ ପାରିବା
ପାଇଁ ବନ୍ଦ ହୋଇ ଯାଉ। ସର୍ବଦା ପାଇଁ ସେମାନଙ୍କର
ଅଣ୍ଟା ନଇଁ ପଡୁ।"
ଗୀତସଂହିତା ୬୯:୨୨-୨୩

୧୧ତା'ହେଲେ ମୁଁ କହୁଛି: ଯିହୂଦୀମାନଙ୍କର ପତନ
ସେମାନଙ୍କୁ ନଷ୍ଟ କରିଥିଲା କି। ବରଂ ସେମାନଙ୍କର ଭୁଲ
ଅଣଯିହୂଦୀମାନଙ୍କ ଲାଗି ମୁକ୍ତି ଆଣିଲା। ଏହା ଦ୍ୱାରା
ଯିହୂଦୀମାନଙ୍କ ଭିତରେ ଉତ୍ସାହ ଭାବ ଜାଗ୍ରତ ହେଲା।
୧୨ଯିହୂଦୀମାନଙ୍କର ତ୍ରୁଟି ଏହି ସଂସାର ପାଇଁ ଆଶୀର୍ବାଦର
ଧନ ସ୍ୱରୂପ ହେଲା, ସେମାନେ ଯାହା ହରାଇଲେ, ତାହା
ଅଣଯିହୂଦୀମାନଙ୍କ ପାଇଁ ଆଶୀର୍ବାଦର ଧନ ଆଣି ଦେଲା।
ତେଣୁ ପରମେଶ୍ୱର ଯାହା ଚାହୁଁଛନ୍ତି ସେହି ଅନୁସାରେ ପୂର୍ଣ୍ଣ
ସଂଖ୍ୟକ ଯିହୂଦୀମାନେ ଯେତେବେଳେ ଚାଲିବେ, ସେତେବେଳେ
ସଂସାର ନିଶ୍ଚିତ ରୂପେ ଅଧିକ ମାତ୍ରାରେ ଆଶୀର୍ବାଦର ଧନ
ପ୍ରାପ୍ତ କରିବ!
୧୩ଏବେ ମୁଁ ଅଣଯିହୂଦୀମାନଙ୍କ ପାଇଁ କହୁଛି। କାରଣ
ମୁଁ ବିଶେଷ ଭାବରେ ଅଣଯିହୂଦୀମାନଙ୍କ ନିକଟକୁ ପ୍ରେରିତ
ହୋଇଛି। ମୁଁ ପୂର୍ଣ୍ଣ ମନ ପ୍ରାଣରେ ଏହି କାମ କରିବ।
୧୪ମୁଁ ଆଶା କରେ ଯେ ନିଜ ଲୋକମାନଙ୍କ ଭିତରେ
ଉଦଯୋଗ ଆଣି ତାହାଙ୍କ ଭିତରୁ କେତେକ ଲୋକଙ୍କୁ
ଉଦ୍ଧାର କରି ପାରିବ। ୧୫ଯିହୁଦୀମାନଙ୍କୁ ପରମେଶ୍ୱର ଅସ୍ୱୀକାର
କରି ଦେଲାପରେ, ସେ ସଂସାରର ଅନ୍ୟ ଲୋକମାନଙ୍କ
ସହିତ ମୈତ୍ରୀ କଲେ। ଅତଏବ, ଯିହୂଦୀମାନଙ୍କୁ ପୁନଃ
ଗ୍ରହଣ କରିବା ଅର୍ଥ ସଂସାରର ଅନ୍ୟ ଲୋକମାନଙ୍କ ପାଇଁ
ମୃତ୍ୟୁରୁ ପୁନର୍ଜୀବନ ଆଣିବା।
୧୬ଆମ୍ଭ ଭୋଜନର ପ୍ରଥମ ଭାଗଟି ଯଦି ପରମେଶ୍ୱରଙ୍କୁ
ସମର୍ପଣ କରି ଯାଏ, ତା' ହେଲେ ସମସ୍ତ ଭୋଜନ ପବିତ୍ର
ହୁଏ। ଯଦି କୌଣସି ଗଛର ଚେର ପବିତ୍ର, ତା'ହେଲେ
ସେହି ଗଛର ସମସ୍ତ ଡାଳ ମଧ୍ୟ ପବିତ୍ର।
୧୭ଧରି ନିଅ ଗୋଟିଏ ଜୀତବୃକ୍ଷର ଶାଖାଗୁଡ଼ିକ ଭାଙ୍ଗି
ଯାଇଛି। ଗୋଟିଏ ଅନ୍ୟ ଜଙ୍ଗଲୀ ଜୀତଗଛର ଶାଖାଗୁଡ଼ିକୁ
ଆଣି ପ୍ରଥମ ଗଛ ସହିତ ସଂଯୁକ୍ତ କରା ହେଲା। ତୁମ୍ଭେ
ଅଣଯିହୂଦୀମାନେ ସେହି ଜଙ୍ଗଲୀ ଜୀତଗଛ ଭଳି। ତୁମ୍ଭେମାନେ
ସେହି ପ୍ରଥମ ଗଛମାନଙ୍କଠାରୁ ଶକ୍ତି ଓ ଜୀବନ ପ୍ରାପ୍ତ
କରୁଛ। ୧୮ସେଥିପାଇଁ, ପ୍ରଥମ ଗଛର ସେ ଭଙ୍ଗା ଡାଳ
ଗୁଡ଼ିକ ନିମନ୍ତେ ତୁମ୍ଭମାନଙ୍କର ଗର୍ବ କରିବାର କୌଣସି
କାରଣ ନାହିଁ। କାରଣ ତୁମ୍ଭେମାନେ ପ୍ରଥମ ଗଛର

**"ମୁଁ ... ନାହିଁ"** ଯିଶାଇୟ ୬୫:୨
**"ପ୍ରଭୁ ... କରୁଛନ୍ତି"** ପ୍ରଥମ ରାଜାବଳୀ ୧୯:୧୦, ୧୪
**"ବାଆଲ୍ ... ରଖିଛି"** ପ୍ରଥମ ରାଜାବଳୀ ୧୯:୧୮

ଚେରକୁ ଜୀବନ ପ୍ରଦାନ କରୁ ନାହିଁ, ବରଂ ସେହି ଚେର
ତୁମ୍ଭମାନଙ୍କୁ ଜୀବନ ପ୍ରଦାନ କରୁଛି। [19]ତୁମ୍ଭେମାନେ କହି
ପାର, "ସେ ଗଛର ଡାଳ ଗୁଡ଼ିକ ଭାଙ୍ଗି ପଡ଼ିବାରୁ ମୁଁ ତା'
ସହିତ ସଂଯୁକ୍ତ ହେଲି।" [20]ଏହା ସତ୍ୟ କିନ୍ତୁ ସେ ଡାଳ
ଗୁଡ଼ିକ ଭାଙ୍ଗି ପଡ଼ିବାର କାରଣ ହେଉଛି ସେମାନଙ୍କର
ଅବିଶ୍ୱାସ। କିନ୍ତୁ ତୁମ୍ଭେମାନେ ତୁମ୍ଭମାନଙ୍କ ବିଶ୍ୱାସ ହେତୁ
ସେହି ଗଛର ଅଂଶୀ ହୋଇ ପାରିଛ। ଅତଏବ ଗର୍ବ
କରିବା ପରିବର୍ତ୍ତେ ଭୟ କରିବା ଦରକାର। [21]ବିଶ୍ୱାସ ନ
କରିବା ହେତୁ ଯଦି ପରମେଶ୍ୱର ପ୍ରଥମ ଗଛର ଶାଖା
ଗୁଡ଼ିକୁ ଭାଙ୍ଗି ଦେଲେ, ତାହେଲେ ତୁମ୍ଭେମାନେ ମଧ୍ୟ
ବିଶ୍ୱାସ ନ ରଖି ପାରିଲେ ପରମେଶ୍ୱର ତୁମ୍ଭମାନଙ୍କୁ ବିଚ୍ଛିନ୍ନ
କରି ଦେବେ।

[22]ଅତଏବ ବୁଝିବା ଦରକାର ଯେ, ପରମେଶ୍ୱର ଅତି
ଦୟାଳୁ, କିନ୍ତୁ ସେ ଅତି କଠୋର ମଧ୍ୟ ହୋଇ ପାରିବେ।
ପରମେଶ୍ୱର ତାହାଙ୍କୁ ଅନୁସରଣ ନ କରୁଥିବା ଲୋକମାନଙ୍କୁ
ଦଣ୍ଡ ଦିଅନ୍ତି, କିନ୍ତୁ ତୁମ୍ଭେମାନେ ତାହାଙ୍କ ଅନୁଗ୍ରହରେ
ରହିଲେ ସେ, ତୁମ୍ଭାନମ୍ଭମାନଙ୍କ ପ୍ରତି ଦୟାଳୁ ହୁଅନ୍ତି।
ଅନ୍ୟ ପକ୍ଷରେ ଯଦି ତୁମ୍ଭେମାନେ ତାହାଙ୍କୁ ଅନୁସରଣ ନ
କର ତା'ହେଲେ ତୁମ୍ଭେମାନେ ମଧ୍ୟ (ଗଛରୁ) କଟାଯାଇ
ଫିଙ୍ଗି ଦିଆ ଯିବ। [23]ଯିହୂଦୀମାନେ ଯଦି ପୁନଃ ପରମେଶ୍ୱରଙ୍କୁ
ବିଶ୍ୱାସ କରନ୍ତି, ତା'ହେଲେ ସେ ଯିହୂଦୀମାନଙ୍କୁ ପୁନଃ
ଗ୍ରହଣ କରି ନେବେ। ସେମାନଙ୍କୁ ନିଜ ପୂର୍ବ ସ୍ଥାନ
ଦେବାପାଇଁ ପରମେଶ୍ୱର ସମର୍ଥ ହେବେ। [24]ତୁମ୍ଭେମାନେ
ଜଙ୍ଗଲୀ ଜୀତଗଛର କଟାଯାଇଥିବା ଶାଖା। ତୁମ୍ଭେମାନେ
ଭଲ ଜୀତଗଛ ସହିତ ସଂଯୁକ୍ତ ହୋଇଛ। କିନ୍ତୁ ଏହା
ସ୍ୱାଭାବିକ। ଅତଏବ, ସେହି ଯିହୂଦୀମାନେ ପ୍ରକୃତରେ
ନିଜର ବୃକ୍ଷ ସହିତ ପୁନର୍ବାର ସଂଯୁକ୍ତ ହୋଇପାରିବେ।

[25]ଭାଇ ଓ ଭଉଣୀମାନେ, ମୁଁ ଏହି ନିଗୂଢ଼ ସତ୍ୟ
ବିଷୟରେ ତୁମ୍ଭେମାନେ ଅଜଣା ରହି ଯାଅ; ଏ କଥା
ଚାହେଁ ନାହିଁ। ଏହି ସତ୍ୟ ତୁମ୍ଭମାନଙ୍କୁ ଜାଣିବାରେ ସାହାଯ୍ୟ
କରିବ ଯେ, ତୁମ୍ଭେମାନେ ସର୍ବଜ୍ଞ ନୁହଁ। ଏହି କଥା ସତ୍ୟ
ଯେ, ଇସ୍ରାଏଲର ଗୋଟିଏ ଅଂଶର ଲୋକଙ୍କୁ ଅବାଧ
କରାଯାଇଛି। ଯେତେବେଳେ ପୂର୍ଣ୍ଣ ସଂଖ୍ୟକ ଅଣଯିହୂଦୀ
ପରମେଶ୍ୱରଙ୍କ ନିଜ ଲୋକ ହୋଇଯିବେ, ତାହେଲେ ଏହି
ସ୍ଥିତିରେ ପରିବର୍ତ୍ତନ ଘଟିବ। [26]ଏହି ଭଳି ସମଗ୍ର ଇସ୍ରାଏଲ
ଉଦ୍ଧାର ପାଇବ। ଶାସ୍ତ୍ରରେ ଲେଖାଅଛି:

"ସିୟୋନ* ଠାରୁ ଉଦ୍ଧାରକାରୀ ଆସିବେ। ସେ
ଯାକୁବ ପରିବାର ସମସ୍ତ ମନ୍ଦଗୁଡ଼ିକୁ ଦୂର କରିବେ।
[27] ଓ ମୁଁ ସେହି ଲୋକମାନଙ୍କର ପାପ ଗୁଡ଼ିକୁ ହରଣ
କଲା ପରେ ଏହି ଚୁକ୍ତି କରିବ।"

ଯିଶାଇୟ ୫୯:୨୦-୨୧; ୨୭:୯

[28]ଯିହୂଦୀମାନେ ସୁସମାଚାର ଗ୍ରହଣ କରୁ ନଥିବାରୁ,
ପରମେଶ୍ୱରଙ୍କ ଶତ୍ରୁ। ଏହା ତୁମ୍ଭ ଅଣଯିହୂଦୀମାନଙ୍କୁ ସାହାଯ୍ୟ
କରିଛି। କିନ୍ତୁ ଯିହୂଦୀମାନେ ଏବେ ମଧ୍ୟ ପରମେଶ୍ୱରଙ୍କର
ମନୋନୀତ ଲୋକ। ତାହାଙ୍କ ପୂର୍ବଜମାନଙ୍କୁ ଦେଇଥିବା
ପ୍ରତିଜ୍ଞା ହେତୁ, ପରମେଶ୍ୱର ସେମାନଙ୍କୁ ଖୁବ ଭଲ
ପାଆନ୍ତି। [29]ପରମେଶ୍ୱର ଯେଉଁମାନଙ୍କୁ ଡାକନ୍ତି ଓ ଯେଉଁ
ଦାନଗୁଡ଼ିକ ଦିଅନ୍ତି; ସେମାନଙ୍କ ପ୍ରତି ପରମେଶ୍ୱର ନିଜର
ମନ କେବେ ହେଲେ ପରିବର୍ତ୍ତନ କରନ୍ତି ନାହିଁ। [30]ଆଗରୁ
ତୁମ୍ଭେମାନେ ପରମେଶ୍ୱରଙ୍କୁ ଅବଜ୍ଞା କରୁଥିଲ। କିନ୍ତୁ
ବର୍ତ୍ତମାନ ଯିହୂଦୀମାନଙ୍କର ଅବଜ୍ଞାର ଫଳସ୍ୱରୂପ, ତୁମ୍ଭେମାନେ
ଅନୁଗ୍ରହ ପ୍ରାପ୍ତ କରିଛ। [31]ଏବେ ଯିହୂଦୀମାନେ ଅବଜ୍ଞା
କରୁଛନ୍ତି, କାରଣ ପରମେଶ୍ୱର ତୁମ୍ଭମାନଙ୍କୁ ଅନୁଗ୍ରହ କରୁଛନ୍ତି।
କିନ୍ତୁ ଏହା ଘଟିଲା, ଯେହେତୁ ସେମାନେ ମଧ୍ୟ ପରମେଶ୍ୱରଙ୍କ
ଅନୁଗ୍ରହ ଲାଭ କରି ପାରିବେ। [32]ସବୁ ଲୋକେ ପରମେଶ୍ୱରଙ୍କୁ
ଅବଜ୍ଞା କରୁଛନ୍ତି। ସମସ୍ତଙ୍କୁ ସେ ଅବାଧ ସ୍ଥିତିରେ
ପକାଇଛନ୍ତି ଯେପରି ସେ ସମସ୍ତଙ୍କୁ ଦୟା ଦେଖାଇ
ପାରିବେ।

## ପରମେଶ୍ୱର ଧନ୍ୟ

[33]ପରମେଶ୍ୱରଙ୍କ ଧନ ବହୁତ ମହାନ୍! ତାଙ୍କ ବୁଦ୍ଧି ଓ
ଜ୍ଞାନର ସୀମା ନାହିଁ! ସେ ନିଷ୍ପତ୍ତି କିପରି ନିଅନ୍ତି କେହି
ବୁଝାଇ ପାରିବ ନାହିଁ। [34]କେହି ହେଲେ ପରମେଶ୍ୱରଙ୍କ
ପଥସବୁ ବୁଝି ପାରିବେ ନାହିଁ। ଶାସ୍ତ୍ର କୁହେ:

"ପ୍ରଭୁଙ୍କର ମନକୁ କିଏ ଜାଣିଛି? କିଏ ପରମେଶ୍ୱରଙ୍କୁ
ପରାମର୍ଶ ଦେଇ ପାରିବ କି?"

ଯିଶାଇୟ ୪୦:୧୩

[35] "କିଏ କେବେହେଲେ ପରମେଶ୍ୱରଙ୍କୁ କିଣ ବା
ଦେଇଛି? ଯେ ପରମେଶ୍ୱର ପ୍ରତ୍ୟୁପକାରରେ କିଛି
ଦେବେ।"

ଆୟୁବ ୪୧:୧୧

[36]ପରମେଶ୍ୱର ସମସ୍ତ ସୃଷ୍ଟି କରିଛନ୍ତି। ପ୍ରତ୍ୟେକ ବିଷୟ
ତାହାଙ୍କ ମାଧ୍ୟମରେ ଓ ତାହାଙ୍କ ପାଇଁ ରହିଛି। ତାହାଙ୍କର
ଗୌରବ ସର୍ବଦା ହେଉ। ଆମେନ୍।

## ନିଜ ଜୀବନ ପ୍ରଭୁଙ୍କୁ ଅର୍ପଣ କର

**୧୨** ସେଥିପାଇଁ ହେ ଭାଇ ଓ ଭଉଣୀମାନେ!
ପରମେଶ୍ୱରଙ୍କ ଅନୁଗ୍ରହକୁ ସ୍ମରଣ କର, ତୁମ୍ଭେ
ମାନେ ନିଜର ଜୀବନକୁ, ଏକ ଜୀବନ୍ତ ବଳିଦାନ ସ୍ୱରୂପ
ପରମେଶ୍ୱରଙ୍କୁ ଅର୍ପଣ କର। ଏହା କେବଳ ତାହାଙ୍କୁ
ସମର୍ପିତ ହେବ। ଏହା ପରମେଶ୍ୱରଙ୍କୁ ଅତି ପ୍ରସନ୍ନ କରିବ।
ଏହି ସମର୍ପଣ, ତୁମ୍ଭମାନଙ୍କ ପାଇଁ ପରମେଶ୍ୱରଙ୍କ ଆତ୍ମିକ
ଉପାସନା ଅଟେ। [2]ଏହାପରେ ଏହି ସଂସାରର ରୀତି
ଅନୁସାରେ ଆଚରଣ କର ନାହିଁ, ବରଂ ନୂତନ ଚିନ୍ତନ
ମାର୍ଗରେ ନିଜର ଅନ୍ତରକୁ ପରିବର୍ତ୍ତିତ କର। ତେବେ
ପରମେଶ୍ୱର ତୁମ୍ଭମାନଙ୍କ ପାଇଁ କ'ଣ ଇଚ୍ଛା କରନ୍ତି,
ତୁମ୍ଭେମାନେ ଜାଣି ପାରିବ। ତୁମ୍ଭେମାନେ ଜାଣି ପାରିବ
ଯେ, କେଉଁ ବିଷୟ ଗୁଡ଼ିକ ଭଲ, ପରମେଶ୍ୱରଙ୍କୁ ପ୍ରିୟ ଓ
ସିଦ୍ଧ।

---

**ସିୟୋନ** ଯିରୂଶାଲମର ଅନ୍ୟ ଏକ ନାମ

୩ପରମେଶ୍ୱର ମୋତେ ବିଶେଷ ଅନୁଗ୍ରହ ପ୍ରଦାନ କରିଥିବାରୁ
ମୋର ତୁମ୍ଭ ସମସ୍ତଙ୍କୁ କହିବା କଥା ଯେ, ନିଜକୁ
ଅନ୍ୟଠାରୁ ଭଲ ଭାବ ନାହିଁ। ପରମେଶ୍ୱର ଯେଉଁ ପ୍ରକାରର
ବିଶ୍ୱାସ ତୁମ୍ଭକୁ ଦେଇଛନ୍ତି, ସେହି ଅନୁସାରେ ତୁମ୍ଭ ନିଜକୁ
ନମ୍ର ମନେ କର। ୪ଯେପରି ଆମ୍ଭ ସମସ୍ତଙ୍କର ଶରୀରଟିଏ
ଅଛି ଓ ଏହି ଶରୀରରେ ଅନେକ ପ୍ରକାରର ଅଙ୍ଗ ଅଛି।
ଏହି ଅଙ୍ଗଗୁଡ଼ିକ ଏକା ଭଳି କାମ କରନ୍ତି ନାହିଁ। ୫ସେହି
ଭଳି ଆମ୍ଭେ ସଂଖ୍ୟାରେ ଅନେକ ଲୋକ, କିନ୍ତୁ ଯୀଶୁ
ଖ୍ରୀଷ୍ଟଙ୍କ ଠାରେ ଆମ୍ଭେ ଏକ ଶରୀରର ବିଭିନ୍ନ ଅଙ୍ଗ ଭଳି
ଆମ୍ଭେ ପ୍ରତ୍ୟେକ ଅନ୍ୟର ପରିପୂରକ। ୬ଏହି ଭଳି ଆମ୍ଭକୁ
ପରମେଶ୍ୱରଙ୍କ ଅନୁଗ୍ରହରୁ, ବିଭିନ୍ନ ସବୁ ଅନୁଗ୍ରହ ଦାନମାନ
ମିଳିଛି। ଜଣେ ତା'ଠାରେ ଥିବା ବିଶ୍ୱାସ ଅନୁସାରେ ତାହାକୁ
ବ୍ୟବହାର କରୁ। ଯଦି କାହାକୁ ଭବିଷ୍ୟଦ୍‌ବାଣୀର ଦାନ
ମିଳିଛି, ତା'ହେଲେ ସେ ନିଜର ବିଶ୍ୱାସ ଅନୁସାରେ
ଭବିଷ୍ୟଦ୍‌ବାଣୀ କରୁ। ୭ଯଦି କାହାକୁ ସେବା କରିବା ପାଇଁ
ଅନୁଗ୍ରହ ଦାନ ମିଳିଛି ତେବେ ସେ ନିଜକୁ ସେବା ପାଇଁ
ଅର୍ପଣ କରୁ। ଯଦି କାହାକୁ ଶିକ୍ଷା ବା ଉପଦେଶ ଦେବା
ଅନୁଗ୍ରହ ଦାନ ମିଳିଛି, ତା ହେଲେ ସେ ନିଜକୁ ପ୍ରଚାର
କାର୍ଯ୍ୟରେ ଲଗାଇ ଦେଉ। ୮ଯଦି କାହାକୁ ଅନ୍ୟ ଲୋକମାନଙ୍କୁ
ସାନ୍ତ୍ୱନା ଦେବାର ଅନୁଗ୍ରହ ଦାନ ମିଳିଛି, ତା'ହେଲେ ସେ
ଲୋକମାନଙ୍କୁ ସାନ୍ତ୍ୱନା ଦେଉ। ଯଦି କାହାକୁ ଦାନ ଦେବା
ଅନୁଗ୍ରହ ଦାନ ମିଳିଛି ତା'ହେଲେ ସେ ଖୋଲା ମନରେ
ଦାନ କରୁ। ଯଦି କାହାକୁ ନେତୃତ୍ୱ ନେବାର ଅନୁଗ୍ରହ
ଦାନ ମିଳିଛି, ତା'ହେଲେ ସେ ମନ ପ୍ରାଣ ଢାଳି ନେତୃତ୍ୱ
ଦେଉ। ଯଦି କାହାକୁ ଅନ୍ୟମାନଙ୍କୁ ଦୟା ଦେଖାଇବା
ଅନୁଗ୍ରହ ଦାନ ମିଳିଛି ତା'ହେଲେ ସେ ଆନନ୍ଦ ମନରେ
ଦୟା ଦେଖାଉ।

୯ତୁମ୍ଭର ପ୍ରେମ ନିଷ୍କପଟ ହେଉ। ମନ୍ଦକୁ ଘୃଣା କର।
୧୦ଭଲ କାର୍ଯ୍ୟରେ ଜଡ଼ିତ ହୁଅ। ଭାଇ ଓ ଭଉଣୀଙ୍କ ଭଳି
ସମର୍ପିତ ରହି ଜଣେ ଅନ୍ୟ ଜଣକୁ ଦୟାର ସହ ପ୍ରେମ
କରୁ। ତୁମ୍ଭେ ନିଜେ ଯେତିକି ସମ୍ମାନ ଚାହଁ, ତା'ଠାରୁ
ଅଧିକ ସମ୍ମାନ ଏହି ଭାଇଭଉଣୀ ମାନଙ୍କୁ ଦିଅ। ୧୧ପରମେଶ୍ୱରଙ୍କ
କାମ କରିବାରେ ଉତ୍ସାହ ପ୍ରକାଶ କର। ତାଙ୍କ ସେବା
କାର୍ଯ୍ୟରେ ଆଳସ୍ୟ କର ନାହିଁ। ପରମେଶ୍ୱରଙ୍କୁ ସେବା
କଲାବେଳେ ଆତ୍ମିକ ଭାବରେ ଉଦ୍‌ଯୋଗ ହୁଅ। ୧୨ଭରସା
ଥିବାରୁ ପ୍ରସନ୍ନ ରୁହ। ଅସୁବିଧାର ସମ୍ମୁଖୀନ ହେବା ବେଳେ
ତୁମ୍ଭେ ଧୈର୍ଯ୍ୟ ଧର। ନିରନ୍ତର ପ୍ରାର୍ଥନା କର। ୧୩ପରମେଶ୍ୱରଙ୍କ
ନିଜ ଲୋକମାନଙ୍କର କାମରେ ସାହାଯ୍ୟ କର। ଯେଉଁମାନଙ୍କୁ
ସାହାଯ୍ୟ ଦରକାର ସେମାନଙ୍କ ପ୍ରତି ଦୃଷ୍ଟି ରଖ,ନିଜ ଘରକୁ
ସେମାନଙ୍କୁ ଅତିଥି ଭାବରେ ସ୍ୱାଗତ କର।

୧୪ଯେଉଁମାନେ ତୁମ୍ଭମାନଙ୍କ ପ୍ରତି ମନ୍ଦ ଆଚରଣ କରୁଛନ୍ତି
ସେମାନଙ୍କ ପ୍ରତି ତୁମ୍ଭେ ଭଲ ଆଚରଣ କର। ସେମାନଙ୍କୁ
ଅଭିଶାପ ଦିଅ ନାହିଁ, ବରଂ ସେମାନଙ୍କୁ ଭଲ କଥା କୁହ।
୧୫ଯେତେବେଳେ ଅନ୍ୟମାନେ ପ୍ରସନ୍ନ, ତୁମ୍ଭେମାନେ ସେମାନଙ୍କ
ସହିତ ପ୍ରସନ୍ନ ହୁଅ। ଅନ୍ୟମାନେ ଦୁଃଖିତ ଥିଲା ବେଳେ
ତୁମ୍ଭେମାନେ ତାହାଙ୍କ ସହିତ ଦୁଃଖିତ ହୁଅ। ୧୬ନିଜ
ଭିତରେ ମିଳିମିଶି ଶାନ୍ତିରେ ରୁହ। ଗର୍ବ କର ନାହିଁ।
ଯେଉଁମାନେ ଅନ୍ୟମାନଙ୍କ ଦୃଷ୍ଟିରେ ମହତ୍ତ୍ୱପୂର୍ଣ୍ଣ ନୁହଁନ୍ତି,
ସେମାନଙ୍କ ସହିତ ସାଙ୍ଗ ହେବା ପାଇଁ ଇଚ୍ଛୁକ ହୁଅ।
ନିଜକୁ ବୁଦ୍ଧିମାନ ବୋଲି ଭାବ ନାହିଁ।

୧୭ମନ୍ଦର ପ୍ରତିବଦଳରେ କାହାରି ପ୍ରତି ମନ୍ଦ କର
ନାହିଁ। ଯାହାକୁ ସବୁ ଲୋକ ଭଲ ବୋଲି ଚିନ୍ତା କରନ୍ତି
ସେହିଭଳି କାମ କରିବା ତୁମ୍ଭର ଲକ୍ଷ ହେଉ। ୧୮ଲୋକଙ୍କ
ସହିତ ଶାନ୍ତିରେ ରହିବା ପାଇଁ ଯଥାସାଧ୍ୟ ଚେଷ୍ଟା କର।
୧୯ତୁମ୍ଭମାନଙ୍କ ପ୍ରତି ଭୁଲ କରି ଥିବା ଲୋକକୁ ନିଜ
ତରଫରୁ ଦଣ୍ଡ ଦିଅ ନାହିଁ। ତାହାକୁ ପରମେଶ୍ୱରଙ୍କ କ୍ରୋଧ
ଦ୍ୱାରା ଦଣ୍ଡିତ ହେବା ଲାଗି ଅପେକ୍ଷା କର। ଶାସ୍ତ୍ରରେ
ଲେଖା ଅଛି: ପରମେଶ୍ୱର କହିଛନ୍ତି, "ଦଣ୍ଡ ଦେବା ମୋର
କାମ। ମୁଁ ଲୋକମାନଙ୍କୁ ପ୍ରତିଦାନ ଦେବି।"* ୨୦କିନ୍ତୁ
ତୁମ୍ଭେମାନେ ଏପରି କରିବା ଉଚିତ୍: "ଯଦି ତୁମ୍ଭର ଶତ୍ରୁ
ଭୋକରେ ଅଛି, ତାହାକୁ ଖାଇବାକୁ ଦିଅ, ଯଦି ତୁମ୍ଭର
ଶତ୍ରୁ ତୃଷିତ ଅଛି, ତାହାକୁ ପିଇବାକୁ ଦିଅ। ଏପରି କଲେ
ତୁମ୍ଭେ ତାହାକୁ ଲଜ୍ଜିତ କରି ପାରିବ।"* ୨୧ମନ୍ଦ ଦ୍ୱାରା
ହାରି ଯାଅ ନାହିଁ। ତୁମ୍ଭେ ଭଲ କାମ କରି ମନ୍ଦକୁ
ହରାଇବାକୁ ଚେଷ୍ଟା କର।

**୧୩** ପ୍ରତ୍ୟେକ ଲୋକର ସରକାରୀ ଶାସକମାନଙ୍କ
ଅଧୀନତା ସ୍ୱୀକାର କରିବା ଉଚିତ୍। କାରଣ
ସେମାନଙ୍କ ଏହି କ୍ଷମତା ପରମେଶ୍ୱରଙ୍କ ଦ୍ୱାରା ଦିଆଯାଇଛି
ଏବଂ ବର୍ତ୍ତମାନ ଯେଉଁମାନେ ଅଧିକାରୀ, ପରମେଶ୍ୱରଙ୍କ
ଦ୍ୱାରା ସେମାନଙ୍କୁ ଏହି କ୍ଷମତା ପ୍ରଦାନ କରା ଯାଇଛି।
୨ଅତଏବ ଅଧିକାର ବିରୋଧ କରୁଥିବା ଲୋକମାନେ
ପ୍ରକୃତରେ ପରମେଶ୍ୱରଙ୍କ ଆଜ୍ଞାର ବିରୋଧୀ। ଏପରି
ବିରୋଧ କରୁଥିବା ଲୋକ, ନିଜ ପାଇଁ ଦଣ୍ଡ ପାଇବା
ବ୍ୟବସ୍ଥା କରି ଥାଏ। ୩ଯେଉଁମାନେ ଠିକ କାମ କରନ୍ତି,
ଶାସକଙ୍କୁ ଭୟ କରିବାର କୌଣସି କାରଣ ସେମାନଙ୍କଠାରେ
ନାହିଁ, କିନ୍ତୁ ଯେଉଁମାନେ ମନ୍ଦ ବା ଭୁଲ କାମ କରନ୍ତି
ସେମାନେ ଭୟ କରିବାକୁ ବାଧ୍ୟ। ଶାସକମାନଙ୍କ ଭୟରୁ
ମୁକ୍ତ ପାଇବା ପାଇଁ ଏକ ମାତ୍ର ଉପାୟ ହେଉଛି ଭଲ
କାମ କରିବା। ଭଲ କାମ କଲେ ଶାସକମାନେ ତୁମ୍ଭର
ପ୍ରଶଂସା କରିବେ। ୪ତୁମ୍ଭକୁ ସାହାଯ୍ୟ କରିବା ପାଇଁ ଶାସକ
ହେଉଛନ୍ତି ପରମେଶ୍ୱରଙ୍କ ସେବକ। କିନ୍ତୁ ତୁମ୍ଭେ ଭୁଲ
କଲେ ଭୟ କରିବ। ଶାସକର ଦଣ୍ଡ ଦେବା କ୍ଷମତା ଅଛି,
ସେ ସେହି କ୍ଷମତାର ପ୍ରୟୋଗ କରି ମନ୍ଦ କାମ କରୁଥିବା
ଲୋକକୁ ଦଣ୍ଡ ଦେବେ। ୫ସେଥିପାଇଁ ଶାସକଙ୍କ ଆଜ୍ଞା
ପାଳନ କରିବାକୁ ତୁମ୍ଭେ ବାଧ୍ୟ। ପାଳନ ନ କରିବା
କାରଣରୁ ଯେ ଦଣ୍ଡିତ ହେବ, ସେଥିପାଇଁ ଆଜ୍ଞା ପାଳନ
କର ନାହିଁ। ଅଧିକନ୍ତୁ ଶାସନକୁ ମାନିବା ଠିକ୍ କାମ
ବୋଲି ଜାଣିଥିବାରୁ ତୁମ୍ଭେ ଏପରି କରିବା ଉଚିତ୍।

୬ଏହି ଦୃଷ୍ଟିରୁ ତୁମ୍ଭେମାନେ ସରକାରକୁ କର ମଧ୍ୟ
ଦିଅ। ସେମାନେ ପରମେଶ୍ୱରଙ୍କ ସେବାରେ ରହିଛନ୍ତି, ଏବଂ
ସେହି କାର୍ଯ୍ୟ କରିବା ପାଇଁ ନିଜର ସଂପୂର୍ଣ୍ଣ ସମୟ

---

**"ଦଣ୍ଡ ... ଦେବି"** ଦ୍ୱିତୀୟ ବିବରଣୀ ୩୨:୩୫

**"ଯଦି ... ପାରିବ"** ହିତୋପଦେଶ ୨୫:୨୧-୨୨

ଦେଉଛନ୍ତି। [୭]ସମାଜରେ ଯାହାଙ୍କର ଯାହା ପ୍ରାପ୍ୟ ତାହାଙ୍କୁ
ତାହା ଦିଅ। ଯାହାଙ୍କୁ ଶୁଳ୍କ ଦେବା କଥା ତାହାଙ୍କୁ ସମସ୍ତ
ପ୍ରକାରର ଶୁଳ୍କ ଦେଇ ଦିଅ। ଯାହାଙ୍କୁ ଭୟ ସହିତ
ଆଦର କରିବା କଥା ସେମାନଙ୍କୁ ଭୟ ଓ ଆଦର କର।
ଯାହାଙ୍କୁ ସମ୍ମାନ ଦେବା କଥା ସେମାନଙ୍କୁ ସମ୍ମାନ ଦିଅ।

**ଅନ୍ୟ ଲୋକଙ୍କୁ ପ୍ରେମ କରିବା ହିଁ ବ୍ୟବସ୍ଥା ଅଟେ**

[୮]କାହାର ଋଣୀ ହୁଅ ନାହିଁ। କିନ୍ତୁ ପରସ୍ପର ପ୍ରତି
ପ୍ରେମର ଋଣରେ ଋଣୀ ହୁଅ। ଯେଉଁ ଲୋକ ପ୍ରତିବାସୀକୁ
ପ୍ରେମ କରେ ସେ ସଂପୂର୍ଣ୍ଣ ବ୍ୟବସ୍ଥା ମାନିଛି। [୯]ମୁଁ ଏପରି
କହୁଛି, କାରଣ ବ୍ୟବସ୍ଥା କୁହେ: "ବ୍ୟଭିଚାର କର ନାହିଁ,
କାହାକୁ ବଧ କର ନାହିଁ, କୌଣସି ଜିନିଷ ଚୋରୀ କର
ନାହିଁ, ଅନ୍ୟ ଲୋକର ଜିନିଷ ପ୍ରତି ଲୋଭ ରଖ
ନାହିଁ।"* ଏହି ସମସ୍ତ ଆଦେଶ ଗୁଡ଼ିକ ଓ ଅନ୍ୟ ସମସ୍ତ
ଆଦେଶଗୁଡ଼ିକ ସାରାଂଶ ଭାବେ ଏହି ବ୍ୟବସ୍ଥାର ଅନ୍ତର୍ଗତ
ଅଟେ, ଯଥା: "ନିଜକୁ ପ୍ରେମ କଲା ଭଳି ଅନ୍ୟ (ବା
ପ୍ରତିବାସୀ)କୁ ପ୍ରେମ କର।"* [୧୦]ପ୍ରେମ ଅନ୍ୟ ଲୋକକୁ
ଆଘାତ କରେ ନାହିଁ, ଅତଏବ ପ୍ରେମ କରିବା ସଂପୂର୍ଣ୍ଣ
ବ୍ୟବସ୍ଥା ପାଳନର ସମକକ୍ଷ।

[୧୧]ମୁଁ ଏହି ସମସ୍ତ କଥା କହୁଛି, କାରଣ ଆମ୍ଭର ଏହି
ସମୟଟି ଅତି ମହତ୍ତ୍ୱପୂର୍ଣ୍ଣ। ନିଦ୍ରାରୁ ଜାଗ୍ରତ ହେବାର
ସମୟ ଉପସ୍ଥିତ ହୋଇଅଛି। ଆରମ୍ଭ କାଳରେ ବିଶ୍ୱାସ
କରିବା ତୁଳନାରେ ଏବେ ଆମ୍ଭେ ଉଦ୍ଧାର ପାଇବା କାଳର
ନିକଟତର ହୋଇଛୁ। [୧୨]'ରାତି' ପ୍ରାୟଃ କଟି ଗଲାଣି।
'ଦିନ' ପ୍ରାୟଃ ଏହିଠାରେ। ଅତଏବ ଅନ୍ଧକାରରେ କରୁଥିବା
କାମ (ପାପ) ଆମ୍ଭେ ବନ୍ଦ କରିବା ଉଚିତ। ଆମ୍ଭେ
ପ୍ରକାଶରେ ହେଉଥିବା ଭଲ କାମ କରିବା ପାଇଁ ପ୍ରସ୍ତୁତ
ରହିବା ଉଚିତ। [୧୩]ଆମ୍ଭେ ଉତ୍ତମ ଲୋକଙ୍କ ଭଳି, ଦିବସର
ଲୋକଙ୍କ ଭଳି ଠିକ୍ ଭାବରେ ରହିବା ଉଚିତ। ଆମ୍ଭେ
ଖର୍ଚ୍ଚାନ୍ତ ରସରଙ୍ଗରେ ମାତିବା ଠିକ୍ ନୁହେଁ। ମାତାଲ ହେବା
ଉଚିତ ନୁହେଁ। ଯୌନଗତ ପାପକର୍ମ ଓ ଅନ୍ୟ ସମସ୍ତ
ଭୋଗ ବିଳାସରେ ଲିପ୍ତ ହେବା ଠିକ୍ ନୁହେଁ। ଯୁକ୍ତିତର୍କ
କରିବା ଓ ଈର୍ଷାଳୁ ହେବା ଉଚିତ ନୁହେଁ। [୧୪]ନିଜର
ପାପପୂର୍ଣ୍ଣ ସ୍ୱାର୍ଥପର ଇଚ୍ଛାକୁ ତୃପ୍ତି କରିବାରେ ଲାଗି ନରହି
ଆମ୍ଭେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ପରିଧାନ କରିବା ଉଚିତ।

**ଅନ୍ୟ ଲୋକଙ୍କୁ ସମାଲୋଚନା କର ନାହିଁ**

**୧୪** ଯେଉଁ ଲୋକର ବିଶ୍ୱାସ ଦୁର୍ବଳ, ସେ ଲୋକକୁ
ନିଜ ଦଳ ଭିତରେ ଗ୍ରହଣ କରିବା ପାଇଁ ମନା
କର ନାହିଁ। ସେହି ଲୋକର ଭିନ୍ନ ମତ ପାଇଁ, ତା ସହିତ
ଯୁକ୍ତିତର୍କ କର ନାହିଁ। [୨]ଜଣେ ଲୋକ କୌଣସି ପ୍ରକାରର
ଖାଦ୍ୟ ଖାଇ ପାରିବ ବୋଲି ବିଶ୍ୱାସ କରିପାରେ। କିନ୍ତୁ
ଯଦି ଅନ୍ୟ ଜଣକର ବିଶ୍ୱାସ ଦୁର୍ବଳ, ସେ କେବଳ
ଶାକାହାରୀ ଭୋଜନ ଖାଏ। [୩]ଯେଉଁ ଲୋକ ସମସ୍ତ ପ୍ରକାର
ଖାଦ୍ୟ ଖାଇ ପାରେ ସେ ଗର୍ବ କରିବା ଉଚିତ ନୁହେଁ
ଯେ, ସେ ଶାକାହାରୀ ଲୋକଠାରୁ ଅଧିକ ଭଲ। ସେହିପରି
ଶାକାହାରୀ ଲୋକ ସ୍ଥିର ନ କରୁ ଯେ, ସମସ୍ତ ପ୍ରକାର
ଭୋଜନ କରୁଥିବା ଲୋକ ମନ୍ଦ ଅଟେ। ପରମେଶ୍ୱର
ତାହାକୁ ଗ୍ରହଣ କରିଛନ୍ତି। [୪]ତୁମ୍ଭେ ଅନ୍ୟ ଲୋକର
ଚାକରକୁ ବିଚାର କର ନାହିଁ। ତାହାର ମାଲିକ କେବଳ
ଜାଣିପାରେ ଯେ ଚାକରଟି ଭଲ କିମ୍ବା ମନ୍ଦ। ଏବଂ
ପରମେଶ୍ୱର ସେବକମାନେ ଯୋଗ୍ୟ, କାରଣ ପରମେଶ୍ୱର
ସେମାନଙ୍କୁ ଯୋଗ୍ୟ ବିବେଚିତ କରିଛନ୍ତି।

[୫]ଜଣେ ଲୋକ ବିଶ୍ୱାସ କରି ପାରେ ଯେ, ଗୋଟିଏ
ଦିନ, ଅନ୍ୟ ଦିନ ଗୁଡ଼ିକ ତୁଳନାରେ ବିଶିଷ୍ଟ ଅଟେ।
ସେହିପରି ଅନ୍ୟ ଜଣେ ଲୋକ ସମସ୍ତ ଦିନ ଗୁଡ଼ିକୁ
ସମାନ ମହତ୍ତ୍ୱ ପ୍ରଦାନ କରି ପାରେ। ପ୍ରତ୍ୟେକ ଲୋକ
ନିଜର ବିଶ୍ୱାସ ନେଇ ମନରେ ନିଶ୍ଚିତ ହେବା ଉଚିତ।
[୬]ଯେଉଁ ଲୋକ ଗୋଟିଏ ଦିନକୁ ଅନ୍ୟ ଦିନ ଗୁଡ଼ିକ
ତୁଳନାରେ ବିଶେଷ ମହତ୍ତ୍ୱ ଦିଏ, ତାହା ସେ ପ୍ରଭୁଙ୍କ ପାଇଁ
ସେପରି କରେ। ଯେଉଁ ଲୋକ ସମସ୍ତ ପ୍ରକାର ଖାଦ୍ୟ
ଖାଏ, ତାହା ସେ ପ୍ରଭୁଙ୍କ ପାଇଁ କରେ। ଖାଦ୍ୟ ପାଇଁ ସେ
ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଏ। ଯେଉଁ ଲୋକ କେତେକ
ପ୍ରକାରର ଖାଦ୍ୟ ଖାଇବାକୁ ବାରଣ କରେ, ତାହା ସେ
ପ୍ରଭୁଙ୍କ ପାଇଁ ସେପରି କରେ, ଓ ତାହାଙ୍କୁ ଧନ୍ୟବାଦ
ଜଣାଏ। [୭]ଆମ୍ଭେ ସମସ୍ତେ ନିଜ ପାଇଁ ନୁହେଁ କିନ୍ତୁ ପ୍ରଭୁଙ୍କ
ପାଇଁ ଜୀବିତ ବା ମୃତ୍ୟୁବରଣ କରୁ। [୮]ଆମ୍ଭେ ଜୀବିତ
ରହିଲେ ପ୍ରଭୁଙ୍କ ପାଇଁ ଜୀବିତ ରହୁ ଓ ମୃତ୍ୟୁ ବରଣ
କଲେ ମଧ୍ୟ ତାହାଙ୍କ ପାଇଁ ମୃତ୍ୟୁ ବରଣ କରୁ।
ତାହେଲେ ଜୀବିତ ରହୁ ବା ମୃତ୍ୟୁ ବରଣ କରୁ, ଆମ୍ଭେ
ପରମେଶ୍ୱରଙ୍କର ହିଁ ଅଟୁ।

[୯]ସେଥିପାଇଁ ଖ୍ରୀଷ୍ଟ ମୃତ୍ୟୁ ବରଣ କଲେ ଓ ମୃତ୍ୟୁରୁ
ପୁନଃ ଜୀବିତ ହେଲେ। ଖ୍ରୀଷ୍ଟ ଏପରି କରିବାର କାରଣ
ଯେ, ଯେଉଁମାନେ ମରି ସାରିଛନ୍ତି ଓ ଯେଉଁମାନେ ଜୀବିତ
ଅଛନ୍ତି, ସେ ସମସ୍ତଙ୍କର ପ୍ରଭୁ (ଶାସକ) ହୋଇ ପାରିବେ।
[୧୦]ଅତଏବ, ତୁମ୍ଭେ ନିଜ ଭାଇଙ୍କୁ ବିଚାର କର ନାହିଁ।
ନିଜକୁ ନିଜ ଭାଇଠାରୁ ଅଧିକ ଭଲ ବୋଲି ଭାବ ନାହିଁ।
ଆମ୍ଭେ ସମସ୍ତେ ନ୍ୟାୟବିଚାର ପାଇଁ ପରମେଶ୍ୱରଙ୍କ ଆଗରେ
ଠିଆ ହେବା, ଓ ସେ ଆମ୍ଭର ବିଚାର କରିବେ। [୧୧]ଶାସ୍ତ୍ରରେ
ଲେଖା ଅଛି:

> "ପ୍ରଭୁ କହିଛନ୍ତି: ପ୍ରତ୍ୟେକ ଲୋକ ମୋ ଆଗରେ
> ଆଣ୍ଠୁ ମାଡ଼ି ବସିବ। ପ୍ରତ୍ୟେକ ଲୋକ ମୋତେ
> ପରମେଶ୍ୱର ବୋଲି କହିବ। ମୁଁ ଜୀବିତ ଥିବା
> ଯେପରି ସତ୍ୟ, ସେହିପରି ଏହା ଘଟିବ।"
>
> ଯିଶାଇୟ ୪୫:୨୩

[୧୨]ଅତଏବ ପ୍ରତ୍ୟେକ ଲୋକକୁ ପରମେଶ୍ୱରଙ୍କ ସାମନାରେ
ନିଜ ଜୀବନର ହିସାବ ଦେବାକୁ ହେବ।

**କୌଣସି ଲୋକର ପାପର କାରଣ ହୁଅ ନାହିଁ**

[୧୩]ତାହେଲେ ଆମ୍ଭେ ଏକାରେକକୁ ଦୋଷ ଦେବା ବନ୍ଦ

---

**"ବ୍ୟଭିଚାର ... ନାହିଁ"** ଯାତ୍ରାପୁସ୍ତକ ୨୦:୧୩-୧୫, ୧୭

**"ନିଜକୁ ... କର"** ଲେବୀୟ ପୁସ୍ତକ ୧୯:୧୮

କରିବା ଉଚିତ। ଆମ୍ଭେ ଏପରି ସଂକଳ୍ପ ନେବା ଦରକାର,
ଯେପରି ଆମ୍ଭର କାର୍ଯ୍ୟ ଦ୍ୱାରା ନିଜ ଭାଇ (ବା ଭଉଣୀ)
ପାପରେ ପଡ଼ିବେ ନାହିଁ। ୧୪ମୁଁ ପ୍ରଭୁ ଯୀଶୁଙ୍କଠାରେ
ରହିଥିବାରୁ, ମୁଁ ଜାଣେ ଯେ, ନିଶ୍ଚୟ କୌଣସି ଭୋଜନ
ଆପେଆପେ ଅଶୁଚି ହୁଏ ନାହିଁ। କିନ୍ତୁ ଯଦି ଜଣେ
କୌଣସି ଖାଦ୍ୟକୁ ଅଶୁଚି ବୋଲି ବିଶ୍ୱାସ କରେ, ସେହି
ଖାଦ୍ୟ ତା ପାଇଁ ଅଶୁଚି ହୁଏ। ୧୫ତାହାକୁ ସେ ଗ୍ରହଣ
କରିବା ଅନୁଚିତ। ତୁମ୍ଭ ଖାଦ୍ୟ ଦ୍ୱାରା ତୁମ୍ଭେ ଯଦି ତୁମ୍ଭର
ଭାଇର ବିଶ୍ୱାସକୁ ଆଘାତ ଦେଉଛ, ତାହେଲେ ତୁମ୍ଭେ
ପ୍ରକୃତରେ ପ୍ରେମ ଦ୍ୱାରା ପରିଚାଳିତ ବ୍ୟକ୍ତି ଭଳି ବ୍ୟବହାର
କରୁ ନାହଁ। ସେ ମନ୍ଦ ଭାବୁ ଥିବା କୌଣସି ଖାଦ୍ୟ ଗ୍ରହଣ
କରି ତୁମ୍ଭେ ତା'ର ବିଶ୍ୱାସକୁ ନଷ୍ଟ କର ନାହିଁ। ଖ୍ରୀଷ୍ଟ ସେ
ଲୋକ ଲାଗି ମଧ୍ୟ ପ୍ରାଣ ତ୍ୟାଗ କରିଥିଲେ। ୧୬ତୁମ୍ଭ ଦ୍ୱାରା
ଭଲ ବୋଲି ଗଣିତ କର୍ମର କୌଣସି ବିଷୟକୁ ଅନ୍ୟମାନେ
ମନ୍ଦ ବୋଲି ନ କୁହନ୍ତୁ। ୧୭ପ୍ରଭୁଙ୍କ ରାଜ୍ୟରେ ଖାଇବାପିଇବା
ଅଧିକ ଗୁରୁତ୍ୱ ନୁହେଁ। ସେଠାରେ ମହତ୍ତ୍ୱପୂର୍ଣ୍ଣ କଥା ହେଲା,
ପରମେଶ୍ୱରଙ୍କ ସହିତ ଧାର୍ମିକ ଜୀବନ କାଟିବା, ଶାନ୍ତି, ଓ
ପବିତ୍ର ଆତ୍ମାରେ ଆନନ୍ଦ କରିବା। ୧୮ଯେଉଁମାନେ ଖ୍ରୀଷ୍ଟଙ୍କ
ସେବାରେ ରହି ଏହିପ୍ରକାର ଜୀବନଯାପନ କରୁଛନ୍ତି, ସେମାନେ
ପରମେଶ୍ୱରଙ୍କୁ ପ୍ରସନ୍ନ କରନ୍ତି। ଲୋକେ ମଧ୍ୟ ସେହି
ଲୋକମାନଙ୍କୁ ଗ୍ରହଣ କରନ୍ତି ଓ ସମ୍ମାନ ଦିଅନ୍ତି।
୧୯ଅତଏବ ଆସ, ଆମ୍ଭେ ଶାନ୍ତି ଆଣୁଥିବା କାର୍ଯ୍ୟଗୁଡ଼ିକ
ପରିଶ୍ରମ ପୂର୍ବକ କରିବା। ପରସ୍ପରକୁ ସାହାଯ୍ୟ ପ୍ରଦାନ
କରୁଥିବା କାର୍ଯ୍ୟମାନ କରିବା। ୨୦ଖାଦ୍ୟ ଯେପରି ପରମେଶ୍ୱରଙ୍କ
କାମକୁ ନଷ୍ଟ ନକରେ। ସମସ୍ତ ପ୍ରକାରର ଖାଦ୍ୟ ଖାଇବା
ପାଇଁ ଯୋଗ୍ୟ। କିନ୍ତୁ ଏପରି ଖାଦ୍ୟ ଖାଇବା ଭୁଲ, ଯଦି
ତାହା ଅନ୍ୟ ଜଣକୁ ପାପରେ ପଡ଼ିଯିବାର କାରଣ ହୋଇଥାଏ।
୨୧ଯଦି ତୁମ୍ଭର ଭାଇ ବା ଭଉଣୀକୁ ତୁମ୍ଭର ଖାଇବା ଓ
ପିଇବା ଦ୍ୱାରା, ପାପକର୍ମ କରିବାକୁ ବାଧ୍ୟ କରେ, ତାହେଲେ
ତୁମ୍ଭେ ମାଂସ ନଖାଇବା ଓ ଅଙ୍ଗୁରରସ ନ ପିଇବା ଅଧିକ
ଭଲ। ଏପରି କୌଣସି କାମ କରିବା ଉଚିତ ନୁହେଁ ଯଦି
ତାହା ତୁମ୍ଭ ଭାଇ ବା ଭଉଣୀଙ୍କୁ ପାପ କରିବା ପାଇଁ
ସୁଯୋଗ ଦିଏ।

୨୨ନିଜର ଏହି ଭଳି ବିଶ୍ୱାସଗୁଡ଼ିକୁ ପରମେଶ୍ୱର ଓ ତୁମ୍ଭ
ନିଜ ଭିତରେ ଗୋପନୀୟ ଭାବେ ରଖ। ଯେଉଁଲୋକ
ନିଜେ ବିଶ୍ୱାସ କରୁଥିବା କର୍ମମାନ କଲାବେଳେ ନିଜକୁ
ଦୋଷୀ ବୋଲି ଭାବେ ନାହିଁ, ସେହି ଲୋକ ବାସ୍ତବରେ
ସୁଖୀ ଓ ଧନ୍ୟ। ୨୩କିନ୍ତୁ ଯଦି ଜଣେ, ସେ ଠିକ କାମ
କରୁଛି ବୋଲି ନିଶ୍ଚିତ ଭାବରେ ନଜାଣି ଭୋଜନ କରେ,
ତା'ହେଲେ ସେ ନିଜକୁ ଦୋଷୀ କରେ। କାରଣ ସେ
ବିଶ୍ୱାସରେ ଭୋଜନ କରେ ନାହିଁ। ଯଦି ଜଣେ ଠିକ
ନୁହେଁ ବୋଲି ଜାଣିପାରି ମଧ୍ୟ କୌଣସି କାମ କରେ,
ତାହେଲେ ସେ ପାପ କରୁଛି।

**୧୫** ଆମ୍ଭେ ଆମ୍ଭର ବିଶ୍ୱାସ ପାଇଁ ବଳବାନ୍ ଅଟୁ।
ଅତଏବ, ଦୁର୍ବଳ ଲୋକମାନଙ୍କୁ ଆମ୍ଭେ ସାହାଯ୍ୟ
କରିବା ଉଚିତ ଏବଂ ସେମାନଙ୍କର ଦୁର୍ବଳତାରୁ ସେମାନଙ୍କୁ
ଉଦ୍ଧାର କରିବା। ଆମ୍ଭେ କେବଳ ନିଜକୁ ଖୁସି ରଖିବା
ପାଇଁ ଚେଷ୍ଟା କରିବା ଉଚିତ ନୁହେଁ। ୨ଆମ୍ଭେ ଅନ୍ୟ
ଲୋକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟା କରିବା
ଉଚିତ। ସେମାନଙ୍କ ବିଶ୍ୱାସକୁ ବଳବାନ କରିବା ଓ
ବଢ଼ାଇବା ଦୃଷ୍ଟିରୁ ଆମ୍ଭେ ସେମାନଙ୍କ ପାଇଁ କଣ ଭଲ
ତାହା ଭାବିବା ଉଚିତ। ୩ଖ୍ରୀଷ୍ଟ ମଧ୍ୟ ନିଜକୁ ସନ୍ତୁଷ୍ଟ କରିବା
ପାଇଁ ଜୀବିତ ନଥିଲେ। ତାହାଙ୍କ ବିଷୟରେ ଶାସ୍ତ୍ର କୁହେ:
"ଯେଉଁମାନେ ତୁମ୍ଭର ଅପମାନ କରିଛନ୍ତି, ସେମାନେ ମୋର
ମଧ୍ୟ ଅପମାନ କରିଛନ୍ତି।"* ୪ଶାସ୍ତ୍ରରେ ଯେଉଁ କଥାମାନ
ଲେଖା ଅଛି, ସେଗୁଡ଼ିକ ଦ୍ୱାରା ଆମ୍ଭର ଧୈର୍ଯ୍ୟ ଓ ଶକ୍ତି
ବଢ଼େ ଓ ଆମ୍ଭେ ଭରସା ଲାଭ କରୁ। ୫ଧୈର୍ଯ୍ୟ ଓ ଶକ୍ତି
ପରମେଶ୍ୱରଙ୍କ ଠାରୁ ପ୍ରାପ୍ତ ହୁଏ। ମୁଁ ପରମେଶ୍ୱରଙ୍କଠାରେ
ପ୍ରାର୍ଥନା କରୁଛି ଯେ ତୁମ୍ଭେ ସମସ୍ତେ ଯୀଶୁଙ୍କ ମାର୍ଗରେ
ମିଳିମିଶି ରୁହ। ୬ତା'ହେଲେ ତୁମ୍ଭେ ସମସ୍ତେ ଏକତ୍ର
ଭାବରେ ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପିତା ପରମେଶ୍ୱରଙ୍କୁ
ମହିମା ପ୍ରଦାନ କରି ପାରିବ। ୭ଯୀଶୁ ଖ୍ରୀଷ୍ଟ ତୁମ୍ଭମାନଙ୍କୁ
ଗ୍ରହଣ କରିଛନ୍ତି, ଅତଏବ ତୁମ୍ଭେମାନେ ପରସ୍ପରକୁ ଗ୍ରହଣ
କର। ୮ଏହି କର୍ମ ପରମେଶ୍ୱରଙ୍କୁ ମହିମା ପ୍ରଦାନ କରିବ।
ମୁଁ ତୁମ୍ଭମାନଙ୍କୁ କହୁଛି ଯେ, ପରମେଶ୍ୱର ଯିହୂଦୀମାନଙ୍କର
ପୂର୍ବପୁରୁଷମାନଙ୍କୁ ଯାହା ପ୍ରତିଜ୍ଞା ସବୁ ପ୍ରଦାନ କରିଛନ୍ତି
ତାହା ସତ୍ୟ ବୋଲି ପ୍ରମାଣିତ କରିବା ପାଇଁ, ଖ୍ରୀଷ୍ଟ
ଯିହୂଦୀମାନଙ୍କର ସେବକ ହେଲେ। ୯ଅଣଯିହୂଦୀ ଲୋକେ,
ପରମେଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ କରୁଣା ପାଇଁ, ତାହାଙ୍କୁ
ମହିମା ପ୍ରଦାନ କରି ପାରିବେ ସେଥିପାଇଁ ମଧ୍ୟ ସେ ଏହା
କଲେ। ଶାସ୍ତ୍ର କୁହେ:

> "ସେଥିପାଇଁ ମୁଁ ଅଣଯିହୂଦୀ ଲୋକଙ୍କ ଭିତରେ
> ତୁମ୍ଭକୁ ଧନ୍ୟବାଦ ଜଣାଇବି, ଓ ତୁମ୍ଭ ନାମର
> ମହିମା ଗାନ କରିବି।"
>
> ଗୀତସଂହିତା ୧୮:୪୯

୧୦ଶାସ୍ତ୍ର ଏ ଭଳି ମଧ୍ୟ କୁହେ,

> "ତୁମ୍ଭେ ଅଣଯିହୂଦୀମାନେ, ପରମେଶ୍ୱରଙ୍କର ବଛା
> ହୋଇଥିବା ଲୋକଙ୍କ ସହିତ ପ୍ରସନ୍ନ ରହିବା ଉଚିତ।"
>
> ଦ୍ୱିତୀୟ ବିବରଣ ୩୨:୪୩

୧୧ଶାସ୍ତ୍ର ଏ ଭଳି ମଧ୍ୟ କୁହେ,

> "ତୁମ୍ଭେ ଅଣଯିହୂଦୀମାନେ ପ୍ରଭୁଙ୍କର ପ୍ରଶଂସା ଗାନ
> କର, ସମସ୍ତ ଲୋକେ ମଧ୍ୟ ପ୍ରଭୁଙ୍କର ପ୍ରଶଂସା
> କରିବା ଉଚିତ।"
>
> ଗୀତସଂହିତା ୧୧୭:୧

୧୨ଯିଶାଇୟ ମଧ୍ୟ କୁହନ୍ତି,

---

**"ଯେଉଁମାନେ ... କରିଛନ୍ତି"** ଗୀତସଂହିତା ୬୯:୯

"ଯିଶୟ*ଙ୍କ ବଂଶରୁ ଜଣେ ପ୍ରକାଶିତ ହେବ।
ସେହି ଲୋକ ଅଣଯିହୂଦୀ ମାନଙ୍କ ଉପରେ ଶାସନ
କରିବେ, ଓ ଅଣଯିହୂଦୀମାନେ ସେହି ଲୋକ ପାଇଁ
ଭରସା ଲାଭ କରିବେ।"

ଯିଶାଇୟ ୧୧:୧୦

[୧୩]ମୁଁ ସମସ୍ତ ଭରସା ସ୍ରୋତ ପରମେଶ୍ୱରଙ୍କ ଠାରେ
ପ୍ରାର୍ଥନା କରୁଛି ଯେ, ସେ ତୁମ୍ଭମାନଙ୍କ ବିଶ୍ୱାସ କାରଣରୁ
ତୁମ୍ଭ ଜୀବନରେ ସମ୍ପୂର୍ଣ୍ଣ ଆନନ୍ଦ ଓ ଶାନ୍ତି ଆଣି ଦିଅନ୍ତୁ।
ତାହେଲେ ତୁମ୍ଭେ ପ୍ରଚୁର ଭରସା ଲାଭ କରିବ ଓ ପବିତ୍ର
ଆତ୍ମାଙ୍କର ଶକ୍ତି ତୁମ୍ଭ ଜୀବନରେ ଝରିବ।

## ପାଉଲ ନିଜ କାର୍ଯ୍ୟ ବିଷୟରେ କହୁଛନ୍ତି

[୧୪]ମୋ ଭାଇ ଓ ଭଉଣୀମାନେ! ମୁଁ ଜାଣେ ଯେ
ତୁମ୍ଭେମାନେ ଭଲ ଗୁଣରେ ପରିପୂର୍ଣ୍ଣ। ତୁମ୍ଭମାନଙ୍କର ପ୍ରଚୁର
ଜ୍ଞାନ ଅଛି ଓ ତୁମ୍ଭେମାନେ ପରସ୍ପରକୁ ଶିକ୍ଷା ଦେଇ
ପାରିବ। [୧୫]କିନ୍ତୁ ପୁନର୍ବାର ମନେ ପକାଇବା ପାଇଁ ମୁଁ
ଖୋଲାଖୋଲି ଭାବେ କେତେକ ବିଷୟରେ ଲେଖିଥିଲି।
ପରମେଶ୍ୱରଙ୍କ ଠାରୁ ବିଶେଷ ଅନୁଗ୍ରହଦାନ ପାଇଥିବାରୁ, ମୁଁ
ଏପରି କଲି। [୧୬]ପରମେଶ୍ୱର ମୋତେ ଖ୍ରୀଷ୍ଟ ଯୀଶୁଙ୍କର
ଜଣେ ସେବକ ହୋଇ ଅଣଯିହୂଦୀମାନଙ୍କୁ ସାହାଯ୍ୟ କରିବା
ପାଇଁ ନିଯୁକ୍ତ କଲେ। ସେ ମୋତେ ସୁସମାଚାର ଶିକ୍ଷା
ଦେବାର ପବିତ୍ର କାର୍ଯ୍ୟ କରିବା ନିମନ୍ତେ ନିଯୁକ୍ତ କଲେ।
ଏପରି କରିବା ଉଦ୍ଦେଶ୍ୟ ହେଲା ଯେ, ଅଣଯିହୂଦୀମାନେ
ଉତ୍ସର୍ଗଦାନ ସ୍ୱରୂପ ହେବେ ଯାହା କି ପରମେଶ୍ୱର ଗ୍ରହଣ
କରିବେ। ଏହି ଦାନ (ଲୋକମାନେ) ପରମେଶ୍ୱରଙ୍କ ପାଇଁ
ପବିତ୍ର ଆତ୍ମା ଦ୍ୱାରା ପବିତ୍ର କରାଗଲେ।
[୧୭]ମୁଁ ଗର୍ବ କରେ ଯେ, ଖ୍ରୀଷ୍ଟ ଯୀଶୁଙ୍କଠାରେ ରହି ମୁଁ
ପରମେଶ୍ୱରଙ୍କ ସେବା କରିଛି। [୧୮]ମୁଁ ନିଜେ କରିଥିବା
କାର୍ଯ୍ୟ ବିଷୟରେ କିଛି କହିବି ନାହିଁ। ମୁଁ କେବଳ ସେହି
କଥା ଗୁଡ଼ିକ କହିବି, ଯାହା ଖ୍ରୀଷ୍ଟ ଯୀଶୁ ମୋ ଦ୍ୱାରା
କରିଛନ୍ତି ଯଦ୍ଦ୍ୱାରା ଅଣଯିହୂଦୀମାନେ ପରମେଶ୍ୱରଙ୍କ ବାଧ୍ୟ
ହେବେ। ସେମାନେ ମୋ କଥା ଓ କାର୍ଯ୍ୟ ପାଇଁ
ପରମେଶ୍ୱରଙ୍କୁ ମାନିଛନ୍ତି। [୧୯]ସେମାନେ ଆଶ୍ଚର୍ଯ୍ୟ କର୍ମ ଓ
ଅଦ୍ଭୁତ ଘଟଣା ମାଧ୍ୟମରେ ପବିତ୍ର ଆତ୍ମାଙ୍କର ଶକ୍ତିରେ
ପରମେଶ୍ୱରଙ୍କୁ ମାନିଛନ୍ତି। ମୁଁ ଯିରୂଶାଲମଠାରୁ ଇଲ୍ଲୁରିକ
ପରିପଟ ଅଞ୍ଚଳରେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କଲି ଓ
ମୋର ସେହି କାର୍ଯ୍ୟସମାପ୍ତ କଲି। [୨୦]ମୁଁ ସେହି ଜାଗା
ମାନଙ୍କରେ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର ପ୍ରଚାର କରିବାକୁ
ଇଚ୍ଛା କରେ, ଯେଉଁଠାରେ ଖ୍ରୀଷ୍ଟଙ୍କର ନାମ ମଧ୍ୟ ଲୋକମାନେ
ଶୁଣି ନାହାଁନ୍ତି। ଏପରି କରିବା ଉଦ୍ଦେଶ୍ୟ ଯେ, ଅନ୍ୟ
ଲୋକଦ୍ୱାରା ଆରମ୍ଭ କରା ଯାଇଥିବା ମୂଳଦୁଆ ଉପରେ
କାର୍ଯ୍ୟକୁ ଯେପରି ମୁଁ ଆଉଥରେ ନ କରେ। [୨୧]କିନ୍ତୁ
ଶାସ୍ତ୍ରରେ ଏହି ପରି ଲେଖା ହୋଇଛି:

"ଯେଉଁ ଲୋକମାନଙ୍କୁ ତାହଙ୍କ (ଖ୍ରୀଷ୍ଟ) ବିଷୟରେ
କୁହାଯାଇ ନାହିଁ, ସେମାନେ ତାହାଙ୍କୁ ଦେଖିବେ। ଓ
ଯେଉଁମାନେ ତାହାଙ୍କ ବିଷୟରେ ଶୁଣି ନାହାଁନ୍ତି,
ସେମାନେ ବୁଝିବେ।"

ଯଶାଇୟ ୫୨:୧୫

## ପାଉଲଙ୍କର ରୋମ ଯିବା ଯୋଜନା

[୨୨]ସେଥିପାଇଁ ଅନେକ ଥର ମୋତେ ତୁମ୍ଭମାନଙ୍କ
ପାଖକୁ ଆସିବା ପାଇଁ ଅଟକାଇ ଦିଆ ଯାଇଛି।
[୨୩]ଏବେ ଏହି ଅଂଚଳରେ ମୁଁ ମୋର କାର୍ଯ୍ୟ ସମାପ୍ତ
କରି ସାରିଛି। ବିଗତ ଅନେକ ବର୍ଷଧରି ମୁଁ ତୁମ୍ଭମାନଙ୍କ
ପାଖକୁ ଆସିବା ପାଇଁ ଇଚ୍ଛା କରୁଥିଲି। [୨୪]ଅତଏବ ମୁଁ
ଯେତେବେଳେ ସ୍ପେନକୁ ଯିବି, ସେତେବେଳେ ତୁମ୍ଭମାନଙ୍କୁ
ଦେଖା କରିବି। ଆଶା କରେ ଯେ ସ୍ପେନକୁ ଯିବା ବାଟରେ
ମୁଁ ତୁମ୍ଭମାନଙ୍କୁ ଦେଖା କରିବି, ସେଠାରେ ରହିବି ଓ
ଆନନ୍ଦ ଉପଭୋଗ କରିବି। ତୁମ୍ଭେମାନେ ମୋତେ ମୋର
ଯାତ୍ରାରେ ମଧ୍ୟ ସାହାଯ୍ୟ କରି ପାରିବ। [୨୫]ପରମେଶ୍ୱରଙ୍କ
ଲୋକଙ୍କ ସେବାରେ ଏବେ ମୁଁ ଯିରୁଶାଲମ ଯାଉଛି।
[୨୬]ଯିରୁଶାଲମଠାରେ ଥିବା ପରମେଶ୍ୱରଙ୍କର ଲୋକମାନେ
ଗରିବ ଅଟନ୍ତି, ଏବଂ ମାକିଦନିଆ ଓ ଆଖାୟାର ବିଶ୍ୱାସୀ
ଲୋକେ ଅର୍ଥସଂଗ୍ରହ କରିବା ପାଇଁ ସ୍ଥିର କରିଛନ୍ତି। ତେଣୁ
ସେମାନେ ସେମାନଙ୍କର ସହାୟ ହୋଇପାରିବେ। [୨୭]ସେମାନେ
ଖୁସିରେ ଏହା କରିଛନ୍ତି। ଏହା ସେମାନଙ୍କର କର୍ତ୍ତବ୍ୟ ମଧ୍ୟ
ଅଟେ। କାରଣ ଯିହୂଦୀମାନଙ୍କର ଆତ୍ମିକ ଆଶୀର୍ବାଦର ଅଂଶ
ଅଣଇହୁଦୀମାନେ ପାଇଛନ୍ତି। ଅତଏବ ଯିହୂଦୀମାନଙ୍କର ଉନ୍ନତି
ପାଇଁ ଅଣଯିହୂଦୀମାନେ ସେମାନଙ୍କର ଜାଗତିକ ଆଶୀର୍ବାଦକୁ
ବ୍ୟବହାର କରିବା ଉଚିତ। [୨୮]ଅତଏବ, ମୁଁ ଏହି ସେବାମୂଳକ
କର୍ମ ଏକାଠି ଶେଷ କରିସାରିବା ପରେ ଏବଂ ଏହି ଧନକୁ
ସୁରକ୍ଷିତ ଭାବରେ ଯିରୁଶାଲମର ଗରିବମାନଙ୍କୁ ଦେଲା
ପରେ ତୁମ୍ଭମାନଙ୍କ ନଗର ବାଟ ଦେଇ ସ୍ପେନ ଯିବି। ଗଲା
ବାଟରେ ମୁଁ ତୁମ୍ଭମାନଙ୍କୁ ଦେଖା କରିବି ଓ ସେଠାରେ
ରହିବି। [୨୯]ମୁଁ ଜାଣେ ଯେ, ଯେତେବେଳେ ମୁଁ ତୁମ୍ଭମାନଙ୍କ
ପାଖକୁ ଆସିବି, ସେତେବେଳେ ଖ୍ରୀଷ୍ଟଙ୍କର ସମ୍ପୂର୍ଣ୍ଣ ଆଶୀର୍ବାଦ
ନେଇ ଆସିବି।
[୩୦]ଭାଇ ଓ ଭଉଣୀମାନେ! ମୁଁ ତୁମ୍ଭମାନଙ୍କୁ ପ୍ରଭୁ ଯୀଶୁ
ଖ୍ରୀଷ୍ଟଙ୍କ ମାଧ୍ୟମରେ ଅନୁରୋଧ କରେ ଯେ, ତୁମ୍ଭେମାନେ
ପରମେଶ୍ୱରଙ୍କଠାରେ ମୋ ପାଇଁ ପ୍ରାର୍ଥନା କରିବା ଦ୍ୱାରା
ମୋତେ ସାହାଯ୍ୟ କର। ତୁମ୍ଭେମାନେ ପ୍ରଭୁ ଯୀଶୁ ଓ
ଆତ୍ମାର ପ୍ରେମ ଲାଭ କରୁଥିବା ଦୃଷ୍ଟିରୁ ଏପରି କର।
[୩୧]ପ୍ରାର୍ଥନା କର ଯେ, ମୁଁ ଯିହୁଦା ଠାରେ ଅବିଶ୍ୱାସୀଲୋକମାନଙ୍କ
କବଳରୁ ରକ୍ଷା ପାଇବି। ଏବଂ ଏଥିପାଇଁ ମଧ୍ୟ ପ୍ରାର୍ଥନା
କର ଯେ, ଯିରୂଶାଲମଠାରେ ଯାହା ସାହାଯ୍ୟ ପହଞ୍ଚିବ
ସେଥିରେ ପରମେଶ୍ୱରଙ୍କ ଲୋକେ ପ୍ରସନ୍ନ ହେବେ। [୩୨]ତା'ପରେ
ଯଦି ପରମେଶ୍ୱର ଇଚ୍ଛା କରନ୍ତି ତା'ହେଲେ ମୁଁ ତୁମ୍ଭମାନଙ୍କ
ପାଖକୁ ଆନନ୍ଦର ସହ ଆସିବି ଓ ବିଶ୍ରାମ ନେବି।
[୩୩]ଶାନ୍ତିଦାତା ପରମେଶ୍ୱର ତୁମ୍ଭ ସମସ୍ତଙ୍କ ସହିତ ଥାଆନ୍ତୁ।
ଆମେନ୍।

---

**ଯିଶୟ** ଦାଉଦଙ୍କ ବାପା। ଯୀଶୁ ତାଙ୍କ ବଂଶରେ ଜାତ

## ପାଉଲଙ୍କ କେତେକ ଅନ୍ତିମ କଥା

**୧୬** ମୁଁ, ତୁମ୍ଭକୁ କେଙ୍କ୍ରେୟା ନଗରୀର ମଣ୍ଡଳୀର
ବିଶେଷ ସେବିକା, ଆମ୍ଭର ଧର୍ମ ଭଉଣୀ ଫୈବୀଙ୍କୁ
ସୁପାରିଶ କରୁଛି। [୨]ମୁଁ ତୁମ୍ଭକୁ କହୁଛି ତାହାଙ୍କୁ ପରମେଶ୍ୱରଙ୍କ
ଲୋକମାନଙ୍କ ପରି ପ୍ରଭୁଙ୍କଠାରେ ଗ୍ରହଣ କର। ତୁମ୍ଭଠାରୁ
ତାହାଙ୍କର ଯାହା ଦରକାର, ସେଗୁଡ଼ିକ ଦ୍ୱାରା ତାହାଙ୍କୁ
ସାହାଯ୍ୟ କର। ସେ ମୋତେ ଓ ଅନ୍ୟ ଅନେକ ଲୋକଙ୍କୁ
ବହୁତ ସାହାଯ୍ୟ କରିଛନ୍ତି।
[୩]ପ୍ରିସ୍କା ଓ ଅକ୍ୱିଲାଙ୍କୁ ମୋର ନମସ୍କାର। ସେମାନେ
ଖ୍ରୀଷ୍ଟ ଯୀଶୁଙ୍କ କାମରେ ମୋର ସହକର୍ମୀ ଅଟନ୍ତି। [୪]ସେମାନେ
ମୋର ଜୀବନ ରକ୍ଷା ଲାଗି ନିଜ ଜୀବନକୁ ବିପଦରେ
ପକାଇ ଥିଲେ। ମୁଁ ସେମାନଙ୍କ ପ୍ରତି କୃତଜ୍ଞ। କେବଳ ମୁଁ
ନୁହେଁ ସମସ୍ତ ଅଣଯିହୂଦୀୟ ମଣ୍ଡଳୀର ଲୋକମାନେ ମଧ୍ୟ
ସେମାନଙ୍କ ପ୍ରତି କୃତଜ୍ଞ। [୫]ତାଙ୍କ ଘରେ ହେଉଥିବା
ମଣ୍ଡଳୀକୁ ମଧ୍ୟ ନମସ୍କାର।
ମୋର ପ୍ରିୟ ବନ୍ଧୁ ଏପାଇନେତଙ୍କୁ ନମସ୍କାର। ସେ
ସମଗ୍ର ଏସିଆ* ରେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାରେ ପ୍ରଥମ
ଲୋକ। [୬]ମରିୟମଙ୍କୁ ନମସ୍କାର। ସେ ତୁମ୍ଭମାନଙ୍କ ପାଇଁ
ବହୁତ କାମ କରିଛନ୍ତି। [୭]ଆନ୍ଦ୍ରନିକ ଓ ଯୂନିୟାଙ୍କୁ ନମସ୍କାର।
ସେମାନେ ମୋର ଜ୍ଞାତି, ଓ ସେମାନେ ମୋ ସହିତ ବନ୍ଦୀ
ହୋଇ କାରାଗାରରେ ଥିଲେ। ସେମାନେ ପରମେଶ୍ୱରଙ୍କର
ଅତି ପ୍ରସିଦ୍ଧ କାର୍ଯ୍ୟକର୍ତ୍ତା* ଓ ମୋଠାରୁ ପୂର୍ବରୁ ଯୀଶୁ
ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସୀ ଥିଲେ। [୮]ପ୍ରଭୁଙ୍କଠାରେ ସ୍ଥିତ
ମୋର ପ୍ରିୟ ମିତ୍ର ଆମ୍ପ୍ଲିୟାତଙ୍କୁ ନମସ୍କାର। [୯]ଖ୍ରୀଷ୍ଟଙ୍କ ସେବା
ବିଷୟରେ ଆମ୍ଭର ସହକର୍ମୀ ଉର୍ବାଣ ଓ ମୋର ପ୍ରିୟତମ
ମିତ୍ର ସ୍ତାଖୁଙ୍କୁ ମୋର ନମସ୍କାର। [୧୦]ଆପୋଲ୍ଲିଙ୍କୁ ମୋର
ନମସ୍କାର, ଯିଏ ଖ୍ରୀଷ୍ଟଙ୍କ ସେବାରେ ପରୀକ୍ଷିତ ଓ ପ୍ରମାଣିତ।
ଆରିସ୍ତବୁଲଙ୍କ ପରିବାରଜନଙ୍କୁ ମୋର ନମସ୍କାର। [୧୧]ମୋର
ଜ୍ଞାତି ହେରୋଦିୟୋନଙ୍କୁ ମୋର ନମସ୍କାର। ନାର୍କିସଙ୍କ
ପରିଜନ ମାନଙ୍କୁ ନମସ୍କାର ଯେଉଁମାନେ ପ୍ରଭୁଙ୍କର ଅଟନ୍ତି।
[୧୨]ପ୍ରଭୁଙ୍କର ପରିଶ୍ରମୀ କାର୍ଯ୍ୟକର୍ତ୍ତା ତ୍ରୁଫେଣା ଓ ତ୍ରୁଫୋସାଙ୍କୁ
ନମସ୍କାର। ମୋର ପ୍ରିୟ ପ୍ରଭୁଙ୍କ ସେବାରେ ପରିଶ୍ରମକାରିଣୀ
ପର୍ଶିଙ୍କୁ ନମସ୍କାର। [୧୩]ପ୍ରଭୁଙ୍କର ବିଶିଷ୍ଟ ସେବକ ରୂପେ ଓ
ତାହାଙ୍କର ମାଙ୍କୁ ଯେ ମୋର ମାତା ଭଳି ତାହାଙ୍କୁ ମୋର
ନମସ୍କାର। [୧୪]ଅସୁଙ୍କ୍ରିତ, ଫ୍ଲେଗୋନ, ହର୍ମୀସ୍, ପାତ୍ରବା ଓ
ହର୍ମାସ୍, ଏବଂ ସେମାନଙ୍କ ଭାଇମାନଙ୍କୁ ଯେଉଁମାନେ ସେମାନଙ୍କ
ସହ ଅଛନ୍ତି ନମସ୍କାର। [୧୫]ଫିଲଲଗ, ଯୁଲିୟା, ନୀରୂସ୍ ଓ
ତାହାଙ୍କ ଭଉଣୀ, ଅଲୁମ୍ପା ଓ ସେମାନଙ୍କର ସହିତ ଥିବା
ସମସ୍ତ ସାଧୁ-ସନ୍ଥମାନଙ୍କୁ ନମସ୍କାର। [୧୬]ତୁମ୍ଭେମାନେ ସମସ୍ତେ
ପବିତ୍ର ଚୁମ୍ବନ ଦେଇ ଏକାରେକକୁ ଅଭିବାଦନ ଜଣାଅ।
ଖ୍ରୀଷ୍ଟଙ୍କର ସମସ୍ତ ମଣ୍ଡଳୀ ବା ବିଶ୍ୱାସୀ ସମୂହ ତୁମ୍ଭମାନଙ୍କୁ
ଅଭିବାଦନ ଜଣାଉଛନ୍ତି।

[୧୭]ଭାଇ ଓ ଭଉଣୀମାନେ! ମୁଁ ତୁମ୍ଭମାନଙ୍କୁ କହିବାକୁ
ଇଚ୍ଛା କରେ ଯେ, ଯେଉଁ ଲୋକମାନେ ତୁମ୍ଭ ଭିତରେ
ଦଳଭେଦ ଓ ବିଘ୍ନ ଆଣିବା ପାଇଁ ଚେଷ୍ଟା କରୁଛନ୍ତି,
ସେମାନଙ୍କ ଠାରୁ ସତର୍କ ରୁହ। ଲୋକମାନଙ୍କର ବିଶ୍ୱାସକୁ
ଭାଙ୍ଗିବା ପାଇଁ ଚେଷ୍ଟା କରୁଥିବା ଲୋକମାନଙ୍କ ଠାରୁ ସତର୍କ
ରୁହ। ଏଭଳି ଲୋକେ ତୁମ୍ଭେ ଗ୍ରହଣ କରିଥିବା ପ୍ରକୃତ
ଶିକ୍ଷା ବିରୁଦ୍ଧରେ ଥାଆନ୍ତି। [୧୮]ଏହି ଲୋକମାନଙ୍କଠାରୁ
ଦୂରରେ ରୁହ। ଏଭଳି ଲୋକେ ଆମ୍ଭ ପ୍ରଭୁ ଯୀଶୁ
ଖ୍ରୀଷ୍ଟଙ୍କର ସେବା ନକରି କେବଳ ନିଜ ସୁଖରେ ମାତି
ଥାନ୍ତି। ସେମାନେ ଆକର୍ଷଣୀୟ ଓ ସୁନ୍ଦର କଥା କହି
ଲୋକମାନଙ୍କୁ ବୋକା କରନ୍ତି ଓ ଯେଉଁମାନେ ମନ୍ଦ
ବିଷୟରେ ଜାଣି ନାହାଁନ୍ତି, ସେମାନଙ୍କୁ ଭୁଲାନ୍ତି। [୧୯]ତୁମ୍ଭେମାନେ
ବାଧ୍ୟହୁଅ; ସମସ୍ତେ ଏହା ଶୁଣିଛନ୍ତି। ମୁଁ ତୁମ୍ଭମାନଙ୍କ ପାଇଁ
ବହୁତ ଖୁସି। କିନ୍ତୁ ମୁଁ ଇଚ୍ଛା କରେ ଯେ ତୁମ୍ଭେମାନେ
ଭଲ ପାଇଁ ବୁଦ୍ଧିମାନ ହୋଇ ରୁହ ଓ ମନ୍ଦ ବିଷୟ
ଜାଣିବା ପାଇଁ ଚେଷ୍ଟା କର ନାହିଁ।
[୨୦]ଶାନ୍ତିର ସ୍ରୋତ ପରମେଶ୍ୱର ଶୀଘ୍ର ଶୟତାନକୁ
ହରାଇବେ ଓ ତା' ଉପରେ ତୁମ୍ଭମାନଙ୍କୁ ଶକ୍ତି ପ୍ରଦାନ
କରିବେ।
ଆମ୍ଭର ପ୍ରଭୁ ଯୀଶୁଙ୍କର ଅନୁଗ୍ରହ ତୁମ୍ଭମାନଙ୍କ ସହିତ
ରହୁ। [୨୧]ମୋର ସହକାରୀ ତୀମଥି ଓ ମୋର ସ୍ୱଜାତୀୟ
ଯିହୂଦୀମାନେ ଲୂକିୟ, ଯାସୋନ୍ ଓ ସୋସିପାତ୍ର ତୁମ୍ଭମାନଙ୍କୁ
ନମସ୍କାର ଜଣାଉଛନ୍ତି।
[୨୨]ଏହି ପତ୍ରର ଲେଖକ ମୁଁ ତର୍ତ୍ତିୟ* ଅଟେ। ମୁଁ ମଧ୍ୟ
ତୁମ୍ଭମାନଙ୍କୁ ପ୍ରଭୁଙ୍କ ନାମରେ ନମସ୍କାର କରୁଅଛି।
[୨୩]ମୋତେ ଓ ସମଗ୍ର ମଣ୍ଡଳୀକୁ ଆତିଥ୍ୟ ପ୍ରଦାନ
କରିଥିବା ଗାୟ ତୁମ୍ଭମାନଙ୍କୁ ପ୍ରଣାମ ଜଣାଉଛନ୍ତି। ଏରାଷ୍ଟନାମକ,
ଏହି ନଗରର କୋଷାଧ୍ୟକ୍ଷ ଓ କ୍ୱାର୍ତ୍ତ ନାମକ ଜଣେ ଭାଇ
ତୁମ୍ଭମାନଙ୍କୁ ନମସ୍କାର ଜଣାଉଛନ୍ତି। [୨୪]*
[୨୫]ପରମେଶ୍ୱର ହିଁ ତୁମ୍ଭକୁ ଦୃଢ଼ କରି ପାରନ୍ତି। ମୁଁ
ତୁମ୍ଭମାନଙ୍କୁ ଦୃଢ଼ ହେବା ପାଇଁ ଯେଉଁ ସୁସମାଚାର ପ୍ରଚାର
କରୁଛି ସେହି ସତ୍ୟ ସୃଷ୍ଟି ଆରମ୍ଭରୁ ଗୁପ୍ତ ଭାବରେ ଥିଲା।
[୨୬]ପରମେଶ୍ୱର ତାହାକୁ ପ୍ରକାଶିତ କରିବା ପାଇଁ ଆଦେଶ
ଦେଇଛନ୍ତି। ଏହି ଗୁପ୍ତ ସତ୍ୟ ଏବେ ଆମ୍ଭକୁ ଓ ସମସ୍ତଙ୍କୁ
ଜ୍ଞାତ କରାଯାଇଛି। ଭବିଷ୍ୟଦ୍‌ବକ୍ତାମାନଙ୍କର ଲେଖା ଦ୍ୱାରା
ତାହା ପ୍ରକାଶିତ ହେଲା। ଏହା ଦ୍ୱାରା ସମସ୍ତ ଲୋକମାନଙ୍କର
ପରମେଶ୍ୱରଙ୍କ ପାଇଁ ବିଶ୍ୱାସ ଓ ଆଜ୍ଞାକାରିତା ବଢ଼ି
ପାରିବ। [୨୭]ଯୀଶୁ ଖ୍ରୀଷ୍ଟଙ୍କ ଜରିଆରେ ଏକମାତ୍ର ଜ୍ଞାନବାନ
ପରମେଶ୍ୱରଙ୍କର ମହିମା ଅନନ୍ତ କାଳ ପାଇଁ ବ୍ୟାପ୍ତ ରହୁ।
ଆମେନ୍।

---

**ଏସିଆ** ଏସିଆ ମାଇନର ର ପଶ୍ଚିମ ଅଂଚଳ

**କାର୍ଯ୍ୟକର୍ତ୍ତା** ପ୍ରେରିତମାନଙ୍କ ମଧ୍ୟରେ ମୁଖ୍ୟ। ଆନ୍ଦ୍ରନିକ ଓ ଯୂନିୟା ବୋଧ ହୁଏ ସ୍ୱାମୀ ଓ ସ୍ତ୍ରୀ ଥିଲେ ଓ ପ୍ରଚାର କାର୍ଯ୍ୟରେ ଏକତ୍ର ଯାଉଥିଲେ।

**ତର୍ତ୍ତିୟ** ପାଉଲଙ୍କର ସେକ୍ରେଟାରୀ ଥିଲେ, ଯେ ଏହି ଚିଠି ପାଉଲଙ୍କ ବର୍ଣ୍ଣନା ଅନୁଯାୟୀ ଲେଖିଥିଲେ।

**ପଦସଂଖ୍ୟା ୨୪** କେତେକ ପ୍ରତୀରେ ଏହିଠାରେ ସମାପ୍ତ ହୁଏ। "ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଅନୁଗ୍ରହ ତୁମ୍ଭମାନଙ୍କ ସହିତ ରହୁ, ଆମେନ୍."

# କରିନ୍ଥୀୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କ ପ୍ରଥମ ପତ୍ର

**୧** ପାଉଲ ଏହି ପତ୍ର ଲେଖିଛନ୍ତି। ମୁଁ ଖ୍ରୀଷ୍ଟଯୀଶୁଙ୍କର
ଜଣେ ପ୍ରେରିତ ରୂପେ ଆହୂତ ହେଲି। ଏହା
ପରମେଶ୍ୱରଙ୍କ ଇଚ୍ଛାରେ ସାଧିତ ହେଲା। ଆମ୍ଭର ଜଣେ
ଭାଇ ସୋସ୍ଥିନି ମଧ୍ୟ ନମସ୍କାର ଜଣାନ୍ତି।
୨କରିନ୍ଥିଠାରେ ଥିବା ପରମେଶ୍ୱରଙ୍କ ମଣ୍ଡଳୀ, ପୁଣି
ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କଠାରେ ପବିତ୍ର କରାଯାଇଛନ୍ତି
ସେମାନଙ୍କ ନିକଟକୁ ଏହି ପତ୍ର ଲେଖା ଯାଉଅଛି।
ତୁମ୍ଭେମାନେ ଈଶ୍ୱରଙ୍କ ପବିତ୍ର ଲୋକ ହେବା ନିମନ୍ତେ
ଆହୂତ ହୋଇଅଛ। ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ
ସର୍ବତ୍ର ଯେଉଁମାନେ ବିଶ୍ୱାସ କରନ୍ତି ଏପରି ସବୁ ଖ୍ରୀଷ୍ଟବିଶ୍ୱାସୀଙ୍କ
ସହିତ ତୁମ୍ଭେମାନେ ଆହୂତ ହୋଇଅଛ।
୩ଆମ୍ଭର ପିତା ପରମେଶ୍ୱର ଓ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ
ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ଉପରେ ବର୍ତ୍ତୁ। ପାଉଲ
ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ।

### ପାଉଲ ପରମେଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତି

୪ଖ୍ରୀଷ୍ଟ ଯୀଶୁଙ୍କ ମାଧ୍ୟମରେ ପରମେଶ୍ୱର ତୁମ୍ଭମାନଙ୍କୁ
ଯେଉଁ ଅନୁଗ୍ରହ ପ୍ରଦାନ କରିଛନ୍ତି, ସେଥିପାଇଁ ମୁଁ ତୁମ୍ଭମାନଙ୍କ
ସକାଶେ ସର୍ବଦା ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଉଛି।
୫ଖ୍ରୀଷ୍ଟ ଯୀଶୁଙ୍କଠାରେ ତୁମ୍ଭେମାନେ ସମସ୍ତ ବିଷୟରେ ଆଶୀର୍ବାଦ
ପାଇଅଛ। ତୁମ୍ଭେମାନେ ସମସ୍ତ କଥା ଓ ସମସ୍ତ ଜ୍ଞାନରେ
ଖ୍ରୀଷ୍ଟ ଯୀଶୁଙ୍କ ଆଶୀର୍ବାଦରେ ପୂର୍ଣ୍ଣତା ଲାଭ କରିଛ।
୬ଖ୍ରୀଷ୍ଟଙ୍କ ବିଷୟକ ସତ୍ୟ ତୁମ୍ଭଠାରେ ପ୍ରମାଣିତ ହୋଇଛି।
୭ଅତଏବ ଯେତେବେଳେ ତୁମ୍ଭେମାନେ ଆମ୍ଭ ପ୍ରଭୁ ଯୀଶୁ
ଖ୍ରୀଷ୍ଟଙ୍କର ଆସିବା ପାଇଁ ଅପେକ୍ଷା କରୁଛ ସେତେବେଳେ
ତୁମ୍ଭେମାନେ ତାହାଙ୍କଠାରୁ ସମସ୍ତ ଆତ୍ମିକ ଦାନ ପାଉଛ।
୮ସେ ଶେଷ ପର୍ଯ୍ୟନ୍ତ ତୁମ୍ଭମାନଙ୍କୁ ଦୃଢ଼ କରି ରଖିବେ,
ଏବଂ ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆସିବା ଦିନ ତୁମ୍ଭେମାନେ
ନିର୍ଦ୍ଦୋଷ ଦେଖାଯିବ। ୯ପରମେଶ୍ୱର ବିଶ୍ୱସ୍ତ ଅଟନ୍ତି। ତାହାଙ୍କ
ପୁତ୍ର ଆମ୍ଭର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଜୀବନରେ
ସହଭାଗୀ ହେବାପାଇଁ ସେ ତୁମ୍ଭମାନଙ୍କୁ ବାଛିଛନ୍ତି।

### କରିନ୍ଥୀ ମଣ୍ଡଳୀରେ ସମସ୍ୟା

୧୦ହେ ଭାଇ (ଓ ଭଉଣୀ) ମାନେ, ଆମ୍ଭମାନଙ୍କ ପ୍ରଭୁ
ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମୁଁ ନିବେଦନ କରେ ଯେ,
ତୁମ୍ଭେମାନେ ପରସ୍ପର ସହିତ ଏକମତ ହୁଅ। ଏହା ଦ୍ୱାରା
ତୁମ୍ଭମାନଙ୍କ ଭିତରେ କୌଣସି ବିଭାଜନ ହେବ ନାହିଁ।
ତୁମ୍ଭମାନଙ୍କର ଚିନ୍ତାଧାରା ଓ ଲକ୍ଷ୍ୟ ସମାନ ହେବା ଦ୍ୱାରା
ତୁମ୍ଭେମାନେ ସମ୍ପୂର୍ଣ୍ଣ ସଂଯୁକ୍ତ ହୁଅ। ୧୧ହେ ଭାଇ (ଓ
ଭଉଣୀ) ମାନେ ଖ୍ଲୋୟିଙ୍କ ପରିବାରର କେତେକ ଲୋକ
ତୁମ୍ଭମାନଙ୍କ ବିଷୟରେ ମୋତେ କହିଛନ୍ତି ଯେ, ତୁମ୍ଭମାନଙ୍କ
ଭିତରେ ପରସ୍ପର ବାଦବିବାଦ ଅଛି। ୧୨ମୁଁ ଏହା କହିବା
ଅର୍ଥ: ତୁମ୍ଭମାନଙ୍କ ଭିତରୁ ଜଣେ କୁହେ, "ମୁଁ ପାଉଲଙ୍କର
ଅନୁଗାମୀ," ଆଉଜଣେ କୁହେ "ମୁଁ ଆପଲ୍ଲଙ୍କର ଅନୁଗାମୀ,"
ଅନ୍ୟ ଜଣେ କୁହେ, "ମୁଁ କେଫାଙ୍କର ଅନୁଗାମୀ," ଓ
ଅନ୍ୟଜଣେ କୁହେ: "ମୁଁ ଖ୍ରୀଷ୍ଟଙ୍କର ଅନୁଗାମୀ।" ୧୩ଖ୍ରୀଷ୍ଟଙ୍କୁ
ଭାଗଭାଗ କରାଯାଇ ନ ପାରେ। ପାଉଲ କ'ଣ ତୁମ୍ଭମାନଙ୍କ
ପାଇଁ କ୍ରୁଶ ଉପରେ ପ୍ରାଣ ତ୍ୟାଗ କରିଥିଲେ କି? ନା!
ତୁମ୍ଭେମାନେ କ'ଣ ପାଉଲଙ୍କ ନାମରେ ଡୁବନ ହୋଇଛ?
ନା। ୧୪ମୁଁ କ୍ରୀଷ୍ପ ଓ ଗାୟସ୍‌ଙ୍କ ଛଡ଼ା ତୁମ୍ଭମାନଙ୍କ ମଧ୍ୟରୁ
ଆଉ କାହାରିକୁ ଡୁବନ ନ ଦେଇ ଥିବାରୁ ପରମେଶ୍ୱରଙ୍କୁ
ଧନ୍ୟବାଦ ଦିଏ। ୧୫ଏଥିଲାଗି ଧନ୍ୟବାଦ ଦେଉଛି ଯେ,
କେହି ହେଲେ ମୋ ନାମରେ ତୁମ୍ଭେମାନେ ଡୁବନ
ପାଇଅଛ ବୋଲି କହି ପାରିବ ନାହିଁ। ୧୬(ମୁଁ ସ୍ତିଫାନଙ୍କ
ପରିବାରକୁ ମଧ୍ୟ ବାପ୍ତିଜିତ କରିଛି, କିନ୍ତୁ ଆଉ କେଉଁମାନଙ୍କୁ
ବାପ୍ତିଜିତ କରିଛି, ତାହା ମନେ ପଡୁ ନାହିଁ)। ୧୭ଖ୍ରୀଷ୍ଟ
ମୋତେ ଲୋକମାନଙ୍କୁ ଡୁବନ କରିବା ଦାୟିତ୍ୱ ଦେଇ ନ
ଥିଲେ। ସେ ମୋତେ ସୁସମାଚାର ପ୍ରଚାର କରିବା ଦାୟିତ୍ୱ
ଦେଇ ଥିଲେ। କୌଣସି ପ୍ରକାର ଜାଗତିକ ଜ୍ଞାନର
ପୂର୍ଣ୍ଣତାରେ ପ୍ରଭୁଙ୍କ ବାକ୍ୟ ପ୍ରଚାର କରିବାକୁ ଖ୍ରୀଷ୍ଟ ମୋତେ
ପଠାଇ ନ ଥିଲେ; ନଚେତ୍ ଯୀଶୁ ଖ୍ରୀଷ୍ଟଙ୍କ କ୍ରୁଶରେ ଥିବା
ମହାଶକ୍ତି ବ୍ୟର୍ଥ ହୋଇଯିବ।

### ଖ୍ରୀଷ୍ଟଙ୍କଠାରେ ଥିବା ପରମେଶ୍ୱରଙ୍କ ଶକ୍ତି ଓ ଜ୍ଞାନ

୧୮ଯେଉଁମାନେ ନଷ୍ଟ ହୋଇ ଯାଇଛନ୍ତି, ସେମାନଙ୍କ ଲାଗି
କ୍ରୁଶର ବାର୍ତ୍ତା ସମ୍ପୂର୍ଣ୍ଣ ମୂର୍ଖତା ଅଟେ। କିନ୍ତୁ ଆମ୍ଭେ
ଯେଉଁମାନେ ଉଦ୍ଧାର ପାଇଛୁ, ଆମ୍ଭପ୍ରତି ଏହା ପରମେଶ୍ୱରଙ୍କ
ଶକ୍ତି ସ୍ୱରୂପ। ୧୯ଶାସ୍ତ୍ରରେ ଲେଖା ଅଛି:

> "ମୁଁ ଜ୍ଞାନୀମାନଙ୍କର ଜ୍ଞାନକୁ ନଷ୍ଟ କରିଦେବ।
> ବୁଦ୍ଧିମାନ ଲୋକମାନଙ୍କର ବୁଦ୍ଧିକୁ ମୂଲ୍ୟହୀନ କରିବ।"
> ଯିଶାଇୟ ୨୯:୧୪

୨୦ଜ୍ଞାନୀ ଲୋକ କେଉଁଠାରେ ଅଛନ୍ତି? ବିଦ୍ୱାନ ଲୋକ
କେଉଁଠାରେ ଅଛନ୍ତି? ବର୍ତ୍ତମାନ ଯୁଗର ଦାର୍ଶନିକ କେଉଁଠାରେ
ଅଛନ୍ତି? ପରମେଶ୍ୱର ଜାଗତିକ ଜ୍ଞାନକୁ ମୂର୍ଖତା ବୋଲି
ଦର୍ଶାଇଛନ୍ତି। ୨୧ପରମେଶ୍ୱର ଆପଣା ଜ୍ଞାନରେ ଏହା ଚାହିଁଲେ
ଯେ, ଜଗତ କଦାପି ନିଜ ଜ୍ଞାନ ବଳରେ ପରମେଶ୍ୱରଙ୍କୁ

ଜାଣି ପାରିବ ନାହିଁ। ତେଣୁ ଯେଉଁ ସୁସମାଚାରକୁ ଜଗତ
ମୂର୍ଖତା ବୋଲି କୁହେ, ସେହି ବାର୍ତ୍ତା ଯେଉଁମାନେ ବିଶ୍ୱାସ
କରୁଛନ୍ତି, ତଦ୍ୱାରା ସେମାନଙ୍କୁ ଉଦ୍ଧାର କରିବାକୁ ଇଚ୍ଛାକଲେ।
୨୨ଯିହୂଦୀୟମାନେ ପ୍ରମାଣ ପାଇଁ ଆଶ୍ଚର୍ଯ୍ୟ କର୍ମ ଦେଖିବାକୁ
ଚାହାଁନ୍ତି, ଓ ଗ୍ରୀକ୍‌ମାନେ ଜ୍ଞାନ ଚାହାଁନ୍ତି। ୨୩କିନ୍ତୁ ଆମ୍ଭେ
ପ୍ରଚାର କରୁଛୁ: "ଖ୍ରୀଷ୍ଟ କ୍ରୁଶରେ ମୃତ୍ୟୁ ବରଣ କଲେ।"
ଏକଥା ଯିହୂଦୀମାନଙ୍କ ଲାଗି ବାଧାଜନକ ଓ ଅଣଯିହୂଦୀମାନଙ୍କ
ଲାଗି ମୂର୍ଖତା ଅଟେ। ୨୪କିନ୍ତୁ ପରମେଶ୍ୱରଙ୍କ ଦ୍ୱାରା ଆହୂତ
ଉଭୟ ଯିହୂଦୀ ଓ ଅଣଯିହୂଦୀମାନଙ୍କ ପାଇଁ ଖ୍ରୀଷ୍ଟ ପରମେଶ୍ୱରଙ୍କ
ଶକ୍ତି ଓ ପରମେଶ୍ୱରଙ୍କ ଜ୍ଞାନ ସ୍ୱରୂପ ଅଟନ୍ତି। ୨୫ଏପରିକି
ପରମେଶ୍ୱରଙ୍କ 'ମୂର୍ଖତା' ମନୁଷ୍ୟର ଜ୍ଞାନଠାରୁ ଅଧିକ
ଶକ୍ତିଯୁକ୍ତ। ସେହିପରି ପରମେଶ୍ୱରଙ୍କ ଦୁର୍ବଳତା ମନୁଷ୍ୟର
ଶକ୍ତିଠାରୁ ଅଧିକ ଶକ୍ତିଯୁକ୍ତ।
୨୬ଭାଇ (ଓ ଭଉଣୀ) ମାନେ! ଭାବି ଦେଖ, ଯେତେବେଳେ
ପରମେଶ୍ୱର ତୁମ୍ଭମାନଙ୍କୁ ଆହ୍ୱାନ କଲେ, ସେତେବେଳେ
ତୁମ୍ଭମାନଙ୍କ ମଧ୍ୟରୁ ଅଳ୍ପ କେତେକ ଜାଗତିକ ଭାବରେ
ଜ୍ଞାନୀ ଥିଲ, ତୁମ୍ଭମାନଙ୍କ ମଧ୍ୟରୁ ଖୁବ କମ୍ ଲୋକ
ପ୍ରଭାବଶାଳୀ ଥିଲ ଏବଂ ତୁମ୍ଭମାନଙ୍କ ଭିତରୁ ଖୁବ୍‌କମ୍
ଲୋକ ସମ୍ଭ୍ରାନ୍ତ ପରିବାରରୁ ଆସିଥିଲ। ୨୭କିନ୍ତୁ ପରମେଶ୍ୱର
ଜ୍ଞାନୀମାନଙ୍କୁ ଲଜ୍ଜା ଦେବା ନିମନ୍ତେ ଜଗତର ମୂର୍ଖ ବିଷୟ
ଗୁଡ଼ିକୁ ମନୋନୀତ କଲେ। ଜଗତର ବଳବାନମାନଙ୍କୁ ଲଜ୍ଜା
ଦେବା ନିମନ୍ତେ ଜଗତର ଦୁର୍ବଳ ବିଷୟଗୁଡ଼ିକୁ ମନୋନୀତ
କଲେ। ୨୮ପରମେଶ୍ୱର ଜଗତ ଦୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ
ବିଷୟଗୁଡ଼ିକୁ ମନୋନୀତ ନ କରି ନୀଚ ଓ ଘୃଣ୍ୟ
ବିଷୟଗୁଡ଼ିକ ମନୋନୀତ କଲେ। କାରଣ ପରମେଶ୍ୱର
ଜଗତ ଦୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ ବିନାଶ
କରିବାକୁ ଚାହିଁଲେ। ୨୯ପରମେଶ୍ୱରଙ୍କର ଏପରି କରିବାର
କାରଣ ହେଉଛି ଯେ, କୌଣସି ଲୋକ ଯେପରି ତାହାଙ୍କ
ଆଗରେ ଗର୍ବ କରିପାରିବ ନାହିଁ। ୩୦କେବଳ ପରମେଶ୍ୱର
ହିଁ ତୁମ୍ଭମାନଙ୍କୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅଂଶୀ
କରାଇଛନ୍ତି। ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ପରମେଶ୍ୱରଙ୍କ
ଆଗତ ଜ୍ଞାନ। ଖ୍ରୀଷ୍ଟଙ୍କ ହେତୁ ଆମ୍ଭେ ପରମେଶ୍ୱରଙ୍କ
ଦୃଷ୍ଟିରେ ଧାର୍ମିକ ଏବଂ ଆମ୍ଭମାନଙ୍କର ପାପରୁ ମୁକ୍ତ ପାଇ
ପବିତ୍ର ହୋଇଛୁ। ୩୧ଶାସ୍ତ୍ରରେ ଏହିପରି ଲେଖାଅଛି: "ଯଦି
କାହାର ଗର୍ବ କରିବାକୁ ଥାଏ। ତା'ହେଲେ ସେ କେବଳ
ପ୍ରଭୁଙ୍କଠାରେ ଗର୍ବ କରିବା ଉଚିତ।"*

## କ୍ରୁଶବିଦ୍ଧ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ବାର୍ତ୍ତା

**୨** ପ୍ରିୟ ଭାଇ (ଓ ଭଉଣୀ) ମାନେ, ମୁଁ ଯେତେବେଳେ
ତୁମ୍ଭମାନଙ୍କ ପାଖକୁ ଆସିଥିଲି, ସେତେବେଳେ
ପରମେଶ୍ୱରଙ୍କ ସତ୍ୟ ବିଷୟରେ କହିଥିଲି। କିନ୍ତୁ ମୁଁ
କୌଣସି ବାକ୍‌ଚାତୁରୀ ବା ଜ୍ଞାନର କଥା କହି ନଥିଲି।
୨କାରଣ ସ୍ଥିର କରିଥିଲି ଯେ ତୁମ୍ଭ ସହିତ ଥିବା ସମୟରେ,
ମୁଁ ଯୀଶୁଖ୍ରୀଷ୍ଟ ଓ କ୍ରୁଶରେ ତାହାଙ୍କ ମୃତ୍ୟୁଭୋଗ ବ୍ୟତୀତ,
ଅନ୍ୟସବୁ କଥା ଭୁଲି ଯିବି। ୩ଏଣୁ ମୁଁ ଦୁର୍ବଳ ଓ ଭୟରେ
ଥରି ଥରି ସେଠାକୁ ଆସିଥିଲି। ୪ମୋର କଥା ଓ ଶିକ୍ଷା
ଲୋକଙ୍କୁ ପ୍ରବର୍ତ୍ତାଇବା ଭଳି ଜାଗତିକ ଜ୍ଞାନର କଥା ନ
ଥିଲା। ମାତ୍ର ମୋହର ଶିକ୍ଷା ପବିତ୍ରଆତ୍ମାଙ୍କ ଦତ୍ତ ଶକ୍ତିର
ପ୍ରମାଣ ଅଟେ। ୫ତୁମ୍ଭ ବିଶ୍ୱାସ ମନୁଷ୍ୟର ଜ୍ଞାନର ନ
ହୋଇ ପରମେଶ୍ୱରଙ୍କ ଶକ୍ତିରେ ହେଉ, ସେଥିପାଇଁ ମୁଁ
ଏପରି କଲି।

## ପରମେଶ୍ୱରଙ୍କ ଜ୍ଞାନ

୬ଯେଉଁମାନେ ଅଭିଜ୍ଞ ଆମ୍ଭେ ସେହିମାନଙ୍କୁ ଜ୍ଞାନ ଶିକ୍ଷା
ଦେଉ। କିନ୍ତୁ ଏହି ଜ୍ଞାନ ସଂସାରରୁ ନୁହେଁ, ଏହା
ବର୍ତ୍ତମାନ ଯୁଗର ନେତାମାନଙ୍କର ଜ୍ଞାନ ନୁହେଁ। ଏହି
ନେତାମାନେ ଆପଣା ଶକ୍ତି ହରାଉ ଅଛନ୍ତି। ୭କିନ୍ତୁ
ଆମ୍ଭେମାନେ ପରମେଶ୍ୱରଙ୍କ ଗୂଢ଼ ଜ୍ଞାନର କଥା କହୁଛୁ।
ଜଗତର ସୃଷ୍ଟି ହେବା ପୂର୍ବରୁ ଆମ୍ଭର ମହିମା ପାଇଁ
ପରମେଶ୍ୱର ଏହି ଜ୍ଞାନର ଯୋଜନା କରିଥିଲେ। ୮ଏହି
ଜଗତର କୌଣସି ନେତା ଏହାକୁ ବୁଝି ପାରିଲେ ନାହିଁ।
ଯଦି ସେମାନେ ବୁଝି ଥାଆନ୍ତେ, ତାହାହେଲେ ଗୌରବମୟ
ପ୍ରଭୁଙ୍କୁ କ୍ରୁଶବିଦ୍ଧ କରି ମାରି ନ ଥାନ୍ତେ। ୯କିନ୍ତୁ
ଶାସ୍ତ୍ରମାନଙ୍କରେ ଏହିପରି ଲେଖା ଅଛି:

> "କୌଣସି ଆଖି ଦେଖି ନାହିଁ। କୌଣସି କାନ ଶୁଣି
> ନାହିଁ। କେହିହେଲେ କଳ୍ପନା କରି ନାହିଁ; ସେ,
> ପରମେଶ୍ୱରଙ୍କୁ ଭଲ ପାଉଥିବା ଲୋକଙ୍କ ପାଇଁ
> ପରମେଶ୍ୱର କ'ଣ ପ୍ରସ୍ତୁତ କରି ରଖିଛନ୍ତି।"
>
> ଯିଶାଇୟ ୬୪:୪

୧୦କିନ୍ତୁ ପରମେଶ୍ୱର ଆତ୍ମାଙ୍କ ମାଧ୍ୟମରେ ଏହି ନିଗୂଢ଼
ବିଷୟମାନେ ଆମ୍ଭକୁ ଦେଖାଇ ଦେଇଛନ୍ତି।
ଆତ୍ମା ସବୁ ଜାଣନ୍ତି। ସେ ପରମେଶ୍ୱରଙ୍କର ଅତି
ଗୋପନୀୟ କଥା ମଧ୍ୟ ଜାଣନ୍ତି। ୧୧କୌଣସି ମନୁଷ୍ୟ ଏକ
ମନୁଷ୍ୟର ମନକଥା ଜାଣିପାରେ ନାହିଁ। କେବଳ ମଣିଷ
ଭିତରେ ଥିବା ଆତ୍ମା ତା'ର ମନକଥା ଜାଣିପାରନ୍ତି।
ସେହିଭଳି ପରମେଶ୍ୱରଙ୍କ ମନକଥା ତାଙ୍କର ଆତ୍ମା ବ୍ୟତୀତ
କିଏ ଜାଣି ପାରିବ? ୧୨ଆମ୍ଭେ ଜଗତର ଆତ୍ମା ଦ୍ୱାରା
ପରମେଶ୍ୱରଙ୍କ ପ୍ରଦତ୍ତ ବିଷୟ ଗୁଡ଼ିକୁ ଜାଣି ପାରିବା।
୧୩ସେ ଗୁଡ଼ିକୁ କହିଲାବେଳେ ମନୁଷ୍ୟର କଳ୍ପିତ ଜ୍ଞାନର
ବାକ୍ୟ କହୁନାହୁଁ, ବରଂ ଆମ୍ଭେ ଆତ୍ମା ଦ୍ୱାରା ଶିଖିଥିବା
ବାକ୍ୟ କହୁ। ଆମ୍ଭେ ଆତ୍ମିକ ବିଷୟ ବୁଝାଇବା ପାଇଁ
ପବିତ୍ର ଆତ୍ମାଙ୍କ ବାକ୍ୟ ବ୍ୟବହାର କରୁ। ୧୪ଯେଉଁଲୋକ
ଆଧାତ୍ମିକ ନୁହେଁ, ସେ ପରମେଶ୍ୱରଙ୍କ ଆତ୍ମିକ ସତ୍ୟଗୁଡ଼ିକୁ
ଗ୍ରହଣ କରେ ନାହିଁ। ସେ ଏହିସବୁ ବିଷୟଗୁଡ଼ିକୁ ମୂର୍ଖାମୀ
ବୋଲି ଭାବେ। ସେ ଆତ୍ମାର ସତ୍ୟଗୁଡ଼ିକୁ ବୁଝିପାରେ
ନାହିଁ, କାରଣ ସେଗୁଡ଼ିକୁ କେବଳ ଆଧାତ୍ମିକ ଭାବରେ
ବିଚାର କରିହେବ। ୧୫କିନ୍ତୁ ଜଣେ ଆଧାତ୍ମିକ ଲୋକ
ପ୍ରତ୍ୟେକ ବିଷୟର ଉଚିତ ମୂଲ୍ୟାୟନ କରି ପାରିବ। ମାତ୍ର
ସେ ନିଜେ କାହାରି ଦ୍ୱାରା ବିଚାରିତ ହୋଇ ପାରିବ ନାହିଁ।
ଶାସ୍ତ୍ର କୁହେ:

---

**"ଯଦି ... ଉଚିତ।"** ଯିରିମିୟ ୯:୨୪

୧୬ “ପ୍ରଭୁଙ୍କ ମନ କିଏ ଜାଣି ଅଛି? କ’ଣ କରିବାକୁ
ହେବ ବୋଲି ପ୍ରଭୂଙ୍କୁ କିଏ କହିବ?”
ଯିଶାଇୟ ୪୦:୧୩
କିନ୍ତୁ ଆମ୍ଭେ ଯୀଶୁ ଖ୍ରୀଷ୍ଟଙ୍କର ମନ ପାଇଅଛୁ।

## ମନୁଷ୍ୟକୁ ଅନୁସରଣ କରିବା ଉଚିତ ନୁହେଁ

୩ ଭାଇ (ଓ ଭଉଣୀ) ମାନେ! ପୂର୍ବରେ ମୁଁ ତୁମ୍ଭମାନଙ୍କୁ
ଆତ୍ମିକ ମନା ଲୋକମାନଙ୍କୁ କହିବା ଭଳି କହି
ପାରି ନ ଥିଲି। ମୁଁ ତୁମ୍ଭମାନଙ୍କ ସହିତ ଜାଗତିକ ଲୋକ
ଭଳି କଥାବାର୍ତ୍ତା କଲି। ଖ୍ରୀଷ୍ଟଙ୍କଠାରେ ଶିଶୁ ଭଳି ମୁଁ
ତୁମ୍ଭମାନଙ୍କୁ କହିଲି। ୨ସେତେବେଳେ ମୁଁ ତୁମ୍ଭକୁ ଗୁରୁପାକ
ଖାଦ୍ୟ ନ ଦେଇ କ୍ଷୀର ଦେଲି। ଏପରି କରିବାର
ଉଦ୍ଦେଶ୍ୟ ଯେ, ତୁମ୍ଭେମାନେ ଗୁରୁପାକ ଖାଦ୍ୟ ପାଇଁ ପ୍ରସ୍ତୁତ
ନ ଥିଲ, ଏବେ ମଧ୍ୟ ତୁମ୍ଭେମାନେ ଗୁରୁପାକ ଖାଦ୍ୟ ପାଇଁ
ପ୍ରସ୍ତୁତ ନୁହଁ। ୩ତୁମ୍ଭେମାନେ ଆତ୍ମିକ ଜୀବନରେ ଏବେ ମଧ୍ୟ
ଶିଶୁ ଭଳି ଅଛ। ତୁମ୍ଭେମାନେ ପରସ୍ପରକୁ ଈର୍ଷା କରୁଛ ଓ
ପରସ୍ପର ମଧ୍ୟରେ କଳହ କରୁଛ। ଏଥିରୁ ଜଣାପଡ଼େ
ତୁମ୍ଭେମାନେ ଏବେ ମଧ୍ୟ ଆତ୍ମିକ ନୁହଁ। ତୁମ୍ଭେ ଜାଗତିକ
ଲୋମାନଙ୍କ ଭଳି ଆଚରଣ କରୁଛ। ୪ତୁମ୍ଭମାନଙ୍କ ଭିତରେ
ଜଣେ କହୁଛି, “ମୁଁ ପାଉଲଙ୍କ ଅନୁଗାମୀ,” ଆଉ ଜଣେ
କହୁଛି “ମୁଁ ଆପଲ୍ଲଙ୍କ ଅନୁଗାମୀ,” ଏଭଳି କହିବା ଦ୍ୱାରା
ତୁମ୍ଭେମାନେ ଜାଗତିକ ମଣିଷ ଭଳି ଆଚରଣ କରୁଛ।
୫ଆପଲ୍ଲ କ’ଣ ବିଶିଷ୍ଟ ଲୋକ ଅଟନ୍ତି ନା! ପାଉଲ
ମହାନ୍ ଅଟନ୍ତି? ନା! ଆମ୍ଭେ କେବଳ ପ୍ରଭୁଙ୍କର ସେବକ
ଅଟୁ। ଅମ୍ଭେ ତାହାଙ୍କଠାରେ ବିଶ୍ୱାସ କରିବାରେ ତୁମ୍ଭମାନଙ୍କୁ
ସାହାଯ୍ୟ କରିଛୁ। ପ୍ରଭୁଙ୍କ ଦ୍ୱାରା ଦିଆଯାଇଥିବା କାମ ହିଁ
ଆମ୍ଭେ ସମ୍ପନ୍ନ କରିଛୁ। ୬ମୁଁ ଗଛଟିଏ ଲଗାଇଲି। ଆପଲ୍ଲ
ଗଛରେ ପାଣି ଦେଲେ, କିନ୍ତୁ ପରମେଶ୍ୱର ତା’କୁ ବଢ଼ିବାରେ
ସାହାଯ୍ୟ କଲେ। ୭ତେଣୁ ଗଛ ଲଗେଇଥିବା ବା ପାଣି
ଦେଇଥିବା କେହି ନୁହେଁ, କିନ୍ତୁ ଗଛକୁ ବଢ଼ାଉଥିବା
ପରମେଶ୍ୱର କେବଳ ପ୍ରଧାନ ଅଟନ୍ତି। ୮ଅତଏବ ଗଛ
ଲଗାଇଥିବା ଲୋକ ଓ ତାକୁ ପାଣି ଦେଇଥିବା ଲୋକ,
ଦୁହିଁଙ୍କର ଉଦ୍ଦେଶ୍ୟ ସମାନ ଓ ଦୁହେଁ ତାହାଙ୍କର କାମ
ଲାଗି ପ୍ରତିଫଳ ପାଇବେ। ୯ଆମ୍ଭେମାନେ ଏକତ୍ର ମିଳି
ପରମେଶ୍ୱରଙ୍କ ନିମନ୍ତେ କାର୍ଯ୍ୟ କରୁଛୁ, ଓ ତୁମ୍ଭେମାନେ
ପରମେଶ୍ୱରଙ୍କର ଚାଷଜମି ଅଟ।
ତୁମ୍ଭେମାନେ ପରମେଶ୍ୱରଙ୍କ ଗୃହ ଅଟ। ୧୦ଜଣେ ଦକ୍ଷ
ଗୃହନିର୍ମାଣକାରୀ ଭଳି ମୁଁ ସେ ଘରର ଭିତ୍ତି ସ୍ଥାପନ କଲି।
ପରମେଶ୍ୱରଙ୍କ ଦତ୍ତ ଅନୁଗ୍ରହ ମୁଁ ସେଥିପାଇଁ ବ୍ୟବହାର
କଲି। ଅନ୍ୟମାନେ ସେହି ଭିତ୍ତିଭୂମି ଉପରେ ଗୃହ ନିର୍ମାଣ
କରିବେ, କିନ୍ତୁ ପ୍ରତ୍ୟେକ ଲୋକ ନିର୍ମାଣ କଲାବେଳେ ସେ
କିପରି ନିର୍ମାଣ କରୁଛି। ଏବିଷୟରେ ସତର୍କ ହେବା
ଉଚିତ। ୧୧ତିଆରି ହୋଇଥିବା ମୂଳଦୁଆ ବ୍ୟତୀତ ଅନ୍ୟ
ମୂଳଦୁଆ କେହି ପକାଇ ପାରିବ ନାହିଁ। ୧୨ଏହି ମୂଳଦୁଆ
ସ୍ୱୟଂ ଯୀଶୁ ଖ୍ରୀଷ୍ଟ ଅଟନ୍ତି। ଜଣେଲୋକ ସେହି ମୂଳଦୁଆ
ଉପରେ ସୁନା, ରୁପା, ବହୁମୂଲ୍ୟପଥର, କାଠ, ଘାସ ବା
ନଡ଼ା, ଯାହା କିଛି ବ୍ୟବହାର କରି ନିର୍ମାଣ କରି ପାରିବ।
୧୩କିନ୍ତୁ ପ୍ରତ୍ୟେକ ଲୋକର କାମ ସେହି ଦିନ ସ୍ପଷ୍ଟ
ଭାବରେ ପ୍ରକାଶିତ ହେବ। ସେହି ଦିନଟି ନିଆଁ ନେଇ
ଆସିବ, ଓ ସେହି ନିଆଁ ପ୍ରତ୍ୟେକ ଲୋକର କାର୍ଯ୍ୟକୁ
(ଗୃହକୁ) ପରୀକ୍ଷା କରିବ। ୧୪ଯଦି ସେ ମୂଳଦୂଆ ଉପରେ
ନିର୍ମିତ ଲୋକର ଗୃହ ଠିଆ ହୋଇ ରହିଥିବ। ତା’ହେଲେ
ସେ ଲୋକ ତା’ର ପୁରସ୍କାର ପାଇବ। ୧୫କିନ୍ତୁ ଯେଉଁ
ଲୋକର କାର୍ଯ୍ୟ ନିଆଁରେ ଭସ୍ମ ହୋଇଯିବ, ସେ କ୍ଷତି
ସହିବ। ସେ ଲୋକ ରକ୍ଷା ପାଇବ, କିନ୍ତୁ ସେ ସେହି
ଜ୍ୱଳନ୍ତ ନିଆଁରୁ ଯେପରି ଉଦ୍ଧାର ହେଲା ଭଳି ହେବ।
୧୬ତୁମ୍ଭେମାନେ ଜାଣି ରଖିବା ଉଚିତ ଯେ, ତୁମ୍ଭେମାନେ
ପରମେଶ୍ୱରଙ୍କ ମନ୍ଦିର ଅଟ, ଏବଂ ପରମେଶ୍ୱରଙ୍କ ଆତ୍ମା
ତୁମ୍ଭମାନଙ୍କ ଠାରେ ବାସ କରନ୍ତି। ୧୭ଯଦି କୌଣସି ଲୋକ
ପରମେଶ୍ୱରଙ୍କ ମନ୍ଦିରକୁ ନଷ୍ଟକରେ, ତାହାହେଲେ ପରମେଶ୍ୱର
ତାକୁ ନଷ୍ଟ କରି ଦେବେ। କାରଣ ପରମେଶ୍ୱରଙ୍କ ମନ୍ଦିର
ହେଉଛି ପବିତ୍ର। ସେହି ପବିତ୍ର ମନ୍ଦିର ତୁମ୍ଭେମାନେ।
୧୮ନିଜକୁ ଠକ ନାହିଁ, ଯଦି କୌଣସି ଲୋକ ଭାବେ
ଯେ, ସେ ଏହି ଯୁଗ ଅନୁସାରେ ଜ୍ଞାନୀ ଅଟେ, ତା’ହେଲେ
ତାକୁ ମୂର୍ଖ ହେବାକୁ ପଡ଼ିବ, ତହିଁରେ ସେ ପ୍ରକୃତ ଜ୍ଞାନୀ
ହୋଇପାରିବ। ୧୯କାହିଁକି କାରଣ ପରମେଶ୍ୱରଙ୍କ ଦୃଷ୍ଟିରେ
ଜାଗତିକ ଜ୍ଞାନ ପ୍ରକୃତରେ ମୂର୍ଖତା ଅଟେ। ଶାସ୍ତ୍ର କୁହେ;
“ଯେତେବେଳେ ଜ୍ଞାନୀମାନେ ନିଜ ଚତୁରତାରେ ବ୍ୟବହାର
କରନ୍ତି, ପରମେଶ୍ୱର ସେତେବେଳେ ସେମାନଙ୍କୁ ଧରନ୍ତି।”*
୨୦ଶାସ୍ତ୍ରରେ ଏହା ମଧ୍ୟ ଲେଖାଅଛି: “ପ୍ରଭୁ ଜ୍ଞାନୀମାନଙ୍କର
ମନକଥା ଜାଣନ୍ତି। ସେମାନଙ୍କ ସମସ୍ତ ଚିନ୍ତାଧାରା ଯେ
ମୂଲ୍ୟହୀନ ଏହା ମଧ୍ୟ ସେ ଜାଣନ୍ତି।”* ୨୧ସେଥିପାଇଁ
ମନୁଷ୍ୟମାନଙ୍କ ପାଇଁ ତୁମ୍ଭେମାନେ ଗର୍ବ କରିବା ଉଚିତ
ନୁହେଁ, କାରଣ ସମସ୍ତ ବିଷୟ ତୁମ୍ଭମାନଙ୍କର। ୨୨ପାଉଲ,
କେଫା ବା ପିତର; ଜଗତ ଜୀବନ ବା ମୃତ୍ୟୁ; ବର୍ତ୍ତମାନ
ବା ଭବିଷ୍ୟତ ସମସ୍ତ ହିଁ ତୁମ୍ଭମାନଙ୍କର। ୨୩ତୁମ୍ଭେମାନେ
ଖ୍ରୀଷ୍ଟଙ୍କର ଓ ଖ୍ରୀଷ୍ଟ ପରମେଶ୍ୱରଙ୍କର ଅଟନ୍ତି।

## ଖ୍ରୀଷ୍ଟଙ୍କର ପ୍ରେରିତଗଣ

୪ ଆମ୍ଭ ବିଷୟରେ ଲୋକମାନଙ୍କର ଭାବିବା ଦରକାର
ଯେ, ଆମ୍ଭେ ଖ୍ରୀଷ୍ଟଙ୍କର ସେବକ। ପରମେଶ୍ୱର
ନିଜର ଗୋପନୀୟ ସତ୍ୟଗୁଡ଼ିକୁ ଆମ୍ଭ ନିକଟରେ ଭରସା
ରଖି ଜଣାଇ ଅଛନ୍ତି। ୨ଯେଉଁ ଲୋକମାନଙ୍କୁ ଏହି ଦାୟିତ୍ୱ
ଦିଆଯାଇଛି ସେମାନେ ଯେ ଏଥିର ଯୋଗ୍ୟ ଏହା ଦର୍ଶାଇବା
ଉଚିତ। ୩ତୁମ୍ଭେମାନେ ଯଦି ମୋର ବିଚାର କର କିମ୍ବା
କୌଣସି ଅଦାଲତ, ଯଦି ମୋର ବିଚାରକରେ, ତେବେ ମୁଁ
ତାହାକୁ ଆଦୌ ଖାତିର କରେ ନାହିଁ। ଏପରି କି ମୋ
ନିଜର ବିଚାର ମଧ୍ୟ ମୁଁ କରେ ନାହିଁ। ୪ମୁଁ ଯେ କୌଣସି
ଭୁଲ କରିନାହିଁ କିନ୍ତୁ ତାହା ମଧ୍ୟ ମୋତେ ନିର୍ଦ୍ଦୋଷ
ପ୍ରମାଣିତ କରିନାହିଁ। ପ୍ରଭୁ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏ
କି ମୋର ବିଚାର କରନ୍ତି। ୫ଅତଏବ, ଠିକ ସମୟ ନ

---

**“ଯେତେବେଳେ ... ଧରନ୍ତି।”** ଆୟୁବ ୫:୧୩
**“ପ୍ରଭୁ ... ଜାଣନ୍ତି।”** ଗୀତସଂହିତା ୯୪:୧୧

ଆସିବା ପର୍ଯ୍ୟନ୍ତ ଅର୍ଥାତ ପୁନରାଗମନ ପର୍ଯ୍ୟନ୍ତ, କୌଣସି
କଥାର ବିଚାର କରିବା ଅନୁଚିତ। ସେ ଅନ୍ଧକାରରେ
ରହିଥିବା ବିଷୟ଼ ଗୁଡ଼ିକୁ ଲୋକମାନଙ୍କ ସମ୍ମୁଖକୁ ଆଣିବେ।
ସେ ମଣିଷର ହୃଦୟ଼ ଭିତରେ ଥିବା ଗୁପ୍ତ ଉଦ୍ଦେଶ୍ୟ
ଗୁଡ଼ିକୁ ପ୍ରକାଶ କରିବେ। ସେତେବେଳେ ପରମେଶ୍ୱର
ପ୍ରତ୍ୟେକଙ୍କୁ ଯାହାର ପ୍ରାପ୍ୟ ପ୍ରଶଂସା ତାହା ପ୍ରଦାନ କରିବେ।
୬ଭାଇ (ଓ ଭଉଣୀ) ମାନେ! ଏ ସମସ୍ତ କହିଲା
ବେଳେ ମୁଁ ଆପଲ୍ଲଙ୍କୁ ଓ ନିଜକୁ ଉଦାହରଣ ସ୍ୱରୁପ
ବ୍ୟବହାର କରୁଛି ଯେପରି ତୁମ୍ଭେମାନେ ଶାସ୍ତ୍ରାଂଶ ଶବ୍ଦ
ଗୁଡ଼ିକର ଅର୍ଥ ଆମ୍ଭଠାରୁ ଜାଣିପାରିବ, "ତେବେ ଶାସ୍ତ୍ରରେ
ଯାହା ଲେଖା ଯାଇଛି କେବଳ ତାହାଁର ବାଧ୍ୟ ହୁଅ। ତା'
ହେଲେ ତୁମ୍ଭେମାନେ ଜଣକ ନିମନ୍ତେ ଗର୍ବ କରିବ ନାହିଁ
ବା ଅନ୍ୟଜଣକୁ ଘୃଣା କରିବ ନାହିଁ।" ୭କିଏ କହୁଛି ଯେ,
ତୁମ୍ଭେମାନେ ଅନ୍ୟମାନଙ୍କ ତୁଳନାରେ ଭଲ? ଯାହା କିଛି
ତୁମ୍ଭମାନଙ୍କ ପାଖରେ ଅଛି, ତାହା ତୁମ୍ଭକୁ ଦିଆଯାଇଛି।
ତେବେ ଯଦି ସମସ୍ତ ବିଷୟ଼ ତୁମ୍ଭମାନଙ୍କ ପାଖରେ ଅଛି।
ତାହା ତୁମ୍ଭକୁ ଦିଆଯାଇଛି। ତେବେ ଯଦି ସମସ୍ତ ବିଷୟ଼
ତୁମ୍ଭମାନଙ୍କୁ ଦିଆଯାଇଛି, ତା' ହେଲେ ସେଗୁଡ଼ିକ ତୁମ୍ଭେମାନେ
ନିଜ ଶକ୍ତି ଦ୍ୱାରା ପାଇଛ ବୋଲି ଗର୍ବ କରୁଛ।
୮ତୁମ୍ଭେମାନେ ଭାବୁଛ ଯେ ତୁମ୍ଭମାନଙ୍କର ସମସ୍ତ
ଆବଶ୍ୟକୀୟ଼ ବିଷୟ଼ ତୁମ୍ଭମାନଙ୍କ ପାଖରେ ଅଛି। ତୁମ୍ଭେ
ନିଜକୁ ଧନ୍ୟ ବୋଲି ମନେ କରୁଛ। ତୁମ୍ଭେମାନେ ଆମ୍ଭ
ବିନା ରାଜା ହୋଇ ଯାଇଛ ବୋଲି ଭାବୁଛ। ହଁ,
ତୁମ୍ଭେମାନେ ପ୍ରକୃତରେ ରାଜା ହୋଇଥିଲେ ଭଲ ହୋଇଥାନ୍ତା।
ତା' ହେଲେ ଆମ୍ଭେ ମଧ୍ୟ ତୁମ୍ଭମାନଙ୍କ ସହିତ ରାଜତ୍ୱ
କରିଥାଆନ୍ତୁ। ୯କିନ୍ତୁ ମୋର ମନେ ହୁଏ ଯେ, ପରମେଶ୍ୱର
ଆମ୍ଭ ପ୍ରେରିତମାନଙ୍କୁ ସର୍ବଶେଷରେ ରଖିଅଛନ୍ତି। ଆମ୍ଭେମାନେ
ଯେପରି ମୃତ୍ୟୁଦଣ୍ଡରେ ଦଣ୍ଡିତ କରାହୋଇଛୁ ଏବଂ ସମସ୍ତ
ଜଗତ ଏହା ଦେଖୁଛନ୍ତି। ସମଗ୍ର ଜଗତ, ସ୍ୱର୍ଗଦୂତ ଓ
ଲୋକମାନଙ୍କ ସମ୍ମୁଖରେ ଆମ୍ଭେମାନେ ଯେପରି ଏକ
ନାଟକ କରୁଛୁ। ୧୦ଆମ୍ଭେ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ମୂର୍ଖ
ହୋଇଛୁ। କିନ୍ତୁ ତୁମ୍ଭେମାନେ ନିଜକୁ ଖ୍ରୀଷ୍ଟଙ୍କଠାରେ ବୁଦ୍ଧିମାନ୍
ବୋଲି ଭାବୁଛ। ଆମ୍ଭେ ଦୁର୍ବଳ, ତୁମ୍ଭେମାନେ ନିଜକୁ
ବଳବାନ ମନେ କରୁଛ। ଲୋକେ ତୁମ୍ଭମାନଙ୍କୁ ସମ୍ମାନ
ଦିଅନ୍ତି କିନ୍ତୁ ଆମ୍ଭମାନଙ୍କୁ ସମ୍ମାନ ଦିଅନ୍ତି ନାହିଁ। ୧୧ଏପରିକି
ବର୍ତ୍ତମାନ ସୁଦ୍ଧା ଆମ୍ଭେ ଭୋକ ଓ ଶୋଷରେ ଅଛୁ, ଓ
ବସ୍ତ୍ରହୀନ ଅଟୁ। ଆମ୍ଭକୁ ଅଧିକାଂଶ ସମୟ଼ରେ ପ୍ରହାର
କରାଯାଇଛି। ଆମ୍ଭର ଘର ନାହିଁ। ୧୨ଆମ୍ଭର ଲାଗି ଆମ୍ଭେ
ହାତରେ କାମ କରୁଛୁ, ଅତି କଠିନ ପରିଶ୍ରମ କରୁଛୁ।
୧୩ଲୋକମାନଙ୍କ ଠାରୁ ଅଭିଶାପ ପାଇ ମଧ୍ୟ ଆମ୍ଭେ
ସେମାନଙ୍କୁ ଆଶୀର୍ବାଦ କରୁଛୁ। ଲୋକେ ଆମ୍ଭକୁ ତାଡ଼ନା
କରୁଛନ୍ତି, ଆମ୍ଭେ ସହୁଛୁ। ଏପରିକି ଯେଉଁମାନେ ଆମ୍ଭର
ମିଥ୍ୟାପବାଦ କରନ୍ତି, ଆମ୍ଭେ ସେମାନଙ୍କୁ ନମ୍ରଭାବେ କଥାକହୁ।
ଆଜି ପର୍ଯ୍ୟନ୍ତ ଲୋକେ ଆମ୍ଭକୁ ସମଗ୍ର ସଂସାରର ମଇଳା
ଧୂଳି ସଦୃଶ ବ୍ୟବହାର କରୁଛନ୍ତି।
୧୪ତୁମ୍ଭମାନଙ୍କୁ ଲଜ୍ଜିତ କରିବା ପାଇଁ ମୁଁ ଏହା ଲେଖୁନାହିଁ।
ବରଂ ନିଜର ପ୍ରିୟ଼ ସନ୍ତାନ ବୋଲି ଭାବି ତୁମ୍ଭମାନଙ୍କୁ
ସଚେତନ କରାଉଛି। ୧୫ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କର ଦଶ
ହଜାର ଶିକ୍ଷକ ଥାଇ ପାରନ୍ତି, କିନ୍ତୁ ତୁମ୍ଭମାନଙ୍କର ଅନେକ
ପିତା ନାହାଁନ୍ତି, ସୁସମାଚାର ଦ୍ୱାରା ଖ୍ରୀଷ୍ଟଯୀଶୁଙ୍କ ସକାଶେ ମୁଁ
ତୁମ୍ଭମାନଙ୍କର ପିତା ହୋଇଛି। ୧୬ସେଥିପାଇଁ ମୁଁ ତୁମ୍ଭମାନଙ୍କୁ
ଅନୁରୋଧ କରେ ଯେ, ତୁମ୍ଭେମାନେ ମୋପରି ହୁଅ।
୧୭ସେଥିପାଇଁ ତୀମଥିଙ୍କୁ ତୁମ୍ଭମାନଙ୍କ ପାଖକୁ ପଠାଇଛି। ସେ
ଖ୍ରୀଷ୍ଟରେ ମୋହର ସନ୍ତାନ। ମୁଁ ତୀମଥିଙ୍କୁ ଭଲ ପାଏ।
ସେ ବିଶ୍ୱାସଯୋଗ୍ୟ। ଖ୍ରୀଷ୍ଟଯୀଶୁଙ୍କ ପାଇଁ ମୁଁ କିପରି ଜୀବନ
ଯାପନ କରୁଛି ତାହା ସେ ତୁମ୍ଭମାନଙ୍କୁ ସ୍ମରଣ କରାଇ
ଦେବେ। ମୁଁ ସବୁ ମଣ୍ଡଳୀରେ ସର୍ବତ୍ର ଏହି ଶିକ୍ଷା ପ୍ରଦାନ
କରୁଛି।
୧୮ତୁମ୍ଭମାନଙ୍କ ଭିତରୁ ଅନେକ ଅହଂକାରୀ ହୋଇଯାଇଛ।
ଏହାଭାବି ତୁମ୍ଭେମାନେ ଗର୍ବ କର ଯେ ମୁଁ ତୁମ୍ଭମାନଙ୍କ
ପାଖକୁ ଆଉ କେବେ ଯିବି ନାହିଁ। ୧୯କିନ୍ତୁ ଖୁବ୍ ଶୀଘ୍ର ମୁଁ
ତୁମ୍ଭମାନଙ୍କ ପାଖକୁ ଯିବି, ଓ ଅହଙ୍କାର କରୁଥିବା ଲୋକମାନେ
କଣ ଅଧିକ କାର୍ଯ୍ୟ କରୁଛନ୍ତି ତାହା ମୁଁ ଦେଖିବାକୁ
ଚାହେଁ। ୨୦ଏହା ମୁଁ ଦେଖିବାକୁ ଇଛାକରେ, କାରଣ
ପରମେଶ୍ୱରଙ୍କ ରାଜ୍ୟ କେବଳ କଥାରେ କହିବା ବିଷୟ଼
ବସ୍ତୁ ନୁହେଁ, ମାତ୍ର ଶକ୍ତିର ବିଷୟ଼ ଅଟେ। ୨୧ତୁମ୍ଭେମାନେ
କଣ ଚାହିଁ:

ମୁଁ ତୁମ୍ଭମାନଙ୍କ ପାଖକୁ ଦଣ୍ଡ ନେଇ ଆସିବି,
ନା ପ୍ରେମ ଓ କୋମଳତା ସହ ଆସିବି?

## ମଣ୍ଡଳୀରେ ନୈତିକ ସମସ୍ୟା

୫ ଲୋକେ ପ୍ରକୃତରେ କହୁଛନ୍ତି ଯେ, ତୁମ୍ଭମାନଙ୍କ
ଭିତରେ ଯୌନଗତ ପାପ ଅଛି। ଏହି ପାପ
ଏପରିକି ପରମେଶ୍ୱରଙ୍କୁ ନ ଜାଣିଥିବା ଲୋକମାନଙ୍କ ଠାରେ
ମଧ୍ୟ ଏହା ହୁଏ ନାହିଁ। ଲୋକେ କହୁଛନ୍ତି ଯେ, ଜଣେ
ଲୋକ ନିଜ ବାପାର ସ୍ତ୍ରୀ ସହିତ ବାସ କରୁଛି, ୨ତଥାପି
ମଧ୍ୟ ତୁମ୍ଭେମାନେ ଏହିସବୁ ପାଇଁ ଗର୍ବୀ। ତୁମ୍ଭେମାନେ
ଏଥିପାଇଁ ଦୁଃଖିତ ହେବା ଉଚିତ। ଯିଏ ଏପରି ବ୍ୟଭିଚାର
କରିଛି, ତାହାକୁ ତୁମ୍ଭ ଦଳରୁ ବାହାର କରି ଦେବା
ଉଚିତ। ୩ମୁଁ ସ୍ୱଶରୀରରେ ତୁମ୍ଭମାନଙ୍କ ପାଖରେ ନାହିଁ
କିନ୍ତୁ ଆତ୍ମାରେ ତୁମ୍ଭମାନଙ୍କ ସହିତ ଅଛି, ଓ ଯେଉଁଲୋକ
ଏହି ପାପକର୍ମ କରିଛି, ମୁଁ ତୁମ୍ଭ ସହିତ ଥିଲେ ତାହାର
ଯେପରି ବିଚାର କରିଥାଆନ୍ତି, ସେପରି ମୁଁ ବିଚାର କରି
ସାରିଛି। ୪ଆମ୍ଭର ପ୍ରଭୁ ଯୀଶୁଙ୍କ ନାମରେ ତୁମ୍ଭେମାନେ
ଏକତ୍ର ହୁଅ। ୫ମୁଁ ଆତ୍ମିକ ଭାବରେ ତୁମ୍ଭମାନଙ୍କ ସହିତ
ଉପସ୍ଥିତ ଥିବି ଓ ତୁମ୍ଭେମାନେ ପ୍ରଭୁଯୀଶୁଙ୍କ ଶକ୍ତିରେ ଏହି
ଲୋକକୁ ଶୟ଼ତାନ ହସ୍ତରେ ସମର୍ପଣ କରିଦିଅ, ଯଦ୍ଦ୍ୱାରା
ତାର ପାପର ଶରୀର ନଷ୍ଟ ହୋଇଯିବ। ତା' ହେଲେ
ତା'ର ଆତ୍ମା ପ୍ରଭୁଙ୍କ ଦିନରେ ରକ୍ଷା ପାଇ ପାରିବ
୬ତୁମ୍ଭମାନଙ୍କ ଗର୍ବ ଓ ଅହଂକାର ଭଲ ନୁହେଁ।
ତୁମ୍ଭେମାନେ ଏହି ଉକ୍ତି ବିଷୟ଼ରେ ଜାଣିଛ ଯେ, "ଅଳ୍ପ
ଟିକିଏ ଖମୀର ସମସ୍ତ ଗୋଳାମଇଦାକୁ ଫୁଲାଇ ଦିଏ।"
୭ତୁମ୍ଭେମାନେ ସଂମ୍ପୂର୍ଣ୍ଣ ଭାବେ ନୂତନ ଗୁଳା ହେବାଲାଗି

ତୁମ୍ଭମାନଙ୍କ ଭିତରେ ଥିବା ପୁରୁଣା ଖମୀରକୁ ସମ୍ପୂର୍ଣ୍ଣ ଭାବେ
ବାହାର କରି ଦିଅ। ତୁମ୍ଭେମାନେ ସେହି ଖମୀର ଶୂନ୍ୟ
ନିସ୍ତାର ପର୍ବର ରୋଟୀ* ହିଁ ଖ୍ରୀଷ୍ଟ ଆମ୍ଭର ନିସ୍ତାର ପର୍ବ
ସୂଚକ ମେଣ୍ଢା ଯେ କି ଆମ୍ଭ ପାଇଁ ବଳି ହୋଇ
ଯାଇଛନ୍ତି। ୮ଅତଏବ, ଆସ ଆମ୍ଭେମାନେ ନିସ୍ତାର ପର୍ବର
ରୋଟୀକୁ ଭୋଜନ କରୁ, କିନ୍ତୁ ସେହି ପୁରୁଣା ଖମୀରଯୁକ୍ତ
ରୋଟୀ ନୁହେଁ। ସେହି ପୁରୁଣା ଖମୀର ପାପ ଓ ମନ୍ଦର
ଖମୀର। କିନ୍ତୁ ଆସ ସେହି ରୋଟୀ ଖାଇବା ଯେଉଁଥିରେ
ଖମୀର ମିଶା ହୋଇ ନ ଥାଏ। ଏହି ରୋଟୀ ଉତ୍ତମ ଓ
ସତ୍ୟର ରୋଟୀ।
୯ମୋର ପୂର୍ବ ପତ୍ରରେ ମୁଁ ଲେଖିଥିଲି ଯେ, ତୁମ୍ଭେମାନେ
ଯୌନଗତ ପାପ କରିଥିବା ଲୋକଙ୍କ ସହିତ ସମ୍ପର୍କ ରଖିବ
ନାହିଁ। ୧୦କିନ୍ତୁ ମୋର କହିବା ଅର୍ଥ ନ ଥିଲା ଯେ,
ଜଗତର ପାପୀମାନଙ୍କ ସହିତ ତୁମ୍ଭେମାନେ ସଂପର୍କ କାଟି
ଦେବ। ଜଗତର ସେହିଲୋକମାନେ ଯୌନଗତ ପାପ
କରନ୍ତି, ଯେଉଁମାନେ ସ୍ୱାର୍ଥୀ। ସେମାନେ ମୂର୍ତ୍ତିପୂଜକ ଏମାନଙ୍କ
ସହିତ ସମ୍ପର୍କ ନ ରଖିବା ଅର୍ଥ ହେବ, ଏହି ସଂସାରରୁ
ଆମ୍ଭକୁ ବାହାରି ଯିବାକୁ ପଡ଼ିବ। ୧୧ମୋର ଲେଖିବାର ଅର୍ଥ
ଥିଲା, ଯେ ଯେଉଁଲୋକ ନିଜକୁ ଖ୍ରୀଷ୍ଟଙ୍କର ଭାଇ ବୋଲି
ଘୋଷଣା କରି ଏବେ ମଧ୍ୟ ଯୌନଗତ ପାପ କରୁଛି କିମ୍ବା
ସ୍ୱାର୍ଥୀ, ମୂର୍ତ୍ତିପୂଜକ, ଲୋକମାନଙ୍କୁ ମନ୍ଦ କଥା କୁହେ, କିମ୍ବା
ମଦୁଆ କିମ୍ବା ଲୋକମାନଙ୍କୁ ଠକୁଛି। ସେହିଭଳି ଲୋକମାନଙ୍କ
ସହିତ ସମ୍ପର୍କ ରଖିବ ନାହିଁ। ଏହିପରିକି ଏଭଳି ଲୋକ
ସହିତ ବସି ଭୋଜନ ମଧ୍ୟ ଗ୍ରହଣ କର ନାହିଁ।
୧୨-୧୩ଯେଉଁମାନେ କୌଣସି ମଣ୍ଡଳୀର ସଭ୍ୟ ନୁହଁନ୍ତି,
ସେମାନଙ୍କ ବିଚାର କରିବା ଉଚିତ ନୁହେଁ। ପରମେଶ୍ୱର
ସେମାନଙ୍କର ବିଚାର କରିବେ। କିନ୍ତୁ ଯେଉଁମାନେ ମଣ୍ଡଳୀର
ସଭ୍ୟ ଅଟନ୍ତି, ତୁମ୍ଭେ ସେମାନଙ୍କର ବିଚାର କର। ଶାସ୍ତ୍ର
କୁହେ "ତୁମ୍ଭେମାନେ ନିଜ ଦଳରୁ ମନ୍ଦ ଲୋକକୁ ଅଲଗା
କରିଦିଅ।"*

## ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ବିବାଦର ମୀମାଂସା

୬ ଯେତେବେଳେ ତୁମ୍ଭର ଅନ୍ୟଖ୍ରୀଷ୍ଟ ବିଶ୍ୱାସୀ ବିରୁଦ୍ଧରେ
ଅଭିଯୋଗ ଥାଏ, ସେତେବେଳେ ତୁମ୍ଭେମାନେ କାହିଁକି
ବିଚାରାଳୟର ବିଚାରପତି ନିକଟକୁ ଯାଅ? ପରମେଶ୍ୱରଙ୍କ
ଦୃଷ୍ଟିରେ ସେମାନେ ଧାର୍ମିକ ନୁହଁନ୍ତି। ତେଣୁ ସୁବିଚାର
ନିମନ୍ତେ ପରମେଶ୍ୱରଙ୍କ ଲୋକ ନିକଟକୁ ନ ଯାଇ
ବିଜାତୀୟ ଲୋକ ପାଖକୁ ଯିବାକୁ ଲଜ୍ଜାବୋଧ ହୁଏ ନାହିଁ
କି? ୨ତୁମ୍ଭେମାନେ ଅବଶ୍ୟ ଜାଣିଛ ଯେ ପରମେଶ୍ୱରଙ୍କର
ଲୋକମାନେ ଜଗତର ବିଚାର କରିବେ। ଅତଏବ, ଯଦି
ତୁମ୍ଭେମାନେ ଜଗତର ବିଚାର କରିବ, ତା' ହେଲେ ଏହି
ଭଳି ଛୋଟ ଛୋଟ କଥାଗୁଡ଼ିକର ବିଚାର କ'ଣ ତୁମ୍ଭେମାନେ
କରିପାରିବ ନାହିଁ? ୩ତୁମ୍ଭେମାନେ କ'ଣ ଜାଣି ନାହିଁ ଯେ,
ଭବିଷ୍ୟତରେ ଆମ୍ଭେ ସ୍ୱର୍ଗଦୂତମାନଙ୍କର ମଧ୍ୟ ବିଚାର କରିବା।
ତା'ହେଲେ ନିଶ୍ଚିତରେ ତୁମ୍ଭେମାନେ ଏହି ଜାଗତିକ ବିଷୟ
ଗୁଡ଼ିକର ବିଚାର କରିପାରିବ। ୪ଅତଏବ, ଯଦି ତୁମ୍ଭମାନଙ୍କ
ଭିତରେ କିଛି ବିବାଦ ଅଛି, ତାହାହେଲେ ତୁମ୍ଭେମାନେ
କାହିଁକି ମଣ୍ଡଳୀ ବାହାରର ଲୋକଙ୍କୁ ନିକଟକୁ ସେଥିର
ମୀମାଂସା ପାଇଁ ଯିବ? ଏହି ଲୋକମାନେ ମଣ୍ଡଳୀ ଦୃଷ୍ଟିରୁ
ନଗଣ୍ୟ। ୫ମୁଁ ତୁମ୍ଭକୁ ଲଜ୍ଜା ଦେବା ପାଇଁ ଏପରି କହୁଛି।
ଖ୍ରୀଷ୍ଟ ବିଶ୍ୱାସୀ ଭାଇମାନଙ୍କର ମଧ୍ୟରେ ଥିବା ବିବାଦର
ବିଚାର କରିବାକୁ ତୁମ୍ଭମାନଙ୍କ ଭିତରେ କ'ଣ ଜଣେ
ହେଲେ ଜ୍ଞାନୀ ଲୋକ ନାହିଁ? କିନ୍ତୁ ଏବେ ଜଣେ ଭାଇ
ଅନ୍ୟଭାଇ ବିରୁଦ୍ଧରେ ଅଦାଲତକୁ ଯାଉଛି, ଓ ଅବିଶ୍ୱାସୀ
ଲୋକଙ୍କୁ ବିବାଦ ସମାଧାନ ପାଇଁ ସୁଯୋଗ ଦେଉଛି।
୭ତୁମ୍ଭମାନଙ୍କ ଭିତରେ ଥିବା ଆଇନଗତ ବିବାଦଗୁଡ଼ିକ
ଦର୍ଶାଇ ଦିଏ ଯେ, ତୁମ୍ଭେମାନେ ପରାଜିତ ହୋଇ ସାରିଛ।
ତା' ଅପେକ୍ଷା ଅନ୍ୟ କେହି ତୁମ୍ଭମାନଙ୍କୁ ଠକିଥିଲେ ବା
ତୁମ୍ଭମାନଙ୍କ ପ୍ରତି ଅନ୍ୟାୟ କରିଥିଲେ ଭଲ ହୋଇଥାନ୍ତା।
୮ତା' ପରିବର୍ତ୍ତେ ତୁମ୍ଭେ,ମାନେ ନିଜେ ନିଜ ପ୍ରତି ଅନ୍ୟାୟ
କରୁଛ, ଓ ଠକୁଛ। ଖ୍ରୀଷ୍ଟରେ ଥିବା ତୁମ୍ଭମାନଙ୍କ ଭାଇମାନଙ୍କ
ପ୍ରତି ମଧ୍ୟ ଅନ୍ୟାୟ କରୁଛ।
୯-୧୦ଅଥବା, ତୁମ୍ଭେମାନେ କ'ଣ ଜାଣ ନାହିଁ ଯେ
ଯେଉଁଲୋକମାନେ ମନ୍ଦ କର୍ମ କରନ୍ତି, ସେମାନେ ପରମେଶ୍ୱରଙ୍କ
ରାଜ୍ୟର ଉତ୍ତରାଧିକାରୀ ହେବେ ନାହିଁ। ନିଜକୁ ପ୍ରତାରଣା
କର ନାହିଁ। ଯେଉଁମାନେ ଯୌନଗତ ପାପ କରନ୍ତି, ପୁଣି
ମୂର୍ତ୍ତିପୂଜକ, ବ୍ୟଭିଚାରୀ, ସମଲିଙ୍ଗୀ, ସ୍ୱାର୍ଥପରୀ, ଚୋର,
ମଦୁଆ, ପରନିନ୍ଦକ ଓ ଠକୁଆ, ସେମାନେ ପରମେଶ୍ୱରଙ୍କ
ରାଜ୍ୟର ଉତ୍ତରାଧିକାରୀ ହେବେ ନାହିଁ। ୧୧ପୂର୍ବରୁ ତୁମ୍ଭମାନଙ୍କ
ଭିତରୁ କେତେକ ଏହିପରି ଥିଲ। କିନ୍ତୁ ଏବେ ତୁମ୍ଭମାନଙ୍କ
ପାପ ଧୌତ ହୋଇଛି। ତୁମ୍ଭମାନଙ୍କୁ ପବିତ୍ର କରାଯାଇଛି।
ତୁମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟ ନାମରେ ଓ ଆମ୍ଭ
ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଧାର୍ମିକ କରାଯାଇଛି।

## ନିଜ ଶରୀରକୁ ପରମେଶ୍ୱରଙ୍କ ମହିମାରେ ଲଗାଅ

୧୨"ସମସ୍ତ ବିଷୟ ସାଧନ କରିବା ପାଇଁ ମୋତେ
ଅନୁମତି ମିଳିଛି।" କିନ୍ତୁ ପ୍ରତ୍ୟେକ ବିଷୟ ଭଲ ନୁହେଁ।
"ସମସ୍ତ ବିଷୟ ସାଧନ କରିବା ପାଇଁ ମୋତେ ଅନୁମତି
ମିଳିଛି।" କିନ୍ତୁ ମୋ ଉପରେ କର୍ତ୍ତୃତ୍ୱ କରିବାକୁ ମୁଁ
କାହାକୁ ଦେବି ନାହିଁ। ୧୩"ଖାଦ୍ୟ ପେଟ ପାଇଁ ଓ ପେଟ
ଖାଦ୍ୟ ପାଇଁ ଅଟେ।" ଏ କଥା ଠିକ୍, କିନ୍ତୁ ପରମେଶ୍ୱର
ଏ ଦୁହିଁଙ୍କୁ ନାଶ କରିବେ। ଶରୀର ଯୌନଗତ ପାପ ପାଇଁ
ନୁହେଁ, ବରଂ ପ୍ରଭୁଙ୍କ ପାଇଁ ଉଦ୍ଦିଷ୍ଟ, ଓ ପ୍ରଭୁ ଶରୀର
ପାଇଁ ଅଟନ୍ତି। ୧୪ପରମେଶ୍ୱର କେବଳ ପ୍ରଭୁଙ୍କୁ ମୃତ୍ୟୁରୁ
ପୁନରୁତ୍ଥିତ କରି ନାହାଁନ୍ତି, ବରଂ ନିଜର ଶକ୍ତି ଦ୍ୱାରା ସେ
ଆମ୍ଭମାନଙ୍କୁ ମଧ୍ୟ ମୃତ୍ୟୁରୁ ପୁନରୁତ୍ଥିତ କରିବେ। ୧୫ତୁମ୍ଭେମାନେ
କ'ଣ ଜାଣି ନାହିଁ ଯେ, ତୁମ୍ଭମାନଙ୍କ ଶରୀରଗୁଡ଼ିକ ଖ୍ରୀଷ୍ଟଙ୍କର

---

**ନିସ୍ତାର ପର୍ବର ରୋଟୀ** ଏକ ଖମୀର ଶୂନ୍ୟ ବିଶେଷ ରୋଟୀ ଯିହୂଦୀମାନେ ନିସ୍ତାର ପର୍ବରେ ଖାଇଥାନ୍ତି। ପାଉଲ କହନ୍ତି ଖ୍ରୀଷ୍ଟିୟାନ ମାନେ ପାପରୁ ମୁକ୍ତ ହୋଇଛନ୍ତି, ଯେପରି ନିସ୍ତାର ପର୍ବର ରୋଟୀ ଖମୀର ଶୂନ୍ୟ ଅଟେ।

**"ତୁମ୍ଭେମାନେ ... କରିଦିଅ।"** ଦ୍ୱିତୀୟ ବିବରଣୀ ୨୨:୨୧, ୨୪

ଅଙ୍ଗବିଶେଷ? ତା'ହେଲେ ତୁମ୍ଭେମାନେ କ'ଣ ଭାବୁଛ ଯେ,
ମୁଁ ଖ୍ରୀଷ୍ଟଙ୍କର ଅଙ୍ଗଗୁଡ଼ିକୁ ନେଇଯିବି, ଓ ସେଗୁଡ଼ିକୁ
କୌଣସି ବେଶ୍ୟାର ଅଙ୍ଗ କରିଦେବି? କେବେ ନୁହେଁ।
୧୬ଶାସ୍ତ୍ରରେ ଲେଖାଅଛି "ଉଭୟ ଏକ ହେବେ।"* ଅତଏବ
ତୁମ୍ଭେମାନେ ଜାଣିବା ଉଚିତ ଯେ ବେଶ୍ୟାଗମନ କରୁଥିବା
ଜଣେ ଲୋକ ଶାରୀରିକ ଭାବରେ ତା' ସହିତ ଏକ ହୁଏ।
୧୭କିନ୍ତୁ ଯେଉଁଲୋକ ପ୍ରଭୁଙ୍କ ସାଙ୍ଗରେ ରହେ ସେ
ଆତ୍ମାରେ ତାହାଙ୍କ ସହିତ ଏକ ହୁଏ।
୧୮ଅତଏବ ଯୌନଗତ ପାପଠାରୁ ଦୂରରେ ରୁହ।
ଜଣେଲୋକ ଅନ୍ୟ ସମସ୍ତ ପ୍ରକାରର ପାପ, ନିଜ ଶରୀରର
ବାହାରେ କରେ। କିନ୍ତୁ ଯୌନଗତ ପାପ ଦ୍ୱାରା ସେ ନିଜ
ଶରୀର ବିରୁଦ୍ଧରେ ପାପ କରେ। ୧୯ତୁମ୍ଭେମାନେ ଜାଣି
ରଖିବା ଉଚିତ ଯେ, ତୁମ୍ଭମାନଙ୍କ ଶରୀର ପବିତ୍ର ଆତ୍ମାଙ୍କ
ମନ୍ଦିର ଅଟେ। ପବିତ୍ର ଆତ୍ମା ଅନ୍ତରରେ ଅଛନ୍ତି। ପବିତ୍ର
ଆତ୍ମାଙ୍କୁ ତୁମ୍ଭେମାନେ ପରମେଶ୍ୱରଙ୍କଠାରୁ ପାଇଛ। ତୁମ୍ଭେମାନେ
ନିଜେ ନିଜର ନୁହଁ। ୨୦କାରଣ ପରମେଶ୍ୱର ତୁମ୍ଭମାନଙ୍କୁ
ମୂଲ୍ୟ ଦେଇ କିଣିଛନ୍ତି। ସେଥିପାଇଁ ନିଜ ଶରୀର ମାଧ୍ୟମରେ
ପରମେଶ୍ୱରଙ୍କୁ ଗୌରବ ଦିଅ।

## ବିବାହ ବିଷୟରେ

୭ ଏବେ ମୁଁ ତୁମ୍ଭେମାନେ ଲେଖିଥିବା ବିଷୟଗୁଡ଼ିକର
ଆଲୋଚନା କରିବି। ପୁରୁଷ ପକ୍ଷେ ବିବାହ ନ
କରିବା ଭଲ। ୨କିନ୍ତୁ ଯୌନଗତ ପାପ ବଡ଼ ବିପଦଜନକ।
ଅତଏବ ପ୍ରତ୍ୟେକ ପୁରୁଷର ନିଜର ପତ୍ନୀ ଥିବା ଉଚିତ।
ସେହିଭଳି ପ୍ରତ୍ୟେକ ସ୍ତ୍ରୀର ନିଜ ସ୍ୱାମୀ ଥିବା ଉଚିତ।
୩ପତି ଆପଣାର ପତ୍ନୀକୁ ତାହାର ପ୍ରାପ୍ୟ ଦେବା ଉଚିତ।
୪ପତ୍ନୀର ତା' ନିଜ ଶରୀର ଉପରେ କୌଣସି ଅଧିକାର
ନାହିଁ। ତା'ର ଶରୀର ଉପରେ ତା' ସ୍ୱାମୀ (ପତି) ର
ଅଧିକାର ଅଛି। ସେହିଭଳି ସ୍ୱାମୀର ତା' ନିଜ ଶରୀର
ଉପରେ କୌଣସି ଅଧିକାର ନାହିଁ। ତା'ର ଶରୀର
ଉପରେ ତା'ର ସ୍ତ୍ରୀର ଅଧିକାର ଅଛି। ୫ନିଜର ଅଧିକାରରୁ
ପରସ୍ପରକୁ ବଞ୍ଚିତ କର ନାହିଁ। କିନ୍ତୁ ତୁମ୍ଭେ ଦୁହେଁ
ପ୍ରାର୍ଥନାରେ ନିଜକୁ ଉତ୍ସର୍ଗ କରିବା ପାଇଁ ଏକମତ ହୋଇ
ଅଳ୍ପ ସମୟ ପାଇଁ ପୃଥକ ହୁଅ। ତା' ପରେ ପୁନର୍ବାର
ଏକାଠି ହୁଅ, ଯା'ଦ୍ୱାରା ଶୟତାନ ତୁମ୍ଭମାନଙ୍କ ଦୁର୍ବଳତାର
ସୁଯୋଗ ନେଇ ତୁମ୍ଭମାନଙ୍କୁ ପ୍ରଲୋଭିତ କରିପାରିବ ନାହିଁ।
୬ମୋର ଏହା ଆଦେଶ ନୁହେଁ, ବରଂ କିଛି ସମୟ ପାଇଁ
ପୃଥକ ରହିବାକୁ ଅନୁମତି ଦେଉଛି। ୭ମୁଁ ଇଚ୍ଛା କରେ
ଯେ, ସମସ୍ତେ ମୋ ଭଳି ରୁହନ୍ତୁ। କିନ୍ତୁ ପ୍ରତ୍ୟେକ
ଲୋକକୁ ପରମେଶ୍ୱରଙ୍କ ଠାରୁ ଏକ ବିଶେଷ ଅନୁଗ୍ରହ
ମିଳିଛି। ଯଦି ଜଣକର ଗୋଟିଏ ପ୍ରକାର ଅନୁଗ୍ରହଦାନ
ତା'ହେଲେ ଅନ୍ୟ ଜଣକ ନିମନ୍ତେ ଅନ୍ୟ ପ୍ରକାରର
ଅନୁଗ୍ରହଦାନ ଅଛି।
୮ଏବେ ମୁଁ ଅବିବାହିତ ଓ ବିଧବାମାନଙ୍କୁ କହୁଛି ଯେ,
ଯଦି ସେମାନେ ମୋ ଭଳି ଏକାକୀ ରହି ପାରିବେ, ତା'
ହେଲେ ଭଲ। ୯କିନ୍ତୁ ଯଦି ସେମାନେ ନିଜ ଶରୀର
ଉପରେ ନିୟନ୍ତ୍ରଣ ରଖି ପାରିବେ ନାହିଁ, ତା'ହେଲେ
ସେମାନେ ବିବାହ କରିବା ଉଚିତ। କାରଣ କାମ ବାସନାର
ଅଗ୍ନିରେ ପୋଡ଼ି ହେବା ଅପେକ୍ଷା ବିବାହ କରିବା ଉତ୍ତମ।
୧୦ଯେଉଁମାନେ ବିବାହିତ ସେମାନଙ୍କୁ ମୁଁ ଏହି ଆଦେଶ
ଦେଉଛି- ଏହି ଆଦେଶ ମୋ' ଠାରୁ ନୁହେଁ ବରଂ, ପ୍ରଭୁ
ନିଜେ ଏହି ଆଦେଶ ଦିଅନ୍ତି।
୧୧ଯେ ପତ୍ନୀ ନିଜ ପତିକୁ କେବେହେଲେ ଛାଡ଼ିବା
ଉଚିତ ନୁହେଁ, କିନ୍ତୁ ଯଦି ପତ୍ନୀ ନିଜ ପତିକୁ ଛାଡ଼େ,
ତା'ହେଲେ ପୁନଃ ବିବାହ ନ କରି ରହିବା ଉଚିତ ବା
ନିଜ ପତି ସହିତ ମିଶି ଯିବା ଉଚିତ। ଠିକ୍ ସେହିଭଳି
ପତି ମଧ୍ୟ ନିଜ ପତ୍ନୀକୁ ଛାଡ଼ପତ୍ର ଦେବା ଉଚିତ ନୁହେଁ।
୧୨ମୁଁ ଅନ୍ୟ ସମସ୍ତ ଲୋକଙ୍କୁ ଏହା କହେ (ଏହା
ମୋର କଥା, ପ୍ରଭୁଙ୍କର ନୁହେଁ): ଯଦି କୌଣସି ଖ୍ରୀଷ୍ଟୀୟ
ଭାଇଙ୍କର ଏପରି ପତ୍ନୀ ଅଛି ଓ ସେ ଖ୍ରୀଷ୍ଟ ବିଶ୍ୱାସୀନୀ
ନୁହେଁ ମାତ୍ର ପତି ସହିତ ରହିବାକୁ ଇଚ୍ଛୁକ, ତା' ହେଲେ
ପତି ତାକୁ ତ୍ୟାଗ କରିବା ଉଚିତ ନୁହେଁ। ୧୩ଯଦି
କୌଣସି ପତ୍ନୀର ପତି ଅଛି, ଓ ସେ ଖ୍ରୀଷ୍ଟ ବିଶ୍ୱାସୀ
ନୁହେଁ, କିନ୍ତୁ ସେ ପତ୍ନୀ ସହିତ ରହିବା ପାଇଁ ଇଚ୍ଛୁକ, ତା'
ହେଲେ ପତ୍ନୀ ତାକୁ ଛାଡ଼ପତ୍ର ଦେବା ଅନୁଚିତ। ୧୪ଖ୍ରୀଷ୍ଟଙ୍କଠାରେ
ବିଶ୍ୱାସ ନ କରୁଥିବା ପତି, ତା'ର ବିଶ୍ୱାସ କରୁଥିବା ପତ୍ନୀ
ମାଧ୍ୟମରେ ପବିତ୍ର କରାଯାଇଅଛି। ସେହିଭଳି ବିଶ୍ୱାସ ନ
କରୁଥିବା ପତ୍ନୀ, ତା' ବିଶ୍ୱାସ କରୁଥିବା ପତି ମାଧ୍ୟମରେ
ପବିତ୍ର କରାଯାଇ ଅଛି। ଯଦି ଏହା ସତ୍ୟ ହୋଇ ନଥାନ୍ତା,
ତା'ହେଲେ ତୁମ୍ଭମାନଙ୍କ ସନ୍ତାନମାନେ କଦାପି ଶୁଚି ହୋଇ
ନ ଥାନ୍ତେ। କିନ୍ତୁ ସେମାନେ ଏବେ ପବିତ୍ର ଅଟନ୍ତି।
୧୫ତଥାପି ଯଦି ଜଣେ ଅବିଶ୍ୱାସୀ, ଜଣେ ବିଶ୍ୱାସୀଠାରୁ
ଅଲଗା ହେବାକୁ ଇଚ୍ଛା କରେ, ତା' ହେଲେ ସେ ଅଲଗା
ହୋଇପାରେ। ଯେତେବେଳେ ଏପରି ଘଟିବ, ଖ୍ରୀଷ୍ଟିୟ ଭାଇ
ଓ ଭଉଣୀ ବିବାହ ବନ୍ଧନରୁ ମୁକ୍ତହେବ। ପରମେଶ୍ୱର
ତୁମ୍ଭମାନଙ୍କୁ ଶାନ୍ତିରେ ରହିବାକୁ ଆହ୍ୱାନ ଦେଇଛନ୍ତି।
୧୬ପତ୍ନୀଗଣ! ହୁଏତ ତୁମ୍ଭେମାନେ ନିଜର ରକ୍ଷା କରି
ପାରିବ; ପତିଗଣ! ହୁଏତ ତୁମ୍ଭେମାନେ ନିଜ ନିଜର ପତ୍ନୀକୁ
ରକ୍ଷା କରି ପାରିବ। ଭବିଷ୍ୟତରେ କ'ଣ ଘଟିବ, ଏହା
ତୁମ୍ଭେମାନେ ଏବେ ଜାଣି ନାହଁ।

## ପରମେଶ୍ୱରଙ୍କ ଆହ୍ୱାନ ଅନୁସାରେ ଜୀବନ ଯାପନ କର

୧୭ପ୍ରଭୁ ତୁମ୍ଭକୁ ଆହ୍ୱାନ କଲାବେଳେ ଯେଉଁ ପ୍ରକାର
ଜୀବନଯାପନ କରିବା ପାଇଁ ଚାଳନା ଦେଇଛନ୍ତି, ପ୍ରତ୍ୟେକ
ଲୋକ ସେହିଭଳି ଜୀବନ ଯାପନ କରିବା ଉଚିତ। ମୁଁ
ସମସ୍ତ ମଣ୍ଡଳୀକୁ ଏହି ନିର୍ଦ୍ଦେଶ ଦିଏ। ୧୮ପରମେଶ୍ୱରଙ୍କ
ଆହ୍ୱାନ ପାଇବା ପୂର୍ବରୁ ଯଦି କାହାର ସୁନ୍ନତ ହୋଇ
ଯାଇଛି, ସେ ତାହା ପରିବର୍ତ୍ତନ କରିବା ଉଚିତ ନୁହେଁ।
ଯଦି ଜଣେ ଆହ୍ୱାନ ପାଇବା ବେଳେ ସୁନ୍ନତ ହୋଇ ନାହିଁ,
ତା'ର ମଧ୍ୟ ସୁନ୍ନତ ହେବା ଉଚିତ ନୁହେଁ। ୧୯ଜଣେ ସୁନ୍ନତ
ହୋଇଛି ବା ନାହିଁ, ତାହା ବଡ଼ ବିଷୟ ନୁହେଁ, ମାତ୍ର
ପରମେଶ୍ୱରଙ୍କର ଆଜ୍ଞାଙ୍କୁ ମାନିବା ବଡ଼ ବିଷୟ।

**"ଉଭୟ … ହେବେ।"** ଆଦିପୁସ୍ତକ ୨:୨୪

୨୦ପରମେଶ୍ୱର ଆହ୍ୱାନ କଲାବେଳେ ଯେ ଯେଉଁ ଅବସ୍ଥାରେ
ଥିଲା, ସେ ସେଭଳି ଥାଉ। ୨୧ଯଦି ପରମେଶ୍ୱର ତୁମ୍ଭମାନଙ୍କୁ
କ୍ରୀତଦାସ ଥିବା ଅବସ୍ଥାରେ ଡାକିଛନ୍ତି, ସେଥିପାଇଁ ଦୁଃଖ
କର ନାହିଁ। କିନ୍ତୁ ଯଦି ତୁମ୍ଭେମାନେ ସ୍ୱାଧୀନ ହୋଇପାର,
ତାହାହେଲେ ସେହି ସୁଯୋଗର ବ୍ୟବହାର କର। ୨୨କାରଣ
ଯେଉଁ ଲୋକକୁ ପ୍ରଭୁ ଆହ୍ୱାନ କଲାବେଳେ କ୍ରୀତଦାସ
ଥିଲା, ଏବେ ସେ ପ୍ରଭୁଙ୍କଠାରେ ସ୍ୱାଧୀନ ଲୋକ। ସେହି
ପ୍ରକାର ସ୍ୱାଧୀନ ଲୋକ ଥିଲାବେଳେ ପ୍ରଭୁ ଯାହାକୁ ଆହ୍ୱାନ
କଲେ, ସେ ଏବେ ପ୍ରଭୁଙ୍କର କ୍ରୀତଦାସ ଅଟେ। ୨୩ପରମେଶ୍ୱର
ମୂଲ୍ୟ ଦେଇ ତୁମ୍ଭମାନଙ୍କୁ କିଣିଛନ୍ତି। ତେଣୁ ମନୁଷ୍ୟମାନଙ୍କ
କ୍ରୀତଦାସ ହୁଅନାହିଁ। ୨୪ଅତଏବ ମଣିଷମାନଙ୍କର ଦାସ ହୁଅ
ନାହିଁ। ଭାଇ (ଓ ଭଉଣୀ) ମାନେ! ଆହ୍ୱାନ ହେଲାବେଳେ
ଯେ ଯେଉଁ ଅବସ୍ଥାରେ ଥିଲା, ପରମେଶ୍ୱରଙ୍କ ସହ ନୂତନ
ଜୀବନ ଲାଭ କରି, ସେ ସେହିପରି କାର୍ଯ୍ୟ କରୁ।

## ବିବାହ କରିବା ବିଷୟକ ପ୍ରଶ୍ନ

୨୫ଏବେ ମୁଁ ଅବିବାହିତ ଲୋକମାନଙ୍କ ବିଷୟରେ
କହୁଛି। ଏ ବିଷୟରେ ପ୍ରଭୁଙ୍କଠାରୁ ମୋତେ କୌଣସି
ଆଦେଶ ମିଳି ନାହିଁ। କିନ୍ତୁ ପ୍ରଭୁ ମୋ ପ୍ରତି ଦୟା
ଦେଖାଇ ଥିବାରୁ ଓ ମୁଁ ବିଶ୍ୱାସଭାଜନ ହୋଇ ଥିବାରୁ, ମୁଁ
ମୋର ମତାମତ ଦେଉଛି। ୨୬ଏହା ସଙ୍କଟର ସମୟ।
ଅତଏବ, ମୋ ମତରେ ତୁମ୍ଭେ ଯେପରି ଅଛ ସେହିପରି
ରହିବା ଉତ୍ତମ। ୨୭ଯଦି ତୁମ୍ଭେମାନେ ବିବାହିତ, ତେବେ
ପତ୍ନୀଠାରୁ ମୁକ୍ତ ହେବାକୁ ଚେଷ୍ଟା କର ନାହିଁ। କିନ୍ତୁ ଯଦି
ତୁମ୍ଭମାନଙ୍କର ବିବାହ ହୋଇନାହିଁ, ତେବେ ପତ୍ନୀଟିଏ ଖୋଜିବା
ପାଇଁ ଚେଷ୍ଟା କର ନାହିଁ। ୨୮କିନ୍ତୁ ଯଦି ତୁମ୍ଭେମାନେ
ବିବାହ କରିବା ପାଇଁ ମନସ୍ଥ କରିଛ, ତେବେ ଏହା ପାପ
ନୁହେଁ। ଜଣେ କୁମାରୀ କନ୍ୟା ବିବାହ କଲେ ପାପ କରେ
ନାହିଁ। କିନ୍ତୁ ଯେଉଁମାନେ ବିବାହ କରନ୍ତି, ସେମାନେ ଏହି
ଜୀବନରେ କଷ୍ଟ ପାଇବେ। ଏହି କଷ୍ଟରୁ ମୁଁ ତୁମ୍ଭମାନଙ୍କୁ
ମୁକ୍ତ ରଖିବାକୁ ଇଚ୍ଛା କରେ।

୨୯ଭାଇ (ଓ ଭଉଣୀ) ମାନେ! ମୋର କହିବା କଥା
ଯେ, ସମୟ ବହୁତ କମ୍ ଅଛି। ଅତଏବ, ଏହାପରେ,
ଯେଉଁମାନଙ୍କର ପତ୍ନୀ ଅଛନ୍ତି ସେମାନେ ପ୍ରଭୁଙ୍କ ପାଇଁ
ସମୟ ଦିଅନ୍ତୁ, ଯେପରି ସେମାନଙ୍କ ପତ୍ନୀନାହିଁ। ୩୦ଯେଉଁମାନେ
ଦୁଃଖି ସେମାନେ ଦୁଃଖି ନ ହେଲା ଭଳି ରୁହନ୍ତୁ।
ଯେଉଁମାନେ ସୁଖୀ, ସେମାନେ ଏପରି ରୁହନ୍ତୁ ଯେପରି
ସୁଖୀ ନୁହଁନ୍ତି। ଯେଉଁମାନେ ଜିନିଷ ପତ୍ର କିଣି ପାରନ୍ତି
ସେମାନେ ନିଜ ପାଖରେ କିଛି ନ ଥିଲା ଭଳି ରୁହନ୍ତୁ।
୩୧ଯେଉଁମାନେ ସଂସାରିକ ଭୋଗ-ବିଳାସର ସାମଗ୍ରୀ ଗୁଡ଼ିକ
ବ୍ୟବହାର କରୁଛନ୍ତି, ସେମାନେ ଏପରି ରୁହନ୍ତୁ ଯେପରି
ସେ ଗୁଡ଼ିକ ସେମାନଙ୍କ ପାଇଁ ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ।
ଏହିପରି ଭାବରେ ରୁହ, କାରଣ ଜଗତର ବାହ୍ୟିକ ବିଷୟ
ସବୁ ଶୀଘ୍ର ଲୋପ ପାଇବ।

୩୨ତୁମ୍ଭେମାନେ ଯେପରି ଚିନ୍ତା ନ କର ଏହା ମୋର
ଇଚ୍ଛା। ଅବିବାହିତ ଲୋକ ପ୍ରଭୁଙ୍କ କାମରେ ଲାଗିଥାଏ ଓ
ସେ ପ୍ରଭୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟା କରେ। ୩୩କିନ୍ତୁ
ଯେଉଁ ଲୋକ ବିବାହିତ, ସେ ସାଂସାରିକ ବିଷୟରେ ଲିପ୍ତ
ରହି ତା'ର ପତ୍ନୀକୁ ସନ୍ତୁଷ୍ଟ କରିବା ପାଇଁ ବ୍ୟସ୍ତ ରହିଥାଏ।
୩୪ଅତଏବ ସେ ଦୁଇଟି ବିଷୟ ପ୍ରତି ଧ୍ୟାନ ଦିଅ: ପତ୍ନୀକୁ
ସନ୍ତୁଷ୍ଟ ଓ ପ୍ରଭୁଙ୍କୁ ସନ୍ତୁଷ୍ଟ କରିବା। ଜଣେ ଅବିବାହିତା ସ୍ତ୍ରୀ
ଅର୍ଥାତ କୁମାରୀ କନ୍ୟା ପ୍ରଭୁଙ୍କ ପାଇଁ ସମୟ ଦିଏ। ସେ
ତା'ର ଶରୀର ଓ ଆତ୍ମା ଉଭୟକୁ ପ୍ରଭୁଙ୍କଠାରେ ସମର୍ପିତ
କରିପାରେ। କିନ୍ତୁ ଜଣେ ବିବାହିତା ସ୍ତ୍ରୀ, ଜାଗତିକତାରେ
ମାତି ରହି, ନିଜ ସ୍ୱାମୀକୁ ସନ୍ତୁଷ୍ଟ କରିବାରେ ବ୍ୟସ୍ତ
ରୁହେ। ୩୫ଏହି କଥାଗୁଡ଼ିକ ମୁଁ ତୁମ୍ଭମାନଙ୍କ ଭଲ ପାଇଁ
କହୁଛି, ତୁମ୍ଭମାନଙ୍କ ଉପରେ କୌଣସି କଡ଼ା ପ୍ରତିବନ୍ଧକ
ଲଗାଇବା ପାଇଁ ନୁହେଁ। ମୁଁ ଇଚ୍ଛା କରେ ଯେ ତୁମ୍ଭେମାନେ
ନିଜକୁ କୌଣସି ଅନ୍ୟ କାମରେ ନ ଲଗାଇ, ସଂପୂର୍ଣ୍ଣ
ଭାବରେ ପ୍ରଭୁଙ୍କଠାରେ ସମର୍ପଣ କର।

୩୬ଯଦି କେହି ନିଜର କନ୍ୟା ଗତବୟସ୍କା ହେବାର
ଦେଖି ଭାବେ ଯେ, ସେ ନିଜ କୁମାରୀ କନ୍ୟା ପ୍ରତି ଉଚିତ
ବ୍ୟବହାର କରୁ ନାହିଁ, ଓ ଭାବେ ଯେ କନ୍ୟାର ବିବାହ
ଆବଶ୍ୟକ, ତେବେ ସେ ଯେପରି ଚାହେଁ ସେପରି କରିପାରେ।
ସେମାନଙ୍କର ବିବାହ କରିଦେବା ଉଚିତ। ଏହା ପାପ
ନୁହେଁ। ୩୭କିନ୍ତୁ ଆଉ ଜଣେ ଲୋକ ଅଧିକ ଦୃଢ଼ମନା
ଥାଇପାରେ ଯେ ବାହାହେବା ଦରକାର ନାହିଁ। ତାହାହେଲେ
ସେ ଯାହା ଚାହେଁ, ତାହା କରିବା ପାଇଁ ସ୍ୱାଧୀନତା
ପାଇଛି। ଯଦି ସେ ଚାହେଁ ତାହାର ମନରେ ଯେ ସେ
ତାହାର କନ୍ୟାକୁ ବିବାହ ଦେବ ନାହିଁ, ସେ ଉଚିତ
କରୁଛି। ୩୮ଅତଏବ ଯିଏ ନିଜର କୁମାରୀ କନ୍ୟାର ବିବାହ
କରାଉଛି, ସେ ଭଲ କରୁଛି ଓ ଯିଏ କୁମାରୀ କନ୍ୟାର
ବିବାହ କରାଉ ନାହିଁ, ସେ ଅଧିକ ଭଲ କରୁଛି।

୩୯ଜଣେ ସ୍ୱାମୀ ଜୀବିତ ଥିବା ପର୍ଯ୍ୟନ୍ତ ସେ ତା' ସହିତ
ରହିବା ପାଇଁ ବାଧ୍ୟ। ସ୍ୱାମୀ ମରିଗଲା ପରେ ସେ ଯେ
କୌଣସି ଅନ୍ୟ ଲୋକ ସହିତ ବିବାହ କରିବା ପାଇଁ
ସ୍ୱାଧୀନ ଅଟେ। କିନ୍ତୁ ସେ ପ୍ରଭୁଙ୍କ ପ୍ରତି ସଂପୂର୍ଣ୍ଣ ବିଶ୍ୱସ୍ତ
ହେବା ଉଚିତ। ୪୦ଏକ ସ୍ତ୍ରୀ ଯଦି ପୁନଃ ବିବାହ ନ
କରେ, ତା' ହେଲେ ସେ ଅଧିକ ସୁଖୀ ରହିବ। ଏହା
ହେଉଛି ମୋର ମତ। ମୁଁ ବିଶ୍ୱାସ କରେ ଯେ ମୋ
ପାଖରେ ମଧ୍ୟ ପରମେଶ୍ୱରଙ୍କ ଆତ୍ମା ଅଛି।

## ମୂର୍ତ୍ତିଠାରେ ଉତ୍ସର୍ଗ ହୋଇଥିବା ପ୍ରସାଦ

୮ ଏବେ ମୁଁ ମୂର୍ତ୍ତିଗୁଡ଼ିକଠାରେ* ଉତ୍ସର୍ଗୀକୃତ ମାଂସ
ବିଷୟରେ କହିବି। ଆମ୍ଭେ ଜାଣୁ "ଆମ୍ଭ ସମସ୍ତଙ୍କ
ପାଖରେ ଜ୍ଞାନ ଅଛି।" କିନ୍ତୁ "ଜ୍ଞାନ" ତୁମ୍ଭମାନଙ୍କୁ
ଅହଂକାରୀ କରିଦିଏ। ୨କିନ୍ତୁ ପ୍ରେମ ଅନ୍ୟମାନଙ୍କୁ ବଳିଷ୍ଠ
କରିବାରେ ତୁମ୍ଭମାନଙ୍କୁ ସାହାଯ୍ୟ କରେ। ଯଦି କିଏ ଭାବେ
ଯେ, ସେ କିଛି ଜାଣେ ତା' ହେଲେ ସେ ଯେ ମୂର୍ଖ ଏହା
ଜାଣି ରଖିବା ଉଚିତ। ୩କିନ୍ତୁ ଯିଏ ପରମେଶ୍ୱରଙ୍କୁ ପ୍ରେମ
କରେ, ପରମେଶ୍ୱର ତାହାର ପରିଚୟ ନିଅନ୍ତି।

---

**ମୂର୍ତ୍ତିଗୁଡ଼ିକଠାରେ** କାଷ୍ଠ, ପାଷାଣ, ମାଟିରେ ନିର୍ମିତ, ଅଣଯିହୂଦୀ
ମାନଙ୍କ ଦ୍ୱାରା ଉପାସିତ ଦେବତା

୪ଅତଏବ ମାଂସ ଖାଇବା ବଷୟରେ ମୁଁ ଏହା କହେ
ଯେ, “ଆମ୍ଭେ ଜାଣୁ ଯେ ଜଗତରେ ପ୍ରକୃତରେ ପ୍ରତିମା
ବୋଲ କଛି ନାହିଁ। ଏବଂ ଆମ୍ଭେ ଜାଣୁ ଯେ ଜଣେ ମାତ୍ର
ପରମେଶ୍ୱର ଅଛନ୍ତି। ୫ଆକାଶ ବା ପୃଥିବୀରେ ଅନେକଗୁଡ଼ିଏ
ତଥା-କଥିତ ଦେବତା ଥାଇ ପାରନ୍ତି (ଲୋକେ ଅନେକ
ବସ୍ତୁକୁ “ଦେବଗଣ” ଓ “ପ୍ରଭୁଗଣ” ବୋଲ କହୁଛନ୍ତି,
କନ୍ତୁ ତାହା ମହତ୍ତ୍ୱପୂର୍ଣ୍ଣ ନୁହେଁ।) ୬କନ୍ତୁ ଆମ୍ଭ ପାଇଁ ଜଣେ
ପରମେଶ୍ୱର ଅଛନ୍ତି। ସେ ଆମ୍ଭର ପରମପିତା। ସମସ୍ତ
ବଷୟ ତାହାଙ୍କଠାରୁ ଆସେ, ଓ ଆମ୍ଭେ ତାହାଙ୍କ ପାଇଁ
ଜୀବତ ଅଛୁ। ପ୍ରଭୁ କେବଳ ଜଣେ। ସେ ଯୀଶୁ ଖ୍ରୀଷ୍ଟ
ଅଟନ୍ତି। ପ୍ରତ୍ୟେକ ବଷୟ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ନର୍ମିତ, ଓ
ସେ ଆମ୍ଭମାନଙ୍କୁ ଜୀବନ ଦେଇଛନ୍ତି।
୭କନ୍ତୁ ଏହି ଜ୍ଞାନ ସମସ୍ତଙ୍କ ପାଖରେ ନାହିଁ। କେତେକ
ଲୋକ ପୂର୍ବ ଅଭ୍ୟାସ ଯୋଗୁ ଏବେ ସୁଦ୍ଧା ମୂର୍ତ୍ତି ଉପାସନା
କରନ୍ତି। ଏବଂ ମାଂସ ଖାଇବା ବେଳେ, ତାହା ମୂର୍ତ୍ତି
ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏ ପ୍ରସାଦ ବୋଲ ମନେ
କରନ୍ତି। ଏହି ମାଂସ ଖାଇବା ଉଚତ କ ନୁହେଁ, ଏ
ସମ୍ବନ୍ଧରେ ସେମାନଙ୍କର ନଶ୍ଚିତ ବୋଧ ନାହିଁ। ଅତଏବ,
ଖାଇଲା ବେଳେ ନଜେ ନଜକୁ ଦୋଷୀ ମନେ କରନ୍ତି।
୮ଖାଦ୍ୟ ଆମ୍ଭକୁ ପରମେଶ୍ୱରଙ୍କ ନକଟବର୍ତ୍ତୀ କରାଏ ନାହିଁ।
ଖାଦ୍ୟ ନ ଖାଇବା ଦ୍ୱାରା ପରମେଶ୍ୱରଙ୍କ ସହ ଆମ୍ଭର
ସଂପର୍କରେ କ୍ଷତି ହୁଏ ନାହିଁ, ଓ ଖାଇବା ଦ୍ୱାରା ଆମ୍ଭର
କଛି ଲାଭ ମଧ୍ୟ ହୁଏ ନାହିଁ।
୯କନ୍ତୁ ନଜର ସ୍ୱାଧୀନତା ବଷୟରେ ସାବଧାନ ରୁହ।
ତୁମ୍ଭମାନଙ୍କର ଏହି ସ୍ୱାଧୀନତା, ଦୁର୍ବଳ ବଶ୍ୱାସୀମାନଙ୍କୁ
ପାପରେ ନ ପକାଉ। ୧୦ତୁମ୍ଭମାନଙ୍କର ହିତାହିତ ଜ୍ଞାନ
ଅଛି। ତେଣୁ ତୁମ୍ଭେ ଦେବ ମନ୍ଦିର ଭୋଜନ ଶାଳାରେ
ବସି ଖାଇବା ପାଇଁ ଉଚତ ମନେ କରପାର। କନ୍ତୁ
କୌଣସି ଦୁର୍ବଳ ବଶ୍ୱାସୀ, ସେଠାରେ ତୁମ୍ଭମାନଙ୍କୁ ଦେଖି
ମୂର୍ତ୍ତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ମାଂସ ଖାଇବାକୁ ସାହସ
ପାଇବ। ସେ ଏପରି କରବା ଭୁଲ ଜାଣି ମଧ୍ୟ ଏହାକୁ
ଖାଇବ। ୧୧ଅତଏବ ସେହି ଦୁର୍ବଳ ବଶ୍ୱାସୀ ଯାହା ନମନ୍ତେ
ଯୀଶୁ ଖ୍ରୀଷ୍ଟ ପ୍ରାଣ ତ୍ୟାଗ କରଛନ୍ତି, ତାହାର ଆତ୍ମିକ ପତନ
ପାଇଁ ତୁମ୍ଭେ ଦାୟୀ ହେବ। ୧୨ତୁମ୍ଭେମାନେ ଖ୍ରୀଷ୍ଟୀୟ ଭାଇ
ଓ ଭଉଣୀମାନଙ୍କ ବରୁଦ୍ଧରେ ପାପ କରୁଛ, ଓ ସେମାନେ
ଭୁଲ ବୋଲ ଅନୁଭବ କରୁଥିବା କାମଗୁଡ଼ିକ କରବାକୁ
ଉତ୍ସାହିତ କର ସେମାନଙ୍କ ବବେକକୁ ଆଘାତ ଦେଉଛ।
ଏହା ଦ୍ୱାରା ତୁମ୍ଭେମାନେ ଖ୍ରୀଷ୍ଟଙ୍କ ବରୁଦ୍ଧରେ ମଧ୍ୟ ପାପ
କରୁଛ। ୧୩ଯଦି ମୋର ମାଂସ ଖାଇବା ଦ୍ୱାରା ମୋ ଭାଇ
ପାପରେ ପଡ଼ିବ, ତା’ହେଲେ ମୁଁ ଭବଷ୍ୟତରେ ଆଉ ମାଂସ
ଖାଇବ ନାହିଁ। ଏପ୍ରକାରେ ମୁଁ ମୋ ଭାଇର ବଘ୍ନର କାରଣ
ହେବ ନାହିଁ।

୯ ମୁଁ ଜଣେ ସ୍ୱାଧୀନ ବ୍ୟକ୍ତି। ମୁଁ ଜଣେ ପ୍ରେରତ। ମୁଁ
ଆମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କୁ ଦେଖିଛି। ପ୍ରଭୁଙ୍କ
ନମନ୍ତେ ମୋ କାର୍ଯ୍ୟର ଫଳ ସ୍ୱରୂପେ ତୁମ୍ଭେମାନେ
ପରବର୍ତ୍ତିତ ହୋଇଛ। ୨ଅନ୍ୟମାନେ ମୋତେ ପ୍ରେରତ
ବୋଲ ଗ୍ରହଣ ନ କର ପାରନ୍ତି, କନ୍ତୁ ତୁମ୍ଭେମାନେ
ମୋତେ ପ୍ରେରତ ବୋଲ ନଶ୍ଚିତ ଭାବରେ ଗ୍ରହଣ କରୁଛ।
ମୁଁ ଯେ ପ୍ରଭୁଙ୍କର ଜଣେ ପ୍ରେରତ, ତୁମ୍ଭେମାନେ ଏଥିର
ପ୍ରମାଣ ଅଟ।
୩କେତେକ ମୋର ବଚାର କରବାକୁ ଇଚ୍ଛା କରନ୍ତି।
ସେମାନଙ୍କ ପାଇଁ ମୋର ଉତ୍ତର ଏହି ଯେ, ୪ଆମ୍ଭର
ଖାଇବା ଓ ପିଇବା ପାଇଁ କ’ଣ ଅଧିକାର ନାହିଁ? ୫ଜଣେ
ବଶ୍ୱାସିନୀ ପତ୍ନୀକୁ ଯାତ୍ରାବେଳେ ସଙ୍ଗରେ ନେଇ ଯିବା
ପାଇଁ କଣ ଆମ୍ଭର ଅଧିକାର ନାହିଁ? ଅନ୍ୟ ପ୍ରେରତମାନେ,
ପ୍ରଭୁଙ୍କର ଭାଇମାନେ ଓ କେଫାସ ଏପରି କରୁଛନ୍ତି।
୬ଆଉ କେବଳ ବର୍ଣ୍ଣବ୍ବା ଓ ମୁଁ ନଜ ନଜର ଜୀବକା
ପାଇଁ କାମ କରୁଥିବୁ? ୭ସେନାବାହନୀରେ କୌଣସି ସୈନକ
କ’ଣ ନଜ ଖର୍ଚ୍ଚରେ ଯୁଦ୍ଧ କରେ? କୌଣସି ଲୋକ କ’ଣ
ଅଙ୍ଗୁର ବଗିଚା ଲଗାଏ ଓ ନଜେ ଏହାର ଫଳ ଖାଏ
ନାହିଁ। ଏପର କେଉଁ ଲୋକ ଅଛି, ଯେ ମେଷପାଳନ
କର ନଜ ପାଇଁ ମେଷଦୁଧ ନଏ ନାହିଁ?
୮ଏହି କଥାଗୁଡ଼ିକ କେବଳ ମନୁଷ୍ୟର ଚନ୍ତାଧାରା ନୁହେଁ
ମାତ୍ର ପରମେଶ୍ୱରଙ୍କ ବ୍ୟବସ୍ଥା ମଧ୍ୟ ସେହି କଥା କୁହେ।
୯ମୋଶାଙ୍କ ବ୍ୟବସ୍ଥାରେ ଲେଖା ଅଛି: “ଖଳାରେ ବେଙ୍ଗଲା
ବୁଲାଇଲା ବେଳେ ବଳଦର ମୁହଁ ବାନ୍ଧ ନାହିଁ।”* ପରମେଶ୍ୱର
ଏହା କ’ଣ କେବଳ ବଳଦଙ୍କ ବଷୟରେ କହଲେ? ନା।
୧୦ଏହା ନଶ୍ଚିତ ଯେ ଆମ୍ଭ ବଷୟରେ ମଧ୍ୟ ଲେଖାଯାଇଛି।
କାରଣ ହଳ କରୁଥିବା ଓ ଶସ୍ୟ ପାଛୁଡୁ ଥିବା ଲୋକ,
ଉଭୟ ପରଶ୍ରମ କରଥିବା ହେତୁ, ପାଇବେ ବୋଲ ଆଶା
କରଥାନ୍ତି। ୧୧ତୁମ୍ଭମାନଙ୍କ ମଧ୍ୟରେ ଆମ୍ଭେ ଆତ୍ମିକ ବୀଜ
ବୁଣିଅଛୁ, ତେଣୁ ଜୀବକା ନର୍ବାହ ପାଇଁ ତୁମ୍ଭ ପାର୍ଥିବ
ଧନରୁ କଛି ପାଇବାକୁ କ’ଣ ଆମ୍ଭର ଅଧିକାର ନାହିଁ?
ଏହା ଆମ୍ଭର ପ୍ରାପ୍ୟ। ୧୨ଯଦି ଅନ୍ୟମାନଙ୍କର ତୁମ୍ଭଠାରେ
ଏହି ଦାବୀ ଅଛି, ତେବେ ଆମ୍ଭର କ’ଣ ଏଥିରେ ଅଧିକ
ଦାବୀ ନାହିଁ? କନ୍ତୁ ଆମ୍ଭେ ଏହି ଅଧିକାର ପ୍ରୟୋଗ
କରନାହୁଁ। ବରଂ ଖ୍ରୀଷ୍ଟଙ୍କର ସୁସମାଚାର କାର୍ଯ୍ୟ କାଳେ
ବାଧାପ୍ରାପ୍ତ ହେବ, ଏଥିପାଇଁ ଆମ୍ଭେ ସହ୍ୟ କରଅଛୁ।
୧୩ତୁମ୍ଭେମାନେ କ’ଣ ଜାଣ ନାହିଁ ଯେ, ଯେଉଁମାନେ
ମନ୍ଦିରର ସେବକ ସେମାନେ ମନ୍ଦିରକୁ ଅଣାଯାଇଥିବା ବଳ
ଉତ୍ସର୍ଗରୁ କଛି ଆଣି ନଜର ଜୀବକା ନର୍ବାହ କରନ୍ତି। ଓ
ଯେଉଁମାନେ ବେଦୀର ସେବାରେ ନଯୁକ୍ତ ସେମାନେ ବେଦୀକୁ
ଅଣାଯାଇଥିବା ନୈବେଦ୍ୟରୁ କଛି ଭାଗ ପାଆନ୍ତି। ୧୪ସେହି
ପ୍ରକାର ପ୍ରଭୁ ଆଜ୍ଞା ଦେଇଛନ୍ତି। ଯେ ସୁସମାଚାର ଗ୍ରହଣ
କରୁଥିବା ଲୋକମାନେ ସୁସମାଚାର ପ୍ରଚାରକମାନଙ୍କର ପ୍ରତି
ପୋଷଣର ଦାୟିତ୍ୱ ନେବେ।,
୧୫କନ୍ତୁ ମୁଁ ଉକ୍ତ ଅଧିକାରଗୁଡ଼ିକରୁ ଗୋଟିଏ ମଧ୍ୟ
କେବେହେଲେ ପ୍ରୟୋଗ କରନାହିଁ। ମୁଁ ମଧ୍ୟ କଛି ପାଇବା
ପାଇଁ ଚେଷ୍ଟା କରନାହିଁ। ଏହି ଉଦ୍ଦେଶ୍ୟରେ ମୁଁ ଏହା
ଲେଖି ନାହିଁ। କେହି ମୋହର ଏହି ଗର୍ବର ଅଧିକାର
ମୋଠାରୁ ଛଡ଼ାଇ ନେଇ ଗଲେ ବରଂ ମୋର ମରଯିବା
ଭଲ। ୧୬ସୁସମାଚାର ପ୍ରଚାର କରବା ପାଇଁ ମୋର ଗର୍ବ

**“ଖଳାରେ … ନାହିଁ।”** ଦ୍ୱିତୀୟ ବବରଣୀ ୨୫:୪

କରିବା କିଛି ନାହିଁ। ଏହା ମୋହର କର୍ତ୍ତବ୍ୟ। ମୁଁ ଯଦି
ସୁସମାଚାର ପ୍ରଚାର ନ କରିବି, ତେବେ ମୋ ଜୀବନ
ଧିକ୍। ୧୭ତା’ପରେ ମଧ୍ୟ ଯଦି ମୁଁ ସ୍ୱେଚ୍ଛାରେ ସୁସମାଚାର
ପ୍ରଚାର କରୁଛି, ତେବେ ପୁରସ୍କାର ପାଇବା ପାଇଁ ମୁଁ
ଯୋଗ୍ୟ। କିନ୍ତୁ ତାହା ତ ନୁହେଁ। ସୁସମାଚାର ପ୍ରଚାର ପାଇଁ
ମୁଁ ବାଧ୍ୟ। ପ୍ରଭୁ ମୋତେ ଯେଉଁ ଦାୟିତ୍ୱ ଦେଇଛନ୍ତି,
କେବଳ ତାହା ମୁଁ ସମ୍ପାଦନ କରୁଛି। ୧୮ତା’ହେଲେ ମୋର
ପୁରସ୍କାର କ’ଣ? ମୋର ପୁରସ୍କାର ଏହା ଯେ ସୁସମାଚାର
ପ୍ରଚାର କଲା ବେଳେ ମୁଁ ମୁକ୍ତ ଭାବରେ ସୁସମାଚାରକୁ
ଦେଇ ପାରିବି? ଏହିପରି ସୁସମାଚାର ପ୍ରଚାର ପାଇଁ ଯେଉଁ
ପ୍ରାପ୍ୟ ମୋର ପାଇବା କଥା, ତାହା ମୁଁ ଦାବୀ କରେ
ନାହିଁ।

୧୯ମୁଁ ସ୍ୱାଧୀନ। କିନ୍ତୁ ମୁଁ ନିଜକୁ ସମସ୍ତଙ୍କ ଦାସ
କରିଛି। ଯଦ୍ଦ୍ୱାରା ମୁଁ ଅଧିକ ଲୋକଙ୍କୁ ଉଦ୍ଧାର କରି
ପାରିବି। ୨୦ଯିହୂଦୀ ଲୋକମାନଙ୍କୁ ଲାଭ କରିବା ଲାଗି ମୁଁ
ଯିହୂଦୀ ଲୋକମାନଙ୍କ ଭଳି ହେଲି। ମୁଁ ନିଜେ ବ୍ୟବସ୍ଥାର
ଅଧୀନ ନ ହେଲେ ମଧ୍ୟ ଯେପରି ବ୍ୟବସ୍ଥାଧିନ ଲୋକଙ୍କୁ
ଉଦ୍ଧାର କରିବି, ତେଣୁ ମୁଁ ସେମାନଙ୍କ ନିକଟରେ ବ୍ୟବସ୍ଥାଧିନ
ଲୋକଙ୍କ ଭଳି ହେଲି। ୨୧ମୁଁ ପରମେଶ୍ୱରଙ୍କ ବ୍ୟବସ୍ଥାରୁ
ମୁକ୍ତ ନୁହେଁ। ମାତ୍ର ମୁଁ ଖ୍ରୀଷ୍ଟଙ୍କ ବ୍ୟବସ୍ଥାର ଅଧୀନ।
ତଥାପି ମୁଁ ଯେପରି ବ୍ୟବସ୍ଥା ବିହୀନ ଲୋକମାନଙ୍କୁ ଉଦ୍ଧାର
କରିପାରେ, ତେଣୁ ମୁଁ ସେମାନଙ୍କ ନିକଟରେ ବ୍ୟବସ୍ଥା
ବିହୀନ ଲୋକପରି ହେଲି। ୨୨ଯେଉଁମାନେ ଦୁର୍ବଳ ସେହି
ଦୁର୍ବଳମାନଙ୍କୁ ଉଦ୍ଧାର କରିବା ପାଇଁ ମୁଁ ମଧ୍ୟ ଦୁର୍ବଳ
ହେଲି। ଯେହେତୁ ଯେଉଁ ଉପାୟରେ ହେଉ ପଛେ ମୁଁ
ଯେପରି ଅନେକ ଲୋକଙ୍କୁ ଉଦ୍ଧାର କରିପାରିବି ସେଥିପାଇଁ
ପ୍ରତ୍ୟେକ ପ୍ରକାରର ଲୋକମାନଙ୍କ ପାଇଁ ମୁଁ ସେହି
ପ୍ରକାରର ହେଲି। ୨୩ଏହା ସବୁ ମୁଁ ସୁସମାଚାର ପାଇଁ
କରୁଛି, ସୁସମାଚାର ଆଶୀର୍ବାଦରେ ମୋର ମଧ୍ୟ କିଛି ଅଂଶ
ରହିବ।

୨୪ତୁମ୍ଭେମାନେ ଜାଣ ଯେ ଦୌଡ଼ ପ୍ରତିଯୋଗିତାରେ
ସମସ୍ତେ ଦୌଡ଼ନ୍ତି, କିନ୍ତୁ ତାଙ୍କ ଭିତରୁ ମାତ୍ର ଜଣକୁ
ପୁରସ୍କାର ମିଳେ। ତୁମ୍ଭେମାନେ ଯେପରି ଜିତିବ, ସେପ୍ରକାର
ଦୌଡ଼। ୨୫ଖେଳରେ ପ୍ରତ୍ୟେକ ପ୍ରତିଯୋଗୀକୁ କଠୋର
ପ୍ରଶିକ୍ଷଣ ନେବାକୁ ହୁଏ। ସେମାନେ ମୁକୁଟ ପାଇବା ପାଇଁ
ଏହା କରନ୍ତି। ଏହି ମୁକୁଟ ଏକ ଜାଗତିକ ଓ କ୍ଷଣକାଳସ୍ଥାୟୀ
ବିଷୟ। କିନ୍ତୁ ଆମ୍ଭେ ଅକ୍ଷୟ ମୁକୁଟ ପାଇବା ପାଇଁ ଏପରି
କରୁ। ୨୬ସେଥିପାଇଁ ମୁଁ ଏକ ଲକ୍ଷ୍ୟରେ ଲକ୍ଷ୍ୟସ୍ଥଳକୁ
ଦୌଡୁଅଛି। ମୁଁ ମୁଷ୍ଟି ଯୁଦ୍ଧ କଲାପରି ଯୁଦ୍ଧ କରୁଛି, ବାୟୁ
ସଂଗେ ଯୁଦ୍ଧ କରୁନାହିଁ। ୨୭ମୁଁ ମୋର ନିଜ ଶରୀରକୁ
ଆଘାତ କରୁଛି। ମୁଁ ଏହାକୁ ମୋର କ୍ରୀତଦାସ କରୁଛି। ମୁଁ
ଏହା କରୁଛି ଯେପରି ମୁଁ ସୁସମାଚାର ପ୍ରଚାର କରିବା
ପରେ ନିଜେ ଯେପରି ପରମେଶ୍ୱରଙ୍କ ଦ୍ୱାରା ଅଗ୍ରାହ୍ୟ ନ
ହୁଏ। ଅନ୍ୟ ଲୋକମାନଙ୍କୁ ଉପଦେଶ ଦେଲା ପରେ
ଯେପରି ମୁଁ ପରମେଶ୍ୱରଙ୍କ ଦ୍ୱାରା ଅଗ୍ରାହ୍ୟ ନ ହୁଏ,
ସେଥିପାଇଁ ମୁଁ ମୋ ଶରୀରକୁ ବଶରେ ରଖୁଅଛି।

## ଯିହୂଦୀମାନଙ୍କ ଭଳି ହୁଅ ନାହିଁ

୧୦ ଭାଇ ଓ ଭଉଣୀମାନେ! ମୁଁ ଇଚ୍ଛା କରେ ଯେ,
ଆମ୍ଭର ପିତୃପୁରୁଷମାନଙ୍କ ପ୍ରତି (ଯେଉଁମାନେ
ମୋଶାଙ୍କୁ ଅନୁସରଣ କରିଥିଲେ) କ’ଣ ହେଲା ତାହା
ତୁମ୍ଭେମାନେ ଜାଣି ରଖ। ପରମେଶ୍ୱର ସେମାନଙ୍କୁ ମେଘ
ସ୍ତମ୍ଭ ଦ୍ୱାରା ସୁଫ ସାଗରକୁ ପାର କରାଇଥିଲେ। ୨ସେମାନେ
ମେଘ ଓ ସମୁଦ୍ରରେ ମୋଶାଙ୍କ ଅନୁଗାମୀ ଭାବେ ଡୁବନ୍ତ
ହୋଇଥିଲେ। ୩ସେମାନେ ଏକମାତ୍ର ଆଧାତ୍ମିକ ଶୈଳ
ସଦୃଶ ଖ୍ରୀଷ୍ଟଙ୍କଠାରୁ ସମାନ ଆତ୍ମିକ ଭୋଜନ କରିଥିଲେ।
୪ଓ ସମସ୍ତେ ସମାନ ଆତ୍ମିକ ପାନୀୟରୁ ପାନ କରିଥିଲେ।
ସେମାନେ ସେହି ଆତ୍ମିକ ପଥରରୁ ବାହାରିବା ପାଣି
ପିଇଥିଲେ। ସେହି ପଥର ଖ୍ରୀଷ୍ଟ ଥିଲେ। ୫କିନ୍ତୁ ସେମାନଙ୍କ
ଭିତରୁ ଅଧିକଙ୍କ ଉପରେ ପରମେଶ୍ୱର ପ୍ରସନ୍ନ ନ ଥିଲେ।
ସେଥିପାଇଁ ସେମାନେ ମରୁ ପ୍ରାନ୍ତରରେ ମରିଗଲେ।
୬ଏହି ଘଟଣାଗୁଡ଼ିକ ଆମ୍ଭ ପାଇଁ ଦୃଷ୍ଟାନ୍ତ ସ୍ୱରୂପ ଅଛି,
ଅତଏବ ଆମ୍ଭେ ସେମାନଙ୍କ ଭଳି ମନ୍ଦ କାର୍ଯ୍ୟ କରିବା
ପାଇଁ ଇଚ୍ଛା କରିବା ନାହିଁ। ୭ସେମାନଙ୍କ ଭିତରେ କେତେକଙ୍କ
ଭଳି ମୂର୍ତ୍ତିପୂଜା କରନାହିଁ। ଶାସ୍ତ୍ର କୁହେ: "ଲୋକେ
ଖାଇବା ଓ ପିଇବା ପାଇଁ ବସିଲେ ଓ ନାଚିବା ପାଇଁ
ଉଠିଲେ।"* ୮ସେମାନଙ୍କ ଭିତରୁ ଯେପରି କେତେକ
ଯୌନଗତ ପାପ କଲେ, ଆମ୍ଭେ ସେଭଳି କେବେ କରିବା
ନାହିଁ। ସେମାନେ ପାପ କରିଥିବା ହେତୁରୁ ସେମାନଙ୍କ
ଭିତରୁ ୨୩୦୦୦ ଲୋକ ଗୋଟିଏ ଦିନରେ ମରିଗଲେ।
୯ସେମାନଙ୍କ ଭଳି ଆମ୍ଭେ ଖ୍ରୀଷ୍ଟଙ୍କୁ ପରୀକ୍ଷା କରିବା ଉଚିତ
ନୁହେଁ। ପ୍ରଭୁଙ୍କୁ କରିଥିବାରୁ ସେମାନେ ସାପ କାମୁଡ଼ାରେ
ମଲେ। ୧୦ସେମାନଙ୍କ ଭିତରୁ କେତେକଙ୍କ ଭଳି ଆପତ୍ତି
ଅଭିଯୋଗ କରିବା ଉଚିତ ନୁହେଁ। ଏହି ଅଭିଯୋଗକାରୀମାନେ
ବିନାଶକାରୀ (ସ୍ୱର୍ଗଦୂତ)ଙ୍କ ହାତରେ ମଲେ।
୧୧ସେମାନଙ୍କ ପ୍ରତି ଯାହା ଘଟିଲା, ତାହା ଆମ୍ଭପାଇଁ
ଉଦାହରଣ ସ୍ୱରୂପ। ସମସ୍ତ ପ୍ରାଚୀନ ଇତିହାସରେ ଅନ୍ତିମ
ସମୟରେ, ଆମ୍ଭେ ଜୀବନଧାରଣ କରୁଛୁ। ଏହା ଆମ୍ଭମାନଙ୍କୁ
ଚେତନା ଦେବା ଉଦ୍ଦେଶ୍ୟରେ ଲେଖା ଯାଇଛି। ୧୨ଅତଏବ,
ଯେଉଁଲୋକ ଭାବୁଛି ଯେ, ସେ ଦୃଢ଼ ଭାବରେ ଠିଆ
ହୋଇଛି, ଯେପରି ସେ ଖସି ନ ପଡ଼େ ଏଥିପାଇଁ ସତର୍କ
ରହୁ। ୧୩କେବଳ ତୁମ୍ଭମାନଙ୍କ ପ୍ରତି ଯେସବୁ ପରୀକ୍ଷା
ଆସୁଅଛି, ପ୍ରତ୍ୟେକଙ୍କ ନିମନ୍ତେ ମଧ୍ୟ ଏପରି ପରୀକ୍ଷା
ଆସିଥାଏ। କିନ୍ତୁ ତୁମ୍ଭେମାନେ ପରମେଶ୍ୱରଙ୍କ ଠାରେ ବିଶ୍ୱାସ
ରଖିପାର। ସେ କେବେହେଲେ ତୁମ୍ଭମାନଙ୍କୁ ଅସହ୍ୟ ପରୀକ୍ଷାରେ
ପଡ଼ିବାକୁ ଦେବେ ନାହିଁ। କିନ୍ତୁ ଯେତେବେଳେ ତୁମ୍ଭେମାନେ
ପ୍ରଲୋଭନର (ପରୀକ୍ଷାର) ସମ୍ମୁଖୀନ ହେବ, ସେତେବେଳେ
ପରମେଶ୍ୱର ତୁମ୍ଭମାନଙ୍କୁ ରକ୍ଷା ପାଇବାର ବାଟ ମଧ୍ୟ
ଦେଖାଇ ଦେବେ। ତା’ହେଲେ ତୁମ୍ଭେମାନେ ସମସ୍ତ କିଛି
ସହି ପାରିବ।
୧୪ମୋର ପ୍ରିୟ ବନ୍ଧୁଗଣ! ଶେଷରେ ମୁଁ କହୁଛି ଯେ,
ମୂର୍ତ୍ତି ପୂଜାରୁ ଦୂରରେ ରୁହ। ୧୫ତୁମ୍ଭେମାନେ ବୁଦ୍ଧିମାନ,

---

**"ଲୋକେ ... ଉଠିଲେ"** ଯାତ୍ରାପୁସ୍ତକ ୩୨:୬

ତେଣୁ ମୁଁ ଏହା କହୁଛି। ମୁଁ ଯାହା କହୁଛି, ତୁମ୍ଭେମାନେ
ନିଜେ ପରୀକ୍ଷା କରିଦେଖ। ୧୬ଯେଉଁ ଆଶୀର୍ବାଦର ପିଆଲା
ପାଇଁ ଆମ୍ଭେ ଧନ୍ୟବାଦ ଅର୍ପଣ କରୁ, ତହିଁରେ ଆମ୍ଭେ
ଖ୍ରୀଷ୍ଟଙ୍କ ରକ୍ତର ସହଭାଗୀ ହେଉ ନାହୁଁ କି? ଯେଉଁ
ରୋଟୀ ଆମ୍ଭେ ଭାଙ୍ଗୁ ତାହା ଖ୍ରୀଷ୍ଟଙ୍କ ଶରୀରର ଅଂଶ
ନୁହେଁ କି? ୧୭କେବଳ ଗୋଟିଏ ରୋଟୀ ମାତ୍ର ଆମ୍ଭେମାନେ
ଅନେକ ଲୋକ। କିନ୍ତୁ ଆମ୍ଭେ ସମସ୍ତ ସେହି ଗୋଟିଏ
ରୋଟୀକୁ ଭାଗ ଭାଗ କରି ଖାଉ। ସେଥିପାଇଁ ଆମ୍ଭେ
ପ୍ରକୃତରେ ଗୋଟିଏ ଶରୀର।

୧୮ଇସ୍ରାଏଲ ଲୋକମାନଙ୍କ କଥା ଭାବ। ସେମାନେ
ବଳି ପ୍ରାପ୍ତ ପଶୁ ମାଂସ ଭୋଜନ କରି କ'ଣ ବେଦୀର
ଅଂଶୀଦାର ନୁହଁନ୍ତି? ୧୯ମୁଁ କହୁ ନାହିଁ ଯେ ମୂର୍ତ୍ତି ବା ମୂର୍ତ୍ତି
ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଖାଦ୍ୟର ଗୁରୁତ୍ୱ ଅଛି। ଏବଂ ମୁଁ
ଏହା ମଧ୍ୟ କହୁନାହିଁ ମୂର୍ତ୍ତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ୨୦କିନ୍ତୁ ମୋ
କହିବା କଥା ଯେ, ତୁମ୍ଭେମାନେ ଭୂତମାନଙ୍କ ସହିତ
କୌଣସି କାର୍ଯ୍ୟରେ ଅଂଶ ଗ୍ରହଣ ନ କର। କିନ୍ତୁ ମୁଁ
କୁହେ ଯାହା ମୂର୍ତ୍ତିଗୁଡ଼ିକୁ ବଳି ରୂପେ ଉତ୍ସର୍ଗ କରାଯାଇଥାଏ
ତାହା ଶୟତାନକୁ ଉତ୍ସର୍ଗ କରାଯାଇଥାଏ, ପରମେଶ୍ୱରଙ୍କୁ
ନୁହେଁ। ଏବଂ ମୁଁ ଚାହେଁ ତୁମ୍ଭେମାନେ ଶୟତାନ ସହିତ
ଅଂଶୀଦାର ହୁଅନାହିଁ। ୨୧ତୁମ୍ଭେମାନେ ପ୍ରଭୁଙ୍କ ପିଆଲାରୁ*
ଓ ଶୟତାନର ପିଆଲାରୁ ମଧ୍ୟ ପିଇ ପାରିବ ନାହିଁ।
ସେହିପରି ପ୍ରଭୁଙ୍କ ମେଜ ଓ ଶୟତାନର ମେଜ ଉଭୟର
ଅଂଶୀଦାର ହୋଇ ବସି ପାରିବ ନାହିଁ। ୨୨ଆମ୍ଭେ କ'ଣ
ପ୍ରଭୁଙ୍କୁ ବିରକ୍ତ କରିବାକୁ ଇଚ୍ଛା କରୁ? ଆମ୍ଭେ କ'ଣ
ତାହାଙ୍କ ଠାରୁ ଅଧିକ ବଳବାନ? ନା!

## ପ୍ରଭୁଙ୍କର ଗୌରବ ପାଇଁ ନିଜ ସ୍ୱାଧୀନତାର ବ୍ୟବହାର କର

୨୩"ଆମ୍ଭେ ସବୁ କରିବା ପାଇଁ ସ୍ୱାଧୀନତା ପାଇଛୁ।"
କିନ୍ତୁ ସବୁ ବିଷୟ ଭଲ ନୁହେଁ। "ଆମ୍ଭେ ସବୁ କରିବା
ପାଇଁ ସ୍ୱାଧୀନତା ପାଇଛୁ।" କିନ୍ତୁ କେତେକ ବିଷୟ
ଅନ୍ୟମାନଙ୍କ ବିଶ୍ୱାସକୁ ଦୃଢ଼ କରିବାରେ ସାହାଯ୍ୟ କରେ
ନାହିଁ। ୨୪କୌଣସି ଲୋକ କେବଳ ନିଜର ସ୍ୱାର୍ଥ ପାଇଁ
ଚିନ୍ତିତ ହେବା ଉଚିତ ନୁହେଁ, ବରଂ ସେ ଅନ୍ୟମାନଙ୍କର
ମଙ୍ଗଳ ଚିନ୍ତା କରିବା ଉଚିତ।

୨୫ବଜାରରେ ଯାହା ବିକ୍ରି ହେଉଛି ସେସବୁ ମାଂସ
ତୁମ୍ଭେ ଖାଇପାର। ନିଜ ବିବେକ ସକାଶେ ଏହି ମାଂସ
ଖାଇବା ଉଚିତ କି ନୁହେଁ, ସେ ବିଷୟରେ କୌଣସି ପ୍ରଶ୍ନ
ପଚାର ନାହିଁ। ୨୬ତୁମ୍ଭେ ଖାଇପାର କାରଣ "ପୃଥିବୀ ଓ
ତନ୍ମଧ୍ୟସ୍ଥ ପ୍ରତ୍ୟେକ ବିଷୟ ପ୍ରଭୁଙ୍କର ଅଟେ।"*

୨୭ଜଣେ ଅବିଶ୍ୱାସୀ ଲୋକ ତୁମ୍ଭମାନଙ୍କୁ ଭୋଜନ ପାଇଁ
ଡ଼ାକି ପାରେ। ଯଦି ତୁମ୍ଭେମାନେ ଯିବାକୁ ସ୍ଥିର କର, ଯାହା
ତୁମ୍ଭମାନଙ୍କ ଆଗରେ ଥୁଆ ହୋଇଛି, ତାହା ଖାଅ। ୨୮ଏହା
ଭଲ କି ମନ୍ଦ କୌଣସି ପ୍ରଶ୍ନ ନ କରି ଖାଦ୍ୟ ଭୋଜନ
କର। କିନ୍ତୁ ଯଦି ତୁମ୍ଭମାନଙ୍କୁ ଜଣେ କୁହେ: "ଏହି ଖାଦ୍ୟ
ମୂର୍ତ୍ତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଛି।" ତାହାହେଲେ
ସେ ଖାଦ୍ୟ ଖାଅ ନାହିଁ। ପ୍ରଥମ କାରଣ ହେଲା, ଯିଏ
ଏହା କହିଛି ତା'ର ବିଶ୍ୱାସକୁ ତୁମ୍ଭେମାନେ ଆଘାତ ନ
ଦେବା ପାଇଁ ଖାଅ ନାହିଁ ଓ ଦ୍ୱିତୀୟ କାରଣ ହେଲା ଏହି
ମାଂସ (ପ୍ରସାଦ) ଖାଇବା ଅନୁଚିତ ବୋଲି କେତେକ ମତ
ଦିଅନ୍ତି। ୨୯ତୁମ୍ଭେମାନେ ଏହାକୁ ଭୁଲ ବିବେଚନା କର
ବୋଲି ମୁଁ ତୁମ୍ଭମାନଙ୍କୁ କହୁନାହିଁ କିନ୍ତୁ ଅନ୍ୟ ଲୋକ
ଏହାକୁ ବିବେଚନା କରୁ ଥିବାରୁ ମୁଁ ଏହାକୁ ଖାଇବି ନାହିଁ।
ଅନ୍ୟର ମନୋଭାବ ହେତୁ ମୋ ନିଜର ସ୍ୱାଧୀନତାରେ
ଆଞ୍ଚ ଆଣିବାକୁ ଇଚ୍ଛା କରୁ ନାହିଁ। ୩୦କାରଣ ପରମେଶ୍ୱରଙ୍କୁ
ଧନ୍ୟବାଦ ଦେଇ ସାରି ଭୋଜନ କରିଥିବା ଯୋଗୁଁ ମୁଁ
ସମାଲୋଚିତ ହେବା ଅନୁଚିତ।

୩୧ଅତଏବ, ଯେତେବେଳେ ତୁମ୍ଭେମାନେ ଖାଅ, ପିଅ ବା
ଅନ୍ୟ ଯାହା କିଛି କର, ପରମେଶ୍ୱରଙ୍କ ମହିମା ପାଇଁ
କରିବା ଉଚିତ। ୩୨ଏଭଳି କୌଣସି କାମ କର ନାହିଁ,
ଯାହା ଦ୍ୱାରା ଯିହୂଦୀ ବା ଅଣଯିହୂଦୀଲୋକେ ବା ପରମେଶ୍ୱରଙ୍କ
ମଣ୍ଡଳୀ ବାଧା ପାଇବେ। ୩୩ମୁଁ ଏହି ନୀତି ଅନୁସରଣ
କରେ। ମୁଁ ନିଜକୁ ଖୁସି ରଖିବା ପାଇଁ ଚେଷ୍ଟା କରେ
ନାହିଁ, ମାତ୍ର ପ୍ରତ୍ୟେକଙ୍କୁ ସମସ୍ତ କାର୍ଯ୍ୟରେ ସନ୍ତୁଷ୍ଟ କରିବାକୁ
ଚାହେଁ। ମୁଁ ଅନେକଙ୍କର ମଙ୍ଗଳ ଚିନ୍ତାକରେ ଯଦ୍ଦ୍ୱାରା
ସେମାନେ ପରିତ୍ରାଣ ପାଇ ପାରିବେ।

**୧୧** ମୁଁ ଯେପରି ଖ୍ରୀଷ୍ଟଙ୍କ ଅନୁସରଣ କରୁଛି,
ତୁମ୍ଭେମାନେ ସେପରି ଅନୁସରଣ କର।

## ଅଧୀନରେ ରହିବା

୨ମୁଁ ତୁମ୍ଭମାନଙ୍କର ପ୍ରଶଂସା କରୁଛି କାରଣ ତୁମ୍ଭେମାନେ
ମୋତେ ସମସ୍ତ ବିଷୟରେ ମନେ ପକାଉ ଅଛ। ମୁଁ
ଯେଉଁ ଉପଦେଶ ଗୁଡ଼ିକ ଦେଇଥିଲି ସେ ଗୁଡ଼ିକୁ ସ୍ମରଣରେ
ରଖି ପାଳନ କରୁଛ। ୩ମୁଁ ତୁମ୍ଭମାନଙ୍କୁ ଏହା ବୁଝାଇବା
ପାଇଁ ଇଚ୍ଛା କରେ: ପ୍ରତ୍ୟେକ ପୁରୁଷଲୋକର ମସ୍ତକ
ହେଉଛନ୍ତି ଖ୍ରୀଷ୍ଟ, ସ୍ତ୍ରୀଲୋକର ମସ୍ତକ ହେଉଛନ୍ତି ପୁରୁଷ ଓ
ଖ୍ରୀଷ୍ଟଙ୍କର ମସ୍ତକ ହେଉଛନ୍ତି ପରମେଶ୍ୱର। ୪ଯେ କୌଣସି
ପୁରୁଷଲୋକମସ୍ତକ ଆଚ୍ଛାଦନ କରି ପ୍ରାର୍ଥନା କରେ ବା
ଭବିଷ୍ୟଦ୍‌ବାଣୀ କହେ, ସେ ନିଜ ମସ୍ତକର ଅପମାନ
କରେ। ୫ପ୍ରତ୍ୟେକ ସ୍ତ୍ରୀ ମସ୍ତକ ଆଚ୍ଛାଦନ କରି ଭବିଷ୍ୟଦ୍‌ବାଣୀ
ଓ ପ୍ରାର୍ଥନା କରିବା ଉଚିତ। ଯଦି କୌଣସି ସ୍ତ୍ରୀ ମସ୍ତକ
ଆଚ୍ଛାଦନ ନ କରି ପ୍ରାର୍ଥନା କରେ ବା ଭବିଷ୍ୟଦ୍‌ବାଣୀ
କହେ, ସେ ନିଜର ମସ୍ତକର ଅପମାନ କରେ। ଏହା
ସେହି ସ୍ତ୍ରୀଲୋକ ଭଳି ଯାହାର ମୁଣ୍ଡରେ ବାଳ ନାହିଁ।
୬ଯଦି କୌଣସି ସ୍ତ୍ରୀ ମସ୍ତକ ଆଚ୍ଛାଦନ କରେ ନାହିଁ,
ତା'ହେଲେ ଏହା ସେ ମସ୍ତକର କେଶ କାଟିପକାଇବା
ସଙ୍ଗେ ସମାନ। ମାତ୍ର କେଶ କାଟିବା ଓ ମସ୍ତକ ମୁଣ୍ଡନ

---

**ପିଆଲା** ଖ୍ରୀଷ୍ଟଧର୍ମାବଲମ୍ବୀମାନେ ପ୍ରଭୁଙ୍କର ଶେଷ ରାତ୍ରଭୋଜନ ବେଳେ, ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଇବା ଉଦ୍ଦେଶ୍ୟରେ ପିଉଥିବା ପିଆଲା।

**"ପୃଥିବୀ … ଅଟେ"** ଗୀତସଂହିତା ୨୪:୧, ୫୦:୧୨, ୮୯:୧୧

କରିବା ସ୍ତ୍ରୀ ପକ୍ଷରେ ଲଜ୍ଜାଜନକ, ତେଣୁ ସେ ମସ୍ତକ
ଆଚ୍ଛାଦନ କରିବା ଉଚିତ। ୭କିନ୍ତୁ ଜଣେ ପୁରୁଷ ନିଜର
ମସ୍ତକ ଆଚ୍ଛାଦନ କରିବା ଅନୁଚିତ, କାରଣ ସେ ପରମେଶ୍ୱରଙ୍କ
ପ୍ରତିମୂର୍ତ୍ତିରେ ସୃଷ୍ଟି ତାହାଙ୍କର ଗୌରବ ଅଟେ। କିନ୍ତୁ ଜଣେ
ସ୍ତ୍ରୀ ପୁରୁଷର ଗୌରବ ସ୍ୱରୂପ ଅଟେ। ୮ପୁରୁଷ ସ୍ତ୍ରୀ ଠାରୁ
ଆସି ନାହିଁ। ସ୍ତ୍ରୀ ପୁରୁଷଠାରୁ ଆସିଛି। ୯ପୁରୁଷ ସ୍ତ୍ରୀ ପାଇଁ
ସୃଷ୍ଟି ହୋଇ ନ ଥିଲା; ବରଂ ସ୍ତ୍ରୀ ପୁରୁଷ ପାଇଁ ସୃଷ୍ଟି
ହୋଇଥିଲା। ୧୦ଜଣେ ସ୍ତ୍ରୀ ଅଧିନତାର ଚିହ୍ନ ସ୍ୱରୂପେ
ଆପଣା ମସ୍ତକ ଆଚ୍ଛାଦନ କରିବା ଉଚିତ। ସ୍ୱର୍ଗଦୂତମାନଙ୍କ
ଲାଗି ମଧ୍ୟ ସେ ଏହା କରିବା ଉଚିତ।

୧୧କିନ୍ତୁ ପ୍ରଭୁଙ୍କ ଦୃଷ୍ଟିରେ, ପୁରୁଷ ଠାରୁ ସ୍ତ୍ରୀ ସ୍ୱତନ୍ତ୍ର
ନୁହେଁ, ଓ ସ୍ତ୍ରୀ ଠାରୁ ପୁରୁଷ ସ୍ୱତନ୍ତ୍ର ନୁହେଁ। ୧୨କାରଣ,
ଯେପରି ପୁରୁଷ ଠାରୁ ସ୍ତ୍ରୀ ଆସିଛି, ସେହିପରି ସ୍ତ୍ରୀଠାରୁ
ପୁରୁଷ ଜନ୍ମ ଗ୍ରହଣ କରିଛି। ପ୍ରକୃତରେ ପ୍ରତ୍ୟେକ ବିଷୟ
ପରମେଶ୍ୱରଙ୍କ ଠାରୁ ଆସିଛି। ୧୩ଜଣେ ସ୍ତ୍ରୀ ମସ୍ତକ
ଆଚ୍ଛାଦନ ନ କରି ପରମେଶ୍ୱରଙ୍କୁ ପ୍ରାର୍ଥନା କରିବା କ'ଣ
ଉଚିତ୍ କି? ଏହା ତୁମ୍ଭେମାନେ ନିଜେ ନିର୍ଣ୍ଣୟ କର।
୧୪ପ୍ରକୃତି କ'ଣ ତୁମ୍ଭକୁ ଶିକ୍ଷା ଦେଇ ନାହିଁ ଯେ, କୌଣସି
ପୁରୁଷ ବଡ଼ ବଡ଼ ବାଳ ରଖିବା ଲଜ୍ଜାଜନକ କଥା? ୧୫କିନ୍ତୁ
ଯଦି ଜଣେ ସ୍ତ୍ରୀର ଲମ୍ବା ବାଳ ଅଛି, ଏହା ତା'ପାଇଁ
ଗୌରବର ବିଷୟ। ମସ୍ତକ ଆଚ୍ଛାଦନ କରିବା ପାଇଁ ସ୍ତ୍ରୀକୁ
ଦୀର୍ଘ କେଶ ପ୍ରଦାନ କରାଯାଇଛି। ୧୬ଯଦି କିଏ ଏହି
ବିଷୟରେ ଯୁକ୍ତି ତର୍କ କରିବା ପାଇଁ ଇଚ୍ଛାକରେ, ତେବେ
ଆମ୍ଭେ କହିବୁ ଯେ, ଲୋକମାନଙ୍କ ଏପ୍ରକାର କାର୍ଯ୍ୟକଳାପକୁ
ଆମ୍ଭେ ବା ପରମେଶ୍ୱରଙ୍କ ମଣ୍ଡଳୀ ସ୍ୱୀକୃତ ଦେବ ନାହିଁ।

**ପ୍ରଭୁଭୋଜ**

୧୭ବର୍ତ୍ତମାନ ମୁଁ ଯେଉଁ ବିଷୟରେ ତୁମ୍ଭମାନଙ୍କୁ କହୁଛି,
ସେଥିପାଇଁ ମୁଁ ତୁମ୍ଭମାନଙ୍କର ପ୍ରଶଂସା କରୁ ନାହିଁ। ତୁମ୍ଭମାନଙ୍କର
ସମବେତ ସଭାଗୁଡ଼ିକ ତୁମ୍ଭମାନଙ୍କ ମଙ୍ଗଳ କରିବା ପରିବର୍ତ୍ତେ
କ୍ଷତିକାରକ ହେଉଛି। ୧୮ପ୍ରଥମେ ମୁଁ ଶୁଣିଛି ଯେ, ତୁମ୍ଭେମାନେ
ମଣ୍ଡଳୀ ସଭାରେ ସମବେତ ହେଲାବେଳେ ତୁମ୍ଭମାନଙ୍କ
ମଧ୍ୟରେ ଦଳ ଭେଦ ଘଟେ। ୧୯କେତେକାଂଶରେ ମୁଁ
ଏହାକୁ ବିଶ୍ୱାସ କରେ। (ତୁମ୍ଭମାନଙ୍କ ମଧ୍ୟରେ ମତଭେଦ
ହେବା ଆବଶ୍ୟକ କାରଣ ଏହା ଦ୍ୱାରା ଯେଉଁମାନଙ୍କ ମତ
ଠିକ୍ ତାହା ସ୍ପଷ୍ଟ ରୂପେ ଜଣାଯିବ) ୨୦ଅତଏବ, ତୁମ୍ଭେମାନେ
ଯେତେବେଳେ ମଣ୍ଡଳୀରେ ସମବେତ ହୁଅ, ତୁମ୍ଭେମାନେ
ପ୍ରକୃତରେ ପ୍ରଭୁଭୋଜ* ପାଳନ କରି ନ ଥାଅ। ୨୧କାରଣ
ତୁମ୍ଭେମାନେ ଖାଇଲାବେଳେ ଅନ୍ୟମାନଙ୍କ ପାଇଁ ଅପେକ୍ଷା ନ
କରି ନିଜ ନିଜର ଭୋଜ ଖାଅ। ଫଳତଃ, କେହି କେହି
ଯଥେଷ୍ଟ ଖାଇବା ଓ ପିଇବାକୁ ପାଆନ୍ତି ନାହିଁ, ଅପରପକ୍ଷରେ
ଅନ୍ୟମାନେ ଅତ୍ୟଧିକ ଖାଇପିଇ ମାତାଲ ହୋଇ ଯାଆନ୍ତି।
୨୨ତୁମ୍ଭେମାନେ ନିଜ ନିଜର ଘରେ ଖାଇ ପିଇ ପାରିବ।
ତୁମ୍ଭମାନଙ୍କ ପାଇଁ ପରମେଶ୍ୱରଙ୍କ ମଣ୍ଡଳୀର ଯେପରି ଗୁରୁତ୍ୱ
ନାହିଁ, ଏହି କାର୍ଯ୍ୟରୁ ଜଣାପଡ଼େ। ତୁମ୍ଭେମାନେ ଦରିଦ୍ର
ଲୋକଙ୍କୁ ଲଜ୍ଜା ଦେଉଛ। ମୁଁ ତୁମ୍ଭମାନଙ୍କୁ କ'ଣ ବା
କହିବି? ଏହି କାମ ପାଇଁ କ'ଣ ମୁଁ ତୁମ୍ଭମାନଙ୍କ ପ୍ରଶଂସା
କରିବି? ନା। ଏଥିପାଇଁ ମୁଁ ତୁମ୍ଭମାନଙ୍କୁ ପ୍ରଶଂସା କରିବି
ନାହିଁ।

୨୩ଯେଉଁ ଶିକ୍ଷା ମୁଁ ପ୍ରଭୁଙ୍କ ଠାରୁ ଗ୍ରହଣ କରିଥିଲି,
ସେହି ସମାନ ଶିକ୍ଷା ତୁମ୍ଭମାନଙ୍କୁ ଦେଲି। ଯେଉଁ ରାତିରେ
ଯୀଶୁଙ୍କୁ ମାରିଦେବା ଲାଗି ଧରାଇ ଦିଆଯାଇଥିଲା। ସେହି
ରାତିରେ ସେ ରୋଟୀ ନେଲେ ଓ ତା' ପାଇଁ ଧନ୍ୟବାଦ
ଦେଇଥିଲେ। ୨୪ତା'ପରେ ସେହି ରୋଟୀକୁ ଛିଣ୍ଡାଇ ସେ
କହିଲେ: "ଏହା ତୁମ୍ଭମାନଙ୍କ ନିମନ୍ତେ ମୋର ଶରୀର।
ମୋତେ ମନେ ପକାଇବା ଲାଗି ତୁମ୍ଭେମାନେ ଏହା କର।"
୨୫ସେହିପରି ସେମାନେ ଖାଇ ସାରିଲା ପରେ, ସେ
ପାନପାତ୍ର ନେଲେ ଓ କହିଲେ: "ଏହି ପାନପାତ୍ର ମୋହର
ରକ୍ତରେ ସ୍ଥାପିତ ନୂତନ ଚୁକ୍ତିର ନିଦର୍ଶନ। ତୁମ୍ଭେମାନେ
ଯେତେଥର ଏହି ପାତ୍ରକୁ ପାନ କରିବ, ମୋତେ ମନେ
ପକାଇବା ପାଇଁ ତାହା କରିବ।" ୨୬ପ୍ରତ୍ୟେକ ଥର ଏହି
ରୋଟୀ ଖାଇଲାବେଳେ ଓ ଏହି ପାନପାତ୍ରରୁ ପାନ କଲାବେଳେ,
ପ୍ରଭୁଙ୍କ ଦିନ ଆସିବା ପର୍ଯ୍ୟନ୍ତ, ପ୍ରଭୁଙ୍କ ମୃତ୍ୟୁର ଘୋଷଣା
କରୁଥିବ।

୨୭ଅତଏବ, ଯେଉଁଲୋକ ରୋଟୀ ଓ ପ୍ରଭୁଙ୍କର ପିଆଲାରୁ
ଅନୁଚିତ ଭାବରେ ଗ୍ରହଣ କରେ, ସେ ପ୍ରଭୁଙ୍କର ଶରୀର
ଓ ରକ୍ତର ଅବମାନନା କରେ। ୨୮ପ୍ରତ୍ୟେକଲୋକ ରୋଟୀ
ଖାଇବା ପୂର୍ବରୁ ଓ ପିଆଲାରୁ ପିଇବା ପୂର୍ବରୁ ନିଜ ହୃଦୟ
(ନିଜକୁ) ପରୀକ୍ଷା କରିନେବା ଦରକାର। ୨୯ଯଦି ଜଣେ
ପ୍ରଭୁଙ୍କ ଶରୀରକୁ ବିଶେଷ ନ ମଣି ଏହି ରୋଟୀକୁ ଖାଏ
ଓ ଏହି ପିଆଲାରୁ ପିଏ, ତା'ହେଲେ ସେ ଏହା ଖାଇବା ଓ
ପିଇବା ଦ୍ୱାରା ଦୋଷୀ ସାବ୍ୟସ୍ତ ହୁଏ। ୩୦ସେଥିପାଇଁ
ତୁମ୍ଭମାନଙ୍କ ମଧ୍ୟରେ ଅନେକ ଦୁର୍ବଳ ଓ ରୋଗୀ ଅଛନ୍ତି
ଓ ଅନେକ ମୃତ ହେଲେଣି। ୩୧କିନ୍ତୁ ଯଦି ଆମ୍ଭେ ନିଜକୁ
ପରୀକ୍ଷା କରି ନେବା, ତା' ହେଲେ ଆମ୍ଭକୁ ପ୍ରଭୁଙ୍କ ଦ୍ୱାରା
ବିଚାରିତ ହେବାକୁ ପଡ଼ିବ ନାହିଁ। ୩୨ପ୍ରଭୁ ଯେତେବେଳେ
ଆମ୍ଭର ବିଚାର କରନ୍ତି, ସେ ଠିକ୍ ବାଟ ଦେଖାଇବା ଲାଗି
ଆମ୍ଭ ପ୍ରତି ଦଣ୍ଡ ବିଧାନ କରନ୍ତି। ଆମ୍ଭେ ଯେପରି ଜଗତର
ଅବଶିଷ୍ଟ ଲୋକମାନଙ୍କ ସହିତ ଦଣ୍ଡାଜ୍ଞା ପାଇବୁ ନାହିଁ,
ସେଥିଲାଗି ସେ ଏପରି କରନ୍ତି।

୩୩ଅତଏବ, ହେ ଭାଇ ଓ ଭଉଣୀମାନେ! ଯେତେବେଳେ
ଭୋଜନ କରିବା ପାଇଁ ତୁମ୍ଭେମାନେ ଏକାଠି ଆସିଛ,
ପରସ୍ପର ଏକଆରେକ ଲାଗି ଅପେକ୍ଷା କର। ୩୪ଯଦି
କାହାକୁ ବହୁତ ଭୋକ ଲାଗୁଛି, ସେ ଘରେ ଖାଇ ଦେବା
ଉଚିତ, ଯଦ୍ୱାରା ପ୍ରଭୁଭୋଜ ସଭାରେ ତୁମ୍ଭମାନଙ୍କ ଆଚରଣ
ହେତୁ ପ୍ରଭୁଙ୍କ ଦ୍ୱାରା ବିଚାରିତ ହେବ ନାହିଁ। ମୁଁ ଯେବେ
ଆସିବି, ଅବଶିଷ୍ଟ ବିଷୟରେ କ'ଣ କରିବାକୁ ହେବ
କହିବି।

---

**ପ୍ରଭୁଭୋଜ** ଏକ ବିଶେଷ ଭୋଜନ ଯାହା ଯୀଶୁ ତାଙ୍କ ଶିଷ୍ୟମାନଙ୍କ ସହିତ ମୃତ୍ୟୁପୂର୍ବରୁ ଖାଇଥିଲେ। ତାହାର ସ୍ମରଣାର୍ଥେ ପ୍ରଭୁଭୋଜ ମଣ୍ଡଳୀରେ ପାଳନ କରା ହେଇଥାଏ। ଲୂକ ୨୨:୧୪-୨୦

### ପବିତ୍ର ଆତ୍ମାଙ୍କର ଅନୁଗ୍ରହଦାନ

୧୨ ଭାଇ ଓ ଭଉଣୀମାନେ! ଆତ୍ମିକ ଦାନଗୁଡ଼ିକ
ବିଷୟରେ ମୁଁ ତୁମ୍ଭମାନଙ୍କୁ ବୁଝାଇବାକୁ ଇଚ୍ଛା
କରୁଛି। ୨ତୁମ୍ଭେମାନେ ମନେପକାଅ ଯେ ବିଶ୍ୱାସୀ ହେବା
ପୂର୍ବରୁ ତୁମ୍ଭେମାନେ କିପରି ବିପଥଗାମୀ ହୋଇ ମୂର୍ତ୍ତିପୂଜା
କରିବାକୁ ଯାଉଥିଲ। ୩ସେଥିପାଇଁ ମୁଁ କହୁଛି ଯେ,
ପରମେଶ୍ୱରଙ୍କ ଆତ୍ମାପ୍ରାପ୍ତ ଲୋକ "ଯୀଶୁ ଅଭିଶପ୍ତ" ବୋଲି
କଦାପି କହିବ ନାହିଁ। ପବିତ୍ର ଆତ୍ମାଙ୍କ ସାହାଯ୍ୟ ବିନା
କୌଣସି ଲୋକ "ଯୀଶୁ ପ୍ରଭୁ ଅଟନ୍ତି" ବୋଲି କହିବ
ନାହିଁ।
୪ଆତ୍ମାଙ୍କ ଦାନ ଅନେକ ପ୍ରକାରର, କିନ୍ତୁ ସେଗୁଡ଼ିକ
ସେହି ଏକ ପବିତ୍ର ଆତ୍ମାଙ୍କଠାରୁ ଆସିଥାଏ। ୫ସେବା ମଧ୍ୟ
ଅନେକ ପ୍ରକାରର, ମାତ୍ର ଆମ୍ଭେ ଯାହାଙ୍କର ସେବା କରୁ,
ସେହି ପ୍ରଭୁ ଏକ ଅଟନ୍ତି। ୬ପରମେଶ୍ୱର ଆମ୍ଭମାନଙ୍କ
ଜୀବନର ଅନେକ ପ୍ରକାର କାର୍ଯ୍ୟ କରନ୍ତି, ମାତ୍ର ଯେ
ଏସମସ୍ତ କରନ୍ତି, ସେହି ପରମେଶ୍ୱର ଏକ ଅଟନ୍ତି।
୭ପ୍ରତ୍ୟେକ ଲୋକଠାରେ ଆତ୍ମାର ବିଶେଷ ଗୁଣ ଗୁଡ଼ିକ
ଦେଖିବାକୁ ମିଳେ। ୮ଏହିଗୁଡ଼ିକ ଅନ୍ୟମାନଙ୍କର ଭଲ ପାଇଁ
ଦିଆ ଯାଇଛି। ଜଣେ ଲୋକକୁ ଆତ୍ମାଙ୍କ ଦ୍ୱାରା ବୁଦ୍ଧିରେ
କଥା କହିବାକୁ ଦକ୍ଷତା ଦିଆ ହୋଇଛି, ଓ ଅନ୍ୟ ଜଣକୁ
ସେହି ଆତ୍ମାଙ୍କ ଦ୍ୱାରା ଜ୍ଞାନର କଥା କହିବାକୁ ଯୋଗ୍ୟତା
ଦିଆ ହୋଇଛି। ୯ସେହି ଏକମାତ୍ର ଆତ୍ମା ଜଣେ ଲୋକକୁ
ବିଶ୍ୱାସ ଓ ଅନ୍ୟଜଣକୁ ପୂର୍ଣ୍ଣ ଆରୋଗ୍ୟ କରିବା ଶକ୍ତି
ଦାନ କରନ୍ତି। ୧୦ଆତ୍ମା ଅନ୍ୟଜଣକୁ ଆଶ୍ଚର୍ଯ୍ୟକାର୍ଯ୍ୟ କରିବା
ଶକ୍ତି ଓ ଅନ୍ୟ ଜଣକୁ ଭଲ ଓ ମନ୍ଦ ଆତ୍ମା ଭିତରେ
ପାର୍ଥକ୍ୟ ଦେଖି ପାରିବା ଶକ୍ତି ପ୍ରଦାନ କରନ୍ତି। କାହାକୁ
ଭିନ୍ନଭିନ୍ନ ପ୍ରକାରର ଭାଷା କହିପାରିବା ଶକ୍ତି ଦିଆ ଯାଇଛି,
ତ ଅନ୍ୟ କାହାକୁ ସେହି ଭାଷାଗୁଡ଼ିକର ଅର୍ଥ କରିବାର
ଶକ୍ତି ଦିଆଯାଇଛି। ୧୧ସେହି ଏକମାତ୍ର ଆତ୍ମା ଆପଣା
ଇଚ୍ଛାନୁସାରେ ଏହି ସମସ୍ତ କାର୍ଯ୍ୟ କରନ୍ତି। ସେହି ଆତ୍ମା
ପ୍ରତ୍ୟେକ ବ୍ୟକ୍ତିଙ୍କୁ କ'ଣ ଦିଆଯିବ, ତାହା ସ୍ଥିର କରନ୍ତି।

### ଖ୍ରୀଷ୍ଟଙ୍କର ଶରୀର

୧୨ଆମ୍ଭର ଶରୀର ହେଉଛି ଏକ, କିନ୍ତୁ ତାହାର
ଅଙ୍ଗପ୍ରତ୍ୟଙ୍ଗ ଅନେକ। ଶରୀରର ଅଙ୍ଗପ୍ରତ୍ୟଙ୍ଗ ଅନେକ
ହେଲେ ହେଁ ଶରୀର ହେଉଛି ଏକ। ସେହିପରି ମଧ୍ୟ
ଖ୍ରୀଷ୍ଟ ଏକ। ୧୩ଆମ୍ଭ ଭିତରୁ କେତେକ ହେଉଛୁ ଯିହୂଦୀ,
କେତେକ ଅଣଯିହୂଦୀ, ଆମ୍ଭ ଭିତରୁ କେତେକ କ୍ରୀତଦାସ
ଓ କେତେକ ସ୍ୱାଧୀନ। କିନ୍ତୁ ଆମ୍ଭେମାନେ ସମସ୍ତେ
ଗୋଟିଏ ଆତ୍ମା ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ
ଡୁବନ ପ୍ରାପ୍ତ ହୋଇ ଅଛୁ। ଆମ୍ଭ ସମସ୍ତଙ୍କୁ ଗୋଟିଏ ଆତ୍ମା
ମଧ୍ୟ ପ୍ରଦାନ କରାଯାଇଛି।
୧୪ମାନବ ଶରୀର ତ ଏକଅଙ୍ଗ ନୁହେଁ, ମାତ୍ର ଅନେକ
ଗୁଡ଼ିଏ ଅଙ୍ଗ ଦ୍ୱାରା ନିର୍ମିତ। ୧୫ଯଦି ଗୋଡ଼ କୁହେ: "ମୁଁ
ହାତ ନୁହେଁ, ଅତଏବ, ମୁଁ ଶରୀରର ଅଙ୍ଗ ନୁହେଁ।" କିନ୍ତୁ
ଏହା କହିବା ଦ୍ୱାରା କ'ଣ ସେ ଶରୀରର ଅଙ୍ଗ ହୋଇ
ରହିବ ନାହିଁ କି? ୧୬କାନ କହିପାରେ: "ମୁଁ ଆଖି ନୁହେଁ,
ଅତଏବ ମୋର ଶରୀରର ଅଙ୍ଗ ନୁହେଁ," କିନ୍ତୁ ଏହା
କହିବା ଦ୍ୱାରା କ'ଣ ସେ ଶରୀରର ଅଙ୍ଗ ହୋଇ ରହିବ
ନାହିଁ କି? ୧୭ସଂମ୍ପୂର୍ଣ୍ଣ ଶରୀର ଗୋଟିଏ ଆଖି ହୋଇଥାନ୍ତା,
ତେବେ ସେ ଶରୀର ଶୁଣିପାରନ୍ତା କିପରି? ଯଦି ସଂମ୍ପୂର୍ଣ୍ଣ
ଶରୀରଟି ଗୋଟିଏ କାନ ହୋଇଥାଆନ୍ତା ତା' ହେଲେ
ଶରୀର ଶୁଙ୍ଘିବା ପାଇଁ ସମର୍ଥ ହୁଅନ୍ତା କିପରି? ୧୮-୧୯ଯଦି
ସଂମ୍ପୂର୍ଣ୍ଣ ଶରୀରର ଅଙ୍ଗ କେବଳ ସେହି ଗୋଟିଏ ଅଙ୍ଗ
ମାତ୍ର ହୋଇଥାନ୍ତା ତା' ହେଲେ ଶରୀର ନ ଥାନ୍ତା। କିନ୍ତୁ
ପରମେଶ୍ୱର ଯେପରି ଠିକ୍ ମନେ କଲେ ପ୍ରତ୍ୟେକ ଅଙ୍ଗକୁ
ଶରୀରରେ ସେହିଭଳି ସ୍ଥାନ ଦେଲେ। ୨୦ତେଣୁ ପ୍ରକୃତରେ
ଅଙ୍ଗପ୍ରତ୍ୟଙ୍ଗ ଅନେକ, କିନ୍ତୁ ଶରୀର ଗୋଟିଏ।
୨୧ଆଖି ହାତକୁ କେବେହେଲେ କହି ପାରିବ ନାହିଁ
ଯେ, "ତୋଠାରେ ମୋର ଆବଶ୍ୟକତା ନାହିଁ।" ସେହିଭଳି
ମୁଣ୍ଡ ପାଦକୁ କହି ପାରିବ ନାହିଁ ଯେ, "ତୋ'ଠାରେ
ମୋର ଆବଶ୍ୟକତା ନାହିଁ।" ୨୨ବରଂ ଅନ୍ୟ ପକ୍ଷରେ
ଶରୀରର ଯେଉଁ ଅଙ୍ଗଗୁଡ଼ିକ ଦୁର୍ବଳ ବୋଲି ବୋଧ ହୁଏ,
ସେହିସବୁ ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ଅଟେ। ୨୩ଶରୀରର
ଯେଉଁ ଅଙ୍ଗଗୁଡ଼ିକୁ ଆମେ କମ୍ ଆଦରର ବୋଲି ଭାବୁ,
ସେଗୁଡ଼ିକ ପ୍ରତି ଆମେ ଅଧିକ ଧ୍ୟାନ ଦେଉ। ଯେଉଁ
ଅଙ୍ଗଗୁଡ଼ିକୁ ଅନ୍ୟମାନେ ନ ଦେଖନ୍ତୁ ବୋଲି ଆମେ ଚାହୁଁ,
ସେ ଅଙ୍ଗଗୁଡ଼ିକ ପ୍ରତି ଆମେ ବିଶେଷ ଧ୍ୟାନ ଦେଉ।
୨୪ଆମ୍ଭ ଶରୀରର ସୁନ୍ଦର ଅଙ୍ଗଗୁଡ଼ିକ ପ୍ରତି ଧ୍ୟାନ ଦେବା
ଆବଶ୍ୟକ ହୋଇ ନ ଥାଏ। କିନ୍ତୁ ପରମେଶ୍ୱର ଆଦରହୀ
ଅଙ୍ଗ ଗୁଡ଼ିକ ଅଧିକ ସମ୍ମାନ ଦେଇ ଶରୀରକୁ ଗଠନ
କରିଛନ୍ତି। ୨୫ଆମ୍ଭର ଶରୀରରେ ଯେପରି କୌଣସି ବିଭେଦ
ନ ହେଉ, ସେହି ଦୃଷ୍ଟିରୁ ପରମେଶ୍ୱର ଏପରି କରିଛନ୍ତି।
ଦେହର ଅଙ୍ଗଗୁଡ଼ିକ ପରସ୍ପର ସୁଖ ଦୁଃଖର ସହଭାଗୀ
ହୁଅନ୍ତି ବୋଲି ପରମେଶ୍ୱର ଇଚ୍ଛା କଲେ। ୨୬ଯଦି ଶରୀରର
ଗୋଟିଏ ଅଙ୍ଗ କଷ୍ଟ ପାଏ, ତା'ସହିତ ଶରୀରର ଅନ୍ୟ
ଅଙ୍ଗଗୁଡ଼ିକ ମଧ୍ୟ କଷ୍ଟ ପା'ନ୍ତି। ଯଦି ଶରୀରର କୌଣସି
ଅଙ୍ଗ ସମ୍ମାନ ପାଏ ଅନ୍ୟ ସମସ୍ତ ଅଙ୍ଗଗୁଡ଼ିକ ତାହା ସହିତ
ଏକତ୍ର ହୋଇ ଆନନ୍ଦ କରନ୍ତି।
୨୭ତୁମ୍ଭେମାନେ ଖ୍ରୀଷ୍ଟଙ୍କର ଶରୀର ଅଟ। ତୁମ୍ଭେମାନେ
ପ୍ରତ୍ୟେକ ସେହି ଶରୀରର ଅଙ୍ଗ।
୨୮ପରମେଶ୍ୱରଙ୍କ ମଣ୍ଡଳୀରେ ପ୍ରଥମେ ପ୍ରେରିତମାନଙ୍କୁ,
ଦ୍ୱିତୀୟରେ ଭବିଷ୍ୟଦ୍‌ବକ୍ତାମାନଙ୍କୁ, ତୃତୀୟରେ ଶିକ୍ଷକମାନଙ୍କୁ,
ସ୍ଥାନ ଦେଇଛନ୍ତି। ତା'ପରେ, ଆଶ୍ଚର୍ଯ୍ୟ କାର୍ଯ୍ୟ କରୁଥିବା
ଲୋକଙ୍କୁ, ତା'ପରେ ପରୋପକାରୀଙ୍କୁ ତା'ପରେ ନେତୃତ୍ୱ
ନେଉଥିବା ବ୍ୟକ୍ତିଙ୍କୁ, ତା'ପରେ ବିଭିନ୍ନ ଭାଷା କହି
ପାରୁଥିବା ଲୋକଙ୍କୁ ସ୍ଥାନ ଦେଇଛନ୍ତି। ୨୯ସମସ୍ତ ଲୋକ
କ'ଣ ପ୍ରେରିତ? ସମସ୍ତ ଲୋକ କ'ଣ ଭବିଷ୍ୟଦ୍‌ବକ୍ତା?
ସମସ୍ତେ କ'ଣ ଶିକ୍ଷକ? ସମସ୍ତେ କ'ଣ ଆଶ୍ଚର୍ଯ୍ୟକାର୍ଯ୍ୟ
କରୁଥିବା ଲୋକ? ୩୦ସମସ୍ତେ କ'ଣ ଆରୋଗ୍ୟ କରିବାର
ଶକ୍ତି ପାଇଅଛନ୍ତି? ସମସ୍ତେ କ'ଣ ବିଭିନ୍ନ ଭାଷା କହନ୍ତି?
ସମସ୍ତେ କ'ଣ ଏହି ଭାଷାଗୁଡ଼ିକର ଅର୍ଥ କରି ପାରନ୍ତି କି?
୩୧କିନ୍ତୁ ତୁମ୍ଭେମାନେ ପ୍ରକୃତରେ ଆତ୍ମାଙ୍କ ଶ୍ରେଷ୍ଠ ଦାନଗୁଡ଼ିକ
ପାଇବା ପାଇଁ ଏକାନ୍ତ ଚେଷ୍ଟା କରିବା ଉଚିତ।

## ପ୍ରେମ ସର୍ବୋତ୍କୃଷ୍ଟ ଦାନ ଅଟେ

ଏବେ ମୁଁ ସମସ୍ତ ମାର୍ଗ ଅପେକ୍ଷା ଅତିଉତ୍ତମ ମାର୍ଗ
ଦେଖାଇବି।
୧୩ ଯଦି ମୁଁ ମଣିଷମାନଙ୍କର ବିଭିନ୍ନ ଭାଷାରେ ବା
ସ୍ୱର୍ଗଦୂତଙ୍କ ଭାଷାରେ କହିପାରେ, ମାତ୍ର ମୋଠାରେ
ପ୍ରେମ ନାହିଁ, ତାହାହେଲେ ମୁଁ ଶବ୍ଦ କାରକ ପିତ୍ତଳ ଘଣ୍ଟି
ବା ଝାଞ୍ଜି ଭଳି ଅଟେ। ୨ମୋ ପାଖରେ ଭାବବାଣୀ
କହିବାର ଶକ୍ତି ଥାଇ ପାରେ, ମୁଁ ପରମେଶ୍ୱରଙ୍କ ସମସ୍ତ
ନିଗୂଢ଼ ତତ୍ତ୍ୱ ଜାଣି ଥାଇ ପାରେ, ମୋର ସମସ୍ତ ଜ୍ଞାନ
ଥାଇପାରେ, ପର୍ବତକୁ ସ୍ଥାନାନ୍ତର କରିବା ନିମନ୍ତେ ମୋହର
ସଂପୂର୍ଣ୍ଣ ବିଶ୍ୱାସ ଥାଇପାରେ, କିନ୍ତୁ ଯଦି ମୋଠାରେ ପ୍ରେମ
ନାହିଁ, ତା'ହେଲେ ମୁଁ କିଛି ନୁହେଁ। ୩ଯଦି ମୁଁ ମୋର
ସମସ୍ତ ସମ୍ପତ୍ତି ଦରିଦ୍ରଙ୍କୁ ଖୁଆଇବା ପାଇଁ ଦାନ କରି
ଦେଇପାରେ, ବା ନିଜ ଶରୀରକୁ ଦଗ୍ଧ ହେବା ପାଇଁ
ସମର୍ପଣ କରି ଦେଇପାରେ, ମାତ୍ର ମୋହର ପ୍ରେମ ନ
ଥାଏ, ତେବେ ମୁଁ କିଛି ପାଇବି ନାହିଁ।
୪ପ୍ରେମ ଦୀର୍ଘ ସହିଷ୍ଣୁ। ପ୍ରେମ ଦୟାବାନ। ପ୍ରେମରେ
ଈର୍ଷା ନ ଥାଏ। ସେ ଗର୍ବ କରେ ନାହିଁ, ସେ ଅହଂକାରୀ
ନୁହେଁ। ୫ପ୍ରେମ ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ
ଚେଷ୍ଟା କରେ ନାହିଁ, ସହଜରେ ବିରକ୍ତ ହୁଏ ନାହିଁ। ପ୍ରେମ
କେବେହେଲେ ତା'ପ୍ରତି ହୋଇଥିବା ଅପକାରକୁ ମନ
ରଖେ ନାହିଁ। ୬ସେ ଅଧର୍ମରେ କଦାପି ଆନନ୍ଦ କରେ
ନାହିଁ, ମାତ୍ର ସେ ସତ୍ୟରେ ଆନନ୍ଦ କରେ। ୭ପ୍ରେମ ସମସ୍ତ
ବିଷୟ ସହ୍ୟ କରେ। ପ୍ରେମ ସମସ୍ତ ବିଶ୍ୱାସ କରେ;
ସମସ୍ତ ଭରସା କରେ, ସବୁ ବିଷୟରେ ଧୈର୍ଯ୍ୟ ଧରି
ରହେ।
୮ପ୍ରେମ କଦାପି ଶେଷ ହୁଏ ନାହିଁ। ଯଦି ଭାବବାଣୀ
ଥାଏ, ତାହା ଲୋପ ହେବ, ଅନେକ ଭାଷା କହିବା ଶକ୍ତି
ବନ୍ଦ ହୋଇଯିବ; ଯଦି ଜ୍ଞାନ ଥାଏ ତାହା ଲୋପ ହେବ।
୯କାରଣ ଆମ୍ଭକୁ ଜ୍ଞାନ ଓ ଭବିଷ୍ୟତ୍‌ବାଣୀ ଆଂଶିକ
ହେବାରୁ ଏହା ଲୋପ ହେବ। ୧୦କିନ୍ତୁ ସିଦ୍ଧ ବିଷୟ
ଉପସ୍ଥିତ ହେଲେ ସମସ୍ତ ଆଂଶିକ ବିଷୟ ଲୋପ ହେବ।
୧୧ମୁଁ ଯେତେବେଳେ ଶିଶୁଥିଲି, ମୁଁ ଶିଶୁ ପରି କହୁଥିଲି,
ମୁଁ ଶିଶୁ ପରି ବିଚାର କରୁଥିଲି, ମୁଁ ଶିଶୁ ପରି ଯୋଜନା
କରୁଥିଲି। ଯେତେବେଳେ ମୁଁ ବୟସ୍କ ହେଲି, ମୁଁ ସେହି
ଶିଶୁ ବେଳର କଥାଗୁଡ଼ିକୁ ଛାଡ଼ି ଦେଲି। ୧୨ସେହି ପ୍ରକାର
ଆମ୍ଭେ ଗୋଟିଏ ଦର୍ପଣ ସାହାଯ୍ୟରେ ଦେଖୁଛୁ, କିନ୍ତୁ
ସେତେବେଳେ ଆମ୍ଭେ ସ୍ପଷ୍ଟ ଦେଖିବା। ମୁଁ ଏବେ କେବଳ
ଆଂଶିକଭାବରେ ଜାଣିଛି, କିନ୍ତୁ ସେତେବେଳେ ପରମେଶ୍ୱର
ମୋତେ ଯେପରି ଜାଣିଛନ୍ତି, ସେହିପରି ମୁଁ ସଂପୂର୍ଣ୍ଣ ଭାବରେ
ଜାଣିବି। ୧୩ଅତଏବ ବିଶ୍ୱାସ, ଭରସା ଓ ପ୍ରେମ ସ୍ଥାୟୀ
ଅଟେ। ଉକ୍ତ ତିନୋଟି ମଧ୍ୟରୁ ପ୍ରେମ ହେଉଛି ସର୍ବୋତ୍କୃଷ୍ଟ।

## ଆଧାତ୍ମିକ ଦାନଗୁଡ଼ିକୁ ମଣ୍ଡଳୀ ସେବାରେ ଲଗାଅ

୧୪ ପ୍ରେମର ଅନୁସରଣ କର। ଆଧାତ୍ମିକ ଦାନସବୁ
ପାଇବା ପାଇଁ ଏକାନ୍ତ ଚେଷ୍ଟା କର, ବିଶେଷ
ଭାବରେ ଭାବବାଣୀ କହିବାକୁ ଏକାନ୍ତ ଇଚ୍ଛା କର। ୨ମୁଁ
ବୁଝାଇ କହୁଛି: ଯେଉଁଲୋକ ବିଭିନ୍ନ ଭାଷାରେ କଥା
କହିବାକୁ ଦାନ ପାଇଛି, ସେ ପ୍ରକୃତରେ ମନୁଷ୍ୟକୁ ନୁହେଁ
ବରଂ ପରମେଶ୍ୱରଙ୍କ ସହିତ କଥାବାର୍ତ୍ତା କରେ। କେହିହେଲି
ତା'କଥା ବୁଝି ପାରନ୍ତି ନାହିଁ, ସେ ଆତ୍ମାଙ୍କ ଦ୍ୱାରା ନିଗୂଢ଼
ବିଷୟ କହେ। ୩କିନ୍ତୁ ଯିଏ ଭାବବାଣୀ କହେ, ସେ
ଲୋକମାନଙ୍କୁ ଶକ୍ତି (ଦୃଢ଼ତା), ଉତ୍ସାହ ଓ ସାନ୍ତ୍ୱନାର କଥା
କହେ। ୪ଯେଉଁଲୋକକୁ ବିଭିନ୍ନ ଭାଷାରେ କହିବା ଶକ୍ତି
ପ୍ରାପ୍ତ ହୋଇଛି, ସେ ନିଜକୁ ନିଷ୍ଠା ଜନ୍ମାଏ; କିନ୍ତୁ
ଯେଉଁଲୋକ ଭାବବାଣୀ କହେ, ସେ ମଣ୍ଡଳୀର ନିଷ୍ଠା
ଜନ୍ମାଏ। ୫ତୁମ୍ଭେମାନେ ସମସ୍ତେ ଅନେକ ଗୁଡ଼ିଏ ଭାଷା
କୁହ, ଏହା ମୁଁ ଇଚ୍ଛା କରେ, କିନ୍ତୁ ତୁମ୍ଭେମାନେ ଯେ
ଭାବବାଣୀ କୁହ, ଏହା ମୋହର ଅଧିକ ଇଚ୍ଛା। ଯେଉଁଲୋକ
ଭାବବାଣୀ କହେ, ସେ ବିଭିନ୍ନ ଭାଷା କହି ପାରିବା
ଲୋକଠାରୁ ଶ୍ରେଷ୍ଠ। କିନ୍ତୁ ସେ ଯଦି ସେହି ଭାଷାଗୁଡ଼ିକର
ଅର୍ଥକରିପାରୁଥିବ ତେବେ ସେ ଭାବବାଣୀ କହୁଥିବା ଲୋକ
ସହିତ ସମାନ। ଏହାଦ୍ୱାରା ମଣ୍ଡଳୀକୁ ସାହାଯ୍ୟ ହେବ।
୬ଭାଇ (ଓ ଭଉଣୀମାନେ)! ଯଦି ମୁଁ ତୁମ୍ଭମାନଙ୍କ
ପାଖରେ ଅନ୍ୟଭାଷାରେ କଥା କହେ, ତା'ହେଲେ ତୁମ୍ଭର
ବା କଣ ଲାଭ ହେବ? କେବଳ ଯଦି ମୁଁ କୌଣସି ନିଗୂଢ଼
କଥା ବା କାର୍ଯ୍ୟ ବା କିଛି ଭବିଷ୍ୟତ୍‌ବାଣୀ ବା କିଛି
ଉପଦେଶର କଥା କୁହେ ତେବେ ତୁମ୍ଭମାନଜଙ୍କର ପ୍ରକୃତରେ
ଲାଭ ହେବ। ୭ଅନ୍ୟଥା ମୋର କଥା ତୁମ୍ଭମାନଙ୍କ ପାଇଁ
କୌଣସି ନିର୍ଜୀବ ବଂଶୀ ବା ବୀଣାର ଧ୍ୱନି ତୁଲ୍ୟ ହେବ।
ଯଦି କୌଣସି ବାଦ୍ୟ ଯନ୍ତ୍ରର ସ୍ୱରଗୁଡ଼ିକରେ ପାର୍ଥକ୍ୟ ନ
ରହିବ, ତା' ହେଲେ ଜଣେ କିପରି ଜାଣି ପାରିବ ଯେ,
ବଂଶୀ ବା ବୀଣା କ'ଣ ବାଜୁଅଛି? ୮ଯୁଦ୍ଧରେ ଯଦି ତୂରୀଟି
ସ୍ପଷ୍ଟ ଭାବରେ ନ ଶୁଭେ ତା'ହେଲେ ସୈନିକଗଣ ଯୁଦ୍ଧ
ପାଇଁ ପ୍ରସ୍ତୁତ ହେବାର ସମୟ ଜାଣି ପାରିବେ ନାହିଁ।
୯ସେହିଭଳି ତୁମ୍ଭେମାନେ ଜିହ୍ୱା ଦ୍ୱାରା ଯଦି ସ୍ପଷ୍ଟ ଭାବରେ
କଥା ନ କହିବ, ତା' ହେଲେ କୌଣସି ଲୋକ କିଛି
ବୁଝି ପାରିବ ନାହିଁ। ତାହା ପବନରେ କଥା କହିଲାପରି
ହେବ। ୧୦ଏହା ସତ୍ୟ ଯେ, ସଂସାରରେ ଅନେକ ପ୍ରକାରର
ଭାଷା ଅଛି ଓ ସେ ସବୁଗୁଡ଼ିକ ଅର୍ଥପୂର୍ଣ୍ଣ। ୧୧ଅତଏବ, ଯଦି
ଜଣକର କଥା ଶୁଣି ତାହା ବୁଝି ନ ପାରେ ତା'ହେଲେ
ସେହି କଥା ମୋତେ ଅଦ୍ଭୁତ ମନେହେବ। ୧୨ତୁମ୍ଭପାଇଁ
ମଧ୍ୟ ଏହା ପ୍ରଯୁଜ୍ୟ। ତୁମ୍ଭେମାନେ ଆଧାତ୍ମିକ ଦାନ ପାଇବା
ପାଇଁ ଅତି ଉତ୍ସୁକ। ଅତଏବ, ମଣ୍ଡଳୀର ନିଷ୍ଠା ନିମନ୍ତେ
ଆତ୍ମିକ ଦାନ ସବୁ ପ୍ରଚୁର ପରିମାଣରେ ପାଇବାକୁ ଚେଷ୍ଟା
କର।
୧୩ଅତଏବ, ଯିଏ ଅନ୍ୟ ଭାଷାରେ କହୁଛି, ସେ ଯେପରି
ତାହା ବୁଝାଇ ପାରିବ, ଏଥିପାଇଁ ପ୍ରାର୍ଥନା କରିବା ଉଚିତ।
୧୪ଯଦି ମୁଁ ଅନ୍ୟ ଭାଷାରେ ପ୍ରାର୍ଥନା କରୁଛି, ତା'ହେଲେ
ମୋର ଆତ୍ମା ପ୍ରାର୍ଥନା କରେ, ମୋର ବୁଦ୍ଧି (ମନ) କିଛି
କରେ ନାହିଁ। ୧୫ତାହାହେଲେ ମୋର କ'ଣ କରିବା
ଉଚିତ? ମୁଁ ମୋହର ଆତ୍ମା ଦ୍ୱାରା ପ୍ରାର୍ଥନା କରିବି ଓ
ବୁଦ୍ଧିଦ୍ୱାରା ମଧ୍ୟ ପ୍ରାର୍ଥନା କରିବି। ପୁଣି ଆତ୍ମାଦ୍ୱାରା ସ୍ତୁତିଗାନ
କରିବି ଓ ବୁଦ୍ଧିସହ ମଧ୍ୟ ସ୍ତୁତିଗାନ କରିବି। ୧୬ତୁମ୍ଭେମାନେ

ଯଦି ଆତ୍ମା ଦ୍ୱାରା ପରମେଶ୍ୱରଙ୍କ ପ୍ରଶଂସା କର, ତେବେ
ସାଧାରଣ ଲୋକ ତୁମ୍ଭ କଥା ନ ବୁଝିବାରୁ କପରି ତୁମ୍ଭ
ଧନ୍ୟବାଦରେ "ଆମେନ୍" କହିବେ? ୧୭ତୁମ୍ଭେମାନେ
ପରମେଶ୍ୱରଙ୍କୁ ପ୍ରକୃତରେ ଭଲ ଭାବରେ ଧନ୍ୟବାଦ ଜଣାଉଛ,
କିନ୍ତୁ ତା'ଦ୍ୱାରା ଅନ୍ୟଲୋକ ଆଧାତ୍ମିକ ଲାଭ ପାଉ ନାହିଁ।
୧୮ମୁଁ ତୁମ୍ଭ ସମସ୍ତଙ୍କ ଅପେକ୍ଷା ଅଧିକ ରୂପେ ବିଭିନ୍ନ
ଭାଷାଗୁଡ଼ିକରେ କଥା କହିବାର ଦାନ ପାଇଛି ବୋଲି
ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉଛି। ୧୯କିନ୍ତୁ ମଣ୍ଡଳୀରେ
ଅନ୍ୟ ଭାଷାରେ ହଜାର ହଜାର କଥା କହିବା ଅପେକ୍ଷା
ବରଂ ସେମାନେ ବୁଝୁଥିବା ପାଞ୍ଚୋଟି କଥା କହିବାକୁ ଭଲ
ପାଏ। ଏହାଦ୍ୱାରା ମୁଁ ନିଜେ ବୁଝି ପାରିବି ଓ ଅନ୍ୟ
ଲୋକମାନଙ୍କୁ ଶିକ୍ଷା ଦେଇ ପାରିବି।
୨୦ଭାଇ ଓ ଭଉଣୀମାନେ, ବୁଦ୍ଧିରେ ପିଲାମାନଙ୍କ ପରି
ହୁଅନାହିଁ ବରଂ ମନ୍ଦ ବିଷୟରେ ଶିଶୁ ପରି ହୁଅ ଓ
ବୁଦ୍ଧିରେ ପୂର୍ଣ୍ଣ ବୟସ୍କ ହୁଅ। ୨୧ଶାସ୍ତ୍ରରେ ଲେଖାଅଛି:

> "ବିଦେଶୀୟ ଭାଷାବାଦୀମାନଙ୍କ ଦ୍ୱାରା ଓ
> ବିଦେଶୀୟମାନଙ୍କ ମୁଖ ଦ୍ୱାରା ଆମ୍ଭେ ଏହି ଲୋକମାନଙ୍କୁ
> କଥା କହିବା, ତଥାପି ଏହି ଲୋକମାନେ ଆମ୍ଭକଥା
> ଶୁଣିବେ ନାହିଁ।"
>
> ଯିଶାୟ ୨୮:୧୧-୧୨

ଏହା ପରମେଶ୍ୱର କହନ୍ତି
୨୨ଏଣୁ ବିଭିନ୍ନ ଭାଷାରେ କଥା କହିବା ବିଶ୍ୱାସୀମାନଙ୍କ
ପାଇଁ ଚିହ୍ନ ସ୍ୱରୂପେ ନୁହେଁ, ମାତ୍ର ଅବିଶ୍ୱାସୀମାନଙ୍କ
ନିମନ୍ତେ ଚିହ୍ନସ୍ୱରୂପେ, ଭାବବାଣୀ କହିବା ଅବିଶ୍ୱାସୀମାନଙ୍କ
ନିମନ୍ତେ ଚିହ୍ନସ୍ୱରୂପ ନୁହେଁ, ମାତ୍ର ବିଶ୍ୱାସୀମାନଙ୍କ ନିମନ୍ତେ
ଚିହ୍ନ ସ୍ୱରୂପ। ୨୩ଯଦି ସମସ୍ତ ମଣ୍ଡଳୀ ସମବେତ ହୁଅନ୍ତି ଓ
ସମସ୍ତେ ଅନ୍ୟଭାଷାରେ କଥା କହନ୍ତି, ପୁଣି ସାଧାରଣ ଓ
ଅବିଶ୍ୱାସୀ ଲୋକମାନେ ଆସନ୍ତି, ସେମାନେ ଯଦି ବୁଝି ନ
ପାରନ୍ତି, ତାହାହେଲେ ସେମାନେ ତୁମ୍ଭକୁ ପାଗଳ କହିବେ।
୨୪କିନ୍ତୁ ଯଦି ସମସ୍ତେ ଭାବବାଣୀ କହନ୍ତି, ଜଣେ ଅବିଶ୍ୱାସୀ
ବା ସାଧାରଣ ଲୋକ ଆସେ ତେବେ ତା'ର ଦୋଷ
ତୁମ୍ଭକୁ ଦେଖାଯିବ ଓ ତୁମ୍ଭ କଥା ଦ୍ୱାରା ସେ ବିଚାରିତ
ହେବ। ୨୫ତାହାର ହୃଦୟର ଗୁପ୍ତ ବିଷୟସବୁ ପ୍ରକାଶିତ
ହେବ, ସେଥିରେ ସେ ମସ୍ତକ ନତକରି ପରମେଶ୍ୱର ଯେ
ତୁମ୍ଭମାନଙ୍କ ମଧ୍ୟରେ ଅଛନ୍ତି, ଏହା ସ୍ୱୀକାର କରି ପରମେଶ୍ୱରଙ୍କ
ଉପାସନା କରିବ।

### ତୁମ୍ଭମାନଙ୍କ ସଭାଗୁଡ଼ିକ ମଣ୍ଡଳୀକୁ ସାହାଯ୍ୟ କରିବା ଉଚିତ

୨୬ତା'ହେଲେ, ଭାଇ (ଓ ଭଉଣୀ)ମାନେ, ତୁମ୍ଭେ କ'ଣ
କରିବା ଉଚିତ? ତୁମ୍ଭେ ଯେତେବେଳେ ଏକାଠି ହେଉଛ,
ତୁମ୍ଭମାନଙ୍କ ମଧ୍ୟରେ କେହି ଗୀତ ବା ଶିକ୍ଷା ବା ପରମେଶ୍ୱରଙ୍କ
ନୂତନ ସତ୍ୟ, ଅନ୍ୟଭାଷା ବା ଭାଷାର ଅର୍ଥ କହିଥାଏ।
ସମସ୍ତ ବିଷୟ ମଣ୍ଡଳୀର ନିଷ୍ଠା ନିମନ୍ତେ କରାଯାଉ। ୨୭ଯଦି
କିଏ ଅନ୍ୟ ଭାଷାରେ କହୁଛି, ତା'ହେଲେ ମାତ୍ର ଦୁଇ ବା
ତିନିଜଣ ଲୋକ ଏପରି କହିବା ଉଚିତ ଓ ଅନ୍ୟଜଣେ
ସେମାନେ ଯାହାସବୁ କହେ ତାର ଅନୁବାଦ କରିବା
ଉଚିତ୍। ୨୮କିନ୍ତୁ ଯଦି ଜଣେ ଅନୁବାଦକାରୀ ନାହାଁନ୍ତି,
ତା'ହେଲେ ଯେଉଁମାନେ ଅନ୍ୟ ଭାଷାରେ କହିବା ପାଇଁ
ଇଚ୍ଛା କରନ୍ତି, ସେମାନେ ମଣ୍ଡଳୀ ସଭାରେ ଚୁପ୍ ରହିବା
ଉଚିତ। ସେ କେବଳ ନିରୋଳାରେ ପରମେଶ୍ୱରଙ୍କ ସହିତ
କଥା କହିବା ଉଚିତ।
୨୯ଆହୁରି ମଧ୍ୟ କେବଳ ଦୁଇ ବା ତିନିଜଣ, ଭାବବାଦୀ
କହିବା ଉଚିତ। ଅନ୍ୟମାନେ ସେମାନେ ଯାହା କହୁଛନ୍ତି,
ସେଗୁଡ଼ିକୁ ପରୀକ୍ଷା କରିବା ଉଚିତ। ୩୦ଯଦି ସେଠାରେ
ବସିଥିବା ଜଣେ ଲୋକ ପରମେଶ୍ୱରଙ୍କଠାରୁ ଏକ ନୂତନ
ସତ୍ୟପାଏ, ତା'ହେଲେ ପ୍ରଥମ ବକ୍ତା ଚୁପ୍ ହୋଇଯିବା
ଉଚିତ। ୩୧ଏହିପରି ତୁମ୍ଭେମାନେ ସମସ୍ତେ ଜଣକପରେ
ଜଣେ ଭାବବାଣୀ କହି ପାରିବ। ସେପରି ହେଲେ, ସମସ୍ତେ
ଶିଖି ପାରିବେ ଓ ଉତ୍ସାହିତ ହୋଇ ପାରିବେ। ୩୨ଏପରିକି
ଭାବବାଦୀମାନଙ୍କର ଆତ୍ମା ଭବିଷ୍ୟଦ୍‌ବକ୍ତାମାନଙ୍କ ନିୟନ୍ତ୍ରଣରେ
ଥାନ୍ତି।
୩୩ପରମେଶ୍ୱର ବିଶୃଙ୍ଖଳାର ପରମେଶ୍ୱର ନୁହଁନ୍ତି, କିନ୍ତୁ
ସେ ଶାନ୍ତିର ପରମେଶ୍ୱର ଅଟନ୍ତି।
୩୪ମଣ୍ଡଳୀର ସଭାମାନଙ୍କରେ ସ୍ତ୍ରୀମାନେ ଚୁପ୍ ରହିବା
ଉଚିତ। ପରମେଶ୍ୱରଙ୍କ ଲୋକମାନଙ୍କର ସମସ୍ତ ମଣ୍ଡଳୀରେ
ଏହି ନିୟମ ଲାଗୁ ଅଛି। ସ୍ତ୍ରୀ ଲୋକଙ୍କୁ କହିବା ପାଇଁ
ଅନୁମତି ଦିଆଯାଇ ନାହିଁ। ମୋଶାଙ୍କ ନିୟମାନୁଯାୟୀ ସେମାନେ
ବଶୀଭୂତ ହୋଇ ରହିବା ଉଚିତ। ୩୫ଯଦି ସ୍ତ୍ରୀ ମାନଙ୍କର
କିଛି ଜାଣିବାକୁ ଇଚ୍ଛା ଥାଏ, ତା'ହେଲେ ସେମାନେ ନିଜ
ସ୍ୱାମୀଙ୍କୁ ଘରେ ପଚାରି ବୁଝି ପାରିବେ। ମଣ୍ଡଳୀ ସଭାରେ
ସ୍ତ୍ରୀ ଲୋକମାନଙ୍କ ପକ୍ଷେ କିଛି କହିବା ଲଜ୍ଜାଜନକ ଅଟେ।
୩୬ପରମେଶ୍ୱରଙ୍କ ବାକ୍ୟ କ'ଣ ତୁମ୍ଭମାନଙ୍କଠାରୁ ଆସିଥିଲା
କି? ନା। ଅଥବା ସେହି ବାକ୍ୟ କ'ଣ କେବଳ ତୁମ୍ଭମାନଙ୍କ
ପାଖରେ ପହଞ୍ଚିଥିଲା? ନା।
୩୭ଯଦି ଜଣେ ଲୋକ ନିଜକୁ ଭାବବାଦୀ ବୋଲି ମନେ
କରେ ବା ସେ ନିଜକୁ ଆଧାତ୍ମିକ ଦାନର ଅଧିକାରୀ
ବୋଲି ଭାବେ, ତା'ହେଲେ ସେ ବୁଝି ପାରିବା ଉଚିତ ଯେ,
ମୁଁ ଯାହା କିଛି ତୁମ୍ଭମାନଙ୍କୁ ଲେଖୁଛି, ତାହା ପ୍ରଭୁଙ୍କର
ଆଦେଶ ଅଟେ। ୩୮ଯଦି ସେ ଏହା ଜାଣେ ନାହିଁ,
ତାହାହେଲେ ସେ ପରମେଶ୍ୱରଙ୍କ ଦ୍ୱାରା ଅଜଣା ଅଟେ।
୩୯ଅତଏବ, ମୋ ଭାଇ ଓ ଭଉଣୀମାନେ! ତୁମ୍ଭେମାନେ
ଭବିଷ୍ୟଦ୍‌ବାଣୀ କହିବା ପାଇଁ ଏକାନ୍ତ ଚେଷ୍ଟା କର। କିନ୍ତୁ
ବିଭିନ୍ନ ଭାଷାରେ କହିବାକୁ ଅନ୍ୟମାନଙ୍କୁ ବାଧା ଦିଅ ନାହିଁ।
ପ୍ରତ୍ୟେକ କାମ ଠିକ୍ ଭାବରେ ଓ କ୍ରମାନୁସାରେ କରିବା
ଉଚିତ।

### ଖ୍ରୀଷ୍ଟଙ୍କର ସୁସମାଚାର

**୧୫** ଭାଇ ଓ ଭଉଣୀମାନେ! ମୁଁ ତୁମ୍ଭମାନଙ୍କୁ ପୂର୍ବରୁ
ମନେ ପକାଇ ଦେବାକୁ ଇଚ୍ଛା କରେ। ତୁମ୍ଭେମାନେ
ଏହାକୁ ଗ୍ରହଣ କରିଥିଲ, ଓ ଏବେ ସୁଦ୍ଧା ଦୃଢ଼ ଭାବରେ
ଧରି ରଖିଛ। ୨ତୁମ୍ଭେମାନେ ଏହି ସୁସମାଚାର ଦ୍ୱାରା
ପରିତ୍ରାଣ ପାଇଛ। କିନ୍ତୁ ମୋ କହିଥିବା କଥାଗୁଡ଼ିକୁ

ତୁମ୍ଭେମାନେ ବିଶ୍ୱାସ କରି ଚାଲିବା ଉଚିତ। ନଚେତ୍ ତୁମ୍ଭେ
ବ୍ୟର୍ଥରେ ବିଶ୍ୱାସୀ ହୋଇଥିଲ।
୩ମୁଁ ପାଇଥିବା ଶିକ୍ଷା ତୁମ୍ଭମାନଙ୍କୁ ଦେଲି। ଏହି ପ୍ରଧାନ
ଶିକ୍ଷା ମୁଁ ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯେ, ଯୀଶୁ ଖ୍ରୀଷ୍ଟ
ଶାସ୍ତ୍ର ଅନୁସାରେ ଆମ୍ଭର ପାପ ପାଇଁ ମଲେ। ୪ଯୀଶୁ
ଖ୍ରୀଷ୍ଟଙ୍କୁ କବର ଦିଆ ହେଲା ଓ ତୃତୀୟ ଦିନ ସେ
ମୃତ୍ୟୁରୁ ଉଠିଲେ। ୫ସେ କେଫାଙ୍କୁ ଓ ତା'ପରେ ବାରଜଣ
ପ୍ରେରିତଙ୍କୁ ଦେଖା ଦେଲେ। ୬ତା'ପରେ ସେ ଏକା
ଥରକେ ୫୦୦ ରୁ ଅଧିକ ଭାଇମାନଙ୍କୁ ଦେଖାଦେଇଥିଲେ।
ତାହାଙ୍କ ମଧ୍ୟରୁ ଅଧିକାଂଶ ଲୋକ ଆଜି ମଧ୍ୟ ଜୀବିତ।
କିନ୍ତୁ କେତେକ ମରି ଯାଇଛନ୍ତି। ୭ତା'ପରେ ଖ୍ରୀଷ୍ଟ ଯାକୁବ
ଓ ପରେ ସମସ୍ତ ପ୍ରେରିତମାନଙ୍କୁ ଆଉଥରେ ଦେଖା
ଦେଲେ। ୮ଯଥା ସମୟ ପୂର୍ବରୁ ଜନ୍ମ ହୋଇଥିବା ଶିଶୁଟିଏ
ଭଳି ଯେ ମୁଁ, ସେ ମୋତେ ସର୍ବ ଶେଷରେ ଦେଖା
ଦେଲେ। ୯ମୁଁ ସମସ୍ତ ପ୍ରେରିତମାନଙ୍କ ମଧ୍ୟରେ ସବୁଠାରୁ
କ୍ଷୁଦ୍ରତମ। ଏପରିକି ମୋର ପ୍ରେରିତ ବୋଲି ଡକା ଯିବାର
ଯୋଗ୍ୟତା ମଧ୍ୟ ନାହିଁ, କାରଣ ମୁଁ ପୂର୍ବରୁ ପରମେଶ୍ୱରଙ୍କ
ମଣ୍ଡଳୀକୁ ତାଡ଼ନା କରିଛି। ୧୦କିନ୍ତୁ ପରମେଶ୍ୱରଙ୍କ ଅନୁଗ୍ରହ
ହେତୁ ମୁଁ ଆଜି ଏହା ହୋଇପାରିଛି। ମୋ ପ୍ରତି ତାହାଙ୍କ
ଅନୁଗ୍ରହ ବିଫଳ ହୋଇନାହିଁ। ମୁଁ ଅନ୍ୟ ସମସ୍ତ ପ୍ରେରିତଙ୍କ
ତୁଳନାରେ କଠୋର ପରିଶ୍ରମ କରିଛି। ମୁଁ ପ୍ରକୃତରେ ଯେ
ଅଧିକ ପରିଶ୍ରମ କରିଅଛି, ତାହା ନୁହେଁ କିନ୍ତୁ ପରମେଶ୍ୱରଙ୍କ
ଅନୁଗ୍ରହ ହେତୁ ଏହା କରିପାରିଛି। ୧୧ମୁଁ ତୁମ୍ଭକୁ ପ୍ରଚାର
କରେ ବା ଅନ୍ୟମାନେ ପ୍ରଚାର କରନ୍ତି, ସେଥିରେ କିଛି
ଯାଏ ଆସେ ନାହିଁ, କାରଣ ଆମ୍ଭେ ସମସ୍ତେ ସମାନ ବିଷୟ
ପ୍ରଚାର କରିଥାଉ। ଆଉ ଏହି ପ୍ରକାରେ ତୁମ୍ଭେମାନେ
ବିଶ୍ୱାସୀ ହୋଇଅଛ।

## ଆମ୍ଭେ ମୃତ୍ୟୁରୁ ପୁନର୍ଜୀବିତ ହେବା

୧୨ଯୀଶୁଖ୍ରୀଷ୍ଟ ମୃତ୍ୟୁରୁ ଉତ୍ଥିତ ହୋଇଥିଲେ, ଏହା ପ୍ରଚାରିତ
ହୋଇଛି, ତା'ହେଲେ ତୁମ୍ଭମାନଙ୍କ ମଧ୍ୟରୁ କେତେଜଣ
କାହିଁକି କୁହନ୍ତି ଯେ, ଲୋକେ ମୃତ୍ୟୁରୁ ଉତ୍ଥିତ ହୋଇପାରିବେ
ନାହିଁ। ୧୩ଯଦି ଲୋକମାନେ ମୃତ୍ୟୁରୁ ଉତ୍ଥିତ ହେବେ ନାହିଁ,
ତା'ହେଲେ ଖ୍ରୀଷ୍ଟ ମଧ୍ୟ ମୃତ୍ୟୁରୁ ଉତ୍ଥିତ ହୋଇ ନାହାଁନ୍ତି।
୧୪ଯଦି ଖ୍ରୀଷ୍ଟ ମୃତ୍ୟୁରୁ ଉତ୍‌ଥିତ ହୋଇ ନାହାଁନ୍ତି, ତା'ହେଲେ
ଆମ୍ଭର ଶିକ୍ଷାଦାନ ଓ ତୁମ୍ଭମାନଙ୍କର ବିଶ୍ୱାସର କିଛି ମୂଲ୍ୟ
ନାହିଁ। ୧୫ଆମ୍ଭେ ମଧ୍ୟ ପରମେଶ୍ୱରଙ୍କ ବିଷୟରେ ମିଛ
କହିଥିବା ଅପରାଧରେ ଅପରାଧୀ। କାରଣ ଆମ୍ଭେ ପରମେଶ୍ୱରଙ୍କ
ବିଷୟରେ ପ୍ରଚାର କରିଛୁ ଯେ, ସେ ଯୀଶୁଙ୍କୁ ମୃତ୍ୟୁରୁ
ଉଠାଇଛନ୍ତି। ଯଦି ମୃତମାନେ ଉତ୍ଥିତ ନ ହୁଅନ୍ତି, ତା'ହେଲେ
ପରମେଶ୍ୱର ମଧ୍ୟ ଖ୍ରୀଷ୍ଟଙ୍କୁ ମୃତ୍ୟୁରୁ ଉଠାଇ ନାହାଁନ୍ତି।
୧୬ଯଦି ମୃତମାନେ ଉତ୍ଥିତ ହୁଅନ୍ତି ନାହିଁ, ତା'ହେଲେ
ଯୀଶୁଖ୍ରୀଷ୍ଟ ମଧ୍ୟ ଉତ୍ଥିତ ହୋଇ ନାହାଁନ୍ତି। ୧୭ଯଦି ଖ୍ରୀଷ୍ଟ
ମୃତ୍ୟୁରୁ ଉଠି ନାହାଁନ୍ତି, ତା'ହେଲେ ତୁମ୍ଭ ବିଶ୍ୱାସର କିଛି
ମୂଲ୍ୟ ନାହିଁ। ତୁମ୍ଭେମାନେ ଏ ପର୍ଯ୍ୟନ୍ତ ନିଜ ନିଜ ପାପରେ
ଅଛ। ୧୮ପୁଣି ଖ୍ରୀଷ୍ଟଙ୍କଠାରେ ଥାଇ ଯେଉଁମାନେ ମରିଛନ୍ତି,
ସେମାନେ ମଧ୍ୟ ବିନଷ୍ଟ ହୋଇ ଯାଇ ଅଛନ୍ତି। ୧୯ଯଦି
ଖ୍ରୀଷ୍ଟଙ୍କଠାରେ ଆମ୍ଭର ଭରସା କେବଳ ଏହି ସଂସାରର
ଜୀବନ ପାଇଁ, ତା'ହେଲେ ଅନ୍ୟ ସମସ୍ତ ଲୋକଙ୍କ ତୁଳନାରେ
ଆମ୍ଭେ ଅଧିକ ହତଭାଗ୍ୟ।
୨୦କିନ୍ତୁ ବାସ୍ତବ କଥା ଏହି ଯେ, ଖ୍ରୀଷ୍ଟଙ୍କୁ ମୃତ୍ୟୁରୁ
ଉତ୍ଥିତ କରାଯାଇଛି। ସେ ହେଉଛନ୍ତି ମୃତ ବିଶ୍ୱାସୀମାନଙ୍କ
ମଧ୍ୟରୁ ଉତ୍ଥିତ ପ୍ରଥମ ଫଳ ସ୍ୱରୂପ। ୨୧ଜଣେ ମନୁଷ୍ୟ
ହେତୁ ଲୋକମାନଙ୍କ ପାଖକୁ ମୃତ୍ୟୁ ଆସିଲା। କିନ୍ତୁ ଜଣେ
ମନୁଷ୍ୟ ଦ୍ୱାରା ମଧ୍ୟ ମୃତ୍ୟୁର ପୁନରୁତ୍ଥାନ ହେଲା। ୨୨ଆଦମ
ଯୋଗୁ ସମସ୍ତ ଲୋକ ମୃତ୍ୟୁ ଭୋଗ କରନ୍ତି, ସେହି ଭଳି
ଖ୍ରୀଷ୍ଟଙ୍କ ଯୋଗୁ ସମସ୍ତ ଲୋକଙ୍କୁ ପୁନର୍ଜୀବିତ ହେବେ।
୨୩କିନ୍ତୁ ପ୍ରତ୍ୟେକ ଲୋକ କ୍ରମାନୁସାରେ ପୁନଃର୍ଜୀବିତ ହେବେ।
ପ୍ରଥମ ଫଳ ସ୍ୱରୂପ ଖ୍ରୀଷ୍ଟ, ତା'ପରେ ଖ୍ରୀଷ୍ଟଙ୍କ ଆଗମନ
ସମୟରେ ତାହାଙ୍କ ଆଶ୍ରିତମାନେ ପୁନରୁତ୍ଥିତ ହେବେ।
୨୪ତା'ପରେ ଯୁଗାନ୍ତ ହେବ। ସମସ୍ତ ଶାସକ, କ୍ଷମତା ଓ
ଶକ୍ତିଗୁଡ଼ିକୁ ଲୋପ କରିବା ପରେ ଖ୍ରୀଷ୍ଟ ପିତା ପରମେଶ୍ୱରଙ୍କ
ରାଜତ୍ୱ ସମର୍ପଣ କରିବେ। ୨୫କିନ୍ତୁ ଯେତେ ଦିନ ପର୍ଯ୍ୟନ୍ତ
ପରମେଶ୍ୱର ସମସ୍ତ ଶତ୍ରୁଙ୍କୁ ଖ୍ରୀଷ୍ଟଙ୍କ ପାଦତଳେ ନ
ରଖିଛନ୍ତି, ସେତେଦିନ ପର୍ଯ୍ୟନ୍ତ ଖ୍ରୀଷ୍ଟ ରାଜତ୍ୱ କରିବେ।
୨୬ଶେଷ ଶତ୍ରୁ ଭାବରେ ମୃତ୍ୟୁକୁ ଲୋପ କରାଯିବ। ୨୭ଶାସ୍ତ୍ର
କୁହେ: "ପରମେଶ୍ୱର ସମସ୍ତ ବିଷୟକୁ ତାହାଙ୍କର ପାଦତଳେ
ରଖିଛନ୍ତି।"* ଯେତେବେଳେ ଏହା କୁହେ ଯେ, ସେ
"ସମସ୍ତ ବିଷୟ" ତାହାଙ୍କ ପାଦତଳେ ବଶୀଭୂତ କଲେ
ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ, ପରମେଶ୍ୱର ନିଜେ ପ୍ରତ୍ୟେକ
ବିଷୟକୁ ଖ୍ରୀଷ୍ଟଙ୍କର ବଶୀଭୂତ କଲେ ଓ ସେ ସେହି
ସବୁରେ ପରମେଶ୍ୱର ଅନ୍ତର୍ଗତ ନୁହଁନ୍ତି। ୨୮ସମସ୍ତ ଖ୍ରୀଷ୍ଟଙ୍କ
ବଶୀଭୂତ ହେଲା ଉତ୍ତାରେ ତା'ଙ୍କ ପୁତ୍ର ଖ୍ରୀଷ୍ଟ ମଧ୍ୟ
ପରମେଶ୍ୱରଙ୍କ ବଶୀଭୂତ ହେବେ। ଯେଉଁ ପରମେଶ୍ୱର
ପ୍ରତ୍ୟେକ ବିଷୟକୁ ଖ୍ରୀଷ୍ଟଙ୍କ ବଶୀଭୂତ କଲେ, ସେହି ଖ୍ରୀଷ୍ଟ
ପରମେଶ୍ୱରଙ୍କ ବଶୀଭୂତ ହେବେ ଓ ଏହିଭଳି ପ୍ରତ୍ୟେକ
ବିଷୟ ଉପରେ ପରମେଶ୍ୱର ଶାସନ ପ୍ରତିଷ୍ଠିତ ହେବେ।

୨୯ଯଦି ଲୋକମାନେ ମୃତ୍ୟୁରୁ ଆଦୌ ଉତ୍ଥିତ ହେବେ
ନାହିଁ, ତା'ହେଲ ଯେଉଁମାନେ ମୃତମାନଙ୍କ ପାଇଁ ତୁବନ
ପ୍ରାପ୍ତ ହୋଇଛନ୍ତି, ସେମାନେ କ'ଣ କରିବେ? ଯଦି
ମୃତମାନେ ଆଦୌ ଉତ୍ଥିତ ହେବେ ନାହିଁ, ତା'ହେଲେ
କାହିଁକି ସେମାନଙ୍କ ପାଇଁ ଲୋକମାନଙ୍କୁ ବାପ୍ତିଜିତ
କରାଯାଇଥାଏ?
୩୦ଆମ୍ଭେ ପ୍ରତି ମୁହୂର୍ତ୍ତରେ କ'ଣ ପାଇଁ ବିପଦର
ସମ୍ମୁଖୀନ ହେଉ? ୩୧ଭାଇମାନେ, ଆମ୍ଭ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ
ଠାରେ ତୁମ୍ଭମାନଙ୍କ ପାଇଁ ମୁଁ ଯେଉଁ ଗର୍ବ କରିଥାଏ,
ସେଥିର ଶପଥ କରି କହୁଛି, ମୁଁ ପ୍ରତିଦିନ ମରେ। ୩୨ଯଦି
ମୁଁ ଏଫିସଠାରେ ମୋର ଗର୍ବ ରକ୍ଷାର୍ଥେ ବନ୍ୟପଶୁମାନଙ୍କ
ସହ ଯୁଦ୍ଧ କରିଛି, ତା'ହେଲେ ମୁଁ କ'ଣ ବା ପାଇଲି?
ଯଦି ମୃତ ଲୋକ ମୃତ୍ୟୁରୁ ଉତ୍ଥିତ ହେବ ନାହିଁ, ତା'ହେଲେ

---

**"ପରମେଶ୍ୱର ... ରଖିଛନ୍ତି।"** ଗୀତସଂହିତା ୮:୬

"ଆସ ଖାଇବା, ପିଇବା (ମଉଜ କରିବା) କାରଣ କାଲି
ମରିବାକୁ ହେବ।"*
[୩୩]ମୂର୍ଖଙ୍କ ଭଳି ଆଚରଣ କରନାହିଁ। "ମନ୍ଦ ସଙ୍ଗୀମାନେ
ଭଲ ଅଭ୍ୟାସଗୁଡ଼ିକୁ ନଷ୍ଟ କରିଦେବେ।" [୩୪]ଅତଏବ,
ତୁମ୍ଭେ ଜାଗ୍ରତ ହୁଅ, ଓ ପାପ କରିବା ବନ୍ଦ କର।
ତୁମ୍ଭମାନଙ୍କ ମଧ୍ୟରୁ କେତେକ ପରମେଶ୍ୱରଙ୍କୁ ଜାଣନ୍ତି
ନାହିଁ। ତୁମ୍ଭମାନଙ୍କୁ ଲଜ୍ଜା ଦେବା ପାଇଁ ଏକଥା ମୁଁ କହୁଛି।

## ଆମ୍ଭେ କେଉଁ ପ୍ରକାର ଶରୀର ପାଇବା ?

[୩୫]କିନ୍ତୁ ଜଣେ ପଚାରି ପାରେ: "ମୃତଗୁଡ଼ିକ କିପରି
ଉତ୍ଥିତ ହୁଅନ୍ତି? [୩୬]ସେମାନେ କେଉଁ ଭଳି ଦେହ ଧାରଣ
କରିବେ?" ଏଗୁଡ଼ିକ ହେଉଛି ନିର୍ବୋଧ ପ୍ରଶ୍ନ। ପୃଥିବୀରେ
ପୋତା ଯାଇଥିବା ବୀଜଟି ନିଜେ ନ ମରିବା ପର୍ଯ୍ୟନ୍ତ
ସଜୀବ ହୁଏ ନାହିଁ। [୩୭]ବୁଣିଲା ବେଳେ ତୁମ୍ଭେମାନେ ଯାହା
ବୁଣ, ବିକଶିତ ହେଲା ପରେ ତାହା ସେହି "ଶରୀର"
ଧାରଣ କରେ ନାହିଁ। ତୁମ୍ଭେମାନେ ଗହମ ହେଉ ବା
ଅନ୍ୟ କୌଣସି ଶସ୍ୟ ହେଉ, କେବଳ ବୀଜଟି ବୁଣ।
[୩୮]ତା'ପରେ ପରମେଶ୍ୱର ଯେପରି ଇଚ୍ଛା କରନ୍ତି, ସେହିପରି
ଶରୀର ତାହାକୁ ପ୍ରଦାନ କରନ୍ତି। ପରମେଶ୍ୱର ସମସ୍ତ ବୀଜ
ମଧ୍ୟରୁ ପ୍ରତ୍ୟେକକୁ ତାହାର ନିଜ ଶରୀର ଦିଅନ୍ତି।
[୩୯]ଶରୀରରୁ ଜାତ ସମସ୍ତ ବିଷୟରେ ସମାନ ପ୍ରକାରର
ଶରୀର ନ ଥାଏ। ମଣିଷମାନଙ୍କର ଶରୀର ଏକ ପ୍ରକାରର
ତ ଚଢ଼େଇମାନଙ୍କର ଶରୀର ଅନ୍ୟ ପ୍ରକାରର ଓ ମାଛମାନଙ୍କର
ଶରୀର ଆହୁରି ଅଲଗା ପ୍ରକାରର। [୪୦]ସ୍ୱର୍ଗୀୟ ଶରୀର
ଅଛି, ପୃଥିବୀସ୍ଥ ଶରୀର ମଧ୍ୟ ଅଛି। କିନ୍ତୁ ସ୍ୱର୍ଗୀୟ
ଶରୀରରୁ ଏକ ପ୍ରକାରର ହେବ, ଆଉ ପୃଥିବୀସ୍ଥ ଶରୀରର
ଅନ୍ୟପ୍ରକାରର ହେବ। [୪୧]ସୂର୍ଯ୍ୟର ଜ୍ୟୋତିଃ ଗୋଟିଏ ପ୍ରକାରର,
ଚନ୍ଦ୍ରର ଜ୍ୟୋତିଃ ଅନ୍ୟ ପ୍ରକାରର ଓ ତାରାମାନଙ୍କର
ଜ୍ୟୋତିଃ ଆହୁରି ଅନ୍ୟପ୍ରକାରର, ଗୋଟିଏ ତାରାର ଜ୍ୟୋତିଃ,
ଅନ୍ୟ ତାରାମାନଙ୍କର ଠାରୁ ଅଲଗା।
[୪୨]ମୃତମାନଙ୍କର ଉତ୍ଥାନ ବିଷୟରେ ମଧ୍ୟ ଏହି କଥାଟି
ପ୍ରଯୁଜ୍ୟ। ଯେଉଁ ଶରୀରଟି ପୋତି ଦିଆ ହେଲା, ତାହା
ନଷ୍ଟ ହୋଇଯିବ। କିନ୍ତୁ ସେହି ଶରୀରଟି ଯେଉଁ ନୂତନ
ଦେହ ଧାରଣ କରିବ, ତାହା ନଷ୍ଟ ହେବ ନାହିଁ।
[୪୩]ଶରୀରଟି ଅନାଦରରେ "ବୁଣାଯାଏ", କିନ୍ତୁ ମହିମାରେ
ତାହା ଉତ୍ଥିତ ହୁଏ। ଯେତେବେଳେ ଦୁର୍ବଳତାରେ ଶରୀରଟି
"ବୁଣାଯାଏ" ଏହା ଶକ୍ତିର ସହିତ ଉତ୍ଥିତ ହୁଏ। [୪୪]ପ୍ରାକୃତିକ
ଶରୀରଟି "ବୁଣାଯାଏ", ଆତ୍ମିକ ଶରୀର ଉତ୍ଥିତ ହୁଏ।
ଯଦି ପ୍ରକୃତିକ ଶରୀର ଅଛି, ତା'ହେଲେ ଆଧାତ୍ମିକ
ଶରୀର ମଧ୍ୟ ଅଛି। [୪୫]ଶାସ୍ତ୍ରରେ ଲେଖା ଅଛି: "ପ୍ରଥମ
ମନୁଷ୍ୟ (ଆଦମ) ସଜୀବ ପ୍ରାଣୀ,"* କିନ୍ତୁ ଶେଷ ଆଦମ
(ଖ୍ରୀଷ୍ଟ) ଜଣେ ଜୀବନଦାତା ଆତ୍ମା। [୪୬]ମାତ୍ର ଯାହା ଆତ୍ମିକ,
ତାହା ପ୍ରଥମ ନୁହେଁ। ମାତ୍ର ଯାହା ପ୍ରାକୃତିକ, ତାହା ପ୍ରଥମ,
ପରେ ଆତ୍ମିକ ଆସେ। [୪୭]ପ୍ରଥମ ମନୁଷ୍ୟଟି ପୃଥିବୀର
ମାଟିରୁ ନିର୍ମିତ ହୋଇଥିଲା; କିନ୍ତୁ ଦ୍ୱିତୀୟ ମନୁଷ୍ୟ ସ୍ୱର୍ଗରୁ
ଆସିଥିଲେ। [୪୮]ଜଗତର ପ୍ରଥମ ମନୁଷ୍ୟ ଭଳି ପ୍ରତ୍ୟେକ
ମନୁଷ୍ୟ ପୃଥିବୀର ଅଟନ୍ତି। କିନ୍ତୁ ଯେଉଁମାନେ ସ୍ୱର୍ଗର,
ସେମାନେ ସ୍ୱର୍ଗରୁ ଆଗତ ସେହି ମନୁଷ୍ୟ ତୁଲ୍ୟ। [୪୯]ଆମ୍ଭେମାନେ
ଜଗତରୁ ସେହି ମନୁଷ୍ୟ ତୁଲ୍ୟ ନିର୍ମିତ ହୋଇଅଛୁ।
ଅତଏବ, ଆମ୍ଭେ ମଧ୍ୟ ସ୍ୱର୍ଗର ସେହି ବ୍ୟକ୍ତି ତୁଲ୍ୟ ଶରୀର
ଧାରଣ କରିବା।
[୫୦]ଭାଇ ଓ ଭଉଣୀମାନେ! ମୁଁ ତୁମ୍ଭକୁ ଏକଥା କହୁଛି
ଯେ, ମାଂସ ଓ ରକ୍ତ ପରମେଶ୍ୱରଙ୍କ ରାଜ୍ୟର ଉତ୍ତରାଧିକାରୀ
ହୋଇ ପାରିବ ନାହିଁ। କ୍ଷୟ ଅକ୍ଷୟକୁ ଅଧିକାର କରି
ପାରିବ ନାହିଁ। [୫୧]କିନ୍ତୁ ଶୁଣ! ମୁଁ ତୁମ୍ଭମାନଙ୍କୁ ଗୋଟିଏ
ନିଗୁଢ଼ କଥା କହୁଛି: ଆମ୍ଭମାନଙ୍କ ମଧ୍ୟରୁ ସମସ୍ତେ ମରିବା
ନାହିଁ, ବରଂ ଆମ୍ଭେ ସମସ୍ତେ ପରିବର୍ତ୍ତିତ ହେବା। [୫୨]ଏହା
କେବଳ ମୁହୂର୍ତ୍ତକ ମଧ୍ୟରେ ଆଖି ପିଛୁଳାକେ, ଘଟି ଯିବ।
ଯେତେବେଳେ ତୂରୀ ବାଜିବ, ଓ ଯେତେ ସବୁ ବିଶ୍ୱାସୀ
ମରିଯାଇଛନ୍ତି ସେମାନେ ମୃତ୍ୟୁରୁ ଅନନ୍ତକାଳ ପାଇଁ ଉତ୍ଥିତ
ହେବେ ଓ ଆମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ଜୀବିତ
ଅଛନ୍ତି, ସେମାନେ ପରିବର୍ତ୍ତିତ ହେବେ। [୫୩]ଏହି ବିନାଶ
ଦେହ ଅନନ୍ତ ରୂପ ବସ୍ତ୍ର ଧାରଣ କରିବାକୁ ହେବ ଓ ଏହି
ମର୍ତ୍ତ୍ୟ ଦେହ ଅମରତ୍ୱରୂପ ବସ୍ତ୍ର ଧାରଣ କରିବାକୁ ହେବ।
[୫୪]କିନ୍ତୁ ଏହି କ୍ଷୟ ଶରୀର ଅକ୍ଷୟରୂପ ବସ୍ତ୍ର ଏହି ମର୍ତ୍ତ୍ୟ
ଦେହ ଅମରତ୍ୱ ରୂପ ବସ୍ତ୍ର ଧାରଣ କଲାପରେ ଶାସ୍ତ୍ରର ଏହି
କଥା ସଫଳ ହେବ।

"ଜୟ ମୃତ୍ୟୁକୁ ଗ୍ରାସ କରିଦେଲା"

ଯିଶାଇୟ ୨୫:୮

[୫୫] "ମୃତ୍ୟୁ ତୁମ୍ଭର ବିଜୟ କେଉଁଠାରେ ଅଛି? କବର
ତୁମ୍ଭର ଆଘାତ କରିବା ଶକ୍ତି କେଉଁଠାରେ ଅଛି"

ହୋଶେୟ ୧୩:୧୪

[୫୬]ମୃତ୍ୟୁର ଆଘାତ କରିବା ହେଉଛି ପାପ। ପାପର ବଳ
ହେଉଛି ବ୍ୟବସ୍ଥା। [୫୭]କିନ୍ତୁ ପରମେଶ୍ୱରଙ୍କୁ ଧନ୍ୟବାଦ ଦିଏ
ଯେ, ସେ ଆମ୍ଭ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ ଆମ୍ଭକୁ
ବିଜୟ ପ୍ରଦାନ କରନ୍ତି
[୫୮]ଅତଏବ, ମୋ ଭାଇ ଓ ଭଉଣୀମାନେ, ଦୃଢ଼
ଭାବରେ ସ୍ଥିର ରୁହ। କୌଣସି ବିଷୟ ତୁମ୍ଭକୁ ଅସ୍ଥିର ନ
କରୁ। ପରମେଶ୍ୱରଙ୍କ ପାଇଁ କରାଯାଇଥିବା ତୁମ୍ଭର କାର୍ଯ୍ୟ
କଦାପି ବ୍ୟର୍ଥ ଯିବ ନାହିଁ। ଏହା ଜାଣି ପ୍ରଭୁଙ୍କ କାର୍ଯ୍ୟରେ
ସର୍ବଦା ନିଜକୁ ନିୟୋଜିତ କର।

## ଅନ୍ୟ ବିଶ୍ୱାସୀମାନଙ୍କ ଲାଗି ଦାନ ସଂଗ୍ରହ

୧୬ ବର୍ତ୍ତମାନ ପରମେଶ୍ୱରଙ୍କ ଲୋକମାନଙ୍କର ସାହାଯ୍ୟ
ପାଇଁ ଅର୍ଥ ସଂଗ୍ରହ ବିଷୟରେ ମୁଁ ଗାଲାତୀୟ
ମଣ୍ଡଳୀକୁ ଏ ସଂପର୍କରେ ଦେଇ ଥିବା ନିର୍ଦ୍ଦେଶମାନ
ତୁମ୍ଭେମାନେ ଅବଶ୍ୟ ପାଳନ କରିବା ଉଚିତ। [୨]ପ୍ରତ୍ୟେକ
ସପ୍ତାହର ପ୍ରଥମ ଦିନ ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ
ଆୟ ଅନୁଯାୟୀ ଯେତିକି ସମ୍ଭବ ନିଶ୍ଚୟ ସଞ୍ଚୟ କର।

---

**"ଆସ ... ହେବ।"** ଯିଶାଇୟ ୨୨:୧୩; ୫୬:୧୨

**"ପ୍ରଥମ ... ପ୍ରାଣୀ।"** **ଆଦିପୁସ୍ତକ ୨:୭**

ତୁମ୍ଭେମାନେ ଏହାକୁ ଗୋଟିଏ ବିଶେଷ ସ୍ଥାନରେ ରଖି
ଥାଅ। ଏପରି କଲେ, ମୁଁ ତୁମ୍ଭମାନଙ୍କ ପାଖରେ ପହଁଚିଲା
ପରେ ତୁମ୍ଭମାନଙ୍କୁ ସଂଗ୍ରହ କରିବାକୁ ପଡିବ ନାହିଁ।
୩ସେଠାରେ ପହଁଞ୍ଚିଲା ପରେ, ତୁମ୍ଭେମାନେ ଯେଉଁ ବ୍ୟକ୍ତିମାନଙ୍କୁ
ବାଛିବ, ମୁଁ ସେମାନଙ୍କର ପରିଚୟପତ୍ର ସହିତ ତୁମ୍ଭମାନଙ୍କର
ଦାନ ଯିରୂଶାଲମକୁ ପଠାଇ ଦେବି। ୪ଯଦି ମୋର ମଧ
ଯିବାର ହୁଏ ସେମାନେ ମଧ ମୋ ସହିତ ଯିବେ।

### ପାଉଲଙ୍କ ଯୋଜନା

୫ମୋର ମାକିଦନିଆ ବାଟ ଦେଇ ଯିବା କାର୍ଯ୍ୟକ୍ରମ
ଅଛି। ମାକିଦନିଆ ବାଟ ଦେଇ ଗଲା ପରେ ମୁଁ ତୁମ୍ଭମାନଙ୍କ
ପାଖକୁ ଆସିବି। ୬ସେତେବେଳେ ମୁଁ ତୁମ୍ଭମାନଙ୍କ ସହିତ
କିଛି ସମୟ ଅତିବାହିତ କରିବି, ସମ୍ଭୂର୍ଣ୍ଣ ବା ଶୀତକାଳ
ତୁମ୍ଭମାନଙ୍କ ସହିତ ରହିବି। ତା'ପରେ, ମୋ ଯାତ୍ରାରେ, ମୁଁ
ଯେଉଁଠାକୁ ଯିବି, ତୁମ୍ଭେମାନେ ମୋତେ ସାହାଯ୍ୟ କରିପାରିବ।
୭ମୁଁ ଏବେ ତୁମ୍ଭମାନଙ୍କ ସହିତ ଦେଖାକରିବାକୁ ଇଚ୍ଛା କରୁ
ନାହିଁ, କାରଣ ପ୍ରଭୁ ଅନୁମତି ଦେଲେ ତୁମ୍ଭମାନଙ୍କ ସହ
ଅଧିକ ସମୟ ରହିବା ପାଇଁ ଆଶା କରେ। ୮କିନ୍ତୁ ମୁଁ
ଏଫିସ ନଗର ଠାରେ ପେଣ୍ଟିକଷ୍ଟ* ପର୍ବ ପର୍ଯ୍ୟନ୍ତ ରହିବି।
୯କାରଣ ସେଠାରେ ଫଳପ୍ରଦ କାର୍ଯ୍ୟ ନିମନ୍ତେ ମୋ ପାଇଁ
ଏକ ମହାନ୍ ସୁଯୋଗର ଦ୍ୱାର ଖୋଲା ହୋଇଛି। ସେଠାରେ
ମୋର ଅନେକ ବିପକ୍ଷ ମଧ ଅଛନ୍ତି। ୧୦ତୀମଥି ତୁମ୍ଭମାନଙ୍କ
ପାଖକୁ ଆସି ପାରନ୍ତି। ତୁମ୍ଭମାନଙ୍କ ମଧରେ ସେ ଯେପରି
ସ୍ୱଚ୍ଛନ୍ଦରେ ରୁହନ୍ତି, ଏଥିପାଇଁ ତୁମ୍ଭେ ତାହାଙ୍କ ପ୍ରତି ମନୋଯୋଗୀ
ହୁଅ। ମୋ ଭଳି ସେ ମଧ ପ୍ରଭୁଙ୍କ ପାଇଁ କାମ
କରୁଛନ୍ତି। ୧୧ଅତଏବ ତୀମଥିଙ୍କୁ କେହି ଯେପରି ଗ୍ରହଣ
କରିବାକୁ ମନା ନ କରେ। ସେ ଯେପରି ମୋ ପାଖରେ
ଆସି ପହଁଞ୍ଚିବେ ଏଥିପାଇଁ ତାହାଙ୍କୁ ଶାନ୍ତି ପୂର୍ବକ ଯିବାରେ
ସାହାର୍ଯ୍ୟ କର। ମୁଁ ଅନ୍ୟ ଭାଇମାନଙ୍କ ସହିତ ତାହାଙ୍କ
ଫେରିବା ବାଟକୁ ଚାହିଁ ବସିଛି।

୧୨ଆପଲ୍ଲ ଭାଇଙ୍କ ବିଷୟରେ ଲେଖୁଛି। ଅନ୍ୟ ଭାଇମାନଙ୍କ
ସହିତ ତୁମ୍ଭମାନଙ୍କ ପାଖକୁ ଯିବା ପାଇଁ ମୁଁ ତାହାକୁ ବହୁତ
ଅନୁରୋଧ କଲି କିନ୍ତୁ ଏବେ ଯିବା ପାଇଁ ସେ ଆଦୌ
ଚାହୁଁ ନାହାଁନ୍ତି। କିନ୍ତୁ ଯେତେବେଳେ ସୁଯୋଗ ହେବ, ସେ
ତୁମ୍ଭମାନଙ୍କ ପାଖକୁ ଯିବେ।

### ପାଉଲଙ୍କ ପତ୍ରର ଶେଷ ଅଂଶ

୧୩-୧୪ସାବଧାନ ରୁହ। ଦୃଢ଼ ଭାବେ ନିଜ ବିଶ୍ୱାସରେ
ଅଟଳ ରୁହ। ସାହସୀ ହୁଅ, ବଳବାନ ହୁଅ। ପ୍ରତ୍ୟେକ
କର୍ମ ପ୍ରେମର ସାଧିତ କର।

୧୫ତୁମ୍ଭେମାନେ ସ୍ତିଫାନର ପରିବାରବର୍ଗଙ୍କୁ ଜାଣିଛ।
ସେମାନେ ଆଖାୟା ଦେଶର ପ୍ରଥମ ବିଶ୍ୱାସୀଥିଲେ। ସେମାନେ
ପରମେଶ୍ୱରଙ୍କ ଲୋକମାନଙ୍କ ସେବାରେ ନିଜକୁ ସମର୍ପିତ
କରିଛନ୍ତି। ୧୬ଭାଇ ଓ ଭଉଣୀମାନେ! ମୁଁ ତୁମ୍ଭମାନଙ୍କୁ
ଅନୁରୋଧ କରୁଛି ଯେ ତୁମ୍ଭେମାନେ, ଏହିପ୍ରକାର ଲୋକ
ଓ ସେମାନଙ୍କ ସହିତ ପରମେଶ୍ୱରଙ୍କ ପାଇଁ ପରିଶ୍ରମ କରି
ସେବା କରୁଥିବା ଲୋକମାନଙ୍କର ବଶୀଭୂତ ହୁଅ।

୧୭ମୁଁ ସ୍ତିଫାନ, ଫର୍ତ୍ତୁନାତ ଓ ଆଖାୟିକଙ୍କ ଆଗମନରେ
ଆନନ୍ଦ କରୁଛି। କାରଣ ମୋ ପାଇଁ ଯାହା ତୁମ୍ଭେମାନେ
କରି ପାରି ନାହିଁ, ତାହା ସେମାନେ କରି ପାରିଲେ।
୧୮ସେମାନେ ମୋ ଆତ୍ମାକୁ ଏବଂ ତୁମ୍ଭ ଆତ୍ମାକୁ ମଧ
ଆରାମ ପ୍ରଦାନ କରିଛନ୍ତି। ତୁମ୍ଭେମାନେ ଏଭଳି ଲୋକମାନଙ୍କୁ
ସମ୍ମାନ କରିବା ଉଚିତ।

୧୯ଏସିଆର ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ଅଭିବାଦନ
ଜଣାନ୍ତି। ଆକ୍ୱିଲା ଓ ପ୍ରୀସ୍କା ପ୍ରଭୁଙ୍କ ନାମରେ ଅନେକ
ଅଭିବାଦନ ପଠାନ୍ତି। ତାହାଙ୍କ ଘରେ ମିଳିତ ହେଉଥିବା
ମଣ୍ଡଳୀ ତୁମ୍ଭମାନଙ୍କୁ ମଧ ଅଭିବାଦନ ଜଣାଏ। ୨୦ସମସ୍ତ
ଭାଇ ଓ ଭଉଣୀଙ୍କର ତୁମ୍ଭମାନଙ୍କୁ ନମସ୍କାର। ଯେତେବେଳେ
ତୁମ୍ଭେମାନେ ଏକତ୍ର ହେଉଛ, ପରସ୍ପରକୁ ପବିତ୍ର ଚୁମ୍ବନ
ଦେଇ ଅଭିବାଦନ ଜଣାଅ।

୨୧ମୁଁ ପାଉଲ, ନିଜ ହାତରେ ତୁମ୍ଭମାନଙ୍କୁ ନମସ୍କାର
ଲେଖି ଜଣାଉଛି।

୨୨ଯଦି କିଏ ପ୍ରଭୁଙ୍କୁ ପ୍ରେମ କରୁ ନାହିଁ, ତାହାହେଲେ
ସେ ଲୋକ ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ହୋଇ ସେ
ଅନନ୍ତ କାଳ ପାଇଁ ବିନଷ୍ଟ ହେବ।

ମାରାନାଥା* ଅର୍ଥାତ୍ ପ୍ରଭୁ ଆସୁଛନ୍ତି।

୨୩ପ୍ରଭୁ ଯୀଶୁଙ୍କର ଅନୁଗ୍ରହ ତୁମ୍ଭମାନଙ୍କର ସହବର୍ତ୍ତୀ
ହେଉ।

୨୪ଖ୍ରୀଷ୍ଟଯୀଶୁଙ୍କ ଠାରେ ତୁମ୍ଭ ସମସ୍ତଙ୍କ ପ୍ରତି ମୋର
ପ୍ରେମ ଭାବ ରହିଥାଉ।

---

**ପେଣ୍ଟିକଷ୍ଟ** ଯିହୁଦୀମାନଙ୍କର ଗହମ ଆମଦାନୀ ବିଷୟକ ପର୍ବ। ଏହା ବାର୍ଷିକ ଉତ୍ସବ 'ପାସୋଭର' ର ୫୦ ଦିନ ପରେ ପାଳନ ହୁଏ।

**ମାରନାଥା** ଏହା ଆମେଇ ଭାଷାରେ ଅଭିବ୍ୟକ୍ତ ଅଟେ। ପ୍ରାଚୀନ କାଳରେ ଖ୍ରୀଷ୍ଟଧର୍ମାବଲମ୍ବିମାନେ ପ୍ରଭୁଙ୍କର ପୁନରାଗମନର ଇଚ୍ଛା ସହିତ ଏହା କହୁଥିଲେ।

# କରିନ୍ଥୀୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କର ଦ୍ୱିତୀୟ ପତ୍ର

୧ ଯୀଶୁ ଖ୍ରୀଷ୍ଟଙ୍କ ଜଣେ ପ୍ରେରିତ ପାଉଲଙ୍କର ନମସ୍କାର।
ପରମେଶ୍ୱରଙ୍କ ଇଚ୍ଛାରେ ମୁଁ ଜଣେ ପ୍ରେରିତ ହୋଇଛି।
ଆମ୍ଭ ଭାଇ ତୀମଥି ମଧ୍ୟ ତୁମ୍ଭମାନଙ୍କୁ ଶୁଭେଚ୍ଛା ଜଣାନ୍ତି।
କରିନ୍ଥୀଠାରେ ଥିବା ପରମେଶ୍ୱରଙ୍କ ମଣ୍ଡଳୀ ଓ ସମଗ୍ର
ଆଖାୟା ପ୍ରଦେଶର ପରମେଶ୍ୱରଙ୍କ ସମସ୍ତ ପବିତ୍ର ଲୋକଙ୍କ
ନିକଟକୁ ପତ୍ର।
୨ଆମ୍ଭର ପିତା ପରମେଶ୍ୱର ଓ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କଠାରୁ
ତୁମ୍ଭମାନଙ୍କୁ ଅନୁଗ୍ରହ ଓ ଶାନ୍ତି ମିଳୁ।

## ପାଉଲ ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାନ୍ତି

୩ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପିତା ଓ ପରମେଶ୍ୱରଙ୍କ
ପ୍ରଶଂସା ହେଉ। ସେ ପିତା ଅଟନ୍ତି, ସେ କରୁଣାରେ
ପରିପୂର୍ଣ୍ଣ ଓ ସମସ୍ତ ବିଷୟରେ ସାନ୍ତ୍ୱନାଦାତା ପରମେଶ୍ୱର।
୪ଆମ୍ଭ ଅସୁବିଧା ସମୟରେ ସେ ଆମ୍ଭର ସର୍ବଦା ସାନ୍ତ୍ୱନା
ପ୍ରଦାନ କରନ୍ତି, ଏବଂ ଆମ୍ଭେ ମଧ୍ୟ ଅନ୍ୟ ଲୋକମାନଙ୍କର
ଅସୁବିଧା ସମୟରେ ସାନ୍ତ୍ୱନା ପ୍ରଦାନ କରିପାରିବା। ଆମ୍ଭକୁ
ପରମେଶ୍ୱର ଯେଉଁ ପ୍ରକାର ସାନ୍ତ୍ୱନା ଦିଅନ୍ତି, ଆମ୍ଭେ
ସେହିମାନଙ୍କୁ ସେହି ପ୍ରକାର ସାନ୍ତ୍ୱନା ପ୍ରଦାନ କରି ପାରିବା।
୫ଖ୍ରୀଷ୍ଟଙ୍କର ଅନେକ ଦୁଃଖ ଭୋଗରେ ଆମ୍ଭେ ସହଭାଗୀ
ଅଟୁ। ସେହିଭଳି ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଯେଉଁ ସନ୍ତ୍ୱନା
ଆମ୍ଭକୁ ମିଳେ ତାହାର ସୀମା ନାହିଁ। ୬ଯଦି ଆମ୍ଭେ
କଷ୍ଟରେ ରହିଛୁ, ସେଗୁଡ଼ିକ ତୁମ୍ଭମାନଙ୍କ ସନ୍ତ୍ୱନା ଓ
ପରିତ୍ରାଣ ନିମନ୍ତେ ଉଦ୍ଦିଷ୍ଟ। ଯଦି ଆମ୍ଭେ ସନ୍ତ୍ୱନା ପାଇଛୁ,
ତାହା ତୁମ୍ଭମାନଙ୍କର ପାଇଁ ଅଟେ। ଆମ୍ଭେମାନେ ଯେଉଁ
ଯାତନା ସହୁ, ସେହି ଯାତନା ଧୈର୍ଯ୍ୟ ପୂର୍ବକ ସହିବା ପାଇଁ
ପରମେଶ୍ୱର ତୁମ୍ଭମାନଙ୍କୁ ସାହାଯ୍ୟ କରନ୍ତି। ୭ତୁମ୍ଭମାନଙ୍କଠାରେ
ଆମ୍ଭର ଦୃଢ଼ ଭରସା ଅଛି। ଆମ୍ଭେ ଜାଣୁ ଯେ, ତୁମ୍ଭେମାନେ
ଆମ୍ଭ ଯାତନାରେ ଭାଗୀ। ଅତଏବ, ଆମ୍ଭେ ଜାଣୁ ଯେ,
ସେହିଭଳି ଆମ୍ଭମାନଙ୍କର ସାନ୍ତ୍ୱନାରେ ମଧ୍ୟ ତୁମ୍ଭର ଅଂଶ
ଅଛି।
୮ଭାଇ ଓ ଭଉଣୀମାନେ! ଏସିଆ ଦେଶରେ ଆମ୍ଭେ
ଯେଉଁ ଯାତନା ସହିଲୁ ଆମ୍ଭେ ଚାହୁଁ ଯେପରି ସେହି
ବିଷୟରେ ତୁମ୍ଭେମାନେ ମଧ୍ୟ ଜାଣ। ଆମ୍ଭେମାନେ ଭାରାକ୍ରାନ୍ତ
ହୋଇ ପଡ଼ିଲୁ। ଏପରିକି ଏହା ଏତେ ଅଧିକ ଥିଲା ଯେ,
ଆମ୍ଭେମାନେ ଜୀବନର ସମସ୍ତ ଆଶା ହରାଇଥିଲୁ। ସେହି
ଭାର ଆମ୍ଭମାନଙ୍କର ବହନ କରିବା ଶକ୍ତିଠାରୁ ଅଧିକ
ଥିଲା। ୯ଆମ୍ଭେ ଅନୁଭବ କରୁଥିଲୁ ଯେ, ଆମ୍ଭେ ମରିଯିବୁ।
ଏପରି ଘଟିବାର କାରଣ ହେଲା ଯେ, ଆମ୍ଭେ ନିଜ
ଉପରେ ଭରସା ନ ରଖି ମାତ୍ର ଯେ ଲୋକମାନଙ୍କୁ
ମୃତ୍ୟୁରୁ ଉତ୍ଥିତ କରନ୍ତି ସେହି ପରମେଶ୍ୱରଙ୍କ ଉପରେ
ବିଶ୍ୱାସ ରଖିବା ଉଚିତ। ୧୦ପରମେଶ୍ୱର ଆମ୍ଭମାନଙ୍କୁ ମୃତ୍ୟୁର
ଏହି ଭୟଙ୍କର ବିପଦରୁ ଉଦ୍ଧାର କଲେ। ପରମେଶ୍ୱର
ସର୍ବଦା ଏପରି ଉଦ୍ଧାର କରିବେ। ଆମ୍ଭେ ତାହାଙ୍କ ଉପରେ,
ଆଶାବାନ ଓ ସେ ଆମ୍ଭମାନଙ୍କୁ ସର୍ବଦା ଉଦ୍ଧାର କରିବେ।
୧୧ତୁମ୍ଭେମାନେ ନିଜ ପ୍ରାର୍ଥନା ଦ୍ୱାରା ଆମ୍ଭକୁ ସାହାଯ୍ୟ
କରିପାର। ଅନେକେ ଆମ୍ଭ ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ
ଦେବେ, ଯେହେତୁ ସେମାନଙ୍କର ପ୍ରାର୍ଥନା ଦ୍ୱାରା ପରମେଶ୍ୱର
ଆମ୍ଭକୁ ଆଶୀର୍ବାଦ ପ୍ରଦାନ କଲେ।

## ପାଉଲଙ୍କ ଯୋଜନାରେ ପରିବର୍ତ୍ତନ

୧୨ପୁଣି ଆମ୍ଭେ ସମ୍ପୂର୍ଣ୍ଣ ହୃଦୟର ସହ କହିପାରୁ ଯେ,
ଏହି ସଂସାରରେ ଆମ୍ଭେ ଯାହା କିଛି କରୁଛୁ, ତାହା ସବୁ
ଆମ୍ଭେ ପରମେଶ୍ୱରଙ୍କଠାରୁ ପାଇଥିବା ଶୁଦ୍ଧ ଓ ଅକପଟ
ହୃଦୟରେ କହୁଛୁ। ଏଥିପାଇଁ ଆମ୍ଭେ ଗର୍ବିତ। ଏହା
ତୁମ୍ଭମାନଙ୍କ ପାଇଁ କରା ଯାଇଥିବା କାର୍ଯ୍ୟ ଦୃଷ୍ଟିରୁ ଏହା
ଅଧିକ ସତ୍ୟ। କାରଣ ଆମ୍ଭେ ଏହା ଜାଗତିକ ଜ୍ଞାନରେ
ନୁହେଁ ମାତ୍ର ପରମେଶ୍ୱରଙ୍କ କୃପାରୁ କରୁଛୁ। ୧୩ତୁମ୍ଭେମାନେ
ଯେଉଁ କଥାଗୁଡ଼ିକ ପଢ଼ି ପାରିବ ଓ ବୁଝି ପାରିବ, କେବଳ
ସେହି କଥାଗୁଡ଼ିକ ଆମ୍ଭେ ତୁମ୍ଭମାନଙ୍କୁ ଲେଖିଛୁ। ୧୪ଯେପରିକି
ତୁମ୍ଭେମାନେ ଆମ୍ଭ ବିଷୟରେ କିଛି କଥା ଆଗରୁ ବୁଝି
ସାରିଛ, ସେଥିପାଇଁ ଆମ୍ଭେ ଆଶା କରୁ ଯେ, ତୁମ୍ଭେମାନେ
ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ବୁଝି ପାରିବ। ତୁମ୍ଭେମାନେ ଏ
କଥା ବୁଝି ପାରିବ ଯେ, ଯେପରି ବର୍ତ୍ତମାନ ତୁମ୍ଭେ ଆମ୍ଭ
ପାଇଁ ଗର୍ବ କରୁଛ, ସେପରି ଆମ୍ଭ ପ୍ରଭୁ ଯୀଶୁ ଆସିବା
ଦିନ, ଆମ୍ଭେମାନେ ତୁମ୍ଭମାନଙ୍କ ପାଇଁ ଗର୍ବ କରି ପାରିବୁ।
୧୫ମୋହର ଏହି ବିଶ୍ୱାସ ଥିବାରୁ ମୁଁ ପ୍ରଥମରେ
ତୁମ୍ଭମାନଙ୍କ ପାଖକୁ ଆସିବା ପାଇଁ ଠିକ୍ କଲି। ଏହା ଦ୍ୱାରା
ତୁମ୍ଭେମାନେ ଦୁଇଥର ଆଶୀର୍ବାଦ ଲାଭ କରିବ। ୧୬ମାକିଦନିଆ
ଯିବା ବାଟରେ ମୁଁ ତୁମ୍ଭମାନଙ୍କୁ ଦେଖିବା ପାଇଁ ଯୋଜନା
କଲି। ମାକିଦନିଆଠାରୁ ଫେରିଲାବେଳେ ମଧ୍ୟ ପୁନର୍ବାର
ତୁମ୍ଭମାନଙ୍କ ପାଖକୁ ଆସିବି। ତୁମ୍ଭମାନଙ୍କ ସାହାଯ୍ୟରେ
ଯିହୂଦା ଦେଶକୁ ପ୍ରସ୍ଥାନ କରିବ। ୧୭ତୁମ୍ଭେମାନେ କ'ଣ
ଭାବୁଛ ଯେ, ଏହି ଯୋଜନାଗୁଡ଼ିକୁ କଲାବେଳେ ମୁଁ ପ୍ରକୃତରେ
ଚିନ୍ତା କରି ନ ଥିଲି? ବା ଜାଗତିକ ଜ୍ଞାନରେ କରିଥିଲି,
ଯେ ଏକା ସମୟରେ "ହଁ, ହଁ" କହୁଥିବା ଓ "ନା, ନା"
ମଧ୍ୟ କହୁଥିବି।
୧୮କିନ୍ତୁ ଯଦି ତୁମ୍ଭେମାନେ ପରମେଶ୍ୱରଙ୍କୁ ବିଶ୍ୱାସ
କରୁଛ, ତାହାହେଲେ ତୁମ୍ଭେମାନେ ବିଶ୍ୱାସ କରିପାର ଯେ,

ଆମ୍ଭେ ଯାହା କହୁ ତାହାର ଉତ୍ତର "ହଁ" ଓ "ନା"
ଉଭୟ ହୋଇ ପାରିବ ନାହିଁ। ୧୯ମୁଁ ଏବଂ ସିଲ୍ୱାନ୍ ଓ
ତୀମଥିଙ୍କ ଦ୍ୱାରା ପ୍ରଚାରିତ ପରମେଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟ
ଉଭୟ 'ହଁ' ଓ 'ନା' ଏକ ସମୟରେ କହନ୍ତି ନାହିଁ।
ଯୀଶୁ ଖ୍ରୀଷ୍ଟଙ୍କଠାରେ ସର୍ବଦା "ହଁ" କଥା "ହଁ" ହୁଏ।
୨୦କାରଣ ପରମେଶ୍ୱର ଯେଉଁ ସମସ୍ତ ପ୍ରତିଜ୍ଞା କରିଛନ୍ତି,
ସେ ଖ୍ରୀଷ୍ଟଙ୍କଠାରେ ସେ ସବୁଗୁଡ଼ିକ "ହଁ" ହୋଇଛି।
ସେଥିପାଇଁ ଆମ୍ଭେ ପରମେଶ୍ୱରଙ୍କ ମହିମା ନିମନ୍ତେ ଖ୍ରୀଷ୍ଟଙ୍କ
ନାମରେ "ଆମେନ୍" ବୋଲି କହିଥାଉ। ୨୧କେବଳ ପରମେଶ୍ୱର
ତୁମ୍ଭମାନଙ୍କୁ ଓ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କଠାରେ ଦୃଢ଼ କରି
ରଖନ୍ତି। ପରମେଶ୍ୱର ତାହାଙ୍କର ବିଶେଷ ଆଶୀର୍ବାଦ ଆମ୍ଭକୁ
ପ୍ରଦାନ କରନ୍ତି। ୨୨ସେ ଆମ୍ଭଠାରେ ନିଜ ଅଧିକାରର
ମୋହର ଲଗାଇଛନ୍ତି, ଓ ଆମ୍ଭମାନଙ୍କ ହୃଦୟରେ ତାହାଙ୍କ
ଆତ୍ମା ପ୍ରଦାନ କରିଛନ୍ତି,। ଏହା ପ୍ରମାଣ ଦିଏ ଯେ, ସେ
ଯାହା ପ୍ରତିଜ୍ଞା କରିଛନ୍ତି, ତାହା ନିଶ୍ଚୟ ଦେବେ।

୨୩ମୁଁ କରିନ୍ଥୀକୁ ଆଉ ଥରେ ଆସି ନ ଥିଲି କାରଣ
ମୁଁ ତୁମ୍ଭମାନଙ୍କୁ ଆଘାତ ଦେବାକୁ ଇଚ୍ଛା କରୁ ନ ଥିଲି।
୨୪ପରମେଶ୍ୱର ଏଥିର ସାକ୍ଷୀ। ମୋ କହିବା ଉଦ୍ଦେଶ୍ୟ
ନୁହେଁ ଯେ, ଆମ୍ଭେ ତୁମ୍ଭମାନଙ୍କ ବିଶ୍ୱାସକୁ ନିୟନ୍ତ୍ରିତ
କରିବାକୁ ଇଚ୍ଛା କରୁ। ତୁମ୍ଭେମାନେ ବିଶ୍ୱାସରେ ଦୃଢ଼ କିନ୍ତୁ
ଆମ୍ଭେମାନେ ତୁମ୍ଭର ଆନନ୍ଦ ପାଇଁ ତୁମ୍ଭମାନଙ୍କର ସହକର୍ମୀ।

୨ ସେଥିପାଇଁ ମୁଁ ଠିକ୍ କରିଥିଲି, ଏହିଥର ଗଲେ ମୁଁ
ତୁମ୍ଭମାନଙ୍କୁ ଯେପରି କଷ୍ଟ ନ ଦିଏ। ୨ମୁଁ ଯଦି
ତୁମ୍ଭମାନଙ୍କୁ ଦୁଃଖିତ କରେ, ତେବେ କିଏ ମୋତେ ସୁଖୀ
କରିବ। କେବଳ ତୁମ୍ଭେମାନେ ମୋତେ ସୁଖ ଦେଇପାରିବ
ଯେଉଁମାନଙ୍କୁ ମୁଁ ପୂର୍ବରୁ ଦୁଃଖ ଦେଇଛି। ୩ସେଥିପାଇଁ ମୁଁ
ତୁମ୍ଭମାନଙ୍କୁ ପତ୍ର ଲେଖିଲି, ଯେହେତୁ ମୁଁ ଯେତେବେଳେ
ତୁମ୍ଭମାନଙ୍କ ପାଖକୁ ଆସିବି, ଯେଉଁମାନଙ୍କ ଠାରୁ ମୋତେ
ଆନନ୍ଦ ମିଳିବା କଥା, ସେମାନଙ୍କ ଠାରୁ ମୋତେ ଦୁଃଖ ନ
ମିଳୁ। ତୁମ୍ଭମାନଙ୍କଠାରେ ମୋର ବିଶ୍ୱାସ ଅଛି ଯେ,
ତୁମ୍ଭେମାନେ ମୋର ସହିତ ଆନନ୍ଦ କରିବ। ୪ପୂର୍ବରୁ ମୁଁ
ଯେତେବେଳେ ତୁମ୍ଭକୁ ଲେଖିଥିଲି, ସେତେବେଳେ ମୋ
ହୃଦୟରେ ଅଧିକ ବେଦନା ଓ ଦୁଃଖ ଥିଲା। ମୁଁ ଆଖିରେ
ଲୁହ ଥାଇ ଲେଖିଥିଲି। ତୁମ୍ଭମାନଙ୍କୁ ଦୁଃଖ ଦେବା ମୋର
ଉଦ୍ଦେଶ୍ୟ ନ ଥିଲା। ତୁମ୍ଭମାନଙ୍କ ପାଇଁ ମୋର ପ୍ରେମର
ମାତ୍ରା କେତେ ଅଧିକ, ଏହା ଯେପରି ତୁମ୍ଭେମାନେ
ଜାଣିପାରିବ ଏଥିପାଇଁ ଏହା ଲେଖିଲି।

## ମନ୍ଦ କରିଥିବା ଲୋକକୁ କ୍ଷମା ଦିଅ

୫ଯଦି ତୁମ୍ଭମାନଙ୍କ ଭିତରୁ କିଏ ଜଣେ ମୋତେ ଦୁଃଖିତ
କରିଛି, ସେ କେବଳ ମୋତେ ଦୁଃଖିତ କରି ନାହିଁ, ବରଂ
କିଛି ନା କିଛି ମାତ୍ରାରେ ତୁମ୍ଭମାନଙ୍କୁ ମଧ୍ୟ କରିଛି। ୬ଏହି
ଲୋକକୁ ତୁମ୍ଭେମାନେ ମିଶି ଯାହା ଦଣ୍ଡ ଦେଇଛ, ତାହା
ଯଥେଷ୍ଟ ହେଲାଣି। ୭କିନ୍ତୁ ଏବେ ତୁମ୍ଭେମାନେ ତାହାକୁ
କ୍ଷମା ଦେବା ଉଚିତ ଓ ତାହାକୁ ସାନ୍ତ୍ୱନା ପ୍ରଦାନ କରିବା
ଉଚିତ। ଏହା ତାହାକୁ ଉତ୍ସାହିତ କରିବ ଓ ସେ ଅଧିକ
ଦୁଃଖରେ ଭାଙ୍ଗି ପଡ଼ିବ ନାହିଁ। ୮ସେଥିପାଇଁ ମୋର
ଅନୁରୋଧ ଯେ, ତୁମ୍ଭେମାନେ ତା'ପ୍ରତି ପୁନର୍ବାର ତୁମ୍ଭମାନଙ୍କର
ପ୍ରେମଭାବ ଦେଖାଅ। ୯ତୁମ୍ଭେମାନେ ମୋର ସମସ୍ତ କଥାର
ଆଜ୍ଞାକାରୀ ହେଉଛ ନା ନାହିଁ, ଏହା ପରୀକ୍ଷା କରିବାକୁ
ମୁଁ ତୁମ୍ଭମାନଙ୍କୁ ଲେଖିଲି। ୧୦ତୁମ୍ଭେମାନେ ଯଦି କାହାକୁ
କ୍ଷମା କର, ମୁଁ ମଧ୍ୟ ତାହାକୁ କ୍ଷମା କରି ଥାଏ, ତାହା ମୁଁ
ତୁମ୍ଭମାନଙ୍କ ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ଉପସ୍ଥିତିରେ କ୍ଷମା
କରିଛି। ୧୧ଏପରି କରିବା ଉଦ୍ଦେଶ୍ୟ ଯେ, ଶୟତାନ
ଆମ୍ଭଠାରୁ ଜିତି ନ ଯାଉ। ଆମ୍ଭେ ଶୟତାନର ଯୋଜନାଗୁଡ଼ିକ
ବିଷୟରେ ଅତି ଭଲ ଭାବରେ ଜାଣୁ।

## ତ୍ରୋୟାରେ ପାଉଲଙ୍କର ଉଦ୍‌ବେଗ

୧୨ମୁଁ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର ପ୍ରଚାର କରିବା ପାଇଁ
ତ୍ରୋୟା ନଗରକୁ ଯାଇଥିଲି। ପ୍ରଭୁ ସେଠାରେ ମୋତେ
ଭଲ ସୁଯୋଗଟିଏ ଦେଲେ। ୧୩ସେଠାରେ ମୋ ଭାଇ
ତିତସକୁ ନ ପାଇ ମୁଁ ମୋ ମନରେ ଶାନ୍ତି ହରାଇଲି।
ସେଥିପାଇଁ ସେମାନଙ୍କଠାରୁ ବିଦାୟ ନେଇ ମୁଁ ମାକିଦନିଆକୁ
ଗଲି।

## ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ବିଜୟ

୧୪ପରମେଶ୍ୱର ହେଉଛନ୍ତି ଧନ୍ୟ। ସେ ଯୀଶୁ ଖ୍ରୀଷ୍ଟଙ୍କ
ମାଧ୍ୟମରେ ଆମ୍ଭ ବିଜୟ ଅଭିଯାନରେ ସର୍ବଦା ମାର୍ଗ ଦର୍ଶନ
କରାନ୍ତି। ଆମ୍ଭ ମାଧ୍ୟମରେ ସେ ପ୍ରତ୍ୟେକ ସ୍ଥାନରେ ତାହାଙ୍କ
ଜ୍ଞାନର ମଧୁର ସୁଗନ୍ଧି ପ୍ରସାର କରନ୍ତି। ୧୫ଆମ୍ଭର ଉତ୍ସର୍ଗ
ବଳି ପରମେଶ୍ୱରଙ୍କ ପାଇଁ ହେଉଛି ଏହା: ଯେଉଁ ଲୋକମାନେ
ଉଦ୍ଧାର ପାଇଛନ୍ତି ଏବଂ ଯେଉଁମାନେ ପାଇନାହାଁନ୍ତି, ସେମାନଙ୍କ
ପାଇଁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ମଧୁର ସୁଗନ୍ଧି। ୧୬ଯେଉଁମାନେ
ନଷ୍ଟ ହୋଇ ଯାଇଛନ୍ତି, ସେମାନଙ୍କ ଲାଗି ଆମ୍ଭେମାନେ
ମୃତ୍ୟୁର ଦୁର୍ଗନ୍ଧ ସ୍ୱରୂପ ଅଟୁ। କିନ୍ତୁ ଯେଉଁମାନେ ଉଦ୍ଧାର
ପାଉଛନ୍ତି, ଆମ୍ଭେ ସେମାନଙ୍କ ଲାଗି ଜୀବନର ସୁଗନ୍ଧି ଅଟୁ।
ଅତଏବ ପ୍ରଶ୍ନ ଏହା ଯେ, ଏହି କାମ କରିବା ପାଇଁ କିଏ
ସମର୍ଥ? ୧୭ଅନେକ ଯେପରି କରନ୍ତି, ସେପରି ଆମ୍ଭେ ନିଜ
ଲାଭ ପାଇଁ ପରମେଶ୍ୱରଙ୍କ ବାକ୍ୟ ବିକ୍ରୀ କରୁନାହୁଁ, କିନ୍ତୁ
ଆମ୍ଭେମାନେ ପରମେଶ୍ୱରଙ୍କ ସାକ୍ଷାତରେ ଖ୍ରୀଷ୍ଟଙ୍କଠାରେ ଥାଇ
ସତ୍ୟ କହୁ। ପରମେଶ୍ୱରଙ୍କ ପ୍ରେରିତ ଲୋକ ଭଳି କଥା
କହୁ।

## ପରମେଶ୍ୱରଙ୍କ ନୂତନ ଚୁକ୍ତିର ସେବକ

୩ ଆମ୍ଭେ କ'ଣ ପୁନର୍ବାର ନିଜ ପ୍ରଶଂସା ନିଜେ
କରିବାକୁ ଆରମ୍ଭ କରିଅଛୁ? ଆମ୍ଭେ କିଣ
ତୁମ୍ଭମାନଙ୍କଠାରୁ ବା ତୁମ୍ଭମାନଙ୍କ ପାଖକୁ ପ୍ରଶଂସା ପତ୍ର
ନେବା ଦରକାର କି? କେତେକ ଲୋକ ଏପରି କରନ୍ତି।
୨ତୁମ୍ଭେମାନେ ନିଜେ ଆମ୍ଭର ପ୍ରଶଂସା ପତ୍ର ଅଟ। ଏହା
ଆମ୍ଭ ହୃଦୟରେ ଲେଖି ହୋଇ ରହିଛି। ଏହା ସମସ୍ତଙ୍କୁ
ଜଣା ଓ ସମସ୍ତେ ତାହାକୁ ପଢ଼ି ପାରିବେ। ୩ଏହା ସ୍ପଷ୍ଟ
ଯେ, ତୁମ୍ଭେମାନେ ଆମ୍ଭ ମାଧ୍ୟମରେ ଖ୍ରୀଷ୍ଟଙ୍କ ପ୍ରେରିତ ଏକ
ପତ୍ର ସ୍ୱରୂପ। ଏହି ଚିଠିଟି କାଳିରେ ନୁହେଁ, ମାତ୍ର ଜୀବନ୍ତ
ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଲେଖା ଯାଇଛି। ଏହା ଶିଳା

ଫଳକ* ଉପରେ ଖୋଦିତ ନୁହେଁ ବରଂ ମନୁଷ୍ୟର
ହୃଦୟରେ ଲିଖିତ ।
୪ଯୀଶୁ ଖ୍ରୀଷ୍ଟଙ୍କ ହେତୁ ପରମେଶ୍ୱରଙ୍କ ଠାରେ ଆମ୍ଭର
ନିଶ୍ଚିତ ଭରସା ଥିବାରୁ ଆମ୍ଭେ ଏହା କହି ପାରୁ । ୫ଆମ୍ଭେ
ନିଜେ ସମସ୍ତ ଉତ୍ତମ କର୍ମ କରିପାରୁ, ତାହା ନୁହେଁ, କିନ୍ତୁ
ଆମ୍ଭକୁ ଏହି ସାମର୍ଥ୍ୟ ପରମେଶ୍ୱରଙ୍କଠାରୁ ପ୍ରାପ୍ତ ହୋଇଛି ।
୬ସେ ଆମ୍ଭକୁ ଗୋଟିଏ ନୂତନ ଚୁକ୍ତିର ସେବକ ହେବା
ପାଇଁ ଯୋଗ୍ୟ ବିବେଚିତ କରିଛନ୍ତି । ଏହା ଲିଖିତ ନିୟମ
ନୁହେଁ, ବରଂ ଆତ୍ମାର ଗୋଟିଏ ଚୁକ୍ତି ଅଟେ । ଲିଖିତ
ନିୟମ ମୃତ୍ୟୁ ଆଣେ । କିନ୍ତୁ ଆତ୍ମା ଜୀବନ ପ୍ରଦାନ କରେ ।

## ନୂତନ ଚୁକ୍ତି ଅଧିକ ମହିମା ଆଣେ

୭ମୃତ୍ୟୁଦାୟକ ସେବାର ବ୍ୟବସ୍ଥା ଶିଳା ଲେଖା ହୋଇ
ଥିଲା । ଏହା ପରମେଶ୍ୱରଙ୍କ ମହିମାରେ ପୂର୍ଣ୍ଣ ଥିଲା । ତଦ୍ୱାରା
ମୋଶାଙ୍କ ଚେହେରା ଏତେ ତେଜସ୍ୱୀ ହେଲା ଯେ, ଇସ୍ରାୟେଲର
ଲୋକେ ତାହାଙ୍କ ଚେହେରାକୁ ଦେଖି ମଧ୍ୟ ପାରିଲେ
ନାହିଁ । ଏହି ତେଜ ପରେ ଲୋପ ପାଇଗଲା । ୮ତା'ହେଲେ
ଆତ୍ମାଙ୍କର ଜୀବନଦାୟକ ସେବା କେତେ ଅଧିକ ମହିମାଯୁକ୍ତ
ନ ହେବ? ୯ଯାହା ଲୋକମାନଙ୍କୁ ଦୋଷୀ ପ୍ରମାଣିତ କରେ
ସେଭଳି ସେବାରେ ଯଦି ପ୍ରଭୁଙ୍କ ମହିମା ଅଛି; ତା'ହେଲେ
ଯେଉଁ ସେବା ଲୋକମାନଙ୍କୁ ପରମେଶ୍ୱରଙ୍କ ଦୃଷ୍ଟିରେ
ଧାର୍ମିକ ଗଣିତ କରେ, ତାହାର ମହିମା ନିଶ୍ଚିତଭାବେ ଅଧିକ
ହେବ । ୧୦ପୁରାତନ ସେବାରେ ମହିମା ଥିଲା, କିନ୍ତୁ
ଅଧିକ ମହିମାଯୁକ୍ତ ନୂତନ ସେବା ସହିତ ତୁଳନା କଲେ,
ସେହି ପ୍ରଥମ ମହିମା କିଛି ନୁହେଁ । ୧୧ଯେଉଁ ସେବା
ଅଦୃଶ୍ୟ ହେଲା, ତାହା ଯଦି ମହିମା ସହିତ ଆସିଥିଲା,
ତା'ହେଲେ ଏହି ଅନନ୍ତ କାଳସ୍ଥାୟୀ ସେବା ଅତ୍ୟଧିକ
ମହିମା ମୟ ହେବା ସ୍ୱାଭାବିକ ।
୧୨ଆମ୍ଭମାନଙ୍କଠାରେ ଏହି ପ୍ରକାରର ଭରସା ରହିଥିବା
ହେତୁ ଆମ୍ଭେ ଅତି ସାହସୀ । ୧୩ଆମ୍ଭେ ମୋଶାଙ୍କ ଭଳି
ନୋହୁଁ । ସେ ନିଜ ମୁଖ ମଣ୍ଡଳ ଉପରେ ଗୋଟିଏ
ଆବରଣ ପକାଇଥିଲେ । ଇସ୍ରାୟେଲର ଲୋକେ ଯେପରି
ତାହାଙ୍କ ମୁହଁକୁ ଦେଖିନ ପାରିବେ ତେଣୁ ମୋଶା ମୁଖ
ଆଚ୍ଛାଦନ କରିଥିଲେ । ତହିଁର ମହିମା (ତେଜ) କମି କମି
ଯାଉଥିଲା, ଓ ଲୋକେ ଏହି ସେବାର ଅନ୍ତ ଦେଖନ୍ତୁ,
ମୋଶା ଏହା ଇଚ୍ଛା କରୁ ନ ଥିଲେ । ୧୪କିନ୍ତୁ ସେମାନଙ୍କର
ମନଗୁଡ଼ିକ ଅବରୁଦ୍ଧ ହୋଇ ଯାଇଥିଲା । ଏପରିକି ଆଜି
ମଧ୍ୟ ସେମାନେ ଯେତେବେଳେ ପୁରାତନ ଚୁକ୍ତିକୁ ପଢ଼ନ୍ତି
ସେହି ଆବରଣଟି ଅର୍ଥକୁ ଲୁଚାଇ ରଖେ । ସେ ଆବରଣ
କଢ଼ା ଯାଇ ନାହିଁ । କେବଳ ଖ୍ରୀଷ୍ଟ ଯୀଶୁ ଏହି ଆବରଣ
ଦୂର କରିଛନ୍ତି । ୧୫କିନ୍ତୁ ଏପରି କି ଆଜି ଯେତେବେଳେ
ଏହି ଲୋକମାନେ ମୋଶାଙ୍କ ନିୟମକୁ ପଢ଼ନ୍ତି, ସେହି
ଆବରଣ ହେତୁ ସେମାନେ ଏଥିର ଅର୍ଥ ବୁଝି ପାରନ୍ତି
ନାହିଁ । ୧୬କିନ୍ତୁ ଜଣେ ଲୋକ ଯେତେବେଳେ ପରିବର୍ତ୍ତିତ
ହୁଏ ଓ ସେ ପ୍ରଭୁଙ୍କ ଅନୁସରଣ କରେ, ସେହି ଆବରଣଟି
ବାହାର କରିଦିଆ ଯାଏ । ୧୭ପ୍ରଭୁ ଆତ୍ମା ଅଟନ୍ତି । ଯେଉଁଠାରେ
ପ୍ରଭୁଙ୍କର ଆତ୍ମା ବିଦ୍ୟମାନ, ସେହିଠାରେ ସ୍ୱାଧୀନତା ଅଛି ।
୧୮ଆମ୍ଭ ଚେହେରାଗୁଡ଼ିକ ଆଚ୍ଛାଦିତ ନୁହେଁ । ଆମ୍ଭେ ସମସ୍ତେ
ପ୍ରଭୁଙ୍କର ମହିମା ପ୍ରତିଫଳିତ କରିପାରୁ । ଆମ୍ଭେ ତାହାଙ୍କ
ଭଳି ହେବାକୁ ନିଜକୁ ପରିବର୍ତ୍ତିତ କରୁ । ଏହି ପରିବର୍ତ୍ତନ
ଆମ୍ଭ ଭିତରେ ଅଧିକରୁ ଅଧିକ ମହିମା ଆଣି ଦିଏ । ଉକ୍ତ
ମହିମା ପ୍ରଭୁଙ୍କଠାରୁ ଅର୍ଥାତ୍ ଆତ୍ମାଙ୍କ ଠାରୁ ପ୍ରାପ୍ତ ହେଉ ।

## ମାଟିପାତ୍ର ଭିତରେ ଆଧ୍ୟାତ୍ମିକ ଧନ

୪ ପରମେଶ୍ୱର ଅନୁଗ୍ରହ କରି ଆମ୍ଭମାନଙ୍କୁ ଏହି ସେବା
କାର୍ଯ୍ୟ ଦେଇଛନ୍ତି, ସେଥିପାଇଁ ଆମ୍ଭେ ଏହାକୁ ଛାଡ଼ିବା
ନାହିଁ । ୨ଆମ୍ଭେ ଲଜ୍ଜାପୂର୍ଣ୍ଣ ଓ ଗୁପ୍ତ କାର୍ଯ୍ୟଗୁଡ଼ିକୁ ଛାଡ଼ି
ଦେଇଛୁ । ଆମ୍ଭେ କପଟ କରୁ ନାହୁଁ, ପରମେଶ୍ୱରଙ୍କ
ବାକ୍ୟରେ ପରିବର୍ତ୍ତନ କରୁ ନାହୁଁ, ବରଂ ଆମ୍ଭେ ସତ୍ୟକୁ
ସରଳ ଭାବରେ ପ୍ରକାଶ କରୁଛୁ । ଏହାଦ୍ୱାରା ଲୋକମାନଙ୍କଠାରେ
ଆମ୍ଭେ ନିଜର ବ୍ୟକ୍ତିତ୍ୱ ପ୍ରତିପାଦନ କରୁଛୁ, ଯାହା ଦ୍ୱାରା
ସମସ୍ତେ ନିଜ ହୃଦୟରେ ଜାଣି ପାରିବେ ଯେ, ପରମେଶ୍ୱରଙ୍କ
ସମ୍ମୁଖରେ ଆମ୍ଭେମାନେ ସତ୍ୟ ବାକ୍ୟ ପ୍ରଚାର କରୁଅଛୁ ।
୩ସୁସମାଚାର ଯଦି ଆଚ୍ଛାଦିତ ହୋଇଥାଏ, ତେବେ ସେହି
ଆଚ୍ଛାଦନ କେବଳ ସେହିମାନଙ୍କ ପାଇଁ ଯେଉଁମାନେ ବିନାଶ
ମାର୍ଗରେ ରହିଛନ୍ତି । ୪ଅବିଶ୍ୱାସୀମାନଙ୍କ ମନକୁ ଜଗତପତି
ଶୟତାନ ଅନ୍ଧ କରି ଦେଇଛି । ତେଣୁ ସେମାନେ ଖ୍ରୀଷ୍ଟଙ୍କର
ସୁସମାଚାରର ଆଲୋକ ଦେଖି ପାରନ୍ତି ନାହିଁ । ୫ଯୀଶୁ ଖ୍ରୀଷ୍ଟ
ହେଉଛନ୍ତି ପରମେଶ୍ୱରଙ୍କ ସାକ୍ଷାତ ପ୍ରତିରୂପ । ଆମ୍ଭେ ନିଜର
ପ୍ରଚାର କରୁ ନାହୁଁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କୁ ପ୍ରଭୁ ରୂପେ ପ୍ରଚାର
କରୁଛୁ । ନିଜ ବିଷୟରେ ଆମ୍ଭେ କହୁ ଯେ, ଯୀଶୁଙ୍କ ପାଇଁ
ଆମ୍ଭେ ତୁମ୍ଭମାନଙ୍କ ସେବକ । ୬ଥରେ ପରମେଶ୍ୱର କହିଲେ:
"ଅନ୍ଧକାର ମଧ୍ୟରୁ ଆଲୋକ ପ୍ରକାଶିତ ହେବ ।"
ସେହି ପରମେଶ୍ୱର ଆମ୍ଭମାନଙ୍କ ହୃଦୟରେ ତାହାଙ୍କର
ଆଲୋକ ଦେଖାଇଛନ୍ତି । ଯୀଶୁ ଖ୍ରୀଷ୍ଟଙ୍କ ମୁହଁରେ ପରମେଶ୍ୱରଙ୍କ
ଯେଉଁ ଗୌରବମୟ ଆଲୋକ ଦେଖିବାକୁ ମିଳେ ସେହି
ଆଲୋକ ସେ ଆମ୍ଭକୁ ଦେଲେ ।
୭ଆମ୍ଭେ ପରମେଶ୍ୱରଙ୍କଠାରୁ ଏହି ଧନ ପାଇଅଛୁ ।
ଆମ୍ଭେ ମାଟିପାତ୍ର ସଦୃଶ କେବଳ ଏହି ଭଣ୍ଡାରକୁ ଧରିଛୁ ।
ଏହା ପ୍ରମାଣିତ କରେ ଯେ, ଏହି ଆଶ୍ଚର୍ଯ୍ୟ ଶକ୍ତି ଆମ୍ଭର
ନୁହେଁ, ତାହା ପରମେଶ୍ୱରଙ୍କର ଅଟେ । ୮ଆମ୍ଭ ଚତୁର୍ଦ୍ଦିଗରୁ
ସମସ୍ୟା ଆମ୍ଭକୁ ଚାପି ପକାଇଛି, କିନ୍ତୁ ଆମ୍ଭେ ହାରି ଯାଉ
ନାହୁଁ । ଅନେକ ସମୟରେ କ'ଣ କରିବାକୁ ହେବ ତାହା
ଆମ୍ଭେ ଜାଣି ପାରୁନାହୁଁ । ୯ଆମ୍ଭେ ନିର୍ଯ୍ୟାତିତ ହେଉଛୁ, କିନ୍ତୁ
ପରମେଶ୍ୱର ଆମ୍ଭକୁ ଛାଡ଼ି ଦିଅନ୍ତି ନାହିଁ । ଆମ୍ଭେ କେତେ
ଥର ଆଘାତ ପାଇଛୁ, କିନ୍ତୁ ବିନଷ୍ଟ ହୋଇ ନାହୁଁ । ୧୦ଯୀଶୁ
ଖ୍ରୀଷ୍ଟଙ୍କ ପରି ଆମ୍ଭ ଶରୀର ସର୍ବଦା ମୃତ୍ୟୁର ସମ୍ମୁଖୀନ
ଯେପରିକି ତାହାଙ୍କର ଜୀବନ ମଧ୍ୟ ଆମ୍ଭ ଭିତରେ ପ୍ରକାଶିତ
ହେବ । ୧୧ଆମ୍ଭେ ଜୀବିତ, କିନ୍ତୁ ଯୀଶୁଙ୍କ ହେତୁ ଆମ୍ଭେ
ସର୍ବଦା ମୃତ୍ୟୁ ସଂକଟର ସମ୍ମୁଖୀନ ହେଉଛୁ । ଯଦ୍ୱାରା

---

**ଶିଳାଫଳକ:** ମୋଶାଙ୍କୁ ଦିଆ ଯାଇଥିବା ନିୟମଗୁଡ଼ିକ ଶିଳାଫଳକଗୁଡ଼ିକ ଉପରେ ଲେଖା ହୋଇ ଥିଲା (ଯାତ୍ରା ପୁସ୍ତକ:୨୪:୧୨, ୨୫:୧୬)

ଯୀଶୁଙ୍କ ଜୀବନ ଆମ୍ଭର ମରଣଶୀଳ ଶରୀର ମଧ୍ୟରେ ସ୍ପଷ୍ଟ
ଭାବରେ ଦେଖି ପାରିବା। ୧୨ଅତଏବ ଆମ୍ଭ ଭିତରେ ମୃତ୍ୟୁ
ଓ ତୁମ୍ଭମାନଙ୍କ ଭିତରେ ଜୀବନ ସକ୍ରିୟ ଅଟେ।
୧୩ଶାସ୍ତ୍ରରେ ଲେଖା ଅଛି: "ମୁଁ ବିଶ୍ୱାସ କଲି, ଏଣୁ ସ୍ପଷ୍ଟ
କହିଲି।"* ଆମ୍ଭର ବିଶ୍ୱାସ ମଧ୍ୟ ସେହିଭଳି ଅଟେ।
ଆମ୍ଭେ ବିଶ୍ୱାସ କରୁ, ସେଥିପାଇଁ ଆମ୍ଭେ କହୁ। ୧୪କାରଣ
ଆମ୍ଭେ ଜାଣୁ ଯେ, ଯେଉଁ ପରମେଶ୍ୱର ଯୀଶୁଙ୍କୁ ମୃତ୍ୟୁରୁ
ପୁନରୁତ୍ଥିତ କଲେ, ସେ ଆମ୍ଭକୁ ମଧ୍ୟ ଯୀଶୁଙ୍କ ସହ
ପୁନରୁତ୍ଥିତ କରିବେ। ୧୫ସେ ଆମ୍ଭକୁ ମଧ୍ୟ ତୁମ୍ଭମାନଙ୍କ
ସହିତ ନିଜ ସମ୍ମୁଖରେ ଠିଆ କରିବେ। ଏହି ସବୁ ବିଷୟ
ତୁମ୍ଭମାନଙ୍କ ପାଇଁ କରା ଯାଉଛି। ଏହାଦ୍ୱାରା ଅନେକ
ଲୋକ ଯେପରି ପରମେଶ୍ୱରଙ୍କ ଅନୁଗ୍ରହ ପାଇ ପାରିବେ।
ପରମେଶ୍ୱରଙ୍କ ମହିମା ନିମନ୍ତେ ତାହାଙ୍କୁ ଅଧିକରୁ ଅଧିକ
ଧନ୍ୟବାଦ ଅର୍ପଣ କରାଯିବ।

## ବିଶ୍ୱାସରେ ଜୀବନ କାଟିବା

୧୬ସେଥିପାଇଁ ଆମ୍ଭେ କେବେହେଲେ ନିରାଶ ନ ହେଉ,
ଯଦିଓ ଆମ୍ଭର ବାହ୍ୟିକ ଶରୀର କ୍ଷୀଣ ହୋଇ ଯାଉଛି,
କିନ୍ତୁ ଆମ୍ଭର ଅନ୍ତଃରସ୍ଥ ଆତ୍ମା ଦିନକୁ ଦିନ ନୂତନରୁ ଅତି
ନୂତନ ହୋଇ ଯାଉଅଛି। ୧୭ବର୍ତ୍ତମାନ ଆମ୍ଭେ ସମ୍ମୁଖୀନ
ହେଉଥିବା ଛୋଟ ଛୋଟ କ୍ଷଣିକ ଅସୁବିଧାଗୁଡ଼ିକ ଆମ୍ଭ
ପାଇଁ ଏକ ଅତୁଳନୀୟ, ଉତ୍କୃଷ୍ଟ ଓ ଅନନ୍ତ ମହିମା ଉତ୍ପନ୍ନ
କରୁଛି। ଏହି ଅତୁଳନୀୟ ମହିମା ଅସୁବିଧାଗୁଡ଼ିକ ତୁଳନାରେ
ଅତି ମହାନ୍। ୧୮ଆମ୍ଭର ଆଖି ଦୃଶ୍ୟ ବିଷୟଗୁଡ଼ିକ ଉପରେ
ନ ରହି, ଅଦୃଶ୍ୟ ବିଷୟ ଉପରେ କେନ୍ଦ୍ରୀଭୂତ ହେଉ।
କାରଣ ଯାହା ଆମ୍ଭକୁ ଦେଖା ଯାଉଛି, ତାହା ଅସ୍ଥାୟୀ, ଓ
ଯାହା ଅଦୃଶ୍ୟ, ତାହା ସମ୍ପୂର୍ଣ୍ଣ ଚିରସ୍ଥାୟୀ।

୫ ଆପଣ ଜାଣନ୍ତି ଯେ, ଆମ୍ଭର ଶରୀରରୂପ ତମ୍ବୁ
ଯେଉଁଥିରେ ଆମ୍ଭେ (ସଂସାରରେ) ରହୁଛୁ, ତାହା
ନଷ୍ଟ ହେବ। ଏପରି ଘଟିଲା ପରେ ପରମେଶ୍ୱରଙ୍କ ସହିତ
ବାସ କରିବା ନିମନ୍ତେ ଏକ ଗୃହ ଆମ୍ଭକୁ ଦେବେ। ଏହା
ମଣିଷ ଦ୍ୱାରା ନିର୍ମିତ ନୁହେଁ। ୨ଏହା ସ୍ୱର୍ଗରେ ସ୍ଥାପିତ
ଚିରସ୍ଥାୟୀ ଗୃହ ଅଟେ। ଆମ୍ଭେ ଏହି ପୃଥିବୀର ଘରଟିରେ
ରହି ଥକି ଯାଇଛୁ। ଆମ୍ଭେ ଇଚ୍ଛା କରୁ ଯେ, ପରମେଶ୍ୱର
ଆମ୍ଭକୁ ଆମ୍ଭର ସ୍ୱର୍ଗୀୟ ଘରଟି ଦିଅନ୍ତୁ। ୩ଏହି ଘରଟି
ପାଇଲା ପରେ, ଏହା ଆମ୍ଭକୁ ଆବୃତ କରିବ, ଓ ଆମ୍ଭେ
ଉଲଗ୍ନ ଦେଖା ଯିବୁ ନାହିଁ। ୪ଏହି ଶରୀରରୂପ ତମ୍ବୁରେ
ରହିଲାବେଳେ ଆମ୍ଭେମାନେ ଭାରାକ୍ରାନ୍ତ ହୋଇ ଅଭିଯୋଗ
କରୁ। ମୋର କହିବା ଅର୍ଥ ନୁହେଁ ଯେ, ଆମ୍ଭେ ଏହି
ତମ୍ବୁକୁ ଦୂର କରି ଦେବା ପାଇଁ ଚାହୁଁ। କିନ୍ତୁ ଆମ୍ଭେ
ସ୍ୱର୍ଗୀୟ ଘର ଦ୍ୱାରା ଆଚ୍ଛାଦିତ ହେବାକୁ ଇଚ୍ଛା କରୁ।
ତା'ହେଲେ ଯାଇ ଏହି ମର ଶରୀର ସମ୍ପୂର୍ଣ୍ଣ ଭାବେ ଜୀବନ
ଦ୍ୱାରା ଘୋଡ଼ାଇ ହୋଇ ପାରିବ। ୫ପରମେଶ୍ୱର ଆମ୍ଭକୁ
ଏଥିପାଇଁ ପ୍ରସ୍ତୁତ କରିଛନ୍ତି, ଓ ସେ ଯାହା ପ୍ରତିଜ୍ଞା
କରିଥିଲେ ତାହା ଆମ୍ଭକୁ ପ୍ରଦାନ କରିବେ ବୋଲି ଆତ୍ମା
ଏଥିର ସାକ୍ଷ୍ୟ ଦିଏ।
୬ଅତଏବ ଆମ୍ଭର ପୂର୍ଣ୍ଣ ଆଶା ଅଛି। ଆମ୍ଭେ ଜାଣୁ
ଯେ, ଯେପର୍ଯ୍ୟନ୍ତ ଆମ୍ଭେ ଏହି ଦେହରେ ଅଛୁ ସେପର୍ଯ୍ୟନ୍ତ
ଆମ୍ଭେ ପ୍ରଭୁଙ୍କ ଠାରୁ ଦୂରରେ ଅଛୁ। ୭ଆମ୍ଭେ ଯାହା ଦେଖୁ,
ତା' ସାହାଯ୍ୟରେ ନୁହେଁ, ମାତ୍ର ବିଶ୍ୱାସ ଦ୍ୱାରା ପରିଚାଳିତ
ହେଉ, ସେଥିପାଇଁ ମୁଁ କୁହେ ଯେ, ଆମ୍ଭମାନଙ୍କର ଆଶା
ଅଛି। ୮ଆମ୍ଭେମାନେ ଏହି ଶରୀରରୁ ଦୂରକୁ ଯିବାକୁ ଓ
ପ୍ରଭୁଙ୍କ ନିକଟସ୍ଥ ହେବାକୁ ଅଧିକ ପସନ୍ଦ କରୁ। ୯ଆମ୍ଭର
ଏକମାତ୍ର ଉଦ୍ଦେଶ୍ୟ ପରମେଶ୍ୱରଙ୍କୁ ପ୍ରସନ୍ନ କରିବା। ଆମ୍ଭେ
ଏହିଠାରେ ବାହ୍ୟିକ ଶରୀର ଧାରଣ କରି ରହୁ ବା ସେଠାରେ
ପ୍ରଭୁଙ୍କ ସହିତ ରହୁ, ଆମ୍ଭେ ପ୍ରଭୁଙ୍କୁ ପ୍ରସନ୍ନ କରିବାକୁ
ଚାହୁଁ। ୧୦ଆମ୍ଭେ ସମସ୍ତେ ବିଚାରିତ ହେବା ନିମନ୍ତେ
ଖ୍ରୀଷ୍ଟଙ୍କର ନ୍ୟାୟାସନ ଆଗରେ ଅବଶ୍ୟ ଠିଆ ହେବୁ।
ଆମ୍ଭମାନଙ୍କ ଭିତରୁ ପ୍ରତ୍ୟେକ, ଏହି ପାର୍ଥିବ ଶରୀର ଧାରଣ
କରିଥିଲାବେଳେ ଯାହା କିଛି ଭଲ ବା ମନ୍ଦ କରିଛନ୍ତି,
ତା'ପାଇଁ ପ୍ରତିଦାନ ପାଇବ।

## ପରୋପକାରୀ ଲୋକେ ପରମେଶ୍ୱରଙ୍କ ମିତ୍ର ହୁଅନ୍ତି

୧୧ଆମ୍ଭେ ଜାଣୁ ଯେ, ପ୍ରଭୁଙ୍କୁ ଭୟ କରିବା ଅର୍ଥ କ'ଣ
ଅଟେ। ସେଥିପାଇ ଲୋକମାନଙ୍କୁ ସତ୍ୟ ଗ୍ରହଣ କରିବା
ପାଇଁ ଆମ୍ଭେ ବୁଝାଉଁ। ପରମେଶ୍ୱର ଜାଣନ୍ତି ଯେ, ଆମ୍ଭେ
ପ୍ରକୃତରେ କ'ଣ ଓ ମୁଁ ଆଶା କରେ, ତୁମ୍ଭେ ମଧ୍ୟ ଆମ୍ଭର
ପ୍ରକୃତ ପରିଚୟ ପାଇପାରିବ। ୧୨ଆମ୍ଭେ ତୁମ୍ଭମାନଙ୍କ ଆଗରେ
ନିଜର ପ୍ରଶଂସା କରୁ ନାହୁଁ। ବରଂ ଆମ୍ଭେ ତୁମ୍ଭମାନଙ୍କୁ
ସୁଯୋଗ ଦେଉଛୁ ଯେପରି ଆମ୍ଭ ପାଇଁ ତୁମ୍ଭେମାନେ ଗର୍ବ
ଅନୁଭବ କରି ପାରିବ। ତା'ହେଲେ ପ୍ରତ୍ୟକ୍ଷ ଦିଶୁଥିବା
ବିଷୟଗୁଡ଼ିକ ପାଇଁ ଗର୍ବ କରୁଥିବା ଲୋକକୁ ତୁମ୍ଭେମାନେ
ଉତ୍ତର ଦେଇ ପାରିବ। ସେ ଲୋକମାନେ ଜଣକର
ହୃଦୟରେ କ'ଣ ଅଛି, ତହିଁ ପାଇଁ ସେମାନେ ମନୋଯୋଗ
କରନ୍ତି ନାହିଁ। ୧୩ଆମ୍ଭେ ଯଦି ପାଗଳ, ତାହା ପରମେଶ୍ୱରଙ୍କ
ପାଇଁ। ୧୪ଯଦି ଆମ୍ଭେ ଠିକ ମନରେ ଅଛୁ ତାହା
ତୁମ୍ଭମାନଙ୍କ ପାଇଁ। ଖ୍ରୀଷ୍ଟଙ୍କ ପ୍ରେମ ଆମ୍ଭକୁ ନିୟନ୍ତ୍ରିତ
କରେ। କାରଣ ଆମ୍ଭେ ଜାଣୁ ଯେ ଜଣେ ସମସ୍ତଙ୍କ ପାଇଁ
ମରିଛନ୍ତି। ସେଥିପାଇଁ ସମସ୍ତେ ମରିଛନ୍ତି। ୧୫ଖ୍ରୀଷ୍ଟ ସମସ୍ତଙ୍କ
ପାଇଁ ମରିବାର ଉଦ୍ଦେଶ୍ୟ ହେଉଛି ଯେ ଯେଉଁ ଲୋକମାନେ
ଜୀବିତ, ଏହା ପରେ ସେମାନେ ନିଜ ପାଇଁ ଜୀବିତ ନ
ରୁହନ୍ତି, ବରଂ ଯିଏ ମରି ଯାଇଥିଲେ ଓ ପୁନର୍ବାର
ସେମାନଙ୍କ ପାଇଁ ଉତ୍ଥିତ ହେଲେ, ସେହି ଖ୍ରୀଷ୍ଟଙ୍କ ପାଇଁ
ଜୀବିତ ରୁହନ୍ତୁ।
୧୬ଏହି ସମୟ ପରେ, ଆମ୍ଭେ କୌଣସି ଲୋକକୁ
ଜାଗତିକ ଦୃଷ୍ଟିରୁ ଦେଖିବା କରିବା ନାହିଁ। ଅତୀତରେ
ଆମ୍ଭେ ଯୀଶୁ ଖ୍ରୀଷ୍ଟଙ୍କୁ ମଧ୍ୟ ଜାଗତିକ ଦୃଷ୍ଟିରେ ବୁଝିଥିଲୁ।
କିନ୍ତୁ ଏବେ ଆମ୍ଭେ ସେପରି ଭାବୁନାହୁଁ। ୧୭ଯଦି କୌଣସି
ଲୋକ ଖ୍ରୀଷ୍ଟଙ୍କ ଠାରେ ଅଛି, ସେ ନୂତନ ଭାବରେ ସୃଷ୍ଟି
ହୋଇ ଅଛି। ପୁରୁଣା ବିଷୟ ସମସ୍ତ ଚାଲି ଯାଇଅଛି, ଓ
ପ୍ରତ୍ୟେକ ବିଷୟ ନୂଆ ହୋଇ ଯାଇଛି। ୧୮ଏହି ସବୁ

---

**"ମୁଁ ... କହିଲି।"** ଗୀତସଂହିତା, ୧୧୬:୧୦

ବିଷୟ ପରମେଶ୍ୱରଙ୍କ ଠାରୁ ଆସିଛି। ଖ୍ରୀଷ୍ଟଙ୍କ ମାଧ୍ୟମରେ
ପରମେଶ୍ୱର ନିଜେ ଆମ୍ଭମାନଙ୍କ ସହ ଶାନ୍ତି ସ୍ଥାପନ
କରିଛନ୍ତି। ଓ ଲୋକମାନେ ଯେପରି ପରମେଶ୍ୱରଙ୍କ ସହ
ଶାନ୍ତିସ୍ଥାପନ କରିବେ, ଏହି ଦାୟିତ୍ୱ ଆମ୍ଭମାନଙ୍କୁ ଦେଇଛନ୍ତି।
୧୯ମୋ କହିବା କଥା ଯେ, ପରମେଶ୍ୱର ଖ୍ରୀଷ୍ଟଙ୍କ ହେତୁ
ଲୋକମାନଙ୍କର ପାପଗୁଡ଼ିକୁ ଗଣନା ନ କରି, ନିଜକୁ
ଜଗତର ଲୋକମାନଙ୍କ ସହିତ ପୁନର୍ମିଳିତ କରୁଛନ୍ତି।
କେବଳ ସେତିକି ନୁହେଁ ମାତ୍ର ସେ ଆମ୍ଭମାନଙ୍କୁ, ଲୋକମାନଙ୍କୁ
ପୁନର୍ମିଳନର ସମ୍ବାଦ କହିବା ଭାର ଦେଇଛନ୍ତି। ସେଥିପାଇଁ
ଆମ୍ଭେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତିନିଧି ଭାବେ କାମ କରୁଛୁ।
୨୦ସେ ଆମ୍ଭ ମାଧ୍ୟମରେ ପୃଥିବୀର ଲୋକମାନଙ୍କୁ ଡାକୁଛନ୍ତି।
ଯେତେବେଳେ ଆମ୍ଭେ ତୁମ୍ଭମାନଙ୍କୁ ପରମେଶ୍ୱରଙ୍କ ସହିତ
ପୁନର୍ମିଳିତ ହେବା ପାଇଁ ଅନୁରୋଧ କରୁ,
୨୧ଆମ୍ଭେ ଖ୍ରୀଷ୍ଟଙ୍କ
ନିମନ୍ତେ କହୁ। ଖ୍ରୀଷ୍ଟଙ୍କର କିଛି ପାପ ନ ଥିଲା। କିନ୍ତୁ
ପରମେଶ୍ୱର ଆମ୍ଭମାନଙ୍କ ପାଇଁ ତାହାଙ୍କୁ ପାପ ରୂପେ ଗଣ୍ୟ
କଲେ, ଯେପରି ତାହାଙ୍କ ମାଧ୍ୟମରେ ଆମ୍ଭେ ପରମେଶ୍ୱରଙ୍କ
ଠାରେ ଧାର୍ମିକ ଗଣିତ ହୋଇପାରିବା।

୬ ଆମ୍ଭେମାନେ ପରମେଶ୍ୱରଙ୍କ ସହିତ କାମ କରୁଥିବା
ହେତୁ ତୁମ୍ଭମାନଙ୍କୁ ବିନତି କରୁ ଯେ, ପରମେଶ୍ୱରଙ୍କ
ଠାରୁ ଯେଉଁ ଅନୁଗ୍ରହ ତୁମ୍ଭେମାନେ ପାଇଛ, ତାହା ଯେପରି
ବ୍ୟର୍ଥ ନ ଯାଏ।
୨ପରମେଶ୍ୱର କହିଛନ୍ତି:

> "ମୁଁ ଉଚିତ ସମୟରେ ତୁମ୍ଭ କଥା ଶୁଣିଲି ଓ
> ପରିତ୍ରାଣ ଦିନରେ ତୁମ୍ଭକୁ ସାହାଯ୍ୟ କରିବା ପାଇଁ
> ଆସିଲି।"
>
> ଯିଶାଇୟ: ୪୯:୮

ମୁଁ ତୁମ୍ଭକୁ କହୁଛି, ଦେଖ, ଏହା ହେଉଛି "ଉଚିତ
ସମୟ।" ଏହା "ପରିତ୍ରାଣର ଦିନ" ଅଟେ।
୩ଆମ୍ଭ କାମରେ ଲୋକେ ଭୁଲ ପାଆନ୍ତୁ, ଏହା ଆମ୍ଭେ
ଇଚ୍ଛା କରୁ ନାହୁଁ। ସେଥିପାଇଁ ଆମ୍ଭେ କୌଣସି ଏପରି
କାମ କରିବା ନାହିଁ ଯାହା ଅନ୍ୟମାନଙ୍କ ପାଇଁ ସମସ୍ୟା
ସୃଷ୍ଟି କରିବ।
୪ବରଂ ପରମେଶ୍ୱରଙ୍କ ସେବକ ରୂପରେ
ଆମ୍ଭେମାନେ ପ୍ରତ୍ୟେକ ଭାବରେ ନିଜକୁ ଭଲ ପ୍ରମାଣିତ
କରୁ ଓ ଦୁଃଖ, କଷ୍ଟ ତଥା ବଡ଼ ସମସ୍ୟା ମଧ୍ୟରେ
ଅନେକ କଠୋର କଥା ଧୈର୍ଯ୍ୟପୂର୍ବକ ସହୁ।
୫ଆମ୍ଭକୁ
ମାଡ଼ ଦିଆଯାଏ, କାରାଗାରରେ ରଖାଯାଏ। ଲୋକେ ଆମ୍ଭ
ବିରୁଦ୍ଧରେ ଉଠନ୍ତି। ଆମ୍ଭେ କଠୋର ପରିଶ୍ରମ କରୁ,
ବେଳେବେଳେ ଆମ୍ଭେ ଅନିଦ୍ରା ରହୁ, ଓ ଭୋକଉପାସରେ
ରହୁ।
୬ଆମ୍ଭର ଜ୍ଞାନ, ଧୈର୍ଯ୍ୟ, ଦୟା, ପବିତ୍ରଆତ୍ମା ଓ
ପବିତ୍ର ଜୀବନ ଧାରଣ ଦ୍ୱାରା ଆମ୍ଭେ ପରମେଶ୍ୱରଙ୍କ
ସେବକ ବୋଲି ପ୍ରମାଣିତ କରୁ। ଆମ୍ଭେ ପବିତ୍ର ଆତ୍ମାଙ୍କ
ପୂର୍ଣ୍ଣତାରେ, ପ୍ରକୃତ ପ୍ରେମ ପ୍ରକାଶିବା ଦ୍ୱାରା, ପୁଣି ସତ୍ୟ
କଥା କହି ଓ ପରମେଶ୍ୱରଙ୍କ ଶକ୍ତିର କାର୍ଯ୍ୟ କରି ଏହାର
ପରିଚୟ ଦେଇଥାଉ।
୭ପ୍ରତ୍ୟେକ କଥାରେ ଆମ୍ଭେ ଆମ୍ଭର
ଧାର୍ମିକ ଜୀବନ ପ୍ରଣାଳୀକୁ ରକ୍ଷାଢ଼ାଲ ଭାବରେ ବ୍ୟବହାର
କରୁ।
୮କେତେକ ଲୋକ ଆମ୍ଭକୁ ସମ୍ମାନ ଦିଅନ୍ତି, କିନ୍ତୁ
କେତେ ଲୋକ ଆମ୍ଭକୁ ଲଜ୍ଜା ଦିଅନ୍ତି। କେତେ ଲୋକ
ଆମ୍ଭ ବିଷୟରେ ମନ୍ଦ କୁହନ୍ତି, କେତେ ଭଲ କଥା
କୁହନ୍ତି। କେତେ ଲୋକ କୁହନ୍ତି ଯେ, ଆମ୍ଭେ ମିଥ୍ୟାବାଦୀ
ଓ ତଥାପି ଆମ୍ଭେ ସତ୍ୟ କହୁ।
୯ଆମ୍ଭେ ଜନପ୍ରିୟ ହୋଇ
ଥିଲେ ମଧ୍ୟ କେତେକଙ୍କ ପାଇଁ ଅଜଣା। ଆମ୍ଭକୁ ମୃତ
ତୁଲ୍ୟ ଧରା ଯାଏ, କିନ୍ତୁ ଦେଖ, ଆମ୍ଭେ ଜୀବିତ ରହିଛୁ।
ଆମ୍ଭକୁ ଦଣ୍ଡ ଦିଆ ଯାଏ, କିନ୍ତୁ ମାରି ଦିଆ ଯାଏ ନାହିଁ।
୧୦ଆମ୍ଭର ବହୁତ ଦୁଃଖ ଅଛି କିନ୍ତୁ ଆମ୍ଭେ ସର୍ବଦା ପ୍ରସନ୍ନ
ରହୁ। ଆମ୍ଭେ ଗରିବ, କିନ୍ତୁ ଅନେକଙ୍କୁ ଧନୀ କରୁ।
ଆମ୍ଭର କିଛି ନାହିଁ, କିନ୍ତୁ ଆମ୍ଭର ସବୁ କିଛି ଅଛି।
୧୧ହେ କରିନ୍ଥୀବାସୀ! ଆମ୍ଭେ ସଂମ୍ପୂର୍ଣ୍ଣ ଖୋଲା ମନରେ
ତୁମ୍ଭମାନଙ୍କ ସହିତ କଥା ହୋଇଛୁ। ଆମ୍ଭେ ଆମ୍ଭର ହୃଦୟ
ତୁମ୍ଭମାନଙ୍କ ପାଇଁ ଖୋଲି ଦେଇଛୁ।
୧୨ତୁମ୍ଭମାନଙ୍କ ପ୍ରତି
ଆମ୍ଭର ପ୍ରେମ ପ୍ରଦର୍ଶନ ଆମ୍ଭେ ବନ୍ଦ କରି ନାହୁଁ। କିନ୍ତୁ
ତୁମ୍ଭେମାନେ ଆମ୍ଭ ପ୍ରତି ପ୍ରେମ ପ୍ରଦର୍ଶନ ବନ୍ଦ କରି
ଦେଇଛ।
୧୩ମୋ ନିଜର ସନ୍ତାନ ବୋଲି ଭାବି ତୁମ୍ଭମାନଙ୍କୁ,
ମୁଁ କହୁଛି ଯେ, ଉଚିତ ପ୍ରତିଦାନ ସ୍ୱରୂପେ ତୁମ୍ଭେମାନେ
ମଧ୍ୟ ନିଜର ହୃଦୟ ଆମ୍ଭ ପାଇଁ ସମ୍ପୂର୍ଣ୍ଣ ଭାବରେ ଖୋଲା
ରଖିବା ଉଚିତ।

## ଅଣଖ୍ରୀଷ୍ଟିୟାନମାନଙ୍କ ବିଷୟରେ ସତର୍କବାଣୀ

୧୪ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ, ତୁମ୍ଭେମାନେ
ତାହାଙ୍କ ସହିତ ସମାନ ନୁହଁ। ଅତଏବ ସେମାନଙ୍କ ସହିତ
ଯୋଗ ଦିଅ ନାହିଁ। ଭଲ ଓ ମନ୍ଦ ଏକାଠି ରୁହନ୍ତି ନାହିଁ।
ଆଲୋକ ଓ ଅନ୍ଧକାର ମଧ୍ୟରେ କି ସହଭାଗିତା ଅଛି?
୧୫ଯୀଶୁ ଖ୍ରୀଷ୍ଟ ଓ ବିଲୟାର୍ ଭିତରେ ଚୁକ୍ତି ହୋଇପାରେ
କି? ଜଣେ ବିଶ୍ୱାସୀ ଓ ଜଣେ ଅବିଶ୍ୱାସୀଙ୍କ ଭିତରେ କ'ଣ
କିଛି ମେଳ ହୋଇପାରେ?
୧୬ପରମେଶ୍ୱରଙ୍କ ମନ୍ଦିର* ଓ
ମୂର୍ତ୍ତିଗୁଡ଼ିକ ମଧ୍ୟରେ ଚୁକ୍ତି ହୋଇ ପାରିବ ନାହିଁ କାରଣ
ଆମ୍ଭେ ହେଉଛୁ ପରମେଶ୍ୱରଙ୍କ ମନ୍ଦିର। ଯେପରି ପରମେଶ୍ୱର
କହିଛନ୍ତି:

> "ମୁଁ ସେମାନଙ୍କ ସହିତ ରହିବି ଓ ସେମାନଙ୍କ
> ସହିତ ଚାଲିବି, ମୁଁ ସେମାନଙ୍କର ପରମେଶ୍ୱର ହେବି
> ଓ ସେମାନେ ମୋର ଲୋକ ହେବେ।"
>
> ଲେବୀୟ ପୁସ୍ତକ ୨୬:୧୧-୧୨

> ୧୭ "ସେଥିପାଇଁ ସେ ଲୋକମାନଙ୍କୁ ଛାଡ଼ି ବାହାରି ଆସ
> ସେମାନଙ୍କଠାରୁ ନିଜକୁ ଅଲଗା କରି ରଖ, ଯାହା
> ଅଶୁଦ୍ଧ, ତାହାକୁ ଛୁଅଁ ନାହିଁ, ତା'ହେଲେ ମୁଁ
> ତୁମ୍ଭମାନଙ୍କୁ ଗ୍ରହଣ କରିବି।"
>
> ଯିଶାଇୟ ୫୨:୧୧

---

**ମନ୍ଦିର** ଅର୍ଥାତ୍-ଉପାସନା ପୀଠ। ଖ୍ରୀଷ୍ଟଧର୍ମାବଲମ୍ବୀମାନେ ନିଜେ
ହିଁ ହେଉଛନ୍ତି ମନ୍ଦିର।

¹⁸ "ମୁଁ ତୁମ୍ଭମାନଙ୍କର ପିତା ହେବ ଓ ତୁମ୍ଭେମାନେ
ମୋ ପୁଅ ଓ ଝିଅ ହେବ ସର୍ବଶକ୍ତିମାନ ପ୍ରଭୁ ଏହା
କୁହନ୍ତି।"

ଦ୍ୱିତୀୟ ଶାମୁୟେଲ ୭:୧୪, ୭:୮

୭ ଅତଏବ, ଆସ ପରମେଶ୍ୱରଙ୍କ ପ୍ରତି ଭକ୍ତି ଥିବାରୁ
ଆମ୍ଭ ଜୀବନ ଯାପନ ପ୍ରଣାଳୀରେ ନିଜକୁ ପବିତ୍ର
କରିବା ଏବଂ ଆମ୍ଭ ଶରୀର ଓ ଆତ୍ମାକୁ ଅପବିତ୍ର କରୁଥିବା
ପ୍ରତ୍ୟେକ ବିଷୟକୁ ଦୂର କରିବା।

### ପାଉଲଙ୍କ ଆନନ୍ଦ

²ନିଜ ହୃଦୟରେ ଆମ୍ଭକୁ ସ୍ଥାନ ଦିଅ। ଆମ୍ଭେ କାହାରି
ପ୍ରତି କୌଣସି ଭୁଲ କରି ନାହୁଁ। ଆମ୍ଭେ କାହାରି
ବିଶ୍ୱାସରେ ଆଞ୍ଚ ଆଣିନାହୁଁ, କାହାକୁ ଶୋଷଣ କରି ନାହୁଁ।
³ତୁମ୍ଭମାନଙ୍କୁ ନିନ୍ଦା ଦେବା ପାଇଁ ମୁଁ ଏହା କହୁ ନାହିଁ। ମୁଁ
ତୁମ୍ଭମାନଙ୍କ ଆଗରୁ କହିଛି ଯେ, ଆମ୍ଭେ ତୁମ୍ଭମାନଙ୍କୁ ଏତେ
ଭଲ ପାଉ ଯେ, ଆମ୍ଭେ ତୁମ୍ଭମାନଙ୍କ ସହିତ ମରିବା ଓ
ବଞ୍ଚିବା ପାଇଁ ମଧ୍ୟ ପ୍ରସ୍ତୁତ। ⁴ତୁମ୍ଭମାନଙ୍କ ବିଷୟରେ ମୋର
ଏହି ଦୃଢ଼ବୋଧ ଅଛି। ମୁଁ ତୁମ୍ଭ ପାଇଁ ବହୁତ ଗର୍ବିତ।
ତୁମ୍ଭେମାନେ ମୋତେ ଅଧିକ ଉତ୍ସାହ ଦେଇଥାଅ। ସେଥିପାଇଁ
ସମସ୍ତ ଯାତନା ଭିତରେ ମଧ୍ୟ ମୋର ଆନନ୍ଦ କହିଲେ ନ
ସରେ।

⁵ଯେତେବେଳେ ଆମ୍ଭେ ମାକିଦନିଆ ଆସିଥିଲୁ,
ସେତେବେଳେ ଆମ୍ଭ ପାଇଁ ବିଶ୍ରାମ ମିଳି ନ ଥିଲା। ଆମ୍ଭର
ଚାରି ପଟେ ଅସୁବିଧାମାନ ଘେରି ରହିଥିଲା। ବାହାରର
ସଂଗ୍ରାମ ଓ ଭିତରର ଭୟ ମଧ୍ୟରେ ଆମ୍ଭେ ଥିଲୁ। ⁶କିନ୍ତୁ
ଯେଉଁ ପରମେଶ୍ୱର ଭାଙ୍ଗି ପଡ଼ିଥିବା ଲୋକକୁ ସାନ୍ତ୍ୱନା
ଦିଅନ୍ତି, ସେ ତିତସଙ୍କର ଆଗମନ ଦ୍ୱାରା ଆମ୍ଭମାନଙ୍କୁ ମଧ୍ୟ
ସାନ୍ତ୍ୱନା ପ୍ରଦାନ କଲେ। ⁷ସେ ଆସିବା ଦ୍ୱାରା ଆମ୍ଭେ
ସାନ୍ତ୍ୱନା ପାଇଲୁ। କିନ୍ତୁ ତୁମ୍ଭେମାନେ ଦେଇଥିବା ସୁଖ ଦ୍ୱାରା
ଆମ୍ଭେ ଅଧିକ ଉତ୍ସାହ ଲାଭ କଲୁ। ତିତସ କହିଲେ ଯେ
ତୁମ୍ଭେମାନେ ମୋତେ ଦେଖିବା ପାଇଁ ବ୍ୟାକୁଳ। ତୁମ୍ଭେମାନେ
ପୂର୍ବରୁ କରିଥିବା ବିଷୟ ପାଇଁ ଦୁଃଖିତ ଏବଂ ତୁମ୍ଭେମାନେ
ମୋତେ ଅତି ମାତ୍ରାରେ ଗୃହୁଁଛ। ଏହା ଶୁଣିଲା ପରେ ମୁଁ
ଅଧିକ ପ୍ରସନ୍ନ ହେଲି।

⁸ଯଦିଓ ପତ୍ର ଲେଖି ମୁଁ ତୁମ୍ଭମାନଙ୍କ ମନରେ ଦୁଃଖ
ଦେଲି, କିନ୍ତୁ ମୁଁ ଏହା ଲେଖିଲି ବୋଲି ମୁଁ ଦୁଃଖିତ
ନୁହେଁ। ମୁଁ ଜାଣେ ଯେ ସେହି ପତ୍ର ତୁମ୍ଭମାନଙ୍କୁ ଦୁଃଖ
ଦେଲା ସେଥିପାଇଁ ମୁଁ ଦୁଃଖିତ। କିନ୍ତୁ ତାହା ତୁମ୍ଭମାନଙ୍କୁ
ଅଳ୍ପ ସମୟ ପାଇଁ ଦୁଃଖ ଦେଲା। ⁹ଏବେ ମୁଁ ଖୁସୀ ଅଛି।
ତୁମ୍ଭେମାନେ ଦୁଃଖୀ ହୋଇଥିବା କାରଣରୁ ନୁହେଁ, ବରଂ
ତୁମ୍ଭମାନଙ୍କର ଦୁଃଖ ତୁମ୍ଭମାନଙ୍କ ହୃଦୟକୁ ପରିବର୍ତ୍ତନ
କରିଥିବାରୁ ମୁଁ ଖୁସି। ପରମେଶ୍ୱରଙ୍କ ଇଚ୍ଛା ଅନୁଯାୟୀ
ତୁମ୍ଭେମାନେ ଦୁଃଖି ହେଲ। ଅତଏବ ତୁମ୍ଭେମାନେ ଆମ୍ଭ
ଦ୍ୱାରା କୌଣସି ପ୍ରକାରେ ଆଘାତ ପାଇ ନାହଁ। ¹⁰କାରଣ
ଈଶ୍ୱରଙ୍କ ଇଚ୍ଛା ଅନୁସାରେ ଯେଉଁ ଦୁଃଖ ଦ୍ୱାରା ପରିତ୍ରାଣ
ପାଇଲ ଓ ମନ ପରିବର୍ତ୍ତନ କରିଲ, ସେଥିପାଇଁ ଦୁଃଖିତ
ହେବା ଆବଶ୍ୟକ ନାହିଁ। ମାତ୍ର ଜାଗତିକ ଦୁଃଖ ମୃତ୍ୟୁ
ଆଣିଥାଏ। ¹¹ଦେଖ, ଈଶ୍ୱରଙ୍କ ଇଚ୍ଛାନୁସାରେ ତୁମ୍ଭେମାନେ
ଏହି ଯେଉଁ ଦୁଃଖ ପାଇଲ ଏହା ତୁମ୍ଭମାନଙ୍କୁ ଉଦ୍‌ଯୋଗୀ
କରିଛି। ତୁମ୍ଭେମାନେ ଭୁଲରେ ନ, ଥିଲ ବୋଲି ଏହା
ପ୍ରମାଣିତ କରିଛି। ତୁମ୍ଭମାନଙ୍କ ପାଇଁ ଏହା କ୍ରୋଧ, ଭୟ
ଆଣିଛି, ଏବଂ ଆମ୍ଭ ସହିତ ମିଶିବା ପାଇଁ ତୁମ୍ଭମାନଙ୍କ
ଭିତରେ ଇଚ୍ଛା ଜାଗ୍ରତ କରିଛି। ଏହା ତୁମ୍ଭମାନଙ୍କୁ ଅଧିକ
ସମର୍ପିତ କରିଛି, ଏହା ତୁମ୍ଭମାନଙ୍କୁ ନ୍ୟାୟ ପ୍ରଦାନ କରିଛି।
ତୁମ୍ଭେମାନେ ପ୍ରତ୍ୟେକ କଥାରେ ପ୍ରମାଣିତ କରି ଦେଇଛ
ଯେ, ତୁମ୍ଭେମାନେ ସେହି ସମସ୍ୟାର କୌଣସି ଅଂଶ ପାଇଁ
ମଧ୍ୟ ଦୋଷୀ ନ ଥିଲ। ¹²ମୁଁ ଅପରାଧୀ ଲୋକ ପାଇଁ, ବା
ଯାହା ପ୍ରତି ଅପରାଧ ହୋଇଥିଲା, ତାହା ପାଇଁ ଲେଖି ନ
ଥିଲି, ବରଂ ପରମେଶ୍ୱରଙ୍କ ଆଗରେ ତୁମ୍ଭମାନଙ୍କର ଆମ୍ଭ
ପାଇଁ କେତେ ଚିନ୍ତା ଅଛି, ଏହା ତୁମ୍ଭେମାନେ ଯେପରି
ଦେଖିପାର, ସେଥିପାଇଁ ଲେଖିଥିଲି। ¹³ଏହି କାରଣରୁ
ଆମ୍ଭେ ଆଶ୍ୱସ୍ତ ଥିଲୁ।

ତୁମ୍ଭେମାନେ ତିତସଙ୍କ ପ୍ରତି ଉତ୍ତମ ବ୍ୟବହାର ଦେଖାଇ
ଥିବାରୁ ତିତସ ଖୁସି ଥିଲେ, ସେଥିପାଇଁ ଆମ୍ଭେମାନେ ମଧ୍ୟ
ଅଧିକ ଆନନ୍ଦିତ ହେଲୁ। ¹⁴ତୁମ୍ଭମାନଙ୍କ ବିଷୟରେ ମୁଁ
ତାହାଙ୍କୁ ଯେଉଁ ବଡ଼ବଡ଼ କଥା କହିଥିଲି, ସେଥିପାଇଁ ମୁଁ
ଲଜ୍ଜା ପାଇ ନାହିଁ। ମାତ୍ର ଆମ୍ଭେ ଯେଉଁ ପ୍ରତ୍ୟେକ କଥା
ତୁମ୍ଭମାନଙ୍କୁ କହିଥିଲୁ ତାହା ସତ୍ୟ ବୋଲି ତୁମ୍ଭେମାନେ
ପ୍ରମାଣିତ କଲ। ଆଉ ଆମ୍ଭେ ତୁମ୍ଭମାନଙ୍କ ବିଷୟରେ
ତିତସଙ୍କଠାରେ କରିଥିବା ଗର୍ବୋକ୍ତିଗୁଡ଼ିକ ମଧ୍ୟ ସତ୍ୟ।
¹⁵ତୁମ୍ଭେମାନେ ତାହାଙ୍କର ଆଜ୍ଞା ପାଳନ ପାଇଁ କିପରି
ପ୍ରସ୍ତୁତ ତଥା ତୁମ୍ଭେମାନେ ସମସ୍ତେ ସମ୍ମାନ ଓ ଭୟ
ସହକାରେ କିପରି ତାହାଙ୍କର ଆଜ୍ଞା ପାଳନ ପାଇଁ ବ୍ୟଗ୍ର
ଥିଲ ଓ କିପରି ତାହାଙ୍କୁ ପାଛୋଟି ନେଇଥିଲ, ଏସବୁ
କଥା ମନେ ପକାଇ ତୁମ୍ଭମାନଙ୍କ ପାଇଁ ତାହାଙ୍କର ପ୍ରେମ
ଅଧିକ ହେଲା। ¹⁶ମୁଁ ତୁମ୍ଭମାନଙ୍କ ଉପରେ ପୂର୍ଣ୍ଣ ଭରସା
ରଖି ପାରିବ, ଏଥିପାଇଁ ମୁଁ ଆନନ୍ଦିତ ଅଟେ।

### ଖ୍ରୀଷ୍ଟିୟାନମାନଙ୍କ ଦାନ

୮ ଭାଇ ଓ ଭଉଣୀମାନେ! ପରମେଶ୍ୱର ମାକିଦନିଆର
ମଣ୍ଡଳୀମାନଙ୍କ ପ୍ରତି ଯେଉଁ ଅନୁଗ୍ରହ ପ୍ରକାଶ କରିଛନ୍ତି,
ସେହି ବିଷୟ ଆମ୍ଭେ ତୁମ୍ଭମାନଙ୍କୁ ଜଣାଇବାକୁ ଇଚ୍ଛା
କରୁଛୁ। ²ସେହି ବିଶ୍ୱାସୀମାନେ ମହା କ୍ଲେଶ ଦୁଃଖ ଦ୍ୱାରା
ପରୀକ୍ଷିତ ହେଲେ। ଏବଂ ସେମାନେ ଅତି ଗରୀବ। କିନ୍ତୁ
ସେମାନଙ୍କ ମହାନନ୍ଦ ହେତୁ ସେମାନେ ପ୍ରଚୁର ଉଦାରତାର
ଦାନ ଦେଇଥିଲେ। ³ମୁଁ କହିପାରେ ଯେ, ସେମାନେ
ଯେତେ ଦେଇ ପାରିବା କଥା ତାହା ଦେଇଛନ୍ତି। ଏତିକି
ନୁହେଁ, ସେମାନେ ସ୍ୱେଚ୍ଛାରେ ନିଜ ସାମର୍ଥ୍ୟ ଅପେକ୍ଷା
ଅଧିକ ଦେଇଛନ୍ତି। କେହି ତାହାଙ୍କୁ ଏହା କରିବା ପାଇଁ
କହି ନାହିଁ। ⁴କିନ୍ତୁ ସେମାନେ ଆଗ୍ରହ ପୂର୍ବକ, ପରମେଶ୍ୱରଙ୍କ
ପବିତ୍ର ଲୋକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଏହି
ସେବା କାର୍ଯ୍ୟରେ ଅଂଶଗ୍ରହଣ ପାଇଁ ଆମ୍ଭକୁ ବାରମ୍ବାର
ଅନୁନୟ କରୁଥିଲେ। ⁵ସେମାନେ ଯେଉଁଭଳି ଭାବରେ

ଦେଲେ ଆମ୍ଭେ ତାହା କେବେ ଭାବି ନ ଥିଲୁ। ସେମାନେ
ତାହାଙ୍କର ଅର୍ଥ ଦେବା ପୂର୍ବରୁ ପ୍ରଥମେ ନିଜକୁ ପ୍ରଭୁଙ୍କଠାରେ
ଓ ଆମ୍ଭଠାରେ ସମର୍ପଣ କଲେ। ୬ପରମେଶ୍ୱର ଏହା ଇଚ୍ଛା
କରନ୍ତି। ସେଥିପାଇଁ ଆମ୍ଭେ ତୀତସଙ୍କୁ କହିଲୁ ଯେ ସେ
ଏହି ଅନୁଗ୍ରହ କାର୍ଯ୍ୟକୁ ଯେପରି ଆରମ୍ଭ କରିଥିଲେ,
ସେହିପରି ଏହି ବିଶେଷ ଅନୁଗ୍ରହର କାର୍ଯ୍ୟକୁ ସମାପ୍ତ
କରିବାରେ ତୁମ୍ଭମାନଙ୍କୁ ସାହାଯ୍ୟ ମଧ୍ୟ କରନ୍ତୁ। ୭ତୁମ୍ଭେମାନେ
ବିଶ୍ୱାସ, ବାକ୍ୟପ୍ରଚାର, ଜ୍ଞାନ, ଉପକାର କରିବାର ଉତ୍ସାହ,
ଆମ୍ଭଠାରୁ ତୁମ୍ଭେମାନେ ଶିଖିଥିବା ପ୍ରେମ, ଆଦି ସବୁ
ଗୁଡ଼ିକରେ ଧନୀ ଅଟ। ସେଥିପାଇଁ ଆମ୍ଭେ ଇଚ୍ଛା କରୁ
ଯେ, ଏହି ଦାନ ଦେବା ସେବାରେ ତୁମ୍ଭେମାନେ ଧନୀ
ହୁଅ।

୮ମୁଁ ତୁମ୍ଭମାନଙ୍କୁ ଦାନ ଦେବାପାଇଁ ଆଦେଶ ଦେଉ
ନାହିଁ। କିନ୍ତୁ ମୁଁ ଦେଖିବାକୁ ଇଚ୍ଛା କରେ ଯେ, ପ୍ରକୃତରେ
ତୁମ୍ଭମାନଙ୍କ ପ୍ରେମ ସତ୍ୟ ଅଟେ। ଅନ୍ୟ ଲୋକମାନେ
ସାହାଯ୍ୟ କରିବା ପାଇଁ ଦେଖାଉଥିବା ଉତ୍ସାହ ବିଷୟରେ
କହି ଏହା ମୁଁ ଦେଖାଇ ଦେବାକୁ ଚାହେଁ। ୯ତୁମ୍ଭେମାନେ
ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ସହିତ ପରିଚିତ। ତୁମ୍ଭେମାନେ
ଜାଣ ଯେ, ଖ୍ରୀଷ୍ଟ ଈଶ୍ୱରଙ୍କଠାରେ ଧନୀ ହୋଇଥିଲେ ମଧ୍ୟ,
ତୁମ୍ଭମାନଙ୍କ ପାଇଁ ସେ ଗରିବ ହେଲେ। ତାହାଙ୍କର ଗରିବ
ହେବା ଦ୍ୱାରା ତୁମ୍ଭେମାନେ  ଧନୀ ହୁଅ, ସେଥିପାଇଁ ଯୀଶୁ
ଖ୍ରୀଷ୍ଟ ଏପରି କଲେ।

୧୦ଏହି ବିଷୟରେ ମୁଁ ତୁମ୍ଭମାନଙ୍କୁ ନିଜର ପରାମର୍ଶ
ଦେଉଛି। ଏହା ତୁମ୍ଭମାନଙ୍କ ପାଇଁ ସର୍ବଶ୍ରେଷ୍ଠ। ଗତ ବର୍ଷ
ତୁମ୍ଭେମାନେ ପ୍ରଥମେ ଦାନ ଦେବାପାଇଁ ଇଚ୍ଛା କରିଥିଲ ଓ
ପ୍ରକୃତରେ ପ୍ରଥମେ ଦାନ ମଧ୍ୟ ଦେଇଥିଲ। ଅତଏବ ଯେଉଁ
କାମଟିକୁ ତୁମ୍ଭେମାନେ ଆରମ୍ଭ କରିଥିଲ ତାହାକୁ ଶେଷ
କର। ତା'ହେଲେ ଯାଇ ତୁମ୍ଭମାନଙ୍କର "କରିବା" ତୁମ୍ଭମାନଙ୍କର
"ଇଚ୍ଛା କରିବା" ସହିତ ସମାନ ହେବ। ତୁମ୍ଭମାନଙ୍କ
ପାଖରେ ଯାହା ଅଛି ତହିଁରୁ ଦାନ କର। ୧୨ଯଦି
ତୁମ୍ଭମାନଙ୍କର ଦାନ ଦେବାର ଇଚ୍ଛା ଅଛି, ତା'ହେଲେ
ତୁମ୍ଭମାନଙ୍କର ଦାନ ଗ୍ରହଣୀୟ ହେବ। ତୁମ୍ଭମାନଙ୍କ ପାଖରେ
ଯାହା ଅଛି, ସେହି ଅନୁସାରେ ତୁମ୍ଭମାନଙ୍କ ଦାନ ଗ୍ରାହ୍ୟ
କରାଯିବ; ତୁମ୍ଭମାନଙ୍କ ପାଖରେ ଯାହା ନାହିଁ, ସେ ଅନୁସାରେ
ନୁହେଁ। ୧୩ଅନ୍ୟମାନେ ଆରାମରେ ରହୁଥିବା ବେଳେ
ତୁମ୍ଭେମାନେ ଦୁର୍ଦ୍ଦଶାରେ ରୁହ, ଏ କଥା ଆମ୍ଭେ ଇଚ୍ଛା କରୁ
ନାହିଁ; ବରଂ ଆମ୍ଭେ ସବୁ ବିଷୟରେ ସମାନତା ଇଚ୍ଛା
କରୁ। ୧୪ବର୍ତ୍ତମାନ ତୁମ୍ଭମାନଙ୍କ ପାଖରେ ବହୁତ ଅଛି।
ଯାହା ତୁମ୍ଭମାନଙ୍କର ଅଛି, ଯଦି ଦିଅ, ତାହାହେଲେ
ଅନ୍ୟମାନଙ୍କ ଆବଶ୍ୟକ ପୂରଣ ହେବ। ତା'ପରେ
ଯେତେବେଳେ ସେମାନଙ୍କର ବୃଦ୍ଧି ହେବ, ସେମାନେ
ତୁମ୍ଭମାନଙ୍କର ଆବଶ୍ୟକତାରେ ସାହାଯ୍ୟ କରିବେ। ୧୫ଶାସ୍ତ୍ରରେ
ମଧ୍ୟ ଲେଖାଅଛି:

> "ଯିଏ ଅଧିକ ସଂଗ୍ରହ କଲା ତାହା ପାଖରେ ଅଧିକ
> ରହିଲା ନାହିଁ, ଓ ଯିଏ ଅଳ୍ପ ସଂଗ୍ରହ କଲା ତାହା
> ପାଖରେ ଅତି ଅଳ୍ପ ରହିଲା ନାହିଁ।"
>
> ଯାତ୍ରା ପୁସ୍ତକ: ୧୬:୧୮

**ତୀତସ ଓ ତାଙ୍କର ସଙ୍ଗୀମାନେ**

୧୬ମୁଁ ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଉଛି ଯେ ତିତସଙ୍କ
ମନରେ ମୋ ଭଳି ତୁମ୍ଭମାନଙ୍କ ପ୍ରତି ପ୍ରେମ ଭାବ ରହିଛି।
୧୭ଆମ୍ଭର ଅନୁରୋଧକୁ ତିତସ ଗ୍ରହଣ କରିଛନ୍ତି। ସେ ମଧ୍ୟ
ତୁମ୍ଭମାନଙ୍କ ପାଖକୁ ଯିବାକୁ ବ୍ୟଗ୍ର ଥିଲେ, ଓ ସ୍ୱଇଚ୍ଛାରେ
ତୁମ୍ଭମାନଙ୍କ ପାଖକୁ ଯିବା ନିମନ୍ତେ ଏଠାରୁ ଯାଉଛନ୍ତି।
୧୮ତାଙ୍କ ସହିତ ଆମ୍ଭେ ସମସ୍ତ ମଣ୍ଡଳୀଗୁଡ଼ିକରେ ସୁସମାଚାର
ପ୍ରଚାର କାର୍ଯ୍ୟରେ ସୁନାମ ଥିବା ଜଣେ ଭାଇଙ୍କୁ ମଧ୍ୟ
ପଠାଉଛୁ। ୧୯ଏହା ଛଡ଼ା ଆମ୍ଭ ସହିତ ଏହି ଦାନସମୂହ
ନେଇ ଯିବା କାର୍ଯ୍ୟରେ ମଣ୍ଡଳୀ ସମୂହ ତାହାଙ୍କୁ ନିଯୁକ୍ତ
କରିଛନ୍ତି। ଏହି ସେବା ଦ୍ୱାରା ପ୍ରଭୁଙ୍କ ମହିମା ହେବ ଓ
ଆମ୍ଭେ ଯେ ପ୍ରକୃତରେ ପରୋପକାର କରିବାପାଇଁ ଆଗ୍ରହୀ,
ଏହା ପ୍ରକାଶ ପାଇବ।

୨୦ଏହି ବହୁ ପରିମାଣର ଧନ (ଦାନ)କୁ ଆମ୍ଭେ ଯେଉଁ
ଭାବରେ ନେଉଛୁ, ତା'ପାଇଁ ଲୋକେ ଯେପରି ଆମ୍ଭର
ସମାଲୋଚନା ନ କରିବେ, ଏ ବିଷୟରେ ଆମ୍ଭେ ସାବଧାନ
ଅଛୁ। ୨୧ଯାହା ଠିକ୍, ଆମ୍ଭେ ତାହା କରିବା ପାଇଁ
ଯତ୍ନଶୀଳ। ଯାହା ସବୁ ପ୍ରଭୁ ଠିକ୍ ବୋଲି ଧରନ୍ତି, ଓ
ଲୋକେ ଠିକ ବୋଲି ଭାବନ୍ତି, ଆମ୍ଭେ ତାହା କରୁ।

୨୨ସେମାନଙ୍କ ସହିତ ସର୍ବଦା ସାହାଯ୍ୟ କରିବା ପାଇଁ
ପ୍ରସ୍ତୁତ ଥିବା ଆମ୍ଭର ଆଉ ଜଣେ ଭାଇଙ୍କୁ ଆମ୍ଭେ
ପଠାଉଛୁ। ଅନେକ ଘଟଣାରେ ସେ ଏହା ପ୍ରମାଣିତ
କରିଛନ୍ତି। ତୁମ୍ଭମାନଙ୍କ ପ୍ରତି ତାଙ୍କ ମନରେ ଅସୀମ ବିଶ୍ୱାସ
ଥିବାରୁ, ସେ ଅଧିକ ସାହାଯ୍ୟ କରିବା ପାଇଁ ଉତ୍ସାହିତ
ଅଛନ୍ତି।

୨୩ତିତସଙ୍କ ସମ୍ବନ୍ଧରେ ଏହା କୁହେ ଯେ, ସେ ମୋର
ସହକର୍ମୀ ଓ ସେ ମୋ ସହିତ କାର୍ଯ୍ୟ କରି ତୁମ୍ଭମାନଙ୍କୁ
ସାହାଯ୍ୟ କରୁଛନ୍ତି। ଅନ୍ୟ ଭାଇମାନଙ୍କ ବିଷୟରେ ଏହା
କହେ ଯେ, ସେମାନେ ବିଭିନ୍ନ ମଣ୍ଡଳୀଗୁଡ଼ିକରୁ ପଠା
ଯାଇଛନ୍ତି, ଓ ଖ୍ରୀଷ୍ଟଙ୍କ ପାଇଁ ଗୌରବ ସ୍ୱରୂପ। ତୁମ୍ଭମାନଙ୍କ
ଭିତରେ ଯେ ପ୍ରକୃତରେ ପ୍ରେମ ଅଛି ଏହା ଦେଖାଅ ଓ
ତୁମ୍ଭମାନଙ୍କ ପାଇଁ ଆମ୍ଭେ କାହିଁକି ଏତେ ଗର୍ବ ଅନୁଭବ
କରୁ, ତାହା ସେମାନଙ୍କୁ ପ୍ରମାଣ କରି ଦେଖାଅ। ତା'ହେଲେ
ସମସ୍ତ ମଣ୍ଡଳୀ ଏହା ଦେଖି ପାରିବେ।

**ସହଖ୍ରୀଷ୍ଟିୟାନମାନଙ୍କୁ ସାହାଯ୍ୟ କର**

୯ ପରମେଶ୍ୱରଙ୍କ ଲୋକମାନଙ୍କ ପାଇଁ ଏହି ସେବା
ବିଷୟରେ ଏପରି ଲେଖିବା ମୋ ପାଇଁ ପ୍ରକୃତରେ
ଆବଶ୍ୟକ ନୁହେଁ। ୨ମୁଁ ଜାଣେ ଯେ, ତୁମ୍ଭେମାନେ ସାହାଯ୍ୟ
କରିବା ପାଇଁ କେତେ ଆଗ୍ରହୀ। ମାକିଦନିଆର ଲୋକମାନଙ୍କ
ଆଗରେ ଗର୍ବ ସହିତ ମୁଁ କୁହେ ଯେ, ଆଖାୟାର ଲୋକେ
ଗତ ବର୍ଷ ଠାରୁ ପ୍ରସ୍ତୁତ ଅଛନ୍ତି। ତୁମ୍ଭମାନଙ୍କର ଆଗ୍ରହ
ଦେଖି ଏଠିକାର ଅଧିକାଂଶ ଲୋକ ଉତ୍ସାହିତ ହୋଇ ଦାନ
ଦେବା ପାଇଁ ପ୍ରସ୍ତୁତ ଅଛନ୍ତି। ୩କିନ୍ତୁ ମୁଁ ଭାଇମାନଙ୍କୁ
ତୁମ୍ଭମାନଙ୍କ ପାଖକୁ ପଠାଇବା ଉଦ୍ଦେଶ୍ୟ ହେଲା, ତୁମ୍ଭମାନଙ୍କ
ପାଇଁ ଏ ବିଷୟରେ ଆମ୍ଭର  ଯେଉଁ ଗର୍ବ ତାହା ବ୍ୟର୍ଥ ନ
ହେଉ। ୪ଯେପରି ମୁଁ ସେମାନଙ୍କୁ ସବୁବେଳେ ପ୍ରସ୍ତୁତ

ରହିବାକୁ କହୁଥିଲି, ମୁଁ ଚାହେଁ ତୁମ୍ଭେମାନେ ମଧ୍ୟ ପ୍ରସ୍ତୁତ
ରୁହ। ଯଦି କେତେକ ଲୋକ ମାକିଦନିଆରୁ ମୋ ସହିତ
ତୁମ୍ଭମାନଙ୍କ ପାଖରେ ପହଞ୍ଚିବେ, ଓ ତୁମ୍ଭମାନଙ୍କୁ ପ୍ରସ୍ତୁତ
ଥିବା ଦେଖିବେ ନାହିଁ, ତାହାହେଲେ ତୁମ୍ଭମାନଙ୍କଠାରେ
ଆମ୍ଭର ବିଶ୍ୱାସ ଥିବା ହେତୁରୁ ଆମ୍ଭେ ଲଜ୍ଜା ବୋଧ
କରିବୁ। ତୁମ୍ଭେମାନେ ମଧ୍ୟ ଲଜ୍ଜିତ ହେବ। ୫ସେଥି ପାଇଁ
ମୁଁ ଭାବିଲି ଯେ, ତୁମ୍ଭେମାନେ ଆସିବା ପୂର୍ବରୁ ମୁଁ ସେହି
ଭାଇମାନଙ୍କୁ ତୁମ୍ଭମାନଙ୍କ ନିକଟକୁ ଯିବାପାଇଁ କହିବି।
ତାହାହେଲେ ତୁମ୍ଭେମାନେ ଯେଉଁ ଦାନ ଦେବାପାଇଁ ପ୍ରତିଶ୍ରୁତି
ଦେଇଥିଲ, ତାହା ସେମାନେ ପ୍ରସ୍ତୁତ କରି ରଖିବେ। ଆମ୍ଭେ
ଆସିଲାବେଳେ ସେହି ଦାନଗୁଡ଼ିକ ପ୍ରସ୍ତୁତ ଥିବ। ତୁମ୍ଭମାନଙ୍କ
ଏହି ଦାନ ସ୍ୱେଚ୍ଛାକୃତ ହେଉ, କୃପଣମୂଳକ ନ ହେଉ।

୬ଏହି କଥାଟି ମନେ ରଖ: ଯେଉଁ ଲୋକ ଅଳ୍ପ
ବୁଣିବ, ସେ ଅଳ୍ପ କାଟିବ। ଯେଉଁ ଲୋକ ଅଧିକ ବୁଣିବ,
ସେ ଅଧିକ କାଟିବ। ୭ପ୍ରତ୍ୟେକ ଲୋକ ଆପଣା ହୃଦୟରେ
ସ୍ଥିର କରିଥିବା ଅନୁସାରେ ଦାନ କରୁ, ମନରେ କୌଣସି
ଦୁଃଖ ରଖି ବା ବାଧ୍ୟବାଧକତାରେ ଦାନ ନ ଦେଉ,
ଆନନ୍ଦିତ ମନରେ ଦାନ କରିଥିବା ଲୋକକୁ ପରମେଶ୍ୱର
ଭଲ ପାଆନ୍ତି। ୮ପରମେଶ୍ୱର ତୁମ୍ଭମାନଙ୍କର ଆବଶ୍ୟକତା
ଠାରୁ ଅଧିକ ଆଶୀର୍ବାଦ ଦେଇ ପାରିବେ। ତହିଁରେ
ତୁମ୍ଭେମାନେ ସବୁବେଳେ ସବୁ ବିଷୟରେ ପ୍ରଚୁର ଭାବେ
ପାଇବ। ପ୍ରତ୍ୟେକ ଭଲ କାମ କରିବା ପାଇଁ ଦାନ
ଦେବାକୁ ତୁମ୍ଭମାନଙ୍କ ପାଖରେ ପ୍ରଚୁର ଥିବ। ୯ଶାସ୍ତ୍ରରେ
ଏହା ଲେଖା ଅଛି:

> "ଯିଏ ଉଦାର ଭାବରେ ଗରିବ ମାନଙ୍କୁ ଦିଏ ତା'ର
> ଦୟା ସର୍ବଦା ପାଇଁ ରହି ଥାଏ।"
>
> ଗୀତସଂହିତା ୧୧୨:୯

୧୦ପରମେଶ୍ୱର ହିଁ ବୁଣିବା ଲୋକ ପାଇଁ ବୀଜ ଓ ଖାଇବା
ପାଇଁ ଖାଦ୍ୟ ଯୋଗାନ୍ତି। ସେ ତୁମ୍ଭମାନଙ୍କୁ ବୀଜ ଯୋଗାଇବେ
ଓ ତାହା ବୃଦ୍ଧି କରାଇବେ। ସେ ତୁମ୍ଭମାନଙ୍କ ଭଲ କାମ
ଗୁଡ଼ିକ ପାଇଁ ବିପୁଳ ଫସଲ ହେବାକୁ ଦେବେ। ୧୧ପରମେଶ୍ୱର
ତୁମ୍ଭମାନଙ୍କୁ ପ୍ରତ୍ୟେକ ବିଷୟରେ ଧନୀ କରିବେ, ଫଳ
ସ୍ୱରୂପ ତୁମ୍ଭେମାନେ ସବୁବେଳେ ଉଦାର ମନରେ ଦାନ
ଦେଇ ପାରିବ। ଆମ୍ଭ ମାଧ୍ୟମରେ ତୁମ୍ଭମାନଙ୍କର ଦାନ ପାଇଁ
ପରମେଶ୍ୱରଙ୍କୁ ଲୋକେ ଧନ୍ୟବାଦ ଦେବେ। ୧୨ଏହି ସେବା
ଯେଉଁଥିରେ କି ତୁମ୍ଭମାନଙ୍କର ଏକ ଭାଗ ରହିଛି ତା'ଦ୍ୱାରା
କେବଳ ଯେ ସାଧୁ ମାନଙ୍କର ଆବଶ୍ୟକତା ପୂରଣ ହୁଏ,
ତା'ନୁହେଁ ବରଂ ପରମେଶ୍ୱରଙ୍କ ପ୍ରତି ହୃଦୟ ଧନ୍ୟବାଦରେ
ଉଚ୍ଛୁଳି ଉଠେ। ୧୩ତୁମ୍ଭମାନଙ୍କର ଏହି ସେବା ତୁମ୍ଭମାନଙ୍କର
ବିଶ୍ୱାସର ପ୍ରମାଣ ଅଟେ। ଏହି ଦ୍ୱାରା ଲୋକେ ପରମେଶ୍ୱରଙ୍କୁ
ପ୍ରଶଂସା କରିବେ, କାରଣ ତୁମ୍ଭେମାନେ ଯେ କେବଳ
ବିଶ୍ୱାସକୁ ସ୍ୱୀକାର କରୁଛ ତା ନୁହେଁ ବରଂ ଖ୍ରୀଷ୍ଟଙ୍କର
ବ୍ୟବହାରିକ ସୁସମାଚାରକୁ ଅନୁସରଣ କରୁଛ। ତୁମ୍ଭେମାନେ
ସେମାନଙ୍କ ପାଇଁ ଓ ସମସ୍ତ ଲୋକଙ୍କ ପାଇଁ ଉଦାର
ଭାବେ ଦାନ କରୁଥିବାରୁ ଲୋକେ ପରମେଶ୍ୱରଙ୍କ ପ୍ରଶଂସା
କରିବେ। ୧୪ଯେତେବେଳେ ସେମାନେ ପ୍ରାର୍ଥନା କରିବେ,
ସେତେବେଳେ ସେମାନେ ତୁମ୍ଭମାନଙ୍କ ସହିତ ରହିବା ପାଇଁ
ଇଚ୍ଛା କରିବେ। ପରମେଶ୍ୱରଙ୍କ ତୁମ୍ଭମାନଙ୍କ ପ୍ରତି ଅସୀମ
ଅନୁଗ୍ରହ ହେତୁରୁ ସେମାନେ ଏପରି ଅନୁଭବ କରିବେ।
୧୫ଆଶ୍ଚର୍ଯ୍ୟଜନକ ଓ ଅବର୍ଣ୍ଣନୀୟ ଏହି ଅନୁଗ୍ରହ ପାଇଁ
ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉ।

## ପାଉଲ ନିଜ ସେବାକାର୍ଯ୍ୟର ପକ୍ଷସମର୍ଥନ କଲେ

**୧୦** ମୁଁ ପାଉଲ, ଖ୍ରୀଷ୍ଟଙ୍କ ପରି ମୁଁ ମୃଦୁଭାବରେ
ତୁମ୍ଭମାନଙ୍କୁ ନିବେଦନ କରେ। କେତେକ ଲୋକ
କୁହନ୍ତି ମୁଁ ତୁମ୍ଭ ମଧ୍ୟରେ ଥିଲାବେଳେ ନମ୍ର ଥାଏ କିନ୍ତୁ
ଦୂରରେ ଥିଲାବେଳେ ସାହସୀ ବା ନିର୍ଭୟ ଅଟେ। ୨ମୁଁ
ତୁମ୍ଭମାନଙ୍କୁ ଅନୁନୟ କରେ ଯେ, ଯେତେବେଳେ ମୁଁ
ତୁମ୍ଭମାନଙ୍କ ସହିତ ଅଛି, ସେତେବେଳେ ସେଭଳି ସାହସିକତା
ଦେଖାଇବାକୁ ମୋ ଉପରେ ଚାପ ପକାଇବ ନାହିଁ।
ଯେଉଁମାନେ ଭାବନ୍ତି ଯେ ଆମ୍ଭେ ସାଂସାରିକ ଜୀବନଯାପନ
କରୁଛୁ ମୁଁ ସେମାନଙ୍କ ପ୍ରତି ସାହସୀ ହେବି। ୩ଆମ୍ଭେ ମଧ୍ୟ
ସଂସାରରେ ରହୁଛୁ। କିନ୍ତୁ ଆମ୍ଭେ ସାଂସାରିକ ଲୋକଙ୍କ
ଭଳି ସଂଗ୍ରାମ କରୁ ନାହୁଁ। ୪ଆମ୍ଭେ ଯେଉଁ ଅସ୍ତ୍ରଗୁଡ଼ିକ
ସାହାଯ୍ୟରେ ସଂଗ୍ରାମ କରୁ ସେଗୁଡ଼ିକ ସାଂସାରିକ ଅସ୍ତ୍ରଶସ୍ତ୍ର
ନୁହେଁ। ଆମ୍ଭର ଅସ୍ତ୍ରଶସ୍ତ୍ରରେ ପରମେଶ୍ୱରଙ୍କ ଶକ୍ତି ନିହିତ
ଅଛି। ଏହି ଅସ୍ତ୍ରଶସ୍ତ୍ର ଗୁଡ଼ିକ ଶତ୍ରୁର ଶକ୍ତିଶାଳୀ ସ୍ଥାନ
ଗୁଡ଼ିକ ନଷ୍ଟ କରି ପାରେ। ଏହି ଅସ୍ତ୍ରଶସ୍ତ୍ର ଗୁଡ଼ିକ
ସାହାଯ୍ୟରେ ଆମ୍ଭେ ଲୋକଙ୍କ ସମସ୍ତ ଯୁକ୍ତି ଓ ପରମେଶ୍ୱରଙ୍କ
ଜ୍ଞାନ ବିରୁଦ୍ଧରେ ଉଠୁଥିବା ପ୍ରତ୍ୟେକ ଗର୍ବର କଥା ଖଣ୍ଡନ
କରୁ। ୫ଆମ୍ଭେ ପ୍ରତ୍ୟେକ ପ୍ରକାରର ଚିନ୍ତାଧାରାକୁ ଖ୍ରୀଷ୍ଟଙ୍କ
ନିୟନ୍ତ୍ରଣାଧୀନ କରୁ ଓ ତାଙ୍କର ଆଜ୍ଞାକାରୀ ହେବା ପାଇଁ
ବାଧ୍ୟ କରୁ। ୬ଯେଉଁ ଲୋକ ପୂର୍ଣ୍ଣ ଭାବରେ ଯୀଶୁଙ୍କୁ
ମାନେ ନାହିଁ ଆମ୍ଭେ ତାହାଙ୍କୁ ଦଣ୍ଡ ଦେବା ପାଇଁ ପ୍ରସ୍ତୁତ
ଅଛୁ। କିନ୍ତୁ ପ୍ରଥମରେ ଆମ୍ଭେ ଇଚ୍ଛା କରୁ ଯେ ତୁମ୍ଭେମାନେ
ପୂର୍ଣ୍ଣଭାବରେ ତାହାଙ୍କୁ ମାନ।

୭ତୁମ୍ଭମାନଙ୍କ ଆଗରେ ଥିବା ତଥ୍ୟ ଗୁଡ଼ିକୁ ଦେଖ।
ଯଦି ଜଣେ ନିଶ୍ଚିତ ଭାବରେ ଅନୁଭବ କରେ ଯେ, ସେ
ଖ୍ରୀଷ୍ଟଙ୍କର ଅଟେ, ତାହାହେଲେ ସେ ଏହା ମଧ୍ୟ ଜାଣି
ରଖିବା ଉଚିତ ଯେ ଆମ୍ଭେ ମଧ୍ୟ ତାହାରି ଭଳି ସମ
ଭାବରେ ଖ୍ରୀଷ୍ଟଙ୍କର ଅଟୁ। ୮ଏହା ସତ୍ୟ ଯେ ମୁଁ ପ୍ରଭୁଙ୍କ
ଦ୍ୱାରା ପ୍ରଦତ୍ତ ଅଧିକାର ବିଷୟରେ ଅତ୍ୟଧିକ ଗର୍ବର କଥା
କହେ, କିନ୍ତୁ ସେ ଆମ୍ଭକୁ ଏହି ଅଧିକାର ତୁମ୍ଭମାନଙ୍କର
ବିନାଶ ପାଇଁ ନୁହେଁ, ମାତ୍ର ତୁମ୍ଭମାନଙ୍କୁ ଆଧ୍ୟାତ୍ମିକ ଭାବରେ
ଶକ୍ତିଶାଳୀ କରିବା ପାଇଁ ପ୍ରଦାନ କରିଛନ୍ତି। ୯ଏହି ଗର୍ବୋକ୍ତି
ପାଇଁ ମୁଁ ଲଜ୍ଜାବୋଧ କରେ ନାହିଁ। ମୁଁ ମୋ ପତ୍ର ଗୁଡ଼ିକ
ମାଧ୍ୟମରେ ତୁମ୍ଭମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରୁଛି
ବୋଲି ତୁମ୍ଭେମାନେ ଭାବ ନାହିଁ। ୧୦କେତେକ ଲୋକ
କୁହନ୍ତି "ପାଉଲଙ୍କ ପତ୍ରଗୁଡ଼ିକ ଶକ୍ତିସମ୍ପନ୍ନ ଓ ମହତ୍ତ୍ୱପୂର୍ଣ୍ଣ
କିନ୍ତୁ ଯେତେବେଳେ ସେ ଆମ୍ଭ ସହିତ ଥାଆନ୍ତି ସେ
ଦୁର୍ବଳ ଓ ତାଙ୍କର କଥା ଗୁଡ଼ିକ ଏତେ ପ୍ରଭାବଶାଳୀ ହୁଏ
ନାହିଁ।" ୧୧ଏଭଳି କହିବା ଲୋକ ଜାଣି ରଖିବା ଉଚିତ

ଯେ: ଆମ୍ଭେ ତୁମ୍ଭମାନଙ୍କ ସହିତ ଏବେ ନାହୁଁ, ଅତଏବ
ଆମ୍ଭେ ଏହି କଥା ଗୁଡ଼ିକ ପତ୍ରରେ ଲେଖିଛୁ। କିନ୍ତୁ
ଯେତେବେଳେ ଆମ୍ଭେ ତୁମ୍ଭମାନଙ୍କ ପାଖକୁ ଯିବୁ ଆମ୍ଭେ
ଦେଖାଇ ଦେବୁ ଯେ, ଆମ୍ଭ ପତ୍ରଟି ଯେଉଁ ଶକ୍ତି ଧାରଣ
କରିଛି ସେହି ସମାନ ଶକ୍ତି ଆମ୍ଭେ ଧାରଣ କରିଛୁ।
୧୨ଯେଉଁମାନେ ନିଜକୁ ବହୁତ ବଡ଼ ମନେ କରୁଛନ୍ତି,
ସେହି ଲୋକମାନଙ୍କ ସହିତ ସମାନ ସ୍ତରରେ ନିଜକୁ
ସ୍ଥାପନ କରିବା ପାଇଁ ବା ତୁଳନା କରିବା ପାଇଁ ଆମ୍ଭେ
ସାହସ କରୁ ନାହୁଁ। ସେମାନେ ନିଜକୁ ତୁଳନାର ମାନଦଣ୍ଡ
ଭଳି ବ୍ୟବହାର କରି ଅନ୍ୟକୁ ନିଜ ସହ ତୁଳନା କରନ୍ତି
ଓ ବିଚାର କରନ୍ତି, ଏତଦ୍ଦ୍ୱାରା ସେମାନେ ଯେ କେତେ
ମୂର୍ଖ, ଜଣାପଡ଼େ। ୧୩ଆମ୍ଭକୁ ଯେଉଁ କାର୍ଯ୍ୟ ଦିଆଯାଇଛି,
ତହିଁର ସୀମାଲଂଘନ କରି କଦାପି ଗର୍ବର କଥା କହିବୁ
ନାହିଁ। ପରମେଶ୍ୱରଙ୍କ ପ୍ରଦତ୍ତ କାମ ପାଇଁ ଆମ୍ଭେ ନିଜେ
ଗର୍ବ ଅନୁଭବ କରିବୁ। ଏହି କାମ ତୁମ୍ଭମାନଙ୍କ ସହିତ
ଆମ୍ଭର କାମକୁ ମଧ୍ୟ ଅନ୍ତର୍ଭୁକ୍ତ କରେ। ୧୪ଆମ୍ଭେ ଅଧିକ
ଗର୍ବ କରୁ ନାହୁଁ। ଆମ୍ଭେ ତୁମ୍ଭମାନଙ୍କ ପାଖକୁ ନ ଆସି
ଥିଲେ ଆମ୍ଭେ ମିଛଟାରେ ଅତ୍ୟଧିକ ପ୍ରଶଂସା ନେଇଥାନ୍ତୁ।
କିନ୍ତୁ ବାସ୍ତବିକତା ଆମ୍ଭେମାନେ ଖ୍ରୀଷ୍ଟଙ୍କର ସୁସମାଚାର
ସହିତ ତୁମ୍ଭମାନଙ୍କ ପାଖରେ ପହଞ୍ଚିଛୁ। ୧୫ଆମ୍ଭେ ଅନ୍ୟମାନଙ୍କ
ଦ୍ୱାରା କରା ଯାଇଥିବା କାମ ପାଇଁ ନୁହେଁ, କିନ୍ତୁ କେବଳ
ନିଜେ କରିଥିବା କାମ ପାଇଁ ଗର୍ବ କରୁଛୁ। ଆମ୍ଭେ ଆଶା
କରୁ ଯେ, ତୁମ୍ଭମାନଙ୍କର ବିଶ୍ୱାସ ବଢ଼ିବା ସହିତ ଆମ୍ଭ
କାମ ବ୍ୟାପକ ଭାବରେ ବଢ଼ିବାରେ ତୁମ୍ଭେମାନେ ସାହାଯ୍ୟ
କରିବ। ୧୬ଆମ୍ଭେ ଇଚ୍ଛା କରୁ ଯେପରି ତୁମ୍ଭମାନଙ୍କ
ସହରର ସୀମା ବାହାର ସ୍ଥାନମାନଙ୍କରେ ମଧ୍ୟ ଆମ୍ଭେ
ସୁସମାଚାର ପ୍ରଚାର କରି ପାରିବୁ। ଅନ୍ୟ କୌଣସି ସ୍ଥାନରେ
ଆଉ କାହା ଦ୍ୱାରା ଯେଉଁ କାମ ହୋଇ ସାରିଛି, ସେହି
କାମରେ ଆମ୍ଭେ ଗର୍ବ କରୁ ନାହୁଁ। ୧୭ଯେପରି ଶାସ୍ତ୍ର
କୁହେ: "ଯଦି କିଏ ଗର୍ବ କରିବାକୁ ଇଚ୍ଛା କରେ, ସେ
କେବଳ ପ୍ରଭୁଙ୍କଠାରେ ଗର୍ବ କରିବା ଉଚିତ।"* ୧୮କାରଣ,
ଯେଉଁ ଲୋକ, ପ୍ରଭୁଙ୍କ ଦ୍ୱାରା ଭଲ ବୋଲି ଗୃହୀତ ହୁଏ,
ସେହି ଲୋକ ଭଲ ବୋଲି ସ୍ୱୀକୃତ ହୁଏ, କିନ୍ତୁ ଯିଏ
ନିଜେ ନିଜକୁ ଭଲ ବୋଲି ମନେ କରେ, ସେ ଲୋକ
ଭଲ ବୋଲି ସ୍ୱୀକୃତ ହୁଏ ନାହିଁ।

## ପାଉଲ ଓ ଭଣ୍ଡ ପ୍ରେରିତ

୧୧ ତୁମେମାନେ ମୋହର ଟିକିଏ ମୂର୍ଖତା ସହି
ନେଇଥିଲେ ଭଲ ହୋଇଥାନ୍ତା। କିନ୍ତୁ ତୁମ୍ଭେ
ସତରେ ମୋ ପ୍ରତି ସହିଷ୍ଣୁ ଅଛ। ମୁଁ ତୁମ୍ଭ ପ୍ରତି ଈର୍ଷା
କରିଲି, ଏହା ପରମେଶ୍ୱରଙ୍କ ଦତ୍ତ ମନୋଭାବ। ମୁଁ ପ୍ରତିଜ୍ଞା
କରିଥିଲି ଯେ, ତୁମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ପବିତ୍ର ସତୀ କନ୍ୟା
ହେବା ପାଇଁ ତାହାଙ୍କଠାରେ ସମର୍ପିତ କରିବି। ୩ସେ
କେବଳ ତୁମ୍ଭମାନଙ୍କର ସ୍ୱାମୀ ହେବେ। କିନ୍ତୁ ମୁଁ ଭୟ
କରୁଛି ଯେ, ଯେପରି ହବ୍‌ବା ସର୍ପର ପ୍ରବଞ୍ଚନା ଦ୍ୱାରା
ପ୍ରଭାବିତ ହୋଇଥିଲା, ସେହି ଭଳି ତୁମ୍ଭମାନଙ୍କ ମନ ମଧ୍ୟ
ଖ୍ରୀଷ୍ଟଙ୍କ ପ୍ରତି ସତ୍ୟ ଓ ପବିତ୍ର ସମର୍ପଣ ଠାରୁ ଦୂରକୁ
ଚାଲି ଯିବ। ୪କାରଣ ଆମ୍ଭେ ଯେଉଁ ଯୀଶୁଙ୍କ ପ୍ରଚାର
କରିଛୁ, ତାହାଠାରୁ ଭିନ୍ନ କଥା କେହି ଯୀଶୁଙ୍କର ବିଷୟରେ
ପ୍ରଚାର କଲେ, ଅଥବା ଆମ୍ଭଠାରୁ ଯେଉଁ ପବିତ୍ର ଆତ୍ମା ବା
ସୁସମାଚାର ବିଷୟରେ ତୁମ୍ଭେମାନେ ଶୁଣିଛ, ତା'ଠାରୁ ଭିନ୍ନ
ଅନ୍ୟ ଆତ୍ମା ବା ସୁସମାଚାର ବିଷୟରେ ଯେତେବେଳେ
ସେମାନେ କୁହନ୍ତି, ସେତେବେଳେ ତୁମ୍ଭେମାନେ ଧୈର୍ଯ୍ୟ
ପୂର୍ବକ ସେମାନଙ୍କ ଠାରୁ ଶୁଣୁଛ।
୫ମୁଁ ଭାବୁ ନାହିଁ ଯେ, ସେହି "ମହାନ ପ୍ରେରିତମାନେ"
ମୋ ଠାରୁ କୌଣସି ଗୁଣରେ ଅଧିକ। ୬ଏହା ସତ୍ୟ ଯେ
ମୁଁ ପ୍ରଶିକ୍ଷିତ ବକ୍ତା ନୁହେଁ, କିନ୍ତୁ ମୋର ଜ୍ଞାନ ଅଛି।
ଆମ୍ଭେ ଏହି କଥାଟିକୁ ତୁମ୍ଭମାନଙ୍କୁ ସବୁ ପ୍ରକାରରେ ସ୍ପଷ୍ଟ
ଭାବରେ ଦେଖାଇ ଦେଇଛୁ।
୭ମୁଁ ତୁମ୍ଭମାନଙ୍କୁ ବିନା ମୂଲ୍ୟରେ ପରମେଶ୍ୱରଙ୍କ ସୁସମାଚାର
ଦେଇଛି। ତୁମ୍ଭମାନଙ୍କୁ ମହତ୍ତ୍ୱପୂର୍ଣ୍ଣ କରିବା ପାଇଁ ମୁଁ ନମ୍ର
ହୋଇ ଯାଇଥିଲି। ତୁମ୍ଭେମାନେ କ'ଣ ଭାବୁଛ ଯେ ମୁଁ
ଭୁଲ କରିଥିଲି? ୮ମୁଁ ତୁମ୍ଭମାନଙ୍କ ସେବାକାର୍ଯ୍ୟ ପାଇଁ ଅନ୍ୟ
ମଣ୍ଡଳୀମାନଙ୍କ ଠାରୁ ଅର୍ଥ (ବା ସେମାନେ ଦରିଦ୍ର ହେଲେ
ମଧ୍ୟ ସେମାନଙ୍କଠାରୁ ଅର୍ଥ ଗ୍ରହଣ କରିବା) ଗ୍ରହଣ କରିଛି।
୯ତୁମ୍ଭମାନଙ୍କ ସହିତ ଥିବା ବେଳେ, ମୋର ଆବଶ୍ୟକତା
ଗୁଡ଼ିକ ପାଇଁ ମୁଁ ତୁମ୍ଭମାନଙ୍କୁ ହଇରାଣ କରି ନାହିଁ। ଯେଉଁ
ଭାଇମାନେ ମାକିଦନିଆରୁ ଆସିଥିଲେ ସେମାନେ ମୋର
ସମସ୍ତ ଆବଶ୍ୟକତା ଗୁଡ଼ିକୁ ପୂରଣ କଲେ। ମୁଁ କୌଣସି
ପ୍ରକାର ତୁମ୍ଭମାନଙ୍କ ଉପରେ ବୋଝ ହୋଇ ନାହିଁ ଓ
ଭବିଷ୍ୟତରେ ମଧ୍ୟ କଦାପି ହେବି ନାହିଁ। ୧୦ମୁଁ ଯୀଶୁ
ଖ୍ରୀଷ୍ଟଙ୍କଠାରେ ଥାଇ ସତ୍ୟ କହୁଛି, ସେହି ବିଷୟରେ ଗର୍ବ
ପୂର୍ବକ କହିବା ପାଇଁ ମୋତେ ସମଗ୍ର ଆଖାୟାରେ କେହି
ଅଟକାଇ ପାରିବ ନାହିଁ। ୧୧ମୁଁ କାହିଁକି ତୁମ୍ଭମାନଙ୍କ ପାଇଁ
ବୋଝ ହେଉ ନାହିଁ? ଏହା କ'ଣ ଏଥିପାଇଁ ଯେ ମୁଁ
ତୁମ୍ଭମାନଙ୍କୁ ଭଲ ପାଏ ନାହିଁ? ନା, ପରମେଶ୍ୱର ଜାଣନ୍ତି
ଯେ, ମୁଁ ତୁମ୍ଭମାନଙ୍କୁ ଭଲ ପାଏ।
୧୨ମୁଁ ଯାହା କରୁଛି, ତାହା କରି ଚାଲିଥିବି। ସେହି
ଲୋକମାନଙ୍କର ଗର୍ବ କରିବା ପାଇଁ ଯେପରି କୌଣସି
କାରଣ ରହିବ ନାହିଁ, ସେଥିପାଇଁ ମୁଁ ଏପରି କରିଚାଲିଥିବି।
ସେମାନେ ସବୁବେଳେ ଦେଖାଇବାକୁ ଚେଷ୍ଟା କରନ୍ତି ଯେ,
ଯେଉଁ କାରଣ ପାଇଁ ଆମ୍ଭେ ଗର୍ବ କରୁଛୁ, ସେମାନେ ମଧ୍ୟ
ସେଥିପାଇଁ ଗର୍ବ କରନ୍ତି। ସେମାନେ ଭଣ୍ଡ ପ୍ରେରିତ।
ସେମାନେ ପ୍ରତାରକ। ଲୋକେ ଯେପରି ସେମାନଙ୍କୁ ଖ୍ରୀଷ୍ଟଙ୍କର
ପ୍ରେରିତ ବୋଲି ଭାବିବେ, ଏଥିପାଇଁ ସେମାନେ ନିଜର
ବେଶ ବଦଳାଇଥାନ୍ତି। ୧୪ଏହା ଆମ୍ଭକୁ ଆଶ୍ଚର୍ଯ୍ୟ ଲାଗୁ ନାହିଁ
। କାରଣ ଏପରି କି ଶୟତାନ ନିଜେ ମଧ୍ୟ ତେଜସ୍ୱୀ
ସ୍ୱର୍ଗଦୂତର ରୂପ ଧାରଣ କରେ। ୧୫ଅତଏବ, ତା'ର
ସେବକମାନେ ଯଦି ଧାର୍ମିକତାର ସେବକରୂପ ଧାରଣ
କରନ୍ତି, ଏହା କ'ଣ ଆଶ୍ଚର୍ଯ୍ୟର କଥା? କିନ୍ତୁ ଶେଷରେ
ସେମାନେ ତାଙ୍କ କର୍ମ ପାଇଁ ଅବଶ୍ୟ ଦଣ୍ଡ ପାଇବେ।

---

**"ଯଦି ... ଉଚିତ।"** ଯିରିମିୟ, ୯:୨୪

## ପାଉଲଙ୍କ ଯାତନା

[୧୬]ମୁଁ ପୁନର୍ବାର କହୁଛି, କେହି ମୋତେ ମୂର୍ଖ ବୋଲି
ଭାବିବା ଉଚିତ ନୁହେଁ। କିନ୍ତୁ ଯଦି ତୁମ୍ଭେମାନେ ମୋତେ
ମୂର୍ଖ ବୋଲି ଭାବ, ତାହେଲେ ମୂର୍ଖକୁ ଗ୍ରହଣ କଲାଭଳି
ମୋତେ ଗ୍ରହଣ କର। [୧୭]ତାହେଲେ ମୁଁ ମଧ୍ୟ ସାମାନ୍ୟ
ଗର୍ବ କରି ପାରିବି। ଯେପରି ପ୍ରଭୁ କହିଥାନ୍ତେ, ସେପରି ମୁଁ
କହୁ ନାହିଁ। ମୁଁ ଜଣେ ମୂର୍ଖ ଭଳି ଗର୍ବ କରେ।
[୧୮]ଅନେକ ଲୋକ ତାହାଙ୍କର ସାଂସାରିକ ଜୀବନ ପାଇଁ
ଗର୍ବ କରନ୍ତି, ସେହି ଭଳି ମୁଁ ମଧ୍ୟ ଗର୍ବ କରୁଛି।
[୧୯]ତୁମ୍ଭେମାନେ ଜ୍ଞାନୀ ହୋଇଥିବାରୁ ଖୁସିରେ ମୂର୍ଖମାନଙ୍କ
ପ୍ରତି ସହନଶୀଳ ହୁଅ। [୨୦]କାରଣ ତୁମ୍ଭେମାନେ ତୁମ୍ଭକୁ
ଦାସ ଭଳି ବ୍ୟବହାର କରୁଥିବା, ଫାନ୍ଦରେ ପକାଇ
ଧରୁଥିବା, ନିଜକୁ ତୁମ୍ଭମାନଙ୍କଠାରୁ ବଡ଼ ବୋଲି କହୁଥିବା
ଓ ତୁମ୍ଭମାନଙ୍କ ଗାଲରେ ଚାପୁଡ଼ା ମାରୁଥିବା ଲୋକମାନଙ୍କ
ପ୍ରତି ସହନଶୀଳ ହୋଇଛ। [୨୧]ଏହା କହିବା ମୋ ପାଇଁ
ଲଜ୍ଜାଜନକ। କିନ୍ତୁ ତୁମ୍ଭମାନଙ୍କ ପ୍ରତି ଏପରି କରିବା ଦୃଷ୍ଟିରୁ
ଆମ୍ଭେମାନେ ଅତି "ଦୁର୍ବଳ" ହୋଇଯାଉଛୁ।

ମୁଁ ମୂର୍ଖତାପୂର୍ବକ କହୁଛି ଯେ, ଯଦି ଜଣେ ଗର୍ବ
କରିବାରେ ସାହସୀ, ତାହେଲେ ମୁଁ ମଧ୍ୟ ଗର୍ବ କରିବା
ପାଇଁ ସାହସୀ ହେବି। [୨୨]ସେମାନେ କେବଳ କଣ ଏବ୍ରୀ?
ମୁଁ ମଧ୍ୟ। [୨୩]ସେମାନେ କ'ଣ କେବଳ ଇସ୍ରାୟେଲୀୟ? ମୁଁ
ମଧ୍ୟ। ସେମାନେ କ'ଣ କେବଳ ଅବ୍ରାହମଙ୍କ ବଂଶଧର? ମୁଁ
ମଧ୍ୟ। ସେମାନେ କ'ଣ କେବଳ ଖ୍ରୀଷ୍ଟଙ୍କ ସେବକ? ମୁଁ
ମଧ୍ୟ। ମୁଁ କ'ଣ ପାଗଳ ସେଥିପାଇଁ ଏପରି ଦର୍ପ କରୁଛି?
ସେମାନଙ୍କ ତୁଳନାରେ ମୁଁ ଅଧିକ କଠୋର ପରିଶ୍ରମ
କରିଛି। ମୁଁ ଥରକୁ ଥର କାରାବରଣ କରିଛି। ମୋତେ
ଥରକୁ ଥର ମାଡ଼ ମରାଯାଇଛି। ଅନେକ ଥର ମୁଁ ମୃତ୍ୟୁର
ସନ୍ନିକଟ ହୋଇଛି। [୨୪]ମୁଁ ଯିହୂଦୀମାନଙ୍କ ଠାରୁ ପାଞ୍ଚ
ଥରରେ ଅଣଚାଳିଶି ଥର ଚାବୁକ ମାଡ଼ ଖାଇଛି। [୨୫]ମୁଁ
ତିନିଥର ବେତ ମାଡ଼ ଖାଇଛି, ଥରେ ପଥର ଆଘାତ
ସହିଛି। ଏହା ଛଡ଼ା ମୁଁ ତିନି ଥର ଜାହାଜ ଭାଙ୍ଗିବା
ବେଳେ ସେଥିରେ ଥିଲି, ତା'ମଧ୍ୟରୁ ଥରେ ରାତି ଓ ତା
ଆର ଦିନ ଯାକ ସମୁଦ୍ରରେ ପଡ଼ି ରହିଥିଲି। [୨୬]ମୁଁ ଅନେକ
ଥର ଯାତ୍ରା କରିଛି। ଏହି ଯାତ୍ରା ମାନଙ୍କରେ ନଦୀରେ
ଲୁଣ୍ଠନକାରୀମାନଙ୍କଠାରୁ ମୋର ନିଜ ଲୋକମାନଙ୍କଠାରୁ,
ଅଣଯିହୂଦୀ ମାନଙ୍କଠାରୁ ମୁଁ ବିପଦରେ ଥିଲି। ନଗର
ମାନଙ୍କରେ, ନିର୍ଜନ ସ୍ଥାନ ଗୁଡ଼ିକରେ, ଏବଂ ସମୁଦ୍ରରେ,
ମଧ୍ୟ ମୁଁ ବିପଦରେ ପଡ଼ିଥିଲି। ଯେଉଁଲୋକମାନେ ମିଛରେ
ଭାଇ ବୋଲାଉ ଥିଲେ ସେମାନଙ୍କ ପାଇଁ ମୁଁ ବିପଦରେ
ପଡ଼ିଥିଲି। [୨୭]ମୁଁ କଠୋର ପରିଶ୍ରମ କରି କ୍ଲାନ୍ତିପୂର୍ଣ୍ଣ ଜୀବନ
ଯାପନ କରିଛି। ଅନେକ ଥର ମୁଁ ଶୋଇ ନାହିଁ। ମୁଁ
ଅନାହାର ମଧ୍ୟ ଦେଇ ଗତି କରିଛି। ଅନେକ ଥର ମୋ
ପାଖରେ ଖାଇବାକୁ କିଛି ନଥାଏ। ଲୁଗାପଟା ବିନା
ଥଣ୍ଡାରେ ମୁଁ ରହିଛି। [୨୮]ଆହୁରି ମଧ୍ୟ ଅନେକ ଗୁଡ଼ିଏ
ସମସ୍ୟା ଦେଇ ମୁଁ ଗତି କରିଛି। ତହିଁ ମଧ୍ୟରୁ ଗୋଟିଏ
ହେଲା ସମସ୍ତ ମଣ୍ଡଳୀ ମାନଙ୍କର ଚିନ୍ତା, ପ୍ରତିଦିନ ସେହି
ଚିନ୍ତାରେ ମୁଁ ରହୁଛି। [୨୯]ଯଦି ଜଣେ କେହି ଦୁର୍ବଳ, ମୁଁ
ମଧ୍ୟ ଦୁର୍ବଳ। ଯଦି କୌଣସି ଲୋକ ପାପରେ ଚାଲିବା
ନିମନ୍ତେ ପ୍ରବୃତ୍ତ ହୁଏ, ତେବେ ମୁଁ ଅନ୍ତର ମଧ୍ୟରୁ ଯନ୍ତ୍ରଣା
ଅନୁଭବ କରେ।

[୩୦]ଯଦି ମୋର ଦର୍ପ (ଗର୍ବ) କରିବା କଥା, ତା'ହେଲେ
ମୁଁ ମୋ ନିଜର ଦୁର୍ବଳତା ଗୁଡ଼ିକ ପାଇଁ ଗର୍ବ କରିବି।
[୩୧]ପରମେଶ୍ୱର ଜାଣନ୍ତି ଯେ, ମୁଁ ମିଥ୍ୟା କହୁ ନାହିଁ। ସେ
ହେଉଛନ୍ତି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପିତା। [୩୨]ସେ ସର୍ବଦା
ପ୍ରଶଂସିତ ହେବା କଥା। ମୁଁ ଯେତେବେଳେ ଦମ୍ମେସକଠାରେ
ଥିଲି, ଅରିତସ୍ ରାଜାଙ୍କ ରାଜ୍ୟପାଳ ନଗରର ଚାରି ପଟେ
ପ୍ରହରୀମାନଙ୍କୁ ରଖି ମୋତେ ବନ୍ଦୀ କରିବା ପାଇଁ ଚେଷ୍ଟା
କରିଥିଲେ। [୩୩]କିନ୍ତୁ ସହର ପାଚେରୀରେ ଥିବା ଗୋଟିଏ
ଝରକା ବାଟେ ଦେଇ, ଗୋଟିଏ ବାକ୍ସରେ ବସାଇ ମୋତେ
କେତେକ ବନ୍ଧୁମାନଙ୍କ ଦ୍ୱାରା ବାହାରକୁ ଓହ୍ଲାଇ ନିଆ
ଯିବାରୁ ମୁଁ ରାଜ୍ୟପାଳଙ୍କ ହାତରୁ ରକ୍ଷା ପାଇ ଗଲି।

## ପାଉଲଙ୍କ ଜୀବନରେ ବିଶେଷ ଆଶୀର୍ବାଦ

୧୨ ମୁଁ ଗର୍ବ କରି ଚାଲି ଥିବି। ଏହା ଦ୍ୱାରା କିଛି
ଲାଭ ନାହିଁ, କିନ୍ତୁ ମୁଁ ପ୍ରଭୁଙ୍କ ପ୍ରଦତ୍ତ 'ଦର୍ଶନ'
ଓ 'ପ୍ରତ୍ୟାଦେଶ' ବିଷୟରେ କହିବି। [୨]ମୁଁ ଚଉଦ ବର୍ଷ
ପୂର୍ବରୁ ଘଟି ଥିବା ଗୋଟିଏ ଘଟଣା କହୁଛି। ଜଣେ
ଖ୍ରୀଷ୍ଟରେ ଥିବା ଲୋକକୁ ମୁଁ ଜାଣେ (ସ୍ୱଦେହରେ କି
ଦେହରହିତ ହୋଇ, ତାହା ମୁଁ ଜାଣେ ନାହିଁ, ପରମେଶ୍ୱର
ଜାଣନ୍ତି) ଯାହାଙ୍କୁ ତୃତୀୟ ସ୍ୱର୍ଗକୁ ନିଆ ଗଲା। [୩]ମୁଁ ଜାଣେ
ତାହାଙ୍କୁ ପାରାଦୀଶକୁ* ନିଆଗଲା। (ସ୍ୱଦେହରେ କି
ଦେହରହିତ ହୋଇ, ତାହା ମୁଁ ଜାଣେ ନାହିଁ, ପରମେଶ୍ୱର
ଜାଣନ୍ତି)। [୪]ସେ ଏପରି ଶୁଣିବାକୁ ପାଇଲେ ଯାହା ସେ
ବୁଝେଇ ପାରିଲେ ନାହିଁ। ସେ କିଛି ବିଷୟ ଶୁଣିଲେ,
[୫]ଯାହା କୌଣସି ବ୍ୟକ୍ତିକୁ କହିବା ପାଇଁ ଅନୁମତି ଦିଆଯାଇ
ନାହିଁ। ମୁଁ ଏହି ଭଳି ଲୋକ ପାଇଁ ଗର୍ବ କରିବାକୁ ଇଚ୍ଛା
କରୁଛି, କିନ୍ତୁ ମୁଁ ନିଜ ପାଇଁ ଗର୍ବ କରିବି ନାହିଁ, ମାତ୍ର
ମୋହର ଦୁର୍ବଳତାରେ ଦର୍ପ କରିବି [୬]ଯଦିଓ ମୁଁ ନିଜ
ଉପରେ ଗର୍ବ କରିବାକୁ ଚାହିଁଲି ତଥାପି ମୁଁ ମୂର୍ଖ ନୁହେଁ,
କାରଣ ମୁଁ ସତ୍ୟ କଥା କହେ। କିନ୍ତୁ ମୁଁ ନିଜ ପାଇଁ
ଗର୍ବ କରିବି ନାହିଁ କାରଣ ଲୋକେ ମୋ ବିଷୟରେ ଯାହା
ଦେଖିଛନ୍ତି ଓ ଶୁଣିଛନ୍ତି ତା ଠାରୁ ଅଧିକ ବୋଲି ମୋତେ
ଭାବନ୍ତୁ, ଏହା ମୁଁ ଇଚ୍ଛା କରେ ନାହିଁ।

[୭]ମୋତେ ଦିଆଯାଇଥିବା ଆଶ୍ଚର୍ଯ୍ୟଜନକ ପ୍ରତ୍ୟାଦେଶଗୁଡ଼ିକ
ପାଇଁ କାଳେ ମୁ ଁଅତ୍ୟଧିକ ଗର୍ବ କରିବ, ସେଥିପାଇଁ
ମୋତେ ଶରୀରରେ ଯନ୍ତ୍ରଣାଦାୟକ ଏକ କଣ୍ଟକ ଦିଆ
ହେଲା। ଶୟତାନର ଦୂତ ସ୍ୱରୂପେ ଏହା ମୋତେ ଦିଆଯାଇଛି
ଓ ମୁଁ ଯେପରିକି ଅଧିକ ଗର୍ବ ନ କଲେ। ମୋତେ ମାଡ଼
ମାରିବା ପାଇଁ ସେଥିପାଇଁ ତାହାକୁ ପଠାଯାଇଛି। [୮]ମୁଁ
ପ୍ରଭୁଙ୍କୁ ତିନି ଥର ପ୍ରାର୍ଥନା କଲି ଯେ ସେ ଏହି
କଣ୍ଟକଟିକୁ ମୋ ଠାରୁ ଦୂରେଇ ନିଅନ୍ତୁ। [୯]କିନ୍ତୁ ପ୍ରଭୁ

---

**ପାରାଦୀଶ** ଏହି ସ୍ଥାନକୁ ପରମେଶ୍ୱରଙ୍କ ଲୋକେ ମୃତ୍ୟୁ ପରେ ଯାଇଥାନ୍ତି।

ମୋତେ କହିଲେ, "ତୁମ୍ଭ ପାଇଁ ମୋର ଅନୁଗ୍ରହ ଯଥେଷ୍ଟ।
ଯେତେବେଳେ ତୁମ୍ଭେ ଦୁର୍ବଳ, ସେତେବେଳେ ମୋର ଶକ୍ତି
ତୁମ୍ଭଠାରେ ପରିପୂର୍ଣ୍ଣତା ଭାବେ ଦେଖା ଦିଏ।" ଅତଏବ ମୁଁ
ମୋର ଦୁର୍ବଳତା ପାଇଁ ଗର୍ବ ଅନୁଭବ କରିବାରେ ଆନନ୍ଦ
ପାଏ। ଏହା ଦ୍ୱାରା ଖ୍ରୀଷ୍ଟଙ୍କର ଶକ୍ତି ମୋ ଠାରେ ରହିଥିବ।
୧୦ଅତଏବ ମୋ ଠାରେ ଦୁର୍ବଳତା ଥିଲେ ମୁଁ ଆନନ୍ଦିତ
ହୁଏ। କେବଳ ଖ୍ରୀଷ୍ଟଙ୍କ ସକାଶେ ଯେତେବେଳେ ମୁଁ
ଅପମାନିତ ହୁଏ, ମୁଁ କଠିନ ସମୟ ଦେଇ ଗତି କରେ,
ଯେତେବେଳେ ମୋର କଷ୍ଟ ଥାଏ ବା ଯେତେବେଳେ
ମୋର ସମସ୍ୟା ଥାଏ, ସେତେବେଳେ ମୁଁ ଆନନ୍ଦ କରେ।
ଯେତେବେଳେ ମୁଁ ଦୁର୍ବଳ, ସେତେବେଳେ ମୁଁ ପ୍ରକୃତରେ
ଅତି ସବଳ, ଏଥିପାଇଁ ଅତିଶୟ ଆନନ୍ଦ କରେ।

## କରିନ୍ଥୀଠାରେ ଖ୍ରୀଷ୍ଟୀୟାନମାନଙ୍କ ପ୍ରତି ପାଉଲଙ୍କ ପ୍ରେମ

୧୧ମୁଁ ମୂର୍ଖଙ୍କ ଭଳି କହିଚାଲି ଥିଲି। କିନ୍ତୁ ଏପରି
କହିବା ପାଇଁ ତୁମ୍ଭେମାନେ ମୋତେ ବାଧ୍ୟ କରିଥିଲ।
ତୁମ୍ଭେମାନେ ହେଉଛ ସେହିଲୋକ, ଯେଉଁମାନେ ମୋ
ସପକ୍ଷରେ ଭଲକଥା କହିବ। ମୁଁ କିଛି ନୁହେଁ, କିନ୍ତୁ
ତଥାକଥିତ ସେହି "ମହାନ୍ ପ୍ରେରିତ" ମାନେ ମୋ ଠାରୁ
ଅଧିକ ମଧ୍ୟ ନୁହଁନ୍ତି। ୧୨ମୁଁ ତୁମ୍ଭମାନଙ୍କ ସହିତ ଥିବା
ବେଳେ, ଜଣେ ପ୍ରେରିତ ବୋଲି ପ୍ରମାଣିତ କରୁଥିବା କାମ
ମୁଁ କରିଥିଲି–ମୁଁ ନାନାଦି ଚିହ୍ନ, ଅଦ୍ଭୁତ ଓ ଆଶ୍ଚର୍ଯ୍ୟଜନକ
କାମ ଦେଖାଇଥିଲି। ଏ ସବୁ ମୁଁ ଅନେକ ଧୈର୍ଯ୍ୟର ସହିତ
କରିଥିଲି। ୧୩ଅତଏବ, ଅନ୍ୟ ମଣ୍ଡଳୀଗୁଡ଼ିକ ଯାହା ପାଇ
ଥିଲେ ତା'ସବୁ ତୁମ୍ଭେମାନେ ମଧ୍ୟ ପାଇଛ। କେବଳ
ଗୋଟିଏ କଥା ତନ୍ମଧ୍ୟରୁ ଅଲଗା: ମୁଁ ତୁମ୍ଭମାନଙ୍କ ଉପରେ
କେବେ ହେଲେ ଭାରସ୍ୱରୂପ ନଥିଲି। ଏଥିପାଇଁ ମୋତେ
କ୍ଷମା କରି ଦିଅ।

୧୪ମୁଁ ତୁମ୍ଭମାନଙ୍କ ପାଖକୁ ତୃତୀୟ ଥର ଯିବା ପାଇଁ
ପ୍ରସ୍ତୁତ। ଓ ମୁଁ ତୁମ୍ଭମାନଙ୍କ ପାଇଁ ଭାରସ୍ୱରୂପ ହେବି
ନାହିଁ। ତୁମ୍ଭମାନଙ୍କର ଥିବା ସମ୍ପତ୍ତିରୁ ମୁଁ କିଛି ଇଚ୍ଛା କରେ
ନାହିଁ। ପ୍ରତି ବଦଳରେ ମୁଁ ତୁମ୍ଭମାନଙ୍କୁ ଚାହେଁ। ସନ୍ତାନମାନଙ୍କର
ନିଜ ମାତାପିତା ଲାଗି କୌଣସି ସଞ୍ଚୟର ଆବଶ୍ୟକତା
ନଥାଏ, କିନ୍ତୁ ସନ୍ତାନମାନଙ୍କ ଲାଗି ପିତାମାତା ସଞ୍ଚୟ
କରନ୍ତି। ୧୫ଏଣୁ ମୋ ପାଖରେ ଯାହା ଅଛି, ମୁଁ ଆନନ୍ଦର
ସହିତ ତୁମମାନଙ୍କୁ ଦେବି। ତୁମ୍ଭମାନଙ୍କ ଲାଗି ମୁଁ ନିଜକୁ
ମଧ୍ୟ ଦେଇ ଦେବି। ଯଦି ମୁଁ ତୁମ୍ଭମାନଙ୍କୁ ଅଧିକ ଭଲ
ପାଏ ତା'ହେଲେ ତୁମ୍ଭେମାନେ କ'ଣ ମୋତେ ସ୍ନେହରେ
ଊଣା କରିବ?

୧୬ମୁଁ ତୁମ୍ଭମାନଙ୍କ ଉପରେ ଭାରସ୍ୱରୂପ ହେବାକୁ ଚାହେଁନାହିଁ
କିନ୍ତୁ ଏହା ନିଶ୍ଚିତ ତୁମ୍ଭେମାନେ କ'ଣ ଭାବୁଛ ଯେ ମୁଁ
ଛଳ ଭାବରେ ମିଥ୍ୟା କହି ତୁମ୍ଭମାନଙ୍କୁ ଜାଲରେ ପକାଇବା
ପାଇଁ ଚେଷ୍ଟା କରିବି। ୧୭ମୁଁ ତୁମ୍ଭମାନଙ୍କ ପାଖକୁ ପଠାଇଥିବା
ଲୋକମାନଙ୍କ ମଧ୍ୟରୁ କାହାରି ମାଧ୍ୟମରେ ତୁମ୍ଭମାନଙ୍କଠାରୁ
ଫାଇଦା ଉଠାଇଛି କି? ନା, ତୁମ୍ଭେମାନେ ଜାଣ ଯେ,
ଏସବୁ ମୁଁ କଦାପି କରିନାହିଁ। ୧୮ମୁଁ ତିତସଙ୍କୁ ଓ ଆମ୍ଭର
ଜଣେ ଭାଇଙ୍କୁ ତାହାଙ୍କ ସହିତ ପଠାଇଥିଲି। ତିତସ କ'ଣ
ତୁମ୍ଭମାନଙ୍କଠାରୁ ଫାଇଦା ଉଠାଇଥିଲେ କି? ନା! ତୁମ୍ଭେମାନେ
ଜାଣ ଯେ ତିତସ ଓ ମୁଁ ଦୁହେଁ ତୁମ୍ଭମାନଙ୍କ ପାଇଁ ସମାନ
ଭାବରେ ଓ ସମାନ ଉତ୍ସାହରେ କାମ କରିଛୁ। ସେହି
ପବିତ୍ର ଆତ୍ମାର ପ୍ରେରଣାରେ ଆମ୍ଭେ ଦୁହେଁ କାମ କରିଥିଲୁ।

୧୯ତୁମ୍ଭେମାନେ କ'ଣ ଭାବୁଛ ଯେ ଆମ୍ଭେ ଏତେ ସମୟ
ଧରି ଆମ୍ଭ ପକ୍ଷରେ ଯୁକ୍ତି ବାଢୁ ଥିଲୁ। ଆମ୍ଭେ ଖ୍ରୀଷ୍ଟଙ୍କର
ଅନୁସରଣକାରୀ ହିସାବରେ ପରମେଶ୍ୱରଙ୍କ ଆଗରେ କହିଥିଲୁ।
ତୁମ୍ଭେମାନେ ଆମ୍ଭର ପ୍ରିୟ ମିତ୍ର। ଆମ୍ଭେ ଯାହା କିଛି
କହୁଛୁ ତାହା ତୁମ୍ଭେମାନେ ଆଧାତ୍ମିକ ଭାବରେ ଶକ୍ତିଶାଳୀ
ହେବ ବୋଲି କହୁଛୁ। ୨୦ଏଭଳି କହିବାର ଉଦ୍ଦେଶ୍ୟ ଯେ,
ମୋର ଭୟ ହେଉଛି: ଯେତେବେଳେ ମୁଁ ତୁମ୍ଭମାନଙ୍କ
ପାଖକୁ ଯିବି ସେତେବେଳେ ମୁଁ ତୁମ୍ଭମାନଙ୍କୁ ଯାହା ଭାବିଛି,
ଠିକ ସେହି ରୂପରେ ନ ପାଇ ପାରେ ଓ ତୁମ୍ଭେମାନେ
ମଧ୍ୟ ମୋତେ ଯାହା ଭାବିଛ ଠିକ ସେହି ରୂପରେ ପାଇ
ନ ପାର। ମୋର ଭୟ ଯେ, କାଳେ ତୁମ୍ଭମାନଙ୍କ ମଧ୍ୟରେ
କଳହ, ଈର୍ଷା, କ୍ରୋଧ, ସ୍ୱାର୍ଥ ପରତା, ପରଚର୍ଚ୍ଚା, କାନ
କୁହାକୋହି, ଗର୍ବ ଓ ଦ୍ୱନ୍ଦ ଦେଖିବାକୁ ମିଳିବ। ୨୧ମୁଁ ଭୟ
କରୁଛି ଯେ ଯେତେବେଳେ ମୁଁ ତୁମ୍ଭମାନଙ୍କ ପାଖକୁ ଯିବି,
ସେତେବେଳେ ତୁମ୍ଭମାନଙ୍କ ଆଗରେ ମୋର ପରମେଶ୍ୱର
ମୋତେ ଲଜ୍ଜା ନ ଦିଅନ୍ତୁ। ଯେହେତୁ ତୁମ୍ଭମାନଙ୍କ ଭିତରୁ
ଅନେକେ ପାପ କରିଥିବାରୁ, ମୁଁ ଦୁଃଖିତ ହେବି। କାରଣ
ସେହି ଲୋକମାନେ ସେମାନଙ୍କର ପାପର ଜୀବନ ନିମନ୍ତେ
ଦୁଃଖିତ ହୋଇ ନଥିବାରୁ, ଓ ଅନୁତାପ କରି ନଥିବାରୁ,
ସେମାନଙ୍କର ଯୌନଗତ ପାପ କାରଣରୁ ଏବଂ ଲଜ୍ଜାଜନକ
କାର୍ଯ୍ୟ କରୁ ଥିବାରୁ; ମୋତେ ଶୋକ କରିବାକୁ ପଡ଼ିବ।

## ଶେଷ ସତର୍କବାଣୀ ଓ ଶୁଭେଚ୍ଛା

**୧୩** ମୁଁ ତୁମ୍ଭମାନଙ୍କ ପାଖକୁ ତୃତୀୟ ଥର ଆସୁଛି।
ମନେ ରଖ: "ପ୍ରତ୍ୟେକ ଅଭିଯୋଗ ପାଇଁ
ଦୁଇବା ତିନି ଜଣ ସାକ୍ଷୀ ଦେବା ଦରକାର ଯେ ସେମାନେ
ତାହାର ସତ୍ୟତା ବିଷୟରେ ଜାଣିଛନ୍ତି।"* ୨ମୁଁ ଯେତେବେଳେ
ତୁମ୍ଭମାନଙ୍କ ସହିତ ଦ୍ୱିତୀୟ ଥର ପାଇଁ ଯାଇଥିଲି, ମୁଁ
ପାପୀମାନଙ୍କୁ ସତର୍କ କରି ଦେଇ ଥିଲି। ମୁଁ ଏବେ
ତୁମ୍ଭମାନଙ୍କଠାରୁ ଦୂରରେ ଅଛି ଓ ଅନ୍ୟ ପାପୀ ଲୋକମାନଙ୍କୁ
ସତର୍କ କରି ଦେଉଛି ଯେ ଯେତେବେଳେ ମୁଁ ତୁମ୍ଭମାନଙ୍କ
ପାଖକୁ ଯିବି, ତୁମ୍ଭମାନଙ୍କ ପାପ ପାଇଁ ଦଣ୍ଡ ଦେବି। ୩ମୋ
ଦ୍ୱାରା ଖ୍ରୀଷ୍ଟ କହୁଛନ୍ତି କି ନାହିଁ, ଏଥିର ତୁମ୍ଭେମାନେ
ପ୍ରମାଣ ଚାହୁଁଛ। ମୋର ପ୍ରମାଣ ଏହି ଯେ, ଖ୍ରୀଷ୍ଟ
ତୁମ୍ଭମାନଙ୍କୁ ଦଣ୍ଡ ପ୍ରଦାନ କରିବାରେ ଦୁର୍ବଳ ନୁହଁନ୍ତି। କିନ୍ତୁ
ସେ ତୁମ୍ଭମାନଙ୍କ ମଧ୍ୟରେ ଶକ୍ତିଶାଳୀ ଅଟନ୍ତି। ୪ଏହା ସତ୍ୟ
ଯେ, ଯେତେବେଳେ ଖ୍ରୀଷ୍ଟ କ୍ରୁଶ ଉପରେ ଚଢ଼ିଲେ
ସେତେବେଳେ ସେ ଦୁର୍ବଳ ଥିଲେ, କିନ୍ତୁ ଏବେ ପରମେଶ୍ୱରଙ୍କ
ମହାଶକ୍ତିରେ ସେ ଜୀବିତ। ଆମ୍ଭେ ମଧ୍ୟ ଖ୍ରୀଷ୍ଟଙ୍କଠାରେ

---

**"ପ୍ରତ୍ୟେକ ... ଜାଣିଛନ୍ତି।"** ଦ୍ୱିତୀୟ ବିବରଣ, ୧୯:୧୫

ଦୁର୍ବଳ ଅଟୁ। କିନ୍ତୁ ପରମେଶ୍ୱରଙ୍କ ଶକ୍ତିରେ ଆମ୍ଭେ
ଖ୍ରୀଷ୍ଟଙ୍କ ତୁଲ୍ୟ ଜୀବିତ ହୋଇ ଉଠିବା। ନିଜକୁ ତନ୍ନ ତନ୍ନ
କରି ଦେଖ।

୫ ତୁମ୍ଭେମାନେ ବିଶ୍ୱାସରେ ଜୀବନ କାଟୁଛ କି ନାହିଁ?
ନିଜ ନିଜକୁ ପରୀକ୍ଷା କରି ଦେଖ। ତୁମ୍ଭେମାନେ ଜାଣ ଯେ
ଯୀଶୁ ଖ୍ରୀଷ୍ଟ ତୁମ୍ଭମାନଙ୍କ ଭିତରେ ଅଛନ୍ତି। କିନ୍ତୁ ଯଦି
ତୁମ୍ଭେମାନେ ପରୀକ୍ଷାରେ ବିଫଳ ହୁଅ, ତାହା ହେଲେ ଖ୍ରୀଷ୍ଟ
ତୁମ୍ଭମାନଙ୍କ ଭିତରେ ରହୁ ନାହାଁନ୍ତି ତାହା ଜାଣ। ୬ ମୁଁ
ଆଶା କରେ ଆମ୍ଭେମାନେ ପରୀକ୍ଷାରେ ବିଫଳ ହୋଇ
ନାହୁଁ ବୋଲି ତୁମ୍ଭେମାନେ ଦେଖିବ। ୭ ଆମ୍ଭେ
ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁ ଯେ ତୁମ୍ଭେମାନେ କିଛି
ଭୁଲ କାମ କରିବ ନାହିଁ। ଆମ୍ଭେ ପରୀକ୍ଷାରେ ଉତ୍ତୀର୍ଣ୍ଣ
ହୋଇଛୁ, ଏ କଥା ଲୋକମାନେ ଦେଖିବାରେ କିଛି ଲାଭ
ନାହିଁ। ପରୀକ୍ଷାରେ ଆମ୍ଭେମାନେ ବିଫଳ ହୋଇଛୁ ବୋଲି
ଯଦି ଲୋକଙ୍କୁ ଦେଖାଯାଏ, ତାହାହେଲେ ଯାହା ଠିକ୍ ତାହା
କରିବା ଆମ୍ଭ ପକ୍ଷରେ ଅଧିକ ଗୁରୁତ୍ୱପୂର୍ଣ୍ଣ। ୮ ଆମ୍ଭେ
ସତ୍ୟର ବିପରୀତ କୌଣସି କାମ କରିବା ନାହିଁ। ଆମ୍ଭେ
କେବଳ ସତ୍ୟ ପାଇଁ କିଛି କରି ପାରିବା। ୯ ଯଦି
ତୁମ୍ଭେମାନେ ବଳବାନ ଆମ୍ଭେ ଦୁର୍ବଳ ହେବାରେ ଆନନ୍ଦିତ।
ଆମ୍ଭେ ପ୍ରାର୍ଥନା କରୁ ଯେ ତୁମ୍ଭେମାନେ ଅଧିକରୁ ଅଧିକ
ଶକ୍ତିଶାଳୀ ହୋଇ ଯାଅ। ୧୦ ମୁଁ ଏବେ ଏହି ଗୁଡ଼ିକ
ତୁମ୍ଭମାନଙ୍କୁ ଲେଖୁଛି କାରଣ ମୁଁ ତୁମ୍ଭମାନଙ୍କ ସହିତ ନାହିଁ।
ଅତଏବ ତାହା ହେଉଛି ଯେ, ଯେତେବେଳେ ମୁଁ ଆସେ,
ସେତେବେଳେ ଦଣ୍ଡ ଦେବା ପାଇଁ ମୋତେ ମୋ ଶକ୍ତିର
ବ୍ୟବହାର କରିବାକୁ ନ ପଡୁ। ପରମେଶ୍ୱର ମୋତେ
ତୁମ୍ଭମାନଙ୍କୁ ଶକ୍ତିଶାଳୀ କରି ଗଢ଼ିବା ପାଇଁ ଶକ୍ତି ପ୍ରଦାନ
କରିଛନ୍ତି, ତୁମ୍ଭମାନଙ୍କୁ ନଷ୍ଟ କରିବା ପାଇଁ ନୁହେଁ।

୧୧ ଭାଇ ଓ ଭଉଣୀମାନେ! ମୁଁ ଏବେ ବିଦାୟନେଉଛି।
ସିଦ୍ଧ ହେବାକୁ ଚେଷ୍ଟା କର। ମୁଁ ଯେପରି କହିଛି
ସେହିପରି କାମ କରୁଥାଅ। ସମସ୍ତେ ଏକ ମନରେ ଓ
ଶାନ୍ତିରେ ରୁହ। ତେବେ ଶାନ୍ତି ଓ ପ୍ରେମର ପରମେଶ୍ୱର
ତୁମ୍ଭମାନଙ୍କ ସହିତ ରହିବେ।

୧୨ ପବିତ୍ର ଚୁମ୍ବନ ଦ୍ୱାରା ପରସ୍ପରକୁ ସ୍ୱାଗତ ଜଣାଅ।
୧୩ ପରମେଶ୍ୱରଙ୍କ ସମସ୍ତ ଲୋକ ତୁମ୍ଭମାନଙ୍କୁ ଅଭିବାଦନ
ଜଣାଉଛନ୍ତି।

୧୪ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ, ପରମେଶ୍ୱରଙ୍କ
ପ୍ରେମ, ଓ ପବିତ୍ର ଆତ୍ମାଙ୍କ ସହାୟତା ତୁମ୍ଭ ସମସ୍ତଙ୍କର
ସହବର୍ତ୍ତୀ ହେଉ।

# ଗାଲାତୀୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କ ପତ୍ର

୧ ପ୍ରେରିତ ପାଉଲଙ୍କ ନିକଟରୁ ପତ୍ର। ମୁଁ ପ୍ରେରିତ
ହେବା ପାଇଁ ମନୁଷ୍ୟ ଦ୍ୱାରା ବଛା ଯାଇ ନାହିଁ କି
ମନୁଷ୍ୟ ଦ୍ୱାରା ପଠାଯାଇନାହିଁ। ମାତ୍ର ମୁଁ ଯୀଶୁଖ୍ରୀଷ୍ଟ ଓ
ପରମପିତା ପରମେଶ୍ୱରଙ୍କ ଦ୍ୱାରା ପ୍ରେରିତ ଭାବେ ନିଯୁକ୍ତ
ପାଇଛି। ସେହି ପରମପିତା ହିଁ ଯୀଶୁଖ୍ରୀଷ୍ଟଙ୍କୁ ମୃତ୍ୟୁରୁ
ପୁନର୍ଜୀବିତ କରି ଥିଲେ।
୨ମୋ ସହିତ ଥିବା ଏବଂ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସୀ
ସମସ୍ତ ଭାଇମାନଙ୍କ ତରଫରୁ ଏହି ପତ୍ରଟି ଗାଲାତୀୟ*
ଅଞ୍ଚଳର ସମସ୍ତ ବିଶ୍ୱାସୀ ମଣ୍ଡଳୀ ନିକଟକୁ ଲେଖାଯାଉଅଛି।
୩ମୁଁ ପ୍ରାର୍ଥନା କରେ ଯେ, ଆମ୍ଭ ପରମପିତା ପରମେଶ୍ୱର
ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କୁ
ମିଳୁ। ୪ପରମପିତା ପରମେଶ୍ୱରଙ୍କ ଇଚ୍ଛା ଅନୁସାରେ ଯୀଶୁ
ଖ୍ରୀଷ୍ଟ ଆମ୍ଭ ପାପଗୁଡିକ ପାଇଁ ଓ ଆମ୍ଭେ ରହୁଥିବା ମନ୍ଦ
ସଂସାରରୁ ଆମ୍ଭକୁ ମୁକ୍ତ କରିବା ପାଇଁ ନିଜକୁ ସମର୍ପିତ
କରି ଦେଲେ। ୫ପରମେଶ୍ୱରଙ୍କ ମହିମା ସଦାସର୍ବଦା ହେଉ।
ଆମେନ୍।

### ପ୍ରକୃତ ସୁସମାଚାର ଗୋଟିଏ ମାତ୍ର

୬ଅଳ୍ପକ୍ଷଣ ପୂର୍ବରୁ ପରମେଶ୍ୱର ତାହାଙ୍କର ଅନୁଗମନ
କରିବା ନିମନ୍ତେ ତୁମ୍ଭମାନଙ୍କୁ ତାହାଙ୍କ ଅନୁଗ୍ରହରେ ଖ୍ରୀଷ୍ଟଙ୍କ
ମାଧ୍ୟମରେ ଡାକିଥିଲେ। କିନ୍ତୁ ଏବେ ମୁଁ ଏହା ଜାଣି ଅତି
ଆଶ୍ଚର୍ଯ୍ୟ ହେଲି ଯେ, ତୁମ୍ଭେମାନେ ସେହି ପରମେଶ୍ୱରଙ୍କ
ଠାରୁ ଦୂରେଇ ଯାଇ, କୌଣସି ଅନ୍ୟ ସୁସମାଚାରକୁ ବିଶ୍ୱାସ
କରୁଛ। ୭ପ୍ରକୃତରେ ଆଉ ଅନ୍ୟ କୌଣସି ସୁସମାଚାର
ନାହିଁ। କିନ୍ତୁ କେତେକ ଲୋକ ତୁମ୍ଭମାନଙ୍କୁ ବିଭ୍ରାନ୍ତ କରାଇ
ଖ୍ରୀଷ୍ଟଙ୍କ ସୁସମାଚାରକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା
କରୁଛନ୍ତି। ୮କିନ୍ତୁ ଆମ୍ଭେ ବା ଅନ୍ୟ କୌଣସି ସ୍ୱର୍ଗଦୂତ
ଯଦି ଆମ୍ଭଦ୍ୱାରା ପ୍ରଚାରିତ ସୁସମାଚାର ଠାରୁ ଭିନ୍ନ ଅନ୍ୟ
କୌଣସି ସୁସମାଚାର ପ୍ରଚାର କରେ, ତା'ହେଲେ ସେମାନେ
ଦଣ୍ଡ ଓ ନିନ୍ଦାର ପାତ୍ର। ୯ଏହା ମୁଁ ଆଗରୁ କହି ଥିଲି,
ଏବେ ପୁନର୍ବାର କହୁଛି, ତୁମ୍ଭେମାନେ ପୂର୍ବରୁ ପ୍ରକୃତ
ସୁସମାଚାର ଗ୍ରହଣ କରି ସାରିଛ। ଯଦି ପରିତ୍ରାଣ ପାଇଁ
କେହି ବ୍ୟକ୍ତି କିଛି ଅନ୍ୟ ଉପାୟ ବିଷୟରେ କହେ
ତାହେଲେ ସେ ଦଣ୍ଡ ଓ ନିନ୍ଦାର ପାତ୍ର ଅଟେ।
୧୦ତୁମ୍ଭେମାନେ କଣ ଭାବୁଛ ଯେ, ଲୋକେ ମୋତେ
ଯେପରି ଗ୍ରହଣ ଓ ସମର୍ଥନ କରନ୍ତି ସେଥିପାଇଁ ମୁଁ ଚେଷ୍ଟା
କରୁଛି? ନା। ଜଣେ ପରମେଶ୍ୱର ଅଛନ୍ତି, ମୁଁ କେବଳ
ତାହାଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରୁଛି। ମୁଁ ଯଦି
ମଣିଷମାନଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରୁଥାନ୍ତି,
ତେବେ ଖ୍ରୀଷ୍ଟଙ୍କର ସେବକ ହୋଇ ନ ଥାନ୍ତି।

### ପାଉଲଙ୍କୁ ପରମେଶ୍ୱରଙ୍କଠାରୁ ଅଧିକାର

୧୧ଭାଇମାନେ! ମୁଁ କହି ଦେବାକୁ ଚାହେଁ ଯେ, ମୁଁ
ତୁମ୍ଭମାନଙ୍କୁ ଯେଉଁ ସୁସମାଚାର ଶୁଣାଇଲି ତାହା ମନୁଷ୍ୟକୃତ
ନୁହେଁ। ୧୨ମୁଁ ସେହି ସୁସମାଚାର ମଣିଷମାନଙ୍କ ପାଖରୁ
ପାଇ ନାହିଁ। କୌଣସି ମଣିଷ ମୋତେ ତାହା ଶିକ୍ଷା ଦେଇ
ନାହିଁ, ବରଂ ଯୀଶୁଖ୍ରୀଷ୍ଟ ସେହି ସୁସମାଚାର ମୋ ଆଗରେ
ପ୍ରକାଶିତ କଲେ।
୧୩ତୁମ୍ଭେମାନେ ମୋ ପୂର୍ବଜୀବନ ବିଷୟରେ ଶୁଣିଛ। ମୁଁ
ଯିହୂଦୀ ଧର୍ମର ଥିଲି। ମୁଁ ପରମେଶ୍ୱରଙ୍କ ମଣ୍ଡଳୀକୁ ତାଡ଼ନା
କରୁଥିଲି। ମୁଁ ମଣ୍ଡଳୀଗୁଡିକୁ ନଷ୍ଟ କରି ଦେବା ପାଇଁ
ଚେଷ୍ଟା କରିଥିଲି। ୧୪ମୁଁ ଯିହୂଦୀଧର୍ମର ଜଣେ ନେତା
ହୋଇ ଉଠୁଥିଲି। ମୁଁ ମୋ ବୟସର ତୁଳନାରେ ଅନ୍ୟ
ଯିହୂଦୀମାନଙ୍କ ଠାରୁ ଆଗୁଆଥିଲି। ପୁରାତନ ନିୟମ ଗୁଡିକ
ପାଳନ କରିବା ପାଇଁ ମୁଁ କଠିନ ପରିଶ୍ରମ କରୁଥିଲି। ଏହି
ନିୟମ ଗୁଡ଼ିକ ପରଂପରାଭାବେ ଆମ୍ଭେ ଆମ୍ଭର ପୂର୍ବପୁରୁଷ
ମାନଙ୍କଠାରୁ ପାଇଥିଲୁ।
୧୫କିନ୍ତୁ ପରମେଶ୍ୱର ମୋ ଜନ୍ମ ପୂର୍ବରୁ ମୋତେ
ଅନୁଗ୍ରହ କରି ବାଛି ନେଇଥିଲେ। ସେ ସ୍ଥିର କରିଥିଲେ
ଯେ, ମୁଁ ଅଣଯିହୁଦୀମାନଙ୍କୁ ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କର
ସୁସମାଚାର କହିବି। ୧୬ପରମେଶ୍ୱର ତାହାଙ୍କ ପୁତ୍ରଙ୍କ ବିଷୟରେ
କହିଲେ। ଯେତେବେଳେ ପରମେଶ୍ୱର ମୋତେ ଡାକିଲେ,
ମୁଁ କୌଣସି ମଣିଷର ପରାମର୍ଶ ବା ସାହାଯ୍ୟ ନେଇ ନ
ଥିଲି। ୧୭ମୋ ଆଗରୁ ପ୍ରେରିତ ହୋଇ ସାରିଥିବା ଯିରୂଶାଲମର
ପ୍ରେରିତମାନଙ୍କ ପାଖକୁ ମୁଁ ଗଲି ନାହିଁ। କିନ୍ତୁ ଅପେକ୍ଷା ନ
କରି ମୁଁ ପ୍ରଥମେ ଆରବ ଗଲି ଓ ତା'ପରେ ଦମ୍ମେସକ
ନଗରକୁ ଫେରିଗଲି।
୧୮ତିନିବର୍ଷ ପରେ ମୁଁ ଯିରୁଶାଲମକୁ ଗଲି। ମୁଁ ପିତର*
ଙ୍କୁ ଦେଖା କରିବାକୁ ଯାଇଥିଲି। ୧୯ପିତରଙ୍କ ସହିତ ମୁଁ
ପନ୍ଦର ଦିନ ରହିଲି। ମୁଁ ସେଠାରୁ ପ୍ରଭୁଙ୍କ ଭାଇ ଯାକୁବଙ୍କ
ଛଡ଼ା ଆଉ କୌଣସି ପ୍ରେରିତଙ୍କୁ ଦେଖା କଲିନାହିଁ।
୨୦ପରମେଶ୍ୱର ଜାଣନ୍ତି ଯେ, ମୁଁ ଏଥିରେ ଯାହା କିଛି

---

**ଗାଲାତୀୟ** ନିଜର ପ୍ରଥମ ପ୍ରଚାର ଅଭିଯାନ ବେଳେ ପାଉଲଙ୍କ ଦ୍ୱାରା ଏହି ଅଞ୍ଚଳରେ ଚର୍ଚ୍ଚଗୁଡିକ ଆରମ୍ଭ କରିଥିଲେ।

**ପିତର** ପିତରଙ୍କ ଯିହୂଦୀ ନାମ ହେଉଛି "କେଫା"। ସେ ଯୀଶୁଙ୍କର ବାରଜଣ ଶିଷ୍ୟଙ୍କ ମଧ୍ୟରୁ ଜଣେ।

ଲେଖୁଛି, ତାହା ମିଥ୍ୟା ନୁହେଁ। ୨୧ତା'ପରେ ମୁଁ ସୁରିଆ ଓ
କିଲିକିଆର ଅଞ୍ଚଳଗୁଡ଼ିକୁ ଗଲି।
୨୨ଯିହୂଦାରେ ଖ୍ରୀଷ୍ଟଙ୍କଠାରେ ଥିବା ମଣ୍ଡଳୀଗୁଡ଼ିକ ମୋତେ
ପୂର୍ବରୁ ଦେଖି ନ ଥିବାରୁ ମୋତେ ଚିହ୍ନି ନ ଥିଲେ।
୨୩ସେମାନେ କେବଳ ମୋ ବିଷୟରେ ଶୁଣିଥିଲେ ଯେ,
"ପୂର୍ବରୁ ଏହି ଲୋକ ମଣ୍ଡଳୀକୁ ତାଡ଼ନା କରୁଥିଲା, ଏବେ
ସେ ଖ୍ରୀଷ୍ଟଙ୍କ ବିଶ୍ୱାସମତକୁ ପ୍ରଚାର କରୁଅଛି, ଯାହାକୁ ସେ
ପୂର୍ବରୁ ନଷ୍ଟ କରିବା ପାଇଁ ଚେଷ୍ଟା କରିଥିଲା।" ୨୪ମୋ'ପ୍ରତି
ଯାହା ଘଟିଲା, ସେଥିପାଇଁ ସେମାନେ ପରମେଶ୍ୱରଙ୍କୁ ପ୍ରଶଂସା
କଲେ।

### ଅନ୍ୟ ପ୍ରେରିତମାନେ ପାଉଲଙ୍କୁ ଗ୍ରହଣ କଲେ

୨ ମୁଁ ଚଉଦ ବର୍ଷ ପରେ ପୁଣି ଥରେ ଯିରୂଶାଲମକୁ
ଗଲି। ବର୍ଣ୍ଣବ୍ବା ଓ ତିତସଙ୍କୁ ମଧ୍ୟ ସାଙ୍ଗରେ ନେଇ
ଥିଲି। ୨ଯିରୂଶାଲମ ଯିବା ପାଇଁ ପରମେଶ୍ୱର ମୋତେ
ପ୍ରକାଶ କରିଥିବାରୁ ମୁଁ ସେଠାକୁ ଯାଇଥିଲି। ବିଶ୍ୱାସୀ
ଲୋକମାନଙ୍କ ମଧ୍ୟରେ ଥିବା ନେତୃସ୍ଥାନୀୟ ଲୋକମାନଙ୍କ
ପାଖକୁ ମୁଁ ଗଲି। ଯେତେବେଳେ ଆମ୍ଭେମାନେ ଏକାନ୍ତରେ
ଥିଲୁ, ସେତେବେଳେ ସେମାନଙ୍କୁ ମୁଁ ପ୍ରଚାର କରୁଥିବା
ସୁସମାଚାର ଶୁଣାଇଲି। ମୁଁ ଅଣଯିହୂଦୀମାନଙ୍କୁ ଆଗରୁ ଏହି
ସୁସମାଚାର ଶୁଣାଇ ସାରି ଥିଲି। ଏହାଦ୍ୱାରା ମୁଁ ଇଚ୍ଛା କଲି
ଯେ, ମୁଁ ଯେଉଁ କାମ ପୂର୍ବରୁ କରି ସାରିଥିଲି ଓ ଏବେ
ଯାହା କରୁଛି, ଯେପରି ସେ ସବୁ ବିଫଳ ନ ହୁଏ।
୩ତିତସ ମୋ ସହିତ ଥିଲେ। ସେ ଜଣେ ଅଣଯିହୂଦୀ
ଲୋକ ଥିଲେ। କିନ୍ତୁ ଏହି ଲୋକମାନେ ତିତସଙ୍କୁ ମଧ୍ୟ
ସୁନ୍ନତ ହେବା ପାଇଁ ବାଧ୍ୟ କଲେ ନାହିଁ। ୪ଆମ୍ଭେ ଏହି
ସମସ୍ୟା ବିଷୟରେ କଥାବାର୍ତ୍ତା ହେବାକୁ ଆବଶ୍ୟକ ମନେ
କରୁଥିଲୁ। କାରଣ ଆମ୍ଭ ଦଳ ଭିତରକୁ କେତେକ ଭଣ୍ଡ
ଭାଇ ଲୁଚିଛପି ପଶି ଆସିଥିଲେ, ଓ ଯୀଶୁଖ୍ରୀଷ୍ଟଙ୍କଠାରେ
ଥିବା ଆମ୍ଭର ସ୍ୱାଧୀନତା ଉପରେ ଗୋଇନ୍ଦାଗିରି କରି
ଆମ୍ଭକୁ ଦାସ କରି ରଖିବାକୁ ଚେଷ୍ଟା କରୁଥିଲେ। ୫କିନ୍ତୁ
ସେହି ଭଣ୍ଡ ଭାଇମାନେ ଯାହା କରିବାକୁ ଚାହୁଁଥିଲେ,
ସେଥିରେ ଆମ୍ଭେ କୌଣସି ମତେ ସମ୍ମତ ହେଲୁ ନାହିଁ।
ଆମ୍ଭେ ଇଚ୍ଛା କଲୁ ଯେ, ତୁମ୍ଭମାନଙ୍କ ଭିତରେ ସୁସମାଚାରର
ସତ୍ୟ ରହିଥାଉ।
୬କିନ୍ତୁ ସେହି "ପ୍ରତିଷ୍ଠିତ" ଲୋକମାନେ ମୁଁ କହିଥିବା
ସୁସମାଚାରର ପରିବର୍ତ୍ତନ କଲେ ନାହିଁ। (ମୋ ପାଇଁ କିଏ
ପ୍ରତିଷ୍ଠିତ ବା ନୁହେଁ, ତାହାର କିଛି ଅର୍ଥ ନାହିଁ। ପରମେଶ୍ୱରଙ୍କ
ନିକଟରେ ସମସ୍ତେ ସମାନ।) ୭ଏହି ଲୋକମାନେ ଦେଖିଲେ
ଯେ, ପରମେଶ୍ୱର ପିତରଙ୍କ ଭଳି ମୋତେ ଗୋଟିଏ
ବିଶେଷ କାମ ଦେଇଛନ୍ତି। ପରମେଶ୍ୱର ଯିହୂଦୀମାନଙ୍କୁ
ସୁସମାଚାର କହିବା ପାଇଁ ପିତରଙ୍କୁ ନିଯୁକ୍ତ କରିଛନ୍ତି। କିନ୍ତୁ
ପରମେଶ୍ୱର ମୋତେ ଅଣଯିହୂଦୀମାନଙ୍କୁ ସୁସମାଚାର କହିବା
କାମ ଦେଇଛନ୍ତି। ୮ପରମେଶ୍ୱର ପିତରଙ୍କୁ ଜଣେ ପ୍ରେରିତ
ରୂପରେ କାମ କରିବା ଶକ୍ତି ପ୍ରଦାନ କରିଥିଲେ। ସେ
ଯିହୂଦୀମାନଙ୍କର ଜଣେ ପ୍ରେରିତ। ପରମେଶ୍ୱର ମୋତେ
ମଧ୍ୟ ଜଣେ ପ୍ରେରିତ ଭାବରେ କାମ କରିବା ପାଇଁ ଶକ୍ତି
ପ୍ରଦାନ କରିଛନ୍ତି। କିନ୍ତୁ ମୁଁ ଅଣଯିହୂଦୀମାନଙ୍କ ପାଇଁ
ପ୍ରେରିତ ଅଟେ। ୯ଯାକୁବ, ପିତର ଓ ଯୋହନ ନେତା
ରୂପେ ପରିଗଣିତ ହେଉଥିଲେ। ସେମାନେ ଦେଖିଲେ ଯେ,
ପରମେଶ୍ୱର ମୋତେ ଏହି ବିଶେଷ ଅନୁଗ୍ରହ ପ୍ରଦାନ
କରିଛନ୍ତି। ସେଥିପାଇଁ ସେମାନେ ବର୍ଣ୍ଣବ୍ବା ଓ ମୋତେ
ତାହାଙ୍କର ସହଭାଗୀତାର ଦକ୍ଷିଣହସ୍ତ ପ୍ରଦାନ କଲେ। ଯାକୁବ,
ପିତର ଓ ଯୋହନ କହିଲେ, "ପାଉଲ ଓ ବର୍ଣ୍ଣବ୍ବା,
ତୁମ୍ଭେମାନେ ଅଣଯିହୂଦୀମାନଙ୍କ ପାଖକୁ ଯିବା କଥାରେ
ଆମ୍ଭେମାନେ ରାଜି ଅଛୁ। ମାତ୍ର ଆମ୍ଭେମାନେ ଯିହୂଦୀମାନଙ୍କ
ପାଖକୁ ଯିବୁ।" ୧୦ସେମାନେ ଆମ୍ଭକୁ ଗୋଟିଏ କଥା
କହିବା ଉପରେ ଜୋର ଦେଲେ ଯେ, ଆମ୍ଭେ ଯେପରି
ଅଭାବରେ ଥିବା ଗରିବ ଲୋକମାନଙ୍କୁ ସାହାଯ୍ୟ କରିବା
କଥା ମନେ ରଖୁ। ଏହି କାମଟି କରିବା ପାଇଁ ମୁଁ ଯେ
କେବଳ ଇଚ୍ଛା କରୁଥିଲି ତା ନୁହେଁ, ବରଂ ଏଥିପାଇଁ
ମୋର ଉଦ୍‌ଯୋଗ ମଧ୍ୟ ଥିଲା।

### ପାଉଲ ପିତରଙ୍କ ଭୁଲ ଦେଖାଇଦେଲେ

୧୧ପିତର ଆନ୍ତିୟଖିଆ ନଗରକୁ ଆସିଲେ। ସେ ସେଠାରେ
କିଛି ଭୁଲ କାମ କଲେ। ମୁଁ ତାଙ୍କ ବିରୋଧରେ
ସିଧାସଳଖ କହିଲି, କାରଣ ସେ ଦୋଷୀ ଥିଲେ। ଘଟଣାଟି
ଏହା: ୧୨ଯେତେବେଳେ ପିତର ପ୍ରଥମ ଆନ୍ତିୟଖିଆକୁ
ଆସିଥିଲେ, ସେ ଅଣଯିହୂଦୀଙ୍କ ସହିତ ଖିଆପିଆ କରୁଥିଲେ
ଓ ସମ୍ପର୍କ ରଖିଥିଲେ। ମାତ୍ର ଯେତେବେଳେ ଯାକୁବଙ୍କ
ନିକଟରୁ କେତେକ ଯିହୂଦୀଲୋକ ଆସିଲେ, ସେମାନେ
ଆସିଲା ପରେ ପିତର ଅଣଯିହୂଦୀଲୋକଙ୍କ ସହିତ ଖିଆପିଆ
ବନ୍ଦ କରିଦେଲେ, ଓ ସେମାନଙ୍କ ଠାରୁ ଦୂରରେ ରହିଲେ।
ସୁନ୍ନତ* ହେବା କଥାରେ ବିଶ୍ୱାସ କରୁଥିବା ଲୋକମାନଙ୍କ
ଭୟରେ ପିତର ଏପରି ଆଚରଣ କଲେ। ୧୩ଅତଏବ
ପିତର ଜଣେ କପଟାଚାରୀ ଭାବରେ ଛଳନା ପୂର୍ବକ
ଆଚରଣ କଲେ। ପିତରଙ୍କ ସହିତ ଅନ୍ୟ ଯିହୂଦୀ ବିଶ୍ୱାସୀମାନେ
ମଧ୍ୟ ଯୋଗ ଦେଲେ। ସେଠାରେ ସେମାନେ ମଧ୍ୟ କପଟାଚାରୀ
ଭାବରେ ଛଳନା ପୂର୍ବକ ଆଚରଣ କଲେ। ସେଠାରେ
ସେମାନେ ଯାହା କଲେ, ତାଦ୍ୱାରା ବର୍ଣ୍ଣବ୍ବା ମଧ୍ୟ ପ୍ରଭାବିତ
ହୋଇଗଲେ। ୧୪ଏହି ଯିହୂଦୀମାନେ ଯାହାଯାହା କଲେ, ମୁଁ
ଦେଖିଲି। ସେମାନେ ସୁସମାଚାରର ସତ୍ୟର ପାଳନ କରୁ ନ
ଥିଲେ। ତେଣୁ ସମସ୍ତେ(ଅନ୍ୟ ଯିହୂଦୀମାନେ) ଶୁଣି ପାରିବା
ଭଳି ମୁଁ ପିତରଙ୍କୁ କହିଲି: "ପିତର! ତୁମ୍ଭେ ଜଣେ
ଯିହୂଦୀ। କିନ୍ତୁ ତୁମ୍ଭେ ଜଣେ ଯିହୂଦୀଙ୍କ ଭଳି ଜୀବନ-ଯାପନ
କରୁ ନାହିଁ। ତୁମ୍ଭେ ଅଣଯିହୂଦୀଙ୍କ ଭଳି ଜୀବନଯାପନ
କରୁଛ। ଅତଏବ, ତୁମ୍ଭେ ଅଣଯିହୂଦୀମାନଙ୍କୁ, ଯିହୂଦୀଲୋକଙ୍କ
ଭଳି ଜୀବନଯାପନ କରିବା ପାଇଁ କିପରି ବାଧ୍ୟ କରୁଛ?"
୧୫ଆମ୍ଭେମାନେ ଯିହୂଦୀ ରୂପେ ଜନ୍ମ ହୋଇଛୁ, ଏବଂ
ଆମ୍ଭେମାନେ ପାପୀ ଅଣଯିହୂଦୀମାନଙ୍କ ପରି ନୋହୁଁ। ୧୬ଆମ୍ଭେ
ଜାଣୁ ଯେ ନିୟମପାଳନ ଦ୍ୱାରା କେହି ପରମେଶ୍ୱରଙ୍କ

---

**ସୁନ୍ନତ** ଯିହୂଦୀମାନଙ୍କ ପରମେଶ୍ୱରଙ୍କ ସହିତ ହୋଇଥିବା ଚୁକ୍ତିର
ଚିହ୍ନ (ଲିଙ୍ଗାଗ୍ର ଚର୍ମ ଛେଦନ)। ଆଦିପୁସ୍ତକ ୧୭:୯-୧୪

ନିକଟରେ ଧାର୍ମିକ ହୁଏ ନାହିଁ। ମାତ୍ର ଯୀଶୁ ଖ୍ରୀଷ୍ଟଙ୍କଠାରେ
ବିଶ୍ୱାସ କରିବା ଦ୍ୱାରା ଜଣେ ପରମେଶ୍ୱରଙ୍କ ନିକଟରେ
ଧାର୍ମିକ ହୁଏ। ସେଥିପାଇଁ ଆମ୍ଭେ ପରମେଶ୍ୱରଙ୍କ ନିକଟରେ
ଧାର୍ମିକ ହେବା ପାଇଁ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିଅଛୁ।
ଆମ୍ଭେ ନିୟମ ପାଳନ ପାଇଁ ନୁହେଁ ବରଂ ଯୀଶୁଖ୍ରୀଷ୍ଟଙ୍କଠାରେ
ବିଶ୍ୱାସ ରଖିଥିବାରୁ ପରମେଶ୍ୱରଙ୍କ ପ୍ରତି ଧାର୍ମିକ ହୋଇଛୁ।
କେବଳ ବ୍ୟବସ୍ଥା ପାଳନ ଦ୍ୱାରା କୌଣସି ଲୋକ ଧାର୍ମିକ
ହୋଇପାରେ ନାହିଁ।
୧୭ଆମ୍ଭେ ଯିହୂଦୀମାନେ ପରମେଶ୍ୱରଙ୍କ ପ୍ରତି ଧାର୍ମିକ
ହେବା ପାଇଁ ଯୀଶୁଙ୍କ ପାଖକୁ ଯାଇଛୁ। ଅତଏବ ଆମ୍ଭେ
ମଧ୍ୟ ପାପୀ। ଏହାର ଅର୍ଥ କ'ଣ ଏହା ଯେ ଯୀଶୁ ଆମ୍ଭକୁ
ପାପୀ କରୁଛନ୍ତି? ନା। ୧୮କିନ୍ତୁ ଯେଉଁ ବିଷୟଗୁଡ଼ିକୁ ଆମ୍ଭେ
ଛାଡ଼ି ଦେଇ ସାରିଛୁ, ମୁଁ ଯଦି ସେହିଗୁଡ଼ିକର ପୁନଃ ପ୍ରଚାର
ଆରମ୍ଭ କରେ, ତାହେଲେ ଏହା ଭୁଲ ହେବ। ୧୯ମୁଁ
ବ୍ୟବସ୍ଥା ପାଇଁ ଆଉ ବଞ୍ଚିରହି ନାହିଁ। କାରଣ ବ୍ୟବସ୍ଥା
ମୋର ମୃତ୍ୟୁ ଘଟାଇଲା। କିନ୍ତୁ ମୁଁ ପରମେଶ୍ୱରଙ୍କ ପାଇଁ
ଜୀବନଯାପନ କରୁଛି, ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶ ଉପରେ
ମୃତ୍ୟୁଭୋଗ କରିସାରିଛି। ୨୦ଅତଏବ ଏବେ ମୁଁ ନିଜେ
ଜୀବିତ ନାହିଁ, ମାତ୍ର ମୋ' ମଧ୍ୟରେ ଯୀଶୁ ଖ୍ରୀଷ୍ଟ ଜୀବିତ
ଅଛନ୍ତି। ମୋର ଶରୀର ମଧ୍ୟରେ ମୁଁ ଏ ପର୍ଯ୍ୟନ୍ତ ଜୀବିତ
ଅଛି ଓ ପରମେଶ୍ୱରଙ୍କ ପୁତ୍ରଙ୍କଠାରେ ମୋର ବିଶ୍ୱାସ ପାଇଁ
ମୁଁ ଜୀବିତ ଅଛି। ସେ ମୋତେ ଭଲ ପାଇଲେ। ସେ
ମୋ ଉଦ୍ଧାର ପାଇଁ ନିଜକୁ ସମର୍ପିତ କରି ଦେଇଛନ୍ତି।
୨୧ଏହି ଅନୁଗ୍ରହ ହେଉଛି ପରମେଶ୍ୱରଙ୍କର। ଏହା ମୋ
ପାଇଁ ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ। କାରଣ ଯଦି ନିୟମ
ଦ୍ୱାରା ଧାର୍ମିକ ଗଣିତ ହେବା ସମ୍ଭବ ହୋଇଥାଆନ୍ତା,
ତାହେଲେ ଖ୍ରୀଷ୍ଟ ବିନା କାରଣରେ ନିଜର ପ୍ରାଣ ବିସର୍ଜନ
କରି ନ ଥାଆନ୍ତେ।

## ପରମେଶ୍ୱରଙ୍କ ଆଶୀର୍ବାଦ ବିଶ୍ୱାସ ଦ୍ୱାରା ମିଳେ

୩ ହେ ଗାଲାତୀୟ ଲୋକେ! ଯୀଶୁଖ୍ରୀଷ୍ଟଙ୍କୁ କିପରି
ଭାବରେ କ୍ରୁଶ ଉପରେ ମୃତ୍ୟୁ ଦିଆଗଲା, ତାହା
ତୁମ୍ଭକୁ ସ୍ପଷ୍ଟ ଭାବରେ କୁହା ଯାଇଥିଲା। କିନ୍ତୁ ତୁମ୍ଭେମାନେ
ମୂର୍ଖ। ତୁମ୍ଭେ କାହାର ଛଳନାରେ ପଡ଼ିଗଲ। ୨ତୁମ୍ଭେମାନେ
ମୋତେ ଗୋଟିଏ କଥା କୁହ: ତୁମ୍ଭେମାନେ ପବିତ୍ର ଆତ୍ମାଙ୍କୁ
କିପରି ଭାବେ ଗ୍ରହଣ(ସ୍ୱୀକାର) କରିଥିଲ? କ'ଣ ତୁମ୍ଭେମାନେ
ବ୍ୟବସ୍ଥା ପାଳନ କରି ଆତ୍ମାଙ୍କୁ ପାଇଥିଲ? ନା। ତୁମ୍ଭେମାନେ
ସୁସମାଚାର ଶୁଣି ଓ ବିଶ୍ୱାସ କରି ପବିତ୍ର ଆତ୍ମାଙ୍କୁ ସ୍ୱୀକାର
କରିଥିଲ। ୩ତୁମ୍ଭେମାନେ ଆତ୍ମାଙ୍କ ସହିତ "ତୁମ୍ଭମାନଙ୍କର
ନୂଆ ଜୀବନ ଆରମ୍ଭ କଲ।" ଏବେ କ'ଣ ତୁମ୍ଭେମାନେ
ଭାବୁଛ ଯେ ତୁମ୍ଭେମାନେ ନିଜର ଶକ୍ତି ବଳରେ ଶେଷ
ପର୍ଯ୍ୟନ୍ତ ଚାଲି ପାରିବ? ତୁମ୍ଭେମାନେ କ'ଣ ଏତେ ବୋକା?
୪ତୁମ୍ଭେମାନେ ଅନେକ କଥା ଅନୁଭବ କରିଛ। କଣ ସେ
ସବୁ ବିଫଳ ହୋଇଗଲା? ନା। ୫ସେ ସବୁ ବିଫଳ ହୋଇ
ନାହିଁ। ତୁମ୍ଭେମାନେ ବ୍ୟବସ୍ଥା ପାଳନ କରି ବୋଲି କ'ଣ
ପରମେଶ୍ୱର ତୁମ୍ଭମାନଙ୍କୁ ପବିତ୍ରଆତ୍ମା ପ୍ରଦାନ କରିଛନ୍ତି?
ନା। ତୁମ୍ଭମାନଙ୍କ ମଧ୍ୟରେ ପରମେଶ୍ୱର ଯେଉଁ ଆଶ୍ଚର୍ଯ୍ୟ
କର୍ମମାନ କରିଛନ୍ତି, ତାହା କଣ ବ୍ୟବସ୍ଥା ପାଳନ ପାଇଁ
କରାଯାଇଥିଲା? ନା! ବରଂ ତୁମ୍ଭେମାନେ ସୁସମାଚାର ଶୁଣି
ସେଗୁଡ଼ିକରେ ବିଶ୍ୱାସ କଲ ବୋଲି, ପରମେଶ୍ୱର ତୁମ୍ଭମାନଙ୍କୁ
ତାଙ୍କର ଆତ୍ମା ପ୍ରଦାନ କରି ତୁମ୍ଭମାନଙ୍କ ମଧ୍ୟରେ ଆଶ୍ଚର୍ଯ୍ୟଜନକ
କର୍ମମାନ କରିଛନ୍ତି।
୬ଅବ୍ରହାମଙ୍କ ବିଷୟରେ ଶାସ୍ତ୍ର ମଧ୍ୟ ଏହି କଥା କୁହେ:
"ଅବ୍ରହାମ ପରମେଶ୍ୱରଙ୍କୁ ବିଶ୍ୱାସ କଲେ ଓ ପରମେଶ୍ୱର
ତାହାଙ୍କ ନିଜ ସହିତ ଅବ୍ରହାମଙ୍କୁ ଧାର୍ମିକ କରିବା ପାଇଁ
ତାହାଙ୍କର ବିଶ୍ୱାସକୁ ଗ୍ରହଣ କଲେ।"* ୭ଅତଏବ ତୁମ୍ଭେମାନେ
ଜାଣି ରଖ ଯେ, ବିଶ୍ୱାସ କରୁଥିବା ଲୋକେ ଅବ୍ରାହମଙ୍କର
ପ୍ରକୃତ ସନ୍ତାନ। ୮ଶାସ୍ତ୍ରଗୁଡ଼ିକ ଏହା ମଧ୍ୟ କହେ ଯେ,
ଭବିଷ୍ୟତରେ କ'ଣ ହେବ? ଲେଖାଅଛି, ପରମେଶ୍ୱର
ଅଣଯିହୂଦୀମାନଙ୍କୁ ମଧ୍ୟ ସେମାନଙ୍କର ବିଶ୍ୱାସ ପାଇଁ ଧାର୍ମିକ
କରିବେ। ସୁସମାଚାର ଅବ୍ରାହମଙ୍କୁ ଆଗରୁ କୁହାଯାଇଥିଲା।
ଶାସ୍ତ୍ର କହେ: "ପରମେଶ୍ୱର ପୃଥିବୀର ସମସ୍ତ ଲୋକଙ୍କୁ
ଆଶୀର୍ବାଦ କରିବା ପାଇଁ ଅବ୍ରାହମଙ୍କୁ ବ୍ୟବହାର କରିବେ।"*
୯ଅବ୍ରହାମ ଏହାକୁ ବିଶ୍ୱାସ କଲେ ଓ ସେଥିପାଇଁ ସେ
ଆଶୀର୍ବାଦ ଲାଭ କଲେ। ସେହିପରି ଯେଉଁମାନେ ବିଶ୍ୱାସ
କରନ୍ତି, ସେମାନେ ଅବ୍ରହାମଙ୍କ ପରି ଆଶୀର୍ବାଦ ପାଆନ୍ତି।
୧୦କିନ୍ତୁ ଯେଉଁମାନେ ବ୍ୟବସ୍ଥା ପାଳନ ଉପରେ ନିର୍ଭର
କରନ୍ତି, ସେମାନେ ଅଭିଶାପଗ୍ରସ୍ତ। କାରଣ, ଯେପରି
ବ୍ୟବସ୍ଥାମାନଙ୍କରେ ଲେଖାଅଛି: "ଯାହା ବ୍ୟବସ୍ଥା* ରେ
ଲେଖାଅଛି ସେ ସବୁକୁ ପୂର୍ଣ୍ଣଭାବରେ ପାଳନ କରିବା
ଉଚିତ, ନହେଲେ ସେ ଲୋକ ଅଭିଶାପଗ୍ରସ୍ତ ହେବ।"*
୧୧ଏଥିରୁ ସ୍ପଷ୍ଟ ଯେ, କୌଣସି ଲୋକ ବ୍ୟବସ୍ଥା ପାଳନ
ଦ୍ୱାରା ପରମେଶ୍ୱରଙ୍କଠାରେ ଧାର୍ମିକ ବୋଲି ପ୍ରମାଣିତ ହୁଏ
ନାହିଁ। କାରଣ ଶାସ୍ତ୍ର କହେ: "ବିଶ୍ୱାସକୁ ଆଧାର କରି
ଧାର୍ମିକ ବ୍ୟକ୍ତି ସଦାକାଳ ପାଇଁ ଜୀବିତ ରହିବ।"* ୧୨କିନ୍ତୁ
ବ୍ୟବସ୍ଥା ବିଶ୍ୱାସ ଉପରେ ଆଧାରିତ ନୁହେଁ, ପ୍ରତିବଦଳରେ
ଶାସ୍ତ୍ର କୁହେ: "ଯେଉଁ ଲୋକ ବ୍ୟବସ୍ଥାର ବିଧିଗୁଡ଼ିକ
ପାଳନ କରେ, ସେ ସେଗୁଡ଼ିକ ମାଧ୍ୟମରେ ବଞ୍ଚିବ।"*
୧୩ଖ୍ରୀଷ୍ଟ ଆମ୍ଭ ନିମନ୍ତେ ଅଭିଶାପ ନିଜେ ଗ୍ରହଣ କଲେ
ଏବଂ ଆମ୍ଭକୁ ବ୍ୟବସ୍ଥାର ଅଭିଶାପରୁ ମୁକ୍ତ କଲେ। ଶାସ୍ତ୍ର
କୁହେ: "ଯେଉଁ ଲୋକର ଶରୀରକୁ ଗଛରେ ଟାଙ୍ଗି ଦିଆ
ଯାଏ,* ସେ ଲୋକଟି ଅଭିଶାପଗ୍ରସ୍ତ।"* ୧୪ଖ୍ରୀଷ୍ଟ ଆମ୍ଭକୁ

---

**"ଅବ୍ରହାମ ... କଲେ।"** ଆଦିପୁସ୍ତକ ୧୫:୬

**"ପରମେଶ୍ୱର ... ବ୍ୟବହାର କରିବେ।"** ଆଦିପୁସ୍ତକ ୧୨:୩

**ବ୍ୟବସ୍ଥା** ଏକ ନୀତିନିୟମ ଯାହା ମୋଶାଙ୍କ ଦ୍ୱାରା ପରମେଶ୍ୱର ଯିହୂଦୀମାନଙ୍କୁ ଦେଇଥିଲେ।

**"ଯାହା ବ୍ୟବସ୍ଥା ... ହେବ।"** ଦ୍ୱିତୀୟ ବିବରଣ ୨୭:୨୬

**"ବିଶ୍ୱାସକୁ ... ରହିବ।"** ହବକ୍କୂକ୍ ୨:୪

**"ଯେଉଁ ଲୋକ ... ବଞ୍ଚିବ।"** ଲେବୀୟ ୧୮:୫

**ଗଛରେ ଟାଙ୍ଗି ... ଯାଏ** ଦ୍ୱିତୀୟ ବିବରଣ ୨୧:୨୨-୨୩ କୁହେ ଦୋଷୀଲୋକକୁ ମାରି ଅପମାନ ଦେବା ଉଦ୍ଦେଶ୍ୟରେ ଗଛରେ ଟାଙ୍ଗି ଦିଆଯାଉଥିଲା।

**"ଯେଉଁ ... ଅଭିଶାପଗ୍ରସ୍ତ"** ଦ୍ୱିତୀୟ ବିବରଣ ୨୧:୨୩

ମୁକ୍ତ କରିବାର ଉଦ୍ଦେଶ୍ୟ ଥିଲା, ଯେପରି ଯେଉଁ ଆଶୀର୍ବାଦ
ସବୁ ଅବ୍ରହାମଙ୍କୁ ପ୍ରତିଜ୍ଞା କରାଯାଇଥିଲା, ତାହା ଖ୍ରୀଷ୍ଟ
ଯୀଶୁଙ୍କ ଦ୍ୱାରା ଅଣଯିହୂଦୀମାନଙ୍କୁ ପ୍ରଦାନ କରାଯାଇପାରିବ
ଏବଂ ଯେପରି ବିଶ୍ୱାସ ଦ୍ୱାରା ଆମ୍ଭେ ସମସ୍ତେ ସେହି
ପ୍ରତିଜ୍ଞା ଦିଆଯାଇଥିବା ଆତ୍ମା ପାଇପାରିବୁ।

## ବ୍ୟବସ୍ଥା ଓ ପ୍ରତିଜ୍ଞା

୧୫ଭାଇ(ଓ ଭଉଣୀ)ମାନେ! ମୁଁ ଗୋଟିଏ ଉଦାହରଣ
ଦେଉଛି: ଜଣେ ଲୋକ ଅନ୍ୟ ଜଣଙ୍କ ସହିତ କରିଥିବା
ଚୁକ୍ତି ବିଷୟରେ ଭାବ। ସେହି ଚୁକ୍ତିଟି ଅନୁମୋଦିତ
ହୋଇଗଲା ପରେ, ସେଥିରେ କୌଣସି ପରିବର୍ତ୍ତନ ହୋଇପାରେ
ନାହିଁ। ତାହାକୁ ଅଟକାଇ ରଖିହୁଏ ନାହିଁ, ଓ ସେଥିରେ
ଯୋଡ଼ା ଯାଇପାରେ ନାହିଁ। ୧୬ସେ ଚୁକ୍ତିକୁ ମଧ୍ୟ ଏଡ଼ାଇ
ଦେଇ ହୁଏନାହିଁ। ସେହିପରି ପରମେଶ୍ୱର ଅବ୍ରହାମ "ଓ
ତାହାଙ୍କ ସନ୍ତାନଙ୍କୁ" ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ "ସେ
ତାହାଙ୍କର ସମସ୍ତ ବଂଶଧର" ପାଇଁ ଏହି ପ୍ରତିଜ୍ଞା ଦେଇ ନ
ଥିଲେ। ତା'ର ଅର୍ଥ ଜଣେ ମାତ୍ର ବ୍ୟକ୍ତିଙ୍କୁ ପ୍ରତିଜ୍ଞା
କରାଯାଇଥିଲା ଏବଂ ସେହି ବ୍ୟକ୍ତି ଜଣକ ହେଉଛନ୍ତି ଖ୍ରୀଷ୍ଟ।
୧୭ମୋ କହିବାର ଅର୍ଥ ଯେ, ଯେଉଁ ଚୁକ୍ତିଟିକୁ ପରମେଶ୍ୱର
ପୂର୍ବରୁ ଅନୁମୋଦନ କରିସାରିଥିଲେ, ତାହା ଚାରିଶହ ତିରିଶବର୍ଷ
ପରେ ଆସିଥିବା ବ୍ୟବସ୍ଥା ଦ୍ୱାରା ମୂଲ୍ୟହୀନ ହୋଇ
ଗଲାନାହିଁ। ସେହି ବ୍ୟବସ୍ଥା ମଧ୍ୟ ସେହି ଚୁକ୍ତିର ପ୍ରଭାବକୁ
ହୀନ କରି ପାରିଲା ନାହିଁ। ୧୮ଯଦି ଉତ୍ତରାଧିକାର "ବ୍ୟବସ୍ଥା
ଆଧାରିତ" ଅଟେ, ତେବେ ତାହା 'ପ୍ରତିଶ୍ରୁତି ଆଧାରିତ'
ହୋଇ ପାରିବ ନାହିଁ। କିନ୍ତୁ ପରମେଶ୍ୱର ଆପଣା ପ୍ରତିଶ୍ରୁତି
ମାଧ୍ୟମରେ ମୁକ୍ତ ଭାବରେ ଅବ୍ରହାମଙ୍କୁ ତାଙ୍କର ଆଶୀର୍ବାଦ
ପ୍ରଦାନ କରିଥିଲେ।

୧୯ତା'ହେଲେ ବ୍ୟବସ୍ଥାର ପ୍ରୟୋଜନ କ'ଣ? ଲୋକମାନଙ୍କ
ଭୁଲ କାମଗୁଡ଼ିକୁ ଦେଖାଇବା ଲାଗି ବ୍ୟବସ୍ଥାକୁ ପ୍ରତିଜ୍ଞା
ସହିତ ଯୋଗ କରାଯାଇଥିଲା। ଅବ୍ରହାମଙ୍କ ବିଶେଷ ସନ୍ତାନଙ୍କ
ଆସିବା ପର୍ଯ୍ୟନ୍ତ ବ୍ୟବସ୍ଥା ଜାରି ରହିବାର ଥିଲା। ପରମେଶ୍ୱରଙ୍କ
ପ୍ରତିଶ୍ରୁତି ଏହି ସନ୍ତାନଙ୍କ ସମ୍ବନ୍ଧରେ ଥିଲା। ବ୍ୟବସ୍ଥାଗୁଡ଼ିକ
ସ୍ୱର୍ଗଦୂତମାନଙ୍କ ଜରିଆରେ ଦିଆଯାଇଥିଲା। ସ୍ୱର୍ଗଦୂତମାନେ
ମୋଶାଙ୍କ ମଧ୍ୟସ୍ଥତାରେ ମନୁଷ୍ୟମାନଙ୍କୁ ଦେଲେ। ୨୦ଗୋଟିଏ
ପକ୍ଷ ଥିଲେ, ମଧ୍ୟସ୍ଥତା ଦରକାର ହୁଏ ନାହିଁ ଓ ପରମେଶ୍ୱର
ହେଉଛନ୍ତି ମାତ୍ର ଜଣେ।

## ମୋଶାଙ୍କ ନିୟମର ପ୍ରୟୋଜନ

୨୧ଏହାର ଅର୍ଥ କଣ ଏହା ଯେ ବ୍ୟବସ୍ଥା ପରମେଶ୍ୱରଙ୍କ
ପ୍ରତିଜ୍ଞାଗୁଡ଼ିକର ବିରୋଧୀ ଅଟେ? ଲୋକଙ୍କ ଭିତରେ
ଜୀବନ ଭଳି ବ୍ୟବସ୍ଥା ଯଦି ଦିଆଯାଇପାରିଥାଆନ୍ତା, ତେବେ
ସେହି ବ୍ୟବସ୍ଥା ଦ୍ୱାରା ପରମେଶ୍ୱରଙ୍କ ସହିତ ଆମ୍ଭେ
ପ୍ରକୃତରେ ଧାର୍ମିକ ହୋଇ ପାରିଥାଆନ୍ତୁ। ୨୨କିନ୍ତୁ ଏହା
ସତ୍ୟ ନୁହେଁ। ଶାସ୍ତ୍ର ଘୋଷଣା କରେ ଯେ, ସବୁ ଲୋକ
ପାପର ଅଧୀନ ଅଟନ୍ତି। ଏଭଳି ଘୋଷଣାର ଉଦ୍ଦେଶ୍ୟ
ହେଲା ଯେ, ବିଶ୍ୱାସ ମାଧ୍ୟମରେ ଲୋକମାନଙ୍କୁ ପ୍ରତିଶ୍ରୁତି
ଦିଆଯିବ। ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କୁ ବିଶ୍ୱାସ କରନ୍ତି, ସେହି
ଲୋକମାନଙ୍କୁ ପ୍ରତିଶ୍ରୁତି ଦିଆଯିବ।

୨୩ଏହି ବିଶ୍ୱାସ ପ୍ରକାଶ ହେବା ପର୍ଯ୍ୟନ୍ତ ଆମ୍ଭେ ବ୍ୟବସ୍ଥା
ଦ୍ୱାରା ବନ୍ଦୀ ଓ ପରିଚାଳିତ ହୋଇ ଥିଲୁ। ଆମ୍ଭର
ସେତେବେଳେ କୌଣସି ସ୍ୱାଧୀନତା ନ ଥିଲା। ୨୪ଅତଏବ,
ଖ୍ରୀଷ୍ଟଙ୍କ ଆଗମନ ପୂର୍ବରୁ ବ୍ୟବସ୍ଥା ଆମ୍ଭର ସ୍ୱାମୀ ଥିଲା।
ତା'ପରେ ଆମ୍ଭେ ବିଶ୍ୱାସ ଦ୍ୱାରା ପରମେଶ୍ୱରଙ୍କ ସହିତ
ଧାର୍ମିକ ହେଲୁ। ୨୫ଏବେ ବିଶ୍ୱାସର ରାସ୍ତା ଉପସ୍ଥିତ
ହୋଇଅଛି ଓ ଆମ୍ଭେ ଏଣିକି ବ୍ୟବସ୍ଥାର ଅଧୀନ ନୋହୁଁ।

୨୬ଖ୍ରୀଷ୍ଟଯୀଶୁଙ୍କ ଠାରେ ବିଶ୍ୱାସ ଦ୍ୱାରା ତୁମ୍ଭେ ସମସ୍ତେ
ପରମେଶ୍ୱରଙ୍କ ସନ୍ତାନଗଣ ଅଟ। ୨୭ତୁମ୍ଭେ ଯେତେଲୋକ
ଖ୍ରୀଷ୍ଟଙ୍କଠାରେ ବାପ୍ତିସ୍ମ ଗ୍ରହଣ କରିଛ, ତୁମ୍ଭେମାନେ ତାହାଙ୍କୁ
ବସ୍ତ୍ରରୂପେ ପରିଧାନ କରିଛ। ୨୮ଅତଏବ ଖ୍ରୀଷ୍ଟଙ୍କଠାରେ
ତୁମ୍ଭେ ସମସ୍ତେ ଏକ ହୋଇଥିବା କାରଣରୁ ଯିହୂଦୀ ଓ
ଗ୍ରୀକ୍, ଦାସ ଓ ସ୍ୱାଧୀନଲୋକ, ପୁରୁଷ ଓ ମହିଳା କାହାରି
ଭିତରେ କୌଣସି ଭେଦ ରହିଲା ନାହିଁ। ୨୯ଯଦି ତୁମ୍ଭେମାନେ
ସମସ୍ତେ ଖ୍ରୀଷ୍ଟଙ୍କର ଅଟ, ତେବେ ସ୍ୱଭାବତଃ ତୁମ୍ଭେ
ଅବ୍ରାହମଙ୍କ ବଂଶଜ ମଧ୍ୟ ଅଟ, ଓ ପରମେଶ୍ୱର ଅବ୍ରହାମଙ୍କୁ
ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ସେହି ପ୍ରତିଶ୍ରୁତିର ମଧ୍ୟ
ତୁମ୍ଭେ ଉତ୍ତରାଧିକାରୀ ଅଟ।

୪ ମୁଁ କହୁଛି ଯେ, ଯେ ପର୍ଯ୍ୟନ୍ତ ଜଣେ ଉତ୍ତରାଧିକାରୀ
ଅବସ୍ଥାରେ ଅଛି, ସେ ସମସ୍ତ ସମ୍ପତ୍ତିର ମାଲିକ
ହୋଇ ଥିଲେ ମଧ୍ୟ, ଜଣେ ଦାସ ଠାରୁ ବେଶି ଭିନ୍ନ
ନୁହେଁ। ୨କାରଣ, ସେହି ଶିଶୁ ଆପଣ ପିତାଙ୍କ ଦ୍ୱାରା
ନିର୍ଦ୍ଦିଷ୍ଟ କରାଯାଇଥିବା ସମୟ ପର୍ଯ୍ୟନ୍ତ, ଅଭିଭାବକ ଓ ତାର
ଯତ୍ନ ନ୍ୟସ୍ତ କରା ଯାଇଥିବା ବ୍ୟକ୍ତିମାନଙ୍କର ଅଧୀନରେ
ଥାଏ। ୩ଠିକ୍ ସେହିପରି ଆମ୍ଭେମାନେ ଶିଶୁଥିବା ସମୟରେ,
ଆମ୍ଭେ ମଧ୍ୟ ସଂସାରର ଅନୁପଯୋଗୀ ନୀତିନିୟମଗୁଡ଼ିକର
ଦାସ ଥିଲୁ। ୪କିନ୍ତୁ ଉଚିତ ସମୟ ଉପସ୍ଥିତ ହେବାରୁ
ପରମେଶ୍ୱର ନିଜ ପୁତ୍ରଙ୍କୁ ପଠାଇଲେ। ସେ ଜଣେ
ସ୍ତ୍ରୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ, ଓ ବ୍ୟବସ୍ଥା ଅଧିନରେ
ଜୀବନଯାପନ କରୁଥିଲେ। ୫ବ୍ୟବସ୍ଥାର ଅଧୀନରେ ଥିବା
ଲୋକମାନଙ୍କୁ ମୁକ୍ତ କରିବା ପାଇଁ ଓ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ
ସନ୍ତାନ ରୂପେ ଗଢ଼ି ତୋଳିବା ନିମନ୍ତେ ସେ ଏପରି
କରିଥିଲେ।

୬ତୁମ୍ଭେମାନେ ପରମେଶ୍ୱରଙ୍କ ସନ୍ତାନ, ସେଥିପାଇଁ ସେ
ତୁମ୍ଭମାନଙ୍କ ହୃଦୟ ଭିତରେ ନିଜ ପୁତ୍ରଙ୍କ ଆତ୍ମାକୁ ସ୍ଥାପିତ
କଲେ। ସେହି ଆତ୍ମା "ଆବ୍ବା, ପ୍ରିୟ ପିତା" ବୋଲି
ଡାକନ୍ତି। ୭ଅତଏବ, ତୁମ୍ଭେମାନେ ପୂର୍ବଭଳି ଏବେ ଆଉ
ଦାସ ନୁହଁ। ତୁମ୍ଭେ ପରମେଶ୍ୱରଙ୍କ ପୁତ୍ର ଅଟ। ତୁମ୍ଭେ
ତାହାଙ୍କର ସନ୍ତାନ ହୋଇଥିବାରୁ ସେ ତୁମ୍ଭକୁ ଉତ୍ତରାଧିକାରୀ
ଭାବେ ସବୁ ପ୍ରତିଜ୍ଞାତ ବିଷୟ ପ୍ରଦାନ କରିବେ।

## ଗାଲାତୀୟ ଖ୍ରୀଷ୍ଟିୟାନମାନଙ୍କ ପ୍ରତି ପାଉଲଙ୍କ ପ୍ରେମ

୮ପୂର୍ବରୁ ତୁମ୍ଭେ ପରମେଶ୍ୱରଙ୍କୁ ଜାଣି ନ ଥିଲ।
ତୁମ୍ଭେମାନେ ମିଥ୍ୟା ଦେବତାମାନଙ୍କର ଦାସ ଥିଲ। ୯କିନ୍ତୁ
ଏବେ ତୁମ୍ଭେମାନେ ପ୍ରକୃତ ପରମେଶ୍ୱରଙ୍କ ପରିଚୟ ପାଇଅଛ।

ପ୍ରକୃତରେ ପରମେଶ୍ୱରଙ୍କ ଦ୍ୱାରା ପରିଚୟ ପାଇଅଛ। ତେବେ
ତୁମ୍ଭେମାନେ ପୂର୍ବରୁ ପାଳନ କରୁଥିବା ଦୁର୍ବଳ ଓ ଅଦରକାରୀ
ନିୟମଗୁଡ଼ିକ ପ୍ରତି କାହିଁକି ପୁଣି ଆକୃଷ୍ଟ ହେଉଛ?
ତୁମ୍ଭେମାନେ କ'ଣ ପୁଣି ଦାସ ହେବାକୁ ଇଚ୍ଛା କର?
୧୦ତୁମ୍ଭେମାନେ ଏବେ ମଧ୍ୟ ବିଶେଷ ଦିନ, ମାସ, ଋତୁ ଓ
ବର୍ଷଗୁଡ଼ିକ ବିଷୟକ ନୀତି ନିୟମର ଶିକ୍ଷାଗୁଡ଼ିକୁ ପାଳନ
କରୁଛ। ୧୧ତୁମ୍ଭମାନଙ୍କ ପାଇଁ ଯେଉଁ ସବୁ ଚେଷ୍ଟା ଓ କାମ
କରିଛି, ତାହା କାଳେ ବିଫଳ ହୁଏ, ଏଥିପାଇଁ ମୁଁ ଡରୁଛି।
୧୨ଭାଇ(ଓ ଭଉଣୀ)ମାନେ! ମୁଁ ତୁମ୍ଭମାନଙ୍କ ପରି ଥିଲି,
ଅତଏବ ତୁମ୍ଭେମାନେ ବର୍ତ୍ତମାନ ମୋ ପରି ହୁଅ। ୧୩ତୁମ୍ଭେମାନେ
ମୋ ପାଇଁ ଖୁବ୍ ଭଲ ଥିଲ। ତୁମ୍ଭେମାନେ ମନେ ପକାଅ,
ମୁଁ ପ୍ରଥମ ଥର ତୁମ୍ଭମାନଙ୍କ ପାଖକୁ ଆସି ଥିଲି। ଯେହେତୁ
ମୁଁ ଅସୁସ୍ଥ ଥିଲି। ସେ ସମୟରେ ମୁଁ ତୁମ୍ଭମାନଙ୍କ
ନିକଟରେ ସୁସମାଚାର ପ୍ରଚାର କରିଥିଲି। ୧୪ମୋର ଅସୁସ୍ଥତା
ତୁମ୍ଭମାନଙ୍କ ପାଇଁ ଭାରସ୍ୱରୂପ ଥିଲା। କିନ୍ତୁ ତୁମ୍ଭେମାନେ
ମୋତେ ଘୃଣା କରି ନ ଥିଲ। ତୁମ୍ଭେମାନେ ମୋତେ ଛାଡ଼ି
ଯିବାକୁ କହି ନ ଥିଲ। ପରମେଶ୍ୱରଙ୍କ ଠାରୁ ସ୍ୱର୍ଗଦୂତ
ଆସିବା ଭଳି ମୋତେ ତୁମ୍ଭେମାନେ ସ୍ୱାଗତ ଜଣାଇ ଥିଲ।
ତୁମ୍ଭେମାନେ ସ୍ୱୟଂ ଖ୍ରୀଷ୍ଟଯୀଶୁ ଭଳି ମୋତେ ଗ୍ରହଣ
କରିଥିଲ। ୧୫ତୁମ୍ଭେମାନେ ସେତେବେଳେ ଅତ୍ୟଧିକ ଆନନ୍ଦିତ
ଥିଲ। ଏବେ ସେ ଆନନ୍ଦ କୁଆଡ଼େ ଗଲା? ମୋର ମନେ
ପଡ଼େ, ତୁମ୍ଭେମାନେ ତୁମ୍ଭମାନଙ୍କର ସାଧ୍ୟମତେ ମୋତେ
ସାହାଯ୍ୟ କରିବା ପାଇଁ ଆଗେଇ ଆସିଥିଲ। ସମ୍ଭବ ହୋଇ
ଥିଲେ, ତୁମ୍ଭେମାନେ ନିଜର ଆଖି ମଧ୍ୟ ତାଡ଼ି ମୋତେ
ପ୍ରଦାନ କରି ଦେଇ ଥାଆନ୍ତ। ୧୬କିନ୍ତୁ ଏବେ କ'ଣ
ତୁମ୍ଭମାନଙ୍କୁ ସତ୍ୟ କହୁଥିବାରୁ ମୁଁ ତୁମ୍ଭମାନଙ୍କ ଶତ୍ରୁ
ହୋଇଗଲି?
୧୭ଭଣ୍ଡ ଶିକ୍ଷକମାନେ ତୁମ୍ଭମାନଙ୍କୁ ବହୁତ ଶ୍ରଦ୍ଧା ଦେଖାଉଛନ୍ତି,
ମାତ୍ର ତାହା ଠିକ୍ ଉଦ୍ଦେଶ୍ୟରେ ନୁହେଁ। କାରଣ, ତାହାଦ୍ୱାରା
ସେମାନେ ତୁମ୍ଭମାନଙ୍କୁ ନିୟନ୍ତ୍ରଣ କରି ଆମ୍ଭ ଠାରୁ ଦୂରେଇ
ନେବାକୁ ଇଚ୍ଛା କରନ୍ତି ଓ ସେମାନଙ୍କ ଛଡ଼ା ଆଉ କାହାକୁ
ଅନୁସରଣ ନ କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ୧୮କିନ୍ତୁ
ଉଦ୍ଦେଶ୍ୟ ଯଦି ଭଲ ହୋଇଥାଏ, ତେବେ କେବଳ ମୁଁ
ତୁମ୍ଭମାନଙ୍କ ସଙ୍ଗରେ ଥିବାବେଳେ ନୁହେଁ, ମାତ୍ର ସବୁବେଳେ
ସେଥିରେ ଉଦ୍‌ଯୋଗୀ ହେବା ଉଚିତ। ୧୯ମୋ ପ୍ରିୟ
ସନ୍ତାନଗଣ! ମୁଁ ତୁମ୍ଭମାନଙ୍କ ପାଇଁ ପୁଣି ଥରେ ଜଣେ ମା'
ପରି ପ୍ରସବବେଦନା ଅନୁଭବ କରୁଛି ଓ ତୁମ୍ଭେମାନେ ଯେ
ପର୍ଯ୍ୟନ୍ତ ପ୍ରକୃତରେ ଖ୍ରୀଷ୍ଟଯୀଶୁଙ୍କ ଭଳି ନ ହୋଇଛ, ସେ
ପର୍ଯ୍ୟନ୍ତ ମୁଁ ଏପ୍ରକାର କଷ୍ଟ ଅନୁଭବ କରୁଥିବି। ୨୦ମୋର
ଇଚ୍ଛା ହେଉଛି ମୁଁ ବର୍ତ୍ତମାନ ସେଠାରେ ତୁମ୍ଭମାନଙ୍କ
ପାଖରେ ଥାଆନ୍ତି କି, ଯଦ୍ଦ୍ୱାରା ମୁଁ ତୁମ୍ଭମାନଙ୍କ ସହିତ ଭିନ୍ନ
ପ୍ରକାରେ କଥା ହୋଇପାରନ୍ତି। କାରଣ ତୁମ୍ଭମାନଙ୍କ ବିଷୟରେ
କ'ଣ କରାଯିବ, ମୁଁ କିଛି ଜାଣିପାରୁ ନାହିଁ।

## ସାରା ଓ ହାଗାରର ଉଦାହରଣ

୨୧ଏବେ ମଧ୍ୟ ତୁମ୍ଭମାନଙ୍କ ଭିତରୁ କେତେକ ବ୍ୟବସ୍ଥା
ଅଧୀନରେ ରହିବାକୁ ଇଚ୍ଛା କରୁଛ। ତୁମ୍ଭେମାନେ ଜାଣି କି
ବ୍ୟବସ୍ଥା କ'ଣ କୁହେ? ୨୨ଶାସ୍ତ୍ର କୁହେ, ଅବ୍ରହାମଙ୍କର
ଦୁଇଟି ପୁତ୍ର ଥିଲେ। ଗୋଟିଏ ପୁଅର ମା ଜଣେ ଦାସୀ।
ଅନ୍ୟଟିର ମା ଜଣେ ସ୍ୱାଧୀନା ସ୍ତ୍ରୀ। ୨୩ଅବ୍ରାହାମଙ୍କ ଦାସୀପୁତ୍ର
ଶାରୀରିକ ସ୍ୱଭାବର ପଦ୍ଧତିରେ ଜନ୍ମ ହେଲା। କିନ୍ତୁ
ସ୍ୱାଧୀନା ସ୍ତ୍ରୀ ଠାରୁ ଯେଉଁ ପୁତ୍ରଟି ଜନ୍ମ ହେଲା, ପରମେଶ୍ୱର
ଅବ୍ରାହାମଙ୍କୁ ଦେଇଥିବା ପ୍ରତିଜ୍ଞା ଅନୁସାରେ ସେ ଜାତ
ହେଲା।
୨୪ଏହି ସତ୍ୟ କାହାଣୀ ଗୋଟିଏ ଅର୍ଥ ପ୍ରକାଶ କରେ।
ଦୁଇଜଣ ସ୍ତ୍ରୀ ଦୁଇ ପ୍ରକାରର ଚୁକ୍ତିକୁ ଦର୍ଶାନ୍ତି। ଗୋଟିଏ
ଚୁକ୍ତି ସୀନୟ ପର୍ବତ ଠାରେ ହୋଇଥିଲା। ଏହି ଚୁକ୍ତି
ଉଦ୍ଦେଶ୍ୟରେ ଯେଉଁ ଲୋକମାନେ ଜନ୍ମ ହୁଅନ୍ତି, ସେମାନେ
କ୍ରୀତଦାସ ଭଳି। ଏହି ଚୁକ୍ତି ହାଗାର ନାମ୍ନୀ ଏକ ସ୍ତ୍ରୀ
ସହିତ ସଂଯୁକ୍ତ। ୨୫ହାଗାର ଆରବ ଦେଶସ୍ଥିତ ସୀନୟ
ପର୍ବତର ପ୍ରତୀକ। ଏବେ ତାହା ଆଜିର ଯିରୂଶାଲମକୁ
ସଂକେତ କରେ। ଏହା ନିଜ ସନ୍ତାନମାନଙ୍କ ସହିତ
ଦାସତ୍ୱରେ ପଡ଼ିଅଛି। ୨୬କିନ୍ତୁ ସ୍ୱର୍ଗସ୍ଥ ଯିରୂଶାଲମ ସ୍ୱାଧୀନ
ଅଟେ। ସେ ଆମ୍ଭର ମାତା। ୨୭ଶାସ୍ତ୍ର କୁହେ:

"ହେ ବନ୍ଧ୍ୟା ! ଆନନ୍ଦିତ ହୁଅ, ତୁମ୍ଭେ କାହାରିକୁ
ଜନ୍ମ ଦେଇନାହିଁ; ଖୁବ୍ ଜୋରରେ ହର୍ଷନାଦ କର,
ତୁମ୍ଭେ ପ୍ରସବବେଦନା କେବେହେଲେ ଅନୁଭବ
କରିନାହିଁ। ଯେଉଁ ସ୍ତ୍ରୀ ପରିତ୍ୟକ୍ତା, ତା'ର ଅଗଣିତ
ସନ୍ତାନ ସଧବା(ପତିଥିବା)ସ୍ତ୍ରୀଠାରୁ ବେଶୀ ହେବେ।"
ଯିଶାଇୟ ୫୪:୧

୨୮-୨୯ଏବଂ ଅବ୍ରାହାମଙ୍କର ଗୋଟିଏ ପୁତ୍ର ସାଧାରଣ
ଭାବରେ ଜନ୍ମ ହେଲା। ଅନ୍ୟ ପୁତ୍ର ଯିସ୍‌ହାକ୍ ଆତ୍ମାଙ୍କ ଶକ୍ତି
ଦ୍ୱାରା ଜାତ ହେଲା। ମୋ ଭାଇ(ଓ ଭଉଣୀ)ମାନେ!
ତୁମ୍ଭେମାନେ ମଧ୍ୟ ଯିସ୍‌ହାକ ଭଳି ପ୍ରତିଶ୍ରୁତିର ସନ୍ତାନ ଅଟ।
ସାଧାରଣ ଭାବରେ ଜନ୍ମ ଗ୍ରହଣ କରିଥିବା ପୁତ୍ରଟି ଯିସ୍‌ହାକ
ସହିତ ମନ୍ଦ ବ୍ୟବହାର କଲା। ଆଜି ମଧ୍ୟ ସେହିଭଳି
ଅବସ୍ଥା। ୩୦କିନ୍ତୁ ଶାସ୍ତ୍ର କ'ଣ କୁହେ? "ଦାସୀ ନାରୀ ଓ
ତାହାର ପୁତ୍ରକୁ ବାହାର କରିଦିଅ। ସ୍ୱାଧୀନ ସ୍ତ୍ରୀର ପୁତ୍ର
ପିତାର ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ହେବ। କିନ୍ତୁ
ଦାସୀପୁତ୍ର କିଛି ପାଇବ ନାହିଁ।"* ୩୧ଅତଏବ ଭାଇ(ଓ
ଭଉଣୀମାନେ), ଆମ୍ଭେ ଦାସୀପୁତ୍ର ନୋହୁଁ, ମାତ୍ର ସ୍ୱାଧୀନ
ସ୍ତ୍ରୀର ସନ୍ତାନ ଅଟୁ।

## ସ୍ୱାଧୀନ ରହିଥାଅ

୫ ଆମ୍ଭେ ସମସ୍ତେ ଏବେ ସ୍ୱାଧୀନ। ଖ୍ରୀଷ୍ଟ ଆମ୍ଭକୁ
ସ୍ୱାଧୀନ କରିଛନ୍ତି। ଦୃଢ଼ ଭାବରେ ରହି ଥାଅ। ପୁଣି
ଥରେ ଦାସତ୍ୱର ବନ୍ଧନ ନିକଟରେ ନିଜକୁ ସମର୍ପଣ
କର ନାହିଁ। ୨ଶୁଣ! ମୁଁ ପାଉଲ କହୁଛି, ଯଦି ତୁମ୍ଭେମାନେ
ସୁନ୍ନତ ହୋଇ ବ୍ୟବସ୍ଥା ନିକଟକୁ ଫେରି ଯିବ, ତାହେଲେ
ଖ୍ରୀଷ୍ଟ ତୁମ୍ଭମାନଙ୍କ ପାଇଁ ଲାଭଦାୟକ ହେବେ ନାହିଁ। ୩ମୁଁ

---

**"ଦାସୀ ... ନାହିଁ"** ଆଦିପୁସ୍ତକ ୨୧:୧୦

ପୁଣି ଥରେ ସମସ୍ତଙ୍କୁ ସତର୍କ କରାଇ ଦେଉଛି: ଯଦି ଜଣେ
କେହି ସୁନ୍ନତକୁ ଗ୍ରହଣ କରିବ, ତା'ହେଲେ ସେ ସମ୍ପୂର୍ଣ୍ଣ
ଭାବରେ ବ୍ୟବସ୍ଥା ପାଳନ କରିବାକୁ ବାଧ ହେବ। ୪ଯଦି
ତୁମ୍ଭେମାନେ ବ୍ୟବସ୍ଥା ଅନୁସାରେ ପରମେଶ୍ୱରଙ୍କ ସହିତ
ଧାର୍ମିକ ହେବାକୁ ଚେଷ୍ଟା କରୁଛ, ତା'ହେଲେ ଖ୍ରୀଷ୍ଟଙ୍କ
ସହିତ ତୁମ୍ଭମାନଙ୍କ ଜୀବନ ସମାପ୍ତ ହେଲା, ଏହାର ଅର୍ଥ
ତୁମ୍ଭେମାନେ ପରମେଶ୍ୱରଙ୍କ ଅନୁଗ୍ରହକୁ ଅଗ୍ରାହ୍ୟ କଲ। ୫ମୁଁ
ଏହା କହେ କାରଣ ଆମେ ଆଶା କରୁ ଯେ, ବିଶ୍ୱାସ
ଦ୍ୱାରା ପରମେଶ୍ୱରଙ୍କ ପ୍ରତି ଧାର୍ମିକ ହେବୁ। ୬ଆତ୍ମାଙ୍କ
ସାହାଯ୍ୟରେ ଆମେ ଏଥି ପାଇଁ ଅପେକ୍ଷା କରି ରହିଛୁ।
ଯଦି କେହି ଖ୍ରୀଷ୍ଟଯୀଶୁଙ୍କଠାରେ ଅଛି, ତାହେଲେ ସେ
ସୁନ୍ନତ ହୋଇଛି ନା ନାହିଁ, ଏହା ମହତ୍ତ୍ୱପୂର୍ଣ୍ଣ ନୁହେଁ।
ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା, ପ୍ରେମ ଜନିତ ବିଶ୍ୱାସ, ଯାହା
କାର୍ଯ୍ୟରେ ପରିପ୍ରକାଶ ହୁଏ।

୭ତୁମ୍ଭେମାନେ ପ୍ରତିଯୋଗିତାରେ ଭଲ ଭାବରେ ଦୌଡୁ
ଥିଲ। କିଏ ତେବେ ତୁମ୍ଭମାନଙ୍କୁ ସତ୍ୟପଥ ଅନୁସରଣ
କରିବାରେ ବାଧା ଦେଲା? ୮ତୁମ୍ଭକୁ ଯେଉଁ ପ୍ରକାର ପ୍ରବର୍ତ୍ତନା
ଦିଆଯାଇଥାଉ ନା କାହିଁକି, ସେହି ପ୍ରବର୍ତ୍ତନା ପରମେଶ୍ୱରଙ୍କ
ଠାରୁ ଆସିନାହିଁ, ଯେ ତୁମ୍ଭକୁ ମନୋନୀତ କରିଥିଲେ।
୯ସାବଧାନ ରୁହ, "ଅଳ୍ପ ଟିକିଏ ଖମୀର ଜନ୍ତା ହୋଇଥିବା
ସବୁ ମଇଦାକୁ ଫୁଲାଇ ଦିଏ।"* ୧୦ପ୍ରଭୁଙ୍କ ଠାରେ ମୋର
ବିଶ୍ୱାସ ଅଛି ଯେ, ତୁମ୍ଭେମାନେ ଏହିଭଳି ଭିନ୍ନ ମତାମତକୁ
ବିଶ୍ୱାସ କରିବ ନାହିଁ। ଯେଉଁ ଲୋକ ତୁମ୍ଭମାନଙ୍କୁ ବିଚଳିତ
କରୁଛି, ସେ ଯିଏ ହେଉ ନା କାହିଁକି ଦଣ୍ଡ ପାଇବ।

୧୧ମୋ ଭାଇ (ଓ ଭଉଣୀ)ମାନେ! ମୁଁ ତୁମ୍ଭମାନଙ୍କୁ
ଶିଖାଇ ନାହିଁ ଯେ, ଲୋକେ ସୁନ୍ନତ ହେବା ନିହାତି
ଆବଶ୍ୟକ। ଯଦି ମୁଁ ଏହା ଶିଖାଇଛି, ତା'ହେଲେ ମୋତେ
କାହିଁକି ତାଡ଼ନା ଆସୁଛି? ମୁଁ ଯଦି ଏହା ପ୍ରଚାର କରିଥିଲି,
ତା'ହେଲେ କ୍ରୁଶ ସମ୍ବନ୍ଧୀୟ ମୋର ଶିକ୍ଷା ଲୋକଙ୍କୁ
ବ୍ୟତିବ୍ୟସ୍ତ କରି ପକାଇ ନଥାନ୍ତା। ୧୨ମୁଁ କାମନା କରେ
ଯେ, ଯେଉଁମାନେ ତୁମ୍ଭମାନଙ୍କୁ ଉତ୍ତେଜିତ କରୁଛନ୍ତି, ସେମାନେ
ନିଜର ସୁନ୍ନତ କରିବା ସହିତ ଚକ୍ଷୁକୁ ଇନ୍ଦ୍ରିୟହୀନ କରି
ଦେଉ ନାହାଁନ୍ତି କାହିଁକି?

୧୩ମୋ ଭାଇ(ଓ ଭଉଣୀ)ମାନେ! ପରମେଶ୍ୱର ତୁମ୍ଭମାନଙ୍କୁ
ସ୍ୱାଧୀନ ରହିବା ପାଇଁ ବାଛିଛନ୍ତି। କିନ୍ତୁ ଏହି ସ୍ୱାଧୀନତାକୁ
ତୁମ୍ଭେମାନେ ନିଜନିଜର ପାପମୟ ସ୍ୱଭାବର ଇଚ୍ଛା ପୂରଣ
ନିମନ୍ତେ ବ୍ୟବହାର କର ନାହିଁ। ବରଂ ଏକ ଆରେକର
ପ୍ରେମ ପୂର୍ବକ ସେବା କର। ୧୪ସମସ୍ତ ନିୟମ ଗୋଟିଏ
ଆଦେଶର ସାର ଭାବରେ ସମାହିତ ହୋଇଛି: "ନିଜକୁ
ପ୍ରେମ କଲା ପରି ଅନ୍ୟ ସମସ୍ତ ଲୋକଙ୍କୁ ପ୍ରେମ
କର।"* ୧୫ଯଦି ତୁମ୍ଭେ ଏକ ଆରେକକୁ ଆଘାତ ପ୍ରଦାନ
କରୁଥାଅ, ଓ ତଦ୍ଦ୍ୱାରା ପରସ୍ପରକୁ ଗ୍ରାସ କରି ଚାଲିଲ,
ତାହେଲେ ତୁମ୍ଭେମାନେ ନିଜେନିଜେ ସମ୍ପୂର୍ଣ୍ଣ ଭାବେ ନଷ୍ଟ
ହୋଇ ଯିବ। ତେଣୁ ସାବଧାନ ରୁହ।

### ପବିତ୍ରଆତ୍ମା ଓ ମାନବ ପ୍ରକୃତି

୧୬ସେଥିପାଇଁ ମୁଁ କହୁଛି: ଆତ୍ମାଙ୍କର ଅନୁସରଣ କରି
ଜୀବନ ଯାପନ କର। ତାହେଲେ ତୁମ୍ଭେମାନେ ପାପମୟ
ସ୍ୱଭାବର ଇଚ୍ଛାକୁ ସନ୍ତୁଷ୍ଟ କରିବା ନିମନ୍ତେ କୌଣସି ମନ୍ଦ
କାର୍ଯ୍ୟ କରିବ ନାହିଁ। ୧୭ଆମ୍ଭର ପାପମୟ ସ୍ୱଭାବର ଇଚ୍ଛା
ପବିତ୍ରଆତ୍ମାଙ୍କର ବିରୋଧୀ ଓ ପବିତ୍ର ଆତ୍ମା ପାପମୟ
ସ୍ୱଭାବର ବିରୋଧୀ ଅଟନ୍ତି। ଏହି ଦୁଇ ବିଷୟ ପରସ୍ପରର
ବିରୋଧୀ ଅଟନ୍ତି। ସେଥିପାଇଁ ତୁମ୍ଭେମାନେ ପ୍ରକୃତରେ
ଯାହା କରିବାକୁ ଇଚ୍ଛା କର, ତାହା କରି ପାର ନାହିଁ।
୧୮କିନ୍ତୁ ଯଦି ତୁମ୍ଭେମାନେ ଆତ୍ମାଙ୍କର ପରିଚାଳିତ ପଥରେ
ଚାଲୁଛ, ତା'ହେଲେ ତୁମ୍ଭେମାନେ ବ୍ୟବସ୍ଥାର ଅଧୀନ ନୁହଁ।

୧୯ଆମ୍ଭର ପାପମୟ ସ୍ୱଭାବ ଦ୍ୱାରା ହେଉଥିବା ପାପପୂର୍ଣ୍ଣକ୍ରିୟା
ଗୁଡ଼ିକ ବିଷୟରେ ସମସ୍ତେ ଜାଣନ୍ତି। ସେଗୁଡ଼ିକ ହେଲା:
ଯୌନ ପାପାଚାର, ଅପବିତ୍ରତା, ଭୋଗବିଳାସ, ୨୦ମୂର୍ତ୍ତିପୂଜା,
ଯାଦୁବିଦ୍ୟା, ଘୃଣା, ଝଗଡ଼ା, ଈର୍ଷା, କ୍ରୋଧ, ସ୍ୱାର୍ଥପରତା,
ବିଭାଜନ କରିବା, ଦଳୀୟ ମନୋଭାବ, ୨୧ପରଶ୍ରୀକାତରତା,
ନିଶାସକ୍ତ ହେବା, ମଉଜ ଓ ଏହିପରି ଅନ୍ୟ ସବୁ କାମ।
ମୁଁ ପୂର୍ବ ଭଳି ଏବେ ମଧ୍ୟ ତୁମ୍ଭମାନଙ୍କୁ ସତର୍କ କରାଉଛି
ଯେ, ଯେଉଁ ଲୋକମାନେ ଏଭଳି କର୍ମରେ ଲିପ୍ତ ରୁହନ୍ତି,
ସେମାନେ କୌଣସି ପ୍ରକାରେ ପରମେଶ୍ୱରଙ୍କ ରାଜ୍ୟର
ଉତ୍ତରାଧିକାର ପାଇବେ ନାହିଁ। ୨୨ମାତ୍ର ପବିତ୍ରଆତ୍ମା ଆମ୍ଭକୁ
ଏହିଗୁଡ଼ିକ ପ୍ରଦାନ କରନ୍ତି: ପ୍ରେମ, ଆନନ୍ଦ, ଶାନ୍ତି, ଧୈର୍ଯ୍ୟ,
ଦୟାଭାବ, ଉଦାରତା, ବିଶ୍ୱସ୍ତତା, ୨୩ଭଦ୍ରତା ଓ ଆତ୍ମ-ସଂଯମ।
ଏହି ବିଷୟଗୁଡ଼ିକ ଠିକ୍ ନୁହେଁ ବୋଲି କୌଣସି ନିୟମ
କହିପାରିବ ନାହିଁ। ୨୪ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କର, ସେମାନେ
ନିଜର ମନର ଆବେଗ ଓ ପାପମୟ ସ୍ୱଭାବକୁ କ୍ରୁଶରେ
ବଦ୍ଧ କରିଛନ୍ତି। ସେମାନେ ନିଜର ସ୍ୱାର୍ଥପର ମନୋଭାବ ଓ
ମନ୍ଦକାର୍ଯ୍ୟ ସବୁକୁ ତ୍ୟାଗ କରିଛନ୍ତି। ୨୫ସେହି ଆତ୍ମାଙ୍କଠାରୁ
ଆମ୍ଭେ ନୂତନ ଜୀବନ ପାଇଅଛୁ। ଅତଏବ ଆମ୍ଭେ ଆତ୍ମାଙ୍କର
ଅନୁସରଣ କରିବା ଉଚିତ। ୨୬ଆମ୍ଭେ ବୃଥାଭିମାନୀ ହେବା
ନାହିଁ। ଏକଆରେକକୁ ଅସୁବିଧାରେ ପକାଇବା ନାହିଁ ଏବଂ
ଆମ୍ଭେ ପରସ୍ପରକୁ ଈର୍ଷା କରିବା ନାହିଁ।

### ଏକଆରେକର ସାହାଯ୍ୟ କର

୬ ଭାଇ(ଓ ଭଉଣୀ)ମାନେ! ତୁମ୍ଭମାନଙ୍କ ଭିତରୁ କୌଣସି
ଲୋକ ହୁଏତ କିଛି ଭୁଲ କରି ପାରେ। ସେତେବେଳେ
ତୁମ୍ଭେମାନେ ଆତ୍ମିକ ଲୋକ ହୋଇଥିବାରୁ, ଭଦ୍ରତା ସହକାରେ
ଭୁଲକାର୍ଯ୍ୟ କରୁଥିବା ଲୋକଟିକୁ ସଂଶୋଧନ ହେବା ପାଇଁ
ସାହାଯ୍ୟ କରିବା ଉଚିତ। କିନ୍ତୁ ସାବଧାନ, ତୁମ୍ଭେମାନେ
ଯେପରି ନିଜେ କୌଣସି(ପାପ କରିବା ପାଇଁ) ପରୀକ୍ଷାରେ
ପଡ଼ି ନ ଯାଅ। ୨ନିଜର କର୍ତ୍ତବ୍ୟ କରିବା ସହ ପରସ୍ପରକୁ
ସାହାଯ୍ୟ କର। ଏଭଳି କରିବା ଦ୍ୱାରା ତୁମ୍ଭେମାନେ ଖ୍ରୀଷ୍ଟଙ୍କ
ଆଜ୍ଞାକୁ ପ୍ରକୃତରେ ପାଳନ କରି ପାରିବ। ୩ଯଦି ଜଣେ
ଅତି ନଗଣ୍ୟ ହୋଇଥିଲେ ହେଁ ନିଜକୁ ମହାନ୍ ବୋଲି

---

**"ଅଳ୍ପ ଟିକିଏ ... ଦିଏ।"** ଏହି ଉପଦେଶ କୁହେ ଛୋଟ ବିଷୟ ଅତି ବଡ଼ ବିପଦ ଆଣିପାରେ ଏବଂ ଜଣେ ଲୋକ ସମସ୍ତଙ୍କୁ ମନ୍ଦ ପଥରେ ନେଇଯାଇ ପାରେ।

**ନିଜକୁ ... ପ୍ରେମ କର।"** ଲେବୀୟ ପୁସ୍ତକ ୧୯:୧୮

ଭାବେ, ତେବେ ସେ ନଜକୁ ପ୍ରତାରଣା କରେ। ୪ଜଣେ
ଲୋକ ନଜକୁ ଅନ୍ୟ ସହତ ତୁଳନା କରବା ଉଚତ
ନୁହେଁ। ମାତ୍ର ପ୍ରତ୍ୟେକ ଲୋକ ନଜର କାର୍ଯ୍ୟଗୁଡ଼କୁ
ପରୀକ୍ଷା ନରୀକ୍ଷା କରବା ଉଚତ। ତା'ହେଲେ ସେ ନଜର
କାମ ପାଇଁ ଗର୍ବ ଅନୁଭବ କରପାରବ। ୫ପ୍ରତ୍ୟେକ ଲୋକ
ନଜ ନଜର ଦାୟିତ୍ୱ ବହନ କରବା ଉଚତ।
୬ଯେଉଁ ଲୋକ ପରମେଶ୍ୱରଙ୍କ ବାକ୍ୟର ଶିକ୍ଷା କରୁଛ,
ସେ ନଜର ଶିକ୍ଷକଙ୍କୁ ତା' ନକଟରେ ଥିବା ସମସ୍ତ ଭଲ
ବଷୟ ଗୁଡ଼କର ସହଭାଗୀ କରାଉ।

## ଜୀବନ ହେଉଛ ଜମି ଚାଷ କରବା ସହତ ସମାନ

୭ନିଜକୁ ପ୍ରତାରଣା କର ନାହିଁ। ପରମେଶ୍ୱରଙ୍କୁ ତୁମ୍ଭେମାନେ
ଠକ ପାରବ ନାହିଁ। ଜଣେ ଲୋକ ଯେପର ବୁଣିବ,
ସେହପର କାଟିବ। ୮ଯେଉଁ ଲୋକ ନଜର ପାପମୟ
ସ୍ୱଭାବକୁ ସନ୍ତୁଷ୍ଟ କରବା ପାଇଁ ବୁଣିବ, ସେ ବନାଶ
ଦାୟକ ଫସଲ କାଟିବ। କନ୍ତୁ ଜଣେ ଯଦ ଆତ୍ମାଙ୍କୁ ସନ୍ତୁଷ୍ଟ
କରବା ପାଇଁ ବୁଣିବ, ସେ ଆତ୍ମାଙ୍କଠାରୁ ଅନନ୍ତ ଜୀବନ
ରୂପକ ଶସ୍ୟ କାଟିବ। ୯ଆମ୍ଭେ ଉତ୍ତମ କାର୍ଯ୍ୟ କରବାରେ
ଥକଯିବା ନାହିଁ। କାରଣ ଉପଯୁକ୍ତ ସମୟ ଆସିଲା ପରେ
ଆମ୍ଭକୁ ତା'ର ଫଳ ମିଳବ। ୧୦ତେଣୁ ଯେତେବେଳେ
ଆମ୍ଭେ କାହାର ଉପକାର କରବା ନମନ୍ତେ ସୁଯୋଗ ପାଉ,
ଆମ୍ଭେ ଅବଶ୍ୟ ତାହା କରବା ଉଚତ। କନ୍ତୁ ଯେଉଁମାନେ
ମଣ୍ଡଳୀଭୁକ୍ତ ବଶ୍ୱାସୀ ଅଟନ୍ତ, ସେମାନଙ୍କ ପ୍ରତି ଆମ୍ଭକୁ
ବଶେଷ ଧ୍ୟାନ ଦେବାକୁ ପଡ଼ବ।

## ପାଉଲଙ୍କ ପତ୍ରର ସମାପ୍ତି

୧୧ଦେଖ! ମୁଁ ନଜ ହାତରେ ଓ କେତେ ବଡ଼ବଡ଼
ଅକ୍ଷରରେ ତୁମ୍ଭମାନଙ୍କୁ ଏହ ପତ୍ରଟି ଲେଖିଛ। ୧୨କେତେକ
ଲୋକ ତୁମ୍ଭମାନଙ୍କୁ ସୁନ୍ନତ ହେବା ପାଇଁ ବାଧ କରୁଛନ୍ତ।
ଯିହୂଦୀମାନେ ଯେପର ସେମାନଙ୍କୁ ଗ୍ରହଣ କରପାରନ୍ତ,
ସେଥିପାଇଁ ଏହା କରୁଛନ୍ତ। ଖ୍ରୀଷ୍ଟଙ୍କ କ୍ରୁଶ ପାଇଁ କାଳେ
ସେମାନଙ୍କୁ ନର୍ଯାତନା ସହବାକୁ ହେବ, ସେଥିପାଇଁ ସେମାନେ
ଭୟ କରୁଛନ୍ତ। ୧୩ଯେଉଁମାନେ ତୁମ୍ଭମାନଙ୍କୁ ସୁନ୍ନତ ପାଇଁ
ପ୍ରବର୍ତ୍ତାଉଛନ୍ତ, ସେମାନେ ନଜେ ବ୍ୟବସ୍ଥା ପାଳନ କରୁ
ନାହାଁନ୍ତ। କନ୍ତୁ ସେମାନେ ତୁମ୍ଭମାନଙ୍କୁ ସୁନ୍ନତ କରବାକୁ
ବଡ଼ ଆଗ୍ରହୀ ଅଟନ୍ତ। ତୁମ୍ଭମାନଙ୍କୁ ଏହପର କରବାକୁ
ବାଧ କର, ସେମାନେ ଗର୍ବ କର ପାରବେ। ୧୪ଆମ୍ଭମାନଙ୍କ
ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ କ୍ରୁଶ ହିଁ ମୋର ଗର୍ବର ଏକମାତ୍ର
କାରଣ। ମୁଁ ଆଶାକରେ ଯେ, ମୁଁ ତାହାଠାରୁ ଆଉ
କେଉଁଠାରେ ଗର୍ବ କରବ ନାହିଁ। କ୍ରୁଶ ଉପରେ ପ୍ରଭୁ
ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ମୋ ପାଇଁ ଏହ ସଂସାର ମୃତ,
ଓ ମୁଁ ମଧ ସଂସାର ପାଇଁ ମୃତ। ୧୫ଜଣେ ମନୁଷ୍ୟ ସୁନ୍ନତ
ହେଉ ବା ଅସୁନ୍ନତ ହେଉ, ସେଥିରେ କଛ ଗୁରୁତ୍ୱ ନାହିଁ।
କେବଳ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ ନୂତନ ମନୁଷ୍ୟ ହେବା
ଗୁରୁତ୍ୱପୂର୍ଣ୍ଣ। ୧୬ଯେଉଁମାନେ ଏହ ନୟମ ପାଳନ କରୁଛନ୍ତ,
ସେମାନଙ୍କୁ ଓ ପରମେଶ୍ୱରଙ୍କ ସମସ୍ତ ଲୋକମାନଙ୍କୁ ଶାନ୍ତ
ଓ ଦୟା ମିଳୁ।

୧୭ଅତଏବ ମୋତେ ଅଧିକ କଷ୍ଟ ଦଅ ନାହିଁ। ମୋ
ଶରୀରରେ ପୂର୍ବରୁ କ୍ଷତ ଚହ୍ନମାନ ଅଛ। ମୁଁ ଯେ
ଯୀଶୁଖ୍ରୀଷ୍ଟଙ୍କର ଅଟେ, ତାହା ଏହ କ୍ଷତଚହ୍ନଗୁଡ଼କ ପ୍ରମାଣିତ
କରନ୍ତ।

୧୮ମୋ ଭାଇ(ଓ ଭଉଣୀ)ମାନେ! ମୁଁ ପ୍ରାର୍ଥନା କରେ
ଯେ, ଆମ୍ଭର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ତୁମ୍ଭମାନଙ୍କ ଆତ୍ମା
ସହତ ସଦାସର୍ବଦା ରହଥାଉ। ଆମେନ୍।

# ଏଫିସୀୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କ ପତ୍ର

୧ ଖ୍ରୀଷ୍ଟ ଯୀଶୁଙ୍କର ଜଣେ ପ୍ରେରିତ ପାଉଲଙ୍କ ଠାରୁ
ପତ୍ର। ପରମେଶ୍ୱରଙ୍କ ଇଚ୍ଛାନୁଯାୟୀ ଏଫିସୀୟ ଠାରେ
ରହୁଥିବା ପରମେଶ୍ୱରଙ୍କ ପବିତ୍ର ଲୋକ ଓ ଖ୍ରୀଷ୍ଟ ଯୀଶୁଙ୍କଠାରେ
ବିଶ୍ୱାସୀ ଲୋକଙ୍କ ପ୍ରତି ମୁଁ ପ୍ରେରିତ ହୋଇଛି।
୨ତୁମ୍ଭମାନଙ୍କୁ ଆମ୍ଭର ପରମପିତା ପରମେଶ୍ୱର ଓ ପ୍ରଭୁ
ଯୀଶୁ ଖ୍ରୀଷ୍ଟଙ୍କ ଠାରୁ ଅନୁଗ୍ରହ ଓ ଶାନ୍ତି ମିଳୁ।

## ଯୀଶୁଙ୍କଠାରେ ଥିବା ଲୋକଙ୍କ ପାଇଁ ଆଧ୍ୟାତ୍ମିକ ଆଶୀର୍ବାଦ

୩ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପିତା ଓ ପରମେଶ୍ୱରଙ୍କ ପ୍ରଶଂସା
ହେଉ। ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଥିବା ହେତୁ ପରମେଶ୍ୱର
ଆମ୍ଭକୁ ସ୍ୱର୍ଗରେ ସମସ୍ତ ଆଧ୍ୟାତ୍ମିକ ଆଶୀର୍ବାଦ ଦେଇଛନ୍ତି।
୪ଖ୍ରୀଷ୍ଟଙ୍କଠାରେ, ଜଗତର ସୃଷ୍ଟି ପୂର୍ବରୁ ପରମେଶ୍ୱର ଆମ୍ଭକୁ
ତାହାଙ୍କ ସମ୍ମୁଖରେ ପବିତ୍ର ଓ ନିର୍ଦ୍ଦୋଷ ହେବା ପାଇଁ
ଆଦରରେ ବାଛି ଥିଲେ। ୫ସେ ଆମ୍ଭମାନଙ୍କୁ ସୃଷ୍ଟି ପୂର୍ବରୁ
ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ନିଜର ସନ୍ତାନ କରିବାକୁ ସ୍ଥିର
କରିଥିଲେ। ଏହା ତାହାଙ୍କର ଇଚ୍ଛା ଓ ଆନନ୍ଦ ଥିଲା।
୬ପରମେଶ୍ୱରଙ୍କ ଆଶ୍ଚର୍ଯ୍ୟଜନକ ଅନୁଗ୍ରହ ସକାଶେ ତାହାଙ୍କର
ପ୍ରଶଂସା ହୁଏ। ଯାହାଙ୍କୁ ପରମେଶ୍ୱର ପ୍ରେମ କରନ୍ତି, ସେହି
ଖ୍ରୀଷ୍ଟଙ୍କ ଦ୍ୱାରା ସେ ଆମ୍ଭକୁ ସେହି ଅନୁଗ୍ରହ ମୁକ୍ତ ଭାବରେ
ଦେଇଥାନ୍ତି। ୭ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଥିବା ହେତୁ ଆମ୍ଭେ
ତାହାଙ୍କର ରକ୍ତ ମାଧ୍ୟମରେ ମୁକ୍ତ ହୋଇଛୁ। ପରମେଶ୍ୱରଙ୍କ
ବହୁମୂଲ୍ୟ ଅନୁଗ୍ରହ ଦ୍ୱାରା ଆମ୍ଭର ପାପରୁ ଆମ୍ଭେ କ୍ଷମା
ପାଇପାରୁ। ୮ପରମେଶ୍ୱର ଏହି ଅନୁଗ୍ରହ ପୂର୍ଣ୍ଣ ଭାବରେ ଓ
ମୁକ୍ତ ଭାବରେ ଦେଇଛନ୍ତି। ୯ପରମେଶ୍ୱର ନିଜର ପୂର୍ଣ୍ଣ
ଜ୍ଞାନ ଓ ବୋଧ ଶକ୍ତି ଦ୍ୱାରା ତାହାଙ୍କର ନିଗୂଢ଼ତତ୍ତ୍ୱ ଆମ୍ଭକୁ
ଜଣାଇଛନ୍ତି। ପରମେଶ୍ୱର ଏହା ଚାହୁଁଥିଲେ ଏବଂ ସେ ଏହା
ଖ୍ରୀଷ୍ଟଙ୍କ ଦ୍ୱାରା କରିବା ପାଇଁ ଯୋଜନା କରିଥିଲେ।
୧୦ପରମେଶ୍ୱରଙ୍କର ଯୋଜନା ଥିଲା ଯେ ଉଚିତ ସମୟ
ଉପସ୍ଥିତ ହେଲେ, ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା ସ୍ୱର୍ଗ ଓ
ପୃଥିବୀର ସମସ୍ତ ବସ୍ତୁଗୁଡ଼ିକୁ ଏକତ୍ର କରିବେ ଓ ଖ୍ରୀଷ୍ଟ
ତହିଁର ମସ୍ତକ ସ୍ୱରୂପ ହେବେ।
୧୧ପରମେଶ୍ୱର ନିଜ ଯୋଜନା ଓ ଇଚ୍ଛା ଅନୁସାରେ
ସମସ୍ତ ଘଟଣା ଘଟାନ୍ତି। ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା
ହେତୁ ପରମେଶ୍ୱର ଆମ୍ଭକୁ ତାହାଙ୍କର ଲୋକ ହେବା ପାଇଁ
ବାଛିଲେ। ଏକଥା ସେ ନିଜ ଇଚ୍ଛାନୁସାରେ ଅନାଦି କାଳରୁ
ଠିକ୍ କରି ରଖିଥିଲେ। ୧୨ଆମ୍ଭେ ହେଉଛୁ ପ୍ରଥମ ଲୋକ
ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଭରସା ପ୍ରତିଷ୍ଠିତ କରିଥିଲୁ,
ଏବଂ ପରମେଶ୍ୱରଙ୍କ ମହିମାର ପ୍ରଶଂସା କରିବା ଲାଗି
ଆମ୍ଭକୁ ବଛା ଯାଇଥିଲା। ୧୩ତୁମ୍ଭମାନଙ୍କ ପାଇଁ ମୁକ୍ତି ଆଣି
ଦେଉଥିବା ସୁସମାଚାରର ସତ୍‌ଶିକ୍ଷା ତୁମ୍ଭେ ଶୁଣିଲ। ସୁସମାଚାର
ଶୁଣିଲା ପରେ ତୁମ୍ଭେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କଲ।
ପରମେଶ୍ୱର ପବିତ୍ର ଆତ୍ମାଙ୍କୁ ପ୍ରଦାନ କରି ତୁମ୍ଭ ଉପରେ
ତାହାଙ୍କର ବିଶେଷ ଚିହ୍ନ ଦେଇ ଚିହ୍ନିତ କଲେ। ଏହା
କରିବା ଦ୍ୱାରା ସେ ଆଗରୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା
କରିଥିଲେ। ୧୪ପରମେଶ୍ୱର ନିଜ ଲୋକଙ୍କୁ ଯେସମସ୍ତ
ବିଷୟ ଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି, ତାହା ଯେ
ଆମ୍ଭେମାନେ ନିଶ୍ଚିତ ରୂପେ ପାଇବା, ଏଥିପାଇଁ ପବିତ୍ର
ଆତ୍ମା ହେଉଛନ୍ତି ପରମେଶ୍ୱରଙ୍କ ନିର୍ଭରଯୁକ୍ତ ପ୍ରତିଶ୍ରୁତି।
ଯେଉଁମାନେ ପରମେଶ୍ୱରଙ୍କର ଲୋକ ଅଟନ୍ତି, ସେମାନଙ୍କ
ନିମନ୍ତେ ଏହା ପୂର୍ଣ୍ଣ ସ୍ୱାଧୀନତା ଆଣିଦେବ। ଏହାର
ଉଦ୍ଦେଶ୍ୟ ପରମେଶ୍ୱରଙ୍କ ମହିମାର ପ୍ରଶଂସା ହେବ।

## ପାଉଲଙ୍କ ପ୍ରାର୍ଥନା

୧୫ସେଥିପାଇଁ ମୁଁ ଯେତେବେଳେ ପ୍ରଭୁ ଯୀଶୁଙ୍କ ଠାରେ
ତୁମ୍ଭମାନଙ୍କ ବିଶ୍ୱାସ ଓ ପରମେଶ୍ୱରଙ୍କ ସମସ୍ତ ଲୋକମାନଙ୍କ
ପାଇଁ ତୁମ୍ଭମାନଙ୍କର ପ୍ରେମ ବିଷୟରେ ଶୁଣିଲି, ମୁଁ ତୁମ୍ଭମାନଙ୍କ
ପାଇଁ ପରମେଶ୍ୱରଙ୍କୁ ନିରନ୍ତର ଧନ୍ୟବାଦ ଅର୍ପଣ କଲି।
୧୬ନିଜର ପ୍ରାର୍ଥନାରେ ମୁଁ ତୁମ୍ଭମାନଙ୍କୁ ମନେ ପକାଉଛି।
୧୭ମୁଁ ମହିମାମୟ ପିତା, ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର
ପରମେଶ୍ୱରଙ୍କୁ ସବୁବେଳେ ପ୍ରାର୍ଥନା କରେ ଯେ, ସେ
ତୁମ୍ଭକୁ ବିଜ୍ଞତାର ଆତ୍ମା ପ୍ରଦାନ କରନ୍ତୁ। ସେହି ଜ୍ଞାନ
ତୁମ୍ଭମାନଙ୍କ ପାଇଁ ପରମେଶ୍ୱର ବିଷୟକ ସମସ୍ତ ତଥ୍ୟକୁ
ସ୍ପଷ୍ଟ କରିଦେବ, ଯାହା ଫଳରେ ତୁମ୍ଭେମାନେ ତାହାଙ୍କୁ
ପୂର୍ଣ୍ଣ ଭାବରେ ଜାଣି ପାରିବ। ୧୮ମୁଁ ପ୍ରାର୍ଥନା କରୁଛି,
ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ସମସ୍ତ ସତ୍ୟର ସମ୍ପୂର୍ଣ୍ଣ
ବୋଧଶକ୍ତି ପାଇପାର, ଏଥିପାଇଁ ସେ ତୁମ୍ଭର ମନରୂପ ଚକ୍ଷୁ
ଖୋଲି ଦିଅନ୍ତୁ। ତାପରେ ତୁମ୍ଭେମାନେ ବୁଝି ପାରିବ ଯେ,
କେଉଁ ବିଷୟରେ ଭରସା ରଖିବା ପାଇଁ ପରମେଶ୍ୱର
ଆମ୍ଭମାନଙ୍କୁ ବାଛି ଥିଲେ। ତୁମ୍ଭେମାନେ ବୁଝି ପାରିବ ଯେ
ପରମେଶ୍ୱର ନିଜର ପବିତ୍ରୀକୃତ ଲୋକମାନଙ୍କୁ ଯେଉଁସବୁ
ଆଶୀର୍ବାଦ ଦେବା ପାଇଁ ପ୍ରତିଜ୍ଞା କରିଥିଲେ, ତାହା କେଡ଼େ
ମହିମାମୟ ଓ ଐଶ୍ୱର୍ଯ୍ୟପୂର୍ଣ୍ଣ ଅଟେ। ୧୯ତୁମ୍ଭେମାନେ ଏହା
ମଧ୍ୟ ବୁଝି ପାରିବ ଯେ, ଆମ୍ଭେ ଯେଉଁମାନେ ବିଶ୍ୱାସ
କରୁଛୁ, ଆମ୍ଭମାନଙ୍କ ନିମନ୍ତେ କାମ କରୁଥିବା ପରମେଶ୍ୱରଙ୍କ
ଶକ୍ତି କେଡ଼େ ମହାନ୍। ୨୦ଏହି ଶକ୍ତି ହେଉଛି ସେହି ଶକ୍ତି,
ଯେଉଁ ଶକ୍ତି ବଳରେ ପରମେଶ୍ୱର ଖ୍ରୀଷ୍ଟଙ୍କୁ ମୃତ୍ୟୁରୁ
ପୁନରୁତ୍ଥିତ କରିଥିଲେ। ସ୍ୱର୍ଗ ରାଜ୍ୟରେ ପରମେଶ୍ୱର ଖ୍ରୀଷ୍ଟଙ୍କୁ
ତାହାଙ୍କ ଡାହାଣ ପଟରେ ବସାଇ ଅଛନ୍ତି। ୨୧ପରମେଶ୍ୱର

ଖ୍ରୀଷ୍ଟଙ୍କୁ ସମସ୍ତ ଶାସକ, ଅଧିକାରୀ, ଶକ୍ତି ଓ ରାଜାମାନଙ୍କ
ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ପଦ ଦେଇଅଛନ୍ତି। ଏହି ସଂସାର
କିମ୍ବା ପରବର୍ତ୍ତୀ ସଂସାରରେ ଥିବା ଯେ କୌଣସି କ୍ଷମତା
ପୂର୍ଣ୍ଣ ଶକ୍ତି ଅପେକ୍ଷା ଖ୍ରୀଷ୍ଟଙ୍କର ଶକ୍ତି ଅତି ଅଧିକ ଅଟେ।
୨୨ପରମେଶ୍ୱର ସବୁ କିଛି ଖ୍ରୀଷ୍ଟଙ୍କ ଅଧୀନରେ ରଖିଅଛନ୍ତି ଓ
ତାହାଙ୍କୁ ମଣ୍ଡଳୀର ମୁଖ୍ୟ ରୂପେ ସ୍ଥାପିତ କରିଛନ୍ତି।
୨୩ମଣ୍ଡଳୀ ହେଉଛି ଖ୍ରୀଷ୍ଟଙ୍କ ଶରୀର। ମଣ୍ଡଳୀ ଖ୍ରୀଷ୍ଟଙ୍କ
ଦ୍ୱାରା ପୂର୍ଣ୍ଣ ହୋଇଅଛି। ସେ ସମସ୍ତ ବିଷୟ ପ୍ରତ୍ୟେକ
ଉପାୟରେ ସଂପୂର୍ଣ୍ଣ କରନ୍ତି।

## ମୃତ୍ୟୁରୁ ଜୀବନ ଆଡ଼କୁ

**୨** ପୂର୍ବରୁ ତୁମ୍ଭର ପାପ ହେତୁ ଓ ପରମେଶ୍ୱରଙ୍କୁ ବାଧା
ଦେଉଥିବା ଭୁଲ କାର୍ଯ୍ୟ ହେତୁ ତୁମ୍ଭର ଆତ୍ମିକ
ଜୀବନ ମୃତ ଥିଲା। ୨ଅତୀତରେ ତୁମ୍ଭେ ସେହି ପାପ
କାର୍ଯ୍ୟ ସହିତ ଜଡ଼ିତ ଥିଲ। ତୁମ୍ଭେ ସାଂସାରିକ ଜୀବନଯାପନ
କରୁଥିଲ। ପୃଥିବୀରେ ମନ୍ଦ ଶକ୍ତିର ଶାସକଙ୍କୁ ତୁମ୍ଭେ
ଅନୁସରଣ କରୁ ଥିଲ। ସେହି ମନ୍ଦ ଶକ୍ତି ଏବେ ମଧ
ପରମେଶ୍ୱରଙ୍କୁ ଅମାନ୍ୟ କରୁଥିବା ଲୋକଙ୍କ ଭିତରେ କାମ
କରୁଛି। ୩ଅତୀତରେ ଆମ୍ଭେ ସମସ୍ତେ ସେହିଭଳି ଜୀବନଯାପନ
କରୁଥିଲୁ। ଆମ୍ଭେ ଆମ୍ଭର ପାପଭରା ମନୋଭାବର କାମନା
ସବୁ ପୂରଣ କରିବାରେ ଚେଷ୍ଟିତ ଥିଲୁ। ଯାହା ଆମ୍ଭ ଦେହ
ଚାହୁଁଥିଲା ଓ ମନ ଭାବୁଥିଲା, ସେହି କାର୍ଯ୍ୟ କରୁଥିଲୁ।
ଆମ୍ଭେ ମନ୍ଦ ଲୋକ ଥିଲୁ। ଆମ୍ଭର ପାପପୂର୍ଣ୍ଣ ଜୀବନ ଲାଗି
ଆମ୍ଭେମାନେ ଅନ୍ୟ ମାନଙ୍କ ପରି ପରମେଶ୍ୱରଙ୍କ କ୍ରୋଧର
ପାତ୍ର ହୋଇ ଦଣ୍ଡ ଭୋଗ କରିଥାନ୍ତୁ।
୪କିନ୍ତୁ ପରମେଶ୍ୱର ଆମ୍ଭକୁ ଅତିଶୟ ପ୍ରେମ କଲେ
କାରଣ ତାହାଙ୍କ ଦୟା ଅତି ମହାନ୍। ୫ସେ ସମୟରେ
ଆମ୍ଭେ ପରମେଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ ଆଚରଣ କରୁଥିବାରୁ
ଆତ୍ମିକ ଭାବରେ ମୃତ ଥିଲୁ। କିନ୍ତୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ
ହେତୁ ସେ ଆମ୍ଭକୁ ନୂତନ ଜୀବନ ପ୍ରଦାନ କଲେ।
୬ପରମେଶ୍ୱରଙ୍କ ଅନୁଗ୍ରହ ହେତୁ ତୁମ୍ଭେମାନେ ପରିତ୍ରାଣ
ପାଇଅଛ। ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବାରୁ ପରମେଶ୍ୱର
ଆମ୍ଭକୁ ଖ୍ରୀଷ୍ଟଙ୍କ ସହିତ ପୁନରୁଥିତ କଲେ ଓ ତାହାଙ୍କ
ସହିତ ସ୍ୱର୍ଗୀୟ ସ୍ଥାନରେ ବସାଇ ଅଛନ୍ତି। ୭ଭବିଷ୍ୟତରେ
ତାହାଙ୍କ କୃପାର ମହାନ୍ ସମ୍ପଦକୁ ଆମ୍ଭକୁ ଦେଖାଇବା
ପାଇଁ ପରମେଶ୍ୱର ଏପରି କଲେ। ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା
ଆମ୍ଭ ପ୍ରତି ପରମେଶ୍ୱର ତାହାଙ୍କର ଏହି ଅନୁଗ୍ରହ ପ୍ରକାଶ
କଲେ। ଏହି ଅନୁଗ୍ରହ ଦ୍ୱାରା ତୁମ୍ଭେ ଉଦ୍ଧାର ପାଇଛ।
୮ତୁମ୍ଭେ ସେହି ଅନୁଗ୍ରହ ତୁମ୍ଭର ବିଶ୍ୱାସ ବଳରେ ପାଇଛ।
ତୁମ୍ଭେ ନିଜକୁ ଉଦ୍ଧାର କରି ନାହଁ, ବରଂ ଏହା ତୁମ୍ଭ ପ୍ରତି
ପରମେଶ୍ୱରଙ୍କ ଦାନ। ୯ତୁମ୍ଭେ ନିଜ କର୍ମ ଦ୍ୱାରା ଉଦ୍ଧାର
ପାଇ ନାହଁ। ଯେପରି କୌଣସି ଲୋକ ଆପେ ଉଦ୍ଧାର
ପାଇଅଛି ବୋଲି ଗର୍ବ ନ କରୁ। ୧୦ଆମ୍ଭେ ଯାହା, ତାହା
କେବଳ ପରମେଶ୍ୱରଙ୍କ ଦ୍ୱାରା ହୋଇଅଛୁ। ଆମ୍ଭେ ଯେପରି
ଭଲ କାମ କରିପାରୁ, ସେଥିପାଇଁ ପରମେଶ୍ୱର ଆମ୍ଭକୁ
ଖ୍ରୀଷ୍ଟ ଯୀଶୁଙ୍କ ମଧ୍ୟରେ, ନୂତନ ବ୍ୟକ୍ତି କଲେ। ଏହି ଭଲ
କାମଗୁଡ଼ିକୁ ମଧ ସେ ଆମ୍ଭ ପାଇଁ ପୂର୍ବରୁ ଯୋଜନା କରି
ରଖିଅଛନ୍ତି। ସେ ହିଁ ଯୋଜନା କରିଛନ୍ତି ଆମ୍ଭେ ସେହି
ଭଲ କାମ କରି ଜୀବନଯାପନ କରିବା।

## ଯୀଶୁ ଖ୍ରୀଷ୍ଟଙ୍କଠାରେ ଏକ ହେବା

୧୧ତୁମ୍ଭେମାନେ ଅଣଯିହୂଦୀରୂପେ ଜନ୍ମ ଗ୍ରହଣ କରିଥିଲ।
ତୁମ୍ଭମାନଙ୍କୁ ଯିହୂଦୀମାନେ "ଅସୁନ୍ନତ" ବୋଲି କହନ୍ତି।
ସେମାନେ ନିଜକୁ "ସୁନ୍ନତ"* ବୋଲି କହନ୍ତି। ଏହା ଏକ
କାର୍ଯ୍ୟ, ଯାହାକୁ କି ସେମାନେ ନିଜ ଶରୀର ଉପରେ
କରିଥାନ୍ତି। ୧୨ମନେରଖ, ତୁମ୍ଭେମାନେ ପୂର୍ବରୁ ଖ୍ରୀଷ୍ଟବିହୀନ
ଥିଲ। ତୁମ୍ଭେମାନେ ଇସ୍ରାୟେଲର ନାଗରିକ ନ ଥିଲ।
ତେଣୁ ପରମେଶ୍ୱର ତାହାଙ୍କ ଲୋକମାନଙ୍କ ସହିତ କରିଥିବା
ପ୍ରତିଜ୍ଞା ଯୁକ୍ତ ନିୟମ ତୁମ୍ଭେ ପ୍ରାପ୍ତ ହୋଇ ନ ଥିଲ।
ତୁମ୍ଭର ଆଉ କିଛି ଆଶା ଭରସା ନ ଥିଲା, କି ତୁମ୍ଭେ
ପରମେଶ୍ୱରଙ୍କୁ ଜାଣି ନ ଥିଲ। ୧୩ସେତେବେଳେ ତୁମ୍ଭେମାନେ
ପରମେଶ୍ୱରଙ୍କ ଠାରୁ ଦୂରରେ ଥିଲ। କିନ୍ତୁ ଏବେ ଖ୍ରୀଷ୍ଟ
ଯୀଶୁଙ୍କଠାରେ ବିଶ୍ୱାସ ଥିବା ହେତୁ ତୁମ୍ଭେ ତାଙ୍କର ନିକଟବର୍ତ୍ତୀ
ହୋଇଛ। ଖ୍ରୀଷ୍ଟଙ୍କର ରକ୍ତ ଦ୍ୱାରା ତୁମ୍ଭେ ପରମେଶ୍ୱରଙ୍କର
ନିକଟତର ହୋଇଛ। ୧୪ଖ୍ରୀଷ୍ଟଙ୍କ ହେତୁ ଆମ୍ଭେ ଏବେ
ଶାନ୍ତିରେ ଅଛୁ। ଖ୍ରୀଷ୍ଟ ଯିହୂଦୀ ଓ ଅଣ-ଯିହୂଦୀମାନଙ୍କୁ
ଏକାଠି କଲେ। ଦୁହିଁଙ୍କ ମଝିରେ କାନ୍ଥଟିଏ ଥିଲା ଭଳି
ସେମାନେ ଅଲଗା ଥିଲେ। ସେମାନେ ପରସ୍ପରକୁ ଘୃଣା
କରୁଥିଲେ। କିନ୍ତୁ ନିଜ ଶରୀରକୁ ଉତ୍ସର୍ଗ କରି ଖ୍ରୀଷ୍ଟ
ସେହି ଘୃଣାର କାନ୍ଥଟିକୁ ଭାଙ୍ଗି ଦେଲେ। ୧୫ଯିହୂଦୀମାନଙ୍କ
ବ୍ୟବସ୍ଥାରେ ଅନେକ ଗୁଡ଼ିଏ ଆଦେଶ ଓ ନିୟମାବଳୀ
ଥିଲା; କିନ୍ତୁ ଯୀଶୁ ଖ୍ରୀଷ୍ଟ ସେ ବ୍ୟବସ୍ଥାଟିକୁ ସମାପ୍ତ କଲେ।
ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟ ଥିଲା, ଏହି ଦୁଇ ଦଳର ଲୋକଙ୍କୁ
ଏକାଠି କରି ତାହାଙ୍କଠାରେ ନୂତନ ଲୋକ କରାଇବା।
ଏହା ଦ୍ୱାରା ଯୀଶୁ ଯେପରି ଶାନ୍ତି ସ୍ଥାପନ କରିପାରନ୍ତି।
୧୬କ୍ରୁଶ ଉପରେ ମୃତ୍ୟୁବରଣ କରି ସେ ଦୁଇ ଦଳ
ଭିତରେ ଥିବା ଏହି ଘୃଣାକୁ ସମାପ୍ତ କଲେ। ସେହି ଦୁଇଟି
ଦଳକୁ ଗୋଟିଏ ଶରୀରରେ ପରିଣତ କରିବା ପରେ ଖ୍ରୀଷ୍ଟ
ସେମାନଙ୍କୁ ପରମେଶ୍ୱରଙ୍କ ସହିତ ମିଳିତ କରାଇବା ପାଇଁ
ଚାହିଁଲେ। ୧୭ଖ୍ରୀଷ୍ଟ କ୍ରୁଶରେ ଆପଣା ମୃତ୍ୟୁ ଦ୍ୱାରା ଏହା
ସାଧନ କଲେ। ଦୂରରେ ଥିଲ ଯେ ତୁମ୍ଭେମାନେ, ଖ୍ରୀଷ୍ଟ
ଆସି ତୁମ୍ଭମାନଙ୍କ ନିକଟରେ ଶାନ୍ତି ପ୍ରଚାର କଲେ।
୧୮କାରଣ ଖ୍ରୀଷ୍ଟଙ୍କ ମାଧ୍ୟମରେ ହିଁ, ଏକ ଆତ୍ମା ହୋଇ
ପରମପିତା ପାଖକୁ ଯିବାର ଅଧିକାର ଆମ୍ଭକୁ ମିଳିଲା।
୧୯ଅତଏବ ତୁମ୍ଭେମାନେ ଏବେ ବିଦେଶୀ ଅବା ଅପରିଚିତ
ବ୍ୟକ୍ତି ନୁହଁ ମାତ୍ର ତୁମ୍ଭେ ପରମେଶ୍ୱରଙ୍କ ପବିତ୍ର ଲୋକଙ୍କ
ସହିତ ସହନାଗରିକ ଓ ପରମେଶ୍ୱରଙ୍କ ନିଜ ପରିବାରର
ଲୋକ ଅଟ। ୨୦ପ୍ରେରିତ ଓ ଭବିଷ୍ୟଦ୍‌ବକ୍ତାମାନଙ୍କ ମୂଳଦୁଆ
ଉପରେ ତୁମ୍ଭେ ନିଜେ ଏକ ଭବନ ହୋଇ ଠିଆ
ହୋଇଛ। ପରମେଶ୍ୱର ତା'ର ମାଲିକ ଅଟନ୍ତି। ଖ୍ରୀଷ୍ଟ ଯୀଶୁ
ସେହି ଭବନର କୋଣର ପ୍ରଧାନ ପଥର ଅଟନ୍ତି। ୨୧ସମ୍ପୂର୍ଣ୍ଣ
ଭବନଟି ଖ୍ରୀଷ୍ଟଙ୍କଠାରେ ପରସ୍ପର ସହିତ ସଂଯୁକ୍ତ ହୋଇ

---

**ସୁନ୍ନତ** ଯିହୂଦୀମାନଙ୍କ ଧର୍ମର ଏକ ଚିହ୍ନସ୍ୱରୂପ

ନିର୍ମାଣ ହୋଇଛି। ଖ୍ରୀଷ୍ଟ ସେ ଭବନକୁ ପ୍ରଭୁଙ୍କଠାରେ
ଗୋଟିଏ ପବିତ୍ର ମନ୍ଦିର ହେବା ପାଇଁ ବୃଦ୍ଧି କରାଉଛନ୍ତି।
୨୨ଯୀଶୁ ଖ୍ରୀଷ୍ଟଙ୍କଠାରେ ତୁମ୍ଭେମାନେ ଅନ୍ୟମାନଙ୍କ ସହିତ
ଏକତ୍ର ନିର୍ମିତ ହେଉଅଛ। ତୁମ୍ଭେମାନେ ଏପରି ଗୋଟିଏ
ମନ୍ଦିର ରୂପେ ନିର୍ମିତ ହେଉଛ, ଯେଉଁଠାରେ ଆତ୍ମାଙ୍କ
ମାଧ୍ୟମରେ ପରମେଶ୍ୱର ବାସ କରନ୍ତି।

### ଅଣଯିହୂଦୀଙ୍କ ମଧ୍ୟରେ ପାଉଲଙ୍କ ପ୍ରଚାର କାର୍ଯ୍ୟ

୩ ଅତଏବ, ମୁଁ ପାଉଲ, ତୁମ୍ଭ ଅଣଯିହୂଦୀମାନଙ୍କ ଲାଗି
ଖ୍ରୀଷ୍ଟ ଯୀଶୁଙ୍କର ବନ୍ଦୀ ଅଟେ। ୨ତୁମ୍ଭେମାନେ ଶୁଣିଥିବ,
ପରମେଶ୍ୱର ତାହାଙ୍କର ମହାନ ଅନୁଗ୍ରହରେ ମୋତେ ଏହି
ବିଶେଷ କାର୍ଯ୍ୟ ଦେଇଅଛନ୍ତି, ଯେପରି ମୁଁ ତୁମ୍ଭମାନଙ୍କୁ
ସାହାଯ୍ୟ କରିପାରେ। ୩ପରମେଶ୍ୱର ମୋ' ନିକଟରେ
ତାହାଙ୍କର ଗୁପ୍ତ ଯୋଜନା ପ୍ରକାଶ କରିଛନ୍ତି। ସେ ମୋତେ
ଯାହା ଦେଖାଇଛନ୍ତି, ସେ ବିଷୟରେ ମୁଁ ଅଳ୍ପ କିଛି ଲେଖି
ସାରିଛି। ୪ସେଗୁଡ଼ିକ ଯଦି ତୁମ୍ଭେମାନେ ପଢ଼, ତାହେଲେ
ଦେଖିବ ଯେ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଗୁପ୍ତ ସତ୍ୟ ବିଷୟରେ
ମୁଁ ପ୍ରକୃତରେ ବୁଝିଛି। ୫ପୂର୍ବବର୍ତ୍ତୀ ସମୟର ଲୋକମାନଙ୍କୁ
ଏହି ଗୁପ୍ତ ସତ୍ୟ ବିଷୟରେ କୁହା ଯାଇ ନ ଥିଲା। କିନ୍ତୁ
ପରମେଶ୍ୱର ଏବେ ନିଜର ପବିତ୍ର ପ୍ରେରିତ ଓ
ଭବିଷ୍ୟଦ୍‌ବକ୍ତାମାନଙ୍କ ନିକଟରେ ପବିତ୍ରଆତ୍ମାଙ୍କ ମାଧ୍ୟମରେ
ସେହି ଗୁପ୍ତ ସତ୍ୟଟି ପ୍ରକାଶ କରିଛନ୍ତି। ୬ସେହି ଗୁପ୍ତ
ସତ୍ୟଟି ହେଲା: ଯିହୂଦୀମାନଙ୍କ ସହିତ ଅଣଯିହୂଦୀମାନେ
ମଧ୍ୟ ପରମେଶ୍ୱରଙ୍କ ସମସ୍ତ ବିଷୟର ଅଧିକାରୀ ହେବେ।
ଅଣଯିହୂଦୀମାନେ ଯିହୂଦୀମାନଙ୍କ ସହିତ ସେହି ଏକ ଶରୀରଭୁକ୍ତ
ଅଟନ୍ତି। ଖ୍ରୀଷ୍ଟ ଯୀଶୁଙ୍କଠାରେ ପରମେଶ୍ୱର ଯେ ସମସ୍ତ
ପ୍ରତିଜ୍ଞା ଦେଇଅଛନ୍ତି, ସେମାନେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ
କରୁଥିବା ହେତୁ ସେହି ସମସ୍ତର ସହଭାଗୀ ଅଟନ୍ତି।
ସୁସମାଚାର ହେତୁରୁ ଅଣଯିହୂଦୀମାନେ ଏହି ସବୁର ଅଧିକାରୀ
ଅଟନ୍ତି।
୭ପରମେଶ୍ୱରଙ୍କ ବିଶେଷ ଅନୁଗ୍ରହର ଦାନ ଦ୍ୱାରା ମୁଁ
ସୁସମାଚାର କହିବା ପାଇଁ ଜଣେ ସେବକ ହେଲି। ପରମେଶ୍ୱର
ତାହାଙ୍କର କାର୍ଯ୍ୟକାରୀ ଶକ୍ତି ବଳରେ ମୋତେ ଏହି
ଅନୁଗ୍ରହ ଦାନ କଲେ। ୮ପରମେଶ୍ୱରଙ୍କ ଲୋକମାନଙ୍କ
ଭିତରେ ମୁଁ ଅତି କ୍ଷୁଦ୍ର ଲୋକ ଥିଲି, କିନ୍ତୁ ପରମେଶ୍ୱର
ମୋତେ ଏହି ଅନୁଗ୍ରହଦାନ ଦେଲେ ଯେପରି ମୁଁ
ଅଣଯିହୂଦୀମାନଙ୍କୁ ଖ୍ରୀଷ୍ଟଙ୍କ ଐଶ୍ୱର୍ଯ୍ୟପୂର୍ଣ୍ଣ ସୁସମାଚାର କହିବି।
ସେହି ଐଶ୍ୱର୍ଯ୍ୟଗୁଡ଼ିକ ଏତେ ମହାନ ଯେ ତାହାକୁ ସଂପୂର୍ଣ୍ଣରୂପେ
ବୁଝିବା ସମ୍ଭବପର ନୁହେଁ। ୯ପରମେଶ୍ୱରଙ୍କ ଗୁପ୍ତ ସତ୍ୟକୁ
ସମସ୍ତଙ୍କୁ କହିବା ଦାୟିତ୍ୱ ପରମେଶ୍ୱର ମୋତେ ପ୍ରଦାନ
କଲେ। ଏହି ନିଗୂଢ଼ ସତ୍ୟ ସୃଷ୍ଟିର ଆରମ୍ଭରୁ ସମସ୍ତ
ପଦାର୍ଥର ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ଭିତରେ ଗୁପ୍ତ ରହିଥିଲା।
୧୦ମଣ୍ଡଳୀ ଦ୍ୱାରା ପରମେଶ୍ୱରଙ୍କ ବହୁବିଧ ଜ୍ଞାନ, ସ୍ୱର୍ଗର
କର୍ତ୍ତାପଣ ଓ ଅଧିକାର ପ୍ରାପ୍ତ ବ୍ୟକ୍ତିମାନଙ୍କୁ ବର୍ତ୍ତମାନ
ଜଣାଇବା ପରମେଶ୍ୱରଙ୍କର ଉଦ୍ଦେଶ୍ୟ ଥିଲା। ସେମାନେ
ମଣ୍ଡଳୀ ଯୋଗୁ ଏହା ଜାଣି ପାରିବେ। ୧୧ସମୟର ପ୍ରାରମ୍ଭରୁ
ପରମେଶ୍ୱରଙ୍କର ଯେଉଁ ଯୋଜନା ଥିଲା, ଏହା ତାହା ସହିତ
ମେଳ ଖାଉଛି। ଆମ୍ଭ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ମାଧ୍ୟମରେ
ପରମେଶ୍ୱର ଏହା ସମ୍ପନ୍ନ କଲେ। ୧୨ଖ୍ରୀଷ୍ଟଙ୍କଠାରେ, ବିଶ୍ୱାସ
ଦ୍ୱାରା, ନିର୍ଭୟରେ ପରମେଶ୍ୱରଙ୍କ ସମ୍ମୁଖକୁ ଯିବା ପାଇଁ
ଆମ୍ଭର ସ୍ୱାଧୀନତା ଅଛି। ୧୩ସେଥିପାଇଁ ମୁଁ କୁହେ ଯେ
ତୁମ୍ଭମାନଙ୍କ ପାଇଁ ମୁଁ ଯାତନା ଭୋଗୁ ଥିବାରୁ ହତୋତ୍ସାହିତ
ହୁଅ ନାହିଁ। ମୋର ଏହି ଯାତନାଗୁଡ଼ିକ ତୁମ୍ଭ ନିମନ୍ତେ
ଗୌରବଜନକ ହେବ।

### ଯୀଶୁ ଖ୍ରୀଷ୍ଟଙ୍କ ପ୍ରେମ

୧୪ସେଥିପାଇଁ ପ୍ରାର୍ଥନାରେ ମୁଁ ପରମପିତାଙ୍କ ଆଗରେ
ନତମସ୍ତକ ହୁଏ। ୧୫ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ସମସ୍ତ
ପରିବାରକୁ ପ୍ରକୃତ ନାମ କରଣ କରନ୍ତି। ୧୬ମୁଁ ପରମେଶ୍ୱରଙ୍କ
ଠାରେ ପ୍ରାର୍ଥନା କରେ, ଯେପରି ସେ ତାହାଙ୍କ ସମସ୍ତ
ମହିମା ସହିତ ତୁମ୍ଭମାନଙ୍କୁ ଆତ୍ମିକଭାବେ ଶକ୍ତିଯୁକ୍ତ ହେବା
ପାଇଁ ତାହାଙ୍କର ଶକ୍ତି ପ୍ରଦାନ କରିବେ। ସେ ପବିତ୍ରଆତ୍ମାଙ୍କ
ଦ୍ୱାରା ତୁମ୍ଭମାନଙ୍କୁ ସେହି ଶକ୍ତି ପ୍ରଦାନ କରିବେ। ୧୭ତୁମ୍ଭ
ବିଶ୍ୱାସ ହେତୁ ତୁମ୍ଭ ହୃଦୟରେ ଖ୍ରୀଷ୍ଟ ବାସ କରନ୍ତୁ। ତୁମ୍ଭ
ଜୀବନ ପ୍ରେମରେ ଶକ୍ତିଶାଳୀ ହେଉ ଏବଂ ପ୍ରେମରେ ଗଢ଼ି
ଉଠୁ। ୧୮ଖ୍ରୀଷ୍ଟଙ୍କ ପ୍ରେମର ମହାନତାକୁ ହୃଦୟଙ୍ଗମ କରିବା
ପାଇଁ ତୁମ୍ଭକୁ ଓ ପରମେଶ୍ୱରଙ୍କ ପବିତ୍ରୀକୃତ ଲୋକମାନଙ୍କୁ
ବୁଝିବା ଶକ୍ତି ମିଳୁ। ଯେପରି ତୁମ୍ଭେ ଏହା ମଧ୍ୟ ବୁଝି ପାରି
ଯେ, ସେହି ପ୍ରେମ କେତେ ଓସାର, କେତେ ଲମ୍ବା,
କେତେ ଉଚ୍ଚ, ଓ କେତେ ଗଭୀର। ୧୯ଯୀଶୁ ଖ୍ରୀଷ୍ଟଙ୍କ
ପ୍ରେମ ମନୁଷ୍ୟର ପ୍ରେମଠାରୁ ଅଧିକ ମହାନ୍। କିନ୍ତୁ ମୁଁ
ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରେ ଯେ, ତୁମ୍ଭେ ସେହି
ପ୍ରେମ ବିଷୟରେ ଜାଣିବା ପାଇଁ ସକ୍ଷମ ହୁଅ, ତେବେ
ଯାଇ ତୁମ୍ଭେ ପରମେଶ୍ୱରଙ୍କଠାରେ ପୂର୍ଣ୍ଣ ହୋଇ ଯିବ।
୨୦ଆମ୍ଭ ଭିତରେ ପରମେଶ୍ୱରଙ୍କ ଯେଉଁ ଶକ୍ତି କାର୍ଯ୍ୟ
କରିଥାଏ, ତାହା ଆମ୍ଭର ମାଗିବା ବା ଭାବିବାଠାରୁ ଯଥେଷ୍ଟ
ଅଧିକ ଏବଂ ପରମେଶ୍ୱର ତାହାଠାରୁ ଅଧିକ ଶକ୍ତିର କାର୍ଯ୍ୟ
କରି ପାରନ୍ତି। ୨୧ମଣ୍ଡଳୀରେ ଓ ଖ୍ରୀଷ୍ଟଙ୍କ ଦ୍ୱାରା ସଦାସର୍ବଦା
ତାହାଙ୍କର ମହିମା ହେଉ। ଆମେନ୍।

### ଶରୀରର ଏକତା

୪ ମୁଁ ପ୍ରଭୁଙ୍କର ହୋଇ ଥିବାରୁ କାରାଗାରରେ ବନ୍ଦୀରୂପେ
ଅଛି। ତୁମ୍ଭମାନଙ୍କୁ ପରମେଶ୍ୱର ନିଜ ଲୋକ ବୋଲି
ବାଛିଛନ୍ତି। ଅତଏବ ପରମେଶ୍ୱରଙ୍କ ଲୋକମାନେ ଯେଉଁଭଳି
ଜୀବନଯାପନ କରିବା ଉଚିତ, ତୁମ୍ଭେମାନେ ସେହିଭଳି
ଜୀବନଯାପନ କର। ୨ସବୁବେଳେ ନମ୍ର, ଭଦ୍ର, ଧୈର୍ଯ୍ୟବାନ
ହୁଅ। ପରସ୍ପରକୁ ପ୍ରେମରେ ଗ୍ରହଣ କର। ୩ତୁମ୍ଭେ
ସମସ୍ତେ ପବିତ୍ରଆତ୍ମାଙ୍କ ଦ୍ୱାରା ଶାନ୍ତିର ବନ୍ଧନରେ ଏକତ୍ର
ହୋଇ ରୁହ। ଏହିଭଳି ରହିବା ପାଇଁ ପାରୁ ପର୍ଯ୍ୟନ୍ତ
ଚେଷ୍ଟା କର। ଆତ୍ମାଦତ୍ତ ଶାନ୍ତି ତୁମ୍ଭକୁ ବାନ୍ଧି ରଖୁ।
୪ଶରୀର ଏକ, ପବିତ୍ରଆତ୍ମା ମଧ୍ୟ ଏକ। ପରମେଶ୍ୱର
ତୁମ୍ଭମାନଙ୍କୁ ଏକ ଭରସା ପାଇବା ପାଇଁ ଡାକି ଥିଲେ।

୫ପ୍ରଭୁ ଏକ, ବଶ୍ୱାସ ଏକ ଓ ବୁ‌ପ୍ତିସ୍ମ ମଧ୍ୟ ଏକ।
୬ପରମେଶ୍ୱର ଜଣେ ଓ ସେ ହେଉଛନ୍ତି ପ୍ରତ୍ୟେକ ବଷୟ଼ର
ପିତା। ସେ ସମସ୍ତଙ୍କୁ ଶାସନ କରନ୍ତି, ଓ ସମସ୍ତଙ୍କର
ସ୍ୱାମୀ ଅଟନ୍ତି। ସେ ସବୁଠାରେ ଓ ସମସ୍ତଙ୍କ ଅନ୍ତରରେ
ଅଛନ୍ତି।
୭ଖ୍ରୀଷ୍ଟ ଆମ୍ଭ ପ୍ରତ୍ୟେକଙ୍କୁ ଗୋଟିଏ ବଶେଷ ଅନୁଗ୍ରହ
ଦାନ ଦେଇଛନ୍ତି। ୮ପ୍ରତ୍ୟେକ ଲୋକ ଖ୍ରୀଷ୍ଟଙ୍କ ଇଚ୍ଛାନୁସାରେ
ସେହ ଦାନ ପାଇଛନ୍ତି। ଏଥି ନମନ୍ତେ ଶାସ୍ତ୍ର କୁହେ:

> "ସେ ଆକାଶରେ ଉଚ୍ଚକୁ ଗଲେ; ସେ ବନ୍ଦୀମାନଙ୍କୁ
> ନଜ ସହତ ନେଲେ, ଓ ସେ ଲୋକମାନଙ୍କୁ
> ଅନୁଗ୍ରହ ଦାନ ଦେଲେ।"
>
> ଗୀତସଂହତା ୬୮:୧୮

୯"ଉଚ୍ଚକୁ ଗଲେ" କହବାର ଅର୍ଥ ଯେ, ସେ ପ୍ରଥମେ
ପୃଥିବୀର ନୀଚ ସ୍ଥାନକୁ ଆସିଥିଲେ। ୧୦ଯେଉଁ ଖ୍ରୀଷ୍ଟ
ନୀଚକୁ ଆସିଥିଲେ ସେ ହିଁ ଉଚ୍ଚକୁ ଗଲେ। ସେ ଉଚ୍ଚତମ
ଆକାଶକୁ ଗଲେ ଯେପର ସେ ନଜକୁ ପୂର୍ଣ୍ଣ କରନ୍ତି।
୧୧ଏବଂ ସେହ ଖ୍ରୀଷ୍ଟ ଲୋକମାନଙ୍କୁ ଦାନ ଦେଲେ ଅର୍ଥାତ୍
କେତେକ ଲୋକଙ୍କୁ ସେ ପ୍ରେରତ ହେବା ପାଇଁ, କେତେକଙ୍କୁ
ଭବଷ୍ୟଦ୍‌ବକ୍ତା ହେବା ପାଇଁ, କେତେକଙ୍କୁ ସୁସମାଚ଼ାର
କହବା ପାଇଁ ଓ କେତେକଙ୍କୁ ପରମେଶ୍ୱରଙ୍କ ଲୋକମାନଙ୍କର
ଯତ୍ନ ନେବା ପାଇଁ ଓ ଶିକ୍ଷା ଦେବା ପାଇଁ। ୧୨ପରମେଶ୍ୱରଙ୍କ
ଲୋକମାନେ ତାହାଙ୍କର ସେବା କରବା ପାଇଁ ଓ ଖ୍ରୀଷ୍ଟଙ୍କ
ଶରୀରକୁ ସୁଦୃଢ଼ କରବା ପାଇଁ ପ୍ରସ୍ତୁତ ହେବେ ବୋଲ
ଖ୍ରୀଷ୍ଟ ଏହ ଅନୁଗ୍ରହ ଦାନ ସେମାନଙ୍କୁ ଦେଲେ। ଏହା
ଦ୍ୱାରା ଖ୍ରୀଷ୍ଟଙ୍କ ଶରୀରସ୍ୱରୂପ ଆମ୍ଭେମାନେ ମଧ୍ୟ ଦୃଢ଼ ଓ
ବଳବାନ ହେବା। ୧୩ସମସ୍ତ ଲୋକେ ପରମେଶ୍ୱରଙ୍କ ପୁତ୍ରଙ୍କ
ବଷୟକ ସମାନ ବଶ୍ୱାସ ଓ ସମାନ ଜ୍ଞାନ ସହତ ଏକତ୍ର
ହେବା ପର୍ଯ୍ୟନ୍ତ ଏହ କାମ ଚ଼ାଲଥିବା ନତାନ୍ତ ଆବଶ୍ୟକ,
ଯେପର୍ଯ୍ୟନ୍ତ ଆମ୍ଭେ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧ ଓ ସମ୍ପୂର୍ଣ୍ଣ ନ
ହୋଇଛୁ, ସେ ପର୍ଯ୍ୟନ୍ତ ଆମ୍ଭକୁ ବୃଦ୍ଧି ପାଇ ପୂର୍ଣ୍ଣବୟସ୍କ
ହେବାକୁ ପଡ଼ବ।
୧୪ତାହେଲେ ଆମ୍ଭେ ଆଉ ଶିଶୁ ହୋଇ ରହବା ନାହିଁ।
ସମୁଦ୍ରରେ ଜାହାଜ ଲହରୀ ହେତୁ ସ୍ଥାନ ପରବର୍ତ୍ତନ କଲା
ଭଳ ଆମ୍ଭକୁ ପ୍ରତାରଣା କରବାକୁ ଚେଷ୍ଟା କରୁଥିବା
ଲୋକମାନଙ୍କର ପ୍ରତ୍ୟେକ ପ୍ରକାରର ନୂତନ ଉପଦେଶ
ଦ୍ୱାରା ଆମ୍ଭେ ଏଣେତେଣେ ଆଉ ଭାସି ଯିବା ନାହିଁ। ଏଭଳ
ଲୋକେ ମନ୍ଦ ରାସ୍ତା ଗ୍ରହଣ କରବା ପାଇଁ ଲୋକଙ୍କୁ ଛଳ
ଓ ଧୂର୍ତ୍ତ ଯୋଜନାରେ ଛନ୍ଦନ୍ତି, ୧୫ନା! ଆମ୍ଭେ ପ୍ରେମ
ସହକାରେ ସତ୍ୟ କହବା। ଆମ୍ଭେ ପ୍ରତ୍ୟେକ ବଷୟରେ
ଖ୍ରୀଷ୍ଟଙ୍କ ଭଳ ବୃଦ୍ଧିପ୍ରାପ୍ତ ହେବା। ଖ୍ରୀଷ୍ଟ ଆମ୍ଭର ମସ୍ତକ ଓ
ଆମ୍ଭେ ସମସ୍ତେ ତାହାଙ୍କର ଶରୀର। ୧୬ସମ୍ପୂର୍ଣ୍ଣ ଶରୀର
ଯୀଶୁ ଖ୍ରୀଷ୍ଟଙ୍କ ଉପରେ ନର୍ଭରଶୀଳ। ଶରୀରର ପ୍ରତ୍ୟେକ
ଅଙ୍ଗ ଏକାଠି ଯୋଡ଼ ହୋଇ ରହଛନ୍ତି। ପ୍ରତ୍ୟେକ ଅଙ୍ଗ
ନଜ ନଜର କାର୍ଯ୍ୟ କରନ୍ତି। ଏହାଦ୍ୱାରା ସମଗ୍ର ଶରୀର
ପ୍ରେମରେ ବୃଦ୍ଧି ପାଇ ଶକ୍ତଶାଳୀ ହୁଏ।

## କଭଳ ଜୀବନ-ଯାପନ କରବା ଉଚତ

୧୭ପ୍ରଭୁଙ୍କ ନାମରେ ମୁଁ ସତର୍କ କର ଦେଉଛ ଯେ
ଅବଶ୍ୱାସୀ ଲୋକଙ୍କ ଭଳ ଜୀବନଯାପନ କର ନାହିଁ।
ସେମାନଙ୍କ ବଚ଼ାରର କଛ ମୂଲ୍ୟ ନାହିଁ। ୧୮ସେମାନେ କଛ
ବୁଝନ୍ତି ନାହିଁ କ କଛ ଜାଣନ୍ତି ନାହିଁ, କାରଣ ସେମାନେ
ଶୁଣିବା ପାଇଁ ମନା କରନ୍ତି। ସେଥିପାଇଁ ପରମେଶ୍ୱର
ପ୍ରଦତ୍ତ ଜୀବନ ସେମାନେ ପାଇ ପାରବେ ନାହିଁ। ୧୯ସେମାନଙ୍କର
ଲଜ୍ଜା ନାହିଁ। ସେମାନେ ମନ୍ଦ କାର୍ଯ୍ୟ କର ଜୀବନ ଯାପନ
କରନ୍ତି। ସବୁ ପ୍ରକାରର ମନ୍ଦ କାମ ଅଧିକରୁ ଅଧିକ
ରୂପେ କରବାକୁ ସେମାନଙ୍କର ଇଚ୍ଛା। ୨୦କନ୍ତୁ ତୁମ୍ଭେମାନେ
ଖ୍ରୀଷ୍ଟଙ୍କ ବଷୟରେ ଯାହା ଶିଖିଲ, ସେଗୁଡ଼କ ଏହ ମନ୍ଦ
କାମ ଠାରୁ ଭିନ୍ନ। ୨୧ମୁଁ ଜାଣେ ତୁମ୍ଭେମାନେ ତାହାଙ୍କ
ବଷୟରେ ଶୁଣିଛ। ତୁମ୍ଭେ ତାହାଙ୍କଠାରେ ଅଛ, ସେଥିପାଇଁ
ତୁମ୍ଭକୁ ସତ୍ୟ ଶିକ୍ଷା ଦଆଯାଇଛ। ସେହ ସତ୍ୟ ଯୀଶୁ
ଖ୍ରୀଷ୍ଟଙ୍କଠାରେ ଅଛ। ୨୨ତୁମ୍ଭମାନଙ୍କୁ ଶିକ୍ଷା ଦଆଯାଇଛ ଯେ
ତୁମ୍ଭର ପୁରୁଣା ଆଚରଣ ଓ ତୁମ୍ଭର ପୂର୍ବର ଜୀବନଯାପନ
ଛାଡ଼ ଦଅ। କାରଣ ଲୋକମାନେ ମନ୍ଦକାର୍ଯ୍ୟ କରବାକୁ
ଭଲ ପାଇବାରୁ ତଦ୍ୱାରା ପ୍ରବଞ୍ଚିତ ହୁଅନ୍ତି ଓ ତାହା
ଫଳରେ ପୁରୁଣାରୂପ ଦ୍ୱାରା ମନ୍ଦ ଆତୁର ହୋଇଯାଏ।
୨୩ମାତ୍ର, ତୁମ୍ଭମାନଙ୍କୁ ହୃଦୟରେ ଓ ଭାବନାରେ ନୂତନ
ହେବାକୁ ପଡ଼ବ। ୨୪ତୁମ୍ଭକୁ ସମ୍ପୂର୍ଣ୍ଣ ନୂତନ ବ୍ୟକ୍ତି ସ୍ୱରୂପ
ହୋଇ ପରମେଶ୍ୱରଙ୍କ ଭଳ ପ୍ରକୃତରେ ଭଲ ଓ ପବତ୍ର
ହେବାକୁ ପଡ଼ବ।
୨୫ଅତଏବ ତୁମ୍ଭେ ମିଛ କହବା ବନ୍ଦ କର। ସର୍ବଦା
ପରସ୍ପରକୁ ସତ୍ୟ କୁହ, ଯେହେତୁ ଆମ୍ଭେ ସମସ୍ତେ
ଗୋଟିଏ ଦେହର ଅଙ୍ଗପ୍ରତ୍ୟଙ୍ଗ ଅଟୁ। ୨୬ଯେତେବେଳେ
ତୁମ୍ଭର କ୍ରୋଧ ହୁଏ, ସେତେବେଳେ ଅତି କ୍ରୋଧୀ ହୋଇ
ପାପ କର ନାହିଁ। ୨୭ଦନସାରା କ୍ରୋଧ କର ନାହିଁ। ତୁମ୍ଭକୁ
ପରାସ୍ତ କରବା ନମନ୍ତେ ଶୟତାନକୁ ସୁଯୋଗ ଦଅନାହିଁ।
୨୮ଚ଼ୋର ଚ଼ୋରୀ କରବା ବନ୍ଦ କରୁ। ସେ କାମ କରବା
ଆରମ୍ଭ କରୁ ଓ ନଜ ହାତକୁ ଭଲ କାମରେ ଲଗାଉ।
ତାହେଲେ ସେ ଗରବ ଲୋକମାନଙ୍କୁ କଛ ସାହାଯ୍ୟ
କରପାରବ।
୨୯ଯେତେବେଳେ ତୁମ୍ଭେ କଥାବାର୍ତ୍ତା କର, ସେତେବେଳେ
କୌଣସି ଖରାପ ଶବ୍ଦ ଉଚ୍ଚାରଣ କର ନାହିଁ। ଏପର କଥା
କୁହ, ଯାହା ଲୋକମାନଙ୍କର ପ୍ରୟୋଜନ ଥିବ ଓ ସେମାନଙ୍କୁ
ଶକ୍ତଶାଳୀ କରବା ପାଇଁ ସାହାଯ୍ୟ କରପାରୁଥିବ। ଏହାଦ୍ୱାରା
ଯେଉଁମାନେ ତୁମ୍ଭମାନଙ୍କର କଥା ଶୁଣନ୍ତି, ସେମାନଙ୍କର
ମଙ୍ଗଳ ହେବ। ୩୦ପବତ୍ରଆତ୍ମାଙ୍କୁ ଦୁଃଖ ଦଅ ନାହିଁ। ତୁମ୍ଭେ
ଯେ ପରମେଶ୍ୱରଙ୍କର ଅଟ ଏହା ସେ ଆତ୍ମା ପ୍ରମାଣ
ଦଅନ୍ତି। ଉଚତ ସମୟ ଉପସ୍ଥିତ ହେଲେ ପରମେଶ୍ୱର
ତୁମ୍ଭକୁ ସ୍ୱାଧୀନତା ପ୍ରଦାନ କରବେ। ଏହା ଦର୍ଶାଇବା ପାଇଁ
ସେ ପବତ୍ରଆତ୍ମାଙ୍କୁ ଦେଇଅଛନ୍ତି। ୩୧କେବେହେଲେ କଟୁ
ହୁଅ ନାହିଁ, ରାଗ ନାହିଁ (କ୍ରୋଧ କର ନାହିଁ), ଉତ୍ତେଜିତ
ହୁଅ ନାହିଁ। କ୍ରୋଧରେ ପାଟି କର ନାହିଁ, ବା ଅନ୍ୟମାନଙ୍କୁ
ଆଘାତ ଦେଲାଭଳ କଥା କୁହ ନାହିଁ। କେବେହେଲେ ମନ୍ଦ
କାମ କର ନାହିଁ। ୩୨ପରସ୍ପର ପ୍ରତି ଦୟାଭାବ ଓ ପ୍ରେମ

ଭାବ ରଖ। ଯେପରି ଖ୍ରୀଷ୍ଟଙ୍କଠାରେ ପରମେଶ୍ୱର ତୁମ୍ଭମାନଙ୍କୁ
କ୍ଷମା କଲେ, ସେହି ଭଳି ତୁମ୍ଭେମାନେ ପରସ୍ପରକୁ କ୍ଷମା
ଦିଅ।

## ଜ୍ୟୋତିର୍ମୟ ଜୀବନ

୫ ତୁମ୍ଭେମାନେ ପରମେଶ୍ୱରଙ୍କ ପ୍ରିୟ ସନ୍ତାନ। ଅତଏବ
ପରମେଶ୍ୱରଙ୍କ ଭଳି ହେବାକୁ ଚେଷ୍ଟା କର। ୨ପ୍ରେମପୂର୍ଣ୍ଣ
ଜୀବନଯାପନ କର। ଖ୍ରୀଷ୍ଟ ଆମ୍ଭକୁ ଯେପରି ପ୍ରେମ
କରିଛନ୍ତି, ତୁମ୍ଭେମାନେ ମଧ୍ୟ ସେହିଭଳି ଅନ୍ୟମାନଙ୍କୁ ପ୍ରେମ
କର। ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ଆପଣାକୁ ଦେଲେ, ସେ
ଆମ୍ଭମାନଙ୍କ ନିମନ୍ତେ ପରମେଶ୍ୱରଙ୍କ ନିକଟରେ ମଧୁର-
ସୁଗନ୍ଧି-ଯୁକ୍ତ ଭେଟି ଓ ପରମେଶ୍ୱରଙ୍କ ବଳି ସ୍ୱରୂପ
ଅଟନ୍ତି।
୩ତୁମ୍ଭ ଭିତରେ କୌଣସି ଯୌନ-ପାପ, କୌଣସି ପ୍ରକାର
ମନ୍ଦ କାମ, ଏବଂ ଲୋଭ ଆଦୌ ନ ରହୁ। କାରଣ
ଏଗୁଡ଼ିକ ପରମେଶ୍ୱରଙ୍କ ପବିତ୍ର ଲୋକମାନଙ୍କ ନିମନ୍ତେ
ଉପଯୁକ୍ତ ନୁହେଁ। ୪ତୁମ୍ଭ ଭିତରେ କୌଣସି ମନ୍ଦ କଥା,
ମୂର୍ଖତାପୂର୍ଣ୍ଣ କଥାବାର୍ତ୍ତା ବା ଅସତ୍ ପରିହାସ ଯେପରି ନ
ହୁଏ। ଏଗୁଡ଼ିକ ତୁମ୍ଭ ପାଇଁ ଅନୁଚିତ। କିନ୍ତୁ ତୁମ୍ଭେ
ପରମେଶ୍ୱରଙ୍କୁ ସର୍ବଦା ଧନ୍ୟବାଦ ଦେଉଥିବା ଉଚିତ।
୫ଗୋଟିଏ ବିଷୟ ତୁମ୍ଭେ ନିଶ୍ଚିତ ଭାବରେ ଜାଣିଥାଅ ଯେ,
ଯେଉଁ ଲୋକ ଯୌନ ପାପ ଗୁଡ଼ିକରେ ଲିପ୍ତ ରୁହେ, ମନ୍ଦ
କର୍ମ କରେ ବା ଅତିଶୟ ଲୋଭ କରେ, ସେ ଲୋକ
ପାଇଁ ପରମେଶ୍ୱର ଓ ଖ୍ରୀଷ୍ଟଙ୍କ ରାଜ୍ୟରେ କୌଣସି ସ୍ଥାନ
ନାହିଁ। କାରଣ ଯେଉଁ ଲୋକ ସର୍ବଦା ନିଜ ନିମନ୍ତେ
କେବଳ ସମସ୍ତ ବିଷୟ ଅଧିକରୁ ଅଧିକ ପାଇବାକୁ ଇଚ୍ଛା
କରେ, ସେ ଭଣ୍ଡ ଦେବତାମାନଙ୍କର ପୂଜା କରେ।
୬ମିଥ୍ୟାକଥା କହି କେହି ତୁମ୍ଭକୁ ପ୍ରତାରଣା ନ କରୁ।
ଏ ବିଷୟରେ ସଚେତନ ରୁହ। ଯେଉଁମାନେ ଅବାଧ
ହୋଇ ଏ ସମସ୍ତ ମନ୍ଦ କର୍ମ କରନ୍ତି, ସେମାନଙ୍କ ଉପରେ
ପରମେଶ୍ୱର କ୍ରୋଧାନ୍ୱିତ ହୁଅନ୍ତି। ୭ଅତଏବ ତୁମ୍ଭେ ମଧ୍ୟ
ଏଭଳି ମନ୍ଦ କର୍ମ ସେହି ଅବଜ୍ଞାକାରୀଙ୍କ ସହିତ କର
ନାହିଁ। ୮ଅତୀତରେ ତୁମ୍ଭେ ଅନ୍ଧକାରରେ ଥିଲ, କିନ୍ତୁ ଏବେ
ତୁମ୍ଭେ ପ୍ରଭୁଙ୍କଠାରେ ଆଲୋକରେ ଅଛ। ଅତଏବ ଆଲୋକର
ସନ୍ତାନମାନଙ୍କ ଭଳି ଆଚରଣ କର। ୯ଆଲୋକ ପ୍ରତ୍ୟେକ
ପ୍ରକାରର ଉତ୍ତମ ଭାବ, ଉଚିତ ଜୀବନଯାପନ ଓ ସତ୍ୟ
ଫଳ ଉତ୍ପନ୍ନ କରେ। ୧୦କେଉଁ ବିଷୟଗୁଡ଼ିକ ଈଶ୍ୱରଙ୍କ
ସନ୍ତୋଷ ଜନ୍ମାଏ, ସେଗୁଡ଼ିକ ଶିଖିବାକୁ ଚେଷ୍ଟା କର।
ଅନ୍ଧକାରରେ ଲୋକେ ଯେଭଳି କାମ କରନ୍ତି, ସେଗୁଡ଼ିକୁ
କର ନାହିଁ। ସେଗୁଡ଼ିକ କରିବା ଦ୍ୱାରା କିଛି ଲାଭ ହୁଏ
ନାହିଁ। ୧୧ସର୍ବଦା ଭଲ କାମ କରି, ଅନ୍ଧକାରର କର୍ମଗୁଡ଼ିକର
ଅସାରତା ପ୍ରମାଣିତ କର। ୧୨ଅନ୍ଧକାରରେ ଯେ ଲୋକେ
ଯେଉଁ ଗୁପ୍ତ କର୍ମ ସବୁ କରନ୍ତି, ସେଗୁଡ଼ିକ କହିବା ପାଇଁ
ମଧ୍ୟ ଲଜ୍ଜା ଲାଗେ। ୧୩କିନ୍ତୁ ଆଲୋକ ସମ୍ମୁଖରେ ଏଗୁଡ଼ିକୁ
ରଖିଲେ, ଏସବୁ କର୍ମର ସମସ୍ତ ମନ୍ଦତା ସ୍ପଷ୍ଟ ଭାବେ
ପ୍ରକାଶିତ ହୁଏ। ୧୪ଯାହା ସହଜରେ ପ୍ରକାଶିତ ହୁଏ, ତାହା
ଆଲୋକ। ସେଥିପାଇଁ ଆମ୍ଭେ କହୁ:

"ହେ! ଶୋଇଥିବା ଲୋକ, ଜାଗି ଉଠ ମୃତ୍ୟୁରୁ
ଉଠି ଆସ, ଏବଂ ଖ୍ରୀଷ୍ଟ ତୁମ୍ଭକୁ ଆଲୋକିତ
କରିବେ।"

୧୫ଅତଏବ କିପରି ଜୀବନ କାଟୁଅଛ, ଏବିଷୟରେ
ବିଶେଷ ସାବଧାନ ରୁହ। ନିର୍ବୋଧ ଲୋକଙ୍କ ଭଳି
ଜୀବନଯାପନ କର ନାହିଁ। ମାତ୍ର ଜ୍ଞାନୀ ଲୋକଙ୍କ ପରି
ଜୀବନଯାପନ କର। ୧୬ଏହା ଅତ୍ୟନ୍ତ ମନ୍ଦ ସମୟ ହୋଇ
ଥିବାରୁ, ଭଲ କାମ କରିବା ପାଇଁ ମିଳୁଥିବା କୌଣସି
ସୁଯୋଗକୁ ଛାଡ଼ ନାହିଁ। ୧୭ଅତଏବ ମୂର୍ଖପରି ଜୀବନ ନ
କାଟି ପରମେଶ୍ୱର ତୁମ୍ଭଠାରୁ କ'ଣ ଚାହାଁନ୍ତି, ଏହା ଜାଣିବାକୁ
ଚେଷ୍ଟା କର। ୧୮ମଦ ପିଇ ମାତାଲ ହୁଅ ନାହିଁ। କାରଣ
ତାହା ଆତ୍ମିକ ଭାବେ ତୁମ୍ଭର ସଂପୂର୍ଣ୍ଣ ବିନାଶ ଘଟାଇବ
ବରଂ ଆତ୍ମାରେ ପରିପୂର୍ଣ୍ଣ ହୁଅ। ୧୯ସ୍ତୁତି, ଭଜନ, ଆଧ୍ୟାତ୍ମିକ
ଗୀତ ସହିତ ପରସ୍ପରକୁ ଉତ୍ସାହ କର। ପ୍ରଭୁଙ୍କ ଉଦ୍ଦେଶ୍ୟରେ
ତୁମ୍ଭେମାନେ ଆପଣାର ସଂପୂର୍ଣ୍ଣ ହୃଦୟ ସହିତ ସଂଗୀତ ସୃଷ୍ଟି
କରି ଗୀତ ଗାଉ ଥାଅ। ୨୦ପ୍ରତ୍ୟେକ କଥା ପାଇଁ
ପରମପିତା ପରମେଶ୍ୱରଙ୍କୁ ସର୍ବଦା ଧନ୍ୟବାଦ ଦିଅ, ଆମ୍ଭ
ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପରମେଶ୍ୱରଙ୍କୁ ଧନ୍ୟବାଦ
ଅର୍ପଣ କର।

## ପତି ଓ ପତ୍ନୀ

୨୧ପରସ୍ପର ପ୍ରତି ବାଧ୍ୟ ହେବା ପାଇଁ ଇଚ୍ଛୁକ ହୁଅ।
ତୁମ୍ଭେମାନେ ଖ୍ରୀଷ୍ଟଙ୍କୁ ସମ୍ମାନ କରୁଥିବାରୁ ଏହା କର।
୨୨ହେ ପତ୍ନୀମାନେ! ତୁମ୍ଭେମାନେ ଯେପରି ପ୍ରଭୁଙ୍କ ପ୍ରତି
ବଶୀଭୂତା ହୋଇଛ, ସେପରି ନିଜ ସ୍ୱାମୀମାନଙ୍କର ବଶୀଭୂତା
ହୁଅ। ୨୩ଖ୍ରୀଷ୍ଟ ଯେପରି ମଣ୍ଡଳୀର * ମସ୍ତକ, ସ୍ୱାମୀ
ସେହିପରି ସ୍ତ୍ରୀର ମସ୍ତକ। ଖ୍ରୀଷ୍ଟୀୟ ମଣ୍ଡଳୀ ହେଉଛି
ଖ୍ରୀଷ୍ଟଙ୍କ ଶରୀର ଓ ସେହି ଶରୀରର ଉଦ୍ଧାରକର୍ତ୍ତା ହେଉଛନ୍ତି
ଖ୍ରୀଷ୍ଟ। ୨୪ମଣ୍ଡଳୀ ଯେପରି ଖ୍ରୀଷ୍ଟଙ୍କର ବଶୀଭୂତ ଅଟେ,
ସେହିପରି ହେ ପତ୍ନୀମାନେ, ତୁମ୍ଭେମାନେ ପ୍ରତ୍ୟେକ କଥାରେ
ନିଜ ପତିଙ୍କର ବଶୀଭୂତା ହେବା ଉଚିତ।
୨୫ହେ ପତିଗଣ! ଖ୍ରୀଷ୍ଟ ଯେପରି ମଣ୍ଡଳୀକୁ ପ୍ରେମ କରି
ତା'ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଅଛନ୍ତି, ତୁମ୍ଭେମାନେ
ମଧ୍ୟ ସେହିପରି ନିଜ ନିଜର ପତ୍ନୀମାନଙ୍କୁ ପ୍ରେମ କର।
୨୬ମଣ୍ଡଳୀକୁ ପବିତ୍ର କରିବା ଲାଗି ଯୀଶୁ ଖ୍ରୀଷ୍ଟ ମୃତ୍ୟୁ
ବରଣ କରିଥିଲେ। ଯେପରି ସୁସମାଚାରର ବାକ୍ୟ ଓ ଜଳ
ଦ୍ୱାରା ଧୌତ କରି ସଫା କରିବା ପରେ ସେ ପରମେଶ୍ୱରଙ୍କ
କାର୍ଯ୍ୟ ମାଧ୍ୟମରେ ସେ ମଣ୍ଡଳୀକୁ ଶୁଚି ପବିତ୍ର କରିପାରନ୍ତି।
୨୭ଯେପରି ସମ୍ପୂର୍ଣ୍ଣ ମହିମା(ସୌନ୍ଦର୍ଯ୍ୟ)ର ସହିତ ମଣ୍ଡଳୀକୁ
ନିଜଠାରେ ତାହାଙ୍କ କନ୍ୟା ରୂପେ ଉପସ୍ଥାପିତ କରାଇପାରନ୍ତି,
ଏଥିନିମନ୍ତେ ଖ୍ରୀଷ୍ଟ ମୃତ୍ୟୁଭୋଗ କଲେ। ମଣ୍ଡଳୀ ମଧ୍ୟରେ
ଯେପରି କୌଣସି ମନ୍ଦ କର୍ମ, ପାପ କି ଭୁଲ୍‌କାର୍ଯ୍ୟ ଦେଖା
ନ ଯାଏ, ମାତ୍ର ତାହା ପବିତ୍ର, ନିଖୁନ୍ତ ଓ ନିନ୍ଦାଶୂନ୍ୟ
ହୋଇପାରେ, ଏଥିପାଇଁ ସେ ଆପଣାର ପ୍ରାଣ ଦେଲେ।

---

**ମଣ୍ଡଳୀ** ଯୀଶୁ ଖ୍ରୀଷ୍ଟଙ୍କୁ ମାନୁଥିବା ବିଶ୍ୱାସୀ ଜନ-ସମୂହ।

୨୮ଠିକ୍ ସେହିଭଳି ପତିମାନେ ନିଜ-ନିଜ ପତ୍ନୀଙ୍କୁ ପ୍ରେମ
କରିବା କଥା। ନିଜ ଶରୀରକୁ ପ୍ରେମ କରିଲା ଭଳି ପ୍ରେମ
କରିବା କଥା। ଯେଉଁ ଲୋକ ନିଜ ପତ୍ନୀକୁ ପ୍ରେମ କରେ,
ସେ ନିଜ ଶରୀରକୁ ପ୍ରେମ କରେ। ୨୯କୌଣସି ଲୋକ
ନିଜ ଶରୀରକୁ କେବେହେଲେ ଘୃଣା କରେ ନାହିଁ।
ପ୍ରତ୍ୟେକ ଲୋକ ନିଜର ଶରୀର ପାଇଁ ଖାଦ୍ୟ ଖାଏ ଓ
ଶରୀରର ଯତ୍ନ ନିଏ। ଠିକ୍ ଏହି କଥା ଖ୍ରୀଷ୍ଟ ମଣ୍ଡଳୀ
ପାଇଁ ମଧ୍ୟ କରନ୍ତି। ୩୦କାରଣ ଆମ୍ଭେ ହେଉଛୁ ତାହାଙ୍କ
ଶରୀରର ଅଂଶ। ୩୧ଶାସ୍ତ୍ର କୁହେ: "ଅତଏବ ଜଣେ ମନୁଷ୍ୟ
ନିଜ ପିତା ଓ ମାତାକୁ ଛାଡ଼ି ତା ପତ୍ନୀ ସହିତ ସଂଲଗ୍ନ
ହୁଏ। ଓ ସେ ଦୁଇଜଣ ଏକ ହୋଇ ଯାଆନ୍ତି।"* ୩୨ଏହି
ସତ୍ୟଟି ଅତି ମହତ୍ତ୍ୱପୂର୍ଣ୍ଣ। ଖ୍ରୀଷ୍ଟ ଓ ମଣ୍ଡଳୀ ବିଷୟରେ ମୁଁ
ଏହା କହୁଅଛି। ୩୩ଯାହା ହେଉନା କାହିଁକି, ତୁମ୍ଭ ଭିତରୁ
ପ୍ରତ୍ୟେକ ଜଣ ନିଜକୁ ଭଲ ପାଇଲା ଭଳି ନିଜ ପତ୍ନୀକୁ
ଭଲ ପାଇବା ଉଚିତ ଓ ପ୍ରତ୍ୟେକ ପତ୍ନୀ ନିଜର ପତିକୁ
ସମ୍ମାନ କରିବା ଉଚିତ।

## ସନ୍ତାନ ଓ ପିତା ମାତା

**୬** ହେ ସନ୍ତାନଗଣ! ପ୍ରଭୁଙ୍କ ଇଚ୍ଛାନୁସାରେ ମାତା
ପିତାଙ୍କ କଥାର ବାଧ୍ୟ ହୁଅ। କାରଣ ଏହି ପ୍ରକାର
କରିବା ତୁମ୍ଭମାନଙ୍କର ଉଚିତ। ୨କାରଣ ଦଶ ଆଜ୍ଞା
ମଧ୍ୟରୁ ଗୋଟିଏ ଆଜ୍ଞା ହେଉଛି, "ତୁମ୍ଭେ ଆପଣା ପିତାମାତାଙ୍କୁ
ସମ୍ମାନ କର"।* ଏହି ଆଜ୍ଞାଟି ସହିତ ଏକ ପ୍ରତିଜ୍ଞା ମଧ୍ୟ
ସଂଯୁକ୍ତ। ୩ପ୍ରତିଜ୍ଞାଟି ଏହି: "ଏହା କଲେ ତୁମ୍ଭେ ପୃଥିବୀରେ
ଦୀର୍ଘ ଜୀବନ ପାଇବ ଓ ବହୁ ମଙ୍ଗଳ ଦାନ ଲାଭ
କରିବ।"*
୪ହେ ପିତାମାନେ! ତୁମ୍ଭମାନଙ୍କର ସନ୍ତାନମାନଙ୍କୁ ରାଗାଅ
ନାହିଁ। କିନ୍ତୁ ପ୍ରଭୁଙ୍କ ବିଷୟକ ଉପଦେଶ ଓ ଶିକ୍ଷା ଦେଇ
ସେମାନଙ୍କୁ ପ୍ରତିପାଳନ କର।

## ଦାସ ଓ ମାଲିକ

୫ହେ ଦାସମାନେ! ପୃଥିବୀରେ ତୁମ୍ଭ ମାଲିକମାନଙ୍କର
ଆଜ୍ଞା, ଭୟ ଓ ସମ୍ମାନ ସହିତ, ନିଷ୍ଠାପୂର୍ଣ୍ଣ ହୃଦୟରେ
ପାଳନ କର। ଯୀଶୁ ଖ୍ରୀଷ୍ଟଙ୍କ ଆଜ୍ଞା ପାଳନ କଲା ଭଳି
ତୁମ୍ଭେ ଏହା କର। ୬ମାଲିକ ଉପସ୍ଥିତ ଥିଲା ବେଳେ ତୁମ୍ଭେ
ସେମାନଙ୍କୁ ଖୁସି କରିବା ପାଇଁ କେବଳ ଆଜ୍ଞା ପାଳନ
କଲେ ହେବ ନାହିଁ, ମାତ୍ର ତାହାଠାରୁ ଆହୁରି ଅଧିକ
କାର୍ଯ୍ୟ ବିଶ୍ୱସ୍ତ ଭାବରେ ସବୁ ସମୟରେ କରିବାକୁ ହେବ।
ତୁମ୍ଭେ ଯେପରି ଖ୍ରୀଷ୍ଟଙ୍କର ବାଧ୍ୟ ହୋଇଛ, ଠିକ୍ ସେହିପରି
ନିଜ ମାଲିକମାନଙ୍କର ମଧ୍ୟ ବାଧ୍ୟ ହେବ। ସମ୍ପୂର୍ଣ୍ଣ ହୃଦୟର
ସହିତ ଯାହା ପରମେଶ୍ୱର ଚାହାଁନ୍ତି, ତୁମ୍ଭେ ତାହା କରିବ।
୭ତୁମ୍ଭର ସମସ୍ତ କର୍ତ୍ତବ୍ୟକୁ ଖୁସୀ ମନରେ କର ଓ ଏପରି
ଭାବରେ କାର୍ଯ୍ୟ କର ଯେପରି ତୁମ୍ଭେମାନେ କେବଳ
ମଣିଷମାନଙ୍କର ନୁହେଁ ବରଂ ପ୍ରଭୁଙ୍କ (ଯୀଶୁ ଖ୍ରୀଷ୍ଟଙ୍କ)
ସେବା ମଧ୍ୟ କରୁଛ। ୮ମନେରଖ, ପ୍ରତ୍ୟେକ ବ୍ୟକ୍ତିଙ୍କୁ
ସମସ୍ତ ଉତ୍ତମ କାର୍ଯ୍ୟ କରିଥିବା ହେତୁ ପରମେଶ୍ୱର
ପୁରସ୍କାର ଦେବେ। ଦାସ ହେଉ କି ସ୍ୱାଧୀନ ହେଉ,
ପ୍ରତ୍ୟେକ ବ୍ୟକ୍ତି ନିଜର ଉତ୍ତମ କାର୍ଯ୍ୟ ନିମନ୍ତେ ପୁରସ୍କୃତ
ହେବ।
୯ହେ ମାଲିକଗଣ! ଠିକ ସେହି ଭଳି ତୁମ୍ଭର ଦାସମାନଙ୍କୁ
ଉତ୍ତମ ବ୍ୟବହାର କର। ତାହାଙ୍କୁ ଧମକ ଦେଇ ଭୟଭୀତ
କଲା ଭଳି କଥା କୁହ ନାହିଁ। ତୁମ୍ଭେ ଜାଣ ଯେ, ତୁମ୍ଭର
ଓ ତାହାଙ୍କର ସେହି ସମାନ ମାଲିକ ଯେ କି ସ୍ୱର୍ଗରେ
ଅଛନ୍ତି। ସେହି ମାଲିକ(ପରମେଶ୍ୱର) କୌଣସି ପକ୍ଷପାତ
ବିଗ୍ଚାର କରନ୍ତି ନାହିଁ।

## ପରମେଶ୍ୱରଙ୍କ ଯୁଦ୍ଧସାଜ ପିନ୍ଧ

୧୦ଏହି ପତ୍ର ସମାପ୍ତ କଲା ସମୟରେ ମୁଁ କୁହେ,
ପ୍ରଭୁଙ୍କଠାରେ ଓ ତାହାଙ୍କର ମହାନ ଶକ୍ତିରେ ବଳବାନ
ହୁଅ। ୧୧ପରମେଶ୍ୱରଙ୍କର ଆତ୍ମରକ୍ଷଣ ଅସ୍ତ୍ର ପିନ୍ଧ। ଏହା
ପିନ୍ଧିବା ଦ୍ୱାରା ତୁମ୍ଭେ ଶୟତାନର ମନ୍ଦ ଚତୁରତା ବିରୁଦ୍ଧରେ
ସଂଘର୍ଷ କରି ପାରିବ। ୧୨ଆମ୍ଭର ସଂଘର୍ଷ ଏହି ପୃଥିବୀର
ମନୁଷ୍ୟମାନଙ୍କ ବିରୁଦ୍ଧରେ ନୁହେଁ, ମାତ୍ର ପୃଥିବୀସ୍ଥ ଅନ୍ଧକାର
ଶକ୍ତି, ପରାକ୍ରମୀ ଅଧିପତି ଓ ଶାସକମାନଙ୍କ ବିରୁଦ୍ଧରେ।
ଆକାଶସ୍ଥ ଦୁଷ୍ଟାତ୍ମାମାନଙ୍କ ବିରୁଦ୍ଧରେ ଆମ୍ଭେ ସଂଘର୍ଷ କରୁଛୁ।
୧୩ସେଥିପାଇଁ ପରମେଶ୍ୱରଙ୍କର ସମ୍ପୂର୍ଣ୍ଣ ଯୁଦ୍ଧସାଜ ତୁମ୍ଭେମାନେ
ପିନ୍ଧିବା ଆବଶ୍ୟକ ଅଟେ। ତେବେ ଯାଇ ମନ୍ଦଶକ୍ତିର
ରାଜତ୍ୱ ବେଳରେ ତୁମ୍ଭେ ଦୃଢ଼ତା ସହକାରେ ପ୍ରତିରୋଧ
କରି ଅଟଳ ହୋଇ ରହିପାରିବ। ପ୍ରତିରୋଧ କରିସାରିଲା
ପରେ ମଧ୍ୟ ତୁମ୍ଭେ ଅଟଳ ହୋଇ ରହିବ। ୧୪ଅତଏବ,
ଅଣ୍ଟାରେ ସତ୍ୟର କଟିବନ୍ଧ ବାନ୍ଧି, ବକ୍ଷରେ ଧାର୍ମିକ ଜୀବନର
ସୁରକ୍ଷାଯୁକ୍ତ ବୁକୁପଟା ପିନ୍ଧ। ୧୫ଯେପରି ତୁମ୍ଭେ ଅଟଳ
ଭାବରେ ଠିଆ ହୋଇ ରୁହ, ଏଥିପାଇଁ ପାଦରେ ଶାନ୍ତି
ଦାୟକ ସୁସମାଚାରର ଜୋତା ପିନ୍ଧ। ୧୬ଏହା ସହିତ
ବିଶ୍ୱାସର ଢାଲ ମଧ୍ୟ ବ୍ୟବହାର କର। ତାହାଦ୍ୱାରା ତୁମ୍ଭେ
ଶୟତାନର ସମସ୍ତ ଜ୍ୱଳନ୍ତ ତୀରଗୁଡ଼ିକୁ ଅଟକାଇ ପାରିବ।
୧୭ପରମେଶ୍ୱର ଦତ୍ତ ପରିତ୍ରାଣକୁ ଶିରସ୍ତ୍ରାଣ ରୂପେ ପବିତ୍ରଆତ୍ମାଙ୍କ
ଖଡ଼୍ଗ ଗ୍ରହଣ କର, ସେହି ଖଡ଼୍ଗ ହେଉଛି ପରମେଶ୍ୱରଙ୍କ
ଉପଦେଶ। ୧୮ଆତ୍ମାଙ୍କ ସାହାଯ୍ୟରେ ସର୍ବଦା ପ୍ରାର୍ଥନା କର।
ସମସ୍ତ ପ୍ରକାରର ପ୍ରାର୍ଥନା କର। ତୁମ୍ଭର ଯାହାକିଛି ଅଭାବ
ଥାଏ, ତାହା ପାଇଁ ମାଗ। ପ୍ରାର୍ଥନା କରିବା ନିମନ୍ତେ ସର୍ବଦା
ପ୍ରସ୍ତୁତ ରୁହ ଏବଂ ସେଥିରୁ କ୍ଷାନ୍ତ ହୁଅ ନାହିଁ। ପରମେଶ୍ୱରଙ୍କ
ସମସ୍ତ ଲୋକଙ୍କ ଲାଗି ପ୍ରାର୍ଥନା କର।
୧୯ମୋ ପାଇଁ ମଧ୍ୟ ପ୍ରାର୍ଥନା କର। ମୁଁ ଯେପରି ନିର୍ଭୟ
ହୋଇ, ସୁସମାଚାରର ନିଗୁଢ଼ ସତ୍ୟ ପ୍ରକାଶ କରିପାରେ,
ସେଥିନିମନ୍ତେ ପରମେଶ୍ୱର ମୋତେ ତାହାଙ୍କର ବାକ୍ୟ
ପ୍ରଦାନ କଲେ। ୨୦ମୋର କାମ ହେଉଛି, ସୁସମାଚାର

---

**"ଅତଏବ ... ଯାଆନ୍ତି"** ଆଦିପୁସ୍ତକ ୨:୨୪

**"ତୁମ୍ଭେ ... କର"** ଯାତ୍ରାପୁସ୍ତକ ୨୦:୧୨;ଦ୍ୱିତୀୟ ବିବରଣ ୫:୧୬

**"ଏହା ... କରିବ"** ଯାତ୍ରା ପୁସ୍ତକ ୨୦:୧୨, ଦ୍ୱିତୀୟ ବିବରଣ ୫:୧୬

ନିମନ୍ତେ କହିବା। ଏବେ ମୁଁ ତାହା ଏହି ବନ୍ଦୀ ଘରେ ମଧ୍ୟ
କରୁଅଛି। ମୋ ପାଇଁ ପ୍ରାର୍ଥନା କର ଯେ, ଯେପରିକି ମୁଁ
ଯେତେବେଳେ ସୁସମାଚାର ପ୍ରଚାର କରେ, ସେତେବେଳେ
ସଂପୂର୍ଣ୍ଣ ନିର୍ଭୟତାର ସହ ତାହା କରିପାରେ।

### ଶେଷ ଶୁଭେଚ୍ଛା

୨୧ମୁଁ ତୁମ୍ଭ ପାଖକୁ ଆମ୍ଭର ପ୍ରିୟ ଭାଇ ତୁଖିକଙ୍କୁ
ପଠାଉଛି। ସେ ପ୍ରଭୁଙ୍କ କାମରେ ଜଣେ ବିଶ୍ୱସ୍ତ ସେବକ।
ମୋ ସହିତ ଯାହା ଘଟୁଛି, ସେ ସମସ୍ତ ବିଷୟ ସେ
ତୁମ୍ଭକୁ କହିବେ। ତାହେଲେ ତୁମ୍ଭେ ଜାଣି ପାରିବ ଯେ ମୁଁ
କିପରି ଅଛି ଓ କ'ଣ କରୁଛି।
୨୨ସେଥିପାଇଁ ମୁଁ ତାଙ୍କୁ ତୁମ୍ଭ ପାଖକୁ ପଠାଉଛି। ଆମ୍ଭେ
କିପରି ଅଛୁ, ତାହା ତୁମ୍ଭେମାନେ ଜାଣିବା କଥା। ତୁମ୍ଭମାନଙ୍କୁ
ଉତ୍ସାହ ପ୍ରଦାନ କରିବା ଉଦ୍ଦେଶ୍ୟରେ ମୁଁ ତାହାଙ୍କୁ ପଠାଉଛି।
୨୩ପ୍ରଭୁ ଯୀଶୁ ଖ୍ରୀଷ୍ଟ ଓ ପିତା ପରମେଶ୍ୱରଙ୍କ ଦ୍ୱାରା ଭାଇ
ଓ ଭଉଣୀମାନଙ୍କୁ ଶାନ୍ତି, ପ୍ରେମ ଓ ବିଶ୍ୱାସ ପ୍ରାପ୍ତ ହେଉ।
୨୪ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଅଶେଷ ପ୍ରେମ ଭାବ ରଖିଥିବା
ତୁମ୍ଭ ସମସ୍ତଙ୍କୁ ପରମେଶ୍ୱରଙ୍କ ଅନୁଗ୍ରହ ହେଉ।

# ଫିଲିପ୍ପୀୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କ ପତ୍ର

୧ ଯୀଶୁ ଖ୍ରୀଷ୍ଟଙ୍କ ସେବକ ପାଉଲ ଓ ତୀମଥି, ଫିଲିପ୍ପୀର
ଖ୍ରୀଷ୍ଟଯୀଶୁଙ୍କ ସମସ୍ତ ପବିତ୍ର ଲୋକମାନଙ୍କୁ ଓ
ତୁମ୍ଭମାନଙ୍କର ପ୍ରାଚୀନ* ଏବଂ ବିଶେଷ ସେବକମାନଙ୍କୁ
ପତ୍ର।
୨ଆମ୍ଭ ପିତା ପରମେଶ୍ୱର ଓ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର
ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ।

## ପାଉଲଙ୍କ ପ୍ରାର୍ଥନା

୩-୪ଯେତେଥର ମୁଁ ତୁମ୍ଭମାନଙ୍କୁ ମନେପକାଏ, ସେତେଥର
ପରମେଶ୍ୱରଙ୍କୁ ଆନନ୍ଦ ସହକାରେ ପ୍ରାର୍ଥନାରେ ଧନ୍ୟବାଦ
ଦିଏ। ୫ଲୋକମାନଙ୍କୁ ସୁସମାଚାର ଶୁଣାଇଲାବେଳେ,
ତୁମ୍ଭମାନଙ୍କଠାରୁ ପାଇଥିବା ସାହାଯ୍ୟ ପାଇଁ ମୁଁ ପରମେଶ୍ୱରଙ୍କୁ
ଧନ୍ୟବାଦ ଦିଏ। ବିଶ୍ୱାସ କରିବା ପ୍ରଥମଦିନ ଠାରୁ ଏବେ
ପର୍ଯ୍ୟନ୍ତ ତୁମ୍ଭେ ସାହାଯ୍ୟ କରି ଆସୁଛ। ୬ପରମେଶ୍ୱର
ତୁମ୍ଭର ମଙ୍ଗଳ କରିବା ଆରମ୍ଭ କରିଛନ୍ତି ଓ ବର୍ତ୍ତମାନ
ମଧ୍ୟ ତାହା କରୁଛନ୍ତି। ଯୀଶୁଖ୍ରୀଷ୍ଟଙ୍କ ଆଗମନ ଦିନ ପର୍ଯ୍ୟନ୍ତ
ସେ ସେହି କାମ ସାଧନ କରି ସମାପ୍ତ କରିବେ। ମୁଁ
ଏଥିରେ ନିଶ୍ଚିତ ଅଟେ।
୭ତୁମ୍ଭମାନଙ୍କ ବିଷୟରେ ମୋର ଏପରି ଭାବିବା ଉଚିତ,
କାରଣ ତୁମ୍ଭେ ସମସ୍ତେ ମୋ ହୃଦୟରେ ସ୍ଥାନ ପାଇଛ।
ତୁମ୍ଭେମାନେ ପରମେଶ୍ୱରଙ୍କ କୃପାରେ ମୋର ଭାଗୀଦାର।
ବର୍ତ୍ତମାନ ମୁଁ ବନ୍ଦୀଘରେ ଅଛି, ଯେତେବେଳେ ମୁଁ ସୁସମାଚାରର
ପକ୍ଷ ସମର୍ଥନ କରୁଛି ଓ ଯେତେବେଳେ ମୁଁ ସୁସମାଚାରର
ସତ୍ୟ ପ୍ରମାଣିତ କରୁଛି, ସେତେବେଳେ ମଧ୍ୟ ତୁମ୍ଭେମାନେ
ମୋ ସହିତ ପରମେଶ୍ୱରଙ୍କ ଅନୁଗ୍ରହର ସହଭାଗୀ ଅଟ।
୮ପରମେଶ୍ୱର ଜାଣନ୍ତି ଯେ ମୁଁ ତୁମ୍ଭମାନଙ୍କୁ ଦେଖିବାକୁ
କେତେ ଇଚ୍ଛା କରୁଛି। ଖ୍ରୀଷ୍ଟଯୀଶୁଙ୍କର ସ୍ନେହପୂର୍ଣ୍ଣ କରୁଣାରେ
ମୁଁ ତୁମ୍ଭମାନଙ୍କୁ ପ୍ରେମ କରେ।
୯ତୁମ୍ଭମାନଙ୍କ ପାଇଁ ମୋର ପ୍ରାର୍ଥନା ଏହି ଯେ;

ତୁମ୍ଭମାନଙ୍କର ପ୍ରେମ ଅଧିକରୁ ଅଧିକ ବୃଦ୍ଧି ପାଉ;
ତୁମ୍ଭମାନଙ୍କର ପ୍ରେମ ଦ୍ୱାରା ତୁମ୍ଭେ ଜ୍ଞାନ ଓ
ବୋଧଶକ୍ତି ପ୍ରାପ୍ତ ହୁଅ;
୧୦ ଯେପରି ତୁମ୍ଭେ ଭଲ ଓ ମନ୍ଦର ପ୍ରାର୍ଥକ୍ୟ ଦେଖିପାରିବ
ଓ ଉତ୍ତମ ବିଷୟ ବାଛି ପାରିବ। ତହିଁରେ ଖ୍ରୀଷ୍ଟ
ଯେଉଁଦିନ ଆସିବେ, ତୁମ୍ଭେ ଶୁଦ୍ଧ ଓ ଦୋଷଶୂନ୍ୟ
ହେବ;
୧୧ ତୁମ୍ଭେ ପରମେଶ୍ୱରଙ୍କ ପାଇଁ ମହିମା ଓ ପ୍ରଶଂସା
ଉଦ୍ଦେଶ୍ୟରେ ଯୀଶୁଖ୍ରୀଷ୍ଟଙ୍କ ସାହାଯ୍ୟରେ ଅନେକ
ଉତ୍ତମ କାମ କରିବ।

## ପାଉଲଙ୍କ ସମସ୍ୟା ପ୍ରଭୁଙ୍କ କାର୍ଯ୍ୟରେ ସାହାଯ୍ୟ କରେ

୧୨ଭାଇ (ଓ ଭଉଣୀ)ମାନେ! ମୁଁ ତୁମ୍ଭମାନଙ୍କୁ ଜଣାଇଦେବାକୁ
ଇଚ୍ଛା କରେ ଯେ ମୋ ପ୍ରତି ଯାହା କିଛି ଘଟିଛି, ତାହା
ସୁସମାଚାର ପ୍ରଚାର କରିବାରେ ସାହାଯ୍ୟ କଲା। ୧୩ସମଗ୍ର
ପ୍ରହରୀ ଦଳ ଓ ଅନ୍ୟ ଲୋକମାନେ ଜାଣନ୍ତି ଯେ ମୁଁ
ଖ୍ରୀଷ୍ଟଙ୍କ ଜଣେ ବିଶ୍ୱାସୀ ହୋଇଥିବାରୁ ବନ୍ଦୀଘରେ ରଖାଯାଇଛି।
୧୪ମୁଁ ଏବେ ମଧ୍ୟ ବନ୍ଦୀଘରେ ଅଛି କିନ୍ତୁ ଅଧିକାଂଶ ଖ୍ରୀଷ୍ଟ
ବିଶ୍ୱାସୀ ଭାଇମାନେ, ଅଧିକ ଉତ୍ସାହିତ ହୋଇ ସାହସ
ପୂର୍ବକ ନିର୍ଭୟରେ ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ବାଣୀ ଶୁଣାଉଛନ୍ତି।
୧୫ଏହା ସତ୍ୟ ଯେ ସେମାନଙ୍କ ଭିତରୁ କେତେଜଣ
କଠୋର ଓ ଈର୍ଷାନ୍ୱିତ ହୋଇ ବିବାଦ ମନୋଭାବ ନେଇ
ଖ୍ରୀଷ୍ଟଙ୍କ ବିଷୟରେ ପ୍ରଚାର କରୁଛନ୍ତି, କିନ୍ତୁ ଅନ୍ୟମାନେ
ସଦ୍‌ଭାବରେ ଖ୍ରୀଷ୍ଟଙ୍କ ବିଷୟରେ ପ୍ରଚାର କରୁଛନ୍ତି। ୧୬ସେମାନେ
ପ୍ରେମ କରୁଥିବାରୁ ପ୍ରଚାର କରୁଛନ୍ତି। ସେମାନେ ଜାଣନ୍ତି
ଯେ, ସୁସମାଚାରର ପକ୍ଷ ସମର୍ଥନ କରିବା ପାଇଁ ପରମେଶ୍ୱର
ମୋତେ ଦାୟିତ୍ୱ ଦେଇଛନ୍ତି। ୧୭କିନ୍ତୁ ଅନ୍ୟ ଲୋକମାନେ
ଖ୍ରୀଷ୍ଟଙ୍କ ବିଷୟରେ ପ୍ରଚାର କରୁଛନ୍ତି କାରଣ ସେମାନେ
ସ୍ୱାର୍ଥପର। ସେମାନେ ମନ୍ଦ ଅଭିପ୍ରାୟରେ ପ୍ରଚାର କରନ୍ତି।
ସେମାନେ ବନ୍ଦୀଘରେ ମୋ ପାଇଁ ବିପଦ ସୃଷ୍ଟି କରିବା
ପାଇଁ ଚାହାଁନ୍ତି।
୧୮ଯଦି ସେମାନେ ମୋ ପାଇଁ ବିପଦ ସୃଷ୍ଟି କରନ୍ତି, ମୁଁ
ସେଥିପାଇଁ ଚିନ୍ତିତ ନୁହେଁ। ମୁଖ୍ୟ କଥା ହେଲା ଯେ
ସେମାନେ ଖ୍ରୀଷ୍ଟଙ୍କ ବିଷୟରେ କହୁଛନ୍ତି। ମୁଁ ମଧ୍ୟ ଚାହେଁ
ଯେ ସେମାନେ ଖ୍ରୀଷ୍ଟଙ୍କ ବିଷୟରେ ଲୋକମାନଙ୍କୁ କୁହନ୍ତୁ।
ସେମାନେ ଭଲ ଉଦ୍ଦେଶ୍ୟ ରଖି ସେପରି କରନ୍ତୁ। କିନ୍ତୁ
ଉଦ୍ଦେଶ୍ୟ ଭଲ ହେଉ ବା ମନ୍ଦ, ପ୍ରଚାର ତ ଯୀଶୁଙ୍କର
ହେଉଛି, ସେଥିପାଇଁ ମୁଁ ଆନନ୍ଦିତ। ମୁଁ ଆନନ୍ଦିତ ହେଉଥିବି
ମଧ୍ୟ। ୧୯ତୁମ୍ଭେମାନେ ମୋ ପାଇଁ ପ୍ରାର୍ଥନା କରୁଛ ଓ
ଯୀଶୁଖ୍ରୀଷ୍ଟଙ୍କ ଆତ୍ମା ମୋତେ ସାହାଯ୍ୟ କରୁଛନ୍ତି। ଅତଏବ
ମୁଁ ଜାଣେ ଯେ ଏହି ବିଷୟ ମୋ ପରିତ୍ରାଣର କାରଣ
ହେବ। ୨୦ମୋର ଦୃଢ଼ ଆଶା ଓ ଭରସା ଯେ ମୁଁ ଖ୍ରୀଷ୍ଟଙ୍କୁ
କଦାପି ହତାଶ କରିବି ନାହିଁ। ବରଂ, ମୁଁ ନିଶ୍ଚିତ ଯେ ମୁଁ
ସାହସୀ ହେବି ଏବଂ ମୁଁ ମୃତ ବା ଜୀବିତ ଥାଏ, ଖ୍ରୀଷ୍ଟଙ୍କ
ମହାନତା ମୋ ଶରୀରରେ ପ୍ରକାଶିତ କରିବ। ୨୧ମୋର
ବଞ୍ଚି ରହିବାର ଅର୍ଥ ହେଉଛି ଖ୍ରୀଷ୍ଟ। ମୃତ୍ୟୁ ମଧ୍ୟ ମୋ

---

**ପ୍ରାଚୀନ** ମଣ୍ଡଳୀର ପୁରୁଣା ନେତାମାନଙ୍କୁ

ପାଇଁ ଏକ ଲାଭ ଅଟେ।” ୨୨ଯଦି ମୁଁ ଶରୀରରେ ଜୀବିତ
ରୁହେ, ତାହେଲେ ମୁଁ ପ୍ରଭୁଙ୍କ ପାଇଁ କାମ କରି ପାରିବି।
ଜୀବନ ବା ମୃତ୍ୟୁ ତହିଁରୁ କାହାକୁ ବାଛିବି, ମୁଁ ଏହା
ଜାଣେନା? ୨୩ଜୀବନ ଓ ମୃତ୍ୟୁ ମଧ୍ୟରୁ ଗୋଟିକୁ ବାଛିବା
କଷ୍ଟକର। ମୁଁ ଏହି ଜୀବନକୁ ଛାଡ଼ି ଖ୍ରୀଷ୍ଟଙ୍କ ସହିତ
ରହିବାକୁ ଇଚ୍ଛା କରେ। ଏହା ଅଧିକ ଭଲ। ୨୪କିନ୍ତୁ, ତୁମ୍ଭ
ପାଇଁ ମୋର ଶରୀରରେ (ବଞ୍ଚି) ରହିବା ଅଧିକ ଆବଶ୍ୟକ।
୨୫ମୁଁ ଜାଣେ ତୁମ୍ଭେମାନେ ମୋତେ ଚାହୁଁଛ। ସେଥିପାଇଁ ମୁଁ
ତୁମ୍ଭ ସହିତ ରହିବି ବୋଲି ମୁଁ ଜାଣେ। ବିଶ୍ୱାସରେ ତୁମ୍ଭର
ବୃଦ୍ଧି ଓ ଆନନ୍ଦ ପାଇବା ନିମନ୍ତେ ମୁଁ ତୁମ୍ଭକୁ ସାହାଯ୍ୟ
କରିବି। ୨୬ଯଦି ମୁଁ ତୁମ୍ଭ ପାଖକୁ ଫେରିଯାଏ, ତେବେ
ଏହା ଖ୍ରୀଷ୍ଟଯୀଶୁଙ୍କ ଠାରେ ମୋ ପାଇଁ ତୁମ୍ଭର ଅଧିକ
ଗର୍ବର କାରଣ ହେବ।

୨୭ଖ୍ରୀଷ୍ଟଙ୍କ ସୁସମାଚାର ଯୋଗ୍ୟ ଜୀବନ ଯାପନ କରିବା
ପାଇଁ ଦୃଢ଼ ସଂକଳ୍ପ ହୁଅ। ଏହାଦ୍ୱାରା ମୁଁ ତୁମ୍ଭ ପାଖକୁ
ଯାଇ ତୁମ୍ଭକୁ ଦେଖେ ବା ତୁମ୍ଭଠାରୁ ଦୂରରେ ଥାଏ; ତୁମ୍ଭ
ବିଷୟରେ ଶୁଣିବି ଯେ ତୁମ୍ଭେମାନେ ଏକ ଉଦ୍ଦେଶ୍ୟରେ,
ଏକମନ ହୋଇ, ସୁସମାଚାରରୁ ଉତ୍ପନ୍ନ ବିଶ୍ୱାସ ପାଇଁ ଦୃଢ଼
ଭାବରେ କାର୍ଯ୍ୟ କରୁଛ। ୨୮ଯେଉଁ ଲୋକମାନେ ତୁମ୍ଭ
ବିରୁଦ୍ଧରେ ଅଛନ୍ତି ସେମାନଙ୍କୁ ଭୟ କରିବ ନାହିଁ। ଏହି
ସମସ୍ତ ବିଷୟ ଯେ ଈଶ୍ୱରଙ୍କଠାରୁ ଆଗତ ଏହାର ପ୍ରମାଣ
ତୁମ୍ଭେମାନେ ପରିତ୍ରାଣ ପାଉଅଛ ଓ ତୁମ୍ଭମାନଙ୍କର ଶତ୍ରୁମାନେ
ବିନାଶ ହେବେ। ୨୯ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ନିମନ୍ତେ
କେବଳ ପରମେଶ୍ୱର ତୁମ୍ଭକୁ ସୁଯୋଗ ଦେଇଛନ୍ତି। ତାହା
ଯଥେଷ୍ଟ ନୁହେଁ, ଖ୍ରୀଷ୍ଟଙ୍କ ପାଇଁ ଦୁଃଖଭୋଗ କରିବା
ନିମନ୍ତେ ମଧ୍ୟ ତୁମ୍ଭମାନଙ୍କୁ ସୁଯୋଗ ଦେଇଛନ୍ତି। ଏହି
ଉଭୟ ବିଷୟ ଯୀଶୁଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରେ। ୩୦ମୁଁ
ତୁମ୍ଭମାନଙ୍କ ସହିତ ଥିବା ବେଳେ ତୁମ୍ଭେମାନେ ମୋତେ
ସୁସମାଚାର ବିରୁଦ୍ଧରେ ଥିବା ଲୋକଙ୍କ ସହିତ ସଂଘର୍ଷ
କରିବା ଦେଖିଛ। ତୁମ୍ଭେ ଏବେ ଶୁଣୁଛ ଯେ ମୁଁ ଏଠାରେ
ସଂଘର୍ଷରତ। ତୁମ୍ଭେମାନେ ମଧ୍ୟ ସେହିଭଳି ଏବେ ସଂଘର୍ଷରତ
ଅଛ।

## ଏକତାବଦ୍ଧ ହୋଇ ପରସ୍ପରର ଯତ୍ନ ନିଅ

**୨** ଖ୍ରୀଷ୍ଟଙ୍କଠାରେ ଥାଇ କୌଣସି କାର୍ଯ୍ୟ କରିବାକୁ ମୁଁ
ତୁମ୍ଭକୁ କହିପାରେ କି? ତୁମ୍ଭେ ମୋତେ ପ୍ରେମପୂର୍ଣ୍ଣ
ସାନ୍ତ୍ୱନା ଦେଇପାର କି? ଆମ୍ଭେ ଏକତ୍ର ଆତ୍ମାର ସହଭାଗୀତାରେ
ଅଛୁ କି? ତୁମ୍ଭଠାରେ କରୁଣା ଓ ଦୟା ଅଛି କି? ୨ଯଦି
ଏଗୁଡ଼ିକ ତୁମ୍ଭଠାରେ ଅଛି, ତାହେଲେ ମୋ ପାଇଁ କିଛି
କର ବୋଲି ମୁଁ ଚାହେଁ, ଏହା ମୋତେ ଅତ୍ୟନ୍ତ ଆନନ୍ଦିତ
କରିବ। ମୁଁ ଚାହେଁ ଯେ ତୁମ୍ଭେମାନେ ଏକମନା ହୋଇ
ସମ ବିଷୟରେ ବିଶ୍ୱାସ ଦ୍ୱାରା ସଂଯୁକ୍ତ ହୁଅ। ପରସ୍ପର
ପ୍ରତି ସମ ପ୍ରେମଭାବ ରଖି ଏବଂ ଏକ ଆତ୍ମାରେ ଏବଂ
ସମ ଉଦ୍ଦେଶ୍ୟରେ ଏକତ୍ର ବାସ କର। ୩ସ୍ୱାର୍ଥପରତା ଓ
ଗର୍ବ ହେତୁ କୌଣସି କାମ କର ନାହିଁ। ନମ୍ର ହୁଅ ଓ
ଅନ୍ୟ ଲୋକମାନଙ୍କୁ ନିଜଠାରୁ ଅଧିକ ସମ୍ମାନ ଦିଅ।
୪କେବଳ ନିଜ ଜୀବନ ବିଷୟରେ ଆଗ୍ରହୀ ନ ହୋଇ,
ଅନ୍ୟ ଲୋକମାନଙ୍କର ଜୀବନ ବିଷୟରେ ମଧ୍ୟ ଆଗ୍ରହୀ
ହୁଅ।

## ଯୀଶୁ ଖ୍ରୀଷ୍ଟଙ୍କ ଠାରୁ ନିସ୍ୱାର୍ଥପର ହେବା ଶିଖ

୫ନିଜ ଜୀବନରେ ଖ୍ରୀଷ୍ଟ ଯୀଶୁଙ୍କ ଭଳି ଚିନ୍ତା ଓ
ଆଚରଣ କର।

୬ଖ୍ରୀଷ୍ଟ ନିଜେ ସର୍ବୋତଭାବରେ ପରମେଶ୍ୱରଙ୍କ ସାଦୃଶ୍ୟ
ଥିଲେ। ପରମେଶ୍ୱରଙ୍କ ସହିତ ସମାନ ହୋଇ ରହିବା
ବିଷୟକୁ ସମ୍ପତ୍ତି ଭାବରେ ଜାବୁଡ଼ି ଧରିବା ପାଇଁ ଖ୍ରୀଷ୍ଟ
ଇଚ୍ଛା କଲେ ନାହିଁ।

୭ସେ ପରମେଶ୍ୱରଙ୍କ ସହିତ ଥିବା ନିଜ ସ୍ଥାନକୁ ଛାଡ଼ି
ଦାସ ରୂପ ଗ୍ରହଣ କରିଥିଲେ। ସେ ମାନବ ରୂପରେ ଜନ୍ମ
ଗ୍ରହଣ କରି ଦାସ ଭଳି ହେଲେ। ୮ମନୁଷ୍ୟ ଭାବରେ
ଜୀବନ ଯାପନ କଲାବେଳେ ସେ ପୂର୍ଣ୍ଣ ଭାବରେ ପରମେଶ୍ୱରଙ୍କ
ଆଜ୍ଞାକାରୀ ହୋଇ ନିଜକୁ ନମ୍ର କଲେ। ଏପରିକି କ୍ରୁଶରେ
ମୃତ୍ୟୁ ପର୍ଯ୍ୟନ୍ତ ନିଜକୁ ବାଧ୍ୟ ଓ ନମ୍ର କଲେ।

୯ଖ୍ରୀଷ୍ଟ ପରମେଶ୍ୱରଙ୍କ ବାଧ୍ୟ ହେଲେ, ତେଣୁ ପରମେଶ୍ୱର
ଖ୍ରୀଷ୍ଟଙ୍କୁ ଅତି ଉନ୍ନତ କଲେ। ପରମେଶ୍ୱର ଖ୍ରୀଷ୍ଟଙ୍କ ନାମକୁ
ଅନ୍ୟ ସମସ୍ତଙ୍କ ନାମ ଅପେକ୍ଷା ମହାନ କଲେ। ୧୦ଏପରି
କରିବାର ଉଦ୍ଦେଶ୍ୟ ଥିଲା ଯେ ସ୍ୱର୍ଗର, ପୃଥିବୀର ଓ
ପାତାଳର ପ୍ରତ୍ୟେକ ଲୋକ ଯେପରି ଯୀଶୁଙ୍କ ନାମ
ଆଗରେ ମୁଣ୍ଡ ନୁଆଁଇବେ। ୧୧ଅତଏବ ପ୍ରତ୍ୟେକ ଲୋକ
“ଯୀଶୁଖ୍ରୀଷ୍ଟ ଯେ ପ୍ରଭୁ” ଏହା ସ୍ୱୀକାର କରିବେ। ଏହା
ସେମାନେ କହିବା ଦ୍ୱାରା ପିତା ଈଶ୍ୱରଙ୍କର ଗୌରବ
ହେବ।

## ପରମେଶ୍ୱରଙ୍କ ଇଚ୍ଛାନୁରୂପ ହୁଅ

୧୨ମୋ ପ୍ରିୟ ମିତ୍ରଗଣ! ତୁମ୍ଭେମାନେ ସର୍ବଦା ପରମେଶ୍ୱରଙ୍କ
ବାଧ୍ୟ ହୋଇଛ। ମୁଁ ତୁମ୍ଭ ସହିତ ଥିଲାବେଳେ ତୁମ୍ଭେମାନେ
ପରମେଶ୍ୱରଙ୍କ ବାଧ୍ୟ ହୋଇଛ। ମୁଁ ତୁମ୍ଭ ସହିତ ନ ଥିଲା
ବେଳେ ମଧ୍ୟ ତୁମ୍ଭେ ତାହାଙ୍କ ବାଧ୍ୟ ହେବା ଅଧିକ
ଗୁରୁତ୍ୱପୂର୍ଣ୍ଣ ଅଟେ। ତୁମ୍ଭେ ନିଶ୍ଚିତ ହେବା ଆବଶ୍ୟକ ଯେ
ମୋ ସାହାଯ୍ୟ ବିନା ତୁମ୍ଭେ ପରିତ୍ରାଣ ପାଇବ। ପରମେଶ୍ୱରଙ୍କ
ପ୍ରତି ସମ୍ମାନ ଓ ଭୟ ରଖି ଏପରି କର। ୧୩ପରମେଶ୍ୱର
ତୁମ୍ଭ ମଧ୍ୟରେ କାର୍ଯ୍ୟ କରୁଛନ୍ତି। ତାହାଙ୍କୁ ସନ୍ତୁଷ୍ଟ କଲା
ଭଳି କାର୍ଯ୍ୟ କରିବା ନିମନ୍ତେ ସେ ତୁମ୍ଭକୁ ଇଚ୍ଛାଶକ୍ତି
ଦିଅନ୍ତି ଓ ତାହା ସାଧନ କରିବାକୁ ଶକ୍ତି ମଧ୍ୟ ଦିଅନ୍ତି।
୧୪ଅଭିଯୋଗ ବା ବାଦାନୁବାଦ ନ କରି ପ୍ରତ୍ୟେକ
କାର୍ଯ୍ୟ କର। ୧୫ତେବେ ଯାଇ ତୁମ୍ଭେ ନିର୍ଦ୍ଦୋଷ ହେବ ଓ
ତୁମ୍ଭ ଭିତରେ କୌଣସି ଭୁଲ ରହିବ ନାହିଁ। ତୁମ୍ଭେ
ପରମେଶ୍ୱରଙ୍କ ନିର୍ଦ୍ଦୋଷ ପୁତ୍ର ହେବ। କିନ୍ତୁ ତୁମ୍ଭେମାନେ
ନଷ୍ଟ ହୋଇ ଯାଉଥିବା ମନ୍ଦଲୋକଙ୍କ ମଧ୍ୟରେ ରହୁଛ।
କିନ୍ତୁ ସେମାନଙ୍କ ଭିତରେ ତୁମ୍ଭେ ଏହି ଅନ୍ଧକାରପୂର୍ଣ୍ଣ
ଜଗତରେ ଜ୍ୟୋତିଃଭଳି ପ୍ରକାଶିତ ହେଉଛ। ୧୬ତୁମ୍ଭେ
ସେମାନଙ୍କୁ ଜୀବନ ପ୍ରଦାନକାରୀ ଶିକ୍ଷା ଦିଅ। ତେଣୁ
ଖ୍ରୀଷ୍ଟଙ୍କ ଆଗମନରେ ମୁଁ ଖୁସି ହେବି, କାରଣ ମୁଁ ଜାଣିବି

ଯେ ମୋର କାମ ବିଫଳ ହୋଇ ନାହିଁ। ମୁଁ ଜାଣିବି ଯେ
ଦୌଡ଼ ପ୍ରତିଯୋଗିତାରେ ଦୌଡ଼ ଜିତିଛି।
୧୭ପରମେଶ୍ୱରଙ୍କ ସେବାରେ, ତୁମ୍ଭ ବିଶ୍ୱାସ ତୁମ୍ଭକୁ ଏକ
ବଳିଦାନ ରୂପ ସେବା କରିବା ପାଇଁ ପ୍ରେରଣା ଯୋଗାଏ।
ହୁଏତ ତୁମ୍ଭର ବଳିଦାନ ରୂପ ସେବାରେ ମୋତେ ମୋର
ନିଜ ରକ୍ତ ମଧ୍ୟ ଉତ୍ସର୍ଗ କରିବାକୁ ପଡ଼ିପାରେ। ଯଦି ତାହା
ଘଟେ, ମୁଁ ତୁମ୍ଭମାନଙ୍କ ସହିତ ଆନନ୍ଦରେ ପରିପୂର୍ଣ୍ଣ ଓ
ଖୁସି ହେବି। ୧୮ତୁମ୍ଭେମାନେ ମଧ୍ୟ ମୋ ସହିତ ଖୁସି ହୁଅ
ଓ ଆନନ୍ଦରେ ପରିପୂର୍ଣ୍ଣ ହୁଅ।

## ତୀମଥି ଓ ଏପାଫ୍ରଦିତଙ୍କ ବିଷୟରେ ସମ୍ବାଦ

୧୯ପ୍ରଭୁ ଯୀଶୁଙ୍କଠାରେ ମୁଁ ଆଶା କରେ ଯେ ତୀମଥିଙ୍କୁ
ଖୁବ୍ ଶୀଘ୍ର ତୁମ୍ଭମାନଙ୍କ ପାଖକୁ ପଠାଇବି। ତୁମ୍ଭେମାନେ
କିପରି ଅଛ ଜାଣି ମୁଁ ଆନନ୍ଦିତ ହେବି। ୨୦ତୀମଥିଙ୍କ ଭଳି
ମୋ ପାଖରେ ଆଉ କେହି ଲୋକ ନାହାଁନ୍ତି। ୨୧ସେ
ପ୍ରକୃତରେ ତୁମ୍ଭ ପାଇଁ ମନଯୋଗୀ। ଅନ୍ୟ ଲୋକମାନେ
କେବଳ ତାଙ୍କ ନିଜ ଜୀବନ ବିଷୟରେ ଆଗ୍ରହୀ ଅଟନ୍ତି।
ଖ୍ରୀଷ୍ଟ ଯୀଶୁଙ୍କ କାର୍ଯ୍ୟରେ ସେମାନେ ଆଗ୍ରହୀ ନୁହଁନ୍ତି।
୨୨ତୁମ୍ଭେମାନେ ଜାଣିଛ ଯେ ତୀମଥି କି ପ୍ରକାରର ଲୋକ।
ପୁତ୍ର ଯେପରି ପିତାର ସେବା କରେ, ସେହିପରି ସେ ମୋ
ସହିତ ସୁସମାଚାର କହିବା ସମୟରେ ମୋର ସେବା
କରିଛନ୍ତି; ଏକଥା ତୁମ୍ଭମାନେ ଜାଣ। ୨୩ମୁଁ ଶୀଘ୍ର ତାହାଙ୍କୁ
ପଠାଇବା ଯୋଜନା କରୁଛି। ମୋ ସହିତ କ'ଣ ଘଟିବାକୁ
ଯାଉଛି, ଜାଣିଲା ପରେ, ମୁଁ ତାଙ୍କୁ ପଠାଇବି। ୨୪ମୁଁ ନିଶ୍ଚିତ
ଯେ ତୁମ୍ଭମାନଙ୍କ ନିକଟକୁ ଶୀଘ୍ର ଯିବା ପାଇଁ ପ୍ରଭୁ ମୋତେ
ସାହାଯ୍ୟ କରିବେ। ୨୫ଏପାଫ୍ରଦିତ ଖ୍ରୀଷ୍ଟଙ୍କଠାରେ ମୋର
ଭାଇ। ସେ ମୋ ସହିତ ଖ୍ରୀଷ୍ଟ-ବାହିନୀର ଜଣେ ସେବକ
ଓ କାର୍ଯ୍ୟକାରୀ। ମୋ ଦରକାର ବେଳେ ତୁମ୍ଭେମାନେ
ତାହାଙ୍କୁ ମୋ ସାହାଯ୍ୟ ପାଇଁ ପଠାଇଥିଲ। ମୁଁ ଭାବୁଛି
ଏବେ ପୁନର୍ବାର ମୁଁ ତାହାଙ୍କୁ ତୁମ୍ଭ ପାଖକୁ ଫେରାଇ
ଦେବି। ୨୬ସେ ତୁମ୍ଭମାନଙ୍କୁ ଦେଖିବାକୁ ବହୁତ ଇଚ୍ଛୁକ,
ସେଥିପାଇଁ ମୁଁ ତାହାଙ୍କୁ ପଠାଉଛି। ସେ ଅସୁସ୍ଥ ଥିଲେ
ବୋଲି ତୁମ୍ଭେ ଶୁଣି ଥିବା ହେତୁ ସେ ଚିନ୍ତିତ ଥିଲେ।
୨୭ସେ ଅସୁସ୍ଥ ଥିଲେ ଓ ମୃତ୍ୟୁର ଦ୍ୱାର ଦେଶରେ ଥିଲେ।
କିନ୍ତୁ ପରମେଶ୍ୱର ତାହାଙ୍କୁ ଓ ମୋତେ ମଧ୍ୟ ସାହାଯ୍ୟ
କଲେ, ଯେପରି ମୋ ପାଇଁ ଅଧିକ ଦୁଃଖ ନ ଘଟେ।
୨୮ତେଣୁ ମୁଁ ତାହାଙ୍କୁ ପଠାଇବାକୁ ଅତିଶୟ ଇଚ୍ଛା କରେ।
ତୁମ୍ଭେ ମଧ୍ୟ ତାହାଙ୍କୁ ଦେଖିଲେ ଖୁସି ହେବ, ମୁଁ ମଧ୍ୟ
ତୁମ୍ଭ ବିଷୟରେ ଚିନ୍ତାମୁକ୍ତ ହେବି। ୨୯ସେଥିପାଇଁ ପ୍ରଭୁଙ୍କଠାରେ
ଆନନ୍ଦର ସହିତ ତାହାଙ୍କୁ ସ୍ୱାଗତ ଜଣାଅ। ଏପାଫ୍ରଦିତଙ୍କ
ଭଳି ଲୋକମାନଙ୍କୁ ତୁମ୍ଭେମାନେ ସମ୍ମାନ ଦିଅ। ୩୦ଖ୍ରୀଷ୍ଟଙ୍କ
କାମ ପାଇଁ ସେ ମୃତପ୍ରାୟଃ ହୋଇ ଯାଇଥିବାରୁ ସମ୍ମାନିତ
ହେବା ଉଚିତ। ମୋତେ ସାହାଯ୍ୟ କରିବା ପାଇଁ ସେ ନିଜ
ଜୀବନକୁ ବିପଦରେ ପକାଇଥିଲେ। ତୁମ୍ଭେ ଦେଖିଥିବା
ସେବାରେ ଯାହା କମ ରହି ଯାଇଥିଲା, ସେତିକି ସେ
ପୂରଣ କରି ଦେଇଥିଲେ।

## ଯୀଶୁଖ୍ରୀଷ୍ଟ ସବୁଠାରୁ ମହାନ

୩ ଆଉ ଏବେ ହେ ମୋର ଭାଇ(ଓ ଭଉଣୀ)ମାନେ!
ପ୍ରଭୁଙ୍କଠାରେ ଆନନ୍ଦ କର। ତୁମ୍ଭକୁ ଥରକୁ ଥର
ସେହି ଏକାକଥା ଲେଖିବାରେ, ମୋତେ କଷ୍ଟ ହୁଏ ନାହିଁ,
କାରଣ ଏହାଦ୍ୱାରା ତୁମ୍ଭେମାନେ ଅଧିକ ପ୍ରସ୍ତୁତ ହୋଇ
ରହିବ। ୨ଯେଉଁମାନେ ମନ୍ଦକର୍ମରେ ଲିପ୍ତ, ସେମାନଙ୍କଠାରୁ
ସାବଧାନ ହୋଇ ରୁହ, ସେମାନେ କୁକୁରମାନଙ୍କ ପରି।
ସେମାନେ ଲୋକମାନଙ୍କୁ ସୁନ୍ନତ* ହେବାପାଇଁ ଦାବୀ
କରନ୍ତି। ୩କିନ୍ତୁ ଆମ୍ଭେମାନେ ପ୍ରକୃତରେ ସୁନ୍ନତ ହୋଇଥିବା
ଲୋକ ଅଟୁ। ଆମ୍ଭେ ଆତ୍ମା ଦ୍ୱାରା ପରମେଶ୍ୱରଙ୍କର ସେବା
କରୁ। ଆମ୍ଭେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଗର୍ବ କରୁ। ଆମ୍ଭେ
ନିଜେ କିଛି କରି ପାରିବା ବୋଲି ନିଜ ଉପରେ ନିର୍ଭର
କରୁ ନାହୁଁ। ୪ଯଦିଓ ମୁଁ ନିଜ ଶକ୍ତିରେ ବିଶ୍ୱାସ ରଖି
ପାରିବି ତଥାପି ମୁଁ ନିଜ ଶକ୍ତି ଉପରେ ବିଶ୍ୱାସ ରଖୁ
ନାହିଁ। ଯଦି କୌଣସି ଲୋକ ଭାବେ ଯେ ନିଜ ଉପରେ
ବିଶ୍ୱାସ କରିବାର ତା'ର କାରଣ ଅଛି, ତାହେଲେ ମୁଁ
କହିବି ଯେ ତା' ଅପେକ୍ଷା ମୋର ନିଜ ଉପରେ ବିଶ୍ୱାସ
କରିବା ପାଇଁ ଅଧିକ କାରଣ ଅଛି। ଏହା ସେ ଜାଣିବା
ଉଚିତ। ୫ମୋର ଜନ୍ମ ହେବାର ଆଠ ଦିନପରେ, ମୋର
ସୁନ୍ନତ କରାଯାଇଥିଲା। ମୁଁ ଜଣେ ଇସ୍ରାୟେଲୀୟ ଲୋକ।
ମୁଁ ବିନ୍ୟାମିନଙ୍କ ବଂଶଧର। ଏବ୍ରୀୟ ପିତାମାତାଙ୍କ ଠାରୁ
ଜନ୍ମିଥିବାରୁ ମୁଁ ଜଣେ ଏବ୍ରୀୟ ଅଟେ। ମୋ ପାଇଁ
ମୋଶାଙ୍କ ବ୍ୟବସ୍ଥା ଅତି ଗୁରୁତ୍ୱପୂର୍ଣ୍ଣ, ସେ ଦୃଷ୍ଟିରୁ ମୁଁ ଜଣେ
ଫାରୂଶୀ। ୬ଯିହୂଦୀଧର୍ମ ପାଇଁ ମୋର ଏତେ ଅଧିକ
ଉଦ୍ଯୋଗ ଥିଲା ଯେ ମୁଁ ମଣ୍ଡଳୀକୁ ତାଡ଼ନା କରୁଥିଲି।
ବିଶ୍ୱାସୀମାନଙ୍କୁ ତାଡ଼ନା ଦେଉଥିଲି। ମୁଁ ଯେପରି ଭାବରେ
ମୋଶାଙ୍କ ନିୟମ ପାଳନ କରୁଥିଲି, କେହି ହେଲେ
ମୋଠାରେ କୌଣସି ଦୋଷ ପାଇ ନ ଥିଲେ। ୭ସମୟ
ଥିଲା, ଯେତେବେଳେ ଏଗୁଡ଼ିକ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ
ଥିଲା। କିନ୍ତୁ ମୁଁ ସ୍ଥିର କଲି ଯେ ଖ୍ରୀଷ୍ଟଙ୍କ ହେତୁ
ସେଗୁଡ଼ିକର କିଛି ମୂଲ୍ୟ ନାହିଁ। ୮ମୁଁ ମୋର ପ୍ରଭୁ ଯୀଶୁ
ଖ୍ରୀଷ୍ଟଙ୍କୁ ଜାଣିବାର ମହାନତା ହେତୁ, ଅନ୍ୟ ସମସ୍ତ ବିଷୟକୁ
ଏବେ ତୁଚ୍ଛ ମନେକରେ, ସେଗୁଡ଼ିକ ମୋ ପାଇଁ ମୂଲ୍ୟହୀନ।
ଖ୍ରୀଷ୍ଟଙ୍କୁ ପାଇବା ପାଇଁ ଯେଉଁ ବିଷୟଗୁଡ଼ିକୁ ମହତ୍ତ୍ୱପୂର୍ଣ୍ଣ
ଭାବୁଥିଲି, ମୁଁ ସବୁ ତ୍ୟାଗ କରିଛି। ମୁଁ ଏବେ ଜାଣେ ଯେ
ସେଗୁଡ଼ିକ ମୂଲ୍ୟହୀନ ସଢ଼ାକୁଟା ପରି। ୯ଏହା ମୋତେ
ଖ୍ରୀଷ୍ଟଙ୍କୁ ଲାଭ କରିବା ପାଇଁ ଓ ଖ୍ରୀଷ୍ଟଙ୍କଠାରେ ରହିବାକୁ
ସାହାଯ୍ୟ କରେ। ଖ୍ରୀଷ୍ଟଙ୍କ ସହଭାଗିତାରେ ମୁଁ ପରମେଶ୍ୱରଙ୍କ
ଧାର୍ମିକତା ପ୍ରାପ୍ତ ହୁଏ କିନ୍ତୁ ଏହି ଧାର୍ମିକତା ବ୍ୟବସ୍ଥା
ପାଳନର ଫଳ ନୁହେଁ। ବରଂ ଏହା ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ
ଦ୍ୱାରା ପରମେଶ୍ୱରଙ୍କଠାରୁ ଆସେ। ପରମେଶ୍ୱର ତାହାଙ୍କ
ପ୍ରତି ମୋତେ ସିଦ୍ଧ କରିବାକୁ ଖ୍ରୀଷ୍ଟଙ୍କଠାରେ ମୋର
ବିଶ୍ୱାସକୁ ବ୍ୟବହାର କରନ୍ତି। ୧୦ମୁଁ ଖ୍ରୀଷ୍ଟଙ୍କୁ ଜାଣିବାକୁ ଓ
ମୃତ୍ୟୁରୁ ସେ ପୁନରୁଜୀବିତ ହୋଇ ଉଠିଥିବା ଶକ୍ତିକୁ ମଧ୍ୟ

**ସୁନ୍ନତ** ଗ୍ରୀକ୍‌ରେ ଏହି ଶବ୍ଦର ଅର୍ଥ ହେଉଛି 'ସୁନ୍ନତ' ଭଳି।
କିନ୍ତୁ ଏଠାରେ ଅର୍ଥ ହେବ ସମ୍ପୂର୍ଣ୍ଣ ରୂପେ କାଟି ଅଲଗା କରିବା।

ଜାଣିବାକୁ ଇଚ୍ଛା କରେ। ମୁଁ ତାହାଙ୍କ ଦୁଃଖ ଭୋଗରେ
ଅଂଶୀ ହେବାକୁ ଓ ତାହାଙ୍କ ମୃତ୍ୟୁ ଭୋଗରେ ତାହାଙ୍କ
ପରି ହେବାକୁ ଚାହେଁ। ୧୧ଏହିପରି ଭାବରେ ମୁଁ ମୃତମାନଙ୍କ
ମଧ୍ୟରୁ ପୁନରୁତ୍ଥିତ ହୋଇପାରେ, ଏ ଭରସା ମୋର ଅଛି।

## ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ଯତ୍ନ କରିବା

୧୨ମୁଁ କହୁ ନାହିଁ ଯେ ପରମେଶ୍ୱର ମୋତେ ଯେପରି
ହେବାକୁ ଚାହାଁନ୍ତି, ମୁଁ ଠିକ୍ ସେପରି ହୋଇସାରିଛି। ମୁଁ
ସେହି ଲକ୍ଷ୍ୟ ସ୍ଥଳରେ ଏପର୍ଯ୍ୟନ୍ତ ପହଞ୍ଚି ପାରି ନାହିଁ। କିନ୍ତୁ
ମୁଁ ମୋର ଚେଷ୍ଟା ଅବିରତ ଜାରି ରଖିଛି, ଯାହାଦ୍ୱାରା
ସେହି ଲକ୍ଷ୍ୟ ହାସଲ କରିପାରିବି। ଯୀଶୁ ଖ୍ରୀଷ୍ଟ ଚାହାଁନ୍ତି
ଯେ ମୁଁ ସେହି ଲକ୍ଷ୍ୟ ପାଇପାରେ, ସେଥିପାଇଁ ସେ
ମୋତେ ନିଜର କରିଛନ୍ତି। ୧୩ଭାଇ(ଓ ଭଉଣୀ)ମାନେ! ମୁଁ
ଜାଣେ ଯେ ମୁଁ ଏପର୍ଯ୍ୟନ୍ତ ସେହି ଲକ୍ଷ୍ୟ ସ୍ଥଳକୁ ଯାଇ
ପାରିନାହିଁ। କିନ୍ତୁ ମୁଁ ସବୁବେଳେ ଏହି ଗୋଟିଏ କାର୍ଯ୍ୟ
କରେ: ମୁଁ ଅତୀତର ବିଷୟସବୁକୁ ଭୁଲି, ମୋ ଆଗରେ
ଥିବା ଲକ୍ଷ୍ୟକୁ ଆଖିରେ ରଖି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା
ପାଇଁ କଠିନ ପରିଶ୍ରମ କରେ। ୧୪ମୁଁ ସବୁବେଳେ ଲକ୍ଷ୍ୟ
ସ୍ଥଳରେ ପହଞ୍ଚି ପୁରସ୍କାରଟି ପାଇବା ପାଇଁ ଚେଷ୍ଟା କରୁଥାଏ।
ଖ୍ରୀଷ୍ଟଙ୍କଠାରେ ସ୍ୱର୍ଗୀୟ ଜୀବନର ପୁରସ୍କାର ପାଇବା ଲାଗି
ପରମେଶ୍ୱର ମୋତେ ଡାକିଛନ୍ତି।
୧୫ଆମ୍ଭମାନଙ୍କ ଭିତରୁ ଯେଉଁମାନେ ଆତ୍ମିକ ଭାବରେ
ସିଦ୍ଧ ହେବା ପାଇଁ ଯାଉଛୁ, ସେମାନେ ମଧ୍ୟ ଏହିଭଳି
ଭାବିବା ଦରକାର। ଯଦି ଏଥିରେ କୌଣସି କଥାରେ
ତୁମ୍ଭର ଭିନ୍ନ ମତ ଥାଏ, ତାହେଲେ ପରମେଶ୍ୱର ତୁମ୍ଭ
ପାଇଁ ଏହାକୁ ମଧ୍ୟ ସ୍ପଷ୍ଟ କରିଦେବେ। ୧୬କିନ୍ତୁ ଆମ୍ଭେ
ଯେଉଁସବୁ ସତ୍ୟ ଜାଣିଛୁ, ସେହି ସତ୍ୟ ମାର୍ଗରେ ଅବିରତ
ଚାଲିବା ଉଚିତ।
୧୭ଭାଇ(ଓ ଭଉଣୀ)ମାନେ! ତୁମ୍ଭେ ସମସ୍ତେ ମୋ ଭଳି
ଜୀବନ-ଯାପନ କରିବା ପାଇଁ ଚେଷ୍ଟା କରିବା ଉଚିତ।
ଆମ୍ଭେ ଯେଉଁ ଆଦର୍ଶ ଦେଖାଇଛୁ, ତୁମ୍ଭମାନଙ୍କ ଭିତରୁ
ଯେଉଁମାନେ ସେହି ଅନୁସାରେ ଜୀବନ-ଯାପନ କରୁଛନ୍ତି,
ସେମାନଙ୍କୁ ଅନୁସରଣ କର। ୧୮ଅନେକ ଲୋକ ଖ୍ରୀଷ୍ଟଙ୍କ
କ୍ରୁଶର ଶତ୍ରୁମାନଙ୍କ ଭଳି ଜୀବନ-ଯାପନ କରୁଛନ୍ତି। ମୁଁ
ଅନେକଥର ଏହି ଲୋକମାନଙ୍କ ବିଷୟରେ କହିଛି। ଏବେ
ମଧ୍ୟ ମୁଁ କାନ୍ଦିକାନ୍ଦି ସେମାନଙ୍କ ବିଷୟରେ କହୁଛି।
୧୯ସେମାନେ ଯେପରି ଜୀବନ-ଯାପନ କରୁଛନ୍ତି, ତା'ର
ପରିଣତି ବିନାଶ ଅଟେ। ସେମାନେ ପରମେଶ୍ୱରଙ୍କୁ ସେବା
କରିବା ପରିବର୍ତ୍ତେ ନିଜକୁ ଖୁସି କରିବା ପାଇଁ ବଞ୍ଚିଛନ୍ତି।
ସେମାନେ ଲଜ୍ଜାଜନକ କାର୍ଯ୍ୟ କରନ୍ତି ଓ ସେଗୁଡ଼ିକ ପାଇଁ
ଗର୍ବ କରନ୍ତି ଓ ସେମାନେ କେବଳ ପାର୍ଥିବ ବସ୍ତୁଗୁଡ଼ିକର
ଚିନ୍ତା କରନ୍ତି। ୨୦କିନ୍ତୁ ଆମ୍ଭର ଜନ୍ମଭୂମି ହେଉଛି ସ୍ୱର୍ଗ।
ଆମ୍ଭେ ସ୍ୱର୍ଗରୁ ଆମ୍ଭର ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଆଗମନକୁ
ପ୍ରତୀକ୍ଷା କରୁଛୁ। ଯୀଶୁଖ୍ରୀଷ୍ଟ ଆମ୍ଭର ପରିତ୍ରାଣକର୍ତ୍ତା ପ୍ରଭୁ
ଅଟନ୍ତି। ୨୧ସେ ସ୍ୱର୍ଗରୁ ଆସିବେ ଏବଂ ଯେଉଁ ଶକ୍ତି
ବଳରେ ସେ ସବୁ ବିଷୟକୁ ନିଜ ଅଧୀନସ୍ଥ କରନ୍ତି, ସେହି
ଶକ୍ତି ବଳରେ ସେ ଆମ୍ଭର ହେୟ ଦେହଗୁଡ଼ିକୁ ପରିବର୍ତ୍ତିତ
କରି ତାଙ୍କ ନିଜର ଦେହ ଭଳି ଗୌରବମୟ କରି
ଦେବେ।

## କେତେକ ବ୍ୟବହାରିକ କଥା

୪ ମୋ ପ୍ରିୟ ଭାଇ(ଓ ଭଉଣୀ)ମାନେ! ମୁଁ ତୁମ୍ଭକୁ ଭଲ
ପାଏ ଓ ଦେଖିବାକୁ ଇଚ୍ଛା କରେ। ତୁମ୍ଭେ ମୋର
ଆନନ୍ଦ ଓ ମୋର ଗର୍ବ। ମୁଁ କହିଥିଲି ଭଳି ପ୍ରଭୁଙ୍କୁ
ଅନୁସରଣ କରି ଚାଲିଥାଅ।
୨ଇୟୋଦିଆ, ଓ ସୁନ୍ତୁଖୀ ଉଭୟଙ୍କୁ ପ୍ରଭୁଙ୍କଠାରେ ଏକମତ
ହେବାକୁ ମୁଁ ନିବେଦନ କରେ। ୩ହେ ବନ୍ଧୁ, ତୁମ୍ଭେ
ଯେହେତୁ ମୋ ସହିତ ବିଶ୍ୱସ୍ତ ଭାବରେ ସେବା କରୁଛ,
ଯେଉଁ ସ୍ତ୍ରୀ ଲୋକମାନେ ମୁଁ ସୁସମାଚାର ପ୍ରଚାର କଲାବେଳେ
ମୋ ସହିତ ପରିଶ୍ରମ କରିଅଛନ୍ତି, ସେମାନଙ୍କୁ ସାହାଯ୍ୟ
କରି ବୋଲି ତୁମ୍ଭକୁ ମୁଁ ନିବେଦନ କରେ। ସେମାନେ
କ୍ଲେମେନ୍ସ ଏବଂ ମୋର ଅନ୍ୟ ସହକାରୀମାନଙ୍କ ସହିତ
ସେବାକାର୍ଯ୍ୟ କରିଛନ୍ତି। ସେମାନଙ୍କ ନାମ 'ଜୀବନ-ପୁସ୍ତକ'*
ରେ ଲେଖାଅଛି।
୪ପ୍ରଭୁଙ୍କଠାରେ ସର୍ବଦା ଆନନ୍ଦ କର। ମୁଁ ଆଉ ଥରେ
କହେ, ଆନନ୍ଦ କର।
୫ସମସ୍ତେ ଦେଖନ୍ତୁ ଯେ ତୁମ୍ଭେ ଶାନ୍ତ ଓ ଦୟାଳୁ ଅଟ।
ପ୍ରଭୁ ଶୀଘ୍ର ଆସୁଛନ୍ତି। ୬କୌଣସି କଥା ପାଇଁ ଚିନ୍ତିତ ହୁଅ
ନାହିଁ। ତୁମ୍ଭର ଯାହା ଦରକାର, ପରମେଶ୍ୱରଙ୍କୁ ପ୍ରାର୍ଥନା
କରି ମାଗ। ପ୍ରାର୍ଥନା କଲାବେଳେ ସଦା ଧନ୍ୟବାଦ ଦିଅ।
୭ପରମେଶ୍ୱରଙ୍କର ଶାନ୍ତି ତୁମ୍ଭମାନଙ୍କ ହୃଦୟ ଓ ମନଗୁଡ଼ିକୁ
ଖ୍ରୀଷ୍ଟଙ୍କଠାରେ ସୁରକ୍ଷା କରି ରଖିବ। ପରମେଶ୍ୱରଙ୍କ ପ୍ରଦତ୍ତ
ଏହି ଶାନ୍ତି କେତେ ଯେ ମହାନ, ତାହା ଆମ୍ଭେ ବୁଝି
ପାରୁ।
୮ଭାଇ(ଓ ଭଉଣୀ)ମାନେ! ଯାହା ସତ୍ୟ, ସମ୍ମାନଜନକ,
ଯଥାର୍ଥ, ଶୁଦ୍ଧ, ଆଦରଣୀୟ, ପ୍ରୀତିଭାଜନ ଓ କୌଣସି
ସଦ୍‌ଗୁଣ ଓ ପ୍ରଶଂସାର ଥାଏ, ସେହି ବିଷୟଗୁଡ଼ିକରେ
ମନୋଯୋଗ କର। ୯ମୋଠାରୁ ଯାହା ସବୁ ଶିଖିଛ ଓ
ପାଇଛ, ତାହା କର। ମୁଁ ଯାହା କହିଛି ଓ ତୁମ୍ଭେ ମୋତେ
ଯାହାସବୁ କରିଥିବା ଦେଖିଛ, ସେଗୁଡ଼ିକୁ କର। ଶାନ୍ତିଦାତା
ପରମେଶ୍ୱର ତୁମ୍ଭମାନଙ୍କ ସହିତ ରହିବେ।

## ଫିଲିପ୍ପୀୟ ଖ୍ରୀଷ୍ଟିୟାନମାନଙ୍କୁ ପାଉଲଙ୍କ ଧନ୍ୟବାଦ

୧୦ତୁମ୍ଭେମାନେ ମୋ ବିଷୟରେ ଚିନ୍ତିତ ହୋଇଥିବାରୁ
ମୁଁ ପ୍ରଭୁଙ୍କଠାରେ ଆନନ୍ଦିତ। ତୁମ୍ଭେମାନେ ମୋ ବିଷୟରେ
ଚିନ୍ତା କରୁଥିଲ, କିନ୍ତୁ ତାହା ଦେଖାଇବା ପାଇଁ ସୁଯୋଗ
ପାଇ ନ ଥିଲ। ୧୧ମୁଁ ଏପରି କହିବାର କାରଣ ନୁହେଁ
ଯେ ମୁଁ କୌଣସି ବିଷୟ ଚାହୁଁଛି। କାରଣ ମୋର
ବର୍ତ୍ତମାନ ଯାହା ଅଛି ଏବଂ ଯାହା ମୋ ପାଇଁ ଘଟୁଛି,
ସେଥିରେ ସନ୍ତୁଷ୍ଟ ରହିବାକୁ ମୁଁ ଶିଖିଛି। ୧୨ଅଭାବରେ ମୁଁ

---

**'ଜୀବନ ପୁସ୍ତକ'** ପରମେଶ୍ୱରଙ୍କ ବଛା ଲୋକଙ୍କ ନାମ ଲେଖା ଥିବା ପୁସ୍ତକ ପ୍ରକାଶିତ ବାକ୍ୟ ୩:୫, ୨୧:୨୭

ଚଳିବା ଜାଣିଛି। ପ୍ରଚୁରତାରେ କିପରି ରହିବାକୁ ହୁଏ,
ତାହା ମଧ୍ୟ ମୁଁ ଜାଣେ। ପ୍ରତ୍ୟେକ ସମୟରେ ଓ ପ୍ରତ୍ୟେକ
ଘଟଣାରେ ଆନନ୍ଦିତ ହେବାର ରହସ୍ୟ ମୁଁ ଜାଣେ।
ଯେତେବେଳେ ମୋର ଖାଇବା ପାଇଁ ଯଥେଷ୍ଟ ଥାଏ କିମ୍ବା
ଯେତେବେଳେ ଯଥେଷ୍ଟ ନ ଥାଏ, ଯେତେବେଳେ ମୋର
ପ୍ରଚୁର ଥାଏ ବା ଯେତେବେଳେ ମୋର ଅଭାବ ଥାଏ,
ସେତେବେଳେ କିପରି ଆନନ୍ଦିତ ହୋଇପାରିବ, ତାହା ମୁଁ
ଜାଣେ। ୧୩ଖ୍ରୀଷ୍ଟଙ୍କ ଠାରୁ ମୋତେ ଶକ୍ତି ପ୍ରଦତ୍ତ ହୋଇଥିବାରୁ,
ତାଙ୍କ ମାଧ୍ୟମରେ ମୁଁ ସବୁ କିଛି କରିବାକୁ ସକ୍ଷମ।

୧୪କିନ୍ତୁ ମୋର ସାହାଯ୍ୟ ଦରକାର ଥିଲା ବେଳେ,
ତୁମ୍ଭେମାନେ ମୋତେ ସାହାଯ୍ୟ କରି ଭଲ କରିଛ। ୧୫ମୁଁ
ଯେତେବେଳେ ସେଠାରେ ସୁସମାଚାର ପ୍ରଚାର ଆରମ୍ଭ କଲି,
ସେତେବେଳେ ତୁମ୍ଭେ ଫିଲିପ୍ପୀବାସୀ, ତାହା ମନେ ରଖିଛ।
ମୁଁ ଯେତେବେଳେ ମାକିଦନିଆ ଛାଡ଼ିଲି, ସେତେବେଳେ
କେବଳ ତୁମ୍ଭର ମଣ୍ଡଳୀ ମୋତେ ସାହାଯ୍ୟ ଦେଇଥିଲା।
୧୬ଥେସଲନୀକୀ ନଗରରେ ଥିଲାବେଳେ ତୁମ୍ଭେମାନେ ଅନେକ
ଥର ମୋର ଆବଶ୍ୟକତା ପୂରଣ କରିବାକୁ ଜିନିଷମାନ
ପଠାଇଛ। ୧୭ମୁଁ ତୁମ୍ଭ ଉପହାର ପାଇଁ ଲାଳାୟିତ ନୁହେଁ
କିନ୍ତୁ ମୁଁ ଚାହେଁ ଯେ, ଦେବା ଦ୍ୱାରା ଯେଉଁ ଲାଭ ମିଳେ,
ତାହା ତୁମ୍ଭେ ପାଅ। ୧୮ମୋର ସମସ୍ତ ଆବଶ୍ୟକୀୟ ଜିନିଷ
ମୋ ପାଖରେ ଅଛି। ଏପାଫ୍ରଦିତଙ୍କ ଦ୍ୱାରା ତୁମ୍ଭେମାନେ
ଉପହାରମାନ ପଠାଇଥିବାରୁ ମୋ ପାଖରେ ମୋର
ଆବଶ୍ୟକତାଠାରୁ ଅଧିକ ରହିଛି। ତୁମ୍ଭର ଉପହାର ଗୁଡ଼ିକ
ସୁଗନ୍ଧି ବଳି ରୂପେ ପରମେଶ୍ୱରଙ୍କୁ ଅର୍ପଣ କରାଯାଇଛି।
୧୯ପରମେଶ୍ୱର ସେଗୁଡ଼ିକୁ ଗ୍ରହଣ କରନ୍ତି ଓ ତାହା ତାହାଙ୍କୁ
ପ୍ରସନ୍ନ କରେ। ଯୀଶୁଙ୍କ ଧନରେ ମୋ ପରମେଶ୍ୱର ଅତି
ଧନୀ। ତୁମ୍ଭର ସମସ୍ତ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା
ଲାଗି ପରମେଶ୍ୱର ଖ୍ରୀଷ୍ଟଯୀଶୁଙ୍କ ଠାରେ ତାଙ୍କ ଧନର
ବ୍ୟବହାର କରିବେ। ୨୦ଆମ୍ଭର ପରମେଶ୍ୱରଙ୍କ ମହିମା
ଗୌରବ ସଦାସର୍ବଦା ହେଉ। ଆମେନ୍!

୨୧ଖ୍ରୀଷ୍ଟଙ୍କଠାରେ ପରମେଶ୍ୱରଙ୍କ ପ୍ରତ୍ୟେକ ପବିତ୍ର ଲୋକଙ୍କୁ
ନମସ୍କାର। ମୋ ସହିତ ଥିବା ପରମେଶ୍ୱରଙ୍କ ଲୋକମାନେ
ତୁମ୍ଭମାନଙ୍କୁ ନମସ୍କାର ଜଣାଉଛନ୍ତି। ୨୨ପରମେଶ୍ୱରଙ୍କ ସମସ୍ତ
ଲୋକ ଓ ବିଶେଷ ଭାବରେ ଯେଉଁମାନେ କାଇସରଙ୍କ
ପ୍ରାସାଦରେ ଅଛନ୍ତି, ସେହି ବିଶ୍ୱାସୀମାନେ ତୁମ୍ଭମାନଙ୍କୁ
ନମସ୍କାର ଜଣାଇଛନ୍ତି।

୨୩ତୁମ୍ଭ ସମସ୍ତଙ୍କ ସହିତ ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର
ଅନୁଗ୍ରହ ରହିଥାଉ।

# କଲସୀୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କ ପତ୍ର

୧ ଈଶ୍ୱରଙ୍କ ଇଚ୍ଛାରେ ଖ୍ରୀଷ୍ଟ ଯୀଶୁଙ୍କ ଜଣେ ପ୍ରେରିତ ମୁଁ
ପାଉଲ ଓ ଆମ୍ଭ ଭାଇ ତୀମଥିଙ୍କ ଠାରୁ
୨କଲସୀରେ ରହୁଥିବା ଖ୍ରୀଷ୍ଟଙ୍କ ଠାରେ ପବିତ୍ର ଓ
ବିଶ୍ୱସ୍ତ ଭାଇ (ଓ ଭଉଣୀ)ମାନଙ୍କୁ ଲେଖୁଛି; ଆମ୍ଭର ପିତା
ପରମେଶ୍ୱରଙ୍କ ଠାରୁ ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ସହିତ
ରହୁ।
୩ଆମ୍ଭ ପ୍ରାର୍ଥନାରେ ଆମ୍ଭେ ସବୁବେଳେ ତୁମ୍ଭ ପାଇଁ
ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଉଛୁ। ୪ପରମେଶ୍ୱର ଆମ୍ଭ
ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପିତା ଅଟନ୍ତି। ତୁମ୍ଭମାନଙ୍କର
ଯୀଶୁଙ୍କଠାରେ ବିଶ୍ୱାସ ଓ ପରମେଶ୍ୱରଙ୍କ ସମସ୍ତ ଲୋକମାନଙ୍କ
ପାଇଁ ତୁମ୍ଭଠାରେ ଥିବା ପ୍ରେମ ବିଷୟରେ ଶୁଣି ଆମ୍ଭେ
ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଉଛୁ। ୫ତୁମ୍ଭମାନଙ୍କର ଭରସା
ହେତୁ ତୁମ୍ଭେମାନେ ଖ୍ରୀଷ୍ଟଙ୍କୁ ବିଶ୍ୱାସ ଓ ସାଧୁମାନଙ୍କୁ ପ୍ରେମ
କରୁଛ। ତୁମ୍ଭେ ଯେଉଁ ବିଷୟ ଗୁଡ଼ିକ ପାଇଁ ଭରସା
କରୁଛ, ତାହା ସ୍ୱର୍ଗରେ ତୁମ୍ଭ ପାଇଁ ସୁରକ୍ଷିତ ଅଛି।
ତୁମ୍ଭେମାନେ ଯେତେବେଳେ ସତ୍‌ଶିକ୍ଷା ବା ସୁସମାଗ୍ଭର
ଶୁଣିଥିଲ, ସେତେବେଳେ ଏହି ଭରସା ବିଷୟରେ ଜାଣିଥିଲ।
୬ବିଶ୍ୱରେ ସର୍ବତ୍ର ସୁସମାଗ୍ଭର ଆଶୀର୍ବାଦ ଆଣୁଛି ଓ ବୃଦ୍ଧି
ଲାଭ କରୁଛି। ଯେଉଁ ଦିନଠାରୁ ତୁମ୍ଭେମାନେ ସୁସମାଗ୍ଭର
ଶୁଣିଲ ଓ ପରମେଶ୍ୱରଙ୍କ ଅନୁଗ୍ରହର ସତ୍ୟ ବୁଝିଲ, ସେହି
ଦିନଠାରୁ ତୁମ୍ଭେମାନେ ମଧ୍ୟ ଆଶୀର୍ବାଦ ଲାଭ କରୁଛ।
୭ତୁମ୍ଭେମାନେ ପରମେଶ୍ୱରଙ୍କ ଅନୁଗ୍ରହ ବିଷୟରେ ଏପାଫ୍ରାଙ୍କ
ଠାରୁ ଜାଣିଲ। ଏପାଫ୍ରା ଆମ୍ଭର ସହିତ କାମ କରନ୍ତି ଓ
ଆମ୍ଭେମାନେ ତାହାଙ୍କୁ ଭଲ ପାଉ। ସେ ଖ୍ରୀଷ୍ଟଙ୍କର ଜଣେ
ବିଶ୍ୱାସୀ ସେବକ। ୮ଏପାଫ୍ରା, ପବିତ୍ର ଆତ୍ମାଙ୍କଠାରୁ ପ୍ରାପ୍ତ
ତୁମ୍ଭମାନଙ୍କର ପ୍ରେମ ବିଷୟରେ ଆମ୍ଭକୁ କହିଛନ୍ତି।
୯ସେଥିପାଇଁ ଯେଉଁଦିନଠାରୁ ଆମ୍ଭେ ତୁମ୍ଭମାନଙ୍କ ବିଷୟରେ
ଏହି କଥା ଶୁଣିଲୁ, ଆମ୍ଭେ ତୁମ୍ଭମାନଙ୍କ ପାଇଁ ନିରନ୍ତର
ପ୍ରାର୍ଥନା କରୁଛୁ। ଆମ୍ଭେ ତୁମ୍ଭମାନଙ୍କ ପାଇଁ ପ୍ରାର୍ଥନା କରୁଛୁ:

ଯେପରି ପରମେଶ୍ୱର ଇଚ୍ଛା କରୁଥିବା ବିଷୟଗୁଡ଼ିକ
ତୁମ୍ଭେମାନେ ସଂପୂର୍ଣ୍ଣ ଜାଣିବ; ଯେପରି ତୁମ୍ଭମାନଙ୍କ
ଜ୍ଞାନ ସାହାଯ୍ୟରେ ତୁମ୍ଭେମାନେ ଆଧ୍ୟାତ୍ମିକ
ବିଷୟଗୁଡ଼ିକରେ ସମସ୍ତ ଜ୍ଞାନ ଓ ବୋଧଶକ୍ତି ମଧ୍ୟ
ଲାଭ କରିବ;
୧୦ ଯେପରି ତୁମ୍ଭେମାନେ ପ୍ରଭୁଙ୍କୁ ଗୌରବ (ସମ୍ମାନ)
ଆଣିଲା ଭଳି ଓ ପ୍ରତ୍ୟେକ ଢଙ୍ଗରେ ତାହାଙ୍କୁ
ପ୍ରସନ୍ନ କଲା ଭଳି ଏହି ବିଷୟଗୁଡ଼ିକ ବ୍ୟବହାର
କରି ଜୀବନ-ଯାପନ କରିବ; ଯେପରି ତୁମ୍ଭେମାନେ
ସମସ୍ତ ପ୍ରକାରର ଭଲ କାମ କରିବ ଓ ପରମେଶ୍ୱର
ବିଷୟକ ଜ୍ଞାନରେ ବିକାଶ ଲାଭ କରିବ;
୧୧ ଯେପରି ପରମେଶ୍ୱର ତାହାଙ୍କ ମହାନ୍ ଶକ୍ତି ଦ୍ୱାରା
ତୁମ୍ଭମାନଙ୍କୁ ଶକ୍ତିଶାଳୀ କରନ୍ତୁ; ଯେ ତୁମ୍ଭେମାନେ
ଧୈର୍ଯ୍ୟବାନ ହେବ ଓ କଷ୍ଟ ପଡ଼ିଲେ, ପଳାୟନ
କରିବ ନାହିଁ, ସେଥିପାଇଁ ପରମେଶ୍ୱର ତୁମ୍ଭମାନଙ୍କୁ
ଶକ୍ତି ଦିଅନ୍ତୁ।

୧୨ତାହେଲେ ଯାଇ ତୁମ୍ଭେ ପ୍ରସନ୍ନ ହେବ ଓ ପିତାଙ୍କୁ
ଧନ୍ୟବାଦ ଦେବ। ସେ ଯେଉଁ ବିଷୟଗୁଡ଼ିକ ତୁମ୍ଭ ପାଇଁ
ପ୍ରସ୍ତୁତ କରିଛନ୍ତି, ସେଗୁଡ଼ିକ ପାଇବା ପାଇଁ ସେ ତୁମ୍ଭମାନଙ୍କୁ
ଉପଯୁକ୍ତ କରି ଗଢ଼ିଛନ୍ତି। ଯେଉଁ ସାଧୁମାନେ ଆଲୁଅରେ
ବାସ କରନ୍ତି, ସେମାନଙ୍କ ଲାଗି ସେ ଏହି ବିଷୟଗୁଡ଼ିକ
ସୃଷ୍ଟି କରିଛନ୍ତି। ୧୩ଅନ୍ଧକାରର ଶକ୍ତିରୁ ପରମେଶ୍ୱର ଆମ୍ଭକୁ
ସ୍ୱାଧୀନ କରିଛନ୍ତି। ସେ ଆମ୍ଭକୁ ତାଙ୍କ ପ୍ରିୟ ପୁତ୍ରଙ୍କର
ରାଜ୍ୟ ମଧ୍ୟକୁ ଆଣିଛନ୍ତି। ୧୪ସେହି ପୁତ୍ର ଆମ୍ଭକୁ ମୁକ୍ତ
କରିବା ଲାଗି ମୂଲ୍ୟ ପ୍ରଦାନ କରିଛନ୍ତି। ତାହାଙ୍କ ଦ୍ୱାରା
ଆମ୍ଭ ପାପରୁ ଆମ୍ଭକୁ କ୍ଷମା ମିଳିଛି।

## ଯେତେବେଳେ ଆମ୍ଭେ ଯୀଶୁ ଖ୍ରୀଷ୍ଟଙ୍କୁ ଦେଖୁ, ସେତେବେଳେ ଆମ୍ଭେ ପରମେଶ୍ୱରଙ୍କୁ ଦେଖୁ

୧୫କୌଣସି ଲୋକ ପରମେଶ୍ୱରଙ୍କୁ ଦେଖି ପାରେ
ନାହିଁ। କିନ୍ତୁ ଖ୍ରୀଷ୍ଟ ଠିକ ପରମେଶ୍ୱରଙ୍କ ଭଳି। ଖ୍ରୀଷ୍ଟ
ସମସ୍ତ ସୃଷ୍ଟ ବିଷୟଗୁଡ଼ିକର ଶାସକ ଅଟନ୍ତି। ୧୬ତାହାଙ୍କର
ଶକ୍ତିରେ ସମସ୍ତ ବିଷୟଗୁଡ଼ିକର ଉତ୍ପତ୍ତି ସ୍ୱର୍ଗର ଓ ପୃଥିବୀର
ବିଷୟ, ଦୃଶ୍ୟ ଓ ଅଦୃଶ୍ୟ ବିଷୟ ସବୁ, ସମସ୍ତ ଆଧ୍ୟାତ୍ମିକ
ଶକ୍ତି, ଅଧିକାରୀଗଣ, ପ୍ରଭୁଗଣ ଓ ଶାସକଗଣ। ସବୁ
ବିଷୟଗୁଡ଼ିକ ଖ୍ରୀଷ୍ଟଙ୍କ ମାଧ୍ୟମରେ ଓ ତାହାଙ୍କ ପାଇଁ
ନିର୍ମିତ। ସମସ୍ତ ବିଷୟ ସୃଷ୍ଟି ହେବା ପୂର୍ବରୁ ଖ୍ରୀଷ୍ଟ ଥିଲେ।
ସମସ୍ତ ବିଷୟର ଅସ୍ତିତ୍ୱ ତାହାଙ୍କ ହେତୁ ରହିଛି। ୧୮ଖ୍ରୀଷ୍ଟ
ମଣ୍ଡଳୀରୂପ ଶରୀରର ମୁଖ୍ୟ ଅଟନ୍ତି। ପ୍ରତ୍ୟେକ ବିଷୟ
ତାହାଙ୍କଠାରୁ ଆସିଥାଏ। ସେ ମୃତ୍ୟୁରୁ ପୁନରୁତ୍ଥିତ (ଏକମାତ୍ର
ପୁନରୁତ୍ଥିତ ଈଶ୍ୱର) ହୋଇଥିବା ପ୍ରଭୁ। ଅତଏବ ପ୍ରତ୍ୟେକ
ବିଷୟରେ ଖ୍ରୀଷ୍ଟ ସର୍ବାପେକ୍ଷା ମହତ୍ୱପୂର୍ଣ୍ଣ ଅଟନ୍ତି। ୧୯ପରମେଶ୍ୱର
ଖ୍ରୀଷ୍ଟଙ୍କଠାରେ ବାସ କରିବାକୁ ପସନ୍ଦ କଲେ। ୨୦ଖ୍ରୀଷ୍ଟଙ୍କ
ମାଧ୍ୟମରେ ପରମେଶ୍ୱର ପୁଣି ଥରେ ସମସ୍ତ ପୃଥିବୀର
ବିଷୟ ହେଉ ବା ସ୍ୱର୍ଗର ବିଷୟ ହେଉ ନିଜ ସହିତ
ମିଳିତ କରିବାକୁ ପସନ୍ଦ କଲେ। ଖ୍ରୀଷ୍ଟଙ୍କ କ୍ରୁଶର ରକ୍ତ
ଦ୍ୱାରା ପରମେଶ୍ୱର ଶାନ୍ତି ଆଣିଲେ।

୨୧ ପୂର୍ବରୁ ତୁମ୍ଭେ ମନ୍ଦ କାମ କରିଥିବା କାରଣରୁ
ପରମେଶ୍ୱରଙ୍କ ବିରୋଧୀ ଥିଲ। ତୁମ୍ଭେମାନେ ମନରେ
ପରମେଶ୍ୱରଙ୍କ ଶତ୍ରୁ ଥିଲ। ସେଥିପାଇଁ ପରମେଶ୍ୱରଙ୍କ ଠାରୁ
ଦୂରେଇ ଯାଇଥିଲ। ୨୨ କିନ୍ତୁ ଖ୍ରୀଷ୍ଟ ପୁଣି ଥରେ ତୁମ୍ଭମାନଙ୍କୁ
ପରମେଶ୍ୱରଙ୍କ ମିତ୍ର କରି ଦେଇଛନ୍ତି। ତାଙ୍କ ମାଂସମୟ
ଶରୀରରେ, ନିଜ ମୃତ୍ୟୁ ଦ୍ୱାରା ସେ ଏହା କରିଛନ୍ତି।
ନିଷ୍କଳଙ୍କ ଓ ନିର୍ଦ୍ଦୋଷ ଭାବରେ ତୁମ୍ଭମାନଙ୍କୁ ପରମେଶ୍ୱରଙ୍କ
ଆଗକୁ ଆଣିବା ପାଇଁ ସେ ଏହା କଲେ। ୨୩ ତୁମ୍ଭେମାନେ
ଶୁଣିଥିବା ସୁସମାଚାର ଉପରେ ବିଶ୍ୱାସ ରଖି ପାରିଲେ ଖ୍ରୀଷ୍ଟ
ଏହି କାମ କରି ଚାଲିବେ। ତୁମ୍ଭେମାନେ ନିଜ ବିଶ୍ୱାସରେ
ଦୃଢ଼ତା ଓ ନିଶ୍ଚିତବୋଧ ରଖିଥିବ। ସୁସମାଚାର ତୁମ୍ଭମାନଙ୍କୁ
ଯେଉଁ ଭରସା ଦେଇଛି ସେଥିରୁ ବିଚଳିତ ହେବ ନାହିଁ।
ସେହି ସମାନ ସୁସମାଚାର ସମଗ୍ର ବିଶ୍ୱରେ ସମସ୍ତଙ୍କୁ
କୁହାଯାଇଛି। ମୁଁ ପାଉଲ, ସେହି ସୁସମାଚାର କହିବାରେ
ସାହାଯ୍ୟ କରିଛି।

## ମଣ୍ଡଳୀ ପାଇଁ ପାଉଲଙ୍କ କାମ

୨୪ ତୁମ୍ଭମାନଙ୍କ ପାଇଁ ମୁଁ ଯେଉଁ କଷ୍ଟ ପାଇଛି, ସେଥିପାଇଁ
ମୋତେ ଆନନ୍ଦ ମିଳୁଛି। ଖ୍ରୀଷ୍ଟଙ୍କ ପାଇଁ ତାଙ୍କ ଦେହ
ସ୍ୱରୂପ ମଣ୍ଡଳୀ ମାଧ୍ୟମରେ କେତେକ କଷ୍ଟ ଭୋଗିବା ବାକି
ଥିଲା। ସେଗୁଡ଼ିକରୁ ଦୁଃଖଭୋଗ କରିବା ପାଇଁ ଥିବା
ମୋର ଅଂଶ ମୁଁ ମୋ ଦେହରେ ଗ୍ରହଣ କରୁଛି।
୨୫ ପରମେଶ୍ୱର ମୋତେ ମଣ୍ଡଳୀର ଜଣେ ସେବକ ହେବା
ପାଇଁ ଏକ ବିଶେଷ କାମ ଦେଇଛନ୍ତି। ଏହି କାମ
ତୁମ୍ଭମାନଙ୍କୁ ସାହାଯ୍ୟ କରୁଛି। ମୋ କାମ ହେଉଛି
ତୁମ୍ଭମାନଙ୍କୁ ପୂର୍ଣ୍ଣଭାବରେ ପରମେଶ୍ୱରଙ୍କ ଶିକ୍ଷା ପ୍ରଦାନ
କରିବା। ୨୬ ସୃଷ୍ଟିର ଆରମ୍ଭରୁ ଏହି ଗୁପ୍ତ ସତ୍ୟଟି ସମସ୍ତ
ଲୋକମାନଙ୍କ ପାଇଁ ଗୋପନୀୟ ଥିଲା। କିନ୍ତୁ ଏବେ ସେହି
ଗୁପ୍ତ ସତ୍ୟ ପରମେଶ୍ୱରଙ୍କ ପବିତ୍ର ଲୋକମାନଙ୍କୁ ଜଣାଇ
ଦିଆଗଲା। ୨୭ ଏହି ମହାନ୍ ସତ୍ୟଟି ସମସ୍ତଙ୍କ ପାଇଁ ଅଟେ।
ପରମେଶ୍ୱର ଏହି ମହାନ ଓ ବୈଭବପୂର୍ଣ୍ଣ ସତ୍ୟକୁ ନିଜ
ଲୋକଙ୍କୁ ଜଣାଇ ଦେବା ପାଇଁ ସ୍ଥିର କଲେ। ଏହି ସତ୍ୟ
ସ୍ୱୟଂ ତୁମ୍ଭମାନଙ୍କ ଭିତରେ ଥିବା ଖ୍ରୀଷ୍ଟ ନିଜେ ଅଟନ୍ତି।
ପରମେଶ୍ୱରଙ୍କ ମହିମା ପ୍ରାପ୍ତ କରିବା ପାଇଁ, ସେ ହେଉଛନ୍ତି
ଆମ୍ଭର ଏକମାତ୍ର ଭରସା। ୨୮ ଅତଏବ ଆମ୍ଭେ ଖ୍ରୀଷ୍ଟଙ୍କ
ବିଷୟରେ ଲୋକଙ୍କୁ କହି ଚାଲିଛୁ। ଆମ୍ଭେ ପ୍ରତ୍ୟେକ
ଲୋକଙ୍କୁ ଶିକ୍ଷା ଦେବା ଓ ଶକ୍ତିଶାଳୀ କରିବା ପାଇଁ
ଆମ୍ଭର ସମସ୍ତ ଜ୍ଞାନ ଖଟାଉଛୁ। ଏପରି କରି ଆମ୍ଭେ
ଖ୍ରୀଷ୍ଟଙ୍କ ଠାରେ ଆଧ୍ୟାତ୍ମିକ ଭାବରେ ପରିପୂର୍ଣ୍ଣ ହୋଇ
ପରମେଶ୍ୱରଙ୍କ ଆଗରେ ସମସ୍ତଙ୍କୁ ଉପସ୍ଥିତ କରି ପାରିବାକୁ
ଚେଷ୍ଟା କରୁଛୁ। ୨୯ ଖ୍ରୀଷ୍ଟ ମୋତେ ଦେଇଥିବା ମହାନ୍ ଶକ୍ତି
ବଳରେ ସଂଘର୍ଷ କରି ମୁଁ ଏହି କାମଟି କରୁଛି। ଏହି ଶକ୍ତି
ମୋ ଜୀବନରେ କାମ କରୁଛି।

**୨** ମୁଁ ଚାହେଁ ତୁମ୍ଭେମାନେ ଜାଣିରଖ ଯେ ତୁମ୍ଭମାନଙ୍କୁ
ସାହାଯ୍ୟ କରିବା ପାଇଁ ମୁଁ କଠିନ ପରିଶ୍ରମ କରୁଛି।
ଏବଂ ଲାଅଦିକୀଆରେ ଥିବା ଲୋକମାନଙ୍କୁ ଓ ମୋତେ
ଦେଖି ନ ଥିବା ଅନ୍ୟ ଲୋକମାନଙ୍କୁ ମଧ୍ୟ ମୁଁ ସାହାଯ୍ୟ
କରିବାକୁ ଚେଷ୍ଟା କରୁଛି। ୨ ମୁଁ ଇଚ୍ଛା କରେ ଯେ
ସେମାନେ ପ୍ରେମରେ ବାନ୍ଧି ହୋଇ ଶକ୍ତିଶାଳୀ ହୁଅନ୍ତୁ। ମୁଁ
ଏହା ମଧ୍ୟ ଇଚ୍ଛା କରେ ଯେ ସେମାନେ ବୋଧଶକ୍ତି ଦ୍ୱାରା
ପ୍ରାପ୍ତ ଦୃଢ଼ ବିଶ୍ୱାସରେ ଧନୀ ହୁଅନ୍ତୁ। ମୋର ଇଚ୍ଛା ଯେ
ତୁମ୍ଭେମାନେ ପରମେଶ୍ୱରଙ୍କ ଦ୍ୱାରା ଜ୍ଞାତ କରାଯାଇଥିବା
ଗୁପ୍ତ ସତ୍ୟ ଅର୍ଥାତ ଖ୍ରୀଷ୍ଟଙ୍କୁ ପୂର୍ଣ୍ଣ ଭାବରେ ଜାଣ।
୩ ଖ୍ରୀଷ୍ଟଙ୍କ ଠାରେ ଜ୍ଞାନ ଓ ବିଜ୍ଞତାର ଭଣ୍ଡାର ସୁରକ୍ଷିତ
ରଖା ହୋଇଛି।
୪ ମୋର ଏପରି କହିବା ଉଦ୍ଦେଶ୍ୟ ଯେ ତୁମ୍ଭମାନଙ୍କୁ
ଯେପରି କେହି ଭଲ ବୋଲି ଜଣା ପଡୁଥିବା ଅସତ୍ୟ ଶିକ୍ଷା
ଦ୍ୱାରା ବିଭ୍ରାନ୍ତ କରି ନଦେଉ। ୫ ମୁଁ ମୋ ଶରୀରରେ ତୁମ୍ଭ
ସହିତ ସେଠାରେ ନାହିଁ, କିନ୍ତୁ ମୋର ଆତ୍ମା ସେଠାରେ
ଅଛି। ମୁଁ ତୁମ୍ଭମାନଙ୍କ ଉତ୍ତମ ଜୀବନ ଓ ତୁମ୍ଭମାନଙ୍କର
ଖ୍ରୀଷ୍ଟଙ୍କଠାରେ ବଳିଷ୍ଠ ବିଶ୍ୱାସ ଦେଖି ପ୍ରସନ୍ନ ଅଟେ।

## ଯୀଶୁ ଖ୍ରୀଷ୍ଟଙ୍କ ଠାରେ ରହିଥାଅ:

୬ ତୁମ୍ଭେ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କୁ ଗ୍ରହଣ କରିଛ। ଅତଏବ
କୌଣସି ଅସ୍ଥିରଚିତ୍ତ ନ ହୋଇ ତାହାଙ୍କୁ ଅନୁସରଣ
କରିଚାଲ। ୭ ତୁମ୍ଭେ କେବଳ ତାହାଙ୍କ ଉପରେ ନିର୍ଭର
କର। ଜୀବନ ଓ ଶକ୍ତି ତାହାଙ୍କ ଠାରୁ ଆସେ। ତୁମ୍ଭକୁ
ସତ୍ୟର ଶିକ୍ଷା ଦିଆ ଯାଇଛି। ସେହି ସତ୍ୟ ଶିକ୍ଷା ଉପରେ
ତୁମ୍ଭର ଦୃଢ଼ ଆସ୍ଥା ରହିଥିବା ଉଚିତ୍। ପରମେଶ୍ୱରଙ୍କୁ
ସବୁବେଳେ ଧନ୍ୟବାଦ ଦେଉଥାଅ।
୮ ସାବଧାନ ରୁହ, ଯେପରି କେହି ତୁମ୍ଭକୁ ଅନର୍ଥକ,
ଅସତ୍ୟ ଚିନ୍ତାଧାରା ଓ ବାକ୍ୟ ଦ୍ୱାରା ଭ୍ରାନ୍ତ ନ କରୁ।
ଏହିଭଳି ଧାରଣାସବୁ ଖ୍ରୀଷ୍ଟଙ୍କ ଠାରୁ ନୁହେଁ, ମନୁଷ୍ୟ ଠାରୁ
ଉତ୍ପନ୍ନ ହୁଏ। ଏହି ଧାରଣାଗୁଡ଼ିକ ହେଉଛି ସଂସାରର
ଲୋକମାନଙ୍କର ମୂଲ୍ୟହୀନ ଧାରଣା। ୯ ପରମେଶ୍ୱର
ଖ୍ରୀଷ୍ଟଙ୍କଠାରେ (ପାର୍ଥିବ ଶରୀର ଧାରଣ କରି) ବାସ
କଲେ। ୧୦ ଖ୍ରୀଷ୍ଟଙ୍କ ଠାରେ ତୁମ୍ଭେ ସଂପୂର୍ଣ୍ଣ ଅଟ। ତୁମ୍ଭର
ଆଉ କିଛି ଦରକାର ନାହିଁ। ସେ ହେଉଛନ୍ତି ଶାସକମାନଙ୍କର
ଓ ଶକ୍ତିଗୁଡ଼ିକର ଶାସକ ବା ପ୍ରଧାନ। ୧୧ ଖ୍ରୀଷ୍ଟଙ୍କ ଠାରେ
ତୁମ୍ଭେମାନେ ଏକ ଭିନ୍ନ ପ୍ରକାରର ସୁନ୍ନତ ହୋଇଛ। ଏହି
ସୁନ୍ନତ କୌଣସି ମଣିଷର ହାତ କରି ନାହିଁ। ଅର୍ଥାତ୍
ତୁମ୍ଭେମାନେ ତୁମ୍ଭର ପାପପୂର୍ଣ୍ଣ ଶକ୍ତିରୁ ମୁକ୍ତ କରାଯାଇଛ।
ଖ୍ରୀଷ୍ଟ ଏହିଭଳି ସୁନ୍ନତ କରନ୍ତି। ୧୨ ତୁମ୍ଭେ ଯେତେବେଳେ
ବାପ୍ତିଜିତ ହୋଇଥିଲ, ତୁମ୍ଭର ପୁରୁଣା ସ୍ୱଭାବର ମୃତ୍ୟୁ
ହେଲା ଓ ତୁମ୍ଭେ ଖ୍ରୀଷ୍ଟଙ୍କ ଠାରେ କବର ପ୍ରାପ୍ତ ହେଲ।
ସେହି ବାପ୍ତିସ୍ମରେ ପରମେଶ୍ୱରଙ୍କ ଶକ୍ତିରେ ତୁମ୍ଭେ ବିଶ୍ୱାସ
କରିଥିବା ହେତୁ ତୁମ୍ଭେ ଖ୍ରୀଷ୍ଟଙ୍କ ସହିତ ପୁଣି ପୁନରୁଥିତ
ହେଲ। ଯେତେବେଳେ ଖ୍ରୀଷ୍ଟ ମୃତ୍ୟୁରୁ ପୁନର୍ଜୀବିତ ହେଲେ,
ସେତେବେଳେ ପରମେଶ୍ୱରଙ୍କ ଶକ୍ତି ଦେଖା ଯାଇ ଥିଲା।
୧୩ ତୁମ୍ଭେ ନିଜର ପା ପହେତୁରୁ ଏବଂ ତୁମ୍ଭର ପାପ ସ୍ୱଭାବ
ହେତୁ ସ୍ୱାଧୀନ ନଥିବାରୁ ଆତ୍ମିକ ଭାବରେ ମୃତ ଥିଲ।
କିନ୍ତୁ ପରମେଶ୍ୱର ତୁମ୍ଭକୁ ଖ୍ରୀଷ୍ଟଙ୍କ ସହିତ ପୁନର୍ଜୀବିତ
କଲେ। ଏହା ସହିତ ପରମେଶ୍ୱର ଆମ୍ଭର ସମସ୍ତ ପାପଗୁଡ଼ିକୁ
କ୍ଷମା ମଧ୍ୟ କଲେ। ୧୪ ନିୟମ ଗୁଡ଼ିକ ପାଳନ ନ କରି

ପାରିବା ଦ୍ୱାରା, ଆମ୍ଭ ବିରୁଦ୍ଧରେ ଲେଖା ଯାଇଥିବା ଚିଠାଟିକୁ
ପରମେଶ୍ୱର ବ୍ୟର୍ଥ ବୋଲି ପ୍ରମାଣିତ କରି, ଆମ୍ଭକୁ କ୍ଷମା
କଲେ। ଆମ୍ଭର ବିରୁଦ୍ଧାତ୍ମକ ସେହି ଚିଠାକୁ ପରମେଶ୍ୱର
ନେଇଗଲେ ଓ କ୍ରୁଶ ଉପରେ ଟାଙ୍ଗିଦେଲେ। [୧୫]ପରମେଶ୍ୱର
ଆତ୍ମିକ ଶାସକ ଓ ଶକ୍ତିଗୁଡ଼ିକୁ ପରାଜିତ କଲେ। କ୍ରୁଶ
ଦ୍ୱାରା ସେ ଏମାନଙ୍କୁ ପରାଜିତ କଲେ ଓ ନିଜେ ବିଜୟୀ
ହେଲେ। ପରମେଶ୍ୱର ସଂସାରକୁ ଦେଖାଇ ଦେଲେ ଯେ
ସେମାନେ ଶକ୍ତିହୀନ ଅଟନ୍ତି।

## ମନୁଷ୍ୟନିର୍ମିତ ନିୟମଗୁଡ଼ିକୁ ମାନ ନାହିଁ

[୧୬]ତେଣୁ ଯିହୂଦୀମାନଙ୍କର ଖାଇବା ଓ ପିଇବା କିମ୍ବା
ବିଧିବିଧାନ, (ଅର୍ଥାତ୍ ଉତ୍ସବଗୁଡ଼ିକ ମାସର ପ୍ରତିପଦାଗୁଡ଼ିକ,
ବା ବିଶ୍ରାମବାରଗୁଡ଼ିକ)* ବିଷୟରେ କୌଣସି ଲୋକ
ଯେପରି ନିୟମ ତିଆରି ନ କରୁ। [୧୭]ପୂର୍ବ କାଳରେ
ଏଗୁଡ଼ିକ ଭବିଷ୍ୟତ୍‌ରେ ଘଟିବାକୁ ଯାଉଥିବା ଘଟଣାଗୁଡ଼ିକର
ଛାୟା ମାତ୍ର ଥିଲା। କିନ୍ତୁ ଯାହା ସବୁ ଘଟିବାକୁ ଥିଲା,
ସେଗୁଡ଼ିକର ବାସ୍ତବରୂପ ହେଉଛନ୍ତି ଖ୍ରୀଷ୍ଟ। [୧୮]କେତେକ
ଲୋକ, ନିଜକୁ ନମ୍ର ବୋଲି ଦେଖାନ୍ତି ଓ ସ୍ୱର୍ଗଦୂତମାନଙ୍କୁ
ପୂଜା କରିବାକୁ ଭଲ ପାଆନ୍ତି। ସେମାନେ ସବୁବେଳେ
ଦେଖିଥିବା ଦର୍ଶନ ବିଷୟରେ କଥାବାର୍ତ୍ତା କରନ୍ତି। ଏଭଳି
ଲୋକଙ୍କୁ କହିବାକୁ ପ୍ରଶ୍ରୟ ଦିଅ ନାହିଁ ଯେ, “ତୁମ୍ଭେମାନେ
ଦର୍ଶନ ଦେଖୁନାହିଁ, ସ୍ୱର୍ଗଦୂତମାନଙ୍କ ପୂଜା କରୁନାହିଁ, ସେଥିପାଇଁ
ତୁମ୍ଭେ ଭୁଲ।” ଏହି ଲୋକେ ପ୍ରକୃତରେ କେବଳ ମନୁଷ୍ୟମାନଙ୍କ
ବିଚାରରେ ବୁଡ଼ି ରହିଥିବାରୁ ଓ ପରମେଶ୍ୱରଙ୍କ କଥା
ବିଚାର ନ କରୁଥିବାରୁ ବୃଥାରେ ଗର୍ବ କରନ୍ତି। [୧୯]ସେମାନେ
ନିଜକୁ, ମସ୍ତକରୂପ ଖ୍ରୀଷ୍ଟଙ୍କ ଅଧୀନରେ ରଖନ୍ତି ନାହିଁ।
ସଂପୂର୍ଣ୍ଣ ଶରୀର, ଖ୍ରୀଷ୍ଟଙ୍କ ଉପରେ ନିର୍ଭରଶୀଳ। ଖ୍ରୀଷ୍ଟଙ୍କ
ପାଇଁ ଶରୀରର ସମସ୍ତ ସଦସ୍ୟ ପରସ୍ପରକୁ ସାହାଯ୍ୟ
କରନ୍ତି ଓ ପରସ୍ପରର ଯତ୍ନ ନିଅନ୍ତି। ଏହା ଶରୀରର
ସମସ୍ତ ଅଙ୍ଗଗୁଡ଼ିକୁ ଏକାଠି ଧରି ରଖେ ଓ ଶକ୍ତି ପ୍ରଦାନ
କରେ। ଅତଏବ ପରମେଶ୍ୱରଙ୍କ ଇଚ୍ଛାନୁସାରେ ଶରୀର
ବୃଦ୍ଧି ପାଏ।

[୨୦]ତୁମ୍ଭେ ଖ୍ରୀଷ୍ଟଙ୍କ ସହିତ ମୃତ୍ୟୁ ବରଣ କରିଛ ଓ
ସଂସାରର ଅସାର ନିୟମଗୁଡ଼ିକରୁ ମୁକ୍ତ କରାଯାଇଛ।
ତଥାପି ତୁମ୍ଭେ ନିଜକୁ ସଂସାରର ଲୋକ ବୋଲି ଭାବି
କାହିଁକି ଏବେ ମଧ୍ୟ ଏପରି ବ୍ୟବହାର କରୁଛ? ତୁମ୍ଭେ
ନିମ୍ନ ନିୟମଗୁଡ଼ିକ କ’ଣ ପାଇଁ ପାଳନ କରୁଛ: [୨୧]“ଏହା
ଖାଅ ନାହିଁ।” “ତାହା ଚାଖ ନାହିଁ।”, “ସେ ଜିନିଷକୁ ଛୁଅଁ
ନାହିଁ।” [୨୨]ଏହି ସାଂସାରିକ ନିୟମଗୁଡ଼ିକ ସେହି ସବୁ
ବିଷୟରେ ଅଟେ, ଯାହା କି ବ୍ୟବହାର ହେବା ପରେ ନଷ୍ଟ
ହୋଇଯାଆନ୍ତି। ସେହି ଆଦେଶ ଓ ଶିକ୍ଷାଗୁଡ଼ିକ
ମନୁଷ୍ୟମାନଙ୍କଠାରୁ, ପରମେଶ୍ୱରଠାରୁ ନୁହେଁ। [୨୩]ଏହି
ବ୍ୟବସ୍ଥାଗୁଡ଼ିକ ଜ୍ଞାନପୂର୍ଣ୍ଣ ଜଣା ପଡୁଥିଲେ ମଧ୍ୟ ମନୁଷ୍ୟ
ଦ୍ୱାରା ଗଠନ କରାଯାଇଥିବା ଧର୍ମର ଗୋଟିଏ-ଗୋଟିଏ ଅଂଶ,
ଯାହା ଦ୍ୱାରା ଲୋକେ ନମ୍ର ବୋଲି ଛଳନା କରନ୍ତି ଓ
ନିଜର ଶରୀରକୁ ତାଡ଼ନା କରନ୍ତି। କିନ୍ତୁ ଏହି ନିୟମଗୁଡ଼ିକ
ସେମାନଙ୍କୁ ସେମାନଙ୍କର ପାପ ସ୍ୱଭାବ ଓ ମନ୍ଦ କାର୍ଯ୍ୟରୁ
ଦୂରରେ ରହିବା ପାଇଁ ସାହାଯ୍ୟ କରେ ନାହିଁ।

## ଯୀଶୁ ଖ୍ରୀଷ୍ଟଙ୍କଠାରେ ନୂତନ ଜୀବନ

୩ ତୁମ୍ଭେମାନେ ଖ୍ରୀଷ୍ଟଙ୍କ ସହିତ ମୃତ୍ୟୁରୁ ଜୀବିତ ହୋଇଛ।
ଅତଏବ ସ୍ୱର୍ଗରେ ଥିବା ବିଷୟଗୁଡ଼ିକ ପାଇବା ପାଇଁ
ଯତ୍ନଶୀଳ ହୁଅ। ଯେଉଁଠାରେ ଖ୍ରୀଷ୍ଟ, ପରମେଶ୍ୱରଙ୍କ ଡାହାଣରେ
ବସିଛନ୍ତି। [୨]ସବୁବେଳେ ସେହି ସ୍ୱର୍ଗର ବିଷୟଗୁଡ଼ିକ ଅନ୍ୱେଷଣ
କର, ମର୍ତ୍ତ୍ୟର ବିଷୟଗୁଡ଼ିକ ପାଇଁ ନୁହେଁ। [୩]ତୁମ୍ଭମାନଙ୍କର
ପୁରାତନ ପାପପୂର୍ଣ୍ଣ ସ୍ୱଭାବର ମୃତ୍ୟୁ ହୋଇଯାଇଛି ଓ
ପରମେଶ୍ୱରଙ୍କ ଠାରେ ଖ୍ରୀଷ୍ଟଙ୍କ ସହିତ ତୁମ୍ଭମାନଙ୍କର ନୂତନ
ଜୀବନ ସୁରକ୍ଷିତ ଅଛି। [୪]ଖ୍ରୀଷ୍ଟ ହେଉଛନ୍ତି ତୁମ୍ଭମାନଙ୍କର
ଜୀବନ। ତେଣୁ ଯେତେବେଳେ ସେ ଆଉ ଥରେ ଆସିବେ,
ତାହାଙ୍କ ମହିମାରେ ତୁମ୍ଭେମାନେ ଅଂଶ ପାଇବ।

[୫]ଅତଏବ, ଯୌନ ପାପଗୁଡ଼ିକ କରିବା, ମନ୍ଦକର୍ମ କରିବା,
କାମନାର ବଶୀଭୂତ ହେବା, ମନ୍ଦ ଇଚ୍ଛା ରଖିବା ଓ ସର୍ବଦା
ଲୋଭୀ ହୋଇ ରହିବା, ଯାହା ଏକ ମିଥ୍ୟା ଦେବତାକୁ
ପୂଜା କରିବା ସଦୃଶ, ସେଭଳି ବିଷୟଗୁଡ଼ିକୁ ନିଜ ଜୀବନଠାରୁ
ଦୂରରେ ରଖ। ଏହିଭଳି ଇଚ୍ଛାଗୁଡ଼ିକ ଥିବାର ଅର୍ଥ ହେଲା
ଯେ, ଜଣେ ମିଥ୍ୟା ଦେବତାର ସେବା କରୁଛି। [୬]ଏହି
ବିଷୟଗୁଡ଼ିକ ପରମେଶ୍ୱରଙ୍କୁ କ୍ରୋଧିତ କରେ। [୭]ତୁମ୍ଭମାନଙ୍କର
ପୂର୍ବ ପାପପୂର୍ଣ୍ଣ ଜୀବନରେ ମଧ୍ୟ ତୁମ୍ଭେମାନେ ଏହି କାମଗୁଡ଼ିକ
କରିଥିଲ।

[୮]କିନ୍ତୁ ଏବେ, ଏହି ସମସ୍ତ ବିଷୟ ନିଜ ଜୀବନରୁ
ବାହାର କରିଦିଅ: କ୍ରୋଧ, ଉତ୍ତେଜନା, ଅନ୍ୟ କାହାକୁ
ବାଧିଲା ଭଳି କାର୍ଯ୍ୟ କରିବା ବା କଥା କହିବା, କହିଲାବେଳେ
ଅପଶବ୍ଦ ବ୍ୟବହାର କରିବା। [୯]ପରସ୍ପରକୁ ମିଛ କଥା କୁହ
ନାହିଁ, କାରଣ ତୁମ୍ଭେମାନେ ପୂର୍ବ ଜୀବନର ପାପପୂର୍ଣ୍ଣ
ଆଚରଣ ଛାଡ଼ି ଦେଇଛ। [୧୦]ତୁମ୍ଭେମାନେ ନୂତନ ଜୀବନ
ଆରମ୍ଭ କରିଛ। ନୂତନ ଜୀବନରେ ତୁମ୍ଭେମାନେ ନୂଆ
ହେଉଅଛ। ତୁମ୍ଭେମାନେ ତୁମ୍ଭମାନଙ୍କର ସେହି ସୃଷ୍ଟିକର୍ତ୍ତାଙ୍କ
ଭଳି ହୋଇଯାଉଛ। ଏହି ନୂତନ ଜୀବନ ଦ୍ୱାରା ତୁମ୍ଭେମାନେ
ପରମେଶ୍ୱରଙ୍କ ବିଷୟରେ ପ୍ରକୃତ ଜ୍ଞାନ ପ୍ରାପ୍ତ ହେଉଛ।
[୧୧]ଏହି ନୂତନ ଜୀବନରେ ଯିହୂଦୀ ଓ ଅଣଯିହୂଦୀମାନଙ୍କ
ମଧ୍ୟରେ କୌଣସି ତଫାତ୍ ନାହିଁ। ସୁନ୍ନତ ଲୋକ ବା
ଅସୁନ୍ନତ ଲୋକ, ବିଦେଶୀ ବା ସ୍କୁଥୀୟମାନଙ୍କ ମଧ୍ୟରେ
କୌଣସି ତଫାତ୍ ନାହିଁ। କ୍ରୀତଦାସ ବା ସ୍ୱାଧୀନ ଭିତରେ
ମଧ୍ୟ ତଫାତ୍ ନାହିଁ। କିନ୍ତୁ ଖ୍ରୀଷ୍ଟ ସମସ୍ତଙ୍କଠାରେ ଅଛନ୍ତି।
ଯାହା ମହତ୍ତ୍ୱପୂର୍ଣ୍ଣ, ତାହା ଖ୍ରୀଷ୍ଟ।

[୧୨]ପରମେଶ୍ୱର ତୁମ୍ଭମାନଙ୍କୁ ବାଛିଛନ୍ତି ଓ ନିଜର ପବିତ୍ର
ଲୋକ ବୋଲି ଗ୍ରହଣ କରିଛନ୍ତି। ସେ ତୁମ୍ଭମାନଙ୍କୁ ପ୍ରେମ
କରନ୍ତି। ଅତଏବ ତୁମ୍ଭେମାନେ ସର୍ବଦା ନିମ୍ନୋକ୍ତ କାର୍ଯ୍ୟମାନ
କର: ଲୋକଙ୍କୁ ଦୟା କର, କରୁଣାମୟ ହୁଅ, ନମ୍ର ହୁଅ,
ଭଦ୍ର ହୁଅ, ଧୈର୍ଯ୍ୟବାନ ହୁଅ। [୧୩]ପରସ୍ପର ପ୍ରତି କ୍ରୋଧ
କରନାହିଁ, ବରଂ ପରସ୍ପରକୁ କ୍ଷମା ଦିଅ। ଯଦି ଜଣେ ତୁମ୍ଭ

---

**ବିଶ୍ରାମବାର** ପ୍ରତି ସପ୍ତାହର ଶେଷ (ସପ୍ତମ) ବାର

ପ୍ରତି ଭୁଲ କାମ କରେ, ତାକୁ କ୍ଷମା ଦିଅ। ପ୍ରଭୁ ତୁମ୍ଭକୁ
କ୍ଷମା କରି ଦେଇଛନ୍ତି, ସେଥିଲାଗି ତୁମ୍ଭେମାନେ ଅନ୍ୟ
ଲୋକଙ୍କୁ ମଧ୍ୟ କ୍ଷମା ଦିଅ। ୧୪ଏହିସବୁ କର, କିନ୍ତୁ
ସବୁଠାରୁ ମୁଖ୍ୟ ବିଷୟ ହେଲା, ପରସ୍ପରକୁ ପ୍ରେମ କରିବା।
ପ୍ରେମ ତୁମ୍ଭମାନଙ୍କୁ ଏକତାରେ ଏକାଠି ବାନ୍ଧି ରଖେ।
୧୫ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଦତ୍ତ ଶାନ୍ତି, ତୁମ୍ଭ ବିଚାରକୁ ସଂଯମ
କରିବ। ତୁମ୍ଭେମାନେ ଶାନ୍ତି ପାଇବା ପାଇଁ ଗୋଟିଏ
ଶରୀରରେ ଡକା ହୋଇଛ। ସବୁବେଳେ ଧନ୍ୟବାଦୀ ହୁଅ।
୧୬ଖ୍ରୀଷ୍ଟଙ୍କ ଶିକ୍ଷା ତୁମ୍ଭଠାରେ ପ୍ରଚୁର ଭାବରେ ରହିଥାଉ।
ପରସ୍ପରକୁ ଶିକ୍ଷା ଦେବା ଓ ଶକ୍ତିଶାଳୀ କରିବା ପାଇଁ
ସମସ୍ତ ଜ୍ଞାନର ବ୍ୟବହାର କର। ନିଜ ହୃଦୟରେ ପରମେଶ୍ୱରଙ୍କ
ପାଇଁ କୃତଜ୍ଞତାର ସଂଗୀତ, ଭଜନ, ଆଧ୍ୟାତ୍ମିକ ଗୀତମାନ
ଗାଅ। ୧୭ତୁମ୍ଭେମାନେ ଯାହା କହୁଛ, ଯାହା କିଛି ବା
କରୁଛ, ସେ ସବୁ ତୁମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କ ପାଇଁ କରି
ଏବଂ ଏହି ସମସ୍ତ କାର୍ଯ୍ୟ ମଧ୍ୟରେ ପରମପିତା ପରମେଶ୍ୱରଙ୍କୁ
ଯୀଶୁଙ୍କ ମାଧ୍ୟମରେ ଧନ୍ୟବାଦ ଜଣାଅ।

### ଅନ୍ୟ ଲୋକଙ୍କ ସହିତ ତୁମ୍ଭର ନୂତନ ଜୀବନ

୧୮ପତ୍ନୀଗଣ! ତୁମ୍ଭର ପତିଙ୍କ ପ୍ରତି ବଶୀଭୂତା ହୁଅ।
ପ୍ରଭୁଙ୍କ ଅନୁଗାମୀମାନଙ୍କ ଭଳି ଏହା କରିବା ଉଚିତ
ଅଟେ।
୧୯ପତିଗଣ! ତୁମ୍ଭମାନଙ୍କ ପତ୍ନୀଙ୍କୁ ପ୍ରେମ କର। ସେମାନଙ୍କ
ପ୍ରତି ଭଦ୍ର ବ୍ୟବହାର କର।
୨୦ସନ୍ତାନଗଣ! ପ୍ରତ୍ୟେକ କଥାରେ ମାତା-ପିତାଙ୍କ ଆଜ୍ଞା
ପାଳନ କର। ଏହା ପ୍ରଭୁଙ୍କୁ ପ୍ରସନ୍ନ କରେ।
୨୧ପିତାଗଣ! ତୁମ୍ଭମାନଙ୍କ ସନ୍ତାନମାନଙ୍କୁ ବିରକ୍ତ କର
ନାହିଁ। ଯଦି ତୁମ୍ଭେ ଅଧିକ ଆଶା କର, ତା'ହେଲେ
ସେମାନେ ହତାଶ ହୋଇଯିବେ।
୨୨ସେବକଗଣ! ଏହି ପୃଥିବୀରେ ପ୍ରତ୍ୟେକ କଥାରେ
ନିଜର ମାଲିକମାନଙ୍କ ଆଜ୍ଞା ପାଳନ କର। ଯେତେବେଳେ
ମାଲିକ ଦେଖୁ ନାହାଁନ୍ତି, ସେତେବେଳେ ମଧ୍ୟ ଓ ସର୍ବଦା
ତାହାଙ୍କ ଆଜ୍ଞା ପାଳନ କର। ଏପରି କରିବା ଦ୍ୱାରା
ତୁମ୍ଭେମାନେ ପ୍ରକୃତରେ ମନୁଷ୍ୟଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା
କରୁ ନାହଁ, ବରଂ ପ୍ରଭୁଙ୍କୁ ସମ୍ମାନ ଦେଉଥିବାରୁ, ତୁମ୍ଭେମାନେ
ନିଷ୍ଠାପର ସହିତ ଆଜ୍ଞା ପାଳନ କର। ୨୩ସମସ୍ତ କାମଗୁଡ଼ିକ
କଲା ବେଳେ ସବୁଠାରୁ ଭଲ କରିବା ପାଇଁ ଚେଷ୍ଟା କର।
ପ୍ରଭୁଙ୍କର ସେବା କରୁଛ, ଲୋକମାନଙ୍କର ନୁହେଁ ବୋଲି
ଭାବି କାମ କର। ୨୪ମନେରଖ! ତୁମ୍ଭେମାନେ ତୁମ୍ଭମାନଙ୍କର
ପୁରସ୍କାର ପ୍ରଭୁଙ୍କଠାରୁ ପାଇବ। ସେ ତାଙ୍କ ଲୋକଙ୍କୁ ଯାହା
ପ୍ରତିଶ୍ରୁତି ଦେଇଛନ୍ତି, ତାହା ତୁମ୍ଭମାନଙ୍କୁ ଦେବେ। ତୁମ୍ଭେମାନେ
ପ୍ରଭୁ ଖ୍ରୀଷ୍ଟଙ୍କ ସେବା କରୁଛ। ୨୫ମନେରଖ! ଭୁଲ୍ କର୍ମ
ପାଇଁ, ପ୍ରତ୍ୟେକ ଲୋକ ଦଣ୍ଡ ପାଇବ। ପ୍ରଭୁ ପ୍ରତ୍ୟେକ
ଲୋକଙ୍କୁ ସମାନ ଭାବରେ ଦେଖନ୍ତି।

୪ ମାଲିକମାନେ! ଯାହା ସୁନ୍ଦର ଓ ଯଥାର୍ଥ ତାହା ତୁମ୍ଭ
ସେବକମାନଙ୍କୁ ଦିଅ। ମନେରଖ ଯେ ସ୍ୱର୍ଗରେ
ତୁମ୍ଭମାନଙ୍କର ମଧ୍ୟ ଜଣେ ମାଲିକ ଅଛନ୍ତି।

### ଖ୍ରୀଷ୍ଟିୟାନମାନଙ୍କୁ ପାଉଲଙ୍କ ପରାମର୍ଶ

୨ସବୁବେଳେ ପ୍ରାର୍ଥନା କରୁଥାଅ। ପ୍ରାର୍ଥନା କଲାବେଳେ
ସର୍ବଦା ପରମେଶ୍ୱରଙ୍କୁ ଧନ୍ୟବାଦ ଦିଅ। ୩ଆମ୍ଭ ପାଇଁ ମଧ୍ୟ
ପ୍ରାର୍ଥନା କର। ପରମେଶ୍ୱରଙ୍କ ସମ୍ବାଦ ଲୋକମାନଙ୍କୁ
କହିବା ପାଇଁ ଆମ୍ଭକୁ ସୁଯୋଗ ପ୍ରଦାନ କରିବା ପାଇଁ
ପରମେଶ୍ୱରଙ୍କୁ ପ୍ରାର୍ଥନା କର। ଖ୍ରୀଷ୍ଟଙ୍କ ବିଷୟରେ
ପରମେଶ୍ୱର ଯେଉଁ ଗୁପ୍ତ ସତ୍ୟ ପ୍ରକାଶ କରିଛନ୍ତି, ତାହାକୁ
ଯେପରି ଆମ୍ଭେ ପ୍ରଚାର କରିପାରୁ, ସେଥିପାଇଁ ପ୍ରାର୍ଥନା
କର। ଏହି ସତ୍ୟ ପ୍ରଚାର କରୁଛି ବୋଲି ମୁଁ କାରାଗାରରେ
ବନ୍ଦୀ। ୪ମୁଁ ଯେପରି ଏହି ସତ୍ୟ ଲୋକମାନଙ୍କ ଆଗରେ
ସ୍ପଷ୍ଟ କରିପାରିବି, ସେଥିପାଇଁ ପ୍ରାର୍ଥନା କର। ମୁଁ ତାହା
କରିବା ଉଚିତ।
୫ଅବିଶ୍ୱାସୀ ଲୋକମାନଙ୍କ ସହିତ ବ୍ୟବହାର କଲାବେଳେ
ବୁଦ୍ଧି ସହ ବ୍ୟବହାର କର। ଯେତେ ଭଲ ଭାବରେ
ପାରିବ ନିଜର ସମୟର ସଦୁପଯୋଗ କର। ୬କଥାବାର୍ତ୍ତା
କଲାବେଳେ, ସବୁବେଳେ ଦୟାଭାବ ରଖ ଓ ବିବେକୀ
ହୁଅ। ତେବେ ତୁମ୍ଭେମାନେ ସମସ୍ତଙ୍କୁ ଉଚିତ ଉତ୍ତର
ଦେବାକୁ ସକ୍ଷମ ହେବ।

### ପାଉଲଙ୍କ ସାଥୀମାନଙ୍କ ବିଷୟରେ

୭ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ମୋର ପ୍ରିୟ ଭାଇ ତୁଖିକ,
ଜଣେ ବିଶ୍ୱାସୀ ସେବକ ଓ ମୋ ସହିତ ପ୍ରଭୁଙ୍କର ଜଣେ
ସେବକ ଅଟନ୍ତି। ମୋ ସହିତ ଏଠାରେ ଯାହା କିଛି
ଘଟୁଛି, ସେହି ସମସ୍ତ କଥା ସେ ତୁମ୍ଭମାନଙ୍କୁ କହିବେ।
୮ସେଥିପାଇଁ ମୁଁ ତାହାଙ୍କୁ ପଠାଉଛି। ମୁଁ ଇଚ୍ଛା କରେ ଯେ,
ଆମ୍ଭେମାନେ କିପରି ଅଛୁ, ତାହା ତୁମ୍ଭେମାନେ ଜାଣ। ୯ସେ
ତୁମ୍ଭମାନଙ୍କୁ ଉତ୍ସାହିତ କରିବେ। ମୁଁ ଅନୀସିମଙ୍କ ସହିତ
ତାଙ୍କୁ ପଠାଉଛି। ଅନୀସିମ ଖ୍ରୀଷ୍ଟଙ୍କ ଠାରେ ଜଣେ ବିଶ୍ୱାସୀ
ଓ ପ୍ରିୟ ଭାଇ ଅଟନ୍ତି। ସେ ତୁମ୍ଭମାନଙ୍କ ଦଳର ଅଟନ୍ତି।
ତୁଖିକ ଓ ଅନୀସିମ, ଏଠାରେ ଘଟିଥିବା ସମସ୍ତ ବିଷୟ
ତୁମ୍ଭମାନଙ୍କୁ କହିବେ।
୧୦ଆରିସ୍ତାର୍ଖଙ୍କ ନମସ୍କାର ଜଣାଉଛି। ସେ ମୋ ସହିତ
ଜଣେ ସହବନ୍ଦୀ। ବର୍ଣ୍ଣବାଙ୍କ କୁଟୁମ୍ବୀୟ ଭାଇ ମାର୍କ ନମସ୍କାର
କରୁଛନ୍ତି। (ମୁଁ ଆଗରୁ ତାହାଙ୍କ ବିଷୟରେ କହି ସାରିଛି।
ସେ ଯଦି ଆସନ୍ତି, ତାହାଙ୍କୁ ସ୍ୱାଗତ କରିବ)। ୧୧ଯୁସ୍ତ
ନାମରେ ମଧ୍ୟ ଖ୍ୟାତ, (ଯୀଶୁ) ତୁମ୍ଭମାନଙ୍କୁ ନମସ୍କାର
ଜଣାଉଛନ୍ତି। ଯିହୂଦୀ ବିଶ୍ୱାସୀମାନଙ୍କ ମଧ୍ୟରେ କେବଳ
ଏମାନେ ପରମେଶ୍ୱରଙ୍କ ରାଜ୍ୟ ପାଇଁ ମୋ ସହିତ କାମ
କରନ୍ତି। ସେମାନେ ଏପର୍ଯ୍ୟନ୍ତ ମୋର ସାନ୍ତ୍ୱନାର କାରଣ
ହୋଇଛନ୍ତି।
୧୨ଏପାଫ୍ରା ତୁମ୍ଭମାନଙ୍କୁ ନମସ୍କାର କରୁଛନ୍ତି। ସେ ଯୀଶୁ
ଖ୍ରୀଷ୍ଟଙ୍କର ଜଣେ ସେବକ। ସେ ତୁମ୍ଭମାନଙ୍କ ଦଳର
ଲୋକ। ସେ ସର୍ବଦା ତୁମ୍ଭମାନଙ୍କ ପାଇଁ ପ୍ରାର୍ଥନା କରନ୍ତି।
ତୁମ୍ଭେମାନେ ଆଧ୍ୟାତ୍ମିକ ଭାବରେ ପରିପକ୍ୱ ହୁଅ, ଓ
ପରମେଶ୍ୱର ଯାହା କିଛି ଇଚ୍ଛା କରନ୍ତି, ସେ ଭଳି ହୁଅ
ବୋଲି ସେ ପ୍ରାର୍ଥନା କରନ୍ତି। ୧୩ସେ ତୁମ୍ଭମାନଙ୍କ ପାଇଁ

ଲାଅଦକୀଆ ଏବଂ ହିଏରାପଲିର ଲୋକମାନଙ୍କ ପାଇଁ କଠିଣ
ପରିଶ୍ରମ କରନ୍ତି ବୋଲି ମୁଁ ଜାଣେ। [୧୪]ଦୀମା ଓ ଆମ୍ଭର
ପ୍ରିୟ ବୈଦ୍ୟ ଲୂକ ନମସ୍କାର କରୁଛନ୍ତି।
[୧୫]ଲାଅଦକୀଆର ଭାଇ ଓ ଭଉଣୀମାନଙ୍କୁ ନମସ୍କାର
ଜଣାଅ। ନୁମ୍ଫା ଓ ତାଙ୍କ ଘରେ ମିଳିତ ହେଉଥିବା
ମଣ୍ଡଳୀକୁ ନମସ୍କାର ଜଣାଅ। [୧୬]ଏହି ପତ୍ରଟି ତୁମ୍ଭ ପାଖରେ
ପଢ଼ା ଯାଇ ସାରିଲା ପରେ, ଲାଅଦକୀଆର ମଣ୍ଡଳୀକୁ ଏହି
ପତ୍ରଟି ପଢ଼ିବାକୁ ଦିଅ। ଲାଅଦକୀଆକୁ ଯେଉଁ ପତ୍ର ମୁଁ
ଲେଖୁଛି, ତାକୁ ମଧ୍ୟ ତୁମ୍ଭେମାନେ ପଢ଼। [୧୭]ଆର୍ଖିପ୍ପଙ୍କୁ କୁହ:
"ପ୍ରଭୁ ଯେଉଁ କାମ ତୁମ୍ଭକୁ ଦେଇଛନ୍ତି, ତାହା ତୁମ୍ଭେ
ନିଶ୍ଚିତ ହୋଇ କର।"
[୧୮]ମୁଁ ପାଉଲ, ନିଜ ହସ୍ତାକ୍ଷରରେ ତୁମ୍ଭମାନଙ୍କୁ ନମସ୍କାର
ଜଣାଉଛି। ମୋର ବନ୍ଦୀଦଶା ସ୍ମରଣ କର। ତୁମ୍ଭମାନଙ୍କ
ପ୍ରତି ପରମେଶ୍ୱରଙ୍କର ଅନୁଗ୍ରହ ରହୁ। ଆମେନ୍।

# ଥେସଲନୀକୀୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କର ପ୍ରଥମ ପତ୍ର

୧ ପାଉଲ, ସିଲ୍ୱାନ ଓ ତୀମଥିଙ୍କ ଠାରୁ ଥେସଲନୀକୀୟ
ମଣ୍ଡଳୀ ନିକଟକୁ ପତ୍ର। ଏହି ମଣ୍ଡଳୀଟି ପରମପିତା
ପରମେଶ୍ୱର ଓ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ ଅଛି। ତୁମ୍ଭମାନଙ୍କ
ପ୍ରତି ପରମେଶ୍ୱରଙ୍କ ଅନୁଗ୍ରହ ଓ ଶାନ୍ତି ହେଉ।

### ଥେସଲନୀକୀୟମାନଙ୍କ ଜୀବନ ଓ ବିଶ୍ୱାସ

୨ପ୍ରାର୍ଥନା କଲାବେଳେ ଆମ୍ଭେ ସର୍ବଦା ତୁମ୍ଭମାନଙ୍କ କଥା
ମନେପକାଉ ଓ ତୁମ୍ଭମାନଙ୍କ ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ
ଦେଉ। ୩ଆମ୍ଭମାନଙ୍କର ପରମପିତା ପରମେଶ୍ୱରଙ୍କୁ ଆମ୍ଭ
ପ୍ରାର୍ଥନାରେ ନିବେଦନ କଲାବେଳେ ତୁମ୍ଭେମାନେ ତୁମ୍ଭମାନଙ୍କର
ବିଶ୍ୱାସ ହେତୁ ଯାହା କରିଛ, ସେଥିପାଇଁ ତାଙ୍କୁ ଧନ୍ୟବାଦ
ଦେଉ। ତୁମ୍ଭେମାନେ ତୁମ୍ଭମାନଙ୍କର ପ୍ରେମ ହେତୁରୁ ଯେଉଁ
କାର୍ଯ୍ୟ କରିଛ, ସେଥିପାଇଁ ତାହାଙ୍କୁ ଧନ୍ୟବାଦ ଦେଉ।
ଏବଂ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କ ଭରସା ହେତୁ
ତୁମ୍ଭେମାନେ ଦୃଢ଼ ହୋଇ ରହିଛ ବୋଲି ଆମ୍ଭେ ତାଙ୍କୁ
ସର୍ବଦା ଧନ୍ୟବାଦ ଅର୍ପଣ କରୁଛୁ। ୪ଭାଇ (ଓ ଭଉଣୀ)ମାନେ!
ପରମେଶ୍ୱର ତୁମ୍ଭକୁ ପ୍ରେମ କରନ୍ତି। ଆମ୍ଭେ ଏହା ମଧ୍ୟ
ଜାଣୁ ଯେ, ସେ ତୁମ୍ଭମାନଙ୍କୁ ନିଜର ବୋଲି ବାଛିଛନ୍ତି।
୫ଆମ୍ଭେ ତୁମ୍ଭମାନଙ୍କୁ ସୁସମାଚାର କହିଛୁ। କିନ୍ତୁ ଆମ୍ଭେ
କେବଳ ଶବ୍ଦ ବ୍ୟବହାର କରିନାହୁଁ। ସେହି ସୁସମାଚାର
ଆମ୍ଭେ ଶକ୍ତି ଓ ପବିତ୍ର ଆତ୍ମା ସହିତ ଆଣିଛୁ। ଆମ୍ଭେ
ନିଶ୍ଚିତ ଭାବରେ ଜାଣିଛୁ ଯେ, ତାହା ସତ୍ୟ। ତୁମ୍ଭେମାନେ
ଜାଣିଛ ଯେ, ଆମ୍ଭେ ତୁମ୍ଭମାନଙ୍କ ସହିତ ଥିଲାବେଳେ
କିଭଳି ଜୀବନ ବିତାଉଥିଲୁ, ସେଭଳି ଜୀବନଯାପନ କରି
ତୁମ୍ଭମାନଙ୍କୁ ସାହାଯ୍ୟ କରିବା ପାଇଁ ଚାହୁଁଥିଲୁ। ୬ଏବେ
ତୁମ୍ଭେମାନେ ମଧ୍ୟ ଆମ୍ଭ ଭଳି ଓ ପ୍ରଭୁଙ୍କ ଭଳି ହୋଇଯାଇଛ।
ଅତ୍ୟଧିକ କଷ୍ଟ ପାଇଲା ପରେ ମଧ୍ୟ ତୁମ୍ଭେମାନେ ସେହି
ଶିକ୍ଷାକୁ ଆନନ୍ଦରେ ଗ୍ରହଣ କରିଛ। ପବିତ୍ର ଆତ୍ମା ତୁମ୍ଭମାନଙ୍କୁ
ଏହି ଆନନ୍ଦ ପ୍ରଦାନ କରିଛନ୍ତି।

୭ମାକିଦନିଆ ଓ ଆଖାୟାର ବିଶ୍ୱାସୀ ଲୋକମାନଙ୍କ
ପାଇଁ ତୁମ୍ଭେମାନେ ଆଦର୍ଶ ହୋଇଥିଲ। ୮ମାକିଦନିଆ ଓ
ଆଖାୟାରେ ତୁମ୍ଭମାନଙ୍କ ପାଖରୁ ପ୍ରଭୁଙ୍କର ଶିକ୍ଷା ପ୍ରସାରିତ
ହୋଇଥିଲା। ପ୍ରତ୍ୟେକ ସ୍ଥାନରେ ପରମେଶ୍ୱରଙ୍କ ଠାରେ
ତୁମ୍ଭ ବିଶ୍ୱାସ ପରିଚିତ ହୋଇଛି। ଅତଏବ ତୁମ୍ଭମାନଙ୍କ
ବିଶ୍ୱାସ ବିଷୟରେ ଆମ୍ଭର କିଛି କହିବାର ଆବଶ୍ୟକ
ନାହିଁ। ୯ଆମ୍ଭେ ତୁମ୍ଭମାନଙ୍କ ସହିତ ଥିଲାବେଳେ, ଯେପରି
ଭଲ ଭାବରେ ତୁମ୍ଭେମାନେ ଆମ୍ଭମାନଙ୍କୁ ଗ୍ରହଣ କରିଥିଲ,
ସେ ବିଷୟରେ ସର୍ବତ୍ର ଲୋକମାନେ କଥାବାର୍ତ୍ତା ହେଉଛନ୍ତି।
ତୁମ୍ଭେମାନେ କିପରି ମୂର୍ତ୍ତିପୂଜା ବନ୍ଦ କରି, ଜୀବିତ ଓ
ପ୍ରକୃତ ପରମେଶ୍ୱରଙ୍କ ସେବା କରିବା ପାଇଁ ପରିବର୍ତ୍ତିତ
ହେଲ, ସେ ବିଷୟରେ ସେମାନେ କହନ୍ତି।

୧୦ତୁମ୍ଭେମାନେ ପରମେଶ୍ୱରଙ୍କ ପୁତ୍ରଙ୍କର ସ୍ୱର୍ଗରୁ ଆସିବା
ସମୟକୁ ଅପେକ୍ଷା କରି ମୂର୍ତ୍ତିପୂଜା ବନ୍ଦ କରିଥିଲ।
ପରମେଶ୍ୱର ତାଙ୍କ ପୁତ୍ର ଯୀଶୁଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ
କରିଛନ୍ତି। ପରମେଶ୍ୱରଙ୍କ ଆଗାମୀ କ୍ରୋଧପୂର୍ଣ୍ଣ ବିଚାରରୁ
ଯୀଶୁ ଆମ୍ଭକୁ ଉଦ୍ଧାର କରନ୍ତି।

### ଥେସଲନୀକୀଠାରେ ପାଉଲଙ୍କ କାର୍ଯ୍ୟ

୨ ଭାଇ(ଓ ଭଉଣୀ)ମାନେ! ତୁମ୍ଭେମାନେ ଜାଣିଛ ଯେ,
ଆମ୍ଭମାନଙ୍କର ତୁମ୍ଭମାନଙ୍କ ପାଖକୁ ଯିବା ବୃଥା ନ
ଥିଲା। ୨ତୁମ୍ଭମାନଙ୍କ ପାଖକୁ ଯିବା ପୂର୍ବରୁ ଫିଲିପ୍ପୀ ଠାରେ
ଆମ୍ଭେ ଦୁଃଖ ଓ ଅପମାନ ପାଇଥିଲୁ। ଏହି ବିଷୟରେ
ତୁମ୍ଭେମାନେ ଜାଣିଛ। ଆମ୍ଭେମାନେ ଯେତେବେଳେ ତୁମ୍ଭମାନଙ୍କ
ପାଖକୁ ଗଲୁ, ସେତେବେଳେ ଅନେକ ଲୋକ ଆମ୍ଭର
ବିରୁଦ୍ଧ ଥିଲେ। କିନ୍ତୁ ପରମେଶ୍ୱରଙ୍କ ସାହାଯ୍ୟରୁ ଆମ୍ଭେ
ସାହସୀ ହୋଇ ପାରିଲୁ। ତୁମ୍ଭମାନଙ୍କୁ ତାହାଙ୍କର ସୁସମାଚାର
କହିବା ପାଇଁ ସେ ଆମ୍ଭକୁ ସାହାଯ୍ୟ କଲେ। ୩ଆମ୍ଭେ
ଲୋକଙ୍କୁ ଶିକ୍ଷା ଦେଉ। କେହି ଆମ୍ଭକୁ ପ୍ରବଞ୍ଚିତ କରିନାହିଁ।
ଆମ୍ଭେ ମନ୍ଦ ନୋହୁଁ। ଆମ୍ଭେ ଲୋକମାନଙ୍କୁ ଛଳନା କରି
ନାହୁଁ। କିନ୍ତୁ ଏଗୁଡ଼ିକ ଆମ୍ଭର ଶିକ୍ଷାଦାନ କରିବା ଉଦ୍ଦେଶ୍ୟ
ନୁହେଁ। ୪ପରମେଶ୍ୱର ଆମ୍ଭକୁ ପରୀକ୍ଷା କରି ଓ ବିଶ୍ୱାସ
କରି ସୁସମାଚାର କହିବା ଦାୟିତ୍ୱ ଦେଇଥିବାରୁ ଆମ୍ଭେ
ସୁସମାଚାର ପ୍ରଚାର କରୁଛୁ। ଅତଏବ ଯେତେବେଳେ ଆମ୍ଭେ
କିଛି କହୁ ମନୁଷ୍ୟଙ୍କୁ ସନ୍ତୁଷ୍ଟ କଲାପରି ନୁହେଁ, ପରମେଶ୍ୱରଙ୍କୁ
ଖୁସି କରିବା ଆମ୍ଭର ଉଦ୍ଦେଶ୍ୟ ଅଟେ। ପରମେଶ୍ୱର
ଆମ୍ଭର ହୃଦୟଗୁଡ଼ିକୁ ପରୀକ୍ଷା କରନ୍ତି। ୫ତୁମ୍ଭେମାନେ
ଜାଣିଛ ଯେ, କେବେହେଲେ ଆମ୍ଭେ ଖୋସାମଦିଆ କଥା
କହି ତୁମ୍ଭକୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରି ନାହୁଁ।
ଆମ୍ଭେ ତୁମ୍ଭମାନଙ୍କର ଟଙ୍କା ପାଇବା ପାଇଁ ଚାହିଁ ନାହୁଁ।
ତୁମ୍ଭମାନଙ୍କଠାରୁ ଆମ୍ଭେ ନିଜର କୌଣସି ସ୍ୱାର୍ଥପର ଭାବ
ଗୁପ୍ତ ରଖିନାହୁଁ। ପରମେଶ୍ୱର ଜାଣନ୍ତି ଯେ, ଏହା ସତ୍ୟ।
୬ଆମ୍ଭେ ଲୋକମାନଙ୍କର ପ୍ରଶଂସା ଚାହୁଁ ନାହୁଁ। ଆମ୍ଭେ
ତୁମ୍ଭମାନଙ୍କ ପାଖରୁ ବା ଅନ୍ୟମାନଙ୍କ ପାଖରୁ ପ୍ରଶଂସା ଚାହୁଁ
ନାହୁଁ। ୭ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କର ପ୍ରେରିତ। ଅତଏବ
ତୁମ୍ଭମାନଙ୍କ ମଧ୍ୟରେ ଥିଲାବେଳେ ଆମ୍ଭେମାନେ ତୁମ୍ଭମାନଙ୍କ
ଦ୍ୱାରା କାମ କରାଇବା ପାଇଁ ଆମ୍ଭ ଅଧିକାର ପ୍ରୟୋଗ କରି
ପାରିଥାଆନ୍ତୁ। କିନ୍ତୁ ଆମ୍ଭେ ତୁମ୍ଭମାନଙ୍କ ସହିତ ଭଦ୍ର
ବ୍ୟବହାର କଲୁ। ଜଣେ ମାଆ ନିଜ ଶିଶୁମାନଙ୍କର ଯେପରି

ଯତ୍ନ ନିଏ, ଆମ୍ଭେ ଠିକ ସେହିପରି କଲୁ। ୮ଆମ୍ଭେ
ତୁମ୍ଭମାନଙ୍କୁ ବହୁତ ଭଲ ପାଇଲୁ। ଅତଏବ ଆମ୍ଭେ
ତୁମ୍ଭମାନଙ୍କୁ କେବଳ ପରମେଶ୍ୱରଙ୍କ ସୁସମାଚାରର ଅଂଶୀ
କଲୁ ତାହା ନୁହେଁ, ବରଂ ନିଜର ଜୀବନ ମଧ୍ୟ ତୁମ୍ଭମାନଙ୍କ
ସହିତ ବାଣ୍ଟି ଦେବାକୁ ପ୍ରସ୍ତୁତ ଥିଲୁ। ୯ଭାଇ(ଓ ଭଉଣୀ)ମାନେ!
ତୁମ୍ଭେମାନେ ମନେ ପକାଅ ଯେ, ଆମ୍ଭେ କେତେ କଠିନ
ପରିଶ୍ରମ କରିଛୁ। ଆମ୍ଭେ ଦିନରାତି କାମ କରିଛୁ। ଆମ୍ଭେମାନେ
ପରମେଶ୍ୱରଙ୍କ ସୁସମାଚାର ପ୍ରଚାର କଲାବେଳେ, ତୁମ୍ଭେମାନେ
ଆମ୍ଭକୁ କିଛି ଦେଇ ଭାରାକ୍ରାନ୍ତ ହୁଅ, ସେ କଥା ଆମ୍ଭେ
ଚାହିଁଲୁ ନାହିଁ। ୧୦ବିଶ୍ୱାସୀ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କ
ଗହଣରେ ରହିଥିଲାବେଳେ, ଆମ୍ଭେମାନେ ପବିତ୍ର, ଧାର୍ମିକ
ଓ ତ୍ରୁଟି ରହିତ ଜୀବନଯାପନ କରିଥିଲୁ। ୧୧ତୁମ୍ଭେମାନେ ଓ
ପରମେଶ୍ୱର ମଧ୍ୟ ଜାଣନ୍ତି ଯେ, ଏହା ସତ୍ୟ। ପିତା ନିଜ
ସନ୍ତାନମାନଙ୍କୁ ସ୍ନେହ କଲା ଭଳି ଆମ୍ଭେ ତୁମ୍ଭମାନଙ୍କ ସହିତ
ସ୍ନେହପୂର୍ବକ ବ୍ୟବହାର କରିଛୁ। ୧୨ଆମ୍ଭେ ତୁମ୍ଭମାନଙ୍କୁ
ଉତ୍ସାହ ପ୍ରଦାନ କରିଛୁ, ଆମ୍ଭେ ତୁମ୍ଭମାନଙ୍କୁ ଆଶ୍ୱାସନା
ଦେଲୁ ଏବଂ ପରମେଶ୍ୱରଙ୍କ ପାଇଁ ଭଲ ଜୀବନଯାପନ
କରିବା ପାଇଁ କହିଛୁ। ପରମେଶ୍ୱର ତୁମ୍ଭମାନଙ୍କୁ ନିଜ ରାଜ୍ୟ
ଓ ମହିମା ପ୍ରାପ୍ତ କରିବା ପାଇଁ ଡାକୁଛନ୍ତି।

୧୩ତୁମ୍ଭେମାନେ ଆମ୍ଭମାନଙ୍କ ଠାରୁ ଶୁଣିଥିବା ଶିକ୍ଷାଗୁଡ଼ିକୁ
ମଣିଷମାନଙ୍କର ନୁହେଁ ବରଂ ପରମେଶ୍ୱରଙ୍କ ବାକ୍ୟ ବୋଲି
ଭାବି ଗ୍ରହଣ କରିଥିବାରୁ, ଆମ୍ଭେ ପରମେଶ୍ୱରଙ୍କୁ ଅନବରତ
ଧନ୍ୟବାଦ ଜଣାଉଛୁ। ଏହା ପ୍ରକୃତରେ ପରମେଶ୍ୱରଙ୍କ
ଶିକ୍ଷା। ଏହି ଶିକ୍ଷାର ପ୍ରଭାବ, ବିଶ୍ୱାସୀ ଯେ ତୁମ୍ଭେମାନେ,
ତୁମ୍ଭମାନଙ୍କ ଉପରେ ପଡ଼ିଛି। ୧୪ଭାଇ(ଓ ଭଉଣୀ)ମାନେ!
ତୁମ୍ଭେମାନେ ଯିହୂଦାରେ* ଥିବା ଖ୍ରୀଷ୍ଟ ଯୀଶୁଙ୍କ ଠାରେ
ପରମେଶ୍ୱରଙ୍କ ମଣ୍ଡଳୀଗୁଡିକର ଲୋକମାନଙ୍କ ଭଳି ହୋଇଛ।
ଯିହୂଦାରେ ପରମେଶ୍ୱରଙ୍କ ଲୋକମାନେ ଅନ୍ୟ
ଯିହୂଦୀମାନଙ୍କଠାରୁ ଯାତନା ଭୋଗ କରିଥିଲେ। ତୁମ୍ଭେମାନେ
ମଧ୍ୟ ନିଜ ଦେଶର ଲୋକମାନଙ୍କ ଠାରୁ ସେହିଭଳି ଯାତନା
ପାଇଛ। ୧୫ସେ ଯିହୂଦୀମାନେ ପ୍ରଭୁ ଯୀଶୁଙ୍କୁ ମାରିଦେଲେ।
ସେମାନେ ଭବିଷ୍ୟଦ୍‌ବକ୍ତାମାନଙ୍କୁ ମଧ୍ୟ ମାରିଦେଲେ। ସେହି
ଯିହୂଦୀମାନେ ଆମ୍ଭକୁ ସେହି ଅଞ୍ଚଳ ଛାଡ଼ିବା ପାଇଁ ବାଧ
କଲେ। ପରମେଶ୍ୱର ସେମାନଙ୍କଠାରେ ସନ୍ତୁଷ୍ଟ ନୁହଁନ୍ତି।
ସେମାନେ ସମଗ୍ର ମାନବ ଜାତିର ବିରୋଧୀ। ୧୬ସେମାନେ
ଆମ୍ଭକୁ ଅଣଯିହୂଦୀମାନଙ୍କ ନିକଟରେ ଶିକ୍ଷା ଦେବା ପାଇଁ
ଅଟକାଇବାକୁ ଚେଷ୍ଟା କରନ୍ତି। ଅଣଯିହୂଦୀମାନେ ଉଦ୍ଧାର
ହୁଅନ୍ତୁ, ଏହି ଉଦ୍ଦେଶ୍ୟରେ ଆମ୍ଭେ ସେମାନଙ୍କୁ ଶିକ୍ଷା
ଦେଉ। କିନ୍ତୁ ସେହି ଯିହୂଦୀମାନେ ପୂର୍ବରୁ କରିଥିବା
ପାପଗୁଡ଼ିକର ସୂଚୀ, ବର୍ତ୍ତମାନ ମଧ୍ୟ ବଢ଼ି ଚାଲିଛି। ଏବେ
ପୂର୍ଣ୍ଣଭାବରେ ପରମେଶ୍ୱରଙ୍କ କ୍ରୋଧ ସେମାନଙ୍କ ଉପରେ
ଆସି ପଡ଼ିଲାଣି।

**ପାଉଲ ପୁଣି ଥରେ ସେମାନଙ୍କୁ ଦେଖାକରିବାକୁ ଇଚ୍ଛା କରନ୍ତି**

୧୭ଭାଇ ଓ (ଭଉଣୀମାନେ)! ଆମ୍ଭେ ଅଳ୍ପ ସମୟ ପାଇଁ
ତୁମ୍ଭମାନଙ୍କ ପାଖରୁ ଦୂରରେ ଥିଲୁ। ଆମ୍ଭେ ଶାରୀରିକ
ଭାବରେ ସେଠାରେ ନ ଥିଲେ ମଧ୍ୟ, ଆମ୍ଭର ଚିନ୍ତାଗୁଡ଼ିକ
ସେଠାରେ ଅଛି। ଆମ୍ଭେ ତୁମ୍ଭମାନଙ୍କୁ ଦେଖିବା ଲାଗି ବ୍ୟଗ୍ର
ଥିଲୁ ଓ ସେଥିପାଇଁ ଅଧିକ ଯତ୍ନ ମଧ୍ୟ କରିଥିଲୁ। ୧୮ଆମ୍ଭେ
ତୁମ୍ଭମାନଙ୍କ ପାଖକୁ ଆସିବାକୁ ଚେଷ୍ଟା କରିଥିଲୁ। ମୁଁ
ପାଉଲ ନିଜେ କେତେ ଥର ଆସିବାକୁ ଚେଷ୍ଟା କରିଛି,
କିନ୍ତୁ ଶୟତାନ ଆମ୍ଭକୁ ବାଧା ଦେଇଛି। ୧୯ତୁମ୍ଭେମାନେ
ଆମ୍ଭର ଆଶା, ଆମ୍ଭର ଆନନ୍ଦ ଓ ଆମ୍ଭର ମୁକୁଟ।
ଯେତେବେଳେ ଆମ୍ଭମାନଙ୍କର ପ୍ରଭୁଯୀଶୁ ଆସିବେ, ଆମ୍ଭେ
ତୁମ୍ଭମାନଙ୍କ ପାଇଁ ଗର୍ବ ଅନୁଭବ କରିବୁ। ୨୦ପ୍ରକୃତରେ
ତୁମ୍ଭେମାନେ ଆମ୍ଭର ମହିମା ଓ ଆମ୍ଭର ଆନନ୍ଦ ଅଟ।

୩ ଆମ୍ଭେ ତୁମ୍ଭମାନଙ୍କ ପାଖକୁ ଆସିପାରି ନ ଥିଲୁ,
କିନ୍ତୁ ଅଧିକ ଅପେକ୍ଷା କରିବା ମଧ୍ୟ ଅତ୍ୟନ୍ତ
କଷ୍ଟଦାୟକ ଥିଲା। ୨ଅତଏବ ଆଥୀନୀରେ ଏକଲା ରହି
ଯାଇ, ତୀମଥିଙ୍କୁ ତୁମ୍ଭମାନଙ୍କ ପାଖକୁ ପଠାଇବାକୁ ଆମ୍ଭେ
ସ୍ଥିର କଲୁ। ତୀମଥି ଆମ୍ଭର ଭାଇ। ସେ ପରମେଶ୍ୱରଙ୍କ
ଲାଗି ମୋ ସହିତ କାମ କରନ୍ତି। ଲୋକମାନଙ୍କୁ ଖ୍ରୀଷ୍ଟଙ୍କ
ସୁସମାଚାର ପ୍ରଚାର କରନ୍ତି। ତୁମ୍ଭମାନଙ୍କ ବିଶ୍ୱାସରେ ଶକ୍ତି
ଉତ୍ସାହ ଆଣିବା ପାଇଁ ଆମ୍ଭେ ତୀମଥିଙ୍କୁ ପଠାଇଥିଲୁ।
୩ଆମ୍ଭେ ଏବେ ଯେଉଁ ଅସୁବିଧାରେ ଅଛୁ, ସେଥିରେ
ତୁମ୍ଭେମାନେ କେହି ଯେପରି ବିବ୍ରତ ନ ହୁଅ, ସେଥିପାଇଁ
ଆମ୍ଭେ ତୀମଥିଙ୍କୁ ପଠାଇଲୁ। ତୁମ୍ଭେମାନେ ଜାଣିଥିଲ ଯେ
ଆମ୍ଭେ ଭବିଷ୍ୟତ୍‌ରେ ଏଭଳି କଷ୍ଟ ନିଶ୍ଚୟ ପାଇବା।
୪ଯେତେବେଳେ ଆମ୍ଭେ ତୁମ୍ଭମାନଙ୍କ ସହିତ ଥିଲୁ, ଆମ୍ଭେ
ତୁମ୍ଭମାନଙ୍କୁ କହିଥିଲୁ ଯେ, ଆମ୍ଭେ ଅସୁବିଧାଗୁଡ଼ିକର ସମ୍ମୁଖୀନ
ହେବାକୁ ବାଧ। ତୁମ୍ଭେମାନେ ଜାଣିଛ ଯେ, ଆମ୍ଭେ ଯେଭଳି
କହିଥିଲୁ, ସେହିଭଳି ସବୁ ଘଟିଛି। ୫ତୁମ୍ଭମାନଙ୍କ ବିଶ୍ୱାସ
ବିଷୟରେ ଜାଣି ପାରିବା ଉଦ୍ଦେଶ୍ୟରେ ମୁଁ ତୀମଥିଙ୍କୁ
ତୁମ୍ଭମାନଙ୍କ ପାଖକୁ ପଠାଇଥିଲି। ଅଧିକ ଅପେକ୍ଷା କରିବାକୁ
ଧୈର୍ଯ୍ୟ ନ ଥିବାରୁ, ମୁଁ ତାହାଙ୍କୁ ପଠାଇଥିଲି। ମୋର ଭୟ
ଥିଲା ଯେ, କାଳେ ପ୍ରଲୋଭନକାରୀ ଶୟତାନ ତୁମ୍ଭମାନଙ୍କୁ
ପ୍ରଲୋଭନ ଦ୍ୱାରା ପରାଜିତ କରିଥିବ। ତା'ହେଲେ ଆମ୍ଭର
କଠୋର ପରିଶ୍ରମ ବ୍ୟର୍ଥ ହୋଇଯିବ।

୬କିନ୍ତୁ ତୀମଥି ତୁମ୍ଭମାନଙ୍କ ପାଖରୁ ଆମ୍ଭମାନଙ୍କ ପାଖକୁ
ଫେରି ଆସିଛନ୍ତି। ସେ ତୁମ୍ଭମାନଙ୍କର ବିଶ୍ୱାସ ଓ ପ୍ରେମର
ସୁଖବର ଆମ୍ଭକୁ ଦେଇଛନ୍ତି। ତୁମ୍ଭେମାନେ ଆମ୍ଭକୁ ସର୍ବଦା
ମନେ ପକାଉଛ ବୋଲି ତୀମଥି ଆମ୍ଭକୁ କହିଲେ।
ତୁମ୍ଭେମାନେ ଆମ୍ଭକୁ ଆଉଥରେ ଦେଖିବାକୁ ଗଭୀର ଭାବରେ
ଚାହଁ ବୋଲି ସେ ଆମ୍ଭକୁ କହିଲେ। ଆମ୍ଭର ମଧ୍ୟ ସେହି
ଇଚ୍ଛା। ଆମ୍ଭେମାନେ ତୁମ୍ଭକୁ ଦେଖିବାକୁ ପ୍ରବଳ ଆଗ୍ରହୀ।
୭ଅତଏବ ଭାଇ (ଓ ଭଉଣୀ)ମାନେ! ତୁମ୍ଭମାନଙ୍କ ବିଶ୍ୱାସ
ଯୋଗୁ ଆମ୍ଭେ ସାନ୍ତ୍ୱନା ଲାଭ କଲୁ। ଆମ୍ଭର ଅନେକ କଷ୍ଟ
ଓ ଯାତନା ଥିଲେ ମଧ୍ୟ, ଆମ୍ଭେ ସାନ୍ତ୍ୱନା ଲାଭ କରିଛୁ।
୮ତୁମ୍ଭେମାନେ ପ୍ରଭୁଙ୍କଠାରେ ଦୃଢ଼ ରହିଲେ, ଆମ୍ଭର ଜୀବନ

---

**ଯିହୂଦା** ଯିହୂଦୀମାନଙ୍କ ସ୍ଥାନ। ଏଠାରେ ଯୀଶୁଖ୍ରୀଷ୍ଟ ରହିଥିଲେ ଓ ପ୍ରଥମ ମଣ୍ଡଳୀ ଆରମ୍ଭ ହୋଇଥିଲା।

ପ୍ରକୃତରେ ସଫଳ ହୁଏ। ୯ତୁମ୍ଭମାନଙ୍କ କାରଣରୁ ଆମ୍ଭ
ପରମେଶ୍ୱରଙ୍କ ଆଗରେ ଆମ୍ଭର ମହାନ ଆନନ୍ଦ। ଅତଏବ
ତୁମ୍ଭମାନଙ୍କ ଲାଗି ଆମ୍ଭେ ପରମେଶ୍ୱରଙ୍କୁ ଧନ୍ୟବାଦ ଅର୍ପଣ
କରୁଛୁ। କିନ୍ତୁ ଆମ୍ଭେ ଯେତେ ଆନନ୍ଦ ଅନୁଭବ କରୁଛୁ,
ସେହି ଅନୁପାତରେ ଆମ୍ଭେ ତାଙ୍କୁ ଧନ୍ୟବାଦ ଦେଇପାରିବୁ
ନାହିଁ। ୧୦ଦିନରାତି ଆମ୍ଭେ ଅତି ଦୃଢ଼ତାର ସହିତ ତୁମ୍ଭମାନଙ୍କ
ପାଇଁ ପ୍ରାର୍ଥନା କରି ଚାଲିଛୁ। ତୁମ୍ଭମାନଙ୍କର ବିଶ୍ୱାସକୁ ଦୃଢ଼
କରିବା ଲାଗି ଓ ତୁମ୍ଭମାନଙ୍କ ବିଶ୍ୱାସରେ ଯାହାକିଛି ଅଭାବ
ଅଛି, ତାହା ଯୋଗାଇ ଦେବା ପାଇଁ ଆମ୍ଭେ ତୁମ୍ଭମାନଙ୍କ
ପାଖକୁ ଆସିବାକୁ ଓ ଦେଖିବା ପାଇଁ ପ୍ରାର୍ଥନା କରୁଛୁ।
୧୧ଆମ୍ଭର ପରମେଶ୍ୱର, ପରମପିତା ଓ ଆମ୍ଭର ପ୍ରଭୁ ଯୀଶୁ
ତୁମ୍ଭମାନଙ୍କ ପାଖରେ ପହଞ୍ଚିବା ପାଇଁ ମାର୍ଗ ପ୍ରସ୍ତୁତ କରନ୍ତୁ
ବୋଲି, ଆମ୍ଭେ ପ୍ରାର୍ଥନା କରୁଛୁ। ୧୨ତୁମ୍ଭମାନଙ୍କର ପ୍ରେମ
ବୃଦ୍ଧି ହେଉ ବୋଲି, ଆମ୍ଭେ ପ୍ରଭୁଙ୍କୁ ପ୍ରାର୍ଥନା କରୁଛୁ।
ପରସ୍ପର ନିମନ୍ତେ ଓ ଅନ୍ୟ ସମସ୍ତଙ୍କ ପାଇଁ ସେ
ତୁମ୍ଭମାନଙ୍କୁ ଅଧିକରୁ ଅଧିକ ପ୍ରେମ ପ୍ରଦାନ କରନ୍ତୁ, ଆମ୍ଭେ
ଏହି ପ୍ରାର୍ଥନା କରୁଛୁ। ଆମ୍ଭେ ଯେଭଳି ତୁମ୍ଭମାନଙ୍କୁ ଭଲ
ପାଉ, ସେହିଭଳି ତୁମ୍ଭେମାନେ ସମସ୍ତଙ୍କୁ ଭଲ ପାଅ ବୋଲି
ଆମ୍ଭେ ପ୍ରାର୍ଥନା କରୁଛୁ। ୧୩ତୁମ୍ଭମାନଙ୍କର ହୃଦୟ ଦୃଢ଼
ହେଉ ବୋଲି ଆମ୍ଭେ ପ୍ରାର୍ଥନା କରୁ। ତେବେ ଯେତେବେଳେ
ଆମ୍ଭ ପ୍ରଭୁ ଯୀଶୁ ନିଜର ସମସ୍ତ ପବିତ୍ର ଲୋକଙ୍କ ଗହଣରେ
ଆସିବେ, ତୁମ୍ଭେମାନେ ପରମପିତା ପରମେଶ୍ୱରଙ୍କ ଆଗରେ
ପବିତ୍ର ଭାବରେ ଓ ଦୋଷରହିତ ହୋଇ ଠିଆ ହୋଇପାରିବ।

## ପରମେଶ୍ୱରଙ୍କୁ ପ୍ରସନ୍ନ କରୁଥିବା ଜୀବନ

୪ ଭାଇ(ଓ ଭଉଣୀ)ମାନେ! ବର୍ତ୍ତମାନ ତୁମ୍ଭମାନଙ୍କୁ ମୋର
କେତେକ ଅନ୍ୟ କଥାଗୁଡ଼ିକ କହିବାକୁ ଅଛି।
ପରମେଶ୍ୱରଙ୍କୁ ପ୍ରସନ୍ନ କରିପାରୁଥିବା ଜୀବନଯାପନ ପ୍ରଣାଳୀ
ବିଷୟରେ ଆମ୍ଭେମାନେ ତୁମ୍ଭମାନଙ୍କୁ ଶିଖାଇଛୁ। ତୁମ୍ଭେମାନେ
ସେହିଭଳି ଜୀବନଯାପନ କରୁଛ। ପ୍ରଭୁ ଯୀଶୁଙ୍କ ପାଇଁ ଅଧିକରୁ
ଅଧିକ ସେହିଭଳି ଜୀବନଯାପନ କରିବା ପାଇଁ ଆମ୍ଭେ
ତୁମ୍ଭମାନଙ୍କୁ କହୁଛୁ ଓ ଉତ୍ସାହିତ ମଧ୍ୟ କରୁଛୁ। ୨ତୁମ୍ଭେମାନେ
ଜାଣିଛ ଯେ, ଆମ୍ଭେ ତୁମ୍ଭମାନଙ୍କୁ କ'ଣ କରିବା ପାଇଁ
କହିଛୁ। ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅଧିକାର ମାଧ୍ୟମରେ ଆମ୍ଭେ
ତୁମ୍ଭମାନଙ୍କୁ ସେହି କଥାଗୁଡ଼ିକ କହିଛୁ। ପରମେଶ୍ୱର ଇଚ୍ଛା
କରନ୍ତି ଯେ, ତୁମ୍ଭେମାନେ ପବିତ୍ର ହୁଅ। ୩ସେ ଚାହାଁନ୍ତି
ଯେ, ତୁମ୍ଭେମାନେ ଯୌନଗତ ପାପଗୁଡ଼ିକରୁ ଦୂରରେ ରୁହ।
୪"ପରମେଶ୍ୱର ଚାହାଁନ୍ତି ଯେ, ତୁମ୍ଭେମାନେ ପ୍ରତ୍ୟେକ ନିଜ
ଶରୀରକୁ ସଂଯମ କରିବାକୁ ଶିଖ। ତୁମ୍ଭେମାନେ ନିଜ
ଶରୀରକୁ ଏପରି ବ୍ୟବହାର କର ଯେ, ତାହା ପବିତ୍ର
ହେବ ଓ ପରମେଶ୍ୱରଙ୍କୁ ଗୌରବ ଦେବ। ତୁମ୍ଭମାନଙ୍କ
ଶରୀରକୁ କାମାସକ୍ତିର ବଶବର୍ତ୍ତୀ ହେବାକୁ ଦିଅ ନାହିଁ।"*
୫ଯେଉଁମାନେ ପରମେଶ୍ୱରଙ୍କୁ ଜାଣନ୍ତି ନାହିଁ, ସେମାନେ ନିଜ
ଶରୀରର ଏପରି ବ୍ୟବହାର କରନ୍ତି। ୬ଖ୍ରୀଷ୍ଟଙ୍କ ଠାରେ
ତୁମ୍ଭମାନଙ୍କ ଭାଇ ବିରୁଦ୍ଧରେ କୌଣସି ମନ୍ଦକାର୍ଯ୍ୟ କର
ନାହିଁ ଓ ଏହି ବିଷୟରେ ତାହାଙ୍କୁ ଠକ ନାହିଁ। ଯେଉଁମାନେ
ଏଭଳି କାମ କରିବେ, ସେମାନଙ୍କୁ ପରମେଶ୍ୱର ଦଣ୍ଡ
ଦେବେ। ଆମ୍ଭେ ଏ ବିଷୟରେ ଆଗରୁ ତୁମ୍ଭମାନଙ୍କୁ କହିଛୁ
ଓ ସତର୍କ କରିଛୁ। ୭ପରମେଶ୍ୱର ଆମ୍ଭକୁ ପବିତ୍ର ହେବା
ପାଇଁ ଆହ୍ୱାନ କରିଛନ୍ତି। ଆମ୍ଭେ ପାପରେ ଜୀବନ ଯାପନ
କରିବା ପାଇଁ ସେ ଚାହାଁନ୍ତି ନାହିଁ। ୮ଅତଏବ ଯେଉଁ
ଲୋକ ଏହି ଶିକ୍ଷାକୁ ଅବମାନନା କରେ, ସେ ପରମେଶ୍ୱରଙ୍କ
ଅବମାନନା କରେ, ମଣିଷକୁ ନୁହେଁ। ପରମେଶ୍ୱର ତାଙ୍କର
ପବିତ୍ରଆତ୍ମା ତୁମ୍ଭମାନଙ୍କୁ ପ୍ରଦାନ କରି ଥାଆନ୍ତି।
୯ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କର ଭାଇ ଓ ଭଉଣୀମାନଙ୍କ
ପାଇଁ ପ୍ରେମଭାବ ବିଷୟରେ ତୁମ୍ଭମାନଙ୍କୁ ଲେଖିବାର ଆବଶ୍ୟକତା
ନାହିଁ। ପରସ୍ପରକୁ ପ୍ରେମ କରିବା ପାଇଁ ପରମେଶ୍ୱର
ତୁମ୍ଭମାନଙ୍କୁ ଆଗରୁ ଶିଖାଇଛନ୍ତି। ୧୦ସମଗ୍ର ମାକିଦନିଆର
ଭାଇ(ଓ ଭଉଣୀ) ମାନଙ୍କୁ ତୁମ୍ଭେମାନେ ପ୍ରକୃତରେ ଭଲ
ପାଅ। ହେ ଭାଇଭଉଣୀମାନେ ଆମ୍ଭେ ଏବେ, ସେମାନଙ୍କୁ
ଅଧିକରୁ ଅଧିକ ଭଲ ପାଇବାକୁ ତୁମ୍ଭମାନଙ୍କୁ ଉତ୍ସାହିତ
କରୁଛୁ।
୧୧ଶାନ୍ତିପୂର୍ଣ୍ଣ ଜୀବନଯାପନ ପାଇଁ ଯାହା ସମ୍ଭବ, ତାହା
କର। ନିଜ କାର୍ଯ୍ୟର ଯତ୍ନ ନିଅ। ନିଜ ହାତରେ କାମ
କର। ଆମ୍ଭେ ଏହି କଥାଗୁଡ଼ିକ କରିବା ପାଇଁ ତୁମ୍ଭମାନଙ୍କୁ
ଆଗରୁ କହିଛୁ। ୧୨ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ,
ସେମାନେ ମଧ୍ୟ, ଏପରି କାମ କରିବା ଓ ଜୀବନଯାପନ
ଦେଖି ତୁମ୍ଭମାନଙ୍କୁ ସମ୍ମାନ ଦେବେ। ତୁମ୍ଭମାନଙ୍କୁ ମଧ୍ୟ ନିଜ
ଆବଶ୍ୟକତାଗୁଡ଼ିକ ପାଇଁ ଅନ୍ୟ ଲୋକମାନଙ୍କ ଉପରେ
ନିର୍ଭର କରିବାକୁ ପଡ଼ିବ ନାହିଁ।

## ପ୍ରଭୁଙ୍କର ଆଗମନ

୧୩ଭାଇ(ଓ ଭଉଣୀ) ମାନେ! ମୃତମାନଙ୍କ ବିଷୟରେ
ତୁମ୍ଭେମାନେ ଅଜ୍ଞାତ ରୁହ ବୋଲି ଆମ୍ଭେ ଚାହୁଁନାହୁଁ।
ଭରସା ପାଇ ନ ଥିବା ଅନ୍ୟ ଲୋକଙ୍କ ଭଳି ତୁମ୍ଭେମାନେ
ଦୁଃଖି ହୁଅ ବୋଲି ଆମ୍ଭେ ଚାହୁଁ ନାହୁଁ। ୧୪ଆମ୍ଭେ ବିଶ୍ୱାସ
କରୁ ଯେ, ଯୀଶୁ ମଲେ। କିନ୍ତୁ ଆମ୍ଭେ ବିଶ୍ୱାସ କରୁ ଯେ,
ଯୀଶୁ ପୁନରୁତ୍ଥିତ ହେଲେ। ଅତଏବ, ଯୀଶୁଙ୍କ ହେତୁ
ଯୀଶୁଙ୍କ ସହିତ ମୃତବ୍ୟକ୍ତିମାନଙ୍କୁ ପରମେଶ୍ୱର ଏକାଠି
ଆଣିବେ। ୧୫ଆମ୍ଭେ ଏବେ ତୁମ୍ଭମାନଙ୍କୁ ପ୍ରଭୁଙ୍କ ନିଜ ଶିକ୍ଷା
କହୁଛୁ। ପ୍ରଭୁ ପୁନର୍ବାର ଆସିବାବେଳେ ଆମ୍ଭମାନଙ୍କ ଭିତରୁ
ଯେଉଁମାନେ ବର୍ତ୍ତମାନ ଜୀବିତ, ସେମାନେ ସେ ପର୍ଯ୍ୟନ୍ତ
ଜୀବିତ ରହିଥିବେ। ଆମ୍ଭେ ଯେଉଁମାନେ ଜୀବିତ ଥିବୁ,
ପ୍ରଭୁଙ୍କ ସହିତ ରହିବୁ ଏହା ସତ୍ୟ; କିନ୍ତୁ ଯେଉଁମାନେ
ମରି ଯାଇଛନ୍ତି, ସେମାନେ ଆମ୍ଭମାନଙ୍କ ପୂର୍ବରୁ ତାହାଙ୍କ
ଉପସ୍ଥିତି ମଧ୍ୟକୁ ଯିବେ। ୧୬ସ୍ୱର୍ଗରୁ ପ୍ରଭୁ ନିଜେ ଓହ୍ଲାଇ
ଆସିବେ। ସେତେବେଳେ ଉଚ୍ଚ ସ୍ୱରରେ ଏକ ଆଦେଶ
ହେବ। ମୁଖ୍ୟ ସ୍ୱର୍ଗଦୂତଙ୍କ ସ୍ୱର ଓ ପରମେଶ୍ୱରଙ୍କ ତୂରୀନାଦ
ମାଧ୍ୟମରେ ଏହି ଆଦେଶ ଦିଆ ହେବ। ଯେଉଁମାନେ
ଖ୍ରୀଷ୍ଟଙ୍କଠାରେ ଥାଇ ମରିଛନ୍ତି, ସେମାନେ ପ୍ରଥମରେ ପୁନରୁତ୍ଥିତ

**"ପରମେଶ୍ୱର ... ନାହିଁ** ତୁମ୍ଭର ସ୍ତ୍ରୀକୁ କିପରି ପବିତ୍ର ଓ ସମ୍ମାନଜନକ ଭାବରେ ଗ୍ରହଣ କରିବାକୁ ପଡେ, ତାହା ତୁମ୍ଭର ଜାଣିବା ଉଚିତ।

ହେବେ। ୧୭ତା'ପରେ ସେ ସମୟରେ ଆମ୍ଭେ ଜୀବିତ ଥିବା
ଲୋକେ ମୃତଲୋକମାନଙ୍କ ସହିତ ଏକାଠି ରୁଣ୍ଡ ହେବା।
ଆମ୍ଭକୁ ମେଘମାଳା ଭିତରକୁ ନିଆଯିବ ଓ ସେଠାରେ
ବାୟୁମଣ୍ଡଳରେ ଆମ୍ଭେ ପ୍ରଭୁଙ୍କୁ ସାକ୍ଷାତ କରିବୁ। ୧୮ଏବଂ
ଆମ୍ଭେ ପ୍ରଭୁଙ୍କ ସହିତ ସବୁ ଦିନ ପାଇଁ ରହିବୁ। ଅତଏବ
ଏହିସବୁ କଥା କହି ପରସ୍ପରକୁ ସାନ୍ତ୍ୱନା ଦିଅ।

## ପ୍ରଭୁଙ୍କ ଆଗମନ ପାଇଁ ପ୍ରସ୍ତୁତ ରୁହ

୫ ଭାଇ (ଓ ଭଉଣୀ) ମାନେ! ସମୟଗୁଡ଼ିକ ଓ
ତାରିଖଗୁଡ଼ିକ ବିଷୟରେ ଏବେ କିଛି ଲେଖିବାର
ଆବଶ୍ୟକତା ନାହିଁ। ୨କାରଣ ଏହା ତୁମ୍ଭେ ଭଲ ଭାବେ
ଜାଣ ଯେ, ଜଣେ ଚୋର ରାତିରେ ଆସିବା ଭଳି, ପ୍ରଭୁଙ୍କର
ପୁନରାଗମନ ଦିନଟି ଆଶ୍ଚର୍ଯ୍ୟଜନକ ହେବ। ୩ଲୋକେ
କହିବେ: "ଆମ୍ଭେ ଶାନ୍ତି ପାଇଛୁ ଓ ସୁରକ୍ଷିତ ଅଛୁ।"
ସେହି ସମୟରେ ଗର୍ଭବତୀ ସ୍ତ୍ରୀର ପ୍ରସବ-ବେଦନା ହେଲା
ଭଳି, ହଠାତ୍ ତାହାଙ୍କ ପାଇଁ ବିନାଶ ଆସିବ ଓ ସେମାନେ
ରକ୍ଷା ପାଇପାରିବେ ନାହିଁ। ୪କିନ୍ତୁ ତୁମ୍ଭ ଭାଇ ଓ
ଭଉଣୀମାନଙ୍କ ପାଇଁ ସେହି ଦିନଟି ଚୋର ଆସିବା ଭଳି
ଆଶ୍ଚର୍ଯ୍ୟର କଥା ହେବ ନାହିଁ, କାରଣ ତୁମ୍ଭେମାନେ
ଅନ୍ଧକାରରେ ବାସ କରୁ ନାହଁ। ୫ତୁମ୍ଭେ ସମସ୍ତେ ହେଉଛ
ଆଲୋକର ସନ୍ତାନ ଓ ଦିନର ସନ୍ତାନ। ଆମ୍ଭେମାନେ
ରାତ୍ରିରେ କିମ୍ବା ଅନ୍ଧକାରରେ ନାହୁଁ। ୬ଅତଏବ ଆମ୍ଭେମାନେ
ଅନ୍ୟ ଲୋକମାନଙ୍କ ଭଳି ଶୋଇ ରହିବା ଉଚିତ ନୁହେଁ।
ଆମ୍ଭେ ଜାଗ୍ରତ ରହିବା ଦରକାର। ନିଜ ଉପରେ ଆମ୍ଭର
ସଂଯମ ଥିବା ଆବଶ୍ୟକ। ୭ଯେଉଁ ଲୋକମାନେ ଶୁଅନ୍ତି,
ସେମାନେ ରାତିରେ ଶୁଅନ୍ତି। ଯେଉଁମାନେ ମାତାଲ ହୁଅନ୍ତି,
ସେମାନେ ରାତିରେ ମାତାଲ ହୁଅନ୍ତି। ୮କିନ୍ତୁ ଆମ୍ଭେ ଦିନର
ହୋଇଥିବାରୁ ନିଜକୁ ସଂଯମ କରିବା ଆବଶ୍ୟକ। ବିଶ୍ୱାସ
ଓ ପ୍ରେମର ସାଞ୍ଜୁ ପିନ୍ଧିବା ଓ ପରିତ୍ରାଣର ଭରସାକୁ
ଶିରସ୍ତ୍ରାଣ ରୂପେ ପରିଧାନ କରିବା ଦରକାର। ୯ଯେହେତୁ
ପରମେଶ୍ୱର ଆମ୍ଭକୁ ତାହାଙ୍କ କ୍ରୋଧର ବିଷୟ ହେବା
ପାଇଁ ବାଛି ନାହାଁନ୍ତି। ବରଂ ଆମ୍ଭ ପ୍ରଭୁଯୀଶୁଖ୍ରୀଷ୍ଟଙ୍କ
ମାଧ୍ୟମରେ ମୁକ୍ତି ପାଇବା ପାଇଁ ପରମେଶ୍ୱର ଆମ୍ଭକୁ
ବାଛିଛନ୍ତି। ୧୦ଆମ୍ଭେ ଯୀଶୁଖ୍ରୀଷ୍ଟଙ୍କ ସହିତ ରହି ପାରିବା
ବୋଲି, ସେ ଆମ୍ଭ ପାଇଁ ମଲେ। ଯେତେବେଳେ ଯୀଶୁ
ଆସିବେ, ସେହି ସମୟରେ ଆମ୍ଭେ ଜୀବିତ ରହିବା କି
ମରିଯାଇଥିବା, ତାହା ମହତ୍ୱପୂର୍ଣ୍ଣ ନୁହେଁ। ୧୧ଅତଏବ ପରସ୍ପରକୁ
ସାନ୍ତ୍ୱନା ଦିଅ, ଜଣେ ଅନ୍ୟ ଜଣକୁ ଆଧ୍ୟାତ୍ମିକ ଭାବରେ
ଗଢ଼ ଏବଂ ପରସ୍ପରଠାରେ ନିଷ୍ଠା ଜନ୍ମାଅ। ତୁମ୍ଭେ ଏବେ
ମଧ୍ୟ ସେଇଆ କରୁଛ।

## ଶେଷ ନିର୍ଦ୍ଦେଶ ଓ ଅଭିନନ୍ଦନ

୧୨ଭାଇ (ଓ ଭଉଣୀମାନେ)! ଯେଉଁମାନେ ତୁମ୍ଭମାନଙ୍କ
ସହିତ କଠୋର ପରିଶ୍ରମ କରୁଛନ୍ତି, ଓ ପ୍ରଭୁଙ୍କଠାରେ
ତୁମ୍ଭକୁ ନେତୃତ୍ୱ ଦେଉଛନ୍ତି ଓ ତୁମ୍ଭକୁ ଉପଦେଶ ପ୍ରଦାନ
କରୁଛନ୍ତି, ସେମାନଙ୍କୁ ସମ୍ମାନ ଦେବା ପାଇଁ ଆମ୍ଭେ
ନିବେଦନ କରୁଛୁ। ୧୩ତୁମ୍ଭମାନଙ୍କ ମଧ୍ୟରେ କାମ କରୁଥିବା
ଯୋଗୁ, ସେମାନଙ୍କୁ ପ୍ରେମ କର ଓ ସେମାନଙ୍କୁ ବିଶେଷ
ସମ୍ମାନ ଦେଖାଅ।

୧୪ପରସ୍ପର ଶାନ୍ତିରେ ରୁହ। ଯେଉଁମାନେ କାମ କରୁ
ନାହାଁନ୍ତି, ଭାଇ(ଓ ଭଉଣୀ)ମାନେ, ସେମାନଙ୍କୁ ସତର୍କ
କରିଦିଅ। ଯେଉଁମାନେ ଭୟରେ ଅଛନ୍ତି, ସେମାନଙ୍କୁ
ଉତ୍ସାହିତ କର। ଦୁର୍ବଳ ଲୋକଙ୍କୁ ସାହାଯ୍ୟ କର।
ପ୍ରତ୍ୟେକ ଲୋକ ପାଇଁ ଧୈର୍ଯ୍ୟବାନ ହୁଅ। ୧୫ଦେଖ,
ଯେପରି କେହି ଅପକାର ବଦଳରେ ଅପକାର ନ କରୁ।
ପରସ୍ପର ପାଇଁ ଓ ସମସ୍ତ ଲୋକଙ୍କ ପାଇଁ ଉତ୍ତମ ବିଷୟ,
ସବୁବେଳେ କରିବା ପାଇଁ ସର୍ବଦା ଚେଷ୍ଟା କର।

୧୬ସଦାସର୍ବଦା ଆନନ୍ଦିତ ରୁହ। ୧୭କଦାପି ପ୍ରାର୍ଥନା
କରିବା ବନ୍ଦ କର ନାହିଁ। ୧୮ସର୍ବଦା ପରମେଶ୍ୱରଙ୍କୁ
ଧନ୍ୟବାଦ ଜଣାଉଥାଅ। ପରମେଶ୍ୱର ଖ୍ରୀଷ୍ଟଯୀଶୁଙ୍କ ଠାରେ
ତୁମ୍ଭମାନଙ୍କ ପାଇଁ ଏହା ଚାହାଁନ୍ତି।

୧୯କଦାପି ପବିତ୍ର ଆତ୍ମାର କାର୍ଯ୍ୟ ବନ୍ଦ କର ନାହିଁ।
୨୦ଭବିଷ୍ୟଦ୍‌ବକ୍ତାମାନଙ୍କର କଥାଗୁଡ଼ିକୁ ତୁଚ୍ଛ ବୋଲି ମନେକର
ନାହିଁ। ୨୧କିନ୍ତୁ ପ୍ରତ୍ୟେକ କଥାର ସତ୍ୟାସତ୍ୟ ପରୀକ୍ଷା କରି
ଯାହା ଭଲ ତାହାକୁ ଧରି ରଖ। ୨୨ସମସ୍ତ ପ୍ରକାରର ମନ୍ଦ
ଠାରୁ ଦୂରରେ ରୁହ।

୨୩ପରମେଶ୍ୱରଙ୍କଠାରେ ଆମ୍ଭେ ପ୍ରାର୍ଥନା କରୁ ଯେ,
ସେହି ଶାନ୍ତିର ପରମେଶ୍ୱର ତୁମ୍ଭମାନଙ୍କୁ ପବିତ୍ର କରନ୍ତୁ ଓ
ପୂର୍ଣ୍ଣଭାବରେ ତାହାଙ୍କ ନିଜର କରିନିଅନ୍ତୁ। ଆମ୍ଭେ ପ୍ରାର୍ଥନା
କରୁ ଯେ, ଆମ୍ଭ ପ୍ରଭୁ ଯୀଶୁଖ୍ରୀଷ୍ଟ ଆସିଲା ବେଳେ
ତୁମ୍ଭମାନଙ୍କର ସମ୍ପୂର୍ଣ୍ଣ ଅସ୍ତିତ୍ୱ – ଅର୍ଥାତ୍ ଆତ୍ମା, ପ୍ରାଣ ଓ
ଶରୀର –ନିନ୍ଦାରହିତ ହୋଇ ସୁରକ୍ଷିତ ରହୁ। ୨୪ଯେଉଁ
ପରମେଶ୍ୱର ତୁମ୍ଭମାନଙ୍କୁ ଡାକିଛନ୍ତି, ତୁମ୍ଭେମାନେ ତାହାଙ୍କ
ଉପରେ ଭରସା ରଖ। ଯିଏ ତୁମ୍ଭମାନଙ୍କୁ ଡାକିଛନ୍ତି, ସେ
ସବୁ କିଛି କରିବେ।

୨୫ଭାଇ(ଓ ଭଉଣୀ)ମାନେ! ଆମ୍ଭ ପାଇଁ ପ୍ରାର୍ଥନା କର।
୨୬ଏକତ୍ରିତ ହେଲାବେଳେ, ସମସ୍ତ ଭାଇ(ଓ ଭଉଣୀ)ମାନଙ୍କୁ
ପବିତ୍ର ଚୁମ୍ବନ ଦେଇ ନମସ୍କାର କର। ୨୭ପ୍ରଭୁଙ୍କର କ୍ଷମତା
ଦ୍ୱାରା ମୁଁ ଏହି ପତ୍ରକୁ ସମସ୍ତ ଭାଇ(ଓ ଭଉଣୀ)ମାନଙ୍କୁ
ପଢ଼ି ଶୁଣାଇବା ପାଇଁ କହୁଛି। ୨୮ଆମ୍ଭର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର
ଅନୁଗ୍ରହ ତୁମ୍ଭ ସହିତ ରହିଥାଉ।

# ଥେସଲନୀକୀୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କର ଦ୍ୱିତୀୟ ପତ୍ର

୧ ପାଉଲ, ସିଲ୍ୱାନ୍ ଓ ତୀମଥିଙ୍କଠାରୁ ଥେସଲନୀକୀୟ
ମଣ୍ଡଳୀ ନିକଟକୁ ଏହି ପତ୍ର। ତୁମ୍ଭେମାନେ ସମସ୍ତେ
ପିତା ପରମେଶ୍ୱର ଓ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଠାରେ ରହିଛ।
୨ପରମପିତା ପରମେଶ୍ୱର ଓ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରୁ
ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ଠାରେ ରହିଥାଉ।
୩ଆମ୍ଭେ ସର୍ବଦା ତୁମ୍ଭମାନଙ୍କ ପାଇଁ ପରମେଶ୍ୱରଙ୍କୁ
ଧନ୍ୟବାଦ ଜଣାଉଛୁ। ଆମ୍ଭ ପାଇଁ ଏଭଳି କରିବା ଠିକ୍
ବୋଲି ଆମ୍ଭେ ଉଚିତ ମନେ କରୁଛୁ। ତୁମ୍ଭମାନଙ୍କ ବିଶ୍ୱାସ
ଯେହେତୁ ଅଧିକରୁ ଅଧିକ ବୃଦ୍ଧି ପାଇଛି, ଏହା ଠିକ୍
ବୋଲି ପ୍ରମାଣିତ ହେଉଛି। ୪ତୁମ୍ଭମାନଙ୍କଠାରେ ପରସ୍ପର
ପ୍ରତି ଥିବା ପ୍ରେମ ଭାବ ମଧ୍ୟ ବୃଦ୍ଧି ପାଉଛି। ଅତଏବ,
ପରମେଶ୍ୱରଙ୍କର ଅନ୍ୟ ମଣ୍ଡଳୀମାନଙ୍କଠାରେ ଆମ୍ଭେ ତୁମ୍ଭମାନଙ୍କ
ପାଇଁ ଗର୍ବ ଅନୁଭବ କରୁ। ଯେପ୍ରକାରେ ତୁମ୍ଭେମାନେ ଦୃଢ଼
ରହିଛ ଏବଂ ତୁମ୍ଭର ବିଶ୍ୱାସ ରହିଛି, ଆମ୍ଭେ ଏହା
ବିଷୟରେ ପରମେଶ୍ୱରଙ୍କ ଅନ୍ୟ ମଣ୍ଡଳୀଗୁଡ଼ିକରେ କହୁ।
ତୁମ୍ଭେମାନେ ଦୁଃଖ କଷ୍ଟ ଓ ଅନେକ ଅସୁବିଧାର ସମ୍ମୁଖୀନ
ହେଉଛ; କିନ୍ତୁ ତୁମ୍ଭେମାନେ ନିଜର ଦୃଢ଼ତା ଓ ବିଶ୍ୱାସ
ଆଦୌ ନ ହରାଇ ଆଗେଇ ଚାଲିଛ।

### ପରମେଶ୍ୱରଙ୍କ ନ୍ୟାୟ ସମ୍ପର୍କରେ ପାଉଲ କହନ୍ତି

୫ପରମେଶ୍ୱର ତାହାଙ୍କର ବିଚାରରେ ଠିକ୍ ବୋଲି ଏହା
ପ୍ରମାଣିତ କରେ। ପରମେଶ୍ୱର ଚାହାଁନ୍ତି ଯେ, ତୁମ୍ଭେ
ତାହାଙ୍କ ରାଜ୍ୟରେ ପ୍ରବେଶ ପାଇଁ ଯୋଗ୍ୟ ହୁଅ, ଯେଉଁଥିପାଇଁ
ତୁମ୍ଭେମାନେ ଏହିସବୁ ଯାତନାର ସମ୍ମୁଖୀନ ହେଉଛ।
୬ଯାହା ଠିକ୍ ପରମେଶ୍ୱର ତାହା କରିବେ। ଯେଉଁ ଲୋକମାନେ
ତୁମ୍ଭମାନଙ୍କୁ କଷ୍ଟ ଦିଅନ୍ତି, ପରମେଶ୍ୱର ସେମାନଙ୍କୁ କଷ୍ଟ
ଦେବେ। ୭ଦୁଃଖ ପାଉଥିବା ତୁମ୍ଭ ସମସ୍ତଙ୍କୁ ପରମେଶ୍ୱର
ଶାନ୍ତି ପ୍ରଦାନ କରିବେ। ସେ ଆମ୍ଭକୁ ମଧ୍ୟ ଶାନ୍ତି ଦେବେ।
ଯେତେବେଳେ ପ୍ରଭୁ ଯୀଶୁ ନିଜର ଶକ୍ତିଶାଳୀ ସ୍ୱର୍ଗଦୂତମାନଙ୍କ
ସହିତ ସ୍ୱର୍ଗରୁ ଆସିବେ, ସେତେବେଳେ ପରମେଶ୍ୱର
ଆମ୍ଭର ଦୁଃଖ ଉପଶମ କରିଦେବେ। ୮ଯେଉଁମାନେ
ପରମେଶ୍ୱରଙ୍କୁ ଜାଣନ୍ତି ନାହିଁ ଓ ଆମ୍ଭ ପ୍ରଭୁ ଯୀଶୁଙ୍କର
ସୁସମାଚାରକୁ ମାନନ୍ତି ନାହିଁ, ସେମାନଙ୍କୁ ଦଣ୍ଡ ଦେବା ଲାଗି
ସେ ଜ୍ୱଳନ୍ତ ଅଗ୍ନି ଶିଖା ସହିତ ଆସିବେ। ୯ସେହି
ଲୋକମାନେ ଅନନ୍ତ ବିନାଶ ଦ୍ୱାରା ଦଣ୍ଡିତ ହେବେ।
ସେମାନଙ୍କୁ ପ୍ରଭୁଙ୍କ ସହିତ ରହିବାକୁ ଦିଆଯିବ ନାହିଁ।
ପ୍ରଭୁଙ୍କର ମହାନଶକ୍ତି ଠାରୁ ସେମାନଙ୍କୁ ଦୂରରେ ରଖାଯିବ।
୧୦ପ୍ରଭୁ ଯୀଶୁଙ୍କ ଆସିବା ଦିନର ଏହି ଘଟଣା ଘଟିବ। ନିଜ
ପବିତ୍ର ଲୋକଙ୍କ ଗହଣରେ ମହିମା ମଣ୍ଡିତ ହେବା ପାଇଁ
ଯୀଶୁ ଆସିବେ। ଯେଉଁମାନେ ସମସ୍ତେ ବିଶ୍ୱାସ କରିଛନ୍ତି,
ସେମାନେ ଯୀଶୁଙ୍କୁ ଦେଖି ବିସ୍ମିତ ହେବେ। ଯେହେତୁ
ତୁମ୍ଭେମାନେ ଆମ୍ଭେ କହିଥିବା କଥାଗୁଡ଼ିକୁ ବିଶ୍ୱାସ କରିଛ,
ସେଥିପାଇଁ ସେହି ବିଶ୍ୱାସୀ ମଣ୍ଡଳୀରେ ତୁମ୍ଭେମାନେ ମଧ୍ୟ
ଥିବ।
୧୧ସେଥିପାଇଁ ଆମ୍ଭେ ତୁମ୍ଭମାନଙ୍କ ପାଇଁ ସର୍ବଦା ପ୍ରାର୍ଥନା
କରୁଛୁ। ପରମେଶ୍ୱର ଯେପରି ତୁମ୍ଭମାନଙ୍କୁ ଆପଣା ଆହ୍ୱାନର
ଯୋଗ୍ୟ ବୋଲି ଭାବିବେ, ସେଭଳି ଧାର୍ମିକ ଭାବରେ
ଜୀବନଯାପନ କରିବା ପାଇଁ ଓ ସାହାଯ୍ୟ କରିବା ପାଇଁ,
ଆମ୍ଭେ ଆମ୍ଭ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଛୁ। ତୁମ୍ଭମାନଙ୍କଠାରେ
ଥିବା ଭଲ ବିଷୟ ତୁମ୍ଭକୁ ଭଲ କାମ କରିବା ପାଇଁ
ଇଚ୍ଛୁକ କରୁ। ତୁମ୍ଭମାନଙ୍କଠାରେ ଥିବା ବିଶ୍ୱାସ ଦ୍ୱାରା
ତୁମ୍ଭେମାନେ କାମ କର। ଉକ୍ତ କାମଗୁଡ଼ିକ ତୁମ୍ଭେ
ଅଧିକରୁ ଅଧିକ କର ବୋଲି ପରମେଶ୍ୱର ନିଜ ଶକ୍ତି
ଦ୍ୱାରା ତୁମ୍ଭମାନଙ୍କୁ ସାହାଯ୍ୟ କରନ୍ତୁ ବୋଲି ଆମ୍ଭେ ପ୍ରାର୍ଥନା
କରୁ। ୧୨ପ୍ରଭୁ ଯୀଶୁଙ୍କ ନାମ ତୁମ୍ଭମାନଙ୍କ ମାଧ୍ୟମରେ
ମହିମାବାନ୍ ହେଉ। ଏହା ଆମ୍ଭେ ପ୍ରାର୍ଥନା କରୁ। ତୁମ୍ଭେମାନେ
ମଧ୍ୟ ତାହାଙ୍କଠାରେ ମହିମାବାନ ହୋଇପାରିବ। ଆମ୍ଭ
ପରମେଶ୍ୱର ଓ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦୟାରୁ ସେହି ମହିମା
ପ୍ରାପ୍ତ ହୁଏ।

### ମନ୍ଦ ଦୁର୍ଘଟଣାମାନ ଘଟିବ

୨ ଭାଇ (ଓ ଭଉଣୀ)ମାନେ! ଆମ୍ଭ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ
ଆସିବା ବିଷୟରେ ଆମ୍ଭର କିଛି କହିବାକୁ ଅଛି।
ଯେତେବେଳେ ଆମ୍ଭେ ସମସ୍ତେ ମିଶି ତାହାଙ୍କୁ ଭେଟିବା,
ସେହି ସମୟ ବିଷୟରେ ଆମ୍ଭେ ତୁମ୍ଭକୁ କହିବାକୁ ଚାହୁଁ।
୨ଯଦି ତୁମ୍ଭେମାନେ ଶୁଣ ଯେ, ପ୍ରଭୁଙ୍କର ସେହି ଦିନଟି
ଆସିଗଲାଣି, ତୁମ୍ଭେମାନେ ଚିନ୍ତାରେ ସହଜରେ ବିବ୍ରତ
ହୋଇ ଯାଅ ନାହିଁ କି ଭୟ କର ନାହିଁ। କେତେଜଣ
ଏହାକୁ କୌଣସି ଭବିଷ୍ୟତ୍‌ବାଣୀ ବା କୌଣସି ସମ୍ବାଦ
ବୋଲି କହି ପାରନ୍ତି, କିମ୍ବା କେତେକ ଲୋକ ଏହାକୁ
ଆମ୍ଭର ଏକ ଚିଠି ବୋଲି କହି ପାରନ୍ତି ଓ ଦାବି କରି
ପାରନ୍ତି ଯେ, ଆମ୍ଭମାନଙ୍କ ଦ୍ୱାରା ଏହି ପତ୍ର ଲେଖାଯାଇଅଛି।
୩ଏପରି ଭାବରେ, କୌଣସି ଲୋକକୁ କୌଣସି ପ୍ରକାରେ
ତୁମ୍ଭମାନଙ୍କୁ ଠକିବାକୁ ଦିଅ ନାହିଁ। ପରମେଶ୍ୱରଙ୍କ ବିରୁଦ୍ଧରେ
ବିଦ୍ରୋହ ସଂଘଟିତ ନ ହେଲା ପର୍ଯ୍ୟନ୍ତ ପ୍ରଭୁଙ୍କର ସେହି
ଦିନଟି ଆସିବ ନାହିଁ। ମନ୍ଦ ବ୍ୟକ୍ତିର ଦେଖା ନ ଦେବା
ପର୍ଯ୍ୟନ୍ତ ସେହି ଦିନଟି ଆସିବ ନାହିଁ। ସେହି ମନ୍ଦ ବ୍ୟକ୍ତି
ନରକର ଅଟେ। ୪ସେହି ମନ୍ଦ ବ୍ୟକ୍ତି, ପରମେଶ୍ୱରଙ୍କ

କିମ୍ବା ଏପରି କିଛି ଯାହା ଲୋକଙ୍କ ଦ୍ୱାରା ଉପାସିତ,
ଏହିପରି ପ୍ରତ୍ୟେକ ବିଷୟର ବିରୋଧୀ କରେ। ସେ ନିଜକୁ
ପ୍ରତ୍ୟେକ ଠାରୁ ଉଚ୍ଚ ବୋଲି ଦେଖାଏ, ଈଶ୍ୱରଙ୍କ ନାମରେ
ଖ୍ୟାତ ଓ ପୂଜା ପାଉଥିବା ସମସ୍ତଙ୍କର ସେ ବିରୋଧ
କରେ। ସେ ଲୋକ ପରମେଶ୍ୱରଙ୍କ ମନ୍ଦିରକୁ ଯାଇ,
ସିଂହାସନରେ ବସି ନିଜକୁ ପରମେଶ୍ୱର ବୋଲି ଘୋଷଣା
କରେ।
୫ମୁଁ ପୂର୍ବରୁ କହିଥିଲି ଯେ ଏହି ଘଟଣାଗୁଡ଼ିକ ଘଟିବ।
୬ମନେ ଅଛି ତ? ଏବେ ମନ୍ଦବ୍ୟକ୍ତିକୁ କିଏ ଅଟକାଇ
ରଖିଛି, ଏହା ତୁମ୍ଭେମାନେ ଜାଣିଛ। ଯେତେବେଳେ ଉଚିତ
ସମୟ ଆସିବ, ସେ ନିଜକୁ ପ୍ରକାଶ କରିବ ବୋଲି
ତାହାକୁ ବର୍ତ୍ତମାନ ଅଟକାଇ ରଖାଯାଇଛି। ୭ସଂସାରରେ
ଏବେ ମନ୍ଦ ବ୍ୟକ୍ତିର ଗୁପ୍ତ ଶକ୍ତି କାମ କରୁଛି। କିନ୍ତୁ
ଜଣେ ମାତ୍ର ଅଛନ୍ତି ଯିଏ, ମନ୍ଦ ବ୍ୟକ୍ତିର ଗୁପ୍ତ ଶକ୍ତିକୁ
ଅଟକାଉଛନ୍ତି। ସେ ଦୃଶ୍ୟପଟରୁ ଦୂରେଇ ନ ଯିବା ପର୍ଯ୍ୟନ୍ତ
ସେହି ଶକ୍ତିକୁ ପ୍ରତିରୋଧ କରୁ ଥିବେ, ୮ତା'ପରେ ଯାଇ
ମନ୍ଦ ବ୍ୟକ୍ତି ପ୍ରକାଶିତ ହେବ। ପ୍ରଭୁଯୀଶୁ ସେହି ମନ୍ଦ
ବ୍ୟକ୍ତିକୁ, ତାହାଙ୍କର ମୁହଁରୁ ନିର୍ଗତ ହେଉଥିବା ନିଶ୍ୱାସ
ଦ୍ୱାରା ନଷ୍ଟ କରିଦେବେ। ପ୍ରଭୁ ଯୀଶୁ ନିଜର ମହିମାମୟ
ଆଗମନ ଦ୍ୱାରା ତାହାକୁ ବିନଷ୍ଟ କରିଦେବେ। ମନ୍ଦ ବ୍ୟକ୍ତି
ଶୟତାନର ଶକ୍ତି ନେଇ ଆସିବ। ୯ତା'ର ମହାନ ଶକ୍ତି
ଥିବ ଓ ସେ ଅସତ୍ୟ ଆଧାରିତ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ,
ଚିହ୍ନ ଓ ଅଦ୍‌ଭୁତ କାର୍ଯ୍ୟମାନ ଘଟାଇବ। ୧୦ଯେଉଁ ଲୋକମାନେ
ହଜିଯାଇଛନ୍ତି, ସେମାନଙ୍କୁ ଠକିବାକୁ ଏହି ମନ୍ଦବ୍ୟକ୍ତି ପ୍ରତ୍ୟେକ
ପ୍ରକାରର ମନ୍ଦ ଫାନ୍ଦ ସୃଷ୍ଟି କରିବ। କାରଣ ସେମାନେ
ସତ୍ୟକୁ ଭଲ ପାଇବା ପାଇଁ ଅସ୍ୱୀକାର କଲେ, ଯାହା
ଦ୍ୱାରା ସେମାନେ ଉଦ୍ଧାର ପାଇଥାନ୍ତେ। ୧୧ସତ୍ୟକୁ ଭଲ
ପାଇବା ପାଇଁ ସେମାନେ ମନା କରିବାରୁ, ପରମେଶ୍ୱର
ମଧ୍ୟ ସେମାନଙ୍କ ପାଖକୁ ସତ୍ୟ ଠାରୁ ଦୂରେଇ ନେଇ
ଯିବା ଭଳି ଏକ ଶକ୍ତିକୁ ପଠାନ୍ତି। ଅସତ୍ୟକୁ ବିଶ୍ୱାସ
କରିବା ଲାଗି ପରମେଶ୍ୱର ସେମାନଙ୍କ ପାଖକୁ ସେହି ଶକ୍ତି
ପଠାନ୍ତି। ୧୨ଅତଏବ ଯେଉଁମାନେ ସତ୍ୟକୁ ବିଶ୍ୱାସ କରୁ
ନାହାଁନ୍ତି, ସେମାନେ ଦୋଷୀ ବୋଲି ବିଗୃରିତ ହେବେ।
ସେମାନେ ସତ୍ୟକୁ ମାନ ନାହାଁନ୍ତି ଓ ମନ୍ଦ କର୍ମ
କରିବାରେ ଆନନ୍ଦ ପାଇଛନ୍ତି।

### ତୁମ୍ଭେମାନେ ମୁକ୍ତି ପାଇଁ ମନୋନୀତ

୧୩ଭାଇ (ଓ ଭଉଣୀ)ମାନେ! ପ୍ରଭୁ ତୁମ୍ଭମାନଙ୍କୁ ପ୍ରେମ
କରନ୍ତି। ସେ ତୁମ୍ଭମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରଥମରୁ
ବାଛିଛନ୍ତି। ଅତଏବ ଆମ୍ଭେ ତୁମ୍ଭମାନଙ୍କ ପାଇଁ ସର୍ବଦା
ପରମେଶ୍ୱରଙ୍କୁ ଧନ୍ୟବାଦ ଦେବା ଉଚିତ। ଆତ୍ମା ତୁମ୍ଭକୁ
ପବିତ୍ର କରିବା ଯୋଗୁଁ ଓ ସତ୍ୟରେ ତୁମ୍ଭମାନଙ୍କର ବିଶ୍ୱାସ
ଥିବା ଯୋଗୁଁ ତୁମ୍ଭେମାନେ ଉଦ୍ଧାର ପାଇଛ। ୧୪ପରମେଶ୍ୱର
ସେହି ମୁକ୍ତି ଦେବା ଲାଗି ତୁମ୍ଭମାନଙ୍କୁ ଡାକିଲେ। ଆମ୍ଭ
ଦ୍ୱାରା ପ୍ରଚାରିତ ସୁସମାଚାର ମାଧ୍ୟମରେ ସେ ତୁମ୍ଭମାନଙ୍କୁ
ଡାକିଲେ। ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ମହିମାରେ
ଅଂଶ ଗ୍ରହଣ କରିବା ପାଇଁ ସେ ତୁମ୍ଭମାନଙ୍କୁ ଡାକିଲେ।
୧୫ଅତଏବ, ଭାଇ (ଓ ଭଉଣୀ)ମାନେ ଦୃଢ଼ ଭାବରେ ଠିଆ
ହୁଅ ଓ ଆମ୍ଭ ଦ୍ୱାରା ଦିଆ ଯାଇଥିବା ଶିକ୍ଷାଗୁଡ଼ିକୁ ଅବିରତ
ବିଶ୍ୱାସ କର। ଆମ୍ଭେ ଏହି ଶିକ୍ଷାଗୁଡ଼ିକୁ କହି ଓ ଚିଠି
ମାଧ୍ୟମରେ ଲେଖି, ତୁମ୍ଭମାନଙ୍କୁ ଶିଖାଇଛୁ।
୧୬-୧୭ତୁମ୍ଭମାନଙ୍କ ପାଇଁ ପ୍ରତ୍ୟେକ ଉତ୍ତମ କାର୍ଯ୍ୟ କରିବାକୁ
ଓ ପ୍ରତ୍ୟେକ ଉତ୍ତମ କଥା କହିବା ପାଇଁ ସକ୍ଷମ ହେବ।
ସେଥିପାଇଁ ଆମ୍ଭର ପ୍ରଭୁ ଯୀଶୁଖ୍ରୀଷ୍ଟ ନିଜେ ଓ ଆମ୍ଭର
ପରମପିତା ଓ ପରମେଶ୍ୱର ତୁମ୍ଭମାନଙ୍କୁ ଉତ୍ସାହ ଓ ଶକ୍ତି
ପ୍ରଦାନ କରନ୍ତୁ ଓ ସାନ୍ତ୍ୱନା ଦିଅନ୍ତୁ, ବୋଲି ଆମ୍ଭେ ପ୍ରାର୍ଥନା
କରୁଛୁ। ପରମେଶ୍ୱର ଆମ୍ଭକୁ ପ୍ରେମ କରନ୍ତି। ନିଜ
ଅନୁଗ୍ରହ ମାଧ୍ୟମରେ ସେ ଆମ୍ଭକୁ ଅନନ୍ତକାଳସ୍ଥାୟୀ ଉତ୍ସାହ
ଓ ଉତ୍ତମ ଭରସା ଦେଇଛନ୍ତି।

### ଆମ୍ଭ ପାଇଁ ପ୍ରାର୍ଥନା କର

୩ ଭାଇ (ଓ ଭଉଣୀ)ମାନେ! ଏବେ ଆମ୍ଭ ପାଇଁ
ପ୍ରାର୍ଥନା କର। ପ୍ରାର୍ଥନା କର, ଯେ ପ୍ରଭୁଙ୍କ
ଶିକ୍ଷାଗୁଡ଼ିକ ଶୀଘ୍ର ପ୍ରସାରିତ ହେବ। ପ୍ରାର୍ଥନା କର,
ତୁମ୍ଭେମାନେ ଯେଉଁଭଳି ସେହି ଶିକ୍ଷାକୁ ସମ୍ମାନ ଦେଲ,
ଠିକ୍ ସେହିଭଳି ଲୋକେ ସେହି ଶିକ୍ଷାକୁ ସମ୍ମାନ ଦେବେ।
୨ଆହୁରି ମଧ୍ୟ ପ୍ରାର୍ଥନା କର, ଯେ ଆମ୍ଭେ ଭ୍ରଷ୍ଟ ଓ ମନ୍ଦ
ଲୋକମାନଙ୍କ ଠାରୁ ଯେପରି ସୁରକ୍ଷିତ ରହୁ। (କାରଣ
ସମସ୍ତଙ୍କର ତ ପ୍ରଭୁଙ୍କଠାରେ ବିଶ୍ୱାସ ନ ଥାଏ।)
୩ପରମେଶ୍ୱର ହେଉଛନ୍ତି ବିଶ୍ୱସନୀୟ। ସେ ତୁମ୍ଭମାନଙ୍କୁ
ଶକ୍ତି ପ୍ରଦାନ କରିବେ ଓ ସେହି ଦୁଷ୍ଟାତ୍ମା ଠାରୁ ରକ୍ଷା
କରିବେ। ୪ତୁମ୍ଭମାନଙ୍କୁ କୁହା ଯାଇଥିବା କାମ ସବୁ
ତୁମ୍ଭେମାନେ କରୁଛ ବୋଲି ପରମେଶ୍ୱର ଆମ୍ଭକୁ ନିଶ୍ଚିତ
ଭାବେ ଉପଲବ୍ଧି କରାଇଛନ୍ତି। ଆମ୍ଭେ ଜାଣିଛୁ ଯେ,
ତୁମ୍ଭେମାନେ ଏହି କାମ ସବୁ କରି ଚାଲିଥିବ। ୫ଖ୍ରୀଷ୍ଟଙ୍କର
ଧୈର୍ଯ୍ୟ ଓ ପରମେଶ୍ୱରଙ୍କ ପ୍ରେମ ପଥରେ ତୁମ୍ଭମାନଙ୍କ
ହୃଦୟ ଅଗ୍ରସର ହେବା ନିମନ୍ତେ ସେ ତୁମ୍ଭମାନଙ୍କୁ ପରିଚାଳିତ
କରିବେ ବୋଲି ଆମ୍ଭେ ପ୍ରାର୍ଥନା କରୁଛୁ।

### କର୍ମର ବାଧ୍ୟତା

୬ଭାଇ (ଓ ଭଉଣୀ)ମାନେ! ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରୁ
ମିଳିଥିବା ଅଧିକାର ବଳରେ, କାମ କରିବାକୁ ମନା
କରୁଥିବା ବିଶ୍ୱାସୀ ଭାଇମାନଙ୍କ ଠାରୁ ଦୂରରେ ରହିବା ପାଇଁ
ଆମ୍ଭେ ତୁମ୍ଭମାନଙ୍କୁ ଆଦେଶ ଦେଉଛୁ। କୌଣସି କାମ
କରିବା ପାଇଁ ଚାହୁଁ ନ ଥିବା ଲୋକମାନେ ଆମ୍ଭଠାରୁ
ଗ୍ରହଣ କରିଥିବା ଶିକ୍ଷାଗୁଡ଼ିକୁ ମାନୁ ନାହାଁନ୍ତି। ୭ତୁମ୍ଭେମାନେ
ଜାଣିଛ ଯେ, ଆମ୍ଭ ପରି ତୁମ୍ଭେମାନେ ରହିବା ଉଚିତ।
ତୁମ୍ଭମାନଙ୍କ ସହିତ ଥିଲାବେଳେ ଆମ୍ଭେ କେବେହେଲେ
କାମ କରିବା ପାଇଁ ମନା କରି ନ ଥିଲୁ। ୮ମୂଲ୍ୟ ନ
ଦେଇ ଆମ୍ଭେ କାହାରି ଘରେ ଭୋଜନ ଗ୍ରହଣ କରି
ନାହୁଁ। ଆମ୍ଭେମାନେ କାହାରି ଉପରେ ଭାର ସ୍ୱରୂପ ନ
ହେବୁ ବୋଲି ସର୍ବଦା କର୍ମରତ ରହୁଥିଲୁ। ୯ଆମ୍ଭେ ଦିନ
ରାତି କାମ କରୁଥିଲୁ। ତୁମ୍ଭମାନଙ୍କୁ ସାହାଯ୍ୟ ମାଗିବା

ନମନ୍ତେ ଆମ୍ଭର ଅଧିକାର ଥିଲା। କନ୍ତୁ ଆମ୍ଭେ ନଜର
ଯତ୍ନ ନଜେ ନେବା ପାଇଁ କାମ କରୁଥିଲୁ। ତୁମ୍ଭମାନଙ୍କ
ସମ୍ମୁଖରେ ଗୋଟିଏ ଆଦର୍ଶ ପ୍ରସ୍ତୁତ କରବା ଉଦ୍ଦେଶ୍ୟରେ
ଆମ୍ଭେ ଏପର କରଥିଲୁ। ୧୦ତୁମ୍ଭମାନଙ୍କ ସହତ ଥଲାବେଳେ
ଆମ୍ଭେ ତୁମ୍ଭମାନଙ୍କୁ ଗୋଟିଏ ନୟମ ଶିଖାଇଥିଲୁ: "ଯଦ
ଜଣେ କାମ ନ କରବ, ତା'ହେଲେ ସେ ଖାଇବ ନାହିଁ।"
୧୧ତୁମ୍ଭମାନଙ୍କ ଦଳରେ କେତେ ଜଣ କାମ କରବା
ପାଇଁ ମନା କରୁଛନ୍ତ ବୋଲ ଆମ୍ଭେ ଶୁଣିଲୁ। ସେମାନେ
କଛି କରୁ ନାହାଁନ୍ତ। ସେମାନେ ଅନ୍ୟମାନଙ୍କ ଜୀବନରେ
ହସ୍ତକ୍ଷେପ କରବାରେ ସମୟ ଅତିବାହତ କରନ୍ତ। ୧୨ଆମ୍ଭେ
ସେମାନଙ୍କୁ ଆଦେଶ ଦେଉଛୁ ଯେ, ସେମାନେ ଅନ୍ୟମାନଙ୍କ
ବଷୟରେ ଚନ୍ତା କରବା ଛାଡ଼ ଦଅନ୍ତୁ। ସେମାନେ କର୍ମ
କର ନଜର ଖାଦ୍ୟ ପାଇଁ ଉପାର୍ଜ୍ଜନ କରନ୍ତୁ। ଏଭଳ
ଲୋକମାନଙ୍କୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ଆମ୍ଭେ ଅନୁରୋଧ
କରୁଛୁ ଯେ, ସେମାନେ ଏପର କରନ୍ତୁ। ୧୩ଭାଇ (ଓ
ଭଉଣୀ)ମାନେ! ଭଲ କାମ କରବା ପାଇଁ କେବେହେଲେ
କ୍ଳାନ୍ତ ହୁଅ ନାହିଁ।
୧୪ଆମ୍ଭେ ଏହ ପତ୍ରରେ ତୁମ୍ଭମାନଙ୍କୁ ଯାହା କହୁଛୁ, ଯଦ
କୌଣସି ଲୋକ ତାହା ପାଳନ କରେ ନାହିଁ, ତା'ହେଲେ
ସେହ ଲୋକଠାରୁ ସତର୍କ ରୁହ। ତା'ସହତ ସମ୍ପର୍କ ରଖ
ନାହିଁ। ତାହାହେଲେ ସେ ଲଜ୍ଜିତ ହେବ। ୧୫କନ୍ତୁ ତାକୁ
ଶତ୍ରୁ ଭଳ ବ୍ୟବହାର ନ କର, ଭାଇ ଭଳ ଚେତେଇ
ଦଅ।

**ଶେଷ କଥା**

୧୬ଆମ୍ଭେ ପ୍ରାର୍ଥନା କରୁ ଯେ, ଶାନ୍ତର ପ୍ରଭୁ ତୁମ୍ଭମାନଙ୍କୁ
ଶାନ୍ତ ପ୍ରଦାନ କରନ୍ତୁ। ଆମ୍ଭେ ପ୍ରାର୍ଥନା କରୁ ଯେ, ସେ
ତୁମ୍ଭମାନଙ୍କୁ ସବୁବେଳେ ଓ ପ୍ରତ୍ୟେକ କ୍ଷେତ୍ରରେ ଶାନ୍ତ
ପ୍ରଦାନ କରନ୍ତୁ। ପ୍ରଭୁ ତୁମ୍ଭମାନଙ୍କ ସମସ୍ତଙ୍କ ସହତ
ଥାଆନ୍ତୁ।
୧୭ମୁଁ ପାଉଲ, ମୋ ନଜ ହାତରେ ଲେଖିଥିବା ଏହ
ପତ୍ର ମୋ ଦସ୍ତଖତ କର ସମାପ୍ତ କରୁଛ। ପତ୍ରଗୁଡ଼କ
ମୋର ବୋଲ ଜଣାଇ ଦେବା ପାଇଁ ମୁଁ ମୋର ସମସ୍ତ
ପତ୍ରରେ ଦସ୍ତଖତ କରଛ। ମୋ ଲେଖିବାର ଢଙ୍ଗ ଏହପର।
୧୮ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ତୁମ୍ଭ ସମସ୍ତଙ୍କ
ସହତ ରହଥାଉ।

# ତୀମଥିଙ୍କ ନିକଟକୁ ପ୍ରେରିତ ପାଉଲଙ୍କର ପ୍ରଥମ ପତ୍ର

୧ ଖ୍ରୀଷ୍ଟ ଯୀଶୁଙ୍କ ଜଣେ ପ୍ରେରିତ ପାଉଲଙ୍କ ଠାରୁ
ନମସ୍କାର। ଆମ୍ଭର ଉଦ୍ଧାରକର୍ତ୍ତା ପରମେଶ୍ୱରଙ୍କ ଆଦେଶ
ଦ୍ୱାରା ପ୍ରେରିତ ଏବଂ ଆମ୍ଭମାନଙ୍କର ଭରସା ଖ୍ରୀଷ୍ଟ ଯୀଶୁ।
୨ଏହି ପତ୍ର ତୀମଥିଙ୍କ ପାଇଁ। ତୁମ୍ଭେ ବିଶ୍ୱାସ କରୁଥିବାରୁ
ମୋର ପ୍ରକୃତ ପୁତ୍ର ଅଟ।
ପରମପିତା ପରମେଶ୍ୱର ଓ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଠାରୁ
ତୁମ୍ଭକୁ ଅନୁଗ୍ରହ, ଦୟା ଓ ଶାନ୍ତି ମିଳୁ।

### ଅସତ୍ୟ ଉପଦେଶ ବିରୁଦ୍ଧରେ ସତର୍କତା

୩ମୁଁ ଚାହେଁ ଯେ ତୁମ୍ଭେ ଏଫିସଠାରେ ରୁହ। ମାକିଦନିଆ
ଯିବା ବେଳେ ମୁଁ ତୁମ୍ଭକୁ ତାହା କରିବା ପାଇଁ ଅନୁରୋଧ
କରି କହିଥିଲି। ଏଫିସଠାରେ କେତେ ଲୋକ ଭ୍ରାନ୍ତ
ଶିକ୍ଷାଗୁଡ଼ିକ ଦେଉଛନ୍ତି। ଏଫିସଠାରେ ରହି ତୁମ୍ଭେ ସେମାନଙ୍କୁ
ଭ୍ରାନ୍ତ ଶିକ୍ଷା ନ ଦେବା ପାଇଁ ଆଦେଶ ଦେଇ ପାରିବ।
୪ସେମାନଙ୍କୁ କୁହ ଯେ, ସେମାନେ ଅସତ୍ୟ କଥା (କାହାଣୀ)
ଗୁଡ଼ିକ କହି ଓ ବଂଶାବଳୀର ଲମ୍ବା ନାମସୂଚୀଗୁଡ଼ିକ ଦେଇ
ସମୟ ନଷ୍ଟ କରନ୍ତୁ ନାହିଁ। କାରଣ ସେଗୁଡ଼ିକ ଦ୍ୱାରା
କେବଳ ତର୍କବିତର୍କ ହୁଏ। ସେଗୁଡ଼ିକ ପରମେଶ୍ୱରଙ୍କ କାମ
ପାଇଁ ସାହାଯ୍ୟ କରେ ନାହିଁ।
କେବଳ ବିଶ୍ୱାସ ଦ୍ୱାରା ପରମେଶ୍ୱରଙ୍କ କାମ ସାଧନ
ହୋଇଥାଏ। ଏହି ଆଦେଶର ଲକ୍ଷ୍ୟ ଯେ, ଲୋକମାନେ
ପ୍ରେମ ଗ୍ରହଣ କରନ୍ତୁ। ୫ଏହି ପ୍ରେମ ପାଇବା ଲାଗି
ଲୋକଙ୍କର ପବିତ୍ର ହୃଦୟ ଥିବା ଆବଶ୍ୟକ ଓ ସେମାନେ
ଯାହା ଠିକ ବୋଲି ଜାଣନ୍ତି ତାହା ନିଶ୍ଚୟ କରିବା
ଦରକାର ଏବଂ ସେମାନଙ୍କ ତାହାଙ୍କଠାରେ ସତ୍ୟ ବିଶ୍ୱାସ
ଥିବା ଦରକାର। ୬କେତେଲୋକ ଏହି ବିଷୟଗୁଡ଼ିକ ପ୍ରତି
ଧ୍ୟାନ ନ ଦେଇ, ପଥଭ୍ରଷ୍ଟ ହୋଇଛନ୍ତି। ସେମାନେ ଏବେ
ମୂଲ୍ୟହୀନ କଥାଗୁଡ଼ିକ କୁହନ୍ତି। ୭ସେହି ଲୋକମାନେ
ବ୍ୟବସ୍ଥାର* ଶିକ୍ଷାଦାତା ହେବାକୁ ଚାହାଁନ୍ତି। କିନ୍ତୁ ସେମାନେ
କ'ଣ କହୁଛନ୍ତି, ତାହା ଜାଣନ୍ତି ନାହିଁ। ସେମାନେ ଯେଉଁ
ବିଷୟଗୁଡ଼ିକୁ ନିଶ୍ଚିତ ଭାବେ ଜାଣିବା ଭଳି ଜୋର ଦେଇ
କହୁଛନ୍ତି, ସେହି ଶିକ୍ଷାଗୁଡ଼ିକୁ ସେମାନେ ନିଜେ ମଧ୍ୟ ବୁଝି
ନ ଥାନ୍ତି।
୮ଆମ୍ଭେ ଜାଣୁ ଯେ, ବ୍ୟବସ୍ଥା ଭଲ, ଯଦି ଲୋକେ
ଠିକ୍ ଭାବରେ ଏହାକୁ ବ୍ୟବହାର କରନ୍ତି। ୯ଆମ୍ଭେ ଏହା
ମଧ୍ୟ ଜାଣିଛୁ ଯେ, ଭଲ ଲୋକଙ୍କ ଲାଗି ବ୍ୟବସ୍ଥାର
ଆବଶ୍ୟକତା ନାହିଁ। ଯେଉଁ ଲୋକମାନେ ବ୍ୟବସ୍ଥା ବିରୋଧୀ
ଓ ଆଜ୍ଞାଧୀନ ନୁହଁନ୍ତି, ସେହିମାନଙ୍କ ଲାଗି ବ୍ୟବସ୍ଥା ନିର୍ମିତ
ହୋଇଛି। ଯେଉଁମାନେ ପରମେଶ୍ୱରଙ୍କ ବିରୋଧୀ ଏବଂ
ପାପୀ, ଅପବିତ୍ର, ଧର୍ମବିହୀନ, ମାତାପିତାଙ୍କ ହତ୍ୟାକାରୀ
ତଥା ନରହତ୍ୟାକାରୀ, ୧୦ଯୌନପାପାଚରଣ କରୁଥିବା ଲୋକେ,
ସମଲିଙ୍ଗୀ ଯୌନ ଅଭିଳାଷୀ, ଦାସମାନଙ୍କ ବିକ୍ରେତା, ମିଥ୍ୟାବାଦୀ,
ମିଥ୍ୟା ଶପଥ ନେଉଥିବା ଲୋକେ ଓ ପରମେଶ୍ୱରଙ୍କ
ସତ୍ଶିକ୍ଷାର ବିରୋଧାଚରଣ କରୁଥିବା ଯେ କୌଣସି ବ୍ୟକ୍ତି
ପାଇଁ ବ୍ୟବସ୍ଥା ଆବଶ୍ୟକ। ୧୧ଏହି ଉପଦେଶ ପରମେଶ୍ୱର
ମୋତେ ପ୍ରଚାର କରିବାକୁ ଦେଇଥିବା ସୁସମାଚାରର
ଅଂଶବିଶେଷ। ଏହି ମହିମାମୟ ସୁସମାଚାର ପରମଧନ୍ୟ
ପରମେଶ୍ୱରଙ୍କଠାରୁ ଆସିଛି।

### ଅନୁଗ୍ରହ ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ

୧୨ମୋ ପ୍ରତି ଭରସା ରଖି ଏହି ସେବା କାର୍ଯ୍ୟରେ
ନିଯୁକ୍ତ କରିଥିବାରୁ ମୁଁ ଆମ୍ଭ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କୁ
ଧନ୍ୟବାଦ ଦିଏ। ସେ ମୋତେ ଶକ୍ତି ପ୍ରଦାନ କରନ୍ତି।
୧୩ଅତୀତରେ ମୁଁ ଯୀଶୁଙ୍କ ବିରୁଦ୍ଧରେ କହିଛି, ତାହାଙ୍କୁ
ତାଡ଼ନା ଦେଇଛି ଓ ତାହାଙ୍କୁ ଆଘାତ ଦେବା ଭଳି
କାର୍ଯ୍ୟମାନ କରିଛି। କିନ୍ତୁ ମୁଁ କ'ଣ କରୁଛି ବୋଲି ଜାଣି
ନ ଥିବାରୁ, ପରମେଶ୍ୱର ମୋତେ ଦୟା କଲେ। ଅବିଶ୍ୱାସୀ
ଥିଲାବେଳେ ମୁଁ ସେପରି କରିଥିଲି। ୧୪କିନ୍ତୁ ପ୍ରଭୁଙ୍କର
ଅନୁଗ୍ରହ ମୋତେ ସଂପୂର୍ଣ୍ଣ ଭାବେ ମିଳିଲା। ସେହି ଅନୁଗ୍ରହ
ସହିତ ଖ୍ରୀଷ୍ଟ ଯୀଶୁଙ୍କଠାରେ ଥିବା ବିଶ୍ୱାସ ଓ ପ୍ରେମ ମଧ୍ୟ
ମୋତେ ମିଳିଲା।
୧୫ମୁଁ ଯାହା କହୁଛି ତାହା ସତ୍ୟ ଓ ତୁମ୍ଭେ ଏହାକୁ
ପୂର୍ଣ୍ଣ ଭାବରେ ଗ୍ରହଣ କରିବା ଉଚିତ ଯେ ପାପୀମାନଙ୍କୁ
ଉଦ୍ଧାର କରିବା ପାଇଁ ଖ୍ରୀଷ୍ଟ ଯୀଶୁ ଜଗତକୁ ଆସିଥିଲେ।
ମୁଁ ସେମାନଙ୍କ ମଧ୍ୟରେ ସବୁଠାରୁ ଜଘନ୍ୟ ପାପୀ। ୧୬କିନ୍ତୁ
ମୋତେ ଅନୁଗ୍ରହ ମିଳିଲା। ମୋତେ ଅନୁଗ୍ରହ ଦିଆଗଲା,
ଯାହା ଦ୍ୱାରା ଖ୍ରୀଷ୍ଟ ଯୀଶୁ ପ୍ରମାଣିତ କଲେ ଯେ ସେ ମୋ
ପ୍ରତି ଅସୀମ ଧୈର୍ଯ୍ୟ ଦେଖାଇଛନ୍ତି। ମୋ ଭଳି ବଡ଼ ପାପୀ
ପ୍ରତି ସେ ଧୈର୍ଯ୍ୟଶୀଳତା ଦେଖାଇଲେ। ଯେଉଁମାନେ
ତାହାଙ୍କୁ ବିଶ୍ୱାସ କରିବେ, ଅନନ୍ତ ଜୀବନ ଲାଭ କରିବେ।
ସେମାନଙ୍କ ପାଇଁ ମୁଁ ଯେପରି ଆଦର୍ଶ ସ୍ୱରୂପ ହୁଏ,
ସେଥିପାଇଁ ଖ୍ରୀଷ୍ଟ ଯୀଶୁ ଚାହିଁଲେ। ୧୭ସେହି ଅନନ୍ତକାଳୀନ
ରାଜାଙ୍କର ଗୌରବ ଓ ସମ୍ଭ୍ରମ ହେଉ। ସେ ଅଦୃଶ୍ୟ ଓ
ଅକ୍ଷୟ। ଗୌରବ ଓ ସମ୍ଭ୍ରମ ଯୁଗେ ଯୁଗେ କେବଳ
ପରମେଶ୍ୱରଙ୍କର। ଆମେନ୍।

---

**ବ୍ୟବସ୍ଥା** ଯିହୂଦୀମାନଙ୍କ ନିୟମ: ସିନୟ ପର୍ବତ ଉପରେ ପରମେଶ୍ୱର ମୋଶାଙ୍କୁ ଏହି ନିୟମଗୁଡ଼ିକ ଦେଇ ଥିଲେ। ଯାତ୍ରା ପୁସ୍ତକ: ୧୯ ଓ ୨୦

[୧୮]ତୀମଥି! ତୁମ୍ଭେ ମୋ ପୁତ୍ର ଭଳି। ମୁଁ ତୁମ୍ଭକୁ ଏହି
ଆଦେଶ ଦେଉଛି। ଅତୀତରେ ତୁମ୍ଭ ବିଷୟରେ ଯାହା ସବୁ
ଭବିଷ୍ୟଦ୍‌ବାଣୀ କୁହା ଯାଇଥିଲା, ତା'ସହିତ ଏହି ଆଦେଶଟି
ଏକମତ ଅଟେ। ମୁଁ ତୁମ୍ଭକୁ ଏଗୁଡ଼ିକ କହୁଛି, ଯେପରି
ତୁମ୍ଭେ ସେହି ଭବିଷ୍ୟଦ୍‌ବାଣୀର ଅନୁସରଣ କରିବ ଓ
ବିଶ୍ୱାସର ଉତ୍ତମ ଲଢ଼େଇ ଲଢ଼ି ପାରିବ। [୧୯]ବିଶ୍ୱାସ ଜାରି
ରଖ। ଯାହା ଠିକ୍ ବୋଲି ଭାବୁଛ, ତାହା କର। କେତେ
ଲୋକ ଏହା କରି ନାହାଁନ୍ତି। ତେଣୁ ସେମାନଙ୍କର ବିଶ୍ୱାସ
ନଷ୍ଟ ହୋଇଛି। [୨୦]ହୁମିନାୟ ଓ ଆଲେକ୍‌ଜାଣ୍ଡର ସେମାନଙ୍କ
ମଧ୍ୟରୁ କେତେକ ଅଟନ୍ତି। ମୁଁ ସେମାନଙ୍କୁ ଶୟତାନ
ହାତରେ ଦେଇଛି, ଯାହା ଫଳରେ ସେମାନେ ପରମେଶ୍ୱରଙ୍କ
ବିରୁଦ୍ଧରେ ଆଉ ନ କହିବାକୁ ଶିକ୍ଷା ଲାଭ କରିବେ।

## ସ୍ତ୍ରୀ ଓ ପୁରୁଷମାନଙ୍କ ପାଇଁ କେତେକ ନିୟମ

୨ ସର୍ବପ୍ରଥମେ ସବୁ ଲୋକଙ୍କ ପାଇଁ ପ୍ରାର୍ଥନା କରିବାକୁ
ମୁଁ ତୁମ୍ଭକୁ କହୁଛି। ସମସ୍ତଙ୍କ ପାଇଁ ପରମେଶ୍ୱରଙ୍କୁ
କୁହ। ଲୋକମାନଙ୍କର ଆବଶ୍ୟକତା ପାଇଁ ତାହାଙ୍କୁ କୁହ
ଓ ଧନ୍ୟବାଦ ଦିଅ। [୨]ତୁମ୍ଭେ ରାଜା ଓ ଅଧିକାରୀମାନଙ୍କ
ଲାଗି ପ୍ରାର୍ଥନା କରିବା ଉଚିତ। ତେବେ ଆମ୍ଭେ ଏକ
ଶାନ୍ତିପୂର୍ଣ୍ଣ, ସ୍ଥିର ଜୀବନ ପରମେଶ୍ୱରଙ୍କ ପାଇଁ ସମ୍ମାନ ଓ
ଭକ୍ତି ଭରି ଜୀବନ ବିତେଇ ପାରିବା। [୩]ଏହା ଉତ୍ତମ ଓ
ଏହା ଆମ୍ଭର ତ୍ରାଣକର୍ତ୍ତା ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରେ।
[୪]ପରମେଶ୍ୱର ଚାହାଁନ୍ତି ଯେ ସମସ୍ତେ ଉଦ୍ଧାର ପାଆନ୍ତୁ ଓ
ସତ୍ୟକୁ ଜାଣନ୍ତୁ। [୫]କେବଳ ଜଣେ ମାତ୍ର ପରମେଶ୍ୱର
ଅଛନ୍ତି। ମଣିଷ ପାଇଁ ପରମେଶ୍ୱରଙ୍କ ନିକଟରେ ପହଞ୍ଚିବା
ନିମନ୍ତେ ଜଣେ ମାତ୍ର ମଧ୍ୟସ୍ଥ ଅଛନ୍ତି। ସେହି ମଧ୍ୟସ୍ଥ
ଯୀଶୁଖ୍ରୀଷ୍ଟ ଅଟନ୍ତି। ସେ ଜଣେ ମଣିଷ। [୬]ଯୀଶୁ ସବୁ
ଲୋକଙ୍କ ପାପ ଲାଗି ନିଜକୁ ଦାନ କରି ଦେଇଥିଲେ।
ଯୀଶୁ ନିଜେ ହେଉଛନ୍ତି ଏହାର ପ୍ରମାଣ ଯେ, ପରମେଶ୍ୱର
ସମସ୍ତ ଲୋକଙ୍କର ଉଦ୍ଧାର ଚାହାଁନ୍ତି। [୬]ସେ ଠିକ୍ ସମୟରେ
ଆସିଥିଲେ। ସେଥିପାଇଁ ସୁସମାଚାର କହିବା ପାଇଁ ମୁଁ
ମନୋନୀତ ହୋଇଥିଲି। ମୁଁ ପ୍ରେରିତ ରୂପେ ମଧ୍ୟ ସେଥିପାଇଁ
ମନୋନୀତ ହୋଇଥିଲି। ମୁଁ ମିଛ କହୁ ନାହିଁ, ମୁଁ ସତ୍ୟ
କହୁଛି। ମୁଁ ଅଣଯିହୂଦୀମାନଙ୍କର ଶିକ୍ଷକ ହେବା ପାଇଁ
ମନୋନୀତ ହୋଇଥିଲି। ବିଶ୍ୱାସ କରିବା ଓ ସତ୍ୟକୁ
ଜାଣିବା ପାଇଁ ମୁଁ ସେମାନଙ୍କୁ ଶିକ୍ଷା ଦିଏ।
[୮]ମୁଁ ଚାହେଁ ଯେ ସର୍ବତ୍ର ଲୋକେ ପ୍ରାର୍ଥନା କରନ୍ତୁ।
ଯେଉଁ ଲୋକମାନେ ପ୍ରାର୍ଥନା ପାଇଁ ହାତ ଉଠାଇବେ,
ସେମାନେ ପବିତ୍ର ହୋଇଥିବା ଆବଶ୍ୟକ। ସେମାନେ ରାଗି
ଯିବା ଉଚିତ ନୁହେଁ ଓ ଯୁକ୍ତିତର୍କରେ ପ୍ରବୃତ୍ତ ହେବା ଉଚିତ
ନୁହେଁ। [୯]ମୁଁ ଏହା ମଧ୍ୟ ଚାହେଁ ଯେ ସ୍ତ୍ରୀ ଲୋକମାନେ
ଏପରି ପୋଷାକ ପିନ୍ଧନ୍ତୁ, ଯାହା ସେମାନଙ୍କ ପାଇଁ ଉପଯୁକ୍ତ।
ଉତ୍ତମ ମନୋଭାବ ସହିତ ସମ୍ମାନନୀୟ ଭାବରେ ନିଜକୁ
ସଜାନ୍ତୁ। ନିଜକୁ ସୁନ୍ଦର ଦେଖାଇବା ଲାଗି ବେଣୀ ବାନ୍ଧନ୍ତୁ
ନାହିଁ, ସୁନା, ରତ୍ନ ଓ ଦାମିକା ଲୁଗାର ବ୍ୟବହାର କରନ୍ତୁ
ନାହିଁ। [୧୦]ଭଲ କାମ କରିବା ଦ୍ୱାରା ନିଜକୁ ସୁନ୍ଦର ଭାବେ
ସୁଶୋଭିତ କରନ୍ତୁ। ପରମେଶ୍ୱରଙ୍କ ଉପାସନା କରୁଛୁ
ବୋଲି କହୁଥିବା ସ୍ତ୍ରୀଲୋକେ ନିଜକୁ ଏହି ରୂପରେ ସୁନ୍ଦର
ଭାବେ ସଜାଇବା ଆବଶ୍ୟକ।
[୧୧]ଜଣେ ସ୍ତ୍ରୀଲୋକ ନୀରବ ଭାବରେ ଶୁଣି ଶିକ୍ଷା ଗ୍ରହଣ
କରୁ ଓ ତାହାର ବାଧ୍ୟ ହେଉ। [୧୨]ଜଣେ ସ୍ତ୍ରୀ ଜଣେ
ପୁରୁଷକୁ ଉପଦେଶ ଦେବା ପାଇଁ ମୁଁ ଅନୁମତି ଦିଏ ନାହିଁ।
ଜଣେ ସ୍ତ୍ରୀ ଜଣେ ପୁରୁଷ ଉପରେ କର୍ତ୍ତୃତ୍ୱ କରୁ, ଏହା ମୁଁ
ଅନୁମତି ଦିଏ ନାହିଁ। ଜଣେ ସ୍ତ୍ରୀଲୋକ ନୀରବ ହୋଇ
ରହିବା ଦରକାର। [୧୩]କାରଣ ଆଦମ ପ୍ରଥମରେ ସୃଷ୍ଟି
ହେଲେ। ହବା ପରେ ସୃଷ୍ଟି ହେଲେ। [୧୪]ଆହୁରି ଶୟତାନ
ପ୍ରଥମେ ଆଦମକୁ ପ୍ରତାରଣା କରି ନ ଥିଲା। ହବା
ପ୍ରତାରିତ ହୋଇଥିଲା। ଏବଂ ସେ ଜଣେ ପାପିନୀ ହୋଇଥିଲା।
[୧୫]କିନ୍ତୁ ସ୍ତ୍ରୀମାନେ ସନ୍ତାନ ପ୍ରସବ କରିବା ଦ୍ୱାରା ପରିତ୍ରାଣ
ପାଇବେ। ସେମାନେ ନିରନ୍ତର ବିଶ୍ୱାସ, ପ୍ରେମ, ପବିତ୍ରତା
ଓ ଆତ୍ମସଂଯମ ସହିତ ଜୀବନଯାପନ କଲେ, ମୁକ୍ତି
ପାଇବେ।

## ମଣ୍ଡଳୀର ନେତାଗଣ

୩ ମୁଁ ଯାହା କହୁଛି ତାହା ସତ୍ୟ: ଯଦି କେହି ଅଧ୍ୟକ୍ଷ*
ହେବା ପାଇଁ ଚେଷ୍ଟା କରେ, ତେବେ ସେ ଭଲ
କାର୍ଯ୍ୟ ଚାହୁଁଛନ୍ତି। [୨]ଅଧ୍ୟକ୍ଷ ବ୍ୟକ୍ତି ଜଣଙ୍କ ଏତେ ଭଲ
ହେବା ଦରକାର ଯେ ଲୋକେ ପ୍ରକୃତରେ ତାହାଙ୍କୁ
ସମାଲୋଚନା କରିବାକୁ ଅସମର୍ଥ ହେବେ। ତାହାଙ୍କର
ନିଶ୍ଚୟ ଗୋଟିଏ ମାତ୍ର ପତ୍ନୀ ଥିବା ଉଚିତ। ତାହାଙ୍କର
ଆତ୍ମସଂଯମ ଥିବା ଦରକାର ଓ ସେ ବୁଦ୍ଧିମାନ ହେବା
ଦରକାର। ସେ ଅନ୍ୟମାନଙ୍କ ଦ୍ୱାରା ସମ୍ମାନ ପାଉଥିବା
ଦରକାର। ନିଜ ଘରେ ସ୍ୱାଗତ କରି ଲୋକମାନଙ୍କୁ ସେ
ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଥିବା ଦରକାର। ସେ
ଜଣେ ଭଲ ଶିକ୍ଷାଦାତା ହୋଇଥିବା ଦରକାର। [୩]ସେ
ଅତ୍ୟଧିକ ମଦ୍ୟପାନ କରିବା ଉଚିତ ନୁହେଁ। ସେ କଳହ
ମନୋବୃତ୍ତିର ଲୋକ ନ ହୋଇଥିବା କଥା। ସେ ନମ୍ର ଓ
ଶାନ୍ତ ହେବା ଦରକାର। [୪]ସେ ଧନଲୋଭୀ ହୋଇ ନ
ଥିବେ, ସେ ନିଜ ପରିବାରକୁ ଉପଯୁକ୍ତ ଭାବରେ ନେତୃତ୍ୱ
ଦେଇପାରୁଥିବେ। ତା'ର ଅର୍ଥ ଯେ ତାହାଙ୍କର ପିଲାମାନେ
ତାହାଙ୍କୁ ପୂର୍ଣ୍ଣ ସମ୍ମାନ ସହିତ ତାହାଙ୍କର ବାଧ୍ୟ ହେଉଥିବେ।
[୫](ଯଦି ଜଣେ ପରିବାରର ନେତୃତ୍ୱ ଦେଇ ଜାଣି ନାହିଁ,
ସେ ପରମେଶ୍ୱରଙ୍କ ମଣ୍ଡଳୀର ଯତ୍ନ ନେଇ ପାରିବ ନାହିଁ।)
[୬]କିନ୍ତୁ ଜଣେ ଅଧ୍ୟକ୍ଷ ନୂତନ ଶିଷ୍ୟ ହୋଇ ନ ଥିବେ।
ନୂତନ ବିଶ୍ୱାସୀଙ୍କୁ ଅଧ୍ୟକ୍ଷ କରାଗଲେ, ତାହା ତାହାଙ୍କୁ
ଅତିଶୟ ଗର୍ବୀ କରିପାରେ। ଏଭଳି ପରିସ୍ଥିତିରେ ତା'ର
ଗର୍ବ ଲାଗି ସେ ଶୟତାନ ଭଳି ଦୋଷୀ ହୋଇ ଦଣ୍ଡିତ
ହେବ। [୭]ଯେଉଁମାନେ ମଣ୍ଡଳୀର ସଦସ୍ୟ ନୁହଁନ୍ତି, ବାହାରର
ସେହି ଲୋକମାନଙ୍କର ମଧ୍ୟ, ଅଧ୍ୟକ୍ଷଙ୍କ ନିମନ୍ତେ ସମ୍ମାନ

**ଅଧ୍ୟକ୍ଷ** ଅର୍ଥାତ୍, ଯେ ମଣ୍ଡଳୀକୁ କଢ଼େଇ ନେବା ନିମନ୍ତେ ମନୋନୀତ ହୋଇଥାଏ, ତାଙ୍କୁ ପାଳକ ମଧ୍ୟ କୁହାଯାଏ ଓ ପରମେଶ୍ୱରଙ୍କ ଲୋକମାନଙ୍କର ଯତ୍ନ ନେବାର କାର୍ଯ୍ୟ ସେମାନଙ୍କୁ ଅର୍ପଣ କରାଯାଇଥାଏ।

ଭାବ ଥିବା ଆବଶ୍ୟକ। ତହିଁରେ ସେ ଅନ୍ୟମାନଙ୍କ ଦ୍ୱାରା
ସମାଲୋଚିତ ହେବେ ନାହିଁ କି ଶୟତାନର ଫାନ୍ଦରେ
ପଡ଼ିବେ ନାହିଁ।

### ମଣ୍ଡଳୀର ସେବକଗଣ

୮ସେହିପରି ମଣ୍ଡଳୀରେ ନିଯୁକ୍ତ ପାଇଥିବା ସ୍ୱତନ୍ତ୍ର
ସେବକଗଣ ଏଭଳି ଲୋକ ହୋଇଥିବା କଥା, ଯେଉଁମାନଙ୍କୁ
ଲୋକେ ସମ୍ମାନ କରୁଥିବେ। ସେମାନେ ଯାହା କହନ୍ତି,
ତାହା ବିଶ୍ୱାସ ଯୋଗ୍ୟ ହେବା ଉଚିତ। ଅଧିକ ମଦ
ପିଇବାରେ ନିଜ ସମୟ କାଟିବା ଉଚିତ ନୁହେଁ। ସବୁବେଳେ
ଅନ୍ୟମାନଙ୍କୁ ଠକି ଧନୀ ହେବାକୁ ଚେଷ୍ଟା କରୁଥିବା
ଲୋକମାନଙ୍କ ପରି ସେମାନେ ହୋଇ ନ ଥିବେ। ୯ସେମାନେ
ପରମେଶ୍ୱରଙ୍କ ଦ୍ୱାରା ଆମ୍ଭକୁ ଜ୍ଞାତ କରାଯାଇଥିବା ସତ୍ୟର
ଅନୁସରଣ କରୁଥିବେ ଓ ଯାହା ଠିକ୍ ଭାବନ୍ତି, ତାହା
କରୁଥିବେ। ୧୦ତୁମ୍ଭେମାନେ ପ୍ରଥମେ ସେମାନଙ୍କୁ ପରୀକ୍ଷା
କରିବ। ଯଦି ସେମାନଙ୍କ ଭିତରେ କୌଣସି ଦୁର୍ଗୁଣ ନାହିଁ,
ତାହେଲେ ସେମାନେ ବିଶେଷ ସେବକ ଭାବେ ସେବା କରି
ପାରିବେ। ୧୧ସେହିପରି ବିଶେଷ ସେବିକା ହେବା ପାଇଁ
ନିଯୁକ୍ତ ସ୍ତ୍ରୀମାନଙ୍କର ପ୍ରତି ଅନ୍ୟ ଲୋକମାନଙ୍କର ସମ୍ମାନ
ଭାବ ଥିବା ଦରକାର। ସେମାନେ ଅନ୍ୟମାନଙ୍କ ବିଷୟରେ
ମନ୍ଦ କଥା ଆଦୌ କହୁ ନ ଥିବେ। ସେମାନଙ୍କର ଆତ୍ମ
ସଂଯମ ଥିବା ପ୍ରୟୋଜନ ଓ ପ୍ରତ୍ୟେକ କଥାରେ ଯେପରି
ସେମାନଙ୍କୁ ବିଶ୍ୱାସ କରାଯାଇ ପାରୁଥିବ। ୧୨ଯେଉଁମାନେ
ବିଶେଷ ସେବକ ହେବେ, ସେମାନଙ୍କର କେବଳ ଗୋଟିଏ
ପତ୍ନୀ ଥିବ। ସେମାନେ ନିଜ ସନ୍ତାନସନ୍ତତି ଓ ପରିବାରକୁ
ଭଲ ନେତୃତ୍ୱ ଦେଇପାରୁଥିବେ। ୧୩ଯେଉଁ ଲୋକମାନେ
ଭଲ ଭାବରେ ସେବା କରନ୍ତି, ସେମାନେ ନିଜ ପାଇଁ
ସମ୍ମାନଜନକ ସ୍ଥାନ ଅଧିକାର କରନ୍ତି ଏବଂ ସେମାନେ ଖ୍ରୀଷ୍ଟ
ଯୀଶୁଙ୍କଠାରେ ତାହାଙ୍କ ବିଶ୍ୱାସ ସଂପର୍କରେ ଦୃଢ଼ ନିଶ୍ଚୟତା
ବୋଧ ପାଆନ୍ତି।

### ଆମ୍ଭ ଜୀବନର ରହସ୍ୟ

୧୪ମୁଁ ତୁମ୍ଭ ପାଖକୁ ଶୀଘ୍ର ଯିବି ବୋଲି ଆଶା କରେ।
୧୫କିନ୍ତୁ ମୁଁ ଏବେ ଏହି କଥାଗୁଡ଼ିକ ତୁମ୍ଭକୁ ଲେଖୁଛି। ଯଦି
ମୁଁ ଶୀଘ୍ର ନ ଯାଏ, ତେବେ ମଧ୍ୟ ତୁମ୍ଭେମାନେ ଜାଣି
ପାରିବ ଯେ ପରମେଶ୍ୱରଙ୍କ ପରିବାରରେ ଲୋକମାନେ
କ'ଣ କ'ଣ କରିବା ଆବଶ୍ୟକ। ସେହି ପରିବାର ଜୀବିତ
ପରମେଶ୍ୱରଙ୍କର ମଣ୍ଡଳୀ ଅଟେ। ପରମେଶ୍ୱରଙ୍କ ମଣ୍ଡଳୀ
ସତ୍ୟର ଅବଲମ୍ବନ କରେ ଓ ମୂଳଦୁଆ ଅଟେ। ୧୬ଏଥିରେ
ସନ୍ଦେହ ନାହିଁ ଯେ ଆମ୍ଭ ଧର୍ମର ମହାନ ଗୁପ୍ତ ସତ୍ୟ ଏହା
ଯେ,

ଖ୍ରୀଷ୍ଟ ମଣିଷ ଶରୀରରେ ଆମ୍ଭକୁ ଦେଖା ଦେଲେ;
ପବିତ୍ରାତ୍ମା ତାହାଙ୍କୁ ଧାର୍ମିକ ବୋଲି ପ୍ରମାଣିତ କଲେ
ସ୍ୱର୍ଗଦୂତମାନଙ୍କ ଦ୍ୱାରା ସେ ଦେଖାଗଲେ; ତାହାଙ୍କ
ବିଷୟରେ ଅଣଯିହୂଦୀମାନଙ୍କୁ ସୁସମାଚାର ପ୍ରଚାରିତ
ହେଲା; ସଂସାରରେ ଲୋକେ ତାହାଙ୍କୁ ବିଶ୍ୱାସ
କଲେ; ସେ ସ୍ୱର୍ଗକୁ ମହିମାମୟ ହୋଇ ନିଆଗଲେ।

### ଭଣ୍ଡ ଶିକ୍ଷକମାନଙ୍କ ବିଷୟରେ ସତର୍କବାଣୀ

୪ ୧ପବିତ୍ର ଆତ୍ମା ସ୍ପଷ୍ଟ ଭାବରେ କୁହନ୍ତି ଯେ ପରବର୍ତ୍ତୀ
କାଳରେ କେତେ ଲୋକ ସତ୍ୟ ବିଶ୍ୱାସକୁ ପରିତ୍ୟାଗ
କରିବେ। ସେମାନେ ସେମାନଙ୍କୁ ପ୍ରତାରଣା କରୁଥିବା
ଦୁଷ୍ଟାତ୍ମାମାନଙ୍କ ଉପଦେଶଗୁଡ଼ିକୁ ମାନିବେ। ୨ପ୍ରବଞ୍ଚକ ଆତ୍ମା
ମାନଙ୍କର ଶିକ୍ଷାଗୁଡ଼ିକୁ ପାଳନ କରିବେ। ସେହି ଶିକ୍ଷାଗୁଡ଼ିକ
ପ୍ରତାରକ ଓ ମିଥ୍ୟାବାଦୀ ଲୋକମାନଙ୍କ ଦ୍ୱାରା ଆସେ।
ସେମାନେ କଣ ଭଲ ଓ କଣ ମନ୍ଦ, ତାହା ଜାଣି ପାରନ୍ତି
ନାହିଁ। ତାହାଙ୍କର ବୋଧ ଶକ୍ତି ନଷ୍ଟ ହୋଇଯାଇଥାଏ।
୩ସେମାନେ ଲୋକମାନଙ୍କୁ ବିବାହ କରିବା ଅନୁଚିତ ବୋଲି
କହନ୍ତି। ସେମାନେ ଲୋକମାନଙ୍କୁ ଏ କଥା ମଧ୍ୟ କୁହନ୍ତି
ଯେ କେତେକ ଖାଦ୍ୟ ଅଛି, ଯାହାକୁ ଲୋକେ ଆଦୌ
ଖାଇବା ଉଚିତ ନୁହେଁ। କିନ୍ତୁ ସେ ଖାଦ୍ୟଗୁଡ଼ିକୁ ପରମେଶ୍ୱର
ସୃଷ୍ଟି କରିଛନ୍ତି। ଅତଏବ ଯେଉଁମାନେ ବିଶ୍ୱାସୀ ଏବଂ
ସତ୍ୟକୁ ଜାଣନ୍ତି, ସେମାନେ ପରମେଶ୍ୱରଙ୍କୁ ଧନ୍ୟବାଦ
ଦେଇ ସେହି ଖାଦ୍ୟ ଖାଇ ପାରିବେ। ୪ପରମେଶ୍ୱର ଯାହା
ସବୁ ସୃଷ୍ଟି କରିଛନ୍ତି, ସେ ସବୁ ଉତ୍ତମ ଅଟେ। ପରମେଶ୍ୱରଙ୍କୁ
ଧନ୍ୟବାଦ ଦେଲା ପରେ, ତାହାଙ୍କ ସୃଷ୍ଟ କୌଣସି ବିଷୟ
ଗ୍ରହଣ କରିବା ପାଇଁ ମନା କରିବା ଉଚିତ ନୁହେଁ।
୫ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ ପ୍ରତ୍ୟେକ ବିଷୟ ପରମେଶ୍ୱର
କହିଥିବା କଥା ଦ୍ୱାରା ଓ ପ୍ରାର୍ଥନା ଦ୍ୱାରା ପବିତ୍ର ହୋଇଥାଏ।

### ଯୀଶୁ ଖ୍ରୀଷ୍ଟଙ୍କର ଭଲ ସେବକ ହୁଅ

୬ସେଠାରେ ଥିବା ଭାଇ ଓ ଭଉଣୀମାନଙ୍କୁ ଏ କଥା
କୁହ। ଏପରି କରିବା ଦ୍ୱାରା ତୁମ୍ଭେ ଖ୍ରୀଷ୍ଟ ଯୀଶୁଙ୍କର ଭଲ
ସେବକ ବୋଲି ପ୍ରମାଣିତ ହେବ। ତୁମ୍ଭେ ପ୍ରମାଣ କରିବ
ଯେ ତୁମ୍ଭେ ଅନୁସରଣ କରିଥିବା ବିଶ୍ୱାସର ଶିକ୍ଷାଗୁଡ଼ିକ
ଦ୍ୱାରା ଶକ୍ତିଶାଳୀ ହୋଇଛ। ୭ପରମେଶ୍ୱରଙ୍କ ସତ୍ୟ ସହିତ
ମେଳ ନ ଖାଉଥିବା ନିର୍ବୋଧ କାହାଣୀମାନ ଲୋକେ
କୁହନ୍ତି। ଏଭଳି କାହାଣୀ ଗୁଡ଼ିକୁ ପାଳନ କର ନାହିଁ।
କିନ୍ତୁ ତୁମ୍ଭେ ପ୍ରକୃତ ଭାବରେ ପରମେଶ୍ୱରଙ୍କୁ ସେବା କରିବା
ଲାଗି ନିଜକୁ ଶିକ୍ଷିତ କର। ୮ନିଜ ଶରୀର ସାଧନା
ଅନେକାଂଶରେ ତୁମ୍ଭକୁ ସାହାଯ୍ୟ କରେ। କିନ୍ତୁ ପରମେଶ୍ୱରଙ୍କ
ସେବା କରିବା ଦ୍ୱାରା ତାହା ସମସ୍ତ ବିଷୟରେ ତୁମ୍ଭକୁ
ସାହାଯ୍ୟ କରେ। ଏହା ବର୍ତ୍ତମାନର ଜୀବନରେ ଓ ଭବିଷ୍ୟତର
ଜୀବନରେ ମଧ୍ୟ ତୁମ୍ଭ ପାଇଁ ଆଶୀର୍ବାଦ ଆଣେ। ୯ମୁଁ ଯାହା
କହୁଛି ତାହା ସତ୍ୟ, ଓ ତୁମ୍ଭେ ଏହାକୁ ପୂର୍ଣ୍ଣ ଭାବରେ
ଗ୍ରହଣ କରିବା ଉଚିତ। ୧୦ଏଥିପାଇଁ ଆମ୍ଭେ କାମ ଓ
ସଂଘର୍ଷ କରୁଛୁ: ଆମ୍ଭେ ଜୀବିତ ପରମେଶ୍ୱରଠାରେ ଭରସା
ରଖିଥାଉ। ସେ ସମସ୍ତ ଲୋକଙ୍କର ଏବଂ ବିଶେଷ ଭାବରେ,
ଯେଉଁ ଲୋକମାନେ ତାହାଙ୍କୁ ବିଶ୍ୱାସ କରନ୍ତି ସେମାନଙ୍କର
ତ୍ରାଣକର୍ତ୍ତା।

୧୧ଏହି କଥା ଗୁଡ଼ିକ ଶିକ୍ଷା ଦିଅ। ୧୨ତୁମ୍ଭେ ଯୁବକ,
କିନ୍ତୁ କେହି ତୁମ୍ଭକୁ ଯେପରି ତୁଚ୍ଛ ବୋଲି ଭାବି ତୁମ୍ଭ
ସହିତ କୁବ୍ୟବହାର ନ କରେ। ବିଶ୍ୱାସୀମାନଙ୍କ ପାଇଁ,
ସେମାନେ କପରି ରହିବା କଥା ତାହା ଦେଖାଇବାକୁ ତୁମ୍ଭେ
ଆଦର୍ଶବାନ ହୁଅ। ତୁମ୍ଭର କଥା ଓ ଜୀବନ ପ୍ରଣାଳୀ

ପ୍ରେମ, ବିଶ୍ୱାସ, ପବିତ୍ର ଜୀବନ ଦ୍ୱାରା ତୁମ୍ଭେ ସେମାନଙ୍କୁ
ତାହା ଦେଖାଇ ଦିଅ। ୧୩ଲୋକମାନଙ୍କ ନିକଟରେ ଶାସ୍ତ୍ର
ପଢ଼ି ଶୁଣାଇବା ଜାରି ରଖ। ବଳ (ଆତ୍ମିକ) ଓ ବୃଦ୍ଧି
ପାଇବାକୁ ସେମାନଙ୍କୁ ସାହାଯ୍ୟ କର। ସେମାନଙ୍କୁ ଉପଦେଶ
ଦେବା କାର୍ଯ୍ୟ ଜାରି ରଖ ଏବଂ ମୁଁ ଆସିବା ପର୍ଯ୍ୟନ୍ତ
ଏପରି କରୁଥାଅ। ୧୪ତୁମ୍ଭ ଭିତରେ ଯେଉଁ ଅନୁଗ୍ରହ ଦାନଟି
ଅଛି, ତାହାକୁ ବ୍ୟବହାର କରିବାରେ ଅବହେଳା କର
ନାହିଁ। ଭବିଷ୍ୟଦ୍‌ବାଣୀ ମାଧ୍ୟମରେ ଯେତେବେଳେ
ପ୍ରାଚୀନମାନଙ୍କର ଦଳ ତୁମ୍ଭ ଉପରେ ହାତ ରଖିଲେ,
ସେତେବେଳେ ସେହି ଅନୁଗ୍ରହଦାନ ତୁମ୍ଭକୁ ଦିଆ ଯାଇଥିଲା।
୧୫ସେଗୁଡ଼ିକ କରୁଥାଅ। ଉକ୍ତ କାମଗୁଡ଼ିକୁ କରିବା ପାଇଁ
ଜୀବନକୁ ଉତ୍ସର୍ଗ କର। ତହିଁରେ ସବୁ ଲୋକେ ଦେଖିବେ
ଯେ ତୁମ୍ଭ କାମରେ ଉନ୍ନତି ହେଉଛି ଓ ଚାଲିଛି। ୧୬ତୁମ୍ଭ
ନିଜ ଜୀବନ ସମ୍ବନ୍ଧରେ ଓ ତୁମ୍ଭ ବିଷୟରେ ସତର୍କ ରୁହ।
ଉତ୍ତମ ଜୀବନଯାପନ ଓ ଶିକ୍ଷା ପ୍ରଦାନ କର। ତାହେଲେ
ତୁମ୍ଭେ ତୁମ୍ଭର ଶିକ୍ଷା ଶୁଣୁଥିବା ଲୋକଙ୍କୁ ଓ ନିଜକୁ ରକ୍ଷା
କରି ପାରିବ।

## ଅନ୍ୟ ଲୋକଙ୍କ ସହିତ ରହିବା ପାଇଁ କେତୋଟି ନିୟମ

୫ ତୁମ୍ଭେ ଜଣେ ବୟସ୍କ ଲୋକ ସହିତ ରାଗରେ
କଥାବାର୍ତ୍ତା କର ନାହିଁ। ନିଜ ପିତା ବୋଲି ଭାବି
ତାହାଙ୍କ ସହିତ କଥା କୁହ। ସାନମାନଙ୍କ ପ୍ରତି ନିଜ ଭାଇ
ଭଳି ଆଚରଣ କର। ୨ବୟସ୍କା ସ୍ତ୍ରୀଲୋକମାନଙ୍କୁ ମାଁ ଭଳି
ଓ ଯୁବତୀ ସ୍ତ୍ରୀଲୋକମାନଙ୍କୁ ଭଉଣୀ ଭଳି ଆଚରଣ କର।
ସର୍ବଦା ସେମାନଙ୍କ ପ୍ରତି ପବିତ୍ରତାର ସହିତ ଆଚରଣ
କର।

୩ପ୍ରକୃତରେ ଏକୁଟିଆଥିବା ବିଧବାମାନଙ୍କର ଯତ୍ନ ନିଅ।
୪କିନ୍ତୁ ଯଦି ଜଣେ ବିଧବାର ପୁଅଝିଅ ବା ନାତିନାତୁଣୀ
ଥାନ୍ତି, ସେମାନେ ପ୍ରଥମରେ ନିଜ ପରିବାର ପ୍ରତି ସମ୍ମାନଭାବ
ଦେଖାଇବା ଉଚିତ। ସେମାନେ ତାଙ୍କର ମାତାପିତାଙ୍କୁ
ସାହାଯ୍ୟ କରିବା ଉଚିତ। ଏପରି କରିବା ଦ୍ୱାରା ସେମାନେ
ନିଜର ମାତାପିତା ଓ ପିତାମହ ଓ ମାତାମହୀଙ୍କୁ ପ୍ରତିଦାନ
କରି ଥାଆନ୍ତି। ତାହା ପରମେଶ୍ୱରଙ୍କୁ ପ୍ରସନ୍ନ କରେ। ୫ଯଦି
ଜଣେ ବିଧବା ପ୍ରକୃତରେ ଏକୁଟିଆ ଓ ନିରାଶାରେ ରହିଥାଏ,
ତାହେଲେ ସେ ତା' ପ୍ରତି ପରମେଶ୍ୱରଙ୍କର ସାହାଯ୍ୟ
ଉପରେ ଭରସା କରେ। ସେହି ବିଧବାଟି ରାତିଦିନ
ପରମେଶ୍ୱରଙ୍କୁ ପ୍ରାର୍ଥନା କରେ, ତାହାଙ୍କ ସାହାଯ୍ୟ ପାଇଁ
ଅନୁରୋଧ କରେ। ୬କିନ୍ତୁ ଏଭଳି ବିଧବା ଯାହାର ଜୀବନର
ଲକ୍ଷ୍ୟ କେବଳ ନିଜକୁ ସନ୍ତୁଷ୍ଟ କରିବା, ସେ ବଞ୍ଚି ଥାଉଥାଉ
ମଧ୍ୟ ପ୍ରକୃତରେ ମୃତ। ୭ସେଠାରେ ଥିବା ସମସ୍ତ ବିଶ୍ୱାସୀ
ଲୋକଙ୍କୁ ଏହି କାମଗୁଡ଼ିକ କରିବା ପାଇଁ କୁହ, ତାହେଲେ
କେହି କହିବେ ନାହିଁ ଯେ ସେମାନେ ଭୁଲ କରୁଛନ୍ତି।
୮ନିଜର ଆତ୍ମୀୟ ସମସ୍ତଙ୍କର ଯତ୍ନ ନେବା ଜଣେ ଲୋକର
କର୍ତ୍ତବ୍ୟ ଅଟେ। ଏପରିକି ଆଉ ମଧ୍ୟ ସେ ନିଜ
ପରିବାରର ଯତ୍ନ ନେବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ
ଲୋକ ସେପରି କରୁ ନାହିଁ, ତା ହେଲେ ସେ ଲୋକ
ସତ୍ୟ ବିଶ୍ୱାସକୁ ଅନୁସରଣ କରୁନାହିଁ। ସେହି ଲୋକ
ଜଣେ ଅବିଶ୍ୱାସୀଠାରୁ ମଧ୍ୟ ଖରାପ।

୯ବିଧବା ତାଲିକା (ସେବାକାର୍ଯ୍ୟ) ରେ ଆହୁରି ମଧ୍ୟ
ଯୋଗ କରା ଯାଇପାରେ ଯେ ସେ ନିଶ୍ଚିତ ରୂପେ ଷାଠିଏ
ବର୍ଷ ବା ତାଠାରୁ ଅଧିକ ବୟସର ହୋଇଥିବେ। ସେ
କେବଳ ସ୍ୱାମୀର ବିଶ୍ୱସ୍ତ ହୋଇଥିବେ। ୧୦ସେ ଜୀବନରେ
ଭଲ କାମ କରିଥିବେ। ଯେପରି ପିଲାମାନଙ୍କୁ ବୃଦ୍ଧି କରିବା,
ଘରେ ଅତିଥିମାନଙ୍କୁ ସତ୍କାର କରିବା, ପରମେଶ୍ୱରଙ୍କ
ଲୋକମାନଙ୍କର ଗୋଡ଼ ଧୋଇବା, କଷ୍ଟରେ ପଡ଼ିଥିବା
ଲୋକଙ୍କୁ ସାହାଯ୍ୟ କରିବା ଓ ନିଜ ଜୀବନରେ ସମସ୍ତ
ପ୍ରକାରର ଭଲ କାମ କରିବା।

୧୧କିନ୍ତୁ ଯୁବତୀ ବିଧବାମାନଙ୍କୁ ସେହି ତାଲିକାଭୁକ୍ତ କର
ନାହିଁ। ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ସମର୍ପିତ ହେବା
ପରେ ମଧ୍ୟ ନିଜର ପ୍ରବଳ କାମାଭିଳାଷ ଯୋଗୁ ତାହାଙ୍କଠାରୁ
ଦୂରକୁ ଆକର୍ଷିତ ହୋଇ ପାରନ୍ତି। ତା'ପରେ ସେମାନେ
ପୁଣିଥରେ ବିବାହ କରିବାକୁ ଇଚ୍ଛା କରନ୍ତି। ୧୨ସେଥିପାଇଁ
ସେମାନଙ୍କର ବିଚାର ହେବ। ତାହାଙ୍କର ପ୍ରଥମ ପ୍ରତିଜ୍ଞା
ଅନୁସାରେ, କାମ ନ କରିବା ଯୋଗୁ ସେମାନେ ବିଚାରିତ
ହେବେ। ୧୩ସେହି ଯୁବତୀ ବିଧବାମାନେ ଘରକୁ ଘର
ଅଯଥାରେ ବୁଲାବୁଲି କରି ସମୟ ନଷ୍ଟ କରିବା ଶିଖନ୍ତି।
ସେମାନେ ବଚସା କରିବା ଓ ଅନ୍ୟଲୋକଙ୍କ ଜୀବନ
ବିଷୟରେ ଚର୍ଚ୍ଚା କରିବା ଆରମ୍ଭ କରନ୍ତି। ଅନୁଚିତ
କଥାଗୁଡ଼ିକ କୁହନ୍ତି। ୧୪ଅତଏବ ଯୁବତୀମାନେ ବିବାହ
କରନ୍ତୁ, ସେମାନଙ୍କର ପିଲା-ଛୁଆ ହୁଅନ୍ତୁ ଏବଂ ସେମାନେ
ନିଜ ଘରର ଯତ୍ନ ନିଅନ୍ତୁ, ମୁଁ ଏହା ଚାହେଁ। ଯଦି
ସେମାନେ ଏପରି କରିବେ, ତାହେଲେ ଆମ୍ଭ ଶତ୍ରୁମାନେ
ସେମାନଙ୍କୁ ସମାଲୋଚନା କରିବା ପାଇଁ କୌଣସି କାରଣ
ପାଇବେ ନାହିଁ। ୧୫ଏଥିପୂର୍ବରୁ କେତେ ଜଣ ଯୁବତୀ ବିଧବା
ଶୟତାନର ପଥରେ ଯାଇଛନ୍ତି।

୧୬ଯଦି ଜଣେ ବିଶ୍ୱାସୀ ସ୍ତ୍ରୀଲୋକର ପରିବାରରେ
ବିଧବାମାନେ ଅଛନ୍ତି, ତାହେଲେ ସେମାନଙ୍କର ସେ ନିଜେ
ଯତ୍ନ ନେବା ଦରକାର। ମଣ୍ଡଳୀକୁ ଏଥିପାଇଁ ଭାରଗ୍ରସ୍ତ
କରିବା ଉଚିତ ନୁହେଁ। ତା'ପରେ ମଣ୍ଡଳୀ କେବଳ
ପରିବାର ବିହୀନ ବିଧବାମାନଙ୍କର ଯତ୍ନ ନେବାରେ ସକ୍ଷମ
ହେବ।

୧୭ମଣ୍ଡଳୀକୁ ଉତ୍ତମରୂପେ ଆଗେଇ ନେଇ ଯାଉଥିବା
ପ୍ରାଚୀନମାନେ ଅତ୍ୟଧିକ ସମ୍ମାନ ପାଇବା ଉଚିତ। ଯେଉଁ
ପ୍ରାଚୀନମାନେ ପ୍ରଚାର ଓ ଉପଦେଶ ପ୍ରଦାନ କରୁଛନ୍ତି,
ସେମାନେ ଅତ୍ୟଧିକ ସମ୍ମାନର ଅଧିକାରୀ ଅଟନ୍ତି। ୧୮କାରଣ
ଶାସ୍ତ୍ର କୁହେ: "ଯେତେବେଳେ ବଳଦ ଅମଳ ପାଇଁ
ଘୁରୁଥାଏ, ସେତେବେଳେ ତା'ର ମୁହଁ ବାନ୍ଧ ନାହିଁ ଓ ତାକୁ
ଶସ୍ୟ ଖାଇବା ପାଇଁ ଅଟକାଅ ନାହିଁ।"* ଶାସ୍ତ୍ର ଏପରି
ମଧ୍ୟ କୁହେ: "ଜଣେ କାମ କରୁଥିବା ଲୋକ ତା'ର
ଦରମା ପାଇବା ଉଚିତ।"*

---

**"ଯେତେବେଳେ ... ନାହିଁ।"** ଦ୍ୱିତୀୟ ବିବରଣୀ ୨୫:୪

**"ଜଣେ ... ଉଚିତ।"** ଲୂକ ୧୦:୭

[19]ଯେଉଁ ଲୋକ ଜଣେ ପ୍ରାଚୀନ ବିରୁଦ୍ଧରେ ନିନ୍ଦା
କରେ, ଓ ତା'ସହିତ ଯଦି ଅନ୍ୟ ଦୁଇ ବା ତିନି ଜଣ
ଲୋକ ମଧ୍ୟ ପ୍ରାଚୀନ ଲୋକ ଭୁଲ କରିଛନ୍ତି ବୋଲି
କୁହନ୍ତି, ତା'ହେଲେ ଯାଇ ସେ ଲୋକର କଥା ତୁମ୍ଭେ
ଶୁଣିବ। [20]ଯେଉଁମାନେ ପାପ କରନ୍ତି, ସେମାନଙ୍କୁ ସେମାନଙ୍କର
ଭୁଲ ଦେଖାଇଦିଅ। ମଣ୍ଡଳୀର ଲୋକମାନଙ୍କ ସମ୍ମୁଖରେ
ଏହା କର। ସେପରି କଲେ, ଅନ୍ୟମାନେ ସତର୍କ ହେବେ।
[21]ପରମେଶ୍ୱର, ଖ୍ରୀଷ୍ଟ ଯୀଶୁ ଏବଂ ମନୋନୀତ ସ୍ୱର୍ଗଦୂତଙ୍କ
ଆଗରେ ଏଗୁଡ଼ିକ କରିବା ପାଇଁ ମୁଁ ତୁମ୍ଭକୁ ଆଦେଶ
ଦେଉଛି। ସତ୍ୟ ଜାଣିବା ପୂର୍ବରୁ ଲୋକମାନଙ୍କର ବିଚାର
କର ନାହିଁ। ସମସ୍ତଙ୍କ ପାଇଁ ସମାନ ଭାବ ଦେଖାଅ।
[22]ଜଣେ ଲୋକକୁ ମଣ୍ଡଳୀର ପ୍ରାଚୀନ ଭାବେ ତା'ଉପରେ
ହାତ ଥୋଇବା ସମୟରେ ଖୁବ୍ ସତର୍କ ଭାବେ ଚିନ୍ତା
କର। ଅନ୍ୟ ଲୋକମାନଙ୍କ ପାପରେ ଅଂଶ ଗ୍ରହଣ କର
ନାହିଁ। ନିଜକୁ ସର୍ବଦା ପବିତ୍ର ରଖ।
[23]ତୀମଥି, ତୁମ୍ଭେ କେବଳ ପାଣି ପିଉଛ। ତାହା ବନ୍ଦ
କରି କିଛି ଅଙ୍ଗୁର ରସ ମଧ୍ୟ ପିଅ। ଏହା ତୁମ୍ଭ ପେଟ
ପାଇଁ ଦରକାର, ଓ ତୁମ୍ଭେ ବାରମ୍ବାର ବେମାର ପଡ଼ିବ
ନାହିଁ।
[24]କେତେ ଜଣଙ୍କ ପାପ ସବୁ ସ୍ପଷ୍ଟ ହୋଇ ଦେଖାଯାଏ
କାରଣ ସେମାନଙ୍କର ବିଚାର ହେବ ବୋଲି ସେମାନଙ୍କର
ପାପଗୁଡ଼ିକ ଆଗତୁରା ଦେଖାଯାଏ। କିନ୍ତୁ ଅନ୍ୟ କେତେ
ଜଣଙ୍କ ପାପ ପରେ ଜଣା ପଡ଼େ। [25]ଲୋକମାନଙ୍କ
କ୍ଷେତ୍ରରେ ମଧ୍ୟ ଏହା ସତ। ଲୋକଙ୍କ ଭଲ କାମ
ସହଜରେ ଦେଖାଯାଏ। କିନ୍ତୁ ଯେତେବେଳେ ସେହି ଭଲ
କାମଗୁଡ଼ିକ ଦେଖାଯାଏ ନାହିଁ, ସେଗୁଡ଼ିକ ଲୁଚି ରହେ
ନାହିଁ।

**୬** କ୍ରୀତଦାସମାନେ ନିଜ ମାଲିକକୁ ପୂର୍ଣ୍ଣ ସମ୍ମାନ ଦେବା
ଉଚିତ। ସେମାନେ ସେପରି କଲେ ପରମେଶ୍ୱରଙ୍କ
ନାମ ଏବଂ ଖ୍ରୀଷ୍ଟିୟାନ ଉପଦେଶଗୁଡ଼ିକ ସମାଲୋଚିତ ହେବ
ନାହିଁ। [2]କେତେକ କ୍ରୀତଦାସମାନଙ୍କ ମାଲିକମାନେ ବିଶ୍ୱାସୀ
ଅଟନ୍ତି। ଅତଏବ ସେହି ଦାସମାନେ ସେହି ମାଲିକମାନଙ୍କୁ
ଭାଇ ବୋଲି ଭାବି ସେମାନଙ୍କୁ କମ୍ ସମ୍ମାନ ଦେଖାଇବା
ଉଚିତ ନୁହେଁ। ଏପରିକି ସେହି ଦାସମାନେ ନିଜ ମାଲିକ
ମାନଙ୍କର ଅଧିକ ଭଲରେ ସେବା କରିବା ଉଚିତ। କାରଣ
ସେପରି କରିବା ଦ୍ୱାରା ସେମାନେ ଭଲ ପାଉଥିବା ବିଶ୍ୱାସୀ
ଲୋକମାନଙ୍କୁ ସାହାଯ୍ୟ କରୁଛନ୍ତି।

## ଭଣ୍ଡ ଶିକ୍ଷା ଓ ପ୍ରକୃତ ଧନ

[3]ତୁମ୍ଭେ ଲୋକମାନଙ୍କୁ ଏହି ବିଷୟଗୁଡ଼ିକ କରିବା ପାଇଁ
ଶିକ୍ଷା ଦେବା ଓ କହିବା ଉଚିତ। କେତେ ଲୋକ ଭଣ୍ଡ
ଶିକ୍ଷା ଦେବେ। ସେମାନେ ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର
ସତ୍ୟ ଶିକ୍ଷା ସହିତ ଏକମତ ହୁଅନ୍ତି ନାହିଁ। ପରମେଶ୍ୱରଙ୍କ
ସେବା କରିବାର ସତ୍ମାର୍ଗ ସହିତ ମିଳି ଯାଉ ଥିବା ଶିକ୍ଷା
ସେମାନେ ଗ୍ରହଣ କରନ୍ତି ନାହିଁ; [4]ଯେଉଁ ଲୋକ ଭଣ୍ଡ
ଶିକ୍ଷା ଦିଏ, ସେ ଗର୍ବୀ ଓ କିଛି ବୁଝି ନ ଥାଏ। ସେହି
ଲୋକ ଶବ୍ଦର ଅର୍ଥକୁ ନେଇ ଯୁକ୍ତି ତର୍କ କରିବା ପାଇଁ
ଅତ୍ୟଧିକ ଆଗ୍ରହୀ ହୋଇଥାଏ ଓ ସେ ବାଗ୍ଯୁଦ୍ଧ କରେ।
ଏଗୁଡ଼ିକ ଦ୍ୱାରା କଳି, ଈର୍ଷା, ଅପମାନ ଓ ସନ୍ଦେହ
ଆସିଥାଏ। [5]ତାହା ମନ୍ଦ ମନ ଥିବା ଲୋକମାନଙ୍କ ମଧ୍ୟରେ
ସୀମାହୀନ ଯୁକ୍ତିତର୍କ ଆରମ୍ଭ କରେ। କୁତର୍କକୁ ମଧ୍ୟ ତାହା
ଆମନ୍ତ୍ରିତ କରେ। ସେହି ଲୋକମାନେ ସତ୍ୟକୁ ହରାଇ
ବସିଛନ୍ତି। ସେମାନେ ଭାବନ୍ତି ଯେ ପରମେଶ୍ୱରଙ୍କ ସେବା
କରିବା ହେଉଛି ଧନୀ ହେବାର ଏକ ଉପାୟ।
[6]ଯଦି ଜଣେ ଲୋକ ତା ପାଖରେ ଯାହା ଅଛି,
ସେତିକିରେ ସନ୍ତୁଷ୍ଟ ରହେ, ତାହେଲେ ପ୍ରକୃତରେ
ପରମେଶ୍ୱରଙ୍କ ସେବା ଦ୍ୱାରା ସେହି ଲୋକ ବହୁତ ଧନୀ
ହୋଇଯାଏ। [7]ପୃଥିବୀକୁ ଆସିଲାବେଳେ ଆମ୍ଭେ କିଛି ଆଣି
ନ ଥିଲୁ ଓ ଯେତେବେଳେ ଆମ୍ଭେ ମରିଯିବା ଏଠାରୁ କିଛି
ନେଇ ଯାଇ ପାରିବା ନାହିଁ। [8]ଅତଏବ ଯଦି ଆମ୍ଭର
ଖାଇବା ଓ ପିନ୍ଧିବା ଜିନିଷ ଅଛି, ଆମ୍ଭେ ସେଥିରେ ସନ୍ତୁଷ୍ଟ
ରହିବା। [9]ଯେଉଁମାନେ ଧନୀ ହେବାକୁ ଚାହୁଁଛନ୍ତି, ସେମାନେ
ପ୍ରଲୋଭନ ଫାନ୍ଦରେ ପଡ଼ି ଯାଆନ୍ତି। ଅନେକ ମୂର୍ଖତାପୂର୍ଣ୍ଣ
ଓ ଦୁଃଖ ଦେଉଥିବା ବିଷୟଗୁଡ଼ିକ ପାଇଁ ସେମାନେ ଇଚ୍ଛା
ପୋଷଣ କରନ୍ତି। ସେଗୁଡ଼ିକ ଲୋକମାନଙ୍କୁ ନଷ୍ଟ କରି
ତଳିତଳାନ୍ତ କରିଦିଏ। [10]ଧନର ଲୋଭ ସମସ୍ତ ପ୍ରକାର
ମନ୍ଦର କାରଣ। ଅଧିକରୁ ଅଧିକ ଧନ ପାଇବା ଲୋଭରେ
କେତେ ଲୋକ ସତ୍ୟ ବିଶ୍ୱାସକୁ ଛାଡ଼ି ଦେଇଛନ୍ତି। କିନ୍ତୁ
ସେପରି କରିବା ଦ୍ୱାରା ସେମାନେ ନିଜ ଉପରକୁ ଅନେକ
ଦୁଃଖ ଟାଣି ଆଣିଛନ୍ତି।

## କେତୋଟି ମନେ ରଖିବା କଥା

[11]କିନ୍ତୁ ତୁମ୍ଭେ ଜଣେ ପରମେଶ୍ୱରଙ୍କର ଲୋକ। ଅତଏବ
ତୁମ୍ଭେ ସେହି ସବୁ ବିଷୟଠାରୁ ଦୂରରେ ରହିବା କଥା।
ଧାର୍ମିକ ଭାବରେ ରହିବା ପାଇଁ ଚେଷ୍ଟା କର, ପରମେଶ୍ୱରଙ୍କ
ସେବା କର। ତୁମ୍ଭ ଜୀବନରେ ବିଶ୍ୱାସ, ପ୍ରେମ, ଧୈର୍ଯ୍ୟ,
ଭଦ୍ର ଆଚରଣ କରିବା ପାଇଁ ଚେଷ୍ଟା କର। [12]ବିଶ୍ୱାସକୁ
ଧରି ରଖିବା ଗୋଟିଏ ଦୌଡ଼ ପ୍ରତିଯୋଗିତା ଭଳି।
କୌଣସି ମତେ ସେହି ପ୍ରତିଯୋଗିତା ଜିତିବାକୁ ଚେଷ୍ଟା
କର। ଅନନ୍ତଜୀବନ ଧାରଣ କର। ତୁମ୍ଭକୁ ସେଥିପାଇଁ
ଡକା ଯାଇଛି। ଅନେକ ଲୋକଙ୍କ ଆଗରେ ତୁମ୍ଭେ ଯୀଶୁ
ଖ୍ରୀଷ୍ଟଙ୍କ ବିଷୟରେ ମହାନ୍ ସତ୍ୟକୁ ସ୍ୱୀକାର କରିଛ।
[13]ପରମେଶ୍ୱର ଓ ଖ୍ରୀଷ୍ଟଯୀଶୁଙ୍କ ଆଗରେ ମୁଁ ତୁମ୍ଭକୁ ଏହି
ଆଦେଶ ଦେଉଛି। ପନ୍ତିୟ ପୀଲାତଙ୍କ ଆଗରେ ଠିଆ
ହୋଇଥିବାବେଳେ ଖ୍ରୀଷ୍ଟ ଯୀଶୁ ସେହି ଏକା ମହାନ୍
ସତ୍ୟଟିକୁ ସ୍ୱୀକାର କରିଥିଲେ। ଏକମାତ୍ର ପରମେଶ୍ୱର
ପ୍ରତ୍ୟେକ ବିଷୟକୁ ଜୀବନ ପ୍ରଦାନ କରନ୍ତି। [14]ଏବେ ମୁଁ
ତୁମ୍ଭକୁ କହୁଛି: ତୁମ୍ଭକୁ ଦିଆ ଯାଇଥିବା ଆଦେଶଗୁଡ଼ିକ
ପାଳନ କର। ଯୀଶୁ ଖ୍ରୀଷ୍ଟଙ୍କର ପୁନରାଗମନ ପର୍ଯ୍ୟନ୍ତ
ସେହି କାମଗୁଡ଼ିକ ନିର୍ଭୁଲ ଭାବରେ ଓ ଅନିନ୍ଦନୀୟ
ଭାବରେ କର। [15]ପରମେଶ୍ୱର ଉପଯୁକ୍ତ ସମୟ ଆସିଲେ,
ତାହା ସାଧନ କରିବେ। ପରମେଶ୍ୱର ଏକମାତ୍ର ପରମଧନ୍ୟ
ସମ୍ରାଟ୍। ସେ ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ।
[16]ପରମେଶ୍ୱର ଅମର ଅଟନ୍ତି। ପରମେଶ୍ୱର ଏତେ ଉଜ୍ଜ୍ୱଳ

ପ୍ରକାଶ ମଧ୍ୟରେ ବାସ କରନ୍ତି ଯେ ଲୋକେ ତାହା ପାଖକୁ
ଯାଇ ପାରନ୍ତି ନାହିଁ। କେହି କେବେହେଲେ ପରମେଶ୍ୱରଙ୍କୁ
ଦେଖି ନାହିଁ। କେହି କେବେ ପରମେଶ୍ୱରଙ୍କୁ ମଧ୍ୟ ଦେଖି
ପାରିବେ ନାହିଁ। ପରମେଶ୍ୱରଙ୍କ ଗୌରବ ଓ ଶକ୍ତି
ଅନନ୍ତକାଳ ପର୍ଯ୍ୟନ୍ତ ପ୍ରକାଶ ପାଉ। ଆମେନ୍।
୧୭ଏହି ଆଦେଶ ସେହିମାନଙ୍କୁ ଦିଅ ଯେଉଁମାନେ ଏ
ପୃଥିବୀରେ ଧନୀ ଅଛନ୍ତି। ସେମାନଙ୍କୁ ଗର୍ବ ନ କରିବା
ପାଇଁ କୁହ। ସେମାନଙ୍କୁ କୁହ ଯେ ସେମାନେ ନିଜ ଧନର
ନୁହେଁ, ମାତ୍ର ପରମେଶ୍ୱରଙ୍କର ଆଶ୍ରୟ ନେବା ଉଚିତ।
ଧନ ଉପରେ ଆସ୍ଥା ରଖ ନାହିଁ। କିନ୍ତୁ ପରମେଶ୍ୱର
ପ୍ରତ୍ୟେକ ବସ୍ତୁ ଯଥେଷ୍ଟ ପରିମାଣରେ ଆମ୍ଭକୁ ପ୍ରଦାନ
କରନ୍ତି। ସେ ଭୋଗ କରିବା ପାଇଁ ଆମ୍ଭକୁ ପ୍ରତ୍ୟେକ
ଜିନିଷ ଦିଅନ୍ତି। ୧୮ଧନୀ ଲୋକମାନଙ୍କୁ କୁହ ଯେ ସେମାନେ
ଭଲ କାମ କରନ୍ତୁ। ସେମାନଙ୍କୁ କୁହ ଯେ, ଭଲ କାମ
କରିବାରେ ସେମାନେ ଧନୀ ହୁଅନ୍ତୁ। ୧୯ସେପରି କରି
ସେମାନେ ସ୍ୱର୍ଗରେ ନିଜ ପାଇଁ ସମ୍ପତ୍ତି ଜମା ରଖିବେ।
ସେହି ସମ୍ପତ୍ତି ହେଉଛି ଦୃଢ଼ ମୂଳଦୁଆ ଯାହା ଉପରେ
ସେମାନଙ୍କର ଭବିଷ୍ୟତ୍ ଜୀବନ ଠିଆ ହୋଇପାରିବ।
ତା'ହେଲେ ସେମାନେ ପ୍ରକୃତ ଜୀବନର ଅଧିକାରୀ ହୋଇ
ପାରିବେ।
୨୦ତୀମଥି, ପରମେଶ୍ୱର ତୁମ୍ଭ ଉପରେ ଅନେକ ବିଷୟର
ଭାର ଦେଇଛନ୍ତି। ସେଗୁଡ଼ିକୁ ସୁରକ୍ଷିତ ରଖିଥାଅ। ପରମେଶ୍ୱରଙ୍କ
ନିକଟକୁ ଆସି ନ ଥିବା ଅସାର କଥା କହୁଥିବା
ଲୋକମାନଙ୍କ ଠାରୁ ଦୂରରେ ରୁହ। ସତ୍ୟ ବିରୁଦ୍ଧରେ
ଯୁକ୍ତିତର୍କ କରୁଥିବା ଲୋକମାନଙ୍କ ଠାରୁ ଦୂରରେ ରୁହ।
ଏହାକୁ ସେମାନେ ମିଛରେ "ଜ୍ଞାନ" ବୋଲି କହିଥାନ୍ତି।
କିନ୍ତୁ ଏହା ପ୍ରକୃତ ଜ୍ଞାନ ନୁହେଁ। ୨୧କେତେ ଲୋକ
କୁହନ୍ତି ଯେ ସେମାନଙ୍କର ସେହି "ଜ୍ଞାନ" ଅଛି। ସେମାନେ
ସତ୍ୟ ବିଶ୍ୱାସକୁ ତ୍ୟାଗ କରି ସାରିଛନ୍ତି।

ପରମେଶ୍ୱରଙ୍କ ଅନୁଗ୍ରହ ତୁମ୍ଭ ସମସ୍ତଙ୍କ ସହିତ ରହୁ।

# ତୀମଥିଙ୍କ ନିକଟକୁ ପ୍ରେରିତ ପାଉଲଙ୍କର ଦ୍ୱିତୀୟ ପତ୍ର

୧ ଖ୍ରୀଷ୍ଟଯୀଶୁଙ୍କ ଜଣେ ପ୍ରେରିତ, ପାଉଲଙ୍କ ଠାରୁ ନମସ୍କାର।
ପରମେଶ୍ୱରଙ୍କ ଇଚ୍ଛାନୁଯାୟୀ ମୁଁ ପ୍ରେରିତ ହୋଇଛି।
ଖ୍ରୀଷ୍ଟଯୀଶୁଙ୍କଠାରେ ଥିବା ଜୀବନର ପ୍ରତିଜ୍ଞା ବିଷୟରେ
ଲୋକମାନଙ୍କୁ କହିବା ପାଇଁ ପରମେଶ୍ୱର ମୋତେ
ପଠାଇଲେ।
୨ଏହି ପତ୍ର ତୀମଥିଙ୍କ ପାଇଁ। ତୁମ୍ଭେ ମୋ ପାଇଁ ମୋ
ପ୍ରିୟ ପୁତ୍ର ଭଳି। ପରମପିତା ପରମେଶ୍ୱରଙ୍କ ଠାରୁ ଓ
ଆମ୍ଭ ପ୍ରଭୁ ଖ୍ରୀଷ୍ଟଯୀଶୁଙ୍କ ଠାରୁ ତୁମ୍ଭକୁ ଅନୁଗ୍ରହ, ଦୟା ଓ
ଶାନ୍ତି ମିଳୁ।

## ଧନ୍ୟବାଦ ଓ ଆଶ୍ୱାସନା

୩ମୁଁ ସବୁବେଳେ ଦିନରାତି ମୋ ପ୍ରାର୍ଥନାରେ ତୁମ୍ଭକୁ
ମନେପକାଉଛି। ସେହି ପ୍ରାର୍ଥନାରେ ମୁଁ ତୁମ୍ଭ ପାଇଁ ପରମେଶ୍ୱରଙ୍କୁ
ଧନ୍ୟବାଦ ଜଣାଉଛି। ମୋର ପୂର୍ବଜମାନେ ସେହି ପରମେଶ୍ୱରଙ୍କୁ
ସେବା କରିଥିଲେ। ମୁଁ ଯାହା ଠିକ ବୋଲି ଜାଣେ ତାହା
କରି ସର୍ବଦା ତାହାଙ୍କର ସେବା କରିଛି। ୪ତୁମ୍ଭେ ମୋ
ପାଇଁ କାନ୍ଦିଛ ବୋଲି ମୁଁ ମନେରଖିଛି। ମୁଁ ତୁମ୍ଭକୁ ଦେଖି
ଆନନ୍ଦ ପାଇବା ପାଇଁ ଅତି ଇଚ୍ଛୁକ। ତୁମ୍ଭର ଦୃଢ଼ ବିଶ୍ୱାସ
ମୁଁ ମନେପକାଏ। ୫ପ୍ରଥମରେ ସେହି ବିଶ୍ୱାସ ତୁମ୍ଭର
ମାତାମହୀ ଲୋୟି ଓ ମାତା ଇଉନୀକୀଙ୍କ ଠାରେ ଥିଲା।
୬ମୁଁ ଜାଣେ ଯେ ତୁମ୍ଭଠାରେ ସେହି ସମାନ ବିଶ୍ୱାସ ଅଛି।
ସେଥିପାଇଁ ମୁଁ କୁହେ ଯେ ପରମେଶ୍ୱର ତୁମ୍ଭକୁ ଦେଇଥିବା
ଅନୁଗ୍ରହ ଦାନକୁ ମନେ ପକାଅ। ଯେତେବେଳେ ମୁଁ ମୋର
ହାତଦ୍ୱୟ ତୁମ୍ଭ ଉପରେ ରଖିଲି, ସେତେବେଳେ ପରମେଶ୍ୱର
ସେହି ଅନୁଗ୍ରହଦାନ ତୁମ୍ଭକୁ ଦେଇଥିଲେ। ମୁଁ ଚାହେଁ ଯେ
ତୁମ୍ଭେ ସେହି ଅନୁଗ୍ରହ ଦାନକୁ ବ୍ୟବହାର କର ଓ ତାହା
ଅଧିକରୁ ଅଧିକ ବୃଦ୍ଧି ପାଉ ଯେପରି ସାନ ଅଗ୍ନି ଶିଖା
ଏକ ଜ୍ୱାଳାରେ ପରିବର୍ତ୍ତିତ ହୁଏ। ୭ପରମେଶ୍ୱର ଆମ୍ଭକୁ
ଭୟର ଆତ୍ମା ଦେଇ ନାହାଁନ୍ତି। ସେ ଆମ୍ଭକୁ ଶକ୍ତି, ପ୍ରେମ
ଓ ଆତ୍ମସଂଯମର ଆତ୍ମା ପ୍ରଦାନ କରିଛନ୍ତି।
୮ଅତଏବ ଲୋକମାନଙ୍କୁ ଆମ୍ଭ ପ୍ରଭୁଯୀଶୁଙ୍କ ବିଷୟରେ
କହିବା ପାଇଁ ଲଜ୍ଜାବୋଧ କରନାହିଁ। ମୁଁ ପ୍ରଭୁଙ୍କ ପାଇଁ
ବନ୍ଦୀ ହୋଇ ରହିଛି ମୋ ପାଇଁ ମଧ୍ୟ ଲଜ୍ଜାବୋଧ
କରେନାହିଁ। କିନ୍ତୁ ମୋ ସହିତ ସୁସମାଚାର ପାଇଁ କଷ୍ଟ
ସହ୍ୟ କର। ତାହା କରିବା ପାଇଁ ପରମେଶ୍ୱର ଆମ୍ଭକୁ
ଶକ୍ତି ଦିଅନ୍ତି। ୯ପରମେଶ୍ୱର ଆମ୍ଭକୁ ଉଦ୍ଧାର କରି ନିଜର
ପବିତ୍ର ଲୋକ କରିଛନ୍ତି। ଆମ୍ଭମାନଙ୍କର ନିଜ ବଳରେ
ତାହା ହୋଇ ନାହିଁ। ବରଂ ପରମେଶ୍ୱର ନିଜେ ଇଚ୍ଛାକରି
ଓ ନିଜର ଅନୁଗ୍ରହ ଦ୍ୱାରା ଆମ୍ଭମାନଙ୍କୁ ଉଦ୍ଧାର କରିଛନ୍ତି
ଓ ନିଜ ଲୋକ କରିଛନ୍ତି। ସେହି ଅନୁଗ୍ରହ ଖ୍ରୀଷ୍ଟଯୀଶୁଙ୍କ
ମାଧ୍ୟମରେ ଆମ୍ଭକୁ ଅନାଦି କାଳରୁ ମିଳିଛି। ୧୦ସେହି
ଅନୁଗ୍ରହ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଆମ୍ଭକୁ ଦେଖାଯାଉ ନ
ଥିଲା। ଆମ୍ଭର ତ୍ରାଣକର୍ତ୍ତା ଖ୍ରୀଷ୍ଟଯୀଶୁଙ୍କ ଆସିବା ପରେ
ତାହା ଆମ୍ଭଠାରେ ପ୍ରକାଶିତ ହେଲା। ଖ୍ରୀଷ୍ଟଯୀଶୁ ମୃତ୍ୟୁକୁ
ନଷ୍ଟ କଲେ ଓ ଆମ୍ଭକୁ ଜୀବନ ପାଇବାର ପଥ ଦେଖାଇଲେ।
ସୁସମାଚାର ମାଧ୍ୟମରେ ସେ ଆମ୍ଭକୁ ଅନନ୍ତ ଜୀବନ ପାଇବା
ପାଇଁ ମାର୍ଗ ଦେଖାଇଲେ। ୧୧ସେହି ସୁସମାଚାର କହିବା
ପାଇଁ ମୁଁ ମନୋନୀତ ହେଲି। ମୁଁ ସୁସମାଚାର ପାଇଁ
ପ୍ରଚାରକ, ପ୍ରେରିତ ଓ ଶିକ୍ଷକ ଭାବେ ମନୋନୀତ ହେଲି।
୧୨ସେହି ସୁସମାଚାର କହିଥିବାରୁ ଏବେ ମୁଁ କଷ୍ଟ ପାଉଛି।
କିନ୍ତୁ ମୁଁ ଲଜ୍ଜିତ ନୁହେଁ। ମୁଁ ଯାହାଙ୍କୁ ବିଶ୍ୱାସ କରିଛି,
ତାହାଙ୍କୁ ମୁଁ ଜାଣେ। ମୋର ପୂର୍ଣ୍ଣ ଆଶା ଅଛି ଯେ, ସେ
ସେହି ବିଷୟଗୁଡ଼ିକ ସେହିଦିନ* ପର୍ଯ୍ୟନ୍ତ ରକ୍ଷା କରିବେ,
ଯେଉଁଗୁଡ଼ିକର ଦାୟିତ୍ୱ ସେ ମୋ ଉପରେ ନ୍ୟସ୍ତ କରିଥିଲେ।
୧୩ମୋଠାରୁ ଶୁଣିଥିବା ସତ୍ ଶିକ୍ଷାଗୁଡ଼ିକୁ ପାଳନ କର।
ସେହି ଶିକ୍ଷାଗୁଡ଼ିକ ଖ୍ରୀଷ୍ଟଯୀଶୁଙ୍କ ଠାରେ ଥିବା ଆମ୍ଭର
ବିଶ୍ୱାସ ଓ ପ୍ରେମ। ସେହି ଉପଦେଶଗୁଡ଼ିକ ଉଦାହରଣ
ସ୍ୱରୂପ ଅଟେ ଓ ତାହା ଦର୍ଶାଏ ଯେ, ତୁମ୍ଭେ କିପରି
ଉପଦେଶ ଦେବା ଉଚିତ। ୧୪ତୁମ୍ଭକୁ ଯେଉଁ ସତ୍ୟ ପ୍ରଦାନ
କରାଯାଇଛି, ତାହାକୁ ରକ୍ଷା କର। ପବିତ୍ର ଆତ୍ମାର ସାହାଯ୍ୟରେ
ସେଗୁଡ଼ିକୁ ରକ୍ଷା କର। ସେହି ପବିତ୍ର ଆତ୍ମା ଆମ୍ଭ ଭିତରେ
ରହନ୍ତି।
୧୫ତୁମ୍ଭେ ଜାଣ ଯେ ଏସିଆ* ପ୍ରଦେଶର ପ୍ରତ୍ୟେକ
ଲୋକ ମୋତେ ପରିତ୍ୟାଗ କରିଛନ୍ତି। ଏପରିକି ଫୁଗେଲ
ଓ ହର୍ମଗେନା ମଧ୍ୟ ମୋତେ ଛାଡ଼ିଗଲେ। ମୁଁ ପ୍ରାର୍ଥନା
କରେ ଯେ, ଅନୀସିଫରଙ୍କ ପରିବାରକୁ ପ୍ରଭୁ ଦୟା
ଦେଖାନ୍ତୁ। ଅନୀସିଫର ମୋତେ ଅନେକ ଥର ସାହାଯ୍ୟ
କରିଛନ୍ତି। ୧୬ମୁଁ ଜେଲରେ ରହିବା ଦ୍ୱାରା ସେ ଲଜ୍ଜିତ
ହୋଇ ନାହାଁନ୍ତି। ୧୭ସେ ରୋମକୁ ଯେତେବେଳେ ଆସିଲେ,
ମୋତେ ପାଇବା ପର୍ଯ୍ୟନ୍ତ ସେ ଅତି ଯତ୍ନ ସହକାରେ
ମୋତେ ଖୋଜି ଥିଲେ। ୧୮ମୁଁ ପ୍ରଭୁଙ୍କଠାରେ ପ୍ରାର୍ଥନା କରେ
ଯେ ସେ ସେହି ମହାଦିନରେ ଅନୀସିଫରକୁ ଦୟା ଦାନ
କରନ୍ତୁ। ଅନ୍ୟ ସମସ୍ତଙ୍କ ଅପେକ୍ଷା ତୁମ୍ଭେ ଭଲ ଭାବରେ

---

**ସେହିଦିନ** ଯେଉଁ ଦିନ ସେ(ଯୀଶୁ) ସବୁଲୋକଙ୍କ ବିଚାର ପାଇଁ ଆସିବେ ଓ ନିଜ ଲୋକମାନଙ୍କୁ ତାଙ୍କ ସହିତ ରହିବା ପାଇଁ ନେଇ ଯିବେ।

**ଏସିଆ** ମାଇନରର ପଶ୍ଚିମାଞ୍ଚଳ।

ଜାଣ ଯେ ଏଫିସଠାରେ ଅନେକ ପ୍ରକାରରେ ସେ ମୋତେ
ସାହାଯ୍ୟ କରିଛନ୍ତି।

### ଯୀଶୁଖ୍ରୀଷ୍ଟଙ୍କର ଏକ ବିଶ୍ୱସ୍ତ ସୈନିକ

୨ ତୀମଥି, ତୁମ୍ଭେ ମୋର ଜଣେ ପୁତ୍ର ଭଳି।
ଖ୍ରୀଷ୍ଟଯୀଶୁଙ୍କଠାରେ ଆମ୍ଭକୁ ମିଳିଥିବା ଅନୁଗ୍ରହରେ
ଶକ୍ତିଶାଳୀ ହୁଅ। ୨ମୁଁ ଶିକ୍ଷା ଦେଇଥିବା କଥାସବୁ ତୁମ୍ଭେ
ଶୁଣିଛ। ଅନେକ ଅନ୍ୟ ଲୋକ ମଧ୍ୟ ସେହି କଥା
ଶୁଣିଛନ୍ତି। ତୁମ୍ଭେ ସେହି ବିଷୟଗୁଡିକ ଶିକ୍ଷାଦେବା ଉଚିତ।
ଯେଉଁ କେତେକଙ୍କୁ ତୁମ୍ଭେ ବିଶ୍ୱାସ କରିପାରିବ, ସେମାନଙ୍କୁ
ସେହି ଉପଦେଶଗୁଡ଼ିକ ଦିଅ। ତା’ହେଲେ ସେମାନେ
ଅନ୍ୟଲୋକମାନଙ୍କୁ ସେହି ଉପଦେଶଗୁଡ଼ିକ ଦେଇ ପାରିବେ।
୩ଆମ୍ଭ ସମସ୍ତଙ୍କ କଷ୍ଟରେ ଭାଗୀହୁଅ। ଖ୍ରୀଷ୍ଟଯୀଶୁଙ୍କର ଜଣେ
ଅନୁଗତ ଓ ପ୍ରକୃତ ସୈନିକ ଭାବରେ ସେହି କଷ୍ଟଗୁଡ଼ିକୁ
ସହିଯାଅ। ୪ଜଣେ ସୈନିକ ତା’ର ନାୟକକୁ ଖୁସି
କରିବାକୁ ଚେଷ୍ଟା କରେ। ଅତଏବ ଦୈନିକ ଜୀବନର
ଘଟଣାରେ ସେ ନିଜର ସମୟ ଅତିବାହିତ କରେ ନାହିଁ।
୫ଜଣେ ଖେଳାଳୀ ପୁରସ୍କାର ଜିଣିବା ପାଇଁ ଦୌଡ଼ର ସମସ୍ତ
ନିୟମପାଳନ କରିବା ଦରକାର। ୬ଜଣେ ଚାଷୀ ନିଜର
କଠିନ ପରିଶ୍ରମ କରି ଯେଉଁ ଶସ୍ୟ ଉତ୍ପାଦନ କରିଛି, ସେ
ପ୍ରଥମରେ ସେହି ଉତ୍ପାଦନରୁ ଖାଦ୍ୟ ପାଇବା ଉଚିତ। ୭ମୁଁ
ଯେଉଁ କଥା କହୁଛି, ତାହା ବିଷୟରେ ଚିନ୍ତା କର। ପ୍ରଭୁ
ତୁମ୍ଭକୁ ଏହି ସମସ୍ତ କଥାଗୁଡ଼ିକ ବୁଝିବା ପାଇଁ ଶକ୍ତି
ଦେବେ।
୮ଯୀଶୁଖ୍ରୀଷ୍ଟଙ୍କୁ ମନେ ପକାଅ। ସେ ଦାଉଦ* ଙ୍କ
ପରିବାରର ଅଟନ୍ତି। ଯୀଶୁ ମୃତ୍ୟୁପରେ ପୁନଃ ଜୀବିତ
ହୋଇଉଠିଲେ। ୯ଏହି ସୁସମାଚାର ମୁଁ ଲୋକଙ୍କୁ ଶୁଣାଏ।
ସେହି ସୁସମାଚାର କହି ଥିବାରୁ ମୁଁ ଯାତନା ଭୋଗ
କରୁଛି। ଏପରିକି ଜଣେ ଅପରାଧୀ ଭଳି ମୁଁ ଶିକୁଳିରେ
ବନ୍ଧା ମଧ୍ୟ ହୋଇଛି। ୧୦ଅତଏବ ମୁଁ ଧୈର୍ଯ୍ୟପୂର୍ବକ ଉକ୍ତ
କଷ୍ଟଗୁଡ଼ିକୁ ସହି ନେଉଛି। ପରମେଶ୍ୱର ଯେଉଁଲୋକଙ୍କୁ
ବାଛିଛନ୍ତି, ସେମାନଙ୍କୁ ସାହାଯ୍ୟ କରିବା ପାଇଁ ମୁଁ ଏପରି
କରୁଛି। ମୁଁ ଏଗୁଡ଼ିକ ସହି ନେବାର କାରଣ ଯେ, ସେହି
ଲୋକମାନେ ଖ୍ରୀଷ୍ଟଯୀଶୁଙ୍କ ଠାରେ ଥିବା ପରିତ୍ରାଣ ପାଇ
ପାରିବେ। ସେହି ପରିତ୍ରାଣ ଗୋଟିଏ ଅସୀମ ମହିମା ସହିତ
ଆସେ।

୧୧ ଏହି ଶିକ୍ଷା ସତ୍ୟ ଅଟେ: ଯଦି ଆମ୍ଭେ ତାହାଙ୍କ
ସହିତ ମରୁ, ତା’ହେଲେ ଆମେ ତାହାଙ୍କ ସହିତ
ବଞ୍ଚିବା।
୧୨ ଯଦି ଆମ୍ଭେ ଯାତନା ସହିବା, ତା’ହେଲେ ଆମ୍ଭେ
ତାଙ୍କ ସହିତ ଶାସନ କରିବା। ଯଦି ଆମ୍ଭେ ତାଙ୍କୁ
ଗ୍ରହଣ କରିବା ପାଇଁ ମନା କରିବା, ତା’ହେଲେ
ସେ ଆମ୍ଭକୁ ଗ୍ରହଣ କରିବା ପାଇଁ ମନା କରିବେ।
୧୩ ଯଦି ଆମ୍ଭେ ବିଶ୍ୱସ୍ତ ନହେଉ, ତଥାପି ସେ ବିଶ୍ୱସ୍ତ
ହୋଇ ରହିବେ। କାରଣ ସେ ନିଜ ପାଇଁ ଅସତ୍
ହୋଇପାରିବେ ନାହିଁ।

### ଜଣେ ଅନୁମୋଦିତ କାର୍ଯ୍ୟକାରୀ

୧୪ଉକ୍ତ କଥାଗୁଡ଼ିକୁ ଲୋକମାନଙ୍କୁ ସର୍ବଦା କୁହ।
ପରମେଶ୍ୱରଙ୍କ ଆଗରେ ସତର୍କ କରିଦିଅ ଯେ, ସେମାନେ
ଅଯଥା ବାଦାନୁବାଦ କରନ୍ତୁ ନାହିଁ। ଯୁକ୍ତିତର୍କ କରିବା ଦ୍ୱାରା
କାହାରିକୁ ଲାଭ ହୁଏ ନାହିଁ। ଯେଉଁମାନେ ଏହା ଶୁଣନ୍ତି,
ସେମାନଙ୍କୁ ତାହା ନଷ୍ଟ କରିଦିଏ। ୧୫ପରମେଶ୍ୱରଙ୍କ ସୁଗ୍ରାହ୍ୟ
ବ୍ୟକ୍ତି ହେବା ଲାଗି ଯଥାସାଧ୍ୟ ଚେଷ୍ଟା କର। ନିଜକୁ
ତାହାଙ୍କଠାରେ ସମର୍ପଣ କର। ତାହାଙ୍କ କାମ ପାଇଁ
କୌଣସି ପ୍ରକାର ଲଜ୍ଜାବୋଧ ନ କରି ଏପରି ସେବକ
ହୁଅ ଯିଏ ସତ୍ ଶିକ୍ଷା ଠିକ୍ ଭାବରେ କାମରେ ଲଗାଉଛି।
୧୬ପରମେଶ୍ୱରଙ୍କ ଠାରୁ ଆସିନଥିବା ନିରର୍ଥକ କଥାଗୁଡ଼ିକ
କହୁଥିବା ଲୋକଙ୍କ ଠାରୁ ଦୂରରେ ରୁହ। ସେଭଳି କଥା
ପରମେଶ୍ୱରଙ୍କ ଠାରୁ ଅଧିକରୁ ଅଧିକ ଦୂରେଇ ନେବ।
୧୭ଶରୀର ଭିତରେ ରୋଗ ବ୍ୟାପିଲା ଭଳି ସେମାନଙ୍କର
ମନ୍ଦ ଶିକ୍ଷା ବ୍ୟାପି ଯିବ। ହୁମିନାୟ ଓ ଫିଲୀତ ହେଉଛନ୍ତି
ସେହିଭଳି ଲୋକ। ୧୮ସେମାନେ ସତ୍ ଶିକ୍ଷା ତ୍ୟାଗ
କରିଛନ୍ତି। ସେମାନେ କୁହନ୍ତି ଯେ ମୃତ୍ୟୁରୁ ସମସ୍ତଙ୍କ ଉଠି
ଆସିବା ଘଟଣା ଘଟିସାରିଛି। ସେହି ଦୁଇଜଣ ଲୋକ କିଛି
ଲୋକଙ୍କର ବିଶ୍ୱାସ ନଷ୍ଟ କରୁଛନ୍ତି। କିନ୍ତୁ ପରମେଶ୍ୱରଙ୍କ
ଦୃଢ଼ ମୂଳଦୁଆ ସେହିଭଳି ରହିଛି। ୧୯ସେହି ବାକ୍ୟଗୁଡ଼ିକ
ସେହି ମୂଳଦୁଆ ଉପରେ ଲେଖାହୋଇଛି: “ଯେଉଁମାନେ
ପ୍ରଭୁଙ୍କର ଲୋକ, ସେମାନଙ୍କୁ ପ୍ରଭୁ ଜାଣନ୍ତି।” ନିୟମଲିଖିତ
ଶବ୍ଦଗୁଡ଼ିକ ମଧ୍ୟ ମୂଳଦୁଆ ଉପରେ ଲେଖାଯାଇଛି: “ଯେଉଁ
ଲୋକ ଦାବୀ କରେ ଯେ ସେ ପ୍ରଭୁଙ୍କୁ ବିଶ୍ୱାସ କରେ,
ସେ ମନ୍ଦ କାମ ନ କରୁ।”
୨୦ଗୋଟିଏ ବଡ଼ ଘରେ ସୁନା ଓ ରୂପାଜିନିଷ ସହିତ
ମାଟି ଓ କାଠର ଜିନିଷ ମଧ୍ୟ ଥାଏ। କେତେକ ଜିନିଷ
ବିଶେଷ ଉଦ୍ଦେଶ୍ୟ ପାଇଁ ବ୍ୟବହାର ହୁଏ। କେତେକ
ଜିନିଷ ନୀଚ କାର୍ଯ୍ୟ ପାଇଁ ବ୍ୟବହାର ହୁଏ। ୨୧ଯଦି ଜଣେ
ନିଜକୁ ସମସ୍ତ ମନ୍ଦ ଜିନିଷରୁ ଅଲଗା କରି ପରିଷ୍କାର ହୁଏ,
ତାହେଲେ ସେ ମୂଲ୍ୟବାନ କାମ ପାଇଁ ବିଶେଷ ଉପଯୋଗୀ
ହେବ। ସେ ଲୋକ ପବିତ୍ର ହେବ। ମୁନିବ ତାହାକୁ
ବ୍ୟବହାର କରି ପାରିବେ। ସେ ଯେକୌଣସି ଭଲ କାମ
ପାଇଁ ପ୍ରସ୍ତୁତ ରହିବ।
୨୨ଯୁବକମାନେ ଯେଉଁ ସବୁ ମନ୍ଦ କାମ କରିବାକୁ ଇଚ୍ଛା
କରନ୍ତି, ସେଗୁଡ଼ିକରୁ ଦୂରରେ ରୁହ। ଧାର୍ମିକ ଭାବରେ
ବଞ୍ଚିବା ପାଇଁ କଠିଣ ପରିଶ୍ରମ କର। ବିଶ୍ୱାସ, ପ୍ରେମ ଓ
ଶାନ୍ତି ପାଇବା ପାଇଁ ଚେଷ୍ଟା କର। ଯେଉଁ ଲୋକମାନେ
ପ୍ରଭୁଙ୍କୁ ବିଶ୍ୱାସ କରନ୍ତି ଓ ଯେଉଁ ମାନଙ୍କର ଶୁଦ୍ଧ ହୃଦୟ,
ସେମାନଙ୍କ ସହିତ ମିଶି ଉକ୍ତ ଆଚରଣ କର। ୨୩ମୂର୍ଖ ଓ
ଅର୍ଥହୀନ ତର୍କବିତର୍କରୁ ଦୂରରେ ରୁହ। ତୁମ୍ଭେ ଜାଣ ଯେ
ସେହି ଯୁକ୍ତିତର୍କଗୁଡ଼ିକ ବଢ଼ିଯାଇ ବଡ଼ ବିବାଦ ସୃଷ୍ଟି କରେ।
୨୪ପ୍ରଭୁଙ୍କର ସେବକ ଯୁକ୍ତି କରିବା ଉଚିତ ନୁହେଁ। ସେ

---

**ଦାଉଦ** ଇଶ୍ରାୟେଲର ରାଜା। ଖ୍ରୀଷ୍ଟଙ୍କର ପ୍ରାୟଃ ୧୦୦୦ ବର୍ଷ ପୂର୍ବର ସମୟ।

ସବୁ ଲୋକଙ୍କ ପ୍ରତି ଦୟାଳୁ ହେବା ଉଚିତ। ସେ ଜଣେ
ଭଲ ଶିକ୍ଷକ ହେବା ଉଚିତ। ସେ ସହନଶୀଳ ହେଉ।
୨୫ଯେଉଁମାନେ ତାଙ୍କୁ ବିରୋଧ କରନ୍ତି, ସେମାନଙ୍କୁ ଭଦ୍ର
ଭାବରେ ଶିଖାଇବା ଉଚିତ। ହୁଏତ ପରମେଶ୍ୱର ସେମାନଙ୍କ
ହୃଦୟରେ ଗୋଟିଏ ପରିବର୍ତ୍ତନ ପ୍ରଦାନ କରିବେ, ଯାହାଦ୍ୱାରା
ସେମାନେ ସତ୍ୟକୁ ଗ୍ରହଣ କରିବେ। ୨୬ଶୟତାନ ସେମାନଙ୍କୁ
ଫାନ୍ଦରେ ପକାଇଛି ଓ ତା ଇଚ୍ଛା ଅନୁସାରେ କାମ
କରାଉଛି। ହୋଇପାରେ ଯେ ସେମାନେ ସଜାଗ ହେବେ
ଓ ଶୟତାନର ସେହି କାର୍ଯ୍ୟ ଦେଖିବେ। ତା'ପରେ
ସେମାନେ ଶୟତାନର ଫାନ୍ଦରୁ ମୁକ୍ତ ହେବେ।

## ଶେଷ ଦିନଗୁଡ଼ିକରେ

୩ ଏହା ମନେରଖ ଯେ ଶେଷ ଦିନଗୁଡ଼ିକରେ ଅନେକ
କଷ୍ଟକର ପରିସ୍ଥିତି ଆସିବ। ୨ସେହି ସମୟରେ
ଲୋକେ କେବଳ ନିଜ ନିଜକୁ ଓ ଧନକୁ ଭଲ ପାଇବେ।
ସେମାନେ ଅହଂକାରୀ ଓ ଉଦ୍ଧତ ହେବେ। ଅନ୍ୟ ଲୋକଙ୍କ
ବିରୁଦ୍ଧରେ ନିନ୍ଦାକଥା କହିବେ। ମାତାପିତାଙ୍କୁ ମାନିବେ
ନାହିଁ। ସେମାନେ ବିଶ୍ୱାସଘାତକ ହେବେ। ପରମେଶ୍ୱରଙ୍କ
ଇଚ୍ଛାନୁଯାୟୀ ଜୀବନଯାପନ କରିବେ ନାହିଁ। ୩ଅନ୍ୟମାନଙ୍କ
ଲାଗି ପ୍ରେମଭାବ ରଖିବେ ନାହିଁ। ସେମାନେ ଲୋକମାନଙ୍କୁ
କ୍ଷମା ଦେବା ପାଇଁ ମନା କରିବେ ଓ ଅନ୍ୟମାନଙ୍କ
ବିଷୟରେ ଖରାପ କଥା କହିବେ। ଆତ୍ମସଂଯମୀ ହେବେ
ନାହିଁ। ସେମାନେ କ୍ରୋଧୀ ଓ ହୀନମନା ହେବେ ଓ
ଉତ୍ତମ ବିଷୟଗୁଡ଼ିକୁ ଘୃଣା କରିବେ। ୪ଶେଷ ଦିନରେ
ଲୋକେ ନିଜ ସାଙ୍ଗମାନଙ୍କ ବିରୋଧରେ ଯିବେ। ବିଚାର ନ
କରି ମୂର୍ଖତାପୂର୍ଣ୍ଣ କାର୍ଯ୍ୟମାନ କରିବେ। ଆତ୍ମବଡ଼ିମା କରିବେ
ଓ ଗର୍ବୀ ହେବେ। ଲୋକେ ପରମେଶ୍ୱରଙ୍କୁ ଯେତେ ଭଲ
ପାଆନ୍ତି, ତାଠାରୁ ଅଧିକ ଆମୋଦ ପ୍ରମୋଦକୁ ଭଲ
ପାଇବେ। ୫ସେମାନେ ପରମେଶ୍ୱରଙ୍କ ସେବକ ହେବାର
ଛଳନା କରିବେ। କିନ୍ତୁ ତାଙ୍କ ଜୀବନପଦ୍ଧତି ଦ୍ୱାରା ଜଣାପଡ଼ିବ
ଯେ ସେମାନେ ପ୍ରକୃତରେ ପରମେଶ୍ୱରଙ୍କ ସେବା କରୁନାହାଁନ୍ତି।
ତୀମଥି , ତୁମ୍ଭେ ସେହି ଲୋକମାନଙ୍କ ଠାରୁ ଦୂରରେ
ରୁହ। ୬ଏମାନଙ୍କ ଭିତରୁ କେତେଜଣ ଘରକୁ ଘର ଯାଇ
ଦୁର୍ବଳମନା ସ୍ତ୍ରୀମାନଙ୍କୁ ବଶୀଭୂତ କରିବେ। ସେହି ସ୍ତ୍ରୀ
ଲୋକମାନେ ପାପରେ ପୂର୍ଣ୍ଣ। ସମସ୍ତ ପ୍ରକାର ମନ୍ଦ ଇଚ୍ଛା
ଦ୍ୱାରା ପରିଚାଳିତ ହେଉଥିବା ଯୋଗୁ ଏହି ସ୍ତ୍ରୀ ଲୋକମାନେ
ପାପରେ ପଡ଼ନ୍ତି। ୭ସେହି ସ୍ତ୍ରୀମାନେ ନୂତନ ଶିକ୍ଷାଗୁଡ଼ିକୁ
ଶିଖିବାକୁ ସର୍ବଦା ଚେଷ୍ଟା କରନ୍ତି, କିନ୍ତୁ ସେମାନେ
କେବେହେଲେ ସତ୍ୟକୁ ପୂର୍ଣ୍ଣ ଭାବରେ ବୁଝି ପାରନ୍ତି ନାହିଁ।
ଯାନ୍ନୀସ୍ ଓ ଯାମ୍ବ୍ରୀସ୍ କଥା ମନେପକାଅ। ୮ସେମାନେ
ମୋଶାଙ୍କୁ ବିରୋଧ କରିଥିଲେ। ସେହିଭଳି ଏହି ଲୋକମାନେ
ମଧ୍ୟ ସତ୍ୟର ବିରୋଧ କରନ୍ତି, ସେମାନଙ୍କର ମନ
ବିପଥଗାମୀ। ଈଶ୍ୱର ବିଶ୍ୱାସର ଅନୁସରଣ କରିବାରେ
ଏମାନେ ବିଫଳ ହୋଇଛନ୍ତି। ୯କିନ୍ତୁ ନିଜ କର୍ମରେ
ସେମାନେ ସଫଳକାମ ହେବେ ନାହିଁ। ସମସ୍ତେ ଦେଖିବେ
ଯେ ସେମାନଙ୍କର ମୂର୍ଖତା ପ୍ରକାଶିତ ହୋଇଛି। ଯାନ୍ନୀସ୍ ଓ
ଯାମ୍ବ୍ରୀସ୍ ସହିତ ମଧ୍ୟ ଏହା ଘଟିଥିଲା।

## ଶେଷ ଶିକ୍ଷା

୧୦କିନ୍ତୁ ତୁମ୍ଭେ ସମସ୍ତେ ମୋତେ ଜାଣିଛ। ଏହା ମଧ୍ୟ
ଜାଣିଛ ଯେ ମୁଁ କ'ଣ ଶିକ୍ଷା(ଉପଦେଶ) ଦିଏ ଓ କିପରି
ରୁହେ। ମୋ ଜୀବନର ଉଦ୍ଦେଶ୍ୟ ବିଷୟରେ ମଧ୍ୟ ତୁମ୍ଭେ
ଜାଣିଛ। ତୁମ୍ଭେ ମୋର ବିଶ୍ୱାସ, ଧୈର୍ଯ୍ୟ, ପ୍ରେମ ବିଷୟରେ
ଜାଣିଛ ଓ ଏହା ମଧ୍ୟ ଜାଣିଛ ଯେ ମୁଁ କେବେହେଲେ
ଚେଷ୍ଟା କରିବାରୁ ବିରତ ହୁଏ ନାହିଁ। ୧୧ତୁମ୍ଭେମାନେ ମୋ
ପ୍ରତି ନିର୍ଯ୍ୟାତନାଗୁଡ଼ିକ ଓ ମୋର ଦୁଃଖଗୁଡ଼ିକ ବିଷୟରେ
ଜାଣିଛ। ଆଣ୍ଟିୟଖିଆ, ଇକନିୟ ଓ ଲୁସ୍ତ୍ରାରେ ମୋ ପ୍ରତି
ଯାହା ସବୁ ଘଟିଲା, ତୁମ୍ଭେ ତାହା ଜାଣିଛ। ସେହି
ସ୍ଥାନଗୁଡ଼ିକରେ ମୁଁ କିପରି ନିର୍ଯ୍ୟାତନା ଭୋଗ କଲି, ତାହା
ତୁମ୍ଭେ ଜାଣିଛ। କିନ୍ତୁ ସେହିସବୁ କଷ୍ଟରୁ ପରମେଶ୍ୱର
ମୋତେ ରକ୍ଷା କଲେ। ୧୨ପରମେଶ୍ୱରଙ୍କ ଇଚ୍ଛାନୁଯାୟୀ
ଖ୍ରୀଷ୍ଟଯୀଶୁଙ୍କଠାରେ ବିଶ୍ୱାସପୂର୍ବକ ଜୀବନ ଅତିବାହିତ କରିବାକୁ
ଚାହୁଁଥିବା ପ୍ରତ୍ୟେକ ଲୋକ ନିର୍ଯ୍ୟାତିତ ହେବେ। ମନ୍ଦଲୋକେ
ଓ ଅନ୍ୟମାନଙ୍କୁ ଠକୁଥିବା ଲୋକେ ମନ୍ଦରୁ ମନ୍ଦ ହୋଇଯିବେ।
୧୩ସେମାନେ ଅନ୍ୟମାନଙ୍କୁ ଭ୍ରାନ୍ତ କରାଇବେ ଓ ନିଜେ
ଭ୍ରାନ୍ତ ହେବେ।
୧୪କିନ୍ତୁ ତୁମ୍ଭେ ଯେଉଁ ଉପଦେଶ ଶିଖିଛ, ସେଗୁଡ଼ିକୁ
ପାଳନ କରି ଚାଲ। ତୁମ୍ଭେ ଜାଣ ଯେ ସେହି ଶିକ୍ଷାଗୁଡ଼ିକ
ସତ୍ୟ। ଯେଉଁମାନେ ସେହି ଶିକ୍ଷାଗୁଡ଼ିକ ପ୍ରଦାନ କଲେ
ତାହାଙ୍କୁ ତୁମ୍ଭେ ବିଶ୍ୱାସ କରିପାରିବ। ୧୫ପିଲାବେଳୁ ତୁମ୍ଭେ
ପବିତ୍ର ଶାସ୍ତ୍ରଗୁଡ଼ିକୁ ଜାଣିଛ। ସେହି ଶାସ୍ତ୍ରଗୁଡ଼ିକ ତୁମ୍ଭକୁ
ଜ୍ଞାନୀ କରିପାରିବ ଓ ସେହି ଜ୍ଞାନ ଖ୍ରୀଷ୍ଟଯୀଶୁଙ୍କ ପ୍ରତି
ବିଶ୍ୱାସ ମାଧ୍ୟମରେ ମୁକ୍ତି ଆଡ଼କୁ ଆଗେଇନେବ। ୧୬ସବୁ
ଶାସ୍ତ୍ର ପରମେଶ୍ୱରଙ୍କ ଦ୍ୱାରା ଦିଆଯାଇଛି। ଏବଂ ତ୍ରୁଟି ପ୍ରକାଶ
କରିବା ପାଇଁ, ଭୁଲ୍ ସଂଶୋଧନ କରିବା ପାଇଁ, ଠିକ୍
ଭାବରେ ଜୀବନ ଧାରଣ କରିବାକୁ ଶିଖାଇବା ପାଇଁ ଏହା
ଉପଯୋଗୀ ଅଟେ। ୧୭ପରମେଶ୍ୱରଙ୍କ ସେବକ, ଶାସ୍ତ୍ରଗୁଡ଼ିକର
ବ୍ୟବହାର ଦ୍ୱାରା ସମସ୍ତ ଉତ୍ତମ କାର୍ଯ୍ୟ କରିବା ନିମନ୍ତେ
ସକ୍ଷମ ହେବ ଓ ତା'ର ପ୍ରତ୍ୟେକ ଆବଶ୍ୟକ ବିଷୟ
ପାଇବ।

୪ ପରମେଶ୍ୱର ଓ ଖ୍ରୀଷ୍ଟଯୀଶୁଙ୍କ ଆଗରେ ମୁଁ ତୁମ୍ଭକୁ
ଗୋଟିଏ ଆଦେଶ ଦେଉଛି। ଖ୍ରୀଷ୍ଟ ଯୀଶୁ ଜୀବିତ ଓ
ମୃତ ଉଭୟ ଲୋକମାନଙ୍କର ବିଚାର କରିବେ। ଯୀଶୁଙ୍କର
ଗୋଟିଏ ରାଜ୍ୟ ଅଛି ଓ ସେ ଆଉଥରେ ଆସୁଛନ୍ତି।
ଅତଏବ ମୁଁ ତୁମ୍ଭକୁ ଏହି ଆଦେଶ ଦେଉଛି। ୨ଲୋକମାନଙ୍କୁ
ସୁସମାଚାର ପ୍ରଚାର କର। ସବୁବେଳେ ପ୍ରସ୍ତୁତ ରୁହ।
ଲୋକମାନଙ୍କୁ କୁହ ଯେ ସେମାନେ କ'ଣ କରିବା ଉଚିତ,
ସେମାନେ ଭୁଲ କଲାବେଳେ ସେମାନଙ୍କୁ ଅନୁଯୋଗ କର
ଓ ସେମାନଙ୍କୁ ଉତ୍ସାହ ଦିଅ। ଅତି ଧୈର୍ଯ୍ୟ ସହକାରେ ଓ
ଯତ୍ନପୂର୍ବକ ଶିକ୍ଷା ଦ୍ୱାରା ଏହି ସମସ୍ତ ବିଷୟ କର। ୩ସମୟ
ଆସୁଛି, ଯେତେବେଳେ ଲୋକେ ସତ୍ ଶିକ୍ଷା ଶୁଣିବେ
ନାହିଁ। କିନ୍ତୁ ଲୋକେ ଅଧିକରୁ ଅଧିକ ନିଜ ମନପସନ୍ଦ
ଶିକ୍ଷା ସେମାନଙ୍କଠାରୁ ସଂଗ୍ରହ କରିବେ, ଯେଉଁମାନେ ସେମାନଙ୍କୁ
ସନ୍ତୁଷ୍ଟ କଲାଭଳି କଥା କହିବେ। ୪ଲୋକେ ସତକଥା
ଶୁଣିବା ବନ୍ଦ କରିଦେବେ। ମିଥ୍ୟା କାହାଣୀର ଶିକ୍ଷାଗୁଡ଼ିକ

ଅନୁସରଣ କରିବାକୁ ସେମାନେ ଆରମ୍ଭ କରିବେ। ୫କିନ୍ତୁ
ତୁମ୍ଭେ ସର୍ବଦା ନିଜକୁ ସଂଯମ କର। କ୍ଲେଶ ଆସିଲେ
ସେଗୁଡ଼ିକୁ ଗ୍ରହଣ କର। ସୁସମାଚାର ପ୍ରଚାର କାମ କରି
ଚାଲିଥାଅ। ପରମେଶ୍ୱରଙ୍କ ଜଣେ ସେବକ ଭାବରେ ସମସ୍ତ
କର୍ତ୍ତବ୍ୟ କରୁଥାଅ।

୬ମୋ ଜୀବନ ମୁଁ ପରମେଶ୍ୱରଙ୍କୁ ଉତ୍ସର୍ଗ କରିଦେଇଛି।
ମୋ ପାଇଁ ଏ ସଂସାର ଛାଡ଼ିବାର ସମୟ ଆସିଯାଇଛି। ମୁଁ
ଉତ୍ତମ ଯୁଦ୍ଧ ଲଢ଼ିଛି। ୭ମୁଁ ଦୌଡ଼ ପୂର୍ଣ୍ଣ କରିସାରିଛି। ମୁଁ
ବିଶ୍ୱାସ ବଜାୟ ରଖିଛି। ୮ଏବେ ବିଜୟ ମୁକୁଟ ମୋ
ଅପେକ୍ଷାରେ ଅଛି। ପରମେଶ୍ୱରଙ୍କ ସହିତ ଧାର୍ମିକ ହୋଇଥିବାରୁ
ମୁଁ ସେହି ମୁକୁଟଟି ପାଇବି। ପ୍ରଭୁ ନ୍ୟାୟପୂର୍ଣ୍ଣ ଭାବରେ
ବିଚାର କରନ୍ତି। ସେହି ମହାଦିନରେ* ସେ ମୋତେ
ବିଜୟ ମୁକୁଟ ପିନ୍ଧାଇବେ। କେବଳ ମୋତେ ନୁହେଁ,
ଯେଉଁମାନେ ତାହାଙ୍କର ଆଗମନ ଓ ତାହାଙ୍କୁ ଅପେକ୍ଷା
କରୁଛନ୍ତି, ସମସ୍ତଙ୍କୁ ସେ ବିଜୟ ମୁକୁଟ ପିନ୍ଧାଇବେ।

### ବ୍ୟକ୍ତିଗତ ସମ୍ବାଦ

୯ଯେତେଶୀଘ୍ର ସମ୍ଭବ ମୋ ସହିତ ଦେଖା କରିବାକୁ
ଆସିବା ପାଇଁ ଚେଷ୍ଟା କର। ୧୦ଦୀମା ଏହି ସଂସାରକୁ
ଅଧିକ ଭଲ ପାଉଥିବାରୁ ମୋତେ ଛାଡ଼ି ଚାଲିଗଲେ। ସେ
ଥେସଲନୀକୀକୁ ଯାଇଛନ୍ତି। କ୍ରେସକେନ୍ସ୍ ଗାଲାତୀଆକୁ,
ତିତସ୍ ଦଲ୍ମାତିଆକୁ ଯାଇଛନ୍ତି। ୧୧ଏବେ ମୋ ସହିତ
କେବଳ ଲୂକ ଅଛନ୍ତି। ତୁମ୍ଭେ ଆସିଲାବେଳେ ମାର୍କଙ୍କୁ ତୁମ୍ଭ
ସହିତ ନେଇ ଆସିବ। ସେ ଏଠାରେ ମୋ କାମରେ
ଅତ୍ୟନ୍ତ ଆବଶ୍ୟକୀୟ ହୋଇପାରିବେ। ୧୨ତୁଖିକଙ୍କୁ ମୁଁ
ଏଫିସ(ନଗର) କୁ ପଠାଇଅଛି।

୧୩ମୁଁ ଯେତେବେଳେ ତ୍ରୋୟାରେ ଥିଲି, ମୁଁ କାର୍ପଙ୍କ
ପାଖରେ ମୋର ଏକ ଭଲ ଜାମା ଛାଡ଼ି ଆସିଥିଲି।
ଅତଏବ ତୁମ୍ଭେ ଯେତେବେଳେ ଆସିବ, ତାହା ମୋ ପାଇଁ
ନେଇ ଆସିବ। ମୋ ବହିଗୁଡ଼ିକୁ ମଧ୍ୟ ଆଣିବ। ଚର୍ମପତ୍ର*
ଉପରେ ଲିଖିତ ବହିଗୁଡ଼ିକ ବିଶେଷଭାବରେ ମୋର ଦରକାର।
୧୪କ'ଣ ଆଲେକଜାଣ୍ଡର ମୋର ବହୁତ ଅନିଷ୍ଟ କରିଛି।
ପ୍ରଭୁ ତାହାକୁ ଏହି କାର୍ଯ୍ୟଗୁଡ଼ିକ ଲାଗି ଦଣ୍ଡ ଦେବେ।
୧୫ତୁମ୍ଭେ ମଧ୍ୟ ସତର୍କ ରୁହ, ଯେପରି ସେ ତୁମ୍ଭର କ୍ଷତି ନ
କରେ। ସେ ଆମ୍ଭ ଶିକ୍ଷାଗୁଡ଼ିକର ଘୋର ପ୍ରତିରୋଧ
କରିଥିଲା।

୧୬ପ୍ରଥମଥର ନିଜକୁ ରକ୍ଷା କରିବା ପାଇଁ ମୁଁ ଅଦାଲତରେ
ଠିଆ ହେଲାବେଳେ କୌଣସି ଲୋକ ମୋତେ ସମର୍ଥନ
କରିବାକୁ ଆଗେଇ ଆସି ନ ଥିଲା। ସମସ୍ତେ ମୋତେ
ଛାଡ଼ି ଚାଲିଗଲେ। ମୁଁ ପ୍ରାର୍ଥନା କରେ ଯେ, ପ୍ରଭୁ
ପରମେଶ୍ୱର ସେମାନଙ୍କୁ କ୍ଷମା କରନ୍ତୁ। କିନ୍ତୁ ପ୍ରଭୁ ମୋ
ସହିତ ଥିଲେ। ୧୭ଅଣଯିହୂଦୀମାନଙ୍କୁ ସୁସମାଚାର ପୂର୍ଣ୍ଣ
ଭାବରେ ପ୍ରଚାର କରିବା ବେଳେ ପ୍ରଭୁ ମୋତେ ଶକ୍ତି
ପ୍ରଦାନ କଲେ। ସମସ୍ତ ଅଣଯିହୂଦୀ ଲୋକେ ସୁସମାଚାର
ଶୁଣନ୍ତୁ ବୋଲି ପ୍ରଭୁ ଚାହିଁଥିଲେ। ମୁଁ ସିଂହ ମୁଖରୁ ରକ୍ଷା
ପାଇଲି। ୧୮ଯେତେବେଳେ କୌଣସି ଲୋକ ମୋର କ୍ଷତି
କରିବା ପାଇଁ ଚେଷ୍ଟା କରିବ, ପ୍ରଭୁ ମୋତେ ରକ୍ଷା
କରିବେ। ସେ ମୋତେ ନିରାପଦରେ ତାହାଙ୍କର ସ୍ୱର୍ଗରାଜ୍ୟକୁ
ନେଇଯିବେ। ପ୍ରଭୁଙ୍କର ମହିମା ସଦାସର୍ବଦା ପାଇଁ ରହିଥାଉ।

### ଶେଷ ଅଭିନନ୍ଦନ

୧୯ପ୍ରୀସ୍କା ଓ ଆକ୍ୱିଲାଙ୍କୁ ତଥା ଅନୀସିଫରଙ୍କ ପରିବାର
ଲୋକମାନଙ୍କୁ ମୋର ନମସ୍କାର ଜଣାଇବ। ୨୦ଏରାଷ୍ଟ କରିନ୍ଥ
ନଗରଠାରେ ରହିଛନ୍ତି ଏବଂ ତ୍ରଫିମଙ୍କୁ ମୁଁ ମୀଲୀତଠାରେ
ଛାଡ଼ି ଆସିଛି କାରଣ ସେ ଅସୁସ୍ଥ ଥିଲେ। ୨୧ଶୀତଦିନ
ପୂର୍ବରୁ ମୋ ପାଖକୁ ଆସିବା ପାଇଁ ପୂର୍ଣ୍ଣ ଚେଷ୍ଟା କର।

ଇଉବୁଲ, ପୁଦେନ୍ସ୍, ଲିନ, କ୍ଲୌଦିୟା ଓ ଅନ୍ୟସମସ୍ତ
ଭାଇଭଉଣୀ ତୁମ୍ଭକୁ ନମସ୍କାର ଜଣାଉଛନ୍ତି।

୨୨ତୁମ୍ଭର ଆତ୍ମା ସହିତ ପ୍ରଭୁ ରୁହନ୍ତୁ। ତୁମ୍ଭ ସମସ୍ତଙ୍କ
ଉପରେ ତାହାଙ୍କର ଅନୁଗ୍ରହ ରହୁ।

---

**ମହାଦିନ** ଯେଉଁଦିନ ସେ (ଯୀଶୁ) ସବୁ ଲୋକଙ୍କ ବିଚାର ପାଇଁ ଆସିବେ ଓ ନିଜ ଲୋକମାନଙ୍କୁ ତାଙ୍କ ସହିତ ରହିବା ପାଇଁ ନେଇ ଯିବେ।

**ଚର୍ମ-ପତ୍ର** ମେଣ୍ଢା ଚର୍ମ, ଏହା ପୂର୍ବକାଳରେ କାଗଜଭଳି ଲେଖିବା କାମରେ ବ୍ୟବହୃତ ହେଉଥିଲା।

# ତିତସଙ୍କ ନିକଟକୁ ପ୍ରେରିତ ପାଉଲଙ୍କ ପତ୍ର

୧ ପରମେଶ୍ୱରଙ୍କ ସେବକ, ଓ ଯୀଶୁଖ୍ରୀଷ୍ଟଙ୍କ ପ୍ରେରିତ
ପାଉଲଙ୍କଠାରୁ ପତ୍ର। ପରମେଶ୍ୱରଙ୍କ ମନୋନୀତ
ଲୋକମାନଙ୍କ ବିଶ୍ୱାସରେ ସାହାଯ୍ୟ କରିବା ପାଇଁ ମୋତେ
ପଠାଯାଇଛି। ସତ୍ୟ ଜାଣିବା ପାଇଁ ସେହି ଲୋକମାନଙ୍କୁ
ସାହାଯ୍ୟ କରିବା ପାଇଁ ମୋତେ ପଠାଯାଇଛି। ପରମେଶ୍ୱରଙ୍କୁ
ଲୋକେ କିପରି ସେବା କରିବେ, ତାହା ସେହି ସତ୍ୟ
ଦେଖାଇ ଥାଏ। ୨ଅନନ୍ତଜୀବନ ପାଇଁ ଆମ୍ଭର ଆଶାରୁ
ସେହି ବିଶ୍ୱାସ ଓ ଜ୍ଞାନ ଆସିଛି। ସମୟ ଆରମ୍ଭ ହେବା
ପୂର୍ବରୁ ପରମେଶ୍ୱର ସେହି ଅନନ୍ତ ଜୀବନର ପ୍ରତିଶ୍ରୁତି
ଦେଇଥିଲେ ଓ ପରମେଶ୍ୱର ମିଛ କହନ୍ତି ନାହିଁ। ୩ଉଚିତ
ସମୟରେ ପରମେଶ୍ୱର ସେହି ଜୀବନ ବିଷୟରେ ସଂସାରକୁ
ଜଣାଇଲେ। ପ୍ରଚାର ଦ୍ୱାରା ପରମେଶ୍ୱର ଜଗତକୁ କହିଲେ।
ପରମେଶ୍ୱର ମୋତେ ସେହି କାମର ଦାୟିତ୍ୱ ଦେଲେ।
ଆମ୍ଭର ତ୍ରାଣକର୍ତ୍ତା ପରମେଶ୍ୱର ଆଦେଶ ଦେଇଥିବାରୁ ମୁଁ
ସେଗୁଡ଼ିକର ପ୍ରଚାର କଲି।
୪ଏହି ପତ୍ର ତିତସଙ୍କୁ ଲେଖାଯାଉଛି। ତୁମ୍ଭେ ସମବିଶ୍ୱାସରେ
ମୋର ପ୍ରକୃତ ପୁତ୍ର ଭଳି।
ଆମ୍ଭର ପରମପିତା ପରମେଶ୍ୱର ଖ୍ରୀଷ୍ଟଯୀଶୁ, ଆମ୍ଭର
ତ୍ରାଣକର୍ତ୍ତାଙ୍କ ଠାରୁ ତୁମ୍ଭକୁ ଅନୁଗ୍ରହ ଓ ଶାନ୍ତି ମିଳୁ।

## କ୍ରୀତୀଠାରେ ତିତସଙ୍କ କାର୍ଯ୍ୟ

୫ମୁଁ ତୁମ୍ଭକୁ କ୍ରୀତୀ ଠାରେ ଏବେ ସୁଦ୍ଧା ଯେଉଁ କାମ
ବାକି ରହି ଯାଇଛି, ସେଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ଛାଡ଼ି
ଆସିଥିଲି। ମୁଁ ସେଠାରେ ତୁମ୍ଭକୁ ଏଥିପାଇଁ ମଧ୍ୟ ଛାଡ଼ି
ଆସିଥିଲି ଯେ ତୁମ୍ଭେ ପ୍ରତ୍ୟେକ ନଗରରେ ପ୍ରାଚୀନ ହେବା
ଲୋକମାନଙ୍କୁ ବାଛି ପାରିବ। ୬ଏକ ପ୍ରାଚୀନ ହେବା ପାଇଁ
ଜଣେ ଲୋକର ଯେଉଁ ଗୁଣ ଥିବା ଦରକାର, ସେଗୁଡ଼ିକ
ହେଲା ସେ ନିର୍ଦ୍ଦୋଷ ଥିବେ। ତାହାଙ୍କର ଜଣେ ମାତ୍ର ସ୍ତ୍ରୀ
ଥିବେ। ତାହାଙ୍କର ସନ୍ତାନମାନେ ବିଶ୍ୱାସୀ ହୋଇଥିବେ।
ସେମାନେ ହିଂସ୍ର ଜୀବନ ଯାପନ କରୁ ନ ଥିବେ ଓ
ଅନୁଶାସନହୀନ ନ ଥିବେ। ୭ଏହି ପ୍ରାଚୀନମାନଙ୍କର କାମ
ହେଉଛି ପରମେଶ୍ୱରଙ୍କ କାମର ଯତ୍ନ ନେବା, ଅତଏବ ସେ
ନିର୍ଦ୍ଦୋଷ ହେବା କଥା। ସେ ଗର୍ବୀ, ସ୍ୱାର୍ଥୀ ଓ ଶୀଘ୍ର
କ୍ରୋଧୀ ହୋଇ ନ ଥିବେ। ସେ ଅତ୍ୟଧିକ ମଦ୍ୟ ପାନ
କରୁ ନ ଥିବେ। ସେ କଳହ ପ୍ରିୟ ହୋଇ ନ ଥିବେ।
ଅନ୍ୟମାନଙ୍କୁ ଠକି ଧନୀ ହେବା ପାଇଁ ସର୍ବଦା ଚେଷ୍ଟା କରୁ
ନ ଥିବେ। ୮ନିଜ ଘରେ ଲୋକମାନଙ୍କୁ ସ୍ୱାଗତ କରି
ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଥିବେ। ସେ ଉତ୍ତମ
ବିଷୟକୁ ପ୍ରେମ କରୁଥିବେ, ଜ୍ଞାନୀ ହୋଇଥିବେ, ଧାର୍ମିକଭାବେ
ଜୀବନଯାପନ କରୁଥିବେ, ପବିତ୍ର ହୋଇଥିବେ ଓ ନିଜକୁ
ସଂଯମ କରି ପାରୁଥିବେ। ଆମ୍ଭେ ସତ୍ୟର ଯେଉଁ ରୂପରେ
ଶିକ୍ଷା ପ୍ରଦାନ କରିଛୁ, ଜଣେ ପ୍ରାଚୀନ, ନିଷ୍ଠାପର ଭାବରେ
ତାହା ପାଳନ କରୁଥିବେ। ୯ପ୍ରକୃତ ଶିକ୍ଷାକୁ ବ୍ୟବହାର କରି
ଜଣେ ପ୍ରାଚୀନ ଲୋକମାନଙ୍କୁ ସାହାଯ୍ୟ କରିବାରେ ସକ୍ଷମ
ହୋଇଥିବେ ଏବଂ ପ୍ରକୃତ ଶିକ୍ଷାର ବିରୋଧୀମାନଙ୍କୁ ସେ
ଯେପରି ଦେଖାଇ ଦେବାକୁ ସକ୍ଷମ ହେବେ ଯେ ସେମାନେ
ଭୁଲ ଅଛନ୍ତି।
୧୦ଅନେକ ଲୋକ ଏପରି ଅଛନ୍ତି, ଯେଉଁମାନେ ମାନିବାକୁ
ମନା କରନ୍ତି, ଅବାନ୍ତର କଥାମାନ କୁହନ୍ତି ଓ ଅନ୍ୟ
ଲୋକମାନଙ୍କୁ ଭୁଲ ବାଟରେ ପରିଚାଳିତ କରନ୍ତି। ମୁଁ
ବିଶେଷ ଭାବରେ ସେ ଲୋକମାନଙ୍କ ବିଷୟରେ କହୁଛି,
ଯେଉଁମାନେ ସମସ୍ତ ଅଣଯିହୂଦୀମାନଙ୍କୁ ସୁନ୍ନତ ହେବା ପାଇଁ
କହନ୍ତି। ୧୧ଜଣେ ପ୍ରାଚୀନ ସେମାନଙ୍କର ଭୁଲ ବିଷୟରେ
ତାହାଙ୍କୁ ଅବଗତ କରାଇବାକୁ ସକ୍ଷମ ଥିବେ ଓ ସେମାନଙ୍କୁ
ଏପରି ଅବାନ୍ତର କଥା କହିବାରୁ ବନ୍ଦ କରାଇପାରୁଥିବେ।
ସେହି ଲୋକମାନେ କୁଶିକ୍ଷାର ଉପଦେଶ ଦେଇ ସମ୍ପୂର୍ଣ୍ଣ
ପରିବାରଗୁଡ଼ିକୁ ନଷ୍ଟ କରୁଛନ୍ତି। ସେମାନେ କେବଳ
ଲୋକମାନଙ୍କୁ ଠକିବା ପାଇଁ ଏଭଳି ଶିକ୍ଷା ଦିଅନ୍ତି କାରଣ
ସେମାନେ ଧନ ଅର୍ଜ୍ଜନ କରିବାକୁ ଇଚ୍ଛା କରନ୍ତି। ୧୨ତାହାଙ୍କ
ନିଜ ଲୋକମାନଙ୍କ ମଧ୍ୟରୁ ଜଣେ, ଯିଏ କି ଭବିଷ୍ୟଦ୍‌ବକ୍ତା,
କହିଛନ୍ତି: "କ୍ରୀତୀର ଲୋକେ ସର୍ବଦା ମିଛ କୁହନ୍ତି।
ସେମାନେ ଦୁଷ୍ଟ ପଶୁ ଓ ଅଳସୁଆ। ସେମାନେ ଖାଇବା
ଛଡ଼ା ଅନ୍ୟ କିଛି କରନ୍ତି ନାହିଁ।" ୧୩ସେହି ଭାବବାଦୀଙ୍କ
କଥା ସତ। ଅତଏବ ସେମାନଙ୍କୁ କୁହ ଯେ ସେମାନେ
ଭୁଲ କରୁଛନ୍ତି। ତୁମ୍ଭେ ତାହାଙ୍କ ପ୍ରତି କଠୋର ହେବା
ଉଚିତ। ତା'ହେଲେ ସେମାନେ ବିଶ୍ୱାସରେ ଦୃଢ଼ ହେବେ।
୧୪ତା'ହେଲେ ସେମାନେ ଯିହୂଦୀ ଗପଗୁଡ଼ିକୁ ଗ୍ରହଣ କରିବେ
ନାହିଁ କି ସତ୍ୟକୁ ଗ୍ରହଣ କରୁ ନ ଥିବା ଲୋକଙ୍କ
ଆଦେଶ ପାଳନ କରିବେ ନାହିଁ। ୧୫ଯେଉଁମାନେ ପବିତ୍ର,
ତାହାଙ୍କ ପାଇଁ ସବୁ କିଛି ପବିତ୍ର। କିନ୍ତୁ ଯେଉଁମାନେ
ପାପୀ ଓ ଅବିଶ୍ୱାସୀ, ସେମାନଙ୍କ ଲାଗି କିଛି ହେଲେ
ପବିତ୍ର ନୁହେଁ। ସେମାନଙ୍କର ଚିନ୍ତା ପାପରେ ଦୂଷିତ
ହୋଇଯାଇଛି ଓ ଠିକ୍ କ'ଣ, ସେ ସମ୍ବନ୍ଧରେ ସେମାନଙ୍କର
ଜ୍ଞାନ ନଷ୍ଟ ହୋଇ ଯାଇଛି। ୧୬ସେ ଲୋକମାନେ କୁହନ୍ତି
ଯେ ସେମାନେ ପରମେଶ୍ୱରଙ୍କୁ ଜାଣିଛନ୍ତି। କିନ୍ତୁ ଯେଉଁସବୁ
ମନ୍ଦ କାମ ସେମାନେ କରୁଛନ୍ତି, ସେଥିରୁ ଜଣାଯାଏ ଯେ
ସେମାନେ ପରମେଶ୍ୱରଙ୍କୁ ଗ୍ରହଣ କରନ୍ତି ନାହିଁ। ସେମାନେ

ଭୟଙ୍କର ଲୋକ, ଆଜ୍ଞା ବିରୋଧୀ ଓ କୌଣସି ଭଲ
କାମ ପାଇଁ ଅଯୋଗ୍ୟ।

## ପ୍ରକୃତ ଶିକ୍ଷାର ଅନୁସରଣ

୨ ପ୍ରକୃତ ଶିକ୍ଷା(ଉପଦେଶ)ର ଅନୁସରଣ କରିବା ପାଇଁ
ତୁମ୍ଭେ ଲୋକଙ୍କୁ କହିବା କଥା। ୨ ବୃଦ୍ଧ ଲୋକମାନଙ୍କୁ
ଶିକ୍ଷା ଦିଅ ଯେ ସେମାନେ ଆତ୍ମସଂଯମୀ, ଗମ୍ଭୀର ଓ ଜ୍ଞାନୀ
ହୁଅନ୍ତୁ। ସେମାନେ ବିଶ୍ୱାସରେ, ପ୍ରେମରେ ଓ ଧୈର୍ଯ୍ୟରେ
ଦୃଢ଼ ହେବା ଉଚିତ।
୩ ବୃଦ୍ଧା ନାରୀମାନଙ୍କୁ ଶିକ୍ଷା ଦିଅ ଯେ ସେମାନେ
ଜୀବନପ୍ରଣାଳୀରେ ପବିତ୍ର ହୁଅନ୍ତୁ। ସେମାନେ ଅନ୍ୟମାନଙ୍କ
ବିରୁଦ୍ଧରେ କୁହନ୍ତୁ ନାହିଁ ଓ ଅଧିକ ମାତ୍ରାରେ ମଦ୍ୟପାନର
ଅଭ୍ୟାସ ରଖନ୍ତୁ ନାହିଁ। ସେମାନେ ଭଲ କଥାର ଶିକ୍ଷା
ଦିଅନ୍ତୁ। ୪ ଏପରି ଭାବରେ ସେମାନେ ଯୁବତୀମାନଙ୍କୁ
ସେମାନଙ୍କର ସ୍ୱାମୀ ଓ ସନ୍ତାନମାନଙ୍କୁ ଭଲ ପାଇବା
ଶିଖାଇ ପାରିବେ। ୫ ସେମାନେ ଯୁବତୀମାନଙ୍କୁ ଶିଖାଇ
ପାରିବେ ଯେ ସେମାନେ ଜ୍ଞାନୀ ଓ ପବିତ୍ର ହୁଅନ୍ତୁ, ନିଜ
ଘରର ଯତ୍ନ ନିଅନ୍ତୁ, ଦୟାଳୁ ହୁଅନ୍ତୁ ଏବଂ ନିଜ ସ୍ୱାମୀଙ୍କର
ଆଜ୍ଞାକାରିଣୀ ହୁଅନ୍ତୁ। ତା'ହେଲେ କୌଣସି ଲୋକ ଆମ୍ଭକୁ
ଦିଆଯାଇଥିବା ପରମେଶ୍ୱରଙ୍କ ଶିକ୍ଷାର ସମାଲୋଚନା କରିପାରିବ
ନାହିଁ।
୬ ସେହିଭଳି ଯୁବକମାନଙ୍କୁ କୁହ ଯେ ସେମାନେ ଜ୍ଞାନୀ
ହୁଅନ୍ତୁ। ୭ ତୁମ୍ଭେ ନିଜେ ଯୁବକମାନଙ୍କ ପାଇଁ ପ୍ରତ୍ୟେକ
ଭାବରେ ଆଦର୍ଶ ହେବା ପାଇଁ ଉତ୍ତମ କାମ କରିବା
ଦରକାର। ତୁମ୍ଭର ଶିକ୍ଷା ଦେବାରେ ତୁମ୍ଭେ ସଚ୍ଚୋଟ ଓ
ଗମ୍ଭୀର ରହିବା ଉଚିତ। ୮ ତୁମ୍ଭେ ଯେପରି ସମାଲୋଚିତ ନ
ହୁଅ, ସେଥିପାଇଁ ତୁମ୍ଭେ ସତ କୁହ। ତା'ହେଲେ ଜଣେ
ବିରୋଧୀ ମଧ୍ୟ ଲଜ୍ଜା ବୋଧ କରିବ କାରଣ ସେ ଆମ୍ଭ
ବିରୁଦ୍ଧରେ କୌଣସି ମନ୍ଦ ବିଷୟ ପାଇବ ନାହିଁ।
୯ ଦାସମାନଙ୍କୁ ମଧ୍ୟ ସେମାନଙ୍କର ମାଲିକମାନଙ୍କର ଆଜ୍ଞା
ସର୍ବଦା ପାଳନ କରିବାକୁ କୁହ। ସେମାନେ ମାଲିକମାନଙ୍କୁ
ଖୁସି ରଖିବେ, ସେମାନଙ୍କ ସହିତ ଯୁକ୍ତିତର୍କ କରିବେ
ନାହିଁ। ୧୦ ମାଲିକଙ୍କର ଚୋରି କରିବେ ନାହିଁ, ଏବଂ
ସେମାନେ ପ୍ରମାଣିତ କରିବେ ଯେ ସେମାନେ ବିଶ୍ୱାସଯୋଗ୍ୟ
ଅଟନ୍ତି। ଦାସମାନେ ନିଜର ପ୍ରତ୍ୟେକ କାମରେ ଏହା
ପ୍ରମାଣିତ କରିବେ ଯେ ଆମ୍ଭର ତ୍ରାଣକର୍ତ୍ତା ପରମେଶ୍ୱରଙ୍କ
ଶିକ୍ଷା ଭଲ ଅଟେ।
୧୧ ପରମେଶ୍ୱରଙ୍କ ଅନୁଗ୍ରହ ମିଳିଥିବାରୁ ଆମ୍ଭେ ସେହିଭଳି
ଜୀବନଯାପନ କରିବା କଥା। ସେହି ଅନୁଗ୍ରହ ପ୍ରତ୍ୟେକ
ଲୋକଙ୍କୁ ଉଦ୍ଧାର କରିପାରେ। ୧୨ ସେହି ଅନୁଗ୍ରହ ଆମ୍ଭକୁ
ମିଳିଛି। ସେହି ଅନୁଗ୍ରହ ପରମେଶ୍ୱରଙ୍କ ବିରୋଧୀ ନ
ହେବା ଓ ସଂସାର ଚାହୁଁ ଥିବା ମନ୍ଦକାମ ନ କରିବା ପାଇଁ
ଶିକ୍ଷା ଦିଏ। ସେହି ଅନୁଗ୍ରହ ଏହି ସଂସାରରେ ଜ୍ଞାନରେ
ଧାର୍ମିକ ଓ ନ୍ୟାୟ ମାର୍ଗରେ ରହିବା ଶିଖାଏ। ୧୩ ଆମ୍ଭର
ମହାନ୍ ପରମେଶ୍ୱର ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଆସିବା
ବାଟକୁ ଚାହିଁ ରହିଥିଲା ବେଳେ ଆମ୍ଭେ ଏହିଭଳି ରହିବା
ଦରକାର। ସେ ଆମ୍ଭମାନଙ୍କର ମହାନ୍ ଭରସା ଓ ସେ
ଗୌରବରେ ଆସିବେ। ୧୪ ସେ ଆମ୍ଭ ପାଇଁ ନିଜକୁ ଦେଲେ।
ଆମ୍ଭକୁ ସମସ୍ତ ମନ୍ଦରୁ ମୁକ୍ତ କରିବା ପାଇଁ ଏବଂ ଆମ୍ଭକୁ
ଜଣେ ପବିତ୍ର ଜାତି ଓ କେବଳ ତାହାଙ୍କ ଭଲ ବ୍ୟକ୍ତିସମୂହ
ଭାବରେ ଗଢ଼ିବା ପାଇଁ ସେ ମଲେ। ଏହି ପବିତ୍ର
ଲୋକମାନେ ସର୍ବଦା ଭଲ କାମ କରିବା ପାଇଁ ଇଚ୍ଛା
କରନ୍ତି।
୧୫ ଲୋକମାନଙ୍କୁ ଏହି କଥାଗୁଡ଼ିକ କୁହ। ତୁମ୍ଭର ପୂର୍ଣ୍ଣ
କ୍ଷମତା ରହିଛି, ତେଣୁ ଲୋକମାନଙ୍କୁ ଶକ୍ତିଶାଳୀ କରିବା
ପାଇଁ ଓ ସେମାନେ ଯାହା କରୁଛନ୍ତି, ତାହା ଭୁଲ ବୋଲି
କହିବା ପାଇଁ ତୁମ୍ଭର କ୍ଷମତାର ବ୍ୟବହାର କର। କୌଣସି
ଲୋକ ଯେପରି ତୁମ୍ଭ ସହିତ ଏଭଳି ବ୍ୟବହାର ନ କରେ,
ଯାହା କି ତୁମ୍ଭକୁ ଗୁରୁତ୍ୱହୀନ କରିଦେବ।

## ଜୀବନଯାପନର ଉତ୍ତମ ରୀତି

୩ ଲୋକମାନଙ୍କୁ ସର୍ବଦା ଏହିଗୁଡ଼ିକ କରିବା ପାଇଁ
ମନେ ରଖିବାକୁ କୁହ: ସେମାନେ ସରକାରୀ
ଅଧିକାରୀମାନଙ୍କ ଅଧୀନରେ ରୁହନ୍ତୁ, ସେମାନଙ୍କ ଆଜ୍ଞା
ପାଳନ କରନ୍ତୁ ଓ ଭଲ କାମ କରିବା ପାଇଁ ପ୍ରସ୍ତୁତ
ଥାଆନ୍ତୁ; ୨ ଅନ୍ୟମାନଙ୍କ ବିଷୟରେ ଖରାପ କଥା କହନ୍ତୁ
ନାହିଁ, ଅନ୍ୟ ଲୋକମାନଙ୍କ ସହିତ ଶାନ୍ତିରେ ରୁହନ୍ତୁ;
ଧୈର୍ଯ୍ୟବାନ ଓ ସବୁ ଲୋକଙ୍କ ପ୍ରତି ଭଦ୍ରତା ପ୍ରଦର୍ଶନ
କରନ୍ତୁ। ସମସ୍ତ ଲୋକଙ୍କ ପ୍ରତି ଏସବୁ କରିବା ପାଇଁ
ବିଶ୍ୱାସୀମାନଙ୍କୁ କୁହ।
୩ ଅତୀତରେ ଆମ୍ଭେ ମଧ୍ୟ ମୂର୍ଖ ଥିଲୁ। ଆମ୍ଭେ ଆଜ୍ଞାପାଳନ
କରୁ ନ ଥିଲୁ, ଭୁଲ କାମ କରୁଥିଲୁ, ଆମ୍ଭେ ସମସ୍ତ
ପ୍ରକାର ଶାରୀରିକ କାମନା ଓ ଭୋଗର ଦାସ ଥିଲୁ।
ଆମ୍ଭେ ଇର୍ଷାଳୁ ଓ ଦ୍ୱେଷପୂର୍ଣ୍ଣ ଜୀବନ ଯାପନ କରୁଥିଲୁ।
ଲୋକେ ଆମ୍ଭକୁ ଘୃଣା କରୁଥିଲେ ଓ ଆମ୍ଭେ ପରସ୍ପରକୁ
ଘୃଣା କରୁଥିଲୁ। ୪ କିନ୍ତୁ ଯେତେବେଳେ ଆମ୍ଭର ତ୍ରାଣକର୍ତ୍ତା
ପରମେଶ୍ୱରଙ୍କ ଦୟା ଓ ପ୍ରେମ ପ୍ରକାଶିତ ହେଲା, ସେତେବେଳେ
ସେ ନିଜ କୃପା ଦ୍ୱାରା ଆମ୍ଭକୁ ରକ୍ଷା କଲେ। ୫ ପରମେଶ୍ୱରଙ୍କ
ସହିତ ସୁସଂପର୍କ ରଖିବା ପାଇଁ ଆମ୍ଭେ କରିଥିବା ଉତ୍ତମ
କାର୍ଯ୍ୟଗୁଡ଼ିକ ହେତୁ ଆମ୍ଭେ ରକ୍ଷା ପାଇ ନ ଥିଲୁ। ସେ
ଆମ୍ଭକୁ ଧୋଇ କରି ନୂଆ ମଣିଷ କରିଅଛନ୍ତି। ଏହି
ଉଦ୍ଧାର ଓ ନୂତନତା ପବିତ୍ର ଆତ୍ମାଙ୍କ ମାଧ୍ୟମରେ ଆସିଥିଲା।
୬ ପରମେଶ୍ୱର ଆମ୍ଭର ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ
ସେହି ପବିତ୍ର ଆତ୍ମାଙ୍କୁ ପୂର୍ଣ୍ଣଭାବରେ ଆମ୍ଭ ଉପରେ
ଢାଳିଲେ। ୭ ତାହାଙ୍କ କୃପା (ଦୟା) ପାଇଁ ଆମ୍ଭେ ପରମେଶ୍ୱରଙ୍କ
ପ୍ରତି ଧାର୍ମିକ ହେଲୁ। ଆମ୍ଭେ ଯେପରି ଅନନ୍ତଜୀବନ
ପାଇବୁ, ସେଥିପାଇଁ ପରମେଶ୍ୱର ଆମ୍ଭକୁ ପବିତ୍ରଆତ୍ମା ଦାନ
କଲେ। ୮ ତାହାହିଁ ଆମ୍ଭର ଭରସା। ଏହି ଶିକ୍ଷା ବିଶ୍ୱାସଯୋଗ୍ୟ
ଅଟେ।
ମୁଁ ଚାହେଁ ଯେ ଲୋକେ ଏହି ବିଷୟ ବୁଝନ୍ତୁ ବୋଲି
ତୁମ୍ଭେ ନିଶ୍ଚିତ ହୁଅ। ତା'ହେଲେ ପରମେଶ୍ୱରଙ୍କୁ ବିଶ୍ୱାସ
କରୁଥିବା ଲୋକେ, ଭଲ କାମଗୁଡ଼ିକ କରିବା ପାଇଁ ନିଜ
ଜୀବନକୁ ନିୟୋଜିତ କରିବା ବିଷୟରେ ଆଗ୍ରହୀ ହେବେ।

ଏହି କଥାଗୁଡ଼ିକ ଭଲ ଓ ସବୁ ଲୋକଙ୍କୁ ସାହାଯ୍ୟ
କରିବ। ୯ମୂର୍ଖତାପୂର୍ଣ୍ଣ ତର୍କବିତର୍କ, ବଂଶାବଳୀ ବିଷୟରେ
ଯୁକ୍ତି, ଝଗଡ଼ା, ମୋଶାଙ୍କ ବ୍ୟବସ୍ଥା ଶିକ୍ଷାଗୁଡ଼ିକ ବିଷୟକ
ସଂଘର୍ଷ ଠାରୁ ଦୂରରେ ରୁହ। ସେଗୁଡ଼ିକ ମୂଲ୍ୟହୀନ ଓ
ଲୋକମାନଙ୍କୁ ସାହାଯ୍ୟ କରେ ନାହିଁ। ୧୦ଯଦି କିଏ
ତର୍କବିତର୍କ କରେ, ତା'ହେଲେ ତାହାକୁ ସତର୍କ କରିଦିଅ।
ସେ ଯଦି ତର୍କବିତର୍କ ଗୁଲୁ ରଖେ, ତା'ହେଲେ ତାହାକୁ
ଆଉ ଥରେ ସତର୍କ କର। ୧୧ଯଦି ତା'ପରେ ମଧ୍ୟ ସେ
ପୁନଃ ତର୍କବିତର୍କ କରେ, ତା'ସହିତ ସମ୍ପର୍କ ରଖ ନାହିଁ।
ତୁମ୍ଭେ ଜାଣି ରଖ ଯେ ସେଭଳି ଲୋକ ମନ୍ଦ ଓ ପାପୀ।
ତାହାର ପାପ ପ୍ରମାଣିତ କରେ ଯେ ସେ ହେଉଛି
ଦୋଷୀ।

**ମନେ ରଖିବା ପାଇଁ କେତୋଟି କଥା**

୧୨ମୁଁ ତୁମ୍ଭମାନଙ୍କ ପାଖକୁ ଆର୍ତ୍ତେମା ଓ ତୁଖିକଙ୍କୁ
ପଠାଇବି। ସେମାନଙ୍କୁ ପଠାଇଲା ପରେ ତୁମ୍ଭେ ନିକପଲି
ଠାରେ ମୋ ପାଖକୁ ଆସିବା ପାଇଁ ପ୍ରାଣପଣେ ଚେଷ୍ଟା
କରିବ। ମୁଁ ଠିକ୍ କରିଛି ଯେ ଶୀତକାଳ ସେଠାରେ
କଟାଇବି। ୧୩ଓକିଲ ଜୀନା ଓ ଆପଲ୍ଲ ସେଠାରୁ ଆସୁଛନ୍ତି।
ସେମାନଙ୍କ ଆସିବା ଯାତ୍ରା ପାଇଁ ତୁମ୍ଭେ ଯଥାସାଧ୍ୟ ସାହାଯ୍ୟ
କର। ତୁମ୍ଭେ ସତର୍କ ହୁଅ ଯେ ସେମାନଙ୍କର କୌଣସି
ଅଭାବ ନ ଘଟୁ। ୧୪ନିଜ ଜୀବନକୁ ସତ୍ କର୍ମରେ
ଲଗାଇବା ପାଇଁ ଲୋକମାନେ ଶିଖିବା ଆବଶ୍ୟକ।
ଯେଉଁମାନଙ୍କର ପ୍ରକୃତରେ ଦରକାର, ସେମାନଙ୍କର ମଙ୍ଗଳ
କର। ତା'ହେଲେ ଆମ୍ଭ ଲୋକେ ବିଫଳ ଜୀବନଯାପନ
କରିବେ ନାହିଁ।

୧୫ମୋ ସହିତ ଏଠିକାର ସମସ୍ତେ ତୁମ୍ଭକୁ ନମସ୍କାର
ଜଣାଉଛନ୍ତି। ଯେଉଁମାନେ ବିଶ୍ୱାସରେ ଆମ୍ଭକୁ ଭଲ ପାଆନ୍ତି,
ସେମାନଙ୍କୁ ନମସ୍କାର ଜଣାଇବ।

ପରମେଶ୍ୱରଙ୍କ ଅନୁଗ୍ରହ ତୁମ୍ଭ ସମସ୍ତଙ୍କ ସହିତ ରହୁ।

# ଫିଲୀମୋନଙ୍କ ନିକଟକୁ ପ୍ରେରିତ ପାଉଲଙ୍କର ପତ୍ର

ଖ୍ରୀଷ୍ଟଯୀଶୁଙ୍କ ପାଇଁ ବନ୍ଦୀ ହୋଇଥିବା ପାଉଲ ଓ ଆମ୍ଭର
ଭାଇ ତୀମଥିଙ୍କ ଠାରୁ ୨ଆମ୍ଭର ପ୍ରିୟ ମିତ୍ର ଓ ସହକର୍ମୀ
ଫିଲୀମୋନ, ଆମ୍ଭର ଭଉଣୀ ଆପ୍ପିୟା, ସାଥି ସୈନିକ
ଆର୍ଖିପ୍ପ ଓ ତୁମ୍ଭ ଘରଠାରେ ଏକତ୍ରିତ ହେଉଥିବା ଉପାସନା
ମଣ୍ଡଳୀକୁ ପତ୍ର ଲେଖୁଛୁ।
୩ଆମ୍ଭର ପରମପିତା ପରମେଶ୍ୱର ଓ ପ୍ରଭୁ
ଯୀଶୁଖ୍ରୀଷ୍ଟଙ୍କଠାରେ ତୁମ୍ଭକୁ ଅନୁଗ୍ରହ ଓ ଶାନ୍ତି ମିଳୁ।

### ଫିଲୀମୋନଙ୍କ ପ୍ରେମ ଓ ବିଶ୍ୱାସ

୪ମୋ ପ୍ରାର୍ଥନାମାନଙ୍କରେ ମୁଁ ତୁମ୍ଭକୁ ସ୍ମରଣ କରେ।
ତୁମ୍ଭ ପାଇଁ ସର୍ବଦା ମୁଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦିଏ।
୫ପରମେଶ୍ୱରଙ୍କ ସମସ୍ତ ପବିତ୍ରଲୋକମାନଙ୍କ ପ୍ରତି ତୁମ୍ଭର
ପ୍ରେମ ଓ ପ୍ରଭୁ ଯୀଶୁଙ୍କଠାରେ ତୁମ୍ଭର ବିଶ୍ୱାସ ବିଷୟରେ
ମୁଁ ଶୁଣିଛି ଓ ମୁଁ ତୁମ୍ଭର ସେହି ପ୍ରେମ ଓ ବିଶ୍ୱାସ ପାଇଁ
ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଉଛି। ୬ଖ୍ରୀଷ୍ଟଙ୍କଠାରେ ଥିବା
ଆମ୍ଭର ସମସ୍ତ ଭଲ କଥାଗୁଡିକ ବୁଝିପାରିବା ପାଇଁ ତୁମ୍ଭର
ବିଶ୍ୱାସର ସହଭାଗିତା ତୁମ୍ଭକୁ ସାହାଯ୍ୟ କରିବ ବୋଲି ମୁଁ
ପ୍ରାର୍ଥନା କରେ। ୭ହେ ଭାଇ ପରମେଶ୍ୱରଙ୍କ ଲୋକମାନଙ୍କ
ପ୍ରତି ତୁମ୍ଭେ ପ୍ରେମଭାବ ଦେଖାଇଛ, ସେମାନଙ୍କୁ ତୁମ୍ଭେ ଖୁସି
କରିଛ। ଏହା ମୋତେ ବହୁତ ଆନନ୍ଦ ଓ ଆଶ୍ୱାସନା
ଦେଲା।

### ଅନୀସିମକୁ ଭାଇ ଭଳି ସ୍ୱୀକାର କର

୮କେତେଗୁଡିଏ କଥା ତୁମ୍ଭର କରିବା ଉଚିତ। ଖ୍ରୀଷ୍ଟରେ
ଭାଇ ହିସାବରେ ସତ୍‌କାର୍ଯ୍ୟ କରିବା ନିମନ୍ତେ ତୁମ୍ଭକୁ
ଆଦେଶ ଦେବାର ମୋର ଅଧିକାର ଅଛି। ୯କିନ୍ତୁ ମୁଁ
ତୁମ୍ଭକୁ ପ୍ରେମରେ ନିବେଦନ କରିବାକୁ ଇଚ୍ଛା କରେ। ମୁଁ
ପାଉଲ, ବୁଢ଼ାହୋଇ ଗଲିଣି ଓ ଖ୍ରୀଷ୍ଟଯୀଶୁଙ୍କ ପାଇଁ ବନ୍ଦୀ
ହୋଇଛି। ୧୦ମୁଁ ତୁମ୍ଭକୁ ଅନୀସିମ ପାଇଁ ନିବେଦନ କରୁଛି।
ମୁଁ ବନ୍ଦୀ ଗୃହରେ ଥିଲାବେଳେ ସେ ମୋର ସନ୍ତାନ
ହୋଇଥିଲା। ୧୧ଅତୀତରେ ସେ ତୁମ୍ଭ ପାଇଁ ଅଦରକାରୀ
ଥିଲା। କିନ୍ତୁ ଏବେ ସେ ମୋ' ଓ ତୁମ୍ଭ ଦୁହିଁଙ୍କ ପାଇଁ
ବଡ଼ ଉପଯୋଗୀ ଅଟେ।
୧୨ମୁଁ ତାହାକୁ ତୁମ୍ଭ ପାଖକୁ ଫେରାଇ ଦେଉଛି। ତା
ସହିତ ମୋର ହୃଦୟ ମଧ୍ୟ ବନ୍ଧା ହୋଇଛି। ୧୩ମୁଁ ବନ୍ଦୀ
ଗୃହରେ ଥିବା ସମୟରେ ମୋତେ ସୁସମାଚାର ପାଇଁ
ସାହାଯ୍ୟ କରିବ ବୋଲି ତାହାକୁ ମୋ ସହିତ ରଖିବାକୁ
ଚାହୁଁଥିଲି। ମୋତେ ସାହାଯ୍ୟ କରିବା ଦ୍ୱାରା ସେ ତୁମ୍ଭର
ସେବା କରିଥାଆନ୍ତା। ୧୪କିନ୍ତୁ ତୁମ୍ଭମାନଙ୍କୁ ପ୍ରଥମେ ନ
ପଚାରି ମୁଁ କିଛି କରିବା ପାଇଁ ଇଚ୍ଛା କଲି ନାହିଁ। ତୁମ୍ଭର
କୌଣସି ଭଲ କାମ ନିଜ ଇଚ୍ଛାରେ ହେଉ, ମୋର ବାଧ
ବାଧକତାରେ ନ ହେଉ ବୋଲି ମୁଁ ଚାହେଁ।
୧୫ଅନୀସିମ* କ୍ଷଣିକ ପାଇଁ ତୁମ୍ଭଠାରୁ ଅଲଗା ଥିଲା।
ଏହା ଏପରି ଘଟିଥାଇପାରେ ଯଦ୍ଦ୍ୱାରା ତୁମ୍ଭେ ତାହାକୁ
ସବୁଦିନ ପାଇଁ ପୁନଃ ପ୍ରାପ୍ତ ହୋଇ ପାରିବ। ୧୬ଦାସ
ହେବା ପାଇଁ ନୁହେଁ, ବରଂ ଦାସଠାରୁ ବଳି ଏକ ପ୍ରିୟ
ଭାଇ ଭଳି। ମୁଁ ତାହାକୁ ବହୁତ ଭଲ ପାଏ। କିନ୍ତୁ ତୁମ୍ଭେ
ଆହୁରି ଅଧିକ ଭଲ ପାଇବ। ତୁମ୍ଭେ ତାହାକୁ ଜଣେ
ମଣିଷ ଓ ପ୍ରଭୁଙ୍କଠାରେ ଜଣେ ଭାଇ ଭଳି ଭଲ ପାଇବ।
୧୭ଯଦି ତୁମ୍ଭେ ମୋତେ ମିତ୍ର ବୋଲି ଗ୍ରହଣ କରୁଛ,
ତା'ହେଲେ ଅନୀସିମଙ୍କୁ ପୁନର୍ବାର ଗ୍ରହଣ କର। ମୋତେ
ଯେପରି ସ୍ୱାଗତ କରିଥାନ୍ତ, ସେପରି ତାହାକୁ ସ୍ୱାଗତ
କର। ୧୮ଯଦି ଅନୀସିମ ତୁମ୍ଭ ପ୍ରତି କିଛି ଭୁଲ କରିଛି ବା
ତା'ର ତୁମ୍ଭକୁ କିଛି ଦେବାକୁ ଅଛି ତେବେ ତାହା ମୋ
ଖାତାରେ ପକାଇ ଦିଅ। ୧୯ମୁଁ ପାଉଲ, ଏହି କଥା ମୋ
ହାତରେ ଲେଖୁଛି। ଅନୀସିମର ଯଦି ତୁମ୍ଭକୁ କିଛି ଦେବାକୁ
ଅଛି, ମୁଁ ତାହା ତୁମ୍ଭକୁ ଫେରାଇଦେବି। ନିଜ ଜୀବନ ପାଇଁ
ତୁମ୍ଭେ ଯେ ମୋ ଠାରେ କେତେ ଋଣୀ, ସେ ସଂପର୍କରେ
ମୁଁ କିଛି କହିବି ନାହିଁ। ୨୦ତେଣୁ ହେ ମୋର ଭାଇ!
ପ୍ରଭୁଙ୍କଠାରେ ତୁମ୍ଭେ ମୋ ପାଇଁ କିଛି ଆବଶ୍ୟକୀୟ ବିଷୟ
କର ବୋଲି, ମୁଁ ଚାହେଁ। ଖ୍ରୀଷ୍ଟଙ୍କ ଠାରେ ମୋ ହୃଦୟକୁ
ଆଶ୍ୱାସନା ଦିଅ। ୨୧ମୁଁ ଯାହା କହୁଛି, ସେଗୁଡ଼ିକ କରିବ
ବୋଲି ଜାଣି ମୁଁ ଏହି ଚିଠି ଲେଖୁଛି। ମୁଁ ଜାଣେ ଯେ ମୁଁ
ଯେତିକି କହେ, ତୁମ୍ଭେ ତା' ଠାରୁ ଅଧିକ କରିବ।
୨୨ମୋ ରହିବା ପାଇଁ ଗୋଟିଏ ବଖରା ମଧ୍ୟ ପ୍ରସ୍ତୁତ
କର। ମୁଁ ଆଶା କରେ ଯେ ପରମେଶ୍ୱର ତୁମ୍ଭ ପ୍ରାର୍ଥନା
ଶୁଣିବେ ଓ ମୁଁ ତୁମ୍ଭ ପାଖକୁ ଯିବାକୁ ସମର୍ଥ ହୋଇ
ପାରିବି।

### ଶେଷ ଅଭିନନ୍ଦନ

୨୩ଖ୍ରୀଷ୍ଟଯୀଶୁଙ୍କ ପାଇଁ ଏପାଫ୍ରା ହେଉଛନ୍ତି ମୋର
ସହବନ୍ଦୀ। ସେ ତୁମ୍ଭକୁ ନମସ୍କାର ଜଣାଉଛନ୍ତି। ୨୪ମାର୍କ,
ଆରିସ୍ତାର୍ଖ, ଦୀମା ଓ ଲୂକ ଏମାନେ ମଧ୍ୟ ତୁମ୍ଭକୁ ନମସ୍କାର
ଜଣାଉଛନ୍ତି।
୨୫ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ତୁମ୍ଭମାନଙ୍କର
ଆତ୍ମା ସହିତ ରହିଥାଉ।

---

**ଅନୀସିମ** ଅନୀସିମର ଅର୍ଥ "ଉପଯୋଗୀ"

# ଏବ୍ରୀ

**ପରମେଶ୍ୱର ନଜ ପୁତ୍ର ମାଧ୍ୟମରେ କଥା କହଛନ୍ତ**

୧ ଅତୀତରେ ପରମେଶ୍ୱର ଆମ୍ଭ ଲୋକମାନଙ୍କୁ ବଭିନ୍ନ
ସମୟରେ ବଭିନ୍ନ ଭାବରେ ଭବଷ୍ୟଦ୍‌ବକ୍ତାମାନଙ୍କ
ମାଧ୍ୟମରେ କଥା କହଥିଲେ। ୨କନ୍ତୁ ଏହ ଶେଷ ସମୟରେ
ପରମେଶ୍ୱର ଆପଣା ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ ପୁନର୍ବାର
କଥା କହଅଛନ୍ତ। ସେ ନଜ ପୁତ୍ରଙ୍କ ଦ୍ୱାରା ସାରା ବଶ୍ୱ
ସୃଷ୍ଟି କଲେ। ସେ ନଜ ପୁତ୍ରଙ୍କୁ ସମସ୍ତ ବଷୟର
ଉତ୍ତରାଧିକାରୀ କରବା ନମନ୍ତେ ମନୋନୀତ କରଛନ୍ତ।
ସେହ ପୁତ୍ର ପରମେଶ୍ୱରଙ୍କ ମହମା ପ୍ରକାଶ କରନ୍ତ। ୩ସେ
ପରମେଶ୍ୱରଙ୍କ ମହମାର ଅବକଳ ପ୍ରତିମୂର୍ତ୍ତି। ସେହ ପୁତ୍ର
ନଜର ଶକ୍ତଯୁକ୍ତ ବାକ୍ୟ ଦ୍ୱାରା ପ୍ରତ୍ୟେକ ବଷୟକୁ ଧର
ରଖିଛନ୍ତ। ସେହ ପୁତ୍ର ଲୋକମାନଙ୍କୁ ପାପରୁ ମୁକ୍ତ କର
ସେମାନଙ୍କୁ ପବତ୍ର କଲେ। ତା'ପରେ ସେ ସ୍ୱର୍ଗସ୍ଥ ମହାମହମ
ପରମେଶ୍ୱରଙ୍କ ଡାହାଣପଟରେ ବସିଲେ। ୪ପରମେଶ୍ୱର ତାହାଙ୍କୁ
ସମସ୍ତ ସ୍ୱର୍ଗଦୂତମାନଙ୍କ ଅପେକ୍ଷା ଅତ୍ୟଧିକ ଉତ୍କୃଷ୍ଟ ନାମ
ଦେଲେ, ତେଣୁ ସେ ଯେକୌଣସି ସ୍ୱର୍ଗଦୂତଙ୍କ ଠାରୁ ମଧ
ଅଧିକ ମହାନ୍ ହୋଇଅଛନ୍ତ।
୫ଆହୁର ମଧ ସେ କୌଣସି ସ୍ୱର୍ଗଦୂତକୁ କହ ନ
ଥିଲେ ଯେ:

"ତୁମ୍ଭେ ମୋର ପୁତ୍ର; ଆଜି ଆମ୍ଭେ ତୁମ୍ଭର ପିତା
ହେଲୁ।"

ଗୀତସଂହତା ୨:୭

ପୁନର୍ବାର ପରମେଶ୍ୱର କୌଣସି ସ୍ୱର୍ଗଦୂତକୁ ଏହା କହ
ନାହାଁନ୍ତ ଯେ,

"ମୁଁ ତା'ର ପିତା ହେବ, ସେ ମୋର ପୁତ୍ର
ହେବ।"

ଦ୍ୱିତୀୟ ଶାମୁୟେଲ ୭:୧୪

୬ଓ ଯେତେବେଳେ ପରମେଶ୍ୱର ନଜର ପ୍ରଥମ ଜାତ
ସନ୍ତାନକୁ ପୁନର୍ବାର ଜଗତ ମଧ୍ୟକୁ ଆଣିବେ, ସେହ
ସମୟକୁ ଲକ୍ଷ୍ୟ କର ସେ କହନ୍ତ:

"ପରମେଶ୍ୱରଙ୍କର ସବୁ ସ୍ୱର୍ଗଦୂତ ପୁତ୍ରଙ୍କୁ ପ୍ରଣାମ
କରନ୍ତୁ,*

ଦ୍ୱିତୀୟ ବବରଣୀ ୩୨:୪୩

୭ନଜର ସ୍ୱର୍ଗଦୂତମାନଙ୍କ ବଷୟରେ ପରମେଶ୍ୱର କହଛନ୍ତ:

"ପରମେଶ୍ୱର ଆପଣା ସ୍ୱର୍ଗଦୂତମାନଙ୍କୁ ବାୟୁସ୍ୱରୂପ
କରନ୍ତ, ଓ ଆପଣା ସେବକମାନଙ୍କୁ ଅଗ୍ନିର ଶିଖା
ସ୍ୱରୂପ କରନ୍ତ।"

ଗୀତସଂହତା ୧୦୪:୪

୮କନ୍ତୁ ପରମେଶ୍ୱର ନଜ ପୁତ୍ର ବଷୟରେ କୁହନ୍ତ:

"ହେ ପରମେଶ୍ୱର! ତୁମ୍ଭର ସିଂହାସନ ଅନନ୍ତକାଳସ୍ଥାୟୀ,
ତୁମ୍ଭେ ନ୍ୟାୟରେ ରାଜ୍ୟଶାସନ କରବ
୯ ତୁମ୍ଭେ ଧାର୍ମିକତାକୁ ଭଲ ପାଅ, ଓ ତୁମ୍ଭେ ଭୁଲକୁ
ଘୃଣା କର। ଅତଏବ ପରମେଶ୍ୱର, ତୁମ୍ଭ ପରମେଶ୍ୱର
ତୁମ୍ଭର ସଙ୍ଗୀମାନଙ୍କ ଅପେକ୍ଷା ତୁମ୍ଭକୁ ଅଧିକ ଆନନ୍ଦ
ପ୍ରଦାନ କରଛନ୍ତ।" ଗୀତସଂହତା ୪୫:୬-୭

୧୦ପରମେଶ୍ୱର ଏହା ମଧ କହନ୍ତ:

"ହେ ପ୍ରଭୁ! ତୁମ୍ଭେ ଆରମ୍ଭରେ ପୃଥିବୀ ନର୍ମାଣ
କଲ, ଓ ତୁମ୍ଭର ହାତ ଆକାଶ ନର୍ମାଣ କଲା।
୧୧ ଏହ ବଷୟ ଗୁଡକ ଲୋପ ପାଇବ, କନ୍ତୁ ତୁମ୍ଭେ
ନତ୍ୟସ୍ଥାୟୀ। ସମସ୍ତ ବଷୟ ବସ୍ତ୍ରଭଳ ପୁରୁଣା ହୋଇ
ଯିବ।
୧୨ ତୁମ୍ଭେ ଚାଦର ଭଳ ସେହସବୁ ଗୁଡ଼ାଇବ ଓ
ସେମାନେ ବସ୍ତ୍ର ଭଳ ପରବର୍ତ୍ତିତ ହେବେ। କନ୍ତୁ
ତୁମ୍ଭେ କଦାପି ବଦଳବ ନାହିଁ, ଓ ତୁମ୍ଭ ଜୀବନର
ଶେଷ ହେବ ନାହିଁ।"

ଗୀତସଂହତା ୧୦୨: ୨୫-୨୭

୧୩ପରମେଶ୍ୱର କେବେହେଲେ କୌଣସି ସ୍ୱର୍ଗଦୂତକୁ କହଛନ୍ତ
କ ଯେ:

"ଯେତେବେଳ ପର୍ଯ୍ୟନ୍ତ ମୁଁ ତୁମ୍ଭର ସମସ୍ତ ଶତ୍ରୁଙ୍କୁ
ତୁମ୍ଭ କର୍ତ୍ତୃତ୍ୱରେ ନ ଆଣିଛ, ସେ ପର୍ଯ୍ୟନ୍ତ ମୋ
ଡ଼ାହାଣରେ ବସିଥାଅ।"

ଗୀତସଂହତା ୧୧୦:୧

୧୪ସମସ୍ତ ସ୍ୱର୍ଗଦୂତ ଆତ୍ମା ଅଟନ୍ତ। ସେମାନେ ପରମେଶ୍ୱରଙ୍କ
ସେବା କରନ୍ତ ଏବଂ ଯେଉଁମାନେ ପରତ୍ରାଣ ପାଇଛନ୍ତ
ସେମାନଙ୍କୁ ସାହାଯ୍ୟ କରନ୍ତ।

---

**"ପରମେଶ୍ୱରଙ୍କର ... କରନ୍ତୁ।"** ଗ୍ରୀକ୍‌ର ଆଦପୁସ୍ତକର ଦ୍ୱିତୀୟ ବବରଣ: ୩୨:୪୩ ଓ ଏବ୍ରୀ ପ୍ରତିଲପିଟିରେ ଏହା ମିଳେ।

## ବ୍ୟବସ୍ଥା ଅପେକ୍ଷା ଆମ୍ଭର ପରିତ୍ରାଣ ସର୍ବଶ୍ରେଷ୍ଠ

୨ ଅତଏବ, ଆମ୍ଭକୁ ଶିଖା ଯାଇଥିବା କଥାଗୁଡ଼ିକୁ ପାଳନ
କରିବା ବିଷୟରେ ଅଧିକ ମନଯୋଗୀ ହେବା ଦରକାର,
ନଚେତ୍ ସତ୍ୟମାର୍ଗରୁ ବିଚଳିତ ହୋଇ ପଥଭ୍ରଷ୍ଟ ହେବୁ।
୨ସ୍ୱର୍ଗଦୂତମାନଙ୍କ ମାଧ୍ୟମରେ ପରମେଶ୍ୱର କହିଥିବା ଶିକ୍ଷା
ସତ୍ୟ ବୋଲି ଦେଖାଇ ଦିଆଗଲା। ପ୍ରତ୍ୟେକ ଥର
ଯିହୂଦୀମାନେ ତାହାର ବିରୁଦ୍ଧାଚରଣ କରି ଦଣ୍ଡ ପାଇଥିଲେ।
ଯେତେବେଳେ ସେହି ଶିକ୍ଷାକୁ ସେମାନେ ଅବମାନନା
କଲେ, ସେମାନେ ଦଣ୍ଡିତ ହେଲେ। ୩ଆମ୍ଭକୁ ଦତ୍ତ
ମହାପରିତ୍ରାଣ ଅବହେଳା କଲେ, ଆମ୍ଭେ ମଧ୍ୟ ନିଶ୍ଚିତ
ଭାବରେ ଦଣ୍ଡ ପାଇବା। ପ୍ରଭୁ ଯୀଶୁଖ୍ରୀଷ୍ଟ ହେଉଛନ୍ତି ପ୍ରଥମ
ବ୍ୟକ୍ତି, ଯିଏ ଲୋକମାନଙ୍କୁ ଏହି ପରିତ୍ରାଣ ବିଷୟରେ
କହିଲେ। ଯେଉଁମାନେ ଶୁଣିଲେ, ସେମାନେ ଆମ୍ଭକୁ ଏହାର
ସତ୍ୟତା ପ୍ରମାଣ କରି ଦେଖାଇଦେଲେ। ଆଶ୍ଚର୍ଯ୍ୟ କର୍ମ,
ନାନାଦି ଚିହ୍ନ ଓ ଅନେକ ପ୍ରକାରର ଅଦ୍‌ଭୁତ ୪କର୍ମ ଦ୍ୱାରା
ପରମେଶ୍ୱର ମଧ୍ୟ ଏହାର ପ୍ରମାଣ ଦେଲେ। ପରମେଶ୍ୱର
ଆପଣା ଇଚ୍ଛାନୁସାରେ ପବିତ୍ରଆତ୍ମାଙ୍କ ଅନ୍ୟାନ୍ୟ ଦାନ ଦ୍ୱାରା
ଏହା ପ୍ରମାଣିତ କରିଅଛନ୍ତି।

## ଲୋକମାନଙ୍କୁ ରକ୍ଷା କରିବାଲାଗି ଯୀଶୁଖ୍ରୀଷ୍ଟ ମାନବଦେହ ଧାରଣ କଲେ

୫ଯେଉଁ ଭାବୀଜଗତ ବିଷୟରେ ଆମ୍ଭେ ଆଲୋଚନା
କରୁଛୁ, ତାହାକୁ ଶାସନ କରିବା ପାଇଁ ପରମେଶ୍ୱର
ସ୍ୱର୍ଗଦୂତମାନଙ୍କୁ ବାଛି ନାହାନ୍ତି। ୬ଶାସ୍ତ୍ରରେ କୌଣସି ସ୍ଥାନରେ
ଏପରି ଲେଖା ଅଛି:

"ପରମେଶ୍ୱର! ତୁମ୍ଭେ କାହିଁକି ମନୁଷ୍ୟ ବିଷୟରେ
ଚିନ୍ତା କର? ତୁମ୍ଭେ କାହିଁକି ମନୁଷ୍ୟ ସନ୍ତାନ ପାଇଁ
ଚିନ୍ତିତ ହୁଅ? ସେ କ'ଣ ସତରେ ମହାନ ଅଟନ୍ତି
ଯେ
୭ ତୁମ୍ଭେ ସ୍ୱର୍ଗଦୂତଙ୍କ ଠାରୁ ତାହାକୁ ଅଳ୍ପକ୍ଷଣ ପାଇଁ
ନ୍ୟୁନ କରିଅଛ? ତୁମ୍ଭେ ତାହାକୁ ଗୌରବ ଓ
ସମ୍ମାନର ରାଜମୁକୁଟ ପିନ୍ଧାଇଅଛ,
୮ ଓ ପ୍ରତ୍ୟେକ ବିଷୟ ତା' ନିୟନ୍ତ୍ରଣରେ ରଖିଅଛ।"
ଗୀତସଂହିତା ୮:୪-୬

ଯଦି ପରମେଶ୍ୱର ପ୍ରତ୍ୟେକ ବିଷୟକୁ ତା'ର ବଶୀଭୂତ
କଲେ, ତାହାହେଲେ ଏପରି କୌଣସି ବିଷୟ ନାହିଁ,
ଯାହାକି ତାହାଙ୍କ ନିୟନ୍ତ୍ରଣାଧୀନ ନୁହେଁ। କିନ୍ତୁ ଆମ୍ଭେ ଏବେ
ସୁଦ୍ଧା ପ୍ରତ୍ୟେକ ବିଷୟ ଉପରେ ତାହାଙ୍କୁ କର୍ତ୍ତୃତ୍ୱ କରିବା
ଦେଖି ପାରୁନାହୁଁ। ୯ଅତି ଅଳ୍ପ ସମୟ ନିମନ୍ତେ ଯୀଶୁଙ୍କୁ
ସ୍ୱର୍ଗଦୂତମାନଙ୍କ ଠାରୁ ନିମ୍ନ ସ୍ତରରେ ରଖା ଯାଇଥିଲା, କିନ୍ତୁ
ଏବେ ଆମ୍ଭେ ଦେଖୁଛୁ ଯେ, ସେ ଗୌରବ ଓ ସମ୍ମାନର
ରାଜମୁକୁଟ ପିନ୍ଧିଛନ୍ତି। ଏହାର କାରଣ, ତାହାଙ୍କର ଦୁଃଖଭୋଗ
ଓ ମୃତ୍ୟୁ ଅଟେ। ପରମେଶ୍ୱରଙ୍କ ଅନୁଗ୍ରହ ହେତୁ ଯୀଶୁ
ପ୍ରତ୍ୟେକ ଲୋକଙ୍କ ପାଇଁ ମୃତ୍ୟୁ ବରଣ କଲେ।

୧୦ପରମେଶ୍ୱର ସମସ୍ତ ବିଷୟ ସୃଷ୍ଟି କରିଛନ୍ତି। ସମସ୍ତ
ବିଷୟ ଗୁଡ଼ିକ ତାହାଙ୍କ ମହିମା ପାଇଁ ଉଦ୍ଦିଷ୍ଟ। ଅନେକ
(ଲୋକ) ଯେପରି ତାହାଙ୍କ ଗୌରବରେ ପ୍ରବେଶ କରନ୍ତି
ଏହା ଇଚ୍ଛା କରି ସେ ଯୀଶୁଙ୍କୁ ଦୁଃଖଭୋଗ ମାଧ୍ୟମରେ
ସିଦ୍ଧ କଲେ, ତହିଁରେ ସେ ଲୋକମାନଙ୍କୁ ପରିତ୍ରାଣର ମାର୍ଗ
ଦେଖାଇଲେ।

୧୧ଯେଣୁ ଯେ ପବିତ୍ର କରନ୍ତି, ଓ ଯେଉଁମାନେ ପବିତ୍ର
ହୁଅନ୍ତି, ଦୁହେଁ ଗୋଟିଏ ପରିବାରର ଅଟନ୍ତି। ଅତଏବ
ଯୀଶୁ ସେମାନଙ୍କୁ ନିଜ ଭାଇ ଓ ଭଉଣୀ ଡାକିବାରେ
ଲଜ୍ଜାବୋଧ କରନ୍ତି ନାହିଁ। ଯୀଶୁ କୁହନ୍ତି:

୧୨ "ହେ ପରମେଶ୍ୱର, ମୁଁ ମୋର ଭାଇ(ଓ ଭଉଣୀ)ମାନଙ୍କୁ
ତୁମ୍ଭ ବିଷୟରେ କହିବି। ତୁମ୍ଭର ସବୁଲୋକ (ସାଧୁ)
ମାନଙ୍କ ଆଗରେ, ମୁଁ ତୁମ୍ଭର ପ୍ରଶଂସା ଗାଇବି।"
ଗୀତସଂହିତା ୨୨:୨୨

୧୩ସେ ଆହୁରି କହନ୍ତି:

"ମୁଁ ପରମେଶ୍ୱରଙ୍କୁ ବିଶ୍ୱାସ କରିବି।"
ଯିଶାଇୟ ୮:୧୭

ଓ ସେ କୁହନ୍ତି:

"ମୁଁ ଏହିଠାରେ ଅଛି। ଓ ପରମେଶ୍ୱରଙ୍କ ଦତ୍ତ
ସନ୍ତାନଗଣ ମଧ୍ୟ ମୋ ସହିତ ଅଛନ୍ତି।"
ଯିଶାଇୟ ୮:୧୮

୧୪ସେହି ସନ୍ତାନମାନେ ରକ୍ତମାଂସ ବିଶିଷ୍ଟ ଶରୀର
ଧାରଣ କରିଛନ୍ତି। ଅତଏବ ଯୀଶୁ ସେମାନଙ୍କ ଭଳି ରକ୍ତ
ମାଂସର ଶରୀର ଧାରଣ କଲେ। ସେପରି କରିବା ଦ୍ୱାରା,
ଯୀଶୁ ମୃତ୍ୟୁ ଶକ୍ତିର ନିଦାନ ଶୟତାନକୁ ବିନଷ୍ଟ କଲେ।
୧୫ମୃତ୍ୟୁ ଭୟରେ ସାରା ଜୀବନ ବନ୍ଧନ ଗ୍ରସ୍ତ ଲୋକଙ୍କୁ
ଉଦ୍ଧାର କରିବାପାଇଁ ଯୀଶୁ ମାନବରୂପ ଧାରଣ କରି ମୃତ୍ୟୁ
ବରଣ କଲେ। ୧୬କାରଣ ପ୍ରକୃତରେ ଯୀଶୁ ସ୍ୱର୍ଗଦୂତମାନଙ୍କ
ପ୍ରତି ମନଯୋଗୀ ନ ହୋଇ ଅବ୍ରାହାମର ସନ୍ତାନମାନଙ୍କୁ
ସାହାଯ୍ୟ କରନ୍ତି। ୧୭ଅତଏବ ସମସ୍ତ ବିଷୟରେ ସେ
ଆପଣା ଭାଇ ଓ ଭଉଣୀମାନଙ୍କ ପରି ହେବାକୁ ପଡ଼ିଲା।
ଯେପରି ପରମେଶ୍ୱରଙ୍କ ସେବାରେ ସେହି ଲୋକମାନଙ୍କର
ପାପର ପ୍ରାୟଶ୍ଚିତ୍ତ ସାଧନ ପାଇଁ ଦୟାଳୁ ଓ ବିଶ୍ୱସ୍ତ
ମହାଯାଜକ ହୁଅନ୍ତି। ୧୮ଯୀଶୁ ପରୀକ୍ଷିତ ହୋଇ ଦୁଃଖଭୋଗ
କରିଥିବାରୁ ପରୀକ୍ଷିତ ଲୋକମାନଙ୍କୁ ସାହାଯ୍ୟ କରିବା
ନିମନ୍ତେ ସକ୍ଷମ ଅଟନ୍ତି।

## ମୋଶାଙ୍କଠାରୁ ଯୀଶୁ ମହାନ

୩ ଅତଏବ ତୁମ୍ଭେମାନେ ସମସ୍ତେ ଯୀଶୁଙ୍କଠାରେ ମନ
ଦିଅ। ପରମେଶ୍ୱର ତାହାଙ୍କୁ ଆମ୍ଭପାଖକୁ ପଠାଇଛନ୍ତି।
ସେ ଆମ୍ଭ ବିଶ୍ୱାସର ମହାଯାଜକ। ମୋ ପବିତ୍ର ଭାଇ(ଓ

ଭଉଣୀ)ମାନେ, ମୁଁ ଏକାଥା ତୁମ୍ଭମାନଙ୍କୁ କହୁଛ ଯେ,
ପରମେଶ୍ୱର ତୁମ୍ଭମାନଙ୍କୁ ସମସ୍ତଙ୍କୁ ଆହ୍ୱାନ କରଛନ୍ତ।
୨ପରମେଶ୍ୱର ଯୀଶୁଙ୍କୁ ମହାଯାଜକ ସ୍ୱରୂପେ ଆମ୍ଭ ପାଖକୁ
ପଠାଇଛନ୍ତ। ମୋଶାଙ୍କ ପର ଯୀଶୁ ମଧ ପରମେଶ୍ୱରଙ୍କ
ପ୍ରତି ବଶ୍ୱସ୍ତ ଥିଲେ। ଈଶ୍ୱରଙ୍କ ଗୃହରେ ଈଶ୍ୱର ଇଚ୍ଛା
କରୁଥିବା ସମସ୍ତ କାର୍ଯ୍ୟ ସେ କଲେ। ୩ଯେତେବେଳେ
ଜଣେ ଲୋକ ଘରଟିଏ ତିଆର କରେ, ଲୋକେ ଘର
ତୁଳନାରେ ସେହ ଲୋକକୁ ଅଧିକ ସମ୍ମାନ ଦଅନ୍ତ।
ଯୀଶୁଙ୍କ ପାଇଁ ମଧ ଏହା ପ୍ରଯୁଜ୍ୟ। ମୋଶାଙ୍କ ତୁଳନାରେ
ଯୀଶୁ ଅଧିକ ସମ୍ମାନର ଯୋଗ୍ୟ। ୪ପ୍ରତ୍ୟେକ ଘର କୌଣସି
ଲୋକ ଦ୍ୱାରା ନର୍ମିତ। ୫କନ୍ତୁ ପରମେଶ୍ୱର ସମସ୍ତ ବଷୟ
ନର୍ମାଣ କରଛନ୍ତ। ପରମେଶ୍ୱରଙ୍କ ଗୃହରେ ମୋଶା ଜଣେ
ସେବକ ରୂପେ ବଶ୍ୱସ୍ତ ଥିଲେ। ପରମେଶ୍ୱର ଭବଷ୍ୟତରେ
ଯାହା କଛ କହବେ, ସେ ଲୋକମାନଙ୍କୁ ସେହ କଥା
କହ ଥିଲେ। ୬କନ୍ତୁ ଖ୍ରୀଷ୍ଟ ପୁତ୍ର ଭାବେ ପରମେଶ୍ୱରଙ୍କ
ଗୃହର ତତ୍ତ୍ୱାବଧାନରେ ବଶ୍ୱସ୍ତ ଥିଲେ। ଆମ୍ଭେ ବଶ୍ୱାସୀଗଣ
ପରମେଶ୍ୱରଙ୍କ ଗୃହ ସ୍ୱରୂପ (ପରବାର) ଅଟୁ। ଯଦ ଆମ୍ଭେ
ସେହ ମହତ୍ ଆଶାର ଅପେକ୍ଷାରେ ଦୃଢ଼ ଓ ଅଟଳ
ରହବା, ତା'ହେଲେ ଆମ୍ଭ ଅନ୍ତରରେ ପରମେଶ୍ୱର ବାସ
କରବେ।

**ଆମ୍ଭେ ପରମେଶ୍ୱରଙ୍କୁ ଅନୁସରଣ କର ଚାଲ ଥିବା**

୭ଅତଏବ ପବତ୍ର ଆତ୍ମା କୁହନ୍ତ:

"ଯଦ ତୁମ୍ଭେମାନେ 'ଆଜି' ପରମେଶ୍ୱରଙ୍କ ବାକ୍ୟ
ଶୁଣ,
୮ ତେବେ ମରୁଭୂମିରେ ପରମେଶ୍ୱରଙ୍କୁ ପରୀକ୍ଷା କରବା
ଦନ ଯେପ୍ରକାର ପରମେଶ୍ୱରଙ୍କ ବରୁଦ୍ଧରେ ଥିଲେ,
ସେପ୍ରକାର ପୂର୍ବପର ତୁମ୍ଭମାନଙ୍କ ହୃଦୟ କଠିନ ନ
କର।
୯ ଚାଳଶ ବର୍ଷ ଧର ତୁମ୍ଭ ଲୋକମାନେ ମରୁଭୂମିରେ
ମୋର କାର୍ଯ୍ୟ ଗୁଡକ ଦେଖିଲେ। ତଥାପି ସେମାନେ
ମୋ ଧୈର୍ଯ୍ୟର ପରୀକ୍ଷା ନେଲେ।
୧୦ ସେଥିପାଇଁ ମୁଁ ସେହଲୋକମାନଙ୍କ ପ୍ରତି କ୍ରୁଦ୍ଧ ଥିଲ।
ମୁଁ କହଥିଲ, ସେ ଲୋକମାନଙ୍କର ଚନ୍ତାଧାରା
ସର୍ବଦା ଭୁଲ ଅଟେ। ସେମାନେ ମୋର ମାର୍ଗ
ବୁଝନ୍ତ ନାହିଁ।
୧୧ ଅତଏବ ମୁଁ କ୍ରୋଧରେ ପ୍ରତଜ୍ଞା କର କହଥିଲ-
'ସେ ଲୋକମାନେ କେବେହେଲେ ମୋର ବଶ୍ରାମ
ସ୍ଥଳରେ* ପ୍ରବେଶ କରବେ ନାହିଁ।'"

ଗୀତସଂହତା ୯୫:୭-୧୧

୧୨ଅତଏବ ଭାଇ (ଓ ଭଉଣୀ) ମାନେ, ତୁମ୍ଭ ମଧରେ
କେହ ପାପ ନ କର, ଅବଶ୍ୱାସୀ ନ ହୁଅ, ଓ ଜୀବତ
ପରମେଶ୍ୱରଙ୍କ ପ୍ରତି ବମୁଖ ନ ହୁଅ, ଏଥିପାଇଁ ସାବଧାନ
ରୁହ। ୧୩କନ୍ତୁ ପରସ୍ପରକୁ ପ୍ରତିଦନ ଉତ୍ସାହତ କର।
'ଆଜିଦନ' ରେ ପ୍ରଭୁଙ୍କ ପ୍ରତି ମନ ଦଅ। ପାପର
ଛଳନାପୂର୍ଣ୍ଣ ପ୍ରଲୋଭନରେ ପଡ଼ ଲୋକେ ଯେପର ହୃଦୟ
କଠିନ ନ କରନ୍ତ, ଏଥିପାଇଁ ପରସ୍ପରକୁ ସାହାଯ୍ୟ କର।
୧୪କାରଣ ପ୍ରାରମ୍ଭରୁ ତୁମ୍ଭର ଯେଉଁ ଦୃଢ ବଶ୍ୱାସ ଥିଲା,
ତାହା ଯଦ ଶେଷ ପର୍ଯ୍ୟନ୍ତ ବଜାୟ ରଖିବ, ତାହାହେଲେ
ଯୀଶୁଖ୍ରୀଷ୍ଟଙ୍କ ସମସ୍ତ ଅଧିକାରରେ ସହଭାଗୀ ହେବ। ୧୫ଏହାହିଁ
ଶାସ୍ତ୍ର ମଧ କୁହେ:

"ତୁମ୍ଭେମାନେ ଯଦ ଆଜି ପରମେଶ୍ୱରଙ୍କ ବାକ୍ୟ
ଶୁଣ, ତା'ହେଲେ ଅତୀତରେ ଯେପର ତୁମ୍ଭେମାନେ
ପରମେଶ୍ୱରଙ୍କ ବରୁଦ୍ଧାଚରଣ କରଥିଲ, ସେପର
ଆପଣା ହୃଦୟ, କଠିନ ନ କର।"

ଗୀତସଂହତା ୯୫:୭-୮

୧୬ପରମେଶ୍ୱରଙ୍କ ବାକ୍ୟ ଶୁଣି କେଉଁମାନେ ତାହାଙ୍କର
ବରୁଦ୍ଧାଚରଣ କରଥିଲେ? ଯେଉଁମାନେ ମୋଶାଙ୍କ ଦ୍ୱାରା
ମିସର ଦେଶରୁ ବାହାର ଆସିଥିଲେ, ଏମାନେ ସେହ
ଲୋକ ଅଟନ୍ତ। ୧୭ପରମେଶ୍ୱର ଚାଳଶ ବର୍ଷ ଧର କାହା
ପ୍ରତି କ୍ରୋଧ କରଥିଲେ? ଯେଉଁମାନେ ପାପ କରଥିଲେ
ସେମାନଙ୍କ ପ୍ରତି ପରମେଶ୍ୱର କ୍ରୋଧ କରଥିଲେ। ସେମାନେ
ମରୁଭୂମିରେ ମଲେ। ୧୮ପରମେଶ୍ୱରଙ୍କର କେଉଁ ଲୋକମାନେ
ତାହାଙ୍କର ବଶ୍ରାମସ୍ଥଳରେ ପ୍ରବେଶ କରବେ ନାହିଁ ବୋଲ
ପ୍ରତଜ୍ଞା କରଥିଲେ? ପରମେଶ୍ୱରଙ୍କ ଆଜ୍ଞାର ଅବାଧ ହେଉଥିବା
ଲୋକମାନଙ୍କୁ ସେ ଏହା କହଥିଲେ। ୧୯ଅତଏବ ଆମ୍ଭେ
ଦେଖୁଛୁ ଯେ, ସେମାନେ ନଜ ଅବଶ୍ୱାସ ହେତୁ ସେଠାରେ
ପ୍ରବେଶ କରବା ପାଇଁ ଅସମର୍ଥ ହେଲେ।

୪ ପରମେଶ୍ୱରଙ୍କ ବଶ୍ରାମସ୍ଥଳରେ ପ୍ରବେଶ କରବାର
ପ୍ରତଜ୍ଞା ଥିବା ସ୍ଥଳେ ସୁଦ୍ଧା ଆମ୍ଭମାନଙ୍କ ମଧରୁ
କେହ ଯେପର ଏଥିରୁ ବଞ୍ଚିତ ନ ହେଉ, ଏଥିପାଇଁ
ସତର୍କତାର ଜୀବନ କାଟବା ଉଚତ। ୨କାରଣ ସେମାନଙ୍କ
ନକଟରେ ଯେପର, ଆମ୍ଭମାନଙ୍କ ନକଟରେ ସେପର ସୁସମାଚାର
କୁହାଯାଇଅଛ, କନ୍ତୁ ସେମାନେ ଶୁଣି ମଧ ତାହାକୁ
ବଶ୍ୱାସପୂର୍ବକ ନଜସ୍ୱ ନ କରବାରୁ ସେମାନଙ୍କ ପକ୍ଷରେ
ସୁସମାଚାର ଲାଭଜନକ ହେଲା ନାହିଁ। ୩ଆମ୍ଭେ ବଶ୍ୱାସୀ
ଲୋକମାନେ ବଶ୍ରାମ ସ୍ଥଳରେ ପ୍ରବେଶ କରବାକୁ ସକ୍ଷମ
ଅଟୁ। ଯେପର ପରମେଶ୍ୱର କହଅଛନ୍ତ:

"ମୁଁ କ୍ରୋଧରେ ପ୍ରତଜ୍ଞା କର କହଥିଲ- ସେ
ଲୋକମାନେ କେବେହେଲେ ମୋର ବଶ୍ରାମସ୍ଥଳରେ
ପ୍ରବେଶ କରବେ ନାହିଁ।"

ଗୀତସଂହତା ୯୫:୧୧

ପରମେଶ୍ୱର ଏହା କହଲେ। କନ୍ତୁ ଜଗତ ସୃଷ୍ଟି କରବା
ଦନଠାରୁ ପରମେଶ୍ୱରଙ୍କ କାମ ସର ଯାଇ ଥିଲା। ୪ଶାସ୍ତ୍ର
କୌଣସି ସ୍ଥାନରେ ପରମେଶ୍ୱର ସପ୍ତାହର ସପ୍ତମ ଦନ

---

**ବିଶ୍ରାମ ସ୍ଥଳ** ଲୋକମାନଙ୍କୁ ବଶ୍ରାମ ଦେବା ପାଇଁ ପ୍ରତଜ୍ଞା କର
ଥିବା ସ୍ଥଳ।

ବିଷୟରେ କହିଛନ୍ତି: "ସପ୍ତମ ଦିନରେ ପରମେଶ୍ୱର ନିଜର
ସମସ୍ତ କାମରୁ ବିଶ୍ରାମ ନେଲେ।"* ୫ପରମେଶ୍ୱର ଆଉ
ଏକ ଶାସ୍ତ୍ରରେ କହିଛନ୍ତି: "ସେହି ଲୋକମାନେ କେବେହେଲେ
ମୋର ବିଶ୍ରାମ ସ୍ଥଳରେ ପ୍ରବେଶ କରିବେ ନାହିଁ।"*
୬ଯେଉଁଲୋକମାନଙ୍କୁ ଆଗରୁ ସୁସମାଚାର ଶୁଣା ଯାଇ
ଥିଲା, ନିଜର ଅବଜ୍ଞା ଯୋଗୁ ସେମାନେ ବିଶ୍ରାମସ୍ଥଳରେ
ପ୍ରବେଶ କରି ପାରିଲେ ନାହିଁ କିନ୍ତୁ ଏବେ ମଧ୍ୟ କେତେ
ଲୋକ ପରମେଶ୍ୱରଙ୍କ ବିଶ୍ରାମସ୍ଥଳରେ ପ୍ରବେଶ କରିବାକୁ
ବାକି ଥିବାରୁ ପରମେଶ୍ୱର ଆଉ ଗୋଟିଏ ବିଶେଷ ଦିନ
ଅର୍ଥାତ 'ଆଜି ଦିନ'* ନିରୂପଣ କଲେ। ୭ଏହି ଦିନଟି
ବିଷୟରେ ପରମେଶ୍ୱର ବହୁତ ଦିନ ପରେ ଦାଉଦଙ୍କ
ମାଧ୍ୟମରେ କହିଛନ୍ତି। ସେହି ଶାସ୍ତ୍ରରେ, ଆମ୍ଭେ ପୂର୍ବରୁ
କହିଛୁ:

> "ଯଦି ତୁମ୍ଭେମାନେ 'ଆଜି' ପରମେଶ୍ୱରଙ୍କ ବାଣୀ
> ଶୁଣିଛ, ତାହାହେଲେ ପୂର୍ବପରି ଆପଣା ହୃଦୟ
> କଠିନ ନ କର।"
>
> ଗୀତସଂହିତା, ୯୫:୭-୮

୮ଆମ୍ଭେ ଜାଣୁ ଯେ ଯିହୋଶୂୟ ଲୋକଙ୍କୁ ଈଶ୍ୱରଙ୍କ
ପ୍ରତିଜ୍ଞାତ ବିଶ୍ରାମସ୍ଥଳକୁ ନେଇ ଯାଇ ନ ଥିଲେ। ଯଦି ସେ
ନେଇଥାନ୍ତେ, ତେବେ ପରମେଶ୍ୱର ବିଶ୍ରାମ ପାଇଁ ଆଉ
ଗୋଟିଏ ଦିନ 'ଆଜି' ବୋଲି ଘୋଷଣା କରି ନ ଥାନ୍ତେ।
୯ଏହା ପ୍ରମାଣିତ କରେ ଯେ, ପରମେଶ୍ୱରଙ୍କ ଲୋକମାନଙ୍କ
ଲାଗି ସପ୍ତମ ଦିନର ବିଶ୍ରାମ ଭୋଗିବାର ବାକି ଅଛି।
୧୦ପରମେଶ୍ୱର ନିଜ କାମ ସମାପ୍ତ କଲା ପରେ ବିଶ୍ରାମ
କଲେ। ସେପ୍ରକାର ପରମେଶ୍ୱରଙ୍କ ପରି ମନୁଷ୍ୟ ଆପଣା
କାର୍ଯ୍ୟ ସମାପ୍ତ କଲାପରେ ବିଶ୍ରାମ ପାଇଥାଏ। ୧୧ଅତଏବ,
ଆମ୍ଭେ ପରମେଶ୍ୱରଙ୍କ ସେହି ବିଶ୍ରାମ ସ୍ଥଳରେ ପ୍ରବେଶ
କରିବା ପାଇଁ କଠିନ ଚେଷ୍ଟା କରିବା ଆବଶ୍ୟକ। ପରମେଶ୍ୱରଙ୍କ
ଆଜ୍ଞା ପାଳନ ନ କରି ଯେଉଁମାନେ ବିଶ୍ରାମ ସ୍ଥଳରେ
ପ୍ରବେଶ କରିପାରନ୍ତି ନାହିଁ, ସେହି ଲୋକମାନଙ୍କ ପଦାଙ୍କ
ଅନୁସରଣ କରି ଆମ୍ଭମାନଙ୍କ ମଧ୍ୟରୁ କେହି ଯେପରି ପଡି
ନ ଯାଆନ୍ତି; ସେଥିପାଇଁ ଆମ୍ଭେମାନେ ଯଥାସାଧ୍ୟ ପରିଶ୍ରମ
କରିବା ଆବଶ୍ୟକ।
୧୨ପରମେଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ
ଅଟେ। ତାହାଙ୍କର ବାକ୍ୟ ଯେ କୌଣସି ଦ୍ୱିଧାର ଖଡ୍ଗ
ଠାରୁ ମଧ୍ୟ ଅଧିକ ଧାରୁଆ। ପରମେଶ୍ୱରଙ୍କ ବାକ୍ୟ ଆମ୍ଭ
ପ୍ରାଣ, ଆତ୍ମା, ହାଡ଼ ଓ ମଜ୍ଜାର ସନ୍ଧିସ୍ଥଳ ଭେଦ କରିପାରେ।
ଏହା ହୃଦୟର ଚିନ୍ତା ଓ ଭାବର ବିଚାର କରେ। ୧୩ସମଗ୍ର
ବିଶ୍ୱରେ ପରମେଶ୍ୱରଙ୍କ ଦୃଷ୍ଟିରେ କୌଣସି କଥା ଲୁଚି ରହି
ପାରେ ନାହିଁ। ସେ ସ୍ପଷ୍ଟ ଭାବରେ ସବୁ କିଛି ଦେଖି
ପାରନ୍ତି। ତାହାଙ୍କ ସମ୍ମୁଖରେ ସମସ୍ତ ବିଷୟ ଅନାବୃତ।
ଆମ୍ଭେ କିପରି ଜୀବନଯାପନ କରିଛୁ ତାହାଙ୍କ ଛାମୁରେ
ତହିଁର ହିସାବ ଦେବାକୁ ହେବ।

## ଯୀଶୁ ଆମ୍ଭକୁ ପରମେଶ୍ୱରଙ୍କ ସମ୍ମୁଖୀନ ହେବାରେ ସାହାଯ୍ୟ କରନ୍ତି

୧୪ପୁତ୍ର ପ୍ରଭୁ ଯୀଶୁ ପରମେଶ୍ୱରଙ୍କ ସହିତ ରହିବା ପାଇଁ
ସ୍ୱର୍ଗକୁ ଯାଇଛନ୍ତି। ସେ ହେଉଛନ୍ତି ଆମ୍ଭର ପ୍ରଧାନ
ମହାଯାଜକ। ୧୫ଅତଏବ ଆମ୍ଭେ ଆମ୍ଭମାନଙ୍କ ବିଶ୍ୱାସରେ
ଦୃଢ଼ ରହିବା ଉଚିତ। ମହାଯାଜକ ଯୀଶୁ ଆମ୍ଭର ସମସ୍ତ
ଦୁର୍ବଳତା ଜାଣନ୍ତି। ଜଗତରେ ଥିବା ବେଳେ ସେ ପ୍ରତ୍ୟେକ
ଭାବରେ ପରୀକ୍ଷିତ ହେଲେ। ୧୬ଆମ୍ଭେମାନେ ଉପଯୁକ୍ତ
ସମୟରେ ଦୟା ଓ କୃପାପ୍ରାପ୍ତି ନିମନ୍ତେ ପରମେଶ୍ୱରଙ୍କ
ଅନୁଗ୍ରହଜନକ ସିଂହାସନ ନିକଟକୁ ଆମ୍ଭର ମହାଯାଜକ
ଯୀଶୁଙ୍କ ସହ ସମ୍ପୂର୍ଣ୍ଣ ଭରସାର ସହ ଯାଇପାରିବା।

**୫** ପ୍ରତ୍ୟେକ ଯିହୂଦୀ ମହାଯାଜକ ପୁରୁଷମାନଙ୍କ ଭିତରୁ
ମନୋନୀତ ହୁଅନ୍ତି। ପରମେଶ୍ୱରଙ୍କୁ ଆପଣା ପାପ
ନିମନ୍ତେ ନୈବେଦ୍ୟ ଓ ବଳି ଉତ୍ସର୍ଗ କରିବା ନିମନ୍ତେ
ସେହି ମହାଯାଜକ ଲୋକମାନଙ୍କୁ ସାହାଯ୍ୟ କରନ୍ତି।
୨ଅନ୍ୟଲୋକମାନଙ୍କ ଭଳି ମହାଯାଜକର ମଧ୍ୟ ଦୁର୍ବଳତା
ରହିଛି, ତେଣୁ ସେ ଅଜ୍ଞାନ ଓ ଭ୍ରାନ୍ତ ଲୋକମାନଙ୍କ ପ୍ରତି
ସହାନୁଭୂତି ଦେଖାଇବାକୁ ସମର୍ଥ। ୩ମହାଯାଜକ
ଅନ୍ୟଲୋକମାନଙ୍କ ପାପ ନିମନ୍ତେ ବଳି ଉତ୍ସର୍ଗ କରନ୍ତି
କିନ୍ତୁ ତାହାଙ୍କର ନିଜର ମଧ୍ୟ ଦୁର୍ବଳତା ଥିବା ହେତୁରୁ ସେ
ମଧ୍ୟ ନିଜ ପାପ ପାଇଁ ବଳି ଉତ୍ସର୍ଗ କରିବା ଉଚିତ।
୪ମହାଯାଜକ ହେବା ଏକ ସମ୍ମାନର ବିଷୟ। କିନ୍ତୁ
କେହି ହେଲେ ନିଜେ ଏହି କାମ ପାଇଁ ବାଛେ ନାହିଁ।
ଜଣଙ୍କୁ ପରମେଶ୍ୱରଙ୍କ ଦ୍ୱାରା ଆହୂତ ହେବାକୁ ପଡ଼ିବ,
ଯେପରି ହାରୋଣ ଆହୂତ ହୋଇଥିଲେ। ୫ଖ୍ରୀଷ୍ଟ ମଧ୍ୟ
ସେହି ଡ଼କା ହୋଇଥିଲେ। ସେ ପରମେଶ୍ୱରଙ୍କ ଦ୍ୱାରା ସେ
ମନୋନୀତ ହୋଇଥିଲେ। ପରମେଶ୍ୱର ତାହାଙ୍କୁ କହିଲେ:

> "ତୁମ୍ଭେ ମୋର ପୁତ୍ର; ଆଜି ଆମ୍ଭେ ତୁମ୍ଭର ପିତା
> ହେଲୁ।"
>
> ଗୀତସଂହିତା ୨:୭

୬ଅନ୍ୟ ଗୋଟିଏ ସ୍ଥାନରେ (ଶାସ୍ତ୍ରରେ) ପରମେଶ୍ୱର କୁହନ୍ତି:

> "ମଲ୍କୀସେଦକଙ୍କ ପରି ତୁମ୍ଭେ ଅନନ୍ତକାଳୀନ ଯାଜକ
> ଅଟ।"
>
> ଗୀତସଂହିତା ୧୧୦:୪

୭ଖ୍ରୀଷ୍ଟ ଜଗତରେ ଥିଲାବେଳେ ଯେ, ତାହାଙ୍କୁ ମୃତ୍ୟୁରୁ
ରକ୍ଷା କରିବାକୁ ସମର୍ଥ, ସେହି ପରମେଶ୍ୱରଙ୍କୁ ଆକୁଳଭାବରେ
ଅଶ୍ରୁପାତ ସହ ପ୍ରାର୍ଥନା ଓ ବିନତି ଉତ୍ସର୍ଗ କରିଥିଲେ।
ଯେହେତୁ ଯୀଶୁ ପରମେଶ୍ୱରଙ୍କ ଇଚ୍ଛାନୁସାରେ କାମ କରୁଥିଲେ
ଓ ନମ୍ର ଥିଲେ, ତେଣୁ ପରମେଶ୍ୱର ତାହାଙ୍କ ପ୍ରାର୍ଥନାରେ
ପ୍ରତ୍ୟୁତ୍ତର ଦେଇଥିଲେ। ୮ଯୀଶୁ ପରମେଶ୍ୱରଙ୍କ ପୁତ୍ର ଥିଲେ।

---

**"ସପ୍ତମ ଦିନରେ ... ନେଲେ।"** ଆଦିପୁସ୍ତକ ୨:୨
**"ସେହି ଲୋକମାନେ .... ନାହିଁ।"** ଗୀତସଂହିତା ୯୫:୧୧
**'ଆଜିଦିନ'** ଏହାର ଅର୍ଥ 'ଏବେ' କରିବା।

ତଥାପି ଦୁଃଖଭୋଗ ଦ୍ୱାରା ଆଜ୍ଞା ବହିତା ଶିଖିଲେ। ୯ପୁଣି
ଯୀଶୁ ନିର୍ଦ୍ଦୋଷ ଥିଲେ। ଅତଏବ ଯେଉଁମାନେ ତାହାଙ୍କର
ଆଜ୍ଞା ମାନନ୍ତି ସେମାନେ ଅନନ୍ତ ଜୀବନ ପାଇପାରିବେ।
ପରମେଶ୍ୱର ମଲକୀସେଦକଙ୍କ ଭଳି ଯୀଶୁଙ୍କୁ ମହାଯାଜକ
ରୂପେ ବାଛିଲେ।

## ପତନ ବିରୁଦ୍ଧରେ ସତର୍କବାଣୀ

୧୧ଏ ବିଷୟରେ ଆମ୍ଭର ତୁମ୍ଭମାନଙ୍କୁ ଅନେକ କଥା
କହିବା ପାଇଁ ଅଛି। କିନ୍ତୁ ଯେହେତୁ ତୁମ୍ଭେମାନେ ଅବୁଝା
ହେଉଛ, ଏହାକୁ ବୁଝାଇବା କଷ୍ଟକର। ୧୨ବର୍ତ୍ତମାନ ପର୍ଯ୍ୟନ୍ତ
ଯେତିକି ସମୟ ଅତିବାହିତ ହୋଇ ଗଲାଣି, ତୁମ୍ଭେମାନେ
ଶିକ୍ଷକ (ଉପଦେଶକ) ହୋଇ ସାରନ୍ତଣି। କିନ୍ତୁ ଯାହା ଜଣା
ପଡ଼େ, ପରମେଶ୍ୱରଙ୍କ ଶିକ୍ଷାର ପ୍ରାଥମିକ ମୌଳିକ ପାଠଗୁଡ଼ିକୁ
ତୁମ୍ଭମାନଙ୍କୁ ଶିଖାଇବା ପାଇଁ ଜଣେ ଲୋକ ଦରକାର।
ଶିଶୁମାନଙ୍କୁ ଦୁଧ ଦରକାର ହେଲା ଭଳି, ତୁମ୍ଭେମାନେ
ଏବେ ମଧ୍ୟ ପ୍ରାରମ୍ଭିକ ଶିକ୍ଷା କରୁଛ। ତୁମ୍ଭେମାନେ କଠିଣ
ଆହାର ଖାଇବା ପାଇଁ ପ୍ରସ୍ତୁତ ହୋଇ ନାହଁ। ୧୩ଯେ
କେବଳ ଦୁଧ ଖାଇ ବଞ୍ଚେ, ସେ ଶିଶୁପରି। ସେ ବ୍ୟକ୍ତି
ଉଚିତ ଶିକ୍ଷା କଣ ତାହା ଜାଣିନାହିଁ। ସେମାନେ ଭଲ ଓ
ମନ୍ଦର ପାର୍ଥକ୍ୟ ନିରୂପଣ କରିବା ପାଇଁ ଆତ୍ମିକ ଶିକ୍ଷା
ଗୁଡ଼ିକ ଲାଭ କରିଛନ୍ତି। ୧୪କିନ୍ତୁ କଠିଣ ଖାଦ୍ୟ ସେହିମାନଙ୍କ
ପାଇଁ ଯେଉଁମାନେ ଶିଶୁପରି ବ୍ୟବହାର ବନ୍ଦ କରି ଦେଇଛନ୍ତି।
ଏହା ସେହିମାନଙ୍କ ପାଇଁ ଯେଉଁମାନେ ଆତ୍ମାରେ ବୃଦ୍ଧି
ପାଇଛନ୍ତି।

୬ ଅତଏବ ଖ୍ରୀଷ୍ଟଙ୍କ ବିଷୟରେ ପ୍ରାରମ୍ଭିକ ଶିକ୍ଷାର
ସମାପ୍ତି ଘଟାଇବା ଦରକାର। ଆମ୍ଭେ ଯେଉଁ ସବୁ
କାର୍ଯ୍ୟ କରିବା ଆରମ୍ଭ କରିଛୁ, ତହିଁରୁ ପଶ୍ଚାତପଦ ହେବା
ନାହିଁ। ଯେତେବେଳେ ଆମ୍ଭେ ଖ୍ରୀଷ୍ଟଙ୍କଠାରେ ଆମ୍ଭ ଜୀବନ
ଆରମ୍ଭ କରିଲୁ, ଆମ୍ଭେମାନେ ମନ୍ଦକର୍ମରୁ ବିମୁଖ ହୋଇ
ପରମେଶ୍ୱରଙ୍କଠାରେ ବିଶ୍ୱାସ କଲୁ। ୨ସେତେବେଳେ ଆମ୍ଭେ
ବାପ୍ତିସ୍ମ ବିଷୟରେ, ଲୋକଙ୍କୁ ହସ୍ତାର୍ପଣ କରିବା ବିଷୟରେ,
ମୃତ୍ୟୁରୁ ପୁନରୁତ୍ଥିତ ହେବା ବିଷୟରେ ଓ ଶେଷ ବିଚାର
ବିଷୟରେ ଶିକ୍ଷା ପାଇଥିଲୁ। କିନ୍ତୁ ଏବେ ଆମ୍ଭେ ସିଦ୍ଧିଲାଭ
କରିବାକୁ ଅଗ୍ରସର ହେବା ଉଚିତ। ୩ହଁ ଯଦି ପରମେଶ୍ୱର
ଅନୁମତି ଦିଅନ୍ତି, ଆମ୍ଭେ ଏପରି କରିବା।
୪-୬ଲୋକମାନେ ଖ୍ରୀଷ୍ଟଙ୍କ ମାର୍ଗ ଛାଡି ଦେଲା ପରେ
କ'ଣ ତୁମ୍ଭେମାନେ ସେମାନଙ୍କ ଜୀବନ କେବେ ପରିବର୍ତ୍ତିତ
କରି ପାରିବ? ଯେଉଁମାନେ ସତ୍ୟର ଶିକ୍ଷା ପାଇ ସାରିଛନ୍ତି
ମୁଁ ସେମାନଙ୍କୁ ଏହା କହୁଛି। ସେମାନେ ପରମେଶ୍ୱରଙ୍କ
ଦାନ ପ୍ରାପ୍ତ କରି, ଓ ପବିତ୍ର ଆତ୍ମାଙ୍କ ସହଭାଗୀ ହୋଇଛନ୍ତି।
ସେମାନେ ପରମେଶ୍ୱରଙ୍କ କଥା ଶୁଣିଲେ ଓ ପରମେଶ୍ୱରଙ୍କ
ଭାବୀ ଜଗତର ମହାନ୍ ଶକ୍ତି ଗୁଡିକୁ ଦେଖିଥିଲେ।
ସେମାନେ ତହିଁର ଉତ୍ତମତା ଜୀବନରେ ଉପଲବ୍ଧି କରିଛନ୍ତି।
କିନ୍ତୁ ତା'ପରେ ମଧ୍ୟ ସେମାନେ ଖ୍ରୀଷ୍ଟଙ୍କ ମାର୍ଗ ଛାଡିଛନ୍ତି।
ସେମାନେ ଯୀଶୁଙ୍କୁ ପୁନର୍ବାର କ୍ରୁଶରେ ଚଢ଼ାଇ କଣ୍ଟା
ମାରୁଛନ୍ତି। ସେମାନେ ସମସ୍ତଙ୍କ ଆଗରେ ଯୀଶୁଖ୍ରୀଷ୍ଟଙ୍କୁ
ଅପମାନିତ କରୁଛନ୍ତି।

୭ସେ ଲୋକମାନେ ହେଉଛନ୍ତି ପ୍ରଚୁର ବୃଷ୍ଟି ହେଉଥିବା
କ୍ଷେତ୍ର ସଦୃଶ। କୃଷକ ଲୋକମାନଙ୍କ ପାଇଁ ଶସ୍ୟ ଉତ୍ପନ୍ନ
କରିବା ନିମନ୍ତେ ସେହି କ୍ଷେତ୍ରର ରକ୍ଷଣ ବେକ୍ଷଣ କରେ।
ଯଦି ସେହି କ୍ଷେତ୍ର ଲୋକମାନଙ୍କ ପାଇଁ ଉପଯୋଗୀ ଫସଲ
ଉତ୍ପନ୍ନ କରେ, ତାହା, ପରମେଶ୍ୱରଙ୍କର ଆଶୀର୍ବାଦ ପାଏ।
୮କିନ୍ତୁ ଯଦି ସେହି କ୍ଷେତ୍ର କଣ୍ଟା ଓ ଅନାବନା (ବିଣୁଆ)
ଘାସ ଉତ୍ପନ୍ନ କରେ, ତାହେଲେ ତାହା ଅକାମୀ ଅଟେ।
ସେହି ଭୂମି ପରମେଶ୍ୱରଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇ ଅଭିଶପ୍ତ
ହୁଏ, ଓ ଶେଷରେ ତାହା ଅଗ୍ନି ଦ୍ୱାରା ବିନଷ୍ଟ ହେବ।
୯ପ୍ରିୟ ମିତ୍ରଗଣ! ଆମ୍ଭେ ତୁମ୍ଭମାନଙ୍କୁ ଏହି କଥା
କହୁଛୁ। କିନ୍ତୁ ପ୍ରକୃତରେ ଆମ୍ଭେ ତୁମ୍ଭମାନଙ୍କଠାରୁ ଅଧିକ
ଉତ୍ତମ ବିଷୟ ଆଶା କରୁ। ଆମ୍ଭେ ନିଶ୍ଚିତ ଯେ
ତୁମ୍ଭେମାନେ ପରିତ୍ରାଣର କଥା ଆମ୍ଭକୁ କହିବ। ତୁମ୍ଭେମାନେ
ତାହାଙ୍କ ଲୋକମାନଙ୍କୁ ସାହାଯ୍ୟ କରି ଯେଉଁ ପ୍ରେମଭାବ
ପ୍ରଦର୍ଶିତ କରିଛ, ସେହି ଭଲ କାମକୁ ପରମେଶ୍ୱର
ସଦାସର୍ବଦା ମନେ ରଖିବେ। ୧୦ପରମେଶ୍ୱର ହେଉଛନ୍ତି
ନ୍ୟାୟୀ। ତୁମ୍ଭେମାନେ ତାହାଙ୍କ ଲୋକମାନଙ୍କୁ ସାହାଯ୍ୟ କରି
ଚାଲିଛ, ଏକଥା ସେ ମନେ ରଖିବେ। ୧୧ଆମ୍ଭେ ଚାହୁଁ ଯେ
ତୁମ୍ଭମାନଙ୍କ ଭିତରୁ ପ୍ରତ୍ୟେକ ଜୀବନସାରା ସେହି ଭଳି
କଠୋର ପରିଶ୍ରମ କରୁଥାଅ। ତେବେ ତୁମ୍ଭେମାନେ ତୁମ୍ଭର
ପ୍ରତ୍ୟାଶିତ ମହତ୍ ବିଷୟ ଲାଭ କରିବ। ୧୨ତୁମ୍ଭେମାନେ
ଆଳସ୍ୟପରାୟଣ ନ ହୋଇ ଯେପରି ପରମେଶ୍ୱରଙ୍କ ପ୍ରତିଜ୍ଞାତ
ବିଷୟ ପ୍ରାପ୍ତ ହୋଇଥିବା ଲୋକମାନଙ୍କ ପରି ହୁଅ, ଏକଥା
ଆମ୍ଭେ ଚାହୁଁ। ସେମାନେ ତାହାଙ୍କର ବିଶ୍ୱାସ ଓ ଧୈର୍ଯ୍ୟ
ହେତୁରୁ ପରମେଶ୍ୱରଙ୍କ ପ୍ରତିଜ୍ଞାର ଅଧିକାରୀ ହେଉଛନ୍ତି।
୧୩ପରମେଶ୍ୱର ଅବ୍ରାହାମଙ୍କୁ ପ୍ରତିଜ୍ଞା ଦେଇଥିଲେ।
ପରମେଶ୍ୱରଙ୍କ ବ୍ୟତୀତ ମହାନ ଲୋକ ଆଉ କେହି
ନାହାଁନ୍ତି। ଅତଏବ ପରମେଶ୍ୱର ନିଜ ନାମରେ ଯାହା
ପ୍ରତିଜ୍ଞା କରିଛନ୍ତି, ତାହା ସାଧନା କରିବେ ବୋଲି କହିଛନ୍ତି।
୧୪ପରମେଶ୍ୱର କହିଲେ: "ମୁଁ ଅବଶ୍ୟ ତୁମ୍ଭକୁ ଆଶୀର୍ବାଦ
କରିବ। ମୁଁ ତୁମ୍ଭର ବଂଶ ଅତିଶୟ ବୃଦ୍ଧି କରିବ।"*
୧୫ଅବ୍ରାହାମ ଧୈର୍ଯ୍ୟପୂର୍ବକ ଏହା ଘଟିବା ପାଇଁ ଅପେକ୍ଷା
କଲେ। ଓ ପରେ ସେ ପରମେଶ୍ୱରଙ୍କ ପ୍ରତିଜ୍ଞାନୁସାରେ
ଫଳପ୍ରାପ୍ତ ହେଲେ।
୧୬ମନୁଷ୍ୟମାନେ ନିଜ ଅପେକ୍ଷା ମହତ୍ ଲୋକର ନାମ
ନେଇ ଶପଥ କରିଥାନ୍ତି। ଏହା ଦ୍ୱାରା ସେମାନଙ୍କର କଥାର
ସତ୍ୟତା ପ୍ରମାଣିତ ହୁଏ ଓ ସେମାନଙ୍କ ବିବାଦର ନିଷ୍ପତ୍ତି
ହୁଏ। ୧୭ପରମେଶ୍ୱର ନିଜ ପ୍ରତିଜ୍ଞାର ସତ୍ୟତା ପ୍ରମାଣିତ
କରିବା ପାଇଁ ଇଚ୍ଛା କଲେ। ପରମେଶ୍ୱରଙ୍କ ପ୍ରତିଜ୍ଞାର
ଅଧିକାରୀମାନଙ୍କ ନିକଟରେ ପ୍ରମାଣିତ କରିବାକୁ ଇଚ୍ଛାକଲେ।
ସେ ସେମାନଙ୍କୁ ସ୍ପଷ୍ଟ ଭାବରେ ବୁଝାଇ ଦେବାକୁ ଚାହିଁଲେ
ଯେ ତାହାଙ୍କର ଉଦ୍ଦେଶ୍ୟ (ଯୋଜନା)ରେ କୌଣସି ପରିବର୍ତ୍ତନ
ଘଟେ ନାହିଁ। କାରଣ ପରମେଶ୍ୱର ଯାହା କହନ୍ତି, ତାହା
ନିଶ୍ଚିତ ହେବ ଏବଂ ଏହା ପ୍ରମାଣିତ କରିବାକୁ ସେ ପ୍ରତିଜ୍ଞା
ସହ ଶପଥ ମଧ୍ୟ କରନ୍ତି। ୧୮ଉକ୍ତ ଦୁଇଟି ଯାକ

---

**"ମୁଁ ଅବଶ୍ୟ ... ବୃଦ୍ଧି କରିବ।"** ଆଦିପୁସ୍ତକ ୨୨:୧୭

ଅପରିବର୍ତ୍ତନୀୟ୍। ଯେତେବେଳେ ପରମେଶ୍ୱର କିଛି କହନ୍ତି
ସେ ମିଛ କହି ପାରନ୍ତି ନାହିଁ, ପୁଣି କୌଣସି ଶପଥ
କଲାବେଳେ ମଧ୍ୟ ସେ ମିଛ କହି ପାରନ୍ତି ନାହିଁ। ଅତଏବ
ଯେଉଁମାନେ ନିଜର ସୁରକ୍ଷା ଦୃଷ୍ଟିରୁ ପରମେଶ୍ୱରଙ୍କ ପାଖକୁ
ଆସିଛନ୍ତି, ସେମାନଙ୍କୁ ଉକ୍ତ କଥା ସାନ୍ତ୍ୱନା ପ୍ରଦାନ କରେ
ଓ ପରମେଶ୍ୱରଙ୍କ ଭରସାରେ ସ୍ଥିର ରହିବା ପାଇଁ ଦୃଢ଼
ଉତ୍ସାହ ପ୍ରଦାନ କରେ। ୧୯ଆମ୍ଭର ସେହି ଭରସା ଗୋଟିଏ
ଲଙ୍ଗର ଭଳି ନିଶ୍ଚିତ ଓ ସୁଦୃଢ଼। ଏହା ମନ୍ଦିରର ପରଦା
ଆଢୁଆଳରେ ଥିବା ପବିତ୍ର ସ୍ଥାନରେ ପ୍ରବେଶ କରି ଆମ୍ଭର
ଆତ୍ମାକୁ ସୁରକ୍ଷିତ ରଖେ। ୨୦ଯୀଶୁ ଆଗରୁ ସେଠାକୁ ଯାଇ
ସାରିଛନ୍ତି, ଓ ଆମ୍ଭ ପାଇଁ ପଥ ଉନ୍ମୁକ୍ତ କରିଛନ୍ତି।
ମଲକୀସେଦକଙ୍କ ଭଳି ଯୀଶୁ ଅନନ୍ତକାଳୀନ ମହାଯାଜକ
ଅଟନ୍ତି।

## ଯାଜକ ମଲ୍‌କୀସେଦକ

୭ ମଲ୍‌କୀସେଦକ ଶାଲେମର ରାଜା ଥିଲେ, ଓ ସର୍ବୋଚ୍ଚ
ପରମେଶ୍ୱରଙ୍କ ଯାଜକ ଥିଲେ। ଅବ୍ରାହାମ ରାଜାମାନଙ୍କୁ
ପରାଜିତ କରି ଫେରିଲାବେଳେ ମଲ୍‌କୀସେଦକ ଅବ୍ରାହାମଙ୍କୁ
ଦେଖାକଲେ। ସେ ଅବ୍ରାହାମଙ୍କୁ ଆଶୀର୍ବାଦ କଲେ। ୨ଯୁଦ୍ଧରେ
ଜିତି ଅବ୍ରାହାମ ଯାହା ପାଇଥିଲେ ତା'ର ଏକ ଦଶମାଂଶ
ସେ ମଲ୍‌କୀସେଦକଙ୍କୁ ଦେଲେ। (ମଲ୍‌କୀସେଦକ ନାମର
ଅର୍ଥ: ପ୍ରଥମଟି ହେଉଛି "ଧର୍ମରାଜା" ଓ ଦ୍ୱିତୀୟଟି ହେଲା
"ଶାଲେମର ରାଜା" ଅର୍ଥାତ୍ "ଶାନ୍ତିର ରାଜା"।) ୩କେହି
ହେଲେ ମଲ୍‌କୀସେଦକଙ୍କ ପିତା କିମ୍ବା ମାତାଙ୍କ ବିଷୟରେ
ଜାଣନ୍ତି ନାହିଁ ପୁଣି ସେ କେଉଁଠାରୁ ଆସିଛନ୍ତି, ସେ
କେବେ ଜନ୍ମ ଗ୍ରହଣ କଲେ, ଓ କେବେ ମଲେ ତା'ମଧ୍ୟ
କେହି ଜାଣନ୍ତି ନାହିଁ। ମଲ୍‌କୀସେଦକ ପରମେଶ୍ୱରଙ୍କ ପୁତ୍ର
ଭଳି, ଓ ସେ ସଦା ସର୍ବଦା ପାଇଁ ଯାଜକ ହୋଇ
ରହିଛନ୍ତି।
୪ମଲ୍‌କୀସେଦକ କେତେ ମହାନ୍ ବ୍ୟକ୍ତି, ଭାବ ଦେଖ।
ମହାନ ପିତା ଅବ୍ରାହାମ ଯୁଦ୍ଧରେ ଯାହା କିଛି ଜିତି ଥିଲେ
ତାର ଏକ ଦଶମାଂଶ ମଲ୍‌କୀସେଦଙ୍କୁ ଦେଲେ। ୫ବ୍ୟବସ୍ଥା
ଅନୁସାରେ ଲେବୀ ବଂଶର ଯାଜକମାନେ ଲୋକମାନଙ୍କ
ଠାରୁ ଏକଦଶମାଂଶ ପାଇବା କଥା। ଯାଜକମାନେ ଏହି
ଅଂଶ ନିଜଲୋକ (ଯିହୂଦୀ) ମାନଙ୍କଠାରୁ ନେଉଥିଲେ,
ଯଦିଓ ଯାଜକ ଓ ତାହାଙ୍କ ଲୋକମାନେ ସମସ୍ତେ ଅବ୍ରାହାମଙ୍କ
ବଂଶଜ ଅଟନ୍ତି। ୬ମଲ୍‌କୀସେଦକ ଲେବୀ ବଂଶର ନ
ଥିଲେ। ତଥାପି ସେ ଅବ୍ରାହାମଙ୍କ ଠାରୁ ଏକଦଶମାଂଶ
ପାଇଲେ। ଓ ସେ ପରମେଶ୍ୱରଙ୍କ ପ୍ରତିଜ୍ଞାର ଅଧିକାରୀ
ଅବ୍ରାହାମଙ୍କୁ ଆଶୀର୍ବାଦ କଲେ। ୭ସମସ୍ତେ ଜାଣନ୍ତି ଯେ,
ସାନ ବଡ଼ଠାରୁ ଆଶୀର୍ବାଦ ପ୍ରାପ୍ତ ହୁଏ। ୮ଯାଜକମାନେ
ଲୋକମାନଙ୍କ ଠାରୁ ଏକଦଶମାଂଶ ପାଆନ୍ତି, କିନ୍ତୁ ସେମାନେ
ସାଧାରଣ ମନୁଷ୍ୟ ପରି ବଞ୍ଚି ପରିଶେଷରେ ମୃତ୍ୟୁ ବରଣ
କରନ୍ତି। କିନ୍ତୁ ଅବ୍ରାହାମଙ୍କ ଠାରୁ ଏକଦଶମାଂସ ପାଇଥିବା
ମଲ୍‌କୀସେଦକ ଶାସ୍ତ୍ର ଅନୁସାରେ ଏବେ ମଧ୍ୟ ଜୀବିତ।
୯ଲେବୀ ଲୋକମାନଙ୍କଠାରୁ ଏକଦଶମାଂଶ ଗ୍ରହଣ କରନ୍ତି।
କିନ୍ତୁ ଆମ୍ଭେ କହି ପାରିବା ଯେ, ଯେତେବେଳେ ଅବ୍ରାହାମ
ମଲ୍‌କୀସେଦକଙ୍କୁ ଦଶମାଂଶ ଦେଲେ, ତା'ର ଅର୍ଥ ଲେବୀ
ମଧ୍ୟ ତାହା ଦେଲେ। ୧୦ଲେବୀ ସେ ପର୍ଯ୍ୟନ୍ତ ଜନ୍ମ ନ
ହୋଇଥିଲେ ସୁଦ୍ଧା ଅବ୍ରାହାମ ମଲ୍‌କୀସେଦକଙ୍କୁ ଭେଟିବା
ସମୟରେ ଲେବୀ ଅବ୍ରାହାମଙ୍କ ପୂର୍ବପୁରୁଷଙ୍କ ଶରୀରରେ
ଥିଲେ।
୧୧ଲେବୀ ପରିବାର ବର୍ଗଙ୍କ* ଯାଜକମାନଙ୍କର ପଦ୍ଧତି
ଅନୁଯାୟୀ ଲୋକଙ୍କୁ ବ୍ୟବସ୍ଥା ପ୍ରଦତ୍ତ ହୋଇଥିଲା। କିନ୍ତୁ
ଏହି ଯାଜକ ମାନଙ୍କର ପଦ୍ଧତି ଦ୍ୱାରା ଲୋକମାନଙ୍କୁ
ଆଧାତ୍ମିକ ଭାବରେ ସିଦ୍ଧ କରି ଯାଇ ପାରିଲା ନାହିଁ।
ଅତଏବ, ଆଉ ଜଣେ ଯାଜକର ଆସିବା ଆବଶ୍ୟକ ଥିଲା।
ହାରୋଣଙ୍କ ଭଳି ନୁହେଁ ମାତ୍ର ମଲ୍‌କୀସେଦକଙ୍କ ଭଳି
ଆଉ ଜଣେ ଯାଜକର ଆବଶ୍ୟକ ଥିଲା। ୧୨ଯେତେବେଳେ
ଯାଜକର ପରିବର୍ତ୍ତନ ହୁଏ ସେତେବେଳେ ବ୍ୟବସ୍ଥାର ମଧ୍ୟ
ପରିବର୍ତ୍ତନ ଆବଶ୍ୟକ ହୋଇଥାଏ। ୧୩ଆମ୍ଭେ ଏହି କଥାଗୁଡ଼ିକ
ଖ୍ରୀଷ୍ଟଙ୍କ ବିଷୟରେ କହୁଛୁ। ସେ ଅନ୍ୟ ଏକ ଗୋଷ୍ଠୀର
ଲୋକ ଥିଲେ। ସେହି ଗୋଷ୍ଠୀର କେହି କେବେ ହେଲେ
ଆଗରୁ ଯାଜକ ଭାବେ ବେଦୀ* ରେ ସେବା କରି ନ
ଥିଲେ। ୧୪କାରଣ ଏହା ସ୍ପଷ୍ଟ ଯେ, ଆମ୍ଭମାନଙ୍କର ପ୍ରଭୁ
ଯିହୂଦାଙ୍କ ଗୋଷ୍ଠୀରେ ଜାତ। ମାତ୍ର ସେହି ଗୋଷ୍ଠୀର
ଯାଜକମାନଙ୍କ ବିଷୟରେ ମୋଶା କହିନାହାଁନ୍ତି।

## ଯୀଶୁ ମଲ୍‌କୀସେଦକଙ୍କ ଭଳି ଜଣେ ଯାଜକ

୧୫ଏହି କଥା ଗୁଡ଼ିକ ଅଧିକ ସୁସ୍ପଷ୍ଟ ହୁଏ ଯେ,
ମଲ୍‌କୀସେଦକଙ୍କ ଭଳି ଆଉ ଜଣେ ଯାଜକ ଅଛନ୍ତି।
୧୬ସେ କୌଣସି ଗୋଷ୍ଠୀର ବ୍ୟବସ୍ଥା ଦ୍ୱାରା ଯାଜକ ହୋଇ
ନ ଥିଲେ। ବରଂ ଅକ୍ଷୟ ଜୀବନର ଶକ୍ତି ଅନୁସାରେ
ଯାଜକ ହେଲେ। ୧୭ଶାସ୍ତ୍ରରେ ତାହାଙ୍କ ବିଷୟରେ କୁହାଯାଇଛି:
"ତୁମ୍ଭେ ମଲ୍‌କୀସେଦକଙ୍କ ଭଳି ଜଣେ ଅନନ୍ତକାଳୀନ
ଯାଜକ ଅଟ।"*
୧୮ପୂର୍ବ ବ୍ୟବସ୍ଥା ଦୁର୍ବଳ ଓ ବ୍ୟର୍ଥ ହୋଇଥିବାରୁ ଲୋପ
କରି ଦିଆ ହେଲା। ୧୯ମୋଶାଙ୍କ ବ୍ୟବସ୍ଥା କୌଣସି ବିଷୟ
ସିଦ୍ଧ କରି ନ ଥିଲା। ଏବେ ଆମ୍ଭକୁ ମିଳିଥିବା ଶ୍ରେଷ୍ଠତର
ଭରସାରେ ଆମ୍ଭେ ପରମେଶ୍ୱରଙ୍କ ପାଖକୁ ଆସି ପାରିବା।
୨୦ଯୀଶୁଖ୍ରୀଷ୍ଟଙ୍କୁ ମହାଯାଜକ କଲାବେଳେ, ପରମେଶ୍ୱର
ଯେଉଁ ଶପଥ କରିଥିଲେ, ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।
ଯେତେବେଳେ ଅନ୍ୟମାନେ ଯାଜକ ହୋଇଥିଲେ,
ସେତେବେଳେ କୌଣସି ଶପଥ ହୋଇ ନ ଥିଲା। ୨୧କିନ୍ତୁ
ପରମେଶ୍ୱରଙ୍କ ଶପଥ କରିଥିବା ହେତୁରୁ ଯୀଶୁ ଯାଜକ
ହୋଇଥିଲେ। ପରମେଶ୍ୱର କହିଥିଲେ:

---

**ଲେବୀ ପରିବାର ବର୍ଗ** ଯାକୁବଙ୍କର ବାରଜଣ ପୁତ୍ରଙ୍କ ନାମରେ ନାମିତ, ଇହୁଦୀମାନଙ୍କର ବାରଟି 'ଜନଜାତି' ଭିତରୁ ଗୋଟିଏ।

**ବେଦୀ** ପଥରର ଚବୁତରା, ଯେଉଁଠାରେ ପରମେଶ୍ୱରଙ୍କୁ ସମର୍ପିତ ବଳିକୁ ପୋଡ଼ା ଯାଏ।

**"ତୁମ୍ଭେ ... ଯାଜକ ଅଟ।"** ଗୀତସଂହିତା ୧୧୦:୪

“ପ୍ରଭୁ ଶପଥ କରଛନ୍ତ ଓ ସେ ନଜ ନର୍ଣ୍ଣୟ
ପରବର୍ତ୍ତନ କରବେ ନାହିଁ, ‘ତୁମ୍ଭେ ଅନନ୍ତକାଳୀନ
ଯାଜକ ଅଟ।’”

ଗୀତସଂହତା ୧୧୦-୪

[22]ଏହାର ଅର୍ଥ ହେଲା ଯେ ସେହ ପ୍ରକାରେ ପରମେଶ୍ୱରଙ୍କ
ନଜଲୋକଙ୍କ ସହତ କରଥିବା ଶ୍ରେଷ୍ଠତର ନୟମର ଯୀଶୁ
ହେଉଛନ୍ତ ଜଣେ ଜାମିନ୍‌ଦାର।
[23]ଆହୁର ମଧ ଯେତେବେଳେ ସେହ ଅନ୍ୟ ଯାଜକମାନେ
ମରଗଲେ, ସେମାନେ ଆଉ ଯାଜକ ହୋଇ ରହ ପାରଲେ
ନାହିଁ। ଏଥିପାଇଁ ସେହ ଯାଜକମାନଙ୍କ ଭିତରୁ ଅନେକ
ସେଠାରେ ଥିଲେ। [24]କନ୍ତୁ ଯୀଶୁ ଅମର। ସେ କେବେହେଲେ
ଯାଜକ ସେବାରୁ ଅବ୍ୟାହତ ହେବେ ନାହିଁ। [25]ଅତଏବ
ଯେଉଁମାନେ ଖ୍ରୀଷ୍ଟଙ୍କ ମାଧମରେ ପରମେଶ୍ୱରଙ୍କ ପାଖକୁ
ଆସନ୍ତ, ସେମାନଙ୍କୁ ଯୀଶୁ ପରତ୍ରାଣ ଦେଇ ପାରବେ। ସେ
ନତ୍ୟ ଜୀବତ ହେବାରୁ, ଲୋକେ ଯେତେବେଳେ ପରମେଶ୍ୱରଙ୍କ
ପାଖକୁ ଆସିବେ, ଯୀଶୁ ସେମାନଙ୍କୁ ସର୍ବଦା ସାହାଯ୍ୟ କର
ପାରବେ।
[26]ଅତଏବ, ଯୀଶୁଖ୍ରୀଷ୍ଟଙ୍କ ଭଳ ମହାଯାଜକ ଆମ୍ଭର
ଆବଶ୍ୟକ ଥିଲା। ସେ ପବତ୍ର, ତାହାଙ୍କଠାରେ କୌଣସି
ପାପ ନାହିଁ। ସେ ପବତ୍ର ଓ ପାପୀମାନଙ୍କ ଦ୍ୱାରା ପ୍ରଭାବତ
ନୁହଁନ୍ତ। ତାହାଙ୍କୁ ସ୍ୱର୍ଗଠାରୁ ମଧ ଉଚ୍ଚସ୍ଥାନକୁ ନଆ
ଯାଇଛ। [27]ସେ ଅନ୍ୟ ଯାଜକମାନଙ୍କ ଭଳ ନୁହଁନ୍ତ। ଅନ୍ୟ
ଯାଜକମାନେ ପ୍ରତଦନ ବଳ ଉତ୍ସର୍ଗ କରବା ଆବଶ୍ୟକ
ଥିଲା। ପ୍ରଥମେ ନଜ ପାଇଁ ଓ ପରେ ଅନ୍ୟ ଲୋକମାନଙ୍କ
ପାପ ଲାଗି ସେମାନଙ୍କୁ ବଳ ଉତ୍ସର୍ଗ କରବାକୁ ପଡୁଥିଲା।
କନ୍ତୁ ଯୀଶୁଙ୍କୁ ଏହା କରବାକୁ ପଡ଼ ନାହିଁ। ଯୀଶୁ ଚରକାଳ
ନମନ୍ତେ ଏକାଥରକେ ବଳୀକୃତ ହେଲେ। ସେ ନଜକୁ
ସମର୍ପି ଦେଲେ। [28]ବ୍ୟବସ୍ଥା ଦୁର୍ବଳତା ବଶିଷ୍ଟ ମନୁଷ୍ୟକୁ
ମହାଯାଜକ ପଦରେ ନଯୁକ୍ତ କରେ। ପରମେଶ୍ୱର ଯେଉଁ
ଶପଥ ବ୍ୟବସ୍ଥା ପରେ କରଥିଲେ, ତଦ୍ୱାରା ପରମେଶ୍ୱରଙ୍କ
ପୁତ୍ର ଅନନ୍ତକାଳ ପର୍ଯ୍ୟନ୍ତ ମହାଯାଜକ ପଦରେ ନଯୁକ୍ତ
ପାଇଲେ।

## ଯୀଶୁ ଆମ୍ଭର ମହାଯାଜକ

୮ ଆମ୍ଭେ ଯାହା କଛ କହୁଛୁ, ତାର ସାର ମର୍ମ ହେଲା
ଯେ, ଆମ୍ଭମାନଙ୍କର ଏଭଳ ଜଣେ ମହାଯାଜକ
ଅଛନ୍ତ, ଯେ ସ୍ୱର୍ଗର ପରମେଶ୍ୱରଙ୍କ ସିଂହାସନର ଦକ୍ଷିଣ
ପାର୍ଶ୍ୱରେ ବସି ଅଛନ୍ତ। [2]ଆମ୍ଭର ମହାଯାଜକ ମହା ପବତ୍ର
ସ୍ଥାନ* ରେ ସେବା କାର୍ଯ୍ୟ କରନ୍ତ। ସେ ଲୋକମାନଙ୍କ
ହସ୍ତ ନର୍ମିତ ସ୍ଥାନରେ ନୁହେଁ, ମାତ୍ର ପରମେଶ୍ୱରଙ୍କ ଦ୍ୱାରା
ନର୍ମିତ ସେହ ଉପାସନା ସ୍ଥଳରେ ସେବା କରନ୍ତ।
[3]ପରମେଶ୍ୱରଙ୍କୁ ଦାନ ଓ ବଳ ଉତ୍ସର୍ଗ କରବା
ପ୍ରତ୍ୟେକ ମହାଯାଜକଙ୍କର କାମ ଅଟେ। ଅତଏବ ଆମ୍ଭର
ମହାଯାଜକ ମଧ ପରମେଶ୍ୱରଙ୍କୁ କଛ ଉତ୍ସର୍ଗ କରବା
କଥା। [4]ଯଦ ଆମ୍ଭର ମହାଯାଜକ ପୃଥିବୀରେ ଏବେ
ଜୀବତ ଥାଆନ୍ତେ, ତା'ହେଲେ ସେ ଯାଜକ ହୋଇ ପାର
ନ ଥାନ୍ତେ। ମୋର କହବାର କାରଣ ବ୍ୟବସ୍ଥା ଅନୁସାରେ
ବଳ ଉତ୍ସର୍ଗ କରୁଥିବା ଯାଜକମାନେ ଅଛନ୍ତ। [5]ଏହ
ଯାଜକମାନେ ଯେଉଁ କାମ କରନ୍ତ, ତାହା ପ୍ରକୃତରେ
ସ୍ୱର୍ଗରେ ଥିବା କାମ ଗୁଡକର ଛାୟା ଓ ନମୁନା ମାତ୍ର।
ସେଥିପାଇଁ ମୋଶା ତମ୍ବୁ* ନର୍ମାଣ କରବାକୁ ଗଲାବେଳେ
ପରମେଶ୍ୱର ତାହାଙ୍କୁ ଚେତାବନୀ ଦେଇ କହଥିଲେ: “ପର୍ବତ
ଉପରେ ମୁଁ ତୁମ୍ଭକୁ ଯେଉଁ ନମୁନା ଦେଖାଇ ଥିଲ,
ତଦନୁସାରେ ସମସ୍ତ ନର୍ମାଣ କର।”* [6]କନ୍ତୁ ଯୀଶୁଙ୍କୁ
ଯେଉଁ କାମ କରବାକୁ ଦଆ ହୋଇଛ ତାହା ସେହ
ଯାଜକମାନଙ୍କ କାମଠାରୁ ଉତ୍କୃଷ୍ଟତର। ସେପ୍ରକାରେ,
ଯୀଶୁଖ୍ରୀଷ୍ଟଙ୍କ ମାଧମରେ ପରମେଶ୍ୱର ଆପଣା ଲୋକଙ୍କ
ପ୍ରତ କରଥିବା ନୂତନ ଚୁକ୍ତ ପୁରାତନ ଚୁକ୍ତ ଅପେକ୍ଷା
ଉତ୍କୃଷ୍ଟ ଅଟେ। ଏହ ନୂତନଚୁକ୍ତ ଅପେକ୍ଷାକୃତ ଉତ୍ତମ
ପ୍ରତଜ୍ଞା ସମ୍ବଳତ ଅଟେ।
[7]ଯଦ ପ୍ରଥମ ଚୁକ୍ତରେ କୌଣସି ଦୋଷ ନଥାନ୍ତା
ତାହେଲେ ସେଠାରେ ଦ୍ୱିତୀୟ ଚୁକ୍ତର ଆବଶ୍ୟକତା ନ
ଥାନ୍ତା। [8]କନ୍ତୁ ପରମେଶ୍ୱର ଲୋକମାନଙ୍କଠାରେ ତ୍ରୁଟି
ଦେଖିଲେ। ପରମେଶ୍ୱର କହଲେ:

“ପ୍ରଭୁ କହନ୍ତ, ସମୟ ଆସୁଛ, ଯେତେବେଳେ ମୁଁ
ଇସ୍ରାୟେଲ ଲୋକମାନଙ୍କ ଓ ଯିହୁଦୀୟ ଲୋକମାନଙ୍କ
ସହତ ନୂତନ ଚୁକ୍ତ କରବ।
[9] ତାହାଙ୍କ ପୂର୍ବପୁରୁଷଙ୍କ ସହତ ଆମ୍ଭେ ଯେଉଁ ଚୁକ୍ତ
କରଥିଲୁ ସେ ଅନୁସାରେ ହେବ ନାହିଁ। ସେହ
ଚୁକ୍ତ ମୁଁ ସେମାନଙ୍କର ହାତ ଧରଲା ବେଳେ ଓ
ମିସର ଦେଶରୁ ଆଣିଥିଲା ବେଳେ କର ଥିଲ।
ପ୍ରଭୁ କୁହନ୍ତ: ମୁଁ ଦେଇଥିବା ଚୁକ୍ତ ସେମାନେ
ପାଳନ କରବା ବନ୍ଦ କର ଦେଲେ, ଓ ମୁଁ ନଜକୁ
ସେମାନଙ୍କ ଠାରୁ ଦୂରେଇ ଆଣିଲ।
[10] ଏହ ନୂତନ ଚୁକ୍ତଟି ମୁଁ ଇସ୍ରାୟେଲର ଲୋକଙ୍କ
ସହତ କରବ, ଏହ ଚୁକ୍ତଟି ମୁଁ ଭବଷ୍ୟତରେ
କରବ ପ୍ରଭୁ କୁହନ୍ତ: ମୁଁ ସେମାନଙ୍କ ମନରେ
ଆପଣା ବ୍ୟବସ୍ଥା ଦେବ ସେମାନଙ୍କ ହୃଦୟରେ
ସେହସବୁ ଲେଖିବ। ମୁଁ ସେମାନଙ୍କ ପରମେଶ୍ୱର
ହେବ, ଓ ସେମାନେ ମୋର ଲୋକ ହେବେ।
[11] ଏହାପରେ ପୁନର୍ବାର କେହ ନଜ ଭାଇ ବା
ପରମେଶ୍ୱରଙ୍କ ଅନ୍ୟଲୋକମାନଙ୍କୁ ଶିକ୍ଷା ଦେବ ନାହିଁ
କମ୍ବା ପ୍ରଭୁଙ୍କୁ ଜାଣିବା ନମନ୍ତେ କଛ କହବା
ଆବଶ୍ୟକ ହେବ ନାହିଁ, କାହିଁକ? କାରଣ ସାନଠାରୁ
ବଡ଼ ପର୍ଯ୍ୟନ୍ତ ସେମାନେ ସମସ୍ତେ ମୋତେ ଜାଣିବେ।

---

**ପବତ୍ର ସ୍ଥାନ** ଆଧାତ୍ମିକ ସ୍ଥାନ, ଯେଉଁଠାରେ ପରମେଶ୍ୱର ରହ ପୂଜିତ ହୁଅନ୍ତ।

**ତମ୍ବୁ** ଯାହାଭିତରେ ନଜଲୋକଙ୍କ ସହତ ପରମେଶ୍ୱର ରହଥିଲେ ଓ ଯିହୂଦୀ ଯାଜକମାନେ ଉପାସନା କରଥିଲେ। ଏହାକୁ ଆବାସ ତମ୍ବୁ କୁହାଯାଏ।

**“ପର୍ବତ ... ନର୍ମାଣ କର।”** ଯାତ୍ରାପୁସ୍ତକ ୨୫:୪୦

୧୨ଓ ମୋ ବିରୁଦ୍ଧରେ କରିଥିବା ଦୋଷ ସବୁ ମୁଁ କ୍ଷମା
କରିଦେବି, ଏବଂ ମୁଁ ସେମାନଙ୍କ ପାପଗୁଡ଼ିକୁ ଆଉ
ଅଧିକ ମନେ ରଖିବି ନାହିଁ।”

ଯିରିମିୟ ୩୧:୩୧-୩୪

୧୩ପରମେଶ୍ୱର ଏହାକୁ ନୂତନ ଚୁକ୍ତି ବୋଲି କହି,
ପ୍ରଥମ ଚୁକ୍ତିଟିକୁ ପୁରାତନ ଚୁକ୍ତି କରି ଅଛନ୍ତି। ଯେଉଁ
ବିଷୟସବୁ ପୁରାତନ ଓ ଅକାମୀ ହୋଇଯାଇଛି, ତାହା
ଅତିଶୀଘ୍ର ଲୋପ ପାଇ ଯିବ।

## ପୁରାତନ ଚୁକ୍ତିର ଉପାସନା

୯ ପ୍ରଥମଚୁକ୍ତିରେ ଉପାସନାର ନିୟମାବଳୀ ଥିଲା। ଏନିମନ୍ତେ
ମଣିଷ ନିର୍ମିତ ଗୋଟିଏ ଉପାସନା ଗୃହ ମଧ୍ୟ ଥିଲା।
୨ଏହି ସ୍ଥାନଟି ଗୋଟିଏ ତମ୍ବୁ ଭିତରେ ଥିଲା। ଏହି ତମ୍ବୁର
ପ୍ରଥମ ଭାଗରେ ଦୀପ, ମେଜ ଓ ତହିଁ ଉପରେ ପରମେଶ୍ୱରଙ୍କୁ
ଉତ୍ସର୍ଗୀକୃତ ରୋଟୀ ଥିଲା। ଏହି ସ୍ଥାନକୁ ‘ପବିତ୍ର ସ୍ଥାନ’
ବୋଲି କୁହା ଯାଇଥିଲା। ୩ଦ୍ୱିତୀୟ ପରଦା ପଛ ପଟରେ
ଯେଉଁ ବଖରାଟି ଥିଲା ତାହାକୁ ‘ମହାପବିତ୍ର ସ୍ଥାନ’*
କୁହାଯାଉଥିଲା। ୪ଏଠାରେ ସୁଗନ୍ଧିତ ଦ୍ରବ୍ୟ ପୋଡ଼ିବା ପାଇଁ
ଗୋଟିଏ ସୁନାର ବେଦୀ ଥିଲା। ‘ପୁରାତନ ଚୁକ୍ତି’* ଗୋଟିଏ
ପବିତ୍ର ବାକସ୍ ଭିତରେ ଥିଲା। ବାକସ୍ ସୁନାରେ ତିଆରି
ହୋଇ ଥିଲା। ସେହି ବାକସ୍ ଭିତରେ ସୁନାରେ ତିଆରି
ମାନ୍ନା* ରଖାହୋଇ ଥିବା ଗୋଟିଏ ପାତ୍ର ଥିଲା। ହାରୋଣର
ବାଡ଼ିଟି (ଯେଉଁବାଡ଼ି ଉପରେ ନୂଆ ହୋଇ ପତ୍ର କଅଁଳି
ଥିଲା) ମଧ୍ୟ ଥିଲା। ସେହି ବାକସ୍‌ରେ ପୁରାତନ ଚୁକ୍ତିର
ଦଶଆଜ୍ଞା ଲେଖାଥିବା ପ୍ରସ୍ତର ଫଳକମାନ ମଧ୍ୟ ଥିଲା।
୫ବାକସ ଉପରେ କିରୁବ ସ୍ୱର୍ଗଦୂତଗଣ ପରମେଶ୍ୱରଙ୍କ
ମହିମା ପ୍ରଦର୍ଶିତ କରୁଥିଲେ। ଏମାନେ ‘ଦୟାର ଆସନ’*
ରେ ଉପବିଷ୍ଟ ଥିଲେ। କିନ୍ତୁ ଆମ୍ଭେ ଏବେ ବିସ୍ତାର ପୂର୍ବକ
ସେ ବିଷୟରେ କହି ପାରିବୁ ନାହିଁ।
୬ମୋର କହିବା ଅନୁଯାୟୀ ସେହି ତମ୍ବୁରେ ସମସ୍ତ
କିଛି ପ୍ରସ୍ତୁତ କରି ରଖା ଯାଇ ଥିଲା। ଯାଜକମାନେ
ଉପାସନା କାର୍ଯ୍ୟ କରିବା ଲାଗି ପ୍ରଥମ ବଖରାଟିକୁ ପ୍ରତିଦିନ
ଯାଆନ୍ତି। ୭କିନ୍ତୁ ଦ୍ୱିତୀୟ ବଖରା ଭିତରକୁ କେବଳ
ବର୍ଷରେ ଥରେ ମହାଯାଜକ ଯାଇ ପାରୁ ଥିଲେ। ମହାଯାଜକ
ଉତ୍ସର୍ଗ କରିବାର ରକ୍ତ ନ ନେଇ କଦାପି ସେଠାରେ
ପ୍ରବେଶ କରନ୍ତି ନାହିଁ। ଯାଜକ ନିଜର ଲୋକମାନଙ୍କ
ଅଜ୍ଞାନକୃତ ପାପ ନିମନ୍ତେ ସେହି ରକ୍ତ ପରମେଶ୍ୱରଙ୍କୁ
ଅର୍ପଣ କରୁ ଥିଲେ। ୮ଏତଦ୍ୱାରା ପବିତ୍ର ଆତ୍ମା ଆମ୍ଭକୁ ଏହି
ଶିକ୍ଷା ଦିଅନ୍ତି ଯେ, ପ୍ରଥମ ବଖରାଟି ଥିବା ପର୍ଯ୍ୟନ୍ତ
ଅତିପବିତ୍ର ସ୍ଥାନରେ ପ୍ରବେଶ କରିବାର ପଥ ଖୋଲା
ହୋଇ ନାହିଁ। ୯ଏହା ଆଜି ଆମ୍ଭ ପାଇଁ ଉଦାହାରଣ
ସ୍ୱରୂପ। ଏହା ସୂଚାଇ ଦିଏ ଯେ, ଯେଉଁ ଦାନ ଓ
ବଳିଗୁଡ଼ିକ ପରମେଶ୍ୱରଙ୍କୁ ଉତ୍ସର୍ଗ କରାଯାଏ, ତଦ୍ୱାରା ଉପାସକ
ପାପରୁ ସମ୍ପୂର୍ଣ୍ଣ ଧୌତ ହୋଇପାରେ ନାହିଁ। ଉକ୍ତ ବଳି
ହେତୁ ସେ ସିଦ୍ଧିଲାଭ କରିପାରେ ନାହିଁ। ୧୦ସେଗୁଡ଼ିକ
ଖାଦ୍ୟ, ପେୟ ଓ ବିଭିନ୍ନ ପ୍ରକାରର ଶୌଚକ୍ରିୟା କେବଳ
ଶାରୀରିକ ବିଧିବିଧାନ ଅଟେ, ଏତଦ୍ୱାରା ହୃଦୟର ପରିବର୍ତ୍ତନ
ହୁଏ ନାହିଁ। ପରମେଶ୍ୱରଙ୍କ ନୂତନ ଚୁକ୍ତିର ସମୟ ପର୍ଯ୍ୟନ୍ତ
ପରମେଶ୍ୱର ସେହି ସବୁ ନିୟମ ଲୋକମାନଙ୍କୁ ଦେଲେ।

## ନୂତନ ଚୁକ୍ତିର ଉପାସନା

୧୧କିନ୍ତୁ ଏବେ ଖ୍ରୀଷ୍ଟ ମହାଯାଜକ ରୂପେ ଆସି ଅଛନ୍ତି।
ଖ୍ରୀଷ୍ଟ ହେଉଛନ୍ତି ଆମ୍ଭପାଖରେ ଥିବା ସମସ୍ତ ଉତ୍ତମ
ବିଷୟର ମହାଯାଜକ। କିନ୍ତୁ ଯୀଶୁ ଅନ୍ୟ ଯାଜକମାନଙ୍କ
ଭଳି ତମ୍ବୁରେ ଆପଣା ସେବାକାର୍ଯ୍ୟ କରନ୍ତି ନାହିଁ। ଖ୍ରୀଷ୍ଟ
ତାହା ଅପେକ୍ଷା ମହତ୍ତର ଓ ଶ୍ରେଷ୍ଠ ସ୍ଥଳରେ ସେବାକାର୍ଯ୍ୟ
କରନ୍ତି ଏବଂ ଏହି ସ୍ଥାନଟି ମଣିଷମାନେ ତିଆରି କରି
ନାହାଁନ୍ତି। ୧୨ଏହି ସ୍ଥାନଟି ଏହି ଜଗତର ନୁହେଁ। ଖ୍ରୀଷ୍ଟ
ମହାପବିତ୍ର ସ୍ଥାନରେ ଛେଳି ବା ଗୋବତ୍ସର ରକ୍ତ ନୁହେଁ,
ମାତ୍ର ନିଜ ରକ୍ତ ଘେନି ଏକାଥରକେ ପ୍ରବେଶ କଲେ ଓ
ସବୁ ଦିନ ପାଇଁ ଆମ୍ଭକୁ ମୁକ୍ତି ଦାନ କଲେ।
୧୩ଯେଉଁ ଲୋକମାନେ ଉପାସନାସ୍ଥଳରେ ପ୍ରବେଶ କରିବା
ନିମନ୍ତେ ଆଉ ପବିତ୍ର ନୁହଁନ୍ତି ସେମାନଙ୍କ ଉପରେ ଛେଳି,
ବଳଦର ରକ୍ତ ଓ ଗାଈର ପାଉଁଶ ଛିଞ୍ଚା ଯାଇ ଥିଲା।
ସେହି ରକ୍ତ ଓ ପାଉଁଶ ସେ ଲୋକମାନଙ୍କ(କେବଳ)
ଶରୀରକୁ ପୁନର୍ବାର ପବିତ୍ର କରୁ ଥିଲା। ୧୪ନିଶ୍ଚିତ ରୂପେ
ଖ୍ରୀଷ୍ଟଙ୍କର ରକ୍ତ ବହୁତ କିଛି ଅଧିକ କରି ପାରେ। ଖ୍ରୀଷ୍ଟ
ଅନନ୍ତ ଆତ୍ମାଙ୍କ ଦ୍ୱାରା ଆପଣାକୁ ନିଖୁନ୍ତ ବଳିସ୍ୱରୂପେ
ପରମେଶ୍ୱରଙ୍କୁ ଉତ୍ସର୍ଗ କଲେ। ତାହାଙ୍କର ରକ୍ତ, ଆମ୍ଭର
ମନ୍ଦକାର୍ଯ୍ୟରୁ ଆମ୍ଭକୁ ଧୋଇ ପୂର୍ଣ୍ଣ ଭାବରେ ଶୁଚି କରି
ଦେବ। ତାହାଙ୍କର ରକ୍ତ ଆମ୍ଭ ହୃଦୟକୁ ମଧ୍ୟ ପବିତ୍ର
କରିବ। ଆମ୍ଭେ ପବିତ୍ର (ଶୁଦ୍ଧ) ହୋଇ ଜୀବନ୍ତ ପରମେଶ୍ୱରଙ୍କର
ସେବା କରିପାରିବା। ୧୫ଅତଏବ, ପରମେଶ୍ୱରଙ୍କ ପାଖରୁ
ଯୀଶୁଖ୍ରୀଷ୍ଟ ଗୋଟିଏ ନୂତନଚୁକ୍ତି ଆଣିଲେ। ଏହି ନୂତନ
ଚୁକ୍ତିର ଉଦ୍ଦେଶ୍ୟ ଯେପରି ପରମେଶ୍ୱରଙ୍କ ଦ୍ୱାରା ଆହୂତ
ପ୍ରତ୍ୟେକ ଲୋକ ପରମେଶ୍ୱରଙ୍କ ପ୍ରତିଜ୍ଞାର ଅଧିକାରୀ
ହେବେ। ସେମାନେ ଅନନ୍ତକାଳ ଏହି ଅଧିକାର ଭୋଗ
କରିବେ। କାରଣ ପ୍ରଥମ ଚୁକ୍ତି କାଳରେ ଲୋକମାନେ
ଯେଉଁ ପାପସବୁ କରିଥିଲେ, ତହିଁର ପ୍ରତିଦାନରେ ଖ୍ରୀଷ୍ଟ
ମୃତ୍ୟୁ ବରଣ କଲେ।

---

**‘ମହା ପବିତ୍ର ସ୍ଥାନ’** ଯେଉଁଠାରେ ପରମେଶ୍ୱର ମହାଯାଜକ ସହିତ ଦେଖା କରନ୍ତି।

**ପୁରାତନ ଚୁକ୍ତି** ସୁନା ଛାଉଣୀ ହୋଇଥିବା କାଠ ବାକସ୍ ଭିତରେ ଦୁଇଟି ଫଳକ ପଥରରେ ପରମେଶ୍ୱରଙ୍କ ନିୟମ (ବ୍ୟବସ୍ଥା) ଲେଖା ହୋଇଥିଲା।

**ମାନ୍ନା** ମରୁଭୂମିରେ ଯିହୂଦୀମାନଙ୍କୁ ପରମେଶ୍ୱରଙ୍କ ଦ୍ୱାରା ଦିଆଯାଇ ଥିବା ଖାଦ୍ୟ।

**‘ଦୟାର ଆସନ’** ବାକ୍‌ସରେ ଚୁକ୍ତି ରଖା ଯାଇଥିବା ଜାଗାର, ଠିକ ବାକ୍‌ସ ଉପର ସ୍ଥାନ ଯେଉଁଠାରେ ମହାଯାଜକ କୌଣସି ପଶୁର ରକ୍ତ, ବର୍ଷକରେ ଥରେ ପୂଜା ଭାବେ ଲୋକଙ୍କର ପାପ ପାଇଁ ସମର୍ପଣ କରେ।

୧୬ଯେତେବେଳେ ଜଣେ ଲୋକ ମୃତ୍ୟୁବରଣ କରେ
ସେ ଗୋଟିଏ ଉଇଲ୍ ଛାଡ଼ି ଯାଏ। କିନ୍ତୁ ଲୋକେ ସେହି
ଲୋକଜଣକର ମୃତ୍ୟୁ ପ୍ରମାଣିତ କରିବା ଉଚିତ। ୧୭ଚୁକ୍ତି
ଲେଖିଥିବା ଲୋକ ଯଦି ଜୀବିତ, ତାହେଲେ ସେହି
ଉଇଲ୍‌ଟି କାର୍ଯ୍ୟକାରୀ ହୋଇ ପାରିବ ନାହିଁ। ମଣିଷଟି
ମରିଗଲା ପରେ ଯାଇ ଉଇଲ୍‌ଟି ଲାଗୁ ହୋଇ ପାରିବ।
୧୮ପରମେଶ୍ୱର ଓ ଲୋକଙ୍କ ମଧ୍ୟରେ ହୋଇଥିବା ପ୍ରଥମ
ଚୁକ୍ତି ଠିକ ସେହିଭଳି। ପ୍ରଥମ ଚୁକ୍ତି ମଧ୍ୟ ରକ୍ତଦ୍ୱାରା
କାର୍ଯ୍ୟକାରୀ ହୋଇଥିଲା। ୧୯ପ୍ରଥମରେ, ବ୍ୟବସ୍ଥାର ପ୍ରତ୍ୟେକ
ଈଶ୍ୱରୀୟ୍ ଆଜ୍ଞା ମୋଶା ଲୋକମାନଙ୍କୁ କହିଥିଲେ। ତା'ପରେ
ମୋଶା ବାଛୁରୀଗୁଡ଼ିକର ରକ୍ତ ସହିତ ଜଳ ମିଶାଇଲେ।
ତା'ପରେ ସେ ଲାଲ (ଉଲ) ଓ ଏସୋବର ଡାଳଟିଏ
ନେଇ ଜଳ ମିଶ୍ରିତ ରକ୍ତ ବ୍ୟବସ୍ଥା ପୁସ୍ତକ ତଥା ସବୁଲୋକଙ୍କ
ଉପରେ ଛିଞ୍ଚିଲେ। ୨୦ତା'ପରେ ମୋଶା କହିଲେ,
"ଯେଉଁଚୁକ୍ତିଗୁଡ଼ିକୁ ପରମେଶ୍ୱର ତୁମ୍ଭମାନଙ୍କୁ ପାଳନ କରିବା
ପାଇଁ ଆଜ୍ଞା ଦେଇଛନ୍ତି, ସେହି ଚୁକ୍ତିର ରକ୍ତ ଏହି।"
୨୧ମୋଶା ପବିତ୍ର ତମ୍ବୁ ଉପରେ ସେହି ରକ୍ତ ଛିଞ୍ଚିଲେ।
ଉପାସନା ପାଇଁ ଆବଶ୍ୟକ ହେଉଥିବା ପ୍ରତ୍ୟେକ ବସ୍ତୁ
ଉପରେ ମଧ୍ୟ ସେ ସେହି ରକ୍ତ ଛିଞ୍ଚିଲେ। ୨୨ବ୍ୟବସ୍ଥା
କୁହେ ଯେ, ପ୍ରତ୍ୟେକ ବସ୍ତୁ ରକ୍ତ ଦ୍ୱାରା ଶୁଦ୍ଧ ହୋଇ
ପାରିବ। ଓ ବିନା ରକ୍ତରେ ପାପଗୁଡ଼ିକୁ କ୍ଷମା କରା ଯାଇ
ପାରିବ ନାହିଁ।

## ଖ୍ରୀଷ୍ଟଙ୍କ ବଳିଦାନ ପାପଗୁଡ଼ିକୁ ଧୋଇ ଦିଏ

୨୩ସ୍ୱର୍ଗସ୍ଥ ବିଷୟଗୁଡ଼ିକର ପ୍ରତିକୃତିଗୁଡ଼ିକ ପଶୁବଳି ଦ୍ୱାରା
ଶୁଦ୍ଧ(ପବିତ୍ର) କରା ଯାଏ। କିନ୍ତୁ ସ୍ୱର୍ଗସ୍ଥ ବିଷୟରେ ଶୁଦ୍ଧତା
ପାଇଁ ଅପେକ୍ଷାକୃତ ଭଲ ବଳି ଦରକାର। ୨୪ଖ୍ରୀଷ୍ଟ ମହାପବିତ୍ର
ସ୍ଥାନ ଭିତରକୁ ଗଲେ। କିନ୍ତୁ ସେ ମନୁଷ୍ୟ ହସ୍ତନିର୍ମିତ
ମହାପବିତ୍ର ସ୍ଥାନକୁ ଗଲେ ନାହିଁ। ଏହି ପରମ ପବିତ୍ର
ସ୍ଥାନଟି ପ୍ରକୃତ ସ୍ଥାନର ପ୍ରତିକୃତି ମାତ୍ର। ଯୀଶୁ ସ୍ୱର୍ଗ
ଭିତରକୁ ଗଲେ। ୨୫ବର୍ତ୍ତମାନ ସେ ମଧ୍ୟ ଆମ୍ଭକୁ ସାହାଯ୍ୟ
କରିବା ପାଇଁ ସେଠାରେ ପରମେଶ୍ୱରଙ୍କ ଆଗରେ ଅଛନ୍ତି।
ମହାଯାଜକ ମହାପବିତ୍ର ସ୍ଥାନରେ ବର୍ଷକୁ ଥରେ ମାତ୍ର
ପ୍ରବେଶ କରନ୍ତି। ପୁଣି ଉତ୍ସର୍ଗ କରିବା ନିମନ୍ତେ ରକ୍ତ
ନେଇ ଯାଆନ୍ତି। କିନ୍ତୁ ସେ ଯୀଶୁଙ୍କ ଭଳି ନିଜର ରକ୍ତ
ସମର୍ପଣ କରନ୍ତି ନାହିଁ। ମହାଯାଜକ ଯେପରି ଥରକୁ ଥର
ରକ୍ତ ସମର୍ପଣ କରନ୍ତି, ଖ୍ରୀଷ୍ଟ ନିଜକୁ ସେଭଳି ଥରକୁ ଥର
ସମର୍ପଣ କରିବା ପାଇଁ ସ୍ୱର୍ଗରେ ପ୍ରବେଶ କରି ନ ଥିଲେ।
୨୬ଯଦି ଖ୍ରୀଷ୍ଟ ନିଜକୁ ଅନେକ ଥର ସମର୍ପଣ କରି
ଥାଆନ୍ତେ, ତା'ହେଲେ ଜଗତ ସୃଷ୍ଟି ହେବା ଦିନ ଠାରୁ
ତାହାଙ୍କୁ ଅନେକ ଥର ଯାତନା ସହିବାକୁ ପଡିଥାନ୍ତା। କିନ୍ତୁ
ଖ୍ରୀଷ୍ଟ ଥରେ ମାତ୍ର ଆସିଲେ ଓ ନିଜକୁ ଉତ୍ସର୍ଗ କଲେ।
ଯୁଗାନ୍ତ ସମୟରେ ଆପଣାକୁ ବଳିରୂପେ ଉତ୍ସର୍ଗ କରିବା
ଦ୍ୱାରା ଯୀଶୁ ସମସ୍ତ ପାପ ହରଣ କରିବା ପାଇଁ ଆସିଥିଲେ।
୨୭ପ୍ରତ୍ୟେକ ଲୋକ ଥରେ ମରିବା ଦରକାର। ଜଣେ
ମଲାପରେ ତାହାର ବିଚାର ହୁଏ। ୨୮ଖ୍ରୀଷ୍ଟ ଥରେ ବଳି
ଭାବରେ ସମର୍ପିତ ହେଲେ, ଯେପରି ଅନେକ ଲୋକଙ୍କର
ପାପ ଦୂର କରି ପାରିବେ। ଖ୍ରୀଷ୍ଟ ଦ୍ୱିତୀୟଥର ଲୋକମାନଙ୍କର
ପାପ ପାଇଁ ନୁହେଁ, ମାତ୍ର ଯେଉଁମାନେ ତାହାଙ୍କ ପାଇଁ
ପ୍ରତୀକ୍ଷା କରୁଥିବେ, ସେମାନଙ୍କର ମୁକ୍ତି ପାଇଁ ଆସିବେ।

## ଯୀଶୁଙ୍କ ବଳିଦାନ ଆମ୍ଭକୁ ସମ୍ପୂର୍ଣ୍ଣ କରେ

୧୦ ବ୍ୟବସ୍ଥା ଆମ୍ଭକୁ ଭବିଷ୍ୟରେ ଘଟିବାକୁ ଥିବା
ଉତ୍ତମ ବିଷୟଗୁଡ଼ିକର ଅସ୍ପଷ୍ଟ ଚିତ୍ର ପ୍ରଦାନ
କରେ। ବ୍ୟବସ୍ଥା ପ୍ରକୃତ ବିଷୟଗୁଡ଼ିକର ପରିପୂର୍ଣ୍ଣ ଚିତ୍ର
ନୁହେଁ। ବ୍ୟବସ୍ଥା ଲୋକମାନଙ୍କୁ ସମାନ ବଳି ଗୁଡ଼ିକୁ
ପ୍ରତିବର୍ଷ ସମର୍ପଣ କରିବା ପାଇଁ କୁହେ। ଯେଉଁଲୋକମାନେ
ପରମେଶ୍ୱରଙ୍କୁ ଉପାସନା କରିବା ପାଇଁ ଆସନ୍ତି, ସେହି
ବଳି ସମର୍ପଣ କାର୍ଯ୍ୟ କରି ଚାଲିଥାନ୍ତି। କିନ୍ତୁ ବ୍ୟବସ୍ଥା
କେବେହେଲେ ସେ ଲୋକମାନଙ୍କୁ ସମ୍ପୂର୍ଣ୍ଣ ସିଦ୍ଧ କରି ନ
ଥାଏ। ୨ଯଦି ବ୍ୟବସ୍ଥା ଲୋକମାନଙ୍କୁ ସମ୍ପୂର୍ଣ୍ଣ ସିଦ୍ଧ କରିଥାନ୍ତା
ତା'ହେଲେ ସେହି ବଳି ଗୁଡ଼ିକ ବନ୍ଦ ହୋଇ ଯାଇ
ସାରିଥାଆନ୍ତା। ସେହି ଲୋକମାନେ ମଧ୍ୟ ପାପରୁ ଶୁଦ୍ଧ
ହୋଇ ଯାଇ ସାରିଥାନ୍ତେ। ସେମାନେ ଏବେ ସୁଦ୍ଧା ନିଜ
ପାପ ପାଇଁ ନିଜକୁ ଦୋଷୀ ଅନୁଭବ କରୁ ନ ଥାନ୍ତେ।
କିନ୍ତୁ ବ୍ୟବସ୍ଥା କଦାପି ତାହା କରି ପାରିବ ନାହିଁ।
୩ସେମାନେ ଯେଉଁ ବଳି ଗୁଡ଼ିକ ଦିଅନ୍ତି, ତାହା ପ୍ରତିବର୍ଷ
ସେମାନଙ୍କୁ ସେମାନଙ୍କର ପାପ ଗୁଡ଼ିକ ସ୍ମରଣ କରାଇ
ଦିଏ। ୪ଏହାର କାରଣ ହେଲା ଯେ, ବଳଦମାନଙ୍କ ଓ
ଛେଳିମାନଙ୍କର ରକ୍ତ ପାପ ହରଣ କରିବା ପାଇଁ ସକ୍ଷମ
ନୁହଁନ୍ତି।
୫ଅତଏବ ଯେତେବେଳେ ଖ୍ରୀଷ୍ଟ ସଂସାରକୁ ଆସିଲେ
ସେ କହିଲେ:

"ତୁମ୍ଭେ ବଳି ଓ ସମର୍ପଣ ଚାହିଁ ନାହିଁ, କିନ୍ତୁ ତୁମ୍ଭେ
ମୋ ପାଇଁ ଶରୀରଟିଏ ନିର୍ମାଣ କରିଛ,
୬ ହୋମବଳି ଓ ପାପାର୍ଥକ ବଳିରେ ତୁମ୍ଭେ ଖୁସି ହୁଅ
ନାହିଁ। ବଳି ଦ୍ୱାରା ପାପହରଣ କଥାରେ ମଧ୍ୟ ତୁମ୍ଭେ
ଖୁସି ନୁହଁ।
୭ ତା'ପରେ ମୁଁ କହିଲି: 'ପରମେଶ୍ୱର ମୁଁ ଅଛି
ଏଠାରେ ବ୍ୟବସ୍ଥା (ବିଧାନ) ପୁସ୍ତକରେ ମୋ ବିଷୟରେ
ଲେଖା ଅଛି। ତୁମ୍ଭେ ଚାହିଁ ଥିବା କାର୍ଯ୍ୟଗୁଡ଼ିକ ମୁଁ
କରିବା ପାଇଁ ଆସିଛି।'"

ଗୀତସଂହିତା ୪୦:୬-୮

୮ଏହି ଶାସ୍ତ୍ରରେ ସେ ପ୍ରଥମେ କହିଥିଲେ, "ତୁମ୍ଭେ ବଳି ଓ
ନୈବେଦ୍ୟମାନ ଚାହିଁ ନାହିଁ। ତୁମ୍ଭେ ହୋମବଳି ଦ୍ୱାରା ବା
ପାପହରଣ ହେବା ପାଇଁ ଦିଆଯାଉଥିବା ବଳିଗୁଡ଼ିକ ଦ୍ୱାରା
ପ୍ରସନ୍ନ ହୁଅ ନାହିଁ।" (ବ୍ୟବସ୍ଥା ଆଜ୍ଞାଦିଏ ଏହି ବଳିଦାନ
ପାଇଁ।) ୯ତା'ପରେ ସେ କହିଲେ "ପରମେଶ୍ୱର, ମୁଁ
ଏଠାରେ ଅଛି। ମୁଁ ତୁମ୍ଭେ ଚାହୁଁଥିବା କାମ କରିବା ପାଇଁ
ଆସିଛି।" ଅତଏବ ପରମେଶ୍ୱର ତାହାଙ୍କର ପ୍ରଥମ ବଳିଦାନ
ପ୍ରଥା ସମାପ୍ତ କରି ନୂତନପ୍ରଥା ଆରମ୍ଭ କରିଲେ। ୧୦ପରମେଶ୍ୱର
ଚାହିଁଥିବା କର୍ମମାନ ଖ୍ରୀଷ୍ଟ କଲେ। ଓ ଏହା ଦ୍ୱାରା ତାହାଙ୍କ

ଶରୀରର ବଳିଦାନ ହେତୁ ଆମ୍ଭେ ପବିତ୍ର ହେଲୁ। ଯୀଶୁ
ସବୁଦିନ ପାଇଁ ପର୍ଯ୍ୟାପ୍ତ ହେଲା ଭଳି ଥରେମାତ୍ର ସେହି
ବଳିଦାନ କଲେ।
[11]ଯାଜକମାନେ ପ୍ରତିଦିନ ଠିଆ ହୋଇ ସେମାନଙ୍କର
ଧାର୍ମିକ ସେବା କାର୍ଯ୍ୟ କରନ୍ତି। ସେହି, ସମାନ ବଳିଗୁଡିକ
ସେମାନେ ବାରମ୍ବାର ସମର୍ପଣ କରନ୍ତି। କିନ୍ତୁ ସେହିଭଳି
ବଳି କେବେହେଲେ ପାପହରଣ କରି ପାରେ ନାହିଁ।
[12]ଖ୍ରୀଷ୍ଟ ପାପଗୁଡିକ ପାଇଁ ଥରେ ମାତ୍ର ବଳିଦାନ ରୂପେ
ସମର୍ପିତ କରି ଥିଲେ, ଓ ସେହି ବଳିଦାନ ସବୁଦିନ ପାଇଁ
ପର୍ଯ୍ୟାପ୍ତ ଅଟେ। [13]ତା’ପରେ ଖ୍ରୀଷ୍ଟ ପରମେଶ୍ୱରଙ୍କ ଡାହାଣ
ପଟେ ବସିଲେ। ସେଠାରେ ଖ୍ରୀଷ୍ଟ ଏବେ ନିଜ ଶତ୍ରୁମାନଙ୍କୁ,
ତାହାଙ୍କ ଶକ୍ତି ତଳେ ରହିବା ପାଇଁ ଅପେକ୍ଷାରେ ଅଛନ୍ତି।
[14]ମାତ୍ର ଗୋଟିଏ ବଳିଦାନ ଦ୍ୱାରା ଯୀଶୁ ନିଜଲୋକମାନଙ୍କୁ
ସର୍ବଦା ପାଇଁ ସମ୍ପୂର୍ଣ୍ଣ ସିଦ୍ଧ କରିଦେଲେ। ସେହି ଲୋକମାନେ
ପବିତ୍ର କରା ଯାଇଛନ୍ତି।
[15]ପବିତ୍ର ଆତ୍ମା ମଧ୍ୟ ଆମ୍ଭକୁ ଏହା ବିଷୟରେ କୁହନ୍ତି।
ପ୍ରଥମରେ ସେ କୁହନ୍ତି:

[16] “ପ୍ରଭୁ କହିଲେ, ଭବିଷ୍ୟତରେ ମୋ ଲୋକମାନଙ୍କ
ସହିତ ମୁଁ ଏହି ଚୁକ୍ତି କରିବି। ମୁଁ ମୋ ନିୟମ(ବ୍ୟବସ୍ଥା)
ଗୁଡ଼ିକୁ ସେମାନଙ୍କ ହୃଦୟରେ ରଖିବି। ମୁଁ ମୋ
ନିୟମ(ବ୍ୟବସ୍ଥା) ଗୁଡ଼ିକୁ ସେମାନଙ୍କ ମନରେ ଲେଖିବି।”
ଯିରିମିୟ ୩୧:୩୩

[17]ଏହା ମଧ୍ୟ କୁହନ୍ତି:

“ମୁଁ ସେମାନଙ୍କର ପାପ ଓ କରୁଥିବା ମନ୍ଦକାମ
ଗୁଡିକୁ କ୍ଷମା କରିଦେବି, ମୁଁ ସେ ଗୁଡିକୁ ପୁଣି
କେବେ ହେଲେ ମନେ ପକାଇବି ନାହିଁ।”
ଯିରିମିୟ ୩୧:୩୪

[18]ଓ ଏହି ସବୁ ଗୁଡିକୁ କ୍ଷମା କରି ଦିଆଗଲା ପରେ, ଆଉ
ପାପଗୁଡିକ ପାଇଁ ବଳିଦାନର କୌଣସି ଆବଶ୍ୟକତା ନାହିଁ।

## ପରମେଶ୍ୱରଙ୍କ ନିକଟକୁ ଆସ

[19]ଅତଏବ ହେ ଭାଇ (ଓ ଭଉଣୀ) ମାନେ, ଆମ୍ଭେ
ପରମ ପବିତ୍ର ସ୍ଥାନରେ ପ୍ରବେଶ କରିବା ପାଇଁ ପୂର୍ଣ୍ଣ
ସ୍ୱାଧୀନ ପାଇଛୁ। ଯୀଶୁଙ୍କର ରକ୍ତ କାରଣରୁ ଆମ୍ଭେ
ନିର୍ଭୟରେ ଏପରି କରି ପାରିବା। [20]ଯୀଶୁଙ୍କ ଦ୍ୱାରା ଖୋଲି
ଦିଆ ଯାଇଥିବା ଗୋଟିଏ ନୂତନ ବାଟ ଦେଇ ଆମ୍ଭେ
ପ୍ରବେଶ କରି ପାରିବା। ଏହା ଏକ ଜୀବନ୍ତ ପଥ। ଏହି
ନୂତନ ପଥଟି ପରଦା ମଧ୍ୟ ଦେଇ ଯାଏ, ଯାହା କି
ଯୀଶୁଙ୍କ ଶରୀର ଅଟେ। [21]ପରମେଶ୍ୱରଙ୍କ ଘରକୁ ଶାସନ
କରୁଥିବା ଭଳି ଆମ୍ଭର ମଧ୍ୟ ଜଣେ ମହାନ୍ ମହାଯାଜକ
ଅଛନ୍ତି। [22]ଆମ୍ଭର ଦେହ ଶୁଦ୍ଧ ଜଳରେ ସ୍ନାନ କରିଛି।
ଅତଏବ ପରମେଶ୍ୱରଙ୍କ ପାଖକୁ ସତ୍ୟନିଷ୍ଠା ହୃଦୟରେ
ଆସ। ଆମ୍ଭ ବିଶ୍ୱାସ ହେତୁ ଆମ୍ଭେ ନିଶ୍ଚିତତା ଅନୁଭବ
କରିବା ଉଚିତ। [23]ଆମ୍ଭର ଭରସାକୁ ଦୃଢ଼ ଭାବରେ ଧରି
ରଖ। ଆମ୍ଭେ ନିଜର ଭରସାକୁ ଲୋକମାନଙ୍କ ଆଗରେ
ବ୍ୟକ୍ତ କରିବାକୁ ରୋକିବା ଉଚିତ ନୁହେଁ। ସେ ଯାହା
ପ୍ରତିଜ୍ଞା କଲେ, ତାହା କରିବେ ବୋଲି ଆମ୍ଭେ
ପରମେଶ୍ୱରଙ୍କଠାରେ ବିଶ୍ୱାସ କରି ପାରିବା।

## ପରସ୍ପରକୁ ସାହାଯ୍ୟ କର, ଦୃଢ଼ ହୁଅ

[24]ଆମ୍ଭେ ପରସ୍ପର ବିଷୟରେ ଚିନ୍ତା କରିବା ଏବଂ
ପରସ୍ପରକୁ ଭଲ ପାଇବା ଓ ଭଲ କାମ କରିବା ପାଇଁ
ଉତ୍ସାହିତ କରିବା ଉଚିତ। [25]କିଛି ଲୋକ ଯେପରି ମଣ୍ଡଳୀ
ଉପାସନା ପରିତ୍ୟାଗ କରନ୍ତି, ଆମ୍ଭେ ସେପରି ଏକାଠି
ମିଳିତ ହେବା ବନ୍ଦ କରିବା ଉଚିତ ନୁହେଁ। ତା’
ପରିବର୍ତ୍ତେ, ସେହି ଦିନଟି ନିକଟତର ହେଉଛି ଦେଖି
ଆମ୍ଭେମାନେ ଏକାଠି ମିଳିତ ହୋଇ ପରସ୍ପରକୁ ଅଧିକ
ଉତ୍ସାହିତ କରିବା ଉଚିତ।

## ଖ୍ରୀଷ୍ଟଙ୍କ ଠାରୁ ମୁହଁ ବୁଲାଇ ନିଅ ନାହିଁ

[26]ସତ୍ୟକୁ ଜାଣିଲା ପରେ ମଧ୍ୟ ଯଦି ଆମ୍ଭେ ପାପକାମ
କରି ଚାଲିବା ପାଇଁ ଇଚ୍ଛା କରିବା, ତା’ହେଲେ ସିଦ୍ଧାନ୍ତ
ନେଉ, ପାପ ହରଣ କରିବା ପାଇଁ ଆଉ କୌଣସି
ବଳିଦାନ ନାହିଁ। [27]ଆମ୍ଭେ ଯଦି ପାପ କରି ଚାଲିଥିବା,
ତାହେଲେ ଆମ୍ଭେ ନିଶ୍ଚିତ ଯେ, ଆମ୍ଭ ପାଇଁ ବିଚାରର
ଭୟଙ୍କର ଆଶଙ୍କା ରହିଛି, ଓ ପରମେଶ୍ୱରଙ୍କ ବିରୋଧୀ
ଜୀବନଯାପନ କରୁଥିବା ଲୋକମାନଙ୍କୁ ଗ୍ରାସ କରିବାକୁ
ଥିବା ଭୟଙ୍କର ଅଗ୍ନି ଆମ୍ଭ ପାଇଁ ରହିଛି। [28]ଯେଉଁଲୋକ
ମୋଶାଙ୍କ ବ୍ୟବସ୍ଥା ମାନିବାକୁ ମନା କଲା, ତାହାକୁ ଦୋଷୀ
ପ୍ରମାଣିତ କରିବା ଲାଗି ଦୁଇ ବା ତିନିଜଣ ସାକ୍ଷୀ
ଆବଶ୍ୟକ ଥିଲେ। କ୍ଷମା ଦିଆ ନ ଯାଇ, ତାହାକୁ ବଧ
କରା ଯାଇଥିଲା। [29]ତା’ହେଲେ ଯେଉଁଲୋକ ପରମେଶ୍ୱରଙ୍କ
ପୁତ୍ର ପ୍ରତି ଘୃଣା ପ୍ରଦର୍ଶିତ କରେ, ତା’ପାଇଁ କଣ
ଦଣ୍ଡବିଧାନ ହେବା ଉଚିତ? ଏହା ନିଶ୍ଚିତ ଯେ ତା’ର ଦଣ୍ଡ
ଅଧିକ ଖରାପ ପ୍ରକାରର ହେବ। ନୂତନ ଚୁକ୍ତି ଆରମ୍ଭ
କରି ଥିବା ରକ୍ତ ପ୍ରତି ଯେଉଁଲୋକ ଅସମ୍ମାନଭାବ ପ୍ରଦର୍ଶିତ
କରିଛି, ଓ ଅନୁଗ୍ରହର ଆତ୍ମା ପ୍ରତି ଘୃଣାଭାବ ପ୍ରଦର୍ଶିତ
କରିଛି, ସେହି ଲୋକର ଦଣ୍ଡ ଅଧିକ ଖରାପ ପ୍ରକାରର
ହେବ କାରଣ ସେହି ରକ୍ତ ସେହି ଲୋକକୁ ଥରେ ପବିତ୍ର
କରିଥିଲା। [30]ଆମ୍ଭେ ଜାଣୁ ଯେ, ପରମେଶ୍ୱର କହିଥିଲେ:
“ମନ୍ଦ କାମ କରିଥିବା ଲୋକଙ୍କୁ ମୁଁ ଦଣ୍ଡ ଦେବି, ମୁଁ
ତାହାଙ୍କୁ ପ୍ରତିଦାନ ଦେବି।”* ପରମେଶ୍ୱର ଆହୁରି ମଧ୍ୟ
କହିଥିଲେ: “ପ୍ରଭୁ ତାହାଙ୍କ ଲୋକଙ୍କର ବିଚାର କରିବେ।”*
[31]ଜୀବିତ ପରମେଶ୍ୱରଙ୍କ ହାତରେ ଜଣେ ପାପୀ ପଡିଯିବା,
ଗୋଟିଏ ଭୟଙ୍କର କଥା।

---

**“ମନ୍ଦ କାମ ... ପ୍ରତିଦାନ ଦେବି।”** ଦ୍ୱିତୀୟ ବିବରଣୀ ୩୨:୩୫
**“ପ୍ରଭୁ ... କରିବେ।”** ଗୀତସଂହିତା ୧୩୫:୧୪

### ଗ୍ରହଣ କରିଥିବା ସାହସ ଓ ଆନନ୍ଦକୁ ଛାଡ଼ ନାହିଁ

୩୨ପ୍ରଥମଥର ସତ୍ୟ ଜାଣିବା ଦିନଗୁଡ଼ିକୁ ମନେ ପକାଅ।
ଅନେକ ପ୍ରକାରର ଯାତନା ସହିତ ତୁମ୍ଭେମାନେ ସଂଘର୍ଷ
କରିଥିଲ, କିନ୍ତୁ ତୁମ୍ଭେମାନେ ଦୃଢ଼ ରହିଥିଲ। ୩୩ସେତେବେଳେ
ଲୋକେ ତୁମ୍ଭମାନଙ୍କୁ ଘୃଣାପୂର୍ଣ୍ଣ କଥାମାନ କହିଥିଲେ, ଓ
ଅନେକ ଲୋକଙ୍କ ଆଗରେ ତୁମ୍ଭମାନଙ୍କୁ ଅପଦସ୍ତ କରିଥିଲେ।
ବେଳେବେଳେ ଏହି ଭଳି ଖରାପ ବ୍ୟବହାର ମଧ୍ୟ ଦେଇ
ଗତି କରୁଥିବା ଲୋକଙ୍କୁ ତୁମ୍ଭେମାନେ ସାହାଯ୍ୟ କଲ।
୩୪ଯେଉଁମାନେ ବନ୍ଦୀଘରେ ରଖା ଯାଇ ଥିଲେ, ସେମାନଙ୍କର
ଅସୁବିଧାଗୁଡ଼ିକରେ ତୁମ୍ଭେମାନେ ଭାଗନେଲ, ଓ ସେମାନଙ୍କୁ
ସାହାଯ୍ୟ କଲ। ତୁମ୍ଭମାନଙ୍କର ଧନ-ସମ୍ପତ୍ତି ସବୁ ତୁମ୍ଭମାନଙ୍କଠାରୁ
ନେଇ ଯିବା ପରେ ମଧ୍ୟ ତୁମ୍ଭେମାନେ ଆନନ୍ଦରେ ଥିଲ।
ତୁମ୍ଭେମାନେ ଆନନ୍ଦରେ ରହିଥିଲ, କାରଣ ଜାଣିଥିଲ ଯେ
ତୁମ୍ଭମାନଙ୍କ ପାଖରେ ଯାହା କିଛି ଅଛି ତାହା ଅତ୍ୟଧିକ
ଭଲ। ଏବଂ ତାହା ସବୁଦିନ ପାଇଁ ରହିବ।
୩୫ଅତଏବ ପୂର୍ବରୁ ଥିବା ସାହସ ତୁମ୍ଭେମାନେ ହରାଅ
ନାହିଁ। ତୁମ୍ଭମାନଙ୍କର ସାହସ ପାଇଁ ତୁମ୍ଭେମାନେ ପ୍ରଚୁର
ମାତ୍ରାରେ ପୁରସ୍କାର ପାଇବ। ୩୬ତୁମ୍ଭେମାନେ ଧୈର୍ଯ୍ୟବାନ
ହେବା ଦରକାର। ପରମେଶ୍ୱର ଯାହା ଇଚ୍ଛା କରନ୍ତି, ସେହି
ସବୁ କାମ କରି ସାରିଲା ପରେ, ସେ ଯାହା ପ୍ରତିଜ୍ଞା
କରିଛନ୍ତି, ସେ ସବୁ ତୁମ୍ଭେମାନେ ପାଇବ। ୩୭ଅତି ଅଳ୍ପ
ସମୟରେ,

"ଯାହାଙ୍କ ଆସିବା କଥା ସେ ଆସିବେ, ତାହାଙ୍କର
ଡେରି ହେବ ନାହିଁ।
୩୮ ଯେଉଁଲୋକ ମୋ ସହିତ ଧାର୍ମିକ, ତା'ର ବିଶ୍ୱାସ
ହେତୁ ସେ ଜୀବିତ ରହିବ। କିନ୍ତୁ ଯଦି ସେଲୋକ
ଭୟରେ ମୁହଁ ମୋଡ଼େ, ମୁଁ ତା'ଉପରେ ପ୍ରସନ୍ନ
ହେବି ନାହିଁ।"

ହବକ୍କୂକ୍ ୨:୩-୪

୩୯କିନ୍ତୁ ଆମ୍ଭେ ସେହି ଲୋକମାନଙ୍କ ପରି ନୋହୁଁ ଯେଉଁମାନେ
ବିମୁଖ ହୁଅନ୍ତି ଓ ହଜିଯାଆନ୍ତି। ଯେଉଁମାନଙ୍କର ବିଶ୍ୱାସ
ରହିଛି, ଓ ଉଦ୍ଧାର ପାଇଛନ୍ତି ଆମ୍ଭେ ସେମାନଙ୍କ ଭଳି
ଅଛୁ।

### ବିଶ୍ୱାସ

୧୧ ବିଶ୍ୱାସର ଅର୍ଥ ହେଉଛି ଆମ୍ଭେ ଭରସା କରୁଥିବା
ବିଷୟ ପ୍ରତି ସୁନିଶ୍ଚିତତା। ବିଶ୍ୱାସ ଏଭଳି ସୁନିଶ୍ଚିତ
ବୋଧ ଯେ, ଆମ୍ଭେ ଯାହା ନ ଦେଖୁ, ତାହା ବାସ୍ତବ
ବୋଲି ଜାଣୁ। ୨ପ୍ରାଚୀନ କାଳରେ, ଲୋକମାନଙ୍କର ଏହି
ଭଳି ବିଶ୍ୱାସ ଥିଲା ବୋଲି, ପରମେଶ୍ୱର ସେମାନଙ୍କ
ଉପରେ ପ୍ରସନ୍ନ ଥିଲେ।
୩ବିଶ୍ୱାସ ଦ୍ୱାରା ଆମ୍ଭେ ବୁଝିଛୁ ଯେ ସମଗ୍ର ସୃଷ୍ଟିର
ରଚନା ପରମେଶ୍ୱର ନିଜ ଆଜ୍ଞା ବଳରେ କରି ଥିଲେ।
ଏହାର ଅର୍ଥ ଯେ, ଆମ୍ଭକୁ ଦିଶୁଥିବା ବିଷୟଗୁଡ଼ିକର ସୃଷ୍ଟି
ଅଦୃଶ୍ୟ ବିଷୟ ଦ୍ୱାରା ହୋଇଛି।
୪କୟିନ ଓ ହେବଲ ଦୁହେଁ ପରମେଶ୍ୱରଙ୍କୁ ବଳି
ଉତ୍ସର୍ଗ କଲେ। କିନ୍ତୁ ବିଶ୍ୱାସ ଥିବା ହେତୁ ହେବଲ ଭଲ
ବଳି ଉତ୍ସର୍ଗ କଲେ। ପରମେଶ୍ୱର କହିଲେ ଯେ, ସେ
ହେବଲ ଉତ୍ସର୍ଗ କରିଥିବା ବଳି ପାଇଁ ପ୍ରସନ୍ନ ଥିଲେ।
ପରମେଶ୍ୱରଙ୍କଠାରେ ହେବଲର ବିଶ୍ୱାସ ହେତୁ ତାହାକୁ
ଭଲ ଲୋକ ବୋଲି କହିଲେ। ହେବଲ ମରି ଯାଇଛି
କିନ୍ତୁ ନିଜ ବିଶ୍ୱାସ ହେତୁ ଏବେ ସୁଦ୍ଧା ସେ କଥା କହୁଛି।
୫ବିଶ୍ୱାସ ହେତୁ ହନୋକଙ୍କୁ ଏହି ପୃଥିବୀରୁ ଉଠାଇ
ନିଆ ହେଲା। ସେ କେବେବି ମୃତ୍ୟୁ ଅନୁଭବ କଲେ
ନାହିଁ। ଶାସ୍ତ୍ର କୁହେ ଯେ, ହନୋକଙ୍କୁ ଉଠାଇ ନେଇ ଯିବା
ପୂର୍ବରୁ ସେ ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରି ଥିଲେ। ପରେ
ଲୋକେ ତାହାଙ୍କୁ ଖୋଜି ପାରିଲେ ନାହିଁ, କାରଣ ପରମେଶ୍ୱର
ହନୋକଙ୍କୁ ନିଜ ସହିତ ରହିବା ଲାଗି ନେଇ ଗଲେ।
୬ବିଶ୍ୱାସ ବିନା ଜଣେ ପରମେଶ୍ୱରଙ୍କୁ ପ୍ରସନ୍ନ କରି ପାରିବ
ନାହିଁ। ପରମେଶ୍ୱରଙ୍କ ପାଖକୁ ଆସୁଥିବା ପ୍ରତ୍ୟେକ ଲୋକ
ପରମେଶ୍ୱର ଅଛନ୍ତି ବୋଲି ବିଶ୍ୱାସ କରିବା ଉଚିତ। ଯିଏ
ପରମେଶ୍ୱରଙ୍କ ପାଖକୁ ଆସିବ ସେ ବିଶ୍ୱାସ କରିବା
ଦରକାର ଯେ ଯିଏ ପ୍ରକୃତରେ ତାହାଙ୍କୁ ଖୋଜେ, ପରମେଶ୍ୱର
ତାହାକୁ ପୁରସ୍କାର ପ୍ରଦାନ କରନ୍ତି।
୭କେତେକ ଦେଖି ନ ପାରୁ ଥିବା ବିଷୟଗୁଡ଼ିକ ପ୍ରତି
ପରମେଶ୍ୱର ନୋହଙ୍କୁ ସତର୍କ କରି ଦେଇଥିଲେ। ନୋହଙ୍କର
ପରମେଶ୍ୱରଙ୍କ ପ୍ରତି ବିଶ୍ୱାସ ଓ ଭକ୍ତିଭାବ ଥିଲା। ଅତଏବ
ନୋହ ନିଜ ପରିବାରକୁ ରକ୍ଷା କରିବାକୁ ଯାଇ ବଡ
ଜାହାଜଟିଏ ତିଆରି କଲେ। ନିଜ ବିଶ୍ୱାସ ବଳରେ ନୋହ
ଦେଖାଇଲେ ଯେ, ଜଗତ ଦୋଷୀ ଥିଲା। ଯେଉଁମାନଙ୍କୁ
ପରମେଶ୍ୱର ବିଶ୍ୱାସ ବଳରେ ଧାର୍ମିକ କରନ୍ତି, ସେମାନଙ୍କ
ଭିତରୁ ନୋହ ଜଣେ ଥିଲେ।
୮ପରମେଶ୍ୱର ଅବ୍ରାହାମଙ୍କୁ ତାହାଙ୍କ ସ୍ଥାନ ଛାଡ଼ିବାକୁ, ଓ
ଅନ୍ୟ ଗୋଟିଏ ସ୍ଥାନକୁ ଯିବା ପାଇଁ ଡାକିଲେ। ପରମେଶ୍ୱର
ତାହାଙ୍କୁ ସେହିଦେଶ ଦେବା ପାଇଁ ପ୍ରତିଜ୍ଞା କରିଥିଲେ।
ସେ କେଉଁଠାକୁ ଯାଉଅଛନ୍ତି, ତାହା ଅବ୍ରାହାମ ଜାଣି
ନଥିଲେ। କିନ୍ତୁ ଅବ୍ରାହାମ ନିଜ ବିଶ୍ୱାସ ଦ୍ୱାରା ମାନିଲେ, ଓ
ସେହି ସ୍ଥାନ ପାଇଁ ପ୍ରସ୍ଥାନ କଲେ। ୯ପରମେଶ୍ୱର ପ୍ରତିଜ୍ଞା
ଅନୁସାରେ ଅବ୍ରାହାମ ସେହି ସ୍ଥାନରେ ରହିଲେ। ସେ
ଜଣେ ଯାତ୍ରୀ ଭଳି ରହିଲେ, ଜଣେ ବାସିନ୍ଦା ଭଳି ନୁହେଁ।
ବିଶ୍ୱାସ ଥିବା ହେତୁ ସେ ଏପରି କଲେ। ଯିସ୍ହାକ ଓ
ଯାକୁବଙ୍କ ସହିତ ଅବ୍ରାହାମ ତମ୍ବୁରେ ରହିଲେ। ଯିସ୍ହାକ
ଓ ଯାକୁବ ମଧ୍ୟ ୧୦ପରମେଶ୍ୱରଙ୍କ ଠାରୁ ସେହି ପ୍ରତିଜ୍ଞା
ପାଇ ଥିଲେ। ଅବ୍ରାହାମ ସୁଦୃଢ଼ ମୂଳଦୁଆ ଥିବା ନଗରୀ*
ର ଅପେକ୍ଷାରେ ଥିଲେ। ପରମେଶ୍ୱର ସ୍ୱୟଂ ସେହି
ନଗରୀଟିର ଯୋଜନା ଓ ନିର୍ମାଣ କରିଥିଲେ।
୧୧ପିଲାପିଲି ହେବା ପାଇଁ ଅବ୍ରହାମଙ୍କର ବୟସ ଅଧିକ
ହୋଇ ଯାଇ ଥିଲା। ଆହୁରି ମଧ୍ୟ ସାରା ପିଲାପିଲି ହୋଇ

---

**ସୁଦୃଢ଼ ମୂଳଦୁଆ ଥିବା ନଗରୀ** ପରମେଶ୍ୱରଙ୍କ ସହିତ ନିଜଲୋକ (ସନ୍ଥ) ରହୁଥିବା ଆଧାତ୍ମିକ ନଗରୀ। ଏହାକୁ 'ସ୍ୱର୍ଗର ଯିରୁଶାଲମ' ମଧ୍ୟ କହନ୍ତି। ଏବ୍ରୀ ୧୨:୨୨

ପାରି ନ ଥିଲା। କିନ୍ତୁ ପରମେଶ୍ୱରଙ୍କଠାରେ ଅବ୍ରହାମଙ୍କର
ବିଶ୍ୱାସ ଥିଲା, ଅତଏବ ପରମେଶ୍ୱର ସେମାନଙ୍କୁ ସନ୍ତାନ
ହେବା ପାଇଁ ସକ୍ଷମ କଲେ। ପରମେଶ୍ୱରଙ୍କ ପ୍ରତିଜ୍ଞା
ପୁରଣ କରିବା ବିଷୟରେ ଅବ୍ରହାମ ତାହାଙ୍କ ଉପରେ
ବିଶ୍ୱାସ ରଖି ଥିଲେ। ୧୨ଏହି ଲୋକ ଜଣକ ଏତେ ବୃଦ୍ଧ
ଥିଲେ ଯେ ସେ ମୃତବତ ଥିଲେ। କିନ୍ତୁ ସେହି ଜଣେ
ଲୋକଙ୍କ ଠାରୁ ଆକାଶର ତାରାଗଣ ଓ ସମୁଦ୍ର କୂଳର
ବାଲି ଭଳି ଅସଂଖ୍ୟ ସନ୍ତାନ ଜନ୍ମଗ୍ରହଣ କଲେ।

୧୩ସେହି ସମସ୍ତ ମହାନ ଲୋକ ମୃତ୍ୟୁ ପର୍ଯ୍ୟନ୍ତ ନିଜର
ବିଶ୍ୱାସ ସହିତ ଜୀବିତ ରହିଲେ। ପରମେଶ୍ୱର ନିଜଲୋକଙ୍କୁ
ପ୍ରତିଜ୍ଞା କରିଥିବା ବସ୍ତୁମାନ ସେହିଲୋକମାନେ ପାଇଲେ
ନାହିଁ। ସେମାନେ ଖାଲି ଦେଖିଲେ ଯେ, ସେହି ବିଷୟଗୁଡ଼ିକ
ସୁଦୂର ଭବିଷ୍ୟତରେ ଆସିବ, ଓ ସେମାନେ (ସେତିକିରେ)
ଖୁସି ହେଲେ। ସେମାନେ ଗ୍ରହଣ କରି ନେଲେ ଯେ
ସେମାନେ ଏହି ପୃଥିବୀରେ ଯାତ୍ରୀ ଓ ଅପରିଚିତ ବ୍ୟକ୍ତି
ଅଟନ୍ତି। ୧୪ଯେଉଁଲୋକମାନେ ସେହିଭଳି କଥା ମାନି
ନିଅନ୍ତି, ସେମାନେ ସେମାନଙ୍କର ନିଜର ଗୋଟିଏ ଦେଶ
ପାଇଁ ଅପେକ୍ଷାରତ ଅଛନ୍ତି ବୋଲି ପ୍ରଦର୍ଶିତ କରନ୍ତି।
୧୫ଯଦି ସେମାନେ ପୂର୍ବରୁ ଛାଡି ଥିବା ଦେଶ ବିଷୟରେ
ଭାବୁ ଥିଲେ, ସେମାନେ ସେହିସ୍ଥାନକୁ ଫେରିବାକୁ ଗୋଟିଏ
ସୁଯୋଗ ଖୋଜି ପାଇ ପାରି ଥାଆନ୍ତେ। ୧୬କିନ୍ତୁ ବାସ୍ତବିକ
ସେମାନେ ଗୋଟିଏ ଅପେକ୍ଷାକୃତ ଭଲ ଦେଶ ପାଇଁ
ଅପେକ୍ଷା କରୁଥିଲେ, ଯାହାକି ଗୋଟିଏ ସ୍ୱର୍ଗୀୟ ଦେଶ।
ତେଣୁ, ପରମେଶ୍ୱର ସଙ୍କୋଚ କଲେ ନାହିଁ ସେମାନଙ୍କର
ପରମେଶ୍ୱର ଭାବରେ ପରିଚିତ ହେବା ପାଇଁ। ସେହି
ଲୋକମାନଙ୍କ ଲାଗି ପରମେଶ୍ୱର ଗୋଟିଏ ନଗର ତିଆରି
କରି ରଖି ଅଛନ୍ତି।

୧୭-୧୮ପରମେଶ୍ୱର ଅବ୍ରାହାମଙ୍କୁ ପରୀକ୍ଷା କରିଥିଲେ।
ଅବ୍ରାହାମଙ୍କୁ ପରମେଶ୍ୱର କହିଥିଲେ ଯେ, ଯିସ୍ହାକଙ୍କୁ
ବଳିରୂପେ ସମର୍ପିତ କରିବ। ଅବ୍ରାହାମଙ୍କ ବିଶ୍ୱାସଥିବାରୁ
ସେ ତାହା ମାନିଲେ। ପରମେଶ୍ୱରଙ୍କଠାରୁ ଅବ୍ରାହାମ ପୂର୍ବରୁ
ପ୍ରତିଜ୍ଞା ପାଇଥିଲେ। ପରମେଶ୍ୱର ଅବ୍ରାହାମଙ୍କୁ କହି ସାରିଥିଲେ
ଯେ, "ଯିସ୍ହାକଙ୍କ ଦ୍ୱାରା ତୁମ୍ଭର ବଂଶଧରମାନେ ଆସିବେ।"
କିନ୍ତୁ ନିଜର ଏକମାତ୍ର ପୁତ୍ର ଯିସ୍ହାକଙ୍କୁ ସେ ସମର୍ପିତ
କରିବା ପାଇଁ ପ୍ରସ୍ତୁତ ଥିଲେ। ବିଶ୍ୱାସ ଥିବାରୁ ଅବ୍ରାହାମ
ଏପରି କଲେ। ୧୯ଅବ୍ରାହାମ ବିଶ୍ୱାସ କରିଥିଲେ ଯେ,
ପରମେଶ୍ୱର ଲୋକମାନଙ୍କୁ ମୃତ୍ୟୁରୁ ଉଠାଇ ଆଣି ପାରିବେ।
ପ୍ରକୃତରେ ଯେତେବେଳେ ସେ ଯିସ୍ହାକଙ୍କୁ ମାରିବା ପାଇଁ
ଗଲାବେଳେ ପରମେଶ୍ୱର ଅବ୍ରାହାମଙ୍କୁ ଅଟକାଇ ଦେଲେ।
ସେତେବେଳେ ଅବ୍ରାହାମ ଯେପରି ଯିସ୍ହାକଙ୍କୁ ମୃତ୍ୟୁରୁ
ଫେରି ପାଇଲେ।

୨୦ବିଶ୍ୱାସ କାରଣରୁ ଯିସ୍ହାକ, ଯାକୁବ ଓ ଏଷୌଙ୍କୁ
ସେମାନଙ୍କ ଭବିଷ୍ୟତ ବିଷୟରେ ଆଶୀର୍ବାଦ ଦେଲେ।
୨୧ବିଶ୍ୱାସ କାରଣରୁ ହିଁ, ମଲାବେଳେ ଯାକୁବ, ଯୋସେଫଙ୍କ
ପ୍ରତ୍ୟେକ ପୁତ୍ରକୁ ଆଶୀର୍ବାଦ କଲେ। ସେ ନିଜର ବାଡି
ଉପରେ ନଇଁ ପଡି ପରମେଶ୍ୱରଙ୍କୁ ଉପାସନା କଲେ।

୨୨ବିଶ୍ୱାସ ଦ୍ୱାରା ହିଁ, ନିଜର ଶେଷ ସମୟ ନିକଟ
ହେବା ପୂର୍ବରୁ, ଯୋସେଫ ଇସ୍ରାୟେଲ ନିବାସୀମାନଙ୍କର
ମିସର ଦେଶରୁ ନିର୍ଗମନ ବିଷୟରେ, ତାହାଙ୍କ ମୃତ୍ୟୁ ପରେ
ତାହାଙ୍କୁ କିପରି କବର ଦେବେ, ସେ ବିଷୟରେ କହିଥିଲେ।

୨୩ବିଶ୍ୱାସ ଦ୍ୱାରା ହିଁ, ମୋଶାଙ୍କର ମା ଓ ବାପା
ମୋଶାଙ୍କୁ ଜନ୍ମ ଦେଲା ପରେ ତିନିମାସ ଧରି ଲୁଚାଇ
ରଖିଲେ। କାରଣ ସେମାନେ ଦେଖିଲେ ଯେ ମୋଶା
ସୁନ୍ଦର ଶିଶୁଟିଏ। ସେମାନେ ରାଜାଜ୍ଞାକୁ ଅବଜ୍ଞା କରିବାକୁ
ଭୟ କରି ନ ଥିଲେ।

୨୪ମୋଶା ବଡ଼ ହୋଇ ମଣିଷ ହେଲେ। ସେ ଫାରୋଙ୍କ
ଝିଅର ପୁତ୍ର ହେବା ପାଇଁ ମନା କଲେ। ୨୫ସେ ପାପର
କ୍ଷଣିକ ସୁଖଭୋଗ କରିବା ପାଇଁ ଚାହିଁଲେ ନାହିଁ। ତା'
ପରିବର୍ତ୍ତେ ସେ ଈଶ୍ୱରଙ୍କ ଲୋକମାନଙ୍କ ସହ୍ୟ ହେଉଥିବା
ଦୁର୍ବ୍ୟବହାର ସହିବା ପସନ୍ଦ କଲେ। ନିଜର ବିଶ୍ୱାସ ହେତୁ
ସେ ଏପରି କଲେ। ୨୬ମିସର ଦେଶର ସମସ୍ତ ଧନଭଣ୍ଡାର
ପ୍ରାପ୍ତ କରିବା ବଦଳରେ ଖ୍ରୀଷ୍ଟଙ୍କ ପାଇଁ କଷ୍ଟ ସହନ
କରିବା, ମୋଶା ଅପେକ୍ଷାକୃତ ଭଲ ମନେ କଲେ।
ପରମେଶ୍ୱରଙ୍କ ଦ୍ୱାରା ଭବିଷ୍ୟତରେ ମିଳିବାକୁ ଥିବା ପ୍ରତିଦାନ
ପାଇଁ ସେ ପ୍ରତୀକ୍ଷା କଲେ। ୨୭ନିଜ ବିଶ୍ୱାସ କାରଣରୁ
ମୋଶା ମିସର ଦେଶ ଛାଡିଲେ। ସେ ରାଜାଙ୍କର କ୍ରୋଧ
ପ୍ରତି ଭୟଭୀତ ନ ଥିଲେ। ସେ ଅନ୍ୟମାନଙ୍କୁ ଅଦୃଶ୍ୟ
ପରମେଶ୍ୱରଙ୍କୁ ଦେଖି ପାରିଲା ଭଳି ନିଜ ବିଶ୍ୱାସରେ ଦୃଢ଼
ଥିଲେ। ୨୮ମୋଶା ନିସ୍ତାର ଭୋଜି* (ପର୍ବ) କରି ଦ୍ୱାରି
ମାନଙ୍କରେ ରକ୍ତ ସିଞ୍ଚନ କଲେ। ଯିହୂଦୀଲୋକଙ୍କର ପ୍ରଥମଜାତ
ସନ୍ତାନ ମାନଙ୍କୁ ମୃତ୍ୟୁର ଦୂତ ଯେପରି ମାରି ପାରିବେ
ନାହିଁ, ସେଥିପାଇଁ ମୋଶା ଏପରି କଲେ। ମୋଶାଙ୍କର
ବିଶ୍ୱାସ ଥିବାରୁ ସେ ଏପରି କଲେ।

୨୯ବିଶ୍ୱାସଥିବା ହେତୁ ହିଁ ମୋଶାଙ୍କ ନେତୃତ୍ୱରେ ସମସ୍ତେ
ସୁଫସାଗର ମଧ୍ୟ ଦେଇ ଶୁଖିଲା ଭୂଇଁ ଥିଲା ଭଳି ଚାଲିଚାଲି
ପାର ହୋଇ ଗଲେ। ଯେତେବେଳେ ମିସରଦେଶର ଲୋକେ
ସୁଫସାଗର ଦେଇ ଯିବାପାଇଁ ଚେଷ୍ଟାକଲେ ସେମାନେ ବୁଡ଼ି
ଗଲେ।

୩୦ଈଶ୍ୱରଙ୍କ ଲୋକମାନଙ୍କ ବିଶ୍ୱାସ ହେତୁ ଯିରୀହୋ
ନଗରର ପାଚେରୀଗୁଡ଼ିକ ସେମାନେ ସାତଦିନ ପରିକ୍ରମା
କଲାପରେ, ଭାଙ୍ଗି ପଡି ଗଲା।

୩୧ନିଜର ବିଶ୍ୱାସ ଦ୍ୱାରା, ରାହାବ ନାମ୍ନୀ ବେଶ୍ୟା,
ଇସ୍ରାୟେଲର ଗୁପ୍ତଚର ମାନଙ୍କୁ ମିତ୍ର ଭଳି ସ୍ୱାଗତ କଲା,
ଓ ସେମାନଙ୍କୁ ସାହାଯ୍ୟ କଲା, ଓ ଅନ୍ୟ ଯେଉଁ ଲୋକମାନେ
ମାନିବାକୁ ମନା କରି ଥିଲେ, ସେମାନଙ୍କ ସହିତ ମୃତ
ହେଲା ନାହିଁ।

୩୨ମୁଁ ଅଧିକ ଆଉ କଣ କହିବି, ଓ କି ଉଦାହରଣ
ମାନ ପ୍ରସ୍ତୁତ କରିବି? ଗିଦୟୋନ, ବାରକ, ଶାମ୍ଶୋନ,
ଯିପ୍ତାହ, ଦାଉଦ, ଶାମୁୟେଲ, ଓ ଭବିଷ୍ୟତ୍‌ବକ୍ତାମାନଙ୍କ

---

**ନିସ୍ତାର ଭୋଜି** ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଦିନ। ପ୍ରତିବର୍ଷ ଏହି ଦିନରେ, ଯିହୂଦୀମାନେ (ମୋଶାଙ୍କ ସମୟରେ ପରମେଶ୍ୱର ମିଶର ଦେଶରୁ ସେମାନଙ୍କୁ ମୁକ୍ତ ଦେଇଥିଲେ ବୋଲି) ବିଶେଷ ଭୋଜିର ଆୟୋଜନ କରନ୍ତି।

ବିଷୟରେ କହିବା ପାଇଁ ମୋ ପାଖରେ ଅଧିକ ସମୟ
ନାହିଁ, ୩୩ସେ ସମସ୍ତଙ୍କର ବହୁତ ଅଧିକ ବିଶ୍ୱାସ ଥିଲା।
ସେହି ବିଶ୍ୱାସ ବଳରେ ସେମାନେ ସାମ୍ରାଜ୍ୟଗୁଡ଼ିକୁ ପରାସ୍ତ
କରି ଥିଲେ। ସେମାନେ ସମସ୍ତେ ଧାର୍ମିକ କାର୍ଯ୍ୟ କଲେ,
ପରମେଶ୍ୱରଙ୍କ ପ୍ରତିଜ୍ଞାର ବିଷୟ ଗୁଡ଼ିକ ପାଇଲେ। ସେମାନେ
ନିଜ ବିଶ୍ୱାସ ଦ୍ୱାରା ସିଂହମାନଙ୍କର ମୁହଁ ବନ୍ଦ କଲେ।
୩୪ସେହି ବିଶ୍ୱାସ ବଳରେ କେତେ ଜଣ ଅଗ୍ନିର ଶକ୍ତି ବନ୍ଦ
କଲେ, ଓ କେତେ ଲୋକ ଖଡ୍ଗ ଦ୍ୱାରା ମରିବାରୁ ରକ୍ଷା
ପାଇଲେ। ବିଶ୍ୱାସ କାରଣରୁ ଦୁର୍ବଳ ଲୋକ ଶକ୍ତିଶାଳୀ
ହେଲେ। ସେମାନେ ଯୁଦ୍ଧରେ ଶକ୍ତିଶାଳୀ ହୋଇ ଶତ୍ରୁ
ସେନାଙ୍କୁ ପରାସ୍ତ କଲେ। ୩୫ମୃତ୍ୟୁରୁ ଲୋକମାନେ ପୁନଃ
ଜୀବିତ ହୋଇ ପରିବାରରେ ନିଜ ନାରୀମାନଙ୍କ ପାଖକୁ
ଗଲେ। ଅନ୍ୟଲୋକମାନଙ୍କୁ ଯାତନା ଦିଆ ହେଲା, ସେମାନେ
ସ୍ୱାଧୀନ ହେବାକୁ ଚାହିଁଲେ ନାହିଁ କାରଣ ସେମାନେ
ମୃତ୍ୟୁରୁ ପୁନଃ ଜୀବନ ଲାଭ କରି ଗୋଟିଏ ଅଧିକ ଭଲ
ଜୀବନ ପାଇ ପାରିବେ ବୋଲି ଭାବି ଏହି ସବୁ କାର୍ଯ୍ୟ
କରିଥିଲେ। ୩୬କେତେ ଲୋକ ହାସ୍ୟର ପାତ୍ର ହେଲେ ଓ
କୋରଡା ଆଘାତ ପାଇଲେ। ଅନ୍ୟମାନେ ବନ୍ଧା ହେଲେ,
ଓ ବନ୍ଦୀଘରେ ରଖା ଗଲେ। ୩୭ସେମାନଙ୍କୁ ପଥର ମାରି
ଦିଆହେଲା, ଓ କରତରେ ଦୁଇ ଫାଳ କରି ଚିରି ଦିଆ
ହେଲା। କେତେକଙ୍କୁ ଖଡ୍‌ଗଦ୍ୱାରା ମାରି ଦିଆ ହେଲା।
ସେମାନଙ୍କ ଭିତରୁ କେତେ ଜଣ ମେଣ୍ଢା ଓ ଛେଳିର
ଚମଡ଼ା ପିନ୍ଧିଲେ। ସେମାନେ ଗରିବ ଥିଲେ, ନିର୍ଯ୍ୟାତିତ
ହେଲେ, ଓ ଅନ୍ୟମାନଙ୍କ ଦ୍ୱାରା ମନ୍ଦ ବ୍ୟବହାର ପାଇଲେ।
୩୮ଏହି ମହାନ୍ ଲୋକମାନଙ୍କ ଲାଗି ପୃଥିବୀ ଉପଯୁକ୍ତ ନ
ଥିଲା। ସେମାନେ ମରୁଭୂମିରେ ଓ ପାହାଡରେ ବୁଲିଲେ ଓ
ଗୁମ୍ଫା ଏବଂ ଭୂମିରେ ଥିବା ଗାତ ମାନଙ୍କରେ ନିଜକୁ
ଲୁଚାଇ ରଖିଲେ।

୩୯ଏହି ସମସ୍ତ ଲୋକମାନେ ନିଜର ବିଶ୍ୱାସ ପାଇଁ ଜଣା
ଶୁଣା। କିନ୍ତୁ ଏମାନଙ୍କ ଭିତରୁ କେହି ହେଲେ ପରମେଶ୍ୱରଙ୍କ
ମହାନ୍ ପ୍ରତିଜ୍ଞା ପାଇ ପାରି ନଥିଲେ। ୪୦ପରମେଶ୍ୱର
ଆମ୍ଭକୁ କିଛି ଅପେକ୍ଷାକୃତ ଭଲ ଦେବା ପାଇଁ ଯୋଜନା
କରିଥିଲେ। ପରମେଶ୍ୱରଙ୍କ ଯୋଜନା ଥିଲା ଯେ, ସେମାନେ
କେବଳ ଆମ୍ଭ ସହିତ ପରିପୂର୍ଣ୍ଣ ହେବେ।

## ଆମ୍ଭେ ଯୀଶୁଙ୍କ ଉଦାହରଣ ଅନୁସରଣ କରିବା ଉଚିତ

**୧୨** ଆମ୍ଭର ଚାରିପଟେ, ବିଶ୍ୱାସଧାରୀ ଆମ୍ଭର ବହୁ
ସଂଖ୍ୟକ ଲୋକ ରହିଛନ୍ତି। ବିଶ୍ୱାସ ବିଷୟରେ
ସେମାନଙ୍କ ଜୀବନ ଆମ୍ଭକୁ କହିଥାଏ। ତେଣୁ ଆମ୍ଭେ
ସେମାନଙ୍କ ଭଳି ହେବା ଉଚିତ। ଆମ୍ଭେ ଜୀବନରେ
ଆଗକୁ ଯିବା ପାଇଁ ଯାହା କିଛି ବାଧା ଅଛି, ସେଗୁଡ଼ିକୁ
ଆମ୍ଭେ ଆଡେଇ ଦେବା ଉଚିତ ଓ ଆମ୍ଭ ସମ୍ମୁଖରେ ଥିବା
ଦୌଡରେ ଦୌଡିବା ଉଚିତ। ପ୍ରଚେଷ୍ଟା ଥିବା ଦରକାର।
ଆମ୍ଭକୁ ସହଜରେ ବାନ୍ଧି ରଖୁଥିବା ପାପକୁ ଆମ୍ଭେ ତ୍ୟାଗ
କରିବା ଉଚିତ। ୨ଆମ୍ଭେ ସର୍ବଦା ଯୀଶୁଙ୍କ ଉଦାହରଣ
ଗ୍ରହଣ କରିବା ଉଚିତ। ଆମ୍ଭ ବିଶ୍ୱାସର ନେତା ଯୀଶୁଖ୍ରୀଷ୍ଟ
ଅଟନ୍ତି। ସେ ଆମ୍ଭର ବିଶ୍ୱାସକୁ ସିଦ୍ଧ କରନ୍ତି। ସେ କ୍ରୁଶ
ଉପରେ ମୃତ୍ୟୁର ଯାତନା ଭୋଗିଛନ୍ତି। କିନ୍ତୁ ସେ କ୍ରୁଶର
ଲଜ୍ଜାକୁ ଏକ ଅର୍ଥହୀନ ବିଷୟ ବୋଲି ମନେ କରି ଗ୍ରହଣ
କରିଛନ୍ତି। ପରମେଶ୍ୱର ତାହାଙ୍କ ସମ୍ମୁଖରେ ଯେଉଁ ଆନନ୍ଦର
ଲକ୍ଷ ରଖିଥିଲେ, ସେଥିପାଇଁ ସେ ତାହା କଲେ। ଏବେ
ସେ ପରମେଶ୍ୱରଙ୍କ ସିଂହାସନର ଡାହାଣରେ ବସିଛନ୍ତି।
୩ଯୀଶୁଙ୍କ ବିଷୟରେ ଭାବିଦେଖ। ଯେତେବେଳେ
ପାପୀଲୋକମାନେ ତାହାଙ୍କ ବିରୁଦ୍ଧରେ କିଛି କରୁ ଥିଲେ,
ସେ ଅତି ଧୈର୍ଯ୍ୟର ସହିତ ସବୁଗୁଡ଼ିକୁ ଗ୍ରହଣ କଲେ।
ତୁମ୍ଭେମାନେ ମଧ୍ୟ ସେହି ଭଳି ଧୈର୍ଯ୍ୟବାନ ହୁଅ। ଚେଷ୍ଟା
କରିବାରୁ ନିରୁତ୍ସାହ ହୁଅ ନାହିଁ।

## ପରମେଶ୍ୱର: ପିତାତୁଲ୍ୟ

୪ତୁମ୍ଭେମାନେ ପାପ ବିରୁଦ୍ଧରେ ସଂଗ୍ରାମ କରୁଛ, କିନ୍ତୁ
ସେହି ସଂଗ୍ରାମ ବର୍ତ୍ତମାନ ସୁଦ୍ଧା ତୁମ୍ଭମାନଙ୍କର ମୃତ୍ୟୁର
କାରଣ ହୋଇ ପାରି ନାହିଁ। ୫ତୁମ୍ଭେମାନେ ପରମେଶ୍ୱରଙ୍କ
ପୁତ୍ରଗଣ ହୋଇଥିବା କାରଣରୁ ସେ ତୁମ୍ଭମାନଙ୍କୁ ସାନ୍ତ୍ୱନା
(ସାହାସ) ର ବାକ୍ୟ କୁହନ୍ତି। ତୁମ୍ଭେମାନେ ସେହି ବାକ୍ୟ
(ଶବ୍ଦ) ଗୁଡ଼ିକୁ ଭୁଲି ଯାଇଛ:

"ହେ ମୋର ପୁତ୍ର! ଯେତେବେଳେ ପ୍ରଭୁ ତୁମ୍ଭକୁ
ଦଣ୍ଡ ଦିଅନ୍ତି ଭାବିନାହିଁ ଯେ ତାହା ମୂଲ୍ୟହୀନ, ଓ
ଯେତେବେଳେ ପ୍ରଭୁ ତୁମ୍ଭର ସଂଶୋଧନ କରନ୍ତି
ଚେଷ୍ଟା କରିବାରେ ନିରୁତ୍ସାହ ହୁଅ ନାହିଁ।
୬ ପ୍ରଭୁ ଭଲ ପାଉଥିବା ପ୍ରତ୍ୟେକ ଲୋକକୁ ଦଣ୍ଡ
ଦିଅନ୍ତି, ଓ ପୁତ୍ର ଭାବରେ ମାନିଥିବା ପ୍ରତ୍ୟେକ
ଲୋକକୁ ସେ ଶାସ୍ତି ଦିଅନ୍ତି।"

ହିତୋପଦେଶ ୩:୧୧-୧୨

୭ଅତଏବ ପ୍ରତ୍ୟେକ ଯାତନାକୁ ପିତାଙ୍କର ଦଣ୍ଡ ବୋଲି
ଭାବି ଗ୍ରହଣ କର। ଜଣେ ପିତା ତାର ପୁତ୍ର ପ୍ରତି ଯେଉଁଭଳି
ବ୍ୟବହାର କରେ, ପରମେଶ୍ୱର ତୁମ୍ଭମାନଙ୍କ ପ୍ରତି ସେପରି
ବ୍ୟବହାର କରନ୍ତି। ୮ପ୍ରତ୍ୟେକ ପୁତ୍ର ପିତା ଦ୍ୱାରା ଦଣ୍ଡ
ପାଇ ଥାଏ। ଯଦି ତୁମ୍ଭେମାନେ କେବେ ଦଣ୍ଡ ପାଇ ନାହିଁ
(ପ୍ରତ୍ୟେକ ପୁତ୍ର ଦଣ୍ଡ ପାଇବା ଉଚିତ) ତାହେଲେ ତୁମ୍ଭେମାନେ
ଅବୈଧ ପୁତ୍ର ଅଟ ଏବଂ ପ୍ରକୃତ ପୁତ୍ର ନୁହଁ। ୯ଏହି
ପୃଥିବୀରେ ଆମ୍ଭ ସମସ୍ତଙ୍କର ବାପାମାନେ ଥିଲେ ଓ
ସେମାନେ ଆମ୍ଭମାନଙ୍କୁ ଦଣ୍ଡ ଦେଲେ। ତଥାପି ଆମ୍ଭେ ଆମ୍ଭ
ବାପାମାନଙ୍କୁ ସମ୍ମାନ ଦେଖାଇଲୁ। ଅତଏବ ଏହା ଅଧିକ
ଗୁରୁତ୍ୱପୂର୍ଣ୍ଣ ଯେ ଆମ୍ଭେ ଆମ୍ଭ ଆତ୍ମାଗୁଡ଼ିକର ପିତାଙ୍କ ଠାରୁ
ଦଣ୍ଡ ଗ୍ରହଣ କରିବା ଉଚିତ। ଏପରି କଲେ ଆମ୍ଭେ
ଜୀବନ ପାଇବା। ୧୦ଆମ୍ଭର ପୃଥିବୀର ପିତାମାନେ ଆମ୍ଭକୁ
ଅଳ୍ପ ସମୟ ଧରି ଦଣ୍ଡ ଦେଲେ। ସେମାନେ ଯେପରି ଭଲ
ଭାବିଲେ, ସେହି ପରି ଦଣ୍ଡ ଦେଲେ। କିନ୍ତୁ ପରମେଶ୍ୱର,
ତାହାଙ୍କ ନିଜଭଳି ଆମ୍ଭକୁ ପବିତ୍ର ହେବାପାଇଁ ସାହାଯ୍ୟ
କରିବା ନିମନ୍ତେ ଆମ୍ଭକୁ ଦଣ୍ଡ ଦିଅନ୍ତି। ୧୧ଦଣ୍ଡ ପାଇଲା
ବେଳେ ଆମ୍ଭେ ଆନନ୍ଦ ଲାଭ କରୁ ନାହିଁ। ଦଣ୍ଡ ପାଇବା
କଷ୍ଟଦାୟକ ଅଟେ। କିନ୍ତୁ ପରବର୍ତ୍ତୀ କାଳରେ, ଦଣ୍ଡ

ପାଇବା ଦ୍ୱାରା ଶିଖିବା ପରେ, ଆମ୍ଭେ ଶାନ୍ତି ଲାଭ କରୁ ଓ
ଧାର୍ମିକ ଜୀବନ ବତାଉ।

## ଜୀବନ ପଦ୍ଧତି ବଷୟରେ ସାବଧାନ ରୁହ

୧୨ତୁମ୍ଭେମାନେ ଦୁର୍ବଳ ହୋଇ ଯାଇଛ। ଅତଏବ ନଜକୁ
ପୁନର୍ବାର ଶକ୍ତଶାଳୀ କର। ୧୩ଧାର୍ମିକ ହୋଇ ଜୀବନଯାପନ
କର, ଯେପର ତୁମ୍ଭମାନଙ୍କର ଦୁର୍ବଳତା ଗୁଡ଼କ ନଷ୍ଟ
ହେବାର କାରଣ ହେବ ନାହିଁ, ଓ ତୁମ୍ଭେମାନେ ରକ୍ଷା ପାଇ
ପାରବ।

୧୪ସମସ୍ତଙ୍କ ସହତ ଶାନ୍ତରେ ରହବାକୁ ଚେଷ୍ଟା କର।
ପାପରହତ ଜୀବନଯାପନ କରବା ପାଇଁ ଚେଷ୍ଟା କର। ଯଦ
ଜଣଙ୍କର ଜୀବନ ପବତ୍ର ନୁହେଁ, ତା'ହେଲେ ସେ ପ୍ରଭୁଙ୍କୁ
କେବେହେଲେ ଦେଖି ପାରବ ନାହିଁ। ୧୫ସାବଧାନ ରୁହ
ଯେପର ତୁମ୍ଭମାନଙ୍କ ମଧ୍ୟରୁ କେହ ପରମେଶ୍ୱରଙ୍କ ଅନୁଗ୍ରହ
ପାଇବାରେ ବଞ୍ଚିତ ହେବ ନାହିଁ। ସାବଧାନ ରୁହ ଯେପର
ତୁମ୍ଭମାନଙ୍କ ଭିତରୁ କୌଣସି ଲୋକ ତିକ୍ତତାରମୂଳ ନ
ହେଉ। ସେଭଳି ଲୋକ ସମୁଦାୟ ଦଳକୁ ନଷ୍ଟ କର
ଦେବେ। ୧୬ସାବଧାନ ରୁହ ଯେପର କେହହେଲେ
ଯୌନବ୍ୟଭିଚାର ନ କରେ। ସାବଧାନ ରୁହ ଯେପର
କେହ ଏସୌ ଭଳି ନ ହେଉ। ସେ ପରମେଶ୍ୱରଙ୍କ
ବଷୟରେ ଚନ୍ତା କରେ ନାହିଁ। ଏସୌ ଜ୍ୟେଷ୍ଠପୁତ୍ର ଥିଲା,
ଓ ସେ ତା' ପିତାଙ୍କଠାରୁ ସବୁକଛି ଉତ୍ତରାଧିକାରୀ ଭାବରେ
ପାଇଥାନ୍ତା। କନ୍ତୁ ଥରକର ଭୋଜନ ବଦଳରେ ସେ
ସବୁକଛି ବକ୍ରି କର ଦେଲା। ୧୭ତୁମ୍ଭେମାନେ ଜାଣିଛ ଯେ,
ଏପର କର ସାରଲା ପରେ, ଏସୌ ବାପାଙ୍କର ଆଶୀର୍ବାଦ
ପାଇବା ପାଇଁ ଚାହିଁଲା। ସେ ଆଶୀର୍ବାଦ ପାଇବା ନମନ୍ତେ
ଏତେ ବ୍ୟାକୁଳ ହେଲା ଯେ, ସେ ବହୁତ କାନ୍ଦିଲା। କନ୍ତୁ
ତା'ବାପା ତାହାକୁ ଆଶୀର୍ବାଦ କରବା ପାଇଁ ମନା କଲେ,
କାରଣ ଏସୌ ଯାହା କରଥିଲା, ତାହାକୁ ବଦଳାଇବା ପାଇଁ
କୌଣସି ଉପାୟ ପାଇ ପାରଲା ନାହିଁ।

୧୮ତୁମ୍ଭେମାନେ ଗୋଟିଏ ନୂଆ ଯାଗାକୁ ଆସିଛ। ଏହ
ସ୍ଥାନଟି ଇସ୍ରାୟେଲୀୟମାନେ ଆସିଥିବା ପର୍ବତ ଭଳି ଯାଗା
ନୁହେଁ। ତୁମ୍ଭେମାନେ ଗୋଟିଏ ଛୁଇଁ ପାରୁଥିବା ଓ ନିଆଁରେ
ଜଳୁଥିବା ପର୍ବତ ପାଖକୁ ଆସି ନାହିଁ। ତୁମ୍ଭେମାନେ
ଅନ୍ଧାରୁଆ, ଝାପ୍‌ସା ଓ ଝଡ଼ ହେଉଥିବା ସ୍ଥାନକୁ ଆସିନାହିଁ।
୧୯ସେଠାରେ ତୂରୀର ଧ୍ୱନି, ଏବଂ ଶବ୍ଦ ଉଚ୍ଚାରଣ କରୁଥିବା
ଧ୍ୱନି ନାହିଁ। ଯେତେବେଳେ ଲୋକେ ସେ ଧ୍ୱନି ଶୁଣିଲେ,
ସେମାନେ ପ୍ରାର୍ଥନା କଲେ ଯେ, ଅନ୍ୟ କୌଣସି ଶବ୍ଦ
ଯେପର ନ ଶୁଣନ୍ତି। ୨୦ସେମାନେ ଆଦେଶକୁ ସହ
ପାରଲେ ନାହିଁ: "ଯଦ କଏ, କୌଣସି ପଶୁ ମଧ୍ୟ,
ପର୍ବତକୁ ଛୁଁଏ ତା'ହେଲେ ତାହାକୁ ପଥର ଆଘାତ ଦ୍ୱାରା
ମାର ଦେବାକୁ ହେବ।"* ୨୧ସେହ ଲୋକମାନେ ଯାହା
ଦେଖିଲେ, ସେଗୁଡକ ଏତେ ଭୟଙ୍କର ଥିଲା ଯେ, ମୋଶା
କହଥିଲେ: "ମୁଁ ଭୟରେ ଥରୁଛି।"*

୨୨କନ୍ତୁ ତୁମ୍ଭେମାନେ ସେପର ଯାଗାକୁ ଆସିନାହିଁ।
ତୁମ୍ଭେମାନେ ଯେଉଁ ନୂତନ ଯାଗାକୁ ଆସିଛ, ତାହାର ନାମ
ସୀୟୋନ ପର୍ବତ।* ତୁମ୍ଭେମାନେ ଜୀବନ୍ତ ପରମେଶ୍ୱରଙ୍କ
ନଗରୀକୁ ଆସିଛ, ସ୍ୱର୍ଗୀୟ ଯିରୁଶାଲମକୁ ଆସିଛ। ତୁମ୍ଭେମାନେ
ଏକତ୍ରିତ ହୋଇଥିବା ଓ ଆନନ୍ଦରେ ପରପୂର୍ଣ୍ଣ ହଜାର
ହଜାର ସ୍ୱର୍ଗଦୂତଙ୍କ ପାଖରେ ଆସି ପହଁଞ୍ଚିଛ। ୨୩ତୁମ୍ଭେମାନେ
ପରମେଶ୍ୱରଙ୍କ ପ୍ରଥମ ଜାତ* ସନ୍ତାନମାନଙ୍କ ମିଳନ ସ୍ଥଳରେ
ଆସି ପହଁଞ୍ଚିଛ। ସେମାନଙ୍କ ନାମ ସ୍ୱର୍ଗରେ ଲେଖା ରହଛି।
ସବୁଲୋକଙ୍କର ବଚାରପତି ପରମେଶ୍ୱରଙ୍କ ନକଟକୁ ତୁମ୍ଭେମାନେ
ଆସିଛ। ଯେଉଁଲୋକମାନେ ସିଦ୍ଧ ହୋଇ ସାରଛନ୍ତି, ସେହଭଳି
ଭଲ ଲୋକମାନଙ୍କ ଆତ୍ମାମାନଙ୍କ ପାଖକୁ ତୁମ୍ଭେମାନେ
ଆସିଛ। ୨୪ତୁମ୍ଭେମାନେ, ପରମେଶ୍ୱରଙ୍କଠାରୁ ନୂତନ ଚୁକ୍ତି
ନଜଲୋକଙ୍କ ପାଖକୁ ଆଣିଥିବା ଯୀଶୁଙ୍କ ପାଖକୁ ଆସିଛ।
ତୁମ୍ଭେମାନେ ହେବଲଙ୍କ ରକ୍ତ ଅପେକ୍ଷା ଅଧିକ ଭଲ ବାକ୍ୟ
କହ ପାରୁଥିବା ରକ୍ତ ସେଚନ* ନକଟକୁ ଆସିଛ।

୨୫ସାବଧାନ ରୁହ, ଓ ପରମେଶ୍ୱର କଥା କହଲା
ବେଳେ ଶୁଣିବାକୁ ମନା କର ନାହିଁ। ଯେତେବେଳେ ସେ
ପୃଥିବୀର ସେହ ଲୋକମାନଙ୍କୁ ସତର୍କକଲେ, ସେତେବେଳେ
ସେମାନେ ତାହାଙ୍କ କଥା ଅଗ୍ରାହ୍ୟ କଲେ। କନ୍ତୁ ସେମାନେ
ରକ୍ଷା ପାଇଲେ ନାହିଁ। ଏବେ ପରମେଶ୍ୱର ସ୍ୱର୍ଗରୁ କହୁଛନ୍ତି।
ଅତଏବ, ଏବେ ଯେଉଁମାନେ ତାହାଙ୍କ ବାକ୍ୟ ଶୁଣିବା ପାଇଁ
ମନା କରୁଛନ୍ତି, ତାହା ସେମାନଙ୍କ ଲାଗି ଅତି ଖରାପ
ହେବ। ୨୬ଆଗରୁ ଯେତେବେଳେ ସେ କହଲେ, ତାହା
ପୃଥିବୀକୁ କମ୍ପାଇ ଥିଲା, କନ୍ତୁ ଏବେ ସେ ପ୍ରତିଜ୍ଞା
କରଛନ୍ତି, "ଆଉ ଥରେ ମୁଁ କମ୍ପାଇବ କେବଳ ପୃଥିବୀକୁ
ନୁହେଁ ବରଂ ମୁଁ ସ୍ୱର୍ଗକୁ ମଧ୍ୟ କମ୍ପାଇବ।"* ୨୭"ଆଉ
ଥରେ" କହବା ଅର୍ଥ ଯେ ଯାହାକଛି ନର୍ମିତ ହୋଇଥିଲା,
ସେ ସବୁ ନଷ୍ଟ ହୋଇ ଯିବ। ସେହଗୁଡ଼କୁ ଟଳମଳ
କରାଯାଇ ପାରବ ଓ ଯେଉଁ ବଷୟଗୁଡକୁ ଟଳମଳ
କରାଯାଇ ପାରବ ନାହିଁ ସେଗୁଡକ ରହବେ।

୨୮ଅତଏବ, ଆମ୍ଭେ ଧନ୍ୟବାଦ ଦେବା କଥା ଯେ,
ଯେଉଁ ସାମ୍ରାଜ୍ୟ ଆମ୍ଭକୁ ଦଆ ଯାଇଛି, ତାହା ଟଳମଳ
ହୋଇ ପାରବ ନାହିଁ। ଆମ୍ଭେ ତାହାଙ୍କୁ ଧନ୍ୟବାଦ ଅର୍ପଣ
କରବା ଉଚତ, ଓ ଏପର ପଦ୍ଧତିରେ ଉପସନା କରବା
କଥା ଯେ ସେ ଯେପର ପ୍ରସନ୍ନ ରହବେ। ପରମେଶ୍ୱରଙ୍କୁ
ଆମ୍ଭେ ଉପାସନା କରବା, ଓ ଭୟ ସହତ ତାହାଙ୍କୁ ସମ୍ମାନ
କରବା। ୨୯କାରଣ ଆମ୍ଭ ପରମେଶ୍ୱର ଗ୍ରାସକାରୀ ଅଗ୍ନିଭଳି
ଅଟନ୍ତି।

## ୧୩

ଖ୍ରୀଷ୍ଟଙ୍କଠାରେ ଥିବା ତୁମ୍ଭର ଭାଇ ଓ ଭଉଣୀ
ମାନଙ୍କ ପାଇଁ, ପ୍ରେମଭାବ ରଖିଥାଅ। ୨ନଜ
ଘରେ ସ୍ୱାଗତ ଜଣାଇ ସର୍ବଦା ଲୋକଙ୍କୁ ସାହାଯ୍ୟ କରବା

---

**"ଯଦ କଏ … ଦେବାକୁ ହେବ।"** ଯାତ୍ରାପୁସ୍ତକ, ୧୯:୧୨-୧୩

**"ମୁଁ ଭୟରେ ଥରୁଛି"** ଦ୍ୱିତୀୟ ବବରଣ ୯:୧୯

**ସୀୟୋନ ପର୍ବତ** ଯିରୁଶାଲମ ଲାଗି ଅନ୍ୟ ନାମ।

**ପ୍ରଥମ ଜାତ** ଯିହୂଦୀ ପରବାରର ପ୍ରଥମଜାତ ସନ୍ତାନ ଅତି ମହତ୍ତ୍ୱପୂର୍ଣ୍ଣ। ପରମେଶ୍ୱରଙ୍କ ସମସ୍ତ ସନ୍ତାନ ଏହ ଭଳି।

**ରକ୍ତ ସେଚନ** ଯୀଶୁଙ୍କ ରକ୍ତ (ମୃତ୍ୟୁ)

**"ଆଉଥରେ … କମ୍ପାଇବ।"** ହାଗୟ, ୨:୬

କଥା ମନେ ରଖ। କେତେଲୋକ ଏହପର କର ଅଜାଣତରେ
ସ୍ୱର୍ଗଦୂତମାନଙ୍କୁ ସାହାଯ୍ୟ କରଛନ୍ତ। ୩ବନ୍ଦୀଘରେ ଥିବା
ସେହ ଲୋକମାନଙ୍କୁ ଭୁଲ ଯାଅ ନାହିଁ। ତୁମ୍ଭେମାନେ
ନଜେ ମଧ ବନ୍ଦୀଘରେ ଥିବା ଭଳ ସେମାନଙ୍କୁ ମନେ
ରଖ। ଯେଉଁମାନେ ଯାତନା ପାଉଛନ୍ତ, ସେମାନଙ୍କୁ ମଧ
ଭୁଲ ନାହିଁ। ମନେ ରଖ ଯେ, ତୁମ୍ଭେମାନେ ମଧ
ସେମାନଙ୍କ ସ୍ଥାନରେ (ଭବଷ୍ୟତରେ) ରହ ପାର।

୪ବବାହକୁ ସବୁଲୋକଙ୍କ ଦ୍ୱାରା ସମ୍ମାନ ମିଳବା ଆବଶ୍ୟକ।
ପ୍ରତ୍ୟେକ ବବାହକୁ କେବଳ ଦୁଇ ଜଣକ ଭିତରେ ନର୍ଦ୍ଦିଷ୍ଟ
ରଖି ପବତ୍ର ରଖିବା ଉଚତ। ଯେଉଁମାନେ ଯୌନଗତ ପାପ
ଓ ବ୍ୟଭିଚାର କରୁଛନ୍ତ ପରମେଶ୍ୱର ସେମାନଙ୍କୁ ଦୋଷୀ
ବୋଲ ବଚାର କରବେ ୫ନଜ ଜୀବନକୁ ଧନର ଲୋଭରୁ
ମୁକ୍ତ ରଖ। ତୁମ୍ଭମାନଙ୍କ ପାଖରେ ଯାହା ଅଛ, ସେଥିରେ
ସନ୍ତୋଷ ଲାଭ କର। ପରମେଶ୍ୱର କହଛନ୍ତ:

> "ମୁଁ ତୁମ୍ଭକୁ କେବେହେଲେ ଛାଡବ ନାହିଁ; ମୁଁ
> ତୁମ୍ଭଠାରୁ କେବେହେଲେ ଦୂରେଇ ଯିବ ନାହିଁ।"
>
> ଦ୍ୱିତୀୟ ବବରଣ ୩୧:୬

୬ଅତଏବ ଆମ୍ଭେ ନଃସନ୍ଦେହ ଭାବରେ କହପାରବା:

> "ପରମେଶ୍ୱର ହେଉଛନ୍ତ ମୋର ସାହାଯ୍ୟକାରୀ, ମୁଁ
> ଭୟ କରବ ନାହିଁ, ମନୁଷ୍ୟ ମୋର କଛ କରପାରବ
> ନାହିଁ।"
>
> ଗୀତସଂହତା ୧୧୮:୬

୭ତୁମ୍ଭେମାନେ ତୁମ୍ଭମାନଙ୍କର ନେତାମାନଙ୍କୁ ମନେ ପକାଅ।
ସେମାନେ ପରମେଶ୍ୱରଙ୍କ ବାକ୍ୟ ତୁମ୍ଭମାନଙ୍କୁ ଶିଖାଇଛନ୍ତ।
ସେମାନେ କପର ଜୀବନଯାପନ କର ଥିଲେ, ଓ ମୃତ୍ୟୁଭୋଗ
କଲେ ତାହା ମନେ ପକାଅ, ଏବଂ ସେମାନଙ୍କର ବଶ୍ୱାସର
ଉଦାହରଣକୁ ଅନୁସରଣ କର। ୮ଯୀଶୁଖ୍ରୀଷ୍ଟ ଗତକାଲ,
ଆଜି ଓ ସବୁ ସମୟପାଇଁ ସମାନ ଅଟନ୍ତ।

୯ନାନା ପ୍ରକାରର ଅଜଣା ଶିକ୍ଷା ଦ୍ୱାରା ଭୁଲ ବାଟରେ
ପରଚାଳତ ହୁଅ ନାହିଁ। ତୁମ୍ଭମାନଙ୍କର ହୃଦୟ ଖାଦ୍ୟର
ନୟମ ଗୁଡକ ଦ୍ୱାରା ନୁହେଁ, ବରଂ ପରମେଶ୍ୱରଙ୍କ ଅନୁଗ୍ରହ
ଦ୍ୱାରା ଶକ୍ତଶାଳୀ ହେବା ଉଚତ। ଏହ ଭଳ ନୟମ ଗୁଡକ
ମାନବା ଦ୍ୱାରା କଛ ସାହାଯ୍ୟ ମିଳେ ନାହିଁ।

୧୦ଆମ୍ଭର ବଳଟିଏ ଅଛ। ପବତ୍ର ତମ୍ବୁ* ରେ ସେବା
କରୁଥିବା ଯାଜକମାନେ ଆମ୍ଭ ବଳରୁ ଖାଇ ପାରବେ ନାହିଁ।
୧୧ମହାଯାଜକ ପଶୁମାନଙ୍କର ରକ୍ତକୁ ଅତି ପବତ୍ର ସ୍ଥାନକୁ
ନେଇ ଯାଆନ୍ତ, ଓ ପାପ ପାଇଁ ସେ ରକ୍ତକୁ ସମର୍ପଣ
କରନ୍ତ। କନ୍ତୁ ଶିବର ବାହାରେ ପଶୁମାନଙ୍କର ଶରୀରଗୁଡକୁ
ପୋଡ ଦଆଯାଏ। ୧୨ସେହ ଭଳ ଯୀଶୁ ମଧ ସହର
ବାହାରେ ଯାତନା ପାଇଲେ। ନଜ ରକ୍ତ ଦ୍ୱାରା ନଜଲୋକମାନଙ୍କୁ
ପବତ୍ର କରବା ପାଇଁ ଯୀଶୁ ମଲେ। ୧୩ଅତଏବ, ଆମ୍ଭେ
ଶିବରର ବାହାରକୁ ଯୀଶୁଙ୍କ ପାଖକୁ ଯିବା ଉଚତ। ଆମ୍ଭେ
ମଧ, ଯୀଶୁ ପାଇଥିବା ସମାନ ଲଜ୍ଜା ଗ୍ରହଣ କରବା
ଉଚତ। ୧୪ଏହ ପୃଥିବୀରେ ଆମ୍ଭର କୌଣସି ଚରସ୍ଥାୟୀ
ନଗର ନାହିଁ। କନ୍ତୁ ଆମ୍ଭେ ଗୋଟିଏ ନଗରପାଇଁ ପ୍ରତୀକ୍ଷା
କରୁଛୁ, ଯାହା ଭବଷ୍ୟତରେ ଆସିବ। ୧୫ଅତଏବ ଯୀଶୁଙ୍କ
ମାଧମରେ ପରମେଶ୍ୱରଙ୍କୁ ଆମ୍ଭର ବଳ ଉତ୍ସର୍ଗ କରବା
ବଷୟ ଆମ୍ଭେ କେବେ ହେଲେ ବନ୍ଦ କରବା ଉଚତ
ନୁହେଁ। ମୁଖ ଦ୍ୱାରା ପ୍ରଶଂସାପୂର୍ବକ ତାହାଙ୍କର ନାମ
ଉଚ୍ଚାରଣ ସେହ 'ବଳ' ଅଟେ। ୧୬ଅନ୍ୟମାନଙ୍କର ପାଇଁ
ଭଲ କାମ କରବା କେବେହେଲେ ଭୁଲ ଯାଅ ନାହିଁ।
ତୁମ୍ଭମାନଙ୍କ ପାଖରେ ଯାହା ଅଛ ଅନ୍ୟଲୋକମାନଙ୍କ ସହତ
ଅଂଶୀ କର। ଏହ ପର ବଳ ଗୁଡକ ଦ୍ୱାରା ପରମେଶ୍ୱର
ପ୍ରସନ୍ନ ହୁଅନ୍ତ।

୧୭ତୁମ୍ଭମାନଙ୍କର ନେତାମାନଙ୍କର ଆଜ୍ଞାପାଳନ କର।
ସେମାନଙ୍କର ଅଧୀନରେ ରୁହ। ସେମାନେ ତୁମ୍ଭମାନଙ୍କ
ପାଇଁ ଉତ୍ତରଦାୟୀ। ଅତଏବ, ସେମାନେ ସବୁବେଳେ
ତୁମ୍ଭମାନଙ୍କର ଆତ୍ମାର ରକ୍ଷା ପାଇଁ ଜଗି ଥାଆନ୍ତ। ସେମାନଙ୍କର
ଆଜ୍ଞାପାଳନ କର ଯେପର ଏହ କାମଟି ସେମାନେ ଖୁସି
ମନରେ (ଆନନ୍ଦରେ) କରବେ, ଦୁଃଖରେ ନୁହେଁ। ସେମାନଙ୍କର
କାମ କଠିନ ହେଲେ, ତା'ଦ୍ୱାରା ତୁମ୍ଭମାନଙ୍କର କୌଣସି
ଲାଭ ହେବ ନାହିଁ।

୧୮ଆମ୍ଭ ପାଇଁ ପ୍ରାର୍ଥନା କରୁ ଥାଅ। ଆମ୍ଭେ ସବୁବେଳେ
ସର୍ବୋତ୍କୃଷ୍ଟ କାମ କରବାକୁ ଚେଷ୍ଟା କରୁଥିବାରୁ, ଆମ୍ଭେ
କରୁଥିବା କାମ ଗୁଡକ ଠିକ୍ (ଧାର୍ମିକ) ବୋଲ ଅନୁଭବ
କରୁ। ୧୯ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଛ, ତୁମ୍ଭେମାନେ
ପ୍ରାର୍ଥନା କର ଯେ, ଯେପର ପରମେଶ୍ୱର ମୋତେ ଶୀଘ୍ର
ତୁମ୍ଭମାନଙ୍କ ପାଖକୁ ପଠାନ୍ତୁ। ଅନ୍ୟ କୌଣସି କଥା
ଅପେକ୍ଷା ଏହା ମୁଁ ବଶେଷ ଭାବରେ ଚାହେଁ।

୨୦-୨୧ମୁଁ ଶାନ୍ତର ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରୁଛ
ଯେ, ତାହାଙ୍କର ଇଚ୍ଛାନୁସାରେ ତୁମ୍ଭେମାନେ କାମ କରବା
ପାଇଁ ସେ ତୁମ୍ଭମାନଙ୍କୁ ପ୍ରତ୍ୟେକ ଉତ୍ତମ ବସ୍ତୁ ପ୍ରଦାନ
କରନ୍ତୁ। ପରମେଶ୍ୱର ହିଁ ଆମ୍ଭର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ
ମୃତ୍ୟୁରୁ ପୁନଃ ଜୀବତ କରଥିଲେ। ମହାନ୍ ମେଷପାଳକ
ଯୀଶୁଙ୍କୁ ପରମେଶ୍ୱର ତାହାଙ୍କ ରକ୍ତ ହେତୁ ପୁନର୍ଜୀବତ
କଲେ। ତାହାଙ୍କର ରକ୍ତ ହିଁ ନୂତନଚୁକ୍ତ ଆରମ୍ଭ କଲା।
ଏହ ନୂତନଚୁକ୍ତ ଚରନ୍ତନ ଅଟେ। ମୁଁ ପ୍ରାର୍ଥନା କରୁଛ, ଯେ
ତାହାଙ୍କୁ ପ୍ରସନ୍ନ କଲାଭଳ କାର୍ଯ୍ୟଗୁଡ଼କ ପରମେଶ୍ୱର ଆମ୍ଭ
ଦ୍ୱାରା କରାଉ ଥାଆନ୍ତୁ। ଯୀଶୁଖ୍ରୀଷ୍ଟଙ୍କ ମାଧମରେ ସେ
ଏପର କରନ୍ତୁ ବୋଲ ମୁଁ କହୁଛ। ସଦାସର୍ବଦା ଯୀଶୁଙ୍କ
ମହମା ହେଉ। ଆମେନ୍!

୨୨ମୋ ଭାଇ(ଓ ଭଉଣୀ)ମାନେ! ମୋ କହଥିବା କଥା
ଗୁଡକୁ ଧୈର୍ଯ୍ୟପୂର୍ବକ ଶୁଣ ବୋଲ ମୁଁ ଅନୁରୋଧ କରେ।
ଏହ କଥାଗୁଡକ ମୁଁ ତୁମ୍ଭମାନଙ୍କୁ ଶକ୍ତଶାଳୀ କରବା ପାଇଁ
କହଛ। ଏହ ଚଠିଟି ବହୁତ ଲମ୍ବା ନୁହେଁ। ୨୩ଆମ୍ଭ ଭାଇ

---

**ପବତ୍ର ତମ୍ବୁ** ପରମେଶ୍ୱରଙ୍କ ନଜ ଲୋକ(ସନ୍ଥ) ମାନଙ୍କ ସହତ ରହବା ସ୍ଥଳ ଓ ଯିହୂଦୀଯାଜକମାନଙ୍କର ଉପାସନା ସ୍ଥଳ: ଗୋଟିଏ ବଶେଷ ତମ୍ବୁ।

ତୀମଥି ବନ୍ଦୀଗୃହରୁ ମୁକ୍ତ ହୋଇ ଅଛନ୍ତି, ଏହା ତୁମ୍ଭେମାନେ ଜାଣ ବୋଲି ମୋର ଇଚ୍ଛା। ଯଦି ସେ ମୋ ପାଖକୁ ଶୀଘ୍ର ଆସନ୍ତି, ତା'ହେଲେ ଆମ୍ଭେ ଦୁହେଁ ତୁମ୍ଭମାନଙ୍କ ଦେଖା କରିବାକୁ ଆସିବୁ।

24ସେଠାରେ ତୁମ୍ଭମାନଙ୍କର ସବୁ ପ୍ରାଚୀନ (ନେତା) ମାନଙ୍କୁ ଓ ପରମେଶ୍ୱରଙ୍କ ଲୋକମାନଙ୍କୁ ଆମ୍ଭର ନମସ୍କାର ଜଣାଇବ। ଇତାଲିଆ ଦେଶର ସମସ୍ତ ପରମେଶ୍ୱରଙ୍କ ଲୋକମାନଙ୍କର ତୁମ୍ଭମାନଙ୍କୁ ନମସ୍କାର।

25ପରମେଶ୍ୱରଙ୍କ ଅନୁଗ୍ରହ ତୁମ୍ଭ ସମସ୍ତଙ୍କ ସହିତ ରହି ଥାଉ।

# ଯାକୁବଙ୍କ ପତ୍ର

୧ ମୁଁ ପରମେଶ୍ୱର ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଜଣେ
ସେବକ ଯାକୁବ, ସାରା ପୃଥିବୀରେ ବ୍ୟାପି ହୋଇ
ରହିଥିବା ପ୍ରଭୁଙ୍କ ଲୋକମାନଙ୍କୁ ନମସ୍କାର ଜଣାଏ।

### ବିଶ୍ୱାସ ଓ ଜ୍ଞାନ

୨ମୋ ଭାଇ ଓ ଭଉଣୀମାନେ, ତୁମ୍ଭେମାନେ ଅନେକ
ପ୍ରକାରର ଅସୁବିଧାର ସମ୍ମୁଖୀନ ହେବ। କିନ୍ତୁ ଏପରି
ହେଲାବେଳେ ତୁମ୍ଭେମାନେ ଅଧିକ ଖୁସି ହେବା ଉଚିତ।
୩କାରଣ ତୁମ୍ଭେ ଜାଣିଛ ଯେ, ଏହି ଅସୁବିଧାଗୁଡ଼ିକ ତୁମ୍ଭର
ବିଶ୍ୱାସକୁ ପରୀକ୍ଷା କରେ, ଓ ଏଗୁଡ଼ିକ ତୁମ୍ଭର ଧୈର୍ଯ୍ୟ
ଜନ୍ମାଏ। ୪ତୁମ୍ଭ କାମଗୁଡ଼ିକରେ ତୁମ୍ଭର ଧୈର୍ଯ୍ୟକୁ ସମ୍ପୂର୍ଣ୍ଣ
ରୂପେ ପ୍ରକାଶିତ ହେବାକୁ ଦିଅ। ତେବେ ଯାଇ ତୁମ୍ଭେ
ସିଦ୍ଧ ଓ ସମ୍ପୂର୍ଣ୍ଣ ହେବ। ତୁମ୍ଭର ପ୍ରତ୍ୟେକ ଆବଶ୍ୟକ
ବିଷୟ ତୁମ୍ଭେ ପାଇବ। ୫କିନ୍ତୁ ତୁମ୍ଭ ଭିତରୁ ଯଦି କେହି
ଜ୍ଞାନର ଆବଶ୍ୟକ କରେ, ତାହେଲେ ତୁମ୍ଭେ ଏହା
ପରମେଶ୍ୱରଙ୍କୁ ମାଗିବା ଉଚିତ। ପରମେଶ୍ୱର ଅତ୍ୟନ୍ତ
ଦୟାଳୁ ଅଟନ୍ତି। ସେ ସମସ୍ତଙ୍କୁ ଜ୍ଞାନ ଦେବାରେ ଆନନ୍ଦ
ଅନୁଭବ କରନ୍ତି। ଅତଏବ ପରମେଶ୍ୱର ତୁମ୍ଭକୁ ଜ୍ଞାନ
ଦେବେ। ୬କିନ୍ତୁ ତୁମ୍ଭେ ଯେତେବେଳେ ପରମେଶ୍ୱରଙ୍କୁ
ମାଗିଥାଅ, ସେତେବେଳେ ତୁମ୍ଭକୁ ବିଶ୍ୱାସ କରିବାକୁ ପଡ଼ିବ।
ପରମେଶ୍ୱରଙ୍କୁ ସନ୍ଦେହ କର ନାହିଁ। ସନ୍ଦେହୀ ଲୋକ
ସମୁଦ୍ରର ଢେଉ ଭଳି। ପବନ ଢେଉକୁ ଉପରକୁ ଉଠାଏ
ଓ ତଳକୁ ପକାଏ, ସନ୍ଦେହୀ ଲୋକ ସେହି ଢେଉ ଭଳି।
୭-୮ସନ୍ଦେହୀ ଲୋକ ଏକାଥରକେ ଦୁଇଟି କଥା ଭାବେ।
ତେଣୁ ସେ କରୁଥିବା କୌଣସି ବିଷୟରେ ନିଷ୍ପତ୍ତି ନେଇପାରେ
ନାହିଁ। ସେଭଳି ଲୋକ ପ୍ରଭୁଙ୍କ ଠାରୁ କିଛି ପାଇବ ବୋଲି
ଆଶା କରିବା ଉଚିତ ନୁହେଁ।

### ପ୍ରକୃତ ଧନ

୯ଯଦି ଜଣେ ବିଶ୍ୱାସୀ ଗରିବ ହୋଇଥାଏ, ତେବେ
ପରମେଶ୍ୱର ତାହାକୁ ଆତ୍ମିକ ଭାବେ ଧନୀ କରିଥିବାରୁ,
ସେ ଗର୍ବ କରିବା ଉଚିତ। ୧୦ସେହିପରି ଜଣେ ଧନୀ
ବିଶ୍ୱାସୀ ଯେ ଆତ୍ମିକ ଭାବରେ ଗରିବ, ତାହା ପରମେଶ୍ୱର
ତାହାକୁ ଦେଖାଇ ଦେଇଥିବାରୁ, ସେ ଗର୍ବ କରିବା ଉଚିତ୍।
ଧନୀଲୋକ ଜଣକ ଘାସର ଫୁଲ ଭଳି ଝଡ଼ିପଡ଼ି ମରିଯିବ।
୧୧ସୂର୍ଯ୍ୟ ଉଦୟ ହୋଇ ଅଧିକ ଉତ୍ତପ୍ତ କରେ। ସୂର୍ଯ୍ୟର
ଉତ୍ତାପ ସାରା ଗଛଟିକୁ ଶୁଖେଇ ଦିଏ। ଫୁଲ ଝଡ଼ି ଯାଏ।
ସେହି ଫୁଲ ଅତି ସୁନ୍ଦର ଥିଲା, କିନ୍ତୁ ଏବେ ତାହା ମୃତ
ହେଲା। ଧନୀଲୋକର କଥା ମଧ୍ୟ ଠିକ୍ ସେହିଭଳି। ସେ
ତାହାର ବ୍ୟବସାୟ ଲାଗି ଯୋଜନା କରୁଥିବା ବେଳେ
ମରିଯିବ।

### ପରମେଶ୍ୱରଙ୍କଠାରୁ ପରୀକ୍ଷା ଆସେ ନାହିଁ

୧୨ଯେଉଁ ବ୍ୟକ୍ତି ପରୀକ୍ଷିତ ହୋଇ ଦୃଢ଼ ରହି ପାରେ,
ସେ ଖୁସି ହେବା କଥା। କାରଣ, ସେ ତାହାର ବିଶ୍ୱାସକୁ
ଦୃଢ଼ ବୋଲି ପ୍ରମାଣିତ କରି ସାରିଲା ପରେ, ପରମେଶ୍ୱର
ତାହାକୁ ଅନନ୍ତଜୀବନର ପୁରସ୍କାର ଦେବେ। ପରମେଶ୍ୱରଙ୍କୁ
ପ୍ରେମ କରୁଥିବା ସବୁ ଲୋକଙ୍କୁ ପରମେଶ୍ୱର ଏହି ପ୍ରତିଜ୍ଞା
ଦେଇଛନ୍ତି। ୧୩ଯେତେବେଳେ ଜଣେ ବ୍ୟକ୍ତି ପରୀକ୍ଷିତ ହୁଏ,
ସେ କହିବା ଉଚିତ ନୁହେଁ ଯେ, "ପରମେଶ୍ୱର ମୋତେ
ପରୀକ୍ଷା କରୁଛନ୍ତି।" କାରଣ ମନ୍ଦତା ପରମେଶ୍ୱରଙ୍କୁ ପରୀକ୍ଷା
କରିପାରେ ନାହିଁ। ଏବଂ ପରମେଶ୍ୱର ନିଜେ କାହାକୁ
ପରୀକ୍ଷା କରନ୍ତି ନାହିଁ। ୧୪ପ୍ରତ୍ୟେକ ବ୍ୟକ୍ତି ତା'ର ନିଜର
ମନ୍ଦ ପ୍ରବୃତ୍ତି ଯୋଗୁ ପରୀକ୍ଷିତ ହୁଏ। ତାହାର ମନ୍ଦ ଇଚ୍ଛା
ତାହାକୁ ଭସାଇ ନିଏ ଓ ବାନ୍ଧି ରଖେ। ୧୫ଏହି ଇଚ୍ଛା ହିଁ
ପାପକୁ ଜାତ କରେ। ଏହି ପାପ ବଢ଼ି ମୃତ୍ୟୁକୁ ଜନ୍ମ
ଦିଏ।

୧୬ମୋ ଭାଇ ଓ ଭଉଣୀମାନେ! ଏହି ବିଷୟରେ
କୌଣସି ପ୍ରକାର ମୂର୍ଖାମୀରେ ପଡ଼ ନାହିଁ। ୧୭ପ୍ରତ୍ୟେକ
ଉତ୍ତମ ବିଷୟ ଓ ସିଦ୍ଧ ଦାନ ପରମେଶ୍ୱରଙ୍କଠାରୁ ଆସିଥାଏ।
ଯେଉଁ ପରମପିତା ଆକାଶସ୍ଥ ସମସ୍ତ ଜ୍ୟୋତିର୍ଗଣ (ସୂର୍ଯ୍ୟ,
ଚନ୍ଦ୍ର, ତାରା)ଙ୍କୁ ନିର୍ମାଣ କରିଛନ୍ତି, ତାହାଙ୍କଠାରୁ ଏହି ସମସ୍ତ
ଉତ୍ତମ ଦାନ ଆସେ। ପରମେଶ୍ୱର ପରିବର୍ତ୍ତିତ ହୁଅନ୍ତି
ନାହିଁ, ସେ ସର୍ବଦା ସମାନ ଅଟନ୍ତି। ୧୮ସତ୍ୟ ବାକ୍ୟ ଦ୍ୱାରା
ସେ ଆମ୍ଭକୁ ଜୀବନ ଦାନ ଦେବା ନିମନ୍ତେ ସ୍ଥିର କଲେ।
ତାହାଙ୍କ ସୃଷ୍ଟି ସମସ୍ତ ବସ୍ତୁ ମଧ୍ୟରୁ ଆମ୍ଭମାନଙ୍କୁ ସର୍ବାଧିକ
ମହତ୍ତ୍ୱପୂର୍ଣ୍ଣ କରିବା ତାହାଙ୍କର ଇଚ୍ଛା ଥିଲା।

### ଶୁଣିବା ଓ ପାଳନ କରିବା

୧୯ମୋ ପ୍ରିୟ ଭାଇ ଓ ଭଉଣୀମାନେ, କହିବା ଅପେକ୍ଷା
ଶୁଣିବାରେ ବେଶି ଇଚ୍ଛୁକ ହୁଅ। ସହଜରେ ରାଗି ଯାଅ
ନାହିଁ। ୨୦କାରଣ ଜଣେ ମଣିଷର କ୍ରୋଧ ତାହାକୁ ପରମେଶ୍ୱରଙ୍କ
ଇଚ୍ଛାନୁମୋଦିତ ଧାର୍ମିକ ଜୀବନ କାଟିବାକୁ ସାହାଯ୍ୟ କରେ
ନାହିଁ। ୨୧ତେଣୁ ତୁମ୍ଭମାନଙ୍କ ଜୀବନରୁ ପ୍ରତ୍ୟେକ ମନ୍ଦ
ବିଷୟ ଓ ମନ୍ଦ କର୍ମକୁ କାଢ଼ି ପକାଅ। ତୁମ୍ଭର ହୃଦୟରେ
ବୁଣା ଯାଇଥିବା ପରମେଶ୍ୱରଙ୍କ ଶିକ୍ଷାଗୁଡ଼ିକୁ ନମ୍ରତାର ସହିତ
ଗ୍ରହଣ କର। ଏହି ଶିକ୍ଷା ତୁମ୍ଭର ଆତ୍ମାକୁ ରକ୍ଷା କରି
ପାରିବ।

୨୨ପରମେଶ୍ୱରଙ୍କ ଶିକ୍ଷାଗୁଡ଼ିକ ପାଳନ କର, କେବଳ
ଯେ ଶୁଣିବ ତାହା ନୁହେଁ, କିନ୍ତୁ କାର୍ଯ୍ୟରେ ଦେଖାଇବା
ଦରକାର। କେବଳ ବସି ରହି ଶୁଣିବା ଦ୍ୱାରା ତୁମ୍ଭେ
ପ୍ରକୃତରେ ନିଜକୁ ଠକୁଛ। ୨୩ଯଦି ଜଣେ ପରମେଶ୍ୱରଙ୍କ
ଶିକ୍ଷାକୁ କେବଳ ଶୁଣେ ଓ କିଛି କରେ ନାହିଁ, ସେ
ଲୋକ ଦର୍ପଣରେ ନିଜ ମୁହଁ ଦେଖିଲା ଭଳି ଅଟେ।
୨୪ସେ ଦର୍ପଣରେ ନିଜକୁ ଦେଖେ ଓ ଦୂରେଇ ଚାଲିଯାଏ
ଓ ଶୀଘ୍ର ଭୁଲିଯାଏ ଯେ, ସେ କିପରି ଦିଶୁଥିଲା। ୨୫କିନ୍ତୁ
ପ୍ରକୃତ ସୁଖୀ ଲୋକ ଯତ୍ନ ସହକାରେ ପରମେଶ୍ୱରଙ୍କ ସିଦ୍ଧ
ବ୍ୟବସ୍ଥାକୁ ଅଧ୍ୟୟନ କରେ ଯାହା ମନୁଷ୍ୟମାନଙ୍କୁ ସ୍ୱାଧୀନ
କରିଥାଏ। ସେ ସର୍ବଦା ତାହା ଅଧ୍ୟୟନ କରୁଥାଏ। ସେ
ପରମେଶ୍ୱରଙ୍କ ଶିକ୍ଷାକୁ ଶୁଣେ ଓ ସେହି ଶୁଣିଥିବା ବିଷୟ
ଭୁଲିଯାଏ ନାହିଁ। ତା'ପରେ ସେ ପରମେଶ୍ୱରଙ୍କ ସେହି
ଶିକ୍ଷାକୁ ପାଳନ କରେ। ଏପରି କରିବା ଦ୍ୱାରା ସେ ସୁଖୀ
ହୁଏ।

## ପରମେଶ୍ୱରଙ୍କୁ ଉପାସନା କରିବାର ପ୍ରକୃତ ମାର୍ଗ

୨୬ଜଣେ ଲୋକ ଭାବିପାରେ ଯେ, ସେ ନିଜେ ଜଣେ
ଧାର୍ମିକ ଲୋକ ଅଟେ। କିନ୍ତୁ ଯେଉଁ ସବୁ କଥା କହିବା
ଉଚିତ ନୁହେଁ, ତାହା କହିବା ଦ୍ୱାରା ସେ ନିଜକୁ ଠକେ।
ତେଣୁ ତା'ର "ଧର୍ମ"ର କିଛି ମୂଲ୍ୟ ରହେ ନାହିଁ।
୨୭ପରମେଶ୍ୱର ଯେଉଁ ଧର୍ମକୁ ଭଲ ପାଆନ୍ତି, ତାହା ହେଲା:
ଅନାଥ, ବିଧବା ଓ ଅସହାୟ ଲୋକମାନଙ୍କର ଯତ୍ନ ନେବା
ଓ ନିଜକୁ ଏହି ସଂସାରର ମନ୍ଦ ପ୍ରଭାବରୁ ମୁକ୍ତ ରଖିବା।
ଏହି ପ୍ରକାର ଧର୍ମକୁ ପରମେଶ୍ୱର ସମ୍ପୂର୍ଣ୍ଣ ଶୁଦ୍ଧ ଓ ଉତ୍ତମ
ବୋଲି ଗ୍ରହଣ କରନ୍ତି।

## ସମସ୍ତଙ୍କୁ ପ୍ରେମ କର

୨ ମୋ ପ୍ରିୟ ଭାଇ ଓ ଭଉଣୀମାନେ, ଆମ୍ଭର ମହିମାମୟ
ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ତୁମ୍ଭେମାନେ ବିଶ୍ୱାସ କର।
ଅତଏବ କେତେକ ଲୋକଙ୍କୁ ଅନ୍ୟମାନଙ୍କ ତୁଳନାରେ
ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଭାବ ନାହିଁ। ୨ମନେକର, ଜଣେ
ଲୋକ ଖୁବ୍ ଦାମିକା ସୁନ୍ଦର ଲୁଗାପଟା ଓ ସୁନା ମୁଦି
ପିନ୍ଧି ତୁମ୍ଭର ସଭାକୁ ଆସେ ଓ ଅନ୍ୟ ଗରିବ ଲୋକ
ଜଣେ ମଇଳା ପୁରୁଣା ଲୁଗା ପିନ୍ଧି ସେତିକି ବେଳେ
ଆସେ। ୩ତୁମ୍ଭେ ଦାମିକା ସୁନ୍ଦର ଲୁଗାପଟା ପିନ୍ଧିଥିବା
ଲୋକକୁ ଡାକି ବିଶେଷ ଅଭ୍ୟର୍ଥନା ଜଣାଇ କହିଥାଅ:
"ଏହି ଭଲ ଆସନରେ ବସନ୍ତୁ।" କିନ୍ତୁ ଗରିବ ଲୋକଟିକୁ
କହିଥାଅ: "ତୁମ୍ଭେ ସେଠାରେ ଠିଆ ହୁଅ" ବା "ମୋ
ଗୋଡ଼ ପାଖର ଭୂଇଁରେ ବସ।" ୪ତୁମ୍ଭେ ଏ କଣ କରୁଛ?
ଏହାଦ୍ୱାରା ତୁମ୍ଭେ କେତେକ ଲୋକଙ୍କୁ ଅନ୍ୟମାନଙ୍କ ତୁଳନାରେ
ଅଧିକ ମହତ୍ତ୍ୱ ପ୍ରଦାନ କରୁଛ! ମନ୍ଦ ଅଭିପ୍ରାୟ ରଖି ତୁମ୍ଭେ
ନିର୍ଣ୍ଣୟ କରୁଛ ଯେ, କେଉଁ ଲୋକଟି ଅଧିକ ଭଲ।
୫ମୋ ପ୍ରିୟ ଭାଇ ଓ ଭଉଣୀମାନେ, ଶୁଣ! ପରମେଶ୍ୱର
ବିଶ୍ୱାସରେ ଧନୀ ହେବା ପାଇଁ ପୃଥିବୀର ଗରିବ ଲୋକମାନଙ୍କୁ
ବାଛିଛନ୍ତି। ଯେଉଁମାନେ ପରମେଶ୍ୱରଙ୍କୁ ପ୍ରେମ କରନ୍ତି,
ସେମାନଙ୍କୁ ସେ ଯେଉଁ ରାଜ୍ୟ ଦେବା ପାଇଁ ପ୍ରତିଜ୍ଞା
କରିଥିଲେ, ସେଥିପାଇଁ ସେମାନଙ୍କୁ ବାଛିଛନ୍ତି। ୬କିନ୍ତୁ ତୁମ୍ଭେ
ଗରିବ ଲୋକଙ୍କୁ କୌଣସି ସମ୍ମାନ ଦେଉ ନାହଁ। ଏବଂ
ତୁମ୍ଭେ ଜାଣିଛ ଯେ, ଧନୀ ଲୋକମାନେ ତୁମ୍ଭର ଜୀବନକୁ
ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି ଓ ସେହିମାନେ
ତୁମ୍ଭକୁ କଚେରୀକୁ ଟାଣି ନେଇ ଯାଆନ୍ତି। ୭ଏବଂ ଯେଉଁ
ମହତ ନାମରେ ତୁମ୍ଭେମାନେ ନାମିତ ହୋଇଅଛ ଓ ଯେ
ତୁମ୍ଭମାନଙ୍କୁ ଆପଣାର କରିଅଛନ୍ତି, ସେମାନେ ତାହାଙ୍କର
ନିନ୍ଦା କରନ୍ତି।
୮ଗୋଟିଏ ନିୟମ, ଅନ୍ୟ ସମସ୍ତ ନିୟମଗୁଡ଼ିକର ଉପରେ
ଆଧିପତ୍ୟ କରେ। ଶାସ୍ତ୍ରରେ ଏହି ରାଜକୀୟ ନିୟମଟି
ମିଳେ: "ତୁମ୍ଭେ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ
କର।"* ଯଦି ତୁମ୍ଭେ ଏହି ନିୟମ ପାଳନ କରୁଛ,
ତା'ହେଲେ ତୁମ୍ଭେ ଠିକ୍ କରୁଛ। ୯କିନ୍ତୁ ଯଦି ତୁମ୍ଭେ
ଜଣକୁ ଅନ୍ୟ ଜଣକ ତୁଳନାରେ ଅଧିକ ମହତ୍ତ୍ୱ ଦେଉଛ,
ତା'ହେଲେ ତୁମ୍ଭେ ପାପ କରୁଛ। ସେହି ରାଜକୀୟ ବ୍ୟବସ୍ଥା
ପ୍ରମାଣିତ କରେ ଯେ, ତୁମ୍ଭେ ପରମେଶ୍ୱରଙ୍କ ନିୟମ ଭଙ୍ଗ
କରିବାରେ ଦୋଷୀ ଅଟ। ୧୦ଜଣେ ଲୋକ ହୁଏତ ପରମେଶ୍ୱରଙ୍କ
ସବୁ ବ୍ୟବସ୍ଥା ପାଳନ କରୁଥାଇପାରେ, କିନ୍ତୁ ସେ ଯଦି
ଗୋଟିଏ ଆଜ୍ଞାର ଅବାଧ ହୁଏ, ତାହେଲେ ସେ ବ୍ୟବସ୍ଥାର
ସମସ୍ତ ଆଜ୍ଞା ଭଙ୍ଗ କରିବା ଦୋଷରେ ଦୋଷୀ ହୁଏ।
୧୧ପରମେଶ୍ୱର କହିଛନ୍ତି, "ବ୍ୟଭିଚାରର ପାପ କର ନାହିଁ।"*
ସେହି ପରମେଶ୍ୱର ପୁନଃ କହିଛନ୍ତି, "ହତ୍ୟା କର
ନାହିଁ।"* ଅତଏବ, ତୁମ୍ଭେ ଯଦି ବ୍ୟଭିଚାର ପାପ କରି
ନାହିଁ କିନ୍ତୁ ଜଣକୁ ହତ୍ୟା କରିଛ, ତାହେଲେ ପରମେଶ୍ୱରଙ୍କ
ବ୍ୟବସ୍ଥା ଭାଙ୍ଗିବା ଦୋଷରେ ଦୋଷୀ ହେଲ। ୧୨ଲୋକମାନଙ୍କୁ
ସ୍ୱାଧୀନ କରୁଥିବା ବ୍ୟବସ୍ଥା ଦ୍ୱାରା ତୁମ୍ଭର ବିଚାର ହେବ।
ପ୍ରତ୍ୟେକ କଥା କହିଲାବେଳେ ଓ ପ୍ରତ୍ୟେକ କାମ କଲାବେଳେ,
ତୁମ୍ଭେ ଏହି କଥା ମନେ ରଖିବା ଉଚିତ। ୧୩ତୁମ୍ଭେ
ଅନ୍ୟମାନଙ୍କ ପ୍ରତି ନିଶ୍ଚୟ ଦୟା ଦେଖାଇବା ଉଚିତ। ଯଦି
ତୁମ୍ଭେ ଦୟା ନ ଦେଖାଇବ, ତାହେଲେ ପରମେଶ୍ୱର
ବିଚାର କଲାବେଳେ ତୁମ୍ଭ ପ୍ରତି ମଧ୍ୟ ସେ ଦୟା ଦେଖାଇବେ
ନାହିଁ। କିନ୍ତୁ ଅନ୍ୟମାନଙ୍କୁ ଦୟା ଦେଖାଇଥିବା ବ୍ୟକ୍ତି
ତାହାର ବିଚାର ହେଲାବେଳେ ନିର୍ଭୟରେ ଠିଆ ହେବ।

## ବିଶ୍ୱାସ ଓ ସତ୍କର୍ମ

୧୪ମୋ ଭାଇ ଓ ଭଉଣୀମାନେ! ଯଦି ଜଣେ କୁହେ
ଯେ, ସେ ଜଣେ ବିଶ୍ୱାସୀ, କିନ୍ତୁ କିଛି କର୍ମ କରେ ନାହିଁ,
ତାହେଲେ ତାହାର ବିଶ୍ୱାସ ମୂଲ୍ୟହୀନ। କ'ଣ ଏହି ଭଳି
ବିଶ୍ୱାସ ତାହାକୁ ରକ୍ଷା କରିପାରିବ? ନା! ୧୫ଖ୍ରୀଷ୍ଟଙ୍କଠାରେ
ବିଶ୍ୱାସ ରଖୁଥିବା ଜଣେ ଭାଇ ବା ଭଉଣୀ, ପିନ୍ଧିବାକୁ ଲୁଗା
ବା ଖାଇବାକୁ ଖାଦ୍ୟ ଆବଶ୍ୟକ କରିପାରେ। ୧୬ଏବଂ

---

**"ତୁମ୍ଭେ ... ପ୍ରେମ କର।"** ଲେବୀୟ ପୁସ୍ତକ ୧୯:୧୮

**"ବ୍ୟଭିଚାରର ... ନାହିଁ।"** ଯାତ୍ରା ପୁସ୍ତକ ୨୦:୧୪, ଦ୍ୱିତୀୟ ବିବରଣ ୫:୧୮

**"ହତ୍ୟା ... ନାହିଁ।"** ଯାତ୍ରା ପୁସ୍ତକ ୨୦:୧୩, ଦ୍ୱିତୀୟ ବିବରଣ୫:୧୭

ତୁମ୍ଭେ ତାହାକୁ କହୁଛ, "ପରମେଶ୍ୱର ତୁମ୍ଭ ସହିତ ଥାଆନ୍ତୁ!
ତୁମ୍ଭେ ଉଷ୍ମ ରୁହ ଓ ଖାଇବାକୁ ପ୍ରଚୁର ପାଅ।" ତୁମ୍ଭେ
ଏଗୁଡ଼ିକ ବିଷୟରେ ଖାଲି କହୁଛ, କିନ୍ତୁ ତାହାର ଆବଶ୍ୟକ
ଥିବା ଜିନିଷ ତାହାକୁ ଦେଉ ନାହଁ। ଯଦି ତୁମ୍ଭେ ତାହାକୁ
ସାହାଯ୍ୟ କରୁ ନାହଁ, ତାହାହେଲେ ତୁମ୍ଭର କଥାଗୁଡ଼ିକ
ସମ୍ପୂର୍ଣ୍ଣ ମୂଲ୍ୟହୀନ ଅଟେ। ୧୭ବିଶ୍ୱାସ ବିଷୟରେ ମଧ୍ୟ ଠିକ
ସେହି କଥା ଅଟେ। ଯଦି ବିଶ୍ୱାସ କିଛି କାର୍ଯ୍ୟ ଉତ୍ପନ୍ନ ନ
କରେ, ତେବେ ସେ ବିଶ୍ୱାସ ମୃତ ଅଟେ।

୧୮ଜଣେ ଲୋକ କହିପାରେ, "ତୁମ୍ଭ ପାଖରେ ବିଶ୍ୱାସ
ଅଛି, ପୁଣି ମୋ ପାଖରେ କର୍ମ ଅଛି। ତୁମ୍ଭେ କର୍ମବିନା
ତୁମ୍ଭର ବିଶ୍ୱାସ ମୋତେ ଦେଖାଅ, ଆଉ ମୁଁ ମୋ
କର୍ମଗୁଡ଼ିକ ଦ୍ୱାରା ମୋ ବିଶ୍ୱାସ ତୁମ୍ଭକୁ ଦେଖାଇବି।"
୧୯ତୁମ୍ଭେ ବିଶ୍ୱାସ କର ଯେ, କେବଳ ଜଣେ ପରମେଶ୍ୱର
ଅଛନ୍ତି; ଭଲ କଥା। କିନ୍ତୁ ଭୂତମାନେ ମଧ୍ୟ ଏହା ବିଶ୍ୱାସ
କରନ୍ତି ଓ ଭୟରେ ଥରହର ହୁଅନ୍ତି।

୨୦ହେ ମୂର୍ଖ ଲୋକ! କର୍ମଗୁଡ଼ିକ ବିନା ବିଶ୍ୱାସ ଯେ
ମୂଲ୍ୟହୀନ ଅଟେ, ଏହାର ପ୍ରମାଣ କ'ଣ ତୁମ୍ଭେ ଦେଖିବାକୁ
ଚାହୁଁଛ? ୨୧ଅବ୍ରାହାମ ଆମ୍ଭର ପିତା। ସେ ନିଜର କର୍ମଗୁଡ଼ିକ
ଦ୍ୱାରା ପରମେଶ୍ୱରଙ୍କ ନିକଟରେ ଧାର୍ମିକ ଭାବେ ଗଣାଗଲେ।
ସେ ବେଦୀ ଉପରେ ନିଜ ପୁତ୍ର ଯିସ୍ହାକଙ୍କୁ ବଳି ରୂପରେ
ପରମେଶ୍ୱରଙ୍କଠାରେ ଉତ୍ସର୍ଗ କଲେ। ୨୨ଅତଏବ ତୁମ୍ଭେ
ଦେଖ ଯେ, ଅବ୍ରାହାମଙ୍କର ବିଶ୍ୱାସ ଓ କର୍ମ ଏକା
ସାଙ୍ଗରେ କାମ କରୁଥିଲା। ତାହାଙ୍କ କାମ ଦ୍ୱାରା ହିଁ
ତାହାଙ୍କର ବିଶ୍ୱାସ ସିଦ୍ଧ ହେଲା। ୨୩ଏହାଦ୍ୱାରା ଶାସ୍ତ୍ରର
ସମ୍ପୂର୍ଣ୍ଣ ଅର୍ଥ ପ୍ରକାଶିତ ହୁଏ ଯେ: "ଅବ୍ରାହାମ ପରମେଶ୍ୱରଙ୍କୁ
ବିଶ୍ୱାସ କଲେ। ଓ ପରମେଶ୍ୱର ଅବ୍ରାହାମଙ୍କ ବିଶ୍ୱାସକୁ
ଗ୍ରହଣ କଲେ। ସେହି ବିଶ୍ୱାସ ଅବ୍ରାହାମଙ୍କୁ ପରମେଶ୍ୱରଙ୍କ
ନିକଟରେ ଧାର୍ମିକ କଲା।"* "ପରମେଶ୍ୱରଙ୍କ ମିତ୍ର"*
ବୋଲି ଅବ୍ରାହାମ ଡକା ଗଲେ। ୨୪ଅତଏବ ତୁମ୍ଭେ ଦେଖ
ଯେ, କର୍ମ ଦ୍ୱାରା ଜଣେ ଲୋକ ପରମେଶ୍ୱରଙ୍କ ନିକଟରେ
ଧାର୍ମିକ ହୋଇ ପାରୁଛି। ସେ କେବଳ ବିଶ୍ୱାସ ଦ୍ୱାରା
ଧାର୍ମିକ ହୋଇ ପାରିବ ନାହିଁ।

୨୫ଆଉ ଗୋଟିଏ ଉଦାହରଣ ହେଉଛି, ରାହାବ। ସେ
ଜଣେ ବେଶ୍ୟା ଥିଲା। କିନ୍ତୁ ସେ ନିଜ କର୍ମଗୁଡ଼ିକ
କାରଣରୁ ପରମେଶ୍ୱରଙ୍କ ନିକଟରେ ଧାର୍ମିକା ହେଲା। ସେ
ପରମେଶ୍ୱରଙ୍କ ଗୁପ୍ତଚରମାନଙ୍କୁ ସାହାଯ୍ୟ କଲା ଓ ସେମାନଙ୍କୁ
ନିଜ ଘରେ ସ୍ୱାଗତ କଲା ଓ ଅନ୍ୟ ବାଟଦେଇ ସେମାନଙ୍କୁ
ପଳାୟନ କରିବାରେ ସାହାଯ୍ୟ କଲା।

୨୬ଆତ୍ମା ନ ଥିଲେ ଜଣେ ମନୁଷ୍ୟର ଶରୀରଟି ମୃତ
ହୋଇଯାଏ। ସେହିପରି ବିଶ୍ୱାସ ବିଷୟରେ ମଧ୍ୟ ଏହି
କଥାଟି ସତ। କର୍ମ ନ ଥିଲେ ବିଶ୍ୱାସ ମୃତ ଅଟେ।

## କଥା କହିବାରେ ସଂଯତ ହେବା

୩ ମୋ ଭାଇ ଓ ଭଉଣୀମାନେ! ତୁମ୍ଭମାନଙ୍କ ଭିତରୁ
ଅନେକ ଶିକ୍ଷକ ହେବା ଉଚିତ ନୁହେଁ। କାରଣ
ତୁମ୍ଭେ ଜାଣ ଯେ, ଆମ୍ଭେ ଶିକ୍ଷକମାନେ, ଅନ୍ୟ ଲୋକମାନଙ୍କ
ଅପେକ୍ଷା ଅଧିକ କଠୋର ଭାବରେ ବିଚାରିତ ହେବୁ।
୨ଆମ୍ଭେ ସମସ୍ତେ ଅନେକ ଭୁଲ କରୁ। ଯଦି ଜଣେ ଲୋକ
କୌଣସି ଭୁଲ କଥା କହି ନାହିଁ, ତାହେଲେ ସେ ଜଣେ
ସିଦ୍ଧ ମଣିଷ ଅଟେ। ସେ ନିଜ ସମସ୍ତ ଶରୀରକୁ ମଧ୍ୟ
ସଂଯତ କରିପାରିବ। ୩ଘୋଡ଼ାମାନଙ୍କୁ ନିଜ ବଶରେ ରଖିବା
ପାଇଁ ସେମାନଙ୍କ ମୁହଁରେ ଆମ୍ଭେ ଲଗାମ ଲଗାଇଥାଉ।
ଆମ୍ଭେ ଏହିପରି ଭାବରେ ସେମାନଙ୍କର ସମ୍ପୂର୍ଣ୍ଣ ଶରୀରକୁ
ବଶୀଭୂତ କରିଥାଉ। ୪ସମୁଦ୍ରର ଜାହାଜ କ୍ଷେତ୍ରରେ ମଧ୍ୟ
ସେହିପରି ହୋଇଥାଏ। ଜାହାଜଟି ଆକାରରେ ବହୁତ ବଡ଼
ଓ ଏହା ପ୍ରବଳ ପବନ ଦ୍ୱାରା ଚାଳିତ ହୋଇଥାଏ। କିନ୍ତୁ
ଛୋଟ ମଙ୍ଗଟି ସେହି ବଡ଼ ଜାହାଜଟିକୁ ନିୟନ୍ତ୍ରିତ କରି
ଥାଏ। ଯେଉଁ ଲୋକ ଏହି ଯନ୍ତ୍ରଟିକୁ ଚାଳନା କରେ, ସେ
ସ୍ଥିର କରେ ଯେ, ଜାହାଜଟି କେଉଁଠାକୁ ଯିବ। ସେ
ଲୋକ ଯେଉଁଠାକୁ ଚାହେଁ, ଜାହାଜଟି ସେଠାକୁ ଯାଏ। ଆମ୍ଭ
ଜିହ୍ୱା ନିମନ୍ତେ ମଧ୍ୟ ଏହି ବିଷୟ ସମାନ ଅଟେ। ୫ଜିହ୍ୱାଟି
ଶରୀରର ଏକ ଅତି କ୍ଷୁଦ୍ର ଅଙ୍ଗ, କିନ୍ତୁ ଏହା ଅତ୍ୟଧିକ
ମାତ୍ରାରେ ଗର୍ବ କରିଥାଏ।

୬ଜିହ୍ୱା ହେଉଛି ଏକ ଛୋଟ ଅଗ୍ନିଶିଖା ଭଳି। ଯେଉଁ
ଛୋଟ ଅଗ୍ନି ଶିଖାଟି ଗୋଟିଏ ବଡ଼ ଜଙ୍ଗଲରେ ନିଆଁ
ଲଗେଇ ଦେଇପାରିବ। ଆମ୍ଭ ଶରୀରର ଅଙ୍ଗଗୁଡ଼ିକ ଭିତରେ
ଜିହ୍ୱା ହେଉଛି ସବୁଠାରୁ ମନ୍ଦ। କିପରି? ଜିହ୍ୱା ଆମ୍ଭ
ଶରୀର ମାଧ୍ୟମରେ ନିଜର ମନ୍ଦତା ପ୍ରସାର କରେ। ଏହା
ଏପରି ଅଗ୍ନି ସୃଷ୍ଟି କରେ ଯେ, ତାହା ସମଗ୍ର ଜୀବନକୁ
ପ୍ରଭାବିତ କରେ। ୭ଜିହ୍ୱା ଏହି ଅଗ୍ନିକୁ ନରକରୁ ପାଇଥାଏ।
ମଣିଷ ପ୍ରତ୍ୟେକ ପ୍ରକାର ହିଂସ୍ର ପଶୁ, ପକ୍ଷୀ, ସରୀସୃପ ଓ
ମାଛକୁ ବଶବର୍ତ୍ତୀ କରିପାରେ ଓ କରିଛି ମଧ୍ୟ। ୮କିନ୍ତୁ
କୌଣସି ମଣିଷ ଜିହ୍ୱାକୁ ବଶୀଭୂତ କରିପାରି ନାହିଁ। ଏହା
ଅତି ଦୁର୍ଦ୍ଦାନ୍ତ ଓ ମନ୍ଦ ଅଟେ। ଏହା ଏକ ବିଷଯୁକ୍ତ
ଘାତକ ଅଟେ। ୯ଏହି ଜିହ୍ୱା ଦ୍ୱାରା ଆମ୍ଭେ ଆମ୍ଭ ପ୍ରଭୁ ଓ
ପିତାଙ୍କ ଗୁଣଗାନ କରୁ, କିନ୍ତୁ ତା'ପରେ ପରମେଶ୍ୱର
ଯେଉଁ ଲୋକମାନଙ୍କୁ ନିଜ ସାଦୃଶ୍ୟରେ ତିଆରି କରିଛନ୍ତି,
ସେହି ଲୋକମାନଙ୍କୁ ଅଭିଶାପ ଦେଉ। ୧୦ଗୁଣଗାନ ଓ
ଅଭିଶାପ ସେହି ଗୋଟିଏ ମୁହଁରୁ ବାହାରେ! ମୋ ଭାଇ ଓ
ଭଉଣୀମାନେ, ଏଭଳି ହେବା ଉଚିତ ନୁହେଁ। ୧୧ଗୋଟିଏ
ସମାନ ଝରଣାରୁ ଉଭୟ ଭଲ ଓ ମନ୍ଦ ପାଣି କ'ଣ ଝରି
ଆସି ପାରେ? ନା! ୧୨ମୋ ଭାଇ ଓ ଭଉଣୀମାନେ, ଡିମ୍ବିରି
ଗଛରେ କ'ଣ ଜିତ ଫଳ ଫଳେ? ନା! ଅଙ୍ଗୁରଲତା କ'ଣ
ଡିମ୍ବିରି ଉତ୍ପନ୍ନ କରି ପାରେ? ନା! ଗୋଟିଏ ଲୁଣିଆ ପାଣିର
କୂଅ କେବେ ମିଠା ପାଣି ଦେଇ ପାରେ ନାହିଁ।

## ପ୍ରକୃତ ଜ୍ଞାନ

୧୩ତୁମ୍ଭମାନଙ୍କ ଭିତରେ ପ୍ରକୃତ ଜ୍ଞାନୀ ଓ ବୁଦ୍ଧିମାନ
କିଏ ଅଛି? ତାହେଲେ ସେ ଧାର୍ମିକ ଜୀବନଯାପନ କରି

---

**"ଅବ୍ରାହାମ ... ଧାର୍ମିକ କଲା।"** ଆଦିପୁସ୍ତକ ୧୫:୬
**"ପରମେଶ୍ୱରଙ୍କର ମିତ୍ର"** ଦ୍ୱିତୀୟ ବଂଶାବଳୀ ୨୦:୭, ଯିଶାଇୟ ୪୧:୮

ନିଜର ବିଜ୍ଞତା ଦେଖାଉ। ସେ ନମ୍ର ଭାବରେ ଭଲ କାମ
କରିବା ଉଚିତ। ଜ୍ଞାନୀ ଲୋକ ଗର୍ବ କରେ ନାହିଁ। ୧୪ଯଦି
ତୁମ୍ଭେ ନିହାତି ସ୍ୱାର୍ଥପର ଓ ତୁମ୍ଭ ହୃଦୟରେ ଈର୍ଷାଭାବ
ଅଛି, ତା'ହେଲେ ତୁମ୍ଭର ଗର୍ବ କରିବା ପାଇଁ କିଛି କାରଣ
ନାହିଁ। ତୁମ୍ଭର ଅହଂକାର କେବଳ ମିଛ, ଏବଂ ତାହା
ସତ୍ୟକୁ ଘୋଡ଼ାଇ ଦିଏ। ୧୫ଏହିପ୍ରକାର "ଜ୍ଞାନ"
ପରମେଶ୍ୱରଙ୍କଠାରୁ ଆସେ ନାହିଁ। ମାତ୍ର ଏହି "ଜ୍ଞାନ"
ସଂସାରରୁ ଆସେ। ଏହା ଆତ୍ମିକ ନୁହେଁ। ଏହା ଶୟତାନଠାରୁ
ଆସିଛି। ୧୬ଯେଉଁଠାରେ ଈର୍ଷାଭାବ ଓ ସ୍ୱାର୍ଥପର ମନୋଭାବ
ଅଛି, ସେହିଠାରେ ସମସ୍ତ ପ୍ରକାର ବିଶୃଙ୍ଖଳା ଓ ସମସ୍ତ
ପ୍ରକାରର ମନ୍ଦତା ଦେଖାଯାଏ। ୧୭କିନ୍ତୁ ପରମେଶ୍ୱରଙ୍କ ଠାରୁ
ଆସିଥିବା 'ଜ୍ଞାନ" ଏହିପରି: ପ୍ରଥମରେ ଏହା ପବିତ୍ର,
ଶାନ୍ତିପୂର୍ଣ୍ଣ, ଭଦ୍ର ଓ ପ୍ରସନ୍ନ ଅଟେ। ଯେଉଁମାନେ ଅସୁବିଧା
ବା କଷ୍ଟରେ ପଡ଼ିଛନ୍ତି, ଏହି ଜ୍ଞାନ ସେମାନଙ୍କୁ ସାହାଯ୍ୟ
କରିବା ପାଇଁ ସର୍ବଦା ପ୍ରସ୍ତୁତ ଥାଏ ଓ ଏହା ଅନ୍ୟମାନଙ୍କର
ମଙ୍ଗଳ କରେ। ଏହି ଜ୍ଞାନ ସର୍ବଦା ନିରପେକ୍ଷ ଓ
ନିଷ୍ଠାପର ଅଟେ। ୧୮ଯେଉଁ ଲୋକମାନେ ଶାନ୍ତିପୂର୍ଣ୍ଣ ଭାବରେ
ଶାନ୍ତି ପାଇଁ କାମ କରନ୍ତି, ସେମାନେ ଧାର୍ମିକ ଜୀବନଯାପନ
ଦ୍ୱାରା ସେଥିରୁ ଉତ୍ପନ୍ନ ଉତ୍ତମ ବିଷୟମାନ ପାଆନ୍ତି।

## ପରମେଶ୍ୱରଙ୍କଠାରେ ସମର୍ପିତ ହୁଅ

୪ ତୁମ୍ଭେ କ'ଣ ଜାଣିଛ କି ତୁମ୍ଭମାନଙ୍କ ଭିତରେ ଝଗଡ଼ା
ଓ ଯୁକ୍ତିତର୍କ କାହିଁକି ହୁଏ? ତୁମ୍ଭର ଝଗଡ଼ା ଓ
ଯୁକ୍ତିତର୍କ ସ୍ୱାର୍ଥପର ଇଚ୍ଛାରୁ ଆସେ ଓ ତୁମ୍ଭ ମଧ୍ୟରେ ବିବାଦ
ସୃଷ୍ଟି କରିଥାଏ? ୨ତୁମ୍ଭେମାନେ ଅନେକ ବିଷୟ ଇଚ୍ଛା କର,
କିନ୍ତୁ ପାଅ ନାହିଁ। ତେଣୁ ତୁମ୍ଭେ ଅନ୍ୟ ଲୋକମାନଙ୍କ ପ୍ରତି
ଈର୍ଷାନ୍ୱିତ ହୋଇ ସେମାନଙ୍କୁ ହତ୍ୟା କରିଥାଅ। ତଥାପି
ତୁମ୍ଭେ ଇଚ୍ଛା କରୁଥିବା ବିଷୟଗୁଡ଼ିକ ପାଇ ପାର ନାହିଁ।
ସେଥିପାଇଁ ତୁମ୍ଭେ ତର୍କବିତର୍କ କରିଥାଅ ଓ ବିବାଦ କରିଥାଅ।
ଯେହେତୁ ତୁମ୍ଭେ ପରମେଶ୍ୱରଙ୍କୁ ତୁମ୍ଭର ଦରକାରୀ ବିଷୟଗୁଡ଼ିକ
ମାଗି ନ ଥାଅ, ତେଣୁ ତୁମ୍ଭେମାନେ ସେଗୁଡ଼ିକ ପାଇ ନ
ଥାଅ। ୩ବା ଯେତେବେଳେ ତୁମ୍ଭେ ମାଗ, ତାହା ପାଅ ନାହିଁ।
କାହିଁକି? କାରଣ ଯେଉଁ କାରଣରୁ ତୁମ୍ଭେ ମାଗ, ତାହା ଭୁଲ
ଥାଏ। ତୁମ୍ଭେ ନିଜର ଅଭିଳାଷ ପାଇଁ ଯେପରି ସେଗୁଡ଼ିକୁ
ବ୍ୟବହାର କରିପାର, ସେଥିପାଇଁ ସେହିସବୁ ମାଗିଥାଅ।
୪ଏହାଦ୍ୱାରା ତୁମ୍ଭେମାନେ ପରମେଶ୍ୱରଙ୍କ ନିକଟରେ ବିଶ୍ୱସ୍ତ
ନୁହଁ। ତୁମ୍ଭେ ଜାଣି ରଖିବା ଉଚିତ ଯେ, ଜଗତକୁ ଭଲ
ପାଇବା ଓ ପରମେଶ୍ୱରଙ୍କୁ ଘୃଣା କରିବା ବିଷୟ ସମାନ।
ଅତଏବ ଯଦି କେହି ଏହି ସଂସାରର ଅଂଶୀ ହେବା ପାଇଁ
ଇଚ୍ଛା କରେ, ତେବେ ସେ ନିଜକୁ ପରମେଶ୍ୱରଙ୍କ ଶତ୍ରୁ
କରି ପକାଏ। ୫ତୁମ୍ଭେ କ'ଣ ଭାବୁଛ କି ଶାସ୍ତ୍ରର ଅର୍ଥ କିଛି
ନାହିଁ? ଶାସ୍ତ୍ର କୁହେ: "ପରମେଶ୍ୱର ଆମ୍ଭ ମଧ୍ୟରେ ବାସ
କରିବା ପାଇଁ ଯେଉଁ ଆତ୍ମାଙ୍କୁ ଦେଇଛନ୍ତି, ସେ ଆମ୍ଭକୁ
ସମ୍ପୂର୍ଣ୍ଣରୂପେ ଅଧିକାର କରିବା ନିମନ୍ତେ ଚାହାଁନ୍ତି।"* ୬କିନ୍ତୁ
ପରମେଶ୍ୱର ଆମ୍ଭକୁ ଦେଇଥିବା ଅନୁଗ୍ରହ ଅତି ମହାନ
ଅଟେ। ଯେପରି ଶାସ୍ତ୍ର କୁହେ: "ପରମେଶ୍ୱର ଅହଂକାରୀ
ଲୋକମାନଙ୍କର ବିରୋଧୀ, କିନ୍ତୁ ସେ ନମ୍ର ଲୋକମାନଙ୍କୁ
ଅନୁଗ୍ରହ କରନ୍ତି।"* ୭ଅତଏବ ନିଜକୁ ପରମେଶ୍ୱରଙ୍କଠାରେ
ସମର୍ପିତ କର। ଶୟତାନକୁ ବାଧା ଦିଅ, ତାହେଲେ ସେ
ତୁମ୍ଭଠାରୁ ଦୂରେଇ ଯିବ। ୮ପରମେଶ୍ୱରଙ୍କ ନିକଟକୁ ଆସ,
ତେବେ ସେ ମଧ୍ୟ ତୁମ୍ଭମାନଙ୍କ ନିକଟକୁ ଆସିବେ। ତୁମ୍ଭେମାନେ
ପାପୀ ଅଟ। ଅତଏବ ତୁମ୍ଭମାନଙ୍କ ଜୀବନରୁ ପାପକୁ
ପରିଷ୍କାର କର। ତୁମ୍ଭେ ଏକା ସମୟରେ ପରମେଶ୍ୱର ଓ
ସଂସାର, ଉଭୟର ଅନୁସରଣ କରିବାକୁ ଚେଷ୍ଟା କରୁଛ।
ତୁମ୍ଭର ଚିନ୍ତାଧାରାକୁ ପବିତ୍ର କର। ୯ଦୁଃଖି ହୁଅ, ଦୁଃଖ
ପ୍ରକାଶ କର ଓ କ୍ରନ୍ଦନ କର! ତୁମ୍ଭର ହାସ୍ୟକୁ କ୍ରନ୍ଦନରେ
ବଦଳାଇ ଦିଅ। ତୁମ୍ଭର ପ୍ରଫୁଲ୍ଲତାକୁ ଦୁଃଖରେ ବଦଳାଅ।
୧୦ପ୍ରଭୁଙ୍କ ଆଗରେ ନମ୍ର ହୁଅ ଓ ସେ ତୁମ୍ଭକୁ ମହାନ୍
କରିବେ।

## ତୁମ୍ଭେ ବିଚାରପତି ନୁହଁ

୧୧ଭାଇ ଓ ଭଉଣୀମାନେ! ପରସ୍ପର ବିରୁଦ୍ଧରେ କିଛି
କୁହ ନାହିଁ। ତୁମ୍ଭେ ଯଦି ଖ୍ରୀଷ୍ଟଙ୍କଠାରେ ଥିବା ତୁମ୍ଭର
କୌଣସି ଭାଇର ସମାଲୋଚନା କରୁଛ, ବା ବିଚାର କରୁଛ;
ତାହେଲେ ସେ ଯେଉଁ ବ୍ୟବସ୍ଥା (ନିୟମ) ପାଳନ କରୁଛି,
ତୁମ୍ଭେ ତା'ର ସମାଲୋଚନା କରୁଛ। ଯଦି ତୁମ୍ଭେ ଖ୍ରୀଷ୍ଟରେ
ଥିବା ଜଣେ ଭାଇର ବିଚାର କର, ତେବେ ତୁମ୍ଭେ
ପ୍ରକୃତରେ ସେ ପାଳନ କରୁଥିବା ବ୍ୟବସ୍ଥାର ବିଚାର
କରୁଛ। ଏବଂ ତୁମ୍ଭେ ଯଦି ବ୍ୟବସ୍ଥାର ବିଚାର କରୁଛ,
ତେବେ ତୁମ୍ଭେ ବ୍ୟବସ୍ଥାର ପାଳନ କରୁ ନାହିଁ। ତୁମ୍ଭେ
ନିଜେ ତାହାର ବିଚାରପତି ହୋଇଗଲ। ୧୨କେବଳ ପରମେଶ୍ୱର
ହିଁ ବ୍ୟବସ୍ଥା ରଚନା କରନ୍ତି। ସେ ହେଉଛନ୍ତି ଏକମାତ୍ର
ବିଚାରପତି। ସେ କେବଳ ରକ୍ଷା କରି ପାରନ୍ତି ଓ ବିନାଶ
ମଧ୍ୟ କରି ପାରନ୍ତି। ଅତଏବ ଅନ୍ୟ କୌଣସି ଲୋକର
ବିଚାର କରିବାର ତୁମ୍ଭ ପକ୍ଷରେ ଠିକ୍ ନୁହେଁ।

## ପରମେଶ୍ୱର ତୁମ୍ଭ ଜୀବନର ଯୋଜନା କରନ୍ତୁ

୧୩ତୁମ୍ଭ ଭିତରେ କେହି କେହି କୁହନ୍ତି, "ଆମ୍ଭେ ଆଜି
ବା କାଲି କୌଣସି ସହରକୁ ଯିବୁ। ଆମ୍ଭେ ସେଠାରେ
ବର୍ଷେ ରହିବୁ ଓ ବ୍ୟବସାୟ କରି ଧନ ଅର୍ଜନ କରିବୁ।"
ଶୁଣ! ଏହି ବିଷୟରେ ଚିନ୍ତା କର: ୧୪ତୁମ୍ଭେ ଜାଣି ନାହଁ,
ଆସନ୍ତା କାଲି କଣ ଘଟିବ! ତୁମ୍ଭ ଜୀବନଟି ଗୋଟିଏ
କୁହୁଡ଼ି ତୁଲ୍ୟ। ତୁମ୍ଭେ ତାହାକୁ ଅଳ୍ପ ସମୟ ଧରି
ଦେଖିପାରିବ, ତାପରେ ସେ ଚାଲି ଯାଏ। ୧୫ଅତଏବ ତୁମ୍ଭେ
କହିବା ଉଚିତ: "ଯଦି ପରମେଶ୍ୱରଙ୍କ ଇଚ୍ଛା ଥାଏ, ଆମ୍ଭେ
ଜୀବିତ ରହିବୁ ଓ ଏହା କରିବୁ ବା ତାହା କରିବୁ।"
୧୬କିନ୍ତୁ ଏବେ ତୁମ୍ଭେ ଅହଂକାର କରି ଗର୍ବ କରୁଛ।
ଏହିପ୍ରକାର ଅହଂକାର କରିବା ଅନୁଚିତ ଅଟେ। ୧୭ଯଦି
ଜଣେ ଲୋକ ଭଲ କାମ କରିବାକୁ ଜାଣି ସୁଦ୍ଧା ତାହା
କରେ ନାହିଁ, ତାହେଲେ ସେ ପାପ କରିଥାଏ।

---

**"ପରମେଶ୍ୱର ... ଚାହାଁନ୍ତି।"** ଯାତ୍ରା ପୁସ୍ତକ ୨୦:୫

**"ପରମେଶ୍ୱର ... କରନ୍ତି।"** ହିତୋପଦେଶ ୩:୩୪

### ସ୍ୱାର୍ଥପର ଧନୀଲୋକେ ଦଣ୍ଡ ପାଇବେ

୫ ଧନୀ ଲୋକେ! ଶୁଣ! କ୍ରନ୍ଦନ କର ଓ ଅତି
ଦୁଃଖିତ ହୁଅ। କାରଣ ଅତ୍ୟଧିକ କ୍ଲେଶ ତୁମ୍ଭ
ଉପରେ ମାଡ଼ି ଆସୁଛି। ୨ତୁମ୍ଭର ଧନସବୁ ନଷ୍ଟ ହୋଇଯାଇଛି
ଓ ମୂଲ୍ୟହୀନ ହୋଇ ପଡ଼ିଛି। ତୁମ୍ଭର ପୋଷାକ ପୋକ
ଖାଇ ଯାଇଛନ୍ତି। ୩ତୁମ୍ଭର ସୁନା ଓ ରୂପାରେ କଳଙ୍କି ଲାଗି
ଯାଇଛି। ଏହା ନଷ୍ଟ ହୋଇ ପ୍ରମାଣ କରୁଛି ଯେ, ତୁମ୍ଭେ
ଭୁଲକାର୍ଯ୍ୟ କରିଛ। ସେହି କଳଙ୍କ ତୁମ୍ଭ ଶରୀରକୁ ଅଗ୍ନି
ଭଳି ଗ୍ରାସ କରି ଦେବ। ଶେଷଦିନଗୁଡ଼ିକରେ ତୁମ୍ଭେ
ନିଜର ଧନ ସଞ୍ଚୟ କରୁଅଛ। ୪ଲୋକେ ତୁମ୍ଭ କ୍ଷେତମାନଙ୍କରେ
କାମ କଲେ, କିନ୍ତୁ ତୁମ୍ଭେ ତାହାଙ୍କୁ ସେମାନଙ୍କର ମଜୁରୀ
ଦେଲ ନାହିଁ। ସେମାନେ ତୁମ୍ଭ ବିରୁଦ୍ଧରେ କ୍ରନ୍ଦନ କରୁଛନ୍ତି।
ସେମାନେ ତୁମ୍ଭ ପାଇଁ ଶସ୍ୟ ଆମଦାନୀ କଲେ। ଏବେ
ସ୍ୱର୍ଗୀୟ ସେନାବାହିନୀର ପ୍ରଭୁ ସେମାନଙ୍କ ଚିତ୍କାର ଶୁଣିଛନ୍ତି।
୫ପୃଥିବୀରେ ତୁମ୍ଭ ଜୀବନ ବିଳାସପୂର୍ଣ୍ଣ ଥିଲା। ତୁମ୍ଭେ ଯାହା
ଇଚ୍ଛା କରିଥିଲ, ତାହା ପୂରଣ କରି ନିଜକୁ ଆନନ୍ଦିତ
କଲ। ତୁମ୍ଭେ ବଳି ଦିବସ ପାଇଁ ପ୍ରସ୍ତୁତ ଥିବା ଏକ
ପଶୁପରି ନିଜକୁ ମୋଟା କଲ। ୬ତୁମ୍ଭେ ଉତ୍ତମ ଲୋକମାନଙ୍କୁ
କୌଣସି ଦୟା ଦେଖାଇଲ ନାହିଁ। ସେମାନେ ତୁମ୍ଭର
ବିରୋଧୀ ନ ଥିଲେ ମଧ୍ୟ, ତୁମ୍ଭେ ସେମାନଙ୍କୁ ହତ୍ୟା
କରିଛ।

### ଧୈର୍ଯ୍ୟବାନ ହୁଅ

୭ଭାଇ ଓ ଭଉଣୀମାନେ, ଧୈର୍ଯ୍ୟ ରଖ, ପ୍ରଭୁ ଯୀଶୁ
ଆସିବେ। ସେହି ସମୟ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରୁହ।
୮ଚାଷୀ ଯେପରି ନିଜ କ୍ଷେତର ମୂଲ୍ୟବାନ ଶସ୍ୟ ବଢ଼ି
ଉଠିବାକୁ ଧୈର୍ଯ୍ୟର ସହିତ ଆଶାରଖି, ଏବଂ ଆରମ୍ଭ ଓ
ଶେଷ ବର୍ଷା ପଡ଼ିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ଅପେକ୍ଷା
କରେ, ତୁମ୍ଭେମାନେ ସେହିଭଳି ଧୈର୍ଯ୍ୟଶୀଳ ହେବା ଉଚିତ।
ନିଜର ଆଶା ଛାଡ଼ି ଦିଅ ନାହିଁ। ପ୍ରଭୁ ଯୀଶୁ ଶୀଘ୍ର
ଆସୁଛନ୍ତି। ୯ଭାଇ ଓ ଭଉଣୀମାନେ, ପରସ୍ପର ବିରୁଦ୍ଧରେ
ଅଭିଯୋଗ କର ନାହିଁ। ତୁମ୍ଭେ ଅଭିଯୋଗ କରିବା ବନ୍ଦ
ନ କଲେ, ନିଜେ ଦୋଷୀ ବୋଲି ବିଚାରିତ ହେବ।
ବିଚାରପତି ଆସିବାକୁ ପ୍ରସ୍ତୁତ ଅଛନ୍ତି। ୧୦ଭାଇ ଓ ଭଉଣୀମାନେ,
ପ୍ରଭୁଙ୍କ ପାଇଁ ଭାବବାଣୀ କହିଥିବା ଭାବବାଦୀମାନଙ୍କ ଉଦାହରଣ
ଅନୁସରଣ କର। ସେମାନେ ଅନେକ ଯାତନା ସହି ଥିଲେ
ହେଁ ଧୈର୍ଯ୍ୟବାନ ଥିଲେ। ୧୧ଆମ୍ଭେ କହୁଛୁ ଯେ, ଯେଉଁମାନେ
ସେମାନଙ୍କର ଅସୁବିଧାଗୁଡ଼ିକୁ ଧୈର୍ଯ୍ୟର ସହିତ ଗ୍ରହଣ
କଲେ, ସେମାନେ ବର୍ତ୍ତମାନ ଖୁସିରେ ଅଛନ୍ତି। ତୁମ୍ଭେମାନେ
ଆୟୁବଙ୍କର ଧୈର୍ଯ୍ୟ* କଥା ଶୁଣିଛ। ତୁମ୍ଭେ ଜାଣିଛ ଯେ,
ଆୟୁବ ସବୁ କଷ୍ଟରୁ ଉତ୍ତୀର୍ଣ୍ଣ ହୋଇ ସାରିଲା ପରେ
ପରମେଶ୍ୱର ତାହାଙ୍କୁ ସାହାଯ୍ୟ କରିଥିଲେ। ଏହା ଦର୍ଶାଏ
ଯେ, ପ୍ରଭୁ କରୁଣାରେ ପୂର୍ଣ୍ଣ ଓ ଦୟାଳୁ ଅଟନ୍ତି।

### ସାବଧାନ ରହି କଥା କୁହ

୧୨ମୋ ଭାଇ ଓ ଭଉଣୀମାନେ! ମନେରଖ ଯେ
କୌଣସି ପ୍ରତିଜ୍ଞା କଲା ବେଳେ ଶପଥ କର ନାହିଁ। ଏହା
ଅତି ଗୁରୁତ୍ୱପୂର୍ଣ୍ଣ ଅଟେ। ତୁମ୍ଭର କଥାକୁ ସତ୍ୟ ବୋଲି
ପ୍ରମାଣିତ କରିବା ପାଇଁ ସ୍ୱର୍ଗ, ପୃଥିବୀ ବା ଅନ୍ୟ କିଛିର
ନାମ ନିଅ ନାହିଁ। "ତୁମ୍ଭର ହିଁ କଥା ହିଁ ହେଉ, ଏବଂ ନା
କଥା ନା ହେଉ। ଏପରି କଲେ ତୁମ୍ଭେ ଦୋଷୀ ସାବ୍ୟସ୍ତ
ହେବ ନାହିଁ।"

### ପ୍ରାର୍ଥନାର ଶକ୍ତି

୧୩ଯଦି କେହି ସଙ୍କଟରେ ପଡ଼ିଛି, ତା'ହେଲେ ସେ
ପ୍ରାର୍ଥନା କରୁ। ଯଦି କେହି ଖୁସି ଅଛି, ତାହେଲେ ସେ
(ଗୀତ) ଗାଉ। ୧୪ଯଦି ତୁମ୍ଭ ମଧ୍ୟରୁ କେହି ଜଣେ ଅସୁସ୍ଥ
ଅଛି, ତେବେ ସେ ମଣ୍ଡଳୀର ବୟୋଜ୍ୟେଷ୍ଠମାନଙ୍କୁ*
ଡାକିବା ଦରକାର। ସେମାନେ ପ୍ରଭୁଙ୍କ ନାମରେ ତାହାଙ୍କୁ
ତେଲ ମଖାଇବେ ଓ ତାହାଙ୍କ ପାଇଁ ପ୍ରାର୍ଥନା କରିବେ।
୧୫ବିଶ୍ୱାସରେ କରାଯାଇଥିବା ସେହି ପ୍ରାର୍ଥନା ରୋଗୀକୁ ସୁସ୍ଥ
କରିଦେବ। ପ୍ରଭୁ ତାହାକୁ ସୁସ୍ଥ କରିବେ। ଯଦି ଏହି
ଲୋକଟି ପାପ କରି ଥାଏ, ତେବେ ପରମେଶ୍ୱର ତାହାକୁ
କ୍ଷମା କରିବେ। ୧୬ତୁମ୍ଭେ କରିଥିବା ପାପଗୁଡ଼ିକୁ ପରସ୍ପର
ନିକଟରେ ସ୍ୱୀକାର କର। ତା'ପରେ ପରସ୍ପର ପାଇଁ
ପ୍ରାର୍ଥନା କର। ପରମେଶ୍ୱର ଯେପରି ତୁମ୍ଭକୁ ସୁସ୍ଥ କରି
ଦିଅନ୍ତି, ସେଥିନିମନ୍ତେ ଏପରି କର। ଜଣେ ଧାର୍ମିକ ଲୋକ
ଯେତେବେଳେ ନିରନ୍ତର ପ୍ରାର୍ଥନା କରେ, ସେତେବେଳେ
ମହାନ ଘଟଣାମାନ ଘଟିଥାଏ। ୧୭ଏଲୀୟ ଆମ୍ଭ ଭଳି ଜଣେ
ସାଧାରଣ ଲୋକ ଥିଲେ। ସେ ବର୍ଷା ନ ହେବା ପାଇଁ
ପ୍ରାର୍ଥନା କଲେ। ଏବଂ ଭୂମି ଉପରେ ତିନି ବର୍ଷ ଛଅମାସ
ଧରି ବର୍ଷା ହେଲା ନାହିଁ। ୧୮ତା'ପରେ ଏଲୀୟ ବର୍ଷା
ହେବା ପାଇଁ ପ୍ରାର୍ଥନା କଲେ। ଆକାଶରୁ ବର୍ଷା ହେଲା ଓ
ପୃଥିବୀରେ ପୁନଃ ଶସ୍ୟ ଉତ୍ପନ୍ନ ହେଲା।

### ଆତ୍ମା ରକ୍ଷା କରିବା

୧୯ମୋ ଭାଇ ଓ ଭଉଣୀମାନେ! ତୁମ୍ଭ ଭିତରୁ ଯଦି
ଜଣେ ସତ୍ୟରୁ ବିଚଳିତ ହୋଇଯାଏ, ତେବେ ଅନ୍ୟ ଜଣେ
ତାହାକୁ ସତ୍ୟକୁ ଫେରାଇ ଆଣିବା ପାଇଁ ସାହାଯ୍ୟ କରୁ।
୨୦ଏହା ମନେରଖ: ଯେଉଁ ଲୋକ ମନ୍ଦ ମାର୍ଗରୁ ଜଣେ
ପାପୀକୁ ଫେରାଇ ଆଣେ, ତେବେ ସେ ମୃତ୍ୟୁରୁ ତାହାର
ଆତ୍ମାକୁ ରକ୍ଷା କରେ। ଏହା କରିବା ଦ୍ୱାରା, ସେହି ଲୋକ
ଅନେକ ପାପ କ୍ଷମାର କାରଣ ହୋଇପାରିଥାଏ।

---

**ଆୟୁବଙ୍କର ଧୈର୍ଯ୍ୟ** ଆୟୁବ ପୁସ୍ତକ ପଢ଼ନ୍ତୁ।

**ବୟୋଜ୍ୟେଷ୍ଠ** ଯେଉଁମାନଙ୍କ ଉପରେ ମନ୍ଦିରର ଭାର ନ୍ୟସ୍ତ ଥାଏ। ସେମାନଙ୍କୁ ମଧ୍ୟ "ପର୍ଯ୍ୟବେକ୍ଷକ" ଓ "ପାଳକ" (ମେଷପାଳକ) କୁହାଯାଏ, ସେମାନଙ୍କର କାମ ହେଲା ପ୍ରଭୁଙ୍କର ଲୋକମାନଙ୍କୁ ବାଟ କଢ଼ାଇନେବା। ପ୍ରେରିତ ୨୦:୧୭,୨୮; ଏଫିସୀୟ ୪:୧୧; ପ୍ରଥମ ତୀମଥି ୩:୧-୬; ତିତସ ୧:୫-୯

# ପିତରଙ୍କ ପ୍ରଥମ ପତ୍ର

୧ ଯୀଶୁ ଖ୍ରୀଷ୍ଟଙ୍କର ଜଣେ ପ୍ରେରିତ ପିତରଙ୍କଠାରୁ ପନ୍ତ,
ଗାଲାତିଆ, କାପ୍ପାଦକିଆ, ଆସିଆ ଓ ବିଥୂନିଆ
ଅଞ୍ଚଳରେ ସର୍ବତ୍ର ଛିନ୍ନଭିନ୍ନ ହୋଇଥିବା ପରମେଶ୍ୱରଙ୍କ
ମନୋନୀତ ଲୋକମାନଙ୍କୁ ପତ୍ର।
୨ପରମେଶ୍ୱର ଖୁବ୍ ଆଗରୁ ତାଙ୍କର ପବିତ୍ର ଲୋକ
ହେବା ପାଇଁ ତୁମ୍ଭମାନଙ୍କୁ ମନୋନୀତ କରିବାକୁ ଯୋଜନା
କରିଥିଲେ। ତୁମ୍ଭକୁ ପବିତ୍ର କରିବା ପବିତ୍ର ଆତ୍ମାଙ୍କର କାମ
ଅଟେ। ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ପବିତ୍ର ହୋଇ ତୁମ୍ଭେ
ଯେପରି ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବ, ଏହା ସେ
ଚାହିଁଥିଲେ। ଈଶ୍ୱରଙ୍କ ଅନୁଗ୍ରହ ଓ ଶାନ୍ତି ଅଧିକରୁ ଅଧିକ
ତୁମ୍ଭ ଉପରେ ବର୍ତ୍ତୁ।

**ଜୀବନ୍ତ ଭରସା**

୩ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପିତା ଓ ପରମେଶ୍ୱର ଧନ୍ୟ
ହେଉନ୍ତୁ। ପରମେଶ୍ୱରଙ୍କ କରୁଣା ଅପାର, ଓ ଏହି କରୁଣା
(କୃପା) ଦ୍ୱାରା ସେ ଆମ୍ଭକୁ ଗୋଟିଏ ନୂତନ ଜୀବନ
ଦେଇଛନ୍ତି। ଯୀଶୁ ଖ୍ରୀଷ୍ଟ ମୃତ୍ୟୁରୁ ପୁନର୍ଜୀବିତ ହେବା ଦ୍ୱାରା
ଏହି ନୂତନ ଜୀବନ ଆମ୍ଭକୁ ଗୋଟିଏ ଜୀବନ୍ତ ଭରସା
ଦେଇଛି। ୪ପରମେଶ୍ୱର ଆପଣା ସନ୍ତାନମାନଙ୍କ ପାଇଁ
ରଖିଥିବା ଆଶୀର୍ବାଦ ଆମ୍ଭେ ଏବେ ପାଇବାକୁ ଭରସା
କରୁ। ସେହି ଆଶୀର୍ବାଦଗୁଡ଼ିକ ସ୍ୱର୍ଗରେ ତୁମ୍ଭ ପାଇଁ
ସୁରକ୍ଷିତ। ସେହି ଆଶୀର୍ବାଦଗୁଡ଼ିକ କଦାପି ନଷ୍ଟ ହେବ
ନାହିଁ, ବା ଧ୍ୱଂସ ପାଇବ ନାହିଁ କିଅବା ସେଗୁଡ଼ିକ
ସେମାନଙ୍କର ସୌନ୍ଦର୍ଯ୍ୟ ହରାଇବେ ନାହିଁ। ୫ତୁମ୍ଭର ପରିତ୍ରାଣର
ସମୟ ନ ଆସିବା ପର୍ଯ୍ୟନ୍ତ ତୁମ୍ଭ ବିଶ୍ୱାସ ମାଧ୍ୟମରେ
ପରମେଶ୍ୱରଙ୍କ ଶକ୍ତି ତୁମ୍ଭକୁ ରକ୍ଷା କରିବ। ସେହି ପରିତ୍ରାଣ
ତୁମ୍ଭ ପାଇଁ ପ୍ରସ୍ତୁତ ହୋଇ ରହିଛି ଏବଂ ଯୁଗର ଶେଷରେ
ତୁମ୍ଭେ ଏହା ପାଇବ। ୬ତେଣୁ ତୁମ୍ଭେ ଆନନ୍ଦିତ ହୁଅ। କିନ୍ତୁ
ଏବେ ଅଳ୍ପ ସମୟ ପାଇଁ ଅନେକ ପ୍ରକାରର ସମସ୍ୟା
ତୁମ୍ଭକୁ ଦୁଃଖୀ କରୁଥାଇପାରେ। ୭ଏହି ସମସ୍ୟାଗୁଡ଼ିକ
କାହିଁକି ହୁଏ? କେବଳ ତୁମ୍ଭର ବିଶ୍ୱାସର ସତ୍ୟତା ପ୍ରମାଣିତ
କରିବା ଲାଗି ଏପରି ଘଟେ। ଏହି ବିଶ୍ୱାସର ପ୍ରମାଣ
ସୁନାଠାରୁ ଅଧିକ ମୂଲ୍ୟବାନ। ସୁନାର ବିଶୁଦ୍ଧତା ଅଗ୍ନି ଦ୍ୱାରା
ପରୀକ୍ଷିତ ହୁଏ, କିନ୍ତୁ ତାହା ନଷ୍ଟଶୀଳ। ଯୀଶୁ (ପୁନଃ)
ଆସିବାବେଳେ, ତୁମ୍ଭ ବିଶ୍ୱାସର ପବିତ୍ରତା ହେତୁ ତୁମ୍ଭେ
ପ୍ରଶଂସା, ମହିମା ଓ ସମ୍ମାନ ପାଇବ। ୮ତୁମ୍ଭେ ଯୀଶୁ
ଖ୍ରୀଷ୍ଟଙ୍କୁ ନ ଦେଖି ମଧ୍ୟ ପ୍ରେମ କରୁଛ। ଏବେ ତୁମ୍ଭେ
ତାହାଙ୍କୁ ନ ଦେଖି ମଧ୍ୟ ବିଶ୍ୱାସ କରୁଛ। ତୁମ୍ଭେ
ଅତୁଳନୀୟ ଆନନ୍ଦ ପାଉଛ। ସେହି ଆନନ୍ଦ ମହିମାରେ
ପରିପୂର୍ଣ୍ଣ। ୯ତୁମ୍ଭ ବିଶ୍ୱାସର ଗୋଟିଏ ଲକ୍ଷ୍ୟ ଅଛି। ତାହା
ହେଲା ଆତ୍ମାର ଉଦ୍ଧାର। ତୁମ୍ଭେ ସେହି ଲକ୍ଷ୍ୟ ଅର୍ଥାତ୍
ଉଦ୍ଧାର ପାଉଛ।
୧୦ଭବିଷ୍ୟଦ୍‌ବକ୍ତାମାନେ ମନୋଯୋଗ ସହକାରେ ଅଧ୍ୟୟନ
କରି ଏହି ଉଦ୍ଧାର ବିଷୟରେ ଜାଣିବା ପାଇଁ ଚେଷ୍ଟା
କଲେ। ସେହି ଭବିଷ୍ୟଦ୍‌ବକ୍ତାମାନେ ତୁମ୍ଭ ପ୍ରତି ଆଗତ
ଅନୁଗ୍ରହ ବିଷୟରେ କହିଥିଲେ। ୧୧ଖ୍ରୀଷ୍ଟଙ୍କ ଆତ୍ମା ସେହି
ଭବିଷ୍ୟଦ୍‌ବକ୍ତାମାନଙ୍କ ଅନ୍ତରରେ ଥିଲା। ଖ୍ରୀଷ୍ଟଙ୍କୁ କିପରି
କଷ୍ଟ ଭୋଗିବାକୁ ହେବ ଓ ତା'ପରେ କିପରି ମହିମା
ପ୍ରକାଶିତ ହେବ, ସେହି ବିଷୟରେ 'ଆତ୍ମା' କଥା କହୁଥିଲେ।
ସେହି ଆତ୍ମା ଯାହା ଦେଖାଉଥିଲେ, ସେହି ଭବିଷ୍ୟଦ୍‌ବକ୍ତାମାନେ
ତାହା ଶିଖିବାକୁ ଚେଷ୍ଟା କଲେ। ସେମାନେ ଜାଣିବାକୁ
ଚେଷ୍ଟା କଲେ ଯେ କେତେବେଳେ ଏହି ସବୁ ଘଟଣାମାନ
ଘଟିବ ଏବଂ ସେତେବେଳେ ଜଗତର ଅବସ୍ଥା କିପରି
ହୋଇଥିବ। ୧୨ସେହି ଭବିଷ୍ୟଦ୍‌ବକ୍ତାମାନଙ୍କ ସେବା କାର୍ଯ୍ୟ
ସେମାନଙ୍କ ନିଜ ପାଇଁ ନୁହେଁ ବୋଲି ସେମାନଙ୍କୁ ଦେଖାଇ
ଦିଆହେଲା। ଭବିଷ୍ୟଦ୍‌ବକ୍ତାମାନେ ତୁମ୍ଭର ସେବା କରୁଥିଲେ।
ସେମାନେ ସେବା କଲାବେଳେ ଯାହା କହିଥିଲେ ତୁମ୍ଭେ
ତାହା ଶୁଣିଛ। ଯେଉଁ ଲୋକମାନେ ତୁମ୍ଭକୁ ସେହି ସୁସମାଚାର
କହିଲେ, ସେମାନେ ହିଁ ତାହା କହିଥିଲେ। ସ୍ୱର୍ଗରୁ
ପଠାଯାଇଥିବା ପବିତ୍ର ଆତ୍ମା ସାହାଯ୍ୟରେ ସେମାନେ କହିଥିଲେ।
ଯେଉଁ କଥାଗୁଡ଼ିକ ତୁମ୍ଭକୁ କୁହାଯାଇଛି, ସେଗୁଡ଼ିକୁ
ସ୍ୱର୍ଗଦୂତମାନେ ମଧ୍ୟ ଜାଣିବା ପାଇଁ ବହୁତ ଆଗ୍ରହୀ।

**ପବିତ୍ର ଜୀବନ ପାଇଁ ଡାକରା**

୧୩ଆତ୍ମସଂଯମୀ ହୁଅ ଓ ନିଜ ମନକୁ ସେବା କାର୍ଯ୍ୟ
ପାଇଁ ପ୍ରସ୍ତୁତ କର। ଯୀଶୁ ଖ୍ରୀଷ୍ଟ ଆସିବା ବେଳେ, ଯେଉଁ
ଅନୁଗ୍ରହ ତୁମ୍ଭ ପ୍ରତି ବର୍ତ୍ତିବ, ସେଥିରେ ତୁମ୍ଭର ପୂର୍ଣ୍ଣ
ଭରସା ରହିବା ଉଚିତ। ୧୪ଅତୀତରେ ତୁମ୍ଭେ ଏହି କଥା
ବୁଝି ନ ପାରି, ନିଜ ଇଚ୍ଛାରେ ସେହି ସବୁ ମନ୍ଦ କାମ
କରିଥିଲ କିନ୍ତୁ ଏବେ ତୁମ୍ଭେ ପରମେଶ୍ୱରଙ୍କ ଆଜ୍ଞାକାରୀ
ସନ୍ତାନ ଅଟ। ଅତଏବ ଅତୀତର ମନ୍ଦ ଜୀବନଯାପନ କର
ନାହିଁ। ୧୫ନିଜେ କରୁଥିବା ସମସ୍ତ କାମରେ, ପରମେଶ୍ୱର
ଯେପରି ପବିତ୍ର, ସେହିପରି ପବିତ୍ର ହୁଅ। ପରମେଶ୍ୱର ହିଁ
ତୁମ୍ଭକୁ ଆହ୍ୱାନ କରିଥିଲେ। ୧୬ଶାସ୍ତ୍ରରେ ଲେଖାଅଛି: "ପବିତ୍ର
ହୁଅ, କାରଣ ମୁଁ ହେଉଛି ପବିତ୍ର।"*

---

**"ପବିତ୍ର ... ପବିତ୍ର"** ଲେବୀୟ ପୁସ୍ତକ ୧୧:୪୪-୪୫;
୧୯:୨; ୨୦:୭,

୧୭ତୁମ୍ଭେ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଛ ଓ ପିତା
ବୋଲି ଡାକୁଛ। ପରମେଶ୍ୱର ପ୍ରତ୍ୟେକ ଲୋକଙ୍କୁ ତାହାର
କାର୍ଯ୍ୟ ଅନୁସାରେ ସମାନ ଭାବରେ ବିଚାର କରନ୍ତି। ତେଣୁ
ତୁମ୍ଭେ ଯେ ପର୍ଯ୍ୟନ୍ତ ପୃଥିବୀରେ ବଞ୍ଚି ରହିଛ, ତୁମ୍ଭେ
ପରମେଶ୍ୱରଙ୍କ ପ୍ରତି ଭୟ ରଖି ବଞ୍ଚିବା ଉଚିତ। ୧୮ତୁମ୍ଭେ
ଜାଣିଛ ଯେ ଅତୀତରେ ତୁମ୍ଭେ ନିରର୍ଥକ ଜୀବନଯାପନ
କରୁଥିଲ। ତୁମ୍ଭ ପୂର୍ବ ବଂଶଧରମାନଙ୍କଠାରୁ ତୁମ୍ଭେ ସେହିପରି
ଜୀବନ କାଟିବାକୁ ଶିଖିଥିଲ। କିନ୍ତୁ ତୁମ୍ଭେ ବର୍ତ୍ତମାନ
ସେପରି ଜୀବନ କାଟିବାରୁ ରକ୍ଷା ପାଇଛ। ସୁନା ଓ ରୂପା
ଭଳି କ୍ଷୟଣୀୟ ଜିନିଷ ବଦଳରେ ନୁହେଁ, ୧୯ବରଂ ନିର୍ଦ୍ଦୋଷ
ପବିତ୍ର ମେଷଶାବକ ଖ୍ରୀଷ୍ଟଙ୍କର ବହୁମୂଲ୍ୟ ରକ୍ତ ଦ୍ୱାରା
ତୁମ୍ଭେ କିଣା ହୋଇଅଛ। ୨୦ଜଗତ ଆରମ୍ଭ ହେବା ପୂର୍ବରୁ
ଖ୍ରୀଷ୍ଟ ମନୋନୀତ ହୋଇଥିଲେ। କିନ୍ତୁ ଏହି ଶେଷ ସମୟରେ
ତୁମ୍ଭ ନିମନ୍ତେ ସେ ଜଗତରେ ପ୍ରକାଶିତ ହେଲେ। ୨୧ତୁମ୍ଭେ
ଖ୍ରୀଷ୍ଟଙ୍କ ମାଧ୍ୟମରେ ପରମେଶ୍ୱରଙ୍କୁ ବିଶ୍ୱାସ କର। ପରମେଶ୍ୱର
ଖ୍ରୀଷ୍ଟଙ୍କୁ ମୃତ୍ୟୁରୁ ପୁନର୍ଜୀବିତ କଲେ। ତା'ପରେ ସେ
ତାହାଙ୍କୁ ମହିମା ପ୍ରଦାନ କଲେ। ତେଣୁ ତୁମ୍ଭର ବିଶ୍ୱାସ ଓ
ଭରସା ପରମେଶ୍ୱରଙ୍କ ଠାରେ ଅଛି।

୨୨ଏବେ, ସତ୍ୟ ପାଳନ ଦ୍ୱାରା ତୁମ୍ଭେମାନେ ନିଜ ନିଜକୁ
ପବିତ୍ର କରିଛ। ତୁମ୍ଭେମାନେ ତୁମ୍ଭମାନଙ୍କର ଭାଇ ଓ
ଭଉଣୀମାନଙ୍କ ପାଇଁ ସତ୍ୟ ପ୍ରେମ ଦେଖାଇ ପାରିବ।
ଅତଏବ, ପୂର୍ଣ୍ଣ ହୃଦୟ ସହିତ ଗଭୀର ଭାବରେ ପରସ୍ପରକୁ
ପ୍ରେମ କର। ୨୩ତୁମ୍ଭେ ପୂନର୍ଜନ୍ମ ଗ୍ରହଣ କରିଛ। ଏହି
ନୂତନ ଜୀବନ ମରଣଶୀଳ ବିଷୟରୁ ଆସି ନାହିଁ କିନ୍ତୁ
ଯାହା କିଛି କେବେ ମରେ ନାହିଁ, ସେଠାରୁ ଆସିଛି। ଯାହା
ସବୁଦିନ ପାଇଁ ରୁହେ, ପରମେଶ୍ୱରଙ୍କ ସେହି ଜୀବନ୍ତ
ସୁସମାଚାର ଯୋଗୁଁ ତୁମ୍ଭେ ଆଉ ଥରେ ଜନ୍ମ ଗ୍ରହଣ
କରିଛ। ୨୪ଶାସ୍ତ୍ର କୁହେ:

"ସମସ୍ତ ମନୁଷ୍ୟ ନିତ୍ୟଜୀବି ନୁହନ୍ତି, ସେମାନେ
ଘାସ ଭଳି, ସେମାନଙ୍କର ମହିମା ଏକ ବନ୍ୟ ଫୁଲ
ଭଳି। ଘାସ ଶୁଖି ଯାଏ, ଫୁଲ ଝଡ଼ି ଯାଏ।
୨୫ କିନ୍ତୁ ପରମେଶ୍ୱରଙ୍କ ବାକ୍ୟ ଅନନ୍ତକାଳ-ସ୍ଥାୟୀ ଏବଂ
ଏହି ଶିକ୍ଷା ତୁମ୍ଭକୁ ଦିଆ ଯାଇଥିଲା।"

ଯିଶାଇୟ, ୪୦:୬-୮

## ଜୀବନ୍ତ ପଥର ଓ ପବିତ୍ର ଦେଶ

୨ ଅନ୍ୟ ଲୋକମାନଙ୍କୁ ଆଘାତ କଲାଭଳି କୌଣସି
କାମ କର ନାହିଁ। ମିଛ କୁହ ନାହିଁ, ଲୋକଙ୍କୁ ଠକ
ନାହିଁ, ଈର୍ଷାନ୍ୱିତ ହୁଅ ନାହିଁ, ଲୋକମାନଙ୍କର ନିନ୍ଦା କର
ନାହିଁ। ନିଜ ଜୀବନରୁ ଏଗୁଡ଼ିକୁ ଦୂର କର। ୨ନୂତନ
ଜନ୍ମଲାଭ କରିଥିବା ଶିଶୁ ଭଳି ହୁଅ। ତୁମ୍ଭ ଆତ୍ମାକୁ
ପରିତୃପ୍ତ କରୁଥିବା ବିଶୁଦ୍ଧ ଦୁଗ୍ଧ ପାନ ପାଇଁ ତୁମ୍ଭେ
ଲାଳାୟିତ ହୁଅ। ଏହାକୁ ପାନ କରିବା ଦ୍ୱାରା ତୁମ୍ଭେ ବୃଦ୍ଧି
ପାଇବ ଓ ଉଦ୍ଧାର ପାଇବ। ୩ପ୍ରଭୁଙ୍କର ଉତ୍ତମତାର ସ୍ୱାଦ
ତୁମ୍ଭେ ଚାଖି ସାରିଛ।

୪ପ୍ରଭୁ ଯୀଶୁ ହେଉଛନ୍ତି ଜୀବନ୍ତ "ପଥର"। ଜଗତର
ଲୋକମାନେ ସେହି ପଥରଟି ଅଗ୍ରାହ୍ୟ କଲେ। କିନ୍ତୁ
ପରମେଶ୍ୱର ସେହି ପଥରଟିକୁ ମନୋନୀତ କରିଛନ୍ତି।
ପରମେଶ୍ୱରଙ୍କ ପାଇଁ ତାହାଙ୍କର ମୂଲ୍ୟ ଅଧିକ। ୫ଅତଏବ
ତାହାଙ୍କ ପାଖକୁ ଆସ। ତୁମ୍ଭେମାନେ ମଧ୍ୟ ଜୀବନ୍ତ ପଥର
ଭଳି। ପରମେଶ୍ୱର ଗୋଟିଏ ଆଧ୍ୟାତ୍ମିକ ମନ୍ଦିର ନିର୍ମାଣ
କରୁଛନ୍ତି। ସେହି ମନ୍ଦିରରେ ପରମେଶ୍ୱରଙ୍କ ଦ୍ୱାରା ଯୀଶୁ
ଖ୍ରୀଷ୍ଟଙ୍କ ମାଧ୍ୟମରେ ଗୃହୀତ ହେବା ଭଳି ଆଧ୍ୟାତ୍ମିକ
ବଳିଦାନ ଉତ୍ସର୍ଗ କରି ପବିତ୍ର ଯାଜକ ହେବା ପାଇଁ,
ନିଜକୁ ନିୟୋଜିତ କର। ୬ଶାସ୍ତ୍ର କୁହେ:

"ଦେଖ, ସିୟୋନଠାରେ, ଗୋଟିଏ ମୂଲ୍ୟବାନ କୋଣ-
ପଥର ବାଛି ମୁଁ ରଖିଛି; ଯେଉଁ ଲୋକ ଏହାକୁ
ବିଶ୍ୱାସ କରିବ ସେ କେବେହେଲେ ଲଜ୍ଜିତ ହେବ
ନାହିଁ।"

ଯିଶାଇୟ-୨୮:୧୬

୭ତୁମ୍ଭ ଭଳି ବିଶ୍ୱାସୀମାନଙ୍କ ଲାଗି ସେ ପଥରଟି (ଯୀଶୁ)
ଅତି ମୂଲ୍ୟବାନ। କିନ୍ତୁ ଯୀଶୁ ଅବିଶ୍ୱାସୀମାନଙ୍କ ଲାଗି:

"ଗୃହ ନିର୍ମାଣକାରୀମାନେ ଯେଉଁ ପଥରଟିକୁ ଅଗ୍ରାହ୍ୟ
କଲେ ସେହି ପଥରଟି ଅତି ବହୁମୂଲ୍ୟ ପଥର
ହୋଇଗଲା।"

ଗୀତସଂହିତା ୧୧୮:୨୨

୮ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ ସେମାନଙ୍କ ଲାଗି:

"ସେହି ପଥର ଲୋକଙ୍କ ଝୁଣ୍ଟିବା କାରଣ ହୁଏ
ସେହି ପଥର ଲୋକଙ୍କ ପତନର କାରଣ ହୁଏ।"

ଯିଶାଇୟ ୮:୧୪

ପରମେଶ୍ୱରଙ୍କ କଥା ଅବମାନନା କରିବା ହେତୁ ଲୋକେ
ଝୁଣ୍ଟନ୍ତି। ସେହି ଲୋକମାନଙ୍କ ନିମନ୍ତେ ପରମେଶ୍ୱର ଏପରି
ଯୋଜନା କରିଥିଲେ।

୯କିନ୍ତୁ ତୁମ୍ଭେମାନେ ମନୋନୀତ ଲୋକ ଅଟ। ତୁମ୍ଭେମାନେ
ରାଜାଙ୍କର ଯାଜକ। ତୁମ୍ଭେମାନେ ପବିତ୍ର ଜାତି ଅଟ।
ତୁମ୍ଭେମାନେ ପରମେଶ୍ୱରଙ୍କ ଲୋକ। ପରମେଶ୍ୱର କରିଥିବା
ଆଶ୍ଚର୍ଯ୍ୟ ଘଟଣାମାନ କହିବା ପାଇଁ ପରମେଶ୍ୱର ତୁମ୍ଭକୁ
ମନୋନୀତ କରିଛନ୍ତି। ସେ ଅନ୍ଧକାରରୁ ତୁମ୍ଭମାନଙ୍କୁ ତାହାଙ୍କର
ଆଶ୍ଚର୍ଯ୍ୟଜନକ ଆଲୋକକୁ ଆଣିଛନ୍ତି। ୧୦ଅତୀତରେ ତୁମ୍ଭେ
ପରମେଶ୍ୱରଙ୍କ ଲୋକ ନ ଥିଲ। କିନ୍ତୁ ଏବେ ତୁମ୍ଭେ
ପରମେଶ୍ୱରଙ୍କ ଲୋକ ଅଟ। ଅତୀତରେ ତୁମ୍ଭେ ଅନୁଗ୍ରହ
ପାଇ ନ ଥିଲ। କିନ୍ତୁ ଏବେ ତୁମ୍ଭେମାନେ ପରମେଶ୍ୱରଙ୍କ
ଠାରୁ ଅନୁଗ୍ରହ ଲାଭ କରିଛ।

## ପରମେଶ୍ୱରଙ୍କ ପାଇଁ ଜୀବିତ ରୁହ

୧୧ପ୍ରିୟ ମିତ୍ରଗଣ, ତୁମ୍ଭେମାନେ ଏହି ଜଗତରେ ବିଦେଶୀ
ଓ ପ୍ରବାସୀ ଲୋକ ଭାବରେ ଅଛ। ଅତଏବ ତୁମ୍ଭମାନଙ୍କର
ଶରୀର ଇଚ୍ଛା କରୁଥିବା ମନ୍ଦ କାମଗୁଡ଼ିକରୁ ଦୂରରେ ରୁହ।

ଏହି କାମଗୁଡ଼ିକ ତୁମ୍ଭ ଆତ୍ମା ବିରୁଦ୍ଧରେ ସଂଘର୍ଷ କରନ୍ତି।
୧୨ଅବିଶ୍ୱାସୀ ଲୋକମାନେ ତୁମ୍ଭ ଚାରିପଟେ ଅଛନ୍ତି। ସେମାନେ
କହି ପାରନ୍ତି ଯେ ତୁମ୍ଭେ ଖରାପ କାର୍ଯ୍ୟ କରୁଛ। ଅତଏବ
ଉତ୍ତମ ଜୀବନଯାପନ କର। ତାହେଲେ ତୁମ୍ଭେମାନେ କରୁଥିବା
ଭଲ କାମଗୁଡ଼ିକୁ ସେମାନେ ଦେଖିବେ ଓ ପରମେଶ୍ୱରଙ୍କ
ଆସିବା ଦିନ ସେମାନେ ତାହାଙ୍କୁ ମହିମା ଦେବେ।

## କ୍ଷମତାରେ ଥିବା ଲୋକମାନଙ୍କ ଆଜ୍ଞା ପାଳନ କର

୧୩ଏହି ଜଗତରେ କ୍ଷମତାପ୍ରାପ୍ତ ଲୋକଙ୍କ ଆଜ୍ଞା ପାଳନ
କର। ପ୍ରଭୁଙ୍କ ଲାଗି ଏହା କର। ସର୍ବୋଚ୍ଚ ଶାସନକର୍ତ୍ତା
ରାଜାଙ୍କ ଆଜ୍ଞା ପାଳନ କର। ୧୪ରାଜାଙ୍କ ଦ୍ୱାରା ପ୍ରେରିତ
ନେତାମାନଙ୍କର ଆଜ୍ଞା ପାଳନ କର। ମନ୍ଦ କାମ କରୁଥିବା
ଲୋକଙ୍କୁ ଦଣ୍ଡ ଦେବା ଓ ଭଲ କାମ କରୁଥିବା ଲୋକଙ୍କୁ
ପ୍ରଶଂସା କରିବା ଲାଗି ସେମାନଙ୍କୁ ପଠାଯାଇଥାଏ। ୧୫ଅତଏବ
ଭଲ କାମ କରିବା ଦ୍ୱାରା, ଯେଉଁମାନେ ତୁମ୍ଭ ବିଷୟରେ
ନିର୍ବୋଧ କଥାଗୁଡ଼ିକ କୁହନ୍ତି, ସେମାନଙ୍କ ମୁହଁ ବନ୍ଦ
ହୋଇଯିବ। ୧୬ପରମେଶ୍ୱର ଏହା ଚାହାଁନ୍ତି। ସ୍ୱାଧୀନ ଲୋକ
ଭଳି ବିଚରଣ କର। କିନ୍ତୁ ମନ୍ଦ କର୍ମ କରିବା ପାଇଁ ଏହି
ସ୍ୱାଧୀନତାର ଅପବ୍ୟବହାର କର ନାହିଁ। ପରମେଶ୍ୱରଙ୍କ
ସେବାରେ ଜୀବନ କାଟ। ୧୭ସମସ୍ତଙ୍କୁ ସମ୍ମାନ ଦିଅ।
ପରମେଶ୍ୱରଙ୍କ ପରିବାରର ସମସ୍ତ ଭାଇ ଓ ଭଉଣୀମାନଙ୍କୁ
ଭଲ ପାଅ। ପରମେଶ୍ୱରଙ୍କୁ ଭୟ କର ଓ ରାଜାଙ୍କୁ ସମ୍ମାନ
ଦିଅ।

## ଯୀଶୁଙ୍କ ଦୁଃଖଭୋଗର ଦୃଷ୍ଟାନ୍ତ

୧୮ହେ କ୍ରୀତଦାସଗଣ! ତୁମ୍ଭ ମାଲିକର ଶାସନକୁ ସମ୍ମାନର
ସହିତ ଗ୍ରହଣ କର। ତୁମ୍ଭେମାନେ ଭଲ ଓ ଭଦ୍ର ମାଲିକ
ଏବଂ ମନ୍ଦ ମାଲିକର ମଧ୍ୟ ଆଜ୍ଞା ପାଳନ କରିବା ଉଚିତ।
୧୯ଜଣେ ଲୋକ ଭୁଲ ନ କରିଥିଲେ ମଧ୍ୟ ସେ ଦୁଃଖ
ପାଇ ପାରେ। ଯଦି ସେ ଲୋକ ପରମେଶ୍ୱରଙ୍କ କଥା
ଚିନ୍ତା କରେ ଓ କଷ୍ଟକୁ ସହି ଯାଏ, ତାହେଲେ ପରମେଶ୍ୱର
ପ୍ରସନ୍ନ ହୁଅନ୍ତି। ୨୦କିନ୍ତୁ ଯଦି ତୁମ୍ଭେ ଭୁଲ କରିଥିବାରୁ
ଦଣ୍ଡିତ ହୁଅ, ତାହେଲେ ସେହି ଦଣ୍ଡ ସହିଥିଲ ବୋଲି
ତୁମ୍ଭେ ପ୍ରଶଂସା ପାଇବାର କୌଣସି କାରଣ ନାହିଁ। କିନ୍ତୁ
ତୁମ୍ଭେ ଯଦି ଭଲ କାମ କର, ଯାତନା ସହି ଧୈର୍ଯ୍ୟବାନ
ରୁହ, ତାହା ପରମେଶ୍ୱରଙ୍କୁ ପ୍ରସନ୍ନ କରେ। ୨୧ଏହା
କରିବାକୁ ତୁମ୍ଭେ ଆହ୍ୱାନ ପାଇଛ। ତୁମ୍ଭେ ଅନୁସରଣ
କରିବା ପାଇଁ ଖ୍ରୀଷ୍ଟ ଏକ ଉଦାହରଣ ଦେଖାଇ ଦେଇଯାଇଛନ୍ତି।
ସେ ଯାହା କରିଥିଲେ, ତୁମ୍ଭେ ତାହା କରିବା ଉଚିତ। ସେ
ତୁମ୍ଭ ପାଇଁ ଯାତନା ସହି ଥିବାରୁ, ତୁମ୍ଭେ ମଧ୍ୟ କଷ୍ଟ
ଭୋଗିଲା ବେଳେ ଧୈର୍ଯ୍ୟଶୀଳ ହେବା ଉଚିତ।

୨୨ "ସେ କୌଣସି ପାପ କରି ନ ଥିଲେ ଓ କୌଣସି
ମିଛ କଥା ମୁହଁରେ ଉଚ୍ଚାରଣ କରି ନ ଥିଲେ।"
ଯିଶାଇୟ ୫୩:୯

୨୩ଲୋକେ ଖ୍ରୀଷ୍ଟଙ୍କୁ ମନ୍ଦ କଥା କହିଲେ, କିନ୍ତୁ ଯୀଶୁ
ସେମାନଙ୍କୁ ମନ୍ଦ କଥା କହି ନାହାଁନ୍ତି। ଯୀଶୁ ଯାତନା
ସହିଲେ, କିନ୍ତୁ ସେ ଲୋକଙ୍କୁ ଧମକ ଦେଇ କିଛି କହି
ନ ଥିଲେ। ଯୀଶୁ ତାହାଙ୍କ ଯତ୍ନ ନେବା ପାଇଁ ପରମେଶ୍ୱରଙ୍କ
ଠାରେ ନିର୍ଭରଶୀଳ ହେଲେ। ୨୪ପରମେଶ୍ୱର ନ୍ୟାୟ ବିଚାର
କରନ୍ତି। କ୍ରୁଶ ଉପରେ ଯୀଶୁ ଆମ୍ଭ ପାପଗୁଡ଼ିକୁ ସ୍ୱଦେହରେ
ବହନ କଲେ। ସେ ଏହା କଲେ, ଯେପରି ଆମ୍ଭେ ପାପ
ପାଇଁ ମୃତ ହୋଇ, ଯାହା ସତ୍ୟ ତାହା ପାଇଁ ଜୀବିତ
ରହିବା। ଯୀଶୁଙ୍କ କ୍ଷତଗୁଡ଼ିକ ଦ୍ୱାରା ତୁମ୍ଭେମାନେ ସୁସ୍ଥ
ହୋଇଛ। ୨୫ମେଣ୍ଢା ଭଳି ତୁମ୍ଭେମାନେ ଭୁଲ ରାସ୍ତାରେ ଚାଲି
ଯାଇଥିଲ। କିନ୍ତୁ ଏବେ ତୁମ୍ଭମାନଙ୍କର ଆତ୍ମାର ମେଷପାଳକ
ଓ ରକ୍ଷକଙ୍କ ପାଖକୁ ଫେରି ଆସିଛ।

## ପତି ପତ୍ନୀ

୩ ଠିକ ସେହି ଭଳି ପତ୍ନୀମାନେ ନିଜ ନିଜର ପତିମାନଙ୍କର
ଅଧିକାର ମାନିବା ଉଚିତ। ତା'ହେଲେ, ଯଦି ପତିମାନଙ୍କ
ମଧ୍ୟରୁ କେତେଜଣ ପରମେଶ୍ୱରଙ୍କ ଶିକ୍ଷା ମାନୁ ନାହାଁନ୍ତି,
ସେମାନଙ୍କୁ ବିଶ୍ୱାସ କରିବା ପାଇଁ ମନାଇପାରିବ। ତୁମ୍ଭେ
କିଛି କହିବା ଦରକାର ହେବ ନାହିଁ। ସେମାନେ ସେମାନଙ୍କର
ପତ୍ନୀଙ୍କ ଜୀବନ ଦେଖି ପ୍ରଭାବିତ ହେବେ। ୨ତୁମ୍ଭ ପତି
ଦେଖିବେ ଯେ ତୁମ୍ଭେ ପବିତ୍ର ଜୀବନ ଯାପନ କରୁଛ,
ପରମେଶ୍ୱରଙ୍କୁ ସମ୍ମାନ ଦେଉଛ। ୩ତୁମ୍ଭର କେଶ, ସୁନା
ଅଳଙ୍କାର ବା ସୁନ୍ଦର ବସ୍ତ୍ର ଉପରେ ତୁମ୍ଭର ସୌନ୍ଦର୍ଯ୍ୟ
ନିର୍ଭର କରେ ନାହିଁ। ୪ତୁମ୍ଭର ସୌନ୍ଦର୍ଯ୍ୟ ଅନ୍ତରରୁ ବାହାରି
ନମ୍ର (କୋମଳ) ଓ ଶାନ୍ତ ଗୁଣର ପରିଚୟ ଦେବା
ଉଚିତ। ଏହି ସୌନ୍ଦର୍ଯ୍ୟ କେବେହେଲେ ସମାପ୍ତ ହେବ
ନାହିଁ। ପରମେଶ୍ୱର ଏହାକୁ ସବୁଠାରୁ ମୂଲ୍ୟବାନ୍ ମନେ
କରନ୍ତି। ୫ବହୁ ପୂର୍ବରୁ ପରମେଶ୍ୱରଙ୍କୁ ଅନୁସରଣ କରୁଥିବା
ପବିତ୍ର ମହିଳାମାନଙ୍କ ପ୍ରତି ଏହା ହିଁ ଘଟିଥିଲା। ଏହିପରି
ଭାବରେ ସେମାନେ ନିଜକୁ ସୁନ୍ଦର କରି ଗଢ଼ି ଥିଲେ।
ସେମାନେ ନିଜ ପତିମାନଙ୍କ ଅଧୀନରେ ଥିଲେ। ୬ମୁଁ
'ସାରା' ଭଳି ସ୍ତ୍ରୀ ଲୋକମାନଙ୍କ କଥା କହୁଛି। ସେ ନିଜ
ପତି ଅବ୍ରାହାମକୁ ମାନିଲେ ଓ ତାହାଙ୍କୁ ମାଲିକ ବୋଲି
ଡାକିଲେ। ତୁମ୍ଭେ ସମସ୍ତ ସ୍ତ୍ରୀଲୋକମାନେ, ଯଦି ଧାର୍ମିକ(ଠିକ୍)
କାମ କର ଓ ନିର୍ଭୟ ରୁହ, ତାହେଲେ ସାରାର ପ୍ରକୃତ
ସନ୍ତାନ ଅଟ।

୭ଠିକ୍ ସେହିଭଳି ତୁମ୍ଭେ ପତିମାନେ! ତୁମ୍ଭ ପତ୍ନୀମାନଙ୍କ
ସହିତ ଭଲ ବୁଝାମଣାରେ ଜୀବନଯାପନ କର। ତୁମ୍ଭେମାନେ
ନିଜ ପତ୍ନୀକୁ ସମ୍ମାନ ଦେଖାଇବା ଉଚିତ। ସେମାନେ
ତୁମ୍ଭଠାରୁ ଦୁର୍ବଳ। କିନ୍ତୁ ପରମେଶ୍ୱର, ତୁମ୍ଭ ଭଳି ସେମାନଙ୍କୁ
ମଧ୍ୟ ଆଶୀର୍ବାଦ ଦାନ କରନ୍ତି, ଯାହାକି ପ୍ରକୃତ ଜୀବନ
ଦାନ କରେ। ତୁମ୍ଭ ପ୍ରାର୍ଥନାରେ କୌଣସି ଅସୁବିଧା ନ
ଘଟିବା ଲାଗି ଏହାସବୁ କର।

## ସତ୍କର୍ମ ପାଇଁ ଦୁଃଖଭୋଗ

୮ଅତଏବ ସମସ୍ତେ ମିଳିମିଶି ଶାନ୍ତିରେ ରହିବା ଉଚିତ।
ପରସ୍ପରକୁ ବୁଝିବା ପାଇଁ ଚେଷ୍ଟା କର। ପରସ୍ପରକୁ ଭାଇ
ଭଉଣୀ ଭଳି ଭଲ ପାଅ। ସଦୟ ଓ ନମ୍ର ହୁଅ। ୯ତୁମ୍ଭ
ପ୍ରତି ମନ୍ଦ କାମ କରିଥିବା ଲୋକକୁ ଆକ୍ରମଣ କରିବା

ଉଦ୍ଦେଶ୍ୟରେ କୌଣସି ଲୋକ ପ୍ରତି ମନ୍ଦ କାମ କର
ନାହିଁ। ବା ତୁମ୍ଭକୁ ଖରାପ କଥା କହିଥିବା ଯୋଗୁ କୌଣସି
ଲୋକକୁ ତା' ବଦଳରେ ମନ୍ଦ କଥା କୁହ ନାହିଁ। ତା'
ବଦଳରେ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କର ଯେ, ସେ
ତା'ଙ୍କୁ ଆଶୀର୍ବାଦ କରିବେ। ତୁମ୍ଭେ ନିଜେ ଆଶୀର୍ବାଦ
ଗ୍ରହଣ କରିବା ପାଇଁ ଆହ୍ୱାନ ପାଇଥିବାରୁ ଏପରି କର।
୧୦ ଶାସ୍ତ୍ର କୁହେ:

"ଯେଉଁ ଲୋକ ଜୀବନକୁ ଭଲ ପାଇବାକୁ ଚାହେଁ
ଓ ଭଲ ଦିନଗୁଡ଼ିକୁ ଉପଭୋଗ କରିବାକୁ ଚାହେଁ
ସେ ମନ୍ଦକଥା କହିବା ଓ ମିଛ କଥା କହିବା ବନ୍ଦ
କରିବା ଉଚିତ।
୧୧ ସେ ମନ୍ଦ କାର୍ଯ୍ୟ ନିଶ୍ଚୟ ବନ୍ଦ କରୁ ଓ ଭଲ କାମ
କରୁ। ସେ ଶାନ୍ତି ପାଇବା ପାଇଁ ଲକ୍ଷ୍ୟ ରଖି
ଚେଷ୍ଟା କରିବା ଉଚିତ।
୧୨ ଭଲ ଲୋକମାନଙ୍କୁ ପ୍ରଭୁ ଦେଖନ୍ତି, ସେମାନଙ୍କର
ପ୍ରାର୍ଥନା ସବୁ ସେ ଶୁଣନ୍ତି। କିନ୍ତୁ ମନ୍ଦ କାମ
କରୁଥିବା ଲୋକଙ୍କର ସେ ବିରୋଧୀ ଅଟନ୍ତି।"
ଗୀତସଂହିତା ୩୪:୧୨-୧୬

୧୩ ଯଦି ତୁମ୍ଭେ ସବୁବେଳେ ଭଲ କରିବା ପାଇଁ ଚେଷ୍ଟା
କରୁଥାଅ, ତାହେଲେ କୌଣସି ଲୋକ ତୁମ୍ଭକୁ ଆଘାତ
କରି ପାରିବ ନାହିଁ। ୧୪ କିନ୍ତୁ ତୁମ୍ଭେ ଭଲ କାମ ପାଇଁ
ଦୁଃଖ ଭୋଗିପାର। ଯଦି ଏପରି ଘଟେ, ତାହେଲେ ତୁମ୍ଭେ
ହେଉଛ ଆଶୀର୍ବାଦର ପାତ୍ର। "ଯେଉଁ ଲୋକମାନେ ତୁମ୍ଭକୁ
ଯାତନା ଦିଅନ୍ତି ସେମାନଙ୍କୁ ଭୟ କର ନାହିଁ, କିଅବା
ଚିନ୍ତିତ ହୁଅ ନାହିଁ।"* ୧୫ କିନ୍ତୁ ତୁମ୍ଭେ ପବିତ୍ର ଭାବରେ
ପ୍ରଭୁ ଖ୍ରୀଷ୍ଟଙ୍କୁ ନିଜ ହୃଦୟରେ ଧରି ରଖ। ତୁମ୍ଭର
ଭରସାର କାରଣ ବିଷୟରେ କେହି ତୁମ୍ଭକୁ ପ୍ରଶ୍ନ କଲେ
ତାହାକୁ ବୁଝାଇବା ପାଇଁ ସର୍ବଦା ପ୍ରସ୍ତୁତ ରହିଥାଅ। ୧୬ କିନ୍ତୁ
ତୁମ୍ଭେ ସେମାନଙ୍କୁ ଭଦ୍ର ଭାବରେ ଓ ନମ୍ର ଭାବରେ
ବୁଝାଅ। ତୁମ୍ଭେ ସବୁବେଳେ ଅନୁଭବ କରିବା ଉଚିତ ଯେ,
ତୁମ୍ଭେ ଠିକ କାମ କରୁଛ। ଏପରି କଲେ, ଯେଉଁମାନେ
ତୁମ୍ଭ ବିରୁଦ୍ଧରେ ମନ୍ଦ କଥା କହୁଛନ୍ତି, ସେମାନେ ଲଜ୍ଜିତ
ହେବେ। ତୁମ୍ଭେ ଖ୍ରୀଷ୍ଟଙ୍କଠାରେ ଥାଇ ଉତ୍ତମ ଜୀବନ
କାଟୁଥିବାରୁ ସେମାନେ ମନ୍ଦ କଥାଗୁଡ଼ିକ କୁହନ୍ତି। ସେମାନେ
ତୁମ୍ଭ ବିଷୟରେ ମନ୍ଦ କଥା କହିଥିବା ହେତୁ ଲଜ୍ଜିତ
ହେବେ। ୧୭ ଭଲ କାମ କରି ଯାତନା ସହିବା ମନ୍ଦ କାମ
କରିବାଠାରୁ ଉତ୍ତମ। ଏହା ଯଦି ପରମେଶ୍ୱରଙ୍କର ଇଚ୍ଛା,
ତେବେ ଏହାହିଁ ଭଲ। ୧୮ ଖ୍ରୀଷ୍ଟ ନିଜେ ତୁମ୍ଭ ପାଇଁ ମଲେ।
ସେହି ମୃତ୍ୟୁ ତୁମ୍ଭର ପାପ ପାଇଁ ମୂଲ୍ୟ ଦେଲା। ସେ
ନିଜେ ଦୋଷୀ ନ ଥିଲେ କିନ୍ତୁ ଦୋଷୀ ଲୋକଙ୍କ ଲାଗି
ମୃତ୍ୟୁ ବରଣ କଲେ। ସେ ତୁମ୍ଭ ସମସ୍ତଙ୍କୁ ପରମେଶ୍ୱରଙ୍କ
ପାଖକୁ ଆଣିବା ପାଇଁ ଏପରି କଲେ। ତାହାଙ୍କର ଶରୀରକୁ
ବଧ କରାଗଲା, କିନ୍ତୁ ଆତ୍ମାରେ ସେ ପୁନର୍ଜୀବିତ ହେଲେ,
୧୯ ଏବଂ ଆତ୍ମାରେ ସେ ଗଲେ ଓ ବନ୍ଦୀ ଆତ୍ମାମାନଙ୍କୁ
ଉପଦେଶ ପ୍ରଦାନ କଲେ। ୨୦ ବହୁ ପୂର୍ବରୁ ନୋହଙ୍କ
ସମୟରେ ଏହି ଆତ୍ମାଗୁଡ଼ିକ ପରମେଶ୍ୱରଙ୍କ ଅବାଧ
ହୋଇଥିଲେ। ନୋହ ତାହାଙ୍କ ଜାହାଜ ତିଆରି କଲା
ପର୍ଯ୍ୟନ୍ତ ପରମେଶ୍ୱର ଧୈର୍ଯ୍ୟ ସହିତ ଅପେକ୍ଷା କରୁଥିଲେ।
ସେହି ଜାହାଜରେ ଅଳ୍ପ କେତେ ଜଣ, ମାତ୍ର ଆଠ ଜଣ
ଜଳରୁ ରକ୍ଷା ପାଇ ପାରିଲେ। ୨୧ ସେହି ଜଳ ବାପ୍ତିସ୍ମ
ସଦୃଶ ତୁମ୍ଭକୁ ଏବେ ରକ୍ଷା କରୁଛି। ଶରୀରର ମଇଳା
ସଫା କରିବା ବାପ୍ତିସ୍ମ ନୁହେଁ। ମାତ୍ର ବାପ୍ତିସ୍ମ ହେଉଛି,
ପରମେଶ୍ୱରଙ୍କୁ ଏକ ହୃଦୟ ମାଗିବା। ଯୀଶୁ ମୃତ୍ୟୁରୁ
ଜୀବିତ ହୋଇଥିବାରୁ ଏହା ତୁମ୍ଭକୁ ରକ୍ଷା କରୁଛି। ୨୨ ଏବେ
ଯୀଶୁ ସ୍ୱର୍ଗକୁ ଗଲେଣି। ସେ ପରମେଶ୍ୱରଙ୍କ ଡାହାଣରେ
ବିରାଜମାନ। ସେ ସେଠାରେ ସ୍ୱର୍ଗଦୂତ, ସମସ୍ତ କ୍ଷମତା ଓ
ଶକ୍ତିଗୁଡ଼ିକର ଶାସକ ଅଟନ୍ତି।

## ପରିବର୍ତ୍ତିତ ଜୀବନ

୪ ଖ୍ରୀଷ୍ଟ ନିଜ ଶରୀରରେ ଥିଲାବେଳେ ଯାତନା ପାଇଲେ।
ଅତଏବ ତାହାଙ୍କର ଯେଉଁଭଳି ଚିନ୍ତାଧାରା ଥିଲା, ତାହା
ଦ୍ୱାରା ତୁମ୍ଭେ ଆପଣାକୁ ଶକ୍ତିଯୁକ୍ତ କର। ଯେଉଁ ଲୋକ
ନିଜ ଶରୀରରେ ଯାତନା ଭୋଗ କଲା, ସେ ପାପରୁ
ନିବୃତ୍ତ ହୋଇଛି। ୨ ତୁମ୍ଭେ ଏପରି ଭାବରେ ନିଜକୁ ଶକ୍ତିଶାଳୀ
କର, ଯେପରି ତୁମ୍ଭେ ପରମେଶ୍ୱରଙ୍କ ଇଚ୍ଛାନୁସାରେ
ଜୀବନଯାପନ କରିବ, ଲୋକମାନଙ୍କ ଇଚ୍ଛାରେ, ମନ୍ଦକାର୍ଯ୍ୟ
କରି, ଜୀବନଯାପନ କରିବ ନାହିଁ। ୩ ଅତୀତରେ ଅବିଶ୍ୱାସୀ
ଲୋକଙ୍କ କଥାରେ କାମ କରି ତୁମ୍ଭେ ଅନେକ ସମୟ
ନଷ୍ଟ କରିସାରିଛ। ତୁମ୍ଭେ ଯୌନପାପ କରୁଥିଲ। ନିଜ
ଇଚ୍ଛାନୁସାରେ ମନ୍ଦକାମ କରୁଥିଲ। ତୁମ୍ଭେ ମାତାଲ ହେଉଥିଲ,
ନାନାଦି ହିଂସ୍ରକ ଓ ଧ୍ୱଂସର କାର୍ଯ୍ୟ କରୁଥିଲ, ମଦ୍ୟପାନ
ଦଳରେ ଯୋଗ ଦେଉଥିଲ, ଓ ମୂର୍ତ୍ତିମାନଙ୍କୁ ଉପାସନା କରି
ମନ୍ଦକାମ କରୁଥିଲ। ୪ ସେହି ଅବିଶ୍ୱାସୀମାନେ ଆଶ୍ଚର୍ଯ୍ୟ
ହେଉଛନ୍ତି ଯେ ବର୍ତ୍ତମାନ ତୁମ୍ଭେ ସେମାନଙ୍କ ଭଳି ହିଂସ୍ରକ
ଓ ଧ୍ୱଂସକାରୀ କାମମାନ କରୁନାହିଁ। ୫ ଅତଏବ ସେମାନେ
ତୁମ୍ଭ ବିଷୟରେ ମନ୍ଦକଥା କହୁଛନ୍ତି। କିନ୍ତୁ ସେମାନଙ୍କୁ
ସେମାନଙ୍କ କୃତ କର୍ମ ଲାଗି ଉତ୍ତର ଦେବାକୁ ହେବ।
ଯେଉଁ ଖ୍ରୀଷ୍ଟ ମୃତ ଓ ଜୀବିତ ଉଭୟର ବିଚାର କରିବାକୁ
ପ୍ରସ୍ତୁତ, ତାହାଙ୍କ ନିକଟରେ ସେମାନଙ୍କୁ ସମସ୍ତ କର୍ମର
ହିସାବ ଦେବାକୁ ହେବ। ୬ ଯେଉଁ ଲୋକମାନେ ବର୍ତ୍ତମାନ
ମୃତ, ସେମାନଙ୍କୁ ସୁସମାଚାର କୁହାଯାଇଥିଲା, କାରଣ ସବୁ
ଲୋକଙ୍କର ବିଚାର ହେବା ଭଳି ସେମାନଙ୍କର (ମୃତମାନଙ୍କର)
ମଧ୍ୟ ବିଚାର ହେବ। ସେମାନେ ଜୀବିତ ଥିଲାବେଳେ ଯାହା
କିଛି କରିଥିଲେ, ସେହି ଅନୁସାରେ ବିଚାରିତ ହେବେ।
କିନ୍ତୁ ସେମାନେ ଯେପରି ପରମେଶ୍ୱରଙ୍କ ଭଳି ଆତ୍ମାରେ
ଜୀବିତ ହେବେ, ଏଥିପାଇଁ ସେମାନଙ୍କ ନିକଟରେ ସୁସମାଚାର
ପ୍ରଚାରିତ ହୋଇଥିଲା।

## ପରମେଶ୍ୱରଙ୍କ ଦାନଗୁଡ଼ିକର ଭଲ ତତ୍ତ୍ୱାବଧାରକ ହୁଅ

୭ ସବୁ ବିଷୟ ସମାପ୍ତ ହେବାର ସମୟ ନିକଟତର

---

**"ଯେଉଁ … ହୁଅନାହିଁ"** ଯିଶାଇୟ ୮:୧୨

ହେଲାଣି । ଅତଏବ ନିଜର ମନକୁ ଶୁଚି ରଖି ଏବଂ ନିଜକୁ
ସଂଯତ କରି । ଏହା ତୁମ୍ଭକୁ ପ୍ରାର୍ଥନା କରିବାରେ ସାହାଯ୍ୟ
କରିବ । ୮ସବୁଠାରୁ ବଡ଼ କଥା ହେଲା ଯେ, ପରସ୍ପରକୁ
ନିବିଡ଼ ଭାବେ ପ୍ରେମ କର । ୯ପ୍ରେମ ଅନେକ ପାପ
ଆଚ୍ଛାଦିତ କରେ । କୌଣସି ପ୍ରକାରର ଆପତ୍ତି ନ ଉଠାଇ
ପରସ୍ପରକୁ ନିଜ ଘରକୁ ସ୍ୱାଗତ ଜଣାଅ । ୧୦ତୁମ୍ଭ ମଧ୍ୟରୁ
ପ୍ରତ୍ୟେକେ ଗୋଟିଏ ଗୋଟିଏ ଆଧ୍ୟାତ୍ମିକ ଦାନ
ପରମେଶ୍ୱରଙ୍କଠାରୁ ପାଇଛ । ପରମେଶ୍ୱର ଅନେକ ପ୍ରକାରେ
ତାହାଙ୍କର ଅନୁଗ୍ରହ ତୁମ୍ଭକୁ ଦେଖାଇଛନ୍ତି । ତୁମ୍ଭେ ତାହାଙ୍କର
ଦାନଗୁଡ଼ିକୁ ଦାୟିତ୍ୱପୂର୍ଣ୍ଣ ସହିତ ପରମେଶ୍ୱରଙ୍କ ସେବକ
ଭଳି ବ୍ୟବହାର କର । ଅତଏବ ଭଲ ସେବକ ହୋଇ
ପରସ୍ପରର ସେବାରେ ସେଗୁଡ଼ିକୁ ଲଗାଅ । ୧୧ଯେଉଁ ଲୋକ
କହିବାକୁ ଚାହେଁ, ସେ ପରମେଶ୍ୱରଙ୍କ ବାକ୍ୟରୁ କଥା
କହୁ । ଯେଉଁ ଲୋକ ସେବା କରିବ, ସେ ପରମେଶ୍ୱରଙ୍କ
ପ୍ରଦତ୍ତ ଶକ୍ତି ସାହାଯ୍ୟରେ ସେବା କରୁ । ତୁମ୍ଭେ ଏହି ସବୁ
କାମ ଏପରି ଭାବରେ କରିବା ଉଚିତ ଯେ, ଖ୍ରୀଷ୍ଟଙ୍କ
ମାଧ୍ୟମରେ ଯେପରି ପରମେଶ୍ୱର ସମସ୍ତ ବିଷୟରେ ପ୍ରଶଂସା
ପାଇବେ । କ୍ଷମତା ଓ ମହିମା ସଦାସର୍ବଦା ପାଇଁ ତାହାଙ୍କର
ଅଟେ । ଆମେନ୍ ।

### ଖ୍ରୀଷ୍ଟିୟାନ ଭାବରେ ଯାତନା ସହିବା

୧୨ମୋ ମିତ୍ରଗଣ, ତୁମ୍ଭେମାନେ ବର୍ତ୍ତମାନର ଦୁଃଖ
ସହୁଥିବାରୁ ଆଶ୍ଚର୍ଯ୍ୟ ମନେକରନାହିଁ । ଏହି ଦୁଃଖଭୋଗ
ତୁମ୍ଭମାନଙ୍କର ବିଶ୍ୱାସ ପରୀକ୍ଷା କରୁଛି । ଭାବନାହିଁ ଯେ ତୁମ୍ଭ
ପ୍ରତି କିଛି ଆଶ୍ଚର୍ଯ୍ୟ କଥା ଘଟୁଛି । ୧୩ବରଂ ତୁମ୍ଭେ ଖୁସି
ହେବା ଉଚିତ ଯେ, ତୁମ୍ଭେ ଖ୍ରୀଷ୍ଟଙ୍କର ଯାତନାର ସହଭାଗୀ
ହୋଇଛ । ଖ୍ରୀଷ୍ଟ ନିଜର ମହିମା ପ୍ରକାଶ କଲାବେଳେ ତୁମ୍ଭେ
ଖୁସି ହେବ ଓ ଆନନ୍ଦରେ ପୂର୍ଣ୍ଣ ହେବ । ୧୪ଖ୍ରୀଷ୍ଟଙ୍କୁ
ଅନୁସରଣ କରୁଛ ବୋଲି ଲୋକେ ତୁମ୍ଭକୁ ମନ୍ଦକଥା
କହିଲେ, ତୁମ୍ଭେ ଧନ୍ୟ ବୋଲି ଜାଣିବ । ତୁମ୍ଭ ଭିତରେ
ଗୌରବମୟ ଆତ୍ମା ଅଛନ୍ତି ବୋଲି ତୁମ୍ଭେ ଧନ୍ୟ । ତାହା
ହିଁ ହେଉଛି ପରମେଶ୍ୱରଙ୍କ ଆତ୍ମା । ୧୫ତୁମ୍ଭମାନଙ୍କ ଭିତରୁ
କେହି ହତ୍ୟାକାରୀ ବା ଚୋର ବା ଦୁଷ୍କର୍ମକାରୀ ବା
ଅନ୍ୟମାନଙ୍କ କାରବାରରେ ମୁଣ୍ଡ ଖେଳାଇଲା ଭଳି ଲୋକ
ନ ଥାଉ । ସେହି ଭଳି କାମ କଲେ, ଜଣେ ଦୁଃଖ
ଭୋଗିବ । ତୁମ୍ଭ ଭିତରୁ କେହି ଏପରି କାର୍ଯ୍ୟ କରି ଯାତନା
ନ ଭୋଗୁ । କିନ୍ତୁ ଜଣେ କେହି ଖ୍ରୀଷ୍ଟିୟାନ ହେବାରୁ
ଯାତନା ପାଇଲେ, ଲଜ୍ଜିତ ନ ହେଉ । ୧୬ତୁମ୍ଭେ ସେହି
(ଖ୍ରୀଷ୍ଟିୟାନ) ନାମଟି ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦିଅ ।
୧୭ଏବେ ବିଚାରର ସମୟ ଆସିଛି । ତାହା ପରମେଶ୍ୱରଙ୍କ
ପରିବାରଠାରୁ ଆରମ୍ଭ ହେବ । ଯଦି ସେହି ବିଚାର ଆମ୍ଭଠାରୁ
ଆରମ୍ଭ ହୁଏ, ତାହାହେଲେ ଯେଉଁମାନେ ପରମେଶ୍ୱରଙ୍କ
ସୁସମାଚାର ଗ୍ରହଣ କରି ନାହାଁନ୍ତି, ସେମାନଙ୍କର କି ଅବସ୍ଥା
ହେବ? ୧୮"ଉତ୍ତମ ଲୋକ ରକ୍ଷା ପାଇବା ବଡ଼ କଠିଣ ।
ତାହେଲେ ଯେଉଁମାନେ ପରମେଶ୍ୱରଙ୍କ ବିରୋଧୀ ଓ ପାପରେ
ପୂର୍ଣ୍ଣ ସେମାନଙ୍କର କ'ଣ ହେବ?"* ୧୯ଅତଏବ ଯେଉଁ
ଲୋକମାନେ ପରମେଶ୍ୱରଙ୍କ ଇଚ୍ଛାନୁସାରେ ଯାତନା ଭୋଗ
କରୁଛନ୍ତି, ସେମାନେ ତାହାଙ୍କୁ ସେମାନଙ୍କର ଆତ୍ମା ବିଶ୍ୱାସପୂର୍ବକ
ସମର୍ପଣ କରି ଦେବା ଉଚିତ । ପରମେଶ୍ୱର ସେମାନଙ୍କୁ
ଗଠନ କରିଛନ୍ତି ଓ ତେଣୁ ସେମାନେ ତାହାଙ୍କୁ ବିଶ୍ୱାସ
କରି ପାରିବେ । ଅତଏବ ସେମାନେ ଭଲ କାମ କରି
ଚାଲିବା ଉଚିତ ।

### ପରମେଶ୍ୱରଙ୍କ ମେଷପଲ

୫ ତୁମ୍ଭ ଦଳରେ ଥିବା ପ୍ରାଚୀନମାନଙ୍କୁ ଏବେ ମୋର
କିଛି କହିବାର ଅଛି । ମୁଁ ମଧ୍ୟ ଜଣେ ପ୍ରାଚୀନ । ମୁଁ
ଖ୍ରୀଷ୍ଟଙ୍କର ଯନ୍ତ୍ରଣା ନିଜ ଆଖିରେ ଦେଖିଛି । ଆମ୍ଭକୁ ଯେଉଁ
ମହିମା ଭବିଷ୍ୟତରେ ଦେଖାଇ ଦିଆଯିବ, ସେଥିରେ ମଧ୍ୟ
ମୁଁ ଭାଗ ନେବି । ୨ମୁଁ ତୁମ୍ଭକୁ ଅନୁରୋଧ କରେ ଯେ,
ପରମେଶ୍ୱରଙ୍କ ଯେଉଁ ମେଷଗଣର ଦାୟିତ୍ୱରେ ତୁମ୍ଭେ
ରହିଛ, ସେହି ମେଷ ସମୂହର ତୁମ୍ଭେ ଯତ୍ନ ନେବା
ଉଚିତ । ସେମାନେ ପରମେଶ୍ୱରଙ୍କ ମେଷପଲ । ତୁମ୍ଭେ
ବାଧ୍ୟବାଧକତାରେ ନୁହେଁ, ମାତ୍ର ସ୍ୱଇଚ୍ଛାରେ ପ୍ରତିପାଳନ
କର । ପରମେଶ୍ୱର ତାହାହିଁ ଚାହାଁନ୍ତି । ତୁମ୍ଭେ ସେବା
କରିବାରେ ଆନନ୍ଦ ପାଉଛ ବୋଲି ସେପରି କର, ଧନ
ଲୋଭରେ ତାହା କରନାହିଁ । ୩ଯେଉଁମାନଙ୍କର ଦାୟିତ୍ୱ
ତୁମ୍ଭେ ନେଇଛ, ସେମାନଙ୍କ ପ୍ରତି ନିଷ୍ଠୁର ହୁଅ ନାହିଁ ।
କିନ୍ତୁ ସେମାନଙ୍କ ନିକଟରେ ଆଦର୍ଶ ସ୍ୱରୂପ ହୁଅ ।
୪ଯେତେବେଳେ ମୁଖ୍ୟ ମେଷପାଳକ ଆସିବେ, ସେତେବେଳେ
ତୁମ୍ଭେ ମୁକୁଟ ପାଇବ । ସେହି ମୁକୁଟଟି ଅତ୍ୟନ୍ତ ଗୌରବମୟ
ହୋଇଥିବ ଓ ଏହା କେବେହେଲେ ନିଜର ସୌନ୍ଦର୍ଯ୍ୟ
ହରାଇବ ନାହିଁ ।

୫ଯୁବକଗଣ, ତୁମ୍ଭମାନଙ୍କୁ ମୋର କିଛି କଥା ମଧ୍ୟ
କହିବାକୁ ଅଛି । ତୁମ୍ଭେ ବୟୋଜ୍ୟେଷ୍ଠମାନଙ୍କ କଥା ମାନିବା
ଉଚିତ । ପରସ୍ପର ପ୍ରତି ବିନମ୍ର ଭାବ ରଖିବା ଉଚିତ ।

> "ପରମେଶ୍ୱର ଗର୍ବୀ ଲୋକଙ୍କ ବିରୁଦ୍ଧରେ ଉଠନ୍ତି,
> କିନ୍ତୁ ବିନମ୍ର ଲୋକଙ୍କୁ ଅନୁଗ୍ରହ କରନ୍ତି ।"
> ହିତୋପଦେଶ ୩:୩୪

୬ଅତଏବ ପରମେଶ୍ୱରଙ୍କ ବଳିଷ୍ଠ ହାତ ତଳେ ନିଜକୁ
ନମ୍ର କର । ତାହେଲେ ଠିକ୍ ସମୟ ଉପସ୍ଥିତ ହେଲେ ସେ
ତୁମ୍ଭକୁ ଉନ୍ନତ କରିବେ । ୭ତୁମ୍ଭର ସମସ୍ତ ଚିନ୍ତା ତାହାଙ୍କ
ଉପରେ ରଖ, କାରଣ ସେ ତୁମ୍ଭର ଯତ୍ନ ନିଅନ୍ତି ।

୮ନିଜକୁ ସଂଯତ କର ଓ ସାବଧାନ ରୁହ । ଶୟତାନ
ହେଉଛି ତୁମ୍ଭର ଶତ୍ରୁ । ସେ ଗର୍ଜନ କରୁଥିବା ସିଂହ ଭଳି
କାହାକୁ ମାରି ଖାଇବା ପାଇଁ ଚାରିଆଡ଼େ ଖୋଜି ବୁଲୁଛି ।
୯ଶୟତାନର ଅନୁସରଣ କରନାହିଁ । ନିଜ ବିଶ୍ୱାସରେ ଦୃଢ଼
ହୋଇ ରୁହ । ସମଗ୍ର ବିଶ୍ୱରେ ସର୍ବତ୍ର ତୁମ୍ଭ ଭାଇ ଓ
ଭଉଣୀମାନେ ସମାନ ଭାବରେ ତୁମ୍ଭ ଭଳି ଯାତନା ପାଉଛନ୍ତି,
ଏ କଥା ତୁମ୍ଭେ ଜାଣ ।

---

**"ଉତ୍ତମ ... କ'ଣ ହେବ?"** ହିତୋପଦେଶ ୧୧:୩୧

୧୦ତୁମ୍ଭେ ଅଳ୍ପ ସମୟ ପାଇଁ ଯାତନା ପାଇବ। କନ୍ତୁ
ତା'ପରେ ପରମେଶ୍ୱର ସବୁ ଠିକ କରଦେବେ। ସେ
ତୁମ୍ଭକୁ ଶକ୍ତଶାଳୀ କରବେ। ସେ ତୁମ୍ଭର ଭାରବହନ
କରବେ ଓ ପଡ଼ବା ବେଳେ ତୁମ୍ଭକୁ ଉଠାଇବେ। ସେଇ
ପରମେଶ୍ୱର ତୁମ୍ଭକୁ ସମସ୍ତ ଅନୁଗ୍ରହ ଦଅନ୍ତୁ। ଖ୍ରୀଷ୍ଟ
ଯୀଶୁଙ୍କଠାରେ ତାହାଙ୍କ ମହମାରେ ଅଂଶୀଦାର ହେବା ଲାଗି
ସେ ତୁମ୍ଭକୁ ଡାକ ଅଛନ୍ତ। ସେହ ମହମା ଅନନ୍ତ କାଳ
ଧର ରହବ। ୧୧ସଦା ସର୍ବଦା ପାଇଁ ସମସ୍ତ କ୍ଷମତା
ତାହାଙ୍କର ଅଟେ, ଆମେନ୍।

**ଶେଷ ଅଭିନନ୍ଦନ**

୧୨ସିଲାନ୍ ସାହାଯ୍ୟରେ ମୁଁ ଏହ ଛୋଟ ପତ୍ରଟି ଲେଖିଲ।
ସେ ଖ୍ରୀଷ୍ଟରେ ଜଣେ ବଶ୍ୱସ୍ତ ଭ୍ରାତା ବୋଲ ମୁଁ ଜାଣେ।
ଏହା ତୁମ୍ଭକୁ ସାନ୍ତ୍ୱନା ଦେବା ଓ ଉତ୍ସାହତ କରବା ପାଇଁ
ମୁଁ ଲେଖିଥିଲ। ମୁଁ ତୁମ୍ଭକୁ କହବାକୁ ଚାହିଁଥିଲ ଯେ ଏହା
ହେଉଛି ପରମେଶ୍ୱରଙ୍କ ଅନୁଗ୍ରହ। ସେହ ଅନୁଗ୍ରହରେ ଦୃଢ଼
ହୋଇ ରୁହ।

୧୩ବାବଲୋନ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉଛନ୍ତ।
ତୁମ୍ଭ ଭଳ ସେମାନେ ମଧ୍ୟ ମନୋନୀତ। ଯୀଶୁ ଖ୍ରୀଷ୍ଟଙ୍କ
ବଶ୍ୱାସୀ ମୋ ପୁତ୍ର ମାର୍କ ନମସ୍କାର ଜଣାଉଛନ୍ତ।
୧୪ଯେତେବେଳେ ଦେଖା ସାକ୍ଷାତ ହେଉଛ, ପରସ୍ପରକୁ
ପ୍ରେମ ଚୁମ୍ବନ ଦ୍ୱାରା ନମସ୍କାର କର।

ଯୀଶୁ ଖ୍ରୀଷ୍ଟଙ୍କଠାରେ ଥିବା ତୁମ୍ଭ ସମସ୍ତଙ୍କୁ ଶାନ୍ତ ମିଳୁ।
ଆମେନ୍।

# ପିତରଙ୍କ ଦ୍ୱିତୀୟ ପତ୍ର

୧ ଯୀଶୁଖ୍ରୀଷ୍ଟଙ୍କ ସେବକ ଓ ପ୍ରେରିତ, ଶିମିୟୋନ
ପିତର ତୁମ୍ଭମାନଙ୍କୁ, ଯେଉଁମାନଙ୍କର ବିଶ୍ୱାସ ଅତି
ବହୁମୂଲ୍ୟ, ଏହି ପତ୍ରଟି ଲେଖୁଅଛି। ଆମ୍ଭର ପରମେଶ୍ୱର
ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଧାର୍ମିକତା ହେତୁ ତୁମ୍ଭେମାନେ
ଏହି ବିଶ୍ୱାସ ପାଇଅଛ। ପରମେଶ୍ୱର ଯାହା ଉତ୍ତମ, ତାହା
କରନ୍ତି।
୨ଅନୁଗ୍ରହ ଓ ଶାନ୍ତି ପ୍ରଚୁର ଭାବେ ତୁମ୍ଭକୁ ମିଳୁ।
ତୁମ୍ଭେମାନେ ପ୍ରକୃତରେ ପରମେଶ୍ୱରଙ୍କୁ ଓ ଆମ୍ଭମାନଙ୍କର
ପ୍ରଭୁ ଯୀଶୁଙ୍କୁ ଜାଣିଥିବାରୁ ତୁମ୍ଭେ ଅନୁଗ୍ରହ ଓ ଶାନ୍ତି
ପାଇବ।

### ପରମେଶ୍ୱର ସବୁ ଆବଶ୍ୟକୀୟ ବିଷୟ ଦେଇଛନ୍ତି

୩ଯୀଶୁଙ୍କଠାରେ ପରମେଶ୍ୱରଙ୍କ ଶକ୍ତି ଅଛି। ଆମ୍ଭର
ଜୀବନ-ଯାପନ ପାଇଁ ଓ ପରମେଶ୍ୱରଙ୍କୁ ସେବା କରିବା
ପାଇଁ ଯାହା କିଛି ଦରକାର ସେ ସବୁ ଆପଣା ଶକ୍ତିରେ
ଆମ୍ଭକୁ ଦେଇଛନ୍ତି। ଆମ୍ଭେ ତାହାଙ୍କୁ ଜାଣିଛୁ ବୋଲି
ଏହାସବୁ ପାଇଛୁ। ଯୀଶୁ ଆପଣା ମହିମା ଓ ଉତ୍ତମତାରେ
ଆମ୍ଭମାନଙ୍କୁ ଡାକିଛନ୍ତି। ୪ଯୀଶୁ ନିଜ ମହିମା ଓ ଉତ୍ତମତା
ହେତୁ, ପ୍ରତିଜ୍ଞା କରିଥିବା ଅତି ମୂଲ୍ୟବାନ୍ ଓ ମହତ
ବିଷୟଗୁଡ଼ିକ ଆମ୍ଭକୁ ଦେଇଛନ୍ତି। ସେହି ଦାନଗୁଡ଼ିକ
ସାହାଯ୍ୟରେ ତୁମ୍ଭେ ପରମେଶ୍ୱରଙ୍କ ଆଚରଣର ଅଂଶ
ହୋଇପାରିବ। ଏହାଦ୍ୱାରା ଜଗତରେ ଥିବା ମନ୍ଦ ବିଷୟଗୁଡ଼ିକ
ତୁମ୍ଭକୁ ନଷ୍ଟ କରିପାରିବ ନାହିଁ।
୫ଯେହେତୁ ଏହି ଆଶୀର୍ବାଦଗୁଡ଼ିକ ତୁମ୍ଭଠାରେ ଅଛି,
ତେଣୁ ତୁମ୍ଭେ ନିଜ ଜୀବନରେ ଏଗୁଡ଼ିକ ଅଧିକ ପାଇବା
ପାଇଁ ପାରୁପର୍ଯ୍ୟନ୍ତ ପରିଶ୍ରମ କରିବା ଉଚିତ। ନିଜ
ବିଶ୍ୱାସରେ ଉତ୍ତମ ଗୁଣ, ନିଜ ଉତ୍ତମଗୁଣରେ ଜ୍ଞାନ,
୬ଜ୍ଞାନରେ ଆତ୍ମସଂଯମତା, ଆତ୍ମସଂଯମତାରେ ଧୈର୍ଯ୍ୟ ଓ
ଧୈର୍ଯ୍ୟରେ ପରମେଶ୍ୱରଙ୍କ ସେବା, ୭ପରମେଶ୍ୱରଙ୍କ ସେବାରେ
ଖ୍ରୀଷ୍ଟ, ଭାଇ ଓ ଭଉଣୀମାନଙ୍କ ପ୍ରତି ଦୟାଭାବ, ଓ ଏହି
ଦୟାରେ ପ୍ରେମକୁ ଯୋଗ କର। ୮ଯଦି ଏସମସ୍ତ ବିଷୟ
ତୁମ୍ଭ ଭିତରେ ଅଛି ଓ ବୃଦ୍ଧି ପାଇ ଚାଲିଛି, ତା'ହେଲେ
ତୁମ୍ଭେ କେବେହେଲେ ଶିଥିଳ ହେବ ନାହିଁ। ସେଗୁଡ଼ିକ
ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବିଷୟକ ଜ୍ଞାନରେ ପୂର୍ଣ୍ଣତା
ପାଇବା ପାଇଁ କେବେହେଲେ ତୁମ୍ଭକୁ ମୂଲ୍ୟହୀନ ହେବାକୁ
ଦେବ ନାହିଁ। ୯ଯଦି କୌଣସି ଲୋକଠାରେ ଏଗୁଡ଼ିକ
ନାହିଁ, ତାହେଲେ ସେ ସ୍ପଷ୍ଟ ଭାବେ ଦେଖି ପାରିବ ନାହିଁ।
ସେ ଲୋକ ଅନ୍ଧ। ସେ ପୂର୍ବକୃତ ପାପରୁ କ୍ଷମା ପାଇଅଛି
ବୋଲି ଭୁଲିଯାଇଛି।
୧୦ମୋ ଭାଇ(ଓ ଭଉଣୀ)ମାନେ, ପରମେଶ୍ୱର ତୁମ୍ଭକୁ
ଡାକି ମନୋନୀତ କରି ନିଜର କରିଛନ୍ତି। ତୁମ୍ଭର ସର୍ବୋତ୍ତମ
କାର୍ଯ୍ୟ ଦ୍ୱାରା ପ୍ରମାଣିତ କରିବାକୁ ଚେଷ୍ଟା କର ଯେ, ତୁମ୍ଭେ
ପରମେଶ୍ୱରଙ୍କ ଦ୍ୱାରା ଡକା ଯାଇଛ ଓ ବଛା ଯାଇଛ ଏବଂ
ଏପରି କାର୍ଯ୍ୟ କଲେ ତୁମ୍ଭେ କେବେହେଲେ ଝୁଣ୍ଟିବ ନାହିଁ।
୧୧ଆମ୍ଭ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ରାଜ୍ୟରେ
ତୁମ୍ଭକୁ ସ୍ୱାଗତ କରାଯିବ। ସେହି ରାଜ୍ୟ ଅନନ୍ତକାଳ ସ୍ଥାୟୀ
ଅଟେ।
୧୨ତୁମ୍ଭେ ଏହି କଥା ଜାଣ। ତୁମ୍ଭଠାରେ ବର୍ତ୍ତମାନ ଥିବା
ସତ୍ୟରେ, ତୁମ୍ଭେ ଅତି ଦୃଢ଼ ଅଟ। କିନ୍ତୁ ମୁଁ ସବୁବେଳେ
ଏହି କଥାଗୁଡ଼ିକ ମନେ ପକାଇବା ପାଇଁ ସାହାଯ୍ୟ କରୁଥିବି।
୧୩ମୁଁ ଶରୀରରେ ବଞ୍ଚିଥିବା ପର୍ଯ୍ୟନ୍ତ, ଏକଥା ତୁମ୍ଭକୁ ମନେ
ପକାଉଥିବାରେ ସାହାଯ୍ୟ କରିବି, ଏହା ଉଚିତ ବୋଲି ମୁଁ
ମନେ କରେ। ୧୪ମୁଁ ଜାଣେ ଯେ, ମୁଁ ଶୀଘ୍ର ମୋର
ଶରୀର ତ୍ୟାଗ କରିବି। ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟ ମୋତେ
ତାହା ଦେଖାଇଛନ୍ତି। ୧୫ତୁମ୍ଭେମାନେ ଏହିକଥା ସର୍ବଦା
ମନେରଖିବା ପାଇଁ ମୁଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବି। ମୁଁ
ଚାଲି ଗଲା ପରେ ମଧ୍ୟ ତୁମ୍ଭେ ଯେପରି ଏକଥା ମନେ
ରଖିବ, ଏହା ମୁଁ ଚାହେଁ।

### ଆମ୍ଭେ ଖ୍ରୀଷ୍ଟଙ୍କ ମହିମା ଦେଖିଲୁ

୧୬ଆମ୍ଭେ ଆମ୍ଭ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଶକ୍ତି ବିଷୟରେ
ତୁମ୍ଭମାନଙ୍କୁ କହିଛୁ। ତାହାଙ୍କର ଆସିବା ବିଷୟ ତୁମ୍ଭମାନଙ୍କୁ
କହିଛୁ। ସେଗୁଡ଼ିକ ଲୋକମାନଙ୍କ ବିଜ୍ଞାନ ପାଇଁ ମନ ଗଢ଼ା
ଗଳ୍ପ ନୁହେଁ। ଆମ୍ଭେ ନିଜେ ନିଜ ଆଖିରେ ଯୀଶୁଙ୍କର
ମହାନତା ଦେଖିଛୁ। ୧୭ଯେତେବେଳେ ପରମପିତା
ପରମେଶ୍ୱରଙ୍କ ଠାରୁ ଯୀଶୁ ସମ୍ମାନ ଓ ମହିମା ପାଇଥିଲେ,
ସେତେବେଳେ ଯୀଶୁ ପିତା ପରମେଶ୍ୱରଙ୍କ ମହାଗୌରବଯୁକ୍ତ
ବାଣୀ ଶୁଣିଥିଲେ। ସେହି ସ୍ୱର କହିଥିଲା: "ଏ ମୋର
ପୁତ୍ର, ମୁଁ ତାହାକୁ ପ୍ରେମ କରେ। ମୁଁ ତା' ଉପରେ ଅତି
ପ୍ରସନ୍ନ।" ୧୮ଆମ୍ଭେ ସେହି ବାଣୀ ଶୁଣିଛୁ। ଆମ୍ଭେମାନେ
ଯୀଶୁଙ୍କ ସହିତ ପବିତ୍ର ପର୍ବତରେ ଥିଲାବେଳେ ଏହି ବାଣୀ
ଆକାଶରୁ ଆସିଥିଲା।
୧୯ଭବିଷ୍ୟଦ୍‌ବକ୍ତା କହିଥିବା କଥାଗୁଡ଼ିକ ବିଷୟରେ ସୁନିଶ୍ଚିତ
ହେବା ପାଇଁ ଏହା ଅଧିକ ସାହାଯ୍ୟ କରେ। ଭବିଷ୍ୟଦ୍‌ବକ୍ତାମାନେ
ଯାହା ଯାହା କହିଛନ୍ତି, ସେଗୁଡ଼ିକୁ ଯଥାସମ୍ଭବ କାର୍ଯ୍ୟକାରୀ
କରିବା ତୁମ୍ଭ ପାଇଁ ଭଲ। ସେମାନେ ଯାହା କହିଛନ୍ତି
ତାହା ଅନ୍ଧକାରରେ ଜ୍ୟୋତିଃ ତୁଲ୍ୟ ପ୍ରକାଶିତ ହେଲା।
ସକାଳ ହେବା ପର୍ଯ୍ୟନ୍ତ ଓ ପ୍ରଭାତୀ ତାରା ତୁମ୍ଭ ମନରେ

ନୂତନ ଜ୍ୟୋତିଃ ନ ଆଣିବା ପର୍ଯ୍ୟନ୍ତ, ତୁମ୍ଭ ପାଖରେ
ସେହି ଜ୍ୟୋତିଃ ଅଛି। ୨୦ଶାସ୍ତ୍ରର କୌଣସି ଭାବବାଣୀ
ମନୁଷ୍ୟର ନିଜର ବ୍ୟାଖ୍ୟା ନୁହେଁ। ୨୧କୌଣସି ଭବିଷ୍ୟତ୍‌ବାଣୀ,
ମନୁଷ୍ୟର ନିଜର ଇଚ୍ଛାରୁ ଜାତ ହୋଇ ନାହିଁ। କିନ୍ତୁ
ଲୋକମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ,
ପରମେଶ୍ୱରଙ୍କଠାରୁ ପ୍ରାପ୍ତ କଥା କହି ଅଛନ୍ତି।

## ଭଣ୍ଡ ଶିକ୍ଷକଗଣ

୨ ଅତୀତକାଳରେ ପରମେଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ
ମିଥ୍ୟା ଭବିଷ୍ୟଦ୍‌ବକ୍ତା ଥିଲେ। ଏବେ ମଧ୍ୟ ସେହି
ଭଳି ଅଛନ୍ତି। ତୁମ୍ଭ ଦଳରେ କେତେ ଜଣ ଭଣ୍ଡ ଶିକ୍ଷକ
ରହିବେ। ସେମାନେ ଏପରି ଭୁଲ ଶିକ୍ଷା ଦେବେ ଯେ,
ଲୋକେ ନିଜକୁ ହିଜାଇ ଦେବେ। ସେମାନେ ଏଭଳି
ଭାବରେ ଶିକ୍ଷା ଦେବେ ଯେ ସେମାନେ ଯେ ଭୁଲ
କରୁଛନ୍ତି, ତାହାବୁଝିବା ଜାଣିବା କଠିଣ ହେବ। ସେମାନେ
ମୁକ୍ତିଦାତା ଯୀଶୁଙ୍କୁ ଗ୍ରହଣ କରିବାକୁ ମଧ୍ୟ ମନା କରିବେ।
ସେ'ପ୍ରକାରେ ସେମାନେ ନିଜକୁ ଶୀଘ୍ର ନଷ୍ଟ କରିଦେବେ।
୨ସେମାନେ କରୁଥିବା ମନ୍ଦ କାମକୁ ଅନେକ ଲୋକ
ଅନୁସରଣ କରିବେ। ସେମାନଙ୍କ ହେତୁରୁ ଅନ୍ୟ ଲୋକେ
ମଧ୍ୟ ସତ୍ୟର ମାର୍ଗ ବିଷୟରେ ସମାଲୋଚନା କରିବେ।
୩ସେହି ଭଣ୍ଡ ଶିକ୍ଷକମାନେ କେବଳ ତୁମ୍ଭର ଧନ ଚାହାଁନ୍ତି।
ସେମାନେ ଖାଲି ମିଛ କଥା କହି ତୁମ୍ଭର ମନ ନେବେ।
ଏହି ଭଣ୍ଡ ଶିକ୍ଷକଙ୍କର ନ୍ୟାୟ ବିଚାର ବହୁ ପୂର୍ବରୁ ପ୍ରସ୍ତୁତ
ହୋଇ ରହିଛି। ପରମେଶ୍ୱର ସେମାନଙ୍କୁ ନଷ୍ଟ କରି
ଦେବେ। ସେମାନେ ତାହାଙ୍କଠାରୁ ରକ୍ଷା ପାଇବେ ନାହିଁ।

୪ଯେତେବେଳେ ସ୍ୱର୍ଗଦୂତମାନେ ପାପ କଲେ, ପରମେଶ୍ୱର
ସେମାନଙ୍କୁ ଦଣ୍ଡ ନ ଦେଇ ଛାଡ଼ିଲେ ନାହିଁ। ପରମେଶ୍ୱର
ସେହି ସ୍ୱର୍ଗଦୂତମାନଙ୍କୁ ନରକକୁ ପଠାଇଦେଲେ। ସେ
ସେମାନଙ୍କୁ ଅନ୍ଧକାର ଗୁମ୍ଫାମାନଙ୍କରେ ପକାଇ ରଖିଲେ।
ବିଚାର ଦିନ ପର୍ଯ୍ୟନ୍ତ ସେମାନେ ସେଠାରେ ପଡ଼ିଥିବେ।
୫ଅତି ପୂର୍ବକାଳରେ ରହୁଥିବା ମନ୍ଦଲୋକଙ୍କୁ ପରମେଶ୍ୱର
ଦଣ୍ଡ ଦେଇଥିଲେ। ପରମେଶ୍ୱର ଆପଣା ବିରୋଧୀ
ଲୋକମାନଙ୍କ ପାଇଁ ଏକ ପ୍ରଳୟକାରୀ ବନ୍ୟା ଆଣିଥିଲେ।
କିନ୍ତୁ ପରମେଶ୍ୱର ନୋହ ଓ ତାହାଙ୍କ ସହ ଅନ୍ୟ
ସାତଜଣଙ୍କୁ ସେହି ପ୍ରଳୟକାରୀ ବନ୍ୟାରୁ ରକ୍ଷା କରିଥିଲେ।
ଲୋକମାନଙ୍କୁ ନୋହ ଉତ୍ତମ ଜୀବନ କାଟିବାକୁ ଉପଦେଶ
ଦେଉଥିଲେ। ୬ପରମେଶ୍ୱର ଦଣ୍ଡ ସ୍ୱରୂପେ ଦୁଷ୍ଟ ନଗରୀ
ସଦୋମ ଓ ଗମୋରାକୁ ପୋଡ଼ି ପାଉଁଶ କରି ଦେଇଥିଲେ।
ଯେଉଁମାନେ ପରମେଶ୍ୱରଙ୍କ ବିରୋଧୀ, ସେମାନଙ୍କ ପ୍ରତି
କ'ଣ ଘଟିବ, ଏହି ନଗରଗୁଡ଼ିକ ତାହାର ଉଦାହରଣ
ସ୍ୱରୂପ ଅଟେ। ୭କିନ୍ତୁ ସେହି ନଗର ମଧ୍ୟରୁ ପରମେଶ୍ୱର
ଲୋଟଙ୍କୁ ରକ୍ଷା କଲେ। ସେ ଜଣେ ଅତି ଭଲଲୋକ
ଥିଲେ। ଲୋକମାନଙ୍କର ଦୁଷ୍ଟାଚରଣ ହେତୁ ସେ ଦୁଃଖ
ପାଉଥିଲେ। ୮ଲୋଟ ଜଣେ ଭଲଲୋକ ଥିଲେ। କିନ୍ତୁ
ପ୍ରତିଦିନ ସେହି ମନ୍ଦଲୋକଙ୍କ ମଧ୍ୟରେ ବାସ କରୁଥିଲେ।
ସେମାନଙ୍କର ମନ୍ଦ ବିଷୟଗୁଡ଼ିକୁ ଦେଖି ଓ ଶୁଣି ସେ
ହୃଦୟରେ ଆଘାତ ପାଉଥିଲେ। ୯ପରମେଶ୍ୱର ଏହି ସମସ୍ତ
କାର୍ଯ୍ୟ କଲେ। ଅତଏବ ଯେଉଁମାନେ ତାହାଙ୍କୁ ସେବା
କରୁଛନ୍ତି, ପ୍ରଭୁ ସର୍ବଦା ସେମାନଙ୍କୁ ରକ୍ଷା କରିବେ।
ସମସ୍ୟାରେ ପଡ଼ିଥିଲାବେଳେ ସେ ସେମାନଙ୍କୁ ରକ୍ଷା କରିବେ।
ଏହା ସହିତ, ପ୍ରଭୁ ମନ୍ଦ ଲୋକମାନଙ୍କୁ ବିଚାର ଦିନରେ
ଦଣ୍ଡ ଦେବେ। ୧୦ଯେଉଁମାନେ ନିଜର ପାପପୂର୍ଣ୍ଣ ପ୍ରକୃତିଗୁଡ଼ିକର
ଇଚ୍ଛା ପୂରଣ ପାଇଁ ମନ୍ଦକାର୍ଯ୍ୟ କରି ଜୀବିତ ରହିଛନ୍ତି ଓ
ପ୍ରଭୁଙ୍କର କର୍ତ୍ତୃତ୍ୱକୁ ଅବମାନନା କରନ୍ତି, ସେମାନେ ଏଭଳି
ଦଣ୍ଡର ଯୋଗ୍ୟ।

ଏହି ଭଣ୍ଡଶିକ୍ଷକମାନେ ମନମୁତାବକ କାର୍ଯ୍ୟ କରନ୍ତି ଓ
ଆପଣା ବିଷୟରେ ଗର୍ବର କଥା କହନ୍ତି। ସେମାନେ
ସ୍ୱର୍ଗଦୂତମାନଙ୍କ ବିରୁଦ୍ଧରେ ମନ୍ଦ କଥା କହିବାକୁ ଭୟ
କରନ୍ତି ନାହିଁ। ୧୧ଏହି ଭଣ୍ଡ ଶିକ୍ଷକମାନଙ୍କ ତୁଳନାରେ
ସ୍ୱର୍ଗଦୂତମାନେ ଅତ୍ୟଧିକ ଶକ୍ତିଶାଳୀ ଓ ବଳବାନ। କିନ୍ତୁ
ସେମାନେ କେବେହେଲେ ଏହି ଭଣ୍ଡ ଶିକ୍ଷକମାନଙ୍କୁ ଦୋଷୀ
ସାବ୍ୟସ୍ତ କରନ୍ତି ନାହିଁ ବା ସେମାନଙ୍କ ବିରୁଦ୍ଧରେ ମନ୍ଦ
କଥା ପ୍ରଭୁଙ୍କୁ କହନ୍ତି ନାହିଁ। ୧୨କିନ୍ତୁ ଏହି ଭଣ୍ଡ ଶିକ୍ଷକମାନେ
ନିଜେ ବୁଝିନଥିବା ବିଷୟଗୁଡ଼ିକ ସମ୍ବନ୍ଧରେ ମନ୍ଦକଥା କୁହନ୍ତି।
ଏହି ଭଣ୍ଡଶିକ୍ଷକମାନେ ଚିନ୍ତା କରିବାର ଶକ୍ତି ନ ଥିବା ପଶୁ
ଭଳି ଆଚରଣ କରନ୍ତି, ପୁଣି ବନ୍ୟ ପଶୁମାନଙ୍କ ପରି
ଧରାଯାଇ ମରି ଯିବା ନିମନ୍ତେ ଜନ୍ମ ହୋଇଛନ୍ତି। ସେହି
ପଶୁମାନଙ୍କ ଭଳି ଏହି ଭଣ୍ଡଶିକ୍ଷକ ମାନେ ମଧ୍ୟ ନଷ୍ଟ
ହେବେ। ୧୩ଏହି ଭଣ୍ଡ ଶିକ୍ଷକମାନେ ଅନେକ ଲୋକଙ୍କୁ
ଦୁଃଖ ଦେଇଛନ୍ତି। ଅତଏବ ସେମାନେ ନିଜେ ଦୁଃଖ
ପାଇବେ। ସେମାନେ କରିଥିବା କାମର ଏହା ହେଉଛି
ପ୍ରତିଦାନ। ଏହି ଭଣ୍ଡ ଶିକ୍ଷକମାନେ ଭାବନ୍ତି ଯେ ସମସ୍ତଙ୍କ
ଆଗରେ ଖୋଲାଖୋଲି ଭାବେ ମନ୍ଦ କାମ କରିବା ଗୋଟିଏ
ଆନନ୍ଦର ବିଷୟ ଅଟେ। ମନ୍ଦ କାମ କରି ସେମାନେ
ଆନନ୍ଦ ଉପଭୋଗ କରନ୍ତି। ତୁମ୍ଭମାନଙ୍କ ସହିତ
ଭୋଜିଉତ୍ସବରେ ସମ୍ମିଳିତ ହେବାବେଳେ, ସେମାନେ ତୁମ୍ଭ
ନିମନ୍ତେ ମଇଳା ଦାଗ ଓ କଳଙ୍କି ଦାଗ ଭଳି ଲଜ୍ଜାର
କାରଣ ସ୍ୱରୂପ ଅଟନ୍ତି। ୧୪ପ୍ରତ୍ୟେକ ଥର କୌଣସି
ସ୍ତ୍ରୀଲୋକକୁ ଦେଖିଲେ, ସେମାନେ ବ୍ୟଭିଚାର କରିବା ପାଇଁ
ଚାହାଁନ୍ତି। ଏହିଭଳି ଭାବରେ ସେମାନେ ସବୁବେଳେ ପାପ
କରୁଥାନ୍ତି। ସେମାନେ ଦୁର୍ବଳ ଲୋକମାନଙ୍କୁ ପାପର ଫାନ୍ଦରେ
ପକାଇ ଦିଅନ୍ତି। ସେମାନଙ୍କ ହୃଦୟଗୁଡ଼ିକ ସ୍ୱାର୍ଥପରତାରେ
ପରିପୂର୍ଣ୍ଣ। ସେମାନେ ଅଭିଶପ୍ତ। ୧୫ଏହି ଭଣ୍ଡ ଶିକ୍ଷକମାନେ
ଉତ୍ତମ ପଥ ଛାଡ଼ି ଦେଇଛନ୍ତି ଓ ବିୟୋରର ପୁତ୍ର
ବିଲୟାମର ଭୁଲ ମାର୍ଗ ଅନୁସରଣ କରିଛନ୍ତି। ସେ ମନ୍ଦ
କାମ କରି ଧନ ପାଇବାକୁ ଭଲ ପାଉଥିଲା। ୧୬କିନ୍ତୁ
ଗୋଟିଏ ଗଧ ତାହାକୁ କହିଲା ଯେ ସେ ଭୁଲ କରୁଛି।
ଗଧ ସାଧାରଣ ଭାବରେ କଥା କହିପାରେ ନାହିଁ, କିନ୍ତୁ
ସେହି ଗଧଟି ମଣିଷର ଭାଷାରେ କଥା କହିଲା ଓ
ବିଲୟାମର ବିକୃତ ଚିନ୍ତାଧାରାରୁ ତାହାକୁ ବିରତ କଲା।

୧୭ଏହି ଭଣ୍ଡ ଶିକ୍ଷକମାନେ ପାଣି ନ ଥିବା ନଈ ଭଳି,
ସେମାନେ ପ୍ରଚଣ୍ଡ ଝଡ଼ରେ ଉଡ଼ୁଥିବା ମେଘଗୁଡ଼ାକ ଭଳି,
ସେମାନଙ୍କ ନିମନ୍ତେ ଘୋର ଅନ୍ଧକାର ସ୍ଥାନ ରଖା ଯାଇଅଛି।
୧୮ସେହି ଭଣ୍ଡ ଶିକ୍ଷକମାନେ ନିରର୍ଥକ କଥାଗୁଡ଼ିକ ପାଇଁ

ଗର୍ବ କରନ୍ତି। ସେମାନେ ଲୋକମାନଙ୍କୁ ପାପ ରାସ୍ତାରେ
କଢ଼ାଇ ନିଅନ୍ତି। ମନ୍ଦ ଭାବରେ ରହୁଥିବା ଲୋକଙ୍କଠାରୁ
ବାହାର ଆସି ଭଲ ମାର୍ଗରେ ଯିବାକୁ ଆରମ୍ଭ କରିଥିବା
ଲୋକଙ୍କୁ ଏମାନେ ଆକର୍ଷିତ କରନ୍ତି। ପାପପୂର୍ଣ୍ଣ ଆତ୍ମାରେ
ମନ୍ଦ ଇଚ୍ଛାଗୁଡ଼ିକୁ ଜାଗ୍ରତ କରାଇ ଭଣ୍ଡ ଶିକ୍ଷକମାନେ ଏପରି
କରନ୍ତି। ୧୯ଏହି ଭଣ୍ଡ ଶିକ୍ଷକମାନେ ସେହି ଲୋକମାନଙ୍କୁ
ମୁକ୍ତିର ପ୍ରତିଜ୍ଞା ଦିଅନ୍ତି। ମାତ୍ର ଏହି ଭଣ୍ଡ ଶିକ୍ଷକମାନେ
ନିଜେ ମୁକ୍ତି ପାଇନାହାଁନ୍ତି। ସେମାନେ ନିଜେ ବିନଷ୍ଟ
ବିଷୟର ଦାସ ଅଟନ୍ତି। ଜଣେ ବ୍ୟକ୍ତି ଯାହା ଦ୍ୱାରା
ନିୟନ୍ତ୍ରିତ ହୁଏ,ସେ ସେଥିର ଦାସ ଅଟେ। ୨୦ସେହି
ଲୋକମାନଙ୍କୁ ସଂସାରର ମନ୍ଦ ବିଷୟରୁ ମୁକ୍ତ କରାଯାଇଥିଲା।
ଆମ୍ଭର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ଦ୍ୱାରା
ସେମାନେ ମୁକ୍ତି ପାଇଥିଲେ। କିନ୍ତୁ ଯଦି ସେମାନେ
ପୁନର୍ବାର ମନ୍ଦ ବିଷୟଗୁଡ଼ିକ ପ୍ରତି ଆକର୍ଷିତ ହୋଇ ତାହାର
ବନ୍ଧନରେ ବାନ୍ଧି ହୋଇଯିବେ, ତେବେ ସେମାନଙ୍କ ପୂର୍ବ
ଅବସ୍ଥାଠାରୁ ବର୍ତ୍ତମାନର ଅବସ୍ଥା ଆହୁରି ଅଧିକ ଖରାପ
ହେବ। ୨୧ଯଦି ସେମାନେ ମୂଳରୁ ଠିକ ରାସ୍ତା ଜାଣି ନ
ଥାନ୍ତେ, ସେମାନଙ୍କ ପକ୍ଷେ ଭଲ ହୋଇଥାନ୍ତା। ଉତ୍ତମ
ମାର୍ଗ ଜାଣି, ପବିତ୍ର ଶାସ୍ତ୍ରର ଶିକ୍ଷାରୁ ବିମୁଖ ହେବା ଅପେକ୍ଷା
ତାହା ନ ଜାଣିଥିଲେ, ଅଧିକ ଭଲ ହୋଇଥାନ୍ତା। ୨୨ସେହି
ଲୋକମାନଙ୍କ ପ୍ରତି ଯାହା ଘଟିଲା, ତାହା ନିମ୍ନ ସତ୍ୟ
ପ୍ରବାଦ ଭଳି: "କୁକୁର ବାନ୍ତି କଲା ପରେ ପୁନର୍ବାର ତା'
ବାନ୍ତି ଖାଇବାକୁ ଆସେ"* ଓ "ଘୁଷୁରୀଟିକୁ ଧୋଇ
ପରିଷ୍କାର କଲା ପରେ ସେ ପୁନର୍ବାର ଯାଇ ପଙ୍କରେ
ଗଡ଼େ।"

## ଯୀଶୁ ପୁନର୍ବାର ଆସିବେ

୩ ମୋ ମିତ୍ରଗଣ, ଏହି ଦ୍ୱିତୀୟ ପତ୍ର ମୁଁ ତୁମ୍ଭକୁ
ଲେଖୁଅଛି। ତୁମ୍ଭକୁ କେତେଗୁଡ଼ିଏ ବିଷୟ ମନେ
ପକାଇ ଦେବା ଲାଗି ମୁଁ ଦୁଇଟି ପତ୍ର ଲେଖିଛି। ୨ପବିତ୍ର
ଭବିଷ୍ୟଦ୍‌ବକ୍ତାମାନେ ଅତୀତରେ ଯାହା କିଛି କହି ଯାଇଛନ୍ତି
ମୁଁ ଚାହେଁ ଯେ, ସେଗୁଡ଼ିକୁ ତୁମ୍ଭେମାନେ ମନେ ପକାଅ।
ଆମ୍ଭର ପ୍ରଭୁ ଓ ତ୍ରାଣକର୍ତ୍ତା ଯେଉଁ ଆଜ୍ଞା ଦେଇଛନ୍ତି,
ସେଗୁଡ଼ିକୁ ମଧ୍ୟ ମନେ ପକାଅ। ତୁମ୍ଭମାନଙ୍କ ପ୍ରେରିତମାନଙ୍କ
ମାଧ୍ୟମରେ ସେ ଆମ୍ଭକୁ ଏହି ଆଜ୍ଞା ଦେଇଥିଲେ। ୩ପ୍ରଥମେ,
ଶେଷ ଦିନଗୁଡ଼ିକରେ କ'ଣ କ'ଣ ଘଟିବ, ସେଗୁଡ଼ିକ
ବୁଝିବା ତୁମ୍ଭର ଦରକାର। ଲୋକେ ତୁମ୍ଭକୁ ପରିହାସ
କରିବେ। ସେମାନେ ନିଜ ଇଚ୍ଛାରେ ମନ୍ଦ କାର୍ଯ୍ୟ କରି
ଜୀବନଧାରଣ କରିବେ। ୪ସେମାନେ କହିବେ, "ଯୀଶୁ
ପୁନର୍ବାର ଆସିବା ପାଇଁ କହିଥିଲେ। ସେ କାହାନ୍ତି? ଆମ୍ଭର
ପିତାମାନେ ମରିଛନ୍ତି। କିନ୍ତୁ ଜଗତ ସୃଷ୍ଟି ହେଲା ବେଳୁ
ସେହିପରି ଭାବରେ ଚାଲିଛି।" ୫ସୁଦୂର ଅତୀତରେ କ'ଣ
ଘଟିଥିଲା, ସେମାନେ ତାହା ମନେ ପକାଇବା ପାଇଁ ଇଚ୍ଛା
କରନ୍ତି ନାହିଁ। ଆକାଶମଣ୍ଡଳ ଥିଲା, ପରମେଶ୍ୱର ପାଣିରୁ
ଓ ପାଣି ଦ୍ୱାରା ଜଗତକୁ ସୃଷ୍ଟି କଲେ। ପରମେଶ୍ୱରଙ୍କ
ବାକ୍ୟ ଦ୍ୱାରା ଏହା ସାଧିତ ହେଲା। ୬ତାହା ପରେ ସେହି
ସଂସାର ପ୍ରଳୟକାରୀ ବନ୍ୟା ଜଳ ଦ୍ୱାରା ନଷ୍ଟ ହୋଇ
ଗଲା। ୭ମାତ୍ର ପରମେଶ୍ୱରଙ୍କ ସେହି ବାକ୍ୟ ଦ୍ୱାରା ଆକାଶମଣ୍ଡଳ
ଓ ବର୍ତ୍ତମାନର ଜଗତ ରହିଅଛି। ଆକାଶମଣ୍ଡଳ ଓ ପୃଥିବୀ
ଅଗ୍ନି ଦ୍ୱାରା ବିନଷ୍ଟ ହେବା ନିମନ୍ତେ ରକ୍ଷିତ ଅଛି।
ପରମେଶ୍ୱରଙ୍କ ସମସ୍ତ ବିରୋଧୀ ଲୋକମାନେ ପୁଣି
ଆକାଶମଣ୍ଡଳ ଓ ପୃଥିବୀ ନଷ୍ଟ ହେବା ନିମନ୍ତେ ବିଚାର
ଦିନ ପର୍ଯ୍ୟନ୍ତ ସୁରକ୍ଷିତ ଥିବେ।

୮ପ୍ରିୟ ମିତ୍ରଗଣ, କିନ୍ତୁ ଏହି ବିଶେଷ କଥା ଭୁଲ ନାହିଁ,
ପରମେଶ୍ୱରଙ୍କ ଲାଗି ଗୋଟିଏ ଦିନ ହଜାର ବର୍ଷ ଭଳି ଓ
ହଜାର ବର୍ଷ ଗୋଟିଏ ଦିନ ଭଳି ଅଟେ। ୯ଯଦିଓ କିଛି
ଲୋକେ ଏହାକୁ ଡେରି ବୋଲି ଭାବୁଛନ୍ତି, ତଥାପି ପରମେଶ୍ୱର
ନିଜ ପ୍ରତିଜ୍ଞା ପୂରଣ କରିବାରେ ଡେରି କରିବେ ନାହିଁ।
ବରଂ ପରମେଶ୍ୱର ତୁମ୍ଭ ପ୍ରତି ଧୈର୍ଯ୍ୟବାନ ହେଉଛନ୍ତି।
ପରମେଶ୍ୱର କୌଣସି ଲୋକ ନଷ୍ଟ ହେଉ ବୋଲି ଚାହାଁନ୍ତି
ନାହିଁ। ପରମେଶ୍ୱର ଚାହାଁନ୍ତି ଯେ ପ୍ରତ୍ୟେକ ଲୋକ ନିଜର
ହୃଦୟ ପରିବର୍ତ୍ତନ କରୁ ଓ ପାପ କରିବାରୁ କ୍ଷାନ୍ତ ହେଉ।

୧୦କିନ୍ତୁ ଚୋର ଆସିବା ଦିନପରି, ପ୍ରଭୁଙ୍କ ଆସିବା
ଦିନଟି ପ୍ରତ୍ୟେକଙ୍କୁ ଆଶ୍ଚର୍ଯ୍ୟ କରିବ। ଭୟଙ୍କର ଗର୍ଜନ
ସହିତ ଆକାଶମଣ୍ଡଳ ଅଦୃଶ୍ୟ ହୋଇଯିବ। ଆକାଶମଣ୍ଡଳର
ସମସ୍ତ ବସ୍ତୁ ଅଗ୍ନିରେ ଧ୍ୱଂସ ହୋଇଯିବ। ଜଗତ ଏହାର
ସମସ୍ତ ବିଷୟ ସହିତ ଜଳି ଯିବ। ୧୧ମୁଁ କହିଲା ଭଳି,
ଏପରି ଭାବରେ ସବୁ କିଛି ନଷ୍ଟ ହୋଇଯିବ। ଅତଏବ,
ତୁମ୍ଭେ କିପରି ଲୋକ ହେବା ଉଚିତ? ତୁମ୍ଭେ ପବିତ୍ର
ଜୀବନଯାପନ କରି ପରମେଶ୍ୱରଙ୍କ ସେବା କରିବା ଉଚିତ।
୧୨ପ୍ରଭୁଙ୍କ ଦିନଟି ଆସିବା ପାଇଁ ତୁମ୍ଭେ ଅପେକ୍ଷାରେ ରହିବା
ଉଚିତ। ସେହି ଦିନ ଆସିଲେ ଅଗ୍ନି ଦ୍ୱାରା ଆକାଶ ନଷ୍ଟ
ହୋଇ ଯିବ ଓ ଆକାଶରେ ଥିବା ସବୁ ମୌଳିକ
ବସ୍ତୁଗୁଡ଼ିକ ଉତ୍ତାପରେ ତରଳି ଯିବ। ୧୩କିନ୍ତୁ ପରମେଶ୍ୱର
ଆମ୍ଭକୁ ଗୋଟିଏ ପ୍ରତିଶ୍ରୁତି ଦେଇଛନ୍ତି। ଆମ୍ଭେମାନେ ତାହାଙ୍କ
ପ୍ରତିଜ୍ଞାନୁସାରେ ଏକ ନୂତନ ଆକାଶମଣ୍ଡଳ ଓ ନୂତନ
ଜଗତର ଅପେକ୍ଷାରେ ଅଛୁ। ତାହା ଧାର୍ମିକତାର ବାସସ୍ଥଳୀ
ହେବ।

୧୪ପ୍ରିୟ ମିତ୍ରଗଣ, ଏହି ଘଟଣା ଘଟିବା ପାଇଁ ଆମ୍ଭେ
ଅପେକ୍ଷାରେ ଅଛୁ। ଅତଏବ ପାପ ଓ ଦୋଷ ନ କରିବା
ପାଇଁ କଠୋର ପରିଶ୍ରମ କର। ପରମେଶ୍ୱରଙ୍କ ସହିତ
ଶାନ୍ତିରେ ରହିବାକୁ ଚେଷ୍ଟା କର। ୧୫ପ୍ରଭୁ ଧୈର୍ଯ୍ୟବାନ
ବୋଲି ଆମ୍ଭେ ରକ୍ଷା ପାଇଛୁ, ଏହା ମନେରଖ। ପରମେଶ୍ୱରଙ୍କ
ପ୍ରଦତ୍ତ ଜ୍ଞାନ ବଳରେ ଆମ୍ଭର ପ୍ରିୟ ଭାଇ ପାଉଲ ତୁମ୍ଭକୁ
ଲେଖିଲା ବେଳେ ସେ ସେହି କଥା କହିଥିଲେ। ୧୬ନିଜର
ସମସ୍ତ ପତ୍ରଗୁଡ଼ିକରେ ପାଉଲ ଏହିକଥା ଲେଖନ୍ତି।
ବେଳେବେଳେ ପାଉଲଙ୍କ ପତ୍ରରେ କେତେକ କଥା ବୁଝିବା
ପାଇଁ କଷ୍ଟକର ହୁଏ। କେତେଲୋକ ସେହି କଥାଗୁଡ଼ିକୁ
ଭୁଲ ଭାବରେ ବ୍ୟାଖ୍ୟା କରନ୍ତି। ସେମାନେ ମୂର୍ଖ ଓ
ବିଶ୍ୱାସରେ ଦୁର୍ବଳ। ସେହି ଲୋକମାନେ ଅନ୍ୟ ଶାସ୍ତ୍ରଗୁଡ଼ିକୁ*

---

**"କୁକୁର ... ଆସେ"** ହିତୋପଦେଶ ୨୬:୧୧

**ଅନ୍ୟ ଶାସ୍ତ୍ରଗୁଡ଼ିକ** ପୁରାତନ ନିୟମ

ମଧ୍ୟ ଭୁଲଭାବେ ବୁଝାଇଥାନ୍ତି। କିନ୍ତୁ ଏପରି କରିବା ଦ୍ୱାରା
ସେମାନେ ନିଜର ଅନିଷ୍ଟ କରୁଛନ୍ତି।
୧୭ ପ୍ରିୟ ମିତ୍ରଗଣ, ତୁମ୍ଭେ ଏହି ବିଷୟରେ ଆଗରୁ
ଜାଣ। ଅତଏବ ସାବଧାନ ରୁହ। ସେହି ମନ୍ଦ ଲୋକମାନେ
କରୁଥିବା ମନ୍ଦକାର୍ଯ୍ୟ ଦ୍ୱାରା ତୁମ୍ଭେ ନିଜକୁ ପ୍ରଭାବିତ
ହେବାକୁ ଦିଅ ନାହିଁ। ନିଜ ଦୃଢ଼ ବିଶ୍ୱାସରୁ ବିଚଳିତ ନ
ହେବା ପାଇଁ ସାବଧାନ ରୁହ। ୧୮ କିନ୍ତୁ ଆମ୍ଭ ପ୍ରଭୁ ଓ
ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଜ୍ଞାନ ଓ ଅନୁଗ୍ରହରେ ବୃଦ୍ଧି ପାଅ।
ତାହାଙ୍କର ମହିମା ବର୍ତ୍ତମାନ ଓ ସଦାସର୍ବଦା ରହିଥାଉ।
ଆମେନ୍।

# ଯୋହନଙ୍କ ପ୍ରଥମ ପତ୍ର

୧ ଆମ୍ଭେମାନେ ତୁମ୍ଭମାନଙ୍କୁ ବର୍ତ୍ତମାନ ଯେଉଁ ବିଷୟରେ
କହିବାକୁ ଯାଉଛୁ, ତାହା ସୃଷ୍ଟିର ଆରମ୍ଭରୁ ଥିଲା।

ଆମ୍ଭେମାନେ ଏହା ଶୁଣିଲୁ,
ଆମ୍ଭେମାନେ ଏହା ସ୍ୱଚକ୍ଷୁରେ ଦେଖିଲୁ,
ଆମ୍ଭେମାନେ ଏହା ନିରୀକ୍ଷଣ କଲୁ ଏବଂ
ଆମ୍ଭେମାନେ ନିଜ ହସ୍ତରେ ସ୍ପର୍ଶ କଲୁ।

ଆମ୍ଭେମାନେ ସେହି "ବାକ୍ୟ" (ଖ୍ରୀଷ୍ଟଙ୍କ) ବିଷୟରେ ତୁମ୍ଭକୁ
ଲେଖୁଛୁ, ଯାହା ଜୀବନ ଦାନ କରେ। ୨ସେହି ଜୀବନ
ଆମ୍ଭ ନିକଟରେ ପ୍ରକାଶିତ ହେଲା। ଆମ୍ଭେ ତାହା ଦେଖିଲୁ।
ଆମ୍ଭେ ଏ ସଂପର୍କରେ ପ୍ରମାଣ ଦେଇପାରୁ। ବର୍ତ୍ତମାନ
ଆମ୍ଭେ ସେହି ଜୀବନ ସଂପର୍କରେ ତୁମ୍ଭକୁ କହୁଛୁ। ଏହି
ଜୀବନ ସଦାକାଳ ରହିଛନ୍ତି। ପୂର୍ବରୁ ଏହା ପିତା ପରମେଶ୍ୱରଙ୍କ
ସହିତ ଥିଲା। ପରମେଶ୍ୱର ସେହି ଜୀବନ ଆମ୍ଭକୁ ପ୍ରକାଶିତ
କଲେ। ୩ବର୍ତ୍ତମାନ ତୁମ୍ଭମାନଙ୍କୁ ସେହି ସମ୍ବନ୍ଧରେ କହିବୁ
ଯାହା ଆମ୍ଭେମାନେ ଦେଖିଛୁ ଓ ଶୁଣିଛୁ। କାରଣ ଏହା
ଦ୍ୱାରା ତୁମ୍ଭେମାନେ ଆମ୍ଭର ସହଭାଗୀ ହୋଇପାରିବ। ପରମପିତା
ଓ ତାହାଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ସହ ଆମ୍ଭେ ମଧ୍ୟ
ସହଭାଗୀ। ୪ଆମ୍ଭମାନଙ୍କର ଆନନ୍ଦର ପରିପୂର୍ଣ୍ଣତା ପାଇଁ
ଆମ୍ଭେ ଏସବୁ ତୁମ୍ଭମାନଙ୍କୁ ଲେଖୁଛୁ।

## ପରମେଶ୍ୱର ଆମ୍ଭର ପାପ କ୍ଷମା କରନ୍ତି

୫ଆମ୍ଭେ ପରମେଶ୍ୱରଙ୍କ ଠାରୁ ଯେଉଁ ସତ୍ୟ ଶିକ୍ଷା
ଶୁଣିଅଛୁ, ତାହା ତୁମ୍ଭମାନଙ୍କୁ କହୁଅଛୁ। ପରମେଶ୍ୱର
ଆଲୋକ(ଧାର୍ମିକ)। ତାହାଙ୍କଠାରେ ଆଦୌ ଅନ୍ଧକାର(ପାପ)
ନାହିଁ। ୬ଯଦି ଆମ୍ଭେ କହୁ, ଆମ୍ଭର ପରମେଶ୍ୱରଙ୍କ ସହିତ
ସହଭାଗୀତା ଅଛି, କିନ୍ତୁ ଅବିରତ ଅନ୍ଧକାରରେ ଜୀବନଯାପନ
କରୁ, ତାହାହେଲେ ଆମ୍ଭେ ମିଥ୍ୟାବାଦୀ ଓ ସତ୍ୟର
ଅନୁସରଣ କରୁନାହୁଁ। ୭ପରମେଶ୍ୱର ଆଲୋକରେ ବାସ
କରନ୍ତି, ତେଣୁ ଆମ୍ଭେ ମଧ୍ୟ ଆଲୋକରେ ବାସ କରିବା
ଉଚିତ। ଯଦି ଆମ୍ଭେ ଆଲୋକରେ ଜୀବନଯାପନ କରୁ,
ତେବେ ଆମ୍ଭେ ପରସ୍ପର ସହଭାଗୀ ହୋଇପାରିବା। ଯଦି
ଆମ୍ଭେମାନେ ଆଲୋକରେ ରହୁ, ତେବେ ତାହାଙ୍କ ପୁତ୍ର
ଯୀଶୁଙ୍କ ରକ୍ତ(ମୃତ୍ୟୁ) ଆମ୍ଭର ସମସ୍ତ ପାପ ଧୋଇ ଦିଏ।
୮ଯଦି ଆମ୍ଭେ କହୁ, ଆମ୍ଭମାନଙ୍କର କିଛି ପାପ ନାହିଁ,
ତେବେ ଆମ୍ଭେ ନିଜେ ନିଜକୁ ଠକୁଛୁ ଏବଂ ଆମ୍ଭଠାରେ
ସତ୍ୟ ନାହିଁ। ୯ଯଦି ଆମ୍ଭେ ନିଜ ନିଜର ପାପ ସ୍ୱୀକାର
କରୁ ତେବେ ପରମେଶ୍ୱର ଆମ୍ଭକୁ ପାପରୁ କ୍ଷମା କରିବେ।
କାରଣ ସେ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି। ସେ ଆମ୍ଭକୁ
ସମସ୍ତ ଅଧର୍ମରୁ ପରିଷ୍କାର କରିବେ। ୧୦ଆମ୍ଭେ ଯଦି କହୁ
ଯେ ଆମ୍ଭେ କିଛି ପାପ କରିନାହୁଁ, ତେବେ ଆମ୍ଭେ
ପରମେଶ୍ୱରଙ୍କୁ ମିଥ୍ୟାବାଦୀ କରୁ ଏବଂ ତାହାଙ୍କ ସତ୍ୟଶିକ୍ଷା
ଆମ୍ଭେମାନେ ଗ୍ରହଣ କରି ନାହୁଁ।

## ଯୀଶୁ ଆମ୍ଭମାନଙ୍କର ସହାୟକ

୨ ମୋର ପ୍ରିୟ ପିଲାମାନେ, ମୁଁ ଏହିସବୁ ତୁମ୍ଭମାନଙ୍କୁ
ଲେଖୁଅଛି ଯେପରି, ତୁମ୍ଭେମାନେ ପାପ ନ କର।
କିନ୍ତୁ ଯଦି କେହି ପାପ କରେ, ଆମ୍ଭର ଯୀଶୁ ଖ୍ରୀଷ୍ଟ ଯିଏ
କି ଧାର୍ମିକ ଓ ଯିଏ ପିତାଙ୍କ ଛାମୁରେ ଆମ୍ଭମାନଙ୍କର
ସପକ୍ଷବାଦୀ; ସେ ଆମ୍ଭମାନଙ୍କୁ ସାହାଯ୍ୟ କରିବେ। ୨ଯୀଶୁ
ହେଉଛନ୍ତି ପଥ ଓ ଆମ୍ଭର ସବୁ ପାପ ବହନଅନ୍ତି।
କେବଳ ଆମ୍ଭମାନଙ୍କ ନୁହେଁ, ମାତ୍ର ସମସ୍ତ ଜଗତର ପାପ
ମଧ୍ୟ ସେ ବହନଅନ୍ତି।
୩ଆମ୍ଭେ ଯଦି ପରମେଶ୍ୱରଙ୍କର ଆଜ୍ଞା ପାଳନ କରୁ,
ତେବେ ଆମ୍ଭେମାନେ ସୁନିଶ୍ଚିତ ଯେ, ଆମ୍ଭେ ପ୍ରକୃତରେ
ତାହାଙ୍କୁ ଜାଣିଛୁ। ୪ଯଦି କିଏ କୁହେ, "ମୁଁ ପରମେଶ୍ୱରଙ୍କୁ
ଜାଣେ," କିନ୍ତୁ ତାହାଙ୍କ ଆଜ୍ଞା ପାଳନ କରେ ନାହିଁ,
ତେବେ ସେ ଜଣେ ମିଥ୍ୟାବାଦୀ। ତାହାଠାରେ ସତ୍ୟ ନାହିଁ।
୫ଯେଉଁ ବ୍ୟକ୍ତି ପରମେଶ୍ୱରଙ୍କ ଶିକ୍ଷା ପାଳନ କରେ,
ତା'ଠାରେ ପରମେଶ୍ୱରଙ୍କ ପ୍ରେମର ଉଦ୍ଦେଶ୍ୟ ସାଧିତ ହୋଇଛି।
ଏହିଭଳି ଭାବେ ଆମ୍ଭେମାନେ ପରମେଶ୍ୱରଙ୍କର ଅନୁଗମନ
କରୁଛୁ ବୋଲି ଜାଣିପାରିବା। ୬ପରମେଶ୍ୱରଙ୍କ ସହ ଜୀବନଯାପନ
କରୁଛୁ ବୋଲି ଦାବି କରୁଥିବା ବ୍ୟକ୍ତି ଯୀଶୁଙ୍କ ଭଳି
ଜୀବନଯାପନ କରିବା ଉଚିତ।

## ସମସ୍ତଙ୍କୁ ଭଲ ପାଅ

୭ପ୍ରିୟ ବନ୍ଧୁଗଣ! ମୁଁ ତୁମ୍ଭମାନଙ୍କ ନିକଟକୁ କୌଣସି
ନୂତନ ଆଜ୍ଞା ବିଷୟରେ ଲେଖୁ ନାହିଁ, ମାତ୍ର ଏହା ସେହି
ପୁରାତନ ଆଜ୍ଞା, ଯାହା ଆରମ୍ଭରୁ ତୁମ୍ଭେମାନେ ପାଇଅଛ।
ଯେଉଁ ଶିକ୍ଷା ତୁମ୍ଭେମାନେ ଶୁଣିଅଛ, ତାହାହିଁ ସେହି ଆଜ୍ଞା।
୮ପୁନଶ୍ଚ ମୁଁ ତୁମ୍ଭମାନଙ୍କୁ ଆଉ ଗୋଟିଏ ନୂତନ ଆଜ୍ଞା
ବିଷୟରେ ଲେଖୁଛି, ଏହାର ସତ୍ୟତା ଯୀଶୁଙ୍କଠାରେ ଓ
ତୁମ୍ଭମାନଙ୍କ ଜୀବନରେ ମଧ୍ୟ ଦେଖିପାରିବ। କାରଣ ଅନ୍ଧକାର
ଘୁଞ୍ଚି ଯାଉଅଛି ଓ ସତ୍ୟ ଜ୍ୟୋତିଃ ପ୍ରକାଶିତ ହେଲାଣି।
୯ଯେଉଁ ଲୋକ ଆଲୋକରେ ଅଛି ବୋଲି କୁହେ କିନ୍ତୁ
ନିଜ ଭାଇକୁ ଘୃଣା କରେ, ତେବେ ସେ ଏପର୍ଯ୍ୟନ୍ତ
ଅନ୍ଧକାରରେ ରହିଛି। ୧୦ନିଜ ଭାଇକୁ ପ୍ରେମ କରୁଥିବା

ବ୍ୟକ୍ତି ଆଲୋକରେ ବାସ କରୁଥାଏ ଏବଂ ତା'ଠାରେ ଭୁଲ
କାମ କରିବାର କୌଣସି କାରଣ ନ ଥାଏ। ୧୧କିନ୍ତୁ ନିଜ
ଭାଇକୁ ଘୃଣା କରୁଥିବା ବ୍ୟକ୍ତି ଅନ୍ଧକାରରେ ଥାଏ। ସେ
ଅନ୍ଧକାରରେ ବାସ କରେ। ସେ କେଉଁଆଡ଼େ ଯାଏ, ନିଜେ
ଜାଣିପାରେ ନାହିଁ; କାରଣ ଅନ୍ଧକାର ତାକୁ ଅନ୍ଧ କରିଦେଇଥାଏ।

୧୨ ପ୍ରିୟ ପିଲାମାନେ, ତୁମ୍ଭମାନଙ୍କ ପାପ ଖ୍ରୀଷ୍ଟଙ୍କ ଦ୍ୱାରା
କ୍ଷମା କରାଯାଇଥିବା କାରଣରୁ ମୁଁ ତୁମ୍ଭମାନଙ୍କୁ
ଲେଖୁଛି।
୧୩ ପିତାମାନେ! ଯେ ଆଦ୍ୟରୁ ଅଛନ୍ତି, ତୁମ୍ଭେମାନେ
ତାହାଙ୍କୁ ଆରମ୍ଭରୁ ଜାଣିଥିବାରୁ ମୁଁ ତୁମ୍ଭମାନଙ୍କୁ
ଲେଖୁଛି। ଯୁବକମାନେ! ତୁମ୍ଭେମାନେ ପାପାତ୍ମାକୁ
ପରାଜିତ କରିଥିବାରୁ ମୁଁ ତୁମ୍ଭମାନଙ୍କୁ ଲେଖୁଛି।
୧୪ ପିଲାମାନେ! ତୁମ୍ଭେମାନେ ପରମ ପିତାଙ୍କୁ
ଚିହ୍ନିପାରିଥିବାରୁ ମୁଁ ତୁମ୍ଭମାନଙ୍କୁ ଲେଖୁଛି। ପିତାମାନେ!
ସେ ଆଦ୍ୟରୁ ଅଛନ୍ତି ବୋଲି ତୁମ୍ଭେମାନେ ଜାଣିଥିବାରୁ
ମୁଁ ତୁମ୍ଭମାନଙ୍କୁ ଲେଖୁଛି। ଯୁବକମାନେ! ତୁମ୍ଭେମାନେ
ବଳବାନ ଏବଂ ପରମେଶ୍ୱରଙ୍କ ବାକ୍ୟ ତୁମ୍ଭମାନଙ୍କଠାରେ
ଅଛି, ଓ ତୁମ୍ଭେମାନେ ସେହି ପାପାତ୍ମାକୁ ପରାଜିତ
କରିଥିବାରୁ ମୁଁ ତୁମ୍ଭମାନଙ୍କୁ ଲେଖୁଛି।

୧୫ତୁମ୍ଭେମାନେ ସଂସାରକୁ ବା ସେଥିରେ ଥିବା ବିଷୟଗୁଡ଼ିକୁ
ଭଲ ପାଅ ନାହିଁ। ଯଦି କେହି ସଂସାରକୁ ଭଲ ପାଏ,
ତେବେ ପିତାଙ୍କ ପ୍ରେମ ତାହାଠାରେ ନାହିଁ। ୧୬ସଂସାରର
ଏହି ବିଷୟଗୁଡ଼ିକ ମନ୍ଦ ଅଟେ। ଯଥା:

ଆମ୍ଭର ପାପ ପ୍ରକୃତିକୁ ତୁଷ୍ଟ କରିବାକୁ ବିଭିନ୍ନ
ଆକର୍ଷଣୀୟ ବିଷୟ ପାଇବାର ଇଚ୍ଛା;
ଯେଉଁସବୁ ମନ୍ଦ ବିଷୟ ଆମ୍ଭର ଦୃଷ୍ଟିଗୋଚର ହୁଏ,
ତାହା ପାଇବାର ଇଚ୍ଛା;
ତଥା ଆମ୍ଭର ଯାହା ଅଛି, ତହିଁ ପାଇଁ ଗର୍ବ
କରିବା।

ଏ ସମସ୍ତ ବିଷୟ ପରମପିତାଙ୍କଠାରୁ ନୁହେଁ, ମାତ୍ର ଏହି
ସଂସାରରୁ ଆସିଅଛି। ୧୭ସଂସାର କ୍ଷୟ ପାଉଅଛି। ଏଥିସହିତ
ସଂସାରରେ ଥିବା ବିଷୟଗୁଡ଼ିକ ମଧ୍ୟ କ୍ଷୟ ପାଉଅଛି। ମାତ୍ର
ଯେ କେହି ପରମେଶ୍ୱରଙ୍କ ଇଚ୍ଛା ପାଳନ କରେ, ସେ
ଅନନ୍ତକାଳ ଜୀବିତ ହୋଇ ରହିବ।

## ଖ୍ରୀଷ୍ଟଙ୍କ ଶତ୍ରୁମାନଙ୍କର ପଥ ଅନୁସରଣ କରନାହିଁ

୧୮ପିଲାମାନେ! ବର୍ତ୍ତମାନ ଶେଷକାଳ ଆସି ପହଞ୍ଚିଲାଣି।
ତୁମ୍ଭେ ଯେପରି ଶୁଣିଥିଲ, ଖ୍ରୀଷ୍ଟଙ୍କ ଶତ୍ରୁ ଆସୁଛନ୍ତି, ଏବେ
ସେହିପରି ଅନେକ ସଂଖ୍ୟାରେ ଖ୍ରୀଷ୍ଟ ବିରୋଧୀମାନେ ଦେଖା
ଦେଲେଣି। ଏଥିରୁ ଆମ୍ଭେ ଜାଣି ପାରୁଛୁ ଯେ, ପ୍ରକୃତରେ
ଶେଷ କାଳ ଆସି ପହଞ୍ଚିଛି। ୧୯ଏହି ଖ୍ରୀଷ୍ଟଙ୍କ ଶତ୍ରୁମାନେ
ଆମ୍ଭ ଦଳରେ ଥିଲେ, ମାତ୍ର ଆମ୍ଭକୁ ଛାଡ଼ି ଚାଲିଗଲେ।
ସେମାନେ ପ୍ରକୃତରେ ଆମ୍ଭ ନିଜର ନ ଥିଲେ। ଯଦି
ସେମାନେ ଆମ୍ଭ ନିଜର ହୋଇଥାନ୍ତେ, ତେବେ ସେମାନେ
ଆମ୍ଭ ସହିତ ରହିଥାନ୍ତେ। ସେମାନେ ଆମ୍ଭକୁ ଛାଡ଼ି
ଚାଲିଗଲେ ତେଣୁ, ଏହା ସ୍ପଷ୍ଟ ରୂପେ ପ୍ରକାଶପାଇଲା ଯେ,
ସେମାନେ ପ୍ରକୃତରେ ଆମ୍ଭର ନୁହଁନ୍ତି।
୨୦ଆଉ ତୁମ୍ଭେମାନେ ସେହି ପବିତ୍ର ବ୍ୟକ୍ତିଙ୍କଠାରୁ ଦାନ*
ପାଇଥିବାରୁ, ତୁମ୍ଭେ ସମସ୍ତେ ସତ୍ୟକୁ ଜାଣିଛ। ୨୧ମୁଁ
ତୁମ୍ଭମାନଙ୍କ ପାଖକୁ ଲେଖିବାର କାରଣ କ'ଣ? ତୁମ୍ଭେ
ସତ୍ୟକୁ ଜାଣିନାହିଁ ବୋଲି କ'ଣ ମୁଁ ଏହା ଲେଖୁଛି? ନା,
ତୁମ୍ଭେ ଏହି ସତ୍ୟ ଜାଣିଥିବାରୁ ମୁଁ ଏହି ପତ୍ର ଲେଖୁଅଛି।
ତୁମ୍ଭେ ମଧ୍ୟ ଜାଣିଛ ସତ୍ୟରୁ କେବେହେଲେ କୌଣସି
ମିଥ୍ୟା ଉତ୍ପନ୍ନ ହୁଏନାହିଁ।
୨୨ତେବେ ମିଥ୍ୟାବାଦୀ କିଏ? ଯୀଶୁ ଯେ ଖ୍ରୀଷ୍ଟ ଅଟନ୍ତି,
ଏହା ଯେ ଅସ୍ୱୀକାର କରେ, ସେ ହେଉଛି ମିଥ୍ୟାବାଦୀ।
ସେ ଖ୍ରୀଷ୍ଟଙ୍କର ଶତ୍ରୁ। ସେ ପରମ ପିତା ଓ ପୁତ୍ର ଦୁହିଁଙ୍କୁ
ଅସ୍ୱୀକାର କରେ। ୨୩ଯେଉଁ ବ୍ୟକ୍ତି ପୁତ୍ରକୁ ବିଶ୍ୱାସ
କରେନାହିଁ, ପିତା ତାହାଙ୍କଠାରେ ବାସ କରନ୍ତି ନାହିଁ।
ଯେଉଁ ବ୍ୟକ୍ତି ପୁତ୍ରକୁ ଗ୍ରହଣ କରେ, ତାହାଙ୍କଠାରେ ପିତା
ମଧ୍ୟ ଅଛନ୍ତି।
୨୪ତୁମ୍ଭେମାନେ ଆରମ୍ଭରୁ ଯାହା ଶିକ୍ଷା ପାଇଛ, ତାହା
ପାଳନ କର। ତୁମ୍ଭେ ଯଦି ସେହି ଶିକ୍ଷା ଅନୁଯାୟୀ ଜୀବନ
କାଟିବ, ତେବେ ତୁମ୍ଭେ ପିତା (ପରମେଶ୍ୱର) ଓ
ପୁତ୍ରଙ୍କ(ଖ୍ରୀଷ୍ଟ)ଠାରେ ରହିବ। ୨୫ପୁତ୍ର ଆମ୍ଭମାନଙ୍କୁ ଏହି
ଅନନ୍ତ ଜୀବନ ଦେବେ ବୋଲି ପ୍ରତିଜ୍ଞା କରିଛନ୍ତି।
୨୬ଯେଉଁମାନେ ତୁମ୍ଭମାନଙ୍କୁ ଭୁଲ ପଥରେ କଢ଼ାଇ
ନେବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ବିଷୟରେ ମୁଁ
ତୁମ୍ଭମାନଙ୍କୁ ଏହି କଥା ଲେଖୁଛି। ୨୭ଖ୍ରୀଷ୍ଟ ତୁମ୍ଭମାନଙ୍କୁ ଏକ
ବିଶେଷ ଦାନ ଦେଇଛନ୍ତି, ତାହା ତୁମ୍ଭଠାରେ ଏପର୍ଯ୍ୟନ୍ତ
ଅଛି। ଏଥିପାଇଁ ତୁମ୍ଭର କାହାଠାରୁ ଶିକ୍ଷା ନେବା ଆବଶ୍ୟକ
ନାହିଁ। ମାତ୍ର ତାହାଙ୍କଠାରୁ ପ୍ରାପ୍ତ ସେହି ଦାନ ତୁମ୍ଭକୁ
ସମସ୍ତ ବିଷୟରେ ଶିକ୍ଷା ଦେଉଛି। ସେ ତୁମ୍ଭକୁ ଦେଇଥିବା
ସେହି ଦାନ ସତ୍ୟ ଅଟେ, ମିଥ୍ୟା ନୁହେଁ। ତେଣୁ
ତାହାଙ୍କର ସେହି ଦାନର ଶିକ୍ଷାନୁସାରେ ତୁମ୍ଭେମାନେ
ଖ୍ରୀଷ୍ଟଙ୍କଠାରେ ଥାଇ ଜୀବନଯାପନ କର। ୨୮ପ୍ରିୟ ପିଲାମାନେ,
ତାହାଙ୍କଠାରେ ରୁହ। ଏହା କଲେ, ଖ୍ରୀଷ୍ଟ ଯେଉଁଦିନ
ଆସିବେ ଆମ୍ଭେମାନେ ଭରସାଯୁକ୍ତ ହୋଇ ଭୟ କରିବା
ନାହିଁ। ଯେଉଁଦିନ ସେ ଆସିବେ, ସେହିଦିନ ଆମ୍ଭକୁ ଲଜ୍ଜିତ
ହେବାକୁ କିମ୍ବା ଆତ୍ମଗୋପନ କରିବାକୁ ପଡ଼ିବ ନାହିଁ।
୨୯ସେ ଧାର୍ମିକ ବୋଲି ତୁମ୍ଭେ ଜାଣିଛ। ତେଣୁ ତୁମ୍ଭେ ଏହା
ମଧ୍ୟ ଜାଣିରଖ ଯେ, ଧର୍ମାଚରଣ କରୁଥିବା ସମସ୍ତ ବ୍ୟକ୍ତି
ପରମେଶ୍ୱରଙ୍କର ସନ୍ତାନ ଅଟନ୍ତି।

---

**ଦାନ** ଆକ୍ଷରିକ ଭାବରେ "ଅଭିଷେକ କରିବା।" ଏହା ହୁଏତ ପବିତ୍ର ଆତ୍ମା ବୁଝାଇପାରେ ବା ୨୪ ପଦ ଭଳି ଏହା ଶିକ୍ଷା ବା ସତ୍ୟକୁ ବୁଝାଇପାରେ।

## ଆମ୍ଭେ ପରମେଶ୍ୱରଙ୍କ ସନ୍ତାନ

୩ ପରମପିତା ଆମ୍ଭମାନଙ୍କୁ ଅତ୍ୟଧିକ ପ୍ରେମ କଲେ।
ଆମ୍ଭେ ପରମେଶ୍ୱରଙ୍କର ସନ୍ତାନ ରୂପେ ନାମିତ
ହେବା ଦ୍ୱାରା ଆମ୍ଭ ପ୍ରତି ତାଙ୍କର ମହାନ୍ ପ୍ରେମ ପ୍ରକାଶ
ପାଏ। ଆମ୍ଭେ ପ୍ରକୃତରେ ତାଙ୍କର ସନ୍ତାନ ଅଟୁ କିନ୍ତୁ ଏ
ସଂସାର(ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ) ପରମେଶ୍ୱରଙ୍କୁ
ଚିହ୍ନିପାରି ନ ଥିବାରୁ ଆମ୍ଭଙ୍କୁ ମଧ୍ୟ ପରମେଶ୍ୱରଙ୍କ ସନ୍ତାନ
ବୋଲି ଚିହ୍ନି ପାରୁ ନାହିଁ। [୨]ପ୍ରିୟ ବନ୍ଧୁମାନେ, ଆମ୍ଭେ
ବର୍ତ୍ତମାନ ପରମେଶ୍ୱରଙ୍କର ସନ୍ତାନ, କିନ୍ତୁ ଭବିଷ୍ୟତରେ
ଆମ୍ଭେ କ'ଣ ହେବା ତାହା ଆମ୍ଭଙ୍କୁ ଜଣାଇ ଦିଆଯାଇନାହିଁ।
ଆମ୍ଭେ ଏହା ଜାଣିଛୁ ଯେ ଖ୍ରୀଷ୍ଟଙ୍କ ପୁନରାଗମନ ସମୟରେ
ଆମ୍ଭେ ସବୁ ତାହାଙ୍କ ଭଳି ହୋଇଯିବା। ସେ ଯେପରି,
ଆମ୍ଭେ ତାହାଙ୍କୁ ସେହି ରୂପରେ ଦେଖିବା। [୩]ଖ୍ରୀଷ୍ଟ ପବିତ୍ର।
ଯେ କେହି ଖ୍ରୀଷ୍ଟଙ୍କଠାରେ ଆଶା ରଖେ, ସେ ଖ୍ରୀଷ୍ଟଙ୍କ
ଭଳି ନିଜକୁ ପବିତ୍ର ରଖେ।
[୪]ଯେଉଁ ଲୋକ ପାପ କରେ, ସେ ପରମେଶ୍ୱରଙ୍କର
ନିୟମ ଭାଙ୍ଗେ। କାରଣ ନିୟମର ଲଙ୍ଘନ ହେଉଛି ପାପ।
[୫]ତୁମ୍ଭେ ତ ଜାଣିଛ, ଲୋକମାନଙ୍କର ପାପ ଦୂର କରିବା
ପାଇଁ ଖ୍ରୀଷ୍ଟ ସଂସାରକୁ ଆସିଥିଲେ। ତାହାଙ୍କ ଭିତରେ
କୌଣସି ପାପ ନାହିଁ। [୬]ତାହାଙ୍କଠାରେ ରହୁଥିବା ଲୋକ
ପାପ କରେ ନାହିଁ। ପାପ କରୁଥିବା ଲୋକ ଖ୍ରୀଷ୍ଟଙ୍କୁ
କଦାପି ଜାଣିନାହିଁ କି ବୁଝି ପାରିନାହିଁ।
[୭]ପ୍ରିୟ ପିଲାମାନେ, କେହି ତୁମ୍ଭମାନଙ୍କୁ ମନ୍ଦ ପଥରେ
ଯିବା ପାଇଁ ନ ଭୁଲାଉ। ଖ୍ରୀଷ୍ଟ ଧାର୍ମିକ ଅଟନ୍ତି। ତେଣୁ
ଯେକେହି ଖ୍ରୀଷ୍ଟଙ୍କ ପରି ଉତ୍ତମ ହେବାକୁ ଇଚ୍ଛା କରେ,
ସେ ଉଚିତ କର୍ମ କରୁ। [୮]ଶୟତାନ ଆରମ୍ଭରୁ ପାପ କରି
ଆସୁଅଛି! ଯେଉଁ ଲୋକ ପାପ କରେ, ସେ ଶୟତାନର
ଅଟେ। ତେଣୁ ଶୟତାନର ପାପ କାମକୁ ଧ୍ୱଂସ କରିବା
ପାଇଁ ପରମେଶ୍ୱରଙ୍କର ପୁତ୍ର ଏହି ସଂସାରକୁ ଆସିଛନ୍ତି।
[୯]ପରମେଶ୍ୱରଙ୍କର ସନ୍ତାନ ହେବା ଲୋକ ଆଉ ପାପ
କରେ ନାହିଁ, କାରଣ ଯେଉଁ ନୂଆ ଜୀବନ ପରମେଶ୍ୱର
ସେହି ଲୋକକୁ ଦିଅନ୍ତି, ତାହା ତା'ଠାରେ ଥାଏ। ତେଣୁ
ସେ ଆଉ ପାପ କରିପାରେ ନାହିଁ ଯେହେତୁ ସେ
ପରମେଶ୍ୱରଙ୍କର ସନ୍ତାନ ହୋଇସାରିଥାଏ। [୧୦]ତେଣୁ
କେଉଁମାନେ ପରମେଶ୍ୱର ସନ୍ତାନ ଓ କେଉଁମାନେ ଶୟତାନର
ସନ୍ତାନ, ତାହା ତୁମ୍ଭେମାନେ ଜାଣି ପାରିବ। ଯେଉଁମାନେ
ସତ୍କର୍ମ କରନ୍ତି ନାହିଁ, ସେମାନେ ପରମେଶ୍ୱରଙ୍କର ସନ୍ତାନ
ନୁହଁନ୍ତି, ଯେ କେହି ନିଜ ଭାଇକୁ ପ୍ରେମ କରେ ନାହିଁ,
ସେ ମଧ୍ୟ ଈଶ୍ୱରଙ୍କର ସନ୍ତାନ ନୁହେଁ।

## ଆମ୍ଭେ ନିଶ୍ଚୟ ପରସ୍ପରକୁ ଭଲ ପାଇବା ଉଚିତ

[୧୧]ତୁମ୍ଭେମାନେ ଆରମ୍ଭରୁ ଏହି ଶିକ୍ଷା ଶୁଣିଛ, ଆମ୍ଭର
ପରସ୍ପରକୁ ନିଶ୍ଚୟ ପ୍ରେମ କରିବା ଉଚିତ। [୧୨]ଆମ୍ଭେ
କୟିନ* ଭଳି ହେବା ଉଚିତ ନୁହେଁ। କାରଣ ତାହାଙ୍କଠାରେ
ପାପାତ୍ମା ଥିଲା। ସେ ନିଜ ଭାଇ ହେବଲକୁ ହତ୍ୟା କଲା।
ସେ ତା'ର ଭାଇକୁ କାହିଁକି ହତ୍ୟା କଲା? ସେ ଏପରି
କଲା, କାରଣ ତା'ର କାର୍ଯ୍ୟଗୁଡ଼ିକ ମନ୍ଦ ଥିଲା ଓ ତା'
ଭାଇର କର୍ମଗୁଡ଼ିକ ଭଲ ଥିଲା।
[୧୩]ଭାଇ ଓ ଭଉଣୀମାନେ, ଯଦି ଜଗତ ତୁମ୍ଭଙ୍କୁ ଘୃଣା
କରେ, ତେବେ ଆଶ୍ଚର୍ଯ୍ୟ ହୁଅ ନାହିଁ। [୧୪]ଆମ୍ଭେ ଜାଣୁ ଯେ,
ଆମ୍ଭେ ମୃତ୍ୟୁର ସୀମା ପାର ହୋଇ ଜୀବନରେ ପ୍ରବେଶ
କରିଛୁ, କାରଣ ଆମ୍ଭେ ନିଜ ଭାଇ ଓ ଭଉଣୀମାନଙ୍କୁ
ପ୍ରେମ କରୁ। ଯେଉଁ ଲୋକ ପ୍ରେମ କରେ ନାହିଁ, ସେ
ମୃତ୍ୟୁ ସୀମା ମଧ୍ୟରେ ଥାଏ। [୧୫]ନିଜ ଭାଇକୁ ଘୃଣା
କରୁଥିବା ପ୍ରତ୍ୟେକ ଲୋକ ନିଜେ ହତ୍ୟାକାରୀ ଅଟେ।
ତୁମ୍ଭେ ତ' ଜାଣିଛ ଯେ, କୌଣସି ହତ୍ୟାକାରୀଠାରେ ଅନନ୍ତ
ଜୀବନ ନାହିଁ। [୧୬]ଯୀଶୁ ଆମ୍ଭମାନଙ୍କ ପାଇଁ ନିଜ ଜୀବନ
ଦେଇଛନ୍ତି। ଏଥିରୁ ପ୍ରକୃତ ପ୍ରେମ କ'ଣ, ତାହା ଆମ୍ଭେ
ଜାଣିଛୁ। ଆମ୍ଭେ ମଧ୍ୟ ନିଜ ଭାଇମାନଙ୍କ ପାଇଁ ଜୀବନ
ଦାନ କରିବା ଉଚିତ। [୧୭]ଯେଉଁ ବିଶ୍ୱାସୀ ଜଗତର ସମସ୍ତ
ଧନରେ ଧନୀ, କିନ୍ତୁ ନିଜ ଭାଇକୁ ଅଭାବ ଅବସ୍ଥାରେ
ଦେଖି ମଧ୍ୟ ତାହାକୁ ସାହାଯ୍ୟ କରେ ନାହିଁ, ତା'
ହୃଦୟରେ ପରମେଶ୍ୱରଙ୍କର ପ୍ରେମ ନାହିଁ। [୧୮]ପ୍ରିୟ ପିଲାମାନେ,
ଆମ୍ଭର ପ୍ରେମ କେବଳ ଶବ୍ଦ ଓ କଥା ମଧ୍ୟରେ ସୀମିତ
ରହିବା ଉଚିତ ନୁହେଁ। ମାତ୍ର ଏହା ସତ୍ୟପ୍ରେମ ହେବା
ଆବଶ୍ୟକ ଓ ଆଚରଣରେ ଆମ୍ଭେ ଏହା ଦେଖାଇବା
ଉଚିତ।
[୧୯-୨୦]ଏହିପରି ଭାବରେ ଆମ୍ଭେ ସତ୍ୟମାର୍ଗରେ ଅଛୁ
ବୋଲି ଜାଣି ପାରିବା। ପୁଣି ଯଦି କୌଣସି ବିଷୟରେ
ଆମ୍ଭମାନଙ୍କ ହୃଦୟ ଆମ୍ଭମାନଙ୍କୁ ଦୋଷୀ କରେ, ତେବେ
ମଧ୍ୟ ଆମ୍ଭେମାନେ ପରମେଶ୍ୱରଙ୍କ ଛାମୁରେ ଶାନ୍ତି ରହିପାରିବା,
କାରଣ ପରମେଶ୍ୱର ଆମ୍ଭମାନଙ୍କ ହୃଦୟ(ବିବେକ)ଠାରୁ ମହାନ
ଓ ସେ ସବୁ ଜାଣନ୍ତି।
[୨୧]ପ୍ରିୟ ବନ୍ଧୁମାନେ, ଆମ୍ଭମାନଙ୍କ ହୃଦୟ ଯଦି ଆମ୍ଭମାନଙ୍କୁ
ଦୋଷୀ ନ କରେ, ତାହାହେଲେ ପରମେଶ୍ୱରଙ୍କ ଛାମୁରେ
ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଭରସା ଅଛି। [୨୨]ଆମ୍ଭେ ଯାହା
ତାହାଙ୍କଠାରୁ ମାଗୁ, ଆମ୍ଭେ ତାହାଙ୍କଠାରୁ ପାଇଥାଉ। ଆମ୍ଭେ
ତାଙ୍କ ଆଦେଶ ପାଳନ କରୁ ଏବଂ ଆମ୍ଭେ ସେହି
କାମଗୁଡ଼ିକ କରୁ, ଯାହା ତାହାଙ୍କୁ ସନ୍ତୁଷ୍ଟ କରେ।
[୨୩]ପରମେଶ୍ୱରଙ୍କର ଏହା ଆଦେଶ: ତାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ
ନାମରେ ଆମ୍ଭେମାନେ ବିଶ୍ୱାସ କରିବା ଓ ପରସ୍ପରକୁ ଭଲ
ପାଇବା। [୨୪]ଯେଉଁ ଲୋକ ତାହାଙ୍କ ଆଦେଶଗୁଡ଼ିକ ପାଳନ
କରେ, ସେ ପରମେଶ୍ୱରଙ୍କଠାରେ ରୁହେ ଓ ପରମେଶ୍ୱର
ସେହି ଲୋକଠାରେ ରୁହନ୍ତି। ପରମେଶ୍ୱର ଯେ
ଆମ୍ଭମାନଙ୍କଠାରେ ବାସ କରନ୍ତି, ତାହା ଆମ୍ଭେମାନେ କିପରି
ଜାଣିବା? ପରମେଶ୍ୱରଙ୍କ ଦତ୍ତ ପବିତ୍ର ଆତ୍ମାଙ୍କ ଦ୍ୱାରା
ଆମ୍ଭେମାନେ ତାହା ଜାଣି ପାରିବା।

## ଭଣ୍ଡ ଶିକ୍ଷକଙ୍କ ପ୍ରତି ସାବଧାନ

୪ ପ୍ରିୟ ବନ୍ଧୁମାନେ, ଏ ଜଗତର ଚାରିଆଡ଼େ ବହୁତ
ଭଣ୍ଡ ଭାବବାଦୀ ବର୍ତ୍ତମାନ ଅଛନ୍ତି। ତେଣୁ ପ୍ରତ୍ୟେକ

---

**କୟିନ** କୟିନ ଓ ହେବଲ ଆଦମ ଓ ହବାର ପୁଅ। କୟିନ ହେବଲକୁ ହତ୍ୟା କରିଥିଲା।

ଆତ୍ମାକୁ ବିଶ୍ୱାସ କରନାହିଁ, ବରଂ ସେମାନେ ପରମେଶ୍ୱରଙ୍କଠାରୁ
ଆଗତ କି ନା, ଏହା ପରୀକ୍ଷା କରି ଦେଖ। [2]ଏହି
ପ୍ରକାରେ ତୁମ୍ଭେମାନେ ପରମେଶ୍ୱରଙ୍କର ଆତ୍ମାକୁ ଚିହ୍ନିପାରିବ:
ଏକ ଆତ୍ମା କହିବ ଯେ, "ମୁଁ ବିଶ୍ୱାସ କରେ ଯେ ଯୀଶୁ
ହିଁ ଖ୍ରୀଷ୍ଟ ଅଟନ୍ତି ଓ ସେ ଏ ଜଗତକୁ ମନୁଷ୍ୟ ରୂପ
ଧାରଣ କରି ଆସିଥିଲେ," ସେହି ଆତ୍ମା ପରମେଶ୍ୱରଙ୍କଠାରୁ
ଆଗତ। [3]ଅନ୍ୟ ଆତ୍ମା ଯୀଶୁଙ୍କ ବିଷୟରେ ଏପରି ସାକ୍ଷ୍ୟ
ଦିଅନ୍ତି ନାହିଁ, ସେହି ଆତ୍ମା ପରମେଶ୍ୱରଙ୍କଠାରୁ ଆସି ନାହିଁ,
ସେମାନେ ଖ୍ରୀଷ୍ଟଙ୍କର ଶତ୍ରୁ। ଖ୍ରୀଷ୍ଟଙ୍କ ଶତ୍ରୁ ଆସିବା ସମ୍ବନ୍ଧରେ
ତୁମ୍ଭେମାନେ ଶୁଣିଛ ଏବଂ ସେ ବର୍ତ୍ତମାନ ଏହି ସଂସାର
ଭିତରେ ରହିଛି।

[4]ପିଲାମାନେ! ତୁମ୍ଭେମାନେ ପରମେଶ୍ୱରଙ୍କର ଅଟ।
ସେଥିପାଇଁ ତୁମ୍ଭେମାନେ ସେମାନଙ୍କୁ (ଭଣ୍ଡ ଶିକ୍ଷକମାନଙ୍କୁ)
ପରାସ୍ତ କରିଛ କାରଣ ତୁମ୍ଭ ମଧ୍ୟରେ ଯେ ଅଛନ୍ତି, ସେ
ଜାଗତିକ ଲୋକମାନଙ୍କଠାରେ ଥିବା ଶୟତାନଠାରୁ ମଧ୍ୟ
ମହାନ୍। [5]ସେହି ଲୋକମାନେ ଜଗତର ଅଟନ୍ତି। ସେଥିପାଇଁ
ସେମାନଙ୍କର କଥାଗୁଡ଼ିକ ଜାଗତିକ ଅଟେ। ଏବଂ ଜଗତ
ସେମାନଙ୍କ କଥା ଶୁଣେ। [6]କିନ୍ତୁ ଆମ୍ଭେସବୁ ପରମେଶ୍ୱରଙ୍କର।
ତେଣୁ ପରମେଶ୍ୱରଙ୍କୁ ଜାଣିଥିବା ଲୋକ ଆମ୍ଭ କଥା
ଶୁଣେ। ଯେଉଁ ଲୋକ ପରମେଶ୍ୱରଙ୍କର ନୁହେଁ, ସେ ଆମ୍ଭ
କଥା ଶୁଣେ ନାହିଁ। ଏହିପରି ଭାବରେ ଆମ୍ଭେ ସତ୍ୟମୟ
ଆତ୍ମା ଓ ଲୋକମାନଙ୍କୁ ବିଭ୍ରାନ୍ତ କରୁଥିବା ଆତ୍ମାକୁ ଚିହ୍ନି
ପାରିବା।

### ପ୍ରେମ ପରମେଶ୍ୱରଙ୍କଠାରୁ ଆସେ

[7]ପ୍ରିୟ ବନ୍ଧୁମାନେ, ଆମ୍ଭେସବୁ ପରସ୍ପରକୁ ଭଲ ପାଇବା
ଉଚିତ, କାରଣ ପ୍ରେମ ପରମେଶ୍ୱରଙ୍କଠାରୁ ଆସେ। ଯେଉଁ
ଲୋକ ପ୍ରେମ କରେ, ସେ ପରମେଶ୍ୱରଙ୍କର ସନ୍ତାନ ହୁଏ
ଓ ତାହାଙ୍କୁ ଜାଣିପାରେ। [8]ଯେଉଁ ଲୋକ ପ୍ରେମ କରେ
ନାହିଁ, ସେ ପରମେଶ୍ୱରଙ୍କୁ ଜାଣେ ନାହିଁ, କାରଣ ପରମେଶ୍ୱର
ତ ପ୍ରେମ। [9]ଏହିପରି ଭାବରେ ପରମେଶ୍ୱର ଆମ୍ଭକୁ
ତାହାଙ୍କ ପ୍ରେମ ଦେଖାଇଛନ୍ତି। ସେ ତାହାଙ୍କର ଏକମାତ୍ର
ପୁତ୍ରକୁ ଏ ଜଗତକୁ ପଠାଇଛନ୍ତି ଯେପରି ଆମ୍ଭେ ତାହାଙ୍କ
ମାଧ୍ୟମରେ ଜୀବନ ପାଇପାରିବା। [10]ଆମ୍ଭେମାନେ ଯେ
ପରମେଶ୍ୱରଙ୍କୁ ପ୍ରେମ କଲୁ, ତାହା ନୁହେଁ, ମାତ୍ର ସେ
ଆମ୍ଭମାନଙ୍କୁ ପ୍ରେମ କଲେ, ଏହା ହେଉଛି ପ୍ରକୃତ ପ୍ରେମ।
ପୁଣି ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ
କରି ପଠାଇଲେ:

[11]ଏହାଦ୍ୱାରା ଆମ୍ଭ ପ୍ରତି ପରମେଶ୍ୱରଙ୍କ ମହାନ୍ ପ୍ରେମ
ପ୍ରକାଶ ପାଏ। ତେଣୁ ପ୍ରିୟ ବନ୍ଧୁମାନେ, ଆମ୍ଭେମାନେ ମଧ୍ୟ
ପରସ୍ପରକୁ ନିଶ୍ଚୟ ପ୍ରେମ କରିବା। [12]କେହି କେବେ
ପରମେଶ୍ୱରଙ୍କୁ ଦେଖିନାହିଁ। କିନ୍ତୁ ଯଦି ଆମ୍ଭେ ପରସ୍ପରକୁ
ପ୍ରେମ କରିବା, ତେବେ ପରମେଶ୍ୱର ଆମ୍ଭମାନଙ୍କ ମଧ୍ୟରେ
ବାସ କରିବେ ଓ ତାହାଙ୍କର ପ୍ରେମ ଆମ୍ଭଠାରେ ସିଦ୍ଧ
ହେବ। [13]ଆମ୍ଭେ ଜାଣୁ ଯେ, ଆମ୍ଭେ ସବୁ ପରମେଶ୍ୱରଙ୍କଠାରେ
ରହିଛୁ ଓ ସେ ଆମ୍ଭଠାରେ ଅଛନ୍ତି। ଆମ୍ଭେ ଏହା ଜାଣୁ,
କାରଣ ପରମେଶ୍ୱର ଆମ୍ଭମାନଙ୍କୁ ତାଙ୍କର ପବିତ୍ର ଆତ୍ମାଙ୍କୁ
ଦେଇଛନ୍ତି। [14]ଆମ୍ଭେମାନେ ଦେଖିଅଛୁ ଯେ ପରମେଶ୍ୱର
ଜଗତର ଉଦ୍ଧାର ପାଇଁ ଯେ ନିଜର ପୁତ୍ରଙ୍କୁ ପଠାଇଛନ୍ତି,
ଆମ୍ଭେମାନେ ଏଥିର ସାକ୍ଷୀ। ବର୍ତ୍ତମାନ ମଧ୍ୟ ଆମ୍ଭେ ସେହି
ସାକ୍ଷ୍ୟ ଦେଉଅଛୁ। [15]ଯଦି କେହି ବିଶ୍ୱାସ କରେ ଯେ,
"ଯୀଶୁ ପରମେଶ୍ୱରଙ୍କର ପୁତ୍ର ଅଟନ୍ତି," ତେବେ ପରମେଶ୍ୱର
ତାଠାରେ ରହନ୍ତି ଓ ସେ ମଧ୍ୟ ପରମେଶ୍ୱରଙ୍କଠାରେ
ରହେ। [16]ତେଣୁ ଆମ୍ଭେ ପରମେଶ୍ୱରଙ୍କ ପ୍ରେମକୁ ଜାଣିଛୁ
ଓ ତହିଁରେ ଭରସା ରଖିଛୁ।

ପରମେଶ୍ୱର ତ ପ୍ରେମ। ଯେଉଁ ଲୋକ ପ୍ରେମରେ ସ୍ଥିର
ରହେ, ସେ ପରମେଶ୍ୱରଙ୍କଠାରେ ସ୍ଥିର ରହେ ଓ ପରମେଶ୍ୱର
ତାହାଠାରେ ବାସ କରନ୍ତି। [17]ଯଦି ଆମ୍ଭେ ପରମେଶ୍ୱରଙ୍କ
ପ୍ରେମରେ ସ୍ଥିର ହୋଇ ରହୁ, ତେବେ ତାହାର ବିଚାର
ଦିନରେ ଆମ୍ଭେମାନେ ଭରସାଯୁକ୍ତ ହୋଇ ନିର୍ଭୟରେ
ରହିପାରିବା। ଏହି ସଂସାରରେ ଆମ୍ଭେମାନେ ତାହାଙ୍କ (ଖ୍ରୀଷ୍ଟଙ୍କ)
ଭଳି ହୋଇଥିବାରୁ, ନିର୍ଭୟରେ ରହିପାରିବା। [18]ପ୍ରେମରେ
ଭୟ ନଥାଏ। ବରଂ ପରମେଶ୍ୱର ଦତ୍ତ ସିଦ୍ଧ ପ୍ରେମ
ଭୟକୁ ଦୂର କରିଦିଏ। ଭୟ ସହିତ ଦଣ୍ଡର ସଂପର୍କ
ଥାଏ। ତେଣୁ ଯାହାର ଭୟ ଅଛି, ଈଶ୍ୱରଙ୍କ ପ୍ରେମ
ତାହାଠାରେ ସିଦ୍ଧ ହୋଇ ନାହିଁ।

[19]ପରମେଶ୍ୱର ଆମ୍ଭକୁ ପ୍ରଥମେ ପ୍ରେମ କରିବାରୁ
ଆମ୍ଭେମାନେ ତାହାଙ୍କୁ ପ୍ରେମ କରିଲୁ। [20]ଯଦି କେହି କହେ
"ମୁଁ ପରମେଶ୍ୱରଙ୍କୁ ପ୍ରେମ କରେ," କିନ୍ତୁ ନିଜ ଭାଇକୁ
ଘୃଣା କରେ, ତେବେ ସେ ହେଉଛି ମିଥ୍ୟାବାଦୀ, କାରଣ
ଯେଉଁ ଲୋକ ତାହାର ଦେଖିଥିବା ଭାଇକୁ ଭଲ ପାଏ
ନାହିଁ, ତେବେ ଯେଉଁ ପରମେଶ୍ୱରଙ୍କୁ ସେ କେବେ
ଦେଖିନାହିଁ, ତାହାଙ୍କୁ ପ୍ରେମ କରି ପାରିବ ନାହିଁ। [21]ଏହି
ଆଜ୍ଞା ଆମ୍ଭେ ପରମେଶ୍ୱରଙ୍କଠାରୁ ପାଇଛୁ ଯେ ଯେକେହି
ପରମେଶ୍ୱରଙ୍କୁ ପ୍ରେମ କରେ, ସେ ନିଜ ଭାଇକୁ ମଧ୍ୟ
ପ୍ରେମ କରେ।

### ପରମେଶ୍ୱରଙ୍କ ସନ୍ତାନ ଜଗତ ବିରୁଦ୍ଧରେ ଜୟଲାଭ କରନ୍ତି

**୫** ଯୀଶୁ ହେଉଛନ୍ତି ଖ୍ରୀଷ୍ଟ ବୋଲି ଯେଉଁମାନେ ବିଶ୍ୱାସ
କରନ୍ତି, ସେମାନେ ପରମେଶ୍ୱରଙ୍କର ସନ୍ତାନ ଅଟନ୍ତି।
ପରମ ପିତାଙ୍କୁ ପ୍ରେମ କରୁଥିବା ବ୍ୟକ୍ତି ତାହାଙ୍କର ସନ୍ତାନମାନଙ୍କୁ
ମଧ୍ୟ ପ୍ରେମ କରେ। [2]ଆମ୍ଭେ ପରମେଶ୍ୱରଙ୍କ ସନ୍ତାନମାନଙ୍କୁ
ପ୍ରେମ କରୁ ବୋଲି କିପରି ଜାଣିପାରୁ? ଆମ୍ଭେ ପରମେଶ୍ୱରଙ୍କୁ
ପ୍ରେମ କରୁ ଓ ତାହାଙ୍କର ଆଜ୍ଞା ପାଳନ କରୁଥିବାରୁ
ଜାଣିପାରୁ ଯେ, ଆମ୍ଭେ ପରମେଶ୍ୱରଙ୍କ ସନ୍ତାନ ଅଟୁ।
[3]କାରଣ ପରମେଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ, ତାହାଙ୍କ
ଆଜ୍ଞା ପାଳନ କରିବା। ଆଉ ତାହାଙ୍କ ଆଜ୍ଞା ସବୁ
ଅତିଶୟ କଠିନ ନୁହେଁ। [4]ଯେଉଁ ବ୍ୟକ୍ତି ପରମେଶ୍ୱରଙ୍କ
ସନ୍ତାନ, ଜଗତକୁ ଜୟ କରିବା ନିମନ୍ତେ ତାହାର କ୍ଷମତା
ଅଛି। [5]ଆମ୍ଭର ବିଶ୍ୱାସ ଦ୍ୱାରା ଆମ୍ଭେ ଜଗତକୁ ଜିତିଛୁ।
ଆମ୍ଭର ବିଶ୍ୱାସ ଜଗତକୁ ଜୟ କରେ। ଯେଉଁ ଲୋକ
ବିଶ୍ୱାସ କରେ ଯେ ଯୀଶୁ ପରମେଶ୍ୱରଙ୍କ ପୁତ୍ର, ସେ
ଜଗତରେ ବିଜୟୀ ହୁଏ।

### ପରମେଶ୍ୱର ଆମ୍ଭମାନଙ୍କୁ ତାହାଙ୍କର ପୁତ୍ର ବିଷୟରେ କହିଲେ

୬ ଯିଏ ଏ ସଂସାରକୁ ଆସିଲେ, ସେ ହେଉଛନ୍ତି ଯୀଶୁ
ଖ୍ରୀଷ୍ଟ। ଯୀଶୁ ଖ୍ରୀଷ୍ଟ ଆମ୍ଭ ପାଖକୁ ଜଳ ଓ ରକ୍ତ* ସହିତ
ଆସିଥିଲେ। କେବଳ ଜଳ ନୁହେଁ, ମାତ୍ର ଜଳ ଓ ରକ୍ତ
ଉଭୟ ସହିତ ଯୀଶୁ ଆସିଥିଲେ। ସେହି ଆତ୍ମା ଆମ୍ଭମାନଙ୍କ
ନିକଟରେ ଏହି ସତ୍ୟ ସାକ୍ଷ୍ୟ ଦେଲେ। ଆତ୍ମା ହିଁ ସତ୍ୟ।
୭ ଯୀଶୁଙ୍କ ବିଷୟରେ ଆମ୍ଭକୁ ତିନିଜଣ ସାକ୍ଷ୍ୟ ଦିଅନ୍ତି;
୮ ପବିତ୍ର ଆତ୍ମା, ଜଳ ଓ ରକ୍ତ। ଏହି ତିନିଜଣଙ୍କ ସାକ୍ଷ୍ୟ
ଏକ ଅଟେ। ୯ ଯେତେବେଳେ ଲୋକମାନେ ସତ୍ୟକଥା
କହନ୍ତି, ଆମ୍ଭେ ତାହା ବିଶ୍ୱାସ କରିଥାଉ। କିନ୍ତୁ ପରମେଶ୍ୱର
ଯାହା କହନ୍ତି, ତାହା ତ ଅଧିକ ବିଶ୍ୱାସ ଯୋଗ୍ୟ।
ପରମେଶ୍ୱର ତାହାଙ୍କ ପୁତ୍ରଙ୍କ ବିଷୟରେ ସତ୍ୟ ସାକ୍ଷ୍ୟ
ଦିଅନ୍ତି। ୧୦ ପରମେଶ୍ୱରଙ୍କର ପୁତ୍ରଙ୍କୁ ବିଶ୍ୱାସ କରୁଥିବା
ବ୍ୟକ୍ତି ନିଜ ହୃଦୟରେ ସେହି ସତ୍ୟ ସାକ୍ଷ୍ୟ ପାଇଅଛି।
ପରମେଶ୍ୱରଙ୍କଠାରେ ବିଶ୍ୱାସ କରୁ ନଥିବା ବ୍ୟକ୍ତି ପରମେଶ୍ୱରଙ୍କୁ
ମିଥ୍ୟାବାଦୀ କରିଦିଏ, କାରଣ ଈଶ୍ୱର ଆପଣା ପୁତ୍ରଙ୍କ
ସମ୍ବନ୍ଧରେ ଯାହା କହିଛନ୍ତି, ସେ ତାହା ବିଶ୍ୱାସ କରେ
ନାହିଁ। ୧୧ ପରମେଶ୍ୱର ଏହା କହନ୍ତି: ପରମେଶ୍ୱର ଆମ୍ଭମାନଙ୍କୁ
ଅନନ୍ତ ଜୀବନ ଦେଇଛନ୍ତି ଓ ସେ ଜୀବନ ତାହାଙ୍କ
ପୁତ୍ରଙ୍କଠାରେ ଅଛି। ୧୨ ଯିଏ ପୁତ୍ରଙ୍କୁ ପାଇଅଛି ସେ ଜୀବନ
ପାଇଅଛି। କିନ୍ତୁ ଯେ ପରମେଶ୍ୱରଙ୍କ ପୁତ୍ରଙ୍କୁ ପାଇ ନାହିଁ,
ସେ ଜୀବନ ପାଇ ନାହିଁ।

### ବର୍ତ୍ତମାନ ଆମ୍ଭ ପାଖରେ ଅନନ୍ତ ଜୀବନ ଅଛି

୧୩ ହେ ପରମେଶ୍ୱରଙ୍କ ପୁତ୍ରଙ୍କ ନାମରେ ବିଶ୍ୱାସ କରୁଥିବା
ଲୋକମାନେ, ତୁମ୍ଭେମାନେ ଯେପରି ଜାଣ ଯେ, ତୁମ୍ଭେମାନେ
ଅନନ୍ତ ଜୀବନ ପାଇଅଛ, ଏଥିନିମନ୍ତେ ମୁଁ ତୁମ୍ଭମାନଙ୍କ
ନିକଟକୁ ଏହି ସମସ୍ତ ଲେଖିଲି। ୧୪ ଆମ୍ଭେ ନିଃସନ୍ଦେହରେ
ତାହାଙ୍କ ନିକଟକୁ ଆସିବା କାରଣ ତାହାଙ୍କଠାରେ ଆମ୍ଭର
ଏହି ଭରସା ଅଛି ଯେ ଯେତେବେଳେ ଆମ୍ଭେ ତାହାଙ୍କ
ଇଚ୍ଛା ଅନୁଯାୟୀ ତାହାଙ୍କୁ କୌଣସି ବିଷୟ ମାଗୁ ସେ
ଆମ୍ଭର ପ୍ରାର୍ଥନା ଶୁଣନ୍ତି। ୧୫ ପ୍ରତ୍ୟେକ ସମୟରେ ସେ
ଆମ୍ଭର ମାଗୁଣି ଶୁଣନ୍ତି। ତେଣୁ ଆମ୍ଭେ ତାହାଙ୍କୁ ଯାହା
ମାଗୁ, ତାହା ସେ ଦେବେ ବୋଲି ଜାଣୁ।

୧୬ ଯଦି କେହି ନିଜ ଭାଇକୁ କିମ୍ବା ଭଉଣୀକୁ ଏଭଳି
ପାପ କରୁଥିବାର ଦେଖେ ଆଉ ସେହି ପାପ ମୃତ୍ୟୁଜନକ,
ତେବେ ସେ ପାପ କରୁଥିବା ନିଜ ଭାଇ ଓ ଭଉଣୀମାନଙ୍କ
ପାଇଁ ପ୍ରାର୍ଥନା କରିବା ଉଚିତ। ତହିଁରେ ପରମେଶ୍ୱର
ସେମାନଙ୍କୁ ଜୀବନ ପ୍ରଦାନ କରିବେ। ମୁଁ ଏପରି ଲୋକମାନଙ୍କ
ବିଷୟରେ କହୁଛି,, ଯେଉଁମାନେ ଏପରି ପାପରେ ଲିପ୍ତ
ଅଛନ୍ତି ଯାହା ସେମାନଙ୍କୁ ଅନନ୍ତ ମୃତ୍ୟୁ ପାଖକୁ ନେଇ
ଯାଇ ପାରିବ ନାହିଁ। ଏପରି ପାପ ମଧ୍ୟ ଅଛି, ଯାହାର
ପରିଣାମ ମୃତ୍ୟୁ ଅଟେ। ମୁଁ ତୁମ୍ଭମାନଙ୍କୁ ସେପରି ପାପ
ବିଷୟରେ ପ୍ରାର୍ଥନା କରିବା ପାଇଁ କହୁନାହିଁ। ୧୭ ସମସ୍ତ ମନ୍ଦ
କାମ ପାପ ଅଟେ। କିନ୍ତୁ ଏପରି ପାପ କାମ ମଧ୍ୟ ଅଛି
ଯାହା ଅନନ୍ତ ମୃତ୍ୟୁ ଆଡ଼କୁ ନେଇଯାଏ ନାହିଁ।

୧୮ ଆମ୍ଭେ ଜାଣୁ ଯେ, ପରମେଶ୍ୱରଙ୍କର ସନ୍ତାନ ହୋଇଥିବା
ବ୍ୟକ୍ତି ଆଉ ପାପରେ ଲିପ୍ତ ରହେନାହିଁ। ବରଂ ପରମେଶ୍ୱରଙ୍କ
ପୁତ୍ର ତାହାକୁ ରକ୍ଷା କରନ୍ତି ଏବଂ ପାପାତ୍ମା ତା'ର କିଛି
କ୍ଷତି କରି ପାରେନାହିଁ। ୧୯ ଆମ୍ଭେ ଜାଣୁ, ଯେ ଆମ୍ଭେ
ପରମେଶ୍ୱରଙ୍କର ଅଟୁ ମାତ୍ର ସମଗ୍ର ଜଗତ ଶୟତାନର
ନିୟନ୍ତ୍ରଣରେ ଅଛି। ୨୦ ଆମ୍ଭେ ଏହା ମଧ୍ୟ ଜାଣୁ ଯେ,
ପରମେଶ୍ୱରଙ୍କ ପୁତ୍ର ଆସି ଅଛନ୍ତି ଓ ସେ ଆମ୍ଭମାନଙ୍କୁ
ବୁଝିବା ଶକ୍ତି ପ୍ରଦାନ କରିଛନ୍ତି। ତେଣୁ ବର୍ତ୍ତମାନ ଆମ୍ଭେ
ପରମେଶ୍ୱରଙ୍କୁ ଜାଣିପାରୁ। ସେହି ପରମେଶ୍ୱର ସତ୍ୟ
ଅଟନ୍ତି। ସେହି ସତ୍ୟମୟ ପରମେଶ୍ୱର ଓ ତାହାଙ୍କ ପୁତ୍ର
ଯୀଶୁ ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କର ଜୀବନ ଅଛି। ୨୧ ତେଣୁ
ପ୍ରିୟ ପିଲାମାନେ, ତୁମ୍ଭେମାନେ ସବୁ ନିଜ ନିଜକୁ ଭଣ୍ଡ
ଦେବତାମାନଙ୍କଠାରୁ ଦୂରରେ ରଖ।

---

**"ଜଳ ଓ ରକ୍ତ"** ଜଳ ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କର ବାପ୍ତିସ୍ମର ଜଳ, ରକ୍ତ ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କର ମୃତ୍ୟୁର ରକ୍ତ।

# ଯୋହନଙ୍କ ଦ୍ୱିତୀୟ ପତ୍ର

ପ୍ରାଚୀନ ଯେ ମୁଁ, ପରମେଶ୍ୱରଙ୍କ ଦ୍ୱାରା ମନୋନୀତା
ମହିଳା ଓ ତାହାଙ୍କର ସନ୍ତାନମାନଙ୍କ ନିକଟକୁ ଏହି ପତ୍ର
ଲେଖୁଛି:
ମୁଁ ତୁମ୍ଭ ସମସ୍ତଙ୍କୁ ସତ୍ୟରେ ରହି ପ୍ରେମ କରେ।
ସତ୍ୟକୁ ଜାଣିଥିବା ସମସ୍ତ ଲୋକମାନେ ମଧ୍ୟ ତୁମ୍ଭକୁ ପ୍ରେମ
କରନ୍ତି। ୨ଆମ୍ଭ ଅନ୍ତରରେ ଯେଉଁ ସତ୍ୟ ରହିଛି, ସେଥିପାଇଁ
ଆମ୍ଭେ ତୁମ୍ଭମାନଙ୍କୁ ପ୍ରେମ କରୁଛୁ। ଏହି ସତ୍ୟ ଆମ୍ଭ
ପାଖରେ ସର୍ବଦିନ ପାଇଁ ରହିବ।
୩ପରମପିତା ପରମେଶ୍ୱର ଓ ତାହାଙ୍କ ପୁତ୍ର ଯୀଶୁ
ଖ୍ରୀଷ୍ଟଙ୍କଠାରୁ ଦୟା, ଅନୁଗ୍ରହ ଓ ଶାନ୍ତି ଆମ୍ଭ ସହିତ
ରହିବ। ଆମ୍ଭେ ସତ୍ୟ ଓ ପ୍ରେମ ଦ୍ୱାରା ତାହାଙ୍କଠାରୁ ଏହି
ଆଶୀର୍ବାଦ ଲାଭ କରୁ।
୪ମୁଁ ତୁମ୍ଭର କେତେକ ସନ୍ତାନମାନଙ୍କ ବିଷୟରେ ଶୁଣି
ଖୁସି ହେଲି। ମୁଁ ଅତିଶୟ ଆନନ୍ଦିତ ଯେ, ପିତାଙ୍କ
ଆଜ୍ଞାନୁସାରେ ସେମାନେ ସତ୍ୟପଥ ଅନୁସରଣ କରୁଛନ୍ତି।
୫ପ୍ରିୟ ମହାଶୟା। ମୁଁ ତୁମକୁ କହୁଛି: ଆମ୍ଭେ ସମସ୍ତେ
ପରସ୍ପରକୁ ପ୍ରେମ କରିବା ଉଚିତ। ଏହା ଏକ ନୂତନ
ଆଜ୍ଞା ନୁହେଁ। ଏହା ସେହି ଆଜ୍ଞା, ଯାହା ଆମ୍ଭମାନଙ୍କ
ନିକଟରେ ଆରମ୍ଭରୁ ଅଛି। ୬ପ୍ରେମର ଅର୍ଥ ହେଉଛି,
ତାହାଙ୍କର ଆଜ୍ଞା ଅନୁସାରେ ଜୀବନଯାପନ କରିବା।
ପରମେଶ୍ୱରଙ୍କ ଆଜ୍ଞା ଏହି: ତୁମ୍ଭେ ଏକ ପ୍ରେମର ଜୀବନ
ବିତାଅ। ତୁମ୍ଭେ ଏହି ଆଜ୍ଞା ଆରମ୍ଭରୁ ଶୁଣିଛ।
୭ଏ ଜଗତରେ ବର୍ତ୍ତମାନ ଅନେକ ଭଣ୍ଡ ଶିକ୍ଷକ
ବାହାରିଲେଣି। ଯୀଶୁ ଖ୍ରୀଷ୍ଟ ଏହି ଜଗତକୁ ଆସିଛନ୍ତି, ଏହା
ସେମାନେ ଅସ୍ୱୀକାର କରନ୍ତି। ଏହି ସତ୍ୟକୁ ଅସ୍ୱୀକାର
କରୁଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ଭଣ୍ଡ ଶିକ୍ଷକ ଓ
ଖ୍ରୀଷ୍ଟଙ୍କର ଶତ୍ରୁ। ୮ସାବଧାନ ରୁହ, ଯେପରି ତୁମ୍ଭ କାର୍ଯ୍ୟର
ପୁରସ୍କାର ହରାଇ ନ ଦିଅ। ଯେପରି ତୁମ୍ଭେ ତୁମ୍ଭର ସମସ୍ତ
ପୁରସ୍କାର ପାଇବ, ସେଥିପାଇଁ ଯତ୍ନବାନ ହୁଅ।
୯ପ୍ରତ୍ୟେକ ଲୋକ ଖ୍ରୀଷ୍ଟଙ୍କର ଶିକ୍ଷାକୁ କେବଳ ଅନୁସରଣ
କରିବା ଉଚିତ। ଯଦି କେହି ଖ୍ରୀଷ୍ଟଙ୍କ ଶିକ୍ଷାକୁ ପରିବର୍ତ୍ତନ
କରେ, ତେବେ ସେହି ଲୋକ ପାଖରେ ପରମେଶ୍ୱର
ନାହାଁନ୍ତି। ଯଦି କୌଣସି ବ୍ୟକ୍ତି ଖ୍ରୀଷ୍ଟଙ୍କ ଶିକ୍ଷା ଅନୁସରଣ
କରେ, ତେବେ ସେହି ଲୋକ ପାଖରେ ଉଭୟ ପରମପିତା
ଏବଂ ପୁତ୍ର ଅଛନ୍ତି।
୧୦ଯଦି ତୁମ୍ଭ ପାଖକୁ କେହି ଆସେ କିନ୍ତୁ ଏହି ଶିକ୍ଷା
ନଦିଏ, ତେବେ ତାହାକୁ ଗୃହରେ ସ୍ୱାଗତ ଓ ଗ୍ରହଣ କର
ନାହିଁ। ୧୧ତୁମ୍ଭେ ତାହାକୁ ଯଦି ଗ୍ରହଣ କର, ତେବେ
ତାହାକୁ ମନ୍ଦକର୍ମ କରିବାରେ ସାହାଯ୍ୟ କରୁଛ।
୧୨ମୋର ତୁମ୍ଭକୁ କହିବା ପାଇଁ ବହୁତ କଥା ଅଛି।
କିନ୍ତୁ ମୁଁ କାଗଜ ଏବଂ କଲମରେ ତାହା ଲେଖୁନାହିଁ।
ତାହା ବଦଳରେ ମୁଁ ତୁମ୍ଭକୁ ସାକ୍ଷାତ କରିବାକୁ ଆଶା
କରୁଛି, ତେବେ ଆମ୍ଭେ ମୁହାଁମୁହିଁ ହୋଇ କଥାବାର୍ତ୍ତା
ହୋଇପାରିବା। ତାହା ଆମ୍ଭକୁ ଅତିଶୟ ଆନନ୍ଦିତ କରିବ।
୧୩ପରମେଶ୍ୱରଙ୍କ ଦ୍ୱାରା ମନୋନୀତା ତୁମ୍ଭମାନଙ୍କର ଭଉଣୀଙ୍କ
ସନ୍ତାନମାନେ ତୁମ୍ଭମାନଙ୍କୁ ସେମାନଙ୍କର ନମସ୍କାର ଜଣାଇଛନ୍ତି।

# ଯୋହନଙ୍କ ତୃତୀୟ ପତ୍ର

ପ୍ରାଚୀନ ଯେ ମୁଁ, ମୁଁ ମୋର ପ୍ରିୟ ବନ୍ଧୁ ଗାୟଙ୍କ
ନିକଟକୁ ଲେଖୁଛି। ମୁଁ ତାହାଙ୍କୁ ସତ୍ୟରେ ରହି ପ୍ରେମ
କରେ।

୨ପ୍ରିୟ ବନ୍ଧୁ, ମୁଁ ଜାଣେ, ତୁମ୍ଭର ଆତ୍ମା କୁଶଳରେ
ଅଛି। ତେଣୁ ମୁଁ ପ୍ରାର୍ଥନା କରେ, ତୁମ୍ଭେ ସବୁ ଦୃଷ୍ଟିରୁ
ଭଲରେ ଥିବ। ତୁମ୍ଭର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମୁଁ ପ୍ରାର୍ଥନା
କରୁଛି। ୩ଖ୍ରୀଷ୍ଟରେ କେତେକ ଭାଇମାନେ ଏଠାକୁ ଆସିଲେ
ଓ ସତ୍ୟ ପ୍ରତି ତୁମ୍ଭର ବିଶ୍ୱସ୍ତତା ସଂପର୍କରେ କହିଲେ।
ସେମାନେ ମୋତେ କହିଲେ ଯେ ତୁମ୍ଭେ ଅବିରତ ସତ୍ୟ
ପଥ ଅନୁସରଣ କରୁଛ। ଏହା ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ
ହେଲି। ୪ମୁଁ ଯେତେବେଳେ ଶୁଣେ ଯେ ମୋର ପିଲାମାନେ
ସତ୍ୟର ମାର୍ଗ ଅନୁସରଣ କରୁଛନ୍ତି, ତାହା ମୋତେ
ବିଶେଷ ଆନନ୍ଦ ଦିଏ।

୫ମୋର ପ୍ରିୟ ବନ୍ଧୁ, ଏହା ଉତ୍ତମ ଯେ ତୁମ୍ଭେ ଖ୍ରୀଷ୍ଟରେ
ଥିବା ଭାଇମାନଙ୍କୁ ସାହାଯ୍ୟ କରୁଛ। ତୁମ୍ଭେ ଅପରିଚିତ
ଭାଇମାନଙ୍କୁ ମଧ୍ୟ ସାହାଯ୍ୟ କରୁଛ। ୬ସେହି ଭାଇମାନେ,
ତୁମ୍ଭର ପ୍ରେମ ସମ୍ବନ୍ଧରେ ମଣ୍ଡଳୀକୁ କହିଛନ୍ତି। ଦୟାକରି
ତୁମ୍ଭେ ସେମାନଙ୍କୁ ସେମାନଙ୍କର ଯାତ୍ରାରେ ସାହାଯ୍ୟ କର।
ତୁମ୍ଭେ ସେମାନଙ୍କୁ ଏପରି ସାହାଯ୍ୟ କର, ଯେପରି ତାହା
ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରିବ। ୭ସେହି ଭାଇମାନେ ଖ୍ରୀଷ୍ଟଙ୍କର
ସେବା ପାଇଁ ଭ୍ରମଣ କରନ୍ତି। ସେମାନେ ବିଶ୍ୱାସ ନ
କରୁଥିବା ଲୋକମାନଙ୍କଠାରୁ କିଛି ଗ୍ରହଣ କରନ୍ତି ନାହିଁ।
୮ତେଣୁ ଆମ୍ଭେ ସେହି ଭାଇମାନଙ୍କୁ ସାହାର୍ଯ୍ୟ କରିବା
ଉଚିତ। ଆମ୍ଭେ ତାହାଙ୍କୁ ସାହାଯ୍ୟ କରିବା ଦ୍ୱାରା ଆମ୍ଭେ
ସତ୍ୟ ନିମନ୍ତେ ସେମାନଙ୍କର କାର୍ଯ୍ୟରେ ଭାଗୀଦାର
ହୋଇପାରିବା।

୯ମୁଁ ମଣ୍ଡଳୀକୁ ଗୋଟିଏ ପତ୍ର ଲେଖିଥିଲି। କିନ୍ତୁ
ଦିୟତ୍ରଫୀ ଆମ୍ଭ କଥା ଶୁଣିବା ପାଇଁ ରାଜି ନୁହେଁ। ସେ
ସର୍ବଦା ସେଠାରେ ନେତା ହୋଇ ରହିବା ପାଇଁ ଚାହେଁ।
୧୦ମୁଁ ସେଠାରୁ ଆସିଲେ, ଦିୟତ୍ରଫୀର କାର୍ଯ୍ୟ ବିଷୟରେ
କଥାବାର୍ତ୍ତା କରିବି। ସେ ଆମ୍ଭମାନଙ୍କ ବିଷୟରେ ମିଥ୍ୟା ଓ
ମନ୍ଦ କଥାମାନ କହୁଛି। ଏହାଛଡ଼ା, ସେ ଖ୍ରୀଷ୍ଟଙ୍କ ପାଇଁ
ସେବା କରୁଥିବା ଭାଇମାନଙ୍କୁ ମଧ୍ୟ ସାହାଯ୍ୟ କରୁ ନାହିଁ।
ଯେଉଁମାନେ ସେହି ଭାଇମାନଙ୍କୁ ସାହାଯ୍ୟ କରିବାକୁ ଚାହାଁନ୍ତି,
ସେମାନଙ୍କୁ ମଧ୍ୟ ସେ ମନା କରୁଛି। ସେ ସେମାନଙ୍କୁ
ମଣ୍ଡଳୀରୁ ବାହାର କରିଦିଏ।

୧୧ମୋର ପ୍ରିୟ ବନ୍ଧୁ, ମନ୍ଦ ବିଷୟକୁ ଅନୁସରଣ କର
ନାହିଁ, କିନ୍ତୁ ଉତ୍ତମ ବିଷୟର ଅନୁଗାମୀ ହୁଅ। ଉତ୍ତମ
କାର୍ଯ୍ୟ କରୁଥିବା ବ୍ୟକ୍ତି ପରମେଶ୍ୱରଙ୍କ ପାଖରୁ ଆସିଥାଏ।
କିନ୍ତୁ ମନ୍ଦ କାର୍ଯ୍ୟ କରୁଥିବା ବ୍ୟକ୍ତି ପରମେଶ୍ୱରଙ୍କୁ କେବେ
ଦେଖି ନାହିଁ।

୧୨ଦୀମୀତ୍ରିୟଙ୍କ ବିଷୟରେ ସମସ୍ତେ ଭଲ କଥା କହନ୍ତି।
ସେମାନେ ଯାହା କହନ୍ତି, ସତ୍ୟ ଏଥିର ସାକ୍ଷ୍ୟ ଦିଏ।
ଆମ୍ଭେ ମଧ୍ୟ ତାହା ବିଷୟରେ ଭଲ କଥା କହୁ, ଏବଂ
ତୁମ୍ଭେ ଜାଣ ଯେ ଆମ୍ଭର ସାକ୍ଷ୍ୟ ସତ୍ୟ ଅଟେ।

୧୩ମୋର ତୁମ୍ଭକୁ କହିବା ପାଇଁ ବହୁତ ବିଷୟ ଅଛି।
କିନ୍ତୁ ମୁଁ ତାହା କାଳି ଏବଂ କଲମରେ ଲେଖିବା ପାଇଁ
ଚାହୁଁନାହିଁ। ୧୪ମୋର ତୁମ୍ଭ ସହିତ ଶୀଘ୍ର ଦେଖା ହେବ
ବୋଲି ଆଶା କରୁଛି। ସେତେବେଳେ ଆମ୍ଭେ ଏକାଠି
ହୋଇ କଥା ହେବା।

୧୫ତୁମ୍ଭ ପ୍ରତି ଶାନ୍ତି ହେଉ। ମୋର ଏଠାରେ ଥିବା
ବନ୍ଧୁମାନେ ତୁମ୍ଭ ପାଖକୁ ସେମାନଙ୍କର ପ୍ରେମ ଜଣାଉଛନ୍ତି।
ଦୟା କରି ଆମ୍ଭର ପ୍ରେମ ସେଠାରେ ଥିବା ପ୍ରତ୍ୟେକ
ବନ୍ଧୁଙ୍କୁ ଜଣାଇବ।

# ଯିହୂଦାଙ୍କ ପତ୍ର

ମୁଁ ଯିହୂଦା, ଯୀଶୁ ଖ୍ରୀଷ୍ଟଙ୍କର ଜଣେ ସେବକ ଓ ଯାକୁବଙ୍କର
ଭାଇ ଅଟେ।
ଯେଉଁମାନେ ପରମେଶ୍ୱରଙ୍କ ଦ୍ୱାରା ଆହ୍ୱାନ ପାଇଛନ୍ତି
ସେମାନଙ୍କ ନିକଟକୁ ଲେଖୁଛି। ପରମ ପିତା ପରମେଶ୍ୱର
ତୁମ୍ଭମାନଙ୍କୁ ପ୍ରେମ କରନ୍ତି ଓ ଯୀଶୁ ଖ୍ରୀଷ୍ଟଙ୍କଠାରେ ତୁମ୍ଭେମାନେ
ସୁରକ୍ଷିତ ଭାବେ ରଖାଯାଇଛ।
୨ପରମେଶ୍ୱରଙ୍କର ଦୟା, ପ୍ରେମ ଓ ଶାନ୍ତି ପ୍ରଚୁର
ଭାବରେ ତୁମ୍ଭେମାନେ ଭୋଗ କର।

### ଭୁଲ କରୁଥିବା ଲୋକମାନଙ୍କୁ ପରମେଶ୍ୱର ଦଣ୍ଡ ଦେବେ

୩ପ୍ରିୟ ବନ୍ଧୁମାନେ, ମୁଁ ତୁମ୍ଭମାନଙ୍କ ପାଖକୁ ଆମ୍ଭେ
ସମସ୍ତେ ଅଂଶୀଦାର ହୋଇଥିବା ପରିତ୍ରାଣ ସମ୍ବନ୍ଧରେ ଲେଖିବା
ପାଇଁ ବହୁତ ଇଚ୍ଛା କରୁଥିଲି। କିନ୍ତୁ ତାହା ବଦଳରେ ମୁଁ
ଅନ୍ୟ କଥା ଲେଖିବା ଆବଶ୍ୟକ ଇଚ୍ଛା କଲି; ମୁଁ ତୁମ୍ଭକୁ,
ବିଶ୍ୱାସ ସକାଶେ କଠିନ ପରିଶ୍ରମ କରିବା ପାଇଁ ଉତ୍ସାହିତ
କରିବାକୁ ଚାହେଁ। ପରମେଶ୍ୱର ତାହାଙ୍କର ପବିତ୍ର ଲୋକମାନଙ୍କୁ
ସେହି ବିଶ୍ୱାସ ଦେଇଥିଲେ। ପରମେଶ୍ୱର ଏକାଥରକେ ଏହି
ବିଶ୍ୱାସ ଦେଇଛନ୍ତି ଓ ଏହା ସବୁଦିନ ପାଇଁ ଉତ୍ତମ।
୪କେତେକ ଲୋକମାନେ ଗୁପ୍ତ ଭାବରେ ତୁମ୍ଭ ଦଳରେ
ପ୍ରବେଶ କରିଛନ୍ତି। ସେମାନେ ସେମାନଙ୍କର କାର୍ଯ୍ୟ ପାଇଁ
ଦୋଷୀ ବିବେଚିତ ହୋଇ ସାରିଲେଣି। ଭବିଷ୍ୟଦ୍‌ବକ୍ତାମାନେ
ବହୁତ ଆଗରୁ ଏହି ଲୋକମାନଙ୍କ ବିଷୟରେ ଲେଖିଥିଲେ।
ଏହି ଲୋକମାନେ ପରମେଶ୍ୱରଙ୍କର ବିରୋଧୀ। ସେମାନେ
ପାପପୂର୍ଣ୍ଣ କାର୍ଯ୍ୟ କରିବା ପାଇଁ ଆମ୍ଭ ପରମେଶ୍ୱରଙ୍କର
ଅନୁଗ୍ରହକୁ ଅପବ୍ୟବହାର କରୁଛନ୍ତି। ଏହି ଲୋକମାନେ
ଆମ୍ଭର କର୍ତ୍ତା ଓ ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରୁନାହାନ୍ତି।
୫ତୁମ୍ଭେ ଆଗରୁ ଜାଣିଥିବା କେତେକ କଥା ସ୍ମରଣ
କରାଇବା ପାଇଁ ମୁଁ ତୁମ୍ଭମାନଙ୍କୁ ସାହାଯ୍ୟ କରିବାକୁ ଚାହେଁ।
ମନେରଖ, ପ୍ରଭୁ ତାହାଙ୍କର ଲୋକଙ୍କୁ ମିସର ଦେଶରୁ
ଉଦ୍ଧାର କଲେ। କିନ୍ତୁ ପରେ ପ୍ରଭୁ ସମସ୍ତ ଅବିଶ୍ୱାସୀ
ଲୋକମାନଙ୍କୁ ଧ୍ୱଂସ କରିଦେଲେ। ୬ତୁମ୍ଭେ ସେହି
ସ୍ୱର୍ଗଦୂତମାନଙ୍କ ବିଷୟ ମନେ ପକାଅ, ଯେଉଁମାନଙ୍କର
କ୍ଷମତା ଥିଲା କିନ୍ତୁ ସେମାନେ ତାହାକୁ ରଖିପାରିଲେ ନାହିଁ।
ସେମାନେ ନିଜ ନିଜ ଘର ଛାଡ଼ିଦେଲେ। ତେଣୁ ପ୍ରଭୁ
ସେମାନଙ୍କୁ ଅନ୍ଧକାରରେ ରଖିଛନ୍ତି। ସେମାନେ ଅନନ୍ତକାଳୀନ
ବନ୍ଧନରେ ବନ୍ଧା ହୋଇଛନ୍ତି। ସେ ସେମାନଙ୍କୁ ମହାବିଗ୍ଭରଦିନ
ପର୍ଯ୍ୟନ୍ତ ରଖିଛନ୍ତି। ୭ସଦୋମ, ଗମୋରା ଓ ତା' ପାଖାପାଖି
ଅନ୍ୟ ନଗରଗୁଡ଼ିକୁ ମନେ ପକାଅ। ସେମାନେ ଠିକ୍ ସେହି
ସ୍ୱର୍ଗଦୂତମାନଙ୍କ ପରି। ସେହି ନଗର ଗୁଡ଼ିକ ବ୍ୟଭିଗ୍ଭର
ପାପ ଓ ଅସ୍ୱାଭାବିକ କାମୁକତାରେ ପରିପୂର୍ଣ୍ଣ ଥିଲା।
ସେମାନେ ଅନନ୍ତ ଅଗ୍ନି ଦଣ୍ଡରେ ଦଣ୍ଡିତ ହେଲେ। ସେମାନଙ୍କର
ଦଣ୍ଡ ଆମ୍ଭମାନଙ୍କ ଆଗରେ ଗୋଟିଏ ଉଦାହରଣ ସ୍ୱରୂପ
ରହିଛି।
୮ତୁମ୍ଭମାନଙ୍କ ଦଳରେ ପ୍ରବେଶ କରିଥିବା ଲୋକମାନେ
ଠିକ୍ ଏହିପରି। ସେମାନେ ସ୍ୱପ୍ନ ଦ୍ୱାରା ପରିଗ୍ଭଳିତ ହୁଅନ୍ତି।
ସେମାନେ ନିଜ ଶରୀରକୁ ପାପ କାର୍ଯ୍ୟରେ ଦୂଷିତ କରନ୍ତି।
ସେମାନେ ପରମେଶ୍ୱରଙ୍କର କର୍ତ୍ତୃତ୍ୱକୁ ଅସ୍ୱୀକାର କରନ୍ତି ଓ
ଗୌରବମୟ ସ୍ୱର୍ଗଦୂତମାନଙ୍କ ବିରୁଦ୍ଧରେ ବହୁତ ମନ୍ଦ କଥା
କହନ୍ତି। ୯ପ୍ରଧାନ ସ୍ୱର୍ଗଦୂତ ମୀଖାୟେଲ ମଧ୍ୟ ଏହା
କରିନଥିଲେ। ସେ ମୋଶାଙ୍କ ଶରୀର ନେବା ବିଷୟରେ
ଶୟତାନ ସହିତ ଯୁକ୍ତି କରିଥିଲେ। କିନ୍ତୁ ମୀଖାୟେଲ
ସମାଲୋଚନାମୂଳକ କଥା କହି ତାହାକୁ ଦୋଷୀ କରିବାକୁ
ସାହସ କଲେ ନାହିଁ। କିନ୍ତୁ ସେ କହିଲେ, "ପ୍ରଭୁ ତୁମ୍ଭକୁ
ଦଣ୍ଡ ଦିଅନ୍ତୁ।" ୧୦କିନ୍ତୁ ଏହି ଲୋକମାନେ ଗୋଟିଏ କଥା
ନ ବୁଝି, ସେ ବିଷୟରେ ସମାଲୋଚନା କରନ୍ତି। ସେମାନେ
ଅଳ୍ପ କିଛି ବୁଝନ୍ତି। କିନ୍ତୁ ସେମାନେ ଚିନ୍ତା ନକରି ବୁଝନ୍ତି।
କେବଳ ମୂକ ପଶୁମାନଙ୍କ ପରି ସ୍ପର୍ଶ କରି ବୁଝନ୍ତି। ଏହି
ବିଷୟଗୁଡ଼ିକ ହେତୁ ସେମାନେ ବିନଷ୍ଟ ହୁଅନ୍ତି। ୧୧ଏହା
ସେମାନଙ୍କ ପାଇଁ ଖରାପ ଅଟେ। ଏହି ଲୋକମାନେ
କୟିନର ପଥ ଅନୁସରଣ କରିଛନ୍ତି। ସେମାନେ ଅର୍ଥ
ଲୋଭ ସକାଶେ ବିଲୟାମ ପରି ଅନ୍ୟାୟ ପଥ ଅନୁସରଣ
କରିଛନ୍ତି। ଏହି ଲୋକମାନେ କୋରହ ପରି ପରମେଶ୍ୱରଙ୍କ
ବିରୁଦ୍ଧରେ ଆଚରଣ କରିଛନ୍ତି। କୋରହ ପରି ସେମାନେ
ମଧ୍ୟ ଧ୍ୱଂସ ହେବେ। ୧୨ଏମାନେ ତୁମ୍ଭମାନଙ୍କର ପ୍ରେମଭୋଜିର
କଳଙ୍କ ପରି। ସେମାନେ ନିର୍ଭୟରେ ତୁମ୍ଭ ସହିତ ଭୋଜନ
କରନ୍ତି। ସେମାନେ କେବଳ ନିଜର ଯତ୍ନ ନିଅନ୍ତି।
ସେମାନେ ବର୍ଷା ବିହୀନ ମେଘ ଖଣ୍ଡମାନ। ପବନ ଦ୍ୱାରା
ସେମାନେ ଚ୍ଭରିଆଡ଼େ ଉଡ଼ନ୍ତି। ସେମାନେ ହେମନ୍ତ କାଳରେ
ଫଳ ନ ଥିବା ଗଛ ପରି ଓ ଭୂମିରୁ ହଠାତ୍ ଉପୁଡ଼ି
ଯାଆନ୍ତି। ସେମାନଙ୍କର ଦୁଇ ଥର ମୃତ୍ୟୁ ହୁଏ। ୧୩ସେମାନେ
ସମୁଦ୍ରର ପ୍ରଚଣ୍ଡ ତରଙ୍ଗ ସଦୃଶ। ଏହି ତରଙ୍ଗ ଫେଣ ସୃଷ୍ଟି
କରେ। ତରଙ୍ଗ ଫେଣ ସୃଷ୍ଟି କଲା ଭଳି ଏହି ଲୋକମାନେ
ଲଜ୍ଜାଜନକ କାର୍ଯ୍ୟ କରନ୍ତି। ଏହି ଲୋକମାନେ ଆକାଶରେ
ଏଣେତେଣେ ଘୁରି ବୁଲୁଥିବା ନକ୍ଷତ୍ର ତୁଲ୍ୟ। ଏହି ଲୋକମାନଙ୍କ
ନିମନ୍ତେ ଚିରକାଳ ପାଇଁ ଘୋର ଅନ୍ଧକାରମୟ ସ୍ଥାନ
ରଖାଯାଇଅଛି।
୧୪ଆଦମଙ୍କଠାରୁ ପୁରୁଷାନୁକ୍ରମେ ସପ୍ତମ ପୁରୁଷରେ ଜାତ
ହନୋକ ଏହି ଲୋକମାନଙ୍କ ବିଷୟରେ ଏହି କଥା

କହିଥିଲେ: “ଦେଖ, ପ୍ରଭୁ ତାହାଙ୍କର ହଜାର ହଜାର
ପବିତ୍ର ସ୍ୱର୍ଗଦୂତମାନଙ୍କ ସହିତ ଆସୁଛନ୍ତି। ୧୫ପ୍ରଭୁ ପ୍ରତ୍ୟେକ
ଲୋକଙ୍କର ବିଚାର କରିବେ। ସେ ପରମେଶ୍ୱରଙ୍କ ବିରୋଧୀ
ପ୍ରତ୍ୟେକ ଲୋକଙ୍କୁ ବିଚାର କରିବାକୁ ଓ ଦଣ୍ଡ ଦେବାକୁ
ଆସୁଛନ୍ତି। ସେ ପରମେଶ୍ୱରଙ୍କର ବିରୁଦ୍ଧରେ ଦୁଷ୍କର୍ମ କରିଥିବା
ପ୍ରତ୍ୟେକ ଲୋକଙ୍କୁ ଦଣ୍ଡ ଦେବେ। ଯେଉଁମାନେ ପରମେଶ୍ୱରଙ୍କ
ବିରୋଧୀ, ସେହି ପାପୀମାନଙ୍କୁ ପରମେଶ୍ୱର ଦଣ୍ଡ ଦେବେ।
ପରମେଶ୍ୱରଙ୍କ ବିରୁଦ୍ଧରେ ମନ୍ଦ କଥା କହିବା ହେତୁ ସେ
ସେମାନଙ୍କୁ ଦଣ୍ଡ ଦେବେ।”

୧୬ଏହି ଲୋକମାନେ ସର୍ବଦା ଅନ୍ୟ ଲୋକମାନଙ୍କ
ବିରୁଦ୍ଧରେ ଅଭିଯୋଗ କରନ୍ତି ଓ ସେମାନଙ୍କର ଦୋଷ
ବାହାର କରନ୍ତି। ସେମାନେ ସବୁବେଳେ ନିଜ ଇଚ୍ଛା
ଅନୁସାରେ ମନ୍ଦ କାର୍ଯ୍ୟମାନ କରିଥାଆନ୍ତି। ସେମାନେ ନିଜ
ବିଷୟରେ ଅହଙ୍କାର କରି କଥା କୁହନ୍ତି। ସେମାନେ ନିଜ
ସ୍ୱାର୍ଥ ହାସଲ କରିବା ପାଇଁ କେବଳ ଅନ୍ୟ ଲୋକମାନଙ୍କ
ସପକ୍ଷରେ ଭଲ କଥା କୁହନ୍ତି।

## ଗୋଟିଏ ସତର୍କ ବାଣୀ ଏବଂ ବ୍ୟବହାରିକ ବିଷୟ

୧୭ପ୍ରିୟ ବନ୍ଧୁମାନେ, ଆମ୍ଭମାନଙ୍କର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର
ପ୍ରେରିତମାନେ ତୁମ୍ଭମାନଙ୍କୁ ପୂର୍ବରୁ ଯେଉଁ ସବୁ କଥା
କହିଛନ୍ତି, ତାହା ସ୍ମରଣ କର। ୧୮ପ୍ରେରିତମାନେ ତୁମ୍ଭକୁ
କହିଥିଲେ, “ଶେଷ କାଳରେ ପରମେଶ୍ୱରଙ୍କୁ ଉପହାସ
କରୁଥିବା ଲୋକମାନେ ଉଠିବେ।” ଏହି ଲୋକମାନେ
କେବଳ ନିଜ ଇଚ୍ଛା ଅନୁସାରେ ପରମେଶ୍ୱରଙ୍କ ବିରୁଦ୍ଧରେ
କାର୍ଯ୍ୟ କରନ୍ତି। ୧୯ଏହି ଲୋକମାନେ ତୁମ୍ଭମାନଙ୍କ ମଧ୍ୟରେ
ଦଳଭେଦ ସୃଷ୍ଟି କରନ୍ତି। ସେମାନେ ନିଜର ପାପ ଇଚ୍ଛା
ଅନୁସାରେ ସମସ୍ତ କାର୍ଯ୍ୟ କରନ୍ତି। ସେମାନଙ୍କ ମଧ୍ୟରେ
ପବିତ୍ରଆତ୍ମା ନାହାଁନ୍ତି।

୨୦କିନ୍ତୁ ମୋର ପ୍ରିୟ ବନ୍ଧୁଗଣ, ତୁମ୍ଭେମାନେ ନିଜର
ପବିତ୍ର ବିଶ୍ୱାସ ଉପରେ ନିଜନିଜ ଜୀବନକୁ ଦୃଢ଼ ଭାବରେ
ଗଢ଼। ପବିତ୍ର ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କର।
୨୧ପରମେଶ୍ୱରଙ୍କର ପ୍ରେମରେ ନିଜ ନିଜକୁ ସ୍ଥିର କରି
ରଖ। ତୁମ୍ଭେମାନେ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ଦୟାର ଅପେକ୍ଷା
କର। ସେ ତୁମ୍ଭକୁ ଅନନ୍ତ ଜୀବନ ପ୍ରଦାନ କରିବେ।

୨୨ସନ୍ଦେହରେ ପଡ଼ିଥିବା ଲୋକମାନଙ୍କୁ ସାହାଯ୍ୟ
କର। ୨୩ଅନ୍ୟ ଲୋକମାନଙ୍କୁ ରକ୍ଷା କର। ସେହି
ଲୋକମାନଙ୍କୁ ଅଗ୍ନିରୁ ଟାଣି ଆଣ। କିନ୍ତୁ ତୁମ୍ଭେ ଅନ୍ୟ
ପାପୀମାନଙ୍କୁ ଦୟା ଦେଖାଇବାବେଳେ ସାବଧାନରେ ରୁହ।
ପାପରେ କଳଙ୍କିତ ହୋଇଥିବା ସେମାନଙ୍କର ଲୁଗାପଟ୍ଟାକୁ
ମଧ୍ୟ ଘୃଣା କର।

## ପରମେଶ୍ୱରଙ୍କ ପ୍ରଶଂସା କର

୨୪ପରମେଶ୍ୱର ଶକ୍ତିଶାଳୀ ଓ ସେ ତୁମ୍ଭକୁ ପତନରୁ
ରକ୍ଷା କରିବେ। ସେ ତୁମ୍ଭକୁ ମନ୍ଦରୁ ରକ୍ଷା କରି ନିଜର
ଗୌରବ ସମ୍ମୁଖକୁ ଆଣି ପାରିବେ ଓ ତୁମ୍ଭକୁ ମହାନନ୍ଦ
ଦେଇ ପାରିବେ। ୨୫ସେ ଏକମାତ୍ର ପରମେଶ୍ୱର। ସେ
କେବଳ ଆମ୍ଭକୁ ଉଦ୍ଧାର କରନ୍ତି। ଆମ୍ଭର ପ୍ରଭୁ ଯୀଶୁ
ଖ୍ରୀଷ୍ଟଙ୍କ ଦ୍ୱାରା ଅତୀତ, ବର୍ତ୍ତମାନ ଓ ଚିରଦିନ ପାଇଁ
ତ୍ରାଣକର୍ତ୍ତା ପରମେଶ୍ୱରଙ୍କର ଗୌରବ, ମହିମା, କ୍ଷମତା ଓ
ଅଧିକାର ହେଉ। ଆମେନ୍।

# ଯୋହନଙ୍କ ପ୍ରତି ପ୍ରକାଶିତ ବାକ୍ୟ

### ଯୋହନଙ୍କର ଏହି ପୁସ୍ତକ ବିଷୟରେ କହନ୍ତି

୧ ଏହା ଯୀଶୁଖ୍ରୀଷ୍ଟଙ୍କର ପ୍ରକାଶିତ ବାକ୍ୟ ଯାହା ଯାହା
ଶୀଘ୍ର ଘଟିବ, ସେ ବିଷୟରେ ତାହାଙ୍କ ସେବକମାନଙ୍କୁ
ଦେଖାଇବା ପାଇଁ ପରମେଶ୍ୱର ଯୀଶୁଙ୍କୁ ଏସବୁ ଦେଇଥିଲେ।
ଖ୍ରୀଷ୍ଟ ତାହାଙ୍କର ଦୂତଙ୍କୁ ଏସବୁ ଦେଖାଇବା ପାଇଁ ତାହାଙ୍କ
ଦାସ ଯୋହନଙ୍କ ନିକଟକୁ ପଠାଇଲେ। ୨ଯୋହନ ଯାହା
ସବୁ ଦେଖିଲେ, ତାହାର ସାକ୍ଷ୍ୟ ସେ ଦେଲେ ଓ
ପରମେଶ୍ୱରଙ୍କର ଏହି ସତ୍ୟ ବାକ୍ୟ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା
ଯୋହନଙ୍କୁ କୁହାଗଲା। ୩ଯେଉଁ ଲୋକମାନେ ପରମେଶ୍ୱରଙ୍କ
ଏହି ବାକ୍ୟ ପଢ଼ନ୍ତି, ଓ ଯେଉଁଲୋକମାନେ ଏହି ଭାବବାଣୀକୁ
ଶୁଣନ୍ତି ଓ ଏଥିରେ ଲେଖାଥିବା ବିଷୟଗୁଡ଼ିକୁ ପାଳନ
କରନ୍ତି, ସେମାନେ ଧନ୍ୟ। କାରଣ ସମୟ ନିକଟବର୍ତ୍ତୀ।

### ଯୋହନ ଯୀଶୁଙ୍କର ବାର୍ତ୍ତା ମଣ୍ଡଳୀମାନଙ୍କୁ ଲେଖନ୍ତି

୪ଏସିଆ ପ୍ରଦେଶର ସାତୋଟି ମଣ୍ଡଳୀକୁ ମୁଁ, ଯୋହନ,
ଏହା ଲେଖୁଅଛି: ଯେଉଁ ଈଶ୍ୱର ଅତୀତରେ ଥିଲେ,
ବର୍ତ୍ତମାନ ଅଛନ୍ତି, ଓ ଭବିଷ୍ୟତରେ ଆସୁଛନ୍ତି ଏବଂ ତାହାଙ୍କ
ସିଂହାସନ ସମ୍ମୁଖରେ ଥିବା ସପ୍ତ ଆତ୍ମାଙ୍କଠାରୁ ଓ
ଯୀଶୁଖ୍ରୀଷ୍ଟଙ୍କଠାରୁ ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କର ହେଉ।
୫ଯୀଶୁ ହେଉଛନ୍ତି ବିଶ୍ୱସ୍ତ ସାକ୍ଷୀ। ମୃତ୍ୟୁରୁ ବଞ୍ଚି ଉଠିଥିବା
ଲୋକଙ୍କ ମଧ୍ୟରେ ପ୍ରଥମ ଓ ସେ ଏହି ଜଗତର
ରାଜାମାନଙ୍କର ରାଜା।

ସେହି ଯୀଶୁ ଆମ୍ଭମାନଙ୍କୁ ପ୍ରେମ କରନ୍ତି। ସେହି ଯୀଶୁ
ତାହାଙ୍କ ରକ୍ତ ଦେଇ ଆମ୍ଭମାନଙ୍କୁ ପାପରୁ ମୁକ୍ତ କରିଛନ୍ତି।
୬ଯୀଶୁ ଆମ୍ଭମାନଙ୍କୁ ଗୋଟିଏ ରାଜ୍ୟ ସ୍ୱରୂପ କରିଛନ୍ତି ଓ
ସେ ଆମ୍ଭମାନଙ୍କୁ ତାହାଙ୍କ ପିତାପରମେଶ୍ୱରଙ୍କର ସେବାରେ
ଯାଜକ ରୂପେ ନିଯୁକ୍ତ କରିଛନ୍ତି। ତାହାଙ୍କର ଗୌରବ ଓ
ପରାକ୍ରମ ଯୁଗେ ଯୁଗେ ହେଉ। ଆମେନ୍।

୭ଦେଖ, ଯୀଶୁ ମେଘମାଳାରେ ଆସୁଅଛନ୍ତି। ପ୍ରତ୍ୟେକ
ଲୋକର ଚକ୍ଷୁ ତାହାଙ୍କୁ ଦେଖିବ ଏପରିକି ତାହାଙ୍କୁ ବିଦ୍ଧ
କରିଥିବା ଲୋକମାନେ ମଧ୍ୟ ତାହାଙ୍କୁ ଦେଖିବେ। ଏ
ପୃଥିବୀର ସବୁ ଜାତିର ଲୋକମାନେ ତାହାଙ୍କ ଆଗମନରେ
ଉଚ୍ଚ ସ୍ୱରରେ ରୋଦନ କରିବେ। ହଁ, ଏହା ଘଟିବ।
ଆମେନ୍।

୮ପ୍ରଭୁ ପରମେଶ୍ୱର କହନ୍ତି, ମୁଁ "ଆରମ୍ଭ ଓ ଶେଷ"
("ଆଲଫା" ଓ "ଓମେଗା") ମୁଁ ବର୍ତ୍ତମାନ ଅଛି, ଅତୀତରେ
ଥିଲି ଓ ଭବିଷ୍ୟତରେ ମଧ୍ୟ ରହିଥିବି। ମୁଁ ସର୍ବଶକ୍ତିମାନ।"

୯ଯୀଶୁଙ୍କ ଦୁଃଖଭୋଗ, ରାଜ୍ୟ ଓ ଧୈର୍ଯ୍ୟରେ ତୁମ୍ଭମାନଙ୍କର
ସହଭାଗୀ ଭାଇ ମୁଁ ଯୋହନ, ପରମେଶ୍ୱରଙ୍କ ବାକ୍ୟ ପ୍ରଚାର
ଓ ଯୀଶୁଙ୍କର ସାକ୍ଷୀ ହେବା ହେତୁ ନିର୍ବାସିତ ହୋଇ ପାଟ୍ମ
ଦ୍ୱୀପରେ ଥିଲି କାରଣ ମୁଁ ପରମେଶ୍ୱରଙ୍କର ବାକ୍ୟ ପ୍ରଚାର
କଲି। ମୁଁ ଯୀଶୁଙ୍କ ବିଷୟରେ ସାକ୍ଷ୍ୟ ଦେଲି। ୧୦ପ୍ରଭୁଙ୍କ
ଦିନରେ ପବିତ୍ରଆତ୍ମା ମୋତେ ସମ୍ପୂର୍ଣ୍ଣରୂପେ ଅଧିକାର
କରିନେଲେ। ମୁଁ ହଠାତ୍ ପଛପଟୁ ଗୋଟିଏ ଉଚ୍ଚ ଶବ୍ଦ
ଶୁଣିଲି। ଏହି ଶବ୍ଦ ତୂରୀନାଦ ପରି ଥିଲା। ୧୧ସେହି ସ୍ୱର
ମୋତେ କହିଲେ, "ତୁମ୍ଭେ ଯାହା ଦେଖୁଛ, ସବୁ ଗୋଟିଏ
ପୁସ୍ତକରେ ଲେଖ ଓ ତାହାକୁ ସାତୋଟି ମଣ୍ଡଳୀ: ଏଫିସ,
ସ୍ମୁର୍ଣ୍ଣା, ପର୍ଗାମ, ଥୁୟାତୀର ସାର୍ଦ୍ଦୀ, ଫିଲାଦେଲଫିଆ ଓ
ଲାଓଦିକୀଆକୁ ପଠାଅ।

୧୨ମୁଁ ବୁଲିପଡ଼ି ଦେଖିବାକୁ ଚାହିଁଲି ଯେ, କିଏ ମୋତେ
ଏହିକଥା କହୁଛନ୍ତି। ମୁଁ ଯେତେବେଳେ ବୁଲିପଡ଼ିଲି,
ସେତେବେଳେ ସାତୋଟି ସୁନାର ଦୀପରୂଖା ଦେଖିଲି।
୧୩ସେହି ସାତୋଟି ସୁନାର ଦୀପରୂଖା ମଝିରେ: "ମନୁଷ୍ୟ
ପୁତ୍ରଙ୍କ ପରି" ଜଣେ ଠିଆ ହୋଇଛନ୍ତି। ସେ ଗୋଟିଏ
ଲମ୍ବା ପୋଷାକ ପିନ୍ଧିଥିଲେ। ସେ ତାହାଙ୍କ ଛାତିରେ
ଗୋଟିଏ ସୁନାର ପଟୁକା ପିନ୍ଧିଥିଲେ। ୧୪ତାହାଙ୍କ ମୁଣ୍ଡ ଓ
ବାଳ ଶୁଭ୍ର ପଶମ ଓ ହିମ ପରି ଶୁଭ୍ର ଥିଲା। ତାହାଙ୍କ
ଆଖି ଅଗ୍ନିଶିଖା ପରି ଦେଖାଯାଉଥିଲା। ୧୫ତାହାଙ୍କ ପାଦ
ଯେପରି, ପିତ୍ତଳ ନିଆଁ ଭାଟିରେ ଦେଖାଯାଏ ସେହିପରି
ଶୁଦ୍ଧ ଦେଖାଯାଉଥିଲା। ତାହାଙ୍କ ସ୍ୱର ବନ୍ୟାଜଳର ଗର୍ଜନ
ଭଳି ଥିଲା। ୧୬ସେ ତାହାଙ୍କ ଡାହାଣ ହାତରେ ସାତୋଟି
ନକ୍ଷତ୍ର ଧରିଥିଲେ। ତାହାଙ୍କ ମୁଖ ଭିତରୁ ତୀକ୍ଷ୍ଣ ଦୁଇଧାର
ଯୁକ୍ତ ଖଡ୍ଗ ବାହାରିଆସିଲା। ସେ ମଧ୍ୟାହ୍ନ ସୂର୍ଯ୍ୟଭଳି
ତେଜୋମୟ ଦେଖାଯାଉଥିଲେ।

୧୭ମୁଁ ତାହାଙ୍କୁ ଦେଖି ତାହାଙ୍କ ପାଦତଳେ ଗୋଟିଏ ମୃତ
ମଣିଷ ପରି ପଡ଼ିଗଲି। ମୋ ଉପରେ ଆପଣା ଡାହାଣ
ହାତ ରଖି ସେ କହିଲେ, "ଭୟ କର ନାହିଁ। ମୁଁ ପ୍ରଥମ
ଓ ଶେଷ।" ୧୮ମୁଁ ଜୀବିତ। ମୁଁ ମରିଯାଇଥିଲି କିନ୍ତୁ ଦେଖ,
ମୁଁ ସବୁବେଳ ପାଇଁ ଜୀବିତ ହୋଇଅଛି। ମୋ ପାଖରେ
ମୃତ୍ୟୁ ଓ ପାତାଳ*ର ଚାବି ରହିଛି। ୧୯ତେଣୁ ତୁମ୍ଭେ
ଦେଖିଥିବା କଥା ଲେଖ। ବର୍ତ୍ତମାନ ଯାହା ଘଟୁଛି ଓ
ଭବିଷ୍ୟତରେ ଯାହା ଘଟିବ, ସେ ସବୁ ଲେଖ। ୨୦ମୋର
ଡାହାଣ ହାତରେ ଯେଉଁ ସାତୋଟି ନକ୍ଷତ୍ର ଦେଖିଲ,
ତାହାର ଓ ସାତଟି ସୁନାର ଦୀପରୂଖାର ନିଗୂଢ଼ ଅର୍ଥ
ଏହିପରି ଅଟେ: ସାତ ଦୀପରୂଖା ହେଉଛି ସାତୋଟି

---

**ପାତାଳ** ଏକ ସ୍ଥାନ ଯେଉଁଠାକୁ ମୃତ୍ୟୁପରେ ଲୋକମାନେ
ଯାଆନ୍ତି।

ମଣ୍ଡଳୀ। ସାତ ନକ୍ଷତ୍ର ହେଉଛନ୍ତି ସାତୋଟି ମଣ୍ଡଳୀର
ଦୂତ।”

### ଏଫିସ ମଣ୍ଡଳୀକୁ ଯୀଶୁଙ୍କର ପତ୍ର

**୨** ଏଫିସ୍ ନଗରର ମଣ୍ଡଳୀର ଦୂତଙ୍କୁ ଏହା ଲେଖ:
“ଯିଏ ଡାହାଣ ହାତରେ ସାତୋଟି ନକ୍ଷତ୍ର ଧରିଛନ୍ତି
ଓ ସାତୋଟି ସୁନାର ଦୀପରୂଖା ମଧ୍ୟରେ ବୁଲନ୍ତି, ସେ
ତୁମ୍ଭକୁ ଏହିକଥାମାନ କହୁଛନ୍ତି। ୨ମୁଁ ତୁମ୍ଭର କାର୍ଯ୍ୟ
ଜାଣେ, ତୁମ୍ଭେ ଯେ କଠିନ ପରିଶ୍ରମ କର ଓ ଅସୀମ
ଧୈର୍ଯ୍ୟଧରି ରଖିଥାଅ। ତୁମ୍ଭେ ଯେ ମନ୍ଦ ଲୋକଙ୍କୁ ଗ୍ରହଣ
କରନାହିଁ, ଏହା ମଧ୍ୟ ମୁଁ ଜାଣେ। ଯେଉଁମାନେ ପ୍ରକୃତରେ
ପ୍ରେରିତ ନ ହେଲେ ହେଁ ନିଜକୁ ପ୍ରେରିତ ବୋଲି କହନ୍ତି;
ସେମାନଙ୍କୁ ତୁମ୍ଭେ ପରୀକ୍ଷା କରିଛ ଏବଂ ସେମାନେ ଯେ
ମିଥ୍ୟାବାଦୀ ଅଟନ୍ତି, ଏହା ତୁମ୍ଭେ ଚିହ୍ନି ପାରିଛ। ୩ମୁଁ ଜାଣେ
ତୁମ୍ଭର ବହୁତ ଧୈର୍ଯ୍ୟ ଅଛି କାରଣ ତୁମ୍ଭେ ମୋ ନାମ
ନିମନ୍ତେ କଷ୍ଟ ସହିଛ ଓ ଏସବୁ କରିବାରେ ତୁମ୍ଭେ କ୍ଳାନ୍ତ
ହୋଇପଡ଼ିନାହିଁ।

୪କିନ୍ତୁ ତୁମ୍ଭ ବିରୁଦ୍ଧରେ ମୋର ଏହି କଥା ଅଛି: ତୁମ୍ଭର
ଆରମ୍ଭରେ ଯେଉଁ ପ୍ରେମ ଥିଲା, ତୁମ୍ଭେ ସେହି ପ୍ରେମ
ହରାଇଛ। ୫ତେଣୁ କେଉଁଠାରୁ ତୁମ୍ଭର ପତନର ଆରମ୍ଭ
ହୋଇଅଛି, ତାହା ମନେ ପକାଅ। ହୃଦୟ ପରିବର୍ତ୍ତନ କରି
ଅନୁତାପ କର ଓ ପୂର୍ବରୁ କରୁଥିବା କାର୍ଯ୍ୟଗୁଡ଼ିକ କର।
ତୁମ୍ଭେ ଯଦି ବଦଳିବ ନାହିଁ ତେବେ ମୁଁ ଆସି ତୁମ୍ଭର
ଦୀପରୂଖାକୁ ତା'ର ସ୍ଥାନରୁ ଅଲଗା କରିଦେବି। ୬ତୁମ୍ଭେ
କେତେକ ଉତ୍ତମ କାର୍ଯ୍ୟ କରୁଛ। ତୁମ୍ଭେ ନିକଲାୟତୀୟମାନଙ୍କର
କାର୍ଯ୍ୟ କଳାପକୁ ଘୃଣା କର। ମୁଁ ମଧ୍ୟ ସେମାନଙ୍କର
କାର୍ଯ୍ୟକୁ ଘୃଣା କରେ।

୭ଯାହାର ଶୁଣିବା ନିମନ୍ତେ କାନ ଅଛି, ମଣ୍ଡଳୀଗୁଡ଼ିକୁ
ଆତ୍ମା କହୁଥିବା କଥା ସବୁ ସେ ଶୁଣିବା ଉଚିତ।”

### ସ୍ମୁର୍ଣ୍ଣା ମଣ୍ଡଳୀକୁ ଯୀଶୁଙ୍କର ପତ୍ର

୮ସ୍ମୁର୍ଣ୍ଣା ମଣ୍ଡଳୀର ଦୂତଙ୍କୁ ଏହା ଲେଖ:
“ଯେ ପ୍ରଥମ ଓ ଶେଷ, ଯେ ମୃତ ହୋଇ ପୁଣି ଥରେ
ଜୀବିତ ହୋଇଥିଲେ,ସେ ତୁମ୍ଭକୁ ଏହି କଥା କହୁଛନ୍ତି, ୯ମୁଁ
ତୁମ୍ଭର କଷ୍ଟ ଜାଣେ। ମୁଁ ଜାଣେ, ତୁମ୍ଭେ ଗରୀବ। କିନ୍ତୁ
ପ୍ରକୃତରେ ତୁମ୍ଭେ ଧନୀ। ତୁମ୍ଭ ବିରୁଦ୍ଧରେ ଅପବାଦ ମୁଁ
ଶୁଣିଛି। ସେହି ମନ୍ଦ କଥା କହିବା ଲୋକମାନେ ଯିହୂଦୀ
ଅଟନ୍ତି। କିନ୍ତୁ ସେମାନେ ପ୍ରକୃତ ଯିହୂଦୀ ନୁହଁନ୍ତି। ସେମାନେ
ଶୟତାନର ଦଳର ଲୋକ। ୧୦ତୁମ୍ଭ ପାଇଁ ଯେଉଁସବୁ
ଦୁଃଖ ଆସୁଛି, ସେଥିପାଇଁ ଭୟ କରନାହିଁ। ମୁଁ ଜାଣେ,
ତୁମ୍ଭମାନଙ୍କ ଭିତରୁ କେତେ ଜଣଙ୍କୁ ଶୟତାନ କାରାଗାରରେ
ରଖିବ। ସେ ତୁମ୍ଭମାନଙ୍କୁ ପରୀକ୍ଷା କରିବା ପାଇଁ ଏପରି
କରିବ। ତୁମ୍ଭେମାନେ ଦଶଦିନ ପର୍ଯ୍ୟନ୍ତ ଦୁଃଖକଷ୍ଟ ସହିବ।
କିନ୍ତୁ ବିଶ୍ୱସ୍ତ ରୁହ, କାରଣ ତୁମ୍ଭକୁ ହୁଏତ ମୃତ୍ୟୁବରଣ
କରିବାକୁ ପଡ଼ିପାରେ। ତୁମ୍ଭେ ଯଦି ବିଶ୍ୱସ୍ତ ରହିବ, ତେବେ
ମୁଁ ତୁମ୍ଭକୁ ଜୀବନରୂପକ ମୁକୁଟ ଦେବି।

୧୧“ଯାହାର ଶୁଣିବା ନିମନ୍ତେ କାନ ଅଛି, ମଣ୍ଡଳୀଗୁଡ଼ିକୁ
ଆତ୍ମା କହୁଥିବା କଥା ସବୁ ସେ ଶୁଣିବା ଉଚିତ। ଯେ
ବିଜୟୀ ହୁଏ, ସେ ଦ୍ୱିତୀୟ ମୃତ୍ୟୁ ଦ୍ୱାରା ଆଦୌ କ୍ଷତିଗ୍ରସ୍ତ
ହେବନାହିଁ।”

### ପର୍ଗାମ୍ ମଣ୍ଡଳୀକୁ ଯୀଶୁଙ୍କର ପତ୍ର

୧୨“ପର୍ଗାମ ମଣ୍ଡଳୀର ଦୂତଙ୍କୁ ଏହା ଲେଖ:
“ଯାହାଙ୍କର ତୀକ୍ଷ୍ଣ ଦ୍ୱିଧାରଯୁକ୍ତ ଖଡ୍ଗ ଅଛି, ସେ ଏହା
ତୁମ୍ଭକୁ କହୁଛନ୍ତି। ୧୩ମୁଁ ଜାଣେ ଯେ, ଶୟତାନର ସିଂହାସନ
ଯେଉଁଠାରେ ରହିଛି, ସେହି ନଗରରେ ତୁମ୍ଭେ ବାସ
କରୁଛ। ତଥାପି ତୁମ୍ଭେ ମୋ ପ୍ରତି ନିଷ୍ଠାବାନ ହୋଇଅଛ
ଏପରିକି, ଶୟତାନ ବାସ କରୁଥିବା ସେହି ନଗରରେ
ମୋର ବିଶ୍ୱସ୍ତ ସାକ୍ଷୀ ଅନ୍ତିପାଙ୍କୁ ହତ୍ୟା କରାଯିବା ସମୟରେ
ମଧ୍ୟ ତୁମ୍ଭେ ମୋ'ଠାରେ ବିଶ୍ୱାସ କରୁଅଛ ବୋଲି ଅସ୍ୱୀକାର
କରି ନ ଥିଲ।

୧୪“ତଥାପି ମୋର ତୁମ୍ଭ ବିରୁଦ୍ଧରେ କିଛି କହିବାକୁ
ଅଛି: ତୁମ୍ଭ ଦଳ ଭିତରୁ କେତେକ ଲୋକ ବିଲୟାମର
ଶିକ୍ଷା ଅନୁସରଣ କରୁଛନ୍ତି। ଏହି ବିଲୟମ ବାଲାକ
ପ୍ରତିମାକୁ ଅର୍ପିତ ହୋଇଥିବା ଖାଦ୍ୟ ଖାଇବା ପାଇଁ ଓ
ଯୌନଗତ ପାପ କରି ଇସ୍ରାୟେଲର ଲୋକମାନଙ୍କୁ ପାପ
କରିବା ପାଇଁ ଶିଖାଇଥିଲା। ୧୫ସେହିପରି ତୁମ୍ଭ ଦଳର
କେତେକ ଲୋକମାନେ ନୀକଲାୟତୀୟମାନଙ୍କର ଶିକ୍ଷା
ଅନୁସରଣ କରୁଛନ୍ତି। ୧୬ତେଣୁ ତୁମ୍ଭେ ମନ ପରିବର୍ତ୍ତନ
କର। ଯଦି ତୁମ୍ଭେ ମନ ପରିବର୍ତ୍ତନ କରିବ ନାହିଁ, ତେବେ
ମୁଁ ତୁମ୍ଭ ପାଖକୁ ଶୀଘ୍ର ଆସିବି ଓ ମୋର ମୁଖରୁ
ବାହାରୁଥିବା ଖଡ୍ଗରେ ସେହି ଲୋକମାନଙ୍କ ବିରୁଦ୍ଧରେ ଯୁଦ୍ଧ
କରିବି।

୧୭“ଯାହାର ଶୁଣିବା ନିମନ୍ତେ କାନଅଛି, ମଣ୍ଡଳୀଗୁଡ଼ିକୁ
ଆତ୍ମା କହୁଥିବା କଥାସବୁ ସେ ଶୁଣିବା ଉଚିତ।

ଯେ ବିଜୟୀ ହୁଏ, ତାହାକୁ ମୁଁ ଗୁପ୍ତ ମାନ୍ନା* ଦେବି।
“ମୁଁ ତାହାକୁ ଗୋଟିଏ ଧଳା ପଥର ଦେବି, ଯାହା ଉପରେ
ଗୋଟିଏ ନୂତନ ନାମ ଲେଖାଥିବ। ଯେଉଁ ବ୍ୟକ୍ତି ଏହି
ପଥର ପାଇବ, ତାହାଛଡ଼ା କୌଣସି ଲୋକ ଏହି ନୂତନ
ନାମ ବିଷୟରେ ଜାଣନ୍ତି ନାହିଁ।”

### ଥୁୟତୀରା ମଣ୍ଡଳୀକୁ ଯୀଶୁଙ୍କର ପତ୍ର

୧୮“ଥୁୟତୀରା ମଣ୍ଡଳୀର ଦୂତଙ୍କୁ ଏହା ଲେଖ:
“ପରମେଶ୍ୱରଙ୍କର ପୁତ୍ର, ଯାହାଙ୍କର ଆଖି ଅଗ୍ନିଶିଖା
ପରି ପ୍ରଜ୍ଜ୍ୱଳିତ ଓ ପାଦ ଦୁଇଟି ପିତ୍ତଳ ପରି ଉଜ୍ଜ୍ୱଳ ସେ
ତୁମ୍ଭକୁ ଏହି କଥା କୁହନ୍ତି: ୧୯ମୁଁ ତୁମ୍ଭ କାର୍ଯ୍ୟ ବିଷୟରେ
ଜାଣେ, ମୁଁ ତୁମ୍ଭର ପ୍ରେମ, ବିଶ୍ୱାସ, ସେବା, ଓ ଧୈର୍ଯ୍ୟ
ବିଷୟରେ ମଧ୍ୟ ଜାଣେ। ମୁଁ ଜାଣେ, ତୁମ୍ଭେ ଆରମ୍ଭରେ
କରିଥିବା କାର୍ଯ୍ୟ ଅପେକ୍ଷା ଅଧିକ କାର୍ଯ୍ୟ କରୁଛ। ୨୦କିନ୍ତୁ
ମୋର ତୁମ୍ଭ ବିରୁଦ୍ଧରେ ଏହି କଥା ଅଛି: ତୁମ୍ଭେ ସେହି

---

**ମାନ୍ନା** ମରୁଭୂମିରେ ପରମେଶ୍ୱରଙ୍କ ଦ୍ୱାରା ନିଜଲୋକଙ୍କୁ ଦିଆ
ଯାଇ ଥିବା ସ୍ୱର୍ଗର ଖାଦ୍ୟ ଯାତ୍ରା ୧୬:୪-୩୬

ଯିଜେବଲ ନାମଧାରିଣୀ ମହିଳାକୁ ତା'ର ଇଚ୍ଛାନୁସାରେ
କାର୍ଯ୍ୟ କରିବାକୁ ଦେଉଛ। ସେ ନିଜକୁ ଭବିଷ୍ୟଦ୍‌ବକ୍ତ୍ରୀ
ବୋଲି କହେ। ସେ ତା'ର ଶିକ୍ଷା ଦ୍ୱାରା ମୋର ଲୋକମାନଙ୍କୁ
ଭୁଲାଉଅଛି। ସେ ମୋର ଦାସମାନଙ୍କୁ ବ୍ୟଭିଚାରର ପାପ
କରିବାକୁ ଓ ପ୍ରତିମାକୁ ଦିଆଯାଉଥିବା ଖାଦ୍ୟ ଖାଇବାକୁ
ଶିକ୍ଷା ଦେଉଛି। ୨୧ମୁଁ ତାହାକୁ ହୃଦୟ ପରିବର୍ତ୍ତନ କରିବାକୁ
ଓ ପାପପଥରୁ ଦୂରେଇ ଯିବା ପାଇଁ ସମୟ ଦେଲେ ହେଁ
ସେ ନିଜକୁ ପରିବର୍ତ୍ତନ କରିବାକୁ ଇଚ୍ଛା କରୁନାହିଁ।
୨୨ତେଣୁ ମୁଁ ତାକୁ ଯନ୍ତ୍ରଣାପୂର୍ଣ୍ଣ ଶଯ୍ୟାରେ ପକାଇଦେବି।
ତା'ସହିତ ଯେଉଁମାନେ ବ୍ୟଭିଚାର ପାପକର୍ମ କରିବେ,
ସେମାନେ ମଧ୍ୟ କଷ୍ଟ ଭୋଗିବେ। ସେମାନେ ଯଦି ତା'ର
ମନ୍ଦକାର୍ଯ୍ୟରୁ ନିଜକୁ ଫେରାଇ ନ ଆଣିବେ, ତେବେ ମୁଁ
ସେମାନଙ୍କୁ ଦଣ୍ଡ ଦେବି। ୨୩ମୁଁ ତା'ର ସନ୍ତାନମାନଙ୍କୁ ମଧ୍ୟ
ମହାମାରୀ ଦ୍ୱାରା ବଧ କରିବି। ସେତେବେଳେ ସମସ୍ତ
ମଣ୍ଡଳୀବର୍ଗ ଜାଣିବେ ଯେ, ମୁଁ, ଲୋକମାନଙ୍କର ଭାବନା ଓ
ବିଚାରଗୁଡ଼ିକ ଜାଣେ ଓ ତାହାର ପରୀକ୍ଷା କରେ। ମୁଁ ତୁମ୍ଭ
ପ୍ରତ୍ୟେକଙ୍କୁ ତୁମ୍ଭର କର୍ମ ଅନୁସାରେ ଫଳ ଦେବି।
୨୪"କିନ୍ତୁ ଥୁୟାଟୀରାର ଯେଉଁ ଅବଶିଷ୍ଟ ଲୋକେ ତା'ର
ଶିକ୍ଷା ଅନୁସରଣ କରିନାହାଁନ୍ତି ଓ ସେମାନଙ୍କର କହିବା
ଶୟତାନର ନିଗୁଢ଼ତତ୍ତ୍ୱ ଗ୍ରହଣ କରି ନାହାଁନ୍ତି, "ମୁଁ
ସେମାନଙ୍କୁ ଏହା କହୁଛି: ମୁଁ ତୁମ୍ଭମାନଙ୍କ ଉପରେ କୌଣସି
ଅନ୍ୟ ଭାର ଲଦିବିନାହିଁ। ୨୫ମୁଁ ଆସିବା ପର୍ଯ୍ୟନ୍ତ ତୁମ୍ଭମାନଙ୍କ
ନିକଟରେ ଯାହା ଅଛି, ତାହା ଦୃଢ଼ ଭାବେ ଧରି ରଖିଥାଅ।
୨୬ଯେ ବିଜୟୀ ହୁଏ ଓ ଶେଷପର୍ଯ୍ୟନ୍ତ ମୋ ଇଚ୍ଛା
ଅନୁଯାୟୀ କାର୍ଯ୍ୟରେ ଲାଗିରହେ, ମୁଁ ତାହାକୁ ଜାତିଗୁଡ଼ିକ
ଉପରେ ଶାସନ କରିବାର ଶକ୍ତି ଦେବି।
୨୭ 'ସେ ଲୌହଦଣ୍ଡରେ ସେମାନଙ୍କୁ ଶାସନ କରିବ।
ସେ ସେମାନଙ୍କୁ ମାଟିପାତ୍ର ଭଳି ଭାଙ୍ଗି ଖଣ୍ଡ-ଖଣ୍ଡ
କରିଦେବ।" ଗୀତସଂହିତା ୨:୯

୨୮ମୁଁ ମୋର ପରମପିତାଙ୍କଠାରୁ ଏହି କ୍ଷମତା ପାଇଥିଲି।
ମୁଁ ସେହି ଲୋକଙ୍କୁ ପ୍ରଭାତୀତାରା ମଧ୍ୟ ଦେବି। ୨୯ଯାହାର
ଶୁଣିବା ନିମନ୍ତେ କାନ ଅଛି, ମଣ୍ଡଳୀଗୁଡ଼ିକୁ ଆତ୍ମା କହୁଥିବା
କଥାସବୁ ସେ ଶୁଣିବା ଉଚିତ।

## ସାର୍ଦ୍ଦୀ ମଣ୍ଡଳୀକୁ ଯୀଶୁଙ୍କର ପତ୍ର

୩ ସାର୍ଦ୍ଦୀ ମଣ୍ଡଳୀର ଦୂତଙ୍କୁ ଏହା ଲେଖ: "ଯାହାଙ୍କଠାରେ
ପରମେଶ୍ୱରଙ୍କର ସାତୋଟି ଆତ୍ମା ଓ ସାତୋଟି
ନକ୍ଷତ୍ର ଅଛି, ସେ ଏହି କଥାଗୁଡ଼ିକ ତୁମ୍ଭକୁ କହୁଛନ୍ତି, ମୁଁ
ତୁମ୍ଭ କର୍ମ ବିଷୟରେ ଜାଣେ। ଲୋକମାନେ କହନ୍ତି, ତୁମ୍ଭେ
ନାମକୁ ମାତ୍ର ଜୀବିତ, କିନ୍ତୁ ପ୍ରକୃତରେ ମୃତ। ୨ଜାଗି
ଉଠ! ତୁମ୍ଭର ଯେଉଁ ଅବଶିଷ୍ଟ ବିଷୟଗୁଡ଼ିକ ଲୋପ
ପାଇଯାଉଅଛି ସେଗୁଡ଼ିକ ସମ୍ପୂର୍ଣ୍ଣ ମରିଯିବା ପୂର୍ବରୁ ସେସବୁ
ଦୃଢ଼ କର। କାରଣ ପରମେଶ୍ୱରଙ୍କ ଦୃଷ୍ଟିରେ ତୁମ୍ଭର କର୍ମକୁ
ମୁଁ ନିର୍ଦ୍ଦୋଷ ପାଇନାହିଁ। ୩ତେଣୁ ପ୍ରଥମରେ ତୁମ୍ଭେ ଯାହା
ଗ୍ରହଣ କରିଥିଲ ଓ ଶୁଣିଥିଲ, ତାହା ମନେ ପକାଅ।
ସେଗୁଡ଼ିକର ବାଧ୍ୟ ହୁଅ। ନିଜ ହୃଦୟ ଓ ଜୀବନ
ପରିବର୍ତ୍ତନ କର। ତୁମ୍ଭେ ଜାଗ୍ରତ ହୁଅ, ନଚେତ୍ ମୁଁ
ଗୋଟିଏ ଚୋର ପରି ତୁମ୍ଭ ପାଖକୁ ଆସିବି ଓ କେତେବେଳେ
ତୁମ୍ଭ ନିକଟକୁ ଆସି ତୁମ୍ଭକୁ ହତବୁଦ୍ଧି କରିଦେବି, ତାହା
ତୁମ୍ଭେ ଜାଣିପାରିବ ନାହିଁ। ୪ତଥାପି ସାର୍ଦ୍ଦୀରେ କେତେକ
ଲୋକ ଅଛନ୍ତି ଯେଉଁମାନେ ନିଜର ବସ୍ତ୍ରକୁ ଅପରିଷ୍କାର
କରି ନାହାଁନ୍ତି। ସେହି ଲୋକମାନେ ଶୁଭ୍ର ବସ୍ତ୍ର ପିନ୍ଧି ମୋ
ସହିତ ଗମନାଗମନ କରିବେ, କାରଣ ସେମାନେ ସେଥିପାଇଁ
ଯୋଗ୍ୟ ଅଟନ୍ତି। ୫ଯେ ବିଜୟୀ ହୁଏ, ସେ ଏହି ଲୋକମାନଙ୍କ
ଭଳି ଧଳା ବସ୍ତ୍ର ପିନ୍ଧିବ। ମୁଁ ଜୀବନ ପୁସ୍ତକରୁ ସେହି
ଲୋକର ନାମ କଦାପି ଲୋପ କରିବି ନାହିଁ। ମାତ୍ର ମୁଁ
ତାହାର ନାମକୁ ମୋହର ପରମପିତା ଓ ତାହାଙ୍କର
ଦୂତମାନଙ୍କ ସାମନାରେ ସ୍ୱୀକାର କରିବି। ୬ଯାହାର ଶୁଣିବା
ନିମନ୍ତେ କାନ ଅଛି, ମଣ୍ଡଳୀଗଡ଼ିକୁ ଆତ୍ମା କହୁଥିବା
କଥାସବୁ ସେ ଶୁଣିବା ଉଚିତ।

## ଫିଲାଦେଲ୍‌ଫିଆ ମଣ୍ଡଳୀକୁ ଯୀଶୁଙ୍କର ପତ୍ର

୭ଫିଲାଦେଲ୍‌ଫିଆସ୍ଥିତ ମଣ୍ଡଳୀର ଦୂତଙ୍କୁ ଏହା ଲେଖ:
"ଯେ ପବିତ୍ର ଓ ସତ୍ୟ, ସେ ତୁମ୍ଭକୁ ଏହି କଥା
ଲେଖୁଛନ୍ତି। ସେ ଦାଉଦଙ୍କ ଚାବି ହାତରେ ଧରିଛନ୍ତି। ସେ
ଯାହା ଖୋଲି ଦିଅନ୍ତି, ତାହା ବନ୍ଦ ହୋଇପାରେ ନାହିଁ।
୮ମୁଁ ତୁମ୍ଭର ସବୁ କାର୍ଯ୍ୟ ଜାଣେ। ଦେଖ, ମୁଁ ତୁମ୍ଭ
ସମ୍ମୁଖରେ ଗୋଟିଏ ଦ୍ୱାର ଖୋଲା ରଖିଛି। କେହି ତାହାକୁ
ବନ୍ଦ କରିପାରିବେ ନାହିଁ। ମୁଁ ଜାଣେ, ତୁମ୍ଭେ ଦୁର୍ବଳ। କିନ୍ତୁ
ତୁମ୍ଭେ ମୋର ଶିକ୍ଷା ଅନୁସରଣ କରିଛ। ତୁମ୍ଭେ ମୋ ନାମ
ଉଚ୍ଚାରଣ କରିବା ପାଇଁ କେବେ ଭୟ କରିନାହିଁ। ୯ଶୁଣ!
ତୁମ୍ଭ ମଧ୍ୟରେ ଶୟତାନର ଗୋଟିଏ ଦଳ ଅଛି। ସେମାନେ
ନିଜକୁ ଯିହୂଦୀ ବୋଲି କହନ୍ତି, କିନ୍ତୁ ପ୍ରକୃତରେ ସେମାନେ
ମିଥ୍ୟାବାଦୀ। ସେମାନେ ବାସ୍ତବରେ ଯିହୂଦୀ ନୁହଁନ୍ତି। ମୁଁ
ସେ ଲୋକମାନଙ୍କୁ ତୁମ୍ଭ ସମ୍ମୁଖକୁ ଆଣିବି ଓ ତୁମ୍ଭ ପାଦ
ତଳେ ସେମାନଙ୍କର ମୁଣ୍ଡ ନୁଆଁଇବି। ତେବେ ସେମାନେ
ଜାଣିବେ ଯେ, ମୁଁ ତୁମ୍ଭକୁ ପ୍ରେମ କରିଛି। ୧୦ତୁମ୍ଭେ
ଧୈର୍ଯ୍ୟର ସହିତ ମୋର ଆଜ୍ଞା ପାଳନ କରିଛ। ତେଣୁ
ଜଗତନିବାସୀମାନଙ୍କୁ ପରୀକ୍ଷା କରିବା ନିମନ୍ତେ ସମଗ୍ର
ଜଗତ ଉପରେ ଦାରୁଣ ତାଡ଼ନା ଓ ପରୀକ୍ଷାର ସମୟ
ଆସିବ, ମୁଁ ତୁମ୍ଭକୁ ସେଥିରୁ ରକ୍ଷା କରିବି।
୧୧"ମୁଁ ଶୀଘ୍ର ଆସୁଛି। ତୁମ୍ଭର ଯାହା ଅଛି, ତାହା ଦୃଢ଼
ଭାବେ ଧରିରଖ। ତେବେ କେହି ତୁମ୍ଭର ମୁକୁଟ ହରଣ
କରିପାରିବ ନାହିଁ। ୧୨ଯେ ବିଜୟୀ ହୁଏ, ତାହାକୁ ମୁଁ
ମୋର ପରମେଶ୍ୱରଙ୍କ ମନ୍ଦିରରେ ଗୋଟିଏ ସ୍ତମ୍ଭ ସ୍ୱରୂପ
ରଖିବି। ସେ କଦାପି ସେଠାରୁ ସ୍ଥାନଚ୍ୟୁତ ହେବ ନାହିଁ।
ମୁଁ ସେହି ଲୋକ ଉପରେ ପରମେଶ୍ୱରଙ୍କ ନାମ ଲେଖିବି।
ମୋ ପରମେଶ୍ୱରଙ୍କର ନଗରର ନାମ ମଧ୍ୟ ମୁଁ ତା'
ଉପରେ ଲେଖିବି। ଏହି ନଗରର ନାମ 'ନୂତନ ଯିରୂଶାଲମ'।
ସେହି ନଗର ମୋହର ପରମେଶ୍ୱରଙ୍କଠାରୁ ସ୍ୱର୍ଗରୁ ଆସୁଅଛି।
ମୁଁ ମୋର ନୂତନ ନାମ ମଧ୍ୟ ସେହି ଲୋକ ଉପରେ
ଲେଖିବି। ୧୩ଯାହାର ଶୁଣିବା ନିମନ୍ତେ କାନ ଅଛି, ମଣ୍ଡଳୀଗୁଡ଼ିକୁ
ଆତ୍ମା କହୁଥିବା କଥାସବୁ ସେ ଶୁଣିବା ଉଚିତ।

## ଲାଅଦିକୀଆ ମଣ୍ଡଳୀକୁ ଯୀଶୁଙ୍କର ପତ୍ର

[୧୪]"ଲାଅଦିକୀଆ ମଣ୍ଡଳୀର ଦୂତଙ୍କ ପାଖକୁ ଏହା ଲେଖ:
"ଯେ ଏହି ସବୁ ତୁମ୍ଭକୁ କହୁଛନ୍ତି, ସେ ଆମେନ୍*
ବିଶ୍ୱସ୍ତ ଓ ସତ୍ୟ ସାକ୍ଷୀ ଅଟନ୍ତି। ପରମେଶ୍ୱର ସୃଷ୍ଟି
କରିଥିବା ସମସ୍ତ ବିଷୟର ଶାସକ। ସେ ଏହି କଥା
କହନ୍ତି: [୧୫]ମୁଁ, ତୁମ୍ଭର କାର୍ଯ୍ୟ ଜାଣେ। ତୁମ୍ଭେ ଉତ୍ତପ୍ତ ନୁହଁ
ବା ଶୀତଳ ନୁହଁ। ମୁଁ ଆଶା କରେ, ତୁମ୍ଭେ ଉତ୍ତପ୍ତ କିମ୍ବା
ଶୀତଳ ହୋଇଥିଲେ ଭଲ ହୋଇଥାଆନ୍ତା। [୧୬]କିନ୍ତୁ ତୁମ୍ଭେ
ଉତ୍ତପ୍ତ କିମ୍ବା ଶୀତଳ ନ ହୋଇ ନାତିଶୀତୋଷ୍ଣ ହେବାରୁ
ମୁଁ ତୁମ୍ଭକୁ ମୁଖରୁ ଉଦ୍‌ଗାର କରି ବାହାର କରିଦେବି।
[୧୭]ତୁମ୍ଭେ କୁହ ଯେ, ତୁମ୍ଭେ ଧନୀ। ତୁମ୍ଭର ବହୁତ ଧନ
ଅଛି ଓ ତୁମ୍ଭର କୌଣସି ଅଭାବ ନାହିଁ। କିନ୍ତୁ ତୁମ୍ଭେ
ଜାଣିନାହଁ ଯେ, ତୁମ୍ଭେ ପ୍ରକୃତରେ ଅଭାଗା, ଦୟନୀୟ,
ଦରିଦ୍ର, ଅନ୍ଧ ଓ ଉଲଗ୍ନ। [୧୮]ସେଥିପାଇଁ ମୁଁ ତୁମ୍ଭକୁ
ପରାମର୍ଶ ଦେଉଛି ଯେ, ତୁମ୍ଭେ ମୋଠାରୁ ଅଗ୍ନିରେ ଖାଣ୍ଟି
ହୋଇଥିବା ସୁନା କିଣ। ତା'ପରେ ତୁମ୍ଭେ ପ୍ରକୃତରେ ଧନୀ
ହୋଇଯିବ। ମୁଁ ତୁମ୍ଭକୁ ଏହା କହୁଛି: ଧଳା ବସ୍ତ୍ର କିଣ।
ତେବେ ତୁମ୍ଭେ ନିଜର ଲଜ୍ଜାପୂର୍ଣ୍ଣ ଉଲଗ୍ନତାକୁ ଘୋଡେଇ
ରଖିପାରିବ। ମୁଁ ତୁମ୍ଭକୁ ଔଷଧ କିଣି ଆଖିରେ ଲଗାଇବାପାଇଁ
ମଧ୍ୟ କହୁଛି। ତାହାହେଲେ ତୁମ୍ଭେ ପ୍ରକୃତରେ ଦେଖିପାରିବ।
[୧୯]ମୁଁ ଯେଉଁମାନଙ୍କୁ ପ୍ରେମ କରେ ସେମାନଙ୍କୁ ସଂଶୋଧନ
କରେ ଓ ଦଣ୍ଡ ଦିଏ। ତେଣୁ କଠିନ ଚେଷ୍ଟା କର। ନିଜ
ହୃଦୟ ଓ ନିଜ ଜୀବନ ପରିବର୍ତ୍ତନ କର। [୨୦]ଦେଖ, ମୁଁ
ଏଠାରେ ଅଛି ଓ ଦ୍ୱାର ପାଖରେ ଠିଆହୋଇ ଆଘାତ
କରୁଛି। ଯଦି ଜଣେ ଲୋକ ମୋ ସ୍ୱର ଶୁଣେ ଓ ଦ୍ୱାର
ଫିଟାଏ, ତେବେ ମୁଁ ଭିତରକୁ ଆସି ସେହି ଲୋକ ସହିତ
ଖାଇବି। ସେ ଲୋକ ମଧ୍ୟ ମୋ ସହିତ ଖାଦ୍ୟ ଖାଇବ।
[୨୧]ଯେ ବିଜୟୀ ହୁଏ, ମୁଁ ତାହାକୁ ମୋ ସହିତ
ସିଂହାସନରେ ବସାଇବି। ଯେପରି ମୁଁ ବିଜୟୀ ହୋଇ
ମୋର ପରମପିତାଙ୍କ ସହ ତାହାଙ୍କ ସିଂହାସନରେ ବସିଥିଲି,
ସେ ସେହିପରି ମୋ ସହିତ ବସିବ। [୨୨]ଯାହାର ଶୁଣିବା
ନିମନ୍ତେ କାନ ଅଛି, ମଣ୍ଡଳୀଗୁଡ଼ିକୁ ଆତ୍ମା କହୁଥିବା
କଥାସବୁ ସେ ଶୁଣିବା ଉଚିତ।

## ଯୋହନଙ୍କର ସ୍ୱର୍ଗ ଦେଖିବା

୪ ଏହାପରେ ମୁଁ ଦେଖିଲି, ମୋ ସମ୍ମୁଖରେ ସ୍ୱର୍ଗର
ଗୋଟିଏ ଦ୍ୱାର ଖୋଲା ହୋଇଅଛି। ମୁଁ ଯେଉଁ ସ୍ୱର
ପୂର୍ବରୁ ଶୁଣିଥିଲି, ସେହି ସ୍ୱର ପୁଣି ଶୁଣିଲି। ଏହି ସ୍ୱର
ତୂରୀନାଦର ଶବ୍ଦ ପରି ମନେହେଲା। ସେହି ସ୍ୱର କହିଲା,
"ଏଠାରୁ ଉପରକୁ ଉଠିଆସ ଏବଂ ଭବିଷ୍ୟତରେ ଯାହା
ଘଟିବ, ତାହା ମୁଁ ତୁମ୍ଭକୁ ଦେଖାଇବି।" [୨]ତତ୍‌କ୍ଷଣାତ୍ ଆତ୍ମା
ମୋତେ ତାହାଙ୍କ ଅଧୀନକୁ ନେଇଗଲେ। ସ୍ୱର୍ଗରେ ମୋ
ସମ୍ମୁଖରେ ଗୋଟିଏ ସିଂହାସନ ଥିଲା। ସେହି ସିଂହାସନରେ
ଜଣେ ବସିଥିଲେ। [୩]ସିଂହାସନରେ ଯେଉଁ ବ୍ୟକ୍ତି ବସିଥିଲେ,
ତାହାଙ୍କର ରୂପ ମୂଲ୍ୟବାନ ସୂର୍ଯ୍ୟକାନ୍ତମଣି ଓ ପଦ୍ମରାଗମଣିର
ଭଳି ଦେଖାଯାଉଥିଲା। ତାହାଙ୍କ ସିଂହାସନକୁ ମରକତମଣିର
ଶୋଭା ସଦୃଶ ଗୋଟିଏ ମେଘଧନୁ ଘେରି ରହିଥିଲା।
[୪]ସେହି ସିଂହାସନର ଚାରିପାଖରେ ଆଉ ଚବିଶଟି ସିଂହାସନ
ଥିଲା। ସେହି ଚବିଶଟି ସିଂହାସନରେ ଚବିଶ ଜଣ ପ୍ରାଚୀନ
ବସିଥିଲେ। ସେମାନେ ଶୁଭ୍ରବସ୍ତ୍ର ପିନ୍ଧିଥିଲେ ଏବଂ ମସ୍ତକରେ
ସୁନାର ମୁକୁଟ ପିନ୍ଧିଥିଲେ। [୫]ସିଂହାସନରୁ ବିଜୁଳିର ଆଲୋକ
ଓ ଘଡ଼ଘଡ଼ିର ଶବ୍ଦ ଶୁଭୁଥିଲା। ସିଂହାସନ ସାମନାରେ
ସାତୋଟି ଜ୍ୱଳନ୍ତା ଦୀପ ଥିଲା। ଏହି ଦୀପଗୁଡ଼ିକ ପରମେଶ୍ୱରଙ୍କର
ସାତୋଟି ଆତ୍ମା ଅଟନ୍ତି। [୬]ସେହି ସିଂହାସନ ସମ୍ମୁଖରେ
କିଛି ଗୋଟିଏ କାଚର ସମୁଦ୍ର ଭଳି ଦେଖାଯାଉଥିଲା, ଯାହା
ସ୍ଫଟିକପରି ସ୍ୱଚ୍ଛ ଥିଲା। ସେହି ସିଂହାସନର ଚାରିପଟେ
ଚାରୋଟି ଜୀବିତ ପ୍ରାଣୀ ଥିଲେ।

ସେହି ଜୀବିତ ପ୍ରାଣୀଙ୍କର ଆଗ ଓ ପଛ ଉଭୟ ପଟେ
ଚକ୍ଷୁ ଭରି ହୋଇରହିଥିଲା। [୭]ପ୍ରଥମ ଜୀବିତ ପ୍ରାଣୀର
ଆକୃତି ସିଂହପରି। ଦ୍ୱିତୀୟ ପ୍ରାଣୀ ଗୋଟିଏ ଗୋରୁ ସଦୃଶ।
ତୃତୀୟ ପ୍ରାଣୀର ମୁଖ ଜଣେ ମନୁଷ୍ୟର ମୁଖ ଭଳି। ଚତୁର୍ଥ
ପ୍ରାଣୀଟି ଗୋଟିଏ ଉଡ଼ନ୍ତା ଉତ୍କ୍ରୋଶ ପକ୍ଷୀ ପରି ଥିଲା।
[୮]ପ୍ରତ୍ୟେକଙ୍କର ଛଅଟି ଲେଖାଏଁ ଡେଣା ଥିଲା। ଏହି
ପ୍ରାଣୀମାନଙ୍କର ଭିତର ଓ ବାହାର ଚାରିପାଖ ଆଖିରେ
ପରିପୂର୍ଣ୍ଣ ଥିଲା। ସେମାନେ ଦିନରାତି ଅବିରତ କହୁଥିଲେ:

"ସର୍ବଶକ୍ତିମାନ ପ୍ରଭୁ ପରମେଶ୍ୱର ପବିତ୍ର, ପବିତ୍ର,
ପବିତ୍ର। ସେ ସର୍ବଦା ଅତୀତରେ ଥିଲେ, ବର୍ତ୍ତମାନ
ଅଛନ୍ତି ଏବଂ ଭବିଷ୍ୟତରେ ରହିଥିବେ।"

[୯]ଏହି ଜୀବିତ ପ୍ରାଣୀମାନେ ସିଂହାସନରେ ବସିଥିବା
ବ୍ୟକ୍ତିଙ୍କୁ ଗୌରବ, ସମ୍ମାନ ଓ ଧନ୍ୟବାଦ ଦିଅନ୍ତି। ସେ
ସବୁଦିନ ପାଇଁ ଜୀବିତ ଅଟନ୍ତି ଏବଂ ଏହି ଜୀବିତ
ପ୍ରାଣୀମାନେ ସର୍ବଦା ଏହିଭଳି କରନ୍ତି। [୧୦]ଚବିଶଜଣ ପ୍ରାଚୀନ
ବ୍ୟକ୍ତି ସିଂହାସନରେ ବସିଥିବା ସେହିବ୍ୟକ୍ତିଙ୍କ ସମ୍ମୁଖରେ
ମୁଣ୍ଡ ନୁଆଁଇ ତାହାଙ୍କୁ ପ୍ରଣାମ କରନ୍ତି। ସେମାନେ ତାହାଙ୍କ
ସମ୍ମୁଖରେ ନିଜର ମୁକୁଟ ରଖି କହନ୍ତି:

[୧୧]"ହେ ପ୍ରଭୁ! ଆମ୍ଭର ପରମେଶ୍ୱର! ତୁମ୍ଭେ ଗୌରବ,
ସମ୍ମାନ ଓ କ୍ଷମତା ପାଇବା ପାଇଁ ଯୋଗ୍ୟ। ତୁମ୍ଭେ
ହିଁ ଏସବୁ ସୃଷ୍ଟି କରିଅଛ। ତୁମ୍ଭ ଇଚ୍ଛା ଅନୁସାରେ
ସମସ୍ତ ବିଷୟର ସୃଷ୍ଟି ହୋଇଛି ଓ ଅସ୍ତିତ୍ୱ ପାଇଅଛି।"

୫ "ତା'ପରେ ମୁଁ ସିଂହାସନରେ ବସିଥିବା ସେହି ବ୍ୟକ୍ତିଙ୍କର
ଦକ୍ଷିଣ ହସ୍ତରେ ଗୋଟିଏ ଚର୍ମପତ୍ର* ଥିବାର ଦେଖିଲି।
ସେହି ଚର୍ମପତ୍ରଟିର ଉଭୟ ପଟେ ଲେଖା ହୋଇଥିଲା।

---

**ଆମେନ** ଅର୍ଥାତ୍ "ସତ୍"। ଏହା ଯୀଶୁଙ୍କ ନାମପରି ବ୍ୟବହାର ହୋଇଛି।

**ଚର୍ମପତ୍ର** ଗୋଟିଏ ଗୁଡ଼ା ହୋଇଥିବା ଲମ୍ବା କାଗଜ ଅତଏବ ଚର୍ମ ଯାହାକି ପ୍ରାଚୀନ ଯୁଗରେ ଲେଖିବା କାମରେ ବ୍ୟବହାର କରା ଯାଉଥିଲା।

ସେହି ଚର୍ମପତ୍ରଟି ସାତୋଟି ମୁଦ୍ରାରେ ବନ୍ଦ କରାଯାଇଥିଲା।
୨ମୁଁ ଜଣେ ମହାଶକ୍ତିଶାଳୀ ଦୂତଙ୍କୁ ଦେଖିଲି। ସେ ଉଚ୍ଚ
ସ୍ୱରରେ କହିଲେ, “ଏହି ଚର୍ମପତ୍ରର ମୁଦ୍ରା ଭାଙ୍ଗି ତାହା
ଫିଟାଇବା ନିମନ୍ତେ କିଏ ଯୋଗ୍ୟ ଅଟନ୍ତି?” ୩କିନ୍ତୁ ସେହି
ଚର୍ମପତ୍ରକୁ ଫିଟାଇବାକୁ ଓ ତା'ଭିତର ଦେଖିବାକୁ ସ୍ୱର୍ଗ,
ମର୍ତ୍ତ୍ୟ ବା ପାତାଳରେ କାହାରି ସାଧ୍ୟ ନ ଥିଲା। ୪ତେଣୁ
ମୁଁ ଆକୁଳ ଭାବରେ କାନ୍ଦିବାକୁ ଲାଗିଲି, କାରଣ ସେହି
ଚର୍ମପତ୍ରକୁ ଫିଟାଇବା ପାଇଁ କିମ୍ବା ଦେଖିବା ପାଇଁ ସେଠାରେ
କେହି ସକ୍ଷମ ନ ଥିଲେ। ୫କିନ୍ତୁ ସେହି ପ୍ରାଚୀନମାନଙ୍କ
ମଧ୍ୟରୁ ଜଣେ ମୋତେ କହିଲେ, “କାନ୍ଦ ନାହିଁ! ଯିହୂଦା
ବଂଶଜାତ ସିଂହ (ଖ୍ରୀଷ୍ଟ) ଏହି କାର୍ଯ୍ୟ କରିବାକୁ ବିଜୟୀ
ହୋଇଛନ୍ତି। ସେ ଦାଉଦଙ୍କ ବଂଶଧର। ସେ ଏହି ଚର୍ମପତ୍ର
ଓ ଏହାର ସାତୋଟି ମୁଦ୍ରା ଫିଟାଇବାକୁ ସକ୍ଷମ ଅଟନ୍ତି।”
୬ସେତେବେଳେ ମୁଁ ସିଂହାସନର ମଝିରେ ଜଣେ ମେଷଶାବକଙ୍କୁ
ଦେଖିଲି। ତାହାଙ୍କ ଚାରିପାଖେ ଚାରୋଟି ଜୀବିତପ୍ରାଣୀ ଓ
ପ୍ରାଚୀନମାନେ ଘେରି ରହିଥିଲେ। ବଳି ଦିଆଯାଇଥିବା ପରି
ସେ ଦେଖା ଯାଉଥିଲେ। ତାହାଙ୍କର ସାତୋଟି ଶିଙ୍ଗ ଓ
ସାତୋଟି ଚକ୍ଷୁ ଥିଲା, ଏହି ସାତୋଟି ଚକ୍ଷୁ ପରମେଶ୍ୱରଙ୍କର
ସାତୋଟି ଆତ୍ମା, ଯାହାଙ୍କୁ ପୃଥିବୀର ଚାରିଆଡ଼େ ପ୍ରେରିତ
କରାଯାଇଥିଲା।
୭ସେହି ମେଷଶାବକ ସିଂହାସନରେ ବସିଥିବା ବ୍ୟକ୍ତିଙ୍କ
ପାଖକୁ ଯାଇ ତାହାଙ୍କ ଦକ୍ଷିଣହସ୍ତରୁ ଚର୍ମପତ୍ର ନେଲେ।
୮ସେ ଚର୍ମପତ୍ରକୁ ଗ୍ରହଣ କରିବାପରେ, ଚାରିଜୀବିତ ପ୍ରାଣୀ
ଓ ଚବିଶଜଣ ପ୍ରାଚୀନ ତାହାଙ୍କ ସମ୍ମୁଖରେ ନଇଁପଡ଼ି
ପ୍ରମାଣ କଲେ। ସେମାନେ ପ୍ରତ୍ୟେକେ ଗୋଟିଏଗୋଟିଏ
ବୀଣା ଧରି ଥିଲେ। ସେମାନେ ସୁଗନ୍ଧିତ ଧୂପରେ ସୁନାର
ପାତ୍ର ମଧ୍ୟ ଧରିଥିଲେ। ସେହି ସୁଗନ୍ଧିତ ଧୂପପାତ୍ରଗୁଡ଼ିକ
ହେଉଛି, ପରମେଶ୍ୱରଙ୍କ ପବିତ୍ର ଲୋକମାନଙ୍କର ପ୍ରାର୍ଥନା।
୯ସେମାନେ ମେଷଶାବକଙ୍କ ପାଇଁ ଗୋଟିଏ ନୂତନ ଗୀତ
ଗାନ କଲେ:

“ତୁମ୍ଭେ ଚର୍ମପତ୍ର ଗ୍ରହଣ କରିବାକୁ ଏବଂ ମୁଦ୍ରା
ଖୋଲିବାକୁ ଯୋଗ୍ୟ ଅଟ, କାରଣ ତୁମ୍ଭେ ହତ
ହୋଇଥିଲ; ଏବଂ ତୁମ୍ଭର ରକ୍ତରେ ପ୍ରତ୍ୟେକ ଗୋଷ୍ଠୀ,
ଭାଷା, ବଂଶ ଓ ଜାତି ମଧ୍ୟରୁ ପରମେଶ୍ୱରଙ୍କ ପାଇଁ
ଲୋକମାନଙ୍କୁ କିଣିଥିଲ
୧୦ ତୁମ୍ଭେ ଏହି ଲୋକମାନଙ୍କୁ ଗୋଟିଏ ସାମ୍ରାଜ୍ୟ ସ୍ୱରୂପ,
ଓ ଆମ୍ଭମାନଙ୍କର ପରମେଶ୍ୱରଙ୍କ ପାଇଁ ଯାଜକଗଣ
କରିଅଛ। ସେମାନେ ଏ ପୃଥିବୀ ଉପରେ ରାଜତ୍ୱ
କରିବେ।”

୧୧ତା'ପରେ ମୁଁ ଦେଖିଲି ଓ ଅନେକ ସ୍ୱର୍ଗଦୂତଙ୍କର
ସ୍ୱର ଶୁଣିଲି। ସ୍ୱର୍ଗଦୂତମାନେ ସିଂହାସନ, ଜୀବିତପ୍ରାଣୀ ଓ
ପ୍ରାଚୀନମାନଙ୍କ ଚାରିପାଖରେ ଥିଲେ। ମୁଁ ହଜାରହଜାର
ସ୍ୱର୍ଗଦୂତଙ୍କୁ ଦେଖିଲି। ସେଠାରେ ୧୦,୦୦୦ ର ୧୦,୦୦୦
ଗୁଣ ସ୍ୱର୍ଗଦୂତ ଥିଲେ। ୧୨ସେମାନେ ଉଚ୍ଚ ସ୍ୱରରେ ଏହା
କହୁଥିଲେ:

“ମେଷଶାବକ ଯେ ବଳିକୃତ ଥିଲେ, ସେ କ୍ଷମତା,
ଧନ, ପ୍ରଜ୍ଞା, ଶକ୍ତି, ସମ୍ମାନ, ମହିମା ଓ ପ୍ରଶଂସା
ପାଇବାକୁ ଯୋଗ୍ୟ।”

୧୩ତା'ପରେ ମୁଁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଓ ସମୁଦ୍ରର
ସମସ୍ତ ପ୍ରାଣୀଙ୍କୁ ଏହା କହିବାର ଶୁଣିଲି:

“ଯେ ସିଂହାସନରେ ବସିଛନ୍ତି, ତାହାଙ୍କର ଓ
ମେଷଶାବକଙ୍କର ପ୍ରଶଂସା, ଗୌରବ, ସମ୍ମାନ ଓ
କ୍ଷମତା ଯୁଗେ ଯୁଗେ ହେଉ।”

୧୪ଚାରିଜଣ ଜୀବିତପ୍ରାଣୀ କହିଲେ, “ଆମେନ୍!” ଏବଂ
ଚବିଶଜଣ ପ୍ରାଚୀନ ବ୍ୟକ୍ତି ନଇଁପଡ଼ି ତାହାଙ୍କୁ ପ୍ରଣାମ କଲେ
ଓ ଉପାସନା କଲେ।

୬ ତା'ପରେ ମୁଁ ମେଷଶାବକଙ୍କୁ ପୁସ୍ତକର ସାତମୁଦ୍ରାଙ୍କ
ମଧ୍ୟରୁ ପ୍ରଥମ ମୁଦ୍ରାକୁ ଭାଙ୍ଗିବାର ଦେଖିଲି। ସେହି
ଚାରିଜଣ ଜୀବିତପ୍ରାଣୀଙ୍କ ମଧ୍ୟରୁ ଜଣେ ବଜ୍ର ପରି ଉଚ୍ଚ
ସ୍ୱରରେ କହିଲେ, “ଆସ!” ୨ସେଥିରେ ମୁଁ ମୋର
ସମ୍ମୁଖରେ ଗୋଟିଏ ଧଳାଘୋଡ଼ା ଦେଖିଲି। ସେହି ଘୋଡ଼ାର
ଆରୋହୀଜଣକ ଗୋଟିଏ ଧନୁ ଧରିଥିଲେ। ତାହାଙ୍କୁ ଗୋଟିଏ
ମୁକୁଟ ଦିଆଗଲା। ସେ ବିଜୟୀ ହୋଇ ଆହୁରି ଜୟ
କରିବାକୁ ବାହାରିଗଲେ।
୩ତା'ପରେ ମେଷଶାବକ ଦ୍ୱିତୀୟ ମୁଦ୍ରା ଭାଙ୍ଗିଲେ। ମୁଁ
ଦ୍ୱିତୀୟ ଜୀବିତ ପ୍ରାଣୀଙ୍କୁ ଏହା କହିବାର ଶୁଣିଲି, “ଆସ”।
୪ତା'ପରେ ଆଉ ଗୋଟିଏ ଲାଲଘୋଡ଼ା ଆସିଲା। ସେହି
ଘୋଡ଼ାର ଆରୋହୀଙ୍କୁ ଗୋଟିଏ ବଡ଼ ଖଣ୍ଡା ଦିଆଗଲା।
ତାହାଙ୍କୁ ଜଗତରୁ ଶାନ୍ତି ଲୋପ କରିବାକୁ କ୍ଷମତା ଦିଆଗଲା।
ଲୋକମାନେ ଯେପରି ପରସ୍ପରକୁ ମାରିଦେବେ, ସେଥିପାଇଁ
ସେ ଅନୁମତି ଓ ଶକ୍ତି ପାଇଲେ।
୫ତା'ପରେ ମେଷଶାବକ ତୃତୀୟ ମୁଦ୍ରା ଭାଙ୍ଗିଲେ।
ସେତେବେଳେ ତୃତୀୟ ଜୀବିତପ୍ରାଣୀଙ୍କୁ ଏହା କହିବାର ମୁଁ
ଶୁଣିଲି, “ଆସ।” ସେତେବେଳେ ମୋ ସମ୍ମୁଖରେ ଗୋଟିଏ
କଳାରଙ୍ଗର ଘୋଡ଼ା ଥିଲା। ତାହାର ଆରୋହୀଙ୍କ ହାତରେ
ଗୋଟିଏ ତରାଜୁ ଥିଲା। ୬ତା'ପରେ ଚାରି ଜୀବିତପ୍ରାଣୀଙ୍କ
ମଧ୍ୟରୁ କେହି ଜଣେ କହିଲା ପରି ମୋତେ ଗୋଟିଏ ସ୍ୱର
ଶୁଭିଲା। ସେ ସ୍ୱର କହୁଥିଲା, “ଗୋଟିଏ ଦିନକର ମଜୁରୀ
ଏକ କିଲୋ ଗହମ, ଗୋଟିଏ ଦିନକର ମଜୁରୀ ତିନି
କିଲୋ ଯବ ହେବ। କିନ୍ତୁ ତେଲ ଓ ଅଙ୍ଗୁରରସର କ୍ଷତି
କର ନାହିଁ।”
୭ମେଷଶାବକ ଚତୁର୍ଥ ମୁଦ୍ରା ଭାଙ୍ଗିଲେ। ମୁଁ ଚତୁର୍ଥ
ଜୀବିତ ପ୍ରାଣୀଙ୍କର କହିବାର ଶୁଣିଲି, “ଆସ।” ୮ଆଉ, ମୁଁ
ଧୂସରରଙ୍ଗର ଗୋଟିଏ ଘୋଡ଼ା ଦେଖିଲି। ତାହାର ଆରୋହୀଙ୍କର
ନାମ ଥିଲା, ‘ମୃତ୍ୟୁ’। ପାତାଳ ତାହାଙ୍କର ଅନୁଗମନ
କରୁଥିଲା। ପୃଥିବୀର ଏକ ଚତୁର୍ଥାଂଶ ଉପରେ ସେମାନଙ୍କୁ
କ୍ଷମତା ଦିଆଯାଇଥିଲା। ସେମାନଙ୍କୁ ଖଡ୍ଗ, ଅନାହାର, ରୋଗ
ଓ ପୃଥିବୀର ବନ୍ୟ ପଶୁଙ୍କ ଦ୍ୱାରା ଲୋକମାନଙ୍କୁ ମାରିଦେବାକୁ
ଶକ୍ତି ଦିଆଗଲା।

[୯]ମେଷଶାବକ' ପଞ୍ଚମ ମୁଦ୍ରା ଫିଟାଇଲେ। ସେତେବେଳେ
ମୁଁ ବେଦୀ ତଳେ କେତେକ ଆତ୍ମାଙ୍କୁ ଦେଖିଲି। ପରମେଶ୍ୱରଙ୍କର
ବାକ୍ୟ ପ୍ରତି ବିଶ୍ୱସ୍ତ ଥିବାରୁ ଓ ସେମାନେ ଦେଉଥିବା
ସାକ୍ଷ୍ୟ ହେତୁ ଯେଉଁମାନଙ୍କୁ ମାରିଦିଆଯାଇଥିଲା, ସେଗୁଡ଼ିକ
ହେଉଛି, ସେହି ଲୋକମାନଙ୍କର ଆତ୍ମା। [୧୦]ସେହି ଆତ୍ମାମାନେ
ଉଚ୍ଚ ସ୍ୱରରେ ଚିତ୍କାର କଲେ, "ହେ ପବିତ୍ର, ଓ ସତ୍ୟ
ପ୍ରଭୁ! ଆମ୍ଭମାନଙ୍କୁ ହତ୍ୟା କରିଥିବାରୁ ତୁମ୍ଭେ ଏ ପୃଥିବୀର
ଲୋକମାନଙ୍କର ବିଚାର କର। ସେମାନଙ୍କୁ ଦଣ୍ଡ ଦେବାକୁ
ଆଉ କେତେ କାଳ ଆମ୍ଭକୁ ଅପେକ୍ଷା କରିବାକୁ ପଡ଼ିବ?"
[୧୧]ତା'ପରେ ପ୍ରତ୍ୟେକ ଆତ୍ମାଙ୍କୁ ଗୋଟିଏ-ଗୋଟିଏ ଧଳା
ରାଜପୋଷାକ ଦିଆଗଲା। ସେମାନଙ୍କୁ ଆଉ ଅଳ୍ପ ସମୟ
ଅପେକ୍ଷା କରିବାକୁ କୁହାଗଲା। ଖ୍ରୀଷ୍ଟଙ୍କଠାରେ ଥିବା ସେମାନଙ୍କର
ଅନ୍ୟସବୁ ଭାଇମାନଙ୍କୁ ସେମାନଙ୍କ ପରି ହତ୍ୟା କରାଯିବା
ପର୍ଯ୍ୟନ୍ତ ଓ ସେମାନଙ୍କ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଏହି
ଆତ୍ମାମାନଙ୍କୁ ଅପେକ୍ଷା କରିବାକୁ କୁହାଗଲା। ଅତଏବ, ଏହି
ହତ୍ୟାର ସବୁକିଛି ସରିବା ପର୍ଯ୍ୟନ୍ତ, ସେମାନଙ୍କୁ ଅପେକ୍ଷା
କରିବାକୁ କୁହାଗଲା।
[୧୨]ତା'ପରେ ମୁଁ ମେଷଶାବକଙ୍କୁ ଷଷ୍ଠ ମୁଦ୍ରା ଭାଙ୍ଗିବାର
ଦେଖିଲି। ସେତେବେଳେ ଭୀଷଣ ଭୂମିକମ୍ପ ହେଲା। ସୂର୍ଯ୍ୟ
ଲୋମରେ ତିଆରି ହୋଇଥିବା କଳାକମ୍ବଳ ପରି କଳାବର୍ଣ୍ଣ
ହୋଇଗଲା। ପୂର୍ଣ୍ଣଚନ୍ଦ୍ର ସମ୍ପୂର୍ଣ୍ଣଭାବରେ ରକ୍ତ ପରି ଲାଲବର୍ଣ୍ଣ
ହୋଇଗଲା। [୧୩]ପ୍ରବଳ ଝଡ଼ରେ ଦୋହଲି ଡିମ୍ବିରି ଗଛରୁ
ଅପକ୍ୱ ଡିମ୍ବିରି ଫଳ ଝଡ଼ି ପଡ଼ିଲା ପରି ଆକାଶର ତାରାଗଣ
ପୃଥିବୀରେ ଝଡ଼ି ପଡ଼ିଲେ। [୧୪]ଆକାଶ ଭାଗଭାଗ ହୋଇଗଲା
ଓ ଚର୍ମପତ୍ର ଭଳି ଗୁଡ଼େଇ ହୋଇଗଲା। ପର୍ବତ ଓ
ଦ୍ୱୀପସମୂହ ନିଜନିଜ ସ୍ଥାନରୁ ସ୍ଥାନଚ୍ୟୁତ ହୋଇଗଲେ।
[୧୫]ତା'ପରେ ସମସ୍ତ ଲୋକମାନେ ଗୁମ୍ଫା ଓ ପର୍ବତର
ପଛପଟେ ଲୁଚିଲେ। ସେମାନଙ୍କ ଭିତରେ ପୃଥିବୀର ରାଜାମାନେ,
ଶାସକମାନେ, ସେନାପତିମାନେ, ଧନୀଲୋକମାନେ ଓ
ଶକ୍ତିଶାଳୀ ଲୋକମାନେ ଥିଲେ। ପ୍ରତ୍ୟେକ ବ୍ୟକ୍ତି, ଦାସ
ଓ ମୁକ୍ତଲୋକମାନେ ନିଜକୁ ଲୁଚାଇ ରଖିଲେ। [୧୬]ଲୋକମାନେ
ପର୍ବତ ଓ ଶିଳାଗୁଡ଼ିକୁ କହିଲେ, "ଆମ୍ଭ ଉପରେ ଖସି
ପଡ଼। ସିଂହାସନରେ ଯିଏ ବସିଛନ୍ତି, ତାହାଙ୍କ ସମ୍ମୁଖରୁ ଓ
ମେଷଶାବକଙ୍କ କ୍ରୋଧରୁ ଆମ୍ଭମାନଙ୍କୁ ଲୁଚାଅ। [୧୭]ସେମାନଙ୍କର
କ୍ରୋଧର ମହାଦିନ ଆସିଗଲାଣି। ଏହା ବିରୁଦ୍ଧରେ କେହି
ଠିଆ ହୋଇପାରିବେ ନାହିଁ।"

## ଇସ୍ରାୟେଲର ୧୪୪,୦୦୦ ଲୋକ

**୭** ଏହି ସବୁ ଘଟିବା ପରେ ମୁଁ ପୃଥିବୀର ଚାରିକୋଣରେ
ଚାରିଜଣ ସ୍ୱର୍ଗଦୂତଙ୍କୁ ଠିଆ ହେବାର ଦେଖିଲି।
ସେହି ଦୂତମାନେ ପୃଥିବୀର ଚାରି ବାୟୁକୁ ଅଟକାଇ
ଧରିଥିଲେ। ଯେପରି ପୃଥିବୀ କିମ୍ବା ସମୁଦ୍ର ଉପରେ କିମ୍ବା
କୌଣସି ଗଛରେ ପବନ ନ ବହେ। [୨]ତା'ପରେ ମୁଁ ଅନ୍ୟ
ଜଣେ ସ୍ୱର୍ଗଦୂତଙ୍କୁ ପୂର୍ବଦିଗରୁ ଆସିବାର ଦେଖିଲି। ଏହି
ଦୂତଙ୍କ ପାଖରେ ଜୀବିତ ପରମେଶ୍ୱରଙ୍କର ମୁଦ୍ରା ଥିଲା।
ସେ ଉଚ୍ଚ ସ୍ୱରରେ ଚାରିଜଣ ସ୍ୱର୍ଗଦୂତଙ୍କୁ ଡାକିଲେ,
ଯେଉଁମାନଙ୍କୁ ପରମେଶ୍ୱର ପୃଥିବୀ ଓ ସମୁଦ୍ରର କ୍ଷତି
କରିବାକୁ କ୍ଷମତା ଦେଇଥିଲେ। [୩]ସେ ଚାରି ଦୂତଙ୍କୁ
କହିଲେ, "ଆମ୍ଭେମାନେ ଆମ୍ଭର ପରମେଶ୍ୱରଙ୍କର
ଲୋକମାନଙ୍କର କପାଳରେ ମୁଦ୍ରାଙ୍କିତ ନ କରିବା ପର୍ଯ୍ୟନ୍ତ
ତୁମ୍ଭେମାନେ ପୃଥିବୀ କି ସମୁଦ୍ର କୌଣସି ବୃକ୍ଷର କିଛି କ୍ଷତି
କର ନାହିଁ।" [୪]ଏହିପରି ମୁଦ୍ରାଙ୍କିତ ହେବା ଲୋକମାନଙ୍କର
ସଂଖ୍ୟା ମୁଁ ଶୁଣିଲି। ସେମାନେ ୧୪୪,୦୦୦ ଜଣ ଥିଲେ।
ସେମାନେ ଇସ୍ରାୟେଲର ପ୍ରତି ପରିବାର ବର୍ଗ ମଧ୍ୟରୁ
ଥିଲେ।

| | | |
|---|---|---|
| ୫ | ଯିହୂଦା ପରିବାରବର୍ଗରୁ | ୧୨,୦୦୦ |
| | ରୁବେନ ପରିବାରବର୍ଗରୁ | ୧୨,୦୦୦ |
| | ଗାଦ ପରିବାରବର୍ଗରୁ | ୧୨,୦୦୦ |
| ୬ | ଆଶେର ପରିବାରବର୍ଗରୁ | ୧୨,୦୦୦ |
| | ନପ୍ତାଲୀ ପରିବାରବର୍ଗରୁ | ୧୨,୦୦୦ |
| | ମନଶେହ ପରିବାରବର୍ଗରୁ | ୧୨,୦୦୦ |
| ୭ | ଶିମିୟୋନ ପରିବାରବର୍ଗରୁ | ୧୨,୦୦୦ |
| | ଲେବୀ ପରିବାରବର୍ଗରୁ | ୧୨,୦୦୦ |
| | ଯିସାଖାର ପରିବାରବର୍ଗରୁ | ୧୨,୦୦୦ |
| ୮ | ଜବୂଲୂନ୍ ପରିବାରବର୍ଗରୁ | ୧୨,୦୦୦ |
| | ଯୋସେଫ ପରିବାରବର୍ଗରୁ | ୧୨,୦୦୦ |
| | ବିନ୍ୟାମୀନ ପରିବାରବର୍ଗରୁ | ୧୨,୦୦୦ |

## ବିଶାଳ ଜନତା

[୯]ତା'ପରେ ମୁଁ ବହୁତ ଲୋକଙ୍କୁ ଦେଖିଲି। ସେଠାରେ
ଏତେଲୋକ ଥିଲେ ଯେ, କେହି ସେମାନଙ୍କୁ ଗଣିପାରିବ
ନାହିଁ। ସେମାନେ ପ୍ରତ୍ୟେକ ଜାତି, ଗୋଷ୍ଠୀ, ବଂଶୀୟ ଓ
ଭାଷାବାଦୀର ଲୋକ ଥିଲେ। ସେହି ଲୋକମାନେ ସିଂହାସନ
ଓ ମେଷଶାବକଙ୍କ ସାମନାରେ ଠିଆ ହୋଇଥିଲେ। ସେମାନେ
ସମସ୍ତେ ଧଳା ରାଜପୋଷାକ ପିନ୍ଧିଥିଲେ। ସେମାନଙ୍କର
ହାତରେ ଖଜୁରିବାହୁଙ୍ଗା ଥିଲା। [୧୦]ସେମାନେ ଉଚ୍ଚ ସ୍ୱରରେ
ପାଟିକରି କହୁଥିଲେ, "ବିଜୟ (ପରିତ୍ରାଣ) ସିଂହାସନୋପବିଷ୍ଟ
ଆମ୍ଭମାନଙ୍କର ପରମେଶ୍ୱର ଓ ମେଷଶାବକଙ୍କର।"
[୧୧]ପ୍ରାଚୀନମାନେ ଓ ଚାରି ଜଣ ପ୍ରାଣୀ ସେଠାରେ ଥିଲେ।
ସବୁ ଦୂତମାନେ ସେମାନଙ୍କର ଓ ସିଂହାସନର ଚାରିପାଖରେ
ଘେରି ଠିଆ ହୋଇଥିଲେ। ସେମାନେ ସିଂହାସନ ସମ୍ମୁଖରେ
ପ୍ରଣାମକରି ପରମେଶ୍ୱରଙ୍କ ଉପାସନା କଲେ। [୧୨]ସେମାନେ
କହିଲେ, "ଆମେନ୍! ପ୍ରଶଂସା, ମହିମା, ଧନ୍ୟବାଦ, ସମ୍ମାନ,
କ୍ଷମତା ଓ ଶକ୍ତି ସଦାସର୍ବଦା ପାଇଁ ଆମ୍ଭମାନଙ୍କର
ପରମେଶ୍ୱରଙ୍କର ଅଟେ। ଆମେନ୍!"
[୧୩]ତା'ପରେ ଜଣେ ପ୍ରାଚୀନ ମୋତେ କହିଲେ, "ଧଳା
ରାଜପୋଷାକ ପିନ୍ଧିଥିବା ଏ ଲୋକମାନେ କିଏ? ସେମାନେ
କେଉଁଠାରୁ ଆସିଅଛନ୍ତି?"
[୧୪]ମୁଁ ଉତ୍ତର ଦେଲି, "ମୋ ପ୍ରଭୁ! ଆପଣ ତାହା
ଜାଣନ୍ତି, ସେମାନେ କିଏ।
ପ୍ରାଚୀନ ଜଣକ କହିଲେ, "ଏହି ଲୋକମାନେ ଭୟଙ୍କର
ତାଡ଼ନା ଭିତରୁ ଆସିଛନ୍ତି। ସେମାନେ ମେଷଶାବକଙ୍କ
ରକ୍ତରେ ଆପଣା ଆପଣାର ପୋଷାକ ପରିଷ୍କାର ଓ ଧଳା

କରିଅଛନ୍ତି। [୧୫]ତେଣୁ ଏହି ଲୋକମାନେ ପରମେଶ୍ୱରଙ୍କର
ସିଂହାସନ ସମ୍ମୁଖରେ ଅଛନ୍ତି। ସେମାନେ ଦିନରାତି
ପରମେଶ୍ୱରଙ୍କର ମନ୍ଦିରରେ ତାହାଙ୍କର ଉପାସନା କରନ୍ତି।
ସିଂହାସନରେ ବସିଥିବା ଜଣେ ବ୍ୟକ୍ତି ସେମାନଙ୍କୁ ସୁରକ୍ଷା
ପ୍ରଦାନ କରିବେ। [୧୬]ସେହି ଲୋକମାନେ ଆଉ କେବେ
କ୍ଷୁଧିତ ହେବେନାହିଁ। ସେମାନେ କଦାପି ତୃଷାର୍ତ୍ତ ହେବେ
ନାହିଁ। ସୂର୍ଯ୍ୟ ତାହାଙ୍କୁ ଆଘାତ କରିବ ନାହିଁ କି କୌଣସି
ଉତ୍ତାପ ସେମାନଙ୍କୁ ଜାଳିପାରିବ ନାହିଁ। [୧୭]ସିଂହାସନର
ମଧିରେ ଥିବା 'ମେଷଶାବକ' ସେମାନଙ୍କର ମେଷପାଳକ
ହେବେ। ସେ ସେମାନଙ୍କୁ ଜୀବନ ପ୍ରଦାନକାରୀ ଜଳର
ନିର୍ଝର ପାଖକୁ କଢ଼େଇ ନେଇଯିବେ। ପରମେଶ୍ୱର ସେମାନଙ୍କର
ଆଖିରୁ ସବୁ ଲୁହ ପୋଛିଦେବେ।

### ସପ୍ତମ ମୁଦ୍ରା

୮ ମେଷଶାବକ ସପ୍ତମ ମୁଦ୍ରା ଖୋଲିଲେ। ସେତେବେଳେ
ସ୍ୱର୍ଗରେ ଅଧଘଣ୍ଟା ପର୍ଯ୍ୟନ୍ତ ନୀରବତା ଥିଲା। [୨]ତା'ପରେ
ମୁଁ ପରମେଶ୍ୱରଙ୍କ ସାମନାରେ ସାତଜଣ ସ୍ୱର୍ଗଦୂତଙ୍କୁ ଠିଆ
ହୋଇଥିବାର ଦେଖିଲି। ସେମାନଙ୍କୁ ସାତୋଟି ତୂରୀ ଦିଆଗଲା।
[୩]ଆଉ ଜଣେ ଦୂତ ଆସି ବେଦୀ ପାଖରେ ଠିଆ
ହେଲେ। ପରମେଶ୍ୱରଙ୍କର ପବିତ୍ର ଲୋକମାନଙ୍କର ପ୍ରାର୍ଥନା
ସହିତ ପ୍ରଚୁର ସୁଗନ୍ଧି ଧୂପ, ସୁନାର ବଳିବେଦୀ ଉପରେ
ଅର୍ପଣ କରିବା ନିମନ୍ତେ ତାହାଙ୍କ ହାତରେ ଗୋଟିଏ ସୁନାର
ଧୂପଦାନୀ ଥିଲା। [୪]ସ୍ୱର୍ଗଦୂତ ଏହି ପ୍ରାର୍ଥନାଯୁକ୍ତ ଧୂପକୁ
ବେଦୀ ଉପରେ ପକାନ୍ତେ ତାହା ଈଶ୍ୱରଙ୍କ ଉଦ୍ଦେଶ୍ୟରେ
ଉପରକୁ ଉଠିଲା। [୫]ତା'ପରେ ଦୂତ ବେଦୀରୁ ଅଗ୍ନି ନେଇ
ଧୂପଦାନୀ ପୂର୍ଣ୍ଣ କଲେ ଓ ତାହା ପୃଥିବୀ ଉପରକୁ ନିକ୍ଷେପ
କଲେ। ତେଣୁ ସେଠାରେ ବଜ୍ରପାତ, ମେଘ ଘଡ଼ଘଡ଼,
ବିଜୁଳି, କୋଳାହଳ ଓ ଭୂମିକମ୍ପ ହେଲା।

### ସାତ ଜଣ ସ୍ୱର୍ଗ ଦୂତଙ୍କର ତୂରୀନାଦ

[୬]ତା'ପରେ ସାତ ଜଣ ସ୍ୱର୍ଗଦୂତ ସାତୋଟି ତୂରୀ ଧରି
ବଜାଇବାକୁ ପ୍ରସ୍ତୁତ ହେଲେ।
[୭]ପ୍ରଥମ ସ୍ୱର୍ଗଦୂତ ତାହାଙ୍କ ତୂରୀ ବଜାଇଲେ। ଏହା
ଦ୍ୱାରା ପୃଥିବୀ ଉପରେ ରକ୍ତ ମିଶ୍ରିତ ଅଗ୍ନି ଓ ଶିଳା ବୃଷ୍ଟି
ହେଲା। ଏହି କାରଣରୁ ପୃଥିବୀର ଏକ ତୃତୀୟାଂଶରେ ନିଆଁ
ଲାଗି ଏକ ତୃତୀୟାଂଶ ବୃକ୍ଷ ଓ ସବୁଜ ଘାସସବୁ ପୋଡ଼ିଗଲା।
[୮]ଦ୍ୱିତୀୟ ସ୍ୱର୍ଗଦୂତ ତୂରୀ ବଜାଇଲା ପରେ ଗୋଟିଏ
ବୃହତ୍ ଜ୍ୱଳନ୍ତା ପର୍ବତ ପରି ଦିଶୁଥିବା ଏକ ବସ୍ତୁ ସମୁଦ୍ରରେ
ପଡ଼ିଲା। ଏହାଦ୍ୱାରା ସମୁଦ୍ରର ଏକ ତୃତୀୟାଂଶ ଜଳ ରକ୍ତରେ
ପୂର୍ଣ୍ଣ ହୋଇଗଲା। [୯]ସମୁଦ୍ରରେ ଥିବା ଏକ ତୃତୀୟାଂଶ
ଜୀବନ୍ତ ପ୍ରାଣୀ ମରିଗଲେ ଓ ଏକ ତୃତୀୟାଂଶ ଜାହାଜ ନଷ୍ଟ
ହୋଇଗଲା।
[୧୦]ଯେତେବେଳେ ତୃତୀୟ ସ୍ୱର୍ଗଦୂତ ତୂରୀ ବଜାଇଲେ,
ସେତେବେଳେ ଏକ ପ୍ରକାଣ୍ଡ ତାରା ମଶାଲପରି ଜଳୁଥିବା
ଅବସ୍ଥାରେ ଆକାଶରୁ ଖସିପଡ଼ିଲା। ଏହା ଏକ ତୃତୀୟାଂଶ
ନଦୀ ଓ ଏକ ତୃତୀୟାଂଶ ଜଳ ନିର୍ଝର ଗୁଡ଼ିକ ଉପରେ
ପଡିଲା।" [୧୧]ସେହି ତାରାର ନାମ 'ନାଗଦଅଣା' ଥିଲା।
ଏହାଦ୍ୱାରା ପୃଥିବୀର ଏକ ତୃତୀୟାଂଶ ଜଳଭାଗ ପିତା
ହୋଇଗଲା। ଏହି ପିତା ଜଳ ପାନକରି ଅନେକ ଲୋକ
ମୃତ୍ୟୁବରଣ କଲେ।
[୧୨]ଯେତେବେଳେ ଚତୁର୍ଥ ଦୂତ ତୂରୀ ବଜାଇଲେ,
ଏକତୃତୀୟାଂଶ ସୂର୍ଯ୍ୟ, ଏକତୃତୀୟାଂଶ ଚନ୍ଦ୍ର ଓ ଏକତୃତୀୟାଂଶ
ନକ୍ଷତ୍ରଗୁଡ଼ିକ ଆଘାତ ପାଇଲେ। ତେଣୁ ସେମାନଙ୍କ ମଧ୍ୟରୁ
ଏକ ତୃତୀୟାଂଶ ଅନ୍ଧକାରମୟ ହୋଇଗଲା। ଦିନ ଓ
ରାତ୍ରିର ଏକ ତୃତୀୟାଂଶ ଆଲୋକବିହୀନ ହେଲା।
[୧୩]ମୁଁ ସେତେବେଳେ ଗୋଟିଏ ଉତ୍କ୍ରୋଶ ପକ୍ଷୀକୁ ଆକାଶର
ଉପରିଭାଗରେ ଉଡୁଥିବାର ଦେଖିଲି, ସେ ଖୁବ୍ ଜୋରରେ
କହିଲା, "ହାୟ, ହାୟ! ପୃଥିବୀ ନିବାସୀମାନଙ୍କ ଉପରେ
ଭୟଙ୍କର କ୍ଲେଶ ଆସୁଅଛି। କାରଣ ଆହୁରି ତିନି ଜଣ
ଦୂତ ତୂରୀ ବଜାଇବାକୁ ଯାଉଅଛନ୍ତି।"

୯ ଏହାପରେ ପଞ୍ଚମ ଦୂତ ତୂରୀ ବଜାଇଲେ। ସେତେବେଳେ
ମୁଁ ଆକାଶରୁ ଗୋଟିଏ ତାରା ପୃଥିବୀ ଉପରେ
ପଡ଼ିବାର ଦେଖିଲି। ସେହି ତାରାକୁ ପାତାଳ ଅତଳ
ଗହ୍ୱରର ପ୍ରବେଶ ଦ୍ୱାରର ଚାବି ଦିଆଗଲା। [୨]ସେହି ତାରା
ପାତାଳର ପ୍ରବେଶ ଦ୍ୱାର ଖୋଲିଲା କ୍ଷଣି ପ୍ରକାଣ୍ଡ ଭାଟିରୁ
ଧୂଆଁ ଉଠିଲାଭଳି ସେହି ଅତଳଗର୍ଭ ଭିତରୁ ଧୂଆଁ ଉଠିଲା।
ସେହି ଧୂଆଁ ଦ୍ୱାରା ସୂର୍ଯ୍ୟ ଓ ଆକାଶ ଅନ୍ଧକାରମୟ
ହୋଇଗଲା ଓ [୩]ଧୂଆଁ ଭିତରୁ ପଙ୍ଗପାଳମାନେ ବାହାରି
ପୃଥିବୀ ଉପରକୁ ଓହ୍ଲାଇ ଆସିଲେ। ସେମାନଙ୍କୁ ବିଛା ଭଳି
ଦଂଶନକାରୀ ଶକ୍ତି ଦିଆଗଲା। [୪]ପୃଥିବୀର ଘାସ କିମ୍ବା
କୌଣସି ଲତା କିମ୍ବା ଗଛର କ୍ଷତି ନ କରିବା ପାଇଁ
ପଙ୍ଗପାଳଙ୍କୁ କୁହାଗଲା। ଯେଉଁମାନଙ୍କର କପାଳରେ
ପରମେଶ୍ୱରଙ୍କର ମୁଦ୍ରା ନାହିଁ, କେବଳ ସେହି ଲୋକମାନଙ୍କର
କ୍ଷତି କରିବାକୁ ସେମାନଙ୍କୁ କୁହାଗଲା। [୫]କିନ୍ତୁ ମନୁଷ୍ୟମାନଙ୍କୁ
ମାରିଦେବା ପାଇଁ ପଙ୍ଗପାଳଙ୍କୁ କ୍ଷମତା ଦିଆ ଯାଇ ନ
ଥିଲା, ମାତ୍ର ଲୋକମାନଙ୍କୁ ପାଞ୍ଚମାସ ପର୍ଯ୍ୟନ୍ତ ଯନ୍ତ୍ରଣା
ଦେବା ପାଇଁ ସେମାନଙ୍କୁ ଅନୁମତି ଦିଆଯାଇଥିଲା। ସେହି
ଯନ୍ତ୍ରଣା ଜଣେ ଲୋକକୁ କଙ୍କଡାବିଛାର ଦଂଶନ ପରି
ଯନ୍ତ୍ରଣାଦାୟକ ହେବ। [୬]ସେହି ସମୟରେ ଲୋକମାନେ
ମରଣ ଖୋଜିବେ, କିନ୍ତୁ ମରିପାରିବେ ନାହିଁ। ମରଣ
ଖୋଜିବା ସତ୍ତ୍ୱେ ମରଣ ସେମାନଙ୍କୁ ମିଳିବ ନାହିଁ।
[୭]ସେହି ପଙ୍ଗପାଳମାନେ ଯୁଦ୍ଧ ପାଇଁ ସୁସଜ୍ଜିତ ଅଶ୍ୱପରି
ଥିଲେ। ସେମାନଙ୍କର ମସ୍ତକରେ ସ୍ୱର୍ଣ୍ଣ ମୁକୁଟ ଭଳି
ଦେଖାଯାଉଥିବା କିଛି ଥିଲା। ସେମାନଙ୍କର ମୁହଁ ମଣିଷ
ପରି ଥିଲା। [୮]ସ୍ତ୍ରୀମାନଙ୍କର କେଶ ପରି ସେମାନଙ୍କର କେଶ
ଥିଲା। ସେମାନଙ୍କର ଦାନ୍ତ ସିଂହ ଦାନ୍ତ ପରି ଥିଲା।
[୯]ସେମାନେ ଛାତିରେ ଲୁହାର ସାଞ୍ଜୁ ପିନ୍ଧିଲା ଭଳି ଦିଶୁଥିଲେ।
ସେମାନଙ୍କର ଡେଣାର ଶବ୍ଦ ଯୁଦ୍ଧକୁ ଦୌଡୁଥିବା ଅନେକ
ଘୋଡ଼ା ଓ ରଥର ଶବ୍ଦ ଭଳି ଥିଲା। [୧୦]ବିଛାର ନାହୁଡ଼
ଭଳି ସେମାନଙ୍କ ଲାଙ୍ଗୁଡ଼ରେ ନାହୁଡ଼ ଥିଲା। ପାଞ୍ଚମାସ
ପର୍ଯ୍ୟନ୍ତ ଲୋକମାନଙ୍କୁ ଯନ୍ତ୍ରଣା ଦେବା ପାଇଁ ସେମାନଙ୍କୁ
ଯେଉଁ କ୍ଷମତା ଦିଆଯାଇଥିଲା, ତାହା ସେମାନଙ୍କ ଲାଙ୍ଗୁଳରେ
ଥିଲା। [୧୧]ପାତାଳସ୍ଥ ସେହି ଅତଳ ଗହ୍ୱରର ଦୂତ
ପଙ୍ଗପାଳମାନଙ୍କର ରାଜା ଥିଲେ। ତାହାଙ୍କର ନାମ ଏବ୍ରୀ

ଭାଷାରେ 'ଅବଦ୍ଦୋନ୍' ଓ ଗ୍ରୀକ୍ ଭାଷାରେ 'ଅପଲ୍ଲିୟୋନ୍'
(ବିନାଶକ) ଥିଲା।

୧୨ପ୍ରଥମ କ୍ଲେଶଟି ଶେଷ ହୋଇଗଲା, ଏହାପରେ
ଆହୁରି ଦୁଇଟି ବଡ଼ କ୍ଲେଶ ଆସିବ।

୧୩ତା'ପରେ ଷଷ୍ଠ ସ୍ୱର୍ଗଦୂତ ତୂରୀ ବଜାଇଲେ। ମୁଁ
ପରମେଶ୍ୱରଙ୍କ ସମ୍ମୁଖରେ ଥିବା ସୁନା ବେଦୀର ଚାରି ଶୃଙ୍ଗ
ମଧ୍ୟରୁ ଗୋଟିଏ ସ୍ୱର ଶୁଣିଲି। ୧୪ଏହି ସ୍ୱର ତୂରୀ
ଧରିଥିବା ଷଷ୍ଠ ଦୂତଙ୍କୁ କହିଲା, "ଫରାତ୍ ମହାନଦୀରେ
ବନ୍ଧା ହୋଇ ରହିଥିବା ଚାରି ଜଣ ସ୍ୱର୍ଗଦୂତଙ୍କୁ ମୁକ୍ତ
କରିଦିଅ।" ୧୫ତେଣୁ ଯେଉଁ ଚାରି ଜଣ ଦୂତଙ୍କୁ ପୃଥିବୀର
ଏକ ତୃତୀୟାଂଶ ଲୋକମାନଙ୍କର ପ୍ରାଣନାଶ କରିବାକୁ
ସେହି ଘଣ୍ଟା, ଦିନ, ମାସ ଓ ସେହି ବର୍ଷ ପର୍ଯ୍ୟନ୍ତ ପ୍ରସ୍ତୁତ
କରି ରଖାଯାଇଥିଲା, ସେମାନଙ୍କୁ ମୁକ୍ତ କରାଗଲା। ୧୬ଅଶ୍ୱାରୋହୀ
ସୈନ୍ୟ କୋଡ଼ିଏ କୋଟି ବୋଲି ମୁଁ ଶୁଣିବାକୁ ପାଇଲି।

୧୭ମୋ ଦର୍ଶନରେ ମୁଁ ଅଶ୍ୱ ଓ ଅଶ୍ୱାରୋହୀମାନଙ୍କୁ
ଦେଖିଲି। ସେମାନେ ନୀଳକାନ୍ତ ମଣି ତୁଲ୍ୟ ଲୋହିତ,
ନୀଳକାନ୍ତ ମଣି ତୁଲ୍ୟ ନୀଳ ଓ ଗନ୍ଧକ ପରି ହଳଦିଆ
ବର୍ଣ୍ଣର ସାଞ୍ଜୁ ଛାତିରେ ପିନ୍ଧିଥିଲେ। ଅଶ୍ୱମାନଙ୍କର ମୁଣ୍ଡ
ସିଂହର ମୁଣ୍ଡ ପରି ଦେଖାଯାଉଥିଲା। ସେମାନଙ୍କ ମୁଖରୁ
ଅଗ୍ନି, ଧୂଆଁ, ଓ ଗନ୍ଧକ ବାହାରୁଥିଲା। ୧୮ସେମାନଙ୍କ ମୁହଁରୁ
ବାହାରୁଥିବା ଏହି ତିନୋଟି ମହାମାରୀ ଅଗ୍ନି, ଧୂଆଁ ଓ
ଗନ୍ଧକ ହେତୁ ମନୁଷ୍ୟ ଜାତିର ଏକ ତୃତୀୟାଂଶ ପ୍ରାଣ
ହରାଇଲେ। ୧୯ସେହି ଅଶ୍ୱମାନଙ୍କର ମାରାତ୍ମକ ଶକ୍ତି କେବଳ
ମୁହଁରେ ନଥାଇ ଲାଙ୍ଗୁଳରେ ମଧ୍ୟ ଥିଲା। ସେମାନଙ୍କର
ଲାଙ୍ଗୁଳ ସାପ ପରି, ଯାହାଙ୍କର ମୁଣ୍ଡ ଲୋକମାନଙ୍କୁ ଦଂଶନ
ଓ ଅନିଷ୍ଟ କରିବା ପାଇଁ ଥିଲା।

୨୦ପୃଥିବୀର ଯେଉଁ ଅବଶିଷ୍ଟ ଲୋକମାନେ ଏହି ମହାମାରୀ
ଦ୍ୱାରା ପ୍ରାଣ ହରାଇ ନ ଥିଲେ, ସେମାନେ ତଥାପି
ସେମାନଙ୍କର ମନ ଓ ଜୀବନ ପରିବର୍ତ୍ତନ କଲେ ନାହିଁ।
ସେମାନେ ତାହାଙ୍କ ହାତ ତିଆରି କର୍ମଗୁଡ଼ିକ ଠାରୁ ମଧ୍ୟ
ନିଜକୁ ଦୂରେଇ ଦେଲେ ନାହିଁ। ସେମାନେ ଦୁଷ୍ଟାତ୍ମାଗୁଡ଼ିକର
ପୂଜା କଲେ ଓ ସୁନା, ରୂପା, ପିତ୍ତଳ, ପଥର, କାଠରେ
ତିଆରି, ଦେଖି ପାରୁନଥିବା, ଶୁଣି ପାରୁନଥିବା ବା ଚାଲି
ପାରୁନଥିବା ପ୍ରତିମା ଗୁଡ଼ିକର ପୂଜା କରିବା ବନ୍ଦ କଲେନାହିଁ।
୨୧ଏହା ବ୍ୟତୀତ ସେମାନେ ସେମାନଙ୍କର ନରହତ୍ୟା,
ଗୁଣିବିଦ୍ୟା, ଯୌନଗତପାପ କିମ୍ବା ଚୋରୀପାପ ପରିତ୍ୟାଗ
କଲେ ନାହିଁ କି ସେଥିରୁ ମନ ଫେରାଇ ଅନୁତାପ କଲେ
ନାହିଁ।

## ସ୍ୱର୍ଗଦୂତ ଏବଂ କ୍ଷୁଦ୍ର ପୁସ୍ତକ

୧୦ ତା'ପରେ ମୁଁ ଜଣେ ଶକ୍ତିଶାଳୀ ଦୂତଙ୍କୁ ସ୍ୱର୍ଗରୁ
ଆସିବାର ଦେଖିଲି। ସେ ମେଘ ଦ୍ୱାରା ଆଚ୍ଛାଦିତ
ଥିଲେ। ତାହାଙ୍କ ମସ୍ତକରେ ମେଘଧନୁ ଶୋଭା ପାଉଥିଲା।
ତାହାଙ୍କର ମୁଖ ସୂର୍ଯ୍ୟଙ୍କ ପରି ଉଜ୍ଜ୍ୱଳ ଓ ପାଦ ଦୁଇଟି
ଅଗ୍ନିସ୍ତମ୍ଭ ସଦୃଶ ଥିଲା। ୨ସେହି ଦୂତଙ୍କ ହାତରେ ଗୋଟିଏ
କ୍ଷୁଦ୍ର ଖୋଲା ଚର୍ମପତ୍ର ଥିଲା। ସେ ତାହାଙ୍କର ଦକ୍ଷିଣ ପାଦ
ସମୁଦ୍ର ଉପରେ ଓ ବାମ ପାଦ ସ୍ଥଳଭାଗ ଉପରେ
ରଖିଥିଲେ। ୩ସେ ସିଂହ ଗର୍ଜନ ପରି ଜୋରରେ ପାଟି
କଲେ। ସେ ପାଟି କରନ୍ତେ ପରେ ସାତବଜ୍ର ତାହାର
ଉତ୍ତର ଦେଲେ। ୪ମୁଁ ଏହା ଲେଖିବାକୁ ପ୍ରସ୍ତୁତ ହେଲି।
ସେତେବେଳେ ମୋତେ ଆକାଶବାଣୀ ଶୁଭିଲା, "ସାତ ବଜ୍ର
ଯାହା କହିଲେ, ତାହା ଲେଖନାହିଁ। ସେଗୁଡ଼ିକ ଗୁପ୍ତ
ରଖ।" ୫ତା'ପରେ ସେହି ସ୍ୱର୍ଗଦୂତ ଯେକି ସମୁଦ୍ର ଓ
ପୃଥିବୀ ଉପରେ ପାଦଦେଇ ଠିଆ ହୋଇଥିବାର ମୁଁ
ଦେଖିଲି, ସେ ତାହାଙ୍କ ଦକ୍ଷିଣ ହସ୍ତ ସ୍ୱର୍ଗକୁ ଉଠାଇଲେ।
୬ଯେ ନିତ୍ୟଜୀବିତ, ଯେ ଆକାଶ ଓ ତନ୍ମଧ୍ୟସ୍ଥ ସକଳ
ବିଷୟ ଏବଂ ପୃଥିବୀ ଓ ତନ୍ମଧ୍ୟସ୍ଥ ସକଳ ବିଷୟ ସୃଷ୍ଟି
କରିଛନ୍ତି, ତାହାଙ୍କ ନାମରେ ସେହି ସ୍ୱର୍ଗଦୂତ ଶପଥକରି
କହିଲେ, "ଆଉ ଅଧିକ ବିଳମ୍ବ ହେବ ନାହିଁ! ୭କିନ୍ତୁ
ସପ୍ତମ ଦୂତ ସେହି ଦିନମାନଙ୍କରେ ତୂରୀ ବଜାନ୍ତେ
ପରମେଶ୍ୱର ଆପଣା ସେବକ ଭବିଷ୍ୟତ୍‌ବକ୍ତାମାନଙ୍କୁ କହିଥିବା
ବାକ୍ୟ ଅନୁସାରେ ତାହାଙ୍କର ଗୁପ୍ତ ଯୋଜନା ସମ୍ପୂର୍ଣ୍ଣ
ହେବ।" ୮ତା'ପରେ ମୁଁ ସେହି ସ୍ୱର ସ୍ୱର୍ଗରୁ ପୁଣି ଥରେ
ଶୁଣିଲି। ସେ ସ୍ୱର ମୋତେ କହିଲା, "ଯାଅ ଓ ସମୁଦ୍ର ଓ
ପୃଥିବୀ ଉପରେ ଠିଆ ହୋଇଥିବା ଦୂତଙ୍କ ହାତରୁ ଖୋଲା
ଚର୍ମପତ୍ରଟି ନିଅ।"

୯ତେଣୁ ମୁଁ ଦୂତଙ୍କ ପାଖକୁ ଯାଇ କ୍ଷୁଦ୍ର ଚର୍ମପତ୍ରଟି
ମାଗିଲି। ସେ ମୋତେ କହିଲେ, "ଏହାକୁ ନିଅ ଓ ଏହା
ଖାଅ। ଏହା ତୁମ୍ଭ ପେଟକୁ ଖଟା ଲାଗିବ, କିନ୍ତୁ ତୁମ୍ଭ
ମୁହଁକୁ ମହୁ ପରି ମିଠା ଲାଗିବ।" ୧୦ତେଣୁ ମୁଁ ତାହାଙ୍କ
ହସ୍ତରୁ କ୍ଷୁଦ୍ର ଚର୍ମପତ୍ର ନେଲି ଓ ଖାଇଲି। ମୋ ପାଟିକୁ
ତାହା ମିଠା ଲାଗିଲା, କିନ୍ତୁ ଯେତେବେଳେ ମୁଁ ଏହାକୁ
ଢୋକିଲି, ପେଟରେ ଏହା ଖଟା ଲାଗିଲା। ୧୧ତା'ପରେ
ସେମାନେ ମୋତେ କହିଲେ, "ଅନେକ ଦେଶ, ଜାତି,
ଭାଷା ଓ ରାଜାମାନଙ୍କ ବିଷୟରେ ତୁମ୍ଭକୁ ଆହୁରି ଭବିଷ୍ୟଦ୍‌ବାଣୀ
କହିବାକୁ ପଡ଼ିବ।"

## ଦୁଇଜଣ ସାକ୍ଷୀ

୧୧ ତା'ପରେ ମୋତେ ବୁଲାବାଡ଼ି ଲମ୍ବର ଗୋଟିଏ
ମାପଦଣ୍ଡ ଦିଆଗଲା। ମୋତେ କୁହାଗଲା, "ଯାଅ,
ପରମେଶ୍ୱରଙ୍କର ମନ୍ଦିର, ବେଦୀକୁ ମାପ, ଏବଂ ସେଠାରେ
ଉପାସନା କରୁଥିବା ଲୋକମାନଙ୍କର ସଂଖ୍ୟା ଗଣନା କର।
୨କିନ୍ତୁ ମନ୍ଦିରର ବାହାର ଅଗଣା ମାପ ନାହିଁ। ତାହାକୁ
ସେହିପରି ଛାଡ଼ି ଦିଅ, କାରଣ ତାହା ଅଣଯିହୂଦୀୟ
ଦେଶଗୁଡ଼ିକର ଲୋକମାନଙ୍କୁ ଦିଆଯାଇଛି। ସେହି ଲୋକମାନେ
ବୟାଳିଶମାସ ପର୍ଯ୍ୟନ୍ତ ପବିତ୍ର ନଗରକୁ ପଦଦଳିତ କରିବେ।
୩ମୁଁ ମୋର ଦୁଇ ସାକ୍ଷୀଙ୍କୁ କ୍ଷମତା ଦେବି। ସେମାନେ
୧୨୬୦ ଦିନ ପର୍ଯ୍ୟନ୍ତ ଅଖା ପିନ୍ଧି ଭବିଷ୍ୟଦ୍‌ବାଣୀ କହିବେ।"
୪ଏହି ଦୁଇ ସାକ୍ଷୀ ହେଉଛନ୍ତି, ପୃଥିବୀରେ ପ୍ରଭୁଙ୍କ ସମ୍ମୁଖରେ
ଠିଆ ହୋଇଥିବା ଦୁଇ ଜୀତ ବୃକ୍ଷ ଓ ଦୁଇ ଦୀପରୂଖା।
୫ଯଦି କେହି ସେମାନଙ୍କର କ୍ଷତି କରିବାକୁ ଚାହେଁ, ତା'ହେଲେ
ସେମାନଙ୍କର ମୁହଁରୁ ବାହାରୁଥିବା ଅଗ୍ନି ସେମାନଙ୍କୁ ଧ୍ୱଂସ
କରିବ। ଯଦି କୌଣସି ଲୋକ ସେମାନଙ୍କର କ୍ଷତି କରିବାକୁ
ଚେଷ୍ଟା କରେ, ସେ ଏହିପରିଭାବେ ମୃତ୍ୟୁଭୋଗ କରିବ।

୬ଏହି ଦୁଇଜଣ ଭବିଷ୍ୟଦ୍‌ବାଣୀ କହିବାବେଳେ ଯେପରି
ବର୍ଷା ନ ହୁଏ, ସେଥିନିମନ୍ତେ ଆକାଶକୁ ରୁଦ୍ଧ କରିବା
ନିମନ୍ତେ ସେମାନଙ୍କର କ୍ଷମତା ଅଛି। ଜଳକୁ ରକ୍ତରେ
ପରିଣତ କରିବାର କ୍ଷମତା ସେମାନଙ୍କର ଅଛି। ପୃଥିବୀକୁ
ପ୍ରତ୍ୟେକ ପ୍ରକାରର ମହାମାରୀ ଦ୍ୱାରା କଷ୍ଟ ଦେବାର କ୍ଷମତା
ସେମାନଙ୍କର ଅଛି। ସେମାନେ ସେମାନଙ୍କର ନିଜ ଇଚ୍ଛା
ଅନୁସାରେ ଯେତେଥର ଚାହିଁବେ, ସେତେଥର ଏହା କରି
ପାରିବେ।
୭ସେମାନଙ୍କର ସାକ୍ଷ୍ୟ ଦେବା ସମୟ ସରିଯିବା ପରେ
ସେହି ପଶୁ ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବ। ପାତାଳର
ଅତଳ ଗର୍ତ୍ତରୁ ଉପରକୁ ଆସୁଥିବା ପଶୁ ସେମାନଙ୍କ
ବିରୁଦ୍ଧରେ ଯୁଦ୍ଧ କରିବ। ସେ ସେମାନଙ୍କୁ ପରାସ୍ତ କରି
ହତ୍ୟା କରିବ। ୮ଏହି ଦୁଇ ସାକ୍ଷୀଙ୍କର ଶରୀର ମହାନଗରୀର
ରାସ୍ତାରେ ପଡ଼ିରହିବ। ଏହି ନଗରର ନାମ 'ସଦୋମ' ଓ
'ମିସର'। ନଗରର ଏହି ନାମଗୁଡ଼ିକର ବିଶେଷ ଅର୍ଥ
ରହିଛି। ଏହି ନଗରରେ ସେମାନଙ୍କର ପ୍ରଭୁଙ୍କୁ ମଧ୍ୟ
କ୍ରୁଶରେ ଚଢ଼ାଇ ମାରି ଦିଆଯାଇଥିଲା। ୯ସାଢ଼େ ତିନିଦିନ
ପର୍ଯ୍ୟନ୍ତ ସମସ୍ତ ମଣିଷ ଜାତି, ସମସ୍ତ ଗୋଷ୍ଠୀ, ସମସ୍ତ ଭାଷା
ଏବଂ ସମସ୍ତ ରାଷ୍ଟ୍ରର ଲୋକମାନେ ସେମାନଙ୍କର ଶବ
ଦେଖିବେ। କିନ୍ତୁ ସେମାନେ ସେମାନଙ୍କର ଶବ ସମାଧିସ୍ଥ
ହେବାକୁ ଦେବେ ନାହିଁ। ୧୦ସେମାନଙ୍କର ମୃତ୍ୟୁରେ ପୃଥିବୀର
ଲୋକେ ଖୁସି ହେବେ। ସେମାନେ ଭୋଜି କରିବେ ଓ
ପରସ୍ପର ଭିତରେ ଉପହାର ଦିଆନିଆ କରିବେ। ସେମାନେ
ଏପରି କରିବେ, କାରଣ ଏହି ଦୁଇଜଣ ସାକ୍ଷୀ ପୃଥିବୀବାସୀଙ୍କୁ
ବହୁତ ଯନ୍ତ୍ରଣା ଦେଇଥିଲେ।
୧୧କିନ୍ତୁ ସାଢ଼େ ତିନି ଦିନ ପରେ ପରମେଶ୍ୱରଙ୍କଠାରୁ
ଜୀବନୀ ଶକ୍ତି ସେହି ଦୁଇଜଣ ଭବିଷ୍ୟଦ୍‌ବକ୍ତାଙ୍କ ଭିତରେ
ପ୍ରବେଶ କଲା। ସେମାନେ ସେମାନଙ୍କର ପାଦରେ ଉଠି
ଠିଆହେଲେ। ସେମାନଙ୍କୁ ଦେଖିବା ଲୋକମାନେ ବହୁତ
ଭୟ କଲେ। ୧୨ତା'ପରେ ସେହି ଦୁଇଜଣ ସାକ୍ଷୀ ସ୍ୱର୍ଗରୁ
ଆସୁଥିବା ଗୋଟିଏ ଉଚ୍ଚ ସ୍ୱର ଶୁଣିପାରିଲେ, "ଏଠାକୁ ଉଠି
ଆସ।" ଏହା ଶୁଣି ଦୁଇ ଜଣ ଭବିଷ୍ୟଦ୍‌ବକ୍ତା ମେଘ ଦ୍ୱାରା
ସ୍ୱର୍ଗକୁ ଗଲେ। ଏହା ସେମାନଙ୍କର ଶତ୍ରୁମାନେ ଦେଖୁଥିଲେ।
୧୩ଠିକ୍ ସେହି ସମୟରେ ଏକ ମହା ଭୂମିକମ୍ପ ହେଲା।
ନଗରର ଏକ ଦଶାଂଶ ନଷ୍ଟ ହୋଇଗଲା। ସାତ ହଜାର
ଲୋକ ପ୍ରାଣ ହରାଇଲେ। ପ୍ରାଣ ହରାଇ ନଥିବା ଲୋକମାନେ
ଅଧିକ ଭୟ କଲେ। ସେମାନେ ସ୍ୱର୍ଗର ପରମେଶ୍ୱରଙ୍କୁ
ଗୌରବ ଦେଲେ।
୧୪ଦ୍ୱିତୀୟ କ୍ଲେଶ ଦୂର ହେଲା। ତୃତୀୟ କ୍ଲେଶଟି ଖୁବ୍
ଶୀଘ୍ର ଆସୁଛି।

## ସପ୍ତମ ତୂରୀ

୧୫ସପ୍ତମ ଦୂତ ତାହାଙ୍କ ତୂରୀ ବଜାଇଲେ। ସ୍ୱର୍ଗରେ
ଉଚ୍ଚ ସ୍ୱରମାନ ଶୁଣାଗଲା। ସେମାନେ କହିଲେ,

"ଏହି ପୃଥିବୀ ବର୍ତ୍ତମାନ ଆମ୍ଭ ପ୍ରଭୁଙ୍କର ଓ ତାହା
ଖ୍ରୀଷ୍ଟଙ୍କର ରାଜ୍ୟ ହେଲା। ସେ ଅନନ୍ତକାଳ ନିମନ୍ତେ
ରାଜତ୍ୱ କରିବେ।"

୧୬ତା'ପରେ ଚବିଶ ଜଣ ପ୍ରାଚୀନ ମୁଣ୍ଡ ନୁଆଁଇ ପ୍ରଣାମ
କଲେ ଓ ପରମେଶ୍ୱରଙ୍କର ଉପାସନା କଲେ। ଏହି
ପ୍ରାଚୀନମାନେ ପରମେଶ୍ୱରଙ୍କ ସମ୍ମୁଖରେ ସେମାନଙ୍କ
ସିଂହାସନରେ ବସନ୍ତି। ୧୭ସେହି ପ୍ରାଚୀନମାନେ କହିଲେ:

"ହେ ପ୍ରଭୁ ପରମେଶ୍ୱର, ତୁମ୍ଭେ ସର୍ବଶକ୍ତିମାନ
ଅଟ। ଆମ୍ଭେ ତୁମ୍ଭକୁ ଧନ୍ୟବାଦ ଦେଉଅଛୁ; ତୁମ୍ଭେ
ହିଁ ଏକମାତ୍ର ବର୍ତ୍ତମାନ ଅଛ, ଓ ଅତୀତରେ ଥିଲ।
ଏବେ ତୁମ୍ଭେ ତୁମ୍ଭର ମହାଶକ୍ତି ପ୍ରୟୋଗ କରି
ଶାସନ କରିବାକୁ ଆରମ୍ଭ କରିଛ, ସେଥିପାଇଁ
ତୁମ୍ଭକୁ ଧନ୍ୟବାଦ ଦେଉଅଛୁ।
୧୮ଅନ୍ୟ ଜାତୀୟମାନେ ତୁମ୍ଭ ଉପରେ କ୍ରୋଧ କରିଥିଲେ,
କିନ୍ତୁ ବର୍ତ୍ତମାନ ତୁମ୍ଭ କ୍ରୋଧର ସମୟ ଉପସ୍ଥିତ,
ମୃତମାନଙ୍କର ବିଚାର ସମୟ ଆସିଛି; ତୁମ୍ଭ
ସେବକମାନଙ୍କୁ, ଭବିଷ୍ୟଦ୍‌ବକ୍ତାମାନଙ୍କୁ ପୁରସ୍କାର
ଦେବାର ସମୟ ଆସିଛି, ଏବଂ ତୁମ୍ଭକୁ ଭୟ ଓ
ସମ୍ମାନ କରୁଥିବା ସାନବଡ଼ ପ୍ରତ୍ୟେକଙ୍କୁ ପୁରସ୍କାର
ଦେବାର ସମୟ ଆସିଛି। ପୃଥିବୀକୁ ବିନାଶ କରୁଥିବା
ବିନାଶକାରୀଙ୍କର ବିନାଶର ସମୟ ଉପସ୍ଥିତ ହୋଇଛି!"

୧୯ତା'ପରେ ସ୍ୱର୍ଗରେ ପରମେଶ୍ୱରଙ୍କ ମନ୍ଦିର ଖୋଲିଗଲା
ଓ ସେହି ମନ୍ଦିରରେ ପବିତ୍ର ନିୟମସିନ୍ଦୁକ ଦେଖାଗଲା।
ଏହି ପବିତ୍ର ସିନ୍ଦୁକରେ ସେହି ଚୁକ୍ତି ଥିଲା, ଯାହାକୁ
ପରମେଶ୍ୱର ଲୋକମାନଙ୍କୁ ଦେଇଥିଲେ। ତା'ପରେ ସେଠାରେ
ବିଜୁଳିର ଆଲୋକ ଝଲସି ଉଠିଲା, ତଥା ମହାକୋଳାହଳ,
ବଜ୍ର ନାଦ, ଭୂମିକମ୍ପ ଓ ପ୍ରବଳ କୁଆପଥର ବୃଷ୍ଟି ହେଲା।

## ନାରୀ ଓ ମହାସର୍ପ

୧୨ ତା'ପରେ ସ୍ୱର୍ଗରେ ଏକ ବିଚିତ୍ର ଚିହ୍ନ ଦେଖାଗଲା।
ମୁଁ ଜଣେ ନାରୀଙ୍କୁ ସୂର୍ଯ୍ୟଙ୍କୁ ବସ୍ତ୍ରରୂପେ ଧାରଣ
କରିବାର ଦେଖିଲି। ଚନ୍ଦ୍ର ତାହାଙ୍କ ପାଦତଳେ ଥିଲେ।
ତାହାଙ୍କ ମସ୍ତକରେ ବାରଟି ନକ୍ଷତ୍ରର ମୁକୁଟ ଥିଲା। ୨ସେହି
ନାରୀ ଜଣକ ଗର୍ଭବତୀ ଥିଲେ। ପ୍ରସବ ବେଦନାରେ ସେ
ଚିତ୍କାର କଲେ। ତାହାଙ୍କର ପ୍ରସବ କରିବା ସମୟ
ହୋଇଯାଇଥିଲା। ୩ସ୍ୱର୍ଗରେ ଅନ୍ୟ ଏକ ଚିହ୍ନ ଦେଖାଗଲା।
ସେଠାରେ ଗୋଟିଏ ବିରାଟ ଲାଲ ରଙ୍ଗର ସାପ ମୁଁ
ଦେଖିଲି। ତା'ର ସାତୋଟି ମୁଣ୍ଡ ଥିଲା ଓ ପ୍ରତି ମୁଣ୍ଡରେ
ସାତୋଟି ମୁକୁଟ ଥିଲା। ତା'ର ଦଶଟି ଶିଙ୍ଗ ମଧ୍ୟ ଥିଲା।
୪ତାହାର ଲାଙ୍ଗୁଳ ଆକାଶର ତାରାଗଣ ମଧ୍ୟରୁ ଏକତୃତୀୟାଂଶ
ତାରାକୁ ଟାଣିଆଣି ପୃଥିବୀରେ ନିକ୍ଷେପ କଲା। ସେହି ସାପ,
ପ୍ରସବ କରିବାକୁ ଯାଉଥିବା ସେହି ନାରୀଙ୍କ ସାମନାରେ
ଠିଆ ହୋଇ ରହିଲା। ତାହାଙ୍କର ସନ୍ତାନ ଜନ୍ମ ହେବା
ମାତ୍ରେ ତାହାକୁ ଖାଇବା ଉଦ୍ଦେଶ୍ୟରେ ସେ ପ୍ରସ୍ତୁତ
ହୋଇରହିଲା। ୫ସେହି ନାରୀ ଗୋଟିଏ ପୁତ୍ର ଶିଶୁକୁ ଜନ୍ମ
ଦେଲେ। ସେ ସମଗ୍ର ରାଷ୍ଟ୍ରଗୁଡ଼ିକୁ ଗୋଟିଏ ଲୌହ ଦଣ୍ଡରେ
ଶାସନ କରିବେ। ତା'ର ଶିଶୁଙ୍କୁ ପରମେଶ୍ୱରଙ୍କ ସିଂହାସନ
ପାଖକୁ ଉଠାଇ ନିଆଗଲା। ୬ସେହି ସ୍ତ୍ରୀଲୋକଟି, ପରମେଶ୍ୱର

ତା’ ପାଇଁ ପ୍ରସ୍ତୁତ କରି ରଖିଥିବା ମରୁଭୂମିର ଗୋଟିଏ
ସ୍ଥାନକୁ ଚାଲିଗଲା । ସେଠାରେ ତା’ର ଯତ୍ନ ୧୨୬୦ ଦିନ
ପର୍ଯ୍ୟନ୍ତ ନିଆଯିବ ।
[୭]ଏହିପରି ସମୟରେ ସ୍ୱର୍ଗରେ ଯୁଦ୍ଧ ହେଲା । ମୀଖାୟେଲ
ଓ ତାହାଙ୍କର ଦୂତଗଣ ସେହି ସାପ ଓ ତାହାର ଦୂତମାନଙ୍କ
ବିରୁଦ୍ଧରେ ଯୁଦ୍ଧ କଲେ । ସାପ ତା’ର ଦୂତମାନଙ୍କ ସହିତ
ପ୍ରତିଯୁଦ୍ଧ କଲା । [୮]କିନ୍ତୁ ବିଶାଳ ସାପ ଅଧିକ ବଳଶାଳୀ ନ
ଥିବାରୁ ସେ ଓ ତାହାର ଦୂତମାନେ ପରାସ୍ତ ହେଲେ ଓ
ସ୍ୱର୍ଗରେ ସ୍ଥାନ ହରାଇଲେ । [୯]ବିଶାଳ ସାପକୁ ସ୍ୱର୍ଗରୁ
ପୃଥିବୀରେ ନିକ୍ଷେପ କରାଗଲା । (ସେହି ବିଶାଳ ସାପ
ହେଉଛି ସେହି ଅତୀତର ପୁରୁଣା ସାପ, ଯାହାକୁ ଶୟତାନ
କୁହାଯାଏ । ସେ ପୃଥିବୀ ବାସୀଙ୍କୁ ଭୁଲ ରାସ୍ତାରେ ନିଏ ।
ସାପକୁ ତା’ର ଦୂତମାନଙ୍କ ସହିତ ସଦଳବଳରେ ପୃଥିବୀରେ
ନିକ୍ଷେପ କରାଗଲା ।
[୧୦]ତା’ପରେ ମୁଁ ସ୍ୱର୍ଗରେ ଗୋଟିଏ ଉଚ୍ଚ ଧ୍ୱନି ଏହା
କହିବାର ଶୁଣିଲି, “ବର୍ତ୍ତମାନ ଆମ୍ଭ ପରମେଶ୍ୱରଙ୍କ ବିଜୟ,
କ୍ଷମତା, ଓ ରାଜତ୍ୱର ସମୟ ଉପସ୍ଥିତ । ତାହାଙ୍କର ଖ୍ରୀଷ୍ଟଙ୍କ
ଶାସନ କରିବା ଅଧିକାର ସମୟ ମଧ୍ୟ ଉପସ୍ଥିତ ହୋଇଛି ।
କାରଣ, ଆମ୍ଭମାନଙ୍କର ଭାଇମାନଙ୍କ ଅଭିଯୋଗକାରୀକୁ ବାହାରେ
ନିକ୍ଷେପ କରାଯାଇଛି । ସେ ଦିନରାତି ଆମ୍ଭ ପରମେଶ୍ୱରଙ୍କ
ସମ୍ମୁଖରେ ଆମ୍ଭ ଭାଇମାନଙ୍କ ବିଷୟରେ ଅଭିଯୋଗ କରୁଥିଲା ।
[୧୧]ଆମ୍ଭ ଭାଇମାନେ ମେଷଶାବକଙ୍କ ରକ୍ତ ଦ୍ୱାରା ଓ
ସେମାନଙ୍କର ପ୍ରଚାରର ଦ୍ୱାରା ତାହାକୁ ପରାସ୍ତ କରିଛନ୍ତି,
କାରଣ ସେମାନେ ନିଜନିଜର ଜୀବନକୁ ତୁଚ୍ଛଜ୍ଞାନ କରି
ତାହାଙ୍କ ନିମନ୍ତେ ମୃତ୍ୟୁଭୋଗ କରିଥିଲେ । [୧୨]ତେଣୁ ହେ
ସ୍ୱର୍ଗ ଓ ସ୍ୱର୍ଗବାସୀଗଣ, ଆନନ୍ଦ ଉଲ୍ଲାସ କର । କିନ୍ତୁ ହାୟ!
ଏହା ପୃଥିବୀ ଓ ସମୁଦ୍ର ପାଇଁ ଅତ୍ୟନ୍ତ ଖରାପ ସମୟ,
ଯେହେତୁ ସମୟ ଅତି ଅଳ୍ପ ବୋଲି ଜାଣି ଶୟତାନ
ଭୀଷଣ କ୍ରୋଧରେ ପୂର୍ଣ୍ଣ ହୋଇ ତୁମ୍ଭମାନଙ୍କ ମଧ୍ୟକୁ
ଓହ୍ଲାଇ ଯାଇଅଛି ।
[୧୩]ବିଶାଳ ସାପ ନିଜକୁ ପୃଥିବୀରେ ନିକ୍ଷେପ ହେବାର
ଦେଖିଲା । ତେଣୁ ସେ ପୁତ୍ର ସନ୍ତାନ ଜାତ କରିଥିବା ନାରୀ
ପଛେ ପଛେ ଦୌଡ଼ିଲା । [୧୪]କିନ୍ତୁ ସେହି ନାରୀକୁ ବୃହତ୍
ଉତ୍କ୍ରୋଶ ପକ୍ଷୀର ଦୁଇଟି ପକ୍ଷ ଦିଆଗଲା । ତେଣୁ ସେ
ମରୁଭୂମିରେ ତା’ପାଇଁ ପ୍ରସ୍ତୁତ ହୋଇଥିବା ସ୍ଥାନକୁ ଉଡ଼ିଯାଇ
ପାରିଲା । ସେଠାରେ ସାପଠାରୁ ସୁରକ୍ଷା ପାଇଁ ସାଢ଼େ ତିନି
ବର୍ଷ ପର୍ଯ୍ୟନ୍ତ ତାହାଙ୍କର ଯତ୍ନ ନିଆଯିବ । [୧୫]ତା’ପରେ ସାପ
ନିଜ ମୁଖରୁ ନଦୀ ପରି ପାଣି ବାହାର କଲା । ସେ ସେହି
ନାରୀର ପଛପଟରୁ ଜଳ ଛାଡ଼ିଲା ଯଦ୍ଦ୍ୱାରା ସେ ଜଳସ୍ରୋତ
ଦ୍ୱାରା ତାହାକୁ ଭସାଇ ନେଇପାରିବ । [୧୬]କିନ୍ତୁ ପୃଥିବୀ
ସେହି ସ୍ତ୍ରୀକୁ ସାହାଯ୍ୟ କଲା । ପୃଥିବୀ ତା’ର ମୁଖ
ଖୋଲିଲା ଓ ବିଶାଳ ସାପ ମୁଖରୁ ବାହାରି ଆସୁଥିବା
ନଦୀକୁ ଗିଳିଦେଲା । [୧୭]ତେଣୁ ସାପ ସେହି ନାରୀ ଉପରେ
ଭୀଷଣ ରାଗିଗଲା । ସେ ତା’ର ଅନ୍ୟ ପିଲାମାନଙ୍କ ବିରୁଦ୍ଧରେ
ଯୁଦ୍ଧ କରିବାକୁ ବାହାରିଲା । ଯେଉଁମାନେ ପରମେଶ୍ୱରଙ୍କର
ଆଜ୍ଞା ଗୁଡ଼ିକୁ ପାଳନ କରନ୍ତି ଓ ଯୀଶୁଙ୍କ ବିଷୟରେ
ସାକ୍ଷ୍ୟ ଦିଅନ୍ତି ସେହିମାନେ ତାହାଙ୍କର ସନ୍ତାନ ।
[୧୮]ସେହି ବିଶାଳ ସାପ ଯାଇ ସମୁଦ୍ର କୂଳରେ ଠିଆ
ହେଲା ।

## ଦୁଇଟି ପଶୁ

**୧୩** ତା’ପରେ ମୁଁ ଗୋଟିଏ ପଶୁକୁ ସମୁଦ୍ର ଭିତରୁ
ଉପରକୁ ଆସିବାର ଦେଖିଲି । ଏହାର ଦଶଟି
ଶିଙ୍ଗ ଓ ସାତୋଟି ମୁଣ୍ଡ ଥିଲା । ପ୍ରତ୍ୟେକ ଶିଙ୍ଗରେ
ଗୋଟିଏ ଗୋଟିଏ ମୁକୁଟ ଥିଲା । ପ୍ରତ୍ୟେକ ମସ୍ତକରେ
ପରମେଶ୍ୱରଙ୍କୁ ନିନ୍ଦା କରୁଥିବା ଖରାପ ନାମ ସବୁ
ଲେଖାଯାଇଥିଲା । [୨]ଏହି ପଶୁ ଚିତାବାଘ ଭଳି ଥିଲା । କିନ୍ତୁ
ତା’ର ପାଦ ଭାଲୁ ପରି ଓ ପାଟି ସିଂହ ପରି ଥିଲା । ସେହି
ବିଶାଳ ସାପ ସମୁଦ୍ରକୂଳରେ ରହି ତା’ର ସମସ୍ତ କ୍ଷମତା,
ସିଂହାସନ ଓ ମହାନ ଅଧିକାର ତାହାକୁ ଦେଲା । [୩]ତାହାର
ମସ୍ତକଗୁଡ଼ିକ ମଧ୍ୟରୁ ଗୋଟିଏ ମସ୍ତକ ଆଘାତ ପ୍ରାପ୍ତ
ହୋଇଥିବା ପରି ଓ ମରାଯାଇଥିବା ପରି ଦେଖାଗଲା । କିନ୍ତୁ
ତା’ର ମାରାତ୍ମକ କ୍ଷତ ଭଲ ହୋଇଯାଇଥିଲା । ପୃଥିବୀର
ସବୁଲୋକମାନେ ତାହାକୁ ଦେଖି ଆଶ୍ଚର୍ଯ୍ୟ ହେଲେ ଓ
ସେହି ପଶୁର ଅନୁଗମନ କଲେ । [୪]ଲୋକମାନେ ସେହି
ସାପକୁ ପୂଜା କଲେ, କାରଣ ସେ ତା’ର କ୍ଷମତା ପଶୁକୁ
ଦାନ କରିଦେଇଥିଲା । ଲୋକମାନେ ସେହି ପଶୁକୁ ମଧ୍ୟ
ପୂଜା କଲେ । ସେମାନେ କହିଲେ, “ଏହି ପଶୁ ଭଳି
ଶକ୍ତିଶାଳୀ କିଏ ଅଛି? ତା’ ବିରୁଦ୍ଧରେ କିଏ ଯୁଦ୍ଧ
କରିପାରିବ?”
[୫]ସେହି ପଶୁକୁ ଗର୍ବ କରିବା ପାଇଁ ଓ ଖରାପ କଥା
କହିବା ପାଇଁ ଅନୁମତି ଦିଆଗଲା । ତାକୁ ବୟାଳିଶମାସ
ପର୍ଯ୍ୟନ୍ତ ତା’ର କ୍ଷମତା ପ୍ରୟୋଗ କରିବା ପାଇଁ ଅନୁମତି
ଦିଆଗଲା । [୬]ସେହି ପଶୁ ପରମେଶ୍ୱରଙ୍କ ବିରୁଦ୍ଧରେ ଖରାପ
କଥା କହିବା ପାଇଁ ମୁହଁ ଖୋଲିଲା । ସେ ପରମେଶ୍ୱରଙ୍କର
ନାମ ବିରୁଦ୍ଧରେ, ତାହାଙ୍କର ବାସସ୍ଥଳୀ ବିରୁଦ୍ଧରେ ଓ
ଯେଉଁମାନେ ସ୍ୱର୍ଗରେ ରହୁଥିଲେ, ସେମାନଙ୍କ ବିରୁଦ୍ଧରେ
ଖରାପ କଥାମାନ କହିଲା । [୭]ତାହାକୁ ପରମେଶ୍ୱରଙ୍କ
ପବିତ୍ରଲୋକ ବିରୁଦ୍ଧରେ ଯୁଦ୍ଧ କରି ସେମାନଙ୍କୁ ପରାସ୍ତ
କରିବାର କ୍ଷମତା ଦିଆଗଲା । ତାହାକୁ ପୃଥିବୀର ସବୁ
ଗୋଷ୍ଠୀ, ଜାତି, ପ୍ରଜାତି ଓ ଦେଶଗୁଡ଼ିକ ଉପରେ ଶାସନ
କରିବାକୁ କ୍ଷମତା ଦିଆଗଲା । [୮]ପୃଥିବୀରେ ରହୁଥିବା ସମସ୍ତ
ଲୋକମାନେ ସେହି ପଶୁକୁ ପୂଜା କରିବେ । ପୃଥିବୀ
ଆରମ୍ଭରୁ ଏହି ଲୋକମାନଙ୍କର ନାମ ମେଷଶାବକଙ୍କ
ଜୀବନ ପୁସ୍ତକରେ ଲେଖା ହୋଇନାହିଁ । ଏହି ମେଷଶାବକଙ୍କୁ
ବଧ କରାଯାଇଥିଲା ।
[୯]ଯାହାର ଶୁଣିବା ନିମନ୍ତେ କାନ ଅଛି, ସେ ଏହାକୁ
ଶୁଣିବା ଉଚିତ ।
[୧୦]ଯେଉଁ ବ୍ୟକ୍ତିର ବନ୍ଦୀ ହେବାର ଅଛି, ତେବେ ସେ
ବନ୍ଦୀ ହେବ । ଯେଉଁ ବ୍ୟକ୍ତିର ମୃତ୍ୟୁ ଖଣ୍ଡା ଦ୍ୱାରା
ହେବାର ଅଛି, ତେବେ ସେ ଲୋକ ଖଣ୍ଡାରେ
ମୃତ୍ୟୁବରଣ କରିବ । ଏହି ସମୟରେ, ପରମେଶ୍ୱରଙ୍କର
ପବିତ୍ରଲୋକମାନଙ୍କର ଧୈର୍ଯ୍ୟ ଓ ବିଶ୍ୱାସ ରହିବା
ଉଚିତ ।

୧୧ତା'ପରେ ମୁଁ ଅନ୍ୟ ଏକ ପଶୁକୁ ପୃଥିବୀ ଉପରକୁ
ଆସିବାର ଦେଖିଲି। ତା'ର ମେଷ ପରି ଦୁଇଟି
ଶିଙ୍ଗ ଥିଲା, କିନ୍ତୁ ସେ ଏକ ସାପ ଭଳି ଭୟଙ୍କର
କଥା କହୁଥିଲା। ୧୨ଏହି ପଶୁ ପ୍ରଥମପଶୁ ସାମନାରେ
ଠିଆ ହେଲା ଓ ପ୍ରଥମପଶୁଠାରେ ଥିବା ସମସ୍ତ
କ୍ଷମତା ଭଳି କ୍ଷମତା ବ୍ୟବହାର କଲା। ସେ
ପ୍ରଥମପଶୁକୁ ପୂଜା କରିବା ପାଇଁ ସମଗ୍ର ପୃଥିବୀବାସୀଙ୍କୁ
ବାଧ୍ୟ କଲା। ସେହି ପ୍ରଥମପଶୁର ମାରାତ୍ମକ କ୍ଷତ
ସୁସ୍ଥ ହୋଇଯାଇଥିଲା। ୧୩ଏହି ଦ୍ୱିତୀୟ ପଶୁ
ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରେ। ଲୋକମାନେ ଦେଖୁଥିଲା
ବେଳେ ସେ ଆକାଶରୁ ପୃଥିବୀ ଉପରେ ଅଗ୍ନିବର୍ଷା
କରେ। ୧୪ଦ୍ୱିତୀୟ ପଶୁ ପୃଥିବୀର ଲୋକଙ୍କୁ ବୋକା
ବନାଏ। ଆଶ୍ଚର୍ଯ୍ୟ କାର୍ଯ୍ୟ ଦେଖାଏ। ସେ ଯେଉଁ
କ୍ଷମତା ପାଇଥିଲା, ତା ସହିତ ସେ ପ୍ରଥମ ପଶୁକୁ
ରକ୍ଷା କରିବା ପାଇଁ ଏହି ସବୁ ଆଶ୍ଚର୍ଯ୍ୟକର୍ମମାନ
କରେ। ଦ୍ୱିତୀୟ ପଶୁ ପ୍ରଥମ ପଶୁକୁ ସମ୍ମାନ ଦେବା
ପାଇଁ ପୃଥିବୀର ଲୋକମାନଙ୍କୁ ଗୋଟିଏ ମୂର୍ତ୍ତି ତିଆରି
କରିବା ପାଇଁ ଆଦେଶ ଦେଲା। ଏହି ପଶୁ ଖଣ୍ଡାରେ
ଆଘାତ ପାଇ ସୁଦ୍ଧା ମରି ନଥିଲା। ୧୫ଦ୍ୱିତୀୟ
ପଶୁକୁ ପ୍ରଥମ ପଶୁର ପ୍ରତିମାକୁ ଜୀବନ ଦେବା
ପାଇଁ କ୍ଷମତା ଦିଆ ଯାଇଥିଲା। ତା'ପରେ ସେହି
ପ୍ରତିମା କଥା କହିବ ଓ ଯେଉଁମାନେ ତାହାକୁ ପୂଜା
ନ କରିବେ, ସେ ସେମାନଙ୍କୁ ମୃତ୍ୟୁଦଣ୍ଡର ଆଦେଶ
ଦେବ। ୧୬ଦ୍ୱିତୀୟ ପଶୁ ସବୁ ଲୋକମାନଙ୍କୁ, ବଡ଼
ଓ ସାନ, ଧନୀ ଓ ଗରିବ, ସ୍ୱାଧୀନ ଓ ପରାଧୀନ
ନିର୍ବିଶେଷରେ ସମସ୍ତଙ୍କୁ ସେମାନଙ୍କ ଦକ୍ଷିଣ ହାତରେ
କିମ୍ବା ସେମାନଙ୍କ କପାଳରେ ଗୋଟିଏ ଚିହ୍ନ ଧାରଣ
କରିବା ପାଇଁ ବାଧ୍ୟ କଲା। ୧୭ଯେଉଁ ମନୁଷ୍ୟ ସେହି
ପଶୁର ନାମ କିମ୍ବା ତାହାର ନାମର ସଂଖ୍ୟା ଧାରଣ
କରି ନ ଥିବ, ସେ କୌଣସି ଜିନିଷ କିଣାବିକା
କରିପାରିବ ନାହିଁ। ୧୮ଯେଉଁ ଲୋକର ବୁଦ୍ଧି ଅଛି,
ସେ ପଶୁର ସଂଖ୍ୟାର ଅର୍ଥକୁ ଠିକରୂପ ଦେଇପାରିବ।
ଏଥିପାଇଁ ବୁଦ୍ଧି ଆବଶ୍ୟକ କାରଣ ଏହିସଂଖ୍ୟା
ଗୋଟିଏ ମନୁଷ୍ୟର ସଂଖ୍ୟା। ତାହାର ସଂଖ୍ୟା ହେଉଛି
୬୬୬।

## ମୁକ୍ତିପ୍ରାପ୍ତ ଲୋକଙ୍କର ଗୀତ

୧୪ ତା'ପରେ ମୁଁ ମୋ ସମ୍ମୁଖରେ ମେଷଶାବକଙ୍କୁ
ଦେଖିଲି। ସେ ସିୟୋନ ପର୍ବତ ଉପରେ
ଠିଆହୋଇଥିଲେ। ତାହାଙ୍କ ସହିତ ଶହେଚଉରାଳିଶ
ହଜାରଲୋକ(୧,୪୪,୦୦୦) ଥିଲେ। ସେମାନଙ୍କ କପାଳରେ
ମେଷଶାବକ ଓ ତାହାଙ୍କ ପରମପିତାଙ୍କ ନାମ ଲେଖାଥିଲା।
୨ମୁଁ ସ୍ୱର୍ଗରୁ ମହାଜଳପ୍ରପାତ ଓ ମହାବଜ୍ରନାଦ ଭଳି ଏକ
ଏକ ସ୍ୱର ଶୁଣିଲି। ଏହା ବୀଣାବାଦକମାନେ ସେମାନଙ୍କର
ବୀଣାବାଦନ କରିବାପରି ମନେହେଲା। ୩ଏହି ଲୋକମାନେ
ସିଂହାସନ ସମ୍ମୁଖରେ ଚାରିଜଣ ଜୀବନ୍ତ ପଶୁଙ୍କ ସମ୍ମୁଖରେ
ଓ ପ୍ରାଚୀନମାନଙ୍କ ସମ୍ମୁଖରେ ଗୋଟିଏ ନୂତନ ଗୀତ
ଗାଇଲେ। ପୃଥିବୀରୁ କ୍ରୟ କରାଯାଇଥିବା କେବଳ ୧,୪୪,୦୦୦
ଜଣ ଲୋକମାନଙ୍କ ଛଡ଼ା କେହିହେଲେ ଏହି ଗୀତ ଶିଖି
ପାରିଲେ ନାହିଁ। ୪ଏହି ୧,୪୪,୦୦୦ ଜଣ ଲୋକମାନେ
ସ୍ତ୍ରୀମାନଙ୍କ ସହିତ କୌଣସି ବ୍ୟଭିଚାରପାପ କରିନାହାଁନ୍ତି।
ସେମାନେ ନିଜକୁ କୁମାରୀକନ୍ୟା ତୁଲ୍ୟ ପବିତ୍ର କରି
ରଖିଛନ୍ତି। ମେଷଶାବକ ଯେଉଁ ଯେଉଁ ସ୍ଥାନକୁ ଯାଆନ୍ତି,
ସେମାନେ ତାହାଙ୍କର ଅନୁସରଣ କରନ୍ତି। ଏହି ୧,୪୪,୦୦୦
ଜଣ ମନୁଷ୍ୟଜାତି ମଧ୍ୟରୁ ମୁକ୍ତି ପାଇଛନ୍ତି। ସେମାନେ
ପରମେଶ୍ୱର ଓ ମେଷଶାବକଙ୍କ ଉଦ୍ଦେଶ୍ୟରେ ପ୍ରଥମଫଳ
ସ୍ୱରୂପେ ଉତ୍ସର୍ଗୀକୃତ ହୋଇଛନ୍ତି। ୫ସେମାନେ କେବେ
ମିଥ୍ୟା କହନ୍ତି ନାହିଁ। ସେମାନେ ସର୍ବଦା ନିର୍ଦ୍ଦୋଷ।

## ତିନି ଜଣ ସ୍ୱର୍ଗଦୂତ

୬ତା'ପରେ ମୁଁ ଆଉ ଏକ ଦୂତଙ୍କୁ ଉଚ୍ଚ ଆକାଶରେ
ଉଡୁଥିବାର ଦେଖିଲି। ପୃଥିବୀର ସକଳ ବାସିନ୍ଦାମାନଙ୍କୁ,
ସମସ୍ତଦେଶ, ଜାତି, ଭାଷା ଓ ପ୍ରଜାତିର ଲୋକମାନଙ୍କୁ
ଉପଦେଶ ଦେବାପାଇଁ ସେହି ସ୍ୱର୍ଗଦୂତଙ୍କ ପାଖରେ ଏକ
ଅନନ୍ତକାଳୀନ ସୁସମାଚାର ଥିଲା। ୭ସେହି ସ୍ୱର୍ଗଦୂତ ଉଚ୍ଚ
ସ୍ୱରରେ କହିଲେ, "ପରମେଶ୍ୱରଙ୍କୁ ଭୟ କର ଓ ତାହାଙ୍କୁ
ମହିମା ପ୍ରଦାନ କର। ପରମେଶ୍ୱରଙ୍କ ଦ୍ୱାରା ଲୋକମାନଙ୍କୁ
ବିଚାର କରିବା ସମୟ ଉପସ୍ଥିତ। ପରମେଶ୍ୱରଙ୍କର ଉପାସନା
କର। ସେ ସ୍ୱର୍ଗ, ପୃଥିବୀ, ସମୁଦ୍ର ଓ ଜଳଉତ୍ସଗୁଡ଼ିକର
ସୃଷ୍ଟିକର୍ତ୍ତା।"

୮ତା'ପରେ ଦ୍ୱିତୀୟ ଦୂତ ଜଣକ, ପ୍ରଥମ ସ୍ୱର୍ଗଦୂତଙ୍କୁ
ଅନୁସରଣ କରି କହିଲେ, "ଯେଉଁ ମହାନଗରୀ ବାବିଲ
ସମସ୍ତ ଜାତିର ଲୋକଙ୍କୁ ଲୋଭ ଦେଖାଇ ଭ୍ରଷ୍ଟାଚାରର
କାମ ଓ ପରମେଶ୍ୱରଙ୍କ କ୍ରୋଧ ରୂପକ ସୁରା ପାନ
କରାଇଛି, ସେ ନଷ୍ଟ ହୋଇଯାଇଛି।"

୯ତା'ପରେ ତୃତୀୟଦୂତ ଜଣକ, ଅନ୍ୟ ଦୁଇଜଣ ଦୂତଙ୍କୁ
ଉଚ୍ଚ ସ୍ୱରରେ ଅନୁସରଣ କରି କହିଲେ, "ଯଦି କେହି
ଲୋକ ସେହି ପଶୁକୁ ଓ ତାହାର ପ୍ରତିମାକୁ ପୂଜା କରେ
ଓ ତା' ନିଜ କପାଳରେ ଓ ହାତରେ ତା'ର ଚିହ୍ନ ଧାରଣ
କରେ, ୧୦ସେହି ଲୋକ ପରମେଶ୍ୱରଙ୍କ କ୍ରୋଧର ସୁରା
ପାନ କରିବ। ଏହି ସୁରା ପରମେଶ୍ୱରଙ୍କ କ୍ରୋଧର ପାତ୍ରରେ
ଅମିଶ୍ରିତ ଭାବେ ଢ଼ଳା ହୋଇଛି। ସେ ପବିତ୍ର ଦୂତଗଣ ଓ
ମେଷଶାବକଙ୍କ ସମ୍ମୁଖରେ ଜ୍ୱଳନ୍ତ ଗନ୍ଧକରେ ଯନ୍ତ୍ରଣା
ପାଇବ। ୧୧ସେମାନଙ୍କ ଯନ୍ତ୍ରଣାର ଧୂଆଁ ସବୁବେଳ ପାଇଁ
ଉଠୁଥିବ। ସେମାନଙ୍କୁ ଯନ୍ତ୍ରଣାରୁ ଦିନରାତି କେବେହେଲେ
ଆରାମ ମିଳିବ ନାହିଁ, କାରଣ ସେମାନେ ସେହି ପଶୁକୁ ଓ
ତାହାର ପ୍ରତିମାକୁ ପୂଜା କରିଛନ୍ତି ଓ ତାହାର ନାମର ଚିହ୍ନ
ଧାରଣ କରିଛନ୍ତି। ୧୨ଏହାର ଅର୍ଥ ହେଉଛି ଯେ,
ପରମେଶ୍ୱରଙ୍କର ପବିତ୍ର ଲୋକମାନେ ଧୈର୍ଯ୍ୟବାନ୍ ହୁଅନ୍ତୁ।
ସେମାନେ ପରମେଶ୍ୱରଙ୍କର ଆଜ୍ଞା ମାନିବା ଓ ଯୀଶୁଙ୍କ
ପାଖରେ ବିଶ୍ୱାସ ରଖୁଥିବା ଉଚିତ।

୧୩ତା'ପରେ ମୁଁ ଗୋଟିଏ ସ୍ୱର ସ୍ୱର୍ଗରୁ ଶୁଣିଲି। ସେହି
ସ୍ୱର କହିଲା: "ଏହା ଲେଖିରଖ: ବର୍ତ୍ତମାନଠାରୁ ପ୍ରଭୁଙ୍କଠାରେ

ବିଶ୍ୱାସ ରଖି ଯେଉଁମାନେ ମୃତ୍ୟୁବରଣ କରନ୍ତି, ସେମାନେ ଧନ୍ୟ ।”

ଆତ୍ମା କହନ୍ତି, “ହଁ, ତାହା ସତ୍ୟ । ସେହି ଲୋକମାନେ ସେମାନଙ୍କର କଠିନ ପରିଶ୍ରମରୁ ବିଶ୍ରାମ ନେବେ କାରଣ ସେମାନେ କରିଥିବା କାମ ସେମାନଙ୍କ ସାଙ୍ଗରେ ଯିବ ।”

### ପୃଥିବୀରୁ ଶସ୍ୟ କଟାହେବ

[୧୪]ତା’ପରେ ମୁଁ ଦେଖିଲି, ମୋ ସମ୍ମୁଖରେ ଗୋଟିଏ ଧଳା ମେଘ ଥିଲା । ସେହି ମେଘ ଉପରେ ମନୁଷ୍ୟପୁତ୍ରଙ୍କ ପରି ଜଣେ ବ୍ୟକ୍ତି ବସିଥିଲେ । ତାହାଙ୍କ ମୁଣ୍ଡରେ ଗୋଟିଏ ସୁନାର ମୁକୁଟ ଓ ହାତରେ ଗୋଟିଏ ମୁନିଆ ଦାଆ ଥିଲା । [୧୫]ତା’ପରେ ମନ୍ଦିରରୁ ଆଉ ଜଣେ ଦୂତ ବାହାରି ଆସିଲେ । ସେ ମେଘ ଉପରେ ବସିଥିବା ବ୍ୟକ୍ତିଙ୍କୁ ଡାକି କହିଲେ, “ଦାଆ ଲଗାଇ ଶସ୍ୟ ଅମଳ କର, କାରଣ ଶସ୍ୟ ଅମଳର ସମୟ ହୋଇ ଗଲାଣି । ପୃଥିବୀର ଫଳ ପାଚିଗଲାଣି ।” [୧୬]ତେଣୁ ମେଘ ଉପରେ ଯିଏ ବସିଥିଲେ, ସେ ପୃଥିବୀର ଶସ୍ୟରେ ଦାଆ ଲଗାଇଲେ । ଏହିପରି ପୃଥିବୀର ଶସ୍ୟ କଟାଗଲା ।

[୧୭]ତା’ପରେ ଆଉ ଜଣେ ସ୍ୱର୍ଗ ଦୂତ ସ୍ୱର୍ଗର ମନ୍ଦିର ଭିତରୁ ଆସିଲେ । ତାହାଙ୍କର ମଧ୍ୟ ଗୋଟିଏ ଧାରୁଆ ଦାଆ ଥିଲା । [୧୮]ତା’ପରେ ଆଉ ଜଣେ ସ୍ୱର୍ଗଦୂତ ବେଦୀରୁ ଆସିଲେ । ସେହି ଦୂତଙ୍କର ଅଗ୍ନି ଉପରେ କ୍ଷମତା ଥିଲା । ସେ ଧାରୁଆ ଦାଆ ଧରିଥିବା ଦୂତଙ୍କୁ ଉଚ୍ଚସ୍ୱରରେ ଡାକି କହିଲେ, “ପୃଥିବୀର ଅଙ୍ଗୁର ପେଣ୍ଡାଗୁଡ଼ିକ ଦାଆ ବ୍ୟବହାର କରି କାଟି ପକାଅ, କାରଣ ଅଙ୍ଗୁର ପାଚିଗଲାଣି ।” [୧୯]ତା’ପରେ ସ୍ୱର୍ଗଦୂତ ପୃଥିବୀ ଉପରେ ନିଜର ଦାଆ ବୁଲାଇଲେ ଓ ପୃଥିବୀରୁ ଅଙ୍ଗୁରଗୁଡ଼ିକୁ ଏକାଠି କଲେ । ସେ ପରମେଶ୍ୱରଙ୍କର କ୍ରୋଧ ରୂପ ଅଙ୍ଗୁରପେଷା କୁଣ୍ଡରେ ସେଗୁଡ଼ିକୁ ପକାଇ ଦେଲେ । [୨୦]ନଗର ବାହାରେ ଅଙ୍ଗୁର ଫଳ ସବୁ ସେହି ଅଙ୍ଗୁରପେଷା କୁଣ୍ଡରେ ଚିପୁଡ଼ା ହେଲା । ସେହି ଅଙ୍ଗୁରକୁଣ୍ଡରୁ ରକ୍ତ ବୋହିଲା । ଏହା ଘୋଡ଼ାମାନଙ୍କ ଲଗାମ ପର୍ଯ୍ୟନ୍ତ ଉପରକୁ ଉଠି ୩୦୦ କିଲୋମିଟର ପର୍ଯ୍ୟନ୍ତ ରକ୍ତ ସ୍ରୋତ ହୋଇ ବହିବାରେ ଲାଗିଲା ।

### ଦୂତଙ୍କର ଶେଷ ମହାମାରୀ

**୧୫** ଏହାପରେ ମୁଁ ସ୍ୱର୍ଗରେ ଗୋଟିଏ ବଡ଼ ଓ ଆଶ୍ଚର୍ଯ୍ୟ ଜନକ ଲକ୍ଷଣ ଦେଖିଲି । ସେଠାରେ ସାତ ଜଣ ଦୂତ ସେମାନଙ୍କ ହାତରେ ସାତୋଟି ଶେଷ ମହାମାରୀ ଧରିଥିଲେ । ଏହା ଘଟିଲା ପରେ ପରମେଶ୍ୱରଙ୍କର କ୍ରୋଧର ସମାପ୍ତି ଘଟିବ ।

[୨]ମୁଁ ମୋ ସାମନାରେ ଅଗ୍ନି ମିଶ୍ରିତ କାଚ ପରି ଏକ ସମୁଦ୍ର ଦେଖିଲି । ଯେଉଁ ଲୋକମାନେ ସେହି ପଶୁ, ତାହାର ପ୍ରତିମା, ଓ ତାହାର ନାମର ସଂଖ୍ୟା ଉପରେ ଜୟଲାଭ କରିଥିଲେ, ସେମାନଙ୍କୁ ସେହି ସମୁଦ୍ର କୂଳରେ ଠିଆ ହେବାର ଦେଖିଲି । ସେମାନଙ୍କ ହାତରେ ପରମେଶ୍ୱର ଦେଇଥିବା ବୀଣା ଥିଲା । [୩]ସେମାନେ ପରମେଶ୍ୱରଙ୍କର ସେବକ ମୋଶାଙ୍କର ଓ ମେଷଶାବକଙ୍କର ଗୀତ ବୋଲୁଥିଲେ:

“ହେ ସର୍ବଶକ୍ତିମାନ ପ୍ରଭୁ ପରମେଶ୍ୱର! ତୁମ୍ଭର
କାର୍ଯ୍ୟଗୁଡ଼ିକ ମହାନ ଓ ଆଶ୍ଚର୍ଯ୍ୟପୂର୍ଣ୍ଣ ହେ ଜାତି
ସମୂହର ରାଜା, ତୁମ୍ଭର ପଥଗୁଡ଼ିକ ନ୍ୟାୟସଙ୍ଗତ ଓ
ସତ୍ୟ ।
୪ ହେ ପ୍ରଭୁ! କିଏ ତୁମ୍ଭକୁ ଭୟ ନ କରିବ?
ସମସ୍ତଙ୍କର ତୁମ୍ଭେ ପ୍ରଶଂସନୀୟ ଅଟ । କାରଣ
କେବଳ ତୁମ୍ଭେ ହିଁ ପବିତ୍ର; ସମସ୍ତ ଜାତିଗୁଡ଼ିକ ତୁମ୍ଭ
ପାଖକୁ ଆସିବେ ଓ ତୁମ୍ଭର ଉପାସନା କରିବେ ।
କାରଣ ତୁମ୍ଭେ ହିଁ ନ୍ୟାୟବନ୍ତ

ଏହା ଜଗତେ ବିଦିତ ।”

[୫]ଏହାପରେ ମୁଁ ସ୍ୱର୍ଗରେ ପରମେଶ୍ୱରଙ୍କ ଉପସ୍ଥିତିର ପବିତ୍ର ସ୍ଥାନର ମନ୍ଦିର ଖୋଲାହେବାର ଦେଖିଲି । [୬]ସେହି ମନ୍ଦିର ଭିତରୁ ସାତଜଣ ଦୂତ ସାତୋଟି ମହାମାରୀଗୁଡ଼ିକୁ ଧରି ବାହାରି ଆସିଲେ । ସେମାନେ ଶୁଦ୍ଧ, ଉଜ୍ଜ୍ୱଳ ମସିନା, ଶୁଭ୍ର ବସ୍ତ୍ର ପିନ୍ଧିଥିଲେ । ସେମାନଙ୍କ ବକ୍ଷରେ ସ୍ୱର୍ଣ୍ଣ ବନ୍ଧନୀ ଥିଲା । [୭]ତା’ପରେ ଚାରି ଜୀବିତ ପ୍ରାଣୀମାନଙ୍କ ମଧ୍ୟରୁ ଜଣେ ପ୍ରାଣୀ ସାତଦୂତଙ୍କୁ ସାତୋଟି ସ୍ୱର୍ଣ୍ଣ ପାତ୍ର ଦେଲେ । ସେହି ପାତ୍ର ନିତ୍ୟଜୀବୀ ପରମେଶ୍ୱରଙ୍କର କ୍ରୋଧରେ ପରିପୂର୍ଣ୍ଣ ଥିଲା । [୮]ସେହି ମନ୍ଦିର ପରମେଶ୍ୱରଙ୍କ ଗୌରବ ଓ କ୍ଷମତାର ଧୂଆଁରେ ଭର୍ତ୍ତି ହୋଇଗଲା । ସାତଜଣ ଦୂତଙ୍କର ସାତୋଟି ମହାମାରୀ ଶେଷ ନ ହେବା ପର୍ଯ୍ୟନ୍ତ କୌଣସି ଲୋକ ମନ୍ଦିରରେ ପ୍ରବେଶ କରିପାରିଲେ ନାହିଁ ।

### ପରମେଶ୍ୱରଙ୍କ କ୍ରୋଧରେ ସାତୋଟି ପାତ୍ର ପୂର୍ଣ୍ଣ

**୧୬** ତା’ପରେ ମୁଁ ମନ୍ଦିର ଭିତରୁ ଏକ ଉଚ୍ଚ ଧ୍ୱନି ଶୁଣିଲି । ତାହା ସାତୋଟି ଦୂତଙ୍କୁ କହିଲା, “ଯାଅ, ପରମେଶ୍ୱରଙ୍କ କ୍ରୋଧରେ ପୂର୍ଣ୍ଣ ହୋଇଥିବା ସାତୋଟି ପାତ୍ରକୁ ପୃଥିବୀ ଉପରେ ଢ଼ାଳିଦିଅ ।”

[୨]ତହୁଁ ପ୍ରଥମ ଦୂତ ମନ୍ଦିରରୁ ବାହାରି ପୃଥିବୀ ଉପରେ ତାହାଙ୍କ ପାତ୍ରକୁ ଢ଼ାଳିଦେଲେ । ତା’ପରେ ଯେଉଁମାନେ ସେହି ପଶୁର ଚିହ୍ନ ଧାରଣ କରିଥିଲେ ଓ ତା’ର ପ୍ରତିମାକୁ ପୂଜା କରୁଥିଲେ, ସେମାନଙ୍କର ଶରୀରରେ ଅତି କଷ୍ଟଦାୟକ ଓ ସାଂଘାତିକ ଧରଣର ଘା ବାହାରି ପଡ଼ିଲା ।

[୩]ଦ୍ୱିତୀୟ ଦୂତ ତାହାଙ୍କ ପାତ୍ରକୁ ସମୁଦ୍ର ଉପରେ ଢ଼ାଳିଦେଲେ । ସେଥିରେ ସମୁଦ୍ର ଜଳ ମୃତ ଲୋକର ରକ୍ତ ପରି ଲାଲ ହୋଇଗଲା । ସମୁଦ୍ରରେ ଥିବା ସମସ୍ତ ଜୀବନ୍ତ ପ୍ରାଣୀ ମରିଗଲେ ।

[୪]ତୃତୀୟ ସ୍ୱର୍ଗ ଦୂତ ତାହାଙ୍କ ପାତ୍ରକୁ ନଦୀ ଓ ଜଳ ନିର୍ଝରଗୁଡ଼ିକ ଉପରେ ଢ଼ାଳିଲେ । ନଦୀ ଓ ଜଳ ନିର୍ଝରଗୁଡ଼ିକର ଜଳ ରକ୍ତ ହୋଇଗଲା । [୫]ତା’ପରେ ମୁଁ ଜଳ ସମୂହର ଅଧିକାରୀ ଦୂତଙ୍କୁ ପରମେଶ୍ୱରଙ୍କୁ କହିବାର ଶୁଣିଲି:

“ହେ ପବିତ୍ର ପରମେଶ୍ୱର, ତୁମ୍ଭେ ହିଁ କେବଳ
ଅତୀତରେ ସର୍ବଦା ଥିଲ ଓ ବର୍ତ୍ତମାନ ଅଛ । ତୁମ୍ଭେ
ଏହି ବିଚାରକରିବା ଦ୍ୱାରା ନ୍ୟାୟ କରିଅଛ ।
୬ ଲୋକମାନେ ଯେହେତୁ ତୁମ୍ଭର ପବିତ୍ରଲୋକ ଓ

ଭବିଷ୍ୟଦ୍‌ବକ୍ତାମାନଙ୍କର ରକ୍ତପାତ କରିଥିଲେ, ଏବେ
ତୁମ୍ଭେ ସେମାନଙ୍କୁ ରକ୍ତପାନ କରିବାକୁ ଦେଇଛ।
ସେମାନେ ଏହା ହିଁ ପାଇବାକୁ ଯୋଗ୍ୟ।"

7 ମୁଁ ବେଦୀରୁ ଏହା କହିବାର ଶୁଣିଲି,

"ହେ ସର୍ବଶକ୍ତିମାନ ପ୍ରଭୁ ପରମେଶ୍ୱର ହିଁ, ତୁମ୍ଭର
ବିଚାରଗୁଡ଼ିକ ସତ୍ୟ ଓ ନ୍ୟାୟସଙ୍ଗତ।"

8 ଏହାପରେ ଚତୁର୍ଥ ଦୂତ ତାହାଙ୍କ ପାତ୍ର ସୂର୍ଯ୍ୟଙ୍କ
ଉପରେ ଢ଼ାଳିଲେ। ସେଥିରେ ସୂର୍ଯ୍ୟକୁ, ମନୁଷ୍ୟମାନଙ୍କୁ
ଅଗ୍ନିରେ ପୋଡ଼ିଦେବାର କ୍ଷମତା ଦିଆଗଲା। 9 ଲୋକମାନେ
ପ୍ରଚଣ୍ଡ ଉତ୍ତାପରେ ଜଳି ପୋଡ଼ିଗଲେ। ସେମାନେ
ପରମେଶ୍ୱରଙ୍କ ନାମକୁ ଅଭିଶାପ ଦେଲେ। କାରଣ ତାହାଙ୍କର
କେବଳ ଏହି ସମସ୍ତ ମହାମାରୀ ଉପରେ ନିୟନ୍ତ୍ରଣର
ଅଧିକାର ଥିଲା। ସେମାନେ ସେମାନଙ୍କର ହୃଦୟ ଓ
ଜୀବନ ପରିବର୍ତ୍ତନ କଲେ ନାହିଁ କି, ପରମେଶ୍ୱରଙ୍କୁ ମହିମା
ଦେଲେ ନାହିଁ।
10 ପଞ୍ଚମ ଦୂତ ତାହାଙ୍କ ପାତ୍ର ସେହି ପଶୁର ସିଂହାସନ
ଉପରେ ଢ଼ାଳିଲେ। ଏହାଦ୍ୱାରା ପଶୁର ରାଜ୍ୟରେ ଅନ୍ଧକାର
ଘୋଟିଗଲା। ଲୋକମାନେ ଯନ୍ତ୍ରଣାରେ ଜିଭ କାମୁଡ଼ିଲେ।
11 ସେମାନେ ତାହାଙ୍କ ଯନ୍ତ୍ରଣା ଓ ଘା ସକାଶେ ସ୍ୱର୍ଗରେ
ଥିବା ପରମେଶ୍ୱଙ୍କର ନିନ୍ଦା କଲେ। କିନ୍ତୁ ସେମାନେ
ତାହାଙ୍କର ହୃଦୟ ପରିବର୍ତ୍ତନ କଲେ ନାହିଁ ଓ ନିଜର ମନ୍ଦ
କାମ ପାଇଁ ଅନୁତାପ କଲେ ନାହିଁ।
12 ଷଷ୍ଠ ଦୂତ ତାହାଙ୍କ ପାତ୍ର ଫରାତ ମହାନଦୀର
ଉପରେ ଢ଼ାଳିଲେ। ଏହାଦ୍ୱାରା ନଦୀ ଜଳ ଶୁଖିଗଲା ଓ
ପୂର୍ବ ଦିଗରୁ ଆସିବାକୁ ରାଜାମାନଙ୍କ ପାଇଁ ବାଟ ତିଆରି
କଲା। 13 ତା'ପରେ ମୁଁ ତିନୋଟି ଅଶୁଚି ଆତ୍ମାଙ୍କୁ ଦେଖିଲି।
ସେମାନେ ବେଙ୍ଗ ପରି ଦେଖାଯାଉଥିଲେ। ସେମାନେ ସେହି
ଭୟଙ୍କର ସର୍ପ ମୁଖରୁ, ପଶୁ ମୁଖରୁ ଓ ଭଣ୍ଡଭବିଷ୍ୟଦ୍‌ବକ୍ତା
ମୁଖରୁ ବାହାରି ଆସିଲେ। 14 ସେମାନେ ଭୂତର ଆତ୍ମା ଓ
ସେମାନଙ୍କର ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିବାର କ୍ଷମତା
ଥିଲା। ସେମାନେ ସର୍ବଶକ୍ତିମାନ ପରମେଶ୍ୱରଙ୍କ ମହାଦିନର
ଯୁଦ୍ଧ ପାଇଁ ପୃଥିବୀର ସବୁ ରାଜାମାନଙ୍କୁ ଏକତ୍ର କରିବା
ନିମନ୍ତେ ସେମାନଙ୍କ ପାଖକୁ ଯାଆନ୍ତି।
15 "ଦେଖ! ମୁଁ ଗୋଟିଏ ଚୋର ଭଳି ଆସିବି। ଯେ
ମୋ ଅପେକ୍ଷାରେ ଚାହିଁ ରହେ ଓ ନିଜର ବସ୍ତ୍ର ପ୍ରସ୍ତୁତ
କରି ରଖିଥାଏ, ସେହି ଲୋକ ସୁଖୀ। ତେବେ ତାହାକୁ
ଉଲଗ୍ନ ହୋଇ ବୁଲିବାକୁ ପଡ଼ିବ ନାହିଁ ଓ ଲୋକମାନେ
ତାହାର ଲଜ୍ଜା ଦେଖିବେ ନାହିଁ।
16 ସେହି ଭୂତାତ୍ମାମାନେ ରାଜାମାନଙ୍କୁ ଏବ୍ରୀ ଭାଷାରେ
କୁହା ଯାଉଥିବା 'ହର୍ମଗିଦୋନ୍' ନାମକ ସ୍ଥାନରେ ଏକାଠି
କଲେ।
17 ତା'ପରେ ସପ୍ତମ ଦୂତ ତାହାଙ୍କ ପାତ୍ରକୁ ବାୟୁରେ
ଢ଼ାଳିଲେ ଓ ମନ୍ଦିର ଭିତରୁ ସିଂହାସନଠାରୁ ଗୋଟିଏ ଉଚ୍ଚ
ସ୍ୱର ଆସିଲା। ସେହି ସ୍ୱର କହିଲା, "ଏହା ସମାପ୍ତ
ହେଲା।" 18 ତା'ପରେ ସେଠାରେ ବିଜୁଳି ଚମକିଲା, କୋଳାହଳ,
ବଜ୍ରନାଦ ଓ ଏକ ଭୟଙ୍କର ଭୂମିକମ୍ପ ହେଲା। ଏଭଳି
ଭୟଙ୍କର ଭୂମିକମ୍ପ ମନୁଷ୍ୟ ଇତିହାସରେ କେବେ ହୋଇ
ନ ଥିଲା। 19 ମହାନଗରୀ ତିନି ଭାଗରେ ବିଭକ୍ତ ହେଲା।
ଦେଶଗୁଡ଼ିକର ନଗରସବୁ ନଷ୍ଟ ହୋଇଗଲା। ପରମେଶ୍ୱର
ମହାନଗରୀ ବାବିଲୋନକୁ ଦଣ୍ଡ ଦେବାପାଇଁ ଭୁଲିଲେ
ନାହିଁ। ସେ ତାହାକୁ ତାହାଙ୍କର ପ୍ରଚଣ୍ଡ କ୍ରୋଧରୂପ
ମଦିରାପାତ୍ରରୁ ପାନ କରାଇଲେ। 20 ପ୍ରତ୍ୟେକ ଦ୍ୱୀପ ଉଭେଇ
ଗଲା ଓ ସେଠାରେ ଗୋଟିଏ ହେଲେ ପର୍ବତ ରହିଲା
ନାହିଁ। 21 ଆକାଶରୁ ଲୋକମାନଙ୍କ ଉପରେ ପ୍ରକାଣ୍ଡ
କୁଆପଥରମାନ ପଡ଼ିଲା। ପ୍ରତ୍ୟେକ କୁଆପଥରର ଓଜନ
ପ୍ରାୟ ୫୦ କିଲୋଗ୍ରାମ ଥିଲା। ଲୋକମାନେ ସେହି
କୁଆପଥର ମହାମାରୀ(ବିପତ୍ତି) ପାଇଁ ପରମେଶ୍ୱରଙ୍କୁ ନିନ୍ଦା
କଲେ। ଏହି କ୍ଲେଶ ଅତି ଭୟାନକ ଥିଲା।

## ପଶୁ ଉପରେ ନାରୀ

17 ସାତଦୂତଙ୍କ ମଧ୍ୟରୁ ଯେଉଁମାନେ ସାତୋଟି ପାତ୍ର
ଧାରଣ କରିଥିଲେ, ସେମାନଙ୍କ ମଧ୍ୟରୁ ଜଣେ
ମୋ ନିକଟକୁ ଆସି ମୋତେ କହିଲେ, "ଆସ, ପ୍ରସିଦ୍ଧ
ବେଶ୍ୟାକୁ କ'ଣ ଦଣ୍ଡ ଦିଆଯିବ, ତାହା ମୁଁ ତୁମ୍ଭକୁ
ଦେଖାଇବି। ସେ ବହୁତ ଜଳରାଶି ଉପରେ ବସିଛି।
2 ପୃଥିବୀର ରାଜାମାନେ ତା'ସହିତ ଯୌନପାପ (ବ୍ୟଭିଚାର)
କରିଛନ୍ତି। ପୃଥିବୀର ଲୋକମାନେ ତା'ର ବ୍ୟଭିଚାର ରୂପ
ସୁରାରେ ମାତାଲ୍ ହୋଇଛନ୍ତି।"
3 ତା'ପରେ ଦୂତ ମୋତେ ଆତ୍ମା ଦ୍ୱାରା ମରୁଭୂମିକୁ ବହି
ନେଇଗଲେ। ସେଠାରେ ମୁଁ ଗୋଟିଏ ନାରୀକୁ ନାଲି
ରଙ୍ଗର ପଶୁ ଉପରେ ବସିଥିବାର ଦେଖିଲି। ସେ ପଶୁର
ସର୍ବାଙ୍ଗ ଶରୀର ଉପରେ ଈଶ୍ୱରଙ୍କ ନିନ୍ଦା କରୁଥିବା
ନାମସବୁ ଲେଖା ଯାଇଥିଲା। ସେହି ପଶୁର ସାତୋଟି
ମସ୍ତକ ଓ ଦଶଟି ଶିଙ୍ଗ ଥିଲା। 4 ସେହି ସ୍ତ୍ରୀ ଲୋକଟି
ବାଇଗଣି ଓ ନାଲି ରଙ୍ଗର ବସ୍ତ୍ର ପିନ୍ଧିଥିଲା। ସେ ପିନ୍ଧିଥିବା
ସୁନା, ଅଳଙ୍କାର ଓ ମଣିମୁକ୍ତା ଯୋଗୁ ଝଲକୁଥିଲା। ତା'
ହାତରେ ଗୋଟିଏ ସୁବର୍ଣ୍ଣ ପାତ୍ର ଥିଲା। ସେହି ପାତ୍ରଟି
ଘୃଣ୍ୟ ବିଷୟଗୁଡ଼ିକରେ ଓ ତା'ର ନିଜର ଯୌନଗତପାପର
ଆବର୍ଜନାରେ ପୂର୍ଣ୍ଣ ଥିଲା। 5 ତା'ର କପାଳରେ ଏକ ଗୁପ୍ତ
ଅର୍ଥ ଥିବା ଉପାଧି ଲେଖା ହେଲା:

**ମହାନ୍ ବାବିଲ, ବେଶ୍ୟାମାନଙ୍କର**
**ଓ ପୃଥିବୀର ସବୁ ଘୃଣ୍ୟ**
**ବିଷୟସକଳର ମାତା।**

6 ମୁଁ ସେହି ସ୍ତ୍ରୀ ଲୋକକୁ ପରମେଶ୍ୱରଙ୍କର ପବିତ୍ର
ଲୋକଙ୍କର ରକ୍ତ ଓ ଯୀଶୁଙ୍କ ବିଷୟରେ ସେମାନଙ୍କର
ସାକ୍ଷ୍ୟ ଦେଇଥିବା ଲୋକମାନଙ୍କର ରକ୍ତ ପିଇଥିବାର ଦେଖିଲି।
ମୁଁ ସେହି ସ୍ତ୍ରୀ ଲୋକକୁ ଦେଖି ବହୁତ ଆଶ୍ଚର୍ଯ୍ୟ
ହୋଇଗଲି। 7 ତା'ପରେ ସେ ଦୂତ ମୋତେ କହିଲେ,

"ତୁମ୍ଭେ କାହିଁକି ଆଶ୍ଚର୍ଯ୍ୟ ହେଉଛ? ମୁଁ ତୁମ୍ଭକୁ ଏହି
ସ୍ତ୍ରୀଲୋକର ରହସ୍ୟ କହିବି ଓ ସପ୍ତ ମସ୍ତକ ଓ ଦଶଶିଙ୍ଗ
ବିଶିଷ୍ଟ ତା'ର ବାହନ ପଶୁ ବିଷୟରେ ମଧ୍ୟ କହିବି।
[୮]ତୁମ୍ଭେ ଯେଉଁ ପଶୁକୁ ଦେଖିଲ, ସେ ଆଗରୁ ଥିଲା, କିନ୍ତୁ
ବର୍ତ୍ତମାନ ସେ ଜୀବିତ ନାହିଁ। କିନ୍ତୁ ସେ ବଞ୍ଚିବ ଏବଂ
ଗଭୀର ଗହ୍ୱରରୁ ଉଠି ଆସି ଧ୍ୱଂସ ପାଇବ। ଜଗତ
ଆରମ୍ଭରୁ ଯେଉଁ ଲୋକମାନଙ୍କର ନାମ ଜୀବନ ପୁସ୍ତକରେ
ଆଦୌ ଲେଖା ହୋଇନାହିଁ, ସେହି ଲୋକମାନେ ତାହାକୁ
ଦେଖି ଆଶ୍ଚର୍ଯ୍ୟ ହେବେ, କାରଣ ସେ ଅତୀତରେ ଥିଲା,
ବର୍ତ୍ତମାନ ନାହିଁ କିନ୍ତୁ ପୁଣି ବଞ୍ଚିବ।

[୯]ଏହାକୁ ବୁଝିବା ପାଇଁ ଜ୍ଞାନଯୁକ୍ତ ମନ ଆବଶ୍ୟକ।
ଏହି ପଶୁର ସାତୋଟିମସ୍ତକ ହେଉଛି ସାତୋଟିପର୍ବତ, ଯାହା
ଉପରେ ସେ ବସେ। ତାହା ସାତଜଣ ରାଜାଙ୍କୁ ମଧ୍ୟ
ବୁଝାଏ। [୧୦]ଏହା ଭିତରୁ ପାଞ୍ଚ ଜଣ ରାଜା ମରିସାରିଲେଣି।
ଜଣେ ରାଜା ବର୍ତ୍ତମାନ ବଞ୍ଚିଛନ୍ତି ଏବଂ ଶେଷ ରାଜା
ଆସୁଛନ୍ତି। ସେ ଯେତେବେଳେ ଆସିବେ, ସେ
ଅଳ୍ପ ସମୟ ପାଇଁ ରହିବେ। [୧୧]ଯେଉଁ ପଶୁ କେବେ
ଜୀବିତ ଥିଲା, ବର୍ତ୍ତମାନ ନାହିଁ, ସେ ଅଷ୍ଟମ ରାଜା। ସେ
ପ୍ରଥମ ସାତ ଜଣ ରାଜାଙ୍କ ମଧ୍ୟରୁ ଜଣେ। ସେ ମଧ୍ୟ ଧ୍ୱଂସ
ପାଇବ।

[୧୨]ତୁମ୍ଭେ ଯେଉଁ ଦଶଶିଙ୍ଗ ଦେଖିଲ, ତାହା ଦଶଜଣ
ରାଜା। ଏହି ଦଶଜଣ ରାଜା ଏ ପର୍ଯ୍ୟନ୍ତ ରାଜା ଭଳି ରାଜ୍ୟ
ପାଇ ନାହାଁନ୍ତି। କିନ୍ତୁ ସେମାନେ ସେହି ପଶୁ ସହିତ
ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ ଶାସନ କରିବା ପାଇଁ କ୍ଷମତା
ପାଇବେ। [୧୩]ଏହି ଦଶଜଣ ରାଜାଙ୍କର ଉଦ୍ଦେଶ୍ୟ ସମାନ।
ସେମାନେ ସେମାନଙ୍କର କ୍ଷମତା ଓ ଅଧିକାର ସେହି ପଶୁକୁ
ଦେବେ। [୧୪]ସେମାନେ ମେଷଶାବକଙ୍କ ବିରୁଦ୍ଧରେ ଯୁଦ୍ଧ
କରିବେ। କିନ୍ତୁ ମେଷଶାବକ ସେମାନଙ୍କୁ ପରାସ୍ତ କରିବେ।
କାରଣ ସେ ପ୍ରଭୁମାନଙ୍କର ପ୍ରଭୁ ଓ ରାଜାମାନଙ୍କର ରାଜା।
ସେ ଡାକିଥିବା ଲୋକମାନଙ୍କୁ ଅର୍ଥାତ୍ ତାହାଙ୍କର ମନୋନୀତ
ଓ ବିଶ୍ୱସ୍ତ ଅନୁଗାମୀମାନଙ୍କ ସହିତ ମିଶି ସେମାନଙ୍କୁ ପରାସ୍ତ
କରିବେ।"

[୧୫]ତା'ପରେ ସେ ସ୍ୱର୍ଗଦୂତ ମୋତେ କହିଲେ, "ତୁମ୍ଭେ
ଯେଉଁ ଜଳରାଶୀ ଉପରେ ବେଶ୍ୟା ବସିଥିବାର ଦେଖିଲ,
ସେହି ଜଳରାଶୀ ହେଉଛି ବିଭିନ୍ନ ଲୋକ, ବିଭିନ୍ନ ଦେଶ
ଓ ଭାଷାମାନ। [୧୬]ତୁମ୍ଭେ ଯେଉଁ ପଶୁ ଓ ଦଶ ଶିଙ୍ଗ
ଦେଖିଲ, ସେମାନେ ସେହି ବେଶ୍ୟାକୁ ଘୃଣା କରିବେ।
ସେମାନେ ତା'ର ସବୁ ନେଇଯିବେ ଓ ତାହାକୁ ଉଲଗ୍ନ
କରି ଛାଡ଼ିଦେବେ। ସେମାନେ ତାହାର ଶରୀରର ମାଂସ
ଖାଇବେ ଓ ତାହାକୁ ଅଗ୍ନିରେ ପୋଡ଼ିଦେବେ। [୧୭]ସେମାନେ
ତାହାଙ୍କର ଶାସନ କ୍ଷମତା ସେହି ପଶୁକୁ ଦେବା ପାଇଁ
ଯେପରି ରାଜି ହୁଅନ୍ତି, ଏଥିନିମନ୍ତେ ପରମେଶ୍ୱର ସେମାନଙ୍କ
ମନରେ ଏକ ଇଚ୍ଛା ଦେବେ। ଏହାଦ୍ୱାରା ପରମେଶ୍ୱର
କହିଥିବା ବାକ୍ୟ ସଫଳ ହେବା ପର୍ଯ୍ୟନ୍ତ ସେମାନେ ଶାସନ
କରିବେ। [୧୮]ତୁମ୍ଭେ ଯେଉଁ ସ୍ତ୍ରୀକୁ ଦେଖିଲ, ସେ ପୃଥିବୀର
ରାଜାମାନଙ୍କ ଉପରେ ରାଜତ୍ୱ କରୁଥିବା, ସେହି ମହାନଗରୀକୁ
ବୁଝାଏ।

## ବାବିଲର ଧ୍ୱଂସ

**୧୮** ତା'ପରେ ମୁଁ ସ୍ୱର୍ଗରୁ ଆଉ ଜଣେ ଦୂତଙ୍କୁ
ଓହ୍ଲାଇବାର ଦେଖିଲି। ସେହି ଦୂତଙ୍କର ବହୁତ
କ୍ଷମତା ଥିଲା। ତାହାଙ୍କର ମହିମା ପୃଥିବୀରେ ପ୍ରକାଶିତ
ହେଲା। [୨]ସେ ଦୂତ ବହୁତ ଉଚ୍ଚ ସ୍ୱରରେ ପାଟିକରି
କହିଲେ:

"ତା'ର ପତନ ହେଲା। ମହାନଗରୀ ବାବିଲର
ପତନ ହୋଇଗଲା। ତାହା ଭୂତମାନଙ୍କର ବାସସ୍ଥଳୀ
ହେଲା। ତାହା ପ୍ରତ୍ୟେକ ଭୂତାତ୍ମା, ପ୍ରତ୍ୟେକ ପ୍ରକାରର
ଶୁଚି ପକ୍ଷୀ ଏବଂ ପ୍ରତ୍ୟେକ ଅଶୁଚି ତଥା ଘୃଣ୍ୟ
ପଶୁଙ୍କ ଆଶ୍ରୟସ୍ଥଳ ହେଲା।
[୩] ପୃଥିବୀର ସବୁ ଲୋକମାନେ ତା'ର ବ୍ୟଭିଚାରର
ପାପର ଓ ପରମେଶ୍ୱରଙ୍କର କ୍ରୋଧର ସୁରାପାନ
କରିଛନ୍ତି। ପୃଥିବୀର ରାଜାମାନେ ତା'ସହିତ ବ୍ୟଭିଚାରର
ପାପ କାର୍ଯ୍ୟ କରିଛନ୍ତି। ସଂସାରର ବ୍ୟବସାୟୀମାନେ
ତାହାର ଧନରେ ଧନବାନ୍ ହୋଇଛନ୍ତି।"

[୪]ତା'ପରେ ମୁଁ ସ୍ୱର୍ଗରୁ ଆଉ ଏକ ସ୍ୱର ଶୁଣିଲି

"ହେ ମୋର ଲୋକମାନେ, ତୁମ୍ଭେମାନେ ସେହି
ନଗରରୁ ବାହାରି ଆସ, ତୁମ୍ଭେମାନେ ବାହାରି
ଆସିଲେ, ତା'ର ପାପରେ ଭାଗୀଦାର ହେବନାହିଁ ଓ
ତାହାର କ୍ଲେଶର ସହଭାଗୀ ହେବନାହିଁ।
[୫] ସ୍ୱର୍ଗ ଯେତେ ଉଚ୍ଚ, ତାହାର ପାପକାର୍ଯ୍ୟ ସେତିକି
ଉଚ୍ଚ ହେଲାଣି। ପରମେଶ୍ୱର ତା'ର ଭୁଲ କାମଗୁଡ଼ିକ
ଭୁଲି ନାହାଁନ୍ତି। ସେ ତା'ର କୁକର୍ମ ସବୁ
ମନେପକାଇଲାଣି।
[୬] ସେ ନଗରୀ ଅନ୍ୟମାନଙ୍କର ଯେପରି କ୍ଷତି କରିଛି,
ତାହାର ସେହି ପ୍ରକାର କ୍ଷତି ହେବ। ତା'ର କୁକର୍ମ
ପାଇଁ ତାହାକୁ ଦୁଇ ଗୁଣ ଅଧିକ ପ୍ରତିଫଳ ଦିଆଯିବ।
ସେ ନଗରୀ ଅନ୍ୟମାନଙ୍କୁ ଯେପରି ସୁରା ଦେଇଛି,
ତା'ନିମନ୍ତେ ତା' ଅପେକ୍ଷା ଦୁଇଗୁଣ ଅଧିକନିଶାଯୁକ୍ତ
ସୁରା ପ୍ରସ୍ତୁତ କରାଯିବ ଓ ତାହାକୁ ପାନ କରିବାକୁ
ଦିଆଯିବ।
[୭] ସେ ଯେପରି ନିଜେ ଭୋଗବିଳାସ ଓ ଆମୋଦ
ପ୍ରମୋଦରେ ଜୀବନ ବିତାଇଛି, ସେହିପରି ତାହାକୁ
ଅଧିକ ପରିମାଣରେ ଯନ୍ତ୍ରଣା ଓ ବ୍ୟଥା ଭୋଗିବାକୁ
ଦିଆଯିବ। ସେ ନିଜେ ଗର୍ବରେ କହେ, "ମୁଁ ରାଣୀ
ପରି ସିଂହାସନରେ ବସିଛି। ମୁଁ ବିଧବା ନୁହେଁ, ମୁଁ
କେବେ ଶୋକ କରିବି ନାହିଁ।"
[୮] ସେଥିପାଇଁ ଗୋଟିଏ ଦିନ ଭିତରେ ଏହି କ୍ଲେଶ
ତାକୁ ଆକ୍ରମଣ କରିବ: ମୃତ୍ୟୁ, ଦୁଃଖଦାୟକ କ୍ରନ୍ଦନ,
ମହା କ୍ଷୁଧା। ସେ ଅଗ୍ନିରେ ଜଳିଯିବ, କାରଣ ପ୍ରଭୁ
ପରମେଶ୍ୱର ତା'ର ବିଚାର କରିଛନ୍ତି ଏବଂ ସେ
ସର୍ବଶକ୍ତିମାନ ଅଟନ୍ତି।"

[୯]ଜଗତର ଯେଉଁ ରାଜାମାନେ ତା' ସହିତ ବ୍ୟଭିଚାରର
ପାପ କାର୍ଯ୍ୟରେ ଲିପ୍ତ ଥିଲେ ଓ ତା'ଧନରେ ଭାଗୀଦାର

ଥିଲେ, ସେମାନେ ଯେତେବେଳେ ତାହାର ଦହନର ଧୂଆଁ
ଦେଖିବେ, ସେମାନେ ତା'ର ମୃତ୍ୟୁ କାରଣରୁ କାନ୍ଦିବେ ଓ
ଦୁଃଖିତ ହେବେ। ୧୦ସେହି ରାଜାମାନେ ଯେତେବେଳେ
ତାହାର ଯନ୍ତ୍ରଣା ଦେଖିବେ, ସେତେବେଳେ ସେମାନେ ଭୟ
କରିବେ ଏବଂ ତା'ଠାରୁ ବହୁତ ଦୂରରେ ରହିବେ।
ସେମାନେ କହିବେ:

"ହେ ମହାନଗରୀ, ହେ ଶକ୍ତିଶାଳୀ ନଗରୀ ବାବିଲ!
ଏହା ଭୟାନକ! ଏହା ଭୟାନକ! ଘଣ୍ଟାକ ମଧ୍ୟରେ
ତୁମ୍ଭ ପାଇଁ ଦଣ୍ଡ ଆସିଲା।"

୧୧ଏହି ଜଗତର ବ୍ୟବସାୟୀମାନେ ତା'ପାଇଁ ବିଳାପ ଓ
ଦୁଃଖ କରିବେ। ସେମାନେ ଦୁଃଖ ଅନୁଭବ କରିବେ,
କାରଣ ସେମାନଙ୍କର ବାଣିଜ୍ୟଦ୍ରବ୍ୟ ଏହାପରେ କେହି
କିଣିବେ ନାହିଁ। ୧୨ସେମାନେ ସୁନା, ରୂପା, ମୂଲ୍ୟବାନ
ପଥର, ମୁକ୍ତା, ସୂକ୍ଷ୍ମ ରେଶମବସ୍ତ୍ର, ବାଇଗଣି ରଙ୍ଗର ବସ୍ତ୍ର;
ରେଶମୀ ଓ ଲାଲ ବସ୍ତ୍ର; ପ୍ରତ୍ୟେକ ପ୍ରକାରର ଚନ୍ଦନ ଆଦି
ସୁବାସିତ କାଠଜିନିଷ; ହାତୀ ଦାନ୍ତର ପଦାର୍ଥମାନ, ମୂଲ୍ୟବାନ୍
କାଠ, ପିତ୍ତଳ, ଲୌହ ଓ ମର୍ମର ପଥରରେ ନିର୍ମିତ ଶିଳ୍ପ
ଦ୍ରବ୍ୟ; ୧୩ଦାରୁଚିନି ପ୍ରଭୃତି ସୁଗନ୍ଧି ମସଲା; ଅତର, ଧୂପ,
ମଲମ, ସୁଗନ୍ଧି ଧୂପ, ମଦ୍ୟ, ଜୀତତୈଳ, ମଇଦା, ଗହମ,
ଗୃହପାଳିତ ତୃଣଭୋଜୀ ପଶୁ, ମେଷ, ଘୋଡ଼ା, ରଥ, ଏବଂ
ମନୁଷ୍ୟମାନଙ୍କର ଶରୀର ଓ ପ୍ରାଣ ସବୁ ବିକ୍ରି କରନ୍ତି।
ତେଣୁ ବ୍ୟବସାୟୀମାନେ କାନ୍ଦିବେ ଓ କହିବେ:

୧୪ "ହେ ବାବିଲ! ତୁମ୍ଭେ ଯେଉଁ ଉତ୍ତମ ଜିନିଷ
ଚାହୁଁଥିଲ, ସେସବୁ ତୁମ୍ଭଠାରୁ ଚାଲିଯାଇଛି। ତୁମ୍ଭର
ସବୁ ସୌଖିନ ଓ ମନୋହାରୀ ଦ୍ରବ୍ୟମାନ ତୁମ୍ଭଠାରୁ
ଉଭେଇ ଯାଇଛି। ତୁମ୍ଭେ ସେସବୁ ଆଉ କେବେ
ପାଇବ ନାହିଁ।"

୧୫ବ୍ୟବସାୟୀମାନେ ତା'ର ଦୁଃଖ ଯନ୍ତ୍ରଣା ଦେଖି ଭୟ
କରିବେ ଓ ତା'ଠାରୁ ବହୁ ଦୂରରେ ଠିଆ ହେବେ। ସେହି
ଲୋକମାନେ ତାହାକୁ ସେହି ମୂଲ୍ୟବାନ୍ ଜିନିଷ ବିକ୍ରିକରି
ଧନୀ ହୋଇଥିଲେ। ତେଣୁ ସେମାନେ କାନ୍ଦିବେ ଓ ଦୁଃଖ
କରିବେ। ୧୬ସେମାନେ କହିବେ:

"ହେ ମହାନଗରୀ! ଭୟାନକ! ତୁମ୍ଭ ପାଇଁ ଏହା
କେତେ ଭୟାନକ: ଯେଉଁ ମହାନଗରୀ ସୂକ୍ଷ୍ମରେଶମ,
ବାଇଗଣି ଓ ଘନ ଲାଲ ବର୍ଣ୍ଣର ବସ୍ତ୍ର ପିନ୍ଧିଥିଲା,
ସୁନା, ମଣି ଓ ମୁକ୍ତାରେ ଝଟକୁଥିଲା,
୧୭ ଘଣ୍ଟାକ ମଧ୍ୟରେ ଏହି ସମସ୍ତ ବିଶାଳ ସମ୍ପତ୍ତି ନଷ୍ଟ
କରିଦିଆଗଲା।"

ସମସ୍ତ ସମୁଦ୍ର କପ୍ତାନ, ସମୁଦ୍ର ଯାତ୍ରୀ, ନାବିକ,
ନୌବାଣିଜ୍ୟ କରୁଥିବା ସମସ୍ତ ଲୋକ ବାବିଲଠାରୁ ଦୂରରେ
ଠିଆ ହେଲେ। ୧୮ସେମାନେ ତା'ର ଜଳୁଥିବାର ଧୂଆଁ
ଦେଖିଲେ। ସେମାନେ ଉଚ୍ଚ ସ୍ୱରରେ କହିଲେ, "ଏହି
ମହାନଗରୀ ପରି ଅନ୍ୟ କୌଣସି ନଗରୀ ନାହିଁ।"
୧୯ସେମାନେ ନିଜନିଜ ମସ୍ତକ ଉପରେ ଧୂଳି ଫିଙ୍ଗିଲେ।
ସେମାନେ କାନ୍ଦିଲେ ଓ ବହୁତ ଦୁଃଖିତ ହେଲେ। ସେମାନେ
ଉଚ୍ଚ ସ୍ୱରରେ କହିଲେ:

"ହେ ମହାନଗରୀ! ଭୟାନକ! ତୁମ୍ଭ ପାଇଁ ଏହା
କେତେ ଭୟାନକ। ଏହି ମହାନଗରୀର ଧନରେ
ସମୁଦ୍ରରେ ବାଣିଜ୍ୟ, ବ୍ୟବସାୟ କରୁଥିବା ଲୋକମାନେ
ଧନୀ ହୋଇଥିଲେ। କିନ୍ତୁ ଘଣ୍ଟାକ ମଧ୍ୟରେ ସେ
ଧ୍ୱଂସ ହୋଇଗଲା।
୨୦ ହେ ସ୍ୱର୍ଗ! ହେ ପରମେଶ୍ୱରଙ୍କର ପବିତ୍ର ଲୋକମାନେ,
ଭବିଷ୍ୟଦ୍‌ବକ୍ତାଗଣ ଏବଂ ପ୍ରେରିତଗଣ! ମହାନଗରୀର
ଧ୍ୱଂସରେ ଆନନ୍ଦ ଉଲ୍ଲାସ କର। ସେ ତୁମ୍ଭକୁ ଯେଉଁ
କଷ୍ଟ ଦେଇଛି, ସେଥିପାଇଁ ପରମେଶ୍ୱର ତାହାକୁ
ଦଣ୍ଡ ଦେଇଛନ୍ତି।

୨୧ତା'ପରେ ଜଣେ ଶକ୍ତିଶାଳୀ ଦୂତ ଗୋଟିଏ ପ୍ରକାଣ୍ଡ
ପଥର ଉଠାଇଲେ। ଏହି ପଥରଟି ଗୋଟିଏ ଚକିପଥର
ପରି ବହୁତ ବଡ଼। ସେହି ଦୂତ ଜଣକ ପଥରଟିକୁ ସମୁଦ୍ର
ଭିତରକୁ ଫିଙ୍ଗି ଦେଲେ ଏବଂ କହିଲେ:

"ଏହିପରି ଭାବରେ ମହାନଗରୀ ବାବିଲକୁ ତଳକୁ
ନିକ୍ଷେପ କରାଯିବ। ତାହାକୁ ଆଉ କେବେ କେହି
ଦେଖିପାରିବେ ନାହିଁ।
୨୨ ତୋ'ଠାରେ କେହିହେଲେ ଆଉ ଲୋକମାନଙ୍କର
ବୀଣାର ସଙ୍ଗୀତ ଓ ବଂଶୀ, ତୂରୀ ଭଳି ଅନ୍ୟ
ବାଦ୍ୟଯନ୍ତ୍ର ଶୁଣିବେ ନାହିଁ। ତୋ'ଠାରେ କୌଣସି
ଶିଳ୍ପର କାରିଗରମାନେ ଆଉ ଦେଖାଯିବେ ନାହିଁ।
ତୋ'ଠାରେ ଚକିପେଷାର ଶବ୍ଦ ଆଉ କେବେହେଲେ
ଶୁଣାଯିବ ନାହିଁ।
୨୩ ତୋ'ପାଖରେ ଦୀପର ଆଲୋକ ଆଉ ଜଳିବ
ନାହିଁ। ତୋ'ପାଖରେ ବରକନ୍ୟାଙ୍କର ଆନନ୍ଦର ଧ୍ୱନି
ଆଉ କେବେହେଲେ ଶୁଣାଯିବ ନାହିଁ। ତୋ'ର
ବ୍ୟବସାୟୀମାନେ ପୃଥିବୀର ବହୁତ ମହାନ୍ ଲୋକ
ଥିଲେ। ସମସ୍ତ ଦେଶଗୁଡ଼ିକ ତୋ'ର ଯାଦୁ ଶକ୍ତି
ଦ୍ୱାରା ପଥଭ୍ରଷ୍ଟ ହୋଇଥିଲେ।
୨୪ ସେ (ବାବିଲ) ଭବିଷ୍ୟଦ୍‌ବକ୍ତାମାନଙ୍କର ଓ
ପରମେଶ୍ୱରଙ୍କର ପବିତ୍ର ଲୋକମାନଙ୍କର ଏବଂ
ପୃଥିବୀରେ ମାରି ଦିଆଯାଇ ଥିବା ସମସ୍ତ ଲୋକଙ୍କ
ରକ୍ତ ପାଇଁ ଦାୟୀ ଅଟେ।

## ସ୍ୱର୍ଗବାସୀମାନଙ୍କର ପରମେଶ୍ୱରଙ୍କୁ ପ୍ରଶଂସା

୧୯ ତା'ପରେ ମୁଁ ସ୍ୱର୍ଗରେ ଅନେକ ଲୋକମାନଙ୍କର
ସ୍ୱର ଭଳି ଏକ ସ୍ୱର ଶୁଣିଲି। ସେମାନେ
କହୁଥିଲେ:

“ହାଲ୍ଲେଲୁୟା! ବିଜୟ, ମହିମା ଓ କ୍ଷମତା ଆମ୍ଭମାନଙ୍କ
ପରମେଶ୍ୱରଙ୍କର ଅଟେ।
୨ ତାହାଙ୍କର ବିଚାରଗୁଡ଼ିକ ସତ୍ୟ ଓ ଯଥାର୍ଥ। ସେ
ମହା ବେଶ୍ୟାକୁ ଦଣ୍ଡ ଦେଇଛନ୍ତି। ସେହି ବେଶ୍ୟା
ତା’ର ଯୌନଗତ ପାପରେ ପୃଥିବୀକୁ ଭ୍ରଷ୍ଟ
କରିଦେଇଅଛି। ପରମେଶ୍ୱର ତାହାଙ୍କ ସେବକମାନଙ୍କର
ରକ୍ତ ହେତୁ ତାହାକୁ ଦଣ୍ଡ ଦେଇଛନ୍ତି।

୩ସେମାନେ ପୁଣି କହିଲେ:

“ହାଲ୍ଲେଲୁୟା ! ସେ ବେଶ୍ୟା ଜଳି ଯାଉଛି। ତାହାର
ଧୂଆଁ ସର୍ବଦା ଉପରକୁ ଉଠୁଥିବ।”

୪ତା’ପରେ ଚବିଶ ଜଣ ପ୍ରାଚୀନ ଓ ଚାରିଜଣ ଜୀବିତ
ପ୍ରାଣୀ ସିଂହାସନରେ ଉପବିଷ୍ଟ ପରମେଶ୍ୱରଙ୍କ ଆଗରେ
ନଇଁଲେ ଓ ତାହାଙ୍କର ଉପାସନା କଲେ। ସେମାନେ
କହିଲେ:

“ଆମେନ୍! ହାଲ୍ଲେଲୁୟା!” (ପରମେଶ୍ୱରଙ୍କର ପ୍ରଶଂସା
କର)।

୫ତା’ପରେ ସିଂହାସନ ମଧ୍ୟରୁ ଗୋଟିଏ ଉଚ୍ଚ ଧ୍ୱନି
ଆସିଲା। ସେହି ଧ୍ୱନି କହିଲା:

“ହେ ପରମେଶ୍ୱରଙ୍କର ସେବକମାନେ! ତୁମ୍ଭେମାନେ
ସମସ୍ତେ ଆମ୍ଭମାନଙ୍କର ପରମେଶ୍ୱରଙ୍କର ପ୍ରଶଂସା
କର! ହେ କ୍ଷୁଦ୍ର ଓ ମହାନ୍ ଲୋକମାନେ! ତୁମ୍ଭେମାନେ
ସମସ୍ତେ ଆମ୍ଭମାନଙ୍କ ପରମେଶ୍ୱରଙ୍କର ପ୍ରଶଂସା କର
ଓ ତାହାଙ୍କୁ ସମ୍ମାନ ଦିଅ।”

୬ତା’ପରେ ମୁଁ ଅନେକ ଲୋକମାନଙ୍କର ସ୍ୱର ଶୁଣିଲି।
ଏହା ଜଳପ୍ରପାତର ଧ୍ୱନିପରି ଏବଂ ବିରାଟ ମେଘ ଗର୍ଜନର
ଶବ୍ଦ ପରି ଥିଲା। ସେମାନେ କହୁଥିଲେ:

“ହାଲ୍ଲେଲୁୟା! ଆମ୍ଭମାନଙ୍କର ପ୍ରଭୁ ପରମେଶ୍ୱର ରାଜତ୍ୱ
କରୁଛନ୍ତି। ସେ ସର୍ବଶକ୍ତିମାନ।
୭ ଆସ, ଆମ୍ଭେମାନେ ଆନନ୍ଦଉଲ୍ଲାସ କରିବା ଓ
ପରମେଶ୍ୱରଙ୍କୁ ଗୌରବ ଦେବା ! ଯେହେତୁ
‘ମେଷଶାବକ’ଙ୍କର ବିବାହ ଉତ୍ସବର ସମୟ ଆସି
ଉପସ୍ଥିତ ଓ ତାହାଙ୍କର କନ୍ୟା ନିଜକୁ ପ୍ରସ୍ତୁତ କରି
ସାରିଛି; ତେଣୁ ଆମ୍ଭେମାନେ ତାହାଙ୍କୁ ଗୌରବ
ଦେବା।
୮ କନ୍ୟାକୁ ପିନ୍ଧିବା ପାଇଁ ସୂକ୍ଷ୍ମ, ଶୁଭ୍ର ଓ ପରିଷ୍କାର
ବସ୍ତ୍ର ଦିଆଯାଇଛି।”

(ସୂକ୍ଷ୍ମ ବସ୍ତ୍ରର ଅର୍ଥ ହେଉଛି, ପରମେଶ୍ୱରଙ୍କ ପବିତ୍ର
ଲୋକମାନଙ୍କର ଉତ୍ତମ କାର୍ଯ୍ୟ, ଯାହା ସବୁ ସେମାନେ
କରିଥିଲେ।)

୯ତା’ପରେ ଦୂତ ମୋତେ କହିଲେ, “ଏହା ଲେଖ:
ମେଷଶାବକଙ୍କ ବିବାହ ଭୋଜିକୁ ନିମନ୍ତ୍ରିତ ବ୍ୟକ୍ତିମାନେ
ଧନ୍ୟ!” ସେ ଦୂତ ପୁଣି କହିଲେ, “ପରମେଶ୍ୱରଙ୍କର
ବାକ୍ୟ ସତ୍ୟ ଅଟେ।”
୧୦ତା’ପରେ ମୁଁ ଦୂତଙ୍କୁ ପ୍ରଣାମ କରିବା ପାଇଁ ତାହାଙ୍କ
ପାଦତଳେ ପଡ଼ିଗଲି। କିନ୍ତୁ ସେ ମୋତେ କହିଲେ,
“ମୋତେ ପ୍ରଣାମ କରନାହିଁ! ମୁଁ ତୁମ୍ଭର ଓ ତୁମ୍ଭ ଖ୍ରୀଷ୍ଟ
ବିଶ୍ୱାସୀ ଓ ଯୀଶୁଙ୍କର ସାକ୍ଷୀ ଭାଇମାନଙ୍କ ପରି ପରମେଶ୍ୱରଙ୍କର
ଜଣେ ସେବକ ମାତ୍ର। ତେଣୁ ପରମେଶ୍ୱରଙ୍କୁ ଉପାସନା
କର! କାରଣ ଯୀଶୁଙ୍କ ପାଇଁ ସାକ୍ଷ୍ୟ ହେଉଛି ଭବିଷ୍ୟଦ୍‌ବାଣୀର
ମୂଳ ଆତ୍ମା ସ୍ୱରୂପ।

## ଶ୍ୱେତ ଅଶ୍ୱର ଆରୋହୀ

୧୧ତା’ପରେ ମୁଁ ସ୍ୱର୍ଗ ଖୋଲିବାର ଦେଖିଲି। ସେଠାରେ
ଗୋଟିଏ ଶ୍ୱେତ ଅଶ୍ୱ ଠିଆ ହୋଇଥିଲା। ଅଶ୍ୱାରୋହୀଙ୍କ
ନାମ ‘ବିଶ୍ୱସ୍ତ’ ଓ ‘ସତ୍ୟବାନ’। ସେ ନ୍ୟାୟପୂର୍ଣ୍ଣ ଭାବରେ
ବିଚାର କରନ୍ତି ଓ ଲଢ଼ନ୍ତି। ୧୨ତାହାଙ୍କର ଚକ୍ଷୁ ଦୁଇଟି
ଜ୍ୱଳନ୍ତ ଅଗ୍ନି ସଦୃଶ। ତାହାଙ୍କ ମସ୍ତକରେ ଅନେକ ଗୁଡ଼ିଏ
ମୁକୁଟ ଅଛି। ତାହାଙ୍କ କପାଳରେ ଗୋଟିଏ ନାମ ଲେଖା
ଯାଇଥିଲା, କିନ୍ତୁ ତାହାଙ୍କ ବ୍ୟତୀତ ଅନ୍ୟ କେହି ସେ ନାମ
ଜାଣି ନ ଥିଲେ। ୧୩ସେ ରକ୍ତଭିଜା ଗୋଟିଏ ରାଜପୋଷାକ
ପିନ୍ଧିଥିଲେ। ତାହାଙ୍କ ନାମ ‘ପରମେଶ୍ୱରଙ୍କ ବାକ୍ୟ’। ୧୪ସ୍ୱର୍ଗର
ସେନାବାହିନୀଗଣ ତାହାଙ୍କର ଅନୁଗମନ କରୁଥିଲେ। ସେମାନେ
ମଧ୍ୟ ଶ୍ୱେତ ଅଶ୍ୱ ଉପରେ ବସିଥିଲେ। ସେମାନେ ସୂକ୍ଷ୍ମ,
ପରିଷ୍କୃତ, ଶୁଭ୍ରବସ୍ତ୍ର ପିନ୍ଧିଥିଲେ। ୧୫ସେହି ଅଶ୍ୱା ରୋହୀଙ୍କ
ମୁଖରୁ ଗୋଟିଏ ତୀକ୍ଷ୍ଣ ଖଣ୍ଡା ବାହାରି ଥିଲା। ସେ
ଜାତିଗଣଙ୍କୁ ଦମନ କରିବା ପାଇଁ ଏହି ଖଣ୍ଡାର ପ୍ରୟୋଗ
କରିବେ। ସେ ଲୌହ ଦଣ୍ଡରେ ସେମାନଙ୍କୁ ଶାସନ
କରିବେ। ସେ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କର କ୍ରୋଧରୂପ
ଅଙ୍ଗୁରପେଷା କୁଣ୍ଡକୁ ଦଳିପକାଇବେ। ୧୬ତାହାଙ୍କ ପୋଷାକ
ଓ ଜଙ୍ଘଦେଶରେ ଏହା ଲେଖାଥିଲା:

**ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ।**

୧୭ତା’ପରେ ମୁଁ ଜଣେ ଦୂତଙ୍କୁ ସୂର୍ଯ୍ୟ ମଧ୍ୟରେ ଠିଆ
ହେବାର ଦେଖିଲି। ସେ ଆକାଶରେ ଉଡୁଥିବା ସବୁ
ପକ୍ଷୀମାନଙ୍କୁ ଉଚ୍ଚ ସ୍ୱରରେ କହିଲେ, “ଆସ, ପରମେଶ୍ୱରଙ୍କର
ମହାଭୋଜି ପାଇଁ ଏକାଠି ହୁଅ। ୧୮ଆସ, ତୁମ୍ଭେମାନେ
ଏକାଠି ହୋଇ ରାଜା, ସେନାପତି ଓ ପ୍ରସିଦ୍ଧ ଲୋକମାନଙ୍କ
ଶରୀରର ମାଂସ ତଥା ଅଶ୍ୱ ଓ ସେମାନଙ୍କର ଆରୋହୀଙ୍କର
ଓ ସ୍ୱାଧୀନ ଓ ପରାଧୀନ, ସାନ ଓ ବଡ଼, ସବୁ
ଲୋକମାନଙ୍କର ମାଂସ ଖାଇବ।”
୧୯ତା’ପରେ ମୁଁ ସେହି ପଶୁ ଓ ପୃଥିବୀର ରାଜାମାନଙ୍କୁ
ଦେଖିଲି। ସେମାନଙ୍କର ସେନାବାହିନୀଗଣ, ଅଶ୍ୱାରୋହୀ ଓ
ସେମାନଙ୍କର ସେନାବାହିନୀ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ
ଏକତ୍ର ହେଲେ। ୨୦କିନ୍ତୁ ସେହି ପଶୁ ବନ୍ଦୀ ହେଲା ଏବଂ
ଭଣ୍ଡ ଭବିଷ୍ୟଦ୍‌ବକ୍ତା ମଧ୍ୟ ବନ୍ଦୀ ହେଲା। ଏହି ଭଣ୍ଡ

ଭବିଷ୍ୟଦ୍‌ବକ୍ତା ସେହି ପଶୁ ପାଇଁ ବହୁତ ଆଶ୍ଚର୍ଯ୍ୟଜନକ
କାର୍ଯ୍ୟ କରିଥିଲା। ଏହି ପଶୁ, ଯିଏ କି ପଶୁର ଚିହ୍ନ
ଧାରଣ କରିଥିବା ଓ ତାହାର ପ୍ରତିମାକୁ ପୂଜା କରିଥିବା
ଲୋକମାନଙ୍କୁ ଭ୍ରାନ୍ତ କରିଥିଲା, ସେ ବନ୍ଦୀ ହେଲା। ସେହି
ଭଣ୍ଡ ଭବିଷ୍ୟଦ୍‌ବକ୍ତା ଓ ପଶୁଙ୍କୁ ଗନ୍ଧକ ଜଳୁଥିବା ଅଗ୍ନିପୂର୍ଣ୍ଣ
ହ୍ରଦରେ ଜୀବନ୍ତ ଫିଙ୍ଗି ଦିଆଗଲା। ୨୧ସେମାନଙ୍କର
ସେନାବାହିନୀଗଣ ଅଶ୍ୱାରୋହୀଙ୍କ ମୁଖରୁ ବାହାରିଥିବା ଖଡ୍‌ଗରେ
ନିହତ ହେଲେ। ସମସ୍ତ ପକ୍ଷୀଗଣ ସେମାନଙ୍କର ଏହି
ଶରୀରଗୁଡ଼ିକୁ ପେଟ ପୁରିବା ପର୍ଯ୍ୟନ୍ତ ଖାଇଲେ।

## ଏକ ହଜାର ବର୍ଷ

୨୦ ତା'ପରେ ମୁଁ ସ୍ୱର୍ଗରୁ ଜଣେ ସ୍ୱର୍ଗଦୂତଙ୍କୁ ଓହ୍ଲାଇବାର
ଦେଖିଲି। ତାହାଙ୍କ ପାଖରେ ପାତାଳର ଅତଳ
ଗହ୍ୱରର ଚାବି ଥିଲା। ତାହାଙ୍କ ହାତରେ ଗୋଟିଏ ବଡ଼
ଶିକୁଳି ଥିଲା। ୨ସ୍ୱର୍ଗଦୂତ ସେହି ବିଶାଳକାୟ ପୁରୁଣା
ସାପକୁ ଧରିପକାଇଲେ। ସେହି ସାପ ହେଉଛି ଶୟତାନ।
ଦୂତ ତାହାକୁ ଏକହଜାର ବର୍ଷ ପର୍ଯ୍ୟନ୍ତ ଶିକୁଳିରେ
ବାନ୍ଧିଦେଲେ। ୩ସେ ତାହାକୁ ଗଭୀରତମ ଗହ୍ୱରରେ ଫୋପାଡ଼ି
ଦେଲେ ଓ ତାହାକୁ ବନ୍ଦ କରିଦେଲେ। ଦୂତ ସେହି
ଗହ୍ୱରକୁ ବନ୍ଦ କରି ମୁଦ୍ରା ବସାଇଲେ, ଯେପରି ସେ
ହଜାରବର୍ଷ ପୂର୍ଣ୍ଣ ହେବାପର୍ଯ୍ୟନ୍ତ ଲୋକମାନଙ୍କୁ ଭ୍ରାନ୍ତ କରିପାରିବ
ନାହିଁ। ଏକ ହଜାର ବର୍ଷ ପରେ ତାହାକୁ ଖୁବ୍ ଅଳ୍ପ
ସମୟ ପାଇଁ ମୁକ୍ତ କରାଯିବ।

## ଶୟତାନର ପରାଜୟ

୪ତା'ପରେ ମୁଁ କେତୋଟି ସିଂହାସନ ଓ ତା'ଉପରେ
ଲୋକମାନଙ୍କୁ ବସିଥିବାର ଦେଖିଲି। ସେହି ଲୋକମାନଙ୍କୁ
ବିଚାର କରିବାର ଶକ୍ତି ଦିଆଯାଇଥିଲା। ଯୀଶୁଙ୍କ ପାଇଁ
ସାକ୍ଷୀ ହେବା ଓ ପରମେଶ୍ୱରଙ୍କର ବାକ୍ୟ ପ୍ରଚାର କରିବା
ହେତୁ ଯେଉଁମାନଙ୍କୁ ମାରି ଦିଆଯାଇଥିଲା, ମୁଁ ସେହି
ଲୋକମାନଙ୍କର ଆତ୍ମାକୁ ଦେଖିଲି। ସେହି ଲୋକମାନେ
ପଶୁକୁ କିମ୍ବା ତାହାର ପ୍ରତିମାକୁ ପୂଜା କରିନଥିଲେ।
ସେମାନେ ତାହାଙ୍କ କପାଳରେ ବା ହାତରେ ସେହି ପଶୁର
ଚିହ୍ନ ଧାରଣ କରି ନଥିଲେ। ସେମାନେ ପୁନର୍ବାର ଜୀବିତ
ହେଲେ ଓ ଖ୍ରୀଷ୍ଟଙ୍କ ସହିତ ଏକହଜାର ବର୍ଷ ପର୍ଯ୍ୟନ୍ତ
ଶାସନ କଲେ। ୫(ଅବଶିଷ୍ଟ ମୃତ ଲୋକମାନେ ଏକ
ହଜାର ବର୍ଷ ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ, ବଞ୍ଚି ଉଠିଲେ
ନାହିଁ।) ଏହା ହିଁ ପ୍ରଥମ ପୁନରୁତ୍ଥାନ। ୬ଏହି ପ୍ରଥମ
ପୁନରୁତ୍ଥାନରେ ଯେଉଁମାନେ ଅଂଶୀ ହୁଅନ୍ତି, ସେମାନେ
ଧନ୍ୟ ଓ ପବିତ୍ର। ଏମାନଙ୍କ ଉପରେ ଦ୍ୱିତୀୟ ମୃତ୍ୟୁର
କୌଣସି କ୍ଷମତା ନାହିଁ। ସେହି ଲୋକମାନେ ପରମେଶ୍ୱରଙ୍କର
ଓ ଖ୍ରୀଷ୍ଟଙ୍କର ଯାଜକ ହେବେ। ସେମାନେ ତାହାଙ୍କ ସହିତ
ଏକହଜାର ବର୍ଷ ପର୍ଯ୍ୟନ୍ତ ଶାସନ କରିବେ। ୭ଏକ ହଜାର
ବର୍ଷ ଶେଷ ହେବାପରେ ଶୟତାନକୁ ତା'ର ଗଭୀରତମ
ଗହ୍ୱରର ବନ୍ଦୀଶାଳାରୁ ମୁକ୍ତ ମିଳିବ। ୮ସେ ପୃଥିବୀର
ଚାରିକୋଣକୁ ଯାଇ ସବୁ ଦେଶମାନଙ୍କୁ ଭ୍ରାନ୍ତ କରିବ, ଓ
ସେହି ସମୁଦ୍ରର ବାଲି ପରି ଅସଂଖ୍ୟ ଗୋଗ୍ ଓ ମାଗୋଗ୍‌ଙ୍କୁ
ଏକତ୍ର କରି ଯୁଦ୍ଧ କରିବାକୁ ବାହାରିବ। ୯ଶୟତାନର
ସେନାବାହିନୀ ପୃଥିବୀର ପ୍ରତ୍ୟେକ ସ୍ଥାନକୁ ଯାଇ
ପରମେଶ୍ୱରଙ୍କର ଲୋକମାନଙ୍କ ଶିବିରଗୁଡ଼ିକୁ ଓ ପରମେଶ୍ୱରଙ୍କ
ପ୍ରିୟ ନଗରକୁ ଘେରିଗଲେ। କିନ୍ତୁ ସ୍ୱର୍ଗରୁ ଅଗ୍ନି ଆସିଲା ଓ
ତା'ର ସେନାବାହିନୀକୁ ବିନାଶ କରିଦେଲା। ୧୦ସେତେବେଳେ
ଶୟତାନ(ଯିଏ ସେହି ଲୋକମାନଙ୍କୁ ଭ୍ରାନ୍ତ କରିଥିଲା),
ସେହି ପଶୁ ଓ ମିଥ୍ୟାବାଦୀ ଭବିଷ୍ୟଦ୍‌ବକ୍ତା ସହିତ ଗନ୍ଧକରେ
ପ୍ରଜ୍ୱଳିତ ଅଗ୍ନିମୟ ହ୍ରଦ ମଧ୍ୟକୁ ନିକ୍ଷେପ କରାଗଲେ।
ସେମାନେ ସେଠାରେ ଦିନରାତି ସଦାସର୍ବଦା ପାଇଁ ଯନ୍ତ୍ରଣା
ପାଇବେ।

## ପୃଥିବୀର ଲୋକଙ୍କର ବିଚାର

୧୧ତା'ପରେ ମୁଁ ଗୋଟିଏ ବିରାଟ ଶୁଭ୍ର ସିଂହାସନ
ଦେଖିଲି। ମୁଁ ଜଣେ ବ୍ୟକ୍ତିଙ୍କୁ ସେହି ସିଂହାସନରେ
ବସିଥିବାର ଦେଖିଲି। ଆକାଶ ଓ ପୃଥିବୀ ତାହାଙ୍କ ପାଖରୁ
ଦୌଡ଼ି ଚାଲିଗଲେ ଓ ଉଭେଇ ଗଲେ। ୧୨ମୁଁ ବଡ଼ଠାରୁ
ସାନ ପର୍ଯ୍ୟନ୍ତ ମୃତବ୍ୟକ୍ତିଙ୍କୁ ସିଂହାସନ ସାମନାରେ ଠିଆହେବାର
ଦେଖିଲି। ଜୀବନ ପୁସ୍ତକ ଖୋଲାଥିଲା। ସେଠାରେ ଅନ୍ୟ
ପୁସ୍ତକଗୁଡ଼ିକ ମଧ୍ୟ ଖୋଲାଥିଲା। ମୃତ ଲୋକମାନଙ୍କର
ନିଜନିଜ କର୍ମ ଅନୁସାରେ ବିଚାର ହେଲା। ସେହି
ପୁସ୍ତକଗୁଡ଼ିକରେ ଏସବୁ ବିଷୟ ଲେଖାଯାଇଥିଲା। ୧୩ସମୁଦ୍ର
ଭିତରେ ଯେଉଁ ମୃତଲୋକମାନେ ଥିଲେ, ସେ ସେମାନଙ୍କୁ
ଦେଇଦେଲା। ମୃତ୍ୟୁ ଓ ପାତାଳ ନିଜ ପାଖରେ ଥିବା ମୃତ
ଲୋକମାନଙ୍କୁ ଦେଇଦେଲା, ପ୍ରତ୍ୟେକ ଲୋକକୁ ତା'ର
କର୍ମଗୁଡ଼ିକ ଅନୁସାରେ ବିଚାର କରାଗଲା। ୧୪ତା'ପରେ
ମୃତ୍ୟୁ ଓ ପାତାଳକୁ ଅଗ୍ନିମୟ ହ୍ରଦକୁ ନିକ୍ଷେପ କରାଗଲା।
ଏହି ଅଗ୍ନିମୟ ହ୍ରଦ ଦ୍ୱିତୀୟ ମୃତ୍ୟୁ ଅଟେ। ୧୫ଯେଉଁ
ଲୋକର ନାମ ଜୀବନ ପୁସ୍ତକରେ ଲେଖାହୋଇଥିବାର
ଦେଖାଗଲାନାହିଁ, ତାହାକୁ ମଧ୍ୟ ଅଗ୍ନିମୟ ହ୍ରଦରେ ନିକ୍ଷେପ
କରାଗଲା।

## ନୂତନ ଯିରୂଶାଲମ

୨୧ ଏହାପରେ ମୁଁ ଗୋଟିଏ ନୂତନ ସ୍ୱର୍ଗ ଓ ନୂତନ
ପୃଥିବୀ ଦେଖିଲି। ପ୍ରଥମ ସ୍ୱର୍ଗ ଓ ପ୍ରଥମ
ପୃଥିବୀ ଅଦୃଶ୍ୟ ହୋଇ ଯାଇଥିଲା। ସେଠାରେ ଆଉ ସମୁଦ୍ର
ନଥିଲା। ୨ତା'ପରେ ମୁଁ ପରମେଶ୍ୱରଙ୍କଠାରୁ ସ୍ୱର୍ଗରୁ ପବିତ୍ର
ନଗରୀ ତଳକୁ ଆସିବାର ଦେଖିଲି। ଏହି ପବିତ୍ର ନଗରୀ
ନୂତନ ଯିରୂଶାଲମ ଅଟେ। ବର ପାଇଁ କନ୍ୟା ଯେପରି
ସୁସଜ୍ଜିତା ହୋଇଥାଏ, ଠିକ୍ ସେହିପରି ଏହା ପ୍ରସ୍ତୁତ ଥିଲା।
୩ମୁଁ ସିଂହାସନରୁ ଏକ ଉଚ୍ଚ ସ୍ୱର ଶୁଣିଲି। ସେହି ସ୍ୱର
କହିଲା, "ବର୍ତ୍ତମାନ ପରମେଶ୍ୱରଙ୍କର ବାସସ୍ଥାନ ଲୋକମାନଙ୍କ
ପାଖରେ ଅଛି। ସେ ସେମାନଙ୍କ ସହିତ ରହିବେ। ସେମାନେ
ତାହାଙ୍କର ଲୋକ ହେବେ। ପରମେଶ୍ୱର ନିଜେ ସେମାନଙ୍କ
ସହିତ ରହିବେ ଓ ସେମାନଙ୍କର ପରମେଶ୍ୱର ହେବେ।
୪ପରମେଶ୍ୱର ସେମାନଙ୍କ ଆଖିରୁ ସମସ୍ତ ଲୁହ ପୋଛିଦେବେ।
ଆଉ ଅଧିକ ମୃତ୍ୟୁ, ବିଷାଦ, କ୍ରନ୍ଦନ ବା କଷ୍ଟ ରହିବ
ନାହିଁ। ସବୁ ପୁରାତନ ବିଷୟ ଲୋପପାଇଛି।"

୫ସିଂହାସନ ଉପରେ ଯିଏ ବସିଥିଲେ, ସେ କହିଲେ,
“ମୁଁ ସମସ୍ତ ବିଷୟ ନୂତନ କରୁଅଛି।” ତା’ପରେ ସେ
କହିଲେ, “ଏହା ଲେଖି ରଖ, କାରଣ ଏହି କଥାସବୁ
ବିଶ୍ୱାସଯୋଗ୍ୟ ଓ ସତ୍ୟ।”
୬ସିଂହାସନରେ ବସିଥିବା ବ୍ୟକ୍ତି ମୋତେ କହିଲେ,
“ଏହା ସମାପ୍ତ ହୋଇଯାଇଛି। ମୁଁ ହେଉଛି ପ୍ରଥମ ଓ
ଶେଷ*। ମୁଁ ତୃଷାର୍ତ୍ତ ଲୋକକୁ ବିନା ମୂଲ୍ୟରେ ଜୀବନ୍ତଜଳ
ନିର୍ଝରରୁ ପାନ କରିବାକୁ ଦେବି। ୭ଯେ ବିଜୟୀ ହେବ,
ସେ ଏହିସବୁ ପାଇବ। ମୁଁ ତାହାର ପରମେଶ୍ୱର ହେବି ଓ
ସେ ମୋର ପୁତ୍ର ହେବ। ୮କିନ୍ତୁ ଯେଉଁ ଲୋକମାନେ
ଭୀରୁ, ଅବିଶ୍ୱାସୀ, ଘୃଣାକାର୍ଯ୍ୟ, ନରହତ୍ୟା, ଯୌନଗତ ପାପ,
ମନ୍ଦ କୁହୁକ କରନ୍ତି ଓ ପ୍ରତିମାପୂଜକ ଏବଂ ମିଥ୍ୟାବାଦୀ
ସେମାନେ ଅଗ୍ନି ଓ ଗନ୍ଧକ ଜଳୁଥିବା ହ୍ରଦରେ ସ୍ଥାନ
ପାଇବେ। ଏହା ଦ୍ୱିତୀୟ ମୃତ୍ୟୁ।
୯ତା’ପରେ ସାତଜଣ ସ୍ୱର୍ଗଦୂତଙ୍କ ମଧ୍ୟରୁ ଯେଉଁମାନଙ୍କ
ପାଖରେ ସାତୋଟି ଶେଷ କ୍ଲେଶର ସାତପାତ୍ର ଥିଲା,
ସେହିମାନଙ୍କ ମଧ୍ୟରୁ ଜଣେ ମୋ ପାଖକୁ ଆସିଲେ। ସେହି
ସ୍ୱର୍ଗଦୂତ ମୋତେ କହିଲେ, “ମୋ ସହିତ ଆସ। ମୁଁ
ତୁମ୍ଭକୁ ବଧୂକୁ ଦେଖାଇବି। ସେ ମେଷଶାବକଙ୍କର ସ୍ତ୍ରୀ।
୧୦ସେ ଦୂତ ମୋତେ ଆତ୍ମା ଦ୍ୱାରା ଗୋଟିଏ ବହୁତ ବଡ଼
ଓ ଉଚ୍ଚ ପର୍ବତକୁ ନେଇଗଲେ। ସେ ମୋତେ ପବିତ୍ର
ନଗରୀ ଯିରୂଶାଲମ ଦେଖାଇଲେ। ମୁଁ ସେହି ନଗରୀକୁ
ପରମେଶ୍ୱରଙ୍କ ପାଖରୁ ସ୍ୱର୍ଗରୁ ଆସିବାର ଦେଖିଲି। ୧୧ସେହି
ନଗରୀ ପରମେଶ୍ୱରଙ୍କ ଗୌରବରେ ଉଜ୍ଜ୍ୱଳମୟ
ଦେଖାଯାଉଥିଲା। ଏହା ମୂଲ୍ୟବାନ ମଣି, ସୂର୍ଯ୍ୟକାନ୍ତ ପରି
ଉଜ୍ଜ୍ୱଳ ହୋଇ ଝଲକୁଥିଲା। ଏହା ସ୍ଫଟିକ ପରି ସ୍ୱଚ୍ଛ
ଥିଲା। ୧୨ନଗରୀର ଗୋଟିଏ ବଡ଼ ଉଚ୍ଚ କାନ୍ଥ ଥିଲା।
ଏହାର ବାରଟି ପ୍ରବେଶଦ୍ୱାର ଥିଲା। ସେହି ଦ୍ୱାରମାନଙ୍କରେ
ବାରଟି ସ୍ୱର୍ଗଦୂତ ଥିଲେ। ପ୍ରତ୍ୟେକ ପ୍ରବେଶ ଦ୍ୱାରରେ
ଇସ୍ରାୟେଲର ବାର ପରିବାରର ଗୋଟିଏ ଗୋଟିଏ ଦଳର
ନାମ ଖୋଦିତ ଥିଲା। ୧୩ସେଠାରେ ପୂର୍ବ ଦିଗରେ ତିନୋଟି
ପ୍ରବେଶ ଦ୍ୱାର, ଉତ୍ତରରେ ତିନୋଟି ପ୍ରବେଶ ଦ୍ୱାର,
ଦକ୍ଷିଣରେ ତିନୋଟି ପ୍ରବେଶ ଦ୍ୱାର ଏବଂ ପଶ୍ଚିମ ଦିଗରେ
ତିନୋଟି ଦ୍ୱାର ଥିଲା। ୧୪ନଗରୀର କାନ୍ଥସବୁ ବାରଟି
ମୂଳଦୁଆ ପଥର ଉପରେ ଥିଲା। ସେହି ପଥରଉପରେ
ମେଷଶାବକଙ୍କର ବାର ଜଣ ପ୍ରେରିତଙ୍କର ନାମ
ଲେଖାଯାଇଥିଲା।
୧୫ମୋ ସହିତ କଥାବାର୍ତ୍ତା ହେଉଥିବା ସ୍ୱର୍ଗଦୂତଙ୍କ
ହାତରେ ଗୋଟିଏ ସୁନାର ମାପଦଣ୍ଡ ଥିଲା। ସେ ନଗର,
ଏହାର ପ୍ରବେଶ ଦ୍ୱାର ଏବଂ ଏହାର କାନ୍ଥ ମାପ କରିବା
ପାଇଁ ଏହି ମାପଦଣ୍ଡ ନିଜ ହାତରେ ରଖିଥିଲେ। ୧୬ସେହି
ନଗରୀଟି ଚାରିକୋଣିଆ ଥିଲା। ଏହାର ଲମ୍ବ ଓ ଚଉଡ଼ା
ସମାନ। ସେହି ଦୂତ ମାପଦଣ୍ଡରେ ନଗରୀକୁ ମାପିଲେ।
ନଗରୀର ଲମ୍ବ ୧୨୦୦୦ ଷ୍ଟାଡିଆ, ଚଉଡା ୧୨୦୦୦
ଷ୍ଟାଡିଆ ଓ ଉଚ୍ଚତା ମଧ୍ୟ ୧୨୦୦୦ ଷ୍ଟାଡିଆ* ଥିଲା।
୧୭ସେ ଦୂତ କାନ୍ଥର ଉଚ୍ଚତା ମଧ୍ୟ ମାପିଲେ ଏହା ୧୪୪
ହାତ ହେଲା। ଦୂତ ମନୁଷ୍ୟମାନଙ୍କ ଦ୍ୱାରା ବ୍ୟବହୃତ
ମାନଦଣ୍ଡରେ ମାପିଥିଲେ। ୧୮ସେହି ନଗରୀର କାନ୍ଥ
ସୂର୍ଯ୍ୟକାନ୍ତମଣିରେ ତିଆରି ହୋଇଥିଲା। ସେହି ନଗରୀ
ସ୍ୱଚ୍ଛକାଚ ପରି ଉଜ୍ଜ୍ୱଳ ଖାଣ୍ଟି ସୁନାରେ ତିଆରି ହୋଇଥିଲା।
୧୯ନଗରୀ କାନ୍ଥର ମୂଳଦୁଆ ପଥରରେ ବହୁମୂଲ୍ୟ ମଣି
ଖଚିତ ଥିଲା। ପ୍ରଥମ କୋଣ ପଥରଟି ହୀରକମଣି,
ଦ୍ୱିତୀୟଟି ନୀଳକାନ୍ତମଣି, ତୃତୀୟ ବୈଦୂର୍ଯ୍ୟମଣି, ଚତୁର୍ଥଟି
ମରକତମଣି ଥିଲା। ୨୦ପଞ୍ଚମରେ ପୁଲକମଣି, ଷଷ୍ଠ ମଣିକ୍ୟମଣି,
ସପ୍ତମଟି ପୁଷ୍ପରାଗମଣି, ଅଷ୍ଟମରେ ଫିରୋଜମଣି, ନବମରେ
ଗୋମେଦକମଣି, ଦଶମରେ ଲଶୁନୀୟମଣି, ଏକାଦଶରେ
ଇନ୍ଦ୍ରନୀଳମଣି, ଓ ଦ୍ୱାଦଶରେ ସୁଗନ୍ଧମଣି ଖଚିତ ଥିଲା।
୨୧ବାରଟି ପ୍ରବେଶ ଦ୍ୱାର ହେଉଛି ବାରଗୋଟି ମୁକ୍ତା।
ପ୍ରତ୍ୟେକ ପ୍ରବେଶ ଦ୍ୱାର ଗୋଟିଏ ଲେଖା ମୁକ୍ତାରେ ତିଆରି
ହୋଇଥିଲା। ନଗରର ରାଜପଥ ନିର୍ମଳ କାଚପରି, ଖାଣ୍ଟି
ସୁନାରେ ତିଆରି ହୋଇଥିଲା।
୨୨ମୁଁ ସେହି ନଗରୀ ଭିତରେ କୌଣସି ମନ୍ଦିର
ଦେଖିଲିନାହିଁ। ସର୍ବଶକ୍ତିମାନ୍ ପ୍ରଭୁ ପରମେଶ୍ୱର ଓ ମେଷଶାବକ
ହେଉଛନ୍ତି ସେହି ନଗରର ମନ୍ଦିର। ୨୩ସେହି ନଗରୀକୁ
ଆଲୋକ ଦେବାପାଇଁ ସୂର୍ଯ୍ୟ ବା ଚନ୍ଦ୍ରର ଆବଶ୍ୟକତା
ନାହିଁ। ପରମେଶ୍ୱରଙ୍କର ମହିମା ନଗରୀକୁ ଆଲୋକ ଦିଏ।
ମେଷଶାବକ ସେହି ନଗରୀର ପ୍ରଦୀପ ସ୍ୱରୂପ। ୨୪ନଗରୀର
ଆଲୋକରେ ଜାତିସମୂହର ଲୋକମାନେ ଚାଲିବେ। ପୃଥିବୀର
ରାଜାମାନେ ସେମାନଙ୍କର ଐଶ୍ୱର୍ଯ୍ୟ ଏହି ନଗରୀକୁ ଦେବେ।
୨୫ସେହି ନଗରୀର ଦ୍ୱାରଗୁଡ଼ିକ କୌଣସି ଦିନ ବନ୍ଦ ରହିବ
ନାହିଁ କାରଣ ସେଠାରେ କେବେ ହେଲେ ରାତି ହେବ
ନାହିଁ। ୨୬ସେହି ନଗରକୁ ଜାତିସମୂହର ଐଶ୍ୱର୍ଯ୍ୟ ଓ
ମହିମା ଅଣାଯିବ। ୨୭କୌଣସି ଅଶୁଚି ଜିନିଷ ତା’ ଭିତରେ
ପ୍ରବେଶ କରିବ ନାହିଁ। ଲଜ୍ଜାପୂର୍ଣ୍ଣ କାର୍ଯ୍ୟ କରିବା ଲୋକ
ଓ ମିଥ୍ୟା କହିବା ଲୋକ ତା’ ଭିତରେ ପଶିପାରିବେନାହିଁ।
ମେଷଶାବକଙ୍କ ଜୀବନପୁସ୍ତକରେ ନାମ ଲେଖାହୋଇଥିବା
ଲୋକମାନେ ସେହି ନଗରୀ ଭିତରେ ପ୍ରବେଶ କରିବେ।
୨୨ ତା’ପରେ ଦୂତ ମୋତେ ଜୀବନଜଳର ନଦୀ
ଦେଖାଇଲେ। ସେ ନଦୀଟି ସ୍ଫଟିକ ପରି ଉଜ୍ଜ୍ୱଳ
ଥିଲା। ସେହି ନଦୀ ପରମେଶ୍ୱର ଓ ମେଷଶାବକଙ୍କ
ସିଂହାସନରୁ ପ୍ରବାହିତ ହେଉଛି। ୨ଏହା ନଗରୀର ରାଜପଥ
ଦେଇ ତଳକୁ ବୋହିଯାଏ। ନଦୀର ଦୁଇ ପଟେ ଜୀବନ
ବୃକ୍ଷ ଥିଲା। ଏହି ବୃକ୍ଷରେ ପ୍ରତିବର୍ଷ ବାର ଥର ଫଳ
ଫଳେ। ଏହା ପ୍ରତିମାସ ଫଳ ଦିଏ। ଏହି ଗଛର
ପତ୍ରଗୁଡ଼ିକ ଜାତିସମୂହର ସୁସ୍ଥତା ପାଇଁ ଅଟେ। ୩ସେଠାରେ
ପରମେଶ୍ୱରଙ୍କ ଦ୍ୱାରା ବିଗୃଶିତ ଦୋଷୀ ବିଷୟ ରହିବନାହିଁ।
ପରମେଶ୍ୱର ଓ ମେଷଶାବକଙ୍କ ସିଂହାସନ ସେଠାରେ
ରହିବ। ତାହାଙ୍କର ସେବକମାନେ ତାହାଙ୍କୁ ଉପାସନା

**ଆରମ୍ଭ ଓ ଶେଷ** ଗ୍ରିକ୍ ଭାଷାରେ ଏହା ଆଲ୍ଫା ଓ ଓମେଗା କୁହାଯାଏ। ଏହା ବର୍ଣ୍ଣମାଳାର ପ୍ରଥମ ଓ ଶେଷ ଅକ୍ଷର। ଅନ୍ୟ ଅର୍ଥରେ ପରମେଶ୍ୱର ପ୍ରଥମ ଓ ଶେଷ।

**୧ ଷ୍ଟାଡିଆ** ୧୯୨ ମିଟର।

କରିବେ । ୪ସେମାନେ ତାହାଙ୍କ ମୁଖ ଦେଖିବେ । ସେମାନଙ୍କ
କପାଳରେ ପରମେଶ୍ୱରଙ୍କର ନାମ ଲେଖାହେବ । ୫ସେଠାରେ
ଆଉ କେବେ ରାତି ହେବନାହିଁ । ଲୋକମାନେ ପ୍ରଦୀପର
କିମ୍ବା ସୂର୍ଯ୍ୟର ଆଲୋକ ଆଉ ଆବଶ୍ୟକ କରିବେ ନାହିଁ ।
ପ୍ରଭୁ ପରମେଶ୍ୱର ସେମାନଙ୍କୁ ଆଲୋକ ଦେବେ । ସେମାନେ
ରାଜାଙ୍କପରି ସଦାସର୍ବଦାପାଇଁ ରାଜତ୍ୱ କରିବେ ।

୬ସେ ସ୍ୱର୍ଗଦୂତ ମୋତେ କହିଲେ, "ଏହି କଥାଗୁଡ଼ିକ
ସତ୍ୟ ଓ ବିଶ୍ୱାସଯୋଗ୍ୟ । ପ୍ରଭୁ ଭବିଷ୍ୟଦ୍‌ବକ୍ତାମାନଙ୍କ
ଆତ୍ମାର ପରମେଶ୍ୱର ଅଟନ୍ତି । ଯାହା ଶୀଘ୍ର ଘଟିବ, ତାହା
ତାହାଙ୍କ ସେବକମାନଙ୍କୁ ଦେଖାଇବା ପାଇଁ ପରମେଶ୍ୱର
ସ୍ୱର୍ଗଦୂତଙ୍କୁ ପଠାଇଛନ୍ତି ।

୭"ଶୁଣ! ମୁଁ ଶୀଘ୍ର ଆସୁଅଛି । ଏହି ପୁସ୍ତକରେ ଲେଖାଥିବା
ଭବିଷ୍ୟବାଣୀର ବାକ୍ୟଗୁଡ଼ିକୁ ଯେଉଁ ଲୋକ ପାଳନ କରିବ,
ସେ ଧନ୍ୟ ହେବ ।

୮ମୁଁ ଯୋହନ । ମୁଁ ଏସବୁ ଶୁଣିଛି ଓ ଦେଖିଛି । ପୁଣି
କଥା ଶୁଣିବା ଓ ଦେଖିବା ପରେ ମୁଁ ଏସବୁ କହିବାଦୂତଙ୍କ
ପାଦତଳେ ପ୍ରଣାମ କରିବା ପାଇଁ ପଡ଼ିଗଲି । ୯କିନ୍ତୁ ସେହି
ଦୂତ ମୋତେ କହିଲେ, "ମୋତେ ପ୍ରଣାମ କର ନାହିଁ! ମୁଁ
ତୁମ୍ଭର ପରି, ଓ ତୁମ୍ଭର ଭବିଷ୍ୟଦ୍‌ବକ୍ତାମାନଙ୍କ ପରି ଜଣେ
ସେବକ । ମୁଁ ସେହିମାନଙ୍କ ପରି ଜଣେ ସେବକ ଯିଏ,
ଏହି ପୁସ୍ତକର ବାକ୍ୟଗୁଡ଼ିକୁ ପାଳନ କରେ । ତେଣୁ ତୁମ୍ଭେ
କେବଳ ପରମେଶ୍ୱରଙ୍କୁ ପ୍ରଣାମ କର ।"

୧୦ତା'ପରେ ସ୍ୱର୍ଗଦୂତ ମୋତେ କହିଲେ, "ଏହି ପୁସ୍ତକରେ
ଥିବା ଭବିଷ୍ୟଦ୍‌ବାଣୀର ବାକ୍ୟଗୁଡ଼ିକୁ ଗୋପନୀୟ ରଖନାହିଁ ।
ଏସବୁ ଘଟିବାର ସମୟ ପାଖେଇ ଆସିଲାଣି । ୧୧ଯେ ମନ୍ଦ
କରୁଛି, ତାହାକୁ ମନ୍ଦ କରିବାକୁ ଦିଅ । ଯେ ଅଶୁଚି, ସେ
ଅଶୁଚି ହୋଇ ରହୁ । ଯେ ଭଲ କରୁଛି, ତାହାକୁ ଭଲ
କରିବାକୁ ଦିଅ । ଯେ ପବିତ୍ର, ତାହାକୁ ପବିତ୍ର ହୋଇ
ରହିବାକୁ ଦିଅ ।"

୧୨"ଶୁଣ! ମୁଁ ଶୀଘ୍ର ଆସୁଛି, ମୁଁ ସାଙ୍ଗରେ ପୁରସ୍କାର
ନେଇ ଆସିବି । ମୁଁ ପ୍ରତ୍ୟେକ ବ୍ୟକ୍ତିକୁ ତା'ର କର୍ମଅନୁସାରେ
ପ୍ରତିଦାନ ଦେବି । ୧୩ମୁଁ ପ୍ରଥମ ଓ ଶେଷ; କ ଓ କ୍ଷ,
ଆଦି ଓ ଅନ୍ତ ।"

୧୪"ଯେଉଁ ଲୋକମାନେ ନିଜର ରାଜପୋଷାକ ଧୋଇଛନ୍ତି,
ସେମାନେ ଧନ୍ୟ ହେବେ । ଜୀବନ ବୃକ୍ଷର ଫଳ ଖାଇବା
ପାଇଁ ସେମାନଙ୍କର ଅଧିକାର ରହିଛି । ସେମାନେ ନଗରୀ
ଭିତରକୁ ନଗରୀ ଦ୍ୱାର ଦେଇ ପ୍ରବେଶ କରିପାରିବେ ।
୧୫କିନ୍ତୁ କୁକୁରମାନେ, ମନ୍ଦ କୁହୁକ କରୁଥିବା ଲୋକମାନେ,
ଯେଉଁମାନେ ଯୌନଗତ ପାପ କରନ୍ତି, ନରହନ୍ତାମାନେ,
ପ୍ରତିମାପୂଜକଗଣ, ମିଥ୍ୟାପ୍ରିୟ ଓ ମିଥ୍ୟାବାଦୀମାନେ ନଗରର
ବାହାରେ ରହିବେ ।"

୧୬"ମୁଁ ନିଜେ ଯୀଶୁ । ମୁଁ ମଣ୍ଡଳୀଗୁଡ଼ିକୁ ଏହି ସମସ୍ତ
କହିବା ପାଇଁ ମୋର ଦୂତଙ୍କୁ ତୁମ୍ଭ ପାଖକୁ ପଠାଇଛି । ମୁଁ
ଦାଉଦଙ୍କ ପରିବାରର ବଂଶଜାତ । ମୁଁ ଉଜ୍ଜ୍ୱଳ ପ୍ରଭାତୀ
ତାରା ।"

୧୭ଆତ୍ମା ଓ କନ୍ୟା କହନ୍ତି, "ଆସ!" ଏସବୁ ଶୁଣୁଥିବା
ପ୍ରତ୍ୟେକ ଲୋକ ମଧ୍ୟ କହୁ, "ଆସ!" । ଯେ ତୃଷାର୍ତ୍ତ, ସେ
ଆସୁ; ଯେ ଇଚ୍ଛା କରେ, ସେ ବିନା ମୂଲ୍ୟରେ ଜୀବନର
ଜଳପାନ କରିପାରେ ।

୧୮ଏହି ପୁସ୍ତକର ଭବିଷ୍ୟଦ୍‌ବାଣୀର ବାକ୍ୟଗୁଡ଼ିକୁ ଶୁଣୁଥିବା
ପ୍ରତ୍ୟେକ ଲୋକକୁ ମୁଁ ସତର୍କ କରିଦିଏ । କେହି ଯଦି ଏହି
ବାକ୍ୟଗୁଡ଼ିକ ସହିତ କିଛି ଯୋଗକରେ, ତେବେ ପରମେଶ୍ୱର
ତାହାକୁ ଏହି ପୁସ୍ତକରେ ଲେଖାଥିବା କ୍ଲେଶଗୁଡ଼ିକ ଦେବେ ।
୧୯ଯଦି କୌଣସି ବ୍ୟକ୍ତି ଏହି ପୁସ୍ତକରେ ଲିଖିତ ଭବିଷ୍ୟଦ୍‌ବାଣୀର
ବାକ୍ୟଗୁଡ଼ିକରୁ କିଛି କାଢ଼ି ଦିଏ, ତେବେ ପରମେଶ୍ୱର ଏହି
ପୁସ୍ତକରେ ଲିଖିତ ଜୀବନବୃକ୍ଷ ଓ ପବିତ୍ର ନଗରୀରୁ ତାହାର
ଅଧିକାର କାଢ଼ିନେବେ ।

୨୦ଯୀଶୁ ହିଁ ଏସବୁ ସତ୍ୟ କହନ୍ତି । ବର୍ତ୍ତମାନ ସେ
କହନ୍ତି, "ହିଁ, ମୁଁ ଶୀଘ୍ର ଆସୁଛି ।" ଆମେନ୍! ହେ
ପ୍ରଭୁଯୀଶୁ, ଆସନ୍ତୁ ।

୨୧ପ୍ରଭୁ ଯୀଶୁଙ୍କର ଅନୁଗ୍ରହ ସମସ୍ତ ଲୋକମାନଙ୍କ ସହିତ
ରହିଥାଉ । ଆମେନ୍ ।

# License Agreement for Bible Texts

***World Bible Translation Center***
***Last Updated: September 21, 2006***

Copyright © 2006 by World Bible Translation Center
All rights reserved.

**These Scriptures:**

- Are copyrighted by World Bible Translation Center.
- Are not public domain.
- May not be altered or modified in any form.
- May not be sold or offered for sale in any form.
- May not be used for commercial purposes (including, but not limited to, use in advertising or Web banners used for the purpose of selling online add space).
- May be distributed without modification in electronic form for non-commercial use. However, they may not be hosted on any kind of server (including a Web or ftp server) without written permission. A copy of this license (without modification) must also be included.
- May be quoted for any purpose, up to 1,000 verses, without written permission. However, the extent of quotation must not comprise a complete book nor should it amount to more than 50% of the work in which it is quoted. A copyright notice must appear on the title or copyright page using this pattern: "Taken from the HOLY BIBLE: EASY-TO-READ VERSION™ © 2006 by World Bible Translation Center, Inc. and used by permission." If the text quoted is from one of WBTC's non-English versions, the printed title of the actual text quoted will be substituted for "HOLY BIBLE: EASY-TO-READ VERSION™." The copyright notice must appear in English or be translated into another language. When quotations from WBTC's text are used in non-saleable media, such as church bulletins, orders of service, posters, transparencies or similar media, a complete copyright notice is not required, but the initials of the version (such as "ERV" for the Easy-to-Read Version™ in English) must appear at the end of each quotation.

Any use of these Scriptures other than those listed above is prohibited. For additional rights and permission for usage, such as the use of WBTC's text on a Web site, or for clarification of any of the above, please contact World Bible Translation Center in writing or by email at distribution@wbtc.com.

World Bible Translation Center
P.O. Box 820648
Fort Worth, Texas 76182, USA
Telephone: 1-817-595-1664
Toll-Free in US: 1-888-54-BIBLE
E-mail: info@wbtc.com

**WBTC's web site –** World Bible Translation Center's web site: http://www.wbtc.org

**Order online –** To order a copy of our texts online, go to: http://www.wbtc.org

**Current license agreement –** *This license is subject to change without notice. The current license can be found at:* http://www.wbtc.org/downloads/biblelicense.htm

**Trouble viewing this file –** If the text in this document does not display correctly, use Adobe Acrobat Reader 5.0 or higher. Download Adobe Acrobat Reader from: http://www.adobe.com/products/acrobat/readstep2.html

**Viewing Chinese or Korean PDFs –** To view the Chinese or Korean PDFs, it may be necessary to download the Chinese Simplified or Korean font pack from Adobe. Download the font packs from: http://www.adobe.com/products/acrobat/acrrasianfontpack.html